odia.org

CUTTACK

# ମ ଧ ମ ବ ଗ

# ପ୍ରଥମ ପରିଚ୍ଛେଦ

## ମାଧୁରୀ

ସେ ଦିନ ଶନିବାର । ରବିବାରରେ ପାଠ ନ ଥିବା ହେତୁ ଶନିବାରଟା ଛାତ୍ରଜୀବନର ଗୋଟାଏ ସୁଖମୟ ଦିନ । ଆନନ୍ଦ ଉପଭୋଗର ପୂର୍ବଦିନଟା ବଡ଼ ମଧୁର । ଭୋଗରେ ସୁଖ ଥାଏ ନାହିଁ—ଭୋଗର କଳ୍ପନାରେ ପ୍ରଚୁର ସୁଖ ଥାଏ । ସୁଖର ଦିନ ଯେତିକି ନିକଟବର୍ତ୍ତୀ ହେଉଥାଏ, ତାହା ପ୍ରତି ଆକାଙ୍କ୍ଷା ଏବଂ ମନର ଆକର୍ଷଣ ସେତିକି ବଢ଼ୁଥାଏ । ସେହି ଆକାଙ୍କ୍ଷା ଭିତରେ ହିଁ ସୁଖ ଥାଏ । ସୁଖ ଇନ୍ଦ୍ରିୟର ଉପଭୋଗ୍ୟ ନୁହେଁ—ମନର ଉପଭୋଗ୍ୟ । ସୁଖ ପଛରେ ମନୁଷ୍ୟ ଶକ୍ତି ଅନୁସାରେ ଗୋଡ଼ାଉଥାଏ; ମାତ୍ର ସୁଖ ତାହାକୁ ଧରାଦିଏ ନାହିଁ—ସେ ଆଗେ ଆଗେ ଦେଖାଦେଇ ଲୁଚକାଳି ଖେଳି ଖେଳି ବୁଲୁଥାଏ । ପୁଣି କେବେକେବେ ଅଲକ୍ଷ୍ୟରେ ଛୁଇଁ ଦେଇ କୁଆଡ଼େ ମିଳେଇଯାଏ, ତାହା ଜାଣି ହୁଏ ନାହିଁ । ରବିବାରରେ ଟିକିଏ ବିଶ୍ରାମ ସୁଖ ଉପଭୋଗ କରିବାକୁ ମିଳିବ ବୋଲି ଛାତ୍ରମାନେ ସେହି ଦିନଟାକୁ ଚାହିଁବସି ଥାଆନ୍ତି; ମାତ୍ର ବିଶ୍ରାମ ପୁଣି କାହିଁ ? ତାହାର ସନ୍ଦର୍ଶନ ତ ମିଳେ ନାହିଁ । ସୋମବାର ପାଇଁ ସେ ରବିବାରରେ ପ୍ରସ୍ତୁତ ହେବାକୁ ହେବ । ତେବେ ସେ ଦିନ ସ୍କୁଲ ବନ୍ଦ—ଏଥିରେ ଯେବେ କିଛି ସୁଖ ଥାଏ, ତେବେ ତାହା ହିଁ ଉପଭୋଗ୍ୟ । ନାହିଁ ମାମୁଁଠାରୁ କଣାମାମୁଁ ଭଲ ।

ବସନ୍ତ ଯାଉଅଛି, ଗ୍ରୀଷ୍ମ ଆସୁଅଛି । କୋମଳରେ କଠୋର ମିଶୁଅଛି । ସୃଷ୍ଟି ରୁଦ୍ରସୁନ୍ଦରର ଯୋଗସମ୍ଭାରରେ ଅପୂର୍ବ ମୂର୍ତ୍ତି ଧାରଣ କରିଅଛି । ତାହାର ଏକ ଅଧରରେ ଆନନ୍ଦର ମୃଦୁମଧୁର ହାସ୍ୟ ଲାଗି ରହିଅଛି, ଅପରଟି ହାସର ଖରନିଃଶ୍ୱାସରେ ପାଣ୍ଡୁରିମା ଭରିଅଛି । ଏକ ଚକ୍ଷୁର ଦୃଷ୍ଟି ସ୍ନିଗ୍ଧ, ଶୀତଳ ଏବଂ ଅପର ଚକ୍ଷୁର ଦୃଷ୍ଟି ପ୍ରଚଣ୍ଡ ଦାବାନଳ ପରି ତୀକ୍ଷ୍ଣ । ନାସିକାର ଗୋଟାଏ ରନ୍ଧ୍ରରୁ ପୁଷ୍ପ-ଚନ୍ଦନ ଗନ୍ଧର ମଧୁର ସୁରଭି ଶ୍ୱାସ ନିର୍ଗତ ହେଉଅଛି, ଆଉ ଅନ୍ୟ ରନ୍ଧ୍ରରୁ ଜ୍ୱାଳାମୟ, ରୁକ୍ଷ ପ୍ରଚଣ୍ଡ ପ୍ରଶ୍ୱାସ ଉଦ୍ଗୀର୍ଣ୍ଣ ହେଉଅଛି । ପୃଷ୍ଠଦେଶର ଅର୍ଦ୍ଧାଙ୍ଗରେ ସାଇସାଲେଶ୍ୱର ପରିଚ୍ଛଦ ଏବଂ ଅନ୍ୟାର୍ଦ୍ଧରେ ସ୍ୱର୍ଣ୍ଣପ୍ରଭାପୀ ଚୀରପରିଚ୍ଛଦ ଶୋଭା ପାଉଅଛି । ମୂର୍ତ୍ତିଟି ଶାନ୍ତ ରୌଦ୍ର, ଭୀମ କାନ୍ତ ସୁନ୍ଦରର ମିଶାମିଶି ଉପାଦାନରେ ଗଠିତ । ମସ୍ତକରେ ସ୍ୱର୍ଣ୍ଣମୁକୁଟ ଦୋଦୁଲ୍ୟମାନ । ମୁକୁଟର ଅର୍ଦ୍ଧାଂଶ ହୀରା, ନୀଳା, ମଣି, ମାଣିକ୍ୟରେ ଏବଂ ଅପରାର୍ଦ୍ଧ ଶୌର୍ଯ୍ୟ, ବୀର୍ଯ୍ୟ ଏବଂ ଦୀପ୍ତିରେ ଗଠିତ । ଲଲାଟର ଏକାଂଶରେ ଚନ୍ଦନ-ଚର୍ଚ୍ଚିତ ଅଳକା ଏବଂ ଅପରାଂଶରେ ରୁଧିରରଞ୍ଜିତ ଜ୍ୱଳନ୍ତିକା ବିଦ୍ୟମାନ । ମଧ୍ୟାହ୍ନର ଅଗ୍ନିଜ୍ୱାଳ, ଅବସନ୍ନ ରବି ପଶ୍ଚିମ ଚକ୍ରବାଳ କୂଳରେ ତଳ ପଡ଼ିଲେଣି । ବେଳ ରକ୍ତ ରକ୍ତ ହୋଇଆସୁଅଛି । ବାରୁଣୀରାଣୀ ଅର୍ଦ୍ଧଲଜ୍ଜା ଅର୍ଦ୍ଧଅନୁରାଗଭୋଳା ଦୃଷ୍ଟିରେ ଅସ୍ତାଭିମୁଖ ରବିଙ୍କୁ ଚାହିଁ ମୃଦୁ ମୃଦୁ ହସୁଅଛି ଏବଂ ସ୍ୱର୍ଣ୍ଣରେଣୁରେ ଫଗୁ ମିଶାଇ ପ୍ରକୃତି ମୁହଁକୁ ମୁଠା ମୁଠା ଛାଟିଦେଉଅଛି । ମଧ୍ୟାହ୍ନ ମାର୍ତ୍ତଣ୍ଡର ଅଗ୍ନିବାଣରେ [illegible] ଶିମିଳୀ ବସାରୁ ପ୍ରଖର ବାୟୁ ତୁଳା ନେଇ [illegible] କନ୍ଦୁକ-କ୍ରୀଡ଼ା କରି ବୁଲୁଅଛି । ସେ ଶୋଭା ବେଳା ବାଲୁକାରେ ସ୍ନାନରତ ଧୀବରମାନଙ୍କ ଚିତ୍ର ମନରେ ଆଙ୍କି ଦେଉଅଛି । ତୂଳୀ ଗୋଲକଗୁଡ଼ିକ ନଭୋପରିସ୍ଥ ଅସଂଖ୍ୟ ଜ୍ୟୋତିଷ

ଗ୍ରହ ନକ୍ଷତ୍ର ସବୁ ଏଣେ ତେଣେ ଉଙ୍କିମାରୁ-ଅଛି । ଗ୍ରହ ନକ୍ଷତ୍ରଙ୍କୁ କ୍ଷୀଣ ଘେରିଲା ପରି କେନ୍ଦ୍ରସ୍ଥ ମଞ୍ଜିଟିକୁ ସ୍ୱଚ୍ଛ ଶୁଭ୍ର ତୂଳା ଘେରି ରହିଅଛି । କ୍ରମେ ସନ୍ଧ୍ୟା ହେଲା; ମାତ୍ର ଅନ୍ଧକାର ହେଲା ନାହିଁ—ତାକୁ ଆଜି ପୃଥିବୀ ଛୁଇଁବାକୁ ମନା । ତେଣେ ପୂର୍ବ ଆକାଶରେ ପୂର୍ଣ୍ଣିମାଚନ୍ଦ୍ରର ମଧୁର ମନୋ-ରମ ଭଲ ଭଲ କାନ୍ତି ଉଦ୍ଭାସିତ ହୋଇଉଠିଲା । ଚନ୍ଦ୍ର ବକ୍ଷର କଳଙ୍କ ଦାଗ ତାହାର ଶୋଭାକୁ ବହୁଗୁଣ ବଢାଇଦେଲା । ଆହା, ବାସ୍ତବରେ କି ଅପୂର୍ବ ସୁଷମା ! ଚନ୍ଦ୍ର ବକ୍ଷର ସେହି କଳଙ୍କରୂପ ଥାଳିଆରେ ଦଳା କସ୍ତୁରୀ ଥୁଆ ହେଲା ପରି ବଡ ବାହାରିଆ ଦିଶେ । ଯୁଇ ଫୁଲ ପରି ଜ୍ୟୋତ୍ସ୍ନା ଝରିପଡିଲା । ଦେଖୁଁ ଦେଖୁଁ ସ୍ୱଚ୍ଛ ପୀୟୁଷତୋୟା କାଳିନ୍ଦୀ ନଦୀର ତଟ, ପଠା, ସ୍ୱଚ୍ଛନ୍ଦ ଚନ୍ଦ୍ରିକା-ଜଳରେ ସ୍ନାନ କରି ଆତ୍ମମଗ୍ନ ହୋଇଉଠିଲା । ବାଲୁକାରାଶି ଚନ୍ଦ୍ରିକା ସ୍ପର୍ଶରେ ଜୋଳ ହୋଇ ରତ୍ନରେଣୁର ସୁଷମାକୁ ପରିହାସ କରିବାକୁ ଲାଗିଲା ! ଚେଷ୍ଟେଇ ଆନନ୍ଦରେ ଅଧୀର ହୋଇ "କାଳ ପିଇଁ-ପିଇଁ ଜଳ ପିଇଁ-ପିଇଁ" କରି ସେହି ଜ୍ୟୋତ୍ସ୍ନା-ସାଗରରେ ସନ୍ତରଣ କରି ବୁଲିଲା ଏବଂ ଥରେ ଥରେ ନଦୀଜଳରେ ଝାସ ଦେଇ କ୍ଷୁଦ୍ର କ୍ଷୁଦ୍ର ମୀନର ବଂଶ ନିପାତ କରିବାକୁ ଲାଗିଲା । କାହାକୁ ଜଳ ପିଇବା ପାଇଁ କ୍ଷୁଦ୍ର ପକ୍ଷୀର ଏତେ ଆଗ୍ରହ ଅନୁରୋଧ, ଉତାଠ ମିନତି, ତାହା ସେହି ଜାଣେ । ଯୁବକଗଣ ଛାତ୍ର ନଈ କୂଳେ କୂଳେ ବୁଲି ଶୀତଳ ସମୀରଣ ସେବନ କରୁଥିଲେ । ଶନିବାର ହେତୁ ପଢାପଢିର ବ୍ୟସ୍ତତା ନାହିଁ; ସୁତରାଂ ଯୁବବନ୍ଧୁ ମନ-ସୁଖରେ ବୁଲୁଥିଲେ । ନଦୀଜଳରେ ହାସ୍ୟମୟୀ ଚନ୍ଦ୍ରିକାର ଅପୂର୍ବ ସ୍ନାନ ଏବଂ ସଂମୋହନ କ୍ରୀଡା ପ୍ରକୃତି ଦେଖି ଦେଖି ସେମାନେ ଆସି ନଦୀ ପୁଳିନର ବାଲୁକାଶଯ୍ୟାରେ ବସି ବିଶ୍ରାମ କରିବାକୁ ଲାଗିଲେ । ସେମାନେ ଏକ ଶ୍ରେଣୀର ଛାତ୍ର । ସମସ୍ତେ ଏକ ଛାତ୍ରା-ବାସରେ ରହି ସ୍ଥାନୀୟ ଉଇଲିଂଟନ ସ୍କୁଲରେ ଅଧ୍ୟୟନ କରନ୍ତି ।

ଯୁବବନ୍ଧୁଙ୍କର ନାମ—ଶିବ, ଯଦୁ, ଅମର ଓ ଜଗନ୍ନାଥ । ସେଥି ମଧ୍ୟରେ ଜଗନ୍ନାଥ ବୟସ ଶାଣ୍ଢିକୁହା । ସେ ବୁଢା ପରି ଚିପି ଚିପି କଥାର ମଞ୍ଜି ଗୁଡିକ କହୁଥାଏ । ସେଥିପାଇ ତାକୁ ଅପର ତିନିବନ୍ଧୁ "ବୁଢାଭାଇ" ବୋଲି ଡାକନ୍ତି । ସହପାଠୀମାନଙ୍କର ଏ କୌତୁକ ସମ୍ବୋଧନକୁ ସେ କେବେମାନ ମଣେ ନାହିଁ; ବରଂ ଗୋଟାଏ ଗୌରବ ଜ୍ଞାନ କରେ । ଯୁବବନ୍ଧୁ ମଧ୍ୟରେ ତେର ତେର କଥା ପଡିଗଲା କେଉଁ ପୁସ୍ତକଖଣ୍ଡ ବଡ଼ କଠିନ, କାହାକୁ ଘୋଷି ଘୋଷି ମନ କ୍ଲାନ୍ତ ହୋଇଯାଏ, କେଉଁ ଶିକ୍ଷକର ଜ୍ଞାନ ଗରିମା କେତେ ଦୂର, ତାହାର କି କି ଭଲ ବା ମନ୍ଦ ଗୁଣ ଅଛି, ପଢାଇବା ବିଷୟରେ କିଏ ଖୁବ୍ ଧୁରନ୍ଧର, ଏହିପରି ନାନା ବିଷୟର ଆଲୋଚନା ପରେ ଶିବ କହିଲା—"ଭାଇ, ଏଥର ଗ୍ରୀଷ୍ମଛୁଟିରେ କଲିକତା ଯିବା ।" ଯଦୁ ତାହା ସମର୍ଥନ କରି କହିଲା—"ହଁ, କଲିକତା ଗୋଟାଏ ବଡ଼ ସହର । ସେଠାରେ ଦେଖିବାର, ଶିଖିବାର କଥା ଯଥେଷ୍ଟ ଥିବ । ତାହା ଥରେ ଦେଖିବା ଦରକାର ।" ଜଗନ୍ନାଥ ଆଉ କାହାକୁ କିଛି କହିବାକୁ ନ ଦେଇ ଅପୂର୍ବ ଭଙ୍ଗୀରେ ହାତ ହଲାଇ କହିଲା—"ହେଳାଗୁଡ଼ ଅଛି କଲିକତାରେ, ଖାଲି କୋଠାଘରର ଗୋଟାଏ ଦୁର୍ଗମ ଅରଣ୍ୟ । କହନ୍ତି ପରା—'ଶ୍ୱେତ କୁଆ ଶ୍ୱେତ ମିଛ କଥା—ଏ ତିନିଙ୍କ ଲାଗି କଲିକତା'; କଲିକତାରେ କଣ ଦେଖିବ, ଛାଡ଼ ସେ କଥା । ମୁଁ ଗୋଟାଏ କଥା କହୁଛି, ସମସ୍ତେ ମନକାନ ଦେଇ ଅବହିତ ହୋଇ ଶୁଣ ।" ଅମର କହିଲା—"ଆଜ୍ଞା ବୁଢା ଭାଇ, ଆମେ ବଗିଚ ପରି ଛକ ଠାକି ବସିଛୁଁ, ଆପଣଙ୍କର ଶ୍ରୀମୁଖରୁ କଥା ବାହାରିଲା କ୍ଷଣି ତାକୁ ମାଛ ପରି ଝାମ୍ପି ନେବୁଁ ।" ଜଗନ୍ନାଥ କହିଲା—"ଟୋକା ବୁଦ୍ଧି ଟୋକେଇରେ ପରା, ଥଟ୍ଟା ଲାଗିଛି ରେ ଅମର ? ହେଉ, ତୁ ବି ଦିନେ ବୁଢା ହେବୁ । ଏବେ କଥାଟା ଶୁଣ, ମୁଁ କହୁଛି କଣ କି—ମୁଠାଏ ଟଙ୍କା ବୁଲାବୁଲିରେ ଉଡାଇ ନ ଦେଇ ବନ୍ୟା ପାଣିରେ ଦେଲେ କଣ ଅପକାରରେ ପଡିବ ? ଯେ ଅମର ଭାଇ, ଯାହାଙ୍କ ଦେହରେ ଅମର ରକ୍ତ ଅଛି, ସେହି ବନ୍ୟାପୀଡ଼ିତ ଲୋକମାନେ କପରି କଲବଲ ହେଉଅଛନ୍ତି, କପରି ହନ୍ତସନ୍ତ ହେଉଅଛନ୍ତି, ତାହା ଆଖି ଆଗରେ ଦେଖି ଆମୋଦପ୍ରମୋଦରେ ଅର୍ଥ ଧ୍ୱଂସ କରିବା କି ନ୍ୟାୟ

ଧର୍ମର କଥା ? ଦେଶ ଭ୍ରମଣ ସେ ବୃଥା, ଏକଥା ମୁଁ କହୁ ନାହିଁ । ସେଥିରେ ଅସୀମ ଜ୍ଞାନାର୍ଜନ ହୁଏ; ମାତ୍ର ତାହା ବର୍ତ୍ତମାନ ଏକାନ୍ତ ଆଶୁ ପ୍ରୟୋଜନ ନୁହେଁ । ଦେଶ ପର୍ଯ୍ୟଟନ ପାଇଁ ଆମ୍ଭମାନଙ୍କ ଭବିଷ୍ୟତ ଜୀବନରେ ଢେର ସମୟ ଅଛି । ଶିବ ଠୋ ଠୋ ହୋଇ ହସି ଉଠି କହିଲା—"ଉଃ, ସମୁଦ୍ରକୁ କୁଶାଗ୍ରବିନ୍ଦୁ ଦାନ ସେଥିରେ ତାର କେଉଁ ଅଂଶ ପୂରି ଉଚ୍ଛୁଳି ପଡ଼ିବ ? ମୋ ବିଚାରରେ ଯେବେ କିଛି ଦୈନିକ ସାହାଯ୍ୟର ବ୍ୟବସ୍ଥା କରିପାରନ୍ତେ, ତେବେ ଗୋଟିଏ କାର୍ଯ୍ୟ ହୁଅନ୍ତା । ଆମେ ପ୍ରତିଜଣ ପ୍ରତ୍ୟେକେ ରୋଜ ଦୁଇ-ଅଣାର ଜଳଖିଆ ଖାଉଁ, ତେଣିକି ବନ୍ଦ କରିଦେଲେ ଆମେ ମାସରେ ପନ୍ଦରଟଙ୍କା ସାହାଯ୍ୟ ପଠାଇପାରିବା । ବିପନ୍ନ ଗରିବ ଭାଇମାନଙ୍କ ସକାଶେ ଏତିକି ସ୍ୱାର୍ଥ ତ୍ୟାଗ କରି ଆମେ କରିପାରିବା ନାହିଁ ?" ଜଗନ୍ନାଥ କହିଲା—"ଆହା, ଆଜି ପିଲାଟା ଏତେ ଅଣସ୍ୱାର୍ଥୀ ହେଲେ ବୁକୁ ଭାଙ୍ଗିଯିବ ରେ ! କଲିଜା ଜଳିଯିବ, ଏତେ ତ୍ୟାଗ ଦେହରେ ହଜମ ହେବ ନାହିଁ । ଏକାବେଳକେ ଜଳଖିଆ ଛାଡ଼ିପାରିବା କିପରି ? ସ୍କୁଲରେ ଛଅଘଣ୍ଟା କାଳ ଖଟି ଖଟି ଆସି ପୁଣିଥରେ କିଛି ନ ଖାଇଲେ ତ ମୋର ଗାଡ଼ିର ଚଳିବ ନାହିଁ । ଆଉ ତୁମେ ଶନି ମୂର୍ତ୍ତିଙ୍କ ମୋଟାଠାରୁ ବଳି ପେଟୁକ ! ଏଥିରେ କେତେ-ଦିନ ସଂକଳ୍ପ ଅଟଳ ରହିବ ? ନିଜ ପେଟ ଶୁଖାଇ ପର ପେଟ ପୂରାଇବାଟା ଯେ ଗୋରୁ ମାରି ଯୋତା ଦାନ କରିବା ପରି ଗୋଟାଏ ମହତ୍ତ୍ୱ ପୁଣ୍ୟାର୍ଜନର କଥା, ଏଟା ବୋଧହୁଏ ତୋର ଅଜଣା ଧାରଣା । ତା ହେଉ; ମାତ୍ର ଦୁର୍ବଶ ଉପାସ ପେଟ ଜଳ ସୁଅଠାରେ ତୋର ସେ ଧାରଣା ଭାଙ୍ଗିଯିବ । ଯେ ଯାହାହେଉ, ମୁଁ କହୁଛି ସ୍କୁଲ ସମସ୍ତେ ପଣ୍ଡିତ ହେବା । ପଣ୍ଡିତମାନେ ସର୍ବନାଶ ନ କରି ଅଧେ ତ୍ୟାଗ କରନ୍ତି, ଆଉ ଅଧକରେ ବ୍ୟବସାୟ କରନ୍ତି । ଆମେ ସେହି ପରି ଜଳଖିଆ ପଇସାରୁ ଅଧେ ଦାନ କରିବା, ଅନ୍ୟ ଅଧକ ପେଟ ପୂଜାରେ ଲଗାଇବା । ତେବେ ସବୁ ଜଳଖିଆ କଲେ ଚଳିବ ନାହିଁ । ବଡ଼ଲୋକଙ୍କ ସରୁ ତଣ୍ଡିରେ ସିନା ମୋଟା ଜଳଖିଆ ଗଲେ ନାହିଁ, ଆମର ତ ମୋଟା ତଣ୍ଡି, ସେଥିରେ ମୋଟା ଜଳଖିଆ ଅଟକି ରହିବ ନାହିଁ । ପୁଣି ଜଳଖିଆ ନିର୍ବାଚନରେ ବିଶେଷ ବିବେ-ଚନା ଦରକାର । ତାହା ପୁଷ୍ଟିକର ହେବ—ନିର୍ଦ୍ଦୋଷ ହେବ—ଲଘୁପାକ ହେବ—ଉପାଦେୟ ହେବ—ରସନା ତୃପ୍ତିପ୍ରଦ ହେବ; ଅଧିକନ୍ତୁ ସେଥିରେ ପେଟ ପୂରିବ ଓ ଅଳ୍ପ ଖର୍ଚ୍ଚ ହେବ । ଏପରି କଲେ ଆମ୍ଭମାନଙ୍କୁ ପେଟକଷ୍ଟ ସହିବାକୁ ହେବ ନାହିଁ, ଅଥଚ ବନ୍ୟା ପୀଡ଼ିତଙ୍କୁ ମାସରେ ସାତେ ସାତଟଙ୍କା ଦେଇ କିଛି କିଛି ପୁଣ୍ୟ ସଞ୍ଚୟ କରି ପାରିବା ।" ଏ ପ୍ରସ୍ତାବ ସମସ୍ତଙ୍କର ମନୋନୀତ ହେଲା । ତହୁଁ ରାତି ଅଧିକ ହୋଇଯିବାରୁ ସୁରବନ୍ଧୁ ଉଠି ବସା ଆଡ଼କୁ ଗଲେ ।

## ଦ୍ୱିତୀୟ ପରିଚ୍ଛେଦ

ରବିବାର ଦିନ ବେଳ ଓଳି ସୁଅଠା ସମୟରେ ଛାତ୍ରାବାସ ମଧ୍ୟରେ ମନ୍ତ୍ରଣା ସଭା ବସିଲା । ସୁରବନ୍ଧୁ ବସି ଜଳଖିଆ ନିର୍ବାଚନରେ ଚିନ୍ତା ନିବେଶ କଲେ । ପ୍ରତ୍ୟେକେ ସ୍କୁଲର ଜଳଖିଆର ଗୋଟାଏ ଗୋଟାଏ କାଳ୍ପନିକ ମୂର୍ତ୍ତି ଗଢ଼ି ଠିଆ କରାଇଲେ । ତହୁଁ ସମାଲୋଚନା ଲାଗିଲା, ବାଦପ୍ରତିବାଦ ହେଲା । କେତେ ପ୍ରସ୍ତାବ ସୁତର୍କର ପ୍ରଖର ସ୍ରୋତରେ କୂଳକିନାରା ନ ପାଇ କ୍ଷୁଦ୍ର ତୃଣ ପରି ଭାସିଗଲା । ହାସ୍ୟରେ କେତେ ଉଡ଼ିଗଲା, ବାଧାରେ କେତେ ବୁଡ଼ିଗଲା । ଶେଷରେ ସବୁ କହିଲେ—'ମୂଳ ପ୍ରସ୍ତାବଟି ସୁରଭାଇଙ୍କର, ତାଙ୍କ ପ୍ରସ୍ତା-ବକୁ ତାଙ୍କ ବିନା ଆଉ କେହି ଆକୃତି ଦେଇ ପାରିବ ନାହିଁ । ସେ ଯେଉଁ ଜଳଖିଆ ଦେଶ-କାଳ-ପାତ୍ର ଅନୁକୂଳରେ ନିର୍ବାଚନ କରିଦେବେ, ତାହାକୁ ସମସ୍ତେ ମୁଣ୍ଡଧାରୀ କରି ଭକ୍ଷ୍ୟଧାରୀ କରିବା ।' ଜଗନ୍ନାଥ ଗମ୍ଭୀର ହୋଇ କରି ବସିଥିଲା, ସତେ ଯେପରି କି କଠିନ ସମସ୍ୟାର ସମାଧାନରେ ତାହାର ମନ ପ୍ରାଣ ଗାଢ଼ ହୋଇ ରହିଅଛି ।

ଯଦୁର କଥା ଶୁଣି ସେ ମୃଦୁ ହସି କହିଲା—"ଦୁଇଅଣାର ଗରମ ମୁଢି ଅଣା ଏ ମୂଲ୍ୟର ଗୋଟିଏ ନଡିଆ, ତିନିପଇସାର ନବାତ ଆଉ ପଇସାକର ଅଦା ବଜାରରୁ କିଣିଆଣ । ଏସବୁ ସ୍ୱଦେଶୀ ଉପାଦାନ। ସେଥିରେ ଗୋଟାଏ ନୂତନ ଧରଣର ଜଳଖିଆ ତିଆର କରିବା ।" ଅନନ୍ତର ଯଥା-ସମୟରେ ଉପକରଣଗୁଡିକ କିଣା ହୋଇ ଆସିଲା । ମୁଢିଗୁଡିକୁ ଅଳ୍ପ ଗୁଣ୍ଡା କରି ସେଥିରେ ନଡିଆକୋରା, ନବାତ, ସାନସାନ କଟା ଅଦାଖଣ୍ଡ ମିଶାଇ ଚକ୍ଷଣ ଦଳିବାକୁ ହେଲା । ସମସ୍ତେ ଖାଇ ଦେଖିଲେ, ତାହା ସ୍ୱାଦୁ, ସୁରୁଚି, ସୁଗନ୍ଧ । କୌଣସି ଅଂଶରେ ଊଣା ନୁହେଁ । ଅଥଚ ପରିମାଣ ଅଧିକ । ଅଦା ମିଶ୍ରିତ ଥିବାରୁ ଜୀର୍ଣ୍ଣ କ୍ରିୟାରେ ମଧ୍ୟ ସହାୟତା କରିବ । ସମସ୍ତେ ତୃପ୍ତି ବୋଧ କଲେ । ନୂତନ ଜଳଖିଆ ଏବଂ ତାହାର ଉଦ୍ଭାବନକାରୀ ଜଗନ୍ନାଥର ପ୍ରଶଂସା ଆଉ ବନ୍ଧୁମାନଙ୍କ ତୁଣ୍ଡରେ ଧରିଲା ନାହିଁ । ନୂତନ ଜଳଖିଆର ଗୋଟାଏ ଉପଯୁକ୍ତ ନାମ ଦେବା ସକାଶେ ସମସ୍ତେ ବ୍ୟଗ୍ରତା ପ୍ରକାଶ କଲେ । ତହୁଁ ନାମ କଷ୍ଟ ଲାଗିଲା । ନାମଟି ନୂଆ ହେବା ଦରକାର—ପୁରୁଣା ହେଲେ ଚଳିବ ନାହିଁ । ଯଦୁ କହିଲା—"ନୂଆ ଜଳଖିଆରେ ଅମ୍ଳ ମଧୁରାଦି ଷଡ଼ରସ ସ୍ୱାଦ ଅଛି । ସୁତରାଂ "ଷଡ଼ରସମୟୀ" ବୋଲି ନାମ ଦେଲେ ଅସଙ୍ଗତ ହେବ ନାହିଁ । ତେବେ ନାମଟା ଟିକିଏ ଲମ୍ବା ହୋଇଯିବ । ଆଗ ଷଡ଼ କାଟିଦେଇ ଖାଲି "ରସମୟୀ" ଲେଖିଲେ ତ ଖୁବ ସୁନ୍ଦର, କୋମଳ ଆଉ ମଧୁର ହୋଇଯିବ । ଆହା ରସମୟୀ ନାମଟି କାନକୁ କେଡ଼େ ମିଠା ଲାଗୁଛି !" ଶିବ ଏହା ଶୁଣି ପରିହାସ କରି କହିଲା—"ବାଃ, ଶୁଖିଲା ମୁଢିକୁ ରସମୟୀ ନାମ ଖାପ ଖାଇଯିବ ଏକା ! ରସ ତ ତାହା ଭିତରେ ଭସ ଭସ ହେଉଛି !" ଅମର କହିଲା, "ତେବେ 'ରସମଞ୍ଜୁଷା' ହେଉ ।" ଜଗନ୍ନାଥ ପଣ୍ଡିତ ପରି ଗାମ୍ଭୀର୍ଯ୍ୟ ପ୍ରକାଶ କରି କହିଲା—"ଠିକ୍ କଥା ରସଗୁଡାକ ପେଡି ଭିତରେ ନ ଥାଇ ଆଉ କାହିଁରେ ଥାଏ କି ?" ସମସ୍ତେ ଠୋ ଠୋ ହୋଇ ହସି ଉଠିଲେ। ଅମର ଲଜ୍ଜିତ ହୋଇ ସେହି ଲଜ୍ଜା ଢାଙ୍କିବା ସକାଶେ ବିରକ୍ତିପୂର୍ଣ୍ଣ ସ୍ୱରରେ କହିଲା—"ତେବେ ନାଆଁ ପାଉଁଶ ବୋଲି ନାଁ ଦିଅ ।" ଜଗନ୍ନାଥ ତାହାର କଥା ଲକ୍ଷ୍ୟ କରି ଅବିଚଳିତ କଣ୍ଠରେ କହିଲା—"ହଁ, ନାଆଁ ପାଉଁଶ ବୋଲି କହିଲେ କୌଣସି କ୍ଷତି ଥିଲା ନାହିଁ; ମାତ୍ର ତାକୁ ଯେ ଖାଇବାକୁ ହେବ—ସେହି ତ ବିଷମ କଥା ।" ଏଥର ଅମର ନ ହସି ରହିପାରିଲା ନାହିଁ । କହିଲା, 'ଜୁଡାସ୍ଥଇଟିକୁ କଥାରେ ପାରିବା ସହଜ ନୁହେଁ ।' ଗୁରୁବନ୍ଧୁ ଏହିପରି ବାଦାନୁବାଦରେ ଲିପ୍ତ ହୋଇ ରାଗିଯାଇ ଗାଳି ଦିଆ ଦେଇ ହୁଅନ୍ତି; ମାତ୍ର ମୁହୂର୍ତ୍ତିକେ ସବୁ ଭୁଲିଯାଇ ପରସ୍ପରକୁ ପ୍ରୀତିରେ ଆଲିଙ୍ଗନ କରନ୍ତି । ସ୍ନେହ ସୌହାର୍ଦ୍ଦ୍ୟରେ ସେମାନେ ପରସ୍ପର ନିକଟରେ କିଣା । ବନ୍ଧୁତାର ଅତୁଳ୍ୟ ସ୍ୱର୍ଣ୍ଣବନ୍ଧନ ସ୍ୱତନ୍ତ୍ର ହୃଦୟକୁ ମିଶାଇ ଏକ କରି ଦେଇଥିଲା ।

ପରିଶେଷରେ ବହୁ ଆଲୋଚନା, ବହୁ ଯୁକ୍ତିତର୍କ ପରେ ଜଳଖିଆର ନାମ "ମାଧୁରୀ" ରଖାଗଲା । ନାମଟି ସମସ୍ତଙ୍କର ପସନ୍ଦଲାୟକ ହେଲା । ତାହା ଯେଉଁ ପରି ଶ୍ରୁତିମଧୁର, ସେହିପରି କୋମଳ । ନୂତନ ଜଳଖିଆର ଅପୂର୍ବ ମଧୁର ସ୍ୱାଦ ହେତୁ "ମାଧୁରୀ" ବୋଲି ତାହାର ନାମକରଣ ହେଲା । ଚପଳ ଜଗନ୍ନାଥ ମନକୁ 'ମାଧୁରୀ' ନାମ ସମସ୍ତଙ୍କଠାରୁ ବେଶୀ ଆକର୍ଷଣ କଲା । ସେ ଉର ଉର ହୋଇ ପଦେ ଗୀତ ବାନ୍ଧି ପକାଇଲା—

"ଜୟ ଜୟ ମାଧୁରୀ ଗୋ ପେଟଦଣ୍ଡଖଣ୍ଡିନୀ;
ଅଣ୍ଡା-ମଣ୍ଡା-ମୁଣ୍ଡ ଖାଇ କ୍ଷୁଧାଦର୍ପଦଣ୍ଡିନୀ ।"

ସେହି ଦିନଠାରୁ ଗୁରୁବନ୍ଧୁ ମାଧୁରୀ ସେବାରେ ଲାଗିଲେ । ସମସ୍ତେ ପ୍ରତିଜ୍ଞା କଲେ—ସେମାନେ ଭବିଷ୍ୟତ ଜୀବନରେ ଯେତେ ସ୍ୱଚ୍ଛଳ ଅବସ୍ଥାପନ୍ନ ହେଉନ୍ତୁ ପଛେ, ମାଧୁରୀ ବ୍ୟତୀତ କେବେ ଅନ୍ୟ ଜଳଖିଆ ଖାଇବେ ନାହିଁ । ସେମାନେ ପ୍ରତିମାସରେ ବନ୍ୟାପାଣ୍ଠିକୁ ସାତେ ସାତଟଙ୍କା ଲେଖାଏଁ ସାହାଯ୍ୟ ପଠାଇବାକୁ ଲାଗିଲେ । ସେମାନଙ୍କ ଦେଖା ଦେଖି ଅନ୍ୟାନ୍ୟ "ମେସ"ର ଛାତ୍ରମାନେ ତାଙ୍କର ପଦାଙ୍କାନୁସାରୀ ହେଲେ। ପବିତ୍ର ମଙ୍ଗଳ ଆଦର୍ଶ ଦେଖିଲେ କିଏ ତାହା ଅନୁକରଣ କରିବାକୁ ମନ ନ ବଳାଏ ? ଏହି ସୂତ୍ରରେ କେବଳ ଛାତ୍ରମାନେ ମାସିକ ଶତାଧିକ ଟଙ୍କା ବନ୍ୟାପାଣ୍ଠିକୁ ସାହାଯ୍ୟ ପଠାଇବାକୁ ସମର୍ଥ ହୋଇଥିଲେ । ସେହି ଅର୍ଥରେ ଯେବେ ଅନ୍ତତଃ ଜଣେ ମାତ୍ର ଦୁଃସ୍ଥ ଲୋକ

ବହୁପାରୁଥାଏ, ତେବେ ତାହା ହିଁ ଅଳ୍ପ ପୁଣ୍ୟ ନୁହେଁ ! ଛାତ୍ରଜୀବନରେ ଏପରି ମହାପ୍ରାଣତା ଜାତ ହେଲେ ଜାତିର ଭବିଷ୍ୟତ ଗୌରବ-ମଣ୍ଡିତ ଏବଂ ସମୁଜ୍ଜ୍ୱଳ ହୁଏ ।

ଛୁଟିଦିନରେ କି ମଧୁ ଅଛି କେଜାଣି, ସମସ୍ତେ ସେଥିପାଇଁ ଲାଳାୟିତ । ହାକିମଠାରୁ ପିଅନ୍ ପର୍ଯ୍ୟନ୍ତ, ସର୍ଦ୍ଦାରଠାରୁ କୁଲି ପର୍ଯ୍ୟନ୍ତ ଛୁଟି କାହାର ପ୍ରିୟ ନୁହେଁ ? ପାଠୁଆ ପିଲାଏ ତ ଛୁଟି ପାଇଁ ବାଇ, ସେମାନେ ଜୀବନର ସବୁ ସୁଖ ଛୁଟିରେ ପୁଞ୍ଜୀଭୂତ ପରି ମଣନ୍ତି । ପିଲାଗୁଡିକ ସଂସାରରେ ଆନନ୍ଦମୟ ଜୀବ, ଆନନ୍ଦର ସନ୍ତାନ; ସୁତରାଂ ଆନନ୍ଦ ତାଙ୍କୁ ସବୁବେଳେ ଲୋଡ଼ା । ଦେଖୁଁ ଦେଖୁଁ ଗ୍ରୀଷ୍ମାବକାଶ ଆସି ପହଞ୍ଚିଗଲା । ଛାତ୍ରମାନଙ୍କର ସେଟା ଗୋଟାଏ ତୀର୍ଥ ଛୁଟି । ବିଦେଶୀ ଛାତ୍ରମାନେ ଘରକୁ ଯାଇ ଛୁଟି କେତେଦିନ ପିତାମାତାଙ୍କର ସ୍ନେହ-ଉପଭୋଗର ସୌଭାଗ୍ୟ ଲାଭ କରନ୍ତି । ଏହା ଛଡ଼ା ବିଶ୍ରାମ ସୁଖ ତ ଇଉନିଭରସିଟି ବିଧାତା ସେମାନଙ୍କ ଭାଗ୍ୟରେ ଲେଖି ନାହିଁ । ଛାତ୍ରମାନେ ସ୍କୁଲରୁ ଯେଉଁ-ପାଠ ଗିଳିଯାଇଥାନ୍ତି ଛୁଟିସମୟରେ ଘରେ ବସି ତାକୁ ପାକୁଳି କରନ୍ତି । ଶିବ, ଯଦୁ, ଅମର, ଜଗନ୍ନାଥ, ଚାରିହେଁ ସାଙ୍ଗ ମୋଫସଲବାସୀ । ଛୁଟିରେ ସେମାନେ ଘରକୁ ବାହାରିଲେ । ଯିବା ପୂର୍ବରୁ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ସପ୍ତାହରେ ଅନ୍ତତଃ ଥରେ ଲେଖାଏଁ ପତ୍ର ଲେଖିବାକୁ ପ୍ରତିଶ୍ରୁତ ହେଲେ । ଘରେ ରହି ନିଜ ନିଜ ଗ୍ରାମର କି କାମ କରିବେ, ସେଥିର ଆଲୋଚନା ଲାଗିଲା । ଶିବ କହିଲା—"ଆମ ଗାଁରେ ବୁଢ଼ୀଟି ପୋଖରୀ ଅଛି, ସେ ବୁଢ଼ିଟିଯାକ ଦଳପୂର୍ଣ୍ଣ । ସେହି ଦୂଷିତ ଜଳ ସମସ୍ତେ ବ୍ୟବହାର କରନ୍ତି । ସେଥିହେତୁ ଗ୍ରାମକୁ ମେଲେରିଆ ଜ୍ୱର ଗୋଡ଼ କାଟି ବାକୁ ଇଚ୍ଛା କରୁ ନାହିଁ । ଗ୍ରାମର ଅଶିକ୍ଷିତ ଲୋକଙ୍କୁ ଏକଥା କହିଲେ ସେମାନେ ହସି ଉଡ଼ାଇ ଦେବେ, କେତେ ଠାଟ୍ଟା ତାମସା କରିବେ, ଶ୍ଳେଷ ବିଦ୍ରୂପ କରି କେତେ ରସିକତା ଦେଖାଇବେ । ମୁଁ ଭାବୁଛି କାହାକୁ କିଛି ନ କହି ମୋର ବାଲ୍ୟବନ୍ଧୁମାନଙ୍କ ସାହାଯ୍ୟରେ ଆଗେ ସେହି ପୋଖରୀ ଝୁଇଁଟା ସଫା କରିବି । ପ୍ରତିଦିନ ଗାଧୋଇଲାବେଳେ ଘଣ୍ଟାଏ ଲେଖାଏଁ ପରିଶ୍ରମ କଲେ ପନ୍ଦରଦିନ ମଧ୍ୟରେ ସବୁଦଳ ବାହାର ହୋଇଯିବ ।" ଯଦୁ କହିଲା—"ମୋତେ ନୂଆ କିଛି କରିବାକୁ ହେବ ନାହିଁ । ଆମେ କେତେଜଣ ପିଲା ମିଶି ଆମ ଗାଁ ଗାଣ ସାହିରେ ଗୋଟାଏ ପାଠଶାଳା ବସାଇଅଛୁ । ସେଥିରେ ଗାଣପିଲାମାନେ ପଢ଼ନ୍ତି । ମୁଁ ଆଉ ମୋର କେତେଜଣ ବନ୍ଧୁ ପାଳିକରି ପଢ଼ାଉଁ । ଗ୍ରୀଷ୍ମାବକାଶରେ ମୋର ପାଳି ପଡ଼େ । ମୁଁ ଯାଇ ସେହି କାମରେ ଲାଗିବି ।" ଅମର କହିଲା—"ଏ ବର୍ଷ ପ୍ରବଳ ବନ୍ୟାରେ ଆମ ଗାଁର ଅଧେ ଘର ଭାସିଯାଇଛି । ଯାହାଙ୍କର ଅର୍ଥବଳ ବା ମନୁଷ୍ୟବଳ ଅଛି, ସେମାନେ ନିଜ ନିଜର ଘର ତିଆରି କରି ସାରିଲେଣି । ଖାଲି ଗରିବଗୁଡ଼ିକ ହନ୍ତସନ୍ତ ହୋଇ ବାରଣ୍ଡା ଶୁଣ୍ଡିପିଣ୍ଡାରେ ମୁଣ୍ଡ ଗୁଞ୍ଜୁଛନ୍ତି । ମୁଁ ଯାଇ ସେହିମାନଙ୍କୁ ଯଥାଶକ୍ତି ସାହାଯ୍ୟ କରିବାକୁ ଚେଷ୍ଟା କରିବି । ଆମ ଗାଁ ଆଉ ପାଖ ଗାଁମାନଙ୍କରୁ ବାଉଁଶ ଛଣ ପ୍ରଭୃତି ମାଗି ଆଣି ସେମାନଙ୍କୁ ଦେବି । ଏହା ପରେ କାଦୁଅ ଚକଟାଠାରୁ କାନ୍ଥକିଆ, ଘରତୋଳା ପର୍ଯ୍ୟନ୍ତ ସବୁ କାମରେ ନିଜେ ପରିଶ୍ରମ କରି ସାହାଯ୍ୟ କରିବି ।" ଶେଷରେ ଜଗନ୍ନାଥ କହିଲା, "ମୁଁ ଆଉ କଅଣ କରିବି, ମାଧୁରୀ ଦେବୀଙ୍କ ସେବାରେ ମନ, ପ୍ରାଣ, ମୁଖ, ଇଚ୍ଛା, ଉଦର ସାର୍ଥକ କରନ୍ତି; ମାତ୍ର ପଖାଳ ଠାକୁରାଣୀଙ୍କ ହେତୁ ତ ତାହା କରିବାର ଉପାୟ ନାହିଁ । ଦୀର୍ଘକାଳ ବିଚ୍ଛେଦ ପରେ ମିଳନ;ସେ କି ଆଉ ମନକୁ ଅନ୍ୟ ଆଡ଼କୁ ଛାଡ଼ିଦେବେ ! ତୋରାଣି ମନ୍ଦାକ ତ ସ୍ୱଭାବରେ ଅମୃତ, ତହିଁରେ ନୂଆ-ବୋହୂଙ୍କ ସ୍ନେହସ୍ପର୍ଶ ମିଶି ଅଦ୍ଭୁତ ଉପାଦେୟ ହୋଇ-ଉଠେ । ତାକୁ ଛାଡ଼ି ମାଧୁରୀ ଦେବୀଙ୍କୁ ପୂଜା କରିହେବ ନାହିଁ । ତେବେ ଗୋଟାଏ କାମ କରିବି, ଆମ ଗ୍ରାମ-ଦେବତାଙ୍କର ମନ୍ଦିର ନାହିଁ, ତାଙ୍କ ଉପରେ କୁଆ କୁକୁର ମଳମୂତ୍ର ତ୍ୟାଗ କରୁଅଛନ୍ତି। ତାହା ଦେଖି ମୋ ମନରେ ବଡ କଷ୍ଟ ହୁଏ । ଦେବତାଙ୍କୁ ଦେବତାଙ୍କ ପରି ରଖିଲେ ସିନା ତାଙ୍କର ପ୍ରଭାବ ବଢେ । ଭକ୍ତିରେ ଦେବତାଙ୍କର ପ୍ରାଣ ପ୍ରତିଷ୍ଠା ହୁଏ । ଅଭକ୍ତି ବା ଅନାସ୍ଥାରେ ଦେବତା

ମଧ୍ୟ ପଥର କୁଟନ୍ତି । ମୁଁ ଏଥର ଯାଇ ତାଁଙ୍କୁ ମୁଷ୍ଟିଭିକ୍ଷା ସଂଗ୍ରହ କରି ଠାକୁରାଣୀଙ୍କ ପାଇଁ ଖଣ୍ଡିଏ ମନ୍ଦିର ତିଆରି କରିଦେଇଆସିବି ।" ଏ ପ୍ରସ୍ତାବଟିକ ସମସ୍ତଙ୍କ ମନକୁ ଘେନିଲା । ସମସ୍ତେ ଆନନ୍ଦରେ କରତାଳି ଧ୍ୱନି କଲେ । ଅନନ୍ତର ଛାତ୍ରବନ୍ଧୁ ଗୋଟାଏ ଗୋଟାଏ ପୁସ୍ତକ-ପାହାଡ ଧରି ସ୍ୱ ସ୍ୱ ଗ୍ରାମାଭିମୁଖରେ ଯାତ୍ରା କଲେ ।

# ତୃତୀୟ ପରିଚ୍ଛେଦ

ଯଦୁ ଜଗନ୍ନାଥ ଦୁହେଁ ତୁଳସୀ ପତ୍ରରେ ସଙ୍ଗାତ ବସାଇଥିଲେ । କେହି କାହାରି ନାମ ଧରି ଡାକନ୍ତି ନାହିଁ । ପରସ୍ପର ସଙ୍ଗାତ ବୋଲି ଡକାଡକି ହୁଅନ୍ତି । ଦୁହେଁ ଏକ ଜାତି ଏବଂ ଧନିସନ୍ତାନ । ଦୁହିଙ୍କର ଅଭେଦ ପ୍ରୀତି, ସେମାନେ କେତେବେଳେ ସାଙ୍ଗଛଡ଼ା ହୁଅନ୍ତି ନାହିଁ । ଜଗନ୍ନାଥ ଯେଉଁଠି ଯଦୁ ସେଇଠି ଏବଂ ଯଦୁ ଯେଉଁଠି ଜଗନ୍ନାଥ ବି ସେଇଠି । ଏହି ହେତୁ ସଙ୍ଗୀମାନେ ସେ ଦୁହିଙ୍କୁ କାୟା ଛାୟା ବୋଲି କହି ପରିହାସ କରନ୍ତି । କେହି କେହି ଯୁଗଳମୂର୍ତ୍ତି ବୋଲି ମଧ୍ୟ କହନ୍ତି; ମାତ୍ର ସେ ସବୁ ବାଜେ କଥାରେ ଦୁଇ ସଙ୍ଗାତ କର୍ଣ୍ଣପାତ କରନ୍ତି ନାହିଁ । ଯଦୁର ବାପମା ଅଛନ୍ତି । ଜଗନ୍ନାଥ ଶୈଶବରୁ ପିତୃମାତୃହୀନ । ଭାଇ ଜଗମୋହନ ତାର ମୁରବି । ଭାଇ ଜଗମୋହନ ବିଷୟ କର୍ମରେ ଖୁବ୍ ଦକ୍ଷ । ସେ ଘରେ ଥାଇ ପୈତୃକ ବିଷୟ ସମ୍ପତ୍ତି ରକ୍ଷଣାବେକ୍ଷଣ କରନ୍ତି । ସାନ ଭାଇ ଜଗନ୍ନାଥକୁ ସେ ପ୍ରାଣାଧିକ ସ୍ନେହ କରନ୍ତି । ଘର ଭଲ ଚଳେ, ଜଗନ୍ନାଥ ମଧ୍ୟ ଅଗ୍ରଜଙ୍କୁ ଖୁବ୍ ଭକ୍ତି ସମ୍ମାନ କରେ । ଦୁଇ ଭାଇଙ୍କ ବ୍ୟବହାର ଦେଖି ଲୋକେ ତାଙ୍କୁ ରାମ ଲକ୍ଷ୍ମଣ ବୋଲି କହନ୍ତି । ଜଗମୋହନଙ୍କ ସ୍ତ୍ରୀ ନୀଳାବତୀ ସ୍ୱନାମଧନ୍ୟା ରମଣୀ । ସେ ଯେଉଁ ପରି ଚଙ୍ଗଚଙ୍ଗୀ ସେହିପରି ଫର୍‌ଫରି । ତାହା କଥାର ଲଗାମ ନାହିଁ । ଯାହା ମନକୁ ଆସେ ଭଲ ମନ୍ଦ ନ ବିଚାରି ତାହା କହି ପକାଏ । ଲାଜ ସରମ ବିଧାତା ତାହା କୋଷ୍ଠୀରେ ଲେଖି ନାହିଁ । ଅଧିକନ୍ତୁ ପୁରୁଷଙ୍କ ସଙ୍ଗରେ ଯୁକ୍ତି କରିବା ବିଷୟରେ ସେ ଅଦ୍ୱିତୀୟ । ନୀଳାବତୀ ଭାରି ଗର୍ବିତା ଏବଂ ଦୁର୍ଜ୍ଜୟ ଅଭିମାନିନୀ । ସେଥିର କାରଣ ଏହି ଯେ, ସେ ଶିକ୍ଷିତା, ବାପଘର ଗାଁ ପାଠଶାଳାରୁ ସେ ମଧ୍ୟବୃତ୍ତି ପାସ କରି-ଅଛି । ତାହା ପରି ବିଦୁଷୀ, ତାହା ପରି ଭାଗ୍ୟବତୀ ଗାଁରେ କେହି ନାହାନ୍ତି ବୋଲି ତାର ବିଶ୍ୱାସ । ସେ ବିନା ସୂତାରେ ହାଟ ବସାଇପାରେ, ବିନା ମେଘରେ କୁଳିଶ ସର୍ଜନା କରିପାରେ । ଖରେଇ, ତରତରୀ ବୋଲି ତ ସରିଛି । ସେଥିପାଇଁ ନାରୀସମାଜରେ ତାହାର ନାମ "ନାରୀ ନାରଦ" ହୋଇଅଛି । ଏହିସବୁ ଦୁର୍ଗୁଣ ସକାଶେ ଜଗମୋହନ ତାକୁ ଅନ୍ତରରୁ ଭଲ ପାଆନ୍ତି ନାହିଁ; କିନ୍ତୁ କଅଣ କରିବେ, ଯାହାକୁ ହାତ ଧରି, ମନ୍ତ୍ର ପଢ଼ି ବିବାହ କରିଅଛନ୍ତି, ତାକୁ ତ ଆଉ ଫୋପାଡ଼ି ଦେବେ ନାହିଁ କିମ୍ବା ମାରି ପିଟି ଘଉଡ଼ିଦେବେ ନାହିଁ । ଲୋକଲଜ୍ଜା ଭୟରେ ନୀରବରେ ପତ୍ନୀରୂପିଣୀ ପେତ୍ନୀର ସବୁ ଦୁଷ୍କର୍ମ ସହ୍ୟ କରି ଭାଗ୍ୟକୁ ଆଦରି ମୁଣ୍ଡ ତଳକୁ ପୋତି ରହନ୍ତି । ସ୍ୱୈରିଣୀର ସ୍ୱାଧୀନତାରେ ବାଧା ଦିଅନ୍ତି ନାହିଁ । ଏହିପରି ବିରୋଧ ମିଳନ ବାସ୍ତବରେ ଜୀବନକୁ ବିଷମୟ କରିଦିଏ ।

ଗ୍ରୀଷ୍ମ ଛୁଟିରେ ଛାତ୍ରବନ୍ଧୁ ନିଜ ନିଜ ଘରଠାରେ ଅଛନ୍ତି । ପୂର୍ବ ପ୍ରତିଶ୍ରୁତି ଅନୁସାରେ ପରସ୍ପର ମଧ୍ୟରେ ଚିଠିପତ୍ରର ଆଦାନ ପ୍ରଦାନ ଲାଗି ରହିଅଛି । ପତ୍ରରେ ସୁଖ ଦୁଃଖ, ହର୍ଷ ବିଷାଦ ପ୍ରଭୃତିର ବିନିମୟ, ହୃଦୟର ବିନିମୟ ଲାଗିଅଛି । ଏହି ବିନିମୟ ବ୍ୟାପାର ଯଦୁ ଏବଂ ଜଗନ୍ନାଥ ଉପରେ ଅପେକ୍ଷାକୃତ ଅଧିକ ପ୍ରଭାବ ବିସ୍ତାର କରିଅଛି । ଚିଠି ଲେଖାରେ ସେ ଦୁହେଁ ଜୋର ସମସ୍ୟା କଣ୍ଠ ଚିପି ମାରନ୍ତି । ଜଗନ୍ନାଥ ଚିଠି ଲେଖାରେ ସକାଳ ଉଲଟା କଟାଇଦିଏ । ତାହାର ଚିଠିଲେଖାଟା ଅପୂର୍ବ ଧରଣର । ସେଥିରେ ସାତକାଣ୍ଡ ରାମାୟଣ, ଅଠର ପର୍ବ ମହାଭାରତ ସବୁ ଥାଏ । ସେ ପତ୍ର ଖଣ୍ଡିକ ଗ୍ରାମର ଖଣ୍ଡେ ବିଶାଳକାୟ ସମ୍ବାଦପତ୍ର । ସେଥିରେ ଗ୍ରାମର ଡାକଣୀଙ୍କ କଥା ଥାଏ, ସ୍ଥୂଳରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ତାହା ପତ୍ରରେ ଯାହା ନାହିଁ ତା ଗାଁରେ ନାହିଁ । ତାହାର ଏ

ସାରା ପତ୍ର ଲେଖା ପ୍ରତି ଜଗମୋହନଙ୍କର ଲକ୍ଷ୍ୟ ନ ଥାଏ; ମାତ୍ର ଲୀଳାବତୀର ସନ୍ଦେହ ଦୃଷ୍ଟି ଥାଏ । ସେ ମନେ ମନେ ଭାବେ—"କିସ ଏତେ ପତ୍ର କାହାକୁ ଲେଖେ, କାହିଁକି ଲେଖେ, ଏଥିରେ କିଛି ଗୂଢ଼ ରହସ୍ୟ ନାହିଁ ତ ? ଯୌବନରେ ଯତି ବି ଭୁଲିଯାଏ, ତାହା ମାୟା କଅଣ ତାହା କିଏ କହିପାରିବ ?" ଦିନେ ସେ ଜଗନ୍ନାଥକୁ ପଚାରିଲା—"କିସ, ତୁମ ସେଇ ଏତେ ଚିଠି କାହାକୁ ଲେଖ ?" ଜଗନ୍ନାଥ ମୁରୁକି ହସି କହିଲା—"ଆଉ କାହାକୁ ଲେଖିବି ନୂଆବୋଉ, ସଙ୍ଗୀ ସାଥୀମାନଙ୍କୁ ଲେଖେ । ସେମାନେ ମୋତେ ଲେଖନ୍ତି, ମୁଁ ନ ଲେଖିଲେ ସୁନ୍ଦର ହେବ ନାହିଁ ବୋଲି ବାଧ୍ୟ ହୋଇ ଲେଖେ ।" କିନ୍ତୁ ଏ କୈଫିୟତରେ ଲୀଳାବତୀ ସମ୍ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିପାରିଲା ନାହିଁ । ଯେ କୁଟିଳ, ତାହାର ମନ ଏବଂ କଳ୍ପନା ସର୍ବଦା କୁ ଆଡ଼କୁ ଧାବିତ ହୁଏ; ସୁତରାଂ ସରଳ ସତ୍ୟ କଥାକୁ ସେ ବିଶ୍ୱାସ କରିବ କାହିଁକି ? ସେ ଜଗନ୍ନାଥକୁ ଆଉ କିଛି ପଚାରିଲା ନାହିଁ; କିନ୍ତୁ ନିଶ୍ଚିନ୍ତ ହୋଇପାରିଲା ନାହିଁ । ମନେ ମନେ କଥାଟା ଘଣ୍ଟା ଚକଟା କରିବାକୁ ଲାଗିଲା । ଜଗନ୍ନାଥ ଘରେ ନ ଥିବା-ବେଳେ ତାହାର ପେଟରା ଖୋଲି ସେଥିରେ କାହାର ଚିଠି ଅଛି କି ନାହିଁ ଅନୁସନ୍ଧାନ କରିବସିଲା । ଢେର ବେଳଯାଏ ଢେର ଥର ଘଣ୍ଟାଘାଣ୍ଟି କରି କୌଣସି ପତ୍ର ବା ଅନ୍ୟ କିଛି ବଳବତ୍ତର ପ୍ରମାଣ ପାଇଲା ନାହିଁ । ଜଗନ୍ନାଥ କୌଣସି ପତ୍ର ସାଇତି ରଖେ ନାହିଁ । ବନ୍ଧୁମାନଙ୍କ ପତ୍ର ପାଇଲେ ପଢ଼ିସାରି ଚିରି ପକାଏ; ସୁତରାଂ ତାହା ପେଟରେ ପତ୍ର ଖୋଜିବା ଦରିଦ୍ର କୁଟୀରରେ ରତ୍ନ ଖୋଜିବା ପରି ପଣ୍ଡ ପରିଶ୍ରମ ଛଡ଼ା ଆଉ କିଛି ନୁହେଁ ।

"ବାବୁ ଚିଠି ଅଛି, ଘରେ ଅଛ ନାହିଁ—ବାବୁ ?" ଦିନେ ସକାଳଓଳି ମୁସଲମାନ ପୋଷ୍ଟପିଅନ ଆସି ଜଗମୋହନଙ୍କ ଦାଣ୍ଡ ଦୁଆରେ ଉପସ୍ଥିତ ପ୍ରକାରେ ଡାକ ଛାଡ଼ିଲା । ଜଗମୋହନ ବା ଜଗନ୍ନାଥ କେହି ଘରେ ନ ଥିଲେ । ଲୀଳାବତୀ ଘର ଭିତରୁ ବାହାରି ଆସି କହିଲା, "କଅଣ ମିଆଁ ପୁଅ, ଚିଠି କାହା ନାଁରେ ଆସିଛି, କାହିଁ ?" ପିଅନ କହିଲା, "ସାନ ବାବୁଙ୍କର ଖଣ୍ଡେ ଚିଠି ଅଛି, ଏହି ନିଅ ମା !" ଏହା କହି ଚିଠିଖଣ୍ଡ ପିଣ୍ଡାରେ ଥୋଇଦେଇ ଚାଲିଗଲା । ଲୀଳାବତୀ ତାକୁ ଉଠାଇ ନେଇ ଶିରୋନାମା ପଢ଼ି ଜାଣିଲା—ସେ ଜଗନ୍ନାଥର ଚିଠି । ତହୁଁ ଅତି ସନ୍ତର୍ପଣରେ ଲୁଗା ଭିତରେ ଚିଠିଖଣ୍ଡ ଲୁଚାଇ ସଳଖେ ସଳଖେ ଚଞ୍ଚଳ ଘର ଭିତରକୁ ଚାଲିଗଲା । ପୁଣି କଅଣ ଭାବି ଫେରିଆସି ଦାଣ୍ଡ କବାଟ କିଳିଦେଇଗଲା । ସେ ମନେ ମନେ ଭାବିଲା—"ଏ ଚିଠି ଖଣ୍ଡକରେ କିଛି ସୂଚନା ଅଛି କି ନାହିଁ, ଖୋଲି ଦେଖିଲେ ମନ୍ଦ କଅଣ ହେବ ? ଏହିପରି ବାରଆଡ଼କୁ ନିଗା ନ ଦେଲେ ମୂଳ ସୂତ୍ର ଧରା ପଡ଼ିବ କିପରି ? ଯଦି ଏଥିରେ ସେପରି କିଛି ସଙ୍କେତ ମିଳେ, ତେବେ ଏ ଚିଠିଖଣ୍ଡ ଜଗୁକୁ ଦେବି ନାହିଁ । ଗୁଣଧରଙ୍କ ଭାଇସାଆନ୍ତଙ୍କୁ ନେଇ ଦେଖାଇବି ।" ଅନନ୍ତର ଲୀଳାବତୀ ପତ୍ରଖଣ୍ଡ ଖୁବ୍ ସାବଧାନ ହୋଇ ଯୋଗ୍ୟତାର ସହିତ ଫଟାଇ ମନେ ମନେ ପଢ଼ିବାକୁ ଲାଗିଲା । ସେଥିରେ ଏହିପରି ଲେଖାଥିଲା—

"ପ୍ରିୟ ସଙ୍ଗାତ,

ପ୍ରୀତି ସମ୍ଭାଷଣ ଗ୍ରହଣ କର । ତୁମ ପତ୍ର ପାଇଅଛି । ବୋଧହୁଏ ତୁମେ ମାଧୁରୀକୁ ଭୁଲିଗଲଣି । ତୁମଠାରୁ ଯେତେ ପତ୍ର ପାଏଁ, ମାଧୁରୀର କଥା କାହିଁରେ କିଛି ନ ଥାଏ । କି ପାଷାଣ ହୃଦୟ ତୁମର !

ଜୟ ଜୟ ମାଧୁରୀ ଗୋ ପଞ୍ଚଦଣ୍ଡ ଖଣ୍ଡିନୀ,
ଅଣ୍ଡା-ମଣ୍ଡା-ମୁଣ୍ଡ-ଖାଇ କ୍ଷୁଧାଦର୍ପ ଦଣ୍ଡିନୀ ।

ବଡ଼ ଦୁଃଖର କଥା— ଏ ସ୍ତୁତି ଶ୍ଳୋକଟି ତୁମେ ପାଶୋରି ଯାଇଛ; ନଚେତ୍ ଏତେ ନିର୍ଦ୍ଦୟ ହୁଅନ୍ତ ନାହିଁ । ଏହି ଦୋଷରେ ମାଧୁରୀ ଦେବୀ ଯେବେ ତୁମକୁ ଛଡ଼ପତ୍ର ଦିଅନ୍ତି, ତେବେ ତାହା ବେ-ଆଇନ ହେବ ନାହିଁ । × × × × ଚିଠିରେ ଆହୁରି ଢେର କଥା ଲେଖାଥିଲା; କିନ୍ତୁ ସେ ସବୁ ଅନାବଶ୍ୟକ ଜ୍ଞାନରେ ପରିତ୍ୟକ୍ତ ହେଲା ।

ତୁମର ସୁହୃଦ୍
ଶ୍ରୀ ଯଦୁନାଥ ।"

# ଚତୁର୍ଥ ପରିଚ୍ଛେଦ

ଲୀଳାବତୀ ପଦ୍ମ ପଡ଼ିଆରୁ ଗାଲରେ ହାତଦେଇ ବସିପଡ଼ିଲା । ତାହାର ମୁଖରେ ଗମ୍ଭୀର ଚିନ୍ତାରେଖା ସ୍ପଷ୍ଟ ହୋଇଉଠିଲା । ସେ ମନେ ମନେ ଭାବିଲା, "ମାଧୁରୀ କଅଣ ? ତା ନାଁରେ ପୁଣି ଗୀତ ଲେଖାଯାଇଛି ! ସେ ଗୀତର ମାନେ ବି ତ କିଛି ବୁଝି ହେଉ ନାହିଁ । "ପେଟ ଦନ୍ତ ଖଣ୍ଡିନୀ", "କ୍ଷୁଧାଦର୍ପ ଦଣ୍ଡିନୀ" କିଏ ? ମାଧୁରୀ କଅଣ ଗୋଟାଏ କିଛି ଖାଇବା ପଦାର୍ଥ ? ଛି, ପୋଡ଼ାଯାଉ ମୋ ମତାମତ ବୁଦ୍ଧି ! ଖାଇବା ପଦାର୍ଥକୁ ପୁଣି ଦେବୀ ବୋଲି କିଏ କହେ ? ସେ ଫେର ସ୍ତୁତିପଦ ଦେବ, ଏ କି ଅଘଟ କଥା ଲୋ ମା ! କେ ଜାଣି ? ଆଉ ଅଣ୍ଡା ଖାଇ, ମଣ୍ଡା ଖାଇ ବୋଲି କିଏ ସେ ସବାଖାଇ? ଏଥିରେ କିଛି ଠାର ଅଛି । ଯାହାହେଉ, ମାଧୁରୀ ନିଶ୍ଚେ ଜଣଙ୍କର ନାମ । ଆଜିକାଲି ତ ସମସ୍ତେ ସୁହାସୀ, ମାଧୁରୀ, ଆଦରୀ ଏହିପରି ବଙ୍ଗାଳିଆ ନାଁ ଦେଉଛନ୍ତି । ଏହି ମାଧୁରୀ ପୋଡ଼ାମୁହୀଁ ଆମ ଇସ୍କୁଲର ମୁଣ୍ଡ ଖାଉଛି । ନ ହେଲେ ଇସ୍କୁଲ ଖୋଲିବାକୁ ତ ଅହୁରି ସାତ ଦିନ ଅଛି, ଏଣୁ ମୁଣ୍ଡ ପିଟି ପିଟି ବୋଲି ଅଥୟ ହେଉଛନ୍ତି କାହିଁକି ? ସତେ ଯେମିତି ବିଏ ଡାକପାଣି ପେଇଛି । ମୁଁ ଯାହା ଭାବୁଥିଲି, ସେଇଆ ହେଲା । ଟୋକି ହେଉ ଦିନ ମରୁକି, ତାହା ସିନା ଜାଣେ ନାହିଁ, ନ ହେଲେ ଆଉସବୁ କଥା ମୋ ନଖ ଦର୍ପଣରେ । କହନ୍ତି ପରା—"ଯେଉଁ ଲୋକର ଯେମନ୍ତ ଠାଣି, ତାହା ଚାଲିଚଳଣିରୁ ଜାଣି ।" ଆଉ ଏ ଏଗାରତ ସାତପଣ୍ଟା କିଏ ? ସବୁ ସେହି ବୁଢ଼ୀ ଖଣ୍ଡିଆର କୁଟ, ଅଛ ହେଉ, ଦେଖିବି— ତାର କେତେ ବୁଦ୍ଧି । ଆଗେ ମାଧୁରୀ କିଏ, ତାହା ଜାଣିବା ଦରକାର ।" ଲୀଳାବତୀ ଏହିପରି ଅନେକ ଭାବ ଚିଠିଖଣ୍ଡ ନେଇ ଘରେ ଲୁଚାଇ ରଖିଦେଲା । ଜଗନ୍ନାଥ ସେ ଚିଠିକଥା ଆଦୌ ଜାଣିପାରିଲା ନାହିଁ ।

ଉପରଓଳି ଜଗନ୍ନାଥ ଗାଁରେ ବୁଲି ବୁଲି ଆସି କହିଲା, "ନୂଆବଉ, ହଁସା ଉଡ଼ିଗଲାଣି, ମନ୍ଦେ ତୋରାଣି ଦିଅ ।" ଲୀଳାବତୀ ବେଲାଏ ଭାତତୋରାଣୀ ଆଣି ଥୋଇଦେଲା । ତୋରାଣୀରେ ଗୋଟାଏ ଅମ୍ବକଷି ଭଙ୍ଗି ଦେଲା । ସକାଳକା ଖରଡ଼ା ଶାଗ ଥିଲା, ସେଥିରୁ ମେଞ୍ଚାଏ ଆଣି ତାହା ସଙ୍ଗରେ ଗୋଟାଏ ଲଙ୍କା ମରିଚ ଚକଟିଦେଲା । ଜଗନ୍ନାଥ ଆଗେ ଚକ୍ ଚକ୍ କରି ଏକ ନିଃଶ୍ୱାସରେ ତୋରାଣୀତକ ପିଇଦେଇ ତୃପ୍ତିର ଗୋଟାଏ ଦୀର୍ଘ ନିଃଶ୍ୱାସ ଫଁ କରି ପକାଇ କହିଲା— "ନୂଆବଉ, ଆଃ ଅମ୍ବା ଥଣ୍ଡା ହୋଇଗଲା । ଲୀଳାବତୀ ହସି ହସି କହିଲା—"ତୁମେ ମରଦମାନଙ୍କ ପଖାଳର ମହିମା କଅଣ ବୁଝିବ, ତା ବୁଝୁ ଆମେ ।" ଜଗନ୍ନାଥ ପଖାଳ ଶାଗର ସଦ୍ବ୍ୟବହାରରେ ନିଯୁକ୍ତ ହେଲା, ଲୀଳାବତୀ ବସି ଗଳ୍ପ କରିବାକୁ ଲାଗିଲା । ଉଭୟଙ୍କ ମଧ୍ୟରେ ଅନେକ କଥା ହେଲା । ବୁଦ୍ଧିମତୀ ଲୀଳାବତୀ ଏହି ସୁଯୋଗରେ କଥା ବାହାର କରିନେବାକୁ ବସିଲା । ସେ କହିଲା—"ଭଲ, ତୁମ ସାଙ୍ଗାତ କିଏ ? ତାଙ୍କୁ ଥରେ ସଙ୍ଗରେ ଆଣିଲ ନାହିଁ ?" ଜଗନ୍ନାଥ କହିଲା—"ବଡ଼ ଭୁଲ ହୋଇଗଲା ନୂଆବଉ, ସେ ମୋତେ ତାଙ୍କ ଘରକୁ ଡାକିନେଇ କେତେ ସ୍ନେହ ଆଦରରେ ଖୁଆଇ ପିଆଇ ଶାନ୍ତମୂର୍ତ୍ତି ଯଥା ବେଭାର କରିଥିଲେ । ମୁଁ ସେ ବେଭାର ଫେରାଇ ନାହିଁ ।" ଲୀଳାବତୀ କହିଲା, "କଅଣ ଆଜିଯାଏ ବେଭାର ଫେରି ନାହିଁ ? ମୋତେ କହିଥିଲେ ତ ମୁଁ କେଉଁ ଦିନକୁ ପଠାଇଦେଇ ସାରିଥାଆନ୍ତା ଅଛି, ମୁଁ କାଲି ସଞ୍ଜରେ କରି ପଠାଇଦେଉଛି । ସେ ବଡ଼ଲୋକ, ମନରେ କଣ ବସିରୁଥିବେ କେଜାଣି ? ବଡ଼ଭାଇଙ୍କ ପରି ତୁମର ବି ଦେଖା ମହେଶପଣ ଗଲା ନାହିଁ । ବ'ଭାଇଙ୍କର ଏହା ଜାତକର ଗୁଣ ନା କଅଣ ? ମୁଁ ମଲେ କରିବ ତ ହେବ, ନ ହେଲେ କୌଣସି କଥା ହେବ ନାହିଁ । ମୁଁ ଯେବେ ମରିଯାଏଁ, ତେବେ କିମିତି ଘର କରିବ ?" ଜଗନ୍ନାଥ ଜିଭ କାମୁଡ଼ି ପକାଇ କହିଲା— "ଛି, ନୂଆବଉ, ଏଡ଼େ ଅଶୁଭ କଥା କି ମୁହଁରେ ଧରନ୍ତି ? ତୁମେ କି ଦୁଃଖରେ ମରିବ, ତୁମର ଶବ ତୁମ ଦେହରୁ ଅଲେଇ ବଲେଇ ଝାଡ଼ିଝୁଡ଼ି ନେଇ ମରୁ । ତୁମେ ମଲେ ଭାଇ ଅନାଥ ହେବେ, ଭୂତାଟିକୁ ମଶିଦରିଆରେ ଭସାଇଦିଅ ନାହିଁ ନୂଆବଉ ! ତୁମେ

ପାଦପଲ୍ଲବାଳରେ ସିନ୍ଦୁର ନାଥ, ମଣ୍ଡୁରି ପରି ବୁକ ଉପରେ ରତ୍ନହାର ଚିହ୍ନ, ତୁମ ଭାଗ୍ୟଟି ଅକ୍ଷୟ ହେଉ ।” ଲୀଳାବତୀ ଦର୍ପଣର ଏହିପରି ପରିହାସ ଶୁଣି ହସି ହସି ଅନ୍ୟ କାର୍ଯ୍ୟ ଛଳନାରେ ସେଠାରୁ ଉଠି ଚାଲିଗଲା; ଜଗନ୍ନାଥ ଅଣ୍ଟେଇ ସାରି ପାନଖଣ୍ଡେ ମୁହଁରେ ପୁରାଇ ଦାଣ୍ଡଆଡ଼କୁ ବାହାରିଗଲା ।

ତହୁଁ ଅପରାହ୍ନ ଲୀଳାବତୀ ମୂଳିଆ ମା ଭଣ୍ଡାରୁଣୀ ହାତରେ ହାଣ୍ଡିଏ ମିଠେଇ ଉଖୁଡ଼ା ଆଉ ଗୋଟାଏ ମାଣିଆବନ୍ଦୀ ଯଥା ଜଗନ୍ନାଥର ସଙ୍ଗାତ ଘରକୁ ପଠାଇଦେଲା । ସେ ମୂଳିଆ ମାକୁ ନିରୋଳାରେ କହିଲା, “ବାରିକଝିଅ, ଜମ୍ବୁ ସଙ୍ଗାତ ଘରେ ବାହାହେବା ଭଳି ଝିଅ ଅଛନ୍ତି କି ନା ବୁଝିବୁ । ଥିଲେ ତା ନାଁ, ବୟସ ବୁଝି ଆସିବୁ । ଖୁବ୍ ଗୋପନରେ ବୁଝିବୁ, ଖବରଦାର କେହି ଯେପରି ନ ଜାଣନ୍ତି ! ଏତିକି କାମ କରିଆସିଲେ ତୋତେ ପାଞ୍ଚଗୌଣୀ ଧାନ ଦେବି—ତୋ ନାତି ପିଠା ଖାଇବ ।” ମୂଳିଆମା ମୋଟା ପୁରସ୍କାରର ଆଶା ପାଇ ମନେ ମନେ ଖୁସି ଆନନ୍ଦିତ ହେଲା । ସେ କହିଲା, “ମା ସାଆନ୍ତାଣି, ତୁମ କାମରେ କି ମୁଁ ହେଳା କରିବି ନା ? ଠିକ୍ ଠିକ୍ ବୁଝିଆସି କହିବି, ତାହା ତୁମ ମୋ ଛଡ଼ା ଆଉ କୁଆ କୋଇଲି ବି ଜାଣିପାରିବେ ନାହିଁ । କାହିଁକି ମାଆନ୍ତାଣି, ସାନ ସାଆନ୍ତଙ୍କୁ ବାହା କରିବେ କି ? ହଁ, ମୁଁ ଏବେ ଆଗରୁ କହିରଖୁଛି—କସ୍ତାଶାଢ଼ୀ ବକସିସ୍ ନ ନେଇ ଛାଡ଼ିବି ନାହିଁ ।” ଲୀଳାବତୀ ଟିକିଏ ବ୍ୟସ୍ତହୋଇ କହିଲା—“ତୁ ସଣ୍ଡଝିଅ ଆଗେ ବୁଝିଆସି କହ, ବଅଳ ନଅଳ ବେଳ କଅଣ ଉଣ୍ଡୁଛି ? ସେ ବେଳ ତ ଅଛି ଦେଖାଯିବ ।” ନାପିତସୁନ୍ଦରୀ ଖୁସି ହୋଇ ଚାଲିଗଲା ।

ଯଥାସମୟରେ ମୂଳିଆମା ଫେରିଆସି ଲୀଳାବତୀକୁ କହିଲା—‘କଅଣ କହିବି ମା, ଘର ପରି ଘରଟାଏ ଏଡ଼ା ! ସବୁବେଳେ ମାହାଳିଆ କାରଖାନା ଲାଗିଛି, ଗହଳ ଚହଳର ସୀମା ନାହିଁ । ମାଇପଙ୍କ ଦେହରେ ଦେହେ ଲେଖାଏଁ ଗହଣା, ସବୁ ସୁନା ସାଆନ୍ତାଣିଏ, ଟିକିଏ ହେଲେ ରୁପା ନାହିଁ । ଚୌପାଢ଼ୀରେ କୁଣ୍ଡେ ମୋଟରେ ବେଢ଼ିଆ ଖୁଣ୍ଟ ପଡ଼ିଛି । ମୋତେ ତ ଆଦର ଗୌରବରେ ବସାଇଦେଲେ । ମୁଁ ପଚାରିଲାଣି ଆମ ସାନ ସାଆନ୍ତଙ୍କର ସେ ସଙ୍ଗାତ ହେବେ, ତାଙ୍କ ମା ତାଠୁଁଏ ବଡ଼ ଥାଳଦୀ ଆଣି କହିଲେ—“ଭଣ୍ଡାରି ଝିଅ, ତୁ ବାଟଫୁଟା ହୋଇଛୁ, ଗୋଡ଼ହାତ ଧୋଇକି ହେଉଥିବ—ଏଇ ଥାଳଦୀଟିକକ ଦେହରେ ମାରିଦେ ।” ଆଉ ଖାଇବା କଥା କଅଣ କହିବି ଗୋ ମା, ମୁଁ ତ ଜନ୍ମରେ ତାହା ସବୁ ଖାଇ ନ ଥିଲି । କେତେରକମ ତୁଣ, କେତେ ପିଠା, ତାହା ନାଁ । କି ତ ମୁଁ ଜାଣେ ନାହିଁ । ଲୀଳାବତୀ ତାକୁ ଆଉ ଅଧିକ କହିବାକୁ ଅବସର ନ ଦେଇ ଟିକିଏ ରୁକ୍ଷସ୍ୱରରେ କହିଲା—“ହୁଁ ଲୋ, ପ୍ରୌଢ଼ୀ ବାଡ଼ିବା ତେଣିକି ଥାଉ, ମୁଁ ଯାହା କହିଥିଲି, ତାହା କଅଣ ବୁଝିଆସିଲୁ କହ ।” ମୂଳିଆ ମା କହିଲା, “ହଁ ସାଆନ୍ତାଣି କହୁଛି—ତୁମକୁ ତ ସମସ୍ତେ ପଞ୍ଚମୁଖରେ ପୋତି ପକାଇଲେ ।” ଲୀଳାବତୀ ଆଉ ଧୈର୍ଯ୍ୟ ସମ୍ଭାଳି ପାରିଲା ନାହିଁ, କହିଲା—“ମୁହଁରେ ନିଆଁ ତୋର, ମୁଁ ଯାହା ପଚାରୁଛି ତାହା ନ କହି ଏତେ ବାଗରେ କଥା ବୁଲାଇବାରେ ଲାଗିଛୁ କାହିଁକି ?” ଏଥର ମୂଳିଆ ମା ଟିକିଏ ସଙ୍କୁଚିତ ହୋଇ କହିଲା, “ହଁ ମା, ଯାହା ଲାଗି ଯାଇଥିଲି, ତାହା କଅଣ ନ ବୁଝି ଖାଲି ମୁହଁ ଦେଖାଇବାକୁ ଆସନ୍ତି । ତାଙ୍କ ଘରେ ଗୋଟିଏ ଝିଅ ଦୁଇବର୍ଷ ହେଲା ପାରିକରି ଅଛି । ଝିଅଟି ସୁନା କୁଣ୍ଢେଇ ପରି ଗୋଟିଏ ସୁଢ଼ଳରେ ଗଢ଼ା । ସମସ୍ତେ ତାକୁ ମୂରୁଖି ବୋଲି ଡାକୁଥାଆନ୍ତି । ସେ ତାଙ୍କ ଦାସୀର କୁଅଡ଼େ ଝିଅ । ଲୀଳାବତୀ କହିଲା—“ତୁର ଉଲୁଟା, ମୂରୁଖି ନା ମାଧୁରୀ ଲୋ ?” ମୂଳିଆ ମା କହିଲା—“କି ଜାଣି ମା, ସେଇଆ ହୋଇଥିବ ପରା ।” ତହୁଁ ଲୀଳାବତୀ କହିଲା—“ହଁ, ଏବେ ବୁଝିଲି, ତୁ ଆଜି ଯା, କାଲି ଝୋଟେଇ ଆଣି ପାଞ୍ଚ ଗଉଣୀ ଧାନ ନେଇଯିବୁ ।” ଏହା କହି କଅଣ କରିବାକୁ ଘର ଭିତରକୁ ଚାଲିଗଲା ।

# ପଞ୍ଚମ ପରିଚ୍ଛେଦ

ଲୀଳାବତୀ ଅଦ୍ୟାବଧି ଏହି ଅବଶ୍ୟ ଆଶୁ ଜ୍ଞାତବ୍ୟ ବିଷୟ ସ୍ୱାମୀଙ୍କର କର୍ଣ୍ଣଗୋଚର କରି ନ ଥିଲା। ହାତରେ ପ୍ରବଳ ପ୍ରମାଣ ନ ରଖି କିଏ ବା ହାକିମ ପାଖରେ ଦରଖାସ୍ତ କରେ ? ପ୍ରମାଣ ଅଭାବରେ ଆଇନ ଖଟିବ କିପରି ? ଏ କାଳରେ ତ ପ୍ରେତତତ୍ତ୍ୱର ପ୍ରମାଣ ପରି ସବୁ କଥାରେ ପ୍ରମାଣ ଆବଶ୍ୟକ। ଛଟା ସତ୍ୟ ଘଟଣା ବି ବିନା ପ୍ରମାଣରେ ମିଥ୍ୟା ହୋଇଯାଏ। ଆଇନ ଯେତେ କଡ଼ା ହେଲେ ସୁଦ୍ଧା ତାହା ଭିତରେ ଫାଙ୍କ ବାହାର କରିବାର ଲୋକ ବି ଅଛନ୍ତି। ଲୀଳାବତୀ ବଳବତ୍ତର ପ୍ରମାଣ ସଂଗ୍ରହ କରି ଏଣି ସ୍ୱାମୀ ପାଖରେ କହିବାକୁ ସାହସ ବାନ୍ଧିଲା। ସେ ଯାଇ ଜଗମୋହନଙ୍କୁ କହିଲା— "ଶୁଣିଲଣି ଗୋଟାଏ କଥା।" ଜଗମୋହନ କହିଲେ—"କି କଥା ?" ତହୁଁ ଲୀଳାବତୀ ଉଦାସ ସ୍ୱରରେ କହିଲା—'କଥା ମୋର ମୁଣ୍ଡ ଆଉ ଗଣ୍ଡି।' କ୍ଷଣକେ ସେ ସ୍ୱର ପରିବର୍ତ୍ତନ କରି ଉତ୍ତେଜିତ କଣ୍ଠରେ କହିଲା—"କଳିକାଳରେ ଛୋକାସୁଡ଼ାଙ୍କୁ ଚଳିବା ତ ମୁସ୍କିଲ ହେଲା। ସେ ଲୁଚିକି ଛୁଲାମୁହାଁ କାଙ୍କ, ପୋଖରୀର ମାଛ ଖାଇବେ, ଗୋଟାଏ ଆଇଁଷଡାଡି ମୁହଁରେ ଲଗିବ ନାହିଁ। ସେଥିଲା ଭଇ ପିଲେ ଅଞ୍ଜୁଳା ଅଞ୍ଜୁଳା ଟଙ୍କା ଖର୍ଚ୍ଚ କରୁଛ, କହି କଅଣ ହେଲେଣି ତାହା ବୁଝୁଛି କିଏ ? ସେ ବିଦ୍ୟାସମୁଦ୍ରରୁ ଉଠି ଏବେ ପ୍ରେମ-ସମୁଦ୍ରରେ ଝାମ୍ପ ଦେଲେଣି-କହି ଗୁଡ଼ି ସନ୍ଧି ଖୋଳିଲେଣି। ତୁମେ ମୁଣ୍ଡ ଝାଳ ତଳପାରେ ମାରି ଟଙ୍କା ରୋଜଗାର କରୁଥାଅ, ସେ ପାଠପଢା ବାହାନାରେ ତାହା ସବୁ ଉଡ଼ାଉଥାଉ। କେତେ କଷ୍ଟରେ ଟଙ୍କା ଆସେ, ତାହା କିଏ ଜାଣେ ? ପର ରୋଜଗାର ସମସ୍ତଙ୍କୁ ମେଲ ହେଲା ପରି ଲାଗେ।" ଜଗମୋହନ ତ ସ୍ତ୍ରୀର ଅବ୍ୟାପାରରେ ବ୍ୟାପାର କରିବା କଥା ଜାଣନ୍ତି, ସେ ମନେ ମନେ ବିରକ୍ତ ହେଲେ; ମାତ୍ର ଭାବ ଗୋପନ କରି କହିଲେ—"ଲୀଳାମୟି, ବନ୍ଦନାରେ ତ ତୁମ୍ଭର ରାତି ପାହିଲା ଆଉ ଲୀଳା କରିବ କେତେବେଳେ ?" ଲୀଳାବତୀ ହସିଉଠି ଲଜ୍ଜିତ ହେଲା ପରି କହିଲା—"ଏଇ ନିଅ ଗୋ ନିଅ, ପଢିଲେ ସବୁ ଜାଣିପାରିବ।" ଏହା କହି ପୂର୍ବୋକ୍ତ ଚିଠିଖଣ୍ଡ ସ୍ୱାମୀଙ୍କ ପାଖକୁ ଫିଙ୍ଗି-ଦେଲା। ଜଗମୋହନ ସେ ଚିଠି ନ ଛୁଇଁ କହିଲେ, 'ଏ କାହାର ଚିଠି, ପର ଚିଠି ମୁଁ ପଢେ ନାହିଁ।' ଲୀଳାବତୀ କହିଲା—"ପରଚିଠି ନୁହେଁ, ତୁମ ଗୁଣଧର ଭାଇଙ୍କ ଚିଠି। ତାଙ୍କ ସଙ୍ଗାତ ଲେଖିଅଛନ୍ତି।" ଜଗ-ମୋହନ କହିଲେ, 'ଇସୁର ଚିଠି ? ତାହାର ଜଣେ ବନ୍ଧୁ ତାକୁ କଅଣ ଲେଖିଛି, ମୁଁ କାହିଁକି ତାକୁ ପଢିବାକୁ ଯିବି ?' ଲୀଳାବତୀ ଚିଠିଖଣ୍ଡ ଉଠାଇନେଇ କହିଲା—'ଆଗ, ସବୁ ନ ପଢିଲ ତ ନାହିଁ—ଏହି ଗୋଟାଏ ଧାଡି ପଢ।' ଅନନ୍ତର ଚିଠିଖଣ୍ଡ ଖୋଲି ସ୍ୱାମୀଙ୍କ ଆଖି ଆଗରେ ଧରି ଗୋଟିଏ ସ୍ଥାନ ଦେଖାଇଦେଲା। ଜଗମୋହନ ଅନିଚ୍ଛା-ସତ୍ତ୍ୱେ ସ୍ତ୍ରୀର ମନରକ୍ଷା ସକାଶେ ସେହି ଅଂଶଟା ପଢି କହିଲେ—"ଏ କଅଣ, ମାଧୁରୀ କିଏ, ସ୍ଥଳପଦ୍ମ କିଏ କାହାକୁ ଦେବ ?" ତହୁଁ ଲୀଳାବତୀ ନିଜର ମନଗଢା କଥାଗୁଡ଼ାକ ବହୁ ଅଳଙ୍କାରରେ ଭୂଷିତ କରି ସବୁ କହିଗଲା ଏବଂ କି ଅଦ୍ଭୁତ କୌଶଳରେ ଏ ଦୁରୁହ ତତ୍ତ୍ୱ ସେ ଆବିଷ୍କାର କରିଅଛି, ତାହା ମଧ୍ୟ ଦକ୍ଷତା ସହିତ ବର୍ଣ୍ଣନା କରିଗଲା। ଜଗମୋହନ ସବୁ ଶୁଣି ତାଟଙ୍କା ହୋଇଗଲେ। କ୍ଷଣକ ପରେ କହିଲେ—"ତୁମେ କେତେବେଳେ ଏହା ସବୁ ଆବିଷ୍କାର ଓ ଅନୁସନ୍ଧାନ କଲ ? ଏ ତ ବଡ଼ ବିଷମ କଥା, ସତେ କଅଣ ଆମ ଟୋକାଟା କୁସଙ୍ଗରେ ପଡ଼ି ବିଗିଡ଼ିଗଲା ? ମୋର ଏତେ ଟଙ୍କା କଅଣ ଅକାରଣେ ମାଟି କଲି।" ଲୀଳାବତୀ କହିଲା, କଳିକାଳ ଅଣ୍ଡା ଓଳିଆକୁ ଗଳା, ତୁମେ କଅଣ ବୁଝିବ ? ତୁମ ମନେ ମନେ ତୁମେ ଯେମିତି ସାଧୁ, ସମସ୍ତେ ସେମିତି ପରା ! ଯା ହେଉ, ତୁମେ ପାଟି ଅଳସା କର, ଏହି ବୈଶାଖ ମାସରେ ଜସୁକୁ ବାହା କରାଇ-ପକାଇବା ନ ହେଲେ ସେ ଚୁଲିପଶା ସଙ୍ଗାତ ତାକୁ ଖରାପ କରି ଦେବ। ଇସ୍କୁଲ ଫିଟି ନାହିଁ ଆଗରୁ ସେ ଯିବି ଯିବି ବୋଲି ପାଣି ପିଉ ନାହିଁ, ଏଇଥିରୁ ତାହାର ମତିଗତି, ସ୍ୱଭାବ ଚରିତ୍ର ଜାଣିପାରୁ ନାହିଁ ?" ଜଗମୋହନ

ବିରକ୍ତ ହୋଇ କହିଲେ—"ଯାଉ ବା ମରୁ, ମୁଁ ତାକୁ କିଛି କହିବି ନାହିଁ । ତୁମ କହିଲା ପରି ତାକୁ ହାତଛଡ଼ା କରି ପକାଇଲେ ମୁଁ ଖଲାସ । ମୋତେ କେହି ଦୋଷ ଦେବାକୁ ନ ଥିବ । କେଉଁଠି ସେ ପଡ଼ୁ ବା ଯାହା କରୁ ତାହା ଦେଖି ।" ଜଗମୋହନ ଏତିକି କହି ଉଠି ବାଡ଼ି ଆଡ଼କୁ ଚାଲିଗଲେ ।

ସେହିଦିନଠାରୁ ଜଗନ୍ନାଥ ପ୍ରତି ଜଗମୋହନଙ୍କର ଗୋଟାଏ ଘୃଣା ଏବଂ ବିରକ୍ତି ଜାତ ହେଲା; ମାତ୍ର ସେ ତୁଣ୍ଡ ଫିଟାଇ ଅନ୍ୟଙ୍କୁ କିଛି କହିପାରିଲେ ନାହିଁ । ପୂର୍ବ ପରି ସେ ଜଗନ୍ନାଥକୁ ସ୍ନେହ କଲେ ନାହିଁ କିମ୍ବା କଥା କହିଲେ ନାହିଁ । ଲୀଳାବତୀ ଜଗନ୍ନାଥକୁ ଦେଖିଲେ ମୁହଁଟା ଫଣ୍ ଫଣ୍ କରେ । ଭଲ କରି କଥା କହେ ନାହିଁ । ପୂର୍ବ ପରି ଆଦର ଯତ୍ନ ବି କରେ ନାହିଁ । ଜଗନ୍ନାଥ ଭାଇ ଭାଉଜଙ୍କର ଏହି ଆକସ୍ମିକ ଅନାସ୍ଥାର କାରଣ କିଛି ବୁଝିପାରେ ନାହିଁ । ତାର ମନ ସନ୍ଦେହ-ଦୋଳାରେ ପଡ଼ି ଏପାଖ ସେପାଖ ହୁଏ । ଯେଉଁ ଭାଇ ଭାଉଜଙ୍କ ଆଦର ସ୍ନେହରେ ସେ ବାପମାଙ୍କୁ ଭୁଲିଯାଇ ଥିଲା ସେହି ଭାଇ ଭାଉଜଙ୍କର ବର୍ତ୍ତମାନ ବ୍ୟବହାରରେ ସେ ଅତ୍ୟନ୍ତ ମର୍ମପୀଡ଼ା ଅନୁଭବ କଲା । ତାହାର ଦୋଷ କଣ ସେ ଜାଣିପାରିଲା ନାହିଁ । ଭାଇ ଭାଉଜଙ୍କୁ ପଚାରିବାକୁ ମଧ୍ୟ ସେ ସାହସୀ ହେଲା ନାହିଁ । ଅବରୁଦ୍ଧ ଜିଜ୍ଞାସାର ଯନ୍ତ୍ରଣାରେ ସେ ପୀଡ଼ିତ ହେବାକୁ ଲାଗିଲା । ସେ ମନେ ମନେ ଭାବିଲା—ଜାଣି ଜାଣି ତ ମୁଁ କିଛି କରି ନାହିଁ, ଅଜ୍ଞାତରେ ଯଦି କିଛି ବିରକ୍ତିଜନକ କାର୍ଯ୍ୟ ହୋଇଯାଇଥାଏ, ତହିଁକି ମୁଁ ନାଚାର । କଥା ତ କେବେ ଲୁଚିରହିବ ନାହିଁ, ଅବଶ୍ୟ ଦିନେ ବାହାରି ପଡ଼ିବ । ବାସ୍ତବକୁ ଲୁଚାଇ ରଖିବ କିଏ ? ସେଥିପାଇଁ ଅପେକ୍ଷା ଦରକାର । ଜଗନ୍ନାଥ ଏହିପରି ଭାବି ଅସ୍ୱସ୍ତ ହୋଇ ରହିଲା ।

ଗ୍ରୀଷ୍ମ ଛୁଟି ଶେଷ ହୋଇଆସିଲା । ସ୍କୁଲ ଖୋଲିବାକୁ ଆଉ ଦିନେ ମାତ୍ର ଅଛି । ଜଗନ୍ନାଥ ଆଜି ଭଦ୍ରଖ ଯିବ । ପୁସ୍ତକପତ୍ର ବାନ୍ଧି ପ୍ରସ୍ତୁତ ହୋଇ ଭାଇଙ୍କ ପାଖକୁ ବିଦାୟ ମାଗିବାକୁ ଗଲା । ଜଗମୋହନ ଘର ଭିତରେ ଥିଲେ, ଲୀଳାବତୀ ବି ତାଙ୍କ ପାଖରେ ଥିଲା । ଜଗନ୍ନାଥ ଭିତରକୁ ପଶିଯାଇ ଭାଇ ଭାଉଜଙ୍କୁ ଦଣ୍ଡବତ କରି କହିଲା—"କାଲି ସ୍କୁଲ ଖୋଲିବ, ମୁଁ ଆଜି ଯାଉଛି ।" ଜଗମୋହନ କ୍ରୋଧରେ ଥରଉଠିଲେ । ତାଙ୍କର ଆଉ ଥାନଜ୍ଞାନ ରହିଲା ନାହିଁ । ସେ ଗର୍ଜିଉଠି କହିଲେ, "କଉଁ ଚୁଲିକି ଯିବୁ ବଦମାସ, ପାଜି, ସଇତାନ, ତୋ ମୁଣ୍ଡ ପଡ଼ିବୁ ?" ଜଗନ୍ନାଥ ଶୁଣି କାଠ ହୋଇଗଲା, ଥରେ ଭାଇଙ୍କ ମୁହଁକୁ ଥରେ ନୂଆବୋହୂଙ୍କ ମୁହଁକୁ ଦୀନ ଦୃଷ୍ଟିରେ ଚାହିଁବାକୁ ଲାଗିଲା । ଜଗମୋହନ ପୁଣି ରୁକ୍ଷ କଣ୍ଠରେ କହିଲେ—"ମୁଁ ସବୁ ସହିପାରେ; ମାତ୍ର ଚରିତ୍ର ଦୋଷ କେବେ ସହିବି ନାହିଁ । ଦୁଷ୍ଟବୁଦ୍ଧି ମୋର ଚକ୍ଷୁର ବିଷ । ମାଧୁରୀ କିଏ, କହ ଅଲକ୍ଷଣା, ତାହା ସଙ୍ଗରେ ତୋର କି ସମ୍ପର୍କ ? ମତ ଏ କାହାର ଚିଠି ।" ଏହା କହି ଜୋରରେ ଚିଠିଖଣ୍ଡ ଜଗନ୍ନାଥ ଉପରକୁ ଫୋପାଡ଼ି ଦେଲେ । ଜଗନ୍ନାଥ କମ୍ପିତହସ୍ତରେ ଚିଠିଖଣ୍ଡ ଧରି ମନେ ମନେ ପଢ଼ିଗଲା । ପଢ଼ିସାରି ଫିକ କରି ହସିଉଠି କହିଲା—"ମାଧୁରୀ ଗୋଟାଏ କଲଶିଆ ଭାଇ ! ଆମେ କେତେଜଣ ବନ୍ଧୁ ମିଶି ଗୋଟାଏ ନୂଆ କଲଶିଆ ତିଆରି କରି, ତାହାର ନା ମାଧୁରୀ ବୋଲି ଦେଇଛୁ ।" ଅନନ୍ତର ଜଗନ୍ନାଥ ମାଧୁରୀର ଇତିହାସ ଆମୂଳ କହିଗଲା । ଜଗମୋହନ ସବୁ ଶୁଣି ଉଚ୍ଚ ହାସ୍ୟରେ ଘର କମ୍ପାଇ ଦେଲେ । ତାଙ୍କର କ୍ରୋଧ ନିଆଁରେ ପାଣି ଢାଳିଲା ପରି ଲିଭିଗଲା । ସେ ଅନୁଜଙ୍କୁ କୁଣ୍ଢାଇ ପକାଇ ତାହା ମୁଣ୍ଡରେ ହାତ ବୁଲାଇ ଆଶୀର୍ବାଦ କଲେ । ଲୀଳାବତୀକୁ ଚାହିଁ କହିଲେ—"ଛି ଲୀଳା, ତୁମେ କେତେ ଲୀଳା ଲଗାଇ ପାର ? ତୁଚ୍ଛ କଳ୍ପନାସୂତାଏ ଯୋଡ଼ି ଗୋଟାଏ ମୂର୍ତ୍ତି ଠିଆକରିଦେଲ । ମୋର ନିର୍ମଳ ଫୁଲ ପରି ଭାଇଟିକୁ ଗୋଟାଏ ମିଥ୍ୟା କୁତ୍ସିତ ଅପବାଦରେ କଳଙ୍କିତ କଲ । ଏହିପରି ଇତର ଛୁଟ୍ଟୁସ୍ପଟିଆ ବୁଦ୍ଧି ତୁମର ଚିରକାଳ ଗଲା ନାହିଁ ! ଛି, ତୁମର ଏ ଆଚରଣ ଭଲ ନୁହେଁ ।" ଲୀଳାବତୀ ସ୍ୱାମୀଙ୍କ ତିରସ୍କାର ଶୁଣି ନିଜର ଗୁରୁତର ଭ୍ରମ ବୁଝିପାରି ଲଜ୍ଜାବନତ ବଦନରେ ସେ ଘରୁ ବାହାରିଗଲା । ଜଗନ୍ନାଥ ହସି ହସି ବହିପତ୍ର ଧରି ସ୍କୁଲକୁ ଚାଲିଗଲା । ସେ ଏ ରହସ୍ୟ ଯାଇ ବନ୍ଧୁମାନଙ୍କ ପାଖରେ କହିଲା । ସମସ୍ତେ ଶୁଣି ସାତଦିନ ସାତରାତି ଯାଏ ହସି ଆମୋଦ ଉପଭୋଗ କରିଥିଲେ ।

# ଧର୍ମବଳ

## ପ୍ରଥମ ପରିଚ୍ଛେଦ

ଧନୁର୍ଜୟ ଖୁଣ୍ଟିଆ ଜଣେ ପ୍ରୌଢ଼ ବୟସ୍କ ଲୋକ । ବୟସ ପ୍ରାୟ ପଚାଶରୁ କିଛି ଅଧିକ ହେବ । ଅଦ୍ଭୁତ କଙ୍କାଳ ନୁହେଁ; ମାତ୍ର କ୍ଷୁଦ୍ର ବୋଲି କହିଲେ ସତ୍ୟ-ନ୍ୟାୟଧର୍ମର ସମ୍ପୂର୍ଣ୍ଣ ମର୍ଯ୍ୟାଦା ରକ୍ଷା ହେବ ନାହିଁ । ବର୍ଣ୍ଣ ମଳିନ ଗୌର । ସେ ବର୍ତ୍ତମାନ ତେତେ ସୁନ୍ଦର ନ ହେଲେ ହେଁ ଯୌବନରେ ସେ ସୁନ୍ଦର ସୁପୁରୁଷ ଥିଲେ, ଏ ଅନୁମାନ ବ୍ୟର୍ଥ ନୁହେଁ । ଯୌବନ ସ୍ପର୍ଶମଣି, ତାହା ସ୍ପର୍ଶରେ ସୁନ୍ଦର ତ ଅଧିକତର ସୁନ୍ଦର ହୁଏ, ଅଧିକନ୍ତୁ କୁତ୍ସିତ କୁରୂପ ମଧ୍ୟ ଲାବଣ୍ୟମୟ ଢଳ ଢଳ ସୌନ୍ଦର୍ଯ୍ୟରେ ମଣ୍ଡିତ ହୁଏ । ଯୌବନ ବସନ୍ତକାଳ, ଜୀବନରେ ତାହା ଥରେ ମାତ୍ର ଆସେ । ସେ ତାହାର ସୁନା କାଠିରେ ଛୁଇଁଦେଲେ ଶୁଷ୍କ ଶୀର୍ଣ୍ଣ ତରୁଯଷ୍ଟି ତରୁଲତାଦି ପୁଷ୍ପ-ପଲ୍ଲବ ସମ୍ପଦରେ ସୁଶ୍ରୀ ଏବଂ ମନୋହର ଦିଶେ । ବର୍ତ୍ତମାନ ଜରା ଖୁଣ୍ଟିଆଙ୍କ ଉପରେ ପ୍ରଭାବ ବିସ୍ତାର କରି ଆସୁଅଛି । ସାଭସ୍ତ ବିକୃତରୂପା ଜରାର ହାତ ଯହିଁରେ ଲାଗେ, ସେ ବିକୃତ ହୋଇଯାଏ । ସେହି ଜରା ପ୍ରସାଦରୁ ଖୁଣ୍ଟିଆଙ୍କ ବିରଳକେଶ, ମସ୍ତକରେ ଗଙ୍ଗା ଯମୁନା ପ୍ରବାହିତ ହେଲେଣି । ଚକ୍ଷୁର ଡୋଳା ଶୁଖିଲା ଧରି ଆସିଲାଣି । ମୁଖରେ ଦାନ୍ତ ଖୁବ ଅଳ୍ପ, ସେଗୁଡ଼ିକ ପରସ୍ପରଠାରୁ ବହୁ ଦୂରରେ ଅବସ୍ଥିତ; ସୁତରାଂ ତାହାଙ୍କ ସହିତ ତାହାର ବାକ୍ୟାଳାପର ସମ୍ବନ୍ଧ ନାହିଁ । କଥା କହିବାବେଳେ ଦୁର୍ବଳ ଜୀର୍ଣ୍ଣର ନିଶ୍ୱାସ ପରି ସେଗୁଡ଼ିକ ସର୍ବଦା ଟଳ ଟଳ ହୁଅନ୍ତି । ନିର୍ଲଜ୍ଜ ଅଭିଶପ୍ତ ଜୀବନ ଯେନ୍ତ ସେଗୁଡ଼ିକ କୌଣସିମତେ ତିଷ୍ଠି ରହିଅଛନ୍ତି । ପ୍ରୌଢ଼ତାର ଏତେ ଚିହ୍ନସତ୍ତ୍ୱେ ଖୁଣ୍ଟିଆ ନିଜକୁ ପ୍ରୌଢ଼ ବୋଲି କହିବାକୁ ଏକାନ୍ତ ଅସମ୍ମତ । ତାଙ୍କର ବିଶ୍ୱାସ, ସେ ପୂର୍ଣ୍ଣ ଯୁବକ । ଉପସ୍ଥିତ ଅବସ୍ଥା ତାଙ୍କର ଅକାଳ-ବାର୍ଦ୍ଧକ୍ୟ ଛଡ଼ା ଆଉ କିଛି ନୁହେଁ । ଦାନ୍ତଗୁଡ଼ାକ ସରସା ହେତୁ ଚଞ୍ଚଳ ପଡ଼ିଗଲା, ଆଉ ବାଳ ପାଚିଯିବାର ମଧ୍ୟ ଯେହିପରି ଗୋଟାଏ କିଛି ଗୁରୁତର କାରଣ ଥାଇପାରେ—ତାହା ଅଜ୍ଞାତ । ସେ ସର୍ବଦା ମନକୁ ଏହିପରି ପ୍ରବୋଧ ଦେଇ ଆକାଙ୍କ୍ଷା-ତୁଳି ଧରି କଳ୍ପନା ପଟ୍ଟରେ ଭାବୀ ଜୀବନର ଅନେକ ବହୁବର୍ଣ୍ଣୀ ଉଜ୍ଜ୍ୱଳ ଛବି ଅଙ୍କିଯାଉଥିଲେ ଏବଂ ସେହି କଳ୍ପନାର ସମ୍ମୋହନ ଛବି ଦେଖି ସେ ବଡ଼ ଆନନ୍ଦ ଅନୁଭବ କରୁଥିଲେ । କଳ୍ପନା ଚିନ୍ତା ମାନବକୁ ବଞ୍ଚାଇରଖେ । ସହସ୍ର ଦୁଃଖ ମଧ୍ୟରେ ସେହି କଳ୍ପନା ହିଁ ତାହାର ସୁଖ, ସେହି କଳ୍ପନା ହିଁ ତାହାର ସମ୍ପଦ । ବାସ୍ତବ ଅପେକ୍ଷା କଳ୍ପନାରେ ସୁଖ ଅଧିକ, ଏ ଉକ୍ତି ମିଥ୍ୟା ନୁହେଁ । ଜରା ଖୁଣ୍ଟିଆଙ୍କର ବଳ, ଶକ୍ତି କ୍ରମେ କ୍ରମେ ସବୁ ହରଣ କରୁଥିଲା; ମାତ୍ର ତାଙ୍କର କୁଟିଳତା, ଅଧର୍ମିତା, ପ୍ରବଞ୍ଚନା, ପ୍ରତିହିଂସାପ୍ରବୃତ୍ତି ହରଣ କରିବାକୁ କ୍ଷମ ହୋଇ ପାରି ନ ଥିଲା ।

ନିଶାଖୋରମାନଙ୍କର ନିଶା ନ ହେଲେ ଯେପରି ଚଳେ ନାହିଁ, ସେହିପରି ଅନେକ ମାମଲାଖୋର ଅଛନ୍ତି, ସେମାନଙ୍କର ମାମଲା ନ ହେଲେ ଚଳେ ନାହିଁ । ବର୍ଷରେ ୩୬୫ ଦିନ ତାଙ୍କର ମାମଲା ଲାଗିରହିଥାଏ । ଧନୁର୍ଜୟ ଖୁଣ୍ଟିଆ ଠିକ୍ ସେହି ଶ୍ରେଣୀସ୍ଥ । ସେ ଜଣେ କୁଳୀନ ମାମଲାବାଜ, ଅର୍ଥାତ୍ ତାଙ୍କର ପିତା, ତସ୍ୟ ପିତା, ତସ୍ୟ ପିତା ସମସ୍ତେ ମାମଲାବାଜ ଥିଲେ । ଶ୍ରୀମାନ୍ ଧନୁର୍ଜୟ ମଧ୍ୟ ପିତୃପିତାମହଙ୍କ ପଦାଙ୍କାନୁସରଣ-ପୂର୍ବକ ସେହି କୌଳିକ ପବିତ୍ର ବୃତ୍ତି ଧାରଣ କରି

ଉପଯୁକ୍ତ ବଂଶଧର ଆଖ୍ୟା ସାର୍ଥକ କରିଥିଲେ । ତାଙ୍କର ବିଶ୍ୱାସ, ସେହି କାମରେ ତାଙ୍କର ପିତୃପୁରୁଷଙ୍କର କୀର୍ତ୍ତି ଉଜ୍ଜ୍ୱଳ ହେଉଥିଲା । ଉପଯୁକ୍ତ ବଂଶଧର ପକ୍ଷରେ ଏହାଠାରୁ ବଳି ଶ୍ରେଷ୍ଠତମ ଆଦର୍ଶ, ଶ୍ରେଷ୍ଠତମ ଲକ୍ଷ୍ୟ, ଶ୍ରେଷ୍ଠତମ ପୁଣ୍ୟ ଆଉ କଅଣ ହୋଇପାରେ ? ଦୁର୍ଜୟଙ୍କ ଚରିତ୍ରର ସ୍ୱରୂପ ଦର୍ଶନ ଦେବତାଙ୍କର ଅସାଧ୍ୟ । ସେ ବିଷକୁମ୍ଭ ପୟୋମୁଖ । ତାଙ୍କର ବାହ୍ୟାକୃତି ସହାସ୍ୟରୂପ; ମାତ୍ର ଭିତର ଆବର୍ଜନାମୟ । ସେ ପାଣିରେ ସର ପକାଇ କଥା କହିପାରନ୍ତି । ତାଙ୍କର ଚକ୍ଷୁ, ମୁଖ ବା କଥାରୁ ମାୟାବିତା ବା କୁଟିଳତାର ଆଭାସ ମିଳେ ନାହିଁ । ଏମନ୍ତ କି ତାଙ୍କର ଶତ୍ରୁ ସୁଦ୍ଧା ତାଙ୍କୁ ଶତ୍ରୁ ବୋଲି ଚିହ୍ନିପାରେ ନାହିଁ । ସେ ନିଜକୁ ଦେଶର ଗର୍ବ, ଗୌରବ, ସମ୍ପଦ ଏବଂ ଅଳଙ୍କାର ବୋଲି ମନେ ମନେ ଭାବନ୍ତି; ମାତ୍ର ସେ ଭାବ ପଦାକୁ ପ୍ରକାଶ ପାଏ ନାହିଁ । ପର ଚର୍ଚ୍ଚାରେ କି ରସ ଥାଏ କେଜାଣି ଅନେକଙ୍କୁ ସେହି ରସରେ ରସିକ ହେବାର ଦେଖାଯାଏ । ଆମ୍ଭମାନଙ୍କ ଦୁର୍ଜୟ ସେହି ଶ୍ରେଣୀୟ ଜୀବବିଶେଷ । ପରଘର ଭଙ୍ଗା ଏବଂ ପରର ଅନିଷ୍ଟ ଚିନ୍ତାକୁ ସେ ଜୀବନର ମହତ୍ ପବିତ୍ର କର୍ତ୍ତବ୍ୟ ବୋଲି ମନେ କରନ୍ତି । ବାସ୍ତବରେ ତାହା ହିଁ ତାଙ୍କର ଅର୍ଥୋପାର୍ଜନର ସରଳ ସୁଗମ ପନ୍ଥା ।

ପୂର୍ଣ୍ଣିମା ରଜନୀର ଶେଷ ପ୍ରହରର ଶେଷ ମୁହୂର୍ତ୍ତ । ଅନନ୍ତ ଯୌବନା ରୂପସୀ ଉଷାର ମଣିମୟ ମୁକୁଟ ଜ୍ୟୋତିରେ ପୂର୍ବଦିଗ ଫର୍ଦ୍ଦା ଦିଶିଆସିଲା । ଧୀରେ ଧୀରେ ଆଲୋକ-ସମୁଦ୍ର ମାଡିଆସିଲା । ପଛ ଅଦର୍ଶନରେ ଯିବା ପ୍ରାୟ ଅସ୍ତଗତ ଚନ୍ଦ୍ରଙ୍କ ଶେଷ ଅସ୍ପଷ୍ଟ ପ୍ରତିଛବି ସେହି ଆଲୋକ ସମୁଦ୍ରରେ ଝାସ ଦେଲା । ତାହାର ଇଚ୍ଛା, ସେ ପରଜନ୍ମରେ ସେହି ଚନ୍ଦ୍ରଙ୍କୁ ପତିରୂପେ ପାଇବ । ସତୀର ଆକାଙ୍କ୍ଷା ବ୍ୟର୍ଥ ହୁଏ ନାହିଁ । ତହିଁ ପରଦିନ ସେ ପତି ସଙ୍ଗ ଲାଭ କରେ । ଏହି ସମୟଟି ବଡ଼ ମଧୁର, ବଡ଼ ପବିତ୍ର । ଏହି ସମୟରେ ଉଷା ପ୍ରଭାତର ଶୁଭ ବିବାହ ସମାଧିତ ହୁଏ । ଅଳ୍ପକ୍ଷଣ ପରେ ସୂର୍ଯ୍ୟ ଉଦିତ ହେଲେ । ବାଳ ରବିର ଢଳ ଢଳ ସୁନ୍ଦର ମୂର୍ତ୍ତି ଜଳାଶୟରେ ପ୍ରତିବିମ୍ବିତ ହୋଇ ଅପୂର୍ବ ଶୋଭା ଧାରଣ କଲା । ସତେ ଯେପରି ପ୍ରାଚୀ ଦେବୀ ଉଷା ପ୍ରଭାତର ଅଭିଷେକ ପାଇ ସ୍ୱର୍ଣ୍ଣ ରତ୍ନଖଚିତ ସୁବର୍ଣ୍ଣ ଘଟରେ ଜଳ ଉତ୍ତୋଳନ କରୁଅଛି । ଉଦ୍ୟାନମାନ ବାଳ ସୂର୍ଯ୍ୟର କନକ କିରଣରେ ସ୍ୱର୍ଣ୍ଣ କଳଙ୍କିତ ହୋଇଉଠିଲା । ପକ୍ଷୀ କଣ୍ଠ-ବାଦ୍ୟ କୋଳାହଳ ଚାରିଆଡ଼େ ଉଚ୍ଛୁଳିପଡ଼ିଲା । କିଏ ଶଙ୍ଖ ବଜାଇଲା, କିଏ ବଂଶୀସ୍ୱନ କଲା, କିଏ ତୂରୀ, କିଏ ଭେରୀ, କିଏ ବା ମଙ୍ଗଳ ମହୁରୀ ମଧୁର ମନୋହର ଛନ୍ଦରେ ବଜାଇବାକୁ ଲାଗିଲା । କେତେ ହୁଳହୁଳି ଦେଇ ନବବଧୂଙ୍କୁ ସମ୍ବର୍ଦ୍ଧନା କଲେ । ଅନନ୍ତର ବର-କନ୍ୟା ଅନ୍ତଃପୁରକୁ ନୀତ ହେଲେ । ବାହାରର ଉତ୍ସବ ଶେଷ ହୋଇଗଲା । ଉପରେ ବିବାହର ଅଭିନୟ, ତଳେ ଶରତ୍ତର ଅଭିନୟ, ଭିନ୍ନ ବିପରୀତ ଦୃଶ୍ୟ । ଶିଶିରସିକ୍ତ ଫୁଲଗୁଡ଼ିକ ଅଶ୍ରୁମୁଖୀ ଅଭିମାନିନୀ ନାୟିକା ପରି ଧୀର ବାୟୁରେ ମୃଦୁ ମୃଦୁ କମ୍ପୁଅଛି । ଦୂର୍ବାଦଳ ଉପରେ ଶିଶିରକଣିକାଗୁଡ଼ିକ ସୂର୍ଯ୍ୟକିରଣରେ ଜକ ଜକ ହୋଇ ସକୁତର ଛିନ୍ନ ହାର ମୁକ୍ତା ପରି ପ୍ରତୀୟମାନ ହେଉଅଛି । ଅଥବା ତାହା ବିରହିଣୀ ରଜନୀର ବିରହ ଅଶ୍ରୁ ଇତସ୍ତତଃ ଝରିପଡ଼ିଅଛି—ଅବଧି ଶୁଖି ନାହିଁ । ଏହି ବେଳଟା ଦୁର୍ଜୟ ଖଣ୍ଡିଆଙ୍କର ଶିକାର ବେଳ । ସେ ପ୍ରତ୍ୟହ ଏହି ସମୟରେ ଦଧିବାମନ ସ୍ମରଣ କରି ଘରୁ ବାହାରିପଡ଼ନ୍ତି । ଗାଁଯାକ ଘେରିଏ ବୁଲି ନ ଆସିଲେ ତାଙ୍କର ଆତ୍ମପୁରୁଷ ତୃପ୍ତ ହୁଏ ନାହିଁ । ଲୋକଙ୍କର ଆପଦ ବିପଦ, ହାନି ଲାଭ ବୁଝିବା ତାଙ୍କର ଏହି ଗ୍ରାମ ପ୍ରଦକ୍ଷିଣର ଉଦ୍ଦେଶ୍ୟ ନୁହେଁ । ପରୋପକାର-ରୂପ ଦୁଷ୍କର୍ମକୁ ସେ ଦୂରରୁ ଜୁହାର କରନ୍ତି । ଯେଉଁ କାର୍ଯ୍ୟରେ ସ୍ୱାର୍ଥ ନାହିଁ, ସେ କାର୍ଯ୍ୟର କଳ୍ପନା ସୁଦ୍ଧା ସେ କରନ୍ତି ନାହିଁ । ଆତ୍ମୀୟ ହେଉ ବା ପର ହେଉ, ଯେ ହେଉ ପଛକେ, ଦୁଇ ଭାଇଙ୍କର ଗୋଟାଏ ଦ୍ୱାର ଦେଖିଲେ ତାଙ୍କ ପ୍ରାଣକୁ ବଡ଼ ବାଧେ । ଦୁଇ ଭାଇଙ୍କର ଗୋଟାଏ ଦ୍ୱାର କାହିଁକି ହେବ ? ପାଠ ଚାଲୁଛି—“ଯେତେ ଭାଇ ତେତେ ଘର, ଯେତେ କନ୍ୟା ତେତେ ବର ।” ଦୁଇ ଭାଇର ଦୁଇଟା ଦ୍ୱାର ନ ହେଲେ ଗ୍ରାମର ଗୃହ ସଂଖ୍ୟା ବଢ଼ିବ କିପରି, ଆଉ ଉନ୍ନତି ବା ହେବ କିପରି ? ଗ୍ରାମର ଉତ୍କୃଷ୍ଟ ଉନ୍ନତିକାମୀ ନ ହେଲେ ଉନ୍ନତିର ଏ ନିଗୂଢ଼ ତତ୍ତ୍ୱ

କିଏ ଅବଜ୍ଞାର କରିପାରିବ ? ସୁତରାଂ ଗୋଟାଏ ଦ୍ୱାରକୁ ଦୁଇଟା କରିବା ସକାଶେ ସେ ପ୍ରାଣପଣରେ ଯତ୍ନ କରନ୍ତି । ସେହି ଯତ୍ନର ପୁରସ୍କାରସ୍ୱରୂପ ଦୁଇଅଣ୍ଡା ତାଙ୍କର ରତ୍ନ ଲାଭ ହୁଏ । ମାଲିମୋକଦ୍ଦମା ଚଳାଇବା ବିଷୟରେ ତାଙ୍କ ପରି ପ୍ରବୀଣ ମାମଲତିଆ ସେ ତଲ୍ଲାଟରେ କେହି ନ ଥିଲେ । ଲୋକେ କହନ୍ତି— "ଧନ୍ୟ ଖୁଣ୍ଟିଆ ମାଲିମାମଲାର ଯୋକ; ତାଙ୍କ ଦେହରେ ଯେମ ଯେତେ, ସେ ମାମଲା ଚଳେଣି ତେତେ ।" ଏହି ଦୁର୍ଲଭ ସୁଖ୍ୟାତି ଯାହା ନାମରେ ରଟେ, ସେହି ଏକା ସଂସାରରେ ଧନ୍ୟ । ଯାହାର ମାଲିମାମଲା ପଡ଼େ, ସେ ଯାଇ ଖୁଣ୍ଟିଆଙ୍କ ଅଭୟ ବାହୁଚ୍ଛାୟାରେ ଆଶ୍ରୟ ନେଇ ନିଶ୍ଚିନ୍ତ ହୁଏ । ଖୁଣ୍ଟିଆ ମଧ୍ୟ ସାମାନ୍ୟ ପାରିଶ୍ରମିକ ନେଇ ନିଜର ସ୍ୱାର୍ଥ ପରି ତାହା ସମାଧାନ କରନ୍ତି । ସ୍ଥଳବିଶେଷରେ ଲୋକେ ସର୍ବସ୍ୱାନ୍ତ ହୁଅନ୍ତି; ମାତ୍ର ମାମଲା ଜୟ କରନ୍ତି । ଖୁଣ୍ଟିଆ ଅମୃତହସ୍ତ; ସେ ଯେଉଁ ମାମଲାରେ ହାତ ଦିଅନ୍ତି, ତାହା ଜୟ ନ କରି ଛାଡ଼ନ୍ତି ନାହିଁ । ଏହି ସୂତ୍ରରେ ତାଙ୍କର ଆୟ ମଧ୍ୟ ଯଥେଷ୍ଟ ହୁଏ; ମାତ୍ର ସେ ବଡ଼ ସାହାଖର୍ଚ୍ଚୀ । ସଞ୍ଚୟ ତାଙ୍କ କୋଷ୍ଠୀରେ ନାହିଁ । ଯେଉଁ ଦିନ ଯାହା ଆୟ ହୁଏ, ସେହି ଦିନ ତାହା ବ୍ୟୟ ହୋଇଯାଏ—ବାସି ରହେ ନାହିଁ । ଜାଲ କୁଆପ୍ରେସ ପ୍ରଭୃତିରେ ତାଙ୍କର ଅସାଧାରଣ ଯୋଗ୍ୟତା ଅଛି । ସେହି ଯୋଗ୍ୟତାବଳରେ ସେ ଜଣେ ବିଷୟ ସମ୍ପତ୍ତି କରିଗଲେଣି । ଫୌଜଦାରୀ ଆଇନର ଧାରାଗୁଡ଼ାକ ତାଙ୍କର କଣ୍ଠସ୍ଥ । ଲୋକେ କହନ୍ତି— "ଧନ୍ୟ ଖୁଣ୍ଟିଆର ବିଦ୍ୟା ସାଧ୍ୟ ନିଲଯାଏ । ତେଣ୍ଡାର ପ୍ରଭାବ ତ ସହିହେଉ ନାହିଁ, ଆଉ ଅସଲ ହବୁଯାଏ ଯାଇଥିଲେ କ ନୁହନ୍ତା ? କେହୁ କହେ—ସେ ଓକିଲ ହୋଇଥିଲେ କୁବେର ସମ୍ପତ୍ତି ଅର୍ଜନ କରିଥାଆନ୍ତା ।" ଖୁଣ୍ଟିଆ ଖୁବ୍ କଷ୍ଟସହିଷ୍ଣୁ, ସେ ପଇସାକର ମୁଢ଼ି ଖାଇ ଦିନରେ ଦଶକୋଶ ବାଟ ଚାଲିଯାଇପାରନ୍ତି । ବୟସ ତାଙ୍କର ଦେହର ଶକ୍ତି ହରଣ କରିଅଛି; ମାତ୍ର ସେ ମନର ଶକ୍ତିରେ ବାଟ ଚାଲନ୍ତି ।

ଆଜି ଖୁଣ୍ଟିଆ ସକାଳୁ ଉଠି ନିତ୍ୟକର୍ମ ସାରି ଗ୍ରାମ ଭ୍ରମଣରେ ବାହାରିଅଛନ୍ତି । ସନ୍ଧି ଉପବାସୀ କ୍ଷୁଧାର୍ତ୍ତ ବ୍ୟାଘ୍ର ପରି ଏପାଖ ସେପାଖ, ଆଗ ପଛ ଚାରିଆଡ଼କୁ ଦୃଷ୍ଟି ପକାଇ ବାଟ ଚାଲୁଛନ୍ତି । ଖଣ୍ଡେ ଦୂରରେ ଘନିଆ ଗଉଡ଼କୁ ଦେଖି ହର୍ଷ-ବିସ୍ମୟମିଶ୍ରା ମୃଦୁ ହାସ୍ୟରେ କହିଲେ—"କି ରେ ଘନିଆ ! ଘନ ! ଘନଶ୍ୟାମ ! କଲିକତାରୁ କେବେ ଆସିଲୁ ବାପ ?" ଘନିଆ ଗୋଟାଏ ଦଣ୍ଡବତ କରି କହିଲା—"ଆଜ୍ଞା, କାଲି ରାତିରେ ଆସି ପହଞ୍ଚିଲି ।" ଖୁଣ୍ଟିଆ ସ୍ନେହାର୍ଦ୍ର କଣ୍ଠରେ ଆଶୀର୍ବାଦ କରି କହିଲେ—"ଅଚ୍ଛା କଲୁ ବାପ, ବେଶ୍ କଲୁ, ଖୁବ୍ ଭଲୁ—ଚାଲି ଆସିଲୁ । ଚାରି ମାସ ଚାକିରି କର, ଆଠମାସ ଘରେ ରହ; ସବୁଦିନେ କଅଣ ବିଦେଶରେ ପଡ଼ିଥିବୁ ? ଆଉ ସଂସାରରେ ଘରକରଣା କରିବୁ କେବେ ? ତୋ ମନରେ ଥାଏ କି ନ ଥାଏ କେଜାଣି, ହେଲେ ମୁଁ ସବୁବେଳେ ତୋତେ ମନେ କରେ । ତୁ ନ ଥିଲୁ ଦାଣ୍ଡ ସୁନ୍ଦର ଦିଶୁଥିଲା, ନା ଗାଁଟା ଗାଁ ପରି ଲାଗୁଥିଲା ? ମୁଁ ସବୁବେଳେ କହେ—"ଅଚ୍ଛା, ଗାଁରେ ତ ଏତେ ପିଲା ଅଛନ୍ତି ଆଉ ଘନିଆ କାଠରେ କାହାକୁ ଦେଖିଛ ନା ? ସେ ପିଲାଟିଏ ନୁହେ ଯେ—ସୁନାମୁଣ୍ଡେ । ମୋ କଥା ଶୁଣି କେହୁ କେହୁ ଠାଟ୍ଟା କରନ୍ତି । ବୁଝିଲୁ ନାହିଁ କି ବାପ, ଏ କାଳରେ ପେଜଖିଆଙ୍କୁ ଶାଗଖିଆ ଦେଖି-ପାରୁ ନାହିଁ । ହେଲେ ଆଗରେ କେହି ଭରସି କରି କହିପାରନ୍ତି ନାହିଁ । ହୁଁ ଆଗରେ କହିଲେ ଦାନ୍ତ ଝାଡ଼ିଦେବି ନାହିଁ ? ପଛରେ ଯେ ଯାହାକୁ କହୁ, ପଛ କଥାକୁ ମୁଁ ପୋଛିଦିଏ । ଏ କାନରେ ଶୁଣି ସେ କାନରେ ବାହାର କରିଦିଏ । ପରଲୋକ କଥା ଛାଡ଼, କିଏ କାହା ଶିରି ଦେଖିପାରେ ? କେହୁ ଚାରି ପଇସା ଅର୍ଜନ କରି ସୁଖରେ ଚଳିଲେ ସମସ୍ତେ ତାକୁ ଭିତରେ ଭିତରେ ହିଂସା କରନ୍ତି; ତାହା ସଂସାରର ରୀତି । ଆଉ ତୋ ଶ୍ୱଶୁର ସେ ସମସ୍ତଙ୍କଠାରୁ ବଳେ । ତୁ ଆଖି ଲୁହା କରି, ଛାତି ପଥର କରି, ହାଡ଼ ଭାଙ୍ଗି ମୁଠା ମୁଠା ଟଙ୍କା ରୋଜଗାର କରି ପଠାଉ, ଭାଇ ଭାଉଜଙ୍କ ଲାଗି ଲୁଗାପଟା ପଠାଉ, ତା ମୁହଁରୁ କେବେ ତୋ

ପ୍ରଶଂସା କେବେ ଶୁଣିଛ ନା ? ଅନ୍ଧୁର ତୋ ବୋହୂଟିକୁ ଗାଳିଗଞ୍ଜଣା ସହିବାକୁ ହୁଏ । ସିମିତି ବୋହୂଟେ ଗଉଡ଼ଘରେ କାହିଁକି, ଅଚ୍ଛା ଅଚ୍ଛା ଜମିଦାରଙ୍କ ଘରେ ଖୋଜିଲେ ମିଳିବ ନା ? ଫୁଲକୁ ତ ପଠାନ୍ତର ନାହିଁ — ଯିମିତି ଗୋଟିଏ ସୁଢଳରେ ଗଢ଼ା । ଗଉଡ଼ଘର ଝିଅ ହେଲେ କଅଣ ହେଲା, ବଣରେ ଏଭଳି ଫୁଲ ଫୁଟେ, ତାହା ରାଜୋଦ୍ୟାନରେ ନ ଥାଏ । ଯେପରି ସଂସାରର ସବୁ ଶୋଭା ବୋହୂଟିଅଙ୍ଗେ ଘେରିରହିଛି । ବେଶୀ କଅଣ କହିବି ବାପ, ରୂପ ଯିମିତି, ଗୁଣ ବି ସିମିତି ! ଆହା, ସତେ ଯେପରି ବିଧାତା ତାହା ଦେହ-ଲତାକୁ ସୁନ୍ଦର ପଦ୍ମଫୁଲରେ ମଣ୍ଡାଇ ଦେଇଛି । ଯେପରି ଅନିନ୍ଦ୍ୟ ଲଳିତ ଲାବଣ୍ୟ ମର୍ତ୍ତ୍ୟପୁରରେ ଦୁର୍ଲଭ । ଯେପରି ମଧୁର କଥା ମନୁଷ୍ୟ କହିପାରେ ନାହିଁ । ଏତେ ଦୟା, ଏତେ ଭକ୍ତି ମନୁଷ୍ୟର ହୋଇପାରେ ନାହିଁ । ଠିକ ସେ ତୋହରି ଛାଞ୍ଚରେ ଢଳା । ବିଧାତା ମନ ଜାଣି ତୋତେ ଗୁଣବତୀ ସ୍ତ୍ରୀ ଦେଇଛି । ଏକା ଲକ୍ଷ୍ମୀଉଳା ତୋ ମନଲକ୍ଷ୍ମୀ ହେଲେ ନାହିଁ ! ନ ହେଉନ୍ତୁ, ତଏ ସଂସାରରେ ଲକ୍ଷ୍ମୀଉଳା ଘେନି ସବୁଦିନେ ଘର କଲାଣି ? ତୁ ମୁଣ୍ଡଝାଳ ଗୋଡ଼ରେ ଶୁଖାଇ ଟଙ୍କା ରୋଜଗାର କରି ପଠାଇବୁ, ଆଉ ସେମାନେ ଗୋଡ଼ ଉପରେ ଗୋଡ଼ ପକାଇ ବସି ଖାଇବେ, ଆଉ ତୋତେ ନିନ୍ଦିବେ । ହେଉ ରେ ବାପ, ଧର୍ମ ଅଛି । ଅନ୍ଧୁ ଫାଙ୍କୁ କଞ୍ଚ ଅଣିଛୁ ନା ବାପ ? ଦାନ୍ତ ଗଲା, ଅନ୍ତ ଗଲା, ଆଉ ତ କିଛି ଖାଇପାରେ ନାହିଁ । ସେଥି ନଡ଼ିଆ ଅନ୍ଧୁ (ନାଇନତାଲ ଅନ୍ଧୁ) ଚଟଣୀ ହେଲେ ଭାତ ଦୁଇଗଣ୍ଡା ଗିଳିପକାଏଁ ।" ମନୁଷ୍ୟର ପ୍ରକୃତି ଏତେ ଉଚ୍ଛ୍ୱାସ ଯେ, ସାମାନ୍ୟ ପ୍ରଶଂସାରେ ସେ ଦଶହାତ ବଢ଼ିଯାଏ । ଖୁଣ୍ଟିଆଙ୍କ ପ୍ରଶଂସା, ଗର୍ବଶୂନ୍ୟ ସୌଜନ୍ୟ ଏବଂ ବାତ୍ସଲ୍ୟରେ ଘନିଆର ଛାତି ଫୁଲିଉଠି ମୋଟ ହୋଇଗଲା । ସେ କହିଲା—"ହଁ ଅଜା, ତମ ଲାଗି ଅନ୍ଧୁ, ଅନ୍ଧୁର କେତେ ଜିନିଷ ଅଣିଛି । ଅଳ୍ପ ଉପରଓଳି ନେଇ ଘର ପାଖରେ ଦେଇଆସିବି ।" ଖୁଣ୍ଟିଆ ଆନନ୍ଦରେ ଅଧୀର ହୋଇ ହସି ହସି କହିଲେ, "ହେଉ ବାବା, ହେଉ, ବୁଢ଼ାଟିଏ ହୋଇଥା, ତୋର ଲକ୍ଷେ ବର୍ଷ ପରମାୟୁ ହେଉ । ତେବେ ମୁଁ ଯାଉଛି ବାପ, ଖବରଦାର ପାଶୋରିଯିବୁ ନାହିଁ କି । ଖସିବେଳେ ଯିବୁ, ଅନ୍ଧୁର ଢେର କଥା ଅଛି କହିବି ।" ଏହା କହି ସେଠାରୁ ଚାଲିଗଲେ । ଅତଃପର ଘନିଆ ସଙ୍ଗରେ ତାଙ୍କର "ଢେର କଥା" କଅଣ ହେଲା, ତାହା ସେ ଏବଂ ଘନିଆ ଦୁହେଁ ଜାଣନ୍ତି । ଆମ୍ଭେମାନେ କେବଳ ଏତିକି ସମ୍ବାଦ ପାଇଅଛୁଁ ଯେ, କାହିଁକି କେଜାଣି, ଏହି କଥାବାର୍ତ୍ତାର ଠିକ ଆଠଦିନ ପରେ ଘନିଆ ଗଉଡ଼ ଘର ଦାଣ୍ଡଦ୍ୱାର ଗୋଟାକ ଦୁଇଟା ହୋଇଗଲା ।

# ଦ୍ୱିତୀୟ ପରିଚ୍ଛେଦ

ବାଟପାଖରେ ଅନନ୍ତ ମିଶ୍ରଙ୍କ ଘର । ମିଶ୍ରେ ପ୍ରୌଢ଼, ପ୍ରାୟ ଖୁଣ୍ଟିଆଙ୍କ ସମବୟସ୍କ । ସେ ଜଣେ ଧର୍ମପରାୟଣ ଓ ନିଷ୍ଠାପର ବ୍ରାହ୍ମଣ । ଦେଖିବାକୁ ଠିକ ଗୋଟିଏ ଶାନ୍ତପ୍ରକୃତିକ ଋଷି ପରି । ସେ ଭକ୍ତି ଆକର୍ଷିଣୀ ମୂର୍ତ୍ତି ଦେଖିଲେ ନିତାନ୍ତ ଅପରିଚିତର ସ୍ପୃହା ତାଙ୍କ ପବିତ୍ର ଚରଣଧୂଳି ମସ୍ତକରେ ବୋଳିହେବାକୁ ଇଚ୍ଛାହୁଏ । ନେତ୍ରର ଜ୍ୟୋତି ତୀକ୍ଷ୍ଣବୁଦ୍ଧି ଏବଂ ପ୍ରଶାନ୍ତିର ପରିଚାୟକ । ବ୍ରାହ୍ମଣୋଚିତ ସ୍ପଷ୍ଟବାଦିତା, ନିର୍ଭୀକତା ଏବଂ ନୈତିକ ସାହସ ତାଙ୍କ ବିଶୁଦ୍ଧ ଚରିତ୍ରର ବିଶେଷତ୍ୱ । ତାଙ୍କ ପରି ବିଦ୍ୱାନ୍, ବହୁଦର୍ଶୀ ଗ୍ରାମରେ ଆଉ କେହି ନାହାନ୍ତି । ସେହି ଏକା ଗ୍ରାମର ଅସ୍ତାୟମାନ ଗୌରବ-ରବିର ଶେଷ କନକ-କିରଣ । ତାଙ୍କର ଅବସ୍ଥା ଖୁବ୍ ସ୍ୱଚ୍ଛଳ । ସଂସାରର ସୁଖ ସୌଭାଗ୍ୟ ବୃଦ୍ଧିଅନ୍ତ ତାଙ୍କୁ ଘେରି ରହିଛି । ଯେ ସଂସାର ଚିନ୍ତାରୁ ମୁକ୍ତ, ସେହି ଏକା ସୌଭାଗ୍ୟଧର; ମାତ୍ର ଅନେକେ ସେହି ସୌଭାଗ୍ୟର ସଦ୍‌ବ୍ୟବହାର କରନ୍ତି ନାହିଁ । ମିଶ୍ରେ ସେ ଶ୍ରେଣୀସ୍ଥ ଲୋକ ନୁହନ୍ତି । ସେ ସଂସାର-ଚିନ୍ତାରୁ ମୁକ୍ତ ହୋଇ ପାରତ୍ରିକ ଚିନ୍ତାରେ ମନୋନିବେଶ କରିଅଛନ୍ତି । ଚିକିତ୍ସା-ଶାସ୍ତ୍ରରେ ତାଙ୍କର ଅସାଧାରଣ

ନିପୁଣତା ଶତମୁଖରେ ପ୍ରଶଂସିତ । ସେ ନାନାପ୍ରକାର ଔଷଧ ପ୍ରସ୍ତୁତ କରି ବିତରଣ କରନ୍ତି । ତ୍ୟାଗରେ ତାଙ୍କର ଶାନ୍ତି, ଦାନରେ ତାଙ୍କର ସୁଖ । ରୋଗୀ ସେବା ତାଙ୍କ ଜୀବନର ବ୍ରତ ହୋଇଅଛି । ମିଶ୍ରେ ଦାଣ୍ଡ ପିଣ୍ଡାରେ ବସି ଖଣ୍ଡେ ତାଳପତ୍ରରେ କଅଣ ଲେଖୁଅଛନ୍ତି, ଏହି ସମୟରେ ଧନୁର୍ଜୟ ଖୁଣ୍ଟିଆ ଗାଁରେ ବୁଲି ବୁଲି ଆସି ସେଠାରେ ଉପସ୍ଥିତ ହେଲେ ଏବଂ ଦୁଇ ହାତ ମୁଣ୍ଡରେ ଲଗାଇ କହିଲେ—"ପ୍ରଣାମ, ମିଶ୍ର ଆପଣେ !" ମିଶ୍ରେ କଲ୍ୟାଣ କରି କହିଲେ—"ଧର୍ମରେ ମତି ଅଚଳା ହେଉ ।" ଏହିଉତ୍ତାରୁ ହସି ହସି ପଚାରିଲେ—"କି ଧନୁ ବାବୁ, ସକାଳୁ କୁଆଡେ ଆସିଲ ?" ଖୁଣ୍ଟିଆ କହିଲେ—"ବୁଲୁଁ ବୁଲୁଁ ଏ ଆଡେ ଚାଲିଆସିଲି । ଆପଣଙ୍କୁ ଢେର ଦିନୁ ଦେଖି ନାହିଁ । ଭାବିଲି ଟିକିଏ ଯାଇ ଦେଖିଆସେ ।" ମିଶ୍ରେ ସନ୍ତୋଷ ପ୍ରକାଶ କରି କହିଲେ—"ଅଚ୍ଛାହେଉ, ଭଲ କଥା, ସବୁବେଳେ ଏହିପରି ଅନୁଗ୍ରହ ଥାଉ ।" ଖୁଣ୍ଟିଆ ଟିକିଏ ଲଜ୍ଜିତ ହୋଇ କହିଲେ—"ହୁଁ, ଅନୁଗ୍ରହଟା ମୋର ନା ଆପଣଙ୍କର ।" ଏହା କହି ପିଣ୍ଡାରେ ବସିପଡିଲେ । ଏଣୁ ତେଣୁ କଥା କଥାବାର୍ତ୍ତାରେ କେତେ କ୍ଷଣ ଅତିବାହିତ ହେଲା । ଦେଖୁଁ ଦେଖୁଁ ବେଳ ପ୍ରହରକରୁ ଅଧିକ ହୋଇଗଲା । ଖୁଣ୍ଟିଆ ଯିବା ସକାଶେ ଉଠ୍ ଉଠୁ ହେଉଅଛନ୍ତି, ଏହି ସମୟରେ ଡାକପିଅନ ଆସି ଖଣ୍ଡେ ଲଫାଫା ତାଙ୍କ ହାତରେ ଦେଇଗଲା । ଖୁଣ୍ଟିଆ ଶୀଘ୍ର ହସ୍ତରେ ଖୋଳପା ଚିରି ପତ୍ର ଖଣ୍ଡି ବାହାର କରି ମନେ ମନେ ପଢିବାକୁ ଲାଗିଲେ । ପଢୁଁ ପଢୁଁ ତାଙ୍କର ମୁଖ ଉଜ୍ଜ୍ୱଳ ହୋଇଉଠିଲା । ସେ ବାରମ୍ବାର ପତ୍ରଖଣ୍ଡି ଓଲଟ ପାଲଟ କରି ପଢିବାକୁ ଲାଗିଲେ । ପଢିବାର ଆଉ ବିଶ୍ରାମ ନାହିଁ । ତାଙ୍କ ମୁଖ ଓ ଚକ୍ଷୁର ଭାବରୁ ବୋଧ ହେଲା ଯେପରି ସେ ଅକ୍ଷରଗୁଡାକରୁ କି ସାଫଲ୍ୟ-ଅମୃତ ବହିପଡୁଅଛି ଏବଂ ସେ ଅଣନଃଶ୍ୱାସୀ ହୋଇ ତାହା ଆକଣ୍ଠ ପାନ କରୁଅଛନ୍ତି । କି ଅପ୍ରତ୍ୟାଶିତ ବିପୁଳ ଆନନ୍ଦ ତାଙ୍କ ହୃଦୟ ମଧ୍ୟରେ ନୃତ୍ୟୋତ୍ସବ ଲଗାଇଦେଇଅଛି, କି ମଙ୍ଗଳ ରାଗିଣୀ ପ୍ରାଣ-ବୀଣାରେ ବାଜିଉଠୁଅଛି, ତାହା ସେହି ଜାଣନ୍ତି । କେତେ କ୍ଷଣ ପରେ ପତ୍ରଖଣ୍ଡି ଭାଙ୍ଗି ମୁଣ୍ଡରେ ଲଗାଇ ପୁଣି ଖୋଳ ଭିତରେ ରଖିଦେଲେ ଏବଂ ମୃଦୁ ମୃଦୁ ହସି ଗର୍ବିତ ସ୍ୱରରେ କହିଲେ—"ଶୁଭ ସମ୍ବାଦ ଆପଣେ, ମୋର ସେହି ହାଇକୋର୍ଟ ମୋକଦ୍ଦମା ଜୟ ହେଲା, ଓକିଲ ଚିଠିରେ ସେହି କଥା ଲେଖିଛି ।" ମିଶ୍ରେ କହିଲେ—"ତୁମ୍ଭର ଧର୍ମବଳ ଅଛି, ଜୟ ନ ହୋଇ କୁଆଡେ ଯିବ ? ଶାସ୍ତ୍ରରେ କହୁଛି ପରା, "ଯତୋଧର୍ମସ୍ତତୋଜୟଃ ।" ଶାସ୍ତ୍ରବାଣୀ କଅଣ ମିଛ ? କିନ୍ତୁ ଏ କଥାରେ ଖୁଣ୍ଟିଆଙ୍କର ମନ ପୂତ ହେଲା ନାହିଁ, ସେ ଦର୍ପପୂର୍ଣ୍ଣ ଅବଜ୍ଞା ପ୍ରକାଶ କରି କହିଲେ—"ଉଃ, ଧର୍ମବଳରୁ ଜୟ ହେଲା; କେତେ ଖର୍ଚ୍ଚ ହୋଇଛି ଜାଣ ନା ? ଏହି ମୋକଦ୍ଦମାରେ ମୋର ଦେଢ ହଜାର ଟଙ୍କା ଉଡିଯାଇଛି । ଅଣ୍ଟା ଭିଡି ପାଣି ପରି ଟଙ୍କା ଖର୍ଚ୍ଚ କରି ନ ଥିଲେ, ମୁଁ ପଛୁ ହୋଇଥାନ୍ତି । ଧର୍ମବଳ କଅଣ କରିବ, ଅର୍ଥବଳରେ ସବୁ ହୁଏ । ଅର୍ଥବଳଠାରୁ ବଡ଼ କେହି ନୁହେଁ ।"

ମିଶ୍ରେ—ନା ବାବୁ, ତୁମ୍ଭର ବୁଝିବାର ଭୁଲ । ଅର୍ଥବଳ ବଡ଼ ନୁହେଁ, ଧର୍ମବଳ ବଡ । ଅଚ୍ଛା କହିଲ ଭଲା, ଲଙ୍କେ ସ୍ୱର୍ଣ୍ଣର ମନୁଜମଣି; ସସାଗରାଧରାର ଅପ୍ରତିଦ୍ୱନ୍ଦ୍ୱୀ ଚକ୍ରବର୍ତ୍ତୀ ଦୁର୍ଯୋଧନଠାରୁ ଅଧିକ ଧନୀ କିଏ ? ତେବେ ପାଣ୍ଡବମାନେ ଯୁଦ୍ଧରେ ଜୟ କଲେ କାହିଁକି ? ଆଉ ତ୍ରିଭୁବନବିଜୟୀ ରାକ୍ଷସଗୌରବ ରାବଣ ଧନବଳ, ଜନବଳ, ବାହୁବଳ, ମାୟାବଳସମ୍ପନ୍ନ କେଉଁ ବଳରେ ବା ଊଣା ଥିଲା ? ନଗଣ୍ୟ ଋକ୍ଷ ବାନର ଯୁଦ୍ଧରେ ତାହାର ବଂଶ ଧ୍ୱଂସ ହେଲା କାହିଁକି ?

ଖୁଣ୍ଟିଆ—ଅଚ୍ଛା ଧର୍ମବଳ ବଡ଼ ପରା, ମୁଁ ଯେଉଁ କୌଶଳରେ ପଡିଶାକୁ ଦୁଇଣ ପସ୍ତଣ କରି ଏ ମୋକଦ୍ଦମା ଚଳାଇଛି, ତାହା ମୁଁ ଜାଣେ ।

ମିଶ୍ରେ—ତେବେ ତୁମେ ଅନ୍ୟାୟ କରିଛ, ଜାଲ କରିଛ, ମିଥ୍ୟା ମୋକଦ୍ଦମା କରିଛ ? ତାହା ହୋଇ ପାରେ । ଅନ୍ୟାୟ କରିଥିଲେ ସେଥିର ଫଳ ପଛରେ ଭୋଗ କରିବ ; ମାତ୍ର ପୂର୍ବ ଧର୍ମବଳରୁ ବର୍ତ୍ତମାନ ଜୟୀ ହୋଇଅଛ ।

ଖୁଣ୍ଟିଆ—ଏ ତୁମର ବ୍ରାହ୍ମଣିଆ ଯୁକ୍ତି, ବାକ୍ୟର ଆଡମ୍ବର; କିନ୍ତୁ ମୂଲ୍ୟ ନାହିଁ । ଯୁକ୍ତିତର୍କରେ କଳାକୁ

ଧନୀ କରିଛୁଏ । ହଜାରେ ଯୁକ୍ତିତର୍କ ଦେଖାଇଲେ ମୁଁ ସୁନାସୁଅଟ ପରି ତୁମ ମତ ସମର୍ଥନ କରିବି ନାହିଁ । ମୋର ବିଶ୍ୱାସ—ଅର୍ଥବଳ ହିଁ ମନୁଷ୍ୟର ପ୍ରଧାନ ବଳ । ଓଃ ଧର୍ମବଳ, ତୁମ୍ଭେ ସେହି ଧର୍ମବଳକୁ ଘୋରି ପିଅ । ମୁଁ ସେ କଥାକୁ ଗୋଡ଼ରେ ଘଷିଦିଏ, ପଛରେ ପକାଏ ନାହିଁ କି ଖାତିର କରେ ନାହିଁ । ଓଃ,ଭାରି ତ ଧ—ର୍ମ—ବ—ଳ । ତୁମେ କହିଲେ ମୁଁ ମାନିବି ?

ଧର୍ମର ଅବମାନନା ଶୁଣି ମିଶ୍ରେ କ୍ରୋଧରେ ଥରି ଉଠିଲେ । ଯେପରି କି ତାଙ୍କ କଲିଜାରେ କିଏ ନିଆଁ ଲଗାଇଦେଲା । ତାଙ୍କର ପ୍ରତି ଲୋମକୂପରୁ ଅଗ୍ନିସ୍ଫୁଲିଙ୍ଗ ନିର୍ଗତ ହେବାକୁ ଲାଗିଲା; ମାତ୍ର ସେ ଆତ୍ମସମ୍ବରଣ କରି ଧୀର ସ୍ୱରରେ କହିଲେ—"ଯେ ଧର୍ମକୁ ନିନ୍ଦା କରେ, ସେ କୃତାନ୍ତର ସହୋଦର, ନଚେତ୍ ନରକର ଦ୍ୱାର-ପାଳ । ଇତର ପରି ଶ୍ଳେଷ, ବିଦ୍ରୂପ କରିବା ସଜ୍ଜନର ସ୍ୱଭାବ ନୁହେଁ । ସେଥିରେ ନିଜର ନୀଚତା ପ୍ରକାଶ ପାଏ । ଗରିବ କଥା ବାସି ନ ହେଲେ ମିଠାଲାଗେ ନାହିଁ । ଧର୍ମବଳ ବଡ଼ କି ଅର୍ଥବଳ ବଡ଼, ଦିନେ ତୁମ୍ଭ ମନ ତୁମ୍ଭଙ୍କୁ ସେ ଶିକ୍ଷା ଦେବ । ତେତେବେଳେ ତୁମ୍ଭେ ନିଜେ ନିଜକୁ ପ୍ରହାର କରିବାକୁ ଇଚ୍ଛା କରିବ । ସେ ଦିନ ବୁଝିବ, ମନୁଷ୍ୟ କ୍ଷୁଦ୍ର, ତାହାର ଶକ୍ତିର ସୀମା କ୍ଷୁଦ୍ର; ସବୁବେଳେ ଧର୍ମବଳ ତାର ସହାୟ । ସେହିଦିନ ଆହୁରି ବୁଝିବ—ଧର୍ମବଳରେ ସବୁ ହୁଏ, ଅର୍ଥବଳ ସୁଦ୍ଧା ସେହି ଧର୍ମବଳସାପେକ୍ଷ ।" ମିଶ୍ରେ ଏହା କହି ପିଣ୍ଡାରୁ ଉଠି ଚାଲିଗଲେ, ଖଣ୍ଡିଆ ତାଙ୍କ ବ୍ୟବହାରରେ ଟିକିଏ ହସିଦେଇ ନୀରବରେ ପ୍ରସ୍ଥାନ କଲେ ।

ଖଣ୍ଡିଆଙ୍କ କଥାର ଯେ ପ୍ରତିଧ୍ୱନି କରେ, ସେ ତାଙ୍କର ପ୍ରିୟପାତ୍ର; ମାତ୍ର ଯେ ପ୍ରତିବାଦ କରେ ତାହା ଉପରେ ସେ ହାଡ଼େ ହାଡ଼େ ଜଳନ୍ତି, ଏଟା ତାଙ୍କର ଗୋଟାଏ ଦେବଦୁର୍ଲଭ ଖାଣ୍ଟି ସଦ୍‌ଗୁଣ ବୋଲି ସେ ପୂର୍ଣ୍ଣ ବିଶ୍ୱାସ କରନ୍ତି; କିନ୍ତୁ ଏ ଗୁଣଟାକୁ ସେ ବାହାରେ ପ୍ରକାଶ କରନ୍ତି ନାହିଁ । ବାହାରେ ସମସ୍ତେ ତାଙ୍କର ବନ୍ଧୁ, ମହାବନ୍ଧୁ, ପରମ ବନ୍ଧୁ । କେହି ତାଙ୍କର ଦଶପଦ ଗାଳିଦେଲେ ବି ସେ ତାହା ଦେହକୁ ନିଅନ୍ତି ନାହିଁ, ହସି ହସି ଉଡ଼ାଇଦିଅନ୍ତି; ମାତ୍ର ଭିତରେ ଭିତରେ ତୁଷାନଳ କୁହୁଳୁଥାଏ, ଦିନେ ତାହା କରାଳ ଶିଖା ବିସ୍ତାର କରି ଜଳିଉଠେ । ମିଶ୍ରଙ୍କ କଥା ଖଣ୍ଡିଆଙ୍କ ପ୍ରାଣକୁ ବଡ଼ ବାଧିଲା । ରୁଦ୍ଧମୁଖ ଆଗ୍ନେୟଗିରି ପରି ସେ ଭିତରେ ଭିତରେ ଦଗ୍ଧ ହେବାକୁ ଲାଗିଲେ । ବାଟରେ ଚାଲୁଁ ଚାଲୁଁ ମନେ ମନେ ଭାବିଲେ—ଓଃ, ଯୋଗା ବ୍ରାହ୍ମଣର କି ତେଜ ରେ ବାବା ! କଥା କହୁଁ କହୁଁ ଶମନର ସହୋଦର, ନରକର ଦ୍ୱାରପାଳ, ନୀଚ, ଇତର, ଯାହା ଇଚ୍ଛା ତାହା କହିଗଲା ! ଆଚ୍ଛା, ତାର ଦିମାକ ଭାଙ୍ଗୁଛି । ଇମିତି ଗୋଟାଏ ପେଞ୍ଚରେ ପକାଇ-ଦେବି ଯେ, ବଇଦ ହୁତ ଛିଣ୍ଡି ପାରିବ ନାହିଁ । ଖୁବ୍ ମଜାଏ ବାହାରିଗଲେ ଗୋସାଇଁ ବୁଝିବେ ଯେ, ଅର୍ଥବଳ ବଡ଼ କି ଧର୍ମବଳ ବଡ଼ । ତାହାର ବଡ଼େଇ ଭାଙ୍ଗିବି, ଭାଙ୍ଗିବି, ଭାଙ୍ଗିବି, ଏହା ମୋର ପ୍ରତିଜ୍ଞା । କେଉଁ ଧର୍ମବଳ ତାକୁ ରକ୍ଷା କରିବ ଦେଖିବି ।

---

# ତୃତୀୟ ପରିଚ୍ଛେଦ

ଉପର୍ଯ୍ୟୁକ୍ତ ଘଟଣାର ଦୁଇମାସ ପରେ ମିଶ୍ରେ ଦିନେ ହଠାତ୍ ଡେପୁଟି କଲେକ୍ଟରଙ୍କର ଖଣ୍ଡିଏ ସମନ ପାଇଲେ । ସେଥିରୁ ଜାଣିପାରିଲେ—ଗ୍ରାମର ହନୁମନ୍ତ ମଳିକ କଣ୍ଡରା ତାଙ୍କ ନାମରେ ନାଲିସ କରିଛି । ସମନ ପୃଷ୍ଠରେ ମୋକଦ୍ଦମାର ବିବରଣ ଲିଖିତ ଥିଲା । ସେଥିର ମର୍ମ ଏହି ଯେ, "ମିଶ୍ରଙ୍କର ଗୋରୁ ହନୁମନ୍ତର ବୃତ୍ତି ନଷ୍ଟ କରିବାରୁ ସେ ତାକୁ କାଞ୍ଜିହାଉସକୁ ନେଉ-ଥିଲା । ମିଶ୍ରେ ତାକୁ ମାରି ବାଟରୁ ଗୋରୁ ଛଡ଼ାଇ ଆଣିଲେ । ସେଥିର ସାକ୍ଷୀ ଧନୁର୍ଜୟ ଖଣ୍ଡିଆ । ମିଶ୍ରଙ୍କର ଆଉ କିଛି ବୁଝିବାକୁ ବିଳମ୍ବ ହେଲା ନାହିଁ । ସେ ଭାବିଲେ,

ଏହା ଖୁଣ୍ଟିଆର କାଣ୍ଡ । ସେ ଦୁଷ୍ଟ ଲୋକଠାର କଥାରେ ପ୍ରତିବାଦ କରି ନିଜେ ଏ ବିପଦ କିଣିଅଛନ୍ତି । ତାଙ୍କୁ ବିପନ୍ନ କରିବା ପାଇଁ ଖୁଣ୍ଟିଆ ଏହି ମିଥ୍ୟା ମୋକଦ୍ଦମାର ସୃଷ୍ଟି କରିଅଛି । ସେ ମନେ ମନେ ଭାବିଲେ—"ଓଃ, ସେଥିଲାଗି ମୁଁ ଡରିବ ନା କଅଣ ? ସତ୍ୟ ଯେବେ ସତ୍ୟ ହୋଇଥାଏ, ତେବେ ମିଥ୍ୟାର ପରାଜୟ ନିଶ୍ଚୟ ଘଟିବ । ମୁଁ ବ୍ରାହ୍ମଣ, ମୋର ଯେବେ ଧର୍ମବଳ ଥିବ, ତେବେ ସେହି ଧର୍ମ ମୋତେ ଏ ବିପଦରୁ ରକ୍ଷା କରିବ । ସୁନା ବିଶୁଦ୍ଧ ହେଲେ ତାକୁ ଯେତେ ପୋଡ଼ିବ, ସେ ତେତେ ଉଜ୍ଜ୍ୱଳ ହେବ । ମୋତେ ଅକାରଣ ବିପନ୍ନ କରି କେହି ଯଦି ପେଟ ପୋଷିପାରେ, ତେବେ ତାହା ହିଁ ତ ମୋର ପରମ ଲାଭ । ମୁଁ ଜାଣିବି ଯେ—ଗୋଟାଏ ପ୍ରାଣୀ ମୋ ଯୋଗୁ ବଞ୍ଚିରହୁଛି । ଆଉ ମୋର ନିନ୍ଦା ରଟନା କରି କେହି ଯେବେ ପରକାଳର ପାଥେୟ ସଞ୍ଚୟ କରିପାରେ, ତେବେ ତାହାଠାରୁ ଆନନ୍ଦର ବିଷୟ ଆଉ କଅଣ ହୋଇପାରେ ? ସେ ମୋ ଯୋଗୁ ତରିଲା ବୋଲି ମୁଁ ଗୋଟାଏ ଆତ୍ମପ୍ରସାଦ ଲାଭର ଅଧିକାରୀ ହେବି । ସତ୍ୟର ମହିମା, ସତ୍ୟର ଶକ୍ତି ବୁଝି ନାହିଁ ମୂଢ଼ । ତେଣୁ ମିଥ୍ୟା ଉପରେ ବିଶ୍ୱାସ ନିର୍ଭର କରିଛି ପରା । ସତ୍ୟ ପ୍ରତ୍ୟକ୍ଷ ଅନଳ । ସହସ୍ର ମିଥ୍ୟା ସେଥିରେ ଭସ୍ମହୋଇ ଉଡ଼ିଯିବ ସିନା !" ମିଶ୍ରେ ଏହିପରି ଭାବି ସତ୍ୟ, ଧର୍ମ ଏବଂ ନ୍ୟାୟ ଉପରେ ନିର୍ଭର କରି ଉପସ୍ଥିତ ବିପଦରେ ଅବିଚଳିତ ରହିଲେ ।

ଆମ୍ଭେମାନେ ବହୁ ଅର୍ଥବ୍ୟୟରେ ଅନୁସନ୍ଧାନ-ନିପୁଣ ବହୁଦର୍ଶୀ ଗୋଇନ୍ଦା ଲଗାଇ ଜାଣିପାରିଅଛୁଁ ଯେ, ହନୁମନ୍ତ ମଲିକ ପୁଅର ବାହାଘର ବେଳେ ଖୁଣ୍ଟିଆଙ୍କ ପାଖରୁ ପାଞ୍ଚ ଟଙ୍କା କରଜ ନେଇଥିଲା । ତାହାର ନାତିର ବୟସ ଗତ ମାର୍ଗଶିର ମାସ ତେରଦିନଠାରୁ ପାଞ୍ଚବର୍ଷ ପୂରିଗଲାଣି; ମାତ୍ର ଅଦ୍ୟାବଧି ସେ ଋଣ ଶୁଝାସରି ନାହିଁ । ହନୁମନ୍ତ ଯେତେବେଳେ ଯାହା ଦିଏ, ତାହା ସୁଧ ହିସାବର ପେଟକୁ ଅଣ୍ଟେ ନାହିଁ । ନିଜେ ହନୁମନ୍ତ କହେ, ସେ ଅଞ୍ଜୁଳାଏ ଟଙ୍କା ଦେଇସାରିଲାଣି, ମହାଜନ ତାହା ସବୁ ସୁଧକୁ କାଟିନିଅନ୍ତି । ଖୁଣ୍ଟିଆ ହନୁମନ୍ତକୁ ତାଙ୍କ ତାକୁ ଋଣମୁକ୍ତ କରିଦେବାର ଆଶା ଦେଖାଇ ତାହାରି ଦ୍ୱାରା ଏ ମିଥ୍ୟା ମୋକଦ୍ଦମା କରାଇଅଛନ୍ତି । ମୋକଦ୍ଦମାର ଖର୍ଚ୍ଚ ସେ ନିଜେ ବହନ କରିଅଛନ୍ତି । ହନୁମନ୍ତ ଖାଲି ନାମରେ ହନୁମନ୍ତ ନୁହେଁ—ଆକୃତିରେ, ବଳରେ ମଧ୍ୟ ସାର୍ଥକନାମା ହନୁମନ୍ତ । ସେ ଅସାଧ୍ୟ ସାଧନ କରିପାରେ । ପଇସା ପାଇଲେ ତାହାର ଅକରଣୀୟ କିଛି ନାହିଁ । ସେ କହେ ପାପ ବା ପୁଣ୍ୟ ବୋଲି କିଛି ନାହିଁ—ତାହା ଖାଲି ଲୋକଙ୍କର ମିଥ୍ୟା ତର୍ଜଣ । ଖୁଣ୍ଟିଆ ମୋକଦ୍ଦମା ଲଗାଇଦେଇ ସେଥିର ଶେଷ ଫଳ ଦେଖିବା ସକାଶେ ବ୍ୟାକୁଳ ପ୍ରତୀକ୍ଷାରେ କାଳ ହରଣ କରିବାକୁ ଲାଗିଲେ ।

ଯଥାଦିନରେ ଉଭୟ ପକ୍ଷ କଚେରିରେ ଯାଇ ଉପସ୍ଥିତ ହେଲେ । ବିଚାର ଆରମ୍ଭ ହେଲା । ହାକିମ ମିଶ୍ରଙ୍କୁ ପଚାରିଲେ—"ଆପଣ ମୁକ୍ତିଆର ଦେଇଛନ୍ତି ?" ମିଶ୍ରେ କହିଲେ—"ନା ହଜୁର, କୌଣସି ମନୁଷ୍ୟକୁ ମୁକ୍ତିଆର ଦେଇ ନାହିଁ । ମୋର ମୁକ୍ତିଆର ସତ୍ୟ ଆଉ ଧର୍ମ । ଏ ବିଚାରଗାଦି ଈଶ୍ୱରଙ୍କର ପବିତ୍ର ସିଂହାସନ, ସତ୍ୟ-ଧର୍ମ-ନ୍ୟାୟ ଉପରେ ଏହା ପ୍ରତିଷ୍ଠିତ । ଏ ସିଂହାସନର ମହା କୋଟାଏ ମିଥ୍ୟାପ୍ରବଞ୍ଚନାର ରଙ୍ଗ ସହିପାରିବ ନାହିଁ, ସେ ଅନ୍ଧ ହୋଇଯିବ, ଏ ବିଶ୍ୱାସ ମୋର ଅଛି । ସେହି ସତ୍ୟ, ସେହି ଧର୍ମ ମୋର ପକ୍ଷ ସମର୍ଥନ କରିବ, ସୁତରାଂ ଅନ୍ୟ ମୁକ୍ତିଆର ଆବଶ୍ୟକ ନାହିଁ । ହାକିମ ଏହା ଶୁଣି ଟିକିଏ ହସିଦେଇ ଆଉ କିଛି କହିଲେ ନାହିଁ । ଅନନ୍ତର ହନୁମନ୍ତ ପକ୍ଷର ମୁକ୍ତିଆର ମିଶ୍ରଙ୍କୁ ପଚାରିଲେ—"ତୁମ ନାମ କଅଣ ?"

ମିଶ୍ରେ—ମୋର ନାମ ଅନନ୍ତ ମିଶ୍ର ।

ମୁକ୍ତିଆର—ତୁମ ବାପର ନାମ ?

ମିଶ୍ରେ—କି, ଏଠି କଅଣ ଶ୍ରାଦ୍ଧ ପଡ଼ିବ କି ? ମୋ ନାମରେ ମୋକଦ୍ଦମା, ମୁଁ ନିଜେ ଉପସ୍ଥିତ ଅଛି; ବାପଙ୍କ ସଙ୍ଗରେ ଏଠି ସମ୍ପର୍କ କଅଣ ?

ମୁକ୍ତିଆର—ତୁମର ଗୋରୁ ଅଛନ୍ତି ?

ମିଶ୍ରେ—ହଁ ।

ମୁକ୍ତିଆର—କି କି ପ୍ରକାର ଗୋରୁ ଅଛନ୍ତି ?

ମିଶ୍ରେ—ଦୁଧିଆଳୀ ବଳଦ, ଅଣ୍ଡିରି ଗାଈ ।

ମିଶ୍ରଙ୍କର ଏ ଉତ୍ତର ଶୁଣି ସ୍ୱୟଂ ହାକିମ ଏବଂ ଉପସ୍ଥିତ ଜନମଣ୍ଡଳୀ ଉଚ୍ଚରବରେ ହସିଉଠିଲେ । ମୁକ୍ତିଆର ଲଜ୍ଜିତ, ବିରକ୍ତ ଏବଂ କ୍ରୁଦ୍ଧ ହୋଇ କହିଲେ, "ଆପଣ ତ ଠଟ୍ଟା କରୁଛ !" ମିଶ୍ରେ ଧୀର ଶାନ୍ତଭାବରେ କହିଲେ—"ନା, ଠଟ୍ଟା କରି ନାହିଁ, ଉପଯୁକ୍ତ ଉତ୍ତର ଦେଇଛି । ତୁମର ଯେପରି ବେହେଡା ପ୍ରଶ୍ନ, ମୋର ସେହିପରି ଅଦ୍ଭୁତ ଉତ୍ତର । ଅଣ୍ଡିରା ମଣ୍ଡ ଛଡା ଆଉ କେତେ ପ୍ରକାର ଗୋରୁ ଅଛନ୍ତି କି ?" ଏଥର ମୁକ୍ତିଆର ଅପ୍ରତିଭ ହେଲେ । ହାକିମ ତାଙ୍କୁ ଆଉ କିଛି କହିବାକୁ ନିଷେଧ କରି ନିଜେ ପଚାରିଲେ—"ଆପଣଙ୍କ ନାମରେ ଯେଉଁ ମୋକଦ୍ଦମା ହୋଇଛି, ତାହା ସତ୍ୟ କି ମିଥ୍ୟା ?" ମିଶ୍ରେ କହିଲେ—"ହଜୁର, ସଂପୂର୍ଣ୍ଣ ମିଥ୍ୟା । ମୁଁ ବୃଦ୍ଧ ବ୍ରାହ୍ମଣ, ଜୀବନର ସନ୍ଧ୍ୟାରେ ଆସି ଉପସ୍ଥିତ ହେଲିଣି । ଏ କାଳରେ କଣ୍ଡସକୁ ଛୁଇଁ ମାଡ଼ ମାରିବା ମୋ ପକ୍ଷରେ କେତେ ଦୂର ସମ୍ଭବ, ତାହା ହଜୁର ବିଚାର କରନ୍ତୁ ।" ଏହି ସମୟରେ ହନୁମନ୍ତ କାଠ ବେଡା ଭିତରେ ଥାଇ ହାତ ଯୋଡି କାନ୍ଦ କାନ୍ଦ ସ୍ୱରରେ କହିଲା—"ହଁ ଧର୍ମାବତାର, ମୋତେ ସେ ମାରି ଗୋରୁ ଛଡ଼ାଇ ନେଇଛନ୍ତି ।" ହାକିମ ଆଉ ହାସ୍ୟ ସମ୍ବରଣ କରିପାରିଲେ ନାହିଁ । କହିଲେ—"ତୋତେ ଭାଙ୍ଗି ଗଢ଼ିଲେ ତୁ ମିଶ୍ରଙ୍କ ପରି ଶହେଟି ମନୁଷ୍ୟ ହେବୁ । ତୋଠାରୁ ତାଙ୍କର ବଳ ଅଧିକ ନୁହେଁ ଯେ ସେ ତୋତେ ମାରି ଗୋରୁ ଛଡ଼ାଇନେଲେ—ଏହା ଅସମ୍ଭବ, ଅତି ଅସମ୍ଭବ । ଦୟା, ଧର୍ମ, ସତ୍ୟ, ନ୍ୟାୟ, ବିନୟ, ସୌଜନ୍ୟ, ଶିଷ୍ଟତା, ଆତ୍ମମର୍ଯ୍ୟାଦାବୋଧ ପ୍ରଭୃତି ସଦ୍‌ଗୁଣରେ ଯେ ମଣ୍ଡିତ, ଯାହାଙ୍କର ଶାନ୍ତ ସୌମ୍ୟ, ଦେବମୂର୍ତ୍ତି ଦେଖିଲେ ଭକ୍ତି ଓ ସମ୍ମାନର ସ୍ୱତଃ ସିଂହାସନରେ ବସାଇବାକୁ ଇଚ୍ଛାହୁଏ, ସେହି ସିଦ୍ଧ ସାଧକ ଋଷିକଳ୍ପ ନିଷ୍ଠାପର ବୃଦ୍ଧ ବ୍ରାହ୍ମଣ ଇତର ଜାତି କଣ୍ଡସକୁ ସ୍ପର୍ଶ କରିବେ, ଏହା ବିଶ୍ୱାସଯୋଗ୍ୟ ନୁହେଁ । ଏ ମୋକଦ୍ଦମା ସମ୍ପୂର୍ଣ୍ଣ ମିଥ୍ୟାରେ ଗଠିତ ।" ଏହା କହି ମୋକଦ୍ଦମା ଖାରଜ କରିଦେଲେ ।

ଖୁଣ୍ଟିଆଙ୍କ ମୁଣ୍ଡରେ ବଜ୍ରାଘାତ ହେଲା । ସେ କଚେରିରୁ ଖଣ୍ଡେ ଦୂର ଚାଲିଆସି ଗୋଟାଏ ଗଛମୂଳରେ ବସିପଡିଲେ । ତାଙ୍କର ଏତେ ଚେଷ୍ଟା, ଏତେ ଅର୍ଥବ୍ୟୟ ସବୁ ଅକାରଣ ହେଲା । ଚେଷ୍ଟାର ନିର୍ମମ ବ୍ୟର୍ଥତାର ନିଦାରୁଣ ବ୍ୟଥାରେ ପ୍ରାଣ କାନ୍ଦିଉଠିଲା । ଆଶା ହତାଶାର ବଜ୍ରକଠୋର ଶୈଳ ପ୍ରାଚୀରରେ ପ୍ରତିହତ ହୋଇ ଚୂର୍ଣ୍ଣ ହୋଇଗଲା । କିଏ ଯେପରି ଭିତରେ ଭିତରେ ହାତୁଡି ଆଘାତ କରି ହୃଦୟ-ପଞ୍ଜର ଭାଙ୍ଗି ଦେଲା । ସେ ଦୀର୍ଘ ନିଃଶ୍ୱାସ ପକାଇ ଉଠି ଧୀରେ ଧୀରେ ଗୃହାଭିମୁଖୀ ହେଲେ । ଅନ୍ୟମନସ୍କ ଭାବରେ ଚାଲୁ ଚାଲୁ ଗୋଟାଏ ଭୂଆଁ ଗାତରେ ଗୋଡ ଖସିଯିବାରୁ ସେ ଝୁଣ୍ଟ କାଟିଲା ପ୍ରାୟ ମୁହଁ ମାଡି କଚାଡି ହୋଇପଡିଲେ । "ବାପ ଲୋ ମରିଗଲି" ବୋଲି ଗୋଟାଏ କରୁଣ ଚିତ୍କାର କରି ମୂର୍ଚ୍ଛିତ ହେଲେ । ନିସ୍ତବ୍ଧ ନିର୍ଜନ ପ୍ରାନ୍ତର, କେହି କେଉଁଠି ନାହିଁ, ତାଙ୍କ ଚିତ୍କାର କିଏ ଶୁଣିବ ? କେବଳ ପ୍ରତିଧ୍ୱନି "ବାପ ଲୋ ମରିଗଲି' ବୋଲି କହି ଖେଳେଇ ହେଲା । ଘଣ୍ଟାକ ପରେ ମୂର୍ଚ୍ଛା ଭାଙ୍ଗିଲା, ଖୁଣ୍ଟିଆ ଘୋଟେଇ ଘୋଟେଇ ଯାଇ ସନ୍ଧ୍ୟା ଅଧରେ ଘରେ ପହଞ୍ଚିଲେ । ଘରର ଦୀପା-ଲୋକିତ ସମୁଜ୍ଜ୍ୱଳ କକ୍ଷ ତାଙ୍କୁ ଅନ୍ଧକାର ଦେଖାଗଲା । ସେ ଅସୁସ୍ଥତାର ଛଳନା କରି ସନ୍ଧ୍ୟାରେ କିଛି ନ ଖାଇ ଶୋଇପଡିଲେ ।

# ଚତୁର୍ଥ ପରିଚ୍ଛେଦ

ଅନନ୍ତ ମିଶ୍ରଙ୍କର ଆଜି ଆନନ୍ଦର ସ୍ଥଳ କୂଳ ନାହିଁ । ସେ କି ଏକ ଅସ୍ପପାଶୋଷ୍ୟ ପ୍ରେମରେ ବିହ୍ୱଳ । ସେ ବାରମ୍ବାର କହୁଅଛନ୍ତି—"ସତ୍ୟ-ସୂର୍ଯ୍ୟକୁ ମିଥ୍ୟା କୁହୁଡି କେତେ କ୍ଷଣ ଢାଙ୍କିରଖିପାରିବ ?" ତାଙ୍କର ମନ ଆଜି ପୃଥିବୀରେ ନାହିଁ—ସେ କେଉଁ ସ୍ୱପ୍ନ ସୁଷମାମୟ ଅନାବିଳ ପବିତ୍ର ଆନନ୍ଦଧାମରେ ବିଚରଣ କରୁଅଛନ୍ତି । ସତ୍ୟର ମହିମା, ଧର୍ମର ମହିମା ଗାନରେ ସେ ଆଜି ଶତ-ମୁଖ । କେତେବେଳେ ବା ଈଶ୍ୱରଙ୍କ ନିକଟରେ ପ୍ରାଣର ବିହ୍ୱଳ ପ୍ରାର୍ଥନା ଗଦ୍‌ଗଦ କଣ୍ଠରେ ଜଣାଉଅଛନ୍ତି । ମନର ଦୁର୍ବଳତା ମନୁଷ୍ୟକୁ କ୍ଷୁଦ୍ର କରି ରଖେ । ତାହାରି ହେତୁ ମନୁଷ୍ୟ ନିଜର ଶକ୍ତି ଭୁଲି ରହୁଥାଏ । ସେହି ଦୁର୍ବଳତାଟିକ ଦୂର ହୋଇଗଲେ ମନୁଷ୍ୟ ଏକ ଅମୃତ-ମୟ ନୂତନ ଜୀବନ ଲାଭ କରେ । ମିଶ୍ରଙ୍କର ତାହା ହିଁ ହୋଇଅଛି । ସେ ଆଜି ବିଶ୍ୱାସରେ ପ୍ରବଳ । ସେ କୃତାଞ୍ଜଳି ହୋଇ ସରଳ ହୃଦୟରେ ଅନାଡମ୍ବର ଭାଷାରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରାଣର କୃତଜ୍ଞତା ଜ୍ଞାପନ କରିବାକୁ ଲାଗିଲେ । ସେ କହିଲେ—"ହେ ଅନନ୍ତସମଷ୍ଟି ଏକ, ହେ ଏକର ଅଭିବ୍ୟକ୍ତି ଅନନ୍ତ, ଧନ୍ୟ ତୁମ୍ଭର କରୁଣା ! ହେ କରୁଣାମୟ ହରି, ମୁଁ ପ୍ରତି ନିଃଶ୍ୱାସରେ ତୁମ୍ଭର ସଜୀବ ସମୂର୍ତ୍ତି ମହା କରୁଣା ଅନୁଭବ କରୁଅଛି । ଜୀବନରେ ମୁଁ ଅନେକ ଥର ଦେଖିଛି—ମୋର ଯାହା ପ୍ରାର୍ଥନା, ତୁମ୍ଭେ ତାହାର ବହୁଗୁଣ ଦିଅ । ସେଥିପାଇଁ ମୁଁ ଲଜ୍ଜିତ ଏବଂ ଅନୁତପ୍ତ ହୁଏ । ମୋର ବିଶ୍ୱାସ ମୋତେ ଏହି ହଟହଟାରେ ପକାଏ । ତୁମ୍ଭେ ମୋର ଜନ୍ମଦାତା, ପାଳନକର୍ତ୍ତା ଏବଂ ଚିରରକ୍ଷକ, ଏ ବିଶ୍ୱାସ ମୋର କ୍ଷଣକେ ହୁଏ ଏବଂ କ୍ଷଣକେ ପୁଣି କେଉଁଆଡେ ମିଳେଇଯାଏ । ହେ ଦେବତା, ମୋର ସେହି ମାନବ-ସୁଲଭ ଟଳଟଳ ବିଶ୍ୱାସକୁ ଦୃଢ଼କର—ମୁଁ ଆଉ ତୁମ୍ଭ ମଧ୍ୟରେ ବ୍ୟବଧାନ ନ ରହୁ । ମୋର ଏହି ଅବିଶ୍ୱାସ ପାଇଁ ମୋତେ କ୍ଷମା କର । ତୁମ୍ଭେ ସତ୍ୟରୂପରେ ଅନୁ-କ୍ଷଣ ପ୍ରାଣରେ ଅବତୀର୍ଣ୍ଣ ହୁଅ । ତୁମ୍ଭ ପାଦପଦ୍ମରେ ମୋତେ ମିଶାଇଦିଅ । ହେ ସତ୍ୟ ଶିବ ସୁନ୍ଦର, ସତ୍ୟର ଆଲୋକରେ ମୋର ପ୍ରାଣ ଆଲୋକିତ କର, ଦୁର୍ବଳତା ଦୂର କର, ଜୀବନର ଆଦର୍ଶ ଓ ଲକ୍ଷ୍ୟ ସ୍ଥିର କରିଦିଅ । ଦିନ ଆସିଗଲା—ଅନ୍ଧାର ଘୋଟି ଆସିଲାଣି; ହେ ଅନନ୍ତ ଜ୍ୟୋତିର୍ମୟ, ପଥ ଦେଖାଅ; ପ୍ରଭୁ, ପଥ ଦେଖାଅ । ମୁଁ ଶୁଣିଛି ମୋର ଉପାସି । ଏ ଅପଦ ତୁମ୍ଭେ କାହିଁକି ଯୋଗାଅ ପ୍ରଭୁ ? ତାହାରି ପାଇଁ ମୁଁ ତୁମ୍ଭଙ୍କୁ ଭୁଲିଯାଏ । ସେହି ମୋତେ ଶିଖାଇ ବୁଝାଇ ତୁମ୍ଭଠାରୁ ଅନ୍ତର କରି-ଦିଏ । ସେ ନିଜକୁ ତୁମ୍ଭଠାରୁ ମଧ୍ୟ ବଡ଼ ମଣେ । କିଛି ନ କଲେ ସୁଦ୍ଧା ସବୁ କରେ ବୋଲି କହେ । ମୁଁ ତାହାରି ବୁଦ୍ଧିରେ ପଡ଼ି ଦୁର୍ଗତି ଲାଭ କରେ । ସେ ଦୁଷ୍ଟ ବିପଦରେ ନ ପଡ଼ିଲେ ତୁମ୍ଭଙ୍କୁ ଖାତର କରେ ନାହିଁ । ବିପଦବେଳେ ସେ ନିର୍ମାୟ ନିରଞ୍ଜନ ହୋଇଯାଏ, ଭକ୍ତି ବୈରାଗ୍ୟ ଦେଖାଏ; ମାତ୍ର ବିପଦ ଉତ୍ତୁରିଗଲେ ପୁଣି ଯେଉଁ କଥାକୁ ସେହି କଥା । ସେ ଅସ୍ଥାୟୀ ବୈରାଗ୍ୟ କୁଆଡ଼େ ଉଡ଼ିଇ-ଯାଏ । ସେ ଅବ୍ୟବସ୍ଥିତ ମତି ଦୁରାତ୍ମାକୁ ପ୍ରାଣ ଭିତରୁ ଦୂର କରିଦିଅ ପ୍ରଭୁ ! ମୋର ଆଉ ଗୋଟାଏ ଭଗାରୁଣୀ ଆଶା । ସେ ଦୁଷ୍ଟା ଆକାଶରୁ କେତେ ରଙ୍ଗର ଫୁଲ ତୋଳି ଆଣି ଆଖି ଆଗରେ ଦେଖାଏ; ମାତ୍ର ସେ ଫୁଲ ପାଇଁ ପ୍ରଲୋଭିତ ହୋଇ ହାତ ବଢ଼ାଇଲେ ତାକୁ କେଉଁଠି ନେଇ ଲୁଚାଇଦିଏ । "ଆକାଙ୍‌କ୍ଷା" ବୋଲି ତାହାର ଗୋଟିଏ ପେଟୁକା ଭଉଣୀ ଅଛି । ସେ ଚଣ୍ଡାଳୁଣୀର ଗୁଣ କହିଲେ ନ ସରେ । ସାତ ସମୁଦ୍ର ତାହାର ଚଳୁକୁ ନିଅଣ୍ଟ । ସେହି ଦୁଇ ଭଉଣୀଙ୍କ ହୃଦୟ, ମନ, ଆତ୍ମା ଏରୂପ ନିବିଡ଼ ମିଶ୍ରଣରେ ମିଶ୍ରିତ ଯେ, ସେଥିରେ ଅସି ବେଣ୍ଠ ବସାଇଲେ ଦାଗ ପଡ଼ିବ ନାହିଁ । ସେ ରାକ୍ଷସୀ ଦୁଇଟା ମୋତେ ଛାଡ଼ି କେଣେ ଯାଉ ନାହାନ୍ତି । ହେ ରକ୍ଷସୂଦନ, ସେ ଦୁଇଟାକୁ ନିପାତ କରି ମୋର ପଥ ନିଷ୍କଣ୍ଟକ କରିଦିଅ । ଏବେ ସୁଦ୍ଧା ବେଳ ଅଛି, ସେ ଦୁହିଙ୍କ ପାଲରୁ ଉଦ୍ଧାର ପାଇଲେ ମୁଁ ପରକାଳର ପାଥେୟ ସଂଗ୍ରହର ଅବକାଶ ପାଆନ୍ତି । ସମୁଦ୍ରରୁ ତୃଷାଘବନ

ସଂଗ୍ରହ କରିପାରିଲେ ବି ଲାଭ । ଖାଲି ହାତରେ ତୁମ୍ଭ ପାଖକୁ କିପରି ଫେରିଯିବି ପ୍ରଭୁ ? ଯିବାକୁ ବସିଲି; ମାତ୍ର କାମ କିଛି ହେଲା ନାହିଁ । ତୁମ୍ଭ ବିଶ୍ୱରାଜ୍ୟରେ ଦୁଇ ଦିନ ବେଠି ଟେକିଥିଲେ ଜୀବନ ସାର୍ଥକ ମଣିଥାଆନ୍ତି । କାହିଁ ତାହା ବି ତ କରି ନାହିଁ । ମୁଁ ସଂସାରରୁ ଅନେକ ନେଇଛି; ମାତ୍ର କିଛି ଦେଇପାରି ନାହିଁ । ତୁମ୍ଭର ଖାଇ, ପିଇ, ଯଥେଚ୍ଛା ଉଡ଼ାଇ ଋଣୀ ହୋଇ ଚାଲିଯିବି ସିନା ! କାହିଁ, ଦିନେ ତ କଥାପଦକରେ ଗୋଟାଏ କୃତଜ୍ଞତା ସୁଦ୍ଧା ପ୍ରକାଶ କରି ନାହିଁ, ବରଂ ଖାଇଜାଣିଲା କୁକୁର ପରି ଯେତେ ଖାଇଲେ ବି ଲଙ୍ଗୁଡ଼ ହଲାଉଛି । ମୁଁ ସାରା ଜୀବନଟା ବ୍ୟର୍ଥ କରିଅଛି । ସେହି ବ୍ୟର୍ଥତାର ହାହାକାର ମୋର ପଞ୍ଜରାହାଡ଼ ଫୁଟି ବାହାରିଆସୁଛି । ମୁଁ କେବଳ ଲକ୍ଷ୍ୟହୀନ ଭାବରେ ଦୀର୍ଘ ପଥ ଅତିକ୍ରମ କରିଅଛି—ଫଳ କିଛିମାତ୍ର ପାଇ ନାହିଁ । ଏ ମରୁମୟ ଦଗ୍ଧ ପ୍ରାଣରେ ଶାନ୍ତିସୁଧା ସେଚନ କର ଦୟାମୟ !" ଏହିପରି ଅନେକ ଚିନ୍ତା, ଭାବନା, ପ୍ରାର୍ଥନାରେ ମିଶ୍ରେ ସେ ଦିନଟି ଅତିବାହନ କଲେ ।

ଗ୍ରାମବାସୀମାନଙ୍କ ମଧ୍ୟରେ ମୋକଦ୍ଦମାର ସମାଲୋଚନା ଲାଗିଲା । ଖୁଣ୍ଟିଆଙ୍କ ଶତ୍ରୁମାନେ ଖୁବ୍ ଗୋଟାଏ ରସିକତା କରିବାର ଦୁର୍ଲ୍ଲଭ ଶୁଭ ଅବସର ପାଇଗଲେ । କେତେ ଅଶ୍ଳୀଳ ବିଦ୍ରୂପ-ବାଣ ବର୍ଷଣ କରି ବୀରତ୍ୱର ପରାକାଷ୍ଠା ଦେଖାଇଲେ । କେହି କେହି ବିକୃତ ଅଙ୍ଗଭଙ୍ଗୀରେ ନୃତ୍ୟ କରିବାକୁ ଲାଗିଲେ, କେହି କେହି ଉପସ୍ଥିତ କବି ପାଲଟିଯାଇ ନାନା ସ୍ୱରରେ ଗୀତ ରଚନା କରି ଗାଇଲେ । ଆଉ ଯେଉଁମାନେ ନୃତ୍ୟ ଗୀତରେ ଅନିପୁଣ, ସେମାନେ କରତାଳି ମାରି ହସିବାକୁ ଲାଗିଲେ । କେହି କହିଲା—"ବ୍ରାହ୍ମଣ କିଛି ମର୍ମଜଳା କଥା କହୁଛି, ନ ହେଲେ ଖୁଣ୍ଟିଆ ଏତେ ରାଗନ୍ତା ନାହିଁ ।" କେହି କହିଲା—"ତେଲଙ୍ଗାଦେଶ ଚଣ୍ଡୀ ପରି ବ୍ରାହ୍ମଣର କଥା ଖୁବ୍ ସ୍ୱାଦୁ; ମାତ୍ର ଅନ୍ତ ଜଳିଯାଏ ।" ଏହିପରି ନାନା ଲୋକେ ନାନା କଥା କହିଲେ । ଜଗତରେ ନରଚରିତ୍ର ସର୍ବତ୍ର ଏହିରୂପ । ଖୁଣ୍ଟିଆ ତାହା ସବୁ ଶୁଣି ଲଜ୍ଜାରେ ଘରୁ ବାହାରି ପାରିଲେ ନାହିଁ । ସେ ସବୁବେଳେ ଚିନ୍ତାର ଶର ଶଯ୍ୟାରେ ଛଟପଟ ହେବାକୁ ଲାଗିଲେ । ଚିନ୍ତାରେ ଝଉଁଳାଇ ଠାକୁରା ଆମ୍ବୁଲ ପରି ଶୁଖି କ୍ଷୀଣ ହୋଇଗଲେ; ମାତ୍ର ମନ ମଧ୍ୟରେ କ୍ରୋଧର ଯେଉଁ ଅଗ୍ନିଶିଖା ଜଳୁଥିଲା, ତାହା ଦୁଇଗୁଣ ଉତ୍ତେଜିତ ହୋଇ ଉଠିଲା । ଦୁର୍ଜନର ଚେଷ୍ଟା ବିଫଳ ହେଲେ ସେ ଦୁଷ୍କାର୍ଯ୍ୟରୁ ବିରତ ହୁଏ ନାହିଁ । ତାହାର ଗୋଟାଏ ଷଡ଼ଯନ୍ତ୍ର ବ୍ୟର୍ଥ ହେଲେ ସେ ଆଉ ଗୋଟାକର ଆଶ୍ରୟ ନିଏ । ତାକୁ ଷଡଯନ୍ତ୍ର ମଧ୍ୟ ଅଭାବ ହୁଏ ନାହିଁ । ଜେତା ପ୍ରତି ପରାଜିତର ବିଜାତୀୟ ଘୃଣା, ବିରକ୍ତି, ଆକ୍ରୋଶ ଏବଂ ବିଦ୍ୱେଷ ନିତାନ୍ତ ସ୍ୱାଭାବିକ । ଖୁଣ୍ଟିଆ ମିଶ୍ରଙ୍କୁ ପୁନଶ୍ଚ ବିପନ୍ନ କରିବା ସକାଶେ ଅକାଟ୍ୟ, ଅବ୍ୟର୍ଥ କୌଶଳ ଉଦ୍ଭାବନରେ ଆତ୍ମନିୟୋଗ କଲେ ।

କିଛି ଦିନ ପରେ ଖୁଣ୍ଟିଆଙ୍କର କେତେ ଖଣ୍ଡ ବାସନ ଚୋରିଗଲା । ଯଥାରୀତି ପୋଲିସ ଅନୁସନ୍ଧାନ ହେଲା; ମାତ୍ର ଚୋର ବା ଚୋରି ମାଲ ମିଳିଲା ନାହିଁ । ଅନେକ ଲୋକ କହିଲେ—"ଏ ଚୋରି ମିଥ୍ୟା, ଏହି ଛଳନା ମୂଳରେ କିଛି ଗୋଟାଏ ରହସ୍ୟ ଅଛି ।' ଲୋକଙ୍କର ଏ ଅନୁମାନ ବ୍ୟର୍ଥ ହେଲା ନାହିଁ । ଠିକ୍ ଦୁଇମାସ ପରେ ମିଶ୍ରଙ୍କ ନାମରେ ଆଉ ଗୋଟାଏ ମୋକଦ୍ଦମା ଦାଏର ହେଲା । ସେଥିର ମର୍ମ ଏହି ଯେ, ଖୁଣ୍ଟିଆଙ୍କ ଚୋରି ମାଲ ମଧ୍ୟରୁ ଖଣ୍ଡେ ଥାଳୀ ମିଶ୍ରେ କିଣିଅଛନ୍ତି । ଚୋର ବିକିବାବେଳେ ହନୁମନ୍ତ ମଲିକ ଦେଖିଅଛି; ମାତ୍ର ଚୋରକୁ ଚିହ୍ନିପାରି ନାହିଁ । ଯଥାସମୟରେ ମିଶ୍ରଙ୍କ ଘର ଖାନତଲାସ ହେଲା, ତାଙ୍କର ପଟେ ଥାଳୀକୁ ଖୁଣ୍ଟିଆ ନିଜର ବୋଲି ଦାବୀ କଲେ । ଚୋରି ମାଲ ମିଳିଲା, ତେଣିକି ମୋକଦ୍ଦମା ଚାଲିଲା । ଉପଯୁକ୍ତ ହାକିମ ବିଚାର କରିବେ । ତାରିଖ ଦିନ ଉଭୟ ପକ୍ଷ କଚେରୀରେ ହାଜର ହେଲେ । ଦରଖାସ୍ତ ପଢି ହାକିମଙ୍କର ଘୋର ସନ୍ଦେହ ହେଲା । ସେ ମନେ ମନେ ଭାବିଲେ—'ସେ ଦିନ ହନୁମନ୍ତ ମୋକଦ୍ଦମାରେ ଖୁଣ୍ଟିଆ ସାକ୍ଷୀ ହୋଇଥିଲା, ଆଜି ଖୁଣ୍ଟିଆ ମୋକଦ୍ଦମାରେ ହନୁମନ୍ତ ସାକ୍ଷୀ; ଏଥିରେ କିଛି ତଦନ୍ତ ଥିଲା ପରି ଜଣାଯାଉଛି । ଗୁପ୍ତ ଅନୁସନ୍ଧାନ ବ୍ୟତୀତ ପ୍ରକୃତ ବ୍ୟାପାର ଜାଣିବାର ଉପାୟ ନାହିଁ । ଏହା ଭାବି ସେ

ଜନ ବସ୍ତୁର ନ କରି ଅନ୍ୟ ଜନଙ୍କୁ ତାହିଁ ପଠାଇଲେ । ଅନନ୍ତର ହାକିମ ଜଣେ ଛଦ୍ମବେଶରେ ଯାଇ ଗ୍ରାମରେ ଉପସ୍ଥିତ ହେଲେ ଏବଂ ଗ୍ରାମର ପ୍ରବୀଣ ବ୍ୟକ୍ତିମାନଙ୍କ ନିକଟରୁ ଉଭୟଙ୍କର ଚରିତ୍ର ଆଉ ମୋକଦ୍ଦମାର ପ୍ରକୃତ ହାଲ ବୁଝିନେଲେ । ଏରୂପ କୌଶଳରେ ଏ କାର୍ଯ୍ୟ ହେଲା ଯେ, ମୁଦେଇ ମୁଦାଲା କେହି ତାହା ଜାଣି-ପାରିଲେ ନାହିଁ । ନିର୍ଦ୍ଦିଷ୍ଟ ଦିନ ବିଚାର ଆରମ୍ଭ ହେଲା । ବାଦୀ, ପ୍ରତିବାଦୀ ଏବଂ ସାକ୍ଷୀଙ୍କ କଥା ଶୁଣିସାରି ହାକିମ ରାୟ ଲେଖି ପେସ୍କାର ହାତକୁ ବଢାଇଦେଲେ ଓ ତାହା ପେସ୍କାର ପଢି ଶୁଣାଇଦେଲେ । ରାୟରେ ଲେଖା ଥିଲା, "ଧନୁର୍ଜୟ ଖୁଣ୍ଟିଆ ମିଥ୍ୟା ମୋକଦ୍ଦମା ଦାଏର କରିଥିବାରୁ ତାଙ୍କୁ ପଚାଶ ଟଙ୍କା ଏବଂ ମିଥ୍ୟା ସାକ୍ଷ୍ୟ ଦେଇଥିବା ହେତୁ ହନୁମନ୍ତ ମଙ୍ଗରାଜଙ୍କୁ ପାଞ୍ଚ ଟଙ୍କା ଜୋରିମାନା କରାଗଲା । ମିଶ୍ରେ ବୃଥା କ୍ଷତିଗ୍ରସ୍ତ ହୋଇ-ଅଛନ୍ତି, ସେ ଖୁଣ୍ଟିଆଙ୍କ ଜୋରିମାନା ଟଙ୍କାରୁ ଅର୍ଦ୍ଧେକ ପାଇବେ ।"

ଅନନ୍ତ ମିଶ୍ରେ ଯଥାସମୟରେ ମୋକଦ୍ଦମାର ଖର୍ଚ୍ଚସ୍ୱରୂପ ପଚିଶ ଟଙ୍କା ପାଇଲେ । ସେହିଦିନ ସେ ଟଙ୍କା ନେଇ ଧନୁର୍ଜୟ ଖୁଣ୍ଟିଆ ଘରକୁ ଯାଇ ତାଙ୍କୁ କହିଲେ—"ଧନୁ, ଏହି ତୁମ ଟଙ୍କା ନିଅ, ତୁମର ଯଥେଷ୍ଟ ଶିକ୍ଷା ହୋଇଅଛି । ମୁଁ ଅର୍ଥର ଦାସ ନୁହେଁ, ଧର୍ମର ଦାସ ।" ଏହା କହି ଟଙ୍କାସବୁ ତଳେ ଥୋଇଦେଲେ । ଖୁଣ୍ଟିଆ ଦାଣ୍ଡ ପିଣ୍ଡାରେ ବସି କ ଗୋଟିଏ ଗଭୀର ଚିନ୍ତାରେ ନିମଗ୍ନ ଥିଲେ । ହଠାତ୍ ମିଶ୍ରଙ୍କୁ ଉପସ୍ଥିତ ଦେଖି ତାଙ୍କର ସେହି ଚିନ୍ତା-ସୂତ୍ର ଛିନ୍ନ ହୋଇଗଲା । ସେ ନିର୍ବାକ୍ ବିସ୍ମୟରେ ଅନାଇ ରହିଲେ । ତାଙ୍କ ମୁହଁ କଳାକାଠ ପଡିଗଲା । ସେ ମୁହଁରେ କ୍ଷପାଘାତ ଯନ୍ତ୍ରଣାର କରୁଣ କ୍ରନ୍ଦନ ଫୁଟି ଉଠିଲା । ନିଜର ଅବମୃଷ୍ୟକାରିତାଜନିତ ହୃଦୟ ବେଦନା ଅଶ୍ରୁରୂପ ଧରି ଝରିପଡିଲା । ସେ ଗଳବସ୍ତ୍ର ହୋଇ ମିଶ୍ରଙ୍କ ଗୋଡ ଧରି ଲମ୍ବ ଖମ୍ବ ହୋଇ ପଡି ଗଲେ ଏବଂ ଅନୁତାପଦଗ୍ଧ ଗଦ୍‌ଗଦ କଣ୍ଠରେ କହିଲେ, "ହେ ଦେବତା, ଏ ଅଧମର ଅପରାଧ କ୍ଷମା କର । ମୁଁ ତୁମ୍ଭଙ୍କୁ ଅକାରଣ ବିପଦରେ ପକାଇଅଛି । ଆଶୀର୍ବାଦ କର—ମୋର ସେ ପାପ ନଷ୍ଟ ହେଉ । ଆଜିଠାରୁ ତୁମ୍ଭେ ମୋର ଗୁରୁ, ମୁଁ ତୁମ୍ଭର ଅଧମ ଅଯୋଗ୍ୟ ସେବକ । ନଗଣ୍ୟ ତୁଚ୍ଛ ତୃଣ ନଦୀ ପ୍ରବାହରୁ ମହାସାଗର ଦର୍ଶନ କଲା ପରି ମୁଁ ତୁମ୍ଭର ସହାୟତାରେ ମୁକ୍ତିର ମୁଖାବଲୋକନ କରିବି । ମୁଁ ମନେ କରିଥିଲି, ସଂସାରରେ ପାପ ପୁଣ୍ୟ ବୋଲି କିଛି ନାହିଁ । ଧର୍ମ ଶବ୍ଦ ଖାଲି ସମାଜର ଡରାଣ ଚମ୍ପା ଭୀରୁ ଦୁର୍ବଳର ବ୍ୟର୍ଥ କଳ୍ପନା; ମାତ୍ର ଏତେ ମୋର ସେ ଭ୍ରାନ୍ତ ବିଶ୍ୱାସ ଦୂର ହେଲା । ମୁଁ ଏବେ ବୁଝିଲି, ଧର୍ମ ଏକା ଜଗତରେ ସାର ସତ୍ୟବସ୍ତୁ, ଧର୍ମବଳ ଏକା ମନୁଷ୍ୟର ପ୍ରଧାନ ବଳ । ମୁଁ ଯେଉଁ ମହାଶିକ୍ଷା ପାଇଲି, ତାହା ଅଗ୍ନି ଅକ୍ଷରରେ ହୃଦୟରେ ଲେଖା ରହିଲା । ମୁଁ ମୋର କୃତ ପାପ ଲାଗି ଆଜୀବନ ଅନୁତାପ କରିବି । ସେହି ଅନୁତାପରେ ମୁଁ ଗୋଟିଏ ବ୍ୟଥାଭରା ସୁଖ ଅଛି । ମୁଁ ଜୀବନରେ ଅନେକ ପାପ କରିଛି, ହେ ଗୁରୁଦେବ, କୃପାକରି ମୋତେ ସେ ପାପରୁ ଉଦ୍ଧାର କର ।" ମିଶ୍ରେ କହିଲେ—"ଭଗବାନଙ୍କ ବ୍ୟତୀତ ପାପରୁ ମୁକ୍ତି ଦେବାର କ୍ଷମତା ଅନ୍ୟ କାହାରି ନାହିଁ । ତାଙ୍କୁ ପ୍ରାଣର ବାଣୀରେ ଆହ୍ୱାନ କର. ସେ ତୁମର କାତର କ୍ରନ୍ଦନ ଶୁଣିବେ । ମୁଁ ସାମାନ୍ୟ ମନୁଷ୍ୟ ମାତ୍ର, ମୋର କ୍ଷମତା ଅତି କ୍ଷୁଦ୍ର; ଅତଏବ ମୋଦ୍ୱାରା କଅଣ ହୋଇପାରେ !" ଖୁଣ୍ଟିଆ କହିଲେ—"ଆପଣ ଯାହା କହନ୍ତୁ ପଛକେ; ମାତ୍ର ମୋ ଦୃଷ୍ଟିରେ ଆପଣ ହିଁ ଭଗବାନ । ଆପଣ ଆଶୀର୍ବାଦ କଲେ ମୋର ପାପ କୁଆଡେ ଉଡିଯିବ, ଏହା ମୋର ଦୃଢ ବିଶ୍ୱାସ ।" ଏ କାକୁତି ଶୁଣି ମିଶ୍ରଙ୍କର ବ୍ରାହ୍ମଣସୁଲଭ ସଦୟ ହୃଦୟ ଦ୍ରବୀଭୂତ ହୋଇଗଲା । ସେ ହସି ହସି ଖୁଣ୍ଟିଆଙ୍କ ମସ୍ତକ ଉପରେ ହସ୍ତ ରଖି ଆଶୀର୍ବାଦ କଲେ—'ଭଗବାନ୍ ତୁମ୍ଭଙ୍କୁ ନିର୍ମଳ କରନ୍ତୁ, ଧର୍ମରେ ତୁମ୍ଭର ମନ ସର୍ବଦା ଅଟଳ ହେଉ ।"

# ସା ରି ଆ

—୧—

ଜୀବନସମସ୍ୟା ଅତି ଦୁରୁହ, ତାହା ବୁଝିବାର ଉପାୟ ନାହିଁ । କାହାର ଜୀବନରେ ଦୁଇଟି ଦିନ ଏକାପରି କଟିଥିବାର କେହି ଶପଥ କରି କହିପାରିବେ ନାହିଁ । ଜୀବନ ଉପରେ ଗୁଡ଼ାଏ ଶୁଭ ଅଶୁଭ ଝୁଲୁଛି, କେତେବେଳେ କେଉଁଟା ଛିଣ୍ଡିପଡ଼ିବ, ଆଗରୁ ତାହା ଜାଣିହୁଏ ନାହିଁ । ରଘୁ ପୁରୋହିତଙ୍କ ଭଉଣୀ ସାରିଆର ଯେତେବେଳେ କପାଳ ଫାଟିଲା, ତେତେ-ବେଳେ ବିଶ୍ୱଆଡ଼ ତାକୁ ଅନ୍ଧାର ଦିଶିଲା । ଏହି ଅକସ୍ମାତ୍ ବିପଦରେ, ତୋଫାନର ପ୍ରଥମ ଆଘାତରେ ଗବ ଗଛ ପରି ସେ ଭୁଇଁ ପଡ଼ିଲା । ତାହାର ଜୀବନ ତାକୁ ଏତେ ଭାରି ଲାଗିଲା ଯେ, ସତେ ଯେପରି ସେହି ଭାରରେ ସେ ମରିଯିବ; କିନ୍ତୁ ସାରିଆ ମଲା ନାହିଁ । ମୃତ୍ୟୁ ତ କାହାର କିଣା କିଙ୍କର ନୁହେଁ ଯେ, ଡାକିଲା ମାତ୍ରେ ପୋଷା କୁକୁର ପରି ଧାଇଁଆସିବ ! ତାହାର ଦରକାର ନ ପଡ଼ିଲେ ସେ କାହାର ପାଖକୁ ଆସେ ନାହିଁ କି କାହାକୁ ଛୁଏଁ ନାହିଁ । ରୋଗ ଶୋକାଦିର ଆଧିକ୍ୟ ସମୟରେ ଲୋକେ ଅନୁତାପ କରି କହନ୍ତି, "ହାୟ, ମୋତେ ମୃତ୍ୟୁ ହେଲା ନାହିଁ, ମଲେ ମୁଁ ଏ ଯନ୍ତ୍ରଣାରୁ ତରିଯାଆନ୍ତି ।" ଏ କଥା ଶୁଣି ଯେବେ ମୃତ୍ୟୁ ଧାଇଁ ଆସୁଥାଆନ୍ତା, ତେବେ ଏରୂପ ଅନୁତାପ କେହି କରନ୍ତେ ନାହିଁ । ମନୁଷ୍ୟ ଏକ ଅଦ୍ଭୁତ ଜନ୍ତୁ ! ସେ ଡାକହାକ ଯେଉଁ କଥା କହେ, ତାହା ତାହାର ପ୍ରାଣର କଥା ନୁହେଁ । ଅନେକ ଦେଖାଯାଏ, ପ୍ରାଣର କଥା ତାହାର ବିପରୀତ । ଅନେକ ବୃଦ୍ଧ କହନ୍ତି—"ମୁଁ ଆଉ କେତେ ଦିନ ? ଆଜି ଅଛି କାଲି ନାହିଁ, ଘରଦ୍ୱାର, ବିଷୟ ବାଡ଼ିରେ ମୋର ଆଉ କି ମମତା ?" କିନ୍ତୁ କାର୍ଯ୍ୟତଃ ଦେଖାଯାଏ, ମମତା ସେହିମାନଙ୍କର ଅଧିକ । ବଡ଼ ବୃଦ୍ଧ ହେଲେ ଆମିଷ ଛାଡ଼ିଦିଏ ନାହିଁ, ବରଂ ଅଧିକ ଆମିଷଲୋଭୀ ହୁଏ । କେହି କହେ—"କିଏ କାହାର ହୋ ! ସବୁ ମିଛ ମାୟା ।" କିନ୍ତୁ ସେହି ମିଛମାୟା ତାହାର ଜୀବନରେ ଜୀବନ୍ତ ସତ୍ୟ ଛାୟାରୂପେ ପ୍ରମାଣିତ ହୁଏ । ସେ ଯାହାହେଉ, ସାରିଆର ଜୀବନଜ୍ୱର ଆଗ୍ନେୟମୁଖୀ ରୋଗ ପ୍ରାୟ କ୍ରମେ କ୍ରମେ ହାଲୁକା ହୋଇଆସିଲା । ଶୋକ ଯେ ଆଣିଦିଏ, ଶୋକର ସାନ୍ତ୍ୱନା ସେହି ଆଣିଦିଏ, ଆଉ ସ୍ନେହରେ ଶୋକର ବିସ୍ମୃତି ବି ସେହି ଆଣିଦିଏ । ଏହା ତାହାର କର୍ତ୍ତବ୍ୟ । ସେଥିଲାଗି ତାକୁ ଯାଚ୍ଞା କରିବାକୁ ହୁଏ ନାହିଁ । ସାରିଆ ବିଂଶତି ବର୍ଷରେ ପଦାର୍ପଣ କରିଅଛି, ଭରା ନଦୀ ପ୍ରାୟ ରୂପ ଉଛୁଳି ପଡ଼ୁଛି—ସେଥିରେ ପୁଣି ଯୌବନର ଜୁଆର ଉଠିଛି । ଶ୍ୱଶୁର କୁଳରେ ତାହାର କେହି ନାହିଁ । ଜ୍ଞାତି, କୁଟୁମ୍ବ ମଧ୍ୟ ନାହାନ୍ତି; ସାରିଆ ଏକୁଟିଆ । ସେ ଭାବିଲା—"ଏହି ବୟସରେ ମୁଁ କଅଣ କରିବି, ଆଉ ଏ ରୂପକୁ ବା କଅଣ କରିବି ? ଏ ରୂପ ଘେନି ମୁଁ ଏକାକୀ ଘରେ ରହିବି କିପରି ? ଯାହାର କପାଳ ଫଟା, ପୋଡ଼ା ବିଧାତା ତାକୁ ପୋଡ଼ା ରୂପ କାହିଁକି ଦିଏ ? ଏହା ତାହାର ଗୋଟାଏ ଲୁଟ ନା କଅଣ ? ଏ ରୂପକୁ ମୁଁ କାହିଁରେ ଢାଙ୍କିବି ? ନିଆଁକୁ ଶତସ୍ତର କରି ଢାଙ୍କିଲେ ସେ କି ଲୁଚି ରହିବ ? ସବୁ ଜାଳୁଣୀ ପୋଡ଼ିଦେଇ ସେ ବାହାରି ପଡ଼ିବ । ପୋଡ଼ା ରୂପକୁ ଫିଙ୍ଗିବାର ହୋଇ-ଥିଲେ ମୁଁ ଫିଙ୍ଗିଦିଅନ୍ତି; ମାତ୍ର ତାହା ତ ହେବାର ନୁହେ ।" ସାରିଆ ଏହିପରି ଭାବୁ ଭାବୁ କାହିଁକି କେଜାଣି ତାହା ମନର ପରିବର୍ତ୍ତନ ଘଟିଲା । ସେ ମନେ ମନେ କହିଲା—"ନା, ମୁଁ କୁଆଡ଼େ ଯିବି ନାହିଁ, ଏଇଠାରେ ରହିବି । ନ ହେଲେ ମୋର ଶ୍ୱଶୁରବଂଶର ବସ୍ତି ପୁରୁଷର ଗୃହରେ ସନ୍ଧ୍ୟାବତୀ ଜାଳିବ କିଏ ? ମୁଁ ଜୀଇଁ ଥାଉଁ ଥାଉଁ ମୋର ଶ୍ୱଶୁର ଘର ଅନ୍ଧାର ହେବ

ଏତ୍ତା ମୁଁ ସହିପାରିବି ନାହିଁ । "ମନ ଯେବେ ଚଙ୍ଗା, ଗୋବର ଗଡ଼ିଆ ଗଙ୍ଗା" । ତେବେ ରୂପ ମୋର କଅଣ କରିପାରିବ ? ମୋର ମନ ନିର୍ମଳ ଥିଲେ ସେଥିରେ ପାପ ପଶିପାରିବ ନାହିଁ । ନିର୍ମଳ ଜଳରେ କୀଟ ବଞ୍ଚିପାରେ ନାହିଁ—ଖାଦ୍ୟ ନ ପାଇ ମରିଯାଏ । ମନ ସବଳ ଥିଲେ କେଉଁ ପାପ ମୋତେ ଛୁଇଁପାରିବ ନାହିଁ । ଦୁର୍ବଳର ଶତ୍ରୁ ସିନା ସମସ୍ତେ ହୁଅନ୍ତି; ମାତ୍ର ପ୍ରବଳ ଦେଖିଲେ ଦୂରରୁ ଜୁହାର କରନ୍ତି । ଆଉ ପେଟ ଲାଗି ବା ଚିନ୍ତା କଅଣ; ପୁଣି ଖାଇବାର ଅଭାବ ବା କଅଣ ? ଭାତ ତୋରାଣି ପିଆଜଣେ, ଲୁଣ ଚିମୁଟେ ହେଲେ ମୋର ଢେର । ଆଉ ଯେବେ ତେନ୍ତୁଳି ପୁଞ୍ଜେ ମିଳେ, ତେବେ ତାହା ଅଧିକରୁ ଅଧିକ । ଗୃହ କର୍ମ ଶିଳ୍ପମାନ ଅଛି, ତାଙ୍କୁ ବରାବର ଲଗାଇଦେଲେ ଭତବାଡ଼ନ୍ଦ ଚଳିଯିବ—ଗାଈ ଦୁଇଟିର ଦୁଧ ବିକି ଲୁଣ ତେଲ, ଲୁଗାପଟା କିଣିବି । ଆଉ କେତେ ଲୁଗା ବା ଦରକାର—ଦୁଇଟା ଖଣ୍ଡ, ଖଣ୍ଡେ ଗାମୁଛା ହେଲେ ବର୍ଷେ ଯିବ । ସୂତା କଟାରୁ ଯାହା ମିଳିବ, ତାହା ଲୁଚି ଭିଖାରୀଙ୍କି ଦେବି, ଆଉ ମୋର ଅଭାବ କଅଣ ?" ସାରିଆ ଏହିପରି ଭାବି ମନ ସ୍ଥିର କରି ରହିଲା ।

ଅଗଣୀମା ଗୁଡ଼ିଆଣୀ ସାରିଆର ଧର୍ମ ମା । ସାରିଆ ମନକଥା ତାଙ୍କୁ କହିଲା । ଅଗଣୀମା ଶୁଣି ବଡେଷ ଆନନ୍ଦ ପ୍ରକାଶ କରି କହିଲେ—"ଖୁବ୍ ଭଲ ବୁଦ୍ଧି ଭାବିଛୁ ଝିଅ, ମୋ ମନକୁ ବେଶ୍ ଆସିଲା । କଉଠିକି ଯାଆନ୍ତୁ ମା, ଧାଇଁ ଧାଇଁ ତ ବାପଘରକୁ ? ବାପ ଅଛି, ନା ମା ଅଛି ଯେ, ତୋ ଆଖିରୁ ଲୁହ ପୋଛିଦେଇ କୋଳକୁ ଟାଣିନେବେ । ଯେତେ ହେଲେ ଭାଇ ଭାଉଜ, ସେ କଅଣ ତୋ ଦୁଃଖ ବୁଝିବେ ? କଥାରେ କହନ୍ତି, "ଭାଇ ଭାଉଜ, ଭାତ ଖାଇସାରି ବଅନ୍ତ ପେଟ ।" ପହିଲୁ ପହିଲୁ ଲୋକଦେଖାକୁ ଦିନାକେତେ ଟିକିଏ ଭଲ ଭାବ ଦେଖାଇବେ, ଆଉ ପଛକୁ ଘୁଅ ଝିଅଣୀ ଆହାର । ତୋର ଘରଦ୍ୱାର ଥାଉଁ ଥାଉଁ ତୁ କାହିଁକି ଯାଇ ତାଙ୍କ ଗଳାରେ ଲାଗିବୁ ମା ! ତୋର ଏତେ କିଛି ଡର ଭୟ ନାହିଁ । ମୁଣ୍ଡରେ ପଣତ ଥିଲେ ନବାବ ମୁଣ୍ଡ ଦାଣ୍ଡରେ ବୁଲିଗଲେ ଅମର କି ଯାଏ ? ମୁଁ ଆସି ରାତିରେ ତୋ ପାଖରେ ଶୋଇବି । ତୋର ସ୍ୱାମୀ ନାହିଁ ନା ବାପ ନାହିଁ—କଅଣ ନାହିଁ ଯେ ଗୋଟାଏ ପେଟ ଉପାସ ରହିବ । ଗହଣା ଗାଣ୍ଠି ଯାହା ଅଛି, ସେଥିରେ ହାତ ଦେ ନା । ତୀର୍ଥବ୍ରତ କରିବୁ, ଦାନ ପା ବ ଅଛି । ଯେତେବେଳେ ଯେ କାମ ଆସିବ । ଧାର କରିବା କିଛି ତ ନାହିଁ, ଆଉ ଭାବନା କଅଣ ? ଶ୍ୱଶୁର ଡିହ ଖଣ୍ଡ ତୁ କୁଆଡ଼େ ଗୋଡ଼ କାଢ଼ ନା ମା, ଏଇଠି ମଲେ ତୋର ମୁକ୍ତି ଅଛି ।" ସାରିଆ ଅଗଣୀମାର କଥା ଶୁଣି ଖୁବ୍ ଉତ୍ସାହିତ ହେଲା—ପୁଲକିତ ମଧ୍ୟ ହେଲା । ସ୍ୱମତ ସଙ୍ଗେ ପର ମତ ମିଳିଲେ କିଏ ବା ପୁଲକିତ ନ ହୁଏ ?

—୨—

ସାରିଆର ବାପ ମା ନାହାନ୍ତି, ପୂର୍ବରୁ ପାଠକମାନେ ଏହା ଅଗଣୀମା ମୁହଁରୁ ଶୁଣିଅଛନ୍ତି । ଗୋଟିଏ ମାତ୍ର ଭାଇ ଅଛି—ନାମ ରଘୁ ମିଶ୍ର । ରଘୁ ସ୍ତ୍ରୀସେବା କରନ୍ତି ବୋଲି ସମସ୍ତେ ତାଙ୍କୁ ରଘୁ ସ୍ତ୍ରୀସେବିତ କହନ୍ତି । ସେ ସାରିଆର ଜ୍ୟେଷ୍ଠ ସହୋଦର । ଖୁବ୍ ଶାନ୍ତ ନମ୍ର; କିନ୍ତୁ ସ୍ୱଭାବ ସ୍ତ୍ରୈଣତ୍ୱରେ ଗଢ଼ା । ଚଣ୍ଡିକା ତାଙ୍କର ଦ୍ୱିତୀୟ ପକ୍ଷ ଗୃହିଣୀ । ଚଣ୍ଡିକାର ନାମ ସଙ୍ଗେ ସ୍ୱଭାବର ସୁନ୍ଦର ସାମଞ୍ଜସ୍ୟ ଅଛି । ଯେ ନାମକରଣ କରିଥିଲା, ମାନବ ସ୍ୱଭାବ ଚିହ୍ନିବାର ଶକ୍ତି ତାହାର ଅସାଧାରଣ । ଚଣ୍ଡିକାର ଦୁର୍ବାର ଲାଲସା ବଙ୍ଗୋପସାଗର ଗ୍ରାସ କଲେ ସୁଦ୍ଧା ମେଣ୍ଟିବାର ନୁହେଁ । ଆଜି ଏହା ଲୋଡ଼ା, କାଲି ତାହା ଲୋଡ଼ା, ଏହି ପରମାସ ତାହାର ଲାଗିଥାଏ । ଆଜି ଗୋଟାଏ ଅଳଙ୍କାର ତିଆରି ହୋଇଆସେ, ପସନ୍ଦ ନ ହେଲେ କାଲି ତାହା ଭଙ୍ଗାଯାଇ ଅନ୍ୟ ପ୍ରକାର ଗଢ଼ାହୁଏ । ପ୍ରତିବେଶିନୀର ଖଣ୍ଡେ ନୂଆ ଶାଢ଼ୀ ଦେଖିଲେ, ଚଣ୍ଡିକାର ସେହିପରି ଶାଢ଼ୀ ଖଣ୍ଡେ ସେହିଦିନ ଦରକାର ହୁଏ । ସ୍ୱାମୀ ନିଃସ୍ୱ ବଚସ୍କର ଭୃତ୍ୟ ପରି ଯାହା ପାରେ ଆଣି ଯୋଗାଏ । ଅଧମ ସ୍ଥଳରେ କନ୍ୟା ଲକ୍ଷ୍ମୀଠାରୁ ଯାହା ଲୋକେ ପାଆନ୍ତି, ରଘୁ ତାହାର ସେହି ପ୍ରାପ୍ୟ ଗଣ୍ଡାକୁ

ବଞ୍ଚିତ ହୁଏ ନାହିଁ । ପାନରୁ ଚୂନ ଖସିଲେ ଚଣ୍ଡିକା ନିଜରୂପ ଧରେ । ତାହାର ଫରମାସ ତୁଲାଇବା ଲାଗି ସ୍ୱାମୀ ପକ୍ଷେ ସ୍ୱୈର କରୁ, ସେଥିରେ ତାହାର ଆପତ୍ତି ନାହିଁ । ସେ ଏତିକି ବୁଝେ ଯେ, ତାହାର ମନ ଯୋଗାଇବା ପାଇଁ ସ୍ୱାମୀର ଜନ୍ମ । କୈବର୍ତ୍ତି କୁଳବଧୂ ପରି ସ୍ୱାମୀକୁ ସେ ହୁ ଡାକର, ରେ ସି କରି ଡାକେ । ପ୍ରତିବେଶିନୀମାନେ ସେଥିଲାଗି ତାକୁ ଢେର ଥର ରୋକିଲେଣି; ମାତ୍ର ସେ କାହାରି କଥାରେ କର୍ଣ୍ଣଦାନ କରିବାର ପାତ୍ରୀ ନୁହେ ।

ବାପମା ମଲାଦିନୁ ଭାଇ ଭାଉଜ ସାରିଆକୁ ପଚାରନ୍ତି ନାହିଁ । ରଘୁ କେବେ ସାରିଆ ଘରକୁ ଯାଏ ନାହିଁ । ଗଲେ ତ କିଛି ଦ୍ରବ୍ୟ ସାମଗ୍ରୀ ନେବାକୁ ହେବ, ଖାଲି ହାତରେ ଭଉଣୀ ଘରକୁ ଗଲେ ଲୋକେ କଅଣ କହିବେ; ସୁତରାଂ ନ ଯିବାହିଁ ଭଲ । ରଘୁର ଏହିପରି ଭାବ ଥିଲା କି ନାହିଁ ତାହା ଅନ୍ତର୍ଯାମୀଙ୍କୁ ଗୋଚର; ମାତ୍ର ଆମ୍ଭେମାନେ ଜଣକୁ ଦୁର୍ନାମ ଦେଇ ସେପରି କହିପାରିବୁ ନାହିଁ । ସାରିଆର କପାଳ ଫାଟିଲା ପରେ ରଘୁ ଏଣିକି ଘନ ଘନ ଭଉଣୀ ଘରକୁ ଯିବା ଆସିବା କରେ । ବିପଦବେଳେ ଭାଇ ବନ୍ଧୁ ଚିହ୍ନାଯାଆନ୍ତି, ଏ ଉକ୍ତିର ପ୍ରମାଣ ଦେଖାଇବା ଲାଗି ଯାଏ ନାହିଁ, ଚଣ୍ଡିକାର ଆଦେଶରେ ଯାଏ । ଚଣ୍ଡିକା ତାକୁ ଏହିପରି ଶିଖାଇ ପଢ଼ାଇ ପଠାଏ, "ଭଉଣୀ ଘରକୁ ଯାଇ ଖାଲି ଗପ ମାରି ଫେରିଆସିବୁ ନାହିଁ । ସାରିଆକୁ ବୁଝାଇ ଶୁଝାଇ ଆମ ଘରକୁ ଘେନି-ଆସିବୁ । ସେଠି ତାର କିଏ ଅଛି ଯେ, କାହା କଥାରେ ରହିବ ? ଜମି ଖଣ୍ଡମାଣ ଅଛି, ବିକିଲେ ଛଅଶ ଟଙ୍କା ହେବ, ଆଉ ଗାଈ ଗୋରୁ, ଗହଣାପତ୍ର, ଘରକରଣା ଜିନିଷ ବି ଢେର ଅଛି । ତାକୁ ସବୁ ପରଖାଇବ କିଏ କି ? ସେ ଘରର ଝିଅ, ଘରେ ଆସି ରହୁ ।" ରଘୁ ଏ ପାଠ ଘୋଷି ଅଭ୍ୟାସ କରି ସାରିଆ କାନରେ ଢାଳେ । ସାରିଆ ସବୁ ଶୁଣେ; ମାତ୍ର କିଛି କହେ ନାହିଁ—ଖାଲି ଟିକିଏ ହସିଦିଏ । କେବେ ବା ଶୁଣିସାରି ଉଦାସ ଦୃଷ୍ଟିରେ ଭାଇ ମୁହଁକୁ ଚାହିଁଦେଇ ଗୋଟାଏ ଦୀର୍ଘନିଃଶ୍ୱାସ ପକାଏ ଏବଂ ଅନ୍ୟ ଆଡ଼କୁ ମୁହଁ ଫେରାଇନିଏ । ରଘୁ ବିଫଳପ୍ରଯତ୍ନ ହୋଇ ଫେରିଆସି ଚଣ୍ଡିକାକୁ ଜଣାଏ ଏବଂ ତାହାଠାରୁ ଯେଉଁ ଅମୂଲ୍ୟ ପୁରସ୍କାର ପାଏ, ତାହା ପାଠକେ ଅନୁମାନ କରନ୍ତୁ । ସବୁ କଥା ଆମ୍ଭମାନଙ୍କ ମୁହଁରୁ ଶୁଣିବା ଲାଗି ବସିରହିଲେ ଚଳିବ ନାହିଁ । ଅନୁମାନଦ୍ୱାରା ବି କେତେ କଥା ବୁଝିନେବାକୁ ହେବ ।

ଥରେ ସାରିଆକୁ ବିଷମ ଜ୍ୱର ହେଲା । ଏପରି କି ବଞ୍ଚିବା ଅଠୋର । ରଘୁ ଆସି ଅଠଦିନ ଯାଏ ଜଗି ରହିଲା । ଧାଁ ଦଉଡ଼ କରି ଔଷଧପତ୍ର ଆଣି ଦେଲା । ନିଜ ହାତରେ ରୋଗୀକୁ ପଥ୍ୟ ଖୁଆଇଲା, ପ୍ରାଣପଣରେ ସେବା ଶୁଶ୍ରୂଷା କଲା । ସାରିଆ କ୍ରମେ କ୍ରମେ ଆରୋଗ୍ୟ ଲାଭ କଲା । ଦିନେ ରଘୁ କହିଲା, 'ସାରିଆ, ଏବେ ମୋ କଥା ମାନ୍, ଆମ ଘରକୁ ଚାଲ୍ । ଆଚ୍ଛା ଭଲା କହିଲୁ, ଏଥର ଯେ ତୁ ବେମାର ପଡ଼ିଲୁ, ମୁଁ ଆସି ଚିକିତ୍ସା କରି ନ ଥିଲେ କି ତୁ ବଞ୍ଚିଥାଆନ୍ତୁ ? ଏଠି କାହାରି କି ନିଗାଖା ହୋଇ ପଡ଼ି ରହିବୁ ଭଉଣି, ଦେହପା ତ ଅଛି, ପୁଣି ଯେବେ ଭଲ ମନ୍ଦ ହୁଏ, ତେବେ ତୋ ମୁହଁରେ ପାଣି ଦେବାକୁ କିଏ ଅଛି ? ଜମିବାଡ଼ି ବିକି ଦେଇ ମୋ ସଙ୍ଗରେ ଚାଲ, ତୁ ମୋ ମା ପେଟର ଭଉଣୀ, ତୋତେ କଅଣ ମୁଁ ଅଯତ୍ନ କରିବି ? ମୁଁ ଥାଉଁ ଥାଉଁ ତୁ ଏଠି ପଡ଼ି କଷ୍ଟ ପାଇବୁ, ଏହା ମୁଁ ସହିପାରିବି ନାହିଁ ସାରିଆ !" ରଘୁ ଏହିପରି ଅଦ୍ଭୁତ ଅନେକ ଆତ୍ମୀୟତା ପ୍ରକାଶ କରି କାନ୍ଦିପକାଇଲା । ଭାଇ ଚକ୍ଷୁରେ ଲୋତକ ଦେଖି ସରଳା ସାରିଆ ଆଉ ଆତ୍ମରକ୍ଷା କରିପାରିଲା ନାହିଁ । ମାୟାବୀର ଅଭେଦ୍ୟ ମାୟାରେ ଭୁଲିଗଲା । ସେ ମନେ ମନେ ଭାଇର କଥା ଆଲୋଚନା କଲା । ସେ କଥାଗୁଡ଼ାକୁ ସବୁଣ୍ଟ ସତ୍ୟ ମଣିଲା । ସ୍ୱାର୍ଥ କଥାରେ ସମସ୍ତେ ଭୁଲିଯାଏ । ସାରିଆ ତ ସଂସାରଜ୍ଞାନ ଅନଭିଜ୍ଞା ବାଳିକା ମାତ୍ର । ସେ ମନେ ମନେ କହିଲା, "ସତ କଥା ତ, ଏଠି ଜରନ୍ତୁଆରରେ ପଡ଼ିଲେ ମୁହଁରେ ପାଣି ଦେବ କିଏ ? ଆଉ ମଲେ ଉଠାଇବ ବା କିଏ ? ସାରିଆ ଯିବାକୁ ସମ୍ମତ ହେଲା । ସେ କହିଲା, "ନନା, ହଁ, ମୁଁ ତମ ସାଙ୍ଗରେ ଯିବି; ମାତ୍ର ଘର କି ବିଷ

ଜମି ଭିଟା ବିକିବା ନାହିଁ । ବର୍ଷକୁ ଧାନ ମିଳିବ, ଘରୁ ଭଡ଼ା ମିଳିବ, ସେ ଥାଉ । ଆଉ ଗୋରୁ ଗାଈ, ବେଲ ବାସନ ଯାହା ଅଛି ସବୁ ନେଇଯିବା ।" ରଘୁ ଭାବିଲା, ଯଥା ଲାଭ—ଚଳନ୍ତି ଯାଉ ପାଖେଇ ପାଖେଇ ଖାଇବା ଉଚିତ । ଜମିବାଡ଼ି ବିକା ହୋଇଥିଲେ ଚନ୍ଦ୍ରଚୂଡ଼ାଙ୍କ ନଗଦ ହସ୍ତଗତ ହୋଇଥାଆନ୍ତା । ତାହା ପଛେ ନ ହେଲା ନାହିଁ । କେହି ତ ଘେନି ପଳାଇବ ନାହିଁ ! ବର୍ଷକୁ ବର୍ଷ ଧାନ ମିଳିବ, ଘର ଭଡ଼ା ଟଙ୍କା ବି ମିଳିବ, ତେବେ କ୍ଷତି କଅଣ ? ସାବିଆ ଆଗେ ଯାଇ ଘରେ ରହୁ, ଜମିବାଡ଼ି ବିକିବା କଥା ପରେ ବୁଝାଯିବ । ସେ ଫିକର ଚନ୍ଦ୍ରିକା ଭଲ ଜାଣେ; ସେ ଅବଶ୍ୟ ତାହାର କାର୍ଯ୍ୟ କରିବ । ରଘୁ ସାବିଆର କଥା ଶୁଣି ଖୁବ୍ ଆନନ୍ଦ ପ୍ରକାଶ କଲା ଏବଂ ଭଉଣୀକୁ ଯଥେଷ୍ଟ ପ୍ରଶଂସା ମଧ୍ୟ କଲା । ସେହିଦିନଠାରୁ ସବୁ ସାମଗ୍ରୀ ବୋହିବାକୁ ଲାଗିଲେ । ସାବିଆ ନିଜର ଘରଟି ଭଡ଼ା ଲଗାଇଦେଇ ଭାଇ ସଙ୍ଗରେ ବାପଘରକୁ ଚାଲିଗଲା ।

ଭାଇ ଭଉଣୀ ଯାଇ ଦାଣ୍ଡଦ୍ୱାରରେ ପହଞ୍ଚିଲା କ୍ଷଣି ଚନ୍ଦ୍ରିକା ନଣନ୍ଦକୁ ଫୁଲଟି ପରି ଟେକିନେଇ ଘରଭିତରକୁ ଛୁଟି ଚାଲିଗଲା । ପୂର୍ବରୁ ସେ ଅପେକ୍ଷା କରି ବସିଥିଲା—ମନେ ମନେ ନାନା ଆଶଙ୍କା କରୁଥିଲା, କାଳେ କାହାର ଶିଖାଣରେ ପଡ଼ି ସାବିଆ ନ ଆସେ, କାଳେ ଗହଣା-ଗଣ୍ଠାକ କାହାକୁ ଦେଇଆସେ, ଏହି ଚିନ୍ତାରେ ସେ ବିବ୍ରତ ଥିଲା; ମାତ୍ର ସେ ଆଶଙ୍କାରୁ ବିଧାତା ତାକୁ ବଞ୍ଚାଇ ରଖିଲା । ନଣନ୍ଦକୁ ସେ ଘରକୁ ନେଇ ବସାଇଲା; ଅନନ୍ତର ନାନା ଭଙ୍ଗୀରେ ରାଗିଣୀ ଚଢ଼ାଇ ବାହୁନି ବସିଲା । ସାଙ୍ଗେ ସାଙ୍ଗେ ଭୁରି ଭୁରି ପଦାବଳୀ ଯୋଡ଼ିଦେଇ-ଗଲା । ନମୁନା ଯଥା—"ମୋ ସାର ସୁନ୍ଦର ଲୋ । ତତେ ବିଧାତା ଏ ଦଣ୍ଡ ଦେଲା—ମୋ ସାର ସୁନ୍ଦର ଲୋ ! ମୋ ସୁନା କଣ୍ଢେଇ କଳା ପଡ଼ିଗଲା, ହାୟ ଖଳ ବିଧାତା ରେ ! ତୋ ହାତ ଲଙ୍ଗଳା ଦେଖି ମୋ ଛାତି ଚଣ୍ଡ ଚଣ୍ଡ ହୋଇ ଫାଟିଯାଉଛି—ମୋ ସାର ସୁନ୍ଦର ଲୋ ! ମୋ ପୋଡ଼ା କପାଳରେ ତୋର ନିଲକ୍ଷଣୀ ବେଶ ଦେଖିବାକୁ ଥିଲା—ମୋ ସାର ସୁନ୍ଦର ଚନ୍ଦ୍ରବଦନା ଲୋ !" ତାହାର କାନ୍ଦଣା ଶୁଣି ସାହି ପଡ଼ିଶାଣୀ ଧାଇଁ ଆସିଲେ । ସାବିଆକୁ ଦେଖି ସମସ୍ତେ ଦୁଃଖିତ ହୋଇ ତାକୁ ବିବିଧ ସାନ୍ତ୍ୱନା ପ୍ରଦାନ କଲେ । କେହି କେହି ଦୂରଦର୍ଶୀ ତାହାର ଭବିଷ୍ୟତ ଅଦୃଷ୍ଟରେ କଅଣ ଦେଖି କେଜାଣି ଫୁସୁର ଫାସର ହେଲେ—ହାୟ ହାୟ, ଭଙ୍ଗାକପାଳୀ ପଲମରୁ ଛିଟିକି ଚୁଲିରେ ପଡ଼ିଲା । ଝିଅଟି ଠାକୁରାଣୀଙ୍କ ଖପର ଦାନ୍ତରୁ ଆଗେ ବର୍ତ୍ତୁ । ଫେରିଯିବାବେଳେ କେହି କହିଲା—"ଶୁଣିଲ ନା ଠାକୁରାଣୀଙ୍କର ବାହୁନା ଖୁଲ୍-ନେଇବା ? କେତେ ଛଇଳ ଜାଣେ ଛଟକୀ । ଭେଟିଲରେ ତାକୁ କିଏ ସନ୍ଦେହିବ ଲୋ ମା ରାଣି !" ସୁଲ ଅପା ପାଟିରେ ବଣ୍ଡାଏ ଲୁଗା ଗୁଞ୍ଜି କଷ୍ଟରେ ହାସ୍ୟ ସମ୍ଭାଳି କହିଲା, "କାନ୍ଦିବା ତ ଶୁଣିଲ, ଆଖିରୁ ଲୁହ ବହୁଥିଲା ନା ?" ଟେମୀ ଆଈମା ଟିକିଏ ଶାସନ ଭଙ୍ଗୀରେ କହିଲା, "କଅଣ ଲୁହ ବହୁଥିଲା ନା ? ଲୁହ ବହୁ ନ ଥିଲା, ଏକଥା ତାହାର ଶତ୍ରୁ ବି କହିବ ନାହିଁ । କହିଲେ ତୁ ପରତେ କରିବୁ ନାହିଁ—ସୁଲ ଅପା, ତତେ ସତ, ମତେ ମିଛ, ମୁଁ ଦି ଆଖିରେ ଦେଖିଛି ପରା—ତା ଗୋଡ଼ ତଳେ ଲୁହଗୁଡ଼ାକ ଅଣ୍ଟାଏ ଉଞ୍ଚରେ ଗଦା ହୋଇଥିଲା । ତୁ ଯେବେ ମୋ କଥା ମିଛ ମଣୁଛୁ, ତେବେ ଆ ମୋ ଚଉକି, ତୋ ଆଖି ଛୁଇଁ ନିୟମ କରିବ ।" ଟେମୀ ଆଈମାର ଏ ଉପାଖ୍ୟାନଟିରେ (ଫାର୍ସ) ସମସ୍ତେ ହସି ହସି ଗଡ଼ିଗଲେ । ସେମାନେ ଯାହା ଦେଖିଗଲେ, ତାହା ଶତଗୁଣ କରି ଗ୍ରାମରେ ପ୍ରଚାର କଲେ । ତହୁଁ ଗ୍ରାମସାରା ଆଲୋଚନା ଲାଗିଗଲା । କଥା ତ ସଂକ୍ରାମକ ରୋଗ, ତାହାର ବ୍ୟାପ୍ତି ଅଛି, କ୍ଷାନ୍ତି ନାହିଁ । କେହି କହିଲା—"ସାବିଆ ଖଟଚୁହା ଅଖାରେ ଅଖାଏ ଟଙ୍କା ଆଣିଛି, ରଘୁ ପୁରୋହିତ ଏଥର ଯଶ ପାଲଟିଯିବ ।" କେହି କହିଲା—"ଖାଲି ଚନ୍ଦ୍ରାହାରା ପୁଞ୍ଜାଏ ଆଣିଛି । ପୁରୋହିତ ଘର ପରା, ପୁଣି ଆଜିକାଲିର ନୁହେଁ—କେଉଁ କାଳର ପୁରୁଣା ଘର । ଲୋକେ ତିଳ ସ୍ୱର୍ଣ୍ଣ ଦାନ କରନ୍ତି, ସେହି ସୁନା ଏତେ ଜମି ଥିଲା ।" ଜଣେ ଅଧେ ନୁହେଁ—ଏହିପରି ଆଲୋଚନା ଗ୍ରାମରେ ମାସେ ଯାଏ ଲାଗିଥିଲା ।

—୩—

ବଣର କୁକୁରକୁ ପୋଷ ମନାଇବାକୁ ହେଲେ ପ୍ରଥମେ ପ୍ରଥମେ ତାହାର ସେବା ଯତ୍ନ ଅତିରିକ୍ତ ପରିମାଣରେ କରିବାକୁ ହୁଏ, ଏ ସୂକ୍ଷ୍ମ ଚନ୍ଦ୍ରିକା ଜାଣେ। ପୋଷ ମାନିଗଲେ ତେଣିକି ମାରିପିଟି ଘଉଡ଼ି ଦେଲେ ବି ସେ ଘରକୁ ଫେରିଆସି ରହିବ। ଚନ୍ଦ୍ରିକା ନଣନ୍ଦକୁ କୋଳେଇ ସାଉଁଳେଇ କହେ—"ସାବିଆ, ତୁ କଅଣ ମୋର ପର କି ତୋତେ ଫିମାଡ଼ି ଦେବି? ମୋର ଯେଉଁ ପେଜପାଣି, ତୋର ବି ସେହି ପେଜପାଣି। ବୁଝିବାକୁ ଗଲେ ଏ ତ ତୋହରି ଘର। ମୁଁ ସିନା ବାହାରୁ ଗୋଟାଏ ଆସି ତମ ସାଙ୍ଗରେ ମିଶିଛି। ତାହା ତ ବିଧାତାର ଘଟସୂତ୍ର ଲୋ ଭଉଣି, କିଏ ଆନ କରିବ? ଦୁଇଟି ଭଉଣୀ ପରି ରହିବା, ସୁଖ ଦୁଃଖର ସାଥି ହେବା। ସଂସାରରୁ ଆଉ କିଏ କଣ ବାନ୍ଧି ନେଇ ଯିବ। ତୋ ନନା କଥା ତ ଜାଣୁ, ସେ ବାଇଗଣ ପରିବା—ଯେଉଁ ତୁଣରେ ପକାଇଲେ ମିଶି ମିଳେଇ ଯିବ। ମୋ କଥା ଆଉ କଅଣ କହିବି, ନଅ ଜାଣେ ନାହିଁ କି ଛଅ ଜାଣେ ନାହିଁ। ତୋହରି ହାତରେ କୁଞ୍ଚିକାଠି ଦେଉଛି, ତୁ ନେଇ ତୋର ବାପ ଘର ଚଳା। ଆମ ଦି ପ୍ରାଣୀଙ୍କି ମୁଠେ ମୁଠେ ଖାଇବାକୁ ଦେ, ସେହି ଆମର ତେର। ଯେଉଁ ଦିନ ଶୁଣିଲି, ତୋ କପାଳ ଫାଟିଲା, ସେହି ଦିନୁ ସାତ ଦିନ ସାତ ରାତି ଯାଏ ମୁଁ କାନ୍ଦିଛି। ତୋ ନନା ଯେତେ ବୁଝାବୁଝି କଲେ ବି ଖିଆପିଆ କିଛି କଲି ନାହିଁ। ପେଟ ଭିତରେ ଗୋଟାଏ ମଶାଲ ଜଳି ଉଠିଲା ପରି ଲାଗେ, ମୁଁ ସମ୍ଭାଳି ନ ପାରି ଖୋ କରି କାନ୍ଦି ପକାଏ। ଯେତେ କାନ୍ଦିଛି, ସେ ଲୁହ ଧରି ରଖିଥିଲେ ଗୋଟାଏ ପୋଖରୀ ପୂରିଯାଇ ଥାଆନ୍ତା। ତୁ ଆଉ ମନରେ ଦୁଃଖ କର ନା ସାବିଆ, ଖେଳି ଖେଳି ବୁଲି ଖୁସି ହୋଇ ରହ। ଘରଜ୍ୱାଇଁ ଗୁଣ୍ଡେ ଏ ଗାଁରେ ଢେର ଅଛନ୍ତି, ତୋତେ ଆସି ଶିକ୍ଷା ବୁଝା କରିବେ; ଏଣୁ ତେଣୁ ଲଗାଇ ଯୋଡ଼ାଇ ନାନା କଥା କହିବେ। ସେସବୁ ତାଙ୍କ ଲୋକଙ୍କୁ ଖାସି ବୁଦ୍ଧି ଦିଅନ୍ତି। ତୁ କାହାରି ମେଳକୁ ଯିବୁ ନାହିଁ କି କାହାରି କଥା ଶୁଣିବୁ ନାହିଁ।" ଚନ୍ଦ୍ରିକା ନଣନ୍ଦକୁ ଏହିପରି ସ୍ତୋକବାକ୍ୟରେ ଆଦର ସୁଆଗ ଦେଖାଏ, କେତେବେଳେ ବା ସାଧୁ ଉପଦେଶାବଳୀ ପ୍ରଦାନ କରେ। ସେ ସାବିଆକୁ କିଛି କରିବାକୁ ଦିଏ ନାହିଁ। କହେ, "ତୁ ପିଲାଟା କି ପାଇଟି କରିବୁ? ଉଚ୍ଛୁଣିକା ତୋର ପାଇଟି କରିବା ସମୟ ନୁହେଁ—ଖେଳି ବୁଲି ଖୁସି ଖୁସି ହେବାର ସମୟ।" ଚନ୍ଦ୍ରିକା ସାବିଆକୁ ସଙ୍ଗରେ ଖୁଆଏ, ପାଖରେ ଶୁଆଏ, ଲୋକ ନ ଥିଲେ ବି କିଛି କରି ଗଲାଏ। ସାବିଆକୁ ସେ ମଳିଆ ଲୁଗା ପିନ୍ଧାଇଦିଏ ନାହିଁ। ବ୍ୟବହାରରେ ଏ ରୂପ ଭାବ ଦେଖାଏ ଯେ, ସତେ ଯେପରି ନଣନ୍ଦ ଦେହରେ ଧୂଳି ଲାଗିଲେ ସେ ଜିଭରେ ଚାଟି ପରିଷ୍କାର କରିଦେବ। ଭାଉଜର ଯତ୍ନ, ସ୍ନେହ ଏବଂ ଆଦର ପାଇ ସାବିଆ ମନେ ମନେ ଦଶହାତ ବଢ଼ିଗଲା। ସେହି ଆନନ୍ଦରେ ସେ ଭବିଷ୍ୟତ ଭୁଲିଯାଇ ଗହଣା ପେଡ଼ିଟି ଭାଉଜ ହାତରେ ଦେଇପକାଇଲା। ସେହି ଅଳଙ୍କାର ପୁଣି ଚନ୍ଦ୍ରିକାର ଅଙ୍ଗସଙ୍ଗର ସୌନ୍ଦର୍ଯ୍ୟ ଲଭିକରି କୃତାର୍ଥ ହୋଇଅଛନ୍ତି।

ଗେଲ୍ହେଇ ସାବିଆର ବାଲ୍ୟ ସଙ୍ଗିନୀ। ପିଲାଦିନେ ଦୁହେଁ ତୁଳସୀପଦରେ ସଙ୍ଗାତ ବସାଇଥିଲେ। ଦୁହିଁଙ୍କର ବୟସ ପ୍ରାୟ ସମାନ। ଗେଲ୍ହେଇର ସ୍ୱାମୀ ନିରୁଦ୍ଦିଷ୍ଟ, ସେ ବାପଘରେ ଥାଏ। ସାବିଆ ଆସିଲା ଦିନୁ ସେ ରଘୁ ପୁରୋହିତ ଘରକୁ ବେଳ ସିବା ଆସିବା କରେ। ସାବିଆ ବାଲ୍ୟସଙ୍ଗିନୀକୁ ପାଇ ବିଶେଷ ପୁଲକିତା, ତାକୁ କଥା କହିବାକୁ ସ୍ଥାନ ମିଳିଲା। ସେ ହୃଦୟ ଖୋଲି ବ୍ୟଥା ଦେଖାଇ ଏଣିକି ବଞ୍ଚିପାରିବ। ଯେଉଁ ବ୍ୟଥା ଦେଖାଇବାକୁ ସ୍ଥାନ ମିଳେ ନାହିଁ, ସେହି ବ୍ୟଥା ବଡ଼ ନିଦାରୁଣ। ସାବିଆ ଭାଇଘରେ ଯେତେ ସୁଖରେ ଥାଉ ପଛେ, ସଂସାରର ଅଗ୍ନି ନିଃଶ୍ୱାସରେ ତାହାର ପ୍ରକୃତ ସୁଖର ଉତ୍ସ ଶୁଖିଯାଇଅଛି। ଗେଲ୍ହେଇର ମଧ୍ୟ ସେହି ଦଶା, ତାହାର ସବୁ ଥାଇ ମଧ୍ୟ କିଛି ନାହିଁ। ତେବେ ପ୍ରଭେଦ ଏତିକି ଯେ, ଗେଲ୍ହେଇ ଆଶା ମୁମୂର୍ଷୁର ପ୍ରାଣ ପରି ମିଞ୍ଜି ମିଞ୍ଜି ହୋଇ ଜଳୁଅଛି; ମାତ୍ର ସାବିଆର ଆଶାଦୀପର ଶଳିତା ସୁଦ୍ଧା ଜଳିଖାକ୍ ହୋଇଯାଇସାରିଲାଣି। ଗେଲ୍ହେଇ ପ୍ରତ୍ୟହ ଖରାବେଳେ ସାବିଆ ପାଖକୁ ଆସେ। ଯେଉଁ ଦିନ ଆସିବା ଡେରି

ହୁଏ, ସେ ଦିନ ସାବିଆ ତାଙ୍କ ଘରକୁ ଯାଇ ତାକୁ ଆଣେ । ଦୁଇ ସଖୀ ବସି ନାନା ପ୍ରକାର ଗଳ୍ପ କରନ୍ତି, ହାସ୍ୟ ପରିହାସ ଲାଗେ, କେବେ କେବେ ବଡ଼ କଷି, ପାନ କଷି ଖେଳନ୍ତି । ଗେଣ୍ଡେଇ ସାମାନ୍ୟ କିଛି ପଢ଼ିଅଛି; ମାତ୍ର ସାବିଆର ବର୍ଣ୍ଣମାଳା ସଙ୍ଗରେ ସଉତୁଣୀ ସମ୍ପର୍କ । ଗେଣ୍ଡେଇ ତୋଇଲି, କପଟପାଶା, ଚୌତିଶା ପ୍ରଭୃତି କ୍ଷୁଦ୍ର କ୍ଷୁଦ୍ର ପୁସ୍ତକ ଆଣି ପଢ଼େ; ସାବିଆ ଗାଲରେ ହାତ ଦେଇ ବସି ଶୁଣେ । ବୁଝି ନ ପାରିଲେ ଗେଣ୍ଡେଇ ତାକୁ ବୁଝାଇଦିଏ । ଦିନେ କପଟପାଶା ପଢ଼ୁଁ ପଢ଼ୁଁ ସାବିଆ ପଚାରିଲା—"ସଙ୍ଗାତ, ଦୁର୍ଯ୍ୟୋଧନ ରଜାର ବାପ କୁରୁ ପାଣ୍ଡବ ନା ?" ଗେଣ୍ଡେଇ ହସି ହସି କହିଲା—"ଦୂର ବୁଢ଼ୀ, ଆଉ ନାଆଁ ଠା ବୁଝୁଛୁ ! ଦୁର୍ଯ୍ୟୋଧନ ରଜାର ବାପ ନାଁ ଧୃତରାଷ୍ଟ୍ର ।" ସାବିଆ କହିଲା, "ହଁ ହଁ, ଧୂତରାଷ୍ଟ୍ର, ଧୃତରାଷ୍ଟ୍ର, ଠିକ—ଠିକ୍ ମୁଁ ଭୁଲିଯାଇଥିଲି ।" ଗେଣ୍ଡେଇ କହିଲା, "ଧୁତ ତୁମ୍ଭେ ଲୋ, ସୁନ୍ଦର, ଧୃତରାଷ୍ଟ୍ର ନା ଧୂତରାଷ୍ଟ୍ର ।" ସାବିଆ କହିଲା—"ହଁ ଲୋ ପଣ୍ଡିତ, କେତେ କହୁଛୁ, ମୋର ନ ହେଲା ତ ନାହିଁ, ମୋ ତୁଣ୍ଡରେ ଯାହା ଆସିଲା,ମୁଁ ତାହା କହିଲି ।" ଆଉ ଦିନେ ପଚାରିଲା—"ଦ୍ରୁପଦୀଙ୍କର ପରା ପାଞ୍ଚ ଗେରସ୍ତ ? ସେ କାଳରେ ସିନା ସିମିତି ହେଉଥିଲା, ଆଉ ଏକାଳରେ କଅଣ ହେବ ନା !" ଗେଣ୍ଡେଇ କହିଲା—"କି ଲୋ, ତୁ 'ଦ୍ରୁପଦୀ' ହୁଅନ୍ତୁ କି ?" ସାବିଆ କହିଲା—"ନା ଲୋ ସଙ୍ଗାତ,ତୋହର ଲାଗି ପଚାରୁଥିଲି ।" ଗେଣ୍ଡେଇ କହିଲା, "ମୋର ତ ଭଙ୍ଗା ଦଦରା ଯାହାହେଉ ଖଣ୍ଡେ ଅଛି ।" ସାବିଆ କହିଲା, "ମୋର କଅଣ ନାହିଁ ?" ଊର୍ଦ୍ଧ୍ୱକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲା—"ମୋ ସ୍ୱାମୀ ସେଇଠି ଅଛି ।" ଗେଣ୍ଡେଇ ପଚାରିଲା—"ସେଇଠି ଅଛି କିଏ ଲୋ ?" ସାବିଆ କହିଲା—"ଯମ, ସେ ମୋତେ ଦ୍ୱିଷ୍ଟା କରିଛି ପରା !" ଗେଣ୍ଡେଇ ହସି ହସି କହିଲା—"ମରଣ ନାହିଁ ଚଣ୍ଡାଳପଣୀ !" ଦୁଇ ସଖୀ ମଧ୍ୟରେ ଅନେକ ସମୟରେ ଏହିପରି କଥାବାର୍ତ୍ତା ହୁଏ ।

—୪—

ଦୁଇ ସଖୀଙ୍କର ସୌହାର୍ଦ୍ଦ୍ୟ ଚନ୍ଦ୍ରିକାର ଚକ୍ଷୁଶୂଳ ହେଲା; ମାତ୍ର ମୁହଁ ଫିଟାଇ କହିବାକୁ ତାହାର ସାହସ କୁଳାଇଲା ନାହିଁ । ସେ ରକ୍ତ ସ୍ତଉଳ ଝୁରାଇହୋଇ ରହିଲା । କିଛିଦିନ ଏହିପରି କଟିଗଲା, ଏଣିକି ଆଉ ନୀରବ ରହିପାରିଲା ନାହିଁ । ସବୁବେଳେ ଗରଗର ସରସର ହେଲା, ରନ୍ଧାଇ ଖିଆଇ ହେଲା, ଗେଣ୍ଡେଇକୁ ଲକ୍ଷ୍ୟ କରି ଛଟାଚୁଡ଼ା ମେଲିଲା । ସବୁ ରାଗ ତାର ଗେଣ୍ଡେଇ ଉପରେ, ସେ ଉପସର୍ଗ କାହିଁକି ଆସେ ? କେତେ ଦିନରେ ସେ ପୋଷ ମନାଇଛି, ଗେଣ୍ଡେଇ ଯଦି ଟେହ ପୋଷା ଚନ୍ଦୁଟିକୁ କୁଗଣ୍ଠା ଦେଇ ପୋଷ ଛଡ଼ାଇଦିଏ, ତେବେ ତ ସର୍ବନାଶ । ଜମିବାଡ଼ି ହସ୍ତଗତ ହୋଇ ନାହିଁ, ଏ ସମୟରେ ଶିକାର ହାତରୁ ଖସିଗଲେ ଚଣ୍ଡିକାର ଅପୂର୍ଣ୍ଣ ଉଦ୍ଦାମ ଆଶା ପୂର୍ଣ୍ଣ ହେବ କିପରି ? ତାହାର ଇଚ୍ଛା, ସେ ଗେଣ୍ଡେଇକୁ ଖୁବ୍ ଦୁଇପଦ ଶୁଣାଇଦେବ; କିନ୍ତୁ ସେଥିରେ ତାଲେ ସାବିଆ ମନରେ ଆଘାତ ଲାଗିବ, ଏହି ଆଶଙ୍କାରେ ସେ ଇଚ୍ଛା କାର୍ଯ୍ୟରେ ପରିଣତ ହୁଏ ନାହିଁ । ଏଣେ କଥାଗୁଡ଼ାକ ପେଟ ଭିତରେ ରହିବାକୁ ନାରାଜ । ଘାଣ୍ଟି ଚକଟି ହୋଇ ଦିନେ ସେଗୁଡ଼ାକ ବାହାରିପଡ଼ିଲା । ଚନ୍ଦ୍ରିକା ଗେଣ୍ଡେଇକୁ କହିଲା—"ଅଲୋ ଗେଣ୍ଡେଇ, ତମ ଘରେ ସିନା ଛଟା, ନଟା ଅଚାନ୍ତି, ପାଇଟି ଚଳିଯାଉଛି, ଆମର ତ ରାବିତ ଘର, ଆପେ ନ କଲେ ନ ହେବ । ତୁ ସବୁବେଳେ କାହିଁକି ଆସି ସାବିଆକୁ ଓଗାଳି ବସୁଛୁ ? ସେ ସିନା ମୁହଁଲାଜରେ କିଛି କହିପାରୁ ନାହିଁ, ଆଉ ତୁ କଅଣ ଏତିକି ବୁଝିପାରୁ ନାହୁଁ ! ମାଇକିନିଆ ଝିଅ ହୋଇ ଟୀକା ପଢ଼ିବା, ହାଡ଼ ଗଡ଼ାଇବା—କାଉଁଶ ଗୁଡ଼ାକ ହାଡ଼,ନା ଆଉ କଅଣ ? ପୁଣି ଚିରି ବାସୁଲୀ ପରି ଦାଣ୍ଡ ଘାଟରେ ବୁଲିବା କଅଣ ଭଲ କଥା ? ସେଥିରେ ଲକ୍ଷ୍ମୀ ଛାଡ଼ିଯାଏ ।" ଗେଣ୍ଡେଇ ଏ କଥା ଶୁଣି କିଛି କହିଲା ନାହିଁ, ଶୁଷ୍କ ମୁଖରେ ସଖୀ ମୁଖକୁ ଥରେ ଚାହିଁ ଦେଇ ଉଠି ଚାଲିଗଲା । ସେହିଦିନଠାରୁ ସେ ଆଉ ରଘୁ ପୁରୋହିତ ଘରକୁ ଆସେ ନାହିଁ, ସାବିଆ ତାଙ୍କ ଘରକୁ ଯାଏ ।

ଚନ୍ଦ୍ରିକା ସବୁବେଳେ ସାବିଆକୁ ସାଲୁଲି ସାଲୁଲି କହି କହେ—"ମଣିଷ ଜୀବନ ଅଳ୍ପ ଅଛି, କାଲି ନାହିଁ ଭଉଣି, ତୋ ଜମିବାଡ଼ି ସବୁ ତୋ ଭାଇ ନାଁରେ

ଲେଖିବେ, ନ ହେଲେ ଶିଖିବେ । ତାହା ନ କଲେ ପଛକୁ ଖଣ୍ଡ ଖାଇବେ ସିନା ! ମୋ ସୁନା ଭଉଣୀଟା, ମୋ କଥା ମାନ୍ ତୋ ଗୋଡରେ କଣ୍ଟା ଭୁଷିଲେ ମୁଁ ଦାନ୍ତ ଲଗାଇ କାଢିବି । ମୁଁ ତୋହର ଭଲ ପାଇଁ କହୁଛି, ଖାଇକି ଦେଲେ ତୋତେ ଲୋକେ କେତେ ପ୍ରଶଂସା କରିବେ । ପଞ୍ଚମୁଖେ ହରି, ପାଞ୍ଚ ଜଣ ଭଲ ବୋଲି କହିଲେ ତୁ ତରିଯିବୁ ସାରିଆ ! ନ ହେଲେ କହିବେ ପେଟକୁ ଖାଇଲା ନାହିଁ, କି ମାପେଟ ଖାଇକି ବି ଦେଲା ନାହିଁ, ମରିଗଲା—ସମସ୍ତଙ୍କ ପାଣ ହାଣ୍ଡି ଖାଇଲେ । ଏ ଅପବାଦରେ ତୋର ନରକରେ ବି ଠାବ ହେବ ନାହିଁ ।" ସାରିଆ ଖୁଡିକର କଥା ଶୁଣି ହସେ ଏବଂ ହଁ ହେବ ବୋଲି କହି ଟାଳଟୁଳ କରେ । ଚଣ୍ଡିକା ଅତି ଜଗର କରିବାରୁ ଦିନେ କହିଲା—"ଖୋଡ଼ୀ, ଡରଡର ହେଉଛ କାହିଁକି ? ମୁଁ ମଲେ ତ ସବୁ ତୁମର । ଜମିରୁ ତ ଧାନ ଆସୁଛି, ତାକୁ ବିକିବ କାହିଁକି ? ମୁଁ ଖାଇ ଥାଉଁ ଥାଉଁ ଜମି କେବେ ବିକିବ ନାହିଁ ।" ଏ କଥା ଶୁଣି ଚଣ୍ଡିକା ହତାଶ ହେଲା ନାହିଁ—ସେ ଅନ୍ୟ ପନ୍ଥା ଧରିଲା । ସାରିଆର ଯେଉଁ ଗହଣାଗୁଡିକ ସେ ପିନ୍ଧିଥିଲା, କ୍ରମେ କ୍ରମେ ସେଥିରୁ ଖଣ୍ଡିଏ ଖଣ୍ଡିଏ ବାହାର କରି ଗୋପନ କରିବାକୁ ଲାଗିଲା । ସବୁ ନିଃଶେଷ ହେଲା ପରେ ଦିନେ କହିଲା,"ସାରିଆ, ତୋ ହାର ଗହଣାଗୁଡାକ ବନ୍ଧା ପକାଇ ଏତେ ଦିନ ଚଳିଲା, ଏଣିକି କଅଣ ହେବ ? ପୁରୋହିତଆ ଅର୍ଜନ ପର୍ବତଶିଖରରେ ପୁଷ୍ପ ପଡ଼ୁ । ବର୍ଷା ହେଲେ ତ ହେଲା,ନ ହେଲେ ମଲା । ବର୍ଷା,ବ୍ରତ ହେଲେ ନ ହେଲେ ଯମକୁଟୁଷ ଯୋଗ ଘଟିଲେ ସିନା ପୁରୋହିତ ଦୁଇ ପଇସା ଅର୍ଜନ କରିବ ? ଦୁଇବର୍ଷ ହେଲା ତ ବର୍ଷା, ବ୍ରତ ଭଙ୍ଗ, ପୁଣି ଯମକୁଟୁଷ ଯୋଗ ଜମାରୁ ନାହିଁ । ଯଜମାନ ଘରୁ ପୋଷେ ଚାଉଳ କି ଖଣ୍ଡେ ପାଞ୍ଚ ନ ହେଲେ ଉଣା ଗୋଟାଏ ଅଧଲା ବି ମିଳିଲା ନାହିଁ, ଖାଇବାକୁ କୁଆଡୁ ଆସିବ ? ଅର୍ଜନ ସିନା ନାହିଁ, ଆଉ ଖର୍ଚ୍ଚ ତ ବନ୍ଦ ନାହିଁ । ଭଲା ତୋହର କଥା କହୁନି,ତୋ ପିଛେ କଅଣ ଅଳ୍ପ ଖର୍ଚ୍ଚ ହେଉଛି ? ଗୋଟାଏ ପେଟ ହେଲେ କଅଣ ହେଲା, ବର୍ଷକୁ କେତେ ହେଲାଣି ଲେଖାକର । ସେଥିଲାଗି କହୁଛି— ଜମି ଖଣ୍ଡମାଣ ବିକିଦେ, ଗହଣା ମୁକୁଳାଇବା, ସେଥିକି ତୋର ସୁନ୍ଦରସଂସାର, ଆଉ ଯାହା ବଳିବ ସେଥିରେ ଶାଗ ପେଜ ଖାଇ ଚଳିବା ।" ଚଣ୍ଡିକା ଏହିପରି ଅନେକ କୌଶଳ କଲା; କିନ୍ତୁ ସିଦ୍ଧମନୋରଥ ହୋଇପାରିଲା ନାହିଁ । ସାରିଆର ସେହି ଏକ କଥା— "ଖାଇ ଥାଉଁ ଥାଉଁ ମୁଁ କେବେଁ ଜମି ବିକିବି ନାହିଁ ।" ଚଣ୍ଡିକା ନାନା ଚେଷ୍ଟାସତ୍ତ୍ୱେ ସ୍ୱାର୍ଥସିଦ୍ଧିର ସମ୍ଭାବନା ନ ଦେଖି ସାରିଆ ପ୍ରତି କଠୋର ବ୍ୟବହାର କରିବାକୁ ଲାଗିଲା ।

ସାରିଆ ଏଣିକି ଅନେକ କାମ କରେ । ଘର ଯାକର କାମ ଏକା ତାକୁ କରିବାକୁ ହୁଏ । ଚଣ୍ଡିକା ଦୁଇଜଣଙ୍କ ପାଇଁ ଚାଉଳ ଦେଇ ମୁଠାଏ ଅଧିକା ଦିଏ, ତାହା ସାରିଆର ଭାଗ । ସାରିଆ ଗଣ୍ଡ ବାଢି ଖାଇ ଖୁଡିକୁ ଦିଅଏ, ଯାହା ବଳେ ତାହା ଖାଇ ରହେ । ଏ ତ ଦୁଇ କର୍ମର ଫଳ, କହିବ କାହାକୁ ? ସେ ଭାତ ଅଳ୍ପ ଖାଏ; ମାଡ ବାଡ଼ାବାଡ଼ି, ତିରସ୍କାର ଅଧିକ ଖାଏ । ସେଥିରେ ତ ହାର ପେଟ ପୂରେ । ଖୁଡ଼ୀ ତାହା ନାମରେ ଲଗାଇ ଯୋଡାଇ ସ୍ୱାମୀ ପାଖରେ କହେ; ସାରିଆ ତେଣୁ ବି ଗାଳି ଖାଏ । ଚଣ୍ଡିକା ତାହାର ଛିଦ୍ର ଖୋଜି-ବୁଲେ । କୁହୁମୁନ ପରି ଛିଦ୍ର ପାଇଲେ ତାକୁ କୁଲ୍ଲ ପରି କରେ । ମକାବାସନରୁ ପାଉଁଶ ଦାଗ ଛାଡ ନାହିଁ, ଛୁଞ୍ଚ କେବାଟା ଛିଣ୍ଡିଛି ବା ହେଲା, ତୁଣ ସୁସ୍ୱାଦୁ ହେଲେ ସ୍ୱଲ୍ପା ବିସ୍ୱାଦୁ ବା କୁସ୍ୱାଦୁ ହେଲା, ଏହିପରି ଗୋଟାଏ ଗୋଟାଏ ଖୁଣ ବାହାର କରି ଚଣ୍ଡିକା ନଣନ୍ଦକୁ ଗାଳିଗୁଲଜ କରେ । ସାରିଆ ନୀରବରେ ସବୁ ସହ୍ୟ କରେ ଏବଂ ନୀରବରେ ନିର୍ଜନରେ ଅଶ୍ରୁପାତ କରେ ।

—୫—

ଗଞ୍ଜଣା ଅସହ୍ୟ ହେଲେ ସାରିଆ ତାହାର ସଙ୍ଗାତ ଘରକୁ ପଳାଏ । ଗୋବିନ୍ଦେଇ ତାକୁ ସାନ୍ତ୍ୱନା ଦିଏ— ତାହାର ଦୁର୍ବୁଦ୍ଧିକୁ ତିରସ୍କାର କରେ, ଆଉ ଧରିମାରି ଚୂଡ଼ାପାଣି କରାଏ । ଦିନେ କହିଲା, "ତୋର ଅର୍ଜିଲା ଦଣ୍ଡ ତୁ ଭୋଗ କରୁଛୁ । ତୁ କଅଣ ଖାଇ ଖୁଡିକ ଗୁଣ ଜାଣି ନ ଥିଲୁ ? ଜାଣି ଜାଣି ଅଗ୍ନିକୁଣ୍ଡକୁ ଗୋଡ ବଢାଇଲୁ କାହିଁକି ?" ସାରିଆ କହିଲା— "ଯାହା ତ ହେବାର ହେଲାଣି, ଗଲା କଥାକୁ ମାଇଲେ କଅଣ

ହେବ ? ଏଣିକି ମୋର ଉପାୟ କଅଣ କହ ।” ଘେଣ୍ଟେଇ ହାତ ହଲାଇ ବିରକ୍ତ ହେଲା ପରି ହୋଇ କହିଲା, “ଉପାୟ ତୋ ମୁଣ୍ଡ । ତୋର ଘର ଅଛି, ଜମି ଅଛି, ଆଉ ଉପାୟ ପୁଣି କଅଣ ? ତୁ ଏଠି କାହିଁକି ଭିକ୍ଷୁଣୀ ପରି ହାର ଖାଉଛୁ, ଚାଲିଯାଇ ତୋ ଘରେ ଯେମିତି ଥିଲୁ, ସେମିତି ରହୁନାହୁଁ ! ଗୋରୁ ଗାଈ, କଂସା-ବାସନ, ଗହଣାଗଣ୍ଠି ସବୁ ତ ହରାଇଲୁ ! ଘରକରଣା ଛାଡ଼ିକି ଦେଲୁ, ଆଉ ମାଣେ କଣେ ଯାହା ଅଛି, ତାହା କି ଖାଇ ପେଟରେ ପୂରାଇ ଶେଷରେ ଭିକ ମାଗିବୁ ନା କଅଣ ? ଯେବେ ଭଲ ଗତି ଅଛି, ତେବେ ଏଠୁ ପଳା ।” ସାବିଆ କହିଲା, “ତାହା କଅଣ ଭଲ ଦିଶିବ ? ଲୋକେ କଅଣ କହିବେ ସଙ୍ଗାତ ! ଭାଇ ଭାଉଜଙ୍କ ଗଞ୍ଜଣାରେ ତ କଲିଜା ଘା ହୋଇଗଲାଣି, ତାହା ଉପରେ ଗୋଟାଏ ଅପଖ୍ୟାତି-ଲୁଣପଟି ଲଗାଇବି ?” ଘେଣ୍ଟେଇ କହିଲା, “ତେବେ ମର । ଅପଖ୍ୟାତି କଅଣ, ତୁ କିଛି ସ୍ୱେର କରି ନେଇ ପଳାଇବୁ କି ? ଅପଖ୍ୟାତି ରହିଲେ ତାଙ୍କ ନାଁରେ ରହିବ । ଲୋକେ କହିବେ, ଭଉଣୀ ସମ୍ପତ୍ତି ଖାଇ ଶେଷକୁ ଦାଣ୍ଡର କାଙ୍ଗାଳୁଣୀ କରି ଛାଡ଼ିଦେଲେ । ସେଥିରେ ତୋର କଅଣ ?” ସାବିଆ ଆଉ କିଛି କହିଲା ନାହିଁ, ମନେ ମନେ କଅଣ ବସି ଭାବିଲା ।

ଚନ୍ଦ୍ରିକା ନଣନ୍ଦ ନାମରେ ଗୋଟାଏ କୁତ୍ସିତ ଅପବାଦ ଗଢ଼ି ସ୍ୱାମୀର କର୍ଣ୍ଣଗୋଚର କଲା । କଥାର ସତ୍ୟତା ସମ୍ବନ୍ଧରେ ନାନାବିଧ କଳ୍ପିତ ପ୍ରମାଣ ପ୍ରୟୋଗ କରି ସ୍ୱାମୀ ମନରେ ଦୃଢ଼ ବିଶ୍ୱାସ ଜନ୍ମାଇଦେଲା । ରଘୁ କ୍ରୋଧରେ କମ୍ପି ଉଠି ସାବିଆକୁ କହିଲା, “ଦୂର୍ ହ ପାପିଷ୍ଠା ମୋ ଘରୁ, ତୋ ଲାଗି ମୋ ବଂଶରେ କଳଙ୍କ ଲାଗିବ । ତୋ ପରି ପତିତାର ମୁହଁ ଚାହିଁଲେ ପାପ ।” ଚନ୍ଦ୍ରିକା ସ୍ୱାମୀ ସଙ୍ଗରେ ଯୋଗ ଦେଇ କହିଲା—କଳଙ୍କିନୀ କାତି, ଉଚ୍ଛୁଣି ଦୁର୍ ହ, ନ ହେଲେ ମୁଣ୍ଡି ଝାମ୍ପୁଣୀରେ ପଣେ ପିଟିବି ।” ସାବିଆ ଢେର ସହୁଥିଲା, ଆଉ ସହି-ପାରିଲା ନାହିଁ । ସେ ବାଳବିଧବା; କିନ୍ତୁ ସତୀଲକ୍ଷ୍ମୀ । ସେ ମନେ ମନେ କହିଲା—“ଛି, ଏ ପାପପୁରରେ ଆଉ ପାଣି ଛୁଇଁବି ନାହିଁ ।” ଅନନ୍ତର ସାବିଆ ଭାଇଘରୁ ବାହାରି ଚାଲିଗଲା ।

ସାବିଆ ତାହା ଘରେ ଯାଇଁ ରହିଲା । ପ୍ରତିବେଶୀ-ମାନେ ତାହାର ଦୁର୍ଦ୍ଦଶାରେ ବ୍ୟଥିତ ହୋଇ ସହାନୁଭୂତି ପ୍ରକାଶ କଲେ; କିନ୍ତୁ ଏତିକିରେ ଏ ଦୃଶ୍ୟର ପଟ୍ଟପତନ ହେଲା ନାହିଁ । ଘରକୁ ଆସି ସାବିଆ ଶୁଣିଲା, ତାହା ଅଜ୍ଞାତରେ ରଘୁ ପୁରୋହିତ ତାହାର ତିନିମାଣ ଜମି ବନ୍ଧାଦେଇ ଜଣେ ମହାଜନଠାରୁ ଶହେ ଟଙ୍କା ନେଇ-ଅଛି । ରଘୁ ସହଧର୍ମିଣୀର ସତ୍‌ପରାମର୍ଶରେ ଏହି କାର୍ଯ୍ୟ ଉପାର୍ଜନ କରିଅଛି । ଗ୍ରାମବାସୀମାନେ ଏ କଥା ଶୁଣି ଉତ୍ତେଜିତ ହୋଇଉଠିଲେ । ସମସ୍ତେ ପରାମର୍ଶ କରି ସାବିଆକୁ କହିଲେ—“ମା, ତୋର ତ ଆଉ କେହି ନାହିଁ, ମୁଣ୍ଡ ଏ ଠାକୁର ଆଣି ଆମେ ତୋତେ ଦେଉଛୁଁ । ତୁ ତାଙ୍କୁ ପୂଜା କର । ତୋ ଜମି ଆମେ ଦଖଲ କରି ସେହି ଠାକୁରଙ୍କ ନାଁରେ ଲେଖିଦେବୁଁ । ତୁ ବଞ୍ଚିଥିବା ଯାଏ ଭୋଗ କରିବୁ, ତେଣିକି ଯେ ଠାକୁର ପୂଜା ନୀତି ଚଳାଇବ ସେ ଭୋଗ କରିବ । ଶେଷବେଳେ ତୁ ଏହି କୀର୍ତ୍ତି ରଖିଯା, ମା !” ସାବିଆ ଏ ପୁଣ୍ୟ ପ୍ରସ୍ତାବରେ ଆନନ୍ଦରେ ସମ୍ମତ ହେଲା । ତହୁଁ ଗ୍ରାମବାସୀମାନେ ଠାକୁର ମୂର୍ତ୍ତିଏ ସ୍ଥାପନ କରି ବଳାତ୍କାରରେ ଜମି କବ୍ଜ କରି ସାବିଆକୁ ଆଣି ଦେଲେ । ମହାଜନ ଭୟରେ ଜମି ପାଖକୁ ଆସିଲା ନାହିଁ । ଦେଶମେଳି କି ରଜାମେଳି ଲକ୍ଷ୍ୟ ନୁହେଁ, ମହାଜନ ବା କଅଣ କରିବ ? କିନ୍ତୁ ସେ ଚୁପ୍ ହେଲା ନାହିଁ । ନାଲିସ କରି ରଘୁ ପୁରୋହିତର ପୈତୃକସମ୍ପତ୍ତି ନିଲାମପୂର୍ବକ ମୋକଦ୍ଦମାର ଖର୍ଚ୍ଚା ସହିତ ଅସଲ ସୁଧ ଆଦାୟ କରିନେଲା ।

# ବାଦୀପାଲା

—୧—

ଗ୍ରୀଷ୍ମକାଳର ମଧ୍ୟାହ୍ନ, ଇନ୍ଦୀବରଶ୍ୟାମ ମହାଯୋଗୀ ଆକାଶ ସର୍ବାଙ୍ଗରେ ବିଭୂତି ବୋଳିହୋଇ ଗଭୀର ଧ୍ୟାନରେ ନିମଗ୍ନ । ଭୀଷଣ ସ୍ଫୁଲିଙ୍ଗରେ ଆମ୍ବ, ପଣସ ପାଚିଯାଉଛି, ମନୁଷ୍ୟ ଦେହ ଭିତରେ ଆଗ୍ନେୟ ବହ୍ନି ଚହଟିଯାଉଛି । ଯୌବନମଦମତ୍ତ, ଉଦ୍ଧତ ସ୍ୱଭାବର ସ୍ୱଜନ୍ମ ପରି ତପ୍ତକାଳରେ ସବୁ ତପ୍ତ । ରୌଦ୍ରର ଉତ୍ତାପ ଅସହ୍ୟ, ବାୟୁ ତପ୍ତ, ଧୂଳି ବାଲି ତପ୍ତ, ବୃକ୍ଷର ଶାଖା ପତ୍ର ତପ୍ତ, ଝାଞ୍ଜି ବାତ ତପ୍ତ, ଯେମନ୍ତ କି ଉତ୍ତାପର ହାଟବଜାର ସର୍ବତ୍ର ବସିଯାଇଅଛି । ମେଘ ଜଳଧାରା ବର୍ଷିଲା ପରି ପ୍ରଚଣ୍ଡ ମାର୍ତ୍ତଣ୍ଡ ଦେବ ତରଳ ଅନଳଧାରା ଅନର୍ଗଳ ବର୍ଷୁଅଛନ୍ତି । ମଧ୍ୟାହ୍ନକାଳ ନିଶୀଥ ପରି ନୀରବ ଏବଂ ନିସ୍ତବ୍ଧ । କ୍ୱଚିତ୍ ଯାମଘୋଷୀ ପକ୍ଷି-ବୃନ୍ଦର ଦୂର ସ୍ୱର-ଲହରୀ ତପ୍ତବାୟୁରେ ଭାସିଆସୁଅଛି । ଗ୍ରୀଷ୍ମର ପ୍ରାଖର୍ଯ୍ୟ ସହ୍ୟହେଉ ନାହିଁ । ଦେହରୁ ଅନବରତ ଝାଳ ବହୁଅଛି । ଶାଅନ୍ତା ମାଛ ତପ୍ତ ଜଳରେ ପଡ଼ି ଛଟପଟ ହେଲା ପରି ଅତି ସ୍ଥୂଳକାୟ, ଭୋଗପୁଷ୍ଟ ମାନବଗଣ ଘରେ ବାହାରେ ସର୍ବତ୍ର ଅତିଷ୍ଠ ହୋଇ-ଉଠିଲେ । କେହି କେହି ବିରକ୍ତ ହୋଇ ବିଧାତାପୁରୁଷଙ୍କୁ ଅଭିସମ୍ପାତ ପ୍ରଦାନକଲେ । ମଧ୍ୟାହ୍ନ ସମୟରେ ଦୁର୍ଗାପୁର ଗ୍ରାମଖଣ୍ଡ ଶୂନଶାନ, କୁଆ କୋଇଲିର ଶବ୍ଦ ସୁଦ୍ଧା ନାହିଁ । ସତେ ଯେପରି ତାହାର ନିର୍ଦ୍ଦୟ ଶାସନରେ ଗ୍ରାମଟି ନୀରବ ହୋଇ ରହିଅଛି କିମ୍ବା କିଏ ମାୟା-ମନ୍ତ୍ରରେ ଗ୍ରାମର ଜୀବନ କାଢ଼ିନେଇଅଛି । ଏହି ନିର୍ଜୀବ ଗ୍ରାମ ମଧ୍ୟରେ କେବଳ ସଦେଇ ସାଉତର ଘରଟି ସଜୀବତାର ପ୍ରମାଣ ଦେଉଅଛି । ସଦେଇର ବଗିଚାରୁ ହଟଚୋଟ ପଚାର, ପଞ୍ଚାୟତ ନାଅ ଅଠର ପ୍ରଭୃତି ଶବ୍ଦ ଘନଘନ ଉଠୁ-ଅଛି । ସେଠାରେ ପଞ୍ଚାଖେଳ ଜମିଅଛି; ଗ୍ରାମର ଅନେକ ଲୋକ ଜୁଟି ହୋଇଅଛନ୍ତି । କେହି ଖେଳୁଅଛି, କେହି ଖେଳୁଥିବା ଲୋକଙ୍କୁ ସାହାଯ୍ୟ କରୁଅଛି, କେହି ବା ମଧ୍ୟସ୍ଥ ରୂପରେ ନ୍ୟାୟ ବିଚାର କରୁଅଛି । ଅଉ କେତେ ଲୋକ ଫଲଫଲ ହୋଇ ଚାହିଁ ବସିଅଛନ୍ତି । ସେମାନେ ଦର୍ଶକ । ଖେଳ ଦେଖି କୌତୁକ ଉପଭୋଗ କରିବା ଏବଂ ତାଳି ମାରିବା ସେମାନଙ୍କର କାର୍ଯ୍ୟ । ଖେଳ ଖୁବ ଆଟୋପରେ ଲାଗିଅଛି । ପ୍ରବୀଣ ଖେଳୁଆଳିମାନଙ୍କର ସଦର୍ପ ଚିତ୍କାରରେ ବଗିଚାଟି ମୁଖରିତ । ସାରକୁ ସାର ମାରିବା ସମୟରେ ଯୁଦ୍ଧସ୍ଥଳ ପରି ଅବିରାମ "ମାର", "ମାର" ଶବ୍ଦ ଉଠୁଅଛି ।

ଖେଳ ଖୁବ ଗାଢ଼ତ୍ୱରେ ଲାଗିଅଛି, ଖେଳୁଆଳି-ମାନେ ପଶାକାଠି କଣ ଦାନ ପକାଇବାରେ ତନ୍ମୟ ଅଛନ୍ତି, ଏହି ସମୟରେ କପିଳ ଲେଙ୍କା ଧାଇଁ ସଇଁ ହୋଇ ଆସି ସେଠାରେ ଉପସ୍ଥିତ ହେଲା । କପିଳ ଅର୍ଦ୍ଧକୋଶ ଦୂରବର୍ତ୍ତୀ ବଳାସପୁର ଗାଁରୁ ଧାଇଁ ଧାଇଁ ଆସିଅଛି, ଦେହରୁ ଗମଗମ ହୋଇ ଝାଳ ବହୁଯାଉଛି, ସେ ଦପ୍ କରି ବସିପଡ଼ି ଦୀର୍ଘ ନିଃଶ୍ୱାସଟାଏ ଛାଡ଼ିଲା । ଗାମୁଛାଖଣ୍ଡ ଖଣ୍ଡକାଣିଆ ଭାବରେ ଚଉତାଇ ବିଞ୍ଚିହେବାକୁ ଲାଗିଲା । ଥରେ ଥରେ ଭ୍ରୂଲତା ଏବଂ ଅଯତ୍ନବିନ୍ୟସ୍ତ ପକ୍ୱ କେଶ ଦେଇ ବହିପଡ଼ୁଥିବା ଝାଳ ପୋଛିହେଉଥାଏ । ଉପସ୍ଥିତ ଜନମଣ୍ଡଳୀର ଦୃଷ୍ଟି ଅନ୍ୟ ଆଡ଼ୁ ଆସି ତାହାର ଉପରେ ଅଟକି ରହିଲା । କିଛି କ୍ଷଣ ପରେ ସଦେଇ ସାଉତ ପଚାରିଲା—"କି ଲେଙ୍କାପୁଅ, ଏ ଦୁମଦୁମିଆ ଖରାଟାରେ କୁଆଡ଼େ ଆସିଲ ?" କପିଳ କ୍ଷୀଣକଣ୍ଠରେ କହିଲା, "ଆଗେ ଲୋଟାଏ ପାଣି ଆଣ, ପଛେ ସବୁ କହିବି । କହିବା ଲାଗି ତ ଏ ଅଗ୍ନିସମୁଦ୍ର ପହଁରି ପହଁରି ଆସିଛି । ଉଃ, କି ଖରା ଲୋ ବାପ, ଶୋଷରେ ଛାତି ଫାଟି ଯାଉଛି ।" ଏଥିମଧ୍ୟରେ ସଦେଇର ସଙ୍କେତ ଅନୁସାରେ ଜଣେ ଲୋକ ଦୁଇ ଲୋଟା ପାଣି ଆଣି ରଖିଦେଇ କହିଲା, "ଆଗେ ଗୋଡ଼ ଧୋଇପକାଅ, ଝାଳ ମରୁ, ପଛେ ପାଣି ପିଇବ ନ ହେଲେ ସର୍ଦ୍ଦି ଗରମ ହୋଇଯିବ ।" କପିଳ ଗୋଡ଼ ଧୋଇବ କଅଣ, ଅଧଗଣ୍ଡା ଭଳି ଗୋଟାଏ ଲୋଟା

ଟେକିନେଇ ଏକ ନିଃଶ୍ୱାସରେ ପାଣିତକ କଣ୍ଠନାଳୀ ପଥରେ ଉଦର ନାମକ ପ୍ରକାଣ୍ଡ ଗର୍ତ୍ତକୁ ପ୍ରେରଣ କରି କିଞ୍ଚିତ ଆରାମ ଲାଭକଲା । ଅନନ୍ତର ବ୍ୟଥାବୋଳା ସ୍ୱରରେ ଖେଦୋକ୍ତି ପ୍ରକାଶ କରି କହିଲା—"ହାୟ, ପୁରୁଷ ପୁରୁଷ ହେଲା ଦୁର୍ଗାପୁର ସବୁ କଥାରେ ତାହାର ଟେକ ରଖିଆସିଛି, ଆଜି କଅଣ ତା ମୁଣ୍ଡ ତଳକୁ ହେବ, ମାନସମ୍ଭ୍ରମ ବୁଡ଼ିବ ? ବଳାସପୁରଅଙ୍କ ଚୌଦ ପୁରୁଷ ଆମକୁ ଜିଣିପାରି ନାହାନ୍ତି,ଏବେ ସେ ଇମିତି ସ୍ୱଚ୍ଛଳିଆ ହୋଇଗଲେ ଯେ, ଆମକୁ ତଳକୁ ଦବାକୁ ବାଞ୍ଛି ଛନ୍ତି ।" ଏ କଥା ଶୁଣି ସମସ୍ତଙ୍କର ଉତ୍କଣ୍ଠା ବଢ଼ିଉଠିଲା । ଘଟଣା କ'ଣ ଜାଣିବା ପାଇଁ ଅଧୀର ଜିଜ୍ଞାସୁନେତ୍ରରେ ସମସ୍ତେ କପିଳକୁ ଚାହିଁ ରହିଲେ । ସଦେଇ ବିସ୍ମୟସିକ୍ତ କଣ୍ଠରେ ପଚାରିଲା,"କଥା କଅଣ ଲୋ କପିଆ ?" କପିଳ କହିଲା, "କଅଣ କହିବି ବାବାଜି,ଆମ ବାପ ଗୋସବାପଙ୍କ ନାଁ-ପାଣି ବୁଡ଼ିଲା । ବାସଧାନ ବନ୍ଦନ କିଣିବା ପାଇଁ ଆଜି ବଳାସପୁର ଯାଇଥିଲି, ଶୁଣିଲି ସେ ଗାଁ ଲୋକେ ପାଞ୍ଚଶ ଟଙ୍କା ଚାନ୍ଦା ଉଠାଇଅଛନ୍ତି । ଆଉ ପାଞ୍ଚଦିନ ପରେ ଭାଗବତ ସପ୍ତା ବସିବ, ଟିଆ ଗାଅଣ ପୂଜାହେବ, ମଉଚ୍ଛବ ହେବ, ଖୁବ ଠାକବରରେ ଯାତ୍ରା ଲାଗିବ । ତାଙ୍କ ପିଲାଛୁଆ ଆନନ୍ଦରେ ମାତିବେ, କେତେ ଗାଁରୁ ଲୋକେ ଦେଖିବାକୁ ଆସିବେ, ବଳାସପୁର ନାମରେ ଧନ୍ୟ ଧନ୍ୟ ପଡ଼ିଯିବ । ଆମ ପିଲାଛୁଆ ଶୁଣି ହାଇଁପାଇଁ ହେବେ ସିନା ! ବଳାସପୁରକୁ ମେଳା ଯାତ୍ରା ଦେଖିଯିବା ତ ଆମର ଚଉଦ ପୁରୁଷରେ ନାହିଁ । ଆମ ପିଲାପିଲି ଯଦି ଯାଆନ୍ତି, ତେବେ ଲୋକେ ହସିବେ । ସେ ଲଜ୍ଜା ସେ ମୁଣ୍ଡକଟା ଶାସ୍ତିଠାରୁ ବଳିବ । ମୁଁ ଏ କଥା ଶୁଣି ଆଉ ବନ୍ଦନ କିଣିବି କଅଣ,ଖସିଏ ଖସିଏ ତ ଧାଇଁ ଛି । ଆମ ଗାଁରେ ଯେବେ ସପ୍ତା ନ ବସେ, ତେବେ ବଡ଼ ନିନ୍ଦାର କଥା ହେବ ।" ସଦେଇ ଏହା ଶୁଣି ଅବଜ୍ଞାବ୍ୟଞ୍ଜକ ସ୍ୱରରେ କହିଲା—"ଓଃ, ଏଇ କଥା ପରା ! ସେ ପାଞ୍ଚଶ ଟଙ୍କା ଖର୍ଚ୍ଚ କଲେ ଆମେ ହଜାରେ ଟଙ୍କା ଖର୍ଚ୍ଚ କରି ଦୁଇଗୁଣ ଆଡ଼ମ୍ବରରେ ସପ୍ତା ଯାତ୍ରା କରିବା ।' କୁରୁପ ସାଆଣୀ କହିଲା—"ଇସ୍,ଛୋଟ ଗାଁ ଖଣ୍ଡେ ତ ବଳାସପୁର, ଫୁଙ୍କିଦେଲେ ଉଡ଼ିଯିବ , ସେ ପୁଣି ଆମ ଗାଁକୁ ବଳିଯିବ । ସେ ଅଢ଼େଇ ଘରିଆ ଗାଁରୁ ପାଞ୍ଚଶ ଟଙ୍କା ଚାନ୍ଦା ଉଠିଲା, ଆମ ଗାଁରୁ କଅଣ ହଜାରେ ଟଙ୍କା ଉଠିବ ନାହିଁ ! ତେବେ ସେ ଗାଁରେ ଦୁଇଟା ବଡ଼ଲୋକ ଅଛନ୍ତି, ଆମ ଗାଁରେ ସେଭଳି ବଡ଼ ଲୋକ ନାହାନ୍ତି । ନ ଥାନ୍ତୁ ପଛକେ, ମାନ ବଡ଼ ନା ପଇସା ବଡ଼ ? "ଯାଉ ଜାନ୍, ଥାଉ ମାନ୍" ପରା କଥାରେ କହନ୍ତି । କଂସାବାସନ ବନ୍ଧା ପକାଇ ଚାନ୍ଦା ଦେବା ପଛେ, ମୁଣ୍ଡ କେବେ ତଳକୁ ନୁଆଁଇବା ନାହିଁ । ତୋଫାନରେ ଗଛ ଭାଙ୍ଗି ଯାଏ, ଉପୁଡ଼ି ପଡ଼େ, ହେଲେ ମୁଣ୍ଡ କେବେ ତଳକୁ ନୁଆଁଏ ନାହିଁ । ଆଉ ଗୋଟାଏ କଥା ମୁଁ ଆଗରୁ କହି ରଖୁଛି—ଆମେ ଯେ ପଲ୍ଲୀ ପାଲା-ଦଳ ଆଣିବା ନାହିଁ । ସେରପୁର କୃଷ୍ଣ ନାଥ ଦଳର ଖୁବ ଡାକ ନାମ, ଆମେ ତାକୁ ଆଣିବା । ସେ ସିନା ଦଶ ଟଙ୍କା ନେଉ ପଛେ ତାହାର ପାଲା ଶୁଣିଲେ ପଞ୍ଚ ଆତ୍ମା ଶୀତଳ ହୋଇଯିବ । ଗଲା ବର୍ଷ ସେ କଲିକତା ଯାଇ-ଥିଲା । ଉଃ, କଅଣ କହିବ, କଲିକତା ସହରକୁ ଲୁଟିଆଣିଛି ପରା ! ଖାଲି ପାଟଶାଢ଼ୀ ପଚିଶ ଖଣ୍ଡରୁ ଊଣା ଆଣି ନାହିଁ, ଆଉ ଟଙ୍କାର ତ କଳଣା ନାହିଁ । ଲୋକେ କହନ୍ତି, ସେ ସିନ୍ଦୁକେ ଟଙ୍କା ଆଣିଥିଲା ।" ପୂନ ବାରିକ ଏହା ଶୁଣି ହସି ହସି କହିଲା—"ଆରେ କୁରୁପା, ପଚିଶ ଖଣ୍ଡ ପାଟଶାଢ଼ୀ ଆଉ ସିନ୍ଦୁକେ ଟଙ୍କାରେ କି କଲିକତା ସହର ଲୁଟି ହୋଇଗଲା ! କଲିକତା କାଳିଆ କି ଗୋରୁ ଛୁ ଦେଖିଛୁ ନା ? କୁଷ୍ଣନଆ ଯୋଗୀଟା କି ପାଲା ଗାଇବ, ଯେବେ ପାଲା ଶୁଣିବ, ତେବେ ଦକ୍ଷିଣର ହରି ଶଙ୍ଖୁଆ ଦଳକୁ ଆଣ ।" ଏ କଥାର ଅନେକ ବାଦାନୁବାଦ ହେଲା, ପରେ ଅଧିକାଂଶ ଲୋକଙ୍କ ସମ୍ମତିରେ ହରି ଶଙ୍ଖୁଆ ଦଳକୁ ନିମନ୍ତ୍ରଣ କରିବାର ଧାର୍ଯ୍ୟ ହେଲା ।

—୨—

ଦୁର୍ଗାପୁର ଏବଂ ବଳାସପୁର ପରସ୍ପର ନିକଟବର୍ତ୍ତୀ ଗ୍ରାମ । ଦୁଇ ଗ୍ରାମର ବ୍ୟବଧାନ ଅର୍ଦ୍ଧକୋଶ, ଏହା ପୂର୍ବରୁ କୋଲାଯାଇଅଛି । ପୁରୁଷାନୁକ୍ରମେ ଦୁଇ ଗ୍ରାମ ମଧ୍ୟରେ ଅଦମ୍ୟ ପ୍ରତିଯୋଗିତା ଚାଲିଆସୁଅଛି । ପ୍ରତିଯୋଗିତା ଉନ୍ନତିମୂଳକ ହେଲେ ପବିତ୍ର ଏବଂ ଈର୍ଷା ବା ଅଭିମାନମୂଳକ ହେଲେ କଳଙ୍କିତ ହୁଏ ।

ଦୁର୍ଗାପୁର ଏବଂ ବଳାସପୁରର ପ୍ରତିଯୋଗିତା ଶେଷୋକ୍ତ ଶ୍ରେଣୀୟ । ହୋଲିଯାତ୍ରା ସମୟରେ ଉଭୟ ଗ୍ରାମବାସୀ ଦେବତମାନ ଘେନି ଆଗରେ ଯିବା ସକାଶେ ଦାବୀ କରନ୍ତି । ସେଥିପାଇଁ ପ୍ରତିବର୍ଷ ଉଭୟ ଦଳ ମଧ୍ୟରେ ପିଟାପିଟି ଲାଗେ । କାହାର ହାତଗୋଡ଼ ଭାଙ୍ଗେ, କାହାର ତାଳୁ ଫଟା ହୁଏ; ତଥାପି ନିଜର ଜିଦ୍ କେହି ଛାଡ଼ନ୍ତି ନାହିଁ । ଏରୂପ ଅନିଷ୍ଟକର ପ୍ରତିଯୋଗିତାକୁ ସେମାନେ ବାହାଦୁରି ମଣନ୍ତି । କେହି ପଚାରିଲେ କହନ୍ତି, "କଅଣ କରିବୁଁ ହୋ, ପିତୃପିତାମହଙ୍କ ଅମଳରୁ ଯାହା ଚାଲିଆସୁଛି, ତାହା କଅଣ ଆମେ ବୁଡ଼ାଇପାରୁ ? ଆମ ଦେହରେ କଅଣ ରକ୍ତ ନାହିଁ ଯେ, ଆମେ ତାଙ୍କ ପଛରେ ଯିବୁ ? ମାଇଲି ମୋକଦ୍ଦମା ପଛେ ହେଉ, ଖର୍ଚ୍ଚ ପଛେ ହେଉ, ଘର କଟିଯାଉ; କଅଣ କରିବୁ ? କହନ୍ତି ପରା—"ସବୁ ଯାଉ ମହତ ଥାଉ, ମହତ ଗଲେ ନ ମିଳେ ଆଉ ।" ବାସ୍ତବରେ ପିତୃପିତାମହଙ୍କର ଏତେ ବଡ଼ ଅମୂଲ୍ୟ କୀର୍ତ୍ତି ସେମାନେ ବୁଡ଼ାଇଦେବେ କିପରି ? ତାହାହେଲେ ଯେ ଖ୍ୟାତି ତାଲିକାରେ ପିତୃପିତାମହଙ୍କ ନାମ ଉପରେ ଗାର ଟଣାହୋଇଯିବ । ଉପଯୁକ୍ତ ବଂଶଧର ହୋଇ ସେମାନଙ୍କ ପ୍ରାଣରେ କି ଏହା ସହି-ହେବ ? ମାଡ଼ ଖାଇବା କିମ୍ବା ରାଜଦ୍ୱାରରେ ଦଣ୍ଡିତ ହେବାକୁ ସେମାନେ ମାନହାନିକର ମଣନ୍ତି ନାହିଁ; ବରଂ ତାହାକୁ ଜାତୀୟ ଉତ୍ସବ ବା ଆମୋଦରୂପେ ଗ୍ରହଣ କରନ୍ତି । କେଉଁ ସଦୟ ଦେବତାର ଆଶୀର୍ବାଦରୁ ଯେଉଁ ବର୍ଷ କଳହ, ଅଶାନ୍ତି ନ ଘଟେ, ସେ ବର୍ଷ ଯାତ୍ରା ସୁଖକର ହୁଏ ନାହିଁ । ସମସ୍ତଙ୍କ ମନ ଫିକା ପଡ଼ିଯାଏ । ପୂର୍ବପୁରୁଷମାନଙ୍କୁ ପୂଜା କରିବା ଉଚିତ; ମାତ୍ର ସେମାନଙ୍କ ଦୋଷକୁ ଗୁଣରୂପରେ ଗ୍ରହଣ କରିବା ମାରାତ୍ମକ ବିପଜ୍ଜନକ । ଏହିପରି କୁ-ଆଦର୍ଶର ଅନ୍ଧ ଅନୁକରଣଦ୍ୱାରା ଅନେକ ନିର୍ବୋଧ ବଂଶଧର ଦୁର୍ଗତିକୁ ସାଦରରେ ଆମନ୍ତ୍ରଣ କରନ୍ତି । ସେମାନେ ମାନସମ୍ଭ୍ରମ ରଖିବାକୁ ଯାଇ ତାହାର ଅନ୍ତ୍ୟେଷ୍ଟି ଶ୍ରାଦ୍ଧ କରି ବସନ୍ତି । ଅନ୍ୟଠାରୁ ବଳାତ୍କାରରେ ସମ୍ମାନ ଆଦାୟ କଲେ ସମ୍ମାନ ମିଳେ ନାହିଁ; ଅନ୍ୟକୁ ସମ୍ମାନିତ କଲେ ସମ୍ମାନ ମିଳେ ।

ଦୁର୍ଗାପୁର ଗ୍ରାମରେ ପ୍ରାୟ ପାଞ୍ଚଶ ଘର କୃଷକ ବାସ କରନ୍ତି । ସମସ୍ତେ ନିରକ୍ଷର; ମାତ୍ର ଗାଁସାରା ଖୋଜିଲେ ଦୁଇ ଚାରି ଜଣ ଖଣ୍ଡିଅକ୍ଷରିଆ ବାହାରିବେ । ସନ୍ଦେଇ ସ୍ୱାଇଁ ଏବଂ କପିଳ ଲେଙ୍କା ସେ ଗ୍ରାମର ମୁଖିଆ । ସେ ଦୁହିଁଙ୍କ କଥା କେହି ଏଡ଼ିପାରନ୍ତି ନାହିଁ । ଗାଁରେ କାହାରି ବାହାଘର ବା ପୁଅଣିଘର ହେଲେ କିମ୍ବା କି ସ୍ୱାକର୍ମ ପଡ଼ିଲେ, ସେ ଦୁଇଜଣ ଯାଇ ଖର୍ଚ୍ଚର ତାଲିକା କରନ୍ତି । କେହି କଳିକତାକୁ ଚିଠି ଲେଖିଲେ ସେ ଦୁହେଁ ଯାଇ ପରାମର୍ଶ କରି ପତ୍ର ରଚନା କରନ୍ତି । କେହି ଲୁଗା ଖଣ୍ଡେ କିଣିଲେ ତାହା ମୂଲ୍ୟ କଷନ୍ତି, କେହି କିଛି ବିକିବାକୁ ଆଣିଲେ ତାହାର ଦର ବାନ୍ଧିଦିଅନ୍ତି । ଏହିପରି ଅନେକ ବିଷୟରେ ସେ ଦୁହେଁ ଗ୍ରାମର ଦକ୍ଷିଣ ହସ୍ତ । ସମସ୍ତେ ତାଙ୍କୁ ଭକ୍ତି କରନ୍ତି । ସେ ଦୁହେଁ ବସି ଗ୍ରାମବାସୀଙ୍କ ଅବସ୍ଥା ଅନୁସାରେ ଗୋଟାଏ ଚାନ୍ଦାଫର୍ଦ୍ଦ ପ୍ରସ୍ତୁତ କଲେ । ଚାନ୍ଦା ଆଦାୟ ସକାଶେ କେତେଜଣ ଉତ୍ସାହୀ ଯୁବକ ଅନାହାରୀ ନିଯୁକ୍ତ ହେଲେ । ସେମାନେ ଘରେ ଘରେ ବୁଲି ଆହାର ନିଦ୍ରା ଭୁଲି ଚାନ୍ଦା ଆଦାୟ କରିବାକୁ ଲାଗିଲେ । ଆନନ୍ଦ ଏବଂ ଉତ୍ତେଜନାର ପ୍ରବଳ ସ୍ରୋତ ଗ୍ରାମ ମଧ୍ୟରେ ବହିବାକୁ ଲାଗିଲା । ଅନେକେ ମନେ ମନେ ଭାବୀ ଯାତ୍ରାର ଜାଗ୍ରତ-ସ୍ୱପ୍ନ-ସୁଖ ଉପଭୋଗ କଲେ । ସମସ୍ତେ ଯାତ୍ରା ନିମନ୍ତେ ପ୍ରସ୍ତୁତ ହେଲେ । ସମସ୍ତଙ୍କ ପ୍ରାଣରେ ସ୍ଫୂର୍ତ୍ତି ଖେଳିଗଲା । କେହି ଢାମଦାମ ଛତ୍ର ଚାନ୍ଦୁଆ, ବିଛଣା ପ୍ରଭୃତି ଯାତ୍ରାର ଉପକରଣ ସଂଗ୍ରହରେ ଲାଗିଲା, କେହି ମଇଳା ଲୁଗା ବୁଜୁଳା ଧରି ଧୋବାଘରକୁ ଧାଇଁଲା ଏବଂ ଚଇଁଳ ବାସି କରିଦେବା ସକାଶେ ବାରମ୍ବାର ତାଗିଦ କରିଦେଇ ଆସିଲା । ଭଲରୂପେ ଇସ୍ତ୍ରି କଲେ ଦୁଇ ପଇସା ପାରିତୋଷିକ ମିଳିବାର ପ୍ରଲୋଭନ ମଧ୍ୟ ଦେଖାଇ ଆସିଲା । କାହାର ଜାମାଖଣ୍ଡି ଚିରି ଯାଇଥିଲା, ସେ ତାହା ସିଇଁବା ପାଇଁ ଦରଜି ଖୋଜିବୁଲିଲା । ରମଣୀସମାଜର ଉତ୍ତେଜନା ଚତୁର୍ଗୁଣ । ସେମାନେ ସାଜସଜ୍ଜାର ସଂସ୍କାରରେ, କେହି ବା ସଂଗ୍ରହରେ ଲାଗିଲେ । କାହାର ଦଣ୍ଡି ଗୁଣାରୁ ଝସ ଖସିପଡ଼ିଥିଲା, ବଣିଆ ଘରକୁ ଯାଇ ତାହା ଲଗାଇ

ଅଣିବା ପାଇଁ ସ୍ୱାମୀ ପାଖରେ ସେ ପ୍ରଥମେ ଅଭିମାନ ପ୍ରକାଶ କରି ପରେ ଅଳି କରିବାକୁ ଲାଗିଲା । କେହି କନ୍ଦାଣୀ ଲାଗି ରୁଷି ବସି ଶାଶୁ ସଙ୍ଗରେ କଳି-ଲଗାଇଲା । କେହି ଯା-ଯାଉଳାଙ୍କୁ ଲକ୍ଷ୍ୟ କରି ଆପଣା ମାଆ କହିଲା,"ବୋହୂ କୁଅଁରୁଣୀମାନେ ଅଛନ୍ତି, ଗହଣାରେ ସେମାନଙ୍କର ଦେହ ଦିଶୁ ନାହିଁ, ଆଉ ମୋ ପୋଡ଼ା କପାଳ ଇମିତି ଯେ, ଅଁଳସାଏଁ ନାକରୁ ନିମ୍ବକାଠି ବି ବାହାରିଲା ନାହିଁ । ବାପମା ଇମିତି ଘରେ ବର ବାଛି ଦେଇଥିଲେ ଯେ, ଖଣ୍ଡେ ପିନ୍ଧା ଅରିମାନ ଛୁଟିଲା ନାହିଁ, କି ଠିକେ ନାଇ ଅରିମାନ ମେଣ୍ଟିଲା ନାହିଁ ।" ଏହିପରି ଯାହାର ଯାହା ଅଭାବ ଥିଲା, ସେ ତାହା ପୂର୍ଣ୍ଣ କରିବାକୁ ଚେଷ୍ଟା କଲା, ଆଉ ଯେ ପୂର୍ଣ୍ଣ କରି ନ ପାରିଲା, ସେ ହାଣ୍ଡି ପରି ମୁହଁ କରି ବସାଣିହେଲା । କେହି ବା ପ୍ରତି-ବେଶୀର ନୂତନ ବସ୍ତ୍ରାଳଙ୍କାର ଦେଖି ଈର୍ଷାରେ ଖଇକି ହେଲା—କାହାକୁ ଉପଲକ୍ଷ କରି ଛଟା ଡଗ ମେଲିଲା । ପିଲାମାନଙ୍କର ଆନନ୍ଦର ସୀମା ନାହିଁ । ସେମାନେ ଯାତ୍ରା ଦେଖିବେ, ପେଟ ପୂରାଇ ଭୋଗ ଖାଇବେ, ଆଉ ଆନନ୍ଦରେ ନାଚି ଖେଳି ବୁଲିବେ, ଏହା ଅପେକ୍ଷା ବାଲ୍ୟଜୀବନର ବାଞ୍ଛନୀୟ ପ୍ରିୟ ଆମୋଦ କଅଣ ଅଛି ? ଅତି ବୁଦ୍ଧିମାନ୍ ପିଲାମାନେ ପିତାମାତା ପ୍ରଭୃତିଙ୍କ ଅନୁପସ୍ଥିତ ସମୟରେ ଘରୁ ଚାଉଳ ଚୋରି-କରି ନେଇ ଖଜା ପଣ ବୃଦ୍ଧି କଲେ । କେହି ବାଡ଼ର ଫଳମୂଳ ବିକି ଖଜାବୃଦ୍ଧିର ସହାୟତା କଲା । ଘରେ କେହି ପଚାରିଲେ ମାଙ୍କଡ଼ ଉପରେ ଦୋଷ ଲଦାଇଦେଇ ଆଖି ଛୁଇଁ ରାଣ ପକାଇ ସ୍ୱୀୟ ସାଧୁତା ସପ୍ରମାଣ କଲା । ଖଜା ଅଦାୟକାରୀମାନଙ୍କୁ ଅଧିକ ଆୟାସ ସହ୍ୟ କରିବାକୁ ହେଲା ନାହିଁ । ତିନି ଚାରିଦିନ ମଧ୍ୟରେ ସାତଶ ଟଙ୍କା ଆଦାୟ ହୋଇଗଲା । ତହୁଁ ସପ୍ତାର ଆୟୋଜନ ଲାଗିଲା । ତିନିଗୁଣ୍ଠ ଜମିରେ ଛାମୁଣ୍ଡିଆ ନିର୍ମିତ ହେଲା । ତାହା ଶୁଣି ବଳାସପୁର-ବାସୀଏ ପାଞ୍ଚ ଗୁଣ୍ଠ ଜମିରେ ଅପେକ୍ଷାକୃତ ବଡ଼ ଛାମୁଣ୍ଡିଆ ପକାଇଲେ । ସେମାନେ କୋଡ଼ିଏ ଜଣ ବ୍ରାହ୍ମଣ ବରଣୀ କଲେ । ଦୁର୍ଗାପୁରର ଲୋକେ ବାଇଶଜଣ ବରଣୀ କଲେ । ଏହିପରି ବୁଦ୍ଧିମାନାରେ ଉଭୟ ପକ୍ଷର ସପ୍ତା ଆୟୋଜନ ଲାଗିଲା ।

—୩—

ଯଥାସମୟରେ ଉଭୟ ଗ୍ରାମରେ ସପ୍ତା ବସିଲା, ଠିଆ ଗାଆଣ ପାଲା ହେଲା, ଅଷ୍ଟପ୍ରହରୀ କୀର୍ତ୍ତନର ଉଦାତ୍ତ ସୁଅଲୁ ବାଦ୍ୟରୋଳ ଏବଂ "ହରେ କୃଷ୍ଣ ହରେ ରାମ, ଗୌର ନିତାଇ ରାଧେ ଶ୍ୟାମ" ଶବ୍ଦରେ ଗ୍ରାମ ଆକାଶପର୍ଯ୍ୟନ୍ତ କମ୍ପିତ ହେବାକୁ ଲାଗିଲା । ଗ୍ରାମ ଦୁଇଟି ସଜୀବ ହୋଇଉଠିଲା । ଆନନ୍ଦ ଏବଂ ପବିତ୍ରତାର ସ୍ନିଗ୍ଧ ହିଲ୍ଲୋଳ ନିରନ୍ତର ଖେଳିବୁଲିଲା । ସମସ୍ତେ ନିଜର ବ୍ୟବସାୟ ଛାଡ଼ି ଉତ୍ସବରେ ମାତିଲେ । ସମସ୍ତଙ୍କ ମନ ଉତ୍ସବମୟ, ଚିନ୍ତା ଉତ୍ସବମୟ । ସେ ଚିନ୍ତାରେ କାମନାର ଛାୟା ନାହିଁ; ମାତ୍ର ତୃପ୍ତି ଏବଂ ଆନନ୍ଦର ବିମଳ ଜ୍ୟୋତି ବିଦ୍ୟମାନ । ଯାତ୍ରାକାରୀମାନେ ପିମ୍ପୁଡ଼ି ମାଳ ପରି ଦୁଇ ଗ୍ରାମକୁ ଧାଇଁଲେ । ଦୂର ଦୂରାନ୍ତରରୁ ବେପାରୀମାନେ ଆସି ଯାତ୍ରାଦେଖା ସଙ୍ଗେ ସଙ୍ଗେ କିଛି ଲାଭ ମଧ୍ୟ କରିନେଲେ । ଏକ ଯାତ୍ରାରେ ଏକାଧିକ ଫଳଲାଭ ଅବଶ୍ୟ ଚତୁରତାର ପରିଚାୟକ । ପିଲାଙ୍କର ତ ପବାର ଯୋଗ୍ୟଯାତ୍ରା ଏବଂ ପ୍ରସାଦରେ ସେମାନଙ୍କର ପେଟ ପୂରିଲା । ଅନେକ ଅ-ପିଲା ମଧ୍ୟ ପିଲାଙ୍କ ମେଳରେ ପଶି ପିଲା ହୋଇଗଲେ । ସେମାନଙ୍କ ଘରେ ଚୁଲି ଜଳିଲା ନାହିଁ ।

ଦକ୍ଷିଣରୁ ହରି ଶଙ୍ଖ ଅଦଳ ଦୁର୍ଗାପୁରକୁ ଆସିବେ ବୋଲି ଶୁଣି ବଳାସପୁରର ଲୋକେ ଆଗରୁ ଯାଇ ଉକ୍ତ ଦଳକୁ ନିମନ୍ତ୍ରଣ କରିଆଣିଲେ । ଶଙ୍ଖୁଆ ଜାତିରେ ତନ୍ତୀ । ସେ ଜଣେ ବିଚକ୍ଷଣ ଗାୟକ । ବାରବର୍ଷ ବୟସ ବେଳୁ ପାଲା ଗାଇଆସୁଅଛି; ଏହେତୁ ସେ "ବାର-ବର୍ଷିଆ ଗାଆଣ" ନାମରେ ସର୍ବତ୍ର ସୁପରିଚିତ । ଆମ୍ଭେମାନେ ମଧ୍ୟ ତାକୁ ସେହି ନାମରେ ଅଭିହିତ କରିବୁଁ । ସଂସ୍କୃତ ଅପାର କାବ୍ୟ ନାଟକ ତାହାର କଣ୍ଠସ୍ଥ । ବିଶେଷତଃ ପ୍ରାଚୀନ ଓଡ଼ିଆ ସାହିତ୍ୟର ସେ ଜଣେ ପ୍ରବୀଣ ଭକ୍ତ । ଦୁର୍ଗାପୁରବାସୀଙ୍କର ଆକାଙ୍କ୍ଷା ବିଫଳ ହେଲା, ସେମାନେ ବଳାସପୁରିଆଙ୍କ ଉପରେ ମହାବିରକ୍ତ ହୋଇ ବଣିଆ ଗ୍ରାମରୁ ଶଙ୍କର ନାୟକ ଦଳକୁ ଆଣି ପାଲା କରାଇଲେ । ଶଙ୍କର ଜାତିରେ କ୍ଷୌରକାର, ସେ ସାରଳାଦେବୀଙ୍କୁ ପ୍ରସନ୍ନ କରି ବର

ଯାଇଅଛି ବୋଲି ସମସ୍ତେ କହନ୍ତି । ସେ ସମକାଠିଆ ବଜାଇ ପାଲି ଗାଏ । ତାହାର କଣ୍ଠ ଖୁବ୍ ମଧୁର । ସେ ଜୀବନରେ ଅନେକ ପ୍ରଖ୍ୟାତନାମା ଗାୟକଙ୍କ ସଙ୍ଗରେ ପ୍ରତିଯୋଗିତାରେ ଜୟଲାଭ କରିଅଛି । ଅନେକ ପୁରସ୍କୃତ ମଧ୍ୟ ହୋଇଅଛି । ତାହାର ଶାସ୍ତ୍ରଜ୍ଞାନ ଅସାଧାରଣ, ବହୁଦର୍ଶିତା ମଧ୍ୟ ଯଥେଷ୍ଟ ଅଛି । ବାରବର୍ଷିଆ ଏବଂ ଶଙ୍କର ନାୟକ କେହି କାହାକୁ ଊଣା ନୁହନ୍ତି । ଉଭୟେ ରସଜ୍ଞ, ଉଭୟେ ଆଶୁକବି ଏବଂ ଝୁଣ୍ଟେ ଝୁଣ୍ଟେ କବିତା ରଚନା କରିବାରେ ଉଭୟେ ସମକକ୍ଷ । ଉଭୟେ ବିଦ୍ୱାନ ; ମାତ୍ର ବାରବର୍ଷିଆ ଯୁବକ ହେଲୁ "ନମ୍ରନ୍ତି ଫଳିନୋ ବୃକ୍ଷାଃ" ନ ହୋଇ କିଛିଟା ଉଦ୍ଧତ, ଆଉ ଶଙ୍କର ପ୍ରୌଢତ୍ୱସୁଲଭ ଶାନ୍ତ, ସଯତ ଏବଂ ମୃଦୁମଧୁରଭାଷୀ । ଲୋକେ କହନ୍ତି, ସେ ପାଲି ଗାଇବାବେଳେ ମଧୁ ବୃଷ୍ଟି ହୋଇଯାଏ ।

ଏଣେ ଆଡମ୍ବରରେ ଦୁଇଗ୍ରାମରେ ପାଲି ଯାତ୍ରା ଲାଗିଲା । ଦର୍ଶକମାନଙ୍କ ମଧ୍ୟରେ ଉଭୟ ଦଳର ତୁଳନାମୂଳକ ସମାଲୋଚନା ଲାଗିଲା । କିଏ ବାରବର୍ଷିଆକୁ ଉତ୍ସାହନ ପ୍ରଦାନ କଲା, କେହି ବା ଶଙ୍କରକୁ ପ୍ରଶଂସା କଲା । ସଂସାରରେ ପ୍ରତ୍ୟେକ କଥା ବା କାର୍ଯ୍ୟରେ ଏହିପରି ଘଟିଥାଏ । ଦଳେ ପ୍ରଶଂସା କଲେ ଆଉ ଦଳେ ନିନ୍ଦା କରନ୍ତି । ସମସ୍ତଙ୍କର ସମାନ ଭାବରେ ମନୋମତ ହେବା ଭଳି କଥା ବା କାର୍ଯ୍ୟ ନାହିଁ, ନ ଥିଲା ବା ହେବ ନାହିଁ । ରୁଚିଭେଦ ଚିରକାଳ ଅଛି ଏବଂ ଥିବ । ଦୁର୍ଗାପୁରିଆମାନେ ଶଙ୍କରର ପ୍ରଶଂସାରେ ଶତକଣ୍ଠ ହେଲେ; ତଥା ବଳାସପୁରବାସୀଏ ବାରବର୍ଷିଆର ପ୍ରଶଂସା ଗାଇବୁଲିଲେ । ସମସ୍ତଙ୍କ ମୁହଁରେ ଏକ କଥା—ନିଜ ନିଜ ଦଳର ପ୍ରଶଂସା ଏବଂ ଅପର ଦଳର ନିନ୍ଦା । ସମସ୍ତେ ପରଗୁଣରେ ବ୍ୟବସାୟୀ କରିବସିଲେ । ଯେମନ୍ତ କି ସେମାନେ ପାଲିଦଳର ଖଣ୍ଡିଏ ଖଣ୍ଡିଏ ସଚଳ, ସଜୀବ, ସବାକ୍ ବିଜ୍ଞାପନପତ୍ର । ଏହି କଥା ଘେନି ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ତୁମୁଳ ଆନ୍ଦୋଳନ ଏବଂ ବାଗ୍‌ବିତଣ୍ଡା ଲାଗିଲା । କ୍ରମେ ତାହା ବିବାଦରେ ପରିଣତ ହେଲା । ଅରେ ଦୁଇଥର ମଧ୍ୟରେ ଖଣ୍ଡଯୁଦ୍ଧ ମଧ୍ୟ ହୋଇଗଲା; ମାତ୍ର ସୁଖର କଥା, ବିବାଦ ଅଧିକ ଦୂର ବିସ୍ତୃତ ହୋଇପାରିଲା ନାହିଁ । ଦୁଇଗ୍ରାମର କେତେ ଜଣ ପ୍ରୌଢ ବ୍ୟକ୍ତି ମଧ୍ୟସ୍ଥ ହୋଇ କହିଲେ, "ଦୁଇଗ୍ରାମର ଦୋସମାଳିରେ ଦୁଇଦଳର ବାଦୀ ପାଲି ହେଉ, କିଏ ଶ୍ରେଷ୍ଠ କିଏ ନିକୃଷ୍ଟ ବଳେ ବଳେ ଜଣାପଡିବ ।" ଏ ପ୍ରସ୍ତାବରେ ଉଭୟ ଗ୍ରାମବାସୀ ସମ୍ମତ ହେଲେ ଏବଂ ପ୍ରସ୍ତୁତ ହେବା ସକାଶେ ନିଜ ନିଜ ଦଳକୁ ସତର୍କ କରାଇଲେ । ବାରବର୍ଷିଆ ଶୁଣି ତୀବ୍ର ପରିହାସ କରି କହିଲା, "ଓଃ, କଅଣ କହିବ, ଯୋଉଷ ଖୋଳ ପଶିବ ପରା ! ଶଙ୍କର ଗୋଟାଏ ଗାଆଣ, ସେ ପୁଣି ମୋତେ ଜିଣିବ !" ଏହି ସଦର୍ପ ଉକ୍ତି ଶୁଣି ଶଙ୍କର ମଧ୍ୟ ଗ୍ରାମବାସୀଙ୍କୁ ଭରସା ଦେଇ କହିଲା—"ହଉ, ତନ୍ତ୍ରୀଟୋକାର ଏତେ ଗୁମାନ ! ତାହାର ବୟସ କେତେ, ବିଦ୍ୟା କେତେ, ଜ୍ଞାନ କେତେ, ସେ ମୋ ସଙ୍ଗରେ ସମକକ୍ଷ ହେବ ? ଗୋଟାଏ ଶାସ୍ତ୍ରୀୟ ପ୍ରଶ୍ନରେ ତନ୍ତ୍ରୀବାପୁତାକୁ ଠେକିଏ ପାଣି ପେଇଦେବି, ନ ହେଲେ ମୋ ନାଁରେ କୁକୁର ପାଳିବ ।"

—୪—

ଦୁଇ ଗ୍ରାମ ମଧ୍ୟରେ ଖଣ୍ଡେ ପ୍ରଶସ୍ତ ପଡିଆ ଅଛି । ତାହା ଦୁଇଗ୍ରାମର ଦୋସମାଳି । ସମସ୍ତେ ତାକୁ "ବୋଠ ପଡିଆ" ବୋଲି କହନ୍ତି । ସେହି ବୋଠ ପଡିଆରେ ଦୁଇଟା ଘୁମୁଡିଆ ବନ୍ଧାଗଲା । ନିରୁପିତ ଦିନ ଦୁଇ ଗ୍ରାମର ଲୋକେ ସ୍ୱ ସ୍ୱ ପାଲିଦଳ ଘେନି ସେଠାରେ ଉପସ୍ଥିତ ହେଲେ । ଗାଆଣ ଦୁହେଁ ବର ପରି ଆଡମ୍ବରରେ ଆସିଲେ । ନିଶାଣ ଉଡିଲା, ବାଦ୍ୟ ବାଜିଲା, ଶଙ୍ଖ ହୁଳାହୁଳି ଉଛୁଳିପଡିଲା । ଗାଆଣମାନେ ଫୁଲମାଳରେ ମଣ୍ଡିତ ହୋଇ ମଞ୍ଚରେ ବସିଲେ । ଗ୍ରାମବାସୀମାନେ ତାଙ୍କୁ ଚାରିପାଖରେ ଘେରି ବସିଲେ ବାଦୀପାଲି ନାମ ଶୁଣି ଲୋକେ ଚୂଡା ଗୁଡ଼ ବାନ୍ଧି ଧାଇଁଲେ । କେତେ ଜଣ ମଧ୍ୟସ୍ଥ ହୋଇ ନ୍ୟାୟ ବିଚାର କରିବା ସକାଶେ ନିଯୁକ୍ତ ହେଲେ । ପାଲି ଆରମ୍ଭ ହେଲା ଦୁଇ ଦଳଯାକ ରଣୋନ୍ମତ୍ତ ବୀର ପରି ଘୁହାଁଠ ଛଭ ଭଅଁ କୁଦା ମାରିବାକୁ ଲାଗିଲେ । ସେପରି ଉଅଁ

ଲୁହା ହନୁମାନ ବଂଶଧରଙ୍କର ଅସାଧ୍ୟ । ପ୍ରଥମତଃ ଦୁଇ ଦଳଯାକ ପାଲି ଗାଇଲେ । ମଧ୍ୟରେ ମଧ୍ୟରେ ଟିକିଏ ଟିକିଏ ଘର୍ଷଣ ଲାଗିଯାଉଥାଏ । ସେହି ଘର୍ଷଣ ଶେଷରେ କଳହରେ ପରିଣତ ହେଲା । ତହୁଁ ଧୀବର-ବଧିସୂଚକ ନାନାବିଧ ଅଶ୍ରାବ୍ୟ ବୀଭତ୍ସ ଗାଳି ଚାଲିଲା । ପରସ୍ପର ପରସ୍ପରକୁ ଲକ୍ଷ୍ୟ କରି କୁତ୍ସିତ ଅଙ୍ଗଭଙ୍ଗୀ ପ୍ରଦର୍ଶନ କଲେ—କାଛ ଗୋଡ଼ ମୁଣ୍ଡ ମୁଣ୍ଡାଣ ଖୋଲାଖୋଲି ହେଲେ । ଏ ସବୁ ପଦ୍ୟରେ ହେଲା; ଗଦ୍ୟର ସେଠାରେ ପ୍ରବେଶ ନିଷିଦ୍ଧ ; କିନ୍ତୁ ଏ କଥାଗୁଡ଼ାକ ଅନେକଙ୍କୁ ଭଲ ଲାଗିଲା ନାହିଁ । ସେମାନେ କହିଲେ, "ଏପରି ଇତର ଭାଷାରେ ଗାଳି ଦଅଦେଇ ହେଲେ ନିଜ ନିଜ ରୁଚି କଳୁଷିତ ହୁଏ ସିନା ! ଗୁଣ-ଗରିମା ଦେଖାଅ, ତେବେ ଯାଇ ଜୟ ପରାଜୟ ନିର୍ଣ୍ଣୀତ ହେବ ।" ଏହା ଶୁଣି ଗାଅଣ ଦୁହେଁ କଳହରୁ ନିବୃତ୍ତ ହୋଇ ପରସ୍ପର ପ୍ରଶ୍ନ ପଚରା ପଚରି ହେଲେ । ଛନ୍ଦ, ଅଲଙ୍କାର, ପାଦପୂରଣ, ଅନ୍ତର୍ଲିପି, ବହିର୍ଲିପି ପ୍ରଭୃତି ନାନା ବିଷୟର ଆଲୋଚନା ଲାଗିଲା । ଶାସ୍ତ୍ର ପୁରାଣରୁ ପ୍ରଶ୍ନୋତ୍ତର ଚାଲିଲା; ମାତ୍ର କେହି କାହାକୁ ପରାଜୟ କରିପାରିଲେ ନାହିଁ । ଶେଷରେ ଭଞ୍ଜ ସାହିତ୍ୟର ଚର୍ଚ୍ଚା ଆରମ୍ଭ ହେଲା । ଶଙ୍କର ନାୟକ ପଚାରିଲା—"ବିପିନରେ ପୀନଉରଜା ଅପୂର୍ବ ଦ୍ରବ୍ୟ ଦେଖି ନ ମାଗିବୁ" ଏ ପଦ୍ୟାଂଶ କେଉଁ ଗ୍ରନ୍ଥର ଅନ୍ତର୍ଗତ, କିଏ କାହାକୁ କହୁଛି ଏବଂ ଏହାର ଅର୍ଥ କଅଣ ? ବାରବର୍ଷିଆ କହିଲା—"ଏହା ବୈଦେହୀଶବିଳାସରେ ଅଛି । ସୀତା ସ୍ୱାମୀଙ୍କ ସଙ୍ଗରେ ବନକୁ ଯିବାବେଳେ ସୁମିତ୍ରା ତାଙ୍କୁ ଉପଦେଶ ଦେଇ କହୁଛନ୍ତି—"ହେ ସ୍ଥୂଳସ୍ତନି ସୀତେ, ତୁ ବଣରେ ଅପୂର୍ବ ପଦାର୍ଥ ଦେଖି ମାଗିବୁ ନାହିଁ ।" ଶଙ୍କର ଏ ଅର୍ଥ ଶୁଣି ସଗର୍ବ ହାସ୍ୟ ପ୍ରକାଶପୂର୍ବକ କହିଲା—"ହେ ସଜ୍ଜନ ବନ୍ଧୁବୃନ୍ଦ, ଆପଣମାନେ ବିଚାର କରନ୍ତୁ ଯେ, ଏହା ସଖୀର ଉକ୍ତି, କି ମାତାର ଉକ୍ତି । ସଖୀ ସଖୀକୁ 'ସ୍ଥୂଳସ୍ତନି' ବିଶେଷଣ ଦେଇ-ପାରେ; ମାତ୍ର ସୁମିତ୍ରା ସୀତାଙ୍କର ଶାଶୁ; ସୁତରାଂ ମାତୃସ୍ଥାନୀୟା, ମା କି ଝିଅ ପ୍ରତି ଏପରି ଶବ୍ଦ ପ୍ରୟୋଗ କରିପାରେ ? ପ୍ରକୃତ ଅର୍ଥ ଏହି ଯେ, ସୁମିତ୍ରା କହିଲେ, "ହେ ପୃଥିବୀକନ୍ୟେ ବନରେ ଅପୂର୍ବ ପଦାର୍ଥ ଦେଖି ମାଗିବୁ ନାହିଁ । 'ପୀନଉରଜା' ଅର୍ଥ—ପୃଥିବୀକନ୍ୟା । ପୀନ ଉର ଯାହାର, ସେ ପୀନଉର; ଅର୍ଥାତ୍ ବିଶାଳବକ୍ଷା ପୃଥିବୀ । ସୀତା ତାଙ୍କଠାରୁ ଜନ୍ମ ଲଭିଥିବାରୁ ସୁମିତ୍ରା ବାତ୍ସଲ୍ୟ ସମ୍ବୋଧନରେ ତାଙ୍କୁ ପୀନଉରଜା କହିଅଛନ୍ତି । ଆପଣମାନେ ଉଭୟ ଅର୍ଥ ବୁଝି କିଏ ସଙ୍ଗତ କିଏ ଅସଙ୍ଗତ ବିଚାର କରନ୍ତୁ ।" ମଧ୍ୟସ୍ଥମାନେ କହିଲେ—"ଶଙ୍କର ନାୟକ ଯେଉଁ ଅର୍ଥ କଲେ ତାହା ହିଁ ସଙ୍ଗତ ଏବଂ ଠିକ୍ ।" ଦୁର୍ଗାପୁରବାସୀମାନେ ଏହା ଶୁଣି 'ଆମର ଜୟ, ଆମର ଜୟ" କହି ଜୟଦର୍ପରେ ମତ୍ତ ହୋଇ ଉଠିଲେ । କେତେ ଜଣ ଧାଇଁ ଆସି ଶଙ୍କରକୁ ଟେକି-ନେଇ 'ଜୟ ଦୁର୍ଗାପୁରର ଜୟ' କହି କହି ସ୍ୱୀୟ ଗ୍ରାମାଭିମୁଖରେ ଚାଲିଲେ । ଦୁର୍ଗାପୁରର ଅନ୍ୟ ଅଧି-ବାସୀମାନେ ସେମାନଙ୍କ ପଛେ ପଛେ ବାଦ୍ୟ ବଜାଇ ଜୟ ଶବ୍ଦ କରି କରି ମହା ଆଡ଼ମ୍ବରରେ ଉତ୍ସବ କରି ଧାବିତ ହେଲେ । ହର୍ଷ କୋଳାହଳରେ ଜୟ କୋଳାହଳ ମିଶି ଆକାଶ, ବତାସ ପ୍ରକମ୍ପିତ ହେଲା ।

# ଶୁକ ଶାରୀ-ବିବାହ

## ପ୍ରଥମ ପରିଚ୍ଛେଦ

ସଦାନନ୍ଦ ଗସ୍ତୁ ଯେଉଁ ଦିନ ସଦ୍ୟପରିଣୀତା ସ୍ତ୍ରୀ ସହ ମହା ଆଡ଼ମ୍ବରରେ ପଟୁଆର କରି ଘରକୁ ଫେରି-ଆସିଲେ, ସେହି ଦିନ ଫୁଲ ପିନ୍ଧିଲା ପରି ଗୋଟିଏ କିଶୋରୀ ଆସି ବୃନ୍ଦାବନ ମଙ୍ଗରାଜଙ୍କ ଗୃହ ଆଲୋକିତ କଲା। ଏକ ଦିନରେ ଦୁଇ ସଙ୍ଗାତଙ୍କର ବିବାହ ହୋଇଗଲା। ଏକା ଦିନରେ ବିବାହ କରିବାକୁ ସେ ଦୁହେଁ ପୂର୍ବରୁ ପ୍ରତିଜ୍ଞାବଦ୍ଧ ହୋଇଥିଲେ। ଏରୂପ ପ୍ରତିଜ୍ଞା ଭୀଷ୍ମପ୍ରତିଜ୍ଞା ପରି ଦୁରୂହ ନୁହେଁ; ତଥାପି ପ୍ରତିଜ୍ଞାର ସାଫଲ୍ୟରେ ଉଭୟେ ଯଥେଷ୍ଟ ଆତ୍ମପ୍ରସାଦ ଉପଭୋଗ କଲେ। ଜୀବନର ଗୌରବରେ ଦୁଇ ସଙ୍ଗାତଙ୍କର ଛାତି କୁଣ୍ଢେ ମୋଟ ଫୁଲିଉଠିଲା। ନିଜକୁ ଶକ୍ତିମାନ୍ ବୋଲି ସମ୍ମାନ କରିବାକୁ ସେମାନଙ୍କର ଇଚ୍ଛା ହେଲା କି ନାହିଁ ତାହା ସେହି ଦୁହେଁ ଜାଣନ୍ତି। ଆମ୍ଭେମାନେ ସେ ବିଷୟରେ କୌଣସି ବିଶ୍ୱାସଯୋଗ୍ୟ ବଳବତ୍ତର ଅକାଟ୍ୟ ପ୍ରମାଣ ପାଇ ନାହୁଁ। ଖାଲି ଅନୁମାନ ଉପରେ ନିର୍ଭର କରି କଥା କହିବା ଆମ୍ଭମାନଙ୍କର ପ୍ରକୃତି-ବିରୁଦ୍ଧ।

ସାଳନ୍ଦୀ ନଦୀର ଗୋଟିଏ ଶାଖା ପୂର୍ବ ଦିଗଭି-ମୁଖରେ ପ୍ରବାହିତ ହୁଏ। ଉତ୍ପତ୍ତି ସ୍ଥାନରୁ ଖଣ୍ଡେ ଦୂର ଯାଏଁ ସେ 'ସୁନାମୁହାଁ' ନାମରେ ଅଭିହିତ ହୁଏ। ତହୁଁ ପରେ କାହିଁକି କେଜାଣି "କୁଣ୍ଡୀ" ନାମରେ ପରିଚିତ ହୁଏ। ସେହି କୁଣ୍ଡୀ ନଦୀର ଦୁଇ କୂଳରେ ପୂର୍ବେ ବହୁଦୂରବ୍ୟାପୀ ସୁପ୍ରଶସ୍ତ ଆମ୍ରୋଦ୍ୟାନ ଥିଲା। ଲୋକେ ତାକୁ "କୁଣ୍ଡୀବାଗ" କହୁଥିଲେ। ପରେ ସେଠାରେ ଗ୍ରାମ ବସିବାରୁ ଗ୍ରାମର ନାମ ମଧ୍ୟ କୁଣ୍ଡୀବାଗ ରହିଲା। ଆମ୍ବ ଏବଂ ଜାମୁକୋଳି ସକାଶେ କୁଣ୍ଡୀବାଗ ପ୍ରସିଦ୍ଧ। ତାହାର ସେହି ପ୍ରତିଷ୍ଠା ଅଦ୍ୟାପି ବିଲୁପ୍ତ ହୋଇ ନାହିଁ। ବର୍ତ୍ତମାନ ସେ ନିବିଡ଼ ନୀରନ୍ଧ୍ର ଆମ୍ବ ବଗିଚା ନାହିଁ, କେତେଟା ବଡ଼ ବଡ଼ ପୁରୁଣା ଗଛ ସ୍ଥାନେ ସ୍ଥାନେ ରହି ବଗିଚାର ଅତୀତ ବିଭବର ନିର୍ବାଣୀ ସାକ୍ଷୀ ପ୍ରଦାନ କରୁଅଛି। ସେହି କେତୋଟି ବୁଢ଼ାଗଛ କୁଣ୍ଡୀବାଗର ସ୍ମୃତିଚିହ୍ନ। କାଳର ସର୍ବଧ୍ୱଂସୀ କରାଳ ଉଷ୍ଣ ନିଃଶ୍ୱାସରେ ସେହି ଭସ୍ମମୁଠାକ ଉଡ଼ିଗଲେ ବଗିଚାର ନାମ ଲୋପ ପାଇବ। ଗଛଗୁଡ଼ିକର ଜୀର୍ଣ୍ଣ ପଞ୍ଜର ଦେଖି ବୋଧ-ହୁଏ, ସେହି ଧ୍ୱଂସର ଦିନ ସୁଦୂରବର୍ତ୍ତୀ ନୁହେଁ।

ସେହି କୁଣ୍ଡୀବାଗ ଗ୍ରାମରେ ସଦାନନ୍ଦ ଏବଂ ବୃନ୍ଦାବନଙ୍କର ଘର। ଦୁହେଁ ଜମିଦାର। କଥିତ ହୁଏ, ଏହି ଜମିଦାରୀ ବିକାହେବା ସମୟରେ ଦୁହିଁଙ୍କର ପ୍ରପିତାମହ ଅଧେ ଅଧେ କିଣିନେଇଥିଲେ। ଦୁହେଁ ଯୁବକ। ଆଧୁନିକ ଧରଣରେ ଶିକ୍ଷିତ ନ ହେଲେ ହେଁ ଅଶିକ୍ଷିତ ନୁହନ୍ତି। ବିଷୟ ରକ୍ଷଣାବେକ୍ଷଣ କରିବା ଭଳି ଶିକ୍ଷା, ଯୋଗ୍ୟତା, ଅନୁଭୂତି ଏବଂ ଦୂରଦର୍ଶିତା ତାଙ୍କର ଯଥେଷ୍ଟ ଥିଲା। ଜମିଦାରୀ ପରି ଯୋଗ୍ୟତା ମଧ୍ୟ ସେମାନଙ୍କର ପୈତୃକ ସମ୍ପତ୍ତି। ତାଙ୍କ ବଂଶରେ ଯେଉଁ ଧାରା ଚଳିଆସୁଥିଲା, ସେ ଦୁହେଁ ସେହି ଧାରା ଧରି ଚଳୁଥିଲେ। ସଦାନନ୍ଦ ପିତୃମାତୃଶୂନ୍ୟ; ମାତ୍ର ବୃନ୍ଦାବନଙ୍କର ମାତା ଅଛନ୍ତି। ପତିବିୟୋଗ ପରେ ସେ ସଂସାର ତ୍ୟାଗ କରି ତୀର୍ଥବାସିନୀ ହୋଇଅଛନ୍ତି। ଯୌବନ, ଐଶ୍ୱର୍ଯ୍ୟ ଏବଂ ନିରଙ୍କୁଶ ଆଧିପତ୍ୟ ଏହି ତ୍ର୍ୟସ୍ପର୍ଶ ଯୋଗ ଅନେକ ଯୁବକଙ୍କ ଜୀବନ ହାହାମୟ କରିଦେଇଅଛି, କେତେ ସମୃଦ୍ଧ ଗୃହ ଚୂର୍ଣ୍ଣ ବିଚୂର୍ଣ୍ଣ କରିଦେଇଅଛି, ସେଥିର ଦୃଷ୍ଟାନ୍ତ ଅପ୍ରଚୁର ନୁହେଁ; ମାତ୍ର ସଦାନନ୍ଦ ଓ ବୃନ୍ଦାବନଙ୍କର ସେହି ଦୁର୍ଯୋଗ କିଛି ଅନିଷ୍ଟ କରିପାରି ନ ଥିଲା। କେବଳ ଗୋଟାଏ ଗୋଟାଏ

ବ୍ୟର୍ଥ ଖିଆଲ ବା ଆମୋଦରେ ସେମାନେ ବେଳେ ବେଳେ ବାଟ ବଣାହୋଇଯାଉଥିଲେ । ଏକା ସେହି ଦୁଇବନ୍ଧୁ, ନୁହନ୍ତି—ଭୂସ୍ୱାମୀମାନଙ୍କ ମଧ୍ୟରେ ପ୍ରାୟ ଅଧିକାଂଶ ଏହିପରି ବାଟ ବଣାହୁଅନ୍ତି । ଗୋଟାଏ ଗୋଟାଏ ବୃଥା ହାସ୍ୟକର କୌତୁକରେ ସେମାନେ ଯେତେ ଅର୍ଥ ବ୍ୟୟ କରନ୍ତି, ସେହି ଅର୍ଥରେ ଦେଶର ଅନେକ ମହଦନୁଷ୍ଠାନ ହୋଇପାରନ୍ତା । ଯାହାର ଅର୍ଥ ଅଛି, ସେ ଅର୍ଥର ମୂଲ୍ୟ ବୁଝେ ନାହିଁ । ଯେଉଁ ଅର୍ଥରେ ଦେଶର, ଜାତିର ବା ସମାଜର ଅଭାବ ପୂରଣ ହେବ, ସେହି ଅର୍ଥରେ ଅନେକେ ନିଜର ଅଭାବ କିଣିବସନ୍ତି । ଅଭାବକୁ କିଣିଲେ ଅଭାବ ବଢେ, ଏହା ତାହାର ସ୍ୱଭାବ ।

ଦୁଇବନ୍ଧୁଙ୍କର ଖୁବ୍ ସଦ୍‌ଭାବ । ଭଲ ଜମିଦାର ବୋଲି ତାହାର ପ୍ରତି ତାହାର ଈର୍ଷା ନାହିଁ । ଦୁହେଁ ଦୁହିଁଙ୍କୁ ବିଶ୍ୱାସ କରନ୍ତି ; ମାତ୍ର ଜମିଦାରୀ ଥିଲେ ଘର୍ଷଣ ଅଛି । ସମୟ ସମୟରେ କର୍ମଚାରୀଙ୍କ ଦୋଷରେ ସାମାନ୍ୟ କାରଣରୁ ଘର୍ଷଣ ଉପସ୍ଥିତ ହୁଏ ; ତେତେବେଳେ ଦୁଇ ବନ୍ଧୁ ବସି ବିଚାର କରି ଆପଣା ଆପଣା ମଧ୍ୟରେ ମୀମାଂସା କରନିଅନ୍ତି, କୌଣସି ମଧ୍ୟସ୍ଥ ଆବଶ୍ୟକ ହୁଏ ନାହିଁ । ଯେଉଁ କର୍ମଚାରୀର ଦୋଷ ହୁଏ, ତାକୁ ଉପଯୁକ୍ତ ଦଣ୍ଡ ଦିଆଯାଏ । ଦୁହିଁଙ୍କର ଏପରି ଅକପଟ ସଦ୍‌ଭାବ ଦୁଷ୍ଟ କର୍ମଚାରୀମାନେ ସହିପାରନ୍ତି ନାହିଁ । ସେମାନେ ପଛରେ ଦୁହିଁଙ୍କର ନିନ୍ଦା କରନ୍ତି । ଦିନେ ବୃନ୍ଦାବନଙ୍କ ବଡ଼ ଗୁମାସ୍ତା ଭୀଷଣ ବେଭୁଲ ହୋଇ ଗୃହିଣୀକୁ କହୁଥିଲା—"ମୁଁ କଅଣ କରିବି କହ, ତୋତେ ଗହଣା ଗଢାଇଦେବାକୁ ମୁଁ କଅଣ ମନା କରୁଛି, ନା ମୋର ସେ ସାଧ ନାହିଁ ? ମାଲିମାମଲା ଲାଗିଲେ ସିନା ମୋର ହାତ ଚଳନ୍ତା ? ଆମ ଜମିଦାର ତ ମାମଲାର ନାଁ ଶୁଣିଲେ ଭୂଗାପଟାରେ ଅଧର୍ମ କରିପକାନ୍ତି । ତେଲକୁ ପାଣିକୁ ନେଲି ଭଳି କରେଇ ମାଣ୍ଡିବାକୁ ସେ ଭଲ ଜାଣେ । ଜମିଦାର ପୁଅ, ବାଘର ବଚ୍ଚା, ସେ ସିନା ନଖ ଫୁଲାଇ ତୋଅ-ଖିଆ ହୋଇ ରହିଲେ ହୁଅନ୍ତା; ଆଉ ଅଣହାଡୁଆ ଜିଆ ପରି ହଲ ହଲ ହେଲେ ଶିକାର ମିଳିବ କୁଆଡୁ ? ଜମିଦାର ଏକା ସେହି କରିପଡ଼ା ଜମିଦାରୀ! ତିନିଶ ଷାଠିଏ ଦିନଯାକ ମୋକଦ୍ଦମା ଲାଗିରହୁଛି । ସ୍ୱକର୍ କରିବ ତ ତାହାର ସିରସ୍ତାରେ କରିବ । ଦରମାକୁ କିଏ ପଚ୍ଚରେ, ଉପ୍ପର ରୋଜଗାରରେ ତ ପେଟ ଓହଳ-ପଡିବ ।" କର୍ମଚାରୀମାନେ ଏହିପରି ନାନା କଥା କହି ପ୍ରଭୁଭକ୍ତିର ପରାକାଷ୍ଠା ପ୍ରଦର୍ଶନ କରନ୍ତି । ସେ ସବୁ ପ୍ରକାଶ କରିଦେବା ଶିଷ୍ଟାଚାର ନୁହେଁ; ସୁତରାଂ ଉପେକ୍ଷିତ ହେଲା ।

# ଦ୍ୱିତୀୟ ପରିଚ୍ଛେଦ

ସଦାନନ୍ଦ ଏବଂ ବୃନ୍ଦାବନ ଉଭୟେ ଜମିଦାର, ଏହା ପୂର୍ବରୁ ବୋଲାଯାଇଅଛି । ଦୁହିଁଙ୍କର ଅକପଟ ସୌହାର୍ଦ୍ଦ୍ୟ ସେହି ଶ୍ରେଣୀର ଅନୁକରଣୀୟ । ଦୁହେଁ ଦୁହିଁଙ୍କଦ୍ୱାରା ରକ୍ଷିତ । ଜମିଦାରୀସଂକ୍ରାନ୍ତ ପ୍ରତି କାର୍ଯ୍ୟରେ ଦୁହେଁ ଦୁହିଁଙ୍କର ପରାମର୍ଶ ଗ୍ରହଣ କରନ୍ତି । ଲାଟବନ୍ଦ ସମୟରେ ଏକପକ୍ଷର ଟଙ୍କା ଅକୁଳାଣ ହେଲେ ଅନ୍ୟ ପକ୍ଷ ତାହା ତୁଲାଇଦିଅନ୍ତି । ଜମିଦାରବାବୁଙ୍କ ପ୍ରଜାନୁରାଗ, ଧୈର୍ଯ୍ୟ, ଗାମ୍ଭୀର୍ଯ୍ୟ, ଔଦାର୍ଯ୍ୟ ପ୍ରଭୃତି ଶୁଭଗୁଣ ଦୁହିଙ୍କର ଯଥେଷ୍ଟ ଥିଲା । ସେମାନେ ଶୋଷଣନିପୁଣ ନୁହନ୍ତି; ପ୍ରତ୍ୟୁତଃ ପୋଷଣନିପୁଣ ବୋଲି ଉଭୟଙ୍କର ଗୋଟାଏ ଖ୍ୟାତି ଅଛି । ତାହାରିଠାରେ ଖଜଣା ବାକି ରହିଲେ, ଚକ୍ରବୃଦ୍ଧି ହିସାବରେ ସୁଧ ଲଦାଯାଇ ଆଦାୟ ହୁଏ, ଏହା ସେମାନଙ୍କର ଦୋଷ ନୁହେଁ । ତାଙ୍କ ଘରେ ପୁରୁଷାନୁକ୍ରମେ ଏହି ଧାରା ଚଳିଆସୁଅଛି । ପୂର୍ବପୁରୁଷଙ୍କ ଧାରା ସେ ଉଚ୍ଛେଦ କରିବେ କିପରି ? ତାହାହେଲେ ତାଙ୍କ ବଂଶର ଗୋଟାଏ ସ୍ମୃତି ଯେ ଅନାହାରରେ ମରିଯିବ । ସେହି ବଂଶର ବଂଶଧର ହୋଇ ବଂଶୀୟ କୀର୍ତ୍ତି ଲୋପ କରି ସେ ପାପଭାଗୀ ହେବେ କାହିଁକି ? ସେ ଯାହାହେଉ, ଦବାହି କରି ଉଭୟେ ସୁଖରେ ଅଛନ୍ତି । ସେମାନେ ପ୍ରେମ-ବିପଣୀର ପ୍ରଥମ ଗ୍ରାହକ, ଉପଯୁକ୍ତ ସଙ୍ଗିନୀ ପାଇ ଇଚ୍ଛାସୁଖେ ପ୍ରେମ-ବିନିମୟ କରିବାକୁ ଲାଗିଲେ । ସଦାନନ୍ଦଙ୍କ ସହଧର୍ମିଣୀଙ୍କ

ନାମ ପାର୍ବତୀ ଏବଂ ବୃନ୍ଦାବନଙ୍କ ସହଧର୍ମିଣୀଙ୍କ ନାମ ସୁକୁମାରୀ । ପାର୍ବତୀ ଚଞ୍ଚଳ ଏବଂ ସୁକୁମାରୀ ଉଦାସୀନା । ଗୋଟିଏ ଆଡ଼ମ୍ବରଶୂନ୍ୟା, ଅନ୍ୟଟି ଆଡ଼ମ୍ବରରେ ଅତୀବ ନିମଗ୍ନା । ଗୋଟିଏ ନିରଭିମାନିନୀ, ଅନ୍ୟଟି ଧନ ମାନ ଆଭିଜାତ୍ୟ ଗର୍ବର ଉଲଗ୍ନ ପ୍ରତିମୂର୍ତ୍ତି । ଗୋଟିଏ ରୂପ-ଗନ୍ଧମୟୀ ଶେଫାଳିକା, ଅନ୍ୟଟି ରୂପେଶ୍ୱରୀ କୁରୁବକ ଫୁଲ । ପାର୍ବତୀ ଗୃହକର୍ମରେ ଏବଂ ଦାସଦାସୀ ପ୍ରଭୃତିଙ୍କ ତତ୍ତ୍ୱାବଧାନରେ ସର୍ବଦା ନିଯୁକ୍ତ ଥାଏ ଏବଂ ସୁକୁମାରୀ କୁଟାଖଣ୍ଡିକ ଦୁଇଖଣ୍ଡ କରେ ନାହିଁ । ସେ ବହୁମୂଲ୍ୟ ସୁନାଜରି ପାଟଶାଢ଼ୀ ପିନ୍ଧି ଗାଲେ ପାନ ଠେସିଦେଇ ସବୁବେଳେ ଖଟରେ ଶୋଇବାକୁ ଭଲପାଏ । ତାହା ବିଶ୍ୱାସରେ ଅସାର ଖଲ ସଂସାରରେ ପାଟ, ଖଟ, ପାନ ଏହି ତିନୋଟି ସାର ; ସୁତରାଂ ସେ ଭକ୍ତି ସହିତ ସେହି ତିନି ଦେବତାଙ୍କ ଆରାଧନା କରି ନିଜର ଜନ୍ମ, ଜୀବନ ଏବଂ ସୁକୁମାରୀ ନାମ ସାର୍ଥକ ମଣେ । ତାହା ମତରେ ନାରୀତ୍ୱର ଚରମ ପରମ ଲକ୍ଷ୍ୟ ଏହି ତିନି ଜାଗାରେ ପୂର୍ଣ୍ଣତା ପ୍ରାପ୍ତ ହୁଏ ।

ଦୁଇ ଜମିଦାରଗୃହିଣୀଙ୍କର ପ୍ରକୃତି ବିଭିନ୍ନ ହେଲେ ହେଁ ମନ ଖୁବ୍ ମିଳେ । ପହିଲୁ ପହିଲୁ ଦୁହେଁ ପରସ୍ପର ପ୍ରତି "ତୁମେ" ଶବ୍ଦ ପ୍ରୟୋଗ କରୁଥିଲେ; ମାତ୍ର ଘନିଷ୍ଠତା ବୃଦ୍ଧି ସଙ୍ଗେ ସଙ୍ଗେ ସେଥିର ଶେଷ ଅକ୍ଷରଟି ଉଡ଼ିଯାଇ ଏଣିକି କେବଳ ମୂଳ ଅକ୍ଷର ବ୍ୟବହୃତ ହେଉଅଛି । ବାସ୍ତବରେ ସ୍ନେହାନୁପ୍ରାଣିତ ହେଲେ 'ତୁ' ଶବ୍ଦଟି ବଡ଼ ମଧୁର ହୁଏ । ସେ ପ୍ରାଣରେ ପ୍ରାଣ ମିଶାଇଦେଇ ତାହା ସଙ୍ଗରେ ଆତ୍ମୀୟତାକୁ ଗଣ୍ଠି ପକାଇଦିଏ । ତୁକାରର ମୂଲ୍ୟ ସମ୍ମାନଠାରୁ ଅଧିକ । ଭକ୍ତ ପ୍ରେମ-ଭକ୍ତବତ୍ସଳ ହୋଇ ଭଗବାନଙ୍କୁ 'ତୁ' ବୋଲି କହିପକାଏ । ତେତେବେଳେ ଭକ୍ତର ସେ ଅବସ୍ଥା ଏକାନ୍ତ ଆତ୍ମୀୟତାରେ ତନ୍ମୟ । ତେତେବେଳେ ଭକ୍ତ ଭଗବାନ୍ ଏକ ପରିବାରସ୍ଥ, କେହି କାହାଠାରୁ ଭିନ୍ନ ନୁହେଁ । ପକ୍ଷାନ୍ତରେ 'ତୁ' ଶବ୍ଦ ଅବଜ୍ଞାସୂଚକ ହେଲେ ବଡ଼ କଟୁ ହୁଏ ଏବଂ ଆତ୍ମାକୁ ବାଧେ । ପାର୍ବତୀ ଏବଂ ସୁକୁମାରୀର ମନ ଏପରି ମିଶିଗଲା ଯେ, ଦୁହେଁ ଦୁହିଁଙ୍କୁ ଦିନେ ନ ଦେଖିଲେ ଅସ୍ଥିର ହୋଇଉଠନ୍ତି । ପ୍ରତ୍ୟହ ଦୁହେଁ ଦୁଆରିରେ ଯାଇ ପରସ୍ପରକୁ ସଙ୍ଖୋଳି ଆସନ୍ତି । ଦୁହେଁ ଯାକ ତ ରଘୁନାଥପୁରର ରାଣୀ; ସୁତରାଂ ତାହାଙ୍କର ଅଭାବ କଅଣ ? 'ବେଟି' ଶବ୍ଦଟା କୁକ୍ଷଣରେ ଜନ୍ମ ଲଭିଥିଲା କେଜାଣି, ସେ ଦୁର୍ଦ୍ଦାନ୍ତ ଦୈତ୍ୟର ଅସାଧ୍ୟ କିଛି ନାହିଁ । ପାର୍ବତୀ ପ୍ରତ୍ୟହ ଖଜା-ପିଠା ପ୍ରଭୃତି ଭଲ ଜିନିଷମାନ ମଙ୍ଗରାଜଙ୍କ ଉଆସକୁ ପଠାଇଦିଏ । ମଙ୍ଗରାଜଗୃହିଣୀ ସୁକୁମାରୀ ମଧ୍ୟ ଖିରୀର ସେ ଋଣ ଦ୍ୱିଗୁଣ କରି ପରିଶୋଧ କରିଦିଏ । ଦୁହିଙ୍କ ଗୁଣରେ ଦୁଇ ପରିବାର ମିଶି ଏକ ହୋଇଗଲା । ସ୍ୱାମୀଙ୍କ ସଙ୍ଗାତ ସମ୍ପର୍କ ଧରି ଦୁହେଁ ଦୁହିଙ୍କୁ ଥଟ୍ଟା-ପରିହାସ କରି ଆମୋଦ ଆହ୍ଲାଦ ଉପଭୋଗ କରନ୍ତି । ସେ ବିଦ୍ୟାରେ କେହି କାହାକୁ ଊଣା ନୁହେଁ; ଦୁହେଁ ଦୁହିଙ୍କର ପଟାନ୍ତର । ସେମାନେ ପରସ୍ପରର ନାମ ଧରି ଡକା ଡକି ହୁଅନ୍ତି । ପାର୍ବତୀ ସୁକୁମାରୀକୁ 'ସୁକୁ ଅପା' ବୋଲି ଡାକେ ଏବଂ ସୁକୁମାରୀ ପାର୍ବତୀକୁ 'ପାରି ଅପା' ବୋଲି ଡାକେ । ତାସ, ପଶା ଏବଂ କଉଡ଼ି ଖେଳରେ କିଏ କାହାର ଗୁରୁ ବା କିଏ କାହାର ଶିଷ୍ୟ, ତାହା ବାରି ହୁଏ ନାହିଁ । ବୋଧହୁଏ, ଉଭୟେ ଉଭୟର ଗୁରୁ ପୁଣି ଶିଷ୍ୟ । ଏହିପରି ସ୍ନେହ ପ୍ରୀତି ଏବଂ ଆତ୍ମୀୟତାରେ ଉଭୟ ପରିବାରର ଦିନ ସୁଖରେ କଟିବାକୁ ଲାଗିଲା ।

# ତୃତୀୟ ପରିଚ୍ଛେଦ

"ହୁଁ ଶୁଭ ରେ—ଖବର କହ ରେ—ଡାହାଣେ-ଉଡ଼ ରେ-ବାଆଁକୁ ଚଳ ରେ-ହାବୁଡ଼ା ବାଟ ରେ-ସମାଜ ଫୁଲ ରେ ।" ଠିକ୍ ଦୁମୁଦୁମିଆ ଦ୍ୱିପହର ସମୟରେ ଶୁଆର ଗଉଡ଼ ଡାକ ଶୁଭିଲା । ପାର୍ବତୀ ସେ ଡାକ ଶୁଣି ମନେ ମନେ ଭାବିଲା, "ଏ ତ ସୁକୁ ଅପାର ଆସିବା ବେଳ ନୁହେଁ, ସେ ଯାଇ ଘରର କେଉଁ କୋଣରେ ଲୁଚିଥିବ, କାହିଁକି ବା ଏଡ଼େ ବଡ଼ ଖରାରେ ଘରୁ ବାହାରିବ ? ତେବେ ଆଉ କାହା ଶୁଆର ଆସିଲା ?" ଏହି ସମୟରେ ସୁକୁମାରୀ ସଶରୀରରେ ଆସି ଉପସ୍ଥିତ ହେଲା । ତାହାର ଚାଲିଚଳଣ, ଭାବଭଙ୍ଗୀରୁ ବୋଧ ହେଲା, ଯେପରି ସେ କି ଏକ ଅମୂଲ୍ୟ ଅଭିନବ ଉଜ୍ଜ୍ୱଳ ଆନନ୍ଦବାର୍ତ୍ତା ଅତି କଷ୍ଟରେ କଣ୍ଠମଧ୍ୟରେ ସଂରୁଦ୍ଧ କରି ରଖିଛି । ପ୍ରିୟସଖୀ କଣ୍ଠରେ ତାହା ଢାଳିଦେଲେ ସେ ନିଃଶ୍ୱାସ ପକାଇବାକୁ ଟିକିଏ ତର ପାଇବ । ପାର୍ବତୀ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇ କହିଲା, "କି ଲୋ ସୁକୁ ଅପା, ଏ ମୁଣ୍ଡଫଟା ଖରାଟାରେ କାହିଁକି ଆସିଲୁ ? ତୋ ବର ତୋତେ ମାରି ପିଟି ଘରୁ କାଢ଼ିଦେଲେ କି ଲୋ ?" ସୁକୁମାରୀ ଈଷତ୍ କୋପ କଲା ପରି କହିଲା—"ଏତେ କ୍ଷମତା କାହାର ଲୋ, ବର କି ଓଷଧ ମୁଁ କାହାକୁ ଡରେ ନାହିଁ; ତୁ ଆଉ ବର ବର ହୁ ନା, ମୋ ଶୁଭ କାମନାରେ ବାଧା ଦେ ନା । ଗୋଟାଏ ଖୁସିଖବର ଶୁଣିବୁ ? ସେ ଦୁଇ ସଙ୍ଗାତ କୁଆଡେ ସତ୍ୟ କରିଛନ୍ତି—ଆମର ପୁଅ ଝିଅ ହେଲେ ତାଙ୍କୁ ସେ ବାହା କରାଇ ସମୁଧୀ ମେଳନ କରିବେ ।" ପାର୍ବତୀ ଫଁ କରି ଗୋଟାଏ ବ୍ୟଥାସିକ୍ତ ଦୀର୍ଘ ନିଃଶ୍ୱାସ ପକାଇ କହିଲା, "ସେ ସୁଖ କି ଆମ କର୍ମରେ ଅଛି ଲୋ ଭଉଣି ! ଆମେ ହୀନକର୍ମୀ ! ସେ ମା ହୋଇ ନ ପାରିଲା, ତାହାର ନାରୀଜନ୍ମ ବୃଥା । କହୁଁ କହୁଁ ତାହା ଆଖିରୁ ଦୁଇଧାର ଲୁହ ଗଡ଼ିପଡ଼ିଲା । ସୁକୁମାରୀ ନେତ୍ର ମଧ୍ୟ ଅନାର୍ଦ୍ର ରହିଲା ନାହିଁ; ମାତ୍ର ସେ ଆଘାତ ସମ୍ଭାଳି ନେଇ ଅଞ୍ଚଳରେ ସଖୀର ଅଶ୍ରୁ ପୋଛିଦେଇ କହିଲା, "ଛି କାନ୍ଦନା ଭଉଣି, ମା ହେବା ଦିନ କଅଣ ଆମର ଗଡ଼ିଗଲାଣି ? ତୁ ମୁଁ ଦୁହେଁ ତ ଏକାଠିକେ ଏ ଗାଁକୁ ଆସିଥିଲେ, ପାଞ୍ଚବର୍ଷ ନା ଦଶବର୍ଷ ହୋଇଗଲା ? ଏଇ ତ ଜମା ତିନିବର୍ଷ ବି ପୂରି ନାହିଁ ! ଆମ କପାଳରେ ଥିଲେ ପୁଅ ଝିଅ ହେବେ, ସେଥିଲାଗି ଏତେ ଭାବନା କାହିଁକି ? ଭଗବାନ ସମସ୍ତଙ୍କୁ ଶୁଣୁଛନ୍ତି, ଆମକୁ କଅଣ ଶୁଣିବେ ନାହିଁ ?" ସଖୀର ଏହି ଆଶ୍ୱାସନାରେ ଶୋକ ଉଭେଇଗଲା, ଆଶା ଆସି ହୃଦୟରେ ଦ୍ୱାର ମାଡ଼ିବସିଲା । ତହୁଁ ପାର୍ବତୀ ମୃଦୁ ହସି କହିଲା—"କାହାରି ତ ପୁଅ ଝିଅ ହୋଇ ନାହିଁ । ତୁ ବାହା କରାଇବାକୁ ଏତେ ଠାଉ ଠାଉ ହୋଇ ଧାଇଁ ଆସିଲୁ କାହିଁକି ?"

ସୁକୁମାରୀ—ସମୁଧୁଣୀ ବୋଲି ଡକାଡକି ହୋଇ ଆଗରୁ ମନର ଅଭିମାନଟା ମେଣ୍ଟାଇ ନେବା ଲାଗି ଆସିଲି ।

ପାର୍ବତୀ—କଅଣ କହିଲୁ, ସଉତୁଣୀ ବୋଲି ଡକାଡକି ହେବା ?

ସୁକୁମାରୀ—ମରଣ ନାହିଁ, ସଉତୁଣୀ ହେବାକୁ ଏତେ ଶାଧ କାହିଁକି ?

ପାର୍ବତୀ—ଶାଧ ନୁହେଁ ଲୋ, ତୋତେ ପରଖ କରିବି । ଏବେ ତୁ ମୋତେ ଯିମିତି ଦେଖି ପାରୁଛୁ, ସଉତୁଣୀ ହେଲେ ଠିକ୍ ସିମିତି ଦେଖିପାରିବୁ କି ହିଂସା କରିବୁ ସେଇଟା ବୁଝିନେବି । ତାହା ନ ହେଲେ ମନ ବଢ଼ିବାର ସୁବିଧା ହେବ କିମିତି ?

"ଶୁକଶାରୀ କିଣିବ ହୋ ଶୁକଶାରୀ ! ଜ୍ୟେଷ୍ଠମାସିଆ ପିଲା, ଖୁବ୍ ଶୁଦ୍ଧେ ବୋଲି ଧରିବ, ଆଉ ଢେର ଦିନ ବି ବଞ୍ଚିବ ।" ଦୁଇ ସଖୀଙ୍କର ରହସ୍ୟାଳାପ ଶେଷ ନ ହେଉଣୁ, ଜଣେ ଶବର ପଞ୍ଜରାରେ ଦୁଇଟି ପକ୍ଷୀ ଘେନି ଉପର୍ଯ୍ୟୁକ୍ତମତେ ଦାଣ୍ଡରେ ଡାକ ବୁଲିଲା । ଦୁଇ ସଖୀ କୌତୂହଳୀ ହୋଇ ଦାଣ୍ଡିଦ୍ୱାରେ ପକ୍ଷୀ ଦୁଇଟି ଅଣାଇ ଦେଖିଲେ, ଦୁଇଟିଯାକ ସୁନାକାନୀ । ସୁଲକ୍ଷଣ ଦେଖି ଦୁହିଙ୍କର ଲୋଭ ହେଲା । ତହିଁ ଦରଦାମ କରି ପକ୍ଷୀ ଦୁଇଟି ସେମାନେ କିଣିନେଲେ । ଶୁକଟି ପାର୍ବତୀ ଭାଗରେ ଏବଂ ଶାରୀଟି ସୁକୁମାରୀ ଭାଗରେ ପଡ଼ିଲା ।

# ଚତୁର୍ଥ ପରିଚ୍ଛେଦ

ପକ୍ଷୀ ଦୁଇଟିଙ୍କୁ ପୁତ୍ରକନ୍ୟା ପରି ଦୁଇ ସଖୀ ପାଳନ କରିବାକୁ ଲାଗିଲେ । ବନ୍ଧ୍ୟାନାରୀର ହୃଦୟସଞ୍ଚିତ ଅପତ୍ୟସ୍ନେହ ବୃଥା ହୁଏ ନାହିଁ । ସେ ଇଚ୍ଛା ଏବଂ ରୁଚି ଅନୁରୂପ ପଶୁଟିଏ ବା ପକ୍ଷୀଟିଏ ପାଳି ତାହାରି ଉପରେ ସେହି ସ୍ନେହାମୃତ ଅଜାଡ଼ିଦିଏ ଏବଂ ତାହାକୁ ସ୍ୱୀୟ ଗର୍ଭଜ ସନ୍ତାନ ମଣି ମୋହ, ମାୟା ଏବଂ ସ୍ନେହର ବଶୀଭୂତ ହୁଏ । ତାହାର ସୁଖ ଦୁଃଖରେ ହର୍ଷ ବିଷାଦ ଅନୁଭବ କରେ । ଏହି ବୃଥା ଭ୍ରମରେ ପଡ଼ି ସେ ନିଜେ ଜାଲ ବୁଣି ସେଥିରେ ଛନ୍ଦିହୁଏ । ଦିନେ ଦୁଇ ଦିନ ଯାଏଁ ପକ୍ଷୀ ଦୁଇଟି କିଛି ଖିଆପିଆ କଲେ ନାହିଁ । ସେମାନେ ମନେ ମନେ ପୂର୍ବପରିଚିତ ଫଳର ରସ ଏବଂ ଜଳାଶୟର ଜଳ ପାନ କରିବାକୁ ଲାଗିଲେ । ସ୍ୱାଧୀନତା ଅପହୃତ ହେଲେ କ୍ଷୁଧା ତୃଷା ନାଶ ହୋଇଯାଏ । ଅରଣ୍ୟର ଅଜ୍ଞାନ ଅବାକ୍ ପକ୍ଷୀ ସୁଦ୍ଧା ଏହା ବୁଝେ । ପକ୍ଷୀଦୁଇଟି ଶୂନ୍ୟ ସଙ୍କଳ୍ପକୁ ଖାଇ ଅବା କେତେ ଦିନ ବଞ୍ଚିବେ, ଉଦର ସଙ୍ଗରେ ଯୁଦ୍ଧ କରି କେହି ଜିଣିପାରେ ନାହିଁ । ଉଦରର ଜୟ ହେଲା । ପକ୍ଷିଦ୍ୱୟ ଅଳ୍ପ ଅଳ୍ପ ଆହାର ଧରିଲେ । କେତେ ଦିନ ପରେ ଦୁଧ ଭାତରେ ବଣଫଳକୁ ଭୁଲିଗଲେ । ଦୁଇସଖୀ ବସି ପକ୍ଷୀ ଦୁଇଟିର ନାମକରଣ କଲେ । କଳ୍ପନା-ସାଗରରେ ପଶି ନାମ-ରତ୍ନ ଖୋଜି ବୁଲିଲେ । ଅନେକ ରତ୍ନ ସଂଗୃହୀତ ହେଲା; ମାତ୍ର ଅପସନ୍ଦ ହେବାରୁ କେତେ ପରିତ୍ୟକ୍ତ ହେଲା, କେତେ ତୁଚ୍ଛଜ୍ଞାନରେ ଅବଜ୍ଞାତ ହେଲା ଏବଂ ଅନେକ ଯୁକ୍ତିତର୍କ ଓ ବାଛବିଛି ପରେ ଶେଷରେ ଧାର୍ଯ୍ୟ ହେଲା—ଶୁକର ନାମ ନଟବର । ଏବଂ ଶାରୀର ନାମ ବନରାଣୀ । ତିନି ଚାରିମାସ ପରେ ପକ୍ଷୀଦୁଇଟି ବୋଲି ଧରି ଶିଖିଲେ, ଯାହା ଶୁଣିଲେ ତାହା ଅନୁକରଣ କଲେ । ଅନେକ ଶବ୍ଦ ଏବଂ ସରଳ ଲଘୁବାକ୍ୟ କଣ୍ଠସ୍ଥ କରି ରଖିଲେ । ବାଳ ଭାଷା ପରି ସେଗୁଡ଼ିକ ଖୁବ୍ ଶ୍ରୁତି-ମଧୁର ହେଲା । ଯାହା ଶିଖିଲେ ତାହା ଆବୃତ୍ତି କରି-ଦେଲେ । ପକ୍ଷିମୁଖରୁ ହରି ନାମ ଉଚ୍ଚାରଣ ଶୁଣି ଲୋକେ ବଡ଼ କୌତୁକ ଅନୁଭବ କଲେ । ପାର୍ବତୀ ଏବଂ ସୁକୁମାରୀର ଆନନ୍ଦର ସୀମା ରହିଲା ନାହିଁ । ସନ୍ତାନର ଯୋଗ୍ୟତା ଦେଖିଲେ ଜନନୀ ଯେପରି ଉତ୍ଫୁଲ୍ଲ ହୁଏ, ଦୁଇ ସଖୀ ତତୋଽଧିକ ଉତ୍ଫୁଲ୍ଲିତା ହେଲେ । ମୂଳରେ କହିବାକୁ ଗଲେ ପକ୍ଷୀଦୁଇଟିର ମାୟାରେ ସେମାନେ ଅପତ୍ୟଚିନ୍ତା ଭୁଲିଗଲେ ।

ଦିନେ ଦୁଇ ସଖୀ ବସି ପର କାଟି "ଚଉପଟି" ଖେଳୁଥିଲେ । ଦୁହିଁଙ୍କର ପରିଚାରିକାମାନେ ଦୁଇଆଡ଼େ ଥାଇ ସାରି ଚଳାଉଥାଆନ୍ତି—ବାଛିବା ଗୋଟିଗୁଡ଼ିକ ଗୋଟାଇ ସାଆନ୍ତାଣୀ ଦୁହିଙ୍କ ହାତରେ ଦେଉ-ଥାଆନ୍ତି । ଆଉ କେତେବେଳେ ବା ମଧ୍ୟସ୍ଥ ହୋଇ କଳହକୁ ପାଲଟିଯାଉଥାଆନ୍ତି । ସାଆନ୍ତାଣୀ-ମାନେ କେବଳ ଦାନ ପକାଇବାରେ ନିଯୁକ୍ତ ଥାଆନ୍ତି । ପକ୍ଷୀଯୋଡ଼ିକ ମୁହାଁମୁହିଁ ହୋଇ ପିଞ୍ଜରା ମଧ୍ୟରେ ବସି ପରସ୍ପରକୁ ଏକ ଧ୍ୟାନରେ ଚାହିଁ ରହିଅଛନ୍ତି । ନୟନର କାତର କରୁଣ ମୌନ ଭାଷାରେ କିଏ କି ଭାବ ବ୍ୟକ୍ତ କରୁଅଛି, ତାହା ସେହିମାନେ ଜାଣନ୍ତି । ବେଳେ ବେଳେ ମୌନତା ଭଙ୍ଗ କରି "ମାର୍ ମାର୍", "ଚାଲ୍ ଚାଲ୍" ବୋଲି କହିଉଠୁଛନ୍ତି । ନିତି ଶୁଣି ଶୁଣି ଖେଳର କେତେଗୁଡ଼ିଏ ଶବ୍ଦ ସେମାନେ କଣ୍ଠସ୍ଥ କରି ରଖିଅଛନ୍ତି । କେତେବେଳେ ବା ହରିନାମ ଉଚ୍ଚାରଣ କରୁଅଛନ୍ତି । ଶୁକ କହୁଛି—"ହରେ କୃଷ୍ଣ", ଶାରୀ କହୁଛି—"ଜୟ ଜଗନ୍ନାଥ ହରେ ।" ଥରେ ଥରେ ସ୍ୱଜାତୀୟ ଅସ୍ପଷ୍ଟଭାଷାରେ କଅଣ ଗୁଡ଼ାଏ ବକ ହେଉଛନ୍ତି । ସେଥିରେ ଖେଳର ଏକାଗ୍ରତା ଭାଙ୍ଗି-ଯାଉଅଛି । ପାର୍ବତୀ କୃତ୍ରିମ କୋପ ପ୍ରକାଶ କରି କହିଲା, "ଉଃ, ଏ ଦୁଇଟା କେତେ କଟର୍ ମଟର୍ ହେଉଛନ୍ତି, ପାଞ୍ଚ ଘୋଳାଇ ହୋଇପଡ଼ୁ ନାହିଁ ।" ବୃନ୍ଦୀ ନାମ୍ନୀ ଦାସୀ ହସି ହସି କହିଲା—"ନା ମା, ସାଆନ୍ତାଣୀଏ, ସେ ଦୁହେ କଟର୍ ମଟର୍ ହେଉ ନାହାନ୍ତି ସେ, ବାହା ହେବା ଲାଗି ଅଳି କରୁଛନ୍ତି ।" ଏହା ଶୁଣି ଖେଳସଭାରେ ଗୋଟାଏ ଉଚ୍ଚ ହାସ୍ୟର ସ୍ରୋତ

ବହିଗଲା । ସେ ହାସ୍ୟ ଶୁଣି ପକ୍ଷୀଗୁଡ଼ିକ ମଧ୍ୟ "କିର୍ କିର୍ ହୋଇ" ହସିପକାଇଲେ । ସୁକୁମାରୀ କହିଲା—"ନଟବରଙ୍କୁ ବନଶ୍ରୀ ଖୁବ୍, ମାନନ୍ତା ।" ପାର୍ବତୀ କହିଲା—"ତୁଇ ସଙ୍ଗାତଙ୍କର ସତ୍ୟ ରକ୍ଷା ବ ହୁଅନ୍ତା ।" କଇଁନ୍ତା ଦାସୀ ଜିଭ କାମୁଡ଼ିପକାଇ କହିଲା—"ଈ, ତୁମେ କି ସାଆନ୍ତାଣୀ କଣ କୁଟୀହାଡ଼ୀ ହୋଇଗଲଣି ଯେ, ଚଢ଼େଇ ବଣି ଦେଇ ସାଆନ୍ତମାନଙ୍କ ସତ୍ୟ ରକ୍ଷା କରିବ ?" ସୁକୁମାରୀ କହିଲା—"ନା ଲୋ କଇଁନ୍ତା, ତାହା ନୁହେଁ ଯେ, କେତେ ଗୋଟାଏ ମଜଳ ହୁଅନ୍ତା ! ଏ ଗୋଟାଏ ନୂଆ କଥା ପରା ! କେତେ ଆଡ଼ୁ କେତେ ଲୋକ ଦେଖିବାକୁ ଆସନ୍ତେ । ଆମେ ବି ଆଖିସୁଲଭ ଦୃଶ୍ୟଟାଏ ଦେଖି ମନର ସାଧ ଛୁଟାଇନଅନ୍ତେ, ଏଣି ଗୋଟାଏ କୌତୁକ ହୁଅନ୍ତା । କି ଲୋ ପାର ଅପା, ତୋ ମନକୁ କମିତି ଆସୁଛି ?" ପାର୍ବତୀ ଟିକିଏ ଗମ୍ଭୀର ହୋଇ କହିଲା—"ମନ କଅଣ, କେତେଅଡ଼େ କେତେ ବଢ଼ୁଯାଉଛି,ଆଉ ଏଥିରେ ବା କେତେ ଅଧିକ ଖର୍ଚ୍ଚ ହୋଇଯିବ ? ତେବେ ସାଆନ୍ତମାନେ ମଙ୍ଗିଲେ ସିନା ହେବ, ନ ହେଲେ ଆମେ କଅଣ କରିପାରିବା ?" ସୁକୁମାରୀ ଉତ୍ତେଜିତ ହୋଇ ସଖୀକୁ ମଧୁର ଭର୍ତ୍ସନା କରି କହିଲା—"କଅଣ କହିଲୁ, ମଙ୍ଗିବେ ନାହିଁ ? କି ଲୋ ପୋଡ଼ାମୁହିଁ, ତୋର କଅଣ ଏତିକି ବିଦ୍ୟା ନାହିଁ, ସ୍ୱାମୀଙ୍କୁ ମଙ୍ଗେଇ ପାରିବୁ ନାହିଁ ? ତେବେ ତୁ ଆଉ କି ଘରଣୀ ? ଅଚ୍ଛା, ତୁ ଯେବେ ସେ ପାଠ ନ ଜାଣୁ, ତେବେ ମୁଁ ତୋତେ ଶିଖାଇଦେବି । ତୁ କଅଣ ରାମାୟଣ ଶୁଣି ନାହୁଁ ? କୈକେୟୀ କୋଠ ଗମ୍ଭିରରେ ଟିକିଏ ମୁହଁ ମାଡ଼ି ଶୋଇ ଜଗତର ମକୁଟମଣି ତେତେ ବଡ଼ ରାଜା ଦଶରଥଙ୍କୁ ବଶ କରି ରାମଚନ୍ଦ୍ରଙ୍କ ପରି ପୁଅକୁ ବନକୁ ପଠାଇଲା । ଆଉ ତୁ ସେହି ନାରୀଜାତିରେ ଜନ୍ମହୋଇ ସ୍ୱାମୀ ପାଖରୁ କିଛି ଅର୍ଥ ଆଦାୟ କରିପାରିବୁ ନାହିଁ ? ବୁଝିବା ପରା ସ୍ୱାମୀ ବଶୀକରଣର ଅକାଟ୍ୟ ମନ୍ତ୍ର ! ସେ ମହାମନ୍ତ୍ର ଯେ ନ ଜାଣେ, ସେ ନାରୀକୁଳର କଳଙ୍କ । ତୁ କେତେ ଘରର ଝିଅ, ଏହା କଅଣ ଜାଣୁ ନାହିଁ ? ଆଗେ ଅଭିମାନ କରିବୁ, ଅପଥା ମାରିବୁ । ସେଥିରେ ଯେବେ ଫଳ ନ ହୁଏ, ତେବେ କାନ୍ଦିବୁ । ଅଶ୍ରୁ ପରା ଆମ ଜାତିର ଅଣବାହୁଡ଼ା ଅସ୍ତ୍ର । ସେଥିରେ ପଥର ବି ପାଣି ହୋଇଯାଏ । ମାନନୀର ନେତ୍ରରେ ଅଶ୍ରୁ ଦେଖିଲେ କେଉଁ ପୁରୁଷ ବା ଧୈର୍ଯ୍ୟ ଧରି ରହିପାରିବ ? ଥରେ ପରୀକ୍ଷା କରି ଦେଖିଲେ ସ୍ୱାମୀଜୟୀ ମହାସ୍ତ୍ର ଅଶ୍ରୁର ମହିମା ବୁଝିପାରିବୁ ।" ପାର୍ବତୀ ଠୋ ଠୋ ହୋଇ ହସି କହିଲା, "ଅଚ୍ଛା ହେଉ ଗୁରୁଦେବ, ତୁମ କଥା ପରୀକ୍ଷା କରି ଦେଖିବି ।" ଅନନ୍ତର ସଭାଭଙ୍ଗ ହେଲା, ସମସ୍ତେ ସେଠାରୁ ଉଠିଗଲେ ।

## ପଞ୍ଚମ ପରିଚ୍ଛେଦ

ବେଳ ଅପରାହ୍ନ ସାଢେ ତିନିଘଣ୍ଟା ହେବ, ଜମିଦାର ସଦାନନ୍ଦ ରାୟ ସୁସଜ୍ଜିତ ବିଶ୍ରାମକକ୍ଷରେ ବସି ସିଗାରେଟରୂପୀ ମର୍ମର ବଂଶୀ ବାଦନରେ ନିଯୁକ୍ତ ଅଛନ୍ତି । ଶାଗୁଣା ଚକ୍ରମାନ ଉପରକୁ ଉଠିଲା ପରି ସିଗାରେଟର ଧୂଆଁ କୁଣ୍ଡଳୀ ବାନ୍ଧି ଶୂନ୍ୟକୁ ଉଠିଯାଉଅଛି । ବୋଧହୁଏ ସେ ଅ-ସିଗାରେଟ ରାଜ୍ୟରେ ସିଗାରେଟର ବିଜ୍ଞାପନ ପ୍ରଚାର କରିବ । ସଦାନନ୍ଦ ଖଣ୍ଡିଏ ଆରାମଚୌକିରେ ବସି ଆରାମ ଉପଭୋଗ କରୁଅଛନ୍ତି , ଏହି ସମୟରେ ବୃନ୍ଦାବନ ମଙ୍ଗରାଜଙ୍କ ଗୃହର ହରିଆ ଆସି ଗୋଟାଏ ଲମ୍ବା ଚୌଡ଼ା ଦଣ୍ଡବତ ପକାଇ କହିଲା—" ଆଜ୍ଞା, ସାଆନ୍ତେ ଆସୁଛନ୍ତି ।" ତାହା ମୁହଁରୁ କଥା ନ ସରୁଣୁ ଘୋଡ଼ାର ଟାପୁଶବ୍ଦ ଶୁଣାଗଲା । ଅଳ୍ପକ୍ଷଣ ପରେ ମଙ୍ଗରାଜେ ଆସି ଉପସ୍ଥିତ ହେଲେ । ସଦାନନ୍ଦ ବନ୍ଧୁଙ୍କୁ ସାଦର ଅଭ୍ୟର୍ଥନା କରି ନେଇ ଚୌକିରେ ବସାଇଲେ । ଦୁଇ ବନ୍ଧୁ ମୁହାମୁହିଁ ହୋଇ ବସିଲେ; ହରିଆ ସେଠାରୁ ଅନ୍ତର ହୋଇଗଲା । ସଦାନନ୍ଦ ବନ୍ଧୁଙ୍କ ସହ ସଦାଳାପରେ ନିଯୁକ୍ତ ହେଲେ । ପ୍ରେମାଳାପ

ରହସ୍ୟାଳାପ ମଧ୍ୟ ବାଦ୍ ପଡ଼ିଲା ନାହିଁ । ତହିଁପରେ ମୃଦୁ ହସି ବନ୍ଧୁଙ୍କୁ ପଚାରିଲେ—"ସଙ୍ଗାତ, ଶୁକ୍ରବାର ବିବାହ ପ୍ରସ୍ତାବଟା ଶୁଣିଛ କି ?" ବୃନ୍ଦାବନ କହିଲେ—"ହଁ ଭାଇ, ଶୁଣିଛି । ସେ ତ ଖୋଦ୍ ସାମ୍ରାଜ୍ଞୀଙ୍କର ହୁକୁମ୍, ତାହା ଅନ୍ୟଥା କରିବାକୁ କିଏ ସାହସୀ ହେବ ? ଏ ତ ଆଉ ଅପସ୍ମାର ଦେବତାର ସ୍ୱପ୍ନାଦେଶ ନୁହେଁ—ସଶରୀର, ସଚଳା ଦେବୀଙ୍କର ଶ୍ରୀମୁଖ ଆଜ୍ଞା, ସେଥିରେ ଟାଳଟୁଳ କଲେ ରକ୍ଷା ନାହିଁ । ଯାହା ମୁହଁରେ ଟିକିଏ ମିଠା ହସ ଦେଖିଲେ ସବୁ ଦୁଃଖ ପାଶୋରିଯାଏ, ଯାହାର ଅଲଣା ଡାଲସିଝା କୁଣ୍ଠିତ ଅମୃତ ପରି ସ୍ୱାଦୁ ଲାଗେ, ତାହା କଥା କି ତଳେ ପକାଇହୁଏ ? ବିଶେଷତଃ ସହଧର୍ମିଣୀଙ୍କ ମନରେ କଷ୍ଟ ଦେଇ କି ଲାଭ ପାଇବା ? ଯେଉଁ ପୁଷ୍ପର ସୌନ୍ଦର୍ଯ୍ୟ ଉପଭୋଗ୍ୟ, ସେ ପୁଷ୍ପକୁ ମଉଳାଇଦେଲେ ସୁଖ କଅଣ ?" ସଦାନନ୍ଦ କହିଲେ—"ରସିକତା ତେର ହେଲାଣି, ଏବେ ତୁମର ମତ କଅଣ କହ ।" ବୃନ୍ଦାବନ କହିଲେ—"ନା ଭାଇ, ରସିକତା ନୁହେଁ, ହକ କଥା । ଆଉ ମୋର ମତ ପଚାରୁଛ ପରା ? ଉପସ୍ଥିତ ପ୍ରସଙ୍ଗରେ ମୋର ମତ ଅଠରପଣ । ତାହାଙ୍କ ନା—ବିବାହିତ ପୁରୁଷ ପରି ଦୁର୍ଭାଗ୍ୟ ଜୀବ ଆଉ ଦୁନିଆରେ ନାହିଁ । ବିବାହ ପୁରୁଷ ପକ୍ଷରେ ଭୟଙ୍କର ଅଭିଶାପ । ପ୍ରଣୟିନୀର ମନ ନ ଯୋଗାଇଲେ ତାହାର ନିସ୍ତାର ନାହିଁ । କଥାକଥାକେ ତାକୁ କେତେ ଅଭିମାନ ରୁଷା, ଧମକାଣ, ତାଡ଼ଣା, ମୁଣ୍ଡଖୋଡ଼ାର ଅଭିନୟ ଦେଖିବାକୁ ପଡ଼େ । ଖାଲି ଦେଖିବା କଥା ନୁହେଁ, ପାନରୁ ଚୂନ ଖସିଗଲେ ଅଦୃଷ୍ଟ କେତେ ବଡ଼ ବଡ଼ ଲଞ୍ଛନା ସହିବାକୁ ହୁଏ । କେହି କେହି କେତେ ଦୁର୍ଭାଗ୍ୟ ନୁହନ୍ତି ସତ୍ୟ; ମାତ୍ର ଏତାବେଳକେ ଅ-ଦୁର୍ଭାଗ୍ୟ କେହି ନାହିଁ । ଫରମାସ ନ ଯୋଗାଇଲେ ଅନେକ ମାଲିମା ଅସ୍ତ୍ରବର୍ଜନର ଭୟ ଦେଖାନ୍ତି । ଆଉ ସବୁକୁ ବଳ ଅଛି; ମାତ୍ର ଏ କଥାକୁ ବଳ ତାହାର ? ସୁତରାଂ ତାଙ୍କ ଆଦେଶର ପ୍ରତିଧ୍ୱନି କରିବା ଛଡ଼ା ଉପାୟାନ୍ତର ନାହିଁ । ଆଉ ଗୋଟାଏ ମଜାର କଥା ଶୁଣିଲଣି ସଙ୍ଗାତ ! କାଲି ଆମର ସେ କହୁଲେ ପରା—ତୁମର ସତ୍ୟ ପାଳିବା ଲାଗି ଆମେ ଏହା କରୁଛୁ ସିନା, ନ ହେଲେ ଆମର ଏ ଶୃଙ୍ଖଳ ବେପାରରେ ଲାଭ କଅଣ ? କଥାରେ ଛଟା ଦେଖିଲ ତ ?" ଅନନ୍ତର ବୃନ୍ଦାବନ ହୋ ହୋ କରି ହସିବାକୁ ଲାଗିଲେ । ସଦାନନ୍ଦ କହିଲେ—"ନାନା ଲୋକର ନାନା ଖିଆଲ ଅଛି; ସେହିପରି ଆମ ସାମ୍ରାଜ୍ଞୀମାନଙ୍କର ଏ ବି ଗୋଟାଏ ଖିଆଲ । ସେଥିରେ ଯେବେ ସେମାନେ ସୁଖୀ ହୁଅନ୍ତି, ତେବେ ଆମର ବାଧା ଦେବା କି ଦରକାର ? ଆଉ ସେଥିରେ କ୍ଷତି ବା କେତେ ହେବ ? ତେବେ ଗୋଟାଏ ବ୍ୟର୍ଥ ଆମୋଦ । ତାହା ହେଉ—ବଡ଼ଘରକୁ ସବୁ କଥା ସୁନ୍ଦର । ଏହିପରି କଣ୍ଢେଇ ବାହା, ବିରାଡ଼ି ବାହା, ମାଙ୍କଡ଼ ବାହା ପ୍ରଭୃତି କେତେ କୌତୁକ ବିବାହ କଥା ପୂର୍ବରୁ ଶୁଣାଅଛି, ଏବେ ତାହା ଆଖିରେ ଦେଖି ଅଙ୍ଗେ ନିଭାଇବା । ଆମର ସେ କି କହୁଥିଲେ—ଏହାଦ୍ୱାରା ଗୋଟାଏ ଲଖି ନାମ ହେବ । ତାହା ହେଉ ବା ନ ହେଉ ଅନ୍ତତଃ ଗୋଟାଏ ତଟକା ଆମୋଦ ଆଉ ନୂତନ ଆନନ୍ଦ ଉପଭୋଗ କରିବାର ସୁବିଧା ହେବ । ଏତେକାଳ ଯାଏ ଆମେ ତୁମେ ସଙ୍ଗାତ ଥିଲେ, ଏଣିକି ସମ୍ବନ୍ଧୀ ହୋଇପଡ଼ିବା । ଆଃ, କି ମଜା, ଏହାଠାରୁ ଆଉ ବାଞ୍ଛନୀୟ ଆନନ୍ଦ କଅଣ ହୋଇପାରେ ? କିନ୍ତୁ ବିବାହ ଆଡ଼ମ୍ବରରେ କରିବାକୁ ହେବ । ସେଥିଲାଗି ଆଜିଠାରୁ ପ୍ରସ୍ତୁତ ହେବା ଉଚିତ । ସବୁ ଅଛା, ଖାଲି ପକ୍ଷପିଲା ହେବାକୁ ହେବ । ଯାହାହେଉ । ଯତ ଜୀବ ତତ ଶିବ, ଜୀବ ଶିବରେ ପ୍ରଭେଦ କଅଣ ? ତାହା ତ ଗୌରବ ଉପାଧି ।" ଏଥି ଉତ୍ତାରୁ ଦୁଇବନ୍ଧୁ ଭିନ୍ନ ପ୍ରସଙ୍ଗର କଥୋପକଥନ କରିବାକୁ ଲାଗିଲେ ।

# ଷଷ୍ଠ ପରିଚ୍ଛେଦ

ବିବାହର ଦିନ ସ୍ଥିର ହେଲା । ଉଭୟ ପକ୍ଷ ଆୟୋଜନରେ ଲାଗିଲେ । କଟେଣୀରୁ ବଡ଼ ବଡ଼ ଛଟି ଧରି ପିଆଦାମାନେ ମୋଫସଲକୁ ବାହାରିଲେ । ସେମାନେ ଗାଁ ଗାଁ ବୁଲି ଚୂଡ଼ା, ଚାଉଳ, ଋତୁରସାଣ ପନିପରିବା, ମାଛ, ଦୁଧ, ଦହି, ଛେନା, ଘିଅ, ଗୁଡ଼, ନଡ଼ିଆ ପ୍ରଭୃତି ଯାହା ଯାହା ଆବଶ୍ୟକ, ସେଥିର ବରାଦ ଦେଇଆସିଲେ । ଜମିଦାରୀସ୍ଥ ପ୍ରତି କଟେଣି ତହସିଲଦାରଙ୍କ ଉପରେ ନୋଟିସ ହେଲା । ସେମାନେ ଦ୍ରବ୍ୟ ବସ୍ତୁ କିଣି ପଠାଇବେ, ସେଥିର ମୂଲ୍ୟ ବକେୟାକୁ ଖଜଣାରେ ମଜୁରା ଦିଆଯିବ । ବେଣ୍ଡ ବାଜା, ତେଲିଙ୍ଗି ବାଜା ପାଇଁ ଗଞ୍ଜାମ ବ୍ରହ୍ମପୁରକୁ ବରାତ ଗଲା । ବାଣ, ଗ୍ୟାସ, ଫୁଲଝାଡ଼ି ପ୍ରଭୃତି ରୋଶନୀ ସାମଗ୍ରୀ କିଣିବା ଲାଗି କଟକ ଏବଂ କଲିକତାକୁ ଲୋକ ପ୍ରେରିତ ହେଲେ । ଏହିପରି ମହା ଆଡ଼ମ୍ବରରେ ଆୟୋଜନ ଲାଗିଲା । ଜମିଦାରଙ୍କ ପୁତ୍ରକନ୍ୟାର ବିବାହ, ଆୟୋଜନର ପଟାନ୍ତର ଦେବାକୁ ନାହିଁ । ପ୍ରଥମେ କନ୍ୟାପକ୍ଷରୁ "ନିର୍ବନ୍ଧ ଚିଠାଉ" ବର ଘରକୁ ଆସିଲା । ସେଥିରେ ଏହି କଥା ଲେଖାଥିଲା—

ଶ୍ରୀ ଶ୍ରୀ ଜଉଙ୍କ ଚରଣେ ଶରଣ ।

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ଶ୍ରୀ ଜମିଦାର ସଦାନନ୍ଦ ସାମନ୍ତଙ୍କୁ ଜମିଦାର ଶ୍ରୀ ବୃନ୍ଦାବନ ମଙ୍ଗରାଜଙ୍କର ଯଥାବିଧି ସମ୍ମାନ ପରେ ନିବେଦନ ଏହି କି, ଆମ୍ଭର ପାଳିତା ପଣିକନ୍ୟା ଶ୍ରୀମତୀ ବନରାଣୀ ସହିତ ଆପଣଙ୍କର ପାଳିତ ପଣିପୁତ୍ର ଚିରଞ୍ଜୀବ ଶ୍ରୀମାନ୍ ନଟବରର ଶୁଭ ବିବାହ ସମ୍ପର୍କ ମେଷ ଶୁକ୍ଳ ପଞ୍ଚମୀ ଗୁରୁବାର ଦିନକୁ ଧାର୍ଯ୍ୟ କରି ଏ ନିର୍ବନ୍ଧ ଚିଠାଉ ପଠାଉଛୁଁ । ଆପଣଙ୍କର ସଦୟ ସମ୍ମତି ପାଇଲେ ବିଶେଷ ଅନୁଗୃହୀତ ହେବୁ । ଇତି । ସନ ୧୩୧୫ ସାଲ ମେଷ ୧୨ ଦିନ ମଙ୍ଗଳବାର ବେଳ ସାତଘଡ଼ି ସମୟରେ ଶୁଭବେଳା ଶୁଭଲଗ୍ନରେ ଏ ମଙ୍ଗଳ-ଚିଠାଉ ଲିଖିତ ହୋଇ ପ୍ରେରିତ ହେଲା । ଶ୍ରୀ ଶୁଭମସ୍ତୁ, ଶ୍ରୀ ଶୁଭମସ୍ତୁ, ଶ୍ରୀ ଶୁଭମସ୍ତୁ ।

ନାନାବିଧ ଉତ୍ସବ ଆଡ଼ମ୍ବର ମଧ୍ୟରେ ଏହି ନିର୍ବନ୍ଧ-ଚିଠାଉ ବରଗୃହରେ ପଠିତ ହେଲା । ଶଙ୍ଖ ହୁଳାହୁଳି ଶବ୍ଦରେ ନଅର କମ୍ପି ଉଠିଲା । ତହିଁ ପରଦିନ ଠିକ୍ ସେହି ମର୍ମରେ ନିର୍ବନ୍ଧ ଚିଠାଉ ରୁପାଥାଳୀରେ ସିନ୍ଦୂର-ଚନ୍ଦନଚର୍ଚ୍ଚିତ ଏବଂ ପୁଷ୍ପାସ୍ତୃତ ହୋଇ, କୁଙ୍କୁମ ଅତରରେ ସ୍ନାନ କରି କନ୍ୟାଗୃହକୁ ପ୍ରେରିତ ହେଲା ।

ଦେଖୁଁ ଦେଖୁଁ ବିବାହ ଦିନ ଆସି ଉପସ୍ଥିତ ହେଲା । ଦୁଇ ଜମିଦାରଙ୍କର ନଅର ଉତ୍ସବମୟ ହୋଇଉଠିଲା । ସୁଆ ମଙ୍ଗଳା, କାଉ ମଙ୍ଗଳା, ଡିଙ୍କି-ପେଷା-କୁଲା-ବୁଲୁଣୀ ମଙ୍ଗଳା ଏବଂ ଦିଅଁ ମଙ୍ଗଳାର ଶଙ୍ଖ ହୁଳାହୁଳି ଶବ୍ଦରେ ଗ୍ରାମସାରା କମ୍ପି-ଉଠିଲା । ବେଠିଆ ଗଉଡ଼, ଭଣ୍ଡାରୀ, ଧୋବା, ଲଆରି ପ୍ରଭୃତି ପଞ୍ଚ ଚାଉଳ, ହାଣ୍ଡି, କାଠ ଘେନି, କିଏ ଗଛ ମୂଳରେ କିଏ ନଈ କୂଳରେ ରାନ୍ଧି ଖାଇଲେ । ଦିଅ ଦିଅ, ନିଅ, ନିଅ, ଖାଅ ଖାଅ ଶବ୍ଦର ହାଟ ବସିଗଲା । ଡାଲି ଭାତ, ଖିରି ପିଠାର ବିପୁଳ ଶ୍ରାଦ୍ଧ ହେବାକୁ ଲାଗିଲା । ଗୋଟିଏ ହାତୀ ବହୁମୂଲ୍ୟ ସାଜସଜ୍ଜାରେ ମଣ୍ଡିତ ହେଲା । ତାହା ପିଠିରେ ରୁପା ହାଉଦା କଷାଗଲା, ବନାରସୀ ଘଟାଟୋପଦ୍ୱାରା ହାଉଦା ଆବୃତ ହେଲା । ଶ୍ରୀମାନ୍ ନଟବର ବରବେଶରେ ସଜ୍ଜିତ ହେଲା । ତାହାର ଦୁଇଗୋଡ଼ରେ ସୁନାବଳା ପିନ୍ଧାଇ ଦିଆଗଲା, କଣ୍ଠରେ ମୁକ୍ତାହାର ଲମ୍ବିତ ହେଲା; ମାତ୍ର ନଟବର ତାକୁ ପକ୍ୱ ବେତକୋଳି ଜ୍ଞାନରେ ଥଣ୍ଟାଘାତରେ ଛିନ୍ନ ଭିନ୍ନ କରିପକାଇଲା । ତହୁଁ ଗୋଟା ସୁନାହାର ତାହା ବେକରେ ଲମ୍ବାଇ ଦିଆଗଲା । ପୁରୋହିତ ଏବଂ ଗ୍ରହବିପ୍ର ମଙ୍ଗଳାଷ୍ଟକ ପାଠକଲେ । ବର ପିଞ୍ଜରାବଦ୍ଧ ହୋଇ ଉପର୍ଯ୍ୟୁକ୍ତ ହାତୀ ଉପରେ ବସିଲା । "ବର ସ୍ୱେର" ବୋଲି ଯେଉଁ ପ୍ରବାଦ ଅଛି, ତାହା ସାର୍ଥକ ହେଲା । ଶୁଭ ମାହେନ୍ଦ୍ର ବେଳାରେ ବର ଅନୁକୂଳ କରି ଯାତ୍ରା କଲା । ଛତା, ତରସ, ନିଶାଣ, ଫୁଲଝାଡ଼ି ଆଗେ ଆଗେ ଚାଲିଲା । ତୁରୀ, ଭେରୀ, ଢୋଲ, ଜଗଝମ୍ପ,

ତେଲିଙ୍ଗିବାଜା, ରଙ୍ଗବାଜା, ବେଣ୍ଡବାଜା ପ୍ରଭୃତିର ସ୍ଥୂଳ ଶବ୍ଦରେ ଆକାଶ ବତାସ ପ୍ରତିଧ୍ୱନିତ ହୋଇ ଉଠିଲା । ସାଆନ୍ତ କୁଣିଆମାନେ କେହି ଘୋଡ଼ାରେ, କେହି ସୁଆରିରେ ଚଢି ବରର ଅନୁଗମନ କଲେ । ଗ୍ୟାସ ଆଲୋକରେ ରାତି ଦିନ ପରି ଦିଶିଲା । ନାନା ପ୍ରକାର ବାଣ ଲଗାଗଲା । ଖୁବ୍ ଠାଣିବରରେ ବର ଯାତ୍ରା କଲା । ବରଯାତ୍ରୀ ଏବଂ ଦର୍ଶକ ସଂଖ୍ୟା ଏତେ ଅଧିକ ହେଲା ଯେ, ସୋରିଷ ଫିଙ୍ଗିଲେ ତଳେ ପଡନ୍ତ ନାହିଁ । ସମସ୍ତଙ୍କ ମୁଖ ଆନନ୍ଦରେ ଉଜ୍ଜ୍ୱଳ; କିନ୍ତୁ ଯାହା ପାଇଁ ଏତେ ଆୟୋଜନ, ଏତେ ଆମୋଦ ଆହ୍ଲାଦ, ସେହି ବର ମୁହଁ ଶୁଖାଇ ସାଜଯୁକ୍ତ ହୋଇ ନୀରବରେ ବସିଥାଏ । ବୋଧହୁଏ, ମାନବଙ୍କ କାଣ୍ଡ କାରଖାନା ଦେଖି ତାକୁ ହେଲକା ମନେହେଉଅଛି । ଅଜ୍ଞାନ ପକ୍ଷୀ, ସେ ମାନବ-ସୁଲଭ ବିବାହର କଥା କଅଣ ବୁଝିବ ? ଏ ଉତ୍ସବ, ଆଡମ୍ବର ତାହା ପକ୍ଷରେ ଆନନ୍ଦଦାୟକ ନୁହେଁ—ଘୋର ଯନ୍ତ୍ରଣାପ୍ରଦ ।

ଯଥାସମୟରେ ବର ଏବଂ ବରଯାତ୍ରିଗଣ କନ୍ୟାଗୃହରେ ଉପସ୍ଥିତ ହେଲେ । କନ୍ୟାକର୍ତ୍ତା ବୃନ୍ଦାବନ ମଙ୍ଗରାଜ ଏବଂ ତାଙ୍କର ପକ୍ଷୀୟ ଲୋକମାନେ ସମାଦରପୂର୍ବକ ସେମାନଙ୍କୁ ଗ୍ରହଣ କଲେ । ବାଟବରଣ ପ୍ରଭୃତି ସାମୟିକ ଯାହା ଯାହା କରିବାର, ତାହା ସବୁ କରାଗଲା । ଅନନ୍ତର ବର ଯାଇ ବେଦୀରେ ବସିଲା । କନ୍ୟା ପିଞ୍ଜରାବଦ୍ଧ ହୋଇ ତାହାର ବାମ ପାଖରେ ଆସି ବସିଲା । ଯଥାବିଧି ବିବାହକ୍ରିୟା ଶେଷରେ ବର-କନ୍ୟା "ଶୀତଳଷଷ୍ଠୀ" କରିବାକୁ ଗଲେ । ସୁକୁମାରୀ କନ୍ୟା ଓ ଜାମାତାଙ୍କୁ ଘେନି ଆନନ୍ଦ ଆହ୍ଲାଦ କରିବାକୁ ଲାଗିଲା । ସେ ଗୋଡ଼ ଲମ୍ବାଇ ବସି ପକ୍ଷିଜାମାତାକୁ କୋଳରେ ବସାଇ ଝିଅ ସଅଁପିଦେଇ ବାହୁନି କାନ୍ଦିଲା, "ମୋ ବାପ ଧନ ହୋ, ମୋ ଚନ୍ଦ୍ରମୁହାଁ ବନସୁନ୍ଦରୀ ତୁମକୁ ଲାଗିଲା, ମୋ ବାପ ଧନ ହୋ ! ତା ଦଶ ଦୋଷ କ୍ଷମା କରିବ ମୋ ରତ୍ନମଣି ନିଧି ହୋ ! ସେ ଅଳିଅଳ ବାଳୁତ ଝିଅ, ଲୁଣ ଖାଇ ଆଣ୍ଠେଇ ଜାଣେ ନାହିଁ, ମୋ ରଙ୍କପସରା ହୋ !" ଏହି ଅଦ୍ଭୁତ ଅଭିନୟ ଦେଖି ମାଇକିନିଆମାନେ ମୁହଁରେ ଲୁଗା ଗୁଞ୍ଜି ହସିବାକୁ ଲାଗିଲେ; ମାତ୍ର ସେମାନେ ବୁଝିଲେ ନାହିଁ ଯେ, ସୁକୁମାରୀ ଅଭିନୟ କରୁ ନାହିଁ, ଆବେଗର ଆତିଶଯ୍ୟରେ ଆତ୍ମହରା ହୋଇ ଗୋଟାଏ ଆନନ୍ଦକୁ ସେ ଆକାର ଦାନ କରୁଅଛି । ଅବାସ୍ତବକୁ ବାସ୍ତବ ମଣିବା ତାହା ପକ୍ଷରେ ତେତେବେଳେ ଅସଙ୍ଗତ ବା ଅସ୍ୱାଭାବିକ ନୁହେଁ । ରାତି ପାହିଲା ବେଳେ ବର ବିଦାୟ ହୋଇ କନ୍ୟା ଏବଂ ପ୍ରଭୂତ ଯୌତୁକ ପଦାର୍ଥ ସଙ୍ଗରେ ଘେନି ଘରକୁ ଫେରିଆସିଲା । ବୃନ୍ଦାବନ ଘୋଡ଼ା, ପାଲିଙ୍କି, ଖଟ, ସିନ୍ଦୁକ, ଶଯ୍ୟା, ବାସନ ପ୍ରଭୃତି ଅନେକ ଯୌତୁକ ଦେଇଥିଲେ । ଘରକୁ ଘର ଅଧକୋଶଯାଏଁ ଲାଗି ରହିଥିଲା । ପାର୍ବତୀ ଆନନ୍ଦରେ ବଧୂବରଣ କରି ଶ୍ରୀମତୀ ବନସୁନ୍ଦରୀଙ୍କୁ ଘରକୁ ନେଇଗଲା । ଦୁଇ ନଅରରେ ଏହି ବିବାହ ଆନନ୍ଦୋତ୍ସବ ସାତଦିନ ସାତରାତିଯାଏ ଲାଗିଥିଲା । ଆମ୍ଭେମାନେ ବହୁ ଅନୁସନ୍ଧାନଦ୍ୱାରା ବିଶ୍ୱାସସୂତ୍ରେ ଅବଗତ ହୋଇଅଛୁ ଯେ, ଏହି ବିବାହରେ ଏକ ପକ୍ଷର ଖର୍ଚ୍ଚ ସାତ ହଜାର ଛଅଶ ପଞ୍ଚାନବେ ଟଙ୍କା ପାଞ୍ଚଅଣା ନଅପାହୁଲା ଏବଂ ଅନ୍ୟ ପକ୍ଷର ବ୍ୟୟ ତାହାଠାରୁ ଛଅହଜାର ନଅଶ ସତାବନ ଟଙ୍କା ଅଣାନାସ୍ତି ସାଢେ ସାତପାହୁଲା ଅଧିକ ହୋଇଥିଲା ।

# ଭାଗ୍ୟ-ବିପର୍ଯ୍ୟୟ

—୧—

ସୂଲୁଣିଆ ଗ୍ରାମରେ କେଳୁ ବାରିକର ଘର । କେଳୁ ଜାତିରେ ଭଣ୍ଡାରି, ବଡ଼ ଗରିବ । ଗାଁଗଣ୍ଡାରେ କ୍ଷୌର କରି ଯାହା ପାଏ, ତାହା ଖୁବ୍ ଅଳ୍ପ । ମଫସଲ ଗ୍ରାମରେ ନଗଦ ପଇସା ଦେଇ କ୍ଷୌର ହେବା ଲୋକ ବା କେତେ ଜଣ ଅଛନ୍ତି ? ଜମିଦାର, ମକଦମ ପ୍ରଭୃତି ବଡ଼ଲୋକମାନଙ୍କର ତ ଜାଗିରିଖିଆ ଭଣ୍ଡାରି ଅଛନ୍ତି । ଆଉ ସମସ୍ତେ ବର୍ଷରେ ଥରେ ଭଣ୍ଡାରି ଦରମା ଦିଅନ୍ତି । କେହି ମାଘ ମାସରେ ଧାନ ଦିଏ, କେହି ବା ଧାନକଟା ବେଳେ ବିଲରୁ ଭିଡ଼ା ଦିଅନ୍ତି । ଆଉ ଯାହାଙ୍କର କ୍ଷେତ ନାହିଁ, ଯେଉଁମାନେ ମୂଲ ମଜୁରି ଲଗିଥାଆନ୍ତି, ସେହି ସାମାନ୍ୟ କେତେ ଜଣଙ୍କଠାରୁ ଅଧଲାଏ ପାହୁଲାଏ ଯାହା ମିଳେ ତେଣିକି ମାତ୍ର କେଳୁର ଦୈନିକ ଆୟ । ମର୍ଦ୍ଦନ କରିଜାଣିଥିଲେ ସେବାଟରେ କିଛି ଆୟ ହୁଅନ୍ତା; ମାତ୍ର କେଳୁ ସେ ବିଦ୍ୟାରେ ନିତାନ୍ତ ଅପାରଦର୍ଶୀ । ଥରେ ସାଆନ୍ତଙ୍କୁ ମର୍ଦ୍ଦନ କରୁ କରୁ ଉଚ ପିଣ୍ଡାରୁ ଗଡ଼ାଇ ପକାଇଥିଲା । ସେହି ଆଘାତରେ ସାଆନ୍ତଙ୍କର ଗୋଟାଏ ଦାନ୍ତ ଭାଙ୍ଗିଯାଇଥିଲା । ସାଆନ୍ତେ ଉଃହୁଃ ହୋଇ ଉଠିପଡ଼ି ଗାଳିଗୁଳି ଶେଷ ପରି ଦାନ୍ତ କଡ଼ମଡ଼ କରି ଦୁଇଟି ପ୍ରକାଣ୍ଡ ଚାପୁଡ଼ାରେ ତାହାର ଦୁଇ ଗାଲ ଗୋଲାପ ଫୁଲିଆ ରଙ୍ଗରେ ଅଳଙ୍କୃତ କରିଦେଲେ । ସେହିଦିନୁ ମର୍ଦ୍ଦନ ନାମ ଶୁଣିଲେ କେଳୁକୁ ଜଡ଼ସ୍ୱଘୋଡ଼ା ଜ୍ୱର ଆସେ । କେଳୁ, ତାହାର ଦଶମବର୍ଷୀୟ ପୁତ୍ର ଭଣା ଏବଂ ଗୃହିଣୀ ଭଣା ମା, ଏହି ତିନି ଜଣରେ କେଳୁର ପରିବାର ଗଠିତ । ଭଣା ଖୁବ ଧରିଶିଖିଲାଣି, ସେ ପିଲାମାନଙ୍କୁ କ୍ଷୌର କରେ; କିନ୍ତୁ ସବୁ ପିଲାଙ୍କୁ କ୍ଷୌର କରେ ନାହିଁ—ଯାହା ମୁଣ୍ଡର ଚୁଟି ଖୁବ୍ କରଡ଼ା, ତାକୁ ସେ କ୍ଷୌର କରିପାରେ ନାହିଁ । ଦୈବାତ ସେରୂପ ଗ୍ରାହକ ଯୁଟିଲେ ସେଦିନ ତାହାର କପାଳ ବାମ । ଭଣା ତାକୁ କ୍ଷତବେଣ୍ଟିଆ କରି ଲହୁଲୁହାଣ କରି ଛାଡ଼ିଦିଏ ।

ଗାର୍ହସ୍ଥ୍ୟ ଅଭାବ ପୂରଣ ପକ୍ଷରେ ଭଣା ମା କେଳୁକୁ ଯଥାଶକ୍ତି ସାହାଯ୍ୟ କରେ । ପାଟକଶ୍ରେଣୀସ୍ଥ ଲୋକଙ୍କର ଗୃହିଣୀମାନେ ଘର କୋଣରେ ବସି ନ ରହି ସ୍ୱାମୀଙ୍କୁ ଅନେକ ସାହାଯ୍ୟ କରନ୍ତି । ସହଧର୍ମିଣୀ ଆଖ୍ୟା ତାଙ୍କର କେବଳ ସାର୍ଥକ । ସେମାନଙ୍କର ଦାମ୍ପତ୍ୟ ମମତା ଅତି ଗମ୍ଭୀର ଏବଂ ସରଳ । ଜଣକର ପ୍ରାଣରେ ଅନ୍ୟ ଜଣକର ପ୍ରାଣ ଗଢ଼ା । ସେମାନଙ୍କର ପ୍ରେମ ଅନାବିଳ ଏବଂ ପବିତ୍ର । ଇତର ଶ୍ରେଣୀସ୍ଥ ସ୍ତ୍ରୀମାନେ ବ୍ୟବସାୟ କରି କିମ୍ବା ମୂଲ ମଜୁରି ଲଗି ଅର୍ଥୋପାର୍ଜ୍ଜନପୂର୍ବକ ସ୍ୱାମୀକୁ ଅଧେ ସାହାଯ୍ୟ କରନ୍ତି । ଭଣା ମା ଅଳତା ପାତିଆ କାଖେଇ ଘରେ ଘରେ ବୁଲି ବୋହୂ ଝିଅ-ଶୁଣୀଙ୍କ ନଖ କାଟିଦିଏ, ଚମ ତୋଳିଦିଏ, ଗୋଡ଼ରେ ଅଳତା ପିନ୍ଧାଇଦିଏ । ତଦ୍ଦ୍ୱାରା ତାହାର ସେରେ ମାଣେ ଉପାର୍ଜ୍ଜନ ହୁଏ । ଅଧିକନ୍ତୁ ବୋହୂ ଝିଅଶୁଣୀଙ୍କୁ ଫୁସୁଲି ଫାସୁଲି କରି କାହାଠାରୁ ବଡ଼ିଗଣ୍ଡେ, କାହାଠାରୁ ପିଠାଫଡ଼େ, କାହାଠାରୁ ଭଲ ତଳଟାଏ ଭଣା ଲାଗି ମାଗି ନେଇଯାଏ । ଭଣା ମା ଖୁବ୍ ଚତୁର; ସେ ପାଣିରେ ସର ପକାଇପାରେ । ବୋହୂ ଝିଅଙ୍କୁ ଠେକାଠେକି କରି କଥା କହିବାରେ ସେ ସୁବିଚକ୍ଷଣା । କାହାକୁ କହେ—"ସଅନ୍ତାଣୀଏ, ତମ ପରି ମଣିଷ ଗୋଟାଏ ଏତଲଟାରେ ଅଛି ନା ? ଅମନା ମନ କରି ହାତ ଟେକି ଯାହାକୁ ଯାହା ଦିଅ, ତାହା ମନ ବୋଧ । ତମ କଥାପଦକ ଲକ୍ଷେ ଟଙ୍କା ଗୋ, ସଇଁଠି ଶୁଣ, ତମରି ପରଶଂସ । କାହିଁ ଆଉ କାହା ନାଁରେ ତ ଏତେ ଧନ୍ୟ ଧନ୍ୟ ପଦ ପଡ଼େ ନାହିଁ ! ପତରତରି, ଛତରଖାଇସୁଦ୍ଧାକ, କାଉଁ ଗୁଣରେ କିଏ ତୁମକୁ ଲକ୍ଷ୍ୟହେବ ? ସକାଳୁ ଉଠି ସକଳଖାଇଙ୍କ ନାଁ ଧଇଲେ ଭାତ ମିଳିବ ନାହିଁ । ସେହି ଯେ ବଡ଼ଲୋକ ବୋଲଉଛି, ତାଣୀଅଙ୍ଗୁଳି ଫୁଲି କଦଳିଅଙ୍ଗୁଳି ହୋଇଛି—କଣ୍ଠୁରି କହାଁଡ଼ୀ ନା ହାଣ କଅଣ ସମ୍ ସମ୍, ତା ନା ପଡ଼ଲିଣି—ଆଜ କପାଳରେ କି ଦୁର୍ଯୋଗ ଅଛି ! ଖେଡ଼ରଗଛ ମୂଳକୁ ପାଉଛ ପାଉଛ । ସେ ଘରକୁ

ସମସ୍ତେ ଏକା ପରି ମିଳନ୍ତି । ତାଙ୍କ ବୋହୂ ଠାକୁରାଣୀଙ୍କ ସେ ଦିନ ମାଟିଆ ତେଲ ଟିଣେ ମାଗିଲେ ଯେ, କଅଣ କହିବି ମାଉସୀ, ଭୁଲା ମୁହଁ ହରେଇଲ ପିନା— ସେତେ ତେଲ ଦେଲି, ତାହା ଗୋଟାଏ ଦିନରେ ସଂହାଇବାକୁ ନଅଣ୍ଟ । କି ଦୁର୍ଭିକ୍ଷ ଦାଙ୍ଗାକୁଣୀ ଗୋ ମା, ଛି-ଛି-ଛି ! ! ! ତମ ଗୋଡଘଷା ପଥରକୁ ସେ ସରି ହେବ ନାହିଁ ।” ତାହାକୁ ବା କହେ—“ଆଜି ତମରି ହାତରୁ ବଇନି କରିବ ବୋଲି ପହିଲୁ ଏଠିକି ଆସିଛି । ଯେଉଁ ଦିନ ତମ ହାତ ବାଜିଥାଏ, ସେ ଦିନ ମୋ ଥଳିଟା ପଇସାରେ ଉଛୁଳି ପଡ଼େ ।” ପ୍ରଶଂସାର୍ଥିନୀ ରମଣୀମାନେ ତାହାର ଚାଟୁବାକ୍ୟରେ ଗୌରବ ଉପଭୋଗ କରନ୍ତି, ତାହାର ମଧ୍ୟ ମନୋରଥ ସିଦ୍ଧ ହୁଏ । ମୂଳତଃ ଲୋକେ ଯାହା ଉପାର୍ଜନ କରେ, କଣାମା ତାହାର ଦୁଇଗୁଣ ଉପାର୍ଜନ କରେ । ସେଥିରେ ଜଣଟା ପେଟ ସୁଖେ ଦୁଃଖେ ଚଳିଯାଏ । କଥାରେ କହନ୍ତି, “ମାଗଣଭୁଣ୍ଡୀ ଘଇତା ହେବେ ଭୁଲା ଅଲଣା ଖାଏ ନାହିଁ ।”

—୨—

ତାହାର ସୁଖ ଚିର ନୁହେଁ, କି ଦୁଃଖ ଚିର ନୁହେଁ କିମ୍ବା ସୁଖ ଦୁଃଖର ସମ୍ମିଶ୍ରଣ ମଧ୍ୟମାବସ୍ଥା ବି ଚିର ନୁହେଁ । ନିୟତି-ଚକ୍ର ସବୁ ଛିନ୍ନ ଭିନ୍ନ ଓଲଟ ପାଲଟ କରିଦିଏ । କେତେ ଦିନେ ମୃତ୍ୟୁର ନିମନ୍ତ୍ରଣ ପାଇ ନରକଲୋକକୁ ଚାଲିଗଲା । କଣା ମା ସ୍ୱାମୀର ରୂପ ଗୁଣ ବର୍ଣ୍ଣନା କରି ତେର ବାହୁନି କାନ୍ଦିଲା, ପୋଡା ଅଦୃଷ୍ଟକୁ ଯଥେଚ୍ଛା ଗାଳିଦେଲା, ଯମରାଜାର ଅବିଚାରକୁ ମଧ୍ୟ ଅନେକ ନିନ୍ଦାକଲା । ଅଭି ଯମ ଦେବତା କି ପୋଡାମୁହାଁ, ରଇଜଳା, ଡାକୁଣୀ-ଖିଆ, ଅଣ୍ଟକୁଡୀ ପୁଅ, ରାଣ୍ଡି ଘଇତା ପ୍ରଭୃତି ଉଚ୍ଚ ଶ୍ରେଣୀର ମହା ମୂଲ୍ୟବାନ୍ ବିଶେଷଣ ଲାଭରୁ ବଞ୍ଚିତ ହେଲା ନାହିଁ । ତାହା ତ ତାହାର ଉଚିତ ପ୍ରାପ୍ୟ, ସଂସାରରେ ଏତେ ଲୋକ ଥାଉଁ ଥାଉଁ ଏକା ଦେଳୁ ଲାଗି ତାହାର କି କାମ ଅଟକିଗଲା ଯେ, ସେ ଆଗେ ତାହାକୁ ବାଛି ନେଇଗଲା । ପ୍ରତିବେଶୀମାନେ କଣା ମାକୁ ଅନେକ ସାନ୍ତ୍ୱନା ଦେଲେ, ମୃତ ନିମନ୍ତେ ଦୁଃଖ କରିବା ବୃଥା ବୋଲି ସେ ମଧ୍ୟ ବୁଝିପାରିଲା; ସୁତରାଂ ସେ ଧୈର୍ଯ୍ୟ ଧରି ଶୋକର ଆଘାତ ସହିଗଲା । କଣା ମୁଣ୍ଡକୁ ହାତ ପାଇଲେ ତାହାର ସବୁ ଦୁଃଖ ଘୁଞ୍ଚିଯିବ, ଏହି ଆଶା ତାହାର ଆଘାତର ବ୍ୟଥା ହରିନେଲା । ସେ ପୂର୍ବ ପରି ଦୁଃଖଧନ୍ଦା କରି ପୁଅଟିକୁ ମଣିଷ କରିବାକୁ ଲାଗିଲା ।

ରକ୍ଷୁଣୀ କଣାମାର ସାନ ଭଉଣୀ । ସେ ଅଳ୍ପ-ବୟସ୍କା ବିଧବା, ପିତୃକୁଳରେ ତାହାର କେହି ନାହାନ୍ତି । ଭଉଣୀର ଆକସ୍ମିକ ବିପଦ ଶୁଣି ସେ ଆସି ପହଞ୍ଚିଲା ଏବଂ ଭଉଣୀକୁ ଅନେକ ବୁଝାଇ ଶାନ୍ତ କଲା । ଦିନେ ସେ କହିଲା, “ନାନି, ମୋର ଆଉ କିଏ ଅଛି ଯେ ମୁଁ କୁଆଡେ ଯିବି ? ଏଇଠି ଏକା ସଙ୍ଗରେ ପଡ଼ିରହି କଣ୍ଢୁକୁ ମଣିଷ କରିବା । ସେ ତୋର ପୁଅ, ମୋର ବି ପୁଅ, ମରିଗଲେ ମୁହଁରେ ଲୁଣ୍ଡାଏ ନିଆଁ ଦେବ, ତେଣିକରେ ଆମେ ତରିଯିବା । ଦୁଃଖଧନ୍ଦା କରି ତୁ ବି ପୋଷେ ମାଣେ ଆଣିବୁ, ମୁଁ ବି ସେରେ ପାଏ ଆଣିବି; ଦୁହେଁ ଏକାଠି ପକାଇ ମୁଠାଏ ଫୁଟାଇ ଖାଇବା । ମୋ ପାଖରେ ପନ୍ଦରଗଣ୍ଡା ଟଙ୍କା ଅଛି, ସେଥିରେ ପୁଅକୁ ବାଟ କରି-ପକାଇବା ।” କଣା ମା ଭଉଣୀର ପ୍ରସ୍ତାବରେ ସମ୍ମତ ହେଲା । ଦୁଇ ଭଉଣୀ ଏକ ସଙ୍ଗରେ ରହିଲେ । ଯଥା-ସମୟରେ କଣାର ବିବାହ ହୋଇଗଲା । ସେ ଏବେ ଦୁଇଟି ସ୍ନେହଧାରାର ଅଧିକାରୀ । ମା, ମାଉସୀ ଦୁହିଙ୍କର ସ୍ନେହାମୃତ ସେ ଅଜସ୍ର ପାନ କରେ ।

ଗରଦପୁରର ଯାତ୍ରାଦଳ ସେ ସମୟରେ ଖୁବ୍ ଖ୍ୟାତି ଅର୍ଜନ କରିଥିଲା । ସେ ଦଳ ଯେଉଁଠାରେ ଯାତ୍ରା କରନ୍ତି, ଲୋକେ ଚୁଡ଼ା ମୁଢ଼ି ବାନ୍ଧି ବହୁଦୂରରୁ ଯାତ୍ରା ଦେଖିବାକୁ ସେଠାକୁ ଆସନ୍ତି । ସୁଦୂର ସମୁନ୍ନତ ବଙ୍ଗ ଦେଶରେ ମଧ୍ୟ ଗରଦପୁର ଦଳର ନାମ ଡାକ ଥିଲା । ସେ ଦଳର ବିଶେଷତ୍ୱ ଏହି ଯେ, ସାଧାରଣ ଖାଲା ଯାତ୍ରାର ବୀଭତ୍ସ ଭେରସା ସୁଆଙ୍ଗ ସେଥିରେ ନାହିଁ । ଗୀତଗୁଡ଼ିକ ଶୁଦ୍ଧ ଏବଂ ସୁରୁଚିସମ୍ପନ୍ନ । ଧ୍ରୁବ ଚରିତ, ପ୍ରହ୍ଲାଦ ଚରିତ ପ୍ରଭୃତି ଭକ୍ତିରସର ପୌରାଣିକ ବୃତ୍ତାନ୍ତ ସେ ଦଳରେ ଅଭିନୀତ ହୁଏ । ସେ ଦଳର ତାଳ, ମାନ, ରାଗ, ରାଗିଣୀ ସବୁ ନୂତନ ଧରଣର । ଖୁବ ବଡ଼ ବଡ଼ ଜାଗାରୁ ଗରଦପୁର ଯାତ୍ରା ଦଳକୁ ନିମନ୍ତ୍ରଣ ଆସେ । ଅଭିନେତାମାନଙ୍କର ଆୟ ମଧ୍ୟ ସନ୍ତୋଷପ୍ରଦ ହୁଏ । ସେହି ଦଳର ସେ ଧ୍ରୁବ ପ୍ରହ୍ଲାଦର

ଅଭିନୟ କରୁଥିଲା, ସେ ବଡ଼ିଗଲା ଏବଂ ତାହାର କଣ୍ଠ ମଧ୍ୟ ବେସୁରା ଧରିଗଲା; ସୁତରାଂ ତାହାର ସ୍ଥାନ ପୂରଣ ସକାଶେ ଆଉ ଗୋଟିଏ ପିଲା ଦରକାର । ଦଳପତି ସୁନ୍ଦର, ସୁଶ୍ରୀ, ବୁଦ୍ଧିମାନ୍ ପିଲା ଅନୁସନ୍ଧାନ କରି ବୁଲିଲେ । ଅନେକ ପିଲା ଦେଖିଲେ; କିନ୍ତୁ କେହି ତାଙ୍କର ମନୋମତ ହେଲା ନାହିଁ । ଶେଷରେ କଣାକୁ ଦେଖି ପସନ୍ଦ କଲେ । ତହୁଁ କଣାମା ପାଖରେ ନିଜର ଅଭିପ୍ରାୟ ବ୍ୟକ୍ତ କଲେ । ସେ କିଛି ନ କହୁଣୁ କଣାର ମାଉସୀ ରକ୍ଷୁଣୀ ମଗଜକୁ ଶିକାକୁ ଟେକିଦେଇ କହିଲା, 'ଅ, ଛୁଅର ଧଇଲେ ତା ପେଟ କଅଣ ଅପୋଷା ରହିବ ଯେ, ତାହାର ଗରଜ ପଡ଼ିଛି ସେ ଯାଇ ଯାତ୍ରାରେ ନାଚିବ ? କାର ଜାଗାରେ ବୁଲିବ, କାର କୂଅର ପାଣି ପିଇବ, ସ୍ୱତ ଅନିଦ୍ରା ହେବ । ନା ନା, ମୁଁ କି ଖାଇବି ସେଥିରୁ, ମୋ ସୁକୁମାରିଆ ଛୁଆ ଲୁଳୁବଙ୍ଗା ହୋଇଯିବ ।' ଏହିପରି ନାନା କଥା କହି ପ୍ରଥମେ ସେ ମନ୍ତ୍ରଲରେ ବସିଲା ନାହିଁ; ମାତ୍ର ଶେଷରେ ପ୍ରଲୋଭନ ଦେଖାଇବାରୁ ମଙ୍ଗିଲା । ଦଳପତି କହିଲେ, "ନା ଲୋ ମାଉସି, ତୁ କିଛି ଭୟ କରନା । ତୋତେ ମାସରେ ପାଞ୍ଚଟଙ୍କା ଲେଖାଏଁ ଦେବି, ବାପ ମା ପରି ତୋ ପୁଅକୁ ଖୁବ ଜଗା କରିବି । ସେ ରଜାପୁଅ ପରି ସୁଖରେ ରହିବ । ଯାତ୍ରା ପିଲାମାନଙ୍କୁ ମୁଁ ସକାଳେ ପୋଡ଼ପିଠା, ମଇଁଷିଆ ଘିଅ କଳଶିଆ ଦିଏଁ, ଦିନରେ ସରୁ ଚାଉଳ ଭାତ ଆଉ ମାଗୁର ମାଛ ଝୋଳ ଦିଏଁ, ରାତିରେ ଲୁଚି ହରଡ଼ ଡାଲି ଦିଏଁ । ଦୁଇଓଳି ପିଲାଏ ହଳଦୀ ଲଗାନ୍ତି । ତୋ ପୁଅକୁ ମୁଁ କେତେ ସୁନାରୁପା ଗହଣା ଦେବି ଦେଖିବୁ ।" ଦଳପତି ଏହିପରି ନାନା ପ୍ରଲୋଭନ ଦେଖାଇ କଣାକୁ ସଙ୍ଗରେ ନେଇଗଲା । କଣା ସେହିଦିନଠାରୁ ଆଖଡ଼ାରେ ନାଚିଲା ।

— ୩ —

ଦୁଧ ସଙ୍ଗରେ ପାଣି ମିଶିଲେ ପାଣିର ଗୋଟାଏ ମୂଲ୍ୟ ହୁଏ । ସେହିପରି ଆଖଡ଼ାରେ ମିଶିଲା ଦିନରୁ କଣାର ଗୌରବ ବଢ଼ିଉଠିଅଛି । ସେ ଶ୍ୱଶୁର ଘର ପରି ଆଦର ପାଉଅଛି । ସେ କ୍ଷଣକ୍ଷଣକେ ଭିନ୍ନ ଭିନ୍ନ ଛଇ ଧରେ, କେତେ ପ୍ରକାର ଲୁଗା, କେତେ ରଙ୍ଗର, କେତେ ଢଙ୍ଗର ଜାମା ତାହାର ଅଙ୍ଗ ସଙ୍ଗର ସୌନ୍ଦର୍ଯ୍ୟ ଲକ୍ଷ କରି ଧନ୍ୟ ହୁଅନ୍ତି । ଜଳା ମଚ ମଚ ବାର୍ଣ୍ଣିସ ଚଟାଉ ଜୋତା ତାହାର ପଦସେବା କରେ । ଅଳଙ୍କାରର ବହର ମଧ୍ୟ ଊଣା ନୁହେଁ । ହାତରେ ବଳା, କାନରେ ନୋଳି, କଟିରେ ଶିକୁଳୀ, ବାହୁରେ ଅନନ୍ତ, କଣ୍ଠରେ ପଦକ ଶୋଭା ପାଏ । କଣା ନୃତ୍ୟଗୀତରେ ଖୁବ୍ ପ୍ରବୀଣ ହୋଇ ଉଠିଲାଣି । ସେ ସ୍ତ୍ରୀ ପୁରୁଷ ଉଭୟ ବେଶ ପକାଏ; ମାତ୍ର ଧ୍ରୁବବେଶ ତାକୁ ଖୁବ୍ ମାନେ । ତାହାର ନୃତ୍ୟ ଯେପରି ଚମତ୍କାର, ଗୀତ ସେହିପରି ମଧୁର ଏବଂ କଥାର ଭଙ୍ଗୀ ତହୁଁ ବଳି ମନୋହର । ସେ ଯେତେବେଳେ ଧ୍ରୁବର ଅଭିନୟ କରେ, ସେତେବେଳେ ବାଳଭକ୍ତର ମଧୁର ଭକ୍ତିରସ ଶ୍ରୋତା କର୍ଣ୍ଣରେ ଅମୃତ ବୃଷ୍ଟି କରେ । ତାହାର ଯୋଗୁଁ ଯାତ୍ରାଦଳର ଗୌରବ ଅଶାତୀତରୂପେ ବଢ଼ିଯାଇଅଛି । ସମସ୍ତଙ୍କ ମୁହଁରେ କଣାର ସୁଖ୍ୟାତି । ଯେଉଁଦିନ ପୀଡ଼ା ବା ଅନ୍ୟ କୌଣସି କାରଣରୁ କଣା ଯାତ୍ରାରେ ଅନୁପସ୍ଥିତ ଥାଏ, ସେଦିନର ଅଭିନୟରେ ଦର୍ଶକବୃନ୍ଦ ତୃପ୍ତିଲାଭ କରିପାରନ୍ତି ନାହିଁ । ସମସ୍ତଙ୍କ ମନ ଫିକା ପଡ଼ିଯାଏ । କଣାର ସୌଭାଗ୍ୟର ସୀମା ନାହିଁ । ତାହା ଜୀବନର ଦିନଗୁଡ଼ାକ ଆନନ୍ଦରେ ସମୁଜ୍ଜ୍ୱଳ ହୋଇଉଠିଲା । ଏହିପରି ଭାବରେ ବର୍ଷ ପରେ ବର୍ଷ ଅତିବାହିତ ହେବାକୁ ଲାଗିଲା ।

ପାଞ୍ଚପଡ଼ା ଗଡ଼ରେ ଗଣେଶପୂଜା ବିଶେଷ ଆଡ଼ମ୍ବରରେ ହୁଏ । ଅନେକ ପ୍ରସିଦ୍ଧ ଯାତ୍ରାଦଳ ଅଭିନୟ କରନ୍ତି । ବର୍ଷେ ଗରଦପୁର ଯାତ୍ରାଦଳ ରାଜନିମନ୍ତ୍ରଣରେ ଯାଇ ଅଭିନୟ କରିଥିଲେ । କଣା ଧ୍ରୁବର ଅଭିନୟ କଲାବେଳେ ଦର୍ଶକବୃନ୍ଦ ଏରୂପ ମୁଗ୍ଧ ହେଲେ ଯେ, ସ୍ୱରଅନ୍ତେ ତାହା ଉପରେ ଦେବକୁସୁମ ପରି ଟଙ୍କା, ଅଧୁଲି, ସୁକି ବୃଷ୍ଟି ହେବାକୁ ଲାଗିଲା । ରାଜା ଆନନ୍ଦରେ ଅଧୀର । ସେ କଣାର ନୃତ୍ୟ, ଗୀତ ଏବଂ କଥା ଭଙ୍ଗୀରେ ବିମୁଗ୍ଧ ହୋଇ କାହିଁରେ ତାହାର ଗୁଣ ପୁରସ୍କୃତ କରିବେ, ହଠାତ୍ କିଛି ହାତ ପାଖରେ ପାଇଲେ ନାହିଁ । ଏଣେ ଉତ୍ତାଳ-ଉଦ୍‌ବେଳ ଆକାଙ୍କ୍ଷା ସମ୍ଭାଳି ହେଲା ନାହିଁ । ତହୁଁ ନିଜର ହୀରକ ଅଙ୍ଗୁରୀୟଟି ବାହାର କରି କଣା ଅଙ୍ଗୁଳିରେ ପିନ୍ଧାଇଦେଲେ । ତାହାର ମୂଲ୍ୟ ପ୍ରାୟ ସହସ୍ରାଧିକ ଟଙ୍କା ହେବ,

ଯଥାସମୟରେ ଯାତ୍ରା ଲାଗିଲା, ଦର୍ଶକ ଏବଂ ସପାରିଷଦ ରାଜା ସଭାରୁ ଉଠିଗଲେ ।

ସ୍ୱାର୍ଥ ଯେଉଁଠାରେ, ଦ୍ୱନ୍ଦ୍ୱ କଳହ ସେହିଠାରେ । କଣା ଅପ୍ରାପ୍ତବୟସ୍କ ସମ୍ପୂର୍ଣ୍ଣ ନାବାଳକ କଲା; ମାତ୍ର ଦଳର ଲୋକେ ତାହା କରିବାକୁ ଦେବେ କାହିଁକି ? ସେମାନେ ନ୍ୟାୟ ମାଗିଲେ । ଏହି କଥା ନେଇ ଅନେକ ବିତଣ୍ଡା ହେଲା । ଶେଷରେ ରାଜା ନିଷ୍ପତ୍ତି କଲେ—ମୁଦିଟି ଯେ କଣାକୁ ଦେଇଅଛନ୍ତି; ସୁତରାଂ ସେଥିରେ ଅନ୍ୟ କାହାର ଅଧିକାର ନାହିଁ । ରାଜାଙ୍କର ଏ କଥା ଉପରେ ଆଉ କିଛି କହିବାକୁ କାହାର ସାହସ ଘଟିଲା ନାହିଁ । ଫଳରେ କଣା ସଙ୍ଗେ ଦଳସ୍ଥ ଲୋକଙ୍କର ମନୋଭେଦ ଘଟିଲା । କଣା ଦଳର ସମ୍ପର୍କ ତ୍ୟାଗ କଲା । କେହି କେହି କହନ୍ତି, ରାଜାଙ୍କ ପ୍ରରୋଚନାରେ କଣା ଏରୂପ କରିବାକୁ ସାହସୀ ହୋଇଥିଲା । କାହିଁକି କେଜାଣି ପ୍ରଥମ ଦୃଷ୍ଟିରେ କଣା ପ୍ରତି ରାଜାଙ୍କର ଗୋଟାଏ କି ଆକର୍ଷଣ ଜନ୍ମିଥିଲା । ସମୟ ସମୟରେ ବଡଲୋକଙ୍କର ଅଜ୍ଞାତକୁଳଶୀଳ ପ୍ରତି ଏହିପରି ଅହେତୁକ ଆକର୍ଷଣ ଜନ୍ମିବାର ଏବଂ ପରେ ପ୍ରବଳ ହେବାର ଦେଖାଯାଇଥାଏ । ତାହା ସେମାନଙ୍କର ଅଦ୍ଭୁତ ଖିଆଲ କିମ୍ବା ଅନ୍ୟାନ୍ୟ ବ୍ୟସନ ପରି ଗୋଟାଏ କିଛି । ଅନେକେ ଅନେକ ସମୟରେ ହଠାତ୍ ଦୟାସାଗର ପାଲଟିଯାଇ ଅପାତ୍ରରେ କୃପା ପ୍ରକାଶ କରନ୍ତି । ଅବଶ୍ୟ ଏହା ଶୁଭକ୍ଷଣରେ ଅଦୃଷ୍ଟର ଅଯାଚିତ ଫଳ ।

କଣା ସଙ୍ଗୀତକାର ହୋଇ ରାଜାଙ୍କ ପାଖରେ ରହିଲା । ହାରମୋନିୟମ୍, ବେହେଲା ପ୍ରଭୃତି ବାଦ୍ୟରେ ସେ ଧୁରନ୍ଧର । ବସ୍ତୁତଃ ବେହେଲା ତା' ହାତରେ କଥା କହେ । ତାହାର ଗୀତବାଦ୍ୟରେ ମୁଗ୍ଧ ହୋଇ ରାଜା ତାହାକୁ ଅନେକ ଥର ପୁରସ୍କୃତ କରି ସାରିଲେଣି । ପୁଅର ଏ ସୌଭାଗ୍ୟୋଦୟ ଦେଖି କଣାମା ସ୍ୱର୍ଗ କରଗତ ମଣିଲା । ଆଉ ଅଧିକ ଆନନ୍ଦିତ ହେଲା ରୁକ୍ମିଣୀ । ଏକଲା ପୁଣି ପୁଅର ଯେ ମା, ରୁକ୍ମିଣୀ ତାହାର ଭଉଣୀ ! ଧନ୍ୟରେ କପାଳ ! ରୁକ୍ମିଣୀ ରତ୍ନ-ଗର୍ଭାର ଭଉଣୀ, ଏହାଠାରୁ ଗୌରବ କଅଣ ଅଛି ? ରୁକ୍ମିଣୀ କହିଲା, "ମୋ କଣ୍ଠଟି ଯୋଗଜନ୍ମା । ସେ ରଜାର ପାଖଲୋକ ହେଲା, ତାହାର ଆଉ ମୋର ସପ୍ତପୁରୁଷ ଦେବତା ପାଲଟିଗଲେ । ନାହାକ ପୋଡ଼ା-ମୁହାଁ ଯାହା କହିଥିଲା, ତାହା ସତ ହେଲା । ସେ କହିଥିଲା—"ଭଣ୍ଡାରିକୁଳରେ ଜନ୍ମ ହେଲେ କଅଣ ହେଲା, ଏ ପିଲାଟି ଗାରେ ବୁଲାଇବ । ଏହାର ଲକ୍ଷଣ-ଗୁଡ଼ାକ ରଜା ପୁଅର ଲକ୍ଷଣଠାରୁ ବଳେ ।'' ସତ କହି-ଥିଲା ବାପୁଡ଼ା ଏଡ଼ା । କାଉଁ ରଜା ପୁଅଟା ମୋ କଣ୍ଠ ପରି ସୁନ୍ଦର ହେବ ?'' ରୁକ୍ମିଣୀ ଏ ଆନନ୍ଦ ସମ୍ଭାଳି ରଖି-ପାରିଲା ନାହିଁ; ସାତ ଘର ସାଏଁ ଗାଁରେ ବୁଲି ପୁତୁରାର ଆକସ୍ମିକ ସୌଭାଗ୍ୟସଙ୍ଗୀତ ଗାଇବାକୁ ଲାଗିଲା ।

—୪—

କଣା ଦିନକୁ ଦିନ ରାଜାଙ୍କର ବିଶ୍ୱାସଭାଜନ ଏବଂ ପ୍ରିୟପାତ୍ର ହୋଇଉଠିଲା । ରାଜ-ଅନୁରାଗ ସହସ୍ର-ଧାରରେ ତାହା ମସ୍ତକରେ ବର୍ଷିତ ହେବାକୁ ଲାଗିଲା । ଶେଷରେ ସେ ରାଜାଙ୍କର ଧର୍ମପୁଅ ହୋଇବସିଲା । ତାହାର ନାମ କଣା ପରିବର୍ତ୍ତରେ କରଣଚନ୍ଦ୍ର ଗାୟକ-ରତ୍ନ ହୋଇଗଲା । ରାଜାଙ୍କର ଆଦର, ସ୍ନେହ ଦେଖି ସମସ୍ତେ ତାକୁ ଭୟ ଭକ୍ତି କଲେ । ସମସ୍ତେ ତାକୁ କରଣ ବାବୁ ବୋଲି ସମ୍ବୋଧନ କରନ୍ତି । ସେ ସବୁବେଳେ ରାଜାଙ୍କ ପାଖରେ ଥାଏ, ରାଜା କେଉଁଠିକି ଗଲେ ସେ ତାଙ୍କ ସଙ୍ଗରେ ହାତୀରେ ବସି ଯାଏ । ରାଜାଙ୍କ ଭୋଜନ ସ୍ଥାନରେ କଣାର ଭୋଜନ ହୁଏ, ରାଜା ଶୀତଳ ମଣୋହି କଲେ, ସେ ମଧ୍ୟ ପାଖରେ ବସି ଶୀତଳ ମଣୋହି କରେ । ରାଜାଙ୍କର ତହବିଲ କୁଞ୍ଚିକାଠି ଏବଂ ଭଣ୍ଡାରଘର କୁଞ୍ଚିକାଠି ତାହା ହାତରେ ଥାଏ । ରାଜାଙ୍କୁ ସେ "ଦଦେଇ ମହାରାଜା" ବୋଲି ଡାକେ । ରାଜାଙ୍କୁ ଗଞ୍ଜେଇ ଖଅରି କରିଦିଏ, ନିଜେ ମଧ୍ୟ ପିତୃପ୍ରସାଦ ସେବନ କରି ପିତୃଭକ୍ତିର ପରାକାଷ୍ଠା ପ୍ରଦର୍ଶନ କରେ । ତାହାର ବେଶଭୂଷା ରାଜକୁମାରର ଅନୁରୂପ ହେଲା । କଣ୍ଠରେ ସୁନାହାର, କାନରେ ନାଗଫୁଲ, ପାଞ୍ଚ ଅଙ୍ଗୁଳିରେ ରତ୍ନଖଚିତ ସୁନାମୁଦି ଶୋଭା ପାଇଲା । ସୁନାଜରି ପାଟ ଛଡ଼ା ଅନ୍ୟ ଲୁଗା ସେ ଛୁଏଁ ନାହିଁ । ରାଜାଙ୍କର ଯେ ଦକ୍ଷିଣହସ୍ତ, ତାହା କି

ତଳେ ପଡ଼େ ନାହିଁ । ତାହାର ସୌଭାଗ୍ୟ, ପାଟହାତୀ ଏହିପରି ତା ମୁଣ୍ଡରେ ସୁନା କଳସ ଢାଳିଦେଲା । ତାହାର ଭାଗ୍ୟୋଦୟ ଦେଖି ରାଜଦରବାରର ଏବଂ ରାଜ-କର୍ମଚାରୀମାନେ ଈର୍ଷାପରାୟଣ ହୋଇଉଠିଲେ; ମାତ୍ର ରାଜଭୀତି ହେତୁ ନୀରବ ରହି ତୁଷାନଳ ପରି ଜଳିବାକୁ ଲାଗିଲେ । ଅନେକ ଲୋକଙ୍କର ଅନେକ ଅଧିକାର ଛଡ଼ାଇ ରାଜା ତାକୁ ଦେଇଅଛନ୍ତି; ସୁତରାଂ କ୍ଷମତାମଦରେ ସେ ମଧ୍ୟ ପ୍ରମତ୍ତ । ତାହାର କୌଣସି ଦୋଷ ରାଜାଙ୍କ ଆଖିକୁ ଦେଖାଯାଏ ନାହିଁ । ଏ ହେତୁ ତାହାର ପ୍ରଶ୍ରୟ ଅବାଧରେ ବଢ଼ିଉଠିଲା । ସେ ଅନେକଙ୍କ ନାମରେ ମିଥ୍ୟା କଥା କହି ସେମାନଙ୍କୁ ଦଣ୍ଡିତ କରାଇଲା । ତାହା ପାଇଁ ସ୍ୱୟଂ ରାଣୀ ଦିନେ ଅପମାନିତ ହେଲେ । ସେ ରାଜାଙ୍କୁ କହିଲେ, "କୁଆଡ଼ୁ କୁଳ ସ ଉଣ୍ଡା ଟୋକାଟେ ଆସିଛି, ସେ ପରଟା ଉପରେ ତୁମର ଏତେ ଶରଧା କାହିଁକି ?" ଏତିକରେ ଆଉ ରାଣୀ ଯାଆନ୍ତି କୁଆଡ଼େ ! ରାଜା କ୍ରୋଧ-ରକ୍ତନେତ୍ରରେ କହିଲେ—"କିଏ ପର ନୁହେଁ ? ତୁମେ କଉଣ ଆପଣାର ? ତୁମେ କଉଣ ଏହି ଘରେ ଜନ୍ମ ହୋଇଥିଲ ? ତୁମେ ତ ଦିନେ ପର ଥିଲ, ଅନ୍ୟ ଜାଗାରୁ ଆସି ଆପଣାର ହେଲ କପରି ?" ଗୋଟାଏ ଭଣ୍ଡାରିଟୋକା ସଙ୍ଗରେ ନିଜର ତୁଳନା ଶୁଣି ରାଣୀ ସେହି ଦିନଠାରୁ ଦାରୁଣ ଅଭିମାନ ବହି ଆଉ କିଛି କହନ୍ତି ନାହିଁ ।

ସୌଭାଗ୍ୟ ଆସିବାବେଳେ ଗ୍ଲାଅଗଣ୍ଡରେ ଆସେ ନାହିଁ—କୁଆର ପରି ମାଡ଼ିଆସେ । ଝଲୁଣିଆ ଗ୍ରାମରେ କଣାର ଘର ତୋଳା ଲାଗିଛି । ଘର, ଅମାର ଡିଙ୍କିଶାଳ ସବୁ ପଥରରେ ତିଆରି ହେବ । ରାଜାଙ୍କ ଆଦେଶରେ ପାହାଡ଼ରୁ ପଥର ଆସି ପର୍ବତ ପ୍ରମାଣେ ଗଦା ହେଲାଣି । ରାଜାଙ୍କ ଫରମାସ ଅନୁସାରେ ଘର ତୋଳା ହେଉଅଛି । ଅଳ୍ପଦିନ ମଧ୍ୟରେ ବାସୋପ-ଯୋଗୀ ଘର, ବଙ୍ଗଳା ପ୍ରଭୃତି ପ୍ରସ୍ତୁତ ହୋଇଗଲା । ଯୋଖଖୋଲା ଏବଂ ଖୋଖସା ଚାରିପାଖରେ ପଥର ଖାଉଛ ବନ୍ଧା ମଧ୍ୟ ଶେଷ ହୋଇଗଲା । ଘରଗୁଡ଼ିକ ସୁକୋଚିତ ଦ୍ରବ୍ୟରେ ସଜ୍ଜିତ ହୋଇ ହସିଉଠିଲା । ସୁଆରି, ପାଲିଙ୍କି, ଘୋଡ଼ା, ଗାଡ଼ି ପ୍ରଭୃତି ଯାନବାହନର ଅଭାବ ମଧ୍ୟ ରହିଲା ନାହିଁ । କଣା ବିବାହିତ; କିନ୍ତୁ ସେ ବିବାହ ରାଜାଙ୍କର ମନୋମତ ନୁହେଁ । ସେ ବିବାହ ଭଣ୍ଡାରି ଭାବରେ ହୋଇଥିଲା, ରାଜପୁତ୍ର ଭାବରେ ନୁହେଁ । କଣାର ଦ୍ୱିତୀୟ ବିବାହ ଅତି ଆଡ଼ମ୍ବରରେ ହୋଇଗଲା । ସୁନା ରୁପାର ଅଳଙ୍କାରରେ ନବବଧୂର ଦେହ ପୋତିହୋଇପଡ଼ିଲା । ରାଜା ଅନେକ ଜମିବାଡ଼ି କଣା ନାମରେ କିଣିଦେଲେ । ଏଥି ମଧ୍ୟରେ କଣାର ମାତା ଏବଂ ମାତୃଷ୍ୱସା ପରଲୋକ ଗମନ କରିବାରୁ ସେମାନଙ୍କର ଶ୍ରାଦ୍ଧକ୍ରିୟା ରାଜଆଡ଼ମ୍ବରରେ ହୋଇଗଲା । କଣାର ଭାଗ୍ୟୋଦୟ ସଙ୍ଗେ ସଙ୍ଗେ ଅନେକ ବନ୍ଧୁଆ ଆସି ତାହା ଘରେ ଆଶ୍ରୟ ନେଲେଣି । ସେମାନେ ତାହାର ଜାତି, ଭାଇ, ଗୋଷ୍ଠୀ, ଦାଦାବରଙ୍ଗ । ଏହା ଛଡ଼ା କେତେ ଅସମ୍ପର୍କୀୟ ସମ୍ପର୍କର ଲୋକ ମଧ୍ୟ ଅଛନ୍ତି । କଣା ଦାସଦାସୀପରିବେଷ୍ଟିତ ହୋଇ ରାଜସୁଖରେ କାଳ ହରଣ କରୁଅଛି । ତାହାର ମଗଜ ଆଉ ଜାଗାରେ ଉଠୁ ନାହିଁ । ଗୁରୁସ୍ଥାନୀୟ ବ୍ୟକ୍ତିଙ୍କୁ ମାନ୍ୟ କରିବା ଦୂରେ ଥାଉ, ଦେଖିଲେ ମୁହଁ ଫେରାଇ ନିଏ । ଗ୍ରାମର ବ୍ରାହ୍ମଣ ସର୍ବରାକାରଙ୍କୁ ସେ ଖାତିର ମଧ୍ୟ କରେ ନାହିଁ । ଅଧିକନ୍ତୁ କହେ, "ଓଃ, ଭାରି ଲୋକଟେ ତ, ତାହାରି ପରି କେତେ ଗଣ୍ଡା ସର୍ବରାକାର ମୋ ଗୋଡ଼ ଧରୁଛନ୍ତି । ତାଙ୍କୁ ପୁଣି ମୁଁ ହାତ ଉଠାଇ ନମସ୍କାର କରିବାକୁ ଯିବି !" ଖାଲି ଏତିକି ନୁହେଁ—ବ୍ରହ୍ମତ୍ରମିର ଖଜଣା ମଧ୍ୟ ନ ଦେଇ ତାକୁ ଫାଙ୍କିଦିଏ ।

—୫—

କଣା ଆଉ ପୂର୍ବ କଣା ନାହିଁ, କି ସେ ରାଜପୁତ୍ର ବି ନାହିଁ—ଏଣିକି ସେ ଖୋଦ୍ ରାଜା । ରାଜା ତାହାର ହସ୍ତଚାଳିତ ଯନ୍ତ୍ର । ରାଜା କିଛି ବୁଝନ୍ତି ନାହିଁ, କଣା ଯାହା କରିବ ତାହା ହିଁ ଚୂଡ଼ାନ୍ତ । ମୂର୍ଖ ହାତରେ ଠେଙ୍ଗା ସମର୍ପଣ କରି ରାଜା ନିଶ୍ଚିନ୍ତମନରେ ଆରାମ ଉପଭୋଗ କରୁଅଛନ୍ତି । କଣା ସର୍ବେସର୍ବା, 'ହର୍ତ୍ତାକର୍ତ୍ତା ବିଧାତା' । ତାହାର ପ୍ରତାପ, ତାହାରି ଶାସନ ବୃକ୍ଷର ଅଗ୍ନି ଶରଧାରଠାରୁ ଧାରିଆ । ଖରି ଟାଣ

ହେଲେ ଖାଉଯିଆଙ୍କ ଯେପରି ଖୁବ ସୁଖ ହୁଅନ୍ତି, ତାହାର ପ୍ରତାପରେ ଉତ୍ପୀଡ଼ିତବର୍ଗ ସେହିପରି ଅତି କୋଳାହଳ କରୁଥିଲେ । କଣା କେତେଦୁଣ୍ଡଏ ସ୍ତାବକ ଘେନି ସଙ୍ଗୀତବିଳାସରେ ପ୍ରମତ୍ତ । ପଦ୍ମପୋଖରୀର ପ୍ରତ୍ୟନ୍ତ ପ୍ରଦେଶରେ ତାହାର ସୁସଜ୍ଜିତ ବୈଠକଖାନା ସର୍ବଦା ସଙ୍ଗୀତବାଦ୍ୟରେ ମୁଖର । ପବନ ପଦ୍ମ ଗନ୍ଧରେ ଭାରାକ୍ରାନ୍ତ ହୋଇ ଝିରିଝିରି ବହି ଯାଉଥାଏ । ବଂଶରନ୍ଧ୍ର ସେହି ପ୍ରବାହ ପାନ କରି ଅନୁରଣିତ ହୋଇଉଠୁଥାଏ । ବୈଠକଖାନାର ବଂଶୀରବକୁ ସେ ଉପହାସ କରେ, କି ବଂଶୀସ୍ୱର ତାକୁ ଉପହାସ କରେ ତାହା ବାରିବାର ଉପାୟ ନାହିଁ । ସଙ୍ଗୀତାଳାପ ସଙ୍ଗେ ସଙ୍ଗେ ବୈଠକଖାନାରୁ ଘନ ଘନ ଗଞ୍ଜେଇ ଚିଲମର ଚୁମ୍ବନ ସଙ୍କେତ ଉଠୁଥାଏ । ବାଦ୍ୟକର ନିଶାରେ ଭୋଳ, ତାହାର ଅଙ୍ଗୁଳିବନ୍ଧନ ଶ୍ଳଥ ହୋଇଆସୁଥାଏ, ହସ୍ତରୁ ବାଦ୍ୟଯନ୍ତ୍ର ଖସି ପଡୁଥାଏ । ବେଳେ ବେଳେ ନିଶାଜଡ଼ିତ ଦର୍ଶକର କଣ୍ଠରୁ "ବାହାବା—ବାହାବା" ଧ୍ୱନି ଉଠିଆସି ଚିତ୍କାରରେ ବିଶୃଙ୍ଖଳ ହୋଇଯାଉଥାଏ । କଣା ଏହିପରି ବ୍ୟର୍ଥ ଦୂଷିତ ଆମୋଦରେ ଅହର୍ନିଶ ରହୁଥାଏ ।

ଜଗତରେ ଦୁଃଖର ଦିନମାନଙ୍କ ଶାମୁକାଗତିରେ ଅଗ୍ରସର ହୁଏ; ମାତ୍ର ସୁଖର ଦିନ ଘୋଡ଼ା ପରି ଡେଇଁ ଡେଇଁ ଚାଲେ, ସତେ ଯେପରି ଗୋଟାଏ ପ୍ରବଳ ଶକ୍ତି ତାକୁ ପଛରୁ ଠେଲିଆଣେ । ଉତ୍ସବ ଦିନର ସୂର୍ଯ୍ୟ ଦେଖୁଁ ଦେଖୁଁ ଅସ୍ତ ହୋଇଯାଆନ୍ତି, ପୁଣି ବନ୍ୟା ଜଳ ଉଚ୍ଛୁଳି ଉଠିଲେ ଖସିବାକୁ ଆରମ୍ଭ କରେ । କେତେଦିନ ପରେ କଣାର ବର୍ଦ୍ଧନଶୀଳ ଭାଗ୍ୟରେ ଗୋଟାଏ ପ୍ରଚଣ୍ଡ ଆଘାତ ଲାଗିଲା । ଦିନେ ମାତ୍ର ରୋଗ ଭୋଗ କରି ରଜା ମୃତ୍ୟୁମୁଖରେ ପତିତ ହେଲେ । ରୋଗ ମାରାତ୍ମକ ନୁହେଁ; ମାତ୍ର ତାଙ୍କର ପରମାୟୁ ନ ଥିଲା, ସେ ମଲେ । ତାଙ୍କ ଶବ ନ ଉଠୁଣୁ କେତେ ଜଣ ଉତ୍ପୀଡ଼ିତ ରାଜପରିଷଦର କଣାକୁ ଖୋଜିବୁଲିଲେ । ଉଦ୍ଦେଶ୍ୟ—ପ୍ରତିଶୋଧ ଗ୍ରହଣ । ଏ ଆକସ୍ମିକ ବିପଦରେ କଣା ଅଧୀର ହୋଇଉଠିଲା; ମାତ୍ର ବିଳମ୍ବ ନ କରି କୌଣସି କୌଶଳରେ ସେଠାରୁ ଖସି ଆସି ଆତ୍ମରକ୍ଷା କଲା । ସେ ତାହାର ନିଜ ଗ୍ରାମ ସୁଲୁଣିଆକୁ ପଳାଇ ଆସିଲା । ନୀତିଶାସ୍ତ୍ର କହେ--"ସର୍ବନାଶ କାଳରେ ଯେ ଅର୍ଦ୍ଧେ ତ୍ୟାଗ କରେ, ସେ ପଣ୍ଡିତ ।" କିନ୍ତୁ କଣା ପ୍ରାଣବିକଳରେ ସର୍ବତ୍ୟାଗୀ ହେଲା; ସୁତରାଂ ସେ ମହାପଣ୍ଡିତ । ପାଞ୍ଚପଡ଼ା ଗଡ଼ରେ ତାହାର ଯାହା ସବୁ ଥିଲା, ତାହା ବର୍ଜିତ ହୋଇ ଲବ୍ଧ ଅର୍ଥ ରାଜକୋଷସାତ୍ ହେଲା ।

ନଟ ରହିଲା କଣାର ପ୍ରତିବେଶୀ ଏବଂ ସମବୟସ୍କ । ପିଲାଦିନେ ସ୍କୁଲ ଯାଇ ଦୁହେଁ ଶ୍ରୀମୁଖ ବସିଥିଲେ । ତେଣୁ ଦୁହେଁ ଦୁହିଙ୍କୁ ଶ୍ରୀମୁଖ ବୋଲି ଡାକନ୍ତି । ଜାଲ, ଜୁଆଚୋରି, ଫିସାଦ ପ୍ରଭୃତି କୌଣସି ବିଦ୍ୟାରେ ସେ ଊଣା ନୁହେଁ । ନିଶା ପଣାରେ ଘରଖଣ୍ଡକ ପର୍ଯ୍ୟନ୍ତ ବନ୍ଧକ ପଡ଼ିଲାଣି । ଏଣିକି ଉପର୍ଯ୍ୟୁକ୍ତ ସାଧୁ ବ୍ୟବସାୟଦ୍ୱାରା ନିତି ଅର୍ଜି ନିତି ଖାଏ । କଣା ଯେତେବେଳେ ପଳାଇ ଆସି ଚୌଦିଗ ଅନ୍ଧାର ଦେଖୁଥିଲା, ନଟ ସେତେବେଳେ ଆସି ସୌହାର୍ଦ୍ଦ୍ୟ ଦେଖାଇ ସହାନୁଭୂତି ପ୍ରକାଶ କଲା । ସେ କଣାକୁ କହିଲା, "ଶ୍ରୀମୁଖ, ଯାହା ଗଲା ଗଲା, ସେଥିଲାଗି ଚିନ୍ତା କଅଣ ? ପ୍ରାଣ ତ ରହିଲା ଆଉ ତୁମର ଅଭାବ ବା କଅଣ ? ଠାକୁରେ ତୁମର କଅଣ ଊଣା କରିଛନ୍ତି କି ? ଭୂମି ବାଡ଼ି ଅଛି, ଅଳଙ୍କାର ଅଛି, ଆଉ କେତେ ମୂଲ୍ୟବାନ ଘରକରଣା ଜିନିଷ ଅଛି; ଭାବନା କଅଣ ? ଏଇଠି ବସି ତୁମେ କିଛି ଗୋଟାଏ ବ୍ୟବସାୟ କର । ତୁମେ ତ ଗୁଣୀ ଲୋକ, ଯେଉଁଠି ବସିବ ସେଇଠି ଟଙ୍କା ଅର୍ଜନ କରିବ । ଆଚ୍ଛା ଶ୍ରୀମୁଖ, ଗୋଟାଏ ଯାତ୍ରାଦଳ କଲେ ହୁଅନ୍ତା ନାହିଁ ? ତୁମର ତ ସେ ବିଷୟରେ ଖୁବ୍ ନାମଡାକ; କଲେ ଏକା ଖୁବ୍ ରୋଜଗାର ହୁଅନ୍ତା ।" କଣା ବନ୍ଧୁର ଏ ଉତ୍ସାହ-ଉତ୍ତେଜନାରେ ଫୁଲିଉଠିଲା । ଅନ୍ଧାରରେ ତାକୁ ବାଟ ଦେଖାଗଲା । ସେ କହିଲା, "ନା ଶ୍ରୀମୁଖ, ଖାଲି ଯାତ୍ରାଦଳ ନୁହେଁ—ଗୋଟାଏ ଗୋଦାମ ବି କରିବା । ଦୁହେଁ ଭାଗରେ କରିବା । ତୁମେ ତ କିଛି ଦେଇପାରିବ ନାହିଁ ! ସବୁ ଟଙ୍କା ମୁଁ ଦେବି, ଲାଭ ମୋର ଅଧେ, ଆଉ ତୁମର ଅଧେ । ଏ

ଅଞ୍ଚଳରେ ଭଲ ଦୋକାନ ନାହିଁ, ଗୋଟାଏ ବଡ ଗୋଦାମ କଲେ ଲାଭ ଖୁବ୍ ହେବ। ମୋ ପାଖରେ ନଗଦ ତିନି ହଜାର ଟଙ୍କା ଅଛି, ବର୍ତ୍ତମାନ ସେତିକି ମୂଳଧନରେ କାମ ଆରମ୍ଭ କରିବା। ବନ୍ଧୁର ଏ ପ୍ରସ୍ତାବରେ ନଟ ଆନନ୍ଦସହକାରେ ସମ୍ମତ ହେଲା।

—୭—

ଜୀବନର ଜ୍ୟୋତ୍ସ୍ନାହାସିନୀ ପୂର୍ଣ୍ଣିମା ସରି ଯାଇ ଆସିଲେ ତେଣିକି କୃଷ୍ଣପକ୍ଷର ଅନ୍ଧାର ମାଡିଆସେ। ଏ ଉଭୟର ସଂକୀର୍ଣ୍ଣ ସନ୍ଧିସ୍ଥଳରେ ପଡି ମନୁଷ୍ୟ ଚୁପିହୋଇଯାଏ ଏବଂ ସେଥିର ପ୍ରଚଣ୍ଡ ଚାପରେ ତାହାର ଅସ୍ଥିପଞ୍ଜର ଚୂର୍ଣ୍ଣ ହୋଇଯାଏ। ସେ ଆଘାତ ଯେ ସମ୍ଭାଳିଯାଏ, ସେ ପଛେ ଇତର ବା ଅଧମ ହେଉ, ମାତ୍ର ସେ ଅସୀମ ଧୈର୍ଯ୍ୟଶାଳୀ। କଣାର ସେ ଶକ୍ତି ଯଥେଷ୍ଟ ଥିଲା; ସୁତରାଂ ସେ ପାଗଳ ହେଲା ନାହିଁ। ପୁନଶ୍ଚ ଶୁକ୍ଳପକ୍ଷର ଆଗମନ ପ୍ରତୀକ୍ଷାରେ ରତ୍ନ କର୍ମରେ ପ୍ରବୃତ୍ତ ହେଲା। ପୂର୍ବ ପ୍ରସ୍ତାବମତେ ଗୋଦାମ ଖୋଲାହେଲା। ତାହାର ଗୋଟାଏ ଶାଖା ଦୋକାନ ହେଲା। ଗୋଦାମରୁ ମାଲ ନେଇ ସେ ଦୋକାନରେ ରେଜା ବିକି ହୁଏ। ସେଥିରେ ଲାଭର ପ୍ରତ୍ୟାଶା ଅଧିକ କରାଯାଇଅଛି। ଏହା ନଟର ଉର୍ବର ମସ୍ତିଷ୍କର ଉଦ୍ଭାବନ। ବାହାରୁ ନେଲେ ନଟର ହାଣ୍ଡି ଚୁଲିରେ ବସେ; ସୁତରାଂ ସେ ବର୍ଷଶେଷର ଲାଭକୁ ଅପେକ୍ଷା କରି ରହିବ କିପରି? ତାହା ପାଇଁ ଭିନ୍ନ ବ୍ୟବସ୍ଥା ହୋଇଅଛି। ସେ ଦୁଇ ଓଳି ଦୋକାନରୁ ଚାଉଳ, ଡାଲି ପ୍ରଭୃତି ନେଇ ହିସାବ ରଖିବ। ବର୍ଷଶେଷର ଲାଭରୁ ତାହା କାଟି ନଆସିବ। ନଟର ନବମ ବର୍ଷୀୟା କନ୍ୟା କୁନ୍ଦୀ ଦୁଇଓଳି ଆସି ଦୋକାନରୁ ଆବଶ୍ୟକ ପଦାର୍ଥମାନ ନେଇଯାଏ। କୁନ୍ଦୀ କେଉଁ ଦିନ କହେ—"ବାବା, ମା କହୁଛି ଆଜି କାକରପିଠା ହେବ, ଘିଅ ଆଉ ଗୁଡ଼ ଦେ।" କେଉଁଦିନ କହେ, "ଏଣ୍ଡୁରି ପିଠା ଲାଗି ବିରି, ଚାଉଳ, ନଡିଆ ଦେ।" ନଟ କନ୍ୟାର ବରାଦମତେ ସଉଦା ସରଞ୍ଜାମ ଦିଏ। ନଟ କଲିକତା ଯାଇ ମାଲ କିଣି ଆଣେ। ମହାଜନ ଖାତାରେ ଶ୍ରୀମୁଖ ନାମରେ ବାକୀ ଲେଖାଇ ଦେଇ ଆସେ। କଣା ଗୋଦାମରେ ବସି ରହେ ଆଉ ନଟ ଦୋକାନରେ ବସେ। ଏଥି ମଧ୍ୟରେ କଣାର ମୋସାହେବ ସଂଖ୍ୟା ଖୁବ୍ ବଢିଉଠିଲାଣି। ଗୋଟାଏ ଯାତ୍ରାଦଳ ଗଠିତ ହୋଇସାରିଲାଣି। ଗୋଦାମରେ ରାତି ତିନି ପ୍ରହର ପର୍ଯ୍ୟନ୍ତ ଆଖଡା ହୁଏ। ଗଞ୍ଜେଇ ଚିଲମକୁ ମୁହୂର୍ତ୍ତେ ବିଶ୍ରାମ ନ ଥାଏ। ପାନ, ବିଡି, ସିଗାରେଟର ବିପୁଳ ଶ୍ରାଦ୍ଧ ହୁଏ। ଯାତ୍ରାଦଳରେ ପନ୍ଦର ଜଣ ଲୋକ ଅଛନ୍ତି। ସେମାନେ ହାତରୁ ଖାଇ ଘୋଡା ଆଗରେ ଦୌଡିବାକୁ ନାରାଜ; ତେଣୁ ପ୍ରତ୍ୟେକର ମାସିକ ବେତନ ପାଞ୍ଚ ଟଙ୍କା ଲେଖାଏଁ ଧାର୍ଯ୍ୟ ହୋଇ ଅଛି। ଯାତ୍ରାର ଯନ୍ତ୍ର, ସାଜସଜ୍ଜା ସବୁ ଯଥେଷ୍ଟ ସଂଗୃହୀତ ହୋଇଅଛି। ବାଛି ବାଛି ଦୁଇଟି ନାଟୁଆ ପିଲା ବିଦେଶରୁ ଆଣିବାକୁ ହୋଇଅଛି। ଗ୍ରାସାଚ୍ଛାଦନ ପରେ ସେମାନେ ପ୍ରତ୍ୟେକେ ମାସିକ ସାତ ଟଙ୍କା ଲେଖାଏଁ ନିଅନ୍ତି। କଣା ସେ ଯାତ୍ରାର ଓସ୍ତାଦ; ସବୁ ଖର୍ଚ୍ଚ ସେ ସ୍ୱହସ୍ତରୁ ଚଳାଏ। ସେ ମନ, ପ୍ରାଣ, ଶିକ୍ଷା ସବୁ ଯାତ୍ରାରେ ଢାଳି ଦେଇଅଛି। ଅନ୍ୟ କିଛି କରିବାକୁ ତାହାର ଅବସର ନାହିଁ। ଆଉ କଥା ଦୂରେ ଥାଉ, ଘରର ହାଲଚାଲ ବା ଜମିବାଡିର ଅବସ୍ଥା ମଧ୍ୟ ସେ ବୁଝାଶୁଝା କରିପାରେ ନାହିଁ। ଆଖଡା ତାହାର ପ୍ରାଣ ଏବଂ ଗଞ୍ଜେଇ ଉପପ୍ରାଣ। ଏହାଛଡା ସଂସାରର ସବୁ ତାହା ନିକଟରେ ତୁଚ୍ଛ। କ୍ଷୁଧା ତାକୁ ବଳପୂର୍ବକ ଟାଣି ନେଇ ଭାତଥାଳି ପାଖରେ ବସାଏ ସିନା; ମାତ୍ର ତାହାର ଖାଇବାର ଇଚ୍ଛା ନ ଥାଏ।

ଦିନେ କଣା ଶୁଣିଲା—ଖଜଣା ବାକୀ ଦାବାରେ ସର୍ବରାକାର ତାହାର ପାଞ୍ଚମାଣ ଜମି ନିଲାମରେ ଉଠାଇଅଛି। ତହୁଁ ସେ ଖଜଣା ଟଙ୍କା ଘେନି କେତେ ଜଣ ମୋସାହେବ ସହ ସର୍ବରାକାର ଘରକୁ ଗଲା। ସର୍ବରାକାର ପ୍ରତି କଣାର ମନ୍ତବ୍ୟ ପାଠକେ ପୂର୍ବରୁ ଶୁଣିଅଛନ୍ତି। ସର୍ବରାକାରର ସେ କଥା ମନରେ ଅଛି ଏବଂ ଜମି ନିଲାମ ତାହାର ପ୍ରତିଶୋଧ। ସର୍ବରାକାର କଣାକୁ ଦେଖି ଟିକିଏ ମଧୁର ବ୍ୟଙ୍ଗ କରି କହିଲା—"କହେ। କରଣଚନ୍ଦ୍ର ବାବୁ, ତୁମେ କୁଆଡେ? ମୋର ଆଜି ବଡ଼ ଭାଗ୍ୟ! ମୋ ପରି କେତେ ଦହିଚୁଡାଖିଆ ଗରିବ ବ୍ରାହ୍ମଣଙ୍କର ତ ତୁମ ଗୋଡ ଧରୁ ଧରୁ ଦିନ ସରୁନାହିଁ ଆଉ ମୁଁ ବା କି ଛାର! ହେଉ, ଯେବେ ଦୟାକରି ଆସିଲେ ତେବେ

ଭଲ କଥା; ମାତ୍ର ନନ୍ଦମ ଆଉ ଫେରିବ ନାହିଁ । ତାହାର ମିଅଦ ଏକଚାଳିଶଦିନ ପୂରିଯାଇ ଅଧିକା ପନ୍ଦର ଦିନ ହେଲାଣି ।" କଣା ଏପ୍ରକାର ତୀବ୍ର ବିଦ୍ରୂପ ଶୁଣି ତଳକୁ ମୁହଁ ପୋତି ଫେରିଆସିଲା; ମାତ୍ର ବୁଦ୍ଧିନାଶ ହେତୁ ତାହା ମନରେ କୌଣସି ଭାବାନ୍ତର ଜାତ ହେଲା ନାହିଁ । ଦିନେ ଜମିଦାରଙ୍କ ମେନେଜର କଣା ନଉଟଙ୍କୁ ସୁଆରି ମାଗିପଠାଇଲେ । କଣା ସୁଆରି ବାହାର କରିଦେଲା । ଦୁଇ ଦିନ ପରେ ଫେରାଇ ଦେବାର କଥା ଥିଲା; ମାତ୍ର ଦୁଇ ମାସ ଅତୀତ ହେଲା, ତେବେ ବି ସୁଆରି ଫେରି ଆସିଲା ନାହିଁ । ତହୁଁ କଣା ଦିନେ ଯାଇ ମାଗିବାରୁ ମେନେଜର ତାହା ପ୍ରତି ବେନଜିର ପ୍ରଦର୍ଶନପୂର୍ବକ ବିକଟାଳ ମୁଖଭଙ୍ଗୀରେ କହିଲେ—"ତୁ କଣ୍ଡାଙ୍ଗିଟା ସୁଆରି କଅଣ କରିବୁ ? ତୁ ଆମ ଇଲାକାରୁ ଜମି କିଣି ନାମଜାରି କରି ନାହୁଁ; ଯେବେ ନାମଜାରି କରିବୁ, ତେବେ ସୁଆରିର ଦାମ ମଜୁରି ପାଇବୁ ।" କଣା ଆଉ କଅଣ କହିବ, ଜାନମୁଣ୍ଡ ଆଉଁଷି ଜାରକରେ ଫେରି ଆସିଲା । ଏଣେ ତାକୁ ଉଦାସୀନ ଦେଖି ତାହା ଘରେ ଯେଉଁ ବନ୍ଧୁଅନ୍ତରଙ୍ଗ ଆଶ୍ରୟ ନେଇଥିଲେ, ସେମାନେ ଧାନ, ଚାଉଳ, ବାସନ, ଲୁଗା ପ୍ରଭୃତି ବିକ୍ରୟ କରିବାକୁ ଲାଗିଲେ । କ୍ଷେତସ୍ୱାମୀର ଅମନୋଯୋଗ ଦେଖିଲେ ଚାରିଆଡ଼ୁ ପଶୁପକ୍ଷୀ ଆସି ଶସ୍ୟ ଲୁଟ କରନ୍ତି ।

—୨—

ଦୁଇ ଶ୍ରୀମୁଖ ଏକମନ, ଏକପ୍ରାଣ । ନଟ ଖୁବ୍ ଚୁଟ୍‌ପଟ୍ । ସେହି ଚୁଟୁ-ମନ୍ତ୍ରରେ ସେ କଣାର ମନ କିଣି ନେଇଅଛି । ମନ ଯୋଗାଇ କାମ କରିବା ତାହାର ଆଉ ଗୋଟାଏ ଗୁଣ । ଏହିପରି ଆହୁରି ଅନେକ ଗୁଣ ମଧ୍ୟ ଅଛି । ବନ୍ଧୁର ଏ ଗୁଣରାଶିରେ କଣା ବିମୁଗ୍ଧ । ସେଥିର ପୁରସ୍କାରସ୍ୱରୂପ ଗୋଦାମ ଏବଂ ଦୋକାନର ସମସ୍ତ ଭାର ନଟକୁ ଅର୍ପଣ କରି ସେ କେବଳ ଆଖଡ଼ାରେ ଅଙ୍ଗନିୟୋଗ କରିଅଛି । ବ୍ୟୟବାହୁଲ୍ୟ ହେତୁ ତାହାର ଋଣ ମଧ୍ୟ କିଛି ହୋଇଗଲାଣି; ମାତ୍ର ସେ ଆଡ଼କୁ ତାହାର ଲକ୍ଷ୍ୟ ନାହିଁ । ଦାତାକର୍ଣ୍ଣ ଉପାଧି ଅର୍ଜନ ସକାଶେ ସେ ଭାରି ଲାଳାୟିତ । ଘରର ଚାରି ପାଖରେ ପାଚେରୀ ତିଆରି ସକାଶେ ସ୍ତୂପାକାରରେ କଟା ଚଉଡ଼ା ପଥର ଜମା ହୋଇଥିଲା । ସେଥିରୁ ଆଉ ଖଣ୍ଡିଏ ନାହିଁ । ଅନେକ ଲୋକଙ୍କର ପିଣ୍ଡା, ପୋଖରୀ ଘାଟ ପ୍ରଭୃତିରେ ତାହା ଲାଗିଲାଣି । କେହି ପାଞ୍ଚପଦ ଚେଙ୍କା-ଚେଙ୍କି କରି କହି ଗଣ୍ଡାଏ ପଥର ମାଗିଲେ ତାକୁ ପାଞ୍ଚ ଗଣ୍ଡା ଦିଆଯାଏ । ଏହିପରି ଘରର ଅନେକ ପଦାର୍ଥ ସେ ଦେଇସାରିଲାଣି । ସ୍ତ୍ରୀ ଦୁହେଁ କୌଣସି କଥାରେ କିଛି କହିଲେ ବା ତାହା କାର୍ଯ୍ୟରେ ବାଧା ଦେଲେ ନିଶାଖେଳରେ ସେମାନଙ୍କୁ ପ୍ରହାର କରେ । ଏଣିକି ସେ ଅଫିମ ଗଞ୍ଜା ଉଭୟ ନିଶା ବ୍ୟବହାର କରେ । ଅଳ୍ପ ଦିନ ହେଲା ଶ୍ରୀମୁଖଠାରୁ ମଦଚଟଣା ଶିକ୍ଷା ଆରମ୍ଭ କରିଅଛି; କିନ୍ତୁ ଏଥି ମଧ୍ୟରେ ଶିଷ୍ୟ ଅସାଧାରଣ ସାଧନା ବଳରେ ଗୁରୁଙ୍କୁ ଟପିଗଲାଣି । ଅନେକ ଅନୁସରଣିଆ ବି ଆସି ମିଳିଲେଣି । ସେହିମାନଙ୍କ ପ୍ରଶଂସାରେ କଣାର ପେଟ ପୂରେ ।

ନଟ ଯେଉଁ ଦିନ ଯାହା ଉପାର୍ଜନ କରୁଥିଲା, ତାହା ସେହି ଦିନକୁ ନିଅଣ୍ଟ ହେଉଥିଲା, ବାସି କେବେ ରହୁ ନ ଥିଲା; ମାତ୍ର ଏଣିକି ତାହା ରୁପର ସେ ପାଣ୍ଡୁରତା ନାହିଁ—କ୍ରମେ ଧଳଚିକ୍କଣ ହୋଇ ଆସୁଅଛି । ତାହାର ସହଧର୍ମିଣୀର ନିରାଭରଣ ଦେହରେ ପିଠୋଉ ଗାର ପରି ଖଣ୍ଡେ ଖଣ୍ଡେ ରୌପ୍ୟାଳଙ୍କାର ଦେଖା-ଦେଲାଣି । ନଟର ଏହିପରି ଅବସ୍ଥା ପରିବର୍ତ୍ତନ ଦେଖି ଅନେକେ ପ୍ରଥମେ ଠାରଠାର ହେଲେ, ପରେ ଫୁସୁର୍ ଫାସର୍ ହେଲେ; ଶେଷରେ କଥାଟା ସ୍ପଷ୍ଟ କରିଦେଲେ । କଥାଟାର ଭାବାର୍ଥ ଏହି ଯେ, କଣାର ଟଙ୍କାରେ ନଟର ଏ ଉନ୍ନତି, ସେ କଣାକୁ ଠକା କାଟୁଛି; କିନ୍ତୁ କୁଣ୍ଡା ଭଣ୍ଡାରି ତାହା ଜାଣିପାରୁ ନାହିଁ । କେହି କେହି ପରମ-ହିତୈଷୀ ପରି କଣାକୁ ଏ କଥା କହି ତାକୁ ସାବଧାନ କରାଇବାକୁ ଲାଗିଲେ । ସେମାନଙ୍କ କଥାରେ କଣାର ଚେତନା ଆସିଲା । ସେ ଦେଖିଲା—ସବୁକୁ ସବୁ ଗୋଦାମ ଏକପ୍ରକାର ଶୂନ୍ୟ । ଯାହା ମାଲ ଅଛି, ତାହା ପାଞ୍ଚଟଙ୍କାରୁ ଅଧିକ ହେବ ନାହିଁ । ଆଉ ଟଙ୍କା କାହିଁ ବୋଲି ପଚାରିବାରୁ ସେ କହିଲା—"ମୁଁ କଅଣ ଟଙ୍କା ଖାଇଗଲି ? ଟଙ୍କା ମୋଫସଲରେ ପଡ଼ିଛି, କାଲେ ଆଦାୟ ହେବ । ଢାଳ ବାସି ନ ଦେଲେ ବ୍ୟବସାୟ

ଚଳିବ କିପରି ? ତମେ ବିଶ୍ୱାସରେ ମୋତେ ସବୁ ସଅଁପି ଦେଇଛ ଶ୍ରୀମୁଖ, ମୁଁ କିଅଣ ବିଶ୍ୱାସରେ ବିଷ ମିଶାଇବି ? ତାହା କଲେ ମୋର କେଉଁ ଜନ୍ମରେ ପାର ନାହିଁ । ଛି, ତାହା କି ମଣିଷ କରେ ?" କିନ୍ତୁ ଏ ସ୍ତୋକବାକ୍ୟରେ କଣା ଭୁଲିଲା ନାହିଁ । ତାହାର ହିତୈଷୀମାନେ ମଧ୍ୟ ନଟ ବିରୁଦ୍ଧରେ ତାକୁ ଉସୁକାଇବାକୁ ଲାଗିଲେ । ତହୁଁ ସେ ଗୋଦାମରେ ତାଲା ଦେଇ କହିଲା—"ପଞ୍ଚାଏତ ଡାକି ହିସାବ ନ ବୁଝିବା ପର୍ଯ୍ୟନ୍ତ ଗୋଦାମ ବନ୍ଦ ରହିଲା ।" ନଟ ଶ୍ରୀମୁଖର ଏରୂପ ବ୍ୟବହାରରେ ଦୁଃଖ ହୋଇ କହିଲା—"ତେବେ ମୋତେ ତୁମର ବିଶ୍ୱାସ ନାହିଁ ? ତୁମେ ଯେବେ ମୋତେ ବିଶ୍ୱାସ ନ କଲ, ତେବେ ମୁଁ ତୁମକୁ କିମିତି ବିଶ୍ୱାସ କରିବି ? ମୋର ଅଜାଣାରେ କୁଞ୍ଚି ଫିଟାଇ ତୁମେ ଗୋଦାମରୁ ମାଲ ନେଇଯାଇପାର । ତେବେ ମୁଁ ବି ଗୋଟାଏ କୁଞ୍ଚି ପକାଇବି ।" ଅନନ୍ତର ନଟ ଗୋଟାଏ କୁଞ୍ଚି ଆଣି ପକାଇଦେଲା, ଗୋଦାମରେ ଦୁଇଟା କୁଞ୍ଚି ପଡିଲା ।

କଣାର ଅପରିଣାମଦର୍ଶିତା ହେତୁ ଋଣ କ୍ରମଶଃ ବଢିଉଠିଲା । ଶେଷରେ ସେ ଅନନ୍ୟୋପାୟ ହୋଇ କେତେ ମୂଲ୍ୟବାନ୍ ପଦାର୍ଥ ଏବଂ କିଛି ଜମିବାଡି ବିକି କରି ଋଣ ପରିଶୋଧ କଲା । ତାହାର ଅବସ୍ଥା ଦିନକୁ ଦିନ ମନ୍ଦରୁ ମନ୍ଦତର ହୋଇଆସିଲା । ଅର୍ଥାଭାବରୁ ଯାତ୍ରାଦଳ ଭାଙ୍ଗିଗଲା । କଣାର ଏ ଅବନତି ଦେଖି ତାହାର ଆଶ୍ରିତ ଖୁଡୁଅସ୍ତୁତାଙ୍କ ବିଚଳିତ ହୋଇଉଠିଲେ ଏବଂ ଯେ ଯାହା ହାତରେ ପାଇଲେ ସେ ତାହା ନେଇ ପଳାଇଗଲେ । ପତ୍ର ଝଡିଯିବା ସଙ୍ଗେ ସଙ୍ଗେ ଗଛ ଯେପରି ପକ୍ଷିଶୂନ୍ୟ ହୋଇଆସେ, କଣା ସେହିପରି ମୋସାହେବଶୂନ୍ୟ ହୋଇପଡିଲା । ବାଦ୍ୟଯନ୍ତ୍ର ଏବଂ ଯାତ୍ରାର ସାଜସରଞ୍ଜାମ ବିକ୍ରୟଲବ୍ଧ ଅର୍ଥରେ ଏଣିକି ନିଶା ଖର୍ଚ୍ଚ ଚଳିବାକୁ ଲାଗିଲା । ପୂର୍ବ ସୁଖ ସ୍ମରଣ କରି କଣା ବେଳେ ବେଳେ କାନ୍ଦପକାଏ, କେତେ ଆକ୍ଷେପ କରେ । ସୁଖ ସୁକିଗଲା; ମାତ୍ର ତାହାର ସ୍ମୃତି କଣାର ଆତ୍ମାକୁ ସତତ ଦଗ୍ଧ କରିବାକୁ ଲାଗିଲା । ସୁଖ ଇନ୍ଦ୍ରଧନୁ ପରି, ସେ ଯିବାଲାଗ ଆସି ମୋହନ ରୂପ ଦେଖାଏ । ସୁଖ ପରି ଦଗାବାଜ ଦୁନିଆରେ କେହି ନାହିଁ । ସେ ଯେତିକି ହସାଇଥାଏ ସେତିକି କନ୍ଦାଏ । ତାକୁ ତିଳେ ବିଶ୍ୱାସ ନାହିଁ । ସେ କନ୍ଦାଇବା ପାଇଁ ଆସେ ।

ପଞ୍ଚାଏତ ଡାକୁ ଡାକୁ ଛମାସ କାଳ ବିତିଗଲା । ଉଭୟର ମନୋନୀତ ପଞ୍ଚାଏତ ଅନ୍ୟର ମନକୁ ଆସେ ନାହିଁ ; ପୁଣି କଣା ଆଉ ମୀମାଂସା କରିବାକୁ ବାହାରିଲେ ନଟ କାଲିକି କହେ । ଏହିପରି ଟାଳଟୁଳରେ ସମୟ କ୍ରମେ ଅତୀତ ହେବାକୁ ଲାଗିଲା । ଏଣେ ଖରା, ବର୍ଷା, ପବନରେ ଗୋଦାମ ଘରର ଅବସ୍ଥା ଶୋଚନୀୟ ହୋଇଉଠିଲା । ଛ ମାସ ପରେ କୁଞ୍ଚି ଫିଟାଇ ଦେଖିଲା ବେଳକୁ ଗୋଦାମରେ ଆଉ କିଛି ନାହିଁ । କେତେ ପଦାର୍ଥ ମୂଷିକଗୋଷ୍ଠୀର ଉଦରସାତ୍ ହୋଇଅଛି, କେତେ ଉଈ ଖାଇ ନଷ୍ଟ ହୋଇଅଛି ଆଉ କେତେକ ବର୍ଷାରେ ଭିଜି ପଚି ମାଟି ହୋଇଯାଇଅଛି । କଡ଼ାଏ କଉଡିର ପଦାର୍ଥ ସେଥିରୁ ମିଳିବାର ଆଶା ନାହିଁ । କଣା ଏହା ଦେଖି ଦୀର୍ଘ ନିଃଶ୍ୱାସ ଛାଡି ମୁଣ୍ଡରେ ହାତ ଦେଇ ବସିପଡିଲା; ତାହା ମୁହଁରୁ କଥା ବାହାରିଲା ନାହିଁ । ସେ ଏବେ ସର୍ବସ୍ୱାନ୍ତ ହେଲା ।

ପୁଣି ବିପଦ ଉପରେ ବିପଦ, ବାଗି ଉପରେ ବଥ, କଟାଘାରେ କଳିଚୂନ । କିଛି ଦିନ ପରେ କଲିକତାର ମହାଜନ ଆସି କଣାର ଅବଶିଷ୍ଟ ଭୂସମ୍ପତ୍ତି ଏବଂ ଘର ନିଲାମ କରି ଦୁଇ ହଜାର ଟଙ୍କା ଆଦାୟ କରିନେଲା । ନଟ ଏହି ବାକି ମହାଜନ ଖାତାରେ କଣା ନାମ ଲେଖାଇ ଦେଇଆସିଥିଲା । କଣା ଆଉ କଣ କରିବ, କାନ ନାକ ମୋଡିହୋଇ ନିଜକୃତ କର୍ମର ଫଳ ଭୋଗ କଲା । ସେ ଖାଲି ଏତିକି କହିଲା—"ଯେ ମହାପ୍ରସାଦରେ ଶ୍ରୀମୁଖ ବସିଥିଲା, ସେ ଅଣବିଶ୍ୱାସୀ ମହାପ୍ରସାଦଦ୍ରୋହୀ ହେଲା । ହାୟ ଜଗନ୍ନାଥ, ହେ ଧର୍ମ, ତୁମେ ଏ ପାପ ସହିବ କି ?"

କଣା ଏବେ ଅନ୍ୟ ଜଣକ ଜାଗାରେ ଖଣ୍ଡିଏ ପଲ ମାରି ଅଛି । ତାହାର ସ୍ତ୍ରୀ ଦୁହେଁ ଦୁଃଖଧନ୍ଦା କରି ଖାଆନ୍ତି । କଣା ଜଣେ ବଡଲୋକର ପୁଅକୁ ବେହେଲା ଶିଖାଏ । ପାରିଶ୍ରମିକସ୍ୱରୂପ ତାଙ୍କ ଘରେ ଦୁଇ ଓଳି ଖାଏ ଏବଂ ନିଶାଖର୍ଚ୍ଚ ସକାଶେ ତିନି ପଣ ପାଏ ।

# କୃତଜ୍ଞତା

—୧—

ଅନାଦି ପଧାନ ଯେତେବେଳେ ଶୁଣିଲା, ତାହା ପୁଅ ନିଧିରାମ ଜଳପାଣି ପାଇ ନାହିଁ, ସେତେବେଳେ ତାହାର ହଂସା ଉଡିଗଲା । ସେ ମୁଣ୍ଡରେ ବଜ୍ରପାତ ବ୍ୟଥା ଅନୁଭବ କରି ହଠାତ୍ ବସିପଡିଲା । ସତେ ଯେପରି ତାହା କଙ୍କାଳରେ କିଏ ବାଡିଏ ପିଟିଦେଇ ମେରୁଦଣ୍ଡ ଭାଙ୍ଗି ଦେଲା । ତାହାର କେତେ ଆଶା—କେତେ ଆକାଂକ୍ଷା କୁଆଡେ ଉଭେଇଗଲା, ବ୍ୟର୍ଥ କାମନାର ଅନଳ ଜ୍ୱାଳାରେ ତାହାର ଅନ୍ତରାତ୍ମା ଦଗ୍ଧୀଭୂତ ହେବାକୁ ଲାଗିଲା । ଅନାଦିର ପୁଅ ନିଧିରାମ ଅପର-ପ୍ରାଇମେରୀ ପରୀକ୍ଷା ଦେଇଥିଲା । ସେ ଜଳପାଣି ପାଇଲେ ଅନାଦି ଅନେକ ସତ୍କାର୍ଯ୍ୟ କରିବ ବୋଲି ସଙ୍କଳ୍ପ କରିଥିଲା । ଗାଁଯାକର ପିଲାଙ୍କୁ ଡାକି ଅଣ୍ଟି ବାଲ ଖିଆ କରିବ ବୋଲି ଆଗରୁ ଦେଢ ଗୌଣୀ ମୁଢି ଏବଂ ଅଧବଖରାଏ ମକୁନ୍ଦ ଉଖୁଡା କିଣି ଆଣି ରଖିଅଛି । ଗ୍ରାମ-ଦେବୀଙ୍କୁ ପଇସାକର ଛେନାପଣା ଯାଚିଅଛି । ଏହିପରି ଆହୁରି ଅନେକ ସଦନୁଷ୍ଠାନ ଅଛି, ତାହା ଲେଖିବା ନିଷ୍ପ୍ରୟୋଜନ । ପୁଅର ଜଳପାଣି ଟଙ୍କା କରଜ ଲଗାଇ ଦେଇ ସୁଧ, ସୁଧର ସୁଧ, ତସ୍ୟ ସୁଧ ଆଦାୟ କରିବ, ପାଠୁଆ ପୁଅକୁ ବଡ଼ଘରେ ବିବାହ କରାଇବ, ଯୌତୁକ ସମ୍ଭାରରେ ତାହାର ଘର ବାହାର ପୂରିଯିବ, ଇତ୍ୟାଦି ଇତ୍ୟାଦି ଅନେକ ପାଞ୍ଚ ପାଞ୍ଚିଥିଲା । କିନ୍ତୁ ଦାରୁଣ ବିଧାତା ତାର ସବୁ ଆଶା ନିର୍ମୂଳ କରିଦେଲା । ମନୁଷ୍ୟ ଆଶାର ସୁବର୍ଣ୍ଣ-ସୌଧ ନିର୍ମାଣ କରେ; ମାତ୍ର ବିଧାତା ତାହାକୁ ଭାଙ୍ଗି ଧୂଳିସାତ୍ କରିଦିଏ । ଏହା ନୂତନ କଥା ନୁହେଁ ।

ଅନାଦି ପଧାନ ଗାଁରେ ବଡ କୃଷୀ । ତାହାର ହାତବୁଝା ପ୍ରାୟ ତିନି ବାଟି । ଟଙ୍କା ଏବଂ ଧାନ ମହାଜନୀ ମଧ୍ୟ ଚଳେ । ତାହାଁ ତ କେଜାଣି ମା ସରସ୍ୱତୀଙ୍କ ସଙ୍ଗରେ ତା ବଂଶର ଚିର ବିବାଦ । ଅନାଦି ସେହି ବଂଶର ଉପଯୁକ୍ତ ବଂଶଧର । ସେ ମଧ୍ୟ ପୂର୍ବପୁରୁଷଙ୍କ ପଦାଙ୍କାନୁସରଣ କରିଅଛି । କିନ୍ତୁ ମୂର୍ଖ ହେଲେ କଅଣ ହେଲା, ସବୁ ହିସାବ ତାହା ତୁଣ୍ଡରେ ଥିଆ । ହିସାବରେ କୌଣସି ପାଠୁଆ ତାକୁ ବଳିପିବ ନାହିଁ । ତାହା ମନ ତାହାର ହିସାବ ଖାତା । ସେହିଥିରେ ସେ ସବୁ ଲେଖି-ରଖିଥାଏ । 'ମୂର୍ଖର ସ୍ମରଣଶକ୍ତି ଅଧିକ', ଏ ଉକ୍ତିର ସର୍ବପ୍ରଥମ ଏବଂ ସର୍ବପ୍ରଧାନ ଦୃଷ୍ଟାନ୍ତ ଅନାଦି ପଧାନ । ଗ୍ରାମବାସୀମାନେ ସମସ୍ତେ ତାହାର ଖାତକ; ସୁତରାଂ ସମସ୍ତେ ତାକୁ ମାନନ୍ତି । ଦରକାର ବେଳେ ସମସ୍ତେ ତାହାଠାରୁ ଧାନ, ଟଙ୍କା କରଜ ନିଅନ୍ତି ଏବଂ ଶୁଝି ଦିଅନ୍ତି । ଆଉ ଯେ ଶୁଝି ନ ପାରେ ସେ ନିଜର ଜମି-ବାଡିର ବିକ୍ରୟ କବାଲା ଲେଖିଦିଏ । ସୁଧ କପରି ନଈ ବଢି ପରି ମାଡିଯିବ, ସେ କୌଶଳ ଅନାଦି ଭଲ ଜାଣେ । କେହି କେହି କହନ୍ତି, ଅନାଦି ପଧାନ ଟଙ୍କାର ସୁଧ ଦୁବ-ଘାସ ପରି; ତାକୁ ଯେତେ ଛିଡାଇବ ସେ ସେତେ ବଢିବ ।' କେହି କହେ, 'ସକାଳ ଛାଇ ଯେପରି ମୂଳ ପଦାର୍ଥକୁ ଟପିଯାଇ ବହୁଗୁଣ ହୋଇଯାଏ, ଅନାଦିର ସୁଧ ସେହିପରି ବଢି ଉଠେ ।' ଏହିପରି ଅନେକ ଲୋକ ରସିକତା କରି ଉପମା, ଉତ୍ପ୍ରେକ୍ଷା, ରୂପକାଦି ଅଳଙ୍କାର ଯୋଖନ୍ତି; ମାତ୍ର ଆମ୍ଭେମାନେ ବହୁ ଅନୁସନ୍ଧାନ କରି ବୁଝି ଅଛୁ । ଗୋଟିଏ ମାତ୍ର ଲତା ବହୁଶାଖା ପ୍ରଶାଖା ବିସ୍ତାର କରି ଆଶ୍ରୟ ତରୁକୁ ଯେପରି ମାରିଦିଏ କିମ୍ବା ଗୋଟିଏ ମାତ୍ର ବୁରଝାଙ୍କି ଅସଂଖ୍ୟ ବଂଶ ବିସ୍ତାର କରି ପୁଷ୍କରିଣୀକୁ ଯେପରି ଆଚ୍ଛାଦନ କରିପକାଏ, ଅନାଦିର ଋଣ ଖାତକ ପକ୍ଷରେ ଠିକ୍ ସେହିପରି । ସେ କହେ, "ଗୋଟାଏ ମଞ୍ଜି ପୋତିଲେ ସହସ୍ରେ ଫଳ ଫଳେ, ତେବେ ମୋ ଟଙ୍କା କଅଣ ବାଞ୍ଝ ? ମୁଁ ଟଙ୍କାଏ ଦେଇ ଦଶଟଙ୍କା ନେଲେ ଅନ୍ୟାୟ କଅଣ ହେଲା ? ଲୋକେ ଛେଳିଏ ପାଇବା ପାଇଁ ଗୌଣୀଏ ବୁଣନ୍ତି ସିନା !" ଏ ବଚନ ପଟୁଆରି ଯୁକ୍ତିକୁ ତ ପଟାନ୍ତର ନାହିଁ ! ପଣ୍ଡିତେ ସର୍ବରେ

ଚଣା, ମୂର୍ଖ ଚଷା ଅବା କଅଣ କହିବେ? ଅନାଦିର ଆଉ ଗୋଟିଏ ମହତ୍ ଗୁଣ ଥିଲା—ସେ ବଡ କୃପଣ । ଲୋକେ କହନ୍ତି, ତାହା ମୁହଁ ଚାହିଁ ଘରୁ ବାହାରିଲେ ମାହେନ୍ଦ୍ର ଯୋଗ ବି ବ୍ୟର୍ଥ ହୁଏ । ବିଲରେ ଧାନ ପାଚିଥିବା-ବେଳେ ଷଣ୍ଢଗୁଡ଼ାକ ଏତେ ଧାନ ଖାଆନ୍ତି ଯେ, ତାଙ୍କ ପେଟରେ ସବୁ ହଜମ ହୁଏ ନାହିଁ । ଅଧିକାଂଶ ଗୋବର ସଙ୍ଗରେ ମିଶି ବାହାରି ଆସେ । ଅନାଦି ସେହି ଗୋବରକୁ ଧୋଇ ସେଥିରୁ ଧାନ ବାହାର କରି ରଖେ । ଗୋଟାଏ ପିମ୍ପୁଡ଼ିକୁ ଗୋଟାଏ ଧାନ ବା ଚାଉଳ ବହି-ନେଉଥିବାର ଦେଖିଲେ ସେ ତାହା ଛଡ଼ାଇ ଆଣେ । ଏହାଠାରୁ ବଳି କୃପଣତାର ଉଲ୍ଲେଖଯୋଗ୍ୟ ଉଚ୍ଚ ଦୃଷ୍ଟାନ୍ତ ଆଉ କଅଣ ହୋଇପାରେ ? ସେହି ଅନାଦିର ପୁଅ ନିଧିରାମ ଯେତେବେଳେ ଅପରପ୍ରାଇମେରୀ ପରୀକ୍ଷା ଦେଇ ଜଳପାଣି ନ ପାଇଲା, ତେତେବେଳେ ଅନାଦିର ଅନୁଶୋଚନାର ସୀମା ରହିଲା ନାହିଁ । ତିନିଦିନ ଭାତ ତାକୁ ଭଲ ଲାଗିଲା ନାହିଁ । ସେ ସାତଦିନ ସାତରାତି ଉଜାଗର ରହି ହାହାକାର କରିବାକୁ ଲାଗିଲା । ମନେ ମନେ କହିଲା, "ମୋର କି ଗ୍ରହ ଦୋଷ ଥିଲା ଯେ, ରଘୁଆ ବ୍ରାହ୍ମଣ ବୁଦ୍ଧିରେ ପଡି ମୁଁ ନିଜେ ନଷ୍ଟ ହେଲି, ଆଉ ପୁଅଟାକୁ ବି ପାଠପଢାଇ ନଷ୍ଟ କଲି । କହନ୍ତି ପରା—"ଆପଣା ବୁଦ୍ଧିରେ ଘୋଡ଼ା ଚଢିବ, ପର ବୁଦ୍ଧିରେ ବୁଡିମରିବ ।"

—୨—

ଅନାଦି ପଧାନ ଘରଠାରୁ ଖଣ୍ଡେ ଦୂରରେ ରଘୁ ନନ୍ଦଙ୍କର ଘର । ରଘୁ ଗରିବ ବ୍ରାହ୍ମଣ, ବହୁକଷ୍ଟରେ ଏଣ୍ଟ୍ରେନ୍ସ ପାସ୍ କରି ମାସିକ କୋଡିଏ ଟଙ୍କା ବେତ-ନରେ ଗୋଟାଏ ମାଇନର ସ୍କୁଲର ହେଡ୍ ମାଷ୍ଟର ପଦରେ ନିଯୁକ୍ତ ହୋଇ କାର୍ଯ୍ୟ କରୁଅଛନ୍ତି । ସେ ସମୟରେ ଏଣ୍ଟ୍ରେନ୍ସ ପାସ୍ କରି ମାଇନର ସ୍କୁଲରେ ହେଡ୍ ମାଷ୍ଟର ହୋଇ ପାରିବାର ନିୟମ ଥିଲା । ରଘୁ ନନ୍ଦଙ୍କର ଅନ୍ୟ ଆୟ କିଛି ନାହିଁ; ଏହି କୋଡିଏଟି ଟଙ୍କା ମାତ୍ର ସମ୍ବଳ । ମାଷ୍ଟରରୂପୀ ହତଭାଗ୍ୟ ଜୀବଗୁଡିକ ବଡ଼ ଅଭିଶପ୍ତ । ସେମାନେ ମନୁଷ୍ୟ ପ୍ରସ୍ତୁତ କରନ୍ତି; ମାତ୍ର ସେମାନଙ୍କ ପେଟ ପୂରେ ନାହିଁ । ସୁତରାଂ ଏହି ସାମାନ୍ୟ ଆୟରେ ନନ୍ଦେ ସଂସାର ଚଲାଇବାକୁ ବାଧ୍ୟ । ଏହା ତାଙ୍କର ମାଷ୍ଟର ହେବା ପାପର ପ୍ରାୟଶ୍ଚିତ୍ତ । ରବିବାର ଏବଂ ଅନ୍ୟାନ୍ୟ ଛୁଟିରେ ନନ୍ଦେ ଘରକୁ ଆସିଲେ ଅନାଦି ପଧାନ ସଙ୍ଗରେ ସାକ୍ଷାତ କରନ୍ତି । ଅନାଦି ଗ୍ରାମର ପ୍ରଧାନ ଲୋକ; ତାହା ସଙ୍ଗରେ ସଦ୍ଭାବ ରଖିଲେ କେତେ-ବେଳେ କି ଉପକାର ମିଳିପାରେ, ଏହା ହିଁ ନନ୍ଦଙ୍କର ଧାରଣା । ଅନାଦିର ସ୍ୱଭାବ ସେ ଜାଣନ୍ତି । ସେହି ସୁମହତ୍ କୃପଣ ସ୍ୱଭାବ ହେତୁ ତାହାର ଏକମାତ୍ର ପୁତ୍ର ମୂର୍ଖ ହୋଇ ରହୁଅଛି, ଏହା ମଧ୍ୟ ଜାଣନ୍ତି; ତଥାପି ତାହା-ଠାରୁ ଉପକାର ପ୍ରତ୍ୟାଶା କରନ୍ତି, ଏହା ବିଚିତ୍ର ନୁହେଁ; ଯେହେତୁ ମନୁଷ୍ୟ ସବୁବେଳେ ଆଶାସୂତ୍ରରେ ଶୃଙ୍ଖଳା-ବଦ୍ଧ । ସେ ଯେଉଁ ଆଡ଼କୁ ଟାଣେ, ମନୁଷ୍ୟ ସେ ଆଡକୁ ଯିବାକୁ ବାଧ୍ୟ ।

ଦିନେ ନନ୍ଦେ କହିଲେ—"ହଇ ରେ ଅନାଦି, ତୋର ଭଲ କଅଣ ନାହିଁ ଯେ, ତୁ ପୁଅଟାକୁ ମୂର୍ଖ କରି ରଖିଛୁ ? ନିଧିଆ ପରି ବୁଦ୍ଧିମାନ୍ ପିଲା ଏଗାର ବର୍ଷର ଅଧି ହେଲା, ତେବେ ବି ଖଡି ଛୁଇଁଲା ନାହିଁ ! ତୁ ଜାଣିବାର ହୋଇ ଏ କଅଣ କରୁଛୁ ?" ଅନାଦି ହସି ହସି କହିଲା—"ନା ବାବୁ, ଆମେ ପାଠର ଧାର ଧାରୁନାହୁଁ । ପାଠ ଆମର କଅଣ ହେବ ? ପାଣ୍ଟିଭୁଣା, ପଲଣସିଆଁ, ଭୁଣ୍ଡୀଭଙ୍ଗା, ପେଟି-ପଛଉଡ, ଲଣ୍ଡାବୁଣା ଆମର ପାଠ । ଆମ ପାଠ ତ ଆମକୁ ବଳଉଛି, ଆଉ ପାଠକୁ ଡର କାହିଁ ? ତମେ ତ ପାଠ ପଢିଛ, ଆଚ୍ଛା କହିଲ ଭଲା, ଆମଠଉଁ କେତେ ବେଶୀ କଲଣି ?" ନନ୍ଦେ ଟିକିଏ ବିରକ୍ତ ହୋଇ କହିଲେ, "ଖାଲି ବିଷୟ କଲେ କଅଣ ମନୁଷ୍ୟ-ଜନ୍ମ ସାର୍ଥକ ହୁଏ ? ବିଷୟ କାହାକୁ ସ୍ୱର୍ଗକୁ ନେଇଗଲା ଯେ ତୋତେ ନେଇଯିବ ? ତୁ ଯେଉଁ ବିଷୟ କରିଛୁ, ପାଠ ନ ପଢିଲେ ତୋ ପୁଅ ତାକୁ ରଖିପାରିବ କିପରି ? ଜମିଦାର କେତେ ଖଜଣା ନେଇ ପାଉତିରେ କେତେ ଲେଖିଲା, ତାହା ତ ଜାଣିବା ଦରକାର ! ପାଠ ପଢିଲେ ଜ୍ଞାନ ହେବ, ଭଲ ମନ୍ଦ ବୁଝି ପାରିବ, ଆଉ ତୁ ମରିବାବେଳେ ମୁଣ୍ଡ ଉପରେ ବସି ଭାଗବତ ଗାଇବ । ସେଥିରେ ତୋର ଆତ୍ମା ପଣ୍ଡ କାସ୍ତୁ ହୋଇଯିବ । ତୁ ସ୍ୱପ୍ନମାନରେ ଚଢ

ସ୍ୱର୍ଗକୁ ଉଠିଯିବୁ, ଦେବତାଙ୍କ ସଙ୍ଗରେ ବସି ଅମୃତ-ମଣୋହି କରିବୁ । ଆଉ କେତେ କହିବ କହ ? ହଁ, ଆଉ ଗୋଟାଏ କଥା ପାଶୋରି ଯାଇଥିଲି । ନିଧିଆ ପାଠ ପଢ଼ିଲେ ସରକାରରୁ ଜଲପାଣି ପାଇବ, ବଡସ୍କଲର୍ସି କରି ମୁଠା ମୁଠା ରୋଜଗାର କରିବ, ପକ୍କା କୋଠା ତୋଳିବ, ଘୋଡ଼ା ବାନ୍ଧିବ, ଏବେ ପାଠର ସ୍ୱାଦ ବୁଝିଲୁ ତ ?" ଏସବୁ କଥାରେ ଅନାଦି ଆସ୍ଥା ସ୍ଥାପନ କଲା ନାହିଁ, କେବଳ ଜଲପାଣି କଥା ଶୁଣି ମନ ଟାକୁ ଟାକୁ କଲା । ଫଳତଃ ତହୁଁ ପରଦିନଠାରୁ ନିଧିଆକୁ ସ୍କୁଲକୁ ପଠାଇଲା । ଗ୍ରାମରେ ଗୋଟାଏ ଅପରପ୍ରାଇମେରୀ ସ୍କୁଲ ଥିଲା, ନିଧିଆ ସେହି ସ୍କୁଲରେ ପଢ଼ିବାକୁ ଲାଗିଲା । ବର୍ଷ ପରେ ବର୍ଷ ଅତିବାହିତ ହୋଇଗଲା । ନିଧିଆ ଯଥାସମୟରେ ପରୀକ୍ଷା ଦେଇ ପାଶ୍ କଲା; ମାତ୍ର ଜଲପାଣି ପାଇଲା ନାହିଁ । ସେଥି ସକାଶେ ଅନାଦିକୁ କିପରି ମନସ୍ତାପ ଭୋଗ କରିବାକୁ ହେଲା, ତାହା ପୂର୍ବ ପରିଚ୍ଛେଦରେ ବର୍ଣ୍ଣିତ ହୋଇଅଛି ।

ଅନାଦି ନିଧିଆକୁ ଆଉ ପଢ଼ାଇବ ନାହିଁ ବୋଲି ପ୍ରତିଜ୍ଞା କଲା । ତାହା ବଂଶରେ ଯେଉଁ କଥା ନାହିଁ, ତାହା କରି ସେ କାହିଁକି ମହାପାପ କରିବାକୁ ଗଲା, ଏହି ନିର୍ବୁଦ୍ଧିତା ପାଇଁ ସେ ଅନୁତାପ ମଧ୍ୟ କଲା । ନନ୍ଦେ ଆସି ଅନେକ ବୁଝାଇଲେ; ମାତ୍ର ପ୍ରଥମତଃ ସେଥିରେ ସେ କର୍ଣ୍ଣପାତ କଲା ନାହିଁ । ଅନେକ ଯୁକ୍ତି ତର୍କ ପରେ ନନ୍ଦେ ଶେଷରେ ଭବିଷ୍ୟତରେ ଜଲ-ପାଣିର ଆଶା ଦେଖାଇବାରୁ ବହୁ କଷ୍ଟରେ ଅନେକ ହଁ ନା ପରେ ଅନାଦି ମଙ୍ଗିଲା । ନନ୍ଦେ ନିଧିକୁ ନିଜ ସ୍କୁଲରେ ନେଇ ପଢ଼ାଇଲେ । ସ୍କୁଲ ରେଜେଷ୍ଟରୀରେ ତାହାର ନାମ ଲେଖା ହେଲା—ନିଧିରାମ ପ୍ରଧାନ । ନିଧି ଖୁବ୍ ମନୋଯୋଗୀ ଏବଂ ବୁଦ୍ଧିମାନ୍ । ଦିନକୁ ଦିନ ତାହାର ବିଦ୍ୟୋନ୍ନତି ହେବାକୁ ଲାଗିଲା । ଅନାଦି ପ୍ରତିମାସରେ ୨୦ ସେର ଚାଉଳ ଏବଂ ଅଢେଇଟି ଟଙ୍କା ଦିଏ । ତେଣିକିରେ ନନ୍ଦେ ନିଧିର ଖାଦ୍ୟାଦି ଚଳାଉଅନ୍ତି । ଯଥାସମୟରେ ନିଧି ମାଇନର ପରୀକ୍ଷାରେ ଜଲପାଣି ପାଇଲା । ଅନାଦିର ଆନନ୍ଦର ସୀମା ରହିଲା ନାହିଁ । ସେ ନନ୍ଦଙ୍କ ନିକଟରେ ଅନେକ କୃତଜ୍ଞତା ପ୍ରକାଶ କଲା ।

— ୩ —

ନିଧିରାମ ଏଣ୍ଟ୍ରେନ୍ସ ପଢ଼ିଲା । ଘରର ସାହାଯ୍ୟ ତାହାର ଆଉ ଦରକାର ହେଲା ନାହିଁ । ମାଇନର ବୃତ୍ତି ପାଞ୍ଚ ଟଙ୍କାରେ ଚଳିଗଲା । କେତେବର୍ଷ ପରେ ସେ ଏଣ୍ଟ୍ରେନ୍ସ ପାଶକରି କଟକ କଲେଜରେ ଏଫ୍. ଏ. ପଢ଼ିଲା । ଏଣ୍ଟ୍ରେନ୍ସରେ ବୃତ୍ତି ନ ପାଇଲେ ସୁଦ୍ଧା ସେ କୌଣସି ଅସୁବିଧା ଅନୁଭବ କଲା ନାହିଁ । ସେ ଉପଯୁକ୍ତ ପିତାର ଉପଯୁକ୍ତ ପୁତ୍ର; ସୁତରାଂ ଘରୁ ପଇସା ଖର୍ଚ୍ଚକରି ପାଠ ପଢ଼ିବା ନ୍ୟାୟସଙ୍ଗତ ମଣେ ନାହିଁ । ନିଧିରାମ କଟକରେ ଦୁଇଟା ଟିଉସନ ଧରିଲା । ସେଥିରେ ତାହାର ଶିକ୍ଷାବ୍ୟୟ ପ୍ରଭୃତି ଆବଶ୍ୟକୀୟ ବ୍ୟୟ ସୁନ୍ଦରରୂପେ ଚଳିଲା । ସେ ଖୁବ୍ ପରିମିତବ୍ୟୟୀ । ଭୋକରେ ପେଟ ଜଳିଗଲେ ସୁଦ୍ଧା ପଇସାକର ଚୂଡ଼ା, ମୁଢ଼ି କିଣି ଖାଏ ନାହିଁ । ଟିଉସନ ଆୟରୁ ଖର୍ଚ୍ଚ ଯାଇ କିଛି କିଛି ବଳିପଡେ । ସେ ତାହା ମଣିଅଡର କରି ବାପ ପାଖକୁ ପଠାଇଦିଏ । ଅନାଦି ଖୁସି ହୋଇ କହେ, "ନିଧି ମୋର ସୁପୁତ୍ର ।"

ନିଧିରାମ ଏଫ. ଏ. ପାଶ କରି ମାସିକ ପଚାଶଟଙ୍କା ବେତନରେ ସଦରରେ ଲୁକାସି କଲା । ସଦରରେ ରହିବାଦ୍ୱାରା ତାହାର ଯଥେଷ୍ଟ ସୁବିଧା ହେଲା । ତାଙ୍କ ଗ୍ରାମର ଯେଉଁ ଜମିସବୁ ବାକି ଖଜଣା ଦାବୀରେ ନିଲାମ ଉଠିଲା, ସେ ତାହା କିଣିନେଲା । ଏହି ସୂତ୍ରରେ ତାହାର ବିଷୟ ହୁହୁ କରି ବଢ଼ି ଉଠିଲା । ଦିନେ ନନ୍ଦେ ଅନାଦିକୁ ପଚାରିଲେ, "କି ଅନାଦି, ପୁଅକୁ ପରା ପଢ଼ାଉ ନ ଥିଲୁ, ଏବେ ପାଠର ଗୁଣ ବୁଝିଲୁ ତ ?" ଅନାଦି ବିନୟରେ ଗଦ୍‌ଗଦ କହିଲା, "ସବୁ ତମରି ଦୟା ନନ୍ଦ ଆପଣେ, ତମ ଋଣ ମୁଁ ସାତଜନ୍ମରେ ଶୁଝିପାରିବି ନାହିଁ । ତମେ ମୋର ଯେଉଁ ଉପକାର କଲ, ସେଥିଲାଗି ମୁଁ ତମକୁ କଅଣ ଅବା ଦେଇ-ପାରିବି ? ତେବେ କିଛି ପାନଖିଆ ଦେବି ବୋଲି ତେର ଦିନୁ ସଂକଳ୍ପ କରିଛି । ମୋ ରାଣତ, ତମେ ମନାକରିବ ନାହିଁ । ମୋର ଇଚ୍ଛା, ମୁଁ ତମକୁ

ମାଣେ ଜମି ପୁରସ୍କାର ଦେବ ।" ନନ୍ଦେ ମନେ ମନେ ଖୁବ୍ ଆନନ୍ଦିତ ହୋଇ ମୃଦୁହାସ୍ୟରେ କହିଲେ "ମୁଁ ତ କିଛି ତୋତେ ମାଗୁ ନାହିଁ, ତୁ ଯେବେ ଆପେ ଆପେ ଦେବାକୁ ଇଚ୍ଛା କରୁଛୁ, ତେବେ ଦେ; ମୋର କିଛି ଆପତ୍ତି ନାହିଁ ।" ଅନାଦି କହିଲା, "ହଁ ଦେବି, ତେବେ ନିଜର ଯାହା ଅଛି, ସେଥିରୁ ତ ଦେଇପାରିବି ନାହିଁ, ଆଉ ତାହା ଅବା କିଏ ଦେଇଥାଏ ? ତମେ ଅନୁସନ୍ଧାନ କରୁଥାଅ, ଯେବେ କେଉଁ ଜମି ବିକେ, ତେବେ ମୋତେ କହିବ, ମୁଁ ତମକୁ ମାଣେ ଜମି କିଣିଦେବି ।" ନନ୍ଦେ ଏଥିରେ ସମ୍ମତ ହୋଇ ଅନାଦିକୁ ଦୀର୍ଘ ଆଶୀର୍ବାଦ କରି ମହା ଆନନ୍ଦରେ ଘରକୁ ଫେରିଆସିଲେ ।

ଉଲ୍ଲାସରେ ନନ୍ଦଙ୍କର ଛାତି ଫୁଲିଉଠୁଛି, ସେ କାରଣରେ ଅକାରଣରେ ହସିଉଠୁଛନ୍ତି । ଆନନ୍ଦରେ ଆଜି ତାଙ୍କୁ ଭାତ ରୁଚୁ ନାହିଁ । ତାଙ୍କର ସବୁ କାର୍ଯ୍ୟ ବିଶୃଙ୍ଖଳ ହୋଇଯାଉଅଛି । ସେ ଖାଇବା ସକାଶେ ଗୋଡ଼ ଧୋଇସାରି ଗୋଡ଼ ପୋଛିହେବେ କ'ଣ, ଆନନ୍ଦରେ ବିହ୍ୱଳ ହୋଇ ମୁଣ୍ଡ ପୋଛି-ହେଲେ । ଭାତରେ ଲୁଣ ନ ଗୋଳି ଲୁଣରେ ଭାତ ଗୋଳିଲେ, ଡାଲିରେ ଶାଗ ମିଶାଇଦେଲେ । ଏ ଭାବ ଲକ୍ଷ୍ୟ କରି ତାଙ୍କ ସ୍ତ୍ରୀ କହିଲେ—"କାହିଁ ତମେ ଆଜି ବାୟାଙ୍କ ପରି କାହିଁକି ହେଉଛ ? କିଛି ନିଶାଫିଶା ଖାଇଛ କି ?" ନନ୍ଦେ ମୃଦୁ ହସା ଦେଇ କହିଲେ—"ହଁ, ଆଜି ଆନନ୍ଦନିଶା ଖାଇଛି, ସେଥିଲାଗି ମନଟା ଭାରି ଖୁସି ଅଛି । ଭୂମି ଲାଭଠାରୁ ବଳି ଆଉ ସୌଭାଗ୍ୟ କ'ଣ ଅଛି ? ତାହା କି ସମସ୍ତଙ୍କ କପାଳରେ ଘଟେ ? ଯାହାର ପୂର୍ବ ସୁକୃତ ଥାଏ କିମ୍ବା ପୂର୍ବପୁରୁଷର ତପସ୍ୟା ଥାଏ, ଭୂମିଲାଭ ତାହାରି ଭାଗ୍ୟରେ ଘଟେ । ଅନନ୍ତର କି କି ସୁଲକ୍ଷଣ ଥିଲେ ବା କିପରି ଗୁଣବାନ ହେଲେ ଭୂମି ଲାଭ ହୁଏ, ତାହା ସବୁ ସ୍ତ୍ରୀଙ୍କ ପାଖରେ ଆଡ଼ମ୍ବରରେ ବର୍ଣ୍ଣନା କରିବାକୁ ଲାଗିଲେ । ବ୍ରାହ୍ମଣୀ ସବୁ ଶୁଣିଶୁଣି ଚାଟିକା ହୋଇ କହିଲେ, "କାହାକୁ କିଏ ଭୂମିଦାନ କଲା—କାହା କପାଳରେ ସୁନା ବର୍ଷିଲା, ତମେ କାହିଁକି ଏତେ ଖୁସି ହେଉଛ ?" ନନ୍ଦେ କହିଲେ "ଅନୁମାନ କର, କିଏ ସେ ଭାଗ୍ୟବାନ୍ !" ବ୍ରାହ୍ମଣୀ ଈଷତ୍ ରୁଷ୍ଟ ସ୍ୱରରେ କହିଲେ—"ମୁଁ କ'ଣ କାହା ଚରିତ ପଢ଼ିଛି ଯେ, କିଏ କ'ଣ କଲା ଜାଣିବି ?" ନନ୍ଦେ ଟିକିଏ ଦୁଷ୍ଟାମି କରି କହିଲେ—"କାହା ଚରିତ ନ ଜାଣ ପଛେ ସ୍ତ୍ରୀଚରିତ ତ ଜାଣ ? ଅଚ୍ଛା ତେବେ ଶୁଣ, ସେ ଭାଗ୍ୟବାନ୍ ତୁମରି ସ୍ୱାମୀ ଛଡ଼ା ଅନ୍ୟ କେହି ନୁହେଁ ।" ଅତଃପର ନନ୍ଦେ ସ୍ତ୍ରୀ ନିକଟରେ ଭୂମିଲାଭ ବିଷୟ ସାଲଙ୍କାରରେ ବର୍ଣ୍ଣନା କରିଗଲେ । ବ୍ରାହ୍ମଣୀ ତାହା ଶୁଣି ଅଶାର ମୃଦୁ ହାସ୍ୟ ଅଧରରେ ଖେଳାଇଦେଇ କହିଲେ—"ଓଃ, ଏଇ କଥା ସବୁ ! ଦେଇ ତ ନାହିଁ, ଦେବାକୁ କହୁଛି ସିନା ! ଗଛରୁ ପଣସ ତୋଳା ନ ହେଉଣୁ ତମେ ଓଠରେ ତେଲ ମାରୁଥାଅ ।"

—୪—

ଅନାଦି ପଧାନ ରଘୁ ନନ୍ଦଙ୍କୁ ମାଣେ ଜମି ଦେବା କଥା ଅତିରଞ୍ଜିତ ହୋଇ ଗ୍ରାମରେ ବିସ୍ତୃତ ହୋଇଗଲା । ମାଣକ ସ୍ଥଳରେ କିଏ କହିଲା, ତିନିମାଣ; କିଏ କହିଲା, ପାଞ୍ଚମାଣ, ଏହିପରି ମାତ୍ରା ବୃଦ୍ଧି ହେବାକୁ ଲାଗିଲା । କେତେକେ ଶୁଣି ତାଟକା ହୋଇଗଲେ, କେତେକଙ୍କ ମୁଖରେ ଅବିଶ୍ୱାସବ୍ୟଞ୍ଜୀ ହାସ୍ୟ ପ୍ରକାଶ ପାଇଲା । ଯେଉଁମାନେ ଅନାଦିର ନାଡ଼ି ନକ୍ଷତ୍ର ଜାଣନ୍ତି, ସେମାନେ ପରିହାସ କରି କହିଲେ—"ସ୍ୱାତି ଗୁଣ୍ଡିଅର ମୂଢ଼ି ଶିକା ମାଣ ନା କି ମାଣ ? ନନ୍ଦ ବ୍ରାହ୍ମଣ ବାୟା ହେଲାଣି ପରା । କିଏ କେଉଁଠି ଯାହାର ମା ବାପ, ସେ ମୂର୍ଚ୍ଛି କରି ମାଣେ ଜମି ଦାନ କରିବ, ଏଟା ସତ ନା ସ୍ୱପ୍ନ ।" କେହି କହିଲା—"ତାହାର ଯେଉଁ ଭାଇ ବନ୍ଧୁମାନେ ଖାଇବାକୁ ପାଉ ନାହାନ୍ତି, ସେମାନଙ୍କୁ କେତେ ଦେଲାଣି ! ଘରକୁ ଆସିଲେ ତ ଉପାସରେ ଫେରିଯାଆନ୍ତି । ତାହାର ଜମିଦାନ ଡିମିରି ଗଛରେ ଫୁଲ ଫୁଟିଲା ପରି ଏକା ।" ଯେଉଁମାନେ ଅନାଦିର ପ୍ରକୃତିବିଶିଷ୍ଟ, ସେମାନଙ୍କୁ ଏ କଥା ସୁଆଦ ଲାଗିଲା ନାହିଁ । ସେମାନେ ପ୍ରତିବାଦ କରି କହିଲେ—"ଭାଇ ବନ୍ଧୁଙ୍କ ଦାଇବା କାହିଁକି ହେବ ? ସେସବୁ ତାଙ୍କ ବସନ୍ତ କାଳର କୋକିଳ, ମଳୟ ପବନ ବହୁଥିବାଯାଏ ମଧୁର କୁହୁ ସ୍ୱରର ଝଙ୍କାର ଉଠାନ୍ତି; ମାତ୍ର ନିଦାଘର

ଯୌଗି ସ୍ବର୍ଗମାନେ ଲୁଆଡ଼େ ଉଭେଇଯାଆନ୍ତି—ଆଉ ତାଙ୍କର ଦେଖା ମିଳେ ନାହିଁ ।” ଏହିପରି ନାନା ଲୋକେ ନାନା କଥା କହିଲେ । କିଏ କାହା ମୁହଁରେ ଟୁଣ୍ଡି ଦେଇ କଥା ବନ୍ଦ କରିପାରିବ ? ଯାହା ମନକୁ ଯାହା ଆସିଲା, ସେ ତାହା କହିଲା ।

କିଛିଦିନ ପରେ ସେହି ଗ୍ରାମବାସୀ ପଞ୍ଚୁ ସ୍ୱାଇଁ ଋଣଗ୍ରସ୍ତ ହୋଇ ମାଣେ ଜମି ବିକିବାକୁ ବସିଲା । ତାହା ଶୁଣି ନନ୍ଦଙ୍କ ରସନାରୁ ତରଳ ପଦାର୍ଥ ବିଶେଷ ବହିପଡ଼ିଲା । ସେ ଧାଇଁଯାଇ ଏ ସମ୍ବନ୍ଧ ଅନାଦିର କର୍ଣ୍ଣଗୋଚର କଲେ । ଅନାଦି ପଞ୍ଚୁକୁ ଡକାଇ ଆଣି ପୁଣ୍ଣ ସ୍ବର୍ଟଙ୍କାରେ ଦର ଛିଡ଼ାଇଲେ । ଦୁଇଦିନ ପରେ ବକସ୍ବ କବାଲା ରେଜେଷ୍ଟ୍ରି ହେବାର କଥା ହେଲା । ପଞ୍ଚୁ ବାୟନା ନେଇ ଘରକୁ ଗଲା ପରେ ଅନାଦି ରଘୁ ନନ୍ଦଙ୍କୁ କହିଲା, “ତମେ ଯାଇ ଚଞ୍ଚଳ ଶହେଟି ଟଙ୍କା ସଜିଲ କର ।” ଏ କଥା ଶୁଣି ନନ୍ଦଙ୍କର ତୁଣ୍ଡ ଅଫା ଅଫା ମାରିନେଇଗଲା । କିଛିକ୍ଷଣ ପରେ ସେ କହିଲେ—“ଏ ପୁଣି କି କଥା ? ମୁଁ ଗରିବ ବ୍ରାହ୍ମଣ ଟଙ୍କା କାହୁଁ ପାଇବି ? ତୁ ପରା କିଣିଦେବୁ ବୋଲି କହିଥିଲୁ ରେ ଅନାଦି ?” ଅନାଦି ଆଉ ତାଙ୍କୁ ନ ସହି ଆଖିଯୋଡ଼ାକ କପାଳରେ ଖୋସିଦେଇ ରୁକ୍ଷସ୍ୱରରେ କହିଲା—“ମୁଁ କଅଣ କହିଥିଲି ହୋ ? ମୁଁ ସିନା କିଣିଦେବି ବୋଲି କହିଥିଲି, ଆଉ ହାତରୁ ଟଙ୍କା ଦେଇ କିଣିଦେବାକୁ କହିଥିଲି ନା ? ଏ କାଳରେ ଜମି ବସ୍ତେ କିଣିବାକୁ ମିଳୁ ନାହିଁ, ପୁଣି ଖାଲି କିଏ କାହାକୁ ଦେଇପକାଉଛି ? ମୁଁ କହିଥିଲି କଅଣ କି, ତମେ ତ ଜମି କିଣିପାରିବ ନାହିଁ, ସେ ପାଠପଢ଼ା କାମ ନୁହେଁ ଯେ, ସେଥିରେ ଢେର ଖଞ୍ଜ ଖାଞ୍ଜ ଦରକାର—ମୁଁ ତମକୁ ଖୁବ୍ ଶସ୍ତାରେ କିଣିଦେବି । ଏହି ଜମି ଦୁଇଶ ଟଙ୍କାରୁ ଅଧିକ ହୁଅନ୍ତା, ମୁଁ ବୋଲି ସିନା ଶହେ ଟଙ୍କାରେ କରାଇଦେଲି । ଏ ବାଟରେ କଅଣ ତମକୁ ମୁଁ ଶହେ ଟଙ୍କା ସାହାଯ୍ୟ କଲି ପରି ହେଲା ନାହିଁ ? ତମେ ଚଞ୍ଚଳ ଯାଇ ଟଙ୍କା ସଜିଲ କର, ନ ହେଲେ ଆଉ କେହି ବେଶୀ ଦର ଦେଇ ମାରିନେଲେ ପଛକୁ ତମେ ଫନ୍ଦି ହୋଇଯିବଟି ।” ନନ୍ଦେ ଆଉ କଅଣ କହିବେ, ଅନେକ ଚିନ୍ତା କରି ସ୍ଥିର କଲେ, ଦୁଇଶ ଟଙ୍କାର ଜମି ଯେବେ ଶହେ ଟଙ୍କାକୁ ପାଇବେ, ତେବେ ତାହାହିଁ ଯଥାଲାଭ । ଅତଃପର ସେ ସମ୍ମତ ହୋଇ ଟଙ୍କା ସଂଗ୍ରହ କରିବା ପାଇଁ ଉଠିଗଲେ । ଘରକୁ ଯାଇ କଂସାବାସନ ପ୍ରଭୃତି ଯାହା ଥିଲା, ତାହା ସବୁ ନେଇ ମହାଜନ ଘରେ ବନ୍ଧାଦେଇ ଶହେ ଟଙ୍କା ସଂଗ୍ରହ କରି ରଖିଲେ, ଦୁଇଦିନ ପରେ ସଦର ମୁକାମକୁ ଯାଇ ରେଜେଷ୍ଟ୍ରି କରିଆସିବେ ।

ସଦେଇ ସାହୁ ଅନାଦିର ପ୍ରତିବେଶୀ । ସଦେଇ ବ୍ୟବସାୟ କରେ, ଦାଉ ପଡ଼ିଲେ ଜମିବାଡ଼ି କିଣିପକାଏ । ଅନାଦି ତାକୁ କହିଲା—“ସାଉସୁଅ, ମାଣେ ଜମି କିଣିବ ?” ସଦେଇ କହିଲା—“ଜମି ମିଳୁଛି କାହିଁ ବାପ, ତମେ ହେଲ ଟଙ୍କାଟିଆ, ବଡ଼ଲୋକ, ତମଠୁଁ ବଳିଲେ ସିନା ଆମେ କିଣିବୁଁ ।” ଅନାଦି କହିଲା—“ପଞ୍ଚୁ ସ୍ୱାଇଁ ମାଣେ ଜମି ବିକୁଛି, ତାକୁ ରଘୁ ନନ୍ଦ ଶହେ ଟଙ୍କା ଦର କରିଛି, କାଲି ରେଜେଷ୍ଟ୍ରି ହେବ । ତମେ ଆଉ କିଛି ବଢ଼ାଇ ସେ ଜମିକୁ ନିଅ । ମୁଁ କହିଲେ ପଞ୍ଚୁ ରଘୁ ନନ୍ଦକୁ ନ ଦେଇ ତମକୁ ଦେବ । ମୋତେ ପାନଖିଆ କଅଣ ଦେବ କୁହନ୍ତ ?” ସଦେଇ କହିଲା, “ମୋତେ ସେ ଜମି କିଣିଦିଅ, ମୁଁ କୋଡ଼ିଏ ଟଙ୍କା ପାନଖିଆ ଦେବି ।” ଅନାଦି କହିଲା—“ତେବେ ତମେ ଯାଅ, ମୁଁ ପଞ୍ଚୁକୁ କହି ସବୁ ଠିକ କରିଦେବି ।” ସଦେଇକୁ ବାୟନା ଦେଇ ଅନାଦି ପଞ୍ଚୁ ଘରକୁ ଗଲା ଏବଂ ତାକୁ କହିଲା—“ତୁ ନନ୍ଦ ବ୍ରାହ୍ମଣକୁ ଜମି ବିକିଲେ ତୋର ଖତି । ସଦେଇ ସାହୁକୁ ଦେ, ପୁଣ୍ଣ ଅଠଟଙ୍କା ମାଗିଲେ ବି ସେ ଦେବ । ସେଥିରେ ତୋତେ ଶହେ ଟଙ୍କା ଅଧିକା ମିଳିବ । ମୋତେ ଅଧେ ଦେବୁ ?” ପଞ୍ଚୁ ଆନନ୍ଦରେ ସ୍ୱୀକୃତ ହେଲା । ସେହିଦିନ ସନ୍ଧ୍ୟାରେ ପଞ୍ଚୁ ଓ ସଦେଇ ସଦରକୁ ଯାଇ ନିଧିରାମ ବସାରେ ରହିଲେ । ତହିଁ ପରଦିନ ଦଲିଲ ରେଜେଷ୍ଟ୍ରି ହୋଇଗଲା । ନନ୍ଦେ ଏ କଥା ଶୁଣିପାରି ଦୀର୍ଘନିଃଶ୍ୱାସ ତ୍ୟାଗପୂର୍ବକ ଅନାଦିକୁ ଆଶୀର୍ବାଦ କରି କହିଲେ—“ତୋ ବଂଶ ବୁଡ଼ୁ ବେ ପେଣ୍ଡାଳିଆ ଟଣା ! ଏହି ପରି ତୋର କୃତଜ୍ଞତା !” ନନ୍ଦଙ୍କର ଏ ଆଶୀର୍ବାଦ ସଫଳ ହୋଇଅଛି କି ନାହିଁ, ସେ ସମ୍ବାଦ ଅବଧି ମିଳି ନାହିଁ ।

# ବେଦୀ-ବାହୁଡ଼ା

[ ୧ ]

କରୁଣା ବ୍ରଜଧାମ କରି ଯେତେବେଳେ ଫେରି ଆସିଲା, ସେତେବେଳେ ତାହାର ବୟସ ପଚାଶରୁ ଊର୍ଦ୍ଧ୍ୱ। ପନ୍ଦରବର୍ଷ ତଳୁ ନିରୁଦ୍ଦେଶ ହୋଇଥିଲା। ଏତେ କାଳ ପରେ ଫେରି ଆସିଲା; କିନ୍ତୁ ଏବେ ସେ ଆଉ ପୂର୍ବ କରୁଣା ନୁହେଁ, ତାହା ନାମର ଗୋଟାଏ ଶୋଭନ ସଂସ୍କରଣ ହୋଇଯାଇଅଛି। ତାହାର ନୂତନ ନାମ—ସ୍ୱରୂପଦାସ ବାବାଜି। ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇ ସେ ଏହି ନାମ ଗ୍ରହଣ କରିଅଛି। ତାହାର ସମ୍ବଳ ମଧ୍ୟରେ ଖଣ୍ଡେ କୌପୀନ, ଖଣ୍ଡେ ଗୈରିକ ବହିର୍ବାସ ଏବଂ ମୂର୍ତ୍ତିଏ ଠାକୁର। ତାହାର କୃଷ୍ଣ ମୁଖମଣ୍ଡଳ ଘନ କୃଷ୍ଣଦାଢ଼ିରେ ପରିବେଷ୍ଟିତ। କଳା ପଦ୍ମକୁ କଳା ଭ୍ରମର ଘେରିଛନ୍ତି ବୋଲି ଉପମା ଯୋଗିଲେ ଖୁବ୍ ମାନନ୍ତା; ମାତ୍ର ଦୁଃଖର ବିଷୟ, କଳାପଦ୍ମ ବିଧାତା ସୃଷ୍ଟି କରି ନାହାନ୍ତି। କରୁଣା ବଙ୍କା ବଙ୍କା ଓଡ଼ିଆ କଥା କହେ; ମାତ୍ର ତେଲୁଗୁ ଅନର୍ଗଳ କହିପାରେ। ସେ ନିଜକୁ ସଭ୍ୟ ଶିକ୍ଷିତ ବୋଲି ପରିଚୟ ଦେବା ପାଇଁ ତେଲୁଗୁ କହେ ନାହିଁ। ଆଜିକାଲି ଲୋକେ ବଡ଼ ହେବା ପାଇଁ ଧର୍ମାନ୍ତର ଗ୍ରହଣ କରନ୍ତି, କେହି କେହି ଭାଷାନ୍ତର ମଧ୍ୟ ଗ୍ରହଣ କରନ୍ତି; କିନ୍ତୁ କରୁଣା ସେ ଶ୍ରେଣୀର ଲୋକ ନୁହେଁ। ସେ ଏକାଦିକ୍ରମେ କୋଡ଼ିଏ ବର୍ଷକାଳ ଦକ୍ଷିଣ ଦେଶର ତିରୁପତି ତୀର୍ଥରେ ରହିଯାଇଥିଲା। ସୁତରାଂ ତେଲୁଗୁ ଭାଷାରେ ଅଭ୍ୟସ୍ତ ହୋଇ ପଡ଼ିଥିଲା। ଓଡ଼ିଆଶୂନ୍ୟ ଘୋର ତେଲଙ୍ଗା ରାଜ୍ୟ ମଧ୍ୟରେ ସେ କାହା ସଙ୍ଗରେ ଓଡ଼ିଆ କହିବ? ଆଉ ତାହାର ଓଡ଼ିଆ ଭାଷା ବା ବୁଝିବ କିଏ?

କରୁଣା କି ଜାତି ବା ତାହାର ଘର କେଉଁଠି, ତାହା କେହି ଜାଣନ୍ତି ନାହିଁ। ଏମନ୍ତକି ନିଜେ କରୁଣା ସୁଦ୍ଧା ଜାଣେ ନାହିଁ; ମାତ୍ର ସେ ନିଜକୁ କେଉଁଠି ଗଉଡ଼, କେଉଁଠି ଭଣ୍ଡାରୀ, କେଉଁଠି ବା ସୁଡ଼ଅ ବୋଲି ପରିଚୟ ଦିଏ। ପ୍ରବଳ ପ୍ରଭଞ୍ଜନ କେଉଁଠୁ କେଉଁ ଗଛକୁ ଉତ୍ପାଟିତ କରି କେଉଁଠି ନେଇ ପକାଏ ତାହାର ଠିକଣା ନାହିଁ। ଦୁର୍ଭିକ୍ଷରେ ଲୋକେ ସେହିପରି ଇତସ୍ତତଃ ହୋଇ ବୁଲନ୍ତି। ଗତ ନଅଙ୍କ ଦୁର୍ଭିକ୍ଷ ସମୟରେ କରୁଣା କେଉଁଠୁ କେଜାଣି ଆସି ବସନ୍ତପୁର ଗ୍ରାମର ମକଦ୍ଦମଙ୍କ ଘରେ ଆଶ୍ରୟ ନେଇଥିଲା। ରହୁ ରହୁ ସେହିଠାରେ ତିନିବର୍ଷକାଳ ରହିଗଲା। ମକଦ୍ଦମଙ୍କ ଘରର ସମସ୍ତେ ଅସାଧାରଣ ଉଦାର ଏବଂ ବଡ଼ଲୋକରେ ସମସ୍ତଙ୍କର ଅପନ ଖୁସି। କେଉଁ ଜିନି କେଉଁଠି ପଡ଼ି ନଷ୍ଟ ହୋଇଯାଉଛି, କିଏ କଅଣ ଖାଇଯାଉଛି, କିଏ କେତେ ବୋହି ନେଉଛି, ତାହା କେହି ଦେଖିବାକୁ ନାହିଁ। କରୁଣା ଉପରେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟର ଭାର ଥିଲା ନାହିଁ; ସେ ଡାକହାକ ଶୁଣେ। ବୃଦ୍ଧ ମକଦ୍ଦମ ସାଆନ୍ତଙ୍କ ମୁଣ୍ଡରୁ ପାଚିଲା ବାଳ ଉପାଡ଼ିଦିଏ—ତାଙ୍କ ଗୋଡ଼ହାତ, ସାର୍ଦ୍ଧ ଦ୍ୱିହସ୍ତ ପରିଧିବିଶିଷ୍ଟ ପେଟ ଏବଂ ପିଠି ମର୍ଦ୍ଦନ କରେ। ଅଳ୍ପ କଥାରେ କହିଲେ—କରୁଣା ମକଦ୍ଦମଙ୍କର ପୋଷା କୁକୁର ପରି ଥାଏ। ଖାଲି ସାଆନ୍ତଙ୍କର ନୁହେଁ—ସାଆନ୍ତାଣୀଙ୍କର ବି କେତେ କାମ କରିଦିଏ। ସେଥିମଧ୍ୟରେ ନାସଘଷା ଏବଂ ପିଠିରୁ ଖସମସ୍ତ ପ୍ରଧାନ। ସାଆନ୍ତ, ସାଆନ୍ତାଣୀ ଦୁହେଁଯାକ ତାକୁ ଖୁବ ଦେଖିପାରନ୍ତି। କରୁଣାର କୌଣସି ଦୁର୍ଗୁଣ ଥିଲା ନାହିଁ। ଚାଣକ୍ୟ ପଣ୍ଡିତଙ୍କ ପ୍ରେତମୂର୍ତ୍ତି ଯେତେବେଳେ ତାହା ଉପରେ ସୁଆର ହୁଏ ବା ପ୍ରଭାବ ବିସ୍ତାର କରେ, ତେତେବେଳେ ସେ 'ଆତ୍ମବତ୍ ସର୍ବଭୂତେଷୁ' ମଣେ। ତହୁଁ ସେ ପାଦପୂରଣ କରେ—"ପରଦ୍ରବ୍ୟେଷୁ ଆତ୍ମବତ୍।" ତାହାର ଶତ୍ରୁ ସୁଦ୍ଧା ଏ କଥାକୁ ହାତ-ଉଠାପଣ ବୋଲି ହଲପ୍ କରି କହିପାରିବ ନାହିଁ। ଦିନେ ସାଆନ୍ତଙ୍କର ସୁନାମୁଦିଟି ହଜିଗଲା। ସେ ତାକୁ ଅଙ୍ଗୁଳିରୁ ବାହାର କରି ଘର ଠଣାରେ ରଖିଦେଇ

ଜହ୍ନଭୂମି ଯାଇଥିଲେ; ତେଣୁ ଫେରି ଆସି ଦେଖିଲେ, ମୂର୍ତ୍ତିଟି ସେ ସ୍ଥାନରେ ନାହିଁ । କିଏ ନେଲା, କିଏ ନେଲା ବୋଲି ଧରପଗଡ଼ ଲାଗିଗଲା; ମାତ୍ର ଚୋରର ଧରା ପଡ଼ିଲା ନାହିଁ କି ମୂର୍ତ୍ତି ମିଳିଲା ନାହିଁ । ଶେଷରେ ନିୟମ କରିବା ସାର ହେଲା । ସୁନ୍ଦରବାଳର ବାସୀ ପରିବାର ସମସ୍ତେ ଆଖଣ୍ଡଳମଣିଙ୍କୁ ଛୁଇଁ ନିୟମ କରିବେ । ଯାତ୍ରା ଦିନ ଧାର୍ଯ୍ୟ ହେଲା । ଲୋକେ ନାନା ପ୍ରକାର ଭୟ ଦେଖାଇ କଥା କହିଲେ । କେହି କହିଲା—ମଣି ବଡ଼ ଜାଗ୍ରତ ଦେବତା, ଚୋର ତାଙ୍କୁ ଛୁଇଁଲାକ୍ଷଣି ଅନ୍ଧ ହୋଇଯିବ । କେହି କହିଲା—ଚୋରର ମୁଣ୍ଡଟା ଫାଟିଯିବ । ଦେଖୁଁ ଦେଖୁଁ ନିୟମ କରିବାର ନିର୍ଦ୍ଦିଷ୍ଟ ଦିନ ଆସି ପହଞ୍ଚିଲା । ସେହିଦିନ ସକାଳେ କରୁଣା ମୂର୍ତ୍ତିଟି ଆଣି ସାଆନ୍ତଙ୍କ ହାତରେ ଦେଇ କହିଲା—"ଗୋରୁଖିଆ ପେଜ ତୋରାଣି ହାଣ୍ଡିରେ କିଏ ମୂର୍ତ୍ତିଟା ପକାଇ ଦେଇଥିଲା, ମୁଁ ଗୋରୁଙ୍କୁ ପେଜ ଦେଲାବେଳେ ହାଣ୍ଡି ତଳରେ ପାଇଲି ।" ଏ କଥା ଶୁଣି କେହି କେହି ଆଖି ଠରାଠରି ହେଲେ; ମାତ୍ର ସାଆନ୍ତେ ଟିକିଏ ହସି-ଦେଇ କିଛି କହିଲେ ନାହିଁ । କାହିଁକି କେଜାଣି ସେହିଦିନ ଦିପହରଠାରୁ କରୁଣାକୁ ଆଉ ବାଣପୁରରେ କେହି ଦେଖି ନାହାନ୍ତି । ଏତେ ବର୍ଷ ପରେ ସେହି କରୁଣା ସଶରୀରରେ ଆସି ଉପସ୍ଥିତ ।

[ ୨ ]

କରୁଣା ଫେରି ଆସି ଆଉ ବାଣପୁର ଗଲା ନାହିଁ । ସାଆନ୍ତ, ସାଆନ୍ତାଣୀ ଅନେକ ଦିନୁ ମଲେଣି, ତାଙ୍କର ସ୍ମୃତି-ଚିହ୍ନ ମଧ୍ୟ ନାହିଁ । ତାଙ୍କ ପୁଅବୋହୂ, ଏଣିକି ତାଙ୍କ ଉପାଧି ଗ୍ରହଣ କରିଅଛନ୍ତି । କରୁଣା ତାଙ୍କୁ ଚିହ୍ନେ ନାହିଁ କି ସେମାନେ କରୁଣାକୁ ଚିହ୍ନନ୍ତି ନାହିଁ । ବାଣପୁରର ଏକକୋଶ ଦୂରରେ ଚନ୍ଦ୍ରଭାନୁପୁର ଅବସ୍ଥିତ । ସେଠାରେ ଗୋପୀନାଥ ଠାକୁରଙ୍କର ଠାକୁରବାଡ଼ି ଅଛି । ଠାକୁରଙ୍କର ଭୂସମ୍ପତ୍ତି ପ୍ରଚୁର । କେତେ ଖଣ୍ଡ ଗାଁ ମଧ୍ୟ ଅଛି । ଖୁବ୍ ଆଡ଼ମ୍ବରରେ ନୀତି ଚାଲେ । ଯାତ୍ରାପର୍ବରେ ଯଥେଷ୍ଟ ବ୍ୟୟ ହୁଏ । ଅତିଥି ଅଭ୍ୟାଗତ ଆସିଲେ ମୁଠାଏ ପ୍ରସାଦ ପାଆନ୍ତି । ଚତୁର୍ମାସ୍ୟା ବାର ମାସଯାକ ସାଧୁସେବା ଲାଗିଥାଏ । ଠାକୁର ସେବକଙ୍କର ପଦ—ଅଧିକାରୀ; ସେ ଖଣ୍ଡାଏତ ବୈଷ୍ଣବ । ସନ୍ନ୍ୟାସୀ ନୁହନ୍ତି—ଗୃହସ୍ଥ । ଗୃହସ୍ଥ ବୈଷ୍ଣବମାନେ ବିବାହ କରନ୍ତି—ବୈଷ୍ଣବବଂଶ ବୃଦ୍ଧି କରନ୍ତି ଏବଂ ଆମିଷ ଆହାର କରନ୍ତି । ସେମାନେ ଠାକୁର ଛୁଅନ୍ତି ନାହିଁ—ବ୍ରାହ୍ମଣ ପୂଜାରୀଦ୍ୱାରା ପୂଜାଦି କରାନ୍ତି । କରୁଣା ସେହି ଠାକୁର-ବାଡ଼ିରେ ଯାଇ ଆଶ୍ରୟ ନେଲା । ଅନେକ ପୁରୁଣା ପରିଚିତ ଲୋକ ତାକୁ ଦେଖିବାକୁ ଆସିଲେ । ବୃଦ୍ଧ ଅଧିକାରୀ ତାକୁ ଚିହ୍ନିପକାଇ କହିଲେ—"କିରେ କରୁଣା, ଏତେକାଳଯାଏଁ କୁଆଡ଼େ ଥିଲୁ ?" କରୁଣା କହିଲା—"ନା, ବାବା, ମୁଁ କରୁଣା ନୁହେଁ, କରୁଣା ଅନେକ ଦିନୁ ମଲାଣି—ମୁଁ ଗୁରୁଦାସ ବାବାଜି ।" ଅଧିକାରୀ ହସି ହସି କହିଲେ—"ଏ କି କଥା ରେ କରୁଣା ? ତୁ ପୁଣି ଗୁରୁଦାସ ପାଲଟିଗଲୁ କେବେ ? କରୁଣା ତ ମଲାଣି, ଆଉ କଥା କହୁଛି କିଏ—ତାହାର ପ୍ରେତମୂର୍ତ୍ତି ନା ଭୂତ ?"

କରୁଣା—ଥଟ୍ଟା କର ନାହିଁ ବାବା, ମୋ କଥା ଆଗେ ଶୁଣ । ମୁଁ କରୁଣା ସତ; ମାତ୍ର ଭେକ ଘେନି ବାବାଜି ହେଲାଦିନୁ ମୋର ନାମ ଗୁରୁଦାସ ହୋଇ-ଯାଇଛି । ତେବେ ଆଉ ସେ ପୂର୍ବର କରୁଣା ନ ମରି ରହିଲା କେଉଁଠି ? ମୁଁ ମରି ନାହିଁ; ମାତ୍ର ମୋର ନାଁଟା ମରିଯାଇଛି ।

ଅଧିକାରୀ—ବେଶ୍ ବେଶ୍, କଥାର ଚଟକ ତ ଖୁବ୍ ଶିଖିଛୁ ! ଏବେ ତୁ କେଉଁଠି ଥିଲୁ, କେମିତି ଆସିଲୁ ତାହା କହ ।

କରୁଣା—ତେବେ ଶୁଣ କହୁଛି — ସାଆନ୍ତଙ୍କ ଚୌପାଢ଼ୀରେ ଜଣେ ସାଧୁ ଆସି ତିନି ଚାରି ଦିନ ଥିଲେ । ସେ ଦେଖିବାକୁ ଠିକ୍ ମୂର୍ତ୍ତିଏ ଦେବତା ପରି । କାହିଁକି କେଜାଣି, ତାଙ୍କ ସେବା କରିବା ପାଇଁ ମୋ ମନ ଭାରି ଚଞ୍ଚଳ ହୋଇ ଉଠିଲା । ସେ ଯେଉଁ ଦିନ ବିଦାୟ ହୋଇ ଗଲେ ମୁଁ କାହାକୁ କିଛି ନ କହି ତାଙ୍କ ପିଛା ଧରି ଚାଲିଲି । ମୁଁ ତାଙ୍କର ଚେଲା ହେବାକୁ କହିଲି । ସେ ମୋତେ ମନ୍ତ୍ର ଦୀକ୍ଷା ଦେଲେ । ତାଙ୍କ ସଙ୍ଗରେ ମୁଁ ଅନେକ ବର୍ଷ ବୁଲିଲି, ଅନେକ ତୀର୍ଥ, ଦେବସ୍ଥାନ ଦେଖିଲି । ସାଧୁଟି ଖୁବ୍ ଶାନ୍ତ । ମୁଁ ତାଙ୍କୁ ରାଗିବାର କେବେ ଦେଖି ନାହିଁ ।

ସବୁବେଳେ ହସିବାର ଦେଖିଛି । ଅନେକ ବଡ଼ ବଡ଼ ଲୋକ ତାଙ୍କର ଶିଷ୍ୟ । ସମସ୍ତେ ତାଙ୍କୁ ଆଦର କରନ୍ତି; ଦେବତା ପରି ଭକ୍ତି କରନ୍ତି । ଶ୍ରୀନଧାମ ଶେଷ କରି ସେ ରାମେଶ୍ୱର ଗଲେ । ମୁଁ ତାଙ୍କ ସଙ୍ଗରେ ଥାଏ । ଦକ୍ଷିଣରେ ଧନୁଷ୍କୋଟି ତୀର୍ଥ, ବାଲାଜୀ ତୀର୍ଥ, ପକ୍ଷିତୀର୍ଥ—ଏହିପରି ଢେର ତୀର୍ଥ ବୁଲି ଦେଖିଲି । ପକ୍ଷିତୀର୍ଥ କଅଣ ଜାଣ ତ ? ଠିକ୍ ଦିନ ଦୁ'ଘଡ଼ିବେଳେ ଶାଗୁଣା ପରି ଦୁଇଟି ପକ୍ଷୀ ଖୁବ୍ ଦୂର ଆକାଶରେ ଉଡ଼ି ବୁଲନ୍ତି । ଦେବତାଙ୍କ ଭୋଗ ଶେଷରେ ପୂଜାରୀ ପ୍ରସାଦ ଧରି ଦେଉଳରୁ ବାହାରି ଆସିଲାକ୍ଷଣି ସେ ଦୁହେଁ ତୀର ପରି ଖସି ଆସି ତାହା ହସ୍ତରୁ ପ୍ରସାଦ ସେବା କରନ୍ତି । ଖାଇସାରି ପୁଣି କେଉଁଠିକି ଉଡ଼ିଯାଆନ୍ତି, ଆଉ ଦିଶନ୍ତି ନାହିଁ । ସତ୍ୟ ଯୁଗରୁ ନା ତ୍ରେତା ଯୁଗରୁ ସେ ପକ୍ଷୀ ଦୁଇଟି ରୋଜ ଏହିପରି ଭୋଗ ଖାଇ ଆସୁଅଛନ୍ତି । ମୋର ଗୁରୁଦେବ ରାମେଶ୍ୱରରୁ ଫେରିଆସି ତାଙ୍କର କେତେ ଜଣ ପ୍ରିୟ ଶିଷ୍ୟଙ୍କ ଅନୁରୋଧରେ ନିପଣ ତୀର୍ଥରେ ବାସ କଲେ । ସେଠାରେ ଗୁରୁ ଶିଷ୍ୟ ଦୁହେଁ ଷୋହଳ ବର୍ଷକାଳ ରହିଗଲୁ । ଗତମାସ ମାଘସପ୍ତମୀରେ ମହାସ୍ତ୍ରଭୂଷ ତୀର୍ଥରେ ଦେହ ରକ୍ଷା କରି ସ୍ୱର୍ଗଗାମୀ ହେଲେ । ଏହି ଗୋପାଳ ମୂର୍ତ୍ତିଟି ତାଙ୍କର ପୂଜା ପ୍ରତିମା । ମୃତ୍ୟୁ ପୂର୍ବରୁ ସେ ତାହା ମୋତେ ଦେଇଯାଇଅଛନ୍ତି । ମୁଁ ଏହି ମୂର୍ତ୍ତିଟି ଧରି ଅନେକ ସ୍ଥାନରେ ବୁଲିଲି, ସାଧୁଙ୍କ ଶିଷ୍ୟମାନଙ୍କ ଘରକୁ ଗଲି; ମାତ୍ର କେଉଁଠି ପୂର୍ବପରି ଆଦର ପାଇଲି ନାହିଁ । ମହାତ୍ମାଙ୍କ ମୃତ୍ୟୁ ପରେ ତାଙ୍କର ନଠାଉଙ୍କୁ ଲୋକେ ପୂଜା କଲେ । ମୁଁ ତାହାଠାରୁ ବଞ୍ଚିତ ହେଲି । ମନେ ମନେ ଭାବିଲି—ଗୁରୁଦେବଙ୍କର ଯେଉଁ ସବୁ ଗୁଣ ଦେଖି ଲୋକେ ଆଦର କରୁଥିଲେ, ମୋର ସେ ସବୁ କିଛି ନାହିଁ । ତେବେ ଆଦର ଖୋଜିବି କେଉଁ ମୁହଁରେ ? ଗୁରୁଦେବ ମୁହେଁ ମୁହେଁ ଠାକୁର-ପୂଜାମନ୍ତ୍ର ଶିଖାଇଦେଇ ଯାଇଥିଲେ, ତେତିକି ମୋର ବିଦ୍ୟା । ଧର୍ମକଥା ବା ଶାସ୍ତ୍ରବିଷୟର ମୁଁ କାହୁଁ ଜାଣିବି ? ସତ କହୁଛି—ବାବାଜିଙ୍କ ଗୌରବ ଦେଖି ବାବାଜି ହେବାକୁ ମୋର ମନ ଝାଳୁ ଝାଳୁ ହେଲା । ମନେକଲି—ବାବାଜି ହେଲେ ତ ଏହିପରି ସାଙ୍ଗପୂଜା ପାଇବି, ତେବେ ପରଓଳରେ, ପର ଗୋଡ଼ତଳେ ମୁଣ୍ଡ ଗୁଞ୍ଜିବି କାହିଁକି ? କେତେବେଳେ ଭାବି ନ ଥିଲି ଯେ ବାବାଜି ହେବାକୁ ହେଲେ ଖାଲି ଡୋର କଉପୁନୀରେ ଚଳିବ ନାହିଁ । ଅନ୍ତର କିଛି ବୁଦ୍ଧି ମହତ୍ ଗୁଣ ଦରକାର । ଏବେ ବୁଝିଲି ସେ ବେପାର ମୋତେ ପୋଷେଇବ ନାହିଁ । ତହୁଁ ସ୍ୱଦେଶକୁ ଚାଲି ଆସିଲି । ଏହି ଠାକୁରଟି ଲାଗି ମୋର ବଡ଼ ଚିନ୍ତା । ଏ କାଳସର୍ପକୁ ବେକରେ ବାନ୍ଧି ମୁଁ କଅଣ କରି ପାରିବି ? ଏ ମୋ ବେକରୁ ଖସିଗଲେ ମୁଁ ନିଶ୍ଚିନ୍ତ ହେବି । ତୁମେ ଏ ମୂର୍ତ୍ତିଟି ରଖ, ତୁମ ଠାକୁର ସାଙ୍ଗରେ ଏ ବି ମନ୍ଦାଏ ପାଣି ପାଇବେ ।

ଅଧିକାରୀ— ହଁ, ମୁଁ ଏ ମୂର୍ତ୍ତିଟି ରଖି ପୂଜା କରାଇବି । ମୂର୍ତ୍ତିଟିର ଗଠଣ, ଲକ୍ଷଣସବୁ ଭଲ । ଦେଖିଲା ବେଳୁ ମୋର ଲୋଭ ହୋଇଥିଲା । ଆଉ ତୁ କୁଆଡ଼େ ଯିବୁ ? ତୋର ତ ଘରଦ୍ୱାର ନାହିଁ, ପୁଣି ବାନା ଗ୍ରହଣ କରିଛୁ ବୋଲି କହୁଛୁ, ତୁ ବି ଠାକୁରଙ୍କର ଟହଲିଆ ହୋଇ ଏଇଠି ରହ । ଠାକୁର ପ୍ରସାଦ ପାଇ କାୟା ପକାଇ କରିବୁ । ଅଧିକାରୀଙ୍କର ଏ ପ୍ରସ୍ତାବରେ କରୁଣା ସମ୍ମତ ହେଲା । ସେହିଦିନଠାରୁ ସେ ଚନ୍ଦ୍ରଗୋପୀପୁର ଠାକୁର ବାଡ଼ିରେ ଟହଲିଆ ହୋଇ ରହିଲା । ସମସ୍ତେ ତାକୁ ଖୁଣ୍ଟୁଦାସ ବାବାଜି ବୋଲି ଡାକନ୍ତି । କେହି ଦଣ୍ଡବତ କଲେ କରୁଣା ଅଞ୍ଜଳି ବିସ୍ତାରି ଧରି କହେ—ଜୟ ଗୋପାଳ ।

[ ୩ ]

କରୁଣା ଗୋପୀନାଥ ଓ ଗୋପାଳଙ୍କ ଉଭୟ ଦେବତାଙ୍କ ସେବାରେ ଲାଗିଅଛି । ତାହାର ଦିନ ସୁଖରେ—ଆନନ୍ଦରେ କଟିଯାଉଅଛି । ସଂସାରରେ ଯେ ନିଃସଙ୍ଗ ପ୍ରବାସୀ, ତାହାର ଆଉ ଦୁଃଖକଞ୍ଜାଳ କେତେ ? କରୁଣା ଠାକୁର ପୂଜା ବାସନ, ଘଣ୍ଟା, ଆଳତିପାଙ୍କ ପ୍ରଭୃତି ମାଜେ—ଫୁଲ ତୋଳି ଆଣି ଗୁନ୍ଥେ—ଚନ୍ଦନ ଘୋରେ— ତୁଳସୀ ତୋଳେ—ସ୍ଥଳ ଧୋଇଦିଏ — ପରିବା ଯୋଗାଡ଼ଦିଏ — ଏହିପରି ଅନେକ କାମ କରେ । ସେ ଠାକୁର ବାଡ଼ିରେ ପ୍ରସାଦ ପାଏ, କେବେ କେବେ ଅଧିକାରୀଙ୍କ ଘରେ ମଧ୍ୟ

ଖାଏ; ମାତ୍ର ମାଛ ଖାଏ ନାହିଁ । ସେଥିପାଇଁ କେହି ତାକୁ ବଳାନ୍ତି ନାହିଁ । ଠାକୁରଙ୍କ ପ୍ରସାଦୀ ଫୁଲ ଦେଇ ବଡ଼ଲୋକଙ୍କ ପାଖରୁ ସେ କିଛି କିଛି ଉପୁରି ଆଦାୟ କରେ । ଏହି ସୂତ୍ରରେ କିଛି ଜମାଇ ଦୁଇମାଣ ଜମି ବନ୍ଧକ ରଖିଅଛି । ଲୁଗାପଟା, ପେଡ଼ି ପେଟରା ମଧ୍ୟ କେତେ ଖଣ୍ଡ କିଣି ରଖିଲଣି । ହୁଲେ ସୁନା ନୋଳି ଗଢ଼ାଇ କାନରେ ପିନ୍ଧିଲଣି । ତାହାର ଏହିସବୁ କାର୍ଯ୍ୟ ଦେଖି ଅଧିକାରୀ ସିଦ୍ଧାନ୍ତ କରିନେଲେ ଯେ, କରୁଣାର ସଂସାରୀ ହେବାକୁ ଇଚ୍ଛା ହେଲଣି ; ମାତ୍ର ତାକୁ କିଛି କହିଲେ ନାହିଁ । କରୁଣା ବିଲରୁ ମାଛ ଧରିଆଣି ଅଧିକାରୀଙ୍କ ଘରେ ଦିଏ; ମାତ୍ର ଖାଏ ନାହିଁ । ଅଧିକାରୀ ଦିନେ ମନେ ମନେ ଭାବିଲେ—"କରୁଣାର ଏ କି ଅପୂର୍ବ ବୈରାଗ୍ୟ, ମାଛ ଧରେ; ମାତ୍ର ଖାଏ ନାହିଁ । "ଜୀବେ ଦୟା" ନୀତି ଧରିଛି ପରି ! ଏଭଳି ଦୟାର ତ ପଟାନ୍ତର ନାହିଁ । ଜୀବ ବଧ କରିବା ପାପ ନୁହେଁ, ଖାଇବା ଏଥା ପାପ । ସେ ତ ମଚ୍ଛ ଦେଶରେ ଜନ୍ମ ହୋଇଛି, ତାହାର ରକ୍ତର ପରମାଣୁରେ କି ମାଛର ଅଂଶ ଥିବ, ମାଛ ଖାଇବାକୁ କାହିଁକି ତାହାର ଲୋଭ ହୁଏ ନାହିଁ ! ମାଛର ସ୍ୱାଦୁ ଯେ ପାଇଛି, ସେ କେଉଁ ସହଜରେ ତାହା ଭୁଲି ପାରିବ ? ସେ ବର୍ଷ ସେ ପଶ୍ଚିମା ବାବାଜିଠାକୁ ଛନ୍ଦବ୍ୟାଧି ଧରିଲା; କିନ୍ତୁ ତାହା ଜିଭକୁ ଛୁଟିଲା ନାହିଁ । ପେଟକୁ ଦାନା ଗଲା ନାହିଁ, ଲୋକଠା ବଳିବ କପଟ—ଏହା ଜାଣି ମୁଁ ତାକୁ ତାଟଏ ଟାଙ୍ଗୁଡ଼ି ଭଜା ଖୁଆଇଥିଲି । ଲୋକଠା ଭଲ ହୋଇଯାଇ ଶେଷ ଖାଇଲାବେଳେ କହିଲା "ଓଇ ଲୋଲ ଲୋଲ ମୁହଁ ମୁହଁ ନେଇ ହେନେଯେ ଲୁହ ଚଳିତା ନେଇ ବାବା !" ସତକୁ ସତ ଟାଙ୍ଗୁଡ଼ି ଭଜା ଦୁଇଟା ହେଲେ ଭାତ ଗୋଟାଏ ସୁଦ୍ଧା ପଦରେ ଲାଗେ ନାହିଁ । ଯେ କେବେ ମାଛ ଖାଇ ନାହିଁ, ସେ ତ ମାଛର ସ୍ୱାଦୁ ପାଇ ଆଉ ଛାଡ଼ି ପାରିଲା ନାହିଁ । କରୁଣା ତ ମାଛ ଖାଇ ଖାଇ ମଣିଷ, ତାହାର କି ଇଚ୍ଛା ହୁଏ ନାହିଁ ? ନିଶ୍ଚେ ହୁଏ, ଖାଲି ଲୋକଲଜ୍ଜା ହେତୁ ଖାଏ ନାହିଁ । ତାହାର କାର୍ଯ୍ୟକଳାପ, ଭାବ-ଭଙ୍ଗୀରୁ ଜଣାଯାଏ ସଂସାରୀ ହେବାକୁ ତାହାର ଭାରି ଇଚ୍ଛା । ଅଚ୍ଛା, ପରେ ପରୀକ୍ଷା ବୁଝିଲେ ହେବ ।"

ଅନନ୍ତର ଦିନେ ସେ କରୁଣାକୁ କହିଲେ, "କରୁଣି, ତୁ ଆଉ କେତେ କାଳଯାଏଁ ଏକୁଟିଆ ହୋଇ ଥିବୁ ? ଏବେ 'ବାହାତୁରି' ହୋଇ ଘରକରଣା କର । ଗୃହସ୍ଥଠାରୁ ସନ୍ନ୍ୟାସୀର ଆସନ ଉଚ୍ଚରେ ନୁହେଁ—ସନ୍ନ୍ୟାସୀର ଜୀବନ ଏଥା ସନ୍ନ୍ୟାସୀ ପାଇଁ; ମାତ୍ର ଗୃହସ୍ଥର ଜୀବନ ଜଗତ ପାଇଁ । ସନ୍ନ୍ୟାସୀ ନିଜର ପେଟ ପୋଷେ, ଆଉ ଗୃହସ୍ଥ ଲକ୍ଷପୋଷୀ । ଭିକାରି, ପିମ୍ପୁଡ଼ି ସୁଦ୍ଧା ତାହାଦ୍ୱାରା ପୋଷିତ ହୁଅନ୍ତି । ତାହା ଅଜ୍ଞାତରେ ସୁଦ୍ଧା ତାହାର ଅନ୍ନରେ କେତେ ପ୍ରାଣୀ ବଞ୍ଚି ରହନ୍ତି । ଘରକରଣା କର ପିଲାପିଲିଙ୍କ ମୁହଁ ଦେଖିବା—ସେମାନଙ୍କର ମଧୁର ବାଲ୍ୟଲୀଳା ଦେଖିବା କି ସଂସାରରେ ଗୋଟାଏ ସୁଖ କରୁଣି ! ସେମାନେ ଜଗତର ଆନନ୍ଦମୟ ଜୀବ; ମାନବ ପ୍ରାଣରେ ସେମାନଙ୍କ ଭଳି ଆନନ୍ଦ କେହି ଢାଳିପାରେ ନାହିଁ । ସ୍ୱର୍ଗରେ ଅମୃତ ଅଛି । ମର୍ତ୍ତ୍ୟରେ ଅମୃତ—ଶିଶୁର ସରଳ ସୁନ୍ଦର ହାସ୍ୟ ଏବଂ ଦରଦରକଥିତ ଲଳିତ ମଧୁର ଭାଷା । ପରିବାର ବନ୍ଧନରେ ଉପକାର ଅଛି । ସୁଖକୁ ଯେପରି ପରିବାର ସମସ୍ତେ ବାଣ୍ଟିନିଅନ୍ତି, ଦୁଃଖକୁ ବି ସେହିପରି ବାଣ୍ଟିନିଅନ୍ତି । ମନୁଷ୍ୟ-ପ୍ରାଣ ସ୍ନେହ ଓ ସହାନୁଭୂତି ଖୋଜେ । ତାହା ନିଜର ପରିବାର ଛଡ଼ା ଅନ୍ୟ କାହାରିଠାରୁ ସମ୍ପୂର୍ଣ୍ଣ ଆଶା କରିହୁଏ ନାହିଁ । ଆଜି ତୁ ପୀଡ଼ିତ ହେଲେ ତୋର ସେବା ଶୁଶ୍ରୂଷା କିଏ କରିବ ? ସ୍ୱରଆଡ଼କୁ ଶସ୍ତର କରି ବିବାହ କରିବାର ଇଚ୍ଛା ଥିଲେ କହ । ବୟସ ଟିକିଏ ବେଶୀ ହୋଇଯାଇଛି ସିନା—ବୋଧହୁଏ ତୋତେ ପଚିଶ ବର୍ଷ ହେବ ? ତାହା ହେଉ ପଛେ ଟଙ୍କା ଦେଲେ କନ୍ୟା ଅପୂର୍ବ ହେବ ନାହିଁ । ଟଙ୍କା ଯାହା ଲାଗିବ ମୁଁ ଦେବି, ତୋର ଇଚ୍ଛା କଅଣ କହ ।" କରୁଣା ଏହା ଶୁଣି ମନେ ମନେ ଭାରି ଆନନ୍ଦିତ ହେଲା । ଲଜ୍ଜାରେ ଟିକିଏ ସଙ୍କୁଚିତ ହେଲା ପରି ହୋଇ ମୁହଁ ତଳକୁ ପୋତି କହିଲା—"ଆପଣ ମୋର ବାପ ଭଳି, ଯାହା କହିବେ, ମୁଁ କଅଣ ସେ ଆଜ୍ଞା ଲଙ୍ଘନ କରିବି ?"

[ ୪ ]

ଲୋକେ କହନ୍ତି — "ପଇସା ଦେଲେ ବାଘ ଦୁଧ ମିଳିପାରେ ।" ବାସ୍ତବରେ ପଇସାର ଅସାଧ୍ୟ କିଛି ନାହିଁ । ଅଧିକ ମୂଲ୍ୟ ଦେଲେ ଗୋଟାଏ ପାତ୍ରୀ ମିଳିବା ଆଶ୍ଚର୍ଯ୍ୟ ନୁହେଁ । ଅଧିକାରୀ ବୁଢ଼ାଆଡ଼େ ଆଖି ଫେରାଇବାକୁ ଲାଗିଲେ । କିଛିଦିନ ପରେ ଯାଜପୁର ଅଞ୍ଚଳରୁ ମନୋମତ ପାତ୍ରୀଟିଏ ମିଳିଗଲା । ପାତ୍ରୀର ଗୋଟିଏ ଭାଇ ଛଡ଼ା ଆଉ କେହି ନାହାନ୍ତି । ଭାଇଟି ନିଶାଖୋର । ସେ ଖୁବ୍ ଶସ୍ତା ଦରରେ ଭଉଣୀଟିକୁ ବିକିଦେଲା । ନଗଦ ସତୁରି ଟଙ୍କା ଛଡ଼ା ସେ ଆଉ ଗୋଟାଏ ପଇସା ପାଇଁ ବି ଅଧିକ ନେଇ ନାହିଁ କିମ୍ବା ଖୋଜି ନାହିଁ । ସେମାନେ ଜାତିରେ ବୈଷ୍ଣବ । କନ୍ୟାଟି ସୁନ୍ଦରୀ; କିନ୍ତୁ ଈଶ୍ୱର ଧନ୍ୟବାଦ ! ବର ବି ଆକୃତିରେ କନ୍ୟାର ସମକକ୍ଷ । ତାହା ତ ବିଧାତା ଘଟଣା, ତାକୁ ଆଉ କରିବ କିଏ ? ଅଧିକାରୀ ସେହି କନ୍ୟାଟି କିଣି ଆଣି କରୁଣାକୁ ବିବାହ କରାଇଲେ । ବିବାହ ସମୟରେ ବର ପଇତା ପକାଏ, ସପ୍ତମଙ୍ଗଳା ପରେ ତାହା ତାହାର କାଢ଼ି ପକାନ୍ତି । ଅନୁପବୀତ ଜାତି ମଧ୍ୟରେ ଏହିପରି ବିଧି ଅଛି । ମାତ୍ର କରୁଣା ଆଉ ପଇତା ବାହାର କଲା ନାହିଁ । ସେହିଦିନଠାରୁ ସେ ନିଜକୁ ଖଣ୍ଡାଏତ ବୈଷ୍ଣବ ବୋଲି ପରିଚୟ ଦେଲା । ସୁତରାଂ ସେ ବୈଷ୍ଣବ କୁଳରେ ମିଶିଗଲା ।

ସେ ଏଣିକି ବୈଷ୍ଣବ ପଙ୍ଗତରେ ବସେ, ଯେଉଁଠି ମଉଛବ ହେଲେ ଯାଇ ସର୍ବାଗ୍ରେ ଉପସ୍ଥିତ ହୁଏ । କେହି କେବେ ତାକୁ ବାରଣ କରନ୍ତି ନାହିଁ । ଆଉ ବାରଣ ବା କାହିଁକି ? କହନ୍ତି ପରା— "ବାରଜାତି ତେର ଗୋଲା, ବୈଷ୍ଣବ ହେଲେ ସବୁ ଗଲା ।" ଲୋକେ ବୈଷ୍ଣବ ଅଧରାମୃତ ସହିତ ତାହାର ଉଚ୍ଛିଷ୍ଟ ମିଶାଇ ସେବନ କରନ୍ତି । ସେ ଅଜ୍ଞାତ କୁଳଗୋତ୍ର ଏହା ଜାଣି ସୁଦ୍ଧା କାହାରି ମନରେ ବିକାର ଜାତ ହୁଏ ନାହିଁ । କରୁଣା ସସ୍ତ୍ରୀକ ଅଧିକାରୀଙ୍କ ଘରେ ରହିଲା । କାଳକ୍ରମେ ତାହାର ପୁଅଝିଅ ପୁଞ୍ଜାଏ ହୋଇଗଲେ । ଏ ବ୍ୟର୍ଥ ବୋଝ ମୁଣ୍ଡରୁ ଓହ୍ଲାଇବା ପାଇଁ ଅଧିକାରୀ ଗୋଟାଏ କୌଶଳ ଅବଲମ୍ବନ କଲେ । ତାଙ୍କ ଘର ପାଖରେ ଅଗଲି-ପିଛଲି ଦୁଇଟି ଘର ତୋଳାଇ କରୁଣାକୁ ସେହି ଘରେ ରହିବାକୁ ବ୍ୟବସ୍ଥା କରିଦେଲେ । ଚାଷ କରିବା ପାଇଁ ତାକୁ ପାଞ୍ଚ ମାଣ ବିଲ ଦେଲେ । କରୁଣା ସ୍ତ୍ରୀ ପୁତ୍ରାଦି ଘେନି ପୃଥକ୍ ହୋଇ ରହିଲା । ସେ ଚାଷ କରେ, ଯେଉଁଠି ବୈଷ୍ଣବ ଭୋଜନର ନିମନ୍ତ୍ରଣ ହେଲେ ଯାଏ । ଠାକୁର ଫୁଲ ଭେଟିଦେଇ ମାଗି ଯାଚି ଅଣେ ପଣେ ଉପାର୍ଜନ କରେ । ଏହିପରି ଭାବରେ ସୁଖେ ଦୁଃଖେ ତାହାର ସଂସାର ଚଳିବାକୁ ଲାଗିଲା ।

କାଳର ଗତି ଯେଉଁପରି କୁଟିଳ, ସେହିପରି ଜଟିଳ ଓ ବିଚିତ୍ର । କାଳ କେତେବେଳେ କାହା ଭାଗ୍ୟରେ କଅଣ ଘଟାଇବ, କାହା ଜାଣିବାର ଉପାୟ ନାହିଁ । ଅଧିକାରୀଙ୍କର ଉତ୍ତରାଧିକାରୀ କେହି ନାହିଁ, ସେ ନିର-ପତ୍ୟ । ଠାକୁରଙ୍କ ଯାତ୍ରାପର୍ବର ଖର୍ଚ୍ଚ ସେ ଚତୁର୍ଗୁଣ ବଢ଼ାଇଦେଲେ। ଅତିଥି-ସେବା ପୂର୍ବାପେକ୍ଷା ବଢ଼ିଉଠିଲା । ଏହିପରି ଅପରିମିତ ବ୍ୟୟର ଫଳ ଯାହା ହୁଏ, ତାହାହିଁ ହେଲା । ସେ ଋଣଗ୍ରସ୍ତ ହେଲେ । ସେହି ଋଣ ହେତୁ ବିଷୟ-ସମ୍ପତ୍ତି ହସ୍ତାନ୍ତର ହେଲା । ସାମାନ୍ୟ ଯାହା ଜମିବାଡ଼ି ରହିଲା, ସେଥିରେ ଠାକୁର ନୀତି ଚଳିଲା । କେତେ ବର୍ଷ ପରେ ଅଧିକାରୀ ସ୍ୱର୍ଗାରୋହଣ କଲେ । କରୁଣାକୁ ଏକାଦଶ ବୃହସ୍ପତି ଯୋଗ ଘଟିଲା । ଅଧି-କାରୀଙ୍କ ମୃତ୍ୟୁ ପରେ ସେ ତାଙ୍କର ଟିପଚିହ୍ନ ନେଇ ଖଣ୍ଡେ ଜାଲ ଦଲିଲ ପ୍ରସ୍ତୁତ କରି ରଖିଲା । ତାହାର ଗୋଟାଏ ପୁଅକୁ ଅଧିକାରୀ ପୋଷ୍ୟପୁତ୍ର କରି ଯାଇ-ଅଛନ୍ତି, ଏହି ମର୍ମରେ ଦଲିଲ ଲେଖା ହେଲା ; ପ୍ରକାରାନ୍ତରରେ କରୁଣା ଠାକୁର ସମ୍ପତ୍ତିର ମାଲିକ ହେଲା। ଠାକୁରଙ୍କ ନୀତି ଋଣ୍ଟ ଭାବରେ ଚଳିଲା । କରୁଣା ଏଣିକି ଖଣ୍ଡାଏତ ବୈଷ୍ଣବ ନୁହେଁ—ତେଜାଣି ଉପରି ସେ ବ୍ରାହ୍ମଣ ବୈଷ୍ଣବଶ୍ରେଣୀକୁ ଉନ୍ନୀତ ହୋଇଗଲା । ବଡ଼ଲୋକ ହେବା ଆଶାରେ ସେ ଗୋଟାଏ ହୋଟେଲ ଆରମ୍ଭ କଲା । ବିଦେଶୀ ବ୍ରାହ୍ମଣ, କରଣ ପ୍ରଭୃତି ଉଚ୍ଚ ଜାତୀୟ ଲୋକେ ବ୍ରାହ୍ମଣବୈଷ୍ଣବ ଜ୍ଞାନରେ ତାହା ହାତରୁ ଖାଇଲେ । କରୁଣା ଏହିପରି ଅନେକଙ୍କର ଜାତି ମାରିଲା । ସେ ଶୀଘ୍ର ବଡଲୋକ ହେବାକୁ ଆଶା କରିଥିଲା; ମାତ୍ର ଫଳ ବିପରୀତ ହେଲା । ଜଣେ ମହା-

ଜନଠାରୁ ଋଣ ଆଣି ସେ ହୋଟେଲ କରିଥିଲା । ସେ ଋଣ ଆଉ ଶୁଝି ପାରିଲା ନାହିଁ । କେତେ ବର୍ଷ ପରେ ମହାଜନ ମକଦମା କରି ତାହାର ସମସ୍ତ ନିଲାମ କରିନେଲା । କରୁଣା ସେଥିରେ ସର୍ବସ୍ୱାନ୍ତ ହେଲା । ପାପାର୍ଜିତ ସମ୍ପତ୍ତି ଏହିପରି ନଷ୍ଟ ହୁଏ । ଶେଷରେ କରୁଣା ଠାକୁରଙ୍କୁ ସୁଦ୍ଧା ବିକିଦେଲା । ଏଣିକି ତାହାର ଆଉ କିଛି ସମ୍ବଳ ନାହିଁ, କେବଳ କେତୋଟି ଅବିବାହିତା କନ୍ୟା ଅଛନ୍ତି । କରୁଣା ସେମାନଙ୍କୁ ବିକିବା ଚେଷ୍ଟାରେ ରହିଲା । ନିଜକୁ ବ୍ରାହ୍ମଣ ବୈଷ୍ଣବ ବୋଲି ପରିଚୟ ଦେଇ ଭେତା ଅଞ୍ଚଳର କାଠମାଳିଆ ବ୍ରାହ୍ମଣମାନଙ୍କ ଘରେ କ୍ରମେ କ୍ରମେ ସେମାନଙ୍କୁ ଉଚ୍ଚ ଦରରେ ବିକ୍ରୟ କଲା । ମୂଲ୍ୟ ଦୁଇଶ, ଦେଢଶରୁ ଊଣା ନୁହେଁ । ତାହାର ଗୋଟିଏ ଗୋଟିଏ କନ୍ୟାର ବିବାହ କଥା ଶୁଣି ଲୋକେ କହନ୍ତି—କରୁଣା ଖଣ୍ଡିଏ ଖଣ୍ଡିଏ ନୋଟ ଉଡାଉଛି । କିନ୍ତୁ ବିଧାତାର କି ନିର୍ଦ୍ଦୟ ବୁଝାମଣା ! ବିବାହର ଦୁଇମାସ ଛମାସ ବା ବର୍ଷକ ପରେ କନ୍ୟାଗୁଡ଼ିକ ବିଧବା ହେଲେ । ଲୋକେ କହିଲେ—ପାପର ଫଳ ଲୁଅଡେ ଯିବ, ବ୍ରାହ୍ମଣଗୁଡ଼ାଙ୍କର ଜାତି ମାରି ଏବେ ଉପଯୁକ୍ତ ଶାସ୍ତି ପାଇଲା ।

କରୁଣା ତାହାର ପୁଅ ସକାଶେ ବ୍ରାହ୍ମଣ ଘରେ ଗୋଟିଏ ପାତ୍ରୀ ଠିକ୍ କଲା । କନ୍ୟାର ମୂଲ୍ୟସ୍ୱରୂପ ତାହା ପିତାକୁ ନଗଦ ଛଅକୋଡ଼ି ଟଙ୍କା ଗଣିଦେଲା । ବିବାହର ଶୁଭଦିନ ଶୁଭଲଗ୍ନ ସ୍ଥିର ହେଲା । ଯଥାସମୟରେ ବର ଯାଇ କନ୍ୟା-ଗୃହରେ ଉପସ୍ଥିତ ହେଲା । ବରକନ୍ୟା ବେଦୀରେ ବସିଲେ, ମନ୍ତ୍ର ଉଚ୍ଚାରଣ ହେଲା; ମାତ୍ର ଗ୍ରନ୍ଥି-ବନ୍ଧନ ପୂର୍ବରୁ ଗୋଟାଏ ଗୋଳମାଳ ଉଠିଲା । କନ୍ୟା ପିତା ଆସି ଗ୍ରନ୍ଥିବନ୍ଧନ କରିବାକୁ ପୁରୋହିତଙ୍କୁ ମନା କଲା । ଏହି ସମୟରେ ଦାଣ୍ଡରୁ କେତେ ଜଣ ଲୋକ ଆସି କରୁଣାକୁ ଘେରିଗଲେ ଏବଂ ତାହା ସଙ୍ଗରେ ଅନେକ ପ୍ରକାର ସମ୍ବନ୍ଧ ସ୍ଥାପନ କରି କହିଲେ, ବଦ୍‌ମାସ ପାଜି, ସ୍ୱୈରଠା, ଆମ ଜାତି ମାରିବାକୁ ବସିଥିଲୁ, ତୁ ଆମ ହାତରେ ପଡ଼ିଛୁ, ଆମେ ଯାହା ଇଚ୍ଛା ତାହା କରି ପାରୁଁ; ମାତ୍ର ଆମେ ତୋ ପରି ଇତର ନୋହୁଁ । ତୁ ସତ କଥା କହ, ତୋ ଦେହରେ କେହି ଆଙ୍ଗୁଳିଟିଏ ବସାଇବୁ ନାହିଁ । ତୁ କି ଜାତି ସତ କହ, ନ ହେଲେ—। କରୁଣା ଦେଖିଲା ଉପାୟ ନାହିଁ, ତାହାର ଜଣେ ଶତ୍ରୁ ଆସି ସମସ୍ତ ପ୍ରକାଶ କରି ଦେଇଅଛି । କରୁଣା ତାହା ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେଇଥିଲା, ଏବେ ଉପଯୁକ୍ତ ସମୟ ଦେଖି ସେ ପ୍ରତିଶୋଧ ଗ୍ରହଣ କଲା । କରୁଣା ବଡ ଭୟ କରିଗଲା । ସେ ଆଉ ସତ୍ୟ ଗୋପନ ନ କରି କହିଲା—"ମୋର ମୂଳ ଜାତି ଗଉଡ଼ ବୈଷ୍ଣବ, ହେଲେ ମୁଁ ବ୍ରାହ୍ମଣ ଘରେ ବନ୍ଧୁପଣ କରିଛି ।" ଗ୍ରାମବାସୀ ଜଣେ କହିଲା—"ହଁ, ଆମ ଜାତିଠାରୁ ଯେପରି ଖାଇବାକୁ ଆସିଥିଲୁ, ସେହିପରି କେଉଁ ଦୁର୍ଭାଗ୍ୟର ମୁଣ୍ଡ ଖାଇଥିବୁ । ପାପପୁଣ୍ୟକୁ ଯାହାର ଭୟ ନାହିଁ, ସେଭଳି ନଷ୍ଟ ଦୁଷ୍ଟର ଅସାଧ୍ୟ କଅଣ ? ଭଲ ଗତି ଅଛି ତ ଆମର କ୍ଷତି ପୂରଣ ଦେଇ ତୁ ଚଞ୍ଚଳ ଏଠୁ ପଳା । ନ ହେଲେ ନାଲିସ କରି ତୋଠାରୁ ଆଦାୟ କରିବୁଁ ।" କରୁଣା କାନ୍ଦୁଣୁ ମାନ୍ଦୁଣୁ ହୋଇ କହିଲା—"ଯେଉଁ ଛଅକୋଡ଼ି ଟଙ୍କା ନେଇଛ, ତାହା ନ ଦିଅ ପଛେ, ମୁଁ ଆଉ କିଛି ଦେଇ ପାରିବି ନାହିଁ ।" ତହୁଁ ସେମାନେ ଅଧିକ ଅଗ୍ରସର ନ ହୋଇ କରୁଣାକୁ ଛାଡ଼ିଦେଲେ ଏବଂ ଅନ୍ୟ ଜଣେ ବର ଆଣି କନ୍ୟାଟିକୁ ବିବାହ କରାଇଦେଲେ । କରୁଣା ଅକଲସଲାମି ପାଇ କାନ ମୁଣ୍ଡ ଆଉଁସି ପୁଅକୁ ଘେନି ପଳାଇ ଆସିଲା । ପୁଅ ପାଇଁ ଅନେକ ଜାଗାରେ କନ୍ୟା ଖୋଜି ବୁଲିଲା; ମାତ୍ର ବେଶୀ ବାହୁଡ଼ା ଶିଶୁପାଳକୁ କନ୍ୟା ଦେବାକୁ କେହି ମଙ୍ଗିଲେ ନାହିଁ । ଫଳତଃ କରୁଣାର ପୁଅଟି ଚିରକୁମାର ହୋଇ ରହିଲା । କରୁଣା ପ୍ରତାରଣାର ଉତ୍କଟ ଶାସ୍ତି ପାଇଲା । ଯେ ପ୍ରତାରଣା କରେ, ସେ ପ୍ରତାରିତ ହୁଏ —ଏହା ଜ୍ୱଳନ୍ତ ସଜୀବ ସତ୍ୟ ।

# ଉପଯୁକ୍ତ ଶିକ୍ଷା

—୧—

ସଦେଇ ହର ଅଥର୍ବବେଦୀ ବ୍ରାହ୍ମଣ । ଚେହେରା ଅଧିକ ମନ୍ଦ ନ ହେଲେହେଁ ଭଲ ବୋଲି କହିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ । ସେଥିରେ ବା ଯାଏ ଆସେ କଅଣ ? ପୁରୁଷର ରୂପ କି ଲୋଡ଼ା ? ତାହାର ଗୁଣ ଏକା ତାହାର ସୁନ୍ଦର ରୂପ । ହରଙ୍କ ଘରକୁ ଆଉ କେହି ନାହିଁ—ଗୃହସ୍ଥ, ପରିବାର ସବୁ ସେହି ନିଜେ । ଏ କଣ୍ଟକିଆ ସଂସାର-ମରୁଭୂମିରେ ସେ ଆଶାବନ୍ତ ପାନ୍ଥ । ତାଙ୍କର ବୟସ ଦୁଇ କୋଡ଼ିକୁ ଅଧିକ; ମାତ୍ର ସେ ଅବଧି ଅବିବାହିତ । ତାଙ୍କ କୁଳରେ କନ୍ୟାର ବଡ଼ ଅଭାବ । ସୁତରାଂ କେହି କନ୍ୟା ଓଜନରେ ଟଙ୍କା ନ ନେଇ କନ୍ୟାଦାନ ପୁଣ୍ୟାର୍ଜନ କରନ୍ତି ନାହିଁ । ସମାଜର ଏ ପ୍ରଥା ହରଙ୍କୁ ଭଲ ଲାଗେ ନାହିଁ । ସେ କହନ୍ତି—"ବ୍ରାହ୍ମଣ ପକ୍ଷରେ କନ୍ୟା ବିକ୍ରୟ ଅତି ନିନ୍ଦନୀୟ କାର୍ଯ୍ୟ । ସେଥିରେ ବ୍ରାହ୍ମଣର ବ୍ରହ୍ମତ୍ୱ ନଷ୍ଟ ହୁଏ ଆଉ ସମାଜ ନୀଚତାପ୍ରାପ୍ତ ହୁଏ । ଏ କୁସଂସ୍କାରର ମୂଳୋତ୍ପାଟନ ନ କଲେ ସମାଜକୁ ଅଧର୍ମ ଗ୍ରାସ କରିବ; କିନ୍ତୁ କାର୍ଯ୍ୟଟା ବଡ଼ କଷ୍ଟସାଧ୍ୟ । ଯଦି ବ୍ରାହ୍ମଣ ଯୁବକମାନେ କିଣା କନ୍ୟା ବିବାହ କରିବେ ନାହିଁ ବୋଲି ପ୍ରତିଜ୍ଞା କରନ୍ତେ, ତେବେ କିଛି ସୁଫଳର ଆଶା କରାଯାଇପାରନ୍ତା । ଏ ଯୁଗରେ ବା ସେଭଳି ଆଦର୍ଶ କିଏ ଦେଖାଇବ ? କେହି ନ ଦେଖାଇଲେ ସୁଦ୍ଧା ମୁଁ ଦେଖାଇବି । ଜଣେ ଯେଉଁ ନୂଆ ବାଟ କାଟି ଗଲେ, ତେବେହେଲେ ଆଉ ଜଣେ ସେ ବାଟରେ ଚାଲିବ, ଏଥିରେ କିଛି ସନ୍ଦେହ ନାହିଁ । ମୁଁ ଧର୍ମକୁ ସାକ୍ଷୀ ରଖି ଈଶ୍ୱରଙ୍କୁ ସ୍ମରଣ କରି ପ୍ରତିଜ୍ଞା କରୁଛି—କେହି ମାଗ୍ଣା-ଛଣା ଯାଚି କନ୍ୟା ନ ଦେଲେ ମୁଁ ବିବାହ କରିବି ନାହିଁ ।" ହରଙ୍କର ଏ ଜରତ୍କାରୁପଣ ଶୁଣି ଅନେକେ ହସିଲେ—ଶ୍ଳେଷ ବିଦ୍ରୂପ କଲେ । କେହି କେହି କହିଲେ—'ଏ କାଳରେ ତ ପିଲାଏ ଚଉଦ ପନ୍ଦର ବର୍ଷ ବେଳକୁ ବିବାହ ନ କଲେ ବୁଢ଼ା ହୋଇ ଯାଉଛନ୍ତି, ଆଉ ସ୍ୱଳ୍ପ ବର୍ଷର ଡିଅଁଳ ବରକୁ ବା କିଏ ଯାଚି ଖୁଞ୍ଜି କନ୍ୟା ଦେବାକୁ ଯିବ ? ବିଧାତା ଏ ଦୁର୍ବୁଦ୍ଧି କାହିଁକି ତାହାଙ୍କୁ ଦେବ ? ଆଉ ତାହାର ଏତେ ଝିଅ ପଡ଼ିଯାଉଛନ୍ତି ଯେ, ବଳେ ବଳେ ଆଣି ଏହାଙ୍କ ଦୁଆରେ ଖୁଞ୍ଜିଦେଇ ଯିବ—ନ ହେଲେ ତାହାର ସପ୍ତପୁରୁଷ ପାଣି ପାଇବେ ନାହିଁ । ବୁଢ଼ିଆ ହର କେତେ ଢଙ୍ଗ ଜାଣେ—ଟଙ୍କା ଖରଚ କରି ବିବାହ କରିବ ନାହିଁ କହି ବୁଲୁଛି କଣ ନା ସମାଜର ସଂସ୍କାର କରିବି । ଏ ଜଣେ ବିବାହ ନ ହେଲେ ସମାଜଟା ମାଟିହୋଇ ଭଙ୍ଗ ଜଳ ଧସିବ ପରା ! ଚୌଚେଚେଲେ କେତେ ଲୋକ ଆସି "କନ୍ୟା ନେବ ହୋ—କନ୍ୟା ନେବ ହୋ" କହି ତା ଦୁଆରେ ହୁରି ଡାକ ଛାଡ଼ିବେ । ନିଜର କୃପଣତା ଢାଙ୍କିବା ଲାଗି ଏ ଗୋଟାଏ ବାହାନା ସିନା ! ଅଣ୍ଡିରାଳି ଝିଅଟିଏ ଯାହା ଘରେ ଅଛି, ଖଣ୍ଡେ ଜମିଦାରୀ ତାହା ଗୋଡ଼ତଳେ । ହର କଅଣ ଗାଁମୁଣ୍ଡିଆଳ ନା ଜାତିର ବେହେରା ଯେ, ତାହାର କଥାରେ ସବୁ କେହି ବିବାହ କରିବେ ନାହିଁ । ଏହିପରି ନାନା ଲୋକ ନାନା କଥା କହିଲେ; ମାତ୍ର ହରେ ସେଥିରେ କର୍ଣ୍ଣଦାନ କଲେ ନାହିଁ । ବରଂ ଲକ୍ଷ୍ୟ ସ୍ଥିର ରଖି ଜୀବନ-ପଥରେ ଅଗ୍ରସର ହେଲେ ।

ହରେ ଜଣେ ନିଷ୍ଠାପର ବ୍ରାହ୍ମଣ । ଧର୍ମରେ ତାଙ୍କର ଭକ୍ତି ବିଶ୍ୱାସ ଅଟଳ । ସେ ସତ୍ୟର ପରମ ଭକ୍ତ ଏବଂ ନ୍ୟାୟର ଚିର କିଙ୍କର । ତାଙ୍କର ଜ୍ଞାନ ହେଲା ଦିନରୁ ସେ ପରିହାସରେ ସୁଦ୍ଧା କେବେ ମିଛ କହି ନାହାନ୍ତି । ସେ ପ୍ରକୃତ ବ୍ରାହ୍ମଣ ପରି ଖୁବ ଶାନ୍ତ, ଶିଷ୍ଟ, ଶୌଚ ଓ ଆଚରଣନିଷ୍ଠ । ପରେ ଗାଳିଦେଇ ଜାଣନ୍ତି ନାହିଁ, କାହାରି ଉପରେ ଖୁବ ରାଗିଲେ ତାକୁ ବଦନାସୁଣ୍ଡ ବୋଲି ଗାଳି ଦିଅନ୍ତି । ଏ ଗାଳି ଖାଇ ଲୋକେ ରାଗିବେ କଅଣ ହସି ଉଠନ୍ତି । ସେ ଯଥାବିଧି ତ୍ରିସନ୍ଧ୍ୟା କରନ୍ତି, ତର୍ପଣ କରନ୍ତି—ଗାୟତ୍ରୀ ଜପନ୍ତି—ଶାସ୍ତ୍ରପୁରାଣ ପାଠ

କରନ୍ତି । ଜ୍ୟୋତିଷ ଶାସ୍ତ୍ରର ଆଦେଶାନୁସାରେ ତିଥି-ଭେଦରେ ଖାଦ୍ୟର ନିଷେଧ ମାନି ଚଳନ୍ତି, ତୈଳ ଗ୍ରହଣ କରନ୍ତି ନାହିଁ, ଅଗ୍ନିକୁ ଆହୁତି ନ ଦେଇ ଭୋଜନ କରନ୍ତି ନାହିଁ କିମ୍ବା ଏକ ସୂର୍ଯ୍ୟରେ ଦୁଇ ଥର ଆହାର କରନ୍ତି ନାହିଁ । ହରି ଶବ୍ଦ ତାଙ୍କ ତୁଣ୍ଡରେ ସର୍ବଦା ଲାଗି ରହିଥାଏ । ଜପରେ ସେ ଏପରି ତନ୍ମୟ ଥାଆନ୍ତି ଯେ, କେତେ ଥର ଆଖି ବୁଜି ଜପ କରୁଥିବା-ବେଳେ ପାର୍ଶ୍ୱସ୍ଥ ଜଳକୁମ୍ଭଟି ଚୋର ନେଇଯାଏ, ତାହା ସେ ଜାଣି ପାରନ୍ତି ନାହିଁ । ନିଦ୍ରିତର ନିଦ୍ରାଭଙ୍ଗ କଲେ ବ୍ରହ୍ମହତ୍ୟା ପାପରେ ଲିପ୍ତ ହେବାକୁ ହୁଏ ବୋଲି ତାଙ୍କର ବିଶ୍ୱାସ । ତାଙ୍କର ଗୋଟିଏ ବାଣ୍ଡି ଭଉଜ ଥିଲା । ବୁଢ଼ୀ ସକାଳୁ ଉଠିପାରେ ନାହିଁ । ବ୍ରହ୍ମହତ୍ୟା ପାପ ଭୟରେ କରେ ତାକୁ ଉଠାଇବାକୁ ସାହସୀ ହୁଅନ୍ତି ନାହିଁ । ଏଣେ ବୁଢ଼ୀ ନ ଉଠିଲେ, ଘର ବାହାର ପରିଷ୍କାର ନ କଲେ ଲକ୍ଷ୍ମୀ ଛାଡ଼ିଯିବେ, କରେ ଉଭୟ ସଙ୍କଟରେ ପଡ଼ି ବୁଦ୍ଧିର ପନ୍ଥା ଅବଲମ୍ବନ କରନ୍ତି । ପାଣି କଳସୀଏ ନେଇ ମଝି ବାହାରେ ଢକ ଢକ କରି ଅଳାଡ଼ି ଦିଅନ୍ତି— ଗୋଟାଏ ଠେଙ୍ଗାରେ ଘରର ପିଡ଼ାକୁ ପିଟନ୍ତି; ନଚେତ୍ ବୁଢ଼ୀର ଦାଦରା ଅରଟଖଣ୍ଡି ବୁଲାଇ ଘେଁ ଘେଁ ଶବ୍ଦ କରନ୍ତି । ଏହିପରି କିଛି ଗୋଟାଏ କଲେ ବୁଢ଼ୀର ନିଦ୍ରା ଭାଙ୍ଗିଯାଏ । କରେ ତ ଆଉ ବୁଢ଼ୀର ନିଦ୍ରାଭଙ୍ଗ କରନ୍ତି ନାହିଁ ଯେ ବ୍ରହ୍ମହତ୍ୟା ପାପଗ୍ରସ୍ତ ହେବେ—କଳସୀ, ଠେଙ୍ଗା, ଅରଟ —ଏହିମାନେ ନିଦ୍ରାଭଙ୍ଗ କରନ୍ତି । କେବେ ପାପ ସେହିମାନଙ୍କର, କରେ ସେଥିପାଇଁ ଦାୟୀ ନୁହନ୍ତି । ଏ ଅତି ସୁନ୍ଦର ସୂକ୍ଷ୍ମ ପଣ୍ଡିଆଣି ବୁଦ୍ଧି । ପିଠିରେ କୁକୁର ଲଦି ଘୋଡ଼ା ଉପରେ ବସିଲେ କୁକୁରର ଭାର କଅଣ ଘୋଡ଼ାକୁ ବାଧିବ ?

—୨—

କରଙ୍କର କିଛି ପୈତୃକ ଗୁଣ ଜମି ଅଛି । ତାହା ବଖସ୍ତ ଲାଗିଅଛି । ପ୍ରତିବର୍ଷ ସେଥିରୁ ଧାନ ଛଣ ଆସେ । ଛଣରେ ଘର ଛପରବନ୍ଦି ହୁଏ, ଧାନ ବର୍ଷକ ଚଳି କିଛି ବଳିପଡ଼େ । କରେ ସେହି ବଳକା ଧାନ ବିକି ବାକେ ଖର୍ଚ୍ଚ ଚଳାଇନିଅନ୍ତି । ବାକେ ଖର୍ଚ୍ଚ ସୁଦ୍ଧା ଅଧିକ ହୁଏ ନାହିଁ । ତିଥିଭେଦରେ ତ ସବୁ ନିଷେଧ, କେବଳ ନେଉଟିଆ ଶାଗର ନିଷେଧାଜ୍ଞା ପଞ୍ଜିକାରେ ନାହିଁ । ତେଣୁ ସେ ବାରମାସ ନେଉଟିଆ ଶାଗରେ କଟାଇ-ନିଅନ୍ତି । ବାଡ଼ିରେ କେତେ ମଦା ଶାଗ ବୁଣା ହୋଇ-ଥାଏ, ପ୍ରତ୍ୟହ ସେଥିରୁ ମଦାଏ କଟାହୁଏ । ଶାଗରେ ତେଲ କିମ୍ବା ଫୁଟଣ ପଡ଼େ ନାହିଁ, ଲୁଣ ଏବଂ ଲଙ୍କା-ମରିଚ ତାହାର ଉପାଦାନ । କରେ ହିସାବୀ ଲୋକ । ସେ କଦାଚ ବେହିସାବୀ ଖର୍ଚ୍ଚ କରନ୍ତି ନାହିଁ । ସେଥି-ପାଇଁ ଲୋକେ ତାଙ୍କୁ ଗୋଟାଏ କୁତ୍ସିତ ବିଶେଷଣରେ ଅଭିହିତ କରନ୍ତି; ମାତ୍ର ସେ ତାହା ଶୁଣନ୍ତି ନାହିଁ । କହନ୍ତି—ଯେ ଦେଇ ଦେଇ ଦୁଆଳିଆ ନ ହେଲା, ସେ ହେଲା କୃପଣ । ଲୋକଙ୍କର ଏ ବୃଥା ଦୁର୍ନାମରେ କଅଣ ହେବ ? ଶତ୍ରୁକୁ ସହିଁ ତ ସବୁ ଦହିବାକୁ ହେବ !

କରେ ଖୁବ୍ ଆଚାରନିଷ୍ଠ, ଏହା ପୂର୍ବରୁ କୁହା-ଯାଇଅଛି । ସେ କଦାଚ କାଞ୍ଜି ଭାତ ଖାଆନ୍ତି, ଶୂଦ୍ରର ଦୃଷ୍ଟି ପଡ଼ିଲେ ଖାଦ୍ୟ ପଦାର୍ଥ ମାରୁ ହୋଇଯାଏ, ଏହାହିଁ ତାଙ୍କର ଧାରଣା । ଦିନେ ଜଣେ ତେନ୍ତୁଳି ବିକିବାକୁ ଆଣିଥିଲା । କରେ କିଛି କିଣି ସେଥିର ମୂଲ୍ୟ ବେପାରୀକୁ ଦେଲେ । ବେପାରୀମାନେ ନିଜ ଦ୍ରବ୍ୟର ପ୍ରୌଢ଼ି ବାଢନ୍ତି, ଏହା-ସ୍ୱାଭାବିକ । ତେନ୍ତୁଳି ବିକାଳି କହିଲା—"କରେ, ଆଉ ଯେବେ ତେନ୍ତୁଳି ନେବ, ତେବେ କହିଲେ ଆଣିଦେବି । ଏମିତି ମାଆଁସିଆ ତେନ୍ତୁଳି ଆଉ ପାଇବ ନାହିଁ ।" କରେ ଏହା ଶୁଣି ବିଜାତୀୟ ଘୃଣା କରି କହିଲେ—"ଉଠା ଉଠା ତୋ ତେନ୍ତୁଳି, ଉହୁଁଣି ଉଠା । ତୋତେ କଥା କହି ଆସେ ନାହିଁ । ବ୍ରାହ୍ମଣ ଯାହାକୁ ଖାଇବ, ତୁ ତାକୁ କହୁଛୁ ମାଆଁସ । ଯା-ଯା, ମୋ ପଇସା ଫେରାଇଦେଇ ତୋ ତେନ୍ତୁଳି ନେଇ ଯା, ମୁଁ ତାକୁ ଛୁଇଁବି ନାହିଁ । ମୂର୍ଖ, ଫେର କେବେ ଏପରି ବେହେଣ୍ଡା କଥା କହିବୁ ନାହିଁ ।" ବ୍ରାହ୍ମଣର କୋପ ଦେଖି ବେପାରୀ ତ ହତଜ୍ଞାନ; କିନ୍ତୁ କଅଣ କରିବ—ପଇସା ଫେରାଇ ଦେଇ ତେନ୍ତୁଳି ନେଇଗଲା । କରଙ୍କ ସମ୍ବନ୍ଧରେ ଏହିପରି ଅନେକ କଥା ଶୁଣାଯାଏ, ବାହୁଲ୍ୟ ହେତୁ ତାହା ପରିତ୍ୟକ୍ତ ହେଲା ।

ସ୍କୁଲରେ ପଢ଼ିବାକୁ ଗଲେ ତାଙ୍କର ତେତେ କିଛି ଅଭାବ ନାହିଁ; ସେ ଏକପ୍ରକାର ନିଶ୍ଚିନ୍ତ ଅଛନ୍ତି। ମାତ୍ର ଯେ ଯେତେ ନିଶ୍ଚିନ୍ତ ଅବସ୍ଥାରେ ଥାଉ ପଛେ ଅଧିକକୁ କିଏ ଆଶା ନ କଲାଏ? ପୁରୁଣା ଆଶା ଯେତେ ପୂର୍ଣ୍ଣ ହେଉଥାଏ, ନୂଆ ଆଶା ତେତିକି ଗଜାଇ ଉଠୁଥାଏ। ଫଳରେ ଦିନେ ଭାବିଲେ—ଛୁଚ୍ଛା ବସିବା ଅପେକ୍ଷା କିଛି ଗୋଟାଏ ବ୍ୟବସାୟ କରିବା ଭଲ। ଗୋଟାଏ ପେଟ ବୋଲି ଉପେକ୍ଷା କଲେ ଚଳିବ ନାହିଁ, କିଛି ସଞ୍ଚୟ ଦରକାର। ସ୍ଥୂଳଦୃଷ୍ଟିରେ ଗୋଟାଏ ପେଟର ଖାଦ୍ୟ ନଗଣ୍ୟ ହୋଇପାରେ; ମାତ୍ର ସୂକ୍ଷ୍ମ-ଦୃଷ୍ଟିରେ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ। ଜଣେ ମନୁଷ୍ୟ ଜୀବନରେ ଯାହା ଖାଏ, ତାହା ସବୁ ଏକାଠି କଲେ ଗୋଟାଏ କ୍ଷୁଦ୍ର ହିମାଳୟ ହେବ। ପେଟକୁ ସାନ ବୋଲି ହେୟ ମଣିବା ନିରାପଦ ନୁହେଁ। ପୁଣି ଧୋଇ ମରୁଡ଼ି ଅଛି। ବର୍ଷେ ଯଦି ଧାନ ନ ହୁଏ, ତେବେ ଉପାୟ କଅଣ? ହାତରେ କିଛି ସଞ୍ଚୟ ଥିଲେ ସିନା ଚଳିବ ନାହିଁ! ଭବିଷ୍ୟତକୁ ଦୃଷ୍ଟି ରଖି ଚଳିବାକୁ ହେଲେ କିଛି ଉପାର୍ଜନ କରିବା ଆବଶ୍ୟକ। ଅର୍ଥ ବଳ ଏକା ପ୍ରଧାନ ବଳ। ସଂସାରରେ ବଞ୍ଚି ରହିବାକୁ ହେଲେ ଅର୍ଥ ନିତାନ୍ତ ପ୍ରୟୋଜନ। ପରମାର୍ଥବାଦୀମାନେ ଅର୍ଥକୁ ଯେତେ ଘୃଣା କରନ୍ତୁ ପଛେ ସେମାନଙ୍କ ପରମାର୍ଥର ପ୍ରଧାନ ସହାୟ ଅର୍ଥ—ଏହା କିଏ ଅସ୍ୱୀକାର କରିବ? ଫଳରେ ଏହିପରି ନାନା କଥା ଭାବି ଗୋଟାଏ କୌଣସି ବ୍ୟବସାୟର ଆଶ୍ରୟ ନେବାକୁ ଇଚ୍ଛା କଲେ; ମାତ୍ର ବିନା ମୂଳଧନରେ କି ବ୍ୟବସାୟ କରି ହେବ? ବିନା ମୂଳଧନରେ କେତେ ବ୍ୟବସାୟ ଚଳିପାରେ; କିନ୍ତୁ ସେଥିରେ ଲାଭବାନ୍ ହେବା ବହୁ ପରିଶ୍ରମ, ବହୁ ସମୟ ଏବଂ ବହୁ ଧୈର୍ଯ୍ୟସାପେକ୍ଷ। ତାଙ୍କର ତ ସଦ୍ୟ ଉପାର୍ଜନ ଲୋଡ଼ା। ସୁତରାଂ ସେ ସ୍ଥିର କଲେ ମାଣେ ଜମି ବନ୍ଧା ଦେଇ ସେହି ଟଙ୍କାରେ ବ୍ୟବସାୟ କରିବେ ଏବଂ କିଛି କାଳ ପରେ ସେଥିର ଲାଭରେ ଜମି ମୁକୁଳାଇ ଆଣିବେ। କି ବ୍ୟବସାୟ କରିବେ, ସର୍ବାଗ୍ରେ ତାହାହିଁ ଭାବିବାକୁ ଲାଗିଲେ। ଯେଉଁ ବ୍ୟବସାୟ ବ୍ରାହ୍ମଣର ଅକରଣୀୟ ନୁହେଁ, ଧର୍ମ-ବିରୁଦ୍ଧ ନୁହେଁ ଏବଂ ସଦ୍ୟ ଲାଭପ୍ରଦ, ଏପରି ସେହିପରି ସାଧୁ ବ୍ୟବସାୟ ଖୋଜି ବୁଲିଲେ। ଶେଷରେ ଲୁଣ ବ୍ୟବସାୟ ଧାର୍ଯ୍ୟ ହେଲା। ତାହା ପଚି ରହିବା ପଦାର୍ଥ ନୁହେଁ କି ପଚି ସଢ଼ିଯିବ ନାହିଁ। ବିଲାତି ଲୁଣ ଅପବିତ୍ର, ସେଥିରେ ହିନ୍ଦୁର ଜାତି, ଧର୍ମ ଏବଂ ସ୍ୱାସ୍ଥ୍ୟ ନଷ୍ଟ ହେଉଅଛି। ଫଳରେ ଦକ୍ଷିଣରୁ ଦେଶୀ ଲୁଣ ଆଣି ଦେଶବାସୀଙ୍କୁ ସେହି ଅନିଷ୍ଟ ହସ୍ତରୁ ରକ୍ଷା କରିବେ। ସେ ଭାବିଲେ—"ମୁଁ ଅଳ୍ପ ଲାଭ ରଖି ବିଲାତି ଲୁଣ ଦରରେ ଦେଶୀ ଲୁଣ ବିକ୍ରି କରିବି, ଲୋକେ ସମାନ ଦରରେ ଦେଶୀ ପଦାର୍ଥ ପାଇଲେ ବିଦେଶୀ ପଦାର୍ଥକୁ କାହିଁକି ଆଦର କରିବେ?" ଅନନ୍ତର ସେ ବ୍ୟବସାୟ ସକାଶେ ମୂଳଧନ ସଂଗ୍ରହ ଚେଷ୍ଟାରେ ରହିଲେ।

—ଶ୍ରୀ—

ଭିକାରି ନାୟକ ଜାତିରେ ଜ୍ୟୋତିଷ। ପାଞ୍ଜି-ଲୁହା ନାହାକମାନଙ୍କ ପରି ତାହାର ଗାଁଗଣ୍ଡା ନାହିଁ। ପାଞ୍ଜି କହିବା ତାହାର ବ୍ୟବସାୟ ନୁହେଁ। ଭିକାରିର ସାମାନ୍ୟ ବାହେଲୀ ଲାଖରାଜ ଜମି ଅଛି; ଦୁଇ ତିନି ଘର ପ୍ରଜା ମଧ୍ୟ ଅଛନ୍ତି। ଏତିକିରେ ସେ ନିଜକୁ ଜମିଦାର ବୋଲି ପରିଚୟ ଦିଏ। ସମସ୍ତେ ତାକୁ ଭିକାରି ନାହାକ ବୋଲି କହନ୍ତି; ମାତ୍ର ସେ ଦସ୍ତଖତ କରେ ଭିକାରିଚନ୍ଦ୍ର ନାୟକ। ଏଥିରେ କେହି କେହି ଅସହଣୀ ଲୋକେ କହନ୍ତି—"ଆହା, ଭିକାରି ପାଖରୁ ଚନ୍ଦ୍ର କି ସୁନ୍ଦର ମାନୁଛି!" ଯାଉ ସେ କଥା, ନିନ୍ଦୁକ-ଗୁଡ଼ାଙ୍କର ସ୍ୱଭାବ ଚିରକାଳ ଏହିପରି ମନ୍ଦ। ଭିକାରିର ଗର୍ବ ସର୍ଗୀରେ ଉଠେ ନାହିଁ। ସେ ନିଜକୁ ଖୁବ୍ ମସ୍ତ ବଡ଼ଲୋକ ଜ୍ଞାନ କରେ। ଗୌରବ ହାନି ଭୟରେ ସେ ପୁଅମାନଙ୍କର ନାମ ଧରି ଡାକେ ନାହିଁ—ବଡ଼ ବାବୁ, ସାନ ବାବୁ, ମଝିଆଁ ବାବୁ ବୋଲି ଡାକେ। ଗାଁ ମଧ୍ୟରେ ଭିକାରି ବଡ଼ଲୋକ। ସେ ଗ୍ରାମର କି ଉପକାର କରିଛି, ତାହା ଅନ୍ତର୍ଯ୍ୟାମୀ ଜାଣନ୍ତି; ମାତ୍ର ଯେତେ ଅପକାର କରେ ତାହା ସମସ୍ତେ ଜାଣନ୍ତି। ଗ୍ରାମ-ବାସୀଙ୍କ ସଙ୍ଗରେ ତାହାର ଆଦୌ ସଦ୍ଭାବ ନାହିଁ। ସେ ସମସ୍ତଙ୍କୁ ଇତର ଦୃଷ୍ଟିରେ ଦେଖେ, ସୁତରାଂ ତାକୁ ସମସ୍ତେ ଇତର ଦୃଷ୍ଟିରେ ଦେଖନ୍ତି। ଭିକାରି ତାହାର

ଜାତି ଭାଇମାନଙ୍କୁ ଉଦ୍ଧନଗା ବୋଲି କହି ଘୃଣା କରେ—ଥଟ୍ଟା ବଦ୍ରୂପ କରେ ଏବଂ ଅଭିନୟ କରି କହେ—"ଇସିମିସିପାଞ୍ଜି, କାଖ ତଳେ ଗୁଞ୍ଜି, ଶଗୁଡ଼ିଆ-ଜଣ୍ଡ, ଧାନକୁଠା ଭୁଷ, ମାଗିଆସିଛୁ ଦେବ କାଣ ?" ଜାତିଭାଇମାନେ ଏହି ଅପମାନର ପ୍ରତିଶୋଧ ଚେଷ୍ଟାରେ ଥାଆନ୍ତି, ଦୈବାତ୍ ସେମାନଙ୍କୁ ଗୋଟାଏ ସୁବିଧା ମିଳିଗଲା । ଉକାସର ବଡ଼ ପୁଅର ବାହାଘର ହେଲା; ମାତ୍ର ଜାତିଭାଇମାନେ ଖାଇବାକୁ ନ ଆସି ଅଡ଼ି ବସିଲେ । ସେମାନେ କହିଲେ, "ତୁ ତ ଜମିଦାର, ଆଉ ଆମେ ପାଞ୍ଜିବୁହା ଉଦ୍ଧନଗା ନାହାକ, ତୋ ଘରେ ଆମେ କପରି ଖାଇବୁଁ—ତୋର ବଡ଼ଲୋକୀ ସେଥିରେ କଅଣ ଊଣା ହୋଇଯିବ ନାହିଁ ? ତୁ ଯେବେ ଆମ ଜାତି, ତେବେ ଆମରି ପରି ଗାଁରୁ ମୁଠେ ଉଦ୍ଧ ମାଗିଆଣି ତାକୁ ଭେଜ ଖଳରେ ମିଶାଇ ରାନ୍ଧ । ତେବେ ଯାଇ ତୋ ଘରେ ଖାଇବୁ ନ ହେଲେ ନାହିଁ ।" ଉକାସ ଖଣ୍ଡାଧାର ଉପରେ ଚାଲିବା ଲୋକ। ସେ କଟିଯିବ ପଛେ—ଲୁଟିଯିବ ନାହିଁ । ତାହା ପରି ପ୍ରକାଣ୍ଡ ଅଭିମାନୀ ଲୋକ କି ଏରୂପ ଜଘନ୍ୟ ଇତର ପ୍ରସ୍ତାବରେ ମଜିବ ? ସେ କ୍ରୋଧରେ ତମସାପ ପରି ଫଁ ଫଁ ହୋଇ କହିଲା—"ନ ଖାଇଲେ ଏଠୁ ଉଠି ଯାଅ, ମୁଁ ତୁମ୍ଭମାନଙ୍କୁ ଖାତର କରେ ନାହିଁ—ବାରଦ୍ୱାର ପତରଚଟା ଲେଙ୍ଗୁଟିଆଗୁଡ଼ାଙ୍କର ପୁଣି ଗୋଟାଏ ମାନ ଅଛି ! କୁକୁରଗୁଡ଼ାଙ୍କର ପୁଣି ଏତେ ଗୁମର, ଦୁର୍ ଦୁର୍ ଦୁର୍ ।" ଏ ଭର୍ତ୍ସନା ଶୁଣି ଜାତି-ଭାଇମାନେ ହୁଡ଼ହାଡ଼ ହୋଇ ଉଠି ପଡ଼ିଲେ । ତେଣିକି ସେ ଜମାଲରେ କି ଘଟଣା ଘଟିଲା, ତାହା କିଛି ଜଣାଗଲା ନାହିଁ । ସେମାନେ ଚାଲିଗଲା ପରେ ଦେଖାଗଲା—କେଜାଣି କାହିଁକି ଉକାସର ଚୁଟି-କେଶର ଉପୁଡ଼ିଯାଇ ତଳେ ପଡ଼ିଅଛି । ସେହିଦିନଠାରୁ ଉକାସ ଏକଘରିଆ ହୋଇ ରହିଅଛି । ଉକାସର ଆଉ କିଛି ବଦ୍‌ଗୁଣ ନାହିଁ—କେବଳ ତାହାର ମୁହଁଟା ବଡ଼ ଅବାଧ । ସେଥିପାଇଁ ସେ ଗ୍ରାମବାସୀଙ୍କ-ଠାରୁ ଏକାଧିକ ଥର ପୁରସ୍କାର ଲାଭ କରିଅଛି । ତାହାର ଆଉ ଗୋଟାଏ ଅତି ମହତ୍ ଗୁଣ ଏହି ଯେ—ସେ ଅଣ୍ଟିଆର ପାଖ ପଶେ ନାହିଁ, ନଅଣ୍ଟିଆ ପାଖରେ ତେଜ କରେ । ବେଙ୍ଗ ଉପରେ ସିନା ସବୁ ଅଭ୍ୟାସର ହୁଏ; ମାତ୍ର ସାପର ପାଖ ପଶିବ କିଏ ?

ଉକାସ ବଡ଼ ମହାଜନୀ କରେ; ମାତ୍ର ଜମି ବନ୍ଧା ରଖି କାହାକୁ ଟଙ୍କା ଦିଏ ନାହିଁ । ତାହା ହାତକୁ ଜମି ଗଲେ ଆଉ ମୁକୁଳାଇବା ଦୁଷ୍କର ହୁଏ । ସୁଧର ସୁଧ, ତାହାର ସୁଧ ଭିଡ଼ି ଅଳ୍ପଦିନରେ ସେ ଜମି କିଣି-ନିଏ । ଏହି କୌଶଳରେ ସେ ଅନେକ ଜମି କରିଅଛି । କେଉଁଠାରେ ଟଙ୍କା ନ ପାଇଲେ ଲୋକେ ତାହା ପାଖକୁ ଆସନ୍ତି । ସଦେଇ କର ଦୁଇମାଣ ଜମି ବନ୍ଧା ଦେଇ ତାହାରିଠାରୁ ଶହେ ଟଙ୍କା ଋଣ ନେଇଥିଲା । ସୁବିଧାଜନକ ସ୍ଥାନରେ ବାଟ ପାଖରେ ଗୋଟାଏ ଦୋକାନ ପ୍ରସ୍ତୁତ ହେଲା । ଘରଟି ତିନି ବଖରା ପ୍ରଥମ ବଖରାରେ ଦୋକାନ ହୁଏ, ମଝି ବଖରାରେ ଲୁଣ କାଣ୍ଡି ମରାହୋଇ ରହେ, ଶେଷ ବଖରାଟି ମେଲା ପଡ଼ି । ସେଥିରେ ଲୁଣ ଓଜନ ହୁଏ, ବସା ଉଠିବା ହୁଏ ।

—୪—

କରଙ୍କର ଲୁଣ ବ୍ୟବସାୟ ଭଲରୂପେ ଚାଲୁଅଛି । ଲାଭ ବି ଅଣେପଣେ ମିଳୁଅଛି । ଗଡ଼ଜାତରୁ ବେପାରୀ ବଲଦିଆମାନେ ଆସି ଲୁଣ କିଣି ନିଅନ୍ତି । ବେଳା ବଳି ସୁଦ୍ଧା ହୁଏ । କରେ ଓଜନ ଠିକ୍ ଦିଅନ୍ତି; ମାତ୍ର ଲାଭ ଦିଅନ୍ତି ନାହିଁ । ସେ କହନ୍ତି—ଓଜନ ଠିକ୍ ନେଲେ ମୋ ପାଖକୁ ଆସ, ଲାଭ ଖୋଜିଲେ ଅନ୍ୟ ଦୋକାନକୁ ଯାଅ । ଯେଉଁମାନେ ହାଟରୁ ଲୁଣ କିଣି ସେରକରେ ଅଧଛଟାକିଏ ଲାଭ ଆଣିଥାଆନ୍ତି, କରେ ସେମାନଙ୍କ ଲୁଣ ଓଜନ କରି ଦେଖନ୍ତି, କାହାର ଲାଭ ସହିତ ଓଜନ ସମାନ ହୁଏ, କାହାର ବା ଊଣା ହୁଏ । ସେମାନେ ଆଉ ହାଟରୁ ନ କିଣି କରଙ୍କଠାରୁ କିଣନ୍ତି । କରେ ପ୍ରଥମେ ଧାରି ଦେଉଥିଲେ; ମାତ୍ର ଠକିଶିଖି ଆଉ ଦିଅନ୍ତି ନାହିଁ । ଜଣେ ବଡ଼ଲୋକ ତାଙ୍କଠାରୁ ଲୁଣଆ ନେଉଥିଲେ; କିନ୍ତୁ ସାତମାସ ଟଙ୍କା ଦିଅନ୍ତି ନାହିଁ । ଅନେକ ବଡ଼ଲୋକଙ୍କର ସ୍ୱଭାବ, ପଦାର୍ଥର ମୂଲ୍ୟ ମାଗିଲେ ସେମାନଙ୍କର ମାନହାନି

ହୁଏ । ଉକ୍ତ ବଡ଼ଲୋକଙ୍କର ସେହିପରି ମାନହାନି ହେଉଥିବାରୁ ସେ ଆଉ ଦରଙ୍କଠାରୁ ଲୁଣ ନେଲେ ନାହିଁ । ତାଙ୍କର ଟଙ୍କା ସବୁ ଦେଲେ; ମାତ୍ର ତିନୋଟି ପଇସା ବାକି ରହିଲା । ଦରେ ଅନେକ ଥର ତାଙ୍କ ଦ୍ୱାରସ୍ଥ ହୋଇ ସେହି ତିନି ପଇସା ଆଦାୟ କରି ପାରିଲେ ନାହିଁ । ଶେଷରେ ବଡଲୋକ ବିରକ୍ତ ହୋଇ କହିଲେ—"ଯା ହୋ, ମୋ ଉପରେ ତୋର ଆଉ କିଛି ବାକି ନାହିଁ, ତୁ କଅଣ କରିବୁ କର ଯା ।" ଦରେ କିଛି ନ କହି ସ୍ୱନାସ୍ତଅଟି ପରି ଫେରି ଆସିଲେ ଏବଂ ତହିଁ ପରଦିନ ନାଲିସ କରିବା ପାଇଁ କଚେରୀକୁ ଗଲେ । ଓକିଲ ମୁକ୍ତିଆରମାନେ ତାଙ୍କ ଦାବୀ ଶୁଣି ହସିଲେ ଏବଂ କହିଲେ ତିନି ପଇସାରେ ମାମଲା ଚଳିବ ନାହିଁ । ତହୁଁ ଦରେ ହାକିମଙ୍କ ପାଖକୁ ଯାଇ ହାତ ଯୋଡି ନିଜର ଅଭିଯୋଗ ଜଣାଇଲେ । ହାକିମ ଦେଖିଲେ ବ୍ରାହ୍ମଣଟିର ମୂର୍ତ୍ତି ଭକ୍ତି-ଆକର୍ଷିଣୀ । ଶରୀରରେ ବ୍ରହ୍ମତେଜ ଅଛି, ମାତ୍ର ତାହା ଉଗ୍ର ନୁହେଁ—ରବି ତେଜ ପରି ଶୀତଳ । ଏଭଳି ଲୋକ ସାମାନ୍ୟ ତିନି ପଇସା ପାଇଁ କଦାଚ ମିଥ୍ୟା କହିବ ନାହିଁ ବୋଲି ହାକିମଙ୍କର ବିଶ୍ୱାସ ହୋଇଗଲା । ସେ ଜଣେ ଓକିଲଙ୍କୁ ଡାକି ଏ ବିଷୟ ମୀମାଂସା କରିଦେବା ପାଇଁ କହିଲେ । ଓକିଲ ଅର୍ଥୀ ପ୍ରତ୍ୟର୍ଥୀ ଉଭୟଙ୍କୁ ମିଳାଇଦେଲେ । ଦରେ ତାଙ୍କର ତିନୋଟି ପଇସା ପାଇଲେ । ସେହିଦିନଠାରୁ ସେ ଆଉ ତାହାରିକୁ ତାଳି ଦଅନ୍ତି ନାହିଁ । ସେ କିପରି ସତ୍ୟ-ପ୍ରାଣ, ନିମ୍ନଲିଖିତ ଘଟଣାରୁ ସେଥିର ପରିଚୟ ମିଳି ପାରିବ ।

ଦିନେ ଜଣେ ବଳଦିଆ ଲୁଣ ନେବାକୁ ଆସି-ଥିଲା । ଦରେ ତାକୁ କିଛିକ୍ଷଣ ଅପେକ୍ଷା କରିବାକୁ କହି ଘରେ ବସି ଦେଇ ଗାଧୋଇଗଲେ । ବଳଦିଆ ଉପଯୁକ୍ତ ସୁବିଧା ପାଇ ତାମ୍ପଣରେ କଣ୍ଟି ପିଟାଇ ଦରଙ୍କ ଟଙ୍କା ବାକ୍ସ ଧେଇ ଆସିଲା । ଏହି ସମୟରେ କେତେ ଜଣ ବାଟୋଇ ଆସି ପହଞ୍ଚିବାରୁ ଚୋର ଭୟରେ ବାକ୍ସଟାକୁ ମେଲରେ ଥିବା ଲୁଣ ବସ୍ତା ଗଦା ଉପରେ ରଖିଦେଲା । ସେହିକ୍ଷଣି ଦରେ ଆସି ବାହାରେ ବାକ୍ସ ଦେଖି ସ୍ତମ୍ଭୀଭୂତ ହୋଇ ଠିଆହେଲେ । ତାଙ୍କ ବାକ୍ସ ତ କେବେ ଘରୁ ବାହାର ହୁଏ ନାହିଁ, ସେ ଏଠିକି କିପରି ଆସିଲା ? ଏଣେ କହୁଁକୁ ବୁଝିଦେଲେ ଯେ ସେ ମୂକ୍ନଳା । ଏ କାର୍ଯ୍ୟ ଯେ ବଳଦିଆର, ସେଥିରେ ଆଉ ତାଙ୍କର ସନ୍ଦେହ ଅବସର ପାଇଲା ନାହିଁ । ସେତିକି ବେଳେ ଜଣେ ପୋଲିସ କନେଷ୍ଟବଲ ବାଟରୁ ଫେରି-ଆସି ସେଠାରେ ପହଞ୍ଚିଗଲା । ଘଟଣାର ବିବରଣ ଶୁଣି ସେ ଚୋରକୁ ଥାନାକୁ ନେଇଗଲା । ଦରେ କହିଲେ—"ତାକୁ ମୋର ବିଶ୍ୱାସ, କିନ୍ତୁ ମୁଁ ତା ହାତରେ ମାଲ ଦେଖି ନାହିଁ ।" କେତେ କେହି କହିଲେ—"ସେପରି କହିଲେ ମୋକଦମା ଚଳିବ ନାହିଁ, ସେ ବାକ୍ସ ଧରି ଘରୁ ବାହାରି ଆସୁଥିଲା, ତୁମେ ଦେଖି ତାକୁ ଧରିଲ, ଏହିପରି କହିବ ।" ଦରେ କହିଲେ, "ତାହା ମୁଁ କହି ପାରିବି ନାହିଁ, ମୁଁ ତା ହାତରେ ବାକ୍ସ ଦେଖି ନାହିଁ, ଦେଖିଛି ବୋଲି ଛୁଞ୍ଚା ମିଛ କଥାଟା କିପରି କହିବି ? ମୋକଦମା ନ ଚଳିବ କାହିଁକି, ସତ କହିଲେ କଅଣ ମୋକଦମା ହୁଏ ନାହିଁ ? ସଂସାର ସତ୍ୟରେ ଚଳୁଛି—ସତ୍ୟ ହେତୁ ଚନ୍ଦ୍ର ସୂର୍ଯ୍ୟ ଆକାଶତ ହେଉ-ଅଛନ୍ତି—ପବନ ବହୁଛି—ମେଘ ଜଳ ବର୍ଷୁଛି— ସତ୍ୟ ନିଶ୍ଚୟ ସତ୍ୟ ହେବ, ଏଥିରେ ମୋର ଅବିଶ୍ୱାସ ନାହିଁ । ସତ୍ୟ ଅଗ୍ନି ତୁଲ୍ୟ । ସହସ୍ରେ ମିଥ୍ୟାରେ ତାକୁ ଢାଙ୍କିଲେ ସବୁ ପୋଡିଦେଇ ସେ ଫୁଟି ବାହାରିବ । ମୁଁ ବ୍ରାହ୍ମଣ । ଜୀବନରେ କେବେ ମିଥ୍ୟା କହି ନାହିଁ, ଆଜି ମିଛ କହି ନିଜ ହାତରେ ନରକ ଖୋଳିବି କାହିଁକି ? ସତ୍ୟରେ ଜୟ ସର୍ବଦା, ସତ୍ୟ ଦେବତା; ମିଥ୍ୟା ପିଶାଚ । ଛି-ଛି, ଜାଣି ଜାଣି ମୁଁ ଏ ଅପକର୍ମ କରିବି ? ଜିଭ କାଟି ପକାଇଲେ ବି ମିଥ୍ୟା କହିବି ନାହିଁ । ସେ ଦୋଷୀ ହେଲେ ଧର୍ମ ତାକୁ ଦଣ୍ଡିବ, ନିର୍ଦ୍ଦୋଷ ହେଲେ ଯେହି ଧର୍ମ ତାହାର ସହାୟ ହେବ, ମୋର ଚିନ୍ତା ଭାବନା କାହିଁକି ? ରାଜଦରବାର ଧର୍ମମନ୍ଦିର । ମିଛ କହି ମୁଁ ସେ ପବିତ୍ର ମନ୍ଦିରକୁ ଅପବିତ୍ର କରି ପାରିବି ନାହିଁ ।" ମୋକଦମା ତାରିଖ ଦିନ ଦରେ ପଇତା ଗଣ୍ଠି ଧରି ହାକିମଙ୍କ ଆଗରେ ଘଟଣାର ସତ୍ୟ ବିବରଣ ଅନର୍ଗଳ କହିଗଲେ । ଚୋର ମଧ୍ୟ ଦୋଷ ସ୍ୱୀକାର କଲା । ହାକିମ

ବସ୍ତୁର କରି ସେଓର ପ୍ରତି ଛଅମାସ ଜେଲଦଣ୍ଡ ଆଦେଶ କଲେ। ସତ୍ୟର ଜୟ ହେଲା। ସତ୍ୟ ମସ୍ତକରେ ପୁଷ୍ପବୃଷ୍ଟି ହେଉ, ମିଛ ମୁଣ୍ଡରେ ଚଡ଼କ ପଡ଼ୁ।

—୫—

ଧରଙ୍କର ଋଣ ଆଣିବା ପ୍ରାୟ ବର୍ଷାଧିକ କାଳ ହୋଇଗଲା। ଏଥି ମଧ୍ୟରେ ସେ ସବୁ ଟଙ୍କା ସଂଗ୍ରହ କରି ପାରି ନାହାନ୍ତି। ଦିନେ ସେ ପଚିଶ ଟଙ୍କା ନେଇଯାଇ ଭିକାରି ନାୟକଙ୍କୁ କହିଲେ—"ଏହି ପଚିଶ ଟଙ୍କା ନେଇ ତମସୁକ ପିଠିରେ ଅସୁଲ ଲେଖିଦିଅ, ଛଅମାସ ପରେ ସୁଧ ଅସଲ ସବୁ ଶୁଝିଦେଇ ତମସୁକ ବାହାର କରି ନେବି।" ଭିକାରି ଏ କଥା ଶୁଣି ଗମ୍ଭୀର ହୋଇ ରହିଲା। ମନେ ମନେ କଅଣ ଭାବି କିଛିକ୍ଷଣ ପରେ କହିଲା—"ମୁଁ ବୁଦ୍ଧି ଶିଖିବି ନା କଅଣ? ଦେଲାବେଳେ ଏକାଥରକେ ଦେଲି, ଆଉ ନେଲାବେଳେ ଥର ଥର କରି ନେବି—ଏ ତ ଅଚ୍ଛା ବସ୍ତୁର!" ଏକଥା ଉପରେ ଆଉ ବା କହିବାର କଅଣ ଅଛି! ଧରେ ତାହାର ଦୁଷ୍ଟ ପ୍ରକୃତି ଜାଣନ୍ତି, ସୁତରାଂ ବାକ୍ୟ ବ୍ୟୟ ନ କରି ଟଙ୍କା ଘେନି ଫେରିଆସିଲେ। ସେ ଯେଉଁ ଜମି ବନ୍ଧା ଦେଇଅଛନ୍ତି, ସେ ଖୁବ୍ ଉର୍ବରା। ଅନ୍ୟ ଜମିମାନ ଉଚ୍ଛଣେ ଫଳିଲେ ସେଥିରେ ଛନ୍ଦୋଲ ଫଳେ। ପୁଣି ସେ ନିଷ୍କର ନାହେଲ ଜମି। ଏ ହେତୁରୁ ସେ ଜମି ପ୍ରତି ଭିକାରିର ଲୋଭ। ଟଙ୍କା ଦେଲାବେଳେ ସେ ଦୁଇମାଣ ତାହା ହାତରୁ ଖସିବ ନାହିଁ ବୋଲି ସେ ନିଶ୍ଚୟ କରିଥିଲା। ଏପରି ଅବସ୍ଥାରେ ମନ ଯେପରି ହୁଏ, ତାହାର ସେହିପରି ହେଲା। ଭୁକ୍ତଭୋଗୀ ଛଡ଼ା ତାହା ଆଉ କେହି ଜାଣି ପାରିବେ ନାହିଁ।

ଛଅମାସ ପରେ ଦିନେ ଧରେ ସୁଧ ଅସଲ ହିସାବ ବୁଝିବାକୁ ଭିକାରି ଘରକୁ ଗଲେ। ସେ ଦିନ ଭିକାରି ତାଙ୍କୁ ସାଷ୍ଟାଙ୍ଗ ଦଣ୍ଡବତ କରି ଖୁବ୍ ଆଦରରେ ବସାଇଲା। ଏଣୁ ତେଣୁ ଦୁଇ ଚାରିପଦ କଥା ପରେ ଧରେ ସୁଧ ହିସାବ କରିବାକୁ କହିଲେ। ଭିକାରି ମୃଦୁ ମଧୁର ହାସ ପ୍ରକାଶ କରି ଖୁବ୍ ଧୀରେ ଧୀରେ କହିଲା—"ସୁଧ ଆଉ କଅଣ ହିସାବ କରିବି, କରଗୋସାଇଁ! ମୋତେ ସେ ଜମିରୁ ମାଣେ ଦିଅ, ମୁଁ ଆଉ କିଛି ଖୋଜୁ ନାହିଁ—ତୁମ ଭାଗଲଖଣ୍ଡି ବାହାର କରିଦେବି। ଶଏ ଟଙ୍କାର ଦୁଇ ବର୍ଷର ସୁଧ ତ ଅସି ଶଏଟଙ୍କା ସରିକି ହେବ, ଆଉ ମୂଳ ଶଏ ଟଙ୍କା—ଏପରି ଦୁଇଶ ଟଙ୍କା ହେଲା। ମାଣେ ଜମିର ଦାମ କେତେ କି? ମୁଁ କିଛି ଅନ୍ୟାୟ କହୁ ନାହିଁ କିମ୍ବା ତୁମ୍ଭର ବା କିଛି କ୍ଷତି ନାହିଁ।" ଧରେ କହିଲେ—"ନା, ମୁଁ ସେ ଜମି ବିକିବି ନାହିଁ।" ଧରେ ଯାହା କହୁଥିବେ ସେଥିରୁ ତିଳେ ଘୁଞ୍ଚିବେ ନାହିଁ—ଭିକାରି ଏହା ଜାଣେ। ସେ ଟିକିଏ ବିରକ୍ତ ହୋଇ କହିଲା, "ହେଉ, ନ ବିକିବ ତ ନାହିଁ, ଏବେ ତମସୁକ କପରି ଛାଡ଼ିଦେବି? ମିଆଦ ଦୁଇବର୍ଷ ପୂରିଯାଇ ନାହିଁ, ଆହୁରି ଛଅମାସ ଅଛି। ମିଆଦ ପୂରିଯାଉ ଅସିବ, ସୁଧ ଅସଲ ଛଡ଼ାଇଦେଇ ତମସୁକ କାଢ଼ିନେବ। ନ ହେଲେ ସେହି ବାକି ଛଅ ମାସର ସୁଧ ଦିଅ, ଏହିକ୍ଷଣି ତୁମ ତମସୁକ ବାହାର କରିଦେବି।" ଧରେ କହିଲେ, "ଏ ପୁଣି କେଉଁଠିକାର ନ୍ୟାୟ? ଅଧିକା ଛଅମାସର ସୁଧ କାହିଁକି ଦେବି?" ଭିକାରି କହିଲା—"ମୋର ସେହିପରି ନ୍ୟାୟ; ଅଧିକା ଛଅମାସ ସୁଧ ନ ଦେଲେ କଅଣ କରିବ ଯାଇ କର।" ଭିକାରି ଏତିକିମାତ୍ର କହି ଧରଙ୍କ କଥାକୁ ଅପେକ୍ଷା ନ କରି ସେଠାରୁ ଉଠି ଚାଲିଗଲା। ଧରେ ଘରକୁ ଲେଉଟି ଆସିଲେ।

ଧରଙ୍କର ସ୍ୱଭାବ—କେହି ତାଙ୍କୁ ଠକାଇବାକୁ ଚେଷ୍ଟା କଲେ ସେ ତାଙ୍କୁ ନ ଠକାଇବାଯାଏ ଥୟ ହୋଇ ରହିପାରନ୍ତି ନାହିଁ। ସେ ସିଧା ପାଖରେ ସିଧା, ଆଉ ବଙ୍କା ପାଖରେ ବଙ୍କା। ସେ ଭାବିଲେ ସିଧା ଆଙ୍ଗୁଳିରେ ଘିଅ ଉଠିବ ନାହିଁ, ଉପଯୁକ୍ତ ଶିକ୍ଷା ନ ପାଇଲେ ଦୁର୍ଜନର ଚେତନା ହେବ ନାହିଁ; ନାହିଁ ତ ଚୋରର କେତେ ବୁଦ୍ଧି ଦେଖିବି।" ଏହିପରି ନିଜ କର୍ତ୍ତବ୍ୟ ସ୍ଥିର କରିନେଲେ। ଅଠଦିନ ଗଡ଼ାଇଦେଇ ପୁଣି ଦିନେ ଯାଇ କହିଲେ—"ଭିକାରି, ମୁଁ ଗରିବ ବ୍ରାହ୍ମଣ, ମୋ ସଙ୍ଗରେ ତୁ କାହିଁକି ଅକାରଣ ହଠ ଲଗାଉଛୁ? ହେଉ, ତୁ ଯେବେ ଲୋଭ କଲୁ, ତେବେ ମାଣେ ଜମି ନେ, ଆଉ ମୋତେ ଖଲାସ କରିଦେ। ମୁଁ କାଲି କଚେରୀକୁ ଯାଇ ରେଜେଷ୍ଟରୀ କବାଲା କରିଦେବି।"

ଭିକାରୀ ଏ କଥାକୁ ସ୍ୱତନ୍ତ୍ର କଣ୍ଠରେ ମେଘ ଗର୍ଜନ ତୁଲ୍ୟ ମଣିଲା । ଆନନ୍ଦ ଆଉ ହୃଦୟରେ ଧରିଲା ନାହିଁ— ପ୍ରକୃତ ଉତ୍ତର ପଡ଼ିଲା । ସେ ହସି ହସି କହିଲା—"ମୁଁ ତ ଆଗରୁ ସେହି କଥା କହୁଥିଲି, ତୁମେ ନାସ୍ତି କରିବାରୁ ମୁଁ ଆଉ ବଳାଇଲି ନାହିଁ । ହେଉ, ଉତ୍ତମ କଥା, ତେବେ କାଲି ସକାଳେ ଆସ, କବାଲା ଲେଖାଇ କଚେରୀକୁ ଯିବା ।" ତହିଁ ଆରଦିନ ଭିକାରୀ ଘର ପାଖରେ ବନ୍ଦସ୍ତ କବାଲା ଲେଖାହେଲା । କରେ କହିଲେ—"ଭିକାରୀ, ମୁଁ ଟଙ୍କା ପାଇଛି ବୋଲି ସବ୍‌ରେଜେଷ୍ଟ୍ରରଙ୍କ ଆଗରେ ସ୍ୱୀକାର କରିବି, ତୁ ମୋ ତମସୁକଖଣ୍ଡ ବାହାର କରିଦେ ।" ଭିକାରୀ ଦ୍ୱିରୁକ୍ତି ନ କରି ତମସୁକଖଣ୍ଡ ଆଣି ମୁଣ୍ଡ ତରିଦେଇ କରଙ୍କ ହାତକୁ ବଢ଼ାଇଦେଲା । ତହୁଁ ଦୁହେଁ କଚେରୀକୁ ଗଲେ । ବାଟରେ ଯାଉଁ ଯାଉଁ କରେ ତମସୁକଖଣ୍ଡ ରଡ ରଡ କରି ଚରି ଚରି ଗଲେ । ରେଜେଷ୍ଟ୍ରୀଖାନାରେ କବାଲା ଦାଖଲ ହେଲା । ଯଥାସମୟରେ କରଙ୍କୁ ଡକରା ହେଲା । ସେ ଯାଇ ହାକିମଙ୍କ ଆଗରେ ହାତ ଯୋଡ଼ି ଠିଆହେଲେ । କବାଲାର ଅନ୍ୟାନ୍ୟ କଥା ପରେ ହାକିମ ପଚାରିଲେ— "ଟଙ୍କା ପାଇଛ ?" କରେ କହିଲେ—"ନା-ହଜୁର, ପାଇ ନାହିଁ ।" ଭିକାରୀ ଯେତେ ଆପତ୍ତି କଲା, ହାକିମ ତାହା ଶୁଣିଲେ ନାହିଁ, କବାଲା ଫେରାଇଦେଲେ । କରେ ମନେ ମନେ ଭାବିଲେ, "ମାଛ ବୁଢ଼ୀଅଣି ଜାଲରେ ପଡ଼ିଛି, ଏବେ ଫଳ ପାଉ ।" ଭିକାରୀ କାନ୍ଦପକାଇଲା, ସୁଧ କଥା ଦୂରେ ଥାଉ ମୂଳ ବି ଗଲା । କିନ୍ତୁ କଅଣ କରିବ, ରକ୍ତଗୁଡ଼ଳ ସ୍ୱେରାଇ ଦାନ ମୁଣ୍ଡ ଆଉଁସି ଘରକୁ ଗଲା । ତହିଁ ପରଦିନ କରେ ଭିକାରୀ ଘରକୁ ଯାଇ କହିଲେ—"କି ଭିକାରୀ, ମନ ଊଣା କରିଛୁ କି ? ମୁଁ ବ୍ରାହ୍ମଣ, ତୋ' ଟଙ୍କା ଖାଇବି ନାହିଁ, ତୋତେ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଏ କୌଶଳ କରିଥିଲି । "ଶଠେ ଶାଠ୍ୟଂ ସମାଚରେତ୍" ବୋଲି ନୀତିଶାସ୍ତ୍ରରେ ଅଛି ପରା ! ମୁଁ ଆଜୀବନ ମିଛ କହୁ ନାହିଁ, ତୋହର ପାଇଁ ମୋତେ ମିଛ କହିବାକୁ ହେଲା । ମୁଁ ସେହି ପାପର ପ୍ରାୟଶ୍ଚିତ୍ତ କରିବାକୁ ଅଛି ଆସିଛି । ଏବେ ତୋ ଟଙ୍କା ନେ, ମୋର ପାପ କ୍ଷୟ ହେଉ ।" ଏହା କହି ଖାତକଙ୍କୁ ଟଙ୍କା ଥୁଙ୍ଗୁଲାଟିଏ କାଢ଼ି ଭିକାରୀ ପାଖକୁ ଫୋପାଡ଼ିଦେଇ କ୍ଷିପ୍ର ଗତିରେ ସେଠାରୁ ଅନ୍ତର ହୋଇଗଲେ । ଭିକାରୀ କରଙ୍କ ବ୍ୟବହାର ଦେଖି ତା ଠଙ୍କାରେ କାଠ ହୋଇଗଲା । ତୁଣ୍ଡରୁ କଥା ବାହାରିଲା ନାହିଁ । ବାଧା ନ ପାଇ ତାହାର ଧୂର୍ତ୍ତତାର ସ୍ରୋତ ବଢ଼ିପାଉଥିଲା, ଏତେ ଦିନେ ସେ ଉପଯୁକ୍ତ ଶିକ୍ଷା ପାଇଲା ।

# ଅଦ୍ଭୁତ ପରିବର୍ତ୍ତନ

— ୧ —

ନିଷ୍କର୍ମା ଲୋକଙ୍କର ଦିନ ସରେ ନାହିଁ, ବାରମାସିଆ ଦିନ ସବୁ ତାଙ୍କ ପକ୍ଷରେ ଦୀର୍ଘତମ । ସମୟକ୍ଷେପଣର ଗୋଟାଏ ମଉଜିଆ ସହଜ ବ୍ୟବସାୟ ସେ ଖୋଜି ବୁଲେ । ବ୍ୟବସାୟରେ ଲକ୍ଷ୍ମୀଙ୍କର ଅଧିଷ୍ଠାନ । ଲକ୍ଷ୍ମୀ ତ ଚଞ୍ଚଳା, ସୁତରାଂ ବ୍ୟବସାୟରେ ମଉଜ କାହିଁ ? ମନୋମତ ଆତ୍ମପ୍ରଦ ଉପାୟ ନ ପାଇ ଶେଷରେ ସେ ତାସ,ପଶାର ଆଶ୍ରୟ ଗ୍ରହଣ କରେ । କିନ୍ତୁ ସମସ୍ତ ନିଷ୍କର୍ମାଙ୍କର ଏହି ଏକ କାର୍ଯ୍ୟ ନୁହେଁ—ରୁଚିଭେଦରେ କାର୍ଯ୍ୟଭେଦ ମଧ୍ୟ ଘଟେ । କେହି ପରଚର୍ଚ୍ଚା କରେ—କେହି ପର ଘର ଭାଙ୍ଗେ, କେହି ଭାଙ୍ଗ, ଅଫିମ ପ୍ରଭୃତି ମାଦକ ଦ୍ରବ୍ୟର ଚରଣ-ସେବାରେ ଆତ୍ମସମର୍ପଣ କରେ, ଆଉ ଆତ୍ମୋନ୍ନତିର ଚରମ ସୀମା ଛୁଇଁବା ଯାହାର ଉଚ୍ଚ ସଂକଳ୍ପ, ସେ ପଞ୍ଚମକାର ସାଧନାରେ ନିଯୁକ୍ତ ହୁଏ । ଜମିଦାର ଫଣିଧର ମର୍ଦ୍ଦରାଜଙ୍କର ତ୍ୟାଜ୍ୟସୂଚକ ନୋଟିସ ଯେଉଁ ଦିନ 'ଉତ୍କଳଦୀପିକା'ରେ ବାହାରିଲା, ସେଦିନଟା ନିଷ୍କର୍ମା ଲୋକଙ୍କୁ ମହୋତ୍ସବମୟ ସୁଖର ସ୍ୱପ୍ନଦିନ ପ୍ରାୟ ଜଣାଗଲା । ସେମାନେ ମଉଜ କରିବାର ଗୋଟାଏ ସହଜ ସୁନ୍ଦର ସୂତ୍ର ପାଇଲେ । ଏହାହିଁ ତ ତାଙ୍କର ଚରମ, ପରମ ଆକାଂକ୍ଷା । ଏହିପରି ବ୍ୟବସାୟ ମିଳିଲେ ସେମାନଙ୍କର ଅଷ୍ଟାଶିଆ ଦିନ ସବୁ ବାରମାସିଆ ଦିନଠାରୁ ସାନ ହୋଇଯାଏ—ଖାଦ୍ୟ ମୁଖରୋଚକ ହୁଏ ଏବଂ ପରିପାକ ଶକ୍ତି ମଧ୍ୟ ବଢ଼େ । ଗ୍ରାମର ନାନାସ୍ଥାନରେ ନିଷ୍କର୍ମାମାନଙ୍କର ପଞ୍ଚାୟତ ବସିଗଲା । ଆଲୋଚନାର ତୁମୁଳ କଲ୍ଲୋଳ ଖେଳିଗଲା । ନୋଟିସ କାଗଜଖଣ୍ଡ ବାରମ୍ବାର ପଠିତ ହୋଇ ଟଣାଓଟରାରେ ଛିନ୍ନ ମଳିନ ହୋଇଗଲା—ହସ୍ତ ହସ୍ତାନ୍ତର ହୋଇ ଶେଷରେ ଶିଶୁହସ୍ତର କ୍ରୀଡ଼ାପଦାର୍ଥର ଦଶା ଲାଭ କଲା । ନୋଟିସରେ ଏହିପରି ଲେଖାଥିଲା—

"ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉ-ଅଛି କି, ଆମ୍ଭର ପୁତ୍ର ଗଦାଧର କୁଲୋକଙ୍କର କୁଶିକ୍ଷାରେ ପଡ଼ି ଆମ୍ଭର ନାନା ହାନିଜନକ କାର୍ଯ୍ୟ କରିବାରୁ ଏବଂ ଚେଷ୍ଟାସତ୍ତ୍ୱେ ଆମ୍ଭର ବଶୀଭୂତ ନ ହୋଇ ଅବାଧ୍ୟ ହେବାରୁ ଆମ୍ଭେ ତାକୁ ତ୍ୟାଜ୍ୟପୁତ୍ର କରିଅଛୁଁ । ଆମ୍ଭ ସମ୍ପତ୍ତିରେ ତାହାର କୌଣସି ଦାବି ନାହିଁ । ତାକୁ କେହି ଋଣ ଦେଲେ ଆମ୍ଭେ ସେଥିପାଇଁ ଦାୟୀ ହେବୁ ନାହିଁ ।

ଶ୍ରୀ ଫଣିଧର ମର୍ଦ୍ଦରାଜ
ଜମିଦାର, କୁଶଳପୁର

ନୋଟିସ ପଢ଼ି କେହି କହିଲା—"ସାବାସ ମର୍ଦ୍ଦରାଜ, ଏହି ଏକା ମର୍ଦ୍ଦପଣ ହେ ! ତୁମ୍ଭ ପରି ମର୍ଦ୍ଦରାଜ ନ ହେଲେ ଏଭଳି ମହତ୍ କାର୍ଯ୍ୟ କିଏ କରିପାରିବ ? ଆଉ ଏଭଳି ନୈତିକ ସାହସର ଶୁଭ୍ର ଆଦର୍ଶ କିଏ ବା ସମାଜରେ ଦେଖାଇପାରିବ ?" କେହି କହିଲା—"ଖାଲି ମର୍ଦ୍ଦରାଜ ନୁହେଁ, ନାମକୁ ତୁଟି ନାହିଁ, ସେ ଯେ ଫଣୀ—ନାଗସାପ ବିଷଶ୍ରେଷ୍ଠ ସନ୍ତାନ ମୁଣ୍ଡରେ ନ ବସାଇ କାହା ମୁଣ୍ଡରେ ବସାନ୍ତେ ? ହେଲେ ସନ୍ତାନଟି କି ସାମାନ୍ୟ ପାଜି ନୁହେଁ ! ବାପ ନାଗ ହେଲେ ସେ ନାଗବଛ । ଦେଖ ଏଥି ଉତ୍ତାରୁ କେଉଁ ପାଣି କୁଆଡେ ଯାଉଛି ।" କେହି ନିରୀହ ବ୍ୟକ୍ତି କହିଲା—"ଏସବୁ ବଡ଼ କଥା ବଡ଼ ଘରକୁ ସୁନ୍ଦର ।" ଆମେ ତ ଅ-ଟଙ୍କ, ଆମର ସେ ଚର୍ଚ୍ଚାରେ ଲାଭ କଅଣ ?" ଏହିପରି ନାନା ମନ୍ତବ୍ୟ ପ୍ରକାଶ କଲେ ।

— ୨ —

ଫଣିଧର ମର୍ଦ୍ଦରାଜ ଜଣେ ମଧ୍ୟବିତ୍ତ ଜମିଦାର । ସେ ବୃଦ୍ଧ ହେଲେହେଁ ତେଜରେ ଯୁବକକୁ ପରାସ୍ତ କରି ପାରନ୍ତି । ତାଙ୍କ ଜମିଦାରୀର ଓଜନ କଲେ ଯେତେ ହେବ, ଅଭିମାନର ଓଜନ ତାହାଠାରୁ ଅଧିକ । ଦେଶୀୟ ଆଚାର ବ୍ୟବହାର ଅପେକ୍ଷା ବିଦେଶୀୟ ଆଚାର ବ୍ୟବହାରକୁ ସେ ସମଧିକ ପସନ୍ଦ କରନ୍ତି । ସୁତରାଂ ସେ ବାଲ୍ୟକାଳରୁ ସେଥିରେ ଅଭ୍ୟସ୍ତ । ବିଳାସିତାରେ ଜାହାଙ୍ଗୀର ବାଦଶାହ ସୁଦ୍ଧା ତାଙ୍କର

ସମକକ୍ଷ ହେବେ ନାହିଁ । ଅଷ୍ଟବକ୍ର ବଡ଼ଲୋକ ତାଙ୍କ ଜୀବନ ଏବଂ ପ୍ରକୃତିକୁ ଆଚ୍ଛାଦନ କରି ରଖିଥିଲା । ଜଳଶୌଚ ପରେ ସେ କର୍ପୂରରେ ମାଟିହାତ କରନ୍ତି । ସେଥିରେ ଦୈନିକ ଆଠଅଣା ଖର୍ଚ୍ଚ ହୁଏ । ଏହି ଗୋଟିଏ ଦୃଷ୍ଟାନ୍ତରୁ ବଡ଼ଲୋକର ମାତ୍ରା ସହଜରେ ଅନୁମେୟ; ସୁତରାଂ ଅଧିକ ଅନାବଶ୍ୟକ । ସ୍ୱଂଅସ୍ୱର-ବର୍ଜିତ, ସ୍ୱୈରସ୍ୱଷ୍ଟୀ ଏବଂ ଅକ୍ଷମସର୍ବସ୍ୱ ହେତୁ ପ୍ରଜାମାନଙ୍କ ସଙ୍ଗରେ ତାଙ୍କର ସଦ୍ଭାବ ଥିଲା ନାହିଁ—ଗାଁ ମେଳ ସବୁବେଳେ ଲାଗି ରହୁଥାଏ । ଅତ୍ୟାଚାର ଏବଂ ଉତ୍ପୀଡ଼ନରେ ଅନେକ ପ୍ରଜା ଉତ୍ତେଜିତ ହୋଇ ମେଳି ବାନ୍ଧିଅଛନ୍ତି । ତାଙ୍କର ମୂଳ ଉଆସ କୁଶଳପୁରରେ; ମାତ୍ର ମେଳିଆମାନଙ୍କ ଭୟରେ ସେ ସେଠାରୁ ପଳାଇଯାଇ ଶ୍ୟାମ ନଗରରେ ନୂତନ ଉଆସ ନିର୍ମାଣ କରି ବାସ କରୁଅଛନ୍ତି । ଶ୍ୟାମ ନଗର ତାଙ୍କ ଜମିଦାରୀ ମଧ୍ୟରେ । ସେଠା ଅଧିବାସୀଏ ତାଙ୍କର ଅବାଧ୍ୟ ନୁହନ୍ତି । ଜମିଦାର ବାବୁ ସେହିଠାରେ ରହି କେତେ ଜଣ ପାରିଷଦଙ୍କ ସହ ବିଳାସ-ସ୍ରୋତରେ ଦେହ ଢାଳିଦେଇ ମହାନନ୍ଦରେ ଅଛନ୍ତି । ପ୍ରତ୍ୟହ ଛାଗମେଧ ଯଜ୍ଞ ହୁଏ—ଦିବ୍ୟ ସୁଗନ୍ଧ ଅମୃତ ପାନ ହୁଏ—ଅପ୍ସରା ନୃତ୍ୟ ହୁଏ, ଆଉ ମାସରେ ଦଶ ପନ୍ଦର ଥର ଯାତ୍ରା, ସର୍କସ, ଖେଳାବାଜି ପ୍ରଭୃତି ହୁଏ । ପାରିଷଦପଣ୍ଡିତଙ୍କର ସ୍ୱତନ୍ତ୍ର ପ୍ରାଣ ନାହିଁ । ସେମାନେ ଜମିଦାରଙ୍କର ପ୍ରତିଧ୍ୱନି । ସୁତରାଂ "ଆଜ୍ଞା-ହଁ" ମହାମନ୍ତ୍ରର ଏକନିଷ୍ଠ ଉପାସକ । ବିଳାସ ବ୍ୟସନର ସେବାରେ ଜମିଦାରଙ୍କର ଦିନସବୁ କଟିଯାଏ । ଜମିଦାରୀ ବୁଝିବାକୁ ତର ମିଳେ ନାହିଁ । ପ୍ରଜାପାଳନର ଭାର କର୍ମଚାରୀଙ୍କ ଉପରେ ନ୍ୟସ୍ତ । ସେମାନେ ପ୍ରଜାମାନଙ୍କୁ ଇଚ୍ଛାନୁରୂପ ମାରଣ, ତାଡ଼ଣ ଓ ଶୋଷଣ ଦ୍ୱାରା ସୁନ୍ଦରରୂପେ ପ୍ରଜାପାଳନ କରନ୍ତି ଏବଂ ଅନ୍ନସ୍ରଷ୍ଟା ପ୍ରଭୁଙ୍କ ବରାତ ଅନୁସାରେ ଟଙ୍କା ପଠାଇଦିଅନ୍ତି । ତହବିଲରେ ନ ଥିଲେ ଜମିଦାରଙ୍କ ନାମରେ ଋଣ କରି ଆଣି ଦିଅନ୍ତି । ଏହିପରି କରିବାଦ୍ୱାରା ଜମିଦାରଙ୍କର ବହୁ ଋଣ ହୋଇଗଲାଣି; ମାତ୍ର ସେଥିପ୍ରତି ତାଙ୍କର ଭ୍ରୂକ୍ଷେପ ନାହିଁ ।

ପୁରୁଣା ଉଆସରେ କଚେରୀ ହୁଏ । କର୍ମଚାରୀମାନେ ସେହିଠାରେ ଅଛନ୍ତି । ଜମିଦାରୀ କ୍ରମଶଃ ଋଣଗ୍ରସ୍ତ ହୋଇ ଉଠିବାରୁ ଜମିଦାର ପୁତ୍ର ଗଦାଧର ଏଣିକି ଜମିଦାରୀ ବୁଝାଶୁଝା କରେ । ଗଦାଧର ଜମିଦାରଙ୍କର ଏକମାତ୍ର ପୁତ୍ର । ସେ ପିତାଙ୍କ ପରି ଉଦ୍ଧତ ବା ଉଚ୍ଛୃଙ୍ଖଳ ନୁହେ । ସେ ଟିକିଏ ମିଠା କଡ଼ା ଧରଣର ଲୋକ । ପିତୃଚରିତ୍ର ପୁତ୍ର ଉପରେ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରି ପାରି ନ ଥିଲେହେଁ ସେ ଏକାବେଳକେ ଉତ୍ତରାଧିକାରୀ ସ୍ୱତ୍ୱରୁ ବଞ୍ଚିତ ହୋଇ ନ ଥିଲା । ଯାହା ହେଉ ଗଦାଧର ବିଷୟ ସମ୍ପତ୍ତି ତତ୍ତ୍ୱାବଧାନ କରେ ଏବଂ ପିତାଙ୍କ ବରାତମତେ ଟଙ୍କା ପଠାଏ । ତାହା ଚେଷ୍ଟାରେ କିଛି ଋଣ ମଧ୍ୟ ଶୁଝା ହୋଇଗଲାଣି । ପିତା ଯେତେବେଳେ ଇଚ୍ଛା ତେତେବେଳେ ଟଙ୍କା ମାଗିପଠାନ୍ତି, ଗଦାଧର ଅନିଚ୍ଛା ଏବଂ ବିରକ୍ତିସତ୍ତ୍ୱେ ତାହା ଦେଇପଠାଏ । ପିତାଙ୍କ ଅପରିଣାମଦର୍ଶିତା ଏବଂ ବହୁବ୍ୟୟ ତାକୁ ଭଲ ଲାଗେ ନାହିଁ; ମାତ୍ର ସେ ଭାବ ସେ ବାହାରକୁ ପ୍ରକାଶ କରେ ନାହିଁ । ପ୍ରଜାମାନେ ତାକୁ ଭଲ ପାଆନ୍ତି । ସେ ପ୍ରଚ୍ଛନ୍ନ ରହି ଅନେକ ପ୍ରଜାଙ୍କୁ ପିତାଙ୍କ କୋପଦୃଷ୍ଟିରୁ କୌଶଳରେ ରକ୍ଷା କରିଅଛି ।

—୩—

ଅନାବୃଷ୍ଟି ହେତୁ ବର୍ଷେ ଦୁର୍ଭିକ୍ଷ ପଡ଼ିଲା । ସେ ବର୍ଷ ଖଜଣା ଆଦାୟ ହେଲା ନାହିଁ । ତେଣୁ ଗଦାଧର ପିତାଙ୍କ ବରାତମତେ ଅର୍ଥ ଯୋଗାଇ ପାରିଲା ନାହିଁ । ଦକ୍ଷିଣକୁ ଅପ୍ସରାଦଳ ଆସିଥିଲେ । ସେମାନଙ୍କର ଉପଯୁକ୍ତ ପୂଜା ହୋଇ ପାରିଲା ନାହିଁ । ଜମିଦାର କ୍ରୋଧ ଓ ଅପମାନରେ ଆହତ ସର୍ପ ପରି ଗର୍ଜିଉଠି ପୁଅ ପାଖକୁ କହି ପଠାଇଲେ— "ଦୁର୍ଭିକ୍ଷ ପ୍ରଭୃତି କୌଣସି ଓଜର ଆପତ୍ତି ମୁଁ ଶୁଣିବି ନାହିଁ । ଜରୁର ଟଙ୍କା ଲୋଡ଼ା । ଯେପରି ହେଉ ବା ଯେଉଁଠୁ ଆଣ, ମୋତେ ହଜାର ଟଙ୍କା ଆଣି ଦେବାକୁ ହେବ ।" ପୁଅ ମଧ୍ୟ ଉପଯୁକ୍ତ ଉତ୍ତର ଦେଇ ପଠାଇଲା । ସେ କହିଲା—'ପ୍ରଜା ପଛେ ମରନ୍ତୁ; ମାତ୍ର ଅବିଦ୍ୟା ପୂଜା ନ ହେଲେ ଆମ ସପ୍ତପୁରୁଷ ଅଇନରକରେ ପଡ଼ିବେ ।' ଆଉ ସମ୍ଭାଳେ କିଏ ? ହନୁମାନ ଲାଙ୍ଗୁଡ଼ରେ ନିଆଁ ଲାଗିଲା । ଏବେ ଲଙ୍କା ଦଗ୍ଧ ହେବ । ଜମିଦାର କହିଲେ, "ହଁ, ପୁଅ ହୋଇ ବାପକୁ ଏପରି ଜବାବ !" ପାରିଷଦମାନେ ମଧ୍ୟ

ତାଙ୍କ ଏ ଉତ୍ତର ପ୍ରତିଧ୍ୱନି କଲେ । କେହି କହିଲା, 'ଏ କଳିକାଳ ପରା, ବାପକୁ ଏପରି ଜବାବ ଦେବା ସାତ ଜନ୍ମରେ ମୁଁ ଶୁଣି ନାହିଁ ! ଓଃ କି ମହାପାପ, ହରେ-କୃଷ୍ଣ କହ ।' କେହି କହିଲା— 'ହାୟ ହାୟ, କେଉଁ ଘରର ପିଲା, ପରଶିଖଣାରେ ପଡ଼ି ଟୋକାଟା ନିକେ ତ ଉଚ୍ଛୁନ୍ନଗଲା, ଅଉ ବଂଶରେ ବି କାଳି ଲଗାଇଲା ! ହାତରେ ମୁଠାଏ କରି ରଖିବ, ସଙ୍ଗୀ ସାଥିଙ୍କୁ ପୋଷିବ ଅଉ ବାପକୁ ଦେବା ବେଳକୁ ଦୁର୍ଭିକ୍ଷ । କାହିଁ ହୋ ଦୁର୍ଭିକ୍ଷ ? ଏବର୍ଷ ଅଠର ପଣ ଧାନ ଫଳିଛି । ଦୁର୍ଭିକ୍ଷ ଦୁର୍ଭିକ୍ଷ ବୋଲି ହୁରିହୁଙ୍କା ଛାଡ଼ିବା ଖାଲି ଗୋଟାଏ ଛୁଟା ବାହାନା ସିନା ।' ତୃତୀୟ ବ୍ୟକ୍ତି କହିଲା— 'ସେ ଦିନ ଘଣ୍ଟିରେ ମୁଁ ବି କାନରେ ଶୁଣିଛି, ଠଙ୍କାର ଝଣ୍‌ଝାଣ ଶବ୍ଦରେ କଚେରୀ କମ୍ପି ଉଠୁଥାଏ, ଅଉ ଆଦାୟ ହେଉ ନାହିଁ କିପରି ? ମିଛ ନୁହେଁ, ଅଖି ବୁଜି କହୁଛି, ମୁଁ ନିଜେ ଶୁଣିଛି ପରା ।' ଚତୁର୍ଥ କହିଲା— 'ଇମିତି ବାପ କାହାର ଅଛି ହୋ, ଦେବତା ପରି ବାପ, ତାଙ୍କୁ ଇମିତି ନିକୁଚ କରି କହିବାଟା ବଡ଼ ଖରାପ ।' ପାରିଷଦ-ଙ୍କର ଏ ଉକ୍ତି ଜମିଦାରଙ୍କ କ୍ରୋଧାନଳରେ ଆହୁତି ଭୁଲା ହେଲା । ଶେଷରେ ସେହି କ୍ରୋଧ-ଯଜ୍ଞର ଫଳସ୍ୱରୂପ ଉତ୍କଳ-ଦୀପିକାରେ ପୂର୍ବୋକ୍ତ ତ୍ୟାଜ୍ୟପୁତ୍ର ନୋଟିସ ପ୍ରକାଶିତ ହେଲା ।

ସ୍ୱୀୟ ଆତ୍ମଜ ପ୍ରତି ଜମିଦାରଙ୍କର ଏରୂପ କଠୋର ନିର୍ଦ୍ଦୟ ବ୍ୟବହାର ଦେଖି ପ୍ରଜାମାନେ ଉତ୍ତେଜିତ ହୋଇ ଉଠିଲେ । ଜମିଦାରଙ୍କ ପାଇକ ଆସି ଗଦାଧରଙ୍କୁ ଖଜଣା ଦେବାକୁ ମନା କରିଗଲା; ମାତ୍ର ଅଧିକାଂଶ ପ୍ରଜା ସେ ଆଦେଶ ମାନିଲେ ନାହିଁ । ସେମାନେ ସ୍ପଷ୍ଟ କହିଲେ— 'ଆମ୍ଭେମାନେ କଲେକ୍ଟରି ସାହେବଙ୍କ ପାଖରେ ଦର-ଖାସ୍ତ ଦେଇ ପ୍ରାର୍ଥନା କରିବୁ —ବୁଢ଼ା ଅତ୍ୟାଚାରୀ ଜମିଦାର ଆମର ଲୋଡ଼ା ନାହିଁ, ତାଙ୍କ ପୁଅ ଗଦାଧର ମହାପାତ୍ରଙ୍କୁ ଜମିଦାର ନିଯୁକ୍ତ କରିବା ଆମ୍ଭମାନଙ୍କର ଅଭିମତ ।' କେତେ ପ୍ରଜା ଗଦାଧରଙ୍କୁ ଖଜଣା ଦେଲେ, କେତେ ବୃଦ୍ଧ ଜମିଦାରଙ୍କର ପକ୍ଷ ଗ୍ରହଣ କଲେ । ଏହିପରି ପ୍ରଜାମାନେ ଦୁଇ ଦଳରେ ବିଭକ୍ତ ହେଲେ । ଗଦାଧର ଅନ୍ୟପକ୍ଷ ଲୋକଙ୍କ ପ୍ରରୋଚନାରେ ଉତ୍କଳ-ଦୀପିକାରେ ଏହିପରି ନୋଟିସ ଦେଲା —

"ଅତି ଦୁଃଖରେ ଲେଖୁଛୁ ଅମ୍ଭର ପିତା କୁଶଳପୁର ଜମି-ଦାର ଶ୍ରୀ ଫଣିଧର ମହାପାତ୍ରଙ୍କର ମତି ବିକୃତ ହୋଇ-ଯାଇଅଛି । ଅମ୍ଭ ବିପକ୍ଷମାନଙ୍କ କୁଶିକ୍ଷାରେ ସେ ଜମି-ଦାରୀ ହସ୍ତାନ୍ତର କରିଦେବାକୁ ଉଦ୍ୟତ ହୋଇଅଛନ୍ତି; ମାତ୍ର କୁଶଳପୁର ଜମିଦାରୀ ତାଙ୍କର ସ୍ୱୋପାର୍ଜିତ ନୁହେଁ, ସୁତରାଂ ତାହା ବିକ୍ରୟ କରିବାର ଅଧିକାର ତାଙ୍କର ନାହିଁ । ଅତଏବ ଯେଉଁମାନେ ଜମିଦାରୀ ନେବା ଆଶାରେ ତାଙ୍କୁ ଋଣ ଦେଉଅଛନ୍ତି ଅଥବା ଦେବାକୁ ଉନ୍ମୁଖ ଅଛନ୍ତି, ସେମାନଙ୍କୁ ଏ ନୋଟିସ ଦ୍ୱାରା ସତର୍କ କରାଇ ଦିଆଯାଉଅଛି କି, ସେମାନେ ସାବଧାନ ନ ହେଲେ ସେମାନଙ୍କୁ ପ୍ରତାରିତ ଏବଂ କ୍ଷତିଗ୍ରସ୍ତ ହେବାକୁ ପଡ଼ିବ । ସେ ଋଣ ସକାଶେ ଅମ୍ଭେ ଦାୟୀ ହେବୁ ନାହିଁ ।

ଶ୍ରୀ ଗଦାଧର ମହାପାତ୍ର

—୪—

ଏ ନୋଟିସ ଦେଖି ଅନେକେ ମୁରୁକିହସା ଦେଲେ । କେହି କେହି ଚଟିରେ କଥା ଭୁହାଭୁହି ହେଲେ । କେହି କହିଲା, ବାଃ, ଉପଯୁକ୍ତ ପିତାର ଉପଯୁକ୍ତ ପୁତ୍ର; ଖାସା ମେଣ୍ଢା ଲଢ଼ାଇ ଲଗିଛି ! ସେହି ଦିନଠାରୁ ଦୁଇ ପକ୍ଷର ସାନ, ବଡ଼, ମିଛ, ସତ ଅନେକ ମାଲି ମୋକଦ୍ଦମା ଲାଗିଲା । ଅର୍ଥର ବିପୁଳ ଶ୍ରାଦ୍ଧ ହେଲା । ଉଭୟ ପକ୍ଷରୁ କେତେ ପ୍ରଜା ଦଣ୍ଡିତ ହେଲେ । ପ୍ରଜା ପ୍ରଜା ମଧ୍ୟରେ ମୋକଦ୍ଦମା ଲାଗେ, ପିତାପୁତ୍ର ପ୍ରଚ୍ଛନ୍ନରେ ରହି ଯୋଗାଡ଼ଯନ୍ତ୍ର କରନ୍ତି ଏବଂ ଅର୍ଥ ସାହାଯ୍ୟ କରନ୍ତି । ଥରେ ବୃଦ୍ଧ ଜମିଦାରଙ୍କ ପରାମର୍ଶରେ ରାମ ନଗର ପ୍ରଜାମାନେ ଗଦାଧର ନାମରେ ଲୁଟତରାଜ ମାମଲା ଦାଏର କଲେ । ବୃଦ୍ଧ ଜମିଦାର ଯଥାସାଧ୍ୟ ଚେଷ୍ଟାରେ ପୁଅ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ପ୍ରମାଣ ସଜାଇ କରିଦେଲେ । ବିଚାର ତ ଆଇନ ଉପରେ ନିର୍ଭର ! ଆଇନ ଭିତରେ ଗିମ୍ଭିଭି ଗଳିପାରେ ନାହିଁ; ମାତ୍ର ତାହାର କୂଟତର୍କ ଫାଙ୍କରେ ବେଳେବେଳେ ହାତୀ ବି ଗଳି ଚାଲିଯାଏ । ଧଳା କଳା ହେବା, କିମ୍ବା କଳା ଧଳା ହେବା ବିଚିତ୍ର ନୁହେଁ । ଏହି ମିଥ୍ୟା ମୋକଦ୍ଦମାରେ ଗଦାଧର ଦୁଇ ମାସ କାରାଦଣ୍ଡ ପାଇଲା । ପୁଅକୁ ଜେଲ-ଖାନାକୁ ପଠାଇ ବୃଦ୍ଧ ଜମିଦାର ଗୋଟାଏ ସ୍ୱସ୍ତି କଥା

କଲା ପରି ମଣିଲେ । ସେ ଆନନ୍ଦରେ ଘରକୁ ଫେରି ଆସିଲେ । ଗନ୍ତପଥରେ ଗୋଟାଏ ଗ୍ରାମ ପଡ଼ିଲା । ବୃଦ୍ଧ ସ୍ଲୁ ସ୍ଲୁ ଏହି ଗୀତପଦଟି ଶୁଣିଲେ—

"ବୁଢ଼ାକାଳେ ଦଶରଥ ଅକାଳେ ଅଯଶ,
ଜ୍ୟେଷ୍ଠ ପୁତ୍ର ରାମଚନ୍ଦ୍ର ପେଷି ବନବାସ ।"

ବୃଦ୍ଧ ଚମକି ପଡ଼ି ବୁହୁଁଦେଇ ଦେଖିଲେ— ଗୋଟିଏ ଯୋଗୀ ଜଣକ ପିଣ୍ଡାରେ ବସି କେନ୍ଦରା ବଜାଇ ଏହି ଗୀତ ଗାଉଅଛି । ବୃଦ୍ଧ ଠିଆ ହୋଇ ଶୁଣିବାକୁ ଲାଗିଲେ । ଗାୟକ ଗାନରେ ତନ୍ମୟ ହୋଇ କି ଅନ୍ୟମନସ୍କ ହୋଇ କେଜାଣି ସେହି ଗୀତପଦଟି ଦୋହରାଇ ଦୋହରାଇ ଗାଉଅଛି ଏବଂ ମଧ୍ୟରେ ମଧ୍ୟରେ କହୁଅଛି—"ବାପ୍ସା ହେଉ ରଜାଝିଅ, ଥାଳରେ ମୁଠେ ଦିଅ, ନାଥ ଯାଉ ଲୋ ମା !" ଏହି ଗୀତପଦଟିର କି ଶକ୍ତି ଅଛି କେଜାଣି ଜମିଦାରଙ୍କ ହୃଦୟକୁ ଓଲଟ ପାଲଟ କରିଦେଲା । ସେ ମନେ ମନେ କହିଲେ—"ସତେ କି ଦଶରଥଙ୍କ ପରି ମୁଁ ବି ବୁଢ଼ାକାଳେ ସାମାନ୍ୟ କାର୍ଯ୍ୟ କରି ନାହିଁ । ଦଶରଥ ସତ୍ୟରକ୍ଷା ପାଇଁ ପୁଅକୁ ବଣକୁ ପଠାଇଥିଲେ, ଆଉ ମୁଁ ? ଛି-ଛି, ତାଙ୍କ ସଙ୍ଗରେ ମୋହର ସନ୍ତାନବୈରୀ ନିଷ୍ଠୁର ପାପୀର ତୁଳନା ? ତାହିଁ ପବିତ୍ର ଦେବନିର୍ମାଲ୍ୟ, ତାହିଁ ପୂତିଗନ୍ଧ ଆମିଷ !! ଉଃ, ମୁଁ କି ବର୍ବର ! ଧିକ୍ ଶତଧିକ ମୋତେ । ଅସ୍ତାୟମାନ ଜୀବନ-ରବିର ଶେଷ କିରଣରେ ମୋର ମସ୍ତକର କେଶ ଶୁକ୍ଳ ହୋଇଗଲାଣି, ଶ୍ମଶାନ-ଯାତ୍ରୀର ଏ ପ୍ରେତ ତାଣ୍ଡବ— ଏ ପାପ କାର୍ଯ୍ୟ କାହିଁକି ? ଏବେ ଏ କଳଙ୍କ କେଉଁ ଜଳାଶୟରେ ଧୋଇବି ? ଯହିଁରେ ଧୋଇଲେ ଏ କଳଙ୍କିତ ହେବ, ମୁଁ ପୁଣି ସେହିଥିରେ ବୁଡ଼ିବି ।" ବୃଦ୍ଧ ଏହିପରି ଅନେକ ଭାବି ଆଉ ଘରକୁ ନ ଯାଇ ସେହିଠାରୁ ପୁଣି କଟେରୀକୁ ଫେରିଗଲେ ଏବଂ ଜାମିନରେ ପୁଅକୁ ଖଲାସ କରି ଅତିରିକ୍ତ ଖର୍ଚ୍ଚ ଦେଇ ସାସୁନକରି ନେଲେ । ଆଉ ସେହିଦିନ ସଦରକୁ ଯାଇ ଅପିଲ ଦାଏର କଲେ । ଅନନ୍ତର ବଡ଼ ବଡ଼ ଓକିଲ ବାରିଷ୍ଟର ଦେଇ ବହୁ ଅର୍ଥବ୍ୟୟରେ ମାମଲା ଚଳାଇଲେ । ଯଥାସମୟରେ ଗଦାଧର ଉପର ଅଦାଲତରେ ନିର୍ଦ୍ଦୋଷ ପ୍ରମାଣିତ ହୋଇ ନିଷ୍କୃତି ଲାଭ କଲା । ବୃଦ୍ଧ ପୁତ୍ରକୁ ଖଲାସ କରି ଆଣି ତାହା ମୁଣ୍ଡରେ ହାତ ରଖି ବାଷ୍ପ ଗଦ୍‌ଗଦ କଣ୍ଠରେ ଏବଂ ଆର୍ଦ୍ର ନେତ୍ରରେ କହିଲେ—"ବାବା, ଲୋକେ କହନ୍ତି—କୁପୁତ୍ର ହୁଏ; ମାତ୍ର କୁପିତା ହୁଏ ନାହିଁ । ଏ ଉକ୍ତି ମୋ ପାଖରେ ବିପରୀତ ହେଲା । ମୁଁ ତୋର କୁପିତା, ତୋତେ ଅନେକ ଦୁଃଖ ଦେଇଛି, ମୁଁ ସେଥିର ପ୍ରାୟଶ୍ଚିତ୍ତ କରିବାକୁ ବାହାରିଲି । ଆଜିଠାରୁ ସବୁ ତୋର, ମୁଁ ବାନପ୍ରସ୍ଥାଶ୍ରମୀ । ଭଗବାନ ତୋର ମଙ୍ଗଳ କରିବେ, ଏ କୁପିତାର କଦାଚାର ତୁ ସ୍ୱପ୍ନ ପରି ଭୁଲିଯିବୁ ।" ବୃଦ୍ଧ ଜମିଦାର ଏତିକମାତ୍ର କହି ପୁତ୍ରକୁ କିଛି କହିବାକୁ ଅବସର ନ ଦେଇ ଝଡ଼ବେଗରେ ସେଠାରୁ ଚାଲିଯାଇ ଅଦୃଶ୍ୟ ହୋଇଗଲେ । ସେହିଦିନଠାରୁ କେହି ଆଉ ତାଙ୍କୁ ଦେଖି ନାହାନ୍ତି । ଲୋକେ ଏ ଘଟଣା ଶୁଣି ଆଶ୍ଚର୍ଯ୍ୟ ହୋଇ କହିଲେ—ଓଃ, କି ଅଦ୍ଭୁତ ପରିବର୍ତ୍ତନ !

# ମାଷ୍ଟର ବାବୁ

—୧—

"ଅତି ଦର୍ପେ ହତା ଲଙ୍କା"—ଅତି ଦର୍ପର ଅବଶ୍ୟମ୍ଭାବୀ ଫଳ ଯେ ଅତି ପତନ, ଏ ଉକ୍ତିର ଅକ୍ଷରଶଃ ସତ୍ୟତା ରତ୍ନନିଧି ଜୀବନରେ ଉଜ୍ଜ୍ୱଳ ଭାବରେ ଫୁଟି ଉଠିଥିଲା । ତାହାର ଜନନୀ ଦଶବର୍ଷ ଶ୍ୱଶୁରଘର କୁଳପ୍ରଦୀପଟିକୁ ଜନ୍ମ ଦେଇ ବନ୍ଧ୍ୟା-କଳଙ୍କରୁ ମୁକ୍ତ ହୋଇଥିଲେ । ଏହେତୁ ଅତି ସ୍ନେହରେ—ଅତି ଆଦରରେ—ଅତିକୁ ଅଧିକ ଗେହ୍ଲାରେ ପୁଅର ନାମ ରତ୍ନନିଧି ରଖିଅଛନ୍ତି । ଏହି କ୍ଷୁଦ୍ର ନାମଟି ମଧ୍ୟରେ ଜନନୀଙ୍କ ଅତୀତ ହୃଦୟ-ବେଦନାର ଗୋଟାଏ କରୁଣ ଛାୟାମୟ ଆଭାସ ଅଛି । ଘା' ଶୁଖିଯାଇଅଛି; ମାତ୍ର ଚିହ୍ନ ମିଳାଇଯାଇ ନାହିଁ । ବାସ୍ତବରେ ବନ୍ଧ୍ୟା ପୁତ୍ର ପାଇଲେ ରତ୍ନନିଧି ପାଇଲା ପରି ମଣେ । ନାରୀ ଯେତେ ଦିନ ପର୍ଯ୍ୟନ୍ତ ନାରୀତ୍ୱର ସର୍ବଶ୍ରେଷ୍ଠ ସମ୍ପଦ ପ୍ରାପ୍ତିରୁ ବଞ୍ଚିତ ଥାଏ, ସେତେ ଦିନ ପର୍ଯ୍ୟନ୍ତ ତାହାର ଅନ୍ତରାତ୍ମା ହାହା-କାର କରି ଝୁରି ହେଉଥାଏ । ଅଶନ ବସନର କିଛି ଅଭାବ ନ ଥିଲେ ସୁଦ୍ଧା ଅନ୍ତରର ଗୋଟାଏ ମର୍ମନ୍ତୁଦ ଶୂନ୍ୟତା ତାହା ପ୍ରାଣ ମଧ୍ୟରୁ 'ନାହିଁ, ନାହିଁ' ଧ୍ୱନି ଉଠାଉଥାଏ । ବନ୍ଧ୍ୟାର ହୃଦୟ ଶୂନ୍ୟ, ହାହାମୟ ଏବଂ ଦୁର୍ବାର ପିପାସାତୁର । ତାହାର ନେତ୍ର ଅଶ୍ରୁମୟ, ସ୍ୱର କାରୁଣ୍ୟମୟ—ଦୃଷ୍ଟି ଦୀନତାବୋଳା ଯାଚ୍ଞାପୂର୍ଣ୍ଣ । ସେ ଦେବଦେବୀଙ୍କ ନିକଟରେ—ଅଦୃଷ୍ଟ ଶକ୍ତିରେ ଏବଂ ନିଜର ଆକାଙ୍‌କ୍ଷା ନିକଟରେ ସଦା ରଙ୍କ ପରି ସଂଦ୍ଧା 'ଦିଅ ଦିଅ' ଶବ୍ଦରେ ଅଳି କରୁଥାଏ । ତାହାର ବାଞ୍ଛିତ କଲ୍ୟାଣ ସେ ସମସ୍ତଙ୍କଠାରୁ ଆଶା କରେ ।

ଚଣ୍ଡାପଡ଼ା ଗ୍ରାମରେ ପ୍ରାୟ ଶହେଘର ଚଷା ବାସ କରନ୍ତି । ସେମାନେ ଓଡ଼ିଶାର ଆଦିବଂଶଧର ଓଡ଼୍ର-ଶ୍ରେଣୀୟ । କୃଷି ପ୍ରାୟ ସମସ୍ତଙ୍କର ଜୀବିକା । ଜନ୍ମକାଳରୁ ସେ ଗ୍ରାମ ବୀଣାପାଣିଙ୍କର ପବିତ୍ର ଝଙ୍କାର ଶୁଣି ନାହିଁ । ପତଙ୍ଗ ନାୟକ ସେ ଗ୍ରାମର ଅଧିବାସୀ । ରତ୍ନନିଧି ତାହାର ପୁତ୍ର । ପତଙ୍ଗର ଭୂମି ନାହିଁ । ଗୋପାଳନ ତାହାର ବ୍ୟବସାୟ । ସେ ଘିଅ, ଦୁଧ, ଦହି, ଛେନା ବିକି ସଂସାର ଚଳାଏ । ପୋଷ୍ୟ ମଧ୍ୟ ଅଧିକ ନୁହେଁ—ଘରକୁ ପରିବାର—ସେ, ତାହାର ସ୍ତ୍ରୀ ଓ ପୁତ୍ର । ଏହି କ୍ଷୁଦ୍ର ପରିବାରଟିର ଦିନ ଶାଗଭାତରେ କଟିଯାଏ; ବିଶେଷ କିଛି ଅଭାବ ହୁଏ ନାହିଁ । ଯେ ମିତବ୍ୟୟୀ ଓ ସାବଧାନ, ସେ ଅଭାବର ମୁହଁ ଦେଖେ ନାହିଁ । ପତଙ୍ଗ ଦରିଦ୍ର; କିନ୍ତୁ ହୃଦୟୀ । ଧର୍ମ ପ୍ରତି ତାହାର ଅଟଳ ଭକ୍ତି, ବିଶ୍ୱାସ ଅଛି—ଦାନ ଏବଂ ଦୟାର ମାହାତ୍ମ୍ୟ ସେ ଅପରିଜ୍ଞାତ ନୁହେଁ । ସେ ବେଳେ ବେଳେ ଭାବେ—"ବିଦ୍ୟା ବିନା ମାନବ ଜୀବନ ବୃଥା । ପଶୁ ପରି ଚରିବୁଲି ପେଟ ପୂରାଇବା ପାଇଁ ବିଧାତା ମନୁଷ୍ୟକୁ ସୃଷ୍ଟି କରି ନାହାନ୍ତି । ତାଙ୍କର ଭିନ୍ନ ମହତ୍ ଉଦ୍ଦେଶ୍ୟ ଅଛି । ସୃଷ୍ଟିର ଉନ୍ନତି କରିବା ଲାଗି ସେ ମନୁଷ୍ୟକୁ ଅନନ୍ୟସୁଲଭ ବୁଦ୍ଧି ଏବଂ ବିବେକ ଶକ୍ତି ଦେଇ ସଂସାରକୁ ପଠାଇଅଛନ୍ତି । ତାଙ୍କର ଏହି ପବିତ୍ର ଶୁଭାଦେଶ ପାଳନ ସକାଶେ ସର୍ବାଦୌ ମନୁଷ୍ୟକୁ ବିଦ୍ୟାର୍ଜନ ଆବଶ୍ୟକ । ବିଦ୍ୟା ମନୁଷ୍ୟକୁ ଶକ୍ତି ଦାନ କରେ । ସେହି ଶକ୍ତି ବଳରେ କାର୍ଯ୍ୟ ସାଧନ ସହଜ ହୁଏ ।" ପତଙ୍ଗ ଏହିପରି ଅନେକ କଥା ଭାବି ସ୍ଥିର କଲା—ପୁଅକୁ ମୂର୍ଖ କରି ନ ରଖି ପାଞ୍ଚ ଅକ୍ଷର ପଢ଼ାଇବ । ରତ୍ନ ଯଥାସମୟରେ ବିଦ୍ୟାଳୟରେ ପ୍ରବେଶ କରି ପଢ଼ିବାକୁ ଲାଗିଲା । ପତଙ୍ଗ ଘରଖର୍ଚ୍ଚରୁ କାଟି ପୁଅର ଶିକ୍ଷାବ୍ୟୟ ଚଳାଇଲା । ରତ୍ନର ସ୍ମରଣଶକ୍ତି ଖୁବ୍ ପ୍ରଖର । କେତେ ବର୍ଷ ପରେ ସେ ଏଣ୍ଟ୍ରେନ୍ସ ପାସ କଲା । ସେତେବେଳେ ମେଟ୍ରିକୁଲେସନ ଥିଲା ନାହିଁ ।

ରତ୍ନ ପିଲାକାଳରୁ ଦାମ୍ଭିକ । ଅନ୍ୟକୁ ପରିହାସ କରିବା ତାହାର ସ୍ୱଭାବ । ଏଣ୍ଟ୍ରେନ୍ସ ପାସ ପରେ ତାହାର ସେ ପ୍ରବୃତ୍ତି ଅଧିକ ପ୍ରବଳ ହୋଇଉଠିଲା । ଗ୍ରାମରେ ସେ ଏକମାତ୍ର ଶିକ୍ଷିତ—ଗୋପାଳକ ସଙ୍ଗରେ କଳ୍ପନା—ଅମା-

କାର୍ଯ୍ୟରେ ଚତୁର; ସୁତରାଂ ଉନ୍ନତ ହେବା ତାହା ପକ୍ଷରେ ସ୍ୱାଭାବିକ। ଏଣ୍ଟ୍ରେନ୍ସ ପାସ କରି ସେ ଦଶ ହାତ ବଢିଗଲା ପରି ମଣିଲା। ପୃଥିବୀରେ ଯେ ତାହାଠାରୁ ବୁଦ୍ଧିମାନ୍, ତାହାଠାରୁ ଶିକ୍ଷିତ ଅଛନ୍ତି, ଏ ବିଶ୍ୱାସ ତାକୁ ସ୍ୱପ୍ନ ସୁଦ୍ଧା ହେଲା ନାହିଁ। ସେ ନିଜକୁ ଏକମାତ୍ର ଯୋଗଜନ୍ମା ମଣି ନିଜର ଆସନ ମନୁଷ୍ୟଲୋକର ଅନେକ ଊର୍ଦ୍ଧ୍ୱରେ କଳ୍ପନା କଲା। ସେ ସମୟରେ ଏଣ୍ଟ୍ରେନ୍ସର ମୂଲ୍ୟ ବର୍ତ୍ତମାନ ପରି ଦଶ ବାର ମୁଦ୍ରା ନ ଥିଲା। ବର୍ତ୍ତମାନ ବି. ଏ., ଏମ୍. ଏ. ର ମୂଲ୍ୟ ପଚିଶ ଷାଠିଏ ଟଙ୍କାକୁ ଡେଇଁ ପାରୁ ନାହିଁ; ମାତ୍ର ସେ ସମୟରେ ଏଣ୍ଟ୍ରେନ୍ସର ମୂଲ୍ୟ ତାହାଠାରୁ ଅଧିକ ଥିଲା। ଏଣ୍ଟ୍ରେନ୍ସ ପାସ ପୂର୍ବରୁ ଯେଉଁ ରଙ୍ଗ ଥିଲା, ବର୍ତ୍ତମାନ ଆଉ ସେ ରଙ୍ଗ ନାହିଁ। ଏବେ ତାହାର ଚାଲିଚଳଣ, କଥାବାର୍ତ୍ତା, ଚାହାଣି ଚଟକ ସବୁ ନୂଆ ହୋଇଗଲା। ଗାଁର ମୂର୍ଖ ଅସଭ୍ୟ ଲୋକଗୁଡାକ ତାକୁ ମାଟି ଗୋଡଠାରୁ ତୁଚ୍ଛ ଦେଖାଗଲେ। ଅଧିକନ୍ତୁ ସେମାନଙ୍କ ଦେହ ସୁଦ୍ଧା ତାକୁ ପସୁଳିଆ ଗନ୍ଧାଇଲା।

—୨—

ବର୍ଷକ ପରେ ରଙ୍ଗନିଧି ଶିକ୍ଷା-ବିଭାଗରେ କାର୍ଯ୍ୟ ପାଇଲା। ମାସିକ ପଚିଶ ଟଙ୍କା ବେତନରେ ସେ ସ୍କୁଲ ସବ୍ଇନ୍ସପେକ୍ଟର ନିଯୁକ୍ତ ହେଲା। ଗୋଟାଏ ସବ୍ଡିଭିଜନର ନିମ୍ନଶିକ୍ଷା ପରିଦର୍ଶନର ଭାର ତାହା ହାତରେ ରହିଲା। ଏ ବୃତ୍ତିଖଣ୍ଡ ପାଇବା ସକାଶେ ତାକୁ ସାମାନ୍ୟ ଯତ୍ନ କୌଶଳ କରିବାକୁ ହୋଇ ନାହିଁ। ଯାହାର ମୁରବି ଜୋର ନାହିଁ, ତାହା ପକ୍ଷରେ ସର୍କାରୀ ଚାକିରୀର ପ୍ରତ୍ୟାଶା ବାତୁଳତାମାତ୍ର। ଯୋଗ୍ୟତାର ଆଦର ନାହିଁ, ବରଂ ଧୃଷ୍ଟତାର ପୁରସ୍କାର ନିରଙ୍କୁଶ। ଏପରି ଅବସ୍ଥାରେ ନିଜ ଶିଙ୍ଗରେ ମାଟି ଖୋଳିବା ସହଜ ନୁହେଁ। ଯାହା ହେଉ ରଙ୍ଗନିଧି ଦେବତାଙ୍କୁ ପୂଜା ଦେଇ ନିଜର ସ୍ୱାର୍ଥିଷ୍ଠା ହସ୍ତଗତ କରିନେଲା। ମାସିକ ଅର୍ଦ୍ଧଶତ ବେତନ, ଅଧିକାର ଊଣା ନୁହେଁ, ଭବିଷ୍ୟରେ ଉନ୍ନତି ମିଶିଲା। ଆଉ କି ରକ୍ଷା ଅଛି? ନିମ୍ନଶିକ୍ଷା ବିଭାଗ ଥରହର କମ୍ପିଲା, ଶିକ୍ଷକମାନେ ସାମାନ୍ୟ ଦୋଷରେ ଗୁରୁଦଣ୍ଡରେ ଦଣ୍ଡିତ ହେଲେ। ଦୋଷର ଗନ୍ଧ ପାଇଲେ ଆଉ ରକ୍ଷା ନାହିଁ। ଦୋଷ ଖୋଜିଲେ ଦୋଷ ମିଳେ। ରଙ୍ଗନିଧି ଅଧୀନ ଶିକ୍ଷକମାନଙ୍କର ଦୋଷ ଅଣ୍ଡାଳି ବୁଲିଲା। ସେ ପାଠଶାଳା ତଦନ୍ତ କରିବାକୁ ଯାଇ ଶିକ୍ଷକକୁ ପରୀକ୍ଷା କରେ—ଅଠା ବଦ୍ରୂପର ଧାର ବତାଇ-ଦିଏ ଏବଂ ପିଲାମାନଙ୍କୁ ପଢାଏ; ଆଉ ଲୋଡା ହେଲେ ବେତ ଦେବତା ସାହାଯ୍ୟରେ କାହାର କାହାର ପୃଷ୍ଠ-ଚର୍ମର ସ୍ଥୂଳତା ପରୀକ୍ଷା କରେ। ଏ ହେତୁ ଛାତ୍ର ଶିକ୍ଷକ ଉଭୟେ ତାକୁ ଯମ କିଙ୍କର ପରି ଭୟ କରନ୍ତି। ଅନେକ ଦୁର୍ଗୁଣ ମଧ୍ୟରେ ତାହାର ଦୁଇଟି ଭଲ ଗୁଣ ଥିଲା। ପୋକ ଗଛର ସବୁଫଳ ପୋକା କଣା ହୁଏ ନାହିଁ—କେତେଟା ଭଲ ବି ଥାଏ। ରଙ୍ଗନିଧିର ଶିକ୍ଷାଦାନ ପ୍ରଣାଳୀ ଖୁବ୍ ଉତ୍କୃଷ୍ଟ। ତାହା ପିଲାଙ୍କ ହୃଦୟରେ ଅତି ସହଜରେ ଅଙ୍କିତ ହୋଇଯାଏ। ସେ ପିଲାଙ୍କୁ ପରୀକ୍ଷା କରେ ନାହିଁ, ପଢାଏ। ତାହାର ନିର୍ଦ୍ଦୋଷ ଆଦର୍ଶ ସହଜଶିକ୍ଷା ପ୍ରଣାଳୀ ଦେଖି ଊର୍ଦ୍ଧ୍ୱତନ କର୍ମଚାରୀମାନେ ତାକୁ ଯଥେଷ୍ଟ ପ୍ରଶଂସା କରନ୍ତି। ଦ୍ୱିତୀୟତଃ ସେ କାହାରିଠାରୁ ଲାଞ୍ଚ ନିଏ ନାହିଁ। କୌଣସି ଶିକ୍ଷକଠାରୁ ସେ କେବେ ପାନ ଖିଲେ ନେଇଥିବାର କେହି ଦେଖି ନାହାନ୍ତି। ସ୍ପଷ୍ଟବାଦିତା ତାହାର ଦୁଷ୍ଟ ସ୍ୱଭାବର ବିଶେଷତ୍ୱ। ପରୀକ୍ଷାର ଫଳ ଉତ୍ତମ ହୋଇଥିଲେ ସୁଦ୍ଧା ସେ ଉତ୍ତମ ବୋଲି ଲେଖେ ନାହିଁ। "ମନ୍ଦ ନୁହେଁ," ଚଳନୋପଯୋଗୀ ବୋଲିଯାଇ ପାରେ—ଏହିପରି ମନ୍ତବ୍ୟ ଲେଖେ। "ଉତ୍ତମ" ଶବ୍ଦ ତାହା ଅଭିଧାନରେ ନାହିଁ। ଛାତ୍ରମାନଙ୍କ ସମକ୍ଷରେ ଶିକ୍ଷକକୁ ଅପଦସ୍ଥ ବା ଅଳ୍ପ ପ୍ରତିପନ୍ନ କରିପାରିଲେ ସେ ଗୋଟାଏ ମହାଦେଶ ଜୟ କଲା ପରି ମଣେ। ବ୍ୟାକରଣରେ ଭୁଲ ହେଲେ କହେ—"ଓ ହୋ, ତୁମେ ପାଣିନିଙ୍କ ବଂଶଧର ପରା!" ଅଙ୍କରେ ଭୁଲ ହେଲେ ଉଚ୍ଚ କଠୋର ହାସ୍ୟରେ ଗୃହପ୍ରାଙ୍ଗଣ ମୁଖରିତ କରି କହେ—ତୁମେ ଶୁଭଙ୍କରଙ୍କର ପଣଗୋସବାପ ବୋଲି ମୁଁ ଜାଣି ନ ଥିଲି। କାହାକୁ କହେ—"ତୁମେ ଅବଧାନ ନୁହ ଯେ, କଲିକତା ଯାଦୁଘରେ ରହିବା ଭଳି ଜୀବବିଶେଷ।" ଶିକ୍ଷକମାନେ ତାହାର ଗୁଣକୁ ଭକ୍ତି କରନ୍ତି; ମାତ୍ର ସ୍ୱଭାବକୁ ଘୃଣା କରନ୍ତି। କେବେ ସେ ଜଣେ ଶିକ୍ଷକକୁ ଏହିପରି ଅଠା ବଦ୍ରୂପ କରି ଲଜ୍ଜା ଦେଇଥିଲା। ଶିକ୍ଷକଟି ସଙ୍ଗରେ କଡ଼ା କଡ଼ା ହେଉଥାଏ; ମାତ୍ର ତାଙ୍କ

କିଛି ପାରୁ ନ ଥାଏ । ସନ୍ଧ୍ୟାବେଳେ ପରୀକ୍ଷା ଶେଷ କରି ରଙ୍କନିଧି ପାଠଶାଳାରୁ ବାହାରିଯିବା ସମୟରେ ଶିକ୍ଷକ ଛାତ୍ରମାଳା ଘେନି ଖୁବ୍ ବଡ଼ ପାଟିରେ ସ୍ୱର ଧରି ଡାକୁଲା—"ପଡ ରେ ପିଲେ—ହୁଲହ୍ଲାମ ସାରି ଚଷା ମହାଆନନ୍ଦରେ, ନାନାରଙ୍ଗେ ଗୀତ ଗାଇ ବାହୁଡ଼ଇ ଘରେ ।" ଏ ଗୀତ ପଦକ ଭିତରେ ରଙ୍କନିଧିର କି ମର୍ମହୃଣା ସଙ୍କେତ ଥିଲା କେଜାଣି, ସେ ଏହା ଶୁଣି ଥରି ଉଠିଲା, ବାଳ ଛିଣ୍ଡାଇ ମରିବାକୁ ତାର ଇଚ୍ଛା ହେଲା; ମାତ୍ର କିଛି କହିଲା ନାହିଁ—ଘୃଣା ଗନ୍ଧରେ ଶୁକପକ୍ଷୀ ପରି ମୁହଁ ତଳକୁ ପୋତି ନୀରବ ରହିଲା । ଅନନ୍ତର ମନେ ମନେ କଅଣ ଭାବି ବ୍ୟଗ୍ର ଗତିରେ ପାଠଶାଳାରୁ ବାହାରି ଚାଲିଗଲା । ସେହିଦିନଠାରୁ ସେ ଦୁର୍ମୁଖ ଶିକ୍ଷକଙ୍କୁ କିପରି ବରଖାସ୍ତ କରିବ, ନଚେତ୍ ସସ୍‌ପେଣ୍ଡ କରିବ ଅଥବା ଅନ୍ତତଃ ସ୍ଥାନାନ୍ତର କରିବ, ଏହି ଚେଷ୍ଟାରେ ଲାଗିଲା । ମାତ୍ର ନିର୍ଦ୍ଦୋଷ ଦୁର୍ବଳର ସହାୟ ଭଗବାନ । ରଙ୍କନିଧିର ନାନା ଷଡ଼ଯନ୍ତ୍ରରେ ଶିକ୍ଷକର କୌଣସି ଅନିଷ୍ଟ ଘଟିଲା ନାହିଁ ।

ରଙ୍କନିଧି ତାହାର ଉପରିସ୍ଥ କର୍ମସ୍ୱାମୀମାନଙ୍କୁ ସୁଦ୍ଧା ଖାତିର କରେ ନାହିଁ, ଅଧିକନ୍ତୁ ପରିହାସ, ବିଦ୍ରୂପ କରେ । ଏ ହେତୁରୁ ସମସ୍ତେ ତା ପ୍ରତି ବିରକ୍ତ ଏବଂ ଖଡ଼୍‌ଗହସ୍ତ । ପରେ ତା ଇଲାକାର ଫଳ ଭଲ ନ ହେବାରୁ ତାକୁ କାରଣ ଦର୍ଶାଇବାକୁ ଉପରୁ ଆଦେଶ ଆସିଲା । ରଙ୍କନିଧି କୈଫିୟତସ୍ୱରୂପ ଉପରିସ୍ଥ କର୍ମସ୍ୱାମୀଙ୍କୁ ଲେଖିଲା—"ତୁମ୍ଭେମାନେ ତ ସହରର ଅଧାସ୍ୱର୍ଗରେ ବସି ବାଲିଶଆଉ ପଢୋଇର ବଂଶ ଲୋପ କରିବ, ମୋଫସଲ ସ୍କୁଲର ଅବସ୍ଥା କାହୁଁ ଜାଣିବ ?" ରଙ୍କନିଧିର ଏ କୈଫିୟତରେ ଉପରୁ ଆଦେଶ ଆସିଲା, "ଶାନ୍ତ ଶୀତଳ ଶିକ୍ଷା ବିଭାଗରେ ତୁମ୍ଭ ପରି ଉଦ୍ଧତ ପାଇଁ ସ୍ଥାନ ନାହିଁ ।" ସେହିଦିନଠୁ ରଙ୍କନିଧି କାର୍ଯ୍ୟଚ୍ୟୁତ ହୋଇ ଘରେ ରହିଲା ।

—୩—

ସତ୍ୟଭାମା ପୁରରେ ଗୋଟିଏ ମଧ୍ୟଇଂରାଜୀ ସ୍କୁଲ ଅଛି । ତାହା ସ୍ଥାନୀୟ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏବଂ ରାଜଦତ୍ତ ସାହାଯ୍ୟରେ ପରିଚାଳିତ । ପ୍ରଜା-ଶିକ୍ଷା ବିଷୟରେ ରାଜାଙ୍କର ଖୁବ ଆଗ୍ରହ । ସେଥିପାଇଁ ସେ ଯଥେଷ୍ଟ ଅର୍ଥବ୍ୟୟ କରନ୍ତି । ସ୍କୁଲର ଛାତ୍ରାବାସ ଅଛି । ଛାତ୍ରାବାସରେ ଉପଯୁକ୍ତ ବ୍ୟବସ୍ଥା ଅଛି । ଗରିବ ଛାତ୍ରମାନେ ବିନା ବ୍ୟୟରେ ସମସ୍ତ ସୁବିଧା ସହ ଛାତ୍ରାବାସରେ ରହି ପଢନ୍ତି । ପୁସ୍ତକ ପତ୍ରର ବ୍ୟୟ ସେମାନଙ୍କୁ ରାଜକୋଷରୁ ପ୍ରଦତ୍ତ ହୁଏ । କେତେ ଜଣ ଛାତ୍ରଙ୍କୁ ମାସିକ ବୃତ୍ତି ଦିଆଯାଏ । କାହାକୁ ବା ପାଠ୍ୟପୁସ୍ତକ କିଣି ଦିଆଯାଏ । ସେହି ସ୍କୁଲର ଦ୍ୱିତୀୟ ଶିକ୍ଷକ କାର୍ଯ୍ୟ ଖାଲି ହେଲା । ରଙ୍କନିଧି ଯଥାସାଧ୍ୟ ଚେଷ୍ଟା କରି ସେହି କାର୍ଯ୍ୟରେ ନିଯୁକ୍ତ ହେଲା । ଉକ୍ତ ପଦର ମାସିକ ବେତନ ଚତ୍ୱାରିଂଶ ରଜତଚକ୍ର । ରଙ୍କନିଧି ଦୁଇଓଳି ରାଜାଙ୍କ ଛାମୁକୁ ଯାଏ । ଏହା ତାହାର ଗୋଟିଏ ଅବଶ୍ୟ କରଣୀୟ ନିତ୍ୟକର୍ମ ପରି ହେଲା । ରାଜାଙ୍କର ସେ ଖଣ୍ଡେ ଅର୍ଦ୍ଧଦୈନିକ ସମ୍ବାଦପତ୍ର, ଗଡ଼ଜାତର ସମ୍ବାଦ ଦୁଇଓଳି ନେଇ ରାଜାଙ୍କ କାନରେ ଢାଳେ । ସେଥିରେ କାହାର କି କ୍ଷତି ହୋଇଥିଲା—କାହାର ଓଲେଇ ବୋହୁ ହାଣ୍ଡିରେ ଖାଇଲା—କାହାର କାହିଁକି କଳି ହେଲା—କିଏ କାହାକୁ କଅଣ କହି ଗାଳିଦେଲା—ଏହିପରି ରାଜାଙ୍କର ନିତାନ୍ତ ଜ୍ଞାତବ୍ୟ ବିଷୟ ଅନେକ ଥାଏ । ଏହିପରି କଥା ଅନେକ ବଡଲୋକଙ୍କୁ ମିଠା ଲାଗେ । ରଙ୍କନିଧି କ୍ରମେ ରାଜାଙ୍କର ପ୍ରିୟପାତ୍ର ହୋଇ ଉଠିଲା । ଗଡ଼ରେ ତାହାର ଗୌରବ ବଢିଗଲା । ରାଜକର୍ମଚାରୀମାନେ ତାକୁ ଦେଖିଲେ ଦୂରରୁ ଦଣ୍ଡବତ କରନ୍ତି । ସେ ବୁଲିଯିବାବେଳେ କେହି ବସିଥିଲେ ତାହା ପ୍ରତି ସମ୍ମାନ ପ୍ରଦର୍ଶନ କରି ଠିଆ ହୋଇପଡନ୍ତି । ଏହିପରି ସମ୍ମାନରେ ସେ ନିଜକୁ ଇନ୍ଦ୍ର, ଚନ୍ଦ୍ରଠାରୁ ବଡ଼ ମଣିଲା । କେହି ସମ୍ମାନ ନ କଲେ ତାକୁ ପ୍ରତିଶୋଧ ପ୍ରଦାନ କଲା । କେତେ ଜଣ ଦୁର୍ବୁଦ୍ଧି ଛାତ୍ରଙ୍କୁ ଘେନି ଗୋଟିଏ ଦଳ ବାନ୍ଧିଲା । ପ୍ରତି ରାତ୍ରିରେ ତାହାର ବିପକ୍ଷ ଲୋକଙ୍କ କାନ୍ଥରେ ନାନା ଅଶ୍ଳୀଳ କଥା ଲେଖା ହେଲା—ସକାଳେ ତାହା ଉପର୍ଯ୍ୟୁକ୍ତ ଛାତ୍ରମାନଙ୍କ ଦ୍ୱାରା ଗଡ଼ ସାରା ପ୍ରଚାରିତ ହେଲା—ଥଟ୍ଟା ବିଦ୍ରୂପ ଚାଲିଲା । ରଙ୍କନିଧି ଏହିପରି ଉପଦ୍ରବ କରିବାକୁ ଲାଗିଲା । ରାଜାଙ୍କ ପାଖରେ ଖଟ କହି ସେ ଅନେକଙ୍କୁ ବିପନ୍ନ କଲା ।

ତାହାର ପ୍ରକୃତ ଦୋଷ କେହି ରାଜାଙ୍କର କର୍ଣ୍ଣଗୋଚର କଲେ ସେ ତାହା ଗ୍ରହଣ କରନ୍ତି ନାହିଁ । ଏ ହେତୁ ସେ ପ୍ରଶ୍ରୟ ପାଇ ଅଧିକ ଅତ୍ୟାଚାର କଲା ।

ରଙ୍ଗନିଧିର ଶିକ୍ଷାଦାନ ପ୍ରଣାଳୀ ଅତି ଉତ୍କୃଷ୍ଟ, ଏହା ପୂର୍ବରୁ ବୋଲାଯାଇଅଛି । ସେଥିହେତୁ ରାଜା ତାହାକୁ ରାଜକୁମାରଙ୍କର ଗୃହଶିକ୍ଷକ ପଦରେ ନିଯୁକ୍ତ କଲେ । ସେହିଦିନଠାରୁ ସମସ୍ତେ ତାହାକୁ ମାଷ୍ଟର ବାବୁ ବୋଲି ସମ୍ବୋଧନ କଲେ । ତାହାର ପଦୋନ୍ନତି ସଙ୍ଗେ ସଙ୍ଗେ ସ୍ୱାଭାବିକ ଗର୍ବ ସ୍ପୃହା କେତେ ପାଉଛ ଉପରକୁ ଉଠିଗଲା । ରଙ୍ଗ ସମସ୍ତଙ୍କ ଉପରେ କର୍ତ୍ତୃତ୍ୱ ଆରମ୍ଭ କଲା । ତାହାର ଉପରିସ୍ଥ କର୍ମଚାରୀ ସ୍କୁଲର ହେଡ୍‌ମାଷ୍ଟର ଉପରେ ସୁଦ୍ଧା ପ୍ରଭୁତ୍ୱ ସ୍ଥାପନ କରିବାକୁ ବସିଲା । ଏହି କାରଣରୁ ଦୁହିଁଙ୍କର ବନିଲା ନାହିଁ । ତହୁଁ ରଙ୍ଗ ହେଡ ମାଷ୍ଟର ବିରୁଦ୍ଧରେ ଲାଗିଲା । ହେଡ୍ ମାଷ୍ଟର ବୃଦ୍ଧ । ତାଙ୍କର ମଣ୍ଡଗଣ୍ଡର ଠିକ୍ ନାହିଁ । ସେ ଆଉସବୁ ଭୁଲିଲେଣି, ପାଠଶାଠ ଭୁଲିଲେଣି, ପରିଶ୍ରମ କରି ପାରନ୍ତି ନାହିଁ, ସ୍କୁଲରେ ଶୁଅନ୍ତି—ରଙ୍ଗନିଧି ଏହିପରି ଖତ ମିଛ ରାଜାଙ୍କ ପାଖରେ କହି ହେଡ୍‌ମାଷ୍ଟରଙ୍କୁ ବାହାର କରି ନିଜେ ହେଡ୍‌ମାଷ୍ଟର ହେଲା । ଏଥିରେ ତାହାର ମଗଜ କେତେ ଉପରକୁ ଉଠିଗଲା, ତାହା କଳନ ହେଲା ନାହିଁ । କାନ୍ଥ ଲେଖା ବୃଦ୍ଧି ମାତ୍ରାରେ ବଢ଼ିଲା । ପ୍ରତାପ ମଧ୍ୟ ଦିନକୁ ଦିନ ବଢ଼ି ପଡ଼ିଲା । ମାଷ୍ଟରବାବୁ ନାମ ଶୁଣିଲେ ଅନେକେ ଥରହର କମ୍ପିଲେ । ସେ ଭୟଙ୍କର ଗାବଟା କେତେବେଳେ କାହାକୁ କି ବିପଦରେ ପକାଇବ, ଏହାହିଁ ସମସ୍ତଙ୍କର ଭୟ ।

ରାଜାଙ୍କର ପ୍ରଧାନ କର୍ମଚାରୀ ଜଣେ କ୍ଷତ୍ରିୟ । ଦିନେ ତାଙ୍କ ଦାଣ୍ଡପଟ କାନ୍ଥରେ କେତେ ଅପବାଦସୂଚକ ଅଶ୍ଳୀଳ କଥା ଲେଖା ହୋଇଗଲା । ସେ ନ ଉଠୁଣୁ ରଙ୍ଗ ସକାଳୁ ଯାଇ ତାଙ୍କୁ ଶଯ୍ୟାରୁ ଉଠାଇ ହସି ହସି କହିଲା—"ତମ କାନ୍ଥରେ କିଏ ଲେଖିଛି ଦେଖିଲଣି ?" ଗୃହସ୍ୱାମୀ ଉଠି କାନ୍ଥରେ ଯାହା ଲେଖା ହୋଇଥିଲା, ତାହା ପଢ଼ିଲେ । ତାଙ୍କର ସଦ୍ୟ ନିଦ୍ରୋନ୍ମୀଳିତ କଷାୟ ନେତ୍ର କ୍ରୋଧରେ ମନ୍ଦାର ଫୁଲ ପରି ଫୋପି ପଡ଼ିଲା । ସେ ମାଷ୍ଟର ବାବୁଙ୍କର କାନ ମୋଡ଼ି ଦୁଇ ଗାଲରେ ଦୁଇ ଚାପୁଡ଼ା ବସାଇଦେଇ କହିଲେ—"ବଦଜାତ ଟୋକା, ଏ ତୋହରି କାମ ।" ରଙ୍ଗ ଆଉ କହିବ କଅଣ ? ଗାଲ ଆଉଁସି ଆଉଁସି ରାଜାଙ୍କ ପାଖରେ ଗୁହାରି କଲା । ରାଜା ଦେଖିଲେ ମାଷ୍ଟର ବାବୁଙ୍କର ଗାଲ ଲାଲ ପଡ଼ିଯାଇ ଫୁଲି ଉଠିଛି । ଜଣେ ଭଦ୍ରଲୋକ ପ୍ରତି ଏରୂପ ଇତର ବ୍ୟବହାର କରିଥିବାହେତୁ ରାଜା ମନେ ମନେ ପ୍ରଧାନ କର୍ମଚାରୀ ପ୍ରତି ବିରକ୍ତ ହୋଇ ତାଙ୍କୁ ଡାକି ପଠାଇଲେ । ରଙ୍ଗ ବାଧା ଦେଇ କହିଲା—"ନା, ମହାରାଜ, ସେ ଆସି ପାରିବେ ନାହିଁ, ମଦ ପିଇ ମତୁଆଳ ହୋଇ ପଡ଼ିଛନ୍ତି । ତାଙ୍କର ଥାନଜ୍ଞାନ ନାହିଁ ।" ରାଜା ଶୁଣି ଆଶ୍ଚର୍ଯ୍ୟ ହେଲେ । ତାଙ୍କର ପ୍ରଧାନ କର୍ମଚାରୀ ମଦ୍ୟପ—ଏତେ ବଡ଼ ଲଜ୍ଜାର କଥା ! ସେ କ୍ରୁଦ୍ଧ ହୋଇ ପାଇକକୁ ଆଦେଶ ଦେଲେ, "ସେ ଯେଉଁ ଅବସ୍ଥାରେ ଅଛନ୍ତି, ସେହି ଅବସ୍ଥାରେ ଆଣି ତାଙ୍କୁ ହାଜର କର ।" ପାଇକ "ଆଜ୍ଞା ମହାପ୍ରଭୁ" କହି ଚାଲିଗଲା । ଦଣ୍ଡକ ପରେ ପ୍ରଧାନ କର୍ମଚାରୀ ଆସି ପହଞ୍ଚିଲେ । ରାଜା ତାଙ୍କୁ ଘଟଣାର ପ୍ରକୃତ କାରଣ ପଚାରିବାରୁ ସେ ମାଷ୍ଟର ବାବୁଙ୍କ କୀର୍ତ୍ତିକଲାପ ଗୋଟି ଗୋଟି କରି ବର୍ଣ୍ଣନା କରି ଗଲେ । ତାଙ୍କ କଥାରେ ମଦ୍ୟପ-ସୁଲଭ ବିଶୃଙ୍ଖଳତା ଦେଖାଗଲା ନାହିଁ । ତହୁଁ ରାଜା ରଙ୍ଗକୁ ରକ୍ତନୟନରେ ଚାହିଁ କହିଲେ—"ମିଥ୍ୟାବାଦୀ, ମଦ ପିଇବା ଲୋକ କି ଏହିପରି ଭଦ୍ରଭାବରେ କଥା କହନ୍ତି ? ଜଣେ ପଦସ୍ଥ ଭଦ୍ରବ୍ୟକ୍ତି ନାମରେ ତୁମେ ବୃଥା ଅପବାଦ ଦେଲ, ଏହି ଦୋଷରୁ ଆଜିଠାରୁ ତୁମକୁ ଗୃହଶିକ୍ଷକ କାର୍ଯ୍ୟରୁ ଅନ୍ତର କରାଯାଇ ନଅର ମନା କରାଗଲା ।" ରଙ୍ଗ ମୁଣ୍ଡରେ ବଜ୍ର ଭାଙ୍ଗି ପଡ଼ିଲା । ସେ କାନମୁଣ୍ଡ ଆଉଁସି ଘରକୁ ଆସିଲା । ସେହି ଦିନଠାରୁ ତାହାର ଗୃହଶିକ୍ଷକ କାର୍ଯ୍ୟ ଗଲା, ରାଜ-ଦରବାରରୁ ପ୍ରାଧାନ୍ୟ ଉଠିଲା, ଖାଲି ସ୍କୁଲ ଚାକିରୀଖଣ୍ଡ ରହିଲା ।

—୪—

ରାଜଦ୍ୱାର ମନା କବାଟ ଫିଟିବ, ରଙ୍ଗନିଧି ସେଥିର ଉପାୟ ମନ ମଧ୍ୟରେ ଖୋଜିବାକୁ ଲାଗିଲା । ତାହା ପରି ଧୂର୍ତ୍ତ ପକ୍ଷରେ ଉପାୟର ଅଭାବ ନାହିଁ । ସେ କ୍ଷମାପ୍ରାର୍ଥନା କରି ପ୍ରତ୍ୟହ ରାଜାଙ୍କ ନିକଟକୁ ଖଣ୍ଡିଏ

ଲେଖାଏଁ ପତ୍ର ଲେଖିଲା । ଯେଉଁ ଦ୍ରବ୍ୟକୁ ରାଜା ଶ୍ରଦ୍ଧା କରନ୍ତି, ସେହି ଦ୍ରବ୍ୟମାନ ସଂଗ୍ରହ କରି ଉପହାର ପଠାଇଲା । "ଧନ କାର୍ପଣ୍ୟ ସେବା ବଳେ, କବା ଅସାଧ୍ୟ ମନ୍ତ୍ରିତଳେ ?" ଭାଗବତକାରଙ୍କର ଏ ମହାବାଣୀ ସାର୍ଥକ ହେଲା । କିଛିଦିନ ପରେ ରାଜାଙ୍କ ଆଦେଶ ପ୍ରତ୍ୟାହୃତ ହୋଇ ଦ୍ୱାର ମନା ଫିଟିଲା । ରଙ୍କ ପୂର୍ବପରି ରାଜସମ୍ମୁଖ ଯାତାୟାତ କଲା ଏବଂ ପୂର୍ବପରି ଯାହା ତାହା ନାମରେ ଖତ ମିଛ କହିବାକୁ ଲାଗିଲା । ଏଥର ତାହାର ଅଧିକ କ୍ରୋଧ, ରାଜାଙ୍କ ପ୍ରଧାନ କର୍ମଚାରୀ ଉପରେ । ସେ ସର୍ବଦା ତାହାର ବିରୁଦ୍ଧରେ ଚୁଲି ଛିଦ୍ର ଖୋଜି ବୁଲିଲା । କୌଶଳ କରି ଦୁଇ ତିନିଟା ଦୋଷ ମଧ୍ୟ ପ୍ରମାଣ କରିଦେଲା । ଫଳରେ ପ୍ରଧାନ କର୍ମଚାରୀ କାର୍ଯ୍ୟଚ୍ୟୁତ ହେଲେ ଏବଂ ତାଙ୍କ ସ୍ଥାନରେ ରଙ୍କନିଧି ନିଯୁକ୍ତ ହେଲା । ସୂର୍ଯ୍ୟ ସ୍ୱଭାବତଃ ତେଜସ୍ୱୀ । ଗ୍ରୀଷ୍ମ କାଳରେ ସେ ତେଜ ଅଧିକ ପ୍ରଖର ହୋଇ ଉଠେ । ରଙ୍କ କ୍ଷମତା ପାଇ ଦୁର୍ଜୟ ପ୍ରତାପୀ ହୋଇ ଉଠିଲା । ସେ ପ୍ରଥମତଃ ରାଜକୋଷ ବୃଦ୍ଧିରେ ମନୋନିବେଶ କଲା । ସେ କାର୍ଯ୍ୟରେ ତାହାର ନ୍ୟାୟାନ୍ୟାୟ ବିଚାର ରହିଲା ନାହିଁ । ରାଜକୋଷକୁ ପ୍ରଭୂତ ଅର୍ଥାଗମ ହେଲା । ରାଜା ସନ୍ତୁଷ୍ଟ ହୋଇ ରଙ୍କନିଧିକୁ ଅଧିକ କେତେ କ୍ଷମତା ଦେଲେ । ସେ ଯାହା କରେ, ତାହାହିଁ ଚୂଡ଼ାନ୍ତ । ରାଜା ସେଥିରେ ହସ୍ତକ୍ଷେପ କରନ୍ତି ନାହିଁ । ରଙ୍କନିଧି ଏହି ପ୍ରଶ୍ରୟ ପାଇ କ୍ଷମତାର ଯଥେଷ୍ଟ ଅପବ୍ୟବହାର କରିବାକୁ ଲାଗିଲା । ତାହାର ଦୁଃସାହସ ଏତେ ବଢ଼ିଲା ଯେ, ରାଜାଙ୍କ ଅଜ୍ଞାତରେ ସେ ଅନେକ ଦୁଷ୍କାର୍ଯ୍ୟ କରିଗଲା । ଫଳତଃ ସେ ସତ୍ୟଭାମାପୁରର ଦ୍ୱିତୀୟ ରାଜା ହୋଇ ବସିଲା ।

ରଙ୍କନିଧି ରାଜସୁଖଭୋଗ କରୁଅଛି, ମାତ୍ର ତାହାର ପିତାମାତାଙ୍କ ଅବସ୍ଥାର କୌଣସି ପରିବର୍ତ୍ତନ ଘଟି ନାହିଁ । ସେମାନେ ପୂର୍ବପରି ଦୁଧ ଦହି ବିକି ଜୀବିକା ନିର୍ବାହ କରୁଅଛନ୍ତି । ରଙ୍କ ସେମାନଙ୍କୁ ବାର-ଛ ମାସେ ଥରେ ପଚାରେ ନାହିଁ କି ପଇସାଟିଏ ସାହାଯ୍ୟ କରେ ନାହିଁ । ଦିନେ ତାହାର ବାପ ପତଙ୍ଗ ନାୟକ ଆସି କହିଲା—"ବାବା ରଙ୍କ, ଆମେ ଦୁଇ ପ୍ରାଣୀ ଆସି ବୁଢ଼ା ବୁଢ଼ୀ ହେଲୁଁ, ଆଉ କେତେଣ ଆମର ବଳ ବୟସ ଅଛି ? ତୁ ତ ପଇସାଟିଏ ଦେଉନୁ ନାହିଁ, ଆମେ ବଞ୍ଚିବୁ କିମିତି ?" ରଙ୍କ ଖିନ୍ନ ଖିନ୍ନ ହୋଇ ମୁହଁ ବିକୃତାଳ କରି କହିଲା—"ତମେ କିମିତି ବଞ୍ଚିବ, ତାହା ତମେ ଜାଣ । ମୁଁ କାହିଁକି ଅକାରଣ ହାଣ୍ଡି ପୋଷିବାକୁ ଯିବି ? ସଂସାରରେ ପଶୁ, ପକ୍ଷୀ, କୀଟପତଙ୍ଗ କିଏ ବାପମାକୁ ପୋଷୁଛି ଯେ ମୁଁ ପୋଷିବି ? ବିଧାତା ସମସ୍ତଙ୍କୁ ପୋଷି ହେବା ପାଇଁ ହାତଗୋଡ଼ ଦେଇଛି । ତମେ ଗତର ଖଟାଇ ପେଟ ପୋଷ, ମୋତେ କାହିଁକି ସେକଥା କହୁଛ ?" ପୁତ୍ରର ଏ କଥା ଶୁଣି ପିତା ଦୀର୍ଘ-ନିଃଶ୍ୱାସ ଛାଡ଼ି କହିଲା—"ତୁ ତେବେ ଆମର ଏହିପରି ସୁପୁତ୍ର ?" ବୁଢ଼ା ଆଉ ଯାଏ କୁଆଡ଼େ ? ତେଣିକି ଯାହା ଘଟିଲା ତାହା ନ ଶୁଣିଲେ ସୁଦ୍ଧା କେହି ମନ ଊଣା କରିବେ ନାହିଁ । ବୁଢ଼ା ଭୂଇଁରୁ ଉଠି ଧୂଳି ଝାଡ଼ିହୋଇ ନୀରବରେ ଏକମୁହାଁ ହୋଇ ଘରକୁ ଫେରିଗଲା । ବାଟରେ ଜଣେ ପରିଚିତ ଲୋକ ପଚାରିଲା, "କି ପତଙ୍ଗ ଭାଇ, କୁଆଡ଼େ ଯାଇଥିଲୁ ?" ପତଙ୍ଗ କାନ୍ଦ ଫନ୍ଦାଇ କହିଲା—"କଅଣ କହିବି ଭାଇ, ମୋର ରଙ୍କନିଧିଟି ମରିଗଲା ।" ଦାରୁଣ କ୍ଷୋଭରେ ବୁଢ଼ା ଏତିକିମାତ୍ର କହି ପ୍ରଶ୍ନକର୍ତ୍ତାକୁ ଆଉ କିଛି ପଚାରିବାର ଅବସର ନ ଦେଇ ସେଠାରୁ ଶୀଘ୍ର ପ୍ରସ୍ଥାନ କଲା ।

ରଙ୍କନିଧି ଗୋଟାଏ ରାଜ୍ୟର ପ୍ରଧାନ କର୍ମଚାରୀ ହେଲା, ତଥାପି ତାହାର ମାଷ୍ଟରବାବୁ ଉପାଧି ଗଲା ନାହିଁ । ମାଷ୍ଟର ବାବୁଙ୍କ ଦୌରାତ୍ମ୍ୟରେ ରାଜା ତଥା ରାଜକର୍ମଚାରୀ ଅତିଷ୍ଠ ହୋଇ ଉଠିଲେ । ଯେଉଁ ପାଇକ, ଗୁମାସ୍ତା ପ୍ରଭୃତିଙ୍କ ମୁଣ୍ଡରେ ଦୁଇ ଚାରିଟା ପାଚିଲା ବାଳ ଦେଖାଗଲା, ତାଙ୍କର ଆଉ ରକ୍ଷା ନାହିଁ । ବୃଦ୍ଧ ଅକର୍ମଣ୍ୟ ଜ୍ଞାନରେ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଗଲା । ପ୍ରଜାମାନେ ବୃଥା ଦଣ୍ଡ ଦେଇ ଦେଇ ହା'ହୁ ମଧୁସୂଦନ ଉଚ୍ଚାରଣ କଲେ । ମଧୁସୂଦନ ସେମାନଙ୍କର ଅନ୍ତର ହାହାକାର କାନଡେରି ଶୁଣିଲେ । ଧର୍ମ ଆଉ କେତେ ଦିନ ଅନ୍ୟାୟ-ଉପଦ୍ରବ ସହିବ ? ଗରିବଙ୍କ ତପ୍ତ ନିଃଶ୍ୱାସରେ ଧର୍ମର ଆସନ ଟଳିଲା । ସବୁ

ସମସ୍ତ ସମାନ ଭାବରେ ଯାଏ ନାହିଁ, କେତେବେଳେ ଘଟଣା-ଚକ୍ରର ଛିଦ୍ରରେ ଖସି ପାର ହୋଇଯାଏ। ମାତ୍ର ସମସ୍ତ ଆସେ, କେତେବେଳେ ଛୁଇଁ ପଶିପାରେ ନାହିଁ । କିଛିଦିନ ପରେ ରଙ୍ଗନାଥ ଗୋଟାଏ ଶକ୍ତ ବିପଦରେ ପଡ଼ିଲା । ଜଣେ ପ୍ରଜା ତାହାର ଅବାଧ୍ୟ ହେବାରୁ ସେ ତାହାର ଘର ପୋଡ଼ିଦେଲା । ପ୍ରଜା ଯାଇ ଗଭର୍ଣ୍ଣମେଣ୍ଟ ଅଦାଲତରେ ମୋକଦ୍ଦମା କଲା। ସେଥିରେ ସାକ୍ଷୀ ସୁଦ୍ଧା ଉପସ୍ଥିତ ହେଲେ; ମାତ୍ର ସେ ଘଟଣାର କଥା କିଛି ଜାଣନ୍ତି ନାହିଁ ବୋଲି କହି ସାକ୍ଷ୍ୟ ପ୍ରମାଣ ଦେବାରୁ ଖଲାସ ପାଇଲେ । ମାଷ୍ଟର ବାବୁ ଦୋଷୀ ସାବ୍ୟସ୍ତ ହୋଇ ଛମାସ ସଶ୍ରମ କାରାଦଣ୍ଡର ଆଦେଶ ପାଇଲେ ।

ପାପର ଉପଯୁକ୍ତ ପ୍ରାୟଶ୍ଚିତ୍ତ ହେଲା । ମାଷ୍ଟର ବାବୁଙ୍କର ଏ ଅଧୋଗତିରେ ବ୍ୟଥିତ ହୋଇ ତାଙ୍କର ଜଣେ ପୂର୍ବତନ ଶିକ୍ଷାବିଭାଗୀୟ ଉଚ୍ଚକର୍ମଚାରୀ କହୁଥିଲେ—"ରଙ୍ଗ ଯେପରି ବିଦ୍ୱାନ, ତାହାର ଶତାଂଶର ଏକାଂଶ ବିନୟ ଯଦି ତା' ଦେହରେ ଥାଆନ୍ତା, ତେବେ ତାହାର ପ୍ରଭୂତ ଉନ୍ନତି ହୋଇଥାଆନ୍ତା । ଖାଲି ଦାମ୍ଭିକତା, ଅତି ସ୍ପଷ୍ଟବାଦିତା ଏବଂ ଉଗ୍ର ସ୍ୱଭାବ ହେତୁ ଲୋକଟା ମାଟି ହୋଇଗଲା । ବିନୟ ସ୍ୱଭାବର ଅଳଙ୍କାର । ତାହାର ଦୁର୍ଭାଗ୍ୟ ତାକୁ ସେ ଅଳଙ୍କାରରୁ ବଞ୍ଚିତ କରିଅଛି । ରଜନୀ ମେଘାବୃତ ହେଲେ ତାରା-ଅଳଙ୍କାର ଦିଶେ ନାହିଁ ।"

# ଜୀଅନ୍ତା ଭୂତ

— ୧ —

ନଈକୂଳିଆ ବାଲିମଝିରେ ତିନିଗଛିଆ ପଦା । ପଦା-ଖଣ୍ଡିକ ନିତାନ୍ତ ସାନ ନୁହେ—ତାହାର ପରିମାଣ ପାଞ୍ଚ ବାଟିରୁ ଅଧିକ ହେବ । ସେଠାରେ ଠିଆ ହୋଇ ଚାରିଆଡ଼କୁ ଚାହିଁଲେ କୋଶକ ଆୟତନ ମଧ୍ୟରେ ଘରଗ୍ରାମ କିଛି ଦୃଷ୍ଟିପଥରେ ପଡ଼େ ନାହିଁ କି ତରୁଲତାର ଚିହ୍ନବର୍ଣ୍ଣ ସୁଦ୍ଧା ଦେଖାଯାଏ ନାହିଁ । କେବଳ ସ୍ଥାନେ ସ୍ଥାନେ କେତେଠା କାଶ ବାଡ଼ି ପ୍ରକାଣ୍ଡ ଅଜଗର ଶୋଇଲା ପରି ଦିଶେ । ପଦା ଭିତରେ ଗୋଟାଏ ବଡ଼ ପୋଖରୀ ଅଛି—ତାହାର ନାମ ଅମୁହାଁ ପୋଖରୀ । କେହି କେହି "ଗଉଡୁଣୀ ଖାଡ଼ି" ବୋଲି ମଧ୍ୟ କହନ୍ତି । କିମ୍ବଦନ୍ତୀ ଅଛି—ଜଣେ ଗଉଡୁଣୀ ଗୋବର ସାଉଣ୍ଟି ଘିଅ କରି ବିକି ସେହି ଅର୍ଥରେ ଏହି ବିରାଟ ଜଳକୀର୍ତ୍ତି ସ୍ଥାପନ କରିଯାଇଅଛି । ଗଉଡୁଣୀ କେଉଁ କାଳରୁ ମଲାଣି, ତାହାର ଧୂଳିପାଉଁଶ ବି କୁଆଡ଼େ ମିଳାଇଗଲାଣି; ମାତ୍ର ତାହାର ନାମ ସେହି କୀର୍ତ୍ତି ସଙ୍ଗରେ ଯୁକ୍ତହୋଇ ରହିଛି । କୀର୍ତ୍ତି ହିଁ ମାନବକୁ ଅମରତା ପ୍ରଦାନ କରେ । ପୋଖରୀର ଜଳ ମାତୃ-ସ୍ନେହ ପରି ନିର୍ମଳ, ଶୀତଳ ଓ ମଧୁର ! କର୍ତ୍ତାର ମନ ନିର୍ମଳ ଥିଲେ, ଜଳ ଶୀତଳ,ନିର୍ମଳ ଏବଂ ସୁପେୟ ହୁଏ । ଯହିଁରେ ସ୍ୱାର୍ଥର ଛାୟା ପଡ଼େ ନାହିଁ, ତାହା ନିର୍ମଳ ହେବା ସ୍ୱାଭାବିକ । ସେହି ପୋଖରୀର ଦକ୍ଷିଣ ଅଡ଼ରେ ତିନିଟା ଝଙ୍କାଳିଆ ବରଗଛ ଅଛି । ସେହି ହେତୁ ପଦାର ନାମ ତିନିଗଛିଆ ପଦା ହୋଇଅଛି । ପଶ୍ଚିମ ଅଡ଼ରେ ବାଟ । ସେ ବାଟେ ହାଟୁଆମାନେ ଯିବା ଆସିବା କରନ୍ତି । ଲୋକେ କହନ୍ତି—ସେହି ଗଛ ତିନିଟାରେ ଅନେକ ଭୂତ ଅଛନ୍ତି । ଅବଶ୍ୟ ବିନା ପ୍ରମାଣରେ କେହି କହନ୍ତି ନାହିଁ । ଦୁମ୍‌ଦୁମିଆ ଦ୍ୱିପହରବେଳେ ଭୂତମାନେ ସେହି ଗଛ ଡାଳରେ ବସି ସଭା କରନ୍ତି । ନିଃଶବ୍ଦ ରାତିରେ ସେହି ଶ୍ୟାମଶଷ୍ପାବୃତ ବିସ୍ତୀର୍ଣ୍ଣ ପଡ଼ିଆରେ ଯୁଦ୍ଧ ବାଜିଣ ଖେଳନ୍ତି । ଏହା ଅନେକେ ସ୍ୱଚକ୍ଷୁରେ ଦେଖିଅଛନ୍ତି । ନିଜ ଆଖିରେ ଦେଖିଲା ପରେ ଆଉ ଅବିଶ୍ୱାସର କଥା କଅଣ ଅଛି ? ବିଶେଷତଃ ଗୋଟିଏ ପ୍ରତ୍ୟକ୍ଷ ଘଟଣା ସେହି ଲୋକ-ବିଶ୍ୱାସକୁ ସମ୍ପୂର୍ଣ୍ଣରୂପେ ଦୃଢ଼ୀଭୂତ କରି ଦେଇଅଛି । ଘଟଣାଟା ଏହି ଯେ—ଦିନେ ଗ୍ରୀଷ୍ମ ମଧ୍ୟାହ୍ନରେ ଜଣେ କୁମ୍ଭାରୁଣୀ ମୁଣ୍ଡରେ ବାଉଁଶ ପଞ୍ଜରି ବିରାଟ ବୋଝ ବହି ସେହି ବାଟେ ଆସୁଥିଲା । ବରଗଛର ଗୋଟାଏ ଡାଳ ସେହି ବାଟ ଉପରେ ଝୁଙ୍କି ପଡ଼ିଥିଲା । ତାହାରି ତଳେ ଲୋକେ ଯାତାୟାତ କରନ୍ତି । ଗାଈଆଳ ପିଲାମାନେ ସେହି ଡାଳରେ ଚଢ଼ି ଗଛକାଉ ଖେଳନ୍ତି । ସେଦିନ କେତେ ଜଣ ପିଲା ଡାଳ ଉପରେ ବସି ପିକା ଖାଉଥିଲେ । କୁମ୍ଭାରୁଣୀ ସେହି ଡାଳ ତଳେ ଯିବା ସମୟରେ ଗୋଟାଏ ଦୁଷ୍ଟ ପିଲା ତାହାର ଜଳନ୍ତା ପିକାଟାକୁ ବାଉଁଶପଞ୍ଜ ବୋଝ ଉପରେ ରଖିଦେଲା । କୁମ୍ଭାରୁଣୀ ସଙ୍ଗରେ ତାହାର କୌଣସି ପ୍ରକାର ଶତ୍ରୁତା ଥିଲା ନାହିଁ । ମୂର୍ଖ ଅଣ୍ଡିଆ ଗାଈଆଳ ପିଲା କୌତୁକ-ବଶତଃ ତାହା କରିଥିଲା । ଏବେ ତ ଗ୍ରୀଷ୍ମକାଳ, ଶୁଖିଲା ପଞ୍ଜରାଡ଼ାକ ଖରାତାତିରେ ଝାଁ ଝାଁ ହୋଇ-ରହିଅଛି । ତହିଁ ଉପରେ ପୁଣି ବାଉଁଶପଞ୍ଜ ! ଅଗ୍ନିଦେବ ମୁଖ-ରୋଚକ ଖାଦ୍ୟ ପାଇଲେ ଆଉ କି ରକ୍ଷା ଅଛି ? ପଞ୍ଜ ବୋଝଟା ହାଉ ପରି ଜଳି ଉଠିଲା । କୁମ୍ଭାର ବଧୂ ହାଉଳିଖାଇ ବୋଝଟା ପକାଇଦେଇ କିଛିକ୍ଷଣ ପରେ ମୂର୍ଚ୍ଛିତ ହେଲା । ଏ ଘଟଣା ଗ୍ରାମରେ ଗୋଟାଏ ଭୀଷଣ ଆତଙ୍କର ସ୍ରୋତ ଖେଳାଇ-ଦେଲା । ପୋଖତା ଲୋକେ ବସି କାରଣ ଅନୁସନ୍ଧାନରେ ଲାଗିଲେ । ସମସ୍ତେ କହିଲେ—"ଓ, ଏହେ ବଡ ବିଷମ କଥା ! ଯେଉଁଠି ଘରଗ୍ରାମ ନାହିଁ, ସେଠି ନିଆଁ କାହୁଁ ଆଇଲା !" କେହି କହିଲା—"ରାତିକଥା ଛାଡ଼, ଅମୁହାଁ ପୋଖରୀ ଅଡ଼କୁ ଦିନରେ ଏକୁଟିଆ ଗଲେ ବି ଛାତି ଦାଉଁ ଦାଉଁ ହୁଏ, ଦେହ ଶୀତେଇଉଠି ଫୁଲିପଡ଼େ ।

ସତେ ଯେପରି ପଛ ଆଡ଼ୁ କିଏ ମାଡ଼ ବସିଲା ସେହି-ପରି ଲାଗେ ।" କେହି କହିଲା—"ମୁଁ ଅଙ୍ଗେ ନିଭେଇଲା କଥା କହୁଛି, ଶୁଣିବ ଦିନେ କଅଣ ହେଲା ? ଉଃ ସେ କଥା ମନରେ ପଡ଼ିଲେ ଯୁଏଁ କରି ଦେହରୁ ରକ୍ତ ଶୁଖିଯାଏ । ଦିନେ ଆମ ବଉଳୀ ଗାଈଟା ହଜିଥିଲା । ମୁଁ ତେର ଆଡ଼େ ଖୋଜି ଖୋଜି ଶେଷରେ ଅମୁହାଁ ପୋଖରୀ ଅଡ଼କୁ ଗଲି । ତେତେବେଳକୁ ବେଳ ରତରତ ହେଉଥାଏ । ପୋଖରୀ ଅଡ଼ରେ ଗୋଡ଼ ଦେଲାକ୍ଷଣି ଚେଁ-ଚୁଁ ଚେଁ-ମାଁ ଶବ୍ଦରେ କାନରେ ତାଳି ପଡ଼ିଗଲା । ଭୟରେ ଦେହଟା ଥରି ଉଠିଲା । ତାହା ପରେ ମୋ ବେକଘଣ୍ଟି ଉପରେ କିଏ ଗୋଟାଏ କୁଅଁପଥର ପାହାଡ଼ ଲଦିଦେଲା ପରି ଲାଗିଲା । ଉଃ, ସେ କି ଶୀତଳ ! ଦେହଟାଯାକ ପିଣି ପିଣି ହୋଇ ବନ୍ଧ ଉଠିଲା ।" ଏହିପରି କେତେ ବକ୍ତୃତା ଦେଲା ପରେ ସାର' ହେଲା ଯେ—ସେ ଦିନ କୁମ୍ଭାରୁଣୀର ପନ୍ଦ ବୋଝରେ ଭୂତ ନିଆଁ ଲଗାଇଦେଇଅଛି । ଏଥିରେ ଆଉ ସନ୍ଦେହର ତିଳେ ମାତ୍ର ଅବକାଶ ନାହିଁ ।

—୨—

ହରିପୁର ଗୋଟିଏ ବର୍ଦ୍ଧିଷ୍ଣୁ ଗ୍ରାମ । ସେଠାରେ ସବୁ ଜାତିର ଲୋକ ବାସ କରନ୍ତି । ଗ୍ରାମର ଗଉଡ଼ ଜମିଦାର ଖୁବ୍ ଜଣେ ଧନୀ ଲୋକ । ଦିନେ ଜମିଦାର କନ୍ୟାର ବିବାହ ସମ୍ବନ୍ଧସୂଚକ ଦହିମାଛ ଖିର ବର ଘରୁ ଆସିଥିଲା । ଟିକିଏ ଅଣିଦୁଗ୍ଧ ଭଲ ସମ୍ଭାର ନ ହେଲେ ଜମିଦାରଙ୍କର ନାପସନ୍ଦ ହେବ, ସୁତରାଂ ବରକର୍ତ୍ତା ପସନ୍ଦ ଖିର ମାଛ ପଠାଇଥିଲା । ଖିରଆମାନେ ଉପର୍ଯ୍ୟୁକ୍ତ ଅମୁହାଁ ପୋଖରୀ କାଠରେ ଆସୁଥିଲେ । ତେତେବେଳକୁ ରାତି ଛଅଘଡ଼ି ହେବ । ଏତେ ସୁନ୍ଦର ମାଛ ଦେଖି ଭୂତପ୍ରେତଙ୍କ ପାଟିରୁ ଲାଳ ବହିପଡ଼ିଲା; ସମସ୍ତେ ଖିର ପଛରେ ଗୋଡ଼ାଇଲେ । ମାତ୍ର ଖିରିଆ ସଂଖ୍ୟା ବେଶୀ ଥିବାରୁ ମାଛ ଛଡ଼ାଇନେବାକୁ ସାହସୀ ହେଲେ ନାହିଁ । ଶେଷରେ ଧୂଳି ଫୋପାଡ଼, ଚେଁ-ଚେଁ-ଖେଁ ଖେଁ ହୋଇ ଭୟ ଦେଖାଇଲେ; କିନ୍ତୁ କିଛି ଫଳ ହେଲା ନାହିଁ । ତହୁଁ ଭୂତମାନେ ନିରାଶ ହୋଇ ମାଛଗୁଡ଼ାକ ପସ୍ତ ବୋଲି କହି ଫେରିଗଲେ । ସେମାନଙ୍କ ମଧ୍ୟରୁ ଗୋଟାଏ ଭୂତ ଫେରିଲା ନାହିଁ । ସେଟା ଖିରି ମାଛ ଡାଆଣା; ଗୋଡ଼ାଇ ଗୋଡ଼ାଇ ହରିପୁର ଯାଏଁ ଗଲା ମାତ୍ର ତାହାଙ୍କ କେଜାଣି ଆଉ ଫେରି ନ ଯାଇ ଗ୍ରାମର ପଛପଟରେ ଥିବା କୋଠିଲା ଗଛରେ ରହିଗଲା । ଗ୍ରାମର ପ୍ରାଚୀନ ଲୋକମାନଙ୍କ ମୁଖରୁ ଏହି ସମ୍ବାଦ ଶୁଣାଯାଏ । ଗାଁ ପଛରେ ଗୋଟାଏ ଅଣଓସାରିଆ ଗଳିବାଟ ଅଛି । ବାଟର ଦୁଇ ପାଖରେ ନିବିଡ଼ ବାଉଁଶବଣ । ସନ୍ଧ୍ୟା ହେଲେ ସେଠାରେ ପେଚକକୁଳର କାର୍ଯ୍ୟ ସମିତି ବସେ । ହୁକ୍କାମୀ ବିକଟ ସ୍ୱରରେ ବକ୍ତୃତା ହୁଏ । ଶିଆଳ-ମାନେ 'ହୁକେହୋ', 'ହୁକେହୋ' ଶବ୍ଦରେ ସେହି ବକ୍ତୃତା ସମର୍ଥନ କରନ୍ତି । ଭୂତଟି ଉପଯୁକ୍ତ ସଙ୍ଗୀ ଏବଂ ବାସସ୍ଥାନ ପାଇଁ ସେହି ବଂଶବଣ ମଧ୍ୟସ୍ଥ କୋଠିଲାଗଛରେ ଆଶ୍ରୟ ନେଲା । ସେହିଦିନୁ ସନ୍ଧରେ ସେବାଟେ କେହି ଯା ଆସ କରନ୍ତି ନାହିଁ । ପବନରେ ବାଉଁଶ ବାଉଁଶ ଘଷିହୋଇ କଟ୍ କଟ୍ ଶବ୍ଦରେ ଭୂତ ଦାନ୍ତ ରଗଡୁଛି ବୋଲି ଖିବ ଗ୍ରାମବାସୀମାନେ ଶଙ୍କିତ ହୁଅନ୍ତି । କେହି କେହି ଅତି ସାହସୀ ଲୋକ ଅନେକ ଥର ଗୋପନରେ ଯାଇ ଭୂତଟାର କାର୍ଯ୍ୟକଳାପ ଦେଖି ଆସିଛନ୍ତି । ସେମାନେ ଗ୍ରାମରେ ନାନାପ୍ରକାର ଭୀତିବ୍ୟଞ୍ଜକ ଏବଂ ହାସ୍ୟକର ସମ୍ବାଦ ପ୍ରକାଶ କରନ୍ତି । କେହି କହେ, ଭୂତଟା ବାଟ ଅଧରେ ଗୋଡ଼ ଲମ୍ବାଇ ବସି ବ୍ରମାସ୍ତ୍ରଣ ପଢେ—କେହି କହେ ହନୁମାନ ପରି ଏ ତାଳ ସେ ତାଳ ଡିଆଁ ମାରି କୁହାଟ ଛାଡ଼େ—କେହି କହେ ଜୀଅନ୍ତା ଜନ୍ତୁ ଧରି ଆଣି ରଡ଼ ରଡ଼ କରି ଚୋବାଇ ଖାଇଯାଏ । ଏହିପରି ନାନା ଲୋକେ ନାନାପ୍ରକାର କହନ୍ତି ।

ଫକୀର ନାହାକ ଉକ୍ତ ହରିପୁର ଗ୍ରାମର ଜଣେ ଅଧିବାସୀ । ସେ ଜାତିରେ ଜ୍ୟୋତିଷ । ପାଠର ଜୋର ତାହାର ତେତେ ନ ଥିଲେ ସୁଦ୍ଧା ଗାଠର ଜୋର ଅସାଧାରଣ ଥିଲା । ବାକ୍ୟରେ ସ୍ୱୟଂ ବାକ୍ୟଦେବୀ ତାହା ପାଖରେ ପରାସ୍ତ ହେବେ । ତାହାର ବିଦ୍ୟାପ୍ରକାଶର ସ୍ଥାନ ଥିଲା ବଜାର । ତେତେବେଳେ ରେଳବାଟ ଫିଟି ନ ଥିଲା । ଲୋକେ ଜଗନ୍ନାଥ ସଡ଼କରେ ଚାଲି ପୁରୀ ଯାଉଥିଲେ । ସଡ଼କ ପାଖରେ ଅନେକ ବଜାର ଥିଲା । ଯାତ୍ରୀମାନେ ସେହି ବଜାରରେ ରହି ରହି ଯାଉଥିଲେ ।

ଫକୀର ଯାତ୍ରୀମାନଙ୍କ ନିକଟରେ ପଣ୍ଡିତ ବୋଲି ଅଭିହିତ ହୁଏ । ସେ ଦୂରଦେଶାଗତ ଯାତ୍ରୀମାନଙ୍କ ହାତ ଦେଖି ରେଖା ଗଣି ବର୍ତ୍ତମାନ, ଅତୀତ, ଭବିଷ୍ୟତ ତିନିକାଳର ଫଳ ବଖାଣିଯାଏ । ସେ ହିନ୍ଦୀ, ବଙ୍ଗଳା, ତୈଲଙ୍ଗଭାଷା ସୁନ୍ଦରରୂପେ ସଜାଇ କହିପାରେ । ଏହିପରି ଶାଠ୍ୟ ଜୋରରେ ସେ ଯାହା ଉପାର୍ଜନ କରେ, ତାହା ନିତାନ୍ତ ଅଳ୍ପ ନୁହେଁ—ସେଥିରେ ତାହାର ସଂସାର ଚଳିଯାଏ । ବରଂ ଖଣ୍ଡେ ପଣେ ବଳିପଡି ସଞ୍ଚିତ ରହେ । ଫକୀରର ବୟସ ପଚାଶକୁ ଟପିଗଲାଣି । ଏଣିକି ସେ ଟିକିଏ କୃଷ୍ଣପରାୟଣ ହୋଇପଡିଛି । ସକାଳେ ସଞ୍ଜ-ବେଳେ ପଇସା ପଇସାକର ଅଫିମ ଖାଏ । ଅଫିମଖୋର-ମାନେ ସ୍ୱଭାବତଃ ଆଦ୍ୟ ଅବତାରର ବିଶେଷ ଭକ୍ତ ହୁଅନ୍ତି । ମାଛ ନ ହେଲେ ତାଙ୍କ ତଣ୍ଟିରେ ଭାତ ଗଳେ ନାହିଁ । ଫକୀର ରାତି ଦଶଟା ଯାଏଁ ବଜାରରେ ବୁଲି ବୁଲି ପଇସା ଭିକାରି କରେ । ତହୁଁ ପରେ ପଇସାକର ମାଛ ନେଇ ଉପର୍ଯ୍ୟୁକ୍ତ ଗଞ୍ଜବାଟେ ଘରକୁ ଆସେ । ସେ ବଡ଼ ନିର୍ଭୟ । ଭୂତପ୍ରେତ ବିଶ୍ୱାସକୁ ସେ କୁସଂସ୍କାର ବୋଲି ମଣେ । ଏତେ ରାତିରେ ସେ ଭୂତର ଘରଓଳି ବାଟେ ଆସେ ବୋଲି ଅନେକେ ତାହାର ସାହସକୁ ପ୍ରଶଂସା କରନ୍ତି । ବାଟରେ ଭୂତପ୍ରେତ ଭେଟିବା କଥା ପଚାରିଲେ ସେ ଗର୍ବ କରି କହେ—"ଭୂତ କଅଣ ମୋର ପ୍ରଧାନ ପ୍ରିୟ କୁଟୁମ୍ବ ଯେ, ମୋତେ ସଙ୍ଗେ ନେବାକୁ ଆସିବ ? ଭୂତ କଥା କିଏ ପଚାରେ, ଭୂତର ପଣଗୋସାଇଁ ବାପ ଆସିଲେ ବି ମୁଁ ଡରିବାର ପାତ୍ର ନୁହେଁ । ଭୂତ ପ୍ରେତ ବୋଲି କିଛି ନାହିଁ, ଖାଲି ଛୁଚ୍ଛା ମିଛ—ଛୁଚ୍ଛା ମିଛ । ପୁରୁଷ ହୋଇ ଯେ ଭୂତବିଶ୍ୱାସ କରେ, ଆଉ ଭୂତ ନାଁ ଶୁଣିଲେ ଘର କୋଣରେ ଲୁଚି ଆଖି ବୁଜିପକାଏ, ସେ ସ୍ତ୍ରୀ—ସେ ନାରୀ—ସେ କ୍ଲୀବ ।

—୩—

ବାଉରିଆ, ଶଙ୍କର ଦୁଇ ସଙ୍ଗାତ । ଦୁହିଁଙ୍କର ଏକା ପ୍ରକୃତି । ସେମାନେ ବଡ଼ କୌତୁକପ୍ରିୟ । ଦୁହେଁ ଯୁବକ; କିନ୍ତୁ ବାଳକ-ସୁଲଭ ଚପଳତା ସେମାନଙ୍କୁ ଛାଡି ନାହିଁ । ନିର୍ଦ୍ଦୋଷ କୌତୁକ ଅବଶ୍ୟ ଭଲ; ମାତ୍ର ଯାହାର ମନରେ କଷ୍ଟ ଦେଇ ବା ଯାହାକୁ ଯନ୍ତ୍ରଣା ଦେଇ କୌତୁକ ଉପଭୋଗ କରିବା ମନୁଷ୍ୟର କାର୍ଯ୍ୟ ନୁହେଁ, ପିଶାଚର କାର୍ଯ୍ୟ—ଏହା ସେମାନେ ଜାଣନ୍ତି । କେତେ ଥର ସାମାନ୍ୟ କୌତୁକ କରୁଁ କରୁଁ ତାହା ଭୀଷଣ ଘଟଣାରେ ପରିଣତ ହୋଇଛି । ସେଥିପାଇଁ ସେମାନେ ଅପ୍ରସ୍ତୁତ ହୋଇଅଛନ୍ତି, ଅନୁତାପ କରିଅଛନ୍ତି; କିନ୍ତୁ ତଥାପି କୌତୁକ ସ୍ପୃହା ଛାଡି ପାରି ନାହାନ୍ତି । ଯେହେତୁ "ପ୍ରକୃତିର୍ନୈବମୁଚ୍ୟତେ ।" ଫକୀର ନାହାକର ଦର୍ପ ଉକ୍ତି ବାଉରିଆ ଏବଂ ଶଙ୍କରକୁ ଭଲ ଲାଗେ ନାହିଁ । ତାକୁ ଉପଯୁକ୍ତ ଶିକ୍ଷା ଦେବା ସକାଶେ ଦୁଇ ସଙ୍ଗାତଙ୍କ ମନ କୁଣ୍ଡାଇ ହେବାକୁ ଲାଗିଲା । ଦିନେ ବାଉରିଆ ଶଙ୍କରକୁ କହିଲା—"ସଙ୍ଗାତେ, ଗୋଟାଏ କୌତୁକ କଲେ ଭଲ ହୁଅନ୍ତା, ଖୁବ୍ ମଜାର, ଖୁବ୍ ମଜା ହୁଅନ୍ତା । ଫକୀର ନାହାକର ବଢ଼େଇ କଅଣ ଆମେ ଭାଙ୍ଗିପାରିବା ନାହିଁ ? ସେ କହୁଛି ସବୁ ସମସ୍ତେ ମାଇଚିଆ, ଆଉ ସେହି ଏକା ମର୍ଦ୍ଦ । ପୁଣି କହୁଛି—ଭୂତର ପଣ ଗୋସାଇଁ ବାପକୁ ସୁଦ୍ଧା ସେ ଡରେ ନାହିଁ । ଆଚ୍ଛା, କେମିତି ନ ଡରିବ ଦେଖିବା । ଚାଲ, ତାକୁ ଦିନେ ଡରାଇବା ।" ଶଙ୍କର ପିଢ଼ା ଠାଣୁ ଠାଣୁ ନୀରବରେ ବନ୍ଧୁର କଥା ଶୁଣୁଥିଲା । ଶେଷରେ ଖୁବ୍ ଜୋରରେ ସଡ଼କାଏ ଟାଣିନେଇ ଗାଲପୁଚୁଡ଼ା କରି ସଗର୍ବ ବକ୍ରଦୃଷ୍ଟିରେ କେତେ କ୍ଷଣ ଯାଏ ବନ୍ଧୁ ମୁହଁକୁ ଚାହିଁ ରହିଲା । ତହୁଁ ପରେ ମୁହଁ ଗୋଲ କରି ଆସ୍ତେ ଆସ୍ତେ ପରି ଧୂଆଁ ଗୁଡ଼ାଏ ଉଦ୍ଗାଳିପକାଇ ଗମ୍ଭୀର ସ୍ୱରରେ କହିଲା—"ହୁଁ, ସେମିତି ମୁହଁ ଅନେକ ମୁଁ ଢେର ଦେଖିଛି, ଡରିବ ନାହିଁ ? ତା' ବାପ ଯେ ସେ ବି ଡରିବ । ନାହାକ ବାପୁଡ଼ାକୁ ଏମିତି ଡରାଇ ଡରେଇବି ଯେ, ସାତଜନ୍ମ ଯାଏଁ ତାହା ଭୁଲି ପାରିବ ନାହିଁ । ସେ ଯେବେ ଲୁଗାପଟାରେ ଅଧର୍ମ କରି ନ ପକାଏ, ତେବେ ମୋ ନାଁ ଧରିବ ନାହିଁ । ଏହି ଦେଖ ମୁଁ ନାକରେ ହାତ ମାରି କହୁଛି, ଯେବେ ତାକୁ ଡରାଇ ନ ପାରେ, ତେବେ ଏ ନାକ ଯୋଡାକ ଉପାଡି ଫୋପାଡିଦେବି ।" ବନ୍ଧୁର ଉତ୍ସାହ ଏବଂ ପ୍ରତିଜ୍ଞା ବାଉରିଆର ଛାତିକୁ ଦଶ ପିଠା ପରି ଫୁଲାଇଦେଲା । ବାଉରି ଯଥେଷ୍ଟ ଆନନ୍ଦ ଉପଭୋଗ କଲା; ମାତ୍ର ଅଭିନେତା ପରି ମୁହଁଟା ଶୁଖାଇପକାଇ ବ୍ୟାକ କରୁଣ

ସ୍ୱରରେ ପରିହାସ କରି କହିଲା—ହାୟ ! ହାୟ ! ସଙ୍ଗାତେ କି କଲ, କି କଲ ! ନିଷ୍ଠ ପସି ହତଭାଗୀ ବନ୍ଧୁ ଉପରେ ତୁମର ଟିକିଏ ବି ମୁଆଁସ ହେଲା ନାହିଁ ? କେତେ ସାଣଠାଏ ପଡ଼ାଇଲ ? ନିଷ୍ଠ ତାହାଙ୍କ ମରିବ, ସେ ତୁମ ଭଗାରିର ଅସୂଷ ନେଇ ଚରଣୀବା ହୋଇଥାଉ !" ଅନନ୍ତର ଫକୀରଙ୍କୁ ଭୟ ଦେଖାଇବା ସମ୍ବନ୍ଧରେ ଦୁଇ ବନ୍ଧୁ ମଧ୍ୟରେ ବଗୁର ଲାଗିଲା ।

ବସନ୍ତ କାଳ । ସୃଷ୍ଟି ଆନନ୍ଦରେ ହସୁଅଛି । ସୁବିଅଡ଼େ ଶୋଭାର ମହୋତ୍ସବ ଲାଗି ରହିଅଛି । ଉଲ୍ଲାସର ଚପଳ ତରଙ୍ଗ ନାଚି ଖେଳି ବୁଲୁଅଛି । ତରୁଲତାଏ ନିଜର ସାଜସଜ୍ଜାରେ ଲାଗିଅଛନ୍ତି । କେହି ପୁଷ୍ପପଲ୍ଲବ ଅଳଙ୍କାରରେ ସମ୍ପୂର୍ଣ୍ଣ ଅଳଙ୍କୃତ ହୋଇସାରି ନିଜ ବେଶରେ ନିଜେ ମୁଗ୍ଧ ହୋଇ ଜଗତକୁ ମୁଗ୍ଧ କରୁଅଛି । କେହି ଖଣ୍ଡିଏ ଖଣ୍ଡିଏ ଗହଣା ଦେହରେ ଖଞ୍ଜୁଅଛି । କେହି ବା ଭୂଷଣଶୂନ୍ୟ ହୋଇ ଦାରିଦ୍ର୍ୟର ଚିହ୍ନ ଧାରଣ କରିଅଛି । କେହି ରାଜରାଣୀ, କେହି ଦୀନବେଶା କାଙ୍ଗାଳୁଣୀ । କେହି ପ୍ରତିବେଶୀକୁ ନିଜର ଅତୁଳ ବିଭବ ଦେଖାଇ ଗର୍ବରେ ହସୁଅଛି । ପରର ସୌଭାଗ୍ୟ ଦେଖି ଦାରୁଣ ଈର୍ଷାରେ କାହାର ଦେହ ଝଡ଼ିଯାଉଅଛି । କାହାର ବା ଦୁଃଖ ନାହିଁ କି ଈର୍ଷା ନାହିଁ—ସେ ଭାଗ୍ୟକୁ ଆଦରି ଉଲଗ୍ନ ହୋଇ ଠିଆ ହୋଇଅଛି । ସେଦିନ କାହିଁକଥା ଯାଗ ହେତୁ ସନ୍ତରେ ସଫା ଜଷ୍ଣ ନ ପଡ଼ି କାଳିକାରୁ ପଡ଼ିଥିଲା । ବାଉଁଶ ଓ କୋଚିଲା ଗଛର ପତ୍ର ଝଡ଼ି-ଯାଇ ଥିବାରୁ ହରିପୁର ଗ୍ରାମର ପଛପଟ ଗଳିଟା ଆଉ ଅନ୍ଧାର ଦିଶୁ ନାହିଁ । ସତ ହାୟ ପ୍ରହରେ ହେବ । ଏହି ସମୟରେ ବାଉରିଆ ଏବଂ ଶଙ୍କର ଆସି ଉପର୍ଯ୍ୟୁକ୍ତ କୋଚିଲା ଗଛ ମୂଳରେ ଠିଆ ହେଲେ । ବାଉରିଆ ଗୋଟାଏ କଳା କମ୍ବଳ ଘୋଡ଼ିହୋଇ ମୁହଁରେ ଗୋଟାଏ ସେକାଳ ଯାତ୍ରାଦଳର ରାବଣମୁଖା ଖଞ୍ଜି-ଅଛି । ଆଉ ଶଙ୍କର ମୁଣ୍ଡରେ ଗୋଟାଏ ମାଛଧରା ଚାଙ୍ଗି ଭସ୍ତାଇ ପ୍ରେତଲୋକବାସୀ ପରି ଅଦ୍ଭୁତ ଆକାର ଦିଶୁଅଛି । ସେ କୋଚିଲା ଗଛକୁ ଚଢ଼ିଯାଇ ଯେଉଁ ଡାଳଟା ବାଟକୁ ଝୁଙ୍କିପଡ଼ିଥିଲା, ସେହି ଡାଳରେ ବସିଲା ଏବଂ ବାଉରିଆ ଖଣ୍ଡେ ଦୂରରେ ଗୋଟାଏ ବାଉଁଶ ଗଛକୁ ଧରି ଠିଆହୋଇ ରହିଲା । କିଛିକ୍ଷଣ ପରେ ଫକୀର ନାହାକ ବଜାରରୁ ସେହିବାଟେ ଆସିଲା । ତାହାର ଡାହାଣ ହାତରେ ଖଣ୍ଡେ ବାଡ଼ି ଏବଂ ବାମ ହାତରେ ପୁଡ଼ିଆଏ ଚୂନାମାଛ ଥିଲା । ସେ ଆସି କୋଚିଲାଗଛ ମୂଳରେ ପହୁଞ୍ଚିଲାକ୍ଷଣି ଶଙ୍କର ମାଙ୍କଡ଼ ପରି ଖେଁ ଖେଁ ହୋଇ ଡାଳଟାକୁ ଖୁବ୍ ଜୋରରେ ଝୁଙ୍କାଇ ପକାଇଲା । ଆଉ ବାଉରିଆ ଭଲୁ ପରି ଘଡ଼ର ଘଡ଼ର ହୋଇ ଖେଦି ଆସିଲା । ଫକୀରର ଦେହ ଫୁଲି ପଡ଼ିଲା; ମାତ୍ର ସେ ଭୁଆଡ଼କୁ ନ ଅନାଇ ହରେରାମ ହରେରାମ କହି ଅଗ୍ରସର ହେବାକୁ ଲାଗିଲା । ତହୁଁ ବାଉରିଆ ମୁଠାଏ ଧୂଳି ତାହା ଉପରକୁ ଫିଙ୍ଗିଦେଲା । ଫକୀର ଆଉ ଧୈର୍ଯ୍ୟ ରକ୍ଷା କରି ପାରିଲା ନାହିଁ । ସେ "ହଲେଲାମ ହଲେଲାମ" କହି ହାଉଳିଖାଇ ଧାଇଁବାକୁ ଲାଗିଲା । ବାଉରିଆ ଯାଇ ତାହା ଆଗରେ ଠିଆ ହୋଇଗଲା । ଫକୀର ତାହା ମୁହଁକୁ ଅନାଇ-ଦେଇ "ଖାଇଲା ରେ ଖାଇଲା ରେ" କହି ଚିତ୍ପତ୍ ପଡ଼ି ମୂର୍ଚ୍ଛିତ ହୋଇଗଲା । ବାଉରିଆ, ଶଙ୍କର ଦୁହେଁ ଧାଇଁ ଧାଇଁ ପଳାଇଗଲେ । ଫକୀରର ଡାକର ଶବ୍ଦ ଶୁଣି ଗାଁଲୋକେ ଧାଇଁ ଆସିଲେ । ଫକୀରକୁ ମୂର୍ଚ୍ଛିତ ଦେଖି ଏବଂ ତାହା ହାତର ମାଛସବୁ ସେଠାରେ ବିଞ୍ଚୁଡ଼ି ହୋଇ ପଡ଼ିଥିବାର ଦେଖି ଘଟଣାଟା ସେମାନେ ସହଜରେ ବୁଝିନେଲେ । ସମସ୍ତେ କହିଲେ, ମାଛ ଲୋଭରେ ତାକୁ ଭୂତ ଗୋଡ଼ାଇଥିଲା । ସେ ଭୟରେ ସେ ମୂର୍ଚ୍ଛିତ ହୋଇ ପଡ଼ିଅଛି । ଅନନ୍ତର ଫକୀରକୁ ଧରା ଧରି କରି ଘରକୁ ନେଇ ନାନା ଉପଚାରରେ ତାକୁ ସାବ୍ୟସ୍ତ କରାଇଲେ ।

—୪—

ସେହିଦିନ ରାତିରେ ଫକୀର ନାହାକକୁ ଭାରି ଜ୍ୱର ହେଲା । ଦେହ ଏତେ ଗରମ ହେଲା ଯେ, ଧାନ ପକାଇଦେଲେ ଖଇ ଫୁଟିଯିବ । ସେ ବେଳେ ବେଳେ ବେହୋସ ହୋଇପଡ଼େ । ମୂର୍ଚ୍ଛା ଭାଙ୍ଗିଲେ "ହେଇ ଖାଇଲା ରେ, ଖାଇଲା ରେ, ଧଇଲା ରେ" ବୋଲି କହି ଭୟରେ ପୁଣି ମୂର୍ଚ୍ଛିତ ହୋଇପଡ଼େ । ସମସ୍ତେ

କହିଲେ—ସେହି ମାଛରଙ୍କା ଭୂତଟା ତାହା ଉପରେ ସୁଆର ହୋଇଛି, ଏଥିରେ ଆଉ ଭୁଲ ନାହିଁ । ତହୁଁ ଆତ୍ମୀୟ ଲୋକମାନେ ଖୁବ୍ ଖ୍ୟାତନାମା ଗୁଣିଆ ଲଗାଇ ଝଡ଼ାଇଲେ । ଆଉ ଯେ ଯାହା କରିବାକୁ ଉପଦେଶ ଦେଲା, ତାହା ମଧ୍ୟ କଲେ; କିନ୍ତୁ କାହିଁରେ କିଛି ହେଲା ନାହିଁ । ଗୁଣିଆମାନଙ୍କର ମନ୍ତ୍ରତନ୍ତ୍ର, ହୁଙ୍କାର କଡର ସବୁ କ୍ଳୀବତ୍ୱ ଭଜିଲା । ସେମାନେ ଲଜ୍ଜିତ ହେଲେ; କିନ୍ତୁ ମୁହଁଟାଣ ଛାଡ଼ିଲେ ନାହିଁ । ନିଜର ଅପଟୁତା ଢାଙ୍କିବା ସକାଶେ ନାନା ପ୍ରକାର ଛଳନାର ଆଶ୍ରୟ ନେଲେ । କେହି କହିଲା—ସେ ଭୂତ ନୁହେଁ, ବ୍ରହ୍ମରାକ୍ଷସ । ସେଗୁଡ଼ାକ ବଡ଼ ବଦ୍‌ମାସ, ପଦ ଶୁଣନ୍ତି ନାହିଁ କି ମନ୍ତ୍ରତନ୍ତ୍ର ମାନନ୍ତି ନାହିଁ । ନ ହେଲେ ମୋ କାଉଁରିପଦ କଅଣ କାଟିଲା ନାହିଁ ! ଭୂତର ବାପା ବି କୁଆଡ଼େ ଛାଡ଼ି ପଳାନ୍ତା ।" କେହି କହିଲା—"କଳା କୁକୁଡ଼ା ବଳି ନ ଖାଇଲେ ସେ ଛାଡ଼ିବ ନାହିଁ । ରାମ୍ ରାମ୍, ଜୀବହତ୍ୟା କିଏ କରିବ ! ଆମେ ତ କାବୁ ତାହା ପାରିବୁଁ ନାହିଁ—ତୁମେ ଅନ୍ୟ ଗୁଣିଆ ଦେଖ ।" ବିଫଳକାମୀମାନେ ଦୋଷକୁ ନିଜା ନଅନ୍ତି ନାହିଁ — ଏହିପରି ଗୋଟାଏ କିଛି ବାହାନା ଧରି ଖସିଯାଆନ୍ତି । ଏହା ଖାଲି ବୁଦ୍ଧିମାନପଣିଆ । ଶେଷରେ ବୈଦ୍ୟଦ୍ୱାରା ଚିକିତ୍ସା କରାଗଲା । ଅନେକ କଟୁ ତିକ୍ତ ବଟିକା ପାଚନ ଗିଳି ସୁଦ୍ଧା ଭୂତଟା ଛନିଆ ହୋଇ ପଳାଇଲା ନାହିଁ । ଫକୀରର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇଉଠିଲା । ତାହାର ଦେହ ଝାଉଁଳିଯାଇ କଣ୍ଟା ପରି ହୋଇଗଲା । ସେ ଆଉ ଉଠି ବସି ପାରିଲା ନାହିଁ; ଦାନା ଛାଡ଼ି ଯନ୍ତ୍ରଣାରେ ପଡ଼ି ରହିଲା । ଘଡ଼ିକେ ମରିବ କି ଦଣ୍ଡକେ ମରିବ, ଏହିପରି ଅବସ୍ଥା ହେଲା । ଆତ୍ମୀୟ ସ୍ୱଜନମାନେ ତାହାର ଆଶା ଛାଡ଼ି ବସିଲେ ।

ଏହି ଘଟଣାଦ୍ୱାରା ଗ୍ରାମରେ ଘୋର ଆତଙ୍କର ସୃଷ୍ଟି ହେଲା । ଦିନରେ ସୁଦ୍ଧା ବୋଉଳା ଗଛମୂଳ ବାଟରେ କେହି ଚାଲିଲେ ନାହିଁ । ସ୍ତ୍ରୀସମାଜରେ ଭୟ ଅଧିକ ସଂକ୍ରମିତ ହେବାକୁ ଲାଗିଲା । ସେମାନଙ୍କ ଭୟ ପିଲାମାନଙ୍କ ପାଇଁ । କାଳେ କେତେବେଳେ ଭୂତ ଆସି ପିଲାଛୁଆଙ୍କୁ ଗିଳିପକାଇବ । ଏହି ଆଶଙ୍କାରେ ସେମାନେ ଅସ୍ଥିର । କେହି ହେଙ୍ଗୁଳିଆ ଭଡ଼ରେ ଭୂତାଦମଣର ପ୍ରତିଷେଧକ ଔଷଧ ଗୁଡ଼ିକ ପିଲାଙ୍କ କଟି, କଣ୍ଠ, ବାହୁରେ ପିନ୍ଧାଇଦେଲେ । ମାଆମାନେ ପିଲାଙ୍କ ମୁଣ୍ଡରେ ଗୋବର ଟିପ ନ ଦେଇ ବା ବେକରେ କେରାଏ ଛାଞ୍ଚୁଣି ନ ବାନ୍ଧି ଦାଣ୍ଡକୁ ଛାଡ଼ିଲେ ନାହିଁ । କେହି କେହି ଏହା ଦେଖି ପରିହାସ କରି କହିଲେ—"ସମସ୍ତେ ମୁଣ୍ଡଠାରୁ ଗୋଡ଼ଯାଏ ଗୋବର ବୋଳିହୋଇ ବେକରେ ଦୁଇ ମୁଠା ଛାଞ୍ଚୁଣି ବାନ୍ଧିଲେ ଭୂତ କେବେ ପାଖ ପଶିବ ନାହିଁ ।"

ଫକୀର ନାହାକର ମର ମର ଅବସ୍ଥା ଦେଖି ବାଉରିଆ ବଡ଼ ବ୍ୟଥିତ ହେଲା—ଦିନେ ସେ ଶଙ୍କରକୁ କହିଲା—"ସଙ୍ଗାତେ, ଦେଖୁଁ ଦେଖୁଁ ତ ନାହାକଟା ମରିବାକୁ ବସିଲା, ଆମେ କଅଣ ହତ୍ୟା ଦୋଷ ମୁଣ୍ଡାଇ ପାପରେ ବୁଡ଼ିବା ? ଆମରି ଲାଗି ତାହାର ପ୍ରାଣ ଯିବ ସିନା ! ଛି ଛି, ଏହିପରି ଥଟ୍ଟା କୌତୁକରେ ମାତି ଆମେ କେତେ ଥର ଠକ ସୁଦ୍ଧା ଶିଖୁ ନାହାନ୍ତି । ସେଦିନ ମଲା ସାପଟାକୁ କବାଟ ଫାଙ୍କରେ ଗଳାଇଦେଇ ସେ ବୁଢ଼ୀଟାକୁ ଡରାଇଲେ, ସେ କେତେ ଗାଳିଦେଲା । ଆଉ ପତଙ୍ଗୀ ଗଉଡ଼ ଶୋଇଥିବା ବେଳେ ତାହାର ଗୋଟାଏ ପାଖର ନିଶ କାଟିପକାଇ ତାହାଠାରୁ ଯେଉଁ କଲ୍ୟାଣ ଶୁଣିଲେ, ତାହା ତ ଜୀଇଥିବାଯାଏଁ ଭୁଲି ହେବ ନାହିଁ । ଏହିପରି କେତେ ଅଭିଶାପ ଆମ ନାଁରେ ଭଗବାନଙ୍କ ବ୍ୟାଙ୍କରେ ଜମା ହୋଇ ରହିଲାଣି, ତାହାର ସୀମା ନାହିଁ । ସେଥିର ସୁଧ ସହିତ ଆମେ ତାହା ପାଇବା । ଏବେ ଚାଲ, ସେ ସବୁ କୁବୁଦ୍ଧି ଛାଡ଼ି ଫକୀର ନାହାକ କିପରି ବଞ୍ଚିବ ତାହା କରିବା । ତା ମନରେ ଗୋଟାଏ ଭୟ ପଶିଯାଇଛି । ସେ ଭୟଟା ଛାଡ଼ିଗଲେ ସେ ଭଲ ହୋଇଯିବ । ସତ କଥା କହିଲେ, ସେ ନିଶ୍ଚୟ ବିଶ୍ୱାସ କରିବ ।" ଶଙ୍କର ସଙ୍ଗାତର ଏ ପ୍ରସ୍ତାବରେ ସମ୍ମତ ହେଲା । ଅନନ୍ତର ଦିନେ ଦୁଇବନ୍ଧୁ ଯାଇ ଫକୀରର ରୋଗଶଯ୍ୟା ପାଖରେ ବସି ତାକୁ ସବୁ କଥା କହିଲେ । ତାହାର ବିଶ୍ୱାସ ଜନ୍ମିବା ପାଇଁ କିଏ କି ବେଶ ଧରିଥିଲା, କିଏ କିପରି ଡରାଇଥିଲା, ତାହା ମଧ୍ୟ କହିଲେ, ଆଉ ନିଜର ଦୁଷ୍କୃତି ସକାଶେ ଅନୁତାପ

କରି ତାହା ପାଖରେ କ୍ଷମାପ୍ରାର୍ଥନା କଲେ । ଫକୀର ସେ ବୁଢ଼ୀଙ୍କର ସ୍ୱଭାବ ଜାଣେ, ସୁତରାଂ ଅବିଶ୍ୱାସ କଲା ନାହିଁ । ସେ ସବୁ ଶୁଣିସାରି ସେଦିନର ଘଟଣା ସଙ୍ଗେ ବୁଢ଼ା ସଙ୍ଗାତଙ୍କ କଥା ମିଳାଇ ବୁଝିଲା, ସେମାନଙ୍କର କଥା ମିଥ୍ୟା ନୁହେଁ । ତାହାର ହତାଶ ପ୍ରାଣରେ ଆଶା ଆସି ଆସନ ଜମାଇ ଚକାମାଡ଼ି ବସିଲା । ଅକସ୍ମାତ୍ ଗୋଟାଏ ଶକ୍ତି କେଉଁଠୁ ଆସି ତାହା ଦେହରେ ପଶିଗଲା ପରି ସେ ମଣିଲା । ତହୁଁ ଶଯ୍ୟାରୁ ଉଠି ବସି ମୁରୁ ହସି ସ୍ନେହ ଶିଥିଳ ସ୍ୱରରେ କହିଲା—"କେବେ ମୁଁ ଜୀଅନ୍ତା ଭୂତ ଦେଖି ଡରିଥିଲି ।" ବୁଢ଼ା ସଙ୍ଗାତ ହସି ଉଠି କହିଲେ—"ହଁ ଭାଇ, ଆମେ ଜୀଅନ୍ତା ଭୂତ ।" ସେହିଦିନଠାରୁ ଫକୀର ଦେହରେ କ୍ରମେ କ୍ରମେ ବଳ ସଞ୍ଚାର ହେଲା । କ୍ଷୟପ୍ରାପ୍ତ ଜୀବନୀ ଶକ୍ତି ପୁଣି ପୁଷ୍ଟ ହୋଇ ଆସିଲା । ଅଳ୍ପଦିନ ମଧ୍ୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଠିଲା । ଏଣିକି ସେ ବାଉରିଆ ଆଉ ଶଙ୍କରଙ୍କୁ 'ଜୀଅନ୍ତା ଭୂତ' ବୋଲି ଡାକେ ।

# ଦଶହରା-ଅନୁକୂଳ

—୧—

ଏ ବର୍ଷ ନୂତନ ଜମିଦାର ଗାଦୀରେ ବସିଛନ୍ତି, ଦୁର୍ଗାପୂଜା ଖୁବ୍ ଆଡ଼ମ୍ବରରେ ଲାଗିଅଛି । ପ୍ରତିବର୍ଷ ଦୁର୍ଗାପୂଜା ମାମୁଲି ଧରଣରେ ହୁଏ; ମାତ୍ର ଏଥର ପରି ସମାରୋହ କେବେ ହୋଇ ନ ଥିଲା । ବର୍ତ୍ତମାନ ଜମିଦାର ଦିବାକର ରାୟଙ୍କ ପିତା ସ୍ୱର୍ଗତ ମନୋହର ରାୟଙ୍କ ମୃତ୍ୟୁ ସମୟରେ ତାଙ୍କର ଆଜୀବନ ସଞ୍ଚୟ ଅଶୀ ହଜାର ଟଙ୍କା ସନ୍ଦୁକଘରେ ନଗଦ ଗଚ୍ଛିତ ଥିଲା । ଦିବାକର ସେହି ଟଙ୍କାସବୁ ପୂଜାରେ ଖର୍ଚ୍ଚ କରିବେ ବୋଲି ସଙ୍କଳ୍ପ କଲେ । ରାୟବଂଶ ଜାତିରେ ବଙ୍ଗାଳୀ । ମୁସଲମାନ ରାଜତ୍ୱ ସମୟରୁ ଓଡ଼ିଶାରେ ଜମିଦାରୀ କରି ପୁରୁଷାନୁକ୍ରମେ ବାସ କରି ଆସୁଅଛନ୍ତି । ସେମାନଙ୍କ ଆଚାର ବ୍ୟବହାର, ରୀତି ନୀତି ଅନେକ ପରିମାଣରେ ଓଡ଼ିଆ ହୋଇଯାଇଅଛି । ଓଡ଼ିଆ ପୁରୋହିତ ତାଙ୍କ ଘରେ ପୌରୋହିତ୍ୟ କରନ୍ତି—ଓଡ଼ିଆ ଶାସ୍ତ୍ରପୁରାଣ ପାଠ ହୁଏ । ସେମାନେ ଓଡ଼ିଆ ପଢ଼ନ୍ତି; ବିଶୁଦ୍ଧ ଓଡ଼ିଆ ଭାଷା କହିପାରନ୍ତି । ଓଡ଼ିଶାକୁ ନିଜର ମାତୃଭୂମି କହିବାକୁ ବା ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ସେମାନେ ସଙ୍କୁଚିତ ହୁଅନ୍ତି ନାହିଁ—ପ୍ରତ୍ୟୁତ ଗୌରବ ମଣନ୍ତି । କେବଳ ଘରେ ବଙ୍ଗ ଭାଷାର ବ୍ୟବହାର ଛାଡ଼ି ପାରି ନାହାନ୍ତି । ତାହା ତ କେହି ଛାଡ଼ିପାରେ ନାହିଁ । ସାତସମୁଦ୍ର ତେର ନଦୀ ସେପାରିରେ ଥିଲେ ସୁଦ୍ଧା ନିଜର ମାତୃ କି କେହି ଭୁଲିଯାଇ ପାରେ ? କେହି ନ ପାରୁ ପଛେ, ମାତ୍ର ଆମ ଜାତିଟା ଖୁବ୍ ପାରେ ଏବଂ ତାକୁ ପାରିଲାପଣ ମନେ କରେ । ଓଡ଼ିଆ ବାବୁମାନେ ବର୍ଷେ କି ଛମାସ କଲିକତାରେ ରହି ଫେରିଆସି ଯେଉଁ ବାଗେ କଥା କହନ୍ତି, ତାହା ଶୁଣିଲେ ସେମାନେ କିମ୍ଭୂତ କିମାକାର ଜନ୍ତୁ ପାଲଟିଯାଇଥିବା ପରି ବୋଧହୁଏ । ଓଡ଼ିଆରେ ଭଙ୍ଗା ଭଙ୍ଗା ବଙ୍ଗଳା ମିଶାଇ ଏପରି ଗୋଟିଏ କର୍ଣ୍ଣଶୂଳ ଭାଷା ଇଜାଦ୍ କରନ୍ତି ଯେ, ତାହା ଶୁଣିଲେ ପଞ୍ଜରା ହାଡ଼ ଜଳିଉଠେ । ଶିକ୍ଷିତ ଲୋକଙ୍କର ବଙ୍ଗଳା ଓଡ଼ିଆ ମିଶାଇ କହିବା ତ ଗୋଟାଏ ସଭ୍ୟତା ହୋଇଯାଇଅଛି । ଏକଶ୍ରେଣୀର ଲୋକେ ସେହି ବିକୃତ ଭାଷାକୁ ବାଛି ବସନ୍ତି; ମାତ୍ର ନିଜେ ବାରପଣ ବଙ୍ଗଳା ମିଶାଇ କଥା କହନ୍ତି । ଏହାଠାରୁ ବଳି ଦୁଃଖ ବା ହାସ୍ୟର ବିଷୟ କଅଣ ଅଛି ? ପୁଣି ସେ କଥା କେହି କହିଲେ ଭାଇବନ୍ଧୁ, ବିବାଦର ପ୍ରବୃତ୍ତିକୁ ଲଗାଇଦେଇ ତାହା ମୁଣ୍ଡ ଫୁଟାଫାଳ କରିଦଅନ୍ତି । ଆଗରେ ଶିଖଣ୍ଡୀକୁ ଠିଆ କରାଇ ପଛରେ ଲୁଚି ଧନୁବାଣ ଧରି ଅର୍ଜୁନ ସାଜିବା ସେମାନଙ୍କର ଗୋଟାଏ ସୁଆଙ୍ଗ । ମାଙ୍କଡ଼ ପରି ଅହନ୍ତା ପୋଷି ରଖିବା, ଆଉ ଯେ ଉପାୟରେ ହେଉ ପ୍ରତିଶୋଧ ନେବା ସେମାନଙ୍କର ଅମର ପୁଣ୍ୟକୀର୍ତ୍ତି । ଏହାହିଁ ତାଙ୍କ ମନୁଷ୍ୟତାର ବିକାଶ, ଜୀବନର ଲକ୍ଷ୍ୟ ଏବଂ ମନୋବୃତ୍ତିର ଆଦର୍ଶ । ଉଃ, କେଉଁ କଥା ଯାଇଁ କେଉଁଠି ଉଠିଲାଣି ! କ୍ରମେ ଯେ ଅପ୍ରାସଙ୍ଗିକତା ଆଡ଼କୁ ଗଳିଲି ! କଳ୍ପନା ! ତୋତେ ନେଇ ଘର କରିବା ତ ନିରାପଦ ନୁହେଁ ।

ଆଜି ଦଶହରା, ଦୁର୍ଗାପୂଜାର ଶେଷ ଦିନ । ଦଶ ଦିନ ହେଲା ବିପୁଳ ଆଡ଼ମ୍ବରରେ ଉତ୍ସବ ଲାଗିଅଛି । ଏହି ଦଶଦିନ ଜମିଦାର ଦିବାକର ରାୟଙ୍କ ଉଆସ ଗୋଟାଏ ପ୍ରଦର୍ଶନୀରେ ପରିଣତ ହୋଇଅଛି । ଦୂରାଗତ ଦେଖଣାହାରୀମାନଙ୍କୁ ତୃପ୍ତିପୂର୍ବକ ଆହାର ଦିଆଯାଉଅଛି । ରାତିରେ ଲୀଳା, ଯାତ୍ରା ଏବଂ ଦିନରେ ବିବିଧ ଖେଳ, ନାଚ, ତାମସା ଲାଗିଅଛି । ବଙ୍ଗଦେଶରୁ ଥିଏଟରଦଳ ଆସିଅଛନ୍ତି—ବନାରସରୁ ନର୍ତ୍ତକୀଦଳ ଆସିଅଛନ୍ତି । ଏହା ଛଡ଼ା ଦେଶୀୟ ପାଲା ଏବଂ ଯାତ୍ରାଦଳ ଜମିଦାରୀରୁ ବହୁତ ଆସିଅଛନ୍ତି । ସୁସଜ୍ଜିତ ଦେବୀ-ମଣ୍ଡପରେ ଦୁର୍ଗାମେଢ଼ ସଂସ୍ଥାପିତ । ମେଢ଼ ଭିତରେ ହାସ୍ୟମୟୀ ପ୍ରତିମା ମଣ୍ଡପ ଆଲୋକିତ କରି ବିରାଜମାନ । ମହାଶକ୍ତି-ରୂପିଣୀ ଦେବୀଙ୍କ ଶ୍ରୀଅଙ୍ଗରୁ ଶକ୍ତିର ଜ୍ୟୋତି ଉଦ୍ଭାସିତ

ହୋଇ ଉଠୁଅଛି । ତହିଁ ସଙ୍ଗରେ ମହାର୍ଘ ରତ୍ନାଳଙ୍କାର ଜ୍ୟୋତି ମିଶି ଏକ ଅଭିନବ ସୁଷମା ସୃଷ୍ଟି କରୁଅଛି । ମଣ୍ଡପ ସମ୍ମୁଖରେ ସୁପ୍ରଶସ୍ତ ବଙ୍ଗଳା । ସେଥିରେ ମଜଲିସ ହୁଏ । ସାଜସଜ୍ଜାରେ ବଙ୍ଗଳାଟି ସୁନ୍ଦରୀ ଅପ୍ସରାର ଶ୍ରୀ ଧାରଣ କରିଅଛି । ବିବିଧ ବର୍ଣ୍ଣର ବେଲୁସୀ ହାଣ୍ଡି ଏବଂ କାଚର ଝାଡ଼ ଲଗାଲଗି ହୋଇ ଝୁଲୁଅଛି । ଝୁଲି ଝୁଲି ପରସ୍ପର ଆଘାତ ପାଇ କେତେ ଭାଙ୍ଗି ଚୂନା ହୋଇଯାଉଅଛି । ତତ୍‌କ୍ଷଣାତ୍ ଶୂନ୍ୟସ୍ଥାନ ଅନ୍ୟ ହାଣ୍ଡି ଏବଂ ଝାଡ଼ଦ୍ୱାରା ପୂର୍ଣ୍ଣ ହୋଇଯାଉଅଛି । ରାତିରେ ସେଠାରେ ଥିଏଟର୍, ବାଏସ୍କୋପ୍ ପ୍ରଭୃତି ହୁଏ । ସେଠାରେ ସାଧାରଣ ଲୋକର ପ୍ରବେଶ ନିଷେଧ । କେବଳ ନିମନ୍ତ୍ରିତ ବିଶିଷ୍ଟ ଭଦ୍ରବ୍ୟକ୍ତିମାନେ ବସି ଯାହା ଦେଖନ୍ତି ଏବଂ ଆମୋଦ ଅସୀମ ଉପଭୋଗ କରନ୍ତି । ନଅରର ସମ୍ମୁଖରେ ଦେଶୀୟ ଲୀଳା, ବାଙ୍ଗୀପାଲା, ଗୋଷ୍ଠିନାଚ, ସଖୀନାଚ ପ୍ରଭୃତି ହୁଏ । ସାଧାରଣ ଲୋକେ ତାହାହିଁ ଦେଖନ୍ତି । ସ୍ଥାନେ ସ୍ଥାନେ ବାଣ ପୋଡ଼ା ହୁଏ । ଅନ୍ତର କେତେ ନବରଙ୍ଗ ଲାଗେ, ସେ ସବୁ ଇତର ଲୋକଙ୍କର ଉପଭୋଗ୍ୟ । ମୂଳତଃ ପୂଜାରେ ଇତର ଭଦ୍ର ସମସ୍ତଙ୍କ ପାଇଁ ଆନନ୍ଦ ଆମୋଦର ବ୍ୟବସ୍ଥା ହୋଇଥାଏ ।

—୨—

ତିନି ଦିନ କାଳ ଭିତରେ ଥିଏଟର ହେଉଥିଲା । ଆଜି ବାହାରେ ହେବ । ଏ ଦେଶରେ ତାହା ଗୋଟାଏ ନୂତନ ଦୃଶ୍ୟ । ଇତର ଭଦ୍ର ସମସ୍ତଙ୍କର ତାହା ଦେଖିବା ଆବଶ୍ୟକ । ଦରିଦ୍ର ଜୀବନରେ କି ଭୋଗ ଲାଳସା ଉଦିତ ହୁଏ ନାହିଁ ? ନିଶ୍ଚୟ ହୁଏ; ମାତ୍ର ତାହାର ଦାରିଦ୍ର୍ୟ ସେ ଇଚ୍ଛା ସଫଳ କରାଇଦିଏ ନାହିଁ । ମୁଣ୍ଡବେଡ଼ର ଜମିଦାରଙ୍କର ଏହା ଅଜଣା ଥିଲା ନାହିଁ । ତେଣୁ ଆଜି ସେ ଦରିଦ୍ର ଇତର ସାଧାରଣଙ୍କ ଦେଖିବାର ସୁବିଧା ପ୍ରକାଶ୍ୟ ଖୋଲା ଜାଗାରେ ଥିଏଟରର ବନ୍ଦୋବସ୍ତ କରିଅଛନ୍ତି । ସିଂହଦ୍ୱାର ସମ୍ମୁଖସ୍ଥ ବିସ୍ତୃତ ପଡ଼ିଆରେ ଛାମୁଣ୍ଡିଆ ବନ୍ଧା ହୋଇଅଛି । ତାହାର ସ୍ତମ୍ଭଗୁଡ଼ିକ ପୁଷ୍ପପଲ୍ଲବାଦି ବନ-ରତ୍ନରେ ଅଳଙ୍କୃତ ହୋଇ ସୌନ୍ଦର୍ଯ୍ୟର ସୀମା ଲଙ୍ଘି-ଯାଇଅଛି । ଛାମୁଣ୍ଡିଆଟି ବହୁ ଆଲୋକମାଳାରେ ମଣ୍ଡିତ । ସତେ ଯେପରି ସେ ବହୁନେତ୍ର ଫେଡ଼ି ନିଜେ ନିଜର ଶୋଭା ଦେଖି ସ୍ତବ୍ଧ ମୁଗ୍ଧ ହୋଇ ରହିଅଛି । ଆଜି ରାତିରେ ସେହିଠାରେ ଥିଏଟର ହେବ । ଗରିବ ଦୁଃଖୀ ବା ପାଣ ଦଣ୍ଡସି ପ୍ରଭୃତି ଇତର ଜାତି ଦେଖି ଚିତ୍ତ ବିନୋଦନ କରିବେ; ସେଥିରେ ତାଙ୍କର ଗୋଟାଏ ମନର ଆରମାନ ବି ଛୁଟିଯିବ । ରାତିର ସାମାନ୍ୟ କେତେ ଘଣ୍ଟା ପାଇଁ ସେମାନେ ନିଜକୁ ଭୁଲିଯାଇ ଆଶା-ରାଜ୍ୟର ଆର ପାଖରେ ଗୋଟାଏ ସ୍ୱପ୍ନଘେରା ଆନନ୍ଦ-ଧାମରେ ବିଚରଣ କରିବେ ।

ଉଆସ ପଛରେ ପାଣସାହି । ସେଠାରେ ପ୍ରାୟ ଶତାଧିକ ପାଣଘର ଅଛି । ପୁରୁଷମାନେ ମୂଲ ମଜୁରି ଲାଗି ସାମାନ୍ୟ ଉପାର୍ଜନ କରନ୍ତି । ସ୍ତ୍ରୀମାନେ ଗଛି, କାଠ ସାଉଣ୍ଟି ଆଣି ବିଲରୁ ଗେଣ୍ଡା କଙ୍କଡ଼ା ଧରି ଆଣି, ମୁଢ଼ି ମଦାରଙ୍ଗା, ପିତା ଗହମା ଶାଗ ତୋଳି ଆଣି ସ୍ୱାମୀଙ୍କୁ ଘରକରଣା କାର୍ଯ୍ୟରେ ଅନେକ ସାହାଯ୍ୟତା କରନ୍ତି । ସେମାନଙ୍କର କ୍ଷୁଦ୍ର ସଂସାରଟି ସୁଖେ ଦୁଃଖେ ଚଳିଥାଏ— ବିଶେଷ କିଛି ଅଭାବ ହୁଏ ନାହିଁ । ଯେ ନିଜର ଅବସ୍ଥାରେ ସର୍ବଦା ସନ୍ତୁଷ୍ଟ, ଅଭାବ ତାହାର କଅଣ କରିବ ? ଯେ ଅଭାବକୁ ହରଷିତ ନିମନ୍ତ୍ରଣ କରେ, ତାହାର ପ୍ରାଣ ସିନା ଅଭାବର ନିତ୍ୟ କଷାଘାତରେ ଦୀର୍ଣ୍ଣ ବିଦୀର୍ଣ୍ଣ ହୁଏ । ପାଣ ସାହିର ପିଲାଠାରୁ ବୁଢ଼ାଯାଏ ସମସ୍ତେ ବୃହଦିନ ହେଲା ସାଆନ୍ତଙ୍କ ଘର ସିଂହପିଠାରେ ପେଟ ପୂଜା କରୁଅଛନ୍ତି । ତାହାଙ୍କ ଘରେ ଚୂଲି ଲାଗିବାକୁ ନାହିଁ । ଆନନ୍ଦରେ ସମସ୍ତଙ୍କ ମନ ଉଲ୍ଲସିତ ହୋଇ ରହିଅଛି । ସେ ଆନନ୍ଦ ଉପରେ ପୁଣି ଏକ ଆନନ୍ଦ—ସମସ୍ତେ ଆଜି ଥିଏଟର ଦେଖିବେ । ଏହି ବିପୁଳ ଆନନ୍ଦ ପ୍ରତ୍ୟେକ ଲୋକର ମନ, ପ୍ରାଣ, ହୃଦୟ ମଧ୍ୟରେ କନ୍ଦି ସନ୍ଧି ଘୂରି ଖେଳି ବୁଲୁଅଛି । ସମସ୍ତେ ଅଧୀର ଉତ୍କଣ୍ଠାରେ ସଞ୍ଜକୁ ଚାହିଁ ବସି-ଅଛନ୍ତି ।

ଯଥାସମୟରେ ଥିଏଟରର ସଙ୍କେତ ବାଦ୍ୟ ଉଦାତ୍ତ ସ୍ୱରରେ ବାଜିଉଠିଲା । ସେ କ୍ଷଣରେ ଦର୍ଶକ ହୃଦୟର ଅବରୁଦ୍ଧ ବାଞ୍ଛା ପ୍ରତିଧ୍ୱନି କରି ଉଠିଲା ।

ଶ୍ରୀକୃଷ୍ଣଙ୍କ ବଂଶୀଧ୍ୱନି ଶୁଣି ଗୋପୀମାନେ ଅସମ୍ଭାଳ ହୋଇ ଧାଇଁଲା ପରି ସେହି ଥିଏଟରର ବାଦ୍ୟରେ ଆକୃଷ୍ଟ ହୋଇ ଦଳଦଳ ଲୋକ ଯାତ୍ରା ଦେଖିବାକୁ ଧାଇଁଲେ । ପାଣ ସାହିପାଳି ସମସ୍ତେ ଘରେ କାଟିକବାଟ କଳି ଧାଇଁଲେ । ସେଠୀ ବିଛଣାରୁ ଉଠି ଘୁଷୁରିଧାଇଁଲା ଧାଇଁଲା— ଅମଳୀ ଅମଳ ପାଣି ଭରୁଁ ଭରୁଁ ଉଠିପଡ଼ି ଧାଇଁଲା— କେହି ଦରଖିଆ ହୋଇ ଭାତ ଛାଡ଼ି ଧାଇଁଲା । ଏହିପରି ଗୋଠାଏ ବୃଦ୍ଧା ପଡ଼ିଗଲା । ଝିଅ ମା କୋଳରୁ ଉଠି ଧାଇଁଲା । ତାହା ପଛେ ପଛେ ମା' ବି ଧାଇଁଲା । ଅତୁଳ ବିଭବରେ ଯମରାଜାଙ୍କ ମହାଦରବାରରେ ହାଜର ହେବା ପାଇଁ ଚିତ୍ରଗୁପ୍ତ ଯାତ୍ରୀ ନାମରେ ଇସ୍ତେହାର ଜାରି କରିଅଛି, ସେହି ମହାଯାତ୍ରାର ଆୟୋଜନ ଛାଡ଼ି ଥିଏଟର ଯାତ୍ରା ଦେଖିବା ଲାଗି ପଡ଼ିଉଠି ଜଗିତ ପଦରେ ଧାଇଁଲେ । ଦଣ୍ଡକ ମଧ୍ୟରେ ପାଣସାହିଟା ଯାକ ଜନମାନବଶୂନ୍ୟ ହୋଇଗଲା । ଗାଁଟା ଖାଁ ଖାଁ ଜାକିଲା ।

ଗାଁ ମୁଣ୍ଡରେ ବେଲ ଜେନାର ଘର । ବେଲ ଘରେ ତିନି ପ୍ରାଣୀ—ସେ, ତାହାର ପୁଅ ବାଘୁଆ ଆଉ ପୁତ-ବଧୂ ଝିଁମୁରା । ଝିଁମୁରୀ ନୂଆବନ ହେଲା ଶଶୁରଘର କରିବାକୁ ଆସିଅଛି । ବେଲ ବୁଢ଼ା ହେଲାଣି । ସେ ଜୀଅ-ନ୍ତରେ ଲାଗି ସେରେ ମାଣେ ଅଣି ପେଇପାଣି କରି କୁଟୁମ୍ବ ପୋଷୁଥିଲା; ମାତ୍ର ପୁଅ ବାଘୁଆର ମୁଣ୍ଡକୁ ହାତ ପାଇଲା ଦିନୁ ଟିକିଏ ଆରାମରେ ଅଛି । ଗାଁସାରା ସମସ୍ତେ ଯାତ୍ରା ଦେଖିବାକୁ ଗଲେ, ବେଲ ମନ ବି ଠାକୁ ଠାକୁ ହେଲା । ସେ ସିନା ବୁଢ଼ା, ତା' ମନଟା ତ ଆଉ ବୁଢ଼ା ନୁହେଁ ? ସେ ପୁଅକୁ କହିଲା — "ରେ ବାଘୁଆ, ମୁଁ ଟିକିଏ "ଥେଟ୍ରି" ଦେଖିବାକୁ ଯାଆନ୍ତି ? ତୋର ତ ଦିନକାଳ ଅଛି ରେ ବାପ, ତୁ କେବେ ଦେଖିବୁ । ଆଉ ମୁଁ ହେଲି ପାକଲା ତାଳ, ଆଜ ଅଛି ତ କାଲି ନାହିଁ । ଆଖି ବୁଜିଲେ ଆଉ କଅଣ ଦେଖିବି ? ଜନ୍ମହୋଇ ବର୍ଷ ଅସି ହେଲା, ଆଉ କେବେ ଜନ ବା କହିବ ? ତୁ ଯ ଆଜ୍ଞା, ହେଲେ ବହୂଟି ନୂଆ ଝିଅଶୁଣୀ, ନୂଆବନ ହେଲା ଆସିଛି, ପିଲାଟିକୁ ଏକୁଟିଆ ଛାଡ଼ି ବୁଢ଼ୀପାଙ୍କ କମିତ ଯିବା ? ତୁ ଘରେ ଥା'—ମୁଁ ଯାଇ ଟିକିଏ ଦେଖିଆସେ ।"

ବାଘୁଆ କହିଲା —"ହଉ ବାବା, ତୁ ଯା' – ମୋ ଇଚ୍ଛା ଭଲ ନାହିଁ, ମୁଁ ଯିବି ନାହିଁ ।" ପୁଅ କଥା ଶୁଣି ବୁଢ଼ା ଖୁସି ହୋଇ ଯାତ୍ରା ଦେଖିବାକୁ ଗଲା । ବାଘୁଆ ଆଉ ଝିଁମୁରୀ ଦୁହେଁ କବାଟ କିଳିଦେଇ ଘର ଭିତରେ ଶୋଇଲେ ।

— ୩ —

ରାତି ପ୍ରାୟ ତିନି ପ୍ରହରରୁ ଅଧିକ ହେବ । ଦଶମୀର ଖଣ୍ଡଚନ୍ଦ୍ର ଅସ୍ତ ହୋଇଗଲାଣି । ଧରଣୀ ଘୋର ଅନ୍ଧକାରରେ ଆଚ୍ଛନ୍ନ । ରଜନୀ ନିସ୍ତବ୍ଧ । କେବଳ କେତେବେଳେ ଉଡ୍ଡୀନ ପକ୍ଷୀର ଡେଣା ଝାଡ଼ିବା ଶବ୍ଦରେ ତାହାର ମୌନତା ଭାଙ୍ଗିଯାଉଅଛି । ଚରାଚର ସୃଷ୍ଟି ନୀରବ ଓଁକାର ମନ୍ତ୍ର ଉଚ୍ଚାରଣ କରୁଅଛି । ସେ ସ୍ୱର ଭକ୍ତ ଯୋଗୀବରର ହୃଦୟ-ତନ୍ତ୍ରୀରେ ପ୍ରତିଧ୍ୱନିତ ହୋଇ ଉଠୁଅଛି । ସେ ପବିତ୍ର ମହାସ୍ୱର ଚର୍ମକର୍ଣ୍ଣରେ ଶୁଣା-ଯାଏ ନାହିଁ—ତାହା ମନ-କର୍ଣ୍ଣରେ ଅନୁଭୂତ ହୁଏ । ଯେ ତାହା ଶୁଣେ ଏବଂ ତହିଁ ସଙ୍ଗରେ ପ୍ରାଣର ଝଙ୍କାର ମିଶାଏ, ସେ ଭାଗ୍ୟବାନ । ସେପରି ପରିପୁଷ୍ଟ ସାଧକ କୋଟିକେ ଗୋଟିଏ ଦୁର୍ଲଭ । ରଜନୀର ସାଇଁ ସାଇଁ ଶବ୍ଦ ଆଉ ନାହିଁ, ସେ ସ୍ତବପାଠ ଶେଷ କରି ଯୋଗଧ୍ୟାନରେ ବସିଅଛି । ଥରେ ଥରେ ବାଦୁଡ଼ିଯୂଥର ହର୍ଷକୋଳାହଳ ଦୂର ଉଦ୍ୟାନରୁ ବାୟୁରେ ଉଡ଼ି ଆସୁଅଛି । କ୍ଷୁଦ୍ର କ୍ଷୁଦ୍ର ମେଘଖଣ୍ଡ କୃଷ୍ଣାବର୍ଣ୍ଣ ଭୂଷା ଆକାଶରେ ଇତସ୍ତତଃ ଖେଳି ବୁଲୁଅଛନ୍ତି । ମେଘା-ବରଣ ହେତୁ ଅନ୍ଧକାର ବହଳ ହୋଇ ଉଠିଅଛି । ଏହି ସମୟରେ ବେଲ ପାଣ ଘରେ ଚୋର ପଶିଲା । ଚୋର ଯେପରି କୌଶଳୀ, ସେହିପରି ସାମର୍ଥ୍ୟବାନ । ସିନ୍ଧିକାଠି ସାହାଯ୍ୟରେ କାନ୍ଥରେ ଅର୍ଦ୍ଧଦ୍ୱାର ଆକାରରେ ଗୋଟିଏ ସିନ୍ଧି କରି ସେହି ବାଟେ ଘର ଭିତରେ ପଶି ଅଣ୍ଡାଳିବାକୁ ଲାଗିଲା । ଦୈବାତ୍ ଗୋଟିଏ କଂସା ତାଟିଆ ତାହା ହାତରେ ପଡ଼ିଗଲା । ଝିଁମୁରି ବାପଘରୁ ସେହି ତାଟିଆ ଯୌତୁକ ଆଣିଥିଲା । ତାହାର ମୂଲ୍ୟ ସୁକିଅଣାରୁ ଅଧିକ ହେବ ନାହିଁ । ଚୋର ସେହି ତାଟିଆଖଣ୍ଡ ଧରି ଘରୁ ବାହାରି-ଯିବାବେଳେ ବାଘୁଆକୁ ନିଦ ଭାଙ୍ଗିଗଲା । ବାଘୁଆର

ନିଦ୍ରା ଭାଙ୍ଗିଗଲା । ସେ "ଚ ଚ" ବୋଲି କହି ହାଉଳି ଖାଇଯାଇ ନିଦବାଉଳାରେ ଉଠି ଶ୍ୟେରର ଅଣ୍ଟାକୁ ଦୁଇ ହାତରେ କୁଣ୍ଢାଇ ପକାଇଲା । ଝୁମୁରି ଭୟରେ ହତଚେତନ ହୋଇ ବଛଣାରେ ପଡ଼ିରହିଲା । ବାଘୁଆର ତଣ୍ଟି ଯେପରି କଏ କୋରରେ ଚିପି ଧରିଲା । ସେ ଛୁରି ପକାଇବାକୁ ଚେଷ୍ଟା କଲା; ମାତ୍ର ଛୁରି ଫିଟିଲା ନାହିଁ ପାଣ୍ଟି ଖନ ବାଜିଗଲା । ଶ୍ୟେର ତାହାର ହାତ ଛଡ଼ାଇବାକୁ ଯଥାସାଧ୍ୟ ଚେଷ୍ଟା କଲା; ମାତ୍ର ହାତ ଏପରି ଯାପ ପଡ଼ିଯାଇଥିଲା ଯେ, ତାହା ଆଉ ଫିଟିଲା ନାହିଁ । ତହୁଁ ଶ୍ୟେର ନିରୁପାୟ ହୋଇ ବାଘୁଆକୁ ସିନ୍ଦୁରଗାଡ଼ ଭିତରେ ଗଳାଇଦେଇ ଆରପାଖକୁ ଚାଲିଗଲା । ଶ୍ୟେର ଅଣ୍ଟାରେ ଗୋଟାଏ ଛୁରି ଥିଲା । ସେହି ଛୁରି ଧରି ତାଳଖଜ ଚେଛିଲା ପରି ବାଘୁଆର ହାତକୁ ଚାଲି ପକାଇଲା । ମାଂସ ଚର୍ମ ଖଣ୍ଡ ଖଣ୍ଡ ହୋଇ ଝଡ଼ିପଡ଼ିଲା । ରକ୍ତର ସୁଅ ବହିଲା । ଗୁରୁତର ଆଘାତରେ ବାଘୁଆର ସଂଜ୍ଞା ଲୋପ ପାଇଲା; ମାତ୍ର ହାତର ଦୃଢ଼ ଯାପ ଫିଟିଲା ନାହିଁ । ଏଣେ ଝୁମୁରି ଚେତନା ପାଇ ବଡ଼ ପାଟିରେ ହୁରି ଡାକ ଛାଡ଼ିଲା । ତେଣିକି ବେଳେ ଦଳେ ଲୋକ ଯାତ୍ରାରୁ ଫେରି ଆସୁଥିଲେ । ଝୁମୁରିର ଆର୍ତ୍ତ ଚିତ୍କାର ଶୁଣି ସେମାନେ ଧାଇଁ ଆସି ଶ୍ୟେର ଏବଂ ବାଘୁଆକୁ ଠେଣା ଘୋଷରା ଲାଗିଥିବାର ଦେଖିଲେ । ତେତେବେଳକୁ ରାତି ପାହିଯାଇଥିଲା । ଦେଖୁ ଦେଖୁ ଅନେକ ଲୋକ ଆସି ଜୁଣ୍ଟ ହୋଇ ଶ୍ୟେରକୁ ଘେରି ପକାଇଲେ । ଜଣେ ସାହସୀ ଲୋକ ଯାଇ ଶ୍ୟେରର ଚୁଟି ଧରିପକାଇଲା । ଚତୁର ଶ୍ୟେର ସେହିକ୍ଷଣି ହସ୍ତଧୃତ ତୀକ୍ଷ୍ଣଧାର ଛୁରିରେ ନିଜର ଚୁଟି କାଟିପକାଇ ପଳାଇବାକୁ ଚେଷ୍ଟା କଲା; ମାତ୍ର କୃତକାର୍ଯ୍ୟ ହୋଇ ପାରିଲା ନାହିଁ । ଜନତା ମଧ୍ୟରୁ କେତେ ଲୋକ ଆସି ତାହା ହାତରୁ ଛୁରି ଛଡ଼ାଇନେଇ ତାକୁ ଦଉଡ଼ିରେ ଗୋଟାଏ ଗଛରେ ବାନ୍ଧିପକାଇଲେ; ଅଚେତନ ବାଘୁଆ ଦେହରୁ ରକ୍ତ ପୋଛିଦେଇ ତାହା ମୁହଁରେ ପାଣି ଛିଞ୍ଚି ତାକୁ ସଚେତ କରାଇଲେ । ତାକୁ ବଛଣାରେ ଶୁଆଇଦେଇ ତାହାର କ୍ଷତସ୍ଥାନ ଧୋଇଦେଇ ଲୁଗା ଢାଙ୍କିଦେଲେ ।

ଯଥାସମୟରେ ଶ୍ୟେର ଜମିଦାରଙ୍କ ସମ୍ମୁଖକୁ ନୀତ ହେଲା । ସମସ୍ତେ ତାକୁ ଦେଖି ବିସ୍ମୟାପନ୍ନ ହୋଇଗଲେ । ତାହାର ପରିଧେୟ ଦକ୍ଷିଣୀ ଜରି ଯଥା । ବେକରେ ବେକେ ସୁନା ଡଉଁରିଆ ମାଳ । କପାଳରେ ଗୋରୋଚନା ଚିତା । ତହୁଁ ଉପରେ ଖଇର କାଳରେ କଲି କଟାଯାଇଅଛି । ବର୍ଣ୍ଣ ଉଜ୍ଜ୍ୱଳ ଗୌର, ଶରୀର ସୁଗଠିତ, ଚେହେରା ଟିକ୍ ରାଜପୁତ୍ର ପରି । ଦେଖିଲେ ସୁରସିକ, ସୁପୁରୁଷ ବୋଲି ବୋଧହୁଏ । ଜମିଦାର ଦିବାକର ବାବୁ ତାର ନାମଧାମ ପଚାରିଲେ । ଶ୍ୟେର ଯଥାଯଥ ଉତ୍ତର କଲା । ସେଥିରୁ ଜଣାଗଲା, ସେ ଜଣେ ଧନୀ ବ୍ୟକ୍ତି । ଦିବାକର ବାବୁ କହିଲେ—"ତୋର ଅବସ୍ଥା ତ ଖୁବ୍ ଭଲ, ତେବେ ତୁ ଚୋରି କରୁ ନାହିଁ କି ?" ଶ୍ୟେର କହିଲା—"ତାହା ଆମର କୌଳିକ ବୃତ୍ତି ଅବଧାନ ! ସ୍ୱବୃତ୍ତି କି କେହି ଛାଡ଼ିପାରେ ? ସାତ ପୁରୁଷ ହେଲା ଆମର ଏହି ବୃତ୍ତି ଚାଲିଆସୁଛି । ପୂର୍ବେ ଆମେ ନିର୍ଭୟରେ ଦିନ ଦି'ପହରେ ବାଜା ବଜାଇ ପତାକା ଉଡ଼ାଇ ଘୋଡ଼ାରେ ଚଢ଼ି ଲୋକଙ୍କର ସର୍ବସ୍ୱ ହରି ନେଉଥିଲୁଁ । ଆମ ପ୍ରତାପ, ଆମ ଅତ୍ୟାଚାର, ମରହଟ୍ଟା ଶାସନକର୍ତ୍ତାଙ୍କ ଯଥେଚ୍ଛାଚାରିତାଠାରୁ ଊଣା ଥିଲା ନାହିଁ । ଅନେକ ଗୃହସ୍ଥ ଗାଲୁଗୋସାଇଁଙ୍କୁ ବାର୍ଷିକ ଦେଲା ପରି ଆମକୁ ଭେଟି ଦେଉଥିଲେ । ପ୍ରତି ଗାଁରୁ ଆମର ଗୋଟାଏ ଟିକସ ଆଦାୟ ହେଉଥିଲା । ଏ କାଳରେ କୋମ୍ପାନୀ ଅମଳରେ ତ ତାହା ଆଉ ଚଳିଲା ନାହିଁ; ମାତ୍ର ବିଦ୍ୟା ଭୁଲି ନାହିଁ । ସେକାଳରେ ବର ସାଜି ସେସନୀ କାଳି ଚୋରି କରୁଥିଲୁଁ, ଆଉ ଏବେ ମୂଷା ପରି ଗାତ ଫୁଟାଇ ଚୋରସା ବଞ୍ଚାଇ ରଖିଛୁଁ ।" ଦିବାକର ବାବୁ ଏବଂ ଉପସ୍ଥିତ ଲୋକମାନେ ଏହା ଶୁଣି ହସିଉଠିଲେ । ଦିବାକର ବାବୁ ପଚାରିଲେ—"ଶ୍ୟେର କରିବା କଅଣ ଗୋଟାଏ ବିଦ୍ୟା ?" ଶ୍ୟେର କହିଲା—"ହଁ ବାବୁ, ବିନା ବିଦ୍ୟାରେ କି କିଛି ହୋଇପାରେ ? ଯେବେ ପରଖ କରିବାର ଇଚ୍ଛା ଥାଏ, ତେବେ ଆପଣ ଘର ଭିତରକୁ ଯାଇ କବାଟ କିଳିଦେଉନ୍ତୁ—ବିଦ୍ୟାର ପ୍ରଭାବ ଦେଖିବେ ।" ଜମିଦାର କୌତୂହଳୀ ହୋଇ ସେଠାରୁ ସମସ୍ତଙ୍କୁ ବାହାର କରିଦେଇ ଘର ଭିତରକୁ

ଖୁଲିଗଲେ । ଯାଉଁ ଯାଉଁ ଶେଠଟା କବାଟ ଖୋଲି ଯାଇ ଘରେ ପଶିଲେ । ପଛକୁ ମୁହଁ ଦେଇ ଦେଖିଲେ ସ୍ୱେର ତାଙ୍କ ପଛରେ ଠିଆ ହୋଇ ମୁରୁକି ମୁରୁକି ହସୁଥିଲା । ଜମିଦାର ଅସ୍ଥିର ହୋଇଗଲେ । ସ୍ୱେର କହିଲା—ଏବେ ପରତେ ହେଲା ? ଆପଣ ବାଟ ଭାଙ୍ଗି ଭାଙ୍ଗି ଆସିଲେ, ମୁଁ କବାଟରେ ହାତଦେଲି ଯେଣି ଫିଟି-ଗଲା ।” ଜମିଦାର ଦେଖିଲେ—ସତକୁ ସତ ଝିଞ୍ଜିରି ସବୁ ଆପେ ଫିଟିଯାଉଛି । ସେ ସନ୍ତୁଷ୍ଟ ହୋଇ ସ୍ୱେରକୁ କ୍ଷମା କଲେ । ଜବାହର ବାବୁ ପୁଣି ପଚାରିଲେ—“ଅଚ୍ଛା, ଧନୀ ଲୋକ ଘରେ ନ ପଶି ତୁ ଗରିବ ପାଣଟା ଘରେ ପଶିଲୁ କାହିଁକି ?” ସ୍ୱେର ହସି ହସି କହିଲା—“ସେଥିର କାରଣ ଅଛି । ପ୍ରତିବର୍ଷ ଆମେ ଦଶହସ୍ତ ଦିନ ଅନୁକୂଳ କରୁଁ । ସେ ଦିନ ଯାହାକର ଗୋଟାଏ ପଦାର୍ଥ ପାଇଲେ ବ ତାହା ଆମର ଲକ୍ଷେ ଟଙ୍କା । ସେଥିପାଇଁ ମୁଁ ଦଶହସ୍ତ ଅନୁକୂଳ କରିବାକୁ ଆସିଥିଲି । ନ ହେଲେ ପାଣଘରେ କେଉଁ କୁବେର ସମ୍ପତ୍ତି ଆଶାରେ ପଶିବାକୁ ଯାଆନ୍ତି ? ମୁଁ ତ ତାର ପିତୃସମ୍ପତ୍ତି କିଛି ନେଇଯାଇ ନାହିଁ, ଘର କଂସା ଚାଟିଆ ଖଣ୍ଡେ ନେଇ-ଥିଲି । ସେ ମୋତେ ନାକଟି ମାକଟି ଧରିଲା । ମୁ ଆତ୍ମରକ୍ଷା କରିବାଲାଗି ତା' ହାତ ଛାଡ଼ି ପକାଇଲି । ଏଥିରେ ମୋର ଦୋଷ କଅଣ ହେଲା ? ବିପଦରୁ ଉଦ୍ଧାର ପାଇବାକୁ କିଏ ଚେଷ୍ଟା ନ କରେ ?” ଜବାହର ବାବୁ ବ.ଢୁଆକୁ ଚିକିତ୍ସା ସକାଶେ ନିଜର ଡାକ୍ତର ଖାନାକୁ ପଠାଇଦେଲେ ଏବଂ ସ୍ୱେରକୁ କହିଲେ—“ଚାଟିଆ ନେଇଯା । ଏହା ସବୁ ତୋର ଦଶହସ୍ତ ଅନୁକୂଳ ।” ସ୍ୱେର ଜବାହର ବାବୁଙ୍କୁ ଦଣ୍ଡବତ କରି ଚାଟିଆ ଧରି ଯିବାବେଳେ କହିଗଲା—“ହଁ, ଆଜ୍ଞା ଦଶହସ୍ତ ଅନୁକୂଳ ।”



# ପଞ୍ଚବଟୀ

# ପ୍ରତିଜ୍ଞା

( କ )

ସୁଦୂର ଅତୀତ ଯୁଗର ଘଟଣା । ବର୍ତ୍ତମାନ ସେ ଘଟଣାର ଚିହ୍ନବର୍ଣ୍ଣ ସୁଦ୍ଧା ନାହିଁ । ଅଛି କେବଳ ସ୍ମୃତିର ଛାୟା । ଘଟଣା ସ୍ୱଳ୍ପାୟୁ; ମାତ୍ର ତାହାର ସ୍ମୃତିର ପରମାୟୁ ଅନନ୍ତ । ମରହଟ୍ଟା ଶାସନର ପ୍ରଥମ ସମୟ । ଅତ୍ୟାଚାର ତୀବ୍ର ତାଡନା ଏବଂ ପ୍ରବଳର ବିକଟ ହୁଙ୍କା-ରରେ ଦେଶ ଥର ହର କମ୍ପୁଅଛି । ମରହଟ୍ଟା ଶାସନର କୌଣସିଟି ଉପଭୋଗ୍ୟ ନ ହେଲେ ସୁଦ୍ଧା ଇତିହାସ ପ୍ରସାଦରୁ ତାହା ତାହାର ଅବାଞ୍ଛିତ ନୁହେଁ । ମରହଟ୍ଟା-ମାନଙ୍କ ସ୍କନ୍ଧରେ ରାଜଲକ୍ଷ୍ମୀଙ୍କୁ ସ୍ଥାପନ କରି ବିଧାତା ଯେମନ୍ତ ପଙ୍କିଳ ପଲ୍ୱଲରେ ପଦ୍ମିନୀ ହିତ ଭୁଲି ତାଙ୍କୁ ଅସ୍ଥାନନ୍ୟସ୍ତା କରିଥିଲେ ! ମରହଟ୍ଟା ଶାସକମାନଙ୍କର କୌଣସି କାର୍ଯ୍ୟ ନିୟମିତ ବା ଶୃଙ୍ଖଳାବଦ୍ଧ ନୁହେଁ । ଲୁଣ୍ଠନ ଏବଂ ସ୍ୱେଚ୍ଛାଚାର ତାହାଙ୍କ ରାଜନୀତିର ମୂଳମନ୍ତ୍ର କହିଲେ ଅତିରଞ୍ଜିତ ହେବ ନାହିଁ । ନୀଚାଶୟତା ମଧ୍ୟ ସାମାନ୍ୟ ନୁହେଁ । ଦରିଦ୍ର ପ୍ରଜାବାଡିର ଲେଉଟିଆ ଶାଗ ପର୍ଯ୍ୟନ୍ତ ସେମାନଙ୍କ ଲାଳସା-ବିସର୍ପିତ ତୀକ୍ଷ୍ଣ ଦୃଷ୍ଟିରୁ ନିସ୍ତାର ଲାଭ କରୁ ନ ଥିଲା । ସର୍ପ ମସ୍ତକରେ ମଣି ଧାରଣ କରେ; ମାତ୍ର ଦନ୍ତରେ ମାରାତ୍ମକ ବିଷ ରଖିଥାଏ । ମରହଟ୍ଟା ରାଜାମାନଙ୍କର ଆଚରଣ ଅବିକଳ ସେହିପରି ଥିଲା । ସନ୍ତୋଷ ଭୟରେ ସେମାନଙ୍କ ପଦରେ ନମସ୍କାର କରେ । ନିତ୍ୟ ଲୁଣ୍ଠନ, ନିତ୍ୟ ପୀଡନ, ତଥାପି ତୃପ୍ତି ନାହିଁ, ଉଗ୍ର କାମନାନଳର ଶାନ୍ତି ନାହିଁ,—ଦୁର୍ବାର ଅତୁଳ ଆକାଙ୍କ୍ଷାର ଶେଷ ନାହିଁ । ଭ୍ରମର ଅବିଶ୍ରାନ୍ତ ମଧୁ ଶୋଷଣ କରି ସୁଦ୍ଧା ଅସନ୍ତୁଷ୍ଟ ଚିତ୍ତରେ ଏ ଫୁଲ ସେ ଫୁଲରେ ଉଡି ଉଡି ବୁଲୁଥାଏ । ଶେଷରେ କେତକୀର ତୀକ୍ଷ୍ଣ କଣ୍ଟକରେ ବିଦ୍ଧ ହୁଏ, ନଚେତ ମୁଦ୍ରିତ କମଳ ମଧ୍ୟରେ କାରାରୁଦ୍ଧ ହୁଏ; ତଥାପି ଆଶାତ୍ୟାଗ କରେ ନାହିଁ । ଆଶା ମାନବ ପଦର ଅଚ୍ଛେଦ୍ୟ ପାଶ ଏବଂ ମାନବ ବିନା ପଣରେ ଆଶା ପଦରେ କ୍ରୀତଦାସ । ଯେ ଆଶାର ଦାସ, ସେ ସାରା ସଂସାରର ଦାସ । ଅର୍ଥର ଦାସ ହେବା ତ ନିତାନ୍ତ ସ୍ୱାଭାବିକ । ଜଗତର ଧନରାଶି ଉଦରସ୍ଥ କଲେ ସୁଦ୍ଧା ସେମାନଙ୍କ ଅପୂର୍ଣ୍ଣ ଆଶାର ତିଳେ ମାତ୍ର ଅବସାଦ ନାହିଁ । ବ୍ରହ୍ମାଣ୍ଡ ଗ୍ରାସ କଲେ କି ଅନଳ କେବେ ଅଗ୍ନିମାନ୍ଦ୍ୟାକ୍ରାନ୍ତ ହେବ ?

ମରହଟ୍ଟାମାନେ ଓଡିଶାକୁ କଟକ, ଭଦ୍ରଖ, ସୋରଗ ଓ ବାଲେଶ୍ୱର—ଏହି ଚାରି ଭାଗରେ ବିଭକ୍ତ କରି-ଥିଲେ । ପ୍ରତ୍ୟେକ ଭାଗ ଚକଲା ନାମରେ ଅଭିହିତ ଥିଲା । ପ୍ରଧାନ କର୍ମଚାରୀ "ଆମୀଲ"ମାନେ ଚକଲାରେ ଅବସ୍ଥାନ କରନ୍ତି । ଅଧସ୍ତନ କର୍ମଚାରୀବୃନ୍ଦ ଗ୍ରାମ ଗ୍ରାମ ଲୁଣ୍ଠନ କରି ଧନ ସଂଗ୍ରହପୂର୍ବକ ସେମାନଙ୍କ ନିକଟକୁ ପ୍ରେରଣ କରନ୍ତି । ସାଧାରଣ ପ୍ରଜାଙ୍କର ଦୁରବସ୍ଥାର ପରିସୀମା ନ ଥିଲା । ସଙ୍ଗତିସମ୍ପନ୍ନ ବ୍ୟକ୍ତିମାନେ ଆତ୍ମଗୋପନ କରୁଥିଲେ । ତାହାରିକୁ ଖଣ୍ଡେ ଲମ୍ବା ଲୁଗା ପିନ୍ଧିବାର ଦେଖିଲେ ବିଭବବାନ୍ ଜ୍ଞାନରେ ରାଜକର୍ମଚାରୀମାନେ ତାହାଙ୍କୁ ଉତ୍ପୀଡନ କରନ୍ତି ଏବଂ ତାହାର ସର୍ବସ୍ୱ ଲୁଣ୍ଠନ କରନ୍ତି । ଅନ୍ୟ କଥା ଦୂରେ ଥାଉ, ଲୁଣ୍ଠନ ଭୟରେ ପ୍ରଜାମାନେ ଆହାର୍ଯ୍ୟ ପାତ୍ରପର୍ଯ୍ୟନ୍ତ ଗୁପ୍ତ ସ୍ଥାନରେ ଲୁଚାଇ ରଖୁଥିଲେ । ସେ କାଳରେ ବ.ଦାମୀ ଆକୃତିର ଏକପ୍ରକାର ହାଣ୍ଡି ପ୍ରସ୍ତୁତ ହେଉଥିଲା । ତାହାକୁ ବାଙ୍କି ହାଣ୍ଡି କହନ୍ତି । ଲୋକେ ଗମ୍ଭିରୀ ଘରେ ବାଙ୍କିହାଣ୍ଡି ଯୋଡି ତାହା ମଧ୍ୟରେ ବାସନ, ଲୁଗାପଠା ଲୁଚାଇ ରଖୁଥିଲେ । ହାଣ୍ଡି-ମୁହଁ ଉପରେ ସମାନ ଆକୃତିର ଖଣ୍ଡିଏ ପଠା ଢାଙ୍କି ଥାଏ । ଅନେକ ପୁରୁଣା ଘରେ ବର୍ତ୍ତମାନ ସୁଦ୍ଧା ବାଙ୍କି ହାଣ୍ଡି ଦେଖାଯାଏ ।

( ଗ )

ପୀୟୂଷତୋୟା ସାଳନ୍ଦୀ କୂଳରେ ସମୃଦ୍ଧ ଅଗରପଡ଼ା ନଗର ଜାଙ୍ଗଲ ଏବଂ ମାଗଧର ସୀମାଚିହ୍ନରୂପେ ଅବସ୍ଥିତ । ଏହା ଝାଡ଼ଖଣ୍ଡି ରାଜ୍ୟ ନାମରେ ସେ କାଳରେ ପରିଚିତ ଥିଲା । ଉତ୍କୃଷ୍ଟ ମଠା ଲୁଗା ସକାଶେ ଏ ନଗର ଅଞ୍ଚଳରେ ଚିର-ପ୍ରସିଦ୍ଧ । ପଶ୍ଚିମରେ ଅନନ୍ତ ଗାମ୍ଭୀର୍ଯ୍ୟ ପାବର୍ତ୍ୟବେଳା ଶ୍ୟାମାୟମାନ ଶୈଳଶ୍ରେଣୀ ପ୍ରକୃତିର ଧ୍ୟାନମଗ୍ନ ମହାଯୋଗୀ ପ୍ରାୟ ଦଣ୍ଡାୟମାନ । ଉତ୍ତରପୂର୍ବ ଦିଗରେ ସ୍ୱଚ୍ଛପୟସ୍ୱିନୀ, ସୈକତଶୋଭା ସାଳନ୍ଦୀ ନଦୀ କଳ କଳ ନାଦରେ ଅବୋଧ ଭାଷାରେ କି ଗମ୍ଭୀର ମହା ବେଦମନ୍ତ୍ର ଉଚ୍ଚାରଣ କରି ପ୍ରବାହିତ ହେଉଅଛି । କେବଳ ଦକ୍ଷିଣ ଦିଗ ନିସର୍ଗରକ୍ଷୀ ଶୂନ୍ୟ । କୃତ୍ରିମ ଜଳୀ ସେ ଦିଗର ରକ୍ଷା କବଚ । ରାଜ୍ୟଟି ଅରଣ୍ୟମୟ; ମାତ୍ର ସେ ଅରଣ୍ୟରେ ଭୀଷଣତା ନାହିଁ । ବିଭୀଷିକାର ସ୍ଥାନ ସୁଷମା ଅଧିକାର କରିଅଛି । ଯେଉଁ ସମୟର କଥା, ସେ ସମୟରେ ବଳଅର ବାହାଦୁର ସିଂହ ନାମରେ ଜଣେ ସୂର୍ଯ୍ୟବଂଶୀୟ ରାଜା ସେଠାରେ ରାଜତ୍ୱ କରୁଥିଲେ । ରାଜାଙ୍କର ନାମ କ୍ଷମତାର ଅନୁରୂପ ଥିଲା । ତାଙ୍କର ଦୁର୍ଦ୍ଧର୍ଷ ପ୍ରତାପ ମରହଟ୍ଟ ମାନଙ୍କୁ ସ୍ତମ୍ଭିତ କରି ରଖିଥିଲା । ସେମାନେ ବିପୁଳ ବିକ୍ରମରେ ପାରିଧି ଲୁବ୍ଧ ଶାର୍ଦ୍ଦୂଳ ପ୍ରାୟ ବାରମ୍ବାର ଆକ୍ରମଣ କରି ସୁଦ୍ଧା ଅଗରପଡ଼ା ଦୁର୍ଗ ଅଧିକାରରେ କ୍ଷମ ହୋଇ ନ ଥିଲେ । ପାଇକମାନେ ରାଜାଙ୍କର ଚିରସ୍ଥିର ଭୃତ୍ୟସ୍ୱରୂପ ଥିଲେ । ସେମାନେ ଦେଖିବାକୁ ଉପଯମାକୃତି । କାଣ୍ଡବନ୍ଧାରେ ସମସ୍ତେ ସିଦ୍ଧହସ୍ତ । ଏମନ୍ତ କି ପଟେ ପଟେ କାଣ୍ଡରେ ମହା ମହା ଦାରୁ ଛେଦପକାଇ ପାରନ୍ତି । ଉପର୍ଯ୍ୟୁପରି ଶତ୍ରୁ-ଆକ୍ରମଣରେ ରାଜା ବିମନାୟମାନ; ମାତ୍ର ଭୀତ ବା ନିରୁତ୍ସାହ ନୁହନ୍ତି । ତେଜସ୍ୱୀ ପୁରୁଷମାନେ ମହା ବିପଦରେ ସୁଦ୍ଧା ନିଜର ସ୍ୱରୂପ ପରିତ୍ୟାଗ କରନ୍ତି ନାହିଁ । ଅନଳଶିଖା ବରଂ ନିର୍ବାଣପ୍ରାପ୍ତ ହେବ; ମାତ୍ର କଦାପି ଶୈତ୍ୟ ସ୍ୱୀକାର କରିବ ନାହିଁ । ତାହା ସେ ତାହାର ଧର୍ମ ନୁହେଁ । ଯାହା ହେଉ ତାଙ୍କୁ ସର୍ବଦା ସତର୍କ ରହିବାକୁ ହେଉଥିଲା । ଦୁଇମାସ ପୂର୍ବରେ ଭଦ୍ରଖ ଚକଲାର ଅମୀଲ କାନୈଦ ସେନାପତି ସମଭିବ୍ୟାହାରରେ ପଞ୍ଚ ସହସ୍ର ପଦାତିକ ସୈନ୍ୟ ଅଗରପଡ଼ା ଦୁର୍ଗ ଅବରୋଧ ଉଦ୍ଦେଶ୍ୟରେ ପ୍ରେରଣ କରିଥିଲେ । ସେନା ସେନାପତି ସମସ୍ତେ ନବାଗତ । ଅଦେଖା ରାଜ୍ୟରେ ବିଶେଷତଃ ଜଙ୍ଗଲମୟ ରାଜ୍ୟରେ ବାଟ କାଟି ଅଗ୍ରସର ହେବା ସହଜ ବ୍ୟାପାର ନୁହେଁ । ସୁତରାଂ ଡାଉସୁର ପର୍ଯ୍ୟନ୍ତ ଆସି ବାଟବଣା ହେଲେ । ତହୁଁ ଅନନ୍ୟୋପାୟ ହୋଇ ସାଳନ୍ଦୀ ନଦୀ ମଧ୍ୟରେ ଅଗ୍ରସର ହେଲେ । ଗ୍ରୀଷ୍ମକାଳ । ନଦୀଶଯ୍ୟା ବାଲୁକାମୟ । ଏକ ପାର୍ଶ୍ୱରେ ଗୋଟିଏ ସୂକ୍ଷ୍ମ ସ୍ରୋତଧାର ପ୍ରବାହିତ ହେଉଥାଏ । ଏଣେ ରାଜା ବଳଅର ବାହାଦୁର ସିଂହ ଆକସ୍ମିକ ବିପଦ-ବାର୍ତ୍ତା ଗୁପ୍ତ ଦୂତ ମୁଖରୁ ଅବଗତ ହୋଇ ରାଜ୍ୟ ରକ୍ଷାର ଉପାୟ ଅନ୍ୱେଷଣ କରିବାକୁ ଲାଗିଲେ । ଅଳ୍ପ କ୍ଷଣ ମଧ୍ୟରେ ସ୍ୱୀୟ ଅସାଧାରଣ ପ୍ରତ୍ୟୁତ୍ପନ୍ନମତି ବଳରେ ସ୍ଥିର କଲେ ଯେ, ବନ୍ଧ ପକାଇ ସାଳନ୍ଦୀର ସ୍ରୋତ ରୁଦ୍ଧ କରିବାକୁ ହେବ । ଯଥାସମୟରେ ବନ୍ଧ କାଟିଦେଇ ଶତ୍ରୁମାନଙ୍କୁ ଜଳରେ ବୁଡ଼ାଇ ମାରିବାର ବ୍ୟବସ୍ଥା ସହଜସାଧ୍ୟ ହେବ । କାର୍ଯ୍ୟତଃ ସେହିରୂପ ହେଲା । ସ୍ରୋତ ଅବରୁଦ୍ଧ ହେବାରୁ ଏକପାର୍ଶ୍ୱରେ ଅଗାଧ ଜଳ ଜମିରହିଲା । ଦୁଇଦିନ ପରେ ରାତ୍ରି ଦୁଇପହର ସମୟରେ ସମ୍ବାଦ ମିଳିଲା, ଶତ୍ରୁସେନା ଏକ କୋଶ ଦୂରରେ ନଦୀଗର୍ଭସ୍ଥ ବାଲୁକାସନରେ ସୁଖନିଦ୍ରା ଯାଇଅଛନ୍ତି, ପ୍ରଭାତରୁ ଉଠି ଗଡ଼ ଅବରୋଧ କରିବେ । ଏହା ଶ୍ରବଣମାତ୍ରେ ରାଜା ପୂର୍ବବ୍ୟବସ୍ଥାମତେ ଏକାବେଳକେ ବନ୍ଧ ମୁକୁଳା କରିଦେଲେ । ଜଳରାଶି ବନ୍ୟାରୂପେ ଉଚ୍ଛ୍ୱସିତ ହୋଇ ସବେଗରେ ଧାବମାନ ହେଲା । ସେହି କୂଳଙ୍କଷା ଭୀଷଣ ବନ୍ୟା ସୁପ୍ତ ମରହଟ୍ଟା ସୈନ୍ୟଙ୍କୁ ଭସାଇନେଇଗଲା । ନିଦ୍ରାଭଙ୍ଗର ଅବସର ମିଳିଲା ନାହିଁ । ସେ ନିଦ୍ରା ମହାନିଦ୍ରାରେ ପରିଣତ ହେଲା । ସମସ୍ତେ ବୁଡ଼ିମଲେ, ଜଣେ ସୁଦ୍ଧା ଜୀବିତ ରହିଲା ନାହିଁ । ବିନା ଅସ୍ତ୍ରରେ ଶତ୍ରୁ ନିଃଶେଷ ହେଲେ । ସେ ଦିନୁ ମରହଟ୍ଟାମାନଙ୍କର ସ୍ୱର ଅହଙ୍କା । ଅଦୂର ଭବିଷ୍ୟତରେ ଅଗରପଡ଼ା ଦୁର୍ଗ ପତନ-ସାଧନରେ ସେମାନେ ପ୍ରତିଜ୍ଞାବଦ୍ଧ ହୋଇଅଛନ୍ତି ।

## (ଗ)

ବୈଶାଖ ପୂର୍ଣ୍ଣିମା ରଜନୀ । ଚତ୍ୱରର ଜ୍ୟୋତ୍ସ୍ନା-ହାସ୍ୟ ରୋଳହୋଇ ହସୁଅଛି । ସେହି ହାସ୍ୟ ମଧ୍ୟରେ ଅତୀତ ଜୀବନର କେତେ ସୁଖଦୁଃଖର ବିନୋଦ କରୁଣ ସ୍ମୃତି ଭାସିଯାଉଅଛି । ଚନ୍ଦ୍ରର ଶରୀରରେ ଯାହା କଳଙ୍କରୂପେ ପରିଚିତ ହେଉଅଛି, ତାହା ସୁଦ୍ଧା ସେହି ସ୍ମୃତିର ଛାୟାଭସ୍ମ । ଚନ୍ଦ୍ରଭାଗଣୀ ଉପରେ ଡଳ ଡଳ ହାସ୍ୟ ବିସ୍ତାର କରିଅଛି, ତଳେ କୁସୁମସୁନ୍ଦରୀ ରୌପ୍ୟ-ଜଳରେ ସ୍ନାନ କରି ମଧୁର ନୃତ୍ୟଭଙ୍ଗୀ ପ୍ରଦର୍ଶନ କରୁଅଛି । ସେ ହାସ୍ୟ—ସେ ନୃତ୍ୟ ବଡ଼ ଗମ୍ଭୀର, ବଡ ପାବନ । ଆକାଶରେ ଏକମାତ୍ର ଚନ୍ଦ୍ର ଉଦିତ; ମାତ୍ର ତଦ୍ଦର୍ଶନରେ ହୃଦୟାକାଶରେ ଶତ ମନୋରଥ ଚନ୍ଦ୍ରର ଉଦୟାସ୍ତ ଲାଗିଅଛି । ବିଶ୍ୱ ପ୍ରଶାନ୍ତ ଚନ୍ଦ୍ରର ସ୍ନିଗ୍ଧ ଶୀତଳ ଆଲୋକରେ ସ୍ୱର୍ଗମର୍ତ୍ତ୍ୟ ପରସ୍ପର ମୁଖ ନିରୀକ୍ଷଣ-ପୂର୍ବକ ନୀରବରେ ଅବସ୍ଥିତ । ଅହା, ସେ କି ଅନୁରାଗ-ଭରା ଉଜ୍ଜ୍ୱଳ ଦୃଷ୍ଟି ! ସେ ଦୃଷ୍ଟିରେ ଉଭୟର ମନୋଭାବ ଅଦୃଶ୍ୟ ଅକ୍ଷରରେ ଅଙ୍କିତ ହୋଇଯାଉଅଛି । ସେ ମହାମିଳନ ବାଞ୍ଛାର ମଙ୍ଗଳ ମନ୍ତ୍ର ପାଠ କରି ଚକୋର ଦମ୍ପତି ଶତପ୍ରାଣ ହୋଇ କି କରୁଣ ନୈବେଦ୍ୟ ସଙ୍ଗୀତ ଥରେ ଆବୃତ୍ତି କରୁଅଛନ୍ତି, ପୁଣି ପର ମୁହୂର୍ତ୍ତରେ ରଜନୀ କୋଳରେ ନିଦ୍ରିତ ହେଉଅଛନ୍ତି । ସମସ୍ତେ ସୁପ୍ତ । କାନନ କୋଳରେ ଦ୍ରୁମରାଜି ସୁପ୍ତ, ସରୋବରରେ ସରୋଜିନୀ ସୁପ୍ତ । ସୁଷୁପ୍ତି ସହ ନୀରବତା ଦେବୀ ହାତ ଧରାଧରି ହୋଇ ବୁଲୁଅଛନ୍ତି । ଏ ଗମ୍ଭୀର ନିଶୀଥ କାଳରେ କେବଳ ଜାଗ୍ରତ, କେବଳ ମୁଖର ଏକା ରାଜଦୁର୍ଗ । ନିଦ୍ରା ଆଜ ତାକୁ ଛାଡ଼ି କେଉଁଆଡ଼େ ପଳାଇଯାଇଅଛି ।

କାଲି ରାଜକନ୍ୟାଙ୍କର ବିବାହ । ଉତ୍ସବର ଉଦ୍ଦୀପନା ଶତ ହସ୍ତରେ ସମସ୍ତଙ୍କ ହୃଦୟ-କବାଟରେ ଅବିଶ୍ରାନ୍ତ ଆଘାତ କରୁଅଛି । ସମସ୍ତେ କର୍ମଶୀଳ, ନଗରର ଅନ୍ଧକାର ସବୁ ଆଲୋକମୟ । ରଜନୀ-ଦେବୀ କୃଷ୍ଣ କର ନଗର ମସ୍ତକରେ ବୁଲାଇ ନାହାନ୍ତି । କନ୍ୟାଟି ରାଜାଙ୍କର ଏକମାତ୍ର ସନ୍ତତି । ରାଜା ବିପତ୍ନୀକ । ସତୀ ସାଧ୍ୱୀ ମୃତା ରାଣୀ କନ୍ୟାଠାରେ ନିଜର ବହୁ ସ୍ମୃତି ରଖିଯାଇଥିଲେ । ଫୁଲ ହାତରୁ ଖସିପଡ଼ିଲେ ସୁଦ୍ଧା ତାହାର ଗନ୍ଧ ହାତରେ ରହିଯାଏ । ରାଜା କନ୍ୟାକୁ ଦେଖି ପତ୍ନୀ-ବିୟୋଗ ବ୍ୟଥା ବିସ୍ମୃତ ହୋଇଥିଲେ । କାଲି ସେହି ସ୍ନେହର ସ୍ୱର୍ଣ୍ଣପିଞ୍ଜୁଳା ଦୁହିତାର ବିବାହ । ଦୁର୍ଗରେ ଆନନ୍ଦ ଧରୁ ନାହିଁ—ବହୁ ଧାରାରେ ତରଙ୍ଗାୟିତ ଭାବରେ ଧାବମାନ ହେଉଅଛି । କୌମୁଦୀ-ଧୌତ ନଗର ଅଳଙ୍କାର-ଭାରାକ୍ରାନ୍ତ ହୋଇ ସୁଷମା ବିସ୍ତାର କରୁଅଛି । ଶୋଭାର ବିଦ୍ୟୁଦ୍ହାସ୍ୟ ଚହଟି ଖେଳୁଅଛି ; ମାତ୍ର ସେ ହାସ ନଗରର କି କୌମୁଦୀର ତାହା ଜାଣି ହେଉ ନାହିଁ । ଏକେ ତ ସ୍ୱଭାବଶୋଭାଙ୍ଗୀ ରାଜପୁରୀ, ତହିଁ ପରେ ଉତ୍ସବର ମଣ୍ଡଣୀ, ସ୍ୱର୍ଣ୍ଣଘନରେ ସ୍ୱର୍ଣ୍ଣ ବଳୟ ଲାଗିଯାଉଅଛି ଅଥବା ଫୁଲ ଉପରେ ଫୁଲ ଫୁଟିଯାଉଅଛି, ନଚେତ୍ ଚନ୍ଦ୍ର ବକ୍ଷରେ କାବ୍ୟ-ଛାୟା ଆଭାସି ଉଠୁଅଛି ।

ନରପତିଙ୍କର ଆନନ୍ଦର ପରିସୀମା ନାହିଁ । ଯେପରି କି ସେ ଜୀବନସଙ୍ଗେ ଜୀବନ ଲାଭ କରି-ଅଛନ୍ତି । ଯେଉଁ ସୌମ୍ୟ ସୁକୁମାରୀ ମାଧବୀ ଲତାଟିକୁ ସେ କେତେ ସ୍ନେହ, କେତେ ଯତ୍ନରେ ବାତ୍ସଲ୍ୟ ମଧୁର ଉତ୍ସେକ ଦ୍ୱାରା ବଢ଼ାଇଥିଲେ, ଏବେ ସେ ଯୋଗ୍ୟ ସହକାରର ଆଶ୍ରୟ ଗ୍ରହଣ କରିବ, ତାଙ୍କ ନୟନ-ତାରାଟିକୁ ପୂର୍ଣ୍ଣ ଶଶଧର ନିକଟରେ ଶୋଭମାନା ଦେଖି ସେ ନେତ୍ର ସାର୍ଥକ କରିବେ, ଆଜ ସେ ଏହି ଆଶାରେ ଆନନ୍ଦିତ ଏବଂ ଏହି ଆନନ୍ଦରେ ଅଶାନ୍ତି । ଆନନ୍ଦର ସ୍ୱଭାବ, ସେ ଉପସ୍ଥିତ ପୂର୍ବରୁ ଯେପରି କ୍ରମ-ବର୍ଦ୍ଧନଶୀଳ ବିକାଶ ଲାଭ କରେ, ଉପସ୍ଥିତ ସମୟରେ ସେପରି ନୁହେ । ଆନନ୍ଦ ଉପଭୋଗ ସମୟରେ ତାହାର ବିହ୍ୱଳତାରେ ତାକୁ ବିସ୍ମୃତ ହେବାକୁ ହୁଏ । ରାଜାଙ୍କର ଅସମ୍ଭାଳ ଆନନ୍ଦ ଆଜ ଅନ୍ତରରେ ରହୁ ନାହିଁ । ଛିନ୍ନଶୃଙ୍ଖଳ ମତ୍ତଗଜ ତୁଲ୍ୟ ଏଣେ ତେଣେ ଧାବିତ ହେଉଅଛି । ଏହି ପରମାନନ୍ଦ କାଳରେ ଏକ ଦୁଃସମ୍ବାଦ ଆସି ଉପସ୍ଥିତ ହେଲା । ଅସଳ ତାରସବ ଘନ ପଛରେ ବଜ୍ର ଏବଂ ଆଲୋକ ପଛରେ ଅନ୍ଧକାର ଲାଗିରହିଅଛି, ଏହା ପ୍ରାକୃତିକ ଧାରା । ରାତି ଦୁଇପହର ସମୟରେ ସୁପ୍ତ ଦୂତ ଆସି ଛାମୁରେ ଜଣାମଣା କଲା,

"ମହିମା, ମରହଟ୍ଟା ସୈନ୍ୟ ଅତି ସଗୋପନରେ ଆସି ଦୁର୍ଗର ଦୁଇ କୋଶ ଦୂରରେ ଠଣା କରି ରହି-ଅଛନ୍ତି । ରାତି ଥାଉଁ ଥାଉଁ ଆସି ଦୁର୍ଗ ଅବରୋଧ କରିବେ । ଏଥିକୁ ଯାହା କର୍ତ୍ତବ୍ୟ ତାହା ଶୀଘ୍ର କରିବାର ଆଦେଶ ହେଉ ।'' ରାଜା ଏହା ଶୁଣି କ୍ରୁଦ୍ଧ ହେଲେ; ମାତ୍ର ଧୈର୍ଯ୍ୟଚ୍ୟୁତ ହେଲେ ନାହିଁ । ଶସ୍ତ୍ରବାତ୍ୟା କୁଟୀରର ଧ୍ୱଂସ ସାଧନରେ କ୍ଷମ ସିନା, ପାଷାଣ ମହା-ହର୍ମ୍ମ୍ୟକୁ ଟଳାଇପାରେ କି ? ମନେ ମନେ ଭାବିଲେ, ଅହୋ, ଅଦୃଷ୍ଟର ଏ କି କପଟିତ କ୍ରୀଡ଼ା ! ବସନ୍ତ-ରାଣୀର ଆଳାପ ମେଘ ମନ୍ଦ୍ରରେ ପରିଣତ ହେଲା ! ପାଷଣ୍ଡ କାଳର କି ହିଂସ୍ରଜନ୍ତୁ ଅନ୍ତ୍ରନ୍ତା ! ପାପ ଭୟକୁ ତିଳାଞ୍ଜଳି ଦେଇଅଛନ୍ତି । ଚୋର ପରି ରାତିରେ ଆସି ଲୁଣ୍ଠନ କରିବେ, ରକ୍ଷକ ହୋଇ ଭକ୍ଷକ ହେବେ, ଏ ଅକରଣୀ ଉତ୍କଳ-ରାଜଲକ୍ଷ୍ମୀ କଦାପି ସହିବେ ନାହିଁ । ତାଙ୍କର ପବିତ୍ର ସିଂହାସନ କଳଙ୍କିତ କରି ଏମାନେ ନିଶ୍ଚୟ ଆପଣାର ଆଶୁ ଅଧଃପତନର ପଥ ଆପେ ଆବିଷ୍କାର କରୁଅଛନ୍ତି । ଧର୍ମ ଆଉ କେତେ କାଳ ସହିବ ? ଅତିବୃଷ୍ଟି, ଅତିବୃଷ୍ଟିରୁ ଅନାବୃଷ୍ଟି ଅର୍ଥ ଶୋଷଣରେ ସୁଦ୍ଧା ଅସନ୍ତୁଷ୍ଟ ! ତହିଁ ଉପରେ ପୁଣି ଲୁଣ୍ଠନ ବୃତ୍ତି ? କି ଅସମ୍ଭବ ବ୍ୟାପାର ! ଲୋଭରୁ ପାପ, ପାପରୁ ମୃତ୍ୟୁ, ଏହା ଉଚ୍ଚ କଣ୍ଠରେ ଶାସ୍ତ୍ର ଘୋଷଣା କରୁଅଛି । ଶାସ୍ତ୍ରବାଣୀ ଦେବବାଣୀ, ତାହା ଅନ୍ୟଥା ହେବାର ନୁହେଁ । ଲୋଭରେ ପଡ଼ି ଅତିଭୋଜନ କଲେ ପେଟ ଫାଟିଯିବ ସିନା; ମାତ୍ର ବଢ଼ିବ କାହିଁ ? ଏମାନଙ୍କ ଅର୍ଥାଗାନତା ଏମାନଙ୍କ ଭାଗ୍ୟକୁ ଧ୍ୱଂସ ପଥକୁ ଟାଣି ନେଇଯାଉଅଛି । ପଦ୍ମପତ୍ରସ୍ଥିତ ଶିଶିର ବିନ୍ଦୁପ୍ରାୟ ଏମାନଙ୍କ ଭାଗ୍ୟଲକ୍ଷ୍ମୀ ଅନିଶ୍ଚିତା । ଅନନ୍ତର ରାଜା ମନ୍ତ୍ରଣାଗାରକୁ ବିଜେ ହେଲେ । ବହୁଦର ସାମନ୍ତ ବୀରମାନଙ୍କ ସହ ମନ୍ତ୍ରଣାରେ ସ୍ଥିର ହେଲା—ଗଡସୀମା ସ୍ପର୍ଶ ନ କରୁଣୁ ଶତ୍ରୁକୁ ପଥରୋଧ କରିବାକୁ ହେବ ।

ରାତି ଦୁଇ ପ୍ରହର ସମୟରେ ହଠାତ୍ ସାଜ ସାଜ ଶବ୍ଦରେ ନଗର ମୁଖରିତ ହୋଇଉଠିଲା । ତତ୍‌କ୍ଷଣାତ୍ ପାଞ୍ଚଶତ କବଚ ପାଇକ କାନ୍ଧରେ ଧନୁ ଓ ହସ୍ତରେ ଫରିଖଣ୍ଡା ଧରି ବାହାରିପଡିଲେ । ବିବାହ-ଉତ୍ସବ ରଣତାଣ୍ଡବରେ ପରିଣତ ହେଲା । ଏତେ ଅଳ୍ପ ସେନା ଦ୍ୱାରା ମରହଟ୍ଟା ବାହିନୀର ଗତିରୋଧ ସମ୍ଭବପର ନୁହେଁ ବୋଲି କେହି କେହି ଦ୍ୱିଧା ପ୍ରକାଶ କଲେ । ମାତ୍ର ଅଧିକାଂଶଙ୍କର ଅନୁକୂଳ ମତ ଆଗରେ ତାହା ତିଷ୍ଠି ପାରିଲା ନାହିଁ । ମରହଟ୍ଟା ସୈନ୍ୟ ମଧ୍ୟରେ ଶୃଙ୍ଖଳା ନାହିଁ, ଭାଙ୍ଗଗଞ୍ଜା ଅମଲରେ ସେମାନେ ସବୁବେଳେ ଭୋଳ । ତହିଁ ଉପରେ ପୁଣି ବିଳାସ-ଆଳସ୍ୟର ଭାରାକ୍ରାନ୍ତ । ନିଦ୍ରାଦେବୀ ସ୍ୱତ ପାହାନ୍ତିଆ ସମୟକୁ ନିଶାଖୋରମାନଙ୍କ ମସ୍ତକରେ ଅତିରିକ୍ତ ଆଶୀର୍ବାଦ ଧାରା ଢାଳିଥାନ୍ତି । ଯେତେବେଳେ ସେମାନେ ସୁଷୁପ୍ତିର କୋମଳ କୋଳରେ ତଳପଡ଼ି ମୃତ୍ୟୁସୁଖ ଉପଭୋଗ କରୁଥିବେ, ସେତିକିବେଳେ ସେମାନଙ୍କୁ ଗୋପନରେ ଆକ୍ରମଣ କରିବା ସହଜ । ସର୍ବସମ୍ମତିକ୍ରମେ ଏହି ପରା-ମର୍ଶ ଧାର୍ଯ୍ୟ ହେଲା ।

( ଘ )

ଗଡ ମଧ୍ୟରେ ଇଷ୍ଟଦେବୀ ଭବାନୀଙ୍କର ମନ୍ଦିର । ଦେବୀଙ୍କର ଭାରି ପ୍ରତାପ । କଥିତ ଅଛି, କେବଳ ତାଙ୍କରି ପ୍ରସାଦରୁ ଆଗରପଢ଼ା ରାଜବଂଶ ଅବଧି ଶତ୍ରୁ-ପଦାନତ ହୋଇପାରି ନାହାନ୍ତି । ଅନେକ ଯୁଦ୍ଧରେ ଦେବୀ ସ୍ୱୟଂ ଭୈରବୀରୂପରେ ଖଣ୍ଡାଖପର ଧରି ଶତ୍ରୁ-ନିପାତ କରୁଥିବାର କିମ୍ବଦନ୍ତୀ ଅଛି । କେତେ ବୁଢ଼ା-ବୁଢ଼ୀ ଦେବୀଙ୍କୁ ବାଳିକା ରୂପ ଧରି ପାଟଶାଢ଼ୀ ପିନ୍ଧି ଗ୍ରାମ୍ୟ ବାଳିକାମାନଙ୍କ ସହ ଖେଳିବାର ଦେଖିଅଛନ୍ତି । ଝାଡ଼ଖଣ୍ଡୀ ଠାକୁରାଣୀ, ଡାକିଲେ ଜବାବ ଦେବେ, ଆପଦ ବିପଦରେ ତାଙ୍କ ନାମ ସ୍ମରଣ କଲେ ଏବଂ ତାଙ୍କ ନାମରେ ସିନ୍ଦୂରତଭ୍ରା ମାନସିକ କଲେ କାହାରି ଗୋଡ଼ରେ କଣ୍ଟା ଫୁଟେ ନାହିଁ । ଦେବୀଙ୍କ ପ୍ରତି ବର୍ତ୍ତମାନ ରାଜାଙ୍କର ଅଚଳା ଭକ୍ତି । ପ୍ରତ୍ୟହ ଦେବୀ-ଦର୍ଶନ ଏବଂ ପାଦୋଦକ ସେବନ ନ କରି ସେ ଜଳ ସ୍ପର୍ଶ ସୁଦ୍ଧା କରନ୍ତି ନାହିଁ । କେବଳ ଭକ୍ତ ନୁହେଁ—ବିଶ୍ୱାସ ମଧ୍ୟ ଷୋଳପଣ । ସେନାଭିଯାନ ପୂର୍ବରୁ ରାଜା ବର ଲାଭାର୍ଥେ ଦେବୀ ମନ୍ଦିରକୁ ବିଜେ କଲେ । ସ୍ତବ ସ୍ତୁତି ପରେ ସାଷ୍ଟାଙ୍ଗ ପ୍ରଣାମ ବିଧାନ ଅବସ୍ଥାରେ ରାଜାଙ୍କୁ ନିଦ୍ରା ଘାରିଲା । ସେ ସ୍ୱପ୍ନରେ ଦେଖିଲେ, ଦେବୀ ତାଙ୍କୁ

ଆଦେଶ କରୁଅଛନ୍ତି—"ଯୁଦ୍ଧରେ ତୋର ନିଶ୍ଚୟ ଜୟ ହେବ; ମାତ୍ର ତୁ ପ୍ରତିଜ୍ଞାବଦ୍ଧ ହୁଅ ଯେ, ଫେରିବାବେଳେ ସିଂହଦ୍ୱାରରେ ଯାହାକୁ ଆଗେ ଦେଖିବୁ, ପଶୁ ହେଉ ବା ମାନବ ହେଉ, ତାହାକୁ ମୋ ପୀଠରେ ବଳିଦେଇ ପରେ ଅନ୍ତଃପୁରକୁ ଯିବୁ ।" କିୟନ୍ମୁହୂର୍ତ୍ତ ପରେ ରାଜା ଗାତ୍ରୋତ୍ଥାନପୂର୍ବକ ଦେବୀଙ୍କର ସ୍ୱପ୍ନାଦେଶ ସ୍ମରଣ କରି କିୟତ୍‌କ୍ଷଣ କିଂକର୍ତ୍ତବ୍ୟଦୃଷ୍ଟିରେ ଆକାଶକୁ ଚାହିଁ ରହିଲେ । ଶୂନ୍ୟଠାରୁ କ'ଣ ଶିଖିଲେ,—କି ନୀରବ ଉପଦେଶ ଲାଭ କଲେ ତାହା କେବଳ ତାହାଙ୍କୁ ଜଣା । ତହୁଁ ନିର୍ବିକଳ୍ପ ଚିତ୍ତରେ ପ୍ରସନ୍ନ ବଦନରେ ମନେ ମନେ ସେହିପରି ପ୍ରତିଜ୍ଞା କରି ଯୁଦ୍ଧକୁ ବାହାରିଲେ । ସିଂହ-ଦ୍ୱାରରେ ହସ୍ତୀ ସଜ୍ଜିତ ହୋଇ ରାଜ-ପ୍ରତୀକ୍ଷାରେ ଦଣ୍ଡାୟମାନ ଥିଲା । ରାଜାଙ୍କୁ ହସ୍ତିପୃଷ୍ଠରେ ଆରୋହଣ କରିବାର ଦେଖି ସୈନ୍ୟସାମନ୍ତମାନେ ଆନନ୍ଦ ଜୟ-ଧ୍ୱନି ଉଚ୍ଚାରଣପୂର୍ବକ ଯାତ୍ରାକଲେ ; ମାତ୍ର ସେ ଯାତ୍ରା ଅତି ଗୋପନରେ ହେଲା । ଏକ କୋଶ ପଥ ଅତି-ବାହନ ପରେ ଦେଖାଗଲା—ଖଣ୍ଡେ କ୍ଷୁଦ୍ର ଅରଣ୍ୟ ଭିତରେ କେତେ ଖଣ୍ଡ ତମ୍ବୁ ଟଣା ହୋଇଅଛି । ଶତ୍ରୁପକ୍ଷ ସେନାମାନଙ୍କ ମଧ୍ୟରୁ ଅଧିକାଂଶ ଗାଢ଼ନିଦ୍ରାମଗ୍ନ । ଯେଉଁ ସାମାନ୍ୟ କେତେ ଜଣ ଜାଗ୍ରତ ଅଛନ୍ତି, ସେମାନେ ଖଞ୍ଜିରା ଖେଳରେ ଖଞ୍ଜଣୀ ବଜାଇ ନୃତ୍ୟ-ଗୀତରେ ପ୍ରମତ୍ତ ଅଛନ୍ତି । ଉପଯୁକ୍ତ ସୁଯୋଗ ବୁଝି ରାଜସେନା ଅଧିକ ଖରଗତିରେ ଅଗ୍ରସର ହେଲେ । ଏମନ୍ତ ସମୟରେ ଏକ ଆଶ୍ଚର୍ଯ୍ୟ ଘଟଣା ସମସ୍ତଙ୍କୁ ଚାଟଙ୍କୀ କରାଇଦେଲା । ହଠାତ୍ ମରହଟ୍ଟା ଶିବିରର ତମ୍ବୁମାନ ଭୀଷଣ ଭାବରେ ଜଳି ଉଠିଲା । ଯେପରି କି ଅଗ୍ନିଦେବତା ରୋଷକଷାୟିତ ନେତ୍ରରେ ଚଡ଼ ଚଡ଼ ଶବ୍ଦରେ ମରହଟ୍ଟାମାନଙ୍କ ଦୁଷ୍କରଣୀର ପ୍ରତିବାଦ କରିବାକୁ ଲାଗିଲେ । ଦେହରେ ଅଗ୍ନି ଲାଗିବାରୁ ମରହଟ୍ଟା ସେନାମାନେ କାତର ସ୍ୱରରେ ଇତସ୍ତତଃ ଧାବମାନ ହେଲେ; ମାତ୍ର ନିଦ୍ରାବାଉଳରେ ପଥ ନ ପାଇ କେହି କେହି ପୁଣି ଆସି ନିଆଁରେ ପଡ଼ିଲେ । କେତେ ଦଗ୍ଧ ହେଲେ, କେତେ ଅର୍ଦ୍ଧଦଗ୍ଧ ହେଲେ । କାହାରି ଲୁଗା ପୋଡ଼ିଗଲା, କାହାର ବା ବାଳ ପୋଡ଼ିଗଲା । ଏହିପରି ସେମାନେ ବ୍ୟତିବ୍ୟସ୍ତ ଓ ଛତ୍ରଭଙ୍ଗ ହୋଇ କିଏ କେଉଁ ଅନିର୍ଦ୍ଦିଷ୍ଟ ଆଡ଼କୁ ପଳାଇଲେ, ସେଥିର ଇୟତ୍ତା ମିଳିଲା ନାହିଁ । ଯେଉଁ କେତେ ଜଣ ସଶସ୍ତ୍ର ପ୍ରହରୀ ଅକ୍ଷତ ଥିଲେ, ସେମାନେ ଆଗରପଛା ବାହିନୀ ହସ୍ତରେ ପ୍ରାଣ ହରାଇଲେ । ସ୍ୱଭାବ-କଣ୍ଟକିତ ସ୍ଥଳ ବହ୍ନିହସ୍ତରେ ଅଧିକତର କଣ୍ଟକିତ ହେଲା । ପରେ ଜଣାଗଲା, ମରହଟ୍ଟା ବର୍ଗୀୟ ସେନାଦଳ ରଞ୍ଜିକାଧିପ ସକାଶେ ନଡ଼ିଆ କତାରେ ନିଆଁ ଲଗାଇ ରଖିଥିଲେ । ତାହା ତମ୍ବୁରେ ଲାଗି ଏହି ମାରାତ୍ମକ କାଣ୍ଡ ସଂଘଟନ କରିଅଛି । ଶତ୍ରୁମାନଙ୍କ ଆଶାସ୍ୱର୍ଗ ନୈରାଶ୍ୟ-ନରକରେ ପରିଣତ ହେଲା । ରାଜସୈନ୍ୟ ଦଳର ଜୟୋଲ୍ଲାସ ରୋଳରେ ଆକାଶ ଅରଣ୍ୟ ଶବ୍ଦାୟମାନ ହୋଇପଡ଼ିଲା । ସେମାନେ ମହାନନ୍ଦରେ ପ୍ରତ୍ୟାବୃତ୍ତ ହେଲେ । ସଦ୍ୟଲବ୍ଧ ଗୌରବର ଉଦ୍ଦୀପନୋଚ୍ଛ୍ୱାସରେ ସମସ୍ତେ ସ୍ଫୀତବକ୍ଷ, ସମସ୍ତେ ଗର୍ବନମ୍ର ଗ୍ରୀବ ।

( ଙ )

ପ୍ରଭାତ ସମୟରେ ରାଜା ସ୍ୱୀୟ ଦୁର୍ଗ ସିଂହଦ୍ୱାର-ରେ ଉପସ୍ଥିତ ହେଲେ । ଭିତରେ ପ୍ରବେଶ କରି ଦେଖିଲେ ରାଜଜେମା କଳସ ଅର୍ଘ୍ୟଥାଳୀ ହସ୍ତରେ ଦଣ୍ଡାୟମାନ । ପ୍ରକୃତି କନ୍ୟା ଉଷା ରବି ରୂପ ବନ୍ଦାଣ ଥାଳୀ ଘେନି ଜଗଲକ୍ଷ୍ମୀଙ୍କୁ ବନ୍ଦାଇବା ପାଇଁ ଉଭା ହୋଇଅଛନ୍ତି କି ? ରାଜା ଦେଖିବାମାତ୍ରେ ମୂର୍ଚ୍ଛିତ ହୋଇ ପଡ଼ିଲେ । ରାଜକନ୍ୟା ଉପଚାରଦ୍ୱାରା ପିତାଙ୍କୁ ସାଷ୍ଟମ କରାଇ ପଚାରିଲେ, ପିତଃ ! ଦେହରେ କି ଆଘାତ ଲାଗିଅଛି ? ରାଜା କହିଲେ—ହଁ ମା, ଆଘାତ ଲାଗିଅଛି; ମାତ୍ର ସେ ଆଘାତ ବାହାରେ ନୁହେଁ,—ପ୍ରାଣର ଅନ୍ତରତମ ସ୍ଥାନରେ । ଅନନ୍ତର ରାଜା ସମସ୍ତଙ୍କୁ ବିଦାୟ ଦେଇ କନ୍ୟା ସହ ଦେବୀ-ମନ୍ଦିରକୁ ଗଲେ ଏବଂ ଜେମାଙ୍କ ନିକଟରେ ଆମୂଳ ବର୍ଣ୍ଣନା କରି ସାଶ୍ରୁନେତ୍ରରେ ଦେବୀଙ୍କୁ ଚାହିଁ ଶୋକଗଦ୍‌ଗଦ କଣ୍ଠରେ କହିଲେ, ହାୟ ଦେବି ! ଏହି କି ତୁମର ଆଦେଶ ? ଯେଉଁ ଖଡ୍‌ଗରେ ଶତ୍ରୁ ଜୟ କଲି, ସେହି ଖଡ୍‌ଗରେ ସନ୍ତାନ ହତ୍ୟା କରିବି !

ଶୁଣି ସେହି ଅପତ୍ୟ-ରକ୍ତଲିପ୍ତ ହସ୍ତରେ ଯନ୍ତ୍ରଣାମୟ ବଳୟ-ମୁକୁଟ ଶୋଭିତ ଦଗ୍ଧ ମସ୍ତକ ମଣ୍ଡନ କରିବ ! ହାୟ ଅଜ୍ଞ ନର, ତୁମ୍ଭର ଏ ଅମୋଘ ବିଧାନ କଅଣ ବୁଝିବ ମା ? ମଙ୍ଗଳମୟି, ଏ ଭୀଷଣ ବିଧାନରେ କି ମଙ୍ଗଳ ନିହିତ ଅଛି, ତାହା ଏବେ ତେବେ ଜଣା ମା ! ଓଃ, ଏ ଜୀବନ୍ତ କୁମ୍ଭୀପାକ ସନ୍ତରଣ ଅପେକ୍ଷା ମୃତ୍ୟୁ ବରଂ ସହସ୍ର ଗୁଣରେ ଶ୍ରେୟ ଏବଂ ଶାନ୍ତିପ୍ରଦ । ମା, ଏ ହତଭାଗ୍ୟର କ୍ଷୀଣ ଜୀବନଧାରା ଏହିଠାରୁ ଶୁଖାଇଦିଅ । ଯାହାଙ୍କୁ ଆଜି ସୁପାତ୍ରରେ ଅର୍ପଣ କରନ୍ତି, ତାଙ୍କୁ ଏହିକ୍ଷଣି ଯମ ହସ୍ତରେ ଅର୍ପଣ କରିବି ! ଦୟାମୟି, ବାଳିକାର ତପ୍ତ ରୁଧିର ପଣା ଭଳି ଏ ବୃଦ୍ଧ ରକ୍ତରେ କି ତୁମ୍ଭର ଅରୁଚି ହେବ ?

ରାଜଜେମା ପିତାଙ୍କୁ ଏଭଳି ଶୋକବିହ୍ୱଳ ଦେଖି ମଧୁର ସ୍ୱରରେ କହିଲେ—ପିତଃ, ଅପଣ କାହିଁକି ଅସ୍ଥିର ହେଉଅଛନ୍ତି ? ଉଦ୍ୟାନପାଳ ସ୍ୱହସ୍ତ-ପ୍ରସ୍ଫୁଟିତ ପୁଷ୍ପ ଦେଇ କି ଇଷ୍ଟଦେବ ପୂଜା କରେ ନାହିଁ ପିତା ? ମୋର ଗୋଟିଏ ପ୍ରାଣ ସଙ୍କାଶେ ଯଦି ସହସ୍ର ପ୍ରାଣ ରକ୍ଷା ହେଲା, ତେବେ ତାହା ଅପେକ୍ଷା ଏ ନଗଣ୍ୟା ପକ୍ଷରେ ଶ୍ଳାଘନୀୟ ବିଷୟ କଅଣ ଅଛି ? ସତ୍ୟ ଲଙ୍ଘନ ମହାପାପ । ବିଶେଷତଃ ସତ୍ୟଧର୍ମରକ୍ଷୀ କ୍ଷତ୍ରିୟ ପକ୍ଷରେ ତାହା ଅନନ୍ତ ନରକ । ପ୍ରତିଜ୍ଞା ପାଳନ ନିମନ୍ତେ ଯେଉଁ କ୍ଷତ୍ରିୟମାନେ ବିଶାଳ ସାମ୍ରାଜ୍ୟ ପରିତ୍ୟାଗ କରିଥିଲେ, ସ୍ୱହସ୍ତରେ ପ୍ରାଣାଧିକ ପୁତ୍ରଙ୍କୁ ହତ୍ୟା କରିଥିଲେ, ତୁମ୍ଭେ ସେହି ପବିତ୍ର କ୍ଷତ୍ରିୟକୁଳରେ ଜାତହୋଇ କ୍ଷୁଦ୍ର କନ୍ୟା ମୋହରେ ପ୍ରତିଜ୍ଞାଚ୍ୟୁତ ହୋଇ ସେମାନଙ୍କ ସ୍ୱର୍ଣ୍ଣାକ୍ଷରିତ କୀର୍ତ୍ତିପଙ୍କ୍ତି ଉପରେ କାଳି ଗାର ଟାଣିଦେବ କି ପିତା ? ଛି, ଆପଣଙ୍କ ତୁଲ୍ୟ ପୁଣ୍ୟଶ୍ଳୋକ ବିଜ୍ଞ ବ୍ୟକ୍ତିମାନଙ୍କର ଏରୂପ ମୋହାଚ୍ଛନ୍ନ ହେବା ଆଦୌ ଉଚିତ ନୁହେ । ମୁଁ ଅକାତରରେ ପ୍ରାଣ ଦେବାକୁ ପ୍ରସ୍ତୁତ ଅଛି, ଆପଣ ସତ୍ୟରକ୍ଷାରେ ତତ୍ପର ହେଉନ୍ତୁ ।

ରାଜା କନ୍ୟାର ଏହି ଅମାୟିକ ନିର୍ଭୀକ ବାଣୀ ଶୁଣି ଅଶ୍ରୁପ୍ଲାବିତ ହେଲେ ଏବଂ ଏଭଳି ଧାର୍ମିକା ଗୁଣୋଜ୍ଜ୍ୱଳା କନ୍ୟାର ପିତା ବୋଲି ନିଜକୁ ଧନ୍ୟ ମଣିଲେ । ମନେ ମନେ ଭାବିଲେ ଯଥାର୍ଥ କଥା ! ଦେବତାଠାରୁ ଉପକାର ପାଇ ପରେ ପ୍ରତାରଣା କରିବା ପାପିଷ୍ଠର କାର୍ଯ୍ୟ । ପ୍ରତିଜ୍ଞା ରକ୍ଷା ସଙ୍କାଶେ ଦେବୀଙ୍କୁ କନ୍ୟାବଳି ଅର୍ପଣ କରି ପଛେ ଅସ୍ତ୍ରବଳି ଅର୍ପଣପୂର୍ବକ ସେଥିର ଉପଯୁକ୍ତ ପ୍ରାୟଶ୍ଚିତ୍ତ କରିବି । ଏହା କହି କ୍ଷିପ୍ର ହସ୍ତ ହୋଇ ହସ୍ତଧୃତ ତରବାରିରେ କନ୍ୟାବେକରେ ଏକ ଶ୍ରେଷ୍ଠ ପ୍ରହାର କଲେ । ଛିନ୍ନଶିର କବନ୍ଧ ତଳେ ପଡି ଛଟପଟ ହେବାକୁ ଲାଗିଲା । ଦେବୀଙ୍କ ସମ୍ମୁଖ ପ୍ରାଙ୍ଗଣରେ ରକ୍ତଗଙ୍ଗା ପ୍ରବାହିତ ହେଲା । ଅତଃପର ରାଜା ସେହି ତରବାରି ନିଜ ଗ୍ରୀବାରେ ହାଣିବାକୁ ଉଦ୍ୟତ ହେଲାକ୍ଷଣି ମୂର୍ଚ୍ଛିତ ହୋଇ ଭୂପତିତ ହେଲେ । ଦେବୀ ସ୍ୱପ୍ନରେ ତରବାରି ଛଡ଼ାଇନେଇ କୋମଳ ସ୍ୱରରେ କହିଲେ—"ଉଠ ବତ୍ସ, ଉଠ । ରାଜକନ୍ୟା ଅନ୍ତଃପୁରରେ ସୁଖରେ ଅଛି, ତୋର ମନ ବୁଝିବା ପାଇଁ ମୁଁ ମାୟା ଭିଆଣ କରିଥିଲି ମାତ୍ର । ଏବେ ଯାଇ ସତ୍ୟ ମିଥ୍ୟା ପରୀକ୍ଷା କର ।" ଏହା କହି ଦେବୀ ଅନ୍ତର୍ହିତା ହେଲେ ! ଏଣେ ରାଜାଙ୍କର ସ୍ୱପ୍ନ ସହ ମୂର୍ଚ୍ଛାଭଙ୍ଗ ହେଲା । ଦେଖିଲେ ମୃତକନ୍ୟା ବା ରକ୍ତସ୍ରୋତର ଚିହ୍ନମାତ୍ର ନାହିଁ । ତହୁଁ ସେ ଅସ୍ତବ୍ୟସ୍ତ ହୋଇ ଅନ୍ତଃପୁରକୁ ଧାଇଁଲେ । ଯାଇ ଦେଖିଲେ ରାଜଜେମା ପିତୃ-ଆଗମନ ପ୍ରତୀକ୍ଷାରେ ସଖୀମାନଙ୍କ ସଙ୍ଗେ ବସିଅଛନ୍ତି । ରାଜାଙ୍କୁ ଦେଖି ସେ ହଠାତ୍ ଉଠିଆସି ପିତୃଚରଣରେ ପ୍ରଣିପାତ କଲେ । ରାଜାଙ୍କର ସନ୍ଦେହ ଭଞ୍ଜନ ଏବଂ ପ୍ରତିଜ୍ଞା ରକ୍ଷା ହେଲା । ସେ ଭକ୍ତିଗଦ୍‌ଗଦ ଚିତ୍ତରେ ଦେବୀଙ୍କ ପଦତଳରେ ଯାଇ ଅଷ୍ଟାଙ୍ଗ ଲୁଟାଇ ପତିତ ହେଲେ । ପରେ ପାଦୋଦକ ମସ୍ତକରେ ଲଗାଇ କହିଲେ, "ମା, ନିସ୍ତରିଲି !" ଦେବୀଙ୍କର ଏ ଅଦ୍ଭୁତ ବୃତ୍ତାନ୍ତ ମୁହୂର୍ତ୍ତକ ମଧ୍ୟରେ ନଗରରେ ପ୍ରଚାର ହୋଇଗଲା । ବିଜୟ-ଆନନ୍ଦରେ ଦେବୀ-କୃପା ଆନନ୍ଦ ମିଶିଲା । ରାଜା ଦେବୀଙ୍କଠାରେ ସାତଦିନ ପର୍ଯ୍ୟନ୍ତ ହୋମ ଓ ଚଣ୍ଡୀ ପାଠର ବ୍ୟବସ୍ଥା କରିଦେଇ କନ୍ୟାର ଶୁଭବିବାହ ନିର୍ବାହରେ ମନୋନିବେଶ କଲେ ।

# ଦାର୍ଶନିକ ପଣ୍ଡିତ

—୧—

କପିଳ ରଥେ ଜଣେ ମସ୍ତ ଦାର୍ଶନିକ । ସେ କାଶୀରେ ପଢି 'ଦର୍ଶନତୀର୍ଥ' ଉପାଧି ଲାଭ କରିଅଛନ୍ତି । ଦର୍ଶନଶାସ୍ତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଅଛି ବୋଲି ସେ ନିଜ ମୁହଁରେ ବିଜ୍ଞାପନ ପ୍ରଚାର କରନ୍ତି । ସେ କହନ୍ତି—ତାଙ୍କ ପରି ଦାର୍ଶନିକ ବିଦ୍ୟା-ବିଶାରଦ ଜଗତରେ ବିରଳ । ଏକା ତାଙ୍କର ଗୁରୁ ତାଙ୍କ ସମକକ୍ଷ ହୋଇପାରନ୍ତି । "ଶିଷ୍ୟବିଦ୍ୟା ଗରୀୟସୀ" ବୋଲି କଥା ଅଛି । ଦିନେ ଯେ ସେ ଗୁରୁଙ୍କୁ ସୁଦ୍ଧା ଟପିଯିବେ, ଏ ବିଶ୍ୱାସ ତାଙ୍କର ନିଃସନ୍ଦେହରେ ଅଛି । ରଥେ ମୁକ୍ତ ପୁରୁଷ, ସ୍ତ୍ରୀ କିମ୍ବା ଅନ୍ୟ କୌଣସି ଜାବଦାବରେ ସେ ଆବଦ୍ଧ ନୁହନ୍ତି । ପୈତୃକ ଜମିଜମା ଯାହା ଅଛି, ସେଥିରେ ସଂସାର ଚଳିଯାଏ—କୌଣସି ଅଭାବ ଘଟେ ନାହିଁ । ରଥେ ସବୁବେଳେ ବସି ଦର୍ଶନଶାସ୍ତ୍ରର ଘଣ୍ଟା ଚକଟାରେ ଲାଗିଥାଆନ୍ତି । ଗୋଟାଏ ବିଷୟରେ ତାଙ୍କର ଅସାଧାରଣ ଆଗ୍ରହ ଦେଖାଯାଏ—ସେଟା ଜଳପାନଖିଆ । ସେତେ ଖରା ହେଉ ବା ଝଡ ବର୍ଷା ଦୁର୍ଯୋଗ ହେଉପଛେ ଅତି ଦୀର୍ଘ ପାଞ୍ଚକୋଶ ମଧ୍ୟରେ ସେ କେଉଁଠାରେ ଜଳପାନ-ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରନ୍ତି ନାହିଁ । ଅନ୍ୟ କେହି ବ୍ରାହ୍ମଣ ନ ଆସୁଣୁ ସେ ସର୍ବାଗ୍ରେ ଯାଇ ଉପସ୍ଥିତ ହୁଅନ୍ତି । ଏଥିର କାରଣ ଦକ୍ଷିଣା ବା ଦହି ଚୂଡ଼ାର ଲୋଭ ନୁହେଁ—ବ୍ରାହ୍ମଣଭୋଜନ ସ୍ଥାନରେ ଅନେକ ଲୋକ ଜମା ହୁଅନ୍ତି ବୋଲି ଦର୍ଶନଶାସ୍ତ୍ର ସମ୍ବନ୍ଧୀୟ ବକ୍ତୃତାର ସୁବିଧା ହୁଏ । ସେହି ବକ୍ତୃତାର ମୋହ ତାଙ୍କୁ ଟାଣି ନେଇଯାଏ । ନିଶାଖୋରମାନଙ୍କର ନିଶା ଅଭାବରେ ଦେହ କସମସ୍ ହୁଏ—ମନ କାହିଁରେ ଲାଗେ ନାହିଁ—ସ୍ଫୂର୍ତ୍ତି ଆନନ୍ଦ ଥାଏ ନାହିଁ । ବକ୍ତୃତାଖୋର ରଥଙ୍କର ମଧ୍ୟ ବକ୍ତୃତା ଅଭାବରେ ସେହିପରି ଉପସର୍ଗ ଘଟେ । କେଉଁଠାରେ ପାଞ୍ଚଜଣଙ୍କୁ ଏକାଠି ହେବାର ଦେଖିଲେ ସେ ଆଉ ଥୟ ହୋଇ ରହି ପାରନ୍ତି ନାହିଁ—କାଳ ବିଳମ୍ବ ନ କରି ସେଠାକୁ ଯାଇ ବକ୍ତୃତା ଆରମ୍ଭ କରିଦିଅନ୍ତି । କେହି ବୁଝୁ ବା ନ ବୁଝୁ, ସେଥିପ୍ରତି ତାଙ୍କର ଭ୍ରୂକ୍ଷେପ ଥାଏ ନାହିଁ । ସେ ଅନର୍ଗଳ ବକ୍ତୃତା କରି ଚାଲିଥାଆନ୍ତି ।

ରଥପଣ୍ଡିତଙ୍କ ମତରେ ଦର୍ଶନଶାସ୍ତ୍ର ଏକା ନିର୍ମଳଛଙ୍କା ସତ୍ୟ । ଆଉ ସବୁ ମିଥ୍ୟା, କପୋଳ-କଳ୍ପନା । ସେ ଯାହା ଦେଖି ନାହାନ୍ତି, ତାହାର ଅସ୍ତିତ୍ୱ ସ୍ୱୀକାର କରନ୍ତି ନାହିଁ । "ଯାହା ନ ଦେଖିବୁ ଦୁଇ ନୟନେ, ପରତେ ନ ଯିବୁ ଗୁରୁ ବଚନେ"—ଏହି ହିଁ ତାଙ୍କର ଅକାଟ୍ୟ ଯୁକ୍ତି । ଦିନେ ସେ ମନେ ମନେ ଭାବିଲେ—"ମୋର ମୁଣ୍ଡ ତ ମୋତେ ଦେଖାଯାଏ ନାହିଁ, ତେବେ କଅଣ ମୁଁ ନିର୍ମୁଣ୍ଡ ? ହାତରେ ସ୍ପର୍ଶ କଲେ ମୁଣ୍ଡର ଅସ୍ତିତ୍ୱ ଜଣାଯାଏ ସତ; ମାତ୍ର ତାହା ତ ଦାର୍ଶନିକ ମତ ନୁହେଁ—ସ୍ପର୍ଶଦ୍ୱାରା ଜଣାଯିବାରୁ ତାହା ସ୍ପାର୍ଶନିକ ମତ ହୋଇପାରେ । ସମସ୍ତଙ୍କର ମୁଣ୍ଡ ଅଛି ବୋଲି ଯେ ମୋର ଥିବ, ଏହା କୌଣସି ଯୁକ୍ତିର କଥା ନୁହେଁ । ସମସ୍ତଙ୍କର କଅଣ ସବୁ ଥାଏ ? ସମସ୍ତଙ୍କର ମୁଣ୍ଡ ଥିବାର ମୁଁ ଦେଖୁଛି ସତ; ମାତ୍ର ମୋର ନ ଥାଇ ପାରେ । ଏହା ବା ବିଚିତ୍ର କଅଣ ? ସେହିପରି ମାନ୍ଦ୍ରାଜ ସହର ତ ମୁଁ ଦେଖି ନାହିଁ, ତେବେ ମାନ୍ଦ୍ରାଜ ଅଛି ବୋଲି କିପରି କହିବି ? ଲୋକଙ୍କଠାରୁ ଶୁଣିଛି ସିନା; ମାତ୍ର ଶୁଣା କଥାରେ ବିଶ୍ୱାସ କଅଣ ? ଶୁଣା କଥାରେ ଯେଉଁମାନଙ୍କର ବିଶ୍ୱାସ, ସେମାନେ ଶ୍ରାବଣିକ ହୋଇ ପାରନ୍ତି; ମାତ୍ର ଦାର୍ଶନିକ ନୁହନ୍ତି । ଆଉ ମାନ୍ଦ୍ରାଜ ଯେବେ ଥାଏ, ତେବେ ସେ ଯେ ଗୋଟାଏ ସହର, ଏଥିର ପ୍ରମାଣ କଅଣ ? ଗୋଟାଏ ମନୁଷ୍ୟ କିମ୍ବା ଅନ୍ୟ କିଛି ବି ତ ହୋଇପାରେ । ଏହିପରି ଅପଟାନ୍ତର ଯୁକ୍ତିବଳରେ ସିଦ୍ଧାନ୍ତ ହେଲା ଯେ ତାଙ୍କର ମୁଣ୍ଡ ନାହିଁ କି ମାନ୍ଦ୍ରାଜ ସହର ନାହିଁ । କିଛିକ୍ଷଣ ପରେ ପୁଣି କହିଲେ—"ଓହୋ, ଏ ସିଦ୍ଧାନ୍ତରେ

ଗୋଟାଏ ପ୍ରକାଣ୍ଡ ଭୁଲ ରହିଗଲା । ଦର୍ପଣରେ ଦେଖିଲେ ତ ମୋର ମୁଣ୍ଡ ଦିଶେ, ତେବେ ମୁଣ୍ଡ ନାହିଁ କପରି ? ନା—ନା, ମୋର ମୁଣ୍ଡ ଅଛି; ମାତ୍ର ମାନ୍ତ୍ରିକ ସହିତ ନାହିଁ । ତାଙ୍କର ଏରୂପ ଯୁକ୍ତି ଶୁଣି ଲୋକେ ହସନ୍ତି ଏବଂ ଅନେକେ ତାଙ୍କୁ ପାଗଳ ବୋଲି କହନ୍ତି । ଲୋକ-ପ୍ରଦତ୍ତ ପାଗଳ ଉପାଧିକୁ ସେ ଘୃଣା କରନ୍ତି ନାହିଁ ବରଂ ଗୌରବ ମଣନ୍ତି । ଯେହେତୁ ସଂସାରରେ ଦୁଇ ପ୍ରକାର ପାଗଳ ଅଛନ୍ତି—ଯାହାର ମଣ୍ଡ ଛିଣ୍ଡା, ସେ ପାଗଳ ଏବଂ ଯେ ଯେତେ ଜ୍ଞାନୀ, ସେ ତେତେ ପାଗଳ । ରଥେ ନିଜକୁ ଶେଷୋକ୍ତ ଶ୍ରେଣୀର ଅନ୍ତର୍ଗତ ମଣନ୍ତି । ସୁତରାଂ ପାଗଳ ଉପାଧିକୁ ସେ ପ୍ରଶଂସାସୂଚକ ମନେ କରନ୍ତି ।

—୨—

ରସିକା ଭଣ୍ଡାରି ଜଣେ ସାର୍ଥକନାମା ନକଲିଆ ଏବଂ ଖାଣ୍ଟିକୁହା । ସେ କେତେ ବାଗରେ ନକଲିଆ କଥା କହି କାନ୍ଦଲା ଲୋକକୁ ହସାଇ ଦେଇପାରେ । ରସିକା ଯାତ୍ରା ଦଳରେ ଦ୍ୱାରୀର ଅଭିନୟ କରେ— ନାନା ପ୍ରକାର ଭେରସା କଥା କହି ଲୋକଙ୍କୁ ହସାଇ ନାକେଦମ୍ କରିଦିଏ । ଏହେତୁ ଜନମୁଖରେ ତାହାର ଗୋଟାଏ ଖୁବ୍ ବଡ଼ ସୁଖ୍ୟାତି ଖେଳିବୁଲେ । ସେ ନ ଥିଲେ ଯାତ୍ରା ଜମେ ନାହିଁ । ଏହାଛଡ଼ା ତାହାର ଗୋଟାଏ ମହତ୍ ଗୁଣ ଥିଲା—ତାହା ମଗଜ । ରସିକାର ଓଜନ ଯେତେ ହେବ, ତାହାର ମଗଜ ସେଥିର ବହୁ ଗୁଣ । ମୂର୍ଖ ଭଣ୍ଡାରି ହେଲେ କଅଣ ହେବ, ତାହାର ବୁଦ୍ଧି ତାହାର ଅସ୍ତ୍ର କ୍ଷୁରଧାର ପରି ତୀକ୍ଷ୍ଣ । କଥା କୌଶଳରେ ଖୁବ୍ ସହଜରେ ସେ ଲୋକଙ୍କୁ ଠକାଇଦିଏ । ରଥ ପଣ୍ଡିତଙ୍କର ଦାର୍ଶନିକ ମତବାଦ ତାହା ମନକୁ ଆସେ ନାହିଁ । ରଥେ କହନ୍ତି—"ଈଶ୍ୱର ବୋଲି କେହି ନାହିଁ, ଦେବତା ଶବ୍ଦ ମିଥ୍ୟା—ନର-କଳ୍ପନା । ଯାହା ଦେଖା ନ ଯାଏ, ତାହା ନାହିଁ ।" ଦିନେ ରସିକା ତାଙ୍କୁ ପଚାରିଲା—"ରଥ ଆପଣେ, ତମ ଗୋସାଇଁ ବାପାଙ୍କୁ ତମେ ଦେଖିଛ ନା ?" ରଥେ କହିଲେ—"ନା, ମୋର ଜନ୍ମ ପୂର୍ବରୁ ସେ ମଲେଣି, ମୁଁ ତାଙ୍କୁ ଦେଖି ନାହିଁ ।" ରସିକା ମୃଦୁ ବ୍ୟଙ୍ଗ ହାସ୍ୟରେ କହିଲା—"ତେବେ ତମ ଗୋସାଇଁ ବାପା ନାହାନ୍ତି । ତମେ ପରା କୁହ, ଯାହା ଦେଖା ନ ଯାଏ, ତାହା ନାହିଁ ? ଗୋସାଇଁ ବାପାଙ୍କୁ ତ ଦେଖି ନାହିଁ, ସେ ଥିଲେ ବୋଲି କପରି ବିଶ୍ୱାସ କରିବ ?" ରଥେ ଟିକିଏ ରାଗି ଉଠି କହିଲେ, "ହିଁ, ଏଁ, ଏ ପୁଣି କି କଥା ? ଗୋସାଇଁ ବାପା ନ ଥିଲେ ବାପା ଆସିଲେ କୁଆଡ଼ୁ, ଆଉ ମୁଁବା ଆସିଲି କୁଆଡ଼ୁ ?" ରସିକା କହିଲା—ହଁ, ମୁଁ ସେଇ କଥା ପଚାରୁଛି—ଏବେ ବାଟକୁ ଆସିଛନ୍ତି ଗୋସାଇଁ । ଗୋସାଇଁ ବାପାଙ୍କୁ ନ ଦେଖିଲେ ବି ସେ ଅଛନ୍ତି କହୁଛ, ସେହିପରି ଈଶ୍ୱରଙ୍କୁ କେହି ନ ଦେଖିଲେ ବି ସେ ଅଛନ୍ତି—ଏହା କାହିଁକି ବିଶ୍ୱାସ କରିବ ନାହିଁ ?" ଏ କଥାରେ ପଣ୍ଡିତଙ୍କର ବୁଦ୍ଧି ବଣା ହୋଇଗଲା । ଦର୍ଶନଶାସ୍ତ୍ରର ସୂକ୍ଷ୍ମ ଖୋଳି ଏ କଥାର ଉତ୍ତର ପାଇଲେ ନାହିଁ । ଜଳୁଁ ଖୁବ ରାଗିଯାଇ କହିଲେ— "ଦୂର ଭଣ୍ଡାରିବାପୁଡ଼ା, ତୋ ସଙ୍ଗରେ ପୁଣି ଯୁକ୍ତି !" ଏତିକିମାତ୍ର କହି ନିଜର ମହତ୍ତ୍ୱ ସମ୍ଭାଳି ନେଲେ ଏବଂ ଆଉ କାଳ ବିଳମ୍ବ ନ କରି ସେଠାରୁ ଉଠି ଚାଲିଗଲେ । ଭଣ୍ଡାରି ପାଖରେ ଯୁକ୍ତିରେ ପରାସ୍ତ ହୋଇ ସେ ଲଜ୍ଜା ଏବଂ ଅପମାନରେ ଦଗ୍ଧ ହେଉଥିଲେ, ଘରେ ଆସି ଦେଖିଲେ ତାଙ୍କର ବ୍ରାହ୍ମଣୀ ପୁତ୍ରପ୍ରାପ୍ତି କାମନାରେ ମୃତ୍ତିକା ଶଙ୍କର ପୂଜା କରୁଅଛନ୍ତି । ଆଉ ତାଙ୍କୁ ସମ୍ଭାଳେ କିଏ ? ଏ ଦୃଶ୍ୟ କି ତାଙ୍କର ଦାର୍ଶନିକ ନେତ୍ର ସହ୍ୟ କରିପାରେ ? କୋଧରେ ତାଙ୍କର ଅଧର କମ୍ପି ଉଠିଲା—ଚକ୍ଷୁ ଶିମିଳୀ ଫୁଲ ପରି ଲାଲ ହୋଇଗଲା । ସେ ଧାଇଁ ଯାଇ ଶିବଲିଙ୍ଗ ସହ ପୂଜା-ସାମଗ୍ରୀ ସବୁ ଫୋପାଡ଼ିଦେଇ ରୁଢ଼ ସ୍ୱରରେ କହିଲେ, "ଉଠ ଉଠ, ତମର ଏ ଅନ୍ଧବିଶ୍ୱାସ ଆଉ କେତେ କାଳେ ଯିବ ? କାଦୁଅ ନେଣ୍ଟାକରେ ଠାକୁର ହେବ, ସେ ଠାକୁର ପୁଣି ପୁଅ ଆଣି ଦେବ ? ଏଗୁଡ଼ାକ ପିଲାଙ୍କ କଣ୍ଢେଇଖେଳ । ମୁଁ ଏସବୁ କିଛି ବିଶ୍ୱାସ କରେ ନାହିଁ, କି ଠାକୁର ଦେବତା ମାନେ ନାହିଁ । ତାହା ଆମ ଦର୍ଶନଶାସ୍ତ୍ରସମ୍ମତ ନୁହେଁ — ତାହା କଣ୍ଟା ମିଛ, ଢଙ୍ଗା ଭଣ୍ଡାମି !" ରଥେ ଏହିପରି ଅନେକ ତିରସ୍କାର କରି ବ୍ରାହ୍ମଣୀ କିଛି ନ କହୁଣୁ ଘରୁ

ବାହାରିଗଲେ । ବ୍ରାହ୍ମଣେ ପାଉ ଭଣ କରିବେ, ତାଙ୍କୁ ଲେଖା ମାରିନଲା । ଦୁଇ ଆଖିରୁ ଲଗାଣ ବର୍ଷାର ଧାରା ବହି ଆସିଲା । ଶିବଙ୍କୁ ଅବଜ୍ଞା କରିବା ସାମାନ୍ୟ ଅପରାଧ ନୁହେଁ; କିନ୍ତୁ ସ୍ୱପ୍ନ ଭଣ, ସ୍ୱାମୀଙ୍କ ମତିଗତି ତ ସେ ଜାଣନ୍ତି । ସୁତରାଂ ପଣତକାନି ବେକରେ ପକାଇ ତଳେ ଜୁହାର ହୋଇ କହିଲେ, "ହେ ଶିବ, ନାସ୍ତିକ ପାଷଣ୍ଡର ଅପରାଧ କ୍ଷମାକର ପ୍ରଭୋ ! ମୋର ସ୍ୱାମୀଙ୍କୁ ସୁବୁଦ୍ଧି ଦିଅ, ତାଙ୍କ ମନରେ ବିଶ୍ୱାସ ଦିଅ, ସ୍ୱଧର୍ମ ଆଡ଼କୁ ତାଙ୍କ ମତି ଫେରିଆସୁ—ଏହି ଆଶୀର୍ବାଦ କର । ସେ ଅଜ୍ଞାନ, ତୁମ୍ଭଠାରେ ଦ୍ରୋହାଚରଣ କରିଅଛନ୍ତି, କିନ୍ତୁ ତୁମ୍ଭେ ଦୟାମୟ—ନିଜ ଗୁଣରେ ତାଙ୍କୁ କ୍ଷମାକର —ନିର୍ମଳ କର—ପବିତ୍ର କର—ଏ ସେବା-ଦାସୀ, ପ୍ରାର୍ଥନା ସଫଳ ହେଉ ।"

— ୩ —

ରଥ-ସୁନ୍ଦରୀ ସେଦିନ ରାତ୍ରିରେ ଶୋଇ ପାରିଲେ ନାହିଁ । ସ୍ୱାମୀଙ୍କର ଦୁଃସ୍ୱପ୍ନ ସ୍ମରଣ କରି ସେ ଘନ ଘନ ଚମକି ପଡ଼ୁଥାଆନ୍ତି । ତାଙ୍କର ଦେହ ଶୀତେଇ ଉଠୁଥାଏ । କେବେ ହଠାତ୍ ଆଖିପତା ପଡ଼ି ଆସିଲେ ସେହି ଦୁଃସ୍ୱପ୍ନ ରୂପ ଧରି ଆଖି ଆଗରେ ଠିଆ ହୋଇଯାଉଥାଏ । ସ୍ୱାମୀର ଭାବୀ ଅମଙ୍ଗଳ ଆଶଙ୍କା ବହନ କରି ପତିପ୍ରାଣା ହିନ୍ଦୁରମଣୀ କି ନିଶ୍ଚିନ୍ତ ହୋଇ ଶୋଇ ପାରେ ? ସେ ମନେ ମନେ କେତେ ବିପଦ-ବିଭୀଷିକା କଳ୍ପନା କରିଯାଏ । ସେହି କଳ୍ପନା ତେଜୁଆ ବାଣ ପରି ତାହା ହୃଦୟରେ ଶୂଳ ବିନ୍ଧିଦେଉଥାଏ । ସେହି ବ୍ୟଥାରେ ସେ ଛଟପଟ ହେଉଥାଏ । ସ୍ୱାମୀଙ୍କ ଦୋଷ ଖଣ୍ଡନ ପାଇଁ ବ୍ରାହ୍ମଣୀ ଅନେକ ଦେବ-ଦେବୀଙ୍କୁ ପ୍ରାଣର ଆକୁଳ ଭାଷାରେ ମିନତି ଜଣାଇଲେ । ଅଶ୍ରୁଜଳରେ ବକ୍ଷ ଭସାଇଦେଲେ । ପ୍ରଭାତ ହେବାକୁ ଘଣ୍ଟାଏ ମାତ୍ର ବିଳମ୍ବ ଅଛି, ଏହି ସମୟରେ ନିଦ୍ରା ଆସି ତାଙ୍କୁ ଘାରିଲା । ସେ ସ୍ୱପ୍ନରେ ଦେଖିଲେ ଜଣେ ଜ୍ୟୋତିର୍ମୟ ପୁରୁଷ ହଠାତ୍ ଅବତୀର୍ଣ୍ଣ ହୋଇ ତାଙ୍କ ପାଖରେ ଆସି ଠିଆହେଲେ । ତାଙ୍କ ମସ୍ତକରେ ଜଟା ମୁକ୍ତାହାରରେ ବନ୍ଧା, ହସ୍ତରେ ସ୍ୱର୍ଣ୍ଣତ୍ରିଶୂଳ ଏବଂ କଟିରେ ବାଘାମ୍ବର । ଅଧରରେ ଦୟାର ମଧୁର ହାସ ଲାଗିରହିଅଛି । ସେହି ହାସ୍ୟ ଜ୍ୟୋତିରେ ଗୃହ ଆଲୋକିତ ହୋଇଗଲା । କି ସୁନ୍ଦର ଭକ୍ତଭୟହର ମୂର୍ତ୍ତି ! କଳ୍ପନାରେ ସେପରି ମୂର୍ତ୍ତି କେହି ଗଢ଼ିପାରିବ ନାହିଁ । ସତେ ଯେପରି ମର୍ତ୍ତ୍ୟବାୟୁରେ ସେ ମୂର୍ତ୍ତି ମଳିନ ହୋଇଯିବ । ପୁରୁଷ ସ୍ନେହସ୍ନାତ ମଧୁର ସ୍ୱରରେ କହିଲେ—"ଚିହ୍ନି ପାରିଲୁ କି ମା ମୁଁ କିଏ ? ମୁଁ ତୋର ସେହି ଆରାଧ୍ୟ ଦେବତା ମୃତ୍ୟୁଞ୍ଜୟ ଶଙ୍କର । ତୋର ଦୁଃଖ ସହି ନ ପାରି ତୋତେ ସାନ୍ତ୍ୱନା ଦେବାକୁ ଆସିଲି । ତୋ ସ୍ୱାମୀ ମୋତେ ଅବଜ୍ଞା କଲେ ବୋଲି ତୁ ଭୟ କରନା ମା ! ଦେବତାମାନେ ପ୍ରତିହିଂସା କରନ୍ତି ନାହିଁ—କ୍ଷମା ସେମାନଙ୍କର ଧର୍ମ । ନିନ୍ଦା ପ୍ରଶଂସାରେ ସେମାନେ ଅଧୈର୍ଯ୍ୟ ବା ଆନନ୍ଦିତ ହୁଅନ୍ତି ନାହିଁ— ସେମାନେ ନିନ୍ଦା ପ୍ରଶଂସାର ଅତୀତ । ସେ ଅଭକ୍ତ କାହାର କିଛି ଗ୍ରହଣ କରନ୍ତି ନାହିଁ, ଭକ୍ତିମାନ୍ଦ ଗ୍ରହଣ କରନ୍ତି ଏବଂ ସେଥିର ଫଳ ଦିଅନ୍ତି । ଏହା ତାଙ୍କର ମହତ୍ତ୍ୱ ଆଉ ଦେବତ୍ୱ । ତୁ କିଛି ଚିନ୍ତା କର ନା । ତୋ ସ୍ୱାମୀ ପାଣ୍ଡିତ୍ୟ ଗର୍ବରେ ବିଚାରଶୂନ୍ୟ ହୋଇଛି । ସେ ସତ୍‌ପଥକୁ ଆସିବ । ଉଦ୍ଧତ ଲୋକେ ନ ଠକିଲେ ଶିଖନ୍ତି ନାହିଁ, କେହି ତାଙ୍କୁ ଶିକ୍ଷା ଦେଇପାରେ ନାହିଁ—ତାଙ୍କର କୃତକର୍ମ ତାଙ୍କୁ ଉପଯୁକ୍ତ ଶିକ୍ଷା ଦିଏ । ତୋ ସ୍ୱାମୀ ଭଲରୂପେ ଠକିଲେ ବଳେ ବଳେ ଶିଖିବ । ତାହାର କିଛି ଅନିଷ୍ଟ ହେବ ନାହିଁ । ତୋହରି ଭକ୍ତି—ତୋହରି ବିଶ୍ୱାସ ତାକୁ ରକ୍ଷା କରିବ । ସେ ନିଜର ଭୁଲ ବୁଝି-ପାରି ଅନୁତପ୍ତ ହେବ । ସେତେବେଳେ ତାହାର ଭ୍ରାନ୍ତ ଧାରଣା ଭାଙ୍ଗିଯିବ—ସେ ନିର୍ମଳ ହୋଇ ତୋର ଉପ-ଯୁକ୍ତ ସ୍ୱାମୀ ହେବ । ସେଦିନ ନିକଟବର୍ତ୍ତୀ, ତୁ ଧୈର୍ଯ୍ୟ ଧରି ସେହି ଶୁଭଦିନ ଅପେକ୍ଷାରେ ରହ ।" ଏହା କହି ପୁରୁଷ ହଠାତ୍ ଅନ୍ତର୍ହିତ ହୋଇଗଲେ । ବ୍ରାହ୍ମଣୀ ଉତ୍ପୁଲ୍ଲ ହୋଇ ଉଠି ବସି ନିର୍ବାକ୍ ବିସ୍ମୟରେ ଅଭିଭୂତ ହୋଇଗଲେ । ତାଙ୍କ ନେତ୍ରରୁ ଲୋତକ-ଧାରା ବହିପଡ଼ିଲା । ଆରାଧ୍ୟ ଦେବତାଙ୍କ ସ୍ୱପ୍ନାଦେଶ ହେତୁ କରି ସେ ଆଶ୍ୱସ୍ତ ହେଲେ । ଅନନ୍ତର ଗଳବସ୍ତ୍ର ହୋଇ ଶିବଙ୍କ ଉଦ୍ଦେଶ୍ୟରେ ଦଣ୍ଡବତ କରି ଶଯ୍ୟାରୁ ଉଠିଗଲେ ।

ରଥପଣ୍ଡିତେ ସ୍ତ୍ରୀର ପୂଜା ପ୍ରତିମା ଫୋପାଡ଼ି-ଦେଇ ଯେ ନିର୍ବିକାର ଥିଲେ, ତାହା ନୁହେଁ । ତାଙ୍କ

ହୃଦୟରେ ସୂଚା ଦୁଃଖର ସ୍ପଷ୍ଟ ଛାୟା ପଡ଼ିଥିଲା । ଦମ୍ଭୀ ବାହାରେ ଯେତେ ଦମ୍ଭ କରୁ ପଛେ; ମାତ୍ର କୌଣସି ଅନ୍ୟାୟ କାର୍ଯ୍ୟ କଲେ ନିଶ୍ଚେ ତା ମନ ଗୁଡ଼ୁ ଗୁଡ଼ୁ ହୁଏ । ସେ ସିନା ଦମ୍ଭୀ; ମାତ୍ର ତାହାର ବିବେକ ଶକ୍ତିର ତ କୌଣସି କମ ନାହିଁ ! ସୁତରାଂ ତାହାର ବିବେକ ତାକୁ ଲଜ୍ଜା ଦିଏ । ରଥେ ମନେ ମନେ କହିଲେ—"ଏରୂପ ଆଚରଣ କରିବା ମୋର ଉଚିତ ହୋଇ ନାହିଁ ।" ପୁଣି କ୍ଷଣକେ ବଦଳିଯାଇ କହିଲେ—"କି, ଉଚିତ ନୁହେଁ ନାହିଁ କି ? କାବୁଥ ପେଣ୍ଡୁଲାଟାଏ ଫିଙ୍ଗିଦେଲେ ଦୋଷ କଅଣ ? ତାହା ତ ପାପ ନୁହେଁ—ମୋର ମନର ଦୁର୍ବଳତା ମୋତେ ଏହିପରି ବେଳେ ବେଳେ ଖୁବ୍ ଠକାଏ, ଯାହା ଅନ୍ୟାୟ ନୁହେଁ, ତାକୁ ଅନ୍ୟାୟ ବୋଲି କହି ଭୟ ଦେଖାଏ । ଲୋକେ ନିନ୍ଦା କରିବେ ? କରନ୍ତୁ, ବ୍ୟର୍ଥ ନିନ୍ଦାକୁ ଡରି କଅଣ କୁସଂସ୍କାରକୁ ପ୍ରଶ୍ରୟ ଦେବାକୁ ହେବ—ନୈତିକ ସାହସକୁ ଜଳାଞ୍ଜଳି ଦେବାକୁ ହେବ ? ତେବେ ଗୋଟାଏ କଥା ଏହି ଯେ, ବ୍ରାହ୍ମଣୀର ମନରେ କଷ୍ଟ ହୋଇଥିବ—ଏହିଟା ମୋର ଭୁଲ; ମାତ୍ର ସେଥିଲାଗି କା ଚିନ୍ତା କାହିଁକି ? ତାହା ମନ ରସାଇ ଦୁଇ ପଦ କହିଦେଲେ ସେ ତରଳିଯାଇ ସବୁ କଥା ଭୁଲିଯିବ । ନ ହେଲେ ଦର୍ଶନ ଶାସ୍ତ୍ରର ମୂଳ ସୂକ୍ଷ୍ମସୂତ୍ର ତାକୁ ଭଲରୂପେ ବୁଝାଇଦେଲେ ସେ ବୁଝିଯିବ । ଜଣେ ସ୍ତ୍ରୀଲୋକକୁ ଭୁଲାଇଦେବା କିଛି କଠିନ କଥା ନୁହେଁ; ମାତ୍ର ମୋର କାର୍ଯ୍ୟ ଅନ୍ୟାୟ ବୋଲି କଦାଚ ସ୍ୱୀକାର କରିବି ନାହିଁ । ତାହାହେଲେ ଦର୍ଶନଶାସ୍ତ୍ରର ଶିରଚ୍ଛେଦ ହେବ ଏବଂ ମୋର ମନର ଦୁର୍ବଳତା ପ୍ରକାଶ ପାଇବ । ମାନସିକ ଦୁର୍ବଳତା ମନୁଷ୍ୟକୁ ଯେପରି ଦୁର୍ବଳ କରେ, କୌଣସି ଉତ୍କଟ ବ୍ୟାଧି ସେପରି ଦୁର୍ବଳ କରିପାରେ ନାହିଁ । ମୁଁ କଦାଚ ମନ ଦୁର୍ବଳ କରିବି ନାହିଁ ।" ରଥେ ତାଙ୍କ ପାଗଳ ମନକୁ ଏହିପରି ବୁଝାଇ, ସାନ୍ତ୍ୱନା ଦେଇ ପ୍ରକୃତିସ୍ଥ କରି ରଖିଲେ ।

—୪—

କେତେ ଦିନ ପରେ ଗ୍ରାମରେ ଡାକୁଣୀଗୋଳ ଲାଗିଲା । ଦେଖୁଁ ଦେଖୁଁ ଅନେକ ଲୋକ କାଳଗ୍ରାସରେ ପଡ଼ିଲେ । ଆଜି ଯାହାକୁ ଦେଖିବ, କାଲି ସେ ନାହିଁ । ଗ୍ରାମରେ ମହା ଆତଙ୍କ ପଡ଼ିଗଲା; ଲୋକେ ତ୍ରସ୍ତବ୍ୟସ୍ତ ହୋଇ ଉଠିଲେ । କେତେ ଘର ଛାଡ଼ି ପଳାଇଲେ, ଆଉ ଯେ ରହିଲେ ସେ ସବୁବେଳେ ଆଶଙ୍କାରେ କାଳ କଟାଇଲେ । ଭୟରେ ଦିନରାତି ସେମାନଙ୍କ ଛାତି ଦୁରୁ ଦୁରୁ ହେବାକୁ ଲାଗିଲା । ହରି ଲେଙ୍କା, ଫକୀର ପରିଡ଼ା, ସଦେଇ ସାହୁ, ରଘୁ ସାମଲ ପ୍ରଭୃତି ଗାଁର ମୁଖିଆ ଲୋକମାନେ ବସି ପ୍ରତିକାରର ଉପାୟ ଚିନ୍ତା କଲେ । ସହଜବିଶ୍ୱାସୀ ଧର୍ମପ୍ରାଣ ମୋଫସଲବାସୀମାନେ ପୁଣ୍ୟାନୁଷ୍ଠାନକୁ ସର୍ବଶ୍ରେଷ୍ଠ ପ୍ରତିକାର ବୋଲି ବିଶ୍ୱାସ କରନ୍ତି । ସୁତରାଂ ଧାର୍ଯ୍ୟ ହେଲା– ଚବିଶପ୍ରହରୀ କୀର୍ତ୍ତନ ହେବ, ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଚାରଣୀଙ୍କ ପାଖରେ ଛେଳିପଣ ଚାଲିହେବ, ଚଣ୍ଡୀପାଠ ହେବ, ଆଉ ହୋମ ହେବ । ପ୍ରତି ଗ୍ରାମରେ ଗ୍ରାମଦେବତୀ ଅଛନ୍ତି । ସେମାନେ ସଦା ଉପବାସିନୀ । ଗାଁରେ କାହାରି ବାହା-ସୁହାଣୀ ହେଲେ ବା ମଡ଼କ ଲାଗିଲେ ତାଙ୍କର କପାଳ ଖୋଲେ । ସେତେବେଳେ ସେମାନେ ପୂଜା ପାଆନ୍ତି । କବି ସ୍ୱମାଭିଷେକ ଉପଲକ୍ଷ୍ୟରେ ଗାଇଅଛନ୍ତି—"ବିନା ପୂଜା ଦେବତା, ବିଶ୍ୱରିଲେ ହୋଇବା ପୂଜିତା ।" ଅଯୋଧ୍ୟାରେ ଯେଉଁ ଅପୂଜା ଦେବତାସବୁ ଥିଲେ, ସ୍ୱମଙ୍କ ଅଭିଷେକ-ବାର୍ତ୍ତା ଶୁଣି ସେମାନେ ବିଚାରିଲେ— ଆମ୍ଭେମାନେ ପୂଜିତା ହେବା । ଅନାହାରୀ ହାକିମଙ୍କ ପରି ଏହି ଦେବତାମଣ୍ଡଳ ଦୀର୍ଘକାଳ ଅନାହାରୀ ରହି ସୁଦ୍ଧା ରୁଷ୍ଟ ବା ଅସନ୍ତୁଷ୍ଟ ହୁଅନ୍ତି ନାହିଁ —ଏହା ତାଙ୍କର ଦେବତ୍ୱ ।

ପୂର୍ବୋକ୍ତ ଭଦ୍ରବ୍ୟକ୍ତିମାନେ ଗ୍ରାମରେ ବୁଲି "ଅଘରଦୁଆରି" ଚାନ୍ଦା ଆଦାୟ କରିବାକୁ ଲାଗିଲେ । ସମସ୍ତେ ଯଥାଶକ୍ତି ଚାନ୍ଦା ପ୍ରଦାନ କଲେ; ମାତ୍ର ଦାର୍ଶନିକ କପିଳ ରଥେ କିଛି ଦେଲେ ନାହିଁ । ହରି ଲେଙ୍କା ତାଙ୍କ ଘରକୁ ଯାଇ କହିଲେ—"ରଥ ଆପଣେ, ଠାକୁରାଣୀ ପୂଜା ଲାଗି କିଛି ଚାନ୍ଦା ଦିଅ ।" ରଥେ ଉଦାସ ଗମ୍ଭୀର ସ୍ୱରରେ ପଚାରିଲେ—"କେଉଁ ଠାକୁରାଣୀ ?" ଲେଙ୍କା କହିଲେ—"ଆମ ଗ୍ରାମଦେବତା ଚାରଣୀ, ଆଉ କିଏ ?" ରଥେ ଟିକିଏ ବିଦ୍ରୂପମିଶା ହାସ୍ୟ ବିସ୍ତାର କରି କହିଲେ,

"ଓଃ—ହୋ, ସେହି ଯେ ମାଙ୍କଡ଼ାପଥରଖଣ୍ଡକ, ସେହି ସବୁ ଝାଡ଼ା ବାନ୍ତଗୋଳରୁ ଗାଁକୁ ରକ୍ଷା କରିବ ? ବାଃ, କୌତୁକ ତ ମନ୍ଦ ନୁହେଁ !"

ଲେଙ୍କା— କି, ସେ ପଥର ଭିତରେ କଅଣ ଦେବତା ନାହିଁ ?

ରଥେ—ଦେବତା କଅଣ ହେ ? ତମେ ଦେବତା ଦେଖିଛ ?

ଲେଙ୍କା—ନ ଦେଖିଲେ କି ଦେବତା ଅଛନ୍ତି ! ଯେ ତାଙ୍କର ଭକ୍ତ, ସେ ତାଙ୍କୁ ଦେଖେ । ପ୍ରହ୍ଲାଦଙ୍କ ପ୍ରାର୍ଥନାରେ ଭଗବାନ ନୃସିଂହ ରୂପ ଧରି ସ୍ତମ୍ଭରୁ ବାହାରିଥିଲେ, ଏହା କି ପୁରାଣରେ ପଢ଼ି ନାହଁ ?

ରଥେ—ମୁଁ ସେ ଶାସ୍ତ୍ରପୁରାଣ, ଦେବତା, ଭଗବାନ କିଛି ମାନେ ନାହିଁ ।

ଲେଙ୍କା – ତୁମେ ନ ମାନିଲ ବୋଲି ଯେ ଦେବତା ନାହାନ୍ତି, ଏ କଥାର କିଛି ମୂଲ୍ୟ ନାହିଁ । ଗଛ, ପଥର ସବୁ ତ ଦେବତାଙ୍କ ରୂପ ! ପବନ ଦେଖା ନ ଯାଏ ବୋଲି କଅଣ ପବନ ନାହିଁ ? ସେ ଦେହରେ ଲାଗି-ଯାଉଛି, ଘର ଦେଇ ଗଛ ଡାଳପତ୍ର ପ୍ରଭୃତି ଭାଙ୍ଗି ପକାଉଛି, ଏ ସବୁ ତ ପବନର କାର୍ଯ୍ୟ ? କାର୍ଯ୍ୟ ଦେଖି କର୍ତ୍ତା ଅସ୍ୱୀକାର କରିବ କେଉଁ ଯୁକ୍ତି ବଳରେ ?

ରଥେ—ମୁଁ ସେ ଯୁକ୍ତିତର୍କକୁ ଭଲ ପାଏ ନାହିଁ । ଜଟିଳ କୁଟିଳ ତର୍କ ଜାଲରେ ଧଳା କଳା ହୋଇଯାଏ; କିନ୍ତୁ ତାହା ଅସାର ଏବଂ କପଟ ମିଛ । ତାହାସବୁ ଆମ ଦାର୍ଶନିକ ମତର ବିରୋଧୀ ।

ଲେଙ୍କା—ହେଉ, ସବୁ ଜାଣି ମିଛ । ତୁମେ ଶାସ୍ତ୍ର ପୁରାଣ ବା ଦେବତା ବିଶ୍ୱାସ ନ କଲେ ତାଙ୍କର କିଛି କ୍ଷତି ହେବ ନାହିଁ । ଆଉ ଗୋଟିଏ କଥା ତୁମକୁ ପଚାରିବି । ଯେଉଁ ପଥରଖଣ୍ଡକୁ ଯୁଗେ ଯୁଗେ ହେଲା ଲୋକେ ବିଶ୍ୱାସ କରି ଆସୁଅଛନ୍ତି, ଏତେ ଲୋକର ଏତେ କାଳର ବିଶ୍ୱାସ କି ଗୋଟାଏ ଜୀବନ ବା ଶକ୍ତି ଧରି ତାହା ମଧ୍ୟରେ ରହିବା ଅସମ୍ଭବ ? ଏତେ ଲୋକ କଅଣ ସମସ୍ତେ ଭ୍ରାନ୍ତ, ତୁମେ ଏକା ମହାଜ୍ଞାନୀ ?

ରଥେ— ତୁଚ୍ଛା ବିତଣ୍ଡାରେ କିଛି ଫଳ ନାହିଁ । ମୋର ଶେଷ କଥା ଏହି ଯେ, ତୁମ ଠାକୁରାଣୀଙ୍କର କି କ୍ଷମତା ଅଛି, ମୋତେ ଦେଖାଇଲେ ମୁଁ ବିଶ୍ୱାସ କରିବି ।

ଲେଙ୍କା—ମୁଁ ତ ଆଗରୁ କହୁଛି, ତୁମେ ତାଙ୍କୁ ବିଶ୍ୱାସ ନ କଲେ ବା ଅବଜ୍ଞା କଲେ ତାଙ୍କର କିଛି କ୍ଷତି ହେବ ନାହିଁ—ଯଦି କ୍ଷତି ହୁଏ ତେବେ ତୁମର ।

ରଥେ—ମୋର କି କ୍ଷତି ହେବ? ତମ ଠାକୁରାଣୀ ଉପସ୍ଥିତ ରୋଗକୁ ମୋ ପାଖକୁ ପଠାଇଦେବେ ନା କଅଣ ? ଅଚ୍ଛା, ତେବେ ତମ ଠାକୁରାଣୀଙ୍କୁ ଯାଇ କହ, ସେ ତାହାହିଁ କରନ୍ତୁ ।

ଲେଙ୍କା—ଛି-ଛି ! ଏଭଳି ଅମଙ୍ଗଳ କଥା କି ମୁହଁରେ ଆଣନ୍ତି ! ତୁମେ ଘୃଣା ନ କଲେ ଏତେ ବଢ଼େଇ କର ନାହିଁ କି ଦେବତା ନିନ୍ଦା ବାତ ନାହିଁ ।

ଅନନ୍ତର ଲେଙ୍କା ଉଠି ଚାଲିଗଲେ । ଗ୍ରାମବାସୀଙ୍କ ପ୍ରବଳ ଘୃଣାରେ ଯଥାସମୟରେ ଠାକୁରାଣୀ ମାର୍ଜନା ହୋଇଗଲା । ରଥଙ୍କୁ ସମସ୍ତେ ଛି-ଛିକାର କଲେ; କହିଲେ—ସେଠା ପଣ୍ଡିତ ନା ପାଷଣ୍ଡ ?

—୫—

ଯେଉଁ ଦିନ ଠାକୁରାଣୀ ମାଜଣା ହେଲା, ସେହି ଦିନ ରାତିରେ ରଥ ପଣ୍ଡିତେ ଅତି ଭୟଙ୍କର ସ୍ୱପ୍ନ ଦେଖିଲେ । ବାଘ, ଭାଲୁ, ସାପ ପ୍ରଭୃତି ହିଂସ୍ରଜନ୍ତୁମାନେ ଏକ ସଙ୍ଗରେ ତାଙ୍କୁ ଆକ୍ରମଣ କରିବାକୁ ଆସିଲେ । ସେ ଭୟରେ ଧାଇଁଯାଇ ଗୋଟାଏ ନଈରେ ପଶି-ଗଲେ । ସେଠାରେ ବି ରକ୍ଷା ନାହିଁ । ଦଳେ କୁମ୍ଭୀର କୁମ୍ଭୀର ମୁଖ ବିସ୍ତାର କରି ତାଙ୍କୁ ଗିଳିଦେବାକୁ ଧାଇଁ ଆସିଲେ । ରଥେ ଆର୍ତ୍ତ ଚିତ୍କାର କରି ଉଠି ବସିଲେ । ସେହି ଚିତ୍କାରରେ ବ୍ରାହ୍ମଣୀଙ୍କର ନିଦ ଭାଙ୍ଗିଗଲା । ସେ ଉଠିଯାଇ ସ୍ୱାମୀଙ୍କ ଛାତି ଆଉଁସିଦେଇ ପଚାରିଲେ— "କିଛି ସ୍ୱପ୍ନ ଦେଖିଲ କି ?" ରଥେ କହିଲେ—"ହଁ, ସ୍ୱପ୍ନ ଦେଖିଲି । ତାହା ବଡ଼ ଭୟଙ୍କର । ସ୍ୱପ୍ନ କି ମୂଳରୁ ଚୁଲିଯାଏଁ ନିର୍ମୂଳ ମିଛ, ସେଥିରେ କଅଣ ଅଛି ?" ରଥେ ଆଉ କିଛି ନ କହି ପୁଣି ଶୋଇଲେ । ଏହି ସମୟରେ ଘର ପାଖ ତେନ୍ତୁଳି ଗଛରେ ଦୁଇଟା କାଳ ପେଚା ବସି ବିକଟ ସ୍ୱରରେ ଅନର୍ଗଳ ରଡ଼ିବାକୁ ଲାଗିଲେ । ଭୀଷଣ ଅନ୍ଧକାରରେ ସେ ସ୍ୱର ଭୟ ବଢ଼ାଇଦେଲା ।

ସେସବୁ ଦୁଇଟାକୁ ନୀରବ ହେବା ପାଇଁ ରଥ-ଗୃହିଣୀ "ଲୁହା ସ୍ୱେରଣୀ, ଦେଡଶୁର ଅଇଣ୍ଠାଖାଇ, କାଳହୁଣ୍ଡୀ" ପ୍ରଭୃତି ଢେର ଗାଳିଦେଲେ। ପିଠା ଖଣ୍ଡିକା ଡଡାଇ ରେଙ୍କିବେ ବୋଲି ଭୟ ଦେଖାଇଲେ; ମାତ୍ର ଅଭଦ୍ର ସେସବୁ ଦୁଇଟା କାହିଁରେ ନିରସ୍ତ ହେଲେ ନାହିଁ। ଗାଁରେ ଡ଼ାକୁଣୀଗୋଳ ଲଗିଛି, ତାହା ଉପରେ ସ୍ୱାମୀଙ୍କର ଭୀଷଣ ସ୍ୱପ୍ନଦର୍ଶନ ଆଉ କେତେଙ୍କବେଳେ ସେସବୁ ଶବ୍ଦ—ଏହି ବିବିଧ ଅମଙ୍ଗଳ ବ୍ରାହ୍ମଣୀ ମନରେ ଗୋଟାଏ ଆଶଙ୍କା ଜନ୍ମାଇଦେଲା। ସେ ଚିନ୍ତାରେ ଅସ୍ଥିର ହୋଇଉଠିଲେ, ଆଉ ତାଙ୍କୁ ନିଦ୍ରା ହେଲା ନାହିଁ। ସେ ଭାବିଲେ—ଏ ସବୁ ଦୁର୍ଲକ୍ଷଣ ସ୍ୱାମୀଙ୍କ ଦେବତା-ବିଦ୍ୱେଷର ଫଳ। ଦୁଃସ୍ୱପ୍ନର ଶାନ୍ତି ନିମିତ୍ତ ସେ "ଗୋବିନ୍ଦ" ସ୍ମରଣ କରି ଅନ୍ୟାନ୍ୟ ଦେବଦେବୀଙ୍କ ନିକଟରେ କୃପାଭିକ୍ଷା କଲେ। ସ୍ୱାମୀଙ୍କ ଦର୍ଶନ ବିଦ୍ୟା ନିକଟରେ ସେ ଚିରଦିନ ପରାଜିତ, ସୁତରାଂ ତାଙ୍କୁ ବୁଝାଇ ଫଳ ନାହିଁ। ନାନାଚିନ୍ତାରେ ରାତି ପାହିଗଲା। ସେ ସକାଳୁ ଉଠି ରଥଙ୍କ ଅଜ୍ଞାତରେ ଠାକୁରାଣୀଙ୍କ ମନ୍ଦିରକୁ ପୂଜା-ସାମଗ୍ରୀ ପଠାଇଦେଲେ।

ବେଳ ଘଡ଼ିକ ସମୟରେ ଗ୍ରାମସାରା ରାଷ୍ଟ୍ର ହେଲା—କପିଳ ରଥଙ୍କୁ ସକାଳୁ ପାଣି ପରି ଝାଡ଼ାବାନ୍ତି ହୋଇଗଲାଣି। ସେ ଅଶକ୍ତ ହୋଇପଡ଼ିଲେଣି, ସ୍ୱର ପଡ଼ିଗଲାଣି, ଆଖି ବସିଗଲାଣି—ଇତ୍ୟାଦି, ଇତ୍ୟାଦି। ଏ ସମ୍ବାଦରେ କେହି ଦୁଃଖ ପ୍ରକାଶ କରି ଚୁ-ଚୁ୍ କାର କଲେ, କେହି ବା କହିଲେ—ଠାକୁରାଣୀଙ୍କୁ ଅବଜ୍ଞା କଲା, ଏବେ ଫଳ ପାଉ। ସ୍ୱୟଂ ରଥଙ୍କ ମନରେ ସୁଦ୍ଧା ଗୋଟାଏ ଆଶଙ୍କାର ଛାୟା ପଡ଼ିଗଲା। ସେ ମନେ ମନେ କହିଲେ—"କି କୁକ୍ଷଣରେ ମୁଁ କଥାଟା କହି ପକାଇଥିଲି! ସେହିର କଥା ମୋତେ ଅଭିଶାପ ହେଲା। ବ୍ରାହ୍ମଣୀ କାନ୍ଦି କାଟି ଅଥୟ ହେଲେ, ସ୍ୱାମୀଙ୍କ ଗୋଡ଼ ଧରି କହିଲେ—"ତୁମେ ଠାକୁରାଣୀଙ୍କ ନିନ୍ଦା କଲ, ସେହି ଏଡ଼େ ଏ ଦଣ୍ଡ ଦେଲେ। ତୁମେ ମା ତାରିଣୀଙ୍କୁ ଡାକ, ସେହି ତୁମକୁ ଭଲ କରିଦେବେ।" ରଥେ କିଂକର୍ତ୍ତବ୍ୟ ବିମୂଢ଼ ଭାବରେ ଦେବତା-ଭକ୍ତ ହୋଇ "ମା ତାରିଣୀ, ମା ତାରିଣୀ" ଉଚ୍ଚାରଣ କଲେ। ଆସନ୍ନ ମୃତ୍ୟୁଭୟରେ ସେ ଦର୍ଶନଶାସ୍ତ୍ରର ଶ୍ରାଦ୍ଧ କରିବସିଲେ। ବ୍ରାହ୍ମଣୀ ତାଙ୍କୁ ଅନ୍ୟ ଔଷଧ ଦେଲେ ନାହିଁ—ତାରିଣୀଙ୍କ ଚରଣାମୃତ ଆଣି ପାନ କରାଇଲେ। ସେ କହିଲେ—ତୁମେ ମାଙ୍କୁ ନିନ୍ଦା କରିଛ। ତାଙ୍କର ଚରଣାମୃତ ପାନକର, ତୁମ ପାପର ପ୍ରାୟଶ୍ଚିତ୍ତ ହେବ—ମା କରୁଣାମୟୀ—ସେ ତୁମ ଦୋଷ କ୍ଷମା କରିବେ।" ଏହା କହି ସ୍ୱାମୀଙ୍କୁ ବାରମ୍ବାର ଦେବୀ-ଚରଣାମୃତ ପାନ କରାଇବାକୁ ଲାଗିଲେ ଏବଂ ନିଜେ ଏକାଗ୍ର ଚିତ୍ତରେ ଦେବୀଙ୍କ ଶ୍ରୀଚରଣରେ ସ୍ୱାମୀଙ୍କର ମଙ୍ଗଳ ଭିକ୍ଷା କରିବାକୁ ଲାଗିଲେ। ସତୀର ପ୍ରାଣର ପ୍ରାର୍ଥନା ଦେବୀ ଶୁଣିଲେ। ରଥେ ଧୀରେ ଧୀରେ ଆରୋଗ୍ୟ ଆଡ଼କୁ ଅଗ୍ରସର ହେବାକୁ ଲାଗିଲେ—ସପ୍ତାହକ ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ। ଏହି ଘଟଣା ତାଙ୍କର ବିଦ୍ୟା, ବିଶ୍ୱାସ ଏବଂ ଦମ୍ଭକୁ ସମ୍ପୂର୍ଣ୍ଣ ଓଲଟପାଲଟ କରିଦେଲା। ସେ ଭାବିଲେ—"ବାସ୍ତବରେ ହରି ଲେଙ୍କା ଯାହା କହିଥିଲେ, ତାହା ଠିକ୍। ଏତେ ଲୋକଙ୍କର ଏତେ କାଳର ଭକ୍ତି, ବିଶ୍ୱାସ କ'ଣ ଗୋଟାଏ ଜୀବନ ବା ଶକ୍ତି ଧରିପାରେ! ଏ ବିଶ୍ୱାସ ମିଥ୍ୟା ହୋଇଥିଲେ କଦାଚ ଏତେ କାଳ ତିଷ୍ଠି ପାରନ୍ତା ନାହିଁ। ଯହିଁରେ ସତ୍ୟର ସତ୍ତା ନାହିଁ, ତାହା ଦୀର୍ଘକାଳ ସ୍ଥାୟୀ ହୋଇପାରେ ନାହିଁ। ସତ୍ୟ ଅମର, ମିଥ୍ୟା ସ୍ୱଳ୍ପାୟୁ। ମୁଁ ନିଜେ ଭ୍ରାନ୍ତ ହୋଇ ଅପରକୁ ଭଣ୍ଡାଉଥିଲି। ମୋର ଜ୍ଞାନ ନିତାନ୍ତ ଅପକ୍ୱ। ଶାସ୍ତ୍ର-ପୁରାଣ, ଦେବଦେବୀ ମିଥ୍ୟା ନୁହେଁ—ବରଂ ସତ୍ୟ! ମିଥ୍ୟା କେବଳ ମୋର ଶିକ୍ଷା ଏବଂ ଧାରଣା। ପ୍ରକୃତ ଶିକ୍ଷା ମୋର ନାହିଁ, ମୁଁ ଖାଲି ଉପରେ ଉପରେ ଭାସି ବୁଲି ନିଜକୁ ମହାଜ୍ଞାନୀ ମଣୁଥିଲି। ମୋର ସେ ବ୍ୟର୍ଥ ଦର୍ପ ଆଜି ଭାଙ୍ଗି ଚୂର୍ଣ୍ଣୀଭୂତ ହୋଇଗଲା।" ସେହି ଦିନଠାରୁ ରଥେ ଶାସ୍ତ୍ରପୁରାଣ ଓ ଦେବଦେବୀଙ୍କୁ ଅବିଶ୍ୱାସ କରନ୍ତି ନାହିଁ।

# ପଣଭଙ୍ଗ

—୧—

ସାରଙ୍ଗଧର କଲେଜ ପଢୁଆ । ସେ କଟକ ରେଭେନ୍ସା କଲେଜରେ ବି. ଏ. କ୍ଲାସରେ ଅଧ୍ୟୟନ କରେ । ପିଲାଟି ଖୁବ୍ ଚତୁର ଏବଂ ଟିକିଏ ଚଙ୍ଗଚୁଙ୍ଗିଆ । ପଢାଶୁଣାରେ ବେଶ୍ ମନୋଯୋଗୀ । ସ୍ୱଭାବ ଚରିତ୍ର ଉଜ୍ଜ୍ୱଳ, ବ୍ୟବହାର ନିର୍ମଳ ଏବଂ ଶୀତଳ । ସାରଙ୍ଗଧରର ବୟସ ବାଇଶ ବର୍ଷ ହେଲାଣି; ମାତ୍ର ସେ ଅଦ୍ୟାପି ଅବିବାହିତ । ତାକୁ ଯେ କନ୍ୟା ମିଳୁ ନାହାନ୍ତି, ତାହା ନୁହେଁ—ଅନେକେ କନ୍ୟା ଦେବାକୁ ପ୍ରସ୍ତୁତ, କେତେ କନ୍ୟାଦାୟଗ୍ରସ୍ତ ଲୋକ ତାହା ଦ୍ୱାରରେ ଧାରଣା ଦେଲେଣି—ଅନେକ ପ୍ରଲୋଭନ ମଧ୍ୟ ଦେଖାଇଲେଣି; ମାତ୍ର କାମିନୀ କାଞ୍ଚନରେ ସେ ଭୁଲିବାର ଲୋକ ନୁହେଁ । ସୁତରାଂ ସେ ଲୋଭ ସେ ସହଜରେ ସମ୍ବରଣ କରିଅଛି । ତାହାର ପ୍ରତିଜ୍ଞା—ସେ ବିବାହ କରିବ ନାହିଁ । ସେଥିର କାରଣ—ସ୍ତ୍ରୀଜାତି ଉପରେ ତାହାର ବିଜାତୀୟ ବିଦ୍ୱେଷ । ସେ କହେ—ସ୍ତ୍ରୀମାନଙ୍କର ମସ୍ତିଷ୍କ ନାହିଁ, ସେମାନେ କିଛି ନୂତନ ଉଦ୍ଭାବନ କରି ପାରନ୍ତି ନାହିଁ । ସେ ପ୍ରମାଣ ଦେଖାଇ କହେ—ଜଗତରେ ଯେତେ ବଡ଼ ବଡ଼ କବି, ଦାର୍ଶନିକ, ବୈଜ୍ଞାନିକ, ବୀର, ଧର୍ମ-ପ୍ରଚାରକ, ରାଜନୀତିକ ପ୍ରଭୃତି ଜନ୍ମଗ୍ରହଣ କରିଅଛନ୍ତି, ସେମାନେ ସମସ୍ତେ ପୁରୁଷ । ଜଗତର ଇତିହାସ ସେଥିର ସାକ୍ଷ୍ୟ ପ୍ରଦାନ କରୁଅଛି । ସେହି କୃତୀ ପୁରୁଷମାନଙ୍କ ତାଲିକାରେ ନାରୀ ନାମରେ ଗାର ପଡ଼ି ନାହିଁ । ନାରୀର ମସ୍ତିଷ୍କ ନାହିଁ—ସେ ବାନରବଂଶୀୟା । ଏ ତ ଗଲା ପ୍ରଥମ ପ୍ରଧାନ ଅପରାଧ—ଦ୍ୱିତୀୟ ଅପରାଧ ଏହି ଯେ, "ନାରୀମାନେ କର୍ମଭୂମିରେ କର୍ମଶୂନ୍ୟା । ଗଛର ମଲ୍ଲଙ୍ଗ ପରି ସେମାନେ ପର କାନ୍ଧରେ ଚଢ଼ି ପୋଷିହୁଅନ୍ତି । କଉଡ଼ାଏ ଜୀବିକାଉତ୍ତ ଉପାର୍ଜନ କରିବାର ଶକ୍ତି ତାଙ୍କର ନାହିଁ । ଆଉ ତାହା ବା କାହୁଁ ଆସିବ ? ସେମାନେ ତ ହେଲେ କୋମଳାଙ୍ଗୀ, ଲଜ୍ଜାଶୀଳ ପିତୁଳା । ଖରାରେ ମିଳାଇଗଲା ପରି ଅଳ୍ପକରେ କ୍ଳାନ୍ତଶ୍ୱାସ ହୋଇପଡ଼ନ୍ତି । ପରିଶ୍ରମ ନ କଲେ ଉପାର୍ଜନ ବା କିପରି କରି ହେବ ? ସାର କଥା ନାରୀଜାତି ଅକର୍ମଣ୍ୟା, ଆଉ ପୁରୁଷର ଗଳଗ୍ରହ । ତୃତୀୟତଃ ନାରୀମାନେ କଥାବାର୍ତ୍ତା, ଚାଲିଚଳଣ ଆଉ ବେଶଭୂଷାର ମାତ୍ରା ଜାଣନ୍ତି ନାହିଁ କିମ୍ବା ଜାଣିବାକୁ ଚେଷ୍ଟା କରନ୍ତି ନାହିଁ । ଚତୁର୍ଥ ଅପରାଧ ବଡ଼ ଗୁରୁତର । ତାହା ଏକାବେଳକେ (ଆଧୁନିକ ଭାଷାରେ ଏକେବାରେ) ଅକ୍ଷମଣୀୟ । ସେ କଥା ଏହି ଯେ—କେତେ ଚାଉଳରେ କେତେ ପାଣି ଦରକାର, ନାରୀମାନେ ସେ ହିସାବ ଜାଣନ୍ତି ନାହିଁ—ଖାଲି ଅଗଲଟପିଆ ଭାବରେ ପାଣି ଢାଳିଦେଇ ସିଝାଇଦିଅନ୍ତି । ସେଥିରେ ଖାଦ୍ୟପଦାର୍ଥର ସାରଭାଗ ବାହାରିପାରେ ନାହିଁ, ନଚେତ୍ ବାହାରି ଉଡ଼ିଯାଏ । ସେଣୁ ଅସାର ଖାଦ୍ୟ ଖାଇ ପୁରୁଷମାନେ ଦୁର୍ବଳ ହୁଅନ୍ତି । ମୂଳତଃ ପୁରୁଷ ଦୁର୍ବଳ ହେବାର କାରଣ ନାରୀର ରନ୍ଧନ ଅନିପୁଣତା । ନାରୀମାନେ ସ୍ୱଭାବତଃ ଅଳଙ୍କାରପ୍ରିୟା—ଏହା ତାଙ୍କର ପଞ୍ଚମ ଅପରାଧ । ଅଳଙ୍କାରରେ ଟଙ୍କାଗୁଡ଼ାକ ମାଟି ହୋଇ-ଯାଏ, ଆଉ ବନ୍ଧ୍ୟା ମଧ୍ୟ ହୁଏ । ପୁଣି ଅଳଙ୍କାର ଘୋରି-ଗଲେ ପର ଲଗିଲା ପରି ଟଙ୍କାଗୁଡ଼ାକ ବି ଉଡ଼ିଯାଏ । ଏ ଅପରିଣାମଦର୍ଶିତା ଦୋଷ ନାରୀମାନଙ୍କର ଚିରକାଳ ଅଛି । ଷଷ୍ଠତଃ ନାରୀମାନଙ୍କର ନାମ ଭୀରୁ, ଏହା ଯଥାର୍ଥ । ସେମାନେ ନିତାନ୍ତ ସାହସହୀନା । ଯୁଦ୍ଧ କରିବା ଦୂରେ ଥାଉ, ଗଛରେ କିମ୍ବା ଘୋଡ଼ାରେ ଚଢ଼ିବାକୁ ଛନଅଁ ହୁଅନ୍ତି । ସପ୍ତମ ଅପରାଧ ଏହି ଯେ, ନାରୀ-ମାନେ ଉଦୁଣ୍ଡୀ, କୁହୁଣ୍ଡୀ, ମଳମୁଣ୍ଡୀ, ଆଉ ଘରଭଙ୍ଗା କଥାରେ ଉଗ୍ରଚଣ୍ଡୀ । ଏହିପରି ସ୍ତ୍ରୀଜାତିର ଅନେକ ଦୋଷ ସାରଙ୍ଗଧର ଗାଇ ବୁଲେ । ଚତୁର୍ମାସ୍ୟା

ଗୋବରରେ ଅଁଶେଇ ପଡ଼ିଲା ପରି ଯାହା ଦେହରେ ଏତେଗୁଡ଼ାଏ ଦୋଷ ଗଲଗଲ, ସେ ନାରୀକୁ କି ସାରଙ୍ଗଧର ନିର୍ଦ୍ଦୋଷ ପୁରୁଷ ହୋଇ ବିବାହ କରିପାରେ ? ସେ ବିବାହ କରିବାକୁ ଅସ୍ୱୀକୃତ ନୁହେଁ; ମାତ୍ର କୌଣସି ନାରୀକୁ ସେ ବିବାହ କରିବ ନାହିଁ । ସମାଜରେ ପୁରୁଷ ପୁରୁଷ ମଧ୍ୟରେ ବିବାହ ପ୍ରଚଳିତ ଥିଲେ ସେ କଦାଚ ବିବାହରେ ଅସମ୍ମତ ହୁଅନ୍ତା ନାହିଁ । ଏହା ସେ ବେଳେବେଳେ ଗଙ୍ଗାଜଳରେ ପଶି ଶପଥ କରି କହିପାରେ । କିନ୍ତୁ ଦୁଃଖର ବିଷୟ, କାହିଁକି କେଜାଣି ସମାଜ-ନେତାମାନେ ସେ ବ୍ୟବସ୍ଥା କରି ନାହାନ୍ତି । ସେମାନଙ୍କର ଏ ତ୍ରୁଟି ଆଉ କାହା ପକ୍ଷରେ ହେଉ ବା ନ ହେଉ, ସାରଙ୍ଗଧର ପକ୍ଷରେ ସାଙ୍ଘାତିକ ଦୁର୍ଭାଗ୍ୟର ବିଷୟ । ପୁରୁଷ ପୁରୁଷ ମଧ୍ୟରେ ବିବାହ ହେଲେ କନ୍ୟା ସ୍ଥାନୀୟଙ୍କୁ ତ ଆଉ କନ୍ୟା ବୋଲି କହି ହେବ ନାହିଁ । ସେ ହେଲୁ ସେ ପୁଂଲିଙ୍ଗ । ତାହାହେଲେ ସେ ବ୍ୟାକରଣକୁ ଖଣ୍ଡିବାକୁ ହେବ । ବୋଧହୁଏ ଏହି ଆଶଙ୍କା ସମାଜପତିମାନଙ୍କ ଉପରେ ପ୍ରଭାବ ବିସ୍ତାର କରିଥିଲା । ତେବେ ସେମାନେ ଚେଷ୍ଟା କରିଥିଲେ ଏ ଆଶଙ୍କାରୁ ମୁକ୍ତିଲାଭ କରିପାରିଥାଆନ୍ତେ । ବାଡ଼ି ନ ଭାଙ୍ଗିବା ସାପ ନ ମରିବା ରୀତି ଅନୁସାରେ କନ୍ୟା ନ କହି କନ୍ୟ ବୋଲି କହିଥିଲେ ବ୍ୟାକରଣକୁ ବି ଗୋଟାଏ ସୂତ୍ର ମିଳିଥାଆନ୍ତା । ଆଜିକାଲି କେହି କେହି କନ୍ୟା ରାଶିକୁ କନ୍ୟ ବୋଲି କହୁଥାଆନ୍ତି; ମାତ୍ର ବରକୁ ବଛ କହନ୍ତି ନାହିଁ ।

—୨—

ସାରଙ୍ଗଧର ବଡ଼ଘରର ପିଲା, ପିତୃମାତୃଶୂନ୍ୟ । ସେ ଭୂମିଷ୍ଠ ହେଲାକ୍ଷଣି ମାତାଙ୍କୁ ଏ ପୃଥ୍ୱୀମର୍ତ୍ତ୍ୟରୁ ଉଦ୍ଧାର କରିଦେଇ ପୁତ୍ର-ନାମ ସାର୍ଥକ କରିଅଛି । ପିତୃ-ଉଦ୍ଧାରରେ କିଛି ବିଳମ୍ବ ଘଟିଥିଲା; ମାତ୍ର ଦୁଇବର୍ଷ ପୂର୍ବରୁ ତାହା ବି ହୋଇଯାଇଅଛି । ବର୍ତ୍ତମାନ ସେ ସର୍ବେସର୍ବା—ଚଳିତ କଥାରେ ଯାହାକୁ କହନ୍ତି, "କାନ୍ଥଡ଼ା ଘରର ଷଣ୍ଢ" ତାହାହିଁ । ବିଷୟ-ବିଭବ ଯଥେଷ୍ଟ ଅଛି । ସେଥିର ରକ୍ଷଣାବେକ୍ଷଣ ଭାର କର୍ମଚାରୀଙ୍କ ଉପରେ ଦେଇ ସେ କଟକରେ ପାଠ ପଢ଼ୁଅଛି । କଲେଜ ଛୁଟିରେ ଆସିଲେ ବୁଝାଶୁଝା କରେ । ସେ କେତେଗୁଡ଼ିଏ ଶୃଙ୍ଖଳା ବାନ୍ଧି ଦେଇଅଛି । କର୍ମଚାରୀ-ମାନଙ୍କର ତାହା ବଙ୍କା କେଡ଼ିଆ କରିବାର ଉପାୟ ନାହିଁ । ତାହାର ବିନାନୁମତିରେ କର୍ମଚାରୀମାନେ କିଛି କରିପାରନ୍ତି ନାହିଁ—ଚିଠି ଲେଖି ଆଦେଶ ଅଣାଇ ତଦନୁସାରେ କାର୍ଯ୍ୟ କରନ୍ତି । ହିସାବ କିତାବରେ ସେ ଖୁବ୍ ଧୁରନ୍ଧର; ଏଣୁ କର୍ମଚାରୀମାନେ ସାତ ପାଞ୍ଚ ମିଶାଇ ପନ୍ଦର କରିପାରନ୍ତି ନାହିଁ । ତେବେ ସେମାନେ ଯେ ପେଟ ଚିରି ଶୁଖାଇଦିଅନ୍ତି, ତାହା ନୁହେଁ । ମୂଷାକୁ ପଥ ଶୋଧିବ କିଏ ? ତାହାର ଗୋଟାଏ ଗାତ ବୁଜିଦେଲେ ସେ ଆଉ ଗୋଟାଏ ଫୁଟାଏ । ସେମାନେ ସେହିପରି କର୍ତ୍ତାଙ୍କ ଅନୁପସ୍ଥିତିରେ ଶାଗ ସେରେ ମୁଗ ସେରେ ସଂଗ୍ରହ କରି ନିଅନ୍ତି । ଦୀର୍ଘଛୁଟିରେ ସାରଙ୍ଗଧର ମାସେ ଦୁଇମାସ ପର୍ଯ୍ୟନ୍ତ ଘରେ ଆସି ରହେ । ସେହି ସମୟରେ କର୍ମଚାରୀମାନେ ଦୁର୍ଭିକ୍ଷ ବାଧା ଅନୁଭବ କରନ୍ତି । ସାରଙ୍ଗଧର ଘରେ ନାରୀର ପ୍ରବେଶାଧିକାର ନାହିଁ । ତାହାର ପାଚକ ପରିଚାରକ ସମସ୍ତେ ପୁରୁଷ । ଝାଡ଼ୁଦାଆ-ଠାରୁ ବଡ଼ଙ୍କା, ପିଠଉବଟା ପର୍ଯ୍ୟନ୍ତ ସବୁ କାର୍ଯ୍ୟ ପୁରୁଷ-ମାନେ କରନ୍ତି । ନାରୀର ସୃଷ୍ଟ କୌଣସି ପଦାର୍ଥ ସେ ବ୍ୟବହାର କରେ ନାହିଁ । ବୋଧହୁଏ ତାହା ସବୁ ନାରୀଆ ନାରୀଆ ଗନ୍ଧାଏ । ପୁରୁଷମାନଙ୍କର ହାସି-ଫେରିଆ ସେ ନିଜେ ବିଚାର କରେ; ଆଉ ନାରୀ ପ୍ରଜାମାନଙ୍କର ବିଚାର କର୍ମଚାରୀଏ କରନ୍ତି—ସେ କେବଳ କାଗଜପତ୍ରରେ ସହି କରି ହୁକୁମ ଦିଏ । ଦିନେ ଧୋବା ତାହାର ବାସି ଲୁଗା ଆଣି ଦେଲା । ସେ ଲୁଗା ନ ଛୁଇଁ ପଚାରିଲା—"କିଇରେ, ଏ ଲୁଗା କିଏ ସିଝାଇଲା ? ନାରୀର ହାତ ଏଥିରେ ବାଜି ନାହିଁ ତ ?" ଧୋବା ମୁରୁକି ହସି ମନେ ମନେ କହିଲା—"ନାରୀକି ଏତେ ଘୃଣା କାହିଁକି ? ନାରୀ ନ ଥିଲେ ତୁମେ କୁଆଡ଼ୁ ଆସନ୍ତ ?" ମାତ୍ର ପ୍ରକାଶ୍ୟରେ କହିଲା—"ନା-ସାଆନ୍ତେ, ମୁଁ ସିଝାଇ, କାଚ ଚଉଡ଼େଇ ଆଣିଛି ।" ତହୁଁ ସାରଙ୍ଗଧର ଧୌତବସ୍ତ୍ର ସ୍ପର୍ଶ କଲା ।

ସାରଙ୍ଗଧରର ସ୍ୱାର୍ଥବର୍ଗ ଦିନେ ଦିନେ ତାକୁ ଘେରିବସି ତର୍କବିତର୍କ କରନ୍ତି । କେତେ ବ୍ୟଙ୍ଗ-

ବିଦ୍ରୂପ ଉଙ୍ଗରହସ୍ୟ ବର୍ଷିଯାଏ, କେତେ ହାସ୍ୟ କରତାଳି ଉଡ଼ିଯାଏ । ସାରଙ୍ଗଧର ଅଭିମନ୍ୟୁ ପରି ସପ୍ତରଥୀର ବାଣାଘାତ ସହ୍ୟ କରି ମଧ୍ୟ ଚକ୍ରବ୍ୟୂହ ମଧ୍ୟରେ ଅଟଳ ଅଥର ହୋଇ ବସିଯାଏ । ଅସହ୍ୟ ହେଲେ ଉଠି ଚାଲିଯାଏ । ଦିନେ ତାହାର ସହପାଠୀମାନଙ୍କ ମଧ୍ୟରୁ ଜଣେ ପଚାରିଲା—"ସାରଙ୍ଗ, ତୋର ଏ ନାରୀ-ବିଦ୍ବେଷ କାହିଁକି ହେଲୁ ? ଶାସ୍ତ୍ରପୁରାଣରେ ତ ନାରୀ ଗୌରବମୟ ଉଚ୍ଚାସନ ଅଧିକାର କରିଛି । ନାରୀ ଆଦିମାତାର ବଂଶସମ୍ଭୂତା ; ମାତା, କନ୍ୟା, ଭଗିନୀ ରୂପରେ ସ୍ନେହେ ସ୍ନେହେ ଗୃହଲକ୍ଷ୍ମୀରୂପେ ଅଧିଷ୍ଠିତା । ଦେବତାମାନେ ମଧ୍ୟ ନାରୀ-ଶକ୍ତିର ପୂଜା କରନ୍ତି । ନାରୀ ବିନା ମାନବର ଧର୍ମକର୍ମ ଅସମ୍ପୂର୍ଣ୍ଣ । ଦୁଇଟି ଶକ୍ତିର ସମବାୟରେ ମାନବ-ସୃଷ୍ଟି ଚାଲିଛି—ଗୋଟିଏ ପୁରୁଷ ଶକ୍ତି, ଅନ୍ୟଟି ନାରୀ ଶକ୍ତି । ପୁରୁଷର କର୍ତ୍ତବ୍ୟ ଗୋଟିଏ ଅର୍ଥାତ୍ ଅର୍ଥୋପାର୍ଜ୍ଜନ, ଆଉ ନାରୀର କର୍ତ୍ତବ୍ୟ ଅସୀମ । ନାରୀ ନ ଥିଲେ ପୁରୁଷ କାହୁଁ ଆସିବେ, ଏ ସହଜ କଥାଟା ତୁ ବୁଝୁ ନାହୁଁ କାହିଁକି ? ନାରୀ ଏତେ ତୁଚ୍ଛ, ଏତେ ଅକର୍ମଣ୍ୟ ହୋଇଥିଲେ ବିଧାତା ତାଙ୍କୁ ସୃଷ୍ଟି କରି ନ ଥାନ୍ତା । ତୁ ସେ ବିଧାତାଠାରୁ ବୁଦ୍ଧିମାନ ହୋଇଗଲୁଣି, ତୋର ଏ ବ୍ୟର୍ଥ ଆସ୍ପର୍ଦ୍ଧା କଦାପି ରହିବ ନାହିଁ । ତୋ କପାଳରେ ହୁଟହୁଟା, କୋକହୁଆ ତେର ଅଛି ରେ ଭାଇ ! ମୋ କଥା ମାନ, ତୋର ଏ ସାଧୁ ସଙ୍କଳ୍ପକୁ ଭବିଷ୍ୟତ ଜନ୍ମ ସକାଶେ ରଖିଦେଇ ଆପାତତଃ ବିବାହ କର । ଅନ୍ୟ ଜଣେ ସହପାଠୀ କହିଲା—ତୁ ବିବାହ ନ କଲେ ତ ସ୍ତ୍ରୀଜାତି ଜହର ଖାଇ ମରିଯିବେ, ତୁ ଗୋଟାଏ ଆଦର୍ଶ ଦେଖାଇବାକୁ ଇଚ୍ଛା କରିଛୁ ପରା ! ନାମ କିଣିବାର ସେ ଗୋଟାଏ ସୁନ୍ଦର କୌଶଳ; ମାତ୍ର ଆଦର୍ଶ ସ୍ଥବିରୁ କିଏ ପଚାରେ ? ପୁରୁଷସମାଜରେ ଏପରି ପାଗଳ କିଏ ଯେ, ତୋ ଭଳି ମହା ପାଗଳର ପଦାଙ୍କାନୁସରଣ କରିବ ? ତୁ କଣ ବିଧାତା-ବିଧାନ ବୁଡ଼ାଇଦେବାକୁ ଇଚ୍ଛା କରିଛୁ ? ସାରଙ୍ଗଧର ଶୁଣି ଶୁଣି ଆଉ ସହି ପାରିଲା ନାହିଁ । ତାହାର ସ୍ୱାଭାବିକ ସ୍ୱରରେ କହିଲା—"ନା ଭାଇ, ବିଧାତା ସଙ୍ଗରେ ମୋର କୌଣସି ଶତ୍ରୁତା ନାହିଁ କି ହେବାର ମଧ୍ୟ ଆଦୌ ସମ୍ଭାବନା ନାହିଁ । ଆଉ ମୁଁ କାହାର ଗୋଡ଼-ହାତ ଧରି ମୋ ବାଟରେ ଚାଲିବାକୁ ପ୍ରାର୍ଥନା କରୁ ନାହିଁ । ସ୍ତ୍ରୀମାନେ ଜହର ଖାଇ ମଲେ ବା ନ ମଲେ ମୋର କିଛି କ୍ଷତିର ଆଶଙ୍କା ନାହିଁ । ମୋର ଇଚ୍ଛା, ମୁଁ ବିବାହ କରିବି ନାହିଁ । ସମସ୍ତଙ୍କର ତ ଗୋଟାଏ ଗୋଟାଏ ଖିଅ ଅଛି, ଏଟା ଜାଣି ମୋର ସେହିପରି ଗୋଟାଏ ଖିଅ । ମୋର ଇଚ୍ଛା ସଫଳ ହୋଇ ନ ପାରେ । ସମସ୍ତଙ୍କର ସବୁ ଇଚ୍ଛା କି ସଫଳ ହୁଏ ? ମାତ୍ର ଇଚ୍ଛା କରିବାର ଅଧିକାର ମୋର ଅଛି । ସେଥିରୁ ମୋତେ ବଞ୍ଚିତ କରିବାର କ୍ଷମତା କାହାରି ନାହିଁ ।" ଏ କଥାର ଆଉ ଉତ୍ତର କଅଣ ଅଛି ? ସାରଙ୍ଗଧର ଏହିପରି ଅଖାଡ଼ୁଆ—ଅଶଠା ଯୁକ୍ତିରେ ସଙ୍ଗୀମାନଙ୍କର କଥା ଉଡ଼ାଇଦିଏ ।

—ଗ—

କୃଷ୍ଣମୋହନ ସାରଙ୍ଗଧରର ସହପାଠୀ । ଦୁହେଁ ଏକ ମେସ୍‌ରେ ଥାଆନ୍ତି । ନୀର କ୍ଷୀର ପରି ଦୁହିଁଙ୍କର ମନ ଖୁବ୍ ମିଳେ । ପ୍ରୀତି ସୌହାର୍ଦ୍ଦ୍ୟ ମଧ୍ୟରେ ତୁଚ୍ଛମନ ଗଳିବାକୁ ଫାଙ୍କ ନାହିଁ । କୃଷ୍ଣମୋହନ ମଧ୍ୟବିତ୍ତ ଘରର ପିଲା । ତାହାର ଘର ଝଙ୍କଡ଼ରେ । ସେ ବିବାହିତ; ମାତ୍ର ତାହାର ସ୍ତ୍ରୀ ବାପଘରେ ଥାଏ । କ୍ୱଚିତ୍ କାମ ଜୀଏଁ ପଡ଼ିଲେ ଶ୍ୱଶୁରାଳୟରେ ଧୂମକେତୁ ପରି ଦର୍ଶନ ଦିଏ । ସେ ବଡ଼ ଘରର ଝିଅ, ଫୁଲଣା-ଦୁଲଣା—ଜେଜୀ, ସ୍ୱତନ୍ତ୍ର ଗରିବ ଶ୍ୱଶୁରଘରେ ରହିବ କିପରି ? ଗଣ୍ଡି ଝିଟିପିବ—ରୂପ ମିଳାଇଯିବ—ଆଉ କେତେ କଅଣ ହେବ । ବଡ଼ଲୋକ ଘରେ ବିବାହ କରିବା ଗରିବ ପୁଅ ପକ୍ଷରେ ଗ୍ରହଦୋଷ, ନଚେତ୍ ଅଭିଶାପ । ବଡ଼ଘର ଝିଅର ଅଧେ ବୟସ ବାପଘରେ କଟେ । ପିତାମାତାଙ୍କର ଅଗାଧ ସ୍ନେହ ତାକୁ ପବିତ୍ର ଦାମ୍ପତ୍ୟ ସୁଖରୁ ବଞ୍ଚିତ କରେ । କୃଷ୍ଣମୋହନର ଜ୍ୟେଷ୍ଠ ସହୋଦର ମନମୋହନ ଘରେ ରହି ବ୍ୟବସାୟ କରନ୍ତି । ସେଥିରେ ତାଙ୍କର ମାସିକ ୪୦।୫୦ ଟଙ୍କା ଲାଭ ମିଳେ । କିଛି ପୈତୃକ ସମ୍ପତ୍ତି ଅଛି । ତାହା ମଧ୍ୟ ଦେଖା ଦେଖି କରନ୍ତି ।

ସୁଖେ ଦୁଃଖେ ସଂସାର ଚଳିଯାଏ । ତେବେ କିଛି ଅଭାବ ହୁଏ ନାହିଁ । ମନମୋହନଙ୍କର ସହଧର୍ମିଣୀ ଚନ୍ଦ୍ରଉଦଅ ବର୍ତ୍ତମାନ ତାଙ୍କ ଗୃହର ଗୃହିଣୀ । ମନମୋହନଙ୍କ ମାତା ପିତା ବହୁଦିନରୁ ସ୍ୱର୍ଗଗାମୀ ହୋଇଅଛନ୍ତି । ଜ୍ୟୋତିର୍ଲତା ନାମରେ ତାଙ୍କର ଗୋଟିଏ ସାନ ଭଉଣୀ ଅଛି; ସେ ଅବିବାହିତା । ତାହାର ବୟସ ବାରବର୍ଷ । ତାକୁ ରୂପବତୀ ନ କହି ରୂପର ଅଳଙ୍କାର କହିଲେ ଅଧିକତର ସଙ୍ଗତ ହେବ । ଗରିବ ଘରେ ତାହା ପରି ସୁନ୍ଦରୀ ସାଧାରଣତଃ ଦେଖାଯାଆନ୍ତି ନାହିଁ । କେବଳ ରୂପରେ ନୁହେଁ—ଗୁଣରେ ସୁଦ୍ଧା ସେ ଲକ୍ଷ୍ମୀ-ସ୍ୱରୂପା । ଏହି ଅଳ୍ପ ବୟସ ମଧ୍ୟରେ ସେ ଅନେକ କଳା-କୌଶଳ ଶିଖିଅଛି । ଗୃହକାର୍ଯ୍ୟ ଏବଂ ରନ୍ଧାବଢ଼ାରେ ବି ସେ ସୁନିପୁଣା । ଜ୍ୟୋତିର୍ଲତା ଶିକ୍ଷିତା; ମାତ୍ର ଉତ୍କଟ ଶିକ୍ଷିତା ନୁହେଁ । ତାହାର ଏହି ଯୋଗ୍ୟତା ଭ୍ରାତୃଜାୟା ଚନ୍ଦ୍ରଉଦଅ ପ୍ରଦତ୍ତ ଶିକ୍ଷାର ଫଳ । ଚନ୍ଦ୍ରଉଦଅ ତାକୁ ଠିକ୍ ସାନ ଭଉଣୀ ପରି ସ୍ନେହାଦର କରନ୍ତି । ନଣନ୍ଦ ଭାଉଜ ଏକପ୍ରାଣ—ଗୋଟିଏ ଗୋଟିକ ମନର ପ୍ରତିବିମ୍ବ । ଜ୍ୟୋତିର୍ଲତା ଭାଉଜକୁ ମାତୃତୁଲ୍ୟ ଭକ୍ତି କରେ । ଭାଉଜ ତାହାର ମା, ଭଉଣୀ, ସଙ୍ଗିନୀ ଏବଂ ଶିକ୍ଷାଗୁରୁ । ଦୁଇ ଭାଇ ଏବଂ ଭାଉଜଙ୍କର ସ୍ନେହର ତ୍ରିବେଣୀଧାରା ତାହା ଉପରେ ବର୍ଷିତ ହୁଏ । ସମସ୍ତେ ତାକୁ ଆଦର କରି ଲତା ବୋଲି ଡାକନ୍ତି । ଆମ୍ଭେମାନେ ସୁଦ୍ଧା ଏଣିକି ତାକୁ ଏହି ନାମରେ ଅଭିହିତ କରିବୁଁ । ଚନ୍ଦ୍ରଉଦଅ ସୁଗୃହିଣୀ । ତାଙ୍କର ଗୃହିଣୀପଣିଆରେ ଗୃହ ମଧ୍ୟରେ ଶାନ୍ତି-ପ୍ରୀତିର ଅମୃତଧାରା ପ୍ରବାହିତ ହୁଏ । ଦିଅରଟିକୁ ସେ ସାନ ଭାଇ ପରି ଦେଖନ୍ତି । ବିଶ୍ୱମୋହନ ଘରକୁ ଆସିଲେ ତାଙ୍କର ଆନନ୍ଦ ଏବଂ ବ୍ୟସ୍ତତାର ସୀମା ନ ଥାଏ । ବିଦେଶାଗତ ଦେବରଙ୍କୁ କି ନୂତନ ଉପାଦେୟ ଖାଦ୍ୟ ଖୁଆଇବେ—ତାକୁ କଅଣ ସ୍ନେହୋପହାର ଦେବେ, କାହିଁରେ ତାହାର ସ୍ୱାସ୍ଥ୍ୟ ସନ୍ତୋଷ ଅକ୍ଷତ ରହିବ—ଏହି ସବୁ ଚିନ୍ତାରେ ସେ ଅତି ଚଞ୍ଚଳ ହୋଇଉଠନ୍ତି ।

କଲେଜ ଛୁଟିରେ ବିଶ୍ୱମୋହନ ଅନେକ ଥର ସାରଙ୍ଗଧର ଘରକୁ ଯାଇଛି । ଏ ବର୍ଷ ପୂଜା ଛୁଟିରେ ସେ ସାରଙ୍ଗଧରକୁ ନିଜ ଘରକୁ ଆମନ୍ତ୍ରଣ କରିଅଛି । ଦେଖୁଁ ଦେଖୁଁ ପୂଜା ଛୁଟି ଆସି ହାବୁଡ଼ିଗଲା । ଦୁଇବନ୍ଧୁ ଝଙ୍କଡ଼ ଅଭିମୁଖରେ ଯାତ୍ରା କଲେ । ଏଥିପୂର୍ବେ ସାରଙ୍ଗଧର କେବେ ବିଶ୍ୱମୋହନ ଘରକୁ ଆସି ନାହିଁ । ଏହି ତାର ପ୍ରଥମ ଆଗମନ । ବନ୍ଧୁ-ଗୃହରେ ତାର ଯଥେଷ୍ଟ ଆଦର ସମ୍ମାନ ହେଲା । ବାସ୍ତବରେ ଦରିଦ୍ର ଏକା ଆଦର କରି ଜାଣେ । ଦୁଃଖୀ ଘରେ ଧନୀ ଯେପରି ଆଦର ସ୍ନେହ ପାଏ, ଧନୀ ଘରେ ଦୁଃଖୀ ତାହାର ଶତାଂଶରୁ ଏକାଂଶ ସୁଦ୍ଧା ପାଏ ନାହିଁ । ଅତିଥି-ପୂଜାରେ ଦରିଦ୍ର ଅଧିକ ପ୍ରବୀଣ । ସେ ସାମାନ୍ୟ ପଦାର୍ଥରେ ଏପରି ସ୍ନେହ ମଧୁ ବୋଳିଦିଏ ଯେ, ତାହା ସ୍ୱର୍ଗର ଅମୃତ ହୋଇଯାଏ । ଧନୀ ଘରେ ସବୁ ମିଳେ; କିନ୍ତୁ ଏହି ମଧୁଟିକ ଅଭାବ । ପ୍ରଥମଦିନ ଦୁଇବନ୍ଧୁ ଘର ଭିତରେ ବସି ଗଳ୍ପ କରୁଅଛନ୍ତି, ଲତା ଦୁଇଟା ରେକାବିରେ ଜଳଖିଆ ସାମଗ୍ରୀ ସଜାଇ ଆଣି ଦ୍ୱାର ପାଖରେ ଠିଆହେଲା । ତାହାର ସଙ୍କୋଚ ଭାବ ଦେଖି ବିଶ୍ୱମୋହନ କହିଲା—"ଲତା, କାହାକୁ ଲାଜ କରୁଛୁ ? ସାରଙ୍ଗ ମୋର ବନ୍ଧୁ, ତୋର ଭାଇ ହେବ । ଭାଇକୁ କଅଣ ଲାଜ କରନ୍ତି ଲୋ ବାୟାଣି ? ଓଃ, ମଣିଷ ଖଣ୍ଡ ହୁଅନ୍ତେ, ଏହିଦିନୁ କେତେ ଲାଜ ଶିଖିଲାଣି ! ଏବେ ତେଣିକି ଲାଜ ଥାଉ, ତୋ ସାରଙ୍ଗ ଭାଇକୁ ଆସ ଜୁହାର ହ ।" ଲତା ଭ୍ରାତାଙ୍କର ଆଦେଶାନୁସାରେ ଘର-ଭିତରକୁ ଆସି ଦୁହିଁଙ୍କ ପାଖରେ ଦୁଇଟି ରେକାବି ରଖିଦେଇ ସାରଙ୍ଗଧର ପଦମୂଳରେ ଜୁହାର କଲା । ତହିଁପରେ ଲଜ୍ଜାରେ ଜଡ଼ ସଡ଼ ହୋଇ ଠିଆହୋଇ ରହିଲା । ବିଶ୍ୱମୋହନ ସାରଙ୍ଗଧରକୁ କହିଲା—"ଏଇଟି ମୋର ଭଉଣୀ ।" ସାରଙ୍ଗଧର ପୁଲକପୂର୍ଣ୍ଣ ସ୍ୱରରେ କହିଲା, "ବାଃ, ଅଚ୍ଛା ସୁନ୍ଦର ଝିଅଟିଏ ! ନାମ କଅଣ ?" ବିଶ୍ୱମୋହନ କହିଲା—"ତାହା ନାମ ଜ୍ୟୋତିର୍ଲତା; କିନ୍ତୁ ସମସ୍ତେ ଲତା ବୋଲି ଡାକନ୍ତି ।" ସାରଙ୍ଗଧର କହିଲା—"ଆଃ, ଅତି ସୁନ୍ଦର ନାମ !" ଅନନ୍ତର ବିଶ୍ୱମୋହନ ହସି ହସି ଲତାକୁ ପଚାରିଲା—"ଏ କି ଜଳଖିଆ ଆଣିଛୁ ଲତା ? ତୁ ତିଆରି କରିଛୁ ନା ?" ଲତା ସଲଜ୍ଜ ମୃଦୁ ସ୍ୱରରେ କହିଲା—"ହଁ ଭାଇ, ମୁଁ

ତିଆରି କରିଛି ।" ତହୁଁ ଦୁଇ ବନ୍ଧୁ ଜଳଖିଆ ପାତ୍ର ଶୂନ୍ୟ କରିବାରେ ମନୋଯୋଗୀ ହେଲେ । ଖାଇ ଖାଇ ସାରଙ୍ଗଧର କହିଲା—"ବେଶ୍ ସ୍ୱାଦୁ ଲାଗୁଛି ! ଏ ସବୁ କଅଣ ଏଠି ତୁଅଟି ତିଆରି କରିଛ ?" ଜଣେ ଅପରିଚିତ ମୁଖରୁ ନିଜର ପ୍ରଶଂସା ଶୁଣି ଲଜ୍ଜାରେ ଲତା ସେଠାରୁ ଶୀଘ୍ର ଅନ୍ତର ହୋଇଗଲା । ବିଶ୍ୱମୋହନ କହିଲା — "ହଁ ଭାଇ, ସେହି ତିଆରି କରିଛି । ସେ ନୂଆବୋହୂଙ୍କର ଶିଷ୍ୟା; ତେର ରକମ ମିଷ୍ଟାନ୍ନ ତିଆରି କରିବା ଶିଖିଛି ।"

—୪—

ସାରଙ୍ଗଧର ବନ୍ଧୁ-ଗୃହରେ ପରମ ସୁଖରେ କାଳାତିବାହନ କରୁଅଛି । ଆଦର ଆପ୍ୟାୟନରେ କିଛିମାତ୍ର ତ୍ରୁଟି ନାହିଁ । ଉତ୍କଳ-ଭାରତୀଙ୍କ ପୁଣ୍ୟପୀଠ ଝଙ୍କଡ ତାକୁ ଖୁବ୍ ଭଲ ଲାଗୁଛି । ସ୍ଥିର କରିଛନ୍ତି ସେଇଠାରେ ସେ କଟାଇବ । ଏଥିମଧ୍ୟରେ ବନ୍ଧୁ ପରିବାର ମଧ୍ୟରେ ସେ ମିଶିଯାଇଅଛି । ଲତା ଆଜି ତାକୁ ପୂର୍ବପରି ଲାଜ କରେ ନାହିଁ; ଠିକ୍ ବଡ଼ଭାଇ ପରି ଶ୍ରଦ୍ଧା ଓ ଭକ୍ତି କରେ । ସାରଙ୍ଗଧରକୁ ସେ ଭାଇ ବୋଲି ଡାକେ । ଅନେକ ସମୟରେ ତାହା ପାଖରେ ଆସି ବସେ, କଥା କହେ । ବାଳିକାର କଥା ଶୁଣି ସାରଙ୍ଗଧର ମୁଗ୍ଧ ହୋଇ ତାହା ମୁହଁକୁ ଚାହିଁରହେ । ଯେମନ୍ତ କି ତାହାର ଦୃଷ୍ଟି ବାଳିକାର ଅନ୍ତଃସ୍ଥଳରେ ପଶି କଅଣ ଦେଖୁଅଛି । ତାହାର ମନ କଅଣ ହୋଇଯାଏ । ସତେ ଯେପରି କିଏ ତାହା ମୁଣ୍ଡ ଭିତରେ ପଶି ସବୁସବୁ ଓଲଟ ପାଲଟ କରିଦେଉଛି । ସେ ବାଳିକାର ବାହ୍ୟ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଥିଲା, ଏବେ ଅନ୍ତର ସୌନ୍ଦର୍ଯ୍ୟର ଆଭାସ ପାଇ ଆଶ୍ଚର୍ଯ୍ୟ ହୋଇଯାଏ । ମନେ ମନେ ଭାବେ, "ଓଃ, ଏ କ୍ଷୁଦ୍ର ଫୁଲଟିରେ ଏତେ ସୌରଭ ଅଛି ! ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ସୌରଭରେ ବିଧାତା ଏହାର ଦେହ-ଯଷ୍ଟି ନିର୍ମାଣ କରିଅଛି । କଥାଗୁଡ଼ିକ କେଡ଼େ ସୁନ୍ଦର କହୁଛି—ବ୍ୟବହାର କେଡ଼େ ମଧୁର—କେଡ଼େ ସରଳ—ଏ ବୟସରେ ଯୋଗ୍ୟତା କି ଅଳ୍ପ ଉପାର୍ଜନ କରି ନାହିଁ । ଏ କି ଆଶ୍ଚର୍ଯ୍ୟ ! କେବେ କଅଣ ନାରୀମାନଙ୍କର ମସ୍ତିଷ୍କ ଅଛି !" ସାରଙ୍ଗଧର ଚନ୍ଦ୍ରଉଦଅଙ୍କୁ ବିଶ୍ୱମୋହନଙ୍କ ସମ୍ପର୍କ ଧରି ନୂଆବୋଉ ବୋଲି ଡାକେ, ଆଉ ମନୋମୋହନଙ୍କୁ ଭ୍ରାତୃ ସମ୍ବୋଧନ କରେ । ଚନ୍ଦ୍ରଉଦଅ ତାକୁ ବିଶ୍ୱମୋହନ ପରି ସ୍ନେହ କରନ୍ତି । ମନୋମୋହନ ମଧ୍ୟ ବିଶେଷ ପ୍ରୀତି-ଚକ୍ଷୁରେ ଦେଖନ୍ତି । ଦିନେ ଚନ୍ଦ୍ରଉଦଅ ଦେବରଙ୍କୁ କହିଲେ—"ବିଶୁ, ତମ ବନ୍ଧୁଟି ଅଛି ମେଳିଆ ଲୋକ ! ଜମିଦାର ବୋଲି ଗର୍ବ ଅଭିମାନ ନାହିଁ । ସେ ତ ଆମରି ଜାତି, ବିବାହ କି କରି ନାହାନ୍ତି, ତାଙ୍କୁ ଆମ ଲତାକୁ ଦେଲେ ତ ବେଶ୍ ହୁଅନ୍ତା !" ବିଶ୍ୱମୋହନ ଜିହ୍ୱା ଦଂଶନ କରି କହିଲା—"ରାମ ରାମ ନୂଆବୋଉ, ସେ କଥା ଆଉ ମୁହଁରେ ଧର ନାହିଁ । ତାହା ଶୁଣିଲେ ସେ ପାଗଳ ପରି ପଳାଇବ । ତମେ ତାହା କଥା ଜାଣ ନାହିଁ, ସେ ଘୋର ନାରୀବିଦ୍ୱେଷୀ । ନାରୀଜାତିକୁ ଏତେ ଘୃଣା କରେ ଯେ, ମନୁଷ୍ୟ ଇତର ପଶୁକୁ ବି ତେତେ ଘୃଣା କରିବ ନାହିଁ । ସେ କହେ—'ନାରୀଗୁଡ଼ାକ ବାନରୀ ବଂଶରୁ ଜନ୍ମିଛନ୍ତି । ସେମାନଙ୍କର ଜ୍ଞାନ, ବୁଦ୍ଧି, ମସ୍ତିଷ୍କ ଗୁଣ ବା ଯୋଗ୍ୟତା କିଛି ନାହିଁ । ସେଗୁଡ଼ାକ ସଂସାରର ଅକାରଣ ଭାର' ।" ବିଶ୍ୱମୋହନ ଏହିପରି ଅନେକ କଥା କହି ବନ୍ଧୁର ଗୁଣଗ୍ରାମ ବିଶଦ ଭାବରେ ବର୍ଣ୍ଣନା କଲା ଏବଂ ସେ ବିବାହ କରିବ ନାହିଁ ବୋଲି ଯେ ପ୍ରତିଜ୍ଞାବଦ୍ଧ, ତାହା ମଧ୍ୟ କହିଲା । ଚନ୍ଦ୍ରଉଦଅ ସବୁ ଶୁଣି ହସିଦେଇ କହିଲେ—"ଓଃ, ତେର ତକ ବୈଷ୍ଣବ ମୁହଁରେ ସମିତି କହନ୍ତି ! ବିବାହ କରିବ ନାହିଁ ? ଯଦି ଆପେ ବଳି କରିବାକୁ କହେ ?" ବିଶ୍ୱମୋହନ କହିଲା—"ନା ନୂଆବୋଉ, ତାହା ଆଉ ହେବାର ନୁହେଁ । ଆମେ କଲେଜ ପିଲାମାନେ ତେର ବୁଝାଇଛୁ—ଥଟ୍ଟା-ଟାପରା କରିଛୁ, ସେ କାହିଁରେ ଟଳିବାର ପାତ୍ର ନୁହେଁ !" ଚନ୍ଦ୍ରଉଦଅ ହସି ହସି କହିଲେ—"ଇସ୍, ଯେ ପାଠ ତମ କଲେଜ ପଢ଼ା ବହିରେ ନାହିଁ ବିଶୁ—ତାହା ଆମେ ଜାଣୁ । ଆମରି ଜାତି କେତେ ମହାଯୋଗୀଙ୍କର ଯୋଗ ଭଙ୍ଗି ଦେଇଛନ୍ତି, ଆଉ ତମ ବନ୍ଧୁ ବା କି ଛାର ! ଆମରି ଜାତିକୁ ଜଣେ ଶିବଙ୍କୁ ସଂସାରୀ କରିଛି । ତମ ବନ୍ଧୁଙ୍କର ଏଡ଼େ ଗର୍ବ, ସେ ନାରୀ-ଜାତିକୁ ଘୃଣା କରନ୍ତି ?

ଅଛି, ସେ କେଡ଼େ ବୀର ଦେଖିବ । ନାରୀଜାତିର ଗୁଣପ୍ରଭାବ ଅଛି କି ନାହିଁ, ତାହା ଦେଖାଇଦେବି । ଆଉ ସେ କେଡ଼େ, ଧୃଷ୍ଟ ତାହା ବି ଦେଖିବି । ଧୃଷ୍ଟକୁ ଯେବେ ଉତ୍ତରକୁମାର କରି ନ ଦିଏଁ, ତେବେ ନାରୀ-କୁଳରେ ମୋର ଜନ୍ମ ନୁହେଁ । ମୁଁ ନାରୀ ହୋଇ ନାରୀଜାତିର ଅବମାନନା ସହି ପାରିବି ନାହିଁ । ଦର୍ପୀର ଦର୍ପ ଚୂର୍ଣ୍ଣ କରି ଜାତିର ପ୍ରତିଶୋଧ ନେବି । ମୋର ବି ଏହି ପ୍ରତିଜ୍ଞା ।" ବିଶ୍ୱମୋହନ କହିଲା— "ଆଚ୍ଛା, ତେବେ କାହା ପ୍ରତିଜ୍ଞା ରହିବ, କାହା ପ୍ରତିଜ୍ଞା ଉଡ଼ିଯିବ ଦେଖିବା ।" ଏହା ପରେ ଦିଅର ଭାଉଜଙ୍କର ଅନେକ କଥା ହେଲା । ତାହା ସବୁ ମୂଲ୍ୟବାନ ନୁହେ—ଏଣୁ ତେଣୁ ଅସାର କଥା । ସୁତରାଂ ଉପେକ୍ଷିତ ହେଲା ।

— ୫ —

ଚନ୍ଦ୍ରଉଦଅ ସେହିଦିନଠାରୁ ନିଜର କୌଶଳ-ଜାଲ ବିସ୍ତାର କରି ବସିଲେ । ମୀନ ଆପେ ଆପେ ଆସି ସେ ଜାଲରେ ବନ୍ଦୀ ହେବ । ଲତା! ଦୁଇଓଳି ଯାଇ ସାରଙ୍ଗଧର ଏବଂ ବିଶ୍ୱମୋହନଙ୍କୁ ଜଳଖିଆ ଦେଇ ଆସେ, ପାନ ଦେଇ ଆସେ—ଆଉ କେବେ କିଛି ଦରକାର ହେଲେ ତାହା ନେଇ ଦିଏ । ଚନ୍ଦ୍ରଉଦଅ ତାକୁ ବେଶଭୂଷାରେ ମଣ୍ଡିତ କରି ପଠାନ୍ତି । ସେ ବେଶ୍ ନିତ୍ୟ ନୂତନ । କେବେ ନିଜର ଅଳଙ୍କାରରେ ସଜାଇ ଗୋଲାପୀ ରଙ୍ଗର ଲୁଗା ପିନ୍ଧାଇ ପଠାନ୍ତି— କେବେ ଖୁବ୍ ସରଳ, ଆଡ଼ମ୍ବରଶୂନ୍ୟ ବେଶରେ ପଠାନ୍ତି—କେବେ ବା ଫୁଲରେ ସଜାଇ ଫୁଲରାଣୀ ବେଶରେ ପଠାନ୍ତି । ଦୁଇବନ୍ଧୁ ଯେତେବେଳେ ଖାଇ ବସନ୍ତି, ଚନ୍ଦ୍ରଉଦଅ ପରିବେଷଣ କରୁଁ କରୁଁ ପଚାରନ୍ତି, "କି ସାରଙ୍ଗ, ତିଅଣ ଶାଗ ସବୁ ଭଲ ହୋଇଛି ନା ? ଲତା ଆମର ପିଲା ଲୋକ, ସେହି ରାନ୍ଧିଛି ଯେ ସେଥି-ଲାଗି ପଚାରୁଛି । ରୋଜ ଗୋଟାଏ ଗୋଟାଏ ନୂଆ ରାନ୍ଧଣା ରାନ୍ଧୁଛି । ତାହା ଖାଇ ତ ଖାଲି ଖୁବ୍ ପ୍ରଶଂସା କରନ୍ତି । କେତେ ସୁନ୍ଦରରେ ସେ ରାନ୍ଧିପାରେ ଭାଇ, ତାହା ଆଉ କଅଣ କହିବ ? ସାଙ୍ଗେ ସାଙ୍ଗେ ନ'ତିଅଣ ଛ'ଭଜା କରି ଥୋଇଦେବ । ମୋତେ ତ ହାଣ୍ଡି ଧରାଇ-ହୁଏ ନାହିଁ, ଭାତ ତିଅଣ ରନ୍ଧାଠାରୁ ପିଠାପଣା ଜଳଖିଆ ତିଆରି ଯାଏଁ ସବୁ ସେହି କରେ । ପିଠାରେ ପୁଣି କେତେ କାରିଗରି, କେତେ ଛାଞ୍ଚ ତାହା ସବୁ ତ ତମେ ଦେଖିଛ । ଯା' ଘରକୁ ଯିବ, ତା'ଘରେ ସୁନା କାନ୍ଥ ବସିବ ।" ଚନ୍ଦ୍ରଉଦଅ ନଣନ୍ଦର ଏହିପରି ନାନା ପ୍ରଶଂସା ବାଢ଼ିବସନ୍ତି; ମାତ୍ର ତାହା ବ୍ୟର୍ଥ ପ୍ରଶଂସା ନୁହେଁ—ବାସ୍ତବତାରେ ଅନୁପ୍ରାଣିତ ।

ବୁଣା ଆଉ ସିଲେଇ କାର୍ଯ୍ୟରେ ଲତା ଖୁବ୍ ପ୍ରବୀଣା । ତାହାର ଅନେକ ପ୍ରମାଣ ସାରଙ୍ଗଧର ସ୍ୱ-ଚକ୍ଷୁରେ ଦେଖି ମୁଗ୍ଧ ହୋଇଅଛି । ଦିନେ ଲତା ଖଣ୍ଡିଏ ଚାଦର ଆଣି ତାହାର ସାରଙ୍ଗ ଭାଇଙ୍କୁ ଉପ-ହାର ଦେଲା । ଚାଦରର ଦୁଇ ପାଖ ଧାଡ଼ିରେ ଓ ମୁହଁରେ ନାନା ରଙ୍ଗର ସରୁ ଉଲ ସୂତାରେ ଅକ୍ଷର ବସାଯାଇଅଛି । ଅକ୍ଷରଗୁଡ଼ିକ ଛପା ଅକ୍ଷର ପରି ସୁନ୍ଦର ଓ ବର୍ତ୍ତୁଳ । ସାରଙ୍ଗଧର ପଢ଼ି ଜାଣିଲା— ତାହା ଭାଗବତର ଏକାଦଶସ୍କନ୍ଧରୁ ଉଦ୍ଧୃତ । ବର୍ଣ୍ଣାଶୁଦ୍ଧି ଆଦୌ ନାହିଁ । ଅକ୍ଷର ପଙ୍କ୍ତିର ଦୁଇ ପାଖରେ ଲତାପୁଷ୍ପର ସୁନ୍ଦର ଚିତ୍ର ଅଙ୍କିତ ହୋଇଅଛି । ତାହା ହସ୍ତଶିଳ୍ପ କି ଯନ୍ତ୍ରଶିଳ୍ପ ସହଜରେ ବାରି ହୁଏ ନାହିଁ । ସାରଙ୍ଗଧର ଚାଦରଖଣ୍ଡି ପାଇ କୋଟିନିଧି ତୁଲ୍ୟ ମଣିଲା । ତାହାର ମୁଖ ଆନନ୍ଦରେ ଉଜ୍ଜ୍ୱଳ ହୋଇ ଉଠିଲା । ସେ ସ୍ନେହସିକ୍ତ କଣ୍ଠରେ କହିଲା—"ବାଃ, କି ଚମତ୍କାର ହୋଇଛି ! କିଏ କରିଛି ଲତା—ତୁ ନା ?" ଲତା ଗୋଟାଏ କ୍ଷୁଦ୍ର 'ହୁଁ' କହି ଲଜ୍ଜାବନତା ହୋଇ ସେଠାରୁ ଚାଲିଗଲା । ସାରଙ୍ଗଧର ଚାଦରଖଣ୍ଡି ଓଲଟାଇ ବାରମ୍ବାର ଦେଖିବାକୁ ଲାଗିଲା । ଓଳିକ ମଧ୍ୟରେ ତାହାର ଦେଖା ସରିଲା ନାହିଁ । ମନେ ମନେ ଭାବିଲା— "ନାରୀ-ହୃଦୟରେ ଯେ ପଦାର୍ଥ ଅଛି, ଏ ଜ୍ଞାନ ମୋର ଥିଲା ନାହିଁ । ମୁଁ ଭ୍ରମରେ ରତ୍ନକୁ ଚେଣ୍ଡା ଶାମୁକା ମଣି ଘୃଣା କରୁଥିଲି । ଏବେ ବୁଝିଲି, ନାରୀ ପୁରୁଷଠାରୁ ହୀନ ନୁହେ ! ଲତା ପରି ଗୁଣବତୀ ସ୍ତ୍ରୀ ଯାହାର ପ୍ରାଣସଙ୍ଗିନୀ ହେବ, ସେ ଧନ୍ୟ, ତାହାର ଭାଗ୍ୟ ଧନ୍ୟ—ଜୀବନ ଧନ୍ୟ । ବାସ୍ତବରେ ଗୋଟାଏ ମହାଜାତି ଉପରେ କଳଙ୍କାରୋପ କରି ମୁଁ ନିଜେ

କଳଙ୍କିତ ହୋଇଅଛି ।" ସାରଙ୍ଗଧର ଏହିପରି ଅନ୍ତର ଭେଦେ କଅଣ ଭାବିଲା ଏବଂ ସେହି ଭାବନା-ସ୍ରୋତରେ ତାହାର ପୂର୍ବପଣ କୁଆଡ଼େ ଭାସିଗଲା ।

କଲେଜ ଛୁଟି ପୁଣି ଅସିଲା । ଆଉ ସ୍ୱଳ୍ପଦିନ ପରେ ଉଭୟ ବନ୍ଧୁ କଟକ ଫିରିବେ । ଏବେ ସେମାନେ ବସି କଥାବାର୍ତ୍ତାରେ ନିଯୁକ୍ତ ଅଛନ୍ତି, ଏହି ସମୟରେ ଚନ୍ଦ୍ର-ଉଦଅ ସେଠାରେ ପ୍ରବେଶ କରି ସାରଙ୍ଗଧରଙ୍କୁ କହିଲେ, "ଦୁଇମାସ ରହିଲ, ଦୁଇ ଦିନ ପରି ଶୁଭା ଲାଗିଲା ନାହିଁ ! ତମେ ବଡ଼ଲୋକ, ଆମେ ଗରିବ; ତମର ଚର୍ଚ୍ଚା କଅଣ କରି ପାରିବୁ ? ଏଠି ତମର ଅନେକ ଅସୁବିଧା, ଅନେକ କଷ୍ଟ ହୋଇଥିବ, ଆମ ଅବସ୍ଥାକୁ ଚାହିଁ ତାହା ସବୁ ଭୁଲିଯିବ ଭାଇ ! ଆମ ଉପରେ ଦୟା ରଖି ବେଳେ ବେଳେ ଆସି ବୁଲିଯାଉଥିବ, ଆଉ ବେଶୀ କଅଣ କହିବ ?" ସାରଙ୍ଗଧର ଏହା ଶୁଣି ମୃଦୁ ହସି କହିଲା—"ସେପରି କଥା କହି କାହିଁକି ଆଉ ଲଜ୍ଜା ଦେଉଛ ନୂଆବୋହୂ ? ମୁଁ ଏଠି ଠିକ ନିଜ ଘରେ ଥିଲା ପରି ମହାସୁଖରେ ଥିଲି । ତୁମମାନଙ୍କର ଆଦର ସ୍ନେହ ମୁଁ ଭୁଲି ପାରିବି ନାହିଁ । ତୁମେମାନେ ମୋତେ ନିଜ ଗୁଣରେ ଏପରି ବାନ୍ଧି ରଖିଛ ଯେ, ଏଠାରୁ ଗୋଡ କାଢ଼ିବାକୁ ମନ ବଳୁ ନାହିଁ । ତୁମର ସ୍ନେହ-ପ୍ରୀତିରେ ମୁଁ ଏପରି ମୁଗ୍ଧ ହୋଇଅଛି ଯେ, ତୁମ ଘର ସଙ୍ଗରେ କୌଣସି ସ୍ଥାୟୀ ସମ୍ବନ୍ଧ ବାନ୍ଧିବାକୁ ଇଚ୍ଛା ହେଉଛି ।" ଚନ୍ଦ୍ରଉଦଅ କହିଲା—"କି ସମ୍ବନ୍ଧ ବାନ୍ଧିବ ଭାଇ, ଆମର କି ତେତେ ଭାଗ୍ୟ ହେବ ? ତେବେ ଯେତ ତମର ଏତେ ଦୟା, ଆମ ଘରର ଜ୍ୱାଇଁ ହୁଅ ।" ସାରଙ୍ଗଧର ମୃଦୁ ହସି କହିଲା—"ଯେ ଆଜ୍ଞା ନୂଆବୋହୂ, ତମର ଦୟା ।" ଅନନ୍ତର ଚନ୍ଦ୍ରଉଦଅ ଆନନ୍ଦରେ ଗଦ୍‌ଗଦ ହୋଇ କହିଲେ—"ଦୟା ନୁହେ ଭାଇ, ଏ ଆମର ପରମ ସୌଭାଗ୍ୟ !" ଅନନ୍ତର ଚନ୍ଦ୍ରଉଦଅ ଘରୁ ଶଙ୍ଖଟାଏ ଆଣି ବଜାଇଦେଲେ ଏବଂ ହୁଳହୁଳି ପକାଇଲେ । ଲତା ଅନ୍ୟ ଘରେ ଥିଲା, ତାକୁ ବଳପୂର୍ବକ ଧରି ଆଣି ସାରଙ୍ଗଧର ହାତ ଉପରେ ତାହା ହାତ ରଖି କହିଲେ—"ତୁମ୍ଭଙ୍କୁ ଏ କନ୍ୟାରତ୍ନ ଦାନ କଲି, ପରେ ଶୁଭଲଗ୍ନରେ ବିବାହ ହେବ ।" ସାରଙ୍ଗଧର ହସି ହସି ଚନ୍ଦ୍ରଉଦଅଙ୍କ ଗୋଡ଼ରେ ମୁଣ୍ଡ ଲଗାଇ ଦଣ୍ଡବତ କଲା, ଲତା ଲଜ୍ଜାରେ ଛଟିପିଟି ହୋଇ ସେଠାରୁ ପଳାଇଗଲା ଏବଂ ବିଶ୍ୱମୋହନ ହସି ହସି କହିଲା—"ଧନ୍ୟ ତୁମ୍ଭର କୌତୁକ ନୂଆବୋହୂ ! ମୋ ବନ୍ଧୁଟିର ଅଟଳ ପଣ ଭାଙ୍ଗି ଦେଲ ।"



# ଅଦ୍ଭୁତ ବିଜ୍ଞାପନ

## ପ୍ରଥମ ପରିଚ୍ଛେଦ

ବୃନ୍ଦନାଥ ଯେତେବେଳେ ଶୁଣିଲା—ସେ ସପ୍ତମ ଥର ଏଣ୍ଟ୍ରାନ୍ସ ପରୀକ୍ଷାରେ ଫେଲ ହୋଇଅଛି, ସେତେବେଳେ ତା ହୃଦୟରେ ଗୋଟାଏ ଅତଡ଼ା ପଡ଼ିଯାଇ ଗୋଟାଏ ପ୍ରକାଣ୍ଡ ଫାଙ୍କ ହୋଇଗଲା । ଦାରୁଣ ନୈରାଶ୍ୟ ତାହାର ଶରୀର ଓ ମନକୁ ଅସାଡ଼, ଅବସନ୍ନ କରି ପକାଇଲା । ସତେ ଯେପରି ତାହାର ଜୀବନ-ଯନ୍ତ୍ର ନିଷ୍କ୍ରିୟ, ଅକର୍ମଣ୍ୟ ହୋଇ ପଡ଼ିଲା । ସେ ଉଦାସ ଦୃଷ୍ଟିରେ ଶୂନ୍ୟକୁ ଚାହିଁ ଜଡ଼ବତ ବସିରହିଲା; ମାତ୍ର କିଛିକ୍ଷଣ ପରେ ସେ ଜଡ଼ତା କଟିଗଲା । ୟୁନିଭରସିଟିରେ ପ୍ରଥମ ସ୍ଥାନ ଅଧିକାର କରିବ ବୋଲି ସେ ଦୃଢ଼ ଆଶା ଓ ସମ୍ପୂର୍ଣ୍ଣ ବିଶ୍ୱାସ କରିଥିଲା; କିନ୍ତୁ ନିର୍ଦ୍ଦୟ ଦୁର୍ଦ୍ଦୈବ ସେଥିରେ ବାଦ ସାଧିଲା । ତାହାର ଜୀବନର ଗୋଟାଏ ପ୍ରକାଣ୍ଡ ସାଧ ଅସମ୍ପୂର୍ଣ୍ଣ ରହିଗଲା । ସେ ଫେଁକରି ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ ପରୀକ୍ଷକମାନଙ୍କ ଉପରେ ଭାରି ଖପା ହୋଇଉଠିଲା । ସେ ମନେ ମନେ କହିଲା, "ପରୀକ୍ଷକ-ଗୁଡ଼ାକ ଏଡ଼େ କୃପଣ ହୁଅନ୍ତି କାହିଁକି ? ନମ୍ବର ଦେବା ବେଳେ ସେମାନେ ବାକ୍ସରୁ ଟଙ୍କା ଦେଲା ପରି ମଣନ୍ତି । ସତେ ଯେପରି ତାଙ୍କ ପିତୃସମ୍ପତ୍ତି ସରିଗଲା ! ସେ ଜାତିଟା ଏକା ବଡ଼ ନିମକହାରାମ । ଏହି ଅତି ସହଜ କଥାଟା ବୁଝନ୍ତି ନାହିଁ ଯେ—କେହି ନ ପଢ଼ିଲେ ସେମାନେ ପରୀକ୍ଷକ ବାନା ଉଡ଼ାନ୍ତେ କୁଆଡ଼ୁ, ଆଉ ଅଞ୍ଜୁଳା ଅଞ୍ଜୁଳା ଟଙ୍କା ପାଆନ୍ତେ ବା କୁଆଡ଼ୁ ? ମୂର୍ଖ-ଗୁଡ଼ାଙ୍କୁ ଦାନା କନା ମୁଠାଏ ନାହିଁ । ଦିନ ଦି'ପହରେ ଉପୋଷାଇ ମରନ୍ତେ । ନମ୍ବରେ କି ଅଧ ନମ୍ବରେ ବେଶି ହେଲେ ଦେହରୁ ରକ୍ତ ଦେଲା ଭଳି ସେମାନଙ୍କ ପ୍ରାଣକୁ ଭାରି ବାଧେ । ବିଧାତା ମୋତେ ମହାଦେବଙ୍କ ପରି ଅଗ୍ନିନେତ୍ର ଦେଇଥିଲେ ମୁଁ ଏହିକ୍ଷଣି ସେ ପରୀକ୍ଷକ ଜନ୍ତୁଗୁଡ଼ାଙ୍କୁ ଜାଳି ପୋଡ଼ି ଭସ୍ମ କରିଦିଅନ୍ତି । ବୃନ୍ଦନାଥ ଏହିପରି କହି ପରୀକ୍ଷକମାନଙ୍କ ସଙ୍ଗରେ ଏକାଧିକ ମଧୁର ସମ୍ପର୍କ ସ୍ଥାପନପୂର୍ବକ ଇତର ଅଭଦ୍ର ଜନ-ସୁଲଭ ଅତି ସାଧୁଭାଷାରେ ସେମାନଙ୍କୁ ମନ ସୁଖାଇ ଅଭିନନ୍ଦିତ କଲା ।

ଉପର୍ଯ୍ୟୁପରି ସାତ ଥର ଫେଲ ହୋଇ ପାଠ ପ୍ରତି ବୃନ୍ଦନାଥର ଗୋଟାଏ ଘୋର ବିତୃଷ୍ଣା ଜନ୍ମିଗଲା । ସେ ମନେ ମନେ ଭାବିଲା—"ବେଶି ଗୁଡ଼ାଏ ପଢ଼ି ଲାଭ କଅଣ ? ସେଥିରେ ଦେହ ମାଟି ହୋଇଯାଏ—ଶକ୍ତି କ୍ଷୁଣ୍ଣ ହୋଇଯାଏ, ଆଉ ଶେଷରେ ଅକାଳ ବାର୍ଦ୍ଧକ୍ୟର ଶୋଷଣ କବଳରେ ପଡ଼ିବାକୁ ହୁଏ । ଏ କାଳରେ ତ କେତେ ବି. ଏ., ଏମ୍. ଏ ବିଦ୍ୟାର ହିମାଳୟ ଭାର ଲଦିହୋଇ ଫକିର ପରି ବୁଲୁଛନ୍ତି, ଆଉ ସାମାନ୍ୟ ଏଣ୍ଟ୍ରାନ୍ସ ପାସ କଥା ବା କିଏ ପଚାରେ ? ପୁରୁଣାକାଳିଆ ଲୋକେ କେତେ ପାଠ ପଢ଼ୁଥିଲେ; ଅଥଚ ସେମାନେ ଅତଳ ଅଗାଧ ସମ୍ପତ୍ତି ଉପାର୍ଜନ କରିଯାଇଛନ୍ତି । ବିଦ୍ୟା ସହିତ ଅର୍ଥର ସମ୍ପର୍କ କଅଣ ? ନିରକ୍ଷର ବି କୋଟିପତି ହୋଇ-ପାରେ । ଅର୍ଥୋପାର୍ଜନ ବୁଦ୍ଧି, ଯତ୍ନ ଓ ଚତୁରତା-ସାପେକ୍ଷ । ସ୍ୱଳ୍ପ ଆୟାସରେ ପ୍ରଚୁର ଅର୍ଥାର୍ଜନ କରି ନ ପାରିଲେ ଗଧ ପରି ଖଟି ଖଟି ହୋମିଓପ୍ୟାଥିକ ମାତ୍ରାରେ ଉପାର୍ଜନ କରିବାଟା କି ପୌରୁଷର କଥା ! ସଂସାରରେ ଧନୀ, ମାନୀ ହେବାର ସହଜ ସୁନ୍ଦର ଉପାୟ ଢେର ଅଛି, ଅଳ୍ପ ଅଥବା ନାମମାତ୍ର ଚେଷ୍ଟାରେ ବିପୁଳ ଅର୍ଥାଗମ ହୋଇପାରେ । ମନରେ ଦୃଢ଼ ଆଶା, ଉନ୍ନତ ଆକାଂକ୍ଷା ଧରି କର୍ମକ୍ଷେତ୍ରରେ

ପ୍ରବେଶ କଲେ ପ୍ରଚୁର ଅର୍ଥର ଅଧିକାରୀ ହୋଇ ପାରିବା ଅସମ୍ଭବ ନୁହେଁ । ଯେଉଁ ମାନେ ହରଚନ୍ଦ୍ରର ବାଳ ସେହିମାନେହିଁ ଧନୀ, ଆଉ ଯେ ଲୁଣ୍ଡାସୁଆଁର ଗୋବଦ ସେ ଦାରିଦ୍ର୍ୟ ପାଦରେ ବିନା ପଣରେ କ୍ରୀତକିଙ୍କର ।

ଏବେ ସଂକ୍ଷେପରେ ବୁଦ୍ଧିନାଥର ଟିକିଏ ପରିଚୟ ଦେବା ଆବଶ୍ୟକ । ଏ ନାମଟି ତାର ପିତୃମାତୃଦତ୍ତ ନାମ ନୁହେ—ନିଜ ସୃଷ୍ଟି । ବୁଧବାରରେ ଜନ୍ମହେତୁ ସମସ୍ତେ ତାକୁ ବୁଧିଆ ବୋଲି ଡାକୁଥିଲେ; ମାତ୍ର ତାହାର ମୁଣ୍ଡକୁ ହାତ ପାଇଲାଦିନୁଁ ସେ ବୁଧିଆକୁ ବୁଦ୍ଧିନାଥ କରି ଦେଇଛି । ସେ ଜଣେ ସ୍ୱାଧୀନଚେତା, ସାର୍ଥକନାମା ପୁରୁଷ । ସମୁଦ୍ରର ପାର ଅଛି; ମାତ୍ର ତାହାର ଦୁରାକାଂକ୍ଷାର ପାର ନାହିଁ । ତାହା ପରି ଅଦ୍ଭୁତ ସାହସୀ ଯୁବକ ଗ୍ରାମରେ ଦ୍ୱିତୀୟ ଥିଲା ନାହିଁ । ତାହାର ଅସାଧ୍ୟ କିଛି ନାହିଁ । ଯେଉଁ କାର୍ଯ୍ୟ ତାହା ବୁଦ୍ଧିର ଅସାଧ୍ୟ, ସେ କାର୍ଯ୍ୟ ସେ ହାତ ଗୋଡ଼ ସାହାଯ୍ୟରେ କରିଆସେ । ବୁଦ୍ଧିନାଥ ଭାରି ଫିକରବାଜ୍ । ସେ ଘଡ଼ିକେ ହଜାରେ କୌଶଳ ଉଦ୍ଭାବନ କରିପାରେ । ଶରୀରର ବର୍ଣ୍ଣ ଅମାରଜନୀର ସମ୍ପଦସ୍ୱରୂପ ହେଲେହେଁ ପିଲାବେଳେ ବୁଦ୍ଧିନାଥ ଅସୁନ୍ଦର ଥିଲା ନାହିଁ । କିନ୍ତୁ ଦାରୁଣ ବସନ୍ତ ରୋଗ ତାକୁ ଟିକିଏ ବିରୂପ କରି ପକାଇଛି । ଦେହସାରା ନିବିଡ଼ ଗଭୀର ବସନ୍ତ ଚିହ୍ନରେ ଆବୃତ ହୋଇ ଖଣ୍ଡେ ଝାମା ଇଟା ପରି ଦିଶେ । ଫୁଲେ ନିଶ ରଖିବାକୁ ଭାରି ଠାକୁ ଠାକୁ ହେଉଥିଲା; ମାତ୍ର ସେ ମୁହଁକୁ ନିଶ ମାନିବ ନାହିଁ ବୋଲି କ୍ଷୌରକାର କହିବାରୁ ବାଧ ହୋଇ ଅତି କଷ୍ଟରେ ସେ ଲାଳସା ସମ୍ବରଣ କରିବାକୁ ହୋଇଅଛି । ବୁଦ୍ଧିନାଥର ବେଶଭୂଷାରେ କିଛି ଆଡମ୍ବର ନାହିଁ । ଗୋଟାଏ ଦଶହାତି ଖଣ୍ଡ ଆଉ ଖଣ୍ଡେ ଲମ୍ବା କାମିଜ ତାହାର ସନାତନ ପୋଷାକ । ସେଥିରେ ସେ ଆତ୍ମାଭିମାନ ଆହତ ମଣେ ନାହିଁ । ଚାଦର ତ ଏ କାଳରେ କେହି ବ୍ୟବହାର କରୁ ନାହାନ୍ତି, ଆଉ ସେ ଅବା କାହିଁକି କରିବ ? ଏଣିକି ଚାଦର ଶବ୍ଦ ଅଭିଧାନରୁ ଉଠିଯିବ । ବୁଦ୍ଧିନାଥର ଉଚ୍ଚାକାଂକ୍ଷା ଅତି ଅଦ୍ଭୁତ ଧରଣର । ବିନା ପରିଶ୍ରମରେ କିପରି ଅଜସ୍ର ବିପୁଳ ଅର୍ଥାଗମ ହେବ, ଏହାହିଁ ତାହାର ଭାବନା । ତାହାର କଥାବାର୍ତ୍ତା, ଚଳଭଙ୍ଗୀରୁ ବୋଧହୁଏ—ଯେବେ ପ୍ରତ୍ୟହ ତାହା ଗୃହପ୍ରାଙ୍ଗଣରେ ଆଷାଢ଼ ମାସ ପରି ଅଜସ୍ର ମୁଷଳଧାରରେ ଟଙ୍କା ବୃଷ୍ଟି ହୁଅନ୍ତା, ତେବେ ସୁଦ୍ଧା ତାହାର ଦୁର୍ବାର ଉଚ୍ଚାକାଂକ୍ଷା ପୂର୍ଣ୍ଣତାପ୍ରାପ୍ତ ହୁଅନ୍ତା ନାହିଁ । ପାଠପଢ଼ା ଛାଡ଼ି ତାହାର ମନ ଉଡ଼ି ବୁଲିଲା, କଳ୍ପନା ଆସି ସେହି ଉଡ଼ନ୍ତା ମନ ସଙ୍ଗରେ କେତେ ଖେଳ ଖେଳି ବସିଲା । କେବେ ଚାକିରି—କେବେ ବ୍ୟବସାୟ, କେବେ କଳାବିଦ୍ୟା ପ୍ରତି ତାହାର ମନ ଟଳିଲା; ମାତ୍ର ସେ ପ୍ରଥମତଃ ଚାକିରି ଗ୍ରହଣ ସାର କଲା । ଅନେକ ସ୍ଥାନରେ ବୁଲିଲା—ଅନେକ ଲୋକଙ୍କ ଗୋଡ଼ ହାତ ଧରି ସ୍ତବସ୍ତୁତି କଲା; ମାତ୍ର ଚାକିରି ମିଳିଲା ନାହିଁ । ହାୟ ! ଚାକିରିର କି ଦୁରଦୃଷ୍ଟି, ବୁଦ୍ଧିନାଥ ପରି ବିଶ୍ୱବିଦ୍ୟାଳୟର ଉଜ୍ଜ୍ୱଳ ରତ୍ନକୁ ଆଶ୍ରୟ କରି ସେ ଧନ୍ୟ ହୋଇ ପାରିଲା ନାହିଁ ।

## ଦ୍ୱିତୀୟ ପରିଚ୍ଛେଦ

ଚାକିରି ନ ମିଳିବାରୁ ବୁଦ୍ଧିନାଥର ଚାକିରି ପ୍ରତି ଗୋଟାଏ ବିଜାତୀୟ ଘୃଣା ଜାତ ହେଲା । ତାହା ତ ହେବାର କଥା ! ବିଫଳକାମ ହେଲେ କିଏ ବା ଚାକିରୀ ପ୍ରତି ଘୃଣା ନ କରି ଶ୍ରଦ୍ଧା-ଭକ୍ତି ପ୍ରକାଶ କରେ ? ବୁଦ୍ଧିନାଥ ଚାକିରି ପ୍ରତି କେତେ ଗୁଡ଼ାଏ ସଦୁକ୍ତି ପ୍ରୟୋଗ କରି ମନର ଅଭିମାନ ମେଣ୍ଟାଇନେଲା । ଅବଶ୍ୟ ସେ ସଦୁକ୍ତିଗୁଡ଼ାକ ସରସ କବିତା ପରି ଶ୍ରୁତିମଧୁର ନୁହେଁ, ତାହା ନିତାନ୍ତ ଦୁଷ୍ଟ ଗଦ୍ୟପ୍ରାଣ । ଅନନ୍ତର ବୁଦ୍ଧିନାଥ ନିଜ ଉପରେ ମଧ୍ୟ ବିରକ୍ତ ହୋଇଉଠିଲା—ନିଜକୁ ଅତି ହେୟ ଜ୍ଞାନ କରି ସହସ୍ରରେ ଯାଏ ହାସ୍ୟ ବିଦ୍ରୂପ କଲା । ସେ କହିଲା—ଛି, ଛି, ଚାକିରି କରିବ ? କି, ମୋର ଏ ଦୁର୍ମତି କାହିଁକି ? ଦୁଃଶାସନ ଶାମକୁ ସଭା ତଳରେ ବସାଇଲା ଭଳି ସେଠା ଯେ ଭୀଷଣ ଅପମାନର କଥା ! ମନ ରେ, ତୁ ଏଡ଼େ ଦୁର୍ବଳ ବୋଲି ମୁଁ ଜାଣି ନ ଥିଲି ! ତୁ କି ନୈତିକ ସାହସର ମୁଣ୍ଡ ପୋଡ଼ି ଖାଇଛୁ ? ଏହା ଜାଣିଥିଲେ ତ ମୁଁ ତୋ ସଙ୍ଗରେ ସମ୍ପର୍କ ରଖି ନ

ଥାନ୍ତି । ଉଃ, କି ଇତର ଭାଷାରେ ମୋତେ ତୁ ଗାଳିଦେଇ-ଥିଲୁ ! ମୁଁ ପର ସ୍ୱତ୍ୱ କରିବି—ପରାଧୀନ ହେବି ? ମନ୍ତ୍ରୀପଣରେ ତ ତୁ ଧୁରନ୍ଧର ମନ ! ଅହୋ, କି ଅମୂଲ୍ୟ ତୋର ମନ୍ତ୍ରଣା ! ତୋ ଶିକ୍ଷଣରେ ପଡ଼ି ମୁଁ ପର ପରାଧୀନ ହେବି ? ପରାଧୀନ ଜୀବନ ଯେ ପଶୁଠାରୁ ଅଧମ— ସାତଥର ଏଣ୍ଟ୍ରାନ୍ସ ଫେଲ ହୋଇ ମୁଁ କଅଣ ଏତିକି ବି ଶିଖି ନାହିଁ ? ତୁ କଅଣ ମୋତେ ଗୋଟାଏ ବିରାଟ ଓଲୁ ମଣିଛୁ ? ସ୍ୱତନ୍ତ୍ର ତାଳଗଛ ଛାଇ ! ଅଛି ଅଛି କି ଭାଲି ନାହିଁ—ତାହା ସ୍ଥାୟୀ ଜୀବିକା ନୁହେଁ, କି ସ୍ୱାଧୀନ ଜୀବିକା ନୁହେଁ । ପୁଣି ସେଥିରେ ଲାଞ୍ଛନା, ଗଞ୍ଜଣା, ଯନ୍ତ୍ରଣା ପ୍ରଚୁର । ଠାକୁରପୂଜା କରି ନ ଜାଣିଲେ ମହା ବିପଦ । ପର ପାଦ ତଳେ ମୁଣ୍ଡବନ୍ଧା ଲୋକର ମଣ୍ଡରେ ଘୁଣ ଲାଗିଯାଏ—ତାହାର ସାରା ଜୀବନଟା ଅନ୍ଧାରରେ ବୁଡ଼ିଯାଏ । ମୁଣ୍ଡ ନ ବିକି ମୁଣ୍ଡ କିଣିବା ସିନା ବାହାଦୁରୀ ! ପରାଧୀନ ଲୋକ ସବୁବେଳେ ଭାବେ—ମରିଗଲେ ସେ ବଞ୍ଚିଯାଆନ୍ତା । ପରାଧୀନ ଜନ ଯେଉଁ ଆଡ଼କୁ ଚାହିଁଲେ ଗୋଟାଏ ସୀମାହୀନ ବିରାଟ ଶୂନ୍ୟତା ଛଡ଼ା ଜୀବନର କୌଣସି ଲକ୍ଷ୍ୟ ବା ଆଦର୍ଶ ଦେଖିପାରେ ନାହିଁ । ପରା-ଧୀନତା ମାନବର ଶକ୍ତିକୁ ତଳି ଚପି ମାରି ଜୀବନରେ ଜଡ଼ତା ଆଣିଦିଏ ଏବଂ ଜନ୍ମ ମାଟି କରିଦିଏ ।

ବୁଦ୍ଧିନାଥ କି ଉପାୟରେ ଶୀଘ୍ର ଧନୀ, ମାନୀ ହୋଇପାରିବ, ସେ ଚିନ୍ତା କରିବାକୁ ଲାଗିଲା । ସେ ଏରୂପ ଉଦ୍‌ବିଗ୍ନ ହୋଇଉଠିଲା ଯେ, ତାକୁ ଆଉ ତର ସହିଲା ନାହିଁ । କେତେବେଳେ ଯେବେ କେହି କହି-ଥାନ୍ତା—ଅମୁକ ଔଷଧ ବା ମନ୍ତ୍ରବଳରେ ଧନୀ ମାନୀ ହେବାକୁ ହୁଏ, ତେବେ ସେ ତାହା ଆଦୌ ଅବି-ଶ୍ୱାସ କରନ୍ତା ନାହିଁ । ବୁଦ୍ଧିନାଥ କୃଷି, ଶିଳ୍ପ, ବାଣିଜ୍ୟ ପ୍ରଭୃତି ଅନେକ ଆଡ଼େ ଆଖି ପକାଇଗଲା; ମାତ୍ର କାହିଁରେ ସଦ୍ୟ ଭୂରି ଭୂରି ଅର୍ଥର ସମ୍ଭାବନା ଦିଶିଲା ନାହିଁ । ଶୂନ୍ୟହସ୍ତରେ ବା କଅଣ କରିହେବ ? ସେ ଅନେକ ଭାବିଲା । ଶେଷରେ ଗୋଟାଏ ବୁଦ୍ଧି ତା ମସ୍ତିଷ୍କରେ ଜାଗି ଉଠିଲା । ସେ ମନେ ମନେ କହିଲା— ଆଜିକାଲି ଦେଶରେ ଚିତ୍ରଶିଳ୍ପର ଆଦର ବେଶ ବଢ଼ୁଅଛି । ବିଲା-ତରେ ଖଣ୍ଡିଏ ଖଣ୍ଡିଏ ଛବି ଲକ୍ଷାଧିକ ଟଙ୍କାରେ ବିକ୍ରୀତ ହେବାର ଶୁଣାଯାଇଅଛି । ସେ କଥା ଛାଡ଼ିଦେଲେ ସୁଦ୍ଧା ଆମ ଓଡ଼ିଶାପାଖ କଲିକତା ସହରରେ ଛବିର ଗୌରବ ଊଣା ନୁହେଁ । ରଜା ମହାରାଜା ପ୍ରଭୃତି ବଡ଼-ଲୋକ ଖଣ୍ଡେ ଖଣ୍ଡେ ଛବି ହଜାର ହଜାର ଟଙ୍କାରେ କିଣି ବୈଠକଖାନା ସଜାଇଛନ୍ତି । ଚିତ୍ରଶିଳ୍ପ ତ ଇତରବିଦ୍ୟା ନୁହେଁ । କବି ଓ ଚିତ୍ରକର ଉଭୟର ଆସନ ଏକ । ବରଂ କବିଠାରୁ ଚିତ୍ରକର ଶ୍ରେଷ୍ଠ । କବି କଳ୍ପନାରେ ଯେଉଁ ରୂପ ଗଢ଼େ, ଚିତ୍ରକର ତାକୁ ସାକାର ଓ ସଜୀବ କରିଦିଏ । କବିର ଚିତ୍ର ମନରେ ଦେଖାଯାଏ; ମାତ୍ର ଚିତ୍ରକରର ଚିତ୍ର ଆଖିରେ ଦେଖା-ଯାଏ । କଳାର ଗୌରବ ଊଣା ନୁହେଁ । ଉତ୍କଳର ସବୁ ଯାଇଛି, ଖାଲି କଳାବିଦ୍ୟା ହେତୁ ତାହାର ଗୌରବ ଅମର ହୋଇ ରହିଅଛି । ମୁଁ ସେହି କଳାବିଦ୍ୟାର ଆଶ୍ରୟ ନେବି । ଶୁଣିଛି କଲିକତାରେ ଅନେକ ଚିତ୍ରଶାଳା ଅଛି । ଉତ୍କୃଷ୍ଟ ଛବିର ସ୍ୱତ୍ୱ ସେମାନେ ଉଚିତ ମୂଲ୍ୟରେ କିଣି ନିଅନ୍ତି । ଚିତ୍ରବିଦ୍ୟାରେ ମୁଁ ଏକା-ବେଳକେ ନିରକ୍ଷର ନୁହେଁ, ପଢ଼ିବାବେଳେ ଡ୍ରଇଂରେ ମୁଁ ପ୍ରଥମ ହେଉଥିଲି । ଚେଷ୍ଟା କଲେ ଦୁଇ ତିନି ମାସ ମଧ୍ୟରେ ମୁଁ ସୁନ୍ଦର ଆଙ୍କିପାରିବି । ହାତର ଦକ୍ଷତା ଆସି-ଗଲେ ଖଣ୍ଡେ ଛବି ଆଙ୍କିବାକୁ ଦୁଇ ଦିନରୁ ଅଧିକ ଲାଗିବ ନାହିଁ । ଅତି ଊଣାରେ ସେ ଖଣ୍ଡର ମୂଲ୍ୟ ଶହେ ଟଙ୍କା ହେଲେ ଦିନକରେ ପଚାଶ ଟଙ୍କା ରୋଜଗାର ହେଲା । ବୁଦ୍ଧିନାଥ ଏହିପରି ଭାବି ତହିଁ ପରଦିନଠାରୁ ଚିତ୍ରାଙ୍କନ ଅଭ୍ୟାସ କରିବାକୁ ଲାଗିଲା । ସେଥିରେ ଏପରି ତନ୍ମୟ ରହିଲା ଯେ, ଦିନେ ଦିନେ ଗାଧୋଇବା ଖାଇବା ସୁଦ୍ଧା ପାଶୋରିଗଲା । କଳା-ଲକ୍ଷ୍ମୀଙ୍କ ପ୍ରତି ସମ୍ଭ୍ରମରେ ତାହାର ହୃଦୟ ପୂର୍ଣ୍ଣ ହୋଇଉଠିଲା । ସେହି ଦେବୀଙ୍କ ସେବାରେ ସେ ପ୍ରାଣମନ ସମର୍ପଣ କରି କଳ୍ପିତ ଅର୍ଜୁନଙ୍କ ପରି ନିଦ୍ରାଜୟୀ ହୋଇରହିଲା । ଏ ଅଦ୍ଭୁତ ଅଧୀର ଭକ୍ତଟି ପ୍ରତି ଦେବୀ କିରୂପ ପ୍ରସନ୍ନ ଦୃଷ୍ଟିପାତ କଲେ, ତାହା ପରେ ପାଠକମାନେ ଜାଣିପାରିବେ ।

କେତେ କାଳ ପରେ ବୁଦ୍ଧିନାଥ ବୁଝିପାରିଲା— ଚିତ୍ରବିଦ୍ୟାରେ ସେ ଅସାଧାରଣ ନିପୁଣତା ଲାଭ କରି

ଅଛି । ସେ ନିଜର ଅଙ୍କିତ ଚିତ୍ର ଦେଖି ନିଜେ ମୋହିତ ହୁଏ, ଆଉ ନିଜକୁ ଧନ୍ୟବାଦ ଦିଏ । ପ୍ରବୀଣ ଚିତ୍ରକର ବୋଲି ତାହାର ନାମ କିପରି ପଦାକୁ ବାହାରିବ, ସେଥି ଚେଷ୍ଟାରେ ସେ ଆତ୍ମଦାନ କଲା । ଅନେକ ଭାବି ଚିନ୍ତି ସ୍ଥିର କଲା—କୌଣସି ବିଖ୍ୟାତ ମାସିକ ପତ୍ରରେ କେତେ ଖଣ୍ଡ ଛବି ବାହାର କରିବା ଛଡ଼ା ନାମପ୍ରକାଶର ସହଜ ସୁନ୍ଦର ଉପାୟ ଆଉ ନାହିଁ । ତାହାର କେହି କେହି ବନ୍ଧୁ ଏ ମତ ସମର୍ଥନ କଲେ; ମାତ୍ର ଅନେକ ଦୁଷ୍ଟ ବନ୍ଧୁ ଥଟ୍ଟା-ବିଦ୍ରୂପ କଲେ । ସେମାନେ ତାହାର କୌଣସି ଚିତ୍ରକୁ ଉଚ୍ଚ ସ୍ଥାନ ନ ଦେଇ ସାଧାରଣ ଚିତ୍ର ବୋଲି କହି ଅପସନ୍ଦ କଲେ । କିନ୍ତୁ ବୁଦ୍ଧିନାଥ ସେଥିରେ ଦମିତ ହେଲା ନାହିଁ; କହିଲା—"ତୁମେ ଅରସିକ-ଗୁଡ଼ାକ କଅଣ ବୁଝିବ ରେ ! ତୁମ ସାଧାରଣ ଆଖିକି ସବୁ ସାଧାରଣ ଦେଖାଯାଏ । ଦେଖିବା ଭଳି ଆଖି ତୁମର କାହିଁ ?" ବୁଦ୍ଧିନାଥ କଲିକତାର ଖଣ୍ଡିଏ ପ୍ରସିଦ୍ଧ ମାସିକ ପତ୍ରିକାକୁ ନିଜର ଅଙ୍କିତ ତିନିଖଣ୍ଡ ଛବି ପଠାଇ ସମ୍ପାଦକଙ୍କୁ ଖଣ୍ଡେ ପତ୍ର ଲେଖିଲା । ସେଥିରେ ସେ ଛବି ତିନିଖଣ୍ଡି ପ୍ରକାଶ କରିବାକୁ ସବିନୟ ଅନୁରୋଧ କରି, ସ୍ୱୟଂ ସମ୍ପାଦକ କିମ୍ବା ଅନ୍ୟ କେହି ଉକ୍ତ ଛବିର ସ୍ୱତ୍ୱ କିଣିବାକୁ ଇଚ୍ଛା କଲେ ସେ ଦେବାକୁ ପ୍ରସ୍ତୁତ ବୋଲି ଜଣାଇଲା । ପତ୍ର ପଠାଇ ଉତ୍ତରକୁ ସେ ଚାତକ ଚକ୍ଷୁରେ ଚାହିଁ ରହିଲା । ଯଥାସମୟରେ ଉତ୍ତର ଆସିଲା । ସମ୍ପାଦକ ଲେଖିଅଛନ୍ତି—

"ପ୍ରିୟ ମହାଶୟ, ଆପଣଙ୍କ ପ୍ରେରିତ ଚିତ୍ର ଓ ପତ୍ର ପାଇ କୃତଜ୍ଞ ଚିତ୍ତରେ ଧନ୍ୟବାଦ ଜଣାଉଅଛୁଁ । ଆପଣ ଚେଷ୍ଟା କରନ୍ତୁ, ସମୟରେ ଭଲ ଚିତ୍ରକର ହୋଇ ପାରିବେ । ବର୍ତ୍ତମାନ ଆପଣଙ୍କ ଚିତ୍ର ପ୍ରକାଶ କଲେ ପତ୍ରିକାର ଗୌରବ ହାନି ହେବ । ଅତ୍ୟନ୍ତ ଦୁଃଖର ସହିତ ଏ କଥା ଲେଖିବାକୁ ହେଲା—ମହାଶୟ, ସ୍ୱୀୟ ଉଦାର ଗୁଣରେ କ୍ଷମା କରିବେ ।"

## ତୃତୀୟ ପରିଚ୍ଛେଦ

ପତ୍ର ପଢ଼ି ବୁଦ୍ଧିନାଥର ହୃଦୟ ଉଡ଼ିଗଲା । ସେ ହଠାତ୍ ଗୋଟାଏ ଉଚ୍ଚ ଗଛର ଅଗରୁ ଖସିପଡ଼ିଲା ପରି ମଣିଲା । ସର୍ପାହତ ବ୍ୟକ୍ତି ପରି ତାହାର ସର୍ବାଙ୍ଗ କଳା କାଠ ପଡ଼ିଗଲା । ପତ୍ରଖଣ୍ଡ ହାତରୁ ପଡ଼ିଗଲା । ବୁଦ୍ଧି-ନାଥ କିଛି ବୁଦ୍ଧି ନ ପାଇ ଶିରୋରୋଗ ପରି ଦୁଇ ହାତ ମୁଣ୍ଡରେ ଦେଇ ପିଣ୍ଡାରେ ବସି ପଡ଼ିଲା । ତାହାର ସେ ସମୟର ଅବସ୍ଥାର ବର୍ଣ୍ଣନା ତୂଳୀରେ ଅଙ୍କିତ ଲେଖା ପଢ଼ିବା ଅପେକ୍ଷା କଳ୍ପନା-ଚକ୍ଷୁରେ ଦେଖିବା ଅଧିକ ସହଜ । ବୁଦ୍ଧିନାଥର ହୃଦୟ-ମନ-ଆତ୍ମା ଯାହା ହେଲା, କେହି ଠିକ୍ ବୁଦ୍ଧିନାଥ ନ ହେଲେ ତାହା ଜାଣିପାରିବ ନାହିଁ । ତାହାର କେତେ ଗୋଟାଏ ଆଶାର ସ୍ୱପ୍ନ-ସୌଧ ଅତର୍କିତ ଭାଙ୍ଗି ଚୂନା ହୋଇଗଲା—ପରିଶ୍ରମ, ରାତ୍ରି-ଜାଗରଣ, ଉପବାସ ସବୁ ପଣ୍ଡ ହୋଇଗଲା । ଯେଉଁ ଭାବୀ ଜୀବନକୁ ସେ ଉଜ୍ଜ୍ୱଳ ଦେଖୁଥିଲା, ତାହା ଏବେ ଅନ୍ଧାର ଦିଶିଲା । ଏତେବେଳେ ତାହାର ବିପକ୍ଷ ବନ୍ଧୁମାନଙ୍କୁ ଗୋଟାଏ ସୁବିଧା ମିଳିଗଲା । କେତେକେ କହିଲେ—"ଖୁବ୍ ଶିକ୍ଷା ହୋଇଛି, ଉଚ୍‌କା ଲୋକର ଜୀବନର କୌଣସି ଆଶା କୌଣସି କାଳରେ କି ସଫଳ ହୁଏ ? ଭାରି ତ ଭାବିଗଲା, ପୁଣି ବଡ଼େଇ କେତେ—ସତେ ଯେପରି ମୟ କି ବିଶ୍ୱକର୍ମା କିମ୍ବା ରବି ବର୍ମା । ଆଛା, ତାହା ଚିତ୍ରରେ ଭଲ ଥାଏ କଅଣ ? ଭାବ ନା ବ୍ୟଞ୍ଜନା—ଆଶୟ ନା ସୂଚନା—ଢଙ୍ଗ ନା ରଙ୍ଗ ! କଅଣ ଥାଏ ମୁଁ ତ ସେ ଛବିର ଅନ୍ଧିସନ୍ଧି ଖୋଜି କିଛି ପାଏ ନାହିଁ !" କେହି କେହି କହିଲେ—ଛେନା ଗୁଡ଼ ପାଚିଲା କଦଳୀ ଥାଏ —ଚୂଲି ପାଉଁଶ ଥାଏ, ସେ ଛବିରେ ଭାବ କାହୁଁ ଆସିବ ? ସବୁ ଅଭାବ ଥାଏ । ଶିକ୍ଷା ଦୀକ୍ଷା ନାହିଁ—ଯନ୍ତ୍ରପାତି ନାହିଁ, ଲୁଚ୍ଚା ହାତରେ କି ଛବି ଅଙ୍କିବ ? ଖଣ୍ଡିଏ ଖଣ୍ଡିଏ ଛବି ଖଣ୍ଡିଏ ଖଣ୍ଡିଏ ପ୍ରକାଣ୍ଡ ଅକ୍ଷର-ଶୂନ୍ୟ (ଭୂଷାଶୂନ୍ୟ) କାବ୍ୟ । ତାକୁ ଦେଖି ଶେଷ କରିବା ଦିନେ ଓଳିକର କଥା ନୁହେଁ । ତାକୁ ଯେତେ ଥର ଦେଖିବ, ପ୍ରତିଥର ନୂତନ ପରି ବୋଧ ହେବ । ବୁଦ୍ଧିନାଥର ଅନେକ ଚିତ୍ର-ପ୍ରତିମା ଦେଖାଯାଇଅଛି, କାହିଁ କାହାରି ମୁଖ ଚକ୍ଷୁରେ ତ ହର୍ଷ ବା ବିଷାଦ, ଶୋକ ବା ଚିନ୍ତା, ସ୍ନେହ ବା ପ୍ରେମ, ସୁଖ ବା ଦୁଃଖ କିଛିର ଆଭାସ ମିଳେ ନାହିଁ ! ଅବାର ଇଙ୍ଗିତକୁ

ମନୋଭାବ ଧରି ନ ପାରିଲେ ସେ ଚିତ୍ର ଚିତ୍ର ହିଁ ନୁହେଁ—ଖାଲି କେତେ ଗୁଡ଼ାଏ ରେଖାର ସମଷ୍ଟି ଏବଂ କାଗଜ ଓ ରଙ୍ଗ ପ୍ରଭୃତିର ବସ୍ତୁଗତ ଶ୍ରାଦ୍ଧ । ସେଭଳି ଚିତ୍ର ଦେଖିବା ଦ୍ୱାରା ଲାଭ ନାହିଁ; ମାତ୍ର କ୍ଷତି ପ୍ରଚୁର । ଚିତ୍ରାଙ୍କନ ଏଡ଼େ ସହଜ ନୁହେଁ ଯେ, ଯେ ଇଚ୍ଛା କରିବ ସେ କରିପାରିବ । ସେଥିରେ ବିଚାର, ବିବେଚନା, ଚିନ୍ତା ଓ କଳ୍ପନା ଅଳ୍ପ ଖର୍ଚ୍ଚ ହୁଏ ନାହିଁ । ଚିତ୍ରକର ନିଜର ଜୀବନ, ଶକ୍ତି, ଆୟୁ କ୍ଷୟ କରି କଳାର ଗୌରବ ବଢ଼ାଏ ।" ଏହିପରି ଅନେକେ ଅନେକ କଥା କହିଲେ; ମାତ୍ର ବୁଦ୍ଧିନାଥର ସପକ୍ଷ ବନ୍ଧୁମାନେ ସେଭଳି ନିରୁତ୍ସାହ ବାଣୀ ଶୁଣାଇଲେ ନାହିଁ । ତାହାର ଏ ବ୍ୟର୍ଥତାକୁ ସେମାନେ ହସି ଉଡ଼ାଇଦେଲେ । କେହି କେହି କହିଲେ—" ଏଥିରେ ତୋର କୌଣସି ଗୁପ୍ତ ଶତ୍ରୁର ଷଡ଼ଯନ୍ତ୍ର ଅଛି, ନ ହେଲେ ତୋର ଏଡ଼େ ସୁନ୍ଦର ସରସ ଚିତ୍ର କି ସମ୍ପାଦକର ପସନ୍ଦ ହୁଅନ୍ତା ନାହିଁ ? ଚକୀର ଚକରେ ସବୁ କଟିଯାଏ ରେ ଭାଇ ! ଆଜିକାଲି ଯେଉଁ ଚିତ୍ର ବାହାରୁଛି, ସେ ସବୁଯାକ କଣ ନିର୍ଦ୍ଦୋଷ ? କିଏ ପେଚାନାକୀ, କିଏ ମାଙ୍କଡ଼ଆଖି, କିଏ ଠାକୁଆ ଗାଲୀ ଆଉ କିଏ ବା ଗାଲସୁଚୁଙ୍କା । ଏ ତ ଗଲା ରୂପର କଥା, ଆଉ ରୁଚିକୁ ତ ପଠାନ୍ତର ନାହିଁ । ପୂର୍ଣ୍ଣଯୌବନା ସ୍ତ୍ରୀକୁ ବୁଢ଼ିଆଣୀ ଜାଲି ପରି ସୂକ୍ଷ୍ମବସ୍ତ୍ର ପିନ୍ଧାଇ ଆପାଦମସ୍ତକ ପାଣି ସଡ଼ସଡ଼ କରି ତାହାର ଛବି ଦେଖାଇବା. ଲମ୍ପଟ ଲମ୍ପଟୀର ଅଭିସାର ଚିତ୍ର ଦେଖାଇବା, ଦେବଦେବୀଙ୍କୁ ଦୁରସ୍ତ ବାରହୁଣୀ ରୂପରେ କଳଙ୍କିତ କରିବା—ଏସବୁ କେଉଁ ଯୁଗର ସଭ୍ୟତା ? ଏ କାଳରେ ଅଶ୍ଳୀଳତାର ନାମ ହୋଇଅଛି କଅଣ ନା—ସୁରୁଚି ।। ସେ ସୁରୁଚିକୁ ଦୂରରୁ ଜୁହାର । କେହି କହିଲା—ଶିଳ୍ପୀ ନ ହେଲେ ଶିଳ୍ପର ମହତ୍ତ୍ୱ କିଏ ଅନୁଭବ କରିପାରିବ ? ଏଣୁ ତେଣୁ ଯାହା ତାହା ଆଣି ପତ୍ରିକାରେ ଛାପିଦେବା ସମ୍ପାଦକର କାର୍ଯ୍ୟ, ତାହାର ଶିଳ୍ପୀ ଚକ୍ଷୁ କାହିଁ ଯେ, ସେ ଚିତ୍ର ଚିହ୍ନି ପାରିବ ? ଅନ୍ୟ ପତ୍ରିକାକୁ ପଠାଇବାର ବାଟ ବି ତ ନାହିଁ । କାଳେ ସମ୍ପାଦକ ତାହାର ପରିତ୍ୟକ୍ତ ଚିତ୍ର ବୋଲି କହି ସବୁ କଥା ପଦାରେ ପକାଇଦେବ । ସେ ତ ବଡ଼ ଲଜ୍ଜାର କଥା ନୁହେଁ ! ମନ ହେଉଛି—ଏଇଯଣି କଲିକତା ଯାଇ ସମ୍ପାଦକକୁ ଖୁବ ଦୁଇ ପଦ ଶୁଣାଇ-ଦେଇ ସାଉଜ କରିଦିଅନ୍ତି । କିନ୍ତୁ କଣ କରିବା, ମୁହଁରେ ଘର ଛାଡ଼ି ଯିବାର ଉପାୟ ନାହିଁ । ମାଆବୁଢ଼ୀ ପାକଲ୍‌ବାଳ ମୁଣ୍ଡ ଉପରେ ଝୁଲୁଛି, ଘରେ ପୁଣି ଦଶମାସିଆ ପୋଇଣ । ଏଥିରେ କିପରି ବା ଘରୁ ଗୋଡ଼ କାଢ଼ିବ ? ସତ କହୁଛି, ତୋ ରାଣ ଭାଇ, ବି ଆଖି ଛୁଇଁ କହୁଛି—ମନ ଖାଲି ରକ୍ତ ଝୁଞ୍ଝାଳ ହେବାର ହେଉଛି । ଆଗ୍ରହ ହେଉ, କନେ ପ୍ରତିଶୋଧ ନ ନେଇ ଛାଡ଼ନ୍ତି ନାହିଁ ।" ଏହିପରି ସୁ-ବନ୍ଧୁମାନଙ୍କ ଆଶ୍ୱାସନାରେ ବୁଦ୍ଧିନାଥ ଆଶ୍ୱସ୍ତ ହୋଇ ରହିଲା ।

ପରିବାର ମଧ୍ୟରେ ଜଣେ ନିଷ୍କର୍ମା ହୋଇ ବସି ରହିଲେ ସମସ୍ତଙ୍କର ଦୃଷ୍ଟି ତାହାରି ଉପରେ କେନ୍ଦ୍ରୀଭୂତ ହୁଏ । ଅବଶ୍ୟ ତାହା ଶୁଭଦୃଷ୍ଟି ନୁହେ । କେତେ ଦାମ୍ଭିକା ଦୃଷ୍ଟାନ୍ତ, କେତେ ଥଟ୍ଟା-ବିଦ୍ରୂପ, କେତେ ଛଟା-ଡଗ, କେତେ ଗଞ୍ଜଣା ଭର୍ତ୍ସନା ତାହା ଉପରେ ବର୍ଷିଯାଏ, ସେଥିର ସୀମା ରହେ ନାହିଁ । ସଂସାରରେ ସମସ୍ତେ ଉପକାର-ପ୍ରତ୍ୟାଶୀ । ଉପକାର ନ ପାଇଲେ ଆପଣାର ଲୋକ ବି ସାତ ପରଠାରୁ ବଳିଯାଏ । ବେରୋଜଗାରି ହୋଇ ବସି ରହିବାରୁ ବୁଦ୍ଧିନାଥ ପରିବାରବର୍ଗର ଚକ୍ଷୁଶୂଳ ହେଲା । କେହି ତାକୁ ଭଲ ପାଇଲେ ନାହିଁ, ଭଲରୂପେ କଥା କହିଲେ ନାହିଁ । କ୍ରମେ ତାହାର ଆଦର କମିଗଲା । ଘରେ ସବୁବେଳେ ଅଶାନ୍ତି ଉପଦ୍ରବ ଲାଗିରହିଲା । ବୁଦ୍ଧିନାଥ ଅବଧି ଅବିବାହିତ; କିନ୍ତୁ ହେଲେ କଅଣ ହେଲା—ନିଜର ଉଦର ଦେବତାଟିର ପୂଜା ତ ଅଛି ! ସେ ସର୍ବଖାଇ ଦେବତା ଉପବାସ ରହି ଧର୍ମାର୍ଜନ କରିବାକୁ ସୁଖ ମଣେ ନାହିଁ । ସ୍ତବସ୍ତୁତି ବା ଫୁଲଚନ୍ଦନ ସେବାରେ ସେ ସନ୍ତୁଷ୍ଟ ହୁଏ ନାହିଁ କି ନିର୍ଭୋଗ ପୂଜା ଗ୍ରହଣ କରେ ନାହିଁ । ତାହା ପୂଜାରେ ଖାଲି ଭୋଗ ଛଡ଼ା ଆଉ କିଛି ଉପାଦାନ ଲୋଡ଼ା ହୁଏ ନାହିଁ—ଭୋଗହିଁ ତାହାର ଷୋଡ଼ଶ ଉପଚାର । ବୁଦ୍ଧିନାଥ ସଙ୍ଗରେ ତାହାର ପରିବାର ଏରୂପ ବ୍ୟବହାର କଲେ ଯେ, ବୁଦ୍ଧିନାଥ ସେଥିରେ ଅତିଷ୍ଠ ହୋଇପଡ଼ିଲା । ଘରେ ରହିବା ତାହା ପକ୍ଷରେ କଷ୍ଟକର ହେଲା । ବାହାରେ ଥିବାଯାଏ ସେ ଟିକିଏ ଶାନ୍ତିରେ

ଥାଏ; ମାତ୍ର ଘରକୁ ଆସିଲେ ନାନା ଉପସର୍ଗରେ ବିବ୍ରତ ହୋଇଉଠେ । ସେ ଏ ଉପଦ୍ରବରୁ କିପରି ନିସ୍ତାର ପାଇବ, ଏହି ଚିନ୍ତାରେ ସର୍ବଦା ବିଭୋର ରହିଲା; ମାତ୍ର ଦୁସ୍ତର ଚିନ୍ତା-ସମୁଦ୍ରରେ ସ୍ଥଳକୂଳ ପାଇଲା ନାହିଁ । କିଛିଦିନ ପରେ ଦୈବ ଘଟଣାସୂତ୍ରରେ ଗୋଟିଏ ସୁବିଧା ମିଳିଗଲା । ଜଣକର ଦଶମବର୍ଷୀୟ ପୁତ୍ର ସକାଶେ ଜଣେ ଗୃହଶିକ୍ଷକ ଆବଶ୍ୟକ ବୋଲି ସମ୍ବାଦପତ୍ରମାନଙ୍କରେ ବିଜ୍ଞାପନ ବାହାରିଲା । ସେହି ବିଜ୍ଞାପନଟି ବୁଦ୍ଧିନାଥ ପକ୍ଷରେ ନୀରନ୍ଧ୍ର ଅମାରଜନୀରେ ଉଷାର ଆଲୋକ ରେଖା ତୁଲ୍ୟ ହେଲା । ଉକ୍ତ ପଦର ବେତନ ଖୋରାକି ଛଡ଼ା ମାସିକ ଆଠ ଟଙ୍କା । ବୁଦ୍ଧିନାଥ ସେହି କାର୍ଯ୍ୟ ପାଇଁ ଚେଷ୍ଟା କଲା । ଯେ ଗୁରୁଗିରିକି ବଜାରୀୟ ଘୃଣା କରୁଥିଲା ଏବଂ ମୁହୂର୍ତ୍ତିକେ ଯକ୍ଷସମ୍ପତ୍ତି ଅର୍ଜନର ସୁଖସ୍ୱପ୍ନ ଦେଖୁଥିଲା, ସେ ସାମାନ୍ୟ ଆଠ ଟଙ୍କାର ଚାକିରି ସକାଶେ ଲାଳାୟିତ ହେଲା—ପରିହାସ-ପ୍ରିୟ ଭାଗ୍ୟଦେବତାର ଲୀଳା ସର୍ବତ୍ର ଏହିପରି । ସେ ବୁଦ୍ଧିନାଥର ଆଣ୍ଠୁ ଭାଙ୍ଗିଦେଲା; ମାତ୍ର ବୁଦ୍ଧିନାଥ ହଟିବାର ପାତ୍ର ନୁହେ । ସେ ମନକୁ ଏହିପରି ପ୍ରବୋଧ ଦେଲା—"ଏଥିରେ ଆଉ ଅଧୀନତା କଅଣ ଅଛି, ତିନି ଘଣ୍ଟା ପଢ଼ାଇଦେଇ ଚାଲି ଆସିବି । ତିନି ଘଣ୍ଟାରୁ ଅଧିକ ମିନିଟିଏ ବି କେହି ମୋତେ ଅଟକାଇ ରଖିପାରିବ ନାହିଁ । ମୋ ଇଚ୍ଛାରେ ଯିବି, ମୋ ଇଚ୍ଛାରେ ଆସିବି; ମୋର ସ୍ୱାଧୀନ ଇଚ୍ଛାର ବାଧାବିଘ୍ନ କିଛି ନାହିଁ । ଏହା ତ ଚାକିରିର ପରାଧୀନତା ନୁହେ—ବରଂ ପ୍ରକାରାନ୍ତରରେ ବାବୁଗିରି । ଆଉ ମୁଁ କିଛି ଏହା ଚିରକାଳ ଗ୍ରହଣ କରିବି ନାହିଁ, କେଉଁଠି ଟିକିଏ ସୁବିଧା ପାଇଲାକ୍ଷଣି ଛାଡ଼ିଦେବି । ଭଗବାନ ନିଶ୍ଚୟ ଦିନେ ମୋ ଅଦୃଷ୍ଟର ଗୌରବମୟ ସୁପଥ ଆଖି ଆଗରେ ଆଣି ଦେଖାଇଦେବେ । ତେବେ ସେପର୍ଯ୍ୟନ୍ତ ବୃଥା ସମୟ ସଂହାର ନ କରି ଉପସ୍ଥିତ ସୁବିଧାଟା ହାତରେ ରଖିବା ଉଚିତ । ଭବିଷ୍ୟତ୍ ଆଶାରେ ବର୍ତ୍ତମାନକୁ ଉପେକ୍ଷା କରିବା ବିଜ୍ଞୋଚିତ କାର୍ଯ୍ୟ ନୁହେ ।" ଅକ୍ଷମର ତୂଣୀରରେ ଯେତେ ଅସ୍ତ୍ର ଅଛି, ମୁହଁଟାଣ ସେଥିମଧ୍ୟରେ ଅମୋଘ ବ୍ରହ୍ମାସ୍ତ୍ର । ବୁଦ୍ଧିନାଥ ସେହି ମହାସ୍ତ୍ରରେ ମନକୁ ଆୟତ୍ତ କରି ଗୃହ-ଶିକ୍ଷକ କାର୍ଯ୍ୟ ଗ୍ରହଣ କଲା ।

ବୁଦ୍ଧିନାଥ ଗ୍ରାମର ନିକଟବର୍ତ୍ତୀ ଗ୍ରାମରେ କେତେ ଜଣ ଶିକ୍ଷିତ ଯୁବକ ମିଳି ଗୋଟାଏ ଦଳ ଗଠନ କଲେ । ଦଳର ନାମ ହେଲା—କର୍ମିଦଳ । ସେମାନେ ନିମ୍ନଜାତିର ଉନ୍ନତି ସାଧନରେ ବଦ୍ଧପରିକର ହୋଇ ଅଦମ୍ୟ ଉତ୍ସାହରେ ମାତିଉଠିଲେ । କର୍ମିଦଳ ବିଭିନ୍ନ ଶାଖାରେ ବିଭକ୍ତ ହୋଇ ଗ୍ରାମେ ଗ୍ରାମେ ବୁଲି ନିମ୍ନଜାତୀୟ ବାଳକମାନଙ୍କ ଶିକ୍ଷା ସକାଶେ ପାଠଶାଳା ସ୍ଥାପନ କଲେ—ସେମାନଙ୍କ ସମାଜରେ ଯେଉଁ ଦୋଷ ବା ତ୍ରୁଟି ଅଛି, ତାହା ଦେଖାଇଦେଇ ସେଥିର ସଂଶୋଧନ ସକାଶେ ସେମାନଙ୍କୁ ଉପଦେଶ ଦେଲେ—ଅଖାଦ୍ୟ ବର୍ଜନ, କୁପାନ ତ୍ୟାଗ ସକାଶେ ନାନା ଭାବରେ ସେମାନଙ୍କୁ ପ୍ରବର୍ତ୍ତାଇଲେ—କୁରୀତି, କୁନୀତି ବର୍ଜନପୂର୍ବକ ସତ୍ୟ, ନ୍ୟାୟ, ଧର୍ମର ଆଶ୍ରୟ ନେବା ପାଇଁ ସେମାନଙ୍କୁ ପ୍ରତିଜ୍ଞାବଦ୍ଧ କରାଇଲେ । ମୂଳତଃ ନିମ୍ନ ଜାତିର ସମାଜ-ସଂସ୍କାର ଏବଂ ସର୍ବାଙ୍ଗୀନ ଉନ୍ନତି ସାଧନ କର୍ମିଦଳର ଧୃତବ୍ରତ ହେଲା । ସେହି ଉପଲକ୍ଷ୍ୟରେ ସେମାନେ ଓଜସ୍ୱିନୀ ଭାଷାରେ ବକ୍ତୃତା କରି ବୁଲିଲେ । ଲୋକେ ସେମାନଙ୍କ କାର୍ଯ୍ୟକୁ ପ୍ରଥମତଃ ବିଷଚକ୍ଷୁରେ ଦେଖିଲେ—କେତେ ଟିକଲ କଲେ—କେହି ବା ପ୍ରାଣ ଖୋଲି ମନ ପୂରାଇ ଗାଳିଦେବାକୁ ଲାଗିଲେ । ଅନେକେ କହିଲେ—ଓଃ, ଉଚ୍ଚଜାତିର ଉନ୍ନତି ତ ଆକାଶ ଫୁଟି ବାହାରିଗଲା, ଏବେ ନିମ୍ନଜାତିର ଉନ୍ନତି ହେବ । ଆହା, କି ଦୟାର ପ୍ରାଣ ଏମାନଙ୍କର ! ନିଜର ଉନ୍ନତି ନ ଦେଖି ପରର ଉନ୍ନତିରେ ଜୀବନ ଦାନ କରିଅଛନ୍ତି । କେହି କହିଲା—ଛୁଞ୍ଚା ଭଣ୍ଡଗୁଡ଼ାଏ ଜୁଟି, ନାଚ ଗୀତ କରି ନିଜର ନାଁଟା ଜାହିର କରିନେବେ ବୋଲି ଗୋଟାଏ ଫିକର ବାହାର କରିଛନ୍ତି । ଏ କାଳରେ ଏହିପରି ଯେ କରି ଜାଣିଲା, ସେ ହେଲା ଦେଶର ମୁରବିଆଳ, ଜାତିର ନେତା ଆଉ ସବୁ ବିଷୟରେ କର୍ତ୍ତାକର୍ତ୍ତା । ନାଁଟା ଉଠିଗଲେ ଏମାନଙ୍କର କାମ ଶେଷ ହେଲା । ତେଣିକି କାଣିଆ କପିଳାର ଭେଟ କାହିଁ ? କେହି ବା କହିଲା—ପର ଲାଗି ଏତେ ଦରଜ ନ ଦେଖାଇ ନିଜ ଅରଟ କାନରେ ତେଲ ଦେଲେ କି ଭଲ ହୁଅନ୍ତା ନାହିଁ ? କଥାରେ କହନ୍ତି ପରା—ଚମ୍ପା,

ଆଗେ ଆପଣା ପ୍ରାଣ ବଞ୍ଚା । ସଂସାରରେ ନିଖଟୁ ନିପଟ୍ଟ ଈର୍ଷାଳୁସ୍ୱଭାଙ୍କର ସ୍ୱଭାବ ଏହିପରି—ସେମାନେ ନିଜେ କିଛି କରନ୍ତି ନାହିଁ, ଅଥଚ ଅନ୍ୟର କାର୍ଯ୍ୟକୁ ଶୁଣି ଗୋଟାଏ ଉତ୍କଟ ରସିକତା ଦେଖାଇ ହୁଅନ୍ତି । ସେହିଟା ସେମାନଙ୍କର ଦୁର୍ଭାଗ୍ୟ ବାହାଦୁରି । କର୍ମିଦଳ ଏହିସବୁ ଦୁର୍ଜନଙ୍କ କଥାରେ କର୍ଣ୍ଣପାତ କରନ୍ତି ନାହିଁ । ସେମାନେ ସ୍ଥିରଲକ୍ଷ୍ୟ ହୋଇ ଧୀରପଦରେ ଗନ୍ତବ୍ୟ ପଥରେ ଅଗ୍ରସର ହୁଅନ୍ତି । ସତ୍କାର୍ଯ୍ୟରେ ଅନେକ ବାଧାବିପତ୍ତି ଘଟେ । ତାହାସବୁ ଲଙ୍ଘନ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସିନା କର୍ମବୀରର ପୌରୁଷ ! ବହୁ ବିଘ୍ନ ଅତିକ୍ରମ ନ କଲେ ସାଫଲ୍ୟର ମୁଖ-ଦର୍ଶନ ସମ୍ଭବ ନୁହେଁ । ନଦୀ ଗତି-ପଥରେ ମୂର୍ତ୍ତି ବିଘ୍ନସ୍ୱରୂପ ଅସଂଖ୍ୟ ଶୈଳ-ପ୍ରାଚୀର ଉଲ୍ଲଙ୍ଘନ କରି ତେବେ ଯାଇ ସିନ୍ଧୁ-ସଙ୍ଗମ ଲାଭ କରେ । ଆମ୍ଭେମାନେ ଜାଣୁଁ—କର୍ମିଦଳର ବିରୋଧୀମାନେ ସେମାନଙ୍କ କାର୍ଯ୍ୟରେ ମୁଗ୍ଧ ହୋଇ ପଛକୁ ଦଳଭୁକ୍ତପୂର୍ବକ ଦଳର ଶକ୍ତି ବଢାଇଥିଲେ । ସେମାନେ ପଛକୁ ଭ୍ରମ ସଂଶୋଧନ କରିଥିଲେ । ସେ ନିର୍ବିକାରରେ ଭ୍ରମ ସଂଶୋଧନ କରେ, ତାହା ପରି ପଣ୍ଡିତ କେହି ନାହିଁ ।

କର୍ମିଦଳ ହାତରୁ କିଛି କିଛି ଦେଇ 'ନିମ୍ନଜାତିର ଶିକ୍ଷା ପାଣ୍ଠି' ନାମରେ ଗୋଟାଏ ପାଣ୍ଠି ସ୍ଥାପନ କଲେ । ସାଧାରଣ ଚାନ୍ଦା ଏବଂ ମୁଷ୍ଟିଭିକ୍ଷାଦ୍ୱାରା ପାଣ୍ଠିକୁ ପୁଷ୍ଟ କରିବା ସକାଶେ କେହି କେହି ପ୍ରସ୍ତାବ କଲେ; ମାତ୍ର ଦଳପତି ସେଥିରେ ମଙ୍ଗିଲେ ନାହିଁ । ସେ କହିଲେ—"ଆଜିକାଲି ତ ନାନା ପ୍ରକାର ଚାନ୍ଦା ଖାତା ଅଘରଦ୍ୱାରି ବୁଲୁଛି ; ମାତ୍ର ଫଳ ହେଉଛି ଏତିକି ଯେ—କେତେଗୁଡ଼ାଏ ଦସ୍ତଖତ ମାହାଳିଆ ମିଳୁଛି; କିନ୍ତୁ ମୂଳ ଲକ୍ଷ୍ୟ ଯେ ଅର୍ଥ, ତାହାର ସାକ୍ଷାତ୍ କ୍ୱଚିତ୍ ମିଳେ । ଦିନେ ମୋର ଜଣେ ରହସ୍ୟ-ରସିକ ଧନୀ ବନ୍ଧୁ କହିଥିଲେ—"ମୁଁ ସକାଳୁ ଉଠି ଆଗେ ଚାନ୍ଦା ଖାତାର ମୁହଁ ଚାହେଁ । କେହି ଚାନ୍ଦା ଖାତା ହାତରେ ଯାକି ଆସିଲେ ମୁଁ ତାକୁ ଦୁଷ୍ଟ ଗ୍ରହର ସଞ୍ଚାର ମଣେ । ମୋ ମୁଣ୍ଡକୁ ହାତ ପାଇଲା ବନ୍ଧୁ ଚାନ୍ଦାଖାତାରେ ଦସ୍ତଖତ ନ କରିବା ବଳ ମୋ ସାହସରେ ସହି ନାହିଁ । ଅନେକ ସ୍ୱାକ୍ଷର ଦେଇଛି; ମାତ୍ର ପଇସା ଗୋଟିଏ ଦେଇ ନାହିଁ । ନିଜର ନାଁଟା ତ ଦାନ କରିଦେଲି ! ଏପରି କର୍ଣ୍ଣଦାତା ମୁଁ ! ଏହାଠାରୁ ବଳି ଆଉ ଦାନ କଅଣ ଅଛି ? ବନ୍ଧୁବର ଏହି କଥା କହି ଖୁବ ଗୋଟାଏ ଖାଲିପୁରା ହସ ହସିଥିଲେ । ଏ ତ ଗଲା ଚାନ୍ଦା ମାହାତ୍ମ୍ୟ, ଆଉ ଭିକ୍ଷା ମାହାତ୍ମ୍ୟ ଅବା ଅଧିକ କଅଣ କହିବି ? ନୀତିଶାସ୍ତ୍ର ତ ବଜ୍ରନିର୍ଘୋଷରେ ପ୍ରଚାର କରୁଛି—ଭିକ୍ଷାଂ ନୈବଚ ନୈବଚ । ତାହା ଉପରେ ବା ଆସ୍ଥା ସ୍ଥାପନ କରି କଅଣ ହେବ ? ଯହିଁରେ ଦେଶର ଗୋଟାଏ ଶିକ୍ଷା ହେବ, ଅଥଚ ଲୋକେ ଖୁସି ହୋଇ ପଇସା ଦେବେ, ଏପରି କୌଣସି କୌଶଳରେ ପାଣ୍ଠିର ଆୟ ବଢାଇବା ଉଚିତ । ମୋର ବିଶ୍ୱାସରେ ଗୋଟା କେତେ ମ୍ୟାଜିକ ଲଣ୍ଠନ ଛବି ବାଛି ଦେଖାଇଲେ ଲୋକେ ଆନନ୍ଦରେ ଅଣେ ପଣେ ଦେଇ ଦେଖିବେ । ଆମ୍ଭମାନଙ୍କ ଦେଖାଦେଖି ଯଦି କେହି ନିଷ୍କର୍ମା ଲୋକ ତାହାକୁ ବ୍ୟବସାୟ କରେ, ତେବେ ତାହା ମନ୍ଦ ନୁହେ ।

ଦଳପତିଙ୍କର ଏ କଥା ସମସ୍ତଙ୍କ ମନକୁ ଘେନିଲା । ତହୁଁ ଆପାତତଃ ପରୀକ୍ଷାସ୍ୱରୂପ ଗୋଟାଏ ବୈଦ୍ୟୁତିକ ଲଣ୍ଠନ ଅଣି କାର୍ଯ୍ୟାରମ୍ଭ କରାଗଲା । ଦିନେ ସେହି ଦଳ ବୁଦ୍ଧିନାଥ ଘର ସାମ୍ନାରେ ଆସି ତାମସା ଦେଖାଇଲେ । ଲୋକେ ଦେଖି ଖୁବ୍ କୌତୁକ ଅନୁଭବ କଲେ । ତାମସା ଶେଷରେ ଦଳପତି ମର୍ମସ୍ପର୍ଶୀ ଭାଷାରେ ନିମ୍ନଜାତିର ଦୁରବସ୍ଥାର କଥା ବୁଝାଇଦେଇ ସେମାନଙ୍କ ଶିକ୍ଷା-ବ୍ୟୟ ନିର୍ବାହ ସକାଶେ ଏହି ଉପାୟ ଅବଲମ୍ବିତ ହୋଇଥିବାର ପ୍ରକାଶ କଲେ । ଲୋକେ ତାଙ୍କ ସ୍ୱାର୍ଥଶୂନ୍ୟ ସଦୁଦ୍ଦେଶ୍ୟ ବୁଝିପାରି ଯଥାଶକ୍ତି ଦାନ କଲେ । ସେଦିନ ସେହି କ୍ଷୁଦ୍ର ଗ୍ରାମଖଣ୍ଡିକରୁ ପଚିଶ ଟଙ୍କା ଆଦାୟ ହେଲା । ଘଣ୍ଟାଏ ମାତ୍ର ପରିଶ୍ରମରେ ପଚିଶଟଙ୍କା ଲାଭ ସାମାନ୍ୟ କଥା ନୁହେଁ—ପୁଣି ହାତ-ଭଙ୍ଗା ପରିଶ୍ରମ ନୁହେ । ଖେଳକୌତୁକର ପରିଶ୍ରମ । ଏହା ଦେଖି ବୁଦ୍ଧିନାଥର ରସନାରୁ ତାହାର ଅଜ୍ଞାତରେ ଜାଣୁଁକି କେଜାଣି ତତ୍କ୍ଷଣ ତରଳ ଧାରା ବିଶେଷ ସ୍ରବ ଆସିଲା ।

## ଚତୁର୍ଥ ପରିଚ୍ଛେଦ

ବୁଦ୍ଧିନାଥ ମନରେ ଆଜ ଆନନ୍ଦ ଧରୁ ନାହିଁ । ପ୍ରାବୃଟତଟିନୀ ପରିପୂର୍ଣ୍ଣ ଯୌବନର ଟଳ ଟଳ ଲଳିତ ଲାବଣ୍ୟରେ କୂଳ ଆଲୋକିତ-ପୁଲକିତ କରି ଆନନ୍ଦ ଗୀତ ଗାଇ ଗାଇ ଚାଲିଲା ପରି ତାହାର ଆଶା ଉଦ୍ଦାମ ଗତିରେ ଚାଲିଅଛି । ସେ ଗତି କେଉଁଠି ପ୍ରତିହତ ହେବାକୁ ନାହିଁ । ତାହାର ଭାଗ୍ୟ ତାକୁ ଯେଉଁ ଶୁଭ ସଙ୍କେତ ଦେଖାଉଅଛି, ତାହାରି ମଧ୍ୟରେ ସେ ଜୀବନର ଲକ୍ଷ୍ୟ ଦେଖିପାରିଅଛି । ଆଶା ଯେଉଁଠି, ଆନନ୍ଦ ସେହିଠି । ଆଶା ଆନନ୍ଦମୟୀ । ଯେଉଁଠାରେ ଆନନ୍ଦମୟୀଙ୍କ ଅଧିଷ୍ଠାନ, ସେଠାରେ ନିରାନନ୍ଦ କି ରହିପାରେ ? କି ଉପାୟରେ ଅଜସ୍ର ବିପୁଳ ଅର୍ଥାଗମ ହେବ, ବୁଦ୍ଧିନାଥ ଏବେ ତାହା ଜାଣିପାରିଅଛି । ସେ ନୀରବ ଗର୍ବରେ ଫୁଙ୍କିପଡି ମନେ ମନେ ଭାବିଲା— "ଆଃ, ଏତେ ଦିନେ ଭାଗ୍ୟଲକ୍ଷ୍ମୀ ମୋ ପ୍ରତି ଅନୁକୂଳା ହେଲେ । ଏହି ମ୍ୟାଜିକ୍ ଲଣ୍ଠନ ସାହାଯ୍ୟରେ ତ ବହୁତ ଅର୍ଥାର୍ଜନ କରି ହେବ । ମୋଫସଲରେ ଏହାର ପ୍ରଚାର ଆଦୌ ନାହିଁ । ଯେ ହେତୁ ଏହା ନୂତନ ଆମଦାନୀ । ମୂଲ୍ୟ ବି ବେଶୀ ନୁହେଁ, ଗୋଟାଏ ମ୍ୟାଜିକ୍ ଲଣ୍ଠନ କିଣିଲେ ସ୍ୱଚ୍ଛନ୍ଦେ ହଜାରେ ରୋଜଗାର ହେବ । କାମଟା କିଛି କଷ୍ଟ ନୁହେଁ— ଦିନ କେତେଟାରେ ଶିଖିନେଇ ହେବ । ଏ ସହଜ ବୁଦ୍ଧିଟା ଆଜିଯାଏଁ ମୋ ମୁଣ୍ଡରେ ପଶି ନ ଥିଲା, ତେବେ ମୋର ବୁଦ୍ଧିନାଥ ନାମର ସାର୍ଥକତା କେଉଁଠାରେ ? ସେ ଯାହା ହେଉ, ଆଉ ବିଳମ୍ବ ନ କରି କାର୍ଯ୍ୟାରମ୍ଭ କରିଦେବା ଉଚିତ । ପଛକୁ ତା ସଙ୍ଗରେ ଗୋଟାଏ କୁସ୍ତି ଆଖଡ଼ା ଯୋଡି ଦିଆଯିବ । ସେଥିରେ ମୋର ଯଥେଷ୍ଟ ଉପାର୍ଜନ ହେବ, ଆଉ ଦେଶର ବି ଗୋଟାଏ ଉପକାର ହେବ । କୁସ୍ତି କଲେ ଦେହ ଦୃଢ ହେବ, ବାହୁରେ ଶକ୍ତି ସଞ୍ଚାର ହେବ, ପରମାୟୁ ବଢିବ—ଏହା ତ ସାମାନ୍ୟ ଉପକାର ନୁହେଁ !" ବୁଦ୍ଧିନାଥର ଏ ମତ ତାହାର ବନ୍ଧୁମାନେ ଅନୁମୋଦନ କଲେ । ତହୁଁ ଗୋଟାଏ ଦଳ ଗଠିତ ହେଲା; କିନ୍ତୁ ଦୁଃଖର ବିଷୟ, ଅଳ୍ପଦିନ ପରେ କୃଷ୍ଣପକ୍ଷର ଚନ୍ଦ୍ରକଳା ପରି ଦଳଟି କ୍ରମଶଃ କ୍ଷୟ ହୋଇ ଆସିଲା । ଅଭିଭାବକମାନଙ୍କ କ୍ରୋଧ କଟାକ୍ଷରେ ପଡି ଅଧିକାଂଶ ଦଳ ଛାଡିଗଲେ । ଅଦୃଷ୍ଟ ଯାହାକୁ ଅକାଳ ମୃତ୍ୟୁ କରିଦେଇଅଛି, ଯାହାଙ୍କ ଉପରେ କେହି ମୁରବି ନାହିଁ—ନିଜ ଉପରେ ନିଜେ ମୁରବି, ଅର୍ଥାତ୍ ନିଜେ ଅଣ୍ଟ, ନିଜେ ସୁଅର—ଏହି ଶ୍ରେଣୀୟ ଜଣେ ଦୁଇ ଜଣ ଦଳ ଛାଡି ଗଲେ ନାହିଁ । ବୁଦ୍ଧିନାଥ ଶିକ୍ଷକତା କରି ଅଳ୍ପ କିଛି ସଞ୍ଚୟ କରିଥିଲା । ସେଥିରେ ଗୋଟାଏ ମ୍ୟାଜିକ୍ ଲଣ୍ଠନ କିଣାହୋଇ ଆସିଲା । ବୁଦ୍ଧିନାଥ ଓ ତାହାର ଦୁଇ ଜଣ ବନ୍ଧୁ କିଛି ଦିନ ଶିକ୍ଷା କରି ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ ତାମସା ଦେଖାଇବାକୁ ବାହାରିଲେ । ଦଳର ନାମ ହେଲା— 'ବି. ଏନ୍. ଏଣ୍ଡ କୋ ।'

ବି. ଏନ୍. ଏଣ୍ଡ କମ୍ପାନୀ ଗ୍ରାମେ ଗ୍ରାମେ ବୁଲି ତାମସା ଦେଖାଇଲେ । ପ୍ରଥମତଃ ମୋଫସଲ ଲୋକେ ଦେଖିବାକୁ ଆସିଲେ ନାହିଁ । ପରେ ଅଳ୍ପ ଅଳ୍ପ ଆସିଲେ । ମାତ୍ର ଆଶାନୁରୂପ ଆୟ ହେବା ଦୂରେ ଥାଉ ଯାହା ମିଳିଲା ତାହା ଖର୍ଚ୍ଚକୁ ନିଅଣ୍ଟ ହେଲା । ତହୁଁ ତିନି ବନ୍ଧୁ ବସି କି ଉପାୟରେ ଆୟ ବୃଦ୍ଧି ହେବ, ସେହି ପରାମର୍ଶ କରିବାକୁ ଲାଗିଲେ । ବୁଦ୍ଧିନାଥ କହିଲା— ସ୍ୱଦେଶରେ ଅର୍ଥ ବା ଯଶ ଉପାର୍ଜନ କରିବା ଦୁରାଶା-ମାତ୍ର । କଥାରେ କହନ୍ତି—"ଗାଁ କନିଆ ସିଙ୍ଘାଣି-ନାକୀ ।" କୌଣସି ସହରର କମ୍ପା ରାଜଧାନୀକୁ ନ ଗଲେ ଏ ସବୁ ବୈଜ୍ଞାନିକ ବିଦ୍ୟାର ମାନ ମୂର୍ଖ-ଚୂଡ଼ା ଗାଉଁଲି ଲୋକେ କଅଣ ବୁଝିବେ ? ସେପରି ସ୍ଥାନକୁ ଗଲେ ଟିକିଏ ଆଡ଼ମ୍ବର ଦରକାର । ଖୁବ୍ ଚମତ୍କାରିଆ ବିଜ୍ଞାପନ ଛପାଇବାକୁ ହେବ । ଖଣ୍ଡେ ତମ୍ବୁ ଓ କେତେ ବେଞ୍ଚ, ଚୌକି କିଣିବାକୁ ହେବ । ସ୍ୱତନ୍ତ୍ର ଶ୍ରେଣୀ ବିଭାଗ କରି ଟିକେଟ ବନ୍ଦୋବସ୍ତ କରିବାକୁ ହେବ । ନ ହେଲେ କିଏ ପଚାରିବ ଆମ୍ଭଙ୍କୁ ? ଖାଲି ଏତିକି ନୁହେଁ—ଆହୁରି କେତେ କଅଣ କି ସବୁ

ଚଢ଼ିବାକୁ ହେବ। ସେଥିପାଇଁ ଅର୍ଥ ଦରକାର। ବନ୍ଧୁ ହସ୍ତ ତାକୁ ଆଉ ଅଧିକ କହିବାକୁ ନ ଦେଇ ଉତ୍ସାହର ସହିତ କହି ପକାଇଲେ, "ଓଃ, ଟଙ୍କା ପାଇଁ ଚିନ୍ତା କଣ ? ଆମେ ଦୁହେଁ କମ୍ପନୀ ବନ୍ଧକ ଦେଇ ଦୁଇ ହଜାର ଟଙ୍କା ଆଣି ଦେବୁଁ। ସେଥିରେ ସବୁ ଖର୍ଚ୍ଚ ଚଳିବ। ଅମ୍ଭେମାନେ ଉପାର୍ଜନ କରି ଫେରି ଆସିଲେ କମ୍ପନୀ ମୁକୁଳାଇ ଅବଶିଷ୍ଟ ଧନ ଭାଗ କରି ବାଣ୍ଟିନେବା।" ବୁଦ୍ଧିନାଥ ଏ ପ୍ରସ୍ତାବରେ ସମ୍ମତ ହେବାରୁ ଯଥାଶୀଘ୍ର ତଦନୁଯାୟୀ କାର୍ଯ୍ୟ ହେଲା।

ବି. ଏନ. କମ୍ପାନୀ ଶୁଭଲଗ୍ନରେ ଅନୁକୂଳ କରି ବିଦେଶ ଯାତ୍ରା କଲା। ଆଡ଼ମ୍ବରର କୌଣସି ଅଂଶରେ ତ୍ରୁଟି ରହିଲା ନାହିଁ। ଦୁଇ ଖଣ୍ଡ ଶଗଡ଼ରେ ତମ୍ବୁ, ବେଞ୍ଚ ଓ ଚୌକି ପ୍ରଭୃତି ଲଦାହେଲା, ଆଉ ଖଣ୍ଡିକରେ ତିନି ବନ୍ଧୁ ବସି କୌଣସି ଗଡ଼ଜାତ ରାଜ୍ୟାଭିମୁଖରେ ଗମନ କଲେ। କେତେ ଦିନ ପରେ ଗଡ଼ର ରାଜଧାନୀରେ ଉପସ୍ଥିତ ହେଲେ। ଯଥାସମୟରେ ଶଗଡ଼ରେ ବସି ବାଦ୍ୟ ବଜାଇ ବୁଲି ବୁଲି ବିଜ୍ଞାପନ ପ୍ରଚାର କରାଗଲା। ସେହି ବିଜ୍ଞାପନ ଜୋରରେ ପ୍ରଥମ ରାତିରେ ଅନେକେ ଦେଖିବାକୁ ଆସିଲେ। ଆଠଅଣା, ଚାରିଅଣା, ଦୁଇଅଣା ତିନିଶ୍ରେଣୀର ଟିକଟ ବିକ୍ରି ହେଲା। ମେନେଜର ବୁଦ୍ଧିନାଥ କେତେଟା ହସ୍ତକୌଶଳ ମ୍ୟାଜିକ ଲଣ୍ଠନ ସାହାଯ୍ୟରେ କେତେକ ସାଧାରଣ ଦୃଶ୍ୟ ଦେଖାଇଲା। ବିଜ୍ଞାପନର ବଜ୍ରନିନାଦ ଅନୁରୂପ ସେ ଦୃଶ୍ୟରେ ନୂତନତ୍ୱ କିଛି ଥିଲା ନାହିଁ। ଦର୍ଶକମାନେ ବିରକ୍ତ ଓ ଅସନ୍ତୁଷ୍ଟ ହୋଇଉଠିଲେ। କେହି କେହି ଆଗ କରି ଦୁଇ କଥା ଶୁଣାଇଦେଲେ। ଜଣେ କହିଲା—ଏଭଳି ପଚା ତାମସା ଆମେ ଢେର ଦେଖିଛୁଁ। କେହି କହିଲା—ବିଜ୍ଞାପନର ଠେହବରଟା ଏକା ଖୁବ୍ ବାହାଦୁର ! ଏହିପରି ଅନେକେ ଅନେକ କଥା କହିଲେ; ମାତ୍ର କମ୍ପାନୀ ତାହା ଦେହକୁ ନେଲା ନାହିଁ। ଯେପରି କିଏ କାହାକୁ କଅଣ କହୁଛି—ତାହାର ସେଥିରେ ସମ୍ପର୍କ ନାହିଁ। ସେ ଦିନ ଟିକଟ ବିକ୍ରିରୁ [illegible] ଟଙ୍କା ମିଳିଥିଲା। ସେହି ଚନ୍ଦ୍ରମୁଣ୍ଡିକ ସବୁ କଡ଼ୁଲିକୁ ପାର କରିଦେଲା। କମ୍ପାନୀ ଶୂନ୍ୟହସ୍ତ ହୋଇ ପଡ଼ିଥିଲା, ଏହି ଟଙ୍କା ସ୍ୱଳ୍ପଶକ୍ତି ତାହାର ସମ୍ବଳ ହେଲା। ଉପକରଣ କ୍ରୟ ଓ ଅନ୍ୟାନ୍ୟ ଖର୍ଚ୍ଚରେ ପୂର୍ବ ଦୁଇହଜାର ଶେଷ ହୋଇଯାଇଥିଲା। ଏଣିକି ସଦ୍ୟ ଆୟ ଉପରେ ନିର୍ଭର। ତହିଁ ପରେ ତିନି ଚାରି ଦିନ ଯାଏ ଅଧିକ ଦର୍ଶକ ହେଲେ ନାହିଁ। ଆଲୁଅ ଜାଳି ବାଜା ବଜାଇ ବସି ବସି ରାତି ପାହିଲା। ବୁଦ୍ଧିନାଥକୁ କେତେ ଦିନ ଦୁଃଖରେ ବସି ରହିବାକୁ ହେଲା। ବଜାରରୁ ଢାଲନାଗୁଆ କରି ଏହି କେତେ ଦିନ ଚଳିବାକୁ ପଡ଼ିଲା। ଖର୍ଚ୍ଚ କି ତ କମ ନୁହେଁ, ତିନିଖଣ୍ଡ ଶଗଡ଼ର ଭଡ଼ା, ତେଲ୍ କିଣା, କୁଲିମଜୁରି; ତାହା ଉପରେ ଦଳର ଖାଇବା ଖର୍ଚ୍ଚ ଆଉ ବାଦ୍ୟଖର୍ଚ୍ଚ। ବୁଦ୍ଧିନାଥ ମହାସଙ୍କଟରେ ପଡ଼ିଲା। ଅପରିଚିତ ସ୍ଥାନରେ ଧାର ଉଧାର କରି ଅବା କେତେ ଦିନ ଚଳିହେବ ? ବୁଦ୍ଧିନାଥକୁ ଦିନରେ କ୍ଷୁଧା, ଶୋଷ କି ରାତିରେ ନିଦ ଲାଗିଲା ନାହିଁ। ସେ ଚିନ୍ତାରେ ଝଞ୍ଜିଯାଇ କଣ୍ଟା ପରି ହୋଇଗଲା।

## ପଞ୍ଚମ ପରିଚ୍ଛେଦ

ଦୋକାନୀ-ପସାରିମାନେ ଦିନରେ ତିନି ଥର ଲେଖାଏଁ ଆସି ବୁଦ୍ଧିନାଥକୁ ବିରକ୍ତ କରିବାକୁ ଲାଗିଲେ। ସେମାନଙ୍କ ଜ୍ୱାଳାରେ ସେ ବିବ୍ରତ ହୋଇ ଉଠିଲା। କେତେ ଜଣେ ଆସି ଖର୍ କଡ଼ର କଲା କଥା କହି ହାତାହାତିର ଉପକ୍ରମ କରି ବସିଲେ। କେତେ ଜଣ ମଧ୍ୟସ୍ଥଙ୍କ ସହାୟରେ ସେ ଦିନ ବୁଦ୍ଧିନାଥ ରକ୍ଷା ପାଇଲା। ଘୋର ଅପମାନରେ ତାହାର ପ୍ରତି ଶିରାର ରକ୍ତ ଜଳିଉଠିଲା। ମନଦୁଃଖରେ ସେ କିଛି ଖାଇଲା ନାହିଁ—ରାତିରେ ଉପାସରେ ଶୋଇ ରହିଲା; ମାତ୍ର ନିଦ୍ରା ହେଲା ନାହିଁ। ଦୁଶ୍ଚିନ୍ତା ନାଗୁଣୀ ଫଣା ଟେକି ଯାହା ହୃଦୟରେ ଫଁ ଫଁ ହେଉଛି, ତାହାର ପୁଣି ନିଦ୍ରା-ସୁଖ କାହିଁ ? ବୁଦ୍ଧିନାଥ ବିଛଣାରେ ପଡ଼ି ଛଟ ପଟ ହେବାକୁ ଲାଗିଲା। ରାତିଯାକ ଏଣୁ ତେଣୁ କେତେ କଅଣ ଭାବିବାକୁ ଲାଗିଲା। ଭାବନାର ବିଶ୍ରାମ ନାହିଁ। ଚିନ୍ତାର ରଜନୀ ବାସ୍ତବରେ ଦୀର୍ଘ। ରାତି ଘଡ଼ିଏ ଅଛି, ବୁଦ୍ଧିନାଥ ଧଡ଼ଡ଼କିନା ଉଠି ପଡ଼ି ବିଛଣାରେ ବସିଲା। ତାହା ମୁଖ ଓ ଚକ୍ଷୁର ଭାବଭଙ୍ଗୀରୁ ବୋଧହେଲା— ସେ ଅତୁଳ ଚିନ୍ତା-

ସାଗରରେ କୂଳ ପାଇଅଛି । ବିଛଣା ପାଖରେ ଗୋଟାଏ ଟେବୁଲ ଉପରେ ଖଣ୍ଡେ ବ୍ୟାଗ ଥୁଆହୋଇଥିଲା । ସେଥିରୁ କାଗଜ ପେନ୍‌ସିଲ ବାହାର କରି ଗୋଟିଏ ବିଜ୍ଞାପନ ଲେଖିଲା; ଲେଖୁ ଲେଖୁ ତୁଳମାଣ୍ଡ ଅସିଲା । ଦୁଇ ଘଣ୍ଟା ହାଇମାରି ଅର୍ଦ୍ଧତନ୍ଦ୍ରା, ଅର୍ଦ୍ଧଜାଗରଣରେ ଲେଖା ଶେଷ କରି କାଗଜ ପେନ୍‌ସିଲ ରଖିଦେଇ ସେ ଶୋଇପଡ଼ିଲା ।

ବୁଦ୍ଧିନାଥ ସକାଳୁ ଉଠି ବିଜ୍ଞାପନଟି ଭଲରେ ପରିଷ୍କାର ଭାବରେ ଲେଖି ଜଣେ ବନ୍ଧୁକୁ ଡାକି କହିଲା, "ଏହି ବିଜ୍ଞାପନ ହଜାରେ ଖଣ୍ଡ ଛପାଇଆଣ ।" ବନ୍ଧୁଟି କହିଲେ, "ଖାଲି ହାତରେ କିଏ ଛପାଇଦେବ ?" ତହୁଁ ବୁଦ୍ଧିନାଥ ବିରକ୍ତି ପ୍ରକାଶ କରି କହିଲା— "ପ୍ରେସକୁ ଯାଇ ଚେଷ୍ଟା କର, ତୁମ ପାଖରେ ଟଙ୍କାଟିଏ ଅଛି, ତାହା ଆଗତୁରା ଦେଇ କହିବ—କାଲି ସବୁ ପରିଶୋଧ କରି ଦିଆଯିବ ।" ବୁଦ୍ଧିନାଥର କଡ଼ା ମିଜାଜ ଦେଖି ବନ୍ଧୁଟିର ଆଉ କିଛି କହିବାକୁ ସାହସ ହେଲା ନାହିଁ । ବିଜ୍ଞାପନଖଣ୍ଡ ଧରି ମନେ ମନେ ପଢ଼ିବାକୁ ଲାଗିଲା । ସେଥିରେ ଲେଖାଥିଲା—

ସୁପ୍ରସିଦ୍ଧ ବି. ଏନ୍. ଏଣ୍ଡ୍ କୋ.ର ଅଦ୍ଭୁତ ଚମତ୍କାର କ୍ରୀଡ଼ା-ପ୍ରଦର୍ଶନ ।

ଆଶ୍ଚର୍ଯ୍ୟ ! ଅତି ଆଶ୍ଚର୍ଯ୍ୟ !!

ଅତି ଅତି ଆଶ୍ଚର୍ଯ୍ୟ !!!

ଯାହା କେହି କେବେ ଦେଖି ନାହିଁ—ଶୁଣି ନାହିଁ—ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନାହିଁ, ସେହି ଅସମ୍ଭବ ବ୍ୟାପାର ବିଜ୍ଞାନ ସାହାଯ୍ୟରେ ଏବେ ସମ୍ଭବ ହୋଇଅଛି । କମ୍ପାନୀର ମେନେଜର ଗୋଟାଏ ହାତରେ ଗୋଟାଏ ହାତୀକୁ ଟେକି ଅସାଧାରଣ କ୍ରୀଡ଼ା ପ୍ରଦର୍ଶନ କରିବେ । ଦର୍ଶକମାନେ ସେ ଅପୂର୍ବ କ୍ରୀଡ଼ା ଦେଖି ମୁଗ୍‌ଧ, ଚକିତ ଓ ସ୍ତମ୍ଭିତ ହୋଇ ଆତ୍ମବିସ୍ମୃତ ହୋଇ ରହିବେ । ଏ କ୍ରୀଡ଼ା ଏସିଆରେ ନାହିଁ, ଇଉରୋପରେ ନାହିଁ—ଭୂମଣ୍ଡଳରେ ନାହିଁ । ଥରେ ଦେଖି ନୟନ, ମନ, ଜୀବନ, ଜନ୍ମ ଚରିତାର୍ଥ କର ! ଏ ସୁବର୍ଣ୍ଣ ସୁଯୋଗ ଆଉ ମିଳିବ ନାହିଁ—ଆଜି ଶେଷ ରଜନୀ, ସତ୍ୱର ହୁଅ—ସତ୍ୱର ହୁଅ, ଅନ୍ୟଥା ଜୀବନଟା ଯାକ ଅନୁତାପରେ ଦଗ୍‌ଧ ହେବାକୁ ହେବ—ବାସନା ଅସମ୍ପୂର୍ଣ୍ଣ ରହିଯିବ ।

ବିଜ୍ଞାପନ ପଢ଼ି ବନ୍ଧୁଟିର ଚକ୍ଷୁ ସ୍ଥିର ହୋଇଗଲା । ସେ ବିସ୍ମୟ-ବିସ୍ଫାରିତ ନେତ୍ରରେ ବୁଦ୍ଧିନାଥର ମୁହଁକୁ ଅନାଇ ବହୁ କିଛିକ୍ଷଣ ପରେ ଲଘୁ ସ୍ୱରରେ କହିଲା— "ତୁମେ ପୁଣି ଏ କି କାଣ୍ଡ କରି ବସିଲ ? ଶେଷରେ ହଟହଟା ହେବ ନାହିଁ ତ ?" ବୁଦ୍ଧିନାଥ ମୁହଁ ବିକଟାଳ କରି ଅତି ବିରକ୍ତ ହୋଇ କହିଲା—"ଆଃ, ତୁମର ସେ ଚିନ୍ତା କାହିଁକି, ମୁଁ ଯାହା କହିଲି, ତାହା କର । ଆଜି-କାଲି ବିଜ୍ଞାପନର ଯୁଗ । ବିଜ୍ଞାପନ ଯେତେ ଚିତ୍ତାକର୍ଷକ ହେବ, ବ୍ୟବସାୟର ସେତେ ଉନ୍ନତି ହେବ । ଯେ ଯେତେ ଚଟକଦାର ବିଜ୍ଞାପନ ବାହାର କରିବ, ସେ ସେତେ ବାହାଦୁର । ବାହ୍ୟ ଚକଟରେ ସମସ୍ତେ ଭୁଲି-ଯାଆନ୍ତି । ଏ ଯୁଗରେ କିଛିଏ ମୋହ-ମଦିରା ନ ହେଲେ ଚଳେ ନାହିଁ । ତୁମେ ଆଜି ମୋ କଥାରେ ଆଶ୍ଚର୍ଯ୍ୟ ହେଉଛ; ମାତ୍ର କାଲି ସେଥିର ପ୍ରତ୍ୟକ୍ଷ ଫଳ ଦେଖିବ । ବନ୍ଧୁଟି ଆଉ ଦ୍ୱିରୁକ୍ତି ନ କରି ବିଜ୍ଞାପନ ଛପାଇବାକୁ ଚାଲିଗଲା ।

ଯଥାସମୟରେ ବିଜ୍ଞାପନ ଛପା ହୋଇ ଆସିଲା । ସେ ଦିନ ଗଳି ଗଳି ବୁଲି ଖୁବ୍ ଅଧିକ ବିଜ୍ଞାପନ ପ୍ରଚାର କରାଗଲା । ଲୋକେ ତାହା ପଢ଼ି ଆଶ୍ଚର୍ଯ୍ୟ ହେଲେ । ଅନେକେ ଦେଖିବା ସକାଶେ ବ୍ୟଗ୍ର ଆକାଙ୍‌କ୍ଷା ବହନ କରି କାଳାତିପାତ କରିବାକୁ ଲାଗିଲେ । ସେ ସନ୍ଧ୍ୟାରେ ଖୁବ୍ ଅଧିକ ଦର୍ଶକ ହେଲେ । ସୁଯୋଗ ଦେଖି ବୁଦ୍ଧି-ନାଥ ଟିକଟର ମୂଲ୍ୟ ବୃଦ୍ଧି କରିଦେଲା । ତଥାପି କ୍ରୀଡ଼ା-ସ୍ଥାନ ଦର୍ଶକରେ ପୂର୍ଣ୍ଣ ହୋଇଗଲା । ଟଙ୍କାଏ, ଆଠଅଣା, ଚାରିଅଣା ଦରରେ ତିନି ଶ୍ରେଣୀର ଟିକଟ ବିକ୍ରୟ କରି ଦେଖାଗଲା, ମୋଟରେ ଦୁଇ ଶହ ଅଶୀ ଟଙ୍କା ଅଦାୟ ହୋଇଅଛି । ବୁଦ୍ଧିନାଥର ଉତ୍ସାହ ବହୁ ଗୁଣ ବଢ଼ି ଉଠିଲା । ସେ ମଞ୍ଚ ଉପରକୁ ଉଠିଯାଇ ଲମ୍ଫଝମ୍ପ ପ୍ରକାଶପୂର୍ବକ କେତେଟା ଖେଳ ଦେଖାଇବାକୁ ଲାଗିଲା । କାଳ ହରଣ ଅଭିପ୍ରାୟରେ ନାନାପ୍ରକାର ବ୍ୟର୍ଥ ଆଡ଼-ମ୍ବରର ଆଶ୍ରୟ ଗ୍ରହଣ କଲା । ଏଣେ ଦର୍ଶକବୃନ୍ଦ ଅଧୀର ହୋଇ ଉଠି 'ହାତୀ କାହିଁ, ହାତୀ କାହିଁ' ବୋଲି

ଉଚ୍ଚକଣ୍ଠରେ ଚିତ୍କାର କରିବାକୁ ଲାଗିଲେ । "ସେ ଦୁଷ୍ଟର ବେଳ ହୋଇ ନାହିଁ" ବୋଲି କହି ବୁଦ୍ଧିନାଥ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କଲା; ମାତ୍ର ପାରିଲା ନାହିଁ । ତାହା କଥା କେହି ଶୁଣିଲେ ନାହିଁ । ଗୋଳମାଳ ଅଧିକ ବଢିବାକୁ ଲାଗିଲା । ବୁଦ୍ଧିନାଥ ଉପାୟାନ୍ତର ନ ଦେଖି ହନୁମାନ ବଂଶଧର ପରି କେତେ ଥର ଡିଆଁ କୁଦା ମାରି ହାତ ହଲାଇ ନାନାପ୍ରକାର ଅଙ୍ଗଭଙ୍ଗୀ ପ୍ରକାଶ କରି ତାହାର ସ୍ୱାଭାବିକ ଗର୍ଦ୍ଦଭ କଣ୍ଠରେ କହିଲା, "ଆ-ରେ ହାତୀ ଆ, କଆକନା ଖଣ୍ଡେ ଖା !" ବାରମ୍ବାର ଏହି କଥା ଆବୃତ୍ତି କରି କିଛିକ୍ଷଣ ନାଚି ବୁଲିଲା । ତହିଁ ପରେ କୁରିଆ ପକେଟରୁ ଗୋଟାଏ ଚିନା-ମାଟିର ହାତୀ ବାହାର କରି ଆଣି ତାକୁ ହାତ ତଳରେ ରଖି ହସି ହସି କହିଲା—"ଏହି ଦେଖ, ଗୋଟାଏ ହାତରେ ହାତୀ ଠେକିଲି ।" ତାହାର ଏ ଭଣ୍ଡାମି ଦେଖି ଦର୍ଶକମାନଙ୍କ ମଧ୍ୟରୁ କେତେକେ ହସିଉଠିଲେ, କେତେକେ ଦୁଃଖିତ ହେଲେ; କେତେକେ କଣ୍ଟିଆ ମାଛ ପରି ସ୍ୱରରେ କିଁ କିଁ ହେବାକୁ ଲାଗିଲେ । କୁଆଚୋର, ଠକ, ପାଜି, ବଦମାସ ପ୍ରଭୃତି ଗୌରବ ଉପାଧି ଗୁଳିଅଗ୍ନି ବୁଦ୍ଧିନାଥ ଉପରେ ବୃଷ୍ଟି ହେବାକୁ ଲାଗିଲା । କେହି କହିଲା—ଧର । କେହି କହିଲା—ମାର । କେହି କହିଲା—ବାନ୍ଧ । ଏହିପରି କହି ଲୋକେ ହୁରି ଛାଡିଲେ । କେହି କମର ଭିଡ, କେହି ମୁଷ୍ଟି ଉଞ୍ଚାଇ ମଞ୍ଚ ଆଡ଼କୁ ଧାଇଁଲେ । ବୁଦ୍ଧିନାଥ ଓ ତାହାର ସଙ୍ଗୀଦ୍ୱୟ ପ୍ରମାଦ ଗଣିଲେ । ଭୟରେ ସେମାନଙ୍କର ପାଟି ଅଫା ଅଫା ମାରିଗଲା; ମାତ୍ର ଠେଙ୍ଗା ମାଡ଼ୁ ଛାଡ଼ି ପଳାଇଯିବାକୁ ସେମାନଙ୍କର ମନ ବଳିଲା ନାହିଁ । ତିନିହେଁ ଠେଙ୍ଗା ଉପରେ ଝୁଙ୍କି ପଡ଼ିରହିଲେ । ସେ ଦିନ ରାଜା ବାଘ ବେଣ୍ଟକୁ ବିଜେ ହୋଇଥିଲେ । ମୋଟରକାରରେ ଫେରିବା ବେଳେ ବାଟରେ ଗୋଳମାଳ ଶୁଣି ଘଟଣା ସ୍ଥଳରେ ଯାଇ ଉପସ୍ଥିତ ହେଲେ । ଉତ୍ତରଳ ଜନତା ହଠାତ୍ ରାଜାଙ୍କୁ ଦେଖି ଶାନ୍ତ ହୋଇଗଲା ଏବଂ ମୁମୂର୍ଷୁ ବନ୍ଧୁତ୍ରୟଙ୍କ ପିଣ୍ଡରେ ପ୍ରାଣ ପଶିଲା । ରାଜା ଘଟଣାର କାରଣ ପଚାରନ୍ତେ ବୁଦ୍ଧିନାଥ କାନ୍ଦି କାନ୍ଦି ଆସି ତାଙ୍କ ଗୋଡ଼ତଳେ ପଡ଼ିଗଲା । ପରେ ଉଠି ଝାଡ଼ି-ଝୁଡ଼ି ହୋଇ ହାତ ଯୋଡ଼ି କହିଲା, "ମହିମା, ଛାମୁ ଆସି ପହଞ୍ଚି ନ ଥିଲେ ଏ ଲୋକଗୁଡାକ ଆମ ତିନି ଜଣଙ୍କୁ ହତ୍ୟା କରିଥାଆନ୍ତେ । ଆମର ପୂର୍ବ ସୁକୃତ ଥିଲା, ତେଣୁ ବଞ୍ଚିଗଲୁଁ ।" ଏହି ସମୟରେ ଜନତା ମଧ୍ୟରୁ ଜଣେ କହିଲା, "ଏଟା ପକା ଠକ ମହାରାଜ ! ଗୋଟାଏ ହାତରେ ଗୋଟାଏ ହାତୀ ଠେକିବ ବୋଲି ବିଜ୍ଞାପନ ଦେଇ ଅଙ୍ଗୁଳିଏ ଲମ୍ବରେ ଗୋଟାଏ ଚିନା ମାଟିହାତୀ ଦେଖାଇ ଆମ୍ଭମାନଙ୍କୁ ପ୍ରତାରଣା କରିଛି ।" ବୁଦ୍ଧିନାଥ କାନ୍ଦିବା ଛଳରେ ଦୁଇ ହାତରେ ଆଖି ମଳିହୋଇ ଛଦ୍ମ କରୁଣ ସ୍ୱରରେ କହିଲା—"ମହିମା, ମୋର ବିଜ୍ଞାପନ ଦେଖିବା ହେଉନ୍ତୁ । ମୁଁ ଗୋଟାଏ ହାତୀ ଠେକିବ ବୋଲି କହିଛି । ପ୍ରକୃତ ହାତୀ କି ଜୀବନ୍ତ ହାତୀ ବୋଲି କହି ନାହିଁ । ଏଥିରେ ମୋର ଦୋଷ କଅଣ ? ଆଉ ମୁଁ ଠକାଇଲି ବା କଅଣ ? ଗୋଟାଏ ହାତରେ କଅଣ ଗୋଟାଏ ହାତୀ ଠେକି ହୁଏ ? ଏ ଅସମ୍ଭବ କଥା । ଏମାନେ ବିଶ୍ୱାସ କଲେ କିପରି ? ଏମାନେ କଅଣ ଜନ୍ମରେ କେବେ ହାତୀ ଦେଖି ନାହାନ୍ତି ? ହାତୀ କଅଣ କନ୍ଦାସିମ୍ବୁଡି ପରି ଯେ ଠେକି ହେବ ?" ରାଜା ଏ କଥା ଶୁଣି ନ ହସି ରହି ପାରିଲେ ନାହିଁ । ବୁଦ୍ଧିନାଥକୁ କହିଲେ—"ତୁ ଜଣେ ଖାଣ୍ଟି ଶଠ ଚତୁର ଲୋକ । ତୋର ରୂପ କୁତ୍ସିତ ହୋଇ ନ ଥିଲେ ତୋ ପରି ବୁଦ୍ଧିମନ୍ତ ମୁଣ୍ଡରେ ମୁଁ ମନ୍ତ୍ରୀ ଶାଢ଼ୀ ବାନ୍ଧିଥାନ୍ତି । ବଜାରରେ ଯେଉଁ ସବୁ ଧାର ଉଧାର କରିଛୁ, ତାହା ଏହିକ୍ଷଣି ଯାଇ ପରିଶୋଧ କରିଦେ । ତୁ ଆଜି ଏଠାରୁ ଚାଲିଯା । ମୋର ଦୁଇ ଜଣ ପାଇକ ତୋତେ ନେଇ ନାଗପଦାରେ ମୋଗଲବନ୍ଦି ସୀମାରେ ଛାଡ଼ି ଆସିବେ ।"

# ରସଭଙ୍ଗ

—୧—

ସଦେଇ ଦାସ ଖୁବ୍ ଜଣେ ଉଚ୍ଚମନା ଲୋକ । ସେ ଏକା ସମୟରେ କିପରି ବଡ଼ଲୋକ ହେବ, ଏ ମହୋଚ୍ଚ ଆକାଙ୍କ୍ଷା ସବୁବେଳେ ତାହା ମନରେ ଜାଗ୍ରତ ଥାଏ । ସଦେଇ ଜୀବନରେ କେତେ ଚାକିରି କରିଅଛି, ସେଥିର କଳନା ନାହିଁ; ମାତ୍ର ତାହାର ମନୋମତ କାମଧେନୁ ଚାକିରି ତାଙ୍କ ଭାଗ୍ୟରେ ଘଟି ନାହିଁ । ଅବଧାନ, ମୁହୁରିଆ, ମୋହରିର, ଜେଲ ୱାର୍ଡର, ଡାକପିଅନ, ରେଲୱେ ସିଗ୍ନେଲର, କେନାଲ ବଙ୍ଗଳାର ଚପରାସି, ବାବୁଙ୍କ ମିସ୍ତ୍ରି ପିଅଦା, ଜମିଦାର ଗୁମାସ୍ତା, କଲେକ୍ଟରୀ ପିଅନ ପ୍ରଭୃତି ଅନେକ ଚାକିରି ସେ କରିଛି । ସ୍କୁଲରେ ସେ ଚାକିରି ନ କରିଥିବା କଥା ପ୍ରାୟ ନାହିଁ; ମାତ୍ର କୌଣସି ଚାକିରିରେ ହାଣ୍ଡିରେ ଜଳା ପଡ଼ି ନାହିଁ । କେଉଁଠି ନିଜ ମନରୁ ଚାକିରି ଛାଡ଼ି ଚାଲିଆସେ, କେଉଁଠି ବା କର୍ତ୍ତବ୍ୟର ଅବହେଳା ହେତୁ ବରଖାସ୍ତ ହୁଏ । ତାହା ଘରେ ବାହେଲ ଓ ବରଖାସ୍ତି ପରୁଆନା ପଚିଶ ଖଣ୍ଡରୁ ଊଣା ବାହାରିବ ନାହିଁ । ସେଗୁଡ଼ିକୁ ସେ ଯତ୍ନପୂର୍ବକ ସାଇତି ରଖିଛି । ବିଶେଷତଃ ସେଥିମଧ୍ୟରୁ ଖଣ୍ଡିଏ ଲେଖାକୁ ଫାଟକନାରେ ବନ୍ଧାଇ ଖୁବ୍ ସ୍ନେହ ସମ୍ମାନରେ ରଖିଅଛି । ତାହା ଆଉ କିଛି ନୁହେଁ— ଜିଲ୍ଲାବୋର୍ଡ଼ର ଖଣ୍ଡିଏ ଚିଠି । ସେ ନିଃ ପ୍ରାଃ ପାଠଶାଳାର ଶିକ୍ଷକ ଥାଇ ବୋର୍ଡ଼କୁ ଖଣ୍ଡେ ଆବେଦନପତ୍ର ପଠାଇଥିଲା । ସେଥିରେ ଲେଖିଥିଲା—ନିମ୍ନପ୍ରାଇମେରୀ ସ୍କୁଲର ଶିକ୍ଷକତା କାର୍ଯ୍ୟ ମୋର ଯୋଗ୍ୟତା ଓ ସମ୍ମାନର ଉପଯୁକ୍ତ ନୁହେଁ; ଅତଏବ ମୋତେ ଅପର ପ୍ରାଇମେରୀ ସ୍କୁଲର ହେଡ଼ପଣ୍ଡିତ କାର୍ଯ୍ୟ ଦିଆଯାଉ ।" ବୋର୍ଡ଼ରୁ ଉକ୍ତ ଆବେଦନପତ୍ରର ଉତ୍ତର ଆସିଲା, "ତୁମ୍ଭେ ନିମ୍ନ ପ୍ରାଇମେରୀ ଶିକ୍ଷକର ଉପଯୁକ୍ତ ନୁହଁ ।" ସେହି ଚିଠିଖଣ୍ଡକୁ ସେ ଉଚ୍ଚ ସାର୍ଟିଫିକେଟ ଜ୍ଞାନରେ ଗୌରବ-ଗଣ୍ଠିଧନ କରି ରଖିଅଛି । ବୋର୍ଡ଼ର ସେହି ଚିଠିଖଣ୍ଡି ପଢ଼ି ତାହାର ସମଶ୍ରେଣୀସ୍ଥ ଶିକ୍ଷକମାନେ ହସିବାରୁ ସେ ବଡ଼ ବିରକ୍ତ ହୋଇ କହୁଥିଲା—ତୁମ୍ଭ ନାରେ ତ ଖଣ୍ଡ କଣା ହୋଇ ନାହିଁ, କପଟ ମୂର୍ଖମାନଙ୍କ କଥାର ଅର୍ଥ ତୁମେ କଅଣ ବୁଝିବ ? ସାତଜନ୍ମ ଗଲେ ବି ତୁମ ଭାଗ୍ୟରେ ଏଭଳି ଖଣ୍ଡେ ଉଚ୍ଚ ପ୍ରଶଂସାପତ୍ର ମିଳିବ ନାହିଁ । ବୋର୍ଡ଼ ଚିଠିର ଗଭୀର ଭାବ ତଥା ଅତି ଗମ୍ଭୀର ଅର୍ଥ ବୁଝିବାକୁ ତୁମର ବିଦ୍ୟା ବୁଦ୍ଧି କାହିଁ ? ବୋର୍ଡ଼ ମୋତେ ପ୍ରଶଂସା କରି ଲେଖିଛି । ସେ କହୁଛି, "ତୁମ୍ଭେ ନିମ୍ନ ପ୍ରାଇମେରୀ ଶିକ୍ଷକର ଉପଯୁକ୍ତ ନୁହ । ତାହା ତ ଠିକ କଥା, ମୁଁ ବି ତ ସେହି କଥା କହୁଛି । ମୁଁ ନିମ୍ନପ୍ରାଇମେରୀର ଉପଯୁକ୍ତ ହେଲି କିମିତି ? ମୋଠାରୁ ଯେ ଊଣା ପାଠୁଆ, ସେ ସିନା ନିମ୍ନପ୍ରାଇମେରୀର ଉପଯୁକ୍ତ ? ସେହି କଥା ବୋର୍ଡ଼ କହୁଛି, ତୁମ୍ଭେ ନିମ୍ନ-ପ୍ରାଇମେରୀର ଉପଯୁକ୍ତ ନୁହଁ—ଅର୍ଥାତ୍ ତାହା ଉପରକୁ ଅପର ପ୍ରାଇମେରୀର ଉପଯୁକ୍ତ । ଦେଖିବ, ଅଳ୍ପ ଦିନ ମଧ୍ୟରେ ମୋ ପାଖକୁ କୌଣସି ଗୋଟାଏ ଅପରପ୍ରାଇମେରୀ ସ୍କୁଲ୍ ଶିକ୍ଷକ କାର୍ଯ୍ୟର ପରୁଆନା ଆସିବ—ତେତେବେଳେ ସମସ୍ତେ ହିଂସାରେ ଛଟପଟ ହୋଇ ଜଳିପୋଡ଼ି ମରିବ"; ମାତ୍ର ଅର୍ଦ୍ଧ ବର୍ଷକାଳ ଯାଏଁ ବୋର୍ଡ଼ରୁ ଅପରପ୍ରାଇମେରୀ ପରୁଆନା ଆସିଲା ନାହିଁ । ଅଧିକନ୍ତୁ କାର୍ଯ୍ୟରେ ଅପାରଗ ହେତୁ ସଦେଇ ନିମ୍ନପ୍ରାଇମେରୀ ଶିକ୍ଷକ କାର୍ଯ୍ୟରୁ ବରଖାସ୍ତ ହୋଇଥିଲା ।

ସଦେଇ ଢେଙ୍ଗା ନୁହେଁ କି ବାଙ୍ଗରା ନୁହେଁ, ବୟସ ଅଧିଆଡ଼ । ଦେହଟି ଉଅଁସ ଅନ୍ଧାରରେ ତିଆରି ହୋଇଛି । ନାକ ତଳେ ନିଶ ହଳେ ଅଛି—ମସୃଣ ପଥର ଉପରେ ଦୁବଘାସ କଅଁଳିଲା ପରି ସେ ନିଶ ସଦେଇ ମୁହଁକୁ ଆହୁରି ସୁନ୍ଦର ମାନେ ବୋଲି କହିଲେ ମିଥ୍ୟା ଦୂଷଣ ଦୋଷରେ ଲିପ୍ତ ହେବାକୁ ପଡ଼ିବ । ସେ

ଯାହା ହେଉ, ପୁରୁଷର ରୂପ କଅଣ ହେବ ? ପୁରୁଷ ରୂପରେ ବିକାଏ ନାହିଁ — ପୌରୁଷ ତାହାର ସୌନ୍ଦର୍ଯ୍ୟ । ସଦାନନ୍ଦ ସାର୍ଥକନାମା ପୁରୁଷ । ବାସ୍ତବରେ ଅତି ଦୁଃଖରେ ସୁଦ୍ଧା ତାକୁ କେହି କେବେ ନିରାନନ୍ଦ ଦେଖି ନାହାନ୍ତି । ସେ ଯେଉଁପରି ଚଗଲା ସେହିପରି ଖଣ୍ଡି-ଗୁହା ଏବଂ ତତୋଽଧିକ ନକଲିଆ । ହସିବା ତାହାର ଗୋଟାଏ ମାମୁଲି ସ୍ୱଭାବ । ଅଟ୍ଟା ଠାପରି ବି ଖୁବ୍ କରି ଜାଣେ । ତାହାରି ସଙ୍ଗରେ ତାର ଅପତ ବା ଅପ୍ରୀତି ନାହିଁ । ସେ ନ ହସିବା ଲୋକଙ୍କୁ ହସାଇପାରେ । ଗେଲ କୌତୁକରେ ସେ ଲୋକଙ୍କୁ କିଣିନିଏ । ସବୁ-ବେଳେ ତାହା ମନରେ ସନ୍ତୋଷ ଦୃଢ଼ାସନରେ ବସି-ଥାଏ । ସେ ଖାଇବାକୁ ନ ପାଇ ଉପବାସ ରହିଲେ ସୁଦ୍ଧା ଚିତ୍ତର ପ୍ରଫୁଲ୍ଲତା ହରାଏ ନାହିଁ । ଅଭାବକୁ ତାର ଭୟ ନାହିଁ । ଯାହାର ମନ, ଆତ୍ମା ସନ୍ତୋଷରେ ଗଢ଼ା, ଅଭାବ ତାହାର କଅଣ କରି ପାରିବ ? ସଦେଇ କାହାକୁ କେବେ ହାତ ପତାଇ ମାଗେ ନାହିଁ । ମାତ୍ର କେହି କିଛି ଯାଚକରି ଦେଲେ ଛାଡ଼େ ନାହିଁ । ଦାରିଦ୍ର୍ୟ ସ୍ୱଭାବ ନଷ୍ଟ କରେ ବୋଲି ପ୍ରବାଦ ଅଛି; କିନ୍ତୁ ସଦେଇ ପାଖରେ ଦାରିଦ୍ର୍ୟ ପରାଜୟ ସ୍ୱୀକାର କରି-ଥିଲା । ସଦେଇ ଅତି ଦୁଃଖରେ ସୁଦ୍ଧା ଆତ୍ମସମ୍ମାନରେ ଅଘାତ ଦେବାକୁ ସାହସ କରେ ନାହିଁ, ତାହାର ନିଜତ୍ୱକୁ ସେ ସବୁବେଳେ ଅକ୍ଷତ ରଖିଥାଏ ।

ଅନୁସରଣ ବିଦ୍ୟାରେ ସଦେଇ ପରି ଧୁରନ୍ଧର ସଂସାରରେ ଅଧିକ ନାହାନ୍ତି । ସେ ସକାଳୁ ଉଠି ଆଗେ ସେହି କାର୍ଯ୍ୟ କରେ—ପଛେ ପେଟ ଚିନ୍ତାରେ ଲାଗେ । କେଉଁ ବଙ୍ଗଳାରେ କେଉଁ ହାକିମ କେବେ ଆସି କେଉଁ-ଠାରେ ଅଛନ୍ତି, ସେ ଖୋଜି ଖୋଜି ସବୁ ବୁଝେ । ଚାକିରୀ ପାଇଁ ସେ କେତେ ଲୋକର କେତେ ଅନୁ-ସରଣ କରିଅଛି ସେଥିର ସୀମା ନାହିଁ । ଥରେ କେନାଲ ବଙ୍ଗଳାର ଜଣେ ବଡ଼ ସାହେବ ଗସ୍ତରେ ତାଙ୍କ ବଙ୍ଗଳାରେ ଥିଲେ । ସଦେଇ ତାଙ୍କ ଖାନସମା ସଙ୍ଗରେ ଯାଇ ଖାତିର ଲଗାଇଲା । ପରେ ବହୁ କଷ୍ଟରେ ଖଣ୍ଡେ ବାଇବେଲ ପୁସ୍ତକ ସଂଗ୍ରହ କରି ସେହି ଖାନସମା ସାହାଯ୍ୟରେ ସାହେବଙ୍କୁ ଯାଇ ଦେଖାକଲା ଏବଂ ବାଇବେଲଖଣ୍ଡି ତାଙ୍କ ହାତରେ ଦେଇ ତାଙ୍କର ଧର୍ମପୁଅ ହେଲା । ସାହେବ କହିଲେ—"ତୁମେ କି ପାସ କରିଛ, ସେଥିର ସାର୍ଟିଫିକେଟ ଆଣି ଦେଖାଇଲେ ଚାକିରୀ ବାବଦ ବିଚାର କରାଯିବ ।" ସାହେବଙ୍କ ହୁକୁମ ଶୁଣି ସଦେଇର ବୁଦ୍ଧି ହଜିଲା । ତାହାର ସାର୍ଟିଫିକେଟ କାହିଁ ଯେ ନେଇ ଦେଖାଇବ ? ଶେଷ ଭାବି ଭାବି ଗୋଟାଏ ଉପାୟ ପାଇଲା । ତାହାର ପ୍ରତିବେଶୀ ଶିବେଇ ସ୍ୱାଇଁଙ୍କର ପୁଅ କପିଳା ପାଠଶାଳାରେ ପଢ଼ି ନିମ୍ନପ୍ରାଇମେରୀ ପାସ କରିଥିଲା । କପିଳା ଚଷାଘରର ପୁଅ । ହୁଡ଼ ମାଟି ହୁଡ଼ରେ ଲଦିଲେ ଗୋଡ଼ କସ୍ତୁଣ ବସି ଖତ ଖାଇବ । ତାହାର ବେଶି ସ୍ୱାଡ଼ାଏ ପାଠ କଅଣ ହେବ ? ସେ ଆଉ ପାଠ ପଢ଼ିଲା ନାହିଁ । ପାଠଶାଳା ଛାଡ଼ି ବିଲକୁ ଗଲା—କଲମ ଛାଡ଼ି ହଳଅ ପାଞ୍ଚଣ ଧରିଲା । ସେ ସାର୍ଟିଫିକେଟଖଣ୍ଡି ଅଗ୍ନି ଦେବତାଙ୍କୁ ସମର୍ପଣ କରିବାକୁ ବସିଥିଲା; ମାତ୍ର ତାହାର ମା ସେହି କାଗଜଖଣ୍ଡ ଛଡ଼ାଇନେଇ ସିନ୍ଦୁର ବାନ୍ଧିବା ପାଇଁ ଅଳମାଳିବା ପାଛିଆରେ ପକାଇ ଦେଇଥିଲା । ସଦେଇ ବହୁ ଆୟାସରେ ତାକୁ ଅବଶ୍ୟାଇ କରିଆଣି ସାହେବଙ୍କୁ ନେଇ ଦେଖାଇଲା । ସାହେବ ଦେଖି ଫୋପାଡ଼ିଦେଇ ହସି ହସି କହିଲେ—"ଏପରି ପାସ ମୋର ଘୋଡ଼ା ସଇସ ବି କେତେଥର କରିଥିବ ।" ଏ ଉତ୍ତରରେ ସଦେଇ ବଡ଼ ଲଜ୍ଜିତ ହୋଇ ସେଇଦିନଠାରୁ ଅନୁସରଣ ଛାଡ଼ିଦେଲା । ତାହାର ଅମୂଲ୍ୟ ଉଚ୍ଚବାସନା ତିରୋ-ହିତ ହୋଇଗଲା । ଚାକିରିର ମୋହ ତୁଟିଯିବାରୁ ସେ ଏବେ ଗୋଟାଏ କାଞ୍ଜିହାଉସ ପ୍ରତିବର୍ଷ ଇଜାରା ନେଇ ଦୁଃଖେ ସୁଖେ ଚଳୁଅଛି । ଈଶ୍ୱର ଯେତେବେଳେ ଯେଉଁ ଅବସ୍ଥାରେ ରଖିବେ, ସେଥିରେ ସନ୍ତୁଷ୍ଟ ରହିବା ଉଚିତ, ଏହା ସେ ବାରମ୍ବାର ଠକି ଏବେ ବେଶ୍ ବୁଝିପାରି-ଅଛି ।

—୨—

ଯେ ଯେତିକି କଷ୍ଟରେ ଧନ ଉପାର୍ଜନ କରେ, ବ୍ୟୟ କରିବାବେଳେ ତାହା ମନରେ ସେତିକି କଷ୍ଟ ହୁଏ—ଏହା ମାନବ ସ୍ୱଭାବର ଧାରା । ସଦେଇ କାଞ୍ଜି-ହାଉସରୁ ଯାହା ସାମାନ୍ୟ ଉପାର୍ଜନ କରେ, ତାକୁ

ଖୁବ୍ କୃପିତ୍ତପି ଖର୍ଚ୍ଚକରେ । ତାହାର ଖର୍ଚ୍ଚ ସୁଦ୍ଧା ଅଧିକ ଥିଲା ନାହିଁ । ଘରେ କୁଟୁମ୍ବ ମଧ୍ୟରେ ସେ ଓ ତାହାର ସ୍ତ୍ରୀ ଛଡ଼ା ଆଉ ତୃତୀୟ ବ୍ୟକ୍ତି କେହି ନାହାନ୍ତି । ଦୁଇଟା ପେଟ ପାଇଁ କେତେ ଅବା ଖର୍ଚ୍ଚହେବ ? ସଦେଇର ଅନ୍ୟାୟ ଅସତ୍ ବ୍ୟବହାର ଥିଲା ନାହିଁ । ସେ ଧର୍ମଭୀରୁ । ସେ ପ୍ରତି ଗୋରୁ ପିଛା ଅଣାଏ ଲେଖାଏଁ ଖୋରାକୀ ନିଏ; ମାତ୍ର ତାକୁ ନିଜର ଖୋରାକୀ ଢ଼ାବିନଏ ନାହିଁ । ତିନି ପଇସାର ଘାସ କୁଟା କିଣି ଗୋରୁକୁ ଖୁଆଏ, ଆଉ ଗୋଟିଏ ପଇସା ନିଜର ପାରିଶ୍ରମିକ ନିଏ । ସେ କହେ—"ସେଥିରେ ଗୋ-ଦେବତାର ନିଃଶ୍ୱାସ ମିଶିଛି, ଗୋରୁଙ୍କୁ ଖାଇବାକୁ ନ ଦେଇ ତାହା ଆତ୍ମସାତ୍ କଲେ ଦେବତା ଅଭିଶାପ ଦେବେ ।" ଅଫିମୀ, ମଦୁଆ ପ୍ରଭୃତି ନିଶାଖୋରମାନେ ତାକୁ ଅନେକ ପ୍ରଲୋଭନ ଦେଖାନ୍ତି । ସେମାନେ କହନ୍ତି—"ଗୋରୁ ପିଛା ଅଣାଏ ଲେଖାଏଁ ବକସିସ୍ ଦେଲେ ଆମେ ମୋଟ୍ ଗୋଠ ଗୋଠ ଗୋରୁ ଏଣୁ ତେଣୁ ଅଡ଼ାଇ ଆଣି କାଞ୍ଜିହାଉସରେ ଭରତି କରିଦେବୁଁ । ସେଥିରେ ତୁମର ଅନେକ ଲାଭ ହେବ; ମାତ୍ର ସଦେଇ ସେମାନଙ୍କ ପାପ-ପ୍ରଲୋଭନରେ ପଡ଼େ ନାହିଁ । ସେ କହେ— "ସେହି ଇତର ଅସତ୍ ଉପାୟରେ ଯେଉଁ ଅର୍ଥ ଆସିବ, ତାହା ଅର୍ଥ ନୁହେଁ—ଗୋରକ୍ତ । ସେହି ଅର୍ଥରେ ମୁଁ ହସ୍ତ ଅପବିତ୍ର କରିବି ନାହିଁ, କି ଚରିତ୍ର କଳଙ୍କିତ କରିପାରିବି ନାହିଁ । ସେ ମହା ପାପର ପ୍ରାୟଶ୍ଚିତ୍ତ ନାହିଁ ।" ଏ ନିଷ୍ଠୁର ଉତ୍ତର ଶୁଣି ନଷ୍ଟ ଲୋକେ ଆଉ ତାକୁ ପ୍ରବର୍ତ୍ତାଇବାକୁ ସାହସୀ ହୁଅନ୍ତି ନାହିଁ । ସଦେଇ ନିଃସନ୍ତାନ । ତାହାର ଆଉ କିଏ ଅଛି ଯେ, ସେ ତାହା ପାଇଁ ଏତେ ଅନ୍ୟାୟରେ ଧନ ସଞ୍ଚୟ କରି ରଖିବ ? କେହି ଥିଲେ ସୁଦ୍ଧା ତ ତାହା କରନ୍ତା ନାହିଁ । ସେ ଯେପରି ସରଳ, ତାହାର ସ୍ତ୍ରୀ ମାଧୁରୀ ସୁଦ୍ଧା ସେହିପରି ମଧୁର ସ୍ୱଭାବବତୀ ଧର୍ମପରାୟଣା । ମାଧୁରୀର ରୂପ, ଗୁଣ, ଚରିତ୍ର, ବଚନ, ବ୍ୟବହାର ସବୁ ମଧୁର । ସେ ସୁଲକ୍ଷଣା ଗୃହିଣୀ ଅଳ୍ପ ଖର୍ଚ୍ଚରେ ସୁଶୃଙ୍ଖଳାରେ ଘର ଚଳାଇନିଏ । ସଦେଇ, ମାଧୁରୀ ଉଭୟଙ୍କର ଦାମ୍ପତ୍ୟ ପ୍ରେମ ଠିକ୍ ନଦୀ ସମୁଦ୍ର ପରି ଏକାନ୍ତ । ନଦୀ ଯେପରି ସିନ୍ଧୁ ହୃଦୟରେ ନିଜର ହୃଦୟ ମିଶାଇବା ପାଇଁ ବ୍ୟଗ୍ର ହୋଇ ଧାଏଁ, ସିନ୍ଧୁ ସେହିପରି ନଦୀକୁ ପ୍ରେମାଲିଙ୍ଗନ କରି ନେବା ପାଇଁ ତରଙ୍ଗ-କର ବଢ଼ାଇ ରହିଥାଏ । ସଦେଇ ମାଧୁରୀକୁ ଖୁବ୍ ଭଲ ପାଏ । ମାଧୁରୀ ମଧ୍ୟ ପତି-ଦେବତାଙ୍କ ସେବାରେ ନିଜର ନାରୀଜୀବନକୁ ଧନ୍ୟ, ପବିତ୍ର ଓ ସୌଭାଗ୍ୟମଣ୍ଡିତ ମଣେ ।

ସ୍ତ୍ରୀପୁରୁଷ ଦୁହେଁ ପରାମର୍ଶ କରି ଘରକୋଣରେ ଗୋଟାଏ ଠେକି ପୋତିଥିଲେ । ତାହା ମୁହଁ ସମାନରେ ମାଟିରେ ଗୋଟାଏ ଟାଙ୍କୁଣି ତିଆରି କରିଥିଲେ । କାଞ୍ଜିହାଉସରୁ ଦୈନିକ ଆୟ ଯାହା ହୁଏ, ସେଥିରୁ ଖର୍ଚ୍ଚ ପାଇଁ କିଛି ରଖି ଅବଶିଷ୍ଟ ଅର୍ଥକୁ ସେହି ଅନ୍ଧକାରମୟ ଠେକି ଗର୍ଭରେ ସମାଧିସ୍ଥ କରି ରଖନ୍ତି । କାଞ୍ଜିହାଉସର ଇଜରା ଟଙ୍କା ତୁଳ କିସ୍ତିରେ ସେହି ଗୁପ୍ତ ଭଣ୍ଡାରରୁ ଦେବାକୁ ହୁଏ । ସେ ଶିବ ନିର୍ମାଲ୍ୟ । ସେଥିରେ କେହି ହାତ ଦିଅନ୍ତି ନାହିଁ । ଯଥାସମୟରେ କିସ୍ତି ଟଙ୍କା ପରିଶୋଧ ନ କଲେ ଘରଦ୍ୱାର ବଖଣ୍ଡ ନିଲାମ ହେବ, ଏ ଭୟ ଉଭୟଙ୍କ ମନରେ ସର୍ବଦା ଜାଗରୂକ ଥାଏ । ସେହିହେତୁ ସବୁଦିନେ ପ୍ରହରୀ ପରି ସାବଧାନ ହୋଇ ତାକୁ ଜଗି ରହିଥାଆନ୍ତି । ରାତିରେ ସେହି ଟଙ୍କା ଠେକି ଉପରେ ବିଛଣା ହୁଏ । ସଦେଇ ରାତିରେ କୁଆଡ଼େ ଯାଏ ନାହିଁ । କାଳେ ତାହାର ସେହି ଜୀବନ-ମଣି କିଏ କାଟି ନେଇଯିବ, ଏହି ଚିନ୍ତାରେ ଘନ ଘନ ନିଦ ଭାଙ୍ଗିଯାଏ । ସଦେଇର ଆଉ ଗୋଟାଏ ସ୍ୱଭାବ ଉଲ୍ଲେଖଯୋଗ୍ୟ—ସେ ଭାରି ଯାତ୍ରା-ଖୋର । ଯାତ୍ରାନାମ ଶୁଣିଲେ ତାହାର ଜର ବାଧକା ବି ଛାଡ଼ିଯାଏ । ମାଛର ଗନ୍ଧ ପାଇଲେ ବିରାଡ଼ିର ମନ ଯେପରି ହୁଏ, ଜଲଖିଆ ନାମ ଶୁଣିଲେ ପେଟୁଙ୍କର ମନ ଯେପରି ହୁଏ ଅଥବା ମେଘନାଦ ଶୁଣିଲେ ବ୍ରାହ୍ମଣିଆ ବେଙ୍ଗର ମନ ଯେପରି ଉଚ୍ଚାଟ-ଉଚ୍ଛନ୍ନ ହୁଏ, ଯାତ୍ରା ନାମ ଶୁଣିଲେ ସଦେଇର ମନ ଠିକ୍ ସେହିପରି ହୁଏ । ସେ ଯେଉଁ ଦିନ ଯାତ୍ରା ଦେଖିବାକୁ ଯାଏ, ସେଦିନ ରାତିରେ କୌଣସି ବିଶ୍ୱାସୀ ଲୋକକୁ ଘର ଜଗାଇଦେଇ ଯାଏ । ବୁଲୁଚା ଗନ୍ତ୍ରେ, ଲୁଣଖାମୁକେ ବା ନାସ ଟିକିଏ ଲାଗିଯାଉଲ ମାଧୁରୀର

ଉପଯୁକ୍ତ ସଙ୍ଗିନୀର ଅଭାବ ହୁଏ ନାହିଁ । ବିଶେଷତଃ ମୀନା ମା ଭଣ୍ଡାରୁଣୀଙ୍କୁ ସେ ଖୁବ ବିଶ୍ୱାସ କରେ । ସବୁଦିନ ଯାତ୍ରା ଦେଖିବାକୁ ଗଲେ ମୀନା ମା ସାଥିରେ ଆସି ମାଧୁରୀର ଶଯ୍ୟାସଙ୍ଗିନୀ ହୁଏ । ସେ ଢେର ଢେର ଚମତ୍କାର ଗଳ୍ପ ଜାଣେ । ଚଢେଇ ଚଢେଇଆଣୀ କଥା, ଶିଆଳଘର ବନ୍ଧୁ-କଥା, ଅସୁରୁଣୀ ବୁଢ଼ୀ କଥା, ଟୁଆଁ ଟୁଇଁ କଥା, ବାଘ ବାପର ଶ୍ରାଦ୍ଧ କଥା;ଏହିପରି ଅସଂଖ୍ୟ ରୂପକଥା ତାହାର କଣ୍ଠସ୍ଥ । କଥାକୁ ସଜାଇ, ମାଜି, ଫୁଲାଇ ଏପରି ଭଙ୍ଗୀରେ କହିପାରେ ଯେ,ନିତାନ୍ତ ଅରସିକ ସୁଦ୍ଧା ତାହା ଶୁଣିବାକୁ ଆଗ୍ରହ ପ୍ରକାଶ ନ କରି ରହିପାରିବ ନାହିଁ । ଭଣ୍ଡାରୁଣୀର କବିତାମୟୀ ଭାଷା ଶ୍ରୋତୀମଣ୍ଡଳୀର ମନ ପ୍ରାଣ ଅଚ୍ଛନ୍ନ କରି ପକାଏ । ଗାଁବଳୁ ଝିଅମାନେ ଦୁଇଟା ପଇସା ଲାଞ୍ଚ ଦେଇ ଅତି ଆଦରପୂର୍ବକ ତାହା ମୁହଁରୁ ଗପ ଶୁଣନ୍ତି । ସ୍ଥୂଳରେ କହିଲେ—ଗଳ୍ପ ମୀନା ମାର ପ୍ରଧାନ ଉପଜୀବିକା । ସେଥିରେ ତାହାର ବେଶ୍ ଅଣେ ମାଣେ ଉପୁରି ରୋଜଗାର ହୁଏ ।

ବଳାଶପୁର ଗ୍ରାମରେ ତିନଦିନ ହେଲା ଲଢେଇ ଯାତ୍ରା ଲାଗିଅଛି । ଆଜି ଶେଷ ଦିନ । ହାର ଜିତ ଆଜି ବୁଝାଯିବ । ଯେ ଜିତିବ ସେ ପୁରସ୍କାର ପାଇବ । ପୁରସ୍କାରର ପରିମାଣ ଊଣା ନୁହେ । ଗ୍ରାମବାସୀଏ ସେଥିଲାଗି ଦେଡ଼ଶ ଟଙ୍କା ସୁଦ୍ଧା ଆଦାୟ କରି ରଖିଅଛନ୍ତି । ଚାରି ପାଖର ଗାଁମାନଙ୍କରୁ ଅସଂଖ୍ୟ ଲୋକ ପିମ୍ପୁଡ଼ି ମାଳ ପରି ଧାଡ଼ି ଛୁଟିଛନ୍ତି । ଖୁବ ଆଡ଼ମ୍ବରରେ ଯାତ୍ରା ଲାଗିଅଛି । ଇତର କଥ୍ୟ ଭାଷାରେ ଅନର୍ଗଳ ଗାଳି ବର୍ଷାଯାଉଅଛି । ଦେଖଣାହାରୀଙ୍କର ଆନନ୍ଦର ସୀମା ନାହିଁ । ଯେଉଁ ଦଳର ଗାଳି ଯେତେ ବୀଭତ୍ସ ହେଉଅଛି, ସେ ଦଳର ସୁଖ୍ୟାତି ସେତେ ବଢ଼ୁଅଛି । ଲୋକେ ହସି ହସି ଜଣକ ଉପରେ ଜଣେ ଢଳି ପଡ଼ୁଛନ୍ତି । ଜନତା ମଧ୍ୟରୁ ଘନ ଘନ କରତାଳି, ବାହାବା ଶବ୍ଦ ଉଠୁଅଛି । ଗାଇବା ଲୋକ କବି, ବଜାଇବା ଲୋକ କବି, ପାଳଧରିବା ଲୋକ କବି,ନାଚିବା ଲୋକ କବି, ଏହିପରି ଦଳସାରା ଆଜି କବି ପାଲଟିଯାଇଛନ୍ତି । ଏମାନଙ୍କ ବେହେଲା, ପଖାଉଜ, ମନ୍ଦିରା ପ୍ରଭୃତି ବାଦ୍ୟଯନ୍ତ୍ରଗୁଡ଼ା କବି କବିତା ଉଦ୍‌ଗାର କରୁଛନ୍ତି । ସମସ୍ତଙ୍କ ମୁଖରେ କବିତା ଆବୃତ୍ତି ଲାଗି ରହିଅଛି । ଗଦ୍ୟ ଭାଗ୍ୟରେ ଆଜି ଚିରଚ୍ଛେଦ ଶାନ୍ତି । ଶୃଙ୍ଗାର,ବୀର,ରୌଦ୍ର, ହାସ୍ୟ ଓ ବୀଭତ୍ସ ରସର ପଞ୍ଚନଦୀ ପ୍ରଖର ଗତିରେ ବହିଯାଉଅଛି । ଯାତ୍ରା ଦର୍ଶକମାନେ ସେହି ଉତ୍ତାଳ ରସନଦୀରେ ସନ୍ତରଣ କରି ଧଇଁସଇଁ ହୋଇ ପଡ଼ୁଛନ୍ତି । ଗୋଟାଏ ଘୃଣ୍ୟ ନିର୍ଲଜ୍ଜପଣିଆ ଉଲଗ୍ନ ମୂର୍ତ୍ତିରେ ନାଚି ବୁଲୁଅଛି । ତିନଦିନ ହେଲା ପାଳି ରଡ଼ି ଛାଡ଼ି ଛାଡ଼ି ଗାଆଣମାନଙ୍କର ସ୍ୱର ଧୈବତ ସ୍ୱରରେ ପରିଣତ ହୋଇଗଲାଣି । ସେ ସ୍ୱରଟା ବନ୍ଦ ହୋଇଗଲେ ବଡ଼ ମଧୁର ଲାଗେ । ରସିକ-ଶେଖର ସଦେଇ ସେହି ଯାତ୍ରା ଦେଖିବା ପାଇଁ ତିନି ଦିନ ହେଲା ମନ କରି ଯାଇପାରୁ ନାହିଁ । ସେ ରୁଦ୍ଧ ବେଦନା ତାହାର ଅସହ୍ୟ; କିନ୍ତୁ କଅଣ କରିବ ? ପେଟଲାଗି ତ ଅର୍ଗଳୀ ଭିତରେ ମୁଣ୍ଡ ପୂରାଇଅଛି, ସିଧା ଅବା କପରି ? ଏଣିକିବେଳେ ପୁଣି ଦୁର୍ଗ୍ରହ ପରି କାଞ୍ଜିହାଉସ ବିଭାଗର ଗୋଟାଏ ହାକିମ ଆସି ଉପସ୍ଥିତ । ସେ ତିନି ଦିନ ହେଲା କାଞ୍ଜିହାଉସର ଖାତାପତ୍ର ଦେଖୁଥିଲା, ଆଜି ହଜୁର ଧୂମକେତୁଟା ବିଦାୟ ହୋଇଗଲା । ସଦେଇ ଗୋଟାଏ କ୍ଳାନ୍ତିର ଦୀର୍ଘନିଃଶ୍ୱାସ ଛାଡ଼ି ନିଶ୍ଚିନ୍ତ ହେଲା । ରାତିରେ ମାଧୁରୀ ପାଖରେ ମୀନା ମାଙ୍କୁ ରଖାଇ ସେ ଯାତ୍ରା ଦେଖିବାକୁ ଗଲା । ସେ ଆସିଲେ କାଲି ଶେଷ କିସ୍ତି ଇଜାରା ଟଙ୍କା ସରକାରରେ ଦାଖଲ କରିବ । ସେଥିପାଇଁ ଟ ୩୭୫ଙ୍କା ତେଜରୁ ବାହାର କରି ଅଲଗା ରଖି ଯାଇଛି । ସେ ଟଙ୍କା ପ୍ରତି ବିଶେଷ ନିଘା ରଖିବା ସକାଶେ ମାଧୁରୀ ଓ ମୀନା ମାକୁ ବାରମ୍ବାର ସାବଧାନ କରାଇ ଦେଇଗଲା ।

—୩—

ସଦେଇର ଘର ଗ୍ରାମର ବାହାରେ ଗୋଟାଏ କୁଞ୍ଜଘର । ଘର ଚାରି ପାଖରେ କଣ୍ଟା ବାଉଁଶବୁଦା ଏପରି ଖେଦାଖେଦି ହୋଇ ରହିଛି ଯେ, ସେହି ନିବିଡ଼ ଆବରଣ ଭେଦ କରି ଘରର ଅସ୍ପଷ୍ଟ ଛାୟା ସୁଦ୍ଧା ବାହାରକୁ ଦେଖାଯାଏ ନାହିଁ । ସନ୍ଧ୍ୟା ପରେ ସେହି ବଂଶକୁଞ୍ଜ ମଧ୍ୟରୁ ବହୁ ପେଚାଙ୍କର ବିକଟ ସ୍ୱର ଶୁଣି ସେ

ସ୍ଥାନକୁ ଏରୂପ ଭୟଙ୍କର କରିଦିଏ ଯେ, କେତେବେଳେ ଦସ୍ୟୁ ସୁଦ୍ଧା ସେଠାରେ ପଶିବାକୁ ସାହସ କରିବ ନାହିଁ । ସେହି ବିଜନ କାରାଗାର ଗର୍ଭରେ ସ୍ୱଛନ୍ଦେ ଦୁଇଟି ରମଣୀ ଉଜାଗର ହୋଇ ବସିଅଛନ୍ତି । ଏକ ପାଖରେ ଗୋଟାଏ ମାଟିଦୀପ ମୁମୂର୍ଷୁର ପ୍ରାଣ ପରି ମିଞ୍ଜି ମିଞ୍ଜି ହୋଇ ଜଳୁଅଛି । ଗୋଟିଏ ରମଣୀ ବିବିଧ ଭଙ୍ଗୀରେ ହସ୍ତ ମୁଖ ହଲାଇ ଠିକ୍ ଅଭିନୟ କଲା ଭଳି ଅନର୍ଗଳ ବକିଯାଉଅଛି, ଅନ୍ୟଟି ଗାଲରେ ହାତ ଦେଇ ସ୍ଥିର ଅପଲକ ଦୃଷ୍ଟିରେ ତାହା ମୁହଁକୁ ଚାହିଁ ରହିଅଛି । ଯେମନ୍ତ କି କଥାର ପ୍ରତ୍ୟେକ ଅକ୍ଷରକୁ ସେ ଆକଣ୍ଠ ମଧ୍ୟ ଶୋଷଣ କରୁଅଛି । ଆନନ୍ଦ ତାହା ହୃଦୟରେ ଧରୁ ନାହିଁ — ହାସ୍ୟ ରୂପ ଧରି ମୁଖବାଟେ ବାହାରି ପଡ଼ୁଅଛି । ଏହିପରି ଗଳ୍ପାମୋଦରେ ଅର୍ଦ୍ଧରାତ୍ରି ଅତିବାହିତ ହେଲା । ଏହି ସମୟରେ ଅକସ୍ମାତ୍ ଭୀଷଣ ବର୍ଷା ସହୃ ପ୍ରବଳ ବତାସ ଆରମ୍ଭ ହେଲା । ପ୍ରଚଣ୍ଡ ବଜ୍ରନାଦରେ ପ୍ରକୃତି ଥର ଥର ହୋଇ କମ୍ପିବାକୁ ଲାଗିଲା । ଘୋର ଅନ୍ଧକାରରେ ନିଜର ଦେହ ନିଜକୁ ଦିଶିଲା ନାହିଁ । ବିଜୁଳିର ଝଟକରେ ପ୍ରକୃତିର ମୁଖ ଘନ ଘନ ଦିଶିଯାଇ ମିଳି-ଯାଉଥାଏ—ସତେ ଯେପରି ପ୍ରକୃତିଦେବୀ ଲୁଚକାଳି ଖେଳରେ ମାତିଛନ୍ତି । ଏ ବିଜୁଳି ନା ଡାକିନୀଙ୍କର ବିକଟ ଅଟ୍ଟହାସ୍ୟ ! ସେ ହାସ୍ୟରେ ଆଖି ବୁଜି ପଡ଼ିଲା । ଭୟରେ ଦେହ ଥରିଉଠିଲା । ବତାସର 'ସୁଁ' 'ସୁଁ' ଶବ୍ଦ, ବାଉଁଶ ପତ୍ରର ଝିଁଝିଁର ଶବ୍ଦ, ତହିଁ ସଙ୍ଗେ ବର୍ଷାର ଧୁସ୍‌ଧାସ୍ ଶବ୍ଦରେ ସ୍ଥାନ ଦୁଲୁକିଉଠିଲା । ଭୟରେ ମୀନା ମାର କଥା-ସ୍ରୋତର ଝର ଶୁଖିଗଲା । ମାଧୁରୀର ମୁଖ ପାଣ୍ଡୁର ହୋଇଗଲା । କାହାରି ମୁହଁରୁ କଥା ବାହାରିଲା ନାହିଁ—ଦୁହେଁ ଦୁହିଁଙ୍କ ମୁହଁକୁ ତ୍ରାସ-ତରଳ ନେତ୍ରରେ କେବଳ ଚାହିଁ ରହିଲେ । କିଛିକ୍ଷଣ ପରେ ପ୍ରକୃତିର ଏ ଭୀଷଣ ଉପଦ୍ରବ—ଏ ସଙ୍କଟମୟ ଦୁର୍ଯ୍ୟୋଗ କଟିଗଲା । ବର୍ଷା, ପବନ, ବିଜୁଳି, ଘଡ଼ଘଡ଼ି ସବୁ ଛାଡ଼ିଗଲା । ରହିଲା କେବଳ କଟିକଟିଆ ଅନ୍ଧାର । ଉଭୟଙ୍କ ମୁଖ ପ୍ରସନ୍ନ ହୋଇ ଆସିଲା । ମାଧୁରୀ କହିଲା, "ମୀନା ମା, ଏତିକିବେଳେ ଚୋର ଆସିଲେ କଅଣ କରିବା ?" ମୀନା ମା ଦୃପ୍ତ ସ୍ୱରରେ କହିଲା—"ଉଃ, ଚୋର ଚେଣ୍ଡପର ଖସି ହଲକ୍, ଆସୁନ୍ତୁ ଭଲା ଦେଖିବି ସେ କେଡ଼େ ମର୍ଦ୍ଦ । ଏତା ଗୋଇଠାରେ ଡାକୁଣୀଖିଆର ଅନ୍ତବୁଜୁଳା ଫଟାଇଦେବି ନାହିଁ ! ମୀନା ମା ଇଣ୍ଡାରୁଣୀ ସାମାନ୍ୟ ଝିଅଟୀ ନୁହେଁ, ଚୋର କଥା କଏ ପଚ୍ଛରେ ଚୋର ବାପର ବି କାନ କାଟିଦେଇପାରେ । ତୁମେ ନିଶ୍ଚିନ୍ତ ହୋଇ ଶୋଇପଡ଼ ଗୋ ବାଉ, ମୁଁ ଅଛି ଡର କଅଣ ? ରାତି ଆଉ ପହରେ କି ତିନି ଘଡ଼ି ଅଛି । ମୁଁ ଚେଇଁଛି, ତୁମେ ଘଡ଼ିଏ ଆଖିପତା ପକାଇ ବିଛଣାରେ ପଡ଼ିଯାଅ, ତୁମେ ଉଠିଲେ ମୁଁ ଶୋଇବି ।"

ମାଧୁରୀ ଶୋଇଲା; ମାତ୍ର ନିଦ ଆସିଲା ନାହିଁ । ମନରେ ସୁଦ୍ଧତର ଚିନ୍ତା । ଦିନ ଥିଲେ ନିଦ ମାଡ଼େ ନାହିଁ—ଏହା ସମସ୍ତଙ୍କ ଜୀବନରେ ଅନୁଭୂତ ହୁଏ । ଏଣୁ ତେଣୁ କେତେ କଥା ମନରେ ଭାବିଲା । ଭାବୁ ଭାବୁ କେତେବେଳେ ତାକୁ ଅଜାଣାରେ ନିଦ ହୋଇ-ଗଲା । ମୀନା ମା ଆଖି ଜଷା କରି ନାହିଁ—ବସି ବସି ଆକାଶପାତାଳ କଅଣ ଭାବୁଛି । ମାଧୁରୀର ନାସିକା କମାର ଯନ୍ତ୍ର ପରି ଫାଏଁ ଫାଏଁ ହୋଇ ଗର୍ଜି ଉଠିଲା । ସେ ଘୋର ନିଦ୍ରାରେ ପଡ଼ିଗଲା । କେତେ କ୍ଷଣ ପରେ ଗଁ ଗଁ ଶବ୍ଦ କରି ଅର୍ଦ୍ଧସ୍ଫୁଟ କମ୍ପିତ ସ୍ୱରରେ କହିଲା— ଉଁ-ହୁଁ-ହୁ-ହୁଁ-ଚଁ-ଚଁ-ଚଁ । ଯେପରି କାହା ତଣ୍ଟି କିଏ ଚିପିଧରିଛି, କଥା ବାହାରିବାକୁ ବାଟ ନ ପାଇ ଠେସା ଠେସି ଲଗାଇଅଛନ୍ତି । ଅତି କଷ୍ଟରେ ଟିକିଏ ଫାଙ୍କ କରି ଗୋଟାଏ ଗୋଟାଏ ଅକ୍ଷର ବିକୃତ ରୂପ ଧରି ବାହାରି ଆସୁଅଛି । ମୀନା ମା ଚମକିଉଠି ମାଧୁରୀକୁ ହଲାଇଦେଲା । ସେ ଧଡ଼ପଡ଼ ହୋଇ ଉଠି-ବସି ନିଜ ଗୋଡ଼ ଅଣ୍ଟାଳି ପକାଇଲା । ମୀନା ମା ହସି ଉଠି କହିଲା—"କିଗୋ ବୋଉ, ଗୋଡ଼ ଆଉଁସୁଛ କାହିଁକି ? ଘୋଳାଇ ବନ୍ଧା ହେଉଛି କି ? ଟିକିଏ ଘଷି-ମୋଡ଼ିଦିଏ ?" ମାଧୁରୀ ଅପ୍ରତିଭ ହୋଇ ଲଜ୍ଜାନମ୍ର ମୁଖରେ କହିଲା, "ନା ଲୋ ଭଉଣୀ, ଖାଲି ଗୋଟାଏ ଖରାପ ସ୍ୱପ୍ନ ଦେଖିଲି—ଚୋର ଆମ ଘରେ ପଶି ସବୁ ବୋହି-ନେଇ ଶେଷକୁ ମୋ ଗୋଡ଼ରୁ ବାଙ୍କିଆ ଟାଣିଲେ । ତହୁଁ ମୁଁ ହାଉଳି ଖାଇଯାଇ ଗୋଡ଼ ଅଣ୍ଟାଳି ପକାଇଲି । ଉଃ, କେଡ଼େ କେଡ଼େ ଚୋରଟାମାନେ ଲୋ ମା ! ଉଃ, ଦେହ

ଫୁଲଉଠୁଛ—ସିମିଳି ଗୋଟେ ଗୋଟେ ଅଧା ଜାଳଗଲା । ମୁହିଁଠାମାନ କି ଭଲା ଲଟଲଟ ! ସେ କଅଣ ଆମ ଏଣିକା ଚୋର କି ? ସେସବୁଜାକ କଷ୍ଟି ନ୍ୟା ବାକ୍ୟ ଅଡ଼ୁ ଆସିଲା ପରି ଜଣାଯାଉଥାଏ । ତାଙ୍କର କି ଦାନ୍ତରଗଡ଼ା ! ଲୋ ମା ରାଣୀ, ଏତେବେଳ ଯାଏ ମୋର ଛାତି ଦାଉ ଦାଉ ବନ୍ଦ ହୋଇ ନାହିଁ ।" ମାଧୁରୀ ଏହିପରି ଚୋରର ରୂପ, ଭେକ, ବାର୍ତ୍ତାଳାପ ଅନେକ ବର୍ଣ୍ଣନା କଲା । ମୀନା ମା ସବୁ ଶୁଣି ନାହିଁ । ରାତି ପାହାନ୍ତିଆ ମଧୁରିଆ ନିଦ ତା' ଆଖିରେ ଘାରି ବସିଲା । ସେ ଅଧେ ଶୁଣି ଢୋଳି ଢୋଳାଇବାକୁ ଲାଗିଲା; ମାତ୍ର ସେ ଆଡ଼କୁ ମାଧୁରୀର ଦୃଷ୍ଟି ନାହିଁ । ସେ ଏକନିଃଶ୍ୱାସୀ ହୋଇ କହିଚାଲି-ଯାଉଥିଲା । ଏହି ସମୟରେ ଦୁଇଟା ଓଧ ବାଉଁଶ ଗଛରେ ଖେଁ ଖେଁ ହୋଇ ଗୋଡ଼ାଗୋଡ଼ି ହେଲେ । ସତେ ଯେପରି ବାଉଁଶ ଗଛ ଭାଙ୍ଗି ପିଣ୍ଡା ଉପରେ ଲଦିପଡ଼ିଲା । ମାଧୁରୀ ତାହା ଶୁଣି ଭୟରେ ମୂର୍ଚ୍ଛିତ ହୋଇ ପଡ଼ିଗଲା । ମୀନା ମାର ତନ୍ଦ୍ରା ଭାଙ୍ଗିଗଲା । ସେ ବାପ ଲୋ ମାଲୋ କହି ଉଠିପଡ଼ି ଘରର କବାଟ ଅଣ୍ଡାଳି ବୁଲିଲା; ମାତ୍ର ଦ୍ୱାର ପାଇବାକୁ ଅଧିକ ସମୟ ଲାଗିଲା ନାହିଁ । ଦୈବାତ୍ କବାଟରେ ହାତ ପଡ଼ିଯିବାରୁ ସେ ଦ୍ୱାର ମୁକୁଳା କରି ସେହି ଭୀଷଣ ଜିଟିଜିଟିଆ ଅନ୍ଧାରରେ ହାବୁଡ଼ ହାବୁଡ଼ ଗାଁ ଆଡ଼କୁ ଘୋଡ଼ା ଛୁଟିଲା ପରି ଧାଇଁଲା । ସେତେବେଳେ ତାହାର ସେହି ଅର୍ଦ୍ଧ-ଉଲଗ୍ନା, ମୁକ୍ତକେଶୀ, ଉନ୍ମାଦିନୀ ମୂର୍ତ୍ତି କେହି ଦେଖି-ଥିଲେ ସେ ମଶାଣିଖାଇ ପେତୁଣୀ ବୋଲି ନିଶ୍ଚୟ ଭୟରେ ମୂର୍ଚ୍ଛିତ ହୋଇଥାନ୍ତା ।

ଟିକିଏ ଦୂରରେ ଫକୁ ଜେନା ଚୌକିଆର ଘର । ଫକୁ ରାତିର ଶେଷ ପ୍ରହରରେ ଉଠି ଚକ୍‌ମକ୍ ଝାଣ୍ଟି ପିକା ଟାଣୁ ଟାଣୁ ମନେ ମନେ ଭାବିଲା—"ଖୁବ୍ ଭାନେ ଝଡ଼ବର୍ଷା ହୋଇଗଲା, ଏହିପରି ସମୟଟାକୁ ଚୋରମାନେ ଟାକି ବସିଥାନ୍ତି । ଏବେ ଯାଏଁ—ଗାଁ ମଝିରେ ଝଟା କୁହାଟ ମାରୁଆସେଁ । ଶଳା ଚୋରଗୁଡ଼ାକ ରାତିରେ କ ଟିକିଏ ଶୋଇଦେଲେ ନାହିଁ !" ଏହି ସମୟରେ ଦାଣ୍ଡରେ ଶୁଭିଲା—"ଜେନା ସୁଅ ରେ ଧାଇଁଆ !" କଥା ସଙ୍ଗେ ସଙ୍ଗେ ଧୁସ୍‌କରି କିଏ ଯେପରି କସ୍ୱଡ ପଡ଼େ, ସେହିପରି ଶବ୍ଦ ହେଲା । ଫକୁ ଜେନା ତର ତର ହୋଇ ବାଡ଼ଖଣ୍ଡ ହାତରେ ଯାଇ ଘରୁ ବାହାରି ପଡ଼ି ଦେଖିଲା—"ତାହା ଦୁଆର ମୁହଁରେ କିଏ ଗୋଟାଏ ମୂର୍ଚ୍ଛିତ ହୋଇ ପଡ଼ିଅଛି । ତହୁଁ ସେ ବଡ଼ପାଟିରେ ଗାଁବାଲାଙ୍କୁ ଡୁକ ପକାଇଲା । ତାହାର ଡାକ ଶୁଣି ଅନେକ ଲୋକ ଧାଇଁ ଆସିଲେ । ଦୀପାଲୋକରେ ଚିହ୍ନିଲେ ମୂର୍ଚ୍ଛିତ ହୋଇପଡ଼ିଥିବା ଲୋକଟା ମୀନା ମା ଭଣ୍ଡାରୁଣୀ । ଘଟଣା କଅଣ ଜାଣି ନ ପାରି ସମସ୍ତେ ଉତ୍କଣ୍ଠିତ ହୋଇ ପରସ୍ପର ପଚରାପଚରି ହେଲେ; ମାତ୍ର କିଏ କଅଣ ଜାଣେ ଯେ କହିବ ? ତଳୁ ମୀନା ମା ମୁହଁରେ ପାଣି ଛାଟିଗଲା । ସେ ସଚେତ ହୋଇ ଲୁଗାପଟା ସମ୍ଭାଳି ଉଠି କହିଲା—"ସବୋଇ ଦାସ ଘରେ ଚୋର ପଶି ସବୁ ନେଇଗଲେଣି । ଚୋର-ଗୁଡ଼ାକ ମଶାଲ ଜାଳି ଘୋଡ଼ା ଉପରେ ଚଢ଼ି ହତିଆର ଧରି ଲୋକ କରିବାକୁ ଆସିଛନ୍ତି । ପୁଣି ଜଣେ ନା ଏକଜଣ, ଏହି ଜାଳିଆ ଭୁଷୁଣ୍ଡାଟାମାନେ ପାଞ୍ଚକୋଡ଼ି କି ଛଅ କୋଡ଼ି ହେବେ । ଜେନାପୁଅ, ତୁ ଅଲ୍ଲ ମୋ ମୁହଁକୁ ଚାହିଁ କଥା ଶୁଣୁଛୁ କଅଣ, ତୁରନ୍ତେ ଯାଇ ଦାସ ଘର ବୋହୂର କଅଣ ହେଲା ଦେଖ । ମୋତେ ଲାଗୁଛି, ଡାକୁଣୀଖିଆ ଗୁଣ୍ଡା ଘଇତା ଚୋରଗୁଡ଼ାକ ତାକୁ ମାରିପକାଇଥିବେ ।" ଏହା ଶୁଣି ଫକୁ ଜେନାର ସାହସ ଉଡ଼ିଗଲା । ଉପସ୍ଥିତ ଲୋକଙ୍କୁ ଚାହିଁ ସେ କହିଲା—"ମୀନା ମା କଥାରୁ ଜଣାଯାଉଛି, ସେଗୁଡ଼ାକ ଚୋର ନୁହନ୍ତି ଡକାଏତ । ତାଙ୍କ ହାତରେ ହତିଆର ଅଛି । ପୁଣି ସଂଖ୍ୟା ଅଳ୍ପ ନୁହେଁ—ଶହ ଶହ ଲୋକ । ଆମେ ଏହି କେତେ ଜଣ ଠେଙ୍ଗା ବାଡ଼ି ଧରି ଯାଇ ତାଙ୍କର କଅଣ କରି ପାରିବା ? ଅକାରଣେ ତାଙ୍କ ହାତରେ ମରିବା ସିନା ! କେହି ଧାଇଁଯାଇ ଅର ଗାଁରୁ ମଣିଷ ଡାକିଆଣ ।" ଫକୁ ପାଟିରୁ କଥା ନ ସରୁଣୁ କେତେ ଜଣ ଯୁବକ ଗ୍ରାମାନ୍ତରକୁ ଦଉଡ଼ିଲେ । ଅଳ୍ପ ସମୟ ମଧ୍ୟରେ ପ୍ରାୟ ଏକଶହ ଲୋକ ଘେନି ସେମାନେ ଫେରି ଆସିଲେ । ସେମାନଙ୍କ ସଙ୍ଗରେ ସେହି ଗ୍ରାମର ଲୋକ ମିଶି ଦୁଇଶହ ହେଲେ । ଫକୁ ଜେନା ଏହି ଦଳଟ ବାହିନୀର ସେନାପତି ହୋଇ ଡକାଏତ ଧରିବାକୁ

କାହାଣିଥିଲ । ଧରାଇଦେଇ ପାରିଲେ ସମସ୍ତଙ୍କୁ ସେ ସରକାରଙ୍କୁ ବକ୍‌ସିସ୍ ଦିଆଇଦେବ ବୋଲି ଆଶା ଦେଖାଇ ସେମାନଙ୍କୁ ଉତ୍ସାହିତ କଲା । ତହୁଁ ସମସ୍ତେ ଠେଙ୍ଗା ବାଡ଼ି ଧରି ମାର ମାର କହି ସଦେଇ ଦାସ ଘର ଆଡ଼କୁ ଧାଇଁଲେ । ତେତେବେଳକୁ ରାତି ପାହିଯାଇଥିଲା । ସମସ୍ତେ ଯାଇ ଯଥାସ୍ଥାନରେ ପହଞ୍ଚି ଦେଖିଲେ—ମାଧୁରୀ ସଡ଼ାଙ୍କୁ ଉଠି ବାସିପାଇଟିରେ ଲାଗିଅଛି । ଏତେ ଲୋକ ଦେଖି ସେ ଛାନିଆ ହୋଇ-ଗଲା । ଏହି ସମୟରେ ସଦେଇ ଦାସ ଆସି ଘରେ ପହଞ୍ଚିଲା । ପଞ୍ଚୁ ଲୋକଠାରୁ ସବୁ ଶୁଣି ସେ ମାଧୁରୀକୁ ପ୍ରକୃତ ଘଟଣା ପଚାରିଲା । ମାଧୁରୀ କହିଲା—"ମୁଁ ରାତିରେ ସ୍ୱପ୍ନ ଦେଖି ମୀନା ମାକୁ କହିଲି । ସେ ନିଜ-ବାଉଳାରେ କଅଣ ବୁଝି କଅଣ କହିଲା, ତା' ସେ ଜାଣେ । ସମସ୍ତେ ହୋ ହୋ ହୋଇ ହସିଉଠିଲେ ।" ସଦେଇ ଦାସ ତ ନଚାଇଆ । ସେ ହସି ହସି କହିଲା—ଆଜି ଅଲକ୍ଷେ ଚଣ୍ଡାଳୁଣୀ ଭଣ୍ଡାରୁଣୀଟା କି ରସଭଙ୍ଗ କରିଦେଲା ! ପୁରସ୍କାର ଆଶାରୁ ସମସ୍ତଙ୍କୁ ବଞ୍ଚିତ କଲା ।

# ରାମଚନ୍ଦ୍ର

# ରାମଚନ୍ଦ୍ର

## ପ୍ରଥମ ପରିଚ୍ଛେଦ

ତ୍ରେତା ଯୁଗରେ ଲଙ୍କାର ରାକ୍ଷସରାଜ ରାବଣ ଶିବଙ୍କ ବରରେ ଜଗତରେ ଅଜେୟ ହୋଇ ଅତ୍ୟନ୍ତ ପ୍ରତାପୀ ହୋଇ ଉଠିଲା । ତାହା ଭୟରେ ତ୍ରିଭୁବନ ଥରହର ହୋଇ କମ୍ପିବାକୁ ଲାଗିଲା । ତାହାର ଅସହ୍ୟ ପ୍ରଭାବ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ଆତଙ୍କପ୍ରଦ ହେଲା । ସତ୍ୟ, ଧର୍ମ ସହାୟଶୂନ୍ୟ ହୋଇ କାନ୍ଦିବାକୁ ଲାଗିଲେ । ରାବଣ ସ୍ୱର୍ଗ ଜୟ କରି ଦେବତାମାନଙ୍କୁ ବିଶେଷ ପୀଡ଼ା ଦେଲା—ସେମାନଙ୍କୁ ଆଣି ନାନା ଇତର କାର୍ଯ୍ୟରେ ଖଟାଇଲା । ପ୍ରଭୁର ପ୍ରତାପଠାରୁ ଭୃତ୍ୟର ପ୍ରତାପ ଅଧିକ ବଢ଼ିଯାଏ । ରାବଣର ଅନୁଚର ଦୁଷ୍ଟ ରାକ୍ଷସମାନେ ତପୋବନରେ ଅତ୍ୟାଚାର କରି ମୁନିଋଷିମାନଙ୍କୁ ବହୁତ ଯନ୍ତ୍ରଣା ଦେଲେ । ସେମାନେ ଯଜ୍ଞକୁଣ୍ଡରେ ଅମେଧ୍ୟ ନିକ୍ଷେପ କରି ଯଜ୍ଞଭଙ୍ଗ କଲେ—ତପସ୍ୟାରେ ବ୍ୟାଘାତ ଜନ୍ମାଇଲେ । ସେମାନଙ୍କ ଦୌରାତ୍ମ୍ୟରେ ଯଜ୍ଞ-ତପସ୍ୟା ବନ୍ଦ ହେଲା—ଧର୍ମ ନିସ୍ତେଜ ହୋଇଆସିଲା । ଦେବତାମାନେ ଶକ୍ତିରେ ରାବଣର ସମକକ୍ଷ ନ ହୋଇ ବୈକୁଣ୍ଠପତି ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ଦୁଷ୍ଟର ଉପଦ୍ରବ, ଶିଷ୍ଟର ଲାଞ୍ଛନା ଏବଂ ଧର୍ମର ବିପ୍ଳବ ଘଟିଲେ ଭଗବାନ ଦୁଷ୍ଟଦମନ, ଶିଷ୍ଟପାଳନ ଏବଂ ଧର୍ମରକ୍ଷା ସକାଶେ ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି । ସ୍ୱୟଂ ଶ୍ରୀକୃଷ୍ଣ ଶ୍ରୀମୁଖରେ କହୁଅଛନ୍ତି—

"ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାଂ
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।"

ଅର୍ଥାତ୍ "ସାଧୁମାନଙ୍କର ରକ୍ଷା, ପାପୀମାନଙ୍କର ସଂହାର ଆଉ ଧର୍ମର ଉଦ୍ଧାର ସାଧନ ସକାଶେ ଆମ୍ଭେ (ଶ୍ରୀକୃଷ୍ଣ) ପ୍ରତି ଯୁଗରେ ଅବତାର ଗ୍ରହଣ କରୁଁ ।" ବିଷ୍ଣୁ ଦେବତାମାନଙ୍କୁ ଆଶ୍ୱାସନା ଦେଇ କହିଲେ, "ରାବଣ ନର, ବାନର ଛଡ଼ା ଆଉ କାହା ହାତରେ ମରିବ ନାହିଁ, ଆମ୍ଭେ ଯାଇ ମର୍ତ୍ତ୍ୟପୁରରେ ନର ରୂପରେ ଅବତୀର୍ଣ୍ଣ ହୋଇ ତାକୁ ସବଂଶରେ ସଂହାର କରିବୁ । ତୁମ୍ଭେମାନେ ବାନର ରୂପରେ ଜାତ ହୋଇ ଆମ୍ଭକୁ ସାହାଯ୍ୟ କରିବ ।" ଏହି ପ୍ରତିଶ୍ରୁତି ଅନୁସାରେ ଭଗବାନ ବିଶ୍ୱପତି ବିଷ୍ଣୁ ଅଯୋଧ୍ୟା ନଗରୀରେ କ୍ଷତ୍ରିୟ କୁଳରେ ଜନ୍ମଗ୍ରହଣ କରିଥିଲେ । ଧର୍ମଦ୍ୱେଷୀ ରାକ୍ଷସକୁଳ ନିପାତ କରି ପୃଥିବୀର ପାପଭାର ଉଦ୍ଧାର କରିବା ଏହି ଅବତାରର ଉଦ୍ଦେଶ୍ୟ ।

ଦେବ-ଋଷି ଅଧିଷ୍ଠିତ, ତୀର୍ଥ-ପୂତ ଭାରତ-ଭୂମିର ଉତ୍ତର ପଶ୍ଚିମରେ ଅଯୋଧ୍ୟା ନାମରେ ଗୋଟିଏ ରମଣୀୟ ରାଜ୍ୟ ଅଛି । ପୂର୍ବେ ସେଠାରେ ସୂର୍ଯ୍ୟବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ଶୀତ-ପୂତ-ସ୍ୱଚ୍ଛ-ତୋୟା ସରଯୂ ନଦୀ ସେହି ରାଜ୍ୟରେ ମାତୃସ୍ତନ୍ୟ-ପୀୟୂଷଧାରା ପ୍ରାୟ ପ୍ରବାହିତ ହୁଏ । ହରିଶ୍ଚନ୍ଦ୍ର, ଦିଲୀପ, ସଗର, ଭଗୀରଥ, ରଘୁ ଓ ଅଜ ପ୍ରଭୃତି ବହୁ ବିଶ୍ରୁତ-କୀର୍ତ୍ତି, ପ୍ରଜା-ପ୍ରାଣ, ଧାର୍ମିକ, ଦୟାଳୁ, ଦାତା, ଦେବ-ଚରିତ୍ର, ସୁପ୍ରସିଦ୍ଧ, ଆଦର୍ଶ ନରପତି ସେ ରାଜ୍ୟର ରାଜ-ସିଂହାସନ ପବିତ୍ର ଏବଂ ଅଳଙ୍କୃତ କରିଥିଲେ । ସେମାନେ ଦୈବୀଶକ୍ତିର ଗୋଟିଏ ଗୋଟିଏ ସଜୀବ ମୂର୍ତ୍ତି ଥିଲେ ଏବଂ ଧର୍ମବଳରେ ଅସାଧ୍ୟ ସାଧନ କରିଥିଲେ । ସେମାନଙ୍କ କୀର୍ତ୍ତି ସେମାନଙ୍କ ପ୍ରାତଃସ୍ମରଣୀୟ ପବିତ୍ର ନାମକୁ ଅମର ଉଜ୍ଜ୍ୱଳ ସ୍ୱର୍ଣ୍ଣାକ୍ଷରରେ କାଳବକ୍ଷରେ ଲିପିବଦ୍ଧ କରି ରଖିଅଛି ଏବଂ ସୃଷ୍ଟିର ଶେଷ ଦିନଯାଏ ରଖିଥିବ । ସଂସାରରେ ସେମାନେ ଦୁଃଖକୁ ଏଡ଼ା ସବୁଠାରୁ ବଡ଼ ସୁଖ ମଣୁଥିଲେ । ରାଜ୍ୟ ଭୋଗ ମଧ୍ୟରେ ଅନାସକ୍ତି ଥିଲା ପରି ମହାଦୁଃଖ ମଧ୍ୟରେ ସେମାନେ ମହାସୁଖ ଉପଲବ୍ଧି କରୁଥିଲେ । ଅଯୋଧ୍ୟା ରାଜ୍ୟଟି ସେମାନଙ୍କର ପୁଣ୍ୟସ୍ପର୍ଶରେ ପରିପୂତ । ସେମାନଙ୍କର ରାଜଧର୍ମ ଏବଂ ରାଜନୀତି ବୁଦ୍ଧି ଦୃଢ଼ ପରି ପ୍ରକାର ପ୍ରାଣ-ପୁଷ୍ଟିକର ଥିଲା । ସେହି ମହାପ୍ରାଣ ମହାପୁରୁଷମାନେ

ରାଜୋପାଧିର ଭୂଷଣମଣି ଏବଂ ସମଗ୍ର ଭାରତର ରତ୍ନ ଦୀପ ତୁଲ୍ୟ । ସେହି ଦୀପର ସ୍ନିଗ୍ଧ ଶୀତଳ କିରଣ ପ୍ରଭାରେ ଆଜି ସୁଦ୍ଧା ଭାରତର ଦଶଦିଗ ସମୁଜ୍ଜ୍ୱଳ । ସେମାନଙ୍କ ମାନବ-ପ୍ରାଣରେ ଉଦ୍ଦିପ୍ତ ଏବଂ ଦେବତ୍ୱ ଅନ୍ତର୍ନିହିତ ପ୍ରଭାବ ବିସ୍ତାର କରିଥିଲା । ସେମାନଙ୍କ ରାଜ୍ୟ ତପୋବନରେ ପରିଣତ ହୋଇଥିଲା । ସେହି ବଂଶୀୟ ରାଜା ହରିଶ୍ଚନ୍ଦ୍ର ଜଣେ ଅସାଧାରଣ ଧର୍ମବୀର, ସତ୍ୟ-ବୀର, ଦାନବୀର ଓ ତ୍ୟାଗବୀର ଥିଲେ । ସେ ସସାଗରା ପୃଥିବୀ ବିଶ୍ୱାମିତ୍ର ମହର୍ଷିଙ୍କୁ ଦାନ କରି, ନିଜର ସ୍ତ୍ରୀପୁତ୍ର ଏବଂ ନିଜକୁ ବିକ୍ରୟ କରି ସେହି ମହାଦାନର ଦକ୍ଷିଣା ପରିଶୋଧ କରିଥିଲେ । ସତ୍ୟରକ୍ଷା ଓ ଧର୍ମ-ରକ୍ଷା ସକାଶେ ସେ ରାଜା ହୋଇ ସୁଦ୍ଧା ଚଣ୍ଡାଳର ଭୃତ୍ୟତ୍ୱ ନିର୍ବିକାର ଚିତ୍ତରେ ଗ୍ରହଣ କରିଥିଲେ । ମହାରାଜା ରଘୁ ଧନୁର୍ବେଦର ଉପମୂର୍ତ୍ତି । ସେ ଦେବରାଜ ଇନ୍ଦ୍ରଙ୍କୁ ଜୟ କରି କୀର୍ତ୍ତିଲକ୍ଷ୍ମୀଙ୍କୁ ନିଜର ବାମରେ ବସାଇଥିଲେ । ସେ ଜଣେ ଦିଗ୍‌ବିଜୟୀ ମହାଶକ୍ତିଧର କ୍ଷତ୍ରିୟପୁଙ୍ଗବ । ସେ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ସମସ୍ତ ଦେଶ ଜୟ କରିଥିଲେ । ସେ ଗଜସେତୁରେ ସୁବର୍ଣ୍ଣରେଖା ନଦୀ ପାରିହୋଇ ମହେନ୍ଦ୍ରଗିରି ଉପରେ ନିରାପଦ ଅବସ୍ଥାନପୂର୍ବକ ଅସୀମ ସାହସୀ କଳିଙ୍ଗରାଜାଙ୍କୁ ଯୁଦ୍ଧରେ ଜୟ କରିଥିଲେ । ମହାତ୍ମା ରଘୁ ସତତ ମହା-ଦାନବ୍ରତ ଗ୍ରହଣ କରିଥିଲେ । ସେ ସର୍ବସ୍ୱ ଦାନ କରି ଲକ୍ଷେ ରାଜାର ମୁକୁଟମଣି ହୋଇ ସୁଦ୍ଧା ମୃତ୍ତିକା ପାତ୍ରରେ ଜଳ ପାନ କରୁଥିଲେ । ଧର୍ମ ନିମନ୍ତେ ଏହା-ଠାରୁ ବଳି ତ୍ୟାଗ, ଧୈର୍ଯ୍ୟ ଓ ସହିଷ୍ଣୁତାର ମୂଲ୍ୟ-ବାନ୍ ଆଦର୍ଶ ଆଉ କଅଣ ହୋଇପାରେ ?

ସେହି ସୂର୍ଯ୍ୟବଂଶରେ ଦଶରଥ ନାମରେ ଜଣେ ପୁଣ୍ୟଶ୍ଳୋକ, ପ୍ରଭାବଶାଳୀ ରାଜା ଜନ୍ମଗ୍ରହଣ କରି-ଥିଲେ । ସେ ଅଜ ରାଜାଙ୍କର ପୁତ୍ର ଏବଂ ଦାନପୂତ ରଘୁ ରାଜାଙ୍କର ପୌତ୍ର । ସେ ଲୋକରଞ୍ଜୀ କ୍ଷତ୍ରିୟରାଜବାଞ୍ଛିତ ସମସ୍ତ ଗୁଣଗଣରେ ଧୁରନ୍ଧର ଥିଲେ । ରାଜଲକ୍ଷ୍ମୀ ଓ ରାଜନୀତି ତାଙ୍କୁ ଆଶ୍ରୟ କରି ଧନ୍ୟ ହୋଇଥିଲେ । ବିପଦ ବେଳେ ସ୍ୱୟଂ ଦେବରାଜ ଇନ୍ଦ୍ର ତାଙ୍କର ସାହାଯ୍ୟ ଲୋଡ଼ୁଥିଲେ । ତାଙ୍କ ସୁଶାସନରେ ବାଘଛାଗ ଏକ ଘାଟରେ ପାଣି ପିଉଥିଲେ । ତାଙ୍କର ଏକହସ୍ତ ଦାନରେ ଏବଂ ଅପର ହସ୍ତ ପ୍ରକୃତିସେବାରେ ସର୍ବଦା ନିଯୁକ୍ତ ଥିଲା । ତାଙ୍କର ଦେବମୂର୍ତ୍ତି ଦେଖି ଅପରାଧୀର ଆତ୍ମା ଥରିଉଠେ, ସେ ଅବାଧରେ ସତ୍ୟ ପ୍ରକାଶ କରି ପକାଏ । ମହେଷ୍ୱାସ ଦଶରଥ ପ୍ରଜାଙ୍କର ଧନ, ଧର୍ମ ଏବଂ ପ୍ରାଣର ସତର୍କ ପ୍ରହରୀ ଥିଲେ । ସେ ନିଜ ପ୍ରାଣ-ଠାରୁ ପ୍ରଜାପ୍ରାଣକୁ ଅଧିକ ମୂଲ୍ୟବାନ୍ ମଣୁଥିଲେ ଏବଂ ପ୍ରଜାକୁଳର ଶକ୍ତିସମଷ୍ଟିରେ ନିଜର ରାଜଶକ୍ତି ଗଠନ କରି ନେଉଥିଲେ । ରାଜଭଣ୍ଡାରକୁ ସେ ପ୍ରଜାଙ୍କର ଗଚ୍ଛିତ ସମ୍ପତ୍ତି ଓ ନିଜକୁ ସେହି ସମ୍ପତ୍ତିର ରକ୍ଷକ ବୋଲି ମଣୁଥିଲେ । ତାଙ୍କର ରାଜସିଂହାସନ ସତ୍ୟ, ଧର୍ମରୂପ ଉଜ୍ଜ୍ୱଳ ମଣିମାଣିକ୍ୟ ସ୍ତୂପ ଉପରେ ପ୍ରତିଷ୍ଠିତ ଥିଲା । ରାଜଚକ୍ରବର୍ତ୍ତୀ ଦଶରଥଙ୍କର କୌଣସି ପାର୍ଥିବ ସୁଖର ଅଭାବ ଥିଲା ନାହିଁ ; ମାତ୍ର ଅନପତ୍ୟ ହେତୁ ସେ ସୁଖକୁ ସୁଖ ମଧ୍ୟରେ ଗଣନା କରୁ ନ ଥିଲେ । ସନ୍ତାନ-ଲାଭ ଚିନ୍ତା ତାଙ୍କ ରାଜଜୀବନର ସମସ୍ତ ସୁଖକୁ ନିବିଡ଼ ଭାବରେ ଆଚ୍ଛନ୍ନ କରି ରଖିଥିଲା ।

ଦିନେ ଦଶରଥ ପାରିଧି କରିବା ସକାଶେ ବନକୁ ଯାଇଥିଲେ । ମୃଗ ଅନ୍ୱେଷଣ କରୁଁ କରୁଁ ସେ କ୍ରମେ ଯାଇ ଘୋର ଅରଣ୍ୟରେ ପ୍ରବେଶ କଲେ । ଅଦୂରରେ ଅନ୍ଧଋଷିଙ୍କର ଆଶ୍ରମ ଥିଲା । ସେହି ସମୟରେ ଋଷି-କୁମାର ସିନ୍ଧୁ ଜଳ ନେବା ପାଇଁ କଳସୀ ଘେନି ଜଳା-ଶୟକୁ ଆସିଥିଲେ । ସେ କଳସୀ ବୁଡ଼ାଇବାବେଳେ କଳସୀ ଭିତରୁ ଭକ୍ ଭକ୍ ହୋଇ ଶବ୍ଦ ବାହାରିଲା । ଦଶରଥ ସେହି ଶବ୍ଦକୁ ମୃଗର ଜଳ ପିଇବା ଶବ୍ଦ ମନେ କରି ବାଣ ନିକ୍ଷେପ କଲେ । ଅଦ୍ଭୁତ ଶବ୍ଦଭେଦୀ ବିଦ୍ୟାରେ ସେ ମହା ବିଚକ୍ଷଣ ଥିଲେ । ସେ ଶବ୍ଦକାରୀକୁ ନ ଦେଖି କେବଳ ଶବ୍ଦ ଲକ୍ଷ୍ୟ କରି ବାଣ ମାରିଲେ, ସେ ବାଣ ଯାଇ ଶବ୍ଦକାରୀ ଉପରେ ପଡ଼େ । ତାଙ୍କର ସେ ଶବ୍ଦଭେଦୀ ବାଣ ଯାଇ ସିନ୍ଧୁ ମୁନିଙ୍କର ବକ୍ଷ ଭେଦ କଲା । ଦାରୁଣ ଆଘାତ ଯନ୍ତ୍ରଣାରେ ମୁନି ପ୍ରାଣତ୍ୟାଗ କଲେ । ତହୁଁ ଦଶରଥ ନିଜର ଭ୍ରମ ବୁଝିପାରି ବିଶେଷ କ୍ଷୁବ୍ଧ ଏବଂ ଅନୁତପ୍ତ ହୋଇ ଅନ୍ଧମୁନିଙ୍କୁ ପାଇ ଦୀନ-ଭାବରେ ଏ ଦୁଃସମ୍ବାଦ ଜଣାଇଲେ । ବୃଦ୍ଧ ତପସ୍ୱୀ

ପୁତ୍ରଶୋକରେ ଅଧୀର ହୋଇ ମୃତ୍ୟୁ ପୂର୍ବରୁ ଦଶରଥଙ୍କୁ ଶାପ ଦେଇ କହିଲେ—"ମୋର ଆଉ ମୃତ୍ୟୁର ବିଳମ୍ବ ନାହିଁ, ମୁଁ ଯେପରି ପୁତ୍ରଶୋକରେ ମରୁଅଛି, ତୁମ୍ଭେ ସେହିପରି ପୁତ୍ରଶୋକରେ ମରିବ ।" ଦଶରଥ ଏଥିରେ ଦୁଃଖିତ ନ ହୋଇ ବରଂ ଆନନ୍ଦ ପ୍ରକାଶ କରି କହିଲେ— "ମହର୍ଷେ, ଆପଣଙ୍କର ଅଭିଶାପ ମୋ ପକ୍ଷରେ ବର ତୁଲ୍ୟ ହେଲା । ମୁଁ ନିଃସନ୍ତାନ; କିନ୍ତୁ ଆପଣଙ୍କ ଶାପରେ ପୁତ୍ରବାନ୍ ହେବି । ମରେଁ ପଛେ; ମାତ୍ର ପୁତ୍ରମୁଖ ଦେଖି ମରିବି, ଏହା ମୋ ର ଅଳ୍ପ ସୌଭାଗ୍ୟ ନୁହେଁ ।" ମୁନି ଏହା ଶୁଣି ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଧ୍ୟାନରେ ନିଯୁକ୍ତ ହେଲେ । ତ୍ରିକାଳଜ୍ଞ ଯୋଗୀ ଯୋଗବଳରେ ଜାଣିପାରିଲେ— ଅମରବାସ ରାକ୍ଷସ ରାବଣକୁ ସଂହାର କରିବା ସକାଶେ ସ୍ୱୟଂ ବୈକୁଣ୍ଠେଶ୍ୱର ବିଷ୍ଣୁ ଦଶରଥଙ୍କ ପୁତ୍ରରୂପରେ ଅବତୀର୍ଣ୍ଣ ହେବେ । ଏହି ଭବିଷ୍ୟତ୍ ଘଟଣା ଅବଗତ ହୋଇ ଅକ୍ରୋଧୀ ମୁନିଙ୍କର କ୍ରୋଧ କୁଆଡ଼େ ମିଳାଇଗଲା । ସେ ଆହ୍ଲାଦିତ ହୋଇ ମନେ ମନେ ରାଜାଙ୍କୁ ପ୍ରଶଂସା କରି କହିଲେ—"ଧନ୍ୟ ତୁମ୍ଭେ ଦଶରଥ, ତୁମ୍ଭର ଜୀବନ ଧନ୍ୟ, ଜନ୍ମ ସାର୍ଥକ ! କେତେ ଜନ୍ମ ତପସ୍ୟା କରି କେତେ ପୁଣ୍ୟ ସଞ୍ଚୟ କରିଥିଲ ରାଜା ! ଯେ ଜଗତର ପିତା, ତୁମ୍ଭେ ତାଙ୍କର ପିତା ହେବ—ଏ ସୌଭାଗ୍ୟ ସାମାନ୍ୟ ନୁହେଁ ।" ଅନ୍ଧ ମୁନି ଏ କଥା ସ୍ପଷ୍ଟ ପ୍ରକାଶ ନ କରି ପ୍ରକାରାନ୍ତରରେ କହିଲେ, "ରାଜ୍ୟଧର, ତୁମ୍ଭେ ଋଷ୍ୟଶୃଙ୍ଗ ଋଷିଙ୍କ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞର ଅନୁଷ୍ଠାନ କର—ନିଶ୍ଚୟ ସୁପୁତ୍ର ଲାଭ କରିବ ।" ଦଶରଥ 'ଯେ ଆଜ୍ଞା' କହି ମୁନିଙ୍କର ଚରଣାର୍ଚ୍ଚନା କଲେ । ଅନନ୍ତର ସସ୍ତ୍ରୀକ ଅନ୍ଧ ମୁନି ପ୍ରାଣତ୍ୟାଗ କଲେ । ଦଶରଥ ସେହି ମୁନି, ମୁନିପତ୍ନୀ ଓ ମୁନିପୁତ୍ରଙ୍କର ଶବ ଅଗ୍ନି ସଂସ୍କାର କରି ରାଜଧାନୀକୁ ଫେରିଗଲେ ।

ଯଥାସମୟରେ ଯଜ୍ଞାନୁଷ୍ଠାନ ହେଲା । ମହାପ୍ରାଜ୍ଞ, ମହର୍ଷି ଋଷ୍ୟଶୃଙ୍ଗ ବେଦମନ୍ତ୍ର ଉଚ୍ଚାରଣପୂର୍ବକ ଅଗ୍ନିରେ ଆହୁତି ପ୍ରଦାନ କଲେ । ଭଗବାନ ଅଗ୍ନି ସେହି ଯଜ୍ଞଚରୁରେ ମିଶିକରି ରହିଲେ । ଯଜ୍ଞ ଯଥାବିଧି ସାଙ୍ଗ ହେଲା ପରେ ଦଶରଥ ସେହି ଚରୁ ନେଇ ତାଙ୍କର କୌଶଲ୍ୟା, କୈକେୟୀ ଓ ସୁମିତ୍ରା ନାମିକା ତିନିରାଣୀଙ୍କୁ ଖାଇବାକୁ ଦେଲେ । ଦଶରଥଙ୍କର ସାତଶ ପଚାଶ ରାଣୀ ମଧ୍ୟରେ ଏହି ତିନିଜଣ ପାଟରାଣୀ ଥିଲେ । ଚରୁ ଭକ୍ଷଣ କରି ସେମାନେ ଗର୍ଭବତୀ ହେଲେ । ଯଥାସମୟରେ କୌଶଲ୍ୟାଙ୍କ ଗର୍ଭରୁ ରାମଚନ୍ଦ୍ର, କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରୁ ଲକ୍ଷ୍ମଣ ଓ ଶତ୍ରୁଘ୍ନ ନାମରେ ଦଶରଥଙ୍କର ଚାରିପୁତ୍ର ଜନ୍ମଗ୍ରହଣ କଲେ । ଏହିପରି ବିଷ୍ଣୁ ଚାରିମୂର୍ତ୍ତିରେ ଆବିର୍ଭୂତ ହେଲେ, ଚାରିକାର ଆକାରବନ୍ତ ହେଲେ—ଦଶରଥ ଅପୁତ୍ରକ ଦୋଷରୁ ମୁକ୍ତ ହେଲେ । ରାଜକୁମାର ଜନ୍ମ ଉପଲକ୍ଷରେ ଅଯୋଧ୍ୟା ନଗରୀରେ ନାନା ପ୍ରକାର ମଙ୍ଗଳ ମହୋତ୍ସବ ଲାଗିଲା । ରାଜପରିବାର ଓ ନାଗରିକମାନଙ୍କ ପ୍ରାଣରେ ଆନନ୍ଦ ଆଉ ଧରିଲା ନାହିଁ । ସେହି ଆନନ୍ଦାମୃତ ଧାରା ଉଚ୍ଛୁଳି ପଡ଼ି ସରଯୂ ଜଳରେ ମିଶିଲା । ସେହିଦିନୁ ପୁଣ୍ୟସଲିଳା ସରଯୂ ଅମୃତସଲିଳା ହେଲା ।

## ଦ୍ୱିତୀୟ ପରିଚ୍ଛେଦ

ଚାରି ଭାଇଙ୍କର ରୂପ-ପ୍ରଭାରେ ରାଜପୁରୀ ଆଲୋକିତ ହୋଇ ଉଠିଲା । ସେମାନଙ୍କର ଶରୀର ଭିନ୍ନ ଭିନ୍ନ; ମାତ୍ର ମନ, ପ୍ରାଣ, ହୃଦୟ ଏକ ଥିଲା । ଯେପରି ଗୋଟିଏ ମୃଣାଳରେ ଚାରୋଟି ପଦ୍ମ ଫୁଟିଥିଲା କିମ୍ବା ଗୋଟିଏ ତାରରେ ଚାରୋଟି ସ୍ୱର ବାଜି ଉଠୁଥିଲା । ଚାରିଭାଇ ଶୁକ୍ଳପକ୍ଷର ଚନ୍ଦ୍ର ପରି ବଢ଼ିବାକୁ ଲାଗିଲେ । ସେମାନଙ୍କ ବୟୋବୃଦ୍ଧି ସଙ୍ଗେ ସଙ୍ଗେ ପିତାମାତାଙ୍କର ଆନନ୍ଦ ଚନ୍ଦ୍ରବୃଦ୍ଧି କଳନ୍ତର ପରି ବହୁଗୁଣିତ ହୋଇ ଉଠିଲା । ଜ୍ୟେଷ୍ଠ ରାମଚନ୍ଦ୍ର କନିଷ୍ଠତ୍ରୟଙ୍କୁ ପ୍ରାଣାଧିକ ସ୍ନେହ କରୁଥିଲେ । ଅନୁଜମାନେ ମଧ୍ୟ ଅଗ୍ରଜଙ୍କର ଆଜ୍ଞାନୁବର୍ତ୍ତୀ ଥିଲେ । ପ୍ରଧାନତଃ ଲକ୍ଷ୍ମଣ ରାମଚନ୍ଦ୍ରଙ୍କର ଏବଂ ଶତ୍ରୁଘ୍ନ ଭରତଙ୍କର ଏକାନ୍ତ ବାଧ୍ୟ ଓ ଅନୁଗତ ଥିଲେ । ପରସ୍ପରର ହୃଦୟ-ଦର୍ପଣରେ ପରସ୍ପରର ମୂର୍ତ୍ତି ଏବଂ ହର୍ଷବିଷାଦର ଛାୟା ପ୍ରତିଫଳିତ ହେଉଥିଲା । ଏମନ୍ତକି ଜଣେ ପୀଡ଼ିତ ହେଲେ ସମସ୍ତଙ୍କ ପ୍ରାଣରେ ଯନ୍ତ୍ରଣା ଅନୁଭୂତ ହେଉଥିଲା । ତଥା ଜଣକର

ଆନନ୍ଦରେ ସମସ୍ତଙ୍କ ପ୍ରାଣ ଭିତରେ ଆନନ୍ଦର ତରଙ୍ଗ ସୃଷ୍ଟି ହେଉଥିଲା । ଦଶରଥ ପୁତ୍ରମାନଙ୍କୁ ମୁହୂର୍ତ୍ତେ ସୁଦ୍ଧା ଦୃଷ୍ଟି ଉହାଡ଼ରେ ରଖୁ ନ ଥିଲେ । ବିଶେଷତଃ ପ୍ରିୟଦର୍ଶନ ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ରଙ୍କୁ ସେ ସମଧିକ ସ୍ନେହ କରୁଥିଲେ । ପୁତ୍ରମାନେ ମଧ୍ୟ ପିତାଙ୍କୁ ଦେବତା ତୁଲ୍ୟ ପୂଜାଭକ୍ତି କରୁଥିଲେ । ପିତାମାତାଙ୍କର ସ୍ନେହାମୃତ ଧାରାରେ ଅଭିଷିକ୍ତ ହୋଇ କୁମାରଗଣ କ୍ରମେ କ୍ରମେ ବଢ଼ିଉଠିଲେ । ସେମାନଙ୍କର ବାଲ୍ୟଜୀବନ ବିବିଧ କ୍ରୀଡ଼ାକୌତୁକରେ ଅତିବାହିତ ହେଲା ।

ଅନନ୍ତର ରାଜକୁମାରଗଣ ବଶିଷ୍ଠଙ୍କ ନିକଟରେ ବିଦ୍ୟା ଶିକ୍ଷା କରିବାକୁ ଲାଗିଲେ । ବଶିଷ୍ଠ ଋଷି ସୂର୍ଯ୍ୟବଂଶୀୟ ରାଜାମାନଙ୍କର ମନ୍ତ୍ରୀ ଓ କୁଳପୁରୋହିତ ଥିଲେ । ସେ କୁମାରମାନଙ୍କୁ ଯଥାରୀତି ଶସ୍ତ୍ର ଏବଂ ଶାସ୍ତ୍ରବିଦ୍ୟା ଶିକ୍ଷା ଦେବାକୁ ଲାଗିଲେ । ଅଳ୍ପକାଳ ମଧ୍ୟରେ ସେମାନେ ସକଳ ବିଦ୍ୟାରେ ବିଶାରଦ ହୋଇ ଉଠିଲେ । ବିଶେଷତଃ ରାମଚନ୍ଦ୍ର ସର୍ବାପେକ୍ଷା ଶ୍ରୁତିଧର ହେବାରୁ ସ୍ୱଳ୍ପ ସମୟ ମଧ୍ୟରେ ପାଶୋରା ପାଠ ପଢ଼ି ସକଳ ବିଦ୍ୟା ଆୟତ୍ତ କରି ପକାଇଲେ । ତାଙ୍କର ଯୋଗ୍ୟତା, ପ୍ରତିଭା ଓ ତେଜସ୍ୱିତା ପ୍ରଖର ହୋଇ ଫୁଟିଉଠିଲା । ନିଖିଳ ସଦ୍‌ଗୁଣ, ସଦ୍‌ଭାବ ଓ ସଦାଚାର ତାଙ୍କୁ ମହଦାଶ୍ରୟ ମଣି କ୍ରମେ କ୍ରମେ ଆସି ତାଙ୍କର ଶରଣାପନ୍ନ ହେଲେ । ଚନ୍ଦ୍ରରେ ମଳିନତା ଥାଇପାରେ; ମାତ୍ର ତାଙ୍କ ଚରିତ୍ରରେ କୌଣସି ଦୋଷ ବା କଳଙ୍କ ଥିଲା ନାହିଁ । ରାଜନୀତି, ଧର୍ମନୀତି, ସମାଜ-ନୀତି, ବ୍ୟବହାର ନୀତି, ଗାର୍ହସ୍ଥ୍ୟ ନୀତି, ଲୌକିକ ନୀତି ପ୍ରଭୃତି ଯାବତୀୟ ଶୁଭନୀତି ତାଙ୍କ ଶରୀରର ଅଳଙ୍କାର ତୁଲ୍ୟ ହୋଇ ରହିଲେ । ତାଙ୍କ ସୌମ୍ୟରୂପର ଅଦ୍ଭୁତ ମୋହିନୀ ଶକ୍ତି ଥିଲା; ତାଙ୍କୁ ଦେଖିଲାକ୍ଷଣି ଶୋକୀର ଶୋକ, ଦୁଃଖୀର ତାପ କେଉଁଆଡ଼େ ହଜିଯାଉଥିଲା । ସେ କ୍ରମେ ଇତର ମହତ ସମସ୍ତଙ୍କର ଅତୁଳ ପ୍ରୀତିଭାଜନ ହୋଇ ଉଠିଲେ ।

ବାଲ୍ୟାବସ୍ଥାରେ ରାମଚନ୍ଦ୍ରଙ୍କର ବୀର ଯଶ ଚୌଦିଗରେ ବ୍ୟାପ୍ତ ହୋଇଗଲା । ତାଙ୍କର ଅସ୍ତ୍ର ଲକ୍ଷ୍ୟ ମୃଗଶାପ ତୁଲ୍ୟ ଅବ୍ୟର୍ଥ । ଧନୁର୍ବିଦ୍ୟାରେ ସେ ଧନୁର୍ବେଦର ଗୁରୁସ୍ଥାନୀୟ । ଦୁର୍ବଳ ପ୍ରତି ସେ ବାଣ ପ୍ରୟୋଗ କରନ୍ତି ନାହିଁ; ପ୍ରତ୍ୟୁତ ପ୍ରବଳ ପୀଡ଼କରୁ ଦୁର୍ବଳକୁ ରକ୍ଷା କରିବା ବିଷୟରେ ତାଙ୍କର ବାଣ ସର୍ବଦା ଉନ୍ମୁଖ ଥାଏ । ତାଙ୍କର ଅମିତ ତେଜ ବିକ୍ରମର କାହାଣୀ ଶୁଣି ଦୁଷ୍ଟ ରାଜାମାନେ ଶଙ୍କିତ ହୋଇ ଉଠିଲେ; ଚୋର, ଖଣ୍ଟ ଓ ଦସ୍ୟୁବର୍ଗ ମହାଭୟରେ ରାଜ୍ୟ ଛାଡ଼ି ପଳାଇଗଲେ । ବିଶ୍ୱରେ ଆଦର୍ଶ ଦେଖାଇବା ପାଇଁ ରାମଚନ୍ଦ୍ରଙ୍କର ଜନ୍ମ, ତାଙ୍କର ପ୍ରତି କଥାରେ ପ୍ରତି କାର୍ଯ୍ୟରେ ପୂର୍ଣ୍ଣ ମାନବର ଆଦର୍ଶ, ପୂର୍ଣ୍ଣ ରାଜନୀତିର ଶୁଭାଦର୍ଶ ପ୍ରଭୃତି ବିବିଧ ମହାଦର୍ଶ ରୂପ ଧରି ବାହାରି ଆସିବାକୁ ଲାଗିଲା । ରାଜଧର୍ମ ତାଙ୍କ ଦ୍ୱାରା ଅଳଙ୍କୃତ ହୋଇ କୃତାର୍ଥ ହେଲା ।

କ୍ରମେ ରାମଚନ୍ଦ୍ର ବାଲ୍ୟସୀମା ଅତିକ୍ରମ କରି କୈଶୋରରେ ପଦାର୍ପଣ କଲେ । ତାଙ୍କର ଚିନ୍ତାଶକ୍ତି, ଧାରଣାଶକ୍ତି ପ୍ରଭୃତି ବହୁମୁଖୀ ହୋଇଉଠିଲା; ଜ୍ଞାନଲାଭ-ତୃଷ୍ଣା ବଳବତୀ ହୋଇଉଠିଲା । ନାନାବିଧ ଉଚ୍ଚ ଚିନ୍ତାରେ ସେ ସର୍ବଦା ଅବହିତ ରହିଲେ । ସୁଖ-ଦୁଃଖ, ପାପପୁଣ୍ୟ, ଜନ୍ମମରଣ ପ୍ରଭୃତିର ଦୁର୍ବୋଧ ରହସ୍ୟ ଭେଦ କରିବାକୁ ଅକ୍ଷମ ହୋଇ ତାଙ୍କର ହୃଦୟ ଘାଣ୍ଟି ହେବାକୁ ଲାଗିଲା । ସନ୍ଦେହ କ୍ରମେ ଘନୀଭୂତ ହୋଇ ଉଠିଲା । ବିରୁଦ୍ଧମତବାଦୀ ଶାସ୍ତ୍ରପୁରାଣ ସେ ସନ୍ଦେହ ଭାଙ୍ଗିବାକୁ କ୍ଷମ ହୋଇପାରିଲା ନାହିଁ । ସେଥିରେ ସାର ସୂକ୍ଷ୍ମ ତତ୍ତ୍ୱ ଖୋଜି ବାହାର କରିବା ଅସମ୍ଭବ ପରି ବୋଧ ହେଲା । ମୁଁ କିଏ, କେଉଁଠୁ ଆସିଛି, କାହିଁକି ଆସିଛି ପୁଣି କେଉଁଠିକି ଯିବି, ମୋର କିଏ, ମୁଁ ବା କାହାର—ଏ ସମସ୍ତର ଗଭୀର ସମସ୍ୟା କିଛି ବୁଝିହେଲା ନାହିଁ । ଚିତ୍ତ ଉଚାଟ ହେବାକୁ ଲାଗିଲା; ସୁତରାଂ ସଂସାର ପ୍ରତି ବୈରାଗ୍ୟ ଜାତ ହେଲା । ତତ୍ତ୍ୱଜ୍ଞାନ ଜିଜ୍ଞାସା ଅପୂର୍ଣ୍ଣ ରହିଲେ ଭାବୁକ ମନରେ ଏହିପରି ଭାବାନ୍ତର ଘଟିବା ସ୍ୱାଭାବିକ । ସଂସାରରେ ଦୁଇ ପ୍ରକାର ବାତୁଳ ଦେଖାଯାନ୍ତି—ଯେ ଜଡ଼ମତି, ସେ ବାତୁଳ, ଆଉ ଯେ ଯେତେ ଭାବୁକ, ସେ ସେତେ ବାତୁଳ । ଯାହାର ଜ୍ଞାନ ଯେତେ ଅଧିକ, ତାହାର ସନ୍ଦେହ ବି ତେତେ ଅଧିକ । ସଦ୍‌ଗୁରୁ ବ୍ୟତୀତ ସନ୍ଦେହ

ଦେହ ଭଙ୍ଗିମାରେ ନାହିଁ । ପରିପକ୍ୱ ବୁଦ୍ଧି ବୃଦ୍ଧମାନେ ରାମଚନ୍ଦ୍ରଙ୍କର ଏହି ସନ୍ଦେହ ଭଞ୍ଜନ କରିବା ପାଇଁ ନାନା ଯୁକ୍ତିତର୍କର ଆଶ୍ରୟ ଗ୍ରହଣ କଲେ; ମାତ୍ର କୃତକାର୍ଯ୍ୟ ହୋଇପାରିଲେ ନାହିଁ । ସେମାନଙ୍କ କଥାରେ ତତ୍ତ୍ୱ-ପିପାସୁ ରାମଙ୍କର ଆତ୍ମା ପରିତୃପ୍ତ ହେଲା ନାହିଁ । ଶେଷରେ ବଶିଷ୍ଠ ମହର୍ଷି ନାନାବିଧ ଜ୍ଞାନୋପଦେଶ ଦ୍ୱାରା ଯୋଗବଳରେ ତାଙ୍କର ସନ୍ଦେହ ମୋଚନ କଲେ । ତାଙ୍କର ସେହି ଜ୍ଞାନଗର୍ଭ ଉପଦେଶ ଯୋଗ-ବାଶିଷ୍ଠ ରାମାୟଣରେ ବର୍ଣ୍ଣିତ ହୋଇଅଛି । ସେ ଗ୍ରନ୍ଥ ଖଣ୍ଡିକୁ ରାମାୟଣର ଗୀତା ନାମରେ ଅଭିହିତ କରାଯାଇ-ପାରେ । ତାହା ବ୍ୟତୀତ ରାମାୟଣ ଅସମ୍ପୂର୍ଣ୍ଣ । ରାମାୟଣ ବିକଶିତ କମଳ-କୁସୁମ, ଯୋଗବାଶିଷ୍ଠ ତାହାର ସ୍ୱର୍ଗୀୟ ସୌରଭ । ରାମଚନ୍ଦ୍ର ମର୍ତ୍ତ୍ୟରେ ମାନବ ରୂପରେ ଜନ୍ମ ଲଭିଥିବାରୁ ତାଙ୍କର ଐଶ୍ୱରୀୟ ବିଭୂତି ଉପରେ ମାନବ-ସ୍ୱଭାବ-ସୁଲଭ ଗୋଟିଏ ଅସ୍ୱଚ୍ଛତାର ପରଦା ଘୋଡ଼ାଇଥିଲା । ବଶିଷ୍ଠ ମହର୍ଷିଙ୍କ ତତ୍ତ୍ୱ ଉପଦେଶ ଓ ତପୋବଳରେ ତାହା ଅନ୍ତର୍ହିତ ହୋଇଗଲା, ଈଶ୍ୱର ବିଭୂତି ଉଜ୍ଜ୍ୱଳ ଭାବରେ ପ୍ରକାଶିତ ହୋଇ ଉଠିଲା; ସୃଷ୍ଟିର ସକଳ ରହସ୍ୟ ତାଙ୍କ ମନରେ ପଶି-ଗଲା । ସବୁ ଯେ ତାଙ୍କରି ଲୀଳା, ତାହା ସେ ବୁଝି-ପାରିଲେ—ମନରୁ ସମସ୍ତ ସଂଶୟ ତୁଟିଗଲା ।

ଦିନେ ମହାତପା ମହର୍ଷି ବିଶ୍ୱାମିତ୍ର ଆସି ଦଶ-ରଥଙ୍କୁ କହିଲେ—"ମହାରାଜ, ସିଦ୍ଧାଶ୍ରମରେ ଦୁଷ୍ଟ ରାକ୍ଷସକୁଳର ଉପଦ୍ରବ ଅସହ୍ୟ ହୋଇଅଛି । ସୁବାହୁ, ମାରୀଚ ନାମରେ ଦୁଇଟା ରାକ୍ଷସ ଆମ୍ଭମାନଙ୍କୁ ବ୍ୟତିବ୍ୟସ୍ତ କରୁଛନ୍ତି । ଋଷିମାନେ ଯଜ୍ଞାରମ୍ଭ କଲେ, ହୋମଧୂମର ଆଘ୍ରାଣ ପାଇ ସେ ଦୁହେଁ ଦଳବଳ ସହ ଆସି ଯଜ୍ଞ-କୁଣ୍ଡରେ ରକ୍ତମାଂସ ପ୍ରଭୃତି ଅମେଧ୍ୟ ନିକ୍ଷେପ କରି ଯଜ୍ଞ ଭଙ୍ଗ କରୁଅଛନ୍ତି । ମୁଁ ସମ୍ପ୍ରତି ଯଜ୍ଞରେ ଦୀକ୍ଷିତ ହୋଇ-ଅଛି, ତୁମ୍ଭେ ରାମଚନ୍ଦ୍ରଙ୍କୁ ମୋ ସଙ୍ଗରେ ପଠାଅ, ସେ ରାକ୍ଷସ ସଂହାର କରି ମୋର ଯଜ୍ଞ ରକ୍ଷା କରିବେ ।" ଦଶରଥ ଏହା ଶୁଣି ବିସ୍ମୟଭୋଳା ମୃଦୁ ହାସ୍ୟରେ କହିଲେ—"ଋଷିବର, ଆପଣ ଏ କିପରି କଥା କହୁ-ଛନ୍ତି ? ମୋର ରାମ ବର୍ତ୍ତମାନ ପନ୍ଦର ବର୍ଷର ବାଳକ ସେ ଯୁଦ୍ଧର କଅଣ ଜାଣେ ? ତାହାର ଶିଥିଳ ମୁଷ୍ଟି ଦୃଢ଼ ହୋଇ ନାହିଁ, ହାତରେ ଜ୍ୟାଘର୍ଷଣର ଚିହ୍ନ ବସି ନାହିଁ,ସେ କି ମହା ମାୟାବୀ ମହାବଳୀ ରାକ୍ଷସ-ସଂହାରରେ ସମର୍ଥ ହେବ ? ଆପଣଙ୍କର ଆଦେଶ ହେଲେ ମୁଁ ମୋର ପ୍ରଧାନ ସେନାପତିମାନଙ୍କ ସହ ଅକ୍ଷୌହିଣୀ-ସଂଖ୍ୟକ ବିରାଟ ବାହିନୀ ଘେନି ରାକ୍ଷସ-ବଧାର୍ଥେ ଏହି-କ୍ଷଣି ଅଭିଯାନ କରିବି ।" ବିଶ୍ୱାମିତ୍ର ହସି ହସି କହିଲେ, "ନୃପବର, ତୁମ୍ଭେ ରାମଚନ୍ଦ୍ରଙ୍କୁ ପୁତ୍ର ଭାବରେ ଦେଖୁ-ଥିବାରୁ ଏପରି ଦୁର୍ବଳ ଉକ୍ତି କରୁଅଛ । ରାକ୍ଷସ-ବଧ ସକାଶେ ଯେ ତାଙ୍କର ଜନ୍ମ, ଏହା ତୁମ୍ଭେ ଜାଣ ନାହିଁ ! ତୁମ୍ଭର ଅମୂଳକ ପିତୃସ୍ନେହ ତାଙ୍କର ଅସୀମ ଶକ୍ତିସାମର୍ଥ୍ୟକୁ ତୁମ୍ଭ ଦୃଷ୍ଟିରେ ମ୍ଳାନ କରି ରଖିଅଛି, ତେଣୁ ତୁମ୍ଭେ ଅନନ୍ତଙ୍କୁ ସାନ୍ତ ବୋଲି ମଣୁଅଛ । ସ୍ୱୟଂ ତୁମ୍ଭର ଯୁଦ୍ଧ-ଯାତ୍ରା କରିବାର ଆବଶ୍ୟକ ନାହିଁ । ଆମ୍ଭେ ମୁନିଋଷି-ମାନେ ଉଦାସୀ ବ୍ରାହ୍ମଣ, ତୁମ୍ଭ ବିରାଟ ବାହିନୀ ପୋଷିବାକୁ ଆମ୍ଭର ସମ୍ବଳ ବା କାହିଁ ? ତୁମ୍ଭେ ଚିନ୍ତାମାତ୍ର ଭୟ କର ନାହିଁ, ରାମଚନ୍ଦ୍ର ମୋ ଦ୍ୱାରା ସୁରକ୍ଷିତ ହୋଇ ରାକ୍ଷସ ବଧ କରିବେ । ସେଥିରେ ତାଙ୍କର ଯଶ, ଧର୍ମ,ପୌରୁଷ ବହୁଗୁଣ ବଢ଼ିଉଠିବ । ତପୋବନବାସୀ ମୁନିଋଷିମାନ-ଙ୍କର ଆଶୀର୍ବାଦ ଓ ତପୋବଳ ଯାହାଙ୍କୁ ବଜ୍ର କବଚ ଘେରି ରହିବ, ତାଙ୍କର ଲୋମ ସ୍ପର୍ଶ କରିବାକୁ କେଉଁ ଦୁଃସାହସୀ ବା ସମର୍ଥ ହେବ ?" ଶେଷ କଥାଟି ବିଶ୍ୱା-ମିତ୍ର କିଛିଏ ଜୋରରେ କହିବାରୁ ଦଶରଥ ଶଙ୍କିତ ହୋଇ ମନେ ମନେ ଭାବିଲେ—ମହାକ୍ରୋଧୀ ବିଶ୍ୱାମିତ୍ର କ୍ରୁଦ୍ଧ ହେଲେ ଶାପାନଳରେ ଅଯୋଧ୍ୟାକୁ ଭସ୍ମ କରି-ଦେଇ ପାରନ୍ତି, ତାଙ୍କୁ ବିରକ୍ତ କରିବା ନିରାପଦ ନୁହେଁ । ସ୍ୱୟଂ ବିଧାତା ସ୍ୱରୂପ ପରି ଯେ ଗୋଟିଏ ସ୍ୱତନ୍ତ୍ର ସୃଷ୍ଟି ରଚନା କରିଛନ୍ତି, ପୁଣି ଅଲୌକିକ ତପସ୍ୟା ପ୍ରଭାବରେ ବ୍ରହ୍ମର୍ଷି ପଦବୀକୁ ଉନ୍ନୀତ ହୋଇଛନ୍ତି, ସେହି ଅଦ୍ଭୁତ-କର୍ମା ମହାପୁରୁଷଙ୍କର ଅସାଧ୍ୟ ବା କଅଣ ? ଦୁଷ୍ଟ ଅସୁରଙ୍କୁ ବଧ କରିବା ତାଙ୍କ ପକ୍ଷରେ ଅସମ୍ଭବ ନୁହେଁ, ବରଂ ଅତି ସହଜ । ସେ ତାହା ନ କରି ରାମଚନ୍ଦ୍ରଙ୍କୁ ଯଶ ଦେବା ସକାଶେ ଉପଯାଚକ ହୋଇ ଆସିଛନ୍ତି, ଏହା ପରମ ସୌଭାଗ୍ୟର ବିଷୟ । ଏତଦ୍ଦ୍ୱାରା ତପ-

ପ୍ରାଣ ଋଷିଙ୍କର ରାମଚନ୍ଦ୍ର ପ୍ରତି ଅତୁଳ ଅନୁଗ୍ରହ ସୂଚିତ ହେଉଛି । ସୁତରାଂ ଏ ମାହେନ୍ଦ୍ର ସୁଯୋଗ ଉପେକ୍ଷା କରିବା ଶ୍ରେୟସ୍କର ନୁହେଁ ।" ମହାମନସ୍ୱୀ ଦଶରଥ ଏହିପରି ଭାବି କୃତାଞ୍ଜଳି ହୋଇ ବିଶ୍ୱାମିତ୍ରଙ୍କୁ କହିଲେ, "ମହର୍ଷେ ! ମୋର ଦୁର୍ବଳତା କ୍ଷମା କରନ୍ତୁ । ବାସ୍ତବରେ ଆପଣଙ୍କ ପରି ସିଦ୍ଧତପା ମହାତ୍ମା ଯାହାର ପୃଷ୍ଠରକ୍ଷୀ, ସେ କେଉଁ କାର୍ଯ୍ୟରେ ଅକ୍ଷମ ? ଆପଣ ରାମଚନ୍ଦ୍ର, ଲକ୍ଷ୍ମଣଙ୍କୁ ସଙ୍ଗରେ ନେଇଯାଇ ତପୋବନ ନିରାପଦ କରନ୍ତୁ ।" ଏହା କହି ଦଶରଥ ପ୍ରତିହାରୀଦ୍ୱାରା ରାମଚନ୍ଦ୍ରଙ୍କୁ ଡାକି ପଠାଇଲେ । ବିଶ୍ୱାମିତ୍ର ସିଦ୍ଧମନୋରଥ ହୋଇ ଦଶରଥଙ୍କୁ ଭୂରି ଭୂରି ପ୍ରଶଂସା ସହ ଆଶୀର୍ବାଦ କରିବାକୁ ଲାଗିଲେ ।

କୌଶଲ୍ୟା ଏ ସମ୍ବାଦ ଶୁଣି ଆନନ୍ଦରେ ଆତ୍ମବିସ୍ମୃତ ହୋଇଗଲେ । ତାଙ୍କର ସର୍ବଗୁଣଧର ପ୍ରିୟପୁତ୍ର ରାମଚନ୍ଦ୍ର ଆଜି ପ୍ରଥମ ଯୁଦ୍ଧଯାତ୍ରା କରିବେ, ବୀରକନ୍ୟା ବୀରପତ୍ନୀ ବୀରଜନନୀ ପକ୍ଷରେ ଏହାଠାରୁ ବଳି ଆନନ୍ଦ ଆଉ କଅଣ ଅଛି ? ସେ ରାମଚନ୍ଦ୍ରଙ୍କୁ ବୀରବେଶରେ ସଜାଇବାକୁ ଲାଗିଲେ । ମସ୍ତକରେ ମହାର୍ଘ ମଣିମୟ ବୀର କିରୀଟ ପିନ୍ଧାଇଦେଲେ, ଦେହରେ ରତ୍ନକାଞ୍ଚୁ ପିନ୍ଧାଇ ତାହା ଉପରେ ବୀର ଅଳଙ୍କାର, ନାନାବିଧ ଅସ୍ତ୍ରଶସ୍ତ୍ର ଖଞ୍ଜିଲେ । କଟିରେ ଅସିକୋଷ ଲମ୍ବାଇଦେଲେ, ପୃଷ୍ଠରେ ଶରପୂର୍ଣ୍ଣ ନିଃସଙ୍ଗ ବାନ୍ଧିଦେଇ ହାତରେ ଧନୁଶର ଧରାଇଦେଲେ । ପୁତ୍ରର ବୀରବେଶ ଦେଖି ବୀରମାତା ହୃଦୟରେ ଆନନ୍ଦ ଓ ସନ୍ତୋଷର ଉତ୍ତାଳ ତରଙ୍ଗ ଖେଳିଗଲା । ସେ ରାମଚନ୍ଦ୍ରଙ୍କୁ କୋଳରେ ବସାଇ ତାଙ୍କର ଶିରଶ୍ଚୁମ୍ବନ କଲେ । ଅନନ୍ତର ରକ୍ଷାମନ୍ତ୍ରରେ ଆଶୀର୍ବାଦ କରି ପୁତ୍ରଙ୍କୁ ପିତୃ ସମୀପକୁ ପଠାଇଦେଲେ ।

ରାମଚନ୍ଦ୍ର, ଲକ୍ଷ୍ମଣ ବୀରବେଶରେ ଆସି ପିତାଙ୍କର ପଦବନ୍ଦନ କଲେ । ତହୁଁ ଦଶରଥ ପୁତ୍ରଦୁହିଁଙ୍କୁ ବିଶ୍ୱାମିତ୍ରଙ୍କ ହସ୍ତରେ ସମର୍ପଣ କଲେ ଏବଂ ଋଷିଙ୍କ ଆଜ୍ଞାନୁବର୍ତ୍ତୀ ହେବା ସକାଶେ ସେମାନଙ୍କୁ ଆଦେଶ ପ୍ରଦାନ କଲେ । ରାମ ଲକ୍ଷ୍ମଣ ପ୍ରଥମ ସମରଯାତ୍ରା କଲେ । ପୁରୋଧା ବିପ୍ରଗଣ ମଙ୍ଗଳମନ୍ତ୍ର ଆବୃତ୍ତି କଲେ । ବିଶ୍ୱାମିତ୍ର ଆଗରେ ଚାଲିଲେ, ରାମ ଲକ୍ଷ୍ମଣ ଗୁରୁ ପଛରେ ଚେଲା ପରି ତାଙ୍କର ଅନୁଗମନ କଲେ ।

## ତୃତୀୟ ପରିଚ୍ଛେଦ

ରାମ, ଲକ୍ଷ୍ମଣ ଓ ବିଶ୍ୱାମିତ୍ର ଗଭୀର ଅରଣ୍ୟ ମଧ୍ୟରେ ଯାଉଁ ଯାଉଁ ବିଶ୍ୱାମିତ୍ର ରାମଚନ୍ଦ୍ରଙ୍କୁ କହିଲେ—"ମହାରାଜକୁମାର, ତୁମ୍ଭେ ବଳା, ଅତି ବଳାନାମ୍ନୀ ଦୁଇଟି ମହାବିଦ୍ୟା ମୋଠାରୁ ଶିକ୍ଷାକର । ସେହି ବିଦ୍ୟା ପ୍ରଭାବରେ କ୍ଷୁଧାତୃଷାର ବାଧା ଜଣାଯାଏ ନାହିଁ । ବହୁକାଳଯାଏଁ ନିରାହାର ରହିଲେ ସୁଦ୍ଧା ବଳହାନି ହୁଏ ନାହିଁ, ଏହା ଶିଖିଲେ ତୁମ୍ଭେ ଅସୁରକୁଳର ଅଧର୍ଷଣୀୟ ହେବ ।" ରାମଚନ୍ଦ୍ର ଏହା ଶୁଣି ଆନନ୍ଦପ୍ରକାଶପୂର୍ବକ ତାପସପ୍ରବର ବିଶ୍ୱାମିତ୍ରଙ୍କ ପାଦମୂଳରେ ପ୍ରଣାମ କରି କହିଲେ—"ଗୁରୁଦେବ, ଆପଣଙ୍କ ଆଜ୍ଞା ଏ ସେବକର ଶିରୋଧାର୍ଯ୍ୟ ।" ଅନନ୍ତର ରାମ ଲକ୍ଷ୍ମଣ ଦୁହେଁ ସ୍ନାନ କରିଆସି ଶୁଦ୍ଧପୂତ ମନରେ ଉକ୍ତ ମହୋପକାରିଣୀ ଗୁରୁବିଦ୍ୟା ଶିକ୍ଷାକଲେ । ତାଡ଼କା ବନ ନିକଟରେ ଉପସ୍ଥିତ ହୋଇ ବିଶ୍ୱାମିତ୍ର ରାମଚନ୍ଦ୍ରଙ୍କୁ କହିଲେ—"ବତ୍ସ, ଅବହିତ ହୁଅ । ଏଠାରୁ ଅଳ୍ପ ଦୂରରେ ତାଡ଼କାନାମ୍ନୀ ଦୁରନ୍ତା ରାକ୍ଷସୀର ବାସ । ସେହି ଦୁଷ୍ଟା ଯୋଗୁଁ ତପୋବନ ଶ୍ମଶାନ ହୋଇଅଛି । ସାମଗ ଯେ କେତେ ଯୋଗୀ, ତପସ୍ୱୀଙ୍କୁ ଆହାର କରିଛି, ସେଥିର ସଂଖ୍ୟା ନାହିଁ । ପାପୀୟସୀର କ୍ଷୁଧା କି ସାମାନ୍ୟ ନୁହେଁ, ତପଃକ୍ଷୀଣ ବିପ୍ର ତପସ୍ୱିବର୍ଗହିଁ ତାହାର ପ୍ରିୟ ଫଳାହାର । ଦଶଜଣ ତପସ୍ୱୀ ତାହାର ଜଳଯୋଗକୁ ନିଅଣ୍ଟ । ସେ ଦେବ, ଦାନବ, ଯକ୍ଷ, ରାକ୍ଷସ ସମସ୍ତଙ୍କର ଅଜେୟ । ତାହାର ବିକଟ ରଡ଼ି ଶୁଣିଲେ ପିଣ୍ଡରୁ ପ୍ରାଣ ଛାଡ଼ିଯାଏ । ତୁମ୍ଭେ ସେହି ବ୍ରହ୍ମଘାତିନୀକୁ ସଂହାର କରି ଅତୁଳ ଧର୍ମ ଓ ଯଶରାଶିରେ ମଣ୍ଡିତ ହୁଅ ।" ରାମଚନ୍ଦ୍ର ଏହା ଶୁଣି ଧନୁଷ୍ଟଙ୍କାର କଲେ । ସେହି ନିର୍ଘାତ ଶବ୍ଦ ପ୍ରଳୟ କାଳର ଘନଘଟା ତୁଲ୍ୟ ରାକ୍ଷସୀର କର୍ଣ୍ଣପଟହ ଛନ୍ନଭିନ୍ନ କରିଦେଲା । ତହୁଁ ସେ ମହାକ୍ରୋଧରେ ଗର୍ଜିଉଠି ଧୂଳିରେ ଅନ୍ଧକାର ସୃଷ୍ଟି କରି ଝଡ଼ ବେଗରେ ଧାବମାନ ହେଲା । ପ୍ରଥମେ

ସେ ବିଶ୍ୱାମିତ୍ରଙ୍କୁ ଆକ୍ରମଣ କରିବାକୁ ଆସିଲା; ମାତ୍ର ଋଷି ହୁଙ୍କାର ଶବ୍ଦରେ ତାକୁ ସ୍ତମ୍ଭୀଭୂତ କରିଦେଲେ । ତାଡ଼କା ସେଠାରୁ ଫେରି ରାମଚନ୍ଦ୍ରଙ୍କ ଆଡ଼କୁ ଧାଇଁଲା । ରାମଚନ୍ଦ୍ର ତାହାର ବୀଭତ୍ସ ବିକୃତ ରୂପ ଦେଖି ହସି ଉଠିଲେ ଏବଂ ତତ୍‌କ୍ଷଣାତ୍ ତୀକ୍ଷ୍ଣାସ୍ତ୍ର ପ୍ରୟୋଗ କରି ତାହାର ତାଳତରୁ ସଦୃଶ ବନ୍ଧୁର ଧୂସର ପ୍ରକାଣ୍ଡ ବାହୁଦ୍ୱୟ ଛେଦନ କଲେ । ତହିଁପରେ ରାମପ୍ରାଣ ବୀରଚୂଡ଼ା ଲକ୍ଷ୍ମଣଙ୍କ ଅବ୍ୟର୍ଥ ଅସ୍ତ୍ରରେ ତାହାର ନାସାକର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଲା । ତହୁଁ ମାୟାବିନୀ ମାୟା ବିସ୍ତାର କରି ପ୍ରସ୍ତର ବୃଷ୍ଟି କରିବାକୁ ଲାଗିଲା । ତାହାର ଭୀଷଣ ଗର୍ଜନରେ ଅରଣ୍ୟ ପ୍ରକୃତି ଥରହର ହୋଇ ବିକମ୍ପିତ ହେଲା । ଏହି ସମୟରେ ବିଶ୍ୱାମିତ୍ର ରାମଚନ୍ଦ୍ରଙ୍କୁ କହିଲେ—ରାଜନନ୍ଦନ, ସନ୍ଧ୍ୟା ଆଗତ ପ୍ରାୟ, ସନ୍ଧ୍ୟା ହେଲେ ତାଡ଼କା ସମଧିକ ବଳ ଲାଭ କରିବ । ସନ୍ଧ୍ୟାବେଳେ ରାକ୍ଷସମାନେ ଦୁର୍ଦ୍ଧର୍ଷ ହୋଇଉଠନ୍ତି । ଅତଏବ ତୁମ୍ଭେ ବିଳମ୍ବ ନ କରି ପାପିଷ୍ଠା ରାକ୍ଷସୀର ପ୍ରାଣ ସଂହାର କର ।" ଗୁରୁବତ୍ସଳ ରାମ ଗୁରୁ-ଆଜ୍ଞାରେ ସଂହାରାସ୍ତ୍ର ପ୍ରୟୋଗ କଲେ । ରାକ୍ଷସୀ ବିଦ୍ଧବକ୍ଷା ହୋଇ ବଜ୍ରାଘାତରେ ପ୍ରକାଣ୍ଡ ତରୁ ପ୍ରାୟ ତଳେ ପଡ଼ି ପ୍ରାଣତ୍ୟାଗ କଲା । ରାମଚନ୍ଦ୍ରଙ୍କ ଜୀବନରେ ଏହା ପ୍ରଥମ ଯୁଦ୍ଧ । ଏ ଯୁଦ୍ଧ ଜୟକୁ ମୁନିଋଷିମାନେ ତାଙ୍କ ଭାବୀ ଜୀବନର ଶୁଭ ସୂଚନା ମଣିଲେ । ସେମାନେ ଆଶୀର୍ବାଦ କରି କହିଲେ—"ଆଜି ବିଜୟଲକ୍ଷ୍ମୀ ତୁମ୍ଭଙ୍କୁ ଆଶ୍ରୟ କଲେ, ସେ ଆଜୀବନ ତୁମ୍ଭ ପାଖରେ ଅଚଳା ହୋଇ ରହିବେ ।" ବିଶ୍ୱାମିତ୍ର ଅତୀବ ସନ୍ତୁଷ୍ଟ ହୋଇ ରାମଙ୍କର ମଙ୍ଗଳ କାମନା କଲେ । ସେ ରାମଚନ୍ଦ୍ରଙ୍କୁ "ଦଣ୍ଡଚକ୍ର, କାଳଚକ୍ର, ଧର୍ମଚକ୍ର, ବିଷ୍ଣୁଚକ୍ର, ବଜ୍ରାସ୍ତ୍ର, ବ୍ରହ୍ମାସ୍ତ୍ର, ବ୍ରହ୍ମଶିରା, ଐଷିକ" ପ୍ରଭୃତି ଭୁବନ-ବିଜୟୀ ମହାସ୍ତ୍ରମାନ ପ୍ରଦାନ କଲେ । ପ୍ରୟୋଗ ଓ ସମ୍ବରଣ ମନ୍ତ୍ର ସହ ରାମଚନ୍ଦ୍ର ତାହା ସବୁ ପରିଗ୍ରହଣ କରି କୃତାଞ୍ଜଳିପୁଟରେ କୃତଜ୍ଞତା ଜ୍ଞାପନ କଲେ ଏବଂ ଗୁରୁପଦତଳେ ଭକ୍ତିରେ ଅଭିବାଦନ କଲେ । ବିପୁଳ ଆନନ୍ଦରେ ତାଙ୍କର ହୃଦୟ ଉଦ୍‌ବେଳିତ ହୋଇଉଠିଲା । ବୀର ପକ୍ଷରେ ବୀରଭୂଷଣ ଅସ୍ତ୍ର ଲାଭ ସିନା ଚୂଡ଼ାନ୍ତ ପୁରସ୍କାର ! ସେ ବିନୟ ପ୍ରକାଶ କରି କହିଲେ—"ଗୁରୁଦେବ, ଆପଣଙ୍କର ଏ ଦୁର୍ଲଭ ମହାଦୟାର ପ୍ରତିଦାନ ଏ ସେବକ କଅଣ ଦେଇପାରିବ ! ଖାଲି ସେବା, ଭକ୍ତି ଏହାର ପ୍ରତିଦାନ ନୁହେଁ, ତାହାଠାରୁ ବଳି ଆଉ ଯଦି କିଛି ଥାଆନ୍ତା, ତେବେ ଅବା ତାହା ତୁଳ୍ୟ ହୋଇପାରନ୍ତା ।" ବିଶ୍ୱାମିତ୍ର ଏ କଥାରେ ଏକାବେଳକେ ମୁଗ୍ଧ ହୋଇଯାଇ କହିଲେ—"ନୃପାତ୍ମଜ, ଏଭଳି ଭକ୍ତି, ବିନୟ, ସୌଜନ୍ୟ, ଶିଷ୍ଟାଚାର ତୁମ୍ଭଠାରେ ଏକା ସମ୍ଭବ । ତୁମ୍ଭେ ମହାବଂଶ ଅଳଙ୍କୃତ କରିଅଛ, ତୁମ୍ଭର କଥା ସୁଦ୍ଧା ମହା ମୂଲ୍ୟବାନ୍ ।"

ଏଥିଉତ୍ତାରୁ ସମସ୍ତେ ଯାଇ ସିଦ୍ଧାଶ୍ରମରେ ଉପସ୍ଥିତ ହେଲେ । ଅହୋ, କି ନିବିଡ଼ ଭୟଙ୍କର ବନ ! ସର୍ବଦା ନୀରବ, ନିସ୍ତବ୍ଧ । ସେଠାରେ ସମସ୍ତେ ଯେପରି ମୌନ ! ସେହି ମୌନର ନୀରବ ବାଣୀ ବ୍ୟକ୍ତ ହୋଇ ଉଠୁଅଛି । ଶାଳ, ତାଳ ପ୍ରଭୃତି ଉତ୍ତୁଙ୍ଗ ବୃକ୍ଷମାନେ ଏକଗୋଡ଼ିଆ ଭୂତ ପରି ପଲ୍ଲବ ଧରି ଠେସାଠେସି ହୋଇ ଠିଆ ହୋଇଛନ୍ତି । ସ୍ଥାନେ ସ୍ଥାନେ ଅନ୍ଧାର ବାଟ ହୁଡ଼ିଲା ପରି ଏଣେ ତେଣେ ବୁଲି ବୁଲୁଅଛି । ନିର୍ଝରର ଝର୍ଝର ଶବ୍ଦରେ ବନ ମୁଖରିତ । ସତେ ଯେପରି ଜଳତରଙ୍ଗ-ଯନ୍ତ୍ରର ମଧୁର ନିକ୍ୱଣ ଝଙ୍କାରିତ ହୋଇଉଠୁଅଛି । ରାମଚନ୍ଦ୍ର ବନ ଦେଖି ପରମାନନ୍ଦ ଉପଭୋଗ କଲେ । ସିଦ୍ଧାଶ୍ରମବାସୀ ଋଷିବୃନ୍ଦ ତାଙ୍କୁ ଦେଖି ଦେହରେ ନବଶକ୍ତି ଲାଭ କଲା ଭଳି ମଣିଲେ । ସେମାନେ ଉପଯୁକ୍ତ ଆଶ୍ରୟ ପାଇ ବିପୁଳ ଉତ୍ସାହରେ ଯଜ୍ଞରେ ଦୀକ୍ଷିତ ହେଲେ । ବିଶ୍ୱାମିତ୍ରଙ୍କ ଇଙ୍ଗିତକ୍ରମେ ରାମଚନ୍ଦ୍ର ଓ ଲକ୍ଷ୍ମଣ ଧନୁର୍ବାଣ ଧରି ସେମାନଙ୍କ ରକ୍ଷାରେ ନିଯୁକ୍ତ ରହିଲେ । ଯଜ୍ଞଧୂମରାଶି ଆକାଶରେ ଦିଶିଲାକ୍ଷଣି ମାରୀଚ ଓ ସୁବାହୁ ନାମକ କାମଗତି ରାକ୍ଷସଦ୍ୱୟ ଦଳବଳ ସହ ଶୂନ୍ୟରେ ରହି ତପୋବନ ଉପରେ ରୁଧିର ବୃଷ୍ଟି କଲେ । ତହୁଁ ରାମ ଲକ୍ଷ୍ମଣ ଦୁଇ ଭାଇ ସେହି ରାକ୍ଷସ-ବାହିନୀକୁ ଲକ୍ଷ୍ୟ କରି ବାଣ ପ୍ରହାର କଲେ । ସୁବାହୁ ରାମ-ବାଣରେ ବିଦ୍ଧ ହୋଇ ଭୂପତିତ ହେଲା ଏବଂ ରୁଦ୍ରଦର୍ଶନ ମାରୀଚକୁ ହାଲୁକା ଶର ଧକ୍କା ମାରି ମାରି ନେଇ ଶତ ଯୋଜନ ଦୂରବର୍ତ୍ତୀ ସମୁଦ୍ରଗର୍ଭରେ ନିକ୍ଷେପ କଲା । ସେହିଦିନଠୁ ଭୟରେ ସେ ଆଉ ସିଦ୍ଧାଶ୍ରମ ମାଡ଼ିଲା ନାହିଁ । ଏହି

ମାରୀଚ ମୃତା ଅସୁରୀ ତାଡ଼କାର ପୁତ୍ର । ସୁବାହୁ, ମାରୀଚ ଉଭୟ ଦଳପତିର ମୃତ୍ୟୁ ଦେଖି ତାଙ୍କ ଅନୁଚରମାନେ ପ୍ରାଣଭୟରେ ବ୍ୟାକୁଳ ହୋଇଉଠିଲେ । ସେଥିମଧ୍ୟରୁ ଅଧିକାଂଶ ରାମଲକ୍ଷ୍ମଣଙ୍କ ଶରରେ ବିଶିଷ୍ଟ ଅତିଥି ହୋଇ ଉପଯୁକ୍ତ ସତ୍କାର ପାଇ ଯମ ରାଜାଙ୍କ ନଗରକୁ ଗଲେ ଏବଂ ଅବଶିଷ୍ଟ ଶକଳାଙ୍ଗ ଛତ୍ରଭଙ୍ଗ ହୋଇ ପ୍ରାଣ ଘେନି ଯେ ଯେଉଁଆଡ଼କୁ ପାରିଲା ସେଆଡ଼କୁ ପଳାଇଯାଇ ଆତ୍ମରକ୍ଷା କଲେ । ସିଦ୍ଧାଶ୍ରମ ନିଷ୍କଣ୍ଟକ ହେଲା, ହୁଙ୍କାର, ମଡ଼ର ଉପଦ୍ରବରୁ ପବିତ୍ର ତୀର୍ଥର ପୁନରୁଦ୍ଧାର ହେଲା । ସିଦ୍ଧାଶ୍ରମବାସୀ ତପୋଧନବୃନ୍ଦ ରାମଚନ୍ଦ୍ରଙ୍କ ମସ୍ତକରେ ଆଶୀର୍ବାଦ ବର୍ଷଣ କଲେ । ରାମଚନ୍ଦ୍ର ଜୟଶ୍ରୀମଣ୍ଡିତ ହୋଇ ପ୍ରସନ୍ନତା ଲାଭ କଲେ । ସେ ଲକ୍ଷ୍ମଣ ସହ ସିଦ୍ଧାଶ୍ରମରେ ମୁନିମାନଙ୍କ ସହବାସରେ କେତେ ଦିନ ଅତିବାହିତ କଲେ ।

ଦିନେ ବିଶ୍ୱାମିତ୍ର ରାମଙ୍କୁ କହିଲେ—"ଅଯୋଧ୍ୟା-ସୁନ୍ଦର, ମିଥିଳାର ରାଜର୍ଷି ଜନକ ଯଜ୍ଞ କରିବେ । ଆମ୍ଭେ ସିଦ୍ଧାଶ୍ରମବାସୀ ଋଷିବର୍ଗ ସେହି ଯଜ୍ଞରେ ନିମନ୍ତ୍ରିତ ହୋଇଅଛୁ । ଆଜି ସମସ୍ତେ ମିଥିଳା ଯାତ୍ରା କରିବୁ । ତୁମ୍ଭେ ଦୁଇ ଭାଇ ମଧ୍ୟ ଆମ୍ଭମାନଙ୍କ ସଙ୍ଗରେ ଚାଲ । ସେଠାରେ ଯଜ୍ଞ ଓ ଆଶ୍ଚର୍ଯ୍ୟ ଧନୁ ଦେଖିବ । ତାହା ଦେଖିବା ତୁମ୍ଭମାନଙ୍କର ପ୍ରୟୋଜନୀୟ । ଜନକ ରାଜା ଗୋଟିଏ ଧନୁ ରଖି ସେ ଧନୁରେ ଯେ ଗୁଣ ଦେବ, ତାକୁ ସ୍ୱୀୟ କନ୍ୟା ସୀତାଙ୍କୁ ପ୍ରଦାନ କରିବେ ବୋଲି ପଣ କରିଛନ୍ତି । ତାହା ଶିବଙ୍କର ଧନୁ । ସେ ଧନୁରେ ଦେବତା, ଯକ୍ଷ, ରକ୍ଷ, ନର, କିନ୍ନର କେହି ଗୁଣ ଚଢ଼ାଇପାରନ୍ତି ନାହିଁ । ବହୁ ଦେଶରୁ ରାଜା ରାଜପୁତ୍ରମାନେ ଆସି ସେହି ସୁକଠୋର ଅଗ୍ନିପରୀକ୍ଷାରେ ବ୍ୟର୍ଥକାମ ହୋଇ ବାହୁଡ଼ିଗଲେଣି । ତୁମ୍ଭେ ତ ସେହି ଅଦ୍ଭୁତ ଧନୁ ଦେଖିନାହଁ ?" ଧନୁ ନାମ ଶୁଣି ରାମଚନ୍ଦ୍ରଙ୍କର କୌତୂହଳ ଜାତ ହେଲା । ସେ ଯିବାକୁ ସମ୍ମତ ହେବାରୁ ମୁନିମାନେ ତାଙ୍କୁ ସଙ୍ଗରେ ଘେନି ମିଥିଳାଭିମୁଖରେ ଶୁଭଯାତ୍ରା କଲେ । ଆଶ୍ରମବାସୀ ମୃଗଶାବକ ତାଙ୍କର ସ୍ନେହମାୟା ତେଜି ନ ପାରି ପଛେ ପଛେ ଚାଲିଲେ । ପକ୍ଷୀବୃନ୍ଦ ହର୍ଷକାକଳି କରି କରି ମୁଣ୍ଡ ଉପରେ ଉଡ଼ି ଚାଲିଲେ । ଏହି ଆଶ୍ଚର୍ଯ୍ୟ ଦୃଶ୍ୟ ଦେଖି ରାମଚନ୍ଦ୍ର ମୁଗ୍ଧ ହୋଇଗଲେ । ସେ ମନେ ମନେ କହିଲେ—"ଧନ୍ୟ ଋଷି, କୋଟି ଧନ୍ୟ ତୁମ୍ଭର ତପୋବଳ ! ବନର ପଶୁପକ୍ଷୀ ମଧ୍ୟ ତୁମ୍ଭମାନଙ୍କ ସାଧୁ ସଦୟ ସରଳ ବ୍ୟବହାରରେ ବଶୀଭୂତ ହୋଇ ଆତ୍ମବଶ୍ୟ କରିଅଛନ୍ତି—ଏହା ଅପେକ୍ଷା ତପସର ଉତ୍ତମ ଆଦର୍ଶ ଆଉ କଅଣ ହୋଇପାରେ ?"

ରାମଚନ୍ଦ୍ର ଓ ଲକ୍ଷ୍ମଣ ମୁନିମାନଙ୍କ ଗହଣରେ କାନନ-କମଳାର ଶୋଭା ଦେଖି ଦେଖି ଅଗ୍ରସର ହେବାକୁ ଲାଗିଲେ । ଆହା, କି ନେତ୍ର-ଶୀତଳ ରମଣୀୟ ଦୃଶ୍ୟ ! ଯେମନ୍ତ କି ଶୋଭା ଉପରେ ଅନ୍ୟ ଶୋଭା, ତାହା ଉପରେ ମହାଶୋଭା ଢଳି ପଡ଼ିଅଛି । ସେହି ଶୋଭାରାଶି ମଧ୍ୟରେ ଅରଣ୍ୟ ପ୍ରକୃତିର ମନ୍ଦହାସ ଖେଳି ବୁଲୁଅଛି । ଯେଉଁ ଆଡ଼କୁ ଚାହିଁଲେ ସେଆଡ଼େ ଆଖି ଲାଖି ରହୁଅଛି, ସହଜରେ ସେଠାରୁ ଗୋଡ଼ କାଢ଼ିବାକୁ ମନ ନାହିଁ । ରାମଲକ୍ଷ୍ମଣ ଦୁଇଭାଇଙ୍କର ମନନେତ୍ର ସେହି ଶୋଭା-ସାଗରରେ ସନ୍ତରଣ କରି ଚାଲିଲା । ରାମଚନ୍ଦ୍ର କହିଲେ—"ଲକ୍ଷ୍ମଣ, ଏହି ଅରଣ୍ୟ-ପ୍ରକୃତି ପୃଥିବୀର ଆଦି ସଭ୍ୟତାର ଜନ୍ମଭୂମି । ଶାସ୍ତ୍ର, ନ୍ୟାୟ, ଧର୍ମ, ବେଦାନ୍ତ, ଦର୍ଶନ, ବିଜ୍ଞାନ ପ୍ରଭୃତି ମାନବ-ସଭ୍ୟତାର ଯାବତୀୟ ଉପାଦାନ ଏହିଠାରୁ ଯାଇ ଜଗତରେ ବ୍ୟାପ୍ତ ହୋଇଅଛି । ଏହି ଅରଣ୍ୟର ମହିମାରେ ଜଗତ ମହିମାନ୍ୱିତ । ମାତୃପ୍ରତିମ, ମହୋପକାରିଣୀ ଏହି ବନଲକ୍ଷ୍ମୀ ସମସ୍ତଙ୍କର ନମସ୍ୟା ।" ରାମଚନ୍ଦ୍ର ହାତ ଯୋଡ଼ି କାନନ-ପ୍ରକୃତିଙ୍କୁ ନମସ୍କାର କଲେ । ତାଙ୍କ ଦେଖାଦେଖି ଲକ୍ଷ୍ମଣ ମଧ୍ୟ ଶ୍ରଦ୍ଧା-ଭକ୍ତି-ପୂତ ଚିତ୍ତରେ ଦେବୀଙ୍କ ଉଦ୍ଦେଶ୍ୟରେ ଦଣ୍ଡବତ କଲେ । ଅନନ୍ତର ସମସ୍ତେ ପତିତପାବନୀ ଗଙ୍ଗା ନଦୀ ପାରି ହୋଇ ଗୌତମ-ଆଶ୍ରମରେ ଯାଇ ଉପସ୍ଥିତ ହେଲେ । ସେଠାରେ ଗୌତମ ଋଷିଙ୍କ ପତ୍ନୀ ଅହଲ୍ୟା ପତି-ଶାପରେ ପାଷାଣ ହୋଇ ପଡ଼ିରହିଥିଲେ । ରାମଚନ୍ଦ୍ରଙ୍କ ପଦସ୍ପର୍ଶମାତ୍ରେ ସେ ଶାପମୁକ୍ତା ହୋଇ ନିଜ ରୂପ ଧରି ଉଭା ହେଲେ । ପାଷାଣ ଦିବ୍ୟ ନାରୀମୂର୍ତ୍ତିରେ ପରିଣତ ହେଲା, ମୁହୂର୍ତ୍ତକ ମଧ୍ୟରେ ସ୍ୱପ୍ନରାଜ୍ୟର ଦ୍ୱାର ଯେପରି

କିଏ ଖୋଲି ଦେଇଗଲା ! ସମସ୍ତେ ଦେଖିଲେ— ଅନନ୍ୟା ସୁନ୍ଦରୀ ଅହଲ୍ୟା ବିଧାତା-ସୃଷ୍ଟ ସୌନ୍ଦର୍ଯ୍ୟର ଶେଷ ସୀମା । ମୁନିମାନେ ମନେ ମନେ କହିଲେ— "ଦେବେନ୍ଦ୍ର ମୋହିତ ହେବା ଭଳି ରୂପ ଏହା !" ବିନା ଦୋଷରେ ଦଣ୍ଡିତ ହେବାରୁ ସତୀଙ୍କର ମୁଖ ମ୍ଳାନ ହେଲେହେଁ ମେଦୁର । ଅହଲ୍ୟା ରାମଚନ୍ଦ୍ରଙ୍କୁ ପ୍ରଦକ୍ଷିଣ ଏବଂ ମୁନିମାନଙ୍କୁ ପ୍ରଣାମ କରି ପତିଙ୍କ ସଙ୍ଗେ ମିଳନାର୍ଥେ ଶୀଘ୍ର ପ୍ରସ୍ଥାନ କଲେ । ତହୁଁ ରାମଚନ୍ଦ୍ର, ଲକ୍ଷ୍ମଣ ଓ ମୁନିମାନେ ମିଥିଳାଭିମୁଖରେ ଯାତ୍ରା କଲେ ।

## ଚତୁର୍ଥ ପରିଚ୍ଛେଦ

ବିଶ୍ୱପିତା ବିଷ୍ଣୁ ଅଯୋଧ୍ୟାରେ ଜନ୍ମଗ୍ରହଣ କଲା ପରେ ଲୋକମାତା ଲକ୍ଷ୍ମୀ ଆସି ମିଥିଳା ରାଜ୍ୟରେ ଆବିର୍ଭୂତା ହେଲେ । ମହାକାର୍ଯ୍ୟ ସାଧନ ଯେ ମହାଶକ୍ତିସାପେକ୍ଷ, ଏହା ତୋଳିବା ବାହୁଲ୍ୟମାତ୍ର । ବିଷ୍ଣୁଙ୍କ ଶକ୍ତିରେ ପ୍ରକୃତିରୂପିଣୀ ଲକ୍ଷ୍ମୀଙ୍କର ଶକ୍ତି ନ ମିଶିଲେ ଦୁଷ୍ଟଦମନ, ଶିଷ୍ଟପାଳନ ଓ ଧର୍ମସଂରକ୍ଷଣ ପ୍ରଭୃତି ଦୁରୁହ ମହତ୍ କାର୍ଯ୍ୟ କରି ହେବ ନାହିଁ । ପ୍ରକୃତି ଓ ପୁରୁଷ ଉଭୟର ଶକ୍ତି ମିଶିଲେ ସେହି ମହାଶକ୍ତିକୁ କେହି ଅତିକ୍ରମ କରିପାରେ ନାହିଁ । ବର୍ତ୍ତମାନ ଯାହାକୁ ତିରୁହୁତ କହନ୍ତି, ତାହାର ପୌରାଣିକ ନାମ ମିଥିଳା ଥିଲା । ପୂର୍ବେ ସେଠାରେ ଜନକ ନାମରେ ଜଣେ ରାଜର୍ଷି ରାଜପଣ କରୁଥିଲେ । ଦିନେ ସେହି ଜନକ ରାଜା ଯଜ୍ଞଶାଳା ନିର୍ମାଣ କରିବା ସକାଶେ ଖଣ୍ଡେ ଭୂମି କର୍ଷଣ କରୁଁ କରୁଁ ଫାଳ ମୂନ ବାଜି ମାଟି ଭିତରୁ ଗୋଟାଏ ପେଡି ବାହାରିଲା । ସେହି ପେଡି ଭିତରେ ଗୋଟିଏ ସଦ୍ୟୋଜାତ ସୁନ୍ଦରୀ ଶିଶୁ କନ୍ୟା ଶାୟିତା । ଶିଶୁର ଦେହରୁ ଉଜ୍ଜ୍ୱଳ ଜ୍ୟୋତି ନିର୍ଗତ ହେଉଅଛି । ସେହି ଜ୍ୟୋତିରେ ଦିଗ ଆଲୋକିତ ହୋଇ ଉଠୁଅଛି । ସେ ଦେବଶିଶୁ କି ନରଶିଶୁ କିମ୍ବା ଜ୍ୟୋତିର୍ଘଟିତ ମୂର୍ତ୍ତି, ପ୍ରଥମ ଦୃଷ୍ଟିରେ ଜନକ କିଛି ସ୍ଥିର କରିପାରିଲେ ନାହିଁ । ଏତେ ସୌନ୍ଦର୍ଯ୍ୟ ଯେ ମନୁଷ୍ୟ ଦେହରେ ସମ୍ଭବ ହୋଇପାରେ, ଏହା ବିଶ୍ୱାସ କରି ହେଲା ନାହିଁ । ସତେ ଯେପରି ରବିଜ୍ୟୋତିରେ ଚନ୍ଦ୍ରଜ୍ୟୋତ୍ସ୍ନାର ସୁଷମା ମିଶାଇ ସ୍ୱପ୍ନ ରାଜ୍ୟରେ ମୂର୍ତ୍ତି ଗଢା ହୋଇଛି ଅଥବା ଏହା ଅନ୍ତରନିର୍ମିତ ଲାବଣ୍ୟପ୍ରତିମା, ବିଧାତା-ବିନ୍ଦାଣିର କଳ୍ପ ଯୁଗବ୍ୟାପୀ ସୌନ୍ଦର୍ଯ୍ୟ-କଳ୍ପନା ପ୍ରାଣ ପାଇ ରୂପ ଧାରଣ କରିଅଛି । ମହର୍ଷି ଜନକ ରାଜା କନ୍ୟାଟିକୁ ଦେଖି ବିସ୍ମୟରେ ଅଭିଭୂତ ହୋଇଗଲେ । ପରେ ଧ୍ୟାନପରାୟଣ ହୋଇ ଯୋଗବଳରେ ଜାଣିପାରିଲେ ଯେ—ବିଷ୍ଣୁପ୍ରିୟା ଲକ୍ଷ୍ମୀ ବୈକୁଣ୍ଠପୁର ଛାଡି ଧରାଧାମରେ ଅବତୀର୍ଣ୍ଣ ହୋଇଅଛନ୍ତି । ତହୁଁ ସେ ମହାନନ୍ଦରେ ବିହ୍ୱଳ ହୋଇ କନ୍ୟାଟିକୁ କୋଳରେ ଧରି ଘରକୁ ଆସିଲେ । ଲଙ୍ଗଳର ଫାଳକୁ ସୀତା କୋଲି କହନ୍ତି । କନ୍ୟାଟି ଫାଳରୁ ଜାତ ହୋଇଥିବାରୁ ତାହାର ନାମ ସୀତା ରଖାଗଲା । ସୀତା ଜନକ ରାଜାଙ୍କ ଅନ୍ତଃପୁରରେ କନ୍ୟାଠାରୁ ଅଧିକ ସ୍ନେହ ଓ ଯତ୍ନରେ ପ୍ରତିପାଳିତ ହେଲେ । ରାଜଦମ୍ପତିଙ୍କ ଅସୀମ ଆଦର ଯତ୍ନ ମଧ୍ୟରେ ପୃଥିବୀ-କନ୍ୟା ସୀତା ଅଶାସ୍ତୀର ଆଶାଲତା ପରି କ୍ରମଶଃ ବଢିବାକୁ ଲାଗିଲେ । ବୟୋବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କ ଅନିନ୍ଦ୍ୟ ରୂପକୁସୁମର ସ୍ନିଗ୍ଧ ସୌରଭ ଚାରିଆଡ଼େ ମହକି ଉଠିଲା । କ୍ରମେ ସେ ବିବାହଯୋଗ୍ୟ ବୟସରେ ପଦାର୍ପଣ କଲେ । ଜନକ ଏ ରୂପ ବିଦୁଷୀ, ଗୁଣବତୀ ଦେବକନ୍ୟାକଳ୍ପା କନ୍ୟାକୁ କାହାକୁ ସମ୍ପ୍ରଦାନ କରିବେ, କନ୍ୟାର ଅନୁରୂପ ବର ବା ଭୂମଣ୍ଡଳରେ କିଏ, କିଛି ସ୍ଥିର କରି ନ ପାରି ପ୍ରତିଜ୍ଞା କଲେ, ଯେ ଶିବଧନୁ ଭାଙ୍ଗିବ, ସୀତାଙ୍କୁ ସେ ତାହାରି ହାତରେ ସମର୍ପଣ କରିବେ । ଏଭଳି ପ୍ରତିଜ୍ଞା ବାସ୍ତବରେ ଅସଙ୍ଗତ ନୁହେଁ । ଶୋଭାର ଉପଯୁକ୍ତ ବର ଶୌର୍ଯ୍ୟ, ଏ ବିଧିନିର୍ବନ୍ଧ ସବୁଯୁଗରେ ଚଳିଆସୁଅଛି । ଶୋଭା-ସାମ୍ରାଜ୍ୟର ପାଟେଶ୍ୱରୀ ସ୍ୱର୍ଣ୍ଣାଙ୍ଗୀ ବିଦ୍ୟୁତ୍ ଶୀତଳ ଜଳଦକୁ ଛାଡି ପ୍ରଚଣ୍ଡ ଅଗ୍ନିଗର୍ଭ ବଜ୍ରକୁ ବରଣ କରିଅଛି, ବନସ୍ଥଳି ଜେମା ସୁହାସୀ ସୁକୁମାରୀ କୁସୁମସୁନ୍ଦରୀ ଦାରୁ ଭେଦଦକ୍ଷ କଠୋର-ହୃଦୟ ଭ୍ରମର ପାଦରେ ଆତ୍ମଦାନ କରିଅଛି । ଶୌର୍ଯ୍ୟ ବିନା ଶୋଭାକୁ ସୁଖୀ କରିବ କିଏ ? କୋମଳାଙ୍ଗୀ ସୂର୍ଯ୍ୟମୁଖୀ ସୂର୍ଯ୍ୟଦର୍ଶନରେ ସୁଖୀ ହୁଏ ବୋଲି ସିନା ନିନିମେଷ ନେତ୍ରରେ ଦିନସାରା ସୂର୍ଯ୍ୟଙ୍କୁ ଚାହିଁ ରହିଥାଏ !

ସେହିଦିନଠାରୁ ଶିବଙ୍କର ମହାଧନୁ ଜନକ ରାଜାଙ୍କ ଘରେ ସୁରକ୍ଷିତ ହୋଇ ପୂଜିତ ହେଉଥିଲା ।

ମିଥିଳାପତି ରାଜର୍ଷି ଜନକଙ୍କ ଧନୁର୍ଭଙ୍ଗ ପଣ ଶୁଣି ଅନେକ ରାଜା ଓ ରାଜପୁତ୍ର ବୀର୍ଯ୍ୟ ପରୀକ୍ଷା ସକାଶେ ମିଥିଳା ରାଜଧାନୀକୁ ଧାଇଁ ଦେବାକୁ ଲାଗିଲେ; ମାତ୍ର ଧନୁର୍ଭଙ୍ଗରେ ଅକୃତକାର୍ଯ୍ୟ ହୋଇ ଦାରୁଣ ଲଜ୍ଜାର ଭାର ମୁଣ୍ଡରେ ବହି ଫେରିଯିବାକୁ ବାଧ୍ୟ ହେଲେ । ବିଶେଷତଃ ତ୍ରିକାଳିକ ମହାପ୍ରତାପୀ, ମହା ତେଜସ୍ୱୀ ରାଜା ସହସ୍ର-ବାହୁ ଅର୍ଜୁନ, ଜଗଦ୍ବିଜୟୀ ଶ୍ରେଷ୍ଠ ଅମର-ତ୍ରାସ ରାକ୍ଷସରାଜ ରାବଣ, ଲବଣ, ବାଣ ପ୍ରଭୃତି ଉଗ୍ରତେଜା ବୀରମାନେ ଅପମାନ ଓ ଲଜ୍ଜାବାସନାର ଅସହ୍ୟ ଜ୍ୱାଳା ଘେନି ହେଁଟ ବଦନରେ ପଳାଇଯାଇଥିଲେ । ଶେଷରେ ରାମଚନ୍ଦ୍ର ଓ ଲକ୍ଷ୍ମଣ ବିଶ୍ୱାମିତ୍ରଙ୍କ ସଙ୍ଗରେ ଯାଇ ମିଥିଳାରେ ଉପସ୍ଥିତ ହେଲେ । ବିଦେହ-ରାଜ ସେମାନଙ୍କର ଉପଯୁକ୍ତ ସତ୍କାର କଲେ । ପରେ ବିଶ୍ୱାମିତ୍ରଙ୍କଠାରୁ ରାମଲକ୍ଷ୍ମଣଙ୍କର ପରିଚୟ ଅବଗତ ହୋଇ କହିଲେ—"ବଡ ବଡ଼ ଜଗଜ୍ଜେତା ବୀରମାନେ ଯେଉଁ ଧନୁ ଟେକିବାକୁ ସମର୍ଥ ହୋଇପାରି ନାହାନ୍ତି, ବାଳକ ରାମଚନ୍ଦ୍ରଙ୍କଠାରୁ ବା ଅଧିକ କଅଣ ଆଶା କରାଯାଇପାରେ ?" ମହାଜ୍ଞାନୀ, ଉଗ୍ରତପା ବିଶ୍ୱାମିତ୍ର ମୃଦୁ ହସି କହିଲେ—"ସାନ ବଡ ବିଷୟର ବଡ଼ ଦୁରୂହ ସମସ୍ୟା ରାଜର୍ଷି ! ଖୁବ୍ ସାନ ଦ୍ୱାରା ଖୁବ୍ ବଡ଼ କାର୍ଯ୍ୟ ହୋଇପାରେ, ପକ୍ଷାନ୍ତରରେ ଖୁବ୍ ବଡ଼ ଦ୍ୱାରା ଖୁବ ସାନ କାର୍ଯ୍ୟ ବି ହୋଇପାରେ ନାହିଁ । ଶରୀରର ଆକୃତି ସାନ ବଡ଼ର ପରିମାପକ ନୁହେଁ—ସେଥିର ସ୍ୱତନ୍ତ୍ର ମାପ-କାଠି ଅନେକ ଅଛି । କ୍ଷୁଦ୍ର ମଣିକଣିକାରେ କକ୍ଷ ଆଲୋକିତ ହୁଏ; ମାତ୍ର ପ୍ରକାଣ୍ଡ ପ୍ରସ୍ତରସ୍ତୂପଦ୍ୱାରା ତାହା ହୋଇପାରେ ନାହିଁ । ଅତି କ୍ଷୁଦ୍ର ମହୁମାଛି ଦେବ-ଦୁର୍ଲଭ ମଧୁ ସଞ୍ଚୟ କରିବାକୁ କ୍ଷମ ସିନା, ବଡ଼ ବଡ଼ ପକ୍ଷୀର ତ ତାହା ସାଧ୍ୟ ନୁହେଁ । ପୁଣି ପ୍ରକାଣ୍ଡକାୟ ହାତୀ ଗୋଡ଼ରେ ପିମ୍ପୁଡ଼ି ମରେ ନାହିଁ । ଏହା ସବୁ ଦେଖି ସାନ ବଡ଼ ନିରୂପଣ କରିବା ସହଜ କି ? ଯେ ଖୁବ୍ ସାନ, ସେହି ଏବେ ଖୁବ୍ ବଡ଼ । ଯେଉଁ କାର୍ଯ୍ୟ କେତେ ଜଣମାନେ କରି ନ ପାରିଲେ ବୋଲି ଯେ ତାହା କେହି କରିପାରିବେ ନାହିଁ—ଏରୂପ ଅନୁମାନ ଠିକ୍ ନୁହେଁ । ତୁମ୍ଭେ ସନ୍ଦେହ ନ କରି ସେହି ମହାଧନୁ ଆନୟନ କର, ରାମଚନ୍ଦ୍ର ନିଶ୍ଚୟ ତୁମ୍ଭର ପ୍ରତିଜ୍ଞା ପୂର୍ଣ୍ଣ କରିବେ । ହେ ଜନକରାଜା, ତୁମ୍ଭେ ମୋତେ ବିଶ୍ୱାସ କର, ମୋ କଥାର ସତ୍ୟାସତ୍ୟ ଆଉ କ୍ଷଣକ ପରେ ବୁଝିପାରିବ ।" ଜନକ ରାଜର୍ଷି ଅତୀବ ଆହ୍ଲାଦିତ ହୋଇ କହିଲେ—"ମହାପୁରୁଷଙ୍କ ମହାବାକ୍ୟ ବ୍ୟର୍ଥ ହୁଏ ନାହିଁ ।" ଅନନ୍ତର ତାଙ୍କ ଆଜ୍ଞାରେ ଧନୁମଞ୍ଜୁଷା ଯନ୍ତ୍ରଚାଳିତ ହୋଇ ସଭା ମଧ୍ୟକୁ ଆନୀତ ହେଲା । ରାମ-ଚନ୍ଦ୍ର ବିଶ୍ୱାମିତ୍ରଙ୍କ ଇଙ୍ଗିତାଦେଶ ପାଇ ତେତେ ବଡ଼ ମହାଧନୁକୁ ପେଡି ମଧ୍ୟରୁ ଫୁଲମାଳ ପରି ଅକ୍ଲେଶରେ ଉଠାଇ ଆଣିଲେ । ପରେ ସେଥିରେ ଗୁଣ ଚଢାଇ ଆକର୍ଷଣ କରନ୍ତେ ସେହି ପ୍ରକାଣ୍ଡ ଧନୁ ପ୍ରଚଣ୍ଡ ମଡ଼ ମଡ଼ ଶବ୍ଦରେ ଦୁଇ ଖଣ୍ଡ ହୋଇଗଲା । ତାହା ଦେଖି ଜନକରାଜା ଆଶ୍ୱସ୍ତ ହୋଇ ଆନନ୍ଦରେ ରାମଚନ୍ଦ୍ରଙ୍କୁ ଆଶୀର୍ବାଦ କଲେ । ନାଗରିକମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ଦଶରଥଙ୍କୁ ଏହି ଶୁଭସମ୍ବାଦ ଦେଇ ତାଙ୍କୁ ଆଣିବା ସକାଶେ ସେହିକ୍ଷଣି ରାଜଦୂତ ପ୍ରେରିତ ହେଲା । ଏଣେ ନଗର ମଣ୍ଡଣି ଓ ବିବାହର ଆୟୋଜନ ଲାଗିଲା । ମିଥିଳା ଉତ୍ସବ ବେଶରେ ସଜ୍ଜିତ ହୋଇ ଅମରାପୁରୀକୁ ପରିହାସ କରିବାକୁ ଲାଗିଲା । ରାଜପାରିଷଦ ଓ ପରିକରବୃନ୍ଦ ଉତ୍ସବକୁ ସର୍ବାଙ୍ଗସୁନ୍ଦର କରିବା ସକାଶେ ଶତହସ୍ତ ହୋଇ କାର୍ଯ୍ୟରେ ପ୍ରବୃତ୍ତ ହେଲେ ।

ଯଥାସମୟରେ ଦଶରଥ ଭରତ ଓ ଶତ୍ରୁଘ୍ନ ସହ ଆସି ମିଥିଳାରେ ଉପସ୍ଥିତ ହେଲେ । ତହୁଁ ବିବାହର ଦିନ ଧାର୍ଯ୍ୟ ହେଲା । ବିବିଧ ବାଦ୍ୟ ଓ ଶଙ୍ଖ ହୁଳ-ହୁଳି ଶବ୍ଦରେ ରାଜପୁରୀ କମ୍ପିଉଠିଲା । ଶୁଭଲଗ୍ନରେ ରାମ ସୀତାଙ୍କର ବିବାହ ହୋଇଗଲା । ଜନକ ରାଜାଙ୍କ ଘରେ ଆଉ ଗୋଟିଏ କନ୍ୟା ଥିଲା । ତାହାର ନାମ ଊର୍ମିଳା । ରାଜଭ୍ରାତା କୁଶଧ୍ୱଜଙ୍କର ମାଣ୍ଡବୀ ଓ ଶ୍ରୁତକୀର୍ତ୍ତି ନାମ୍ନୀ ଦୁଇଟି କନ୍ୟା ଥିଲେ । ସେମାନଙ୍କୁ ଯଥାକ୍ରମେ ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ବିବାହ କଲେ । ଏକ ଦିନରେ ଏକସ୍ଥାନରେ ସୁଶ୍ୱଲଙ୍କର

ବିବାହ ହୋଇଗଲା । ବରକନ୍ୟାଙ୍କର ଦୁଇଟି ହୃଦୟ, ଦୁଇଟି ମନ, ଦୁଇଟି ପ୍ରାଣକୁ ବିବାହରୂପ ମହାସଂସ୍କାର ଏକ କରିଦିଏ । ଗ୍ରନ୍ଥିବନ୍ଧନ ରୂପ ସତ୍ୟର ବନ୍ଧନ, ଧର୍ମର ବନ୍ଧନ, ଆତ୍ମାର ବନ୍ଧନ ଜୀବନରେ ଆଉ ଫିଟେ ନାହିଁ । ଏହି ମହାମିଳନ ସଂସାରୀର ସଂସାରଯାତ୍ରା ଓ ମାନବ-ଜୀବନର ଲକ୍ଷ୍ୟ ସିଦ୍ଧି ପଥରେ ପରମ ସହାୟ ।

କେତେ ଦିନ ଯାଏଁ ମିଥିଳା ରାଜଧାନୀ ଉତ୍ସବ ଆନନ୍ଦରେ ବୁଡ଼ିବାକୁ ଲାଗିଲା । ଦଶରଥ ଓ ଜନକ ଦୁଇରାଜା ଦୀନଦରିଦ୍ରମାନଙ୍କୁ ଯଥେଚ୍ଛା ଦାନ କରିବାକୁ ଲାଗିଲେ । ଜନକରାଜା କନ୍ୟାଜାମାତାଙ୍କୁ ବହୁବିଧ ରତ୍ନାଳଙ୍କାର, ଗଜ, ବାଜୀ, ରଥ ପ୍ରଭୃତି ବିପୁଳ ଯୌତୁକସମ୍ଭାର ପ୍ରଦାନ କଲେ । ପିତା, ମାତା ଓ ଆତ୍ମୀୟ ବନ୍ଧୁଜନମାନେ କନ୍ୟାମାନଙ୍କୁ ସ୍ୱାମିଭକ୍ତି, ଗୁରୁସେବା, ଧର୍ମନୀତି, ବ୍ୟବହାରନୀତି, ଗାର୍ହସ୍ଥ୍ୟନୀତି, ସ୍ୱାସ୍ଥ୍ୟନୀତି ପ୍ରଭୃତି ବହୁ ଉପଦେଶ ପ୍ରଦାନ କଲେ । ଅନନ୍ତର ଦଶରଥ ଜନକ ରାଜାଙ୍କଠାରୁ ବିଦାୟ ନେଇ ପୁତ୍ର ଓ ପୁତ୍ରବଧୂମାନଙ୍କ ସହ ଅଯୋଧ୍ୟାଭିମୁଖରେ ଯାତ୍ରା କଲେ । ପୁତ୍ର-ଗୌରବରେ ତାଙ୍କର ପିତୃହୃଦୟ ପରିପୂର୍ଣ୍ଣ, ସୁତରାଂ ମହା ଉଲ୍ଲାସରେ, ମହା ସମାରୋହରେ ପଥ ଅତିକ୍ରମ କରିବାକୁ ଲାଗିଲେ । ଜୟବାଦ୍ୟ କୋଳାହଳରେ ଗଗନପବନ କମ୍ପି ଉଠିଲା; ମାତ୍ର ସେ ଉନ୍ମାଦ ଶବ୍ଦ କ୍ଷତ୍ରିୟହନ୍ତା ପରଶୁରାମଙ୍କ କ୍ରୁଦ୍ଧ ପ୍ରାଣରେ ସହ୍ୟ ହେଲା ନାହିଁ । ସେ କ୍ରୋଧରେ ଅଧୀର ହୋଇ ଧନୁ କୁଠାର ଧରି ଆସି ବାଟ ଓଗାଳିଲେ ଏବଂ ତୀବ୍ରକଣ୍ଠରେ ରାମଚନ୍ଦ୍ରଙ୍କୁ କହିଲେ—"ମୁଁ କ୍ଷତ୍ରିୟକୁଳର ଯମ ପରଶୁରାମ । ଏହି ପୃଥିବୀକୁ ମୁଁ ଏକୋଇଶ ଥର ନିଃକ୍ଷତ୍ରିୟ କରିଅଛି । ଶମ୍ଭୁ ଧନୁଖଣ୍ଡେ ଭାଙ୍ଗି ତୋର ଏତେ ଅହଙ୍କାର ଯେ, ତୁ ମୋ ଆଗରେ ବିଜୟ-ଗୌରବରେ ମତ୍ତ ହୋଇ ଏଡ଼େ ସାହସରେ ବାଦ୍ୟ ବଜାଇ ଯାଉଅଛୁ ? "ଆସ, ଭାଙ୍ଗିଲୁ ଏହି ଧନୁ, ତୁ କେତେ ବୀର ଆଜି ସେଥିର ପରୀକ୍ଷା ହେବ ।" ଏହା କହି ଗୋଟାଏ ବିଶାଳ ଧନୁ ରାମଚନ୍ଦ୍ରଙ୍କ ଆଡ଼କୁ ବଢ଼ାଇଦେଲେ । ରାମଚନ୍ଦ୍ର କିଛି ନ କହୁଣୁ ଲକ୍ଷ୍ମଣ କହିଲେ—"ତପିବର, ଏତେ କୋପ କାହିଁକି ? କୋପ ପରା ତପର ବିରୋଧୀ ? ଆଉ ଏତେ ଶୌର୍ଯ୍ୟ କାଡିବାର ବା ଉଦ୍ଦେଶ୍ୟ କଅଣ ? ତୁମ୍ଭେ ପୃଥିବୀକୁ କ୍ଷତ୍ରିୟଶୂନ୍ୟ କରିପାରିଥିବ, ମାତ୍ର ତାହା ରଘୁକୁଳଚୂଡ଼ା ରାମଚନ୍ଦ୍ରଙ୍କ ଜନ୍ମ ପୂର୍ବରୁ ।" ଲକ୍ଷ୍ମଣ ଏହା କହି ଟିକିଏ ହସିଦେଲେ । ମହାକ୍ରୋଧୀ ପରଶୁରାମଙ୍କୁ ଆଉ ସମ୍ଭାଳେ କିଏ ? ଏକେ ତ ଲକ୍ଷ୍ମଣଙ୍କର ବକ୍ରୋକ୍ତି ତାଙ୍କ ହୃଦୟରେ ହାତୁଡ଼ିର ଆଘାତ ବସାଇଦେଇଥିଲା, ତାହା ଉପରେ ଏହି ତାଚ୍ଛଲ୍ୟବ୍ୟଞ୍ଜକ ହାସ୍ୟ ସେହି ଆହତ ସ୍ଥାନରେ ବିଷ ବିଛୁଡ଼ିର ହୁଲ ବିନ୍ଧିଦେଲା । ସେହି ତୀବ୍ର ବିଷ ଋଷିଙ୍କର ମର୍ମେ ମର୍ମେ ଭରିଗଲା । କ୍ରୋଧରେ ତାଙ୍କର ଓଷ୍ଠାଧର ପାଣ୍ଡୁରତା ଭଜି ଥରିବାକୁ ଲାଗିଲା । ତାଙ୍କ ମୁହଁରୁ କଥା ବାହାରିପାରିଲା ନାହିଁ । ସେ ରକ୍ତନେତ୍ରରେ ରାମଚନ୍ଦ୍ରଙ୍କୁ ଚାହିଁ ରହିଲେ, ରାମଚନ୍ଦ୍ର ତାଙ୍କ ହାତରୁ ଧନୁ ଟାଣିଆଣିଲେ ଏବଂ ସେଥି ସଙ୍ଗେ ସଙ୍ଗେ ପରଶୁରାମଙ୍କଠାରୁ ବିଷ୍ଣୁତେଜ ହରଣ କଲେ । ତତ୍‌କ୍ଷଣାତ୍ ଅଗ୍ନିତୁଲ୍ୟ ତେଜସ୍ୱୀ ପରଶୁରାମ ନିସ୍ତେଜ ହୋଇ ପଡ଼ି ମନେମନେ ଭାବିଲେ—"ବାସ୍ତବରେ ରାମଚନ୍ଦ୍ର ସାମାନ୍ୟ ବ୍ୟକ୍ତି ନୁହନ୍ତି ।" ରାମଚନ୍ଦ୍ର ଧନୁରେ ବାଣ ସଂଯୋଗ କରି କହିଲେ—"ଋଷିବର, ମୋର ବାଣ ଅବ୍ୟର୍ଥ, ଏଥିରେ କାହାକୁ ସଂହାର କରିବି ? ତୁମ୍ଭେ ତପୋକ୍ଷୀଣ ବୃଦ୍ଧ ବ୍ରାହ୍ମଣ, ସୁତରାଂ ଅବଧ୍ୟ । ଏହି ବାଣରେ ତୁମ୍ଭର ସ୍ୱର୍ଗପଥ ରୁଦ୍ଧ କରିବି ।" ଏହା କହି ବାଣଦ୍ୱାରା ପରଶୁରାମଙ୍କର ସ୍ୱର୍ଗପଥ ରୁଦ୍ଧ କଲେ । ପରଶୁରାମ ମ୍ଳାନମୁଖ ହୋଇ ପରାଜୟ ସ୍ୱୀକାରପୂର୍ବକ ପୁନଶ୍ଚ ତପସ୍ୟାଦ୍ୱାରା ପୁଣ୍ୟ ସଞ୍ଚୟ କରିବା ସକାଶେ ମହେନ୍ଦ୍ର ପର୍ବତକୁ ଗମନ କଲେ । ପୁତ୍ରର ବିଜୟଗୌରବରେ ଦଶରଥଙ୍କର ଛାତି ଫୁଲିଉଠିଲା । ସେ ନିଜର ବୟସ ହଜାର ବର୍ଷ ପଛକୁ ଘୁଞ୍ଚି ଆସିଲା ପରି ମଣିଲେ । ସେ ଅତୁଳ ଉଲ୍ଲାସରେ ଉନ୍ମତ୍ତ ହୋଇ ଦ୍ୱିଗୁଣ ଉତ୍ସାହରେ ବାଦ୍ୟରୋଳ ଉଠାଇ ମହା ଆଡ଼ମ୍ବରରେ ଆସି ଅଯୋଧ୍ୟାରେ ଉପସ୍ଥିତ ହେଲେ । ଅଯୋଧ୍ୟା ନଗରୀ ଆନନ୍ଦରେ ଉଦ୍‌ବେଳିତ ହୋଇଉଠିଲା । ରାଜମହିଷୀମାନେ ଆସି ଆନନ୍ଦରେ

ବଧୂମାନଙ୍କୁ ବରଣ କରି ଅନ୍ତଃପୁରକୁ ଘେନିଗଲେ । ଏହି ବିବାହ ଉପଲକ୍ଷରେ ଅଯୋଧ୍ୟା ରାଜଧାନୀରେ ବହୁଦିନବ୍ୟାପୀ ବିବିଧ ଉତ୍ସବ ଲାଗି ରହିଥିଲା ।

## ପଞ୍ଚମ ପରିଚ୍ଛେଦ

ରାଜକୁମାରମାନେ ରୂପଗୁଣବତୀ ସହଧର୍ମିଣୀ ପାଇ ପରମ ପରିତୋଷ ଲାଭ କଲେ । ରାଜକୁମାରୀଗଣ ଉପଯୁକ୍ତ ଦେବସ୍ୱାମୀ ଲାଭ କରି ଜୀବନ ସାର୍ଥକ ମଣିଲେ । ରାମ ଓ ସୀତାଙ୍କ ହୃଦୟରେ ପବିତ୍ର ଦାମ୍ପତ୍ୟ-ପ୍ରେମ ଉଚ୍ଛୁଳିପଡ଼ି ଦୁଇ ହୃଦୟକୁ ମିଶାଇଦେଲା; ରାମ ଓ ସୀତାଙ୍କ ମଧ୍ୟରେ ପାର୍ଥକ୍ୟ ରହିଲା ନାହିଁ । ଦୁହିଙ୍କର ପ୍ରାଣ, ମନ, ଆତ୍ମା ଏକ ହୋଇଗଲା । ସତେ ଯେପରି ବିଧାତା ଗୋଟିଏ ଫୁଲର ଅଧକରେ ରାମଙ୍କୁ ଓ ଅନ୍ୟ ଅଧକରେ ସୀତାଙ୍କୁ ଗଢ଼ିଥିଲା । ସୀତା ଯେପରି ରାମଙ୍କର ନୟନମଣି ହୋଇଉଠିଲେ, ରାମ ବି ସେହିପରି ସୀତାଙ୍କର ହୃଦୟ-ହାର ହୋଇଉଠିଲେ । ଜଳରେ ଜଳ ମିଶିଲା ପରି ଦୁଇଟି ହୃଦୟ ମିଶିଯାଇ ବାରିହେଲା ନାହିଁ । ଦର୍ପଣ ଭିତରେ ପ୍ରତିବିମ୍ବ ପରି ଦୁହେଁ ଦୁହିଙ୍କ ପ୍ରାଣ ଭିତରେ ଅଲକ୍ଷ୍ୟ ଭାବରେ ପଶିଯାଉଥିଲେ । ଉଭୟେ ଉଭୟଙ୍କୁ ସ୍ୱ ସ୍ୱ ସୌଭାଗ୍ୟ-ଦେବତାଙ୍କର ଶୁଭାଶୀର୍ବାଦର ଫଳ ବୋଲି ମଣୁଥିଲେ । ସୀତା ସତୀତ୍ୱର ମୂର୍ତ୍ତିମନ୍ତୀ ଦେବୀ । ସୁନ୍ଦରପଣରେ ତାଙ୍କର ତୁଳନା ବିଧାତା ସୃଷ୍ଟିରେ ଥିଲା ନାହିଁ । ତାଙ୍କର ପତି-ଭକ୍ତି ଜଗତର ଆଦର୍ଶ । ପତିଙ୍କୁ ସେ ଦେବତା ପରି ପୂଜା କରୁଥିଲେ । ସେ ରାଜକନ୍ୟା, ରାଜବଧୂ ଓ ଭାବୀ ରାଜରାଣୀ ହୋଇ ସୁଦ୍ଧା ମନରେ ଗର୍ବ ଅନୁଭବ କରୁ ନ ଥିଲେ । ସତୀ-କୁଳେଶ୍ୱରୀ ସୀତା ମହାର୍ଘ ମଣିମାଣିକ୍ୟ-ଖଚୀ ଆସନ ଉପେକ୍ଷା କରି ପତିଙ୍କ ପାଦ ମୂଳରେ ନିଜର ଆସନ ବାଛି ନେଇଥିଲେ । ତାଙ୍କର ପବିତ୍ର ଆଦର୍ଶ ଆର୍ଯ୍ୟଶାସ୍ତ୍ରପୁରାଣକୁ ଜ୍ୟୋତିର୍ମୟ କରି ରଖିଅଛି ।

ସୀତା ସ୍ୱୟଂ ଲକ୍ଷ୍ମୀଦେବୀଙ୍କର ଅବତାର । ସେ ଅଯୋଧ୍ୟାରେ ପାଦ ଦେଲା ଦିନୁ ଅଯୋଧ୍ୟାର ଶ୍ରୀସମ୍ପଦ ବହୁଗୁଣ ବଢ଼ିଉଠିଲା । ଶ୍ୱଶୁର ଓ ଶାଶୁମାନଙ୍କୁ ସେ ନିଜେ ପରି ସେବା ଶୁଶ୍ରୂଷା କରିବାକୁ ଲାଗିଲେ । ଗୁରୁଜନମାନେ ତାଙ୍କ ବ୍ୟବହାରରେ ପରମ ସନ୍ତୋଷ ଲାଭ କଲେ । ସଦୟ ବ୍ୟବହାରରେ ସେ ଦାସଦାସୀ ଓ ଆଶ୍ରିତ, ପୋଷିତବର୍ଗର ମନ କିଣିନେଲେ । ତାଙ୍କର ମହିମାମୟୀ ମୂର୍ତ୍ତି ନିକଟରେ ସମସ୍ତଙ୍କର ମସ୍ତକ ଭକ୍ତିରେ ସ୍ୱତଃ ଅବନତ ହୋଇଗଲା । ତାଙ୍କ କଥାରେ କି ମଧୁ ଥିଲା କେଜାଣି, ତାହା ଶୁଣିଲେ କ୍ଷୁଧାତୁରର କ୍ଷୁଧା ଓ ଶୋକାର୍ତ୍ତର ଶୋକ ଦୂରିଯାଉଥିଲା । ତାଙ୍କର ସରଳ, ମଧୁର, ଶୀତଳ, ନିର୍ମାୟ ବ୍ୟବହାରରେ ସମସ୍ତେ ମୁଗ୍ଧ ଓ ସନ୍ତୁଷ୍ଟ ହେଲେ । ଦୟାବତୀ ସୀତାଙ୍କ ହୃଦୟ-ଦ୍ୱାର ଦୀନ ଦୁଃଖୀମାନଙ୍କ ସକାଶେ ଚିର ଅବାରିତ ଥିଲା । ଦରିଦ୍ରଙ୍କ ପ୍ରତି ସେ ଯେପରି ଦୟା କରନ୍ତି, ମନୁଷ୍ୟ ସେପରି ଦୟା କରିପାରେ ନାହିଁ । ମନୁଷ୍ୟ କଥା କିଏ ପଚାରେ, ତାଙ୍କ ସ୍ନେହରେ ହିଂସ୍ର ପଶୁପକ୍ଷୀ ସୁଦ୍ଧା ବଶୀଭୂତ ହୋଇଥିଲେ । ଅନାଥ, ଅକ୍ଷମର ସେ ଜନନୀସ୍ୱରୂପା । କାହାରି ଦୁଃଖ-କଷ୍ଟର କଥା ଶୁଣିଲେ ସେ କାନ୍ଦିପକାଉଥିଲେ ଏବଂ ତତ୍କ୍ଷଣାତ୍ ତାହାର ପ୍ରତିକାର କରୁଥିଲେ । ଅସହାୟା ଅବଳାମାନଙ୍କ ଉପରେ ତାଙ୍କର କରୁଣା ବହୁ ଧାରରେ ବର୍ଷିତ ହେଉଥିଲା । ତାଙ୍କର ଚକ୍ଷୁ ଯେଉଁଠି ଯାହା ଅପୂର୍ଣ୍ଣ ଦେଖେ, ହସ୍ତ ସେହିକ୍ଷଣି ତାହା ପୂର୍ଣ୍ଣ କରିଦିଏ; ତାଙ୍କର ଶୁଭ କଳ୍ପନା ସଙ୍ଗେ ସଙ୍ଗେ ଆକାର ଧରିଯାଏ । ଦୁଃଖୀ ରଙ୍କୀମାନେ ତାଙ୍କୁ ମାତୃ ସମ୍ବୋଧନ କରନ୍ତି । ସେମାନେ କହନ୍ତି—"ଜଗତରେ ରାଜବଧୂ କେତେ ନାହାନ୍ତି; ମାତ୍ର ସୀତାଙ୍କ ପରି ଦୟାବତୀ ରାଜବଧୂ କୋଟିକେ ଗୋଟିଏ ଦୁର୍ଲ୍ଲଭ ।" ବାସ୍ତବରେ ସବୁ ଫୁଲରେ ସୁବାସ ଥାଏ ନାହିଁ କିମ୍ବା ସବୁ ଫଳରେ ମଧୁରତା ଥାଏ ନାହିଁ । ସୀତା ଆଦର୍ଶ ନାରୀ, ଆଦର୍ଶ ଗୃହିଣୀ ଓ ଆଦର୍ଶ ଦେବୀ । ସେ ବାହାରେ ରାଜରାଣୀ; କିନ୍ତୁ ଭିତରେ ତପସ୍ୱିନୀ । ଲୋକ ସେବାକୁ ସେ ଦେଶ-ସେବାଠାରୁ ମହତ୍ତର ମଣୁଥିଲେ । କ୍ରୋଧ, ହିଂସା, ଗର୍ବ, ଅଭିମାନ ତାଙ୍କ ପବିତ୍ର ଅଙ୍ଗକୁ ସ୍ପର୍ଶ କରିପାରି ନ ଥିଲା । ପରିହାସରେ ସୁଦ୍ଧା ସେ କାହାରି ପ୍ରତି କୁବାକ୍ୟ

ପ୍ରୟୋଗ କରୁ ନ ଥିଲେ । ସତ୍ୟ, ଧର୍ମ, ନ୍ୟାୟ, ପାତିବ୍ରତ୍ୟ, ଦୟା, କ୍ଷମା ପ୍ରଭୃତି ତାଙ୍କ ସୁଢ଼ଳ-ସୁନ୍ଦର ଅଙ୍ଗର ଅଳଙ୍କାରସ୍ୱରୂପ ଥିଲା । ତାଙ୍କର ଚରିତ୍ର ଅଗ୍ନି ଭଳି ସମୁଜ୍ଜ୍ୱଳ ଓ ଗଙ୍ଗାଜଳ ଭଳି ନିର୍ମଳ ଥିଲା । ଦାନ ତାଙ୍କର ବ୍ରତ ଓ ତ୍ୟାଗ ତାଙ୍କର ତପସ୍ୟା । ଆଦର୍ଶ ନାରୀତ୍ୱର ପରିପୂର୍ଣ୍ଣ ବିକାଶ ତାଙ୍କର ପବିତ୍ର ଜୀବନରେ ଏକା ସୁଲଭ ହୋଇଥିଲା । ଏତେ ସଦ୍‌ଗୁଣ ଥିଲା ବୋଲି ସେ ଅବଧି ବିଶ୍ୱପୂଜିତ ହୋଇ ରହିଅଛନ୍ତି ।

ସୀତା ଯେପରି ରାମଚନ୍ଦ୍ରଙ୍କର ମନ ଜାଣି ସେବା କରୁଥିଲେ, ରାମଚନ୍ଦ୍ର ମଧ୍ୟ ସେହିପରି ଅର୍ଦ୍ଧାଙ୍ଗିନୀ ସହଧର୍ମିଣୀର ଯାହା ପ୍ରାପ୍ୟ, ତାହା ବହୁଗୁଣ କରି ସୀତାଙ୍କୁ ପ୍ରଦାନ କରୁଥିଲେ । ସେ ସର୍ବଦା ଗୁଣବତୀ ଦେବୀ ପତ୍ନୀଙ୍କ ପ୍ରାଣରେ ପ୍ରଣୟର ମଧୁର ମହୋତ୍ସବ ଲଗାଇ ରଖିଥିଲେ । ରାମଚନ୍ଦ୍ର ସୀତା ଉଭୟଙ୍କ ମଙ୍ଗଳ ମିଳନ ଚନ୍ଦ୍ର ସଙ୍ଗେ ଜ୍ୟୋତ୍ସ୍ନା କିମ୍ବା ଫୁଲ ସଙ୍ଗେ ସୌରଭ ମିଳନ ତୁଲ୍ୟ ସର୍ବାଂଶରେ ରାଜଯୋଟକ ହୋଇଥିଲା । ସେ ମହାମିଳନ ସୁବର୍ଣ୍ଣ ସଙ୍ଗରେ ସୌରଭ, ଶୌର୍ଯ୍ୟ ସଙ୍ଗେ ଚିତ୍ତର ଅଥବା ଜ୍ଞାନ ସଙ୍ଗେ ପ୍ରତିଭାର କିମ୍ବା ପ୍ରେମ ସଙ୍ଗରେ ପ୍ରୀତିର ସଂଯୋଗ ପରି ଅମୃତମୟ । ସୀତା ରାମଚନ୍ଦ୍ରଙ୍କର ଖାଲି ସହଧର୍ମିଣୀ ନୁହନ୍ତି—ପ୍ରଧାନ ସଚିବ । ଜଟିଳ ରାଜକାର୍ଯ୍ୟ ଓ ସାଂସାରିକ ଅନେକ କାର୍ଯ୍ୟରେ ସ୍ୱାମୀଙ୍କୁ ସେ ଉପଯୁକ୍ତ ପରାମର୍ଶ ପ୍ରଦାନ କରୁଥିଲେ । ସୀତାଙ୍କ ଶୁଶ୍ରୂଷାରେ ରାମଚନ୍ଦ୍ର କଠୋର ରାଜକାର୍ଯ୍ୟର ଦୁଃସହ ଯନ୍ତ୍ରଣା ଭୁଲିଯାଉଥିଲେ । ଜଗତରେ ସୀତାଙ୍କ ପରି ସ୍ତ୍ରୀ ଧନ୍ୟ, ଆଉ ରାମଚନ୍ଦ୍ରଙ୍କ ପରି ସ୍ୱାମୀ ଧନ୍ୟ । ପବିତ୍ର ଦାମ୍ପତ୍ୟ ପ୍ରେମର ଷୋଳ କଳାଯାକ ତାଙ୍କଠାରେ ପ୍ରକାଶ ପାଇଥିଲା ।

ରାଜନ୍ୟଭୂଷଣ ଅଯୋଧ୍ୟା-ସୁନ୍ଦର ରାମଚନ୍ଦ୍ରଙ୍କର ଅତୁଳ ପିତୃବାତ୍ସଲ୍ୟ ଜଗତକୁ ସ୍ତମ୍ଭିତ କରି ରଖିଅଛି । ବିନୟସୌଜନ୍ୟାଦି ଶୁଭଗୁଣରେ ସେହି ଏକା ତାଙ୍କର ତୁଳନା ଅଟନ୍ତି । ସେ ଭାବୀ ରାଜେଶ୍ୱର ହୋଇ ସୁଦ୍ଧା ତାଙ୍କର ଜଣେ ସାମାନ୍ୟ ପ୍ରଜାଠାରୁ ନିଜକୁ ହୀନ ମଣୁଥିଲେ । ବିବାହ ପରେ ସେ ବୃଦ୍ଧ ପିତାମାତାଙ୍କ ସେବା ଓ ଜନ-ସେବାରେ ଆତ୍ମନିୟୋଗ କଲେ । ପିତାମାତାଙ୍କ ଆଶୟରୁ ଅଭିପ୍ରାୟ ବୁଝି ସେ କାର୍ଯ୍ୟ କରୁଥିଲେ । ପିତାମାତାଙ୍କ ଆଦେଶକୁ ସେ ଅନୁଗ୍ରହ ବୋଲି ମଣୁଥିଲେ । ପୁତ୍ର ଓ ପୁତ୍ରବଧୂଙ୍କ ସେବାରେ ସନ୍ତୁଷ୍ଟ ହୋଇ ବୃଦ୍ଧ ରାଜାରାଣୀ ସେମାନଙ୍କ ପ୍ରତି ଅଜସ୍ର ଆଶୀର୍ବାଦ ବର୍ଷଣ କରୁଥିଲେ । ରାମଚନ୍ଦ୍ର ଓ ସୀତା ସୁଦ୍ଧା ବୃଦ୍ଧ ଗୁରୁଜନଙ୍କ ସେବାର ସୌଭାଗ୍ୟ ଲାଭ କରି ନିଜକୁ କୃତାର୍ଥ ମଣୁଥିଲେ । ଦଶରଥ ଚାରିପୁତ୍ରଙ୍କୁ ସମାନ ଭାବରେ ସ୍ନେହାଦର କରନ୍ତି । ଅଧିକନ୍ତୁ ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ରଙ୍କଠାରେ ତରୁଣାବସ୍ଥାରେ ମହାଜନସୁଲଭ ବିଶିଷ୍ଟ ସଦ୍‌ଗୁଣାବଳୀର ଶୁଭ ସଙ୍କେତ ଦେଖି ଅପାର ଆନନ୍ଦ ଉପଭୋଗପୂର୍ବକ ଅନିର୍ବଚନୀୟ ଆତ୍ମଗୌରବ ଅନୁଭବ କରୁଥିଲେ । କେବଳ ଏତିକି ନୁହେଁ—ନିଜକୁ ସୌଭାଗ୍ୟଧର ମଣୁଥିଲେ । ସେ ସମସ୍ତ ସମୟରେ ରାଜକାର୍ଯ୍ୟର ଅନେକ ଗୁରୁଭାର ରାମଚନ୍ଦ୍ରଙ୍କ ହସ୍ତରେ ଅର୍ପଣ କରୁଥିଲେ । ସୁଚତୁର ରାଜନୀତିବିଚକ୍ଷଣ ରାମଚନ୍ଦ୍ର ସେ ସମସ୍ତ କାର୍ଯ୍ୟ ନିର୍ଦ୍ଦୋଷ ଭାବରେ ନିର୍ବାହ କରି ପିତାଙ୍କୁ ଚମତ୍କୃତ କରି ଦେଉଥିଲେ । ସେ ଯେଉଁ କାର୍ଯ୍ୟ କରନ୍ତି, ସେଥିର ବୃତ୍ତାନ୍ତ ନ କହି କ୍ଷାନ୍ତ ହୁଅନ୍ତି ନାହିଁ । ତରୁଣ ରାମଚନ୍ଦ୍ର ରାଜନୀତି ଧର୍ମକୀୟ ନାନା କାର୍ଯ୍ୟରେ ପିତାଙ୍କୁ ସାହାଯ୍ୟ କରି ଏବଂ ପ୍ରତିକାର୍ଯ୍ୟରେ ତାଙ୍କୁ ସନ୍ତୁଷ୍ଟ କରି ପିତାଙ୍କର ଅଧିକତର ସ୍ନେହଭାଜନ ହୋଇ ଉଠିଲେ । ସେ ଦେବପଦ ମୂଳରେ ପୁଷ୍ପ ପ୍ରାୟ ପିତୃ-ପଦ ତଳେ ବସି ପ୍ରତ୍ୟହ ରାଜନୀତି ଶିକ୍ଷା କରିବାକୁ ଲାଗିଲେ ।

କେକୟ ରାଜ୍ୟର ରାଜା ଭରତଙ୍କର ମାତାମହ ଅଟନ୍ତି । ସେ ଦୌହିତ୍ରଙ୍କୁ ଦେଖିବା ସକାଶେ ଇଚ୍ଛା କରି ଭରତଙ୍କୁ ନେବା ପାଇଁ ସ୍ୱୀୟ ଦୂତଙ୍କୁ ପଠାଇଲେ । ଭରତ ପିତାଙ୍କ ଠାରୁ ଅନୁମତି ନେଇ ସ୍ୱୀୟ ମାତୁଳଙ୍କ ସହିତ କେକୟ ରାଜ୍ୟାଭିମୁଖରେ ଯାତ୍ରା କଲେ । ଶତ୍ରୁଘ୍ନ ତାଙ୍କର ଚିର-ଅନୁଗତ, ସୁତରାଂ ସେ ସୁଦ୍ଧା ପିତୃପଦ ବନ୍ଦନପୂର୍ବକ ଅଗ୍ରଜଙ୍କର ସହଯାତ୍ରୀ ହେଲେ ।

## ଷଷ୍ଠ ପରିଚ୍ଛେଦ

ଦଶରଥ ନ'ସହସ୍ର ବର୍ଷ ରାଜତ୍ୱ କରି ବୃଦ୍ଧାବସ୍ଥା ହେତୁ ଅତି ଅବସନ୍ନ ହୋଇପଡିଲେ । ସକଳ ବିଦ୍ୟା-ବିଶାରଦ, ସର୍ବଗୁଣ-ବିଚକ୍ଷଣ ରାମଚନ୍ଦ୍ରଙ୍କୁ ଅଯୋଧ୍ୟାର ରାଜସିଂହାସନରେ ବସାଇ ସେ ବିଶ୍ରାମ ନେବାକୁ ଇଚ୍ଛାକଲେ । ଦିନେ ସେ ପାତ୍ର, ମିତ୍ର, ମନ୍ତ୍ରୀ, ପାରିଷଦ, ପୁରୋହିତ, ଜ୍ଞାତି, କୁଟୁମ୍ବ ଓ ରାଜ୍ୟର ବିଶିଷ୍ଟ ପ୍ରଜାମାନଙ୍କୁ ଆହ୍ୱାନ କରି ସମସ୍ତଙ୍କ ଆଗରେ ନିଜର ଅଭିପ୍ରାୟ ବ୍ୟକ୍ତ କଲେ । ରାମଚନ୍ଦ୍ରଙ୍କ ରାଜା ହେବା ପ୍ରସ୍ତାବ ଶୁଣି ସମସ୍ତେ ଅଶେଷ ଆନନ୍ଦ ସହ ତାହା ଅନୁମୋଦନ କଲେ । ତହୁଁ ଅଭିଷେକର ଶୁଭଦିନ ଧାର୍ଯ୍ୟ ହେଲା । ଅଯୋଧ୍ୟା ଉତ୍ସବ ବେଶରେ ସଜ୍ଜିତ ହେଲା । ରାଜୋଚିତ ଆଡ଼ମ୍ବରରେ ସମସ୍ତ ଆୟୋଜନ ଚାଲିଲା । ରାଜ୍ୟରେ ଆନନ୍ଦର ତେଉ ଖେଳି ବୁଲିଲା । ଦେଖୁଁ ଦେଖୁଁ ଅଭିଷେକ ଦିବସ ନିକଟରୁ ନିକଟତମ ହୋଇ-ଆସିଲା, ରାତି ପାହିଲେ ଅଭିଷେକ ହେବ । ରାମ ରାଜା ହେବେ, ସମସ୍ତଙ୍କ ମୁହଁରେ ଏହି କଥା ଘୂରି ବୁଲିଲା । ଯେ ଯାହାକୁ ଦେଖିଲା, କହିଲା—ରାମ ରାଜା ହେବେ । ପିଲାମାନେ କରତାଳି ଦେଇ ରାମ ରାଜା ହେବେ ବୋଲି ଗୀତ ସ୍ୱରରେ ଗାଇବୁଲିଲେ । ପଶୁ ପକ୍ଷୀମାନେ ରବ ଛଳରେ ରାମ ରାଜା ହେବେ ବୋଲି କହି ଆନନ୍ଦ ପ୍ରକାଶ କଲେ । ଦେବାଳୟର ବାଦ୍ୟ ରବରେ ରାମ ରାଜା ହେବେ, ଏହି ଶବ୍ଦ ଧ୍ୱନିତ ହେଲା । ପ୍ରତିଧ୍ୱନି ଛଳରେ ଦେଉଳ କହିଲା—ରାମ ରାଜା ହେବେ । ନଦୀ କଳ କଳ ଶବ୍ଦରେ ବାୟୁକମ୍ପିତ ବନସ୍ପତିର ପତ୍ର ମରମର ଶବ୍ଦରେ, ନିର୍ଝରିଣୀ ଝରଝର ଶବ୍ଦରେ କହିଲେ, ରାମ ରାଜା ହେବେ । ଅଯୋଧ୍ୟା ଆନନ୍ଦମୟ, ଗଗନ ଆନନ୍ଦମୟ, ପବନ ଆନନ୍ଦମୟ ! ଯହିଁ ଦେଖ, ତହିଁ ଆନନ୍ଦର ଉଚ୍ଛୁଳା ବନ୍ୟା ବନ୍ଧୁ-ଧାରାରେ ବହିଯାଉଅଛି । କିନ୍ତୁ ହାୟ, କିଏ ଜାଣିଥିଲା, ଏ ଆନନ୍ଦ ଏତେଶୀଘ୍ର ପୁଣି ବିଷାଦରେ ପରିଣତ ହେବ । କିଏ ଜାଣିଥିଲା, ଫୁଲଟି ଫୁଟି ଆସୁଁ ଆସୁଁ କୃଷ୍ଣ କୀଟର କାଳଦଂଶରେ ତାହାର ବୃନ୍ତ କର୍ତ୍ତିତ ହେବ । କିଏ ଜାଣିଥିଲା ଉଷାର ମୁକୁଟ ଜ୍ୟୋତି ପ୍ରକାଶ ନ ପାଉଣୁ ସୂର୍ଯ୍ୟାସ୍ତର ତିମିର କାଳିମା ଘୋଟି ଆସିବ । ନିୟତିର ନିୟନ୍ତ୍ରଣର ଅସାଧ୍ୟ କଅଣ ? ସେ ଅସମ୍ଭବ ସମ୍ଭବ କରିପାରେ ।

କୈକେୟୀଙ୍କ ବାଲ୍ୟଧାତ୍ରୀ ମନ୍ଥରା କୈକେୟୀଙ୍କ ସଙ୍ଗରେ ଅଯୋଧ୍ୟାକୁ ଆସିଥିଲା । ସେହି ଦିନୁ ସେ କୈକେୟୀଙ୍କ ଅନ୍ତଃପୁରରେ ସ୍ୱାଧୀନା ଦାସୀରୂପେ ବାସ କରୁଥିଲା । ମନ୍ଥରା ଅଜ୍ଞାତକୁଳଶୀଳା । ତାହାର ବୟସର କଳନା ନାହିଁ । ସେ ଏତେ ବୁଢୀ ଯେ, ତାହା ପିଠିରେ କୁଜ ପଡ଼ିଯାଇଥିଲା । ସଂସାରରେ ଯେତେ ଦୋଷ ଦୁର୍ଗୁଣ ଅଛି, ସେ ସବୁ ଏକତ୍ର କରି ବିଧାତା ସେହି ଉପାଦାନରେ ମନ୍ଥରାକୁ ଗଢିଥିଲା । ଦୁଷ୍ଟବୁଦ୍ଧିରେ ସେ ସ୍ୱୟଂ ମୂର୍ତ୍ତିମତୀ ଦୁଷ୍ଟା ସରସ୍ୱତୀଙ୍କର ସ୍ୱବୃଷ୍ଠାମୀୟା । ଗୁଣ ଯେଉଁପରି, ରୂପ ମଧ୍ୟ ସେହିପରି । ସ୍ଥୂଳରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ମନ୍ଥରା ମାନବ-ସୃଷ୍ଟିର ବ୍ୟଙ୍ଗ ବିଦ୍ରୂପ ସଂସ୍କରଣ । ହଠାତ୍ ଦୃଷ୍ଟିରେ ସେ ସିଂହଳ ସୁନ୍ଦରୀ, କି କୃଷ୍ଣକନ୍ୟାର ଅପ୍ସରା ସହଜରେ ବାରି ହୁଏ ନାହିଁ । ତାହା ସ୍ୱଭାବର ବୈଚିତ୍ର୍ୟ ଏହି ଯେ, ସେ କାହାରି ସୁଖ ସହିପାରେ ନାହିଁ । ଯେ କୌଣସି ଲୋକର ସୁଖ ଦେଖିଲେ ସେ ଅସହ୍ୟ ଯନ୍ତ୍ରଣାରେ କାନ୍ଦି ପକାଏ । ଜଗତରେ ସେ କେବଳ ନିଜର ଓ ନିଜ ଭକ୍ତି କୈକେୟୀର ସୁଖ ବାଞ୍ଛାକରେ । କୁଟିଳତା, ପରଶ୍ରୀକାତରତା, ଈର୍ଷା, ଅଭିମାନ ପ୍ରଭୃତି ନାରକୀୟ ବୃତ୍ତିସମୂହ ପୋବରରେ ଅଂଶେଇ ପଡ଼ି ତାହାର ଶିରା ପ୍ରଶିରା ଏବଂ ରକ୍ତକଣିକାରେ ସଲ ସଲ ହେଉଥିଲେ । ଦୁର୍ବୁଦ୍ଧି ଜ୍ୱରରେ ସେ ନଇଁ ପଡ଼ିଥିଲା । ତାହାର କୁଜଟି ନିଖିଳ ଦୁଷ୍ଟବୁଦ୍ଧିର ପ୍ରକାଣ୍ଡ ବୁଦ୍ବୁଦ । ଘରଭଙ୍ଗା ବିଦ୍ୟାରେ ମନ୍ଥରା ଅସାଧାରଣ ପାରଦର୍ଶିନୀ । ସେ କଥା ପଥରେ ଚଳେ ଚଳେ ଶଙ୍କ୍ରେଶର ପରାମର୍ଶ ଯାଚିବୁଲେ । ଏ ଯୁଗରେ ବି ସେହିପରି ମନ୍ଥରା ସଂସାରରେ ପ୍ରଚୁର ଅଛନ୍ତି । ଅନ୍ୟର ଉନ୍ନତି ଦେଖିଲେ ସେମାନଙ୍କର ଆଖି ଫୁଟିଯାଏ—ଛାତି ଫାଟିଯାଏ । ପର ଘରର ଶାନ୍ତିସୁଖ ମନ୍ଥନ କରି ସେମାନେ ମନ୍ଥରା ବୋଲାନ୍ତି ।

ସେହି ମନ୍ଥରା ରାମଚନ୍ଦ୍ରଙ୍କର ରାଜ୍ୟାଭିଷେକ କଥା ଶୁଣି ଯନ୍ତ୍ରଣାରେ ଥରି ଉଠିଲା । ସତେ ଯେପରି କିଏ ତାହା କଳିଜାରେ ଜଳନ୍ତା ତେଲ ଢାଳିଦେଲା । ସେ ବ୍ରହ୍ମତାଳୁରେ ନାଗସାପ ଦଂଶନ କଲା ପରି ମଣିଲା । ତହୁଁ କୁଟ୍ଟା ଉଦ୍ଧ୍ୱଶ୍ୱାସରେ ଧାଇଁ ଧାଇଁ ଯାଇ କୈକେୟୀଙ୍କୁ ରାମଚନ୍ଦ୍ରଙ୍କ ରାଜା ହେବା କଥା ଜଣାଇଲା । ସେ ତାହା ଶୁଣି ଆନନ୍ଦରେ ଅଧୀର ହୋଇ କହିଲେ—"ଆଜି ଶୁଭଯୋଗରେ ରାତି ପାହିଥିଲା । ମୋର ପ୍ରାଣର ପୁଅ ରାମଚନ୍ଦ୍ର ରାଜା ହେବ, ଏହାଠାରୁ ବଳି ବାଞ୍ଛିତ ଶୁଭସମ୍ବାଦ ଆଉ କଅଣ ହୋଇପାରେ ? ରାମଚନ୍ଦ୍ର ତାହାର ଗର୍ଭଧାରିଣୀ ମା କୌଶଲ୍ୟାଠାରୁ ମୋତେ ଅଧିକ ଭକ୍ତି କରେ । ମୋର ଗର୍ଭଜାତ ପୁଅ ଭରତ ମୋତେ ତାହା ପରି ସେବା କରିପାରେ ନାହିଁ । ଦୀର୍ଘଜୀବୀ ହେଉ ବତ୍ସ ମୋର । ମନ୍ଥରା, ତୁ ଯେଉଁ ପ୍ରିୟ ସମ୍ବାଦ ଦେଲୁ, ତାହାର ଉପଯୁକ୍ତ ପୁରସ୍କାର ତୋତେ କଅଣ ଦେବି ? ବର୍ତ୍ତମାନ ଏହି ରତ୍ନହାର ଛଡ଼ାଇ ନେଇଥା, ରାମ ରାଜା ହେଲେ ତୁ ଯାହା ମାଗିବୁ ମୁଁ ତାହା ଦେଇ ତୋତେ ଖୁସି କରିବି ।" କୈକେୟୀ ଏହା କହି କଣ୍ଠରୁ ମହାମୂଲ୍ୟ ରତ୍ନହାର ବାହାର କରି ମନ୍ଥରା ଉପରକୁ ଫିଙ୍ଗିଦେଲେ । ମନ୍ଥରା ଭାବିଥିଲା—କୈକେୟୀ ଏହି ଅପ୍ରିୟ ସମ୍ବାଦ ଶୁଣି ଗୋଟାଏ ପ୍ରଳୟ କାଣ୍ଡ ଘଟାଇବେ; ମାତ୍ର ଫଳରେ ତାହାର ବିପରୀତ ଦେଖି ମୁଣ୍ଡରେ ବଜ୍ର ପଡ଼ିଲା ପରି ବ୍ୟଥା ଅନୁଭବ କଲା । ତାହାର ମ୍ଳାନ ମୁଖର ଛଳ ଛଳ ନେତ୍ରରେ ମନର ସେହି ଗୋପନ ବ୍ୟଥା ଫୁଟିଉଠିଲା । ସେ କାନ୍ଦି କାନ୍ଦି ସମ୍ଭାଳିଗଲା । କୈକେୟୀ ଉପରେ ତାହାର ଭାରି ରାଗ ହେଲା; ସେ ମନେ ମନେ କହିଲା, "ମର୍ ପୋଡ଼ାମୁହିଁ ସ୍ୱଳକପାଳି !" ଅତଃପର କିଛିକ୍ଷଣ ସ୍ଥିରଦୃଷ୍ଟିରେ କୈକେୟୀଙ୍କ ମୁହଁକୁ ଚାହିଁରହି କହିଲା—"ହାୟ ମୋ ପଠା କପାଳ, ବିଧାତା ରଜାଘରେ ବି ଏଭଳି କୁଣ୍ଡୀ ଅଭାଗୀ ଝିଅ ଜନ୍ମିଲେ ! ପୋଡ଼ିଯାଉ ସେ ବିଧାତାର ବୁଦ୍ଧି ! ମୋତେ ତ ଭାଟଙ୍କା ଲାଗୁଛି ଲୋ ମା, ତୁମ୍ଭର ନେଇ ମଇଁ ନଈରେ ବୁଡ଼ୁଛି, ତୁମେ ଯେବା ପହଁରୁଛ ବୋଲି ଭାବୁଛ ? କହନ୍ତି ପରା, ବିପଦବେଳେ ବିପରୀତ ବୁଦ୍ଧି ହୁଏ, ତୁମର ତାହାହିଁ ହୋଇଅଛି । ରାମ ରାଜା ହେଲେ ତୁମର ଲାଭ କଅଣ ? ତାହାର ମା କୌଶଲ୍ୟା ରାଜମାତା ହେବ; ଆଉ ତୁମେ ତାର ସେବାଦାସୀ ନ ହେଲେ କୃପାଦାସୀ ହୋଇ ରହିବ ସିନା ! ସଉତୁଣୀର ସୌଭାଗ୍ୟରେ ଖୁସି ହୁଏ କିଏ ? ମଞ୍ଜାରର ବଢ଼ନ୍ତି ଦେଖି ମୂଷାର ଆନନ୍ଦ, ଏ କି ଅପୂର୍ବ କଥା ଗୋ ମାରାଣୀ ! ପୁଣି ସଉତୁଣୀ ପୁଅକୁ ବା କଲ୍ୟାଣ କିଏ କରେ ? ସେ ରାଜା ହେଲେ ସେ ରାଜଲକ୍ଷ୍ମୀ, ଭାଗ୍ୟଲକ୍ଷ୍ମୀ ଦୁହେଁ ଏକାବେଳକେ ତୁମ୍ଭକୁ ଛାଡ଼ପତ୍ର ଦେବେ, ଏହା କଅଣ ବୁଝିପାରୁ ନାହଁ ? ତୁମେ ସଉତୁଣୀର ଅନ୍ନପୋଷ୍ୟା ହେବ, ମାଇପି ଜନ୍ମ ପାଇ ଏ ଅପମାନ ତୁମ ଦେହ କିମିତି ସହୁଛି ? ମୋ ଦେହ ତ ପିଣି ପିଣି ହୋଇ ବନ୍ଧ ଫାଟିଯାଉଛି ଗୋ ! ଭୂତ ଡାଆଣୀ ଲାଗିଲା ପରି ତୁମ୍ଭେ କଅଣଗୁଡ଼ାଏ ବକିଯାଉଛ, ଟିକିଏ ଏଣିକି ତେଣିକି ଚାହୁଁ ନାହଁ କି ଆଗପଛ ଭାବୁ ନାହଁ—ଭିତରେ ଭିତରେ ତୁମର ଯେ ଅବନତିର ସୂତ୍ରପାତ ହେଉଛି, ତୁମ୍ଭେ ବୁଦ୍ଧିମତୀ ହୋଇ ଏହା କଅଣ ବୁଝିପାରୁ ନାହଁ ? ନିଜର ମଙ୍ଗଳ ଯେବେ ଚାହଁ, ତେବେ ମୋ କଥା ମାନ, କୌଶଳରେ ରାଜାଙ୍କୁ ମନାଇ ଭରତକୁ ରାଜା କର ଆଉ ରାମକୁ ବଣକୁ ପଠାଅ !" ମନ୍ଥରା, ପାପୀୟସୀ, ଛିଡ଼ିପଡ଼ୁ ତୋର ପାପ ଜିହ୍ୱା ! ତୁ ବିଶୁଦ୍ଧ ଗଙ୍ଗାଜଳକୁ କଳୁଷିତ କରୁଅଛୁ, ତୋର ଏ ପାପର ଉପଯୁକ୍ତ ଫଳ ତୁ ଭୋଗ କରିବୁ । ତୋ ପାଇଁ ଗୋଟାଏ କେଡ଼େ ବଡ଼ ସଂସାର ଛାରଖାର ହୋଇଯିବ, ଗୋଟାଏ ନିଷ୍କଳଙ୍କ ମହାବଂଶରେ କଳଙ୍କ-କାଳିମା ଲିପ୍ତ ହେବ । ତୋର ଏ ଦୁଷ୍କରଣୀ—ଏ ବୀଭତ୍ସ କଳଙ୍କ ଯୁଗେ ଯୁଗେ ରହିଥିବ । ଚନ୍ଦ୍ରସୂର୍ଯ୍ୟ ଅନ୍ତଗତ ହୋଇଥିବା ଯାଏ ତୋର ଏ କଳଙ୍କ ଅମର ହୋଇ ରହିବ । ଜଗତର ତିରସ୍କାର ଓ ଶାପାନଳ ଅଜସ୍ର ତୋର ମସ୍ତକରେ ବର୍ଷିତ ହେବ । ଅଗ୍ନିପୁରାଣ ତୋର କଳଙ୍କ-ଗାଥା ଚିରକାଳ ଗାଉଥିବ ।

କଥାରେ କହନ୍ତି—ସାତ କଥାରେ ସତୀ ବି ଭୁଲିଯାଏ । ସୁଚତୁର-ମୁଖରା ମନ୍ଥରା ଏହିପରି ନାନା କୂଟ ବାକ୍ୟ-ଜାଲରେ କୈକେୟୀଙ୍କୁ ଆଚ୍ଛନ୍ନ କରି ପକା-

ଭଲ । ଦୈବ ଯୋଗକୁ କୈକେୟୀଙ୍କୁ କୁବୁଦ୍ଧି ଘୋଟିଲା । ସେ ରାଜରାଣୀ ହୋଇ ସୁଦ୍ଧା ଘର ଦାସୀ-ଟାର କୁଟିଳତାରେ ପଡ଼ି ନିଜର ମହତ୍ତ୍ୱ ପାଶୋରିଗଲେ । ସେ ମନ୍ଥରାକୁ ହିତୈଷିଣୀ ଜ୍ଞାନ କରି ତାହାର କଥାକୁ ବେଦବାକ୍ୟ ତୁଲ୍ୟ ବିଶ୍ୱାସ କଲେ । କି ଉପାୟରେ କାର୍ଯ୍ୟ ସାଧନ କରିବେ, ଏହି ଚିନ୍ତା ତାଙ୍କୁ ଘାରି ପକାଇଲା । ସେ ମନ୍ଥରାକୁ ପରାମର୍ଶ ମାଗିଲେ । କୁଟିଳ ଲୋକକୁ କୂଟ କୌଶଳର ଅଭାବ ହୁଏ ନାହିଁ । ତହୁଁ ମନ୍ଥରା ଆନନ୍ଦରେ ଗଦ୍‌ଗଦ ହୋଇ କହିଲା—“କିଛି ଚିନ୍ତା ନାହିଁ, ସହଜରେ କାର୍ଯ୍ୟୋଦ୍ଧାର ହେବ । ରାଜା ଦଶରଥ ଜସର କାଁଟ ପରି ନିଜର କର୍ମଜାଲରେ ନିଜେ ବନ୍ଦୀ ହେବେ । ତୁମ୍ଭେ ଶମ୍ବରାସୁର ଯୁଦ୍ଧରେ ଅସ୍ତ୍ର-ସଞ୍ଜୀବନୀ ବିଦ୍ୟାବଳରେ ଦଶରଥଙ୍କର ଅସ୍ତ୍ରବ୍ରଣ ଆରୋଗ୍ୟ କରିଥିଲ । ଆଉ ଥରେ ତାଙ୍କୁ ନଖବ୍ରଣରୁ ମୁକ୍ତ କରିଥିଲ । ସେଥିର ପୁରସ୍କାରସ୍ୱରୂପ ଦଶରଥ ତୁମ୍ଭଙ୍କୁ ଦୁଇଟି ବର ଯାଚିଥିଲେ । ବର୍ତ୍ତମାନ ତୁମ୍ଭେ ସେହି ବର ମାଗି ଏକ ବରରେ ଭରତଙ୍କୁ ରାଜା କର ଆଉ ଅନ୍ୟ ବରରେ ରାମଙ୍କୁ ଚଉଦବର୍ଷ ବନକୁ ପଠାଅ ।” ଏ ପରାମର୍ଶ କୈକେୟୀଙ୍କର ମନୋମତ ହେଲା; ସୁତରାଂ ତାହାହିଁ କରିବା ଧାର୍ଯ୍ୟ ହେଲା ।

## ସପ୍ତମ ପରିଚ୍ଛେଦ

ମନ୍ଥରାର କୁମନ୍ତ୍ରଣାରେ କୈକେୟୀ କୋପାଗାର ମଧ୍ୟରେ ଯାଇ ମୁହଁ ମାଡ଼ି ଶୋଇରହିଲେ । ଦଶରଥ ତାଙ୍କୁ ଅନ୍ତଃପୁର ମଧ୍ୟରେ ନ ଦେଖି ଖୋଜି ଖୋଜି ଯାଇ ସେହିଠାରେ ପହଞ୍ଚିଲେ । କୈକେୟୀଙ୍କର କ୍ରୋଧ ବା ଅଭିମାନର କାରଣ ସେ କିଛି ବୁଝି ନ ପାରି କିଂକର୍ତ୍ତବ୍ୟ-ବିମୂଢ଼ ହୋଇ ରହିଲେ । ନିଜର ବ୍ୟବହାର ମଧ୍ୟରେ ଖୋଜି ସୁଦ୍ଧା ସେକଳି ଅପରାଧର ହେତୁ କିଛି ପାଇଲେ ନାହିଁ । ତହୁଁ ନାନାପ୍ରକାର ପ୍ରବୋଧ ବାକ୍ୟ ଓ ପ୍ରଲୋଭନ ବାକ୍ୟରେ ତାଙ୍କୁ ସାନ୍ତ୍ୱନା କରିବାକୁ ଚେଷ୍ଟା କଲେ । ସେ ଅନେକ ପ୍ରଶ୍ନମାନ ପକାଇ କୈକେୟୀଙ୍କୁ କ୍ରୋଧର କାରଣ ପଚାରିଲେ । କୈକେୟୀ ସ୍ୱାମୀଙ୍କର ମିଷ୍ଟବାଣୀରେ ଆଶ୍ୱସ୍ତ ହୋଇ କହିଲେ—

“ମୋର କ୍ରୋଧର ଅନ୍ୟ କିଛି କାରଣ ନାହିଁ, ତୁମ୍ଭ ନିକଟରେ ମୋର ଦୁଇଟି ବର ପ୍ରାପ୍ୟ ଅଛି, ସେହି ଦୁଇଟି ପାଇଲେ ମୁଁ ସନ୍ତୁଷ୍ଟ ହେବି ।” ଦଶରଥ କହିଲେ, “ସେହି କଥା ତ ମୋତେ କହିଥିଲେ ହୋଇଥାନ୍ତା, ଏହି ସାମାନ୍ୟ ବିଷୟରେ ଇତର ରମଣୀ ପରି ଏତେ ବିଚଳିତ ହୋଇଉଠିଲ କାହିଁକି ? ତୁମ୍ଭର ଦୁଇଟି ବର ତୁମ୍ଭେ ଯେତେବେଳେ ଇଚ୍ଛା, ସେତେବେଳେ ନେଇପାର । ମୁଁ ଯାହା ଦେଇଛି, ତାହାକୁ କାହିଁକି ବା ଫେରାଇନେବି ? ସୂର୍ଯ୍ୟବଂଶୀୟ ରାଜାମାନେ ଦତ୍ତା-ପହାରୀ ନୁହନ୍ତି, ମନସ୍ୱିନି ! କି ବର ମାଗିବ ମାଗ, ଏହିକ୍ଷଣି ତୁମ୍ଭର ଇଚ୍ଛା ପୂର୍ଣ୍ଣ କରିବି, ଏହା ମୋର ଅଙ୍ଗୀକାର ସତ୍ୟ ।” କୈକେୟୀ ଏହା ଶୁଣି କହିଲେ—“ଗୋଟିଏ ବରରେ ଭରତ ଅଯୋଧ୍ୟାର ରାଜା ହେବ, ଅନ୍ୟ ବରରେ ରାମ ଚଉଦବର୍ଷ ବନବାସ କରିବ ।” ଦଶରଥ ଏ କଥା ସତ୍ୟ କି ସ୍ୱପ୍ନ ହଠାତ୍ କିଛି ବାରିପାରିଲେ ନାହିଁ । ଅସ୍ତବ୍ୟସ୍ତତା ତାଙ୍କୁ ଆଚ୍ଛନ୍ନ କରି ପକାଇଲା । ଆକାଶ ତାଙ୍କ ମୁଣ୍ଡ ଉପରେ ଆସି ଅଜାଡ଼ିପଡ଼ିଲା, ପୃଥିବୀ ଗୋଡ଼ତଳୁ ଖସିଗଲା । କଲିଜାରେ କିଏ ଯେପରି ହାତୁଡ଼ିର ଆଘାତ ବସାଇଦେଲା । ସେହି ଦାରୁଣ ଆଘାତରେ ତାଙ୍କ ଜୀବନରେ ଗୋଟିଏ ବିରାଟ ଫାଙ୍କ ହୋଇଗଲା । ଚାରିଆଡ଼ ତାଙ୍କୁ ଶୂନ୍ୟ ଦେଖାଗଲା । ତାଙ୍କ ଶରୀର ଶୁଷ୍କ ଓ ମଳିନ ହୋଇଗଲା । ସତେ ଯେପରି ଦେଖୁଁ ଦେଖୁଁ ତାଙ୍କର ବୟସ ଶଏ ବର୍ଷ ବଢ଼ିଗଲା । ସ୍ତବ୍ଧବିସ୍ମୟ ଦୃଷ୍ଟିରେ ସେ କୈକେୟୀଙ୍କ ମୁଖକୁ ଏକଧ୍ୟାନରେ ଚାହିଁ ରହି ମୂର୍ଚ୍ଛିତ ହେଲେ । ସ୍ୱାମୀଙ୍କର ଏ ପ୍ରକାର ଅବସ୍ଥା ଦେଖି ସୁଦ୍ଧା କୈକେୟୀଙ୍କ କଠୋର ହୃଦୟରେ କିଛିମାତ୍ର ଭାବାନ୍ତର ଜାତ ହେଲା ନାହିଁ । ସେ ନିର୍ବିକାର ଚିତ୍ତରେ ବସି ରହିଲେ । ମାୟା, ମମତା ବା ଆଶଙ୍କାର ଅସ୍ପଷ୍ଟ ଛାୟା ସୁଦ୍ଧା ତାଙ୍କ ଚକ୍ଷୁ ମୁଖରେ ପଡ଼ିବାର ଦେଖାଗଲା ନାହିଁ ।

କେତେକ କ୍ଷଣ ପରେ ଦଶରଥ ସଂଜ୍ଞା ଲାଭ କରି ଦୀର୍ଘନିଃଶ୍ୱାସ ଛାଡ଼ି କୈକେୟୀଙ୍କୁ ତୀବ୍ର ତିରସ୍କାରପୂର୍ବକ କହିଲେ—“ଧିକ୍ ପାପୀୟସୀ, ମୁଁ ନ ଜାଣି ତୋ ଭଳି କାଳସର୍ପିଣୀକୁ ଦୁଗ୍ଧଶର୍କରା ଦେଇ ପୋଷିଥିଲି, ତୋହରି

କ୍ରନ୍ଦନରେ ମୁଁ ପ୍ରାଣ ହରାଇବି । ବହୁଦିନରୁ ଏହି ଦୁଷ୍କର୍ମର ଫଳ ମୁଁ ହାତେ ହାତେ ପାଇଲି । ରାମ ତୋତେ ଭରତଠାରୁ ଅଧିକ ଭକ୍ତି କରେ, ତୁ ତାହାର ଅମଙ୍ଗଳ ଉଚ୍ଚାରଣ କଲାବେଳେ ତୋର ପାପ-ଜିହ୍ବା ଯାହା ଛିଣ୍ଡି ନ ପଡ଼ିଲା ! ତୁ ସ୍ତ୍ରୀ ହୋଇ ସ୍ୱହସ୍ତରେ ସ୍ୱାମୀ-ହତ୍ୟା କଲୁ ! ତୁ ପାପିଷ୍ଠା ଏଇ ପବିତ୍ର ଉଜ୍ଜ୍ୱଳ ରଘୁକୁଳକୁ କଳଙ୍କିତ କଲୁ ! ସ୍ୱହସ୍ତରେ ଗାଳି ପ୍ରସ୍ତୁତ କରି ନିଜେ ବୋଳିହେଲୁ, ପୁଣି ମୋ ମୁହଁରେ ବି ସେହି କାଳି ବୋଳିଦେଲୁ ! କି ଅଦ୍ଭୁତ ବୁଦ୍ଧିଭ୍ରଂଶ ତୋର ? କି ପାପରେ ବିଧାତା ତୋ' ହୃଦ ପଣ୍ଡ ପ୍ରେତୁଣୀ ମୋ ଭାଗ୍ୟରେ ଘଟାଇଥିଲା ? କିମ୍ବା ଏହା କେଉଁ ଦୁଷ୍ଟ ଅପଦେବତାର ଅଭିଶାପ, ତାହା କିଏ କହିପାରିବ ? ଦଶରଥ ଏହିପରି ଯେତେ ଭର୍ତ୍ସନା କଲେ ମଧ୍ୟ କୈକେୟୀ ସେଥିପ୍ରତି ଭ୍ରୂକ୍ଷେପ କଲେ ନାହିଁ । "ଭରତ ରାଜା ହେଉ, ରାମ ବନକୁ ଯାଉ"—ସେ କେବଳ ଏହି କଥା ଘୋଷି ହେବାକୁ ଲାଗିଲେ ।

ଅନନ୍ତର କୈକେୟୀ ଦୂତଦ୍ୱାରା ରାମଚନ୍ଦ୍ରଙ୍କୁ ଡକାଇଆଣି ତାଙ୍କୁ ପିତୃସତ୍ୟ ଓ ନିଜର ବରଲାଭ ବିଷୟ କହିଲେ । ରାମଚନ୍ଦ୍ର ସବୁ ଶୁଣି ନିର୍ବିକାର ଚିତ୍ତରେ ପିତୃସତ୍ୟ ପାଳନ ସକାଶେ ବନକୁ ଯିବାକୁ ସ୍ୱୀକୃତ ହେଲେ । ତାଙ୍କ ମୁଖଭଙ୍ଗୀରୁ ବିରକ୍ତି ବା କାତରତା ଆଦୌ ପ୍ରକାଶ ପାଇଲା ନାହିଁ । ସେ ମାତା, ଭ୍ରାତା ଓ ସ୍ତ୍ରୀପ୍ରଭୃତିଙ୍କଠାରୁ ବିଦାୟ ଘେନି ବନବାସୀ ବେଶରେ ସଜ୍ଜିତ ହୋଇ ଆସିବା ସକାଶେ ସେଠାରୁ ସତ୍ୱର ପ୍ରସ୍ଥାନ କଲେ । ସେ ପିତାଙ୍କ ଆଦେଶକୁ ଅପେକ୍ଷା ନ କରି ସାବତମାତା କୈକେୟୀଙ୍କ ଆଦେଶକୁ ଆନନ୍ଦରେ ଶିରୋଧାର୍ଯ୍ୟ ମଣି ତାହା ପାଳନରେ ତତ୍ପର ହେଲେ । ତାଙ୍କର ପିତୃଭକ୍ତି ଯେପରି ଅସାଧାରଣ, ମାତୃଭକ୍ତି ମଧ୍ୟ ସେହିପରି ଆଦର୍ଶ !

ରାମଚନ୍ଦ୍ର ଅନ୍ତଃପୁର ମଧ୍ୟରେ ପ୍ରବେଶ କରି ପ୍ରଥମେ କୌଶଲ୍ୟାଙ୍କ ଗୃହରେ ଉପସ୍ଥିତ ହେଲେ । ସେ ମାତୃପଦରେ ମସ୍ତକ ଲଗାଇ ତାଙ୍କର ପଦଧୂଳି ଗ୍ରହଣ କଲେ । କୌଶଲ୍ୟା ପୁତ୍ରଙ୍କୁ ଆଲିଙ୍ଗନ କରି ପ୍ରଗାଢ ସ୍ନେହରେ ଶିରଶ୍ଚୁମ୍ବନପୂର୍ବକ ଆଶୀର୍ବାଦ କଲେ । ରାମଚନ୍ଦ୍ର ମାତୃପଦପ୍ରାନ୍ତରେ ବସି ପିତାଙ୍କର ସତ୍ୟ ଓ ନିଜର ବନନିର୍ବାସନ ବିଷୟ ଆମୂଳ ବ୍ୟକ୍ତ କଲେ । କୌଶଲ୍ୟା ଏ କଠୋର ସମ୍ବାଦ ଶୁଣି କ୍ଷଣେମାତ୍ର ସ୍ତମ୍ଭିତ ହୋଇ ରହିଲେ । ସମ୍ବାଦଟି ଜନନୀ ପକ୍ଷରେ ଅତୀବ ଦୁଃଖାବହ ହେଲେହେଁ ବୀରପତ୍ନୀ କୌଶଲ୍ୟାଙ୍କ ହୃଦୟ ବିଚଳିତ କରିପାରିଲା ନାହିଁ । ସେ ମୃଦୁ ହସି କହିଲେ—"ବାପ, ତୁ ସୌଭାଗ୍ୟବାନ୍ । ଯେଉଁ ସୁପୁତ୍ର ପିତୃସତ୍ୟ ପାଳନ କରେ, ତାହା ପରି ଭାଗ୍ୟଧର ଦେବ-ସମାଜରେ ମଧ୍ୟ ଦୁର୍ଲଭ ! ତୁ ମହାବୀର ମନୁଷ୍ୟମଣି, ବନବାସ ତୋ ପକ୍ଷରେ କ୍ଳାନ୍ତିପ୍ରଦ ହେବ ନାହିଁ । ପିତା ପରମଗୁରୁ ! ତାଙ୍କର ପୁଣ୍ୟ ଆଶୀର୍ବାଦ ବିଧାତା ପୁରୁଷର ଲେଖନପରି ଅଟଳ । ତୁ ତୋର ସ୍ୱାର୍ଥତ୍ୟାଗ ଦ୍ୱାରା ପିତୃଦେବଙ୍କୁ ସନ୍ତୁଷ୍ଟ କରି ତାଙ୍କର ସେହି ଆଶୀର୍ବାଦ ଲାଭ କର । ମୁଁ ମଧ୍ୟ ଆଶୀର୍ବାଦ କରୁଛି—ଯେବେ କାୟ, ମନ, ପ୍ରାଣରେ ମୁଁ ପତିସେବା କରିଥିବି, ତେବେ ମୋର ସେହି ସତୀତ୍ୱର ତେଜ ବନଦେବତା ରୂପ ଧରି ତୋତେ ସର୍ବଦା ରକ୍ଷା କରିବେ ।" ରାମଚନ୍ଦ୍ର କହିଲେ—"ମା, ତୁମ୍ଭର ଏହି ଆଶୀର୍ବାଦ ଏକା ଅଭେଦ୍ୟ ବଜ୍ରକବଚ ତୁଲ୍ୟ ମୋତେ ଆଚ୍ଛନ୍ନ କରି ରଖିବ । ମାତୃ-ଆଶୀର୍ବାଦ ଯାହାର ସମ୍ବଳ, ତାହାର କି ଭୟ ମା ? ତୁମ୍ଭେ ବୀରପୁତ୍ରୀ, ବୀରଜାୟା ! ଏଭଳି ଉକ୍ତି କେବଳ ତୁମ୍ଭକୁହିଁ ସଜାଏ ମା ! ଏଭଳି ବୀରହୃଦୟାର ପୁତ୍ର ବୋଲି ମୁଁ ନିଜକୁ ଧନ୍ୟବାନ୍ ମନେ କରୁଛି ।"

ଅନନ୍ତର ରାମଚନ୍ଦ୍ର ସୀତାଙ୍କ ନିକଟକୁ ଯାଇ ନିଜର ବନଗମନ ସମାଚାର ତାଙ୍କର କର୍ଣ୍ଣଗୋଚର କଲେ । ସୀତା ସବୁ ଶୁଣି ବ୍ୟଥାସିକ୍ତ ଦୀର୍ଘନିଃଶ୍ୱାସ ପରିତ୍ୟାଗ କରି କହିଲେ—"ହାୟ, କାହିଁ କାଲି ରାଜା ହେବାର କଥା, କାହିଁ ପୁଣି ଆଜି ବନବାସ ! ସତରେ ସୁଖ ପଛେ ପଛେ ସବୁ ଦୁଃଖ ପୁଣି ଏହିପରି ଲାଗି ଆସି ହାଜର ହୁଏ ! ପୂର୍ଣ୍ଣିମାର ଚନ୍ଦ୍ର ଦେଖା ନ ଦେଉଣୁ ଦୁରନ୍ତ ରାହୁ ତାକୁ ଗ୍ରାସ କରିବସିଲା । ସୁଖ ଆସୁଁ ଆସୁଁ ବାଟରେ ଦୁଃଖକବଳରେ ପଡ଼ିଲା । ବିଧି-ବିଧାନ କି ବିଚିତ୍ର ! ସେ ଅପୂର୍ବ ବିଧାନ ଦେଖି ବେଳେ ବେଳେ

ଜାନିମାତ୍ରେ, ପୁଣି ବେଳେ ବେଳେ ହସ ବି ମାତ୍ରେ । ଦୁର୍ବାର ନିୟତିକୁ କିଏ ଲଙ୍ଘନ କରିପାରିବ ? ଯେ ଯାହାହେଉ, ମୁଁ ତୁମ୍ଭ ସଙ୍ଗରେ ବନକୁ ଯିବି ।" ରାମଚନ୍ଦ୍ର ଅସ୍ଥିର ହୋଇ କହିଲେ—"ତୁମେ ବନକୁ ଯିବ, ଏ କି ଦୁଃସାହସ ? ତୁମେ ରାଜକନ୍ୟା, ରାଜବଧୂ, ତୁମର ସୁକୁମାର ଶରୀର କି ବନବାସ କଷ୍ଟ ସହିପାରିବ ? ବିଶେଷତଃ ବନରେ ଶ୍ୱାପଦ ଓ ଦୁଷ୍ଟ ରାକ୍ଷସମାନଙ୍କର ଉପଦ୍ରବ ଅଧିକ । ଏପରି ଅବସ୍ଥାରେ ତୁମର ସେ ସଙ୍କଳ୍ପ ତ୍ୟାଗ କରିବା ଉଚିତ ।" ସୀତା ଏହା ଶୁଣି ହସି ହସି କହିଲେ—"ମୁଁ ବାଳିକା ନୁହେଁ ଯେ ଶ୍ୱାପଦ ରାକ୍ଷସର ଭୟ ଦେଖାଇଲେ ବିହ୍ୱଳିଯିବି । ମୁଁ ମହାବୀର-ପତ୍ନୀ, ଛାର ଶ୍ୱାପଦ ବା ରାକ୍ଷସ ମୋର କଅଣ କରିପାରିବେ ? ମୋର ସ୍ୱାମୀ ଭୁବନବିଜୟୀ, ସୁତରାଂ ମୋର ଭୟ କାହାକୁ ? ତୁମ୍ଭଙ୍କୁ ଛାଡ଼ି ମୁଁ କିପରି ପ୍ରାଣ ଧରି ରହିବି ? ଚନ୍ଦ୍ର ବିନା ଚନ୍ଦ୍ରପଦ ସ୍ଥିତା ଜ୍ୟୋତ୍ସ୍ନା ଆଉ କାହା ଆଶ୍ରୟରେ ବଞ୍ଚିବ ? ତୁମ୍ଭେ ସଙ୍ଗରେ ଥିଲେ ପର୍ଣ୍ଣକୁଟୀରକୁ ମୁଁ ରାଜହର୍ମ୍ୟ ମଣିବି, ଖଣ୍ଡୋପଳକୁ ମଣିମାଣିକ୍ୟଖଚିତ ରାଜସିଂହାସନ ମଣିବି, ସାମାନ୍ୟ ଫଳମୂଳକୁ ପରମାନ୍ନ ମଣିବି, ଆଉ କଣ୍ଟକ ଫୁଟିଲେ ତାକୁ ପୁଷ୍ପାଘାତ ତୁଲ୍ୟ ମଣିବି । ବନରେ ତୃଣଶଯ୍ୟା ମୋ ପକ୍ଷରେ ମହାର୍ହ ତୂଳିକା ତୁଲ୍ୟ ହେବ, ଧୂଳିକଣା କର୍ପୂରଚୂର୍ଣ୍ଣ ତୁଲ୍ୟ ହେବ, ବନଫୁଲ ରତ୍ନାଳଙ୍କାର ପରି ହେବ । ପିତୃସତ୍ୟ ପାଳନ ତୁମ୍ଭର ଯେପରି ଧର୍ମ, ସ୍ୱାମୀ ସେବା ମୋର ବି ସେହିପରି ପରମ ଧର୍ମ । ସେ ବିପୁଳ ସୌଭାଗ୍ୟରୁ ଦାସୀକୁ ବଞ୍ଚିତ କରନାହିଁ ଦେବ ! ତୁମେ ବନରେ କଷ୍ଟ ପାଇବ, ଆଉ ମୁଁ ରାଜପ୍ରାସାଦରେ ସୁଖଭୋଗ କରିବି ? ତୁମ୍ଭର ଚରଣ-ସେବିକା ସୀତା ପ୍ରାଣ ଥାଉଁ ଥାଉଁ ତାହା କରିପାରିବ ନାହିଁ ପ୍ରଭୁ ! ମୁଁ ତୁମ୍ଭର ସହଧର୍ମିଣୀ ପୁଣି ଅର୍ଦ୍ଧାଙ୍ଗିନୀ, ତୁମ୍ଭର ଯେତେବେଳେ ଯେଉଁ ଅବସ୍ଥା, ମୋର ବି ସେତେବେଳେ ସେହି ଅବସ୍ଥା । ଏଥିର ଅନ୍ୟଥା ଆର୍ଯ୍ୟରମଣୀର ଧର୍ମ ନୁହେଁ । ମୁଁ ରାଜକନ୍ୟା, ବନରେ ଯାଇ ବନରାଜକନ୍ୟା ଶିଶୁ ମୃଗୀ ସଙ୍ଗେ କ୍ରୀଡ଼ା କରିବି । ବନସ୍ଥିତ ରାଜକେମା କୁସୁମ-ସୁନ୍ଦରୀ ସଙ୍ଗରେ ସଖିତ୍ୱ କରିବି, ଦିବ୍ୟାଙ୍ଗବାଳା ନିର୍ଝରିଣୀ ସହିତ ସମ୍ଭାଷଣ କରିବି । ମୋର ସେ ସାଧରେ, ସେ ଆନନ୍ଦରେ ଆଘାତ ଦିଅ ନାହିଁ ନାଥ ! ତୁମ ଶ୍ରୀଚରଣରେ ତୁମ୍ଭର ଚରଣସେବିକା ସୀତାର ଏତିକିମାତ୍ର ଅଳି ।" ସୀତାଙ୍କ ନାରୀ-ମହତ୍ତ୍ୱରେ ଆଘାତ ଦେବାକୁ ରାମଚନ୍ଦ୍ରଙ୍କର ମନ ବଳିଲା ନାହିଁ । ସେ ସୀତାଙ୍କୁ ସହଗାମିନୀ ହେବା ସକାଶେ ଆନନ୍ଦରେ ଅନୁମତି ପ୍ରଦାନ କଲେ ।

ଲକ୍ଷ୍ମଣ ରାମଚନ୍ଦ୍ରଙ୍କର ଆବାଲ୍ୟ ଅନୁଗତ । ସେ ନିଜକୁ ପିଣ୍ଡ ଆଉ ରାମଚନ୍ଦ୍ରଙ୍କୁ ପ୍ରାଣ ତୁଲ୍ୟ ମଣନ୍ତି । ସେ ମଧ୍ୟ ଅଗ୍ରଜଙ୍କ ମମତା ତେଜି ନ ପାରି ତାଙ୍କ ସଙ୍ଗରେ ବନଗାମୀ ହେବା ସକାଶେ ବାହାରିଲେ । ରାମଚନ୍ଦ୍ର କହିଲେ—"ଲକ୍ଷ୍ମଣ, ମୋ ସଙ୍ଗରେ ବନକୁ ଯିବା ତୁମ୍ଭର ଉଚିତ ନୁହେଁ । ତୁମ୍ଭେ ଘରେ ରହି ବୃଦ୍ଧ ପିତାମାତାଙ୍କର ସେବା କର ।" ଲକ୍ଷ୍ମଣ ଅଗ୍ରଜଙ୍କର ଏ ଆଦେଶ ବିନୟର ସହିତ ପ୍ରତ୍ୟାଖ୍ୟାନ କରି କହିଲେ—"ଦେବ, ଆଜୀବନ ଛାୟା ତୁଲ୍ୟ ଆପଣଙ୍କର ଅନୁଗମନ କରିବି, ଏହା ମୋର ଇଷ୍ଟବ୍ରତ । ସେବକକୁ ସେହି ପବିତ୍ର ବ୍ରତରୁ ବଞ୍ଚିତ କରନ୍ତୁ ନାହିଁ । ପିତୃମାତୃ-ସେବାର ଛଳନା ଧରି ମୋତେ ଭଣ୍ଡାଇଦେଲେ ମୁଁ ସହଜରେ ଭୁଲିଯିବି ନାହିଁ । ଯେ ରାଜାଧିରାଜ ମହାରାଜ, ତାଙ୍କର ସେବା କରିବାକୁ ଲୋକର ଅଭାବ କଅଣ ? ଶତ ଶତ ସେବକ ତାଙ୍କର ଆଦେଶକୁ ଅପେକ୍ଷା କରି ଥାଇ ରହିଛନ୍ତି; ମାତ୍ର ଆପଣଙ୍କୁ ଓ ମୋର ଜନନୀ ତୁଲ୍ୟ ପରମାରାଧ୍ୟା ଭ୍ରାତୃଜାୟା ସୀତାଦେବୀଙ୍କୁ ବନରେ ସେବା କରିବାକୁ କିଏ ଅଛି ଦେବ ? ଆପଣଙ୍କ କଣାକାଙ୍କର ସୌମିତ୍ରି ଆପଣଙ୍କ ଶ୍ରୀଚରଣରେ ଏପରି କି ଦ୍ରୋହ କରିଛି ଯେ, ସେବାର ଅଧିକାରରୁ ସେ ନିରାଶ ହେବ ?" ରାମଚନ୍ଦ୍ର ଆଉ ସହିପାରିଲେ ନାହିଁ । ଋଷି-ପ୍ରତିମ ଭାଇ ଲକ୍ଷ୍ମଣଙ୍କର ଦେବଦୁର୍ଲଭ ଭ୍ରାତୃଭକ୍ତିରେ ତାଙ୍କର ପ୍ରେମିକ ହୃଦୟ ଉଚ୍ଛୁଳିଉଠିଲା । ସେ ଲକ୍ଷ୍ମଣଙ୍କୁ ସ୍ନେହରେ ଆଲିଙ୍ଗନ କରି ସଙ୍ଗରେ ଯିବା ସକାଶେ ଆଦେଶ ଦେଲେ । ତହୁଁ ରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣ ଦଶରଥଙ୍କଠାରୁ ବିଦାୟ ନେବା ପାଇଁ କୈକେୟୀଙ୍କ ଅନ୍ତଃପୁରକୁ ଯାତ୍ରା କଲେ ।

ରାମଚନ୍ଦ୍ର ପିତାଙ୍କର ପଦ ବନ୍ଦନ କରି କର ଯୋଡ଼ି କହିଲେ—"ପିତଃ, ଆପଣ ଆଦେଶ ପ୍ରଦାନ କରନ୍ତୁ, ଆପଣଙ୍କର ସେବକ, ସେବକା ମୁଁ, ଲକ୍ଷ୍ମଣ ଓ ସୀତା ଏହି ମୁହୂର୍ତ୍ତରେ ବନଯାତ୍ରା କରିବୁ । ବିମାତା କୈକେୟୀ ଦେବୀଙ୍କର କିଛି ଦୋଷ ନାହିଁ, ସଂସାରର ସବୁ ଘଟଣା ଦୈବାଧୀନ । ସେ ମୋତେ ପୁତ୍ରାଧିକ ସ୍ନେହ କରନ୍ତି । ତାଙ୍କୁ ଅକାରଣ ଗଞ୍ଜଣା ଭର୍ତ୍ସନା କଲେ ମୋ ପ୍ରାଣରେ ବିଷମ ଆଘାତ ଲାଗିବ । ନିୟତି ସବୁ କରେ, ମାନବ ଉପଲକ୍ଷମାତ୍ର । ଦୁଃଖ ବୋଲି ଜଗତରେ କିଛି ନାହିଁ । ଯାହାକୁ ଦୁଃଖ ବୋଲି କହୁନ୍ତି, ସେ ସୁଖର ଶୁଭ ସୂଚନା ଦିଏ ! ନିୟତି ଯାହା କରେ, ତାହା ମଙ୍ଗଳ ସକାଶେ କରେ । ମଙ୍ଗଳମୟୀ ନିୟତିର ବିଧାନ କେବେ ଅମଙ୍ଗଳ ହୋଇପାରେ ନାହିଁ । ଆପାତ ଦୃଷ୍ଟିରେ କୌଣସି କୌଣସି ଘଟଣା ଅମଙ୍ଗଳ ପରି ବୋଧହୁଏ ସତ୍ୟ; ମାତ୍ର ତାହାର ପରିଣାମ ଶୁଭକର । ଆପଣ ମୋ ପାଇଁ ଦୁଃଖ କରିବେ ନାହିଁ । କାଲି ପହରଣନ ପରି ଚଉଦ ବର୍ଷ କଟିଯିବ । ତହୁଁପରେ ଏ ସେବକ ଫେରିଆସି ପିତୃସେବାରୂପ ଦେବସେବାରେ ଜୀବନ ଧନ୍ୟ କରିବ ।" ପୁତ୍ରର ଏଭଳି ଉଦାରତା ଓ ମହାପ୍ରାଣତାରେ ଦଶରଥ ବିମୁଗ୍ଧ ହୋଇଗଲେ; ମାତ୍ର ଦାରୁଣ ଲଜ୍ଜାହେତୁ କିଛି କହିବାକୁ ତାଙ୍କର ତୁଣ୍ଡ ଫିଟିଲା ନାହିଁ । ସେ ମୁଣ୍ଡ ଟେକି ରାମଚନ୍ଦ୍ରଙ୍କ ମୁହଁକୁ ଅନାଇପାରିଲେ ନାହିଁ । କିଛି କ୍ଷଣ ପରେ ବ୍ୟଥାତପ୍ତ ଦୀର୍ଘ ନିଃଶ୍ୱାସ ପକାଇ କହିଲେ, "ବତ୍ସ, ତୋର କଥା ଭିତରେ ତୋର ସ୍ୱଭାବସିଦ୍ଧ ମହତ୍ତ୍ୱ ଫୁଟି ଉଠୁଅଛି । ତୁ ପିତୃସତ୍ୟ ପାଳନ ପାଇଁ ବନଗମନ କରି ସୁପୁତ୍ରର ଆଦର୍ଶ ଦେଖାଇଲୁ; କିନ୍ତୁ ହାୟ ମୁଁ କଅଣ କଲି ? ତୋ ଭଳି ଗୁଣଧର ଦେବପୁତ୍ରକୁ ମୁଁ କଷ୍ଟ ଦେଇ କୁପିତାର ଅଖ୍ୟାତି ଅର୍ଜନ କଲି । ଧିକ୍ ମୋତେ ! କିନ୍ତୁ ଏ ସବୁତର ଅନୁଶୋଚନାରେ ମୋର ସାନ୍ତ୍ୱନା ଏତିକି ଯେ—ମୁଁ ସୁପୁତ୍ରର ପିତା । ମୋର ସେ ଗୌରବ ମଳିନ ହେବ ନାହିଁ । ଆଉ ଅଧିକ କିଛି କହିପାରିବି ନାହିଁ । ପିତା ନ ହେବା ଯାଏଁ ପିତୃ-ହୃଦୟର ବେଦନା କେହି ସମ୍ୟକ୍‌ରୂପେ ଜାଣିପାରେ ନାହିଁ; ମାତ୍ର ତୁ ପିତୃପ୍ରାଣ ହେତୁ ତୋର ଏ ଦୁଃଖ ପିତାପ୍ରାଣରେ କି ହୁତାଶନ ଜଳୁଛି, ତାହା ବୁଝିପାରୁଥିବୁ ପୁତ୍ର ! ମୋର ଶେଷ ଆଦେଶ ପାଳନ କରିବୁ । ତୁ ସନ୍ନ୍ୟାସୀ ବେଶ ଧରି ଚାଲିକରି ବନକୁ ଯିବୁ, ମୁଁ ତାହା ସହିପାରିବି ନାହିଁ । ସେ ଦୃଶ୍ୟ ଦେଖିଲେ ମୋର ଚକ୍ଷୁ ଫାଟିଯାଇ ରକ୍ତ ବହିବ । ମୋ ରାଜ୍ୟର ଶେଷ ସୀମାପର୍ଯ୍ୟନ୍ତ ତୁମ୍ଭେମାନେ ରଥରେ ବସି ଯାଅ ।" ଅନନ୍ତର ଦଶରଥ ରଥ ସଜ୍ଜିତ କରି ଆଣିବା ସକାଶେ ସୁମନ୍ତ୍ରନାମକ ସାରଥିକୁ ଆଦେଶ ଦେଲେ । କିଛିକ୍ଷଣ ପରେ ରାଜୋଚିତ ସାଜରେ ସୁସଜ୍ଜିତ ରଥ ଆସି ଉପସ୍ଥିତ ହେଲା । ତହୁଁ ରାମଚନ୍ଦ୍ର ଲକ୍ଷ୍ମଣ ଓ ସୀତା ଶୋକାର୍ତ୍ତ ଦଶରଥଙ୍କର ପାଦବନ୍ଦନ କରି ରଥରେ ବସି ଅରଣ୍ୟକୁ ପ୍ରସ୍ଥାନ କଲେ; ଦଶରଥ କମ୍ପିତ କଣ୍ଠରେ 'ହା-ରାମ' କହି ମୂର୍ଚ୍ଛିତ ହେଲେ ।

## ଅଷ୍ଟମ ପରିଚ୍ଛେଦ

ରାମଚନ୍ଦ୍ର-ବନଗମନ ସମ୍ବାଦ ବିଷବାଣ ପ୍ରାୟ ମୁହୂର୍ତ୍ତକ ମଧ୍ୟରେ ବିଦ୍ୟୁତ୍ ଗତିରେ ଚାରିଆଡ଼େ ବ୍ୟାପିଗଲା । ନଗରବାସୀଏ ସହସା ଏ ଦାରୁଣ ସମ୍ବାଦ ଶୁଣି ବିସ୍ମୟରେ ଅଭିଭୂତ ହୋଇଗଲେ । ହର୍ଷୋତ୍‌ଫୁଲ୍ଲ ନଗର ବକ୍ଷରେ ବିଷାଦର ଛଟା ପଡ଼ିଗଲା । ଆନନ୍ଦ ଚହଳ ପରିବର୍ତ୍ତରେ ହାହାକାର ଧ୍ୱନି ଉଠିଲା । ଅଯୋଧ୍ୟାର ପ୍ରତି ରନ୍ଧ୍ରରୁ ବିଷାଦ-ବଂଶୀ କରୁଣ ସ୍ୱରରେ ବାଜିଉଠିଲା । ଉତ୍ସବ ବେଶରେ ସଜ୍ଜିତ ଯେଉଁ ଅଯୋଧ୍ୟା ଶୋଭା-ସ୍ୱର୍ଗରୁ ଖଣ୍ଡେ ଖସି ପଡ଼ିଲା ପରି ଦିଶୁଥିଲା, ସେ ଏବେ ଶ୍ମଶାନ ପରି ଶ୍ରୀହୀନ ଦିଶିଲା । ଅକାଳରେ ନିଦାଘ ଆସି ବସନ୍ତର ସବୁ ସୁଷମାକୁ ନିଭାଇଦେଲା । ନାଗରିକମାନଙ୍କର ହର୍ଷଦୀପ୍ତ ମନ ଚୂନା ହୋଇଗଲା । ସମସ୍ତଙ୍କ ମୁଖ ବିଷାଦ-କାଳିମାରେ ମଳିନ ଦିଶିଲା । ସମସ୍ତେ ହା-ହା କରି କାନ୍ଦିଲେ । ଅଶ୍ରୁରେ ରାଜପ୍ରାସାଦ, ରାଜପଥ ପଙ୍କିଳ ହୋଇଗଲା । ସହସା ଏଭଳି ବିଷାଦ କାହୁଁ ଆସି ଆନନ୍ଦରେ ମିଶିଲା ! ଅମୃତରେ ହଳାହଳ ମିଶିଲା, ଗୋଦୁଗ୍ଧରେ ଗୋମୂତ୍ର

ମିଶି ତାଙ୍କୁ ବିଷାକ୍ତ କରିଦେଲା । ହାୟ, ଏ କି ସର୍ବନାଶୀ ଯୋଗ ! କୈବଲ୍ୟରେ ଅମୃତ, ତୀର୍ଥଜଳରେ ରୁଧିର, ସତ୍ୟରେ ଶଠତା କିଏ ଆଣି ମିଶାଇଲା ? ବିଷାଦ-ବିବଶା ଅଯୋଧ୍ୟା ରାମଚନ୍ଦ୍ରଙ୍କ ପଛେ ପଛେ ଶୋକ-ସମୁଦ୍ର ସୃଷ୍ଟି କରି ଧାଇଁଲା । ଚୌଦିଗ ହାହାମୟ ! ରଥ ହାହାକାର କରି ଧାଇଁଲା—ପବନ ହାୟ ହାୟ ଶବ୍ଦରେ ବହିଲା । ବଂଶର ଆଦିପୁରୁଷ ସୂର୍ଯ୍ୟଦେବ ଘୃଣା, ଦୁଃଖ ଓ ଲଜ୍ଜାରେ ମେଘ ଉହାଡ଼ରେ ମୁହଁ ଲୁଚାଇଲେ । ରାମଚନ୍ଦ୍ରଙ୍କ ବିଚ୍ଛେଦ-ଶୋକରେ ଅଧୀର ହୋଇ ଅଯୋଧ୍ୟା କାନ୍ଦି କାନ୍ଦି ନେତ୍ରରୁ ଶ୍ରାବଣର ଧାରା ବହାଇଦେଲା । ଆକାଶ ପାତାଳ କାନ୍ଦିଲେ । ସରଯୂ ହାୟ ହାୟ ଶବ୍ଦରେ କାନ୍ଦି କାନ୍ଦି ଉଜାଣି ବହିଲା । ପ୍ରଜାଙ୍କର ମନ, ପ୍ରାଣ, ଆତ୍ମା କାନ୍ଦି ଉଠିଲା । ସତେ ଯେପରି ଦୁଃଖର ଉତ୍ତାପରେ ସମସ୍ତଙ୍କର ହାଡ଼ ମାଂସ ମିଳାଇଯାଇ ଅଶ୍ରୁରୂପରେ ଆଖିବାଟେ ବାହାରିପଡ଼ିଲା ! ପଶୁପକ୍ଷୀ ଆହାର ତ୍ୟାଗ କରି କାନ୍ଦିଲେ—ଶିଶିରପାତ ଛଳରେ ଗଛପତ୍ର ଅଶ୍ରୁବର୍ଷଣ କଲେ—ଅଟ୍ଟାଳିକାମାନ ପ୍ରତିଧ୍ୱନି ବ୍ୟାଜରେ ହାୟ ହାୟ ହୋଇ କାନ୍ଦିଲେ—ଅଯୋଧ୍ୟାର ଦେବାଳୟ ସଙ୍ଗରେ ଦେବଦେବୀଙ୍କ ପ୍ରତିମାମାନେ ନୀରବରେ କାନ୍ଦିଲେ—ଏପରିକି ଅଯୋଧ୍ୟାର ପ୍ରକୃତିଲକ୍ଷ୍ମୀ, ଭାଗ୍ୟଲକ୍ଷ୍ମୀ ଓ ରାଜଲକ୍ଷ୍ମୀ ସୁଦ୍ଧା କାନ୍ଦିବାକୁ ଲାଗିଲେ । ମନ୍ଥରା ପ୍ରବଳ ଝଞ୍ଜା ପରି ଅଯୋଧ୍ୟା-ଉପବନକୁ ମନ୍ଥନ କରି ବିପର୍ଯ୍ୟସ୍ତ ଓ ବିଧ୍ୱସ୍ତ କରିଦେଲା । ଅଯୋଧ୍ୟା ରାଜ୍ୟରେ ସେ ଦୁଷ୍ଟ ଅପଦେବତାର କଠୋର ଅଭିଶାପ । ନଗରବାସୀ ଆବାଳବୃଦ୍ଧ ସେହି ଅଭିଶାପରୂପିଣୀ ମନ୍ଥରା ମସ୍ତକରେ ଅଭିଶାପର ଅଗ୍ନିମୁଷ୍ଟି ବୃଷ୍ଟି କରିବାକୁ ଲାଗିଲେ ।

ବିପୁଳ ଜନତା ରାମଚନ୍ଦ୍ରଙ୍କ ରଥ ପଛରେ ଧାଇଁଅଛି । ଜନତା ମଧ୍ୟରୁ କୈକେୟୀ ଓ ଦଶରଥଙ୍କ ଉଦ୍ଦେଶ୍ୟରେ ଅଜସ୍ର ନିନ୍ଦାବୃଷ୍ଟି ହେଉଅଛି । ମାତୃନିନ୍ଦା ବିଶେଷତଃ ପିତୃନିନ୍ଦା ରାମଚନ୍ଦ୍ରଙ୍କ ହୃଦୟରେ ଅଗ୍ନେୟ ଶୂଳ ତୁଲ୍ୟ ବିଦ୍ଧ ହେବାକୁ ଲାଗିଲା । ସେ ଅତ୍ୟନ୍ତ ବ୍ୟଥିତ ହୋଇ ମଧୁର କଥାରେ ଜନତାକୁ ଫେରିଯିବା ପାଇଁ ଅନୁରୋଧ କଲେ; ମାତ୍ର ଜନତା ମଧ୍ୟରୁ ବାରମ୍ବାର ଧ୍ୱନିତ ହେଲା—"ଫେରି ଆସ ରାମ, ତୁମ୍ଭେ ଅଯୋଧ୍ୟାର ଜୀବନ ପୁଣି ଅଯୋଧ୍ୟାର ପିତା । ଆମ୍ଭମାନଙ୍କୁ ମୃତବତ୍ କରି, ପିତୃହୀନ କରି ଯାଅ ନାହିଁ । ତୁମ୍ଭ ଅଭାବରେ ଚଉଦବର୍ଷ ଆମ୍ଭମାନଙ୍କୁ ଚଉଦ ଯୁଗ ପରି ଲାଗିବ ପ୍ରଭୁ !" ରାମଚନ୍ଦ୍ର ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲେ, "ତୁମ୍ଭେମାନେ କାତର ହୁଅ ନାହିଁ, ତୁମ୍ଭମାନଙ୍କ ସ୍ନେହର ପ୍ରବଳ ଶକ୍ତି ମୋତେ ଓଟାରି ଘେନି ଆସିବ । ସେ ଦୁର୍ଜୟ ଶକ୍ତି ନିକଟରେ ତ ସମସ୍ତ ଜଗତ ପରାସ୍ତ, ଆଉ ମୁଁ ଅବା କିଏ ? ସେହି ସ୍ନେହ ଚଉଦ ବର୍ଷକୁ ଚଉଦ ଦିନ ପରି ଲଘୁ କରିଦେବ । ମୁଁ ପିତୃସତ୍ୟ ପାଳନରେ କ୍ଷମ ହୁଏ, ସମସ୍ତେ ଏହି ଆଶୀର୍ବାଦ କର । ପ୍ରାଣର ଭାଇ ଭରତ ତୁମ୍ଭମାନଙ୍କୁ ମୋ ଅପେକ୍ଷା ଅଧିକ ସୁଖରେ ପାଳନ କରିବ, ଏଥିରେ ସନ୍ଦେହର ଅବକାଶ ସୁଦ୍ଧା ନାହିଁ । ମୋ ସଙ୍ଗରେ ତାହାର ଶରୀରରେ ପ୍ରଭେଦ ଅଛି ସିନା; ମାତ୍ର ଆତ୍ମାରେ ପ୍ରଭେଦ ନାହିଁ । ତାହାର ମଧୁର ଶାସନ ସମସ୍ତଙ୍କ ପକ୍ଷରେ ତୃପ୍ତିକର ହେବ ।" ରାମଚନ୍ଦ୍ର ଏହିପରି ଅନେକ ବୁଝାଇ ବହୁ ଆୟାସରେ ଜନତାକୁ ନିବୃତ୍ତ କଲେ । ତହୁଁ ସମସ୍ତେ ବିଷଣ୍ଣ ମୁଖରେ ସେହିଠାରୁ ଫେରିଗଲେ । ରାମଚନ୍ଦ୍ରଙ୍କ ରଥ ନକ୍ଷତ୍ର ଗତିରେ ଅରଣ୍ୟ ଅଭିମୁଖରେ ଧାବିତ ହେବାକୁ ଲାଗିଲା ।

ରାମଚନ୍ଦ୍ରଙ୍କ ରଥ ବହୁଗ୍ରାମ, ପ୍ରାନ୍ତର, ଶସ୍ୟକ୍ଷେତ୍ର ଅତିକ୍ରମ କରି ବନଭୂମିର ସୀମାରେ ଯାଇ ଉପସ୍ଥିତ ହେଲା । ରାମଚନ୍ଦ୍ର ପବିତ୍ର କାନନ-ପ୍ରକୃତିକୁ ନମସ୍କାର କରି ବନ ମଧ୍ୟରେ ପ୍ରବେଶ କଲେ । ବନଦେବତାମାନେ ନବସ୍ଫୁଟ ହସ୍ତରେ ପୁଷ୍ପାଞ୍ଜଳି ଦେଇ ତାଙ୍କୁ ସାଦର ଅଭ୍ୟର୍ଥନା କରି ନେଲେ । ରଥଚକ୍ରର ଘର୍ଘର ନିର୍ଘୋଷରେ ବନସ୍ଥଳୀ କମ୍ପି ଉଠିଲା । ସେହି ଧ୍ୱନିରେ ତାହାର ପ୍ରତିଧ୍ୱନି ମିଶି ପୃଥୁଳ ଆକାର ଧାରଣ କଲା । ବନପଶୁମାନେ ତାହା ଶୁଣି ଭୀତ ହୋଇ ଇତସ୍ତତଃ ଧାବମାନପୂର୍ବକ ନିରାପଦ ସ୍ଥାନ ଖୋଜି ବୁଲିଲେ । ପକ୍ଷୀମାନେ ଆନନ୍ଦମୟ ଗୀତ । ସେମାନେ ଭୟ ନ କରି ଉଡ଼ି ଉଡ଼ି ରଥ ଉପରେ ଛାୟା

ପଡ଼ାଇ ଅଗ୍ରସର ହେଲେ । ଗନ୍ତ ପଥରେ ରାମଚନ୍ଦ୍ର ସୀତାଙ୍କୁ ବନର ଶୋଭା ଦେଖାଇ ଦେଖାଇ ଚାଲିଲେ । କାନନ-କମଳାଙ୍କ ଅପୂର୍ବ ଶୋଭା-ସାଗରରେ ସନ୍ତରଣ କରି ସୀତା ମୋହିତ ହୋଇଗଲେ । ସନ୍ଧ୍ୟା ସମୟରେ ରଥ ଯାଇ ତମସା ନଦୀ ତୀରରେ ଉପସ୍ଥିତ ହେଲା । ରାମଚନ୍ଦ୍ର, ସୀତା, ଲକ୍ଷ୍ମଣ ଓ ସାରଥି ସୁମନ୍ତ୍ର ରଥରୁ ଓହ୍ଲାଇ ସେହିଠାରେ ରଜନୀ ଯାପନ କଲେ । ତହିଁ ପରଦିନ ଯାଇ ଗଙ୍ଗାକୂଳରେ ପହଞ୍ଚିଲେ । ତରଳ ତରଙ୍ଗମୟୀ ପତିତପାବନୀ ଭାଗୀରଥୀ ଦର୍ଶନରେ ଆନନ୍ଦିତ ହୋଇ ରାମଚନ୍ଦ୍ର ସୀତାଙ୍କୁ କହିଲେ— "ମୈଥିଳି, ଦେଖ ଏହି ଗଙ୍ଗା ନଦୀ ଆମ୍ଭର ବଂଶୀୟ କୀର୍ତ୍ତି । ଆମ୍ଭ ବଂଶରେ ଭଗୀରଥ ନାମରେ ଜଣେ ଜଗତ୍-ପ୍ରସିଦ୍ଧ ଧାର୍ମିକ ନରପତି ଜନ୍ମଗ୍ରହଣ କରିଥିଲେ । ସେସୁକଠୋର ତପସ୍ୟା ବଳରେ ଏହି ପୁଣ୍ୟ ପୀୟୂଷ-ତୋୟା ଗଙ୍ଗାଙ୍କୁ ସ୍ୱର୍ଗରୁ ମର୍ତ୍ତ୍ୟଭୂମିକୁ ଆଣିଥିଲେ । ଏ ଆମ୍ଭ ବଂଶର ଅଧିଦେବୀ, ତୁମ୍ଭେ ଭକ୍ତିରେ ଏହାଙ୍କୁ ନମସ୍କାର କର ।" ସୀତା ସ୍ୱାମୀଙ୍କ ଆଦେଶମତେ କର ଯୋଡ଼ି ଗଙ୍ଗାଙ୍କୁ ନମସ୍କାର କଲେ । ସମସ୍ତେ ରଥରୁ ଓହ୍ଲାଇ ଗଙ୍ଗା ଜଳରେ ସ୍ନାନତର୍ପଣାଦି କଲେ । ଅନନ୍ତର ରାମଚନ୍ଦ୍ର ସେହିଠାରୁ ସୁମନ୍ତ୍ରଙ୍କୁ ବିଦାୟ ଦେଲେ । ପ୍ରଭୁଙ୍କ ଆଦେଶରେ ସୁମନ୍ତ୍ର ରଥ ଲେଉଟାଇ ଅଶ୍ରୁସଜଳ ନେତ୍ରରେ ଅଯୋଧ୍ୟାକୁ ଫେରିଗଲା ।

ଅଦୂରରେ ନିଷାଦରାଜ ଗୁହକର ରାଜଧାନୀ ଥିଲା । ଗୁହକ ରାମଚନ୍ଦ୍ରଙ୍କର ପୂର୍ବମିତ୍ର । ସେ ରାମଚନ୍ଦ୍ରଙ୍କର ଆଗମନ ଶୁଣି ସେଠାରେ ଆସି ଉପସ୍ଥିତ ହେଲା ଏବଂ ମହା ସମାଦରରେ ପରମ ମିତ୍ର ରାମଚନ୍ଦ୍ରଙ୍କୁ ଅଭିନନ୍ଦିତ କଲା । ରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣ ତାହାର ଅତିଥି ସତ୍କାରରେ ପ୍ରୀତ ହୋଇ ସେହିଠାରେ ଯାମିନୀ ଯାପନ କଲେ । ତହୁଁ ପରଦିନ ପ୍ରଭାତରେ ଚଣ୍ଡାଳରାଜ ଗୁହକର ଆଦେଶରେ ଗୋଟିଏ ସୁସଜ୍ଜିତ ନୌକା ଆନୀତ ହେଲା । ରାମଚନ୍ଦ୍ର ଗୁହକକୁ ପ୍ରେମରେ ଆଲିଙ୍ଗନ କରି ବିଦାୟ ଦେଲେ ଏବଂ ସୀତା ଲକ୍ଷ୍ମଣଙ୍କ ସହିତ ନୌକାରୋହଣପୂର୍ବକ ଗଙ୍ଗା ପାରି ହୋଇଗଲେ । ତହିଁପରେ ବଟକ୍ଷୀରରେ ଜଟା ବାନ୍ଧି ଦୁହେଁ ବଲ୍କଳ ପିନ୍ଧି ସନ୍ନ୍ୟାସୀ ବେଶ ଧାରଣ କଲେ । ଅଗ୍ରଜଙ୍କ ସନ୍ନ୍ୟାସୀ ବେଶ ଦେଖି ଲକ୍ଷ୍ମଣ ମଧ୍ୟ ସେହି ବେଶରେ ସଜ୍ଜିତ ହେଲେ । ତହୁଁ ତିନିହେଁ ପଦବ୍ରଜରେ ଅରଣ୍ୟ ମଧ୍ୟରେ ଅଗ୍ରସର ହେବାକୁ ଲାଗିଲେ । ଯାନ, ବାହନ ବ୍ୟତୀତ ଯାହାଙ୍କ ପାଦ ଭୂମି ସ୍ପର୍ଶ କରୁ ନ ଥିଲା, ସେ ଏବେ ଅରଣ୍ୟର କଣ୍ଟକମୟ ପଥରେ ଚାଲିବାକୁ ଲାଗିଲେ—ହାୟ, ନିୟତି କଅଣ ନ କରେ ?

ରାମଚନ୍ଦ୍ର କେଡ଼େ ବଡ଼ ଲୋକ ହୋଇ ଇତର ଗୁହକ ଚଣ୍ଡାଳକୁ ଆଲିଙ୍ଗନ କଲେ । ତାଙ୍କର ଧର୍ମମତ ଅତି ଉଦାର ଥିଲା । ସେ ମନୁଷ୍ୟ ହୋଇ ମନୁଷ୍ୟକୁ ଅଧମ ପଶୁ ପରି ଘୃଣା କରୁ ନ ଥିଲେ ; ମନୁଷ୍ୟର ଦୁଷ୍କରଣୀକୁ ଘୃଣା କରୁଥିଲେ । ତାଙ୍କ ସାମ୍ୟଦୃଷ୍ଟିରେ ଜାତି, ଧର୍ମର ପାର୍ଥକ୍ୟ ଥିଲା ନାହିଁ । ସେ ନିର୍ଦ୍ଦୋଷ ଆଦର୍ଶ ଧର୍ମର ପ୍ରତିଷ୍ଠାତା ଥିଲେ ।

ଅନନ୍ତର ରାମଚନ୍ଦ୍ର ଭାଇ ଓ ଭାର୍ଯ୍ୟା ସହିତ ଗଙ୍ଗା ଯମୁନାର ସଙ୍ଗମସ୍ଥଳ ହରିଦ୍ୱାର ବା ପ୍ରୟାଗ ତୀର୍ଥରେ ଭରଦ୍ୱାଜ ଋଷିଙ୍କ ଆଶ୍ରମରେ ଯାଇ ଉପସ୍ଥିତ ହେଲେ । ବନବାସ କାଳ କେଉଁଠାରେ କଟାଇବେ ବୋଲି ରାମଚନ୍ଦ୍ର ଭରଦ୍ୱାଜଙ୍କୁ ପଚାରିବାରୁ ସେ କହିଲେ— "ଏଠାରୁ ଦଶକୋଶ ଦୂରରେ ଚିତ୍ରକୂଟ ନାମରେ ରମଣୀୟ ପର୍ବତ ଅଛି । ସେଠାରେ ଫଳମୂଳ ଓ ମଧୁ ଯଥେଷ୍ଟ ମିଳେ । ସେହି ପର୍ବତରେ ମୁନିମାନଙ୍କର ଆଶ୍ରମ ଅଛି । ତୁମ୍ଭେମାନେ ସେହି ପର୍ବତରେ ଶିଷ୍ଟ ସନ୍ନିବାସରେ ରହି ପରମ ସୁଖରେ କାଳଯାପନ କରିପାରିବ ।" ତହୁଁ ପରଦିନ ରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣ ଭରଦ୍ୱାଜଙ୍କଠାରୁ ବିଦାୟ ନେଇ ଚିତ୍ରକୂଟ ଅଭିମୁଖରେ ଯାତ୍ରା କଲେ । ଯଥାସମୟରେ ଚିତ୍ରକୂଟରେ ଉପସ୍ଥିତ ହୋଇ ବାଲ୍ମୀକି ମୁନିଙ୍କ ଆଶ୍ରମ ନିକଟରେ ପର୍ଣ୍ଣକୁଟୀର ନିର୍ମାଣ କରି ସେଥିରେ ବାସ କଲେ । ବନ ଓ ପର୍ବତର ଅପୂର୍ବ ସୁଷମା ଦେଖି ସମସ୍ତେ ମୁଗ୍ଧ ହୋଇଗଲେ । ନିର୍ଝର-ଯନ୍ତ୍ରର ରୌଦ୍ର, କରୁଣ, ମଧୁର ରାଗିଣୀର ମୋହନ ମୂର୍ଚ୍ଛନାରେ ବନସ୍ଥଳୀ ପରିପୂର୍ଣ୍ଣ । ନାନା ଜାତୀୟ କୁସୁମ ସୁବାସ ପବନରେ

ତହିଁ ଉଠୁଅଛି । ତପୋବନର କି ଅଦ୍ଭୁତ ମାଧୁରୀ ! ଜୀବଜନ୍ତୁ ପକ୍ଷୀ ଓ ସଜୀବ ଧର୍ମଭାବ ସେଠାରେ ଖେଳିବୁଲୁଛି । ସଂସାରର କୋଳାହଳ ବା ବିଦ୍ୱେଷ ହିଂସାରେ ସେ ସ୍ଥାନ କଳୁଷିତ ବା ଅଶାନ୍ତ ନୁହେଁ । ହିଂସ୍ରଜନ୍ତୁମାନେ ହିଂସା ପାଶୋରି ମିତ୍ରତାର ମଧୁର ବନ୍ଧନରେ ଆବଦ୍ଧ । ମୃଗ, ବ୍ୟାଘ୍ର ଏକ ଗୁମ୍ଫାରେ ଏକ ମାତାର ସୁତ ପରି ପରମ ପ୍ରୀତିରେ ବାସ କରୁଅଛନ୍ତି । ମୟୂର ଆଗରେ ସର୍ପ ନିର୍ଭୟରେ ସ୍ୱଚ୍ଛ-ନ୍ଦ ଉଅଛି । ସିଂହଶିଶୁକୁ ହସ୍ତିନୀ ସ୍ନେହରେ ସ୍ତନ୍ୟପାନ କରାଉଅଛି । ଆଶ୍ରମସ୍ଥ ବାଲୁକା ଗଦାରେ ଶୁକ ଶାରୀ ବସି ଥଣ୍ଟରେ ନୀବାର ଧାନ୍ୟ ଛଡ଼ାଇ ଖାଉଅଛନ୍ତି । ବେଳେ ବେଳେ ଶୁକ ବେଦର ପାଦେ ପାଦେ ଶ୍ଳୋକ ଉଚ୍ଚାରଣ କରୁଅଛି । ଶାରୀ "ଓମ୍-ଓମ୍" କହି ପ୍ରଣବ-ମନ୍ତ୍ର ଉଚ୍ଚରେ ଜପୁଅଛି । ମୁନିମାନଙ୍କ ମୁଖରୁ ସର୍ବଦା ଶୁଣି ଶୁଣି ବେଦ, ପୁରାଣ ପ୍ରଭୃତି ସେମାନଙ୍କର ଅଭ୍ୟସ୍ତ ହୋଇଯାଇଅଛି । ସୀତା ଏହି ସବୁ ଅଘଟନ ସଂଘଟନ ଦେଖି ଦେଖି ଅପାର ଆନନ୍ଦ ଓ ତୃପ୍ତି ଉପଭୋଗ କଲେ । ଅଜ୍ଞାତରେ ତାଙ୍କ ମୁଖରୁ ବାହାରି ପଡ଼ିଲା—ଧନ୍ୟ ବ୍ରାହ୍ମଣ, ତାହାର ତପୋବଳ ସାର୍ଥକ !

## ନବମ ପରିଚ୍ଛେଦ

ଏଣେ ସୁମନ୍ତ୍ର ଅଯୋଧ୍ୟାରେ ପହଞ୍ଚି ରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣଙ୍କୁ ଗଙ୍ଗାକୂଳରେ ଛାଡ଼ି ଆସିବା ସମ୍ବାଦ ଦଶରଥଙ୍କୁ ଜଣାଇଲା । ଦଶରଥ ଶୁଣି ଭେବା ହୋଇ ସୁମନ୍ତ୍ରର ମୁହଁକୁ ଦୀନଦୃଷ୍ଟିରେ ଚାହିଁ ରହିଲେ । ସେ କିଛି କହିପାରିଲେ ନାହିଁ—କଥା ପାଶୋରି-ଗଲେ । କେତେକ କ୍ଷଣ ପରେ ଦୀର୍ଘ ନିଃଶ୍ୱାସ ପକାଇ କପାଳରେ କରାଘାତପୂର୍ବକ କହିଲେ—"ହାୟ ମୃତ୍ୟୁ, ତୁ କି ଦୁଷ୍ଟ ସାଧିଲୁ ! ତୁ ସର୍ବ ପ୍ରାଣୀର ଅନ୍ତିମ ବନ୍ଧୁ, ତୁ କି ପାଶୋରିଗଲୁ—ନା, ତୋତେ ସୁଦ୍ଧା ମୃତ୍ୟୁ ହେଲା । ଆଉ କେଉଁ ସୁଦୂର ଯୁଗରେ ମୋହର ଶେଷ ଡାକରା ଆସିବ ? ହାୟ ରାମ !" ପୁତ୍ରଶୋକାତୁର ଦଶରଥ ଏତିକିମାତ୍ର କହି ହତଚେତନ ହୋଇ ପଡ଼ିଲେ । ତାଙ୍କର ଏ ଆକ୍ଷେପମିଶ୍ରା ତିରସ୍କାରକୁ ମୃତ୍ୟୁ ଉପେକ୍ଷା କରିପାରିଲା ନାହିଁ—ସେହି ମୂର୍ଚ୍ଛା ମଧ୍ୟରେ ଦଶରଥଙ୍କର ମୃତ୍ୟୁ ଘଟିଲା । ଅହୋ, କି ଦୁର୍ବିପାକ ! ବଜ୍ରାଘାତ ଉପରେ ପୁଣି ଅଗ୍ନିବୃଷ୍ଟି ! ବିଧାତା ଘା' ଉପରେ ବିସ୍ଫୋରକ ଅରକ ଢାଳିଲା । ଅଯୋଧ୍ୟାର ଅଣ୍ଟା ଭାଙ୍ଗିଯାଇଥିଲା, ଏବେ ମୁଣ୍ଡ ଫାଟିଲା । ବିପଦ ପଛରେ ପୁଣି ମହାବିପଦ ଏତେ ନିକଟରେ ଥାଏ ! ଅନ୍ତଃପୁରରୁ ଗଗନଭେଦୀ ବିଳାପ ଧ୍ୱନି ଉଠିଲା । ସେହି ହୃଦୟଭେଦୀ ଶବ୍ଦ ଶୁଣି ପାତ୍ର, ମନ୍ତ୍ରୀ, ପାରିଷଦ ପ୍ରଭୃତି ଧାଇଁ ଆସି ଦେଖିଲେ—ଦଶରଥଙ୍କର ପ୍ରାଣବାୟୁ ଅନ୍ତର୍ହିତ ହୋଇ-ଅଛି; ମାତ୍ର ହଠାତ୍ ଦୃଷ୍ଟିରେ ମୃତ୍ୟୁର କୌଣସି ଲକ୍ଷଣ ଦେଖାଯାଉ ନାହିଁ—ବରଂ ଅଙ୍ଗ ପ୍ରତ୍ୟଙ୍ଗରେ ସଜୀବତାର ଚିହ୍ନ ଫୁଟି ରହିଅଛି । ସତେ ଯେପରି ମୃତ୍ୟୁ ତାଙ୍କୁ ଛୁଇଁ ନାହିଁ—ଅସହ୍ୟ ଶୋକରେ ତାଙ୍କର ପ୍ରାଣ-ପୁରୁଷ ବଳେ ବଳେ ପିଣ୍ଡ ଛାଡ଼ି ପଳାଇଯାଇଛି । ରାମଚନ୍ଦ୍ର, ଲକ୍ଷ୍ମଣ ନାହାନ୍ତି; ଭରତ ଓ ଶତ୍ରୁଘ୍ନ ମାମୁ-ଘରେ ଅଛନ୍ତି— ଏପରି ଅବସ୍ଥାରେ ରାଜାଙ୍କର ଅଗ୍ନିସତ୍କାର ଅନ୍ତ୍ୟେଷ୍ଟି ଶ୍ରାଦ୍ଧ ପ୍ରଭୃତି କିଏ କରିବ—ପାତ୍ର, ମନ୍ତ୍ରୀ, ପୁରୋହିତ ପ୍ରଭୃତି ବସି ଏହି ପରାମର୍ଶ କରିବାକୁ ଲାଗିଲେ । ଶେଷରେ ସ୍ଥିର ହେଲା—ଦୂତ ପଠାଇ ଭରତଙ୍କୁ ଆଣି ତାଙ୍କଦ୍ୱାରା ରାଜାଙ୍କର ଶବ ସତ୍କାର କରାଯିବ; ତାଙ୍କ ଆସିବାଯାଏଁ ଦଶରଥଙ୍କର ମୃତଦେହକୁ ତୈଳଭାଣ୍ଡ ମଧ୍ୟରେ ସଂରକ୍ଷଣ କରିବାକୁ ହେବ । ଫଳତଃ ତାହାହିଁ ହେଲା ।

ଯଥାସମୟରେ ଶତ୍ରୁଘ୍ନ ସହ ଭରତ ଅଯୋଧ୍ୟାରେ ଉପସ୍ଥିତ ହୋଇ ନିଜର ଜନନୀ କୈକେୟୀଙ୍କ ମୁଖରୁ ସମସ୍ତ ଘଟଣା ଶୁଣି ଲଜ୍ଜା, ଦୁଃଖ ଓ ଘୃଣାରେ ଅଭି-ଭୂତ ହୋଇପଡ଼ିଲେ । ମାତୃଦୋଷରେ ନିଜକୁ ଦୋଷୀ ମଣି ସେ ଅତୀବ କ୍ଷୁବ୍ଧ ଓ ବ୍ୟଥିତ ହେଲେ । ତାଙ୍କ ପ୍ରାଣ, ଆତ୍ମା, ହୃଦୟ ଭିତରେ ଉଗ୍ର ଅଗ୍ନିଶିଖା ଜଳି ଉଠିଲା । ସେ ଆଉ ନିଜକୁ ସମ୍ଭାଳି ରଖିପାରିଲେ ନାହିଁ; କ୍ରୋଧ କର୍କଶ ସ୍ୱରରେ କୈକେୟୀଙ୍କୁ ଭର୍ତ୍ସନା କରି କହିଲେ—"କି ପାପରେ ବିଧାତା ମୋତେ ତୁମ୍ଭ ପରି ମସ୍ୱରଣୀ ଗର୍ଭରେ ଠାବ ଦେଇଥିଲା । ତୁମେ

ରାମଚନ୍ଦ୍ରଙ୍କଠାରୁ ମୋତେ ଭିନେ ମଣିଲ । ରାମଚନ୍ଦ୍ର ତୁମ୍ଭକୁ ମାତା ପରି ସେବା-ଭକ୍ତି କରନ୍ତି । ତାହାର ଉପଯୁକ୍ତ ପୁରସ୍କାର କି ଏହି ? ତୁମ୍ଭେ ପୁତ୍ର-ଦ୍ରୋହିଣୀ ଓ ପତିଘାତିନୀ, ତୁମ୍ଭର ଏ ପାପର ପ୍ରାୟଶ୍ଚିତ୍ତ ନାହିଁ । ମୁଁ ତୁମ୍ଭକୁ ଏହିକ୍ଷଣି ତ୍ୟାଗ କରନ୍ତି; ମାତ୍ର ତାହେଲେ ରାମଚନ୍ଦ୍ର ମାତୃଦ୍ରୋହୀ ବୋଲି ଘୃଣା କରିବେ, ଏହି ଭୟରେ ବାଧ ହୋଇ ତାହା କଲି ନାହିଁ । କି କୁକ୍ଷଣରେ ତୁମ୍ଭେ ରାଜବଧୂରୂପେ ପବିତ୍ର ସୂର୍ଯ୍ୟବଂଶରେ ପ୍ରବେଶ କରିଥିଲ କେଜାଣି, ସେହି ମହାବଂଶର ସମୁଜ୍ଜ୍ୱଳ ଖ୍ୟାତି ତୁମ୍ଭର ଯୋଗୁଁ ମଳିନ ଓ କଳୁଷିତ ହେଲା । ତୁମ୍ଭ ପରି ନାରୀ ଇକ୍ଷ୍ୱାକୁକୁଳର କଳଙ୍କ !" ଏହି ସମୟରେ ମନ୍ଥରା ଆସି ସେଠାରେ ଉପସ୍ଥିତ ହେଲା । ସେ ଭରତର ମହୋପକାରିଣୀ । ସେହି ଅସାଧାରଣ ଉପକାରର ପ୍ରତିଦାନସ୍ୱରୂପ ଭରତ ତାକୁ ନିଶ୍ଚୟ ଉଚ୍ଚ ପୁରସ୍କାର ଦେଇ କୃତଜ୍ଞତାର ଚୂଡ଼ାନ୍ତ ନମୁନା ଦେଖାଇବେ— ପାପିଷ୍ଠା ଗୋଲପଣ ଏହି ଆଶା ପୋଷି ଆସିଥିଲା; ମାତ୍ର ହାୟ ଦୁରଦୃଷ୍ଟ ! ଅମ୍ବ ଗଛରେ ବୋଇତଳା ଫଳିଲା । ଭରତ ତାକୁ ଦେଖି କ୍ରୋଧରେ ରକ୍ତଚକ୍ଷୁ ହୋଇ ନୀରବରେ ଅଧର କମ୍ପାଇବାକୁ ଲାଗିଲେ । ଶତ୍ରୁଘ୍ନ କହିଲେ—"ଏ କିଏ, କୁଜା ନା ? ରହ ରହ, ତୋ କୁଜ ଆଜି ସଳଖାଇଦେବି । ତୁ ଅମଙ୍ଗଳ କାଳପେଚ ହେଉଁପୁ ଉଡ଼ିଆସି ଅଯୋଧ୍ୟା ରାଜପୁରୀକୁ ଶ୍ମଶାନ କରିଦେଲୁ ! ତାହାର ପୁରସ୍କାର ଏହିକ୍ଷଣି ପାଇବୁ । ଭ୍ରାତାଙ୍କର ବନବାସ, ପିତାଙ୍କର ମୃତ୍ୟୁ, ଏହି ଉଭୟ ଆପଦର ମୂଳକାରଣ ତୁହି ଏକା ଦୁଷ୍ଟା । ତୋର ଅଣ୍ଟ ମରଣ ବାଞ୍ଛନୀୟ ।" ଏହା କହି ଶତ୍ରୁଘ୍ନ କୁଜାକୁ ମାରିବାକୁ ଧାଇଁଲେ । ସେ ଦାନ୍ଦ ଦାନ୍ଦ କୈକେୟୀଙ୍କଠାରେ ଶରଣ ପଶି ପ୍ରାଣ ରକ୍ଷା କଲା; ମାତ୍ର ମନେ ମନେ କହିଲା, "ମାଗୋ ଏ କି ଓଲଟା କାଳ ! ଯାହା ଲାଗି ଚୋରି କଲି, ସେହି କହିଲା ଚୋର । ସଂସାରଟା କ'ଣ ଏଡ଼େ ବେମାନ ? ମରୁ ମରୁ ସେ ସଂସାରରେ, ପୋଡ଼ାଯାଉ ସେ ସଂସାରର ମୁହଁ ! ଉଜାର ପୁଅ ହୋଇ ଠୋକାଠାର ଏଲ ବୁଝାମଣା ! ମୁଁ ଭଲ କଲି, ସେ ଖଲ ହେଲା । ଇମିତ ଛୁଞ୍ଚା, ନବୁଝି ଅ ତ ମୁଁ ବୁଝଅରେ ଦେଖି ।" ଛାଡ଼ିବେ ମା ! ମା, ସିମିତ କୁଣ୍ଡାଶିଆଣୀ, ପୁଅ ବି ସେମିତ କୁଣ୍ଡାଶିଆଳ । ଯା କହନ୍ତି ଅହିଂସ୍ର ନାଗ ସାପ, ତାହା ମିଛ ନୁହେଁ । ସେ ତାକୁ ଦୁଧଖୁଆଇ ପିଲାଳିବ, ସେ ତାକୁ ଫଁକରି ଫଣା ଟେକି କେଉଁ ମ ଚବ । ମର ତୁମେ ମା ପୁଅ ଦୁହେଁ, ମୋର କଅଣ ଯିବ ?" କୈକେୟୀ କେବଳ ଅଧୋବଦନରେ ନୀରବରେ ଠିଆହୋଇ ରହିବାରୁ ଘଟଣା ଆଉ ଅଧିକ ଅଗ୍ରସର ହେଲା ନାହିଁ । ଭରତ ଓ ଶତ୍ରୁଘ୍ନ ଦୁହେଁ ରାଗରେ ଥମ୍ ଥମ ହୋଇ ସେଠାରୁ ଉଠି ଚାଲିଗଲେ ।

ଅନନ୍ତର ପିତୃବତ୍ସଳ ଭରତ ଅସହ୍ୟ ପିତୃଶୋକରେ ଅଧୀର ହୋଇଉଠିଲେ । ମନ୍ତ୍ରୀ ପ୍ରଭୃତି ତାଙ୍କୁ ଅନେକ ବୁଝାଇ ଶାନ୍ତ କରି ଅତି ଶୀଘ୍ର ପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନ କରିବା ପାଇଁ ଅନୁରୋଧ କଲେ । ଦଶରଥଙ୍କର ମୃତଦେହ ତିନି ଦିନକାଳ ତୈଳଭାଣ୍ଡ ମଧ୍ୟରେ ନିମଜ୍ଜିତ ଥିଲା । ଭରତ ସମୁଚିତ ଆଡ଼ମ୍ବରରେ ପିତାଙ୍କର ଅଗ୍ନିସଂସ୍କାର କଲେ । ଯଥାଶାସ୍ତ୍ର ଶ୍ରାଦ୍ଧତର୍ପଣାଦି ଶେଷ ହେଲା । ପିତାଙ୍କର ପାରଲୌକିକ ମଙ୍ଗଳ ଉଦ୍ଦେଶ୍ୟରେ ଭରତ ମୁକ୍ତହସ୍ତ ହୋଇ ଦାନ କରିବାକୁ ଲାଗିଲେ । ବହୁତ ରଥ, ଅଶ୍ୱ, ଗଜ, ଗୋ, ଭୂମି, ସ୍ୱର୍ଣ୍ଣ, ରତ୍ନ, ମଣି, ମାଣିକ୍ୟ, ମୋହର, ବସ୍ତ୍ର, ଶସ୍ୟ ପ୍ରଭୃତି ଯଥେଚ୍ଛା ଦାନ କରି ଶେଷରେ ରାଜଭଣ୍ଡାର ଶୂନ୍ୟ କରିଦେଲେ । ଭରତଙ୍କ ବିପୁଳ ଦାନରେ ଏକା ଅଯୋଧ୍ୟା ନୁହେଁ, ଅଯୋଧ୍ୟାର ପାର୍ଶ୍ୱବର୍ତ୍ତୀ ରାଜ୍ୟମାନଙ୍କରେ ମଧ୍ୟ ଭିକ୍ଷୁକ ରହିଲେ ନାହିଁ । ଦାନବାରିରେ ରାଜପ୍ରାଙ୍ଗଣ ପୂର୍ଣ୍ଣ ହୋଇଗଲା । ଭରତ ପିତାଙ୍କ ନାମରେ ବହୁ ଶାସନ, ଜଳାଶୟ, ଦେବାଳୟ, ବିଦ୍ୟାପୀଠ, ଅତିଥିଶାଳା, ଅନାଥାଶ୍ରମ, ଚିକିତ୍ସାଳୟ ପ୍ରତିଷ୍ଠା କରି ସେଥିର ସୁପରିଚାଳନାର ସ୍ଥାୟୀ ବ୍ୟବସ୍ଥା କରିଦେଲେ । ସେ ଦାନରେ ନିଜର ମହତ୍ତ୍ୱ ବଢ଼ାଇ ନାହାନ୍ତି; ବରଂ ଦାନର ମହତ୍ତ୍ୱ ବଢ଼ାଇଥିଲେ । ତାଙ୍କର ଅସାଧାରଣ ପିତୃଭକ୍ତି ଓ ମହାଦାନର ମହିମା ସମସ୍ତଙ୍କ ମୁଖରେ ଘୋଷିତ ହେଲା ଏବଂ ତାଙ୍କ ନାମରେ ଧନ୍ୟ ଧନ୍ୟ ପଡ଼ିଗଲା । ଦଶରଥଙ୍କ ଅନ୍ତ୍ୟେଷ୍ଟି ଶ୍ରାଦ୍ଧରେ ସୁନାର ଦେଉଳ, ରୁପାର ପର୍ବତ, ଘିଅର

ସରୋବର ଉତ୍ସର୍ଗିତ ହୋଇଥିଲା । ଏହି ତୁଳନାରେ ଅନ୍ୟାନ୍ୟ ଦାନସାମଗ୍ରୀର ପରିମାଣ କଳ୍ପନା କଲେ ସେ ଦାନ ଯେ କେଡ଼େ ବଡ଼ ଦାନ ହୋଇଥିଲା, ତାହା ବୁଝିବା କଷ୍ଟସାଧ୍ୟ ହେବ ନାହିଁ ।

ଦଶରଥଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପରେ ରାଜପୁରୋହିତ ବଶିଷ୍ଠ ଓ ମନ୍ତ୍ରୀମାନେ ମିଳି ଭରତଙ୍କୁ ରାଜା ହେବା ପାଇଁ ଅନୁରୋଧ କଲେ; ମାତ୍ର ଭରତ ମୂଳରୁ ମାନିଲେ ନାହିଁ । ସେ ବିସ୍ମୟରେ ଜିହ୍ବା ଦଂଶନ କରି କହିଲେ— "ଆପଣମାନେ ଦୟାକରି ମୋତେ କ୍ଷମା କରନ୍ତୁ, ମୁଁ ରାଜା ହୋଇପାରିବି ନାହିଁ । ପୂର୍ବରେ ସୂର୍ଯ୍ୟ ଅସ୍ତ ହେବା ବରଂ ସମ୍ଭବ ହୋଇପାରେ; ମାତ୍ର ମୋ ପକ୍ଷରେ ରାଜା ହେବା ଏକାବେଳକେ ଅସମ୍ଭବ । ଏ ରାଜ୍ୟର ଧର୍ମତଃ, ନ୍ୟାୟତଃ ସେ ଅଧିକାରୀ, ମୁଁ ତାଙ୍କର ଜଣେ ସାମାନ୍ୟ ଭୃତ୍ୟ ଓ ପ୍ରଜା । ପ୍ରଭୁର ଅଧିକାର ଭୃତ୍ୟ ବା ପ୍ରଜା ଗ୍ରହଣ କରିପାରେ ନାହିଁ । ପର୍ବତର ଭାର କି ମୂଷିକ ସହିପାରିବ ? ଲୁହା ଦୋଷରେ ଅଗ୍ନି ଦେବତା ମାଡ଼ ଖାଏ, ସେହିପରି ମୁଁ ମାତୃଦୋଷରେ ଦୋଷୀ । ପାଣି ଭିତରେ ବାଡ଼ି ପକାଇ ଦୁଇ ଭାଗ କରିଦେଲେ ଗୋଟାଏ ଭାଗ ପାଣି ଥାଏ ଏବଂ ଆର ଭାଗଟା ଆଉ ଭିନ୍ନ ପଦାର୍ଥ ହୋଇଯାଏ ନାହିଁ; ଦୁଇ ଭାଗଯାକ ଯେଉଁ ପାଣିକି ସେହି ପାଣି ଥାଏ—ମୋର ଜନନୀ ଏ କଥା ବୁଝିଲେ ନାହିଁ । ଏହି ଶୋକ ମୋ ପ୍ରାଣକୁ ଘାରି ଅସ୍ଥିର କରି ପକାଉଛି । ସେ ଯାହାହେଉ, ଯାହାଙ୍କୁ ମୁଁ ହୃଦୟ-ସିଂହାସନରେ ପୂଜାପ୍ରତିମା ରୂପରେ ବସାଇ ପୂଜା କରୁଅଛି, ତାଙ୍କ ପବିତ୍ର ଆସନରେ ବସିବାକୁ ଆପଣମାନେ ମୋତେ କିପରି ଉପଦେଶ ଦେଉଅଛନ୍ତି ? ରାଜ୍ୟପାଳନର କ୍ଷମତା ବିଧାତା ଅପାତ୍ରରେ ଦିଏ ନାହିଁ । ରାଜଶକ୍ତି ନରସ୍ଥାଣରେ ଦେବଦତ୍ତ ଅମୂଲ୍ୟ ସମ୍ପଦ । ରାଜାର ଦାୟିତ୍ୱ ମଧ୍ୟ ଅସୀମ । ଖାଲି ମନୁଷ୍ୟପାଳନ ନୁହେଁ—ପ୍ରକୃତି ପାଳନର ମହା ଗୁରୁ ଭାର ରାଜା ଉପରେ ନ୍ୟସ୍ତ । ରାଜପଦର ସମ୍ମାନ ଯେତେ, ଦାୟିତ୍ୱ ତାହାର କୋଟି ଗୁଣ । ସେ ମହାଦାୟିତ୍ୱ ବହିବା ଭଳି ଶକ୍ତି ବା ଯୋଗ୍ୟତା ମୋର କାହିଁ ? ବରଂ ସମସ୍ତେ ଚାଲ, ରାମଚନ୍ଦ୍ରଙ୍କୁ ବୁଝାଇ ଶୁଝାଇ ବନରୁ ଫେରାଇଆଣିବା । ସେ ରାଜା ହେବେ, ତାଙ୍କ ପରିବର୍ତ୍ତରେ ମୁଁ ଚଉଦବର୍ଷ ବନବାସ କରିବି । ସେଥିରେ ପିତୃସତ୍ୟ ପାଳିତ ହେବ, ଅଧିକରେ ମୋର ଅଜ୍ଞାତ ପାପର କଥଞ୍ଚିତ ପ୍ରାୟଶ୍ଚିତ୍ତ ମଧ୍ୟ ହେବ । ନଚେତ୍ ରାମଚନ୍ଦ୍ର ଯେବେ ଫେରିବାକୁ ଏକାନ୍ତ ଅସମ୍ମତ ହେବେ, ତେବେ ମୁଁ ମଧ୍ୟ ତାଙ୍କ ସଙ୍ଗରେ ବନବାସ କରିବି ।" ଭରତଙ୍କର ଏଭଳି କଥା ଶୁଣି ସମସ୍ତେ 'ସାଧୁ ସାଧୁ' ଉଚ୍ଚାରଣ କଲେ । ତହୁଁ ମନ୍ତ୍ରୀ ପାରିଷଦାଦି ସହିତ ଭରତଙ୍କର ବନଗମନ କରିବାର ଧାର୍ଯ୍ୟ ହେଲା ।

## ଦଶମ ପରିଚ୍ଛେଦ

ଭରତ ମନ୍ତ୍ରୀ, ପୁରୋଧା, ଅନୁଚର, ଭୃତ୍ୟ ପ୍ରଭୃତିଙ୍କୁ ସଙ୍ଗରେ ଘେନି ରାମଚନ୍ଦ୍ରଙ୍କୁ ଫେରାଇଆଣିବା ସକାଶେ ବନଯାତ୍ରା କଲେ । ରାମଚନ୍ଦ୍ର ଯେଉଁ ବାଟରେ ଯାଇଥିଲେ, ଭରତ ଲୋକଙ୍କୁ ପଚାରି ପଚାରି ସେହି ବାଟ ଧରି ଗଲେ । ସେ ଗଙ୍ଗାନଦୀ କୂଳରେ ଉପସ୍ଥିତ ହୋଇ ରାମଚନ୍ଦ୍ର ଚିତ୍ରକୂଟ ପର୍ବତରେ ଅବସ୍ଥାନ କରୁଅଛନ୍ତି ବୋଲି ଶୃଙ୍ଗବେର ପୁରର ଗୁହକ ଚଣ୍ଡାଳଠାରୁ ଅବଗତ ହେଲେ । ତହୁଁ ଭରତ ଚିତ୍ରକୂଟ ଅଭିମୁଖରେ ଯାତ୍ରା କଲେ । ଭରତ ମଧ୍ୟ ରାମଚନ୍ଦ୍ରଙ୍କ ପରି ସନ୍ନ୍ୟାସୀ ବେଶ ଧରି ଯାଇଥିଲେ । ସେ ଯଥାସମୟରେ ଚିତ୍ରକୂଟରେ ଉପସ୍ଥିତ ହୋଇ ରାମଚନ୍ଦ୍ରଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ଲୋତକ ଧାରରେ ବକ୍ଷ ଭିଜାଇଦେଲେ । ରାମଚନ୍ଦ୍ର ତାଙ୍କୁ ସ୍ନେହସ୍ପର୍ଶରେ ଉଠାଇ ପ୍ରାଣାଧିକ ଭ୍ରାତା, ରାଜପୁତ୍ର ଭରତଙ୍କର ଯୋଗୀ ବେଶ ଦେଖି ବିଶେଷ ଦୁଃଖିତ ହେଲେ । ତାଙ୍କର ନେତ୍ର ମଧ୍ୟ ଆର୍ଦ୍ର ହୋଇଉଠିଲା । ପୂର୍ଣ୍ଣଗର୍ଭ ମେଘ ଦେହରୁ ପାଣିଟିକାଏ ବାହାରିଗଲେ ସେ ଲଘୁ ହୋଇଯାଏ । ସେହିପରି ଭରତଙ୍କର ଦୁଃଖଭାରନତ ହୃଦୟରୁ ଥୋଡ଼ାଏ ଦୁଃଖ ତରଳି ଅଶ୍ରୁ-ରୂପରେ ବାହାରିବାରୁ ତାଙ୍କର ହୃଦୟ ଟିକିଏ ଉଶ୍ୱାସ ହୋଇପଡ଼ିଲା । ସେ କରୁଣ ଗଦ୍‌ଗଦ ସ୍ୱରରେ ରାମଚନ୍ଦ୍ରଙ୍କୁ ପିତାଙ୍କର ମୃତ୍ୟୁସମ୍ବାଦ ଜଣାଇଲେ । ରାମଚନ୍ଦ୍ର ସେହି ଦାରୁଣ ବାଣୀ ଶୁଣି 'ହାୟ ପିତା

ଚେତ ଅଚେତନ ହେଲେ । ଲକ୍ଷ୍ମଣ ଓ ସୀତା ଉଚ୍ଚସ୍ୱରରେ କାନ୍ଦିବାକୁ ଲାଗିଲେ । ସମାଗତ ବଶିଷ୍ଠ ମହର୍ଷି ରାମଚନ୍ଦ୍ରଙ୍କୁ ସାନ୍ତ୍ୱନା କରାଇ ପ୍ରବୋଧ ଦେଇ କହିଲେ, "ପୁଣ୍ୟବନ୍ତ ରାଜା ପୁଣ୍ୟବଳରେ ସ୍ୱର୍ଗକୁ ଯାଇଅଛନ୍ତି, ତାଙ୍କ ପାଇଁ ଶୋକ କରି ପୁଣି ତାଙ୍କୁ ମାୟାବନ୍ଧନ ମଧ୍ୟକୁ ଟାଣି ଆଣିବା ଉଚିତ ନୁହେଁ । ପ୍ରାଣାନ୍ତ ଶୋକରେ ମୃତ ରାଜାଙ୍କୁ ବ୍ୟକ୍ତି ଫେରିଆସନ୍ତି ନାହିଁ ।" ରାମଚନ୍ଦ୍ର କହିଲେ—"ଆପଣଙ୍କ କୃପା ଓ ଶିକ୍ଷାରୁ ମୁଁ ତାହା ଜାଣେ ଗୁରୁଦେବ ! ପିତା ତାଙ୍କର ଜୀର୍ଣ୍ଣଶୀର୍ଣ୍ଣ ରୋଗିଆ ଦେହ ବଦଳାଇ ନୂତନ ଦିବ୍ୟ ଦେହ ଲାଭ କରିବେ, ଏଥିରେ ଦୁଃଖର କାରଣ କିଛି ନାହିଁ ସତ୍ୟ; ମାତ୍ର ସେ ଯେ ମୋହରି ପାଇଁ ପଞ୍ଚତ୍ୱପ୍ରାପ୍ତ ହେଲେ ଏ ଦୁଃଖ, ଏ କ୍ଷୋଭ ରଖିବାକୁ ଠାବ କାହିଁ ?" ବଶିଷ୍ଠ କହିଲେ—"ତୁମର ସେଥିରେ ଦୋଷ କଅଣ ? ତୁମ୍ଭେ ତାଙ୍କର ସୁପୁତ୍ର, ପିତୃ-ଆଜ୍ଞା ପାଳନ କରି ତାଙ୍କର ସତ୍ୟରକ୍ଷା ଓ ଧର୍ମରକ୍ଷା କରିଅଛ ।" କୁଳପୁରୋହିତ ବଶିଷ୍ଠ ଏହିପରି ଅନେକ ବୁଝାଇ ରାମଚନ୍ଦ୍ରଙ୍କୁ ଶାନ୍ତ କଲେ । ତହୁଁ ରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣ ସ୍ନାନ ତର୍ପଣ କରିବା ସକାଶେ ଜଳାଶୟକୁ ଗମନ କଲେ ।

ଅନନ୍ତର ରାମଚନ୍ଦ୍ର ସ୍ନାନାନ୍ତେ ଆସି ମୃଗଚର୍ମ ଆସନରେ ଉପବେଶନ କଲେ । ଅଯୋଧ୍ୟାରୁ ଯେଉଁମାନେ ଯାଇଥିଲେ, ସେମାନେ ସମସ୍ତେ ଚାରିପାଖରେ ତାଙ୍କୁ ଘେରି ବସିଲେ । ଭରତ ଅଗ୍ରଜଙ୍କ ପାଦରେ ମୁଣ୍ଡ ଲଗାଇ ଶ୍ରାବଣର ଅଶ୍ରୁଧାରାରେ ତାଙ୍କର ପଦପ୍ଲାବିତ କରିଦେଲେ । ସେ ଅଧୀର, କରୁଣକଣ୍ଠରେ କହିଲେ—"ଗୁରୁଦେବ, ମୋତେ କ୍ଷମା ଆଜ୍ଞା କରନ୍ତୁ ଏବଂ ମୋର ନିର୍ବୋଧ ଜନନୀଙ୍କର ଅପରାଧ ମାର୍ଜନା କରନ୍ତୁ । ମୁଁ ମାତୃ-କରଣୀରୁ ଦୋଷୀ, ଆପଣଙ୍କ ଶ୍ରୀଚରଣ ଛୁଇଁ ନିଶ୍ଚୟ କରି କହୁଛି—ମତାଙ୍କର ଏ କୁକର୍ମ ମୁଁ ଆଦୌ ଜାଣେ ନାହିଁ । ଏ ଦୁର୍ଘଟନା ମୋ ପ୍ରାଣରେ କିପରି କ୍ଷତ କରିଦେଇଛି, ଦେହ ଖୋଲିବାର ହୋଇଥିଲେ ତାହା ଦେଖାଇଦିଅନ୍ତି ।" ରାମଚନ୍ଦ୍ର ଭରତଙ୍କ ହାତ ଧରି ଉଠାଇ ସ୍ନେହଶୀତଳ ବାଣୀରେ କହିଲେ—"ମୁଁ ଜାଣେ ଭାଇ, ତୁମର ହୃଦୟ । ବିଶେଷତଃ ତୁମ୍ଭେ ମାମୁଘରଠାରେ ଥିଲ, ସୁତରାଂ ଘଟଣା ଜାଣିବା ତୁମ୍ଭ ପକ୍ଷରେ ଏକାନ୍ତ ଅସମ୍ଭବ । ଆଉ ବିମାତାଙ୍କର ବା ଅପରାଧ କଅଣ ? ସବୁ ଦୈବର ଲୀଳା । ତୁମର ମୋର ହୃଦୟ ଗୋଟାଏମାତ୍ର । ସେ ତାହା ଦୁଇ ଖଣ୍ଡ କରି କାଟିବାକୁ ଇଚ୍ଛା କରିଥିଲେ; ମାତ୍ର ତାକୁ କାଟିଦେଲେ ସେ ଦଦସ୍ୟାଚ୍ଛେଦନା ପରି ଯୋଡ଼ିଯାଇ ସେ ପୁଣି ଗୋଟାଏ ହୋଇଯିବ—ଏକଥା ବିମାତା ଜାଣି ନ ଥିଲେ । ତୁମ୍ଭେ ମୋର ଯେଉଁପରି ଥିଲ ସେହିପରି ଅଛ; ମୁଁ ବି ତୁମର ଯେଉଁପରି ଥିଲି ଠିକ୍ ସେହିପରି ଅଛି । ଭରତ କହିଲେ—"ଆଜ୍ଞା, ତାହା ଯଥାର୍ଥ, ଆପଣଙ୍କ ଭଳି ମହାପୁରୁଷଙ୍କର ଭାବାନ୍ତର ଘଟିବ କାହିଁକି ? ଉତ୍ତାପର ଆଧିକ୍ୟରେ ନଈ ପୋଖରୀପଲ୍ୱଳ ଶୁଖିଯାଏ; ମାତ୍ର ସମୁଦ୍ର ଶୁଖିବା କେବେ କାହିଁ ଶୁଣା ନାହିଁ । ଏବେ ଏ ଭୃତ୍ୟର ଏତିକି ମିନତି ଯେ, ଆପଣ ଦୟାକରି ଅଯୋଧ୍ୟାକୁ ଫେରିଯାଇ ରାଜସିଂହାସନ ଅଲଙ୍କୃତ କରନ୍ତୁ । ଆପଣଙ୍କ ପରିବର୍ତ୍ତରେ ମୁଁ ଚଉଦବର୍ଷ ବନବାସ କରିବି ।" ରାମଚନ୍ଦ୍ର ମୃଦୁ ହସି କୋମଳ କଣ୍ଠରେ କହିଲେ—"ତାହା କିପରି ହେବ ଭରତ ? ପିତା ସେ ମୋତେ ବନବାସ କରିବାକୁ ଆଦେଶ ଦେଇଅଛନ୍ତି । ପୁଣି ପିତୃ ଆଜ୍ଞା ଯେ ପାଳନ ନ କରେ, ସେ କୁପୁତ୍ର । ମୁଁ ପୁତ୍ର ହୋଇ ଦେବତୁଲ୍ୟ ପିତାଙ୍କର ଆଦେଶ ଲଙ୍ଘନ କରି ତାଙ୍କୁ ସତ୍ୟଭ୍ରଷ୍ଟ, ଧର୍ମଭ୍ରଷ୍ଟ କରିବି କିପରି ?" ଭରତ କହିଲେ, "ତେବେ କାହାରିକୁ ଆପଣଙ୍କ ପ୍ରତିନିଧି ନିଯୁକ୍ତ କରନ୍ତୁ, ମୁଁ ଆପଣଙ୍କ ସଙ୍ଗରେ ବନବାସ କରିବି । ରାଜ୍ୟର ଦୁର୍ବହ ଭାର ମୁଁ ବହିବାକୁ ଅକ୍ଷମ । ମହାତପା ଅଗସ୍ତ୍ୟ ସିନା ସପ୍ତସମୁଦ୍ର ଚଳୁ କରି ପିଇଦେଇଥିଲେ, ସବୁ ଋଷି କଅଣ ତାହା କରିପାରିବେ ?" ରାମଚନ୍ଦ୍ର ପ୍ରସନ୍ନ ହାସ୍ୟରେ କହିଲେ—"ମୁଁ ତୁମ୍ଭକୁହିଁ ମୋର ସେହି ପ୍ରତିନିଧିରୂପେ ନିଯୁକ୍ତ କଲି । ତୁମ୍ଭେ ଫେରିଯାଇ ପ୍ରଜାପାଳନ କର ।" ଭରତ କହିଲେ—"ତେବେ ଆପଣଙ୍କର ଶ୍ରୀଚରଣ କଠାଉ ମୋତେ ପ୍ରଦାନ କରନ୍ତୁ, ମୁଁ ତାହା ସିଂହାସନରେ ସ୍ଥାପନ କରି ରାଜକାର୍ଯ୍ୟ ପରିଚାଳନା କରିବି । ମୁଁ ଆଜି ଅଯୋଧ୍ୟାକୁ

ଫେରିଯିବି ନାହିଁ, ଆପଣଙ୍କ ଫେରିବାଯାଏ ନନ୍ଦିଗ୍ରାମରେ ରାଜଧାନୀ କରି ଚଉଦ ବର୍ଷ ଅପେକ୍ଷା କରିବି । ଆପଣଙ୍କ ଶକ୍ତି ମୋ ଭିତରେ ପଶି ଆପଣଙ୍କ କାର୍ଯ୍ୟ କରିବ — ମୁଁ ଖାଲି ଉପଲକ୍ଷ୍ୟ ହୋଇ ରହିବିମାତ୍ର । ଆପଣଙ୍କ ଆଶୀର୍ବାଦ ଯାହାର ସମ୍ବଳ, ତାହାର ସାଧ୍ୟ କାହୁଁ ଅତିକ୍ରମ କରିବ ? ମୁଁ ଚଉଦ ବର୍ଷ କାଳ ଅଯୋଧ୍ୟାର ରାଜଲକ୍ଷ୍ମୀଙ୍କୁ ପୂଜା କରିବି, ଆପଣ ଯାଇ ରାଜ୍ୟରେ ପଦାର୍ପଣ କଲାମାତ୍ରେ ସେହି ଦେବୀଙ୍କୁ ଆପଣଙ୍କ କାନ୍ଧରେ ବସାଇ ଦାୟିତ୍ୱରୁ ଚିର-ମୁକ୍ତି ଲାଭ କରିବି ।” ରାମଚନ୍ଦ୍ର ଭରତଙ୍କ ପ୍ରାର୍ଥନାରେ ସମ୍ମତ ହୋଇ ତାଙ୍କୁ ସ୍ୱୀୟ ପାଦୁକା ପ୍ରଦାନ କଲେ । ଭରତ ଆନନ୍ଦରେ ତାହା ମସ୍ତକରେ ଧରି ଅଗ୍ରଜଙ୍କ ପାଦବନ୍ଦନପୂର୍ବକ ସହଚର ଓ ଅନୁଚରମାନଙ୍କ ସହିତ ତାଙ୍କଠାରୁ ବିଦାୟ ନେଇ ରାଜ୍ୟାଭିମୁଖରେ ଯାତ୍ରାକଲେ । ସେ ଆଉ ଅଯୋଧ୍ୟାକୁ ନ ଯାଇ ନନ୍ଦିଗ୍ରାମରେ ରାଜଧାନୀ କରି ରାଜକାର୍ଯ୍ୟ ଚଳାଇବାକୁ ଲାଗିଲେ ।

ରାମଚନ୍ଦ୍ର ପ୍ରାଣପ୍ରତିମ ଅନୁଜ ଭରତଙ୍କୁ ବିଦାୟ ଦେଇ ଚିତ୍ରକୂଟରେ ଆଉ ରହିବାକୁ ଇଚ୍ଛା କଲେ ନାହିଁ । ସେ ଲକ୍ଷ୍ମଣଙ୍କୁ କହିଲେ—“ଲକ୍ଷ୍ମଣ, ଏ ସ୍ଥାନ ଅଯୋଧ୍ୟାର ବହୁତ ଦୂରବର୍ତ୍ତୀ ନୁହେଁ । ଆମ୍ଭେମାନେ ଏଠାରେ ରହିଲେ ଭରତ ଓ ବନ୍ଧୁ-ପରିବାର ପ୍ରଭୃତି ବାରମ୍ବାର ଏଠାକୁ ଯାତାୟାତ କରିବେ । ବିଶେଷତଃ ଆମ୍ଭମାନଙ୍କୁ ଦେଖିଲେ ରାକ୍ଷସମାନେ ଚିତ୍ରକୂଟବାସୀ ମୁନିଋଷିମାନଙ୍କ ଉପରେ ଅହନ୍ତା କରିବେ । ସେମାନେ ଭାବିବେ—ରାକ୍ଷସମାନଙ୍କୁ ବିନାଶ କରିବା ପାଇଁ ତପସ୍ୱୀମାନେ ବାହାରୁ ଆଣି ପୋଷିଛନ୍ତି । ଏହିପରି ନାନା କାରଣରୁ ଏଠାରେ ଆଉ ରହିବା ଉଚିତ ନୁହେଁ । ଏବେ ଚାଲ, ଆମ୍ଭେମାନେ ଦଣ୍ଡକାରଣ୍ୟ ମଧ୍ୟରେ ଭ୍ରମଣ କରିବା ।” ଲକ୍ଷ୍ମଣ ବନବାସୀ ଅଗ୍ରଜଙ୍କ ପ୍ରସ୍ତାବ ଶୁଣି ‘ଯେ ଆଜ୍ଞା’ କହି ତାହା ସମର୍ଥନ କରିବାରୁ ସମସ୍ତେ ଦଣ୍ଡକାରଣ୍ୟ ଆଡ଼କୁ ଅଗ୍ରସର ହେଲେ । ଖଣ୍ଡେ ଦୂର ପରେ ମହର୍ଷି ଅତ୍ରିଙ୍କର ଆଶ୍ରମ ଦେଖି ରାମଚନ୍ଦ୍ର ସେଠାକୁ ଯାଇ ମହର୍ଷିଙ୍କର ପଦ ବନ୍ଦନ କଲେ । ସୀତା ଓ ଲକ୍ଷ୍ମଣ ମଧ୍ୟ ମୁନିଙ୍କୁ ଅଭିବାଦନ କଲେ । ମହର୍ଷି ଅଭୀଷ୍ଟନିଧି ପାଇଲା ପରି ସେମାନଙ୍କର ଅତିଥି ସତ୍କାରରେ ନିଯୁକ୍ତ ହେଲେ । ତାଙ୍କର ତପଃଶୀଳା ସହଧର୍ମିଣୀ ବୃଦ୍ଧା ଅନସୂୟା ଆସି ସୀତାଙ୍କୁ କନ୍ୟା ପରି ଆଦର କରି ଘର ଭିତରକୁ ନେଇଗଲେ । ଅନସୂୟା ସୁକଠୋର ତପସ୍ୟାରେ ଶରୀର କ୍ଷୟ କରି ସିଦ୍ଧିଲାଭ କରିଥିଲେ । ତପସ୍ୟାବଳରେ ସେ ଅସମ୍ଭବ ସମ୍ଭବ କରିପାରନ୍ତି । ଥରେ ଦଶବର୍ଷବ୍ୟାପୀ ଦାରୁଣ ଅନାବୃଷ୍ଟି ସମୟରେ ସେ ମନ୍ତ୍ରସିଦ୍ଧି ପ୍ରଭାବରେ ବିବିଧ ଫଳମୂଳ ସୃଷ୍ଟି କରି ଓ ଗଙ୍ଗାଙ୍କୁ ଆଣି ତପୋବନରେ ପ୍ରବାହିତ କରି ଆଶ୍ରମବାସୀ ମୁନିଋଷିମାନଙ୍କୁ ବଞ୍ଚାଇ ରଖିଥିଲେ । ସେ ପାତିବ୍ରତ୍ୟ ସମ୍ବନ୍ଧରେ ସୀତାଙ୍କୁ ଅନେକ ମହୋଚ୍ଚ ଉପଦେଶ ପ୍ରଦାନ କଲେ ଏବଂ ତାଙ୍କୁ ବସ୍ତ୍ରାଳଙ୍କାରରେ ମଣ୍ଡିତ କଲେ । ସେଦିନ ସମସ୍ତେ ମୁନିଙ୍କ ଆଶ୍ରମରେ ରହି ରଜନୀ ଯାପନ କଲେ । ତହିଁ ପରଦିନ ପ୍ରଭାତରୁ ଉଠି ଋଷି ଓ ଋଷିପତ୍ନୀଙ୍କଠାରୁ ବିଦାୟ ଘେନି ଦଣ୍ଡକାରଣ୍ୟ ମଧ୍ୟରେ ବୁଲିବାକୁ ଲାଗିଲେ । ଯାଉଁ ଯାଉଁ ପଥ ମଧ୍ୟରେ ବିରାଧ ନାମକ ବିକଟାକାର ରାକ୍ଷସ ଆସି ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ କାନ୍ଧରେ ବସାଇ ବାଣଗତିରେ ନିବିଡ଼ ବନ ମଧ୍ୟରେ ପ୍ରବେଶ କଲା; ମାତ୍ର ଅଧିକ ଦୂର ଅଗ୍ରସର ନ ହେଉଣୁ ରାମଚନ୍ଦ୍ର ଓ ଲକ୍ଷ୍ମଣ ତାହାର ବିଶାଳ ବାହୁଦ୍ୱୟ ଛେଦନ କରି ତାହାର ଗିରିତୁଲ୍ୟ ପ୍ରକାଣ୍ଡ ଶରୀରକୁ ଧରାଶାୟୀ କଲେ । ବିରାଧ ବଧ ପରେ ସମସ୍ତେ ଯାଇଁ ଶରଭଙ୍ଗ ମହର୍ଷିଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ଋଷି ନିଜର ଅତି ଜୀର୍ଣ୍ଣ ପ୍ରାଚୀନତନୁ ରାମଚନ୍ଦ୍ରରୂପୀ ବିଷ୍ଣୁଙ୍କ ସମକ୍ଷରେ ପରିତ୍ୟାଗ କରି ସ୍ୱର୍ଗାରୋହଣ ଆଶାରେ ଅପେକ୍ଷା କରି ରହିଥିଲେ । ସେ ରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣଙ୍କୁ ଦେଖି ପରମାହ୍ଲାଦରେ ତାଙ୍କର ଯଥାବିଧି ସତ୍କାର କଲେ । ଅନନ୍ତର ତପୋଧନ ରାମଚନ୍ଦ୍ରଙ୍କୁ ଆଗରେ ଠିଆକରାଇ ସ୍ୱୀୟ ତପଃପୂତ କ୍ଷୀଣ ଦେହକୁ ଅଗ୍ନିସ୍ୱରୂପ ଯଜ୍ଞକୁଣ୍ଡରେ ନିକ୍ଷେପପୂର୍ବକ ଦିବ୍ୟରୂପ ଧରି ଜ୍ୟୋତିର୍ମୟ ରଥରେ ସ୍ୱର୍ଗାରୋହଣ କଲେ । ତହୁଁ ରାମଚନ୍ଦ୍ର ସେଠାରୁ ଯାଇ

ସୁତୀକ୍ଷ୍ଣ ନାମକ ମହାତପା ମହର୍ଷିଙ୍କ ଆଶ୍ରମରେ ଏକ ରାତ୍ରି ବିଶ୍ରାମପୂର୍ବକ ତହୁଁ ପରଦିନ ଅଗସ୍ତ୍ୟ ଋଷିଙ୍କ ଆଶ୍ରମରେ ଅତିଥି ହେଲେ । ସିଦ୍ଧଯୋଗୀ ଅଗସ୍ତ୍ୟ ଅତିଥିଦ୍ୱୟଙ୍କୁ ପରମ ସମାଦରରେ ଅର୍ଚ୍ଚନା କଲେ ଏବଂ ରାମଚନ୍ଦ୍ରଙ୍କୁ ଅବ୍ୟର୍ଥ ବ୍ରହ୍ମାସ୍ତ୍ର ସହ ରାକ୍ଷସ-ବଧ-ଯୋଗ୍ୟ ଅନେକ ତେଜସ୍ୱୀ ଅସ୍ତ୍ର ପ୍ରଦାନ କଲେ । ରାମଚନ୍ଦ୍ର ସେ ସମସ୍ତ ଅସ୍ତ୍ର ସହ ଗ୍ରହଣ କରି ଅଗସ୍ତ୍ୟଙ୍କୁ ପଚାରିଲେ—"ମହାଭାଗ, ଆପଣ ଏ ଦଣ୍ଡକାରଣ୍ୟର ସମସ୍ତ ତଥ୍ୟ ଅବଗତ ଅଛନ୍ତି । ଆମ୍ଭେମାନେ କେଉଁଠାରେ ନିରାପଦରେ ବନବାସ କାଳ କଟାଇପାରିବୁ, ଆପଣ ସେହି ସ୍ଥାନ ନିର୍ଦ୍ଦେଶ କରିଦେଉନ୍ତୁ ।" ଅଗସ୍ତ୍ୟ କହିଲେ—"ଦାଶରଥି, ଗୋଦାବରୀ କୂଳରେ ପଞ୍ଚବଟୀ ନାମରେ ଏକ ରମଣୀୟ ବନ ଅଛି । ସେ ବନରେ ଅଶ୍ୱତ୍ଥ, ବେଲ, ବଟ, ଅଶୋକ ଓ ଧାତ୍ରୀ—ଏହି ପାଞ୍ଚ ପ୍ରକାର ବୃକ୍ଷ ଥିବାରୁ ତାହାର ନାମ ପଞ୍ଚବଟୀ ହୋଇଅଛି । ସ୍ଥାନଟି ଅତି ପବିତ୍ର, ନିର୍ଜନ ଓ ଶାନ୍ତିପ୍ରଦ । ସେଠାରେ ଫଳମୂଳ ମଧ୍ୟ ପ୍ରଚୁର ମିଳେ । ତୁମ୍ଭେ ସେହି ପଞ୍ଚବଟୀରେ ସୁଖରେ ବନବାସ କାଳ ଯାପନ କରିପାରିବ ।" ଏହା ଶୁଣି ରାମଚନ୍ଦ୍ର ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ସେ ରାତି ସେହିଠାରେ ଅତିବାହିତ କରି ପ୍ରଭାତ କାଳରେ ମୁନିଙ୍କଠାରୁ ବିଦାୟ ଗ୍ରହଣପୂର୍ବକ ସୀତା ଓ ଲକ୍ଷ୍ମଣ ସହ ପଞ୍ଚବଟୀ ଅଭିମୁଖରେ ଯାତ୍ରା କଲେ । ବାଟରେ ପକ୍ଷିରାଜ ଗରୁଡ଼ର ପୁତ୍ର ମହାବୀର ଜଟାୟୁ ସଙ୍ଗରେ ଭେଟ ହେଲା । ସେ ଦଶରଥଙ୍କର ସଖା ବୋଲି ପରିଚୟ ଦେବାରୁ ରାମଚନ୍ଦ୍ର ପିତୃତୁଲ୍ୟ ପିତୃବନ୍ଧୁଙ୍କୁ ଭ୍ରାତା ଓ ପତ୍ନୀ ସହ ଅଭିବାଦନ କଲେ । ମହାକାୟ ଜଟାୟୁ ତାଙ୍କର ପଞ୍ଚବଟୀ-ବାସ ସମର୍ଥନ କରି ଗହନ ବନ ମଧ୍ୟରେ ସୀତାଙ୍କୁ ସର୍ବଦା ରକ୍ଷା କରିବାକୁ ସମ୍ମତ ହେଲା । ତହୁଁ ରାମଚନ୍ଦ୍ର ତାହାଠାରୁ ବିଦାୟ ନେଇ ବନପଥରେ ଅଗ୍ରସର ହେଲେ ।

ରାମଚନ୍ଦ୍ର ପଞ୍ଚବଟୀରେ ଉପସ୍ଥିତ ହୋଇ ବନର ଅନିନ୍ଦ୍ୟ ସୁନ୍ଦର ପ୍ରାକୃତିକ ଶୋଭା ଦର୍ଶନରେ ମୁଗ୍ଧ ହୋଇଗଲେ । ମନ୍ଦଗାମିନୀ ମନ୍ଦାକିନୀ ତୀରରେ ନନ୍ଦନ କାନନ ତୁଲ୍ୟ ପବିତ୍ର ଗୋଦାବରୀ କୂଳରେ ପଞ୍ଚବଟୀ ବନ କି ସୁନ୍ଦର ଦିଶୁଅଛି ! ଗୋଦାବରୀ କଳ କଳ ନାଦରେ ତାହାର ମହିମା କୀର୍ତ୍ତନପୂର୍ବକ ପଦ ଧୌତ କରୁଅଛି । ନଦୀ ଗର୍ଭ-ସଞ୍ଚାରୀ, ତରଙ୍ଗ ଚୁମ୍ବୀ ଶୀତଳ ସମୀର ବିକଚ କମଳର ସ୍ନିଗ୍ଧ ମଧୁର ସୌରଭ ବହନରେ ବିକିରଣପୂର୍ବକ ତାହାର ମହିମାକୁ ସମୃଦ୍ଧିମଣ୍ଡିତ କରୁଅଛି । ରାମଚନ୍ଦ୍ରଙ୍କ ପବିତ୍ର ସ୍ପର୍ଶରେ ବନଭୂମି ଆନନ୍ଦରେ ନାଚି ଉଠିଲା । ପକ୍ଷୀମାନେ ନିଜର କାକଳୀ ଭାଷାରେ ରାମଚନ୍ଦ୍ରଙ୍କ ସ୍ୱାଗତ ସଙ୍ଗୀତ ଗାଇବାକୁ ଲାଗିଲେ । ଗୋଦାବରୀ ନଦୀ ତରଙ୍ଗ-କର ଯୋଡ଼ି ଭକ୍ତିରେ ଦଣ୍ଡବତ କରିବାକୁ ଲାଗିଲା । ମହାପୁରୁଷଙ୍କ ମହାମହିମା ସ୍ଥାବର ଜଙ୍ଗମ ଉଭୟଙ୍କୁ ଆକର୍ଷଣ କରେ ।

ବନ ମଧ୍ୟରେ ସୁବିଧାଜନକ ସ୍ଥାନ ବାଛିନେଇ ସେହିଠାରେ କୁଟୀର ପ୍ରସ୍ତୁତ କରିବା ସକାଶେ ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ ଆଦେଶ ଦେଲେ । ଭ୍ରାତୃଭକ୍ତ ଲକ୍ଷ୍ମଣ ଅଗ୍ରଜଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ବନରୁ ଚନ୍ଦନ କାଷ୍ଠ ଆଣି ଆଣି ସୁରମ୍ୟ କୁଟୀର ନିର୍ମାଣ କଲେ । ଇତାପର ପ୍ରକୃତିର ସୂକ୍ଷ୍ମ କାରୁକଳାରେ ସେ ପର୍ଣ୍ଣକୁଟୀର ମଣି-ରତ୍ନଖଚିତ ରାଜହର୍ମ୍ୟକୁ ପରାସ୍ତ କଲା । ସ୍ତମ୍ଭ ଦେହରେ ତାର ସାହାଯ୍ୟରେ ବିବିଧ ସବୁଜ ଶ୍ଳୋକ ଖୋଦିତ ହେଲା । କୁଟୀର ଚାରିପାଖରେ ଉଚ୍ଚ ପ୍ରାଚୀର ପ୍ରସ୍ତୁତ ହେଲା, ସମ୍ମୁଖରେ ପ୍ରଶସ୍ତ ପ୍ରାଙ୍ଗଣ ରଖାଗଲା । ରାମଚନ୍ଦ୍ର ଓ ସୀତା ସେହି କୁଟୀର ଦେଖି ଲକ୍ଷ୍ମଣଙ୍କ ନିର୍ମାଣ-କୌଶଳକୁ ପ୍ରଶଂସା କରିବାକୁ ଲାଗିଲେ । ଶୁଭଲଗ୍ନରେ ରାମଚନ୍ଦ୍ର ସେହି କୁଟୀର ମଧ୍ୟରେ ପ୍ରବେଶ କଲେ । ରାତିରେ ରାମଚନ୍ଦ୍ର ଓ ସୀତା ସେହି କୁଟୀରରେ ଶୟନ କରନ୍ତି ଏବଂ ଲକ୍ଷ୍ମଣ ଧନୁର୍ବାଣ ଧରି ଦ୍ୱାରରେ ଜଗି ବସନ୍ତି । ଅନାହାରରେ, ଅନିଦ୍ରାରେ ତାଙ୍କର କାଳକ୍ଷେପ ହୁଏ । ମହର୍ଷି ବିଶ୍ୱାମିତ୍ରଙ୍କ ପ୍ରଦତ୍ତ ବଳା, ଅତିବଳା ନାମ୍ନୀ ବିଦ୍ୟା ପ୍ରଭାବରେ କ୍ଷୁଧା ବା ନିଦ୍ରା ତାଙ୍କୁ ପୀଡ଼ା ଦେଇପାରେ ନାହିଁ । ତାଙ୍କର ଏରୂପ ଅତୁଳ ଭ୍ରାତୃଭକ୍ତି ଜଗତର ଶ୍ରେଷ୍ଠ ଆଦର୍ଶ । ସେହି ଉଜ୍ଜ୍ୱଳ ସ୍ୱର୍ଣ୍ଣବର୍ଣ୍ଣ ଜଗତର ମୁଖକୁ ଚିର-ସମୁଜ୍ଜ୍ୱଳ କରି

ରହିଅଛି । ତାହା କୌଣସି କାଳରେ ମଳିନ ହେବ ନାହିଁ । ଯେଉଁ ଦେଶର ରାଜପୁତ୍ରଙ୍କର ଆଦର୍ଶ ଏରୂପ ଦେବତୁଲ୍ୟ, ସେ ଦେଶ ସ୍ୱର୍ଗ ନା ମର୍ତ୍ତ୍ୟ ଅଥବା ଦୁହିଙ୍କର ସାର ସମ୍ମିଶ୍ରଣରେ ଗଠିତ, ତାହା କିଏ କହି-ପାରିବ ? ସ୍ୱତନ୍ତ୍ର ସ୍ୱର୍ଗ ଯେବେ କେଉଁଠାରେ ଥାଏ, ତେବେ ଥାଉ; ମାତ୍ର ଆଦର୍ଶ ଗୌରବରେ ତାହା ଉଦାତ୍ତ ଭାରତର ସମକକ୍ଷ ହୋଇପାରିବ ନାହିଁ—ଏହା ସଦର୍ପରେ ବୋଲିଯାଇପାରେ ।

## ଏକାଦଶ ସର୍ଗ

ରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣ ପଞ୍ଚବଟୀରେ ପରମ ସୁଖରେ କାଳଯାପନ କରିବାକୁ ଲାଗିଲେ । ସୀତା କୁଟୀର ନିକଟସ୍ଥ ଫୁଲଗଛଗୁଡ଼ିକରେ ଜଳ ସେଚନ କରି, ସ୍ୱହସ୍ତରେ ମୃଗଶିଶୁମାନଙ୍କୁ କୋମଳ କୁଶାଙ୍କୁର ଖୁଆଇ ଅପାର ଆନନ୍ଦ ଅନୁଭବ କରୁଥିଲେ । ବନରେ ସେହିମାନେ ତାଙ୍କର ପୋଷ୍ୟ ଓ କ୍ରୀଡ଼ା-ସଙ୍ଗୀ ଥିଲେ । ସୀତା ବନ୍ୟ ଫୁଲରେ ହାର ଗୁନ୍ଥି ରାମଚନ୍ଦ୍ରଙ୍କ ଗଳାରେ ଲମ୍ବାଇ ସ୍ୱାମୀଙ୍କୁ ବସନ୍ତ-ରାଜ ବେଶରେ ସଜ୍ଜିତ କରୁଥିଲେ । ରାମଚନ୍ଦ୍ର ମଧ୍ୟ ସୀତାଙ୍କୁ ଆପାଦମସ୍ତକ ଫୁଲରାଣୀ ବେଶରେ ସଜାଇ ସେହି ପ୍ରେମ-ଋଣ ଶୁଝିଦେଉଥିଲେ । ଅରଣ୍ୟବାସୀ ଋଷିମାନେ ପ୍ରତ୍ୟହ ରାମଚନ୍ଦ୍ରଙ୍କ କୁଟୀରକୁ ଯାତାୟାତ କରିବାକୁ ଲାଗିଲେ । ସେମାନଙ୍କ ସହ ଧର୍ମାଲୋଚନା ଓ ଶାସ୍ତ୍ରାଲୋଚନାରେ ରାମଚନ୍ଦ୍ର ନିଜକୁ କୃତାର୍ଥ ମଣୁ-ଥିଲେ । ସଜ୍ଜନ ସଙ୍ଗ ସଦାଳାପର ସୁଖ କେବଳ ସଜ୍ଜନ-ଙ୍କର ଉପଭୋଗ୍ୟ । ଲକ୍ଷ୍ମଣ ବନରୁ ଫଳମୂଳ ସଂଗ୍ରହ କରି ଆଣନ୍ତି ଏବଂ ଗୋଦାବରୀ ନଦୀରୁ ପଦ୍ମପୁଷ୍ପ ତୋଳିଆଣନ୍ତି । ରାମଚନ୍ଦ୍ର ଓ ସୀତା ତାହା ଆହାର କରନ୍ତି, ଲକ୍ଷ୍ମଣ କିଛି ଖାଆନ୍ତି ନାହିଁ; ମାତ୍ର ରାମଚନ୍ଦ୍ର କି ସୀତା କେହି ତାହା ଜାଣିପାରନ୍ତି ନାହିଁ । ରାମ-ଚନ୍ଦ୍ର ବନବାସରୁ ନ ଫେରିବା ଯାଏ ସେ ଖାଇବେ ନାହିଁ କି ଶୋଇବେ ନାହିଁ ବୋଲି ମନେ ମନେ ସଂକଳ୍ପ କରିଥିଲେ । ପଞ୍ଚବଟୀରେ କେତେ କାଳ ସୁଖରେ କଟିଗଲା; ମାତ୍ର ଦିନେ ଗୋଟାଏ ଅଘଟଣ ଘଟଣା ଘଟିଲା । ଗୋଟାଏ ରାକ୍ଷସୀ ରାମଚନ୍ଦ୍ରଙ୍କ କୁଟୀ-ରକୁ ଆସି ତାଙ୍କୁ ପରିଚୟ ମାଗିଲା । ରାମଚନ୍ଦ୍ର ସରଳ, ଅକପଟ ହୃଦୟରେ ନିଜର, ଲକ୍ଷ୍ମଣଙ୍କର ଓ ସୀତାଙ୍କର ସତ୍ୟ ପରିଚୟ ପ୍ରଦାନ କରି ଆଗନ୍ତୁକାକୁ ତାହାର ପରିଚୟ ଓ ଆଗମନର କାରଣ ପଚାରିଲେ । ରାକ୍ଷସୀ କହିଲା—"ମୋର ନାମ ସୂର୍ପଣଖା, ତ୍ରିଭୁବନ-ବିଜୟୀ ରାକ୍ଷସରାଜ ଲଙ୍କାପତି ରାବଣର ମୁଁ ବଡ଼ ଗେହ୍ଲା ଭଉଣୀ । ଏହି ବନର ରାଜା ଖରନାମକ ଅସୁର ମୋର ଭାଇ ଓ ରକ୍ଷକ । ସେ ଚଉଦସହସ୍ର ରାକ୍ଷସ ସହ ମୋର ସୁରକ୍ଷାରେ ନିଯୁକ୍ତ ଥାଏ । ସୁତରାଂ ମୁଁ ନିର୍ଭୟରେ ଏହି ବନରେ ଯଥେଚ୍ଛା ଭ୍ରମଣ କରେ । ଆଜି ବୁଲୁ ବୁଲୁ ତୁମ୍ଭର ସୁନ୍ଦର ରୂପ ଦେଖି ମୋହିତ ହୋଇ ତୁମ୍ଭ ପ୍ରତି ଆସକ୍ତ ହୋଇପଡ଼ିଲି; ତେଣୁ ତୁମ୍ଭଙ୍କୁ ପତିରୂପରେ ବରଣ କରିବାକୁ ଆସିଅଛି । ଏ ସୀତା ମୋଠାରୁ ସୁନ୍ଦରୀ ନୁହେଁ, ଏହାର କି ଗୁଣ ଦେଖି ତୁମ୍ଭେ ରସିଛ ? ମୁଁ ତୁମ୍ଭର ଉପଯୁକ୍ତ ପତ୍ନୀ, ମୋତେ ଗ୍ରହଣ କରି ସୁଖୀ ହୁଅ ।" ରାମଚନ୍ଦ୍ର କାମୁକୀ ରାକ୍ଷସୀର ଏହି ଅସଙ୍ଗତ ହାସ୍ୟକର ପ୍ରସ୍ତାବ ଶୁଣି ପରିହାସ କରି କହିଲେ—"ସୁନ୍ଦରୀ, ତୁମ୍ଭର ଦେହ ଗୋଟିଏ ଫୁଲରେ ଗଢ଼ା, ଏ କେତକୀ ଅପରିଚ୍ଛନ୍ନା ସୀତାଟା ତୁମ୍ଭ କାଣି ଅଙ୍ଗୁଳିର ଲକ୍ଷ୍ୟ ନୁହେଁ—ତୁମ୍ଭେ କଅଣ ଏହି ଅସୁନ୍ଦରୀଟାର ସଉତୁଣୀ ହେବ ? ତୁମ୍ଭ ପରି ମହା ସୁନ୍ଦରୀଙ୍କର ସଉତୁଣୀ ଥିବା ଉଚିତ ନୁହେଁ । ସ୍ତ୍ରୀଲୋକ-ମାନେ ସବୁ ସହିପାରନ୍ତି; ମାତ୍ର ସଉତୁଣୀ ସହବାସ ସହିପାରନ୍ତି ନାହିଁ । ମୋର ଏଇ ସାନଭାଇ ଲକ୍ଷ୍ମଣର ସ୍ତ୍ରୀ ନାହିଁ, ତୁମେ ତାହାରି ପାଖକୁ ଯାଅ, ସେ ନିଶ୍ଚୟ ତୁମ୍ଭଙ୍କୁ ପତ୍ନୀତ୍ୱରେ ବରଣ କରିବ ।" ରାକ୍ଷସୀ ଏପରି ହାସବାଣୀକୁ ସତ୍ୟ ମଣି ଲକ୍ଷ୍ମଣଙ୍କ ନିକଟକୁ ଯାଇ ନିଜର ଅଭିପ୍ରାୟ ଜଣାଇଲା । ପରିହାସ-ରସିକ ଲକ୍ଷ୍ମଣ କହିଲେ—"ତୋ ପରି ନାରୀରତ୍ନ ଭାଗ୍ୟରେ ଥିଲେ ମିଳେ ! କିନ୍ତୁ କଅଣ କରିବ , ମୁଁ ରାମଚନ୍ଦ୍ରଙ୍କର ଦାସ, ସୀତାଙ୍କର ବି ଦାସ, ତୁ ମୋର ଭାର୍ଯ୍ୟା ହେଲେ ସୀତାଙ୍କର ଦାସୀ ହେବୁ—ଏଟା ସେ ବଡ଼ ଦୁଃଖମାନର କଥା । ରାକ୍ଷସ ମହାବଂଶରେ ତୋର ଜନ୍ମ, ସୃଷ୍ଟି

ସେଇ ତୋର ସ୍ୱଜାଧିସ୍ୱଳ ଚକ୍ରବର୍ତ୍ତୀ । ତୁ କେଡେ ବଡ଼ ଲୋକ ! ଦାସୀବୃତ୍ତି ତୋ ପକ୍ଷରେ ଘୋର ଲଜ୍ଜା ଆଉ କଳଙ୍କର କଥା ସିନା ! ଛି, ସେ ଦୁର୍ବୁଦ୍ଧି ଛାଡ଼ ତୁ ରାମଚନ୍ଦ୍ରଙ୍କ ପାଖକୁ ଯା, ସେହି ଏକା ତୋର ଉପଯୁକ୍ତ ସ୍ୱାମୀ ।" ଏ କରାଣ ବାଣୀ ଶୁଣି ସୂର୍ପଣଖା କ୍ରୁଦ୍ଧ ହୋଇ ରାମଚନ୍ଦ୍ରଙ୍କ ପାଖକୁ ଫେରିଆସି ଗର୍ଜନ କରି କହିଲା—"ଭଣ୍ଡ ଜଟାଧାରୀ, ତୁ ମୋତେ ବେଶ୍ୟା ପରି ଠାପରା କରି ଏଠିକି ସେଠିକି ପଠାଇ ରସିକତା ଦେଖାଉଛୁ ପରା ! ଏହିକ୍ଷଣି ତୋର ସୀତାକୁ ଗର୍ଭସ୍ଥ କରି ସେ ଅନ୍ୟାର ପ୍ରତିଶୋଧ ନେବ ।" ଦୁର୍ମୁଖା ଦାନବୀ ଏହା କହି ସୀତାଙ୍କୁ ଧରିବା ପାଇଁ ଧାବିତ ହେଲା । ରାମଚନ୍ଦ୍ର ତାହା ଦେଖି ରାକ୍ଷସୀର ନାସାକର୍ଣ୍ଣ ଛେଦନ କରିବା ସଙ୍କେତେ ଲକ୍ଷ୍ମଣଙ୍କୁ ଆଖି ଠାରି ସଙ୍କେତ କଲେ । ଲକ୍ଷ୍ମଣ ତତ୍‌କ୍ଷଣାତ୍ ଅସୁରୀର ନାକ କାନ କାଟି ତାହାର ସ୍ୱଭାବକୃତ ରୂପକୁ ଅଧିକତର ବିକୃତ କରିଦେଲେ । ତହୁଁ ରାକ୍ଷସୀ ଘୋର ରଡ଼ି ଛାଡ଼ି ରକ୍ତରେ ପ୍ଲାବିତ ହୋଇ ସଚଳ ପୁଷ୍ପିତ ପଳାଶ ବୃକ୍ଷ ପ୍ରାୟ ଝଡ଼ ଗତିରେ ସେଠାରୁ ପଳାଇଗଲା । ତାହାର ବଜ୍ରକଠୋର ବିକଟ ଗର୍ଜନ ଶୁଣି ବନବାସୀ ପଶୁପକ୍ଷୀ ମଧ୍ୟ ମୂର୍ଚ୍ଛିତ ହୋଇପଡ଼ିଲେ ।

ନାସାକର୍ଣ୍ଣଶୂନ୍ୟ ସୂର୍ପଣଖା କାନ୍ଦି କାନ୍ଦି ଯାଇ ଖର ରାକ୍ଷସ ଆଗରେ ମୁହଁ ମାଡ଼ି ପଡ଼ିଗଲା । ଖର ଭଉଣୀର ଦୁର୍ଦ୍ଦଶା ଦେଖି ଚାଟଙ୍ଗା ହୋଇଗଲା । ସେ ସୂର୍ପଣଖାକୁ ଉଠାଇ ତା ଦେହରୁ ଧୂଳି ଝାଡ଼ିଦେଇ ସମବେଦନାମିଶା ସ୍ୱରରେ କହିଲା—"ଆହା, ଦେଈଙ୍କୁ ଏ ଦଣ୍ଡ କିଏ ଦେଲା ? ଚଉଦସ୍ତ୍ର ଆଜି କାହାର ପାଞ୍ଜି ପୋଛିଲା ? କାହା କାନ୍ଧରେ ଦୁଇଟା ମୁଣ୍ଡ ଉଠିଲା, ଯେଉଁ ମହାମୂର୍ଖ ନାଗସାପ ଗୁଣ୍ଡରେ ହାତ ଭରିଲା— ଆଜି ତାହାର ନିସ୍ତାର ନାହିଁ ! ବ୍ରହ୍ମା ବିଷ୍ଣୁ ମଧ୍ୟ ତାକୁ ରକ୍ଷା କରିପାରିବେ ନାହିଁ । କହ ଭଉଣୀ— କିଏ ସେ ଦୁଃସାହସୀ ? ଦୁରାତ୍ମା କି ଜାଣେ ନାହିଁ ସେ ତୁ ଜନସ୍ଥାନ-ଅଧିପତି ମହାପ୍ରତାପୀ ରାକ୍ଷସରାଜ ଖରର ଭଉଣୀ ! ସେ ଦେବ, ଦାନବ, ରାକ୍ଷସ, ପିଶାଚ ଯେ ହେଉ, ମୋର ମହାସ୍ତ୍ର ତାହାର ରକ୍ତପାନ ନିଶ୍ଚୟ କରିବ, ଏଥିରେ ସଂଶୟର ଛାୟା ମାତ୍ର ନାହିଁ ।" ଭ୍ରାତାର ଏହିପରି ସ୍ପର୍ଦ୍ଧାଏ ଆଡ଼ମ୍ବରପୂର୍ଣ୍ଣ ବ୍ୟର୍ଥ ପୌରୁଷ ବାକ୍ୟରେ ସୂର୍ପଣଖା ଆଶ୍ୱସ୍ତା ହୋଇ କହିଲା— "ପଞ୍ଚବଟୀରେ ଦଶରଥଙ୍କର ଦୁଇ ପୁଅ ରାମଚନ୍ଦ୍ର ଆଉ ଲକ୍ଷ୍ମଣ ଯୋଗୀ ବେଶ ଧରି ବାସ କରିଅଛନ୍ତି । ବଡ଼ ପୁଅ ସଙ୍ଗରେ ତାର ସ୍ତ୍ରୀ ସୀତା ଅଛି । ସେହି ସୀତାକୁ ଖାଇବା ପାଇଁ ମୋର ବଡ଼ ଲୋଭ ହେଲା । ମୁଁ ତାକୁ ଧରିବା ଲାଗି ହାତ ବଢ଼ାଇବାରୁ ତାହାର ଦିଅର ଲକ୍ଷ୍ମଣ ମୋର ନାକ କାନ କାଟି ମୋତେ ବିରୂପା କରି ଛାଡ଼ିଦେଲା । ଏ କଅଣ ସାମାନ୍ୟ ଅପମାନ ? ମୋର ନାକ କାନର ଘା ଜଳିବା ମୋତେ ବାଧୁ ନାହିଁ, ଏହି ଘୋର ଅପମାନରେ ମୋର ହାଡ଼ ମାଂସ ଜଳି-ଯାଉଛି । ତୁ ଏ ଅପମାନର ପ୍ରତିଶୋଧ ନ ନେଲେ ମୁଁ ତୋହରି ଆଗରେ ଆତ୍ମହତ୍ୟା କରିବି ।" ଖର ଏହା ଶୁଣି ହର ହର ହୋଇ ହସିଉଠି କହିଲା—"ମଣିଷ ଛୋକା ଦୁଇଟାର ଏଡ଼େ ଗରିମା ! ଏଇଠୁଁ ଫୁଙ୍କିଦେଲେ କୁଆଡ଼େ ଉଡ଼ିଯିବେ ! ତୁ ଆଉ ଦୁଃଖ କର ନା ଭଉଣୀ, ବେଶର ହଳଦୀ ବାଟିବୁ ଯା—ମୁଁ ଏହିକ୍ଷଣି ସେ ଦୁଇଟାଙ୍କୁ ସୀତା ସହିତ ମାରିଆଣି ଦେବି, ଖୁସି ହୋଇ ଭୁଣ ସଞ୍ଜ ଖାଇବୁ । ତୋର ନାକ କାନ ବଥା ବି ଛାଡ଼ିଯିବ ।" ମିଥ୍ୟାବାଦିନୀ, କାମୁକୀ ସୂର୍ପଣଖା ସତ୍ୟ ଲୁଚାଇ ମିଥ୍ୟାର ଆଶ୍ରୟ ନେଲା । ସେ ଏହି ମିଥ୍ୟା କଥା କହି ଯେଉଁ ବିଷବୃକ୍ଷ ରୋପଣ କଲା, ତାହାର ପରିଣାମ ଫଳ ବଡ଼ ବିଷମୟ ହେବ । ସୂର୍ପଣଖା ବଂଶନାଶିନୀ ଡାକୁଣୀ । ତାହାର ଯୋଗୁଁ ରାକ୍ଷସ ବଂଶ ସମୂଳରେ ଧ୍ୱଂସ-ପ୍ରାପ୍ତ ହେବ । ତାହାର କଟା ଘା ଆଉ ଶୁଖିବ ନାହିଁ, ବରଂ ସେଥିରେ ଲୁଣ ଚୂନ ବେଶର ବୋଳା ହେବ ।

ଅନନ୍ତର ଖର ସୈନ୍ୟ ସାଜିବା ପାଇଁ ଆଦେଶ ଦେଲା । ତାହାର ଦୁଇ ସେନାପତି ଦୂଷଣ ଓ ତ୍ରିଶିରା ଚଉଦ ସହସ୍ର ସୈନ୍ୟ ସଜାଇ ଆସିଲେ । ଦୁଇଟା ମନୁଷ୍ୟ ସଙ୍ଗରେ ଯୁଦ୍ଧ କରିବା କଥା ଶୁଣି ରାକ୍ଷସମାନେ ଅବଜ୍ଞାରେ ହସିଉଠିଲେ । ସମସ୍ତେ କୁହାକୁହି ହେଲେ, "ଆମ ରାଜା ବାୟା ହେଲେଣି, ନା ନିଜକୁ ରାକ୍ଷସ ବୋଲି ଭୁଲିଗଲେଣି ! ଜଣେ ସାମାନ୍ୟ ରାକ୍ଷସ ପଠାଇ-

ଥିଲେ ତ ମଣିଷ ବୁଝନ୍ତା ତାଙ୍କୁ ଏତା ନଷ୍ଟ ହୁଅନ୍ତେ— ସେଥିପାଇଁ ଏବେ ଝଟକରରେ ଯୁଦ୍ଧଯାତ୍ରା କାହିଁକି ? ମଶା ଶିକାର କରିବା ପାଇଁ ବଜ୍ରର ଅସ୍ତ୍ର କି ଲୋଡ଼ା ?" ଯଥାସମୟରେ ଖର ସସୈନ୍ୟ ପଞ୍ଚବଟୀରେ ଉପସ୍ଥିତ ହେଲା । ତହୁଁ ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ ସୀତାଙ୍କ ପାଖରେ ଜଗାଇଦେଇ ଧନୁର୍ବାଣ ଧରି ଏକାକୀ ରାକ୍ଷସମାନଙ୍କ ସହିତ ଯୁଦ୍ଧ କରିବା ସକାଶେ ଯାତ୍ରା କଲେ । ଖର ତାଙ୍କୁ ଦେଖି ବୀରଦର୍ପରେ ନିଶ ମୋଡ଼ି ରୁଢ଼ ସ୍ୱରରେ କହିଲା—"ମାନବ, ଏବେ ତୋର ଇଷ୍ଟଦେବତାଙ୍କୁ ଧ୍ୟାନ କର, ଆଜି ମୋ ହାତରେ ତୋର ମୃତ୍ୟୁ ନିଶ୍ଚୟ ଘଟିବ ।" ରାମଚନ୍ଦ୍ର ଈଷତ୍ ହାସ୍ୟ କରି କହିଲେ—"ରାକ୍ଷସାଧମ, ତୋର ଯେତେ ପରାକ୍ରମ ଅଛି, ପ୍ରକାଶ କର । ତୋ ପରି ସ୍ୱଳ୍ପବୀର୍ଯ୍ୟ ରାକ୍ଷସକୁ ମୁଁ ଖାତିର କରେ ନାହିଁ ।" ରାକ୍ଷସ ଗର୍ଜିଉଠି କହିଲା—"ସୁବାହୁ, ବିରାଧ, ତାଡ଼କା ପ୍ରଭୃତି କେତେଟା ନଗଣ୍ୟ ରାକ୍ଷସ-ରାକ୍ଷସୀ ମାରି ଡେଣ୍ଡେଇକର ନା ମୂଢ଼ ! ତାଡ଼କା ତ ଅବଳା ସ୍ତ୍ରୀଜାତି, ତାକୁ ମାରି ପୌରୁଷ କଅଣ ? ଆଉ ବିରାଧଟା ତ ଗୋଟାଏ ଭୀରୁ ଗଧ । ସେଭଳି କ୍ଲୀବକୁ ମୁଁ ଫୁତ୍କାରରେ ଉଡ଼ାଇଦେଇପାରେ । ପୁଣି ସୁବାହୁର ନାମ ବୀର ଖାତାରେ ଆଦୌ ଲେଖା ହୋଇ ନାହିଁ ।" ରାମଚନ୍ଦ୍ର କହିଲେ—"ଆଗେ ଯୁଦ୍ଧ ଜୟ କର, ପଛେ ଡେମ ବାଢ଼ିବୁ ।" ଏହା କହି ନିର୍ଘୋଷ ଶବ୍ଦରେ ଧନୁଷ୍ଟଙ୍କାର କଲେ । ସେହି ଶବ୍ଦ ଶୁଣି ରାକ୍ଷସମାନଙ୍କର ଅଧେ ବଳ ଭଙ୍ଗା ହୋଇଗଲା । ସେମାନେ ଖର ଆଜ୍ଞାରେ ରାମଚନ୍ଦ୍ରଙ୍କୁ ଚାରିଆଡ଼ୁ ଘେରି ବାଣବର୍ଷଣ କରିବାକୁ ଲାଗିଲେ ; ମାତ୍ର ରାମଚନ୍ଦ୍ରଙ୍କ ଦେହରେ ଗୋଟାଏ ସୁଦ୍ଧା ବାଣ ବାଜିଲା ନାହିଁ । ସେ ଖର ହସ୍ତରେ ପ୍ରତିବାଣ ପେଷି ରାକ୍ଷସ ସୈନ୍ୟଙ୍କର ସମସ୍ତ ଅସ୍ତ୍ର ବ୍ୟର୍ଥ କଲେ । ତାହା ଦେଖି ସମସ୍ତେ କହିଲେ—"ଏ ଜଟାଧାରୀ ବାଣବାରଣୀ ବିଦ୍ୟା ଜାଣେ; ସେହି ବିଦ୍ୟା ପ୍ରଭାବରେ ତାହା ଦେହରେ ବାଣ ବିଦ୍ଧ ହେଉ ନାହିଁ । ସମସ୍ତେ ମିଳି, ମଲ୍ଲ ଯୁଦ୍ଧରେ ତାହାକୁ ନିପାତ କରିବା ।" ଏହା କହି ରାକ୍ଷସମାନେ ରାମଚନ୍ଦ୍ରଙ୍କ ଆଡ଼କୁ ଧାବିତ ହେଲେ । ରାମଚନ୍ଦ୍ର ଅଦ୍ଭୁତ ବିଦ୍ୟାବଳରେ ଏକାବେଳକେ ଖର, ଦୂଷଣ, ତ୍ରିଶିରା ସହିତ ଚଉଦ ସହସ୍ର ରାକ୍ଷସଙ୍କୁ ନିଧନ କରି ବିଜୟଶ୍ରୀରେ ମଣ୍ଡିତ ହେଲେ । ସମସ୍ତ ରାକ୍ଷସ ସଂହାର ଦେଖି ସୂର୍ପଣଖା ଛାନିଆ ହୋଇ ପଳାଇଗଲା । ରାମଚନ୍ଦ୍ର ଗୋଦାବରୀ ଜଳରେ ଶରୀର ପ୍ରକ୍ଷାଳନ କରି ଭାଇ ଓ ଭାର୍ଯ୍ୟାଙ୍କ ସହିତ ମିଳିତ ହେଲେ । ସୀତା ସ୍ୱାମୀଙ୍କ ଗଳାରେ ବନକୁସୁମହାର ଲମ୍ବାଇ ଆନନ୍ଦରେ ତାଙ୍କ ପରିଚର୍ଯ୍ୟାରେ ନିଯୁକ୍ତ ହେଲେ । ଲକ୍ଷ୍ମଣ ଅଗ୍ରଜଙ୍କ ଶରୀରର ଅସ୍ତ୍ରବ୍ରଣରେ ଔଷଧ ପ୍ରଲେପ କରିବାକୁ ଲାଗିଲେ ।

## ଦ୍ୱାଦଶ ପରିଚ୍ଛେଦ

ଚଉଦ ସହସ୍ର ଦୁର୍ଦ୍ଧର୍ଷ ରାକ୍ଷସ ସହିତ ଖରର ମୃତ୍ୟୁରେ ସୂର୍ପଣଖା ମନରେ ଘୋର ଆତଙ୍କ ଓ ବିଷମ ଦୁଃଖ ଉପସ୍ଥିତ ହେଲା; ମାତ୍ର ସେ ଏକାବେଳକେ ନିରାଶ ହେଲା ନାହିଁ । ତହୁଁ ସେ ସମୁଦ୍ର ପାର ହୋଇ ଲଙ୍କାରେ ପହଞ୍ଚି ରାବଣ ଆଗରେ ଯାଇ କାନ୍ଦି ଗଡ଼ିବାକୁ ଲାଗିଲା । ରାବଣ ତାହାର ଅବସ୍ଥା ଦେଖି ବିସ୍ମୟରେ ନିର୍ବାକ୍ ହୋଇ ରହିଲା । କିଛିକ୍ଷଣ ପରେ କମ୍ପିତ ସ୍ୱରରେ ପଚାରିଲା—"ତୋତେ ଏପରି ବିରୂପା କିଏ କଲା ସୂର୍ପ ?" ସୂର୍ପଣଖା ଆଖି ମଳି ମଳି କାନ୍ଦି ଗଦ୍‌ଗଦ ସ୍ୱରରେ କହିଲା—"ତୁମରି ଲାଗି ମୋର ଏ ଦଣ୍ଡ ।" ରାବଣ ଅଧିକତର ଅସ୍ଥିର ହୋଇ କହିଲା—"ମୋ ଲାଗି କିପରି ହେଲା ? ମୋର ଅତୁଳ ପ୍ରତାପ ଜଗତରେ କିଏ ନ ଜାଣେ, ଆଉ ତୁ ମୋର ଭଉଣୀ ବୋଲି ବା କିଏ ନ ଜାଣେ ? ପରମାୟୁ କାହାକୁ ପିତା ଲାଗିଲା ? କିଏ ନିଜ ହାତରେ ନିଜର ମୁଣ୍ଡ ହାଣିଲା ? ରାବଣ ସେ ଯମର ଉପଯମ, ଏହା କଅଣ ସେ ଜାଣେ ନାହିଁ ? କିଏ ସେ ଅତି ସାହସୀ, କିଏ ସେ ବର୍ବର, କିଏ ତୋତେ ଏପରି ବୀଭତ୍ସରୂପା କଲା, ଶୀଘ୍ର କହ । ଏହି ମୁହୂର୍ତ୍ତରେ ତାକୁ ପିଞ୍ଜାତୁଳା ପରି ରୁଞ୍ଜି ରଞ୍ଜି କରି ଉଡ଼ାଇଦେବି । ଏହା ଯେବେ ନ କରେଁ, ତେବେ ଏହି ଖଡ୍ଗରେ ମୋର ଏହି ବିଂଶବାହୁ ଛେଦିପକାଇବି ।" ରାବଣର ଏ କଠୋର ପ୍ରତିଜ୍ଞା ଶୁଣି ସୂର୍ପଣଖା ମନେ ମନେ ଆନନ୍ଦିତ ହୋଇ କହିଲା—"ଅଯୋଧ୍ୟାର ରାଜା

ଦଶରଥ ତାହାର ବୃଦ୍ଧ ପୁତ୍ର ରାମ ଆଉ ଲକ୍ଷ୍ମଣଙ୍କୁ ରାଜ୍ୟରୁ ତଡ଼ି ଦେଇଅଛି । ସେ ଦୁହେଁ ପଞ୍ଚବଟୀରେ ବାସ କରୁଅଛନ୍ତି । ବଡ଼ ପୁଅର ସ୍ତ୍ରୀ ସୀତା ତାଙ୍କ ସାଙ୍ଗରେ ଅଛି । ସୀତା ପରି ସୁନ୍ଦରୀ ବିଶ୍ୱବ୍ରହ୍ମାଣ୍ଡରେ ନାହିଁ । ତାହାର ହାତକୁ ଓ ପାଦକୁ ସୁନ୍ଦର ଲାବଣ୍ୟ ଝଟିପଡ଼ୁଛି । କୋଟିଏ ବିଧାତା ମିଶି ସେପରି ସୁନ୍ଦରୀଟିଏ ଗଢ଼ିପାରିବେ ନାହିଁ । ମୁଁ ନାରୀ ହୋଇ ସୁଦ୍ଧା ତାହା ରୂପ ଦେଖି ମୂର୍ଚ୍ଛିତ ହୋଇଗଲି, ଆଉ ପୁରୁଷର କଥା କଅଣ ହେବ, ତାହା ଏଥିରୁ ବୁଝିପାରିବ । ତୁମ ସ୍ତ୍ରୀ ମନ୍ଦୋଦରୀ ପରି ସୁନ୍ଦରୀ ନାରୀସୃଷ୍ଟିରେ ନାହିଁ ବୋଲି ତୁମେ ଗର୍ବ କର; କିନ୍ତୁ ସେ ସୀତାର ଚରଣ-ରେଖା ପଥରକୁ ସରି ନୁହେଁ । ମୁଁ ସୀତାକୁ ଦେଖି ଭାବିଲି—ଯାର ଯୋଗୀ ବାସ୍ତବର ଏତେ ସୁନ୍ଦରୀ ସ୍ତ୍ରୀ, ମୋ ଭାଇ ସ୍ୱର୍ଗ-ମର୍ତ୍ତ୍ୟ-ପାତାଳର ଚକ୍ରବର୍ତ୍ତୀ, ଏଭଳି ସୁନ୍ଦରୀ ସ୍ତ୍ରୀ ତାଙ୍କୁ ଏକା ମାନନ୍ତା ସିନା ! ତେଣୁ ସୀତାକୁ ତୁମ ଲାଗି ଆଣିବାକୁ ଚେଷ୍ଟା କଲି । ତାହା ଦେଖି ତାହାର ଦିଅର ଲକ୍ଷ୍ମଣ ମୋତେ ଏପରି ବୀଭତ୍ସ ବିରୂପ କରି ଛାଡ଼ିଦେଲା । ମୋର ଏ ଅପମାନର ପ୍ରତିଶୋଧ ନେବା ପାଇଁ ଖର, ଦୂଷଣ, ତ୍ରିଶିରା ଚଉଦ ସହସ୍ର ରାକ୍ଷସ ସୈନ୍ୟ ନେଇ ରାମ ସଙ୍ଗରେ ଯାଇ ଯୁଦ୍ଧ କଲେ; ମାତ୍ର ଏକାକୀ ରାମ ଘଡ଼ିକ ଭିତରେ ସମସ୍ତଙ୍କୁ ମାରି ପକାଇଲା । ଛାର ମାନବ ହୋଇ ସେ ରାକ୍ଷସ ଜାତିକୁ ଲଙ୍ଘିସିବାକୁ ବସିଛି । ତାହାହେଲେ ରାକ୍ଷସ କୋଳ ଆମ ପ୍ରତି ସାଧାରଣର ଯେ ଗୋଟାଏ ଭୟ, ଭକ୍ତି ଆଉ ଗୌରବ ଅଛି, ତାହା ଆଉ ରହିବ ନାହିଁ । ତୁମେ ତା ସ୍ତ୍ରୀକୁ ହରିଆଣି ତାହାକୁ ଉପଯୁକ୍ତ ଶାସ୍ତି ଦିଅ । ରାକ୍ଷସ ମହାବଂଶରେ ସେଭଳି କଳଙ୍କ ଲାଗିବାକୁ ଦିଅ ନାହିଁ, ଆଉ ମୋତେ ଏ ଅପମାନରୁ ଉଦ୍ଧାର କର ।" ରାବଣ ଏହା ଶୁଣି ବୀରୋଚିତ ଉତ୍ତେଜିତ ସ୍ୱରରେ କହିଲା—"ନିଶ୍ଚିନ୍ତ ହୁଅ, ନିଶ୍ଚିନ୍ତ ହୁଅ ! ତୋତେ ଅପମାନିତ କରି ସେ ପାମର କେଉଁଠି ଲୁଚି ରହିବ ? ନାକ କାନ ଲାଗି ତୁ ଆଉ ଦୁଃଖ କର ନା । ବ୍ରହ୍ମପୁରୁଷର ନାକ କାନ ହାତ ଗୋଡ଼ ନାହିଁ ବୋଲି କେହି ତାଙ୍କୁ ଅବଜ୍ଞା କରେ କି ? ତୁ କିଛି ଚିନ୍ତା କର ନା, ମୁଁ ଏହିକ୍ଷଣି ଯାଇ ସୀତାକୁ ହରିଆଣି ଦୁର୍ବୃତ୍ତ ପାଷଣ୍ଡ ରାମର ଗରିମା ଭାଙ୍ଗିବି ।" ରାବଣ ଶୂର୍ପଣଖାକୁ ଏହିପରି ପ୍ରବୋଧ ଦେଇ ରଥାରୋହଣପୂର୍ବକ ମାରୀଚ ନାମକ ମାୟାବୀ ରାକ୍ଷସ ନିକଟକୁ ଗଲା । ମାରୀଚ ରାଜଦର୍ଶନରେ ଆନନ୍ଦିତ ହୋଇ ରାବଣକୁ ଉପଯୁକ୍ତ ସତ୍କାର କରି ଆଗମନର କାରଣ ପଚାରିଲା । ରାବଣ କହିଲା—"ଦଶରଥ ରାଜାର ପୁଅ ରାମ, ଆଉ ଲକ୍ଷ୍ମଣ ବଣରେ ବୁଲୁଅଛନ୍ତି । ସେମାନେ ରାକ୍ଷସମାନଙ୍କ ଉପରେ ବଡ଼ ଅତ୍ୟାଚାର କରୁଅଛନ୍ତି । ଲକ୍ଷ୍ମଣ ଶୂର୍ପଣଖାର ନାକ କାନ କାଟିଛି ଆଉ ରାମ ଜନସ୍ଥାନକୁ ରାକ୍ଷସଶୂନ୍ୟ କରିଛି । ଏ ଅପରାଧର ପ୍ରତିଶୋଧ ଆବଶ୍ୟକ । ରାମ ସଙ୍ଗରେ ତାହାର ସ୍ତ୍ରୀ ସୀତା ଅଛି, ମୁଁ ଯାଇ ତାକୁ ହରିଆଣିବି । କିନ୍ତୁ ରାମ ଜଣେ ବିଖ୍ୟାତ ବୀର । ସେ ଉପସ୍ଥିତ ଥିଲାବେଳେ ସୀତାକୁ ଆଣି ହେବ ନାହିଁ । କେଶରୀର ସମ୍ମୁଖରେ କେଶରିଣୀକୁ କିଏ ଧର୍ଷଣ କରିପାରିବ ? ସେଥିଲାଗି ତୁମର ସହାୟତା ଦରକାର । ତୁମେ କାମରୂପୀ ମାୟାରେ ସ୍ୱର୍ଣ୍ଣମୃଗ ରୂପ ଧରି ସୀତା ଆଗରେ ଯାଇ ଚରିବ । ସୀତା ଦେଖି ଲୋଭ କରି ତାକୁ ଧରିବା ପାଇଁ ରାମକୁ କହିବ । ରାମ ଧରିବାକୁ ଗଲେ ତୁମେ ଦୂରକୁ ପଳାଇବ, ଆଉ ରାମର ସ୍ୱରରେ ବଡ଼ପାଟିରେ ଡାକିବ—'ଲକ୍ଷ୍ମଣ ରକ୍ଷା କର ।' ତାହା ଶୁଣି ରାମକୁ ବିପଦ ପଡ଼ିଛି ବୋଲି ଭାବି ତାକୁ ଉଦ୍ଧାର କରିବା ପାଇଁ ଲକ୍ଷ୍ମଣ ଯିବ । ମୁଁ ଉହ୍ଲାଡ଼ରେ ଥିବି, ଏହି ସୁଯୋଗରେ ସୀତାକୁ ଏକାକିନୀ ପାଇ ମୁଁ ରଥରେ ବସାଇ ନେଇ ଆସିବି । ସ୍ତ୍ରୀ-ବିଚ୍ଛେଦରେ ରାମ ଝୁରି ଝୁରି ମରିବ, ଲକ୍ଷ୍ମଣ ଭ୍ରାତୃଶୋକରେ ଅଧୀର ହୋଇ ପ୍ରାଣତ୍ୟାଗ କରିବ । ତାହାହେଲେ ରାକ୍ଷସ-କୁଳର ଶତ୍ରୁ ସମୂଳରେ ବିନଷ୍ଟ ହେବ ।" ମାରୀଚ କହିଲା—"ଲଙ୍କେଶ୍ୱର, ତୁମ୍ଭପ୍ରତି କେଉଁ ଦୁଷ୍ଟଗ୍ରହର କଠୋର ଅଭିଶାପ ଅଛି । ତାହା ନ ହେଲେ ତୁମ୍ଭ ପରି ରାଜନୀତି-ବିଶାରଦ ରାଜାଙ୍କର ଏରୂପ ଦୁର୍ବୁଦ୍ଧି ହେବ କାହିଁକି ? ଅଥବା ତୁମ୍ଭେ କୌଣସି ଶତ୍ରୁଙ୍କର ଚକ୍ରାନ୍ତରେ ପଡ଼ିଅଛ । ବଳରେ ସେ ତୁମ୍ଭର ସମକକ୍ଷ ନ ହୋଇ ରାମଦ୍ୱାରା ତୁମ୍ଭକୁ ମରାଇବାକୁ ବସିଅଛି ।

ତୁମ୍ଭେ ରାମକୁ ଜାଣ ନାହିଁ ; କିନ୍ତୁ ମୁଁ ଜାଣେ ଜ୍ୱଳନ୍ତ ଉଲ୍‌କା ପରି କି ତେଜ ତାହାର ! ଉଃ, କହିବା ବେଳକୁ ରୋମ ଟାଙ୍କୁରି ଉଠୁଛି । ଯେପରି ଜଗଦ୍‌ଯୋଦ୍ଧାର ଉଗ୍ର ଯାତ୍ରାବେଳେ ତାକୁ ଅସ୍ତ୍ରସ୍ତ୍ର କରିଅଛି । ତାହା ଦେହରୁ ଯେଉଁ ଜ୍ୟୋତି ବାହାରେ, ସେଥିରେ ମୁହଁ ଜଣେ । ବଜ୍ରକୁ ନିବାରଣ କରିବାର ଉପାୟ ଅଛି; ମାତ୍ର ରାମ ବାଣରୁ ନିସ୍ତାର ପାଇବାର ଉପାୟ ନାହିଁ । ମୋର ମାତା ତାଡ଼କାକୁ ରାମ ବଧ କରିଛି, ମୁଁ ସେଥିର ପ୍ରତିଶୋଧ ନେବା ପାଇଁ ଦଣ୍ଡକାରଣ୍ୟକୁ ଯାଇଥିଲି; ମାତ୍ର ତାହାର ହାବୁଡ଼ା ବାଣରେ ଦରମରା ହୋଇ ଆସି ସମୁଦ୍ର କୂଳରେ ପଡ଼ିଲି । ସେହି ଦିନୁ ମୁଁ ତାହା ଭୟରେ ତପସ୍ୱୀ ବେଶ ଧରି ଅସ୍ତ୍ରଗୋପନ କରିଅଛି । ରାତିରେ ଶୋଇଥିବାବେଳେ ତାକୁ ସ୍ୱପ୍ନ ଦେଖିଲେ ମୁଁ ଚମକି ପଡ଼ି ଉଠି ବସେ; ଭୟରେ ଆଉ ନିଦ ହୁଏ ନାହିଁ । ରାମ ମହାବୀର ମନୁଷ୍ୟମଣି, ଆଉ ସୀତା ମହାସତୀ । ସତୀତ୍ୱର ଜ୍ୱଳନ୍ତ ତେଜରେ ଦୁର୍ବାର ଦାହଶକ୍ତି ମିଶିଅଛି । ତୁମ୍ଭେ ସେହି ମହାଶକ୍ତିକୁ ଲଙ୍ଘିପାରିବ ନାହିଁ । ପୁଣି ପର ସ୍ତ୍ରୀ ସ୍ପର୍ଶ କରିବା ମହାପାପ ! ସେହି ପାପରେ ତୁମ୍ଭେ ଅଧୋଗତି ପ୍ରାପ୍ତ ହୁଅ ନାହିଁ । ତୁମ୍ଭେ ଯେଉଁ ଦୋଷରେ ପ୍ରଜାଙ୍କୁ ଦଣ୍ଡିବ, ନିଜେ ରାଜା ହୋଇ ସେହି ଦୋଷରେ ଲିପ୍ତ ହେଲେ ରାଜଲକ୍ଷ୍ମୀ ତୁମ୍ଭ ଦ୍ୱାରରୁ ଓହ୍ଲାଇଯିବେ । ଅତଏବ ହେ ରାବଣ, ତୁମ୍ଭେ ସେ ପାପସଙ୍କଳ୍ପରୁ ନିବୃତ୍ତ ହୁଅ ।”

ଦୁର୍ନୀତିପରାୟଣ ଲୋକକୁ ହିତବାକ୍ୟ ସ୍ୱଭାବତଃ ରୁଚେ ନାହିଁ, ସୁତରାଂ ମାରୀଚର ସୁପରାମର୍ଶ ରାବଣକୁ ପିତା ଲାଗିଲା । ସେ କ୍ରୋଧରକ୍ତ ନେତ୍ରରେ ମାରୀଚ ପ୍ରତି ସଦର୍ପ ଦୃଷ୍ଟି ନିକ୍ଷେପ କରି କର୍କଶ ସ୍ୱରରେ କହିଲା—“ରେ ମାନବଭୀତ, ପ୍ରାଣରଙ୍କ, ରାକ୍ଷସାଧମ, ତୋର ଏଡ଼େ ଧୃଷ୍ଟତା ଯେ, ତୁ ମୋ ଆଜ୍ଞା ଅବଜ୍ଞା କରୁଛୁ ? ତୋପରି ଭୀରୁ ପ୍ରତାପୀ ରାକ୍ଷସକୁଳର କଳଙ୍କ । ତୋହରି ରକ୍ତରେ ଆଜି ସେ କଳଙ୍କ ଧୌତ କରିବି । ରାକ୍ଷସ ହୋଇ ନର ମନୁଷ୍ୟର ବଡ଼ାଇ ଗାଇବାକୁ କି ତୋତେ ଲାଜ ମାଡୁ ନାହିଁ ? ଧିକ୍‌ରେ ଭୀରୁ ପ୍ରାଣସର୍ବସ୍ୱ, ଶତ ଧିକ୍ ତୋତେ ! ଜାଣିଥା ମୂଢ଼, ଯେବେ ମୋର ଆଜ୍ଞା ଲଙ୍ଘନ କରିବୁ, ତେବେ ଏହି ମୁହୂର୍ତ୍ତରେ ତୋର ମସ୍ତକ ଦେହଚ୍ୟୁତ ହୋଇ ଧୂଳିରେ ବିଲୁଣ୍ଠିତ ହେବ । ମୁଁ କି ପିଲା ହୁଏଁ ଯେ, ମୋତେ ଭୟ ଦେଖାଇ ସଙ୍କଳ୍ପଚ୍ୟୁତ କରିପାରିବୁ ? ମୁଁ ପ୍ରବୀଣ ପୁରାତନ ଜଗଜ୍ଜୟୀ ମହାବୀର, କାଲିକାର ଶିଶୁ ରାମ ମୋର କଅଣ କରିପାରିବ ? ମୋର ଗୋଟାଏ ହାଇରେ ସେ ଉଡ଼ିଯାଇ ପୃଥିବୀର ଆର ପାଖରେ ପଡ଼ିବ ।” ମାରୀଚ ରାବଣର କ୍ରୋଧ ଦେଖି ମନେ ମନେ କହିଲା—“ଜଳରେ କୁମ୍ଭୀର, ସ୍ଥଳରେ ବାଘ ଉଭୟ ଆଡ଼େ ମୋର ସଙ୍କଟ । ରାବଣର କଥା ଅନୁସାରେ କାର୍ଯ୍ୟ କଲେ ରାମଚନ୍ଦ୍ରଙ୍କ ହାତରେ ମୃତ୍ୟୁ ଘଟିବ, ପୁଣି ରାଜାଜ୍ଞା ନ ପାଳିଲେ ରାବଣ ହାତରେ ନିଶ୍ଚୟ ପ୍ରାଣ ଯିବ । ତେବେ ରାମଚନ୍ଦ୍ରଙ୍କ ହାତରେ ମଲେ ମୁକ୍ତି ପାଇବି ; ମାତ୍ର ରାବଣର ପାପ-ହସ୍ତରେ ମରି ନରକକୁ ଯିବି କାହିଁକି ?” ଅନନ୍ତର ପ୍ରକାଶ୍ୟରେ କହିଲା—“ରାବଣ, ମୁମୂର୍ଷୁ ରୋଗୀ ଅମୃତ ଔଷଧକୁ ପରିତ୍ୟାଗ କରେ । ପୁଣି ବିନାଶ କାଳରେ ଲୋକର ବିପରୀତ ବୁଦ୍ଧି ହୁଏ । ତୋ ବୁଦ୍ଧିରେ ମୁଁ ଆଗେ ମରିବି; କିନ୍ତୁ ଏକାକୀ ମରିବି; ମାତ୍ର ତୁ ନିଜ ବୁଦ୍ଧି ଦୋଷରେ ପଛରେ ସବଂଶ ମରିବୁ । ତୋହରି ହେତୁ ବିରାଟ ବିପୁଳ ରାକ୍ଷସସୃଷ୍ଟି ପୃଥିବୀରୁ ଲୋପ ପାଇବ । ଚାଲ୍, ଏବେ ପଞ୍ଚବଟୀ ବନକୁ ଯାଇ ତୋର ମୃତ୍ୟୁପଥ ସୁଗମ୍ୟ କରିଦେବି ।” ରାବଣ ଏହା ଶୁଣି ଆନନ୍ଦିତ ହୋଇ ମାରୀଚକୁ ଧନ୍ୟବାଦ ଦେଇ ତାହାର ପିଠି ଆଉଁସିବାକୁ ଲାଗିଲା । ରାବଣର ଏ ଆକୁଳ କଥାରେ ମାରୀଚ ଏଡ଼େ ଦୁଃଖରେ ସୁଦ୍ଧା ନ ହସି ରହିପାରିଲା ନାହିଁ । ତହୁଁ ରାବଣ ମାରୀଚକୁ ସମାଦରରେ ରଥରେ ବସାଇ ନିଜେ ରଥ ଚଳାଇ ପଞ୍ଚବଟୀ ଅଭିମୁଖରେ ଚାଲିଲା ଯାତ୍ରା କଲା ।

## ତ୍ରୟୋଦଶ ପରିଚ୍ଛେଦ

ରାବଣର ଆକାଶଗାମୀ କାମଗତି ପୁଷ୍ପକ ରଥ ସମୁଦ୍ର ପାରହୋଇ ପଞ୍ଚବଟୀ ବନରେ ଆସି ଅବତରଣ କଲା । ଆଜିକାଲିର ଏରୋପ୍ଲେନ ପରି ପୂର୍ବକାଳରେ

ସୁଦ୍ଧା ଆକାଶଯାନ ଥିଲା । ସମ୍ପ୍ରତି ଯେଉଁ ବିଜ୍ଞାନ-ବିଦ୍ୟା ପାଶ୍ଚାତ୍ୟଖଣ୍ଡକୁ ଅସୀମ ଶକ୍ତି ଦାନ କରିଅଛି, ସେ ଅସାଧ୍ୟ ସାଧନକାରୀ ମହାବିଦ୍ୟା ଆଧୁନିକ ନୁହେଁ, ବହୁ ସହସ୍ର ବର୍ଷ ପୂର୍ବରୁ ଏ ଦେଶବାସୀମାନେ ତାହା ଜାଣିଥିଲେ ଓ ସେଥିରେ ଅଦ୍ଭୁତ ପଟୁତା ପ୍ରଦର୍ଶନ କରିଥିଲେ । ଭାରତୀୟ ପୁରାଣ-ଇତିହାସରେ ତହିଁର ଯଥେଷ୍ଟ ପ୍ରମାଣ ମିଳେ । ରାବଣ ରଥ ସହିତ ମାୟା ପ୍ରଭାବରେ ଅଦୃଶ୍ୟ ହୋଇ ରହିଲା, ମାରୀଚ ମୃଗ ରୂପ ଧରି ରାମଚନ୍ଦ୍ରଙ୍କ କୁଟୀର ଆଡ଼କୁ ଗଲା । ସେହି ମାୟା-ମୃଗର ଦେହ ଶୁଦ୍ଧ ସୁବର୍ଣ୍ଣ ପରି ଉଜ୍ଜ୍ୱଳ ପୀତବର୍ଣ୍ଣ । ତାହା ଉପରେ ସ୍ଥରକର ଟିପଚିହ୍ନମଣ୍ଡିତ ଅତି ସୁନ୍ଦର ଦିଶୁଅଛି । ଶୃଙ୍ଗ ଇନ୍ଦ୍ରନୀଳମଣିସ୍ୱରୂପ, ଜିହ୍ୱା ପଦ୍ମରାଗ ସଦୃଶ ଓ ପୁଚ୍ଛ ଇନ୍ଦ୍ରଧନୁ ବର୍ଣ୍ଣର ଚାମର ତୁଲ୍ୟ । ସେହି ସ୍ୱର୍ଣ୍ଣମୃଗର ନେତ୍ର ସ୍ୱଚ୍ଛ ବୈଦୁର୍ଯ୍ୟମଣିରେ ଓ ଓଷ୍ଠାଧର ମୁକ୍ତା ପ୍ରବାଳରେ ଗଢ଼ା ହେଲା ପରି ଦିଶୁଛି । ସେହି ଅତୀବ ସୁନ୍ଦର ମୃଗ ରାମଚନ୍ଦ୍ରଙ୍କ କୁଟୀର ସମ୍ମୁଖରେ ବନ ଆଲୋକିତ କରି ଚରିବାକୁ ଲାଗିଲା । ସୀତା ତାହାର ରୂପ ଦେଖି ମୁଗ୍ଧ ଓ ପ୍ରଲୁବ୍ଧ ହୋଇ ରାମଚନ୍ଦ୍ରଙ୍କୁ କହିଲେ— 'ନାଥ, ଏହି ଅପୂର୍ବ ଦର୍ଶନ ମୃଗଟି ଅତି ସୁନ୍ଦର ଦିଶୁଅଛି । ଏହା ଉପରେ ମୋର ଭାରି ଶରଧା ବଳୁଛି, ଦୟା କରି ଧରି ଆଣି ଦେଲେ ମୁଁ ତାକୁ କୁଟୀରରେ ରଖି ପୋଷିବି । ଅରଣ୍ୟରେ ସେ ଆମ୍ଭମାନଙ୍କର କ୍ରୀଡ଼ାସଙ୍ଗୀ ହେବ । ଯେବେ ଧରା ନ ଦିଏ, ତେବେ ତାକୁ ମାରି ଛାଲଖଣ୍ଡି ଆଣିଲେ ତାହାକୁ ଆସନ କରି ତୁମ୍ଭ ସଙ୍ଗରେ ମୁଁ ବସିବି ।" ପ୍ରାଣପ୍ରିୟା ସୀତାଙ୍କର ଏ ଅନୁରୋଧ ଶୁଣି ରାମଚନ୍ଦ୍ର ଧନୁ ଶର ଘେନି ମୃଗ ଧରିବାକୁ ବାହାରିଲେ । ଲକ୍ଷ୍ମଣ କହିଲେ, "ଏ ନିଶ୍ଚୟ ମାୟାମୃଗ । ଏଭଳି ଅଦ୍ଭୁତ ହରିଣ ଦେଖିବା ଦୂରେ ଥାଉ, କେବେ କେଉଁଠି ଶୁଣାଯାଇ ନାହିଁ । ଏ ନିଶ୍ଚୟ କାମରୂପୀ ରାକ୍ଷସ ; ରୂପଛଟାରେ ଭୁଲାଇ ଘୋର ବନ ଭିତରକୁ ଘେନିଯାଇ ନିରାପଦରେ ମାରି ଖାଇବ ।" ସୀତା ଏହା ଶୁଣି ଭୟରେ ଥରି ଉଠିଲେ ଓ ଦେବରଙ୍କ କଥା ବିଶ୍ୱାସ ନ କରି ସ୍ୱାମୀଙ୍କୁ ମୃଗ ଧରିଯିବାକୁ ନିଷେଧ କଲେ ; ମାତ୍ର ରାମଚନ୍ଦ୍ର କାହାରି ମନା ମାନିଲେ ନାହିଁ । ସେ କହିଲେ— "ମୃଗ ହେଉ ବା ରାକ୍ଷସ ହେଉ, ନିଶ୍ଚୟ ଏ ମୋ ବାଣରେ ପ୍ରାଣ ହରାଇବ ।" ଏହା କହି ମାୟା ମୃଗ ପଛରେ ଗୋଡ଼ାଇବାକୁ ଲାଗିଲେ । ଲକ୍ଷ୍ମଣ ସୀତାଙ୍କୁ ରକ୍ଷା କରିବା ପାଇଁ କୁଟୀର ଦ୍ୱାରରେ ଜଗି ରହିଲେ ।

ମୃଗ ନାନା ଭଙ୍ଗୀରେ ବନ ମଧ୍ୟରେ ଇତସ୍ତତଃ ଧାବିତ ହେବାକୁ ଲାଗିଲା । କ୍ଷଣକେ ଅଦୃଶ୍ୟ ପୁଣି କ୍ଷଣକେ ଦୃଶ୍ୟ ହୋଇ ବହୁଦୂର ଯାଏ ରାମଚନ୍ଦ୍ରଙ୍କୁ ଘେନିଗଲା । କେତେବେଳେ ଲମ୍ଫଦ୍ୱାରା ଅରଣ୍ୟ ପ୍ରାଚୀର ଉଲ୍ଲଙ୍ଘନ କରି ଆଗକୁ ଧାଇଁଲା । କେବେ ବା କାଳ କରଳ ନେତ୍ରରେ ଏଣେ ତେଣେ ଚାହିଁ ଚଞ୍ଚ-ଳ ଶିଆଳୀ କାଣ୍ଟି ପଛକୁ ଛୁଟି ଆସିଲା—ଏହିପରି ନାନା ଢଙ୍ଗରେ ବନ ମଧ୍ୟରେ ପ୍ରଧାବିତ ହେବାକୁ ଲାଗିଲା । ରାମଚନ୍ଦ୍ର ତାକୁ ଧରିବା ଆଶା ଛାଡ଼ି ମାରିବା ପାଇଁ ବାଣ ପ୍ରୟୋଗ କଲେ । ସେହି ଅମୋଘ ଅସ୍ତ୍ର ମୃଗ ଉପରେ ପଡ଼ିଲାକ୍ଷଣି ସେ ମାୟା ରୂପ ଛାଡ଼ି ନିଜର ବିକଟ ରାକ୍ଷସ ରୂପ ଧାରଣ କଲା ଓ ଉଚ୍ଚ ଆର୍ତ୍ତସ୍ୱରରେ 'ଲକ୍ଷ୍ମଣ ରକ୍ଷା କର' ବୋଲି କହି ପ୍ରାଣତ୍ୟାଗ କଲା । ରାମଚନ୍ଦ୍ର ଏ ବିଷମ ବ୍ୟାପାର ଦେଖି ସ୍ତମ୍ଭୀଭୂତ ହୋଇ ରହିଲେ । ସେ ମନେ ମନେ କହିଲେ— "ଲକ୍ଷ୍ମଣର କଥା ଯଥାର୍ଥ ! ଉଃ, ମାୟାବୀ ରାକ୍ଷସଙ୍କର ମାୟା ଭେଦ କରିବା ସାରସ୍ୱତ ନେତ୍ରର ଅସାଧ୍ୟ ।" ରାମଚନ୍ଦ୍ର ନିଜ ସ୍ୱର ପରି ମାରୀଚକୁ କାତର ସ୍ୱରରେ ଡାକିବାର ଶୁଣି ମନ ମଧ୍ୟରେ ନାନା ପ୍ରକାର ଆଶଙ୍କା ପୋଷଣ କରିବାକୁ ଲାଗିଲେ ।

ଏଣେ ସୀତା ମାରୀଚର ସେହି ସ୍ୱରକୁ ରାମଚନ୍ଦ୍ରଙ୍କ ଆର୍ତ୍ତସ୍ୱର ମଣି ଦାରୁଣ ଉତ୍କଣ୍ଠାରେ ଅସ୍ଥିର ହୋଇ-ଉଠିଲେ । ସେ ତ୍ରାସକମ୍ପିତ କଣ୍ଠରେ ଲକ୍ଷ୍ମଣଙ୍କୁ କହିଲେ— "ଲକ୍ଷ୍ମଣ, ତୁମ୍ଭ ଭାଇ ବ୍ୟାକୁଳ ସ୍ୱରରେ ଡାକୁଅଛନ୍ତି, ତୁମ୍ଭେ ଶୀଘ୍ର ଯାଇ ତାଙ୍କୁ ବିପଦରୁ ଉଦ୍ଧାର କର ।" ଲକ୍ଷ୍ମଣ କର ଯୋଡ଼ି କହିଲେ— "ଦେବି, ସେ ଶବ୍ଦ ରାମଚନ୍ଦ୍ରଙ୍କର ନୁହେଁ—ପ୍ରାଣ ଗଲେ ବି ତାଙ୍କ ତୁଣ୍ଡରୁ ଭୀରୁତାବ୍ୟଞ୍ଜକ କାତର ଶବ୍ଦ ବାହାରିବ ନାହିଁ । ଏ ନିଶ୍ଚୟ ସେହି ସ୍ୱର୍ଣ୍ଣମୃଗରୂପୀ

ରାକ୍ଷସର ମାୟା । ତୁମ୍ଭେ ଭୟ କର ନାହିଁ । ଏ ସଂସାର ରାମଚନ୍ଦ୍ରଙ୍କ ବିପକ୍ଷରେ ଠିଆହେଲେ ସୁଦ୍ଧା ତାଙ୍କ କାଣୀ ଅଙ୍ଗୁଠି ବଙ୍କା କରିପାରିବେ ନାହିଁ । ତୁମ୍ଭର ଚିନ୍ତା ବା ଉଦ୍‌ବେଗର କୌଣସି କାରଣ ନାହିଁ । ରାମଚନ୍ଦ୍ର ଦୁଷ୍ଟ ରାକ୍ଷସକୁ ସଂହାର କରି ନିରାପଦରେ ଏହିକ୍ଷଣି ଫେରିଆସିବେ । ତୁମ୍ଭକୁ ଏ ସଙ୍କଟ ସ୍ଥାନରେ ଏକୁଟିଆ ରଖି ମୁଁ ଯାଇପାରିବି ନାହିଁ ।" ସତୀ ସୀତା ପତିଙ୍କର ଅମଙ୍ଗଳ ଆଶଙ୍କାରେ ବିହ୍ୱଳ ହୋଇ ଆତ୍ମଜ୍ଞାନ ହରାଇବସିଲେ । ସେ ଲକ୍ଷ୍ମଣଙ୍କ କଥାରେ ରାଗିଯାଇ କଠୋର ସ୍ୱରରେ କହିଲେ—"ଲକ୍ଷ୍ମଣ, ବୋଧହୁଏ ତୁମ୍ଭର କିଛି କୁଅଭିପ୍ରାୟ ଅଛି । ସେହି ହେତୁ ଅଗ୍ରଜଙ୍କର କାତର ଡାକ ସ୍ୱକର୍ଣ୍ଣରେ ଶୁଣି ସୁଦ୍ଧା ବିପଦବେଳେ ତାଙ୍କୁ ସାହାଯ୍ୟ କରିବାକୁ ଯାଉ ନାହଁ ; କିନ୍ତୁ ଜାଣିଥାଅ—ମୋର ସ୍ୱାମୀଙ୍କର କୌଣସି ଅମଙ୍ଗଳ ଘଟିଲେ ମୁଁ ନିଶ୍ଚୟ ଆତ୍ମହତ୍ୟା କରିବି ।" ସୀତାଙ୍କର ଏଭଳି କଟୂକ୍ତି ଶୁଣି ଲକ୍ଷ୍ମଣ ଜିହ୍ୱା ଦଂଶନ କରି କାନରେ ହାତ ଦେଇ କହିଲେ, "ବୈଦେହି, ତୁମ୍ଭେ ମୋର ମାତୃତୁଲ୍ୟା, ଏରୂପ କଟୁ କଥା କହି ଅକାରଣରେ ମୋ ମନରେ କ୍ଷୋଭଣ ଆଘାତ କରିବା ତୁମ୍ଭର ଉଚିତ ନୁହେଁ । ବୀରକନ୍ୟା, ବୀରପତ୍ନୀ ହୋଇ ଏଭଳି ଅଧୈର୍ଯ୍ୟ ହେବା ତୁମ୍ଭ ପକ୍ଷରେ ଶୋଭନୀୟ ନୁହେଁ । ଯାହାହେଉ, ଧର୍ମକୁ ସାକ୍ଷୀ ରଖି ମୁଁ ଏବେ ଯାଉଛି, ମୋର କିଛି ତ୍ରୁଟି ବା ଅପରାଧ ନାହିଁ ।" ଲକ୍ଷ୍ମଣ ଆଉ ଅଧିକ ବାକ୍ୟ ବ୍ୟୟ ନ କରି ସୀତାଙ୍କ ପାଦତଳେ ଦଣ୍ଡବତପୂର୍ବକ ଧନୁର୍ବାଣ ଧରି ରାମଚନ୍ଦ୍ରଙ୍କୁ ଖୋଜିବାକୁ ଗଲେ । ତାଙ୍କ ଅନୁପସ୍ଥିତିରେ ସୀତାଙ୍କୁ ନିରାପଦରେ ରକ୍ଷା କରିବା ସକାଶେ ବନଦେବତାଙ୍କୁ ସେ କାତର ସହିତ ବାରମ୍ବାର ପ୍ରାର୍ଥନା କରି ଗଲେ ।

ଦୁରାତ୍ମା ରାବଣର ଉଦ୍ଦେଶ୍ୟ ପଥ ଏବେ ମୁକ୍ତ ଓ ନିରାପଦ ହୋଇଗଲା । ସେ ସୀତାଙ୍କୁ ଏକାକିନୀ ଦେଖି ହୃଷ୍ଟ ହୋଇ ଯୋଗୀ ବେଶରେ ରାମଚନ୍ଦ୍ରଙ୍କ କୁଟୀର ଦ୍ୱାରରେ ଆସି ଉପସ୍ଥିତ ହେଲା । ତାହାର ବସ୍ତ୍ର ପରିଚ୍ଛଦ ଗୈରିକବର୍ଣ୍ଣରେ ରଞ୍ଜିତ, କଣ୍ଠରେ ରୁଦ୍ରାକ୍ଷମାଳା ଲମ୍ବିତ । ଛଦ୍ମବେଶୀ ଯୋଗୀ କାଖରେ ବେଦସ୍ତ ଯାକ ହାତରେ ଲାଉଥାଳ ଧରିଅଛି । ସୀତା ଅତିଥିଜ୍ଞାନରେ ତାହାର ଉପଯୁକ୍ତ ସତ୍କାର କରି ବସିବା ପାଇଁ ମୃଗଛାଲଖଣ୍ଡିଏ ବିଛାଇଦେଲେ । ଯୋଗୀ ସେଥିରେ ବସି ସୀତାଙ୍କୁ ଚାହିଁ କହିଲା—"ସୁନ୍ଦରୀ, ତୁମ୍ଭେ ଦେବୀ କି ମାନବୀ, ପ୍ରଥମଦୃଷ୍ଟିରେ ମୋର ସନ୍ଦେହ ହୋଇଥିଲା; ମାତ୍ର ଛାୟା ଓ ନେତ୍ରର ଉନ୍ମେଷ ଦେଖି ସେ ସନ୍ଦେହ ଦୂର ହେଲା । ଏବେ ବୁଝିଲି, ତୁମ୍ଭେ ମାନବୀ; କିନ୍ତୁ ସୁନ୍ଦରୀ-ସୃଷ୍ଟିରେ ଚକ୍ରବର୍ତ୍ତିନୀ । ଏ ବନଭୂମି ଭୟଙ୍କର ରାକ୍ଷସମାନଙ୍କର ବିହାର ଉଦ୍ୟାନ । ଦେବତାମାନେ ସୁଦ୍ଧା ଭୟରେ ଏଠାକୁ ଆସିବାକୁ ସାହସ କରନ୍ତି ନାହିଁ । ତୁମ୍ଭେ ସୁନ୍ଦରୀ-ଶିରୋଭୂଷା ହୋଇ ଏକାକିନୀ ଏ ବିଜନ ଅରଣ୍ୟରେ ବାସ କରୁଅଛ କିପରି ? ତୁମ୍ଭେ କିଏ ଓ କାହିଁକି ବନବାସିନୀ ହୋଇଅଛ, ତାହା ଶୁଣିବାକୁ ମୋର ବିଶେଷ କୌତୂହଳ ଜନ୍ମିଅଛି । ହେ ବରାନନେ, ନିଜର ପ୍ରକୃତ ପରିଚୟ ଦେଇ ମୋର ଉତ୍କଣ୍ଠା ଦୂରକର ।" ସୀତା ନିର୍ବିକାର ଚିତ୍ତରେ ସ୍ୱାମୀ, ଦେବର ଓ ନିଜର ପରିଚୟ ଦେଇ ଏବଂ ବନବାସର ସତ୍ୟ କାରଣ ବ୍ୟକ୍ତ କରି ଯୋଗୀକୁ ତାହାର ପରିଚୟ ପଚାରିଲେ । ରାବଣ ମୃଦୁ ହସି କହିଲା—"ମୋର ରାଜଧାନୀ ସ୍ୱର୍ଣ୍ଣଲଙ୍କାପୁରୀ ନୀଳ ସମୁଦ୍ର ବକ୍ଷରେ କୌସ୍ତୁଭ ସଦୃଶ ପ୍ରାୟ ଏବଂ ଭାରତମାତା ପାଦତଳେ ସେବିକା ପ୍ରାୟ ବିରାଜିତ । ସେଠାରେ ମୃତ୍ତିକା ନାହିଁ, ଭୂମି ସ୍ୱର୍ଣ୍ଣମୟ । ମୋର ବିଭବ ଅତୁଳ, ଐଶ୍ୱର୍ଯ୍ୟର ମଧ୍ୟ ସୀମା ନାହିଁ । ମୋ ରାଜ୍ୟରେ ଗୋଟିଏ ପଥର ନାହିଁ, ସର୍ବତ୍ର ମଣି-ମାଣିକ୍ୟ ବିଛୁଡ଼ି ହୋଇ ପଡ଼ିରହିଅଛି । ମୁଁ ତପସ୍ୟାରେ ଅମର ବର ଲାଭ କରିଅଛି । ବାହୁବଳରେ ମୁଁ ତ୍ରିଭୁବନ ଜୟ କରିଅଛି । ମୋର ପ୍ରତାପ କିପରି ବର୍ଣ୍ଣନା କରିବି, ଦେବତାମାନେ ମୋର ଖଟଣୀ ସେବାରେ ସର୍ବଦା ଖଟିଥାନ୍ତି । ମୋର ଦଶମୁଣ୍ଡ, କୋଡ଼ିଏ ହାତ । ମୁଁ ଜାତିରେ ରାକ୍ଷସ—ମୋର ନାମ ରାବଣ ।" ସୀତା ସବୁ ଶୁଣିସାରି କହିଲେ—"ତୁମ୍ଭେ ରାଜା ହୋଇ ଛଦ୍ମ ଯୋଗୀ ବେଶ ଧରିଛ କାହିଁକି ?"

ରାବଣ ହସି ହସି କହିଲା—"ତୁମ୍ଭର ଲାଗି ସୀତେ, ତୁମ୍ଭର ଲାଗି । ମୋର ଏ ଛଦ୍ମବେଶ ସାର୍ଥକ ହେବ କି ? ତୁମ୍ଭେ ବ୍ରହ୍ମାଣ୍ଡର ଏକମାତ୍ର ସୁନ୍ଦରୀ ! ମୁଁ ବ୍ରହ୍ମାଣ୍ଡର ଏକମାତ୍ର ଅଧିପତି; ସୁତରାଂ ତୁମ୍ଭର ଉପଯୁକ୍ତ ସ୍ୱାମୀ । ମୁଁ ତୁମ୍ଭକୁ ନେବାକୁ ଆସିଅଛି । ଚାଲ ମୋର ରାଣୀମାନଙ୍କ ମଧ୍ୟରେ ତୁମ୍ଭେ ପାଟରାଣୀ ହେବ ।" ସୀତା ତାକୁ ଆଉ ଅଧିକ କହିବାକୁ ଅବସର ନ ଦେଇ କ୍ରୋଧ-କର୍କଶ ସ୍ୱରରେ କହିଲେ—"ପାପିଷ୍ଠ, ଛଦ୍ମପଣ୍ଡୁ ତୋର ପାପ-ଜଲ୍ପ ! ତୁ ପଶୁ ସିଂହ ମୁଖରେ ହାତ ପୂରାଇ ତାହାର ଦାନ୍ତ ଉପାଡିବାକୁ ସାହସ କରୁଅଛୁ ? ତୋର ସେହି ଦୁଃସାହସ ଯମ ରୂପ ଧରି ତୋତେ ଗ୍ରାସ କରିବ । ମୋର ତେଜସ୍ୱୀ ସ୍ୱାମୀ ଏଇକ୍ଷଣି ଆସି ତୋତେ ଉଚିତ ପୁରସ୍କାର ଦେବେ ।" ରାବଣ ତାଚ୍ଛଲ୍ୟ ପ୍ରକାଶ କରି କହିଲା—"ଇସ୍ ସୋରିଷ ଖୋଳ ଲୁଚାଇ ପାର ! ମୁଁ ଜଣେ ଅତି ପ୍ରାଚୀନ ପରିପକ୍ୱ ଜ୍ଞାନୀ ସିଦ୍ଧାଧିପତି, ଆଉ ତୁମ୍ଭ ସ୍ୱାମୀ ରାମ ବାଳକ ମାତ୍ର—ସେ ନୂତନ ଓ ସ୍ଥାନବାସୀ, ସୁତରାଂ ମୋର କଥଣ କରିପାରିବ ?" ସୀତା କହିଲେ—"ନୂତନ ଯେ ପୁରାତନକୁ ଡାକିବା ପାଇଁ ଆସେ, ଏହା କି ତୁ ଜାଣୁ ନା ମୂଢ଼ ? ଆଉ ପରିପକ୍ୱ ବୋଲି ପୁଣି ଗର୍ବ କରୁଛୁ ? ଝଡ଼ବାଧ୍ୟାନ ପାଚିଲାକ୍ଷଣି ଝଡ଼ିପଡ଼େ, ତୋର ଦଶମୁଣ୍ଡ । ସେହିପରି ଝଡ଼ିପଡ଼ିବ । ତୋର ଯେବେ ଏତେ ସାମର୍ଥ୍ୟ, ତେବେ ଚୋର ପରି ଲୁଚି ପରସ୍ତ୍ରୀ ହରିନେବାକୁ ଆସିଲୁ କାହିଁକି ? ଧିକ୍ ନିର୍ଲଜ୍ଜ, ଆଜି ତୋର ପରମାୟୁ ଶେଷ ହେବ । ରାମଚନ୍ଦ୍ରଙ୍କ ଅବ୍ୟର୍ଥ ବାଣରେ ତୋର ଅମର ବର ବ୍ୟର୍ଥ ହେବ, ଆଉ ଦଣ୍ଡେମାତ୍ର ରହ, ଚିରସ୍ୱପ୍ନ ତୋର ପାଞ୍ଚି ପୋଛିଦେବ ।" ଏ କଥା ଶୁଣି ରାବଣ ମନରେ ଛନକା ପଶିଲା । କାଳେ ରାମଚନ୍ଦ୍ର, ଲକ୍ଷ୍ମଣ ଆସି ପହଞ୍ଚିଯିବେ, ଏହି ଭୟରେ ସେ ଆଉ ବିଳମ୍ବ ସହିପାରିଲା ନାହିଁ ; ଶୀଘ୍ର ନିଜ ରୂପ ଧରି ସୀତାଙ୍କୁ ନେଇ ରଥରେ ବସାଇ ପ୍ରସ୍ଥାନ କଲା । ସୀତା ରାକ୍ଷସର ବରାଟ ବିକଟ ମୂର୍ତ୍ତି ଦେଖି ଭୟରେ ମୂର୍ଚ୍ଛିତ ହେଲେ । କେତେକ କ୍ଷଣ ପରେ ଚେତନା ପାଇ ଭୀତ ତ୍ରସ୍ତ ହୋଇ କାନ୍ଦିବାକୁ ଲାଗିଲେ । ଉଚ୍ଚକଣ୍ଠରେ ସ୍ୱାମୀ ଦେବରଙ୍କୁ ବାରମ୍ବାର ଡାକିଲେ; ମାତ୍ର କାହାରି ସାଡ଼ା ଶବ୍ଦ ମିଳିଲା ନାହିଁ । କେବଳ ତାଙ୍କ ସ୍ୱରର ପ୍ରତିଧ୍ୱନି ତାଙ୍କ ପାଖକୁ ଫେରିଆସିଲା । ସେ ଲକ୍ଷ୍ମଣଙ୍କୁ ତିରସ୍କାର କରି ବନକୁ ପଠାଇଥିଲେ, ସେଥି ଅନ୍ତଃକରଣ ତାଙ୍କୁ ଧିକ୍କାର କରିବାକୁ ଲାଗିଲା । ରାବଣର ରଥ ଦକ୍ଷିଣଦିଗ ଅଭିମୁଖରେ ଧାବିତ ହେଲା । ଗନ୍ତପଥରେ ସୀତା ବୃକ୍ଷଲତା, ପଶୁପକ୍ଷୀ, ପର୍ବତ ନଦୀ ଯାହାକୁ ଦେଖିଲେ, ରାମଚନ୍ଦ୍ରଙ୍କୁ ତାଙ୍କ ସମ୍ବାଦ ଦେବା ସକାଶେ ସମସ୍ତଙ୍କୁ ବିନୟରେ କାନ୍ଦଣା ଗଦ୍‌ଗଦ କଣ୍ଠରେ ଅନୁରୋଧ କରିବାକୁ ଲାଗିଲେ । ତାଙ୍କ ଦୁଃଖରେ ବନସ୍ଥଳୀ ଥରିଉଠିଲା; ପଶୁପକ୍ଷୀ , ତରୁଲତାଏ ନୀରବ ନିଶ୍ଚଳ କାନ୍ଦଣା ସହ ଝୁରିହେବାକୁ ଲାଗିଲେ । ମୃଗମାନେ ଅଶ୍ରୁପୂର୍ଣ୍ଣ ନୟନରେ ଦକ୍ଷିଣ ଆଡ଼କୁ ଗ୍ରୀବା ଟେକି ଚାହିଁ ରହିଲେ । ଗୋଦାବରୀ ନଦୀ ତରଙ୍ଗ ନାଦରେ କାନ୍ଦିଉଠିଲା । ସୀତାଙ୍କ ବିଳାପ ଶବ୍ଦ ଶୁଣି ଜଟାୟୁ ପକ୍ଷୀ ଆସି ରାବଣକୁ ବାଟ ଓଗାଳି ଘୋର ଯୁଦ୍ଧ କଲା । ତାହାର ଚଞ୍ଚୁ, ନଖ ଓ ପକ୍ଷାଘାତରେ ରାବଣର ରଥ ଖଣ୍ଡ ଖଣ୍ଡ ହୋଇଗଲା ଏବଂ ରାବଣର ଶରୀର କ୍ଷତବିକ୍ଷତ ହୋଇ ରକ୍ତଧାରା ବହିବାକୁ ଲାଗିଲା । ରାବଣ କ୍ରୁଦ୍ଧ ହୋଇ ଖଡ୍ଗାଘାତରେ ଜଟାୟୁର ପକ୍ଷଦ୍ୱୟ ଛେଦନ କଲା । ସେହି ଆଘାତରେ ଜଟାୟୁ ଭୂପତିତ ହୁଅନ୍ତେ ରାବଣ ଶୀଘ୍ର ରଥ ଚଳାଇବାକୁ ଲାଗିଲା । ବାଟରେ ଯାଉଁ ଯାଉଁ ରାବଣ ନାନାପ୍ରକାର ଚାଟୁବାକ୍ୟଦ୍ୱାରା ସୀତାଙ୍କୁ ପ୍ରସନ୍ନ କରିବାକୁ ଚେଷ୍ଟା କଲା; ମାତ୍ର ବୃଥା ଚେଷ୍ଟା । ରାବଣ ଯେତିକି ଚାଟୁବାକ୍ୟ କହୁଥିଲା, ସୀତା ତାକୁ ସେତିକି ତୀବ୍ର ତିରସ୍କାରରେ ବିଦ୍ଧ କରୁଥିଲେ । ରଥ ଆକାଶରେ ଯାଉଁ ଯାଉଁ ସୀତା ତଳକୁ ଚାହିଁ ଦେଖିଲେ—ବନବେଷ୍ଟିତ ଗୋଟାଏ ପର୍ବତ ଉପରେ ପାଞ୍ଚଜଣ ବାନର ବୀର ବସିଅଛନ୍ତି । ତହୁଁ ସେ ଦେହରୁ ଅଳଙ୍କାର ବାହାର କରି ତାକୁ ଉତ୍ତରୀୟ ବସ୍ତ୍ରରେ ବାନ୍ଧି ସେହି ବୀରମାନଙ୍କ ପାଖକୁ ପକାଇଦେଲେ । ସୀତା ସେମାନଙ୍କୁ ବିନୟ କରି କହିଲେ—"ଏହି ଅଳଙ୍କାରଗୁଡ଼ିକ ତୁମ୍ଭ ପାଖରେ ଥାଉ, ରାମଚନ୍ଦ୍ରଙ୍କୁ ଦେଖିଲେ

ତାଙ୍କୁ ଏହା ଦେଖାଇ ସୀତାଙ୍କୁ ରାବଣ ସ୍ବେଚ୍ଛା କରି ଲଙ୍କାକୁ ନେଇଗଲା ବୋଲି କହିବ ।" ଏହା ଶୁଣି ଉକ୍ତ ବୀରମାନଙ୍କ ମଧ୍ୟରୁ ଜଣେ ଉଠିଆସି ସେହି ଅଳଙ୍କାର ପୁଟୁଳିଟି ନେଇ ଗିରିଗୁହା ମଧ୍ୟରେ ଯତ୍ନପୂର୍ବକ ସାଇତି ରଖିଲା । ରଥ ସମୁଦ୍ର ଉପର ଦେଇ ଯିବାବେଳେ ରାବଣ ସୀତାଙ୍କୁ ଦୂରରୁ ଲଙ୍କାର ବିଭବ ଦେଖାଇ ତାଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କଲା । ସୀତା ରୁଷ୍ଟ ହୋଇ କହିଲେ—"ଏକା ମୋହରି ଲାଗି ତୋର ବିପୁଳ ବିଭବ ଭସ୍ମ ହୋଇଯିବ , ଆଉ ତୁ ସବଂଶ ବିନଷ୍ଟ ହେବୁ । ରାମଚନ୍ଦ୍ରଙ୍କ ସଙ୍ଗେ ଶତ୍ରୁତା କରି ତୁ କେତେ ଦିନ ବଞ୍ଚି ରହିପାରିବୁ ? ନିର୍ଦ୍ଦୋଷ ପ୍ରତି ଯେ ହିଂସା କରେ, ତାହାର ଭାଗ୍ୟଦେବତା ତାହାର ପ୍ରତି-କୂଳ ହୁଏ ।" ସୀତା ଏହିପରି ବହୁତ ଭର୍ତ୍ସନା କରିବାକୁ ଲାଗିଲେ ; ମାତ୍ର ରାବଣ ସେଥିରେ କ୍ରୋଧ ବା ଅଭିମାନ ପ୍ରକାଶ କଲା ନାହିଁ । ସେ ମନେ ମନେ ଭାବିଲା,ସୀତାଙ୍କୁ ନେଇ କିଛିଦିନ ଅଶୋକ ବନରେ ଦୁରନ୍ତା ରାକ୍ଷସୀ-ମାନଙ୍କଦ୍ୱାରା ଜଗାଇ ରଖିଲେ ତାହାର ମନ ସେମାନଙ୍କ ଭୟରେ ଅବଶ୍ୟ ବଦଳିଯିବ । ଏହିପରି ଭାବୁଁ ଭାବୁଁ ରଥ ଯାଇ ଲଙ୍କାରେ ପହଞ୍ଚିଲା । ରାବଣ ରଥରୁ ଓହ୍ଲାଇ ସୀତାଙ୍କୁ ନେଇ ଅଶୋକବନକୁ ଯାତ୍ରାକଲା । ସେଠାରେ ସୀତାଙ୍କୁ ବନ୍ଦୀ କରି ରଖି ଭୟଙ୍କରୀ ଅସୁରୁଣୀମାନଙ୍କୁ ତାଙ୍କ ପାଖରେ ଜଗୁଆଳ ରଖିଦେଇ ରାଜଭବନକୁ ଯାତ୍ରା କଲା । ରାକ୍ଷସୀମାନେ ତର୍ଜନ ଗର୍ଜନ କରି ସୀତାଙ୍କୁ ଭୟ ଦେଖାଇବାକୁ ଲାଗିଲେ ; ମାତ୍ର ସୀତା ଭୀତ ହେଲେ ନାହିଁ ; ସେ ରାମଚନ୍ଦ୍ରଙ୍କୁ ସ୍ମରଣ କରି ସବୁ ସହ୍ୟ କଲେ । ଦେବରାଜ ଇନ୍ଦ୍ର ଅଦୃଶ୍ୟ ରୂପରେ ଆସି ତାଙ୍କୁ ଅମୃତ ଦେଇ କହିଲେ—"ତୁମ୍ଭେ ଚଉଦମାସ ରାକ୍ଷସ ଘରେ ରହିବ, ତହିଁ ପରେ ସ୍ୱାମୀ ସହିତ ମିଳିତ ହେବ— ଏହି ଅମୃତ ପାନ କର; କ୍ଷୁଧା ତୃଷାର ପୀଡ଼ା ବାଧିବ ନାହିଁ ।" ତହୁଁ ସୀତା ଅମୃତ ପାନ କଲେ; ଇନ୍ଦ୍ର ଅନ୍ତର୍ଦ୍ଧାନ ହୋଇଗଲେ । ଦେବମାୟା ପ୍ରଭାବରୁ ରାକ୍ଷସମାନେ କିଛି ଜାଣିପାରିଲେ ନାହିଁ । ସୀତା ବ୍ୟାଘ୍ରୀବେଷ୍ଟିତ ମୃଗୁଣୀ ପରି ଦୁର୍ମୁଖା ରାକ୍ଷସୀ-ପରିବୃତା ହୋଇ ରାମଚନ୍ଦ୍ରଙ୍କୁ ଧ୍ୟାନ କରି ବସିରହିଲେ ।

## ଚତୁର୍ଦ୍ଦଶ ପରିଚ୍ଛେଦ

ଏଣେ ରାମଚନ୍ଦ୍ର ମାୟାମୃଗର ମାୟା-ବାଣୀ ଶୁଣି ଆଶଙ୍କାରେ ବ୍ୟାକୁଳ ହୋଇଉଠିଲେ । ସେ ଆଉ ବିଳମ୍ବ ନ କରି ତ୍ୱରିତ ଗତିରେ କୁଟୀରାଭିମୁଖରେ ପ୍ରତ୍ୟାବୃତ୍ତ ହେଲେ । ବାଟରେ ଲକ୍ଷ୍ମଣଙ୍କୁ ଦେଖି ସେହି ଆଶଙ୍କା ବହୁଗୁଣିତ ହୋଇଗଲା । ସେ ଲକ୍ଷ୍ମଣଙ୍କୁ କହିଲେ— "ତୁମ୍ଭର କଥା ସତ ହେଲା ଲକ୍ଷ୍ମଣ ! ମାରୀଚ ରାକ୍ଷସ ମୃଗ ରୂପ ଧରି ଆସିଥିଲା । ମାୟାବୀର ପ୍ରକାଣ୍ଡ ମୃତଦେହ ଏହି ପଡ଼ିଅଛି ଦେଖ । ବୋଧହୁଏ ତୁମ୍ଭେ ତାହାରି ମାୟା ସ୍ୱର ଶୁଣି ତ୍ରସ୍ତ ହୋଇ ସୀତାଙ୍କୁ ଛାଡ଼ି ଚାଲିଆସିଲ । ଉଃ,ଦୁଷ୍ଟ ରାକ୍ଷସ କେତେ ମାୟା ଜାଣେ ? ଠିକ୍ ମୋହରି ସ୍ୱରରେ ତୁମ୍ଭ ନାମ ଧରି ଆର୍ତ୍ତକଣ୍ଠରେ ଡାକିଲା ।" ଲକ୍ଷ୍ମଣ କହିଲେ—"ଦେବ, ମୁଁ ତ୍ରସ୍ତହୋଇ ନିଜ ଇଚ୍ଛାରେ ଆସି ନାହିଁ । ମାୟାମୃଗର କାତର ସ୍ୱର ଶୁଣି ସୀତା ଉନ୍ମତ୍ତ ହୋଇଉଠିଲେ । ଆପଣଙ୍କର ବିପଦ-ଆଶଙ୍କାରେ ସତୀ-ପ୍ରାଣ କାନ୍ଦିଉଠିଲା । ଆପଣଙ୍କ ପାଖକୁ ଆସିବା ପାଇଁ ସେ ମୋତେ ବାରମ୍ବାର ଆଦେଶ କଲେ । ମୁଁ ତାଙ୍କୁ ଯଥାସାଧ୍ୟ ବୁଝାଇ କହିଲି; ମାତ୍ର ସେ କିଛି ଶୁଣିଲେ ନାହିଁ । ଅଧିକନ୍ତୁ ମୋତେ ଅକଥ୍ୟ କଟୂ ଭର୍ତ୍ସନାରେ ଜର୍ଜରିତ କରିଦେଲେ । ପୁଣି ମୋର ଚରିତ୍ରରେ ସନ୍ଦେହ କରି କଳଙ୍କ ବୋଳିଦେଲେ । କି ତୀବ୍ର ସେ ଭର୍ତ୍ସନା ! ଧାନ୍ଦୁଆ ଇଙ୍ଗାମରିଚ ବାଟି ବୋଳି-ହେଲା ପରି ସେ ଭର୍ତ୍ସନାରେ ଏବେ ସୁଦ୍ଧା ମୋର ଦେହ ଜଳିଯାଉଛି । ତହୁଁ ମୁଁ ନିରୁପାୟ ହୋଇ ଚାଲି ଆସିଲି । ରାମଚନ୍ଦ୍ର ଦୀର୍ଘନିଃଶ୍ୱାସ ଛାଡ଼ି କହିଲେ—"ଭାଗ୍ୟ ଅବଳମ୍ବ ସବୁ ଦୁର୍ଯୋଗ ଘଟେ ଭାଇ ! ନଚେତ୍ ତୁମ୍ଭ ପରି ବିଜ୍ଞ, ବୀରପୁରୁଷ ନାରୀ କଥାରେ ବିଚଳିତ ହୋଇ ନିଜର ଇଚ୍ଛାବିରୁଦ୍ଧ କାର୍ଯ୍ୟ କରନ୍ତେ କାହିଁକି ? ଆଉ ସୀତା ମୋର ସ୍ୱଭାବ, ଚରିତ୍ର, ବୀରତ୍ୱ, ପରାକ୍ରମ ଜାଣି ଜାଣି ଏତେ ବ୍ୟାକୁଳ ହୁଅନ୍ତେ ବା କାହିଁକି ? ମୋର ଦୁର୍ଭାଗ୍ୟର ଦାହିକା ଶକ୍ତି ଅଗ୍ନିକୁ ସୁଦ୍ଧା ଦଗ୍ଧ କରି-ପକାଇବ ଲକ୍ଷ୍ମଣ ! ରାଜ୍ୟତ୍ୟାଗ, ବନବାସ, ପିତୃ-ବିଯୋଗ—ଏତେ ଦୁଃଖ ପରେ ବୋଧେ ଉପରେ ନଳିତା

କନ୍ଦା ପରି ଆଉ କି କପାଳ ବିଧାତା ଅଦୃଷ୍ଟରେ ଲେଖିଛି କେଜାଣି ? ବିଧାତା ଦୁଃଖ ଉପରେହିଁ ଦୁଃଖ ଆଣି ଲଦିଦିଏ । ଅନେକ ସମୟରେ ଅନେକ କାର୍ଯ୍ୟରେ ଦେଖାଯାଏ, ମନୁଷ୍ୟ ଉପରେ ବିଧାତା ଯେପରି ଗୋଟାଏ ଦୁଃ ସାଧି ବସେ । ଭଙ୍ଗା ଘର ଉପରେ ତ କାହାରି ଦୟା ହୁଏ ନାହିଁ ! ସମସ୍ତେ ତାକୁ ଭାଙ୍ଗି ଜାଳନ୍ତି । ସୀତାଙ୍କର କିଛି ଅମଙ୍ଗଳ ଘଟି ନାହିଁ ତ ? ମୋର ମନ ବଡ଼ ଅସ୍ଥିର ହେଉଅଛି, ଚାଲ ଆଗେ ଯାଇ ସୀତାଙ୍କୁ ଦେଖିବା । କାହିଁକି କେଜାଣି ମନ ମୋର ଛନ ଛନ ହେଉଅଛି; ହୃଦୟରେ ନାନା ଅମଙ୍ଗଳ ଚିନ୍ତାର ଭୀଷଣ ଲହରୀ ଉଠୁଅଛି । ମୁଁ ଚାରିଆଡ଼େ କୁଲକ୍ଷଣସବୁ ଦେଖୁଅଛି । ସ୍ନିଗ୍ଧ ଶ୍ୟାମସୁନ୍ଦର ବନଛବି ପାଣ୍ଡୁର ଓ ନିଷ୍ପ୍ରଭ ଦିଶୁଅଛି । କଳା ମେଘରେ ଆକାଶ ଢାଙ୍କିଅଛି । ତାହାର ମର୍ମଭେଦୀ ତପ୍ତ ନିଃଶ୍ୱାସ ପରି ପ୍ରଖର ପବନ ବହୁଅଛି । ପଶୁପକ୍ଷୀ ସକଳ ଅପ୍ରସନ୍ନ । ସେମାନଙ୍କର ନୟନ ଛଳଛଳ ଏବଂ ବଦନ ଶୁଷ୍କ ଦିଶୁଅଛି । ସତେ ଯେପରି କି ଗୁରୁତର କାରଣରୁ ସେମାନେ ମୋର ମୁହଁକୁ ଅନାଇପାରୁ ନାହାନ୍ତି ।" ରାମଚନ୍ଦ୍ର ଏହିପରି କହି କହି ଲକ୍ଷ୍ମଣଙ୍କ ସହ ଅଗ୍ରସର ହେବାକୁ ଲାଗିଲେ ।

ଅନନ୍ତର ରାମଚନ୍ଦ୍ର କୁଟୀରରେ ଉପସ୍ଥିତ ହୋଇ ସୀତାଙ୍କୁ ନ ଦେଖି ଅଧୀର ହୋଇଉଠିଲେ । ତାଙ୍କ ଦେହରୁ ରକ୍ତ ଶୁଖିଗଲା, ଛାତି ଦାଉଁ ଦାଉଁ ହେଲା, ମନ ହାଲୁ ହାଲୁ ହେଲା । ସୀତା ସୀତା ବୋଲି ସେ ଉଚ୍ଚସ୍ୱରରେ ଡାକିଲେ । ଉତ୍ତର ନ ପାଇ ମୂର୍ଚ୍ଛିତ ହୋଇ ପଡ଼ିଲେ । ଘଡ଼ିକେ ଚେତନା ପାଇ ଲକ୍ଷ୍ମଣଙ୍କ ସହିତ ବନର ସନ୍ଧିକନ୍ଦି ଖୋଜି ବୁଲିଲେ । ନଦୀ, ପର୍ବତ, ସରସୀ, ତରୁତଳ ସର୍ବତ୍ର ଖୋଜି ଖୋଜି କ୍ଲାନ୍ତ ହୋଇପଡ଼ିଲେ; ମାତ୍ର କେଉଁଠି ସୀତାଙ୍କୁ ପାଇଲେ ନାହିଁ । ତହୁଁ ରାମଚନ୍ଦ୍ର ବାତୁଳ ହୋଇଉଠିଲେ— ପଶୁ ପକ୍ଷୀ, ବୃକ୍ଷ ପର୍ବତ ଯାହାକୁ ଦେଖିଲେ, ତାକୁ ସୀତାଙ୍କ ସନ୍ଦେଶ ପଚାରିଲେ । ସେ ଏରୂପ ଉନ୍ମତ୍ତ ହୋଇଉଠିଲେ ଯେ, ତାଙ୍କର ସ୍ଥାବର ଜଙ୍ଗମ ଜ୍ଞାନ ରହିଲା ନାହିଁ । ଶୋକ ଓ ଉଦ୍‌ବେଗ ହୃଦୟ ଅଧିକାର କଲେ ଜ୍ଞାନ ଏକାବେଳକେ ଲୁପ୍ତହୁଏ । ମୃଗ-ମୃଗୀକୁଳ ରାମଚନ୍ଦ୍ରଙ୍କ ଦ୍ୱାରା ପୃଚ୍ଛିତ ହୋଇ ଦକ୍ଷିଣକୁ ମୁହଁ କରି ଗ୍ରୀବା ଟେକି ଅଶ୍ରୁସଜଳ ନେତ୍ରରେ ଆକାଶକୁ ଚାହିଁରହିଲେ । ତଦ୍ୱାରା ସୀତା ଆକାଶ-ମାର୍ଗରେ ଦକ୍ଷିଣ ଦିଗକୁ ଯାଇଥିବାର ସଙ୍କେତ କଲେ । ପାଦପବୃନ୍ଦ ଦକ୍ଷିଣଦିଗକୁ ଶାଖା ସଞ୍ଚାଳନ କରି ସୀତାଙ୍କ ଗମନ-ସଙ୍କେତ ଜଣାଇଦେଲେ । ପକ୍ଷୀମାନେ ଧାଡ଼ି ବାନ୍ଧି ଦକ୍ଷିଣ ଆଡ଼କୁ ଉଡ଼ିଗଲେ । ରାମଚନ୍ଦ୍ର ଏହା ଦେଖି ବ୍ୟାକୁଳ ହୋଇ କାନ୍ଦିବାକୁ ଲାଗିଲେ । ସେ ବିଳାପ କରି କହିଲେ—"ହାୟ-ସୀତା, ତୁମ୍ଭେ କୁଆଡ଼େ ଗଲ ? ତୁମ୍ଭେ ଛାଡ଼ିଯିବ ବୋଲି ମୁଁ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲି । ଯଦି ଗଲ, ତେବେ ତୁମ୍ଭ ସ୍ୱାମୀଙ୍କୁ ସଙ୍ଗରେ ନେଇ ନ ଗଲ କାହିଁକି ? ଏ ଅରଣ୍ୟରେ ସର୍ବତ୍ର ତୁମ୍ଭର ସ୍ମୃତି ମୂର୍ତ୍ତି ଧରି ରହିଅଛି । ତାହା ଦେଖି ମୁଁ ଧୈର୍ଯ୍ୟ ଧରିବି କିପରି ? ଏହି ମୃଗଶିଶୁଟି ତୁମ୍ଭର ପ୍ରତିପାଳିତ, ଏହି ସୌମ୍ୟା ମାଳତୀ ଲତାଟି ତୁମ୍ଭର ହସ୍ତରୋପିତ, ଏହି ଗୋଦାବରୀ ନଦୀ ତୁମ୍ଭର ସ୍ନାନରେ ପବିତ୍ର, ଏହି ସମସ୍ତଙ୍କ ମଧ୍ୟରେ ତୁମ୍ଭେ ତ ତୁମ୍ଭକୁ ରଖି-ଯାଇଅଛ ।" ରାମଚନ୍ଦ୍ର ଏହିପରି ବହୁତ ବିଳାପ କଲେ । ଲକ୍ଷ୍ମଣ ତାଙ୍କୁ ବହୁତ ବୁଝାଇ ସାନ୍ତ୍ୱନା ଦେବାକୁ ଲାଗିଲେ । ସେ କହିଲେ—"ଦେବ, ମହାପୁରୁଷମାନେ ବିପଦରେ ଅଧୈର୍ଯ୍ୟ ହୁଅନ୍ତି ନାହିଁ, ଏହା ମୁଁ ଆପଣ-ଙ୍କଠାରୁ ଶୁଣିଅଛି । ବିପଦକୁ ନ ଡରି ଛାତି ପତାଇ-ଦେଇ ତାହା ସଙ୍ଗରେ ଯୁଦ୍ଧ କରିବା ହିଁ ପୌରୁଷ । ଆପଣ ବୀରପୁରୁଷ ହୋଇ ଏଭଳି ବାତୁଳ ହେଉଛନ୍ତି କାହିଁକି ? ସୀତାଙ୍କୁ କେହି ଭକ୍ଷଣ କରିଥିବାର କୌଣସି ଚିହ୍ନ ଏ ବନ ମଧ୍ୟରେ ଦେଖାଯାଉ ନାହିଁ । ତାହା ହୋଇଥିଲେ ଅସ୍ଥି, କେଶ, ରକ୍ତ ପ୍ରଭୃତି ଅବଶ୍ୟ କେଉଁଠି ହେଲେ ପଡ଼ିଥାନ୍ତା । ଏଥିରୁ ବୋଧ ହେଉଅଛି—ସୀତା ନିଶ୍ଚୟ ଜୀବିତ ଅଛନ୍ତି । ରାକ୍ଷସ-ମାନେ ଆମ୍ଭର ଶତ୍ରୁ । ବୋଧହୁଏ କେହି ରାକ୍ଷସ ମାୟାଜାଲ ବିସ୍ତାର କରି ଆମ୍ଭ ଦୁହିଙ୍କୁ ଅନ୍ତର କରିନେଇ ସୀତାଙ୍କୁ ହରଣ କରି ଘେନିଯାଇଛି । କିଏ ସେ ଦୁଃସାହସୀ, ଆଗେ ତାହା ଜାଣିବା ପାଇଁ

ଚେଷ୍ଟା କରି ଚାଲନ୍ତୁ । ଅବଶ୍ୟ କେଉଁଠିହେଲେ ସେହି କୁକର୍ମାଚାରର ସନ୍ଧାନ ମିଳିବ ।" ରାମଚନ୍ଦ୍ର ଏହିପରି ଆଶ୍ୱାସନାରେ ଆଶ୍ୱସ୍ତ ହୋଇ ବାରମ୍ବାର ବନପର୍ବତ ଛନ୍ଦଛନ୍ଦ କରି ସୀତାଙ୍କୁ ଖୋଜିବୁଲିଲେ । ଦୁର୍ଭାବନାରେ ଦିନରାତି ଦୁଇଗୁଣ ବଢିଯାଏ । ଦିନ ପରେ ରାତି ହୁଏ, ପୁଣି ରାତି ଯାଇ ଦିନ ହୁଏ; ମାତ୍ର ସେ ଦିନରାତି ସହଜରେ ସରେ ନାହିଁ । ବିଷମ ଦୁର୍ଭାବନାରେ ରାମଚନ୍ଦ୍ରଙ୍କର କେତେ ଦୀର୍ଘ ଦିନରାତି କଟିଗଲା ।

ରାମଚନ୍ଦ୍ର ପଞ୍ଚବଟୀ ଛାଡି ସୀତାଙ୍କୁ ଖୋଜି ଖୋଜି ଅଗ୍ରସର ହେଲେ । ଅରଣ୍ୟରେ ବୁଲୁଁ ବୁଲୁଁ ଏକ ସ୍ଥାନରେ ଦେଖିଲେ ବିହଙ୍ଗରାଜ ଜଟାୟୁ ଛିନ୍ନପକ୍ଷ ହୋଇ ରକ୍ତାକ୍ତ କଳେବରରେ ଭୂପତିତ ହୋଇଅଛି । ପିତୃବନ୍ଧୁ, ପରମ ହିତୈଷୀ ଜଟାୟୁର ଦୁର୍ଦ୍ଦଶା ଦେଖି ରାମଚନ୍ଦ୍ର ବ୍ୟଥିତ ହୋଇ ତାହା ନିକଟକୁ ଯାଇ କାରଣ ପଚାରନ୍ତେ ଜଟାୟୁ କହିଲା—"ବତ୍ସ, ଦୁରାତ୍ମା ରାବଣ ସୀତାଙ୍କୁ ରଥରେ ବସାଇ ନେଇ-ଯାଉଥିଲା । ତାଙ୍କ କ୍ରନ୍ଦନ ଶୁଣି ମୁଁ ଆସି ରାବଣ ସଙ୍ଗେ ଘୋର ଯୁଦ୍ଧ କଲି । ତାହାର ଧ୍ୱଜ ଛିନ୍ନଭିନ୍ନ ହୋଇ ପଡିଅଛି ଦେଖ । ଚଞ୍ଚୁ ଓ ଚରଣ ଆଘାତରେ ମୁଁ ତାକୁ ଭୀଷଣ ଭାବରେ କ୍ଷତବିକ୍ଷତ କରିପକାଇଲି । ବର୍ଷା-କାଳରେ ପର୍ବତ ଦେହରୁ ଗୈରିକଧାରା ବହିଲା ପରି ରାକ୍ଷସ ଦେହରୁ ବହୁଧାରାରେ ରକ୍ତ ବହିଗଲା । ମୁଁ ପ୍ରହରେ ଯାଏଁ ଯୁଦ୍ଧ କଲି; ମାତ୍ର ବହୁକାଳର ପ୍ରାଚୀନ ଶରୀର ହେତୁ ଅବସନ୍ନ ହୋଇପଡିଲି । ପାପିଷ୍ଠ ମୋତେ ଅଶକ୍ତ ଦେଖି ଖଡ୍ଗାଘାତରେ ମୋର ଡେଣା ଛେଦନ କଲା । ମୁଁ ଅଚଳ ହୋଇ ତଳେ ଖସିପଡିଲି । ତହୁଁ ଦୁଷ୍ଟ ଶୀଘ୍ର ରଥ ଚଳାଇ ଦକ୍ଷିଣଦିଗକୁ ପଳାଇ-ଗଲା । ଏଥିପୂର୍ବରୁ ମୋର ମୃତ୍ୟୁ ହୋଇଥାଆନ୍ତା; ମାତ୍ର ତୁମ୍ଭଙ୍କୁ ଏ ସମ୍ବାଦ ଦେବାଯାଏଁ ବଞ୍ଚିରହିବ ବୋଲି ମା ଜାନକୀ ବର ଦେଇ ଗଲେ । ତାଙ୍କ ସତୀତ୍ୱର ପ୍ରଭାବ ମୋତେ ଏତେବେଳଯାଏଁ ଜୀବିତ ରଖିଅଛି ।" ଜଟାୟୁ ଅଉ କିଛି କହିପାରିଲା ନାହିଁ ; ସେହିକ୍ଷଣି ପ୍ରାଣତ୍ୟାଗ କଲା । ରାମଚନ୍ଦ୍ର ଯୋଗ୍ୟସ୍ଥଳ ପରି ପିତୃସମ ପିତୃସଖାର ପ୍ରେତକ୍ରିୟା ସମାପନ କଲେ । ଜଟାୟୁ ଧର୍ମଯୁଦ୍ଧରେ ପ୍ରାଣତ୍ୟାଗ କରି କ୍ଷାତ୍ରଧର୍ମ ପାଳି ଦେବ-ବିମାନରେ ବୈକୁଣ୍ଠକୁ ଚାଲିଗଲା ।

ରାମଚନ୍ଦ୍ର ଜଟାୟୁଠାରୁ ସୀତାହରଣ ସମାଚାର ଶୁଣି ଦକ୍ଷିଣଦିଗାଭିମୁଖରେ ଗମନ କଲେ । ପଥ ମଧ୍ୟରେ ବିକଟାକାର କବନ୍ଧ ରାକ୍ଷସ ତାଙ୍କର ଗତିରୋଧ କଲା । ତାହାର ଗ୍ରୀବା କି ମସ୍ତକ ନାହିଁ, ପେଟ ଭିତରୁ ବିବର୍ଣ୍ଣ ତୁଲ୍ୟ ପ୍ରକାଣ୍ଡ ମୁଖ ବାହାରିଅଛି ; ହସ୍ତ ଯୋଜନ-ବିସ୍ତୃତ । ସେହି ଦୀର୍ଘହସ୍ତ ବଢାଇଦେଇ ସେ ବହୁଦୂରରୁ ବନଚର ଜୀବମାନଙ୍କୁ ଧରିଆଣି ଖାଏ । ରାମଚନ୍ଦ୍ର, ଲକ୍ଷ୍ମଣ ଖଡ୍ଗଦ୍ୱାରା ତାହାର ଦୁଇ ବାହୁ ଛେଦନ କଲେ । ରାକ୍ଷସ ଭୟଙ୍କର ରୂପ ଛାଡି ଦିବ୍ୟ ରୂପ ଧରି ଜ୍ୟୋତିର୍ମୟ ବିମାନରେ ବସି ସ୍ୱର୍ଗକୁ ଗଲା; ଯିବାବେଳେ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ଡାକି କହିଲା—ଏବେ ଚିହ୍ନିଲି, ତୁମ୍ଭେ ଦୁହେଁ ରାମଚନ୍ଦ୍ର ଓ ଲକ୍ଷ୍ମଣ । ତୁମ୍ଭେମାନେ ସୀତାଙ୍କୁ ଖୋଜି ବୁଲୁଅଛ । ଋଷିଶାପରେ ମୋର ଏ ଦୁର୍ଗତି ହୋଇଥିଲା । ତୁମ୍ଭମାନଙ୍କ ହାତରେ ମରି ଶାପମୁକ୍ତ ହେବି ବୋଲି ପ୍ରତୀକାର ମଧ୍ୟ ନିରୂପିତ ହୋଇଥିଲା । ତୁମ୍ଭେ ଦୁହେଁ ମୋତେ କଠୋର ଶାପରୁ ମୁକ୍ତ କଲ, ତୁମ୍ଭର ମଙ୍ଗଳ ହେଉ । ତୁମ୍ଭେମାନେ ଋଷ୍ୟମୂକ ପର୍ବତବାସୀ କପିସମ୍ରାଟ ସୁଗ୍ରୀବ ସଙ୍ଗରେ ଯାଇ ମିତ୍ରତା ସ୍ଥାପନ କର । ତାହାର ସାହାଯ୍ୟରେ ସୀତାଙ୍କୁ ପୁନଃପ୍ରାପ୍ତ ହେବ । ବିଧାତା-ସୃଷ୍ଟିରେ ତାହାର ଅଗମ୍ୟ ସ୍ଥାନ ନାହିଁ । ରାବଣ ଯେଉଁଠି ସୀତାଙ୍କୁ ଲୁଚାଇ ରଖିଥିବ, ସେ ଖୋଜି ନିଶ୍ଚୟ ଆଣି-ଦେବ ।" ଶାପମୁକ୍ତ ପୁରୁଷ ଏହା କହି ଋଷ୍ୟମୂକ ପର୍ବତକୁ ଯିବାର ବାଟ ଦେଖାଇଦେଇ ଅଦୃଶ୍ୟ ହୋଇ-ଗଲା । ତହୁଁ ରାମଚନ୍ଦ୍ର ଓ ଲକ୍ଷ୍ମଣ ସୁଗ୍ରୀବର ସାକ୍ଷାତ୍ ନିମନ୍ତେ ଋଷ୍ୟମୂକ ପର୍ବତାଭିମୁଖରେ ଯାତ୍ରାକଲେ ।

କିଛିଦୂର ଯାଇ ଦାଶରଥିଦ୍ୱୟ ମତଙ୍ଗମୁନିଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ସେଠାରେ ତପସ୍ୱିନୀ ପ୍ରାଚୀନା ଶବରୀ ରାମଚନ୍ଦ୍ରଙ୍କୁ ଦେଖି ଦେହ ତ୍ୟାଗ କରିବ ବୋଲି ଅପେକ୍ଷା କରି ରହିଥିଲା । ଦୁଇ ଭାଇଙ୍କୁ ସେ ସାଧ ମେଣ୍ଟାଇ ପରିଚର୍ଯ୍ୟା କଲା । ସେ ବନରୁ ସୁପକ୍ୱଫଳ ତୋଳିଆଣି ଦାନ୍ତରେ କାମୁଡ଼ି ଚାଖେ, ଯେଉଁ ଫଳ

ମଧୁର ଲାଗେ, ତାହା ରାମଚନ୍ଦ୍ରଙ୍କୁ ଖାଇବାକୁ ଦିଏ । ରାମଚନ୍ଦ୍ର ତାହା ଆନନ୍ଦରେ ଭୋଜନ କରନ୍ତି । ପ୍ରେମ-ଭକ୍ତିରାଜ୍ୟରେ ବ୍ରାହ୍ମଣ ଚଣ୍ଡାଳ ବା ଉଚ୍ଛିଷ୍ଟ ଅନୁଚ୍ଛିଷ୍ଟର ବାରଣ ନାହିଁ । ପ୍ରେମଭକ୍ତିମିଶା ଉଚ୍ଛିଷ୍ଟ ସୁଦ୍ଧା ପରମ ପବିତ୍ର ଓ ଉପାଦେୟ ବସ୍ତୁ । ଭାଗ୍ୟବତୀ ଶବରୀ ରାମଚନ୍ଦ୍ରଙ୍କୁ ଆଗରେ ଠିଆକରାଇ ନିଜର ତପଃକ୍ଷୀଣ ପବିତ୍ର ଜୀର୍ଣ୍ଣ ଶରୀରକୁ ଯଜ୍ଞାନଳରେ ଆହୁତି ପ୍ରଦାନ କରି ନିର୍ବାଣ ମୁକ୍ତି ଲାଭକଲା ।

ଅନନ୍ତର ରାମଚନ୍ଦ୍ର ଓ ଲକ୍ଷ୍ମଣ ପରମ ରମଣୀୟ ପମ୍ପା ସରୋବର ତୀରରେ ଯାଇ ଉପସ୍ଥିତ ହେଲେ । ସେହି ପୁଣ୍ୟ ସରୋବର ଦର୍ଶନରେ ରାମଚନ୍ଦ୍ରଙ୍କ ମନରେ ସର୍ବଦା ସୀତାଙ୍କ ସ୍ମୃତି ଜାଗ୍ରତ ହୋଇଉଠିଲା । ପଦ୍ମ ଫୁଲକୁ ସୀତା ବଡ଼ ଶ୍ରଦ୍ଧା କରନ୍ତି; ସୁତରାଂ ପଦ୍ମ ଦେଖି, ସୀତା ମନରେ ପଡ଼ିଲେ । ସୀତା ହଂସୀ ସଙ୍ଗେ ଖେଳିବାକୁ ଖୁବ୍ ସୁଖ ମଣନ୍ତି, ଏଣୁ ହଂସୀ ଦେଖିବାମାତ୍ରେ ସୀତାଙ୍କ ସ୍ମୃତି ପ୍ରବଳ ହୋଇଉଠିଲା । ସଫରୀ ମତ୍ସ୍ୟ ଦେଖିଲେ ସୀତାଙ୍କ ନୟନଠାଣି ମନରେ ପଡ଼ିଯାଏ । ଝିଲ୍ଲୀରବ ଶୁଣିଲେ ପ୍ରେୟସୀଙ୍କ ନୂପୁର ଧ୍ୱନିର ସୁପ୍ତ ସ୍ମୃତି ହଠାତ୍ ଜାଗ୍ରତ ହୋଇଉଠେ । ଏହିପରି ସୀତାଙ୍କ ସ୍ମୃତି ସବୁବେଳେ ତାଙ୍କୁ ପୀଡ଼ା ଦେବାରୁ ସେ ଆଉ ସେଠାରେ ନ ରହି ଚାଲିଗଲେ ଏବଂ ଅଳ୍ପ ସମୟ ମଧ୍ୟରେ ଅଦୂରବର୍ତ୍ତୀ ଋଷ୍ୟମୂକ ପର୍ବତର ପାଦଦେଶରେ ଯାଇ ଉପସ୍ଥିତ ହେଲେ ।

## ପଞ୍ଚଦଶ ପରିଚ୍ଛେଦ

ପୂର୍ବକାଳରେ ଏକଶ୍ରେଣୀୟ ବୀରଜାତି ଅରଣ୍ୟରେ ବାସ କରୁଥିଲେ । ସେମାନଙ୍କ ଶରୀରରେ ଅସୁରିକ ବଳ ଥିଲା । ସେମାନେ ଯୁଦ୍ଧରେ ଅସ୍ତ୍ରଧାରଣ କରନ୍ତି ନାହିଁ, ବୃକ୍ଷ ଓ ପ୍ରସ୍ତର ଫିଙ୍ଗି ଯୁଦ୍ଧ କରନ୍ତି । ମଲ୍ଲଯୁଦ୍ଧରେ ସେମାନଙ୍କର ସମକକ୍ଷ ବୀରଜାତି ସେକାଳରେ କେହି ନ ଥିଲେ । ଖାଲି ଅମାନୁଷୀ ବଳ ବିକ୍ରମରେ ସେମାନେ ପ୍ରସିଦ୍ଧ ନ ଥିଲେ, ଅନେକ ଭଲ ଗୁଣ ମଧ୍ୟ ସେମାନଙ୍କର ଥିଲା । ସେମାନଙ୍କ ଆକୃତି ଠିକ୍ ବାନର ପରି ଥିଲା ଏବଂ କେତେକୋଠା ଆଚରଣ ସୁଦ୍ଧା ବାନରମାନଙ୍କ ପରି ଥିଲା । ଏହିହେତୁ ପୁରାଣ, ଇତିହାସରେ ସେମାନେ ବାନର ନାମରେ ଅଭିହିତ ହୋଇଅଛନ୍ତି; ମାତ୍ର ସେମାନେ ଆଧୁନିକ ଭୀରୁ, ମୂଢ଼, ଅକର୍ମା ବାନର ନୁହନ୍ତି । ସେମାନେ କଥା କହୁଥିଲେ, ବିଦ୍ୟାଶିକ୍ଷା କରୁଥିଲେ, ଅନେକ ଉଚ୍ଚ ଉଚ୍ଚ ବିଦ୍ୟାରେ ପାରଦର୍ଶିତା ଲାଭ କରିଥିଲେ । ସେ ଜାତିର ରାଜା ଥିଲେ, ମନ୍ତ୍ରୀ ଥିଲେ, ସୈନ୍ୟସେନାପତି ଥିଲେ । ସେ ଜାତିର ବୀର ହନୁମାନ ଜଣେ ପରମ ଯୋଗୀ ଓ ବ୍ୟାକରଣଶାସ୍ତ୍ରଜ୍ଞ ଥିଲେ । ସେ ସଂସ୍କୃତଭାଷାରେ 'ମହାନାଟକ' ନାମକ ଉତ୍କୃଷ୍ଟ ସାହିତ୍ୟଗ୍ରନ୍ଥ ଲେଖିଯାଇଛନ୍ତି । ମହାବୀର ହନୁମାନ ଯୋଗବଳରେ ଅସାଧ୍ୟ ସାଧନ କରିପାରୁଥିଲେ । ସୁଷେଣ ଆୟୁର୍ବେଦରେ ଅଭିଜ୍ଞ ଥିଲେ । ନଳ ସ୍ଥାପତ୍ୟବିଦ୍ୟାରେ ଅସାଧାରଣ ବିଚକ୍ଷଣତା ପ୍ରଦର୍ଶନ କରିଥିଲେ । ଯେଉଁ ଜାତିରେ ଏପରି ଯୋଗ୍ୟ ବ୍ୟକ୍ତି ଥିଲେ, ସେ ଜାତି ଆଧୁନିକ ବାନରଶ୍ରେଣୀୟ ବୋଲି କଦାପି ବିଶ୍ୱାସ କରାଯାଇ ନ ପାରେ । ପ୍ରାଜ୍ଞମାନେ ସେହି ଜାତିକୁ ମହାବୀର ଜାତି ବୋଲି ନିର୍ଦ୍ଦେଶ କରି-ଅଛନ୍ତି । ବର୍ତ୍ତମାନ ସେ ଜାତି ଧରାପୃଷ୍ଠରୁ ବିଲୁପ୍ତ ହୋଇ-ଛନ୍ତି କିମ୍ବା କେଉଁ ଅଗମ୍ୟ ଅରଣ୍ୟରେ ଆତ୍ମଗୋପନ କରିଛନ୍ତି, ତାହା କିଏ କହିପାରିବ ? ପୂର୍ବେ କିଷ୍କିନ୍ଧ୍ୟା ସେହି ଜାତିର ରାଜଧାନୀ ଥିଲା । ସେଠାର ରାଜା ବାଳୀ ଜଣେ ଅଜେୟ ପରାକ୍ରମୀ । ସେକାଳରେ ତାହାର ସମକକ୍ଷ ବୀର କେହି ନ ଥିଲେ । ଭୁବନବିଜୟୀ ରାବଣକୁ ସୁଦ୍ଧା ସେ ପରାଜୟ କରିଥିଲା । ସେ ବଡ଼ ବଡ଼ ଗିରିଶୃଙ୍ଗ ଉପାଡ଼ି ଉପରକୁ ଫିଙ୍ଗିଦେଇ ହାତ, ଗୋଡ଼, ମୁଣ୍ଡ ଓ ପିଠି ପତାଇ ତଳେ ନ ପଡ଼ୁଣୁ ତାହାକୁ ଧରି ନେଉଥିଲା । ତାହାର ଅନୁଜ ସୁଗ୍ରୀବ କିଷ୍କିନ୍ଧ୍ୟାର ଯୌବରାଜ୍ୟରେ ଅଭିଷିକ୍ତ ହୋଇ ରାଜକାର୍ଯ୍ୟରେ ତାକୁ ସାହାଯ୍ୟ କରୁଥିଲା । କୌଣସି କାରଣରୁ ଦୁଇଭାଇଙ୍କ ମଧ୍ୟରେ ମନୋଭେଦ ଜନ୍ମିବାରୁ ବାଳୀ ରୁଷ୍ଟ ହୋଇ ସୁଗ୍ରୀବକୁ ରାଜ୍ୟରୁ ତଡ଼ିଦେଲା ଏବଂ ଉତ୍ତେଜନାବଶତଃ ଧର୍ମାଧର୍ମଜ୍ଞାନଶୂନ୍ୟ ହୋଇ ତାହାର ଭ୍ରାତୃବଧୂ ରୁମାର ସତୀତ୍ୱ ବଳପୂର୍ବକ ହରଣ କଲା । ସୁଗ୍ରୀବ ବାଳୀ ସହ

ବଳରେ ସମକକ୍ଷ ନ ହୋଇ ପଳାଇ ଆସି ଋଷ୍ୟମୂକ ପର୍ବତରେ ଆଶ୍ରୟ ନେଇଥିଲା । ଋଷିଶାପ ହେତୁ ବାଳୀ ସେ ପର୍ବତକୁ ଆସେ ନାହିଁ । ସୁତରାଂ ସୁଗ୍ରୀବ ନିଜର ଚାରି ମନ୍ତ୍ରୀ ସୁଷେଣ, ନଳ, ନୀଳ, ହନୁମାନ ସହ ନିର୍ଭୟରେ ସେଠାରେ ବାସ କରୁଥିଲା ।

ଋଷ୍ୟମୂକ ପର୍ବତର ଚୂଡ଼ା ଉପରେ ସୁଗ୍ରୀବ ଚାରି ମନ୍ତ୍ରୀଙ୍କୁ ଘେନି ବସିଥିଲା । ଧନୁର୍ଦ୍ଧାରୀ ରାମଲକ୍ଷ୍ମଣଙ୍କୁ ଦେଖି ସେ ତାଙ୍କୁ ବାଳୀର ଗୁପ୍ତଚର ମଣି ଭୀତ ହୋଇ ଉଠିଲା । ସେମାନେ କିଏ ଓ କାହିଁକି ବନରେ ବୁଲୁଛନ୍ତି, ଏହା ଜାଣିବା ପାଇଁ ଉତ୍କଣ୍ଠିତ ହୋଇ ହନୁମାନକୁ ପଠାଇଲା । ହନୁମାନ ତପସ୍ୱୀ ରୂପ ଧରି ଆସି ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କର ପରିଚୟ ଏବଂ ଭ୍ରମଣର କାରଣ ପଚାରିଲା । ରାମଚନ୍ଦ୍ର ଆତ୍ମପରିଚୟ ଦେଇସାରି କହିଲେ— "ଆମ୍ଭେମାନେ ବାନରରାଜ ସୁଗ୍ରୀବଙ୍କୁ ଖୋଜୁଛୁଁ; କୌଣସି ପ୍ରୟୋଜନ ସିଦ୍ଧି ନିମନ୍ତେ ତାଙ୍କ ସହ ମିତ୍ରତା ସ୍ଥାପନ କରିବୁଁ । ତୁମ୍ଭେ କିଏ ଓ ସୁଗ୍ରୀବ କେଉଁଠାରେ ଥାନ୍ତି ଜାଣିଥିଲେ କୁହ ।" ପରମ ଭକ୍ତ ହନୁମାନ ରାମଚନ୍ଦ୍ରଙ୍କ ରୂପ ଦେଖି ମୋହିତ ହୋଇଗଲା । ସେ ମନେ ମନେ ଭାବିଲା—"ଏ ତ ସାମାନ୍ୟ ମାନବ ନୁହନ୍ତି, ଏରୂପ ସର୍ବସୁଲକ୍ଷଣବନ୍ତ ମହାପୁରୁଷ ବିଷ୍ଣୁଙ୍କ ଛଡ଼ା ଆଉ କିଏ ହୋଇପାରେ ? ଏ ନିଶ୍ଚେ ମୋର ଆରାଧ୍ୟ ଦେବ ବିଶ୍ୱସ୍ୱାମୀ ବିଷ୍ଣୁରୂପୀ ରାମଚନ୍ଦ୍ର ।" ହନୁମାନ ଆନନ୍ଦରେ ବିହ୍ୱଳ ହୋଇ ରାମଚନ୍ଦ୍ରଙ୍କ ଗୋଡ଼ ତଳେ ପଡ଼ିଗଲା । ରାମଚନ୍ଦ୍ର ତାକୁ ଉଠାଇ ପ୍ରେମରେ ଆଲିଙ୍ଗନ କଲେ । ଭକ୍ତ ଭଗବାନଙ୍କର ମିଳନ ହେଲା । ଭକ୍ତ ଭଗବାନଙ୍କୁ ଚିହ୍ନିଲା । ଭଗବାନ ଭକ୍ତକୁ ଚିହ୍ନିଲେ । ଦୁହିଁଙ୍କର ହୃଦୟ ଅପୂର୍ବ ସୁଧାରସରେ ଆପ୍ଳୁତ ହୋଇଉଠିଲା । ହନୁମାନ କର ଯୋଡ଼ି କହିଲା—"ଆଜି ସୁପ୍ରଭାତ, ତୁମ୍ଭର ପତିତପାବନ ଶ୍ରୀଚରଣ ସ୍ପର୍ଶରେ ମୋର ପିଣ୍ଡ ପବିତ୍ର ହେଲା—ମୁଁ ଧନ୍ୟ ହେଲି । ସୁଗ୍ରୀବ ବଡ଼ ଭାଗ୍ୟବାନ୍ । ସେ ଜଗନ୍ନିୟନ୍ତାଙ୍କର ମିତ୍ର ହେବ—ତାହାର ପୂର୍ବ ସୌଭାଗ୍ୟ ଆଜି ନିଶ୍ଚେ ଫେରିଆସିବ ।" ଅନନ୍ତର ହନୁମାନ ସ୍ୱାଭାବିକ ବାନର ରୂପ ଧରି କହିଲା— "ପ୍ରଭୋ, ମୋର ନାମ ହନୁମାନ । ମୁଁ ସେହି କପିନାଥ ସୁଗ୍ରୀବର ଭୃତ୍ୟ ଓ ମନ୍ତ୍ରୀ; ଭୟରେ ଛଦ୍ମବେଶ ଧରିଥିଲି । ଅଧମ ଭୃତ୍ୟର ଅପରାଧ ମାର୍ଜନା କରି ଦେବ ! ସୁଗ୍ରୀବ ଏହି ପର୍ବତ ଚୂଡ଼ାରେ ଅଛନ୍ତି, ତୁମ୍ଭେ ଦୁହେଁ ମୋ କାନ୍ଧରେ ବସ, ମୁଁ ନେଇ ତାଙ୍କ ସଙ୍ଗରେ ଭେଟାଇବି ।" ଏହା ଶୁଣି ରାମଚନ୍ଦ୍ର ଓ ଲକ୍ଷ୍ମଣ ହନୁମାନର କାନ୍ଧ ଉପରେ ବସିଲେ । ହନୁମାନ ତାଙ୍କୁ ଘେନିଯାଇ ସୁଗ୍ରୀବ ପାଖରେ ପହଞ୍ଚିଲା ଏବଂ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କର ପରିଚୟ ଦେଇ ତାଙ୍କ ଆଗମନର କାରଣ ସ୍ୱୀୟ ମାଲିକଙ୍କୁ କହିଲା । ସୁଗ୍ରୀବ ସବୁ ଶୁଣି ଅପୂର୍ବ ଆନନ୍ଦରେ ଗଦ୍‌ଗଦ ହୋଇ ରାମଲକ୍ଷ୍ମଣଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲା । ରାମଚନ୍ଦ୍ର ତାକୁ ସାଦରରେ ଆଲିଙ୍ଗନ କରି କହିଲେ—"କପିରାଜ, କବନ୍ଧର ଉପଦେଶମତେ ମୁଁ ତୁମ୍ଭ ସଙ୍ଗରେ ମିତ୍ରତା କରିବାକୁ ଆସିଛି ।" ସୁଗ୍ରୀବ ଏହା ଶୁଣି ବିସ୍ମୟ-ବୋଳା ମୃଦୁ ହାସ୍ୟରେ କହିଲା— "ତୁମ୍ଭେ ଜଗତର ରାଜଚକ୍ରବର୍ତ୍ତୀ, ମୁଁ ଜଣେ ସାମାନ୍ୟ ବାନର, ତୁମ୍ଭର କି ଉପକାର କରିପାରିବି ? ମୁଁ ତୁମ୍ଭର ଦାସଯୋଗ୍ୟ ନୁହେଁ, ତଥାପି ମୋତେ ମିତ୍ର ସମ୍ବୋଧନ କରୁଛ, ଏହା ତୁମ୍ଭର ମୋ ପ୍ରତି ଅପାର କରୁଣାର ନିଦର୍ଶନ । ମୁଁ ଜାଣୁଛି—ତୁମ୍ଭେ ମୋର ବିଧି-ପ୍ରେରିତ ସୌଭାଗ୍ୟ-ଦେବତା ରୂପରେ ଆସିଅଛ । ଏତେଦିନେ ମୋର ଦୁଃଖର ରାତି ପାହିଲା—ଆଜି ମୋ ଭାଗ୍ୟାକାଶରେ ସୁଖ-ସୂର୍ଯ୍ୟର ଉଦୟ ହେବ । ଏ ମିତ୍ରତା ଦ୍ୱାରା ମୋର ପ୍ରଭୂତ ଉପକାର ହେବ; ମାତ୍ର ତୁମ୍ଭର ଉପକାର କରିବା ଭଳି ଯୋଗ୍ୟତା ମୋର କାହିଁ ? ତୁମ୍ଭେ ଦୟାମୟ, ଉପଯାଚକ ଭାବରେ ଏ ସେବକକୁ ଦୟା କରିବାକୁ ଆସିଛ । ହନୁମାନଠାରୁ ଶୁଣିଲି—ପାପିଷ୍ଠ ରାବଣ ତୁମ୍ଭ ସ୍ତ୍ରୀ ସୀତାଙ୍କୁ ଚୋରି କରି ନେଇଯାଇଛି, ତୁମ୍ଭେ ମୋ ସାହାଯ୍ୟରେ ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କରିବା ପାଇଁ ମୋ ସଙ୍ଗେ ମିତ୍ରତା କରିବାକୁ ଆସିଛ; କିନ୍ତୁ କଣ କହିବି, ମୁଁ ନିରୁପାୟ, ପୁଣି ବାଳୀ ଭୟରେ ଆସି ଏ ପର୍ବତରେ ଲୁଚି ରହିଛି । ମୋର ଦୁର୍ଗତିର କଥା କଣ କହିବି ? ଏଠାରୁ ଅଳ୍ପଦୂରରେ କିଷ୍କିନ୍ଧ୍ୟା ନାମରେ ଗୋଟିଏ ରାଜ୍ୟ ଅଛି । ମୋର ଭାଇ ବାଳୀ

ସେହି ରାଜ୍ୟର ରାଜା । ସାମାନ୍ୟ କାରଣରୁ ସେ ମୋ ପ୍ରତି କ୍ରୁଦ୍ଧ ହୋଇ ମୋତେ ରାଜ୍ୟରୁ ନିର୍ବାସିତ କରିଛି, ପୁଣି ମୋର ସ୍ତ୍ରୀର ସତୀତ୍ୱ ନାଶ କରିବା ପାଇଁ ତାକୁ ବନ୍ଦୀ କରି ରଖିଅଛି । ସେ ଅତୁଳ ପରାକ୍ରମୀ, ସୈନ୍ୟସାମନ୍ତ ଓ ପ୍ରଜାମାନେ ତାହାର ଆଜ୍ଞାବହ, ମୁଁ ଏକୁଟିଆ ତାର କଣ କରିପାରିବି ? ତେଣୁ ଏ ପର୍ବତରେ ଅତି ଦୁଃଖରେ କାଳ କାଟୁଛି ।" ରାମଚନ୍ଦ୍ର ଏହା ଶୁଣି କାନରେ ହାତ ଦେଇ କହିଲେ—"ଉଃ, କି ଭୀଷଣ ମହାପାପ, ଭ୍ରାତୃବଧୂ କନ୍ୟାସ୍ଥାନୀୟା, ମୋ ରାଜ୍ୟରେ ରହି ଏ ଭଳି ମହାପାପ ଯେ କରେ, ସେ ନାରକୀ ନିଶ୍ଚୟ ପ୍ରାଣଦଣ୍ଡାର୍ହ । ମୁଁ ବାଣାସନ ଛୁଇଁ ନିୟମ କରୁଛି, ଦୁର୍ବୃତ୍ତ ବାଳୀକି ବଧ କରି ତୁମ୍ଭଙ୍କୁ କିଷ୍କିନ୍ଧ୍ୟା ରାଜସିଂହାସନରେ ବସାଇବି । ତୁମ୍ଭେ ହୃତପତ୍ନୀକ, ମୁଁ ବି ହୃତପତ୍ନୀକ, ପୁଣି ଦୁହେଁ ବନବାସୀ, ସମଦଶାପନ୍ନ । ଅତଏବ ପରସ୍ପର ମିତ୍ରତା ସ୍ଥାପନ କରି ପରସ୍ପରର ଶତ୍ରୁସଂହାରପୂର୍ବକ ପତ୍ନୀ ଉଦ୍ଧାର କରିବା କର୍ତ୍ତବ୍ୟ ।" ଧନୁର୍ବାଣ ଛୁଇଁବା ଅପେକ୍ଷା ବୀର ପକ୍ଷରେ କଠୋର ନିୟମ ଆଉ କିଛି ନାହିଁ । ସୁଗ୍ରୀବ ରାମଚନ୍ଦ୍ରଙ୍କ କଥାରେ ବିଶ୍ୱାସ କରି ହର୍ଷୋଲ୍ଲାସପୂର୍ବକ କହିଲା—"ତୁମ୍ଭେ ଯେବେ ବାଳୀକୁ ମାରିବ, ତେବେ ପାପାତ୍ମା ରାବଣ ସୀତାଙ୍କୁ ସ୍ୱର୍ଗ ମର୍ତ୍ତ୍ୟପାତାଳ ଯେଉଁଠାରେ ଲୁଚାଇ ରଖିଥିବ, ମୁଁ ନିଶ୍ଚୟ ଖୋଜି ଆଣିଦେବି । ଯେଉଁଦିନ ରାବଣ ସୀତାଙ୍କୁ ରଥରେ ବସାଇ ନେଇଯାଉଥିଲା, ସେଦିନ ଆମ୍ଭେମାନେ ଏହି ପର୍ବତରେ ବସି ଦେଖିଥିଲୁ; ମାତ୍ର ରଥର ଦ୍ରୁତଗତି ହେତୁରୁ ଚିହ୍ନିପାରି ନାହୁଁ । ଆଜି ତାହା ସ୍ମରଣ ହେଉଛି । ସୀତା ବ୍ୟସ୍ତ ହୋଇ କାନ୍ଦି କାନ୍ଦି ଦେହରୁ ଅଳଙ୍କାର କାଢ଼ି ଆମ୍ଭମାନଙ୍କ ପାଖକୁ ଫିଙ୍ଗିଦେଇ କହିଲେ—'ଏହି ନିଦର୍ଶନ ରଖିଥାଅ, ରାମଚନ୍ଦ୍ର ଆସିଲେ ତାଙ୍କୁ ଦେଖାଇ ରାବଣ ସୀତାଙ୍କୁ ହରିନେଇଗଲା ବୋଲି କହିବ ।' ସେହି ଅଳଙ୍କାର ମୁଁ ସଯତ୍ନରେ ରଖିଛି, ତାହା ଦେଖିଲେ ତୁମ୍ଭେ ଅବଶ୍ୟ ଚିହ୍ନିପାରିବ ।" ସୁଗ୍ରୀବ ଏହା କହି ଗିରିଗୁମ୍ଫା ମଧ୍ୟରୁ ଯାଇ ଅଳଙ୍କାର ନେଇ ଆସିଲା । ରାମଚନ୍ଦ୍ର ତାହା ଦେଖି ସୀତାଙ୍କର ଅଳଙ୍କାର ବୋଲି ଚିହ୍ନି ବହୁ ବିଳାପ କରିବାକୁ ଲାଗିଲେ; ଅଳଙ୍କାରଗୁଡ଼ିକ ହାତରେ ଧରି କହିଲେ—"ତୁମ୍ଭେମାନେ ସୀତାଙ୍କୁ ସୁନ୍ଦର କରୁ ନ ଥିଲ, ବରଂ ତାଙ୍କ ସୁନ୍ଦର ଅଙ୍ଗରେ ଲାଗି ତୁମ୍ଭେ ସୁନ୍ଦର ହୋଇଥିଲ । ଏବେ ତାଙ୍କ ଅଙ୍ଗଚ୍ୟୁତ ହୋଇ ମଳିନ ଓ ହତଶ୍ରୀ ଦିଶୁଛ ।" ରଘୁକୁଳ ଭରସା ରାମଚନ୍ଦ୍ର ଏହିପରି ବିଳାପ କଲେ; ସୁଗ୍ରୀବ ନାନା କଥା କହି ତାଙ୍କୁ ସାନ୍ତ୍ୱନା ଦେବାକୁ ଲାଗିଲା ।

ଅନନ୍ତର ରାମଚନ୍ଦ୍ର ଓ ସୁଗ୍ରୀବ ଅଗ୍ନି ସାକ୍ଷୀ କରି ମିତ୍ରତା-ପାଶରେ ଆବଦ୍ଧ ହେଲେ ଏବଂ ପରସ୍ପର ଶତ୍ରୁସଂହାରରେ ପରସ୍ପରର ସହାୟତା କରିବେ ବୋଲି ପ୍ରତିଜ୍ଞା କଲେ । ତାଙ୍କର ଏ ପ୍ରତିଜ୍ଞା ଶୁଣି ହନୁମାନ ପ୍ରଭୃତି ଉପସ୍ଥିତ ବାନରବୃନ୍ଦ ମହୋଲ୍ଲାସରେ "ଜୟ ରାମଚନ୍ଦ୍ର, ଜୟ ସୁଗ୍ରୀବ" ଶବ୍ଦରେ ଆକାଶ ପୂରାଇଦେଲେ । ପ୍ରତିଧ୍ୱନି ଛଳରେ ପାର୍ବତ୍ୟ-ପ୍ରକୃତି "ଜୟ ରାମଚନ୍ଦ୍ର, ଜୟ ସୁଗ୍ରୀବ" ଉଚ୍ଚାରଣ କରିଉଠିଲା । ହନୁମାନ ଶାଳଖଣ୍ଡ ପୁଷ୍ପପଲ୍ଲବସ୍ତବକ ଚନ୍ଦନ ଡାଳ ଭାଙ୍ଗିଆଣି ଦେଲା । ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୁଗ୍ରୀବ ସେଥିରେ ବସିଲେ । ଅନ୍ୟାନ୍ୟ ବାନର ଚାରିପାଖରେ ତାଙ୍କୁ ଘେରିବସିଲେ । ଅନେକ ସୁଖଦୁଃଖ କଥା ପରେ ରାମଚନ୍ଦ୍ର ସୁଗ୍ରୀବଙ୍କୁ ସମ୍ବୋଧନ କରି କହିଲେ—"ମିତ୍ରବର, ଶୁଭକାର୍ଯ୍ୟ ଶୀଘ୍ର କରିବା କର୍ତ୍ତବ୍ୟ, ତୁମ୍ଭର ଶତ୍ରୁ ସେହି ବଳଦୃପ୍ତ ବାଳୀ କେଉଁଠାରେ ଅଛି ଦେଖାଇଦିଅ—ମୁଁ ଏଇକ୍ଷଣି ତାକୁ ସଂହାର କରି ପୃଥିବୀର ପାପଭାର ଧ୍ୱଂସ କରିବି ।" ସୁଗ୍ରୀବ କହିଲା, "ବନ୍ଧୁ, ତୁମ୍ଭେ ବିଶ୍ୱଜୟୀ ବୀରଶିରୋମଣି, ଏହା ମୁଁ ଜାଣେ; ମାତ୍ର ବାଳୀ ମୁଠା ଭଣା ପାତ୍ର ନୁହେଁ । ସେ ପ୍ରତ୍ୟହ ପ୍ରଭାତରୁ ଉଠି ସୂର୍ଯ୍ୟୋଦୟ ପୂର୍ବରୁ ଚାରି ସମୁଦ୍ରରେ ସ୍ନାନ କରି ଆସେ । ପବନ ପୁଷ୍ପଗନ୍ଧ ହରଣ କଲା ପରି ବାଳୀ ଶତ୍ରୁକୁ ଦେଖିଲାକ୍ଷଣି ତାହା ଦେହରୁ ଅଧେ ବଳ ହରିନିଏ । ତୁମ୍ଭେ ସେ ସହଜରେ ତାକୁ ମାରିପାରିବ, ଏହା କିପରି ବିଶ୍ୱାସ କରିବି ?" ରାମଚନ୍ଦ୍ର ମୃଦୁ ହସି କହିଲେ—"ତେବେ କଅଣ ହେଲେ ତୁମ୍ଭର ସନ୍ଦେହ ଦୂର ହେବ ?" ସୁଗ୍ରୀବ କହିଲା—"ଦୁନ୍ଦୁଭି ନାମରେ ଗୋଟାଏ ଦୁର୍ଜୟ ରାକ୍ଷସ

ସଂସାରଯାକ ଖୋଜି ତାହାର ସମକକ୍ଷ ଯୋଦ୍ଧା ପାଇଲା ନାହିଁ । ଶେଷରେ ବାଳୀ ପାଖକୁ ଆସି ଯୁଦ୍ଧ ମାଗିଲା । ବାଳୀ ତାକୁ ଯୁଦ୍ଧରେ ମାରି ଏହି ପର୍ବତକୁ ଫିଙ୍ଗି-ଦେଲା । ଏହି ଦେଖ, ପର୍ବତ ତଳେ ପ୍ରକାଣ୍ଡ ଗିରିଚୂଡ଼ା ତୁଲ୍ୟ ତାହାର ଅସ୍ଥିପଞ୍ଜର ପଡ଼ି ରହିଛି । ବାଳୀ ତାକୁ ଫିଙ୍ଗିଦେଲାବେଳେ ତାହାର ରକ୍ତ ଏହି ପର୍ବତସ୍ଥ ମତଙ୍ଗଋଷିଙ୍କ ଆଶ୍ରମରେ ଓ ମୁନିଙ୍କ ଦେହରେ ପଡ଼ିଲା । ମହର୍ଷି ତାହା ଦେଖି ରୁଷ୍ଟ ହୋଇ ଅଭିଶାପ ଦେଲେ—"ଯେଉଁ ପାମର ଏଭଳି ବୀଭତ୍ସ କର୍ମ କଲା, ଏ ପର୍ବତକୁ ଆସିଲେ ତାହାର ମୃତ୍ୟୁ ଘଟିବ । ସେହି ହେତୁ ବାଳୀ ଭୟରେ ଏ ପର୍ବତର ସୀମା ସୁଦ୍ଧା ମାଡ଼େ ନାହିଁ । ତୁମ୍ଭେ ଏହି ଦୁନ୍ଦୁଭି ଅସ୍ଥିକୁ ଯୋଜନେ ଦୂରକୁ ଫିଙ୍ଗିଦେଇପାରିଲେ ବାଳୀକୁ ମାରିପାରିବ ବୋଲି ବିଶ୍ୱାସ କରିବି ।" ରାମଚନ୍ଦ୍ର ଏହା ଶୁଣି ଦୁନ୍ଦୁଭିର ଅସ୍ଥିପଞ୍ଜର ପାଖକୁ ଯାଇ ବାମପାଦର ବୃଦ୍ଧାଙ୍ଗୁଳିଦ୍ୱାରା ତାକୁ ଦଶ ଯୋଜନ ଦୂରକୁ ଫିଙ୍ଗି-ଦେଲେ । ତେବେ ବି ସୁଗ୍ରୀବ ସହଜାଳେ ପରତେ ଗଲା ନାହିଁ । ସେ କହିଲା—"ବାଳୀ ଫିଙ୍ଗିବାବେଳେ ଅସୁରଦେହ ରକ୍ତମାଂସରେ ଭରି ହୋଇଥିଲା, ଏବେ ଖାଲି ଶୁଷ୍କ ଅସ୍ଥିପଞ୍ଜର ଅଛି । ଏଥିରେ ତୁମ୍ଭର ବଳ ବାଳୀଠାରୁ ଅଧିକ ବୋଲି କିପରି ବୁଝିବି ? ଏହି ଯେ ଏକାଧାଡ଼ିରେ ବଜ୍ର ପରି କଠିନ ସାତଟା ସ୍ଥୂଳ ଶାଳ-ଗଛ ଅଛି, ଏହାକୁ ଏକାବାଣକରେ ଯେବେ ତୁମ୍ଭେ ଫୁଟାଇପାରିବ, ତେବେ ମୋର ଆଉ କିଛି ସନ୍ଦେହ ରହିବ ନାହିଁ ।" ସୁଗ୍ରୀବ ମୁହଁରୁ ଏ କଥା ନ ସରୁଣୁ ରାମଚନ୍ଦ୍ର ବାଣ ପ୍ରୟୋଗ କରି ସପ୍ତଶାଳ ଭେଦ କରିଦେଲେ । ସେ ବାଣ ସପ୍ତଶାଳ ଫୁଟାଇ, ପୃଥିବୀ ଫୁଟାଇ ପାତାଳକୁ ଗଲା ଏବଂ ପୁଣି ଆସି ରାମଚନ୍ଦ୍ରଙ୍କ ତୂଣୀରରେ ପଶିଲା । ଏ ଅଦ୍ଭୁତ ଶିକ୍ଷା ଦେଖି ସୁଗ୍ରୀବ ଆଖିରୁ ଭୟ ଓ ବିସ୍ମୟରେ ଅଶ୍ରୁକଣା ଖସିପଡ଼ିଲା । ସେ ରାମଚନ୍ଦ୍ରଙ୍କ ଗୋଡ଼ ତଳେ ପଡ଼ିଯାଇ କହିଲା—"ପ୍ରଭୋ, ମୁଁ ଅତି ଦୁର୍ବଳ ବନ୍ୟବାସୀ, ତୁମ୍ଭ ପରାକ୍ରମରେ ସନ୍ଦେହ କରିଥିଲି; ମାତ୍ର ଏବେ ବୁଝିଲି—ଗୋଟାଏ ବାଳୀ କି ଛାର, ତୁମ୍ଭେ ମୁହୂର୍ତ୍ତିକେ ସହସ୍ର ବାଳୀଙ୍କୁ ସଂହାର କରିପାର । ବନ୍ଧୁବର, ମୋର ଏ କ୍ଷୁଦ୍ରତା, ଏ ଦୁର୍ବଳତା, ଏ ଅବିଶ୍ୱାସ କ୍ଷମାକର ।" ରାମଚନ୍ଦ୍ର ବନ୍ଧୁର ଏ କାକୁତି ଶୁଣି ତାକୁ ଭୂମିରୁ ଉଠାଇ ପ୍ରେମରେ ଆଲିଙ୍ଗନ କଲେ ।

ସୁଗ୍ରୀବ ଆଉ କାଳ ବିଳମ୍ବ ନ କରି ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ଘେନି କିଷ୍କିନ୍ଧ୍ୟା ଗଡ଼ରେ ଯାଇ ଉପସ୍ଥିତ ହେଲା । ରାମଚନ୍ଦ୍ର ଅନୁଜ ସହି ବୃକ୍ଷାନ୍ତ-ରାଳରେ ରହିଲେ, ସୁଗ୍ରୀବ ବାଳୀର ସିଂହଦ୍ୱାରରେ ଗର୍ଜନ କରି ତାକୁ ଯୁଦ୍ଧ ନିମନ୍ତେ ଆହ୍ୱାନ କଲା । ବାଳୀ ତାହାର ସଦର୍ପ ଆସ୍ଫାଳନରେ କ୍ରୁଦ୍ଧହୋଇ ଅନ୍ତଃପୁର ମଧ୍ୟରୁ ବାହାରି ଆସିଲା । ତାହାର ପାଟରାଣୀ ମହାସତୀ ତାରା ତାକୁ ସୁଗ୍ରୀବ ସଙ୍ଗେ ଯୁଦ୍ଧ କରିବାକୁ ନିଷେଧ କଲା; ମାତ୍ର ସେ ସେଥିରେ କର୍ଣ୍ଣପାତ ନ କରି ଆସି ଯୁଦ୍ଧ କଲା । ଦୁଇ ଭାଇଙ୍କର ତୁମୁଳ ଯୁଦ୍ଧ ଲାଗିଲା । ଏହି ସମୟରେ ରାମଚନ୍ଦ୍ର ବୃକ୍ଷ ଆଢ଼ୁଆଳରୁ ବାଣ ମାରି ବାଳୀର ବିଶାଳ ବକ୍ଷଃସ୍ଥଳ ଭେଦ କଲେ । ବାଳୀ ଯନ୍ତ୍ରଣାରେ ଅଧୀର ହୋଇ ରକ୍ତାକ୍ତ କଳେବରରେ ତଳେ ପଡ଼ିଗଲା । ରାମଚନ୍ଦ୍ର ଓ ଲକ୍ଷ୍ମଣ ଆସି ତାହା ଆଗରେ ଠିଆହେଲେ । ବାଳୀ ରାମଚନ୍ଦ୍ରଙ୍କୁ ଚାହିଁ କ୍ଷୀଣକଣ୍ଠରେ କହିଲା—"ପ୍ରଭୋ, ତୁମ୍ଭ ବାଣସ୍ପର୍ଶରେ ମୁଁ ଦିବ୍ୟ ଜ୍ଞାନ ଲାଭ କରିଅଛି । ତୁମ୍ଭେ କିଏ, ମୁଁ ଏବେ ଚିହ୍ନିପାରୁଅଛି । ତୁମ୍ଭେ ଗୋଲୋକ-ବିହାରୀ ବିଷ୍ଣୁ । ଦୁଷ୍ଟଦମନ, ଶିଷ୍ଟପାଳନ ଓ ଧର୍ମରକ୍ଷା ନିମନ୍ତେ ନରରୂପରେ ଅବତୀର୍ଣ୍ଣ ହୋଇଛ । ତୁମ୍ଭର ନାରୀଚୋର ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କରିବା ସକାଶେ ସୁଗ୍ରୀବ ସହିତ ମିତ୍ରତା କରିଅଛ, ଏହା ସୁଦ୍ଧା ଜାଣେ । ମୁଁ ତୁମ୍ଭ ହାତରେ ମରିବି, ଆଜି ମୋର ଆନନ୍ଦର ଦିନ । ଆଜି ମୋ ପାପର ଉପଯୁକ୍ତ ପ୍ରତିକାର ହେଲା । ତୁମ୍ଭ ହାତରେ ମରି ତାରଣ ହେବି, ଏହାଠାରୁ ବଳି ସୁଖ କ'ଣ ଅଛି ? ମୋର ଉଚ୍ଛୃଙ୍ଖଳତା, ପଦସ୍ଖଳନ ପ୍ରଭୃତି ପାପ ମୋତେ ନରକରେ ଠାବ ଦେଇଥାନ୍ତା, ତୁମ୍ଭେ ଦୟାକରି ମୋତେ ସେଥିରୁ ଉଦ୍ଧାର କଲ । ଏହା ଯେ ବହୁ ରହିବାଠାରୁ ଗୋଟିଏ କ୍ଷଣରେ ଲଭ, ଏଥିରେ ସନ୍ଦେହ କ'ଣ ଅଛି ? ତୁମ୍ଭେ ପାପୀକୁ ସଂହାର

କରି ସ୍ୱଜଧର୍ମ ପାଳନ କରିଅଛ, ଏହା ସୁଦ୍ଧା ମୋର ଆନନ୍ଦର ଅପର କାରଣ । ଆଉ ମୃତ୍ୟୁକୁ ଭୟ କାହାର ? ମୃତ୍ୟୁ ବୀରର ଅମୃତ ଜୀବନ । ବୀର ମୃତ୍ୟୁରେ ଆନନ୍ଦିତ ହୁଏ । ମୃତ୍ୟୁରୁ ଯେଉଁ ଅମୃତ ଝରେ, ତାହାର ଆସ୍ୱାଦ ବୀର ସିନା ବୁଝେ ! ସେ ଯାହା ହେଉ, ତୁମ୍ଭ-ଠାରେ ଅନ୍ତିମ ମାଗୁଣି ଏହି ଯେ, ତୁମ୍ଭେ ସ୍ନେହସୂତ୍ରରେ ଏ ରାଜପରିବାରର ସୁବ୍ୟବସ୍ଥା କରିଦେବ ।” ରାମଚନ୍ଦ୍ର କହିଲେ—“କପିବର, ମୋ ଯୋଗୁଁ ତୁମ୍ଭେ ମୁକ୍ତିଲାଭ କରି ନାହିଁ, ତୁମ୍ଭର ଅନୁତାପ ତୁମ୍ଭଙ୍କୁ ପାପରୁ ମୁକ୍ତ କରି-ଅଛି । ଦେହ ଅପବିତ୍ର ହେଲେ ଜଳରେ ଶୁଦ୍ଧ ହୁଏ । ସେହିପରି ମନ ଅପବିତ୍ର ହେଲେ ତାହା ଅନୁତାପରେ ଶୁଦ୍ଧ ହୁଏ । ଅନୁତାପହିଁ ପାପର ସର୍ବଶ୍ରେଷ୍ଠ ପ୍ରାୟଶ୍ଚିତ୍ତ । ସ୍ୱର୍ଣ୍ଣପର୍ବତ ଦାନରେ ଯେଉଁ ପାପର ପ୍ରାୟଶ୍ଚିତ୍ତ ହୋଇ-ପାରେ ନାହିଁ, ଏକା ଅନୁତାପରେ ସେ ପାପ ମରିଯାଏ । ତୁମ୍ଭେ ସୁଗ୍ରୀବଙ୍କ ଅଗ୍ରଜ, ସୁତରାଂ ମୋର ବନ୍ଦନୀୟ । ତୁମ୍ଭର ଅନୁରୋଧକୁ ମୁଁ ଆଦେଶ ଜ୍ଞାନରେ ଅବଶ୍ୟ ପାଳନ କରିବି ।” ଏହି ସମୟରେ ସୁଗ୍ରୀବ ଆସି ବାଳୀର ସମ୍ମୁଖୀନ ହେବାରୁ ବାଳୀ ସ୍ନେହ-ଶୀତଳ ସ୍ୱରରେ କହିଲା—“ଆସ ଭାଇ ଆସ, ତୁ ମୋତେ ମରାଇଲୁ ବୋଲି ଲଜ୍ଜିତ ହୁ’ନା । ମୋର ଅସଦାଚ-ରଣ, ମୋର ପାପ ମୋତେ ମାରିଛି, ତୋର କିଛି ଦୋଷ ନାହିଁ ସୁଗ୍ରୀବ ! ସାମାନ୍ୟ ଭୁଲକୁ ଗୁରୁତର ଦୋଷ ମଣି ମୁଁ ତୋତେ ଦେଶାନ୍ତର କରିଥିଲି । ଗୋଟାଏ ପାର୍ଥିବ ମୋହ ମୋତେ ଅନ୍ଧ କରିଥିଲା । ରାମଚନ୍ଦ୍ରଙ୍କ ବାଣରେ ସେ ମୋହ ମରିଯାଇଅଛି, ଏବେ ମୁଁ କ୍ରୋଧ, ହିଂସା, ଦ୍ୱେଷ ପ୍ରଭୃତିର ଅତୀତ । ତୋ ପ୍ରତି ମୋର ଶେଷ ଉପଦେଶ ଏତିକି ଯେ—“ତୁ ମିତ୍ରକାର୍ଯ୍ୟରେ ଦେହ, ମନ, ପ୍ରାଣ ସମର୍ପଣ କରିବୁ । ଯେଉଁ ବାଳୀ ରାବଣକୁ କାଖରେ ଯାକି ଧରିଥିଲା, ତୁ ସେହି ବାଳୀର ଭାଇ— ଦୁହିଙ୍କ ଦେହରେ ଏକା ରକ୍ତ ଅଛି । ତୋ ଦ୍ୱାରା ରାମଚନ୍ଦ୍ରଙ୍କର କାର୍ଯ୍ୟ ନିଶ୍ଚୟ ସିଦ୍ଧ ହେବ; ମାତ୍ର ବିଳମ୍ବରେ ହେବ । ମୁଁ ହୋଇଥିଲେ ଏତେଦିନକେ ରାବଣକୁ ମାରି ସୀତାଙ୍କୁ ଆଣି ଦେଇଥାନ୍ତି । ସୁଗ୍ରୀବ, ତାରା ମହା ସାଧ୍ୱୀ, ଅତି ମହାବୁଦ୍ଧିମତୀ । ତାହାର ସୁମନ୍ତ୍ରଣା ଗ୍ରହଣ କରିବୁ । ସେଥିରେ ତୋର ମଙ୍ଗଳ ହେବ । ବାଳକ ଅଙ୍ଗଦ ବଡ଼ ଅଲେଳ, ତାକୁ ପୁତ୍ରବତ୍ ସ୍ନେହରେ ଆଜିଠୁ ଆଦରଣ ସହ ରକ୍ଷଣ ପାଳନ କରିବୁ । ଏହି ଦେବ-ଦତ୍ତ ମାଳ ନେଇ କଣ୍ଠରେ ଧାରଣ କର । ଏହା ଯୋଗୁ ତୁ ତ୍ରିଭୁବନରେ ଅଜେୟ ହେବୁ । ଏ ମୋର ପିତା ଇନ୍ଦ୍ରଙ୍କ ପ୍ରଦତ୍ତ ମାଳ । ଏ ତୋର ରକ୍ଷାକବଚ ହେବ ।” ବାଳୀ ଏହା କହି ନିଜ କଣ୍ଠରୁ ମାଳ ବାହାର କରି ସୁଗ୍ରୀବ ହାତକୁ ବଢ଼ାଇଦେଇସାରି ପ୍ରାଣତ୍ୟାଗ କଲା । ସୁଗ୍ରୀବ ଭ୍ରାତୃଶୋକରେ କାନ୍ଦିପକାଇଲା । ଜୀବନ୍ତେ ସେ ପରମ ଶତ୍ରୁ, ମରନ୍ତେ ସେ ଆତ୍ମୀୟ । ଧନ୍ୟ ଏ ମାୟା-ମୟୀଙ୍କର ଖେଳ !

ଯଥାସମୟରେ ରାଜୋପଚାରରେ ବାଳୀର ଶବଦାହ କରାଗଲା । ରାମଚନ୍ଦ୍ର ସୁଗ୍ରୀବ ମୁଣ୍ଡରେ ପାଗ ବାନ୍ଧି ତାକୁ କିଷ୍କିନ୍ଧ୍ୟାର ରାଜଗାଦିରେ ବସାଇଲେ । ତାରାକୁ ତାହାର ପାଟମହିଷୀ ରୂପରେ ଅଭିଷିକ୍ତ କଲେ । ବାଳୀପୁତ୍ର ଅଙ୍ଗଦ କିଷ୍କିନ୍ଧ୍ୟାର ଯୁବରାଜ ହେଲା । ରାମଚନ୍ଦ୍ରଙ୍କ ପ୍ରସାଦରୁ ସୁଗ୍ରୀବ ହୃତରାଜ୍ୟ ଓ ହୃତସ୍ତ୍ରୀ ପାଇ ପରମ ସୁଖୀ ହେଲା ଏବଂ ଏହି ଅସାଧାରଣ ଅନୁଗ୍ରହ ହେତୁ ରାମଚନ୍ଦ୍ରଙ୍କ ନିକଟରେ ପ୍ରାଣଭରି କୃତଜ୍ଞତା ଜ୍ଞାପନ କଲା । ଅନନ୍ତର ରାମଚନ୍ଦ୍ର କହିଲେ—“ବନ୍ଧୁ, ତୁମ୍ଭେ ବନରେ ବହୁତ କଷ୍ଟ ଦୁଃଖ ପାଇଛ, ଏବେ କିଛିଦିନ ରାଜସୁଖ ଉପଭୋଗ କର । ବର୍ଷାକାଳ ଉପସ୍ଥିତ । ଏହା ଯୁଦ୍ଧ କରିବାର ସମୟ ନୁହେଁ । ମୁଁ ଯାଉଛି, ଏହି ମାଲ୍ୟବାନ ପର୍ବତରେ ଚାତୁର୍ମାସ୍ୟ କଟାଇବି । ବର୍ଷା ଚାରି ମାସ ପରେ ହେମନ୍ତ ଋତୁ କାର୍ତ୍ତିକ ମାସରେ ତୁମ୍ଭେ ସୈନ୍ୟ ସଂଗ୍ରହ କରି ମାଲ୍ୟବାନରେ ଯାଇ ଉପସ୍ଥିତ ହେବ । ସେତେବେଳେ ଯାହା କର୍ତ୍ତବ୍ୟ ବିବେଚିତ ହେବ, ତାହା କରାଯିବ ।” ସୁଗ୍ରୀବ ଏ ପ୍ରସ୍ତାବରେ ସମ୍ମତ ହୋଇ ଅନୁଚର ପଠାଇ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କ ପାଇଁ ମାଲ୍ୟବାନ ଶିଖରରେ ସୁରମ୍ୟ କୁଟୀର ପ୍ରସ୍ତୁତ କରାଇଦେଲା । ରାମଚନ୍ଦ୍ର ଓ ଲକ୍ଷ୍ମଣ ସେହି କୁଟୀରରେ ଯାଇ ବାସକଲେ ।

## ଷୋଡ଼ଶ ପରିଚ୍ଛେଦ

ଦେଖୁ ଦେଖୁ ବର୍ଷାକାଳ ଘୋଟି ଆସିଲା । ଘୋର ଘନଘଟାରେ ଚୌଦିଗ ସମାଚ୍ଛନ୍ନ ହେଲା । ଉପଯୁକ୍ତ ଗୁଣଧର ପୁତ୍ର ପିତୃ-ପିତାମହଙ୍କୁ ଆବୃତ କଲା ପରି ସୂର୍ଯ୍ୟକିରଣ-ଜାତ ମେଘପଟଳ ସେହି ସୂର୍ଯ୍ୟକିରଣକୁ ଘୋଡ଼ାଇ ପକାଇଲା । ନଭଃହସ୍ତୀ ମେଘକୁଳର ଗମ୍ଭୀର ଗର୍ଜନ ଶୁଣି ଅରଣ୍ୟସ୍ଥିତ ମତ୍ତ ଦନ୍ତାବଳବୃନ୍ଦ ସ୍ୱଚ୍ଛ ଇଚ୍ଛାରେ ଭୀଷଣ ଚିତ୍କାର କରିବାକୁ ଲାଗିଲେ । ଅନବରତ ଜଳଧାରା ପତନ ଶବ୍ଦରେ ଦିଗ୍‌କାନନ ଝଙ୍କାରିତ । ସତେ ଯେପରି ଅସଂଖ୍ୟ ବାଦ୍ୟଯନ୍ତ୍ର ଏକସଙ୍ଗରେ ବାଜୁଅଛି । "ଦୁହିଁଲେ ଅମରବୃନ୍ଦ କାମଧେନୁ ଚାରି, ବସୁଧାରେ ବଡୁଧାରେ ବର୍ଷିଯାଏ କ୍ଷୀର" କୃଷକ କଣ୍ଠରୁ ଏହି ଆନନ୍ଦ ସଙ୍ଗୀତ ଉଠୁଅଛି । ପର୍ବତଚୂଡ଼ାରେ ମେଘର କ୍ରୀଡ଼ା ବଡ଼ ମନୋହର । ମେଘଖଣ୍ଡମାନ କନ୍ଦରରୁ ଝୁଙ୍କା ଦେଲେବେଳେ ଘନପଲ୍ଲବିତ କୁଟଜ, ତମାଳ, ଲୋଧ୍ର ଓ ଅର୍ଜୁନ ବୃକ୍ଷ ରଚିତ ଇନ୍ଦ୍ରନୀଳ ପାଉଛରେ ଉପରକୁ ଉଠିଯାଉଛନ୍ତି, କେବେ ବା ତରୁକୁଞ୍ଜରେ ଲୁଚକାଳି ଖେଳି ଖେଳି ଖଣ୍ଡିତ ଦେହରେ ଖଣ୍ଡେ କୌତୁକରେ ଜଳପଙ୍କ ତଳକୁ ଖସି ଆସୁଛନ୍ତି । କେବେ କେବେ ଆକାଶରେ ଇନ୍ଦ୍ରଧନୁ ପଡ଼ିଯାଉଛି । ନୃତ୍ୟଶୀଳ ମୟୂର ବିଚିତ୍ର ପକ୍ଷ ବିସ୍ତାର କରି ସେହି ଶୋଭା ଅନୁକରଣ କରୁଅଛି । ବକପଙ୍‌କ୍ତି ବିନା ସୂତାରେ ଗୁନ୍ଥା କଇଁଫୁଲ ପରି ଉଡ଼ି ବୁଲୁଛନ୍ତି । ମୟୂର, ଡାହୁକ, ଚାତକ, ଭେକ, ଶାମୁକା ଆଉ ଝିଲ୍ଲୀର ପୃଥକ ଶବ୍ଦ ସର୍ବଦା ବନସ୍ଥଳୀକୁ ମୁଖରିତ କରି ରଖିଅଛି । ତୃଣଗୁଳ୍ମରେ ବନଭୂମି ଆବୃତ । ନବଦୁର୍ବାଦଳ ଉପରେ ସାଧବାଣୀ କାଟସ୍ତୁଣ୍ଡିକ ଶ୍ୟାମଳ ଗାଲିଚାରେ ଲାଲଫୁଲ ପଡ଼ିଲା ପରି ବଡ଼ ସୁନ୍ଦର ଦିଶୁଛି । ଗିରିନିର୍ଝରମାନ ସମ୍ପଦ-ମଦରେ ମତ୍ତ ହୋଇ ଦୁଇକୂଳ ବୁଡ଼ାଇ ବହୁଅଛି । ତାହାର ଗୈରିକ ଜଳ କୁଟଜ କଦମ୍ବ ଫୁଲର ପରାଗରେ ଅଳଙ୍କୃତ ହୋଇଅଛି । ଜାମୁଗଛର ଡାଳରେ କଞ୍ଚା, ଦରପାଚିଲା, ପାଚିଲା କୋଳିସଦୃଶ ମରକତ, ପଦ୍ମରାଗ, ନୀଳା ଏକତ୍ର ଗୁନ୍ଥାହେଲା ପ୍ରାୟ ଦିଶୁଅଛି । ପର୍ବତରାଜ ମାଲ୍ୟବାନ ବର୍ଷାକାଳରେ ଅପୂର୍ବ ଉତ୍ସବବେଶରେ ସଜ୍ଜିତ ହୋଇ ନୟନ ମନ ହରଣ କରୁଅଛି । ରାମଚନ୍ଦ୍ର ଲକ୍ଷ୍ମଣଙ୍କ ସହ ସେହି ଗିରିଶିଖରରେ ଚତୁର୍ମାସ୍ୟା ଯାପନ କରିବାକୁ ଲାଗିଲେ । ଅଗସ୍ତ୍ୟ ମାର୍କଣ୍ଡେୟ ପ୍ରଭୃତି ସିଦ୍ଧତପା ଋଷିମାନେ ଅଧିକାଂଶ ସମୟରେ ରାମଚନ୍ଦ୍ରଙ୍କ କୁଟୀରକୁ ଆସୁଥିଲେ । ସେମାନଙ୍କ ସଙ୍ଗେ ସଦାଳାପ କରି ଓ ବର୍ଷା-ପ୍ରକୃତିର ସମ୍ମୋହନ ଶୋଭା ଦେଖି ରାମଚନ୍ଦ୍ର ସୀତାଙ୍କ ବିଚ୍ଛେଦଶୋକ କଥଞ୍ଚିତ ବିସ୍ମୃତ ହୋଇଥିଲେ ।

କ୍ରମେ ବର୍ଷାକାଳ ପରେ ଶରତ୍‌କାଳ ଯାଇ ହେମନ୍ତ ଉପସ୍ଥିତ ହେଲା । ଜଳ, ପଙ୍କ ଶୁଖିଯାଇ ପଥଘାଟ ସୁଗମ ହୋଇଗଲା । ଏହି ହେମନ୍ତକାଳହିଁ ଯୁଦ୍ଧାନୁକୂଳର ଉପଯୁକ୍ତ ସମୟ; କିନ୍ତୁ ସୁଗ୍ରୀବ ଅବଧି ଥାଉ ଦେଖା ଆସିଲା ନାହିଁ । ରାମଚନ୍ଦ୍ର ଉଦ୍‌ବିଗ୍ନ ହୋଇଉଠିଲେ । ତାଙ୍କର ଦିନ ସରିଲା ନାହିଁ — ଦିନକ ବର୍ଷକ ପରି ଦୀର୍ଘ ହୋଇ ଉଠିଲା । ତହୁଁ ସେ ସୁଗ୍ରୀବଙ୍କୁ ସ୍ମରଣ କରାଇଦେବା ପାଇଁ ଲକ୍ଷ୍ମଣଙ୍କୁ ପଠାଇଲେ । ଲକ୍ଷ୍ମଣ କିଷ୍କିନ୍ଧ୍ୟାରେ ପହଞ୍ଚି ସୁଗ୍ରୀବଙ୍କୁ ରାମଚନ୍ଦ୍ରଙ୍କର ଆଦେଶ ଜଣାଇଲେ । ସୁଗ୍ରୀବ ସୈନ୍ୟ ସଂଗ୍ରହ ସକାଶେ ହନୁମାନ, ଅଙ୍ଗଦ ପ୍ରଭୃତି ପ୍ରଧାନ ପ୍ରଧାନ ବୀରମାନଙ୍କୁ ନାନା ସ୍ଥାନକୁ ପଠାଇଲେ । ହିମାଳୟଠାରୁ ବିନ୍ଧ୍ୟଗିରି ପର୍ଯ୍ୟନ୍ତ ଯେତେ ବାନର ଥିଲେ, ସୁଗ୍ରୀବଙ୍କ ଆହ୍ୱାନରେ ସମସ୍ତେ ଆସି କିଷ୍କିନ୍ଧ୍ୟାରେ ମିଳିତ ହେଲେ ।

ସୁଗ୍ରୀବ ସେମାନଙ୍କୁ ଘେନି ଲକ୍ଷ୍ମଣଙ୍କ ସଙ୍ଗରେ ମାଲ୍ୟବାନ ପର୍ବତ ଅଭିମୁଖରେ ଯାତ୍ରା କଲା । ଦୈତ୍ୟ ସମ ଭୟଙ୍କର ମହାବଳଶାଳୀ ବିବିଧ ବର୍ଣ୍ଣର ବିରାଟ ବାନର ବାହିନୀ କିଳିକିଳା ନାଦ କରି ଅଗ୍ରସର ହେଲା । ସେମାନଙ୍କ ମୁଖନିଃସୃତ "ରାମଲକ୍ଷ୍ମଣଙ୍କର ଜୟ, ସୁଗ୍ରୀବଙ୍କର ଜୟ, ସୁଗ୍ରୀବଙ୍କର ଜୟ" ଶବ୍ଦରେ ଆକାଶ ଫାଟିଗଲା ପରି ବୋଧ ହେଲା । ଯଥାସମୟରେ ସୁଗ୍ରୀବ ପର୍ବତ ଉପରେ ଯାଇ ରାମଚନ୍ଦ୍ରଙ୍କୁ ଦର୍ଶନ କଲା ଏବଂ ଭକ୍ତିରେ ଅଭିବାଦନ କରି ତାଳ, ତମାଳ ପ୍ରଭୃତି ସୁମଧୁର ରସାଳ ଫଳ ଓ ନାନାବିଧ ସୁପକ୍ୱ କୋଳି ଭେଟି ଦେଲା । ରାମଚନ୍ଦ୍ର ବନ୍ଧୁଙ୍କୁ ସାଗ୍ରହ ଆଲିଙ୍ଗ-

ପୂର୍ବକ ତାହାର ଭକ୍ତିପ୍ରୀତିପ୍ରଦତ୍ତ ସାମାନ୍ୟ ଉପହାରକୁ ବହୁମୂଲ୍ୟଜ୍ଞାନରେ ଗ୍ରହଣ କଲେ । ଶ୍ରଦ୍ଧା-ଭକ୍ତି ସିନା ପଦାର୍ଥର ମୂଲ୍ୟ ଓ ଗୌରବ ବଢ଼ାଏ ! ରାମଚନ୍ଦ୍ର ଆକାଶର ନକ୍ଷତ୍ର ପରି ଅଗଣିତ ସୈନ୍ୟ ସମାବେଶ ଦେଖି ଆନନ୍ଦ ଓ ବିସ୍ମୟରେ ଅଭିଭୂତ ହୋଇଗଲେ । ଅଧିକନ୍ତୁ ସୁଗ୍ରୀବର କ୍ଷମତାକୁ ବାରମ୍ବାର ପ୍ରଶଂସା କଲେ ।

ଅନନ୍ତର ସୁଗ୍ରୀବ ସୀତାଙ୍କୁ ଖୋଜିବା ପାଇଁ ପ୍ରଧାନ ପ୍ରଧାନ ଯୂଥପତିମାନଙ୍କୁ ଚତୁର୍ଦ୍ଦିଗକୁ ପଠାଇଲେ। ଯିବା ଆସିବା ସକାଶେ ସେମାନଙ୍କୁ ମାସେ ସମୟ ଦିଆଗଲା । ମାସକରୁ ଅଧିକ ହେଲେ କଠୋର ଶାସ୍ତି ଦିଆଯିବାର ଘୋଷଣା କରାଗଲା । ସେଥିମଧ୍ୟରୁ ହନୁମାନ ପ୍ରମୁଖ କେତେ ଜଣ ବିଖ୍ୟାତ ବୀର ଦକ୍ଷିଣ ଦିଗକୁ ପ୍ରେରିତ ହେଲେ । ହନୁମାନର ସ୍ୱଭାବ, ଚରିତ୍ର ଓ ବ୍ୟବହାରରେ ରାମଚନ୍ଦ୍ର ତାଙ୍କୁ ପରମ ବିଶ୍ୱାସୀ ଜ୍ଞାନ କରନ୍ତି । ସେ ହନୁମାନଙ୍କୁ ତାଙ୍କ ନିଜର ନାମାଙ୍କିତ ରତ୍ନମୁଦ୍ରିକା ତାହା ହସ୍ତରେ ଦେଇ କହିଲେ—“ବତ୍ସ, ତୁମ୍ଭର ଯେପରି ଅତୁଳ ପ୍ରଜ୍ଞା ଓ ଅବ୍ୟାହତ ଗତି, ସେଥିରେ ତୁମ୍ଭେ ସୀତାଙ୍କୁ ଖୋଜି ଠାବ କରିବ ବୋଲି ମୋର ବିଶ୍ୱାସ । ତୁମ୍ଭେ ଏହି ମୁଦ୍ରିକାଟି ସୀତାଙ୍କୁ ଅଭିଜ୍ଞାନସ୍ୱରୂପ ଦେଖାଇଲେ ସେ ନିଶ୍ଚୟ ତୁମ୍ଭକୁ ମୋର ଦୂତ ବୋଲି ବିଶ୍ୱାସ କରିବେ ।” ହନୁମାନ ମୁଦ୍ରିକା ଧରି ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୁଗ୍ରୀବଙ୍କ ପଦବନ୍ଦନପୂର୍ବକ ସହକାରୀମାନଙ୍କ ସହିତ ଦକ୍ଷିଣ ଦିଗକୁ ଯାତ୍ରାକଲା— ଅନ୍ୟାନ୍ୟ ବାନର ବୀର ନିଜ ନିଜର ନିରୂପିତ ଦିଗକୁ ଗଲେ ।

ପ୍ରତାପୀ ବାନର ଦୂତମାନେ ଚତୁର୍ଦ୍ଦିଗକୁ ଯାଇ ସୀତାଙ୍କୁ ଖୋଜିବାକୁ ଲାଗିଲେ । ସେମାନେ ଗନ୍ତ-ପଥରେ ବହୁନଦୀ, ଉପନଦୀ ପାରହୋଇ ନଗର ଗ୍ରାମ, ପ୍ରାନ୍ତର, ବନ ପର୍ବତ, କାନ୍ତାର କନ୍ଦର, ଘାଟି, ତୀର୍ଥ, ଦେବାଳୟ ସବୁ ସ୍ଥାନରେ ଖୋଜିଲେ । ଏକ ସ୍ଥାନରେ ଦୋହରାଇ, ତେହରାଇ ଅନେକ ଥର ଖୋଜିଲେ; ମାତ୍ର କେଉଁଠି ଜନକନନ୍ଦିନୀ ରାମ-ରମଣୀ ସୀତାଙ୍କର ଭେଟ ପାଇଲେ ନାହିଁ କିମ୍ବା କାହାରି-ଠାରୁ ତାଙ୍କର ସନ୍ଦେଶ ସୁଦ୍ଧା ପାଇଲେ ନାହିଁ । ଦେଖୁ ଦେଖୁ ଏକମାସ ପୂର୍ଣ୍ଣ ହେବାକୁ ବସିଲା । ବୀର ବାନରମାନେ ଅବିଶ୍ରାନ୍ତ ଭାବରେ ଖୋଜି ଖୋଜି ବ୍ୟର୍ଥ ଆକାଙ୍କ୍ଷାର ସ୍ତୂପଭାର ବହନ କରି ହତାଶ ହୋଇ ପଡ଼ିଲେ । ଅକୃତକାର୍ଯ୍ୟତାକୁ ବୀରମାନେ ଘୋର ଅପମାନ ମଣନ୍ତି । ଏମନ୍ତ କି ମୃତ୍ୟୁଠାରୁ ଅଧିକ ଜ୍ଞାନ କରନ୍ତି । ଦକ୍ଷିଣ ବ୍ୟତୀତ ଅନ୍ୟ ତିନି ଦିଗର ଦୂତମାନେ ଦଣ୍ଡ ନ ପୂରୁଣୁ ଶୁଷ୍କ ମୁଖରେ ଫେରି ଆସି ସୁଗ୍ରୀବଙ୍କୁ ନିରାଶ-ବାର୍ତ୍ତା ଜଣାଇଲେ ; ମାତ୍ର ସୁଗ୍ରୀବ ବିଚଳିତ ହେଲା ନାହିଁ । ଦକ୍ଷିଣ ଦିଗଗାମୀ ଦୂତମାନଙ୍କ ଦ୍ୱାରା କାର୍ଯ୍ୟ ସିଦ୍ଧ ହେବ ବୋଲି ତାହାର ସମ୍ପୂର୍ଣ୍ଣ ଧାରଣା ଥିଲା ।

ଏଣେ ଦକ୍ଷିଣ ଦିଗକୁ ପ୍ରେରିତ ଅଙ୍ଗଦ,ହନୁମାନ ପ୍ରମୁଖ ଅନେକ ଅଗମ୍ୟ ସଙ୍କଟ ସ୍ଥାନରେ ବୁଲି ବୁଲି କ୍ଳାନ୍ତ ହୋଇ ପଡ଼ିଲେ । ଲଜ୍ଜାବଶତଃ ସେମାନେ ଆଉ ଫେରିବାକୁ ଇଚ୍ଛା କଲେ ନାହିଁ ; ସମସ୍ତେ ଯାଇ ବିନ୍ଧ୍ୟ ପର୍ବତରେ ପ୍ରାୟୋପବେଶନ କରି ରହିଲେ । ଖାଦ୍ୟ ପାନ ଛାଡ଼ି ଉପବାସରେ ମୃତ୍ୟୁ ଅପେକ୍ଷାରେ ରହିବାକୁ ପ୍ରାୟୋପବେଶନ କହନ୍ତି । ହନୁମାନ ଦୁଃଖିତ ହୋଇ କହିଲା—“ହାୟ, ପ୍ରଭୁ ରାମଚନ୍ଦ୍ର କେତେ ଆଶା କରି ପଠାଇଥିଲେ; ମାତ୍ର ମୁଁ ତାଙ୍କ କାର୍ଯ୍ୟ କରିପାରିଲି ନାହିଁ । ଧନ୍ୟ ଜଟାୟୁ ପକ୍ଷୀ ! ସେ ପ୍ରଭୁଙ୍କ କାର୍ଯ୍ୟରେ ପ୍ରାଣତ୍ୟାଗ କଲା, ତାହାର ସେ ମୃତ୍ୟୁ ଶ୍ଲାଘ୍ୟ ।” ସେହି ବିନ୍ଧ୍ୟ ପର୍ବତରେ ଜଟାୟୁର ଅଗ୍ରଜ ‘ସମ୍ପାତି’ ନାମକ ପକ୍ଷୀ ବାସ କରୁଥିଲା; ସେ ହନୁମାନର ଅନୁତାପ ବାକ୍ୟ ମଧ୍ୟରେ ଜଟାୟୁର ମୃତ୍ୟୁସମ୍ବାଦ ଶୁଣି ଅତ୍ୟନ୍ତ ବ୍ୟଥିତ ହୋଇ ହନୁମାନକୁ ତାହାର ପରିଚୟ, ଆଗମନର କାରଣ ଓ ଜଟାୟୁର ମୃତ୍ୟୁ-ବିବରଣ ପଚାରିଲା । ହନୁମାନ ସବୁ ବିସ୍ତୃତ ଭାବରେ କହିଗଲା । ସମ୍ପାତି ତାହା ଶୁଣି ଭ୍ରାତୃ-ଶୋକରେ କାନ୍ଦିପକାଇ କହିଲା— “ଜଟାୟୁ ମୋର ସାନ ଭାଇ, ସେ ବଡ଼ ଭାଗ୍ୟବାନ୍— ପ୍ରଭୁଙ୍କ କାର୍ଯ୍ୟରେ ପ୍ରାଣ ଦାନ କଲା । ମୁଁ ଅକିଞ୍ଚନ, ମୋର ସେ ସୌଭାଗ୍ୟ କାହିଁ ? ତଥାପି ମୁଁ ରାମଚନ୍ଦ୍ରଙ୍କର କିଛି ଉପକାର କରିବି । ତୁମ୍ଭେମାନେ ଆଉ ଅନା-

ଦ୍ୱାରରେ ମର ନାହିଁ, ସୀତା ଯେଉଁଠି ଅଛନ୍ତି, ମୁଁ କହୁଦେବି—ତୁମ୍ଭେମାନେ ସେଠାକୁ ଯାଇ ତାଙ୍କୁ ଦେଖି ଆସି ଶୀଘ୍ର ରାମଚନ୍ଦ୍ରଙ୍କୁ ସମ୍ବାଦ ଦିଅ । ଦିବ୍ୟ ଦୃଷ୍ଟି ପ୍ରଭାବରେ ମୁଁ ସବୁ ଦେଖିପାରେ । ରାବଣ ସୀତାଙ୍କୁ ନେଇ ଲଙ୍କାର ଅଶୋକ ବନରେ ଅସୁରୁଣୀ ଜଗାଇ ରଖିଅଛି—ତୁମ୍ଭେମାନେ ସମୁଦ୍ର ପାରହୋଇ ଯାଇ ତାଙ୍କୁ ଦେଖି ଆସ ।" ଏହା ଶୁଣି ବାନର ଭଲ୍ଲୁକମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ସମସ୍ତେ ଉତ୍ସାହରେ ମାତିଉଠିଲେ । ସମୁଦ୍ର ଶତଯୋଜନ ବିସ୍ତୃତ । କିଏ ଲଙ୍ଘନ କରି ଲଙ୍କାକୁ ଯାଇପାରିବ, ସେଥିର ଆଲୋଚନା ଲାଗିଲା । ଶେଷରେ ସ୍ଥିର ହେଲା—ମହାବୀର ହନୁମାନ ବ୍ୟତୀତ ଏ କାର୍ଯ୍ୟ ଅନ୍ୟର ସାଧ୍ୟାୟତ୍ତ ନୁହେଁ । ତେଣୁ ସମସ୍ତେ ସମୁଦ୍ର ଡେଇଁ ଲଙ୍କାକୁ ଯିବା ସକାଶେ ହନୁମାନଙ୍କୁ କହିଲେ । ଅସାଧ୍ୟ ସାଧନ ହନୁମାନ ଆନନ୍ଦରେ ସମ୍ମତ ହୋଇ ସମସ୍ତଙ୍କର ହର୍ଷ ବର୍ଦ୍ଧନ କଲା । ବିନ୍ଧ୍ୟପର୍ବତ ଉପରୁ ଲଙ୍କାକୁ ଝମ୍ପ ମାରିବାବେଳେ ହନୁମାନର ଦେହ ଭାରରେ ବିନ୍ଧ୍ୟ ତଳକୁ ପଶିଯିବାର ଆଶଙ୍କା ହେବାରୁ ବାନର ବୀରମାନେ ସମୀପଠାରୁ [illegible] ନେଇ ମହେନ୍ଦ୍ର-ପର୍ବତ, ବିରାଟକାୟ, ସମୁଦ୍ର ମହେନ୍ଦ୍ର ଅଭିମୁଖରେ ଯାତ୍ରା କଲେ । ମହେନ୍ଦ୍ର ଗିରିର ପୀଠ ଅତି ସୁଥୂଳ ଓ ବହୁଦୂର ବିସ୍ତୃତ । କାମରୂପୀ ହନୁମାନର ବିରାଟ ଦେହଭାରର ସେହି ଯକ୍ଷକିନ୍ନର-ନିବାସ ଶ୍ୟାମକାନ୍ତ ମହେନ୍ଦ୍ର ଏକା ସହିବାକୁ କ୍ଷମ ହେବ । ସମ୍ପାତିର ଡେଣାରେ ପର ଥିଲା ନାହିଁ । ସୀତାଙ୍କ ସନ୍ଦେଶ କହିବାରୁ ସେଥିରେ ନୂଆ ପର କଅଁଳିଉଠିଲା । ସେ ଆନନ୍ଦିତ ହୋଇ ରାମଚନ୍ଦ୍ରଙ୍କ ମହିମା କୀର୍ତ୍ତନ କରିବାକୁ ଲାଗିଲା । ଅନନ୍ତର ଜଟାୟୁର ମୃତ୍ୟୁଘଟିତ ଅଶୌଚ ସ୍ନାନ କରିବା ସକାଶେ ସମୁଦ୍ର ଆଡକୁ ଉଡିଗଲା । ଏଣେ ହନୁମାନ ସଙ୍ଗୀମାନଙ୍କୁ ବିନ୍ଧ୍ୟ ପର୍ବତରେ ଅପେକ୍ଷା କରି ରହିବାକୁ କହି, ସମସ୍ତଙ୍କୁ ବାଟରୁ ବାହୁଡାଇଦେଇ ଏକାକୀ ମହେନ୍ଦ୍ରମାଳରେ ପ୍ରବେଶ କଲା; ମହେନ୍ଦ୍ରର ସର୍ବୋଚ୍ଚ ଶିଖର ଉପରେ ଚଢି ପୂର୍ବ ଆଡକୁ ଅନାଇଲା । ସମୁଦ୍ର ମହେନ୍ଦ୍ରର ବିଶାଳ ବାହୁ ନୂପୁର ପରି ଦିଶିଲା ।

ଯୋଗିବର ହନୁମାନ 'ଜୟ ରାମଚନ୍ଦ୍ର' ଉଚ୍ଚାରଣ ପୂର୍ବକ ସେହି ମହେନ୍ଦ୍ର ପର୍ବତ ଉପରୁ ଲଙ୍କାକୁ ଲମ୍ଫ ପ୍ରଦାନ କରି ଯୋଗବଳରେ ଆକାଶମାର୍ଗରେ ଗମନ କଲା । ପବନ-ପୁତ୍ର ହନୁମାନ ପବନ ଗତିରେ ପକ୍ଷୀ ପରି ଉଡି ଚାଲିଲା । ବାଟରେ ସିଂହିକା ନାମ୍ନୀ ଦୁରନ୍ତା ରାକ୍ଷସୀ ତାହାର ଗତିରୋଧର ଚେଷ୍ଟା କରିବାରୁ ହନୁମାନ ତାକୁ ଦୁଇଫାଳ କରି ଚିରି ତଳକୁ ପକାଇଦେଲା । ଅସୁରୁଣୀର ପ୍ରକାଣ୍ଡ ମୃତଦେହ ସମୁଦ୍ରରେ ଆସି ପଡିଲା । ହନୁମାନ ଦୁଷ୍ଟା ରାକ୍ଷସୀକୁ ସଂହାର କରି ବାୟୁର ଗତିରେ ଯାଇ ଲଙ୍କା ମଧ୍ୟସ୍ଥ ସୁବଳମ୍ବ ପର୍ବତ ଉପରେ ଓହ୍ଲାଇଲା । ମହାବଳୀ ହନୁମାନ ଏକ ଝମ୍ପରେ ଶତଯୋଜନ ସମୁଦ୍ର ପାରହୋଇ ଗଲା ।

## ସପ୍ତଦଶ ପରିଚ୍ଛେଦ

ମହାବୀର ହନୁମାନ ସୁବଳମ୍ବ ପର୍ବତ ଉପରୁ ଲଙ୍କା ନଗରୀ ଦର୍ଶନ କରି ମୁଗ୍ଧ ଚକିତ ହୋଇଗଲା । ସେ ମନେ ମନେ ଭାବିଲା—"ଏ ନଗରୀ ନା କଳ୍ପନାରେ ସୃଷ୍ଟ, ସ୍ୱପ୍ନରେ ଦେଖା ଖଣ୍ଡିଏ 'ଅପୂର୍ବ କମନୀୟ ଛବି ! ଏହାକୁ ଧରଣୀର ଅଳଙ୍କାର କହିଲେ ଠିକ୍ ହେବ ନାହିଁ । ଅମରାବତୀ ଏହାକୁ କଡ଼ାକର ଇଚ୍ଛ ନୁହେଁ ! ତେବେ ଅମରାବତୀର ଭୂଷଣମଣିର ଜ୍ୟୋତି ବୋଲି କହିଲେ କଣିକାଏମାତ୍ର ସଙ୍ଗତ ହୋଇପାରେ । ଉଃ, ଏସବୁ ଘର ନା ରତ୍ନକୂଟ ? ସୃଷ୍ଟିର ସବୁ ରତ୍ନ କି ଏହିଠାରେ ଏକତ୍ରିତ ହୋଇଅଛି ? ତେବେ ଏହାକୁ ରତ୍ନଲଙ୍କା ନ କହି ସ୍ୱର୍ଣ୍ଣଲଙ୍କା କାହିଁକି କହନ୍ତି ? ଘରର କାନ୍ଥବାଡ଼ ସବୁ ସୁବର୍ଣ୍ଣ-ନିର୍ମିତ । ତହିଁରେ ବିବିଧ ବର୍ଣ୍ଣର ରତ୍ନ ଜଡିତ ହୋଇ ଝଲମଲ କରୁଛି । ମଣି, ମାଣିକ୍ୟ, ହୀରା, ନୀଳା, ମୁକ୍ତା, ପ୍ରବାଳ ପ୍ରଭୃତି ରତ୍ନର ଜ୍ୟୋତିରେ ସୁନା ଫିକା ପରି ଜଣାଯାଏ । ଆହା, ଉଚ୍ଚ ପ୍ରାଚୀର କି ସୁନ୍ଦର ! ତାହାର ଇଟା ରତ୍ନରେ ନିର୍ମିତ କି କାନ୍ତ ଇନ୍ଦ୍ରଧନୁର ଜ୍ୟୋତିରେ ଲିପା ହୋଇଛି, କିଛି ବାରି ହେଉ ନାହିଁ । ସେହି ପ୍ରାଚୀର ମେଘମାନଙ୍କର ଗତିରୋଧ କରି ସଗର୍ବରେ ଠିଆହୋଇଅଛି । ପ୍ରତି ଗୃହଚୂଡାରେ ସୁବର୍ଣ୍ଣ କଳସ

ଉପରେ ବିବିଧ ବର୍ଣ୍ଣର ପତାକା ଉଡ଼ୁଅଛି । ସତେ ଯେପରି ନଗରୀ ହାତ ହଲାଇ "ସୃଷ୍ଟିରେ ମୋ ପରି କେହି ନାହିଁ—ନାହିଁ—ନାହିଁ" ବୋଲି ସଙ୍କେତରେ କହୁଅଛି ।" ହନୁମାନ ଏହିପରି ପ୍ରଶଂସା କରି ଲଙ୍କା-ନଗରୀକୁ ଲୁବ୍ଧ ଦୃଷ୍ଟିରେ ଚାହିଁ ରହିଲା । ଲଙ୍କେଶ୍ୱର ରାବଣର ବିଭବ ଅନନ୍ତ । ତାହା କିଏ କଳିପାରିବ ? କେତେ ସ୍ଥାନରେ କେତେ ଅଦ୍ଭୁତ ଓ କୃତ୍ରିମ ଉଦ୍ୟାନ ରହି ନଗରୀର ଶୋଭା ବୃଦ୍ଧି କରୁଅଛି । କୃତ୍ରିମ ଉପବନସ୍ଥ ବୃକ୍ଷଲତାର କାଣ୍ଡ, ଶାଖା ପତ୍ର, ଫୁଲ କଳି, ଫଳ ସବୁ ବିବିଧ ସ୍ୱର୍ଣ୍ଣର ରତ୍ନରେ ନିର୍ମିତ । ଶାଖା ଉପରେ ଉପବିଷ୍ଟ ପକ୍ଷୀଗୁଡ଼ିକ ସ୍ୱର୍ଣ୍ଣ ବହୁବର୍ଣ୍ଣ-ରତ୍ନନିର୍ମିତ । ସ୍ୱର୍ଣ୍ଣବର୍ଣ୍ଣୀମାନଙ୍କର ଘର ପାଖରେ ସ୍ୱାରକ ପାଲଙ୍କ ବନ୍ଧା ହୋଇଅଛି । କୁଠରେ ପଦ୍ମରାଗ, ମରକତ ପ୍ରଭୃତି ବଡ଼ ବଡ଼ ମଣିମୁକ୍ତା ପଞ୍ଜରରେ ରମଣୀ-ମାନଙ୍କର ଗୋଡ଼ଘଷା ପଥରରୂପେ ବ୍ୟବହୃତ ହେଉ-ଅଛି । ହନୁମାନ ଏହିପରି ଅନେକ ଦେଖି ଦୀର୍ଘ ନିଃଶ୍ୱାସ ପକାଇ କହିଲା—"ହାୟ ରାବଣ, ତୁ କି କଠୋର ତପସ୍ୟା କରି ଏ ଅତୁଳ ପ୍ରାଧାନ୍ୟ, ସମ୍ପଦ ଓ ଆଧିପତ୍ୟ ଲାଭ କରିଥିଲୁ; ମାତ୍ର ସେଥିର ସଦ୍‌ବ୍ୟବ-ହାର କରିପାରିଲୁ ନାହିଁ । ନିଜର ଦୁଷ୍କରଣୀ ହେତୁ ତାହା ସବୁ ହରାଇ ଶେଷରେ ନିଜର ପ୍ରାଣ ହରାଇବୁ ସିନା ! ତୋର ଦୁର୍ଭାଗ୍ୟ ଦେଖି ତୋର ଶତ୍ରୁ ସୁଦ୍ଧା କାନ୍ଦିପକାଇବ ।"

ଅନନ୍ତର ହନୁମାନ ଛଦ୍ମବେଶ ଧରି ରାତିରେ ରାବଣର ନଗର ମଧ୍ୟରେ ପ୍ରବେଶ କଲା । ଲଙ୍କାର ଅଧିଷ୍ଠାତ୍ରୀ ଦେବୀ ଆସି ତାକୁ ବାଟ ଓଗାଳିଲେ; ମାତ୍ର ହନୁମାନ ଦ୍ୱାରା ପରାସ୍ତ ହୋଇ ଅନ୍ତର ହୋଇଗଲେ । ସ୍ୱୟଂ ବିଶ୍ୱପତି ବିଶ୍ୱସ୍ୱାମୀଙ୍କର ଯେ ଭକ୍ତ, ସେବକ, କେ ରୋଧିବ ଗତି ତାର ? ସେ ନିଜେ ବିପୁଳ ଶକ୍ତିଧର, ପୁଣି ଦେବୀ ମହାଶକ୍ତିରେ ଅଜେୟ, ତାକୁ ପରାଜୟ କରି-ବାକୁ ସମର୍ଥ କିଏ ? ହନୁମାନ ନଗର ମଧ୍ୟରେ ପଶି କୁମ୍ଭକର୍ଣ୍ଣ, ଅତିକାୟ, ଇନ୍ଦ୍ରଜିତ, ବିଭୀଷଣ, ବଜ୍ରଦଂଷ୍ଟ୍ର, ପ୍ରହସ୍ତ ପ୍ରଭୃତି ବଡ଼ ବଡ଼ ରାକ୍ଷସ ବୀରମାନଙ୍କର ଘରେ ଏବଂ ଅନ୍ୟାନ୍ୟ ସନ୍ଧିକନ୍ଦି ଅନ୍ୱେଷଣ କରି ସୀତାଙ୍କୁ ପାଇଲା ନାହିଁ । ତହୁଁ ଯାଇଁ ରାବଣର ଅନ୍ତଃପୁର ମଧ୍ୟରେ ପ୍ରବେଶ କଲା; ମାତ୍ର ସେଠାରେ ସୁଦ୍ଧା ରାମ-ରାଣୀ ବୈଦେହୀଙ୍କୁ ଦେଖିଲା ନାହିଁ । ଶେଷରେ ଅଶୋକ ବନରେ ପଶି ଦେଖିଲା—ଯଜ୍ଞାନଳଶିଖା-ରୂପିଣୀ ରାକ୍ଷସୀ-ପରିବେଷ୍ଟିତା ଶୋକଶୀର୍ଣ୍ଣା ଜାନକୀ ରୂପପ୍ରଭାରେ ବନ ଆଲୋକିତ କରି ବସିଅଛନ୍ତି । ପତି-ବିଚ୍ଛେଦବିଧୁରା ସତୀଙ୍କର ଅଶ୍ରୁଧାରା ଗଳି ହେଉ-ଅଛି । ସେ ଗାଲରେ ହାତ ଦେଇ ମହା ଚିନ୍ତାରେ ଶୂନ୍ୟ ଦୃଷ୍ଟିରେ ବସିଅଛନ୍ତି । ହନୁମାନ ତାଙ୍କୁ ଦେଖି ମନରେ ଭାବିଲା—ଏହି ଭକ୍ତି-ଆକର୍ଷିଣୀ ଦେବୀମୂର୍ତ୍ତି ନିଶ୍ଚୟ ସୀତା; ଏଥିରେ କିଛି ସନ୍ଦେହ ନାହିଁ । ଏହି ସମୟରେ ରାକ୍ଷସୀମାନେ ସ୍ନାନ କରିବାକୁ ଉଠିଗଲେ । ହନୁମାନ ସୀତାଙ୍କୁ ଏକାକିନୀ ଦେଖି ସେ ଧୀରେ ଧୀରେ ତାଙ୍କ ପାଖକୁ ଯାଇ ସାଷ୍ଟାଙ୍ଗ ଦଣ୍ଡବତପୂର୍ବକ କର ଯୋଡ଼ି ନିଜର ପରିଚୟ ଓ ଆଗମନର କାରଣ ଜଣାଇଲା ଏବଂ ବିଶ୍ୱାସ ଜନ୍ମାଇବା ନିମିତ୍ତ ରାମଚନ୍ଦ୍ରଙ୍କ ଅଭିଜ୍ଞାନ ମୁଦ୍ରିକା ତାଙ୍କ ହସ୍ତରେ ପ୍ରଦାନ କଲା । ସୀତା ସ୍ୱାମୀ ଦେବତାଙ୍କର ମୁଦ୍ରିକା ଦେଖି ଚିହ୍ନି-ପାରି ମସ୍ତକରେ ଲଗାଇଲେ ଏବଂ ଅଶ୍ରୁଧାରାରେ ବକ୍ଷ ଭସାଇଦେଲେ । ସେ ମୁଦ୍ରିକାକୁ ଚାହିଁ କାନ୍ଦନା ଗଦ୍‌ଗଦ କଣ୍ଠରେ କହିଲେ—"ହାୟ, ମୁଁ ପ୍ରଭୁଙ୍କୁ ଛାଡ଼ି ଆସିଥିଲି, ତୁ କିପାଁ ଛାଡ଼ି ଆସିଲୁ ? ତୁ ସୁଦ୍ଧା କି ମୋହରି ପରି ହତଭାଗିନୀ ? ନ ହେଲେ ପ୍ରଭୁଙ୍କର ଅଙ୍ଗଚ୍ୟୁତ ହୁଅନ୍ତୁ କାହିଁକି ?" ସୀତା ଅନେକ କାନ୍ଦିଲେ । ହନୁମାନ ତାଙ୍କୁ ନାନା ପ୍ରକାରରେ ପ୍ରବୋଧ ଦେବାକୁ ଲାଗିଲା । ସୀତା କହିଲେ—"ବତ୍ସ ହନୁମାନ, ଆର୍ଯ୍ୟ-ପୁତ୍ରଙ୍କୁ କହିବୁ—ପାପିଷ୍ଠ ରାବଣ ମୋତେ ଦୁଇମାସ ସମୟ ଦେଇଅଛି । ଏହାମଧ୍ୟରେ ଯଦି ସେ ମୋତେ ଉଦ୍ଧାର ନ କଲେ ପାପୀ ପାପହସ୍ତରେ ନିଶ୍ଚୟ ମୋର ମସ୍ତକ ଛେଦନ କରିବ—ସେ ଏହି କଠୋର ପ୍ରତିଜ୍ଞା କରି-ଅଛି ।" ସୀତା ଏହା କହି ମସ୍ତକରୁ ମଣି ବାହାର କରି ଅଭିଜ୍ଞାନସ୍ୱରୂପ ହନୁମାନ ହାତରେ ଦେଲେ । ହନୁମାନ ତାହାକୁ ମସ୍ତକରେ ଲଗାଇ ଲୁଗାକାନିରେ ବାନ୍ଧି ରଖିଲା । ତହୁଁ ପରେ ଦୁଇମାସ ନ ପୂର୍ବରୁ ରାମ-

ଚନ୍ଦ୍ର ସୈନ୍ୟ ସହ ଆସି ତାଙ୍କୁ ଉଦ୍ଧାର କରିବେ ବୋଲି ଦୃଢ଼ ଭରସା ଦେଇ ତାଙ୍କ ପଦବନ୍ଦନପୂର୍ବକ ତାଙ୍କଠାରୁ ମେଲାଣି ଘେନି ଆସିଲା ।

ବୀରବର ହନୁମାନ ଅଶୋକ ବନରୁ ବାହାରି ଆସି ମନରେ ଭାବିଲା—କ୍ଲୀବ କାପୁରୁଷ ପରି ଲୁଚିକରି ଆସି ଲୁଚିକରି ପଳାଇବା ମୋର ଉଚିତ କି ? ମନରେ ହର୍ଷକୌତୁକର କଲ୍ଲୋଳ ଉଠିବ ନାହିଁ—ଶୂନ୍ୟମୟ ବନ୍ଧ୍ୟା ମନ ଘେନି ଫେରିଯିବା ମୋ ପକ୍ଷରେ ସୁନ୍ଦର ଦିଶିବ ନାହିଁ, କିଛି ବିକ୍ରମ ପ୍ରକାଶ କରି ରାବଣକୁ ଭୟ ଦେଖାଇ ତାହାର ବଳାବଳ କଳନା କରିଯିବା ଦରକାର ।” ପାବନି ଏହିପରି ଭାବି ରାବଣର ସୁରକ୍ଷିତ ମଧୁବନ ତୋଟାରେ ଯାଇ ପଶିଲା । ଜଗତରେ ଯେଉଁଠି ଯେଉଁ ଉତ୍କୃଷ୍ଟ ଫଳବୃକ୍ଷ ଥିଲା, ବିଶ୍ୱବିଜୟୀ ରାବଣ ତାହାସବୁ ଆଣି ଏହି ତୋଟା ରଚନା କରିଥିଲା । ହନୁମାନ ବାଛି ବାଛି ମଧୁଫଳ ଖାଇ, ଡାଳ ଭାଙ୍ଗି, ଗଛ ଉପାଡି ବଗିଚା ଧ୍ୱଂସ କରିଦେଲା । ରକ୍ଷକମାନେ ଆସି ଯୁଦ୍ଧ କଲେ; ମାତ୍ର ହନୁମାନ ପିମ୍ପୁଡି ମରା ପରି କେତେଗୁଡ଼ାଙ୍କୁ ଗୋଡ଼ରେ ଦଳିଦେଇ ମାରିପକାଇଲା । ଅବଶିଷ୍ଟ କସୁଆଳ ଭୟରେ ପଳାଇଯାଇ କାନ୍ଦି କାନ୍ଦି ରାବଣ ଆଗରେ ଗୁହାରି କଲେ । ରାବଣ କ୍ରୁଦ୍ଧ ହୋଇ ହନୁମାନକୁ ବାନ୍ଧିନେବା ପାଇଁ କେତେ ଜଣ ବଡ଼ ବଡ଼ ରାକ୍ଷସରଥୀଙ୍କୁ ଆଦେଶ ଦେଲା । ସେମାନେ ଯାଇ ଯୁଦ୍ଧ କଲେ; ମାତ୍ର ଅଳ୍ପକ୍ଷଣରେ ହନୁମାନଦ୍ୱାରା ନିହତ ହେଲେ । ରାବଣ ଏହା ଶୁଣି କ୍ରୋଧରେ ଜଳିଉଠିଲା । ତହୁଁ ନିଜର ପୁତ୍ର ଅକ୍ଷୟକୁମାରକୁ ଡାକି ଯୁଦ୍ଧକୁ ପଠାଇଲା । ଅକ୍ଷୟ ପ୍ରାଣପଣରେ ଯୁଦ୍ଧ କରି ହନୁମାନ ହସ୍ତରେ କ୍ଷୟପ୍ରାପ୍ତ ହେଲା । ଶେଷରେ ରାବଣର ପ୍ରଧାନପୁତ୍ର ମହାବୀର ଇନ୍ଦ୍ରଜିତ ଆସି ପାଶ ଅସ୍ତ୍ରରେ ହନୁମାନକୁ ବାନ୍ଧି ଘେନିଗଲା । ସେ ପାଶ ଅସ୍ତ୍ର ବ୍ୟର୍ଥ କରିବାର ଶକ୍ତି ହନୁମାନର ଥିଲା; ମାତ୍ର ସେ ରାବଣକୁ ଦେଖିବା ପାଇଁ ସ୍ୱଇଚ୍ଛାରେ ବନ୍ଧନ ଗ୍ରହଣ କଲା । ହନୁମାନ ରାବଣ ସମ୍ମୁଖ ନୀତ ହୋଇ ତାକୁ ରାଜା ବୋଲି ଖାତିର କଲା ନାହିଁ; ଅଧିକନ୍ତୁ ଅବଜ୍ଞା ପ୍ରଦର୍ଶନ କରି ଜଗତଜନା ଦୁଷ୍ଟ ଭାଷାରେ ଭର୍ତ୍ସନା କରିବାକୁ ଲାଗିଲା । ରାବଣ କ୍ରୁଦ୍ଧ ହୋଇ ସେହି ଅବଧ ବାନର ପ୍ରତି ପ୍ରାଣଦଣ୍ଡର ଆଦେଶ ଦେଲା । ପାପ ରାଜଭ୍ରାତା ଧାର୍ମିକ ବିଭୀଷଣ “ଦୂତ ଅବଧ” ବୋଲି କହି ଆପତ୍ତି କରିବାରୁ ପ୍ରାଣଦଣ୍ଡ ରହିତ ହୋଇ ତତ୍ପରିବର୍ତ୍ତେ ହନୁମାନର ଲାଙ୍ଗୁଳରେ ନିଆଁ ଲଗାଇଦେଇ ଛାଡ଼ିଦେବାର ଆଦେଶ ହେଲା । ତହୁଁ ରାକ୍ଷସମାନେ ହନୁମାନ ଲାଙ୍ଗୁଳରେ ଲୁଗା ଗୁଡ଼ାଇ ତେଲ ଢାଳି ନିଆଁ ଲଗାଇଦେଲେ । ହନୁମାନ ତତ୍କ୍ଷଣାତ୍ ବନ୍ଧନ ଛିନ୍ନ କରି ଲମ୍ଫଦେଇ ରାବଣର ଜଗତି ମେଡ଼ ଉପରେ ଯାଇ ବସିଲା । ସେଠାରୁ ଡେଇଁ ଡେଇଁ ଲଙ୍କାର ସବୁ ଘର ଉପରେ ବୁଲିଆସିଲା । ତାହାର ଲାଙ୍ଗୁଳ ଅଗ୍ନିରେ ଘରଯାକ ପୋଡ଼ି ଭସ୍ମ ହୋଇଗଲା । ଅସଂଖ୍ୟ ରାକ୍ଷସରାକ୍ଷସୀ ପୋଡ଼ିମଲେ । ଲଙ୍କାରେ ହାହାକାର ପଡ଼ିଗଲା । ତହୁଁ ହନୁମାନ ସୁବଳୟ ପର୍ବତକୁ ଆସି ଲାଙ୍ଗୁଳରୁ ନିଆଁ ଲିଭାଇପକାଇଲା । ଅଗ୍ନିରେ ପୋଡ଼ିବ ନାହିଁ ବୋଲି ସେ ଦେବଦତ୍ତ ବର ପାଇଥିଲା, ସୁତରାଂ ତାହାର ଲାଙ୍ଗୁଳ ଏ ଭୀଷଣ ଅଗ୍ନି ଦାହରେ ସୁଦ୍ଧା ଅକ୍ଷତ ରହିଲା । ଏମନ୍ତ କି ତାହା ଲାଙ୍ଗୁଳର ଗୋଟାଏ ଲୋମ ସୁଦ୍ଧା ପୋଡ଼ିଗଲା ନାହିଁ । ବିଶ୍ୱଧର୍ଷକ୍ଷେମ ହନୁମାନ ସାଫଲ୍ୟମଣ୍ଡିତ ହୋଇ ଆନନ୍ଦରେ ସୁବଳୟ ପର୍ବତ ଉପରୁ ଲମ୍ଫ ପ୍ରଦାନପୂର୍ବକ ସମୁଦ୍ର ପାରହୋଇ ମହେନ୍ଦ୍ରଗିରି ଉପରେ ଆସି ନିପତିତ ହେଲା । ସେଠାରୁ ଯାଇ ବିନ୍ଧ୍ୟ ପର୍ବତରେ ସଙ୍ଗୀମାନଙ୍କ ସହିତ ମିଳିତ ହେଲା । ଅଙ୍ଗଦପ୍ରମୁଖ ବାନର ସେନାପତିମାନେ ହନୁମାନଠାରୁ ସମସ୍ତ ଶୁଣି ଆନନ୍ଦରେ କିଳିକିଳା ନାଦ କରିଉଠିଲେ ଏବଂ ଗଭୀର ପ୍ରେମରେ ହନୁମାନକୁ ଆଲିଙ୍ଗନ କରି ଅସଂଖ୍ୟ ଧନ୍ୟବାଦ ପ୍ରଦାନ କଲେ । ସେମାନେ ବିଳମ୍ବ ନ କରି ଶୀଘ୍ର ଏହି ଶୁଭସମ୍ବାଦ ରାମଚନ୍ଦ୍ର ଓ ସୁଗ୍ରୀବର କର୍ଣ୍ଣଗୋଚର ସକାଶେ ତାଙ୍କ ଅବସ୍ଥାନ ଗିରି ଅଭିମୁଖରେ ଧାବିତ ହେଲେ ।

ବାନର ଦୂତମାନେ ଯଥାସମୟରେ ମାଲ୍ୟବାନ ପର୍ବତ ଉପରେ ଉପସ୍ଥିତ ହୋଇ ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୁଗ୍ରୀବଙ୍କ ପାଦ ବନ୍ଦନ କରି ସୀତାଙ୍କୁ ଠାବକରି

ଆସିଥିବା ସମ୍ବାଦ ଜଣାଇଲେ । ହନୁମାନ ସୀତାଙ୍କ ପ୍ରଦତ୍ତ ଅଭିଜ୍ଞାନ ମଣି ରାମଚନ୍ଦ୍ରଙ୍କ ହସ୍ତରେ ଦେଲା । ରାମଚନ୍ଦ୍ର ତାହାକୁ ସୀତାଙ୍କର ମଣି ବୋଲି ଚିହ୍ନିପାରି ନେଇ ହୃଦୟରେ ଲଗାଇଲେ । ଶୁଭ ସମ୍ବାଦ ଶୁଣି ସମସ୍ତେ ଆନନ୍ଦରେ ବିଭୋର ହୋଇଗଲେ । ବାନର-ସେନାଙ୍କ ହର୍ଷଧ୍ୱନିରେ ଆକାଶ ମେଦିନୀ କମ୍ପିଉଠିଲା । ହନୁମାନ ସମୁଦ୍ର ପାରହୋଇ ସୀତାଙ୍କୁ ଠାବ କରିଥିବା ହେତୁ ରାମଚନ୍ଦ୍ର ତାଙ୍କୁ ସ୍ନେହାନନ୍ଦରେ ଆଲିଙ୍ଗନ କଲେ । ଦଧିଣ-ଭୁକ୍ତମାନେ ସଫଳକାମୀ ହୋଇ ସୁଗ୍ରୀବଙ୍କଠାରୁ ମଧ୍ୟ ଯଥେଷ୍ଟ ରାଜପ୍ରସାଦ ଲାଭ କଲେ । ରାମଚନ୍ଦ୍ର ଆଉ ବିଳମ୍ବ ନ କରି ଭ୍ରାତୃ-ମିତ୍ର ଓ ବାନର ମହାବାହିନୀ ସହ ଦକ୍ଷିଣ ଦିଗ ଅଭିମୁଖରେ ଯାତ୍ରା କଲେ । ଅଗଣିତ କପିସୈନ୍ୟ ବନ-ପର୍ବତ ବିଧ୍ୱସ୍ତ କରି ରତ୍ନାକର ପର୍ଯ୍ୟନ୍ତ ବ୍ୟାପ୍ତ-ହୋଇ ଚାଲିଲେ । ସେମାନଙ୍କ ପ୍ରଚଣ୍ଡ କୋଳାହଳ ଶବ୍ଦରେ କର୍ଣ୍ଣ ବଧିର ହୋଇଗଲା । ସେହି ବିରାଟ ବାହିନୀ କେତେ ଦିନ ପରେ ଯାଇ ଦକ୍ଷିଣ ସମୁଦ୍ର କୂଳରେ ଉପସ୍ଥିତ ହେଲା । ରାମଚନ୍ଦ୍ର ବେଳାଭୂମିରେ ସୈନ୍ୟମାନଙ୍କୁ ବ୍ୟୂହ ରଚନା କରି ରଖି ଲକ୍ଷ୍ମଣ ଓ ସୁଗ୍ରୀବ ସହ ଅବସ୍ଥାନ କଲେ । ସୈନ୍ୟ ସମାବେଶଦ୍ୱାରା ସମୁଦ୍ର କୂଳରେ ଦ୍ୱିତୀୟ ମହା ସମୁଦ୍ରର ସୃଷ୍ଟି ହେଲା ।

ତେଣେ ରାବଣ ହନୁମାନ ଦ୍ୱାରା ଉପଯୁକ୍ତ ପରାଭବ ପାଇ ଲଙ୍କାର ସମସ୍ତ ରାକ୍ଷସଙ୍କୁ ଏକତ୍ରିତ କରି କହିଲା—"ତୁମ୍ଭେମାନେ ଏତେ ବୀର, ମହାବୀର ଥାଉଁ ଥାଉଁ ସାମାନ୍ୟ ଗୋଟାଏ ବାନର ଆସି ଏତେ ଉପଦ୍ରବ କରି ଗଲା—କେହି ତାହାର କିଛି କରିପାରିଲ ନାହିଁ ! ତାହାର କଥାରେ ସୂଚିତ ହୋଇ ରାମ ଲକ୍ଷ୍ମଣ ସୈନ୍ୟ ଘେନି ଆସି ଶୀଘ୍ର ଲଙ୍କା ଅବରୋଧ କରିବ । ଏଥିକୁ ଉପସ୍ଥିତ କର୍ତ୍ତବ୍ୟ କଅଣ, ସମସ୍ତେ ମିଳି ତାହା ନିର୍ଦ୍ଧାରଣ କର ।" ରାକ୍ଷସମାନେ ନିଜ କ୍ଷମତାର ଅପବାଦ ଶୁଣି ଗର୍ଜିଉଠିଲେ । କେହି କହିଲା—"ମୁଁ ବନ୍ଧୁ ଘରକୁ ଯାଇଥିବାରୁ ବାନର ଏତେ କାଣ୍ଡ କରି ଗଲା । କେହି କହିଲା—ମୁଁ ଶୋଇପଡ଼ିଥିଲି, ନ ହେଲେ ମାଙ୍କଡ଼ ବାପୁଡ଼ାର ମୁଣ୍ଡ ଚିପୁଡ଼ାକରେ ଛିଣ୍ଡାଇପକାଇଥାନ୍ତି । କେହି କହିଲା—"ଭଲ କଥା, ନରବାନରଙ୍କୁ ଆସନ୍ତୁ । ଅସୁର ଅସୁରୁଣୀଏ ମନଇଛା ଖାଇବେ, ପକାଇ ଡଳାଇଦେବେ, କେତେ ଶୁଖୁଆ କରି ସଙ୍ଗା ଉପରେ ଚତୁର୍ମାସ୍ୟାକୁ ସାଇତି ରଖିବେ । ବିଧାତା ମହାଭୋଜ ସମ୍ଭାର ଆଣି ଦେଉଛି । ସମସ୍ତେ ଆନନ୍ଦରେ ସ୍ଫୁର୍ତ୍ତି କର ।" ଅନନ୍ତର ବିଭୀଷଣ କହିଲା, "ରାକ୍ଷସରାଜ, ଏମାନଙ୍କ ବୃଥା ଆସ୍ଫାଳନରେ କର୍ଣ୍ଣଦାନ କରିବା ଉଚିତ ନୁହେଁ । ଯେଉଁ ବାଲି ତୁମ୍ଭକୁ କାଖରେ ଯାକି ନେଇଯାଉଥିଲା, ସେହି ବାଲୀକୁ ଯିଏ ସେ ଏକା କାଣ୍ଡକରେ ବଧ କଲା, ତାହା ସଙ୍ଗରେ କି ସାହସରେ ତୁମ୍ଭେ ଶତ୍ରୁତା କରିବ ? ରାମ ତ ତୁମ୍ଭର କିଛି ଅନିଷ୍ଟ କରି ନାହାନ୍ତି, ତୁମ୍ଭେ ତାଙ୍କ ସତୀ ସ୍ତ୍ରୀକୁ ହରିଆଣି କଣ୍ଟା ବାଡ଼ରେ ଲୁଗା ପକାଇ କଳି ଉଠାଣ କରିବାକୁ ବସିଛ । ଏ ଅନ୍ୟାୟ କେବେ ସହିବ ନାହିଁ । ରାଜାନୁଗତ ଧର୍ମ । ରାଜା ଯାହା କରିବେ, ପ୍ରଜାଏ ତାହା ଅନୁକରଣ କରିବେ । ତୁମ୍ଭର ଅନ୍ୟାୟ ଦେଖି ପ୍ରଜାକୁଳ ଅନ୍ୟାୟ କଲେ ସେ ପାପ ତୁମ୍ଭର ହେବ । ତୁମ୍ଭେ ପ୍ରାଚୀନ ପ୍ରବୀଣ, ରାଜନୀତିରେ ପଣ୍ଡିତ, ମୁଁ ତୁମ୍ଭଙ୍କୁ ଅଧିକ କଅଣ କହିବି ? ତୁମ୍ଭେ ରାମଚନ୍ଦ୍ରଙ୍କୁ ସୀତା ଅର୍ପଣ କରି କ୍ଷମା ପ୍ରାର୍ଥନା କର । ନଚେତ୍ ଯେଉଁ ଅଗ୍ନି ଜାଳିବାକୁ ବସିଛ, ସେଥିରେ ଲଙ୍କା ସହିତ ତୁମ୍ଭେ ସବଂଶ ଭସ୍ମ ହୋଇଯିବ । ରାମଚନ୍ଦ୍ର ସାମାନ୍ୟ ବୀର ନୁହନ୍ତି, ତୁମ୍ଭେ ଓ ତୁମ୍ଭର ସୈନ୍ୟ ସେନାପତି ମିଶି ତାଙ୍କ କାଣି ଅଙ୍ଗୁଳିକୁ ଛୁଇଁ ହେବ ନାହିଁ ।"

ଅମ୍ଳ-ମଧୁର ମିଶ୍ରଣରେ ଅତି ଉପାଦେୟ ଚଟଣୀର ରସ ପ୍ରସ୍ତୁତ ହୁଏ; ମାତ୍ର ତାହା ବିଷମ ଜ୍ୱର ରୋଗୀ ଜିଭକୁ ରୁଚେ ନାହିଁ । ସେହିପରି ବିଭୀଷଣର ଅମ୍ଳ ମଧୁର ଉପଦେଶ ରାବଣର ମନକୁ ଆସିଲା ନାହିଁ । ତାହା ତ ଆଉ ରସର ଦୋଷ ନୁହେଁ—ରୋଗୀର ଦୁର୍ଭାଗ୍ୟର ଦୋଷ ସିନା ! ସେ ରାଗରେ ଗର ଗର ହୋଇ କହିଲା—"ବିଭୀଷଣ, ଜାଣିଲି

ଶତ୍ରୁ ସଙ୍ଗରେ ତୋର ଗୁପ୍ତ ଷଡ଼୍‌ଯନ୍ତ୍ର ଥିଲା । ତୁ ଘରର ଭିତ୍ରେ କୁମ୍ଭୀର ପଲଟିଯାଉଛୁ । ମୁଁ ତୋତେ ଫୁଲମାଳ ଜ୍ଞାନ କରିଥିଲି; ମାତ୍ର ତୁ କାଳସର୍ପ । ଶତ୍ରୁ, ପାମର, ରାକ୍ଷସ-କୁଳାଙ୍ଗାର, କି ନିର୍ଲଜ୍ଜ ମୁହଁରେ ତୁ ଶତ୍ରୁର ବଡ଼ାଇ ଗାଉଛୁ ? ତୁ ସେହି ଜଟାଧାରୀର ଗୋଡ଼ ଘୋଷିବୁ ଯା । ତୁ ମୋର ଭାଇ ବୋଲି ତୋର ଏ ପରୁଷବାଣୀ କ୍ଷମା କଲି, ନଚେତ୍ ଏହି ଖଡ଼୍‌ଗରେ ତୋର ମୁଣ୍ଡ ଭୂମିକୁ ଛିଡ଼ି ପଡ଼ିଥାନ୍ତା । ଦୂର ହ ପାଷଣ୍ଡ, ଆଜିଠାରୁ ଆଉ ତୋର ମୁହଁ ଦେଖିବି ନାହିଁ ।" ବିଭୀଷଣ ଦୁଃଖରେ ଥରି ଥରି କହିଲ—"ହଁ ଭାଇ, ମୁଁ ଦୂର ହେଉଛି । ପାପୀର ସହବାସ ଅପେକ୍ଷା ସାଧୁପାଦରେ ଶରଣ ପଶିବା ସହସ୍ର ଗୁଣରେ ଶ୍ରେୟସ୍କର । ତୋର ଏ ଗର୍ବ-ଗିରିର ବିରାଟ ଚୂଡ଼ା ଅଚିରାତ୍ ଭାଙ୍ଗିପଡ଼ିବ । ତୁ ଏକାକୀ ମଲେ କାହାରି କିଛି କ୍ଷତି ନ ଥିଲା; ମାତ୍ର ତୋହରି ପାପରେ ବିରାଟ ରାକ୍ଷସ-ସୃଷ୍ଟି ଲୋପ ପାଇବ—ଏହାଠାରୁ ବଳି ଦୁଃଖ ଆଉ କଅଣ ଅଛି ?" ବିଭୀଷଣ ଏହା କହି ତାହାର ଚାରିମନ୍ତ୍ରୀଙ୍କୁ ଘେନି ସଭାରୁ ଉଠି ଚାଲିଗଲ । ସେ ଆଉ ଘରକୁ ଗଲ ନାହିଁ; ଧନସମ୍ପଦ, ସ୍ତ୍ରୀ-ପରିବାର ତ୍ୟାଗ କରି ରାମଚନ୍ଦ୍ରଙ୍କ ନିକଟରେ ଶରଣ ପଶିବା ଉଦ୍ଦେଶ୍ୟରେ ସମୁଦ୍ରର ପର ପାର ଅଭିମୁଖରେ ଆକାଶ-ମାର୍ଗରେ ଯାତ୍ରା କଲ ।

## ଅଷ୍ଟାଦଶ ପରିଚ୍ଛେଦ

ବିଭୀଷଣ ଦୂତରେ ଜଣେ ମନ୍ତ୍ରୀ ପଠାଇ ରାମଚନ୍ଦ୍ରଙ୍କର ଶରଣ ପ୍ରାର୍ଥନା କଲ । ଏ ବିଷୟ ଘେନି ବାନରବୀରମାନେ ତୁମୁଳ ଆନ୍ଦୋଳନରେ ପ୍ରବୃତ୍ତ ହେଲେ । ସମୁଦ୍ରବେଳାରେ ମନ୍ତ୍ରଣା-ସଭା ବସିଲ । ମନ୍ତ୍ରିବର ଜାମ୍ବବାନ କହିଲେ—"ନ ବୁଝି ନ ଶୁଝି ହଠାତ୍ ଅଜ୍ଞାତ କୁଳଶୀଳଙ୍କୁ ଆଶ୍ରୟ ଦେବା ମୋ ବିବେଚନାରେ ନିରାପଦ ନୁହେଁ ।" କେହି କହିଲ—ବିଭୀଷଣର ନିଶ୍ଚୟ କିଛି ଦୁରଭିସନ୍ଧି ଅଛି । କେହି କହିଲ—ରାକ୍ଷସ ଜାତିକୁ ବିଶ୍ୱାସ ନାହିଁ, ମାୟାବୀର ମାୟା ଭେଦ କରିବା ଅନ୍ୟର ଅସାଧ୍ୟ । ଶେଷରେ ହନୁମାନ କହିଲେ—ବିଭୀଷଣ ଆକୃତିରେ ଅସୁର, ମାତ୍ର ଚରିତ୍ରରେ ଋଷି । ସେଭଳି ସାଧୁ, ସଜ୍ଜନ ବ୍ୟକ୍ତିଙ୍କ ହୃଦୟରେ କୁଉଦ୍ଦେଶ୍ୟ ଥାଇପାରେ ନାହିଁ । ବିଭୀଷଣ ଉଦାର, ଉଚ୍ଚମନା, ଧର୍ମଭୀରୁ ଓ ନୈତିକ ସାହସୀ । ସ୍ପଷ୍ଟବାଦିତା ତାହା ସ୍ୱଭାବର ଅଲଙ୍କାର । ଏହି ବିଭୀଷଣ ହେତୁ ମୁଁ ପ୍ରାଣଦଣ୍ଡରୁ ନିସ୍ତାର ପାଇଛି । ନଚେତ୍ ଦୁରାତ୍ମା ରାବଣ ନିଶ୍ଚୟ ମୋର ଶିରଚ୍ଛେଦନ କରିଥାନ୍ତା ।" ରାମଚନ୍ଦ୍ର ଏହା ଶୁଣି କହିଲେ—"ଯେ ଶରଣ ପଶିବ, ମୁଁ ତାକୁ ରକ୍ଷା କରିବି, ଏହା ମୋର ବ୍ରତ ।" ତହୁଁ ସୁଗ୍ରୀବ ଯାଇ ବିଭୀଷଣଙ୍କୁ ପାଛୋଟି ଆଣିଲ । ବିଭୀଷଣ ରାମଚନ୍ଦ୍ରଙ୍କର ବିଶ୍ୱମୋହନ ମୂର୍ତ୍ତି ଓ ଈଶ୍ୱର ଲକ୍ଷଣ ଦେଖି ଭକ୍ତିପ୍ରେମରେ ଗଦ୍‌ଗଦ ହୋଇ ତାଙ୍କ ଗୋଡ଼ ତଳେ ପଡ଼ିଗଲ । ରାମଚନ୍ଦ୍ର ତାଙ୍କୁ ସ୍ନେହରେ ଉଠାଇ ସାଦର ଆଲିଙ୍ଗନ କଲେ । ବିଭୀଷଣ ହାତ ଯୋଡ଼ି କହିଲ—"ପ୍ରଭୋ, ଶତ୍ରୁର ଭାଇ ବୋଲି ମୋତେ ଅବିଶ୍ୱାସ କରନ୍ତୁ ନାହିଁ । ଆପଣ ଅନ୍ତର୍ଯାମୀ, ଅନ୍ତରର ଭାବ ଜାଣନ୍ତି । ରାବଣର ସୀତାହରଣ ଲଙ୍କାବାସୀ ଶିଷ୍ଟ ବ୍ୟକ୍ତିମାନଙ୍କର ଅନୁମୋଦିତ ନୁହେଁ । ଏଭଳି ପାପକାର୍ଯ୍ୟକୁ ସେମାନେ ଅନ୍ତରର ସହିତ ଘୃଣା କରନ୍ତି । କିନ୍ତୁ କଅଣ କରିବେ, ପ୍ରବଳକୁ କିଏ ଟଳାଇବାକୁ ସାହସୀ ହେବ ? ସୀତାଙ୍କୁ ଫେରାଇଦେବା ପାଇଁ ମୁଁ ରାବଣର ଗୋଡ଼ ଧରି ପ୍ରାର୍ଥନା କଲି; ମାତ୍ର ମୋର ଭଲ କଥାକୁ ସେ ଶଲ୍ୟ ମଣି ମୋତେ ତିରସ୍କାର କରି ରାଜ୍ୟରୁ ଘଉଡ଼ାଇଦେଲା । ତହୁଁ ମୁଁ ଆପଣଙ୍କ ଶ୍ରୀଚରଣରେ ଶରଣ ପଶିବାକୁ ଆସିଛି ।" ରାମଚନ୍ଦ୍ର ବିଭୀଷଣର କଥାରେ ପ୍ରୀତ ହୋଇ ତାଙ୍କୁ ଆଲିଙ୍ଗନ କରି କହିଲେ—"ଆଜିଠାରୁ ତୁମ୍ଭେ ମୋର ମିତ୍ର ହେଲ, ମୁଁ ରାବଣକୁ ମାରି ତୁମ୍ଭଙ୍କୁ ଲଙ୍କାର ରାଜା କରିବି ।" ରାମଚନ୍ଦ୍ର ଆଉ ବିଳମ୍ବ ନ କରି ସେହିକ୍ଷଣି ସମୁଦ୍ରଜଳରେ ବିଭୀଷଣଙ୍କୁ ଲଙ୍କାର ରାଜପଦରେ ଅଭିଷିକ୍ତ କରି ତାହା ମୁଣ୍ଡରେ ଶାଢ଼ୀ ବାନ୍ଧିଦେଲେ । ବିଭୀଷଣ ରାମଚନ୍ଦ୍ରଙ୍କ ପଦରେଣୁ ମସ୍ତକରେ ବୋଳିହୋଇ କହିଲ "ପ୍ରଭୋ, ମୁଁ ଆପଣଙ୍କ ଭୃତ୍ୟର ଯୋଗ୍ୟ ନୁହେଁ, ଅଥଚ ମୋତେ ମିତ୍ର

ବୋଲି ସମ୍ବୋଧନ କରି ମୋ ପ୍ରତି ଯେଉଁ ଅସାଧାରଣ କୃପା ପ୍ରଦର୍ଶନ କରିଅଛନ୍ତି, ତାହା ଆପଣଙ୍କର ସ୍ୱାଭାବିକ ମହତ୍ତ୍ୱର ପରିଚାୟକ । ସେଥିପାଇଁ ମୁଁ ଆପଣଙ୍କ ଶ୍ରୀଚରଣରେ ଚିରଋଣୀ ଓ ଚିରକୃତଜ୍ଞ ହୋଇ ରହିଲି । ସୀତାଙ୍କ ଉଦ୍ଧାରରେ ମୁଁ ପ୍ରାଣପଣରେ ଆପଣଙ୍କୁ ସାହାଯ୍ୟ କରିବି । ରାକ୍ଷସମାନଙ୍କର ଗୁପ୍ତ ରହସ୍ୟ ଓ ମୃତ୍ୟୁର ଉପାୟ ସବୁ ମୋତେ ଜଣା । ତାହା ମୁଁ ଆପଣଙ୍କୁ କହିଦେବି ।" ରାମଚନ୍ଦ୍ର ଏହା ଶୁଣି ବିଭୀଷଣଙ୍କୁ ବିଶେଷ ପ୍ରଶଂସା କରି ଅମର ବର ପ୍ରଦାନ କଲେ ।

ଅନନ୍ତର ରାମଚନ୍ଦ୍ର ଲଙ୍କାବାସୀ ବୀରମାନଙ୍କର ବଳବିକ୍ରମ ବିଷୟ ପଚାରନ୍ତେ ବିଭୀଷଣ କହିଲେ—"ରାବଣ ତପସ୍ୟା ଦ୍ୱାରା ଜଗତରେ ଅଜେୟ ହୋଇଅଛି । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତାହାର ଅଧିକାରଭୁକ୍ତ । ତାହାର ପ୍ରଥମ ପୁତ୍ର ଇନ୍ଦ୍ରଜିତ ଅଗ୍ନିଦତ୍ତ ବରରେ ଅବଧ୍ୟ । ସେ ମାୟା ପ୍ରଭାବରେ ମେଘ ଅନ୍ତରାଳରେ ଥାଇ ଯୁଦ୍ଧ କରେ । ମୋର ମଧ୍ୟମ ସହୋଦର କୁମ୍ଭକର୍ଣ୍ଣ ବ୍ରହ୍ମାଣ୍ଡକୁ ଅକ୍ଳେଶରେ ଗିଳିଦେଇପାରେ; ମାତ୍ର ସେ ସର୍ବଦା ଶୋଇଥାଏ—ଛମାସରେ ଥରେ ଉଠେ । ସେଦିନ ତ୍ରିଭୁବନ ଭୟରେ କମ୍ପମାନ ହୁଏ । ଅତିକାୟ ନାମକ ରାକ୍ଷସ ବଡ ବଡ ପର୍ବତକୁ ହାତରେ ଚାପି କର୍ପୂର ଗୁଣ୍ଡ ପରି ଧୂଳି କରିଦେଇପାରେ । ଭସ୍ମଲୋଚନ ଯାହାକୁ ଚାହିଁଦେବ, ସେ ଭସ୍ମ ହୋଇଯିବ । ବଜ୍ରଦଂଷ୍ଟ୍ରକୁ ସ୍ୱୟଂ ଯମ ଭୟ କରେ । ସେ ଦାନ୍ତ ରଗଡିଲେ ଘଡଘଡି ମାରିଲା ପରି ଶୁଭେ । ତାହା ଶୁଣି ଶତ୍ରୁ ମୂର୍ଚ୍ଛିତ ହୋଇ ପଡିଯାଏ । ଏହିପରି ଅଦ୍ଭୁତ ଅନେକ ପ୍ରତାପୀ ରାକ୍ଷସ ଅଛନ୍ତି । ସେହି ବୀରମାନଙ୍କର ଶକ୍ତିରେ ରାବଣର ବିଜୟ-ମୁକୁଟ ଗଢା ହୋଇଅଛି । ରାବଣର ଆସୁରିକ ବଳ ଅସୀମ; କିନ୍ତୁ ଧର୍ମବଳ ଆଦୌ ନାହିଁ । ଜୀବନକୁ ସର୍ବଦା ସେ ପାପକାର୍ଯ୍ୟରେ ଖଟାଇ ରଖିଛି । ଧର୍ମରେ ଜୟ, ପାପରେ କ୍ଷୟ—ଏହା ଚିରନ୍ତନ ସତ୍ୟବାଣୀ । ଅସୁକୃତ ପାପ ତାକୁ ପୂର୍ବରୁ ମାରିସାରିଅଛି, ଆପଣ ଖାଲି ଉପଲକ୍ଷ୍ୟ ହେବେ । ତାହାର ଜୀବନ-ତରଣୀ ଅତି ପାପଭର ସହିପାରିବ ନାହିଁ—ଅଚିର ଭବିଷ୍ୟରେ ଅତଳ ସମୁଦ୍ରଗର୍ଭରେ ବୁଡିଯାଇ ଅଦୃଶ୍ୟ ହୋଇଯିବ ।"

ରାମଚନ୍ଦ୍ର ସୈନ୍ୟ ସେନାପତି ସହ ସମୁଦ୍ରକୂଳରେ ଅବସ୍ଥାନ କରୁଛନ୍ତି, ରାବଣ ଏ ସମ୍ବାଦ ଅବଗତ ହୋଇ ବାନର-ସୈନ୍ୟ କଳିବା ସକାଶେ ଶୁକ ସାରଣ ନାମକ ଦୁଇଜଣ ଦୂତ ପ୍ରେରଣ କଲା । ସେ ଦୁହେଁ ଛଦ୍ମବେଶରେ ଆସି ରାମଚନ୍ଦ୍ରଙ୍କ ସୈନ୍ୟ ମଧ୍ୟରେ ପ୍ରବେଶ କରନ୍ତେ ବିଭୀଷଣ ସେମାନଙ୍କୁ ଚିହ୍ନିପାରି ବିଚାର ସକାଶେ ସୁଗ୍ରୀବ ପାଖକୁ ଧରି ନେଇଗଲେ । ସୁଗ୍ରୀବ ତାଙ୍କୁ ବନ୍ଦୀ କରି ରଖିବାକୁ ଆଦେଶ ଦେଲେ; ମାତ୍ର ରାମଚନ୍ଦ୍ର ତାଙ୍କୁ ଛାଡିଦେଲେ । ସେ ଦୁହେଁ ଯାଇ ରାବଣକୁ କହିଲେ—"ରାମଚନ୍ଦ୍ରଙ୍କର ସୈନ୍ୟ ଅସଂଖ୍ୟ । ସମୁଦ୍ରର ବାଲି ଗଣିବା ସମ୍ଭବ ହୋଇପାରେ; ମାତ୍ର ବାନର ସେନାଙ୍କୁ ଗଣି ଶେଷ କରିହେବ ନାହିଁ ।" ରାବଣ ଏ କଥାକୁ ହସରେ ଉଡାଇଦେଇ କହିଲା—"ତୁମ୍ଭେ ଦୁଇଟା ନିପଟ ହୁଣ୍ଡା, ଜଟାଧାରିର ମାୟା ଭେଦ କରିପାରିଲ ନାହିଁ—ଏତେ ବାନର ପୁଣି କେଉଁଠୁ ଆସିଲେ ? ଏ ଅସମ୍ଭବ କଥା କହିବାକୁ ତୁମ୍ଭଙ୍କୁ ଲାଜ ମାଡିଲା ନାହିଁ ?" ଶୁକ ସାରଣ ଏହି ଭର୍ତ୍ସନାକୁ ରାଜପ୍ରସାଦରୂପେ ଗ୍ରହଣ କରି ଶୁଷ୍କମୁଖରେ ପ୍ରସ୍ଥାନ କଲେ ।

ଏଣେ ରାମଚନ୍ଦ୍ର ବାନର ମନ୍ତ୍ରୀ, ପାରିଷଦମାନଙ୍କ ସହ ସମୁଦ୍ର ପାରିହେବାର ଉପାୟ ଉଦ୍ଭାବନ କରିବାକୁ ଲାଗିଲେ । ଅନେକ ଯୁକ୍ତିତର୍କ ପରେ ସିଦ୍ଧାନ୍ତ ହେଲା—"ସମୁଦ୍ର ରାମଚନ୍ଦ୍ରଙ୍କର ବଂଶୀୟ ଜ୍ଞାତି, ରାମଚନ୍ଦ୍ର ସାଗର ମନ୍ତ୍ର ଜପକଲେ ସମୁଦ୍ର ନିଜେ ଆସି ପାର ହେବାର ଉପାୟ କହିଦେବ ।" ତହୁଁ ରାମଚନ୍ଦ୍ର କୁଶାସନରେ ବସି ମନ୍ତ୍ର ଜପ କରିବାକୁ ଲାଗିଲେ । ସମୁଦ୍ରର ଅଧିଷ୍ଠାତା ବରୁଣଦେବ ଆସି କର ଯୋଡି ରାମଚନ୍ଦ୍ରଙ୍କୁ କହିଲେ—"ପ୍ରଭୋ, ତୁମ୍ଭେ ଅନନ୍ତ କୋଟି ଜୀବଙ୍କୁ ଅସୀମ ସଂସାର-ସିନ୍ଧୁର ସେପାଖ ଏପାଖକୁ ନେବା ଆଣିବା କରୁଅଛ, ସେ ସିନ୍ଧୁ ତୁଳନାରେ ଏ ସିନ୍ଧୁ ଗୋଟାଏ ବିନ୍ଦୁ ପରି—ବାନର ବାହିନୀକୁ ଏ ସାମାନ୍ୟ ବିନ୍ଦୁ ପାରି କରିଦେବା କି ତୁମ୍ଭର ଅସାଧ୍ୟ ?

ତାହା ତଦ୍ୱାରା ନୁହେ ଦୟାମୟ ! ସେବକ ପ୍ରତି ଅନୁଗ୍ରହ କରି ମୋତେ ଗୋଟାଏ ସୁଖ୍ୟାତି ଦେବାକୁ ତୁମ୍ଭର ଇଚ୍ଛା ହୋଇଅଛି । ହେଉ ପ୍ରଭୁ, ତୁମର ମଙ୍ଗଳ ଇଚ୍ଛା ପୂର୍ଣ୍ଣ ହେଉ । ସାଗର ପାରହେବାର ଉପାୟ ମୁଁ କହିଦେଉଛି । ତୁମ୍ଭ ସୈନ୍ୟ ମଧ୍ୟରେ ବିଶ୍ୱକର୍ମାର ପୁତ୍ର ନଳ ନାମରେ ଯେଉଁ ବାନର ବୀର ଅଛି, ସ୍ଥାପତ୍ୟ ବିଦ୍ୟାରେ ସେ ଅସାଧାରଣ ପାରଦର୍ଶୀ । ବାନରମାନେ ବୃକ୍ଷ ପର୍ବତ ଉପାଡ଼ି ଆଣନ୍ତୁ, ନଳ ସେଥିରେ ଅଦ୍ଭୁତ ସୁଦୃଢ଼ ସେତୁ ପ୍ରସ୍ତୁତ କରିଦେବ । ବାନର ବାହିନୀ ସେଥିରେ ଅବଲୀଳାକ୍ରମେ ସମୁଦ୍ର ପାରହୋଇ ଯିବେ ।"

ସାଗର ଏହା କହି ଅଦୃଶ୍ୟ ହୋଇଗଲା । ଅନନ୍ତର ସୁଗ୍ରୀବ ଆଦେଶରେ ବାନରବୀରମାନେ ପର୍ବତ ଚଢ଼ି ଲାଗି, ବଡ଼ ବଡ଼ ଗଛ ଉପାଡ଼ି ଆଣି ସମୁଦ୍ରରେ ପକାଇଲେ । ନଳ ଅଦ୍ଭୁତ କୌଶଳରେ ବନ୍ଧ ପ୍ରସ୍ତୁତ କଲା । ଏହି ସେତୁ ବନ୍ଧନରେ ଗୁଣ୍ଡୁଚିମୂଷା ସୁଦ୍ଧା ରାମଚନ୍ଦ୍ରଙ୍କୁ ସାହାଯ୍ୟ କରିଥିଲା । ସେ ପାଣିରେ ବୁଡ଼ି ଧୂଳିରେ ଗଡ଼ି ବନ୍ଧ ଉପରେ ଆସି ଦେହ ଝାଡ଼ିଦିଏ । ତାହା ଦେହରୁ ଓଦା ଧୂଳି ଝଡ଼ିପଡ଼ି ପଥର ଯୋଡ଼ ମଧ୍ୟରେ ଥିବା ଫାଙ୍କ ବୁଜିଯାଏ । ରାମଚନ୍ଦ୍ର କ୍ଷୁଦ୍ର ଜୀବର ଏପରି ଭକ୍ତି, ପରୋପକାରିତା ଦେଖି ମୁଗ୍ଧ ହୋଇ ସ୍ନେହରେ ତାହାର ପିଠି ଆଉଁସିଦେଲେ । ତାଙ୍କ ଅଙ୍ଗୁଳି ଚିହ୍ନ ଗୁଣ୍ଡୁଚିମୂଷା ପିଠିରେ ଶୁକ୍ଳରେଖା ହୋଇ ରହିଲା । କ୍ଷୁଦ୍ର ଜୀବ ନିଜ ଗୁଣରେ ପୁରାଣ-ପ୍ରସିଦ୍ଧ ହୋଇ ରହିଲା । ଆକୃତିଦ୍ୱାରା ସାନ ବଡ଼ ନିରୂପିତ ହୁଏ ନାହିଁ—କାର୍ଯ୍ୟ-ଦ୍ୱାରା ହୁଏ । କ୍ଷୁଦ୍ର ପ୍ରାଣୀଟି ବଡ଼ କାର୍ଯ୍ୟ କରି ବଡ଼ ହେଲା । କନ୍ୟାକୁମାରୀଠାରୁ ଲଙ୍କାପର୍ଯ୍ୟନ୍ତ ସୁନ୍ଦର ସୁଦୃଢ଼, ସୁପ୍ରଶସ୍ତ ବନ୍ଧ ପାଞ୍ଚଦିନ ମଧ୍ୟରେ ପ୍ରସ୍ତୁତ ହେଲା । ସମୁଦ୍ର ମଧ୍ୟରେ ତାହା ଆକାଶର ଛାୟାପଥ ପରି ଦିଶିଲା । ରାମଚନ୍ଦ୍ର ବନ୍ଧର ଆରମ୍ଭ ସ୍ଥାନରେ ରାମେଶ୍ୱର ନାମକ ଶିବଲିଙ୍ଗ ସ୍ଥାପନ କଲେ । ସେହି ସ୍ଥାନକୁ ସେତୁବନ୍ଧ ରାମେଶ୍ୱର କହନ୍ତି । ତାହା ଭାରତର ଅନ୍ୟତମ ପ୍ରସିଦ୍ଧ ପବିତ୍ର ଧାମ—ହିନ୍ଦୁମାନଙ୍କର ମହା ତୀର୍ଥକ୍ଷେତ୍ର ରାମଚନ୍ଦ୍ର ଶିବପୂଜା କରି ସେହି ବନ୍ଧ ଉପରେ ସୈନ୍ୟବାହିନୀ ଏବଂ ଭ୍ରାତୃମିତ୍ର ସମଭିବ୍ୟାହାରରେ ଲଙ୍କ ଅଭିମୁଖରେ ଅଭିଯାନ କଲେ । ସମସ୍ତେ ସେତୁ ପାର ହୋଇଯାଇ ଲଙ୍କାର ପୂର୍ବୋକ୍ତ ସୁବଳୟ ପର୍ବତରେ ରହିଲେ ।

## ଊନବିଂଶ ପରିଚ୍ଛେଦ

ସୀତା ସରମାଠାରୁ ରାମଚନ୍ଦ୍ରଙ୍କର ଆଗମନ-ବାର୍ତ୍ତା ଶୁଣି ଆନନ୍ଦରେ ଅଶ୍ରୁବର୍ଷଣ କଲେ ଏବଂ ହନୁମାନଙ୍କୁ ତୁହାକୁ ତୁହା ଆଶୀର୍ବାଦ କରିବାକୁ ଲାଗିଲେ । ସୀତାଙ୍କୁ ଯେଉଁ ଅସୁରୁଣୀମାନେ ଜଗିଥିଲେ, ସେଥି ମଧ୍ୟରେ ବିଭୀଷଣ-ପତ୍ନୀ ସରମା ଓ ତ୍ରିଜଟା ସୀତାଙ୍କୁ ଖୁବ୍ ଭଲ ପାଉଥିଲେ । ସେ ଦୁହେଁ ରାକ୍ଷସୀ; ମାତ୍ର ତାଙ୍କର ପ୍ରକୃତି ଠିକ୍ ମାନବୀ-ପ୍ରକୃତି ପରି କୋମଳ ଥିଲା । ତାଙ୍କର ଦୟା, ମାୟା, ସ୍ନେହ, ପ୍ରୀତି, ସହାନୁଭୂତି ଓ ଧର୍ମବିଶ୍ୱାସ ଅତି ପ୍ରବଳ ଥିଲା । ସେ ଦୁହେଁ ସଖୀ ପରି ସାଧୁ, ସରଳ, ପ୍ରିୟ ବ୍ୟବହାରରେ ସୀତାଙ୍କର ମନ ଜିଣିନେଇଥିଲେ । ସୀତା ତାଙ୍କରି ଆଶ୍ୱାସନାରେ ବଞ୍ଚି-ରହିଥିଲେ ।

ରାମଚନ୍ଦ୍ର ସୁବଳୟ ଗିରି ଉପରୁ ଲଙ୍କା ନଗରୀର ଅପୂର୍ବ ଶୋଭା ଦେଖି ଯୁଗପତ୍ ହର୍ଷବିଷାଦରେ ମଗ୍ନ ହୋଇଗଲେ । ତ୍ରିକୂଟ ପର୍ବତ ଉପରେ ସୁନ୍ଦରୀ ଲଙ୍କା-ନଗରୀ ପର୍ବତର ରତ୍ନମୁକୁଟ ପ୍ରାୟ ସୁନ୍ଦର ଦିଶୁଅଛି । ରତ୍ନଜ୍ୟୋତିରେ ନଗରୀ ହସିଲା ପ୍ରାୟ ବୋଧ ହେଉ-ଅଛି । ବିଭବର ତ କଳନା ନାହିଁ, ସର୍ବତ୍ର ବିଭବ ଉପରେ ବିଭବ ଝଳସୁଅଛି । ରାମଚନ୍ଦ୍ର ତାହା ଦେଖି କହିଲେ, "ରାବଣ କେତେ କାଳରେ, କେତେ ଅଧ୍ୟବସାୟରେ ଏ ଦେବଦୁର୍ଲଭ ଅତୁଳ ବିଭବ ସଂଗ୍ରହ କରି-ଅଛି । ଯାହା ସ୍ୱର୍ଗରେ ନାହିଁ, ତାହା ଏହି ଲଙ୍କାରେ ଅଛି; ମାତ୍ର ରାବଣ ଏହାସବୁ ଭୋଗ କରିପାରିବ ନାହିଁ । ତାହାର ଧନ, ଜନ, ପ୍ରଭୁତ୍ୱ, ଐଶ୍ୱର୍ଯ୍ୟ, ଶକ୍ତି, ଦୀର୍ଘ ପରମାୟୁ—ସବୁ ଅଛି, ନାହିଁ କେବଳ ସୁମତି । କୁମତି ପିଶାଚି, ତୁ ରାବଣ ଦେହରୁ ଅନ୍ତର ହୋଇଯା, ଆଉ ସୁମତି ଦେବୀ, ତୁମ୍ଭେ ଆସି ରାବଣକୁ ଅଚ୍ଛନ୍ନ କରି ରଖ । ଏଡ଼େ ବଡ଼ ପଣ, ଏ ମହାବିଭୂତି ସେ ହରାଇ ନ ବସୁ ।"

ଏଣେ ରାବଣ ଶତ୍ରୁ-ଆଗମନ ଦେଖି ଦୁର୍ଗର ସିଂହଦ୍ୱାର

ବନ୍ଦ କରିଦେଇ ଭିତରେ ରଣସଜ୍ଜା କରିବାକୁ ଲାଗିଲା। ସେତେବେଳେ ଜଣେ ନ୍ୟାୟପ୍ରାଣ ବୃଦ୍ଧମନ୍ତ୍ରୀ, ରାବଣର ଅଜା ମାଲ୍ୟବାନ, ମାତା ନିକଷା ରାମଚନ୍ଦ୍ରଙ୍କୁ ସୀତା ଫେରାଇଦେବା ସକାଶେ ଅନେକ ବୁଝାଇ କହିଲେ; କିନ୍ତୁ ଅହଙ୍କାରପ୍ରମତ୍ତ ରାବଣ ଦର୍ପ ପ୍ରକାଶ କରି କହିଲା, "ତାହା କଦାପି ହେବ ନାହିଁ, ମୁଁ ଲଙ୍କାଧିପ ଅଟଇ; ମାଥ ସୂତାଏ ନଇଁବ ନାହିଁ।" ରାବଣ ଆଉ ଅଧିକ ବାକ୍ୟବ୍ୟୟ ନ କରି ସେନାପତିଙ୍କୁ ଡାକି ଦୁର୍ଗ ରକ୍ଷା କରିବାକୁ ଆଦେଶ ଦେଲା। ପ୍ରଧାନ ସେନାପତି ପ୍ରହସ୍ତକୁ ଦକ୍ଷିଣ ଦ୍ୱାର, ବଜ୍ରଦଂଷ୍ଟ୍ରକୁ ପୂର୍ବ ଦ୍ୱାର, ଇନ୍ଦ୍ରଜିତକୁ ପଶ୍ଚିମ ଦ୍ୱାର ରକ୍ଷା ସକାଶେ ପଠାଇ ନିଜେ ଉତ୍ତର ଦ୍ୱାର ଜଗି ରହିଲା। ସେନାପତିମାନେ ବହୁକୋଟି ଦୁର୍ଦ୍ଧର୍ଷ ରାକ୍ଷସ ସେନା ସହ ସଶସ୍ତ୍ର ହୋଇ ନିଜ ନିଜର ନିର୍ଦ୍ଦିଷ୍ଟ ଦ୍ୱାର ରକ୍ଷା କରିବାକୁ ଲାଗିଲେ।

ଏଣେ ରାମଚନ୍ଦ୍ର ଛତିଶ କୋଟି ବାନର ଯୂଥପତି ଓ ଅସଂଖ୍ୟ ବାନର ସୈନ୍ୟ ଘେନି ଲଙ୍କା ଅବରୋଧ କରିବାକୁ ବାହାରିଲେ। କ୍ରୁଦ୍ଧ ବାନର ବୀରମାନେ ଚତୁର୍ଦ୍ଦିଗରେ ଝଣ୍ଡା ପୋତି ଏବଂ ବାହାର ଜୟ ରାମଚନ୍ଦ୍ର ଶବ୍ଦରେ ଧାବିତ ହେଲେ। ବୀର ନାଦ ଓ ବୀର ପଦ ଭରରେ ଲଙ୍କାନଗରୀ ମୁହୁର୍ମୁହୁ କମ୍ପିତ ହେବାକୁ ଲାଗିଲା। ବାନରମାନେ କିଳିକିଳା ଶବ୍ଦ କରି ଦୁର୍ଗପ୍ରାଚୀର ଚାରି ପାଖରେ ନିବିଡ଼ ଭାବରେ ଘେରିଗଲେ। ରାମଚନ୍ଦ୍ର, ଲକ୍ଷ୍ମଣ ଉତ୍ତର ପାଖରେ ରହିଲେ। ହନୁମାନଙ୍କୁ ପଶ୍ଚିମ ପାଖକୁ ପଠାଇଲେ। ଅଙ୍ଗଦ ପୂର୍ବ ପାଖକୁ ପ୍ରେରିତ ହେଲା। ସ୍ୱୟଂ କପି-ସମ୍ରାଟ ଅମିତ-ତେଜା ସୁଗ୍ରୀବ ଦକ୍ଷିଣ ପାଖ ଅବରୋଧ କରିରହିଲା। ରାମଚନ୍ଦ୍ରଙ୍କ ଆଜ୍ଞାରେ ବାଳକ, ବୃଦ୍ଧ ଓ ସ୍ତ୍ରୀଜାତି ପ୍ରତି ଅତ୍ୟାଚାର ନ କରିବା ସକାଶେ ସୈନ୍ୟମାନଙ୍କୁ ବାରମ୍ବାର ଚେତାଇ ଦିଆଗଲା। ବିଭୀଷଣ ଚାରିପାଖରେ ପହରା ଦେଇ ବୁଲିଲା। ସୈନ୍ୟ-କୋଳାହଳରେ ଗଡ଼ର ପ୍ରାଚୀର ଉପରେ ଆଉ ଟଙ୍କାର ଲାଗିଲା ପରି ଶଧ୍ୱନି କରି ଉଠିଲା। ବୀରମାନେ ଅଦମ୍ୟ ଉତ୍କଣ୍ଠାରେ ସମର ପ୍ରତୀକ୍ଷାରେ ରହିଲେ। କେତେ ବୀର ବିଳମ୍ବ ସହି ନ ପାରି ବୀର ମଦରେ ଅସ୍ତବ୍ୟସ୍ତ ହୋଇ ନିଜକୁ ଶତ୍ରୁ ଉପର ପ୍ରହାର କରିବାକୁ ଲାଗିଲେ। କେତେ କୁମ୍ଭୀମାନେ ପ୍ରାଚୀର ଉପରକୁ ଉଠିଲେ; କେହି ପ୍ରାଚୀର ଦେହରେ ଭୀଷଣ ପଦାଘାତ କରିବାକୁ ଲାଗିଲା। କେହି ବିକଟ ଶବ୍ଦରେ ଦାନ୍ତ ରଗଡ଼ି ହେଲା। ଦୁର୍ଗମଧ୍ୟସ୍ଥ ଭୀରୁ ରାକ୍ଷସମାନେ ତାହାଙ୍କୁ ବଜ୍ରଶବ୍ଦ ମଣି ବଜ୍ରବାରକ ଜୈମିନି ଋଷିଙ୍କ ନାମ ଆବୃତ୍ତି କଲେ। କେହି ରାକ୍ଷସ ଦେଖି ଦାନ୍ତ ନିପିଷ୍ଟ ଗମ୍ଭୀର ଭୀଷଣ ହୁଙ୍କାର ଧ୍ୱନି କରି ଉଠିଲା। ସେହି କଲଙ୍କା ଅସ ଶବ୍ଦ ଶୁଣି ଗର୍ଭିଣୀ ରାକ୍ଷସୀମାନଙ୍କର ଗର୍ଭସ୍ରାବ ହୋଇଗଲା। ବୀରମାନେ ଏହିପରି ବିଚିତ୍ର ବୀର ଲୀଳା-କୌତୁକରେ ନିଜକୁ ଆନନ୍ଦ ଦାନ କରିବାକୁ ଲାଗିଲେ।

ଅତଃପର ରାମଚନ୍ଦ୍ର ଅଙ୍ଗଦକୁ ଡାକି କହିଲେ— "ଅଙ୍ଗଦ, ତୁ ଥରେ ଦୁର୍ଗ ଭିତରକୁ ଯା, ରାବଣକୁ କହିବୁ ସେ କବାଟ କିଳି ଘର ଭିତରେ ଲୁଚିରହିଛି କାହିଁକି? କାତର ଘୋଡ଼ିହୋଇ ଶୋଇଲେ କି ଯମ ଛାଡ଼ିବ? ଯଦି ତାହାର ବିଶାଳ ବଂଶ, ଅତୁଳ ବିଭବ ଓ ନିଜର ଜୀବନ ପ୍ରତି ମମତା ଥାଏ, ତେବେ ସେ ସୀତାଙ୍କୁ ଆଣି ମୋ ହସ୍ତରେ ସମର୍ପଣ କରୁ, ନ ହେଲେ ତାହା ସବୁ ଯେବେ ତାକୁ ପିତା ଲାଗୁଥାଏ, ତେବେ ଶୀଘ୍ର ଆସି ଯୁଦ୍ଧରେ ପ୍ରବୃତ୍ତ ହେଉ।" ଅଙ୍ଗଦ 'ଯେ ଆଜ୍ଞା' କହି ରାବଣ ପାଖକୁ ଗଲା। ଏଣେ ରାବଣ ବିଦ୍ୟୁଜ୍ଜିହ୍ୱ ନାମକ ମାୟାବୀ ରାକ୍ଷସଦ୍ୱାରା ରାମଚନ୍ଦ୍ର-ଲକ୍ଷ୍ମଣଙ୍କର ମାୟାମୁଣ୍ଡ ପ୍ରସ୍ତୁତ କରାଇ ସୀତାଙ୍କୁ ଦେଖାଇ କହିଲା—"ଏହି ଦେଖ, ତୁ ଯେଉଁ ସ୍ୱାମୀ ଦିଅରଙ୍କ ବଡ଼ାଇ କରୁ, ମୁଁ ତାଙ୍କୁ ଯୁଦ୍ଧରେ ଜୟ କରି ତାଙ୍କ ମୁଣ୍ଡ କାଟି ଆଣିଛି।" ସୀତା ସ୍ୱାମୀ ଓ ଦେବରଙ୍କ ସଦ୍ୟ ଛିନ୍ନ ମସ୍ତକ ଦେଖି ମୂର୍ଚ୍ଛିତ ହୋଇ ପଡ଼ିଲେ। ପୁଣି କେତେକ କ୍ଷଣ ପରେ ଚେତନା ପାଇ ପାଷାଣ-ତରଳା କରୁଣ ବାଣୀରେ ବିଳାପ କରିବାକୁ ଲାଗିଲେ। ରାକ୍ଷସ ଜାତିର ମାୟାର ସନ୍ଧି ସେହି ରାକ୍ଷସ ଜାତି ଏକା ଭେଦ କରିପାରେ। ସରମା ରାବଣର ମାୟା ବୁଝିପାରି ସୀତାଙ୍କୁ ଗୋପନରେ କହିଲା—"ଦେବି, ତୁମ୍ଭେ ଅଧୈର୍ଯ୍ୟ ହୁଅ ନାହିଁ। ଏ ତୁମ୍ଭ ସ୍ୱାମୀ ଦେବରଙ୍କର ପ୍ରକୃତ ମୁଣ୍ଡ ନୁହେଁ—ମାୟାମୁଣ୍ଡ। ତୁମ୍ଭକୁ ଛଳନା କରିବା

ପାଇଁ ତୁମ୍ଭ ରାବଣ ଏ କୌଶଳ ପାତିଅଛି ।” ସୀତା ଏହା ଶୁଣି ଆଶ୍ୱସ୍ତ ହେଲେ । ଏହି ସମୟରେ ବାନର-ମାନେ ପ୍ରାଚୀର ଡେଇଁ ଦୁର୍ଗ ମଧ୍ୟରେ ପଶି ଉପଦ୍ରବ କରିବାରୁ ଗଡ଼ରେ କାନ୍ଦବୋବାଳି ପଡ଼ିଗଲା । ରାବଣ ତାହା ଶୁଣି ମାୟା ମୁଣ୍ଡ ଫିଙ୍ଗିଦେଇ ଭୟରେ ପଳାଇ-ଯାଇ ରାଜସଭାରେ ବସିଲା । ତେତିକିବେଳେ ଅଙ୍ଗଦ ଆସି କହିଲା—“ରାବଣ, ମୋତେ ଚିହ୍ନିପାରୁଛୁ କି? ଶୁଣ୍ଡାପଦାକୁ ଅନା, ମୁଁ ସେହି ଅଙ୍ଗଦ ସିନା! ତୁ ବଞ୍ଚି ରହିଲେ ମୋର ଲାଭ, ତୁ ଜୀଇଁଥିବାଯାଏ ମୋ ବାପର କୀର୍ତ୍ତି ଉଜ୍ଜ୍ୱଳ ହୋଇ ରହିଥିବ । ତେଣୁ ତୋତେ କିଛି ସୁତୋପଦେଶ ଦେବାକୁ ଆସିଲି । ପୁଣି ମୁଁ ରାମଚନ୍ଦ୍ରଙ୍କ ଶ୍ରୀମୁଖ-ଆଜ୍ଞା ଆଣିଅଛି; ତାହା କହୁଛି, ଏବେ ମନ ସ୍ଥିର କରି ଶୁଣ । ରାମଚନ୍ଦ୍ର କହିଛନ୍ତି—ତୁ ସୀତାଙ୍କୁ ନେଇ ତାଙ୍କ ଠାରେ ଶରଣ ପଶ, ନଚେତ୍ ସବଂଶ ନଷ୍ଟ ହେବୁ ।” ରାବଣ ଏ କଥାକୁ ହସରେ ଉଡ଼ାଇଦେଇ କହିଲା—“ରେ ବାନର, ତୋର ବାପୁ ସେହି ଜଟାଧାରୀକୁ କହିବୁ ଯା—ସେ ବୀର ହୋଇ ମାଗି ପଠାଉଛି କାହିଁକି? ମାଗିବାଟା ବୀର ପକ୍ଷରେ ମାନହାନିକର । ବୀର ବିକ୍ରମ ପ୍ରକାଶ କରେ, ଆଉ ତାହାର ପରି ଯେ କାପୁରୁଷ, ସେହି ସିନା ଅନୁଗ୍ରହ ମାଗି ବୁଲେ ।” ଅଙ୍ଗଦ ଏହା ଶୁଣି କହିଲା—ଧିକ୍ ନିର୍ଲଜ୍ଜ, କେଉଁ ବେହିଆ ମୁହଁରେ ତୁ ରାମଚନ୍ଦ୍ରଙ୍କୁ ନିନ୍ଦୁଛୁ ରେ ଖଳ? ତୋ ଠାରୁ ବଳି ଭୀରୁ, କାପୁରୁଷ କିଏ? ତୁ ଯେବେ ଏଡ଼େ ବୀର, ଭୟରେ ଭିକାରୀ ବେଶ ଧରି ସୀତାଙ୍କୁ ଚୋରି କରି ଆଣିଲୁ କାହିଁକି? ପ୍ରଭୁଙ୍କର ଆଜ୍ଞା ନାହିଁ, ନଚେତ୍ ଏହା ମୁଷ୍ଟିଘାତରେ ତୋର ଦଶମୁଣ୍ଡ ଛିଣ୍ଡାଇପକାନ୍ତି ।” ରାବଣ ଏହା ଶୁଣି କ୍ରୋଧରେ ଗର୍ଜିଉଠି କହିଲା—“କିଏ ସେ ଅଛ ରେ, ଏ ପୋଡ଼ାମୁହାଁ ମାଙ୍କଡ଼ଟାକୁ ମୋଦକ ଗୋଳା ପରି ମୋର ପାଟିରେ ପକାଇଦିଅ ।” ତହୁଁ ମନ୍ତ୍ରୀମାନେ ଆସି ଅଙ୍ଗଦକୁ ଘେରିଗଲେ । ଅଙ୍ଗଦ ଟିକିଏ ମୁରୁକି ହସି ଭୀଷଣ ପଦାଘାତରେ ସେହି ଦୁର୍ବୃତ୍ତ ମନ୍ତ୍ରୀମାନଙ୍କୁ ବିନାଶ କରି ରାବଣର ଜରିଛତ୍ରକୁ ଭାଙ୍ଗିପକାଇ ଏକ ଲମ୍ଫରେ ରାମଚନ୍ଦ୍ରଙ୍କ ଥିବା ସ୍ଥାନରେ ଆସି ପଡ଼ିଲା । ରାମଚନ୍ଦ୍ର ତାହାଠାରୁ ସମସ୍ତ ଶୁଣି ତାହାର ବିକ୍ରମକୁ ବହୁତ ପ୍ରଶଂସା କରି ତାକୁ ପୁରସ୍କୃତ କଲେ ।

ରାବଣ ଅଙ୍ଗଦଠାରୁ ଅପମାନ ପାଇ ରାଗରେ ଦାନ୍ତ ଘଷିମଷି ହୋଇ ଦୁର୍ଗଦ୍ୱାର ଖୋଲି ଯୁଦ୍ଧ କରିବା ପାଇଁ ଯୋଦ୍ଧାମାନଙ୍କୁ ଆଦେଶ ଦେଲା । ରାକ୍ଷସବୀର-ମାନେ ରାଜାଦେଶ ପାଇ ନାନା ପ୍ରକାର ଭୀଷଣ ଅସ୍ତ୍ରଶସ୍ତ୍ର ଧରି ଗର୍ଜି ଗର୍ଜି ଧାବିତ ହେଲେ । ସମସ୍ତଙ୍କର ରୂପ ବିକୃତ, ବୀଭତ୍ସ । କାହାର ବେଢ଼େଇ ଦାନ୍ତ ଓଠ ଫୁଟାଇ ହସ୍ତୀଦାନ୍ତ ପରି ବାହାରି ପଡ଼ିଛି—କାହାର ନାକ ଚାପଗା ଚିଲ୍ ପରି ବେଙ୍ଗଟିଆ—କାହାର ଆଖି ଗର୍ତ୍ତ, କାନ କୁଲା, ବାଳ କହରା, ମୁଣ୍ଡ ଗୋଲିଆ । କାହାର ଦେହ ଅସ୍ତ୍ରଲଖାରେ ପୂର୍ଣ୍ଣ । କାହା ଦେହରେ ଅସଂଖ୍ୟ ଅସ୍ତ୍ରଫଳା ଭାଙ୍ଗି ରହିଅଛି । ରାବଣର ଅନ୍ତଃପୁରବାସିନୀମାନେ କଙ୍କଣ-ପଇଁଜା ହୋଇ ସର୍ବୋଚ୍ଚ ପ୍ରାସାଦ ଉପରେ ବସି ଯୁଦ୍ଧ ଦେଖିବା ଅପେକ୍ଷାରେ ରହିଲେ । ଉତ୍ସୁକବତୀ ଚେଡ଼ୀମାନଙ୍କ ମଧ୍ୟରେ କେହି କୁଳକାମିନୀ—କେହି ମୂଳାଦାନ୍ତୀ—କେହି ବା ଜକୁଡ଼ବେଣୀ । କାହା ମୁହଁ ଗାତରେ ପକ୍ଷୀବସାର ଉପମା ଧାରଣ କରିଅଛି । ଏହାଛଡ଼ା ଫାଲୁଆଗାଲୀ, ଓଳଅ ପେଟୀ, ମାଣ୍ଡିଆ ମୁଣ୍ଡୀ, ହାଣ୍ଡିଅଣ୍ଟୀ ବି ଉଣା ନ ଥିଲେ ।

## ବିଂଶ ପରିଚ୍ଛେଦ

ଋକ୍ଷ, ବାନର, ରାକ୍ଷସ ସୈନ୍ୟ ମିଶାମିଶି ହୋଇ ମହାଘୋର ଘୋଳ ଯୁଦ୍ଧରେ ପ୍ରମତ୍ତ ହୋଇଉଠିଲେ । ରାକ୍ଷସମାନେ ନାନାବିଧ ତୀକ୍ଷ୍ଣ ଧାର ଅସ୍ତ୍ରଶସ୍ତ୍ରରେ ଓ ବାନରମାନେ ବୃକ୍ଷଶାଖା, ପ୍ରସ୍ତର ଖଣ୍ଡରେ ଯୁଦ୍ଧ କରି ପରସ୍ପରକୁ ହତାହତ କରିବାକୁ ଲାଗିଲେ । କେତେ ମଲେ, କେତେ ଘାଇଲା ହୋଇ ଦରମରା ହେଲେ, ସେଥିର ସଂଖ୍ୟା ନାହିଁ । ବାନରମାନଙ୍କର ବିଧା, ଚାପୁଡ଼ା, ଗୋଇଠା, ନଖ ଦନ୍ତର ଆଘାତରେ ସେ ଦିନ ଅନେକ ରାକ୍ଷସ ମହାରଥ ପ୍ରାଣତ୍ୟାଗ କଲେ । ରାମଚନ୍ଦ୍ର, ଲକ୍ଷ୍ମଣ ଓ ବିଭୀଷଣ ଯେତେ ବାଣ ବର୍ଷଣ କଲେ, ଶ୍ରାବଣ ମାସର ମେଘ ସେତେ ଜଳ-

ଧାରା ବର୍ଷେ ନାହିଁ । ରାମଚନ୍ଦ୍ରଙ୍କର ବଜ୍ରାଧିକ ଧନୁଷ୍ଟଙ୍କାର ଶବ୍ଦ ଶୁଣି ଶତ୍ରୁସୈନ୍ୟର ଶକ୍ତି, ସାହସ ଅଧେ ଊଣା ହୋଇଗଲା । ଏକା ଶ୍ରୀରାମଙ୍କୁ ତ ଜଗତ ନିଅଣ୍ଟ, ତାହା ଉପରେ ପୁଣି ଲକ୍ଷ୍ମଣ । ତାଙ୍କର ଅନୁବଳ, ଆଉ କି ରକ୍ଷା ଅଛି ? ଅଗ୍ନି ସଙ୍ଗରେ ବାୟୁ ମିଶିଲେ ସେ ପ୍ରଚଣ୍ଡ ଶକ୍ତିକୁ ସମ୍ଭାଳିବ କିଏ ? ରାକ୍ଷସମାନେ ନିର୍ଘାତ ମାଡ଼ୁଣୀ ସହି ନ ପାରି ପୃଷ୍ଠଭଙ୍ଗ ଦେଇ ପଳାଇଗଲେ । ଏହା ଦେଖି ଇନ୍ଦ୍ରଜିତ କ୍ରୋଧରେ ଥରିଉଠିଲା; ମାତ୍ର ରାମଚନ୍ଦ୍ରଙ୍କ ସହ ସମ୍ମୁଖ ସମରରେ ପ୍ରବୃତ୍ତ ହେବାକୁ ସାହସୀ ହେଲା ନାହିଁ । ବରଂ ମାୟାବୀର ଆକାଶ ରଥରେ ଉପରକୁ ଉଠିଯାଇ ମାୟାବିଦ୍ୟା ପ୍ରଭାବରେ ମେଘ-ଉହାଡ଼ରେ ଲୁଚିରହି ଯୁଦ୍ଧ କରିବାକୁ ଲାଗିଲା । ସେ ନାଗପାଶରେ ରାମଚନ୍ଦ୍ରଙ୍କୁ ବନ୍ଧନ କରି ଜୟଶବ୍ଦ ବଜାଇ ଦୁର୍ଗକୁ ଫେରିଗଲା । ଏଣେ ରାମଚନ୍ଦ୍ର ଗରୁଡ଼ଙ୍କୁ ସ୍ମରଣ କରି ଲକ୍ଷ୍ମଣ ସହ କଠୋର ନାଗପାଶରୁ ମୁକ୍ତ ହୋଇ ଉଠିବସିଲେ । ବାନରମାନେ ଜୟଶବ୍ଦ କରିବାକୁ ଲାଗିଲେ । ଅନନ୍ତର ରାବଣ ବାଛି ବାଛି ବଡ଼ ବଡ଼ ଜଗତ୍‌ଜିତା ବୀରମାନଙ୍କୁ ଯୁଦ୍ଧକୁ ପଠାଇଲା; ମାତ୍ର ଯେ ଆସିଲା ସେ ଆଉ ବାହୁଡ଼ି ନ ଯାଇ ରଣକ୍ଷେତ୍ରରେ ପ୍ରାଣତ୍ୟାଗ କଲା । ଧୂମ୍ରାକ୍ଷ, ବଜ୍ରଦଂଷ୍ଟ୍ର, ପ୍ରହସ୍ତ, ଅକମ୍ପନ, ଅତିକାୟ, ମହାପାର୍ଶ୍ୱ ପ୍ରଭୃତି ବିଖ୍ୟାତ ମହାବୀରମାନେ ଜଣକ ପଛରେ ଜଣେ ଆସି ରଣଯଜ୍ଞରେ ନିଜକୁ ଆହୁତି ପ୍ରଦାନ କଲେ । ରାବଣର ଅନେକ ପୁତ୍ର ନାତି ମଧ୍ୟ ଯୁଦ୍ଧ କରି ମଲେ । ବୀରଧାତ୍ରୀ ଲଙ୍କା କ୍ରମେ ବୀରଶୂନ୍ୟ ହୋଇ ଆସିଲା । ଏହା ଦେଖି ରାବଣ ମନେ ମନେ ଶଙ୍କିତ ହୋଇ ଉଠିଲା । ତାହାର ବିବେକ-ଦେବତା ତାକୁ ଯୁଦ୍ଧରୁ ନିବୃତ୍ତ ହେବା ପାଇଁ ବାରମ୍ବାର ଉପଦେଶ ଦେଲା; ମାତ୍ର ତାହାର ପ୍ରକୃତି ତାହା କରାଇଦେଲା ନାହିଁ । ତାହାର ପ୍ରକୃତି ଏକା ତାହାର ଶତ୍ରୁ ହେଲା । ସେ ପ୍ରତିଜ୍ଞା କଲା—ପୃଥିବୀ ରାମଶୂନ୍ୟ ହେଉ ବା ଅରାବଣା ହେଉ, ଯୁଦ୍ଧ ହେବେଁ ଛାଡ଼ିବ ନାହିଁ; ଆଉ କାହାକୁ ନ ପଠାଇ ଏଥର ସେ ସ୍ୱୟଂ ଯୁଦ୍ଧଯାତ୍ରା କଲା । ଅସଂଖ୍ୟ ବିଶ୍ୱବିଜୟୀ ରାକ୍ଷସ-ବୀର ସଙ୍ଗରେ ଘେନି ମହା ସମାରୋହରେ ଯାଇ ବିଶ୍ୱତ୍ରାସୀ ସମର ଆରମ୍ଭ କଲା । ବାନରମାନେ ଦ୍ୱିଗୁଣ ଉତ୍ସାହରେ ଯୁଦ୍ଧରେ ମାତି ଉଠିଲେ । ରାବଣ ରାମଚନ୍ଦ୍ରଙ୍କର ଉପଯୁକ୍ତ ପ୍ରତିଯୋଦ୍ଧା । ସେ ଦିନ ଯୁଦ୍ଧର ତୁଳନା ନାହିଁ । ରାବଣର ବାଣ ଓ ରାମଚନ୍ଦ୍ରଙ୍କ ପ୍ରତିବାଣରେ ସୂର୍ଯ୍ୟକିରଣ ଢାଙ୍କିଗଲା । ରାମଚନ୍ଦ୍ର ଏକାକୀ ସହସ୍ର ମହାରଥ ପରି ଅସ୍ତ୍ର ବର୍ଷଣ କରି ବିପକ୍ଷ ବାହିନୀକୁ ସଂହାର କରିବାକୁ ଲାଗିଲେ ; ରାବଣର ବହୁସହସ୍ର ବନ୍ଧୁ, କୁଟୁମ୍ବ, ଆତ୍ମୀୟ ଜ୍ଞାତି-ପରିବାର ଯୁଦ୍ଧରେ ପ୍ରାଣ ହରାଇଲେ । ଜଗତରେ ଅଜେୟ ମହାବୀର ରାବଣ ତାହାର ସମସ୍ତ ଶକ୍ତି ପ୍ରୟୋଗ କରି ମହାଭୟଙ୍କର ଯୁଦ୍ଧ କଲା; ମାତ୍ର ରାମଚନ୍ଦ୍ରଙ୍କର ଅସୀମ ପ୍ରତାପ ସହିପାରିଲା ନାହିଁ । ରାମଚନ୍ଦ୍ର ତାହାର ଧ୍ୱଜ, କିରୀଟ ଛେଦନ କଲେ । ତାହାର ଦୁର୍ଗତି ଦେଖି ବାନରମାନେ ତାଳି ମାରି ହସି ବିଦ୍ରୂପ କଲେ । ରାବଣ ପରାଜିତ, ଲଜ୍ଜିତ ହୋଇ ଭୟରେ ପୃଷ୍ଠଭଙ୍ଗ ଦେଇ ପଳାଇଗଲା ।

ରାବଣ ନିଦାରୁଣ ଅପମାନ ପାଇ ସିଂହାସନ ଉପରେ ଯାଇ ଲଜ୍ଜାରେ ହେଁଟମୁଖ ହୋଇ ବସି ରହିଲା । ସେ ମନେ ମନେ କହିଲା—"ହାୟ, ବିଶ୍ୱବିଜୟୀ ରାବଣକୁ ସାମାନ୍ୟ ନର ବାନର ପରାଜୟ କଲେ, ଏ ବ୍ୟଥା ହୃଦୟରେ ତପ୍ତଶେଲ ବିଦ୍ଧ ହେଲା ପରି ଯନ୍ତ୍ରଣା ଦେଉଛି । ମୋର ଏତେ ବଡ଼ପଣ ଛୁଟିଗଲା, ଏବେ ଆଉ କିଏ ମୋତେ ଏ ବିପଦରୁ ଉଦ୍ଧାର କରିପାରିବ ? କୁମ୍ଭକର୍ଣ୍ଣ ଛଡ଼ା ଆଉ ସେଭଳି ଯୋଗ୍ୟ ପାତ୍ର କିଏ ? ଭାଇ ମୋର ଯୌବନରେ ଦୀନ୍ତ ଉଦ୍ଦଣ୍ଡ ଇନ୍ଦ୍ରକୁ ପିଟିଥିଲା—ପୁଣି ଯମ, କୁବେର, ବରୁଣ ପ୍ରଭୃତିଙ୍କୁ ଜୟ କରିଅଛି, ସେ ନିଶ୍ଚୟ ନରବାନର-ମାନଙ୍କୁ ଗିଳିଦେଇ ଆସିବ ।" ରାବଣ ଏହା କହି ଅନୁଚରମାନଙ୍କୁ ପଠାଇଦେଲା । ସେମାନେ କୁମ୍ଭକର୍ଣ୍ଣର କଷ୍ଟନିଦ୍ରା ଭଙ୍ଗାଇ ଉଠାଇ ଆଣିଲେ । ରାବଣ ତାକୁ ଉପସ୍ଥିତ ବିପଦର ଆମୂଳ ବୃତ୍ତାନ୍ତ କହି ଯୁଦ୍ଧକୁ ଯିବା ପାଇଁ ଆଦେଶ ଦେଲା । କୁମ୍ଭକର୍ଣ୍ଣ ସବୁ ଶୁଣିଲା; ମାତ୍ର

ସୀତା-ହରଣ ତାହା ମନକୁ ପାଇଲା ନାହିଁ । ସେ ଘୃଣା ପ୍ରକାଶ କରି କହିଲା—"ତୁମ୍ଭେ ତ୍ରିଭୁବନବିଜୟୀ ମହାରାଜାଧିରାଜ ହୋଇ ଏତେ ନିକୃଷ୍ଟ ବୁଦ୍ଧି କଲ ? ବେଳେ ବେଳେ ବିଚାର ନ କରି ତୁମ୍ଭେ ବଡ ଗର୍ହିତ କାର୍ଯ୍ୟ କରି ବସ । ଛି, ଛି, ନାରୀ-ଚୋର ବୋଲି ଗୋଟାଏ କଳଙ୍କ ଉପାଧି ବହିଲ ସିନା ! ଏଥିରେ ପୌରୁଷ କିଛି ଅର୍ଜି ନାହିଁ, ବରଂ ପୌରୁଷକୁ ଖର୍ବ କରି ଆସିଅଛ । ରାମଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ସୀତାଙ୍କୁ ଚୋରି ଆଣି ନିଜର ଭୀରୁତା ତାଙ୍କୁ ଜଣାଇଦେଇ ଆସିଅଛମାନ । ଏହା କ'ଣ ତୁମ୍ଭ ଭଳି ଯାବତଶକ୍ତିମାନ୍, ଶାସ୍ତ୍ରଜ୍ଞ ବୀରପୁରୁଷର ଉଚିତ କାର୍ଯ୍ୟ ? ପଶୁବଳରେ ମାତି ବାରମ୍ବାର ବିପଦର ସମ୍ମୁଖୀନ ହେଉଅଛ, ତେବେ ବି ତୁମ୍ଭର ଚେତନା ହେଉ ନାହିଁ । ତୁମ୍ଭର ଏପରି କୁବୁଦ୍ଧି ଆମ୍ଭମାନଙ୍କର ଦୁର୍ଭାଗ୍ୟ ସିନା । ଯେଉଁ ମହାବଳ ସହସ୍ରାର୍ଜ୍ଜୁନ ତୁମ୍ଭଙ୍କୁ ବନ୍ଦୀଶାଳାରେ ରଖି ଚେଙ୍ଗଦଣ୍ଡ ଉଚ୍ଛିଷ୍ଟ ଅନ୍ନରେ ବଞ୍ଚାଇ ରଖିଥିଲା, ତାକୁ ଯେ ମାରିଥିଲା, ସେହି ପରଶୁରାମ ଯାହାଠାରେ ପରାସ୍ତ ହେଲା, ପୁଣି ଯେ ସମୁଦ୍ରକୁ ବନ୍ଧରେ ପାରି ହେଲା, ସେ ରାମ କ'ଣ ସାମାନ୍ୟ ମନୁଷ୍ୟ ? ଏଭଳି ଅସାଧ୍ୟ ସାଧନ କି କ୍ଷୁଦ୍ରପ୍ରାଣ ବ୍ୟକ୍ତି କରିପାରେ ? ତୁମ୍ଭେ କି ସାହସରେ ତାହା ସଙ୍ଗରେ ଯୁଦ୍ଧ କରିବାକୁ ଗଲ ?" ରାବଣ ଆଉ ସହିପାରିଲା ନାହିଁ, ମୁହିଁ ଅମ୍ ଅମ୍ କରି କହିଲା—"ତୁ ଏକା ବଡ଼ ଜାଣିବା ବ୍ୟକ୍ତି, ଆଉ ସମସ୍ତେ ଅଜାଣ ପଶୁ । ଦିନରାତି ଶୋଇ ଶୋଇ ତୁ ତ ଗୋଟାଏ ପଣ୍ଡିତ ପାଲଟିଗଲୁଣି ! ଗୁରୁଦେବଙ୍କ ପରି ଖୁବ୍ ଉପଦେଶ କି ଦେଇ ଶିଖିଲୁଣି । ଗୋଟାଏ କିଛି ଟେକି ଧର, ଟେରେ ଟେଲି ଯୁଝିବେ । ତୋତେ ଇନ୍ଦ୍ରାରଣ୍ୟି ଉପାଧି ଦେଲେ ବେଶ୍ ମାନନ୍ତା । ତୋର ଆଉ ବିଶ୍ରବଣର ଏକା ଜାତକ ପରା ! ତୁ ବି ତାହାର ସରି ନରବାନରର ଚରଣଧୂଳି ମୁଣ୍ଡରେ ବୋଳିହୋଇ ଆଉ ପାଦୋଦକ ପାନ କରି କୃତାର୍ଥ ହେବୁ ଯା । ରାକ୍ଷସ-କୁଳର ଗୌରବ ବାଉ ବାଉ ଜଳି ଉଠିବ । ତୁମ୍ଭର ପରି ବୀରପୁରୁଷ ଯେଉଁ ମା-ବାପ ଜନ୍ମକରନ୍ତି, ସେ ମା ବନ୍ଧ୍ୟା ଆଉ ସେ ବାପ କ୍ଲୀବ ।" କୁମ୍ଭକର୍ଣ୍ଣ ଅଗ୍ରଜଙ୍କୁ କ୍ରୁଦ୍ଧ ହେବାର ଦେଖି ଆଉ କିଛି ନ କହି ଢାଲାଣ୍ଡକ ଶୂଳ ଅସ୍ତ୍ର ଧରି ଯୁଦ୍ଧଯାତ୍ରା କଲା ।

କୁମ୍ଭକର୍ଣ୍ଣର ଶରୀର ଅତି ପ୍ରକାଣ୍ଡ । ତାହାର କର୍ଣ୍ଣକୁଣ୍ଡ କଳସୀ ପରି । ଏହି ହେତୁ ତାହାର ନାମ କୁମ୍ଭକର୍ଣ୍ଣ ହୋଇଅଛି । ଦେହ ବଜ୍ର ପରି ଦୃଢ, ସେଥିରେ ସହଜରେ ବାଣ ଫୁଟେ ନାହିଁ । କୁମ୍ଭକର୍ଣ୍ଣ ସଙ୍ଗରେ ଅନେକ ବଛା ବଛା ରାକ୍ଷସବୀର ଯୁଦ୍ଧ କରିବାକୁ ଆସିଲେ । ବାନରମାନେ ଗଛ ପଥର ପିଙ୍ଗି ରଥ, ଅଶ୍ୱ, ସାରଥି ସହ ସେମାନଙ୍କୁ ଚୂର୍ଣ୍ଣ କରିଦେଲେ । କୁମ୍ଭକର୍ଣ୍ଣ ଏହା ଦେଖି କ୍ରୁଦ୍ଧ ହୋଇ ବାନର ସୈନ୍ୟମାନଙ୍କୁ ଧରି ଗିଳିବାକୁ ଲାଗିଲା; ମାତ୍ର ବାନରମାନେ ତାହା ପେଟକୁ ନ ଯାଇ ଗିରିଗୁହା ସଦୃଶ ନାକକାନ ପଥରେ ବାହାରି ଆସିଲେ । ତାହାର ପ୍ରଚଣ୍ଡ ପ୍ରତାପ ସହି ନ ପାରି ବାନର ସେନା ଛତ୍ରଭଙ୍ଗ ହୋଇ ଇତସ୍ତତଃ ପଳାଇଗଲେ । ତହୁଁ ରାମଚନ୍ଦ୍ର ଆସି ତାହା ସହିତ ଯୁଦ୍ଧ କଲେ । ତାଙ୍କର ଅନେକ ବାଣ ରାକ୍ଷସ ଦେହରେ ବାଜି ବ୍ୟର୍ଥ ହେଲା । ସେ ଟହ ଟହ ହୋଇ ହସିଉଠି କହିଲା—"ରାଘବ, ମୁଁ ଖର ଦୂଷଣ ପରି ସାମାନ୍ୟ ରାକ୍ଷସ ନୁହେଁ, ତୋର ଯେତେ ଅସ୍ତ୍ର ଅଛି ମାର, ତାହିଁରେ ମୋର ରୋମ କମ୍ପିବ ନାହିଁ ।" ରାମଚନ୍ଦ୍ର ରାକ୍ଷସର ଏହି ଅବଜ୍ଞାସୂଚକ ପରିହାସ ବାକ୍ୟ ଶୁଣି ମହା କ୍ରୋଧରେ ମହାସ୍ତ୍ର ପ୍ରୟୋଗ କରି ତାହାକୁ ସଂହାର କଲେ । ରାବଣ ଭ୍ରାତୃମରଣ ଶୁଣି ଅନେକ ବାହୁନି କାନ୍ଦିଲା । ସେ ହତାଶାରୋଳା ଦୀର୍ଘ ନିଃଶ୍ୱାସ ପକାଇ କହିଲା, "ହାୟ, ଆଜି ମୋର ଦକ୍ଷିଣହସ୍ତ ଛିଣ୍ଡିପଡିଲା । ମହାବୀର କୁମ୍ଭକର୍ଣ୍ଣ ମଲା, ଆଉ ଏ ରାକ୍ଷସକୁଳର ବିପୁଳ ମାନ ମହତ୍ତ୍ୱ କିଏ ରକ୍ଷା କରିପାରିବ ?" ପିତାର ବିଳାପ ଶୁଣି ଇନ୍ଦ୍ରଜିତ ପ୍ରତିଜ୍ଞା କରି ଯୁଦ୍ଧ କରିବାକୁ ଆସିଲା । ଦୁଷ୍ଟ ମାୟାବୀ ମାୟା ସୀତା ନିର୍ମାଣ କରାଇ ଯୁଦ୍ଧସ୍ଥଳରେ ଆଣି ଖଡ୍ଗାଘାତରେ ତାହାର ଶିରଚ୍ଛେଦନ କରି ପଡକୁ ଫେରିଗଲା । ତାହାର ଦୁରଭିସନ୍ଧି ଏହି ଯେ—ପ୍ରାଣପ୍ରିୟା ସୀତାଙ୍କ ମୃତ୍ୟୁରେ ରାମଚନ୍ଦ୍ର ନିଶ୍ଚୟ ଆତ୍ମହତ୍ୟା କରିବେ । ତାହାହେଲେ ସବୁ ଅନିଷ୍ଟ ସହଜରେ ଖଣ୍ଡିଯିବ । କିନ୍ତୁ ବୃଥା ଆଶା ! ଦୁଷ୍ଟର ସେ ଖୁବୁସୀ ବିଭୀଷଣର ସତର୍କ ଦୃଷ୍ଟି

ଅନ୍ତସ୍ଥଳରେ ରହିଲା ନାହିଁ । ସେ ମନୋଗତ ସ୍ୱର-ପଠାଇ ବୁଝିଲା, ସୀତା ଅଶୋକ ବନରେ ନିରାପଦରେ ଅଛନ୍ତି । ରାମଚନ୍ଦ୍ର ଏହା ଶୁଣି ମିତକୁ ଧନ୍ୟ ଧନ୍ୟ କହି ଆଲିଙ୍ଗନ କଲେ । ବାନରମାନେ ବିଭୀଷଣର ଚରିତକୁ କୋଟି କଣ୍ଠରେ ପ୍ରଶଂସା କରିବାକୁ ଲାଗିଲେ । ତହୁଁ ଇନ୍ଦ୍ରଜିତ-ବଧର ମନ୍ତ୍ରଣା ଲାଗିଲା । ସେଥିରେ ସ୍ଥିର ହେଲା—ବିଭୀଷଣ ଲକ୍ଷ୍ମଣଙ୍କୁ ସଙ୍ଗରେ ଘେନି ରାତିରେ ଲଙ୍କା ମଧ୍ୟରେ ପଶି ଇନ୍ଦ୍ରଜିତର ଯଜ୍ଞଭଙ୍ଗ-ପୂର୍ବକ ତାହାକୁ ବଧ କରିବେ । ଏହି ପ୍ରସ୍ତାବ ଯଥାସମ-ୟରେ କାର୍ଯ୍ୟରେ ପରିଣତ ହେଲା । ବିଭୀଷଣ ସାହା-ଯ୍ୟରେ ଲକ୍ଷ୍ମଣ ଲଙ୍କାଗଡ଼ରେ ପଶି ଯଜ୍ଞସ୍ଥାନରେ ଇନ୍ଦ୍ରଜିତକୁ ସଂହାର କଲେ । ପ୍ରିୟ ପୁତ୍ରର ମୃତ୍ୟୁରେ ରାବଣର ପିତୃ-ହୃଦୟ ଖଣ୍ଡ ଖଣ୍ଡ ହୋଇ ଫାଟିଗଲା । ସେ ନିଶ୍ଚେତ ହୋଇପଡ଼ିଲା; ଚେତନା ପାଇ ଅସମ୍ଭାଳ କ୍ରୋଧରେ ସମର କ୍ଷେତ୍ରକୁ ଧାଇଁଲା । ସଙ୍ଗରେ ଅସଂଖ୍ୟ ବଡ ବଡ ବୀର ଆସିଲେ । ସେଦିନ ରାବଣ ପୁତ୍ର-ଶୋକରେ ଅଧୀର ହୋଇ ଅତି ଭୀଷଣ ଯୁଦ୍ଧ କରିବାକୁ ଲାଗିଲା । ଉଭୟ ପକ୍ଷରୁ ଅସଂଖ୍ୟ ସୈନ୍ୟ ନିହତ ହେଲେ । ମୃତ ବୀରମାନଙ୍କର ମୁକୁଟ, ଅଳଙ୍କାର ପ୍ରଭୃ-ତିର ଜ୍ୟୋତିରେ ରଣଭୂମି ତାରକିତ ଦିଶିଲା । ରାବଣ ଅମରଦତ୍ତ 'ଶକ୍ତିଶେଳ' ନାମକ ଅବ୍ୟର୍ଥ ଅସ୍ତ୍ର ଲକ୍ଷ୍ମଣଙ୍କ ପ୍ରତି ପ୍ରୟୋଗ କଲା । ଲକ୍ଷ୍ମଣ ସେହି ମହାବାଣରେ ବିଦ୍ଧବକ୍ଷ ହୋଇ ଚେତନା ହରାଇ ତଳେ ପଡ଼ିଗଲେ । ରାବଣ ଏହି ଭୀଷଣ ପ୍ରତିଶୋଧ ନେଇ ସେଦିନ ଆଉ ଯୁଦ୍ଧ ନ କରି ଫେରିଗଲା ।

ରାମଚନ୍ଦ୍ର ପ୍ରାଣାଧିକ ଲକ୍ଷ୍ମଣଙ୍କୁ ମୃତବତ୍ ଦେଖି ଶଙ୍କିତ ହେଲେ; ମାତ୍ର ଧୈର୍ଯ୍ୟ ହରାଇଲେ ନାହିଁ । ଦୁର୍ବଳ ହୃଦୟ ବିପଦରେ ଅଧୀର ହୋଇପଡ଼େ ସିନା; ମାତ୍ର ମହାହୃଦୟ ମହାବିପଦରେ ସୁଦ୍ଧା ଅଟଳ । ରାମଚନ୍ଦ୍ର ଅନୁଜଙ୍କୁ ବଞ୍ଚାଇବାର ଉପାୟ ଚିନ୍ତା କଲେ; କିନ୍ତୁ ତାଙ୍କୁ ଅଧିକ କ୍ଷଣ ଚିନ୍ତା କରିବାକୁ ହେଲା ନାହିଁ । ବୈଦ୍ୟରାଜ ସୁଷେଣ ରାମଚନ୍ଦ୍ରଙ୍କୁ ବିମର୍ଷ ଓ ଚିନ୍ତା-ନ୍ୱିତ ଦେଖି କର ଯୋଡ଼ି ସମ୍ମୁଖରେ ଆସି ଜଣାଇଲା—"ରଘୁପତି, ଆପଣ ଚିନ୍ତିତ ହୁଅନ୍ତୁ ନାହିଁ । ଗନ୍ଧମାଦନ ନାମକ ପର୍ବତରେ ବିଶଲ୍ୟକରଣୀ ଔଷଧ ଅଛି । ଏହି ରାତି ମଧ୍ୟରେ ସେହି ଔଷଧ ଆଣି ଦେଲେ ମୁଁ ଲକ୍ଷ୍ମଣଙ୍କୁ ଜୀଆଇଦେବି । ଏହି ଅସାଧ୍ୟ କାର୍ଯ୍ୟ ସାଧନ କରିବାକୁ ମହାବୀର ହନୁମାନ ଏକା ସମର୍ଥ ।" ରାମ-ଚନ୍ଦ୍ର ଏହା ଶୁଣି ମହୌଷଧି ଆଣିବା ସକାଶେ ହନୁମାନଙ୍କୁ ଆଦେଶ ଦେଲେ । ତହୁଁ ପାବନି ଯୋଗବଳରେ ପବନଗତିରେ କେତେ ଦୂରବର୍ତ୍ତୀ ଗନ୍ଧମାଦନ ପର୍ବତକୁ ଯାଇ ବିଶଲ୍ୟକରଣୀ ଘେନି ଆସିଲା । ସୁଷେଣ ସେହି ଔଷଧରେ ଲକ୍ଷ୍ମଣଙ୍କୁ ଜୀଆଇ-ଦେଲେ । ଲକ୍ଷ୍ମଣ ନିଦ୍ରାରୁ ଉଠିଲା ପରି ଉଠି ବସିଲେ । ରାମଚନ୍ଦ୍ର ହୃତନିଧି ପାଇ ଆନନ୍ଦରେ କାନ୍ଦିପକା-ଇଲେ । ବାନରମାନେ ମହୋଲ୍ଲାସରେ ମାତି 'ଜୟ ରାମଚନ୍ଦ୍ର, ଜୟ ଲକ୍ଷ୍ମଣ' ଶବ୍ଦରେ ଗଗନ ପବନ କମ୍ପାଇଦେଲେ ।

## ଏକବିଂଶ ପରିଚ୍ଛେଦ

ଲକ୍ଷ୍ମଣ ଜୀଇଉଠିବାର ଶୁଣି ରାବଣ ଅତି ଅସ୍ଥିର ହୋଇ କହିଲା—"ଯେଉଁ ଶକ୍ତିଶେଳ ବାଣରେ ଦେବତା, ଯକ୍ଷ, ରକ୍ଷ କାହାର ନିସ୍ତାର ନାହିଁ, ସେହି ଅମୋଘ ମହାସ୍ତ୍ର କ୍ଷୁଦ୍ର ଜୀବ ମନୁଷ୍ୟର ପ୍ରାଣ ସଂହାର କରିପାରିଲା ନାହିଁ, ଏହାଠାରୁ ବଳି ଆଶ୍ଚର୍ଯ୍ୟ ବ୍ୟାପାର ଆଉ କଅଣ ଅଛି ? ଉଃ, ରାମଲକ୍ଷ୍ମଣ କି ବିଷମ ବୈରୀ, ମରି ସୁଦ୍ଧା ମରୁ ନାହାନ୍ତି ! ବନରେ ପ୍ରଚଣ୍ଡ ଦାବାନଳ ଚରିଆସି ଯେପରି ମହାବୃକ୍ଷର ଶାଖାପତ୍ର ନାଶି ଶେଷରେ ମୂଳକୁ ଗ୍ରାସ କରେ, ଏ ଦୁରନ୍ତ ରିପୁ ମୋ ପକ୍ଷରେ ସେହିପରି ହୋଇଅଛି । ଲଙ୍କାର ବଜ୍ରପ୍ରାଚୀରସ୍ୱରୂପ କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ଗଲେ ଓ ଜ୍ଞାତି, ପରିବାର ପୁଅ ନାତି ସମସ୍ତେ ଗଲେ, ଖାଲି ମୁଁ ଥୁଣ୍ଟାଗଛ ପରି ଏକୁଟିଆ ଅଛି । ଯାହାହେଉ, ନିଜ ହାତରେ ତ ମୁଁ ନିଜ ଅଦୃଷ୍ଟରେ ଅଗ୍ନି ସଂଯୋଗ କରିଅଛି, ଏବେ ଆଉ ଦୁଃଖ କଲେ କଅଣ ହେବ ? ଏ ଦୁର୍ଜୟ ରିପୁ ମୋର ଶକ୍ତି ଶୋଷଣ କରିଅଛି । ମୋତେ ନ ମାରି ସେ କ୍ଷାନ୍ତ ହେବ ନାହିଁ । ତାହା ହେଉ ପଛେ; ମାତ୍ର ଯୁଦ୍ଧ କେବେଁ ଛାଡ଼ିବି ନାହିଁ । ମୁଁ କି

ଏଡ଼େ ଅଜ୍ଞାନ ଯେ, ସ୍ୱର ପ୍ରାଣ ପାଇଁ ମହତ୍ତ୍ୱ ହରାଇ ବସିବ । ସମସ୍ତଙ୍କୁ ମରାଇ ନିଜେ ବଞ୍ଚି ରହିବାକୁ କେଉଁ ଅଧମ ସୁଦ୍ଧା ଇଚ୍ଛା କରିବ ନାହିଁ । ଯେଉଁମାନେ ମୋ ଲାଗି ମରିଅଛନ୍ତି, ସେମାନଙ୍କ ପ୍ରେତାତ୍ମାର ସନ୍ତୋଷ ପାଇଁ ମୁଁ ସୁଦ୍ଧା ମରିବି । ଘୃଣିତ ଜୀବନ ଘେନି ବଞ୍ଚି ରହିବାରେ କି ଫଳ ? ପୁଣି ମହାଶ୍ମଶାନ ମଧ୍ୟରେ ଶବ-ସିଂହାସନରେ ବସି ରାଜତ୍ୱ କରିବାରେ ବା କି ଲାଭ ? ଯେ ମୋତେ ଦେଖି ଭୟରେ ଥରୁଥିଲା, ସେ ଏବେ ଦେଖିଲେ ହସିବ, ସେ ଅପମାନ ମୁଁ ସହିପାରିବି ନାହିଁ । ଏବେ ମୁଁ ବୁଝିଲି ରାମଚନ୍ଦ୍ର ସାମାନ୍ୟ ବ୍ୟକ୍ତି ନୁହନ୍ତି—ବାସ୍ତବରେ ସେ ପରଂବ୍ରହ୍ମଙ୍କର ଅବତାର । ତାଙ୍କ ହାତରେ ସମ୍ମୁଖ ଯୁଦ୍ଧରେ ମୁଁ ମଲେ ମୁକ୍ତିଲାଭ କରିବି । କେବେ ଏ ସୁଯୋଗ ଛାଡ଼ିବି କାହିଁକି ? ଏହି ସୌଭାଗ୍ୟ-ମୃତ୍ୟୁ ମୋତେ ଅମର କରି ରଖିବ । ଭକ୍ତିରେ ଭଗବାନ ଶୀଘ୍ର ମିଳନ୍ତି ନାହିଁ ; ଶତ୍ରୁଭାବରେ ଶୀଘ୍ର ମିଳନ୍ତି । ଅତଏବ ଯୁଦ୍ଧ କରିବା ହିଁ ମୋ ପକ୍ଷରେ ନିତାନ୍ତ ଶ୍ରେୟସ୍କର ।'' ରାବଣ ଏହିପରି ଘର ଅବଶିଷ୍ଟ ରାକ୍ଷସବୀରଙ୍କୁ ଡାକି ଯୁଦ୍ଧକୁ ପଠାଇଲା; ମାତ୍ର ସେମାନେ ଆଉ ବାହୁଡ଼ି ଆସିଲେ ନାହିଁ । ନରାନ୍ତକ, ଦେବାନ୍ତକ, ତ୍ରିଶିରା, କୁମ୍ଭ, ନିକୁମ୍ଭ, ମକରାକ୍ଷ, ତରଣୀସେନ ଓ ବୀରବାହୁ ପ୍ରଭୃତି ମହାବୀର ଯୁଦ୍ଧକ୍ଷେତ୍ରରେ ପ୍ରାଣତ୍ୟାଗ କଲେ । ଯେଉଁମାନେ ବର ପ୍ରଭାବରେ ଅବଧ୍ୟ, ବିଭୀଷଣ ସେମାନଙ୍କର ମୃତ୍ୟୁ-ରହସ୍ୟ କହିଦେଇ ସମସ୍ତଙ୍କୁ ମରାଇଲା । ସାଧୁ ବିଭୀଷଣ ସ୍ୱୀୟ ଚରିତ୍ରର ଯେଉଁ ଅପୂର୍ବ ମହତ୍ତ୍ୱ ଦେଖାଇଥିଲା, ତାହା ବାସ୍ତବରେ ଅତୁଳନୀୟ । ସେପରି ମହତ୍ତ୍ୱ ଦେବ-ପ୍ରାଣରେ ସୁଦ୍ଧା ଦୁର୍ଲଭ । ସେ ନିଜର ପୁତ୍ର ତରଣୀସେନ ମୃତ୍ୟୁର ଗୁପ୍ତ ଉପାୟ କହିଦେଇ ରାମଚନ୍ଦ୍ରଙ୍କ ଦ୍ୱାରା ତାକୁ ମରାଇଥିଲା । ରାମଚନ୍ଦ୍ର ପଛରେ ତାହା ଜାଣିପାରି ଶୋକ ଓ ଅନୁତାପରେ କାନ୍ଦିପକାଇ କହିଲେ—"ମିତ୍ରବର, ହାୟ, ତୁମର ପ୍ରାଣ କି ପାଷାଣରେ ଗଢ଼ା ହୋଇଅଛି ? ନିଜ ଅଙ୍ଗଜର ମରଣ-ଭେଦ କହିଦେଇ ତାକୁ ମରାଇବାକୁ କି ତୁମ ମନରେ ତିଳେମାତ୍ର ଦୁଃଖ ହେଲା ନାହିଁ ? ତୁମର ବିଭୀଷଣ ନାମ ସାର୍ଥକ । ଏପରି ଭୀଷଣ ଦୁଃଖ ଯେ ସହିପାରେ, ତାହାର ବିଭୀଷଣ ନାମ ଅକ୍ଷରେ ଅକ୍ଷରେ ସତ୍ୟ ।" ବିଭୀଷଣ ହସି ହସି କହିଲା—"ପ୍ରାଣ ପାଷାଣରେ ଗଢ଼ା କାହିଁକି ହେବ ପ୍ରଭୁ ? ତୁମରି କୃପାଦତ୍ତ ଜ୍ଞାନ ମୋତେ ଯାହା ଶିଖାଇଅଛି, ମୁଁ ତାହାହିଁ କରିଅଛି । ସଂସାରରେ ମୁଁ କେତେ ଥର ମରି କେତେ ଥର ଜନ୍ମିଅଛି, ତାହା ତୁମର ଅଜ୍ଞାତ ନୁହେଁ । କେତେ ସ୍ଥାନରେ ମୋର ପରିବାର ଥିବେ; କିନ୍ତୁ ମୁଁ ତାଙ୍କୁ ଭୁଲିଯାଇଅଛି । ଆଖି ବୁଜିଲେ ବର୍ତ୍ତମାନ ସ୍ୱଜନମାନଙ୍କୁ ବି ସେହିପରି ଭୁଲିଯିବି । ସବୁ କାଳରେ ମିଳାଇଯାଉଅଛି, ତେବେ ବୃଥା ଦୁଃଖ କରିବି କାହିଁକି, କାହା ଲାଗି ପ୍ରଭୁ ? ଏ ସଂସାରରେ ମୋର କିଏ ଅଛି ? ତେବେ ଦୁଃଖ ଏହି ଯେ, ମୋର ଭାଗ୍ୟଧର ପୁତ୍ର 'ତରଣୀ' ତୁମ୍ଭ ହାତରେ ମରି ବୈକୁଣ୍ଠରେ ସ୍ଥାନ ପାଇଲା; କିନ୍ତୁ ଆଜନ୍ମ ଶ୍ରୀଚରଣ-ସେବା କରି ମୋର କଣ ହେଲା—ମୁଁ ଏହି ଜଞ୍ଜାଳମୟ ସଂସାର-ବନ୍ଧନରେ ପଡ଼ି ପଡ଼ି ସଡ଼ି ଜୀବନ୍ତ ମରଣ ଯନ୍ତ୍ରଣା ଭୋଗ କରୁଥିବି ସିନା ! ସେ ଯାହା ହେଉ, ତରଣୀସେନ ଜୀବିତ ଥିଲେ ରଣଜୟ କରି ହୁଅନ୍ତା ନାହିଁ । ସେ ସାମାନ୍ୟ ଶକ୍ତିଧର ନୁହେଁ । ଲଙ୍କାରେ କେବଳ ଇନ୍ଦ୍ରଜିତ ତାହାର ସମକକ୍ଷ । ମୁଁ ତାହାକୁ ମରାଇ ସତ୍ୟରକ୍ଷା ଓ ଧର୍ମରକ୍ଷା କରିଅଛି ।" ରାମଚନ୍ଦ୍ର ଏହା ଶୁଣି ମହାମିତ୍ର ବିଭୀଷଣଙ୍କୁ କୁଣ୍ଢାଇପକାଇ କହିଲେ—"ସୁହୃଦ୍-ପ୍ରବର, ଦୁଃଖିତ ହୁଅ ନାହିଁ, ତୁମର ସ୍ଥାନ ମୋର ଏହି ହୃଦୟ ଭିତରେ ।" ବିଭୀଷଣ ସାଫଲ୍ୟ ଅଶ୍ରୁ ବିସର୍ଜନ କରି ଆନନ୍ଦ ଗଦ୍‌ଗଦ କଣ୍ଠରେ କହିଲା—"ନା ପ୍ରଭୁ, ହୃଦୟରେ ସ୍ଥାନ ଲଭିବା ଭଳି ଯୋଗ୍ୟତା ମୋର ନାହିଁ—ଶ୍ରୀଚରଣ ତଳେ ମୋର ସ୍ଥାନ ନିର୍ଦ୍ଦିଷ୍ଟ ହେଉ ।"

ମହୀରାବଣ ନାମରେ ରାବଣର ଗୋଟାଏ ପୁଅ ଥିଲା । ଅନ୍ୟ ବୀର ଅଭାବରେ ରାବଣ ତାହାକୁ ଯୁଦ୍ଧକୁ ପଠାଇଲା । ମହୀରାବଣ ମାୟା ବିଦ୍ୟାରେ ଖୁବ୍ ନିପୁଣ । ଅନ୍ୟର କଥା କିଏ ପଚାରେ, ଖୋଦ୍ ମହାମାୟା

ବଳରେ ସେ ସ୍ୱୟଂ ମାୟାଦେବୀଙ୍କୁ ସ୍ତବ୍ଧ ମୋହିତ କରିପାରେ । ସେ ରାତ୍ରିରେ ଆସି ମାୟାବିଦ୍ୟା ପ୍ରଭାବରେ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କ ବାହ୍ୟଜ୍ଞାନ ଆଚ୍ଛନ୍ନ କରି ତାଙ୍କୁ ପାତାଳପୁରକୁ ନେଇଯାଇ ବନ୍ଦୀ କରି ରଖିଲା । ଅସାଧ୍ୟ ସାଧନଦକ୍ଷ ରାମ-ଭକ୍ତ ମହାବୀର ହନୁମାନ ପାତାଳକୁ ଯାଇ ଅସାଧାରଣ ବୁଦ୍ଧି କୌଶଳରେ ମହୀରାବଣକୁ ସବଂଶ ନିପାତ କରି ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ଉଦ୍ଧାର କରି ଆଣିଲା । ରାବଣ ଛଡ଼ା ଆଉ ଯୁଦ୍ଧ କରିବାକୁ କେହି ନାହିଁ । ବୀରଜନନୀ ଲଙ୍କା ଏବେ ବୀରଶୂନ୍ୟା । ଯେଉଁ ରାକ୍ଷସ ମହାବାହିନୀ ରୂପ ମହା-ସାଗର ଗର୍ଭରେ ଅସଂଖ୍ୟ ନକ୍ର, ଶିଶୁମାର, ତିମି, ତିମିଙ୍ଗିଳ ବିହାର କରୁଥିଲେ, ସେଥିରେ ଏବେ କ୍ଷୁଦ୍ର ମୀନ ଓ ଚେଙ୍ଗା ଶାମୁକା ଛଡ଼ା ଆଉ କିଛି ନାହିଁ । ସ୍ୱର୍ଣ୍ଣ ହର୍ମ୍ୟବତୀ ସୁନ୍ଦରୀ ଲଙ୍କାପୁରୀ ବିଧବା ପରି ହତଶ୍ରୀ ଦିଶୁଛି । ପ୍ରତିମା ଦେହରୁ ରଙ୍ଗ ଛାଡ଼ିଗଲା ପରି ତାହାର ରୂପ ମଳିନ ଓ ନୀରସ । ରାବଣ ଅନ୍ୟ ଉପାୟ ନ ଦେଖି ମହାକ୍ରୋଧରେ ଅଧୀର ହୋଇ ନିଜେ ଯୁଦ୍ଧକୁ ଆସିଲା । ହତାବଶିଷ୍ଟ ସୈନ୍ୟବୃନ୍ଦ ତାହା ସଙ୍ଗରେ ଆସିଲେ । ରାକ୍ଷସ ବାନର ମିଶାମିଶି ହୋଇ ଜୀବନର ମାୟା ତେଜି ଭୀଷଣ ସଂଗ୍ରାମରେ ପ୍ରବୃତ୍ତ ହେଲେ । ରାବଣ କେତେ ଯୁଦ୍ଧ କରିଛି, ତାହାର ସଂଖ୍ୟା ନାହିଁ; ମାତ୍ର ଏହି ଯୁଦ୍ଧ ତାହା ଜୀବନର ଶେଷ ଯୁଦ୍ଧ । ସେ ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ଯୁଦ୍ଧ କରିବାକୁ ଲାଗିଲା । ବାନର ସେନା ଦଳ ଦଳ ହୋଇ ମରି ପଡ଼ିଗଲେ । ରାବଣର ଦୁର୍ଦ୍ଧର୍ଷ ପ୍ରତାପ କେହି ସହିପାରିଲେ ନାହିଁ । ତହୁଁ ରାମଚନ୍ଦ୍ର ଆସି ତାହା ସଙ୍ଗରେ ଯୁଦ୍ଧ କଲେ । ସେ ଯୁଦ୍ଧର ପଟାନ୍ତର ନାହିଁ । ପ୍ରାଜ୍ଞମାନେ କହନ୍ତି—ରାମରାବଣର ଯୁଦ୍ଧ ରାମ ରାବଣର ଅନୁରୂପ, ଅର୍ଥାତ୍ ତାହାର ତୁଳନା ନାହିଁ । ଉଭୟେ ମହାରଥ, ମହାଯୋଦ୍ଧା; ଧନୁର୍ବେଦରେ କେହି କାହାକୁ ଊଣା ନୁହନ୍ତି । ସେହି ମହାଯୁଦ୍ଧରେ ସ୍ୱର୍ଗ ମର୍ତ୍ତ୍ୟ କମ୍ପମାନ ହେଲା । ରାମଚନ୍ଦ୍ରଙ୍କୁ ତଳେ ଠିଆ-ହୋଇ ଯୁଦ୍ଧ କରିବାର ଦେଖି ଦେବରାଜ ଇନ୍ଦ୍ର ନିଜ ରଥ ପଠାଇଦେଲେ । ଦେବସାରଥି ମାତଳି ରଥ ନେଇ ଆସିଲା । ରାମଚନ୍ଦ୍ର ସେହି ଦେବରଥରେ ବସି ଯୁଦ୍ଧ କଲେ । ତାଙ୍କର ଅନେକ ପ୍ରସିଦ୍ଧ ବାଣ ରାବଣ ଉପରେ ବାଜି ବ୍ୟର୍ଥ ହେଲା । ଶେଷରେ ସେ ମାତଳିର ଉପଦେଶରେ ଅବ୍ୟର୍ଥ ବ୍ରହ୍ମାସ୍ତ୍ର ପ୍ରହାର କରି ରାବଣର ଦଶମୁଣ୍ଡ କାଟିପକାଇଲେ । ରାବଣ ପ୍ରାଣତ୍ୟାଗ କରି ରଣକ୍ଷେତ୍ରରେ ପତିତ ହେଲା । ବାନରମାନେ ଆନନ୍ଦ-ହୁଙ୍କାର ଓ ଜୟଧ୍ୱନିରେ ପୃଥିବୀ କମ୍ପାଇଦେଲେ । ବିଭୀଷଣ ଛଡ଼ା ରାବଣର ବଂଶରେ ଆଉ କେହି ନାହାନ୍ତି । ରାମଚନ୍ଦ୍ରଙ୍କ ଆଦେଶରେ ବିଭୀଷଣ ଯଥୋଚିତ ବିଧାନରେ ଭ୍ରାତାର ଶବସଂସ୍କାର କଲା । ଅନ୍ତ୍ୟେଷ୍ଟି ପରେ ରାମଚନ୍ଦ୍ର ଧାର୍ମିକ ବିଭୀଷଣକୁ ଲଙ୍କାର ରାଜ-ସିଂହାସନରେ ବସାଇଲେ । ମହାସତୀ ମନ୍ଦୋଦରୀକୁ ତାହାର ପଟ୍ଟମହିଷୀ ପଦରେ ଅଭିଷିକ୍ତ କଲେ ।

ଅନନ୍ତର ଜୟଶ୍ରୀମଣ୍ଡିତ ରାମଚନ୍ଦ୍ରଙ୍କ ଆଦେଶରେ ସୀତା ଅଶୋକ ବନରୁ ଆନୀତ ହେଲେ । ସଜ୍ଜିଶିର-ହିତା ବୈଦେହୀ ଆସି ସ୍ୱାମୀଙ୍କର ପଦବନ୍ଦନା କଲେ । ତାଙ୍କର ଆନନ୍ଦାଶ୍ରୁରେ ରାମଚନ୍ଦ୍ରଙ୍କର ଶ୍ରୀଚରଣ ଧୌତ ହୋଇଗଲା । ସୀତାଙ୍କର କ୍ଷୀଣ, ମ୍ଲାନ ଶରୀର ଦେଖି ଉପସ୍ଥିତ ରାକ୍ଷସ ବାନର କାହାରି ଚକ୍ଷୁ ଅନାର୍ଦ୍ର ରହିପାରିଲା ନାହିଁ । ରାମଚନ୍ଦ୍ର ସୀତାଙ୍କୁ କହିଲେ—"ପ୍ରିୟେ, ତୁମ୍ଭେ ପତିବ୍ରତା ଓ ନିଷ୍ପାପା, ଏହା ମୁଁ ଜାଣେ, ତଥାପି ଲୋକମତ ସ୍ୱତନ୍ତ୍ର । ତୁମ୍ଭେ ଚଉଦ ମାସ କାଳ ରାକ୍ଷସ ଘରେ ବନ୍ଦିନୀ ହୋଇ ଥିଲ, ଏଥିରେ ତୁମ୍ଭ ଚରିତ୍ର ପ୍ରତି ଲୋକେ ସନ୍ଦେହ କରିପାରନ୍ତି । ସୁତରାଂ ତୁମ୍ଭେ ସମସ୍ତଙ୍କ ଆଗରେ ନିଜର ଶୁଦ୍ଧତାର ପରିଚୟ ଦିଅ ।" ସ୍ୱାମୀଙ୍କର ଏ କଠୋର ଆଦେଶ ଶୁଣି ସୀତା ଦୁଃଖିତ ବା ବିଚଳିତ ହେଲେ ନାହିଁ—ନିର୍ବିକାର ଚିତ୍ତରେ ଲକ୍ଷ୍ମଣଙ୍କୁ ଅଗ୍ନିକୁଣ୍ଡ ପ୍ରସ୍ତୁତ କରି-ବାକୁ କହିଲେ । ଲକ୍ଷ୍ମଣ ସୀତାଙ୍କର ଆଦେଶ ପାଳନ କଲେ । ସୀତା ସେହି ପ୍ରଜ୍ୱଳିତ ଅଗ୍ନିକୁଣ୍ଡରେ ପଶି କିଛିକ୍ଷଣ ବୁଡ଼ିରହି ଅକ୍ଷତ ଶରୀରରେ ବାହାରି-ଆସିଲେ । ତାଙ୍କୁ ଏହି ଭୀଷଣ ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଦେଖି ସମସ୍ତେ ଧନ୍ୟ ଧନ୍ୟ କହିଉଠିଲେ । ସ୍ୱୟଂ ଅଗ୍ନିଦେବ ଆସି ସୀତାଙ୍କ ସଚ୍ଚରିତ୍ରତାର ସାକ୍ଷ୍ୟ

ଦେଲେ । ରାମଚନ୍ଦ୍ରଙ୍କର ମୃତ ପିତା ଦେବରୂପୀ ଦଶରଥ ଇନ୍ଦ୍ରାଦି ଦେବତାମାନଙ୍କ ସହିତ ଆସି ସୀତାଙ୍କ ସପକ୍ଷରେ କହିଗଲେ । ରାମଚନ୍ଦ୍ର ଆନନ୍ଦରେ ସୀତାଙ୍କୁ ଆଲିଙ୍ଗନ କରି ଗ୍ରହଣ କଲେ । ବହୁକାଳ ବିଚ୍ଛେଦ ପରେ ରାମଚନ୍ଦ୍ର ଓ ସୀତାଙ୍କର ମିଳନ ଘଟିଲା । ବିଚ୍ଛେଦ ପରେ ଯେଉଁ ମିଳନ, ତାହାର ମଧୁରତା ଦେବଲୋକର ଅମୃତରେ ନାହିଁ । ବିଚ୍ଛେଦ ହିଁ ମିଳନକୁ ମଧୁମୟ କରେ ! ବିଚ୍ଛେଦ ନ ଥିଲେ ମିଳନର ମୂଲ୍ୟ ସୁଦ୍ଧା ଥାନ୍ତା ନାହିଁ । ଅନ୍ଧାର ନ ଥିଲେ ଆଲୁଅକୁ କିଏ ଗୌରବ କରନ୍ତା ? ସୀତାଙ୍କ ପ୍ରତି ଯେଉଁ ରାକ୍ଷସୀମାନେ ସଦୟ ବ୍ୟବହାର କରିଥିଲେ, ବିଭୀଷଣ ସେମାନଙ୍କୁ ଉପଯୁକ୍ତ ପୁରସ୍କାର ପ୍ରଦାନ କଲା, ଆଉ ଯେଉଁମାନେ କ୍ରୂର ବ୍ୟବହାର କରିଥିଲେ, ରାମଚନ୍ଦ୍ର ଦୟା କରି ସେମାନଙ୍କୁ କ୍ଷମା କଲେ । କ୍ଷମା ହିଁ ମହାଜନର ମହାର୍ଘ ଭୂଷଣ !

ଯୁଦ୍ଧ ଶେଷ ହେବାବେଳକୁ ରାମଚନ୍ଦ୍ରଙ୍କର ବନବାସ କାଳ ଚଉଦବର୍ଷ ଅତୀତ ହୋଇଯାଇଥିଲା । ରାମଚନ୍ଦ୍ର ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟାକୁ ଫେରିଯିବାକୁ ଇଚ୍ଛାକଲେ । ବିଭୀଷଣର ଆଦେଶରେ ଶୂନ୍ୟଗାମୀ ପୁଷ୍ପକ ରଥ ସଜ୍ଜିତ ହୋଇ ଆସିଲା । ରାମଚନ୍ଦ୍ର ବାନରମାନଙ୍କୁ ବିଦାୟ ଦେବାକୁ ଇଚ୍ଛାକଲେ; ମାତ୍ର ସେମାନେ ରାମଚନ୍ଦ୍ରଙ୍କର ମଧୁର ସହବାସ ସୁଖ ତେଜି ନ ପାରି ଅଯୋଧ୍ୟା ପର୍ଯ୍ୟନ୍ତ ତାଙ୍କ ସଙ୍ଗରେ ଯିବାକୁ ଅନୁନୟ କଲେ । ରାମଚନ୍ଦ୍ର ଆନନ୍ଦ ସହ ସେଥିରେ ସମ୍ମତ ହୋଇ ବାନରମାନଙ୍କୁ ସଙ୍ଗରେ ଯିବାକୁ ଆଦେଶ ଦେଲେ । ବିଭୀଷଣ ସୁଦ୍ଧା ସଙ୍ଗରେ ଯିବାକୁ ଅନୁମତି ପାଇଲେ । ରାମଚନ୍ଦ୍ର ଆଉ ବିଳମ୍ବ ନ କରି ଲକ୍ଷ୍ମଣ, ସୀତା, ରାକ୍ଷସ, ବାନର ସମସ୍ତଙ୍କୁ ଘେନି ରଥରେ ବସି ଅଯୋଧ୍ୟାଭିମୁଖରେ ଯାତ୍ରା କଲେ । ଯାଉଁ ଯାଉଁ ରାମଚନ୍ଦ୍ର ଓ ସୀତା ବିଚ୍ଛେଦ କାଳର ଦୁଃଖ କଥା କୁହାକୁହି ହୋଇ ପରସ୍ପରର ମନ ହରଣ କରିବାକୁ ଲାଗିଲେ ଏବଂ ଦୁହେଁ ଦୁହିଙ୍କର ହୃଦୟ ବିନିମୟ କରି ଗତ ଦୁଃଖଦୁର୍ଗତି ସବୁ ଭୁଲିଗଲେ । ମଧୁର, ପବିତ୍ର, ନିର୍ମଳ ଦାମ୍ପତ୍ୟପ୍ରେମରେ ଦୁହିଙ୍କର ହୃଦୟ ଉଚ୍ଛୁଳି ଉଠିଲା । ଯଥାସମୟରେ ପୁଷ୍ପକରଥମାନ ଯାଇ ଭରତଙ୍କ ନବସ୍ଥାପିତ ରାଜଧାନୀ ନନ୍ଦୀଗ୍ରାମରେ ଉପସ୍ଥିତ ହେଲା । ସମସ୍ତେ ରଥରୁ ଓହ୍ଲାଇ ଭରତଙ୍କଦ୍ୱାରା ଯଥୋଚିତ ସତ୍କୃତ ହୋଇ ସେହିଠାରେ ଅବସ୍ଥାନ କଲେ ।

## ଦ୍ୱାବିଂଶ ପରିଚ୍ଛେଦ

ନନ୍ଦୀଗ୍ରାମରେ ରାମଚନ୍ଦ୍ର, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଚାରିଭାଇଙ୍କର ମିଳନ ହେଲା । ସ୍ନେହ, ଭକ୍ତି ଓ ଆନନ୍ଦର ଅଶ୍ରୁପ୍ରବାହରେ ବକ୍ଷ ଭିଜିଗଲା । ସେହି ତ୍ରିବେଣୀ ଅଶ୍ରୁତୀର୍ଥରେ ସମସ୍ତଙ୍କର ଶୋକ, ଦୁଃଖ ଧୋଇଗଲା । ରାମଚନ୍ଦ୍ର, ଲକ୍ଷ୍ମଣ ଓ ଭରତ ସେହିଠାରେ ମସ୍ତକରୁ ଜଟା ଖସାଇ ବଲ୍କଳ ପରିତ୍ୟାଗ କରି ନିଜ ନିଜ ସ୍ୱାଭାବିକ ବେଶରେ ସୀତାଙ୍କ ସହ ଯାଇ ଅଯୋଧ୍ୟାରେ ପ୍ରବେଶ କଲେ । ତାଙ୍କୁ ଦେଖି ପ୍ରଜା, ପୌରଜନ, ଆତ୍ମୀୟ ଓ ବନ୍ଧୁବର୍ଗ ନୂତନ ଜୀବନ ପାଇଲା ପରି ମଣିଲେ । ସେମାନଙ୍କ ହୃଦୟରେ ଆନନ୍ଦ ଉଚ୍ଛୁଳି ପଡ଼ିଲା । ହୃଦୟର ଦେବତା ପରି ସମସ୍ତେ ରାମଚନ୍ଦ୍ରଙ୍କୁ ଅର୍ଚ୍ଚନା କଲେ । ରାମଚନ୍ଦ୍ର ଶ୍ରଦ୍ଧା, ଭକ୍ତି, ସ୍ନେହ, ପ୍ରେମ, ସୌଜନ୍ୟ ପ୍ରଭୃତି ଯଥୋପଯୁକ୍ତ ଶିଷ୍ଟ ବ୍ୟବହାରରେ ସେମାନଙ୍କୁ ପରିତୁଷ୍ଟ କଲେ । ଅଯୋଧ୍ୟା ନଗରୀ ଆନନ୍ଦ ଉତ୍ସବରେ ମାତିଉଠିଲା । ତାହାର ପୂର୍ବଶ୍ରୀ ଫେରି ଆସିଲା । ସର୍ବତ୍ର ଆନନ୍ଦ-ଲହରୀ ଖେଳି ବୁଲିଲା । ନାଗରିକମାନଙ୍କ ପ୍ରାଣ ଅଭ୍ୟନ୍ତରରୁ ସୁଖ-ସନ୍ତୋଷର ମଧୁର ବଂଶୀ ବାଜିଉଠିଲା । ଶୁଭ ମୁହୂର୍ତ୍ତରେ ରାମଚନ୍ଦ୍ର ଭରତଙ୍କଠାରୁ ରାଜ୍ୟଭାର ଗ୍ରହଣ କଲେ । ଅଭିଷେକ ଉପଲକ୍ଷରେ ବହୁଦିନ ପର୍ଯ୍ୟନ୍ତ ରାଜ୍ୟରେ ନୃତ୍ୟ, ଗୀତ ପ୍ରଭୃତି ନିର୍ଦ୍ଦୋଷ ଆମୋଦର ସ୍ରୋତ ପ୍ରବାହିତ ହେଲା । ରାମଚନ୍ଦ୍ର ଶ୍ରାବଣ ମାସର ବର୍ଷଣଧାରା ପରି ଅଜସ୍ର ଦାନ କରିବାକୁ ଲାଗିଲେ । ସେ ମହାଦାନର ପଟାନ୍ତର ନାହିଁ । ଯେ ଯାହା ମାଗିଲା, ସେ ତାହା ପାଇଲା । ରାମଚନ୍ଦ୍ରଙ୍କ ଦାନରେ ଘୋର ଦରିଦ୍ର ସୁଦ୍ଧା ଦାରିଦ୍ର୍ୟ ପାସୋରିଗଲା । ଲୋକେ ଦାନ କରିବା ପାଇଁ ଦୁଃଖୀ ଭିକାରୀ ଖୋଜି ପାଇଲେ ନାହିଁ । ସେହି ବିପୁଳ ଦାନ ହେତୁ ରାମଚନ୍ଦ୍ରଙ୍କ

ନାମରେ ଜୟ ଜୟକାର ଘୋଷିତ ହେଲା । ସମସ୍ତର ସ୍ୱର୍ଣ ଦାନରେ ସିନା ! ରାଜଭଣ୍ଡାରର ସଞ୍ଚିତ ଅର୍ଥରାଶି ସହାନ୍ଦରେ ଦାନ କରି ରାମଚନ୍ଦ୍ର ପରମାନନ୍ଦ ଲାଭ କଲେ । ମହାଜନମାନେ ପ୍ରାପ୍ତିରେ ଆନନ୍ଦ ଉପଭୋଗ କରନ୍ତି ନାହିଁ—ଦାନରେ କରନ୍ତି । ଅଭିଷେକ ପରେ ରାକ୍ଷସ ବାନରମାନେ ବିଦାୟ ନେଇ ନିଜ ନିଜ ରାଜ୍ୟାଭିମୁଖରେ ପ୍ରସ୍ଥାନ କଲେ । ସେମାନେ ସ୍ୱୀୟ ଯୋଗ୍ୟତାର ବହୁଗୁଣ ପୁରସ୍କାର ପାଇ ବିଶେଷ ସନ୍ତୋଷ ଲାଭ କଲେ । *ସମସ୍ତେ ଘରକୁ ଗଲେ; କିନ୍ତୁ ରାମଚନ୍ଦ୍ରଙ୍କ* ସ୍ନେହମୟୀ ଛାଡି ନ ପାରି ନିଜ ନିଜର ମନକୁ ଅଯୋଧ୍ୟାରେ ରଖିଗଲେ ।

ରାମଚନ୍ଦ୍ର ରାଜା ହୋଇ ନିଜର ସୁଖ ତ୍ୟାଗ କଲେ । ମହାପ୍ରାଣ ବ୍ୟକ୍ତିମାନେ ନିଜର ସୁଖରେ ଅନ୍ୟର ସୁଖ ଗଢିଦେଇ ଆତ୍ମପ୍ରସାଦ ଉପଭୋଗ କରନ୍ତି । ସୁଖଭୋଗକୁ ସେମାନେ ସୁଖ ମଣନ୍ତି ନାହିଁ; ସୁଖତ୍ୟାଗକୁ ସୁଖ ମଣନ୍ତି । ରାମଚନ୍ଦ୍ରଙ୍କର ଶାସନନୀତି ବଡ଼ ମଧୁର । ଅପରାଧୀ ସୁଦ୍ଧା ତାଙ୍କ ସୁବିଚାରରେ ସନ୍ତୁଷ୍ଟ ହେଉଥିଲା । ସେ ଉଦାର, ନିର୍ଦ୍ଦୋଷ, ପୂର୍ଣ୍ଣାଙ୍ଗ ରାଜନୀତିର ଆଦର୍ଶ ସର୍ବପ୍ରଥମେ ଦେଖାଇଥିଲେ । ପରବର୍ତ୍ତୀ ଯୁଗରେ ମହାରାଜା ଯୁଧିଷ୍ଠିର ସେହି ଶୁଭ୍ରାଦର୍ଶ ଅନୁକରଣ କରି ତାହାର ବିକାଶ ସାଧନ କରିଥିଲେ । ସେ ରାଜନୀତି କଟିଳତା-କୁଟିଳତା-ବର୍ଜିତ, ସରଳ ଓ ନିରାଡ଼ମ୍ବର; ସତ୍ୟ, ନ୍ୟାୟ ଧର୍ମ ତାର ମୂଳଭିତ୍ତି । ରାମଚନ୍ଦ୍ର ରାଜଯୋଗୀ, ପ୍ରକୃତି-ପାଳନ ରୂପ କଠୋର ଯୋଗ ସାଧନରେ ସେ ପରିପକ୍ୱତା ଲାଭ କରିଥିଲେ । ତାଙ୍କର ଅବ୍ୟର୍ଥ ବାଣ ଅତ୍ରୁର ତାରଣ ପାଇ ସର୍ବଦା ଜାଗ୍ରତ ଥାଏ । ରାମଚନ୍ଦ୍ରଙ୍କ ଶାସନ-ପାଳନ ଗୁଣରେ ରାଜ୍ୟରେ ରୋଗ, ଶୋକ, ଅକାଳ ମରଣ, ଦାରିଦ୍ର୍ୟ, ଚୋର ଖଣ୍ଟର ଭୟ ରହିଲା ନାହିଁ । ଲୋକେ ସ୍ୱଧର୍ମକୁ ଆଶ୍ରୟ କରି ସତ୍ୟପଥରେ ଚାଲିଲେ । ଦ୍ୱେଷ, ହିଂସା ଲୁଚିଗଲା, ସାମ୍ୟ ଓ ମୈତ୍ରୀଭାବ ସମସ୍ତଙ୍କର ଚରିତ୍ରର ଅଳଙ୍କାରସ୍ୱରୂପ ହେଲା । ରାମଚନ୍ଦ୍ରଙ୍କ ଅମଳରେ ଅପରାଧୀ ଅଭାବରୁ କାରାଗାରମାନ ଶୂନ୍ୟ ପଡିରହିଲା । ପ୍ରଜାମାନେ ସହିଷ୍ଣୁ ଭାବ ଧରି ସଦୁପାୟରେ ସଂସାର-ଯାତ୍ରା ନିର୍ବାହ କରିବାକୁ ଲାଗିଲେ; ଚୌର୍ଯ୍ୟାଦି ପାପବୃତ୍ତି ଆଶ୍ରୟ ନ ପାଇ ମରିଗଲେ । ତାହାର ଦ୍ୱାରରେ କୁଞ୍ଚି ପଡିଲା ନାହିଁ । ଗୃହସ୍ଥମାନେ ନିଶ୍ଚିନ୍ତ ହୋଇ ବସି ରହିବାକୁ ରାଜ୍ୟରେ ଆଉ ପ୍ରହରୀ ରଖିବା ଆବଶ୍ୟକ ହେଲା ନାହିଁ । ପ୍ରଜାମାନେ ନିରୁପଦ୍ରବ ହୋଇ ସୁଖ-ଶାନ୍ତିରେ କାଳଯାପନ କଲେ । ଅବସ୍ଥା ସ୍ୱଚ୍ଛଳ ହେତୁ ଆଧ୍ୟାତ୍ମିକ ଚିନ୍ତା ଓ ଧର୍ମଚର୍ଚ୍ଚାର ମାହେନ୍ଦ୍ର ସୁଯୋଗ ସେମାନଙ୍କ ଭାଗ୍ୟରେ ଘଟିଲା । ବଶବର୍ତ୍ତୀ ପ୍ରଜା, *ଆଜ୍ଞାକାରୀ ଭ୍ରାତା ଓ ପ୍ରିୟଭାଷିଣୀ ଦେବୀ ସୀତାଙ୍କ* ସହାୟତାରେ ରାମଚନ୍ଦ୍ର ପରମ ଉଲ୍ଲାସରେ ରାଜ୍ୟଶାସନ ପରିଚାଳନ କରିବାକୁ ଲାଗିଲେ । ରାଜ୍ୟର ପ୍ରଜାବର୍ଗ ତାଙ୍କର ବିଶ୍ୱାସୀ ପ୍ରହରୀ, ସୁତରାଂ ସ୍ୱତନ୍ତ୍ର ଶରୀରରକ୍ଷୀ ପ୍ରହରୀ ସେ ରଖି ନ ଥିଲେ । ସେ ଏକାକୀ ପଦବ୍ରଜରେ ବୁଲି ପ୍ରଜାଙ୍କର ଅବସ୍ଥା ପର୍ଯ୍ୟବେକ୍ଷଣ କରନ୍ତି ।

ରାମଚନ୍ଦ୍ର ପରମ ସୁଖରେ ଗୁଣବତୀ ସୀତାଙ୍କ ସଙ୍ଗେ କାଳଯାପନ କରିବାକୁ ଲାଗିଲେ । ତାଙ୍କର ଦାମ୍ପତ୍ୟ ଜୀବନ ବଡ଼ ମଧୁମୟ ହୋଇଉଠିଲା; ମାତ୍ର ତାହାର ସୁଖ ଏ ସଂସାରରେ ସ୍ଥାୟୀ ହୁଏ ନାହିଁ କିମ୍ବା ପୂର୍ଣ୍ଣତା-ପ୍ରାପ୍ତ ହୁଏ ନାହିଁ । ସୀତା ଚଉଦ ମାସକାଳ ରାକ୍ଷସ ଘରେ ଥିଲେ, ରାମଚନ୍ଦ୍ର ତାଙ୍କୁ ପୁନର୍ଗ୍ରହଣ କରିଥିବା ହେତୁ ଅତି ରକ୍ଷଣଶୀଳ ପ୍ରଜାମାନେ ମନେ ମନେ ଅସନ୍ତୁଷ୍ଟ ହେଲେ; ମାତ୍ର ସେମାନଙ୍କର ସେ ଭାବ ବାହାରକୁ ସ୍ପଷ୍ଟ ପ୍ରକାଶ ପାଇଲା ନାହିଁ, ତଥାପି ସର୍ବଜ୍ଞ ରାମଚନ୍ଦ୍ରଙ୍କର ତାହା ଅଜ୍ଞାତ ରହିଲା ନାହିଁ; ବିଶ୍ୱାସୀ ଚର ମୁଖରୁ ଏହି ଲୋକାପବାଦ ଶୁଣି ହୃଦୟରେ ଭୀଷଣ ଆଘାତ ପାଇଲେ; କିନ୍ତୁ ନିର୍ବିକାରରେ ଏ କଳଙ୍କ ସହ୍ୟ କରିପାରିଲେ ନାହିଁ । ତହୁଁ ଲକ୍ଷ୍ମଣଙ୍କୁ ଡାକି ସୀତାଙ୍କୁ ନେଇ ବନରେ ଛାଡି ଆସିବାକୁ ଆଦେଶ ଦେଲେ । ଲକ୍ଷ୍ମଣ ଏହା ଶୁଣି ମସ୍ତକରେ ବଜ୍ରପାତ ତୁଲ୍ୟ ମଣିଲେ । ସେ ଅଶ୍ରୁସିକ୍ତ ନେତ୍ରରେ ଅଗ୍ରଜଙ୍କୁ କହିଲେ—“ଦେବ, ଲୋକାପବାଦର କୌଣସି ମୂଳ ଥାଏ ନାହିଁ, ସେ ଶୂନ୍ୟରେ ଜାତହୋଇ ଶୂନ୍ୟରେ ଉଡି ବୁଲି ବଢେ । ଛାର ଲୋକାପବାଦ ଭୟରେ ନିରପରାଧା, ଗର୍ଭିଣୀ, ରଘୁକୁଳ-ବଧୂ

ତପସ୍ୱିନୀ ସୀତାଦେବୀଙ୍କୁ ବନବାସ ଦଣ୍ଡ ପ୍ରଦାନ କଲେ ଘୋର ଅନ୍ୟାୟ ହେବ ।" ରାମଚନ୍ଦ୍ର କହିଲେ, ତୁମ୍ଭ କଥା ସତ ଲକ୍ଷ୍ମଣ, ସୀତାଙ୍କ ଚରିତ୍ର ଯଜ୍ଞାନଳ ତୁଲ୍ୟ ଉଜ୍ଜ୍ୱଳ ଏବଂ ପବିତ୍ର, ଏହା ମୁଁ ଜାଣେ । ସେ ଲଙ୍କାର ରାକ୍ଷସ, ବାନର ଓ ଦେବଗଣଙ୍କ ସମକ୍ଷରେ ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜର ଶୁଦ୍ଧତା ପ୍ରମାଣିତ କରିଅଛନ୍ତି, ତଥାପି ଲୋକମତକୁ ଅବଜ୍ଞା କରିବା ରାଜଧର୍ମ ନୁହେଁ । ସେଥିରେ ପ୍ରଜାଏ ଅସନ୍ତୁଷ୍ଟ ହୁଅନ୍ତି । ପ୍ରଜାମାନଙ୍କ ମନସ୍ତୁଷ୍ଟି ସକାଶେ ମୁଁ ପ୍ରାଣତ୍ୟାଗ କରିବାକୁ ପ୍ରସ୍ତୁତ, ସୀତା ତ୍ୟାଗ କିନ୍ତୁ ତାହାଠାରୁ ଗୁରୁତର ନୁହେ । ତୁମ୍ଭେ ଶୀଘ୍ର ମୋର ଆଦେଶ ପାଳନ କର ।" ରାମଚନ୍ଦ୍ରଙ୍କ ଆଜ୍ଞା ଅବ୍ୟର୍ଥ, ଲକ୍ଷ୍ମଣ ଏହା ଜାଣନ୍ତି । ସୁତରାଂ ଆଉ କିଛି ନ କହି ସୀତାଙ୍କୁ ରଥରେ ବସାଇ ବନକୁ ନେଇଗଲେ । ସ୍ୱାମୀଙ୍କର ଏ ନିଷ୍ଠୁର ଆଦେଶ ଶୁଣି ସୀତା ମୂର୍ଚ୍ଛିତ ହୋଇପଡ଼ିଲେ, କେତେକ କ୍ଷଣ ପରେ ଚେତନା ପାଇ କାନ୍ଦିଲେ । ଲକ୍ଷ୍ମଣ ତାଙ୍କୁ ଅନେକ ସାନ୍ତ୍ୱନା ଦେଇ ବାଲ୍ମୀକି ମୁନିଙ୍କ ତପୋବନରେ ଛାଡ଼ିଦେଇ ଆସିଲେ । ସେତେବେଳେ ସୀତା ପାଞ୍ଚମାସ ଗର୍ଭବତୀ ଥିଲେ । ତାଙ୍କର ବିଳାପ ଶୁଣି ମହର୍ଷି ବାଲ୍ମୀକି ଆସି ତାଙ୍କୁ ନିଜ ଆଶ୍ରମରେ ନେଇ ରଖିଲେ । ମୁନିକୁମାରୀମାନଙ୍କ ଆଶ୍ୱାସନାରେ ସୀତା ଆଶ୍ୱସ୍ତା ହୋଇ ରହିଲେ । ଯଥାସମୟରେ ସେହି ଋଷି-ଆଶ୍ରମରେ ସୀତା ଦୁଇଟି ଯାଆଁଳା ପୁଅ ଜନ୍ମକଲେ । ବାଲ୍ମୀକି ଏ ଦୁହିଁଙ୍କର ନାମ ଲବ,କୁଶ ରଖି ଶିଶୁ ସହ ସେମାନଙ୍କ ଜନନୀଙ୍କୁ ପ୍ରତିପାଳନ କରିବାକୁ ଲାଗିଲେ । ସୀତା ସୁତମୁଖ ଦେଖି ସବୁ ଦୁଃଖ ପାସୋରିଗଲେ ।

ମହାସତୀ ସୀତାଙ୍କ ଚରିତ୍ର ଓ ନାରୀତ୍ୱର ମହିମା ଅତୁଳନୀୟ । ସେ ବିନା ଦୋଷରେ ଦଣ୍ଡିତ ହୋଇ ବିଚଳିତ ହେଲେ ନାହିଁ । ମାତାଙ୍କ ପରି ସେ ସର୍ବଂସହା । କଠୋର ଶାସ୍ତିକୁ ପତି-ଦେବତାଙ୍କ ଆଦେଶ ମଣି ନୀରବରେ ତାହା ଶିରୋଧାର୍ଯ୍ୟ କଲେ । ସ୍ୱାମୀଙ୍କ ପ୍ରତି ସେ ରୁଷ୍ଟ ବା ଅସନ୍ତୁଷ୍ଟ ହେଲେ ନାହିଁ, ପୂର୍ବପରି ଅଖଣ୍ଡ ଭକ୍ତି ସହ ହୃଦୟ ମଧ୍ୟରେ ତାଙ୍କୁ ପୂଜା କରିବାକୁ ଲାଗିଲେ । ନାରୀମହତ୍ତ୍ୱର ଏ ଉଜ୍ଜ୍ୱଳାଦର୍ଶ ଭାରତ ବ୍ୟତୀତ ଜଗତରେ ଦୁର୍ଲଭ । ଏଣେ ରାମଚନ୍ଦ୍ର ସୀତାଙ୍କ ଅଭାବରେ କାତର ହୋଇ ପଡ଼ିଲେ । ଗୁଣମୟୀ ପତ୍ନୀଙ୍କର ଗୁଣରାଶି ସହସ୍ର ଗୁଣ ହୋଇ ତାଙ୍କ ଆଖି ଆଗରେ ଖେଳି ବୁଲିଲା । ସୀତାଙ୍କ ସ୍ମୃତି ତାଙ୍କୁ ଦାରୁଣ ଯନ୍ତ୍ରଣା ପ୍ରଦାନ କଲା । ଅଭାବ ବିନା ପଦାର୍ଥର ମୂଲ୍ୟ ବହୁଗୁଣ ବଢ଼ାଇଦିଏ । ଏତେ ବଡ଼ ଆଘାତ ପାଇ ସୁଦ୍ଧା ସେ ମୁହୂର୍ତ୍ତିକ ଲାଗି କର୍ତ୍ତବ୍ୟ ଶିଥିଳ କରି ନ ଥିଲେ । ପ୍ରଜାଙ୍କ ବିପଦକୁ ନିଜକୃତ ପାପର ଫଳ ବୋଲି ସେ ବିଶ୍ୱାସ କରୁଥିଲେ । ତାହାର ସାମାନ୍ୟ ବିପଦ ଆପଦ ଘଟିଲେ ସେ ତତ୍କ୍ଷଣାତ୍ ସେଥିର ପ୍ରତିକାରରେ ନିଜର ଶକ୍ତି ପ୍ରୟୋଗ କରୁଥିଲେ । ତାଙ୍କ ରାଜ୍ୟରେ ପ୍ରଜାମାନେ ମର୍ତ୍ତ୍ୟରେ ସ୍ୱର୍ଗସୁଖ ଭୋଗ କରୁଥିଲେ । ଏହି ହେତୁ 'ରାମରାଜ୍ୟ' ପ୍ରବାଦ ଅବଧି ଅମର ହୋଇ ରହିଅଛି । ରାମଚନ୍ଦ୍ରଙ୍କ ଭାଇମାନେ ଦିଗ୍‌ବିଜୟରେ ବହିର୍ଗତ ହୋଇ ଅନେକ ରାଜ୍ୟ ଜିଣିଲେ ଓ ଅନେକ ସ୍ଥାନରେ ନୂତନ ରାଜ୍ୟ ବସାଇଲେ । ଭାରତର ସମସ୍ତ ନରପତିଙ୍କର ମସ୍ତକ ରାମଚନ୍ଦ୍ରଙ୍କ ଛତ୍ରଚ୍ଛାୟା ତଳେ ରହିଲା । ଏଥିମଧ୍ୟରେ କୌଶଲ୍ୟା, କୈକେୟୀ, ସୁମିତ୍ରା ପ୍ରଭୃତି ଦଶରଥଙ୍କ ବୃଦ୍ଧା ରାଣୀମାନେ ଦେହତ୍ୟାଗ କଲେ । ରାମଚନ୍ଦ୍ର ସେମାନଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ସେମାନଙ୍କ ନାମରେ କେତେଗୁଡ଼ିଏ ଜନ-ହିତକର ସ୍ଥାୟୀ ଅନୁଷ୍ଠାନର ବ୍ୟବସ୍ଥା କରିଦେଲେ ।

କେତେ କାଳ ପରେ ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞର ଅନୁଷ୍ଠାନ କଲେ । ସମସ୍ତ ରାଜା, ମୁନିଋଷି ନିମନ୍ତ୍ରିତ ହୋଇ ଆସିଲେ । ରାକ୍ଷସଦଳ ସହ ଲଙ୍କାରୁ ବିଭୀଷଣ ଆସିଲେ, କିଷ୍କିନ୍ଧ୍ୟାରୁ ସୁଗ୍ରୀବ, ଅଙ୍ଗଦ, ହନୁମାନ ପ୍ରଭୃତି ଆସିଲେ । ବାଲ୍ମୀକି ମୁନି ତାଙ୍କର ଶିଷ୍ୟ ଲବକୁଶ ଦୁହିଁଙ୍କୁ ଘେନି ଯଜ୍ଞସ୍ଥଳରେ ବସିଲେ । ବାଲ୍ମୀକି ଲବକୁଶଙ୍କୁ ଶସ୍ତ୍ରଶାସ୍ତ୍ର ବିଦ୍ୟାରେ ନିପୁଣ କରାଇଥିଲେ । ବିଶେଷତଃ ସଙ୍ଗୀତ ବିଦ୍ୟାରେ ଶିଶୁ ଦୁହେଁ

ଅତୁଳନୀୟ । ବାଲ୍ମୀକି ସେମାନଙ୍କୁ ସ୍ୱରଚିତ ରାମାୟଣ ଶିଖାଇଥିଲେ । ଶିଶୁଦୁହେଁ ମୁନିକୁମାର ବେଶରେ ସଭା ଉଜ୍ଜ୍ୱଳ କରି ବସିଲେ । ତାପସକୁମାର ଦୁଇଟିଙ୍କର ରୂପ ଅତି ରମଣୀୟ । ବର୍ଣ୍ଣ କାଞ୍ଚନକାନ୍ତି ଉଜ୍ଜ୍ୱଳ ଗୌର । ପ୍ରତି ଅଙ୍ଗରୁ ଲାବଣ୍ୟ ନିଗିଡ଼ିପଡ଼ୁଛି । ଶରୀରରୁ ଶୌର୍ଯ୍ୟର ତେଜ ସ୍ଫୁଟି ଉଠୁଅଛି । ପରିଧେୟ ଗୈରିକ ବସନ, ହସ୍ତରେ ଅକ୍ଷମାଳା ବଳୟ, କଣ୍ଠରେ ହାର ଶୋଭା ପାଉଅଛି । କଣ୍ଠର ସ୍ୱର ମଧ୍ୟ ରୂପର ଅନୁରୂପ । ଯଜ୍ଞ ଶେଷରେ ସେହି ବାଳତାପସଦ୍ୱୟ ମୁନିଙ୍କ ଆଦେଶରେ ସଙ୍ଗୀତ ଆରମ୍ଭ କଲେ । ସେ ଦୁହେଁ ବୀଣା ବଜାଇ ଭାବରେ ତନ୍ମୟ ହୋଇ ମଧୁର ସ୍ୱରରେ ଗୀତ ଗାଇ ସଭାସ୍ଥ ସମସ୍ତ ଲୋକଙ୍କୁ ଚକିତ-ସ୍ତମ୍ଭିତ କରି ଦେଲେ । ରାମଚନ୍ଦ୍ର ସେହି ସଙ୍ଗୀତ ଶୁଣି ମୁଗ୍ଧ ଓ ଆତ୍ମବିସ୍ମୃତ ହୋଇଗଲେ । ମନେ ମନେ ଭାବିଲେ —ଏକାଧାରରେ ଏପରି ରୂପ, ଗୁଣ, ବିଦ୍ୟା, ବିନୟ, ଭକ୍ତି, ସରଳତା, ସୌଜନ୍ୟ, ଶିଷ୍ଟାଚାର—ଏ ଜଗତରେ ଦୁର୍ଲଭ । ରାମଚନ୍ଦ୍ର ବାଲ୍ମୀକିଙ୍କୁ ଶିଶୁ ଗାୟକଦ୍ୱୟଙ୍କ ପରିଚୟ ଜିଜ୍ଞାସା କଲେ । ମୁନିଙ୍କଠାରୁ ସବୁ ଶୁଣି ଲବକୁଶଙ୍କୁ ନିଜର ପୁତ୍ର ବୋଲି ଜାଣିପାରି ଆନନ୍ଦରେ ଅଧୀର ହୋଇଉଠିଲେ ଏବଂ ଶିଶୁଦୁହିଙ୍କୁ ଆଣି କୋଳରେ ବସାଇ ତାଙ୍କର ଶିରଶ୍ଚୁମ୍ବନ କଲେ । ତାଙ୍କ ଆଦେଶରେ ସୀତା ମଧ୍ୟ ବାଲ୍ମୀକିଙ୍କ ଆଶ୍ରମରୁ ଅଯୋଧ୍ୟାକୁ ଆନୀତ ହେଲେ । ଲଙ୍କାରୁ ଆସିବା ପୂର୍ବରୁ ସୀତା ନିଜ ସତୀତ୍ୱର ଅଗ୍ନିପରୀକ୍ଷା ଦେଇଥିଲେ । ବର୍ତ୍ତମାନ ରାମଚନ୍ଦ୍ର ପୁଣି ତାଙ୍କୁ ପରୀକ୍ଷା ଦେଇ ଲୋକାପବାଦରୁ ମୁକ୍ତ ହେବା ସକାଶେ ଆଦେଶ ଦେଲେ । ରାମଚନ୍ଦ୍ରଙ୍କର ଏ କଠୋର ଆଦେଶ ଶୁଣି ସଭାଜନମାନେ ହାହାକାର କରିଉଠିଲେ, କେହି କେହି କାନରେ ହାତ ଦେଲେ । ପାତିବ୍ରତ୍ୟ ଧର୍ମର ପୂଜା-ଦେବତା ସୀତା ସ୍ୱାମୀଙ୍କର ଏରୂପ ଅପମାନକର ଆଦେଶ ଶୁଣି ଦାରୁଣ ଲଜ୍ଜା, କ୍ଷୋଭ ଓ ଦୁଃଖରେ ମର୍ମାହତ ହୋଇ ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲେ । ରାମଚନ୍ଦ୍ର ଏହି ଅଦ୍ଭୁତ ଅବାଞ୍ଛିତ ଘଟଣା ଦେଖି ବ୍ୟାକୁଳ ହୋଇ ଅନୁତାପ କରିବାକୁ ଲାଗିଲେ । ସୀତାଙ୍କୁ ବାରମ୍ବାର ହତମାନ କରି ସେ ନିଜକୁ ଅପରାଧୀ ମଣିଲେ; ମାତୃ ଅଭାବରେ ଲବକୁଶ ବିଳାପ କରିବାକୁ ଲାଗିଲେ । ରାଜଭବନର ଭିତରୁ ଶୋକ-ହାହାକାର ଉଠିଲା । ସତୀ ପତ୍ନୀର ବିଚ୍ଛେଦ-ଶୋକ ରାମଚନ୍ଦ୍ରଙ୍କୁ ଘାରି ପକାଇଲା । ତାଙ୍କର ମନ କାହିଁରେ ଲାଗିଲା ନାହିଁ; ଯନ୍ତ୍ରଚାଳିତ ପରି ସବୁ କାର୍ଯ୍ୟ କରିବାକୁ ଲାଗିଲେ । ବିଧାତା ଦୁଃଖ ପରେ ପୁଣି ଦୁଃଖ ପଠାଏ । କିଛି କାଳ ପରେ ପୁଣି ଏକ ବିପଦ ଘଟିଲା । ଗୋଟାଏ ସାମାନ୍ୟ କାରଣରୁ ରାମଚନ୍ଦ୍ର ପ୍ରାଣାଧିକ ଭ୍ରାତା ଲକ୍ଷ୍ମଣଙ୍କୁ ବର୍ଜନ କଲେ ଲକ୍ଷ୍ମଣ ସରଯୂ ଜଳରେ ଦେହତ୍ୟାଗ କରି ସ୍ୱର୍ଗଗମନ କଲେ । ରାମଚନ୍ଦ୍ର ସୀତାଙ୍କର ଅଭାବ ସହିଥିଲେ; ମାତ୍ର ଲକ୍ଷ୍ମଣଙ୍କର ଅଭାବ ସହିପାରିଲେ ନାହିଁ । ଲକ୍ଷ୍ମଣ ବିନା ସଂସାର ତାଙ୍କୁ ବିଷବତ୍ ବୋଧହେଲା । ସେ ଚୌଦିଗ ଶୂନ୍ୟ, ଅନ୍ଧକାରମୟ ଦେଖିଲେ । ତେଣୁ ଜୀବନର ଅବଶିଷ୍ଟ କାର୍ଯ୍ୟ ଶୀଘ୍ର ଶେଷ କରି ମହାଯାତ୍ରା ସକାଶେ ପ୍ରସ୍ତୁତ ହେବାକୁ ଲାଗିଲେ । ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ ପ୍ରତ୍ୟେକଙ୍କର ଦୁଇଟି ଲେଖାଏଁ ପୁତ୍ର ଥିଲେ । ରାମଚନ୍ଦ୍ର ସେମାନଙ୍କୁ ସେମାନଙ୍କ ପିତୃବିଜିତ ବା ପିତୃ-ପ୍ରତିଷ୍ଠିତ ରାଜ୍ୟମାନଙ୍କରେ ରାଜପଦରେ ଅଭିଷିକ୍ତ କଲେ । ଅନନ୍ତର ଲବକୁଶଙ୍କୁ ଅଯୋଧ୍ୟାର ରାଜସିଂହାସନ ପ୍ରଦାନପୂର୍ବକ ପୁରବାସୀ ପ୍ରଜା ପ୍ରକୃତିଙ୍କଠାରୁ ବିଦାୟ ନେଇ ସଂସାରରୁ ମହାପ୍ରସ୍ଥାନ କଲେ । ସେ ଭାଇମାନଙ୍କ ସଙ୍ଗରେ ପୁଣ୍ୟତୋୟା ସରଯୂ ଜଳରେ ତନୁ ତ୍ୟାଗ କରି ଅମର ଧାମକୁ ଗମନ କଲେ । ବୈକୁଣ୍ଠପତିଙ୍କର ମର୍ତ୍ତ୍ୟଲୀଳା ଶେଷ ହେଲା । ସେ ଦୁଷ୍ଟ ଦମନ, ଶିଷ୍ଟପାଳନ ଓ ଧର୍ମ ସଂରକ୍ଷଣ କରି ଅନନ୍ତ ସୁଖୈଶ୍ୱର୍ଯ୍ୟମୟ ଚିରପ୍ରିୟ ବୈକୁଣ୍ଠଧାମକୁ ପ୍ରସ୍ଥାନ କଲେ । ଜଗତରେ ଶାନ୍ତି ସଂସ୍ଥାପିତ ହେଲା ଏବଂ ଧର୍ମର ଉଜ୍ଜ୍ୱଳ ଶିଖାରେ ଜଗତ ଆଲୋକିତ ହେଲା ।

# ବଜ୍ର-ପ୍ରହାର

ହାୟ, ଏ କି ଦୃଶ୍ୟ ଦେଖାଇଲ ପ୍ରଭୁ ! ଏହି ଦୃଶ୍ୟ ଦେଖାଇବ ବୋଲି ପରା ଏତେଦିନଯାଏଁ ବଞ୍ଚା ରଖିଥିଲ ? ଜ୍ୱରର ତୀବ୍ର ଶୋଷଣରେ ଅସ୍ଥି-ପଞ୍ଜର ଅକର୍ମଣ୍ୟ ! ଏତେବେଳେ ନିଜର ଦେହ ନିଜକୁ ଦୁର୍ବହ ବୋଧ ହେଉଅଛି । ତାହା ଉପରେ ପୁଣି ତୁମେ ଦୁରୁତର ଶୋକ-ଭାର ଆଣି ନିର୍ଦ୍ଦୟତାରେ ଲଦି-ଦେଲ ! ଶ୍ମଶାନ-ଯାତ୍ରାପଥରେ ବଜ୍ର ପ୍ରହାର ସହିପାରିବି କି ପ୍ରଭୁ ? ଅନ୍ଧ ହାତରୁ ତାହାର ପ୍ରାଣର ଭରସାର ଯଷ୍ଟିଖଣ୍ଡି କାଢ଼ିନେଇ କି ପୌରୁଷ ଅର୍ଜିଲ, ତାହା ତୁମେ ଜାଣ । ଯେ ମୋତେ ହସାଉଥିଲା, ଖେଳାଉ-ଥିଲା, ଖୁଆଉଥିଲା, ଚଲାଉଥିଲା—ତାହା ଅଭାବରେ ପ୍ରାଣ କାହା ଉପରେ ନିର୍ଭର କରି ରହିବ ? ତୁମ କଥା—ତୁମ କାର୍ଯ୍ୟ ତୁମକୁ ସୁନ୍ଦର ଏକା ! ତୁମେ କହୁଛ ପରା—ମୃତ୍ୟୁ କିଛି ନୁହେଁ, ତାହା ଜୀର୍ଣ୍ଣବେଶ, ପରିବର୍ତ୍ତନମାତ୍ର ; କିନ୍ତୁ ସେ ତ ଶିଶୁ, ତାହାର ଶରୀର ତ ଲଳିତ ଲାବଣ୍ୟରେ ଢଳଢଳ ହେଉଥିଲା, ଜୀର୍ଣ୍ଣ ନ ହେଉଣୁ ତାହାର ବେଶ ବଦଳାଇବା ଦରକାର ହେଲା କାହିଁକି ? ସେ ତ ଅଭୋଳ ଶିଶୁ—ବାବା ଛଡ଼ା ଅନ୍ୟ କିଛି ଜାଣେ ନାହିଁ । ତାକୁ ତୁମେ ନେଇଗଲ, ସେଠାରେ ତାକୁ ମୋ ପରି ପ୍ରତିପାଳନ କରିବ କିଏ ? ସେ ତ ଆଉ କାହା ପାଳନରେ ସନ୍ତୁଷ୍ଟ ହେବ ନାହିଁ ! ? ତାହା ଲାଗି ଖୋଳ ଘଣ୍ଟି ଖୋଳ ପଦାର୍ଥ ମନ ଜାଣି ଯୋଗାଇ ରଖିବ କିଏ ? ମୋତେ ଯାହା ଦେଇଥିଲ, ତାହା ସବୁ ତ ଗୋଟି ଗୋଟି କରି ନେଇସାରିଲଣି । ବାକୀ ଥିଲା କଣ୍ଢେଇଟିଏ, ମୁଁ ତାହାରି ସାଙ୍ଗରେ କ୍ରୀଡ଼ାଖେଳାରେ ମାତି ଟିକିଏ ଚିତ୍ତ ବିନୋଦନ କରୁଥିଲି । ନିଷ୍ଠୁର ପ୍ରଭୁ ! ଏତିକି ତୁମେ ସହିପାରିଲ ନାହିଁ ? ଗୋଟିକୁ ଲକ୍ଷ୍ୟ କରି ଦୁଇଟି ପ୍ରାଣୀ ହତ୍ୟା କଲ ? ଦୁଃଖୀକୁ ଦୁଃଖ ଦେବା ବୋଧହୁଏ ତୁମର ଗୋଟିଏ ନିଷ୍ଠୁର ଆମୋଦ ଅଥବା ତାହାପ୍ରତି ମୋର ସ୍ନେହ ବୃଦ୍ଧି ଦେଖି ଈର୍ଷାପରାୟଣ ହେଲ ପ୍ରଭୁ ! ଭାବିଥିବ ପରା, ଏ ନିଜେ ଗୋଟିଏ ଅସ୍ଥାୟୀ ପଦାର୍ଥ ହୋଇ ଆଉ ଗୋଟିଏ ଅସ୍ଥାୟୀ ପଦାର୍ଥକୁ ଏତେ ସ୍ନେହ କାହିଁକି କରୁଛି ? ସେଥିରୁ କଅଣ ପାଉଛି ? ତାହା ନ କରି ମୋତେ ଯେବେ ତେତିକି ସ୍ନେହ ଆଦର କରନ୍ତା, ତେବେ ମୁଁ ତାକୁ ତ ସବୁ ଦିଅନ୍ତି । ଏହି ଛଳରେ ପରା ମୋର ସ୍ନେହ-ପିଣ୍ଡୁଳିଟିକି ଛଡ଼ାଇ ନେଇଗଲ ! ଏଣିକି ସେହି ସ୍ନେହଟା ତୁମ ଉପରେ ପଡ଼ିବ ବୋଲି ଭାବିଛ ପରା ? ମାତ୍ର ତାହା ଯେ ହୋଇପାରିବାର ଉପାୟ ନାହିଁ ପ୍ରଭୁ ! ସ୍ନେହ କେବେ ଦୃଶ୍ୟ ଛାଡ଼ି ଅଦୃଶ୍ୟ ଆଡ଼କୁ ଧାଏଁ ନାହିଁ । ତୁମେ ଅନନ୍ତ, ପୁଣି ଅଦୃଶ୍ୟ । ମୋର କ୍ଷୁଦ୍ର ସ୍ନେହ-ବିନ୍ଦୁଟି ତୁମକୁ କେଉଁଠି ଯାଇ ଭେଟିବ ! ସେଥିପାଇଁ ମୁଁ ପ୍ରକାରାନ୍ତରରେ ତୁମକୁହିଁ ପୂଜା କରୁଥିଲି, କ୍ଷୁଦ୍ର ଶିଶୁର ଶରୀରଟାକୁ ତ ମୁଁ ସ୍ନେହ କରୁ ନ ଥିଲି । ତାକୁ ସ୍ନେହ କରୁଥିଲେ ମଲା ପରେ ସେହି ଦେହଟାକୁ ଅନାସ୍ଥା ଭାବରେ ନେଇ ଫିଙ୍ଗିଦେଇ ଆସନ୍ତି କାହିଁକି ? ମୁଁ ତାହାର ପ୍ରାଣକୁ ସ୍ନେହପୂଜା କରୁଥିଲି । ସମସ୍ତଙ୍କର ପ୍ରାଣ ପରା ତୁମେ ! ତେବେ ସେ ସ୍ନେହ, ଆଦର, ସେବା, ଯତ୍ନ ତୁମକୁ ନ ହୋଇ ଆଉ କାହାକୁ ହୁଏ ? ମୁଁ ତୁମରି ସୃଷ୍ଟ କ୍ଷୁଦ୍ର ଜୀବ ହୋଇ ତୁମରି ଦତ୍ତ ବିବେକ ବଳରେ ଏହା ବୁଝୁଅଛି । ଆଉ ତୁମେ ଅନନ୍ତ ସ୍ରଷ୍ଟା, ଅନନ୍ତ ଶକ୍ତିମାନ୍ ହୋଇ ଏହା କଅଣ ବୁଝୁ ନାହଁ ? ଏ କଥା କିଏ ବା ବିଶ୍ୱାସ କରିବ ? ସେଥିପାଇଁ କହୁଛି, ଏହା ଗୋଟାଏ ଛଳନା ।

ସେ କହୁ କହୁ କହନ୍ତି, "ଆତ୍ମୀୟ-ନିଧନ ଶୋକର କାରଣ ନୁହେଁ । ତାହା କାମ, କ୍ରୋଧ, ଲୋଭାଦି ପରି ମାନବର ଗୋଟିଏ ସହଜ ବୃତ୍ତି; କିନ୍ତୁ ସମୟରୁ ଅନ୍ୟାନ୍ୟ ବୃତ୍ତିଗୁଡ଼ିକ ପରି ଶୋକ ସଙ୍ଗରେ ଆସିଅଛି । ସମୟ ପାଇଲେ ସେ ଫୁଟିଉଠି ଆତ୍ମପ୍ରକାଶ କରେ । ଶୋକ ବାହାରରୁ ଆସେ ନାହିଁ, ତାହା ମନ ଭିତରେ ଥାଏ—ଏ କଥା ସତ୍ୟ ହୋଇପାରେ। ଶୋକ ମନ ଭିତରେ ଥାଇପାରେ; ମାତ୍ର ସ୍ଥୂଳ ବୁଦ୍ଧିରେ ଏତିକି ଜଣାଯାଏ—ବାହାରରୁ ଆଘାତ ଆସି ଶୋକକୁ ସ୍ପର୍ଶ କଲେ ସେ ଚେଇଁ ଉଠେ । ଆତ୍ମୀୟ-ବିଚ୍ଛେଦ ବା ପ୍ରିୟ-ନିଧନରେ ଶୋକ ଉପଯୁକ୍ତ ସମୟ ପାଏ । ଯେତେବେଳେ ଏହି ବିଚ୍ଛେଦ ବା ମୃତ୍ୟୁରେ ଶୋକ ଫୁଟିଉଠେ, ସେତେବେଳେ ଏହି ବିରହ ବା ମୃତ୍ୟୁକୁ ଶୋକର କାରଣ ବୋଲି କହିଲେ ଭୁଲ ହେବ କାହିଁକି ? ତୁମ୍ଭେ ଶୋକ ଦିଅ ନାହିଁ, ତାହା ପ୍ରାଣୀଙ୍କ ମନରେ ଥାଏ, ଏହା ଖାଲି ମନୁଷ୍ୟଙ୍କୁ ବହଲାଇବା ପାଇଁ ଛଳ ଛଡ଼ା କଥା କିନା ! ତୁମ୍ଭେ ସବୁ ଦିଅ ପ୍ରଭୁ ! ପୁଣି ସମୟରେ ସବୁ ହରଣ କର—ଏହା ମୋର ସେପରି ବିଶ୍ୱାସ ହେଉପଛେ ମୋତେ ଯଥେଷ୍ଟ ଆଶ୍ୱାସନା ଦିଏ । ପ୍ରଭୁ, ତୁମ୍ଭେ ମଙ୍ଗଳମୟ, ତୁମ୍ଭ କାର୍ଯ୍ୟରେ ମଙ୍ଗଳ ଛଡ଼ା ଆଉ କିଛି ନାହିଁ, ମୋତେ ଏ ଅଚଳ ଅବସ୍ଥାରେ ଶ୍ମଶାନ-ପଥ ମଧ୍ୟରେ ଛାଡ଼ି ଦେବାଟି କି ଅମୃତ ବାହାର କରିବ, ତାହା ତୁମ୍ଭେ ଜାଣ ପ୍ରଭୁ ! ତୁମ୍ଭର ଦତ୍ତ ଜ୍ଞାନ ବୁଦ୍ଧିରେ ମନୁଷ୍ୟ ତାହା ବୁଝିବାକୁ ଅକ୍ଷମ । ତୁମ୍ଭ ଅଦ୍ଭୁତ ରହସ୍ୟ ତୁମ୍ଭ ଛଡ଼ା ଆଉ କାହାରି ଭେଦ କରିବାର ବାଟ ନାହିଁ ମାୟାମୟ !

ହରି ହେ ! ଜଗତରେ ମୁଁ ବଡ଼ ଦୁଃଖୀ—ବଡ଼ ନିଃସଙ୍ଗ, ଏହା ତୁମ୍ଭେ ଜାଣ । କର ଯୋଡ଼ି କୋଟି ବାର ପ୍ରାର୍ଥନା କରୁଛି, ମୋର ଯେଉଁ ଅମୂଲ୍ୟ ନିଧିଟି ଛଡ଼ାଇ-ନେଇଛ, ଦୟାକରି ତାକୁ ଫେରାଇଦିଅ । ମୋର ଯେ ତାହା ବଡ଼ ଲୋଡ଼ା, ପ୍ରଭୁ ! ଏପରିକି ନ ହେଲେ ନ ଚଳେ । ଜୀବନଟା ଶୂନ୍ୟରେ ଆଉ କାହା ଉପରେ ନିର୍ଭର କରିବ ? ଯଦି ମୋ ଦୁର୍ଭାଗ୍ୟକୁ ତୁମ୍ଭ ରାଜ୍ୟରେ ଫେରାଇଦେବାର ବିଧି ନ ଥାଏ କିମ୍ବା ସେଥିରେ ତୁମ୍ଭର ବିଧିବ୍ୟବସ୍ଥା ଭଙ୍ଗ ହୋଇଯିବାର ଆଶଙ୍କା ଥାଏ ଅଥବା ଏ ହତଭାଗ୍ୟକୁ ଶେଷଜୀବନରେ ଟିକିଏ ଶାନ୍ତି ପ୍ରଦାନ କଲେ, ଯେବେ ତୁମ୍ଭର ଏତେ ବଡ଼ ବିରାଟ ସୃଷ୍ଟି ଭାଙ୍ଗିଯିବାର ବିଶ୍ୱାସ ଥାଏ, ତେବେ ମୋର ଏତିକି ମାଗୁଣି ଯେ, ମୋ ଯିବାଯାଏ ମୋ ରହିଟିକୁ ଶ୍ରୀଚରଣ ତଳେ ଟିକିଏ ସ୍ଥାନ ଦେଇ ନିରାପଦରେ ରକ୍ଷାକର ।

ସେ ବଡ଼ ଅଭିମାନିନୀ । ତାକୁ ପ୍ରବୋଧ କରିବାର ସାମଗ୍ରୀ ତୁମ୍ଭ ପାଖରେ ଯଥେଷ୍ଟ ଅଛି; ମାତ୍ର ମାନବ ଦୁର୍ବଳସ୍ୱଭାବ ହେତୁ ତାର ମନ ଥୟ ଧରେ ନାହିଁ ।

ତୁମ୍ଭେ ବିଶ୍ୱବ୍ରହ୍ମାଣ୍ଡ ସମସ୍ତଙ୍କର ପିତା, ତୁମ୍ଭର ଅନନ୍ତ କୋଟି ସନ୍ତାନଙ୍କୁ ଯେତିକି ନିଘା କରିବ, ଗୋଟିଏ କ୍ଷୁଦ୍ର ଶିଶୁକୁ ତାହାଠାରୁ ଅଧିକ ନିଘା କାହିଁକି କରିବ ? ମାତ୍ର ପ୍ରଭୁ, ମୋର ବିନୀତ ପ୍ରାର୍ଥନା ଯେ, ସେଇଟି ଦୟାର ପାତ୍ର, କଥା ବୁଝିପାରେ ନାହିଁ, କହିପାରେ ନାହିଁ; ତାକୁ ଅତିରିକ୍ତ ନିଘା କରିବ । ମା ମୋର ଅତିରିକ୍ତ କଷ୍ଟ ଭୋଗ କରିଛି । ତୁମ୍ଭେ ଅନ୍ତର୍ଯ୍ୟାମୀ, ତାହା ମନ ଜାଣି ତାକୁ ସୁଖଶାନ୍ତି ପ୍ରଦାନ କର । ତୁମ୍ଭର ସଞ୍ଚିତ ପଦାର୍ଥ ତୁମ୍ଭେ ନେଇଗଲ, ସେଥିରେ ମୋର କଥା କହିବାର ଅଧିକାର ନାହିଁ; ମାତ୍ର ମୁଁ ଯେ ଏତେ କାଳ ତୁମ୍ଭ ପଦାର୍ଥକୁ ସାଇତି ରଖିଲି, ତାହାର ପୁରସ୍କାର କଣ ଶେଷକୁ ଶୋକ-ଭୋଗ ? ତୁମ୍ଭ ରାଜ୍ୟରେ କି ଏହିପରି ବୁଝାମଣା ପ୍ରଭୁ ! ତୁମ୍ଭ ପଦାର୍ଥ ତୁମ୍ଭେ ସ୍ୱେଚ୍ଛାକ୍ରମେ ପାଇଲ; ମାତ୍ର ମୋ ଭାଗ୍ୟରେ ବେଠି ଏକା ସାର ହେଲା ।

ମା, ଉମାରାଣୀ—ମୋର ପ୍ରାଣର ଉମା, ତୁ କେଉଁଠି ଅଛୁ ମା ? ତୁ କେତେ ଦୂରରେ ଅଛୁ? ତୋର ଦୁର୍ଭାଗ୍ୟ, ବୃଦ୍ଧ, ଅକ୍ଷମ, ବାପର କ୍ଷୀଣ ଡାକ କି ସେଠାକୁ ଶୁଭୁ ନାହିଁ ମା ? ତୁ ଯେଉଁଠି ଥା ପଛକେ ସୁଖରେ ଅଛୁ ତ ମା ? ମୋର ଏତିକି ଲୋଡ଼ା । ତୋର ସୁଖରେ ମୋର ସୁଖ—ଆନନ୍ଦରେ ଆନନ୍ଦ । ଛାଇ ପରି ପାଖରେ ଲାଗିଥିଲୁ, ଏବେ ମୋତେ ଛାଡ଼ି କିମିତି ରହିଛୁ ମା ? ତୋର ଦୁର୍ଗୁଣ ବାପ କଥା କି ମନରେ ପଡୁ ନାହିଁ ଉମା ? ନା, ତୁ ସେ ଦେଶରେ

ଅଛୁ, ସେ ଦେଶକୁ ଗଲେ ଲୋକେ ଏତେ ନିଷ୍ଠୁର ହୋଇଯାନ୍ତି ? ତୋ ପାଇଁ ରାତ୍ର ଦିନ ରାତ୍ର ସିଣ କାଲି ଠାକୁରଙ୍କ ପାଖରେ ମୁଣ୍ଡ କୋଡ଼ିହୋଇ କେତେ କାତର ଭିକ୍ଷା କରିଛି ! କାହିଁ କେହି ତ ଆଡ଼ନୟନରେ ଟିକିଏ ଚାହିଁଲେ ନାହିଁ ! ସତେ କି ଦେବ-ହୃଦୟ ଏତେ ନିଷ୍ଠୁର ମା ? ତୁ ବର୍ତ୍ତମାନ ତାଙ୍କ ମେଳରେ ଅଛୁ, ଅବଶ୍ୟ ଅନୁଭବ କରୁଥିବୁ । କେଜାଣି ବା ମୁଁ ଦୁଃଖ ଜଣାଇବା ପରି ଜଣାଇପାରି ନାହିଁ । କି ଭାଷାରେ କିପରି ସ୍ୱରରେ ଜଣାଇବାକୁ ହୁଏ, ତାହା ମୋତେ *କିଏ କହିଦେବ ? ତୁହି କିନା ମୋର ଶିକ୍ଷାଦାତ୍ରୀ ଥିଲୁ ।* କେତେ କଥା ତୁ ଇଙ୍ଗିତରେ ମୋତେ ଶିଖାଇଛୁ, କାହିଁ ତାହା ତ ଶିଖାଇ ନାହୁଁ ! ନାନା ବିଷୟର ପ୍ରଶ୍ନ ଛଳରେ ତୁ ମୋତେ ଯେଉଁ ଅମୂଲ୍ୟ ଶିକ୍ଷା ଦେଇଛୁ, ତାହା ମୁଁ ପାଶୋରିବି ନାହିଁ । ସେହି ଶିକ୍ଷା ଫଳରେ ଦୁଇଖଣ୍ଡି ପୁସ୍ତକ ଲେଖି ରଖିଛି, ତାହା ତୋର ଗୌରବମୟ ଅଉ ପୁଣ୍ୟସ୍ମୃତି ହୋଇ ରହିଲା ।

ମାଲୋ, ମୁଁ ଜୀଇ ଥାଉଁ ଥାଉଁ ତୋର ମରଣ ଦେଖିଲି, କାହିଁ ମୋ ହୃଦୟ ତ ଖଣ୍ଡ ଖଣ୍ଡ ହୋଇ ଫାଟିଗଲା ନାହିଁ ! ମନୁଷ୍ୟ ଶରୀର ପଥରରେ ତିଆରି ମା ! ସେ ସବୁ ଆଘାତ ସହିପାରେ । ତୋତେ ଖଟ ରେଜେଇରେ ନିଦ ହୁଏ ନାହିଁ, ତୁ ଧୂଳିରେ କମିତି ଶୋଇଲୁ ମା ! ଏ ଦୃଶ୍ୟ ଦେଖି ମୋର ପ୍ରାଣ ଯା ବାହାରି ନ ଗଲା ? ମୁଁ ଘରେ ରହିଲି, ତୁ କେଉଁ ଅପନ୍ତରାରେ ପଡ଼ିରହିଲୁ ! ଧିକ୍, ଶତ ଧିକ୍ ମନୁଷ୍ୟ-ହୃଦୟକୁ !

ମା, ତୋର କଣ ଇଚ୍ଛା ଥିଲା ଯେ, ତୁ ଅଭିମାନ କରି ମୋତେ ଛାଡ଼ି ଚାଲିଗଲୁ ? ତୋର ସୁନ୍ଦର ଦେବ-ଶିଶୁ ମୁହଁ ମୁଁ ଆଉ ଥରେ ଦେଖିପାରିଲି ନାହିଁ । ଏହି ଅନୁତାପ କଲିଜାକୁ ଫଟାଇଦେଉଛି ମାଁ ! ଜନ୍ମେ ଜନ୍ମେ ତୁ ମୋର ଝିଅ କିମ୍ବା ମା ରୂପରେ ଆନନ୍ଦ ଦାନ କର; ମାତ୍ର ଆଉ ଏପରି ତଣ୍ଡିକଠା ସାଜି ଧରିବୁ ନାହିଁ ତ ମା ! ତୋତେ କେତେବେଳେ କଅଣ କହିଥିବି, ତୋର ଅଧମ ବାପାର ସେ ଦୋଷ ଧରିବୁ ନାହିଁ ।

ଆଉ ଗୋଟିଏ କାମ କରିବୁ ମା, ତୁ ଏବେ ଅନନ୍ତ ଅନାବିଳ ପୁଣ୍ୟ ଧାମରେ ଅଛୁ ଆଉ ମୁଁ ମର୍ତ୍ତ୍ୟର ପାପ-ପଙ୍କରେ ଘାଣ୍ଟି ହେଉଛି । ମୁଁ ପାପୀ, ଭଗବାନ ମୋର ଡାକ ଶୁଣିବେ ନାହିଁ । ତୁ ପୁଣ୍ୟ-ବତୀ, ମର୍ତ୍ତ୍ୟଭୂମି କିପରି ଜାଗା ତାକୁ ଦେଖି-ଯାଇଛୁ । ଏଠାରେ ରହିବାକୁ ମନ ବଳୁ ନାହିଁ ମା ! କିନ୍ତୁ ଉପାୟ କଣ ? ଠାକୁରେ ତ ମୋ କଥା ଶୁଣିବେ ନାହିଁ, ତୁ ତାଙ୍କର ସ୍ନେହର ପାତ୍ର, ତୋ କଥା ସେ ଏଡ଼ିପାରିବେ ନାହିଁ । ତୁ ତୋର ଏ ଅଧମ *ବାପ ସକାଶେ କହିଲେ ସେ ଅବଶ୍ୟ ଶୁଣିବେ ।* ଭଗବାନଙ୍କୁ କହି ତାଙ୍କରି ପାଦ ତଳେ ତୋହରି ପାଖରେ ମୋ ଲାଗି ଟିକିଏ ଜାଗା କରି ରଖ, ଆଉ ମୋତେ ଶୀଘ୍ର ନେବାର ଉପାୟ କର । ମୁଁ ଯିବାକୁ ଉଚାଟ । ତୋତେ ଛାଡ଼ି ମୁଁ ଏଠାରେ ରହିପାରିବି ନାହିଁ । ମା ମୋର, ତୋର ବୁଢ଼ା ବାପ ଲାଗି ଏତକ କରିବୁ । ମୁଁ ଗଲେ ଦୁହେଁ ଆନନ୍ଦ-ଧାମରେ ଅଖଣ୍ଡ ଆନନ୍ଦରେ ରହିବା । ତୋ ସଖର ବୁଦ୍ଧିବୃତ୍ତି ଦେଖି "ତୁ କାହିଁକି ପୁଅ ହେଲୁ ନାହିଁ" ବୋଲି ସମସ୍ତେ କହିବାରୁ ତୁ ସେହି ଅଭିମାନରେ ପୁଅ ହୋଇ ଆସିବା ପାଇଁ ଚାଲିଗଲୁ କି ମା ? ତୋର ସେ ଶୁଭଇଚ୍ଛା ପୂର୍ଣ୍ଣ ହେଉ । କିନ୍ତୁ ମା, ତୁ ଫେରି ଆସିବା ବେଳକୁ ମୋର ଧୂଳି ପାଉଁଶ ମୁଦ୍ଧା ନ ଥିବ । ଏ ଜନ୍ମରେ ତୋ ସଙ୍ଗରେ ଦେଖା ଏତିକି ମା !

ମା, ତୁ ତ ଦେବ-ଦେହ ଧରି ଦେବ-ମେଳରେ ଅଛୁ । ସେଠାରେ ଦେବଚକ୍ଷୁ ପାଇଥିବୁ । ଦେବ-ଚକ୍ଷୁକୁ ପରା ସବୁ ଦିଶେ ମା ! ତୁ କି ତୋର ଏ ଦୁଃଖୀ ବାପର ଯନ୍ତ୍ରଣା ସ୍ୱର୍ଗରୁ ଥାଇ ଦେଖୁ ନାହୁଁ ମା ? ତୁ ତ ଆଉ ଏବେ ମର୍ତ୍ତ୍ୟର ଶିଶୁ ନୋହୁ—ସ୍ୱର୍ଗର ଦେବଶିଶୁ । ମର୍ତ୍ତ୍ୟର ଦୁଃଖ ସ୍ୱର୍ଗର ଶିଶୁଙ୍କୁ ସରି ନୁହେଁ । ତୁ ପୁଣ୍ୟବତୀ ପୁଣି ଭାଗ୍ୟବତୀ, ନଚେତ୍ ପ୍ରଭୁ ତୋତେ ଏ ପାପ ଧରିତ୍ରୀରୁ ଏତେ ଶୀଘ୍ରେ ନେଇଯାନ୍ତେ କାହିଁକି ? ମୁଁ ଯେତେ ଅଭାଜନ ହେଲେ ସୁଦ୍ଧା ତୋ ଭଳି ଦେବ-ଶିଶୁର ମଧୁମୟ କଣ୍ଠରୁ ପିତୃ-ଆହ୍ୱାନ ପାଇ ନିଜକୁ ଧନ୍ୟ, ଭାଗ୍ୟଧର ମଣୁଛି । ତୋ ଲାଗି

ସମସ୍ତେ କାନ୍ଦୁଛନ୍ତି, ତୋ ମା କାନ୍ଦି କାନ୍ଦି କଣ୍ଠଗତ ପ୍ରାଣ ହେଲାଣି, ତୋ ବଡ଼ ଜନସ୍ୱତ କବଣ୍ଡ ପଡ଼ି ଯାଉଛି—ତୋର ବାବା ଆଉ ଭାଇଙ୍କ ମୁହଁ ଶୁଖି ଫିକା ପଡ଼ିଯାଇଛି—ତୋର ନୂଆବଉ ସାନ ଅପାଙ୍କ ଆଖିରୁ ଲୁହ ଶୁଖି ନାହିଁ—ସାନଭାଇ ନାଥିଆ ପିଲାଙ୍କ ପରି ଭେଁ ଭେଁ ହୋଇ କାନ୍ଦୁଛି—ତୋର ସାନ ଭଉଣୀ ଅଶାନ୍ତି ତୋତେ କେତେ ଖୋଜି ହେଉଛି, ଏହା କଅଣ ତୁ ଦେଖୁ ନାହୁଁ ମା ? ତୁ ଦୂରକୁ କେବେ ଯାଉ ନାହୁଁ, ମୋତେ ଛାଡ଼ି ତୁ ଦୂରକୁ ଯାଇପାରୁ ନାହିଁ—ସବୁବେଳେ ମୋର ପାଖରେ ଅଛୁ—ଖାଲି ଦେଖା ଦେଉ ନାହୁଁ ସିନା ! ଏତେ ହଠ, ଏତେ ରୁଷା କାହିଁକି—ଚାସ୍ମାଣୀ, ମୁଁ ତ କେବେ ତୋର ମନ ଭାଙ୍ଗି ନାହିଁ ! ତୁ ଯେତେବେଳେ ଯାହା ଆଳ କରୁଥିଲୁ ମୁଁ ତାହା ଆଣି ଦେଉଥିଲି, ଜାଣି ଶୁଣି ତ କିଛି ତ୍ରୁଟି କରି ନାହିଁ! ତେବେ ଏତେ ଅଭିମାନ କାହିଁକି ? ମନୁଷ୍ୟର ଗତି ସିନା ସୀମାବଦ୍ଧ; ମାତ୍ର ତୁ ଏବେ ଇଚ୍ଛା କଲେ ତ ମୁହୂର୍ତ୍ତକରେ ବ୍ରହ୍ମାଣ୍ଡ ବୁଲି ଆସିପାରିବୁ । ତୋ ପକ୍ଷରେ କେଉଁ ଦୂର ନୁହେଁ, ତୁ ଥରେ ଆସି ଆମର ସବୁ ଅବସ୍ଥା ଦେଖି ସାନ୍ତ୍ୱନା ଦେଇ ଯା । ଆମମାନଙ୍କ ଶୋକଶାନ୍ତି ନିମନ୍ତେ ଭଗବାନଙ୍କ ପାଦପଦ୍ମରେ ଅଳି କର । ତୋର ପ୍ରାର୍ଥନା ସେ ନିଶ୍ଚେ ପୂର୍ଣ୍ଣ କରିବେ ।

ମା ଉମାରାଣୀ—ତୁ ତ ଚାଲିଗଲୁ, ତୋ ଉପରେ ମୋର ଯେଉଁ ସ୍ନେହ ଥିଲା, ସେ ସ୍ନେହକୁ ଏବେ ମୁଁ କଅଣ କରିବି ? ତାକୁ କାହାକୁ ଦେବି ? ତୋର ଯାହା ପ୍ରାପ୍ୟ, କେଉଁ ଭାଗ୍ୟଧର ତାହା ପାଇବ ? 'କିଏ ସ୍ନେହ ନେବ ହୋ—ସ୍ନେହ ନେବ ହୋ' କହି ବଜାରମଝିରେ ଯାଇ ବୁଲିଲେ ବି ଗ୍ରାହକ ମିଳିବେ ନାହିଁ । ଏ ହତଭାଗ୍ୟର ବ୍ୟର୍ଥ ସ୍ନେହ କିଏ କାହିଁକି ନେବାକୁ ଆସିବ ? ଯଦି କେହି ଆସେ, ତେବେ ସେ ସ୍ନେହର ଅଯୋଗ୍ୟ, ସୁତରାଂ ଅପାତ୍ର । ଅପାତ୍ରରେ ଦାନ କରି ଫଳ ବା କଅଣ ? ସେଥିରେ ଦାନ ବୃଥା ହୁଏ । ତୋର ସୁନ୍ଦର ମୂର୍ତ୍ତିଟି ସିନା ଲୁଚାଇ ରଖିଛୁ, ଆଉ ସ୍ମୃତିକୁ ତ ଲୁଚାଇପାରିବୁ ନାହିଁ ? ମୁଁ ତୋର ସେହି ପବିତ୍ର ଅପାଶୋରା ସ୍ମୃତିକୁ ସ୍ନେହ କରିବି । ଘର ବାହାର କାନ୍ଥସବୁ, କେଉଁଠି ବା ସ୍ମୃତି ନାହିଁ ! କାହିଁରେ ବା ତୋର ସୁନ୍ଦର ପବିତ୍ର ଛୋଟ ହାତ-ଛୁଇଁଟି ଲାଗି ନାହିଁ ! କେଉଁଠି 'ଅଆ' ଫଳା, କେଉଁଠି ୧।୨ ପ୍ରଭୃତି ଅଙ୍କ, କେଉଁଠି ବା ବିବିଧ ଚିତ୍ର ଅଙ୍କିତ ରହି ତୋର ସ୍ମୃତିକୁ ଆଲୋକିତ କରୁଛନ୍ତି । ତୋର ମୂର୍ତ୍ତି ମୋର ପ୍ରଧାନ ଅବଲମ୍ବନ ଥିଲା । ଏଣିକି ସ୍ମୃତି କେବଳ ଅବଲମ୍ବନ ହେବ । ତୋର ମୂର୍ତ୍ତି ତ ଜୀବନରେ ଆଉ ଦେଖିବି ନାହିଁ ; ମାତ୍ର ସେ ମୂର୍ତ୍ତିକୁ କେବେ ପାଶୋରିପାରିବି ନାହିଁ । ତୋର ସ୍ମୃତି ଭିତରେ ଯେଉଁ ସୌମ୍ୟ ସୁନ୍ଦର ମୂର୍ତ୍ତି ଅଛି, ସବୁବେଳେ ତାକୁ ଦେଖି କୃତାର୍ଥ ହେବି । ମା, ତୋର ଦେହ ତ ମାନବ-ଦେହ ଥିଲା ନାହିଁ । କି ଲଳିତ ଲାବଣ୍ୟ, କି ଅପୂର୍ବ ଜ୍ୟୋତି ! ମନୁଷ୍ୟ ଚର୍ମରୁ ସେପରି ଜ୍ୟୋତି ବାହାରିବା ଏକାବେଳକେ ଅସମ୍ଭବ । ପ୍ରାତଃକାଳରେ ନବପଲ୍ଲବ ଉପରେ ବାଳସୂର୍ଯ୍ୟକିରଣର ମଧୁର ଜ୍ୟୋତି ଦେଖିଛି ଫୁଲ ଉପରେ ଚନ୍ଦ୍ରିକାର ଶୀତଳ ଜ୍ୟୋତି ଦେଖିଛି; ମାତ୍ର ତୋ ଦେହରୁ ଯେଉଁ ଜ୍ୟୋତି ବାହାରେ, ସେ ରୂପ ଜ୍ୟୋତି ଅନ୍ୟତ୍ର ଦେଖି ନାହିଁ । ବିଧାତା ରତ୍ନର ଜ୍ୟୋତିରେ ତୋତେ ତିଆରି କରିଥିଲା । ତୋହର ଅଙ୍ଗଜ୍ୟୋତିରେ ତୋର କ୍ଷୁଦ୍ର ଅଳଙ୍କାରଗୁଡ଼ିକ ହସିଉଠୁଥିଲା ; ଏବେ ଦୁର୍ଭାଗ୍ୟରୁ ତୋର ଅଙ୍ଗ ସଙ୍ଗରୁ ବଞ୍ଚିତ ହୋଇ ମଳିନ ଦିଶୁଛି । ତୁ ନିଶ୍ଚେ ଅଭିଶପ୍ତା ଦେବୀ ଥିଲୁ । ମର୍ତ୍ତ୍ୟଭୂମିରେ ଅଳ୍ପକାଳ ମଧ୍ୟରେ ଶାପ କଟାଇ ପୁଣି ସ୍ୱସ୍ଥାନକୁ ଚାଲିଗଲୁ । ତୋ ଲାଗି ଯେ ଏଣେ ଗୋଟାଏ ପରିବାର ହାୟ ହାୟ କରି ପ୍ରାଣ ଫଟାଉଛନ୍ତି, ତାଙ୍କର ଦୁଃଖ ଯନ୍ତ୍ରଣା ତୁ କାହିଁକି ଦେଖିବୁ ? ତୋର ଉଦ୍ଦେଶ୍ୟ ସିଦ୍ଧ କରି ତୁ ଚାଲିଗଲୁ । ତୋର ତେତିକି ଏକା ଲୋଡ଼ା ଥିଲା ।

ମାଲୋ, ତୁହି ଏକା ମୋ ଇଷ୍ଟପୂଜାରେ ଉତ୍ତରସାଧିକା ଥିଲୁ । ତୋହରି ସାହାଯ୍ୟରେ ମୁଁ ପୂଜା କରୁଥିଲି । ତୁ ଚାଲିଗଲୁ, ମୋର ସେହି ପୂଜା ଶେଷ ହେଲା କି ଅପୂର୍ଣ୍ଣ ରହିଲା, ତାହା ତୁହି ଜାଣୁ ମା ! ଏଣିକି ସେ ପୂଜା ଛାଡ଼ି ତୋହରି ପୁଣ୍ୟସ୍ମୃତିକୁ ପୂଜା କରୁଥିବି, ଆଉ ଆଜୀବନ କାନ୍ଦୁଥିବି । ତୁ ମୋର କନ୍ୟା

ହୋଇ ଅଳ୍ପଦିନରେ ଭଗବାନଙ୍କର କୃପା ଲାଭ କଲୁ; ମାତ୍ର ମୁଁ ତାହା ଅବଧି ପାଇଲି ନାହିଁ—ଏହା ମୋର କ୍ଷୋଭର କଥା ନୁହେଁ ମା—ଆନନ୍ଦର କଥା । ମୁ ସେହି ଆନନ୍ଦରେ ଅଧୀର ହୋଇ ଆତ୍ମଗୌରବ ଅନୁଭବ କରୁଛି । ସେହି ଆନନ୍ଦ ଅଶ୍ରୁ ହୋଇ ମୋର ଆଖିରେ ପ୍ରବାହ ଝରିପଡ଼ୁଛି । ମା, ମୋ ପ୍ରାଣଟି, ତୁ କାନ୍ଦରୁ ନାହିଁ । ଜଗତର ଯେ ପ୍ରଜାଧିପକ, ତୁ ତାଙ୍କର ପ୍ରୀତି ଆକର୍ଷଣ କରିପାରିଛୁ, ସୁତରାଂ ତୋର ଅଭାବ କଅଣ ? ଭଗବାନଙ୍କ ଶ୍ରୀଚରଣରେ ଅଚଳା ଭକ୍ତି ରଖି ମୋର ଯିବାଯାଏଁ ଅପେକ୍ଷା କରିଥା ମା ! ସେ ଭକ୍ତଦୁଃଖହାରୀ । ସେ ଯାହାକୁ ପ୍ରସନ୍ନ, ତାହାର ଦୁଃଖ ଭୟ କଅଣ ? ଭଗବାନଙ୍କ ପ୍ରେମାମୃତ ପାନ କରି ଅପାର ଆନନ୍ଦ ଉପଭୋଗ କର—ତୁ ଆନନ୍ଦର ସନ୍ତାନ, ଚିର-ଆନନ୍ଦମୟ । ଆନନ୍ଦ ତୋର ସର୍ବସ୍ୱ, ତୁ ଆନନ୍ଦରେ ଗତା, ଏହା ଭୁଲିବୁ ନାହିଁ ।

ଭଗବାନ୍, ଏବେ ତୁମ୍ଭକୁ କଥାଏ ପଚାରିବି । ସଂସାରରେ ଯେବେ କେହି କାହାର ନୁହେଁ, ତେବେ ସ୍ନେହ, ମମତା ପ୍ରଭୃତି ନାଗପାଶସଦୃଶ ଶୃଙ୍ଖଳ କାହିଁକି ? କହିବ ପରା—ସେ ସବୁ ତୁମ୍ଭେ କର ନାହିଁ, ତାହା ମାୟାର କାର୍ଯ୍ୟ ; କିନ୍ତୁ ବୁଝିନ ଭଲ—ସେ ମାୟାଟି କିଏ ମାୟାଧର ? ତୁମ୍ଭେ ତ ସ୍ରଷ୍ଟା, ମୁଁ ସୃଷ୍ଟ, ଆମ୍ଭ ଦୁହିଙ୍କ ମଧ୍ୟରେ ସମ୍ବନ୍ଧ । ମାୟା ଗୋଟାଏ ସୃଷ୍ଟି କେଉଁଠୁ ଆସି ଆମ ଭିତରେ କାହିଁକି ପଶିଲା ? ଆଉ ତାକୁ ନିଯୁକ୍ତ କଲା ବା କିଏ ? ମୁଁ ତ ସେ ମାୟାକୁ ଡାକେ ନାହିଁ । ମୁଁ ତାକୁ କିଣିଆଣି ନାହିଁ, କି ଭୋଗହାଣି ରୋଜଗାର କରି ନାହିଁ । ଖାଲି ମୋଟା ବୁଦ୍ଧିରେ ଏତିକି ବୁଝିଛି—ସେ ମାୟାଧର, ମାୟା ତାହାର ସୃଷ୍ଟି । ଏଥିରେ ଯେତିକି ସନ୍ଦେହ ଥାଏ, ତେବେ ସେହି ସନ୍ଦେହ ମୋର ଦୁଃଖ । ତୁମ୍ଭେହିଁ ସେହି ତୁରନ୍ତା ମାୟାକୁ ଆଣି ମଝିରେ ଠିଆକରାଇ, ଦୋଷ ତାହାର ମୁଣ୍ଡରେ ଲଦୁଅଛ । ତୁମ୍ଭେ ଯେବେ ମାୟାକୁ ସୃଷ୍ଟି କର ନାହିଁ, ତେବେ ଏତେ ଆଦରରେ ମାୟାଧର ବୋଲି ନାମଟିଏ ବହୁଛ କାହିଁକି ? ପ୍ରଭୁ, ଏ କୁଟକାଳ ଖେଳ ତୁମ୍ଭଙ୍କୁ ସୁନ୍ଦର ହୋଇପାରେ; ମାତ୍ର ରକ୍ତମାଂସ ଦେହସ୍ଥ ମନୁଷ୍ୟ ସେଥିରେ ଯନ୍ତ୍ରଣା ଅନୁଭବ କରେ ।

ହରି ହେ, ଅଦ୍ଭୁତ କଥାଏ ପଚାରିବି, ମୋର ଦୁଃସାହସିକତାକୁ କ୍ଷମା ଆଜ୍ଞା ହେବ । ସେ ତ ଶିଶୁ, ଦୁଇବର୍ଷ ପୂର୍ଣ୍ଣହୋଇ ପାଞ୍ଚବର୍ଷରେ ଗୋଡ଼ ଦେଇଥିଲା । ଧର୍ମ କଅଣ, ଅଧର୍ମ କଅଣ, ସେ ଜ୍ଞାନ ତାହାର ଅଙ୍କୁରି ନ ଥିଲା, ସୁତରାଂ ସେ କି ଗୁରୁତର ପାପ କରିଥିଲା ଯେ, ସେଥିପାଇଁ ମୁହୁଁ ଦୁର୍ବିରୁ ତାକୁ ଏତେ ଦଣ୍ଡ ଦେଲ ? ଯେବେ ତାହା ପୂର୍ବଜନ୍ମ-ଅର୍ଜିତ ପାପର ଫଳ ହୁଏ, ତେବେ ଏ ତ ଶାସ୍ତିର ସମ୍ପୂର୍ଣ୍ଣ ଅସଙ୍ଗତ । କି ପାପରୁ ସେ ଦଣ୍ଡ ପାଇଲା, ତାହା କି ସେ ବୁଝିପାରିଲା ? ତୁମ୍ଭର ତ ବାଳ, ବୃଦ୍ଧ, ଯୁବା ନିର୍ବାଚନରୁ କେଉଁ କାଳ ନାହିଁ, ତୁମ୍ଭେ ବାଳହାଳ କଥା କାହୁଁ ଜାଣିବ ? ତା'ର ହିତାହିତ ଜ୍ଞାନ ଜନ୍ମିଲା ପରେ ତାକୁ ଦଣ୍ଡ ଦେଇଥିଲେ ସେ ତାକୁ ପୂର୍ବାର୍ଜିତ ପାପର ଫଳ ବୋଲି ଜାଣିପାରନ୍ତା ଏବଂ ଭବିଷ୍ୟତ ଜନ୍ମକୁ ସାବଧାନ ହୁଅନ୍ତା । ଆଉ ସାବଧାନ ବା କଅଣ ହେବ ? ସେଥିର ବାଟ ବି ତୁମ୍ଭେ ରଖି ନାହିଁ । ମନୁଷ୍ୟକୁ ଜାତିସ୍ମର କରିଥିଲେ ଗତ ଜନ୍ମର କଥା ତାହା ମନରେ ଥାନ୍ତା ; ସୁତରାଂ ଭବିଷ୍ୟତକୁ ସାବଧାନ ହେବାର ସୁବିଧା ମିଳନ୍ତା । ଦୋଷ ସଂଶୋଧନ ନିମନ୍ତେ ଦଣ୍ଡ ଦରକାର ହୁଏ ସତ; ମାତ୍ର ଦୋଷ ନ ଜାଣିପାରିଲେ ସଂଶୋଧନ କରିବ କଅଣ ? ଆଉ ମନୁଷ୍ୟକୁ ତୁମ୍ଭେ କାହିଁକି ଦଣ୍ଡ ଦିଅ ? ସେ କୁପଥଗାମୀ କାହିଁକି ହୁଏ—ପାପ କାହିଁକି କରେ ? ତାକୁ କର୍ମରେ ପ୍ରବର୍ତ୍ତାଏ କିଏ ? ମୋର ଯାହା, ତାହା ତ ତୁମ୍ଭର ଦତ୍ତ । ସେମାନଙ୍କ କାର୍ଯ୍ୟ ସକାଶେ ମୋତେ କାହିଁକି ଦାୟୀ କରିବ ପ୍ରଭୁ ! ତୁମ୍ଭ ଉପରେ କେହି ବିଚାରକ ନାହିଁ ବୋଲି ସିନା ତୁମ୍ଭର ଏ ଯଥେଚ୍ଛାଚାର ଚଳିଯାଉଛି । ହରି ହେ ! ଯେବେ ମୋର ଏ ବିଶ୍ୱାସ ମିଥ୍ୟା ବା ଭୁଲ ହୋଇଥାଏ, ତେବେ ସେଥିପାଇଁ ବି ତୁମ୍ଭେ ଦାୟୀ । ମୋ ମନରେ ଯେତେବେଳେ ଯେଉଁ ବିଶ୍ୱାସ ହୁଏ, ତାହା ତୁମ୍ଭେ ଆଣି ଦିଅ । ହେ ପ୍ରଭୁ, ଯାହା ହେବାର ଥିଲା ହେଲା,—ଯାହା କରିବାର କଲ, ଏବେ କ୍ଷୁଦ୍ର ଶିଶୁଟିକୁ ଦୟାକର ।

ମୁଁ ତାକୁ ତୁମ୍ଭ ପାଦତଳେ ତୁମ୍ଭ ସେବା-ଦାସୀରୂପେ ଅର୍ପଣ କଲି । ତାକୁ ଶ୍ରୀଚରଣ ତଳେ ସ୍ଥାନ ଦିଅ—ତାହାର ସନ୍ତପ୍ତ ଅନ୍ତରରେ ଶାନ୍ତିର ଅମୃତ ପ୍ରଲେପ ଲଗାଇଦେଇ ତାହାର ପ୍ରାଣ ଆନନ୍ଦମୟ, ଅମୃତମୟ ଓ ଉତ୍ସବମୟ କର । ସେ ତୁମ୍ଭ ସେବାଦାସୀର ଉପଯୁକ୍ତ ହେଉ, ତାହା ମସ୍ତକରେ ମଙ୍ଗଳ ହାତ ବୁଲାଇ ଏହି ଆଶୀର୍ବାଦ କର ହରି—ତୁମ୍ଭ ମଙ୍ଗଳମୟ ପାଦପଦ୍ମରେ ଏତିକି ତାତର ଭିକ୍ଷା ।

୧୯୨୯ ସାଲ ମାର୍ଚ୍ଚ ୨୯ ତାରିଖ ଶୁକ୍ରବାର, ତୁ ପୋଡ଼ାଏ କାଳ ଦୁର୍ଦ୍ଦିନ । କି ଅଶୁଭ କ୍ଷଣରେ କି ଅମଙ୍ଗଳ ମୂର୍ତ୍ତିରେ ତୁ ଆସିଥିଲୁ ! ତୋର କୃଷ୍ଣ ପିଙ୍ଗଳା ରକ୍ତାକ୍ତ ହାତରେ ପୋଡ଼ାହେଉ—ତୋର ଚିତାଭସ୍ମ ଚର୍ମନାସାରେ ପତିତ ହେଉ । ସଂସାରରେ ତୋର ପ୍ରତିଷ୍ଠା ନ ରହୁ—ନାମ ସୁଦ୍ଧା ନ ରହୁ । ତୁ ମୋର କି ସୁଖର ଖେଳଘର ଭାଙ୍ଗିଦେଲୁ ! ମୁଁ ଯାହାର ଭବିଷ୍ୟତ ସମ୍ବନ୍ଧରେ ଉଜ୍ଜ୍ୱଳ ସ୍ୱପ୍ନ ଦେଖିଥିଲି, ତୁ ତାକୁ ହରିନେଇ ମୋର ଯେ କ୍ଷତି କଲୁ, ତାହା ଆଉ ପୂର୍ଣ୍ଣ ହେବ ନାହିଁ । ନିଷ୍ଠୁର, ମୋ ସୁଖରେ ତୁ ଯେପରି ବଜ୍ର ପ୍ରହାର କଲୁ, ତୋ ମସ୍ତକରେ ସେହିପରି ଅକାଳ ବଜ୍ର ଛିଡ଼ିପଡ଼ୁ । ମୋର ଆନନ୍ଦ-ସୌଧ ତୁ ଚୂର୍ଣ୍ଣ କରି ଧୂଳିରେ ମିଶାଇଦେଲୁ—ତୋର ନାମ ଉଚ୍ଚାରଣ କରିବା ମହାପାପ ।

ହାୟ, ମୁଁ ଏ କଅଣ କରୁଛି—କାହାକୁ ଗାଳି ଦେଉଛି ? ମୁଁ କାଳକୁ ନିନ୍ଦୁଛି । କାଳରୂପୀ ବ୍ରହ୍ମ ପରା—ତେବେ ମୁଁ ମୂଢ଼, ଭଗବାନଙ୍କୁ ନିନ୍ଦା କଲି । ହରି ହେ, କ୍ଷମାକର, କ୍ଷମାକର ପ୍ରଭୋ ! ତେର କଡ଼ା କଡ଼ା କଥା କହିଲିଣି ପ୍ରଭୋ—ତେର ତୀବ୍ର ଭର୍ତ୍ସନା କଲିଣି । ମୁଁ କଅଣ କହୁଯାଉଛି, ତାହା ମୁଁ ଜାଣେ ନାହିଁ । କେଉଁ ସଇତାନ ମୋ ଭିତରେ ପଶି ମୋର ଅଜ୍ଞାତରେ ମୋହ ମୁହଁରେ କେତେ କଅଣ କହି-ଯାଉଛି । ମୁଁ ତାହାର ଚନ୍ଦ୍ରବିସର୍ଗ ଜାଣେ ନାହିଁ ପ୍ରଭୋ ! ମୁଁ ବର୍ତ୍ତମାନ ବାତୁଳ, ତୁମ୍ଭେ ତ ମୋତେ ବାତୁଳ କରିଅଛ, ତେବେ ପାଗଳର ପ୍ରଳାପ ବାଣୀ ନ ସହିବ କାହିଁକି ? ମୋର କି ଦୋଷ ଅଛି ? ପ୍ରଭୁ, ତୁମ୍ଭେ ଯେଉଁ ଆଡ଼କୁ ଚଳାଉଅଛ, ମୁଁ ସେ ଆଡ଼କୁ ଚଳୁଛି । ତୁମ୍ଭେ ଯାହା କରାଉଛ, ମୁଁ ତାହା କରୁଛି । ସତ କହୁଛି ହରି, ଅଜ୍ଞାନ ସୁକୁମାର ଶିଶୁର ରୋଗ ଯନ୍ତ୍ରଣା ଦେଖି ମୋର ହୃଦୟ ଫାଟିଗଲା । ଅନ୍ୟର ଦେହରୁ ରୋଗ ଯେବେ ଆଣି ହେଉଥାନ୍ତା, ତେବେ ମୁଁ ନିଶ୍ଚୟ ତାହା ଦେହରୁ ରୋଗକୁ କାଢ଼ିଆଣି ମୋ ଦେହରେ ରଖିଥାନ୍ତି; ମାତ୍ର ତୁମ୍ଭ ରାଜ୍ୟରେ ତାହା ହେବାର ଉପାୟ ନାହିଁ ଭଗବାନ ! ତାହାର ଯେବେ ପରମାୟୁ ନ ଥିଲା, ତେବେ ମୋର ଅବଶିଷ୍ଟ ଆୟୁ ତାକୁ ଦେଇ ବଞ୍ଚାଇ ରଖିଥିଲେ କି ହୁଅନ୍ତା ନାହିଁ ? ଏହିସବୁ କାରଣରୁ ମୁଁ ତୁମ୍ଭର ମହିମା ଭୁଲିଯାଇ ତୁମ୍ଭଙ୍କୁ ଅବିଶ୍ୱାସ କରିଛି । ଯେତେହେଲେ ତ ମୁଁ ଦୁର୍ବଳ ସ୍ୱଳ୍ପ ମନୁଷ୍ୟମାତ୍ର, କାହୁଁ ବା ପ୍ରବଳ ହୋଇ ଦୃଢ଼ ହୋଇ ତୁମ୍ଭ ଆଘାତ ନିର୍ବିକାରରେ ସହିପାରିବ ? ସେ ଶକ୍ତି ତୁମ୍ଭେ କଅଣ ମୋତେ ଦେଇଛ ପ୍ରଭୋ ? ମୁଁ ତୁମ୍ଭଙ୍କୁ ଯେତେ ଅବିଶ୍ୱାସ କରେ ପଛକେ—ଯେତେ ଗାଳିଦିଏ ପଛକେ; ମାତ୍ର ଏହା ନିଶ୍ଚୟ ଜାଣେ ଯେ, ତୁମ୍ଭେ ମୋ ଉମାର ମଙ୍ଗଳ ପାଇଁ ତାକୁ ନେଇଯାଇଛ । ତୁମ୍ଭେ ଦେଖିଲ—ଏଠାରେ ତାହାର ଉପଯୁକ୍ତ ଲାଳନ ପାଳନ ହେଉ ନାହିଁ—ତୁମ୍ଭ ଛଡ଼ା ତାକୁ ଆଉ କେହି ପୂର୍ଣ୍ଣରୂପେ ପାଳନ କରିପାରିବ ନାହିଁ—ତହୁଁ ତାକୁ ନିଜ କୋଳକୁ ଘେନିଗଲ । ତୁମ୍ଭେ ମଙ୍ଗଳମୟ, ତୁମ୍ଭ କାର୍ଯ୍ୟରେ ବା ଇଚ୍ଛାରେ ଅମଙ୍ଗଳ ଥାଇପାରେ ନାହିଁ । ପ୍ରଭୁ, ତୁମ୍ଭେ କ୍ଷମାମୟ, ମୁଁ ବାତୁଳ ଅବସ୍ଥାରେ ଯାହା କହିପକାଇଛି, ସେ ଅପରାଧ କ୍ଷମାକର । ଆଉ ଏପରି ଅବ୍ୟବସ୍ଥିତ ଜୀବନରେ ଦିଅ ନାହିଁ, ତୁମ୍ଭ ମଙ୍ଗଳମୟ ପାଦପଦ୍ମରେ ଏହାହିଁ ମୋର ପ୍ରାଣର ଭିକ୍ଷା ।

ନାରାୟଣ, ତୁମ୍ଭେ ସମସ୍ତଙ୍କୁ ଜନ୍ମଦେଇଛ, ପାଳନ କରୁଛ, ରକ୍ଷା କରୁଛ—ତୁମ୍ଭେ ଜଗତର ସମ୍ପଦଦାତା ଆଉ ମଙ୍ଗଳଦାତା, ତୁମ୍ଭେ ସମସ୍ତଙ୍କୁ ସବୁ ଦେଉଛ । ତୁମ୍ଭେ ସୁଖଦାତା; କିନ୍ତୁ କାହାରି ପୂର୍ଣ୍ଣସୁଖ ତୁମ୍ଭେ ସହିପାର ନାହିଁ । ତାହା ତ ଦେବତାଙ୍କର ଚିରନ୍ତନ ସ୍ୱଭାବ । କାହାରି ପୂର୍ଣ୍ଣସୁଖ ଦେଖିଲେ ତୁମ୍ଭେ କିଛି

ହେଲେ ଖଣ୍ଡନ ନ କରି ରହିପାରି ନାହିଁ । ମୁନିଋଷି-ମାନଙ୍କର ଉଗ୍ର ତପସ୍ୟା ଦେଖିଲେ ଦେବତାମାନେ ଅଧିକାର ହରାଇବା ଆଶଙ୍କାରେ ଛଳରେ, କୌଶଳରେ ସେମାନଙ୍କର ତପୋଭଙ୍ଗ କରନ୍ତି । ଶାସ୍ତ୍ରପୁରାଣରେ ଏଥିର ଉଦାହରଣ ଯଥେଷ୍ଟ ସୁଲଭ । ପ୍ରଭୁ, ତୁମ୍ଭେ ଦେଇକରି ଯେବେ ସହି ନ ପାର, ତେବେ ଦିଅ କାହିଁକି ? ତୁମ୍ଭେ ତ ସଂସାର ଜଞ୍ଜାଳରୁ ମୋତେ ମୁକ୍ତ କରିଦେଇଛ, ତୁମ୍ଭେ ତ ମୋତେ ପୂର୍ଣ୍ଣ ସୁଖ, ପୂର୍ଣ୍ଣ ଆନନ୍ଦ ଦେଇଛ , ତୁମ୍ଭରି ପ୍ରସାଦରେ ତ ଏ ଗରିବର ମାଟି କୁଡ଼ିଆରେ ସ୍ନେହ, ପ୍ରୀତି, ପୁଣ୍ୟ, ଶାନ୍ତି, ମମତା, ସାମ୍ୟ, ମୈତ୍ରୀ, ପବିତ୍ରତା, ଆତ୍ମୀୟତା ପ୍ରଭୃତି ସ୍ୱର୍ଗୀୟ ଫୁଲର ମଳୟ ସୌରଭ ଖେଳିବୁଲୁଛି । ତୁମ୍ଭେହିଁ ତ ମୋ ପ୍ରାଣରେ ଦୁର୍ଲଭ ଆନନ୍ଦ ଓ ଅପୂର୍ବ ସନ୍ତୋଷ ଢାଳିଦେଇ ମୋତେ ନିଶ୍ଚିନ୍ତ କରାଇଛ । ତୁମ୍ଭେହିଁ ତ ମୋତେ ତୁମ୍ଭ ପୂଜାର ପୂର୍ଣ୍ଣ ସୁବିଧା ଆଉ ଅବସର ଦେଇଛ । ପୁଣି ଚିତ୍ତବିନୋଦନର ଜୀବନ୍ତ ଯନ୍ତ୍ରସ୍ୱରୂପ ମୋର ଉମା ସୁନ୍ଦରୀକୁ ଆଣି ମୋତେ ଦେଇଥିଲ । ମୋର ଆଉ ଅଭାବ କଅଣ ଥିଲା ? ପୂର୍ଣ୍ଣ ସୁଖ ଆଉ କାହାକୁ କହନ୍ତି ? ମନୁଷ୍ୟପ୍ରାଣ ଏହାଠାରୁ ଅଧିକ କଅଣ ଖୋଜେ ? ଏତେ ସୁଖ, ଏତେ ଆନନ୍ଦ, ଏତେ ସୁବିଧା—ମୋ ପରି ଆଉ କାହାର ଥିଲା ? କିନ୍ତୁ ହାୟ, ମୋର ଏତେ ସୁଖସୌଭାଗ୍ୟ ତୁମ୍ଭେ ସହିନ କାହିଁକି ? ମୋର ଖେଳ କଣ୍ଢେଇଟି ଛଡ଼ାଇନେଇ ମୋର ପୂର୍ଣ୍ଣତାକୁ ତୁମ୍ଭେ ଅପୂର୍ଣ୍ଣ କରିଦେଲ, ଏଥି ବଳି ଦୋଷ କଅଣ ଅଛି ? ତୁମ୍ଭେ ସମସ୍ତଙ୍କୁ ସର୍ବଦା ପୂର୍ଣ୍ଣତା ଆଡ଼କୁ ନେଇଯାଅ; ମାତ୍ର କାହାରିକୁ ପରିପୂର୍ଣ୍ଣ କରାଇ-ଦିଅ ନାହିଁ ପ୍ରଭୁ ! ତୁମ୍ଭେ ଦେଇକରି ପୁଣି ଛଡ଼ାଇ-ନିଅ, ଏଥିରେ କି ତୁମ୍ଭଙ୍କୁ ଦତ୍ତାପହାର ଦୋଷ ସ୍ପର୍ଶ କରେ ନାହିଁ ? ତେବେ ମନୁଷ୍ୟ ପ୍ରତି କାହିଁକି ଭିନ୍ନ ବ୍ୟବସ୍ଥା ? ଦତ୍ତଦ୍ରବ୍ୟ ପୁନର୍ଗ୍ରହଣ କଲେ ନିରୀହ ଜୀବ ମନୁଷ୍ୟର ପାପ ହୁଏ କାହିଁକି ? ବଡ଼ଲୋକଙ୍କୁ ସବୁ ସୁନ୍ଦର ଛନ୍ଦ !

କହିବ ଅବା ବନ୍ଧନ କାଟିଦେଇ ନଚେତ୍ ଭାର ଓହ୍ଲାଇଦେଇ ମୋର ସୁବିଧା କରି ଦେଇଛ । ନାହିଁ, ସେ ବନ୍ଧନରେ ମୁଁ ତ କଷ୍ଟ ଅନୁଭବ କରି 'କାହୁଁ ମଧୁସୂଦନ' ଭାବ ଛଡ଼ ନାହିଁ; ବରଂ ସେ ବନ୍ଧନକୁ ଫୁଲ ପରି ମଧୁର କୋମଳ ସ୍ପର୍ଶ ମଣୁଥିଲି । ସେହି ବନ୍ଧନ ମୋର ମୁକ୍ତିଠାରୁ ଶ୍ରେୟସ୍କର ଥିଲା । ରତ୍ନ ହାରକୁ ଭାର ମଣି କେହି ଗଳାରୁ କାଢ଼ି ଫୋପାଡ଼ି-ଦିଏ କି ଭଗବାନ ? ଯାଉ ସେ କଥା, ଆଉ ତୁମ୍ଭ ଉପରେ ମାନ କରିବି ନାହିଁ । ଆପଣା ମାରିଲେ କି ଅଭିମାନ ଧରିଲେ ତ ତୁମ୍ଭ ହୃଦୟ ତରଳିବ ନାହିଁ କିମ୍ବା ମୋର ହଜି ରତ୍ନଟି ଫେରାଇଦେବ ନାହିଁ, ତେବେ ସହସ୍ର ଅଭିମାନରେ ଫଳ କଅଣ ? ତୁମ୍ଭେ ଅନନ୍ତ, ମହାନ୍ ପୁଣି ନିରାକାର । ଲୋକେ ତୁମ୍ଭର ମୂର୍ତ୍ତି କାହିଁକି କାଠ ପଥରରେ ଗଢ଼ନ୍ତି ? ମୋର ଗୋଟିଏ ସନ୍ଦେହ ଥିଲା, ଏବେ ସେ ସନ୍ଦେହ ଦୂର ହେଲା । ମୁଁ ଏବେ ବେଶ୍ ବୁଝିପାରୁଛି ଯେ, ଯାହାର ହୃଦୟ କାଠ ପଥର ପରି କଠିନ, ତାହାର ମୂର୍ତ୍ତି କାଠ ପଥରରେ ହିଁ ଗଢ଼ିବା ଉଚିତ । ଆଉ ମୋର ମା ତ ମାୟା-ମୋହର ବନ୍ଧନରୁ ମୁକ୍ତ ହୋଇଯାଇଛି, ତାହା ପାଇଁ ଶୋକ କରି ପୁଣି ସେହି ବଜ୍ରବେଡ଼ୀ ତାହା ଗୋଡ଼ରେ ଛନ୍ଦିବ ବା କାହିଁକି ? ମା ମୋର ତ ଉପରକୁ ଉଠିଯାଇଛି, ପୁଣି ତାକୁ ତଳକୁ ଟାଣିବାର ବିଫଳ ଚେଷ୍ଟା କାହିଁକି ବା କରିବି ? ସେ ଅଗ୍ନି ପରି ନିର୍ମଳ ହୋଇଯାଇଛି, ତାହାର ପୁଣ୍ୟ ଦେହରେ କଦର୍ଯ୍ୟ ମାୟା-ମୋହ-ପଙ୍କ ବୋଳି ନିଜେ ପାପ ଅର୍ଜନ କରିବି କାହିଁକି ? ଶାସ୍ତ୍ରକାରମାନେ କହନ୍ତି—

ଶ୍ଲେଷ୍ମାଶ୍ରୁ ବାନ୍ଧବୈର୍ମୁକ୍ତଂ,
ପ୍ରେତୋଭୁଙ୍କ୍ତେ ଯତୋଽବଶଃ ।

ଅର୍ଥାତ୍ ମୃତବ୍ୟକ୍ତିର ଆତ୍ମୀୟମାନେ ଶୋକ-ଜନିତ ଯେଉଁ ଶ୍ଲେଷ୍ମା ଓ ଅଶ୍ରୁ ପରିତ୍ୟାଗ କରନ୍ତି, ପରଲୋକଗତ ଆତ୍ମା ତାହାକୁହିଁ ଭୋଗ କରେ । ଭଗବାନ୍, ତୁମ୍ଭ ହୃଦୟ ଯେପରି ନିଷ୍ଠୁର, ତୁମ୍ଭ ଶାସ୍ତ୍ର-କାରମାନଙ୍କର ହୃଦୟ ବି ସେହିପରି ନିଷ୍ଠୁର । ସତେ କି ଆତ୍ମୀୟ ଶୋକରେ ଅଶ୍ରୁବିସର୍ଜନର ଫଳ ଏତେ ଦୂଷ୍ୟ—ଏତେ ନୀରସ ପ୍ରଭୁ ! ଅଶ୍ରୁ ଛଡ଼ା ସାନ୍ତ୍ୱନା ଦେବ କିଏ ? ଯେଉଁ ଅଶ୍ରୁ ଶୋକକୁ ବଢ଼ାଏ, ସେହି ଅଶ୍ରୁ ତ ସାନ୍ତ୍ୱନା ଆଣି ଦିଏ । ମନର କ୍ଲେଦରାଶି

କ୍ଷୋଭତାପରେ ତରଳିଯାଇ ଅଶ୍ରୁରୂପରେ ବାହାରି ନ ଗଲେ ମନୁଷ୍ୟ ବଞ୍ଚିବ କିପରି ? ପୂଜ, ଦୂଷିତ ରକ୍ତ ବାହାରି ନ ଗଲେ ଘା ଶୁଖିବ କି ହୁରି ?

ମନୁଷ୍ୟ ଦୁଇଦିନ ପାଇଁ ଏ ହୁତାଶ ପ୍ରବାସ ଭୂମିକୁ ଆସିଛି । ସେ ତୁମ୍ଭର ସୃଷ୍ଟ ଓ ତୁମ୍ଭେ ତାକୁ ପଠାଇଛ । ଏପରି ଅବସ୍ଥାରେ ତାକୁ ହନ୍ତସନ୍ତ କରିବା କଅଣ ତୁମ୍ଭର ଉଚିତ କାର୍ଯ୍ୟ ପ୍ରଭୁ ! ସେ ଦୁଇଟା ଦିନ ଟିକିଏ ସୁଖଶାନ୍ତିରେ କଟାଇ ତୁମ୍ଭଙ୍କୁ ପୂଜା କରିବାର ସୁବିଧା ପାଇବ । ଏହା ଛଡ଼ା ମନୁଷ୍ୟର ମୁଖ୍ୟ ଅଭିଳାଷ ଆଉ କଅଣ ଅଛି ? ତାକୁ ଏତିକି ସୁବିଧା ଦେବାକୁ ତୁମ୍ଭେ ଏତେ କୁଣ୍ଠିତ କାହିଁକି ? ତାହାର ଏତିକି କାମନା କି ତୁମ୍ଭର ଅସହ୍ୟ ପ୍ରଭୁ ? ତୁମ୍ଭେ ମନୁଷ୍ୟକୁ ନିର୍ଘାଟ ନିଷ୍ଠୁର ମରୁଭୂମିରେ ଛାଡ଼ିଦେଇ ନିରସ୍ତ ହୋଇ ନାହଁ, ତାହା ସଙ୍ଗେ ସଙ୍ଗେ ବିବିଧ ରୋଗ-ପୀଡ଼ା, ବିପଦ-ଆପଦ, ଚିନ୍ତା-ଭାବନା ପ୍ରଭୃତି ଶତ୍ରୁ-ଗୁଡ଼ାକ ପଠାଇଛ । ସେହି ତପ୍ତଭୂମିରେ ପଦେ ପଦେ ବାଧାବିଘ୍ନ ଲଙ୍ଘନ କରି ବାଟ ଚାଲିବା କେତେ ଦୁରୂହ ବ୍ୟାପାର, ତାହା କି ତୁମ୍ଭେ ନ ଜାଣ ଭଗବାନ ! ତୁମ୍ଭେ ତ ମନୁଷ୍ୟକୁ ନିରନ୍ତର ଦୁଃଖ ପରେ ବାର ଜାଗାରେ ନେଇ ଘୁଞ୍ଚାଉଛ, ତାହାର କି ବିଶ୍ରାମର ସ୍ଥାନ ନାହିଁ ? ଖାଲି ଯିବା ଆସିବା କଅଣ ତାହାର କାମ ? ବିଶ୍ରାମର ଯେଉଁ ବିଧାନ ତୁମ୍ଭେ କରିଛ, ତାହା ତ ଜନ୍ମେ ଦୁଇ ଜନ୍ମର କଥା ନୁହେଁ—ବହୁଜନ୍ମର ସାଧନାରେ ବିଶ୍ରାମ ମିଳିପାରେ; ମାତ୍ର ସାଧନାରେ ବହୁଜନ୍ମ କଟାଇଦେବା ଭଳି ବିରାଟ ଧୈର୍ଯ୍ୟ କ୍ଷୁଦ୍ର ମାନବର ଅତି କ୍ଷୁଦ୍ର ଧୈର୍ଯ୍ୟ କୋଷରେ ଥାଇପାରେ କି ପ୍ରଭୁ ? ସେହି ଯୁଗ-ବ୍ୟାପୀ କଠୋର ମହା ସାଧନା ତୁମ୍ଭ ପାଖରେ ରହି କରିବାର ବିଧାନ କରିଥିଲେ ମନ୍ଦ କଅଣ ହୁଅନ୍ତା ? କେବେ ବାର ଜାଗାରେ ଜନ୍ମ ଦେଇ ବାର ଭୂତ ଘାଣ୍ଟି ଚଖାଇବାରେ ଲାଭ କଅଣ ? ସେଥିରେ ବାଟ ଚାଲି ଚାଲି ମନୁଷ୍ୟ ଥକିପଡ଼େ ସିନା ! ଶ୍ରାନ୍ତ କ୍ଲାନ୍ତ ଲୋକର କେଉଁ କାର୍ଯ୍ୟରେ ଉତ୍ସାହ ଥାଏ ?

ହଉ ହେ, ତୁମ୍ଭେ ଯାହା ନିଅ, ତାକୁ ଆଉ ଫେରାଇଦିଅ ନାହିଁ—ଏହା ତୁମ୍ଭର ଅକାଟ୍ୟ ବ୍ୟବସ୍ଥା । ହେଉ, ତୁମ୍ଭ ମଙ୍ଗଳ ବ୍ୟବସ୍ଥା ସଫଳ ହେଉ । ଫେରାଇ ନ ଦେଲେ ନାହିଁ, ମାତ୍ର ଥରେ ଥରେ ଆଖି ଆଗରେ ଆଣି ସେହି ସୌମ୍ୟ ସୁନ୍ଦର ମୂର୍ତ୍ତିଟି ଦେଖାଇଦେଉଥିଲେ, ସେଥିରେ ତୁମ୍ଭର କ୍ଷତି କଅଣ ହୁଅନ୍ତା ? ଏ କଥାରେ ତୁମ୍ଭେ ଅବା ପଚାରିବ—ଯାହା ଯାଇଛି, ତାହା ତ ଚିରକାଳ ପାଇଁ ଯାଇଛି । ଯାହାକୁ ଆଉ ପାଇବାର ସମ୍ଭାବନା ଏକାବେଳକେ ନାହିଁ, ତାହାର ମୂର୍ତ୍ତି ଟିକିଏ ଦେଖିଲେ ତୋର କଅଣ ବା ଲାଭ ହେବ ? ହଁ—ପ୍ରଭୁ, ଲାଭ ମୋର ଯଥେଷ୍ଟ । ତୁମ୍ଭେ ତ ମନୁଷ୍ୟ ରୂପରେ ଅବତୀର୍ଣ୍ଣ ହୋଇଥିଲ ପ୍ରଭୁ ! ସୁତରାଂ ମନୁଷ୍ୟ ପ୍ରକୃତି ତୁମ୍ଭର ଅଜ୍ଞାତ ନୁହେଁ । ଏ ମାଟିର କି ଗୁଣ ଅଛି କେଜାଣି, ସେଥିରେ ଗୋଡ଼ ଲଗାଇଥିବା ଯାଏ ଯେ ଯେତେ ପଣ୍ଡିତ, ଯେତେ ଜ୍ଞାନୀ, ଯେତେ ଧୈର୍ଯ୍ୟଶୀଳ ହେଉ ପଛେ, ଯେତେ ଅନୁଭବୀ, ଯେତେ ଜାଣିବାର ଲୋକ ହେଉ ପଛେ, ଶୋକ ସମୟରେ ସେ ଏକଆଡ଼େ ମନକୁ ପ୍ରବୋଧ ଦେଉଁ ଦେଉଁ ଅନ୍ୟ ଆଡ଼େ ଅଜ୍ଞାତରେ ତାହା ଚକ୍ଷୁରୁ ଲୋତକ-ଧାରା ଝରିପଡ଼େ—ସେ ଅଶ୍ରୁର ଅବାରିତ ବେଗ ସମ୍ଭାଳିବାକୁ କାହାରି ବଳ ନାହିଁ । ମୁଁ ଯାହାକୁ ଭଲପାଏଁ—ପ୍ରାଣ ଯାହା ପାଇଁ ବ୍ୟାକୁଳ—ସଂସାର ଯାହା ଅଭାବରେ ଛୁଛ, ସେହି ପ୍ରାଣ-ପ୍ରତିମାକୁ ଦେଖିଲେ ଶୋକର ଆବେଗ ଟିକିଏ ଊଣା ପଡ଼ିବ । ଥରକୁ ଥର ଦେଖିବା ଦ୍ୱାରା ଆମ୍ଭର ବ୍ୟାକୁଳତା କ୍ରମେ ହ୍ରାସ ହୋଇ ସବ୍‌-ଶେଷରେ ମିଳାଇଯିବ । ମନୁଷ୍ୟର ପକ୍ଷ ଏହା ଅଭ୍ୟାସ-ଯୋଗ ହେବ ? ସ୍ୱୟଂ ତୁମ୍ଭେ ତ ଅଭ୍ୟାସ ମହାଯୋଗର ଭୂୟସୀ ପ୍ରଶଂସା କରିଛ । ମୁଁ ଅଜ୍ଞାନ ଜୀବ, ତପ, ଯଜ୍ଞ ପ୍ରଭୃତି ମୋର ଅସାଧ୍ୟ । ସୁତରାଂ ଅଭ୍ୟାସ ଯୋଗ ହିଁ ମୋ ପକ୍ଷରେ ସହଜ, ସୁଗମ୍ୟ । ମୁଁ ତାହାରି ଦ୍ୱାରା ଶୋକ, ତାପ ଭୁଲିଯାଇପାରିବି । ନୂତନ ବୁଦ୍ଧିରେ ମୋତେ ଏହି ବାଟ ଏକା ସରଳ ଦିଶୁଛି । ମୋର ଦୃଢ଼ ବିଶ୍ୱାସ ମୋ ପକ୍ଷରେ ନିଶ୍ଚୟ ଶ୍ରେୟସ୍କର ହେବ ।

ପ୍ରବାଦ ଅଛି—

ଦୃଢ଼ ଭଲରେ କି ମୂଢ଼ ଭଲରେ
ମଝିମଝିଆ ବୁଡ଼ିମଲେ ।

ଅର୍ଥାତ୍ ଯେ ଦୃଢ ବିଶ୍ୱାସୀ, ସେ ତରେ—ଯେ ମୃଢ ବିଶ୍ୱାସୀ ସେ ତରେ—ଆଉ ଯେ ଦୃଢ ନୁହେଁ ଅର୍ଥାତ୍ ଯାହାର ମନ ଦ୍ୱିଧାଗ୍ରସ୍ତ, ସେହି ସନ୍ଦେହ-ମନା, ଯୁକ୍ତିବାଦୀ, ତର୍କସର୍ବସ୍ୱ ଏହା ବୁଝମରେ। ଦୟା-ମୟ, ମୋର ସ୍ନେହପିତୁଲାଟିକୁ ଥରେ ଥରେ ମୋତେ ସ୍ୱପ୍ନରେ ଆଣି ଦେଖାଇଦିଅ—ଅଶ୍ରୁସିକ୍ତ ନେତ୍ରରେ, ବାଷ୍ପରୁଦ୍ଧ କଣ୍ଠରେ ମୋର ଏତିକି ପ୍ରାର୍ଥନା।

ହରି ହେ, ସେ ତୁମ୍ଭର ଜଣେ ପରମ ଭକ୍ତ ଥିଲା। ଭକ୍ତି ସେ ସଙ୍ଗରେ ଆଣିଥିଲା, ଅତି ଶୈଶବରେ ସେହି ଭକ୍ତି ତାହା କୋମଳ, ସରଳ, ନିର୍ମଳ ପ୍ରାଣରେ ଫୁଟି ଉଠିଥିଲା। ସେ ପ୍ରତ୍ୟହ ଖେଳ ଛଳରେ ତୁମ୍ଭର ପୂଜା କରୁଥିଲା। ଅଜ୍ଞାନ ଶିଶୁ ପୂଜା କଅଣ ଜାଣେ ନାହିଁ—ପୂଜା କାହିଁକି କରେ ବୁଝେ ନାହିଁ; ମାତ୍ର ପୂଜା କରେ। ମୁଁ ବାରମ୍ବାର ତାହାର ଅର୍ଥଶୂନ୍ୟ ପୂଜା ଦେଖି ମନ୍ତ୍ରମୁଗ୍ଧ ଏବଂ ଆତ୍ମବିସ୍ମୃତ ହୋଇ-ଅଛି। ଫୁଲଗୁଡ଼ିଏ ତୋଳି ଆଣି ରାମାୟଣ, ମହା-ଭାରତ, ଗୀତା ପ୍ରଭୃତି ଗ୍ରନ୍ଥ ଉପରେ ମନୋମତ ଭାବରେ ସଜାଇ ରଖି ବାରମ୍ବାର ପୂଜା କରେ ଓ ପ୍ରଣାମ କରେ। ବାଳକର ସେହି ନିର୍ବାଣୀ ପୂଜା ଦେଖି ପୃଥିବୀରେ ଥିଲି ପରି ଜ୍ଞାନ ହୁଏ ନାହିଁ। କି ଏକ ସ୍ୱର୍ଗୀୟ ଆନନ୍ଦ ଆସି ମନକୁ ଆଚ୍ଛନ୍ନ କରିପକାଏ। ନିର୍ବୋଧ ଶିଶୁର ଏହି କ୍ରିୟାସ୍ନାନ, ମନ୍ତ୍ର-ସ୍ନାନ, ଦ୍ରବ୍ୟସ୍ନାନ ଶୂନ୍ୟପୂଜା ମନକୁ ଯଥେଷ୍ଟ ଶାନ୍ତି ଦିଏ। ସେ ପୂଜା ଦେଖି ଅନେକ ଥର ତୁମ୍ଭଙ୍କୁ ଡାକି ମୁଁ କହିଛି—ହେ ଦୟାମୟ ହରି, ଅବୋଲ ବାଳକର ଏହି ପ୍ରୀତି ପୂଜା ତୁମ୍ଭେ ନିଶ୍ଚୟ ହାତ ବଢ଼ାଇଦେଇ ଗ୍ରହଣ କରୁଥିବ। ସହସ୍ରେ ଜ୍ଞାନୀର ପୂଜା ଏ ଆନନ୍ଦ-ମୟ ଶିଶୁ-ପୂଜା ନିକଟରେ ଆନ୍ତରିକତାରେ ତୁଚ୍ଛ। ଭଗବାନ୍, ତୁମ୍ଭେ ଅନ୍ତର୍ଯାମୀ, ଅସ୍ପଷ୍ଟବାକ୍ ଶିଶୁର ଅପ୍ରକଟ ମନୋଭାବ ତୁମ୍ଭେ ଏବା ବୁଝିପାରୁଥିବ। କାହିଁ, ତୁମ୍ଭ ପାଖରେ ତ ସେ କିଛି ପ୍ରାର୍ଥନା ବା ଅଳି କରୁ ନାହିଁ! ପୂଜା ଶେଷରେ ଜୁହାର ହୋଇ ଅମିୟ ମଧୁର ବାଣୀରେ ହାତ ଯୋଡ଼ି ଏତିକି କହୁଛି, —ଠାକୁର, ଜୁହାର! ଅହା କି ନିଷ୍କାମ ଭକ୍ତି! ଏରୂପ ଭକ୍ତି ଯେବେ ମୋର ହୃଦୟପ୍ରାଣରେ ଜାତ ହୁଅନ୍ତା, ତେବେ ମୁଁ ନିଜକୁ ଶତ ଧନ୍ୟ ଓ କୃତାର୍ଥ ମଣନ୍ତି। ଦୟାମୟ, ଯେ ତୁମ୍ଭଙ୍କୁ କିଛି ନ ମାଗେ, ତୁମ୍ଭେ ଯାଚିକରି ତାକୁ ସବୁ ଦିଅ। ତୁମ୍ଭର ପ୍ରିୟ ଭକ୍ତକୁ ତୁମ୍ଭେ ନିଜ କୋଳକୁ ଟାଣି ନେଇଛ, ଏହା ଅପେକ୍ଷା ଉତ୍କୃଷ୍ଟ ହୃଦୟ, ଉତ୍କୃଷ୍ଟ ଦାନ ଆଉ କଅଣ ହୋଇପାରେ? କ୍ଷୁଦ୍ର ଶିଶୁ ଅତୋଇ ଦିନରେ ତୁମ୍ଭର ପ୍ରୀତି ଆକର୍ଷଣ କରିପାରିଲା; ମାତ୍ର ମୁଁ ବାଲ୍ୟରୁ ବାର୍ଦ୍ଧକ୍ୟଯାଏଁ ତୁମ୍ଭଙ୍କୁ ଡାକି ଡାକି ମୋର କଅଣ ହେଲା? ତେବେ ମୋର ପୂଜା ପ୍ରକୃତ ପୂଜା ନୁହେଁ। ନ ହେଉ ପଛକେ ଶୋଚନା ନାହିଁ, ପୂଜାରେ ମୋର ଆନନ୍ଦ, ମୁଁ କେବଳ ପୂଜା କରୁଥିବି। ମୁଁ ତୁମ୍ଭ ପଦତଳେ ଭିକ୍ଷା ମାଗିବାକୁ ଯୋଗ୍ୟ ନୁହେ—ମାଗିବାର ଅଧିକାର ବି ନାହିଁ। ତୁମ୍ଭେ ପରମ ଦୟା-ମୟ, ଅକ୍ଷମ ଜାଣି ବେଳେ ବେଳେ ଦୟା କରିବ, ଏ ମହା ବିଶ୍ୱାସ ମୋର ଅଛି।

ମା ଉମା, ଏବେ ମୁଁ ବିଦାୟ ନେଉଛି; କିନ୍ତୁ ମନରେ ଗୋଟିଏ ଅପଶୋଷ ଦୁଃଖ ରହିଲା। ତୁ କିଏ ଚିହ୍ନିପାରିଲି ନାହିଁ। ତୁ କେଉଁ ଦୟାଳୁ ଦେବତା, ବାଳେ ବାଳେ ଆସି ମୋର ଉପକାର କରିଛୁ। କେତେଗୁଡ଼ିଏ କାମ ବି ମୋ ହାତରେ କରାଇଗଲୁ। ଆଜି "ଲୁନି ବହି" ଲେଖିଦେ, କାଲି 'ନୂଆ ବହି" ଲେଖିଦେ—ଏହିପରି ଖେଳ ଗୀତ, ହସ ଗୀତ, ବାଘ ଭାଲୁ ଗପ, ଛଟା, ଢଗ ପ୍ରଭୃତି କେତେ ଫରମାସ ଦେଇ ମୋ ହାତରେ ଲେଖାଇଛୁ। ଏହା ସବୁ କାହିଁକି କଲୁ, ତାହା ତୁହି ଜାଣୁ। ତୋତେ ମୁଁ ଚିହ୍ନିପାରି ନାହିଁ; କିନ୍ତୁ ତୁ ମାନବୀ ନୋହୁ। ଏତେ ମାୟା, ମମତା, ସ୍ନେହ, ପ୍ରେମ ମନୁଷ୍ୟ କରିପାରେ ନାହିଁ ମା! ତୁ ମୋର ଘରେ ବାହାରେ ମଧୁର ବାଳୋତ୍ସବ ଅହର୍ନିଶ ଲଗାଇଥିଲୁ। ତୋତେ ମୁଁ ଚିହ୍ନିପାରିଥିଲେ ସେ ତୋର ଉପଯୁକ୍ତ ଅର୍ଚ୍ଚନା କରିପାରିଥାନ୍ତି, ଏହା ମୁଁ ଗର୍ବ କରି କହୁ ନାହିଁ। ଅର୍ଚ୍ଚନା କରି ନ ପାରେ ପଛେ; ମାତ୍ର ପ୍ରାଣପଣେ ଚେଷ୍ଟା କରିଥାନ୍ତି। ମୁଁ

ପର ମାଟିରେ ଅଛ ମା, ମାଟିର ମନୁଷ୍ୟ ମାଟି ଆଖିରେ ତୋତେ ଚିହ୍ନିବ କିପରି ? ଆଉ ତୋ ଲାଗି ଦୁଃଖ କରିବି ନାହିଁ ମା ! ତୋତେ ଭଗବାନଙ୍କ ଶ୍ରୀଚରଣରେ ଅର୍ପଣ କରିସାରିଛି, ଏଣିକି ଦୁଃଖ କଲେ ଦାନରେ ଦାବୀ କରିବା ଦୋଷ ଘଟିବ । ତୁ ପୁଣ୍ୟମୟ ଓ ଆନନ୍ଦମୟ ମହାଧାମରେ ଆନନ୍ଦମୟ ଭଗବାନଙ୍କ ପାଦ ତଳେ ମହିମାମୟୀ ରାଜରାଜେଶ୍ୱରୀ ରୂପରେ ବିରାଜମାନ କର—ମୋର ଏହି ଆଶୀର୍ବାଦ ମା !

ଶାନ୍ତିଃ — ଶାନ୍ତିଃ — ଶାନ୍ତିଃ

[ ୨ ]

ମା ଉମା, ଅଳ୍ପ ବାରଦିନ ହେଲା ତୁ କେଉଁଠି ଯାଇ ରହିଲୁ ମା ! ସେ ସୁନ୍ଦର ମୁଖ, ସେ ସୁନ୍ଦର ଠାଣି କେଉଁଠି ନେଇ ଲୁଚାଇ ରଖିଲୁ ମା ? ତୋତେ ଦେଖି ମୁଁ ସବୁ ଯାତନା, ସବୁ ଆଘାତ ଭୁଲି-ଯାଉଥିଲି; ଭାବୁଥିଲି—ଏ ନିଃସଙ୍ଗ ପ୍ରବାସରେ ତୁହି ଏକା ମୋର । ଧ୍ରୁବ ତାରା ପରି ତୋତେ ଏକା ଲକ୍ଷ୍ୟ କରି ମୋର ଜୀବନ୍ତ ଜୀବନ-ତରଣୀ ଉତ୍ତାଳ ତରଙ୍ଗ-ମୟ ସଂସାର-ସମୁଦ୍ର ବକ୍ଷରେ ହସି ହସି ଛାଡି ଦେଉଥିଲି; ଭାବୁଥିଲି ତୋହରି ଉପରେ ଏକା ମୋର ସମ୍ପୂର୍ଣ୍ଣ ଅଧିକାର । କାହିଁକି ନା, ତୁ ମୋର ଉମା-ମୋର ପ୍ରାଣର ଉମା । ତୁ ତୋର ବାପମାର ନୋହୁ କି ଆଉ କାହାର ନୋହୁ, ତୁ ମୋର, ଏକା ମୋର । ସେ ମୋହର ଉପଯୁକ୍ତ ଶାସ୍ତି ମୁଁ ଏବେ ଭୋଗ କରୁଛି ମା ! ତୁ ଶିଶୁ, ଏ ବୁଢାର ହୃଦୟ ଜ୍ୱାଳା ତୁ ବୁଝିପାରୁ ନାହୁଁ । ମୁଁ ଯାହା ଲେଖୁଛି, ତାହା କାହିଁରେ ଲେଖୁଛି ଜାଣୁ ? ପଞ୍ଜରାରୁ ଖଣ୍ଡେ ହାଡ ଭାଙ୍ଗି ଆଣି ତାକୁ କଲିଜାର ରକ୍ତରେ ବୁଡାଇ ଲେଖୁଛି । ତୋହରି ପାଇଁ ମୁଁ ଜୀବିତ ଥିଲି, ଆଉ ବଞ୍ଚି ରହିବାରେ ଫଳ କଅଣ ? ଆଉ କାହା ଲାଗି ବା ବଞ୍ଚିବି, ପୁଣି କାହିଁକି ବା ବଞ୍ଚିବି ? କିନ୍ତୁ ଜୀବନକୁ ଫିଙ୍ଗିଦେବାର ତ ଉପାୟ ନାହିଁ ! ସୁତରାଂ ସେ ପଥ ବଜ୍ରକଠୋର ପାଷାଣରେ ରୁଦ୍ଧ । ତେବେ କଅଣ କରିବି ? ନା, କିଛି ନା, ସବୁ ନୀରବରେ ସହିଯିବି—ଏହାହିଁ ସହଜ ଉପାୟ । ତାହା କି ଅସି ଘଟିଲାଣି ମା ! ସବୁ ତ ସହିଯାଉଛି, ତୋର ଶୋକଟା ବା କେତେ ଦିନ ଥାନ୍ତା ? ହାୟ, ନିଷ୍ଠୁର ହୃଦୟ ! ତୁ ପାଷାଣ, ନିର୍ମମ ସଂସାର, ତୁ ପୋଡି ଯା । ଆଉ ଠକ ସ୍ନେହ, ତୁ ମରିଯା । କଅଣ କହିବି ମା, ମୁଁ ତୋତେ କି ପାଶୋରିବାକୁ ବସିଲିଣି । କାହିଁ ପ୍ରଥମ ଦିନର ଶୋକ, ହା-ହୁତାଶ, ଅଶ୍ରୁ-ପ୍ରବାହ କ୍ରମଶଃ ଦିନକୁ ଊଣା ହୋଇ ଆସିଲା ମା ! ସେ ମାୟା, ସେ ମୋହ, ସେ ସ୍ନେହ, ସେ ମମତା ସବୁ କୁଆଡେ ଉଭେଇ-ଗଲା । ଯେଉଁଗୁଡାକ ଲାଗି ମୁଁ ଏତେ ବ୍ୟାକୁଳ ହେଉଥିଲି, ଏବେ ଜାଣିଲି—ସେଗୁଡାକ ଛୁଞ୍ଛା ଭେଳିକିବାଜି । ସେଗୁଡାକ ମୋତେ କି ନିର୍ଦ୍ଦୟ ପରିହାସ କଲେ ! ତାଙ୍କ ସଂସର୍ଗର ଫଳ ଏତିକି ହେଲା ଯେ—ଲଜ୍ଜାରେ, କ୍ଷୋଭରେ ମୁଣ୍ଡ ତଳକୁ ହେଲା । ସେହି କ୍ଷଣସ୍ଥାୟୀ ଉତ୍ତେଜନାର ବ୍ୟର୍ଥ ବିକାରଗୁଡାକ ମାଟିରୁ ବାହାରିଥାଏ, ପୁଣି ମାଟିରେ ମିଶି ମାଟି ହୋଇଯାଏ । ମନୁଷ୍ୟକୁ ବିଧାତା କେତେ ବେଶ ପିନ୍ଧାଇ, କେତେ ସ୍ୱାଙ୍ଗ ରୂପରେ ସଜାଇ ନଚାଏ—ହସାଏ—କନ୍ଦାଏ, ପୁଣି ସବୁ କୁଆଡେ ମିଳେଇଯାଏ । ସେହି ସ୍ନେହ, ମୋହ ପ୍ରଭୃତି ଅସଭ୍ୟ ଇତରଗୁଡାକ ଦାନ୍ତ ଦେଖାଇ ହସି ବିଦ୍ରୂପ କରି ବୁଲନ୍ତି । ସେ ଲାଞ୍ଛନା, ସେ ଅପମାନରେ ମର୍ମସ୍ଥଳ ବିନ୍ଧିଉଠେ ମା !

ଛି, ମନୁଷ୍ୟ ଏଡେ ଭ୍ରାନ୍ତ, ଏଡେ ନିର୍ବୋଧ, ଏଡେ ନିର୍ଲଜ୍ଜ ଯେ, ସେହିମାନଙ୍କ ଶିଖାଣରେ ପଡି ନିଜକୁ ସେ ଭୁଲିଯାଏ । ଅଧିକ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ମନୁଷ୍ୟ ସେହି ପ୍ରତାରକମାନଙ୍କଦ୍ୱାରା ବାରମ୍ବାର ପ୍ରତାରିତ ହୋଇ ମଧ୍ୟ ବେଳେ ବେଳେ କୁକୁର ପରି ସେମାନଙ୍କ ପଛେ ଗୋଡାଇଥାଏ । ହାୟ, ମନୁଷ୍ୟଙ୍କୁ ଲୋକହସା କରି ହଟହଟାରେ ପକାଇଲେ କି ବିଧାତାର ଏତେ ଆନନ୍ଦ ହୁଏ ? ଅନେକ ଥର କହେ—ସ୍ନେହଟା ବଡ ଦଗାଦିଆ କୁସଙ୍ଗୀ, ଆଉ ତାହାର ପାଖ ପଶିବି ନାହିଁ ; କିନ୍ତୁ ମା, ଚଣ୍ଡାଳ ସ୍ନେହ ବଳେ ବଳେ ଅସି ମୋତେ ଜାକିଧରେ । ସ୍ନେହକୁ ଭୁଲିଲେ, ତୋତେ ଭୁଲନ୍ତି; ମାତ୍ର ତାହା ପାରୁଛି କାହିଁ ? ତୋର ଠାକୁର ପୂଜା, ତୋର ସୁନ୍ଦର ଫୁଲ ହାତ

ଅଖଣ୍ଡ ସବୁବେଳେ ଆଖି ଆଗରେ ନାଚି ବୁଲୁଛି । ତୁ ଯେତେବେଳେ ଠାକୁରଙ୍କୁ ଦେବା ପାଇଁ ତୋର ଫୁଲ ହାତରେ ଫୁଲଟିଏ ଧରୁ, ସେତେବେଳେ ଫୁଲ ଉପରେ ଫୁଲ ଫୁଟିଲା ପରି ଦିଶେ । ଠାକୁରଙ୍କ ଶ୍ରୀଚରଣରେ ଦୁଇଟି ଫୁଲ ଏକା ଥରକେ ଉତ୍ସର୍ଗ ହୁଏ । ତୋର ସ୍ନିଗ୍ଧ କୋମଳ ହାତଟି ତ ଗୋଟିଏ ସ୍ୱର୍ଗୀୟ ସୁନାଫୁଲ । ତୁ ଆଉ ଅନ୍ୟ ଫୁଲ କାହିଁକି ଦେଉ ମା ? ସେ ହାତର ମଧୁର ସ୍ପର୍ଶ ପରି ଫୁଲ ସ୍ପର୍ଶ ହେବ ନାହିଁ ମା ! କିନ୍ତୁ ହାୟ, ତୋର ମୃତ୍ୟୁବେଳେ ଦେଖିଛି ମା, ତୋର ଫୁଲ ପରି ସୁନ୍ଦର ଛୋଟ ହାତ ଦୁଇଟି ଛିନ୍ନଲତା ପରି ଅବଶ ହୋଇ ପଡ଼ିଲା । ସୁଗୋଲ, ସୁଢଳ, ସୁଦୃଢ଼ ମସ୍ତକଟି ଛିନ୍ନ ମୃଣାଳ ପଦ୍ମଫୁଲ ପରି ବିଛଣାରେ ଢଳିପଡ଼ି ଲୋଟିଲା । ଆଉ ସେ ନିଦାରୁଣ ଦୃଶ୍ୟ ଦେଖି ମୋର ଆଖି ଫୁଟି ନ ଯାଇ ଅକ୍ଷତ ରହିଲା—ଏହାଠାରୁ ବଳି ଆଶ୍ଚର୍ଯ୍ୟ କଅଣ ହୋଇପାରେ ? ମନୁଷ୍ୟର ଆଖି ଲୁହାରେ ଗଢ଼ା । ସେ ସବୁ ଅଗ୍ନି ଦୃଶ୍ୟ ସହିପାରେ । ମୁଁ ଅନର୍ଗଳ ଅଶ୍ରୁଧାରା ବି ଉଦ୍‌ଗାର କରିପାରେ । ତାହାର ଅସହ୍ୟ କିଛି ନାହିଁ । ଯେଉଁ ସଂସାରର ଏହା ଖେଳ, ସେ ସଂସାର ପାଦରେ ତୁ ଦୂରରୁ ଜୁହାର କରି ଯାଇଛୁ ମା—ତୁ ଭାଗ୍ୟବତୀ ।

ତୋର ସ୍ନେହର ଶାସନ କି ମଧୁର ମା ! ଜଳଖିଆ ଥୋଇ ବସି ମୋତେ ଖାଇବାକୁ ଡାକୁ; ମାତ୍ର ମୁଁ ମନା କଲେ ତୁ କଅଣ କହୁ ? କହୁ ପରା—"ନ ଖାଇଲେ ମୁଁ କାନ୍ଦିବି ।" ଏହି କଥା ପଦକରେ କି ଅମୃତ ଅଛି—କି ଅଗାଧ ସ୍ନେହ ଅଛି—କି ଗଭୀର ଆତ୍ମୀୟତା ଅଛି, ତାହା ଭୁକ୍ତଭୋଗୀ ଛଡ଼ା ଆଉ କିଏ ବୁଝିବ ? ତୋର ଏ କଥା ଶୁଣି ମୋ ବୁଦ୍ଧି ବଣା ହୋଇଯାଏ । କାନ୍ଦିବା ତ ତୋର ଅବ୍ୟର୍ଥ ବ୍ରହ୍ମାସ୍ତ୍ର ! ସେଥିରେ ମୋର ନାହିଁ କରିବା କୁଆଡ଼େ ଧୂଳି ହୋଇ ଉଡ଼ିଯାଏ । ଏଭଳି ମଧୁର ଶାସନ ଯାହା ଭାଗ୍ୟରେ ଘଟିଛି, ତାହାଠାରୁ ଭାଗ୍ୟଧର କିଏ ! ସେହି ସିନା ମର୍ତ୍ତ୍ୟରେ ଅମୃତ ଭୋଗର ଅଧିକାରୀ । ପ୍ରବଳ ରାଜ୍ୟ-ଶାସନ ଅନ୍ୟଥା ହୋଇପାରେ; ମାତ୍ର ସ୍ନେହର ଶାସନ ଅନ୍ୟଥା କରିବାକୁ ଶକ୍ତି କାହାର ଅଛି ? ସ୍ନେହର ଶାସନ ପାଖରେ ମସ୍ତକ ସ୍ୱତଃ ଅବନତ ହୋଇପଡ଼େ । ଏହି ସବୁ କଥା ମନରେ ପଡ଼ିଲେ ମନ କଅଣ ହୁଏ ? ହରି ହେ, ମୋତେ ଏ ପ୍ରାଣଫଟା ଦୃଶ୍ୟ ଆଣି ଦେଖାଉଛ କିଏ ? ତୁମ୍ଭେ ନା ତୁମ୍ଭର ସେହି ମାୟା ? ନିଜେ ଆଣି ଦେଖାଇ, ପୁଣି ତାକୁ ଭୁଲିଯିବାକୁ କହୁଛ ? ଏ କିପରି ବିଷମ ସମସ୍ୟାର କଥା ପ୍ରଭୁ ! ଯାହାକୁ ଯେ ଦେଖେ, ତାକୁ ସେ ଭୁଲିବ କିପରି ? ତୁମ୍ଭର ଏ ସୃଷ୍ଟିରେ ତୁମ୍ଭେ ସମସ୍ତଙ୍କୁ ସବୁବେଳେ ଦେଖୁଛ, କାହିଁ ବେଳେ ହେଲେ କାହାରି ଭୁଲିପାରୁଛ କି ? ସବୁ କଥା କି ତୁମ୍ଭର ଛଳ ଶ୍ଳେଷରେ ପୂର୍ଣ୍ଣ ! ନିଜେ ଯାହା ନ ପାରିବ, ଅନ୍ୟକୁ ତାହା କରିବାକୁ କହିବାଟା କଅଣ ପ୍ରଭୁପଣ ହେ ମହାପ୍ରଭୁ ! ମୂର୍ତ୍ତିଟିକୁ ତ ତୁମ୍ଭେ ନେଇଯାଅ, ଆଉ ସ୍ମୃତିଟି ରଖିଯାଅ କାହିଁକି ? ସ୍ମୃତି ଯେଉଁ ଯନ୍ତ୍ରଣା ଦିଏ, ତାହା କି ତୁମ୍ଭେ ଅନୁଭବ କର ? କାନ୍ଦିଲେ ଅବା ସେ ଯନ୍ତ୍ରଣାରୁ ନିସ୍ତାର ମିଳନ୍ତା; ମାତ୍ର ତୁମ୍ଭେ କନ୍ଦାଇଦେଉଛ କାହିଁ ? ଯେତେ ଦିନଯାଏ କାନ୍ଦିପାରୁଥିଲି, ସେତେ ଦିନଯାଏ ବେଦନା ଊଣା ଥିଲା । ଏବେ ତ ଆଉ କାନ୍ଦିପାରୁ ନାହିଁ, ଶୋକର ତୀବ୍ର ଉତ୍ତାପରେ ଅଶ୍ରୁ-ଝରଣାର ଧାର ମରିଗଲାଣି ବା ମୋ କେଉଁ ଦୁରନ୍ତ ଅପଦେବତା ଅଶ୍ରୁଝରର ମୁହଁରେ ପ୍ରକାଣ୍ଡ ପାଷାଣ ଥୁପା ଦେଇ ସ୍ରୋତ ରୁଦ୍ଧ କରି ଦେଇଛି । ଆଉ ତ କାନ୍ଦି-ପାରୁ ନାହିଁ । ହାୟ, ଏ ଦୁଃଖ, ଏ ବ୍ୟଥା, ବେଦନା କେଉଁଠି ରଖିବି ? ପ୍ରଭୁ, ମୋତେ କାନ୍ଦିବାକୁ ଦିଅ, ସେଥିରେ ମୋର ଶାନ୍ତି ଅଛି—ସାନ୍ତ୍ୱନା ବି ଅଛି । କାନ୍ଦିବା ସୁଖ କଅଣ ତୁମ୍ଭେ ଜାଣ ନାହିଁ ହରି ! ଜାଣିବ ବା କାହିଁକି ? ତୁମ୍ଭେ ତ ଚିର ଆନନ୍ଦମୟ । କାନ୍ଦିବା ମାହାତ୍ମ୍ୟ ବୁଝିବା ତୁମ୍ଭ ପକ୍ଷରେ ସମ୍ଭବ ନୁହେଁ । ଯେ କାନ୍ଦି ନ ଜାଣେ, ସେ ସଂସାରରେ ଜୀବନର ଗୋଟିଏ ପ୍ରଧାନ ସୁଖରୁ ବଞ୍ଚିତ । ଦୀନବନ୍ଧୁ, ମୋତେ କାନ୍ଦିବା ପାଇଁ ଶକ୍ତି ଦିଅ ଓ ଅବକାଶ ଦିଅ । ମୁଁ ପ୍ରାଣ ଭରି କାନ୍ଦେ । ତୁମ୍ଭର ଏ ସେବକ ହାସ୍ୟରଙ୍କ ନୁହେଁ ପ୍ରଭୁ ! ଅନେକ ଥର ଅନେକ କଥା କଳ୍ପନା କରେ, ମାତ୍ର ଶେଷରେ କିଛି କୂଳକିନାରା ପାଏ ନାହିଁ ।

ଅତୀତର ଅତଳ ଗର୍ଭସ୍ଥ ମହା-ଯବନିକା ଟେକି କିଏ ଦେଖାଇବ ? କିଏ କହିବ ସେ ପୂର୍ବଜନ୍ମରେ ମୋର କଅଣ ଥିଲା ? ତେବେ କଅଣ ଶତ୍ରୁ ଥିଲା ? ସେ ଜନ୍ମର ପ୍ରତିଶୋଧ ନେବାକୁ ଅକ୍ଷମ ହୋଇ ଜନ୍ମାନ୍ତରରେ ବି ତାହା ନ ପାଶୋରି ଛଦ୍ମବେଶରେ ଆସି ଶତ୍ରୁତା ସାଧନ କରି ଗଲା ! ବ୍ୟାଜ ସ୍ନେହରେ ମୋର ଆପାଦମସ୍ତକ ଛନ୍ଦି ମୋର ବକ୍ଷର କ୍ଷତ କରି ଚାଲିଗଲା । ଯେଉଁ ମନସ୍ତାପ ଦେଇଗଲା, ତାହା ଶୀତଳ ହେବାର ନୁହେଁ ଅଥବା ମୁଁ ତାହାର ଋଣୀ ଥିଲି, ସେ କୌଶଳରେ ଋଣ କଳନ୍ତର ପରିଶୋଧ କରିନେଇ ଚାଲିଗଲା । ଋଣୀ ଥିଲେ, ମୁଁ ତାହା ଥିବି ସିନା; ମାତ୍ର ସେ କଦାପି ମୋର ଋଣୀ ନୁହେଁ । ସେ ଋଣୀ ଥିଲା ବୋଲି ମୋର ବିବେକ ଦେବତା ଶତ ବାର କହିଲେ ସୁଦ୍ଧା ମୁଁ ତାକୁ ବିଶ୍ୱାସ କରିବି ନାହିଁ । କେହି ତମ୍ବା ତୁଳସୀ, ଶାଳଗ୍ରାମ ଧରି କଠୋର ନିୟମ ପଢାଇ କହିଲେ ବି ମୁଁ ମାନିବି ନାହିଁ । ମୁଁ ଜାଣେ ସେ ନିଷ୍ଠୁର ଦେବତା ଥିଲା । ଦେବତା କି କେବେ କାହାର ଋଣୀ ହୋଇପାରନ୍ତି ?

ଫେରି ଫେରି, ଗୋଟାଏ କଥାରେ ମନରେ ଭାରି ସନ୍ଦେହ ହୁଏ । ମନୁଷ୍ୟ ଏ ପାଖକୁ ଆସି ଯେପରି ଗୋଟାଏ ପରିବାରର ଆଶ୍ରୟ ପାଏ, ସେ ପାଖକୁ ଗଲେ ସେହିପରି ଗୋଟାଏ ପରିବାର ପାଏ କି ? ତାହା ଯଦି ପାଉଥାଏ, ତେବେ ମୋର ଉମା ବି ତ ଗୋଟାଏ ଆଶ୍ରୟ ପାଇଥିବ ! ଗୋଟାଏ ପରିବାର ବି ତ ତାକୁ ଆପଣାର କରି ନେଇଥିବ ? ତେବେ ତାହା ଲାଗି ମୋର ଚିନ୍ତା ବା ଦୁଃଖ କାହିଁକି ? ସେ ଯେଉଁଠି ଯାହା ପାଖରେ ଥାଉ, ସୁଖରେ ଥିଲେ ତେତିକି ମୋର ପରମ ସୁଖ । ଜ୍ଞାନୀ, ପଣ୍ଡିତମାନେ ଏ କଥାରେ ହସନ୍ତୁ ପଛକେ—ମୋର ଏ ସିଦ୍ଧାନ୍ତକୁ ଅଦ୍ଭୁତ ସିଦ୍ଧାନ୍ତ କହି ଉଡାଇଦେଉନ୍ତୁ ପଛେ; ମାତ୍ର ମୋର ଯେତିକି ଜ୍ଞାନ, ଯେତିକି ବିଶ୍ୱାସ, ମୁଁ ସେହି ଅନୁପାତରେ କହୁଛି । ମୋତେ ଯାହା ଦିଶିଲା, ମୁଁ କହିଲି । ତାହା ଭୁଲ ହେଲେ ବି ମୋର ଶୋଚନା ନାହିଁ । ଜନ୍ମ ମୃତ୍ୟୁର ନିଗୂଢ ରହସ୍ୟ କିଏ ଭେଦ କରିପାରିବ ? ଜୀବସୃଷ୍ଟି ରୂପ ଜାଲର ଆଦ୍ୟ କେଉଁଠି ଆରମ୍ଭ ହୁଏ, ପାଣି ପଇ ପରି ଜୀବସୃଷ୍ଟି କେଉଁଠୁ ଉଠିଆସି ପୁଣି କେଉଁଠିକି ଉଡିଯାଏ, ତାହା କିଏ ଦେଖିଛି ? କେଉଁଠି କେଉଁ କାରଖାନାରେ ଜନ୍ମମୃତ୍ୟୁ ଗଢାହୁଏ, ସେ ଅଜ୍ଞାନ ରାଜ୍ୟର କଥା କିଏ କପରି କହିପାରିବ ? ଜନ୍ମମୃତ୍ୟୁ ସତ କି ମିଛ—ପ୍ରକୃତ କି ସ୍ୱପ୍ନର ବିକାର, ସ୍ଥୂଳରେ ଜନ୍ମ ମୃତ୍ୟୁ ବୋଲି କିଛି ଅଛି କି ନାହିଁ, ତାହା କିଏ ଜାଣେ ? କି ଜଟିଳ ଗୋଲକଧନ୍ଦା ତୁମ୍ଭେ ସୃଷ୍ଟି କରିଛ ପ୍ରଭୁ ? ତାହା ଭିତରେ କିଏ ବାଟ ପାଇବ ? ଶାସ୍ତ୍ର ପୁରାଣ ତ ଅନୁଭବର କଥା ନୁହେ—ଅନୁମାନର କଥା । ସେହି ଶୂନ୍ୟମୟ ଅନୁମାନ ଉପରେ ଦୃଢ ନିର୍ଭର କରି ହୁଏ ନାହିଁ । ମନୁଷ୍ୟ ବଡ଼ ଦାର୍ଶନିକ ଜାତି । ସେ ଦୃଷ୍ଟ ଛଡା ଅଦୃଷ୍ଟକୁ ସ୍ୱୀକାର କରେ ନାହିଁ । ସେ ଯାହା ଦେଖେ, ତାକୁ ସତ ମଣେ; ଅଦେଖା ପ୍ରତି ତାହାର ଅବିଶ୍ୱାସ ସ୍ୱାଭାବିକ ।

ଧର୍ମର କଷଣ ସବୁ ଯୁଗରେ ଅଛି ପ୍ରଭୁ ! ବଳି ରାଜା ଧର୍ମ ଧରି ପାତାଳକୁ ଗଲା, ଦଶରଥ ଧର୍ମରକ୍ଷା କରି ପ୍ରିୟ ପୁତ୍ର-ବିଚ୍ଛେଦରେ ପ୍ରାଣତ୍ୟାଗ କଲେ—ଏପରି ଦୃଷ୍ଟାନ୍ତ ଆହୁରି ଅନେକ ଅଛି । ଧର୍ମ କଅଣ ବା ଧର୍ମସାଧନର ଉତ୍କୃଷ୍ଟ ପନ୍ଥା କଅଣ, ତାହା ମୁଁ ଜାଣେ ନାହିଁ, ବା ଜାଣିବା ଭଳି ଜ୍ଞାନ ଶକ୍ତି ମୋର ନାହିଁ । ଧର୍ମ ମହାନ୍ ମୁଁ କ୍ଷୁଦ୍ର—ସୁତରାଂ ଧର୍ମକୁ ସମ୍ପୂର୍ଣ୍ଣ ଧାରଣା କରିବି କପରି ? ତଥାପି ମୋଟା ବୁଦ୍ଧିରେ ମୋଟାମୋଟି ବୁଝିଛି ଯେ, "ହିଂସା, ଲୋଭ ଓ ଗର୍ବ ନ କରିବା, ମିଛ ନ କହିବା, ଈଶ୍ୱର ବିଶ୍ୱାସ କରିବା—ଏହାହିଁ ଧର୍ମ, ଏତିକିମାତ୍ର ମୁଁ ଜାଣେ । ମୋର ଧର୍ମ ଏହି କ୍ଷୁଦ୍ର ଗଣ୍ଡି ମଧ୍ୟରେ ଆବଦ୍ଧ, ଅଜ୍ଞାତ ମଧ୍ୟରେ ପଶି ଖୋଜୁଛି; ମାତ୍ର ନିଜର ଜ୍ଞାନକୃତ ଅଧର୍ମ କିଛି ପାଉ ନାହିଁ । ଆଉ ଅଜ୍ଞାନରେ କଅଣ ହୋଇଥିବ, ତାହା ସେହି ଅଜ୍ଞାନ ଜାଣେ—ସେଥିପାଇଁ ସେହି ଏକା ସମ୍ପୂର୍ଣ୍ଣ ଦାୟୀ । ତେବେ ମୋତେ ଦେଇଥିବା ରତ୍ନଟି ଛଡାଇନେଲ କେଉଁ ଅପରାଧରେ ପ୍ରଭୁ ? ଧର୍ମ ବାଟରେ ଚାଲୁ ଚାଲୁ ଦଣ୍ଡ ପାଇଲେ ମନୁଷ୍ୟର ଭଳ ଭଳ ତରଳ ଚଞ୍ଚଳମତି ବିଚଳିଯିବା ଅସମ୍ଭବ କଅଣ ? ଏହାକୁ ତୁମ୍ଭେ ପରୀକ୍ଷା ବୋଲି କହିପାର; ମାତ୍ର ତାହା କଠିନ କଥା ।

ତୁମ୍ଭେ ତ ମୋର ପ୍ରାଣର ପରମ ସଖା । ତୁମ୍ଭେ ଯାହା ଶିଖାଇବ, ମୁଁ ତାହା ଶିଖିବ । ଆଉ ଅଧିକ ଗୋଟିଏ ମାହାକଣ ପରୀକ୍ଷା କଅଣ କରିବ ? ଧୈର୍ଯ୍ୟ ଶସ୍ତ୍ରର ପରୀକ୍ଷା କି ? ତୁମ୍ଭେ ଯେତିକି ଦେଇଛ, ମୁଁ ତାହାଠାରୁ ଅଧିକ ଆଉ କେଉଁଠୁ ଆଣିବ ? ଯେବେ ନିତାନ୍ତ ପରୀକ୍ଷା ନ କଲେ ନ ଚଳେ, ତେବେ ଏତେ କଠୋର ପରୀକ୍ଷା ଛଡ଼ା ଆଉ କିଛି କଅଣ ଥିଲା ନାହିଁ ? ତୁମ୍ଭର ଉଦ୍ଦେଶ୍ୟ ତୁମ୍ଭେ ଏକା ବୁଝ ପ୍ରଭୁ !

ପ୍ରଭୁ, ତାଙ୍କୁ କିଛି ଉପହାର ଦେବା ସକାଶେ ପ୍ରାଣ କାନ୍ଦୁଛି । କିନ୍ତୁ ସେ ତ ଚିର ପବିତ୍ର, ପୁଣି ବର୍ତ୍ତମାନ ପବିତ୍ର ଧାମରେ—ପବିତ୍ର ମେଳରେ ଅଛି । ପାର୍ଥିବତାରେ କଳୁଷିତ ମୋର ଉପହାର ସେ ଗ୍ରହଣ କରିବ କାହିଁକି ? ତେବେ ଗୋଟିଏ ଆଶା ଅଛି ଯେ, ତୁମ୍ଭର ହସ୍ତରେ ସେ ଉପହାରଟି ଦେଇପଠାଇଲେ, ତୁମ୍ଭ ପୁଣ୍ୟକର ସ୍ପର୍ଶରେ ତାହା ପବିତ୍ର ହୋଇଯିବ; କିନ୍ତୁ କି ଅପୂର୍ବ ଚିଜ ଉପହାର ଦେବି ? ସେ ଯେଉଁ-ଠାରେ ଅଛି, ସେଠାରେ କଅଣ ଅବା ତୁଟିବ ? ଶୁଣିଛି, ସେ ରାଜ୍ୟରେ ସବୁ ଅଛି—ନାହିଁ କେବଳ ଅଶ୍ରୁ । ଯେଉଁଠି କ୍ଷୁଧା, ତୃଷା, ଶୋକ, ତାପ ନାହିଁ—ସେଠାରେ ଅଶ୍ରୁ କାହୁଁ ଆସିବ ? ସେହି ପ୍ରେମମୟ ଅନନ୍ତ ରାଜ୍ୟକୁ ଅଶ୍ରୁ ଉପହାର ଏକା ଉପଯୁକ୍ତ । ସ୍ନେହର ସୂତା ତାରରେ ଗୁନ୍ଥା ମୋର ଏହି ଅଶ୍ରୁ-ମୁକ୍ତାହାରଟି ଗ୍ରହଣ କର, ଦୟାମୟ ! ମୋର ଏହି ଉପହାର ସେ ତୁମ୍ଭ ହସ୍ତରୁ ପାଇଲେ ଅତି ଆଦରରେ, ଅତି ଆଗ୍ରହରେ ଗ୍ରହଣ କରିବ—ଏ ଧାରଣା ମୋର ଷୋଳ ପଣ ଅଛି ପ୍ରଭୁ !

ଭଗବାନ, ତୁମ୍ଭେ କି ବିଚିତ୍ର ଇନ୍ଦ୍ରଜାଲ ସୃଷ୍ଟି କରିପାର ! ପ୍ରତି ପଳ, ପ୍ରତି ମୁହୂର୍ତ୍ତ ଭିତରେ କଅଣ ଲୁଚି ରହିଛି, ହଠାତ୍ କି ଘଟଣା ଆସି ହାବୁଡ଼ିଯିବ, ତାହା କିଏ ଜାଣିପାରିବ ? ଯେ ଆଖି ଆଗରେ ଥିଲା, ଟିକିଏ ଆଖିପିଛୁଳା ନ ପଡୁଣୁ ସେ ଯାଇ କେଉଁ ଅନନ୍ତ ସୁଦୂର ବ୍ୟବଧାନରେ ଲୁଚିଗଲା, ତାହା ଜାଣି ହେଲା ନାହିଁ । କଥା କହୁ କହୁ କୁଆଡ଼େ ଉଡ଼ିଗଲା । କି ଅଦ୍ଭୁତ, ଅଦୃଶ୍ୟ ଯାନ ବାହନରେ ଚଢ଼ିଗଲା ? କାହାର ଗତି ବା ଏତେ ଚପଳ ? ମନର ଗତି ତ ସବୁ ଗତିକୁ ବଳିଯାଏ । ଏ ଯେ ମନଠାରୁ ବି ବଳି-ଗଲା । ସେ ଗଲା ମାତ୍ର ମୋତେ କାନ୍ଦିବା ପାଇଁ ଖାଲି ରଖିଗଲା । ଜୀବନ କି ପଦାର୍ଥ ପ୍ରଭୁ ! ତାହାର ଆକାର ପ୍ରକାର ବା ରୂପବର୍ଣ୍ଣ କିପରି ? ଯେବେ ତାହା ସବୁ କିଛି ନାହିଁ, ସେ ଶୂନ୍ୟ, ପୁଣି ଶୂନ୍ୟଟା କୁଆଡ଼େ ଚାଲି-ଯାଏ ? କାହିଁ ଯିବାବେଳେ ତ କେହି ଦେଖିପାରେ ନାହିଁ, କେହି ତାହା ଶବ୍ଦ ଶୁଣେ ନାହିଁ—କେହି ତାହାର ଗନ୍ଧ ଭୁଞ୍ଜେ ନାହିଁ କିମ୍ବା କେହି ତାହାର ସ୍ପର୍ଶ ସୁଦ୍ଧା ଅନୁଭବ କରିପାରେ ନାହିଁ । ତେବେ ସେ କଅଣ ? ଆଉ ଯାଏ ବା କାହିଁକି କୁଆଡ଼େ ? ଯେବେ ଯାଏ, ତେବେ ଫେରିଆସେ ନାହିଁ କାହିଁକି ? ସମସ୍ତେ ତ ଯେଉଁଠୁ ଯାଉଛନ୍ତି, ପୁଣି ସେହିଠିକି ଫେରି ଆସୁଛନ୍ତି । ଚନ୍ଦ୍ର ସୂର୍ଯ୍ୟ ଯେଉଁ ଆକାଶରୁ ଯାଉ-ଛନ୍ତି, ପୁଣି ସେହି ଆକାଶକୁ ଫେରିଆସୁଛନ୍ତି—ଗ୍ରୀଷ୍ମ, ବର୍ଷା, ଶୀତ ପ୍ରଭୃତି ଯେଉଁ ପୃଥିବୀରୁ ଯାଉ-ଛନ୍ତି, ପୁଣି ସେହିଠିକି ଫେରିଆସୁଛନ୍ତି ; ତେବେ ସେହି ଜୀବନ ସେହି ଦେହକୁ ଫେରିଆସେ ନାହିଁ କାହିଁକି ? ଆଉ ସେ ଜୀବନ ଅବା କିଏ ହେବ ! ତୁମ୍ଭର ସତ୍ତା ଛଡ଼ା ଆଉ କିଛି ନା ! ତୁମ୍ଭେ କଅଣ ଯାଇପାରୁଛ ; ମାତ୍ର ଫେରିଆସିପାରୁ ନାହିଁ ! ଏହା ଯେ ଅତଠାରୁ ବଳି ଅସମ୍ଭବ ।

ଆଚ୍ଛା ପ୍ରଭୁ, ତୁମ୍ଭେ ତ ଇଚ୍ଛାମୟ, ଇଚ୍ଛାକଲେ ସବୁ କରିପାର, ବାସ୍ତବରେ ତୁମ୍ଭେ ଇଚ୍ଛାକଲେ, ସୃଷ୍ଟି ଶିଶୁଟିକୁ କଅଣ ଫେରାଇଆଣିପାରିବ ନାହିଁ ! ସେଥିରେ ତୁମର ବିଧିଭଙ୍ଗ ହେବ ପରା ! ତେବେ ତୁମେ କଅଣ ନିଜ ଶାସନରେ ଶାସିତ ହୁଅ ? ତୁମର କି ବ୍ୟକ୍ତିତ୍ୱ ବା ସ୍ୱାଧୀନତା ବିନ୍ଦୁଏ ବି ନାହିଁ ! ନିଜର ଅଧିକାର ନିଜେ ହରଣ କରିଛ କି ହରି ! ନିଜର ବ୍ୟବସ୍ଥା ତ ନିଜେ ଲଙ୍ଘନ କର ନାହିଁ । ସବୁ ପୁତ୍ରଙ୍କୁ ଯମ ପୁରକୁ ଆଣି ଦେବା ବେଳେ ସେ ବ୍ୟବସ୍ଥା ଅଟଳ ରହିଲା କିପରି ? ଏ ତ ବଡ଼ କୌତୁକର କଥା ! ମୋ ହୃଦୟର କେତେ ଜାଗା ସେ ମାଡ଼ି ବସିଥିଲା, ତାହା କି ତୁମେ ଜାଣ ନାହିଁ ! ତାହା

ଅନ୍ତରରେ ମୋ ହୃଦୟରେ ଯେଉଁ ବସନ୍ତ ଶ୍ରାବଣ ଫିକା ହୋଇଗଲା, ତାହା କାହିଁରେ ପୂର୍ଣ୍ଣ ହେବ ? ମୋର ଏତେ ସ୍ନେହ, ଏତେ ଆତ୍ମତ୍ୟାଗର ମୂଲ୍ୟ ସେ କଡ଼ାଏ ସୁଦ୍ଧା ଦେଇଗଲା ନାହିଁ । ତାହା ନ ଦେଇ ପଛେ ମୋର ସ୍ନେହ ଓ ଆତ୍ମତ୍ୟାଗକୁ ସୁଦ୍ଧା ବଞ୍ଚାଇପାରିଲା ନାହିଁ, ଏହା କି ଅଳ୍ପ କ୍ଷୋଭ,—ଅଳ୍ପ ଅନୁତାପର କଥା ? ତେବେ ମୁଁ ତାହା ପାଇଁ ଏତେ ଦୁଃଖ ଜ୍ୱାଳା ସହୁଛି କାହିଁକି ? ତାକୁ ଯେପରି ମୋ କଥା ପାଶୋରିଦେଲା, ମୋତେ ସେହିପରି ତା’ କଥା ପାଶୋରିଦିଅ । ସେ ଯାଇଛି, ସେ ତ ଚିରକାଳ ସକାଶେ ଯାଇଛି । ସେ ଯାଉ, ମନରୁ ଯାଉ, ହୃଦୟରୁ ଯାଉ, ଚିନ୍ତାରୁ ଯାଉ, କଳ୍ପନାରୁ ଯାଉ—ଏକାବେଳକେ ପୋଛିହୋଇଯାଉ; ମାତ୍ର ତାହାର କଥା ଆଣି ବଳେ ବଳେ ମନ ଭିତରେ, ପ୍ରାଣ ଭିତରେ ଗୁଞ୍ଜିଦେବାଟା ତୁମର ଆଉ ଉଚିତ ନୁହେଁ, ପ୍ରଭୁ ! କେତେବେଳେ ଟିକିଏ ସାନ୍ତ୍ୱନା ଆଣି ଦେଉଛ, ପୁଣି ମୁହୂର୍ତ୍ତିକେ ତାହା ଶୂନ୍ୟରେ ଉଡ଼ାଇ ନେଇଯାଉଛ । ଏ ଯେ ଉପାସ ହଟ ପରି ହେଉଛି ଲୀଳାମୟ ! ବେଳ କାଳ ଜାଣି କଅଣ ଏହିପରି ଦାଉ ସାଧନ୍ତି ? ଶାନ୍ତି ଦେଲେ ଦିଅ, ନ ହେଲେ ମୋର ଶୋକ ଥାଉ; ସେହି ଶୋକ ମୋତେ ସାନ୍ତ୍ୱନା ଆଣିଦେବ ! ପିଲାଙ୍କ ପରି ଦେଇକରି ଛଡ଼ାଇ ନେବାଟା ଯେବେ ତୁମ୍ଭକୁ ସୁନ୍ଦର ଦିଶିଲା, ତେବେ ଦିଅ । ମୋତେ ଶାସ୍ତି ଦେବାଟା ଯେବେ ତୁମର କୌତୁକ ହୁଏ, ତେବେ ସେ କୌତୁକରେ ମୁଁ ବାଧା ଦେବି ନାହିଁ । ସେଥିରେ ତୁମେ କଣିକାଏ ଆନନ୍ଦ ପାଇଲେ ମୋର ସେତିକି ଲାଭ । କ୍ଷୁଦ୍ର ଭୃତ୍ୟ ସକାଶେ ମହାନ୍ ପ୍ରଭୁ ଯେବେ ଆନନ୍ଦ ଲାଭ କରନ୍ତି, ତେବେ ଭୃତ୍ୟ ପକ୍ଷରେ ତାହାଠାରୁ ବଳି ସୌଭାଗ୍ୟର ବିଷୟ—ଗୌରବର ବିଷୟ ଆଉ କଅଣ ହୋଇପାରେ ? ଏମନ୍ତ କି ମୃତ୍ୟୁର ମୂଲ୍ୟ ତାହାଠାରେ ତୁଚ୍ଛ ।

ଶେଷ ଦିନ ଆଉ କେତେ ଦୂରରେ ଅଛି, ପ୍ରଭୁ ? ମୁଁ ଜୀବନ ପଥରେ ଯେତିକି ଅଗ୍ରସର ହେଉଛି, ସେତିକି ନିକଟ ହୁଅନ୍ତା କଅଣ, ଅଧିକ ଦୂରକୁ ଘୁଞ୍ଚି-ଯାଉଛି । ଅକର୍ମା ଲୋକକୁ ଏତେ ଦୀର୍ଘାୟୁ କାହିଁକି କର ପ୍ରଭୁ ? ଯେଉଁମାନେ ତୁମ୍ଭ ସୃଷ୍ଟିର ଉନ୍ନତି କରିବେ, ସେମାନଙ୍କୁ ଦୀର୍ଘାୟୁ ପ୍ରଦାନରେ କାହିଁକି ବା କୃପଣତା ପ୍ରକାଶ କର ? ଅକର୍ମାଙ୍କ ଆୟୁ ନେଇ ତାଙ୍କୁ ଦେଲେ ତ ହୁଅନ୍ତା ! ନିଜର ଦେହଭାର ବହିବାକୁ ଯେ ଅକ୍ଷମ, ତାକୁ ଅଧିକ ଦିନ ବଞ୍ଚାଇ ରଖି ପୃଥିବୀର ବ୍ୟର୍ଥ ଭାର ବୃଦ୍ଧି କର କିନା ! କାଳ-ସମୁଦ୍ରର ଲୁଣି ପବନ ବାଜି ଯାହାର ହାଡ଼ ରସିଗଲାଣି—ଦୁଷ୍ଟ ଜରା ଯାହା ଦେହରେ ଘୁଣ ଲଗାଇ ଛିଦ୍ରମୟ କରି ସାରି-ଲାଣି—ଜୀବନ ଯାହା ପକ୍ଷରେ ମୃତ୍ୟୁଠାରୁ ଅମଙ୍ଗଳ-ଦାୟକ ହେଲାଣି—ମୃତ୍ୟୁକୁ ଯେ ଆଦର ଆଗ୍ରହରେ ଆଲିଙ୍ଗନ କରିବାକୁ ଅଧୀର ହୋଇଉଠିଲାଣି—ସଂସାର ଯାହାକୁ ଶ୍ମଶାନ ପରି ବୋଧ ହେଲାଣି, ତାକୁ ଅଟକାଇ ରଖି ଲାଭ କଅଣ ପ୍ରଭୁ ! ତାହା ତୁମ୍ଭେ ଏକା ଜାଣ; ମାତ୍ର ତାହା ଭାବିଲେ ମନୁଷ୍ୟର ବୁଦ୍ଧି ବଣା ହୋଇଯାଏ ।

ଏ ସଂସାରରେ କେହି ଅମର ନୁହେଁ । “ମର୍ତ୍ତ୍ୟ ମଣ୍ଡଳେ ଜନ୍ମ ହୋଇ, ଦେବତା ହୋଇଲେ ମରଇ ।” ମୁଁ ବି ଦିନେ ମରିବି । ତାହାର ଭୋଗ ଶେଷ ହେଲା—ସେ ଚାଲିଗଲା । ଦିନେ ତ ଯାଇଥାନ୍ତା, ଆଜି ଜାଣି ସେହି ଦିନ ଉପସ୍ଥିତ ହେଲା । ଏହିପରି ନାନା ସାନ୍ତ୍ୱନା ଚିତ୍ତ-ଦର୍ପଣରେ ଭାସି ଉଠୁଛି, ପୁଣି କି ଗୋଟିଏ ନିବିଡ଼ ଛାୟା ଆସି ତାକୁ ଘୋଡ଼ାଇ ପକାଉଛି । ଏ କଅଣ ପ୍ରଭୁ ! ମୁଁ ଯାହା ଜାଣୁଛି, ମୁହୂର୍ତ୍ତିକ ପରେ ପୁଣି ତାହା ଭୁଲିଯାଉଛି—ଓହୋ କି ଆଶ୍ଚର୍ଯ୍ୟ ବ୍ୟାପାର ! ମୋହ ଛୁଟିଗଲାପରି ଏ ଦୁର୍ବଳତା ସ୍ମରଣ କରି ବଡ଼ ଦୁଃଖରେ ମୁଁ ନିଜେ ମୋତେ ପଚାରେ—ତେବେ ମୋର ଜ୍ଞାନ କେତେ ଟିକିଏ ହୋଇଛି କାହିଁକି ? ସେହିକ୍ଷଣି ନିଜ ଭିତରୁ ଉତ୍ତର ବାହାରିପଡ଼େ—ନା, ଜ୍ଞାନ କିଛି ହୋଇ ନାହିଁ । ତହୁଁ ଦାରୁଣ ଲଜ୍ଜା ଓ ଅସ୍ୱସ୍ତିଭାବରେ ହୃଦୟ ବିଷାକ୍ତ ହୋଇଉଠେ । ନିଜ ପାଖରେ ନିଜକୁ ହତଶ୍ରଦ୍ଧା ହେବାକୁ ପଡ଼େ । ସୁଖଆଡ଼େ

ତାହାର ନାରଦ ନିର୍ଜ୍ଜନ ପର୍ବତାଶ୍ରମ ଶୁଣାଯାଏ । ସତ୍ୟ କଥା କହିବାକୁ ଗଲେ ଜ୍ଞାନର ଉପଦେଶ ଅବା କଅଣ କରିବ ? ଅର୍ଜ୍ଜୁନ ପରି ମହାତ୍ମାଙ୍କୁ ତୁମ୍ଭେ ନିଜ ଶ୍ରୀମୁଖରେ କେତେ ଭଲ ଭଲ କଥା ବୁଝାଇଲ, ତେବେ ବି ତ ସେ କିଛି ବୁଝିପାରିଲେ ନାହିଁ । ଶେଷରେ ବିଶ୍ୱରୂପ ଦେଖାଇ ବିଶ୍ୱାସ ଜନ୍ମାଇଲ । ଅର୍ଜ୍ଜୁନ ଜଗତର ଆଦର୍ଶପୁରୁଷ ମାନବ ହୋଇ ସୁଦ୍ଧା ତ ତୁମ୍ଭର ଜ୍ଞାନୋପଦେଶ ବୁଝିପାରିଲେ ନାହିଁ, ମୁଁ ନଗଣ୍ୟ ଅବା କେଉଁ ଛାର ଯେ, ଖାଲି ଆପେ ଆପେ ବୁଝିପାରିବି ? ତୁମ୍ଭର ବିଶ୍ୱରୂପ ଦେଖିବା ଦୂରେ ଥାଉ, ସ୍ୱରୂପ ବି ଦେଖି ନାହିଁ । 'ମୁଁ' ଆଉ 'ମୋର' ଏ ଦୁଇଟି ଥିବାଯାଏଁ ଜ୍ଞାନ ସଙ୍ଗରେ ସ୍ୱପ୍ନରେ ବି ସାକ୍ଷାତ ହେବ ନାହିଁ । ଏ ଦୁଇଟିଙ୍କୁ ଛାଡ଼ିବାକୁ ମୋର ସାଧ୍ୟ କଅଣ ଅଛି ? ମୁଁ ତାଙ୍କୁ ଛାଡ଼ିଲେ ସୁଦ୍ଧା ସେ ମୋତେ ଛାଡ଼ିବେ ନାହିଁ । "ବିମଲ ନେହ ସ୍ନେହତା ହେ"—ଭକ୍ତର ଏ ଉକ୍ତି ମିଛ ନୁହେଁ ହରି ! ତୁମ୍ଭେ ଜ୍ଞାନସ୍ୱରୂପ, ମୁଁ ତୁମ୍ଭର ସନ୍ତାନ; କିନ୍ତୁ ଏହି ଦୁର୍ଭାଗ୍ୟ ଯେ, ଜ୍ଞାନର ସନ୍ତାନ ହୋଇ ସୁଦ୍ଧା ମୁଁ ଅଜ୍ଞାନ—ଅମୃତର ପୁତ୍ର ହୋଇ ସୁଦ୍ଧା ମୃତ୍ୟୁଶୀଳ—ବଡ଼ଲୋକର ପୁଅ ହୋଇ ସୁଦ୍ଧା ବଡ଼ କାଙ୍ଗାଳ । ଏହା କି ସାମାନ୍ୟ କ୍ଷୋଭର କଥା ପ୍ରଭୁ ? ମହାର୍ଘ ରତ୍ନ ଖଣିରୁ ଜନ୍ମ ହୋଇ କୋଇଲା ହେବା ଅପେକ୍ଷା ମର୍ମନ୍ତୁଦ କଥା ଆଉ କଅଣ ଅଛି ? ତୁମ୍ଭର ସୃଷ୍ଟିରେ ତ ଦେଖୁ ପଦ୍ମ ପଙ୍କରୁ ଜନ୍ମୁଛି, ତେବେ ରତ୍ନାକର ଗର୍ଭରୁ ଗେଣ୍ଡା ଶାମୁକା କାହିଁକି ଜନ୍ମେ ? କିନ୍ତୁ ସେ ଦୋଷ ମୋର ନୁହେଁ ।

ହରି, ତୁମ୍ଭେ ତ ମୋ ନିକଟରେ ଅଛ, ତୁମ୍ଭଙ୍କୁ ଆଉ ସ୍ୱତନ୍ତ୍ର ସ୍ଥାନରେ ଖୋଜିବି ବା ପୂଜିବି କଅଣ ? ତୁମ୍ଭେ ଯେ ମୁଁ ସେ । ମୁଁ କଅଣ ମୋତେ ପୂଜା କରେ ନାହିଁ ? ତେବେ ମୋର ଏତେ କାମ କାହା ପାଇଁ ? ନିଜକୁ ପୂଜା କଲେ ତ ତୁମ୍ଭଙ୍କୁ ପୂଜା କରିବା ହେଲା । ତୁମ୍ଭେ ମୋ ଦେହରେ କ୍ଷୁଧା ରୂପରେ ଅଛ, ମୁଁ ତୁମ୍ଭଙ୍କୁ ଖାଦ୍ୟ ଦେଇ ପୂଜା କରେ —ତୁମ୍ଭେ ଚକ୍ଷୁରେ ଅଛ, ସୁନ୍ଦର ଦୃଶ୍ୟ ଦେଖାଇ ମୁଁ ତୁମ୍ଭଙ୍କୁ ପୂଜା କରେ—ତୁମ୍ଭେ କର୍ଣ୍ଣରେ ଅଛ, ମୁଁ ତୁମ୍ଭଙ୍କୁ ସତ୍‌କଥା, ଆନନ୍ଦ କଥା ଶୁଣାଇ ପୂଜା କରେ—ତୁମ୍ଭେ ନାସିକାରେ ଅଛ, ମୁଁ ତୁମ୍ଭଙ୍କୁ ପବିତ୍ର ସୁଗନ୍ଧ ଆଘ୍ରାଣ କରାଇ ଅର୍ଚ୍ଚନା କରେ । ସେହିପରି ଜିହ୍ୱାକୁ ସୁରସ ଏବଂ ଚର୍ମକୁ ସୁଖସ୍ପର୍ଶ ପଦାର୍ଥ ଦେଇ ପରିତୃପ୍ତ କରେ, ସୁତରାଂ ପୂଜା କରେ । ଏ ମହାପୂଜା ଛାଡ଼ି—ଏ ପ୍ରତ୍ୟକ୍ଷ ଜୀବନ୍ତ ଦେବତାର ପ୍ରୀତି-ପୂଜା ନ କରି ଆଉ କେଉଁଠି ଯାଇ କାହାକୁ ପୂଜା କରିବି ପ୍ରଭୁ ? ଆଶୀର୍ବାଦ କର ହରି, ମୁଁ ଯେପରି ତୁମ୍ଭଙ୍କୁ ଚିହ୍ନି ନିଜକୁ ଚିହ୍ନିପାରେ । ହସ୍ତ ସତ୍‌କର୍ମଦ୍ୱାରା ତୁମ୍ଭଙ୍କୁ ପୂଜା କରୁ—ମନ ସତ୍‌ଚିନ୍ତା ଦ୍ୱାରା, ମୁଖ ତୁମ୍ଭର ଗୁଣକୀର୍ତ୍ତନ ଦ୍ୱାରା ତୁମ୍ଭଙ୍କୁ ପୂଜା କରୁ । ହୃଦୟ ମଧୁର ହେଉ—ବଚନ ମଧୁର ହେଉ ।

ହରି ହେ, ଏଡ଼େ ବଡ଼ ଗୋଟାଏ ସୃଷ୍ଟି ରଚନା କରିବାକୁ ତୁମ୍ଭର ଭଲା କି ଗରଜ ପଡ଼ିଥିଲା ? ଏଡ଼େ ଜୀବସୃଷ୍ଟି କଲ କାହିଁକି ? କେହି ତ ତୁମ୍ଭଙ୍କୁ ପୋଷେ ନାହିଁ ବା ପାଳେ ନାହିଁ ବରଂ ତୁମ୍ଭେ ସମସ୍ତଙ୍କୁ ପାଳିଲି ବଞ୍ଚାଇଛ । ତେବେ କାହାଠାରେ ଏ ପର୍ବ ଲଗାଇଛ କାହିଁକି ? ଏ ଗୋଟାଏ ଲୀଳା ନା ଖିଆଲ ? ଏଡ଼େ ବଡ଼ ଭାର ବହି ନିଜେ ବି ତ କମ୍ ଯନ୍ତ୍ରଣା ଭୋଗୁ ନ ଥିବ ପ୍ରଭୁ ! ସତେ କଅଣ ଏ ସୃଷ୍ଟି କଳ୍ପାନ୍ତେ ପ୍ରଳୟ ହୁଏ ? ତେବେ ତୁମ୍ଭେ ନିଜେ ଗଢ଼ି ନିଜେ ଭାଙ୍ଗ କାହିଁକି ? ଭାଙ୍ଗୁଛ, ପୁଣି ଗଢ଼ୁଛ—ଏହିପରି ଭଙ୍ଗାଗଢ଼ାରେ ନିଜକୁ ଖଟାଇ କି ସୁଖ ପାଉଛ, ତାହା ତୁମ୍ଭେ ଏକା ଜାଣ; ମାନବ-କଳ୍ପନା ତାହାର କିଛି କୂଳକିନାରା ପାଏ ନାହିଁ । ଜାଣୁ ଜାଣୁ ଦୁଃଖଜଞ୍ଜାଳ କିଣିବା ତୁମ୍ଭର ସ୍ୱଭାବ ପରା !

ସ୍ୱର୍ଗ, ନରକ, ପାପପୁଣ୍ୟ ପ୍ରଭୃତି ସୃଷ୍ଟି କରି ସେ ଜ୍ୱାଳାଜଞ୍ଜାଳକୁ ଆହୁରି ବୃଦ୍ଧି କରିଛ । ପ୍ରକୃତ ସ୍ୱର୍ଗ ନରକ ଅଛି କି ପ୍ରଭୁ ? ଥିଲେ ଥାଉ; ମାତ୍ର ଏହି ଜୀବନରେ, ଏହି ଦେହରେ ସୁଦ୍ଧା ସ୍ୱର୍ଗ-ନରକ ଭୋଗ ହେଉଅଛି । ଅଜ୍ଞାନ ଅବସ୍ଥାରେ ଶିଶୁ ଯାହା ପାଏ, ତାହା ପାଖରେ ସ୍ୱର୍ଗ । ଯୌବନାବସ୍ଥାରେ ଆତ୍ମୀୟସ୍ୱଜନଧନାଦି ଶୋକ ଓ ବିବିଧ ଦୁଃଖ ବିପଦରେ

ଅନେକ ସମୟରେ ଅଭିଭୂତ ହେବାକୁ ହୁଏ । ପୁଣି ବୃଦ୍ଧାବସ୍ଥାରେ ନବଦ୍ୱାର ପଥରେ ନିର୍ଗତ ହୋଇ ଦେହଟାକୁ ବୀଭତ୍ସ ମନ୍ଦିର କରିଦିଏ । ଅନେକେ କଷ୍ଟାନୁଭବରେ ଘାଣ୍ଟି ଘୋଳାଇ ହୁଅନ୍ତି । ନରକ-ଯନ୍ତ୍ରଣା ଏହାଠାରୁ କଣ ଅଧିକ ? ଏଗୁଡ଼ାକ ଜୀବନ୍ତ ନରକ ଭୋଗ ନୁହେଁ କି ? ଆଉ ସ୍ନେହ, ପ୍ରେମ, ପୁଣ୍ୟ, ମୈତ୍ରୀ ପ୍ରଭୃତି ଯାହା ଉପଭୋଗ କରିବାକୁ ହୁଏ, ତାହାହିଁ ତ ସ୍ୱର୍ଗଭୋଗ । ଏ ଦେହଟା ତ ସ୍ୱର୍ଗନରକରେ ଗଢ଼ା । ଉପରଟା ସଫାସୁତୁରା, ଚନ୍ଦନ ଅତରରେ ସୌରଭ-ମୟ; ମାତ୍ର ଭିତରଟା ରକ୍ତ ମାଂସ, ଅସ୍ଥି ମେଦ, ମଳମୂତ୍ର, ବିବିଧ କୀଟ ପ୍ରଭୃତି ବୀଭତ୍ସ ପଦାର୍ଥରେ ପରିପୂର୍ଣ୍ଣ । ସତେ ଏହାଠାରୁ ବଳି ସ୍ୱତନ୍ତ୍ର ଭୀଷଣ ନରକ କେଉଁଠି ସୃଷ୍ଟି କି ହୁଏ ? ଯେତେବେଳେ ମାନବ ହୃଦୟ ଅନନ୍ତ ଅମୃତପ୍ରେମରେ ବିଭୋର ହୋଇ ନିଜର ସତ୍ତା ଭୁଲିଯାଇ ଅନାବିଲ ପବିତ୍ର ଆନନ୍ଦ-ସମୁଦ୍ରରେ ପ୍ରାଣ, ମନ, ଶରୀର ଓ ଆତ୍ମାକୁ ଭସାଇ-ଦିଏ, ସେତେବେଳେ ସେ ଦେହ ସ୍ୱର୍ଗସୁଖ ଭୋଗ କରେ ନାହିଁ କି ? ଶାନ୍ତି, ପ୍ରୀତି, ଦୟା, ଧର୍ମ, ସତ୍ୟ, ନ୍ୟାୟ, ସାମ୍ୟ—ଏହା ତ ପ୍ରତ୍ୟେକ ଗୋଟିଏ ଗୋଟିଏ ସ୍ୱର୍ଗ ! ଆଉ ଯେଉଁଠାରେ ଏ ସବୁଗୁଡ଼ିକର ସମାବେଶ, ସେ ମହାସ୍ୱର୍ଗ । ଏହା ଛଡ଼ା ଅନ୍ୟ ସ୍ୱର୍ଗ ଯେବେ କେଉଁଠାରେ ଥାଏ, ତେବେ ତାହା କାବ୍ୟକଳାର ରୂପକ ଅଳଙ୍କାରମାତ୍ର । ଏହି ଅପ୍ରତ୍ୟକ୍ଷ ସ୍ୱର୍ଗ ରଙ୍ଗଦିଆ ସ୍ୱପ୍ନ ଭଳିଆ ଜଟିଳ କଳ୍ପନା କାହିଁରେ ତିଆରି, ତାହା କିଏ କହିପାରିବ ? କିଏ ପ୍ରକୃତ, କିଏ ରୂପକ, ତାହା ବାରିବାର ଶକ୍ତି କାହାରି ନାହିଁ । ସ୍ଥୂଳ ମନୁଷ୍ୟ ଦେହ ଧରି ତୁମର ଛଦ୍ମମାୟା କିଏ ବୁଝି ପାରିବ ପ୍ରଭୁ ? ଯେଉଁ ମାୟା ଦେବତାଙ୍କର ଅଗୋଚର—ତ୍ରିକାଳଦର୍ଶୀ ସର୍ବଜ୍ଞ ମୁନିଋଷିମାନେ ଯେଉଁ ମାୟାର ଜଟିଳ ରହସ୍ୟ ଭେଦ କରିବାକୁ ଅକ୍ଷମ, ସେ ଅନନ୍ତ ଛନ୍ଦ,ମାୟାର ଗୂଢ଼ରହସ୍ୟ ବୁଝିବାକୁ ନଗଣ୍ୟ ଜ୍ଞାନଧର ମନୁଷ୍ୟର ପ୍ରୟାସ କରିବା ସୁଦ୍ଧା ହାସ୍ୟକର,ଦୁଃସାହସ ଓ ଅଧମ ଧୃଷ୍ଟତାମାତ୍ର । ତୁମ୍ଭ ବିଷମ ସମସ୍ୟାର ସମାଧାନ ନ ଭୂତ ଓ ନ ଭବିଷ୍ୟ ।

ସ୍ୱର୍ଗ ନରକ ପରି ପାପପୁଣ୍ୟ ସୁଦ୍ଧା ମହା ସମସ୍ୟାର ବିଷୟ । ଏ ସଂସାରରେ ତ ପ୍ରାଣୀମାନଙ୍କ ମଧ୍ୟରେ ହିଂସା ପ୍ରତିହିଂସା ଲାଗିରହିଛି । କ୍ଷୁଦ୍ର କୀଟ-ପତଙ୍ଗଙ୍କୁ ବେଙ୍ଗ ଖାଉଛି—ବେଙ୍ଗକୁ ସାପ ଖାଉଛି—ସାପକୁ ଆଉ କେହି ଖାଉଛି—ଏହିପରି ଶିଆଁ ପିଆ, ହିଂସା ହତ୍ୟା ସର୍ବଦା ସର୍ବତ୍ର ଲାଗିଛି । ତାହା ନ ହେଲେ ତୁମ ସୃଷ୍ଟି ରହିପାରିବ ନାହିଁ । ଯେଉଁଠାରେ ଜୀବନ ଦ୍ୱାରା ଜୀବନ ପୋଷା ନ ହେଲେ ନ ଚଳେ, ସେଠାରେ ପାପପୁଣ୍ୟର ବିଚାର କଅଣ ପ୍ରଭୁ ? ହତ୍ୟା ମଧ୍ୟରେ ସ୍ନେହ ପ୍ରୀତି, ଆତ୍ମୀୟତା ଯାହା ଘଟିପାରୁଛି, ତାହା ତୁଚ୍ଛ ଅଭିନୟ ସିନା ! ପାପପୁଣ୍ୟର ଉଦ୍ଭାବନ ସଂସାରରେ ନିରାପଦରେ ଚଳିବାର ଉପାୟମାତ୍ର । ପାପର ଭୟ ନ ଥିଲେ ମାନବ-ସମାଜକୁ ବିପ୍ଳବରୁ ରକ୍ଷା କରନ୍ତା କିଏ ? ଯେଉଁ ମହାବହ୍ନିର ଘଣ୍ଟକେ ମହା ପ୍ରଳୟ ଘଟାଇପାରନ୍ତା, ସେ ଭୀଷଣ ଦୈତ୍ୟ 'ପାପ' ଏହି ଦୁଇଟି ଅକ୍ଷରଦ୍ୱାରା ଆବଦ୍ଧ ହୋଇ ରହିଛି; ଦୟା ଏ ସଂସାରରେ ଗୋଟାଏ ଅଭିନୟ ସିନା ! ଯେଉଁଠି ଜୀବ ଜୀବ ମଧ୍ୟରେ ସଂଗ୍ରାମ ଲାଗି-ରହିଛି, ପ୍ରାଣ ନେଇ ଟଣା ଝିଙ୍କା ଲାଗିଛି, ସେଠାରେ "ଜୀବେ ଦୟା"ର ମହତ୍ତ୍ୱ କିଏ ବୁଝିବ ? ହିଂସା ହତ୍ୟା ମଧ୍ୟରେ ଶାନ୍ତିରାଜ୍ୟ, ଧର୍ମରାଜ୍ୟ ପ୍ରତିଷ୍ଠା କରି ହୁଏ କି ହବ ? ମୋତେ ପଛେ କେହି ନାସ୍ତିକ କହୁ; ମାତ୍ର ମୋର ଯାହା ସହଜ ଧାରଣା, ତାହା ମୁଁ ବ୍ୟକ୍ତ କରିବାକୁ ଲଜ୍ଜିତ ବା କୁଣ୍ଠିତ ନୁହେଁ । ପାପ ପୁଣ୍ୟ ଖାଲି ତୁଚ୍ଛ ଛଳନା; ମାତ୍ର [illegible] ଛଳନା ଉପରେ ତୁମ୍ଭ ବିରାଟ ସୃଷ୍ଟିର ସ୍ଥିତି ପୁଷ୍ଟି ଓ ବୃଦ୍ଧି ସମ୍ପୂର୍ଣ୍ଣ ନିର୍ଭରଶୀଳ । ସେହି ଛଳନା ଦଉଡ଼ି ଢିଲା ହେଲେ ସୃଷ୍ଟି ବିଶୃଙ୍ଖଳ ହୋଇଯିବ ଏବଂ ଛିଣ୍ଡିଗଲେ ସୃଷ୍ଟିର ପରମାୟୁ ଶେଷ ହୋଇଯିବ—ସଂସାରଟାଯାକ ଜୀବ ଓ ଜୀବାତ୍ମାରେ ପୂର୍ଣ୍ଣ କରି ରଖି ପାପପୁଣ୍ୟ ସମସ୍ୟାକୁ ତୁମ୍ଭେ ଆହୁରି ଜଟିଳ କରିଦେଇଛ ପ୍ରଭୁ ! କିଏ ପାପ, କିଏ ପୁଣ୍ୟ, ତାହା ଚିହ୍ନିବାର ଉପାୟ ନାହିଁ । ମନୁଷ୍ୟ ଉଦ୍ଭିଦଭୋଜୀ ପ୍ରାଣୀ । ମନୁଷ୍ୟର ଯେପରି ପ୍ରାଣ ଅଛି, ଉଦ୍ଭିଦର ସେହିପରି ପ୍ରାଣ ଅଛି ।

ତେବେ ଉଦ୍ଭିଦ ଖାଇଲେ ମନୁଷ୍ୟ ହତ୍ୟାପାପରେ ଲିପ୍ତ ନ ହେବ କାହିଁକି ? ଏଣେ ପୁଣି ନିଜର ପ୍ରାଣ ରକ୍ଷା ନ କଲେ ପାପ ହେବ; କିଛି ନ ଖାଇ ତ ପ୍ରାଣ ଧାରଣ କରି ହେବ ନାହିଁ । ମାଟି ଖାଇ ତ ମନୁଷ୍ୟ ବଞ୍ଚିପାରିବ ନାହିଁ, ଅବଶ୍ୟ ଶସ୍ୟ କିମ୍ବା ମାଂସାହାର କରିବାକୁ ହେବ । ଜୀବହତ୍ୟା ନ କଲେ ମାଂସ ବା କାହୁଁ ମିଳିବ ? ଏପରି ସ୍ଥଳେ କିଏ ପାପ, କିଏ ପୁଣ୍ୟ ତାହା ବାରିହେବ ନାହିଁ । ସାଧନା ବଳରେ ମନୁଷ୍ୟ ପାଣି କିମ୍ବା ପବନ ଖାଇ ବଞ୍ଚିରହିପାରେ; ମାତ୍ର ପାଣି ପବନରେ ଅସଂଖ୍ୟ ଜୀବାଣୁ ଲୁଚିହୋଇ ରହିଛନ୍ତି । ତାହା ଦେଖାଯାଉ ନାହିଁ ସତ୍ୟ—ମନୁଷ୍ୟ ତାହା ଅନୁଭବ କରିପାରୁ ନାହିଁ ସତ୍ୟ; ମାତ୍ର ଜଳରେ ଓ ବାୟୁରେ ଜୀବାଣୁ ଅଛି ବୋଲି ସେ ଜାଣେ । ସୁତରାଂ ଜାଣି ଜାଣି ପାପ ଅର୍ଜିବା ମନକୁ ଆଖି ଠାରିବା ପରି ନୁହେଁ କି ? ମହୁମାଛି ନିଜର ପେଟକୁ ଶୁଖାଇ ମଧୁ ସଂଗ୍ରହ କରି ଭବିଷ୍ୟତ ପାଇଁ ରଖେ; ମାତ୍ର ମନୁଷ୍ୟ ଖଣ୍ଡହୁଣ୍ଡି ଧରି ବଳରେ ସେ ମଧୁ ହରଣ କରେ । ପୁଣି ତାହା ନ କଲେ ମନୁଷ୍ୟ ପକ୍ଷରେ ମଧୁ ସଂଗ୍ରହ କରିବାର ଅନ୍ୟ ଉପାୟ ନାହିଁ । ମଧୁ ବିବିଧ ରୋଗର ଔଷଧ । ସମୟରେ ସେ ମନୁଷ୍ୟର ଜୀବନ ରକ୍ଷିଦିଏ । ଯେଉଁ ପଦାର୍ଥରୂପ ମହୋପକାରୀ, ତାକୁ ସଂଗ୍ରହ କରି ରଖିବା ମନୁଷ୍ୟର ପ୍ରଧାନ କର୍ତ୍ତବ୍ୟ; ମାତ୍ର ସଂଗ୍ରହ କଲେ ପରସ୍ୱ ଅପହରଣଜନିତ ପାପ ହେବ । ଏହି ସବୁ କଥା ସୂକ୍ଷ୍ମଭାବରେ ଆଲୋଚନା କଲେ କିଏ ପାପ, କିଏ ପୁଣ୍ୟ, ତାହା କିଛି ସ୍ଥିର କରିହୁଏ ନାହିଁ । ବରଂ ଏହା ଭାବିଲେ ମସ୍ତିଷ୍କର ଯନ୍ତ୍ରମାନ ଗୋଳମାଳ ହୋଇଯାଏ—ଚୂରିଅଡ଼ି ଅନ୍ଧାର ଦିଶେ ।

ଉଃ, ସମୟର ଗତି କି ପ୍ରଖର ! ଚାହୁଁ ଚାହୁଁ, କଥା କହୁଁ କହୁଁ ଦିନ ପାଣି ପରି ବହି ଚାଲିଯାଏ । ସମୟର ଆଳସ୍ୟ ନାହିଁ—ବିଶ୍ରାମ ମଧ୍ୟ ନାହିଁ । ସେ ସମାନ ଗତିରେ ଚାଲେ । ତାହାର ଗତିରେ ଇତର ବିଶେଷ ଘଟେ ନାହିଁ । ମନୁଷ୍ୟ ପରି ତ ତାହାର ଶୋକ ଦୁଃଖ, ଚିନ୍ତା ବିପଦ ନାହିଁ କିମ୍ବା ଜାତି-ପରିବାର ନାହିଁ, ସୁତରାଂ ସେ ସବୁ ବିଷୟରେ ନିଶ୍ଚିନ୍ତ । ତେବେ ସେ ମନଫୁଲଣା ଗୀତ ଗାଇ ନିୟମାଧୀନ ନ ହେବ କାହିଁକି ? ଦିନ ଚାଲିଯାଏ; କିନ୍ତୁ କି ବିସ୍ମୟର କଥା, ମନୁଷ୍ୟ ତାହା ଶୁଣିପାରେ ନାହିଁ । ଅନେକ ଦିବସ ଦିନ ହେଲା ମା ମୋର ଚାଲିଗଲେ; କିନ୍ତୁ ମୋତେ ତାହା କାଲିକାର ଘଟଣା ପରି ଲାଗୁଛି । ହାୟ ହାୟ, ସେ ତ ମରି ମଧ୍ୟ ମରି ନାହିଁ, ସବୁବେଳେ ମୋର ମନରେ ଚିନ୍ତାରେ ସେ ଲୁଚିହୋଇ ରହିଛି ; ଖାଲି ବାହାରକୁ ଆସୁ ନାହିଁ । କେତେ ପିଲା ଖେଳୁଛନ୍ତି, ଖୋଜି ମୁଁ ଦେଖୁଛି; କିନ୍ତୁ ତାଙ୍କ ମେଳରେ ତାକୁ ନ ଦେଖି ଛାତି ଫାଟିଯାଉଛି । ସେ ତ ଦେବ-ଶିଶୁ, ଇତର ନର-ଶିଶୁ ମେଳରେ କାହିଁକି ବା ରହନ୍ତା ? ପୁଣି ସେହି ଦେବ-ଶିଶୁ ମେଳକୁ ଚାଲିଗଲା । ମୋ ଜୀବନର କେତେଟା ଦିନ ଆଉ ଅବଶିଷ୍ଟ ଅଛି, ଭଗବାନ ଏ କେତୋଟା ଦିନ ତାକୁ ରଖିପାରିଲେ ନାହିଁ । ମୋତେ କଷ୍ଟ ଦେବା ପାଇଁ ତାଙ୍କର କି ତର ସହିଲା ନାହିଁ । ତାହାର ସୁନ୍ଦର ସହାସ୍ୟ ଦେବ-ଶିଶୁ ମୁଖକୁ ଦେଖୁଁ ଦେଖୁଁ ମୁଁ ଚାଲି-ଯାଇଥିଲେ ସେ ମରଣ ମୋର ସୁଖର ମରଣ, ତୃପ୍ତିର ମରଣ, ଆନନ୍ଦର ମରଣ ହୋଇଥାନ୍ତା । ସେ ମୃତ୍ୟୁ କେତେ ମଧୁର ହୋଇଥାନ୍ତା । ହରି ହେ, ତୁମ୍ଭ ସୃଷ୍ଟ ଜୀବ ମୁଖରେ ଟିକିଏ ଆନନ୍ଦର ହାସ୍ୟ କି ତୁମ୍ଭେ ସହିପାର ନାହିଁ ତିଳେ ? ତାହା ଚକ୍ଷୁରେ ଅଶ୍ରୁ ଦେଖିବାକୁ କି ତୁମ୍ଭଙ୍କୁ ସୁଖ ଲାଗେ ? ତୁମ୍ଭର ସୃଷ୍ଟି, ତୁମ୍ଭର ପ୍ରେରିତ, ତୁମ୍ଭର ଅର୍ପିତ ଜୀବ-ନେତ୍ରରେ ତପ୍ତ ଅଶ୍ରୁ ଦେଖିଲେ ତୁମ୍ଭର ଦୟାଳୁ ପିତୃପ୍ରାଣ କି ଫାଟିଯାଏ ନାହିଁ ଭଗବାନ ? କି କଠୋର ବଜ୍ର-ଉପାଦାନରେ ତୁମ୍ଭର ପିତୃ-ହୃଦୟ ଗଢା ହୋଇଅଛି କେଜାଣି ?

ତାହା ଲାଗି ମୁଁ କେତେ ଆଶା କରିଥିଲି—ଶୂନ୍ୟରେ କେତେ ସୁନା ପାଉଛ ବାନ୍ଧିଥିଲି—ତାର ଭବିଷ୍ୟତ ଉଜ୍ଜ୍ୱଳ ଚିନ୍ତାରେ ସ୍ୱପ୍ନରାଜ୍ୟରେ କେତେ ଘୂରି ଫେରି ବୁଲୁଥିଲି, ସେ ସବୁ ମୋର ବିଫଳ ହେଲା । ମନୁଷ୍ୟର ସ୍ୱଭାବ—ସେ ନିଜକୁ

କେତେ ବାହାଣିଆ ମଣେ । ଭବିଷ୍ୟତ ପାଇଁ ସେ କେତେ କଳ୍ପନାର କୌତୁକ-ସୌଧ ନିର୍ମାଣ କରିଯାଏ ତାହାର ସୀମା ରହେ ନାହିଁ ; ମାତ୍ର ବଧିରତ ସେ ଅଦୃଶ୍ୟରେ ମୁଣ୍ଡ ଉପରେ ସର୍ବଦା ଘୂରୁଅଛି, ସବୁ ସୁଖସୌଧକୁ ସେ ଖଣ୍ଡ ଖଣ୍ଡ କରି ପକାଇବ— ଏହା ସେ ଭୁଲିଯାଏ । ମନୁଷ୍ୟର ବ୍ୟର୍ଥ ଦୁରାଶା ଓ ବିଫଳ କଳ୍ପନାର ବନ୍ଧ୍ୟା-ବାଣୀ ପୁଣି କାଳପୁରୁଷ ମୁହଁରେ ଚଣ୍ଡା ଦେଇ ହସୁଥାଏ । ମନୁଷ୍ୟ ଯାହା ଭାବେ, ତାହା ଘଟିବ—ଏ ସ୍ୱାଧୀନତା, ଏ ଅଧିକାର ତାକୁ କେହି ଦେଇ ନାହିଁ ; ସେ ଆପେ ଆପଣାକୁ ଦେଇଛି । ମନୁଷ୍ୟ ଗାଈଆଳ ପିଲା ପରି ରଜାଖେଳ ଖେଳେ । ବାଲିରେ ଟୋକୁ ଗଡ଼ିଦେଇ ଗାଈଆଳ ପିଲା ରାଜଦରବାର କରି ବସେ । ଢିଙ୍କା ତାହାର ରାଜସିଂହାସନ, ପାଞ୍ଚଣ ବାଡ଼ି ଶାସନଦଣ୍ଡ ଓ ପତ୍ର ଠୋଲି ରାଜମୁକୁଟ ହୁଏ । ସଙ୍ଗୀ ରଖୁଆଳମାନେ ପାତ୍ରମନ୍ତ୍ରୀ, ମିତ୍ର ପରିଷଦ ହୁଅନ୍ତି । ରାଜା ବସି ହୁକୁମ ଦିଏ; ମାତ୍ର କେତେବେଳେ ସେ ନିଜକୁ ଗାଈଆଳ ବୋଲି ଭୁଲିଯାଏ । ମନୁଷ୍ୟର "ମରଣ" ନାମ ଷୋଳପଣ ଠିକ୍ । ସଂସାରରେ ଆସି ସେ ମରଣ ହୁଏ । ତାହାର ପରମାୟୁ ଏତେ ଅଳ୍ପ ଯେ, ମରଣ ହେଉଁ ହେଉଁ ତାହା ସରିଯାଏ । ଯେବ ବର୍ଣ୍ଣ କରିବା ଯାଏଁ ମଣିଷ ରହିପାରେ ନାହିଁ । ସେ ବଡ଼ ଅସହାୟ ଜୀବ; ତାହାର ସାହା ସୋଦର କେହି ନାହିଁ । ତାହାର ଆଶା ପୂର୍ଣ୍ଣ ହୁଏ ନାହିଁ, ସୁତରାଂ ଆଶା ପୋଷିବା ବୃଥା । ଆଶା ବିଷଫଣୀ ସର୍ପିଣୀ । ଯେ ତାକୁ ପୋଷିବ, ତାକୁହିଁ ସେ ଦଂଶନ କରିବ । ପୁଣି ତାକୁ ନ ପୋଷିଲେ ବି ଭରସା ନାହିଁ । ଆଶା ନ ଦେଲେ ମନୁଷ୍ୟ କାହା ଉପରେ ଭରସା ଦେଇ ବଞ୍ଚିବ ? ନାଗସାପ ଚୁଚୁନ୍ଦ୍ରା ଧରିଲା ପରି ମନୁଷ୍ୟ ଆଶାକୁ ଧରିଲେ ମଲା—ଛାଡ଼ିଲେ ବି ମଲା । ହେ ବିଶ୍ୱକବି, ତୁମ୍ଭର ଏ ଦୁର୍ବୋଧାର୍ଥ ଜଟିଳ କାବ୍ୟର ଅର୍ଥ କିଏ ବୁଝିବ ପ୍ରଭୋ ? ତୁମ୍ଭ ମହା ମହିମାକୁ ଜୁହାର— ତୁମ୍ଭର ଅନନ୍ତ ଅଜ୍ଞେୟ ରହସ୍ୟକୁ କୋଟି ଲକ୍ଷ ନମସ୍କାର ।

[ ୩ ]

ହରି ହେ, ମନୁଷ୍ୟର ମନକୁ ତୁମ୍ଭେ କାହିଁରେ ଗଢ଼ିଛ , ତାକୁ ଆଉ ମୁଁ ବୁଝିପାରିଲି ନାହିଁ । ତାହା ପରି ଅବିଶ୍ୱାସୀ ତୁମ୍ଭ ସୃଷ୍ଟିରେ ଆଉ କିଏ ଅଛି ? ସ୍ୱଚକ୍ଷୁରେ ଦେଖିଲା କଥାକୁ, ଅଙ୍ଗେ ନିଭାଇଲା କଥାକୁ ସୁଦ୍ଧା ଅବିଶ୍ୱାସ କରେ ନାହିଁ । ଯେ ତୁମ୍ଭ ପାଖକୁ ଯାଏ, ସେ ଆଉ ଫେରିଆସେ ନାହିଁ—ଏହା ମୁଁ ଭଲରୂପେ ଜାଣେ । ତଥାପି ମନ କହୁଛି—"ନା, ସେ ନିଶ୍ଚେ ଫେରିଆସିବ ।" ଏ ଭଲା କି ଭ୍ରମ ପ୍ରଭୁ ? ମନକୁ ଯେତେ ବୁଝାଇଲେ ବି ସେ ମାନିବାକୁ ନାହିଁ, ସେହି ଏକା ସ୍ୱର ଧରି ସେ ବରାବର କହୁଛି—"ନା, ସେ ନିଶ୍ଚେ ଫେରିଆସିବ ।" ଏ ତାହାର ଗୋଟିଏ ଝୁଙ୍କ ନା କଅଣ ? ମୁଁ ଭୁଲିଯିବାକୁ ବସିଲେ ସୁଦ୍ଧା ସେ ମୋତେ ଭୁଲିବାକୁ ଦେଉ ନାହିଁ । ବନ୍ଧୁମାନେ ଉପଦେଶ ଦେଇ କହୁଛନ୍ତି—"ପବିତ୍ର ହୋଇ ତୀର୍ଥ ଭ୍ରମଣ କର—କାମନା ପରିତ୍ୟାଗ କରି ଈଶ୍ୱରଙ୍କୁ ଧ୍ୟାନ କର । ତାହାହେଲେ ଈଶ୍ୱରଙ୍କୁ ପାଇବ । ସେ ଆନନ୍ଦମୟ, ତାଙ୍କୁ ପାଇଲେ ଶୋକ, ତାପ, ପାପରୁ ଦୂର ହୋଇଯିବ ।" ବନ୍ଧୁମାନେ ଉପଦେଶ ଦେଇ ଖଲାସ; ମାତ୍ର କାର୍ଯ୍ୟଟି ବଡ଼ କଠିନ । ଯେଉଁ ଦେହ ସ୍ୱଗତ୍ରେଷାଣ୍ଡ କଦର୍ଯ୍ୟ ପଙ୍କରେ ପରିଲିପ୍ତ, ସେ ଦେହ କି ଜଳରେ ନିର୍ମଳ ହେବ ? ପୁଣି ଶରୀର ତ ମଳମୂତ୍ରରେ ପୂର୍ଣ୍ଣ । ଏଣେ ମଳମୂତ୍ର ଅଭାବରେ ଶରୀର ବଢ଼ିପାରିବ ନାହିଁ । ମଳମୂତ୍ର ଥାଉଁ ଥାଉଁ ଦେହଟା ପବିତ୍ର ହେବ କିପରି ? ତୀର୍ଥକୁ ଗଲେ ଯେବେ ପାପତାପରୁ ମୁକ୍ତି ମିଳୁଥାନ୍ତା, ତେବେ ଅଜସ୍ର ତୀର୍ଥବାସୀଙ୍କର ତ ବନ୍ଧନ ଥାନ୍ତା ନାହିଁ—ସେମାନେ ଜୀବନ୍ମୁକ୍ତ ହୋଇଥାନ୍ତେ । ଆଉ କେଉଁ ତୀର୍ଥରେ ବା ଯାଇ ବୁଲିବି ? ମୋର ମାତୃଭୂମି ତ କୋଟି ତୀର୍ଥର ମୁକୁଟମଣି, ତାହାଠାରୁ ବଳି ଆଉ ତୀର୍ଥ କିଏ ? ଯେଉଁ ତୀର୍ଥର ମାଟିରେ ଏ ଦେହ ଗଢ଼ା ହୋଇଛି, ପୁଣି ଶେଷରେ ଯହିଁରେ ମିଶିବ, ସେ ମହାତୀର୍ଥକୁ ଛାଡ଼ି ଆଉ କୁଆଡ଼େ ଯିବାକୁ ଆସ୍ଥା ବଳୁ ନାହିଁ । ତୃତୀୟତଃ କାମନା ଛାଡ଼ିଦେବା ସମ୍ଭବ କି ? ବାୟୁର ଗନ୍ଧ ନ

ଥିଲେ ସୁଦ୍ଧା ସେ ଅନ୍ୟର ଗନ୍ଧରେ ଗନ୍ଧବାନ ହୁଏ । ସେହିପରି ମନୁଷ୍ୟର ନିର୍ମଳ ମନ କାମନାରେ କଳୁଷିତ ହୁଏ । କାମନା ସବୁବେଳେ ମନକୁ ଘେରି ରହିଅଛି । କାମନା ଛଡ଼ା ମନର ସ୍ୱତନ୍ତ୍ର ଅସ୍ତିତ୍ୱ ବା କେଉଁଠାରେ ? ମନ ତ କାମନାରେ ଗଢ଼ା, ସେଥିରୁ କାମନା କାଢ଼ିନେଲେ ଆଉ କଅଣ ରହିବ ? ସୁତରାଂ କାମନା ଖଣ୍ଡନ ହେବ ନାହିଁ, କି ଖଣ୍ଡ ହେବାର ନୁହେଁ ।

ଚତୁର୍ଥତଃ ତୁମ୍ଭଙ୍କୁ ଆଉ ସ୍ୱତନ୍ତ୍ର ଭାବରେ ଦେଖିବ ବା ପାଇବ କଅଣ ? ପୂର୍ବରୁ ତ କହିଛି, ଅଗ୍ନିରୂପୀ ବ୍ରହ୍ମ । ମୁଁ ଯେ, ତୁମ୍ଭେ ସେ । ମୁଁ ଯେବେ ମୋ ମଧ୍ୟରେ ମୋତେ ଦେଖିପାରନ୍ତି, ତେବେ ମୋର ଆତ୍ମଦର୍ଶନ ହୁଅନ୍ତା—ସୁତରାଂ ବ୍ରହ୍ମଦର୍ଶନ ଓ ବ୍ରହ୍ମପ୍ରାପ୍ତି ଘଟନ୍ତା । ତାହା ଅତି ସହଜ ନୁହେଁ, କି ଗୋଟାଏ ଜନ୍ମର ସାଧନାର ଫଳ ନୁହେଁ । ମୋର ଏ ସିଦ୍ଧାନ୍ତ ପଛେ ଠିକ୍ ନ ହେଉ କିମ୍ବା ଏହା ମୋର ମତିଭ୍ରମ ବା ବାତୁଳତା ପଛେ ହେଉ; ମାତ୍ର ସେଥିରେ ମୋର ସୁଖ ଓ ସେହି ମୋର ଲକ୍ଷେ ଟଙ୍କା । ଏବେ ମୁଁ ଅନୁଭବ କରିପାରୁଛି ଯେ, ମନୁଷ୍ୟ ନ ମରିବାଯାଏଁ ଶୋକ, ତାପ ମରେ ନାହିଁ । ଆସିବାବେଳେ ସେ ସଙ୍ଗରେ ଆସିଥାଏ, ସର୍ବଦା ପଛେ ପଛେ ଥାଇ ଯିବାବେଳେ ପୁଣି ସଙ୍ଗରେ ଯାଏ । ଶୋକ ମୋତେ ଗ୍ରାସ କରିବ, କି କାଳ ଶୋକକୁ ଗ୍ରାସ କରି ସର୍ବଗ୍ରାସୀ ନାମ ସାର୍ଥକ କରିବ—ସେ ସମସ୍ୟା ଭବିଷ୍ୟତର ଅନ୍ଧକାର ଗୁହା ଗର୍ଭରେ ଆବଦ୍ଧ । ତାହା ଜାଣିବାର ଉପାୟ ନାହିଁ; ମାତ୍ର ଏହା ସୁଦ୍ଧା କଠୋର ସତ୍ୟ ଯେ, ତୁମ୍ଭର ଏ ସଂସାରରେ କିଛିହିଁ ଶାଶ୍ୱତ ନୁହେଁ ପ୍ରଭୁ ! ପାଶୋରିପକାଇବାଟା ସଂସାରର ରୀତି । ଅନ୍ୟ କଥା ଦୂରେ ଥାଉ, ଏଠାରେ ମନୁଷ୍ୟ ନିଜକୁ ବି ପାଶୋରିଥାଏ । ଅନ୍ଧାର ପଛରେ ଆଲୁଅ ଥାଏ—ଶୋକ ପଛରେ ସାନ୍ତ୍ୱନା ଥାଏ—ଏହା ଦେହକେ ଉପଲବ୍ଧି କରି ସୁଦ୍ଧା ମନୁଷ୍ୟ ସେ କଥା ବି ପାଶୋରିଯାଏ । ଏହିପରି ପାଶୋରିଯାଉ ନ ଥିଲେ, ମନୁଷ୍ୟ-ସୃଷ୍ଟି କେଉଁ ଯୁଗରୁ ଶେଷ ହୋଇଯାନ୍ତାଣି । ଶୋକ ବି ତୁମ୍ଭେ ଆଣ, ସାନ୍ତ୍ୱନା ବି ତୁମ୍ଭେ ଆଣ କିନ୍ତୁ ପ୍ରଭୁ, ଆଗେ ଶୋକ ଦେଇ ପଛେ ସାନ୍ତ୍ୱନା ଆଣିବା ଅପେକ୍ଷା ଆଦୌ ଶୋକ ନ ଦେବା କି ସହଜ ନ୍ୟାୟ ନୁହେଁ ? ହୃଦୟରେ କ୍ଷତ କରିଦେଇ ଔଷଧ ଲେପିବାଠାରୁ ମୂଳରୁ ଆଘାତ ନ କରିବା ତ ଭଲ ! କାହିଁକି ତାହା ନ କର, ସେ କଥା ତୁମ୍ଭେ ଜାଣ । ହଉ, ତୁମ୍ଭର ମାୟା ବଡ଼ ଗୋଳିଆ, ତାହା ଭାବିଲେ ମନ ସୁଦ୍ଧା ଗୋଳିଆ ହୋଇଯାଏ ; ତାହା ନ ଭାବିବା ହିଁ ଶ୍ରେୟଃ ।

ମୋର ଏ ଅଡ଼ୁଆ ମହାଭାରତ ପଢ଼ି ଯେ ହସିବ ହସୁ ପଛେ; ମାତ୍ର ମୋର ଏହା ପ୍ରାଣର ବ୍ୟଥା ବାଣୀ ! କାହାରି ପଢ଼ିବା ପାଇଁ ମୁଁ ଲେଖୁ ନାହିଁ—ଲେଖିବା ଦ୍ୱାରା ଟିକିଏ ଶାନ୍ତି ପାଉଛି ବୋଲି ଲେଖୁଛି , ନଚେତ୍ ଅନ୍ୟକୁ ଶିକ୍ଷା ଦେବା ଭଳି ଦୁରାଶା ବା ଧୃଷ୍ଟତା ମୋର ଆଦୌ ନାହିଁ । ଆଉ କିଏ କାହିଁକି ବା ଏହାକୁ ପଢ଼ିବ? ଏଥିରେ ପଦ୍ମ ବା ପାରିଜାତର ମାଧୁରୀ ନାହିଁ—ଇନ୍ଦ୍ରଧନୁର ବର୍ଣ୍ଣବୈଚିତ୍ର୍ୟ ନାହିଁ—କୋକିଳର କର୍ଣ୍ଣରସାୟନ ସ୍ୱର ନାହିଁ—ମଧୁପର ପ୍ରାଣପାଗଳକାରୀ ଉନ୍ମତ୍ତ ବୀଣାଝଙ୍କାର ନାହିଁ କିମ୍ବା ମଳୟାନିଳର ସୌରଭ-ବିଭବ ନାହିଁ—ଏହା ଶୁଷ୍କ କାଷ୍ଠ । ଶୁଷ୍କ ଚନ୍ଦନ କାଷ୍ଠକୁ ଘୋରିଲେ ସୁବାସ ବାହାରେ; ମାତ୍ର ଏ ଲେଖାରେ ସେ ଗୁଣ ବି ନାହିଁ । ପୁଣି ଏହା ମଧୁର ଜଳତରଙ୍ଗ ବାଦ୍ୟଧ୍ୱନି ନୁହେଁ—କର୍କଶ କଟୁସ୍ୱରୀ ଏକସ୍ୱର ଫଟା ଢୋଲର କର୍ଣ୍ଣଚିରା ଶବ୍ଦ । ଏ ଶବ୍ଦ ଶୁଣିଲେ କର୍ଣ୍ଣ ଜ୍ୱାଳା କରିବ—ଏ ବୈରାଗ୍ୟଗୀତିକା ବଡ଼ ନୀରସ । ଜଙ୍ଗଲରେ ଖାଲି ଉତ୍ତାପ ଥାଏ ନାହିଁ—ଟିକିଏ ଆଲୁଅ ବି ଥାଏ । ସେହି ଆଲୁଅରେ ମୁଁ ଶପଦରେ ପଥ ଧରିପାରିଲେ ତେତିକି ଅଳ୍ପ ଲାଭ ନୁହେଁ । ମୋର ପରି ଯେ ଦଗ୍ଧଭାଗ୍ୟ—ମୋହରି ପରି ଯେ ବାଷଠି ବର୍ଷକାଳ ଦୁଃଖସିରେ କଠୋର ଶ୍ମଶାନ ଯାତ୍ରାବେଳେ ନିଦାରୁଣ ଆଘାତ ପାଇଛି—ମୋହରି ପରି ଯେ ଅମୂଲ୍ୟ ରତ୍ନ ହରାଇ ହାହାମୟ ଜୀବନ ଧରି ବଞ୍ଚି ରହିଛି, ସେ ଯେବେ ମୋର ଏ ଶୋକ-କାହାଣୀ ପଢ଼ି କ୍ଷଣକ ପାଇଁ ଶୋକ ପାଶୋରିପାରେ, ତେବେ ତାହାହିଁ ମୋର ପରମ କଲ୍ୟାଣ । ସମଦୁଃଖୀ ଛଡ଼ା ଆଉ କିଏ ଦୁଃଖୀର ବେଦନା ବୁଝିବ ? ଦୁଃଖୀ

ପାଖରେ ଦୁଃଖ ଗାଇଲେ ବ୍ୟଥା କିଛିଏ ଊଣା ହୁଏ । ଯଦି କେହି ସମଦୁଃଖୀ ନ ଥାଏ, ତେବେ ମୋହର କାନ୍ଦଣା ମୁଁ ଶୁଣିବି । ମୁଁ ତାକୁ କାହିଁକି ସ୍ନେହ କଲି, ମୋର ସ୍ନେହ କାହିଁକି ତାହା ପାଖକୁ ଗଲା ? ସେ ଦୋଷ ମୋର ନା ମୋ ସ୍ନେହର ? କହେ ସ୍ନେହ, ତୁ କାହିଁକି ତାହା ପାଖକୁ ଗଲୁ ? ଏହି ତ ସ୍ନେହ କହୁଛି—"ତୁ ପଠାଇଲୁକୁ ମୁଁ ଗଲି । ମୁଁ ତ ତୋର ଆଜ୍ଞାବହ, ତୁ ଯେଉଁଠିକି ପଠାଇବୁ, ମୁଁ ସେଠାକୁ ଯିବାକୁ ବାଧ୍ୟ ।" ସତ କଥା ତ, ମୁଁ ପଠାଇଲୁକୁ ସିନା ସେ ଗଲା, ତେବେ ଦୋଷ ମୋର । ଅଚ୍ଛା, ଦୋଷ ଯେବେ ମୋର ହେଲା, ତେବେ ମୋ କାନ୍ଦଣା ମୁଁ ନ ଶୁଣି ଆଉ କିଏ ଶୁଣିବ ? ହାୟ ମଧୁସୂଦନ !

ଦିନ ଗଣ୍ଡ ଗଣ୍ଡ ମାସ ଆସି ପୂର୍ଣ୍ଣ ହେଲା, କାହିଁ ସେ ତ ଆସିଲା ନାହିଁ । ମନ, ତୁ କାହା ବଳରେ ବା କି ଭରସାରେ ଏଡ଼େ ଆଗ୍ରହରେ ବିଶ୍ୱାସ ବାନ୍ଧି ବସିଛୁ ? ତୁ କେତେ ଶ୍ଳେଷ, ଇଙ୍ଗିତରେ କଥା କହି ଜାଣୁ । ତୁ କହୁଛୁ ପରା—"ଜନ୍ମାନ୍ତର ଯେତେବେଳେ ଅଛି, ସେତେବେଳେ ସେ ନିଶ୍ଚୟ ଆସିବ ।"

ହେଉ, ଜନ୍ମାନ୍ତର ଯେବେ ଥାଏ, ତେବେ ସେ ଭିନ୍ନ ରୂପ ଧରି ଆସିପାରେ; ମାତ୍ର ଯେଉଁ ରୂପରେ ଯାଇଛି, ସେ ରୂପରେ ତ ଆସିବ ନାହିଁ ! ସେ କେବେ ଆସିବ, କେଉଁଠାକୁ ଆସିବ, ମୁଁ ତାକୁ କାହିଁକି ଚିହ୍ନିବି, ସେ ମୋତେ କାହିଁକି ଚିହ୍ନିବ, ସେପରି ଆସିବାରେ ଲାଭ କଅଣ ? ସେ ଆସିବା ଆଉ ନ ଆସିବା ସମାନ । ଆଉ ଜନ୍ମାନ୍ତର ଅଛି କି ନାହିଁ, ତାହା ବା କିଏ ଜାଣେ ? ଥାଇ ବି ପାରେ, ନ ଥାଇ ବି ପାରେ । ଜନ୍ମାନ୍ତର ଅଛି ବୋଲି ବିଶ୍ୱାସଯୋଗ୍ୟ ପ୍ରମାଣ ବା କାହିଁ ? କେହି କେହି କହନ୍ତି—"ଅନ୍ଧ ହେବା, ପଙ୍ଗୁ ହେବା—ଏ ସବୁ ପାପର ଫଳ । ଯେ ଜନ୍ମାନ୍ଧ ବା ଜନ୍ମପଙ୍ଗୁ, ସେ ତ ଜନ୍ମହେଲାକ୍ଷଣି ପାପ କରି ଅନ୍ଧ ବା ପଙ୍ଗୁ ହୁଏ ନାହିଁ ! ସେ ତାହା ପୂର୍ବଜନ୍ମ ପାପର ଫଳ ।" ଏହି କଥାରୁ କି ଜନ୍ମାନ୍ତର ସପ୍ରମାଣ ହେଲା ? ଏହା ଯୁକ୍ତିର କଥା ହୋଇପାରେ; ମାତ୍ର ମନ ମାନିବା ଭଳି ପ୍ରମାଣର କଥା ନୁହେଁ । ଶରୀର ଗଠନର ଅସମ୍ପୂର୍ଣ୍ଣତା ନାନା କାରଣରୁ ଘଟିପାରେ । ତାହା ଯେ କେବଳ ପାପର ଫଳ, ଏ ସ୍ୱତଃସିଦ୍ଧ କେଉଁ ଜ୍ୟାମିତିରେ ଅଛି ? ଗଛରେ ଯେତେ ଫଳ ଫଳେ, ସେଥିରୁ ସବୁ ପୂର୍ଣ୍ଣତାପ୍ରାପ୍ତ ହୁଏ ନାହିଁ—କେହି କୁଜା ହୁଏ—କେହି ଅରୁଆ ହୁଏ—କେହି ବା ପୋକା ହୁଏ । ତେବେ କୁଜା, ଅରୁଆ କିମ୍ବା ପୋକା ହେବା କଅଣ ସେହି ଫଳର ପୂର୍ବଜନ୍ମର ପାପ ? ନାନାବିଧ ପ୍ରାକୃତିକ କାରଣରୁ ସେପରି ଘଟିବା ଅସମ୍ଭବ ନୁହେଁ । ଆଉ ଜନ୍ମାନ୍ତର ନାହିଁ ବୋଲି ବା କିଏ ସାହସ କରି କହିପାରିବ ? ଭଗବାନଙ୍କ ଅନନ୍ତ ସୃଷ୍ଟି ବା ଅନନ୍ତ ରହସ୍ୟରେ କିଛିହିଁ ଅସମ୍ଭବ ନୁହେଁ । ପୁଣି ପାପପୁଣ୍ୟର ମର୍ମ ବୁଝିବା ବି ତ ସହଜ ନୁହେଁ । ବନ୍ୟ ହସ୍ତୀଦ୍ୱାରା ତ ଅନେକ ସମୟରେ ଜୀବହତ୍ୟା ଘଟିଥାଏ, ତେବେ ସେଥିରେ କଅଣ ତାହାର ପାପ ହୁଏ ? ମନୁଷ୍ୟ ପରି ତାହାର ପାପପୁଣ୍ୟ ଜ୍ଞାନ ଅଛି କି ?

ପକ୍ଷାନ୍ତରରେ ହତ୍ୟାମାତ୍ରେ ତ ପାପ, ତେବେ ସେ ପାପ କାହାର ହୁଏ ? ଯାଉ ସେ କଥା, "ଖୋଳ ପର୍ବତ ମାର ମୂଷା"ରୁ କଅଣ ମିଳିବ ? ମୂଷା ମରିବା ଦୂରେ ଥାଉ, ସେ ମିଳିବ କି ନାହିଁ—ଖାଲି ପର୍ବତ ଖୋଳିବା ଏକା ସାର ହେବ ।

ଉଃ, ଏ ପୋଡ଼ା ମନକୁ ନେଇ ତ ସଂସାରରେ ଆଉ ଚଳିହେବ ନାହିଁ ! ଭଗବାନ, ଏଟାକୁ ଭଲି ତୁମ୍ଭେ ନେଇଯାଅ, କେଉଁ ଶୂନ୍ୟ—ମହା ଶୂନ୍ୟରେ ଯେ ମିଳେଇଗଲାଣି—ଯାହାର ଚିହ୍ନବର୍ଣ୍ଣ ସୁଦ୍ଧା ନାହିଁ, ପାଗଳ ମନ କହୁଛି—ସେ ଆସିବ ! ମୁଁ ବି ତା କଥାରେ ଭୁଲିଯାଉଛି । କି ମନ୍ତ୍ରବଳରେ ସେ ମୋର ବିଶ୍ୱାସକୁ ହରିନେଉଛି କେଜାଣି ? ମୋର ଦୃଢ଼ ବିଶ୍ୱାସ ବି ପାଣି ହୋଇଯାଉଛି । ହାୟ, ଏ ପୋଡ଼ା ସଂସାରରେ କିଛି କଅଣ ସ୍ଥିର ନୁହେଁ ? ମନୁଷ୍ୟର ବିଶ୍ୱାସ ବି ଅସ୍ଥାୟୀ ହୁଏ ? କେଉଁ ବେଳେ କେଉଁ ଅପଦେବତା ଆସି ମୋ ଉପରେ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରି ବସୁଛି ସେତେବେଳେ ଆଉ ଆତ୍ମଜ୍ଞାନ ରହୁ ନାହିଁ । ମା ଉମା, ତୁ ମୋତେ

ପାଗଳ କରିଦେଉଛୁ । ଆଉ ଯନ୍ତ୍ରଣା ସହିପାରିବି ନାହିଁ । ଶୃଙ୍ଖଳଗା ରସିଆ ହାଡ଼ ଆଉ କେତେ ସହିବ ମା ! ତୋ ଛଡ଼ା ଆଉ କାହାରି ଉପରେ ଜୀବନ ନିର୍ଭର କରି ଚଳିହେବାର ତ ମୁଁ ଦେଖୁ ନାହିଁ ! ଏବେ ମୋତେ ନେଇ ଯା ମା ! ତୋତେ ଦେଖିଲାକ୍ଷଣି ମୁଁ ଶତ ଦୁଃଖ, ସହସ୍ର ପୀଡ଼ା, ଲକ୍ଷେ ଯନ୍ତ୍ରଣା ସବୁ ଭୁଲିଯାଉଥିଲି, ଏବେ ତୋ ସ୍ଥାନ ଅଧିକାର କରିବ କିଏ ? ଅନେକ ଖୋଜିଲିଣି—ଢେର ଭ୍ରମିଲିଣି, କେତେ ପରୀକ୍ଷା କଲିଣି; କିନ୍ତୁ ସେଭଳି ପାତ୍ର ତ ଦେଖୁ ନାହିଁ ମା ! ତେଣୁ ସେ ଆଶା ଏ ଜନ୍ମ ସକାଶେ ଛାଡ଼ିଛି । ତୋ ପରି କୋଳରେ ମନ ଭିତରେ ବ୍ୟାକ ଆନନ୍ଦ ପୁରାଇଦେବ ଆଉ କିଏ ? ସେ ଅଲୌକିକ ଦୈବୀଶକ୍ତି କାହାରି ତ ଦେଖୁ ନାହିଁ ମା ! ତୁ ମୋ ହୃଦୟରେ ଯେଉଁ ଆସନ ଅଧିକାର କରିଥିଲୁ, ସେ ଆସନରେ ଆଉ କେହି ବସିବ ନାହିଁ ମା ! ଏ ଜନ୍ମରେ ସେ ସ୍ଥାନ ପୂର୍ଣ୍ଣ ହେବ ନାହିଁ, ପ୍ରାଣ ଥିବା ଯାଏଁ ତାହା ଖାଲି ରହିବ । ଶଶୀ ଛଡ଼ା ସାଗରକୁ ଉଛୁଳାଇବାର ଶକ୍ତି କୌଣସି ତାରାର ନାହିଁ ମା ! ହରି ହେ, ତୁମ୍ଭ ମନରେ ଏଇଆ ଥିଲା ?

ହାୟ ମା ଲୋ, ଟିକିଏ ସରବତ ପାଇଁ କେତେ ବ୍ୟାକୁଳ ହେଉଥିଲୁ ! ତୋର ରୋଗ ବୃଦ୍ଧି ଭୟରେ ମୁଁ ତାହା ଦେଇ ନାହିଁ । ତୁ ଭୁଲିଯିବୁ ବୋଲି ଜାଣି-ଥିଲେ ନିଶ୍ଚୟ ଗୋଟାଏ ପିଇବାକୁ ଦେଇଥାନ୍ତି; ମାତ୍ର ନିଷ୍ଠୁର ଆଶା-ପିଚାଶୁଣୀ ମୋତେ ଭୟ ଦେଖାଇଲା । ଏ ବର୍ଷ ଅମ୍ବ ପାଚିଲେ ଖାଇବୁ ବୋଲି କେତେ ତୃଷି ହେଉଥିଲୁ, ଏବେ ତାହାସବୁ ମୁଁ କାହାକୁ ଦେବି ? ଅବୁଝା ମନ ତ ଥୟ ହେଉ ନାହିଁ । ସରବତ, ଅମ୍ବ ତୋ ଶ୍ମଶାନ ଭୂମିକୁ ପଠାଇଦେବା ପାଇଁ ସେ କହୁଛି । ହାୟ ଅବୋଧ ମନ ରେ, ଶ୍ମଶାନରେ ତୋର ଅମ୍ବ ସରବତ କିଏ ଖାଇବ ? କାହାର କ୍ଷୁଧା ତୃଷା ନିବାରଣ ପାଇଁ ତୋର ଏ ବ୍ୟବସ୍ଥା ? ପୃଥିବୀର ଜୀବ ପୃଥିବୀରେ ଥିବା ପର୍ଯ୍ୟନ୍ତ ଏହି ନିର୍ବୋଧପଣିଆ ଛାଡ଼ି-ପାରିବ ନାହିଁ । କ୍ଷୁଧା ତୃଷା ପାର୍ଥିବ, ସେ ପୃଥିବୀ ଛାଡ଼ି ତାହା ସଙ୍ଗରେ ଯିବ ନାହିଁ । ପୁଣି ସେ ଅମୃତ-ରାଜ୍ୟରେ ଅଛି—ଅମୃତ ପାନ କଲେ ପାର୍ଥିବ କ୍ଷୁଧା ତୃଷା ଛୁଇଁ ପାରେ ନାହିଁ । ତୋର ନବୀନ ପଣା ତ ଅମୃତଠାରୁ ଉପାଦେୟ ନୁହେଁ—ତାହା ପିଇବା ପାଇଁ ସେ ଧାଇଁ ଆସିବ ! ଆଉ ପୃଥିବୀର ଅପବିତ୍ର ପଦାର୍ଥ ସେ ଛୁଇଁବ ବା କାହିଁକି ? ମନ, ତୋର ଏ କଳ୍ପନା— ଏ ଧାରଣା ସବୁ ମିଛ; କିନ୍ତୁ ସେହି ମିଛ ଭିତରେ ଯେ ଟିକିଏ ଶାନ୍ତି ଅଛି, ତାହା ମୁଁ ଅସ୍ୱୀକାର କରିବି ନାହିଁ । ସେ ନ ଥାଉ ପଛକେ—ଆସି ନ ଖାଉ ବା ନ ଛୁଉଁ ପଛକେ; ମାତ୍ର ତାହା ନାମରେ ଉତ୍ସର୍ଗ କରି କିଛି ଦେଇ ଆସିଲେ କାହିଁକି କେଜାଣି ମନରେ ଗୋଟାଏ ଅପୂର୍ବ ତୃପ୍ତି ଜାତ ହୁଏ । ସତେ ଯେପରି ସେ ଆସି ନେଲା—ଖାଇଲା, ଏହିପରି ଗୋଟାଏ କୃତ୍ରିମ ଧାରଣା ମନକୁ ପ୍ରବୋଧ ଦିଏ । ଏ ଧାରଣା ଯେ ମିଥ୍ୟା — ଏ କଥା ସତ; ମାତ୍ର ଝୁଣ୍ଟା ମୋତିରେ ବା କେଙ୍ଗି ପିତଳରେ ଯେବେ ଟିକିଏ କ୍ଷୀଣ ଜ୍ୟୋତି ଥାଏ, ତେବେ ତାହା କି ଉପଭୋଗ୍ୟ ନୁହେଁ ? ଯହିଁରେ ହତାଶ ମନ କ୍ଷଣକ ପାଇଁ ପ୍ରଫୁଲ୍ଲ ହୁଏ, ତାହା ଅମୂଳକ ହେଲେ ସୁଦ୍ଧା ଆଦରଣୀୟ । ଆନନ୍ଦ ସମ୍ବାଦ ମିଥ୍ୟା ହେଲେ ସୁଦ୍ଧା କ୍ଷଣିକର ମୂଲ୍ୟ ଯେ ଅମୂଲ୍ୟ —ଏହା ବୋଲିବା ବାହୁଲ୍ୟ ।

ସତ କହୁଛି ମା, ସଂସାରରେ ଆଉ ମନ ଲାଗି-ବାକୁ ନାହିଁ । କେଉଁଠି କଅଣ ଛାଡ଼ି ଆସିଲା ପରି ମନ ଖାଲି ଉଚାଟ ହେଉଛି, ସଂସାରକୁ ଦେଖି ଡର ମାଡୁଛି । ତାହାର ବିଷମ ସ୍ପର୍ଶରେ ନିଃଶ୍ୱାସ ରୁଦ୍ଧ ହୋଇ ଆସୁଛି । ମୋର ଜୀବନ ସବୁବେଳେ ପ୍ରଳୟର ବନ୍ୟା ମୁହଁରେ ରହୁଛି । କେତେବେଳେ କୁଆଡ଼େ ଉଡ଼ିଯିବ, ତାହାର ଠିକଣା ନାହିଁ । ନିଜର ଦେହଟାକୁ ନିଜେ ଠେଲିପାରୁ ନାହିଁ । ଠାଣି ଓଟାରି ତାକୁ ଚଳାଇବାକୁ ପଡୁଛି । ଗତର ନ ଚଳିଲେ ବଞ୍ଚି ରହିବା ବିଡ଼ମ୍ବନା ସିନା ! ସଂସାରରୁ ଯେ ଭୁଲିଯାଏ ସେ ମୁକ୍ତ ହୋଇ-ଯାଏ; ମାତ୍ର ଯେ ରହେ, ସେ ସହିବା ପାଇଁ ରହେ । କିନ୍ତୁ କଅଣ କରିବି ମା, ଜୀବନକୁ ତ ଫିଙ୍ଗିଦେଇ ହୁଏ ନାହିଁ ! ଶଙ୍କରସ୍ୱାମୀଙ୍କ ବୈରାଗ୍ୟ-ଗୀତିକା ଗାଇ ମାଣିକ ପୁରିବା ଯାଏ ପଡ଼ିରହିବାକୁ ହେବ; ଏହା ଛଡ଼ା

ଆଉ ସୁଖ କଅଣ ଅଛି ? ବାସ୍ତବରେ ଏ ସଂସାର ଗୋଟାଏ ମଜାଦାର ଆଖଡ଼ା ଘର । ଏଠାରେ ସବୁ ଅଛି, ଖାଲି ନାହିଁ ଏକା ନାହିଁ । ଏଥି ମନୁଷ୍ୟର ଜୀବନ ରକ୍ଷା ଓ ମନସ୍ତୁଷ୍ଟି ସକାଶେ କେତେ ଉପାୟ କରାଯାଏ, ପୁଣି ଏହି ମନୁଷ୍ୟର ମୃତ୍ୟୁ-କାମନା ବି କରାଯାଏ । ଯେ ଗଳାର ହାର ଥାଏ, ସେ ଜୀବନର ଭାର ହୁଏ । ଯାହାର କଥା ହୃଦୟର ଥାଏ, ତାହାର ପ୍ରତି କଥା, ପ୍ରତି ଶବ୍ଦ ଦୋଷମୟ ଓ ବିଷମୟ ହୋଇଉଠେ । ଅର୍ଥରେ କିଛି ନାହିଁ । ଶକ୍ତି ଗଲେ ଅର୍ଥର ମହତ୍ତ୍ୱ ବି ଖର୍ବ ହୋଇଯାଏ । ସବୁ ଯାଏ, ତାହାଁ ସଙ୍ଗରେ ସମ୍ଭ୍ରମଟିକକ ବି ନଷ୍ଟ ହୋଇଯାଏ । ଆଙ୍କା ଆପଣ ଯେଉଁଠୁ ଆସିଥିଲା, ସେଇଠିକି ଚାଲିଯାଏ । କେତେଗୁଡ଼ାଏ ଅପରଟ ଆସି ତାହା ସ୍ଥାନ ଅଧିକାର କରେ । ଏହିପରି ସଂସାର କେତେ ଯାତ୍ରା, କେତେ ସୁଅଙ୍ଗ, କେତେ କୌତୁକ, କେତେ ହାସ୍ୟ, କେତେ ରୋଦନରେ ପୂର୍ଣ୍ଣ । ଏଠାରେ ଅବସ୍ଥା ଅନୁସାରେ ସୁଖଦୁଃଖ ଭୋଗ କରାଯାଏ । ଯାହାର ପାଦ ଛୁଇଁ ନମସ୍କାର କରାଯାଉଥାଏ, ତାହାକୁ ପୁଣି ପଦାଘାତ କରାଯାଏ । ଏଠାରେ ସ୍ନେହ ନାହିଁ । ସ୍ୱାର୍ଥହିଁ ସ୍ନେହ ନାମ ଧରିଅଛି । ତୁ ସୌଭାଗ୍ୟବତୀ, ତାହାସବୁ ନ ଦେଖି ଚାଲିଗଲୁ ! ସଂସାରରେ ଯେଉଁ-ମାନେ ସମପ୍ରାଣ ପରିବାର ପାଇଛନ୍ତି, ସେମାନଙ୍କ ଜୀବନ ଧନ୍ୟ । ଶିକ୍ଷା ଓ ଆଦର୍ଶ ଉଭୟେ ମନୁଷ୍ୟ ଜାତିକୁ ମହତ୍ କରନ୍ତି । ଗୃହସ୍ଥାଶ୍ରମଠାରୁ ବାନପ୍ରସ୍ଥର ସ୍ଥାନ ଉଚ୍ଚ ହେବାର ଯଥେଷ୍ଟ କାରଣ ଅଛି । ସଂସାରର ଦୁଃଖ-ଜଞ୍ଜାଳ ଭିତରକୁ ନ ଆସି ବାହାରେ ବାହାରେ ରହି ଈଶ୍ୱରଙ୍କ ରାଜ୍ୟର ଶୋଭା ଦେଖି ବୁଲିବା କି ଶ୍ରେୟସ୍କର ନୁହେଁ ? ପ୍ରତିବନ୍ଧକ ମନୁଷ୍ୟକୁ ମାଟି କରେ । ସେ ଯାହାର ନାହିଁ, ସେ ଭାଗ୍ୟଧର । ତାହାର ସ୍ୱାଧୀନ ଇଚ୍ଛା ଓ ଲକ୍ଷ୍ୟ ପ୍ରତିହତ ହୁଏ ନାହିଁ । ତାହାର ସ୍ୱାଧୀନ ଚିନ୍ତା ସଙ୍କୁଚିତ ନ ହୋଇ ବିଶାଳ ଆକାର ଧାରଣ କରେ । ତାହାର ମସ୍ତିଷ୍କ ଉଚ୍ଚ ଚିନ୍ତା ଓ ଉଚ୍ଚ ଧାରଣାର ଭାର ସହିପାରେ । ବୃତ୍ତିଓ ସୁବିଧା ପାଇ ପ୍ରତିଭା ଫୁଟିଉଠେ । ହାୟ ! ସେ ବନ ଯାଇଛି, କେତେ-ବେଳେ ସେ ଫେରି ଆସେ ନାହିଁ । ସେହି ଅଜ୍ଞାନତାର ଫଳ ଆଣି କାଳ ଗୋଟି ଗୋଟି କରି ଦେଖାଇଦେଇ ମୃତ୍ୟୁ ପର୍ଯ୍ୟନ୍ତ କଠୋର ପରିହାସ କରେ । ଯେଉଁମାନେ ଭାଗ୍ୟବାନ୍, ସଂସାରରେ ତାଙ୍କ ପାଇଁ ମହା କାନ୍ଦଣା କାନ୍ଦିବାକୁ ଲୋକ ଥାନ୍ତି ; ମାତ୍ର ତାହା ସାଧାରଣ-ଦୁର୍ଲଭ । ଅନେକ ଜନାରଣ୍ୟ ପରିବାରରେ ମୃତବ୍ୟକ୍ତି ପାଇଁ କେହି କାନ୍ଦିବାକୁ ଥାଏ ନାହିଁ । ସଂସାରରେ ତ ଏହିପରି ଦେଖି ଦେଖି ଆସିଲି ।

ମା, ସେଥିପାଇଁ ଯିବାକୁ ମନ ବଳିଲା । ଅଚ୍ଛା ମନୁଷ୍ୟକୁ ତ ଭଗବାନ ଏ ପୃଥିବୀରୁ ନେଇଯାନ୍ତି, ତେବେ ଶକ୍ତିହୀନ କରିମାର ନିଅନ୍ତି କାହିଁକି ? ଆଖିକୁ ଦିଶିବ ନାହିଁ, କାନକୁ ଶୁଭିବ ନାହିଁ, ଜିଭକୁ ରୁଚିବ ନାହିଁ—ତେବେ ଯାଇ ପ୍ରଭୁଙ୍କର ଅନୁଗ୍ରହ ହେବ । ଏହା ତାଙ୍କ ରାଜ୍ୟର ସାଧାରଣ ନିୟମ; ମାତ୍ର ଏ ନିୟମରେ ବ୍ୟତିକ୍ରମ ବି ଯଥେଷ୍ଟ ଘଟେ । କେହି ଜରାରେ ଜୀବନ୍ମୃତ ହୋଇ ମରେ—କେହି ଯୌବନରେ ମରେ, କେହି ଶୈଶବରେ ମରେ, ପୁଣି କେହି ମାତୃଗର୍ଭରେ ମରେ । କର୍ମ ସାରିଲେ ଉପରୁ ସମସ୍ତେ ଯିବେ ବୋଲି ତ ଶାସ୍ତ୍ର-ପୁରାଣ କହେ । କେହି କହେ, ହାଟ ସଉଦା ସରିଲେ ଯିବାକୁ ହେବ; ମାତ୍ର ଏହା କେମନ୍ତ କଥା ? ଯେ ମାତୃଗର୍ଭରେ ମରେ, ତାହାର କର୍ମ ଅବା କାହିଁ ? ସଂସାରକୁ ତ ସେ ଦେଖେ ନାହିଁ, ତେବେ ହାଟକୁ ନ ଯାଇ ସଉଦା ସାରିଲା ବା କଅଣ—ଏଥିର ରହସ୍ୟ କିଏ କହିବ ? ମା, ତୁ ବର୍ତ୍ତମାନ ଭଗବାନଙ୍କ ଚରଣ ତଳେ ଅଛୁ । ତାଙ୍କୁ ପଚାରି ବୁଝିଥିବୁ, ମୁଁ ଗଲେ କହିବୁ । ଶୁକତାରା, ତୋହି ପ୍ରତି ବିଜାତୀୟ ଘୃଣା ହେଉଛି । ତୋତେ ସପ୍ତର୍ଷିରେ, ସ୍ୱାତି ପାଖରେ ପାଇଲେ କଷିକରି ତୋର କାନ-ମୋଡ଼ାକ ମୋଡ଼ିଦଅନ୍ତି । କି ଅବୁଝା ତୁ ? ତୁ ମୋର ଘାତ ବାର, ସୁତରାଂ ଅନାଦୃତ । ମୁଁ ତୋତେ ଆଦର କଲେ ଅଶୁଭ ହୋଇ ସ୍ୱତଃ ଶୁଭ ହେବୁ—ଏହି ବିଶ୍ୱାସରେ ମୁଁ ଶୁଭକାର୍ଯ୍ୟମାନେ ଶୁକ୍ରବାରରେ ଆରମ୍ଭ କରେ । ତୁ ମଧ୍ୟ ମୋର କାମନା ସଫଳ କରୁ । ଶତ୍ରୁକୁ ପ୍ରେମରେ ଆଲିଙ୍ଗନ କଲେ ସେ ବନ୍ଧୁତା

ଭୁଲିଯାଇ ମିଛ ଆଚରଣ କରେ । ଏହି ବିଶ୍ୱାସରେ ମୁଁ ସ୍ୱେର ଭାବରେ ବୁଝିପାରି ଦେଉଥିଲି; ମାତ୍ର ଏବେ କାଳ ପରେ ବୁଝିଲି ଯେ, ମୋର ସେ ଧାରଣା ଭୁଲ । ସାପକୁ ଦୁଧ ମହୁ ପିଆଇଲେ ସେ ବିଷ ଉଦ୍‌ଗାର କରେ । ଏବେ କନେ ତୁ ନିଜ ହାତରେ ନିଜ ମୁହଁରେ କାଳି ବୋଳିଦେଲୁ । ତୁ ବି ମୋ ଉପରେ କାନ୍ଧ ସାଧିଲୁ । ହାୟ ! ମୋର ଯେ ଅମୂଲ୍ୟ ନିଧି ହରଣ କଲୁ, ତାହା ଆଉ କଅଣ କହିବ ? ବହୁଥିବାଯାଏ ତୋର ଅଖ୍ୟାତି ଗାଇବ ଏବଂ ତୋର ମସ୍ତକରେ ତପ୍ତ ଅଶ୍ରୁ ଢାଳୁଥିବ । ଏହାହିଁ ତୋର କ୍ରୂର କରଣୀର ଉପଯୁକ୍ତ ପ୍ରତିଦାନ । ଶୁକମୁନି, ତୁମ୍ଭେ ପରା ଶୁକଚାରର କର୍ତ୍ତା, କି ଅଶୁଭ କ୍ଷଣରେ ତୁମ୍ଭେ ଜନ୍ମ ଲଭିଥିଲ କେଜାଣି ? ବାମନ ଦେବତା ତୁମ୍ଭ ଗୁଣ ଜାଣି ଗୋଟାଏ ଆଖି ଫୁଟାଇଦେଇଛନ୍ତି । ଏ ଯୁଗରେ ଆଉ କେହି ତୁମ୍ଭ ଆର ଆଖିଟା ଫୁଟାଇଦିଅନ୍ତା କି ! ବ୍ରାହ୍ମଣ ଖାଲି ତେଜସ୍ୱୀ ହୁଏ ନାହିଁ, ଶାନ୍ତି ତାହାର ଜନ୍ମଗତ ଧର୍ମ । ସେହି ଶାନ୍ତ-ସ୍ୱଭାବ ତାହାର ବ୍ରହ୍ମତେଜର ଭୂଷଣସ୍ୱରୂପ । ଯେ ବ୍ରାହ୍ମଣ ହୋଇ ପରକୁ ପୀଡ଼ା ଦିଏ, ତାହାର କେବେ ଭଲ ଗତି ହୁଏ ନାହିଁ; ତୁମ୍ଭେ ଯେତେ ଋଷି—ଯେତେ ପଣ୍ଡିତ—ଯେତେ ବଡ଼ଲୋକ ହୁଅ ପଛେ, ଦୁରନ୍ତ ଦାନବକୁଳର ଗୁରୁ ହୋଇ ଦୁରନ୍ତ ନ ହେବ କାହିଁକି ? ଶାସ୍ତ୍ର କହୁଛି ପରା, ସଂସର୍ଗଜା ଦୋଷ-ଗୁଣାଃ ଭବନ୍ତି । ତୁମ୍ଭର ବ୍ରାହ୍ମଣପଣ ଉସ୍ମିଶା କର୍ପୂର କିମ୍ବା ମଦମିଶା ମହୁ ପରି ଭୟଙ୍କର ସିନା ! ତୁମ୍ଭେ ଅହଂସର୍ବସ୍ୱ । ଉଦ୍ଧତା ଦୁର୍ମୁଖା ଦୁହିତା ବାକ୍ୟରେ ସାମାନ୍ୟ ଦୋଷରେ ତୁମ୍ଭେ ଯଯାତି ପରି ଜାମାତାଙ୍କୁ କଠୋର ଶାପରେ ଦଣ୍ଡିତ କଲ ।

ଏହିଭଳି କ୍ରୋଧ ବ୍ରାହ୍ମଣ ଓ ବ୍ରାହ୍ମଣତ୍ୱର କଳଙ୍କ ସିନା ! ଯାହାର କ୍ଷମା ନାହିଁ, ସେ ବ୍ରାହ୍ମଣ ନୁହେଁ । ଆଉ ଅଧିକ କହିବାକୁ ପ୍ରବୃତ୍ତି ବଳୁ ନାହିଁ । ମାସେ ପୁହ ପାଠକଲ ଅଧିକ ହେଲା ମା, ତୋର ଏ ଇସ୍ୱକାଣ୍ଡ ରୁଦ୍ର ବାଣ କଥା ଆଉ କି ତୋ ମନରେ ପଡ଼ିଲା ନାହିଁ ? ମୁଁ ଅନୁମାନ କରୁଛି, ତୁ ସୁଖସ୍ୱର୍ଗ ଲୋକରେ ମୋତେ ଭୁଲିଯାଇଛୁ । ଏଥିରୁ ଜାଣିଲି, ତୁ ଭଲ ଅଛୁ, ଏଠା ଅପେକ୍ଷା ବହୁଗୁଣ ସୁଖରେ ଅଛୁ । ତାହା ହିଁ ତ ମୋର ଦଗ୍ଧ ପ୍ରାଣର ସର୍ବଶ୍ରେଷ୍ଠ କାମନା ଓ ସାନ୍ତ୍ୱନା ମା ! ଜଗତରେ ତୋର ସମବୟସ୍କ ପିଲାର ତ ଅଭାବ ନାହିଁ, ତେବେ ସମସ୍ତଙ୍କୁ ଛାଡ଼ି ବିଧାତା ତୋତେ ଏକା ନେଇଗଲେ କାହିଁକି ? ତୋ ଉପରେ ତାଙ୍କର ଅସୀମ ଦୟା ଥିବାରୁ ସିନା ! ଆଜି ତୋତେ ଆଉ ଗୋଟିଏ କଥା କହି ବିଦାୟ ନେବି ମା ! ତୋତେ ଯେତେ ଯେ ଡାକୁଲି ପାକୁଲି କଲୁ ପଛେ, ତୁ ଆଉ ପୃଥିବୀକୁ ଆସିବାକୁ ରାଜି ହେବୁ ନାହିଁ । ମୃତ୍ୟୁ ପୂର୍ବରୁ ତୋତେ କିଏ ପାଗଳୀ ଆମ୍ବ ଯାଚି ଡାକୁଥିଲା ବୋଲି କହୁଥିଲୁ ପରା ମା ? ସେହିପରି କେହି କିଛି ଅପୂର୍ବ ପଦାର୍ଥ ଦେଖାଇଲେ ତୁ ଲୋଭରେ ପଡ଼ି ଏ ଅସ୍ଥାୟୀ ଦୁଃଖପୂର୍ଣ୍ଣ ସଂସାରକୁ କେବେ ଆସିବୁ ନାହିଁ । ମୁଁ ତୋତେ ଭଗବାନଙ୍କ ପାଦତଳେ ସମର୍ପଣ କରି ଦେଇଛି । ତୁ ତାଙ୍କର ମନ ନେଇ ସେବା କରୁଥିବୁ, ତାହାହେଲେ ସେ ଆଉ ତୋତେ କୁଆଡ଼େ ନ ପଠାଇ ସବୁବେଳେ ପାଖରେ ରଖିଥିବେ । ତୁ ସେହିଠାରେ ଅନନ୍ତ ଅଖଣ୍ଡ ସୁଖ ଭୋଗ କରି ଧନ୍ୟ ହେବୁ । ଏ ସଂସାର-ରୂପ ଜ୍ୱଳନ୍ତ ଅଗ୍ନିକୁଣ୍ଡ ମଧ୍ୟରୁ ଥରେ ଭୁଲ କରି ଆସିଥିଲୁ, ଆଉ ସେପରି ଭୁଲ କରିବୁ ନାହିଁ । ମୋର ଏ କଥାଟି ମନରେ ରଖିଥିବୁ ।

ମା ଉମା ! ତୋର ସ୍ମୃତି ତୋତେ ଆଉ ଭୂମଣ୍ଡଳରେ ରଖାଇଦେବ ନାହିଁ । ମା, ତୁ ତୋର ମୂର୍ତ୍ତିଟି ନେଇଗଲୁ, କିନ୍ତୁ ଗୋଟିଏ ସ୍ମୃତି ରଖିଗଲୁ । ଓଃ, କି ଭୀଷଣ ସର୍ପ ସେ ! ଏକାବେଳକେ ସହସ୍ର ମୁଖରେ ମର୍ମସ୍ଥଳରେ ତୀବ୍ର ଦଂଶନ କରୁଛି । ମୁଁ ସେହି ଜ୍ୱାଳାମୟୀ ସ୍ମୃତିକୁ କଅଣ କରିବି ? ସେ ତ କ୍ଷଣେ ମୋତେ ଛାଡ଼ିବାକୁ ନାହିଁ, ଛାଇ ପରି ସବୁବେଳେ ସଙ୍ଗରେ ଗୋଡ଼ାଉଛି । ସେ ମୋତେ କିଛି କରିଦେଉ ନାହିଁ । ମୁଁ ଟିକିଏ ଶାନ୍ତି ପାଇବି ବୋଲି ଈଶ୍ୱରଙ୍କ ନାମ ଜପି ବସିଲେ ସେ ଆସି ବାଧା ଦିଏ । ଖାଇ ବସିବାବେଳେ ଆସି ତପ୍ତ ଲୋତକପୂର୍ଣ୍ଣ କରିଦିଏ । କିଛି ଭାବିଲାବେଳେ ଧାଇଁ ଆସି ମୋର ଚିନ୍ତା-

ମୃତ ଶତଚ୍ଛିନ୍ନ କରିଦିଏ । ନିଦ୍ରାବସ୍ଥାରେ ଟିକିଏ ନିସ୍ତାର ପାଏଁ; ମାତ୍ର ନିଦ ଭାଙ୍ଗିଲାକ୍ଷଣି ସେ ଆସି ଉପସ୍ଥିତ । ଅନାଦର କରି ଠେଲିଦେଲେ, ମନଇଚ୍ଛା ଗାଳିଦେଲେ ତେବେ ବି ଅସୁଛି । ସେଇଠା ବଡ଼ ବେହିଆପଣ । ଲାଜମାଟିରେ ତା ଦେହ ଗଢା ହୋଇ ନାହିଁ । ତୁ ତ ଗଲୁ, ତୋର ସ୍ମୃତିକୁ ନେଇଗଲୁ ନାହିଁ କାହିଁକି ? ତୁ ତ ମୋର ହେଲୁ ନାହିଁ, ତୋର ସ୍ମୃତି କାହିଁକି ମୋର ହେବ ? ତୋ ବଦଳରେ ତୁ କଣ ରଖିଗଲୁ ଯେ, ମୁଁ ତାକୁ ଦେଖି ଥୟ ଧରି ରହିପାରିବି ? ଲୋକେ କହନ୍ତି, ସମୟ ଯେତେ ଅତୀତ ହୁଏ, ଆଘାତଜନିତ ବେଦନା ସେତିକି ମିଳେଇଆସେ, ଘା ବି ସେତିକି ଶୁଖିଆସେ; କିନ୍ତୁ କାହିଁ ମା, ତାହା ହେବା ଦୂରେ ଥାଉ, କ୍ଷତ ବିସ୍ତୃତ ହୋଇ ବରଂ ଅଧିକ ଗଭୀର ହେଉଛି । ଦୁଷ୍ଟ ଶୁକ୍ରବାରଟା ସବୁଠାରୁ ବେଶୀ ଯନ୍ତ୍ରଣା ଦିଏ । ବାର ତଳରୁ ସେଇଟାକୁ କେହି ଉଠାଇଦେଲେ ମୁଁ ତାହାର କୃତଜ୍ଞ ହୋଇ ରହନ୍ତି ।

ଅଭାବ ସିନା ପଦାର୍ଥର ମୂଲ୍ୟ ବୁଝାଇଦିଏ ! ତୋର ସେହି ଅଭାବର ମୂଲ୍ୟ ପ୍ରାଣେ ପ୍ରାଣେ ଅନୁଭବ କରୁଛି ମା ! ତୁ ସବୁବେଳେ ମୋ ପାଖରେ ଥିଲୁ; ବାଳ ବିହଙ୍ଗର କଳକାକଳି ଭଳି ତୋର ମଧୁର ବାଣୀରେ ମୁଗ୍ଧ ହୋଇ ସବୁ ବ୍ୟଥା ବେଦନା ଭୁଲି-ଯାଉଥିଲି; କିନ୍ତୁ ହାୟ ! ବିଧାତା ମୋର ସେ ସୁଖ-ଟିକ ବି ଛଡ଼ାଇନେଲା । ତୋ ଅଭାବରେ ଏବେ ଏକୁଟିଆ ବସି ଶୂନ୍ୟ ମନରେ ହାହାକାର କରୁଛି । ଆଉ କେହି ତୋ ପରି ତୋର ଏ ଶୋକଦଗ୍ଧ ପିତା ପାଖକୁ ଆସୁ ନାହିଁ, ଆସୁଛି ଏକା ଲୋତକ । ସେହି ମୋର ବିପଦବନ୍ଧୁ, ଓ ନିର୍ଜନ ସଙ୍ଗୀ । ତୋ ପରି ଏତେ ଦରଦ ଆଉ କାହାର ହେବ ଯେ, ସେ କଣରେ ବସି ମୃତ୍ୟୁପଥ-ଯାତ୍ରୀର ଚିର ବିନୋଦ କରିବ ? ମା, ତୁ ମୋ ଆଖି ଆଗରେ ଦୁଇଟି ଅକ୍ଷର ଲେଖି ରଖି-ଯାଇଛୁ । ନିର୍ଜନତା ଯେତେବେଳେ ଅସହ୍ୟ ହୋଇ-ଉଠେ, ସେତେବେଳେ ମୁଁ ସେହି ଅକ୍ଷର ଯୋଡ଼ିକ ସଙ୍ଗରେ କଥା କହି ହୃଦୟର ଗୁରୁଭାର କିଞ୍ଚିତ ଲଘୁ କରେ । ତୋତେ ପାଶୋରିଯିବା ପାଇଁ ତୁ ଅବା କହିବୁ ; ମାତ୍ର ତାହା ହୋଇପାରେ କି ମା ? ଫୁଲ କି ସୁବାସକୁ ଭୁଲିପାରେ ? ସେ ଯେ ତାର ସମ୍ପଦ—ସେ ଯେ ତାର ଜୀବନ ମା ! ତୋ ଅଭାବରେ ଗୋଟିଏ ଦିନ ମୋତେ ଗୋଟିଏ ଯୁଗ ପରି ଲାଗୁଛି ମା ! ତୁ ଗଲୁ, ମୋତେ ରଖିଗଲୁ କାହିଁକି ? ସଙ୍ଗରେ ନେଲୁ ତ ନାହିଁ, ଏବେ ଭଲି ନେଇଯିବାକୁ ଉପାୟ କର । ଅବଧି ତୁ ମୋ ଲାଗି ଭଗବାନଙ୍କ ପାଖରେ କିଛି ଜଣାଉ ନାହୁଁ ? ତୁ ସରଳ ଶିଶୁ । ସରଳ ପ୍ରାଣରେ ମୋ ପାଇଁ ଜଣାଉଥିଲେ ଭଗବାନଙ୍କର କି ସାଧ୍ୟ ଅଛି ଯେ, ସେ ତୋହର ଗୁହାରି ନ ଶୁଣି ରହିପାରିବେ ? ମୋର ଅବସ୍ଥା ତୁ କଅଣ ଦେଖୁ ନାହୁଁ ? ଯେତେବେଳେ ବ୍ୟଥା ବଳି-ପ୍ଳୁତ୍, ପାଚିଲା ବଥ ପରି ହୃଦୟ ଟଣ୍ ଟଣ୍ ହୁଏ, ସେତେ-ବେଳେ ମୁଁ କିଛି ଉପାୟ ନ ପାଇ ତୋହରି କଥା ଲେଖିବସେ । ମୁଁ ଯେତେ ଲେଖୁଛି, ଲେଖିବାକୁ ସେତେ ମନ ବଳୁଛି । ଲେଖିବାଦ୍ୱାରା ମୁଁ ଘୋର ଦୁଃଖ ମଧ୍ୟରେ ଟିକିଏ ସୁଖ ପାଏଁ ବୋଲି ଲେଖେଁ; ହୃଦୟର ବଜ୍ରଭାର କିଞ୍ଚିତ ଉଶ୍ୱାସ ହୁଏ ବୋଲି ଲେଖେଁ । ନଚେତ୍ ଏ ମୋର ସୌଖୀନ ଲେଖା ନୁହେଁ । ଏ ନିର୍ଜନ କାରାଗାରରୁ ମୋତେ ଶୀଘ୍ର ଉଦ୍ଧାର କର ମା ! ଏହା ଛଡ଼ା ମୁଁ ଆଉ ତୋତେ କିଛି କହୁ ନାହିଁ । ମୋର କଥା ମାନ୍ ମା ! ମା ଉମା, ଦୁଇ ମାସରୁ ଚାଲିଗଲୁ, ଆଉ କେବେ ତୁ ଆସିବୁ ? ହାୟ ଅବୋଧ ମନ ରେ, ତୁ କେତେବେଳେ କଅଣ କହିପକାଉ ? ତୋର ଥାନ ଜ୍ଞାନ ନ ଥାଏ । ଯେ ଗଲା, ସେ କି ଆଉ ଆସିବ ? କର୍ପୂର ଉଡ଼ିଯାଇ ବାୟୁରେ ମିଳେଇ-ଗଲାଣି, ସେ କି ଆଉ ମୁଣ୍ଡା ବାନ୍ଧିବ ? ମା ଲୋ, ସେଠି ତୋର ଗୋସବାପା, ଗୋସମା, ବଡ଼ବାପା, ଅଜା, ଆଈମା, ମାଉସୀ—ସମସ୍ତେ ଅଛନ୍ତି ।

ସେମାନେ ତୋତେ ଜାଣାଯନ୍ତ ପରି ଭୁଇଁ ଛୁଆଁଇ ନ ଦେଇ କୋଳରେ ବଢାଉ-ଥିବେ । ତୁ ସେମାନଙ୍କ ଆଦର ସ୍ନେହ ପାଇ ମୋତେ ଭୁଲିଯାଇଥିବୁ । ସେଠାରେ ତୋର ଦୁଇଟି ଭାଇ ତୋର ଜନ୍ମ ପୂର୍ବରୁ ଯାଇଛନ୍ତି । ତୁ ତାଙ୍କ ସଙ୍ଗରେ

ଖେଳୁଥିବୁ । ତାଙ୍କୁ ଦେଖି ମୋତେ ଭୁଲିପାରିଥିବୁ ; ମାତ୍ର ମୁଁ କାହାକୁ ଦେଖି ତୋତେ ଭୁଲିପାରିବି ? ତୋ ପରି ମୋର ଆଉ କିଏ ଅଛି ? ସାଇଝିମାନେ ତୋତେ କେତେ ଗରଧା କରି 'ଜୁ' ଆଣି ଦେଉଥିବେ, 'ଫୁ' ଆଣିଦେଉଥିବେ । ତୁ ଠାକୁର ପାଇଁ (ଠାକୁର ପୂଜା) କରୁଥିବୁ । ତୋର ସାଙ୍କେତିକ ଭାଷା ସେ ବୁଝନ୍ତି ତ ମା ? 'ଜୁ' ଅର୍ଥ ଜାମୁ ଫଳ ଓ ଜୋଳି । "ଫୁ" ଅର୍ଥ ଫୁଲ । ଶିଶୁ-ସୁଲଭ ଏହି ଏକାକ୍ଷର ଭାଷା ସେ ଶିଶୁ ହୋଇଥିବାରୁ ଅବଶ୍ୟ ବୁଝିପାରୁଥିବେ । ଶିଶୁର ଭାଷା ଶିଶୁଏ ଭଲ ବୁଝନ୍ତି । ମୋର ଅନେକ ଅଛନ୍ତି ସତ୍ୟ; ମାତ୍ର ତୋ ପରି କେହି ଦିଶୁ ନାହିଁ ; ତୋ ପରି କେହି ପ୍ରାଣରେ ଆନନ୍ଦ ଢାଳୁ ନାହିଁ କିମ୍ବା ଦଗ୍ଧ ଅସ୍ଥିରେ ଶୀତଳ ଚନ୍ଦନ ଲେପିଦେଉ ନାହିଁ । ଆଉ ସେପରି ଭାଷା ବା କାହା ତୁଣ୍ଡରେ ଅଛି ? ସେଭଳି ଲାବଣ୍ୟ ବା କାହା ଦେହରୁ ଝରୁଛି ? ସେଭଳି ବାସନ୍ତୀ ପୂର୍ଣ୍ଣିମାର ଢଳ ଢଳ ଜ୍ୟୋତ୍ସ୍ନା ବା କାହା ମୁଖମଣ୍ଡଳକୁ ଆଲୁଅ କରିଅଛି ? ତୋର ଇନ୍ଦୀବର-ସୁନ୍ଦର ଚଞ୍ଚଳ କ୍ଷୁଦ୍ର ନେତ୍ରଯୋଡ଼କୁ ସବୁବେଳେ କେଜାଣି କି ମହାଭାବ ଆଚ୍ଛନ୍ନ କରି ରଖିଥାଏ । ସାଧାରଣତଃ ଶିଶୁ-ଜୀବନରେ ସେରୂପ ଭାବ-ପ୍ରବଣତା ଦୁର୍ଲଭ ପରିଲକ୍ଷିତ ହୁଏ ।

> କଲେଇ କରିଛି ଓଷା,
> ଭୋଗ ଲାଗିବ ପୂଷା ।
> ପାଠ ପଢ଼ାରେ ମନ ଦିଅ,
> କହିବେ ସବୁ ସୁନାଝିଅ ।

ଏହି ଗୀତ ଦୁଇପଦ ତୁ ସବୁବେଳେ ଗୁଣୁ ଗୁଣୁ ସ୍ୱରରେ ଗାଉ । ଆହା ! ସେ ଶିଶୁ-ଗୀତର କୋମଳ ମଧୁର ସ୍ୱର ଆଗରେ ବାଦ୍ୟଶ୍ରେଣୀ ବୀଣାର ସ୍ୱର କି ଛାର ! ମା, ତୋର ପ୍ରିୟ କଣ୍ଢେଇଗୁଡ଼ିକ ମୁହଁ ଶୁଖାଇ ମୂର୍ଚ୍ଛିତା ହେଲା ପରି ଇତସ୍ତତଃ ହୋଇ ପଡ଼ିଛନ୍ତି । ସେଗୁଡ଼ିକର ଚେହେରା ଦେଖି ବୋଧହୁଏ ତୋର ଅଭାବ ତାଙ୍କୁ ବଡ଼ ବାଧୁଛି ; ମାତ୍ର ସେମାନେ ଲୁହ ଗଡ଼ାଇପାରୁ ନାହାନ୍ତି । ତାଙ୍କ ଦେହ କାଠପାଷାଣରେ ଗଠିତ ହୋଇ ନ ଥିଲେ ତରଳି ଯାଇଥାଆନ୍ତେଣି । ତୋର କି ଶକ୍ତି ଥିଲା କେଜାଣି ମା, ଦେଖିଲାକ୍ଷଣି ଦର୍ଶକ ହୃଦୟରୁ ଅଲକ୍ଷ୍ୟରେ ସ୍ନେହ ଟାଣି ଆଣୁଥିଲୁ । ଯେ ତୋତେ ଦେଖୁଥିଲା, ସେ ତୋତେ କୋଳ ନ କରି ବା ନ କାଖେଇ ରହିପାରୁ ନ ଥିଲା ।

ଆଜି ତୋ ଲାଗି କେତେ ଆଖି ଅଶ୍ରୁ-ପ୍ରବାହରେ ଭାସିଯାଉଛି, କେତେ ବକ୍ଷରେ ଶୋକର ଆଘାତ ଲାଗିଛି । କେତେ ପ୍ରାଣରୁ ହାହାକାର ଉଠୁଛି—ତାହା କି ତୁ ଜାଣିପାରୁଛୁ ମା ? ସ୍ମରଣରୁ ତୋ ପରି ତୋର ସ୍ମୃତି କ୍ଷଣେମାତ୍ର ଲିଭିବାକୁ ନାହିଁ । ପାକଲା ବଥ ପରି ସେ ସ୍ମୃତି ଟଣଟଣ ହୋଇ ବକ୍ଷ ହୃଦୟ ଫଟାଇଦେଉଛି । ବର୍ତ୍ତମାନ ତୋତେ ଅନ୍ଧକାର ଦ୍ୱାର ଦୁଆରେ ଥାଉ, ତାହା ପାଖ ପଶିବାକୁ ନାହିଁ । କି ମନ୍ତ୍ରବଳରେ ତୁ ମୋତେ ଭୁଲିଗଲୁ, ମୋତେ ସେ ମନ୍ତ୍ର କିଏ ଶିଖାଇଦେବ ? ଯେବେ କେହି ଶିଖାଇଦିଅନ୍ତା, ତେବେ ତାକୁ ମୁଁ ଦେବତା ପରି ଭକ୍ତି କରନ୍ତି । ତୋତେ ଏତେ ସ୍ନେହ କରିଥିଲି, ଏତେ ଗରଧା କରିଥିଲି—ତୁ ଟିକିଏ ମୁହଁକୁ ଚାହିଁଲୁ ନାହିଁ ? ବାସ୍ତବରେ ଏ ସଂସାରରେ କେହି କାହାର ନୁହେଁ ମା ! ସଂସାର ଏଡ଼େ ନିର୍ମମ ବୋଲି ଜାଣିଥିଲେ ମୁଁ କଦାଚ ତାହାର ପାଖ ପଶିଥାନ୍ତି ନାହିଁ । ମୋ କଥା ଶୁଣି ହସୁଛୁ କି ମା ? କହୁଛୁ କି ମୋର ଦୋଷ କଅଣ ? ସବୁ ନିୟତିର ଲୀଳା । ତାହା ହୋଇପାରେ ମା; କିନ୍ତୁ ସେହି ନିୟତି ଯାତନାକୁ ହାତରେ ଦେଇ ପୁଣି ତାକୁ ଅପହରଣ କରେ, ତାକୁ ଦୟାବତୀ ଦେବୀ ବୋଲି କହିବାକୁ ଜିଭ ତ ଲେଉଟୁ ନାହିଁ ମା ! ନିୟତିର ଲୀଳା ହେଉ ବା ଖେଳା ହେଉ, ସେ ଲୀଳା ଖେଳା ଯେ ବିଷମୟ, ଏହା କହିବା ଦୋଷର କଥା ନୁହେଁ । ସୃଷ୍ଟି ଜୀବ ଉପରେ କଳା ପ୍ରହାର କରି ଯେଉଁ ଲୀଳା ହୁଏ, ସେ ଲୀଳାକୁ ଦୂରରୁ ଜୁହାର । ଅବଶ୍ୟ ଲୀଳାମୟୀଙ୍କର ଲୀଳାରେ ବ୍ୟାଘାତ ହେବ ନାହିଁ । ଜୀବ ଯେତେ କଷ୍ଟ ଭୋଗୁ, ପଛେ ତାହାର ମୂଲ୍ୟ କିଛି ନାହିଁ । ଯେଉଁ ନିୟତିର ଏପରି ବୁଝାମଣା, ତାହା ରାଜ୍ୟରେ ଘର କରିବା ଶୁଭପ୍ରଦ ନୁହେଁ । ମା ଲୋ, ତୋତେ ବଳେ ମୋର

ସାନ ତୃଣ କୁଟୀରରେ ମୁଁ ସାମ୍ରାଜ୍ୟଶୂନ୍ୟ ରାଜା ପରି କେତେ ସୁଖରେ, କେତେ ଅସୁଖରେ ଦିନ କାଟୁଥିଲି । ମୋର ଯେତେ ବିଭବ, ଯେତେ ଐଶ୍ୱର୍ଯ୍ୟ, କେଉଁ ସାମ୍ରାଜ୍ୟଧର ରାଜାର ବଳ ତେତେ ଅଛି ମା ! ସ୍ୱଚ୍ଛ ସ୍ରୋତସ୍ୱଳା ନଦୀଟିଏ ମୋର ଦୁର୍ଗ-ପରିଖାରୂପେ ବହୁଅଛି । ତହିଁ ପରେ ଦୁର୍ଭେଦ୍ୟ ବାଉଁଶ ପ୍ରାଚୀର ଆକାଶକୁ ଚୁମ୍ବନ କରୁଅଛି । ଦୁର୍ଗ ଚାରିପାଖରେ ଆନନ୍ଦ ଉଦ୍ୟାନ । ମୋର ବୃକ୍ଷ-ପ୍ରଜାମାନେ ମୋତେ ଫଳଫୁଲ ରାଜକର ଦେଇ ସୁଖୀ କରନ୍ତି । ତୁ ସେହି ଉଦ୍ୟାନରେ ଫୁଲ-ରାଣୀ ପରି କେତେ ଖେଳ ଖେଳୁଥିଲୁ—କେତେ ନାଚୁ-ଥିଲୁ । ତୋର ସେହି ମଧୁର ନୃତ୍ୟ ଦେଖି ଗୋଟିଏ ଫୁଲ ହସି ହସି ଆଉ ଗୋଟିକ ଉପରେ ଢଳିପଡୁଥାଏ । ଗୋଟିକ କାନରେ ଆଉ ଗୋଟିଏ ଗୁନ୍‌ଗୁନ୍ କେତେ କଥା କହୁଥାଏ । ସେହି ଉଦ୍ୟାନର ପକ୍ଷୀସମୂହ ମୋର ବାଦ୍ୟକାର । ସକାଳେ ସେଗୁଡ଼ିକ ନହବତ ବାଦ୍ୟ ବଜାଇ ଆଉ କେହି କେହି ବସନ୍ତ ରାଗରେ ପ୍ରଭାତୀ ସଙ୍ଗୀତ ଗାଇ ମୋର ନିଦ୍ରା ଭଙ୍ଗାଇ ଦିଅନ୍ତି ।

ଚନ୍ଦ୍ରସୂର୍ଯ୍ୟ ମୋ ଦୁର୍ଗରେ ଆଲୋକ ଦିଅନ୍ତି—ପବନ ମୋ ଦୁର୍ଗରେ ବୈଦ୍ୟୁତିକ ପଙ୍ଖା, ତାରାମୟ ଆକାଶ ବିବିଧ ରତ୍ନଜଡ଼ିତ ମରକତ ଚନ୍ଦ୍ରାତପ—ଆଉ ଉଚ୍ଚ ତାଳଗଛଟି ମୋ ଦୁର୍ଗର ରାଜନିଶାଣ । ପ୍ରକୃତି-ରାଣୀ ତାଙ୍କ ଅନନ୍ତ ସମ୍ପଦ ମଧ୍ୟରେ ମୋତେ ରାଜା କରି ରଖିଛନ୍ତି ; ମୋର ପରିବାରବର୍ଗ ମୋର ପାତ୍ରମନ୍ତ୍ରୀ, ସଦସ୍ୟ ପାରିଷଦ ପ୍ରଭୃତି । ଜଣେ ଦରିଦ୍ର ରାଜାର ଏହାଠାରୁ ବଳି ଅଧିକ ଐଶ୍ୱର୍ଯ୍ୟ କଅଣ ହୋଇପାରେ ? ମୋର ଯାହା ଥିଲି ସବୁ ସେହିପରି ଅଛି; ମାତ୍ର ତୁ ଏବେ ନାହୁଁ । ମୋର ସୁଖ ପୂର୍ଣ୍ଣତା ଲଭିଥିଲା, ଏବେ ତୋ ବିନା ତାହା ଖଣ୍ଡିତ ହେଲା । ପରଲୋକସମ୍ବନ୍ଧୀୟ ଗ୍ରନ୍ଥ ପଢ଼ି ବୁଝିଅଛି ଯେ, ତୁ ମୋଠାରୁ ଦୂରରେ ନାହୁଁ । ତୋ ସଙ୍ଗରେ ଦେଖା ହେଉଛି, କଥାବାର୍ତ୍ତା ହେଉଛି ; ମାତ୍ର ତାହା କିଛି ମନରେ ରହୁ ନାହିଁ । ପାର୍ଥିବ ମନ ସେହିପରି ଉପାଦାନରେ ଗଢ଼ା ହୋଇଅଛି । ଦେଖା ସାକ୍ଷାତ୍, କଥାବାର୍ତ୍ତା ସବୁ ଏ ଅସ୍ଥିମାଂସ ଦେହ ସଙ୍ଗରେ ହେଉ ନାହିଁ । ଅମ୍ବ ତୋଳାର ଗୁଅ ପରି ଗୋଟିଏ ଖୁବ୍ ସୂକ୍ଷ୍ମ ଦେହ ମନୁଷ୍ୟ ଦେହ ଭିତରେ ଅଛି । ସେହି ସୂକ୍ଷ୍ମ ଦେହ ରାତିରେ ଶୟନାବସ୍ଥାରେ ବାହାରିଯାଇ ପରଲୋକଗତ ଆତ୍ମୀୟର ସୂକ୍ଷ୍ମ ଆତ୍ମା ସଙ୍ଗରେ ସାକ୍ଷାତ ସମ୍ଭାଷଣ କରେ । ପ୍ରିୟ ସମ୍ବାଦ ମିଷ୍ଟ ହେଲେ ସୁଦ୍ଧା ଏ କଥା ସତ କି ମା ? ସତ ନ ହେଲେ ବି ସେଥିରେ ଆନନ୍ଦ ଅଛି ! ବଡ଼ ମଧୁର ; ବଡ଼ ତୃପ୍ତିକର । ଋଷି ପୁସ୍ତକର କଥା ବୋଲି ତାହା ଅବିଶ୍ୱାସ କରିବାକୁ ସାହସ ମଧ୍ୟ ଘଟେ ନାହିଁ । ତର୍କ କଣ ଅଠାରେ କାଗଜ ଯୋଡ଼ିଲେ କାଗଜ ବରଂ ଚିରିଯିବ; ମାତ୍ର ଯୋଡ଼ ଫିଟିବ ନାହିଁ । ସଂସାରରେ ସ୍ନେହ ସେହିପରି ଗୋଟିଏ ଖୁବ୍ ଟାଣଦାର ଅଠା । ସେ ଲାଗିଗଲେ ଏପରି କାମୁଡ଼ି ଧରେ ଯେ, ବହୁ ଚେଷ୍ଟାରେ ସୁଦ୍ଧା ଛାଡ଼େ ନାହିଁ । ସ୍ନେହର ବୃଦ୍ଧି ଅଛି; ମାତ୍ର କ୍ଷୟ ନାହିଁ । ସ୍ନେହର ପଦାର୍ଥ ହଜିଗଲେ ସୁଦ୍ଧା ତାହାର ସ୍ମୃତି ହଜିଯାଏ ନାହିଁ । ଯେଉଁ ସ୍ମୃତି ଉପରେ ଗୋଟାଏ ବହଳ ଆବରଣ ପଡ଼ିଯାଇଥିଲା, ଯାହା ମନରୁ ଅନ୍ତର ହୋଇ-ଯାଇଥିଲା, ଅଣୀଦିନ ପରେ ଆଜି ପୁଣି ଫୁଟିଉଠିଲା । କେଉଁ ପରିହାସ-ପ୍ରିୟ ଅପଦେବତା ସେ ଢାଙ୍କୁଣି କାଢ଼ିଦେଲା । ତେବେ କଅଣ ସେ ସ୍ମୃତି ବାଉଁଳଆ ଜନର ଖିଆଲ ପରି କ୍ଷଣକେ ଲୁଚିଯାଇ କ୍ଷଣକେ ଆସି ଦେଖା ଦେଉଥିବ ! ଆଜି କେତେ କଥା ମନରେ ପଡ଼ୁଛି । ମା ଉମା, ତୋତେ ବଞ୍ଚାଇବା ପାଇଁ ତୋର ମୃତ୍ୟୁର ଦୁଇଦିନ ପୂର୍ବରୁ ମୁଁ ମଧୁସୂଦନ ମନ୍ତ୍ର ଜପ କରୁଥିଲି । ଠିକ୍‌ରୂପେ ଆସନରେ ବସି ଅଧିକ କ୍ଷଣ ଜପ କରିବାକୁ ମୁଁ ଅକ୍ଷମ ।

ଏ ଦୁର୍ବଳତା ଲାଗି ମୁଁ ଆଗରୁ ଦେବତାଙ୍କ-ଠାରୁ କ୍ଷମା ଭିକ୍ଷା ମାଗି ନେଇଥିଲି । କେତେବେଳେ ଗୋଡ ଲମ୍ବାଇ ବସି, କେବେ ଚକାମାଡ଼ି ବସି, କେବେ ବା ଶୋଇ ମୋର ସୁବିଧା ଅନୁସାରେ ମୁଁ ଜପ କରେ । ସେ ଦିନ ମଧ୍ୟ ସେହିପରି କରୁଥିଲି । ଠିକ୍ ଦ୍ୱିପ୍ରହରର ସମୟ, ଜପ କରୁଁ କରୁଁ ଆସି କେତେ-ବେଳେ ଘୋର ନିଦ୍ରା ଆକ୍ରମଣ କଲାଣି, ମୁଁ ତାହା ଜାଣେ ନାହିଁ । ସଂଜ୍ଞା ସମ୍ପୂର୍ଣ୍ଣ ଲୋପ ପାଇ ନାହିଁ । ଫୁଲ-

ସନ୍ଧ ପବନ ଝାପଟା ଝାପଟା ହୋଇ ଆସୁଥାଏ । ଜଗତ ନ ବିଶୃଙ୍ଖଳ ବା ବେସୁରା ହୋଇ ନାହିଁ । ଏହି ସମୟରେ କି ନିଦାରୁଣ ଶୂନ୍ୟ ବାଣୀ ଶୁଣିଲି । କେଉଁ ଦୁଷ୍ଟ ପିଶାଚ କେଉଁଠୁ ଏ ଦୁର୍ବାଣୀ ବହି ଆଣି କେଉଁଠି ରହି ମୋ କାନରେ ଅଗ୍ନିଧାରା ଢାଳିଦେଲା, କିଏ ସେପରି ଗମ୍ଭୀର ହତାଶମିଶା ଉଦାସ ଅଳସ ସ୍ୱରରେ ଖୁବ୍ ସୁସ୍ପଷ୍ଟ ଭାବରେ କହିଲା—"ବୃ—ଥା—ଚେଷ୍ଟା ।" ହଠାତ୍ ମୋର ତନ୍ଦ୍ରାର ଘୋର ଭାଙ୍ଗିଗଲା, ସ୍ୱେମ ଝାଳୁର ଉଠିଲି ; ଚାହିଁଦେଇ ଦେଖିଲି କେହି କୁଆଡ଼େ ନାହିଁ । ଆଜି ସେ ବିଷୟ ମୁଁ ଆଲୋଚନା ନ କରି ତାହା ନିଜର ଶ୍ରୁତିଭ୍ରମ ବୋଲି ମନକୁ ବୁଝାଇଦେଇଥିଲି ଏବଂ ଦୁଃସ୍ୱପ୍ନ ଭଳି ସେ ଅମଙ୍ଗଳ ଆକାଶ-ବାଣୀକୁ ଭୁଲିଯାଇଥିଲି; ମାତ୍ର ଆଜି ପୁଣି ସେ ସ୍ମୃତି କିଏ ଆଣିଦେଲା ? ଏ ନିର୍ଦ୍ଦୟ ରହସ୍ୟ କାହାର ? ରହସ୍ୟମୟୀ ପ୍ରକୃତି, ଏ ରହସ୍ୟ ତୋ ଛଡ଼ା ଆଉ କାହାର ନୁହେଁ ମା ! ତୁହି ଲୁଚାଉ ପୁଣି ତୁହି ଆଣି ଦେଖାଉ—ତୁ ଭାଙ୍ଗୁ ପୁଣି ଗଢୁ । ଜନ୍ମ କରୁ, ପୁଣି ମାରୁ—ଏହି ବିରୋଧ ପ୍ରକୃତି ତୋର ଚିରକାଳ ଅଛି ମା ! ତୋ ଅନନ୍ତ ଗର୍ଭରେ ବିଷ ଅଛି, ଅମୃତ ଅଛି, ରୋଗ ଅଛି, ପୁଣି ଔଷଧ ଅଛି, ଅଭାବ ଅଛି, ଆଉ ପୂର୍ଣ୍ଣତା ମଧ୍ୟ ଅଛି । ତୁ ଜନ୍ମ ଦେଉ, ପାଳନ କରି ବଢାଉ, ବିପଦ ବାଧାରୁ ରକ୍ଷା କରୁ, ପୁଣି ଶେଷରେ ତୋହରି ଦେହରେ ମିଶାଇନେଉ । ତୁ ସବୁ—ଆଉ ସବୁ ତୁ । ତୋ ଛଡ଼ା ସ୍ୱତନ୍ତ୍ର ଦେବତା କେହି ନାହିଁ ମା ! ବ୍ରହ୍ମା, ହରି, ହର ତୋହରି କଳ୍ପିତ ନାମ । ସୃଜନ, ପାଳନ, ଧ୍ୱଂସ ତୁମ୍ଭର ଲୀଳା । ତୁମ୍ଭେ ଦୁର୍ଗା, ତୁମ୍ଭେ ଲକ୍ଷ୍ମୀ, ତୁମ୍ଭେ ସରସ୍ୱତୀ, ତୁମ୍ଭେ ସୁନ୍ଦରମୟୀ । ଏ ସୃଷ୍ଟି ତୁମ୍ଭେ ରଚନା କରିଅଛ । ତୁମ୍ଭର ମାନସ-କନ୍ୟା କଳ୍ପନା ଏହି ସୃଷ୍ଟି-ବ୍ୟାପାରରେ ତୁମ୍ଭର ଏକମାତ୍ର ସାହାଯ୍ୟକାରିଣୀ ।

ତୁମ୍ଭେ ପ୍ରକୃତି, ତୁମେ ହିଁ ପୁରୁଷ—ତୁମ୍ଭେ ଇଚ୍ଛାମୟୀ । ଇଚ୍ଛାରେ ଜଗତ ସୃଷ୍ଟି କର—ତୁମ୍ଭର ସ୍ୱତନ୍ତ୍ର ପୁରୁଷ ସହଯୋଗ ଲୋଡ଼ା ନାହିଁ । ତୁମ୍ଭେ ସ୍ତ୍ରୀ, ତୁମ୍ଭେ ଏକା ପୁରୁଷ । ପୁଣି ତୁମ୍ଭେ ସ୍ତ୍ରୀ ନୁହଁ କି ପୁରୁଷ ବି ନୁହଁ । ତୁମ୍ଭେ ତ ସମସ୍ତଙ୍କୁ ସୃଷ୍ଟି କରିଛ—ପୁରୁଷ ବି ତ ତୁମ୍ଭର ସୃଷ୍ଟି, ସ୍ୱତଃ ସନ୍ତାନ । ତୁମ୍ଭର ପୁଣି ସ୍ୱାମୀ କିଏ ? ତୁମ୍ଭର ସ୍ୱାମୀ କେହି ନାହିଁ କି ହେବା ମଧ୍ୟ ଅସମ୍ଭବ । ତୁମ୍ଭେ ଏକା ତୁମ୍ଭର ସ୍ୱାମୀ । ତୁମ୍ଭ ଛଡ଼ା ଆଉ କେହି ତୁମ୍ଭର ସ୍ୱାମୀ ହୋଇପାରିବେ ନାହିଁ । ତୁମ୍ଭେ ଅସୀମ ରହସ୍ୟମୟୀ, ତୁମ୍ଭର ଏ ମହା ଗୂଢ଼ ରହସ୍ୟ କିଏ ଭେଦିବ ମା ? ପୁଣି ତୁମ୍ଭେ ଅନନ୍ତ ଉପାଧିମୟୀ, ତଥା ଅଶେଷ ସୁନ୍ଦରମୟୀ । ଚନ୍ଦ୍ର, ସୂର୍ଯ୍ୟ, ଇନ୍ଦ୍ର, ବାୟୁ ଓ ବରୁଣ ପ୍ରଭୃତି ତୁମ୍ଭର କଳ୍ପିତ ଉପାଧିମାତ୍ର । ତୁମ୍ଭର ସୁନ୍ଦର ବା କିଏ ବର୍ଣ୍ଣନା କରିପାରିବ ? ତୁମ୍ଭେ ନିତ୍ୟ ନୂତନ ଛବି ଦେଖାଉଛ, ଘଡ଼ିକେ ଭିନ୍ନ ରୂପ ଧରୁଛ । ସେ ଛବି-ବର୍ଣ୍ଣନାର ଅନ୍ତ ନାହିଁ । ଭାଷା ସେଠାରେ ମୂକତା ପ୍ରାପ୍ତ ହୁଏ । ତୁମ୍ଭେ ସଧବା ନୁହଁ, କି ବିଧବା ନୁହଁ—ତୁମ୍ଭେ ବିବାହିତା ନୁହଁ କିମ୍ବା ଅବିବାହିତା ନୁହଁ । ବିବାହ କରିଥିଲେ ତୁମ୍ଭେ ନିଜେ ନିଜକୁ ବିବାହ କରିଥିବ, ନଚେତ୍ ତୁମ୍ଭେ ଚିରକୁମାରୀ, ମୁଁ ଭୁଲରେ ତୁମ୍ଭକୁ ଛାଡ଼ି ଅନ୍ୟ ଦେବତା ପୂଜିଛି । ତୁମ୍ଭ ଛଡ଼ା ଯେ ଦେବତା ନାହିଁ—ଏ ଜ୍ଞାନ ମୋର ଥିଲା ନାହିଁ । ମୁଁ ତୁମ୍ଭର ସେହି ଉପାଧିକୁ—ତୁମ୍ଭର ଶକ୍ତିବିଶେଷକୁ ପୂଜିଅଛି; ମୂଳ ଛାଡ଼ି ଡାଳକୁ ପୂଜିଛି । ଏବେ ମୋର ଭ୍ରାନ୍ତି ତୁଟିଛି । ଏବେ ମୂଳତତ୍ତ୍ୱକୁ ପୂଜିବି । ମା ପ୍ରକୃତି-ଦେବୀ, ତୁମ୍ଭକୁ ଆଉ କେଉଁଣ ପ୍ରାର୍ଥନା କରିବି ? ମୋର ଇହ ପରକାଳର ଜୀବନ-ପଥ ଆଲୋକମୟ କର, ଆଉ ତୁମ୍ଭକୁ ପ୍ରକୃତ ରୂପରେ ଅଭ୍ରାନ୍ତ ଭାବରେ ଚିହ୍ନିପାରିବାର ଶକ୍ତି ଓ ଶୁଦ୍ଧ ଜ୍ଞାନ ଦିଅ । ଏହା ଅପେକ୍ଷା ଶ୍ରେଷ୍ଠତର ପ୍ରାର୍ଥନା ଆଉ କଅଣ ଅଛି, ମୁଁ ଜାଣେ ନାହିଁ । ମୋର ବିଶ୍ୱାସ—ମୋର ଏହି ସ୍ୱଳ୍ପ ପ୍ରାର୍ଥନାରେ ଜୀବନର ସକଳ ଆକାଙ୍କ୍ଷା, ସମସ୍ତ ବାଞ୍ଛିତ ସୁଖ ଏକାଧାରରେ ପୁଞ୍ଜୀଭୂତ ହୋଇ ରହିଛି । ମା, ତୁମ୍ଭେ ଅନନ୍ତ—ତୁମ୍ଭର ମହିମା ଅନନ୍ତ—ଶକ୍ତି ଅନନ୍ତ—ଦୟା ଅନନ୍ତ—କ୍ଷମା ଅନନ୍ତ—ଅଳ୍ପ କଥାରେ ତୁମ୍ଭର ସବୁ ଅନନ୍ତ ।

ତୁମ୍ଭର ସେହି ଅନନ୍ତତ୍ୱ ମୋର ଚକ୍ଷୁପାଖରେ ଖେଳି ଉଠୁଛି । ଏବେ ଅନନ୍ତ ମଧ୍ୟରେ ମୁଁ ଅଛି

ଶାନ୍ତ । ଅତି କ୍ଷୁଦ୍ର ମାନବର ଅସ୍ତିତ୍ୱ । କେଉଁ ଅତଳ ଗର୍ଭରେ ବୁଡ଼ିଯାଏ, ମୁଁ ଅଛି ବା ମୁଁ ସରୁଛି, ଏ ଜ୍ଞାନ ରହେ ନାହିଁ । ଏଥିରେ ତୁମ୍ଭଙ୍କୁ ଧାରଣା କରିବି କଅଣ ? ଆଉ ମାଗିବି ବା କଅଣ ? ଖାଲି ଏତିକି କହୁଛି ମା—ମୋ ଦେହରୁ ସ୍ଥୂଳ ଇନ୍ଦ୍ରିୟ କାଢ଼ିନିଅ । ମୋତେ ଦିବ୍ୟ ଚକ୍ଷୁ ଦିଅ । ମୁଁ ତୁମ୍ଭଙ୍କୁ ନିଜ ମଧ୍ୟରେ ଏବଂ ବାହାରେ ସବୁଠାରେ ଦେଖେଁ । ଦିବ୍ୟ କର୍ଣ୍ଣ ଦିଅ, ତୁମ୍ଭର ଅବ୍ୟକ୍ତ ମହାବାଣୀ ଶୁଣେ, ଦିବ୍ୟ ଜିହ୍ୱା ଦିଅ, ତୁମ୍ଭର ମହିମା କୀର୍ତ୍ତନ କରେଁ ଏବଂ ପ୍ରେମାମୃତ ଆସ୍ୱାଦନ କରେଁ । ଦିବ୍ୟ ନାସିକା ଦିଅ, ତୁମ୍ଭର ପଦ-ପଙ୍କଜ ଓ ଚରଣର ସୁଗନ୍ଧ ଆଘ୍ରାଣ କରେ । ଦିବ୍ୟ ଶରୀର ଦିଅ, ତୁମ୍ଭର ପାବନ ସ୍ପର୍ଶ—ଅମୃତ ସ୍ପର୍ଶ ଅନୁଭବ କରେଁ । ଦିବ୍ୟ ଭାଷା ଦିଅ, ତୁମ୍ଭର ଦିବ୍ୟ ସ୍ତବ ରଚନା କରେଁ । ସର୍ବୋପରି ଦିବ୍ୟ ଜ୍ଞାନ ଦିଅ, ତୁମ୍ଭର ଅଭୟ ପାଦରେ ବିକିହୁଏଁ—ଏହାହିଁ ମୋର ମୂକ ପ୍ରାର୍ଥନା ମା !

ମୋତେ ଅନ୍ଧାରରୁ ଆଲୁଅକୁ ନେଇଯାଅ, ମିଥ୍ୟାରୁ ସତ୍ୟ ଆଡ଼କୁ ଘେନିଯାଅ । ଅପଦରୁ ଉତ୍ସବ ଆଡ଼କୁ ନେଇଯାଅ—ଅସୁନ୍ଦରରୁ ସୁନ୍ଦର ଆଡ଼କୁ ନେଇଯାଅ । ମାଟି ରାଜ୍ୟରୁ ସ୍ୱର୍ଣ୍ଣଭୂମିକୁ ନେଇଯାଅ । ପଙ୍କିଳ ପଲ୍ୱଳରୁ ନେଇ ପବିତ୍ର ମାନ-ସରୋବରରେ ରଖ । ମା, ଜନନୀ-ଦେବୀ ପ୍ରକୃତି-ରାଣୀ, ମୋତେ ତୁମ୍ଭ ମନ୍ଦିରର ମାର୍ଜନୀକର ଦାଢ଼ ପୋଛା ଗାମୁଛା, କର ପଥୁର ଘଷା ପଥର କର ଅଥବା ଖଟଣୀ ଭ୍ରମର କର । ପାଦଲାଗି ଫୁଲ କିମ୍ବା ପୁଷ୍ପର ସୁବାସ ହୋଇ-ପାରିଲେ ମୁଁ ଆଉ କିଛି ଖୋଜନ୍ତି ନାହିଁ, ନତୁବା ମୋତେ ଧୂପ କର—ନିଜେ ପୋଡ଼ିହୋଇ ତୁମ୍ଭଙ୍କୁ ଆମୋଦରେ ତୃପ୍ତି କରିବି । ମୁଁ ଯେବେ ଚନ୍ଦନ ହୋଇପାରନ୍ତି, ତେବେ ତୁମ୍ଭ ଦେହରେ ଲାଗି ଲାଗି ଶେଷରେ ମିଳାଇଯାଇ ଧନ୍ୟ ହୁଅନ୍ତି । ମା, ମୋତେ ତୁମ୍ଭ ବେଶଘରର ଚୂଲି କିମ୍ବା ମଣୋହି ରନ୍ଧା ହାଣ୍ଡି କର । ମୁଁ ନିତି ଅଗ୍ନିରେ ସ୍ନାନ କରି ଆତ୍ମା ଶୁଦ୍ଧି କରିବି । ମୁକ୍ତି ମୋର ଲୋଡ଼ା ନାହିଁ ମା, ସେବା ଏକା ଲୋଡ଼ା । ମୁକ୍ତି ସ୍ଥିର ନିଶ୍ଚଳ, ସେବା ତରଙ୍ଗସଙ୍କୁଳ । ସ୍ଥାଣୁ-ତ୍ୱରେ ସୁଖ ନାହିଁ, ସ୍ପନ୍ଦନରେ ଏକା ସୁଖ । ତୁମ୍ଭର ଯୋଗ୍ୟ ସେବକ ନ ହୁଏ ପଛେ, ଅଧମ ସେବକ ହୋଇ ରହିବି । ସତେ ଏ ସୌଭାଗ୍ୟ ମୋର ଉଦିତ ହେବ ମା ? ତୁମ୍ଭ ଜଗତର ସେବା କରିବା ଭଳି ଶକ୍ତି ଦିଅ—ସାହସ ଦିଅ—ନୈପୁଣ୍ୟ ଦିଅ ଓ ଐକାନ୍ତିକ ନିଷ୍ଠା ଦିଅ । ତୁମ୍ଭ ସିଂହାସନର ଖଣ୍ଡେ ଇଟା ହୋଇ-ପାରିଲେ ମୋର ଅଲୋଡ଼ା ଜୀବନ ଓ ସଫଳ ଜନ୍ମ ଧନ୍ୟବାନ୍ ହୁଅନ୍ତା ।

ମନ ରେ, ସ୍ଥିର ହୋଇ ରହ, ବିଶ୍ୱାସ ଦୃଢ଼ ହେଲେ ସବୁ ହେବ, ନଚେତ୍ ଏ କଳ୍ପନା ଖାଲି କଳ୍ପନାହିଁ ହୋଇପାରିବ ; କିନ୍ତୁ ବିଶ୍ୱାସ ଦୃଢ଼ ହେଉଛି କାହିଁ ? ଟିକିଏ ଦୃଢ଼ ହୋଇଆସିଲା ବେଳକୁ କିଏ ତାକୁ ହଲାଇ ଦୁର୍ବଳାଇଦେଉଛି । କାଲେ ମୋର ବିଶ୍ୱାସଟା ଟେର ଭାଙ୍ଗିଯାଇ ଶକ୍ତ ହୋଇଯିବ, ତେବେ ତ ସବୁ ସରିଗଲା ! ଆଉ ଯନ୍ତ୍ରଣା ଭୋଗିବ କିଏ? ହରି ହେ ! ଏ ଗୋଟାଏ ପୁଣି ତୁମ୍ଭର କି କୌତୁକ ? ମୋହର ଯାହା ଲୋଡ଼ା, ତାହା ତୁମ୍ଭେ ମୋ ପାଖରେ ରଖିଛ । ମୁଁ ତାକୁ ଦେଖି ନ ପାରି ତୁମ୍ଭଙ୍କୁ ଅବିଶ୍ୱାସ କରୁଛି । କିନ୍ତୁ ତୁମ୍ଭେ ତାହା ଉପଯୁକ୍ତ ସମୟରେ ଆଣି କେତେ କେତେ ହାତରେ ଗୁଞ୍ଜିଦେଉଛ । ତେତେବେଳେ ମୁଁ ଲଜ୍ଜିତ ହେଉଛି । ଯାହା ଦେଲ, ତାହା ଦଣ୍ଡକ ବା ଦିନକ ଆଗରୁ ମୋର ବିଶ୍ୱାସ ଚଳନ୍ତା କାହିଁକି ? ଆଗେ ଅବିଶ୍ୱାସ ଆଣି ଦେଇ-ସାରି ପଛକୁ ବାଞ୍ଛିତ ଆଣିଦେବା ହୁଟ ଲଗାଇଲା ପରି ନୁହେଁ କି ?

ଏରୂପ ଲୁଚକାଳି ଖେଳ କି କୌତୁକ ଉପଭୋଗ କର କୌତୁକମୟ ? ଆଉ ଲଜ୍ଜା ଦିଅ ନାହିଁ ପ୍ରଭୁ ! ବିଷମ ଲଜ୍ଜାରେ କଲିଜା ଫାଟିଯାଉଛି—ଆଉ ମୁଣ୍ଡଟେକି-ପାରୁ ନାହିଁ, ଆଉ ସହିପାରିବି ନାହିଁ—ରକ୍ଷା କର ହରି ! ଦୁର୍ବଳ ହୃଦୟରେ ବଳ ଦିଅ—ଟଳ ଟଳ ବିଶ୍ୱାସ ଦୃଢ଼ କରିଦିଅ, ସବୁ ଛଡ଼ାଇନେଇସାରିଲଣି, ତେବେ ବି ତ ମୁଁ ବଞ୍ଚି ରହିଛି । ଏହା ଉପରେ ଆଉ କି ପରୀକ୍ଷା କରିବ ? ଏହିଠାରୁ ପରୀକ୍ଷା ଶେଷ ହେଉ । ତୁମ୍ଭେ ଏକା ସିନା ମୋତେ ଅକୃତଜ୍ଞ କରୁଛ, ଅବିଶ୍ୱାସୀ

କରୁଛ, ପୁଣି ମୋହରି ପାଖରେ ମୋତେ ଲୁଚିଲୁଚା କରୁଛ । ଯାହାର ଜୀବନର ଅବଲମ୍ବନ କାଢ଼ିନେଇ, ତାକୁ ରଖି ଆଉ ଫଳ କଅଣ ? ଖାଲି ଲୁଟ ସାଧିବା, ନାଟ ଦେଖିବା ଛଡ଼ା ଆଉ ତୁମ୍ଭର କି ଉଦ୍ଦେଶ୍ୟ ଅଛି କିଏ ଜାଣେ ? ଅଚ୍ଛା, ତୁମ୍ଭଙ୍କୁ ଏହିପରି ଭଲ କରିଥିଲେ ତୁମ୍ଭର ସାତ କୋଟି ସନ୍ତାନ ? ମୋର କଅଣ ଏତେ ଅପରାଧ ସଞ୍ଚିତ ଅଛି ଯେ, ସାରା ଜୀବନଟା ତାହାର ପ୍ରାୟଶ୍ଚିତ୍ତ ପୂର୍ଣ୍ଣ ହେଉ ନାହିଁ ? ଦୁଷ୍ଟର ମଲ୍ଲୀଙ୍ଗ ପରି ମୁଁ ତୁମ୍ଭ ସଂସାରରୁ ରସ ଶୋଷଣ କରୁଛି; ମାତ୍ର ତାକୁ କିଛି ଦେଇପାରୁ ନାହିଁ । ମଲ୍ଲୀଙ୍ଗ ଗଛରୁ ରସ ନେଇ ବଞ୍ଚେ, ମାତ୍ର ଯାହା ଲାଗି ବଞ୍ଚେ, ତାହାର କିଛି ଉପକାର ନ କରି ବରଂ ତାକୁ ଦୁର୍ବଳ କରିଦିଏ । ମୁଁ ଖାଲି ସେହିପରି କରୁଛି, କ୍ଷମାକର କ୍ଷମାସାଗର !

ମା ଉମା, ଆଜି ସେହି କାଳ ଶୁକ୍ରବାର । ତୁ ଆଜିକି ୧୦ ଦିନ ହୋଇ ଗଲୁ, ତାହା ଭେଟିବ ମୁହୂର୍ତ୍ତି ପରି ସୁଦ୍ଧା ଲାଗୁ ନାହିଁ ! ତୋର ହସିବା ମୂର୍ତ୍ତି ପରି ଲୁଚିବା ମୂର୍ତ୍ତିଟି ସୁଦ୍ଧା କି ସୁନ୍ଦର ! ସେ କପଟ ଗୁଣାରୁ ମମତା, ଅଭିମାନ ଫୁଟିଉଠୁଥାଏ । ସେ ଅଭିମାନ କି ମଧୁର ! ସ୍ନେହ ହାସ୍ୟରେ ମୁଖଖଣ୍ଡି ସମୁଜ୍ଜ୍ୱଳ କ୍ଷଣେ, ଏହା କି ପାଶୋରିବାର କଥା ? ଥାଉ ସେସବୁ, ତୁ ଏବେ ସ୍ୱର୍ଗର ତପସ୍ୱିନୀ, ଆଉ ତୋତେ ସ୍ନେହରେ [illegible] ନାହିଁ, ମୁଁ ନିର୍ବାକ କହୁଛି—ତୁ ରାଜରାଜେଶ୍ୱରୀ ମୂର୍ତ୍ତିରେ ଭଗବାନଙ୍କ ସେବାରେ ନିଯୁକ୍ତ ରହି ଧନ୍ୟ ହୋ ମା !

ରେ ଦର୍ବର ସ୍ନେହ, ତୁ ମନୁଷ୍ୟର ପୋଷ୍ୟପୁତ୍ର । ପୋଷ୍ୟପୁତ୍ର ସମସ୍ତ ଉଜାଡ଼ିଦିଏ ପୁଣି ଯନ୍ତ୍ରଣା ଦିଏ । ତାକୁ ପୋଷି ରଖିବାର ଫଳ ଏତିକି । ତୁ ସୁଦ୍ଧା ସେହିପରି ରେ ସ୍ନେହ, କୋଟରସ୍ଥ ଅଗ୍ନି ପରି ଯେ ତୋତେ ପୋଷି ରଖେ, ତୁ ତାକୁ ପୋଡ଼ି ଜାଳି ଭସ୍ମ କରିଦେଉ ! ମୁଁ ତୋ ଗୋଡ଼ ତଳେ ପଡ଼ି ହାତ ଯୋଡ଼ି ବିନମ୍ର ହୋଇ ପ୍ରାର୍ଥନା କରୁଛି—ଏ ଜନ୍ମରେ ତୁ ଆଉ ମୋ ପାଖ ପଶିବୁ ନାହିଁ ।

ହାୟ ମଧୁସୂଦନ !

# ବିବିଧ ଚିନ୍ତା

# ସୂଚୀପତ୍ର

## ବିଷୟ


ସ୍ୱଜଭକ୍ତି
ସାହିତ୍ୟ
ଚରିତ୍ର
ଚିନ୍ତା
ଉନ୍ନତି
ଧର୍ମ
ସଂସର୍ଗ
ସଭ୍ୟତା
ବ୍ରହ୍ମଚର୍ଯ୍ୟ
ସ୍ୱାବଲମ୍ବନ
କୃଷି
ଶିଳ୍ପ
ବାଣିଜ୍ୟ
ଇତିହାସ
ବିଜ୍ଞାନ
ସ୍ୱାସ୍ଥ୍ୟ
ଅମରତ୍ୱ
ଦୟା
ଢଉଞ୍ଜ
ମୃଗୟା
ସମାଜସଂସ୍କାର
ଅବାହନୀ
ନିର୍ମଳ ଝର
ସେବା-ଧର୍ମ

# ବିବିଧ ଚିନ୍ତା

## ରାଜଭକ୍ତି

ରାଜଭକ୍ତି ପ୍ରକାଶ ପୂର୍ବରୁ ରାଜାଙ୍କୁ ଚିହ୍ନିବା ଆବଶ୍ୟକ । ରାଜା ବିଶ୍ୱପରିବାରର କର୍ତ୍ତା । ଗୃହରେ ଜଣେ କର୍ତ୍ତା ଥାଏ । ଗୃହର ସମସ୍ତ ପରିବାର ତାହାର ଅଙ୍ଗୁଳି ନିର୍ଦ୍ଦେଶକ୍ରମେ ପରିଚାଳିତ ହୁଅନ୍ତି । ଗୋଟିଏ ଗୋଟିଏ ରାଜ୍ୟକୁ ଯଦି ଗୋଟିଏ ଗୋଟିଏ ଗୃହ ବୋଲି କଳ୍ପନା କରାଯାଏ, ତେବେ ସେହି ଗୃହର କର୍ତ୍ତା ବା ଅଧିପ ରାଜା-ଆଖ୍ୟାରେ ଅଭିହିତ ହୁଅନ୍ତି । ରାଜ୍ୟ-ଗୃହବାସୀ ସମସ୍ତ ପ୍ରଜା ତାଙ୍କର ଶାସନରେ ପରିଚାଳିତ ହୁଅନ୍ତି । ସ୍ଥୂଳରେ କହିବାକୁ ଗଲେ ପ୍ରଜାପୁଞ୍ଜର ପ୍ରତିନିଧି ହିଁ ରାଜା । ସମଗ୍ର ପ୍ରଜାଶକ୍ତିର ସମବାୟରେ ରାଜଶକ୍ତି ଗଠିତ ହୁଏ । ପ୍ରଜା ଯନ୍ତ୍ର, ରାଜା ତାହାର ଚାଳକ । ପ୍ରଜା ପିଣ୍ଡ, ରାଜା ପ୍ରାଣ । ରାଜାଙ୍କ ଦ୍ୱାରା ପ୍ରଜାର ଧନପ୍ରାଣ ନିରାପଦରେ ରକ୍ଷିତ ହୁଏ । ରାଜଶକ୍ତି ପ୍ରଜାଶକ୍ତିର ମେରୁଦଣ୍ଡସ୍ୱରୂପ । ରାଜାଙ୍କର ଅସୀମ ଶକ୍ତିଦ୍ୱାରା ରାଜ୍ୟ ମଧ୍ୟରେ ଶାନ୍ତିର ଅମୃତ-ଜାହ୍ନବୀଧାରା ପ୍ରବାହିତ ହୁଏ । ଏହି ବିରାଟ ମାନବ-ବିଶ୍ୱ ଗୋଟିଏ ପ୍ରକାଣ୍ଡ ପାଠଶାଳା । ପ୍ରଜା ଏଥିରେ ଛାତ୍ର ଓ ରାଜା ବିଚକ୍ଷଣ ଶିକ୍ଷକ । ଦୁର୍ବୃତ୍ତଦସ୍ୟୁଙ୍କ ଆକ୍ରମଣରୁ ଓ ଅନୀତି-ଅଧର୍ମ କବଳରୁ ପ୍ରକୃତିପୁଞ୍ଜକୁ ସୁରକ୍ଷା କରିବା ଓ ସତ୍‌ପଥରେ ଚଳାଇବା ରାଜାଙ୍କର କର୍ତ୍ତବ୍ୟ ଓ ଧର୍ମ । ରାଜା ସେହି କର୍ତ୍ତବ୍ୟ ବା ଧର୍ମପାଳନରେ ବୀତସ୍ପୃହ ହେଲେ ମାନବ ସମାଜର ଶୃଙ୍ଖଳା ଛିନ୍ନଭିନ୍ନ ହୋଇଯାଏ ଏବଂ ସମାଜରେ ପାପ, ଦୁରାଚାର ପ୍ରବେଶପୂର୍ବକ ତାହାକୁ କୀଟଦଂଶିତ ତରୁ ପ୍ରାୟ ଅନ୍ତଃସାରଶୂନ୍ୟ କରି ପରିଶେଷରେ ନିଃଶେଷ ବିନାଶ କରେ ।

ରାଜା ସାଧାରଣ ମାନବ ନୁହନ୍ତି । ଶାସ୍ତ୍ରମୁଖରେ ସେ ମହତୀ ଦେବତା ନାମରେ ବିଘୋଷିତ ହୋଇଅଛନ୍ତି । ପ୍ରକୃତିର ରକ୍ଷଣ, ପାଳନ ଓ ବର୍ଦ୍ଧନ ସକାଶେ ବିଧାତା ତାହାଙ୍କୁ ମାନବାତିରିକ୍ତ ଶକ୍ତି ଓ ସଦ୍‌ଗୁଣ ପ୍ରଦାନପୂର୍ବକ ମର୍ତ୍ତ୍ୟଧାମକୁ ପ୍ରେରଣ କରିଅଛନ୍ତି । ସୁରାଜା ପ୍ରଜାକୁଳର ଐହିକ ଓ ପାରତ୍ରିକ ସୁଖର ପଥପ୍ରଦର୍ଶକ । ପ୍ରଜାବର୍ଗଙ୍କର ଜୀବନଗଠନର ଭାର ତାଙ୍କର ହସ୍ତରେ ନ୍ୟସ୍ତ । ପ୍ରଜାମାନଙ୍କ ପ୍ରତି ସ୍ୱୀୟ କର୍ତ୍ତବ୍ୟକୁ ସେ ରାଜମୁକୁଟ ଛଳରେ ମସ୍ତକରେ ବହନ କରନ୍ତି । ରାଜାଙ୍କର ଜୀବନ ବ୍ୟକ୍ତିଗତ ନୁହେଁ, ତାହା ସାଧାରଣ ଜୀବନ । ସେ ପୁଣ୍ୟ-ପୂତ ମହାଜୀବନ ପ୍ରକୃତିର ଶ୍ରୀବୃଦ୍ଧି ସାଧନ ସକାଶେ ଉତ୍ସର୍ଗିତ । ସେ ନିଜେ ଦୁଃଖ ସହ୍ୟ କରି ଅସଂଖ୍ୟ ମାନବଙ୍କୁ ସୁଖ ପ୍ରଦାନ କରନ୍ତି, ସେ ବାସ୍ତବରେ ନର-ଦେବତା । ତାଙ୍କର ମୂର୍ତ୍ତି ଦର୍ଶନ ଦେବଦର୍ଶନ ତୁଲ୍ୟ ପୁଣ୍ୟପ୍ରଦ, ଏଥିରେ ସଂଶୟ ନାହିଁ । ରାଜା ପ୍ରଜାର ସମ୍ପର୍କ ପିତାପୁତ୍ରର ସମ୍ବନ୍ଧ ତୁଲ୍ୟ ଘନିଷ୍ଠତର । ସୁତରାଂ ରାଜାଙ୍କର ପ୍ରଜା-ପିତା ଆଖ୍ୟା ସତ୍ୟ, ଶିବ, ଧ୍ରୁବ, ସୁନ୍ଦର ଓ ସର୍ବତ୍ରସାର୍ଥକ—ଏହା ଅତିରଞ୍ଜିତ ଉକ୍ତି ନୁହେଁ ।

ରାଜାଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟ ନିବିଷ୍ଟଚିତ୍ତରେ ଚିନ୍ତାକଲେ ତାହାଙ୍କ ଉଦ୍ଦେଶ୍ୟରେ ଭକ୍ତିରେ ଶିର ସ୍ୱତଃ ଅବନତ ହୋଇଆସେ ; ସ୍ୱେଚ୍ଛା-ମୂଳରେ ଭକ୍ତି ଜାତ ହୁଏ । ଯେଉଁ ରାଜା ଯେଉଁ ପରିମାଣରେ ପ୍ରଜାବତ୍ସଳ, ତାହାଙ୍କର ପ୍ରଜାମଣ୍ଡଳୀ ସେହି ପରିମାଣରେ ରାଜଭକ୍ତ । ରାଜାମାନେ ପ୍ରଜାଙ୍କଠାରୁ ରାଜକର ଆକର୍ଷଣ କରନ୍ତି ; ମାତ୍ର ଯେଉଁ ରାଜା ରାଜକର ସହ ପ୍ରଜା-ହୃଦୟର ଭକ୍ତି-ବିତ୍ତ ଆକର୍ଷଣ କରିବାକୁ ସମର୍ଥ, ସେହି ରାଜର୍ଷିଙ୍କ ରାଜସିଂହାସନ ଦେବତାମାନଙ୍କର ନମସ୍ୟ । ରାଜକର ରାଜଭୋଗରେ ଲାଗେ ନାହିଁ, ତାହା ପ୍ରଜାଙ୍କ ହିତକାର୍ଯ୍ୟରେ ବ୍ୟୟିତ ହୁଏ ; କେବଳ ଭକ୍ତିକଣିକାଟି ରାଜାଙ୍କର ପ୍ରାପ୍ୟ । ରାଜା ପ୍ରଜାଦତ୍ତ ଭକ୍ତି ପରିଗ୍ରହଣପୂର୍ବକ ପ୍ରତିଦାନସ୍ୱରୂପ ସ୍ୱର୍ଗୀୟ ସ୍ନେହର ଶୀତଳ ଜ୍ୟୋତ୍ସ୍ନାରେ ପ୍ରଜାକୁ ଆର୍ଦ୍ର କରିଥାଆନ୍ତି । ପ୍ରଜାପୁଞ୍ଜର ମନସ୍ତୁଷ୍ଟି ସକାଶେ ରଘୁକୁଳ-

ଛିଲା ରାମଚନ୍ଦ୍ର ପ୍ରିୟତମା ସାଧ୍ୱୀ ସହଧର୍ମିଣୀଙ୍କୁ ବିନାପରାଧରେ ପରିତ୍ୟାଗ କରିଥିଲେ । ଦାଶରଥି ଏହିପରି ପ୍ରଜାବାତ୍ସଲ୍ୟର ପରାକାଷ୍ଠା ପ୍ରଦର୍ଶନ କରିଥିବା ହେତୁ ତାଙ୍କର ସ୍ୱର୍ଗଗମନ ସମୟରେ ଅସଂଖ୍ୟ ଅଯୋଧ୍ୟାବାସୀ ରାଜବିଚ୍ଛେଦ ସହ୍ୟ କରି ନ ପାରି ତାହାଙ୍କ ସହଗମନ କରିଥିଲେ । ରାଜଯୋଗୀ ଯୁଧିଷ୍ଠିରଙ୍କର ମାୟା ପରିତ୍ୟାଗ କରି ନ ପାରି ବନବାସ କାଳରେ ସୁଦ୍ଧା ପ୍ରଜାମାନେ ତାଙ୍କର ସହଚର ହୋଇଥିଲେ । ଏହା ରାଜଭକ୍ତି ଓ ପ୍ରଜାପ୍ରୀତିର ଚରମାଦର୍ଶ ନୁହେଁ କି ?

ଅନ୍ୟାନ୍ୟ ଦେଶରେ ରାଜାଙ୍କୁ ଦଳପତି ବା ପ୍ରଜା-ପ୍ରତିନିଧି ଜ୍ଞାନରେ ଗୌରବ ପ୍ରଦତ୍ତ ହୁଏ ; ମାତ୍ର ଆମ୍ଭମାନଙ୍କ ମାତୃମହୀ କୋଟି ତୀର୍ଥବତୀ ଭାରତର କଥା ସ୍ୱତନ୍ତ୍ର । ଭାରତବାସୀମାନେ ରାଜାଙ୍କୁ ଦେବତା ଜ୍ଞାନ କରନ୍ତି । କେବଳ ଜ୍ଞାନ କରନ୍ତି ନାହିଁ, ଦେବତା ତୁଲ୍ୟ ଭକ୍ତି ଓ ପୂଜା ମଧ୍ୟ କରନ୍ତି । ରାଜଭକ୍ତିରେ ଭାରତର ଆଦର୍ଶ ଅପ୍ରତିଦ୍ୱନ୍ଦ୍ୱୀ । ଭାରତବାସୀଙ୍କର ପିଣ୍ଡ ଓ ପ୍ରାଣ ରାଜଭକ୍ତି-ଉପାଦାନରେ ଗଠିତ । ସେମାନଙ୍କ ରକ୍ତରେ ଓ ଶ୍ୱାସବାୟୁରେ ସୁଦ୍ଧା ରାଜଭକ୍ତି ପ୍ରବାହିତ ହୁଏ । ରାଜଭକ୍ତିରେ ଭାରତହିଁ ଭାରତର ପଟାନ୍ତର । ଯୁଗଧର୍ମରେ ଭାରତ-ଭାଗ୍ୟରେ ଯେତେ ଅବନତି ଘଟି ପଡ଼ୁ; ମାତ୍ର ସେ ଏକମାତ୍ର ରାଜଭକ୍ତିରେ ଚିରକାଳ ଗୌରବ ଅଛି ଓ ରହିବ । ରାଜାଙ୍କ ପରି ଚିରଦୁଃଖୀ ଜଗତରେ କେହି ନାହିଁ । କୋଟି କୋଟି ପ୍ରାଣୀଙ୍କର ଜୀବନରକ୍ଷାର ମହା ଗୁରୁ ଭାର ଯାହାଙ୍କ ଉପରେ ନ୍ୟସ୍ତ, ତାଙ୍କଠାରୁ ବଳି ଦୁଃଖୀ ଆଉ କିଏ ଅଛି ? ରାଜାଙ୍କ ଦୁଃଖରେ ପ୍ରଜାଙ୍କର ସୁଖ ଗଠିତ ହୁଏ । ରାଜା ସୁଖ ତ୍ୟାଗ ନ କଲେ ପ୍ରଜାଙ୍କର ସୁଖୀ ହେବା ଆଶା ସୁଖସ୍ୱପ୍ନରେ ପରିଣତ ହେବ । ପ୍ରଜାଙ୍କ ସକାଶେ ରାଜା ସୁଖ, ଭୋଗ ଓ ବିଳାସ ପ୍ରଭୃତି ସମସ୍ତ ତ୍ୟାଗ କରି ଦୁଃଖଦେବତାର ଚରଣାର୍ଚ୍ଚନାରେ ନିଜକୁ ଚିର ନିଯୁକ୍ତ କରନ୍ତି । ରାଜା କେବଳ ବୀର୍ଯ୍ୟବୀର ନୁହନ୍ତି—ସର୍ବଶ୍ରେଷ୍ଠ ତ୍ୟାଗବୀର । ହଂସ ଜଳରେ ସନ୍ତରଣ କରେ; ମାତ୍ର ତାହା ଦେହରେ ଜଳ ଲାଗେ ନାହିଁ । ସେହିପରି ରାଜା ବିଷୟ-ବାରିଧିରେ ସନ୍ତରଣ କଲେ ସୁଦ୍ଧା ବିଷୟରେ ଲିପ୍ତ ହୁଅନ୍ତି ନାହିଁ । ରାଜା ଭିନ୍ନ ଜାତି ବା ଭିନ୍ନ ଧର୍ମାବଲମ୍ବୀ ହୋଇପାରନ୍ତି; ମାତ୍ର ରାଜଧର୍ମ ଭିନ୍ନ ନୁହେଁ । ସମସ୍ତ ରାଜାଙ୍କର ରାଜଧର୍ମ ଏକ । ଭିନ୍ନ ଭିନ୍ନ ପୁଷ୍ପର ମଧୁ ଭିନ୍ନ ସ୍ୱାଦୁବିଶିଷ୍ଟ ହୁଏ ନାହିଁ । ସକଳ ପୁଷ୍ପର ମଧୁ ମଧୁର ଲାଗେ । ଭିନ୍ନ ବର୍ଣ୍ଣର ଗାଈର ଦୁଗ୍ଧ ଏକ ଶୁକ୍ଳବର୍ଣ୍ଣ ହୁଏ । ସେହିପରି ରାଜା ଯେଉଁ ଜାତି ବା ଯେଉଁ ସମ୍ପ୍ରଦାୟଭୁକ୍ତ ହେଉନ୍ତୁ; ମାତ୍ର ପ୍ରଜାପାଳନ ସମସ୍ତ ରାଜାଙ୍କର ଧର୍ମ । ସୁତରାଂ ବିଜାତି ବା ବିଧର୍ମୀ ରାଜା ଅଭକ୍ତିଭାଜନ ନୁହନ୍ତି । ରାଜାମାନେ ନମସ୍ୟ, ପୂଜନୀୟ ଓ ଭକ୍ତିଭାଜନ ।

ନିଖିଳ ବୀରତ୍ୱ ଯାହାଙ୍କର ପାଦତଳରେ ଅବଲୁଣ୍ଠିତ ଓ ଲୁଣ୍ଠିତ ହୁଏ, ସେହି ସୁନୀତି-ନିପୁଣ ଇଂରାଜଜାତି ଆମ୍ଭମାନଙ୍କର ରାଜା । ସେହି ବୀରଜାତି କେବଳ ବଳବୀର ନୁହନ୍ତି, ଧର୍ମବୀର, କର୍ମବୀର, ନ୍ୟାୟ-ବୀର, ଧୈର୍ଯ୍ୟବୀର, ଦୟାବୀର, କ୍ଷମାବୀର, ନୀତିବୀର ପ୍ରଭୃତି ବହୁ ଉପାଧିରେ ସେମାନେ ଉପାହୃତ ହୁଅନ୍ତି । ଇଂରାଜ ସମଦର୍ଶୀ; ସେ ପ୍ରବଳ ଓ ଦୁର୍ବଳକୁ ସମନେତ୍ରରେ ଦେଖନ୍ତି । ତାହାଙ୍କ ସୁଶାସନରେ ଭୁଜଙ୍ଗ, ପ୍ଲବଙ୍ଗ ଏକ ବିବରରେ ବାସ କରୁଛନ୍ତି । ଶାନ୍ତି ଓ ପ୍ରଜା-ପ୍ରୀତି ତାଙ୍କ ରାଜନୀତିର ମୂଳମନ୍ତ୍ର । ସ୍ୱାଧୀନତା ଦାନ ତାହାଙ୍କର ଅନୁଦ୍‌ଯାପିତ ମହା ପୁଣ୍ୟବ୍ରତ । ସେ ଦୁର୍ମଦ ଜର୍ମାନୀକୁ ଧର୍ଷଣ କରି ଜଗତର ସ୍ୱାଧୀନତା ଅକ୍ଷତ ରଖିଛନ୍ତି । ତାହାଙ୍କର ଉଦାର କୃପା ଲାଭ କରି ଅବନତ ଭାରତ ଉନ୍ନତିର ସୁବର୍ଣ୍ଣ ନିଃଶ୍ରେଣୀରେ କ୍ରମଶଃ ଆରୋହଣ କରୁଅଛି । ତାହାଙ୍କର ଆଦର୍ଶ ଶାସନ ଭାରତର ମୁମୂର୍ଷୁ ପ୍ରାଣରେ ସଞ୍ଜୀବନୀ-ସୁଧା ଢାଳିଦେଉଅଛି । ମହାପ୍ରାଣ ଇଂରାଜଜାତି ସୁଶାସନ, ସୁପାଳନ ଓ ସୁରକ୍ଷଣ ଦ୍ୱାରା ଭାରତକୁ ଅତୀତ ରାମଯୁଗ ଫେରାଇଆଣିଛନ୍ତି । ପ୍ରକୃତିପୁଞ୍ଜକୁ ଆଶାତୀତ ସୁବିଧାପ୍ରଦାନରେ ସେମାନେ ଅକୁଣ୍ଠ ମୁକ୍ତହସ୍ତ । ତାଙ୍କର ଅଖଣ୍ଡ ରାଜତ୍ୱ କାମନା କରି ତାଙ୍କୁ ଅନ୍ତରର ସହିତ ଭକ୍ତିପୂଜା ଅର୍ପଣ କରିବା ପ୍ରତ୍ୟେକ ରାଜଭକ୍ତ ପ୍ରଜାର ଏକାନ୍ତ କର୍ତ୍ତବ୍ୟ—ଏହା କୋଟି ବାର ପରିବ୍ୟକ୍ତ ହେଲେ ସୁଦ୍ଧା ପୁରାତନତ୍ୱ ପ୍ରାପ୍ତ ହୁଏ ନାହିଁ ।

# ସାହିତ୍ୟ

ଯେଉଁ ବିଦ୍ୟାଦ୍ୱାରା ସମ୍ୟକ ହିତ ସାଧିତ ହୁଏ, ତାହା ସାହିତ୍ୟ ନାମରେ ଅଭିହିତ । ଜ୍ୟୋତିର୍ବେଦ, ଆୟୁର୍ବେଦ, ଦର୍ଶନ ଓ ବିଜ୍ଞାନ ପ୍ରଭୃତି ବହୁ ହିତକାରୀ ବିଦ୍ୟା ଥିଲେହେଁ ସାହିତ୍ୟ ସେ ସମସ୍ତର ମୂଳ, ଅର୍ଥାତ୍ ସେହି ସମସ୍ତ ମଙ୍ଗଳବିଦ୍ୟା ସାହିତ୍ୟ ମଧ୍ୟରେ ଉନ୍ମୁଦ୍ରିତ ହୋଇ ନିଜକୁ ପରିଚିତ କରନ୍ତି । ସାହିତ୍ୟ ମାନବ-ସମାଜର ମେରୁଅସ୍ଥିସ୍ୱରୂପ । ସମାଜ ତାହାର ବଳରେ ଦୃଢ଼ଭାବରେ ଦଣ୍ଡାୟମାନ ହେବାକୁ କ୍ଷମ ହୁଏ । ମାନବର ଚିନ୍ତା ଭାଷାରେ ପ୍ରକାଶିତ ହୁଏ । ସେହି ଭାଷା ଲିପିବଦ୍ଧ ହୋଇ ରହିଲେ ସାହିତ୍ୟ ହୁଏ, ଅତଃ ଭାଷାହିଁ ସାହିତ୍ୟ । ଜାତୀୟସାହିତ୍ୟ ଜାତିର ଜୀବନ, ଶକ୍ତି ଓ ସମ୍ବଳ । ସାହିତ୍ୟ ପରି ସୁହିତ ଜଗତରେ ନାହିଁ । ସାହିତ୍ୟରେ ଜାତି ବା ବ୍ୟକ୍ତିବିଶେଷର ହୃଦ୍‌ଭାବ, ଉଚ୍ଚଚିନ୍ତା ଓ ଉଚ୍ଚାଦର୍ଶ ଏକାଧାରରେ ସମାବିଷ୍ଟ । ସେଥିର ଅନୁଧ୍ୟାନରେ ମାନବର ସ୍ୱାଭାବିକ ଜ୍ଞାନ-ପ୍ରଜ୍ଞାଦି ବିକଶିତ, ମାର୍ଜିତ ଓ ପ୍ରଖର ହୋଇଉଠେ ।

ମାନବମାନେ ସୌନ୍ଦର୍ଯ୍ୟର ଅକାନ୍ତ ଭକ୍ତ ଓ ସୌନ୍ଦର୍ଯ୍ୟରେ ଚିରମୁଗ୍‌ଧ । ସୌନ୍ଦର୍ଯ୍ୟକୁ ଅବଲୋକନ କଲେ ଯେଉଁ ଉନ୍ମାଦନା ଜାତ ହୁଏ, ତାହାକୁ ରସ କହନ୍ତି । ସେହି ରସାମୃତ ସାହିତ୍ୟରେ ଉପଭୋଗ କରାଯାଏ । ସାହିତ୍ୟ ଆମ୍ଭମାନଙ୍କର ସବୁବେଳେ ଆବଶ୍ୟକ । ମାନବର ମାନସ-ତରଙ୍ଗିଣୀ ସର୍ବଦା ସାହିତ୍ୟ-ସିନ୍ଧୁ ଆଡ଼କୁ ଆକୃଷ୍ଟ ହୁଏ । ଚିନ୍ତାଦ୍ୱାରା, କଥୋପକଥନଦ୍ୱାରା, ଯାତ୍ରା ସଙ୍ଗୀତାଦି ଦ୍ୱାରା ମାନବ ସତତ ସାହିତ୍ୟ ଚର୍ଚ୍ଚାରେ ନିଯୁକ୍ତ । ମାନବର ଐହିକ ଓ ପାରତ୍ରିକ ମଙ୍ଗଳ ସାହିତ୍ୟ ଉପରେ ଏକାନ୍ତ ନିର୍ଭରଶୀଳ ।

ଜାତୀୟ ସାହିତ୍ୟ-ଦର୍ପଣରେ ଜାତୀୟ ଉନ୍ନତି-ସ୍ପଷ୍ଟ ପରିଲକ୍ଷିତ ହୁଏ । ଯେଉଁ ଜାତି ଯେତେ ଉନ୍ନତ, ସେହି ଜାତିର ସାହିତ୍ୟ ତେତେ ଉପାଦେୟ ଓ ସମୃଦ୍ଧ । ସମ୍ପ୍ରତି ପାଶ୍ଚାତ୍ୟଖଣ୍ଡରେ ଇଂଲଣ୍ଡର ମଧ୍ୟାହ୍ନ ସମୟ । ତଦୀୟ ସାହିତ୍ୟ ସୁଦ୍ଧା ଉନ୍ନତି-ଗଗନର ମଧ୍ୟକେନ୍ଦ୍ର ସ୍ପର୍ଶ କରିଅଛି । ସେ ଦେଶର ସାହିତ୍ୟ ସହି ଆମ୍ଭମାନଙ୍କ ସାହିତ୍ୟର ତୁଳନା କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ସମ୍ପ୍ରତି ଆମ୍ଭମାନଙ୍କ ସାହିତ୍ୟ ଗୌରବର ପ୍ରଭାତରେ ସୁଦ୍ଧା ଉପସ୍ଥିତ ହୋଇପାରି ନାହିଁ । ତାଳ ସଙ୍ଗେ ତିଳର ତୁଳନା ତୁଲ୍ୟ ସେ ତୁଳନା କେବଳ ଅଧମ ତୁଳନାମାତ୍ର । ସାହିତ୍ୟଚର୍ଚ୍ଚା ସାହିତ୍ୟୋନ୍ନତିର ମୁଖ୍ୟ ଉପାୟ । ସମ୍ପ୍ରତି ଏ ଦେଶରେ ନାନାପ୍ରକାର ସାହିତ୍ୟ ପଠିତ ହେଉଅଛି । ବିବିଧ ସାହିତ୍ୟରୁ ରତ୍ନ ସଂଗ୍ରହ କରି ମାତୃସାହିତ୍ୟର ଭୂଷଣ ପ୍ରସ୍ତୁତ କରିବା ଉଚିତ; ମାତ୍ର ସ୍ୱଦେଶୀୟ ପ୍ରାଚୀନ ସାହିତ୍ୟର ଆଲୋଚନା ଅଭାବରେ ସେ ସଂଗ୍ରହ ସୁଶୃଙ୍ଖଳପ୍ରାପ୍ତ ହୋଇପାରୁ ନାହିଁ । ଯେଉଁ ଦେଶ ସାରସ୍ୱତ ସ୍ୱର୍ଣ୍ଣସାମ୍ରାଜ୍ୟର ସାର୍ବଭୌମ ଭଞ୍ଜ, କୃଷ୍ଣ ସିଂହ, ଜଗନ୍ନାଥ ଦାସ, ବଳରାମ ଦାସ, ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତିଙ୍କର ଜନ୍ମସ୍ଥାନ, ଯାହାଙ୍କର ସ୍ମୃତିରଜ ଦେହରେ ବୋଳି-ହୋଇ ଦେଶ ଅବଧି କୃତାର୍ଥ ମଣୁଅଛି, ସେ ଦେଶରେ ପ୍ରାଚୀନ ସାହିତ୍ୟ-ବିଭବର ଅଭାବ ନାହିଁ । ଉତ୍କଳର ପ୍ରକୃତି ପରି ତାହାର ପ୍ରାଚୀନସାହିତ୍ୟ ମଧ୍ୟ ବିଚିତ୍ର । ଯେଉଁ ଦେଶରେ ଶୈଳସମ୍ରାଟ ବିଚିତ୍ର ମହେନ୍ଦ୍ରଗିରି ଅଛି, ବିଚିତ୍ର ଚିଲିକା ଅଛି, ବିଚିତ୍ର ମହୋଦଧି ଅଛି, ବିଚିତ୍ର ଅରଣ୍ୟାନୀ ଅଛି, ସେ ଦେଶର ସାହିତ୍ୟ ବିଚିତ୍ର ନ ହେବ କାହିଁକି ? କେବଳ ଆକୃତିରେ ବିଚିତ୍ର ନୁହେଁ, ପ୍ରାଚୀନ ଉତ୍କଳସାହିତ୍ୟର ବିଚିତ୍ର କକ୍ଷରେ ରାଜନୀତି, ଧର୍ମନୀତି, ସମାଜନୀତି, ବ୍ୟବହାରନୀତି ପ୍ରଭୃତିର ବିଚିତ୍ର ମେଳା ବସିଅଛି । ଦୁଃଖର ବିଷୟ, ସମ୍ପ୍ରତି ସେହି ପ୍ରାଚୀନ ସାହିତ୍ୟର ଆଲୋଚନା ପ୍ରାୟଶଃ ହେବାକୁ ନାହିଁ । ଏହାହିଁ ସାହିତ୍ୟୋନ୍ନତିର ପ୍ରଧାନ ଅନ୍ତରାୟ । ସାହିତ୍ୟୋନ୍ନତି ପକ୍ଷରେ ପ୍ରାଚୀନ ଓ ନବୀନ ଉଭୟ ସାହିତ୍ୟର ଶ୍ରୀବୃଦ୍ଧି ନିଃସନ୍ଦେହ, ବାଞ୍ଛନୀୟ । ସମସ୍ତ ପରିବର୍ତ୍ତନଶୀଳ, ସମୟାନୁଯାୟୀ ସକଳର ପରିବର୍ତ୍ତନ ହୁଏ, ରୁଚିର ମଧ୍ୟ ପରିବର୍ତ୍ତନ ଘଟେ । ସମ୍ପ୍ରତି ସାହିତ୍ୟ-ରାଜ୍ୟରେ ରୁଚିର ପରିବର୍ତ୍ତନ ଆସିଅଛି । ତଦନୁସାରେ ନବୀନ ରୁଚିସିଦ୍ଧ, ନବୀନ ଭାବପ୍ରାଣ, ନବୀନ-ଶିଳ୍ପସୁନ୍ଦର ନବ ସାହିତ୍ୟ ଗଠିତ

ହୋଇଅଛି; ମାତ୍ର ସେହି ଗଠନ ନବୀନ ପ୍ରାଚୀନ ଉଭୟର ସମ୍ମିଶ୍ରଣରେ ହେବା ଆବଶ୍ୟକ । ଦଧି ଓ ଦୁଗ୍ଧର ସମ୍ମିଶ୍ରଣରେ ଯେଉଁ ରସ ଜାତ ହୁଏ, ତାହା ଦଧି ଓ ଦୁଗ୍ଧ ଅପେକ୍ଷା ସ୍ୱାଦୁତର ଓ ଉପାଦେୟ ହୁଏ ।

ପୃଥିବୀର କୌଣସି ଜାତି ସାହିତ୍ୟବର୍ଜିତ ନୁହେଁ । ଯାହାର ଭାଷା ଅଛି, ତାହାର ସାହିତ୍ୟ ଅଛି । ଭାଷାଶୂନ୍ୟ ମାନବସମାଜର ଅସ୍ତିତ୍ୱ ଅସ୍ୱୀକାର୍ଯ୍ୟ । ଘୋର ଅରଣ୍ୟବାସୀ କନ୍ଧ, ସାନ୍ତାଳ ମଧ୍ୟ ସାହିତ୍ୟରୁ ବଞ୍ଚିତ ନୁହନ୍ତି । ସେମାନଙ୍କର କଥିତ ଭାଷା ସେମାନଙ୍କର ସାହିତ୍ୟ ; ମାତ୍ର ସେ ସାହିତ୍ୟ ପ୍ରାଣଶୂନ୍ୟ । କଥିତ ଓ ଲିଖିତ ଭେଦରେ ସାହିତ୍ୟ ଦ୍ୱିବିଧ । ଲିଖିତ ସାହିତ୍ୟ କଥିତ ସାହିତ୍ୟର ଜୀବନସ୍ୱରୂପ । ସୁତରାଂ ଯେଉଁ ଜାତିର ଲିଖିତ ସାହିତ୍ୟ ନାହିଁ, ସେ ଜାତିର କଥିତ ସାହିତ୍ୟ ପ୍ରାଣଶୂନ୍ୟ ଓ ସେ ଜାତି ମଧ୍ୟ ପ୍ରାଣଶୂନ୍ୟ ।

ସାହିତ୍ୟ ଆକାଶ ପରି ଅନନ୍ତ ଓ ସମୁଦ୍ର ପରି ଅଗାଧ । ସେଥିରେ ଉଡ଼ି ବା ବୁଡ଼ି ସ୍ଥଳ କୂଳ ପାଇବା କଷ୍ଟକର ହେଲେହେଁ ତାହା ସାଧନାର ଅସାଧ୍ୟ ନୁହେଁ । ସାହିତ୍ୟର ମହିମା ବଚନାତୀତ । ଶରତ୍କାଳ ଆକାଶକୁ ମେଘ ଶବଳିତ କରି ତାହାର ନୀଳିମା ଉଜ୍ଜ୍ୱଳ କଲା ପରି ସାହିତ୍ୟ ମାନବର ମାନବତାକୁ ପ୍ରଜ୍ୱଳିତ କରିଥାଏ । ଅସାଧାରଣ ଚିନ୍ତାଶୀଳ ମାନବ-ଶ୍ରେଷ୍ଠ ମନୀଷିଗଣ ଆଦର୍ଶର ଯେଉଁ ସ୍ୱର୍ଣ୍ଣୋଜ୍ଜ୍ୱଳ ଛବି ଅଙ୍କିତ କରନ୍ତି, ଅର୍ଥାତ୍ ଯେଉଁ ମହୋପଦେଶ ବାଣୀ ପ୍ରଚାର କରନ୍ତି, ତାହାହିଁ ସାହିତ୍ୟପଦବାଚ୍ୟ ହୁଏ । ବାୟୁମଣ୍ଡଳ ରବିରଶ୍ମିକୁ ବକ୍ଷରେ ଧାରଣ କଲା ପରି ସାହିତ୍ୟ ଯୁଗଯୁଗାନ୍ତରର ଚିନ୍ତାକୁ ପୁଞ୍ଜୀଭୂତ କରି ରଖେ । ସେହି ପ୍ରାଚୀନ ଚିନ୍ତା ପରବର୍ତ୍ତୀ କାଳରେ ନିତ୍ୟ ନୂତନଭାବରେ ପ୍ରକାଶିତ ହୁଏ ଏବଂ ଜୀବନକୁ ବର୍ତ୍ତମାନ ରାଜ୍ୟରୁ ନେଇ ଭବିଷ୍ୟତ୍ ରାଜ୍ୟରେ ଅବତରଣ କରାଏ । ସେହି ଚିନ୍ତାରୁ ସମାଜ ଶକ୍ତି, ଜ୍ଞାନ ଓ ଯୋଗ୍ୟତା ସଞ୍ଚୟ କରିବାକୁ ସମର୍ଥ ହୁଏ । ସାହିତ୍ୟ ସର୍ବବିଧ ଉନ୍ନତିର ମୂଳ । ସେ ଜୀବନ ସଙ୍ଗେ ସଙ୍ଗେ ଜାତୀୟ ସଭ୍ୟତା ଗଠନ କରେ । ସାହିତ୍ୟଦ୍ୱାରା ସମାଜ ନିୟନ୍ତ୍ରିତ, ପରିଷ୍କୃତ ଓ ଉନ୍ନତ ହୁଏ । ସାହିତ୍ୟ ମୃତକଳ୍ପସମାଜକୁ ଜାଗ୍ରତ କରେ ଏବଂ ଜାତିକୁ ବଳୀୟାନ୍ କରି ଏକତାର ଶୁଭସୂତ୍ରରେ ଗ୍ରଥିତ କରେ । ଆମ୍ଭମାନଙ୍କର ପ୍ରତିବେଶୀ ବଙ୍ଗବାସୀମାନଙ୍କର ଅଦ୍ଭୁତ ଉନ୍ନତିର କାରଣ ଏକମାତ୍ର ସାହିତ୍ୟୋନ୍ନତି । ସେମାନଙ୍କ ମାତୃସାହିତ୍ୟ ସେମାନଙ୍କ ମାତୃଭୂମିକୁ ସାରସ୍ୱତ-ତପୋବନ ତୀର୍ଥରେ ପରିଣତ କରିଅଛି । ସେହି ତପୋବନର ପୁଣ୍ୟ ହୋମଧୂମରେ ସମଗ୍ର ଭାରତ ସୁରଭିତ ।

ମାତୃସାହିତ୍ୟ ମାତୃ ପରି ପୂଜନୀୟ, ଏହା ଯୁକ୍ତିଯୁକ୍ତ କଠୋର ସତ୍ୟ ବାଣୀ । ତାହାର ଦେବପଦରେ ଭକ୍ତିପୂତ ପୁଷ୍ପାଞ୍ଜଳି ପ୍ରଦାନ କରିବା ପ୍ରତ୍ୟେକ ମାନବର କର୍ତ୍ତବ୍ୟ । ମାତୃସାହିତ୍ୟ ପରି ମାତୃପୂଜାର ପବିତ୍ର ମଙ୍ଗଳ ମହାମନ୍ତ୍ର ଆଉ କଅଣ ଅଛି ? ସାହିତ୍ୟ ମାନବସମାଜ ପ୍ରତି ବିଧାତାଙ୍କର ଅନୁପମେୟ ମହାଦାନ । ଯେଉଁ ସାହିତ୍ୟରେ ଚିନ୍ତାର ଅବାଧ କ୍ରୀଡ଼ା ପରିଲକ୍ଷିତ ହୁଏ ନାହିଁ, ଭାବର ଉଚ୍ଛୁଳବନ୍ୟା ଅନୁଭୂତ ହୁଏ ନାହିଁ, ଯହିଁରେ ସାର୍ବଜନୀନ ବିଶ୍ୱପ୍ରେମ ନାହିଁ, ମୋହମାଦକତାର ତୀବ୍ର ଆକର୍ଷଣ ନାହିଁ, ଅନୁଭୂତିର ସମୁଜ୍ଜ୍ୱଳ ଚିତ୍ର ନାହିଁ, ଅକ୍ଳାନ୍ତକର ସୌନ୍ଦର୍ଯ୍ୟ ନାହିଁ, ଅଲୌକିକ କଳା-କୌଶଳ ନାହିଁ, ଯହିଁରେ ହୃଦୟ ଆର୍ଦ୍ର ହୁଏ ନାହିଁ— ତାହା ସାହିତ୍ୟ ନାମର ଉପଯୁକ୍ତ ନୁହେଁ ।

ସାହିତ୍ୟ ଦୁଇ ପ୍ରକାର—ଗଦ୍ୟସାହିତ୍ୟ ଓ ପଦ୍ୟସାହିତ୍ୟ । ଗଦ୍ୟସାହିତ୍ୟର ଭାବ-ପ୍ରକାଶିକା ଶକ୍ତି ସମଧିକ । ଛନ୍ଦ, ଯତି, ମିତ୍ରାକ୍ଷର ପ୍ରଭୃତି ନିଗଡ଼ ଲୌହ ଶୃଙ୍ଖଳରେ ଆବଦ୍ଧ ହେତୁ ପଦ୍ୟସାହିତ୍ୟର ସେ ଶକ୍ତି ଅପେକ୍ଷାକୃତ ବିକଳାଙ୍ଗ । ସମସ୍ତ ଉନ୍ନତ ଦେଶ-ମାନଙ୍କରେ ଅମିତ୍ରାକ୍ଷର ଛନ୍ଦରେ ସାହିତ୍ୟ ଲିଖିତ ହେଉଅଛି । ତାହା ମିତ୍ରାକ୍ଷର ପରି ସଙ୍କୀର୍ଣ୍ଣ ନୁହେଁ ; ଅଧିକନ୍ତୁ ସେଥିରେ ଭାଷା ପ୍ରାଣବନ୍ତ ଓ ଉତ୍ତେଜକ ହୁଏ । ଏହିହେତୁ ସଂସ୍କୃତକାବ୍ୟମାନେ ପ୍ରାୟଶଃ ଅମିତ୍ରାକ୍ଷର ଛନ୍ଦରେ ଲିଖିତ ହୋଇଅଛି । ଅନ୍ୟଥା ସେଥିର ସୌନ୍ଦର୍ଯ୍ୟ ଓ ସମାଦର ଅବଶ୍ୟ ଖର୍ବୀଭୂତ ହୋଇଥାନ୍ତା । ପକ୍ଷାନ୍ତରରେ ମିତ୍ରଛନ୍ଦର ଭାବକୃପଣତା ଅଛି ସତ୍ୟ, ମାତ୍ର ଲାଳିତ୍ୟ ଓ ମାଧୁର୍ଯ୍ୟରେ ଅନ୍ୟ କେହି ତାହାର ସମକକ୍ଷ ନୁହେଁ ।

# ପ୍ରତିଭା

ଜ୍ଞାନ-ଶକ୍ତିର ଔଜ୍ଜ୍ୱଲ୍ୟତାକୁ ପ୍ରତିଭା କହନ୍ତି। ପ୍ରତିଭା ମାନବ ଶକ୍ତିର ଅସାଧାରଣ ବିକାଶ। ସେ ହୃଦୟରେ ଜ୍ଞାନ, ଶିକ୍ଷା, ଐକ୍ୟ, ଲକ୍ଷ୍ୟ ଓ ସାଧନାର ପଞ୍ଚପ୍ରଦୀପ ଜାଳିଦେଇ ମାନବକୁ ପୂର୍ଣ୍ଣତା ଆଡ଼କୁ ଅଗ୍ରସର କରାଏ। ପ୍ରତିଭାବନ୍ତର ମୃତ୍ୟୁ ନାହିଁ। ଦୁର୍ବାର କର୍ମଲାଳସା ତାହାର ଜୀବନକୁ ଅଜୀବନ ଅମଳିନ କରେ। କେତେ ମହାପ୍ରାଣ ମାନବ ପ୍ରତିଭାବଳରେ ସୃଷ୍ଟିର ଅନିର୍ବଚନୀୟ କାହାଣୀ ସାଧନ କରିଯାଇଛନ୍ତି। ଭାରତର ଆର୍ଯ୍ୟ-ଋଷିଗଣ ପ୍ରତିଭାର ମୂର୍ତ୍ତିମନ୍ତ ଅବତାର ଥିଲେ। ସେମାନଙ୍କ ମଧ୍ୟରେ କେହି ସାହିତ୍ୟ, କେହି ବିଜ୍ଞାନ, କେହି ଜ୍ୟୋତିଷ, କେହି ଆୟୁର୍ବେଦ ଓ କେହି ବା ଆଧ୍ୟାତ୍ମିକ ତତ୍ତ୍ୱର ନୂଆ ଅଧ୍ୟାୟର ସୃଷ୍ଟି କରିଯାଇଛନ୍ତି। ପ୍ରତିଭାଶାଳୀ ବ୍ୟକ୍ତିମାନେ ବିଶ୍ୱର ଇତିହାସରେ ସଚଳ ସମୀର।

ପ୍ରତିଭାର କାର୍ଯ୍ୟ ଅଦ୍ଭୁତ ଓ ଅଲୌକିକ। ନୂତନକୁ ସୃଜନ ତାହାର ଧର୍ମ। ଏଣୁ ପଣ୍ଡିତମାନେ ପ୍ରତିଭାକୁ 'ନବୋଦ୍ଭାବନୀ ଶକ୍ତି' ଆଖ୍ୟାରେ ଆଖ୍ୟାୟିତ କରିଯାଇଛନ୍ତି। ପ୍ରତିଭାବାନ୍ ବ୍ୟକ୍ତି ସାଧାରଣ ନିର୍ଦ୍ଦିଷ୍ଟ ପଥରେ ନ ଚାଲି ସ୍ୱକୀୟ ଉଦ୍ଦେଶ୍ୟ ଘେନି ଅଶ୍ରାନ୍ତ ଶକ୍ତି, ଉତ୍ସାହ ଓ ଧୈର୍ଯ୍ୟ ସହ ନିଜ ସକାଶେ ଅଭିନବ ସ୍ୱତନ୍ତ୍ର ପଥ ଆବିଷ୍କାର କରେ। ଜ୍ଞାନଦର୍ପଣରେ ଯେଉଁ ତତ୍ତ୍ୱର ଛାୟା ପ୍ରତିଫଳିତ ହୁଏ, ତାହାକୁ ମୂର୍ତ୍ତିମନ୍ତ, ବାସ୍ତବ ଓ ପ୍ରାଣବାନ୍ କରିବା ପ୍ରତିଭାଶାଳୀର ମୁଖ୍ୟ ଲକ୍ଷ୍ୟ। ପ୍ରତିଭାବନ୍ତର କାର୍ଯ୍ୟ ଦେଶକାଳ ମଧ୍ୟରେ ସୀମାବଦ୍ଧ ନୁହେଁ, ତାହା ସମଗ୍ର ପୃଥିବୀରେ ଅନନ୍ତ କାଳ ଆଦୃତ ଓ ପୂଜିତ ହୁଏ। ପ୍ରତିଭାବନ୍ତର ଶିକ୍ଷକ ସଂସାରରେ କେହି ନାହିଁ, ତାହାର ପ୍ରତିଭା ତାହାର ଏକମାତ୍ର ଶିକ୍ଷକ। ହୋମିଓପ୍ୟାଥିକ ଚିକିତ୍ସାପ୍ରଣାଳୀର ଉଦ୍ଭାବକ, ସମମଲ୍ଲର ଏକନିଷ୍ଠ ଉପାସକ ମହାତ୍ମା ହାନେମାନ ଜଣେ ଅଦ୍ଭୁତ ପ୍ରତିଭାଶାଳୀ ବ୍ୟକ୍ତି ଥିଲେ। ଯେଉଁ ପଦାର୍ଥର ରୋଗୋତ୍ପାଦିକା ଶକ୍ତି ଅଛି, ସେହି ପଦାର୍ଥର ରୋଗନାଶିନୀ ଶକ୍ତି ମଧ୍ୟ ଅଛି, ସେ ଏହି ସୂତ୍ର ଅବଲମ୍ବନ କରି ତାହାର ଉପରେ ସମଗ୍ର ହୋମିଓପ୍ୟାଥିକ ଚିକିତ୍ସାର ଭିତ୍ତି ସ୍ଥାପନ କରିଯାଇଛନ୍ତି। ହୋମିଓପ୍ୟାଥିକ ପରି ଆଶୁଫଳପ୍ରଦ ଚିକିତ୍ସା ଆଉ ନାହିଁ। ସେହି ଚିକିତ୍ସା ବର୍ତ୍ତମାନ ପୃଥିବୀ ପରିବ୍ୟାପ୍ତ ହୋଇ କୋଟି କୋଟି ହତାଶ ମୁମୂର୍ଷୁ ରୋଗୀଙ୍କୁ ନବଜୀବନ ପ୍ରଦାନ କରୁଅଛି। ପ୍ରତିଭାଶାଳୀ ବ୍ୟକ୍ତିମାନେ ପ୍ରକୃତିର ଗୋଟିଏ ଗୋଟିଏ ମହାଶକ୍ତିକୁ ଆୟତ୍ତ କରି *ତାହାଦ୍ୱାରା ଅଦ୍ଭୁତ, ଅଲୌକିକ କାର୍ଯ୍ୟ ସାଧନ କରନ୍ତି।* ଟେଲିଗ୍ରାଫ୍ ଯନ୍ତ୍ରର ଆବିଷ୍କାରକ ମହାନୁଭବ ସାମୁଏଲ ଏଫ୍. ବି. ମୋର୍ସ ଶୂନ୍ୟସ୍ପନ୍ଦୀ ବିଜୁଳି ସାହାଯ୍ୟରେ ସ୍ୱଳ୍ପ ସମୟରେ ବହୁଦୂରକୁ ସମ୍ବାଦ ପ୍ରେରଣର ବ୍ୟବସ୍ଥା କରିଯାଇଛନ୍ତି। ସେହିପରି ବାଷ୍ପୀୟ ଶକଟର ଇଞ୍ଜିନ-ପ୍ରସ୍ତୁତକାରୀ ଜର୍ଜ ଷ୍ଟିଫେନସନ ଓ ଷ୍ଟିମଇଞ୍ଜିନ ପ୍ରସ୍ତୁତକର୍ତ୍ତା ଫ୍ରେଞ୍ଚ ଡକ୍ଟର ଡେନିସପପିନ ଉଷ୍ଣଜଳ-ସଞ୍ଜାତ ବାଷ୍ପର ଶକ୍ତିରେ ମାସକର ପଥ ଦିନକରେ ଯିବାର ସୁବିଧା କରିଯାଇଛନ୍ତି। ମହାତ୍ମା ଜଗ୍‌ନେଟ୍ ମୋଟରକାର ଇଞ୍ଜିନକଳ ପ୍ରସ୍ତୁତ କରି ପ୍ରତିଯୋଗିତା କ୍ଷେତ୍ରରେ ରେଲଇଞ୍ଜିନ ଆବିଷ୍କାରକଙ୍କର ସମକକ୍ଷତା ଲାଭ କରିଛନ୍ତି। ସଂସ୍କୃତ ସାହିତ୍ୟ ସବ୍ୟସାଚୀ ମହାକବି କାଳୀଦାସଙ୍କର କବିପ୍ରତିଭା ସମ୍ପ୍ରତି ବିଶ୍ୱବ୍ୟାପିନୀ ହୋଇଅଛି। ପୃଥିବୀର ପ୍ରାୟ ସକଳ ଉନ୍ନତ ଭାଷାରେ ତାଙ୍କର କାବ୍ୟନାଟକାଦି ଅନୂଦିତ ହୋଇଅଛି। ଉଦ୍ଦୀପନାର ଅଗ୍ରେସ୍ୱରିକ ମହାବୀର ନେପୋଲିୟନଙ୍କର ବୀରପ୍ରତିଭା ଜଗତରେ ଅତୁଳନୀୟ। ଏହିପରି ପୃଥିବୀର ବିଭିନ୍ନ ଖଣ୍ଡରେ କେତେ ପ୍ରତିଭାଶାଳୀ ମହାପୁରୁଷ ଜନ୍ମଗ୍ରହଣ କରି କେତେ ଦୁରୂହ ତତ୍ତ୍ୱ ଉଦ୍ ଯାଇଛନ୍ତି, ପୃଥିବୀର ଇତିହାସ ସେଥିର ଜୀବନ୍ତ ମୂକ ସାକ୍ଷୀ।

ସେକାଳର କଥା ଛାଡ଼ିଦେଲେ ମଧ୍ୟ ବର୍ତ୍ତମାନ ଯୁଗରେ ପ୍ରତିଭାର ଦୃଷ୍ଟାନ୍ତ ବିରଳ ନୁହେଁ। ଅଧିକ ଦୂର ଯିବାର ପ୍ରୟୋଜନ ନାହିଁ, ଆମ୍ଭମାନଙ୍କ ମାତୃଭୂମି ଉତ୍କଳ ଓ ପ୍ରତିବେଶୀ ବଙ୍ଗରେ ପ୍ରତିଭାର ଉଦ୍ଭା-

ସ୍ଫୁରଣ ଯଥେଷ୍ଟ । ବଙ୍ଗର ସୁସନ୍ତାନ କବୀନ୍ଦ୍ର ରବୀନ୍ଦ୍ରନାଥ ଠାକୁରଙ୍କ କବିପ୍ରତିଭା ସମଗ୍ର ଧରଣୀମଣ୍ଡଳରେ ସମାଦୃତ ହୋଇଅଛି। ବିଜ୍ଞାନପ୍ରତି ଜଗଦ୍ବିଖ୍ୟାତ ଜଗଦୀଶଚନ୍ଦ୍ର ବସୁ ଓ ଆଜନ୍ମ ବ୍ରହ୍ମଚାରୀ ସାର୍ ପ୍ରଫୁଲ୍ଲଚନ୍ଦ୍ର ରାୟଙ୍କ ପ୍ରତିଭା ବିଜ୍ଞାନଶାସ୍ତ୍ରରେ ନୂତନ ଉଜ୍ଜ୍ୱଳ ପୃଷ୍ଠା ସଂଯୋଗ କରିଦେଇଅଛି । ସେମାନଙ୍କ ଅନର୍ବଚନୀୟ ବିଜ୍ଞାନ ପ୍ରତିଭାରେ ମାନବଜଗତ ସ୍ତବ୍ଧ ଓ ମୁଗ୍ଧ । ଉତ୍କଳାକାଶର ପ୍ରୋଜ୍ଜ୍ୱଳ ଜ୍ୟୋତିଷ୍କ ସ୍ୱର୍ଗୀୟ ଚନ୍ଦ୍ରଶେଖର ସିଂହସାମନ୍ତ ଜ୍ୟୋତିର୍ବିଦ୍ ପ୍ରତିଭାରେ ଉତ୍କଳର ମୁଖକୁ ସମୁଜ୍ଜ୍ୱଳ କରି ରଖିଅଛନ୍ତି ଓ ଚିରକାଳ ରଖିଥିବେ । ତାଙ୍କର ଅଭ୍ରାନ୍ତ ସୂକ୍ଷ୍ମ ଗଣନା ଶକ୍ତିର ପରିଚୟ ପାଇ ପ୍ରାତଃସ୍ମରଣୀୟା ମାହାରାଣୀ ଭିକ୍ଟୋରିଆ ତାହାଙ୍କୁ 'ମହାମହୋପାଧ୍ୟାୟ' ଉପାଧି ପ୍ରଦାନ କରିଥିଲେ । ତାହାଙ୍କ ପ୍ରଣୀତ ସିଦ୍ଧାନ୍ତଦର୍ପଣ ନାମକ ଜ୍ୟୋତିଷ ପୁସ୍ତକର ସାହାଯ୍ୟରେ ଉତ୍କଳପଞ୍ଜିକା ପ୍ରସ୍ତୁତ ହେଉଅଛି । ଆଶ୍ଚର୍ଯ୍ୟର ବିଷୟ, ସାମନ୍ତ ମହୋଦୟ କୌଣସି ବୈଜ୍ଞାନିକ ଯନ୍ତ୍ରର ସାହାଯ୍ୟ ନ ନେଇ କେବଳ ବଂଶନଳ ସାହାଯ୍ୟରେ ଅନନ୍ତ ଅଦୃଷ୍ଟ ସାଫଲ୍ୟସହକାରେ ଜ୍ୟୋତିଷ୍କକୁଳର ଦୁରୂହ ତଥ୍ୟ ନିରୂପଣ କରିଯାଇଛନ୍ତି । ଗୁଣଗ୍ରାହୀ ଇଂରାଜ ଗଭର୍ଣ୍ଣମେଣ୍ଟ ତାହାଙ୍କୁ ମାସିକ ପଚାଶ ଟଙ୍କା ବୃତ୍ତିପ୍ରଦାନ ଦ୍ୱାରା ତାଙ୍କର ସର୍ବତୋମୁଖୀ ପ୍ରତିଭାକୁ ପୁରସ୍କୃତ କରିଥିଲେ । ବାମଣ୍ଡାର ସ୍ୱର୍ଗୀୟ ନରପତି ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କର ବିପୁଳ ବିଜ୍ଞାନ-ପ୍ରତିଭା ଏଠାରେ ଉଲ୍ଲେଖଯୋଗ୍ୟ । ସେ ସ୍ୱକୀୟ ପ୍ରଧାନପାଟ ନାମକ ପ୍ରକାଣ୍ଡ ଜଳପ୍ରପାତର ଶକ୍ତିକୁ ଧରି ନାନା କାର୍ଯ୍ୟରେ ନିୟୋଜିତ କରିଯାଇଛନ୍ତି । ସେହି ଶକ୍ତିରେ ବାମଣ୍ଡାର ଅନେକ ଯନ୍ତ୍ର ଚାଳିତ ହୁଏ । କେହି କେହି କହନ୍ତି, ଉଚ୍ଚ ଶିକ୍ଷା ବ୍ୟତୀତ ପ୍ରତିଭାର୍ଜନ ଦୁରାଶାମାତ୍ର । ସେମାନଙ୍କର ଏ ଉକ୍ତି ଅଭ୍ରାନ୍ତ ନୁହେଁ । ଉପରୋକ୍ତ ପ୍ରତିଭାଶାଳୀ ମହାତ୍ମାମାନଙ୍କ ମଧ୍ୟରେ କେହି ବିଶ୍ୱବିଦ୍ୟାଳୟର ଉଚ୍ଚ ଉପାଧିଧାରୀ ନୁହନ୍ତି, ଅଥଚ ସେମାନେ ପ୍ରତିଭାରେ ଜଣେ ଜଣେ ଦିଗ୍‌ପାଳ ତୁଲ୍ୟ । ପ୍ରତିଭା ଆଗ୍ନେୟଗିରିର ଗର୍ଭସ୍ଥ ଦ୍ରବ ତରଳ ଅଗ୍ନି, ଉଚ୍ଚ ଶିକ୍ଷା ସେଥିର ନିର୍ଗମନର ପଥସ୍ୱରୂପ । କ୍ଷୁଦ୍ର ଭାବମାନ ଅଳସ ପ୍ରଖର କରିବା କିମ୍ବା ଶିରୋବେଷ୍ଟନପୂର୍ବକ ନାସିକା ଚଳିତ କରିବା ତୁଲ୍ୟ ଘୂରାଇ ଫେରାଇ ବିଷୟକୁ ଜଟିଳ ପଲ୍ଲବିତ ଓ ଦୁର୍ବୋଧ କରିବା ପ୍ରତିଭାର ଧର୍ମ ନୁହେଁ, ନୀରବ ସାଧନାହିଁ ତାହାର ଧର୍ମ ।

ପ୍ରତିଭା-ପୂଜା ପ୍ରତିଭାର୍ଜନର ଶ୍ରେଷ୍ଠ ଉପାୟ । ମହାଜନ ସ୍ମୃତି ଓ ମହାଜନର ଜୀବନୀ ପାଠ ପ୍ରତିଭା ପୂଜାର ଅନ୍ତର୍ଗତ । ଅତୀତ ବର୍ତ୍ତମାନର ପଥ-ପ୍ରଦର୍ଶକ । ଜୀବନୀପାଠ ଦ୍ୱାରା ଜୀବନ ଲାଭ ହୁଏ ସତ୍ୟ; ମାତ୍ର ଖାଲି ବାକ୍ୟାନୁବୃତ୍ତିପୂର୍ବକ ଜୀବନୀ ପାଠରେ କିଛି ଫଳ ନାହିଁ । ମହାଜନର କାର୍ଯ୍ୟାବଳୀ ନିଃସ୍ୱାର୍ଥ ଏକନିଷ୍ଠ ଭାବରେ ଯଥାଶକ୍ତି ଅନୁକରଣପୂର୍ବକ ତାହାକୁ ପ୍ରାଣପଣରେ ପ୍ରାଣରେ ପ୍ରତିଫଳିତ କରିବାର ଚେଷ୍ଟାହିଁ ପ୍ରକୃତ ଜୀବନୀପାଠ ଓ ପ୍ରତିଭାପୂଜା । ଅନ୍ୟଥା ଶତ ସ୍ୱର୍ଣ୍ଣମୂର୍ତ୍ତି ସ୍ଥାପନରେ ପ୍ରତିଭାପୂଜା ହୁଏ ନାହିଁ ।

ପ୍ରତିଭାପୂଜା ଏ ଦେଶରେ ଚିରକାଳ ଅଛି । ପର୍ବ, ଉପବାସାଦିଦ୍ୱାରା ତାହା ପ୍ରତିପାଳିତ ହୁଏ । ଆର୍ଯ୍ୟସମାଜର ପ୍ରତ୍ୟେକ ଓଷା, ବାର, ବ୍ରତ ଓ ପାର୍ବଣ ମୂଳରେ ପ୍ରତିଭାପୂଜା ବିଦ୍ୟମାନ; କିନ୍ତୁ ସେପରି ଭାବରେ ପ୍ରତିଭାପୂଜା ହେବା ଶ୍ରେୟୋଜନକ, ପ୍ରାୟଶଃ ସେପରିଭାବରେ ହେବାର ସର୍ବତ୍ର ପରିଲକ୍ଷିତ ହୁଏ ନାହିଁ । ହିନ୍ଦୁର ଜାତୀୟ ଜୀବନ ଧର୍ମର ଭିତ୍ତି ଉପରେ ପ୍ରତିଷ୍ଠିତ । ସୁତରାଂ ପ୍ରତିଭାପୂଜା ମଧ୍ୟ ଏହି ବ୍ରତ ଉପବାସାଦି ଉପରେ ନିର୍ଭରଶୀଳ । ଓଷା ବାରର ଉଦ୍ଦେଶ୍ୟ ପୁଣ୍ୟ, ପ୍ରତିଭାପୂଜା ମଧ୍ୟ ପୁଣ୍ୟପର୍ଯ୍ୟାୟଭୁକ୍ତ, ଏହା ଅସ୍ୱୀକାର୍ଯ୍ୟ ନୁହେଁ ।

ପ୍ରତିଭାବନ୍ତର ଲକ୍ଷଣ-ନିର୍ଦ୍ଦେଶ ସହଜ ନୁହେ । କାହାର ବ୍ୟବହାର ବାଳକ ତୁଲ୍ୟ ସରଳ ଓ ସାମଞ୍ଜସ୍ୟବିହୀନ । କେହି ପଥଭ୍ରାନ୍ତ ପଥିକ ପ୍ରାୟ ବିଭ୍ରାଟ ଉଦାସମଗ୍ନ । କେହି ବା ସଂସାର-ଜ୍ଞାନଶୂନ୍ୟ ଗୁଆଁର ପ୍ରାୟ ନୀରବତାପ୍ରିୟ । କାହାକୁ ଦେଖିଲେ ଅବିକଳ ପାଗଳ ପ୍ରାୟ ପ୍ରତୀୟମାନ ହୁଏ । ସଂସାରରେ ଜ୍ଞାନୀମାନେ ବାତୁଳ ଆଖ୍ୟାରେ ଅଭିହିତ ହୁଅନ୍ତି । ସେ

ଯେତେ ଜ୍ଞାନୀ, ସେ ସେତେ ପାଗଳ । ବ୍ରହ୍ମର୍ଷି ନାରଦ ଋଷିଙ୍କୁ ଲୋକେ ପାଗଳମୁନି କହନ୍ତି; ମାତ୍ର ନାରଦଙ୍କ ଭଳି ବ୍ରହ୍ମଜ୍ଞାନୀ କିଏ ? ଅତଏବ ପ୍ରତିଭାଶାଳୀଙ୍କୁ ଚିହ୍ନି-ବାର ଉପାୟ ନାହିଁ । ତାହାର କାର୍ଯ୍ୟ ଓ ବଳ ତାହାକୁ ଚିହ୍ନାଇଥାଏ । ତାହାର କାଳଜୟତ୍ୱ, ଦୁର୍ଜ୍ଞେୟତ୍ୱ ବା ବାତୁଳତା ତାହାର ବିଶେଷତ୍ୱ । ଏମନ୍ତକି ତାହାହିଁ ପ୍ରତିଭାଶାଳୀର ଅଭ୍ୟୁତ୍ଥାନର ସୁଗମ୍ୟ ସୁବର୍ଣ୍ଣ ଅଧିରୋହଣୀ ।

## ଚିନ୍ତା

ଚିନ୍ତା ମନର କାର୍ଯ୍ୟ । ମାନବ ମନ କେବେ-ବେଳେ ଚିନ୍ତାଶୂନ୍ୟ ହୁଏ ନାହିଁ । ଶୟନ, ଭୋଜନ, ଗମନ, ଉପବେଶନ ସକଳ ସମୟରେ ଚିନ୍ତା ମନୋ-ରାଜ୍ୟରେ ଅବାଧ ବିଚରଣ କରେ । ଚିନ୍ତା ମାନବର ନାୟକ । ସେ ଅଗ୍ରଗାମୀ ହେଲେ ମନୁଷ୍ୟ ତାହାର ଅନୁଗମନ କରେ । ବ୍ୟକ୍ତିବିଶେଷର ଉଚ୍ଚ ଚିନ୍ତା ଲିପିବଦ୍ଧ ହୋଇ ସାହିତ୍ୟ, ବିଜ୍ଞାନ, ଦର୍ଶନ, ଗଣିତ, ଜ୍ୟୋତିଷ, ଭୈଷଜ୍ୟାଦି ଆଖ୍ୟାରେ ଅଭିହିତ ହୁଏ ଏବଂ ତାହାହିଁ ପରବର୍ତ୍ତୀ ମାନବ-ସମାଜର ସଂସାରଯାତ୍ରାର ସମ୍ବଳ ହୁଏ । ସଂସାରରେ ମାନବକୃତ ଯାହା କିଛି ପରିଦୃଷ୍ଟ ହୁଏ, ସେ ସକଳ ଚିନ୍ତାପ୍ରସୂତ । ଚିନ୍ତା ବେଗ-ବତୀ ତରଙ୍ଗିଣୀ ଭଳି ବାସନାକୁ କ୍ଷୁଦ୍ରର ଅତୀତ କେଉଁ ଦୂରବର୍ତ୍ତୀ ଅଜ୍ଞାତ ପ୍ରଦେଶକୁ ଘେନିଯାଏ । ଚିନ୍ତା ମାନବ-ପ୍ରାଣରେ ଜୀବନୀଶକ୍ତି ଆନୟନପୂର୍ବକ କର୍ମର ପ୍ରେରଣା ପ୍ରଦାନ କରେ । ଅସାଧ୍ୟ ବ୍ରତର ଅସମ୍ଭବ ଫଳଲିପ୍ସା ସୁଦ୍ଧା ଚିନ୍ତାର ଅନଧିଗତ ନୁହେଁ । ଚିନ୍ତା ଅନନ୍ତ ସିନ୍ଧୁ ପ୍ରାୟ ନିରବଚ୍ଛିନ୍ନ, ବିସ୍ତୃତ । ତାହାର ତରଙ୍ଗର ଘାତ ପ୍ରତିଘାତରେ ଘଟଣାର ଉଦ୍ଭବ । ସଂସାର ମାୟା-ଚକ୍ରରେ ଅଚଳ, ଚିନ୍ତା ସେହି ଚକ୍ର ଭେଦ କରି ଅନାବିଳ ଆନନ୍ଦ-ସ୍ୱର୍ଗର ସନ୍ଧାନ ଆଣିଦିଏ । ଚିନ୍ତା ବ୍ୟତିରେକେ ମାନବ-ଜୀବନ ଅବାତ ନିସ୍ତବ୍ଧ ସିନ୍ଧୁ, ପ୍ରାୟ ନିସ୍ତରଙ୍ଗ । ଚିନ୍ତା ମାନବ-ଜୀବନରେ ସ୍ପନ୍ଦନ ଆନୟନ କରେ । ମଳୟ ମାରୁତ ବ୍ୟତୀତ ବସନ୍ତକାଳ ପିକକଣ୍ଠରେ ଧ୍ୱନି ଆଣିବାକୁ ଅନ୍ୟ କିଏ ସମର୍ଥ ହେବ ?

ପୂର୍ବରେ କୋହ୍ଲାଯାଇଅଛି, ମନ କୌଣସି କାଳରେ ଚିନ୍ତାଶୂନ୍ୟ ହୁଏ ନାହିଁ । ଅଲଙ୍ଘ୍ୟ ଶକ୍ତିମନ୍ତ ନିୟତିର ଆଦେଶ ଘେନି ସଂସାରରେ ପ୍ରଥମ ପ୍ରବେଶ ଦିନଠାରୁ ମୃତ୍ୟୁର ଆହ୍ୱାନପତ୍ର ପାଇବା ପର୍ଯ୍ୟନ୍ତ ମାନବ ଚିନ୍ତା ପରିତ୍ୟାଗ କରିପାରେ ନାହିଁ । ଚିନ୍ତା ମାନବର ଗୋଟିଏ ଶକ୍ତି । ଦୃଷ୍ଟିଶକ୍ତି ଚିନ୍ତାଶକ୍ତିର ଚିରସାହାଯ୍ୟକାରିଣୀ । ଦୃଷ୍ଟିଶକ୍ତି ଦ୍ୱାରା ଯାହା ପ୍ରତ୍ୟକ୍ଷୀ-ଭୂତ ହୁଏ, ଚିନ୍ତାଶକ୍ତି ତାହାକୁ ଘେନି କାର୍ଯ୍ୟ କରେ ଅର୍ଥାତ୍ ତାହାର ସ୍ୱରୂପ ଚିନ୍ତା ଓ ଧ୍ୟାନଧାରଣାରେ ନିଯୁକ୍ତ ହୋଇ ଦୃଶ୍ୟମାନ ପଦାର୍ଥର ତତ୍ତ୍ୱନିରୂପଣରେ ଚେଷ୍ଟିତ ହୁଏ । ସାଧାରଣତଃ ଦୃଷ୍ଟିଶକ୍ତିର ସଙ୍କୀର୍ଣ୍ଣତା ହେତୁ ମାନବ ମନରେ ଅଦୂରଦର୍ଶିତା ଓ ସଙ୍କୋଚ ଭାବ ଜାତହୁଏ । ଯାହାର ବାହ୍ୟଦୃଷ୍ଟି ଯେତେ ପ୍ରଖର, ତାହାର ଅନ୍ତର୍ଦୃଷ୍ଟି ସେତେ ସତେଜ ଏବଂ ବସ୍ତୁତଃ ଚିନ୍ତାର ସେତେ ଉପଯୋଗୀ । ଯେପରି ପ୍ରଭଞ୍ଜନ ଜାଗ୍ରତ କରାଇ ନ ଦେଲେ ସୁପ୍ତି-ମୌନ ସମୁଦ୍ରରେ ତରଙ୍ଗୋତ୍ଥିତ ହୁଏ ନାହିଁ, ସେହିପରି ଦୃଷ୍ଟିଶକ୍ତିର ଅଭାବରେ ପ୍ରକୃତିର ସୁରୁଚିର ହୃଦୟ-ଦର୍ପଣରେ ପ୍ରତିବିମ୍ବିତ ହୁଏ ନାହିଁ । ଜନ୍ମାନ୍ଧର ଦୃଷ୍ଟିଶକ୍ତି ନାହିଁ, ସୁତରାଂ ତାହାଠାରେ ବସ୍ତୁତଃ ଚିନ୍ତାଶକ୍ତିର ଅଭାବ ପରିଲକ୍ଷିତ ହୁଏ । ତାହାର ଚିନ୍ତା କେବଳ ସ୍ୱକୀୟ ସୁଖାନ୍ୱେଷଣରେ ପର୍ଯ୍ୟବସିତ । ସେ ଚିନ୍ତା ଜାଗତିକ ତଥ୍ୟୋଦ୍ଘାଟନରେ ଏକାନ୍ତ ଅକ୍ଷମ । ଫଳତଃ ସେ ଚିନ୍ତା ପଙ୍ଗୁ ଓ କ୍ଲୀବ ।

ଦୃଷ୍ଟିଶକ୍ତି ଦୂରବର୍ତ୍ତୀ ପଦାର୍ଥକୁ ଚିନ୍ତାଶକ୍ତିର ସମ୍ମୁଖୀନ କରିଦିଏ । ତହିଁ ଦୃଷ୍ଟିଶକ୍ତିର ଅଭାବରେ ମଧ୍ୟ ଚିନ୍ତାଶକ୍ତିର କାର୍ଯ୍ୟ ଅଗ୍ରସର ହୁଏ । କେତେବେଳେ ଦୃଷ୍ଟିଶକ୍ତି ଚିନ୍ତାଶକ୍ତି ମଧ୍ୟରେ ମିଳେଇଯାଏ । ସମସ୍ତଙ୍କର ଚିନ୍ତା ଏକ ଗ୍ରନ୍ଥିରେ ଗଣା ନୁହେଁ । ଏକା

ଚିନ୍ତା ଭାବୁଁକ, ବସ୍ତୁର କୌଣସି ପଦାର୍ଥ ସଙ୍ଗରେ କୌଣସି ପଦାର୍ଥର ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ନାହିଁ । ଏହି ବୈଷମ୍ୟହିଁ ବସ୍ତୁର ବୈଶିଷ୍ଟ୍ୟ । ବଣିକର ଚିନ୍ତା ବାଣିଜ୍ୟବିଷୟରେ କ୍ରମବିକାଶ ଲାଭ କରେ, ଚିତ୍ରକରର ଚିନ୍ତା ଚିତ୍ର-କାର୍ଯ୍ୟରେ ଖେଳିବୁଲେ, ଗାୟକର ଚିନ୍ତା ସଙ୍ଗୀତ ରସାସ୍ୱାଦନରେ ମୁଗ୍ଧ ହୁଏ—ଏହିପରି ସମ୍ପ୍ରଦାୟବିଶେଷରେ ଚିନ୍ତାବିଶେଷର ଆଧିକ୍ୟ ଥିଲେ ସୁଦ୍ଧା ବଣିକ, ଚିତ୍ରକର ବା ଗାୟକ ମନରେ ଯେ ଅନ୍ୟ ଚିନ୍ତା ଏକାବେଳକେ ସ୍ଥାନ ପାଏ ନାହିଁ, ତାହା ନୁହେଁ । ଚିନ୍ତା ସ୍ୱଭାବତଃ ଚଞ୍ଚଳା ଓ ବହୁମୁଖିନୀ । ଚିନ୍ତାର ଶାଖା, ପ୍ରଶାଖା, ଅନୁଶାଖାଙ୍କର ସ୍ୱପ୍ନଜାଲରେ ପକ୍ଷୀ ପଲ୍ଲବଗୁଣ୍ଠନରେ ଆବୃତ ହେଲା ପ୍ରାୟ ମାନବ ମାନସ ସତତ ସମାଚ୍ଛନ୍ନ । ମନ କୃଷିକ୍ଷେତ୍ରସ୍ୱରୂପ । ତହିଁରେ ସୁଚିନ୍ତା ରୂପ ଧାନ୍ୟ ଓ କୁଚିନ୍ତା ରୂପ ତୃଣ ଉଭୟ ଅଙ୍କୁରିତ ହୁଏ । ତୃଣକୁ ଉତ୍ପାଟନ କରି ଧାନଗଛ ରକ୍ଷା କରିବା ବିଜ୍ଞ କୃଷକ ପକ୍ଷରେ ସ୍ୱବୁଦ୍ଧିର ପରିଚାୟକ ।

ଦୃଷ୍ଟିଶକ୍ତି ଚିନ୍ତାଶକ୍ତିର ସହାୟକାରିଣୀ, ଏହା ପୂର୍ବରେ ଉକ୍ତ ହୋଇଅଛି । ପ୍ରଥମର ଅଭାବରେ ଦ୍ୱିତୀୟର ସମ୍ୟକ୍ ସ୍ଫୁରଣ ଅସମ୍ଭବ । ଦୃଷ୍ଟିଶକ୍ତି ଦୂରସ୍ଥ ବିଷୟସମୂହକୁ ଚିନ୍ତାର ଆୟତ୍ତୀଭୂତ କରି ତାହା ସଙ୍ଗରେ ମିଶାଇଦିଏ । ଯେତେବେଳଯାଏଁ କାମନା ସମ୍ପୂର୍ଣ୍ଣତା ପ୍ରାପ୍ତ ନ ହୁଏ, ତେତେବେଳଯାଏଁ ଦୃଷ୍ଟିଶକ୍ତି, ଚିନ୍ତାଶକ୍ତି ଉପରେ ଅବିଶ୍ରାନ୍ତ ଅକ୍ଳାନ୍ତଭାବରେ କାର୍ଯ୍ୟ କରୁଥାଏ । ପ୍ରତିନିଃଶ୍ୱାସରେ ନାନା ପଦାର୍ଥର ପ୍ରତିକୃତି ଘେନି ଚିନ୍ତାଶକ୍ତିକୁ ଉପହାର ପ୍ରଦାନ କରିବା ଦୃଷ୍ଟିଶକ୍ତିର ପ୍ରଧାନତମ କାର୍ଯ୍ୟ । ଶ୍ରୁତିଶକ୍ତି ମଧ୍ୟ ଏ କାର୍ଯ୍ୟରେ ନିର୍ଲିପ୍ତା ନୁହେଁ । ସେ ନାନାବିଧ ଶ୍ରୁତ ସମ୍ବାଦଦ୍ୱାରା ଚିନ୍ତାଶକ୍ତିକୁ ଅର୍ଚ୍ଚନା ଅର୍ଘ୍ୟ ପ୍ରଦାନ କରେ । ଏହିହେତୁ ଯାହା ସ୍ୱଚକ୍ଷୁ ଦର୍ଶନ ବା ଶ୍ରବଣ କରାଯାଏ, ବିନା ଚେଷ୍ଟାରେ ତାହା ଚିନ୍ତାପଟରେ ଅଙ୍କିତ ହୋଇଯାଏ । କବି ବା ଭାବୁକମାନେ ଅସ୍ୱଦୃଷ୍ଟ ଅତ୍ୟଲ୍ପ ସୌନ୍ଦର୍ଯ୍ୟକୁ ଚିନ୍ତାଶକ୍ତିଦ୍ୱାରା କୋଟି ଗୁଣିତ କରିପାରନ୍ତି । ସେମାନେ ଦୃଷ୍ଟିଶକ୍ତିବଳରେ ସୌନ୍ଦର୍ଯ୍ୟର ଛାୟାମାତ୍ର ଦେଖି ଚିନ୍ତାଶକ୍ତିରେ ସେହି ଛାୟାକୁ ରୂପ ଓ ପ୍ରାଣ ପ୍ରଦାନ କରନ୍ତି ।

ଯାହାର ଯେଉଁ ବିଷୟରେ ଚିନ୍ତା ଯେତେ ପ୍ରବଳ, ସେ ସେହି ବିଷୟ ସଫଳତାର ତେତେ ନିକଟବର୍ତ୍ତୀ । ସଂସାରଯାତ୍ରା ନିର୍ବାହ ସକାଶେ ମାନବ ବିବିଧ ଚିନ୍ତାର ଆଶ୍ରୟ ଗ୍ରହଣ କରେ । ସର୍ବଦା ଏକପ୍ରକାର ଚିନ୍ତାରେ ନିମଗ୍ନ ରହିଲେ ଅନ୍ତସ୍ତଳ ଶୁଷ୍କ ହୋଇଆସେ । ସେହି ଶୁଷ୍କତା ନିବାରଣ ସକାଶେ ଚିନ୍ତାର ପରିବର୍ତ୍ତନ ଆବଶ୍ୟକ । ସୁଚିନ୍ତାର ଗତି ଊର୍ଦ୍ଧ୍ୱମୁଖିନୀ ଓ କୁଚିନ୍ତାର ଗତି ବିପରୀତମୁଖିନୀ ହୁଏ । ସୁଚିନ୍ତା ସ୍ୱର୍ଗକୁ ଉଠାଇନିଏ ଓ କୁଚିନ୍ତା ଅଧଃପତନର ଅତଳ ଅନ୍ଧକାର ଗର୍ଭରେ ମାନବକୁ ନିକ୍ଷେପ କରେ । ସୁଚିନ୍ତା ଯେପରି କଲ୍ୟାଣଦାୟିନୀ, କୁଚିନ୍ତା ସେହିପରି ଅନିଷ୍ଟକାରିଣୀ । ସୁଚିନ୍ତା ଦେବୀ, କୁଚିନ୍ତା ଦାନବୀ । ଦାନବୀକୁ କର୍ମନାଶା ଗର୍ଭରେ ବିସର୍ଜନ ଜଳଶାୟୀ କରି ହୃଦୟ-ସିଂହାସନରେ ଦେବୀପ୍ରତିମାର ପ୍ରତିଷ୍ଠାନପୂର୍ବକ ଆତ୍ମକଲ୍ୟାଣ ସହ ବିଶ୍ୱକଲ୍ୟାଣ ବ୍ରତରେ ସତତ ନିଯୁକ୍ତ ରହିବା ପ୍ରତ୍ୟେକ ଉନ୍ନତିକାମୀର ଏକାନ୍ତ କର୍ତ୍ତବ୍ୟ ।

## ଉନ୍ନତି

ପ୍ରତ୍ୟେକ ସାଧୁ ବିଷୟରେ ପାରଦର୍ଶିତା ସହ ଉପରକୁ ଉଠିବାର ନାମ ଉନ୍ନତି । ଅନାଦି ଅନଶ୍ୱର ପରମେଶ୍ୱର ମନୁଷ୍ୟକୁ କେତେଗୁଡ଼ିଏ ଶୁଭଶକ୍ତି ଓ ଶୁଭବୃତ୍ତି ଦେଇ ଜଗତକୁ ପଠାଇଅଛନ୍ତି । ସେଗୁଡ଼ିକର କ୍ରମ ଶ୍ରୀବୃଦ୍ଧି ସାଧନ, ମନୁଷ୍ୟ ପ୍ରତି ତାଙ୍କର ଆଦେଶ । ସେହି ପରମାଦେଶ ପବିତ୍ରଭାବରେ ପାଳନ କଲେ ଉନ୍ନତି କରିବା ହୁଏ । ଆତ୍ମୋନ୍ନତି, ଜାତ୍ୟୁନ୍ନତି, ସମାଜୋନ୍ନତି, ଦେଶୋନ୍ନତି ପ୍ରଭୃତି ବିବିଧ ନାମରେ ଉନ୍ନତି ଅଭିହିତ ହୁଏ । ଦେଶୋନ୍ନତି, ଏହା ଗୋଟିଏ ଲକ୍ଷ୍ୟାର୍ଥ ଶବ୍ଦ । ଦେଶାଧିବାସୀ ମାନବସମଷ୍ଟିର

ଉନ୍ନତିହିଁ ଦେଶୋନ୍ନତି । ଜିଗୀଷା ତୃଷ୍ଣା ମଧ୍ୟ ତଦ୍ରୂପ । ଉନ୍ନତି ସୀମାବଦ୍ଧ ନୁହେଁ । ଐକାନ୍ତିକ ନିଷ୍ଠା, ଅଦମ୍ୟ ଅଧ୍ୟବସାୟ ଓ ଅଖଣ୍ଡ ସାଧନାବଳରେ ମାନବର ଏ ସଂସାରରେ ଅନନ୍ତ ଉନ୍ନତି ଉପାର୍ଜନ କରିବାର ଅଧିକାର ସ୍ପଷ୍ଟତଃ ଅଛି । ଉନ୍ନତିକାମୀ ବ୍ୟକ୍ତି ସ୍ୱଭାବତଃ ଆତ୍ମନିର୍ଭରଶୀଳ, ଅନ୍ୟର ମୁଖାପେକ୍ଷୀ ହେବା ତାହା କୋଷ୍ଠୀରେ ନାହିଁ । ତରୁବର କାହାରିକୁ ଧରି ଧରି ଉପରକୁ ବଢେ ନାହିଁ । ନିଜ ଶକ୍ତି ବଳରେ ମୃତ୍ତିକା, ଜଳ ଓ ବାୟୁରୁ ଶକ୍ତି ସଂଗ୍ରହ-ପୂର୍ବକ ସେ କ୍ରମେ ଆକାଶ ଲକ୍ଷ୍ୟ କରେ । ଯେଉଁ ଉନ୍ନତି ଐହିକ ଓ ପାରତ୍ରିକ ସୁଖର ପରିପୋଷକ ବା ନିଦାନସ୍ୱରୂପ, ସେହି ଉନ୍ନତିର ଉପାୟ ନିରୂପଣ ସର୍ବାଦୌ ବାଞ୍ଛନୀୟ । ଉନ୍ନତି ସାଧନର ଅନେକ ଉପାୟ ଅଛି । ସେଥି ମଧ୍ୟରେ ଧର୍ମ, ବିଦ୍ୟା, ବଳ, ଧନ ଓ ଅବିଚ୍ଛିନ୍ନ ଚେଷ୍ଟା—ଏହି ପାଞ୍ଚଗୋଟି ପ୍ରଧାନ । ସକଳ ସାଧୁ-ସାଧନା ଧର୍ମବଳରେ ସିଦ୍ଧିପ୍ରାପ୍ତ ହୁଏ । ଧର୍ମ ପ୍ରସଙ୍ଗରେ ବକ୍ଷ୍ୟମାଣ ପ୍ରବନ୍ଧରେ ଅଧିକ ଲେଖିବାର କଥା କିଛି ନାହିଁ, ତାହା ସ୍ୱତନ୍ତ୍ର ପ୍ରବନ୍ଧରେ ଲିଖିତ ହୋଇଅଛି । ପ୍ରତି ଶୁଭକାର୍ଯ୍ୟ ସାଧନ ଧର୍ମାଭାବରେ ଅସିଦ୍ଧ, ଏ ବିଶ୍ୱାସ ହିନ୍ଦୁ-ହୃଦୟରେ ସ୍ୱତଃ ବଦ୍ଧମୂଳ । ଅନ୍ୟ ଧର୍ମାବଲମ୍ବୀ ପ୍ରାଜ୍ଞବ୍ୟକ୍ତିମାନେ ମଧ୍ୟ ଏହି ଧାରଣାର ପ୍ରତିକୂଳ ନୁହନ୍ତି । ନୈତିକ ଶକ୍ତିରେ ସଞ୍ଜୀବିତ ହୋଇ ଧର୍ମବଳରେ କର୍ମକ୍ଷେତ୍ରରେ ଅଗ୍ରସର ହେଲେ ସିଦ୍ଧି ବାଟରୁ ଆସି ସାଧକକୁ ଆଲିଙ୍ଗନପୂର୍ବକ ଅଭ୍ୟର୍ଥନା କରି ନିଜାଳୟକୁ ଘେନିଯାଏ । ଅନ୍ୟଥା ଧର୍ମାଭାବରେ କଳ୍ପଯୁଗବ୍ୟାପୀ ବହୁ ଯତ୍ନ, ବହୁକୋଟି ସାଧନା ବାଲୁକାବକ୍ଷିପ୍ତ ବାରିବିନ୍ଦୁ ତୁଲ୍ୟ ବ୍ୟର୍ଥତାରେ ବିଲୀନ ହୋଇଯାଏ ।

ବିଦ୍ୟାରେ ଅମ୍ଭମାନଙ୍କ ଦେଶ ପୂର୍ବକାଳରେ ସର୍ବୋଚ୍ଚ ଆସନ ଅଧିକାର କରିଥିଲା । ଭାରତ ସକଳ ବିଦ୍ୟାର ଉତ୍ପତ୍ତି ସ୍ଥାନ । ତାକୁ ସମଗ୍ର ପୃଥିବୀର ଶିକ୍ଷାଗୁରୁ କହିଲେ ଅତିରଞ୍ଜିତ ହେବ ନାହିଁ । ଦୁଃଖ ଓ କ୍ଷୋଭର ବିଷୟ, ବିଦ୍ୟାର ସେହି ଆଦିପୀଠ ଅଧୁନା ବିଦ୍ୟା ବିଷୟରେ ଉନ୍ନତ ଦେଶମାନଙ୍କର ବହୁଦୂର ପଶ୍ଚାତରେ ପଡିଅଛି । ବିଦ୍ୟାର ଅପଚୟରେ ଅଧୁନାତନ ଭାରତ ଅବନତ ହୋଇଅଛି ଏବଂ ଉପଚୟରେ ଇଉରୋପ, ଆମେରିକା, ଜାପାନ ସମୁନ୍ନତି ଲାଭ କରି-ଅଛି । ବିଦ୍ୟାବଳରେ ସେହି ଦେଶମାନ ପ୍ରକୃତିର ଅଦମ୍ୟ ବଳ ଆୟତ୍ତ କରି ଜଗତକୁ ବିସ୍ମୟ-ସ୍ତମ୍ଭିତ କରିଅଛି । ବିଂଶଶତାବ୍ଦୀର ମାନବ ବିଦ୍ୟାବଳରେ ଅସାଧ୍ୟ ସାଧନ କରି ଐଶୀଶକ୍ତିକୁ ସ୍ପର୍ଶ କରିବାକୁ ଉଦ୍ୟତ ହୋଇଅଛି । ଏହା ଅପେକ୍ଷା ଆଶ୍ଚର୍ଯ୍ୟର ବିଷୟ କଣ ଅଛି ? ସେହି ସେହି ଦେଶବାସୀଙ୍କ ଉନ୍ନତି ସହିତ ଅମ୍ଭ-ମାନଙ୍କ ଉନ୍ନତିର ତୁଳନା କଲେ ସ୍ପଷ୍ଟ ପ୍ରତୀୟମାନ ହେବ ଯେ, ଅମ୍ଭମାନଙ୍କର ଉନ୍ନତି ଜୀବନର ପ୍ରଭାତରେ ସୁଦ୍ଧା ଉପସ୍ଥିତ ହୋଇପାରି ନାହିଁ । ବିଦ୍ୟା ପାରମାର୍ଥିକ ଉନ୍ନତିର ମଧ୍ୟ ପରମ ସହାୟ । ଏହି ହେତୁରୁ ଅମ୍ଭମାନଙ୍କ ଧର୍ମଶାସ୍ତ୍ରରେ ପରମାର୍ଥ ତତ୍ତ୍ୱଜ୍ଞାନ ବିଦ୍ୟା ନାମରେ ଏବଂ ଅଜ୍ଞାନ ଅବିଦ୍ୟା ନାମରେ ଅଭିହିତ ହୋଇଅଛି । ଭାରତର ବିଦ୍ୟାର ଉତ୍କୃଷ୍ଟତମ ଫଳ ଧର୍ମସାଧନ ଓ ଭଗବଦାରାଧନା । ପୃଥିବୀର ଅନ୍ୟାନ୍ୟ ସଭ୍ୟ ସମୁନ୍ନତ ଦେଶମାନ ମଧ୍ୟ ଏବେ ସେହି ସାରତତ୍ତ୍ୱ ଆଡ଼କୁ କ୍ରମଶଃ ଅଗ୍ରସର ହେଉଅଛି । ବିଦ୍ୟା ମାନବର ପରମ ଧନ । ଯେଉଁ ଜାତି ସେହି ମହାଧନରୁ ବଞ୍ଚିତ, ସେ ସର୍ବବିଧ ଉନ୍ନତିରୁ ମଧ୍ୟ ବଞ୍ଚିତ ।

ଉନ୍ନତିର ଦ୍ୱିତୀୟ ଆବଶ୍ୟକୀୟ ବଳ । ନିର୍ବଳ ବ୍ୟକ୍ତିଦ୍ୱାରା କୌଣସି କାର୍ଯ୍ୟ ହୁଏ ନାହିଁ; ସଂସାରରେ କେହି ମଧ୍ୟ ତାଙ୍କୁ ଗ୍ରାହ୍ୟ କରେ ନାହିଁ । ଏମନ୍ତକି ସମାଜରେ ତାହା ପାଇଁ ସ୍ଥାନର ଅଭାବ ଏବଂ ସେ ପୃଥିବୀର ଭାରବେଦନା-ବର୍ଦ୍ଧକ ଗଳଗଣ୍ଡସ୍ୱରୂପ । ବହୁକାଳରୁ ଭାରତରେ ଶରୀର ବଳର ଅବନତି ଘଟିଅଛି । ବିଦ୍ୟାବଳ ଓ ଧନବଳର ଯେରୂପ ଅବନତି ଘଟିଅଛି, ଶରୀର ବଳର ତହିଁ ବଳି ଅନି-ର୍ବଚନୀୟ ଅବନତି ଘଟିଅଛି । ସଂସାରରେ ଧନବଳ ପ୍ରଧାନ ଜାତୀୟବଳରୂପେ ପରିଗଣିତ ହୁଏ; ମାତ୍ର ଶରୀରବଳ ବ୍ୟତୀତ ସେହି ଧନ ଉପାର୍ଜିତ ବା ରକ୍ଷିତ ହୋଇପାରେ ନାହିଁ । ଅତଃ ବାହୁବଳହିଁ ସର୍ବପ୍ରଧାନ ବଳ । ଶରୀର ବଳ କଦାପି ଉପେକ୍ଷଣୀୟ ନୁହେଁ ।

ଦୁଃଖର ବିଷୟ, ପ୍ରୋକ୍ତ ବଳର ଉତ୍କର୍ଷ ସାଧନ ପକ୍ଷରେ ଅଧୁନିକ ଭାରତ ଏକାନ୍ତ ଉଦାସୀନ ଓ ଦୃଷ୍ଟିହୀନ । ସନ୍ତାନର ଶାରୀରିକ ବଳବର୍ଦ୍ଧନ ପ୍ରତି ପିତାମାତାଙ୍କର ଲକ୍ଷ୍ୟ ନାହିଁ । ଅନେକଙ୍କ ପୁତ୍ରର ଅବଶ୍ରାନ୍ତ ବିଦ୍ୟା-ଶିକ୍ଷାର ବ୍ୟବସ୍ଥା ଯଥେଷ୍ଟ ବା ଯଥାଶକ୍ତି ମାତ୍ରାରେ ଦେଖାଯାଏ; ମାତ୍ର ଦୈହିକ ବଳବୃଦ୍ଧିର ଚେଷ୍ଟା ସେଥିର ଶତାଂଶର ଏକାଂଶ ସୁଦ୍ଧା ପରିଲକ୍ଷିତ ହୁଏ ନାହିଁ । ଏରୂପ ଅକ୍ଷମଣୀୟ ଭୀଷଣ ଉଦାସୀନତା କଦାଚ ଶୋଭନୀୟ ନୁହେଁ; ପ୍ରତ୍ୟୁତ ଅଶେଷ ଅମଙ୍ଗଳ ଓ ଅବନତିର ପରିପୋଷକ ।

ଉନ୍ନତି ଧନ-ସାପେକ୍ଷ । ଗାର୍ହସ୍ଥ୍ୟ ଜୀବନରେ ଧନର ଆବଶ୍ୟକତା ପ୍ରତିପଦକ୍ଷେପରେ ଅନୁଭୂତ ହୁଏ । ସଂସାର ଯାତ୍ରାର ପ୍ରତ୍ୟେକ କାର୍ଯ୍ୟରେ ଅର୍ଥର ପୂର୍ଣ୍ଣ ଆଧିପତ୍ୟ । ଅର୍ଥର ବିତନ୍ତ ଲୀଳା-ବିଳାସରେ ଏ ବିଶ୍ୱ ପରିଚାଳିତ ହେଉଅଛି । ସୁବର୍ଣ୍ଣ ହର୍ମ୍ୟବିଳାସୀ ମହାରାଜାଠାରୁ ଜୀର୍ଣ୍ଣପର୍ଣ୍ଣକୁଟୀର-ବାସୀ ଦରିଦ୍ର ପର୍ଯ୍ୟନ୍ତ ସମସ୍ତଙ୍କର ଅର୍ଥ ଆବଶ୍ୟକ । ଫଳତଃ ଧନର ପ୍ରୟୋଜନୀୟତାରୁ କେହି ମୁକ୍ତ ନୁହେଁ । ଅର୍ଥହିଁ ଐହିକ ଅଭ୍ୟୁଦୟର ଜୀବନସ୍ୱରୂପ । ବାଣିଜ୍ୟ ଧନାର୍ଜନର ପ୍ରଧାନ ପନ୍ଥା । ଉନ୍ନତ ଦେଶସମୂହର ଅପ୍ରତିହତ ଅଭ୍ୟୁତ୍‌ଥାନର ବଶିଷ୍ଟ କାରଣ କେବଳ ବାଣିଜ୍ୟ । ଦାରିଦ୍ର୍ୟଦ୍ୱାରା ବିଦ୍ୟା, ବୁଦ୍ଧି, ଗୁଣ, ପ୍ରତିଭା ସମସ୍ତ ମଳିନ ଓ ଉଜ୍ଜଳ ହୁଏ । ବାଣିଜ୍ୟ ବ୍ୟତୀତ ଜାତୀୟ ଦାରିଦ୍ର୍ୟ ମୋଚନର ଉପାୟାନ୍ତର ନାହିଁ । କୃଷି ଓ ଶିଳ୍ପ ବାଣିଜ୍ୟର ପ୍ରଧାନ ସହାୟ । ପୂର୍ବେ ଆମ୍ଭମାନଙ୍କ ଦେଶ ଏହି ଦୁଇ ବିଷୟରେ ଆଦର୍ଶ ଥିଲା । ବର୍ତ୍ତମାନ ସେଥିର ଘୋର ଅବନତି ଘଟିଅଛି । ବର୍ତ୍ତମାନ ଆମ୍ଭେମାନେ ସ୍ୱକୀୟ ପ୍ରତି ଯେପରି ଲାଳାୟିତ, କୃଷି-ଶିଳ୍ପ ପ୍ରତି ସେରୂପ ଅନୁରକ୍ତ ନୋହୁଁ । ରାଜସେବା କିମ୍ବା ଦେଶସେବା ପ୍ରତ୍ୟେକ ଲୋକର ଅପରିହାର୍ଯ୍ୟ କର୍ତ୍ତବ୍ୟ ସତ୍ୟ; ମାତ୍ର ସ୍ୱକୀୟକୁ ଜୀବନର ଏକମାତ୍ର କାମ୍ୟ ମଣିବା ସୁବୁଦ୍ଧିର ପରିଚାୟକ ନୁହେଁ । କେହି କେହି କୃଷି, ଶିଳ୍ପ ଓ ବାଣିଜ୍ୟକୁ ଅଗୌରବର ମଣନ୍ତି । ତାହା ସେମାନଙ୍କର ଭ୍ରାନ୍ତ ଧାରଣା । ବାସ୍ତବରେ ସେସବୁକୁ ପରିତ୍ୟାଗ କଲେ ଜାତୀୟ ଅଗୌରବ ସୂଚିତ ହୁଏ । ପାଶ୍ଚାତ୍ୟ ସଭ୍ୟ ସମୁନ୍ନତ ଦେଶରେ କୃଷକ, ଶିଳ୍ପୀ ଓ ବ୍ୟବସାୟୀକୁଳ ସମାଜରେ ବିଶିଷ୍ଟ ଆଦର ପ୍ରାପ୍ତ ହୁଅନ୍ତି । ସତ୍ ସ୍ୱାଧୀନ ବ୍ୟବସାୟଦ୍ୱାରା ସାମାଜିକ ଜୀବନ ଓ ବ୍ୟକ୍ତିଗତ ଜୀବନ ଉଭୟ ଗୌରବାନ୍ୱିତ ହୁଏ ।

ଉନ୍ନତିର ପଞ୍ଚମ ଉପାଦାନ—ଯତ୍ନ । ଯତ୍ନ କଲେ ରତ୍ନ ମିଳେ, ଏହି ପ୍ରବାଦଟି ସଜୀବ ଓ ସତ୍ୟ । ଯତ୍ନର ଅଭାବରେ ସହସ୍ର ଶୁଭସଙ୍କଳ୍ପ କିମ୍ବା କୋଟି-ସଂଖ୍ୟକ ବ୍ୟାକୁଳ ଉତ୍ତାକାଙ୍‌କ୍ଷା ଖାଦ୍ୟାଭାବରେ ଶରୀର ପ୍ରାୟ ବିଳୟ ପ୍ରାପ୍ତ ହୁଏ । ଯତ୍ନଦ୍ୱାରା ଚିନ୍ତା ମୂର୍ତ୍ତି ଧରି ଜୀଇଉଠେ । ଯତ୍ନହିଁ ସକଳ କର୍ମର ଜୀବନୀ ଶକ୍ତି-ସ୍ୱରୂପ । ଉନ୍ନତିକାମୀ ଯତ୍ନପରାୟଣ ହେଲେ ଉନ୍ନତି ତାହାର ଅନ୍ତର ମଧ୍ୟରେ ଓ ବାହାରେ ସତତ ନାଚିଖେଳି ବୁଲେ । ଉନ୍ନତିକାମୀ ବ୍ୟକ୍ତି ବିଫଳ-ମନୋରଥ ହେଲେ ନିବୃତ୍ତ ହୁଏ ନାହିଁ, ପ୍ରତ୍ୟୁତ ନୂତନ ଉତ୍ସାହରେ ନୂତନ ଆନନ୍ଦରେ କର୍ମପ୍ରବୃତ୍ତ ହୋଇ ସାଧନାର ବିଜୟମାଳ୍ୟ ଧାରଣପୂର୍ବକ ପରି-ଶେଷରେ ଉନ୍ନତିର ଉତ୍ତୁଙ୍ଗ ଶିର ସ୍ପର୍ଶ କରିବାକୁ ସକ୍ଷମ ହୁଏ ।

# ଧର୍ମ

ଧର୍ମ ସଂସାରର ସାର ପଦାର୍ଥ । ଧୃ ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ମ ପ୍ରତ୍ୟୟ ହୋଇ ଧର୍ମ ଶବ୍ଦ ନିଷ୍ପନ୍ନ ହୋଇଅଛି । ଧୃ ଧାତୁର ଅର୍ଥ ପୋଷଣ କରିବା । ଅତଃ ଯେ ମାନବକୁ ପୋଷଣ କରେ, ସେ ଧର୍ମ । ମନୁଷ୍ୟର ଯାହା କର୍ତ୍ତବ୍ୟ ବୋଲି ନିରୂପିତ ଅଛି, ପବିତ୍ର ଭାବରେ ତାହା ପରିପାଳନ କରିବାର ନାମ ଧର୍ମ । ଯାହା ଶାସ୍ତ୍ରାଦେଶ, ଈଶ୍ୱରାଦେଶ ତାହା ପାଳନ କରିବା ଧର୍ମ । ଧର୍ମରେ ସଂସାର ନିୟନ୍ତ୍ରିତ ଭାବରେ ଚାଲୁଅଛି

ଧର୍ମରେ ଚନ୍ଦ୍ରସୂର୍ଯ୍ୟ ଅବସ୍ଥିତ ହୋଇଅଛନ୍ତି, ଧର୍ମରେ ବିଶ୍ୱ ଉତ୍ତାଳତରଙ୍ଗ ମହା ପାରାବାରର ବେଳାଭୂମିର ସଙ୍କୀର୍ଣ୍ଣ ସୀମାରେ ଆବଦ୍ଧ ରହିଅଛି । ଧର୍ମର ଅଭାବରେ ଜଗତ ଦୁର୍ଘଟଣାର ଦୃଶ୍ୟଭୂମିରେ ପରିଣତ ହେବ ଏବଂ ଧ୍ୱଂସର ବିଶ୍ୱଗ୍ରାସୀ ଲେଲିହାନ ଜିହ୍ୱା କ୍ଷଣକେ ସୃଷ୍ଟିର ବିଲୋପ ସାଧନ କରିବ । ଯେ ଧରି ରଖିଅଛି, ତାକୁ ଛାଡିଲେ କାହାର ବା ଅସ୍ତିତ୍ୱ ରହିବ ? ମୂଳରେ କହିବାକୁ ଗଲେ, ଧର୍ମ ମାନବ-ଜଗତର ଶାନ୍ତିସ୍ୱରୂପ । ସେହି ଶାନ୍ତି ଛିନ୍ନ ହେଲେ ମାନବ-ସୃଷ୍ଟିରେ ମହାବିପ୍ଳବ, ମହା ଅମଙ୍ଗଳ ସଙ୍ଘଟିତ ହେବ । ଧର୍ମ ମାନବ-ଜୀବନର ଗୌରବ, ବିଭବ ଓ ମାନବର ମାନବତ୍ୱ ।

ଦାନ, ଦୟା, ସତ୍ୟ, ନ୍ୟାୟ, କ୍ଷମା, ପ୍ରୀତି, ନୀତି, ସ୍ନେହ, ଭକ୍ତି, କୃତଜ୍ଞତା ଓ ପରୋପକାର ଏସବୁ ଧର୍ମର ପ୍ରତିଭୂସ୍ୱରୂପ । ଏହି ସ୍ୱର୍ଗୀୟ ଉପାଦାନନିଚୟରେ ଧର୍ମ ଅମୃତମୟ ଓ ଉପାଦେୟ । ସତ୍ୟ, ନ୍ୟାୟ ଓ ପରୋପକାର ରୂପ ମୁକ୍ତ ତ୍ରିବେଣୀ ତୀର୍ଥରେ ଯେ ନିତ୍ୟ ପରିସ୍ନାତ, ସେ ଧନ୍ୟ, ମୁକ୍ତ ଓ ବରେଣ୍ୟ । ବିଶେଷତଃ କଣିକାଏମାତ୍ର ପରୋପକାର ସାଧନ କରିପାରିଲେ ମନରେ ଯେଉଁରୂପ ପୁଣ୍ୟ ଆନନ୍ଦଧାରା ପ୍ରବାହିତ ହୁଏ, ତାହା ଭୁକ୍ତଭୋଗୀମାନେ ଅନବଗତ ନୁହନ୍ତି । ସେହି ଅପାର୍ଥିବ ପରମାନନ୍ଦ ମାନବକୁ ଜୀବନ୍ତ ଅବସ୍ଥାରେ ସ୍ୱର୍ଗର ଅନାବିଳ ସୁଖ ଉପଭୋଗ କରାଏ । ଯେ ଧର୍ମକୁ ରକ୍ଷାକରେ, ଧର୍ମ ମଧ୍ୟ ତାକୁ ରକ୍ଷାକରେ । ଧର୍ମ ଧାର୍ମିକ ଶରୀରର ଅଭଙ୍ଗ ଅଭେଦ୍ୟ ଦୁର୍ଲଙ୍ଘ୍ୟ କବଚ । ଧର୍ମର ଶକ୍ତି ଅନନ୍ତ ଓ ଅପରାଜେୟ । ସମସ୍ତ ଜଗତର ଶକ୍ତି ଧର୍ମର ଶକ୍ତି ନିକଟରେ ନତଶିର ଓ ନଗଣ୍ୟ ।

ଯାହା ମନୁଷ୍ୟର କର୍ତ୍ତବ୍ୟ ବୋଲି ନିର୍ଦ୍ଦିଷ୍ଟ ହୋଇଅଛି, ତାହା ଈଶ୍ୱରାଦେଶ ବ୍ୟତୀତ ଅନ୍ୟ କିଛି ନୁହେଁ । ସେହି ଆଦେଶ ପାଳନ କଲେ ଅର୍ଥାତ୍ କର୍ତ୍ତବ୍ୟ ପାଳନ କଲେ ଧର୍ମ ସାଧନ ହେଲା । ଏ ସଂସାର କର୍ମଭୂମି । ଏଠାରେ କର୍ମ କରିବା ସକାଶେ ଜୀବମାନେ ପ୍ରେରିତ ହୋଇଅଛନ୍ତି । ସେହି କର୍ମହିଁ ଧର୍ମ, ଏହା ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମଯୋଗ ବର୍ଣ୍ଣନାରେ ଗୀତାରେ ଉପଦେଶ ଦେଇ କହିଅଛନ୍ତି । କର୍ମ ମନୁଷ୍ୟର ଇହକାଳର ସମ୍ବଳ ଓ ପରକାଳର ମୁକ୍ତି । ଯେଉଁ ସାଧୁ ଉପାୟଦ୍ୱାରା ଇହକାଳରେ ଜୀବନ ରକ୍ଷା ଓ ପରକାଳରେ ଜଗତ୍ପିତା ଜଗଦୀଶ୍ୱରଙ୍କର ସନ୍ନିଧି ଲାଭ ହୁଏ, ତାହା କର୍ମ ନାମରେ ଅଭିହିତ । ସେହି କର୍ମ ସଂସାରରେ କରାଯାଏ ବୋଲି ତାହାକୁ କର୍ମଭୂମି କହନ୍ତି । ଯେ ଏହି କର୍ମ ସାଧନ କରେ, ସେ ପ୍ରକୃତ ଜୀବିତ, ଅନ୍ୟଥା ମାନବ ଜୀବନ୍ମୃତ ଉପାଧିରେ ଉପାହିତ ହେବା ସ୍ୱାଭାବିକ ।

ଈଶ୍ୱର-ବିଶ୍ୱାସ ଧର୍ମର ମୂଳଭିତ୍ତି । ଅନନ୍ତଭୂମା ପରମେଶ୍ୱରଙ୍କର ସତ୍ତା ବିଶ୍ୱାସ କରିବାକୁ ହେବ । କର୍ତ୍ତା ନ ଥିଲେ କର୍ମ ହୁଏ ନାହିଁ । ଯେତେବେଳେ ପୃଥିବୀ, ଆକାଶ, ସମୁଦ୍ର, ପର୍ବତ, ଉଦ୍ଭିଦ-ସୃଷ୍ଟି, ଜୀବ-ସୃଷ୍ଟି ପ୍ରଭୃତି ମହାକାର୍ଯ୍ୟମାନ ଦେଖାଯାଉଅଛି, ସେତେବେଳେ ଅବଶ୍ୟ ସେଥିର କେହି କର୍ତ୍ତା ଅଛି, ଏହା ସ୍ୱତଃ ସ୍ୱୀକାର୍ଯ୍ୟ । ସେହି କର୍ତ୍ତା ପରମେଶ୍ୱର । ସୁତରାଂ ଈଶ୍ୱରଙ୍କର ଅସ୍ତିତ୍ୱରେ ଦ୍ୱୈଧ ମତ ନାହିଁ । ସେହି ଜଗତ୍-ପ୍ରେରକ ଜଗଦୀଶ୍ୱରଙ୍କୁ ଚିହ୍ନିବା ମାନବଜନ୍ମର ଚରମଲକ୍ଷ୍ୟ; କିନ୍ତୁ ଚିହ୍ନିବା ବଡ଼ କଠିନ ବ୍ୟାପାର । ତାଙ୍କର ଆକାର ନାହିଁ, ବର୍ଣ୍ଣ ନାହିଁ, ସେ ଚକ୍ଷୁର ଅଗୋଚର, ସେ ଦେଶକାଳାତୀତ, ସେ ବାକ୍ୟମନର ଅଗୋଚର ଅର୍ଥାତ୍ ଶୂନ୍ୟମୟ । ଯାହା ଅଣାକାର, ପଦାର୍ଥ ନୁହେଁ—ଶୂନ୍ୟ, ତାହା ଉପରେ କିପରି ବିଶ୍ୱାସ ସ୍ଥାପନ କରିହେବ ? ଏହେତୁ ଈଶ୍ୱରଙ୍କ ପ୍ରତିରୂପ ସଦୃଶ ପୌତ୍ତଳିକତାର ସୃଷ୍ଟି । ଅନେକେ ପ୍ରତିମା-ପୂଜାକୁ ହେୟଜ୍ଞାନ କରନ୍ତି; ମାତ୍ର ମୂର୍ତ୍ତିପୂଜା ଧର୍ମୋନ୍ନତିର ମୂଳସୋପାନ । ଜଗତ ମୂର୍ତ୍ତିମନ୍ତ ଓ ଚକ୍ଷୁଗ୍ରାହ୍ୟ ଯାହା କିଛି ସବୁ ମୂର୍ତ୍ତିମନ୍ତ । ନିଜେ ମୂର୍ତ୍ତ ହୋଇ ମୂର୍ତ୍ତି ପ୍ରତି ତାଚ୍ଛଲ୍ୟ ପ୍ରକାଶ ବିଜ୍ଞତାର ପରିଚାୟକ ନୁହେଁ । ମୃତ୍ତିକା, କାଷ୍ଠ, ପାଷାଣ ପ୍ରଭୃତି ପ୍ରତ୍ୟେକ ପଦାର୍ଥରେ ଈଶ୍ୱର-ସତ୍ତା ବିଦ୍ୟମାନ ଥିବା ସ୍ଥଳେ ସେମାନଙ୍କୁ ଈଶ୍ୱରଙ୍କର ପ୍ରତିରୂପ ମଣିବା ଅଯୌକ୍ତିକ ନୁହେଁ । ମୂର୍ତ୍ତିପୂଜାରେ ଅଭ୍ୟସ୍ତ ହେଲେ ଅମୂର୍ତ୍ତି ଆଡ଼କୁ ଯିବା ସହଜ ହୁଏ । ଶାସ୍ତ୍ରପୁରାଣାଦିର ଆଲୋଚନା ମଧ୍ୟ ଧର୍ମୋନ୍ନତିର ଅନ୍ତର୍ଗତ । ଶାସ୍ତ୍ର

ସୁଦର୍ଶଣାଧର ମତ ଦେବ ତୁଲ୍ୟ ପୁଣ୍ୟାତ୍ମା ତ୍ରିକାଳଦର୍ଶୀ ଅଦ୍ଭୁତକର୍ମା ମୁନିଋଷିମାନଙ୍କର ସଦୁପଦେଶ ବ୍ୟତୀତ ଅନ୍ୟ କିଛି ନୁହେଁ । ଯାହା ପୁଣ୍ୟାତ୍ମାଙ୍କର ଆଦେଶ, ତାହା ଈଶ୍ୱରାଦେଶ ଓ ତାହାହିଁ ଧର୍ମ ।

ଧର୍ମରେ ଇତର ବିଶେଷ ନାହିଁ । ହିନ୍ଦୁ, ବୌଦ୍ଧ, ଜୈନ, ମୁସଲମାନ, ଖ୍ରୀଷ୍ଟାନ ପ୍ରଭୃତି ସମସ୍ତ ଧର୍ମ ଏକ । କେବଳ ଉପାଧି ଓ ଉପାସନାଭେଦରେ ଭିନ୍ନ ଭିନ୍ନମାତ୍ର । ଜଳ ଏକ ପଦାର୍ଥ; ମାତ୍ର ଭାଷା ଭେଦରେ ତାହା ନାନା ସଂଜ୍ଞାରେ ଅଭିହିତ ହୁଏ । ସରଳଗାମିନୀ ହେଉ ବା କୁଟିଳଗାମିନୀ ହେଉ, ନଦୀମାତ୍ରର ଲକ୍ଷ୍ୟ ସ୍ଥଳ ଏକମାତ୍ର ସମୁଦ୍ର । ସେହିପରି ଯେଉଁ ଧର୍ମାବଲମ୍ବୀ ଯେଉଁ ଭାବରେ ଆରାଧନା କରନ୍ତୁ ପଛକେ, ମାତ୍ର ସମସ୍ତଙ୍କର ମୂଳ ଲକ୍ଷ୍ୟ ସେହି ଏକ ଈଶ୍ୱର । କେବଳ ସାମ୍ପ୍ରଦାୟିକ ମତରେ ପାର୍ଥକ୍ୟ ଲକ୍ଷିତ ହୁଏ । ଏହା ଜାଣି କୌଣସି ଧର୍ମକୁ ନିନ୍ଦା କରିବା ଉଚିତ ନୁହେଁ । ଭିନ୍ନ ଧର୍ମାବଲମ୍ବୀମାନଙ୍କୁ ଇତର ପଶୁପକ୍ଷୀ ପରି ଘୃଣା କରିବା ପ୍ରକୃତ ଧାର୍ମିକର ଲକ୍ଷଣ ନୁହେଁ—ତାହା ନରରୂପୀ ପଶୁର ଲକ୍ଷଣ ।

ନିଜର ଶରୀର ରକ୍ଷା କରିବା ମଧ୍ୟ ପରମ ଧର୍ମ । ଶରୀର ନ ଥିଲେ ଧର୍ମ ସାଧନ କିଏ କରିବ ? ଏ ଶରୀର ପରମାତ୍ମାଙ୍କ ମନ୍ଦିର । ପରମାତ୍ମାଙ୍କୁ ସେବା କରିବା ଯେଉଁପରି ଧର୍ମ, ପରମାତ୍ମାଙ୍କ ମନ୍ଦିର ରକ୍ଷା ମଧ୍ୟ ସେହିପରି ଧର୍ମ । କାମକ୍ରୋଧାଦି ଦୁଷ୍ଟ ରିପୁମାନଙ୍କୁ ଦମନ କରିବା ମଧ୍ୟ ଧର୍ମର ଅନ୍ତର୍ଗତ । ସଂଯମୀଠାରୁ ବଳି ସଂସାରରେ ଧାର୍ମିକ କିଏ ଅଛି ? ଖାଲି ଜଟାଲୋମ ଧାରଣ କିମ୍ବା ବିଭୂତି-ଭୂଷଣ ଧର୍ମ ନୁହେଁ । ତଦ୍ଦ୍ୱାରା ପାପର ଧ୍ୱଂସତା ସାଧିତ କିଞ୍ଚିତ୍‌ମାତ୍ର । ଜଳଦ୍ୱାରା ଅଗ୍ନି ନିର୍ବାପିତ ହୁଏ; ମାତ୍ର ତୃଷାଦ୍ୱାରା ନୁହେଁ ।

ଧର୍ମ କାହାକୁ କହନ୍ତି, ତାହା କଥାରେ ବୁଝାଇ ଶେଷ କରି ହେବ ନାହିଁ । ମୂଳତଃ ଆମ୍ଭମାନଙ୍କ ପୂର୍ବ-ପୁରୁଷ ଆର୍ଯ୍ୟଋଷିଗଣ ଯାହା କରୁଥିଲେ ତାହାହିଁ ଧର୍ମ । ଧର୍ମର ମୂଳଭିତ୍ତି ଉପରେ ସୁଦୃଢ ଭାବରେ ଦଣ୍ଡାୟମାନ ନ ହେଲେ ଆତ୍ମୋନ୍ନତିର ମୁଖାବଲୋକନ ବ୍ୟର୍ଥ ଦୁରାଶାମାତ୍ର । ଅତଏବ ଆତ୍ମୋନ୍ନତି କରିବାକୁ ହେଲେ, ମାନବଜନ୍ମ ସାର୍ଥକ କରିବାକୁ ହେଲେ, ଜୀବନ ଅମୃତମୟ କରିବାକୁ ହେଲେ ଅନାତ୍ମର ଜଡ଼ାତ୍ମର ବିସର୍ଜନପୂର୍ବକ ସର୍ବାଦୌ ଧର୍ମୋନ୍ନତିରେ କଠୋର ସାଧନା ଅତ୍ୟାବଶ୍ୟକ । ଧର୍ମ ବ୍ୟତୀତ ସଂସାରର ସକଳ କାର୍ଯ୍ୟ ପଣ୍ଡ ହୁଏ ।

## ସଂସର୍ଗ

ସଂସର୍ଗ ମାନବ ଜୀବନର ଉନ୍ନତି ବା ଅବନତିର ଅନ୍ୟତମ କାରଣସ୍ୱରୂପ । ସତ୍ ଓ ଅସତ୍ ଭେଦରେ ସଂସର୍ଗ ଦ୍ୱିବିଧ । ଯଦ୍ଦ୍ୱାରା ପ୍ରବୃତ୍ତି ମଙ୍ଗଳ ପଥରେ ଧାବିତ ହୁଏ, ଦୈନିକ ଜୀବନ ପୁଣ୍ୟୋତ୍ସବମୟ ପ୍ରତୀୟମାନ ହୁଏ, ତାହା ସତ୍‌ସଂସର୍ଗ ଆଉ ଯହିଁରେ ମାନବାତ୍ମା କଳଙ୍କିତ ଓ ଅଧୋଗତ ହୋଇ ଜୀବନର ଅକଲ୍ୟାଣ ସାଧିତ ହୁଏ, ତାହା ଅସତ୍‌ସଂସର୍ଗ ନାମରେ ଅଭିହିତ । ମୂଳତଃ ପ୍ରଥମଟି ପୁଣ୍ୟ ଓ ଦ୍ୱିତୀୟଟି ପାପ । ଏହିହେତୁ ସାଧୁ ମହାତ୍ମାଗଣ ସତ୍‌ସଂସର୍ଗର ଭିର ପକ୍ଷପାତୀ । ଯେ ପବିତ୍ର ସଂସର୍ଗର ଅମୃତ ତୀର୍ଥରେ ଅବଗାହନ କରିଅଛି, ସେ ଧନ୍ୟ ଏବଂ ସ୍ୱର୍ଗ ତାହାର କରଗତ, ଏଥିରେ ସନ୍ଦେହ ନାହିଁ । ସଂସର୍ଗଗୁଣରେ ମାନବ ଦେବତା ହୁଏ, ସେହିପରି ସଂସର୍ଗ ଦୋଷରେ ଦେବତା ମଧ୍ୟ ପଶୁତ୍ୱ ପ୍ରାପ୍ତହୁଏ । ଦୋଷ ଓ ଗୁଣ—ଏ ଦୁଇଟି ଅନେକ ପରିମାଣରେ ସଂସର୍ଗ ଉପରେ ନିର୍ଭର କରେ । ବିକୃତ ନୟନରେ ସତ୍ ସଂସର୍ଗ ମଙ୍ଗଳ ଅଞ୍ଜନ ପିନ୍ଧାଇଦିଏ ଏବଂ ଭବ-ଜ୍ୱାଳାଦଗ୍ଧ ପ୍ରାଣରେ ଶୀତଳ ପ୍ରଲେପ ଲଗାଇ-

ତଏ । ସୁବୃତ୍ତି ଯେପରି ଚଞ୍ଚଳ ମନକୁ ମୁକ୍ତିର ସୁବର୍ଣ୍ଣ ସ୍ୱର୍ଗ ଅଭିମୁଖେ ଘେନିଯାଏ, ସତ୍ ସଙ୍ଗ ସେହିପରି ମାନବ-ଚରିତ୍ରକୁ ଉନ୍ନତିର ହିମାଦ୍ରି ଶିଖରକୁ ଉଠାଇନିଏ ।

ଅସତ୍ ସଂସର୍ଗରେ ମାନବପ୍ରକୃତି କ୍ରମଶଃ ଅପକୃଷ୍ଟ ହୋଇଉଠେ । ଅତୀତ ଭାରତର ମହାମହିମ କୁରୁରାଜ ଦୁର୍ଯ୍ୟୋଧନ ଅସତ୍ସଂସର୍ଗ ହେତୁ ଭ୍ରାତୃ, ପୁତ୍ର, ମିତ୍ର ଓ ଜ୍ଞାତିବର୍ଗ ସହ ନିଧନପ୍ରାପ୍ତ ହୋଇଥିଲେ । ଏହା କି ଭୂପଙ୍କର ଲୋମହର୍ଷଣର ନିଦର୍ଶନ ନୁହେଁ ? ପକ୍ଷାନ୍ତରରେ ଏକମାତ୍ର ସତ୍ସଙ୍ଗ ବଳରେ ମନୁଷ୍ୟ ଆଶାତୀତ ବିଷୟର ଅଧିକାରୀ ହୋଇପାରେ, ଏରୂପ ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହେଁ । ସେହି ଶାସ୍ତ୍ରୀୟ ଦୃଷ୍ଟାନ୍ତ କାହିଁକି ଉତ୍କୃଷ୍ଟ ଓ ସାରଗର୍ଭ, ତାହା ନିମ୍ନଲିଖିତ ଗଳ୍ପାନୁବୃତ୍ତିରୁ ସହଜରେ ଅନୁମେୟ ।

କୌଣସି ପଦ୍ମପୂର୍ଣ୍ଣ ପୁଷ୍କରିଣୀରେ ଗୋଟିଏ ଭେକ ବାସ କରୁଥିଲା । ଭ୍ରମରମାନଙ୍କୁ ନିତ୍ୟ ପଦ୍ମମଧୁ ପାନ କରି ପ୍ରମତ୍ତ ହେବାର ଦେଖି ତାହାର ମଧୁପାନେଚ୍ଛା ବଳବତୀ ହେଲା । ପଦ୍ମ ଉପରକୁ ଉଠି ମଧୁପାନ କରିବା ତାହା ପକ୍ଷରେ ଅସାଧ୍ୟ, ଏହା ଜାଣି ମଧ୍ୟ ସେ ଦୁରାଶାର ବିଫଳ ସ୍ୱପ୍ନରୁ ବିରତ ହେଲା ନାହିଁ । ଅନେକ ଚିନ୍ତା, ତର୍କଣା ପରେ ଭେକ ଏହି ସିଦ୍ଧାନ୍ତରେ ଉପନୀତ ହେଲା ଯେ, ଭ୍ରମର ସଙ୍ଗରେ କୌଣସି ଉପାୟରେ ବନ୍ଧୁତା କରିପାରିଲେ ତାହାର ମନୋରଥ ନିଶ୍ଚୟ ସିଦ୍ଧ ହୋଇପାରିବ । ଏହା ଭାବି ଦିନେ ସେ ଭ୍ରମରକୁ ଶିଷ୍ଟ ସମ୍ବୋଧନ କରି କହିଲା—"ହେ ଅଳିରାଜ, ଆପଣ ଜଗତରେ ଧନ୍ୟ ! ମୁଁ ନଗଣ୍ୟ ହୋଇ ମଧ୍ୟ ଆପଣଙ୍କ ସହ ସୌହାର୍ଦ୍ଦ୍ୟ ସ୍ଥାପନରେ କୃତପ୍ରତିଜ୍ଞ ହୋଇଅଛି । ଆପଣ ଅନୁଗ୍ରହପୂର୍ବକ ସମ୍ମତିପ୍ରଦାନ କରି ମୋର ଏ ଧୃଷ୍ଟତା ମାର୍ଜନା କରନ୍ତୁ, ଏତିକିମାତ୍ର ମାଗୁଛି ।" ଭ୍ରମର ଭେକର ଏହି ଅନୁନୟ ଶୁଣି କହିଲା— "ତୁମ୍ଭେ ଜଳଚର, ଆଉ ମୁଁ ନଭଚର । ମୋ ସହିତ ମିତ୍ରତାରେ ତୁମ୍ଭର ଲେଶମାତ୍ର ଉପକାର ନାହିଁ, ଅତଃ ତୁମ୍ଭେ ଅସଙ୍ଗତ ଆଶାରୁ ନିବୃତ୍ତ ହୁଅ ।" ଦର୍ଦ୍ଦୁର କହିଲା—"ମହାଶୟ ! ଉପକାର ବା ଅପକାର ପ୍ରତି ମୋର ଲକ୍ଷ୍ୟ ନାହିଁ, କେବଳ ସୌହାର୍ଦ୍ଦ୍ୟହିଁ ମୋର ଲକ୍ଷ୍ୟ । ଆପଣ ସଦାଶୟ । ମୋର ସମ୍ପୂର୍ଣ୍ଣ ବିଶ୍ୱାସ, ମୋତେ କଦାପି ନିରାଶ କରିବେ ନାହିଁ । ବନ୍ଧୁତାର ଅର୍ଥ ଉପକାର-ପ୍ରତ୍ୟାଶା ନୁହେଁ । ଆପଣଙ୍କ ଭଳି ବିଜ୍ଞପୁଙ୍ଗବଙ୍କୁ ଏହା ବିଶଦଭାବରେ ବୁଝାଇବାର ପ୍ରୟୋଜନ ନାହିଁ । ଏହିପରି ଚାଟୁବାଗାଡ଼ମ୍ବର ଦ୍ୱାରା ଭ୍ରମରକୁ ସମ୍ମତ କରାଇ ତାହା ସହିତ ଭେକ ମିତ୍ରତା ସ୍ଥାପନ କଲା । ବନ୍ଧୁତା କ୍ରମଶଃ ଗାଢ଼ରୁ ଗାଢ଼ତର ହୋଇ ଆସିଲା । ଉଭୟର ପ୍ରେମ-ନନ୍ଦନରେ ଆନନ୍ଦ-ମନ୍ଦାର ପ୍ରସ୍ଫୁଟି ଉଠିଲା । ଦିନେ ଭେକ ଭ୍ରମରକୁ କହିଲା—"ବନ୍ଧୁ, ମୋତେ ଥରେ ମଧୁପାନ କରାଇପାରିଲେ ଜୀବନକୁ ଧନ୍ୟ ମଣନ୍ତି । ମଧୁପାନ ନିମିତ୍ତ ମୁଁ ବହୁଦିନରୁ ଆଶାୟୀ ହୋଇଅଛି ।" ଭ୍ରମର ଭେକକୁ ଏହି ଦୁରାକାଙ୍‌କ୍ଷା ପରିତ୍ୟାଗ କରିବା ସକାଶେ ବହୁ ଉପଦେଶ ପ୍ରଦାନ କରି ମଧ୍ୟ କୃତକାର୍ଯ୍ୟ ହୋଇପାରିଲା ନାହିଁ । ପରିଶେଷରେ ଅନ୍ୟ କେତେକ ଭ୍ରମର ସାହାଯ୍ୟରେ ଭେକକୁ ଧରାଧରି କରି ନେଇ ପଦ୍ମଫୁଲ ଉପରେ ବସାଇଲା । ତହୁଁ ଭେକ ମହୋଲ୍ଲାସରେ ମଧୁପାନରେ ନିଯୁକ୍ତ ହେଲା ।

ଅନନ୍ତର ସନ୍ଧ୍ୟା ସମୟରେ ଭ୍ରମର ଭେକକୁ କହିଲା, "ଭାଇ, ଆସ ତୁମ୍ଭକୁ ତଳକୁ ଓହ୍ଲାଇନେବି, ନଚେତ୍ ପଦ୍ମ ମୁଦ୍ରିତ ହେଲେ ତୁମ୍ଭେ ତାହା ଭିତରେ ରହିଯିବ ।" ଭେକ ବନ୍ଧୁ କଥାରେ କର୍ଣ୍ଣପାତ ମଧ୍ୟ କଲା ନାହିଁ । ଅଭୂତପୂର୍ବ ଅନାସ୍ୱାଦିତ ମଧୁପାନରେ ସେ ଆତ୍ମବିସ୍ମୃତ । ତାହାର ଏରୂପ ବ୍ୟବହାରରେ ଭ୍ରମର ଈଷଦ୍ହାସ୍ୟ ପ୍ରକାଶପୂର୍ବକ ରାତି ଯାପନ ନିମିତ୍ତ ବଂଶରନ୍ଧ୍ରକୁ ଉଡ଼ିଗଲା । ଏଣେ ନୈସର୍ଗିକ ନିୟମାନୁସାରେ ପଦ୍ମ ମୁଦ୍ରିତ ହେବାରୁ ଭେକ ସେହି ପୁଷ୍ପ-ଗର୍ଭରେ କାରାରୁଦ୍ଧ ହୋଇ ରହିଗଲା । ପରଦିନ ପ୍ରଭାତରେ ଜନୈକ ପୂଜକ ବ୍ରାହ୍ମଣ ଆସି ସରୋବରର ସମସ୍ତ ପଦ୍ମ ତୋଳିନେଇ ମହାଦେବଙ୍କ ମସ୍ତକରେ ଉତ୍ସର୍ଗ କଲା । ଭେକ ମଧ୍ୟ ସେହି ସୂତ୍ରରେ ମହାଦେବଙ୍କ ମସ୍ତକରେ ସ୍ଥାନ ପାଇଲା । ତହିଁ ପରଦିନ ପୂଜକ ସେହି ଛଡ଼ାଫୁଲଗୁଡ଼ିକ ନେଇ ଗଙ୍ଗା ଜଳରେ ନିକ୍ଷେପ କଲା । ଭାଗୀରଥୀର ତରଙ୍ଗାଘାତରେ ପଦ୍ମପାଖୁଡ଼ା-

ପୁଟର ଉନ୍ମୁକ୍ତ ହେବାରୁ ଭେକ ତନ୍ମଧ୍ୟରୁ ବହିର୍ଗତ ହୋଇ ଆନନ୍ଦରେ ଗଙ୍ଗାଜଳରେ ସନ୍ତରଣ କଲା । ସଜ୍ଜନ ସହ ସୌହାର୍ଦ୍ଦ୍ୟ ସଂସ୍ଥାପନ ହେତୁ ପଙ୍କିଳ ପଲ୍ୱଲ-ବାସୀ ଭେକ ମଧୁପାନ କରି ଦେବାଧିଦେବ ମହା-ଦେବଙ୍କ ମସ୍ତକରେ ଆରୋହଣପୂର୍ବକ ପବିତ୍ର ଜାହ୍ନବୀ ଜଳରେ କ୍ରୀଡ଼ା କରିବାର ସୌଭାଗ୍ୟ ଲାଭ କଲା । ଅତଏବ ସଂସର୍ଗର ଅଶେଷ ଗୁଣ । ତାହା ସାରସ୍ୱତ କୁଞ୍ଜରେ ଶେଷ ହେବାର ନୁହେ ।

ସଂସର୍ଗଦ୍ୱାରା ସ୍ୱଭାବର ପରିବର୍ତ୍ତନ ଅନିବାର୍ଯ୍ୟ । ଜଣେ ଜଗୁଆ ବୃକ୍ଷକୋଟରରୁ ଦୁଇଗୋଟି ଶୁକ-ଶିଶୁ ଆଣି ଗୋଟିଏ ଚୋର ଗୃହରେ ଓ ଅପରଟି ଋଷି-ଆଶ୍ରମରେ ବିକ୍ରୟ କଲା । ଚୋର ଗୃହସ୍ଥ ଶୁକଟି ଚୋର-ମାନଙ୍କର ଇତର ଭାଷା ଶୁଣିଶୁଣି ସେଥିର ଅନୁକରଣରେ ଅଭ୍ୟସ୍ତ ହେଲା ଏବଂ ଆଶ୍ରମ ଶୁକଟି ବେଦପୁରାଣାଦିର ଆବୃତ୍ତିରେ ଅଭ୍ୟସ୍ତ ହେଲା । ଦିନେ ପ୍ରବଳ ବୃଷ୍ଟିରେ ଦୁଇଜଣ ପଥିକ ସିକ୍ତଗାତ୍ର ହୋଇ ପୂର୍ବୋକ୍ତ ଚୋର ପିଣ୍ଡାରେ ଆଶ୍ରୟ ନେବାକୁ ଗଲେ । ସେଠାରେ ଥିବା ଶୁକ ସେମାନଙ୍କୁ ଦେଖି କଠୋର ସ୍ୱରରେ ଭର୍ତ୍ସନା କରି କହିଲା, "ପାପିଷ୍ଠ, ଏଠାରୁ ଦୂର ହୁଅ, ଦୂର ହୁଅ, ନ ଗଲେ ଉପଯୁକ୍ତ ଶାସ୍ତି ପାଇବ ।" ପଥିକଦ୍ୱୟ ସେଠାରୁ ଆସି ଋଷି-ଆଶ୍ରମ ଆଡ଼କୁ ଗଲେ । ତତ୍ରସ୍ଥ ଶୁକ ସେମାନଙ୍କୁ ଦେଖି ସହାନୁଭୂତିବ୍ୟଞ୍ଜକ କୋମଳ ସ୍ୱରରେ କହିଲା—"ମହାଶୟ, ଆସିବା ହେଉନ୍ତୁ । ଆହା, ବୃଷ୍ଟିରେ ଭିଜି ବଡ଼ କଷ୍ଟ ପାଇଲେ । ଏହି ଅଜିନାସନରେ ଉପବେଶନପୂର୍ବକ ଶ୍ରାନ୍ତି ଅପନୋଦନ କରିବା ହେଉନ୍ତୁ । ଆଶ୍ରମପତି ଏକ୍ଷଣି ଉପସ୍ଥିତ ହୋଇ ଆପଣମାନଙ୍କ ପରିଚର୍ଯ୍ୟାରେ ନିଯୁକ୍ତ ହେବେ ।" ପଥିକଦ୍ୱୟ ଏହା ଶୁଣି, ଆଶ୍ଚର୍ଯ୍ୟରେ ସ୍ତମ୍ଭୀଭୂତ ହୋଇ ରହିଲେ । ଏହି ଶୁକ-ପକ୍ଷୀଟି ପୂର୍ବ ଶୁକପକ୍ଷୀର ଭର୍ତ୍ସନା ଶୁଣିଥିଲା । ପଥିକ-ମାନଙ୍କୁ ବିସ୍ମିତ ଦେଖି କହିଲା, "ପୂର୍ବ ଶୁକର ତିର-ସ୍କାରରେ କିମ୍ବା ମୋର ଆଦରରେ ଆଶ୍ଚର୍ଯ୍ୟର କଥା କିଛି ନାହିଁ । ସେ ଦୋଷଗୁଣ ଆମ୍ଭମାନଙ୍କର ନୁହେଁ, ତାହା ଆମ୍ଭମାନଙ୍କର ସଂସର୍ଗର ଦୋଷଗୁଣ । ଆମ୍ଭେମାନେ ଏକ ପିତାମାତାର ସନ୍ତାନ । ସେ ମନ୍ଦ ସଂସର୍ଗରେ ମନ୍ଦ, ମୁଁ ଭଲ ସଂସର୍ଗରେ ଭଲ ହୋଇଅଛି ।" ଏହା ଶୁଣି ପଥିକମାନେ ମୁଗ୍ଧ ହୋଇଗଲେ । ସଂସର୍ଗଗୁଣରେ ବନର ହିଂସ୍ରପଶୁ ମଧ୍ୟ ସ୍ୱଭାବସୁଲଭ ହିଂସା ବିସ୍ମୃତ ହୋଇ ସାଧୁଭାବରେ ଜୀବନଯାପନ କରେ । ଆଶ୍ରମ-ପୋଷିତ ସିଂହଶାର୍ଦ୍ଦୂଳାଦିଙ୍କର ଶାନ୍ତ ବ୍ୟବହାରର ଉଦାହରଣ ଶାସ୍ତ୍ର, ପୁରାଣ ଓ କାବ୍ୟାଦିରେ ଅଳ୍ପ ପରିଲକ୍ଷିତ ହୁଏ ନାହିଁ । ଫଳତଃ ସତ୍ସଂସର୍ଗର ମହିମା ଅଚିନ୍ତ୍ୟ ଓ ଅବର୍ଣ୍ଣନୀୟ ।

# ସଭ୍ୟତା

ବେଶଭୂଷଣର ଆଡ଼ମ୍ବର କିମ୍ବା ବଚନବିନ୍ୟାସର ପରିପାଟୀ ସଭ୍ୟତାର ପରିମାପକ ନୁହେଁ । ସଭ୍ୟତା କଅଣ, ସର୍ବାଗ୍ରେ ତାହାର ସଂଜ୍ଞା-ନିରୂପଣ ଆବଶ୍ୟକ । ସାଧୁ ବ୍ୟବହାର, ଅନିନ୍ଦ୍ୟ ଶିଷ୍ଟାଚାର ଓ ସମାଜୋଚିତ ସୌଜନ୍ୟ—ଏଗୁଡ଼ିକ ସଭ୍ୟତାର ପ୍ରଧାନ ଅଙ୍ଗ । ଜାତି-ନିର୍ବିଶେଷରେ ସମଦର୍ଶିତା, ସ୍ୱଧର୍ମରେ ଐକାନ୍ତିକ ଅନୁରାଗ, ଦୟାଦାକ୍ଷିଣ୍ୟର ସଦ୍‌ବ୍ୟବହାର, ଅଭ୍ୟନ୍ତରର ଓ ସଂଯମ—ଏହି ଅଗ୍ରାମ୍ୟଭୂଷଣରେ ସଭ୍ୟତା ଅଳଙ୍କୃତ ହୁଏ । ଫଳତଃ ଯଦ୍ଦ୍ୱାରା ହୃଦୟ, ମନ ଓ ଆତ୍ମାର ପୂର୍ଣ୍ଣ ବିକାଶ ସାଧନ ହୁଏ, ତାହାହିଁ ସଭ୍ୟତା । ସୁତରାଂ ସଭ୍ୟତାହିଁ ସ୍ପୃହଣୀୟ । ସଭ୍ୟତା ଗଙ୍ଗାଜଳ ତୁଲ୍ୟ ସ୍ୱଚ୍ଛ, ପାବନ, ଆଦରଣୀୟ ଓ ପୂଜନୀୟ ।

ଶିକ୍ଷା ଓ ସଭ୍ୟତା ଗୋଟିଏ ସ୍ୱତନ୍ତ୍ର କଥା । ଶିକ୍ଷାଦ୍ୱାରା ସଭ୍ୟତା ମାର୍ଜିତ ଓ ଅଳଙ୍କୃତ ହୁଏ ସତ୍ୟ; ମାତ୍ର ଶିକ୍ଷା ଅଭାବରେ ମଧ୍ୟ ସଭ୍ୟତା ଆତ୍ମପ୍ରକାଶ କରିପାରେ । ଅନେକ ଭଦ୍ରବଂଶଜ ନିରକ୍ଷର ହୋଇ ମଧ୍ୟ ଶିଷ୍ଟୋଚିତ ସଭ୍ୟତା ପ୍ରଦର୍ଶନ କରନ୍ତି । ଏହାର ଦୃଷ୍ଟାନ୍ତ ବିରଳ ନୁହେଁ । "ମାତୃବତ୍ ପରଦାରେଷୁ, ପରଦ୍ରବ୍ୟେଷୁ ଲୋଷ୍ଟ୍ରବତ୍, ଆତ୍ମବତ୍ ସର୍ବଭୂତେଷୁ"—ଏହି ପରମ ସତ୍ୟବଚନଦ୍ୱାରା ତ୍ରିକାଳଦର୍ଶୀ ଆର୍ଯ୍ୟ-

ଋଷିଗଣ ଆର୍ଯ୍ୟପଣ୍ଡିତଙ୍କର ଲକ୍ଷଣ ନିର୍ଦ୍ଦେଶ କରିଯାଇଅଛନ୍ତି । ବାସ୍ତବରେ ପବିତ୍ରାତ୍ମା ଆର୍ଯ୍ୟପଣ୍ଡିତଙ୍କର ଲକ୍ଷଣ ଓ ପବିତ୍ର ସଭ୍ୟତାର ଲକ୍ଷଣ ଏ ଉଭୟ ମଧ୍ୟରେ କୌଣସି ଅସାମଞ୍ଜସ୍ୟ ପରିଲକ୍ଷିତ ହୁଏ ନାହିଁ । ଜଗତର ସକଳ ଧର୍ମଶାସ୍ତ୍ରରେ ଏହି ସୁନୀତିର ସମାଦର ସଂଦୃଷ୍ଟ ହୁଏ ।

ସମଗ୍ର ପୃଥିବୀର ସଂକ୍ଷିପ୍ତସାର ଏ ଭାରତ-ଭୂମି ସଭ୍ୟତାର ଆଦିପୀଠ । ଭାରତ ସଭ୍ୟତା, ଶିକ୍ଷା ନିମିତ୍ତ କୌଣସି କାଳରେ ମଧ୍ୟ ପରମୁଖାପେକ୍ଷୀ ହୋଇ ନାହିଁ କିମ୍ବା ହେବ ନାହିଁ । ଆମ୍ଭମାନଙ୍କ ଜାତୀୟ ପୁରାଣେତିହାସ ଆମ୍ଭମାନଙ୍କର ଜାତୀୟ ସଭ୍ୟତାର ଅଦ୍ୱିତୀୟ ପ୍ରମାଣ ପ୍ରଦାୟକ । ବୀରେନ୍ଦ୍ରବନ୍ଦ୍ୟ ରାମଚନ୍ଦ୍ରଙ୍କ ବାଣରେ ଆସନ୍ନମୃତ୍ୟୁ ରାବଣ ବିଷମ ବୈରତା ପାଶୋରି ରାମଚନ୍ଦ୍ରଙ୍କୁ ରାଜନୀତି ଶିକ୍ଷା ଦେଇଥିଲା । କୁରୁ ପାଣ୍ଡବଙ୍କର ଅନନ୍ତ ଶତ୍ରୁତାସତ୍ତ୍ୱେ ପାଣ୍ଡବମାନେ ଦୁର୍ଯ୍ୟୋଧନଙ୍କୁ ବାରମ୍ବାର ବିକଟ ସଙ୍କଟରୁ ଉଦ୍ଧାର କରିଥିଲେ । ମିବାର ରାଜକୁମାର ପୃଥ୍ୱୀରାଜ ସ୍ୱୀୟ ପିତୃବ୍ୟ ସୂର୍ଯ୍ୟମଲ୍ଲଙ୍କ ସହିତ ଦିବସରେ ଯୁଦ୍ଧ କରି ରାତିରେ ତାଙ୍କର କ୍ଷତ ସ୍ଥାନମାନ ସୀବନ କରି ଦେଉଥିଲେ । ସୂର୍ଯ୍ୟମଲ୍ଲ ମଧ୍ୟ ତରୁଣବୟସ୍କ ଭ୍ରାତୃଷ୍ପୁତ୍ରଙ୍କୁ ନ ଦେଖିବା ଯାଏ ନୈଶାହାର କରୁ ନ ଥିଲେ । ପୃଥ୍ୱୀରାଜ ଉପସ୍ଥିତ ହେଲେ ଉଭୟେ ଏକପାତ୍ରରେ ଭୋଜନ କରୁଥିଲେ । ଶିବିରାଜ ସ୍ୱୀୟ ମାଂସଦାନ ଦ୍ୱାରା ଶରଣାପନ୍ନଙ୍କୁ ଶତ୍ରୁହସ୍ତରୁ ରକ୍ଷା କରିଥିଲେ । ଏହା ଅପେକ୍ଷା ଆଦର୍ଶ ସଭ୍ୟତାର ଉତ୍କୃଷ୍ଟ ଦୃଷ୍ଟାନ୍ତ ଆଉ କଣ ହୋଇପାରେ ? ଏହିପରି ପବିତ୍ର ସଭ୍ୟତା ବକ୍ଷରେ ବହନ କରିଥିବାରୁ ଆର୍ଯ୍ୟ-ପୁରାଣ, ଆର୍ଯ୍ୟ-ଇତିହାସ ଅମର-ମହିମିତ ଓ ବିଶ୍ୱନମସ୍ୟ । ସେହି ସଭ୍ୟତା ମାନବ-ସମାଜକୁ ଜୀବନର ଉଜ୍ଜ୍ୱଳ ମଙ୍ଗଳ ପଥ ଦେଖାଇ ଦେଉଅଛି ଏବଂ ଭାବୀ ବଂଶମାନର କର୍ତ୍ତବ୍ୟ ନୀରବରେ ନିର୍ଦ୍ଦେଶ କରିଦେଉଅଛି । ସେହି ସଭ୍ୟତା ମାନବକୁ ସତ୍ୟତୀର୍ଥ, ମଙ୍ଗଳତୀର୍ଥ, ଅମୃତତୀର୍ଥର ଯାତ୍ରୀ କରୁଅଛି । ସେହି ସଭ୍ୟତା ବଳରେ ସାଧକ ମୁକ୍ତିତୀର୍ଥରେ ଅବଗାହନ କରି ଅମରତ୍ୱ ଲାଭ କରେ ।

ଅନେକେ ପାଶ୍ଚାତ୍ୟ ସଭ୍ୟତାକୁ ଆର୍ଯ୍ୟସଭ୍ୟତା ମଧ୍ୟରେ ଗ୍ରହଣ କରିବାକୁ ଅଭିଳାଷୀ ହୋଇ ସେଥିର ଅନୁକରଣରେ ପ୍ରବୃତ୍ତ ହେବାକୁ ଉପଦେଶ ଦିଅନ୍ତି; ମାତ୍ର ଶୁକପକ୍ଷୀ ଅର୍ଥ ନ ବୁଝି ଶ୍ଳୋକ ଉଚ୍ଚାରଣ କଲା ପରି ସେମାନଙ୍କର ବାର୍ତ୍ତା । ତଥ୍ୟ ନ ଜାଣି ବଖାଣିବା ପଣ୍ଡଶ୍ରମମାତ୍ର । ପାଶ୍ଚାତ୍ୟ ଜଳବାୟୁ ସଙ୍ଗେ ଏ ଦେଶୀୟ ଜଳବାୟୁର ସମତା ନାହିଁ । ସୁତରାଂ ରୀତିନୀତି, ଆହାର ବ୍ୟବହାର ଓ ରୁଚି ପ୍ରବୃତ୍ତିର ପାର୍ଥକ୍ୟ ସ୍ୱାଭାବିକ । ପାଶ୍ଚାତ୍ୟ ସଭ୍ୟତାର ଅନ୍ତର୍ଭୁକ୍ତ ଯେଉଁ ଅଂଶଗୁଡ଼ିକ ଅନିନ୍ଦ୍ୟ ସୁନ୍ଦର ଓ ପ୍ରଶଂସନୀୟ ଗୁଣର ନିଦର୍ଶନ, ସେଗୁଡ଼ିକର ଅନୁକରଣ ଅବଶ୍ୟ ପରମ କଲ୍ୟାଣପ୍ରଦ; ମାତ୍ର ପାଶ୍ଚାତ୍ୟ ସଭ୍ୟତାର ସମଗ୍ର ଅଂଶର ଅନୁକରଣ ଏ ଦେଶ ପକ୍ଷରେ ଗ୍ରହଣୀୟ ନୁହେଁ । ତଦ୍ଦ୍ୱାରା ସାମାଜିକ ଅଭିବୃଦ୍ଧି ପରିବର୍ତ୍ତରେ ବିଶେଷ କ୍ଷତିର ସମ୍ଭାବନା । ନିରବଚ୍ଛିନ୍ନ ଅନୁକରଣଦ୍ୱାରା କୌଣସି ଜାତି ବା ସମାଜ ସଭ୍ୟତା-ସୋପାନରେ ଆରୋହଣ କରି ନ ପାରେ । ଚିର-ଅନୁକରଣଶୀଳ ସମାଜ ନିଜସ୍ୱ-ବର୍ଜିତ ଓ ତାହାର ଅନୁକୃତ ସଭ୍ୟତା ନିର୍ଜୀବ । ଅନୁକରଣଦ୍ୱାରା ବିବେକ ଶକ୍ତି, ଚିନ୍ତା ବା ଉଦ୍ଭାବନାର ବିକାଶ ହୁଏ ନାହିଁ । ରଙ୍ଗ ମାଖିହୋଇ ରୂପ ପରିବର୍ତ୍ତନ କଲେ ତଦ୍ଦ୍ୱାରା ନିଜର ସ୍ୱାଭାବିକତା ଯେପରି ବିକୃତ ହୁଏ, ଅନୁକରଣାଚ୍ଛନ୍ନ ସଭ୍ୟତା ସେହିପରି ବିକୃତ ।

ଅନୁକରଣରେ ଉପକାର, ଅପକାର ଉଭୟ ସାଧିତ ହୁଏ । ପାଶ୍ଚାତ୍ୟଖଣ୍ଡର ଏକତା ଏ ଦେଶ ପକ୍ଷରେ ସମ୍ପ୍ରତି ସର୍ବାଗ୍ରେ ଅନୁକରଣୀୟ । ସଭ୍ୟତା ସହିତ ଏକତାର ସମ୍ବନ୍ଧ ନିତ୍ୟ ଓ ଅବିଚ୍ଛିନ୍ନ । ଯେଉଁଠାରେ ଏକତା ବିଦ୍ୟମାନ, ସେଠାରେ ସଭ୍ୟତା ଦୁର୍ବଳ ହେଲେ ମଧ୍ୟ ବିଶେଷ କ୍ଷତିର ଆଶଙ୍କା ନାହିଁ; ମାତ୍ର ଏକତା-ବିରହିତ ସଭ୍ୟତା କର୍ଣ୍ଣଧାର-ବିରହିତ ତରଣୀ ତୁଲ୍ୟ ଆସନ୍ନମଗ୍ନ । ଏକତା-ବିହୀନ ସମାଜର ଅସ୍ତିତ୍ୱ ଅସ୍ୱୀକାର୍ଯ୍ୟ । ଯଦ୍ୟପି ସ୍ୱୀକାର୍ଯ୍ୟ ହୁଏ, ତେବେ ସେ ସମାଜ ଗୌରବହୀନ, ସୁତରାଂ ସେରୂପ ସମାଜ

ପକ୍ଷରେ ପ୍ରକୃତ ସଭ୍ୟତାର ମୁଖାବଲୋକନ ସୁଦୂର-ପରାହତ ।

ପ୍ରକୃତ ସଭ୍ୟତା ଯେଉଁଠାରେ ବିରାଜମାନ, ସେଠାରେ ଏକତାର ଅଭାବ ଲକ୍ଷିତ ହୁଏ ନାହିଁ । ସଭ୍ୟତାକୁ ସ୍ପର୍ଶ ନ କରି ମଧ୍ୟ ଏକତା ଏକାକିନୀ ବାସ କରିପାରେ । ଯେଉଁଠାରେ ସଭ୍ୟତାର ନାମ ମଧ୍ୟ ନାହିଁ, ଅଥଚ ଏକତା ପୂର୍ଣ୍ଣଶକ୍ତିରେ ବିଦ୍ୟମାନ, ଏରୂପ ସ୍ଥାନ ଏ ଦେଶରେ ବିରଳ ନୁହେଁ, ପ୍ରକୃତ ଯଥେଷ୍ଟ ଦୃଷ୍ଟ ହୁଏ । ଜାଗଳିକ କନ୍ଧ, ସାନ୍ତାଳ ପ୍ରଭୃତି ଅନାର୍ଯ୍ୟ ଜାତିଙ୍କର ଏକତା ଆଦର୍ଶସ୍ଥାନୀୟ, ଅଥଚ ସେହି ଜାତିରେ ସଭ୍ୟତା ନାହିଁ । ପଶୁପକ୍ଷୀ ମଧ୍ୟରେ ବାନର ଓ କାକର ଐକ୍ୟ ବିବେକ ବୁଦ୍ଧି ସଙ୍କୁଳ ମାନବ-ସମାଜକୁ ମଧ୍ୟ ପରାସ୍ତ କରିଅଛି । ସଭ୍ୟତା, କେବଳ ଲିଖନ ପଠନ ଶିକ୍ଷାରେ ପର୍ଯ୍ୟବସିତ ନୁହେଁ; ଏକତା ବିରହରେ ଯଥାର୍ଥ ସଭ୍ୟତା କଦାଚ ଉପଲବ୍‌ଧ ହୁଏ ନାହିଁ ।

---

# ବ୍ରହ୍ମଚର୍ଯ୍ୟ

ମାନବ-ଜୀବନର ବିଶେଷତ୍ୱ ମଧ୍ୟରେ ଚରିତ୍ରର ବିଶୁଦ୍ଧତା ଅନ୍ୟତମ । ଚରିତ୍ର ନିର୍ମଳ ରଖି ସାଧୁ ସଂଯତ ଭାବରେ ଜୀବନ ଯାପନ କରିବାର ନାମ ବ୍ରହ୍ମଚର୍ଯ୍ୟ । କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ମାନବର ପରମ ଶତ୍ରୁ । ସେମାନେ ଜୀବଜଗତକୁ ଅଧୀନ କରି ରଖିଛନ୍ତି । ଯେଉଁ ଜିତେନ୍ଦ୍ରିୟ ମାନବ ସେମାନଙ୍କ ଅଧୀନ ନ ହୋଇ ପ୍ରତ୍ୟୁତ ସେମାନଙ୍କୁ ଅଧୀନ କରି ରଖେ, ସେହି ଏକା ବ୍ରହ୍ମଚର୍ଯ୍ୟର ଅଧିକାରୀ । ଦୁର୍ବାର ଇନ୍ଦ୍ରିୟ-ଜିଗୀଷା ତାହାର ଜୀବନକୁ ସତତ ଦୃଢ ପ୍ରେମାଲିଙ୍ଗନ ପ୍ରଦାନପୂର୍ବକ ଶତ୍ରୁ ବିରୁଦ୍ଧରେ ଉଦ୍‌ବୁଦ୍ଧ କରେ । ବ୍ରହ୍ମଚର୍ଯ୍ୟଧାରୀ ଅଖଣ୍ଡ ସ୍ୱାସ୍ଥ୍ୟ, ବିପୁଳ ବଳ ଓ ଦୀର୍ଘାୟୁ ଲାଭ କରେ । ସ୍ଥୂଳରେ କହିବାକୁ ଗଲେ ବ୍ରହ୍ମଚର୍ଯ୍ୟହିଁ ଜୀବନ ଓ ଇନ୍ଦ୍ରିୟପରାୟଣତା ମୃତ୍ୟୁ । ବ୍ରହ୍ମଚର୍ଯ୍ୟ ଅଭାବରେ ମାନବ ପୂର୍ଣ୍ଣତାପ୍ରାପ୍ତ ହୁଏ ନାହିଁ । ବ୍ରହ୍ମଚର୍ଯ୍ୟରେ ସିଦ୍ଧତା ଲାଭକଲେ ମାନବ ନବଜୀବନ ପ୍ରାପ୍ତ ହୁଏ । ସେହି ନବଜୀବନର ନବ-ପ୍ରଭାତରୁ ସକଳ ପ୍ରକାର ଶ୍ରେୟ ତାହାର ଅସ୍ମାକୁ ଆରତିପୂଜା ପ୍ରଦାନପୂର୍ବକ ଶାନ୍ତ, ଶୀତଳ ଓ ସମୁଲ୍ଲତ କରେ ।

ବ୍ରହ୍ମଚର୍ଯ୍ୟ କେବଳ ଇହଜୀବନର ସୁଖସ୍ୱାଚ୍ଛନ୍ଦ୍ୟର ହେତୁ ନୁହେଁ—ତାହା ମାନବର ପରକାଳର ମଧ୍ୟ ପରମ ସମ୍ବଳ । ସେ ମାନବକୁ ସତ୍ୟ, ଧର୍ମ, ନୀତି, ପ୍ରଭୃତି ସ୍ୱର୍ଗର ସମୁଜ୍ଜ୍ୱଳ ରଥରେ କାମଣ୍ତ୍ରନ-ପୂର୍ବକ ପରମାତ୍ମାଙ୍କର ସମୀପବର୍ତ୍ତୀ କରିଦିଏ । ବ୍ରହ୍ମଚର୍ଯ୍ୟଠାରୁ ବଳି ସାରଧର୍ମ ବା ସାର ତପସ୍ୟା ଜଗତରେ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁ ଯୋଗବିଦ୍ୟା ବଳରେ ଅସାଧ୍ୟ ସାଧନ, ଅସମ୍ଭବ ସମ୍ଭବ ହୁଏ, ବ୍ରହ୍ମଚର୍ଯ୍ୟ ସେହି ମହାବିଦ୍ୟାର ବୀଜମନ୍ତ୍ର । ବ୍ରହ୍ମଚର୍ଯ୍ୟ ଏ ଦେଶରେ ନୂତନ କଥା ନୁହେଁ, ବ୍ରହ୍ମଚର୍ଯ୍ୟରୂପ ଅଟଳ ହିମାଳୟ ଉପରେ ଆର୍ଯ୍ୟସମାଜ ଚିର-ପ୍ରତିଷ୍ଠିତ । ଆର୍ଯ୍ୟ-ମହର୍ଷିଗଣ ବ୍ରହ୍ମଚର୍ଯ୍ୟର ପ୍ରାଣମନ୍ତ୍ରର ଉପରୂପ । ଯୋଗ ମହାବିଦ୍ୟାର ବିସ୍ମୟକର ମହିମା ଏ ଦେଶର ପୁରାଣେତିହାସରେ ଅପ୍ରଚଳ ନୁହେଁ । ଯୋଗ-ବିଦ୍ୟା ବଳରେ ଅଗସ୍ତ୍ୟ ମହର୍ଷି ସିନ୍ଧୁ ଶୋଷଣ କରିଥିଲେ । ତ୍ରେତାଯୁଗର ମହାବୀର ହନୁମାନ ଅଠରବର୍ଷର ପଥ ପ୍ରତିକ୍ଷ ମଧ୍ୟରେ ଯାଇ ପୁଣି ଫେରି-ଆସିଥିଲେ । ଆର୍ଯ୍ୟଚକ୍ରବର୍ତ୍ତୀ ମନୁଷ୍ୟମଣି, ସତ୍ୟସ୍ୱାଧ୍ୟାୟ-ନିରତ, ଅଲୌକିକବୈରାଗ୍ୟବ୍ରତୀ, ଧର୍ମରାଜ ଯୁଧିଷ୍ଠିର ସଶରୀର ସ୍ୱର୍ଗଗମନ କରିଥିଲେ । ଏହି ସମସ୍ତ ଅତ୍ୟଦ୍ଭୁତ ବିସ୍ମୟ ମହାକାର୍ଯ୍ୟ ମୂଳରେ ବ୍ରହ୍ମଚର୍ଯ୍ୟ ବିଦ୍ୟମାନ । ଦ୍ୱିଜାତି ବାଳକମାନେ ଉପନୟନ ସଂସ୍କାର ପରେ ଗୁରୁଗୃହରେ ଅବସ୍ଥାନପୂର୍ବକ ବ୍ରହ୍ମଚର୍ଯ୍ୟ ପାଳନ କରୁ-ଥିଲେ । ସେଠାରେ ବାରବର୍ଷକାଳ ବିଦ୍ୟାଧ୍ୟୟନ ପରେ ସ୍ୱଗୃହକୁ ଫେରିଆସି ଗାର୍ହସ୍ଥ୍ୟାଶ୍ରମରେ ପ୍ରବେଶ

କରୁଥିଲେ । ବ୍ରହ୍ମଚର୍ଯ୍ୟଦ୍ୱାରା ସ୍ମୃତିଶକ୍ତି ପ୍ରଖର ହୁଏ, ଜୀବନ ଆଲୋକିତ ହୁଏ ଏବଂ ଶରୀରରେ ଉତ୍ସାହର ଉନ୍ମେଷ ଖେଳିବୁଲେ । ବ୍ରହ୍ମଚର୍ଯ୍ୟ ମାନବକୁ ନୂତନ ଶୁଭଶକ୍ତି ଦାନ କରି ତାହାର ଜୀବନକୁ ଆନନ୍ଦରସରେ ମଧୁମୟ କରେ । ବ୍ରହ୍ମଚର୍ଯ୍ୟ ପାଳନ ବଡ଼ କଠିନ; ମାତ୍ର ଅସାଧ୍ୟ ନୁହେଁ । ଅନବରତ ଅଭ୍ୟାସଦ୍ୱାରା ତାହା କ୍ରମେ ସହଜ ହୋଇ ଆସେ । ବ୍ରହ୍ମଚର୍ଯ୍ୟ ମାନବର ପରମ ବନ୍ଧୁ । ଯେ ଜରା, ବ୍ୟାଧି, ପାପ ପ୍ରମାଦର ହସ୍ତରୁ ରକ୍ଷା କରି ମନୁଷ୍ୟର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଉନ୍ନତି ସାଧନରେ ସହାୟ ହୁଏ, ତାହା ସଦୃଶ ହିତୈଷୀ ବନ୍ଧୁ ଆଉ କିଏ ଅଛି ?

ବ୍ରହ୍ମଚର୍ଯ୍ୟାବଲମ୍ବୀର କେତେଗୁଡ଼ିଏ ନିୟମ ପାଳନ ଏକାନ୍ତ ଆବଶ୍ୟକ । ଖାଦ୍ୟ ସହିତ ବ୍ରହ୍ମଚର୍ଯ୍ୟର ଘନିଷ୍ଠ ସମ୍ବନ୍ଧ । ଖାଦ୍ୟ ସଙ୍ଗରେ ଶରୀରର ସମ୍ପର୍କ ଏବଂ ଶରୀର ସହିତ ମନର ସମ୍ପର୍କ କାହାରି ଅବିଦିତ ନୁହେଁ । ଖାଦ୍ୟ କେବଳ ଶରୀର ଉପରେ କାର୍ଯ୍ୟ କରେ ନାହିଁ—ମନ ଉପରେ ମଧ୍ୟ କାର୍ଯ୍ୟ କରେ । ସୁତରାଂ ବ୍ରହ୍ମଚାରୀ ପକ୍ଷରେ ଆହାର ବିଷୟରେ ସାବଧାନତା ଆବଶ୍ୟକ । ଅନୁତ୍ତେଜକ, ଶରୀର ଓ ମନର ହିତକର, ଧର୍ମପ୍ରବୃତ୍ତିର ଉନ୍ମେଷକ, ପୁଷ୍ଟିକର ଲଘୁପାକ ସାତ୍ତ୍ୱିକ ଆହାର ବ୍ରହ୍ମଚାରୀ ସଦାଶେ ନିର୍ଦ୍ଦିଷ୍ଟ । ମତ୍ସ୍ୟ, ମାଂସ, ପିଆଜ, ରସୁଣ, ଲଙ୍କାମରିଚ ପ୍ରଭୃତି ଉତ୍ତେଜକ ପଦାର୍ଥ ଭକ୍ଷଣରେ ରଜୋଗୁଣର ବୃଦ୍ଧି ହୁଏ, ତାହା ବ୍ରହ୍ମଚାରୀ ପକ୍ଷରେ ନିଷିଦ୍ଧ । ତଦ୍ୱାରା କାମ-କ୍ରୋଧାଦି ରିପୁ ଉତ୍ତେଜିତ ହୋଇ ପାପ-ବାତ୍ୟାଘାତରେ ମାନବ-ହୃଦୟରେ ଭସ୍ମସ୍ତୂପ ରଚନା କରନ୍ତି । ଆହାର ଗୁଣରେ ମନୁଷ୍ୟ ଦେବତା ହୁଏ ଏବଂ ଆହାର ଦୋଷରେ ପଶୁତ୍ୱ ପ୍ରାପ୍ତ ହୁଏ । ପବିତ୍ର ନିର୍ଦ୍ଦୋଷ ଖାଦ୍ୟ ଦ୍ୱାରା ସତ୍ତ୍ୱଗୁଣ ବୃଦ୍ଧିପ୍ରାପ୍ତ ହୁଏ, ସ୍ମୃତିଶକ୍ତି ପ୍ରଖର ହୁଏ, ଦୀର୍ଘାୟୁ ଓ ଅଖଣ୍ଡ ସ୍ୱାସ୍ଥ୍ୟ ଲାଭ ହୁଏ, ଚିତ୍ତ ପ୍ରସନ୍ନ ହୁଏ, ଶରୀର ଦୃଢ଼, ସବଳ ଏବଂ କର୍ମଠ ହୁଏ, ଅଧିକନ୍ତୁ ଜୀବନ ଚିରସୁଖ ଏବଂ ଶାନ୍ତିର ଆଧାର ହୁଏ ।

କ୍ରୋଧ, ହିଂସା, ଆତ୍ମପ୍ରଶଂସା, ଲୋଭ, ଛଳନା ଓ କୁଟିଳତା ପ୍ରଭୃତିଦ୍ୱାରା ବ୍ରହ୍ମଚର୍ଯ୍ୟ ନଷ୍ଟ ହୋଇଯାଏ । ବ୍ରହ୍ମଚାରୀ କୌଣସିପ୍ରକାର ମାଦକଦ୍ରବ୍ୟ ସ୍ପର୍ଶ କରିବ ନାହିଁ କିମ୍ବା ମାଦକସେବୀର ସହବାସ କରିବ ନାହିଁ । ମଦପାନ ବନ୍ଧୁତା ହିଂସ୍ରଜନ୍ତୁ ଅପେକ୍ଷା ଭୟଙ୍କର ଓ ପରିଣାମ ବିଷାଦମୟ । ସୁତରାଂ ତାହାର ଛାୟା ସ୍ପର୍ଶ ସୁଦ୍ଧା କରିବ୍ୟ ନୁହେଁ । ସକଳ ପ୍ରକାର କୁସଙ୍ଗ କିମ୍ବା କୁଗ୍ରନ୍ଥ ପାଠ ଅଥବା କୁବାକ୍ୟ ଉଚ୍ଚାରଣ ସର୍ବଥା ବର୍ଜନୀୟ । ନାଗରିକ ଯାତ୍ରା-ଅଭିନୟାଦି ଦର୍ଶନ ଏବଂ ଗ୍ରାମ୍ୟଗୀତ ଶ୍ରବଣ ମଧ୍ୟ ଦୋଷାବହ । ଧର୍ମଚିନ୍ତା, ଧର୍ମଗ୍ରନ୍ଥ ପାଠ, ବିଶ୍ୱହିତସାଧନ ଏବଂ ମହାଜନ କାର୍ଯ୍ୟାନୁକୃତିରେ ବ୍ରହ୍ମଚର୍ଯ୍ୟ ଶ୍ରେୟାଶ୍ରମୀ ହୁଏ । ବ୍ରହ୍ମଚାରୀ ସତତ ସତ୍ୟପରାୟଣ ହେବ । ସତ୍ୟ ଏକା ମାନବ-ଚରିତ୍ରର ସ୍ୱର୍ଗୀୟ ଭୂଷଣ । ସମସ୍ତ ଜଗତ ସହିତ ସତ୍ୟକୁ ତୁଳନା କଲେ ସତ୍ୟର ଭାର ନିଶ୍ଚୟ ଅଧିକ ହେବ । ସତ୍ୟ ସହିତ ସମସ୍ତ ଜଗତର ତୁଳନା, ସାଗର ସହିତ ଗୋଷ୍ପଦର ତୁଳନା ତୁଲ୍ୟ କେବଳ ସ୍ଥୂଳ ତୁଳନାମାତ୍ର । ଭ୍ରମରେ ମଧ୍ୟ ମିଥ୍ୟା କହିବା ଉଚିତ ନୁହେଁ । ଅଜ୍ଞାନତାବଶତଃ ଦୈବାତ୍ ମିଥ୍ୟା ଉଚ୍ଚାରଣ କଲେ ଅନୁତାପଦ୍ୱାରା ପ୍ରାୟଶ୍ଚିତ୍ତ କରିବ । ଅନୁତାପ-ଠାରୁ ବଳି ଉତ୍କୃଷ୍ଟ ପ୍ରାୟଶ୍ଚିତ୍ତ ବ୍ୟବସ୍ଥା-ଶାସ୍ତ୍ରରେ ଆଉ ନାହିଁ ।

ପ୍ରାଣପଣରେ ଅଭିମାନ ବର୍ଜନ ବ୍ରହ୍ମଚର୍ଯ୍ୟର ସହାୟ । ଅଭିମାନ ବର୍ଜନ ଛଳରେ ବହୁମୂଲ୍ୟ କଷାୟ ବହିର୍ବାସ ଏବଂ ସ୍ୱର୍ଣ୍ଣସୂତ୍ର ଗ୍ରଥିତ ରୁଦ୍ରାକ୍ଷମାଳା ଧାରଣ ଦ୍ୱାରା ଧର୍ମକୁ ପ୍ରତାରଣା କରିବା ଭଣ୍ଡତାର କାର୍ଯ୍ୟ । ତଦ୍ୱାରା ଅଭିମାନ ନଷ୍ଟ ହୁଏ ନାହିଁ—ପ୍ରତ୍ୟୁତ ପୁଷ୍ଟିକର ଖାଦ୍ୟ ପାଇ ପୁଷ୍ଟତା ଲାଭ କରେ । ମୁଁ ଜଣେ କ୍ଷୁଦ୍ର ମାନବ, ମୋର ଜ୍ଞାନ ସୀମାବଦ୍ଧ, ଅନନ୍ତ ବ୍ରହ୍ମାଣ୍ଡ ତୁଳନାରେ ମୋର ନଗଣ୍ୟ ଶକ୍ତିର ଅସ୍ତିତ୍ୱ ଅସ୍ୱୀକାର୍ଯ୍ୟ ହୋଇପାରେ, ଏହିପରି ଆତ୍ମଚିନ୍ତାରେ ଅଭ୍ୟସ୍ତ ହେଲେ ଅଭିମାନ କ୍ରମେ ଦୂରବର୍ତ୍ତୀ ହୋଇଯିବ ।

ବ୍ରହ୍ମଚର୍ଯ୍ୟର ଅନ୍ୟତମ ଅଙ୍ଗ—ଶୌଚ । ତଦ୍ଦ୍ୱାରା ଚିତ୍ତ ପବିତ୍ର ଓ ପ୍ରସନ୍ନ ହୁଏ । ଶୌଚ ଶରୀରକୁ ପାପ ସହଜରେ ସ୍ପର୍ଶ କରିପାରେ ନାହିଁ । ଶୌଚ ସଦାଚାର ନିଷ୍ଠ ସାଧୁବ୍ୟକ୍ତିର ପ୍ରକୃତି ଅନାବିଳ ଅପଦକତା ଅଦ୍ଭୁତ

ଯିବାକୁ ସତତ ଶଙ୍କାପ୍ରବଣ । ସେ ଚିରଶୁଦ୍ଧ, ଚିର ଅପାପବିଦ୍ଧ, ଏ ଶରୀର ସେହି ପରମାତ୍ମାଙ୍କର ପବିତ୍ର ମନ୍ଦିର, ତାହାକୁ ଜଳ ଓ ମାର୍ଜନୀ ସାହାଯ୍ୟରେ ପରିଷ୍କାର କରିବା ପରମ ପୁଣ୍ୟ ଏବଂ ଶ୍ରେୟ ସୌଭା-ଗ୍ୟର ନିଦାନ—ବିଶ୍ୱାସର ସହ ହୃଦୟରେ ଏହି ଭାବ ପୋଷଣ କଲେ ଅଶୁଚି ପ୍ରତି ଅଯତ୍ନତଃ ଘୃଣାର ଉଦ୍ରେକ ହେବ ।

ଊର୍ଦ୍ଧ୍ୱରେତା ବ୍ୟକ୍ତି ବ୍ରହ୍ମଚର୍ଯ୍ୟର ସମ୍ପୂର୍ଣ୍ଣ ଅଧିକାରୀ । ଶରୀରର ଓଜଃ ଧାତୁହିଁ ମାନବର ଜୀବନୀ ଶକ୍ତି । ତାହାକୁ କ୍ଷୟ କଲେ ଜୀବନ କ୍ଷୟପ୍ରାପ୍ତ ହୁଏ । ଭୁକ୍ତ ଦ୍ରବ୍ୟ ପକ୍ୱ ହୋଇ ରସରେ ପରିଣତ ହୁଏ । ରସରୁ ରକ୍ତ, ରକ୍ତରୁ ମାଂସ, ମାଂସରୁ ମେଦ, ମେଦରୁ ଅସ୍ଥି, ଅସ୍ଥିରୁ ମଜ୍ଜା ଏବଂ ମଜ୍ଜାରୁ ଶୁକ୍ରର ଉତ୍ପତ୍ତି । ସୁତରାଂ ଶୁକ୍ରହିଁ ଜୀବର ଜୀବନ, ଦେହର ସାର ଏବଂ ବଳ, ବୀର୍ଯ୍ୟ, ଉତ୍ସାହ ପ୍ରଭୃତିର ଶ୍ରେଷ୍ଠ ଅବଲମ୍ବନ । ଅତଏବ କଳ୍ପନାରେ ମଧ୍ୟ ଶୁକ୍ରକ୍ଷୟର ଆଲୋଚନା କର୍ତ୍ତବ୍ୟ ନୁହେଁ । ସ୍ତ୍ରୀରୂପ ବର୍ଣ୍ଣନା ପଠନ ବା ଶ୍ରବଣ, ଯୁବତୀ ରମଣୀ ସହ ନିର୍ଜନ ରହସ୍ୟାଳାପ, ସ୍ତ୍ରୀଚରିତ୍ରର ଆଲୋଚନା ଏକାନ୍ତ ବର୍ଜନୀୟ । ସେହି ସମସ୍ତ ମଧ୍ୟରେ କୁଚେଷ୍ଟା ଆତ୍ମପ୍ରକାଶ କରେ । ନାରୀ ପ୍ରକୃତିରୂପିଣୀ ଦେବୀ, ନାରୀ ବିଶ୍ୱପ୍ରସୂତି, ଏହି ଭାବ ହୃଦୟରେ ଧରି ନାରୀ ଦେଖିଲାମାତ୍ରେ ତାହାଠାରେ ମାତୃତ୍ୱର ଆରୋପ କଲେ ସ୍ୱଭାବତଃ ନାରୀପ୍ରତି ଶ୍ରଦ୍ଧାଭକ୍ତିର ଉଦ୍ରେକ ହେବ । କେବଳ ଏତିକି ନୁହେଁ, ତାହାର ମହିମାମୟୀ ମୂର୍ତ୍ତି-ଦର୍ଶନରେ ଶିର ଅବନତ ହେବ। ବେଳେବେଳେ ପବିତ୍ର ପ୍ରେମର ନିର୍ମଳ ଅଲକାନନ୍ଦା ହୃଦୟନନ୍ଦନରେ କୋଟି ଧାରାରେ ପ୍ରବାହିତ ହେବ । ବେଳେବେଳେ ନାରୀକୁ ମାତୃ ସମ୍ବୋଧନ କରିବାକୁ ଆକାଙ୍କ୍ଷା ଅଧୀର ହୋଇ ଉଠିବ ଏବଂ ସ୍ୱୀୟ ଅନ୍ତରାତ୍ମାର ପ୍ରେରଣାତିଶଯ୍ୟରେ ସାଧକ ବଂଶୀରବାନୁକୂଳ ସ୍ୱରରେ ନାରୀକୁ ମା ମା ବୋଲି ଡାକି ପ୍ରାଣରେ ଶାନ୍ତିଲାଭ କରିବ ।

ଛାତ୍ରାବସ୍ଥାରୁ ବ୍ରହ୍ମଚର୍ଯ୍ୟାବଲମ୍ବନରେ ବ୍ରତୀ ହେବା କର୍ତ୍ତବ୍ୟ । ଜୀବପ୍ରତି ଦୟା ପ୍ରଦର୍ଶନ, କୁମାର୍ଗ-ଗାମୀକୁ ଧର୍ମୋପଦେଶ ଦ୍ୱାରା ସୁମାର୍ଗକୁ ଆନୟନ, ଜଗତର ସର୍ବବିଧ ହିତ ସାଧନ ବ୍ରହ୍ମଚାରୀର ଧର୍ମ । ବ୍ରହ୍ମଚାରୀର ହୃଦୟ ଜ୍ଞାନ, ଭକ୍ତି ଓ ବିଶ୍ୱପ୍ରେମର ତରଙ୍ଗରଙ୍ଗିତ ସିନ୍ଧୁସ୍ୱରୂପ । ବ୍ରହ୍ମଚାରୀ ଜଗତରେ ନିଃସ୍ୱ ମାତ୍ର ବ୍ରହ୍ମଚର୍ଯ୍ୟ ତାହାର ଅକ୍ଷୟ ଐଶ୍ୱର୍ଯ୍ୟ । ବ୍ରହ୍ମଚାରୀର ଜୀବନ ଧନ୍ୟ, ସେ ମରଧାମରେ ସ୍ୱର୍ଗର ଆନନ୍ଦାମୃତ ଉପଭୋଗ କରେ ।

## ସ୍ୱାବଲମ୍ବନ

ନିତ୍ୟ ପ୍ରୟୋଜନୀୟ ପ୍ରତ୍ୟେକ ପଦାର୍ଥ ସକାଶେ ପରମୁଖାପେକ୍ଷୀ ନ ହୋଇ ଶକ୍ତ୍ୟନୁସାରେ ନିଜର ଅଭାବ ନିଜେ ପୂରଣ କରିବାର ନାମ ସ୍ୱାବଲମ୍ବନ । ଯେଉଁ ସମାଜ ଯେତେ ସ୍ୱାବଲମ୍ବନଶୀଳ, ସେ ସମାଜ ସେତେ ଉନ୍ନତ ଓ ସମୃଦ୍ଧିମନ୍ତ । ପକ୍ଷାନ୍ତରରେ ଯେଉଁ ସମାଜ ଶବବାହୀ ଶ୍ମଶାନଯାତ୍ରୀ ତୁଲ୍ୟ ବିଷଣ୍ଣ ଉଦା-ସୀନତାରେ ସମାଚ୍ଛନ୍ନ, ସେ ଅଧଃପତନର ପାତାଳଭେଦୀ ଗହ୍ୱରରେ ନିକ୍ଷିପ୍ତ । ସେ ସମାଜର ଚିନ୍ତା, ପ୍ରତିଭା, ଉତ୍ସାହ ଓ ଶକ୍ତି ସୌଷ୍ଠବ ପ୍ରାପ୍ତ ହୁଏ ନାହିଁ । ସେ ସମାଜ ମ୍ରିୟମାଣ ଏବଂ ତାହାର ଅଦୃଷ୍ଟ ବିପଣିର ଅଦୃଷ୍ଟ ତୁଲ୍ୟ ଗାଢ଼ ଅନ୍ଧକାରମୟ । ଆଳସ୍ୟ, ବିଳାସ, ଲଜ୍ଜା ଓ ଅଭିମାନ ସ୍ୱାବଲମ୍ବନର ବିରୋଧୀ । ମାନବର ପ୍ରକୃତ ଅଭାବ କଅଣ, ସେ ବିଷୟରେ ମଧ୍ୟ ଅନେକଙ୍କୁ ଲକ୍ଷ୍ୟଭ୍ରଷ୍ଟ ଦେଖାଯାଏ । ଅଭାବ ମଧ୍ୟରେ ଅନ୍ନ, ବସ୍ତ୍ର, ସାମାଜିକ ଶୃଙ୍ଖଳା ଓ ଆଧ୍ୟାତ୍ମିକ ଉନ୍ନତି ଏହି କେତୋଟି ପ୍ରଧାନ । ମନୁଷ୍ୟ ଅଳ୍ପଦିନ ସକାଶେ ଏ ସଂସାର ପ୍ରବାସକ୍ଷେତ୍ରକୁ ଆସିଅଛି । ଅନ୍ନବସ୍ତ୍ର ଚିନ୍ତାରୁ ମୁକ୍ତ ହୋଇ ଯଦି ସେ ପରୋପକାର, ଆତ୍ମୋନ୍ନତି, ଧର୍ମୋନ୍ନତି ସାଧନର ଅବସର ଲାଭ କରି ସାମାନ୍ୟ କେତୋଟା ଦିନ ସୁଖଶାନ୍ତିରେ ଅତିବାହିତ କରିବାକୁ କ୍ଷମ ହୁଏ, ତେବେ ତାହା ଅପେକ୍ଷା ତାହାର ଆଉ ଅଧିକ ସ୍ପୃହଣୀୟ କଅଣ ହୋଇପାରେ ? ବିଳାସ-

ବାଞ୍ଛିତ ସୁବାସତୈଳ ଭସ୍ମ ତାମ୍ବୁଳରଞ୍ଜନ ଅଭାବରେ ସଂସାର-ଯାତ୍ରାର ପଥ କଣ୍ଟକିତ ହୁଏ ନାହିଁ । ଅନେକେ ଅନାବଶ୍ୟକ କାଳ୍ପନିକ ଅଭାବମାନ ସୃଷ୍ଟି କରି ସେଗୁଡ଼ିକର ମୋଚନ ସକାଶେ ନିଜକୁ ବିପଦଗ୍ରସ୍ତ କରନ୍ତି । ସୁତରାଂ ପରମୁଖାପେକ୍ଷିତା ଅପେକ୍ଷା ସେମାନଙ୍କର ଗତ୍ୟନ୍ତର ଥାଏ ନାହିଁ ।

ଅତି ବଡ଼ଲୋକି ଭାବ ସ୍ୱାବଲମ୍ବନର ସ୍ପଷ୍ଟ ପ୍ରତିକୂଳ । ଏହିଭାବ ହେତୁ ଏ ଦେଶରୁ ସ୍ୱାବଲମ୍ବନ ବହୁଦିନରୁ ବିଦାୟ ନେଇ ଅନ୍ୟ ଖଣ୍ଡରେ ବିଚରଣ କରୁଅଛି । ନିଜ ଗୋଡ଼ରେ ନ ଚାଲି ପର ଉପରେ ଭାର ଦେଇ ଚାଲିଲେ ପ୍ରତିପଦକ୍ଷେପରେ ଝୁଣ୍ଟିବା ସ୍ୱାଭାବିକ । ସମ୍ପ୍ରତି ଏ ଦେଶର ସେହିରୂପ ଦୁର୍ଦ୍ଦଶା ହୋଇଅଛି । ଦେଶ, ସମାଜ ବା ଜାତି ସକାଶେ ପରିଶ୍ରମ କରିବା ଦୂରେ ଥାଉ, ବର୍ତ୍ତମାନ ଅନେକେ ନିଜ ସକାଶେ ସାମାନ୍ୟ ପରିଶ୍ରମ କରିବାକୁ ଏକାନ୍ତ କୁଣ୍ଠିତ । ବର୍ତ୍ତମାନ ଆମ୍ଭେମାନେ ବାବୁଗିରିର ଚୂଡ଼ାନ୍ତ ସୀମାରେ ଉପସ୍ଥିତ ହୋଇଅଛୁଁ ; ସଭ୍ୟତାର ଅଘ୍ରାଣ ପ୍ରାପ୍ତିରେ ଲୋକ-ଲଜ୍ଜାଭୟରେ ଝୁଙ୍କିପଡ଼ିଅଛୁଁ । ପାଞ୍ଚଟଙ୍କାର ଖଣ୍ଡିଏ ଚାକିରି ପାଇଲେ ଆମ୍ଭେମାନେ ସ୍ୱର୍ଗକୁ ଅଧଃପ୍ରଦେଶ ମନେ କରୁଁ । ନିଜ ସକାଶେ ବଜାରରୁ ପଇସାକର ଜଳପାନ ସ୍ୱହସ୍ତରେ ଧରି ଆସିବାକୁ ଲଜ୍ଜାରେ ମୃତବତ୍ ହୋଇପଡ଼ୁଁ । ଆମ୍ଭମାନଙ୍କ ପରି ତୁଚ୍ଛ ବଡ଼ଲୋକ-ପ୍ରିୟ ଜାତି ପୃଥିବୀରେ ପ୍ରାୟ ଅନ୍ୟତ୍ର ବିରଳ । ବଡ଼ଲୋକିଆସ ମୁକ୍ତି ପର୍ଯ୍ୟନ୍ତ କଳ୍ପନା କରିବା ଆମ୍ଭମାନଙ୍କ ପକ୍ଷରେ ବର୍ତ୍ତମାନ ସ୍ୱାଭାବିକ । ବିଳାସ ବାସନା ଓ ଆଳସ୍ୟ ମଧ୍ୟ ଆମ୍ଭମାନଙ୍କୁ ପଙ୍ଗୁ କରୁଛି ।

ଆମ୍ଭମାନଙ୍କର ଜନ୍ମଭୂମି ଭାରତବର୍ଷର ନୈସର୍ଗିକ ଅବସ୍ଥା ସ୍ୱାବଲମ୍ବନର ଅନୁକୂଳ । ବିଧାତା ଭାରତ-ଭୂମିକୁ ଧରଣୀର ସଂକ୍ଷିପ୍ତସାର କରି ସୃଷ୍ଟି କରିଛନ୍ତି । ଅଭ୍ରଂଲିହ ଶୈଳମାଳା, ଭୁବନପାବନୀ ନଦୀବୃନ୍ଦ ଏବଂ ବିଶାଳ ବିସ୍ତୃତ ବାରିଧି ଭାରତରେ ବିରାଜମାନ । ସମୁଦ୍ର ଓ ପର୍ବତମାଳା ଭାରତର ବିପୁଳ ଧନର ଆକର ଏବଂ ଜ୍ଞାନବିଜ୍ଞାନର ଶିକ୍ଷକ । ନଦୀବୃନ୍ଦ ଭାରତବାସୀଙ୍କର ନାନାବିଧ ସୁଖସ୍ୱାଚ୍ଛନ୍ଦ୍ୟର କାରଣ । ଏମାନଙ୍କର ବନ୍ୟା ଭାରତବକ୍ଷରେ ସୁବର୍ଣ୍ଣ ସାର ଢାଳିଦିଏ । ସେଥି-ଯୋଗୁଁ ଭାରତ ମୃତ୍ତିକାରେ ଅଳ୍ପାୟାସରେ ସର୍ବବିଧ ଶସ୍ୟ ପ୍ରଚୁର ପରିମାଣରେ ଉତ୍ପନ୍ନ ହୁଏ । ଏହି ସକଳ ନଦନଦୀ ଅଭ୍ୟନ୍ତରୀଣ ବାଣିଜ୍ୟର ପଥ ମୁକ୍ତ କରି ରଖିଅଛି । ନଦୀପର୍ବତାଦିରୁ ଭାରତବାସୀ ଏ ମନୋମତ ସୁଖସ୍ୱାଚ୍ଛନ୍ଦ୍ୟପ୍ରଦ ପଦାର୍ଥ ପ୍ରାପ୍ତ ହୁଅନ୍ତି ବୋଲି ସେମାନଙ୍କୁ ଦେବତା ଜ୍ଞାନରେ ପୂଜା କରନ୍ତି । ଦେବତା-ମାନଙ୍କ ତୁଲ୍ୟ ଏମାନେ ଭାରତବାସୀଙ୍କର ମଙ୍ଗଳ ସାଧନାରେ ଚିର ନିଯୁକ୍ତ ଅଛନ୍ତି । ଆମ୍ଭମାନଙ୍କର ଧର୍ମ-ବୃତ୍ତି ଓ ମନୋବୃତ୍ତି ଏହି ସମସ୍ତ ପ୍ରାକୃତିକ ପଦାର୍ଥ ସାହାଯ୍ୟରେ ଗଠିତ । ଆମ୍ଭମାନଙ୍କର କୃଷି, ଶିଳ୍ପ, ବାଣିଜ୍ୟ ଓ ନୈତିକ ଶିକ୍ଷା ମଧ୍ୟ ଏହି ନୈସର୍ଗିକ ପଦାର୍ଥ ଉପରେ ନିର୍ଭରଶୀଳ । ଏଗୁଡ଼ିକୁ ଭାରତମାତାର ବିଶ୍ୱନମସ୍ୟ ମହାଶକ୍ତି କହିଲେ ଅତିରଞ୍ଜିତ ହେବ ନାହିଁ ।

ଭାରତ ଷଡ଼୍‌ଋତୁର ଲୀଳାଭୂମି । ପୃଥିବୀର ଅନ୍ୟ କୌଣସି ଦେଶରେ ଏରୂପ ଋତୁପର୍ଯ୍ୟାୟ ନାହିଁ । ଗ୍ରୀଷ୍ମପ୍ରଧାନ, ଶୀତପ୍ରଧାନ, ନାତିଶୀତୋଷ୍ଣ ସକଳ ପ୍ରକାର ସ୍ଥାନ ଭାରତରେ ଏକାଧାରରେ ଅବସ୍ଥିତ । ସେହିହେତୁ ସର୍ବଦେଶୀୟ ସର୍ବପ୍ରକାର ଜୀବର ଏଠା ସୁଖ-ବାସୋପଯୋଗୀ ଏବଂ ସକଳ ପ୍ରକାର ବୃକ୍ଷଲତା, ଫଳ ଓ ଶସ୍ୟ ଏ ଦେଶରେ ଜନ୍ମେ । ସୁତରାଂ ସ୍ୱାବଲମ୍ବନର ଉପାଦାନ ଆମ୍ଭମାନଙ୍କ ଦେଶରେ ପ୍ରଚୁର ଅଛି । ଆମ୍ଭମାନଙ୍କର ପୂର୍ବପୁରୁଷ ଆର୍ଯ୍ୟମହର୍ଷିଗଣ ଆଦର୍ଶ ସ୍ୱାବଲମ୍ବୀ ଥିଲେ । ସେମାନେ ସାହିତ୍ୟ, ଦର୍ଶନ, ବିଜ୍ଞାନ, ଜ୍ୟୋତିଷ ଓ ଚିକିତ୍ସା ପ୍ରଭୃତି ବିବିଧ ଶାସ୍ତ୍ରାଲୋଚନା ଏବଂ ଶାସ୍ତ୍ରପ୍ରଣୟନପୂର୍ବକ ଭାରତକୁ ସଭ୍ୟ ଜଗତର ଶୀର୍ଷସ୍ଥାନୀୟ କରିଯାଇଛନ୍ତି । ଆମ୍ଭେ-ମାନେ ସେମାନଙ୍କର ବଂଶଧର ହୋଇ ଜନସମାଜରେ ଅସଭ୍ୟ ଓ ଅଶିକ୍ଷିତ ନାମରେ ପରିଚିତ ହେବାକୁ ଲଜ୍ଜାବୋଧ କରୁ ନାହୁଁ, ଏହା ଅପେକ୍ଷା ଦୁରଦୃଷ୍ଟର ବିଷୟ କଅଣ ଅଛି ? ଆମ୍ଭମାନଙ୍କ ଦେଶର ଭୂମି ଅତି ଉର୍ବର । ଶିଳ୍ପୋପକରଣର ମଧ୍ୟ ଅଭାବ ନାହିଁ । ଅଭାବ କେବଳ ଆମ୍ଭମାନଙ୍କର ସ୍ୱାବଲମ୍ବନ ଓ ଅଧ୍ୟବସାୟର

ଆଳସ୍ୟ ଓ ବିଳାସପ୍ରିୟତା ହେତୁ ଆମ୍ଭମାନଙ୍କ ଜୀବନଯାତ୍ରାର ପଥ କ୍ରମଶଃ ଦୁର୍ଗମ କଣ୍ଟକମୟ ହୋଇ ଆସୁଛି । ସମୟ-ସ୍ରୋତର କୂଳ ଉପରକୁ ଉଠି ନାନାବିଧ ଅତୀତ ଦୃଶ୍ୟର ସ୍ମୃତିଚିତ୍ର ଦେଖିଲେ ଏବଂ ସେଥି ସହିତ ଉପସ୍ଥିତ ଦୁର୍ଦ୍ଦଶା ଚିତ୍ରର ତୁଳନା କଲେ ବାସ୍ତବରେ ନେତ୍ର ଅଶ୍ରୁଜଳସିକ୍ତ ହୋଇଆସେ । ସ୍ୱାବଲମ୍ବନ ଅଭାବରେ ଆମ୍ଭେମାନେ ଲକ୍ଷ୍ମୀଙ୍କର ସନ୍ତାନ ହୋଇ ମଧ୍ୟ ଉଦରାନ୍ନ ସକାଶେ ହାହାକାର-ପରାୟଣ ।

କଥା ଓ କାର୍ଯ୍ୟ ମଧ୍ୟରେ ଆକାଶପାତାଳର ପ୍ରଭେଦ ପରିଲକ୍ଷିତ ହୁଏ, ଏହା ଅଭ୍ରାନ୍ତ ସତ୍ୟ । ସ୍ୱାବଲମ୍ବନର ଉପଦେଶ ପ୍ରଦାନ ଯେପରି ସହଜ, ଜୀବନରେ ସ୍ୱାବଲମ୍ବନ ପାଳନ ସେହିପରି କଠିନ; କିନ୍ତୁ କଠିନ ବୋଲି ତାହାପ୍ରତି ଉପେକ୍ଷା ପ୍ରଦର୍ଶନ ଉଚିତ ନୁହେଁ । ଶିଶୁ ପ୍ରଥମେ ଚାଲିବାବେଳେ ବାରମ୍ବାର କଚାଡ଼ି ପଡ଼େ, ସମୟ ସମୟରେ ସାଂଘାତିକ କଷ୍ଟ ମଧ୍ୟ ଭୋଗ କରେ; ତଥାପି ବିରତ ନ ହୋଇ ସେ ଚାଲିବାକୁ ପୁନଃ ପୁନଃ ଚେଷ୍ଟା କରେ; ଶେଷରେ ସାଧନାରେ ସିଦ୍ଧିଲାଭ କରେ । ସେଥିପାଇଁ କୋଲୁଯାଇଅଛି, ସ୍ୱାବଲମ୍ବନ କଠିନ କାର୍ଯ୍ୟ ହେଲେହେଁ ତାହା ଉପେକ୍ଷଣୀୟ ନୁହେ । ନିଷ୍ଠା ଓ ଅଧ୍ୟବସାୟ ସହକାରେ ସାଧନା କଲେ ସିଦ୍ଧି ନିଶ୍ଚୟ ମିଳିବ । ସାଧନା ସିଦ୍ଧିର ଜନନୀ; ସାଫଲ୍ୟ ଚଳେ ଚଳେ ଏକାଗ୍ର ସାଧକର ଅନୁଗାମୀ ହୁଏ । ପଶୁ-ପକ୍ଷୀମାନଙ୍କର ସ୍ୱାବଲମ୍ବନ ମନୁଷ୍ୟଠାରୁ କୋଟି ଗୁଣରେ ଶ୍ରେଷ୍ଠ ଓ ପ୍ରଶସ୍ତିତ । ସେମାନେ ଚାକିରି କରନ୍ତି ନାହିଁ କିମ୍ବା ମୂଲ ଲାଗନ୍ତି ନାହିଁ, ଅଥଚ ସେମାନଙ୍କୁ କେବେ ଉପବାସ ରହିବାର ଦେଖାଯାଏ ନାହିଁ ; ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ନିଜର ଖାଦ୍ୟ ଖୋଜି ନିଅନ୍ତି । ଅଜ୍ଞାନ ଜୀବ ପକ୍ଷରେ ଯାହା ଅସାଧ୍ୟ ନୁହେଁ, ଜ୍ଞାନ-ବାନ୍ ମାନବ ପକ୍ଷରେ ତାହା କି ଅସାଧ୍ୟ ? ପରମ-କାରୁଣିକ ଜଗଦୀଶ୍ୱର ଜୀବର ଜୀବିକାର୍ଜ୍ଜନ ସୁବିଧାରେ ସୃଷ୍ଟି ପୁଷ୍ଟି କରି ରଖିଛନ୍ତି । କେବଳ ସ୍ୱାବଲମ୍ବନ ଓ ଅଧ୍ୟବସାୟ ଅଭାବରେ ଜୀବନ ଅସ୍ୱସ୍ତିମୟ ବୋଧ ହୁଏ ।

# କୃଷି

କୃଷିବିଦ୍ୟା ଋଷି-ପ୍ରଦର୍ଶିତ ଗୌରବମୟୀ ମହାବିଦ୍ୟା । ଯେଉଁ ବିଦ୍ୟା ଉପରେ ମାନବ-ଜୀବନ ଏକାନ୍ତ ନିର୍ଭରଶୀଳ, ସେ ବିଦ୍ୟା ଅତି ପବିତ୍ର ଓ ପରମ ପୂଜନୀୟ, ଏଥିରେ ସନ୍ଦେହ ନାହିଁ । କୃଷିର ମହୋପକାରିତା ଦୁର୍ଭିକ୍ଷ ସମୟରେ ସମ୍ପୂର୍ଣ୍ଣ ଉପଲବ୍ଧି ହୁଏ । ଯେତେବେଳେ କ୍ଷୁଧାର ପ୍ରବଳ ଶକ୍ତି ହୃଦୟରେ ଅସହ୍ୟ ଭୀଷଣ ଆଘାତ କରୁଥାଏ, ଘୋର ହତାଶରେ ହୃଦୟତନ୍ତ୍ରୀ ଦ୍ରୁତ ସ୍ପନ୍ଦିତ ହେଉଥାଏ, ଦୀର୍ଘ ଅନଳ-ଶ୍ୱାସ ବକ୍ଷବିଦୀର୍ଣ୍ଣପୂର୍ବକ ଶୂନ୍ୟରେ ମିଶିଯାଉଥାଏ, ଯେତେବେଳେ ମାନବ ନୈରାଶ୍ୟ-ବହୁଳ ଦୃଷ୍ଟିରେ ମହାକାଶ ଅବଲୋକନପୂର୍ବକ ନୀରବରେ ବ୍ୟଥିତ ହୃଦୟର ଗଭୀର କାତରତା ବିଶ୍ୱପତିଙ୍କ ଉଦ୍ଦେଶ୍ୟରେ ଜ୍ଞାପନ କରୁଥାଏ ଏବଂ ତାହାର କରୁଣ ହାହାକାର ବାୟୁକୁ ଭସ୍ମୀଭୂତ କରୁଥାଏ; ଯନ୍ତ୍ରଣାର ଦାରୁଣ ପ୍ରଦାହରେ ତାହାର ଶୋଣିତ-ପ୍ରବାହ ଶୁଷ୍କ ହୋଇଆସୁଥାଏ, ସେ କ୍ଷୀଣ ଅସ୍ଥି ଚିତ୍କାରପୂର୍ବକ ନାହି ନାହି ଡାକ ଛାଡ଼ୁଥାଏ; ମାତ୍ର କରୁଣହୃଦୟା ଦୟାବତୀ ପ୍ରତିଧ୍ୱନି ବ୍ୟତୀତ ସେ ଡାକ ଅନ୍ୟ କେହି ଶୁଣେ ନାହିଁ । ସେହି ସମୟରେ କୃଷି କିରୂପ ଉଚ୍ଚ ଅଙ୍ଗର ବିଦ୍ୟା, ତାହା ସହଜରେ ଜଣାଯାଏ । କୃଷି ଯେ ଆନନ୍ଦଜନକ ଶ୍ରେଷ୍ଠ ସାଧୁ ସ୍ୱାଧୀନ ବ୍ୟବସାୟ, ଏହା କହିବାର ଆବଶ୍ୟକତା ନାହିଁ ।

କୃଷିକାର୍ଯ୍ୟ ସମଧିକ ଲାଭଜନକ; ମାତ୍ର ସେହି ଲାଭ ଯତ୍ନ, ପରିଶ୍ରମ ଓ ଚେଷ୍ଟାସାପେକ୍ଷ । କୃଷି-କାର୍ଯ୍ୟରେ ପ୍ରବୃତ୍ତ ହେବା ପୂର୍ବରୁ ପ୍ରକୃତ କୃଷକ ପରି ଶରୀରକୁ ଗଠନ କରିବା ଆବଶ୍ୟକ । ରୌଦ୍ର, ବୃଷ୍ଟି, ଶୀତ ପ୍ରଭୃତିକୁ ଭୟ କରିବା ପ୍ରକୃତ କୃଷକର ଲକ୍ଷଣ ନୁହେଁ । ଯେ ଉପରୋକ୍ତ ଦୌର୍ବଲ୍ୟ ସହିବା

ଭଳି ଶରୀର ପ୍ରସ୍ତୁତ କରନ୍ତି । ଅନ୍ୟଥା କୃଷିକାର୍ଯ୍ୟରେ ପ୍ରବୃତ୍ତ ହେବା ବିଡ଼ମ୍ବନାମାତ୍ର । ସେଥିରେ ଅନିଷ୍ଟ ବ୍ୟତୀତ ଇଷ୍ଟ ହୁଏ ନାହିଁ । ସୁତରାଂ କୃଷକ ହେବାକୁ ହେଲେ ପ୍ରଥମତଃ ଶରୀରକୁ କୃଷିକାର୍ଯ୍ୟର ଉପଯୋଗୀ କରିବାକୁ ହେବ । ଅତିରିକ୍ତ ଥଣ୍ଡା ଲାଗିଲେ କିମ୍ବା ଦିନସାରା ଖରାବର୍ଷାରେ ବୁଲିଲେ ଯେପରି ଶରୀର ଅସୁସ୍ଥ ନ ହୁଏ, ସେହିପରି ଭାବରେ ଶରୀର ପ୍ରସ୍ତୁତ କରିବାକୁ ହେବ । ଏରୂପ ଭାବରେ ଶରୀର ପ୍ରସ୍ତୁତ କରିବାକୁ କୌଣସି ଯନ୍ତ୍ର ବା ଔଷଧ ଆବଶ୍ୟକ ହୁଏ ନାହିଁ, କେବଳ ଅଭ୍ୟାସ ବଳରେ ତାହା ଆପେ ଆପେ ହୋଇଯାଏ । ଯେଉଁମାନେ ଛତା, ଯୋତା, ପଙ୍ଖାଦି ବ୍ୟବହାରରେ ଚିରଅଭ୍ୟସ୍ତ ଏବଂ ସେଥିର ବ୍ୟତିକ୍ରମ ଘଟିଲେ ଅସୁସ୍ଥ ହୋଇପଡ଼ିବା ତାହାଙ୍କ ପକ୍ଷରେ ଅନିବାର୍ଯ୍ୟ, ସେମାନେ କୃଷିକାର୍ଯ୍ୟରେ ପ୍ରବୃତ୍ତ ହେଲେ ହିତରେ ବିପରୀତ ଘଟିବା ସ୍ୱାଭାବିକ । ଅତଃ ବାଲ୍ୟକାଳରୁ ଯଥାମତ ବ୍ରହ୍ମଚର୍ଯ୍ୟ ଶିକ୍ଷା ନ କଲେ କୃଷକ ହେବାର ଆଶା ଧୃଷ୍ଟତାମାତ୍ର । ବ୍ରହ୍ମଚର୍ଯ୍ୟ ଶିକ୍ଷା, ଆତ୍ମସଂଯମଶିକ୍ଷାର ନାମାନ୍ତର-ସ୍ୱରୂପ । ପ୍ରକୃତି-ସମରରେ ଶରୀରକୁ ବିଜୟୀ କରି ନ ପାରିଲେ କୃଷିକାର୍ଯ୍ୟରେ ପ୍ରବୃତ୍ତ ହେବା ଉଚିତ ନୁହେଁ । ଅଙ୍ଗନିୟୋଗ କୃଷିକାର୍ଯ୍ୟ ପକ୍ଷରେ ନିତାନ୍ତ ଆବଶ୍ୟକ । ବୁଦ୍ଧିକୌଶଳରେ ଜଗତର ପ୍ରାୟଶଃ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇପାରେ; ମାତ୍ର ସ୍ୱୀୟ ଶାରୀରିକ ଶକ୍ତିପ୍ରୟୋଗ ବ୍ୟତିରେକେ କୃଷିକାର୍ଯ୍ୟ ସୁସମ୍ପନ୍ନ ହୋଇପାରେ ନାହିଁ । ନିଜେ କାର୍ଯ୍ୟକୁଶଳ କୃଷକ ନ ହେଲେ କୃଷିକାର୍ଯ୍ୟରେ ସମଧିକ ଲାଭବାନ୍ ହେବା ଦୁରାକାଙ୍‌କ୍ଷାମାତ୍ର । ଶିଳ୍ପ, ବାଣିଜ୍ୟ ପ୍ରଭୃତିର ଭାର ଅନ୍ୟ ଉପରେ ନ୍ୟସ୍ତ କଲେ ଚଳିପାରେ; ମାତ୍ର କୃଷିକାର୍ଯ୍ୟ ସେପରି ଚଳିପାରେ ନାହିଁ । ଭୂମି କର୍ଷଣ-ଠାରୁ ଶସ୍ୟକର୍ତ୍ତନପୂର୍ବକ ଗୃହକୁ ଆନୟନପର୍ଯ୍ୟନ୍ତ କୃଷି-କାର୍ଯ୍ୟର ପ୍ରତ୍ୟେକ ଅଙ୍ଗ ତନ୍ନତନ୍ନ କରି ପର୍ଯ୍ୟବେକ୍ଷଣ ନ କଲେ ଲାଭବାନ୍ ହେବାର ଆଶା ନାହିଁ ।

ଆମ୍ଭେମାନେ କୃଷିପ୍ରଧାନ ଦେଶର ଅଧିବାସୀ । ଏ ଦେଶରେ ଶତକଡ଼ା ୯୦ ଜଣ କୃଷି-ବ୍ୟବସାୟୀ କହିଲେ ଅତ୍ୟୁକ୍ତି ହେବ ନାହିଁ; କିନ୍ତୁ ଦୁଃଖର ବିଷୟ, ସମ୍ପ୍ରତି ଦେଶ ସେହି ଗୌରବଜନକ ଅଭିଧାରୁ କ୍ରମଶଃ ବଞ୍ଚିତ ହୋଇଆସୁଛି । କୃଷିବ୍ୟବସାୟ ପ୍ରତି ଲୋକଙ୍କର ଆଉ ପୂର୍ବପରି ଆଗ୍ରହ ନାହିଁ, ଏହା ଘୋର ଅବନତିର ଲକ୍ଷଣ । ପୂର୍ବେ ଏ ଦେଶର ଲୋକେ ଯେରୂପ ପରିଶ୍ରମୀ ଥିଲେ, ବିଳାସିତା ବୃଦ୍ଧିହେତୁ ଆଉ ସେମାନେ ସେରୂପ ପରିଶ୍ରମ କରିବାକୁ ସ୍ୱୀକୃତ ନୁ । ବିଳାସିତା ହେତୁ ଆମ୍ଭମାନଙ୍କ ଚିରଚଞ୍ଚଳ ସମାଜରେ ଆଳସ୍ୟ ବୃଦ୍ଧି ଲାଭ କରୁଅଛି । ଲୋକେ ଚୌକିରେ ବସି ଦିନସାରା ଲେଖନୀ ଚାଳନାଦ୍ୱାରା ଅକାତରରେ କାଳ ଯାପନ କରିପାରନ୍ତି; ମାତ୍ର ୨।୩ କୋଶ ପଥ ଚାଲିବାକୁ ହେଲେ ଅସହ୍ୟ କ୍ଲାନ୍ତି ଅନୁଭବ କରନ୍ତି କିମ୍ବା ୨।୩ ଘଣ୍ଟା ଶାରୀରିକ ପରିଶ୍ରମ କରିବାକୁ ହେଲେ ସେମାନଙ୍କ ମନରେ ଭୀତିର ସଞ୍ଚାର ହୁଏ । ଏ ଦେଶରେ ଆରାମ-ପ୍ରିୟତା କ୍ରମଶଃ ବୃଦ୍ଧି ଲାଭ କରୁଛି । ବିଳାସ-ପ୍ରିୟତା ସେହି ଆରାମପ୍ରିୟତାର ସ୍ନେହମୟୀ ଜନନୀ । ସ୍ୱଳ୍ପ ପରି-ଶ୍ରମରେ ପ୍ରଚୁର ସମ୍ପତ୍ତିଶାଳୀ ହେବାର ଅଭିଳାଷ ଆରାମପ୍ରିୟତାର ଅଭିବ୍ୟକ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ । ପୂର୍ବେ ଲୋକେ ପରିଶ୍ରମକୁ ସୁଖକର ମଣୁଥିଲେ । ଏଣିକି ବିଳାସିତା ସୁଖ ନାମରେ ଅଭିହିତ ହେଉଅଛି । ପରି-ଶ୍ରମ ଏ କାଳରେ ମାନହାନିକର ଓ ଘୃଣ୍ୟ । ଏହି ଅବିମୃଷ୍ୟତା ହେତୁ ଏ ଦେଶର ସମାଜ ଅଧଃପାତ ପଥରେ ଅଗ୍ରସର ହେଉଅଛି ।

ଆରାମପ୍ରିୟତାର ଉପନାମ ଆଳସ୍ୟ । ଏହି ଆଳସ୍ୟ-କାଳସର୍ପ ଶ୍ରମ-କାମନାକୁ ବେଙ୍ଗ ଭଳି ଗିଳି-ଦିଏ । ଆଳସ୍ୟପ୍ରସୂତ ପରିଶ୍ରମର ତାକୁଣ ଆଦର ନାହିଁ । ଅନେକେ ଦରିଦ୍ର ଶ୍ରମଜୀବୀମାନଙ୍କୁ ପଶୁଠାରୁ ନିକୃଷ୍ଟ ଦୃଷ୍ଟିରେ ଦେଖନ୍ତି । କୃଷକର କର୍ମକ୍ଷେତ୍ର ଅନନ୍ତ ବିସ୍ତୃତ । କୃଷକ ସମସ୍ତଙ୍କର ପୋଷଣକର୍ତ୍ତା । ତାହାର ଲକ୍ଷ୍ୟ-ପୋଷୀ ଆଖ୍ୟା ଅସମୀଚୀନ ନୁହେଁ । ତାହାର ଉପାର୍ଜିତ ଶସ୍ୟରୁ ପଶୁ ପକ୍ଷୀ, କୀଟ ପତଙ୍ଗ ମଧ୍ୟ ଅଂଶ ପ୍ରାପ୍ତ ହୁଅନ୍ତି । ପୋଷଣକର୍ତ୍ତା ପ୍ରତି ଘୃଣାପ୍ରଦର୍ଶନ ଅକ୍ଷମଣୀୟ ଅକୃତଜ୍ଞତା ଏବଂ ଘୋର ଅସଭ୍ୟତା ନୁହେଁ କି ? କୃଷକ ଜଗତର ନମସ୍ୟ । ଉନ୍ନତ ଦେଶରେ ତାହାର

ଆସନ୍ନ ସମସ୍ତଙ୍କ ଉପରେ ନିର୍ଦ୍ଦିଷ୍ଟ । କୃଷି-ବ୍ୟବସାୟକୁ ନୀଚ ବ୍ୟବସାୟ ମଣିବା ମହାପାପ । ଅନେକ ଶିକ୍ଷିତ ଲୋକ ବାସ୍ତବରେ କୃଷିପ୍ରତି ଉପେକ୍ଷା ଓ ଅବଜ୍ଞା ପ୍ରଦର୍ଶନ କରନ୍ତି ; ଏହା ସେମାନଙ୍କର ଗୋଟାଏ ଭୟଙ୍କର ଉନ୍ମାଦରୋଗ; କିନ୍ତୁ ଦୁଃଖର ବିଷୟ, ସେହିମାନେ ପୁଣି ସାଧାରଣରେ ବୁଦ୍ଧିମାନ୍ ବିବେଚିତ ହୁଅନ୍ତି । କୃଷକ ଦେଶର ବଳ, ବୁଦ୍ଧି, ଶକ୍ତି ଓ ଭରସା । ତାହାରି ଶକ୍ତିରେ ଦେଶରେ ଶାନ୍ତି, ସଭ୍ୟତା ବିକାଶ ହୁଏ । କୃଷିବିଦ୍ୟାର ସମଧିକ ଲାଭଜନକତା ବିଷୟରେ ଅନେକେ ସନ୍ଦିହାନ । ଏଭଳି ସନ୍ଦେହ ଯେ ହାସ୍ୟୋଦ୍ରେକର ଗୋଟାଏ ସୁଲଭ ଉପାଦାନ, ଏହା ଅମୂଳକ ପ୍ରଳାପୋକ୍ତି ନୁହେଁ । ବିଶାଳ ଭାରତବର୍ଷର କୋଟି କୋଟି ରାଜଭଣ୍ଡାର କେବଳ କୃଷିଲବ୍ଧ ଅର୍ଥରାଶିରେ ପୁଷ୍ଟ ହେଉଅଛି, ଏହା ଦେଖି ଯେଉଁମାନେ କୃଷିର ଧନବତ୍ତାରେ ସନ୍ଦିଗ୍ଧ, ସେମାନେ କେବଳ ନିର୍ବୋଧ ନୁହନ୍ତି—ପ୍ରଧାନତଃ ଅଚକ୍ଷୁଷ୍ମାନ ।

ଜୀବନ ଧାରଣର ପ୍ରଧାନ ଅବଲମ୍ବନ କୃଷିବିଦ୍ୟା ସମ୍ପ୍ରତି ନିରକ୍ଷରମାନଙ୍କ ଉପରେ ନ୍ୟସ୍ତ ଅଛି । ଏହିହେତୁ କୃଷିକାର୍ଯ୍ୟ କେବଳ ଦେଖାଦେଖି ଭାବରେ ଚାଲୁଅଛି । କୃଷିବିଦ୍ୟାର ଅନୁଶୀଳନ ପ୍ରାୟଶଃ ଅଦୌ ନାହିଁ । ଏହା ଶୁଭଲକ୍ଷଣ ନୁହେଁ । ବର୍ତ୍ତମାନ ଜଣେ ଯାହା କରେ, ଅନ୍ୟ ଜଣେ ତାହାର ଦେଖାଦେଖି କାର୍ଯ୍ୟ କରେ । ଏହି ଅନ୍ଧ ଅନୁକରଣ ଓ ଅଜ୍ଞତା ହେତୁ କୃଷିଜାତ ପଦାର୍ଥର ସ୍ୱଳ୍ପତା ଘଟୁଛି । ପୂର୍ବେ ପରାଶର ଋଷିପ୍ରଣୀତ କୃଷିଶାସ୍ତ୍ର ଏ ଦେଶରେ ଯଥାବିଧି ପଠିତ ହେଉଥିଲା । ଏ କାଳରେ କୃଷିଶାସ୍ତ୍ରାଲୋଚନା ଦୂରେ ଥାଉ, କୃଷିଶାସ୍ତ୍ର ପ୍ରଣେତାର ନାମ ପଚାରିଲେ ଅନେକ କୃଷକ ଅଷ୍ଟପାଞ୍ଚୀଭୂତ ହେବେ । କୃଷି ସମ୍ବନ୍ଧରେ ଡାକ ଋଷିବଚନ, ଖନାବଚନ ପ୍ରଭୃତି ଅସଂଖ୍ୟ ଉପଦେଶଗର୍ଭକ ପ୍ରବାଦ ପ୍ରାଚୀନ କୃଷାଣମାନଙ୍କ ମୁଖରୁ ଶୁଣାଯାଉଥିଲା । ଏବେ ତାହା ମଧ୍ୟ ଲୁପ୍ତ ହୋଇଛି । ଏହା ଦେଶ ପକ୍ଷରେ ନିଦାରୁଣ ଦୁର୍ଭାଗ୍ୟର ବିଷୟ । ଏହି ଅଶୁଭ ସମୟ, ଏହି ଅନ୍ତର୍ଗ୍ରହଯୋଗ, ଏହି ମଘାନକ୍ଷତ୍ରଯୁକ୍ତ ଅଷ୍ଟଗ୍ରସ୍ତ ତିଥି ଯେଉଁ ସର୍ବଗ୍ରାସୀ କାଳ ଦେଶକୁ ଆଚ୍ଛନ୍ନ କରୁଛି, ସେହି ସର୍ବସ୍ରଷ୍ଟା କାଳ ଦିନେ ପ୍ରାଚୀନ ଅତୀତ ସୁଦିନ ଫେରାଇ ଆଣିବ, ଏହା ସ୍ୱତଃସିଦ୍ଧ । ଅଚିରଦିନରେ ମଙ୍ଗଳ ତରଙ୍ଗ ଯେଉଁ ଦିନ ଫେରିଆସିବ, ସେହି ଦିନ ଦେଶର ଅତୀତ ସୌଭାଗ୍ୟ ଫେରିଆସିବ ଏବଂ କୃଷି-ମହାବିଦ୍ୟାର ମହିମା-ମୟୂଖରେ ଦିଗ ଆଲୋକିତ ହୋଇ ଉଠିବ ।

—•—

# ଶିଳ୍ପ

କଳାବିଦ୍ୟାକୁ ଶିଳ୍ପ କହନ୍ତି । କଳାବିଦ୍ୟାଦ୍ୱାରା ପଦାର୍ଥକୁ ରୁଚିସଙ୍ଗତରୂପେ ବ୍ୟବହାରୋପଯୋଗୀ କରି ପ୍ରସ୍ତୁତ କରାଯାଏ । ମନୁଷ୍ୟମାନେ ସୌନ୍ଦର୍ଯ୍ୟ-ପ୍ରତ୍ୟାଶୀ । ସୁତରାଂ ପୃଥିବୀର କୌଣସି ଜାତି କଳାବିଦ୍ୟାର ଅପକ୍ଷପାତୀ ନୁହନ୍ତି । ଜାତୀୟ ଶିଳ୍ପ ଜାତୀୟ ରୁଚିର ପରିମାପକ । ଶିଳ୍ପ ଦ୍ୱିବିଧ— ଦ୍ରବ୍ୟଶିଳ୍ପ ଓ ଚାରୁଶିଳ୍ପ । କବି ଓ ଶିଳ୍ପୀ ଉଭୟେ ସମାନ ହେଲେହେଁ ଶିଳ୍ପୀର ଗୌରବ ଅଧିକ । କବିର ଦୁରୂହ ଚିତ୍ରଣ ଶିଳ୍ପଦ୍ୱାରା ସ୍ପଷ୍ଟୀକୃତ ହୁଏ, ଅର୍ଥାତ୍ କବି ଯାହାକୁ ଶବ୍ଦରେ ରଚନା କରେ, ଶିଳ୍ପୀ ତାହାକୁ ଆକୃତିବନ୍ତ କରି ଦେଖାଇଦିଏ ।

ଏ ଅନନ୍ତ ବିଶ୍ୱ ବିଶ୍ୱଶିଳ୍ପୀ ଭଗବାନଙ୍କର ବିରାଟ ଶିଳ୍ପଶାଳା । ଏଥିରେ ଯାହା ଦେଖାଯାଏ, ତାହା ବିଭିନ୍ନ ଶିଳ୍ପକଳା ବ୍ୟତୀତ ଅନ୍ୟ କିଛି ନୁହେଁ । ମାନବ ସେହି ଶିଳ୍ପକୁ ନେଇ ଭିନ୍ନାକାରରେ ପରିଣତ କରେ । ସେହି ନିସର୍ଗ ଶିଳ୍ପଶାଳାରୁ ଉପାଦାନ ସଂଗ୍ରହ ନ କରି ମାନବର ସ୍ୱତନ୍ତ୍ର ଶିଳ୍ପ ସୃଷ୍ଟି କରିବାର ଶକ୍ତି ନାହିଁ । ପ୍ରାକୃତିକରୁ କୃତ୍ରିମର ଉତ୍ପତ୍ତି, ଅତଃ କୃତ୍ରିମ ପଦାର୍ଥମାନେହିଁ ଶିଳ୍ପଜ । ଆମ୍ଭମାନଙ୍କର ଗୃହ, ଗୃହସଜ୍ଜା, ବସନ, ଭୂଷଣ ପ୍ରଭୃତି ପ୍ରତ୍ୟେକ ଗୋଟିଏ ଗୋଟିଏ ପାର୍ଥିବ ଶିଳ୍ପ । ମାନବର ପ୍ରୟୋଜନୀୟ ସମସ୍ତ ପଦାର୍ଥ ଶିଳ୍ପଜାତ । ଶିଳ୍ପ ବ୍ୟତୀତ ମାନବ-ସମାଜର ପକ୍ଷଚ୍ଛେ-

ମାତ୍ର ସଂସାରଯାତ୍ରା ପଥରେ ଅଗ୍ରସର ହେବାର ସମ୍ଭାବନା ନାହିଁ ।

ଆମ୍ଭମାନଙ୍କ ମାତୃଭୂମି ଉତ୍କଳ ପୂର୍ବେ କଳା-କୁଶଳତାରେ ଗୌରବିତ ଥିଲା । ଉତ୍ କଳା ଯାହାର ସେ ଉତ୍କଳ, ଅର୍ଥାତ୍ ଉତ୍କୃଷ୍ଟ କଳାହେତୁ ଉତ୍କଳ ନାମ ହୋଇଅଛି । ସମ୍ରାଟ୍ ଶାହାଜାହାନଙ୍କ ରାଜତ୍ୱ କାଳରେ ଆଗ୍ରାର ତାଜମହଲ ନିର୍ମିତ ହୋଇଥିଲା । ସେହି କାର୍ଯ୍ୟରେ ଅଧିକ ବେତନରେ କେତେଜଣ ଉତ୍କଳଶିଳ୍ପୀ ନିଯୁକ୍ତ ହୋଇଥିଲେ । ସେମାନଙ୍କର ଦକ୍ଷତା ଭାରତ-ସମ୍ରାଟଙ୍କ ନିକଟରେ ପୁରସ୍କୃତ ହୋଇଥିଲା । ଏହା ଉତ୍କଳଶିଳ୍ପୀଙ୍କ ପକ୍ଷରେ ସାମାନ୍ୟ ଗୌରବର କଥା ନୁହେଁ । କାଳର କଠୋର ପ୍ରଭାବରେ ଏ ଦେଶୀୟ ଶିଳ୍ପ ମଳିନତା ଭଜିଅଛି ସତ୍ୟ; ମାତ୍ର ଏକାବେଳକେ ଧ୍ୱଂସପ୍ରାପ୍ତ ହୋଇ ନାହିଁ । ସମ୍ପ୍ରତି ଶିଳ୍ପୀର ଅଭାବ ଲକ୍ଷିତ ହୁଏ; ମାତ୍ର ଶିଳ୍ପକଳାର ଅଭାବ ନାହିଁ । ପୁରୀ, ଭୁବନେଶ୍ୱର ଓ କୋଣାର୍କ ପ୍ରଭୃତି ଦେଉଳରେ ଉତ୍କଳ-ଶିଳ୍ପୀଏ କଳାକୌଶଳର ପରାକାଷ୍ଠା ପ୍ରଦର୍ଶନ କରିଯାଇ-ଛନ୍ତି । ସେହି ଶିଳ୍ପରେ ସେମାନଙ୍କର ଉତ୍କୃଷ୍ଟ ସ୍ୱଭାବ-ପ୍ରବଣତା ଫୁଟି ଉଠିଅଛି । ଉକ୍ତ ମନ୍ଦିର ଉତ୍ଖୋଦିତ ବା ସନ୍ନିବେଶିତ ପ୍ରତିମାପୁଞ୍ଜର କି ଚମତ୍କାରିଣୀ ଶୋଭା ! ତହିଁ ଉପରେ ଶିଳ୍ପୀ ଆକାର ଇଙ୍ଗିତ ପ୍ରଭୃତି ଭାବ-ବ୍ୟଞ୍ଜନା ଶକ୍ତିଦ୍ୱାରା ସେଗୁଡିକୁ ଜୀବନ୍ତ ପ୍ରାୟ କରି ରଖିଅଛି । ମୁନିଋଷିମାନଙ୍କ ମୂର୍ତ୍ତିର ଗାମ୍ଭୀର୍ଯ୍ୟ, ଅଧରର ମୂର୍ଚ୍ଛିତ ସରଳ ହାସ, ଦୃଷ୍ଟିର ପ୍ରସନ୍ନତା, ଲଲାଟର ଧ୍ୟାନରେଖା ପ୍ରଭୃତି ଦେଖିଲେ ମୂର୍ତ୍ତିଗୁଡିକ ବାସ୍ତବ ପରି ପ୍ରତୀୟମାନ ହୁଏ । ଭୁବନେଶ୍ୱର ମନ୍ଦିରରେ ଖଣ୍ଡିଏ ପ୍ରସ୍ତର ଚନ୍ଦ୍ରାତପ ଅଛି । ଖଣ୍ଡଗିରି, ଉଦୟଗିରିର ଗୁମ୍ଫା ଗୋଟିଏ ଗୋଟିଏ ଲୋଭନୀୟ ଦୃଶ୍ୟ । କାହାର ଆକୃତି ହସ୍ତୀ ପ୍ରାୟ, କାହାର ଆକୃତି ବ୍ୟାଘ୍ର ପ୍ରାୟ—ଏହିପରି ନାନା ଆକୃତିରେ ନିର୍ମିତ । ତାହା ମଧ୍ୟରେ ତ୍ରିତଳ ଦ୍ୱିତଳ ପ୍ରାସାଦ, ପ୍ରାଙ୍ଗଣ, ଅଳିନ୍ଦ ଓ ସୁପେୟ ଜଳପ୍ରଣାଳୀ ଅଛି । ପର୍ବତକୁ ଖୋଳି ଏହି ସମସ୍ତ ପ୍ରସ୍ତୁତ କରାଯାଇଅଛି । ଏହା ଭଳି କାରୁକାର୍ଯ୍ୟର ତୁଳନା ନାହିଁ । ଏହି ମହାଦୃଶ୍ୟ ଦର୍ଶକକୁ ଅତୀତ ଭାବରେ ଅନୁପ୍ରାଣିତ କରି ଅତୀତ ଆଡ଼କୁ ଆକର୍ଷଣ କରେ । ଏହିପରି ଉତ୍କଳ-ବକ୍ଷରେ କେତେ ସ୍ଥାନରେ କେତେ ଶିଳ୍ପ ସଗର୍ବରେ କଥା କହୁଅଛି, ତାହାର ଇୟତ୍ତା ନାହିଁ । ତାହାରି ଯୋଗୁଁ ଉତ୍କଳର ଗୌରବ ଅବଧି ଜୀବିତ ଅଛି ଏବଂ ଚିରସ୍ଥାୟୀ ହୋଇ ରହିବ । ସେହି ପ୍ରାଚୀନ ଶିଳ୍ପ ଉତ୍କଳ-ପ୍ରାଣରେ ଜନେ ନିଶ୍ଚୟ ଉତ୍କଣ୍ଠା ଆକାଙ୍କ୍ଷାର ନବୀନ ମଙ୍ଗଳ ଅନୁଷ୍ଠାନ ଆନୟନ କରିବ ।

ସମ୍ପ୍ରତି ଏହା ସ୍ଥାପତ୍ୟଶିଳ୍ପ କାହିଁକି, ବ୍ୟବହାରିକ ଶିଳ୍ପର ମଧ୍ୟ ବିଶେଷ ଅବନତି ଘଟିଅଛି । ଦେଶର ରୁଚି-ପରିବର୍ତ୍ତନ ଏବଂ ବିଦେଶୀୟ ଶିଳ୍ପର ଅପ୍ରତିହତ ପ୍ରତିଯୋଗିତା ଏହାର କାରଣ । ଦେଶର ରୁଚି ପରିବର୍ତ୍ତନ ସଙ୍ଗେ ସଙ୍ଗେ ଦେଶୀୟ ଶିଳ୍ପର ସମ୍ମାନ ଏକାନ୍ତ କମିଗଲା, ଏ ନୀତି ଉତ୍ତର ବସ୍ତୁତ ହୋଇଅଛି । ଆମ୍ଭେମାନେ ଏବେ ଲେଖନୀ ରୂପରେ ମୟୂରପର ବା ହଂସପରର ବ୍ୟବହାର ପରିତ୍ୟାଗ କରି ବିଦେଶୀୟ 'ନିବ୍'ର ଆଶ୍ରୟ ଗ୍ରହଣ କରିଅଛୁ । ଲୌହ ଆମ୍ଭ ଦେଶରୁ ଯାଇ ବିଦେଶରୁ ନିବ୍ ପ୍ରସ୍ତୁତ ହୋଇ ଆସେ ; ମାତ୍ର ଆମ୍ଭେମାନେ ସ୍ୱଦେଶ-ସୁଲଭ ଲୌହରୁ ନିବ୍ ପ୍ରସ୍ତୁତ କରିବାକୁ ଯତ୍ନ କରୁ ନାହୁଁ । କେବଳ ଏହି ଗୋଟିକ ନୁହେଁ, ଏହିପରି ସହସ୍ର ସହସ୍ର ଉଦାହରଣ ପ୍ରଦର୍ଶିତ ହୋଇପାରେ । କିନ୍ତୁ ଏତେ ଅବନତିସତ୍ତ୍ୱେ ବ୍ୟବହାରୀୟ ଶିଳ୍ପ ସମୂଳରେ ବିଲୟପ୍ରାପ୍ତ ହୋଇ ନାହିଁ । ଅନେକ ଦେଶୀୟ ଶିଳ୍ପର ଜୟ-ଘୋଷଣା ଦେଶ ବିଦେଶକୁ ମୁଖରିତ କରୁଅଛି । ବାଲେଶ୍ୱରର କଂସାବାସନ ଭାରତବର୍ଷ ମଧ୍ୟରେ ବିଖ୍ୟାତ । ନୀଳଗିରିର ମୁଗୁନି ପ୍ରସ୍ତରନିର୍ମିତ ଦେବ-ମୂର୍ତ୍ତି, ବାସନ, କୁଣ୍ଡ ପ୍ରଭୃତି ଦେଖିଲେ ଅବିକଳ କଳ-ନିର୍ମିତ ପ୍ରାୟ ବୋଧହୁଏ । ମୟୂରଭଞ୍ଜସ୍ଥ ଓଇମସି ଗ୍ରାମ ଓ ଭଦ୍ରକସ୍ଥ ଅଗରପଡ଼ା ଏବଂ ସମ୍ବଲପୁରସ୍ଥ ବରପାଲି ଗ୍ରାମରେ ଉତ୍କୃଷ୍ଟ ମଠାଲୁଗା ବୁଣାହୁଏ । ଧଡ଼ିର କାରୁକାର୍ଯ୍ୟ ଏରୂପ ମନୋମୁଗ୍ଧକର ଯେ, ଦେଖିଲେ ବିନା ପ୍ରୟୋଜନରେ କିଣିବାକୁ ଆଗ୍ରହ ଜାତ ହୁଏ । କେନ୍ଦୁଝରର ଟିକାରବାର ସୁଦୂର ବିଦେଶରେ ସମାଦୃତ

ହୁଏ । କଟକର ସୁନାରୁପାର ତାରକସି କାର୍ଯ୍ୟ ପୃଥିବୀ ମଧ୍ୟରେ ବିଖ୍ୟାତ । ସେ ଅଳଙ୍କାର ଦେଖିଲେ ସ୍ୱର୍ଗର ଅମରୀ ସୁଦ୍ଧା ଲାଳାୟିତ ହେବେ । ପିପ୍ଲୋଳର ସୀବନ-କାର୍ଯ୍ୟ ସମଗ୍ର ଭାରତରେ ପ୍ରସିଦ୍ଧି ଲାଭ କରିଅଛି । ଅନେକ ସୂଚୀଶିଳ୍ପୀମାନେ ସୁନ୍ଦର ଚନ୍ଦ୍ରାତପ ପ୍ରସ୍ତୁତ କରନ୍ତି । ତାହାର ବର୍ଣ୍ଣସ୍ୟୂତ ବସନ ପ୍ରତିମାଗୁଡ଼ିକର କ୍ରୋଧ, ଅନୁରାଗ, ବାତ୍ସଲ୍ୟ, କରୁଣା ପ୍ରଭୃତିର ଭାବ ଦର୍ଶକ ହୃଦୟରେ ଯୁଗପତ୍ ପୁଲକ ବିସ୍ମୟ ଉତ୍ପାଦନ କରେ । ଗଞ୍ଜାମ ଜିଲ୍ଲାସ୍ଥ ବେଲଗୁଣ୍ଠାର ପିତ୍ତଳମାଛ ଅପୂର୍ବ କୌଶଳରେ ନିର୍ମିତ । ତାହାକୁ ଧରିଲେ ଜୀବନ୍ତ ମତ୍ସ୍ୟ ଭଳି ଛଟଛଟ ହୋଇଉଠେ । ସେହି ମତ୍ସ୍ୟ ବିଜ୍ଞାନ-ବିଳାସ ଭୂମି ଇଉରୋପ ଓ ଅମେରିକାରେ ପ୍ରଶଂସିତ ହୋଇଅଛି । ବ୍ରହ୍ମପୁରର ପାଟ ଓ ଜରିଲୁଗା ଅନନ୍ୟ ଅତୁଳନୀୟ । ସେଥିର ବୁଟି କାରୁ ଦେଖିଲେ ତାହା ଅକ୍ଷର-ବର୍ଣ୍ଣିତ ପ୍ରାୟ ପ୍ରତୀୟମାନ ହୁଏ । ପାରଳା-ଖେମୁଣ୍ଡିର ଶିଙ୍ଗପାନିଅ ଗୋଟିଏ ଲୋଭନୀୟ ଶିଳ୍ପ । ପାନିଅ ମଧ୍ୟରେ ତୈଳ ରକ୍ଷିତ ହେବାର କୌଶଳ ଅଛି । ବୁଲାଇବା ବେଳେ ପାନିଅର ପ୍ରତ୍ୟେକ ଦନ୍ତାଗ୍ରରୁ ତୈଳ କ୍ଷରିତ ହୋଇ ସମାନ ଭାବରେ କେଶରେ ଲାଗିଯାଏ । ପାରଳାରେ ଯେଉଁ କାଷ୍ଠ ଓ ମୃତ୍ତିକା-ପ୍ରତିମା ପ୍ରସ୍ତୁତ ହୁଏ, ପ୍ରଥମ ଦୃଷ୍ଟିରେ ତାହା ଜୀବନ୍ତ ମୂକ ମୂର୍ତ୍ତିର ଭ୍ରମ ଜାତ କରାଏ । କେବଳ ଦ୍ରବ୍ୟଶିଳ୍ପ ନୁହେଁ, ଭାଷାଶିଳ୍ପ ଓ ସ୍ୱରଶିଳ୍ପରେ ସୁଦ୍ଧା ଉତ୍କଳର ମହିମା ମଳିନ ନୁହେଁ । ଦେବକବି ଉପେନ୍ଦ୍ରଭଞ୍ଜ ଉତ୍କଳ ଭାଷାରେ ଯେଉଁ ଅପୂର୍ବ ଶିଳ୍ପବିଭୂତି ପ୍ରଦର୍ଶନ କରିଯାଇଛନ୍ତି, ଅଦୂର ଭବିଷ୍ୟତରେ ହେଉ ବା ସୁଦୂର ଭବିଷ୍ୟତରେ ହେଉ, ଦିନେ ନିଶ୍ଚୟ ସେହି ରମଣୀୟ ଶିଳ୍ପ ପୃଥିବୀର ସଭ୍ୟ-ଜାତିମାନଙ୍କର ଭକ୍ତି ଓ ଅନୁରାଗ ଆକର୍ଷଣ କରିବ, ଏଥିରେ ସନ୍ଦେହ ନାହିଁ । ସ୍ୱରଶିଳ୍ପର ଉତ୍କର୍ଷତା ସମ୍ବନ୍ଧରେ ଅଧିକ କହିବାର ପ୍ରୟୋଜନ ନାହିଁ । କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ଦକ୍ଷିଣୀ ରାଗରାଗିଣୀକୁ କିଏ ଅନ୍ତରର ସହିତ ଆଦର ନ କରେ ? ମହ୍ଲାର ରାଗିଣୀ ଆଳାପ ସମୟରେ ବୃଷ୍ଟିପାତ ଓ ନାଗନାଦକ୍ରିୟା ଆଳାପ କାଳରେ ସମ୍ମୁଖରେ ନାଗସର୍ପର କ୍ରୀଡ଼ା ଏ ଦେଶର ବିଫଳ ପ୍ରବାଦ ନୁହେଁ ।

ଦେଶୀୟ ଶିଳ୍ପଦ୍ୱାରା ଦେଶକୁ ଅର୍ଥାଗମ ହୁଏ । ବାଣିଜ୍ୟ ଅର୍ଥାଗମର ମୁଖ୍ୟ ପନ୍ଥା ହେଲେହେଁ ତାହା କୃଷି ଶିଳ୍ପ-ସାପେକ୍ଷ । ଦେଶର ଶିକ୍ଷିତ ଯୁବକମାନେ ଇଚ୍ଛାକଲେ ଅନାୟାସଲବ୍ଧ ପଦାର୍ଥଦ୍ୱାରା ନୂତନ ଶିଳ୍ପର ଉଦ୍ଭାବନପୂର୍ବକ ଦେଶର, ସମାଜର ତଥା ନିଜର ଆର୍ଥିକ ଅବସ୍ଥା ଉନ୍ନତ କରିପାରନ୍ତେ । ନଡ଼ିଆ ପଦେଇ ଏ ଦେଶରେ ଅସୁଲଭ ନୁହେଁ । ସେଥିରେ କେତେ ସୁନ୍ଦର ବୋତାମ ପ୍ରସ୍ତୁତ ହୋଇପାରେ । ସମ୍ପ୍ରତି ସ୍ୱକଟକ୍ୟଶୀଳ ଛତ୍ର ସଭ୍ୟତାର ଗୋଟିଏ ଉପାଦାନ ହୋଇଅଛି । ଆମ୍ଭମାନଙ୍କ ଦେଶର କଣ୍ଟା-ବାଉଁଶରେ ସୁନ୍ଦର ଛତ୍ର ବା ବାକ୍ସ ପ୍ରସ୍ତୁତ ହୋଇ-ପାରେ । ଏହିପରି ଆହୁରି ଅସଂଖ୍ୟ ଦୃଷ୍ଟାନ୍ତ ପ୍ରଦର୍ଶିତ ହୋଇପାରେ । ଶିଳ୍ପବିଦ୍ୟା ସାମାନ୍ୟ ଅର୍ଥକରୀ ନୁହେଁ । ଇଉରୋପରେ ଖଣ୍ଡିଏ ଖଣ୍ଡିଏ ଚିତ୍ରଶିଳ୍ପ ଲକ୍ଷାଧିକ ମୁଦ୍ରାରେ ବିକ୍ରୀତ ହୁଏ । ଶିଳ୍ପ ସ୍ୱାଧୀନ ବ୍ୟବସାୟ । ସେଥିପ୍ରତି ଆସକ୍ତ ହେବା ପ୍ରତ୍ୟେକ ମାନବର କର୍ତ୍ତବ୍ୟ ।

---

## ବାଣିଜ୍ୟ

"ବାଣିଜ୍ୟେ ବସତେ ଲକ୍ଷ୍ମୀ" ଏହି ସଫଳ ପ୍ରବାଦ କେଉଁ କାଳରୁ ନୀତ୍ୟୁପଦେଶରୂପେ ଶାସ୍ତ୍ରବତ୍ ଅଳଙ୍କୃତ କରି ଜନସମାଜରେ ସହଜ ସତ୍ୟ ଘୋଷଣା କରି ଆସୁଅଛି । ତାହାର ଅର୍ଥ ଏହି ଯେ, ବାଣିଜ୍ୟରେ ସ୍ୱୟଂ ଧନଦାତ୍ରୀ ଲକ୍ଷ୍ମୀଦେବୀ ନିବାସ କରନ୍ତି, ଅର୍ଥାତ୍ ବାଣିଜ୍ୟରେ ଯେତେ ଲାଭ ହୁଏ, ଆଉ କାହିଁରେ ସେତେ ହୁଏ ନାହିଁ । ଧନଲାଭହିଁ ବାଣିଜ୍ୟର ମୁଖ୍ୟ ଉଦ୍ଦେଶ୍ୟ । ଯାହାର ମୂଲ୍ୟ ଅଛି, ଅର୍ଥାତ୍ ଯାହା କିଣା-

ମୟରେ ଅନ୍ୟ ଆବଶ୍ୟକ ପଦାର୍ଥ ମିଳିପାରେ, ତାହା ସାଧାରଣତଃ ଧନ ନାମରେ ଅଭିହିତ । ଯେଉଁ ପଦାର୍ଥର ମୂଲ୍ୟ ଯେତେ ଅଧିକ, ତାହା ସେତେ ଆଦୃତ । ଜଗତର ପ୍ରତ୍ୟେକ ପଦାର୍ଥ ମୂଲ୍ୟବାନ୍ । ନିର୍ମୂଲ୍ୟ ବା ନିଷ୍ପ୍ରୟୋଜନୀୟ ପଦାର୍ଥ ବିଧାତା ସୃଷ୍ଟି କରି ନାହାନ୍ତି । କୌଣସି ପଦାର୍ଥର ଧ୍ୱଂସ ନାହିଁ—ରୂପାନ୍ତର ଅଛି-ମାତ୍ର । ଏହା ଯେପରି ବିଜ୍ଞାନ-ସମ୍ମତ ଉକ୍ତି, ସେହିପରି ଜଗତର କୌଣସି ପଦାର୍ଥ ମୂଲ୍ୟହୀନ ଓ ବ୍ୟର୍ଥ ନୁହେଁ, ଏହା ମଧ୍ୟ ବିଶୁଦ୍ଧ ବୈଜ୍ଞାନିକ ସତ୍ୟ । ଅତଃ ସକଳ ପଦାର୍ଥ ଧନପଦବାଚ୍ୟ । ସେହି ଧନାର୍ଜନ ବ୍ୟବସାୟସାପେକ୍ଷ ।

ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ଭେଦରେ ବ୍ୟବସାୟ ଦ୍ୱିବିଧ । ଦେଶର ପଦାର୍ଥ ଦେଶରେ ବିକ୍ରୀତ ହେବାର ନାମ ଅନ୍ତର୍ବାଣିଜ୍ୟ ଓ ବିଦେଶରେ ବିକ୍ରୀତ ହେବାର ନାମ ବହିର୍ବାଣିଜ୍ୟ । ବହିର୍ବାଣିଜ୍ୟ-ଦ୍ୱାରା ଦେଶକୁ ପ୍ରଭୂତ ଅର୍ଥାଗମ ହୁଏ ସତ୍ୟ; ମାତ୍ର ବହିର୍ବାଣିଜ୍ୟ ସୀମାବଦ୍ଧ ନ ହେଲେ ଦେଶରେ ଅଭାବ ଉପସ୍ଥିତ ହୁଏ । ତଦ୍ଦ୍ୱାରା ଲାଭ ନ ହୋଇ ପ୍ରକୃତ କ୍ଷତି ସାଧିତ ହୁଏ । ପକ୍ଷାନ୍ତରରେ ବହିର୍ବାଣିଜ୍ୟର ଏକାନ୍ତ ଅଭାବରେ ଦେଶର ଧନବୃଦ୍ଧିର ଆଶା ସୁଦୂର ପରାହତ । ଏହି ହେତୁ ବୋଲାଯାଇଅଛି, ବହିର୍ବାଣିଜ୍ୟର ସୀମା ଅତିକ୍ରମ ଆଦୌ ବାଞ୍ଛନୀୟ ନୁହେଁ ।

ଜଗତରେ ଯେତେ ପ୍ରକାର ଉପବିଦ୍ୟା ଅଛି, ବାଣିଜ୍ୟ ସେଥିମଧ୍ୟରେ ଅନ୍ୟତମ । ଅତିଶୟ ଏକାଗ୍ରତା, କଠୋର ସାଧନା, ଅବିଚଳିତ ଧୈର୍ଯ୍ୟ ଓ ଅକ୍ଲାନ୍ତ ଅଧ୍ୟବସାୟ ବ୍ୟତୀତ କୌଣସି ବିଦ୍ୟାରେ ପାରଦର୍ଶିତା ଲାଭ ଅସମ୍ଭବ । ବ୍ୟବସାୟ ସମ୍ବନ୍ଧରେ ମଧ୍ୟ ଏହି ଉକ୍ତି ସମ୍ପୂର୍ଣ୍ଣ ପ୍ରଯୁଜ୍ୟ । ବାକ୍ୟ, ମନ, ଶରୀର ଓ ପ୍ରାଣ ବିନିଯୋଗ ନ କଲେ ବ୍ୟବସାୟ ବିଦ୍ୟା ସ୍ଫୂର୍ତ୍ତି ହୁଏ ନାହିଁ । ବାଣିଜ୍ୟରେ ଜ୍ଞାନ ଓ ସାମର୍ଥ୍ୟ ଉଭୟ ଆବଶ୍ୟକ । ଶିକ୍ଷା ବ୍ୟତୀତ ଏ ଦୁଇଟି ଲାଭ କରିବାର ଉପାୟାନ୍ତର ନାହିଁ । କି କୃଷି, କି ଶିଳ୍ପ, କି ବାଣିଜ୍ୟ ସକଳ କାର୍ଯ୍ୟ ଶିକ୍ଷାସାପେକ୍ଷ । ଶିକ୍ଷା ମାନବର ସୁପ୍ତଶକ୍ତିକୁ ଶାଣିତପାଣିତ କରି ଜୀବନ ଉପରେ ନୂତନତ୍ୱର ଶୁଭଛାୟାପାତ କରେ । ସମୁନ୍ନତ ଦେଶ-ମାନଙ୍କରେ ବାଣିଜ୍ୟ ଶିକ୍ଷା ସକାଶେ ସ୍ୱତନ୍ତ୍ର ଶିକ୍ଷାଗାର ନିର୍ଦ୍ଦିଷ୍ଟ ଅଛି । ଆମ୍ଭମାନଙ୍କ ଦେଶରେ ସେରୂପ ସୁବିଧା ନାହିଁ ସତ୍ୟ; ମାତ୍ର ଶିକ୍ଷାର୍ଥୀମାନେ ଇଚ୍ଛାକଲେ ପ୍ରବୀଣ ବ୍ୟବସାୟୀମାନଙ୍କଠାରୁ ସହଜରେ ଶିକ୍ଷା କରିପାରନ୍ତି । ଅନେକେ ହେୟଜ୍ଞାନରେ ବ୍ୟବସାୟ ପ୍ରତି ଅବଜ୍ଞା ପ୍ରଦର୍ଶନ କରନ୍ତି ; ମାତ୍ର ତାହା ସେମାନଙ୍କର ଉତ୍କଟ ଭ୍ରାନ୍ତି ଭିନ୍ନ ଅନ୍ୟ କିଛି ନୁହେଁ । ସ୍ୱାଧୀନଭାବରେ ସଂସାରଯାତ୍ରା ନିର୍ବାହ କରିବା ଅପେକ୍ଷା ମାନବର ବାଞ୍ଛନୀୟ ଆଉ କଅଣ ହୋଇପାରେ ? ସ୍ୱାଧୀନ ଜୀବିକା ଦ୍ୱାରା ଧନ, ମାନ, ସୁଖ, ଶାନ୍ତି ପ୍ରଭୃତି ଲାଭକରେ । ପୃଥିବୀର ଉନ୍ନତ ଜାତିମାନେ ବ୍ୟବସାୟପ୍ରିୟ ଏବଂ ବ୍ୟବସାୟହିଁ ସେମାନଙ୍କ ଉନ୍ନତିର କାରଣ—ଏହା ବୋଲିବା ଦ୍ୱିରୁକ୍ତିମାତ୍ର । ବ୍ୟବସାୟର ଗୌରବ ସମ୍ପୂର୍ଣ୍ଣ ଉପଲବ୍ଧି କରି ଯେ ତାହାପ୍ରତି ଘୃଣା ପ୍ରଦର୍ଶନ କରେ, ତାହାଠାରୁ ବଳି ଜଗତରେ ଭ୍ରାନ୍ତ ଓ ଅଭିଶପ୍ତ ଜୀବ ଆଉ କିଏ ଅଛି ? ଅତଃ ବ୍ୟବସାୟକୁ ଯେ ନୀଚଦୃଷ୍ଟିରେ ଦେଖେ, ସେ ଦୁର୍ଭାଗ୍ୟ ।

ସତ୍ୟତାର ମଙ୍ଗଳ ମିଳନ ସର୍ବବିଧ ସାଧୁ ଅନୁଷ୍ଠାନ ପକ୍ଷରେ ଶରୀର ସହିତ ପ୍ରାଣର ମିଳନ ସ୍ୱରୂପ । ବ୍ୟବସାୟ ପ୍ରତି ଏହି ଉକ୍ତି ବିଶେଷ ଭାବରେ ପ୍ରଯୁଜ୍ୟ । ଯାହା ସତ୍ୟର ଭିତ୍ତି ଉପରେ, ଧର୍ମର ଭିତ୍ତି ଉପରେ ସଂଗଠିତ, ତାହା ସତତ ବଦ୍ଧମୂଳ ଏବଂ ଉନ୍ନତିପ୍ରବଣ । ସତ୍ୟର ଫଳ ଅମୃତ ଓ ମିଥ୍ୟାର ଫଳ ଆକାଶ-କୁସୁମ । ମିଥ୍ୟାଚରଣଦ୍ୱାରା ମାନବ ଅଧଃପତନର ଅଗ୍ନିମୟ ପଥରେ ଅଗ୍ରସର ହୁଏ । ବ୍ୟବସାୟରେ ସତ୍ୟର ମିଶ୍ରଣ ସୁବର୍ଣ୍ଣରେ ସୌରଭ ମିଶ୍ରଣ ତୁଲ୍ୟ ଗୌରବର ନିଦାନ । ବ୍ୟବସାୟରେ ଯେ ଯେଉଁ ପରିମାଣରେ ଉନ୍ନତ, ସେ ସେହି ପରିମାଣରେ ସତ୍ୟଶୀଳ । ଥରେ କୌଣସି ପ୍ରସିଦ୍ଧ ଦୋକାନରୁ ନଅ ଟଙ୍କା ଆଠଅଣା ମୂଲ୍ୟର ଖଣ୍ଡିଏ ଲୁଗା କିଣି ଭ୍ରମବଶତଃ ମୁଁ ଦଶଟଙ୍କା ଦେଇ ଆସି-ଥିଲି । ଘଣ୍ଟାଏ ପରେ ଦୋକାନର ଜଣେ ଲୋକ ଆସି ମୋତେ ଆଠଅଣା ପଇସା ଫେରାଇଦେଇ ଗଲା । ଏ ଘଟଣାରେ ମୋତେ ଆପ୍ୟାୟିତ ହେବାର ଦେଖି

ସେ ଚାହୁଁଥିଲେ—ସାମାନ୍ୟ ଅର୍ଦ୍ଧମୁଦ୍ରା ସକାଶେ ଅମ୍ଳ ମହାଜନ ତାଙ୍କର ସର୍ବନାଶ କାହିଁକି କରିବେ ? ଅସତ୍ୟାଚରଣ କଲେ ତାଙ୍କର ବାଣିଜ୍ୟର ଲକ୍ଷ୍ମୀ-ମନ୍ଦିର ଅଚିରାତ୍ ବିଧ୍ୱସ୍ତ ହୋଇଯିବ । ବାସ୍ତବରେ ବ୍ୟବସାୟରେ ଏହିପରି ସତ୍ୟପାଳନ ଆବଶ୍ୟକ । ବର୍ଣ୍ଣିତ ବ୍ୟବସାୟୀ ଅତି ସାମାନ୍ୟ ଅବସ୍ଥାରୁ ଉନ୍ନୀତ ହୋଇ ସମ୍ପ୍ରତି ଲକ୍ଷାଧିକ ମୁଦ୍ରାର ଅଧିକାରୀ ହୋଇଅଛି ।

ବ୍ୟବସାୟ ମୂଳଧନ ସାପେକ୍ଷ । ଯୌଥ ଉପାୟରେ ମୂଳଧନ ସଂଗ୍ରହ କରିଯାଇପାରେ । ସତ୍ୟ, ନିଷ୍ଠା, ଯତ୍ନ, ଏକାଗ୍ରତା ଓ ଅଧ୍ୟବସାୟ ବାଣିଜ୍ୟର ମୂଳ ଭିତ୍ତି । ସେହି ମୂଳଭିତ୍ତି ସୁଦୃଢ ରଖି ସତ୍ୟବ୍ରତ ହୋଇ କାର୍ଯ୍ୟାରମ୍ଭ କଲେ ପ୍ରାୟଶଃ ମୂଳଧନର ଅଭାବ ଘଟେ ନାହିଁ । ଜଣେ ଅଭିଜ୍ଞବଙ୍ଗୀୟ ବି. ଏ. ଉପାଧିଧାରୀ ଯୁବକ କଳକତ୍ତାରେ କୌଣସି ଚାକିରି ନ ପାଇ ବ୍ୟବସାୟରେ ମନୋନିବେଶ କଲେ । ସେ ପ୍ରଥମତଃ ନଅଟି ପଇସା ସମ୍ବଳ ନେଇ ଗୋଟାଏ ରେଲଷ୍ଟେସନରେ ମୁଢି ବ୍ୟବସାୟ ଆରମ୍ଭ କଲେ । ବ୍ୟବସାୟରେ ତାଙ୍କର କ୍ରମଶଃ ଉନ୍ନତି ହେଲା । ଦଶବର୍ଷ ପରେ ସେ ଅନ୍ୟ ବି. ଏ. ପାସ୍ କରିଥିବା ବ୍ୟକ୍ତିଙ୍କୁ ସ୍ୱୀୟ ଗୋଦାମରେ କିରାଣୀରୂପେ ନିଯୁକ୍ତ କରିଥିଲେ । ଅନେକ ମାରବାଡି ଲୋଟା କମ୍ବଳମାତ୍ର ସମ୍ବଳ କରି ଏ ଦେଶକୁ ଆସନ୍ତି ; ମାତ୍ର ବ୍ୟବସାୟଦ୍ୱାରା ଅଳ୍ପକାଳ ମଧ୍ୟରେ ସହସ୍ର ସହସ୍ର ମୁଦ୍ରାର ଅଧିକାରୀ ହୋଇବସନ୍ତି । ସାମାନ୍ୟ ମୂଳଧନରେ ଚଳିବା ଭଳି ବ୍ୟବସାୟ ଏ ଦେଶରେ ଯଥେଷ୍ଟ ଅଛି । ଅର୍କିଡ୍, ଉଦ୍ଭିଦ, ସମୁଦ୍ରଫେଣ ଓ କଲମି ଶାଗ ପତ୍ରକୁ ସୂତା ବାହାର ହୋଇ ଉଚ୍ଚମୂଲ୍ୟରେ ବିକ୍ରୀତ ହେଉଅଛି । ସେଗୁଡିକ ଏ ଦେଶରେ ଅଯତ୍ନ-ସୁଲଭ; ଯଥାତଥା ଉତ୍ପନ୍ନ ହେବାର ଦେଖାଯାଏ । ତଦ୍ଦ୍ୱାରା ଗୋଟିଏ ଗୋଟିଏ ଲାଭଜନକ ବ୍ୟବସାୟ ସହଜରେ ଚଳିପାରେ । ଧୂତୁରା ପତ୍ରରେ ବେଦନା-ହାରକ ଔଷଧ ପ୍ରସ୍ତୁତ ହୁଏ । ପ୍ରତିବର୍ଷ ବିଦେଶକୁ କଲିକତାରୁ ଲକ୍ଷ ଲକ୍ଷ ଟଙ୍କାର ଧୂତୁରାପତ୍ର ବିଦେଶକୁ ପ୍ରେରିତ ହୁଏ । ଟେପିଓକା ନାମକ ପୁଷ୍ଟିକର ଲଘୁ ପଥ୍ୟ ଆମେରିକାରୁ ଏଦେଶକୁ ଆନୀତ ହୋଇ ଅଧିକ ମୂଲ୍ୟରେ ବିକ୍ରୀତ ହୁଏ । ସେହି ଟେପିଓକା ଶିମିଳି ଅଳୁର ସାର ଭିନ୍ନ ଅନ୍ୟ କିଛି ନୁହେଁ । ଶିମିଳି ଅଳୁ ଅନାୟାସରେ ଏ ଦେଶରେ ଉତ୍ପନ୍ନ ହୁଏ । ଜାହାଜି ବା ଲଙ୍କାକାଲି ମଞ୍ଜିରୁ ତେଲ ବାହାରେ । ତାହା କଳ କାର୍ଯ୍ୟରେ ଏବଂ ଜାଳିବା କାର୍ଯ୍ୟରେ ବ୍ୟବହୃତ ହୋଇ-ପାରେ ।

ବାଣିଜ୍ୟାର୍ଥେ ଦୂରଦେଶ ଗମନରେ ଶଙ୍କିତ ହେବା ସମ୍ପ୍ରତି ଏ ଦେଶର ରୀତି ନୀତି ହୋଇଅଛି । ବାଷ୍ପୀୟ ପୋତ ଓ ବାଷ୍ପୀୟ ଶକଟ ପ୍ରସାଦରୁ ଦୂର ଏବେ ନିକଟ ହୋଇଅଛି । ତଥାପି ଦେଶୀୟ ଲୋକଙ୍କର ଦୂର ବାଣିଜ୍ୟରେ ବୀତସ୍ପୃହତା ବହୁଦିନ ନ ହେବା ଦୁଃଖର ବିଷୟ । ବ୍ୟବସାୟ କଷ୍ଟସାପେକ୍ଷ ଓ ଧୈର୍ଯ୍ୟସାପେକ୍ଷ । ବ୍ୟବସାୟର ଅପାତ କଠୋରତା ଓ ପରିଣାମ ମଧୁରତାର ଆଦର୍ଶ ଉଦାହରଣ ଆରବ୍ୟୋପନ୍ୟାସ-ବର୍ଣ୍ଣିତ ସିନ୍ଧବାଦ ବଣିକର ଗାତ-ନେତିହାସ । ଦେଶର ଉତ୍ସାହୀ ନବୀନ ଯୁବକବୃନ୍ଦ ସହିଷ୍ଣୁତା, ସାଧନା ଓ ଅଧ୍ୟବସାୟ ସହକାରେ, ସାଧୁ ସଂଯତ ଭାବରେ ସତ୍ୟର ପବିତ୍ର ଭୂମିରେ ବିଚରଣ-ପୂର୍ବକ ବିବିଧ ବାଣିଜ୍ୟ ପଥ ସମୁଦ୍‌ଘାଟନ କରି ଦେଶର, ସମାଜର ତଥା ନିଜର ପ୍ରଭୂତ କଲ୍ୟାଣ ସାଧନ କରି-ପାରିବେ । ଦେଶର ଭବିଷ୍ୟତ ଭାର ଦେଶୀୟ ଯୁବକ-ମାନଙ୍କ ଉପରେ ଏକାନ୍ତ ନ୍ୟସ୍ତ । ସେହି ଗୁରୁତର ଦାୟିତ୍ୱ ପ୍ରତି ସର୍ବଦା ଲକ୍ଷ୍ୟବାନ୍ ହେବା ପ୍ରତ୍ୟେକ ଯୁବକର କର୍ତ୍ତବ୍ୟ ।

# ଇତିହାସ

ଇତିହାସ ଜାତୀୟ ଜୀବନର ଅକ୍ଷୟ ଅବଦାନ-ସ୍ୱରୂପ । ଅତୀତର କୋଟି ଆଦର୍ଶ ଇତିହାସ ବକ୍ଷରେ ସନ୍ତରଣ କରି ବୁଲେ । ଶୈଳ, ସମୁଦ୍ର ଓ ନଦୀ ପ୍ରଭୃତି ପ୍ରାକୃତିକ ପଦାର୍ଥ ପରି ଇତିହାସ ମଧ୍ୟ ଅତୀତ ଘଟଣାବଳୀର ଚିରଞ୍ଜୀବୀ ମୂକ ସାକ୍ଷୀ । ଜାତିବିଶେଷର ପ୍ରାଚୀନ ଆଚାର, ବ୍ୟବହାର, ଶକ୍ତି, ସାମର୍ଥ୍ୟ, ସଭ୍ୟତା, ଐଶ୍ୱର୍ଯ୍ୟ, ସଦ୍‌ଗୁଣ ପ୍ରଭୃତି ସେହି ଜାତିର ଇତିହାସରେ ଅନୁସନ୍ଧେୟ । କେଉଁ ଜାତିର ରାଜ୍ୟ-ଶାସନପ୍ରଣାଳୀ କିପରି ଥିଲା, କେଉଁ ସମାଜ ଦେଶରକ୍ଷା ଓ ଦେଶୋନ୍ନତିରେ କିରୂପ ପ୍ରାଣପଣ ଯତ୍ନପରାୟଣ ଥିଲା, ସମାଜ ବା ଜାତିବିଶେଷର ଉନ୍ନତି ବା ଅବନତିର କାରଣ କଅଣ—ତାହାର ସତ୍ୟ ବୃତ୍ତାନ୍ତ ତାର ସ୍ୱରରେ ଇତିହାସ ଘୋଷଣା କରେ । କୃତୀ ପୁରୁଷମାନଙ୍କର ବୈଚିତ୍ର୍ୟମୟ ଜୀବନର ବିବିଧ ଘଟଣା ପୁଣ୍ୟଶ୍ଳୋକ ପରି ଇତିହାସ କଣ୍ଠସ୍ଥ କରିରଖେ ।

କାବ୍ୟ ଓ ଐତିହାସିକ ମଧ୍ୟରେ ଅନେକ ପ୍ରଭେଦ ପରିଲକ୍ଷିତ ହୁଏ । କାବ୍ୟ କଳ୍ପନା-ଭିତ୍ତି ଏବଂ ଐତିହାସିକ ବିଷୟ ସତ୍ୟଭିତ୍ତି । ସତ୍ୟଦ୍ୱାରା ଇତିହାସର ପ୍ରାଣ ଓ ପିଣ୍ଡ ଗଠିତ ହୁଏ । କଳ୍ପନା ଭିତ୍ତି ଉପରେ ଇତିହାସ ତିଷ୍ଠିପାରେ ନାହିଁ । କାବ୍ୟ ଯେ ଏକାବେଳକେ ସତ୍ୟଶୂନ୍ୟ, ତାହା ନୁହେଁ । କାବ୍ୟକୁ ରସପୂର୍ଣ୍ଣ ଏବଂ ମୋହିନୀ ଶକ୍ତିସମ୍ପନ୍ନ କରିବାକୁ ଯାଇ କବିକୁ ବାଧ୍ୟ ହୋଇ କଳ୍ପନାର ଆଶ୍ରୟ ଗ୍ରହଣ କରିବାକୁ ହୁଏ । ସେହି କଳ୍ପନା ମଧ୍ୟରେ ପ୍ରଚ୍ଛନ୍ନରେ ସତ୍ୟ ବିଦ୍ୟମାନ ଥାଏ । ମୂଳତଃ ଇତିହାସରେ ସତ୍ୟ ମୁକ୍ତଭାବରେ ନିର୍ଭୀକରେ ଏବଂ କାବ୍ୟରେ ଆବରଣ-ଯୁକ୍ତ ହୋଇଥାଏ । କାବ୍ୟରେ ମନ୍ତ୍ରଶକ୍ତି ତୁଲ୍ୟ ମୋହ ମୋହକର ଆକର୍ଷଣ ଓ ଅନୁସ୍ୟୂତ ଥାଏ; ମାତ୍ର ଇତିହାସର ସେ ଶକ୍ତି ନାହିଁ । ସମ୍ମୋହନ ଶକ୍ତିର ଅଭାବରେ କାବ୍ୟ ଅସୁନ୍ଦର ଓ ଅମଧୁର ହେବା ସ୍ୱାଭାବିକ ।

ପ୍ରତ୍ୟେକ ଜାତିର ଇତିହାସ ଲିପିବଦ୍ଧ ହୋଇ ରହିବା ଉଚିତ । ଇତିହାସ ପାଠଦ୍ୱାରା ପ୍ରାଣରେ ପ୍ରାଚୀନ ଆଦର୍ଶ ପ୍ରତିଫଳିତ ହୁଏ । ଦୋଷାଶ୍ରିତ ଆଦର୍ଶକୁ ଅଗ୍ରଦର୍ଶୀ ପ୍ରତିବାଦ ଦ୍ୱାରା ସଂସ୍କାର ବା ସଂଶୋଧନ କରିବା ଇତିହାସର କାର୍ଯ୍ୟ । ପ୍ରଦୀପ୍ତ ବହ୍ନି ନୈଶ ପ୍ରକୃତିର ଗମ୍ଭୀର ମୂର୍ତ୍ତି ଭଗ୍ନ କଲା ପ୍ରାୟ ଇତିହାସ ଆଲୋଚିତ, ବର୍ତ୍ତମାନ ପତିତ ଜାତିର ଲଜ୍ଜା ଓ ମଳିମା ଘୁଞ୍ଚିଯାଏ । ଅତଃ ଇତିହାସ ଧାରାବାହିକରୂପେ ଲିଖିତ ହୋଇ ରହିବା ଆବଶ୍ୟକ; ଅନ୍ୟଥା ଆଦର୍ଶ ଗ୍ରହଣ ପକ୍ଷରେ ଅସୁବିଧା ସ୍ୱାଭାବିକ ।

ବହୁକାଳ ପର୍ଯ୍ୟନ୍ତ ଉତ୍କଳର ଇତିବୃତ୍ତ ଲିଖିତ ହୋଇ ନ ଥିଲା । ଏହି ହେତୁ ଉତ୍କଳର ପ୍ରାଚୀନ ଇତିହାସ ସଙ୍କଳନ ଅସାଧ୍ୟ ବୋଲି କେହି କେହି ଅନୁମାନ କରନ୍ତି; ମାତ୍ର ସେ ଅନୁମାନ ସମୀଚୀନ ବୋଧହୁଏ ନାହିଁ । ଉତ୍କଳ-ଇତିହାସ ତାଳପତ୍ର ବା କାଗଜ-ପୃଷ୍ଠରେ ଲିଖିତ ନ ହେଲେହେଁ ଉତ୍କଳର ବିଶାଳ-ବକ୍ଷରେ ଅମୃତାକ୍ଷରରେ ତାହା ଅଙ୍କିତ ହୋଇ ରହିଅଛି । ଉତ୍କଳର ନଦୀ, ସେତୁ, ଭଗ୍ନଦୁର୍ଗ, ଦେବାଳୟ, ଗିରି-ଗୁହା ପ୍ରଭୃତି ଇତିହାସର ଗୋଟିଏ ଗୋଟିଏ ବିଶାଳ ଉଜ୍ଜ୍ୱଳ ପୃଷ୍ଠା । ଖଣ୍ଡିଏ ଖଣ୍ଡିଏ ଶିଳାଫଳକ ବା ଶିଳାଲିପିରେ ଶତ ଶତ ବର୍ଷର ଇତିହାସ ପୁଞ୍ଜୀଭୂତ ହୋଇ ରହିଅଛି । ସେହିଗୁଡ଼ିକ ଉତ୍କଳର ପ୍ରାଚୀନ ସଭ୍ୟତାର ମୌନ ନିସ୍ପନ୍ଦ ମୂର୍ତ୍ତି । ମନ୍ଦିର ପ୍ରାଚୀରରେ ଖୋଦିତ ଚିତ୍ରଲତା, ପଶୁପକ୍ଷୀ ଓ ମାନବ ପ୍ରଭୃତିଙ୍କର ମୂର୍ତ୍ତିରୁ ଉତ୍କଳର ପ୍ରାକୃତିକ ଅବସ୍ଥାଠାରୁ ଉତ୍କଳବାସୀଙ୍କର ଆଚାର ବ୍ୟବହାର, ବେଶ ଭୂଷା, ଶିକ୍ଷା ସଭ୍ୟତା, ବିଦ୍ୟା ବୁଦ୍ଧି, ସାହସ ପରାକ୍ରମ ପ୍ରଭୃତି ଯାବତୀୟ ତତ୍ତ୍ୱ ଅବଗତ ହେଉଅଛି । ପ୍ରାଚୀନ ଉତ୍କଳର ସାହିତ୍ୟ, ଦର୍ଶନ, ଇତିହାସ, କୃଷି, ଶିଳ୍ପ, ବାଣିଜ୍ୟ, ଜ୍ୟୋତିଷ ଓ ସଙ୍ଗୀତ ଆଦି ସଭ୍ୟତାର ସମସ୍ତ ଉପକରଣର ତତ୍ତ୍ୱାନୁସନ୍ଧାନ କରିବାକୁ ଗଲେ ଉତ୍କଳର ପ୍ରତ୍ୟେକ ମନ୍ଦିର ପର୍ଯ୍ୟବେକ୍ଷଣ

ପୁଙ୍ଖାନୁପୁଙ୍ଖରୂପରେ ପର୍ଯ୍ୟବେକ୍ଷଣ କରିବା ଆବଶ୍ୟକ । ଏ ବିଷୟରେ ଶିକ୍ଷିତ ବ୍ୟକ୍ତିମାନଙ୍କର ଐକାନ୍ତିକ ଚେଷ୍ଟା ବାଞ୍ଛନୀୟ । ସୁଖର ବିଷୟ, ସମ୍ପ୍ରତି ଦେଶର ମୁଷ୍ଟିମେୟ ସୁସନ୍ତାନ ଏ କାର୍ଯ୍ୟରେ ଅଗ୍ରସର ହୋଇଅଛନ୍ତି ।

ପୁରୀ ଜଗନ୍ନାଥ ମନ୍ଦିରରେ ରକ୍ଷିତ 'ମାଦଳା-ପାଞ୍ଜି' ଆମ୍ଭମାନଙ୍କର ପ୍ରଧାନ ଜାତୀୟ ଇତିହାସ । ମାଦଳାପାଞ୍ଜିକୁ ଅନେକେ ପ୍ରକ୍ଷିପ୍ତ ଓ ଅତିରଞ୍ଜିତ ବୋଲି କହନ୍ତି । ତାହା ହୋଇପାରେ; ମାତ୍ର ସେହି ପ୍ରକ୍ଷେପ ବା ଅତିରଞ୍ଜନ ମଧ୍ୟରେ ବିଶୁଦ୍ଧ ସତ୍ୟର ସତ୍ତା ଅସୁଲଭ ନୁହେଁ । ଉତ୍କଳ-ଇତିବୃତ୍ତର ମୌଳିକ ଉପାଦାନ ସର୍ବାଦୌ ମାଦଳାପାଞ୍ଜିରେ ଅନୁସନ୍ଧେୟ । ଉତ୍କଳର ଶିଳାମୂର୍ତ୍ତି, ଶିଳାଲିପି, ତାମ୍ରଶାସନ, ପ୍ରାଚୀନକାବ୍ୟ ନାଟକ ଓ ମାଦଳାପାଞ୍ଜି ପ୍ରଭୃତିରୁ ଉତ୍କଳର ପୂର୍ଣ୍ଣାଙ୍ଗ ଇତିହାସ ଉଦ୍ଧାର କରିବା ଅସାଧ୍ୟ କାର୍ଯ୍ୟ ନୁହେଁ । ମହାତ୍ମା ହଣ୍ଟର ସାହେବ ଓ ରାଜେନ୍ଦ୍ରଲାଲ ଉତ୍କଳର ବିସ୍ତୃତ ଇତିହାସ ଲେଖିଯାଇଛନ୍ତି । ତାହା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରି ହୁଏ ନାହିଁ, ତଥାପି ସେହି ଦୁଇ ଖଣ୍ଡ କେବଳ ଉତ୍କଳର ସମ୍ବଳ । ସେମାନଙ୍କ ପରେ ଆଉ ଖଣ୍ଡିଏ ଦୁଇଖଣ୍ଡି ଇତିହାସ ଲିଖିତ ହୋଇ-ଅଛି; ମାତ୍ର ତାହା ତାଙ୍କର ଇତିହାସର ଛାୟା କାୟା ଅବଲମ୍ବନରେ ଲିଖିତ । ସୁତରାଂ ତାହା ଉପରେ ଆସ୍ଥା ସ୍ଥାପନ କରିବା ମଧ୍ୟ ସମ୍ପୂର୍ଣ୍ଣ ଆଶଙ୍କାଶୂନ୍ୟ ନୁହେଁ । ଉତ୍କଳର ବିଶୁଦ୍ଧ ପୂର୍ଣ୍ଣାଙ୍ଗ ଇତିହାସର ଶୋଭନ ସଂସ୍କରଣ ଶୀଘ୍ର ପ୍ରକାଶିତ ହେବା ଏକାନ୍ତ ବାଞ୍ଛନୀୟ । ଇତିହାସ ଅଭାବରେ ଜାତୀୟ ଆଦର୍ଶ ଧାରଣ କରି ହୁଏ ନାହିଁ । ଜାତୀୟ ଆଦର୍ଶର ଅଭାବରେ ବିଦେଶୀୟ ଆଦର୍ଶ ସମାଜରେ ପ୍ରବେଶ ଲାଭ କରେ । ତଦ୍ଦ୍ୱାରା ଜାତୀୟ ମୌଳିକତା ବିକୃତ ହୋଇ ଧ୍ୱଂସପ୍ରାପ୍ତ ହୁଏ । ବିକୃତ ମୌଳିକତା ଜାତୀୟ ଆଦର୍ଶ, ଜାତୀୟ ସଭ୍ୟତା ଓ ଜାତୀୟ ଶୃଙ୍ଖଳାକୁ କ୍ଷତବିକ୍ଷତ କରିଦିଏ । ବିଜାତୀୟ ଆଦର୍ଶ ଯେ ଅସାର ଏବଂ ଦୋଷାବହ ତାହା ନୁହେଁ, ଯେଉଁ ଆଦର୍ଶ ଏ ଦେଶ ପକ୍ଷରେ ଅନୁପଯୁକ୍ତ, ଏ ଦେଶର ଜଳବାୟୁ ଓ ମୃତ୍ତିକାର ଅନନୁକୂଳ, କେବଳ ସେହି ଆଦର୍ଶର ଅନୁକୃତି ଅନିଷ୍ଟପ୍ରଦ, ଏହାହିଁ ବକ୍ତବ୍ୟ ।

କେବଳ ଉତ୍କଳ-ଇତିହାସ ନୁହେଁ, ଉନ୍ନତର ଆର୍ଯ୍ୟଜନନୀ ଭାରତର ଅତୀତ ଇତିହାସ ସୁଦ୍ଧା ତମସାଚ୍ଛନ୍ନ । ସମ୍ପ୍ରତି ବହୁମନୀଷୀ ସେହି ତମୋଗର୍ଭ ଲୁକ୍କାୟିତ ରତ୍ନ-ସମୁଦ୍ଧାର ବ୍ରତ ଧାରଣ କରିଅଛନ୍ତି । ସେମାନଙ୍କ ଯତ୍ନରେ ବିବିଧ ଉଜ୍ଜ୍ୱଳ ରତ୍ନ ଉଦ୍ଘାଟିତ ହୋଇ ଜନନେତ୍ରର ଅତିଥି ହେଉଅଛି । ରାମାୟଣ, ମହାଭାରତ ଗ୍ରନ୍ଥଦ୍ୱୟ ଭାରତର କେବଳ ଜାତୀୟ ପୁରାଣ ନୁହେ, ଜାତୀୟ ସାହିତ୍ୟ, ଜାତୀୟ ବିଜ୍ଞାନ, ଜାତୀୟ ଇତିହାସ, ଜାତୀୟ ଧର୍ମଶାସ୍ତ୍ର ପ୍ରଭୃତି ସେଥିରେ ଏକାଧାରରେ ସମାବିଷ୍ଟ । ତାହାର ବିସ୍ତୃତ ବକ୍ଷରେ ଭାରତର ପ୍ରାଚୀନ ଇତିହାସ ମୂର୍ତ୍ତିପ୍ରାଣ-ରୂପାବନ୍ତ ହୋଇ ବିଚରଣ କରୁଅଛି । ଉକ୍ତ ଦୁଇ ଗ୍ରନ୍ଥ ଅଭାବରେ ରାମଚନ୍ଦ୍ରଙ୍କର ସତ୍ୟନିଷ୍ଠା, ଅଲୌକିକ-ପ୍ରଜାପ୍ରୀତି, ପ୍ରଶସ୍ତ ପିତୃଭକ୍ତି, ସୀତାଙ୍କର କଠୋର ପାତିବ୍ରତ୍ୟ, ଲକ୍ଷ୍ମଣଙ୍କର ସୁଦୁର୍ଲଭ ସୌଭ୍ରାତ୍ର, ସୁଗ୍ରୀବର ଅସାଧାରଣ ବନ୍ଧୁତା, ଯୁଧିଷ୍ଠିରଙ୍କର ଏକାନ୍ତ ଧର୍ମପ୍ରାଣତା, ଭୀମର ଅଚିନ୍ତ୍ୟ ବୀରତା, ଅର୍ଜ୍ଜୁନର ପୂର୍ଣ୍ଣାଦର୍ଶ ମାନବତା, ମୃତ୍ୟୁଞ୍ଜୟ ମହାରଥୀ ଭୀଷ୍ମଙ୍କର ଦୃଢପ୍ରତିଜ୍ଞତା, ଅଶ୍ରୁତପୂର୍ବ ମହାତ୍ୟାଗ, କୃଷ୍ଣଙ୍କର ନିଖିଳ ନୀତି-ନୈପୁଣ୍ୟ ଏବଂ ଆଶ୍ରିତବାତ୍ସଲ୍ୟ ପ୍ରଭୃତି ମଙ୍ଗଳ ପୁଣ୍ୟାଦର୍ଶ ଶିକ୍ଷା ଭାରତଭାଗ୍ୟରେ ବିଡମ୍ବନା ହୋଇଥାନ୍ତା । ଏହି ମହାଦର୍ଶ ଭାରତକୁ ଜଗତର ନିତ୍ୟନମସ୍ୟ କରିଅଛି ଏବଂ ଅସୂର୍ଯ୍ୟଂଶଶୀ କରିଥିବ ।

ଇତିହାସ ଜାତୀୟୋନ୍ନତିର ସ୍ମାରକଲିପି ଅଥବା ଜାତୀୟୋତ୍‌ଥାନର ଉଦ୍‌ବୋଧନ ମନ୍ତ୍ରସ୍ୱରୂପ । ଯେଉଁ ଜାତିର ଇତିହାସ ନାହିଁ, ସେ ଜାତି ଅସାଡ ଓ ଘୋର ପତିତ । ଜାତୀୟ ସ୍ପନ୍ଦନ ସେ ଜାତିର ପ୍ରାଣକୁ କଦାଚ ସ୍ପର୍ଶ କରିପାରେ ନାହିଁ । ପକ୍ଷାନ୍ତରରେ ଯେଉଁ ଜାତିର ଇତିହାସ ଅଛି, ସେ ଜାତି ଅକ୍ଷୟ ଐଶ୍ୱର୍ଯ୍ୟଶାଳୀ ଓ ଚିରପ୍ରାଣବାନ୍ । କାଳର ପ୍ରତିକୂଳ ପ୍ରଭାବରେ ସେ ଜାତିର ଯେତେ ଅବନତି ଘଟୁପଛେ, ମାତ୍ର ସେ ଜାତିର ପତନ ନାହିଁ । ଇତିହାସ ସେ ଜାତିକୁ ସଞ୍ଜୀବିତ କରି ରଖେ । ଉନ୍ନତି ଓ ଅବନତି ପ୍ରାକୃତିକ

ନିୟମ । ସେଥିର ପର୍ଯ୍ୟାୟ ଶୀତୋଷ୍ଣ ତୁଲ୍ୟ ଘୂରି ବୁଲୁଅଛି । ଉନ୍ନତ ଜାତିର ସୁଦ୍ଧା ସାମୟିକ ଅବନତି ଘଟିବାର ଦେଖାଯାଏ; ମାତ୍ର ଇତିହାସ ସେ ଅବନତିକୁ ଚିରସ୍ଥାୟୀ କରାଏ ନାହିଁ । ଇତିହାସ-ରଜ୍ଜୁ ଧରି ସାମୟିକ ପତିତ ଜାତି ଅବନତି-କୂପର ଅନ୍ଧକାର ଗର୍ଭରୁ ପୁନରୁତ୍ଥିତ ହୁଏ ।

# ବିଜ୍ଞାନ

ବିଜ୍ଞାନ ଅଧୁନାତନ ଯୁଗର ଯୋଗବିଦ୍ୟା । ପୂର୍ବଯୁଗରେ ଯୋଗବିଦ୍ୟାଦ୍ୱାରା ଅସମ୍ଭବ ସମ୍ଭବ ହେଉଥିଲା, ଏ କାଳରେ ବିଜ୍ଞାନର ଅଘଟନ ଘଟନ ପଟୀୟସୀ ଶକ୍ତିରେ ଅସାଧ୍ୟ ସାଧନ ସୁଲଭ ଦୃଷ୍ଟ ହୋଇଅଛି । ପଦାର୍ଥର ମୌଳିକ ତତ୍ତ୍ୱ ଓ ଶକ୍ତି ଅନୁସନ୍ଧାନ କରି ସେହି ଶକ୍ତିକୁ କାର୍ଯ୍ୟରେ ଲଗାଇବା ବିଜ୍ଞାନର କାର୍ଯ୍ୟ । ଅଗ୍ନି, ଜଳ, ବାୟୁ ଓ ବିଦ୍ୟୁତ ପ୍ରଭୃତି ପ୍ରକୃତିର ମହାଶକ୍ତିଗୁଡ଼ିକୁ ସମ୍ପ୍ରତି ବିଜ୍ଞାନବଳରେ କାର୍ଯ୍ୟରେ ଲଗାଇ ଅଳ୍ପ ସମୟରେ ବହୁକାର୍ଯ୍ୟ କରି ନିଆଯାଉଅଛି । ସମ୍ପ୍ରତି ବିଜ୍ଞାନର ମହିମା ପୃଥିବୀର ଶିରାପ୍ରଶିରାରେ ପ୍ରବାହିତ ହେଉଅଛି । ବିଳାସସୌନ୍ଦର୍ଯ୍ୟ ତରଙ୍ଗାୟିତ ସୌଧମାଳାର ଚନ୍ଦ୍ରାଲୋକଠାରୁ ଅଭାବସର୍ବସ୍ୱ ଦୀନ ପର୍ଣ୍ଣକୁଟୀରସ୍ଥ ଅନଳ ପେଟିକା-ପର୍ଯ୍ୟନ୍ତ ଏବଂ କରାଳ ଚଳୋର୍ମି-ମୁଖର ବିରାଟ ସମୁଦ୍ର ବକ୍ଷଠାରୁ ଅନନ୍ତ ଗଗନର ଅନନ୍ତ ଗର୍ଭ ପର୍ଯ୍ୟନ୍ତ ସର୍ବତ୍ର ବିଜ୍ଞାନର ଲୀଳା ପରିଲକ୍ଷିତ ହୁଏ । ପାଶ୍ଚାତ୍ୟ ଭୂଖଣ୍ଡ ବିଜ୍ଞାନର ପ୍ରଧାନ ତୀର୍ଥରୂପରେ ପରିଗଣିତ । ବିଜ୍ଞାନ-ବଳରେ କ୍ଷୁଦ୍ର ମହୀୟାନ୍ ହେବାର ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହେଁ । ପ୍ରାଚ୍ୟଖଣ୍ଡର କ୍ଷୁଦ୍ରାଦପି କ୍ଷୁଦ୍ର ଜାପାନ ବିଜ୍ଞାନ ପ୍ରଭାବରେ ଶକ୍ତି, କର୍ମ, ଲକ୍ଷ୍ୟ, ଐକ୍ୟ, ସଭ୍ୟତା ଓ ଶ୍ରୀବୃଦ୍ଧିର ମହିମମୟ ସିଂହାସନ ପ୍ରତିଷ୍ଠା କରିବାକୁ କ୍ଷମ ହୋଇଅଛି ।

ପକ୍ଷହୀନ ମାନବ ବିଜ୍ଞାନବଳରେ ମହାଶୂନ୍ୟରେ ଉଡ୍ଡୀୟମାନ ହୋଇ ଗ୍ରହନକ୍ଷତ୍ରଗଣଙ୍କର ଗତି ନିରୂପଣ କରୁଅଛି; ପୁଣି ସମୁଦ୍ରର ଅତଳ ଗର୍ଭରେ ନିମଜ୍ଜିତ ହୋଇ ରତ୍ନ ସଂଗ୍ରହ କରୁଅଛି । ଉଦ୍ଭିଦ ଜଗତର ସୁପ୍ତ ଅବସ୍ଥାର ତତ୍ତ୍ୱ ଜଗତକୁ ସ୍ତବ୍ଧ ମୁଗ୍ଧ କରୁଅଛି । ବିଜ୍ଞାନବିଦ୍ୟା କେବଳ ପାଶ୍ଚାତ୍ୟ ପ୍ରଦେଶର ସମ୍ପତ୍ତି ନୁହେଁ, ପ୍ରାଚୀନକାଳରେ ଭାରତବର୍ଷ ବିଜ୍ଞାନୋନ୍ନତିର ପରାକାଷ୍ଠା ପ୍ରଦର୍ଶନରେ କ୍ଷମ ହୋଇଥିଲା, ଏହା କପୋଳକଳ୍ପିତ ଉକ୍ତି ନୁହେ । ଆମ୍ଭମାନଙ୍କ ପୁରାଣେତିହାସରେ ସେଥିର ଭୂରି ଭୂରି ଦୃଷ୍ଟାନ୍ତ ସଜ୍ଜିତ ହୋଇ ରହିଅଛି । ସମ୍ପ୍ରତି ଆମ୍ଭେମାନେ ବେଲୁନ, ଏରୋପ୍ଲେନ ପ୍ରଭୃତି ଖଯାନର କ୍ରିୟାକଳାପ ଶୁଣି ବିସ୍ମୟ-ଶୈଳର ତୁଙ୍ଗ ଶିଖରରେ ଆରୋହଣ କରୁଅଛୁ; କିନ୍ତୁ ଏହି ଶ୍ରେଣୀୟ ନଭୋପୋତ ବା ନଭୋରଥ ଯେ ପୂର୍ବେ ଆମ୍ଭ ଦେଶରେ ଥିଲା, ଏହା ଦୈବୀ ଅଭିଶମ୍ପାତରୁ ଆମ୍ଭେମାନେ ବିସ୍ମୃତ ହୋଇଅଛୁଁ । ଭୀଷଣ ଲଙ୍କା ଯୁଦ୍ଧ ଶେଷରେ ରଘୁକୁଳଚନ୍ଦ୍ର ରାମଚନ୍ଦ୍ର ପୁଷ୍ପକବିମାନରେ ପରିଭ୍ରାନ୍ତ, ମିତ୍ରାଦିଗହଣରେ ଅଯୋଧ୍ୟାକୁ ପ୍ରତ୍ୟାବୃତ୍ତ ହୋଇଥିଲେ । ସେହି ପୁଷ୍ପକ ରଥ ଅଧୁନାତନ ନଭୋଯାନ ବ୍ୟତୀତ ଅନ୍ୟ କିଛି ନୁହେଁ । ନଳ ରାଜାଙ୍କର ଅଲୌକିକ ରଥଚାଳନ-କୌଶଳ ମହାଭାରତ ପାଠକମାନେ ସୁବିଦିତ । ପକ୍ଷିରାଜ ଅଶ୍ୱ ସାହାଯ୍ୟରେ ସେ ମୁହୂର୍ତ୍ତକ ମଧ୍ୟରେ ଶତ ଯୋଜନ ପଥ ରଥରେ ଭ୍ରମଣ କରୁଥିଲେ । ନରଶୃଙ୍ଗ ତୁଲ୍ୟ ଘୋଟକର ଉଡ୍ଡୟନ ଅସମ୍ଭବ । ରଥ-ଯୋଜିତ ପକ୍ଷିରାଜ ଘୋଟକ ଯାନର ଚାଳନଯନ୍ତ୍ର ବା ଇଞ୍ଜିନ ବ୍ୟତୀତ ଅନ୍ୟ କିଛି ନୁହେଁ । ସେହି ଇଞ୍ଜିନ ଅଶ୍ୱାକୃତିରେ ପକ୍ଷଯୁକ୍ତ ହୋଇ ନିର୍ମିତ ହୋଇଥିବାରୁ ସମ୍ଭବତଃ ପକ୍ଷିରାଜ ଘୋଟକ ନାମରେ ଅଭିହିତ ହୋଇଅଛି । ସୀତା ଅନ୍ୱେଷଣାର୍ଥ ପ୍ରେରିତ ଦୂତ ହନୁମାନ ସମୁଦ୍ର ଡେଇଁ ଲଙ୍କାକୁ ଯାଇଥିଲା । ବିନା ଯାନବାହନରେ ଶୂନ୍ୟପଥରେ ସାଗର ଲଙ୍ଘନ କରିବା ସାମାନ୍ୟ ବୈଜ୍ଞାନିକତାର କାର୍ଯ୍ୟ ନୁହେଁ ।

ଆଜିକାଲି ବିନା ତାରରେ ସମ୍ବାଦ ପ୍ରେରିତ ହେଉଥିଲେହେଁ ଯନ୍ତ୍ରର ସାହାଯ୍ୟ ଆବଶ୍ୟକ ହେଉ-

ଅଛି; ମାତ୍ର ଏ ଦେଶରେ ପୂର୍ବକାଳରେ ବିନା ତାରରେ ଏବଂ ବିନା ଯନ୍ତ୍ରରେ ବହୁଦୂରକୁ ସମ୍ବାଦ ଯାତାୟାତ କରୁଥିଲା । ରାବଣର ସ୍ୱର୍ଣ୍ଣ ସିଂହଳଦ୍ୱୀପରେ, ତତ୍ପୁତ୍ର ମହୀରାବଣର ଆବାସ ପାତାଳପୁରରେ ଅର୍ଥାତ୍ ଆମେରିକାଖଣ୍ଡରେ ଥିଲା । ରାବଣ ରାମଚନ୍ଦ୍ରଙ୍କ ଦ୍ୱାରା ବିପନ୍ନ ହୋଇ ମହୀରାବଣକୁ ସ୍ମରଣ କଲା । ସେ ତାହା ଜାଣିପାରି ପିତୃସମୀପରେ ଆସି ଉପସ୍ଥିତ ହେଲା । ପାଣ୍ଡବ ବନବାସ କାଳରେ ଦ୍ରୌପଦୀ କାମ୍ୟକ ବନରେ ଥାଇ ଶ୍ରୀକୃଷ୍ଣଙ୍କୁ ସ୍ମରଣ କଲେ, ଶ୍ରୀକୃଷ୍ଣ ତାହା ଜାଣିପାରି କାମ୍ୟକ ବନରେ ଆସି ଉପସ୍ଥିତ ହେଲେ । ବିନା ଯନ୍ତ୍ରରେ, ବିନା ତାରରେ କେବଳ ମନଦ୍ୱାରା କାର୍ଯ୍ୟ ସାଧିତ ହେଲା । ଏଭଳି ଉଚ୍ଚାଙ୍ଗ ବିଜ୍ଞାନ ବିଦ୍ୟା ଏ କାଳରେ ସ୍ୱପ୍ନ ତୁଲ୍ୟ କିମ୍ବା ବରଂ ମିଥ୍ୟାର ଫଳ ବ୍ରହ୍ମାଣ୍ଡ ଆକାଶ-କୁସୁମ ତୁଲ୍ୟ କଳ୍ପିତ ହେବ । ପାଣ୍ଡବ ରାଜଧାନୀ ଇନ୍ଦ୍ରପ୍ରସ୍ଥ ନଗରର ବୈଜ୍ଞାନିକ ଶିଳ୍ପୀ ମୟ-ଦାନବ ବିରଚିତ ଅପୂର୍ବ ବୈଜ୍ଞାନିକ ସଭା ମହାଭାରତ ପାଠକମାନଙ୍କର ପରିଚିତ । ଏ ସମସ୍ତ କଥା ଉଦ୍ଭଟ-କଳ୍ପନାର ଲୂତାତନ୍ତୁଜାଲ ବିସ୍ତାର ନୁହେଁ, ଏହା ସଙ୍ଗୀତ ସତ୍ୟ, ନିର୍ମଳ ସତ୍ୟ ଓ ବରିଷ୍ଠ ସତ୍ୟ । ମଗଧ-ରାଜ ଦୁର୍ମର୍ଦ୍ଦ ଜରାସନ୍ଧର ଗିରି ପରିଧିବେଷ୍ଟିତ ମହାଦୁର୍ଗ ବୈଜ୍ଞାନିକ କୌଶଳରେ ରକ୍ଷିତ ହୋଇଥିଲା । ତନ୍ମଧ୍ୟ ଦୁଇଗୋଟି ଗିରିବର୍ତ୍ମରେ ଭେରୀ ଓ ଗର୍ଦ୍ଦଭମୂର୍ତ୍ତି ସଙ୍କେତ ରଖାଯାଇଥିଲା । ତାହା ଏରୂପ ଯନ୍ତ୍ରକୌଶଳରେ ସଂଯୁକ୍ତ ହୋଇଥିଲା ଯେ, ବହିଃଶତ୍ରୁର ଘାଟି ସ୍ପର୍ଶମାତ୍ରେ ଭେରୀ ଓ ଗର୍ଦ୍ଦଭ ଭୈରବ ରବରେ ଗର୍ଜନ କରି ନଗରବାସୀଙ୍କୁ ସତର୍କ କରାଇଦିଏ । ଅତୀତ ଯୁଗର ଇତିବୃତ୍ତ ଅନୁଧ୍ୟାନ କଲେ ଏହିପରି ଧାରଣା-ବହିର୍ଭୂତ ବହୁ ବୈଜ୍ଞାନିକ ଦୃଷ୍ଟାନ୍ତ ଉପଲବ୍ଧି ହେବ ।

ଏ ଦେଶ ପ୍ରଚଳିତ ମନ୍ତ୍ରତନ୍ତ୍ର ବିଜ୍ଞାନ-ସମ୍ମତ । ମନ୍ତ୍ରବିଦ୍ୟା ପ୍ରତି ଅନେକେ ଅବିଶ୍ୱାସ ସ୍ଥାପନ କରନ୍ତି, ମାତ୍ର ଅନେକ ସ୍ଥଳରେ ମନ୍ତ୍ର ସଫଳ ହେବାର ପ୍ରଥା ଦେଖାଯାଏ । ମନ୍ତ୍ର ଶବ୍ଦସମଷ୍ଟି; ଶବ୍ଦର ଶକ୍ତି ଥିବା-ଠାରେ ମନ୍ତ୍ରର ଶକ୍ତି ବା ନ ଥିବ କାହିଁକି ? ଶବ୍ଦରେ ରାଜାର ରାଜକାର୍ଯ୍ୟ, ପ୍ରଜାର ଜୀବନଯାତ୍ରା, ଏମନ୍ତ କି ଶବ୍ଦରେ ସଂସାର ପରିଚାଳିତ ହେଉଅଛି । ଶବ୍ଦହିଁ ଅନନ୍ତ ବ୍ରହ୍ମ, ଶବ୍ଦରେ ମୁକ୍ତିପ୍ରାପ୍ତି ଶାସ୍ତ୍ରରେ ସ୍ୱୀକୃତ ହୋଇଅଛି । ପ୍ରେମାବତାର ଚୈତନ୍ୟ ନାମର ଭଜନ-କୀର୍ତ୍ତନକୁ ମୁକ୍ତିମାର୍ଗର ପରମ ପନ୍ଥା ନିର୍ଦ୍ଦେଶ କରି-ଯାଇଛନ୍ତି । ଦେବଦେବୀଙ୍କର ସ୍ତବମନ୍ତ୍ର ଶବ୍ଦରେ ଗଠିତ । ସୁତରାଂ ଶବ୍ଦର ଶକ୍ତି ଅନନ୍ତ ତଥା ଶବ୍ଦସମଷ୍ଟି ମନ୍ତ୍ରର ଶକ୍ତି କଳ୍ପନାର ବହିର୍ଭୂତ । ଯେଉଁ ମନ୍ତ୍ରର ଶକ୍ତି ଏତାଦୃଶ, ତାହା ଯେ ବିଜ୍ଞାନର ଗୋଟିଏ ରହସ୍ୟ, ଏଥିରେ ସଂଶୟମାତ୍ର ନାହିଁ । ପ୍ରତ୍ୟକ୍ଷଦର୍ଶୀଙ୍କ ବର୍ଣ୍ଣନରେ ଅନେକ ଗୁଣୀଆଙ୍କର ମନ୍ତ୍ର ସଫଳ ହେବାର ଦେଖାଯାଏ । ବ୍ୟତିକ୍ରମ ଯେ ନ ଘଟେ, ଏରୂପ ନୁହେଁ । ତାହା ସମ୍ଭବତଃ ମାନ୍ତ୍ରିକର ଭ୍ରାନ୍ତିବଶତଃ ଘଟିପାରେ, ନଚେତ୍ ମାନ୍ତ୍ରିକର ମନ୍ତ୍ର ପ୍ରୟୋଗ ଶକ୍ତିର ଅପକ୍ୱତା ହେତୁରୁ ଘଟିପାରେ । ଅଜ୍ଞ ଚିକିତ୍ସକଙ୍କର ଚିକିତ୍ସା ବ୍ୟର୍ଥ ହେବା ସ୍ୱାଭାବିକ । ଚିକିତ୍ସା-ପ୍ରଣାଳୀ ଅଭାବରେ ଔଷଧ ଗୁଣକର ହୁଏ ନାହିଁ ।

ସର୍ବ ସ୍ତ୍ରବିଦ୍ୟାପାରଦର୍ଶୀ ଆର୍ଯ୍ୟଋଷିଗଣ ପଦାର୍ଥର ଗୁଣାଗୁଣ ପରୀକ୍ଷା ଓ ପରିଦର୍ଶନ କରି ସଫଳ ଭୈଷଜ୍ୟଶାସ୍ତ୍ର ପ୍ରଣୟନ କରିଯାଇଛନ୍ତି । ଏହା ଅପେକ୍ଷା ବିଜ୍ଞାନପାଠର ଉତ୍କୃଷ୍ଟ ଦୃଷ୍ଟାନ୍ତ ଆଉ କଅଣ ପ୍ରଦର୍ଶିତ ହୋଇପାରେ ? ଆମ୍ଭମାନଙ୍କର ପୂର୍ବପୁରୁଷଗଣ ଅସାଧାରଣ ବୈଜ୍ଞାନିକ ଥିଲେ, ଏହା କହି ଗୌରବାନୁଭବ କରିବା ଯଥେଷ୍ଟ ନୁହେଁ । ପୂର୍ବପୁରୁଷଗଣଙ୍କର ଯୋଗ୍ୟତା ଜ୍ଞାନ ମଧ୍ୟରେ ଓ କର୍ମ ମଧ୍ୟରେ ପ୍ରତିଫଳିତ କରିବା ଆବଶ୍ୟକ । ନିଜେ ଉପାର୍ଜନ ନ କରି ପୂର୍ବପୁରୁଷଗଣଙ୍କର ସଞ୍ଚିତ ଧନ ଭକ୍ଷଣରେ କେଉଁ ପୌରୁଷ ଅଛି ? ପଣ୍ଡିତର ପୁତ୍ର ବୋଲି ବିଦ୍ୟାଶିକ୍ଷା ନ କରି ପୁତ୍ର କି କେବେ ପଣ୍ଡିତ ହୋଇପାରେ ? ବିଜ୍ଞାନ କେବଳ ଜ୍ଞାନକରୀ ବିଦ୍ୟା ନୁହେଁ, ତଦ୍ୱାରା ବିପୁଳ ଅର୍ଥାଗମ ହୋଇପାରେ । ଅତଃ ଦେଶୋନ୍ନତି ପଥରେ ବିଜ୍ଞାନ-ବିଦ୍ୟାର ଅନୁଶୀଳନ ଏକାନ୍ତ ଆବଶ୍ୟକ, ଏହା କହିବା ପୁନରୁକ୍ତିମାତ୍ର ।

# ସ୍ୱାସ୍ଥ୍ୟ

ସ୍ୱାସ୍ଥ୍ୟ ମାନବର ଦ୍ୱିତୀୟ ଜୀବନ ତୁଲ୍ୟ । ଅଭାବ ପଦାର୍ଥର ମୂଲ୍ୟ ବୁଝାଇଦିଏ, ଏହା ଯେପରି କଠୋର ସତ୍ୟ, ସ୍ୱାସ୍ଥ୍ୟ ନ ହରାଇଲେ ସ୍ୱାସ୍ଥ୍ୟର ମୂଲ୍ୟ ଉପଲବ୍ଧି କରିହୁଏ ନାହିଁ, ଏହା ମଧ୍ୟ ସେହିପରି ବାସ୍ତବ ମହା ସତ୍ୟ । ମାନବ ଜୀବନର ସୁଖ, ସନ୍ତୋଷ, ଆନନ୍ଦ, ଶାନ୍ତି ଓ ଉନ୍ନତି ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ । ଅତଏବ *ସ୍ୱାସ୍ଥ୍ୟ ଯେ ସର୍ବାପେକ୍ଷା ମୂଲ୍ୟବାନ୍ ସମ୍ପତ୍ତି,* ଏଥିରେ କୌଣସି ସନ୍ଦେହ ନାହିଁ । ପ୍ରାକୃତିକ ନିୟମାନୁସାରେ ଆହାର, ବିହାର, ଶୌଚ, ନିଦ୍ରା ଓ କର୍ତ୍ତବ୍ୟ ସମ୍ପାଦନରେ ସ୍ୱାସ୍ଥ୍ୟ ଅଟଳ ରହେ । ଅନ୍ୟଥା ସ୍ୱାସ୍ଥ୍ୟଭଙ୍ଗ ହୋଇ ପୀଡ଼ା ଜାତ ହୁଏ । ସ୍ୱାସ୍ଥ୍ୟହୀନ ମନୁଷ୍ୟ ଜୀବନ୍ମୃତ ।

ମାନବ ଆତ୍ମୋନ୍ନତି, ସମାଜୋନ୍ନତି ଓ ଧର୍ମୋନ୍ନତି ସାଧନ ସକାଶେ ପୃଥିବୀକୁ ପ୍ରେରିତ ହୋଇଅଛି । ସର୍ବାଗ୍ରେ ସୁସ୍ଥ ସବଳ ଦେହରେ ବଞ୍ଚିରହିବା ଆବଶ୍ୟକ, ତହିଁପରେ ଉନ୍ନତି; ନଚେତ୍ ଯମ ସହିତ ଅଶାନ୍ତ ଅବିଶ୍ରାମ ସଂଗ୍ରାମରେ ନିଯୁକ୍ତ ରହିଲେ ଉନ୍ନତିର ଆଶା ନିଷ୍ଫଳ ହୁଏ । ପୀଡ଼ା ବିଧିପ୍ରେରିତ ନୁହେଁ । ସ୍ୱାସ୍ଥ୍ୟ ଯେପରି ସାବଧାନତାର ମହାର୍ଘ ପୁରସ୍କାର, ପୀଡ଼ା ସେହିପରି ଅସାବଧାନତାର କଠୋର ଶାସ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ । ସୁସ୍ଥବ୍ୟକ୍ତି ମସ୍ତକରେ ପ୍ରକୃତି-ଦେବୀ ତାଙ୍କର ଶ୍ରେଷ୍ଠ ସମ୍ପଦରାଶି ଅଜାଡ଼ିଦିଅନ୍ତି, ଅସୁସ୍ଥ ବ୍ୟକ୍ତିଙ୍କ ଅପଦେବତାବର୍ଗ ଅଭିଶାପ ହଳାହଳ ବୃଷ୍ଟି କରନ୍ତି । "ଅସୁସ୍ଥ ପରି ଦରିଦ୍ର ଜଗତରେ ଦ୍ୱିତୀୟ ନାହିଁ ।

ଶରୀର ସହିତ ମନର ସମ୍ବନ୍ଧ ଘନିଷ୍ଠତର । ଶରୀର ଅସୁସ୍ଥ ହେଲେ ମନ ଅସୁସ୍ଥ ଓ ଦୁର୍ବଳ ହୋଇପଡ଼େ । ଅସୁସ୍ଥାବସ୍ଥାରେ ମନ ଉପରେ ହିମାଳୟପର୍ବତ ଥୁଆ ହେଲା ପ୍ରାୟ ଦୁର୍ବହ ଭାରଭୂତ ବୋଧହୁଏ । ସେତେବେଳେ କୌଣସି କାର୍ଯ୍ୟ କରିବାକୁ ଇଚ୍ଛା ହୁଏ ନାହିଁ କିମ୍ବା ଜଗତର କିଛିହିଁ ସୁନ୍ଦର ବୋଧହୁଏ ନାହିଁ । ସୁଦର୍ଶନଦୃଶ୍ୟ, ମନୋମୁଗ୍ଧକର ସଙ୍ଗୀତ, ଆହାର, ବିହାର ଇତ୍ୟାଦି ସବୁ ବିଷବତ୍ ପ୍ରତୀୟମାନ ହୁଏ । ସ୍ୱାସ୍ଥ୍ୟ ମାନବର ଆଶା, ଉତ୍ସାହ ଓ କର୍ମତତ୍ପରତାକୁ ସୁବର୍ଣ୍ଣମଣ୍ଡିତ କରିଦିଏ । ଯେଉଁମାନେ ପୀଡ଼ାର ପଦ-ଲାଞ୍ଛନ ଲଲାଟରେ ଅଙ୍କନପୂର୍ବକ ଶଯ୍ୟାର ଚିର ବର୍ତ୍ତନ କରନ୍ତି, ସେମାନଙ୍କର ଆଶା ନିସ୍ତେଜ ଏବଂ ହୃଦୟ ବ୍ୟର୍ଥ *ହାହାକାରପୂର୍ଣ୍ଣ । କେତେ କେତେ ସେମାନଙ୍କର ମନ* କ୍ରୋଧରେ ଉଗ୍ରବିଦ୍ରୋହୀ ହୋଇଉଠି ଉଚ୍ଛୃଙ୍ଖଳ ଚିନ୍ତାର ଆଶ୍ରୟ ଗ୍ରହଣ କରେ ଏବଂ ସେହି ଚିନ୍ତାର ତାଡ଼ନାରେ ସେମାନଙ୍କର ମସ୍ତିଷ୍କ ବିଦୀର୍ଣ୍ଣ ହେଲା ପ୍ରାୟ ଯନ୍ତ୍ରଣା ଅନୁଭୂତ ହୁଏ । ସୁଖ ସେମାନଙ୍କର ଅନନ୍ତ ସ୍ୱପ୍ନ । ପୀଡ଼ିତର ଉଗ୍ର, ଅଧୀର କ୍ଷୋଭ ଓ ବେଦନା-ବ୍ୟାକୁଳ ଦୃଷ୍ଟି ପାଷାଣ-କଠିନ ହୃଦୟରେ ସୁଦ୍ଧା କରୁଣ ରସର ପ୍ରସ୍ରବଣ ସୃଷ୍ଟି କରେ । ଯେତେବେଳେ ଅନାରୋଗ୍ୟ ପୀଡ଼ାରେ ଦୁର୍ଭାଗ୍ୟର ଜୀବନ-ଫୁଲ ଅକାଳରେ କାଳସ୍ରୋତରେ ଭାସିଯାଏ, ସେତେବେଳେ ନିତାନ୍ତ ଅନୁଦାର ସଂକୀର୍ଣ୍ଣ ତୁଚ୍ଛ ହୃଦୟ ସୁଦ୍ଧା ସ୍ୱତଃ ମୁକ୍ତ ହୋଇଯାଏ । ତରଙ୍ଗ-ଭଙ୍ଗ-ଭୀଷଣ ମହାସାଗରର ପାର ଅଛି; କିନ୍ତୁ ସେ ନିରବଧି ଦୁଃଖର ପାର ନାହିଁ ।

ଶରୀର-ରକ୍ଷଣଧର୍ମ ସର୍ବଧର୍ମର ସାର ବୋଲି ତତ୍ତ୍ୱଦର୍ଶୀ ମହାଜନ-ମୁଖରେ ଉକ୍ତ ହୋଇଅଛି । "ଶରୀର ମାଦ୍ୟଂ ଖଳୁଧର୍ମ ସାଧନଂ" ଏହା ଗୋଟିଏ ଅମୃତ ଉପଦେଶ । ଶରୀର ଥିଲେ ସବୁ କରିହୁଏ, ତାହା ଅଭାବରେ ଉନ୍ନତି କିଏ କରିବ ? ଆର୍ଯ୍ୟ ମହର୍ଷିଗଣ ନିତ୍ୟକର୍ମ ପଦ୍ଧତିଦ୍ୱାରା ଶଯ୍ୟାତ୍ୟାଗଠାରୁ ପୁଣି ଶଯ୍ୟାଗ୍ରହଣ ପର୍ଯ୍ୟନ୍ତ ମାନବର ଯାବତୀୟ କ୍ରିୟାକଳାପର ଉପଦେଶ ପ୍ରଦାନ କରିଯାଇଛନ୍ତି । ତାହା କେବଳ ଧର୍ମଶାସ୍ତ୍ରମୂଳକ ନୁହେଁ—କୁସୁମରେ ମଧୁ ପ୍ରାୟ ନାନାବିଧ ସ୍ୱାସ୍ଥ୍ୟତତ୍ତ୍ୱ ସୁଦ୍ଧା ସେଥିମଧ୍ୟରେ ନିହିତ ଅଛି । ଅତି ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରି ଇଷ୍ଟଦେବ ନାମ ସ୍ମରଣ କରିବ । ତଦ୍ଦ୍ୱାରା ଚିତ୍ତ ପ୍ରସନ୍ନ ଓ ପ୍ରଫୁଲ୍ଲ ହୁଏ ।

ତହିଁପରେ ପୁଷ୍ପଚୟନର ବିଧି ଅଛି । ପ୍ରକୃତିର ମଧୁ-ବୃଷ୍ଟିରେ ପୁଷ୍ପଲତାଦି ମଧୁସିକ୍ତ ହୋଇଥାଏ । କୁସୁମ ଚୟନ ସମୟରେ ଶାଖାପତ୍ରର ଆନ୍ଦୋଳନଦ୍ୱାରା ସେହି ମଧୁ ମାନବ ଦେହରେ ଲାଗିଯାଏ, ତଦ୍ୱାରା ଶରୀର ପୁଷ୍ଟ ହୁଏ । ଦନ୍ତଧାବନର ଯଷ୍ଟିପର୍ଯ୍ୟନ୍ତ ନିରୂପିତ ହୋଇଅଛି । କ୍ଷୀର, କଣ୍ଟକ, ତିକ୍ତ ବା କଷାୟରସ-ଯୁକ୍ତ କୋମଳ ଶାଖା ଦନ୍ତଯଷ୍ଟିର ଉପଯୁକ୍ତ । ସେଥିରେ ଦନ୍ତର ଦୃଢ଼ତା ରକ୍ଷା ହୁଏ । ସ୍ନାନାନ୍ତେ ଦେବାଳୟର ଚନ୍ଦନ ତୁଳସୀ ସେବନର ଉଦ୍ଦେଶ୍ୟ କେବଳ ଭକ୍ତି ଉପାର୍ଜନ ନୁହେଁ । ସ୍ନାନଦ୍ୱାରା ଶରୀର ଶୀତଳ ହୁଏ । ତୁଳସୀପତ୍ର ଉତ୍ତେଜକ ହେତୁ ସେହି ଶୀତଳତାର ସମତା ରକ୍ଷା ହୁଏ । ଅଧିକନ୍ତୁ ଶରୀରରେ ଗୋଟାଏ ଶକ୍ତି ଜାତ ହୁଏ । ତୁଳସୀ ମଞ୍ଜରୀର କୀଟ-ନାଶକତା, କ୍ଷୁଧାର ଉଦ୍ରେକକାରକତାଦି ବହୁଗୁଣ ଆୟୁର୍ବେଦୀୟ ଶାସ୍ତ୍ରରେ ଲିଖିତ ଅଛି । ଏହିପରି ପ୍ରତ୍ୟେକ ଧର୍ମାନୁଷ୍ଠାନ ମଧ୍ୟରେ ସ୍ୱାସ୍ଥ୍ୟର ଅମୃତ ତତ୍ତ୍ୱ ନିହିତ ଥିବାର ଦେଖାଯାଏ । "ଶରୀର ବ୍ୟାଧିମନ୍ଦିର, ତାକୁ ଆସ୍ଥା କଲେ କଅଣ ହେବ," ଅନେକେ ଏହା କହି ଗୋଟାଏ ଅସ୍ୱାଭାବିକ ଔଦାସୀନ୍ୟ ପ୍ରଦର୍ଶନ କରନ୍ତି । ସେମାନଙ୍କର ଏ ମତ ଧାରଣା ଆଦୌ ମୂଲ୍ୟବାନ୍ ନୁହେଁ । ଦିନେ ମୃତ୍ୟୁ ଅବଶ୍ୟ ହେବ ବୋଲି କଅଣ ଆଜି ବା ଏହି ମୁହୂର୍ତ୍ତରେ ମରିବାକୁ ହେବ ! ଏ ଅମନୋରମ ଯୁକ୍ତି ନିତାନ୍ତ ହାସ୍ୟଜନକ । ପୀଡ଼ିତ ହେଲେ ଏକାକୀ କଷ୍ଟଭୋଗ କରିବାକୁ ହୁଏ ନାହିଁ— ଆତ୍ମୀୟ ପରିବାରବର୍ଗଙ୍କର ସୁଦ୍ଧା ଚିନ୍ତା ଓ କଷ୍ଟର କାରଣ ହେବାକୁ ହୁଏ । ଔଷଧ ଓ ପଥ୍ୟାଦି ବ୍ୟପଦେଶରେ ବିପୁଳ ଅର୍ଥବ୍ୟୟ କରିବାକୁ ପଡ଼େ । ପରିଶେଷରେ ପରିବାରବର୍ଗଙ୍କୁ ଦାରୁଣ ଶୋକ-ସାଗରରେ ଭସାଇ ଅକାଳ ମୃତ୍ୟୁର ଅଙ୍କଶାୟୀ ହେବାକୁ ହୁଏ । ଏହିସବୁ ବିଷୟ ଚିନ୍ତାକଲେ ସ୍ୱାସ୍ଥ୍ୟର ମହୋପକାରିତା ଓ ମୂଲ୍ୟବତ୍ତା ସହଜରେ ଅନୁମେୟ ହେବ । ପରିମିତ ପୁଷ୍ଟିକର ଖାଦ୍ୟ, ମୁକ୍ତ ବିଶୁଦ୍ଧ ବାୟୁସେବନ, ନିର୍ମଳ ନିର୍ଦ୍ଦୋଷ ଜଳପାନ, ନିୟମିତ ଉପଯୁକ୍ତ ପରିଶ୍ରମ, ପରିମିତ ନିଦ୍ରା, ଶୌଚ, ସଦାଚାର ପ୍ରଭୃତି ସ୍ୱାସ୍ଥ୍ୟର ଉପାଦାନ । ଏଗୁଡ଼ିକ ବିକୃତ ହେଲେ ସ୍ୱାସ୍ଥ୍ୟ ବିକୃତ ହୁଏ । ପୁନଶ୍ଚ ପ୍ରକୃତିର ବୈଚିତ୍ର୍ୟଗୁଡ଼ିଏ ନିଷେଧାଜ୍ଞା ଶିରୋଧାର୍ଯ୍ୟ କରି ଚଳିବାକୁ ହେବ । ଅତିରିକ୍ତ ଖରା, ବର୍ଷା, ଶୀତ, ତୁଷାର ପ୍ରଭୃତି ସ୍ୱାସ୍ଥ୍ୟ-ଶାସ୍ତ୍ରର ଘୋର ପ୍ରତିକୂଳ । ତାହାହିଁ ସ୍ନେହମୟୀ ପ୍ରକୃତି-ମାତାଙ୍କର ନିଷିଦ୍ଧାଦେଶ । ଶୀତପ୍ରଧାନ ଦେଶର ଖାଦ୍ୟ, ପାନୀୟ ଓ ପରିଚ୍ଛଦ ଗ୍ରୀଷ୍ମପ୍ରଧାନ ଦେଶର ଉପଯୋଗୀ ନୁହେଁ । ପ୍ରଥମୋକ୍ତ ଦେଶର ଅନୁକରଣରେ ଶେଷୋକ୍ତ ଦେଶବାସୀମାନେ ଅଷ୍ଟପ୍ରହର ଆପାଦମସ୍ତକ ବସ୍ତ୍ରାବୃତ ହୋଇ ରହିଲେ ସେମାନଙ୍କର ସ୍ୱାସ୍ଥ୍ୟଭଙ୍ଗ ଏକାନ୍ତ ଅନିବାର୍ଯ୍ୟ ହେବା ସ୍ୱାଭାବିକ । ମାଦକମାନେ ସ୍ୱାସ୍ଥ୍ୟର ବିପୁଳ ଅନିଷ୍ଟକାରୀ । ମାଦକ-ସେବନ ଓ ମାଦକ-ସେବୀର ବନ୍ଧୁତା ପରିତ୍ୟାଗ କରିବା ସର୍ବତୋଭାବରେ ବାଞ୍ଛନୀୟ । ମଦ୍ୟପର ବନ୍ଧୁତା ହିଂସ୍ରଜନ୍ତୁଠାରୁ କୋଟି ଗୁଣରେ ଭୟଙ୍କର । ବିଶାଳ ଯଦୁବଂଶର ଭୀଷଣ ଲୋମହର୍ଷଣ ପରିଣାମ ଇତିହାସରେ ଅନୁସନ୍ଧେୟ । କାଦମ୍ବରୀ କେଳିରେ ସେହି ମହାବଂଶ ଘଡ଼ିକ ମଧ୍ୟରେ ଧ୍ୱଂସପ୍ରାପ୍ତ ହେଲା । ଏହା ଅପେକ୍ଷା ମାଦକ ସେବନର ବିଷମୟ କୁଦୃଷ୍ଟାନ୍ତ ଅଧିକ ଆଉ କଅଣ ହୋଇପାରେ ? ଚରିତ୍ର ସବୁ କାର୍ଯ୍ୟରେ ଆବଶ୍ୟକ । ସ୍ୱାସ୍ଥ୍ୟ ଉପରେ ସୁଦ୍ଧା ତାହାର କର୍ତ୍ତବ୍ୟ ଊଣା ନୁହେଁ । ଯାହାର ମନ ଦୂଷିତ, ତାହାର ଶରୀର ଦୂଷିତ । ପ୍ରକୃତ ଚରିତ୍ରବାନ୍‌ହିଁ ସୁସ୍ଥ, ଏ ଉକ୍ତିର ପୋଷକ ପ୍ରମାଣ ସଂଗ୍ରହ ଅଧିକ ଆୟାସସାଧ୍ୟ ନୁହେଁ— ପ୍ରକୃତ ଯୋଗୀ ସନ୍ନ୍ୟାସୀମାନେ ସେଥିର ପ୍ରକୃଷ୍ଟ ଉଦାହରଣ । ସେମାନଙ୍କର ଚରିତ୍ର ଯେପରି ଉଜ୍ଜ୍ୱଳ, ସ୍ୱାସ୍ଥ୍ୟ ସେହିପରି ଉଜ୍ଜ୍ୱଳ ଓ ନିର୍ଦ୍ଦୋଷ । ମାନବ ଏ ସଂସାରକୁ ଦୁଇ ଦିନ ପାଇଁ ଆସିଅଛି । ସୁସ୍ଥ ଶରୀରରେ ଓ ସୁସ୍ଥ ପ୍ରାଣରେ ଜୀବନ-ସଂଗ୍ରାମରେ ପ୍ରବୃତ୍ତ ହୋଇ ସେହି ଦୁଇ ଦିନ ସୁଖରେ ଅତିବାହନ କରିବା କାହାର ଅଭିବାଞ୍ଛିତ ନୁହେଁ ? ଅତଃ ସ୍ୱାସ୍ଥ୍ୟର ନିୟମପାଳନ-ପୂର୍ବକ ଜୀବନକୁ ସୁଖମୟ, ମଧୁମୟ ଓ ଉତ୍ସବମୟ କରିବା ସମସ୍ତଙ୍କର କର୍ତ୍ତବ୍ୟ ।

# ଅମରତ୍ୱ

ଜଗତରେ କେହି ଅମର ନୁହେଁ । ଯାହାର ଜନ୍ମ ଅଛି, ତାହାର ମୃତ୍ୟୁ ଅଛି—ଏହା ନିଃସନ୍ଦିଗ୍ଧ ଉକ୍ତି । ଜନ୍ମ ଯେପରି ମୃତ୍ୟୁର କାରଣ, ମୃତ୍ୟୁ ସେହିପରି ଜନ୍ମର କାରଣସ୍ୱରୂପ । ଧ୍ୱଂସ ମଧ୍ୟରେ ସୃଷ୍ଟିର ଉଦ୍ଭବ, ଏହା ବିଧାତାର ସତ୍ୟ ସନାତନ ବିଧାନ । ଜଗତର ପ୍ରାଣୀମାନେ ଜନ୍ମଲାଭର ଅବ୍ୟବହିତ ପରେ ମୃତ୍ୟୁ ଆଡ଼କୁ ଅଗ୍ରସର ହେଉଅଛନ୍ତି । ମୁକୁଟଧାରୀ ରାଜାଠାରୁ ଅର୍ଦ୍ଧଉପବାସୀ ଦରିଦ୍ର ପର୍ଯ୍ୟନ୍ତ ସମସ୍ତେ ମୃତ୍ୟୁର ଅଧୀନ । ନଦୀ, ସମୁଦ୍ର, ପର୍ବତ ପ୍ରଭୃତି ଆପାତ ସ୍ଥୂଳଦୃଷ୍ଟିରେ ଯାହା ଚିରସ୍ଥାୟୀ ପ୍ରତୀୟମାନ ହୁଏ, ତାହା ସୁଦ୍ଧା ଧ୍ୱଂସନୀତିର ଅନ୍ତର୍ଗତ । ଶତ ସହସ୍ର ବର୍ଷାନ୍ତରରେ ହେଉ ବା ଯୁଗାନ୍ତରରେ ହେଉ ଦିନେ ସେମାନଙ୍କର ଧ୍ୱଂସ ନିଶ୍ଚୟ ଘଟିବ, ଏଥିରେ ସନ୍ଦେହ ନାହିଁ । ଏମନ୍ତ କି ସ୍ଥାବର ଜଙ୍ଗମ ଜନନୀ ଏହି ଧରଣୀ ସୁଦ୍ଧା ଚିରସ୍ଥାୟୀ ନୁହେଁ । ଭବରଙ୍ଗ ଭୂମିର ଅଭିନୟ ପରେ ଦିନେ ନିଶ୍ଚୟ ପ୍ରତ୍ୟେକର ଜୀବନର ପରିସମାପ୍ତି ଘଟିବ ।

ମାନବର ଯତ୍ନବର୍ଦ୍ଧିତ ଦେହ, ପ୍ରାଣ, ପ୍ରାଣାଧିକ ପୁତ୍ର, ପରିବାର, ଗୃହ, ସମ୍ପଦ, ଆତ୍ମୀୟ ସ୍ୱଜନ କିଛିହେଁ ଚିରସ୍ଥାୟୀ ନୁହେଁ । ରାଜାର ରାଜ୍ୟ, ଧନୀର ଧନ, ମାନୀର ମାନ, ବିଳାସୀର ଚାରୁଭୂଷିତ ବପୁ ଦର୍ଶନ ଭୂଷଣ ପରିଚ୍ଛଦାଦି ଅକ୍ଳାନ୍ତ ଘୂର୍ଣ୍ଣାୟମାନ କାଳଚକ୍ରରେ ନିଷ୍ପେଷିତ ଏବଂ ବିଲୀନ ହୋଇଯାଏ । ଏ ସଂସାର କାହାରି ଚିରବସତିର ସ୍ଥାନ ନୁହେଁ । ସଂସାର ବନ୍ଦୀଘରସ୍ୱରୂପ, ସେଠାରେ ଜୀବଗଣ କଏଦୀ ପ୍ରାୟ ଦୁଇଦିନ ଅବସ୍ଥାନପୂର୍ବକ ସ୍ୱସ୍ଥାନକୁ ବାହୁଡ଼ିଯାନ୍ତି ଅଥବା ଏ ସଂସାର କର୍ମଭୂମି, ଜୀବମାନେ କର୍ମ କରିବା ସକାଶେ ଏଠାକୁ ପ୍ରେରିତ ହୁଅନ୍ତି, କର୍ମଶେଷରେ ଆଉ ମୁହୂର୍ତ୍ତମାତ୍ର ଏଠାରେ ରହିବାର ଅଧିକାର କାହାରି ନାହିଁ ।

ତେବେ କି ସଂସାରରେ ଅମର କେହି ନାହିଁ ? ଅବଶ୍ୟ ଅଛି । ଯାହାର ଜୀବନ ପ୍ରକୃତ ମନୁଷ୍ୟତ୍ୱ-ସୁଲଭ ମହତ୍ତ୍ୱ-ମାଣିକ୍ୟ ମଣ୍ଡିତ, ସ୍ୱଦେଶ ଏବଂ ସ୍ୱଜାତିର ଶ୍ରୀବୃଦ୍ଧି କାମନାରେ ଯେ ଅକାତରରେ ସ୍ୱାର୍ଥର ଅତୃପ୍ତ ଆକାଙ୍‌କ୍ଷା ବିସର୍ଜନ କରିପାରେ, ଯେ ସ୍ୱୟଂ ବିପନ୍ନ ହୋଇ ସୁଦ୍ଧା ବିପନ୍ନର ବ୍ୟଥାବ୍ୟଞ୍ଜକ ଅଶ୍ରୁ ପୋଛିଦେବାକୁ ସର୍ବଦା ବ୍ୟାକୁଳ, ତାହାରି ଜୀବନ ଭବ-ଯବନିକାର ଅନ୍ତରାଳରେ ଲୁଚିଗଲେ ସୁଦ୍ଧା ସେ ଅମର । କାଳର କରାଳ ସଙ୍ଘର୍ଷଣରେ ନିତ୍ୟ ଅସଂଖ୍ୟ ମାନବ ଗତାସୁ ହେଉଛନ୍ତି ସତ୍ୟ; ମାତ୍ର ସମସ୍ତଙ୍କର ମୃତ୍ୟୁ ହେଉ ନାହିଁ । ଯେଉଁ ମହାକର୍ମୀ ମହାପୁରୁଷମାନେ ସର୍ବଗ୍ରାସୀ କାଳ-ସମୁଦ୍ରର ଅନନ୍ତ ଅଗାଧ ଗର୍ଭରେ ମିଶିଯାଇ ସମସ୍ତଙ୍କ ସ୍ଥୂଳ-ଚକ୍ଷୁର ଅଗୋଚର ହୋଇଅଛନ୍ତି, ସୂକ୍ଷ୍ମ ଚକ୍ଷୁରେ ନିରୀକ୍ଷଣ କଲେ ସେମାନଙ୍କର ମୂର୍ତ୍ତି ସ୍ୱୀୟ ହୃଦୟ ମଧ୍ୟରେ ପ୍ରତିବିମ୍ବିତ ଦେଖାଯିବ । ସେମାନଙ୍କ ଅବଦାନ ମଧ୍ୟରେ ସେମାନଙ୍କର ସଜୀବ ମୂର୍ତ୍ତି ଆତ୍ମପ୍ରକାଶ କରେ । ସୂକ୍ଷ୍ମ ଶରୀରରେ ଅନନ୍ତ କାଳ ପର୍ଯ୍ୟନ୍ତ ସେମାନେ ସଂସାରରେ ବିଚରଣ କରି ଜଗତକୁ ମହାଶିକ୍ଷା ପ୍ରଦାନ କରନ୍ତି । ସେମାନଙ୍କର କର୍ମ ଚିନ୍ତା କଳ୍ପନାଦି ସେମାନେ ରୂପ ଧରି ସମ୍ମୁଖରେ ଉଭା ହୋଇଯାଆନ୍ତି । ସେମାନେ ସ୍ୱୀୟ ଆଦର୍ଶ ଚରିତ, ପବିତ୍ର ମଙ୍ଗଳଚିନ୍ତା ଏବଂ କର୍ମର ସୁନ୍ଦର ପ୍ରତିବିମ୍ବ ଅନ୍ୟର ହୃଦୟରେ ପ୍ରତିଫଳିତ କରି ଦିଅନ୍ତି । ଅନ୍ୟଥା ଉପରୋକ୍ତ କାର୍ଯ୍ୟ ସାଧନରେ ଯେ ଅକ୍ଷମ, ସେହି କେବଳ ମୃତ ।

ସଂସାରରେ କୀର୍ତ୍ତିମାନ୍ ବ୍ୟକ୍ତିମାନେ ଅମର । ସେମାନଙ୍କ ସାଧୁ କର୍ମ ସେମାନଙ୍କୁ ଚିରଜୀବୀ କରି ରଖେ । ମୃତ୍ୟୁ ସେମାନଙ୍କର ଦେହାନ୍ତର ଘଟାଏ; ମାତ୍ର ଜୀବନାନ୍ତର ଘଟାଇପାରେ ନାହିଁ । ଦେହାନ୍ତରରେ ସୁଦ୍ଧା ସେମାନେ ନିଜର ଜୀବନଦ୍ୱାରା ଅନ୍ୟର ଜୀବନ ଅନୁପ୍ରାଣିତ କରନ୍ତି । ସେମାନଙ୍କ ଜୀବନଜ୍ୟୋତିରେ ଅନ୍ୟର ପ୍ରାଣ ଆଲୋକିତ ଓ ପୁଲକିତ ହୁଏ । ଜଗତର ଉନ୍ନତିକାମୀ ବ୍ୟକ୍ତିମାନେ ମରି ନାହାନ୍ତି, ପ୍ରକୃତ ଚିର-

ଜୀବୀ ହୋଇ ରହିଅଛନ୍ତି । ପ୍ରେମାବତାର ଚୈତନ୍ୟ, ଦୟାପ୍ରତିଭୂ ବୁଦ୍ଧ, ଯିଶୁ, ମହମ୍ମଦ ପ୍ରଭୃତି ମରି ନାହାନ୍ତି । ସେମାନଙ୍କ ପ୍ରସ୍ତୁତ ଧର୍ମ ସେମାନଙ୍କୁ ଅମରତ୍ୱ ପ୍ରଦାନପୂର୍ବକ ଜଗତର ଭକ୍ତି-ପ୍ରୀତି ପୂଜା ଗ୍ରହଣର ଅଧିକାରୀ କରିଅଛି । ସେମାନଙ୍କର ପାର୍ଥିବ ଜୀବନ ଯେତେ ଦୁଃଖତାପମୟ ହୋଇଥାଉ ପଛେ ଏବଂ ସେମାନଙ୍କର ଅକାଳପତନ ଶୋକ-ଦଗଧ ଏବଂ ମର୍ମନ୍ତୁଦ ହୋଇଥାଉ ପଛେ; ମାତ୍ର ସେମାନେ ଚିର ଅମର ହୋଇ ରହିଅଛନ୍ତି । ଯେଉଁ କାଳରୁ ଭାରତ ଭାରତୀଭକ୍ତ କବୀନ୍ଦ୍ର କାଳିଦାସଙ୍କର ଦେହାନ୍ତର ଘଟିଅଛି; ମାତ୍ର ତାଙ୍କର କବିତାରୂପିଣୀ ଚିରଙ୍କ କନ୍ୟାସନ୍ତତି ତାହାଙ୍କୁ ଅଦ୍ୟାପି ସଜୀବ କରି ରଖିଛନ୍ତି ଏବଂ ଚିରକାଳ ରଖିଥିବେ । ଉତ୍କଳ-ସମ୍ରାଟ୍ ମହାତ୍ମା ଧୀମନ୍ତ, ଶ୍ରୀମନ୍ତ, ଅନଙ୍ଗଭୀମଦେବ ବହୁ ଶତାବ୍ଦୀ ପୂର୍ବରୁ ଦେହତ୍ୟାଗ କରିଅଛନ୍ତି; ମାତ୍ର ମର୍ତ୍ତ୍ୟବୈକୁଣ୍ଠ ଶ୍ରୀକ୍ଷେତ୍ରର ବଡ଼ ଦେଉଳ ଦର୍ଶନ ସମୟରେ ତାଙ୍କର ଆତ୍ମା ରୂପ ଧରି କଥା କହୁଉଠେ । ଯଜ୍ଞିପୂତତନୁ ଯଶୋଭିବେଶଶ୍ରୀ, ଲଳିତକଳା-ପ୍ରଣୟୀ ଲଳିତ ବେଶଶ୍ରୀ, ଅର୍ଦ୍ଧ ଭାରତ ବିଜୟୀ ପ୍ରତାପୀ ପ୍ରତାପରୁଦ୍ର, ପବିତ୍ର ଗଙ୍ଗ-ବଂଶର ସମୁଜ୍ଜ୍ୱଳ ଗୌରବ-ମଣି ନୃସିଂହଦେବ ପ୍ରଭୃତି ନରଦେବତା ଆଉ କାହାନ୍ତି ? ମତ ଉତ୍କଳ ପ୍ରତି ଦୃଷ୍ଟିପାତ କଲା କ୍ଷଣି ସେମାନଙ୍କର ଜ୍ୟୋତିର୍ମୟ ଦେବ-ମୂର୍ତ୍ତି ଦେଖାଦେଇ ହୃଦୟର ଭକ୍ତି ଆକର୍ଷଣ କରେ । ଏହିପରି ପ୍ରାଚୀନ ଇତିହାସ ଯେତେ ଅନୁଧ୍ୟାନ କରିବ, ମହାପୁରୁଷମାନଙ୍କର ଅମରତ୍ୱ ସେତେ ଉପଲବ୍ଧି ହେବ । ଅତଏବ କୀର୍ତ୍ତିବନ୍ତ ପୁରୁଷର ମୃତ୍ୟୁ ନାହିଁ । ସେମାନେ ଦେହଶୂନ୍ୟ ହୋଇ ସୁଦ୍ଧା ଦେହଧାରୀ ମାନବମାନଙ୍କୁ ମଙ୍ଗଳ କାର୍ଯ୍ୟରେ ପ୍ରେରଣା ଏବଂ ସଙ୍କେତ ନୀରବରେ ପ୍ରଦାନ କରନ୍ତି ।

ଯେଉଁମାନେ ନିଜ ପାଇଁ ନିଜେ ବଞ୍ଚିଅଛନ୍ତି, ସେମାନେ ମୃତ । ସେମାନଙ୍କ ନାମ ସୀମାବଦ୍ଧ । ସେମାନେ ସଂସାରରେ ଥିବାପର୍ଯ୍ୟନ୍ତ ଆତ୍ମୀୟସ୍ୱଜନଙ୍କର ସ୍ମରଣୀୟ ହୁଅନ୍ତି । ଦେହାନ୍ତରରେ ସେମାନଙ୍କର ନାମ ସ୍ୱଳ୍ପଣର ସ୍ମରଣାତୀତ ହୁଏ । ତାଙ୍କର ଜୀବିତାବସ୍ଥା ଓ ମୃତାବସ୍ଥା ପ୍ରଭେଦ ପରିଶୂନ୍ୟ । ନିଜର ଜୀବନ କେବଳ ନିଜ ସୁଖ ସନ୍ତୋଷେ ଉତ୍ସର୍ଗ କରିବା ପ୍ରକୃତ ମନୁଷ୍ୟତ୍ୱର ଲକ୍ଷଣ ନୁହେଁ । ପଶୁ ପ୍ରାୟ ଆତ୍ମସୁଖରେ ଜୀବନ ଯାପନ କରିବା ଆଦର୍ଶ ଜୀବ ମାନବ ସନ୍ତୋଷେ ନିର୍ଦ୍ଦିଷ୍ଟ ନୁହେଁ । ମାନବ ନିଜ ସନ୍ତୋଷେ ପ୍ରେରିତ ନୁହେଁ—ଜଗତର ଉନ୍ନତି ସନ୍ତୋଷେ ପ୍ରେରିତ । ଉଙ୍ଗୁର ଶରୀରରେ ଅସନ୍ଦିଗ୍ଧ ଅନିତ୍ୟତା ସତତ ସ୍ମରଣପୂର୍ବକ ପାପ ପ୍ରଲୋଭନ ଦ୍ୱାରା ପଦସ୍ଖଳିତ ବା ପ୍ରତାରିତ ନ ହୋଇ ବିଶ୍ୱକଲ୍ୟାଣ ରୂପ ସତ୍କାର୍ଯ୍ୟ ସାଧନ କରିବା ମାନବ ପ୍ରତି ବିଶ୍ୱପିତାଙ୍କର ଆଦେଶ । ସେହି ପବିତ୍ରାଦେଶକୁ ଭକ୍ତିର ତୁଳସୀମାଳା ତୁଲ୍ୟ ଯେ କଣ୍ଠଭୂଷଣ କରି ତାହା ପ୍ରତିପାଳନରେ ମନ-ପ୍ରାଣ-ଶରୀର ସମର୍ପଣ କରେ, ସେହି କେବଳ ଅମରତ୍ୱ ଲାଭର ଅଧିକାରୀ ହୁଏ । ନିଜର ସତ୍ ଶିକ୍ଷା, ସାଧନା, ସାଧୁବ୍ୟବହାର ପ୍ରଭୃତିର ଉଚ୍ଚ ଦୃଷ୍ଟାନ୍ତ ଏବଂ ମହତ୍ତ୍ୱକୁ ବିଶ୍ୱଜନ ହୃଦୟରେ ପ୍ରବେଶ କରାଇଦେଇ ସେହି ହୃଦୟରେ ନିଜର ସ୍ୱର୍ଣ୍ଣସିଂହାସନ ପ୍ରତିଷ୍ଠା କରିପାରିଲେ ଅମରତ୍ୱ ଲାଭ ହୁଏ । ଯେଉଁମାନେ ଅମରତ୍ୱ ଲାଭ କରିଅଛନ୍ତି, ସେମାନେ ଆମ୍ଭମାନଙ୍କ ହୃଦୟକୁ ପ୍ରଚ୍ଛନ୍ନରେ ଆଲୋଡ଼ିତ କରୁଅଛନ୍ତି । ସେହି ଆଲୋଡ଼ନର ସ୍ପନ୍ଦନ ଯେ ପ୍ରାଣ ମଧ୍ୟରେ ଅନୁଭବ କରିପାରେ ଏବଂ ସେହି ସ୍ପନ୍ଦନରେ ଯାହାର ସୁପ୍ତ ଆତ୍ମା ଜାଗ୍ରତ ହୋଇ ଉତ୍ତର ପ୍ରଦାନ କରେ, ସେହି ପୁଣ୍ୟଶ୍ଳୋକର ପବିତ୍ର ଜୀବନ ଅମରତ୍ୱ ଆଡ଼କୁ ଅଗ୍ରସର ହୁଏ । କାର୍ଯ୍ୟଟି ବଡ଼ କଠିନ ସତ୍ୟ; ମାତ୍ର ଯେଉଁପରି କଠିନ, ସେହିପରି ଗୁରୁତର ମୂଲ୍ୟବାନ୍ । ତାହା ମାନବ ଶକ୍ତିର ଦୁଃସାଧ୍ୟ ହୋଇପାରେ; କିନ୍ତୁ ଏକାନ୍ତ ଅସାଧ୍ୟ ନୁହେଁ ।

## ଦୟା

ପ୍ରକୃତିଦେବୀ ମାନବକୁ କେତେଗୁଡ଼ିଏ କୋମଳ ଓ କଠୋର ବୃତ୍ତି ପ୍ରଦାନ କରିଅଛନ୍ତି । ଦୟା, ମାୟା, ସ୍ନେହ, ଭକ୍ତି ଆଦି କୋମଳ ବୃତ୍ତି ଏବଂ କ୍ରୋଧ, ହିଂସା, ଗର୍ବ ପ୍ରଭୃତି ପ୍ରବୃତ୍ତିନିଚୟ କଠୋର ପର୍ଯ୍ୟାୟ-ଭୁକ୍ତ । ଏଗୁଡ଼ିକ ମାନବର ସହଜ-ବୃତ୍ତି । ଜୀବନ ପରିଚାଳନ ପକ୍ଷରେ କେବଳ କୋମଳତା ବା କେବଳ କଠୋରତା ଯଥେଷ୍ଟ ନୁହେଁ । ଏହି ଉଭୟର ସମବାୟରେ ମାନବଜୀବନ ପରିଚାଳିତ ହୁଏ । କୋମଳ ମାଂସ ଓ କଠିନ ଅସ୍ଥି ସଂଯୋଗରେ ମାନବ-ଶରୀର ଗଠିତ ହୁଏ । ଜଗତର ଯେ କୌଣସି ପଦାର୍ଥକୁ ବିଶ୍ଳେଷଣ କଲେ ସେଥିରେ କୋମଳତା ଓ କଠୋରତା ଉଭୟର ଅସ୍ତିତ୍ୱ ବିଦ୍ୟମାନ ଥିବାର ଦେଖାଯିବ । ବୃକ୍ଷରେ କୋମଳ ପଲ୍ଲବ ଓ କଠିନ କାଷ୍ଠ ଉଭୟ ଅଛି । କୋମଳ ଜଳ ଓ କଠୋର ସୂର୍ଯ୍ୟକିରଣ ଏହି ଉପାଦାନଦ୍ୱୟର ସମ୍ମିଶ୍ରଣରେ ମେଘର ଉତ୍ପତ୍ତି ହୁଏ । ଏହିପରି ଜଗତର ଯେଉଁ ପଦାର୍ଥ ପ୍ରତି ଦୃଷ୍ଟିପାତ କଲେ ସେଥିରେ କୋମଳତା ଓ କାଠିନ୍ୟ ଉଭୟର ସତ୍ତା ଉପଲବ୍ଧ ହେବ । ମନୁଷ୍ୟର ଶରୀର କେବଳ କୋମଳ ମାଂସରେ ନିର୍ମିତ ହୋଇଥିଲେ ଠିଆହେବା, ଚାଲିବା ଅସମ୍ଭବ ହୋଇ-ଥାନ୍ତା । ଏଥିରୁ ଜଣାଯାଉଅଛି ଯେ, କଠୋରତା କୋମଳତାକୁ ଶକ୍ତି ପ୍ରଦାନ କରେ । କେହି କେହି କହନ୍ତି—କ୍ରୋଧ, ହିଂସା, ଦମ୍ଭ ପ୍ରଭୃତି ଯଦି ପ୍ରକୃତି-ଦତ୍ତ ଏବଂ ତାହା ମାନବର ଆବଶ୍ୟକ, ତେବେ ଶାସ୍ତ୍ରରେ ସେଗୁଡ଼ିକର ତ୍ୟାଗର ଉପଦେଶ କାହିଁକି ବଜ୍ରନିନାଦରେ ଘୋଷିତ ହୋଇଅଛି ? ଏ ପ୍ରଶ୍ନର ଉତ୍ତର ଅତି ସହଜ । କ୍ରୋଧରେ କ୍ଷିପ୍ତ ବିଦ୍ରୋହୀର ଜୀବନ୍ତ ମୂର୍ତ୍ତିଧାରଣ କରିବା ଅବଶ୍ୟ ନିନ୍ଦନୀୟ; ମାତ୍ର ଦୁର୍ନୀତି ଦମନ ସକାଶେ କ୍ରୋଧ ପ୍ରକାଶ କଦାପି ଦୋଷାବହ ନୁହେଁ । ପ୍ରବଳକୁ ଦୁର୍ବଳର ପ୍ରାଣନାଶ ପ୍ରତି ଅଦୋଷରେ ଉଦ୍ୟତ ଦେଖି ଯେଉଁ କ୍ରୋଧର ଉଦ୍ରେକ ହୁଏ, ତାହା ପାପଜନକ ନୁହେଁ । ହିଂସାରେ ବାଳକ-ମାନଙ୍କର ଶିକ୍ଷା ହୁଏ । ସେ ହିଂସା ଉନ୍ନତି-ପ୍ରସୂତି, ସୁତରାଂ ମଙ୍ଗଳର ନିଦାନ । "ମୁଁ ଅମୃତର ସନ୍ତାନ, ମୃତ୍ୟୁ ଯାହାର ସୃଷ୍ଟି ମୁଁ ତାହାର ଅସ୍ତ୍ର, ମୁଁ କି ଛାର ମୃତ୍ୟୁକୁ ଭୟ କରିବି ।" ଏରୂପ ଗର୍ବ ପ୍ରକାଶ କି ବୀର୍ଯ୍ୟଧରର ଉକ୍ତି ନୁହେଁ ? ଶିଶୁ ସିନା ନିଜର କଳ୍ପିତ ପ୍ରେତମୂର୍ତ୍ତି ଦେଖି ନିଜେ ଭୀତ ହୁଏ ! ମନର ଗୃହ ଦେହ, ଇନ୍ଦ୍ରିୟନିଚୟ ସେହି ଗୃହର ଦ୍ୱାର ଓ ଗବାକ୍ଷ । ସେହି ମୁକ୍ତ ପଥରେ କାମନା-ବାୟୁ ନିରନ୍ତର ବହି ଆସି ଗୃହ-ସ୍ୱାମୀର ଉପଭୋଗ୍ୟ ହୁଏ । ସେହି କାମନା-ଗୁଡ଼ିକ ହର୍ଷ ବିଷାଦ, କ୍ରୋଧ ଦ୍ୱେଷ ପ୍ରଭୃତି ରୂପରେ ଆତ୍ମପ୍ରକାଶ କରେ । ଏହି କାମନାକୁମାରୀବର୍ଗ ସ୍ୱାଭାବିକତାର ସୀମା ଅତିକ୍ରମ କଲେ ଦୋଷାବହ ହୁଅନ୍ତି । ସୀମା ଲଙ୍ଘନ ନ କରି ସ୍ୱଚ୍ଛ ଭାବରେ ଅନୁଶାସିତ ହେଲେ ବହୁଆକାର ଧାରଣ କରନ୍ତି । ଗୋଦୁଗ୍ଧରେ ଗୋମୂତ୍ର ମିଶିଲେ ତାହା ଦୂଷିତ, କୁତ୍ସିତ ଓ ପରିତ୍ୟକ୍ତ ହେବା ସ୍ୱାଭାବିକ । ଅତଏବ ସାଧୁ, ସଂଯତ କଠୋରତା ବାଞ୍ଛନୀୟ । କେବଳ ସାରସ୍ୱତର ନୁହେଁ, କଠୋରତା ଜଗତସ୍ୱର ଶରୀର ସୁଧା ପ୍ରାଣ, ଶକ୍ତି ଓ ସୌନ୍ଦର୍ଯ୍ୟ । ବୀଣାସ୍ୱରରେ ଧୈବତ ନ ଥିଲେ ତାହା କି ମଧୁର ହୁଅନ୍ତା ? ଏକାନ୍ତ ମୃଦୁପ୍ରାଣ ମେରୁଦଣ୍ଡହୀନ ଲୋକ ଅପେକ୍ଷା କୋମଳ କଠୋରମିଶ୍ରିତ ଲୋକ କି ଅଧିକ ଶକ୍ତିମନ୍ତ ନୁହେଁ ?

ପରଦୁଃଖ ହରଣେଚ୍ଛା ଦୟା ନାମରେ ଅଭିହିତ ହୁଏ । ସ୍ୱଭାବତଃ ପରପୀଡ଼ା ଦର୍ଶନରେ ପ୍ରକୃତ ଦରଦୀ ସାଧୁ-ମନରେ ପୀଡ଼ା ହୁଏ । ତହିଁପରେ କି ଏକ ଅଜ୍ଞାତ ପ୍ରବଳ ଦୈବଶକ୍ତି ହୃଦୟରେ ଆଘାତ କରେ । ସେହି ଶକ୍ତିର ନାମ ଦୟା । ଦୟା ପର ପ୍ରତ୍ୟାଶିନୀ; ଉପଯୁକ୍ତ ପାତ୍ର ଦେଖିଲେ ତାହା ଅଶ୍ରୁମୁକ୍ତ ଜଳ-ସ୍ରୋତ ତୁଲ୍ୟ ସ୍ୱତଃ ପ୍ରବାହିତ ହୋଇଯାଏ । ଦୟା ସର୍ବଦା କାର୍ଯ୍ୟ ସାପେକ୍ଷ ନୁହେଁ—ସମବେଦନା ସାପେକ୍ଷ । ଅନେକ ସ୍ଥଳରେ ଅପରର ଦୁଃଖ ଦେଖି ବ୍ୟଥିତ ହେବାକୁ ହୁଏ; ମାତ୍ର ପ୍ରତିକାର କରିବା ଅସାଧ୍ୟ ହେଲେ

ସୁଦ୍ଧା କେବଳ ସମବେଦନା ଦ୍ୱାରା ଦୟାର କାର୍ଯ୍ୟ ହୋଇଯାଏ । ପୁଣ୍ୟତୋୟା ଫଲ୍‌ଗୁ ନଦୀ ଭଳି ଦୟା ଅନ୍ତଃସ୍ରୋତା । ସେ ଉପରକୁ ଫୁଟେ ନାହିଁ, ତାହାର କାର୍ଯ୍ୟ ସେ ଭିତରେ ଭିତରେ ସାଧନ କରେ । ଦୟା ପ୍ରକାଶ ଦ୍ୱାରା ମାନବର କେବଳ ପୁଣ୍ୟାର୍ଜ୍ଜନ ହୁଏ ନାହିଁ—ତଦ୍ଦ୍ୱାରା ଚିତ୍ତ ମଧ୍ୟ ନିର୍ମଳ ହୁଏ । ଅଭ୍ୟାସ ଦ୍ୱାରା ଦୟା ଗାଢ଼ ହୋଇ ଆସିଲେ ସମସ୍ତ ଉଗ୍ରବୃତ୍ତିର ସମତା ରକ୍ଷିତ ହୁଏ । ଯୋଗ୍ୟ ପାତ୍ରରେ ଦୟା ପ୍ରକାଶ ଦ୍ୱାରା ମନରେ କିରୂପ ସ୍ୱର୍ଗୀୟ ସାତ୍ତ୍ୱିକ ଭାବ ଜାତ ହୁଏ ଏବଂ ହୃଦୟରେ ଅପୂର୍ବ ଅନାବିଳ ଆନନ୍ଦ-ତରଙ୍ଗ ନୃତ୍ୟ କରି ଖେଳିବୁଲେ, ତାହା ଭୁକ୍ତଭୋଗୀ ବ୍ୟତୀତ ଅନ୍ୟର ବୋଧଗମ୍ୟ ହେବା ସ୍ୱାଭାବିକ ନୁହେଁ ।

ଯୋଗ୍ୟ ପାତ୍ରରେ ଦୟା ପ୍ରକାଶ ସର୍ବଥା କର୍ତ୍ତବ୍ୟ । ଅନ୍ୟଥା ଅଯୋଗ୍ୟ ପାତ୍ର ପ୍ରତି ଦୟା ଅର୍ପିତ ହେଲେ ଦୟାର ଅପବ୍ୟବହାର ହୁଏ ଏବଂ ଦୟାର ମହତ୍ତ୍ୱ ନଷ୍ଟ ହୁଏ । ବିପଦରୁ ଉଦ୍ଧାର ଲଭିବାର ଶକ୍ତି ଯାହାର ଅଛି, ତାହା ପ୍ରତି ଦୟା ପ୍ରକାଶଦ୍ୱାରା ଦୟା ବ୍ୟର୍ଥ ହୁଏ । ଅଭାବ ପରିଶୂନ୍ୟ ବ୍ୟକ୍ତିକୁ ଦାନ କଲେ ସେ ଦାନ ଯେପରି ବିଫଳ ହୁଏ, ଯାହାର ଦୟା ଲୋଡ଼ା ନାହିଁ, ତାହା ପ୍ରତି ଦୟା ପ୍ରକାଶ କଲେ ଦୟାର ସେହିପରି ଅବମାନନା ହୁଏ । ତେଲିଆ ମୁଣ୍ଡରେ ତେଲ ଢାଳିଲେ ତେଲର ସଦ୍‌ବ୍ୟବହାର ହୁଏ ନାହିଁ । ନିଃସ୍ୱାର୍ଥ ଦୟାହିଁ ପ୍ରକୃତ ଦୟା । ଆତ୍ମ ସ୍ୱାର୍ଥ ସାଧନାଭିପ୍ରାୟରେ ଯେଉଁ ଦୟା ପ୍ରଦର୍ଶିତ ହୁଏ, ତାହା ଦୟା ନୁହେଁ, ସ୍ୱାର୍ଥର ବିନିମୟ ବା ବ୍ୟବସାୟମାତ୍ର । ଦୁଷ୍ଟ ଉତ୍ତମର୍ଣ୍ଣ ନିରୀହ ଅଧମର୍ଣ୍ଣ ପ୍ରତି ଯେଉଁ ଦୟା ପ୍ରଦର୍ଶନ କରେ, ଅଧମର୍ଣ୍ଣର ସର୍ବଶୋଷଣ ସେ ଦୟାର ଚରମ ଲକ୍ଷ୍ୟ, ତାହା ଦୟା ନୁହେ—ଦୟା ରାଜ୍ୟର ନିର୍ଦ୍ଦୟ ଶଠବୃତ୍ତି । ସେହିଭଳି ମାର୍ଜ୍ଜିକା ଦୟାକୁ ସାଙ୍ଘାତିକ ଶାସ୍ତି କହିବା ଦୋଷାବହ ନୁହେଁ, ପ୍ରକୃତ ନିର୍ବଳ କଠୋର ସତ୍ୟ । ପବିତ୍ର ଦେବବାଞ୍ଛିତ ଦୟାକୁ ସ୍ୱାର୍ଥରେ କଳଙ୍କିତ ଓ ବିକୃତ କରିବା ଉଚିତ ନୁହେଁ । ଯେଉଁ ଦୟା ଆପାତ-ମଧୁର ଓ ପରିଣାମ ଯନ୍ତ୍ରଣାପ୍ରଦ, ତାହା ଯମଦୂତ ଭଳି ଭୟଙ୍କର । ସେଭଳି ଦୟା ଯାହାର ବାଞ୍ଛିତ, ସେ ନିଜ ହସ୍ତରେ ପ୍ରାଣଘାତୀ ହଳାହଳ ପାନକରେ ।

ଦୟା କରୁଣ ରସର ପ୍ରାଣ । ଦୟା ସହିତ ଲୋକଙ୍କର ସମ୍ପର୍କ ଅଛି । ପର ଦୁଃଖ ଦର୍ଶନରେ ଯେଉଁ ଦୟା ଲୋତକ ସଙ୍ଗରେ ହୃଦୟର ଅନ୍ତସ୍ତଳରୁ ଝରି-ଆସେ, ସେହି ଦୟା ଏକା ନିଷ୍କାମ ଦୟା । ଦେବକଳ୍ପ ମାନବର ପବିତ୍ର ହୃଦୟ ସେହି ଦୟାର ନିବାସ ସ୍ଥଳ । ବାଣବିଦ୍ଧ କ୍ରୌଞ୍ଚ ବିହଙ୍ଗ ଦର୍ଶନରେ ବାଲ୍ମୀକି ମହର୍ଷିଙ୍କର ଦୟା ଅବାଧପ୍ଲାବୀ ଲୋତକ ରୂପରେ ବହିଗଲା । କେବଳ ଏତିକି ନୁହେଁ, ସେହି ଦୟା ମୁନିଙ୍କ ମନରେ ଦାରୁଣ କ୍ରୋଧ ଆନୟନପୂର୍ବକ କ୍ରୌଞ୍ଚହନ୍ତା ନିଷାଦକୁ ଅଭିଶପ୍ତ କରାଇଥିଲା । ଦୟାର୍ଦ୍ର ବ୍ୟକ୍ତି ଜାତି, ଧର୍ମ, ଆତ୍ମା, ପର, ପଶୁ, ପକ୍ଷୀ ଭେଦ ରଖେ ନାହିଁ । ତାହା ନୟନରେ ଆକୀଟ ମାନବ ସମସ୍ତେ ସମାନ । ଦୟାଦ୍ୱାରା ମନୁଷ୍ୟର ଚରିତ୍ର ଓ ମହତ୍ତ୍ୱ ଉଜ୍ଜ୍ୱଳ ହୁଏ । ଦୟା-ଠାରୁ ବଳି ଧର୍ମ ନାହିଁ । ସର୍ବ ଜୀବ ପ୍ରତି ଦୟା ପ୍ରକାଶ ବୌଦ୍ଧଧର୍ମ ଶାସ୍ତ୍ରର ପରମ ନୀତି । ଧର୍ମବୀର ଚୈତନ୍ୟ "ଜୀବେ ଦୟା, ନାମେ ଭକ୍ତି" ମହାମନ୍ତ୍ରକୁ ମୁକ୍ତିର ସହଜ ସୁଗମ୍ୟ ପଥ ବୋଲି ନିର୍ଦ୍ଦେଶ କରିଯାଇଅଛନ୍ତି । ଦୟାର ଉପଦେଶ ପୃଥିବୀର ସକଳ ଧର୍ମଶାସ୍ତ୍ରରେ ଘୋଷିତ ହୋଇଅଛି । ଦୟା ପରମ ଧର୍ମ, ପରମ ଯଜ୍ଞ ଓ ପରମ ତପ ।

# କଉଡ଼ି

କଉଡ଼ିର ସଂସ୍କୃତ ନାମ କପର୍ଦ୍ଦକ । ତାହା ସାମୁଦ୍ରିକ ଜୀବବିଶେଷର ଅସ୍ଥି ହେଲେହେଁ ମଣିମାଣିକ୍ୟ ତୁଲ୍ୟ ମୂଲ୍ୟବାନ୍ । ଅତି ପ୍ରାଚୀନକାଳରୁ କଉଡ଼ି ଏ ଦେଶରେ ମୁଦ୍ରାଧନରୂପେ ବ୍ୟବହୃତ ହୋଇଆସୁଛି । ଉତ୍କଳ-ଇତିହାସ ଅନୁସନ୍ଧାନ କଲେ ଜଣାଯାଏ, କେଶରୀ ବଂଶୀୟ ରାଜାମାନଙ୍କ ରାଜତ୍ୱ ସମୟରେ ଏବଂ ତତ୍ପୂର୍ବରେ କଉଡ଼ି ଉତ୍କଳରେ ପ୍ରଚଳିତ ଥିଲା । ସେ ସମୟରେ ସାଧାରଣ ପ୍ରଜାବର୍ଗ କଉଡ଼ି ବ୍ୟବହାର କରୁଥିଲେ । ରାଜାମାନେ ରାଜସ୍ୱସ୍ୱରୂପ ପ୍ରଜାମାନଙ୍କଠାରୁ କଉଡ଼ି ଗ୍ରହଣ କରୁଥିଲେ । ରାଜଭଣ୍ଡାର କଉଡ଼ିରେ ପୂର୍ଣ୍ଣ ହେଉଥିଲା । ଭାରତ ମହାସାଗର ଗର୍ଭରୁ କଉଡ଼ି ଉତ୍ତୋଳିତ ହେଉଥିଲା । ସୁବର୍ଣ୍ଣବର୍ଣ୍ଣିତ ସ୍ୱର୍ଣ୍ଣ ଲଙ୍କା ଦ୍ୱୀପ କଉଡ଼ି ଓ ମୁକ୍ତା ସକାଶେ ପ୍ରସିଦ୍ଧି ଲାଭ କରିଥିଲା ।

ମାନବ ଜଗତରେ ସ୍ୱର୍ଣ୍ଣ, ହୀରକ, ମୁକ୍ତା ପ୍ରଭୃତି ଯାହା ଯାହା ବହୁମୂଲ୍ୟ ପଦାର୍ଥରୂପେ ସମାଦୃତ, ସେ ସକଳ ଧାତୁ ପ୍ରସ୍ତର ଓ ଅସ୍ଥି ବ୍ୟତୀତ ଅନ୍ୟ କିଛି ନୁହେଁ । ଆଲୋଚ୍ୟ କଉଡ଼ି ମଧ୍ୟ ସେହି ଶ୍ରେଣୀୟ । ତାହା ମହାର୍ଘ ନ ହେଲେ ମଧ୍ୟ ସାଧାରଣଙ୍କ ଅନିବାର୍ଯ୍ୟ ଆବଶ୍ୟକ ଓ ନିତ୍ୟ ବ୍ୟବହାର୍ଯ୍ୟ ହେତୁରୁ ଅପେକ୍ଷାକୃତ ଗୌରବତ । ସୁତରାଂ ତାହାର ଆସନ ପ୍ରାପ୍ତ ରତ୍ନରାଜି ଉପରେ ନିର୍ଦ୍ଦେଶ କଲେ ଅସଙ୍ଗତ ହେବ ନାହିଁ । କଉଡ଼ି କ୍ଷୁଦ୍ର ହେଲେହେଁ ମହିମାରେ ମହାନତର । ତାହା କବି-ଦୃଷ୍ଟିର ଅନ୍ତରାଳରେ ରହି ନାହିଁ । କପର୍ଦ୍ଦକ ଉତ୍କଳ ମହାକବିଙ୍କ ଅମର କାବ୍ୟର ପୃଷ୍ଠା ସମୁଜ୍ଜ୍ୱଳ କରି ବସିଅଛି । ଉତ୍କଳ-ଭାଷାଭିରସା କବିସ୍ୱରୁ ଉପେନ୍ଦ୍ର-ଭଞ୍ଜ ଅଦ୍ଭୁତ ଯମକାନୁପ୍ରାସ ମଧ୍ୟରେ ତାହାର କୀର୍ତ୍ତି ପ୍ରତିଷ୍ଠା କରିଯାଇଛନ୍ତି । "ଯେବଣ କଟିକେ ଛଟିକେ ବସ୍ୱଟିକେ ମୁକତି, ମହାପ୍ରସାଦରେ ସାଦରେ ନରମାନେ ଲଭନ୍ତି ।" ରସିକ ହାରାବଳି କାବ୍ୟ ଦ୍ରଷ୍ଟବ୍ୟ ।

କଉଡ଼ିର ପ୍ରଚଳନ କେବଳ ମୁଦ୍ରାରୂପେ କସ୍ତୁ-ବିକସ୍ତୁରେ ଆବଦ୍ଧ ଥିଲା ନାହିଁ, ତାହା ନାନା କାର୍ଯ୍ୟରେ ବ୍ୟବହୃତ ହେଉଥିଲା। ଅନେକ ପ୍ରାଚୀନ ଶିଳ୍ପସାମଗ୍ରୀରେ କଉଡ଼ିର ସନ୍ନିବେଶ ଦେଖାଯାଏ । ଝୁମ୍ପା, ହାତଫୁଲି ପ୍ରଭୃତିରେ କଉଡ଼ି ଲଗାଇ ସ୍ତ୍ରୀମାନେ ଅଳଙ୍କାରରୂପେ ଧାରଣ କରୁଥିଲେ । ବର୍ତ୍ତମାନ ମଧ୍ୟ ପଲ୍ଲୀଗ୍ରାମର ଇତର ଜାତୀୟ ସ୍ତ୍ରୀମାନଙ୍କୁ କଉଡ଼ିର ଅଳଙ୍କାର ଧାରଣ କରିବାର ଦେଖାଯାଏ । କଉଡ଼ି ଆମ୍ଭମାନଙ୍କର ଦେଶୀୟ ମୁଦ୍ରା । ଲୋକେ କଥାରେ କହନ୍ତି—"ସେ ଲୋକ ଭାରି କଉଡ଼ିଆ, ମୋ ହାତରେ ଟଙ୍କା କଉଡ଼ି ବା ପଇସା କଉଡ଼ି ନାହିଁ ।" ଏ ଉକ୍ତିରୁ କଉଡ଼ିର ମହାମର୍ଯ୍ୟାଦା ସହଜରେ ଅନୁମେୟ । ପୂର୍ବକାଳରେ ସମ୍ପନ୍ନ ଗୃହସ୍ଥମାନେ ଚୋର ଉପଦ୍ରବରୁ ରକ୍ଷା ପାଇବା ସକାଶେ ପିତ୍ତଳ ଗରା, ମାଟିକଳସୀ ପ୍ରଭୃତିରେ କଉଡ଼ି ପୂର୍ଣ୍ଣ କରି ଭୂଗର୍ଭରେ ପୋତି ରଖୁଥିଲେ । ସମ୍ପ୍ରତି କୂପ ପୁଷ୍କରିଣୀ ଖନନ ସମୟରେ ସ୍ଥାନବିଶେଷରେ ବସୁମତୀ ଗର୍ଭରୁ କଉଡ଼ିପୂର୍ଣ୍ଣ କଳସୀ ଓ ହାଣ୍ଡି ପ୍ରଭୃତି ବାହାରିବାର ଦେଖାଯାଏ । ପୂର୍ବେ କଉଡ଼ିରେ ମୃଦଙ୍ଗର ଝାଡ଼, ପେଣ୍ଡି, ଶିକା ପ୍ରଭୃତି ପ୍ରସ୍ତୁତ ହେଉଥିଲା । କୃଷାଣକୁଳ ବଳଦର ଶୃଙ୍ଗ ଦଉଡ଼ି ଏବଂ ପଘାଣରେ କଉଡ଼ି ଲଗାଇ ସୁନ୍ଦର କରୁଥିଲେ । ଶିଶୁ ଜନ୍ମର ଷଷ୍ଠ ଦିବସରେ କଉଡ଼ିଦ୍ୱାରା ଷଷ୍ଠୀଘର ମଣ୍ଡିତ ହେଉଥିଲା । ସେ କାଳରେ କଉଡ଼ି ଶିଳ୍ପକଳାର ଗୋଟିଏ ପ୍ରଧାନ ଉପକରଣ ଥିଲା । ହାଟ-ମାନଙ୍କରେ କଉଡ଼ିର ଦୋକାନ ବସୁଥିଲା । ପଇସାକୁ ପଣେ (କୋଡ଼ିଏ ଗଣ୍ଡା) କଉଡ଼ି ମିଳୁଥିଲା । ସମୟ ସମୟରେ ଏହି ପରିମାଣରେ ଇତର ବିଶେଷ ମଧ୍ୟ ଘଟୁଥିଲା । ବ୍ରିଟିଶ ରାଜତ୍ୱ ସମୟରୁ କଉଡ଼ିର ପ୍ରଚଳନ କ୍ରମଶଃ କ୍ଷୀଣ ହୋଇ ସମ୍ପ୍ରତି, ଲୁପ୍ତ ପ୍ରାୟ ହୋଇ ଆସୁଅଛି । ଅଧଲା, ପାହୁଲାର ପ୍ରଚଳନ ସେଥିର ପ୍ରଧାନ କାରଣ । ଅତଃପର କଉଡ଼ି ମୂଲ୍ୟ ସମ୍ବନ୍ଧରେ କିଛି ଆଲୋଚନା କରିବା ଆବଶ୍ୟକ ।

ଗଣ୍ଡି କଉଡ଼ି, ସାଧା କଉଡ଼ି, ବେଙ୍ଗୀକଉଡ଼ି, ଚନ୍ଦ କଉଡ଼ି ପ୍ରଭୃତି ନାନାପ୍ରକାର କଉଡ଼ି ଅଛି । ସେଥି-

ମଧ୍ୟରେ ଏହି କଉଡ଼ି ଅତି ସୁନ୍ଦର ଓ ମସୃଣ । ବାଣିଜ୍ୟ ସଂସାରରେ ବୈଚିତ୍ର୍ୟର ଗୌରବ ସମଧିକ, ଏହା ସ୍ୱାଭାବିକ । ଯେଉଁଠାରେ ବୈଚିତ୍ର୍ୟ, ସେହିଠାରେ ଦୌର୍ଲଭ୍ୟ, ଏ ଉଭୟ ମଧ୍ୟରେ ଘନିଷ୍ଠ ସମ୍ପର୍କ ସର୍ବଦା ପରିଲକ୍ଷିତ ହୁଏ । ଯାହା ଦୁର୍ଲଭ ତାହା ମୂଲ୍ୟବାନ୍, ଏହା ସୁଷ୍ଠା ଜ୍ୟାମିତୀୟ ସ୍ୱତଃସିଦ୍ଧ ପ୍ରମାଣ । ପାଶ୍ଚାତ୍ୟ କୁବେର ଜେକ୍‌ସନ ସାହେବଙ୍କ ଅମୂଲ୍ୟ ଭଣ୍ଡାରରେ କେତେଗୁଡ଼ିଏ ବିରଳ କପର୍ଦ୍ଦକ ଓ ବିରଳ ଶଙ୍ଖ ସଞ୍ଚିତ ଥିଲା । ସେଗୁଡ଼ିକ ୬୫ ହଜାର ଟଙ୍କାରେ ବିକ୍ରୀତ ହୋଇଅଛି । ସେଥି ମଧ୍ୟରେ କଡ଼ାଏ କଡ଼ାଏ କଉଡ଼ିର ମୂଲ୍ୟ ୨୦୦ ଟଙ୍କାଠାରୁ ୧୦୫୦ ଟଙ୍କା ପର୍ଯ୍ୟନ୍ତ ହୋଇଥିଲା । ଯେଉଁ କପର୍ଦ୍ଦକର ଏତାଦୃଶ ଉଚ୍ଚ ମୂଲ୍ୟ ଓ ଉଚ୍ଚ ଗୌରବ, ତାହା ମହାରତ୍ନ ଆଖ୍ୟାର ପର୍ଯ୍ୟାୟଭୁକ୍ତ ହେବା ଉଚିତ । କାହାରି କାହାରି ମତରେ ଦେଶର ଧନବୃଦ୍ଧି ହୋଇଅଛି, ଦୈନ୍ୟ କମିଅଛି, ସୁତରାଂ ଅଧଲା ପାହୁଲାର ଆବିର୍ଭାବରେ କଉଡ଼ିର ତିରୋଭାବ ଘଟିଅଛି । ସେମାନଙ୍କର ଏ ଉକ୍ତି ସମ୍ପୂର୍ଣ୍ଣ ସମୀଚୀନ ନୁହେଁ । କଉଡ଼ିର ଅଭାବରେ ଦେଶର ଗୋଟାଏ ରତ୍ନ ବିଲୁପ୍ତ ହୋଇଯାଇଅଛି । କଉଡ଼ି ସାମାନ୍ୟ ରତ୍ନ ନୁହେଁ, କଡ଼ାଏ କଡ଼ାଏ କଉଡ଼ିର ମୂଲ୍ୟ କୁବେର ଭଣ୍ଡାରର ମୂଲ୍ୟ ତୁଲ୍ୟ । ସେଥିର ଦୃଷ୍ଟାନ୍ତ ଉପରେ ପ୍ରଦର୍ଶିତ ହୋଇଅଛି । ପୁନଶ୍ଚ କଉଡ଼ିର ଆଦର ବ୍ୟବହାର ଏକାନ୍ତ ବାଞ୍ଛନୀୟ । ପାହୁଲା ବା ଅଧଲା ଦ୍ୱାରା ପଇସା ଦୁଇ ତିନି ଭାଗରେ ବିଭକ୍ତ ହୁଏ; ମାତ୍ର କଉଡ଼ି ଦ୍ୱାରା ଅନେକ ଅଂଶରେ ବିଭକ୍ତ ହୋଇପାରେ, ଏହା କହିବା ବାହୁଲ୍ୟମାତ୍ର । କଉଡ଼ି ଦ୍ୱାରା ଗରିବ ଲୋକଙ୍କର ବିଶେଷ ସୁବିଧା ହୁଏ । କଉଡ଼ି ସାହାଯ୍ୟରେ ଦଶକଡ଼ା ବା ପାଞ୍ଚକଡ଼ାର ପଦାର୍ଥ ସହଜରେ କ୍ରୟ କରାଯାଇପାରେ; ମାତ୍ର ଅଧଲା କିମ୍ବା ପାହୁଲା ଦ୍ୱାରା ସେରୂପ ହେବାର ଉପାୟ ନାହିଁ । ପାଞ୍ଚଗଣ୍ଡାକୁ ଛଦାମ, ଦଶକଡ଼ାକୁ ଦାମୁଡ଼ି, ପାଞ୍ଚକଡ଼ାକୁ ଅଧ ଦାମୁଡ଼ି—ପୂର୍ବେ ଏହିପରି ମୁଦ୍ରା-ସଂଜ୍ଞା ନିର୍ଦ୍ଦିଷ୍ଟ ଥିଲା । ବର୍ତ୍ତମାନ ସେ ଶବ୍ଦଗୁଡ଼ିକ କେବଳ ଅଭିଧାନର ଶବ୍ଦ ହୋଇ ରହିଅଛି । କଉଡ଼ିଦ୍ୱାରା ନିମ୍ନଶ୍ରେଣୀରେ ଧନସଞ୍ଚୟର ଗୋଟାଏ ମହତ୍ ସୁବିଧା ଥିଲା । ପ୍ରାଚୀନ କାଳରେ ଅନେକ ଲୋକ କଡ଼ାଏ ଦୁଇ କଡ଼ା ସଞ୍ଚୟ କରି କାଳକ୍ରମେ ଜଳାଶୟ କୂପ ପୁଷ୍କରିଣୀ ଖନନ, ଦେବାଳୟ ନିର୍ମାଣ, ବ୍ରାହ୍ମଣବ୍ରତ ପ୍ରଭୃତି ମହତ୍ କୀର୍ତ୍ତି ସ୍ଥାପନ କରଯାଇଥିବାର ଦୃଷ୍ଟାନ୍ତ ବିରଳ ନୁହେଁ । କଡ଼ାକପି ପୋଖରୀ, ପଣ୍ଡାଭିଆ ଦେଉଳ ପ୍ରଭୃତି ନାମ ଏ କାଳରେ ଅଶ୍ରୁତଗୋଚର ହୋଇ ନାହିଁ; ମାତ୍ର ଅନେକ ପ୍ରାଚୀନ କୀର୍ତ୍ତି ଅବଧି ସେହି ଗୌରବ-ଆଖ୍ୟା ବହନ କରି ସ୍ଥାନେ ସ୍ଥାନେ ବିଦ୍ୟମାନ ଅଛି ।

ମାର୍ଗଶିର ଓ ମାଘମାସ ଗୁରୁବାରରେ ପ୍ରତି ହିନ୍ଦୁଗୃହରେ ଧାନମଣିକା ଓଷା ବା ଲକ୍ଷ୍ମୀବ୍ରତ ଅନୁଷ୍ଠିତ ହୁଏ । ଗୃହିଣୀମାନେ ଲକ୍ଷ୍ମୀଦେବୀଙ୍କ ସହ କପର୍ଦ୍ଦକର ପୂଜା କରନ୍ତି । କଉଡ଼ିରେ ଲକ୍ଷ୍ମୀଦେବୀଙ୍କର ରଥ ପ୍ରସ୍ତୁତ ହୁଏ । କଉଡ଼ି ଅନେକ ରୋଗର ଔଷଧ । ଘିଅ ଓ କଉଡ଼ି ମିଶାଇ ବ୍ୟଥାହାରକ ଔଷଧ ପ୍ରସ୍ତୁତ କରାଯାଏ । ଚିକିତ୍ସକମାନେ କଉଡ଼ିର ଭସ୍ମ କେତେକ ଔଷଧରେ ପ୍ରୟୋଗ କରନ୍ତି । କଉଡ଼ି ଅନେକ ପ୍ରକାରର ଅଛି । 'ବେଙ୍ଗୀ କଉଡ଼ି' ନାମରେ ଏକଜାତୀୟ ଲମ୍ବା କଉଡ଼ି ଅଛି । ତାହାକୁ ଗୁନ୍ଥି ପିଲାମାନଙ୍କ ବେକରେ ପିନ୍ଧାଇଦେଲେ ସେମାନଙ୍କ ଦେହରେ ବାହାରିଥିବା ବେଙ୍ଗୀ ବଥ ଭଲ ହୋଇଯାଏ ।

ବର୍ତ୍ତମାନ କଉଡ଼ିର ବ୍ୟବହାର ଏକାବେଳକେ ରହିତ ହୋଇ ନାହିଁ । ଅନେକ ପଲ୍ଲୀଗ୍ରାମରେ ଅଦ୍ୟାବଧି ସେଥିର ପ୍ରଚଳନ ଦେଖାଯାଏ; କିନ୍ତୁ ପୂର୍ବପରି ପ୍ରଚୁର ବ୍ୟବହାର ନାହିଁ । ଏକ ସମୟରେ ଯେଉଁ କପର୍ଦ୍ଦକ ମୁଦ୍ରା ରୂପରେ ଦେଶରେ ଏକାଧିପତ୍ୟ ସ୍ଥାପନ କରିଥିଲା, ତାହାର ଏତାଦୃଶ ଶୋଚନୀୟ ପରିଣାମ କଦାପି ବାଞ୍ଛନୀୟ ନୁହେଁ । କଉଡ଼ିର ବ୍ୟବହାର କେବଳ ଉତ୍କଳରେ ସୀମାବଦ୍ଧ ନ ଥିଲା । ତାହା ସମସ୍ତ ଭାରତବ୍ୟାପୀ ହୋଇଥିଲା । ଇଂରେଜ ରାଜତ୍ୱର ପ୍ରଥମାବସ୍ଥାରେ ଭାରତର ଅନେକ ସ୍ଥାନରେ କଉଡ଼ିର ପ୍ରଚଳନ ଥିଲା । ସେ ସମୟରେ କଉଡ଼ିରେ ରାଜସ୍ୱ ସଂଗୃହୀତ

ହେଉଥିଲା ଉତ୍ସବକାଳ ସମୟରେ ପଲ୍ଲୀଗ୍ରାମରେ କଉଡ଼ିର ଗୌରବ ବିଶେଷ ଲକ୍ଷିତ ହୁଏ । ସେ ସମୟରେ ଆବାଳବୃଦ୍ଧ ସମସ୍ତେ କଉଡ଼ି ଖେଳରେ ମଗ୍ନ ହୁଅନ୍ତି । ବିଶେଷତଃ ରମଣୀସମାଜରେ ତାହାର ଆଦର ସମଧିକ । ବିବାହ ସମୟରେ ବରକନ୍ୟା କଉଡ଼ିରେ ଜୁଆ ଖେଳନ୍ତି । ସଧବା ସ୍ତ୍ରୀର ମୃତ୍ୟୁ ହେଲେ ତାହାର ସ୍ୱାମୀ ଶବଗମନ ପଥରେ ଖଇ କଉଡ଼ି ବୁଣି ବୁଣି ଯାଏ । ଅନ୍ୟ ସଧବା ସ୍ତ୍ରୀମାନେ ତାହାକୁ ସାଉଣ୍ଟି ନେଇ ମଙ୍ଗଳ ଅଳଙ୍କାରସ୍ୱରୂପ ଧାରଣ କରନ୍ତି । କଉଡ଼ିର ଏ ଆଦର ସାମାନ୍ୟ ନୁହେଁ, ଏହିରୂପ ଆଦର ହେତୁ ତାହା ବହୁନାମରେ ଅଭିହିତ ହୋଇଅଛି । କଉଡ଼ି ସର୍ବାଂଶ ସମୃଦ୍ଧ ରହିବର ।

---

# ମୃଗୟା

ଆଦିମ ଅବସ୍ଥାରେ ମାନବମାନେ ମୃଗୟାଜୀବୀ ଥିଲେ । ସେମାନେ ସର୍ବଦା ଅରଣ୍ୟରେ ବାସ କରି ଅରଣ୍ୟସୁଲଭ ମୃଗାଦି ଜୀବର ମାଂସ ଭକ୍ଷଣଦ୍ୱାରା ଜୀବନ ଧାରଣ କରୁଥିଲେ । ସେତେବେଳେ ସେମାନେ କୃଷିବାଣିଜ୍ୟାଦିରେ ଅନଭିଜ୍ଞ ଥିଲେ । କାଳକ୍ରମେ ସେମାନଙ୍କ ପରବର୍ତ୍ତୀ ବଂଶଧରମାନେ ଯେତେବେଳେ ଉଦ୍ଭିଜ୍ଜ ଖାଦ୍ୟର ଆବିଷ୍କାର କରି ନଗର ସଂସ୍ଥାପନ-ପୂର୍ବକ ବାସକଲେ, ସେତେବେଳେ ସେମାନେ ପୂର୍ବ-ପୁରୁଷମାନଙ୍କ ଅନୁସୃତ ନିର୍ଦ୍ଦୟ ମୃଗୟା ବ୍ୟାପାର ପରିତ୍ୟାଗ କଲେ ଏବଂ କୃଷି, ଶିଳ୍ପ, ବାଣିଜ୍ୟାଦିଦ୍ୱାରା ଜୀବନ-ଯାତ୍ରା ନିର୍ବାହ କରିବାକୁ ଲାଗିଲେ । ସେତେ-ବେଳେ ସେମାନେ ଜାଣିପାରିଲେ ଯେ, ପ୍ରାଣ ମଧ୍ୟରେ ଇତର ବିଶେଷ ନାହିଁ । ମାନବ-ପ୍ରାଣରେ ଯେଉଁ ପରମାତ୍ମା ବିରାଜମାନ ଅଛନ୍ତି, ପଶୁ-ପ୍ରାଣରେ ସୁଦ୍ଧା ସେହି ପରମାତ୍ମାଙ୍କର ଅଧିଷ୍ଠାନ । ଅତଃ ସମସ୍ତ ପ୍ରାଣ ସମାନ । ଅପରର ପ୍ରାଣହତ୍ୟା ଦ୍ୱାରା ଆତ୍ମହତ୍ୟା କରିବାକୁ ହୁଏ, ନଚେତ୍ ପରମାତ୍ମାଙ୍କର ହତ୍ୟାସାଧନ କରିବାକୁ ହୁଏ । ଏହି ଆଧ୍ୟାତ୍ମିକ ଜ୍ଞାନ ସେମାନଙ୍କୁ ପଶୁ-ହତ୍ୟାରୁ ନିବୃତ୍ତ କରାଇଲା । ସେମାନେ କ୍ରମେ କ୍ରମେ ମୃଗୟା ପରିହାର କରିବାକୁ ଲାଗିଲେ; ମାତ୍ର ପୂର୍ବ ସଂସ୍କାର ସମୂଳରେ ପରିତ୍ୟାଗ କରିପାରିଲେ ନାହିଁ । ମୃଗୟା ବ୍ୟସନ ମଧ୍ୟରେ ପରିକଳ୍ପିତ ହୋଇ ସୀମାବଦ୍ଧ ଭାବରେ ରହିଲା । ମନୁଷ୍ୟମାନେ ସମୟ ସମୟରେ ଅରଣ୍ୟ ବିହାର ଛଳରେ ମୃଗୟା କରି ଆମୋଦ ଅନୁଭବ କରିବାକୁ ଲାଗିଲେ । ବର୍ତ୍ତମାନ ସୁଦ୍ଧା ସେହି ଘୃଣିତ ପାପ-ଆମୋଦ ମାନବ-ସମାଜକୁ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରି ନାହିଁ । ଏ ସଭ୍ୟ ସମୁନ୍ନତ ଯୁଗରେ ମୃଗୟା ସାମରିକ ଆମୋଦ ରୂପରେ ପରିଗଣିତ ହେଉଅଛି ।

ସମ୍ପ୍ରତି କି ସଭ୍ୟ କି ଅସଭ୍ୟ ଉଭୟ ସମାଜରେ ମୃଗୟା ଅକ୍ଷୁଣ୍ଣ ରହିଅଛି । ମୃଗୟାନିସ୍ପୃହ ଜାତିର ଅସ୍ତିତ୍ୱ ଏକାଳରେ ସମଗ୍ର ପୃଥିବୀ ମଧ୍ୟରେ ବିରଳ । ଯେଉଁ ସମାଜରେ ଜୀବହିଂସା ଆମୋଦରୂପେ ପରି-ଗଣିତ, ସେ ସମାଜର ଉଦ୍ଧାର ନୈତିକ ଉନ୍ନତି ଅସମ୍ପୂର୍ଣ୍ଣ, ଏହା ବୋଲିବା ବାହୁଲ୍ୟମାତ୍ର । ନିରୀହ ପ୍ରାଣୀର ପ୍ରାଣବଧ ଯଦି ଆମୋଦ ହୁଏ, ତେବେ ସେ ଆମୋଦ ପଦରେ ଦୂରରୁ କୋଟି ନମସ୍କାର । ପ୍ରାଣକୁ ଯଦି କେହି କ୍ରୀଡ଼ାସାମଗ୍ରୀ ମଣେ, ତେବେ ସେ ପ୍ରାଣଶବ୍ଦର ଅର୍ଥବୋଧରେ ସମ୍ପୂର୍ଣ୍ଣ ଅକ୍ଷମ ଏବଂ ନିଜେ ବାସ୍ତବ ପ୍ରାଣବାନ୍ ନୁହେଁ । ବିଳାସ ବାସନାର ଚରିତାର୍ଥତା ସମ୍ପାଦନ ପାଇଁ କିମ୍ବା ଦଗ୍‌ଧୋଦର ତୋଷଣ ପାଇଁ ନିର୍ଦ୍ଦୋଷ ପ୍ରାଣୀକୁ ହତ୍ୟା କରିବାଠାରୁ ଘୋର ଅଧର୍ମ ଆଉ କଅଣ ଅଛି ? ଜୀବହିଂସା ପୃଥିବୀର କୌଣସି ଧର୍ମଶାସ୍ତ୍ରସମ୍ମତ ନୁହେଁ ।

ଶାସ୍ତ୍ରରେ ରାଜାମାନଙ୍କ ପକ୍ଷରେ ପାରଧି କରିବାର ବିଧାନ ଅଛି ; ମାତ୍ର ନିରୀହ ଜୀବର ପ୍ରାଣ-ସଂହାର ପାରଧିର ଅର୍ଥ ନୁହେଁ । ହିଂସ୍ରଜନ୍ତୁ ନିପାତ ସେ ପାରଧିର ଉଦ୍ଦେଶ୍ୟ ଓ ଲକ୍ଷ୍ୟ । ଦୁଷ୍ଟଦଳନ ଓ ଶିଷ୍ଟପାଳନ

ରାଜାମାନଙ୍କର ଧର୍ମ । ଦୁଷ୍ଟଜନ୍ତୁଙ୍କ ଉପଦ୍ରବରୁ ରାଜ୍ୟ ରକ୍ଷା କରିବା ଏବଂ ତପୋବନକୁ ନିରାପଦ କରି ତପୋନିଷ୍ଠମାନଙ୍କୁ ଆଧ୍ୟାତ୍ମିକ ଚିନ୍ତା ଓ ଜନହିତ ଚିନ୍ତାର ସୁବିଧା ପ୍ରଦାନ କରିବା ରାଜାମାନଙ୍କର ପାରିଧି ଗମନର ଅପରିହାର୍ଯ୍ୟ ଉଦ୍ଦେଶ୍ୟ । ସେହି ଉଦ୍ଦେଶ୍ୟର ବ୍ୟତୀତ ହେଲେ ହିଂସ୍ରଜନ୍ତୁମାନଙ୍କୁ ଶାସ୍ତି ପ୍ରଦାନ କର୍ତ୍ତବ୍ୟ ନୁହେଁ । ପ୍ରାଣୀମାତ୍ର ପ୍ରାଣପୋଷଣ ଯଦି ଧର୍ମ ବୋଲି ବିବେଚିତ ହୁଏ, ତେବେ ହିଂସ୍ରଜନ୍ତୁକୁଳ ତାହାହିଁ ତ କରନ୍ତି, ସେଥିପାଇଁ ସେମାନେ ଦଣ୍ଡାର୍ହ ହେବେ କାହିଁକି ? ମୂଳତଃ ଦୁର୍ଦ୍ଦାନ୍ତ ଶ୍ୱାପଦ ଶିକାର ଧର୍ମ ଏବଂ ଶାନ୍ତ ନିର୍ଦ୍ଦୋଷ ଜୀବବଧ ପାପ, ଏହାହିଁ ଶାସ୍ତ୍ରାଦେଶ ।

ମୃଗୟାର ବିଷମୟ ବିଷାଦମୟ ପରିଣାମ ସମ୍ବନ୍ଧରେ କିଛି ଆଲୋଚନା କରିବା ଆବଶ୍ୟକ । ସମୟରେ ତାହାଦ୍ୱାରା ଭାରତର ବ୍ୟକ୍ତିଗତ ଜୀବନର ଏବଂ ଜାତୀୟ ଜୀବନର ବିରୂପ ଭୟଙ୍କର ଅନିଷ୍ଟ ଓ ଅପରିପୂରଣୀୟ କ୍ଷତି ସାଧିତ ହୋଇଥିଲା, ସେଥିର ଦୃଷ୍ଟାନ୍ତ ଆମ ଇତିହାସରେ ବିରଳ ନୁହେଁ । ସେହି ଶୋଚନୀୟ ଅତୀତ ଘଟଣା ସ୍ମୃତି ଅନୁଧ୍ୟାନ କଲେ ହୃଦୟରେ ଲୋମୋଦ୍‌ଗମ ହୁଏ ଏବଂ ନିଦାରୁଣ ଦୁଃଖାବେଗରେ ନେତ୍ର ଅଶ୍ରୁଭାରାକ୍ରାନ୍ତ ହୋଇଆସେ । ବିରାଟକାୟ ରାମାୟଣ ଓ ମହାଭାରତ ଗ୍ରନ୍ଥଦ୍ୱୟ ଭାରତର ସର୍ବଶ୍ରେଷ୍ଠ ପୁରାଣ, ସର୍ବଶ୍ରେଷ୍ଠ ଇତିହାସ ଓ ସର୍ବଶ୍ରେଷ୍ଠ ସାହିତ୍ୟ । ଏହି ମହାକାବ୍ୟଦ୍ୱୟ-ବର୍ଣ୍ଣିତ କତିପୟ ସୁପ୍ରସିଦ୍ଧ ରାଜଜୀବନୀ ବା ବୀରଜୀବନୀ ପାଠ କଲେ ମୃଗୟାର ବିନାଶକାରିଣୀ ଶକ୍ତି ସ୍ପଷ୍ଟ ହୃଦୟଙ୍ଗମ ହେବ । ଅବ୍ୟର୍ଥ ଶବ୍ଦଭେଦୀ ଧନୁର୍ଦ୍ଧାରୀ ମହାରାଜ ଦଶରଥ ଅତୀବ ମୃଗୟାସକ୍ତ ଥିଲେ । ସେ ଥରେ ମୃଗୟା କରିବାକୁ ବନକୁ ଯାଇଥିଲେ । ବନମଧ୍ୟସ୍ଥ ସ୍ରୋତସ୍ୱିନୀରେ ଅନ୍ଧକ ମୁନିଙ୍କର ପୁତ୍ର ସିନ୍ଧୁ ମୁନି ଜଳ ନେବାପାଇଁ କୁମ୍ଭ ବୁଡ଼ାଇବା ସମୟରେ କୁମ୍ଭରୁ ଶବ୍ଦ ଉତ୍ଥିତ ହେଲା । ଦଶରଥ ସେହି ଶବ୍ଦକୁ ମୃଗର ଜଳପାନ ଶବ୍ଦ ମଣି ଶରପ୍ରହାର କଲେ । ରୂପ ନ ଦେଖି କେବଳ ଶବ୍ଦ ଶୁଣି ଲକ୍ଷ୍ୟ ଭେଦ କରିବାର ଅଦ୍ଭୁତ ବିଦ୍ୟା ଓ ଶକ୍ତି ତାଙ୍କର ଥିଲା । ତାଙ୍କ ନିକ୍ଷିପ୍ତ ଶବ୍ଦଭେଦୀ ବାଣରେ ସିନ୍ଧୁମୁନି ପ୍ରାଣତ୍ୟାଗ କଲେ । ଜରାଜୀର୍ଣ୍ଣ ଅନ୍ଧ ଜୀବନର ସର୍ବସ୍ୱ ପୁତ୍ରର ମୃତ୍ୟୁସମ୍ବାଦରେ ସସ୍ତ୍ରୀକ ଅନ୍ଧକ ମୁନି ମହାଶୋକରେ ଜୀବନ ବିସର୍ଜନ କଲେ । ସେ ମୃତ୍ୟୁ ପୂର୍ବରୁ ଦଶରଥଙ୍କୁ କଠୋର ଅଭିଶାପ ପ୍ରଦାନ କରିଯାଇଥିଲେ । ସେହି ଅମୋଘ ଅଭିଶାପ ଫଳରେ ଦଶରଥ ସର୍ବଗୁଣୋପେତ ପ୍ରାଣାଧିକ ପୁତ୍ର ରାମଚନ୍ଦ୍ରଙ୍କୁ ଚଉଦବର୍ଷ ସକାଶେ ବନକୁ ପଠାଇ ସେହି ପୁତ୍ରଶୋକରେ ପ୍ରାଣତ୍ୟାଗ କରିଥିଲେ । ରାମଚନ୍ଦ୍ରଙ୍କ ଜୀବନରେ ମଧ୍ୟ ମୃଗୟାର କୁଫଳ ଅଳ୍ପ କ୍ଷମତା ପ୍ରକାଶ କରି ନାହିଁ । ସେ ପ୍ରାଣ-ପ୍ରତିମା ସୀତାଙ୍କ ଅନୁରୋଧରେ ମାୟାମୃଗର ଅନୁସରଣରେ ପ୍ରବୃତ୍ତ ହୋଇ ନ ଥିଲେ ତାଙ୍କୁ ସିନ୍ଧୁ ପାରିହୋଇ ଲଙ୍କାରେ ପ୍ରଳୟ ସମର ସୃଜନ କରିବାକୁ ହୋଇ ନ ଥାନ୍ତା । ମହାଭାରତୀୟ ଯୁଗରେ ମଧ୍ୟ ମୃଗୟାର ଭୟାବହ ଦୁର୍ଘଟନା ଅପ୍ରଚଳିତ ନୁହେଁ । ହସ୍ତିନାଧୀଶ୍ୱର ମହାମତି ପାଣ୍ଡୁଙ୍କ ଜୀବନର ଶୋଚନୀୟ ପରିଣାମ ସେଥିର ଜାଜ୍ୱଲ୍ୟମାନ ଦୃଷ୍ଟାନ୍ତ । ପାଣ୍ଡୁ ମୃଗୟା କରିବାକୁ ଯାଇ ଅଜ୍ଞାତରେ ମୃଗ ମୁନିଙ୍କୁ ଶର ପ୍ରହାର କରି ଅଭିଶପ୍ତ ହୋଇଥିଲେ । ସେହି ଅଭିଶାପ ହେତୁ ସେ ଅକାଳରେ କାଳକବଳିତ ହୋଇଥିଲେ । ତାହାଙ୍କ ତୃତୀୟ ପୁତ୍ର ଅବନୀଶ୍ୱର ବୀର କେଶରୀ ମାନ ଅର୍ଜୁନ ମହେନ୍ଦ୍ର କାନ୍ତାରରେ ମୃଗୟାନ୍ୱେଷଣ କରୁଁ କରୁଁ ଗଣ୍ଡାର ଭ୍ରମରେ ଗୋବଧ କରିଥିଲେ । ସେହି ପାପର ପ୍ରାୟଶ୍ଚିତ୍ତସ୍ୱରୂପ ସେ ଉତ୍କଳ ଭୂମିକସ୍ଥ ମହେନ୍ଦ୍ର ପର୍ବତରେ ଗୋକର୍ଣ୍ଣେଶ୍ୱର ନାମକ ଶିବଲିଙ୍ଗ ପ୍ରତିଷ୍ଠା କରିଯାଇଛନ୍ତି । କିମ୍ବା କୁଳାଙ୍ଗାର କାପାଳିକର ଲୋମହର୍ଷଣ ଦୁଷ୍କରଣୀ ଭାରତମାତାର ମର୍ମସ୍ଥଳରେ ଅଶୁଷ୍କ କ୍ଷତ ସୃଷ୍ଟି କରିଯାଇଅଛି । ଭଗବାନ ଶ୍ରୀକୃଷ୍ଣ ପ୍ରଭାସକ୍ଷେତ୍ରରେ ଯଦୁବଂଶକ୍ଷୟଜନିତ ମହାଶୋକଯୋଗରେ ନିମଗ୍ନ ଥିଲାବେଳେ ଦୁରନ୍ତ ଜରା ତାହାଙ୍କ ପଙ୍କଜ ପାଟଳ ପାଦକୁ ମୃଗର କର୍ଣ୍ଣ ପ୍ରାୟ ମଣି ଅସ୍ତ୍ର ପ୍ରହାର କଲା । ତଦ୍ଦ୍ୱାରା ଭାରତର ଆଦର୍ଶ ଦେବତା, ଆଦର୍ଶ ମାନବ, ଆଦର୍ଶ ନୀତିନିପୁଣ, ଆଦର୍ଶ ଦାର୍ଶନିକ, ଆଦର୍ଶ ବୀର, ଆଦର୍ଶ ଧର୍ମସଂସ୍ଥାପକ ଓ ଆଦର୍ଶ ଯୋଗ

ଶ୍ରୀକୃଷ୍ଣଙ୍କର ତିରୋଧାନ ଘଟିଲା । କୃଷ୍ଣଙ୍କ ଅଭାବରେ ଆଦର୍ଶ ନଗରୀ ଦ୍ୱାରକାର ଧ୍ୱଂସତା ଭଜିଲା; ଧର୍ମରାଜ୍ୟରେ ବିପ୍ଳବ ସଂକ୍ରମିତ ହେଲା । ଜଣକର ମୃଗୟାଦୋଷରେ ସମଗ୍ର ଭାରତର ଅପୂରଣୀୟ ମହାକ୍ଷତି ସାଧିତ ହେଲା । ସେହି ଦାରୁଣ ବିଷାଦମୟୀ ସ୍ମୃତି ଅଦ୍ୟାବଧି ଜାତୀୟ ଇତିହାସ ବକ୍ଷରେ ଶୋଣିତାକ୍ଷରେ ଲିଖିତ ରହି ନୀରବ ଶୋକ-ହାହାକାରରେ ଭାରତ-ଗଗନ ବିଦୀର୍ଣ୍ଣ କରୁଅଛି ଏବଂ ଯୁଗେ ଯୁଗେ କରୁଥିବ ।

ବର୍ତ୍ତମାନ ଯୁଗରେ ସୁଦ୍ଧା ମୃଗୟାର କୁଫଳ ଯଥେଷ୍ଟ ପରିଦୃଷ୍ଟ ହୁଏ । ମୃଗୟୁମାନେ ପଶୁପାରିଧି ଭ୍ରମରେ ନର ପାରିଧି କରିପକାଇବା କଥା ସମୟ ସମୟରେ ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୁଏ । କେହି କେହି ପାରିଧି କରିବାକୁ ଯାଇ ନିଜେ ହିଂସ୍ରପଶୁର ଦ୍ୱାରା ପାରିଧି ହେଉଅଛନ୍ତି । ଏହି ସମସ୍ତ ଅନିଷ୍ଟକାରିତା ଚିନ୍ତା କଲେ ମୃଗୟାର ଅନୁମୋଦନ ପ୍ରାୟଶଃ କେହି କରିବେ ନାହିଁ । ଅସଭ୍ୟ ବନ୍ୟଜାତିର ମୃଗୟା ଏଠାରେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ । ସେମାନେ ଅଦ୍ୟାପି ଘନୀଭୂତ ଅଜ୍ଞାନାନ୍ଧକାରରେ ବୁଡ଼ିରହି ବର୍ବର ପଶୁଧର୍ମୀ ଆଖ୍ୟାରେ ଆଖ୍ୟାତ ହେଉଅଛନ୍ତି । ସୁତରାଂ ଆଦିମ ଅବସ୍ଥାକୁ ଲଙ୍ଘିପାରୁ ନାହାନ୍ତି; ମାତ୍ର ସେମାନଙ୍କଠାରୁ ବହୁସ୍ତର ଉର୍ଦ୍ଧ୍ୱରେ ଥିବା, ବିବେକବାନ ସଭ୍ୟ ଶିକ୍ଷିତ ମାନବ ସମାଜ ପକ୍ଷରେ ଏହି ପାଶବିକ ମୃଗୟା ମହାନ ପାପ ଓ ଲଜ୍ଜାର ବିଷୟ ନୁହେଁ କି ? ଯେଉଁ ଦେଶର ରାଜପୁତ, ରାଜପୁତ୍ର-ସୁଲଭ ମୃଗୟାର ବ୍ୟସନରେ ବୀତସ୍ପୃହ ହୋଇ ଦାଣ୍ଡର ଭିକାରୀ ରୂପରେ 'ଅହିଂସା ପରମ ଧର୍ମ' ଏବଂ 'ଜୀବେ ଦୟା' ମହାମୂଲ୍ୟମନ୍ତ୍ର ପ୍ରଚାର କରି ନିଜକୁ ଏବଂ ମାତୃଭୂମିକୁ ଧନ୍ୟ କରିଯାଇଅଛନ୍ତି, ସେ ଦେଶରୁ ପାରିଧି ପାପ ବିତାଡ଼ିତ ନ ହେବା ଅତୀବ କ୍ଷୋଭ ଓ ପରିତାପର ବିଷୟ ।

---

# ସମାଜ-ସଂସ୍କାର

ପଦାର୍ଥ ଜୀର୍ଣ୍ଣ ବା ମଳିନ ହେଲେ ସେଥିର ସଂସ୍କାର ଆବଶ୍ୟକ ହୁଏ । ସେହିପରି ମାନବସମାଜ ଦୂଷିତ, କୁନୀତି ଓ କୁସଂସ୍କାରରେ କଳୁଷିତ, ମଳିନ ଏବଂ ଭାରାକ୍ରାନ୍ତ ହେଲେ ସେଥିର ସଂସ୍କାର ସୁଦ୍ଧା ଅନିବାର୍ଯ୍ୟ ହୋଇଉଠେ । କେତେକେବେଳେ ସମାଜଶିଳ୍ପୀ ସଂସ୍କାରକମାନେ ସମାଜ-ହର୍ମ୍ୟର ଆବର୍ଜନା ଦୂରୀକରଣ ସକାଶେ ଚେଷ୍ଟିତ ହୁଅନ୍ତି । ଯେଉଁ ସମାଜ ଯେତିକି ଆବର୍ଜନା ଶୂନ୍ୟ, ସେ ସେତିକି ଜୀବନ୍ତ ଔଜ୍ଜ୍ୱଲ୍ୟରେ ପରିସ୍ଫୁଟ । ମନୁଷ୍ୟତ୍ୱର ନିଃସ୍ୱାର୍ଥ ଜ୍ୟୋତିରେ ମାନବର ଲଲାଟ ଉଜ୍ଜ୍ୱଳ ଦିଶେ ଏବଂ ସେହି ଜ୍ୟୋତି ମାନବ ସଭ୍ୟତାର ପରିପୂର୍ଣ୍ଣ ସଫଳତା ଆଡ଼କୁ ପଥ ଦେଖାଇଦିଏ ।

ସମାଜ ସଂସ୍କାର କରିବାକୁ ଗଲେ ସମାଜ କଅଣ, ସଂସ୍କାର କଅଣ, ସେଥିର ଅର୍ଥ ବୁଝିବାକୁ ହେବ । ସମାଜସଂସ୍କାରର ସହଜ ସରଳ ଅର୍ଥ ଆତ୍ମସଂସ୍କାର । ଆପଣା ପରି କେତେଗୁଡ଼ିଏ ମାନବର ମିଳନ ସମାଜ । ସମସ୍ତେ ନିଜେ ନିଜକୁ ସଂସ୍କାର କଲେ ସମାଜ ସଂସ୍କାର ହେଲା । ମିଥ୍ୟା, ପ୍ରବଞ୍ଚନା, କୁଧାରଣାଦି ତ୍ୟାଗ କରି ସାଧୁଭାବରେ ସତ୍ପଥରେ ଜୀବନ-ସଂଗ୍ରାମରେ ଅଗ୍ରସର ହେବା ଆତ୍ମସଂସ୍କାର । ଏହାହିଁ ଜୀବନର ମୂଳ ଲକ୍ଷ୍ୟ । କେହି ଖାଦ୍ୟ ନ ଯୋଗାଇଲେ ଉପେକ୍ଷିତ ଉପସର୍ଗ ଆପେ ଆପେ ମରିଯିବ । ଶିକ୍ଷାର ଅଭିବୃଦ୍ଧିରେ କୁସଂସ୍କାର ସଙ୍କୁଚିତ ହୋଇଆସେ । ଆଲୋକ ବିନା ଅନ୍ଧକାରକୁ କିଏ ପରାଜୟ କରିବ ? ଶିକ୍ଷାର ଆଲୋକ ରେଖା ବିନା ନବଜୀବନର ବାର୍ତ୍ତା ବହିଆଣେ । ନିଜର ବୋଧଶକ୍ତି ନିଜର ଭ୍ରମପ୍ରମାଦ ଦେଖାଇ ନ ଦେଲେ ଅପରର କଥାରେ କିଛି ହେବ ନାହିଁ । ନିଜର ଆତ୍ମା ନିଜକୁ ତିରସ୍କାର ନ କଲେ ଆତ୍ମଶାସନ ହୁଏ ନାହିଁ । ସୁଖ ଓ ଆଶା ପରି ସଂସ୍କାର ମଧ୍ୟ ଅପୂର୍ଣ୍ଣ । କୌଣସି ଦେଶର କୌଣସି ସମାଜ କୁସଂସ୍କାର-ପରିଶୂନ୍ୟ ନୁହେଁ । ଯେଉଁ

ସମାଜ ଶିକ୍ଷା ଓ ସଭ୍ୟତାରେ ଜଗତର ନମସ୍ୟ, ସେ ସମାଜରେ ସୁଦ୍ଧା କୁସଂସ୍କାର ଅଛି । ସଭ୍ୟଦେଶରେ ଅଛି ବୋଲି ଯେ ଆମ୍ଭ ଦେଶରେ ଥାଉ, ଏହା ମୋର ଉଦ୍ଦେଶ୍ୟ ନୁହେଁ । ତେବେ ଏତିକି କହୁଅଛି ଯେ, ସଂସ୍କାର ବଡ଼ କଠିନ କାର୍ଯ୍ୟ । ସେଥିରେ ଧୈର୍ଯ୍ୟ, ନିଷ୍ଠା, ଅଭିଜ୍ଞତା ଓ ସହ୍ୟଶୀଳତା ଆବଶ୍ୟକ । ଯେ ଯେତିକି କଠୋର ସମାଲୋଚକ, ସେ ସେତିକି ଅଭିଜ୍ଞ । ଉଗ୍ର ସଂସ୍କାରରେ ପ୍ରବୃତ୍ତ ନ ହୋଇ ଯହିଁରେ କାହାର ହୃଦୟ ପୀଡ଼ିତ ନ ହୋଇ ସ୍ୱାସ୍ଥ୍ୟବନ୍ତ ହୁଏ, ଯହିଁରେ ଧର୍ମ କିମ୍ବା ବ୍ୟବହାରରେ ଆଘାତ ନ ଲାଗେ, ଯାହା ଦେଶର ଅଧିକାଂଶ ଲୋକଙ୍କର ଅନୁମୋଦିତ, ଏପରି ଭାବରେ ସଂସ୍କାର କରିବାହିଁ ସମାଜ ପକ୍ଷରେ ସତ୍ୟ, ଶିବ, ସୁନ୍ଦର । ବିଦେଶୀୟ ରୀତିନୀତି ସମାଜରେ ଚଳାଇବାର ଦୁରାକାଙ୍କ୍ଷା କୌଣସି କାଳରେ ଶୁଭପ୍ରଦ ନୁହେଁ । ସେଥିରେ ସମାଜ ଛିନ୍ନବିଚ୍ଛିନ୍ନ ଓ ବିଶୃଙ୍ଖଳ ହୁଏ । ଧୀର ସ୍ଥିର ଭାବରେ ଦେଶକାଳପାତ୍ରୋପଯୋଗୀ ସଂସ୍କାର ବାଞ୍ଛନୀୟ । ମୁଷ୍ଟିମେୟ ଶିକ୍ଷିତ ଲୋକ ଗୋଟାଏ ହୁଜୁକ ଉଠାଇଲେ ସଂସ୍କାର ହୁଏ ନାହିଁ । ଯାହାଙ୍କୁ ନେଇ ସମାଜ, ଯେଉଁମାନେ ସମାଜର ମୌଳିକତା ରକ୍ଷାରେ ପ୍ରାଣପଣ କରନ୍ତି, ସେହି ଅଶିକ୍ଷିତ ଲୋକମାନଙ୍କର ମନୋମତ ନ ହେଲେ କୌଣସି ସଂସ୍କାର ଜୀବିତ ରହି ନ ପାରେ । କେତେକ କୁସଂସ୍କାର ଅଛି, ସେଥିରେ କାହାରି କିଛି କ୍ଷତିର ଆଶଙ୍କା ନାହିଁ । ଏପରି କୁସଂସ୍କାର ବିରୁଦ୍ଧରେ ବୀରତ୍ୱ ପ୍ରକାଶ କଲେ ଫଳ କଅଣ ? ଦଳେ କୁମାରୀ ସୋପାନରେ ଉଠୁ ଉଠୁ ଯେ ଥକିଯାଇ ବସି-ପଡ଼େ, ତାହାର ବିବାହ ଆଗେ ହେବ ବୋଲି ଗୋଟାଏ କୁସଂସ୍କାର ଅଛି । ଏପରି କୁସଂସ୍କାର ଥିଲେ ସୁଦ୍ଧା କ୍ଷତି କଅଣ ? ଆଉ କେତେ କୁସଂସ୍କାର ଅଛି, ତାହା ପ୍ରକୃତରେ କୁସଂସ୍କାର ନୁହେଁ । ତାହା ମୂଳରେ ଗଭୀର ସ୍ୱାସ୍ଥ୍ୟତତ୍ତ୍ୱ ବା ଆଧ୍ୟାତ୍ମିକ ଭାବ ନିହିତ ଅଛି । ବାର ଆଡ଼େ ବୁଲି ଆସିଲେ ଲୁଗା ମାରିହୁଏ । ଏହା କୁସଂସ୍କାର ନୁହେଁ— ଶୌଚ ଓ ସ୍ୱାସ୍ଥ୍ୟନୀତି ।

ବର୍ତ୍ତମାନ କେତେ ଦେବ-ଦେବୀଙ୍କ ପୂଜା ସୃଷ୍ଟି ହୋଇଅଛି, ସେଥିରେ ମାଦକଦ୍ରବ୍ୟ ନୈବେଦ୍ୟ ହୁଏ । ଏହା କୌଣସି ପୁରାଣସିଦ୍ଧ ନୁହେଁ, କେବଳ ମାଦକ ସେବୀଙ୍କର ସ୍ୱାର୍ଥ ପ୍ରଣୋଦିତ । ସମସ୍ତ ଧର୍ମର ସମସ୍ତ ଶାସ୍ତ୍ର ପୁରାଣ ମାଦକ ବିରୁଦ୍ଧରେ ଉଚ୍ଚକଣ୍ଠରେ ପ୍ରତିକୂଳ ମତ ଘୋଷଣା କରୁଅଛି । ଏରୂପ ସ୍ଥଳେ ଉପରୋକ୍ତ କୁସଂସ୍କାରକୁ କି ଶାସ୍ତ୍ରବିଧାନ ବୋଲିଯିବ ? ବିଶେଷତଃ ସେଥିରେ ଦେବତାଙ୍କର ଦେବତ୍ୱ ସୁଦ୍ଧା କଳୁଷିତ କରାଯାଇଅଛି । ଏରୂପ କ୍ଷତିକର କୁସଂସ୍କାର ସମାଜରୁ ତିରୋହିତ ହେବା ବାଞ୍ଛନୀୟ ।

ସମାଜରେ ବିଧବା-ବିବାହ ଚଳାଇବା ଅନେକଙ୍କର ଇଚ୍ଛା । ଏ ଦେଶରେ ନିମ୍ନ ଶ୍ରେଣୀରେ ବିଧବାବିବାହ ବା 'ଠାଇଁ' ପ୍ରଚଳିତ ଅଛି, କେବଳ ବ୍ରାହ୍ମଣ, କ୍ଷତ୍ରିୟ, କରଣ ଓ ଖଣ୍ଡାଏତ ପ୍ରଭୃତି କେତେକ ଉଚ୍ଚ ଜାତିରେ ନାହିଁ । ଏହି କେତେଟା ଜାତି ପାଇଁ ଗୋଟାଏ ସ୍ୱତନ୍ତ୍ର ପ୍ରଥା ନ କରି ଯହିଁରେ ବିଧବାଙ୍କ ସଂଖ୍ୟା ଦେଶରେ କମି ହୁଏ, ତାହା କରିବା ଉଚିତ ନୁହେଁ କି? ବିଧବା-ବିବାହ ପ୍ରଚଳିତ ହେଲେ ସୁଦ୍ଧା ଦେଶଟା ବିଧବା-ଶୂନ୍ୟ ହୋଇଯିବ ନାହିଁ । ଯେଉଁ ସମାଜରେ ବିଧବା-ବିବାହ ପ୍ରଚଳିତ ଅଛି, ସେ ସମାଜରେ ସୁଦ୍ଧା ବିଧବା ଅଛନ୍ତି । ବାଲ୍ୟବିବାହ ବିଧବା ସଂଖ୍ୟା ବୃଦ୍ଧି କରୁଅଛି । ବାଲ୍ୟବିବାହ ନିବାରଣର ଉପାୟ ହେଲେ ଏକାଲକ୍ଷ୍ୟରେ ଦୁଇଟି ଶିକାର ହୁଅନ୍ତା । ତାହାହେଲେ ବିଧବା-ବିବାହର ଆବଶ୍ୟକତା ହୁଅନ୍ତା ନାହିଁ । ବରପଣ ଓ କନ୍ୟାପଣ ଦ୍ୱାରା ବରକନ୍ୟାଙ୍କର ମାଂସ ବିକ୍ରୟ ହେଉଅଛି । ଏଥିରେ ଦେଶର କି ମହାକ୍ଷତି ହେଉଅଛି, ତାହା କାହାରିକୁ ଅବିଦିତ ନାହିଁ । ଏହିପରି ଅନେକ ଉଦାହରଣ ଦିଆଯାଇପାରେ । ସ୍ତ୍ରୀ ଶିକ୍ଷିତା ହେଲେ ବିଧବା ହେବ କିମ୍ବା ଘରେ ଅଲକ୍ଷ୍ମୀ ପଶିବ, ଏହା କେବଳ ହାସ୍ୟର କଥା ନୁହେଁ, ଏଥିରେ ଏହି ଫଳ ହେଉଅଛି ଯେ, ସମାଜର ଉନ୍ନତି ଦେହୀ ପକ୍ଷାଘାତ ବ୍ୟାଧିରେ ଅଚଳ ଓ ଅସାଡ଼ ହେଉଅଛି । ଏହିସବୁ କୁସଂସ୍କାର ଯଦି ତିରୋହିତ ହୋଇପାରେ, ତେବେ ପ୍ରକୃତ ସମାଜ-ସଂସ୍କାର ହେବ । ପୂର୍ବରୁ ବୋଲାଯାଇଅଛି, ସମାଜ-ସଂସ୍କାର ବଡ଼ କଠିଣ ବ୍ୟାପାର । ସଂସ୍କାର ପୂର୍ବରୁ କେଉଁ

ଯେଉଁ କୁସଂସ୍କାର ବାସ୍ତବରେ କ୍ଷତିକର, ତାହା ବାଛି-ନେବାକୁ ହେବ । ଯେଉଁ ସଂସ୍କାର ହେଉ, ଧୀରେ ଧୀରେ ହେବା ଉଚିତ । ଏକସମୟରେ ସାତ ସମୁଦ୍ର ଡେଇଁବାକୁ ଆଶା ବାନ୍ଧିଲେ ସେ ଆଶା କେବଳ ଆଶାରେହିଁ ପର୍ଯ୍ୟବସିତ ହେବ । ସଂସ୍କାରକ ନିଜ ସଂସ୍କାରର ଆଦର୍ଶ ହେବା ଉଚିତ । ନଚେତ୍ କଥା ଏକଆଡ଼େ ଆଉ କାର୍ଯ୍ୟ ଅନ୍ୟମୁଖୀ ହେଲେ ସୁଗାନ୍ତରରେ ସୁଦ୍ଧା ସାଫଲ୍ୟର ମୁଖାବଲୋକନ ଘଟିବ ନାହିଁ ।

---

# ଆବାହନୀ

[ ୧୩୨୩ ସାଲ ]

ମା ଜଗନ୍ମୟି, ମୃଣ୍ମୟୀ ରୂପରେ ବନ୍ଦନୟ ପାଇଁ ଆସ ମା ଆସ ! ମା ତବ ଆଗମନ ସନ୍ଦେଶେ ତୁମ୍ଭର ଏ ମହାସୃଷ୍ଟି ଅନନ୍ତ ପ୍ରେମର ଅଖଣ୍ଡ ସଙ୍ଗୀତ ନୀରବ ସ୍ୱରରେ ଗାନ କରୁଅଛି । ତବ ପୁଣ୍ୟ ଆଗମନରେ ବର୍ଦ୍ଧେବୀ ଜ୍ୟୋତିଷ୍ମତୀ, ରଜନୀ ଜ୍ୟୋତିର୍ମୟୀ, ଅନନ୍ତ ଆକାଶର ଅନନ୍ତ ତାରକାଗୁମ୍ଫିତ ଅନନ୍ତ ଛାୟାପଥ ଜ୍ୟୋତିର୍ମୟ । ତମୋମୟୀ କେବଳ ତୁମ୍ଭ ସନ୍ତତିକୁଳର ଆଶା-ନିଶା । ଉପବନରେ ଶରତ ସୁନ୍ଦରୀ ଶେଫାଳିକା କୁସୁମସମ୍ଭାରରେ ହସୁଅଛି—ବନଜବନ୍ଧୁର କାସାରିକା କୁମୁଦ କହ୍ଲାରରେ ମଧୁର ହାସ ବିସ୍ତାର କରୁଅଛି—ରଜନୀରେ ନୃତ୍ୟଶୀଳା ଶୋଭନାଙ୍ଗୀ ସ୍ୱରୁ ଚନ୍ଦ୍ରିକା ତରଳ ହାସ୍ୟସୁଧା ଢାଳି ଦେଉଅଛି—ସମସ୍ତେ ଆନନ୍ଦମୟ, ନିରାନନ୍ଦ କେବଳ ତୁମ୍ଭର ପୁତ୍ରକନ୍ୟାଗଣ । ଦୁର୍ଭିକ୍ଷ-ପୀଡ଼ିତ ଅଶ୍ରୁସେଚସିକ୍ତ ବିରସ ବଦନରେ ହାସ୍ୟ କାହିଁ ଆସିବ ମା ? ସନ୍ନ୍ୟବେଶୀ ଶାରଦ ଘନ ତୁମ୍ଭର ଶୁଭାଗମନଶଂସୀ ଶଙ୍ଖ ବଜାଉଅଛି । ଦକ୍ଷିଣାଶାବଧୂ ଉଜ୍ଜ୍ୱଳ ଅଗସ୍ତ୍ୟ ସ୍ୱର୍ଣ୍ଣଦୀପ ଧାରଣ କରି ତୁମ୍ଭ ଆଗମନ ପଥ ଦୀପ୍ତିମୟ କରୁଅଛି—ସ୍ୱାତକ ପାପିୟା କଣ୍ଠରୁ ତୁମ୍ଭର ବିଜୟ ବଂଶୀଧ୍ୱନି ଉଠୁଅଛି; ମାତ୍ର ତୁମ୍ଭ ପୁତ୍ରକନ୍ୟାଙ୍କର ନୀରସ ରୁଦ୍ଧକଣ୍ଠ ହାଅନ୍ନ ହାଅନ୍ନ ରବରେ ନିନାଦିତ । ତୁମ୍ଭ ଆଗମନରେ ଆକାଶ ନିର୍ମଳ, ଜଳ ନିର୍ମଳ, ପବନ ନିର୍ମଳ; ମାତ୍ର ତୁମ୍ଭ ସନ୍ତତିକୁଳର ମନ ବିଷାଦ-ପଙ୍କିଳ । ଦେବି, ତୁମ୍ଭେ ଅନ୍ନପୂର୍ଣ୍ଣା । ତୁମ୍ଭର ସନ୍ତାନେ ଅନ୍ନଶୂନ୍ୟ । ହାୟ, ଏହା ସ୍ମରଣ କଲେ ନିଦାରୁଣ ଦୁଃଖବେଗରେ ହୃଦ୍ ସ୍ପନ୍ଦନ ଯେ ସ୍ତବ୍ଧ ହୋଇଯାଏ ମା ! ମା, ତୁମ୍ଭେ ପରିପୂର୍ଣ୍ଣା, ତୁମ୍ଭର ଲେଶମାତ୍ର ଅପୂର୍ଣ୍ଣତା ନାହିଁ; କିନ୍ତୁ ତୁମ୍ଭ ସନ୍ତାନଗଣଙ୍କର ଉଦର ଅପୂର୍ଣ୍ଣ, ଏ ଯୋଗ୍ୟ ବଣ୍ଟନ କରିବାକୁ କ୍ଷମା କାହିଁ ଜଗଦମ୍ବେ ? ମାଆ, ଏଥର ତୁମ୍ଭେ ସ୍ତବସ୍ତୁତି ଶୁଣିପାରିବ ନାହିଁ, ଶୁଣିବ କେବଳ ନୈରାଶ୍ୟର ସୁଦୀର୍ଘ ମର୍ମାନ୍ତିକ ତପ୍ତ ନିଃଶ୍ୱାସ ଓ କରୁଣ ହାହାରବ । ଶୁଷ୍କ ନୟନର ତପ୍ତ ଅଶ୍ରୁକଣା ଏଥର ତୁମ୍ଭର ଉପହାର, ଆଉ ପୁଷ୍ପାଞ୍ଜଳି ଭଗ୍ନ ହୃଦୟର ଅସ୍ଫୁଟ ବ୍ୟଥା । ଏଥିରେ ତୁମ୍ଭର ପ୍ରୀତି ହେବ କି ଜନନି ? ହାୟ ମା, କେଉଁ ପାପରେ ଉତ୍କଳସ୍ୱର୍ଗରେ ଏ ଉତ୍କଟ ଅଭିଶାପ ? କ୍ଷେମଙ୍କରି, ସେଥିର କି କ୍ଷମା ନାହିଁ, ସେ ପାପଦମନ କି ତୁମ୍ଭର ଦେବ-ଧାରଣାତୀତ ସାର୍ବଭୌମ ଶକ୍ତିର ଅସାଧ୍ୟ ?

ତୁମ୍ଭ ବିଚିତ୍ର ଲୀଳାର ଅଜ୍ଞେୟ ରହସ୍ୟ କିଏ ମସ୍ତିଷ୍କଗମ କରିପାରିବ ? କେବେ ଅନ୍ନପୂର୍ଣ୍ଣା ରୂପରେ ଅନ୍ନ ବିତରଣପୂର୍ବକ ଜଗତର କ୍ଷୁଧା ହରଣ କର—କେବେ ରଣତାଣ୍ଡବିନୀ ଉଗ୍ରଚଣ୍ଡୀ ମୂର୍ତ୍ତିରେ ପ୍ରଚଣ୍ଡ ଅସୁର ଦଳ ନିସୂଦନ କର—କେବେ ଅବା ଶୀତଳା ମୂର୍ତ୍ତିରେ ଜଗତକୁ ଶାନ୍ତି-ଦୋଳାରେ ଦୋଳାୟିତ କର । ସୁଖଦୁଃଖ ତୁମ୍ଭର ପ୍ରଦତ୍ତ, ହର୍ଷବିଷାଦ ତୁମ୍ଭର ପ୍ରଦତ୍ତ, ଶୀତ ଉଷ୍ଣ ସୁଦ୍ଧା ତୁମ୍ଭର ଦାତବ୍ୟ । ମଙ୍ଗଳମୟି, ତୁମ୍ଭର ମହାବିଧାନ କଦାପି ଅଶିବମୟ ହୋଇ ନ ପାରେ । ଇନ୍ଦ୍ରିୟ-ମଣି-ମନ୍ଦିର ଉତ୍କଳ-ସ୍ୱର୍ଗରେ ଏହି ଉପସ୍ଥିତ ଦୁର୍ଯୋଗ-ମଧ୍ୟରେ କି ମଙ୍ଗଳ ନିହିତ ଅଛି, ତାହା ତୁମ୍ଭେହିଁ

ବଞ୍ଚାଅ । ଚିରଦୁର୍ବଳମନା ମାନବର କେବଳ ଏତିକି ଭରସା ଓ ଆଶ୍ୱାସ ଯେ, ତୁମ୍ଭେ ଅଛ, ତୁମ୍ଭର ମଙ୍ଗଳ ଦୃଷ୍ଟିରେ ଅମଙ୍ଗଳ କେତେ କ୍ଷଣ ତିଷ୍ଠିପାରିବ ? ଆଲୋକ ଆଗରେ ଉଭା ହେବାକୁ ଅନ୍ଧାରର ସାହସ ଅଛି କି ? ତୁମ୍ଭେ ମହିମାମୟୀ ମା, ତୁମ୍ଭର ମାତୃନାମ ସଙ୍କଟ-ଶୈଳର ବଜ୍ରାସ୍ତ୍ରସ୍ୱରୂପ । ଆହା ମାତୃନାମରି କି ଅନୁପମ ମହିମା, କି ବିରାଟ ପ୍ରାଣୋନ୍ମାଦନୀ ଶକ୍ତି ! ତାହା ସନ୍ତାନର ରକ୍ଷାକବଚ । ଜୀବ ସଂସାର ପ୍ରବେଶ କାଳରେ କାନ୍ଦେ, ସେହି କ୍ରନ୍ଦନ ମଧ୍ୟରେ ମାତୃନାମରି ଅସ୍ଫୁଟ ଆଭାସ ବିଦ୍ୟମାନ । ସ୍ଥିତିକାଳ ମଧ୍ୟରେ ମାତୃ-ମନ୍ତ୍ର ସ୍ମରଣ କରି ଜୀବନ-ସଂଗ୍ରାମର ଘାତ ପ୍ରତିଘାତ ଅତିକ୍ରମ କରିବାକୁ କ୍ଷମ ହୁଏ ଏବଂ ଯିବାବେଳେ ସେହି ମାତୃନାମ ସମ୍ବଳ ଘେନିଯାଏ ।

ମା, ତୁମ୍ଭେ ମର୍ତ୍ତ୍ୟମଣ୍ଡଳକୁ ଆସୁଅଛ । ବର୍ଷାଧିକ କାଳ ହେଲା ମର୍ତ୍ତ୍ୟଭୂମିର ପାଶ୍ଚାତ୍ୟଖଣ୍ଡରେ ଯେଉଁ ରଣତାଣ୍ଡବ ଲାଗିଅଛି, ସେଥିର ଆଘାତ କି ତୁମ୍ଭ କୃପାସିଂହାସନକୁ ସଂସ୍ପର୍ଶ କରୁ ନାହିଁ କୃପାମୟି ? କେତେ ମହାପ୍ରାଣୀ ମହାଯୋଦ୍ଧା ଗଲେ—କେତେ ପରିବାର ଅନାଥ ହେଲେ, ସେମାନଙ୍କ କରୁଣ କ୍ରନ୍ଦନ ତପ୍ତ ଶୋକାଶ୍ରୁମିଶ୍ର ହାହାକାର କି ତୁମ୍ଭର କର୍ଣ୍ଣଗୋଚରି ହେଉ ନାହିଁ ? ମା, ଏବେ ଏ ଭୀଷଣ ନାଟକରି ଆତଙ୍କପ୍ରଦ ଅଭିନୟରେ ଯବନିକା ପାତ କର, ଭାରତର ପୁଣ୍ୟଶୀଳ ଧର୍ମାତ୍ମାଙ୍କୁ ଜୟଶ୍ରୀ ମଣ୍ଡିତ କର—ଧରଣୀରେ ଚିରଶାନ୍ତି ବିରାଜମାନ କରୁ—ଲୁପ୍ତ ସୌହାର୍ଦ୍ଦ୍ୟ-ଶଶୀ ପୁନଶ୍ଚ ଗଗନମଣ୍ଡଳ ଉଦ୍ଭାସିତ କରୁ, ତୁମ୍ଭର ବରାଭୟପ୍ରଦ ମଙ୍ଗଳମୟ ପଦ୍ମପାଦରେ ଏହାହିଁ ବରଭିକ୍ଷା ।

ଦେଖ, ତୁମ୍ଭେ ପୂଜା ନେବା ପାଇଁ ଆସୁଅଛ, କିଏ ତୁମ୍ଭର ପୂଜକ, ପୂଜାର ଉପାଦାନ ବା କଅଣ ? ତୁମ୍ଭେ ସର୍ବଘଟରେ ବିଦ୍ୟମାନ, ତୁମ୍ଭର ଅସ୍ତିତ୍ୱ ସର୍ବବ୍ୟାପୀ । ତେବେ ତୁମ୍ଭେହିଁ ତୁମ୍ଭର ପୂଜକ । ତୁମ୍ଭେ ସୃଷ୍ଟିର ପ୍ରତିବିମ୍ବ, ସୃଷ୍ଟି ତୁମ୍ଭର ପ୍ରତିବିମ୍ବ । ପ୍ରତ୍ୟେକ ସୃଷ୍ଟ ପଦାର୍ଥ ତୁମ୍ଭର । ତେବେ କିଏ କେଉଁ ଦ୍ରବ୍ୟରେ ତୁମ୍ଭର ପୂଜା କରିବ ? ପୁଣି ଜାଗତିକ ଭଙ୍ଗୁର ପଦାର୍ଥ ତୁମ୍ଭ ପୁଣ୍ୟପୂଜାର ଉପାଦାନ ହୋଇ ନ ପାରେ । ନିଷ୍କପଟ ଭକ୍ତି, ପ୍ରାଣଭରା ପ୍ରୀତି, ସୁବିଶୁଦ୍ଧ ସ୍ତୁତି ଏବଂ ଦାସ୍ୟ-ଭାବବ୍ୟଞ୍ଜିନୀ ବିନତି ତୁମ୍ଭର କଥଞ୍ଚିତ ପୂଜା-ଯୋଗ୍ୟ ହୋଇପାରେ; ମାତ୍ର ଯେ ସମସ୍ତ ମନଃସମ୍ଭୂତ ଏବଂ ମନ ତୁମ୍ଭରି ସୃଷ୍ଟି, ସୁତରାଂ ସବୁ ତୁମ୍ଭର । ତୁମ୍ଭରି ପଦାର୍ଥ ତୁମ୍ଭଙ୍କୁ ଅର୍ପଣ କଲେ ସେଥିରେ ତୁମ୍ଭର ବା କେଉଁ ପ୍ରୀତି ଜାତ ହେବ ?

ଆଉ ତୁମ୍ଭର ଆଗମନ ପ୍ରତିଗମନ ସୁଦ୍ଧା ବିଷମ ସମସ୍ୟାପୂର୍ଣ୍ଣ । ତୁମ୍ଭର ମହାଶକ୍ତି ସର୍ବଦା ସର୍ବତ୍ର ବିଦ୍ୟମାନ । ସେହି ଅଚିନ୍ତ୍ୟ ଶକ୍ତି ଜଗତକୁ ସୃଜିତ ଏବଂ ନିୟନ୍ତ୍ରିତ କରୁଅଛି । ତୁମ୍ଭେ ସତତ ଯିବା ପାଇଁ ଆସୁଅଛ ଏବଂ ଆସିବା ପାଇଁ ଯାଉଅଛ । ତୁମ୍ଭର ପୁଣି ସ୍ୱତନ୍ତ୍ର ଆଗମନ ପ୍ରତିଗମନ କଅଣ ? ତାହା ଦୁର୍ବଳ ମାନବର ଦୁର୍ବଳମସ୍ତିଷ୍କ ସଞ୍ଜାତ ସ୍ମୃତିପୂଜାର ଦୁର୍ବଳ କଳ୍ପନା-ମାତ୍ର । ତୁମ୍ଭର ଅଗାଧ କରୁଣା ଯେଉଁ ମାନବ ପରମାଣୁ ଉପରେ ପ୍ରତ୍ୟକ୍ଷ ଅପ୍ରତ୍ୟକ୍ଷ ଉଭୟ ଭାବରେ ପ୍ରତିନିୟତ ଅମିୟ-ସୁଧା ବୃଷ୍ଟି କରୁଅଛି, ସେହି କ୍ଷୁଦ୍ରାଦପି କ୍ଷୁଦ୍ର ମାନବ ତୁମ୍ଭର ମହିମା କଅଣ କଳିପାରିବ ? ତୁମ୍ଭର ଆଗମନ ପ୍ରତିଗମନ ମାନବ-ସୁଲଭ କ୍ଷୀଣ ଧାରଣାର ଭ୍ରାନ୍ତ ବିଜୃମ୍ଭଣମାତ୍ର ।

# ନିର୍ମଳ ଝର

ନିର୍ମଳ ଝର ଗଞ୍ଜାମର ଗୋଟିଏ ଉଲ୍ଲେଖଯୋଗ୍ୟ ଦର୍ଶନୀୟ ସ୍ଥାନ । ଏହା ଖଲ୍ଲିକୋଟରେ ଅବସ୍ଥିତ । ନିର୍ମଳ ଝର ଖଲ୍ଲିକୋଟର ପଶ୍ଚିମ ଦିଗସ୍ଥ କୁଣ୍ଡପର୍ବତର ଉଚ୍ଚପ୍ରଦେଶରୁ ଉତ୍ପନ୍ନହୋଇ ଗିରିଗର୍ଭରେ ଲୁକ୍କାୟିତ ଭାବରେ କିଛିଦୂର ଗମନପୂର୍ବକ ପରେ ବହୁଧାରାରେ ବିଭକ୍ତ ହୋଇ ନିମ୍ନଭୂମିରେ ପ୍ରବାହିତ ହୋଇଅଛି । କୁଣ୍ଡପର୍ବତଟି ଭୀଷଣ ଅରଣ୍ୟାନୀପୂର୍ଣ୍ଣ ଏବଂ ଶ୍ୱାପଦ-ସଙ୍କୁଳ । ଏହି ପର୍ବତରେ ସେଗୁନ ଚନ୍ଦନ ବହୁବିଧ ମୂଲ୍ୟବାନ ବୃକ୍ଷ ଅଛି । ରାଜାଜ୍ଞାପ୍ରଯୁକ୍ତ ଏହି ପର୍ବତରେ କାଠ କାଟିବା ନିଷିଦ୍ଧ ହୋଇଥିବାରୁ ଉକ୍ତ ରକ୍ଷୀ ଅରଣ୍ୟ କ୍ରମଶଃ ନିବିଡ଼ ହୋଇ ମାନବର ଅଗମ୍ୟ ସ୍ଥାନରେ ପରିଣତ ହୋଇଅଛି । ଏହି ପର୍ବତ ଆପାଦମସ୍ତକ ମାଳତୀଲତା-ମଣ୍ଡିତ; ବର୍ଷାଋତୁରେ ଅପର୍ଯ୍ୟାପ୍ତ ମାଳତୀ ଫୁଲରେ ଭାରାବନତ ହୋଇ ଅପୂର୍ବ ଶ୍ରୀ ଧାରଣ କରେ । ପର୍ବତ ତଳେ ନାଗେଶ୍ୱର ଫୁଲର ବିସ୍ତୃତ ତୋଟା ଅଛି । ବସନ୍ତ ସମୟରେ ସେ ସ୍ଥାନଟି ନନ୍ଦନକାନନରେ ପରିଣତ ହୋଇ ନାସାତର୍ପଣକାରୀ ସ୍ୱର୍ଗୀୟ ସୁରଭି ବିକିରଣ କରେ । ଉଦ୍ୟାନରେ ନାଗେଶ୍ୱର ପୁଷ୍ପ ପ୍ରସ୍ଫୁଟିତ ହୋଇ ବନରୂପିଣୀ ବନିତାର ନାସାପୃଷ୍ଠରେ ସୁବର୍ଣ୍ଣ ବସଣୀ ଭଳି ପ୍ରତୀୟମାନ ହୁଏ । ଆହା ! ସେକାଳର ମନୋହାରିଣୀ ଶୋଭା ଅନୁମାନସାପେକ୍ଷ ନୁହେଁ— ତାହା ଅନୁଭବ-ସାପେକ୍ଷ । ନିର୍ମଳ ଝରର ଜଳ ନିର୍ମଳ, ଦୃଶ୍ୟ ନିର୍ମଳ ଏବଂ ଉକ୍ତ ଦୃଶ୍ୟ ଦର୍ଶନରେ ସଂସାର-କଳୁଷିତ ମନ ସୁଦ୍ଧା ନିର୍ମଳ ହୁଏ । ସ୍ଥାନଟି ଭବ ସନ୍ନ୍ୟାସୀଙ୍କ ବାସୋପଯୋଗୀ ପବିତ୍ର ଓ ନିରଞ୍ଜନ । ସେଠାରେ ସଂସାରର କୋଳାହଳ ନାହିଁ, ଘାତ-ପ୍ରତିଘାତ ନାହିଁ, ରାଗଦ୍ୱେଷାଦିର ଭୀଷଣ ସଂଗ୍ରାମ ନାହିଁ । ତାହା ସ୍ୱର୍ଗ ଭଳି ସଦା ଶାନ୍ତିମୟ, ସୁଖମୟ ଏବଂ ଆନନ୍ଦମୟ ଧାମ । ପର୍ବତର ପାଦଦେଶରେ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ଅଛି । ଏହି ଦୁର୍ଗ ବର୍ତ୍ତମାନ ନରପତିଙ୍କ ପିତାମହ ପ୍ରଖ୍ୟାତନାମା ନାରାୟଣ ମର୍ଦ୍ଦରାଜଦେବଙ୍କ ସମୟରେ ନିର୍ମିତ ହୋଇଥିଲା ; ମାତ୍ର ଦେଉଳମାନ ତତ୍ପୂର୍ବରୁ ନିର୍ମିତ ହୋଇଥିବାର କଥିତ ହୁଏ । ଦୁର୍ଗର ଚତୁଃପାର୍ଶ୍ୱରେ ସୁଦୃଢ଼ ପ୍ରସ୍ତର ପ୍ରାଚୀର, ମଧ୍ୟରେ ରାଜଅନ୍ତଃପୁର, ପରିଚାରିଣୀ-ନିବାସ, ପ୍ରହରୀ ନିବାସ, ଅନ୍ୟାନ୍ୟ ରାଜଯୋଗ୍ୟ ପ୍ରାସାଦ, କମଳାଦେବୀଙ୍କର ମନ୍ଦିର ଏବଂ ଜଗନ୍ନାଥମନ୍ଦିର ଯଥାସ୍ଥାନରେ ଅବସ୍ଥିତ । ନିର୍ମଳ ଝର ରାଜବାଟୀକୁ ଆନୀତ ହୋଇ ନାନା ଶାଖାରେ ବିଭକ୍ତ କରାଯାଇଅଛି । ସେହି ସମୟରେ ଗଡ଼ ପ୍ରାଚୀରର ମଧ୍ୟବର୍ତ୍ତୀ ସ୍ଥାନରେ ଅନେକ କୁଣ୍ଡ ଖୋଦିତ ହୋଇଥିଲା । ସେହି ସମସ୍ତ କୁଣ୍ଡରେ ଝରଜଳ ସଞ୍ଚିତ ହୋଇ ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହେଉଥିଲା । ନଅର ମଧ୍ୟରେ କ୍ଷୁଦ୍ର ପୁଷ୍କରିଣୀ ଭଳି ଗୋଟିଏ ବୃହତ୍ ପ୍ରସ୍ତର ବାପୀ ଅଛି । ଝରର ଗୋଟିଏ ପୟଃପ୍ରଣାଳୀ ଦ୍ୱାରା ଏହି ବାପୀରେ ଜଳ ସଞ୍ଚିତ ହୁଏ । ଅନ୍ତଃପୁରସ୍ଥ ମହିଳାମାନଙ୍କର ଏହା ସ୍ନାନ-ସରୋବର ଥିଲା । ବିଷ୍ଣୁମନ୍ଦିର ସମ୍ମୁଖରେ ଗୋଟିଏ ସୁନ୍ଦର କୁଣ୍ଡ ଅବସ୍ଥିତ । କୁଣ୍ଡର ଚତୁଃପାର୍ଶ୍ୱରେ ଶଙ୍ଖଚକ୍ର-ଗଦାପଦ୍ମଧାରୀ ବିଷ୍ଣୁ, ମହାଦେବ ଓ ଧ୍ୟାନମଗ୍ନ କଣ୍ଡୁ ମୁନି ଏବଂ ଅପର ଆଠଗୋଟି ମୁନିମୂର୍ତ୍ତି ସନ୍ନିବେଶ ରହି ଶିଳ୍ପନୈପୁଣ୍ୟର ପରାକାଷ୍ଠା ପ୍ରଦର୍ଶନ କରୁଅଛନ୍ତି । ଝରର ଗୋଟିଏ ଶାଖା ବିଷ୍ଣୁଙ୍କ ପାଦତଳରୁ ବାହାରି କଣ୍ଡୁଙ୍କ ଜାନୁ ତଳେ ପ୍ରବାହିତ ହୋଇ ଗଙ୍ଗୋତ୍ରୀ ଶୃଙ୍ଗ ଆଡ଼କୁ ଯାଇଅଛି । ମୁନିମୂର୍ତ୍ତି-ଗୁଡ଼ିକ ଆକଣ୍ଠ ଜଳମଗ୍ନ ରହି ଧ୍ୟାନରେ ନିଯୁକ୍ତ । କୁଣ୍ଡର ଏକପାର୍ଶ୍ୱରେ ଗଙ୍ଗୋତ୍ରୀ ଶୃଙ୍ଗର ପ୍ରସ୍ତରମୂର୍ତ୍ତି ଅଛି । ସେଥିରୁ ତିନି ଧାରାରେ ଜଳ ନିର୍ଗତ ହୋଇ କୁଣ୍ଡରେ ସଞ୍ଚିତ ହୁଏ । ଅପର ଗୋଟିଏ ଜଳଧାରା ଜଗନ୍ନାଥ ମନ୍ଦିରର ସମ୍ମୁଖବର୍ତ୍ତୀ କୁଣ୍ଡରେ ପତିତ ହୁଏ । ଏହି ସମସ୍ତ କୁଣ୍ଡରୁ ଜଳ ନିର୍ଗମନର ସ୍ୱତନ୍ତ୍ର ପଥ ଅଛି । ସ୍ରୋତର ପ୍ରତିଲୋମରେ କ୍ଷୁଦ୍ର କ୍ଷୁଦ୍ର ମୀନସମୂହ ନିର୍ଭୟରେ କ୍ରୀଡ଼ା କରନ୍ତି । ମନୁଷ୍ୟର ହସ୍ତସ୍ପର୍ଶକୁ ସେମାନେ ଭୟ କରନ୍ତି ନାହିଁ । ସେମାନଙ୍କର ଏହି ଭାବ ଦେଖି "ଜାଣି ନାହାନ୍ତି, କେବେଁ ନର ପ୍ରକୃତି,

ତେଣୁ ତାଙ୍କର ଏହି ଅନାସ୍ଥା ଭାବ’’ ଏହି କବି-ବାଣୀ ସ୍ୱତଃ ମନରେ ଉଦିତ ହୁଏ । ସେଠା ଉଜ୍ଜ୍ୱଳ ମସୃଣ ପଥରନିର୍ମିତ ଦଶ ଅବତାର ମୂର୍ତ୍ତିର ସୂକ୍ଷ୍ମଛବି ଦେଖିଲେ ମୀନମାନଙ୍କ ତୁଲ୍ୟ ମନ ସୁଦ୍ଧା କାଳସ୍ରୋତର ପ୍ରତିଲୋମରେ ସନ୍ତରଣ କରେ ।

ବିମଳା ଏ ସ୍ଥାନର ଅଧିଷ୍ଠାତ୍ରୀ ଦେବୀ । ଏଣୁ ଏ ସ୍ଥାନର ପ୍ରାଚୀନ ନାମ ବିମଳାପୀଠ ଥିଲା । ବିଷ୍ଣୁମନ୍ଦିରର ସମ୍ମୁଖଭାଗରେ ବିମଳାଦେବୀଙ୍କର ବେଦୀ ଏବଂ ମନ୍ଦିର ବିଦ୍ୟମାନ । ଦେବୀମନ୍ଦିରର ସମ୍ମୁଖରେ ଗୋଟିଏ କ୍ଷୁଦ୍ର କୁଣ୍ଡ ଅଛି । ଝରଣାର ଗୋଟିଏ ଜଳଧାରା ଦ୍ୱାରା କୁଣ୍ଡଟି ପୂର୍ଣ୍ଣ ହୁଏ । କୁଣ୍ଡର ଏକପାର୍ଶ୍ୱରେ ଦେବୀଙ୍କର ବାହନ କେଶରୀ ମୂର୍ତ୍ତି । ମୂର୍ତ୍ତିର ଅଙ୍ଗ-ସୌଷ୍ଠବ ଅତି ଚମତ୍କାର । ଏ ସ୍ଥାନର ଦୃଶ୍ୟାବଳୀ ଦର୍ଶନ ଏକଦିନ ବା ଦୁଇଦିନରେ ପରିସମାପ୍ତ ହେବ ନାହିଁ । ଏକାଦିକ୍ରମରେ ଏକ ମାସ କିମ୍ବା ତଦୁର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ନ ଦେଖିଲେ କୌଣସି ଦର୍ଶକର ଉତ୍କଣ୍ଠା ମେଣ୍ଟିବାର ଆଶା ନାହିଁ । ପ୍ରଧାନ ଦୃଶ୍ୟ ମଧ୍ୟରେ ବିଷ୍ଣୁମନ୍ଦିର ଏବଂ ମକର ମଣ୍ଡପର ସୂକ୍ଷ୍ମଶିଳ୍ପ ବିଶେଷ ଉଲ୍ଲେଖଯୋଗ୍ୟ । ବିଷ୍ଣୁମନ୍ଦିରର ଭିତର ବାହାର ଉଭୟ ପାର୍ଶ୍ୱରେ ପ୍ରତିହାରୀ ଜୟବିଜୟଙ୍କର ସୁଲଳିତ ମୂର୍ତ୍ତି ସନ୍ନିବିଷ୍ଟ । ତତ୍ପାର୍ଶ୍ୱରେ ଗୋବର୍ଦ୍ଧନ ଧାରଣ ଓ ବସ୍ତ୍ରହରଣ ଛବିର ସୂକ୍ଷ୍ମଶିଳ୍ପ କଳନିର୍ମିତ ପରି ବୋଧ ହୁଏ । ଏତଦ୍‌ବ୍ୟତୀତ କେଉଁଠାରେ ଶ୍ରୀକୃଷ୍ଣଙ୍କ ଜନ୍ମ, କେଉଁଠାରେ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳା, କେଉଁଠାରେ ପୂତନା-ନିପାତ, କେଉଁଠାରେ କଂସାସୁରର ଭୀଷଣ ସମର, କେଉଁଠାରେ ଦଶଅବତାର ଚିତ୍ର, କେଉଁଠାରେ ନବଗ୍ରହ ଚିତ୍ର, କେଉଁଠାରେ ସ୍ୱୟମ୍ବର ସଭାର ଚିତ୍ର ଓ କେଉଁଠାରେ ଶ୍ୱେତପଦ୍ମାସୀନା ବୀଣାପାଣି, ମହିଷମର୍ଦ୍ଦିନୀ ଦୁର୍ଗା, ଲୋକମାତା ଲକ୍ଷ୍ମୀ, ଗଣେଶ, କାର୍ତ୍ତିକ ପ୍ରଭୃତି ଦେବଦେବୀ ଓ ବିବିଧ ପଶୁପକ୍ଷୀ ଓ ବୃକ୍ଷଲତାର ସୁଦୃଶ୍ୟ ଚିତ୍ର ସନ୍ନିବିଷ୍ଟ ରହି ମହାଶୋଭାର ବିପଣୀ ବିସ୍ତାର କରିଅଛି । ସେ ଶୋଭାରେ ନେତ୍ରପାତ ହେଲେ ସୌନ୍ଦର୍ଯ୍ୟ-ପୀୟୂଷ-ପିପାସୁ ଦର୍ଶକର ନେତ୍ର ସହଜରେ ଫେରିଆସେ ନାହିଁ କିମ୍ବା ମନ ଅନ୍ୟତ୍ର ଯିବାକୁ ସ୍ୱୀକୃତ ହୁଏ ନାହିଁ । ଫଳତଃ ବିଷ୍ଣୁମନ୍ଦିରଟି ଦର୍ଶକ ନୟନମନର ଆନନ୍ଦାଗାରସ୍ୱରୂପ ।

ମକର ମଣ୍ଡପଟି ମକରମୂର୍ତ୍ତି ଉପରେ ନିର୍ମିତ । ଏହା ସମ୍ମୁଖଭାଗରେ ଗୋଟିଏ ବୃହତ୍ କୁଣ୍ଡ ଅଛି । ତାହା ମକର କୁଣ୍ଡ ନାମରେ ଅଭିହିତ । ମଣ୍ଡପର ପୀଠ ସ୍ୱଚ୍ଛ ମର୍ମର ପ୍ରସ୍ତରରେ ନିର୍ମିତ ହୋଇଅଛି ; ଆକୃତି ସମଚତୁରସ୍ର ବିଶିଷ୍ଟ ନାତି ଉଚ୍ଚ ଓ ନାତି ଖର୍ବ । ତାହାର ସ୍ତମ୍ଭାବଳୀ, ଦେହଳୀ, ଓସା, ଶ୍ରେଣୀ, ଗୁମ୍ଫ ଓ ଛାତ ପ୍ରଭୃତି ସମସ୍ତ ଅଂଶ ପ୍ରସ୍ତରନିର୍ମିତ ଓ ସୂକ୍ଷ୍ମ-ସୂକ୍ଷ୍ମ ଶିଳ୍ପ-ମଣ୍ଡିତ । ସେଥିର ସୂକ୍ଷ୍ମତମ ସୁରୁକାରୁକାର୍ଯ୍ୟ ଅବଲୋକନ ସକାଶେ ଯୁବକର ସୁଦ୍ଧା ପ୍ରଚକ୍ଷୁର ଆବଶ୍ୟକ ହୁଏ । ଏହି ସମସ୍ତ ଶିଳ୍ପବୈଭବ ଦେଖିଲେ ମନ ଯୁଗପତ୍ ବିସ୍ମୟାନନ୍ଦ ରସରେ ଅଭିଷିକ୍ତ ହୁଏ । ଏହି ଶିଳ୍ପଗୁଡ଼ିକ ପୂର୍ବକାଳୀନ ଉତ୍କଳ-ଶିଳ୍ପୀମାନଙ୍କର ହସ୍ତ-ଲାଘବତାର ସ୍ପଷ୍ଟ ପରିଚାୟକ । ସେକାଳର ଶିଳ୍ପୀମାନଙ୍କ ସହିତ ଆଧୁନିକ ଯୁଗର ଶିଳ୍ପୀମାନଙ୍କର ତୁଳନା କଲେ ଆକାଶ ପାତାଳର ପ୍ରଭେଦ ପରିଲକ୍ଷିତ ହୁଏ । ସମ୍ଭବତଃ ଦୁଇଶତ ବର୍ଷ ମଧ୍ୟରେ ଏହି ସମସ୍ତ ଶିଳ୍ପ ନିର୍ମିତ ହୋଇଥିଲା । ଏତେ ଅଳ୍ପ ସମୟ ମଧ୍ୟରେ ଉତ୍କଳ-ଶିଳ୍ପୀମାନଙ୍କର ଯେଉଁରୂପ ଦାରୁଣ ଅବନତି ଘଟିଅଛି, ତାହା ନିବିଷ୍ଟ ମନରେ ଭାବିଲେ ବିସ୍ମୟାବିଷ୍ଟ ହେବାକୁ ହୁଏ । ଦେଶୀୟ ଶିଳ୍ପିକୁଳର ଏତାଦୃଶ ଅଧୋଗତି କାହାର କଷ୍ଟପ୍ରଦ ନୁହେଁ ? ଯେଉଁ ଉତ୍କଳୀୟ ଶିଳ୍ପୀମାନଙ୍କର ଅତୁଳ ସୁପ୍ରତିଷ୍ଠା ଉତ୍କଳର କ୍ଷୁଦ୍ର ସୀମା ମଧ୍ୟରେ ଆବଦ୍ଧ ନ ରହି ଦେଶଦେଶାନ୍ତରରେ ବିଚରଣ କରୁଥିଲା, ସେମାନଙ୍କ ବଂଶଧରମାନଙ୍କର ଦୁର୍ଦ୍ଦଶା ଭାବିଲେ କେଉଁ ହୃଦୟବାନ୍ ବ୍ୟକ୍ତିର ଚିତ୍ତ ଲୋତକ-ପୂର୍ଣ୍ଣ ନ ହେବ ?

କବିଗୀତ ରାଜଅନ୍ତଃପୁରର ଦୃଶ୍ୟ ଶାନ୍ତରସୋଦ୍ଦୀପକ । ସ୍ୱଚ୍ଛ ସ୍ୱର୍ଣ୍ଣର ମଣିମୁକ୍ତାର ଉଜ୍ଜ୍ୱଳ ଆଲୋକରେ ଯେଉଁ ସ୍ଥାନରେ ଦିବା ରଜନୀର ପ୍ରଭେଦ ବାରି ହେଉ ନ ଥିଲା, ସେ ସ୍ଥାନ ଏବେ ଅନ୍ଧାରର ଚିର ନିବାସ ହୋଇଅଛି । ଯେଉଁଠାରେ ଜନ କଳରବର କଲ୍ଲୋଳ ପ୍ରବାହିତ ହେଉଥିଲା, ସେ ସ୍ଥାନରେ ଏବେ ନିର୍ଜନତା

ନୀରବତା ସହିତ ସମଭିବ୍ୟାହାରରେ ସ୍ୱକୀୟ ବିସ୍ତାର କରିଅଛି । ଯେଉଁ ସ୍ଥାନ ଅଗୁରୁ ଧୂପର ସୁରମ୍ୟମୟ ସୌରଭରେ ମହକିଉଠୁଥିଲା, ସେ ସ୍ଥାନ ଏବେ ରମଣୀଦେହରୁ ନିଃସୃତ ପୂତିଗନ୍ଧରେ ପୂର୍ଣ୍ଣ । ଏହି ସମସ୍ତ ଦେଖି କାଳର ବିଚିତ୍ର ଲୀଳା ସ୍ମୃତିପଟରେ ସ୍ୱତଃ ଅଙ୍କିତ ହୋଇଯାଏ । ସ୍ୱାସ୍ଥ୍ୟ ଏକା ଜଙ୍ଗମ ପଦାର୍ଥର ନୁହେଁ, ସ୍ଥାବର ପଦାର୍ଥର ମଧ୍ୟ ସ୍ୱାସ୍ଥ୍ୟ ଅଛି । କାଳକ୍ରମେ ସ୍ଥାନୀୟ ଜଳବାୟୁର ଅବନତି ଘଟିବାରୁ ସେରୂପ ସ୍ୱର୍ଗୀୟ ସ୍ଥାନ ଲୋକବସତିର ଅଯୋଗ୍ୟ ହୋଇଅଛି । ଅତଏବ କାହାରି ସ୍ୱାସ୍ଥ୍ୟ ଚିର ନୁହେଁ ଏବଂ ଯେ ଆଧାରରେ ଗୁଣ, ସେହି ଆଧାରରେ ଦୋଷ ବିଦ୍ୟମାନ ।

ଏରୂପ ଗୋଟିଏ ସ୍ଥାନ ପୁଣି ଜମ୍ମା ଭୁବନେଶ୍ୱରରେ ଥିଲେ ମହାତୀର୍ଥ ରୂପରେ ପୂଜା ପାଇଥାନ୍ତା ଏବଂ ବହୁ-ଲୋକଙ୍କର ଉଦରପୋଷଣର ପନ୍ଥା ଉନ୍ମୁକ୍ତ କରିଥାନ୍ତା; ମାତ୍ର ଏଠାରେ କେହି ପଚାରିବାକୁ ନାହିଁ । ସେଥିର ଶୋଭା ଓ ପବିତ୍ରତା ଏବେ ବନ୍ୟ ପଶୁପକ୍ଷୀଏ ଉପଭୋଗ କରୁଅଛନ୍ତି । ନଗରର ମଧ୍ୟସ୍ଥଳରେ ଗୋଟିଏ ପ୍ରଶସ୍ତ ତଡ଼ାଗର ଅଛି । ପ୍ରାଚୀରର ଭଗ୍ନ ସ୍ତୂପଗଂ-ମୟ । ଗୁପ୍ତ ଚରବର୍ଗ ସନ୍ଧିକାଳରେ ଏହି ସମସ୍ତ ସ୍ତୂପଗଂ ମଧ୍ୟରେ ରହି ନଗର ରକ୍ଷା କରୁଥିଲେ । କାଳି-ପାଟ କାଳର ବକ୍ର କୁଟିଳ ଦନ୍ତରେ ନଗରର ଅଧିକାଂଶ ଚର୍ବିତ ହୋଇଥିଲେହେଁ ରାଣୀହଂସପୁର ପ୍ରଭୃତି ଅଦ୍ୟାପି ଦଣ୍ଡାୟମାନ ରହି ନୀରବର ଅତୀତ ସ୍ମୃତି ଉଦ୍‌ବୋଧକ ସଙ୍ଗୀତ ଗାନ କରୁଅଛି । ପିତୃସନ୍ତୋଷ-ସମ୍ବର୍ଦ୍ଧନ-ବ୍ରତୀ ପ୍ରାତଃସ୍ମରଣୀୟ ସ୍ୱର୍ଗୀୟ ରାଜା ହରିହର ମର୍ଦ୍ଦରାଜ ଦେବ ଏ ସ୍ଥାନର ଯଥେଷ୍ଟ ସଂସ୍କାର କରିଯାଇଅଛନ୍ତି । ସେ ସେଠାରେ ଗୋଟିଏ ଆଦର୍ଶ କୃଷିକ୍ଷେତ୍ର ସ୍ଥାପନ କରିଅଛନ୍ତି । ଝରଣାର ସାହାଯ୍ୟରେ ସେଥିରେ ଦେଶୀ ବିଦେଶୀ ବିବିଧ କୃଷିର ଆବାଦ ହୁଏ । ଅପୂର୍ବ ନବ ନବ ସୁଚିନ୍ତା ଉଦ୍ଭାବନପୂର୍ବକ ପ୍ରଜାମାନଙ୍କୁ ସେହି ପଥରେ ପଥିକ କରାଇବା ପ୍ରକୃତ ସମୁଚିତ କାର୍ଯ୍ୟ । ମହାରାଜ ହରିହର ମର୍ଦ୍ଦରାଜ ଦେବ ସତତ ସେହି କାର୍ଯ୍ୟର ପକ୍ଷପାତୀ ଥିଲେ । କୃଷିକ୍ଷେତ୍ରଟି ଦର୍ଶକର ଚକ୍ଷୁଆକର୍ଷକ । ବାସ୍ତବରେ ସେହି ସ୍ୱର୍ଗତୁଲ୍ୟ କୁଞ୍ଜୋ-ପମ ରମ୍ୟ ଉପବନରେ ବସି ଉପତ୍ୟକାସ୍ଥ ବନ୍ୟତରୁ ଉପରେ ଛାୟା ଓ ଆଲୋକର ଅଶ୍ରାନ୍ତ ସଂଗ୍ରାମ ଦେଖିଲେ ମନରେ ଅପୂର୍ବ ଆନନ୍ଦର ସଞ୍ଚାର ହୁଏ । କେତେବେଳେ ଛାୟା ଆଲୋକକୁ ଗ୍ରାସ କରେ, କେତେ-ବେଳେ ଅବା ଆଲୋକ ଛାୟାକୁ ଗ୍ରାସ କରେ, କେତେ-ବେଳେ ଆଲୋକ ଛାୟାକୁ ଠେଲି ଦେଇଯାଏ ଏବଂ ଅବ୍ୟବହିତ ପରେ ଛାୟା ଆଲୋକକୁ ଠେଲି ଦେଇଆସେ । ପର୍ବତ ଦେହରେ ଏହିପରି ଆଲୋକ ଓ ଛାୟାର ମଲ୍ଲ-ଯୁଦ୍ଧ ସମୟରେ ସେ ଦୃଶ୍ୟ ପାପୀ ହୃଦୟରେ ପୁଣ୍ୟର ଛାୟା ଏବଂ ପୁଣ୍ୟ ହୃଦୟରେ ପାପର ଛାୟାପାତ ହୁଏ ଦୃଷ୍ଟାୟମାନ ହୁଏ । ଆଲୋକ ଓ ଛାୟା ପରସ୍ପରକୁ ଗ୍ରାସ କରନ୍ତି; ମାତ୍ର କେହି ମରେ ନାହିଁ; ମୁହୂର୍ତ୍ତର ପରକ୍ଷଣରେ ପୁନଶ୍ଚ ଜନ୍ମଲାଭ କରନ୍ତି । ସଂସାରରେ ଯାହା ମରିବା ନିମନ୍ତେ ଜନ୍ମହୁଏ ଏବଂ ଜନ୍ମହେବା ନିମନ୍ତେ ମରେ । ବୋଧହୁଏ ଏହି ନିସର୍ଗ ଦୃଶ୍ୟଟି ସଙ୍କେତରେ ଏହି ମହାତତ୍ତ୍ୱ ଶିକ୍ଷା ଜଗତକୁ ପ୍ରଦାନ କରିଥାଏ ।

## ସେବାଧର୍ମ

ସେବାହିଁ ଜଗତର ମହିମିତ ସାରଧର୍ମ । ସୂକ୍ଷ୍ମ-ଭାବରେ ପର୍ଯ୍ୟବେକ୍ଷଣ କଲେ ଏ ସ୍ଥାବର, ଏ ଜଙ୍ଗମ ଜାଗତିକ ସକଳ ପ୍ରାଣରେ ସେବାର ପ୍ରକଟ ମୂର୍ତ୍ତି ପ୍ରତିଭାତ ହେବ । ମହାପ୍ରକୃତିର ମହାଶକ୍ତିନିଚୟ ପ୍ରତିମୁହୂର୍ତ୍ତରେ ଅବିଶ୍ରାନ୍ତ ସେବାର ମଙ୍ଗଳ ଆଦର୍ଶ ପ୍ରଦର୍ଶନ କରୁଅଛନ୍ତି । ଗଗନବିହାରୀ ରବିଶଶୀ ପ୍ରଭୃତି ଜ୍ୟୋତିଷ୍କମଣ୍ଡଳୀ ଉଜ୍ଜ୍ୱଳ ଆଲୋକରାଶି ବିକିରଣ-ପୂର୍ବକ ଅହର୍ନିଶ ବିଶ୍ୱବ୍ରହ୍ମାଣ୍ଡର ସେବାରେ ନିଯୁକ୍ତ ଅଛନ୍ତି । ସେମାନେ କ୍ଷଣମାତ୍ର ସେହି ସେବାରୁ ବିରତ ହେଲେ ପ୍ରକୃତି ପ୍ରଳୟ ଅନ୍ଧକାରରେ ନିମଜ୍ଜିତ

ହୋଇ ଅନ୍ଧ ହୋଇଯିବ । ସମୀରଣର ଅଖଣ୍ଡ ନିଃସ୍ୱାର୍ଥ ସେବା ଜଗତକୁ ବଞ୍ଚାଇ ରଖିଅଛି । ତାହାର ସେବା-ସ୍ରୋତ ସଂରୁଦ୍ଧ ହେଲେ ଏହି ଅନନ୍ତ କମନୀୟ ସଜୀବ ସଂସାର ଲକ୍ଷମାନେ ମହା ଭୀଷଣ ଶ୍ମଶାନରେ ପରିଣତ ହୋଇ ପରିଶେଷରେ ଅସ୍ତିତ୍ୱ ହରାଇ ବସିବ । ବାରିଦ-ମାଳା ବାରିବର୍ଷଣ ଦ୍ୱାରା ଶୁଷ୍କ ସନ୍ତପ୍ତ ଧରଣୀକୁ ସରସ ଓ ଶୀତଳ କରିଦିଏ । ତାହାର ଏ ଖଣ୍ଡେଣି ସେବା ଅତି ଉଦାର, ମହାନ ଓ ମୌଳିକ । ଅନଳ ପ୍ରକୃତିର ଦାହିକା ଶକ୍ତି ହେଲେହେଁ ତାହା ସମସ୍ତ ପଦାର୍ଥର ଅଭ୍ୟନ୍ତରରେ ରହି ଶୀତୋଷ୍ଣର ସମତା ରକ୍ଷା କରୁଅଛି । ଏହିପରି ପ୍ରତ୍ୟେକ ପ୍ରାକୃତିକ ପଦାର୍ଥ ଫଳକାମନାଶୂନ୍ୟ ସେବାର ଗୋଟିଏ ଗୋଟିଏ ବିରାଟ ଦୃଷ୍ଟାନ୍ତ । ସେହି ସେବା ସେମାନଙ୍କୁ ଦେବତ୍ୱ ପ୍ରଦାନ କରିଅଛି ।

ପ୍ରାକୃତ ମହାଶକ୍ତିସମୂହର କଥା ଛାଡ଼ିଦେଲେ ମଧ୍ୟ ସେବାର ଦୃଷ୍ଟାନ୍ତ ବିରଳ ନୁହେଁ । ରାଜା ପ୍ରଜାର ସେବା କରୁଅଛି, ପ୍ରଜା ରାଜାର ସେବା କରୁଅଛି, ବୈଦ୍ୟ ରୋଗୀର ସେବା କରୁଅଛି, ଭୃତ୍ୟ ପ୍ରଭୁର ସେବା କରୁଅଛି, ପୂଜକ ଦେବତାର ସେବା କରୁଅଛି, ବିଦ୍ୟାର୍ଥୀ ବିଦ୍ୟାର ସେବା କରୁଅଛି, ଅଶାର୍ଥୀ ଅଶାର ସେବା କରୁଅଛି ଏବଂ ଧନୀ ଦାନସାଗର ବିସ୍ତାରପୂର୍ବକ ଦରିଦ୍ରନାରାୟଣଙ୍କର ସେବା କରୁଅଛି, ପକ୍ଷାନ୍ତରରେ ସମସ୍ତ ଧନୀ ବ୍ୟକ୍ତି ଯେ ଦରିଦ୍ର-ସେବାରେ ନିଯୁକ୍ତ, ଏହା ସମ୍ପୂର୍ଣ୍ଣ ସତ୍ୟମୂଳକ ନୁହେଁ । ବିଳାସବ୍ୟସନ-ସର୍ବସ୍ୱ ଧନୀମାନେ ଏଥିର ବ୍ୟତିରେକ ଉଦାହରଣ ସ୍ଥଳ । ମାତ୍ର ସେମାନେ ସେବାଶୂନ୍ୟ ନୁହନ୍ତି । ପ୍ରତ୍ୟୁତ ସେମାନେ ଇନ୍ଦ୍ରିୟ-ସେବା ରୂପ ଆତ୍ମସେବାରେ ଅହରହ ନିମଗ୍ନ । ସ୍ୱାର୍ଥସୁଖ ଯାହାର ଜୀବନର ପରମ ଲକ୍ଷ୍ୟ, ସେ ଆତ୍ମସେବା ନ କରି ଆଉ କଅଣ କରିପାରେ ?

ସେବା ଦୁଇ ପ୍ରକାର—ସ୍ୱାର୍ଥ ସେବା ଓ ନିଃସ୍ୱାର୍ଥ ସେବା । ଯାହା ନିର୍ଲକ୍ଷ୍ୟ, ତାହା ନିଃସ୍ୱାର୍ଥ । ପୂର୍ବୋକ୍ତ ପ୍ରାକୃତିକ ଶକ୍ତିନିଚୟର ସେବା ନିର୍ଲକ୍ଷ୍ୟ, ସୁତରାଂ ନିଃସ୍ୱାର୍ଥ । କବିର କଳ୍ପନା-ସେବା ମଧ୍ୟ ନିଃସ୍ୱାର୍ଥ । ଏଠାରେ କବିଶବ୍ଦ ଦ୍ୱାରା କେବଳ କବିତା-ଲେଖକ ବା ସାହିତ୍ୟସେବୀଙ୍କୁ ଲକ୍ଷ୍ୟ କରାଯାଇ ନାହିଁ, ବୈଜ୍ଞାନିକ , ଐତିହାସିକ , ଶାସ୍ତ୍ରପୁରାଣକାର , ଜ୍ୟୋତିର୍ବିତ୍, ଧର୍ମପ୍ରଚାରକ ପ୍ରଭୃତି ନିଃସ୍ୱାର୍ଥବୃତ୍ତିଧାରୀ-ମାନେ ଏକ ପଦବାଚ୍ୟ ବୋଲି ନିର୍ଦ୍ଦେଶ କରାଯାଇ-ଅଛି । ଶିଶୁ ପ୍ରତି ଜନନୀର ଯେଉଁ ପ୍ରାଣପଣ ଯତ୍ନ,ତାହା ସୁଦ୍ଧା ସେବା; ମାତ୍ର ତାହା ନିଃସ୍ୱାର୍ଥ ସେବା ନୁହେଁ । ଶିଶୁ ବଡ଼ ହେଲେ ବୃଦ୍ଧା ମାତାକୁ ପ୍ରତିପାଳନ କରିବ, ସେଥିରେ ଏହି ଲକ୍ଷ୍ୟ ଅନ୍ତର୍ନିହିତ ଥାଏ । ସ୍ୱହସ୍ତ ବୃକ୍ଷରୋପଣପୂର୍ବକ ଜଳସେଚନ ଏବଂ ସାରପ୍ରୟୋଗ ଦ୍ୱାରା ତାହାକୁ ବଢାଏ ଏବଂ ଯତ୍ନରେ ରକ୍ଷାକରେ; ମାତ୍ର ବୃକ୍ଷ ଯଥାସମୟରେ ଫୁଲଫଳାଦି ପ୍ରଦାନ କରି ତାହାର ସେ ସେବା ପରିଶୋଧ କରିଦିଏ । ଜଗତରେ ସେବା ଗ୍ରହଣ କରି କେହି କାହାର ଋଣୀ ହୋଇ ରହେ ନାହିଁ । ଉପାଜୀବୀ ଉପା ଦେଇ ଦାତାର ମଙ୍ଗଳକାମନା ଦ୍ୱାରା ତାହା ପରିଶୋଧ କରିଦିଏ । ଏହିପରି ସେବାର ପ୍ରତିସେବା, ଦାନର ପ୍ରତିଦାନ ଏବଂ ଉପକାରର ପ୍ରତ୍ୟୁପକାର ସର୍ବତ୍ର ଲାଗିଅଛି । ଏ ସଂସାରରେ କେହି କାହାରିଠାରେ ଋଣୀ ନୁହେଁ କିମ୍ବା କେହି କାହାରିଠାରେ ଅକୃତଜ୍ଞ ନୁହେଁ । କେହି ସଦ୍ୟ କେହି ବା ବିଳମ୍ବରେ ପରସ୍ପରର ଋଣ ପରିଶୋଧ କରି ଦେଉଅଛନ୍ତି ।

ଜଗତରେ ସେବା ଓ ପ୍ରତିସେବାର ପ୍ରବାହ ସମାନ ଗତିରେ ଚାଲିଅଛି । ଏହି ସେବା ପ୍ରତିସେବା ଗୀତାରେ କର୍ମଯୋଗ ଆଖ୍ୟା ପ୍ରାପ୍ତ ହୋଇଅଛି । କର୍ମ ଦେବତା । ସମସ୍ତେ କର୍ମ-ସେବାରେ ନିରତ । ଶିଳ୍ପୀ ଶିଳ୍ପର ସେବା କରେ; ମାତ୍ର ଶିଳ୍ପ ନିଜକୁ ବିକ୍ରୟ କରି ଶିଳ୍ପୀର ସେହି ସେବାଋଣ ପରିଶୋଧ କରିଦିଏ । ବଣିକ ଯେପରି ବାଣିଜ୍ୟର ସେବା କରେ, ବାଣିଜ୍ୟ ତଦ୍ରୂପ ବଣିକର ଧନ, ମାନ, ଗୋପଲକ୍ଷ୍ମୀ ବୃଦ୍ଧିରେ ସହାୟତା କରେ । ଅତଏବ ସୃଷ୍ଟି ସେବାମୟ, ସେବାର ପ୍ରବାହ ରୁଦ୍ଧ ହେଲେ ସୃଷ୍ଟିର ପ୍ରବାହ ମଧ୍ୟ ରୁଦ୍ଧ ହୋଇଯିବ ।

# ଚିଲିକା-ଭ୍ରମଣ

# ଉପହାର

ନିଖିଳ-ସଦ୍‌ଗୁଣ-ନିକେତନ, ଆବାଲ୍ୟ-ସାହିତ୍ୟସେବୀ, ସ୍ୱଦେଶ-ହିତୈଷୀ,
ଧାର୍ମିକପ୍ରବର ଭଦ୍ରଖ ସଦାବ୍ରତ ମଠର ସୁଯୋଗ୍ୟ ମହନ୍ତ ଶ୍ରୀଳ
ଶ୍ରୀଯୁକ୍ତ **ପଣ୍ଡିତ ଭାନୁଚରଣ ରାମାନୁଜ ଦାସ** କାବ୍ୟତୀର୍ଥ
ମହୋଦୟଙ୍କ ଶ୍ରୀକରକମଳେଷୁ

**ପୁଣ୍ୟପ୍ରାଣ ମହନ୍ତ ମହାଶୟ,**

ମୁଁ ଜୀବନର ବହୁକାଳ ବିଦେଶରେ ଯାପନ କରିଥିବାରୁ ଆପଣଙ୍କ ସହିତ ମୋର ଘନିଷ୍ଠ ପରିଚୟ ନାହିଁ; ମାତ୍ର ଆପଣଙ୍କର କୀର୍ତ୍ତିକଳାପ ମୋର ଅପରିଜ୍ଞାତ ନୁହେଁ । ମାତୃମହୀ ଭଦ୍ରଖର ପ୍ରତ୍ୟେକ ଶୁଭାନୁଷ୍ଠାନରେ ଆପଣ ଯଥାଶକ୍ତି ସାହାଯ୍ୟ ସହାନୁଭୂତି ପ୍ରଦର୍ଶନ କରି ଏହା ମୋର ଜାହିଁକି, ପ୍ରତ୍ୟେକ ଭଦ୍ରଖବାସୀର ପ୍ରାତଃସ୍ମୃତ ହୋଇଅଛନ୍ତି । ବିଶେଷତଃ ଆପଣଙ୍କ ଆଦର୍ଶ ସଂସ୍କୃତ ଟୋଲ ଓ ଗୋଶାଳା ଆପଣଙ୍କୁ ଅମର କରି ରଖିବ । ଆପଣ ସଂସ୍କୃତ-ସାହିତ୍ୟରେ ଅଗାଧ ପଣ୍ଡିତ; ସ୍ୱୟଂ ବିଦ୍ୱାନ୍ ଗୁଣୀ ହେତୁ ଗୁଣର ସମ୍ୟକ୍ ସମାଦର କରନ୍ତି । ମାତୃଭାଷା ମାତୃଭୂମି ଅନୁଶୀଳନରେ ଆପଣଙ୍କର ଅନୁରାଗ ଥିବା କଥା ମୋର ଅବିଦିତ ନୁହେଁ । ଦେଶସେବା ସନ୍ନ୍ୟାସ ଧର୍ମର ଲକ୍ଷ୍ୟ, ଆପଣ ସେହି ପବିତ୍ର ଲକ୍ଷ୍ୟ ଅଟଳ ରଖି ପ୍ରକୃତ ସନ୍ନ୍ୟାସୀର ପରିଚୟ ଦେଉଅଛନ୍ତି । ଆପଣଙ୍କର ଏତାଦୃଶ ବିବିଧ ସ୍ୱଦେଶହିତୈଷଣା ମୋର ହୃଦୟରୁ ସ୍ୱତଃ ଭକ୍ତି-ପ୍ରୀତି ଆକର୍ଷଣ କରେ । ମୁଁ ସେହି ଭକ୍ତି-ପ୍ରୀତିର ପ୍ରେରଣାରେ ମୋର "ଚିଲିକା ଭ୍ରମଣ" ପୁସ୍ତକଖଣ୍ଡି ଭବଦୀୟ କରକମଳରେ ଉପହାର ଅର୍ପଣ କରିବାକୁ ସାହସୀ ହୋଇଅଛି; ଗ୍ରହଣାନୁମତି ହେଲେ ଚରିତାର୍ଥ ହେବି ।

ଭଦ୍ରଖ
୫ । ୭ । ୨୪

ପ୍ରଣତ
ଶ୍ରୀ ରତ୍ନାମଣି ମହାନ୍ତି

# ଚିଲିକା-ଭ୍ରମଣ

ମୋ ପରି ଜଗତରେ ପୀଡ଼ାର ପ୍ରିୟପାତ୍ର ଅଛି କେହି ନାହାନ୍ତି । ସେ ବିନା ଆହ୍ୱାନରେ ମୋର ନିକଟବର୍ତ୍ତୀ ହୁଏ । ଗତ ଅକ୍ଟୋବର ମାସରେ ମୁଁ ପ୍ରବଳ କାଶ ରୋଗରେ ପୀଡ଼ିତ ଥିଲି । ଜୀବନ ଏକ-ପ୍ରକାର ସଙ୍କଟାପନ୍ନ ଥିଲା । ଭଙ୍ଗା ଘରଖଣ୍ଡ ସମସ୍ତେ ଲଙ୍ଘିବାକୁ ଇଚ୍ଛା କରନ୍ତି । ସମୟ ଦେଖି ଜ୍ୱର ସୁଦ୍ଧା କାଶର ଅନୁଚର ହେଲା । ଯାହାହେଉ, କତିପୟ ସୁବନ୍ଧୁଙ୍କ ସାହାଯ୍ୟରେ ସେମାନଙ୍କୁ ଦମନ କଲି । ଏହି ବିପୁଳ ସଂଗ୍ରାମରେ ଜୟଲାଭ କଲି ସତ୍ୟ; ମାତ୍ର ଦୁର୍ବଳତାର ବଳ ହ୍ରାସ କରିପାରିଲି ନାହିଁ । ତାହାର କଠୋର ଆକ୍ରମଣରୁ ରକ୍ଷା ପାଇବା ସକାଶେ କେହି କେହି ବାୟୁ-ପରିବର୍ତ୍ତନ ଉପଦେଶ ଦେଲେ । ସିମଳା, ଦାର୍ଜିଲିଙ୍ଗ ସ୍ୱର୍ଗର ସୁଖକର ବାୟୁସେବନ ମୋର ଭାଗ୍ୟର ଅନୁକୂଳ ନୁହେଁ । ତେବେ କେଉଁଆଡ଼କୁ ଯିବି, ଭାବିବାକୁ ଲାଗିଲି । ନାନାସ୍ଥାନର କଥା ମନେ ପଡ଼ିଲା । ମନ ଗୋଟିଏ ଗୋଟିଏ ପ୍ରସ୍ତାବ କରି ପର-କ୍ଷଣରେ ସେଥିର ପ୍ରତିବାଦପୂର୍ବକ ତାହା ଚୂର୍ଣ୍ଣବିଚୂର୍ଣ୍ଣ କରିବାକୁ ଲାଗିଲା । ଶେଷରେ ଉତ୍କଳ-ମସ୍ତକ-ଟିକା ଚିଲିକା-ସୁନ୍ଦରୀ ମନୋମଧ୍ୟରେ ଆବିର୍ଭୂତା ହେଲା । ଏବେ ପ୍ରସ୍ତାବ-ସିନ୍ଧୁରେ ଭଟ୍ଟା ପଡ଼ିଗଲା । ତହିଁ ଚିଲିକା ଭ୍ରମଣ ସ୍ଥିର ହେଲା । ଯିବାର ଦିନ ସ୍ଥିର କଲି; କିନ୍ତୁ ମୋତେ ଏକାକୀ ଛାଡ଼ିବାକୁ ପରିବାରବର୍ଗ ଏକାନ୍ତ ଅନିଚ୍ଛୁକ । କାଳେ କୌଣସି ଦୁର୍ଘଟଣା ଘଟେ, ଏହାହିଁ ସେମାନଙ୍କର ଭୟ । କିନ୍ତୁ ଜଣେ ଯେ କାଳ ମୋତେ ସେମାନଙ୍କ ହସ୍ତରୁ ଛଡ଼ାଇ ଘେନିଯିବ, ଏହା ସେମାନେ ଭାବିଲେ ନାହିଁ । ଯାହାହେଉ କୌଣସି ପ୍ରକାରରେ ସେମାନଙ୍କୁ ପ୍ରବୋଧ ଦେଇ ୧୫ । ୧୦ । ୧୧ ବୁଧବାର ରାତ୍ରିରେ ଯାତ୍ରା କରିବାର ନିଶ୍ଚୟ କଲି । ଦେଖୁ ଦେଖୁ ଦିନ ପାଣି ପରି ବହିଗଲା । ନିର୍ଦ୍ଦିଷ୍ଟ ଦିନ ରାତ୍ରି ୧୦ଘଣ୍ଟା ସମୟରେ ଜୟ ଜଗଦମ୍ବା ଉଚ୍ଚାରଣପୂର୍ବକ ଗୃହରୁ ବହିର୍ଗତ ହେଲି । ରେଲରେ ଚଢ଼ାଇଦେବା ସକାଶେ ମୋର ଅନୁଜ ସଙ୍ଗେ ସଙ୍ଗେ ଆସିଲା । ଯଥାସମୟରେ ଆମ୍ଭେମାନେ ଷ୍ଟେସନରେ ଉପସ୍ଥିତ ହୋଇ ଦେଖିଲୁ, ଜୀବ ସଂସାରରୁ ବିଦାୟ ହୋଇଥିବାବେଳେ ଜନ୍ତୁ ବୈତରଣୀର ଏ ପାଖରେ ଅଟକି ରହିଲା ପରି ଅସଂଖ୍ୟ ଯାତ୍ରୀ ଓ୍ୱେଟିଂ ରୁମ୍‌ରେ ଅବସ୍ଥାନ କରୁଅଛନ୍ତି । କେହି ଗଲ୍ପାମୋଦରେ ନିଯୁକ୍ତ, କେହି ଉପସ୍ଥିତ କବି ପରି ଗୁଣ୍ ଗୁଣ୍ ଶବ୍ଦରେ ଅସ୍ପଷ୍ଟ କବିତା ଆବୃତ୍ତି କରୁଅଛି, କେହି ବଟୁଆ ମେଲାଇ ପାନ ଲଗାଉଛି, କେହି ଚଞ୍ଚଳ-ମତି ଲୋକ "ରେଲ ଆସିଲା, ରେଲ ଆସିଲା" କହି ଯାତ୍ରୀମାନଙ୍କର ଉତ୍କଣ୍ଠା ବଢ଼ାଉଅଛି ଏବଂ କେହି ବା ଶୟନ କରି ନାସିକା-ଗର୍ଜ୍ଜନରେ ସେହି ଜନତାର କୋଳାହଳକୁ ପୁଷ୍ଟିକର କରୁଅଛି । ପ୍ଲାଟଫର୍ମରେ ତିଳଧାରଣର ସ୍ଥାନ ନାହିଁ । ସେଠାରେ ସ୍ଥାନାଭାବ ଦେଖି ଉଭୟ ଭ୍ରାତା ଯାଇ ଗୋଟିଏ ଗଛମୂଳରେ ବସିଲୁ । ପ୍ରସଙ୍ଗକ୍ରମେ ନାନା କଥା ପଡ଼ିଲା । ମୋର ଅନୁପସ୍ଥିତି ସମୟରେ ସମୟବିଶେଷରେ ସାବଧାନ ରହିବା ବିଷୟରେ ମୁଁ ଅନୁଜକୁ ଉପଦେଶ ଦେଲି । ଦୁର୍ଭାଗ୍ୟବଶତଃ ମୋର ଜୀବନଟା ସର୍ବଦା ଆଶଙ୍କା-ପୂର୍ଣ୍ଣ । ଏଣୁ ଶରୀର ବିଷୟରେ ସାବଧାନ ରହିବା ସକାଶେ ଅନୁଜ ମୋତେ ବାରମ୍ବାର ଅନୁରୋଧ କଲା ଏବଂ କହିଲା, ଆପଣ ୮ଦିନ ମଧ୍ୟରେ ଫେରି ନ ଆସିଲେ ମୁଁ ଆପଣଙ୍କ ନିକଟକୁ ବାହାରିଯିବି । ଏ ଉକ୍ତିରେ ମୁଁ ହାସ୍ୟ ସମ୍ବରଣ କରି ନ ପାରି କହିଲି—ଚିଲିକାର ବାୟୁ ହୋମିଓପ୍ୟାଥିକ ନୁହେଁ ଯେ, ଛୁଇଁଲାମାତ୍ରେ ରୋଗ ଛାଡ଼ି ପଳାଇବ । ମୋ ସକାଶେ ଚିନ୍ତା କରିବ

ନାହିଁ, ମୁଁ ଏକମାତ୍ର ଭଦ୍ରରେ ଆସିବ । ଏହିପରି ନାନା କଥାରେ କିଛିକ୍ଷଣ ଅତିବାହିତ ହେଲା । ଦେଖୁ ଦେଖୁ ହାୱଡ଼ାରୁ ମେଲ ଆସି ଷ୍ଟେସନରେ ଉପସ୍ଥିତ ହେଲା । ଛେଳେବେଳକୁ ୨ଟା ବାଜିଯାଇ-ଥିଲା । ଅନୁଜ ଖଣ୍ଡିଏ ରସିଦ ଟିକଟ କିଣି ମୋତେ ରେଲରେ ବସାଇଦେଲା ।

ରେଲ ଷ୍ଟେସନ ଗୋଟିଏ କ୍ଷୁଦ୍ର ସଂସାର ତୁଲ୍ୟ । କେତେ ଯାଉଅଛନ୍ତି, କେତେ ଆସୁଅଛନ୍ତି, ତାହାର ଇୟତ୍ତା ନାହିଁ । କେହି କାହାର ମୁଖାପେକ୍ଷା କରିବାକୁ ନାହିଁ, କାହାର ପ୍ରତି କାହାର ସହାନୁଭୂତି ନାହିଁ । ନିଜେ ଭଲ ସ୍ଥାନରେ ବସିବାକୁ ଏବଂ ଅନ୍ୟ ଜନ୍ତୁ ତୁଲ୍ୟ ଆଗନ୍ତୁକ ତଡ଼ିବାକୁ ସମସ୍ତେ ବ୍ୟସ୍ତ । ସମସ୍ତେ ସ୍ୱାର୍ଥପ୍ରିୟ, ସ୍ୱର୍ଗୀୟ ନିଃସ୍ୱାର୍ଥଭାବ ସେଠାରେ ନାହିଁ, ମାୟା ମମତା ନାହିଁ, କେବଳ ନାରକୀୟ ପାଶବ ଭାବ ରାଜପଣ ବିସ୍ତାର କରିଅଛି । ପୁଣି ତାହା ଦୁର୍ବଳ ସବଳର ଘୋର ସଂଘର୍ଷଣ ସ୍ଥଳ । କିଏ ଚଢ଼ିଲା, କିଏ ନ ଚଢ଼ିଲା, ସେଥି-ପ୍ରତି ରେଲକର୍ମଚାରୀମାନଙ୍କର ଭ୍ରୂକ୍ଷେପ ନାହିଁ । ସେମାନେ ଗର୍ବରେ ମସ୍ତକ ଅବନତ କରି ବୁଲୁଅଛନ୍ତି । ଦକ୍ଷିଣ ହସ୍ତ ସମ୍ପର୍କ ନ ହେଲେ ସେମାନେ କାହାରିକୁ ମୁଣ୍ଡ ଟେକି ଚାହାନ୍ତି ନାହିଁ । ସେମାନଙ୍କର ଗର୍ବ ଓ ବାବୁଗିରିର କାରଣ ଯେ ଆରୋହୀମାନେ, ଏହା ସେମାନେ ଭୁଲିଯାନ୍ତି ।

ଷ୍ଟେସନରେ ମେଲ ୧୦ ମିନିଟ ରହିଲା ପରେ ଗାର୍ଡ ସାହେବଙ୍କର ସଙ୍କେତ-ବଂଶୀ ବାଜିଉଠିଲା । ମୁଁ ଅନୁଜକୁ ବିଦାୟ ଦେଇ ରେଲରେ ବସିଲି । ଇତ୍ୟବସରରେ ଇଞ୍ଜିନ ଶଙ୍ଖଧ୍ୱନି କରି ଘୋର ଘର୍ଘର ନିର୍ଘୋଷରେ ଧାବିତ ହେବାକୁ ଲାଗିଲା । ମୁଁ ଅପରିଚିତ ଲୋକବର୍ଗ ମଧ୍ୟରେ ବସି ରହିଲି । ମନରେ ନାନା ଭାବ ଉଦିତ ହେଲା । କେଜାଣି କାହିଁକି, ଚକ୍ଷୁ ଲୋତକପୂର୍ଣ୍ଣ ହୋଇଆସିଲା । ଘର କଥା, ପିଲାମାନଙ୍କର କଥା ଏବଂ ମୋର ଭବିଷ୍ୟତ ଭାବନା ଯୁଗପତ୍ ମନକୁ ଆଚ୍ଛନ୍ନ କଲା । ହୃଦୟରେ ଭୀତି ସଞ୍ଚାର ହେଲା । ମୁଁ ମନେ ମନେ ନାନା ଭାବୀ ବିପଦର ଆଶଙ୍କା ଗଣିବାକୁ ଲାଗିଲି । ପିଶାଚିନୀ ମାୟା ଏହିପରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲା । ମୁଁ କିପରି ମାୟାମୁକ୍ତ ଓ ଧୈର୍ଯ୍ୟବାନ, ତାହା ଅଧିକ କହିବାର ଆଉ ଆବଶ୍ୟକତା ନାହିଁ । ଏଥିରେ ଲୋକେ ପୁଣି ମୋତେ ଶିକ୍ଷିତ କହନ୍ତି ; କିନ୍ତୁ ପର ମୁହୂର୍ତ୍ତରେ କିଏ ଯେପରି ହୃଦୟର ଅନ୍ତଃସ୍ଥଳରୁ କହି ଉଠିଲା —

ଦେଖୁଅଛ କୀ ସ୍ଥିର ଭାବେ ଆରେ ରେ ବାପଡ଼,
ଭ୍ରୂକୁଟି କଟାକ୍ଷେ ତୋର କିଏ ବା ଶଙ୍କିତ ?

ପୁଣି ଯେପରି କିଏ ବଜ୍ରଗମ୍ଭୀର ନିନାଦରେ କହିଲା—

ଯେ ଘେନେ ସାହସ ଦୃଢ଼ତା ଅସ୍ତ୍ରସ୍ୱ,
ଦୂରୁ କରପଦ୍ମ ଯୋଡ଼େ ତାକୁ ଭୟ ।

ଏହି ନୀରବ ଉତ୍ସାହ-ବାଣୀରେ ମୋର ହୃଦୟ-ଦୌର୍ବଲ୍ୟ ଲଘୁ ହୋଇ ଆସିଲା, ମୋହ-ଯବନିକା ଛିଡ଼ିଗଲା । ବିପଦର ସ୍ଥାନ ସାହସ ଓ ବ୍ୟାକୁଳତାର ସ୍ଥାନ ଧୈର୍ଯ୍ୟ ଅଧିକାର କରି ବସିଲା—ଘୋର ନୈରାଶ୍ୟରେ ଆଶାର କ୍ଷୀଣାଲୋକ ପ୍ରତିଭାତ ହେଲା । ପ୍ରକୃତିସ୍ଥ ହୋଇ ଭାବିଲି, ମୁଁ କେଡ଼େ ଭ୍ରାନ୍ତ ! ବିଦେଶୀୟମାନେ କେତେ ଦରିଆ ପାର ହୋଇ ନିର୍ଭୟରେ ପୃଥିବୀ ଭ୍ରମଣ କରୁଅଛନ୍ତି, ଆଉ ମୁଁ ଗୃହ-କୋଣ ଛାଡ଼ି ପର୍ଯ୍ୟନ୍ତ ଯିବାକୁ ଭୀତ ! ଏହି ହୃଦୟ-ଦୌର୍ବଲ୍ୟହିଁ ଆମ୍ଭ ଜାତିର ଅବନତିର ପ୍ରକୃଷ୍ଟ କାରଣ । ହାୟ ! ଯେଉଁ ଓଡ଼ିଆମାନେ ସୁଦୂର ଯାଭା ଓ ବାଲିଦ୍ୱୀପରେ ଯାଇ ଉପନିବେଶ ସ୍ଥାପନ କରିଥିଲେ, ସେହି ଓଡ଼ିଆଙ୍କ ବଂଶଧରମାନେ ଆଜି ଭୀରୁ ଓ ପ୍ରାଣରଙ୍କ ହୋଇ କୂପମଣ୍ଡୂକ ତୁଲ୍ୟ ନିଜ ଗୃହକୁ ସଂସାର ମଣୁଅଛନ୍ତି । ଉତ୍କଳ ପକ୍ଷରେ ଏହା କି ଦେବତାଙ୍କର ଭୀଷଣ ଅବ୍ୟର୍ଥ ଅଭିସମ୍ପାତ ନୁହେ ?

ରେଲ ଅନିଳ-ପ୍ରଖର ଗତିରେ ଧାବମାନ ହେବାକୁ ଲାଗିଲା । ବୋଧହେଲା, ଯେପରି ରେଲ ସ୍ଥିର ଅଛି, କେବଳ ଉଭୟ ପାର୍ଶ୍ୱସ୍ଥ ବନ, କ୍ଷେତ୍ର, ଗ୍ରାମ, ପ୍ରାନ୍ତର ପ୍ରଭୃତି ଚାଳିତ ହେଉଅଛିମାତ୍ର । ଉଭୟପାର୍ଶ୍ୱସ୍ଥ ଅଚଳ ସଚଳ ଆକାର ଧାରଣ କରୁଥିଲା । କେଉଁ-ଠାରେ ଗୋ-ଯୂଥ ରେଲ-ଶବ୍ଦରେ ଭୀତ ହୋଇ ଉର୍ଦ୍ଧ୍ୱ ଲାଙ୍ଗୁଳରେ ପଳାୟନ କରୁଅଛନ୍ତି, ମହିଷବୃନ୍ଦ ପ୍ରାଣଶୋଷିଣୀ ବିକଟ ସ୍ୱହାଣିରେ ରେଲ ଆଡ଼କୁ

ଅନାଇଛନ୍ତି, କେଉଁଠାରେ ବକପନ୍ତି ରଜତ-ଧବଳ-କାନ୍ତି ବିସ୍ତାର କରି ଉଡ଼ି ପଳାଉଛନ୍ତି । ଏହିପରି ନାନା ସ୍ଥାନରେ ନାନା ଦୃଶ୍ୟ ଦୃଷ୍ଟିଗୋଚର ହେଲା । ଅତି ଦ୍ରୁତ ଧାବନ ହେତୁ ଆରୋହୀମାନେ ନାଟୁଆ ପିଲାଙ୍କ ପରି କଟିସ୍ଖଳନପୂର୍ବକ ଆନ୍ଦୋଳିତ ହେବାକୁ ଲାଗିଲେ; କେହି ଝୁଲି ଝୁଲି ମନଫୁଲାଣିଆ ଗୀତ ଗାଇଲା, କେହି ଶୋଇଲା, କେହି ଗଳ୍ପ କଲା ଏବଂ କେହି ଅବା ତନ୍ଦ୍ରାବଶରେ ଡାକପିଅନ ଚିଠିରେ ମୋହର ମାରିଲା ପରି ଗାଡ଼ିର କାଠରେ ମସ୍ତକ ବାଡ଼େଇବାକୁ ଲାଗିଲା । ଏହିପରି ସମସ୍ତେ ଅଭିପ୍ସିତ ସୁଖଭୋଗ କରିନେଲେ । ମୁଁ ବସି ମନେ ମନେ ପୁଷ୍ପକ ରଥର କଥା ଭାବିଲି ଏବଂ ପୁଷ୍ପକାରୋହଣର ସୁଖ ମଧ୍ୟ ଅନୁଭବ କଲି । ଦୁର୍ଜ୍ଜନର ଦୁର୍ବାର ଲାଳସା କ୍ଷୁଦ୍ର କ୍ଷୁଦ୍ର ବାଧା ଅତିକ୍ରମ କରି ବୃହତ୍ ପ୍ରତିବନ୍ଧକ ନିକଟରେ ଅଟକିଗଲା ପ୍ରାୟ ରେଳ କ୍ଷୁଦ୍ର କ୍ଷୁଦ୍ର ଷ୍ଟେସନରେ ବିଶ୍ରାମ ନ କରି ପ୍ରଧାନ ପ୍ରଧାନ ଷ୍ଟେସନରେ ଅଟକିଯାଉଥିଲା । ଇଞ୍ଜିନ୍-ନାସାରୁ କୃଷ୍ଣ ଧୂମରାଶି ନିର୍ଗତ ହୋଇ ମେଘ ମେଦୁର ଆକାଶରେ ନବ ମେଘର ସୃଷ୍ଟି କରୁଥିଲା । ଷ୍ଟେସନରେ ରେଳ ପହଞ୍ଚିବା ପୂର୍ବରୁ ପ୍ରଭୁଙ୍କ ଭୃତ୍ୟ ଚାମର ବ୍ୟଜନ ସକାଶେ ଅପେକ୍ଷା କଲା ପ୍ରାୟ ସିଗ୍ନାଲରମାନେ ( Signalers ) ହରିଦ୍ବର୍ଣ୍ଣ ପତାକା ଧରି ଠିଆହୋଇଯାଉଥିଲେ ।

୨୭-୧୦-୧୧ ଗୁରୁବାର, ପୂର୍ବାହ୍ଣ ପ୍ରାୟ ୭ଘଣ୍ଟା ସମୟରେ ରେଳ ଖୋର୍ଦ୍ଧା ରୋଡ଼ରେ ଉପସ୍ଥିତ ହେଲା । ଗତ ବନ୍ୟାରେ ଅନେକାଂଶ ରେଳପଥ ଭଗ୍ନ ହୋଇଥିବାର ଦେଖାଗଲା । ସେଥିମଧ୍ୟରୁ କେତେକର ସଂସ୍କାର କାର୍ଯ୍ୟ ଶେଷ ହୋଇଛି ଏବଂ କେତେକ ସ୍ଥାନରେ କାର୍ଯ୍ୟ ଲାଗିଅଛି । ସେହି ସେହି ସ୍ଥାନରେ ରେଳର ଗତି ଶିଥିଳ ହୋଇଥିଲା । କଟଣୀ ପର୍ଯ୍ୟନ୍ତ ଯାତ୍ରୀର ଭିଡ଼ ନ ଥିଲା ; ମାତ୍ର ସେଠାରେ ପ୍ରତ୍ୟାବୃତ୍ତ ପୁରୀ-ଯାତ୍ରୀମାନେ ଚଢ଼ିବାରୁ ଭୟାନକ ଭିଡ଼ ହୋଇଥିଲା । ମୁଁ ଯେଉଁ ଗାଡ଼ିରେ ଥିଲି, ସେଥିରେ ଅନେକ ଲୋକ ଚଢ଼ିଲେ । ସେହି ଯାତ୍ରୀମାନେ ରମ୍ଭାକୁ ଟିକଟ କରିଥିଲେ । ସେମାନଙ୍କ ମଧ୍ୟରେ ୪।୫ ଜଣ ସ୍ତ୍ରୀଲୋକ ଥିଲେ । ରେଳରେ ସେମାନେ ଗୋଟିଏ କ୍ଷୁଦ୍ର ହାଟ ବସାଇଲେ । ସହଯାତ୍ରୀମାନେ ମଧୁର ଶବ୍ଦ ପ୍ରୟୋଗ କରି ସୁଦ୍ଧା ସେମାନଙ୍କ ହାଟ ଭାଙ୍ଗିପାରିଲେ ନାହିଁ । ଶେଷରେ ଜଣେ ବୁଢ଼ୀ ସ୍ତ୍ରୀ କହିଲା, "ବାପ ! ଆମ୍ଭେମାନେ ମାଇକିନିଆ ଲୋକ, କଥାବାର୍ତ୍ତା ନ କରି ତୁନି ହୋଇ ବସିପାରୁ ନାହୁଁ ।" କଟଣୀ ଷ୍ଟେସନର କ୍ରମଶଃ ଉନ୍ନତି ହେଉଅଛି । କେତେକ ବର୍ଷ ତଳେ ସେଠାରେ ଗୋଟାଏ ଦୋକାନ ସୁଦ୍ଧା ଥିଲା ନାହିଁ; ମାତ୍ର ବର୍ତ୍ତମାନ ସହର ହୋଇଯାଇଅଛି । ଅନ୍ୟାନ୍ୟ ଷ୍ଟେସନ ଅପେକ୍ଷା କଟଣୀରେ ଅଧିକ କ୍ଷଣ ପର୍ଯ୍ୟନ୍ତ ରେଳ ବିଶ୍ରାମ କଲା । ଲୋକେ କହନ୍ତି, "ବସିଲଠାରୁ ଘଷିଲା ଭଲ"; ସୁତରାଂ ମୁଁ ଅନ୍ୟ କର୍ତ୍ତବ୍ୟ ଅଭାବରେ ଉଭୟ ପାର୍ଶ୍ୱସ୍ଥ କୃଷିକ୍ଷେତ୍ର ଉପରେ ଦୃଷ୍ଟି ନିକ୍ଷେପ କଲି । ଦେଖିଲି ସର୍ବତ୍ର ସମାନ । ବୃଷ୍ଟି ଅଭାବରୁ ଧାନଗଛ ଅଧିକ ବଢ଼ିପାରି ନାହିଁ । ଏ ଅଞ୍ଚଳରେ ହାରାହାରି ଆଠଅଣା ଫସଲ ଆଦାୟ ହେବ କି ନା ସନ୍ଦେହ । ନଡ଼ା ଅଭାବରୁ ଘର ଛାଇବା ମଧ୍ୟ କଷ୍ଟକର ହେବ । କେଉଁଠାରେ ଜଳପ୍ଳବନରେ ଶସ୍ୟନାଶ ଏବଂ କେଉଁଠାରେ ଅବା ଜଳ ଅଭାବରେ ଶସ୍ୟନାଶ ! ଏବର୍ଷ ଏହିରୂପ ଶୋଚନୀୟ ଦୁର୍ଦ୍ଦଶା ।

ଯଥାସମୟରେ କଟଣୀରୁ ରେଳ ବାହାରି ଦକ୍ଷିଣାଭିମୁଖେ ଧାବିତ ହେଲା । କଲିକତାରୁ ମାନ୍ଦ୍ରାଜକୁ ଯାଉଥିବା ମେଲ କଟଣୀରୁ ବାହାରି ଏକାବେଳକେ ରମ୍ଭାରେ ବିଶ୍ରାମ ନିଏ । ରେଳ କେତେବେଳେ ଶଙ୍ଖ, କେତେବେଳେ ଜାଗଝାମ୍ପ ଓ କେତେବେଳେ ବା ଡିଣ୍ଡିମ, ଏହିପରି ନାନା ପ୍ରକାର ବାଦ୍ୟ ବଜାଇ ଅବିଶ୍ରାନ୍ତ ଖରଗତିରେ ଚଳିଲା । କ୍ରମେ ଓଡ଼ିଶାର ରାଜନୈତିକ ସୀମା ଅତିକ୍ରମ କରି ମାନ୍ଦ୍ରାଜ ସୀମାରେ ପହଞ୍ଚିଲା । କେତେକ କ୍ଷଣ ପରେ ଚିଲିକାର ଦୁଃଖପାଶୋଷ୍ମ ମୋହନ ମାଧୁରୀ ଦୃଷ୍ଟିପଥର ଅତିଥି ହେଲା । ମୁଁ ଏକଦୃଷ୍ଟିରେ ଚିଲିକା ଆଡ଼କୁ ଚାହିଁ ରହିଲି । ଯେଉଁଠାରେ ଅରଣ୍ୟ କମ୍ବା ଗିରିମାଳ ପଡ଼େ, ସେଠାରେ ଚିଲିକା ମୋର ଚକ୍ଷୁର ଅନ୍ତରାଳରେ ରହିଯାଏ । ଏହିପରି ଲୁଚକାଳି ଖେଳି ଖେଳି ଚିଲିକା

ଛତ୍ରପୁର ପର୍ଯ୍ୟନ୍ତ ରେଳ ସଙ୍ଗେ ସଙ୍ଗେ ଚାଲିଲି । ଖଲ୍ଲିକୋଟ ନିକଟରେ ଶାରଦୀୟ ସ୍ନିଗ୍ଧ ନୀଳ ଆକାଶ ଦ୍ୱିଖଣ୍ଡିତ କଲା ପ୍ରାୟ ରେଲବର୍ତ୍ମ ଚାଲିବାର ଲକ୍ଷ୍ୟ ଭେଦ କରିଯାଇଅଛି । ତତ୍ରତ୍ୟ ଦୃଶ୍ୟ ଅତୀବ ରମଣୀୟ । ପଶ୍ଚିମରେ ଦୁରାରୋହ ହରିଦ୍ଵର୍ଣ୍ଣ ପର୍ବତ ଏବଂ ପୂର୍ବରେ ଉତ୍କ୍ଷୋଭ କଲ୍ଲୋଳମୟୀ ଚିଲିକା । ଏଠାରେ ଚିଲିକା ମଧ୍ୟରେ ଅସଂଖ୍ୟ ଜଳଜନ୍ତୁ ସନ୍ତରଣ କରିବାର ଦେଖାଗଲା । ଏକଜାତୀୟ କ୍ଷୁଦ୍ର ପକ୍ଷୀ ନୋଳିଆମାନଙ୍କ ପରି ଜଳରେ ବୁଡି ବୁଡି ମତ୍ସ୍ୟ ସଂଗ୍ରହ କରୁଥାନ୍ତି । କୁନ୍ଦ-ଧବଳ ଫେନପୁଞ୍ଜ କୁମୁଦ ପୁଷ୍ପର ଶୋଭା ଅନୁକରଣ କରୁଥାଏ । ପକ୍ଷୀମାନଙ୍କ ଉପଦ୍ରବରୁ ଶସ୍ୟ ରକ୍ଷା କରିବା ସକାଶେ ଶାଳୀ-ଗୋପମାନେ କୃଷିକ୍ଷେତ୍ରରେ ଫାଶ ମାରି ଜଗିଥାନ୍ତି । ସେ ଫାଶଗୁଡିକ ଦୂରରୁ ମନୁଷ୍ୟ-ଭଳି ପ୍ରାୟ ପ୍ରତିଭାତ ହୁଏ ।

ପ୍ରାୟ ୯ଟା ସମୟରେ ମେଲ ରମ୍ଭା ଷ୍ଟେସନରେ ଉପନୀତ ହେଲା । ମୁଁ ମୋର ବାକ୍‌ସଟି ଧରି ଓହ୍ଲାଇ ଆସିଲି । ଏକାକୀ ଭ୍ରମଣ ହେତୁରୁ ଅତି ସଂକ୍ଷେପରେ ଆବଶ୍ୟକ ପଦାର୍ଥ ସଙ୍ଗରେ ଆଣିଥିଲି । ଯଦି ମୋଟିଆ କେଉଁଠାରେ ନ ମିଳେ, ତେବେ ମନ୍ଦା ବରବରରେ ପଡିବାକୁ ହେବ । ଏପରି ସ୍ଥଳରେ ଅଳ୍ପ ପଦାର୍ଥ ଥିଲେ ନିଜେ ନିଜେ ନେଇଯିବା ସୁବିଧାଜନକ । ନିତାନ୍ତ ପକ୍ଷରେ ଯାହା ନ ହେଲେ ନ ଚଳେ, ଏହିପରି ପଦାର୍ଥମାନ ସଙ୍ଗରେ ନେଇଥିଲି । ସମସ୍ତ ପଦାର୍ଥ ବାଗ୍‌ଖଣ୍ଡିକରେ ଥିଲା, ସୁତରାଂ ନିଜେ ନେଇଯିବା ପକ୍ଷରେ ଅସମ୍ମାନସୂଚକ ହୋଇ ନ ଥିଲା । ଆଉ ଅସମ୍ମାନ ବା କଅଣ ? ତାହା ଲୋକ-ଦେଖା କଥା । ନିଜର ପଦାର୍ଥ ନିଜେ ନେଇଯିବାଦ୍ୱାରା ସମ୍ମାନର ବୃଦ୍ଧି ବ୍ୟତୀତ ହାନି ହୁଏ ନାହିଁ । ଯାଉ ସେକଥା, ପ୍ଲାଟ-ଫର୍ମରେ ଆସି ଦେଖିଲି ଟିକଟ ନେବା କର୍ମଚାରୀ ଉପସ୍ଥିତ ନାହାଁନ୍ତି । ତହୁଁ ଖଣ୍ଡିଏ ବେଞ୍ଚରେ ବସି ଅପେକ୍ଷା କଲି । କିୟତ୍‌କ୍ଷଣ ପରେ ଜଣେ ଆସି ଟିକଟ ଗ୍ରହଣପୂର୍ବକ ପ୍ଲେଗ-ପାଶପୋର୍ଟ ନେବା ସକାଶେ ବସି ରହିବାକୁ କହି ଚାଲିଗଲା । ଅନତିବିଳମ୍ବରେ ଜଣେ ଆସି ମୋତେ ଡାକିନେଇ ଗୋଟିଏ ଅଫିସ ଭିତରକୁ ନେଇଗଲା । ଅଫିସରେ ଜଣେ କର୍ମଚାରୀ ବସିଅଛନ୍ତି । ପାଖରେ ୩।୪ ଜଣ ପଢୁଆ ପିଲା ପୁସ୍ତକ ଧରି ପଠନରେ ନିଯୁକ୍ତ । କର୍ମଚାରୀଟି ମୋତେ ଦେଖି ସାଧୁଭାଷାରେ ପ୍ରଶ୍ନ କଲେ, "ତୁ କୌଠାଉଁ ଆସିଲୁ ?" ବୋଲିବା ବାହୁଲ୍ୟ, କର୍ମଚାରୀଟି ତେଲିଙ୍ଗୀୟ ବ୍ୟକ୍ତି । ମୁଁ ଯଥୋଚିତ ଉତ୍ତର ଦେଲି । ଅନନ୍ତର ପିତାର ନାମ, ଜାତି, ବୟସ ପ୍ରଭୃତିର ଶ୍ରାଦ୍ଧ ହେଲା । ମୋର ଆଗତ ସ୍ଥାନରେ ପ୍ଲେଗ ନ ଥିବାର କହି ଆପତ୍ତି କଲି; ମାତ୍ର ସେଥିରେ କର୍ଣ୍ଣପାତ ନ କରି ଦୁଇଖଣ୍ଡ ଫର୍ମ ଟାଣିଆଣି ଗୋଟାଏ ପେନ୍‌ସିଲରେ ପୂରଣ କରି ମୋତେ ସ୍ୱାକ୍ଷର କରିବାକୁ କହିଲେ । ଆଦେଶ ପାଳିତ ହେଲାରୁ ସେଥିରୁ ଖଣ୍ଡିଏ ମୋତେ ଅର୍ପଣ କରି ସେହି ଫର୍ମ ସହ ୧୦ ଦିନ ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ଷ୍ଟେସନରେ ଉପସ୍ଥିତ ହେବାକୁ କହିଲେ । ଏ କଥାଟି ସେ ଇଂରାଜୀରେ କହୁଥିଲେ । ମୁଁ ୨।୩ ଦିନ ପରେ ଏଠାରୁ ବାହାରିଯିବା କଥା କହିବାରୁ ସେ ଈଷତ୍ ଅସ୍ପର୍ଶମିଶ୍ରିତ କୋପ ପ୍ରକାଶ କରି କହିଲେ, "ବୋକ ହେ, ସେଇ କଥା ଆମ୍ଭକୁ ଆଗୁ କହିଲୁ ନାହିଁ କାହିଁକି ?" ମୁଁ ମଧ୍ୟ ତଦୁପଯୋଗୀ ଭାଷାରେ ଉତ୍ତର ଦେଲି, "ତୁ ସେହି କଥା ମୋତେ ପଚାରିଲୁ ନାହିଁ କାହିଁକି ?" ଏରୂପ ସୁନ୍ଦର ଭାଷାରେ ସେ କୌଣସି ଆପତ୍ତି ନ କରି ନୀରବ ହେଲେ ଏବଂ ମୁଁ ମଧ୍ୟ ଷ୍ଟେସନରୁ ବାହାରି ଆସିଲି । ରମ୍ଭାନିବାସୀ ପ୍ରଖ୍ୟାତନାମା ଶ୍ରୀଯୁକ୍ତ ଜୟକୃଷ୍ଣ ଚମ୍ପତିରାୟ ମୋର ଜଣେ ପରମ ଆତ୍ମୀୟ । ଘରଠାରୁ ତାଙ୍କୁ ପତ୍ର ଲେଖିଥିଲି; ମାତ୍ର ସେ ରାଜକାର୍ଯ୍ୟରେ ସ୍ଥାନାନ୍ତରକୁ ଯାଇଥିବାରୁ ମୋର ପତ୍ର ପାଇପାରିଲେ ନାହିଁ । ସୁତରାଂ ମୋର ଗନ୍ତବ୍ୟର ସୁବିଧା ହୋଇପାରିଲା ନାହିଁ । ଷ୍ଟେସନ ନିକଟରେ ଖଲ୍ଲିକୋଟ ରାଜାଙ୍କର ଗୋଟିଏ ସୁନ୍ଦର ବଙ୍ଗଳା ଅଛି । ବିଦେଶୀୟ ଭଦ୍ରବ୍ୟକ୍ତିମାନେ ସେଠାରେ ରହିପାରନ୍ତି । ଅଗତ୍ୟା ସେହି ବଙ୍ଗଳାକୁ ଯାଇ ବିଶ୍ରାମୋନ୍ମୁଖୀ ହେଲି । ଦେଖୁଁ ଦେଖୁଁ ୧୧ ଘଣ୍ଟା ବାଜିଗଲା । ସେଠାରେ ମୋର ଖାଦ୍ୟାଦିର ସୁବିଧା ହେବ ନାହିଁ ଜାଣି ବଙ୍ଗଳାର ରକ୍ଷକ ମୋତେ ରମ୍ଭା ଭେଣ୍ଡ ଆଣିଲା । ଷ୍ଟେସନ-

ଠାରୁ ରମ୍ଭା ନଗରର ଦୂରତ୍ୱ ପ୍ରାୟ ଏକ ମାଇଲରୁ ଊର୍ଦ୍ଧ୍ୱ ହେବ । ପ୍ରାୟ ୧୨ଟା ସମୟରେ ରମ୍ଭାଠାରେ ପହଞ୍ଚିଲି । ଶୁଣିଲି, ଜୟକୃଷ୍ଣ ବାବୁ ସହରିରେ ଆସି ପହଞ୍ଚିଲେ ତହୁଁ ତାଙ୍କୁ ଅପେକ୍ଷା କରିବାକୁ ହେଲା । ଜୟକୃଷ୍ଣ ବାବୁଙ୍କ ଅଫିସ ଗୋଟିଏ ଦ୍ୱିତଳ ପ୍ରାସାଦରେ ହୁଏ । ସେତଳ ଛତ୍ରପୁରର ଡେ. କ. ମହୋଦୟ ଗସ୍ତରେ ଆସି ତଳ ପ୍ରକୋଷ୍ଠରେ କଚେରୀ କରୁଥିଲେ । ସେଥିସଂଲଗ୍ନ ଅପର ଗୋଟିଏ ପ୍ରକୋଷ୍ଠ ମୋର ବସା ସକାଶେ ନିର୍ଦ୍ଦିଷ୍ଟ ହେଲା । ଛମୁପାଇକ ସେହି ଘରର ଦ୍ୱାର ଖୋଲିଦେଇ ମୋତେ ସେଠାରେ ରହିବା ନିମନ୍ତେ କହି ବାହାରିଗଲା । ତଳ ଥାକର ପ୍ରତ୍ୟେକ ପ୍ରକୋଷ୍ଠରେ ଗୋଟିଏ ଲେଖାଏଁ ଜଳକଳ ଅଛି । ସୁତରାଂ ସ୍ନାନର ସମଧିକ ସୁବିଧା ହେଲା । କଳ ମୋଡ଼ି-ଦେଇ ତାହାର ତଳେ ବସିପଡ଼ିଲି । ଶିବଙ୍କ ମସ୍ତକରେ ଗଙ୍ଗାଧାରା ପଡ଼ିଲା ପରି ଜଳଧାରା ମସ୍ତକରେ ପଡ଼ିଲା । ଫଳତଃ ସ୍ନାନରେ ପରିତୃପ୍ତି ଲାଭ କଲି । ସ୍ନାନର ଅବ୍ୟବହିତ ପରେ ମନ୍ଦିରର ପୂଜାରୀ ଅଯାଚିତଭାବରେ ଦେବପ୍ରସାଦ ଆଣି ଦେଇଗଲା । ମୁଁ ତୃପ୍ତିପୂର୍ବକ ଭୋଜନ କରି ଖଣ୍ଡିଏ ଚୌକିରେ ବସି ବିଶ୍ରାମ କଲି । କିନ୍ତୁ ନିଷ୍କର୍ମା ହୋଇ ବସି ରହିବାରୁ ସମୟ ଭାରଭୂତ ବୋଧହେଲା । ତହୁଁ ଖଣ୍ଡିଏ ପୁସ୍ତକ ବାହାର କରି ଅଧ୍ୟୟନ କରିବାକୁ ଲାଗିଲି । ତେତେବେଳକୁ ପ୍ରାୟ ୨ଟା ବାଜିଯାଇଥିବ । କିନ୍ତୁ ପୁସ୍ତକ-ପାଠରେ ମନ ଲାଗିଲା ନାହିଁ । ଯେଉଁ ଘରେ ବସି-ଥିଲି, ସେହି ଘରର ଗୋଟିଏ ଗବାକ୍ଷ ମଧ୍ୟଦେଇ ଚିଲିକାର ରୁଦ୍ର ସୁନ୍ଦର ମୂର୍ତ୍ତି ଦେଖାଯାଉଥିଲା । ସ୍ୱଚ୍ଛସ୍ପନ୍ଦସା ଚିଲିକା ମୋର ନୟନମନକୁ ଦ୍ରୁତଭାବରେ ଆକର୍ଷଣ କରିନେଲା । ତହୁଁ ମୁଁ ପୁସ୍ତକଖଣ୍ଡି ରଖି-ଦେଇ ଏକଧ୍ୟାନରେ ଚିଲିକା ଆଡ଼କୁ ଅନାଇ ରହିଲି । ଏମନ୍ତ ସମୟରେ ମାଟିଆ ରଙ୍ଗର କୋଟ ପେଣ୍ଟଲୁନ ଏବଂ ଲାଲ ପଗଡ଼ି-ପରିହିତ ଜଣେ ଅପରିଚିତ ବ୍ୟକ୍ତି ଉପସ୍ଥିତ ହୋଇ ମୋତେ ନମସ୍କାରପୂର୍ବକ ମୋ ନିକଟକୁ ଆସି ଅନ୍ୟ ଗୋଟିଏ ଚୌକିରେ ଉପବେଶନ କଲେ । ମୁଁ ପ୍ରତିନମସ୍କାର କରି ପରିଚୟ ଜିଜ୍ଞାସା କରନ୍ତେ ସେ କହିଲେ, "ମୁଁ ଏଠା ପୋଲିସ ଷ୍ଟେସନର ସବ୍‌ଇନ୍‌ସପେକ୍ଟର ।" ସେ ଜଣେ ବଡ଼ଲୋକା ଭାବ-ବିଦ୍ୱାନ ଶିଷ୍ଟ ମିଷ୍ଟଭାଷୀ ବ୍ୟକ୍ତି । ଅନେକ କ୍ଷଣ ପର୍ଯ୍ୟନ୍ତ ପରସ୍ପର ମଧ୍ୟରେ ନାନା ବିଷୟରେ କଥୋପକଥନ ହେଲା । ଲୋକଟି ତେଲିଙ୍ଗୀୟ । ମୋ ସହିତ ସେ ପରିଚିତ ବନ୍ଧୁ ତୁଲ୍ୟ ବ୍ୟବହାର କରିଥିଲେ । ନାନା ପ୍ରସଙ୍ଗରେ ମୁଁ ତାଙ୍କୁ ପାଶ-ପୋର୍ଟ କଥା ପଚାରିଲି । ସେ କହିଲେ, "ପୋଲିସଷ୍ଟେସନ ଏଠାରୁ ଅତି ନିକଟ । ଆଜ ଆପଣଙ୍କର ଯିବାର ଆବଶ୍ୟକତା ନାହିଁ । ଆପଣଙ୍କର ସମସ୍ତ ସୁବିଧା ଦେଖି କାଲି ଗଲେ ମୁଁ ପାଶପୋର୍ଟରେ ସ୍ୱାକ୍ଷର କରିଦେବି । ପୋଲିସ କର୍ମ-ବୀରଙ୍କର ଏରୂପ ସରଳ ବ୍ୟବହାର ଦେଖି ମୁଁ ତାଙ୍କୁ ଧନ୍ୟବାଦ ନ ଦେଇ ରହିପାରିଲି ନାହିଁ । ସେ ହସି ହସି କରମର୍ଦ୍ଦନପୂର୍ବକ ମୋଠାରୁ ବିଦାୟ ନେଇ ଯଥାସ୍ଥାନକୁ ବାହାରିଗଲେ । ଅବ୍ୟବହିତ ପରେ ଛମୁପାଇକ ଆସି କହିଲା, "ଡେ. କ. ମହୋଦୟଙ୍କ ନିକଟରେ ସାକ୍ଷାତ ହେବା ସକାଶେ ଗଞ୍ଜାମର ଡାକ୍ତର ଆସିଅଛନ୍ତି । ଏଠାରେ ସ୍ଥାନାଭାବ ହେତୁ ସେ ଏହି ଘରେ ଘଣ୍ଟାଏ ବିଶ୍ରାମ କରିବାକୁ ଚାହୁଁଅଛନ୍ତି । ଆପଣଙ୍କର ସିଲ (ଅଜ୍ଞା) ହେଲେ ତାଙ୍କୁ ଯାଇ କହିବି ।" ମୁଁ କହିଲି ସେ ଆସି ବିଶ୍ରାମ କରନ୍ତୁ । ସେଥିରେ ମୋର କୌଣସି ଆପତ୍ତି ନାହିଁ । ଅଳ୍ପକ୍ଷଣ ପରେ ଡାକ୍ତର ବାବୁ ଆସି ଉପସ୍ଥିତ ହେଲେ । ପରସ୍ପର ମଧ୍ୟରେ ସୌଜନ୍ୟ ଶିଷ୍ଟାଚାର ହୋଇଗଲା । ଡାକ୍ତର ବାବୁ ତେଲିଙ୍ଗା ହେଲେହେଁ ପରିଷ୍କାର ଓଡ଼ିଆ କହିପାରନ୍ତି । ଯଥାସମୟରେ ସେ ସାକ୍ଷ୍ୟ ଦେବାକୁ ଗଲେ । ମୁଁ ମଧ୍ୟ ଡେ, କ,ଙ୍କ ବିଚାରପ୍ରଣାଳୀ ଶୁଣିବା ସକାଶେ ବାହାରିଲି । ବିଚାରପତି ଜଣେ ଅମାୟିକ-ଚେତା ପୁରୁଷ । ବାଦୀ, ପ୍ରତିବାଦୀ ଓ ସାକ୍ଷୀମାନଙ୍କ ପ୍ରତି ତାଙ୍କର ସଦୟ ବ୍ୟବହାର, ମିଷ୍ଟଭାଷଣ ଓ ବିଚାରର ନ୍ୟାୟନିଷ୍ଠା ଦେଖି ବାସ୍ତବରେ ତାଙ୍କ ପ୍ରତି ମୋର ଭକ୍ତି ଜାତ ହେଲା । ତହୁଁ ମନେ ମନେ ତାହାଙ୍କୁ ସାଧୁବାଦ ପ୍ରଦାନ କରି ବସାକୁ ଫେରି ଆସିଲି ।

ସନ୍ଧ୍ୟାସମୟରେ ଚିଲିକା କୂଳକୁ ବୁଲିବା ସକାଶେ ଗଲି । ସେଦିନ ପବନର ପ୍ରବଳତା ହେତୁ ଚିଲିକା ଭୟଙ୍କର ଭାବ ଧାରଣ କରିଥିଲା । ତୀରରେ ଉପସ୍ଥିତ ହୋଇ ଦେଖିଲି, ଶୁକ୍ଳ-ଫେନଚୂଡ଼ ଲହରୀ-ସମୂହ ସ୍ତରେ ସ୍ତରେ ପ୍ରଧାବିତ ହୋଇ ବେଳାରେ ଶିର ପିଟି ଦେଉଅଛି । କେତେକ ଖଣ୍ଡ ଅର୍ଦ୍ଧାଂଲଯୁକ୍ତ କ୍ଷୁଦ୍ର ନୌକା ଆକାଶରେ ମେଘ ଖେଳିଲା ପରି ଚିଲିକା-ବକ୍ଷରେ ଭାସି ବୁଲୁଅଛି । 'ଚିଲିକା-ସୁନ୍ଦରୀ' ନାମକ ଖଣ୍ଡିଏ ଷ୍ଟିମର କୂଳରୁ କିୟଦ୍ଦୂରରେ ନଙ୍ଗର ହୋଇ ବକ୍ଷୁବକ୍ଷରେ କୌସ୍ତୁଭମଣି ତୁଲ୍ୟ ଦୋହୁଲ୍ୟମାନ ହେଉ-ଅଛି । ଏ ଷ୍ଟିମରଖଣ୍ଡି ଖଲ୍ଲିକୋଟ ରାଜାଙ୍କର ବିଳାସ-ବିମାନ । ତରଙ୍ଗମାଳା ସ୍ଫୁରିଆଡ଼ ତାହାକୁ ଆକ୍ରମଣ କରି ନାଜର ଦୁର୍ବଳତାମାନ ପ୍ରଦର୍ଶନ କରୁଅଛନ୍ତି । କ୍ରମେ ସନ୍ଧ୍ୟାନ୍ଧକାର ଚିଲିକାକୁ ଆବୃତ କଲା । ତାହାର ମନୋମୋହିନୀ ଶୋଭା ଘୋର ଅନ୍ଧକାରରେ ମିଶିଗଲା । ଚିଲିକା ଏତେ ବେଳଯାଏଁ ମୋର ମନୋନୟନ ବନ୍ଦୀ କରି ରଖିଥିଲା; ମାତ୍ର ଏବେ ତାହା ମୋତେ ଫେରାଇଦେଲା । ମୁଁ ବସାକୁ ଆସି ଭୋଜନାଦି କରି ଶୟନ କଲି । ସ୍ୱର୍ଣ୍ଣାକୂଳରେ ଅମରାବତୀ ତୁଲ୍ୟ ଚିଲିକା କୂଳରେ ରମ୍ଭା ନଗରୀ ବିରାଜିତ । ପୂର୍ବେ ଏସ୍ଥାନ କଦଳୀବନରେ ପୂର୍ଣ୍ଣ ଥିଲା । ରମ୍ଭାର ବହୁଳତା ହେତୁ ନଗରୀର ନାମ ରମ୍ଭା ହୋଇଅଛି ।

ସମ୍ପ୍ରତି ସେ କଦଳୀବଣ ନାହିଁ । ଆଜି ଯେଉଁ ସ୍ଥାନ ନିବିଡ଼ ଅରଣ୍ୟାନୀସଙ୍କୁଳ, କାଲି ସେସ୍ଥାନ ଅଳକାପୁରୀ ତୁଲ୍ୟ ହେଉଅଛି, ଏହାହିଁ ପ୍ରକୃତିର ନିୟମ । ପ୍ରକୃତି ସତତ ପରିବର୍ତ୍ତନଶୀଳା । ନିତ୍ୟ ନୂତନତ୍ୱ ତାହାର ଧର୍ମ । ଜଗତରେ ସର୍ବଦା ପରିବର୍ତ୍ତନର ସ୍ରୋତ ପ୍ରବାହିତ ହେଉଅଛି । ପ୍ରକୃତିର କ୍ଷମତା, ପ୍ରକୃତିର ମହିମା ଅତୁଳନୀୟ ଓ ଅଚିନ୍ତନୀୟ । ସେ ସାନକୁ ବଡ଼ କରିପାରେ ଏବଂ ସୁନ୍ଦରକୁ ମଧ୍ୟ ଲୁପ୍ତ କରିପାରେ । ସେହି ପରିବର୍ତ୍ତନପର୍ଯ୍ୟାୟରେ ପଡ଼ି ରମ୍ଭା ଏବେ ସ୍ୱର୍ଗ-ସୁନ୍ଦରୀ ରମ୍ଭାର ଶୋଭା ଧାରଣ କରିଅଛି । ରମ୍ଭା ଏବେ ଘନ ସନ୍ନିବେଶ ଜନବସତି, ପଣ୍ୟପୂରିତ ବିପଣୀ, ସୁଗମ୍ୟ ମାର୍ଗ, ସୁରମ୍ୟ ଦେବାଳୟ, ସ୍ୱଚ୍ଛନୀର ଜଳାଶୟ ଓ ସୁନ୍ଦର ହର୍ମ୍ୟ ପ୍ରଭୃତି ନାଗରିକ ଉପାଦାନରେ ପୂର୍ଣ୍ଣ । ଅଧିକନ୍ତୁ ସ୍ୱର୍ଗୀୟ ଖଲ୍ଲିକୋଟ ନରପତିଙ୍କ ପ୍ରସାଦରୁ ସେ ପରମ ସୌଭାଗ୍ୟବତୀ । କେବଳ କୃତ୍ରିମରେ ନୁହେଁ, ସ୍ୱଭାବ ସମ୍ପଦରେ ସୁଦ୍ଧା ରମ୍ଭା ଗଞ୍ଜାମର ନଗରୀ ରାଣୀ । ଏହାର ପୂର୍ବରେ ତରଙ୍ଗମୁଖରୀ ଚିଲିକା ଏବଂ ଅନ୍ୟ ତିନି ଦିଗରେ ଅବିଚ୍ଛିନ୍ନ ଗିରିମାଳା ବୃତ୍ତଖଣ୍ଡାକାରରେ ସ୍ଥାପିତ ଲୌହ ପ୍ରାଚୀର ପ୍ରାୟ ଦଣ୍ଡାୟମାନ । ସେଥିମଧ୍ୟରୁ କେହି ଘୋଟକାକୃତି, କେହି କରଭାକୃତି, କେହି ବଲ୍ମୀକାକୃତି, କେହି ସ୍ଥୂଳବର୍ତ୍ତୁଳ ଶିବଲିଙ୍ଗାକୃତି ଏବଂ କେହି ବା ଦେଉଳାକୃତିବିଶିଷ୍ଟ । କାହାର ଚୂଡ଼ା ଶିଶୁମସ୍ତକ ତୁଲ୍ୟ ଝାମ୍ପୁରା, କାହାର ଚୂଡ଼ା ବୃଦ୍ଧ ମସ୍ତକ ତୁଲ୍ୟ ଟାଙ୍ଗରା, କାହା ଦେହରେ ଅବା ସାବୁ ମାଣ୍ଡିଲା ପରି ସ୍ଥାନେ ସ୍ଥାନେ ତୃଣଗୁଳ୍ମାଦି ମାଡ଼ିଅଛି ଏବଂ କେହି ବା ଆପାଦମସ୍ତକ ଅଗମ୍ୟ ଅରଣ୍ୟାନୀସଙ୍କୁଳ ।

୨୭-୧୦-୧୧ ଶୁକ୍ରବାର । ପ୍ରଭାତରୁ ଉଠି ନିତ୍ୟ-କର୍ମ ସମାପନାନ୍ତେ ବସିଅଛି, ଏହି ସମୟରେ ଜୟକୃଷ୍ଣ ବାବୁ ଆସି ଉପସ୍ଥିତ ହେଲେ । ସେ ମୋତେ ଦେଖି ପରମାନନ୍ଦ ହେଲେ । ନମସ୍କାର ପ୍ରତି-ନମସ୍କାର, ସମ୍ଭାଷଣ-ପ୍ରତିସମ୍ଭାଷଣ ଯଥାରୀତି ଚାଲିଲା । ତହିଁପରେ ସେ ମୋର ହସ୍ତ ଧାରଣପୂର୍ବକ ତାଙ୍କର ଅଫିସଗୃହ ଭିତରକୁ ଘେନିଗଲେ । ଅନନ୍ତର ଷୋଡ଼ଶୋପଚାରରେ ପୂଜା । ଜୟକୃଷ୍ଣ ବାବୁଙ୍କ ଆତିଥ୍ୟ ଥରେ ଯେ ଗ୍ରହଣ କରିଅଛି, ସେ ଆଜୀବନ ତାହା କଦାଚ ବିସ୍ମୃତ ହେବ ନାହିଁ । ଫଳତଃ ତାହାଙ୍କ ଆତିଥ୍ୟକୁ ଦେବତା ସୁଦ୍ଧା ଲୋଭ କରିବେ । ସେ ଜଣେ ଯୋଗଜନ୍ମା ପୁରୁଷ । ତାହାଙ୍କର କର୍ତ୍ତବ୍ୟନିଷ୍ଠା, ପରୋପକାର, ସାଧୁତା, ମିଷ୍ଟ-ବାଦିତା, ଦେଶପ୍ରୀତି, ବନ୍ଧୁବାତ୍ସଲ୍ୟ ପ୍ରଭୃତି ସକଳ ମାନବୋଚିତ ସଦ୍‌ଗୁଣାବଳୀ ଅନ୍ୟର ଆଦର୍ଶ ନ ହେଉ ଅନୁକରଣୀୟ ବୋଇଲେ ଅତିରଞ୍ଜିତ ହେବ ନାହିଁ । ତାଙ୍କର ସଦା ପ୍ରଫୁଲ୍ଲ ବଦନରେ ଉତ୍ସାହର ଶତମୁଦ୍ରା ମୁଦ୍ରିତ । ତାଙ୍କର ଅଧିକ ପରିଚୟ ଦେବା ବାହୁଲ୍ୟ-ମାତ୍ର । ଫଳତଃ ସେ ଜଣେ ଦେବଦୂତ । ତାଙ୍କର ଅନନ୍ୟସାଧାରଣ ସଦ୍‌ଗୁଣରେ ପ୍ରୀତ ହୋଇ ସ୍ୱର୍ଗୀୟ ଖଲ୍ଲିକୋଟ ରାଜା ସ୍ୱଣର ପୁରସ୍କାରସ୍ୱରୂପ ତାହାଙ୍କୁ ସମ୍ମାନ

ସହ "ତ୍ୟାଉପଷ୍ଟନାୟକ" ଉପାଧି ପ୍ରଦାନ କରିଥିଲେ ଏବଂ ଏକ ରାଶି ଭୂସମ୍ପତ୍ତି ମଧ୍ୟ ପ୍ରଦାନ କରିଥିଲେ । ରାଜାଙ୍କର ସେ ଜଣେ ବିଶ୍ୱାସୀ କର୍ମଚାରୀ । ଅନେକ ବଡ଼ ବଡ଼ କାର୍ଯ୍ୟରେ ରାଜା ମହୋଦୟ ତାଙ୍କର ପରାମର୍ଶ ନେଇ କାର୍ଯ୍ୟ କରୁଥିଲେ । ସେ ବିଶ୍ୱାସୀ କର୍ମଚାରୀ ହେତୁ ରାଣୀ ମହୋଦୟା ତାହାଙ୍କୁ ରମ୍ଭା ପ୍ରାସାଦ ରକ୍ଷଣାବେକ୍ଷଣର ସମସ୍ତ ଭାର ଅର୍ପଣ କରିଅଛନ୍ତି । ସ୍ପଷ୍ଟବାଦିତା ଜୟକୃଷ୍ଣ ବାବୁଙ୍କର ସ୍ୱଭାବସିଦ୍ଧ ଧର୍ମ । ସୁପ୍ରସିଦ୍ଧ ପ୍ରଜାବନ୍ଧୁ ପତ୍ରିକାର ମେନେଜରରୂପରେ ସେ ଉତ୍କଳର ସର୍ବତ୍ର ସୁପରିଚିତ । ତାଙ୍କର ଶାନ୍ତଶିଷ୍ଟପଣ, କାର୍ଯ୍ୟଦକ୍ଷତା ଓ ସଂଯମ ଉଚନାତୀତ । ରାଜକାର୍ଯ୍ୟ ଓ ପରୋପକାର ସାଧନରେ ସେ କ୍ଷୁତ୍ପିପାସା ଭୁଲିଯାଆନ୍ତି । ଗର୍ବ,ଅହଙ୍କାର ବା କପଟତା ତାଙ୍କୁ ଅଣୁମାତ୍ର ସ୍ପର୍ଶ କରି ନାହିଁ । ଅଧିକ କହିବାର ଆବଶ୍ୟକତା ନାହିଁ । ଗଞ୍ଜାମ ଭ୍ରମଣକାରୀ ତାଙ୍କ ସମ୍ବନ୍ଧରେ ଯାହା ଲେଖିଅଛନ୍ତି, ସେଥିରୁ ତାଙ୍କର ସମ୍ପୂର୍ଣ୍ଣ ପରିଚୟ ମିଳିବ । ଭ୍ରମଣକାରୀଙ୍କର ଉକ୍ତି ନିମ୍ନରେ ପ୍ରଦର୍ଶିତ ହେଲା—

"ଶାନ୍ତ-ଦାନ୍ତ-ଅବତାର ଜୟକୃଷ୍ଣ ତ୍ୟାଉ,
କାହା ସଙ୍ଗେ ତୁଳିବି ମୁଁ ତୁମ୍ଭଙ୍କୁ କହ ଅଉ ?
ଅଛି କିନା ତୁମ୍ଭେ ଭାଇ ତୁମ୍ଭରି ଉପମା,
ଦେଖି ନାହିଁ ତୁମ୍ଭ ପରି କାହିଁ କୃତକର୍ମା ।
କାନ୍ଧି ବୁଲି ଉପକାର ଦ୍ୱାରେ ଦ୍ୱାରେ ଫେରି,
ପର ଉପକାର ପାଇଁ ଗଢ଼ିଲ ବିଧି କେଶରୀ ।
ଦେଖିଛି ମୁଁ ପର କାର୍ଯ୍ୟେ ଦଉ ସବୁ ହାତ,
ନ ହେଲା ପଛକେ ଖିଅ ସେ ଦିନର ଭାତ ।
କରେ ଆଶୀର୍ବାଦ ଭାଇ ମୋ ଆୟୁଷ ନେଇ,
କରୁଥାଅ ମାତୃପୂଜା ମନପ୍ରାଣ ଦେଇ ।"

ଏ ଉକ୍ତି ଯେ ଅକ୍ଷରେ ଅକ୍ଷରେ ସତ୍ୟ, ସେଥିରେ ସନ୍ଦେହ ନାହିଁ । ଅନ୍ୟର ଉପକାର କରିବାକୁ ଯାଇ ସେ ଅନେକ ଥର ବିପନ୍ନ ହୋଇଅଛନ୍ତି; ତଥାପି ସେ ପୁଣ୍ୟବ୍ରତ ଉଦ୍‌ଯାପନର କଳ୍ପନା କରି ନାହାନ୍ତି । ତାଙ୍କ ଭଳି ନିଃସ୍ୱାର୍ଥ ଦେଶ-ହିତୈଷୀ ଗଞ୍ଜାମରେ ଅତି ବିରଳ ।

ଜୟକୃଷ୍ଣ ବାବୁଙ୍କ ସହ କଥାବାର୍ତ୍ତା କରୁ କରୁ ୧୧ଟା ବାଜିଗଲା । ତହୁଁ ସେ ମୋର ଖାଦ୍ୟର ବ୍ୟବସ୍ଥା କରି ସ୍ନାନାହାର ସକାଶେ ଘରକୁ ଗଲେ । ରମ୍ଭାରେ ମାଛ ଓ ପରିବା ଅପର୍ଯ୍ୟାପ୍ତ ମିଳେ । ସୁତରାଂ ଭୋଜନରେ ବୋଲି ଭଲା ସୁଖ ହେଲା । ଭୋଜନାନ୍ତେ ବିଶ୍ରାମ କଲି ; କେବଳ ବସିବା ଦ୍ୱାରା ବିଶ୍ରାମ ।

ମୋର ଦିବାନିଦ୍ରାର ଅଭ୍ୟାସ ନାହିଁ । ଜୟକୃଷ୍ଣ ବାବୁଙ୍କର ମଧ୍ୟ ଫୁରୁସତ ନ ଥିବ ; ଦିନଠାରୁ ରାତି ପର୍ଯ୍ୟନ୍ତ କର୍ତ୍ତବ୍ୟରେ ବ୍ୟସ୍ତ । ଅତଃ ଗୋଷ୍ଠୀବାକୁ ଅବସର କାହିଁ ? ପ୍ରାୟ ଘୋଡ଼ାକବେଳେ ସେ ଫେରିଆସି କର୍ତ୍ତବ୍ୟରେ ନିଯୁକ୍ତ ହେଲେ । ମୁଁ କେବଳ ହାତଗୋଡ଼ ଯୋଡ଼ି ବସି ରହିଲି; ମାତ୍ର ଖାଲି ବସି ରହିବା ଦ୍ୱାରା ବିରକ୍ତି ବୋଧ ହେଲା । ଜୟକୃଷ୍ଣ ବାବୁ ତାହା ଜାଣିପାରି ଖଣ୍ଡିଏ ନୂତନ ପୁସ୍ତକ ଆଣି ମୋ ହାତରେ ଦେଲେ । ମୁଁ ଆଗ୍ରହସହକାରେ ପଢ଼ିବାକୁ ଲାଗିଲି ଏବଂ ପାଠରେ ତୃପ୍ତି ମଧ୍ୟ ଲାଭ କଲି ।

ପୁସ୍ତକଖଣ୍ଡିକର ନାମ କାଦମ୍ବରୀ । ବାମଣ୍ଡାର ବିଜ୍ଞାନ-ବିନୋଦ ରାଜକବିମହୋଦୟ ତାହାକୁ ଅମିତ୍ରାକ୍ଷର ଛନ୍ଦରେ ଅନୁବାଦ କରିଅଛନ୍ତି । ଅନୁବାଦରେ ମୂଳ ସଂସ୍କୃତର ସମ୍ପୂର୍ଣ୍ଣ ଗାମ୍ଭୀର୍ଯ୍ୟ ରକ୍ଷା ହୋଇଅଛି । ବାମଣ୍ଡାଧୀଶ୍ୱର ଜଣେ ଅଳଙ୍କାରିକ ବୋଲି ପ୍ରସିଦ୍ଧି ଲାଭ କରିଅଛନ୍ତି । ବର୍ଣ୍ଣିତ ପୁସ୍ତକରୁ ମଧ୍ୟ ସେଥିର ଯଥେଷ୍ଟ ପ୍ରମାଣ ମିଳିଲା । କି ରଚନାର ପାରିପାଟ୍ୟ, କି ଭାବ, କି ବହୁ ସମାସଯୁକ୍ତ ସୁଦୀର୍ଘ ପଦସମାବେଶ,କି ଭାଷା, କୌଣସି ବିଷୟରେ ପୁସ୍ତକଖଣ୍ଡି ଦୁର୍ବଳ ନୁହେଁ, ଅଥଚ ଅନୁପ୍ରାସ ଯୋଗୁଁ ସୁଖପାଠ୍ୟ । ବାମଣ୍ଡାଧୀଶ୍ୱର ମହୋଦୟ ରାଜ୍ୟର ଦୁର୍ବହ ଭାର ବହନ କରି ମଧ୍ୟ ସତତ ବାଗ୍‌ଦେବୀଙ୍କର ଚରଣାର୍ଚ୍ଚନାରେ ନିଯୁକ୍ତ ଅଛନ୍ତି । ଏହା ତାହାଙ୍କ ପକ୍ଷରେ ଏବଂ ଉତ୍କଳ ପକ୍ଷରେ ସାମାନ୍ୟ ଶ୍ଲାଘାର ବିଷୟ ନୁହେ । ମିତ୍ରାକ୍ଷର- ବନ୍ଧନୀ କବିର ହସ୍ତପଦ ଶୃଙ୍ଖଳାବଦ୍ଧ କରି ରଖେ । କେବଳ ମିତ୍ରାକ୍ଷର ଅନୁରୋଧରେ କବିର ଭାବ ସରଳ ପଥରୁ ବିଚ୍ୟୁତ ହୋଇ ବିକୃତ ଆକାର ଧାରଣ କରେ; ମାତ୍ର ଅମିତ୍ରାକ୍ଷର ସେରୂପ ନୁହେଁ । ସେଥିରେ କବିର ଭାବ

ହସ୍ତପଦ ପ୍ରସାରଣ କରି ଖେଳିବୁଲେ । ମିତାକ୍ଷରଠାରୁ ଅମିତାକ୍ଷରର ରଚନା ଅବଶ୍ୟ କଠିନ । ସିଦ୍ଧହସ୍ତ ଲେଖକ ନ ହେଲେ ସେଥିରେ କୃତକାର୍ଯ୍ୟତା ଲାଭ କରିବା ବିଡ଼ମ୍ବନାମାତ୍ର । କାଦମ୍ବରୀ ଉତ୍କଳ ଭାଷାର ସୌନ୍ଦର୍ଯ୍ୟସମ୍ପାଦକ ପ୍ରକୃତ ଅମିତାକ୍ଷର । ପୁସ୍ତକଖଣ୍ଡି ପଢ଼ୁ ପଢ଼ୁ ମୁଁ ବାସ୍ତବରେ ଆତ୍ମବିସ୍ମୃତ ହୋଇଥିଲି । ସେଥିରେ ଏତେଦୂର ମୋହିତ ହୋଇଥିଲି ଯେ, କବିଙ୍କୁ ଧନ୍ୟବାଦ ଦେଇ ପତ୍ର ଲେଖିବା ସକାଶେ ମୋର ମନ ମୋତେ ସ୍ୱତଃପ୍ରବୃତ୍ତ କରାଇଥିଲା; ମାତ୍ର ମୁଁ ଅପରିଚିତ ହେତୁରୁ କାଳେ ମୋର ପତ୍ରଦ୍ୱାରା ରାଜାଙ୍କର ଉଦାର ଅନ୍ତଃକରଣର ଶାନ୍ତିଭଙ୍ଗ ହେବ, ଏହି ଆଶଙ୍କାରେ ସେଥିରୁ ନିବୃତ୍ତ ହେଲି । ରାଜା ମହୋଦୟଙ୍କ ଅମୃତସ୍ରାବୀ ଲେଖନୀରେ କୁସୁମଚନ୍ଦନ ବୃଷ୍ଟି ହେଉ ଏବଂ ସେ ଉତ୍କଳୀୟ ସାହିତ୍ୟସେବାରେ ସୁଯଶସ୍ୱୀ ଲାଭ କରନ୍ତୁ, ଏହା ହିଁ ମୋର ଐକାନ୍ତିକ କାମନା । ଉତ୍କଳଭାରତୀ ଉତ୍କଳ ପରିତ୍ୟାଗ କରି ଏବେ ବାମଣ୍ଡା ରୂପ ସାରସ୍ୱତ ଧାମରେ ଆଶ୍ରୟ ନେଇଅଛନ୍ତି ବୋଲି ପ୍ରାତଃସ୍ମରଣୀୟ କବିବର ରାଧାନାଥ ଯାହା ଲେଖିଯାଇଅଛନ୍ତି, ଅସ୍ମମାନଙ୍କର ରାଜକବି ମହୋଦୟ ସେଥିର ଉଜ୍ଜ୍ୱଳ ଦୃଷ୍ଟାନ୍ତ ପ୍ରଦର୍ଶନ କଲେ । କେହି କେହି ମୋର ଏହି ଉକ୍ତିକୁ ସ୍ତାବକତା ଦୋଷରେ ଦୂଷିତ କରିପାରନ୍ତି; ମାତ୍ର କାଦମ୍ବରୀ ପାଠ ନ କଲେ ମୋର ମନ୍ତବ୍ୟର ଗୌରବତ୍ୱ କେହି ଅନୁଭବ କରିପାରିବେ ନାହିଁ, ଏହା ମୁଁ ଶତ ବାର ଗର୍ବର ସହିତ କହିପାରେ । କାଦମ୍ବରୀ ଯେ ପ୍ରକୃତ କାଦମ୍ବରୀ ତୁଲ୍ୟ, ତାହା ଆରମ୍ଭ କଲେ ଶେଷ ନ କରିବା ଯାଏ ମନ ଅନ୍ୟ ଇଚ୍ଛା କରେ ନାହିଁ, ଏହା ବୋଲିବା ବାହୁଲ୍ୟମାତ୍ର ।

୨୮ ତାରିଖଠାରୁ ୪-୧୧-୧୧ ତାରିଖ ପର୍ଯ୍ୟନ୍ତ ଖଣ୍ଡିଏ ପୁସ୍ତକ ଲେଖାରେ ଅତିବାହିତ ହେଲା । ସୁତରାଂ ବିଶେଷ ଘଟଣା ନାହିଁ ।

୫-୧୧-୧୧ ରବିବାର— ଉତ୍ତରରୁ ପବନ ବହିଲେ ଚିଲିକାରେ ପ୍ରବଳ ତରଙ୍ଗ ଉଠେ । ଆଜି ଉତ୍ତରରୁ ବାୟୁ ପ୍ରବାହିତ ହେଉଅଛି ; ତେଣୁ ଚିଲିକା ବସ୍ୱଳ ତୁଙ୍ଗ ତରଙ୍ଗମୟ । ସେ ଶୋଭା ମନୋହର ଓ ଭୟଙ୍କର । ଯେମନ୍ତ ବାସୁକି ସହସ୍ର ଫଣା ତୋଳି ଗମ୍ଭୀର ଗର୍ଜ୍ଜନପୂର୍ବକ ଫେନଚ୍ଛଳରେ ବିଷୋଦ୍ଗାର କରୁଅଛି କିମ୍ବା ନୀଳ ଆକାଶରେ ଅସଂଖ୍ୟ ସ୍ତରମେଘ ଧାବମାନ ହେଉଅଛନ୍ତି ଅଥବା ଦରିଦ୍ର ମନରେ ଶତ ଶତ ଆଶା ଜାତ ହୋଇ ପୁଣି ବିଲୟପ୍ରାପ୍ତ ହେଉଅଛି । ଚିଲିକାର ଭୀଷଣ ରୂପ ଦେଖି ଆଜି ଚିଲିକା-ଭ୍ରମଣାଶା ପରିତ୍ୟାଗ କଲି । ଉତ୍ତରରୁ ଆଉ କେତେ ଦିନ ପବନ ବହିବ, ତାହା କିଏ କହିପାରେ ? ପ୍ରକୃତି-ରହସ୍ୟ ଭେଦ କରିବାକୁ କିଏ ବା ସମର୍ଥ ? ଅକାରଣ ଏଠାରେ ବସି ରହିବା ଅପେକ୍ଷା ଦିନେ ଦୁଇଦିନ ଅନ୍ୟ ସ୍ଥାନରେ ବୁଲି ଆସିବା ଭଲ । ଏହା ଭାବି ବ୍ରହ୍ମପୁର ଯିବାକୁ ସ୍ଥିର କଲି । ଜୟକୃଷ୍ଣ ବାବୁ ଚଳଖିଆ ଓ ଘି ଆଣି ଦେଲେ । ଘି ମନ୍ଦାକ ବଡ଼ ସୁପେୟ ହୋଇଥିଲା; କିନ୍ତୁ ରମ୍ଭାରେ ଭଲ ଚଳଖିଆ ମିଳେ ନାହିଁ । ଜୟକୃଷ୍ଣ ବାବୁଙ୍କ ସୁନର ଭଲ ବୋଲି ବାଛି ଯେଉଁ ଚଳଖିଆ ଆଣିଥିଲେ, ତାହା ଅର୍ଦ୍ଧଶତାବ୍ଦୀ ମଧ୍ୟରେ ପ୍ରସ୍ତୁତ ବୋଲି ବୋଧ ହେଉ ନ ଥିଲା । ଯାହାହେଉ "ଯସ୍ମିନ୍ ଦେଶେ ଯଦାଚାର" । ତହିଁରୁ କିଛି ଉଦରସ୍ଥ କରିବାକୁ ହେଲା । ଷ୍ଟେସନକୁ ଯିବା ସକାଶେ ଜୟକୃଷ୍ଣ ବାବୁ ଖଣ୍ଡିଏ ଗାଡ଼ି କରିଦେଲେ ଏବଂ ଟିକେଟ କିଣି ରେଲରେ ମୋତେ ବସାଇଦେବା ସକାଶେ ଜଣେ ଲୋକ ମଧ୍ୟ ପଠାଇଲେ । ଷ୍ଟେସନରେ ଉପସ୍ଥିତ ହେବାର ଅବ୍ୟବହିତ ପରେ ଉତ୍ତରରୁ ପାସେଞ୍ଜର ଆସି ପହଞ୍ଚିଲା । ପ୍ରାୟ ୧୦ଟା ସମୟରେ ରେଲରେ ବସିଲି । ରମ୍ଭାଷ୍ଟେସନରେ ଭଲ ବାଣ୍ଡି ମିଳେ । ତାହା ପିତୃବାଣ୍ଡି ପରି ସୁଦୃଶ୍ୟ; କିନ୍ତୁ ଦୃଢ଼ତାରେ ପିତୃକୁ ପରାସ୍ତ କରେ । ମୂଲ୍ୟ ମଧ୍ୟ ସୁଲଭ । ଏକଅଣାଠାରୁ ତିନିଅଣା ମଧ୍ୟରେ ସ୍ଥାନୀୟ ଭଣ୍ଡାରୀମାନେ କ୍ଷୀରକୋଳି କାଠରେ ଉକ୍ତ ବାଣ୍ଡି ପ୍ରସ୍ତୁତ କରନ୍ତି । ଷ୍ଟେସନରେ ଦୁଧ, ଦହି ଓ ଛେନା ଅପର୍ଯ୍ୟାପ୍ତ ମିଳେ । ଯଥାସମୟରେ ରେଲ ଛାଡ଼ିଲା । କ୍ରମେ ହୁମା ଓ ଗଞ୍ଜାମ ଷ୍ଟେସନ ଅତିକ୍ରମ କରି ଚାଲିଲି । ଏହିଠାରେ ଗାଣ୍ଡ ସୌଧ ତୁଲ୍ୟ କେତେଗୁଡ଼ିଏ ବୃହଦାକୃତିର ସ୍ତୂପ ଦୂରରୁ ଦେଖାଗଲା । ସେଗୁଡ଼ିକ ଋଷିକୁଲ୍ୟା ନଦୀର ଶାର ଏବଂ ପୁଲିନସ୍ଥ ବାଲିସ୍ତୂପ । ଦେଖୁ ଦେଖୁ

ରେଇ ଆସି ଉକ୍ତ ନଦୀର ପୋଲ ଉପରେ ଚଳିଲା । ଋଷିକୁଲ୍ୟା ଗୋଟିଏ ପୌରାଣିକ ନଦୀ । ଏହାର ଜଳ ତାତଧାର ପରି ଅତିବ ସ୍ୱଚ୍ଛ । ଅବୃତରେ ବ୍ରାହ୍ମୀ ସଦୃଶ । ରେଳପଥବର୍ତ୍ତୀ ନଦୀମାନଙ୍କ ମଧ୍ୟରେ ଋଷିକୁଲ୍ୟାର ପୋଲ ଅପେକ୍ଷାକୃତ ଦୀର୍ଘ ଦେଖାଗଲା । ଇଚ୍ଛାପୁର ପରେ ଛତ୍ରପୁର ଷ୍ଟେସନ ପଡ଼ିଲା । ଛତ୍ରପୁର ଗଞ୍ଜାମ ଜିଲ୍ଲାର ରାଜଧାନୀ । ଏହାର ଅନ୍ୟ ନାମ ସୀତାରାମପଲ୍ଲୀ । ଏଠାରେ ଜିଲ୍ଲା କଲେକ୍ଟର ବାସ କରନ୍ତି । ସମୁଦ୍ରକୂଳ ହେତୁ ଏ ସ୍ଥାନର ଜଳବାୟୁ ସ୍ୱାସ୍ଥ୍ୟକର । ଛତ୍ରପୁରରେ ନଡ଼ିଆ ଗଛ ଓ କିଆବଣ ଅଧିକ । ସମୁଦ୍ରତୀରରେ ଅସଂଖ୍ୟ ଝାଉଁ ଗଛ ଦେଖାଯାଏ । ଏ ଅଞ୍ଚଳରେ ଏହାକୁ ସରୁକା ଗଛ କହନ୍ତି । ଏହା ଆମ୍ଭମାନଙ୍କ ଦେଶରେ ସଙ୍ଗୀତକାରୀ ବୃକ୍ଷ । ସମୁଦ୍ର ତରଙ୍ଗତାଳରେ ଏମାନଙ୍କର ମଧୁର ଗୀତ ମିଶି ବଡ଼ କର୍ଣ୍ଣରସାୟନ ହୁଏ । ଯଥାସମୟରେ ବ୍ରହ୍ମପୁର ଷ୍ଟେସନରେ ପହଞ୍ଚି ଦେଖିଲି, ସେଠାରେ ଗୁଡ଼ା ଟ୍ରେନ ସକାଶେ ଠେଲାଠେଲି । ମୁଁ ରମ୍ଭାରୁ ଟିକଟ କରିଥିବାରୁ ସୌଭାଗ୍ୟବଶତଃ ରକ୍ଷା ପାଇଗଲି । ପ୍ଲାଟଫର୍ମ ପାର ହୋଇଗଲା ପରେ ପୁଣି ପଣ୍ଡାଏ ଯାତ୍ରୀଙ୍କୁ ଟାଣିଲା ପରି ଝଟକାବାଲାମାନେ ମୋତେ ଚାରିପାଖରୁ ଘେରିଗଲେ । ଏ ଅଞ୍ଚଳରେ ଝଟକା ବଡ଼ ସୁଲଭ ଏବଂ ସୁବିଧାଜନକ ଯାନ । ଷ୍ଟେସନଠାରୁ ସହର ପ୍ରାୟ ଦେଢ଼ ମାଇଲ ଅନ୍ତର । ସାମାନ୍ୟ ଛଅ ପଇସା ଭଡ଼ାରେ ଝଟକାବାଲାମାନେ ସହରରେ ପହଞ୍ଚାଇଦିଅନ୍ତି । କଟକର ଗାଡ଼ିଆଳ ହୋଇଥିଲେ ଛଅଅଣା ଖୋଜନ୍ତେ । ଛଅ ପଇସାରେ ଖଣ୍ଡିଏ ଝଟକା କରି ସହର ଅଭିମୁଖରେ ଅଗ୍ରସର ହେଲି । ସହରଟି ଦୁଇ ଅଂଶରେ ବିଭକ୍ତ— ବ’ପୁର ଓ ବ୍ରହ୍ମପୁର । କଲେଜ ଓ ଅଫିସ ଅଦାଲତ ପ୍ରଭୃତି ସମସ୍ତ ବ’ପୁରରେ ଏବଂ ବ୍ରହ୍ମପୁରରେ ବଡ଼ ବଡ଼ ମହାଜନମାନଙ୍କର ଗୋଦାମ । ବାଟରେ କଲେଜ ଓ ଟାଉନହଲ ପଡ଼ିଲା । ଏ ଉଭୟ ସ୍ୱର୍ଗତ ଖଲ୍ଲିକୋଟ ରାଜାଙ୍କର କୀର୍ତ୍ତି । ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି କଲେଜ ସ୍ଥାପିତ ହୋଇଅଛି । ତହିଁ ପରେ କ୍ଲବ । କ୍ଲବରେ ବଡଲୋକମାନେ ସୁନ୍ଦର ପତ୍ରିକା ପାଠ ଏବଂ ନାନାପ୍ରକାର ଖେଳ ଖେଳନ୍ତି । କଲେଜରେ ଓଡ଼ିଆମାନଙ୍କର ଅର୍ଦ୍ଧ ବେତନରେ ପଢ଼ିପାରିବାର ସୁବିଧା ଅଛି । କ୍ଲବ ଓ ଟାଉନ ହଲରେ ଓଡ଼ିଆମାନଙ୍କର ପ୍ରବେଶାଧିକାର ଅଛି କି ନା ଜାଣେ ନାହିଁ ।

ସହରରେ ମୋର ଜଣେ ତୈଲଙ୍ଗୀୟ ବନ୍ଧୁ ଅଛନ୍ତି । ମୋତେ ତାଙ୍କର ଘର ପାଖକୁ ଯିବାକୁ ହେବ । ନାମ କହିବାରୁ ଝଟକାବାଲା ମୋତେ ନେଇ ସେହି ସ୍ଥାନରେ ଓହ୍ଲାଇଦେଲା । ସେତେବେଳକୁ ବାରଟା ବାଜିଯାଇଥିଲା । ଦେଖିଲି ବନ୍ଧୁ ଉପସ୍ଥିତ ନାହାନ୍ତି । ସେ ପତ୍ରିକା ପାଠ ସକାଶେ କ୍ଲବକୁ ଯାଇଅଛନ୍ତି । ତାଙ୍କ ଅପେକ୍ଷାରେ ବସି ରହିଲି । ବସୁ ବସୁ ଦୁଇଟା ବାଜିଗଲା । ଇତିମଧ୍ୟରେ ମୁଁ ଜଳଖିଆ କରିନେଇଥିଲି । ତହିଁ ପରେ ବନ୍ଧୁଙ୍କ ସହ ସାକ୍ଷାତ । ସେ ମୋତେ ମେଡ଼ା ଉପରକୁ ଘେନିଗଲେ । ତୈଲଙ୍ଗୀୟ ଭାଷାରେ ଦ୍ୱିତଳ ପ୍ରାସାଦକୁ ମେଡ଼ା କହନ୍ତି । ବନ୍ଧୁଟି ସ୍ୱାଗତ ପ୍ରଶ୍ନ କଲା ପରେ ପିଲାକୁଟୁମ୍ବଙ୍କ କୁଶଳ ସମ୍ବାଦ ଏବଂ ବର୍ଷା ଶସ୍ୟର ଅବସ୍ଥା ପ୍ରଭୃତି ଅନେକ କଥା ପଚାରିଲେ । ମୁଁ ଯଥାତଥା ଉତ୍ତର ଦେଲି । ପରକ୍ଷଣରେ ତାଙ୍କର ମାତା ଓ ଭ୍ରାତାମାନେ ଆସି ଉକ୍ତରୂପ ପ୍ରଶ୍ନ କଲେ । ମୁଁ ପାଠପଢ଼ା ପିଲା ପରି ସେହି ଏକ ଉତ୍ତରର ଦ୍ୱିରୁକ୍ତି, ତ୍ରିରୁକ୍ତି କରିବାକୁ ଲାଗିଲି । ସେମାନଙ୍କ ମୁଖନିଃସୃତ ଭଙ୍ଗା ଭଙ୍ଗା ଓଡ଼ିଆ ବୋଲି ଶୁଣିବାକୁ ବଡ଼ କୌତୁକାବହ ହୋଇଥିଲା । ସନ୍ଧ୍ୟା ସମୟରେ ସାମାନ୍ୟ ଜ୍ୱର ବୋଧ ହେଲା । ବିଦେଶ ଜାଗା, ତହିଁରେ ପୁଣି ସଙ୍ଗରେ କେହି ନାହିଁ । ଏରୂପ ଅବସ୍ଥାରେ ଶରୀର ଅସୁସ୍ଥ ହେଲେ ମନ ଯେରୂପ ହୁଏ, ତାହା ଭୁକ୍ତଭୋଗୀ ବ୍ୟତୀତ ଅନ୍ୟର ଅନୁଭବ୍ୟ ନୁହେ । ରାତିରେ ଆହାର ନ କରି ଶୋଇଲି ।

ପ୍ରଭାତରୁ ଉଠି ନିତ୍ୟକର୍ମ କଲି ; ମାତ୍ର ଶରୀର ଅସୁସ୍ଥ ଥିବାରୁ ସ୍ନାନ କଲି ନାହିଁ । ବନ୍ଧୁଟି ଗ୍ଲାସେ କାଫି ଆଣିଦେଲେ । ପାନ କରିସାରି ତାଙ୍କ ସହ ନାନା ବିଷୟରେ କଥୋପକଥନ କରିବାକୁ ଲାଗିଲି । ୧୧ଟା ବାଜିଗଲା । ବନ୍ଧୁଟି ମୋର ଖାଦ୍ୟର ବ୍ୟବସ୍ଥା କରିବା

ସକାଶେ ବ୍ୟଗ୍ର ହୋଇ କହିଲେ, "ଆପଣ ଓଡ଼ିଆ ହୋଟେଲରେ ଖାଇପାରିବେ ନାହିଁ, ସେଠାରେ ଭଲ ଖାଦ୍ୟ ମିଳେ ନାହିଁ । କମା ହୋଟେଲରେ ଭଲ ସୁବିଧା ହେବ ।" ମୁଁ କହିଲି, "କମା ହୋଟେଲକୁ ନମସ୍କାର, ଲୁଣ ଓ ଲଙ୍କାମରିଚର ବାହୁଲତାରେ ସେମାନେ ଅଖାଦ୍ୟ ପ୍ରସ୍ତୁତ କରନ୍ତି ଏବଂ କୁକୁର ପରି ପିଣ୍ଡାରେ ଆଣି ଭାତ ଦିଅନ୍ତି । ମୁଁ ବରଂ ଉପାସିଆ ରହିବି, କଦାପି ସେଠାକୁ ଯିବି ନାହିଁ ।" ତହୁଁ ତାଙ୍କର ମାଆ କହିଲେ, "ଆବା, ବାତ ଭାଇବ ନାଇଁ, ମୁଁ ଘରେ ନେଇ ବାଢ଼ି ଦେବ, ଆସ ଭୋଜନ କରିବ ।" ବନ୍ଧୁଟି ମଧ୍ୟ କମା; ମାତ୍ର ସାଧାରଣ କମାଙ୍କ ପରି ତାଙ୍କର ଖାଦ୍ୟ ନୁହେଁ । ଅନୁରୋଧରେ ପଡ଼ି ଖାଇବାକୁ ଗଲି । ବନ୍ଧୁଙ୍କର ମାଆ ପରିବେଷଣ କଲେ ଏବଂ ମାଆ ପରି ପାଖରେ ବସି ସ୍ନେହ ବଚନ କହି ମୋତେ ଖୁଆଇଲେ । ତାଙ୍କ ଘରର ମୁଗ ଓ ହରଡ଼ ଚଟଣୀ ଖାଇ ବିଶେଷ ତୃପ୍ତି ବୋଧକଲି । ଅମ୍ଳପ୍ରିୟ ତେଲଙ୍ଗୀୟମାନେ ଉପାଦେୟ ଚଟଣୀ ପ୍ରସ୍ତୁତ କରନ୍ତି । ଚଟଣୀକୁ ସେମାନେ ପାଚେଡ଼ୀ କହନ୍ତି । ସେମାନଙ୍କ ପ୍ରସ୍ତୁତ ପାଚେଡ଼ୀ ଏରୂପ ସୁସ୍ୱାଦୁ ଯେ, ତରକାରି ଅଭାବରେ ସୁଦ୍ଧା ଭାତ ଉଠିଯାଏ । ଭୋଜନାନ୍ତେ ପୁସ୍ତକ ପଢ଼ିବା ପାଠରେ ନିଯୁକ୍ତ ହେଲି । ସେଦିନ ରାତିରେ ସୁଦ୍ଧା ସେହି ବନ୍ଧୁଙ୍କ ଘରେ କୁଣିଆ ହୋଇଥିଲି ।

୩୦-୧୨-୧୧ ସୋମବାର । ମୋର ପ୍ରଭାତରୁ ସ୍ନାନ କରିବାର ଅଭ୍ୟାସ ଅଛି । ଗତ ରାତିରେ ଜଳର ବ୍ୟବସ୍ଥା କରିବା ସକାଶେ ବନ୍ଧୁଙ୍କୁ କହିବାରୁ ସେ ଚାକରକୁ ଡାକି କହିଦେଲେ । ଚାକରଟି ଗରାଏ ପାଣି ଆଣି ରଖିଦେଲା । ଆବକ୍ଷ-ପରିମିତ ନଦୀ ଜଳରେ ଯେ ଅତୃପ୍ତ, ଗରାଏ ପାଣି ତାହାର ମସ୍ତସ୍ନାନକୁ ନଅଣ୍ଟ । ଯାହାହେଉ କାକସ୍ନାନ ତୁଲ୍ୟ ସ୍ନାନକରି ବନ୍ଧୁ-ପ୍ରଦତ୍ତ କାଫି ପାନ କଲି । ଶରୀର କିଛିଏ ଉପଶମ ବୋଧ ହେବାରୁ ବ୍ରହ୍ମପୁର ସହର ଭ୍ରମଣରେ ବାହାରିଲି । ସହରଟି କ୍ଷୁଦ୍ର; କିନ୍ତୁ ବହୁଶାଖାବିଶିଷ୍ଟ । ମ୍ୟୁନିସି-ପାଲିଟିର ପ୍ରସାଦରୁ ସହରଟି ପରିଷ୍କୃତ ପରିଚ୍ଛନ୍ନ । ମହାଜନମାନେ ଦ୍ୱିତଳ ତ୍ରିତଳ ପ୍ରାସାଦରେ ଦୋକାନ ଖୋଲି ବସିଅଛନ୍ତି । ତେଲଙ୍ଗୀୟମାନେ ସାଧ୍ୟମତେ ସ୍ୱଦେଶୀ ପଦାର୍ଥ ବ୍ୟବହାର କରନ୍ତି, ବିଦେଶୀୟ ପଦାର୍ଥରେ ସେମାନଙ୍କର ମନଃପୂତ ହୁଏ ନାହିଁ । ତେବେ ଯାହା ସ୍ୱଦେଶରେ ଅଭାବ, ଏରୂପ ଆବଶ୍ୟକ ବିଦେଶୀୟ ପଦାର୍ଥମାନ କ୍ୱଚିତ୍ ବ୍ୟବହାର କରିବା ଦେଖାଗଲା । ଏ ଅଞ୍ଚଳରେ ଜରି ଲୁଗାମାନ ଅତି ସୁନ୍ଦର; ମାତ୍ର ମୂଲ୍ୟ ଅଧିକ । ବ୍ରହ୍ମପୁରରେ ଭଲ ପାଟ ମିଳେ । ରତ୍ନଜଡ଼ିତ ସ୍ୱର୍ଣ୍ଣାଳଙ୍କାରର କାରୁ-କାର୍ଯ୍ୟ ଅତି ଚମତ୍କାର । ଏ ଅଞ୍ଚଳରେ ଦିଆସିଲିଇକୁ ନିଆଁପେଡ଼ି, ଶ୍ଲେଟକୁ ପଙ୍କପଟା, ବାଗକୁ ରେଲମୁଣା— ଏହିପରି ସ୍ୱଦେଶୀ ନାମରେ ଅଭିହିତ କରିଅଛନ୍ତି । ଓଡ଼ିଆମାନଙ୍କର ବେଶଭୂଷଣ, ଆଚାର ବ୍ୟବହାର ସବୁ ତେଲଙ୍ଗୀୟ ଧରଣର । କିନ୍ତୁ ସେମାନଙ୍କର ଭାଷାରୁ ତେଲଙ୍ଗୁ ଶବ୍ଦ ବାଦ୍ ଦେଲେ ବାକୀ ଯାହା ରହେ, ତାହା ଖାଣ୍ଟି ଓଡ଼ିଆ । ସହର ବୁଲି ବୁଲି ୧୦ଟା ବାଜିଗଲା । ଦଳ ଦଳ ଓକିଲ, ଅମଲା ପ୍ରଭୃତି କଚେରୀକୁ ବାହାରିଲେ । ସାନଠାରୁ ବଡ଼ କର୍ମଚାରୀ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ତେଲଙ୍ଗୀୟ । ତେଲଙ୍ଗୀୟମାନେ ଆଡ଼ମ୍ବରପ୍ରିୟ ନୁହନ୍ତି । ଅନେକ ବଡ଼ଲୋକଙ୍କୁ ଯୋତା ଛତା ବ୍ୟବହାର ନ କରି ବୁଲିଯାଉଥିବାର ଦେଖାଗଲା । ଆଜି ମୋତେ ରମ୍ଭା ଫେରିବାକୁ ହେବ । ୧୧ଟା ବେଳେ ଫେରି ଆସି ବନ୍ଧୁଙ୍କ ଘରେ ଆହାର ସମାପନ କଲି । ୫ଟା ସମୟରେ ଝଟକାରେ ଷ୍ଟେସନକୁ ଆସିଲି । ଅନନ୍ତର ଟିକଟ କିଣି ରେଲରେ ବସି ରମ୍ଭା ଆସିଲି । ପ୍ରାୟ ରାତି ୭ଟା ସମୟରେ ରେଲ ରମ୍ଭା ଷ୍ଟେସନରେ ପହଞ୍ଚିଲା । ଆସିବା ଦିନ ନିଶ୍ଚୟ କରି ପତ୍ର ଦେଲେ ଜୟକୃଷ୍ଣ ବାବୁ ରେଲ ଷ୍ଟେସନକୁ ଗାଡ଼ି ପଠାଇବାକୁ କହିଥିଲେ; ମାତ୍ର ନାନା ଅନିବାର୍ଯ୍ୟ କାରଣବଶତଃ ମୁଁ ପତ୍ର ନ ଦେଇ ବାହାରି ଆସିଲି । ବାଟ୍‌ଖଣ୍ଡି ହାତରେ ଧରି ୮ଟା ସମୟରେ ରମ୍ଭା ଗ୍ରାମରେ ଉପନୀତ ହେଲି । ଏକୁଟିଆ ଆସିବାର ଦେଖି ଜୟକୃଷ୍ଣ ବାବୁ ଦୁଃଖିତ ହେଲେ; ମାତ୍ର ମୁଁ ତାଙ୍କୁ କଥା ପ୍ରସଙ୍ଗରେ ଭୁଲାଇଦେଇ ପଥରେ କୌଣସି କଷ୍ଟ ବା ଅସୁବିଧା ହୋଇ ନ ଥିବାର କହିଲି । ରାତିରେ ଆହାରାନ୍ତେ ଶୟନ କଲି ।

ସୁଖ ନିମିତ୍ତ ଶତସ୍ୱର୍ଗୀୟ ଖଣ୍ଡିଏ ବୋଟ ମହାମଣ୍ଡ ପ୍ରକାଶେ ଜୟକୃଷ୍ଣ ବାବୁ କଣ୍ଟ୍ରାକ୍ଟ ନେଇଥିଲେ । ସେଥିର କାର୍ଯ୍ୟ ସମାପ୍ତ ହେବାରୁ ବୋଟଖଣ୍ଡି ଆଜି ରାତିରେ ପ୍ରଥମ ଯିବାର ନିଶ୍ଚୟ ହୋଇଥିଲା । ଜୟକୃଷ୍ଣ ବାବୁ ତାହାର ଦୋଷ ଗୁଣ ପରୀକ୍ଷା କରିବା ସକାଶେ ସେହି ବୋଟରେ ବରକୁଦା ପର୍ଯ୍ୟନ୍ତ ଯିବେ । ସଙ୍ଗରେ ମୋର ମଧ୍ୟ ଯିବାର ସ୍ଥିର ହୋଇଥିଲା । ରାତି ୧୧ ଘଣ୍ଟା ସମୟରେ ଜୟକୃଷ୍ଣ ବାବୁ, ମୁଁ ଓ ଆଉ ଦୁଇଜଣ ବନ୍ଧୁ ବୋଟରେ ଚଢ଼ିଲୁ । ବୋଟ କ୍ଷିପ୍ର ଗତିରେ ଅଗ୍ରସର ହେବାକୁ ଲାଗିଲା । ଚନ୍ଦ୍ରପକ୍ଷ ରାତି ହେଲେ ସୁଦ୍ଧା ମେଘାବରଣ ହେତୁ ଚିଲିକା ସ୍ପଷ୍ଟ ଦେଖାଯାଉ ନ ଥିଲା । କେବଳ ଚତୁର୍ଦ୍ଦିଗ ଧୂମ୍ର-ବର୍ଣ୍ଣରେ ଆବୃତ ଥିଲା । ପ୍ରାୟ ଗୋଟାକ ସମୟରେ ଆମ୍ଭେମାନେ ବରକୁଦାରେ ପହଞ୍ଚିଲୁ । ଏହା ଚିଲିକାମଧ୍ୟସ୍ଥ ଖଣ୍ଡିଏ କ୍ଷୁଦ୍ର ଦ୍ୱୀପ । ଅନେକ ବରଗଛ ଥିବାରୁ ସମ୍ଭବତଃ ଏହାର ନାମ ବରକୁଦା ହୋଇଅଛି । ଏଠାରେ ଖଲ୍ଲିକୋଟ ରାଜାଙ୍କର ଗୋଟିଏ ରମଣୀୟ ଦ୍ୱିତଳ ହର୍ମ୍ମ୍ୟ ଓ ଅନ୍ୟାନ୍ୟ କେତେକ ଗୃହ ଅଛି । ସେ ସମସ୍ତ ୧୯୦୫ ଖ୍ରୀଷ୍ଟାବ୍ଦରେ ପ୍ରସ୍ତୁତ ହୋଇଥିଲା । ବଙ୍ଗଳାର ନାମ ଚିଲିକା-ଆଶ୍ରମ । ଆଶ୍ରମଟି ସାଜସଜ୍ଜାରେ ଭୂଷକାନ୍ତ ହୋଇ ସ୍ୱର୍ଣ୍ଣଲଙ୍କାକୁ ଉପହାସ କରୁଅଛି । ଆମ୍ଭେମାନେ ସେହି ଆଶ୍ରମରେ ରାତି ଯାପନ କଲୁ ।

୭-୧୧-୧୧ ମଙ୍ଗଳବାର—ରାତି ୪ଟା ସମୟରେ ଉଠି ପ୍ରାତଃକୃତ୍ୟ ସମାପନାନ୍ତେ ଏକାକୀ ଚିଲିକା-କୂଳକୁ ବୁଲିବାକୁ ଗଲି । ଏଠାରେ ଚିଲିକାର ବେଳା ପ୍ରଦେଶ ଖଣ୍ଡୋପଲମୟ । ଶୁକ୍ଳବର୍ଣ୍ଣର ସିପ ଶାମୁକା-ମାନ ତହିଁରେ ବିକ୍ଷିପ୍ତ ହୋଇ ଚନ୍ଦ୍ରକିରଣରେ ଝଟକୁ-ଅଛି । ବେଳାରେ ଅନେକ କରଞ୍ଜ ଗଛ ଅଛି । ସେଗୁଡ଼ିକ ମୂଳରୁ ଶାଖାପ୍ରଶାଖାବିଶିଷ୍ଟ ହୋଇ ସୁନ୍ଦର ଆକୃତି ଧାରଣ କରିଅଛି । ଜ୍ୟୋତ୍ସ୍ନାବଧୌତ ପତ୍ରାବଳୀରୁ ମୁକ୍ତା ତୁଲ୍ୟ ନୀହାରକଣିକା ଝରିପଡୁଥାଏ । ଏକପ୍ରକାର ଶୁକ୍ଳବର୍ଣ୍ଣର ଶିଉଳି ଚିଲିକା କୂଳରେ ମାଡିଥିବାର ଦେଖିଲି । ସେଗୁଡ଼ିକ ଜରଞ୍ଜି ଚିଲିକାର କେଶ ତୁଲ୍ୟ ବୋଧହେଲା । ଶୀତକାଳବହାସି ମରାଳକୁଳର କଳ-ନିସ୍ୱନ ବେଳାକୁ ପ୍ରତିଧ୍ୱନିତ କରୁଥାଏ । ହଂସମାନେ ଶରତ ପ୍ରାରମ୍ଭରେ କେଉଁ ଅଜ୍ଞାତ ପ୍ରଦେଶରୁ ଆସି ଚିଲିକାର ବକ୍ଷ ଆଚ୍ଛାଦନ କରନ୍ତି । ଗ୍ରୀଷ୍ମକାଳ ଶେଷରେ ପୁଣି କେଉଁ ଅଜ୍ଞାତ ପ୍ରଦେଶକୁ ଚାଲିଯାଆନ୍ତି । କେହି କେହି କହନ୍ତି, ଏମାନେ ମାନସରୋବରରୁ ଉଡି ଆସି ବର୍ଷାଗମରେ ପୁଣି ସେହିଠାକୁ ଯାଆନ୍ତି । ପ୍ରାୟ ୬ଟାବେଳେ ଆଶ୍ରମକୁ ଫେରି ଆସିଲି । ଶୁଣିଲି, ସ୍ୱର୍ଗତ କବିବର ରାୟ ରାଧାନାଥ ରାୟ ବାହାଦୁର ଥରେ ବରକୁଦାକୁ ଆସି ସ୍ଥାନର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସେଠାରେ ଗୋଟିଏ ଆଶ୍ରମ ପ୍ରସ୍ତୁତ କରିବା ସକାଶେ ସ୍ୱର୍ଗତ ଖଲ୍ଲିକୋଟ ମହାରାଜ ହରିହର ମର୍ଦ୍ଦରାଜ ଦେବଙ୍କୁ ଅନୁରୋଧ କରିଥିଲେ । ତାଙ୍କର ଅନୁରୋଧ-କ୍ରମେ ଆଶ୍ରମର ପ୍ରତିଷ୍ଠା । ଏଠାରେ ଗ୍ୟାସାଲୋକ ଓ କଳଜଳର ବ୍ୟବସ୍ଥା ଥିଲା । ରାଜାଙ୍କ ମୃତ୍ୟୁ ପରେ କୋର୍ଟ ଅଫ୍ ୱାର୍ଡ୍ସ ଅନାବଶ୍ୟକ ଜ୍ଞାନରେ ତାହା ଉଠାଇ ଦେଇଅଛନ୍ତି । ଆଶ୍ରମର ଚତୁଃପାର୍ଶ୍ୱରେ କେତେଗୁଡ଼ିଏ ବର ଓ ନିମ୍ବ ବୃକ୍ଷ ଅଛି । ମୂଳରେ ପକ୍କାର ବେଦୀ ବନ୍ଧା ହୋଇଥିବାରୁ ବୃକ୍ଷଗୁଡ଼ିକ ଊର୍ଦ୍ଧ୍ୱ-ବାହୁ ଯତି ବେଦୀରେ ଉଚ୍ଚ ହୋଇ ଧ୍ୟାନମଗ୍ନ ଥିଲା ପ୍ରାୟ ପ୍ରତୀୟମାନ ହୁଏ । ଦ୍ୱିତଳ ପ୍ରାସାଦର ଉପରକୁ ଉଠି ଚାହିଁଲେ ପାଲୁର ରାଜାଙ୍କ ଗଡ଼ର ଅସ୍ପଷ୍ଟ ଛବି ଦେଖା-ଯାଏ । ସମ୍ମୁଖରେ ତଡ଼ାଇଗୁମ୍ଫା ପର୍ବତ । ଦୂରବୀକ୍ଷଣ ସାହାଯ୍ୟରେ ଦେଖିଲି, ପର୍ବତ ନିକଟରେ ଅସଂଖ୍ୟ ପକ୍ଷୀ ଚିଲିକାର ବକ୍ଷ ଆଚ୍ଛାଦନ କରି ଉଡୁଅଛନ୍ତି ।

ଅନନ୍ତର ବନ୍ଧୁମାନଙ୍କ ସମଭିବ୍ୟାହାରରେ ଦ୍ୱୀପ ପରିଭ୍ରମଣରେ ବହିର୍ଗତ ହେଲି । ଦ୍ୱୀପଟି ଛଣପଟ ତୁଲ୍ୟ ଏକପ୍ରକାର ଗୁଳ୍ମରେ ପରିପୂର୍ଣ୍ଣ । ସେଥିର ପୀତବର୍ଣ୍ଣର ପୁଷ୍ପଶୀର୍ଷଗୁଡ଼ିକ ଦୀପଶିଖା ପ୍ରାୟ ଦେଖା-ଯାଏ । କେଉଁଠାରେ କ୍ଷୁଦ୍ର ଅରଣ୍ୟ, କେଉଁଠାରେ ବା ଧୂତୁରା ଗଛସମୂହ ତୂରୀକା ବାଦ୍ୟ ତୁଲ୍ୟ ଫୁଲ ଧାରଣ କରି ଉଚ୍ଚ ହୋଇଅଛନ୍ତି । ଭ୍ରମରମାନେ ଅଖୁବାଡରେ ପଶିଲା ପରି ପୁଷ୍ପରୁ ପୁଷ୍ପାନ୍ତରକୁ ଉଡିଯାଉ-

ଅଛନ୍ତି । ସେମାନଙ୍କର ମଧୁର ଗୁଞ୍ଜନ ସ୍ଥୂଳ ଭାବ ଧାରଣ କରି ବେହେଲାର ଶବ୍ଦକୁ ଧିକ୍କାର କରୁଥାଏ । ଦ୍ୱୀପରେ ବର, ଜାମୁ ଓ ଅଜବୃକ୍ଷ ଅଧିକ । ବରଗଛ ମୂଳରେ ମାଛକଣ୍ଟା ପଡ଼ିଥିବାର ଦେଖାଗଲା । ଶୁଣିଲି, କୁରୁବଲ ନାମରେ ଏକପ୍ରକାର ବୃହତ୍ ପକ୍ଷୀ ଚିଲ୍କାରୁ ବଡ଼ ବଡ଼ ମାଛ ଧରି ଆଣି ଏହି ଉଚ୍ଚ ବୃକ୍ଷମାନଙ୍କରେ ବସି ଖାଆନ୍ତି । କିଛିଦୂର ଅଗ୍ରସର ହୋଇ ଗୋଟିଏ କୂପ ଦେଖିଲୁ । ସେଥିରେ ଅସଂଖ୍ୟ ପାରାବତ ପକ୍ଷୀ ବାସ କରି ରହିଅଛନ୍ତି । ଦୁର୍ଜନ ଆଗମନରେ ସଜ୍ଜନ ସ୍ଥାନ ତ୍ୟାଗ କଲା ପରି ଆମ୍ଭମାନଙ୍କୁ ଦେଖି ସେମାନେ ଉଡ଼ି ପଳାଇଲେ । ଦ୍ୱୀପରେ ଅନେକ ଏଗ୍ର ପକ୍ଷୀଙ୍କର ବାସ । ଏମାନଙ୍କର ଅଣ୍ଡା ବଗଅଣ୍ଡାଠାରୁ ଲମ୍ବ । ଏ ଅଞ୍ଚଳରେ ଏହାକୁ କାଙ୍କବଗ ବୋଲି କହନ୍ତି । ଏଗ୍ର ପକ୍ଷୀଙ୍କୁ ପାଇକମାନେ ଟୋପରରେ ଲଗାଇ ପିନ୍ଧନ୍ତି । ଦ୍ୱୀପରେ ଅନେକ ମୃଗ ଅଛନ୍ତି । ଆମ୍ଭେମାନେ ମୃଗ ଦେଖିଲୁ ନାହିଁ; କେବଳ ଶବ୍ଦମାତ୍ର ଶୁଣିଅଛୁ । ଏଠାରେ କନଦୁର୍ଗାଙ୍କର ଗୋଟିଏ କ୍ଷୁଦ୍ର ମନ୍ଦିର ଅଛି । ଗୋଟିଏ କ୍ଷୁଦ୍ର ପୁଷ୍କରିଣୀ ମଧ୍ୟ ଅଛି; ମାତ୍ର ତୃଣଗୁଞ୍ଜି ଦ୍ୱାରା ଆବୃତ ହୋଇ ସମ୍ପ୍ରତି ତାହାର ଜଳ ଅପେୟ ହୋଇଅଛି । ବନ ମଧ୍ୟରେ ଯିବା ସମୟରେ ଅପାମାର୍ଗ କଣ୍ଟା ତୁଲ୍ୟ ଏକପ୍ରକାର ଗୁଳ୍ମର କଣ୍ଟାରେ ଆମ୍ଭମାନଙ୍କର ପରିଧେୟ ଓ ପରିଚ୍ଛଦ ବସ୍ତ୍ର ଆବଦ୍ଧ ଭାବରେ ଅଳଙ୍କୃତ ହୋଇଗଲା । ଦୁଇଜଣ ଖଲାସି ଅର୍ଦ୍ଧଘଣ୍ଟା ପରିଶ୍ରମ କରି ମୋର ସେହି ଅଳଙ୍କାରଗୁଡ଼ିକ ବାହାର କରିଥିଲେ ।

ଆମ୍ଭେମାନେ ୮ଟା ସମୟରେ ଜାଲିବୋଟ ଦ୍ୱାରା ରମ୍ଭା ଅଭିମୁଖରେ ପ୍ରସ୍ଥାନ କଲୁ । ରହିବା ସମୟରେ ଚିଲିକା ଶାନ୍ତଭାବ ଧାରଣ କରିଥିଲା । କାମଳ ନାମକ ଏକପ୍ରକାର ଧାବନପଟୁ ପକ୍ଷୀ ତୀରସ୍ଥ ବାଲୁକାମୟ ପ୍ରଦେଶରେ ବିଚରଣ କରିବାର ଦେଖିଲୁ । ଏମାନଙ୍କର ବର୍ଣ୍ଣ ମାଟିଆ । ଏମାନେ ମତ୍ସ୍ୟାଶୀ ନୁହନ୍ତି; ବାଲିରୁ କୀଟାଦି ଖୁଣ୍ଟି ଖାଇ ଜୀବନ ଧାରଣ କରନ୍ତି । ଚିଲିକା ମଧ୍ୟରେ ଅନେକ ଗଣ୍ଡଶୈଳ ଅଛି । ସେମାନେ ଦୂରରୁ କୁମ୍ଭୀର ଭାସିଲା ପରି ଦେଖାଯାଉଥାଏ । ଏହି ସଙ୍କଟମାନଙ୍କ ହେତୁ ନୌଚରମାନେ ଅତି ସାବଧାନରେ ନୌକା ନେବା ଅଣିବା କରନ୍ତି । ସ୍ଥାନେ ସ୍ଥାନେ ଅନେକ ସମୁଦ୍ର ଚିଲ ପହଁରୁଥିବାର ଦେଖାଗଲା । ଇଂରାଜୀ ଭାଷାରେ ଏମାନେ ସିଗଲ ନାମରେ ଅଭିହିତ । ଏକ ସ୍ଥାନରେ ଗୋଟିଏ ବୃହତ୍ ଗାମୁଆ କୁମ୍ଭୀର ଭାସୁଥିବାର ଦେଖିଲୁ । ନାବିକମାନେ ଦେଖି ମନୁଷ୍ୟଖିଆ କୁମ୍ଭୀର ବୋଲି ଚିତ୍କାର କରି ଉଠିଲେ । କୁମ୍ଭୀରଟାର ମୁଖ ଖୁବ୍ ତୋଳିଆ । ଗାମୁଆମାନେ ନରମାଂସାଶୀ ସତ୍ୟ; ମାତ୍ର ଚିଲିକାରେ କେବେ କାହାକୁ କୁମ୍ଭୀର ଧରିବାର ଶୁଣା ନାହିଁ । ଆସିବାବେଳେ ଜୟକୃଷ୍ଣ ବାବୁ ଅଙ୍ଗୁଳି ନିର୍ଦ୍ଦେଶପୂର୍ବକ ଚିଲିକା ମଧ୍ୟସ୍ଥ କଟିଆ, କାଙ୍କଣ, ଶିଖରୀ ପ୍ରଭୃତି ପର୍ବତମାନ ମୋତେ ଦେଖାଇ ଦେଇଥିଲେ । କିୟଦ୍ଦୂରେ ପଥରେ ଛେଳିଆକୁଦା ପଡ଼ିଲା । ଏହା ହ୍ରଦ ମଧ୍ୟସ୍ଥ ଗୋଟିଏ ଦ୍ୱୀପ । ସମସ୍ତେ ବୋଟରୁ ଓହ୍ଲାଇ ସେହି ଦ୍ୱୀପଟି ଦେଖିବା ନିମନ୍ତେ ଗଲୁ ।

ଛେଳିଆକୁଦାର ନାମକରଣ ସମ୍ବନ୍ଧରେ ନାନା ଲୋକଙ୍କର ନାନା ମତ । କେହି କହନ୍ତି, ପୂର୍ବେ ଏଠାରେ ଅନେକ ଛେଳି ଥିବାରୁ ଏରୂପ ନାମ ହୋଇଅଛି । ପୁଣି କେହି କହେ, ଏଠାରେ ହରିଣମାନେ ଛେଳି ପରି ଦଳ ଦଳ ହୋଇ ବୁଲୁଥିଲେ ବୋଲି ଏହାର ନାମ ଛେଳିଆକୁଦା ହୋଇଅଛି । ଯେଉଁ କାରଣରୁ ହେଉ, ସେ ପ୍ରତ୍ନତତ୍ତ୍ୱ ବିଦ୍ୟାର ତଥ୍ୟସଂଗ୍ରହ ଆମ୍ଭମାନଙ୍କର ଆଲୋଚ୍ୟ ନୁହେଁ । ଦ୍ୱୀପ ଉପରେ ଉଠି ଦେଖିଲୁ, ତାହା ଶ୍ୱାପଦସ୍ଥଳୀ ହେଲେ ସୁଦ୍ଧା ଭୟ ବୋଧ ହେଲା ନାହିଁ । ଉତ୍କଣ୍ଠା ହୃଦୟ ଅଧିକାର କଲେ ଭୟ ପଶିବାକୁ ସାହସୀ ହୁଏ ନାହିଁ । ପ୍ରତ୍ୟୁତ ସେ ଭୟ କରି ଦୂରକୁ ପଳାଏ । ଗଡ଼ପଥରେ ଗୋଟିଏ ବିସ୍ତୃତ ଅତ ତୋଟା ପଡ଼ିଲା । ଗଛମାନ ଫଳଭାରରେ ନମ୍ର । ସେଥିରେ ମନୁଷ୍ୟର ଅଧିକାର ନାହିଁ । ବନପକ୍ଷୀଙ୍କର ତାହା ଚିରସ୍ଥାୟୀ ପଟ୍ଟା । ଆମ୍ଭେମାନେ ଲୋଭପରବଶ ହୋଇ ଖଣ୍ଡମାନେ ବୃକ୍ଷସ୍ଥର ସର୍ବସ୍ୱ ହରଣ କଲା ପରି ଗଛଗୁଡ଼ିକୁ ଫଳଶୂନ୍ୟ କଲୁ । ଅନେକ ଫଳ ତୋଳିଲୁ, ତଥାପି ଦୁର୍ବାର ଲାଳସାର ବିରାମ ନାହିଁ । ବରଂ ଲୋଭନୀୟ ପଦାର୍ଥ ଯେତେ ଦେଖୁଥାଏ, ସେ ଉତ୍ତରୋତ୍ତର ସେତେ ବୃଦ୍ଧି

ପାଉଥାଏ । କ୍ରମେ ଅଗ୍ରସର ହୋଇ ଆଉ ତୋକ୍ରୁ ତୋକ୍ରୁ ଅଗମ୍ୟ ଅରଣ୍ୟରେ ଯାଇଁ ଉପସ୍ଥିତ ହେଲୁ । ବୃକ୍ଷଛାୟାଶ୍ରୟୀ ରୋମନ୍ଥରତ କୁରଙ୍ଗମାନେ ଆମ୍ଭମାନଙ୍କୁ ଦେଖି ପଳାୟନପରାୟଣ ହେଲେ । ଆମ୍ଭେମାନେ କୌତୂହଳାକ୍ରାନ୍ତ ହୋଇ ହାତ ତାଳି ଦେଲୁ । ତହୁଁ ସେମାନେ ଅଧିକ ଭୀତ ହୋଇ ତୀର ବେଗରେ ଛୁଟି ପଳାଇଲେ । ବନଟି ହିଂସ୍ରଜନ୍ତୁଶୂନ୍ୟ, ଅତଃ ମୃଗମାନେ ନିର୍ଭୟରେ ବାସ କରନ୍ତି । କ୍ରମେ ସୂର୍ଯ୍ୟକିରଣ ଅଧିକ ହେବାରୁ ଆମ୍ଭେମାନେ ବନ ମଧ୍ୟରୁ ବାହାରିବାକୁ ଚେଷ୍ଟା କଲୁ ; ମାତ୍ର ଦୈବୀ ଦୁର୍ବିପାକରୁ ପଥଭ୍ରାନ୍ତ ହେଲୁ । ସମୁଦ୍ର ପରି ଅରଣ୍ୟରେ ପଥଭ୍ରାନ୍ତ ହେଲେ ପୁନଶ୍ଚ ପଥ ପାଇବା ସହଜ ନୁହେଁ । ତହୁଁ ଅଗତ୍ୟା ଆମ୍ଭମାନଙ୍କୁ ଅପଥର ଆଶ୍ରୟ ନେବାକୁ ହେଲା । କେଉଁଠାରେ ନଈ, କେଉଁଠାରେ ପଶୁ ପରି ହସ୍ତପଦ ଉଭୟ ସାହାଯ୍ୟରେ ଚାଲି ଏବଂ କେଉଁଠାରେ ବା ସରୀସୃପ ପରି ଶୋଇ ଶୋଇ ଅଗ୍ରସର ହେଲୁ । ବୋଧହୁଏ ହରିଣମାନଙ୍କର ସ୍ୱାଧୀନତା ଓ ବିଳାସରେ ବାଧା ଦେବାରୁ ଆମ୍ଭମାନଙ୍କ ପ୍ରତି ସେମାନଙ୍କର ଅଭିଶାପ ପଡ଼ିଲା । ଏ ବନର ସ୍ତ୍ରାଧିଷ୍ଠି ବିଷୟରେ ଆମ୍ଭେମାନେ ସମସ୍ତେ ଅନଭିଜ୍ଞ । କିଏ କାହାକୁ ପଥ ଦେଖାଉଛି ? ଅନ୍ଧ ଅନ୍ଧକୁ ପଥ ଦେଖାଇବାକୁ ସମ୍ପୂର୍ଣ୍ଣ ଅକ୍ଷମ । ଯାହାହେଉ, ବୋଟର ସାରଙ୍ଗ ସାହସ ଅବଲମ୍ବନପୂର୍ବକ ଅଗ୍ରସର ହେଲେ । ଆମ୍ଭେମାନେ ତାଙ୍କର ପଶ୍ଚାଦ୍‌ଗାମୀ ହେଲୁ । କିଏ କଣ୍ଟକରେ କ୍ଷତବିକ୍ଷତ ହେଲା । କାହାର ଗୋଡ଼ରେ ଖୁଣ୍ଟି ପଶିଲା ଏବଂ କାହାର ବା ଲୁଗା ଚିରିଗଲା । ଏହିପରି ଅନ୍ତଫଳ ତୋଳିବାର ଉପଯୁକ୍ତ ପୁରସ୍କାର ପାଇଲୁ । ସମସ୍ତେ ଅବସନ୍ନ, ସମସ୍ତେ ଘର୍ମାକ୍ତ, ତଥାପି କାନ୍ଧ ଲୁହାଇ ଅଗ୍ରସର ହେଲୁ । ଦୈବାତ୍ କେତେ ଦୂରରେ ଗୋଟାଏ ପଥ ମିଳିଲା । ସେହି ପଥ ଧରି ଚିଲିକାର ବେଳାଭୂମିରେ ଆସି ଉପସ୍ଥିତ ହେଲୁ । ସେଠାରେ ବେଳା ବାଲୁକାମୟ । ଦେଖିଲୁ କ୍ଷୁଦ୍ର ଶଙ୍ଖରେ ବେଳା ତାରକିତ ହୋଇଅଛି । ଜୟକୃଷ୍ଣ ବାବୁ ଶଙ୍ଖ ସଂଗ୍ରହରେ ନିଯୁକ୍ତ ହେଲେ । ମୁଁ ମଧ୍ୟ ତାଙ୍କ ସହିତ ଯୋଗ ଦେଲି । ଏହି ସଙ୍ଗରେ ଯାହା-ଦେଖା ତୋଳିବା ହେଲା ପରି ଶଙ୍ଖ ସଂଗ୍ରହ ଏବଂ ପଥାତିକ୍ରମ ଉଭୟ କାର୍ଯ୍ୟ ଚାଲିଲା । କ୍ରମେ ଆସି ବୋଟ ପାଖରେ ଉପସ୍ଥିତ ହେଲୁ । ବେଳା ଓ ବୋଟ ଉଭୟ ମଧ୍ୟରେ ଜଳର ବ୍ୟବଧାନ ଥିଲା । ପୁଣି ଜଳ ମଧ୍ୟସ୍ଥ ଶିଳାମାନ ପଙ୍କପିଚ୍ଛିଳ । ସୁତରାଂ ଆମ୍ଭମାନଙ୍କ ଗଣ୍ଡ ପଥର ଅସାଧ୍ୟ । ତହୁଁ ସେବକମାନେ ଜଗନ୍ନାଥଙ୍କୁ ରଥରେ ବଳେ ବସାଇଲା ପରି ଖଲାସିମାନେ ଆମ୍ଭଙ୍କୁ ଟେକିନେଇ ବୋଟରେ ଚଢ଼ାଇଲେ । ମୁଁ ତୃଷାରେ ନିତାନ୍ତ ଅସ୍ଥିର ହୋଇଥିଲି । ଦୁର୍ଭିକ୍ଷକ୍ଲିଷ୍ଟ ଅନ୍ନାତୁର ଲୋକ ଅଖାଦ୍ୟ ଉଦରସ୍ଥ କଲା ପରି ମଧୁର ଜଳ ଅଭାବରେ ଚିଲିକାର ଲବଣାକ୍ତ ଜଳ ପାନରେ ଇଚ୍ଛା ବଳାଇଲି । ବନ୍ଧୁମାନେ ନିଷେଧ କଲେ; ମାତ୍ର ମୁଁ ତୃଷାରେ ଶୁଷ୍କକଣ୍ଠ, ଏ ଅବସ୍ଥାରେ ନିଷେଧ ମାନେ କିଏ ? ପ୍ରାଣବିକଳରେ ଲୋକ ପାଣ ଘରେ ସୁଦ୍ଧା ଖାଏ । ଲବଣାକ୍ତ ଜଳ ପିଇବାକୁ ଚେଷ୍ଟା କଲି; ମାତ୍ର ପିଇପାରିଲି ନାହିଁ । ତହୁଁ ଅଗତ୍ୟା ପାନଖଣ୍ଡିକରେ ତୃପ୍ତ ରହିବାକୁ ହେଲା ।

ଭୋଜନାନ୍ତେ ଆସି ଦେଖିଲି, ବଳଭଦ୍ର ବାବୁ ମୋ ସକାଶେ ଅପେକ୍ଷା କରୁଛନ୍ତି । ମୋ ସହିତ ସାକ୍ଷାତ କରି ସେ ଖଲ୍ଲିକୋଟ ବାହାରିଯିବେ । ସେ ଜଣେ ତାଲୁକା ଅଫିସର ଅର୍ଥାତ୍ ସବ୍‌ଡିଭିଜନ ଅଫିସର ପରି । ମୋ ପାଇଁ ସେ ଅପେକ୍ଷା କରି ବସିଅଛନ୍ତି, ଏହା ଶୁଣି କିଛି ଲଜ୍ଜିତ ହେଲି । ଯାହାହେଉ ତାଙ୍କ ସହିତ ବୈଷୟିକ ବିଷୟରେ ଅନେକ କଥାବାର୍ତ୍ତା ହେଲା । ପରେ ତାଙ୍କୁ ବିଦାୟ ଦେଲି । ସେ ମୋର କରମର୍ଦ୍ଦନ-ପୂର୍ବକ ମୋତେ ଖଲ୍ଲିକୋଟ ଯିବା ସକାଶେ ସନିର୍ବନ୍ଧ ଆମନ୍ତ୍ରଣ କରି ବାହାରିଗଲେ । ମୁଁ ଭ୍ରମଣ-ବୃତ୍ତାନ୍ତ ଲେଖିବାକୁ ବସିଲି ।

ସେଠାରେ ଜଣେ ତେଲଙ୍ଗା ଏବଂ ଜଣେ ଓଡ଼ିଆ ବ୍ରାହ୍ମଣ ଉପସ୍ଥିତ ଥିଲେ । ସେମାନେ ଉପସ୍ଥିତ କବି ପରି ସର୍ବଦା ଗୀତ ଗାଇବାକୁ ବସିଲେ । ତାଙ୍କର ଇଚ୍ଛା ଯେ, ନିଜର ଗୁଣଗୁଡ଼ିକ ମୋତେ ଦେଖାଇବେ । ନାମମାତ୍ର ଶିକ୍ଷାଭିମାନୀମାନଙ୍କର ଏହା ସ୍ୱାଭାବିକ ଧର୍ମ । ଭଦ୍ରତାର ଅନୁରୋଧରେ ମୁଁ କିଛି ନ କହି ମୋର

କାର୍ଯ୍ୟ ସ୍ଥଗିତ ରଖିଲି । ଓଡ଼ିଆ ବ୍ରାହ୍ମଣଙ୍କ ମୁଖରୁ ତେଲଗୁ ଭିନ୍ନ ବ୍ୟତୀତ ଓଡ଼ିଆ ବାହାରୁ ନ ଥିଲା । ଯେମନ୍ତ କି ଓଡ଼ିଆ ଭାଷା କହିଲେ ତାଙ୍କ ଅପ୍ରାୟଶ୍ଚିତ୍ତ ମହାପାତକ ଘୋଟିବ । ହ୍ରଦୋପଦେଶ-ଲିଖିତ ଶିଆଳର ନୀଳବର୍ଣ୍ଣ ଜଳରେ ସ୍ନାନ କରି ବାଘରୂପ ଧରିଲା ପରି ତାହାର ବ୍ୟବହାର ଦେଖିଲି । ଲୋକଟି କିବା ମୂର୍ଖ; ମାତ୍ର ଫତୁରି ଅଧିକ । ତାହାର ମାତୃଭାଷା ଓଡ଼ିଆ ବୋଲି କହିବାକୁ ସେ ବଡ଼ କୁଣ୍ଠିତ । ଏରୂପ କୁଳାଙ୍ଗାରର ମୁଖଦର୍ଶନ ପାପଜନକ ଜାଣି ମୁଁ ସେଠାରୁ ଉଠିଯାଇ ଅନ୍ୟ ସ୍ଥାନରେ ବସିଲି ।

୧୧ । ୧୧ । ୧୧ ଶନିବାର— ଗତ ରାତିରେ ଜୟକୃଷ୍ଣ ବାବୁ ରାଜକାର୍ଯ୍ୟୋପଲକ୍ଷେ ଗଞ୍ଜାମ ଯାଇଅଛନ୍ତି । ଯିବା ସମୟରେ ଗଞ୍ଜାମର ପ୍ରାଚୀନ ଦୁର୍ଗ ଓ ଋଷିକୁଲ୍ୟା ଓ ସମୁଦ୍ରର ସଙ୍ଗମସ୍ଥାନ ଦେଖିବା ସକାଶେ ମୋତେ ଅନୁରୋଧ କରି ଆଜ ଯିବାକୁ କହିଯାଇଥିଲେ । ଅଧିକନ୍ତୁ ଷ୍ଟେସନକୁ ଯିବା ସକାଶେ ଗାଡ଼ିର ବନ୍ଦୋବସ୍ତ ମଧ୍ୟ କରିଯାଇଥିଲେ । ମୁଁ ଅଦ୍ୟ ପୂର୍ବାହ୍ଣ ପ୍ରାୟ ୧୦ ଘଣ୍ଟା ସମୟରେ ରେଲରେ ବସି ଗଞ୍ଜାମ ଅଭିମୁଖରେ ପ୍ରସ୍ଥାନ କଲି । ରମ୍ଭା ପରେ ହୁମା ଷ୍ଟେସନ ପଡ଼ିଲା । ସାଇନ ବୋର୍ଡରେ ଦେଖିଲି ଷ୍ଟେସନର ନାମ ଉତ୍କଳାକ୍ଷରରେ 'ହୁଣା' ବୋଲି ଲେଖାଯାଇଅଛି । ଏରୂପ ଅକ୍ଷର ଯେ ଅଙ୍କିତ କରିଅଛି, ବୋଧହୁଏ ତାହାର ଓଡ଼ିଆ ବର୍ଣ୍ଣମାଳାର ଜ୍ଞାନ ନାହିଁ । ଏ ଅଞ୍ଚଳରେ ଓଡ଼ିଆଭାଷା ଯେପରି ବିକୃତ, ଓଡ଼ିଆ ଅକ୍ଷର ମଧ୍ୟ ସେହିପରି ବିକୃତ । ପ୍ରାୟ ୧୧ଟା ସମୟରେ ଗଞ୍ଜାମ ଷ୍ଟେସନରେ ଉପସ୍ଥିତ ହେଲି । ଜୟକୃଷ୍ଣ ବାବୁ ଷ୍ଟେସନକୁ ଖଣ୍ଡିଏ ଗୋ-ଶକଟ ପଠାଇଥିଲେ । ସେଥିରେ ବସି ନଗରାଭିମୁଖେ ପ୍ରସ୍ଥାନ କଲି । ଷ୍ଟେସନଠାରୁ ଗ୍ରାମକୁ ଯେଉଁ ସଡ଼କ ଯାଇଅଛି, ତାହା ନିତାନ୍ତ ଅପ୍ରଶସ୍ତ । ସେଥିରେ କେବଳ ଖଣ୍ଡିଏ ଗାଡ଼ି ଯାଇପାରେ । ଗଞ୍ଜାମ ୩୦ ଖଣ୍ଡ ଗ୍ରାମରେ ବିଭକ୍ତ । ଗଡ଼ପଥରେ କେତେ ଖଣ୍ଡ ଗ୍ରାମ ଅତିକ୍ରମ କରି ଗଲି । ଗ୍ରାମମାନ ଅପରିଷ୍କୃତ ଅପରିଚ୍ଛନ୍ନ । ନାସିକା ବସ୍ତ୍ରାବୃତ ନ କଲେ ରାଜ-ମାର୍ଗରେ ଚାଲିବାର ଉପାୟ ନାହିଁ । ପଥ ଯେପରି, ଘର ମଧ୍ୟ ସେହିପରି । ବସାଘରମାନଙ୍କରେ କୁକୁର ରହିବାକୁ ଇଚ୍ଛା କରିବ ନାହିଁ । ଅଧିବାସୀମାନେ ନିଜ ନିଜର ଦାଣ୍ଡ ଅଗଣା ସୁଦ୍ଧା ପରିଷ୍କାର କରନ୍ତି ନାହିଁ । ଦ୍ୱାରରେ ଦୁବ ଅଣ୍ଟିଏ ବହଳରେ ମାଡ଼ିଅଛି । ଅଧିବାସୀମାନଙ୍କର ଏରୂପ ଅମାନୁଷୀ ବିକୃତ ରୁଚି ଦେଖି ଆଶ୍ଚର୍ଯ୍ୟ ହେଲି । ଘରଗୁଡ଼ାକ ଜୀର୍ଣ୍ଣ ଏବଂ କୃଷ୍ଣ ବେଶ ଧରି ଠିଆ ହୋଇଅଛି । ପ୍ରସ୍ତୁତ ସମୟରୁ ସେମାନ ସଂସ୍କାର ହୋଇ ନ ଥିବା ପରି ବୋଧହୁଏ । ଯେମନ୍ତକି ଘରଗୁଡ଼ାକ କୌଣସି ରୋଗ ଧରିଅଛି । ଗ୍ରାମର ପୁଷ୍କରିଣୀ ସଂଖ୍ୟା ପ୍ରାୟ ୫୦ ହେବ; ମାତ୍ର ଜଳ କଷମୟ । ପ୍ରାୟ ପ୍ରତ୍ୟେକ ଘରରେ କୂପ ଅଛି । ଗ୍ରାମର ଘରମାନ ଶ୍ରେଣୀବଦ୍ଧ ନୁହେଁ, ଖଣ୍ଡ ଖଣ୍ଡ ହୋଇ ବଣ୍ଟା ଦେଖାଯାଏ । ସ୍ଥୂଳତଃ କାହା ଅଲକ୍ଷ୍ମୀ ଆବାସ ପରି ଅନୁମାନ ହୁଏ । ଅଧିବାସୀଏ ବଡ଼ ଅଳଙ୍କାରପ୍ରିୟ । କାହାର କଣ୍ଠରେ ଲୋଳି ଦୋଳିତ ହୋଇ ଗାଲରେ ବୁଷୁଡ଼ା ମାରୁଅଛି । କାହାର ହସ୍ତରେ ଷ୍ଟେର ଛୁଲି ମୋଟ ମୋଟ ବଳା ଓ ଶିକୁଳିବନ୍ଧ । ଗ୍ରାମରେ ନଡ଼ିଆ ଗଛର ସଂଖ୍ୟା ଅଧିକ । ଦେବାଳୟ ପ୍ରାୟ ୫୦ ଗୋଟା ଅଛି । ଏତଦ୍‌ବ୍ୟତୀତ ଅନେକ ମସଜିଦ୍ ଅଛି ।

ପୂର୍ବେ ଏହି ନଗର ଗଞ୍ଜାମର ରାଜଧାନୀ ଥିଲା । ଥରେ ଜ୍ୱର ଓ ବସନ୍ତରୋଗରେ ଗ୍ରାମ ପ୍ରାୟ ଜନଶୂନ୍ୟ ହୋଇଗଲା । ସେହି ଦିନଠାରୁ ବ୍ରହ୍ମପୁର ରାଜଧାନୀ ହୋଇଅଛି ଏବଂ ଅଧିକାଂଶ ଲୋକ ପଳାଇଯାଇ ଅନ୍ୟତ୍ର ବାସ କରୁଅଛନ୍ତି । ଏରୂପ ଅପରିଷ୍କାର ସ୍ଥଳରେ ବା ରୋଗ ପ୍ରବଳ ନ ହେବ କାହିଁକି ? ଗ୍ରାମବାସୀଏ ରୋଗକୁ ଆମନ୍ତ୍ରଣ କରି ଆଣନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଗ୍ରାମରେ ଇଉନିୟନ ଅଛି । ଜଣେକ ଅଧିବାସୀ ସେଥିର ଚେୟାରମାନ୍; ମାତ୍ର ଗ୍ରାମର ସ୍ୱାସ୍ଥ୍ୟ ପ୍ରତି ତାଙ୍କର ଦୃଷ୍ଟି ନ ଥିବାର ଶୁଣିଲି । ଯେଉଁ ନଗର ସମଗ୍ର ଗଞ୍ଜାମ ଜିଲ୍ଲାର ମସ୍ତକ-ମଣି ଥିଲା, ଏବେ ସେ ଅସଭ୍ୟ ଗଣ୍ଡ ଗ୍ରାମଠାରୁ ବଳିଅଛି । ଏଠାରେ ତେଲଙ୍ଗା ଓଡ଼ିଆ ଉଭୟ ଜାତି ବାସ କରନ୍ତି; ମାତ୍ର ସେଥିମଧ୍ୟରୁ ଓଡ଼ିଆ ବ୍ରାହ୍ମଣଙ୍କ ସଂଖ୍ୟା ଅଧିକ । ଗଞ୍ଜାମ ନଗରର ପରିମାଣ ୨୧ ବର୍ଗମାଇଲ । ଅଧିବାସୀଙ୍କ ସଂଖ୍ୟା ପ୍ରାୟ ସାତ ହଜାର । ଏହା ଲୁଣ

ଓ ମାଛର ପ୍ରଧାନ ବାଣିଜ୍ୟ ସ୍ଥଳୀ । ସମୁଦ୍ର ସନ୍ନିକଟରେ ଥିବାରୁ ଏଠାରେ ମାଛ ଅତି ଶସ୍ତା ।

ବନ୍ଧୁମାନେ ମୋ ପାଇଁ ବାଛି ବାଛି ଗୋଟିଏ ବସାଘର ଠିକ୍ କରିଥିଲେ । ଯାଇ ଦେଖିଲି ଘରର ଦାଣ୍ଡଟି ମାଛକାଣ୍ଟି, ପାନସିଠା, ପାନପିକ, ଅଇଠାପତ୍ର ଇତ୍ୟାଦିରେ ପୂର୍ଣ୍ଣ । ସଂକ୍ଷେପତଃ ସେଠାରେ ଯାହା ଖୋଜିବ ତାହା ଅଛି । ଶୁଣିଲି ନଗର ମଧ୍ୟରେ ତଦପେକ୍ଷା ପରିଷ୍କାର ଘର ଆଉ ନାହିଁ । ଅଗତ୍ୟା ସେହି ଘରେ ରହିବାକୁ ହେଲା । ପାକ ସମାପ୍ତ ନ ହେବାରୁ ଦେଖି ମୁଁ ବଜାରକୁ ବୁଲିବାକୁ ଗଲି । ୪।୫ଟି ଘର ଘେନି ଗୋଟାଏ ବଜାର ଗଠିତ ହୋଇଅଛି । ଘରଗୁଡ଼ିକୁ ଦେଖିଲେ ସେଥିରେ ମନୁଷ୍ୟ ନ ଥିଲା ପରି ବୋଧହୁଏ । ବଜାରରେ ଯାହା ଖୋଜିବ, ସେଥିର ଅଭାବ । ବଜାରଠାରୁ ଡାଲ ରସ ଶୋଷିନେଇ ସିଠା ଫୋପାଡ଼ିଦେଇଥିବା ପରି ବୋଧ ହେଲା । ତହୁଁ ବଜାର ଦେଖିବାର ସାଧ ମେଣ୍ଟିଗଲା । ଅନନ୍ତର ବସାକୁ ଆସି ଆହାର କଲି । ପାଚକଟି ବଡ଼ ନିପୁଣ । ଲମ୍ବଲୋହିତ ଲଙ୍କାମରିଚ ଅଳଙ୍କାରରେ ସମ୍ୟକ୍ ଅଳଙ୍କୃତ କରି ସେ ତରକାରୀ ରାନ୍ଧିଥିଲା । ଖାଇସାରି ଘୁଟେପିଲା ଅବଧାନଠାରୁ ମାଡ଼ ଖାଇ ଉଠୁ ହେଲା ପରି କିଛିକ୍ଷଣ କଷ୍ଟ ଭୋଗିବାକୁ ହେଲା । ସେହି ଦୁଃଖଭୋଗ ଶେଷରେ ଖଣ୍ଡିଏ ବଳଦ ଗାଡ଼ିରେ ଚଢ଼ି ପ୍ରାଚୀନ ଦୁର୍ଗ ଦେଖିବାକୁ ଗଲି । ଗ୍ରାମରୁ ଦୁର୍ଗର ଦୂରତା ପ୍ରାୟ ଏକ ମାଇଲ ।

ମୁସଲମାନ ରାଜତ୍ୱ ସମୟରେ ଏହି ଦୁର୍ଗ ନିର୍ମିତ ହୋଇଥିଲା । ଆକୃତି ଗୋଟିଏ ନକ୍ଷତ୍ର ଭଳି ପଞ୍ଚକୋଣ-ବିଶିଷ୍ଟ । ଚତୁଃପାର୍ଶ୍ୱରେ ବିସ୍ତୀର୍ଣ୍ଣ ଗଭୀର ଜଳ । ତହୁଁ ପରେ ପ୍ରାଚୀର । ପ୍ରାଚୀର ସଂଲଗ୍ନରେ ପ୍ରହରୀମାନଙ୍କର ନିବାସ ଅଛି । ପ୍ରବେଶ ପଥ ପ୍ରଶସ୍ତ । ପ୍ରଥମତଃ ମେଗ୍-ଜିନ୍ (ବାରୁଦଘର) ଦେଖିବାକୁ ଗଲି । ସେ ଘରଟି ଏପରି କୃତ ଯେ, ବହୁବର୍ଷବ୍ୟାପୀ ଖରା, ବର୍ଷା, ତୋଫାନ ଏବଂ ବଜ୍ରାଘାତ ସହ୍ୟ କରି ସୁଦ୍ଧା ଅବଧି ଅକ୍ଷୁଣ୍ଣ ଭାବରେ ଦଣ୍ଡାୟମାନ; ଦେଖିଲେ ସଦ୍ୟ ପ୍ରସ୍ତୁତ ପରି ବୋଧହୁଏ । ତହୁଁ ପରେ ଶ୍ରେଣୀବଦ୍ଧ ଭାବରେ ଅନେକ ଘର । ସମସ୍ତ ଘର ଅନ୍ଧକାରମୟ । ଏମନ୍ତ କି ଭିତରେ ପ୍ରବେଶ କରିବାକୁ ଭୟ ବୋଧହୁଏ । ଘରମାନ ଏରୂପ କୌଶଳରେ ପ୍ରସ୍ତୁତ ହୋଇଅଛି ଯେ, ଯେଉଁ ଦ୍ୱାରବାଟେ ପ୍ରବେଶ କରିବ, ପୁନଶ୍ଚ ସେହି ଦ୍ୱାର ଖୋଜି ପାଇବା କଷ୍ଟକର । ମଧ୍ୟେ ମଧ୍ୟେ ଅନେକ ଗୁପ୍ତଦ୍ୱାର ଅଛି । ଗୋଟିଏ ଗୁପ୍ତଦ୍ୱାର ଦେଇ ଋଷିକୁଲ୍ୟା ମଧ୍ୟକୁ ବାଟ ଅଛି । ସମ୍ଭବତଃ ଅନ୍ତଃପୁରସ୍ଥା ରମଣୀମାନଙ୍କର ତାହା ସ୍ନାନପଥ ଥିଲା । ଅନେକ ଗୃହ ଭଗ୍ନ ହୋଇଅଛି । ଉଚ୍ଚୋନ୍ମୁଖ ଭଗ୍ନ ପ୍ରାଚୀରର ଅତୀତ କାଳର ମହାମହିମାର ସାକ୍ଷ୍ୟ ପ୍ରଦାନ କରୁଅଛି । ପ୍ରାଚୀର ଇଷ୍ଟକମାନ ପ୍ରସ୍ତର ଭଳି ଦୃଢ଼ । ବର୍ତ୍ତମାନ ନଡ଼ାଗୁଡ଼ି ଓ ଅଗ୍ନିଭୁମାଷ ନାମକ କଣ୍ଟକୀ ଲତାରେ ଦୁର୍ଗର ଭିତର ଏବଂ ବାହାର ଆଚ୍ଛନ୍ନ ହୋଇ "କାଳଗର୍ଭେ ଆହା ଲୀନ ହେଲେ କେତେ ମସ୍ତପତି ମହାଯଶା, ହୋଇଅଛି ତାଙ୍କ ରାଜ୍ୟସୌଧ ଏବେ ବ୍ୟାଘ୍ର ଭଲ୍ଲୁକର ବସା" ଏହି କବି ବାଣୀର ସାର୍ଥକତା ସମ୍ପାଦନ କରୁଅଛି । ଦୁର୍ଗଟି ପଞ୍ଚତଳବିଶିଷ୍ଟ । ଦୁଇତଳ ଭୂମିଗର୍ଭରେ ଏବଂ ତିନିତଳ ଉପରକୁ ଅଛି । ଭୂଗର୍ଭସ୍ଥ ତଳକୁ ଯିବା ପାଇଁ ସୁଡ଼ଙ୍ଗ ଅଛି; ମାତ୍ର ତାହା ଗଣ୍ଡୋପଳ ଏବଂ କଣ୍ଟକରେ ବର୍ତ୍ତମାନ ଅଗମ୍ୟ । ପାତାଳର ଦ୍ୱାର ଭଳି ସେହି ସୁଡ଼ଙ୍ଗ ମଧ୍ୟରେ ପଶିବାକୁ ମନରେ ସ୍ୱତଃ ଭୟ ଜାତହୁଏ । ଉପରର ତିନିତଳ ଉପରକୁ ଯାଇ ଦେଖିଲି ତାହା ଗୁଳ୍ମ କଣ୍ଟକୀ ବୃକ୍ଷରେ ପୂର୍ଣ୍ଣ । ପ୍ରକୋଷ୍ଠମାନ ତମଃପ୍ରିୟ ରମଣୀମାନଙ୍କର ନିର୍ଭୀକ ବାସସ୍ଥାନ ହୋଇଅଛି । ଦୁର୍ଗ ନିକଟରେ ଜନବସତି ନାହିଁ । ଉପକଣ୍ଠରେ ବିଶାଳ ସମୁଦ୍ର ଏବଂ ଋଷିକୁଲ୍ୟା ନଦୀ । ଏହି ଉଭୟର ତରଙ୍ଗ ଅଷ୍ଟ କାଳକୁ ଧୌତ କରୁଅଛି ।

ତିନିତଳ ପ୍ରାସାଦ ଉପରେ ବସି ଦେଖିଲି, ଉଦ୍ଭ୍ରାନ୍ତ ସାଗରବେଳିକ ସମ୍ମୁଖରେ ବିସ୍ତାରିତ ରହିଅଛି । ପ୍ରଭା-ତିକା ମରୀଚିକା ତହିଁରେ ପ୍ରତାରଣା-ଜାଲ ବିସ୍ତାର କରି ଖେଳୁଅଛି । ଉତ୍ତରପୂର୍ବ ଏବଂ ଦକ୍ଷିଣ ଯେଉଁ ଦିଗକୁ ଚାହିଁଲେ କେବଳ ସମୁଦ୍ର ବ୍ୟତୀତ ଅନ୍ୟ କିଛି ଦୃଷ୍ଟିପଥର ଅତିଥି ହେଉ ନାହିଁ । ଅତସୀ ନୀଳିମାମୟୀ ବିଶାଳ ସାଗର ଚକ୍ରବାଳ ଭେଦ କରି ଆକାଶରେ ମିଶିଯାଇଅଛି । ସହସ୍ର ସହସ୍ର ଧୂମକେତୁ ଆକାଶରେ

ପୁଚ୍ଛ ସଞ୍ଚାଳନପୂର୍ବକ ଧାବମାନ ହେଲା ପରି ବିଶାଳ ଲହରୀମାଳା ରୁଦ୍ର ତାଣ୍ଡବଲୀଳା ବିସ୍ତାରପୂର୍ବକ ପ୍ରଧାବିତ ହେଉଅଛି । ଯେମନ୍ତକି ତଟତରବାସୀ ପ୍ରାଣୀ ତରଙ୍ଗପାଶ ବିସ୍ତାରପୂର୍ବକ ସୃଷ୍ଟି ଗ୍ରାସିବାକୁ ଉନ୍ମୁଖ । ସେ ମହାଦୃଶ୍ୟ ବର୍ଣ୍ଣନା କ୍ଷୁଦ୍ର ମାନବ-ଶକ୍ତିର ଅସାଧ୍ୟ । ମହତ୍ତର ମହିମା କେବଳ ମହତ୍ତମମାନେ ହିଁ ବୁଝନ୍ତି । ସେ ରୁଦ୍ର ଦୃଶ୍ୟ ଦେଖିଲେ ନିତାନ୍ତ ନାସ୍ତିକତ୍ୱାପନ୍ନ ଲୋକ ମନରେ ସୁଦ୍ଧା ଅସ୍ତିକତାର ଭାବ ସଞ୍ଚାର ହେବ । ବାସ୍ତବରେ ମହାନ ପଦାର୍ଥ ନ ଦେଖିଲେ ଈଶ୍ୱରଙ୍କର ମହାମହିମା, କ୍ଷମତା ଓ ସର୍ବବ୍ୟାପିତା ଉପଲବ୍ଧି ହୁଏ ନାହିଁ । ପକ୍ଷାନ୍ତରରେ ନିଜର କ୍ଷୁଦ୍ରାଦପି କ୍ଷୁଦ୍ରତା, ଅହଂମନତା ଓ ଅଜ୍ଞାନତା ସୁଦ୍ଧା ଦୂର ହୁଏ ନାହିଁ । ଅତଃ ମହାନ୍ ବସ୍ତୁ-ଦର୍ଶନରେ ମହା ଶିକ୍ଷାଲାଭ ସ୍ୱାଭାବିକ ।

ଅଦୂରରେ ଋଷିକୁଲ୍ୟାର ମୁହାଣ । ଋଷିସ୍ୱାନସୁତା ଋଷିମାଲକନ୍ୟା ଋଷିକୁଲ୍ୟା ସାଗର କଣ୍ଠରେ ଲହରୀ-ମଲ୍ଲିକାମାଳା ପ୍ରଦାନପୂର୍ବକ ପତିତ୍ୱରେ ବରଣ କରୁ-ଅଛି । ସାଗର ସୁଦ୍ଧା ତରଙ୍ଗ-କର ପ୍ରସାରଣଦ୍ୱାରା ତାହାକୁ ଆଲିଙ୍ଗନ କରୁଅଛି । ଏହି ମହାମିଳନ ସ୍ଥଳର ନିକଟବର୍ତ୍ତୀ ବେଳା ଭୂମିରେ ଗୋଟିଏ ନାରିକେଳ ଉଦ୍ୟାନ ବିଦ୍ୟମାନ । ଫଳସ୍ତବକ-ବିନମ୍ର ବୃକ୍ଷମାନେ ସାଗର ସମୀରଣରେ ସତତ ଶାଖା ସଞ୍ଚାଳନ କରୁ-ଅଛନ୍ତି । ତଦ୍ଦର୍ଶନରେ ଭଗୀରଥ ମୁନିଗଣ ସହ ଗାଏଡ଼ା ପାଛ ଗଙ୍ଗାକୁ ସମୁଦ୍ରସଙ୍ଗମ ସ୍ଥଳକୁ ନେଇ କରାଇବାର ସୁବିସ୍ତୃତ ଶୋଭା ଚକ୍ଷୁସମ୍ମୁଖରେ ଅଙ୍କିତ ହୋଇଯାଏ । ନଦୀ ଓ ସମୁଦ୍ରର ଶ୍ୱେତ ନୀଳ ଜଳ ଆଲୋକ ଏବଂ ଛାୟାର ସମ୍ମିଶ୍ରଣ ତୁଳ୍ୟ ପ୍ରତିଭାତ ହୁଏ । ଶେଷରେ ଋଷିକୁଲ୍ୟା ସମୁଦ୍ର ସଙ୍ଗରେ ମିଶି ଆତ୍ମା ପରମାତ୍ମାରେ ମିଶିଗଲା ପରି ଏକ ହୋଇଯାଇଅଛି । ଏହିରୂପ ପରମ ଶୁଭମିଳନ କେବଳ ଭକ୍ତର ବାଞ୍ଛନୀୟ ।

ପ୍ରାୟ ୪ଟା ସମୟରେ ବସାକୁ ଫେରିଲୁ । ସନ୍ଧ୍ୟା ସମୟରେ କେତେ ଜଣ ଭଦ୍ରବ୍ୟକ୍ତି ସାକ୍ଷାତ କରିବାକୁ ଆସିଲେ । ସେମାନଙ୍କ ସହ କଥୋପକଥନ କରି କେତେକ ସ୍ଥାନୀୟ ଜ୍ଞାତବ୍ୟ ବିଷୟ ଅବଗତ ହେଲି । ସେମାନଙ୍କଠାରୁ ଶୁଣିଲି, ଥରେ ମହାମାରୀ ଓ ଜ୍ୱରରେ ଗଞ୍ଜାମର ସୌଭାଗ୍ୟ ଲୋପ ପାଇଲା । ଅନେକ ସ୍ଥାନ ଏକାବେଳକେ ଜନଶୂନ୍ୟ ହୋଇଗଲା; ପରିବାର ମଧ୍ୟରୁ ଜଣେ ସୁଦ୍ଧା ରକ୍ଷା ପାଇଲା ନାହିଁ । ସେହି ମଡ଼କର କଥା ଭାବି ଗଞ୍ଜାମଜିଲ୍ଲାବାସୀଏ ଅଦ୍ୟାପି ଶଙ୍କିତ ହୁଅନ୍ତି । ସେହିଦିନଠାରୁ ଗଞ୍ଜାମ ମଡ଼କ ବୋଲି ପ୍ରବାଦରେ ଚଳି ଆସୁଅଛି । ଲୋକେ ଗାଳିରେ ସୁଦ୍ଧା କହନ୍ତି, 'ତୋ ଘରେ ଗଞ୍ଜାମ ମଡ଼କ ପଶୁ ।' କଥୋପକଥନ କରୁ କରୁ ୯ଟା ବାଜିଲା । ତହୁଁ ଲୋକମାନେ ପ୍ରସ୍ଥାନ କଲେ ।

ସୁନିଦ୍ରା ହେଲା ନାହିଁ । ଅନ୍ଧାର ପକ୍ଷ ରାତି । ଯଥା-ସମୟରେ ଚନ୍ଦ୍ରୋଦୟ ହୁଅନ୍ତେ ସମୁଦ୍ର ଗର୍ଜ୍ଜନ ଉଚ୍ଛୁଳି ପଡ଼ିଲା । ଯେପରି ଶତ ଶତ ମହାବଳ ଗର୍ଜ୍ଜନ କରୁ-ଅଛନ୍ତି ଅଥବା ବହୁ ବାଷ୍ପୀୟ ଲୌହଶକଟ ନଦୀର ପୋଲ ଉପରେ ଏକସମୟରେ ଯାତାୟାତ ହେଉଅଛି । ଚନ୍ଦ୍ରକୁ ଦେଖିଲେ ସମୁଦ୍ର ଆନନ୍ଦରେ ଅଧୀର ହୁଏ । ଧନ୍ୟ ଉଭୟଙ୍କର ପ୍ରେମ ! ସେଥିରେ ଛେଦ ନାହିଁ, ଭେଦ ନାହିଁ; ତାହା ଅଖଣ୍ଡ ଓ ନୀରନ୍ଧ୍ର । ବାସ୍ତବରେ ନିରବଚ୍ଛିନ୍ନ ପ୍ରୀତିହିଁ ପ୍ରକୃତ ପ୍ରୀତି । ପ୍ରକୃତି-ପ୍ରକୃତର ପ୍ରୀତି ବ୍ୟତୀତ ଅନ୍ୟର ପ୍ରୀତି ଅସ୍ଥାୟୀ ଓ ଭଙ୍ଗୁର । ମାନବାତ୍ମା ବିଶ୍ୱପତି ପଦରେ ଏହିରୂପ ଦୃଢ଼ତମ ପ୍ରୀତି ସଂସ୍ଥାପନ ନ କଲେ ତାହାର ମୁକ୍ତି କେଉଁଠାରେ ? ଏରୂପ ପ୍ରୀତିକୁ ଭକ୍ତି କହନ୍ତି । ଏରୂପ ପରମ ପ୍ରୀତିର ସଂକ୍ଷିପ୍ତ ବର୍ଣ୍ଣନା ସୁଦ୍ଧା ଭାଷାର ଅସାଧ୍ୟ । ତହିଁରେ ପୁଣି ମୋର ଜ୍ଞାନ ସୀମାବଦ୍ଧ । ଅତଏବ ସେହି ମହାପ୍ରୀତିର ମର୍ମାଲୋଚନା ମୋ ପକ୍ଷରେ କେବଳ ଧୃଷ୍ଟତା ବ୍ୟତୀତ ଆଉ କଅଣ ହୋଇପାରେ ? କେବଳ ପ୍ରସଙ୍ଗକ୍ରମେ ଲକ୍ଷ୍ୟଚ୍ୟୁତ ହୋଇ ଭିନ୍ନ ମାର୍ଗକୁ ଚାଲି ଆସିଥିଲି, ଏବେ ଗନ୍ତବ୍ୟ ପଥର ଆଶ୍ରୟ ନେବି । ଅନନ୍ତର ନିଦ୍ରାଦେବୀଙ୍କ ସହ ସାକ୍ଷାତ । ଅଦ୍ୟକାର କଥା ଏହିଠାରୁ ଶେଷ ।

୧୨।୧୧।୧୧, ରବିବାର—ଆଜି ରେଲରେ ରମ୍ଭା ଆସିଲି, ବିଶେଷ ଉଲ୍ଲେଖଯୋଗ୍ୟ ବିଷୟ କିଛି ନାହିଁ ।

୧୩।୧୧।୧୧, ସୋମବାର—ଅଦ୍ୟ କୁଇଓଲପାକ ରମ୍ଭା ବଙ୍ଗଳା ଦେଖିବାରେ ବ୍ୟୟିତ ହେଲା । ରମ୍ଭାରେ ଖଲ୍ଲିକୋଟ ରାଜାଙ୍କର ରମଣୀୟ ରାଜପ୍ରାସାଦ ଅଛି ।

ଏହା ସାଧାରଣରେ ରମ୍ଭା-ବଙ୍ଗଳା ନାମରେ ପରିଚିତ । ସ୍ୱର୍ଗତ ରାଜାଙ୍କ ସମୟରେ ରମ୍ଭା ଖଲ୍ଲିକୋଟର ପ୍ରଧାନ ରାଜଧାନୀ ହୋଇଥିଲା । ଏଠାରେ ଜଳକଳ, ବୈଦ୍ୟୁତିକ ଆଲୋକ ଯନ୍ତ୍ର, ଟେଲିଫୋନ ଯନ୍ତ୍ର, ପଙ୍ଖାକଳ ପ୍ରଭୃତି ଅଛି । ପୂର୍ବେ ଏଠାରେ ମୁଦ୍ରାଯନ୍ତ୍ର ଥିଲା; କିନ୍ତୁ ବର୍ତ୍ତମାନ ତାହା ଖଲ୍ଲିକୋଟକୁ ସ୍ଥାନାନ୍ତରିତ ହୋଇଅଛି । ପ୍ରାସାଦଟି ତ୍ରିତଳବିଶିଷ୍ଟ ଏବଂ ଆକୃତିରେ ଗୋଟାଏ କ୍ଷୁଦ୍ର ଗ୍ରାମ ପରି । ଚିଲିକାର ଉପକଣ୍ଠରେ ଏହି ପ୍ରାସାଦଟି ସ୍ୱର୍ଗର ପଦକ ତୁଲ୍ୟ ଶୋଭା ଧାରଣ କରିଅଛି । ସ୍ୱର୍ଗତ ହରିହର ମର୍ଦ୍ଦରାଜ ଜଣେ ବିଳାସପ୍ରିୟ ରାଜା ଥିଲେ । ସେ ପୃଥିବୀର ସର୍ବଦେଶର ସର୍ବପ୍ରକାର ଆଶ୍ଚର୍ଯ୍ୟ ପଦାର୍ଥ ସଂଗ୍ରହ କରି ବଙ୍ଗଳାରେ ସ୍ଥାପନ କରିଅଛନ୍ତି । ସ୍ୱଦେଶୀ ବିଦେଶୀ ବିଳାସଜାତ ବ୍ୟବହାରୀୟ ସାମଗ୍ରୀର ସଂଖ୍ୟା କରିହେବ ନାହିଁ । ମୂଳତଃ ବଙ୍ଗଳାଟି ଗୋଟିଏ ପ୍ରଦର୍ଶନୀ ତୁଲ୍ୟ । ଜୟକୃଷ୍ଣ ବାବୁ ମୋତେ ବଙ୍ଗଳାଟି ଦେଖାଇଦେଲେ । ଦେଖିଲି ସେଥି ମଧ୍ୟରେ ଯେଉଁସବୁ ଦର୍ଶନୀୟ ପଦାର୍ଥ ଅଛି, ତାହା ଏକାଦିକ୍ରମେ ଏକମାସ କିମ୍ବା ତଦୂର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ନ ଦେଖିଲେ ଦେଖିବା ଶେଷ ହେବ ନାହିଁ । ବର୍ତ୍ତମାନ ରାଜ୍ୟ କୋର୍ଟ ଅବ୍ ୱାର୍ଡସ୍‌ଙ୍କ ହସ୍ତରେ ଅଛି । ସେ ବାଳକ ରାଜାଙ୍କର ବ୍ୟବହାର ସକାଶେ ଆବଶ୍ୟକ ପଦାର୍ଥମାନ ରଖି ଅବଶିଷ୍ଟ ପଦାର୍ଥ ବିକ୍ରୟ କରି ଦେଉଛନ୍ତି । ବିକ୍ରୟର ଭାର ବନ୍ଧୁବର ଜୟକୃଷ୍ଣ ବାବୁଙ୍କ ଉପରେ ନ୍ୟସ୍ତ ଅଛି । ଶୁଣିଲି କେବଳ ବିଭିନ୍ନ ପ୍ରକାର ଛଡ଼ି ଏକ ହଜାରରୁ ଅଧିକ ବିକ୍ରୟ ହୋଇଅଛି । ସମୁଦ୍ର ମଧ୍ୟରେ ପଶି କଅଣ ଦେଖିବି ଭାବିଲି । ଜୟକୃଷ୍ଣ ବାବୁ ଏକ ପ୍ରକୋଷ୍ଠ ଉତ୍ତାରୁ ଅନ୍ୟ ପ୍ରକୋଷ୍ଠ ଦେଖାନ୍ତି । ଏହିରୂପେ ସମସ୍ତ ପ୍ରକୋଷ୍ଠ ଦେଖାଇଲେ । ପ୍ରତି ପ୍ରକୋଷ୍ଠରେ ଜଳ, ଗ୍ୟାସ୍, ଆଲୁଅ ଓ ପଙ୍ଖାର ବନ୍ଦୋବସ୍ତ ଅଛି । ଅଳ୍ପ ସମୟ ମଧ୍ୟରେ କଅଣ ଅବା ଦେଖି ହେବ, ମୁଁ କେବଳ ପଦାର୍ଥ ପ୍ରସ୍ତରରେ ସ୍ତୂପର ଔଜ୍ଜ୍ୱଲ୍ୟମାତ୍ର ଦେଖି ପ୍ରକୋଷ୍ଠାନ୍ତରକୁ ଗମନ କରେ । ପରିଶ୍ରମ ସାର ହୁଏ; ମାତ୍ର ତୃଷ୍ଣା ତୃପ୍ତ ହୁଏ ନାହିଁ । ବଙ୍ଗଳାର ସାମାନ୍ୟ କାଚପାତ୍ରଠାରୁ ମଣିମାଣିକ୍ୟ ପର୍ଯ୍ୟନ୍ତ ସ୍ତରେ ସ୍ତରେ ସୁନ୍ଦର ଭାବରେ ସଜ୍ଜିତ ହୋଇ ରହିଅଛି ।

ରମ୍ଭା ବଙ୍ଗଳାର ଦର୍ଶନୀୟ ଦ୍ରବ୍ୟ ଦେଖି ଶେଷ କରିବା ପରି ଲେଖି ଶେଷ କରିବା ସୁଦ୍ଧା ଦୁରୂହତର । ଗୋଟିଏ ପ୍ରକାଣ୍ଡ ଘଟିକା ଯନ୍ତ୍ର ଗୋଟାଏ ପ୍ରକୋଷ୍ଠ ଅଧିକାର କରି ରହିଅଛି । ସେଥିର କାରୁକାର୍ଯ୍ୟ ଓ ମଣ୍ଡଣି ଦେଖି ଦୁର୍ଗାମେଢ଼ ପରି ବୋଧହେଲା । ତାହା କେବଳ ସମୟଜ୍ଞାପକ ଯନ୍ତ୍ର ନୁହେଁ—ବାଦ୍ୟଯନ୍ତ୍ରର ବିଶାଳ ଭଣ୍ଡାର । କଳ ମୋଡ଼ିଦେଲେ ବିବିଧ ସ୍ୱରରେ ବାଦ୍ୟ ବାଜିଉଠେ । ସେତେବେଳେ ରଙ୍ଗାଳୟରେ ଉପସ୍ଥିତ ଥିଲି ପରି ଜଣାଯାଏ । ଅନ୍ୟ ଏକ ପ୍ରକୋଷ୍ଠରେ ଆଲମାରି ପରି ଗୋଟିଏ ଯନ୍ତ୍ର ଅଛି । ତନ୍ମଧ୍ୟରେ ଅନେକ ତାରଲଗ୍ନ ପୁତ୍ତଳିକା । ଯନ୍ତ୍ର ଚାଳିତ ହେଲେ ପ୍ରଥମତଃ ମଧୁର ବାଦ୍ୟ ବାଜିଉଠେ । ଅବ୍ୟବହିତ ପରେ ବାଦ୍ୟର ତାଳ ଅନୁସାରେ ପିତ୍ତଳପୁତ୍ତଳିକା ନୃତ୍ୟ କରନ୍ତି ଏବଂ ନାନା ଅଙ୍ଗଭଙ୍ଗୀ ପ୍ରଦର୍ଶନ କରନ୍ତି । ଏକସ୍ଥାନରେ ଗୋଟିଏ ସୁନ୍ଦର ପଞ୍ଜରା ଦେଖିଲି । ମଧ୍ୟରେ ଇନ୍ଦ୍ରଧନୁ ବର୍ଣ୍ଣର ଗୋଟିଏ କ୍ଷୁଦ୍ର ପକ୍ଷୀ ବସିଅଛି । କଳ ଚାଳନା କଲେ ପକ୍ଷୀଟି ମୁଣ୍ଡ ହଲାଇ ଶିଷାରେ ଏବଂ ପଞ୍ଜରା ମଧ୍ୟରେ ଡେଇଁ ଡେଇଁ ନୃତ୍ୟ କରେ । ଏହିରୂପେ ପ୍ରକୋଷ୍ଠ ପରେ ପ୍ରକୋଷ୍ଠ ଅତିକ୍ରମ କରି କ୍ଳାନ୍ତ ହୋଇ ପଡ଼ିଲି; କିନ୍ତୁ ମନ ଆଖିବାଟରେ ପଶିଲା ପରି ହେଉଥାଏ । ଚଞ୍ଚଳ ମନ ତୃଷ୍ଣା ଦୌର୍ବଲ୍ୟକୁ ତୀବ୍ର ତିରସ୍କାର କରୁଥାଏ । ଶେଷରେ ଗୋଟାଏ ବୃହତ୍ ପ୍ରକୋଷ୍ଠରେ ବସିଲି । ସମ୍ମୁଖରେ ଗୋଟାଏ ଯନ୍ତ୍ର ରକ୍ଷିତ ହେଲା । ଫେରିବାଲାମାନେ କାଠ ବାକ୍ସସ୍ଥ କାଶୀ, ବୃନ୍ଦାବନର ଚିତ୍ର ଦେଖାଇଲା ପରି ଜୟକୃଷ୍ଣ ବାବୁ ଯନ୍ତ୍ରର ନିର୍ଦ୍ଦିଷ୍ଟ ସ୍ଥାନ ଈଷତ୍ ଘୂରାଇ ଘୂରାଇ ବହୁବିଧ ଦୃଶ୍ୟ ଦେଖାଇବାକୁ ଲାଗିଲେ । କାଚନଳ ସାହାଯ୍ୟରେ ଦେଖି ମୁଁ ପ୍ରଥମତଃ ନିଜର ଅନୁଭୂତି ପର୍ଯ୍ୟନ୍ତ ହରାଇବସିଲି । ଅହୋ, କି ଜୀବନ୍ତ ଚିତ୍ର ! କୃତ୍ରିମତାରେ ପ୍ରାକୃତିକତାର ପ୍ରତିଭାତ ! ଏହା କାଚର ମହିମା କି ଚିତ୍ରର ମହିମା ତାହା କିଏ କହିପାରିବ ? ପ୍ରଥମତଃ ଯୁଦ୍ଧସ୍ଥଳର ଚିତ୍ର । ନଭସ୍ପର୍ଶୀ ଚୂଡ଼ା ଉପଳ-ବନ୍ଧୁର ପର୍ବତର ପାଦ-

ଦେଶରେ ଅସ୍ଥାୟୀ ସୈନ୍ୟାବାସ । ଦୂରସ୍ଥ ତମ୍ବୁପଙ୍‌କ୍ତି ଅସଂଖ୍ୟ ଦେଉଳର ଶୋଭା ଅନୁକରଣ କରୁଅଛି । କେଉଁଠାରେ ସୈନ୍ୟମାନେ ପ୍ରସ୍ତର ଉପରେ ବସି ଜଳ ପାନ କରୁଅଛନ୍ତି, କେଉଁଠାରେ ଯୁଦ୍ଧାସ୍ତ୍ରସମୂହ ଧାଡି ଧାଡି ହୋଇ ବନ୍ଧା ହୋଇଅଛନ୍ତି । ସମ୍ମୁଖରେ ନୌକା ଭଳି କାଠପାତ୍ରରେ ଖାଦ୍ୟ ଓ ଜଳ ରହିଅଛି । ଅନ୍ୟ ଖଣ୍ଡିଏ ଚିତ୍ରରେ ଅଶ୍ୱାରୋହୀ ସୈନ୍ୟ-ଦଳର ଯୁଦ୍ଧଯାତ୍ରା । ସେନାପତି ଦୂରରେ ରହି ସଙ୍କେତ କରୁଅଛନ୍ତି । ତୃତୀୟ ଚିତ୍ରରେ ପ୍ରସ୍ତର ଉଚ୍ଚାଡରେ ଶୋଇ ସୈନ୍ୟମାନେ ଗୁଳି ଚଳାଉଅଛନ୍ତି । ବନ୍ଧୁକର ଘୋଡ଼ା ପଡ଼ିଯାଉଅଛି, ସଙ୍ଗେ ସଙ୍ଗେ ବିପକ୍ଷବାହିନୀ ଛିନ୍ନବୃକ୍ଷ ପ୍ରାୟ ଭୂତଳଶାୟୀ ହେଉଅଛନ୍ତି । ଆହତ ସୈନ୍ୟଙ୍କର ବ୍ୟାକୁଳ ମୁଖ-ବିକୃତି ଏବଂ ବେଦନା ଅନୁଭୂତି ପ୍ରକୃତି ପ୍ରତ୍ୟକ୍ଷ ପରି ଜଣାଯାଉଅଛି । ସେ ଦୃଶ୍ୟ ଦେଖି ଅନ୍ତରାତ୍ମା ଥରିଉଠିଲା । କି ବିକଳ କି ମର୍ମାନ୍ତିକ ବୀଭତ୍ସ ଭୀଷଣ ଦୃଶ୍ୟ ! ଏହାକୁ ଅତିମାନୁଷୀ କହିବି କି ଅମାନୁଷୀ କହିବି, କିଛି ସ୍ଥିର କରିପାରିଲି ନାହିଁ । ବୀର ହୃଦୟ କି କଠୋର, କି ନିର୍ମମ ! ବୀର ହୃଦୟ କି ନର-ହୃଦୟ ନୁହେଁ ? ମନୁଷ୍ୟ ମନୁଷ୍ୟ ଶରୀରରୁ ରକ୍ତପାତ କରିବ, ମନୁଷ୍ୟ ପ୍ରାଣ ବଧି ମନୁଷ୍ୟର ପ୍ରାଣ ହରଣ କରିବ, ଏ ଦାରୁଣ ଦୃଶ୍ୟ ମନସ୍ତତ୍ତ୍ୱର ପ୍ରବଳ ପୀଡାଦାୟକ । ଭାବିଲି, ଏରୂପ ଅସହ୍ୟ ଦୃଶ୍ୟ ଆଉ ଦୁଇ ଚାରି ମିନିଟ ଦେଖିଲେ ଭୟ ଓ ଦୁଃଖ ଚାପରେ ମୁଁ ତରଳିଯାଇ ମିଳାଇଯିବି । ଆତ୍ମଜ୍ଞାନଶୂନ୍ୟ ହୋଇ ଚିତ୍ର ଦେଖା ସଙ୍ଗେ ସଙ୍ଗେ ଏହିପରି ଜାଗ୍ରତ ସ୍ୱପ୍ନ ମଧ୍ୟ ଦେଖିଲି ; ମାତ୍ର ସେ ସ୍ୱପ୍ନରେ ସୁଷୁପ୍ତି ଥିଲା ନାହିଁ । କେବଳ ଆତ୍ମବିସ୍ମୃତି ସୁଷୁପ୍ତିର ଆସନ ଅଳଙ୍କୃତ କରିଥିଲା । ମୁଁ କିପରି ଧୈର୍ଯ୍ୟଶୀଳ, ତାହା ଆଉ ଅଧିକ ଟୀକା ଟିପ୍ପଣୀ ସଂଯୋଗ କରି ବୁଝାଇବାର ଆବଶ୍ୟକତା ନାହିଁ । ଛବିମାନ ଦେଖି ଯେ ହତଜ୍ଞାନ, ପ୍ରକୃତ ଯୁଦ୍ଧ ଦେଖିଲେ ତାହାର ଅବସ୍ଥା ଯେ କିରୂପ ହେବ, ତାହା ବର୍ଣ୍ଣନା କରିବାକୁ କି ଭାଷା, ଭାବ କିମ୍ବା କଳ୍ପନାର ସାଧ ଅଛି ? ଅଥଚ ଯେଉଁ ଦେଶର ବୀରମାନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ-ପତାକା ଉଡ଼ାଉଥିଲେ, ଯେଉଁ ଦେଶର ମାଟି ବୀରପିଣ୍ଡରେ ଗଢ଼ା, ମୁଁ ସେହି ଦେଶର ଅଧିବାସୀ ଏବଂ ସେହି ବୀର-କେଶରୀଙ୍କ ବଂଶଧର । ଧନ୍ୟ କାଳର ପ୍ରଭାବ ! ଏହି ଯନ୍ତ୍ରରେ ଖଲ୍ଲିକୋଟ ଗଡ, ନିର୍ମଳଝର, ତପ୍ତପାଣି ବଙ୍ଗଳା ପ୍ରଭୃତିର ପ୍ରତିକୃତି ମଧ୍ୟ ଦେଖିଲି । ଏଥି ଉତ୍ତାରୁ ଆଉ ଏକ ଯନ୍ତ୍ର । ଏଥିରେ କେତେ ଖଣ୍ଡିଏ ରେକର୍ଡ଼ ସଂଯୁକ୍ତ କରି ଦେଖିବାକୁ ହୁଏ । ପ୍ରଥମ ରେକର୍ଡରେ ଦରବାର ଚିତ୍ର । ସଭାମଣ୍ଡପ ଭାଗ ଭାଗରେ ବିଭକ୍ତ । କେଉଁ ଅଂଶରେ ଅଶ୍ୱାରୋହୀର ଅଶ୍ୱ ଦୌଡ଼ାଇ ବୁଲୁଅଛନ୍ତି, କେଉଁ ଅଂଶ ଲୋକଗହଳରେ ସମୁଦ୍ର ପ୍ରାୟ ଦିଶୁଅଛି, କେଉଁ ଅଂଶରେ ମଣ୍ଡିତମସ୍ତକ ହସ୍ତୀବୃନ୍ଦ ରତ୍ନାଳଙ୍କାରରେ ଭୂଷିତ ହୋଇ କାନ ଶୁଣ୍ଢ ମୁଣ୍ଡ ହଲାଇ କ୍ଷିପ୍ର-ଗତିରେ ବୁଲୁଅଛନ୍ତି । ଆଉ ଖଣ୍ଡିଏ ରେକର୍ଡରେ ମଲ୍ଲଯୁଦ୍ଧ । ଦୁଇଜଣ ମଲ୍ଲ ଗୋଡ ହାତ ଛନ୍ଦାଛନ୍ଦି ହୋଇ ତଳେ ପଡଯାଉଛନ୍ତି, ପରକ୍ଷଣରେ ଉଠି ପୁନଶ୍ଚ ଯୁଦ୍ଧକ୍ରୀଡ଼ାରେ ରତ ହେଉଅଛନ୍ତି । ତୃତୀୟ ରେକର୍ଡରେ ଦୁଇଜଣଙ୍କର କଥାବାର୍ତ୍ତା, ହସ୍ତଚକ୍ଷୁ ସଞ୍ଚାଳନ ଏବଂ ମୁଖଭଙ୍ଗୀ ଦ୍ୱାରା ପରସ୍ପରର ମନୋଭାବ ବ୍ୟକ୍ତ ହୋଇ ପଡୁଅଛି । ଜଣେ ମୁହଁକୁ ସୁନ୍ଦର କରି ଆଖିମାନ ନାଲି ପରି କରୁଅଛି, ଅପର ହସି ହସି ତାହାକୁ ଆନନ୍ଦିତ କରାଇବାକୁ ଚେଷ୍ଟା କରୁଅଛି । ଏ ଯନ୍ତ୍ରଟି ଠିକ୍ ବାୟସ୍କୋପ ଅନୁକରଣରେ ଗଠିତ । ନିଷ୍କର୍ମା ଲୋକଙ୍କ ପକ୍ଷରେ କାଳକ୍ଷେପଣର ଏହା ଗୋଟିଏ ସୁନ୍ଦର ଉପାୟ ।

ବଙ୍ଗଳାର ପଛଆଡ଼େ ଗୋଟିଏ କ୍ଷୁଦ୍ରତର ପିଞ୍ଜରେ ଦୁଇଗୋଟି ପୁଚ୍ଛଧାରୀ ମୟୂର ବସିଅଛନ୍ତି । ଚନ୍ଦ୍ରଙ୍କ ପ୍ରଭାରେ ପୁଚ୍ଛଟି ଉଜ୍ଜ୍ୱଳ । ମସ୍ତକରେ କିରଣ-କିରୀଟ । ବୋଧହୁଏ ଶୋଭା ଦେବୀଙ୍କ ଅମୂଲ୍ୟ ଅତୁଲ୍ୟ ବିଭବରାଶି ଅପହରଣ କରି ସେ ଦୁହେଁ ଏଠାରେ ଲୁଚିଅଛନ୍ତି । ଅନ୍ୟ ଏକ ତାର ପିଞ୍ଜରେ ଗୋଟିଏ ମୃଗ ବନ୍ଦୀ ହୋଇ ରହିଅଛି । ଖାଦ୍ୟ ଜଳ ନିକଟରେ ସର୍ବଦା ପରିପୂର୍ଣ୍ଣ । ମାତ୍ର ସେଥିପ୍ରତି ତାହାର ଦୃକ୍‌ପାତ ନାହିଁ । ଯେପରିକି ଅବ୍ୟକ୍ତ ଶୋକର କରୁଣ ଛାୟା ତାହାର

ମୁଖକୁ ଅଚ୍ଛନ୍ନ କରି ରଖିଅଛି । ସ୍ୱଭାବଚଞ୍ଚଳ କୁଷ୍ଟି ବିଷାଦ କାତରବତ୍ । ସ୍ୱଜନସ୍ଥରେ କୌଣସି ଅଭାବ ନ ଥିଲେ ସୁଦ୍ଧା ତାହାର ଏ ଭାବ କାହିଁକି ? ଜନ୍ମଭୂମିରୁ ନିର୍ବାସିତ ହୋଇଥିବାରୁ ସେ ଏହି ଜୀବନ୍ତ ମୃତ୍ୟୁ-ଯନ୍ତ୍ରଣା ଭୋଗ କରୁଅଛି । ତାହାର ମାତୃଭୂମି ଅରଣ୍ୟ-ଶ୍ୱାପଦସଙ୍କୁଳ । ସେଠାରେ ଅବସ୍ଥାନ, ମୃତ୍ୟୁଚକ୍ରର ଧାରରେ ଅବସ୍ଥାନ ତୁଲ୍ୟ; ତଥାପି ସେ ତାହାର ମାତୃଭୂମି । ମାତୃକୋଳ ପାଇଁ କାହାର ପ୍ରାଣ ବା ଆକୁଳ ନ ହୁଏ ? ବନର ପଶୁପକ୍ଷୀ ସୁଦ୍ଧା ମାତୃମହିମା ବୁଝନ୍ତି । ମାନବ-କୁଳରେ ଜନ୍ମ ଲଭି ଯେ ତାହା ନ ବୁଝେ, ସେ ଅମାନବ । ଆଉ ଗୋଟିଏ ତାର-ଘରରେ ନାନା ବର୍ଣ୍ଣର କ୍ଷୁଦ୍ର କ୍ଷୁଦ୍ର ପକ୍ଷୀ ଅଛନ୍ତି । କେହି ବିପର୍ଣ୍ଣ କଳା, କେହି ଗାଢ଼ ଲୋହିତ, କେହି ପୀତ, କେହି ବା ଶ୍ୱେତ । ପକ୍ଷୀଗୁଡ଼ିକ ଉଡ଼ିଲାବେଳେ ଇନ୍ଦ୍ରଧନୁର ବୃଷ୍ଟି ଉଡ଼ିଲା ପ୍ରାୟ ପ୍ରତୀୟମାନ ହୁଏ । ସେମାନେ ସଭ୍ୟ ପକ୍ଷୀ । ଅଭଦ୍ରତାସୁଲଭ କାମୁଡ଼ାକାମୁଡ଼ି ବା କଳହଗୋଳ ନାହିଁ, ସମସ୍ତେ ଅତ୍ୟନ୍ତ ସ୍ୱଳ୍ପଭାଷୀ । ସେହି ଘରର ନିମ୍ନ ପ୍ରକୋଷ୍ଠରେ ବିଲାତି ମୂଷା, ନେପାଳୀ ମୂଷା, ପାହାଡ଼ୀ ମୂଷା ପ୍ରଭୃତି ସାନ ବଡ଼ ମୂଷା ଅନେକ ଅଛନ୍ତି । ସେମାନଙ୍କ କ୍ରୀଡ଼ା ଓ ବୃଦ୍ଧି ବଡ଼ କୌତୁକା-ବହ । ସେମାନେ ସ୍ୱୈର ପରି ରନ୍ଧନଶାଳାରେ ଅଛନ୍ତି । ଗଣେଶବାହନଗୁଡ଼ିକ ଗଣେଶଙ୍କ ପରି ଥାଉଲ ଥୁଲ ସ୍ୱଳ୍ପସ୍ଥିର ଅଶାଥି, ସ୍ୱଳ୍ପଭୋଗ ଖାଦ୍ୟର ଅଭାବ କଅଣ ?

ବଙ୍ଗଳାର ତିନି ପାଖରେ ବର୍ତ୍ତୁଳ ଲୋହିତ କାନ୍ତି ବିସ୍ତାର କରିଅଛି । ପଥ ମଧ୍ୟରେ ସ୍ଥାନେ ସ୍ଥାନେ ଜଳକୁଣ୍ଡ ବା ଫୋୟାରା ଅବସ୍ଥିତ । ସେଗୁଡ଼ିକ ଷଡ଼ଦଳ ଓ ଅଷ୍ଟଦଳ ପଦ୍ମାକୃତି । ନଳ ଜଳରେ କୁଣ୍ଡ ପୂର୍ଣ୍ଣ ହୁଏ । ସେଥିରେ ହଂସଯୂଥ ଚରୁଥିବାର ଦେଖାଗଲା । କୁଣ୍ଡରେ ଜଳ ବ୍ୟତୀତ ଆଉ କିଛି ନାହିଁ । ହଂସମାନେ କଅଣ ଖାଆନ୍ତି, ତାହା ସେହି ଜାଣନ୍ତି । ଗୋଟିଏ କୁଣ୍ଡରେ ମତଙ୍ଗ ମୁନିଙ୍କର ଗୋଟିଏ ଶିଶୁ ବଂଶଧର ଉପରକୁ ଶୁଣ୍ଢ ଟେକି ରହିଅଛି । ସେହି ଶୁଣ୍ଢର ଛିଦ୍ର ପଥରେ ଜଳଧାରା ଆସି କୁଣ୍ଡରେ ପତିତ ହୁଏ । ଆଉ ଗୋଟିଏ କୁଣ୍ଡରେ କାଳିୟ-ଦଳନ ମୂର୍ତ୍ତି ଅଛି । ମୂର୍ତ୍ତିର ମସ୍ତକରୁ ଜଳଧାରା ପଡ଼େ । ଏହିସବୁ ପ୍ରତ୍ୟେକ କୁଣ୍ଡରେ ଗୋଟିଏ ଗୋଟିଏ ସୁନ୍ଦର କୌଶଳଯୁକ୍ତ ମୂର୍ତ୍ତି ଅଛି । ପଥପାର୍ଶ୍ୱରେ ବିଶ୍ରାମ କରିବା ସକାଶେ ବେଞ୍ଚ ପଡ଼ିଅଛି । ମର୍ମର ପ୍ରସ୍ତରର ବେଦୀ ମଧ୍ୟରେ ଓ ପଥର ଉଭୟ ପାର୍ଶ୍ୱରେ ବୈଦ୍ୟୁତିକ ଆଲୋକ-ସ୍ତମ୍ଭ ପ୍ରୋଥିତ ହୋଇଅଛି । ପଣସ ଗଛ ମୂଳରେ ପକ୍କା ବେଦୀ ନିର୍ମିତ ହୋଇଅଛି । ଯେମନ୍ତ କି ବକ୍ତା ବକ୍ତୃତା ମଣ୍ଡପରେ ଠିଆହୋଇ ହସ୍ତ ଟେକି ନୀରବ ବକ୍ତୃତାରେ ନିମଗ୍ନ ଅଛି ।

୧୪ । ୧୧ । ୧୧—ବଙ୍ଗଳାର ସମ୍ମୁଖଭାଗରେ ଖଣ୍ଡିଏ କ୍ଷୁଦ୍ର ପୁଷ୍ପୋଦ୍ୟାନ ଅଛି । ଉଦ୍ୟାନ ମଧ୍ୟରେ ସୁନ୍ଦର ମଣ୍ଡପଟିଏ ଅଛି । ମିଷ୍ଟର ଦାସଙ୍କ ସି. ଆଇ. ଇ. ଉପାଧି-ଲାଭ ଉପଲକ୍ଷେ ତାଙ୍କୁ ଅଭ୍ୟର୍ଥନା କରିବା ସକାଶେ ଏହି ମଣ୍ଡପ ନିର୍ମିତ ହୋଇଥିଲା । ମଣ୍ଡପ-ସ୍ଥଳର ଲୌହ-ତାରନିର୍ମିତ ଶିକା ଝୁଲୁଅଛି । ତାହା ମଧ୍ୟରେ ଶୈବାଳଜାତୀୟ ଉଦ୍ଭିଦ ରହି ବର୍ଦ୍ଧିତ ହେଉଅଛି । ଏଗୁଡ଼ିକ ମହୀରୁହ ନୁହେଁ—ଶୂନ୍ୟରୁହ । ଉଦ୍ୟାନର ଏକ ପାର୍ଶ୍ୱରେ ହନୁମାନଙ୍କର ବଂଶଧର ଗୋଟାଏ ଖୁଣ୍ଟରେ ଚଢ଼ିଅଛି । ତାହାର ମସ୍ତକରୁ ଜଳ ବାହାରି ଉଦ୍ୟାନ ସିକ୍ତ କରେ । ଗଙ୍ଗା ଜହ୍ନୁ ମୁନିଙ୍କ ଦେହରୁ ବାହାରି ଜାହ୍ନବୀ ନାମ ଧରିଥିଲେ । ଏଠାରେ ହନୁ ମୁଣ୍ଡରୁ ବାହାରୁଅଛନ୍ତି, ସୁତରାଂ ଏଠାରେ ତାଙ୍କର ନାମ ହାନବୀ ହେବା ଉଚିତ । ଉଦ୍ୟାନରେ ପଦ୍ମଫୁଲ ପରି ବଡ଼ ବଡ଼ ଗୋଲାପ ଫୁଲ ଏବଂ ସୂର୍ଯ୍ୟମୁଖୀ ପରି ବଡ଼ ବଡ଼ ସେବତୀ ଫୁଲ ଅଛି । ଏଠାରେ ମରୁଆ ଗଛ ଦେଖିଲି । ତାହାର ଫୁଲ ନାହିଁ—ପତ୍ର ବାସେ । ମରୁଆ ମାଳାରେ ଜଗନ୍ନାଥ ମହାପ୍ରଭୁଙ୍କର ବଡ଼ସିଂହାର ବେଶ ହୁଏ । ଉଦ୍ୟାନରେ ସ୍ୱଦେଶୀ ବିଦେଶୀ ନାନାପ୍ରକାର ପତ୍ର, ସୁନ୍ଦର ପୁଷ୍ପ, ସୁନ୍ଦର ଗୁଳ୍ମଲତା ଅଛି । ଜୟକୃଷ୍ଣ ବାବୁଙ୍କ ଅଫିସ ଘରର ସମ୍ମୁଖରେ ଦୁଇଟି ଭୂର୍ଜ ଗଛ ଅଛି । ପୂର୍ବେ ଭୂର୍ଜ ଛାଲରେ ପୁସ୍ତକ ଲେଖା ହେଉଥିଲା । ପୁରୀ ଶଙ୍କରସ୍ୱାମୀ ମଠରେ ଭୂର୍ଜପତ୍ରଲେଖା ପ୍ରାଚୀନ ପୁସ୍ତକ ଅଛି । ବଙ୍ଗଳା ହତା ମଧ୍ୟରେ ଏକଜାତୀୟ ବୃହତ୍ ବୃକ୍ଷ ଅଛି । ସ୍ଥାନୀୟ

ଲୋକେ ତାହାକୁ ପାରିଜାତ ବୃକ୍ଷ କହନ୍ତି । ସ୍ୱର୍ଗରେ ରମ୍ଭା ଅଛି, ସେଠାରେ ପାରିଜାତ ନ ଥିବ କାହିଁକି ? ଏହି ଛୋଟୋଟି ଜିନିଷ ଯୋଗୁଁ ସ୍ୱର୍ଗର ଗୌରବ ସିନା ! ସେଥିରେ ନାଲି ରଙ୍ଗର ଫୁଲ ଫୁଟେ । ମାନବ ଚକ୍ଷୁ ସହିତ ସେ ଫୁଲର ମଧୁର ସମ୍ପର୍କ; ମାତ୍ର ନାସିକା ସହିତ କୌଣସି ସମ୍ପର୍କ ନାହିଁ—ସେ ଗୋଟିଏ ସୁନ୍ଦର ନିର୍ଗୁଣ ବନ୍ଧୁ ।

ଚିଲିକା ଅଡ଼କୁ ଖଣ୍ଡିଏ ଶାକ୍‌ସବଜିର ବଗିଚା ଅଛି । ସେଥିରେ ଆଳୁ, ଟୋମାଟୋ, ମଟର, ଗାଜର ପ୍ରଭୃତି ବିଲାତି ଶାକସବଜି ଭଲ ହୁଏ । ଆମ୍ବ, ଜାମୁ, ଲିଚୁ ଗଛ ମଧ୍ୟ ଅଛି । ଏହା ଛଡ଼ା କଳକଳର ଇଞ୍ଜିନଘର ଏବଂ ଗୋଟାଏ ବୃହତ୍ ବାମ୍ଫୀ ଅଛି । ଚିଲିକା ପାଖକୁ ଖଣ୍ଡିଏ ସାନ ପୋଖରୀ ଅଛି । ପୋଖରୀର ବନ୍ଧ ଚିଲିକା ଓ ପୋଖରୀକୁ ପୃଥକ୍ କରିଅଛି, ଅଥଚ ସେ ପାଖର ଜଳ ଲୁଣି ଏବଂ ଏ ପାଖର ଜଳ ମଧୁର ।

ଖରାବେଳେ ବସି ବିଶ୍ରାମ କରୁଅଛି, ଦେଖିଲି—ଗୋଟାଏ ବୃହତ୍ ମାଙ୍କଡ଼ ଧାଇଁ ଆସି ବଙ୍ଗଳାର ଦ୍ୱିତଳ କାନ୍ଥସ୍ଥ ଝରକା ଉପରେ ବସିଲା ଏବଂ ଝରକା ଆଡ଼କୁ ମୁହଁ ଖଞ୍ଜାଇଦେବାକୁ ଲାଗିଲା । ଝରକାର କାଚ କବାଟରେ ନିଜର ମୂର୍ତ୍ତି ପ୍ରତିଫଳିତ ଦେଖି ତାହାକୁ ଅନ୍ୟ ମର୍କଟ ଭାବି ଚାପୁଡ଼ାଏ ପକାଇବାରୁ କାଚକବାଟ ଭାଙ୍ଗିଗଲା । ତାହାର ଅବ୍ୟବହିତ ପରେ ବନ୍ଧୁକର ଶବ୍ଦ ଶୁଭିଲା । ଗୁଳି ତାହାର ଫଣ୍ଡିଆରେ ଫୁଟିଗଲା । କିନ୍ତୁ ସେ ବୀରତ୍ୱର ଉପଯୁକ୍ତ ପୁରସ୍କାର ପାଇ ଲେଙ୍ଗାଇ ଲେଙ୍ଗାଇ ପଳାଇଗଲା । ସେ ଦୁଇପାଞ୍ଚ ଦିନ ହେଲା ପ୍ରତ୍ୟହ ଏହିପରି ଗୋଟାଏ ଗୋଟାଏ ଝରକା ଭାଙ୍ଗି ଗର୍ବସୂଚକ ହୁଙ୍କାର ମାରି ପଳାଇ-ଯାଉଥିଲା । ବଙ୍ଗଳା-ରକ୍ଷକ ଆଜି ଛକି ବସି ତାକୁ ଖଞ୍ଜତ୍ୱ ପୁରସ୍କାର ଦେଲା । କୂପ ଜଳରେ ସିଂହ ନିଜର ପ୍ରତିବିମ୍ବ ଦେଖି ଦନ୍ତନଖ ପ୍ରକଟପୂର୍ବକ ଝାସଦେଇ ମରିବାର କିମ୍ବଦନ୍ତୀ ଶୁଣାଯାଇଥିଲା; ମାତ୍ର ଏ ମର୍କଟ ବୀର ସେଥିର ଜୀବନ୍ତ ପ୍ରମାଣ ଦେଖାଇଲା ; ଅବ୍ୟାପାରରେ ବ୍ୟାପାର କରିବାକୁ ଯାଇ ଆଜୀବନ ଖଞ୍ଜତ୍ୱ ଲାଭ କଲା । ଆଜି ଆଉ ଗୋଟିଏ ରହସ୍ୟ ଦେଖିଲି । ଗୋଟାଏ ବଡ ଘୋଡା ଅକର୍ମଣ୍ୟ ହେବାରୁ ତାକୁ ଛଡ଼ାଇ ଦିଆଯାଇଥିଲା । ସେ ବଙ୍ଗଳା ହତାରେ ଚରିବୁଲି ଖାଏ ଏବଂ ରାତିରେ ଆସି ଘୋଡାଶାଳାରେ ଶୁଏ । ତାହା ପ୍ରତି କାହାରି ଆସ୍ଥା ନ ଥିଲା । ସେ ମଧ୍ୟ ପରସେବା-ପରାଙ୍ମୁଖ ହୋଇ ଆତ୍ମନିର୍ଭରତା ଅବଲମ୍ବନ କରି-ଥିଲା । ଜମ୍ବୁକୃଷ୍ଣ ବାବୁଙ୍କ ଅଫିସଘର ପାଖରେ ଗୋଟାଏ ପାଣିକଳ ଅଛି । ଘୋଡାଟା ଖରାବେଳେ ଆସି ମୁହଁରେ ପାଣିକଳର ଝିଞ୍ଜିରି ଖୋଲିଦେଇ ପାଣି ପିଏ । କଳ ମୁକୁଳା ରହିବାରୁ ପାଣିସବୁ ବାହାରିଯାଏ । ଆଜି ବଙ୍ଗଳାର ଜଣେ ଚାକର ପାଣିକଳର ଝିଞ୍ଜିରେ ଖଣ୍ଡେ ଦଉଡ଼ା ବାନ୍ଧିଦେଇ ଯାଇଥିଲା । ଘୋଡ଼ା ଆସି ଅନେକ ଚେଷ୍ଟା କଲା; ମାତ୍ର ଝିଙ୍କି ଫିଟିଲା ନାହିଁ । କିନ୍ତୁ କଳଖୁଣ୍ଟ ଉପରେ ଦେହଭର ଲଦି ତାକୁ ଭାଙ୍ଗି ଦେଇଗଲା । ପ୍ରଥମେ ପ୍ରଥମେ ସେ ମନୁଷ୍ୟ ପରି ଝିଙ୍କି ଫିଟାଇ ପାଣି ପିଇସାରି ପୁଣି ଝିଙ୍କି ପୂର୍ବପରି ବନ୍ଦ କରିଦେଇ ଯାଉଥିଲା; ମାତ୍ର ପଛକୁ ଆଉ ତାହା କଲା ନାହିଁ । ଏ ଘଟଣାକୁ ପଶୁଜାତିର ବୁଦ୍ଧି ନାହିଁ ବୋଲି କିଏ ବିଶ୍ୱାସ କରିବ ?

ସୂର୍ଯ୍ୟାସ୍ତ ପୂର୍ବରୁ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ଧରି ଜମ୍ବୁକୃଷ୍ଣ ବାବୁଙ୍କ ଅଫିସ ବାରଣ୍ଡାରେ ବସିଲି । ସମ୍ମୁଖରେ ଚିଲିକାର ବିପୁଳ ବିସ୍ତୃତ ବାରିରାଶି, ତହିଁ ମଧ୍ୟରେ ଘଣ୍ଟଶିଳା ପର୍ବତ; ପର୍ବତଟି ବଡ଼ ସୁନ୍ଦର । ଗର୍ଭମଣ୍ଡ ଉଦରର ଅର୍ଦ୍ଧାଙ୍ଗ ନିମଜ୍ଜିତ କରି ସମୁଦ୍ରସ୍ନାନ କଲା ପରି ଦିଶେ । ମସ୍ତକର ଇନ୍ଦ୍ରଲୁପ୍ତ ଚିହ୍ନ ଅତି ଦୂରରୁ ପରିସ୍ଫୁଟ । ଜଳାରଣ୍ୟ ରୂପ ନିଃସଙ୍ଗ ପ୍ରବାସରେ ସେ ଏକାକୀ । ଚିଲିକାର ଫେନଚୂଳ ଉତ୍ତାଳ ତରଙ୍ଗରାଶି ତାହା ପାଦମୂଳରେ ଲୁଣ୍ଠି ଖେଳୁ-ଅଛି । ମନ୍ଦ ମନ୍ଦ ଚରଣାଘାତରେ ଜଳ ଠେଲି, ଦୋଳି ଦୋଳି ଗୁଲିଲା ପ୍ରାୟ ଚିଲିକା ବକ୍ଷରେ ତରଣୀମାଳା ବୁଲୁଅଛି । ସୂର୍ଯ୍ୟ ଅସ୍ତ ହେଲେ । ତାଙ୍କ ଶ୍ମଶାନ-ଚିତାର ରକ୍ତିମ ପ୍ରଭା ଆକାଶରେ ପ୍ରତିଫଳିତ ହେଲା । ଚିଲିକା-ତାପସୀ ଗୈରିକବସନପରିହିତ ହୋଇ ସାନ୍ଧ୍ୟୋପାସନା ସକାଶେ ପ୍ରସ୍ତୁତ ହେଲା । ସ୍ଥଳଚର,

ଜଳଚର, ନଭସ୍ତର ପକ୍ଷୀମାନଙ୍କର କଳ କୋଳାହଳ ଉତ୍ଥିତ ହେଲା, ମନ୍ତ୍ରପାଠ ଆରମ୍ଭ ହେଲା । ଦୂରବୀକ୍ଷଣରେ ଦେଖିଲି, ପୂର୍ବ ପଥରେ ଦୁଇଖଣ୍ଡ ନୌକା ଆସୁଅଛି । ବୋଧହୁଏ ତାହା ଯାତ୍ରିବାହୀ ନାବ । ଦକ୍ଷିଣଖଣ୍ଡର ଯାତ୍ରୀମାନେ ଚିଲିକା ପଥରେ ନୌକାରେ ପୁରୀ ଯାତାୟାତ କରନ୍ତି । ଅପେକ୍ଷା ତୁଳନାରେ ଭଡ଼ାର ହ୍ରାସବୃଦ୍ଧି ଘଟେ । ସମୟ ସମୟରେ ଅପେକ୍ଷା ଅଧିକ ହେଲେ ଜଣ ପ୍ରତି ଦୁଇ ତିନି ଅଣା ଭଡ଼ା ଲାଗେ । ଦେଖୁଁ ଦେଖୁଁ ତାମ୍ରକୁନ୍ତଳା, ମୁକ୍ତବେଣୀ ସନ୍ଧ୍ୟା ଅନ୍ଧକାର-ପୃଷ୍ଠରେ ବିଜେ ହେଲେ । ତାଙ୍କର ଶରୀର ଓ କେଶର କୃଷ୍ଣପ୍ରଭାରେ ସୃଷ୍ଟି ଅନ୍ଧକାରମୟ ହୋଇଗଲା ଏବଂ ସେହି ଅନ୍ଧକାରରେ ଚିଲିକା ମିଳାଇଗଲା । ଅଳ୍ପକ୍ଷଣ ପରେ ତାରା-ଖଚିତାମ୍ବର ବକ୍ଷରେ ଧାରଣ କରି କଥଞ୍ଚିତ ଆତ୍ମପ୍ରକାଶ କଲା । ତଟବାସୀ ଅସଂଖ୍ୟ ନୌକାରେ ଆଲୁଅ ଜଳିଉଠିଲା । କାମରୂପିଣୀ ଚିଲିକା ଏବେ ନୀଳବସ୍ତ୍ର ଧାରଣ କଲା । ତାରକାର ପ୍ରତିବିମ୍ବ ଆଲୋକସଂଖ୍ୟା ବୃଦ୍ଧି କଲା—ଚିଲିକା ଆଲୋକମୟ ହୋଇଉଠିଲା । ଆହା, ସେ କି ମନୋମୋହିନୀ ଶୋଭା ! ସତେ ଯେପରି ଚିଲିକା-ବକ୍ଷରେ ଅସଂଖ୍ୟ ସ୍ୱର୍ଣ୍ଣ-କମଳ ଫୁଟିଉଠିଲା । ମତ୍ସ୍ୟଜୀବୀମାନେ ଛୁଡ଼ା ଜାଲ ତେଣ୍ଟାରେ ମାଛ ଧରିଲେ । କାଷ୍ଠଦଣ୍ଡ-ଯୁକ୍ତ ସୂଚ୍ୟଗ୍ର ମୁନା ଲୌହଶଲାକା ଖଣ୍ଡକୁ ତେଣ୍ଟା କହନ୍ତି । ନୌକାରେ ଆଲୁଅ ଦେଖିଲେ ବଡ଼ ବଡ଼ ମାଛ ଡେଇଁଉଠନ୍ତି । ସେହି ସମୟରେ ତେଣ୍ଟାଧାରୀ ମତ୍ସ୍ୟଯମ ଧୀବର ଖର ହସ୍ତରେ ତେଣ୍ଟା ଭୁଷିଦିଏ । ମାଛ ସେହି ତେଣ୍ଟା ମୁନରେ ବିଦ୍ଧ ହୋଇଯାଏ । ଧୀବରମାନେ ଚିଲିକାରୁ ନାନା କୌଶଳରେ ମାଛ ଧରନ୍ତି । ବାଉଁଶ ପାତିଆରେ ଲମ୍ବ ପଟି ବୁଣି ଜୁଆର ସମୟରେ ସେହି ପଟି ଠିଆକରାଇ ଜଳର କେତେକ ଅଂଶ ଘେରି ରଖନ୍ତି । ଜୁଆର ଛାଡ଼ିଗଲେ ସେହି ବନ୍ଧଣାଳା ଭିତରେ ଶୁଖିଲାରେ ମାଛ ପଡ଼ି ରହନ୍ତି । ଆଉ ଏକ କୌଶଳ ଏହି ଯେ, ସେହି ଚେଟିରୁ କୂଳକୁ ପାଣି ଭିତରକୁ କିଛିଦୂର ପର୍ଯ୍ୟନ୍ତ ଠିଆଳରେ ପୋତିଦିଅନ୍ତି । ଶେଷ ପାଖରେ ଅନ୍ଧାରି ପରି ଗୋଟିଏ ଯନ୍ତ୍ର ଲାଗିଥାଏ । ତଙ୍ଗଡ଼ପରି ସେହି ବାଡ଼ ଧରି ଧରି ଅନ୍ଧାରି କୂପ ଯନ୍ତ୍ରଖାନା ଭିତରେ ପଶନ୍ତି; ମାତ୍ର ଆଉ ବାହାରି-ପାରନ୍ତି ନାହିଁ । ତୁଣ୍ଡା ତଙ୍ଗଡ଼ ବ୍ୟତୀତ ଅନ୍ୟ ମାଛ ସେହି ବାଡ଼ କୂପ ମୁହଁପଥ ଅତିକ୍ରମ କରି ଯନ୍ତ୍ରପୁରରେ ପ୍ରବେଶ କରନ୍ତି ନାହିଁ । ଜଗତରେ ମାଛ ଧରିବାର ଅନେକ କୌଶଳ ଅଛି ଏବଂ ନିତ୍ୟ ନୂତନ କୌଶଳ ଉଦ୍ଭାବିତ ହେଉଅଛି । ମାଛ ମାରିବାର ଯେତେ କୌଶଳ ଅଛି, ଯୁଦ୍ଧବିଗ୍ରହ ଛଡ଼ା ଅନ୍ୟ କାହିଁରେ ତେତେ ନାହିଁ । ଧୀବରମାନେ ମାଛ ଧରିସାରି ସାଫଲ୍ୟ ସଙ୍ଗୀତ ଗାଇ ଗାଇ ଫେରିଗଲେ । ସେ ସଙ୍ଗୀତରେ ଚିଲିକାର ଅନ୍ତରର ସଙ୍ଗୀତ ଜାଗି-ଉଠିଲା । ଚିଲିକା ବକ୍ଷ ମଧୁର ସଙ୍ଗୀତମୟ ହେଲା । ସଙ୍ଗୀତର ମୋହନ ମୂର୍ଚ୍ଛନା ଖରସ୍ଥ ପକ୍ଷୀର ପ୍ରତି ସ୍ନାୟୁରେ, ପ୍ରତି ଗୃହସ୍ଥର ପ୍ରାଣରେ ଅମୃତ ବର୍ଷଣ କଲା ।

୧୫ । ୧୧ । ୧୧—ଆଜି ଘଣ୍ଟଶିଳା ପର୍ବତ ଉପରକୁ ଯିବାକୁ ହେବ । ସକାଳୁ ଉଠି ନିତ୍ୟକର୍ମ ସାରି ପ୍ରସ୍ତୁତ ହେଲି । ଦିନମଣି ପ୍ରାଚୀଗର୍ଭରୁ ଜାତ ହେଲେ । ତାଙ୍କ ଅନୁଜ୍ଜ୍ୱଳ ଧୂମରଶ୍ମି ଚକ୍ରବାଳ ମୂଳରେ ବିସ୍ତୀର୍ଣ୍ଣ ହୋଇଗଲା । ପକ୍ଷୀଗଣ ମଙ୍ଗଳ ହୁଳହୁଳି ଶବ୍ଦ କଲେ । ତଳ ତଳ ବାଳରବି ଚିଲିକା ଜଳରେ ଜନ୍ମସ୍ନାନ କଲେ । ତାଙ୍କର କନକ ପ୍ରଭାରେ ଚିଲିକାର ଜଳ କନକିତ ହେଲା । ସୂର୍ଯ୍ୟଦେବ ପ୍ରତ୍ୟହ ଯେକାଳେ ଜନ୍ମଲାଭ କରି ସନ୍ଧ୍ୟାରେ ମୃତ୍ୟୁମୁଖରେ ପତିତ ହୁଏ । ଜନ୍ମ ମୃତ୍ୟୁ ତାଙ୍କର ଲୀଳାକାଳର ଖେଳ । ବାସ୍ତବରେ ଜନ୍ମ ଯେପରି ମୃତ୍ୟୁର ମହାନିମନ୍ତ୍ରଣ, ମୃତ୍ୟୁ ସେହିପରି ଜନ୍ମର ଅପ୍ରତ୍ୟାଖ୍ୟାତ ନିମନ୍ତ୍ରଣ । ଜନ୍ମ ମୃତ୍ୟୁର ସଦ୍‌ଭାବ ଓ ବନ୍ଧୁତା ଅଖଣ୍ଡ । ଜନ୍ମମୃତ୍ୟୁର ପ୍ରାଣ ଏବଂ ମୃତ୍ୟୁ ଜନ୍ମର ଜୀବନ । ସୃଷ୍ଟି ଓ ଧ୍ୱଂସ ଏକ ବୃନ୍ତରେ ଦୁଇଟି ଫଳ ।

ସୂର୍ଯ୍ୟୋଦୟ ପରେ ମୁଁ ଓ ଜୟକୃଷ୍ଣ ବାବୁ ଜାଲି ବୋଟରେ ଚଢ଼ି ଘଣ୍ଟଶିଳା ଅଭିମୁଖରେ ଅଗ୍ରସର ହେଲୁ । ବର୍ତ୍ତମାନ ଚିଲିକା ଶାନ୍ତ ଓ ଉଦାସ । ସେ କେତେବେଳେ କି ଭାବ ଧାରଣ କରେ—କେବେ ଭୟ, କେବେ ଉଦାର, କେବେ ଉଲ୍ଲାସ ଓ କେବେ

ବା ବିଷାଦ । ବୋଟ ଧୀର ଗତିରେ, କେବେ ଶୀଘ୍ର ଗତିରେ ଚାଲିବାକୁ ଲାଗିଲା । ଚିଲିକାର ଜଳ ଖୁବ୍ ସ୍ୱଚ୍ଛ । ଏକ ହାତ ଜଳ ତଳେ ଏକପ୍ରକାର ଶୈବାଳ ଗୁଳ୍ମ ଭାସି ଚାଲିଥିବାର ଦେଖାଗଲା । ଏଥିରୁ ବୋଧ ହେଲା, ଚିଲିକାର ଅଭ୍ୟନ୍ତରରେ ମୃଦୁ ଗୋଟାଏ ସ୍ରୋତ ଅନବରତ ପ୍ରବାହିତ ହୁଏ । ଦୁଇଟି ଚକ୍ରବାକ ପକ୍ଷୀ ମଧ୍ୟାକାଶରେ ଉଡ଼ି ଯାଉଁ ଯାଉଁ ନୌକାରେ ଆତ୍ମଦାନ କରିଗଲେ । ଆମ୍ଭମାନଙ୍କ ବୋଟର ଅଳ୍ପ ଦୂରରେ ଖଣ୍ଡେ ମତ୍ସ୍ୟବାହୀ ନୌକା ଚାଲିଗଲା । ଚାଳକ ଏଗାର ବର୍ଷର ଗୋଟିଏ ବାଳକ । ବାଳକଟି ଗାଇଲା —"ବସନ୍ତ କାଳ, ସହକେ କାଳ, ଆସିଲାଣି; ଜୀବନ ନେବ ରେ ମାର ।" ମାର ସଙ୍ଗରେ ବାଳକଟିର ସାକ୍ଷାତ ନାହିଁ କି ପରିଚୟ ନାହିଁ—ମାର ବାଘ,ଭାଲୁ, କି ରାକ୍ଷସ ପିଶାଚ କାହା ମୁଦ୍ଧା ଜାଣେ ନାହିଁ, ତଥାପି ମାର ମାରିବାକୁ ଆସିବା ପୂର୍ବରୁ ସେ ଭୟରେ କାତର ହୋଇ ମାର-ମଙ୍ଗଳ ଆବୃତ୍ତି କରୁଅଛି । ଧନ୍ୟ ବାତ୍ସ୍ୟାୟନ ମୁନିଙ୍କ ମହିମା ଓ ତପୋବଳ ! ମାର-ନାମକ କି ମାୟାମୟ ଜୀବ ସେ ସୃଜନ କରିଗଲେ ! ଘଣ୍ଟିଶିଳାର ଅଳ୍ପ ଦୂରରେ ଗୋଟିଏ ସ୍ଥୂଳ ପ୍ରସ୍ତର-ସ୍ତମ୍ଭ ଅଛି । ସେଥିରେ ବିଶ୍ରାମ କରିବା ସକାଶେ ଖଣ୍ଡେ ଛୋଟ ଗୃହଟି ଅଛି । ଆମ୍ଭେମାନେ ବୋଟରୁ ଓହ୍ଲାଇ ସେହି ମଣ୍ଡପରେ ବସିଲୁଁ । ମଣ୍ଡପଟି ବଡ଼ ବଡ଼ କଙ୍କଡ଼ା ଖୋଳ-ସମ୍ପଦରେ ଅଳଙ୍କୃତ । ସମ୍ଭବତଃ ଏହା ପୂର୍ବୋକ୍ତ କୁବୁକଳ ପକ୍ଷୀର କୀର୍ତ୍ତି । ମଣ୍ଡପ-ଗାତ୍ରରେ ଅସଂଖ୍ୟ ଲୋକଙ୍କର ନାମ ଅଙ୍ଗାରରେ ଲିଖିତ ହୋଇ-ଅଛି । ମଣ୍ଡପ-ଦେହରେ ଆଉ ସ୍ଥାନ ନାହିଁ । ନାମ ଉପରେ ନାମ ଘୋଡ଼ା ଚଢ଼ିଅଛି । ନାମର ଅଧିକାରୀ-ମାନଙ୍କ ମଧ୍ୟରୁ ଅନେକେ ଇହଲୋକରୁ କେଉଁ କାଳରୁ ବିଦାୟ ନେଇସାରି ଯାଇଥିବେ; ମାତ୍ର ସେମାନଙ୍କର ଅଙ୍ଗାରକଳଙ୍କିତ ନାମ ମାର୍କଣ୍ଡେୟ-ପରମାୟୁ ଘେନି ସ୍ତମ୍ଭଗାତ୍ରରେ ରହିଅଛି । ଶୁଣିଲି, ସେଠାକୁ ଯେ ଯାଏ, ସେ ନିଜର ନାମ ଲେଖିଦେଇ ଆସେ । ମୁଁ ମଧ୍ୟ ମହାଜନ ପନ୍ଥା ଅନୁସରଣପୂର୍ବକ ଖଣ୍ଡେ ଅଙ୍ଗାରରେ ମୋର ନାମ ଅଙ୍କିତ କଲି ।

ଆହୁରି ଶୁଣିଲି—ସ୍ତମ୍ଭ ତଳେ ଖଣ୍ଡେ ବିଶାଳ ପ୍ରସ୍ତର ଅଛି । ତଦ୍ଦ୍ୱାରା ନାବିକମାନଙ୍କର ବିପଦର ସମ୍ଭାବନା ଜାଣି ସ୍ୱର୍ଗତ ଖଲ୍ଲିକୋଟ ନରପତି ସୁନାମ-ଧନ୍ୟ ହରିହର ମର୍ଦ୍ଦରାଜ ଦେବ ସେହି ପ୍ରସ୍ତର ଚିହ୍ନିତ କରିବା ସକାଶେ ତାହା ଉପରେ ଏହି ସ୍ତମ୍ଭ ନିର୍ମାଣ କରାଇଥିଲେ । ଆମ୍ଭେମାନେ ସେଠାରେ କିଛିକ୍ଷଣ ବିଶ୍ରାମ କରି ପୁନଶ୍ଚ ବୋଟ୍‌ରେ ବସିଲୁଁ ଏବଂ ବେଳ ପ୍ରହରକ ସମୟରେ ଗିରିପାଦ ତଳେ ଅବତରଣ କଲୁଁ । ପୂର୍ବୋକ୍ତ ବାଳକର ସେହି ଗୀତପଦକ ଖଲାସିମାନେ ସ୍କୁଲପିଲା ପରି ଅବଧି ଆବୃତ୍ତି କରୁଥିଲେ । ନୌକା ଘେନି ବାଳକଟି ଚାଲିଗଲା; ମାତ୍ର ଗୀତପଦକ ଖଲାସି-ମାନଙ୍କ ମୁଖରେ ରହିଯାଇଥିଲା । ପର୍ବତରେ ବ୍ୟାଘ୍ର ଭୟ ଅଛି ବୋଲି କହି ଖଲାସିମାନେ ପର୍ବତ ଉପରକୁ ଉଠିବାକୁ ମଙ୍ଗିଲେ ନାହିଁ । ଜଣେ କହିଲା—"କାଲି ରାତି ବାଘ ଗଣ୍ଡକୁ ଆମେ ଶୁଣିଲୁ, ଏ ପର୍ବତ ଉପରେ ଭାଗ ରଡ଼ି ଛାଡ଼ିଥିଲା ।" ତେଲିଙ୍ଗୀୟମାନେ ଗୁରୁପ୍ରାଣ ବର୍ଣ୍ଣକୁ ଲଘୁପ୍ରାଣ ଏବଂ ଲଘୁପ୍ରାଣ ବର୍ଣ୍ଣକୁ ଗୁରୁପ୍ରାଣ ପରି ଉଚ୍ଚାରଣ କରନ୍ତି । ବାଘକୁ ଭାଗ, କାନ୍ଧକୁ ଖାନ୍ଦ ଏବଂ ବିଲକୁ ଭିଲା କହନ୍ତି । ସେମାନଙ୍କ ଭ୍ରାନ୍ତ ପ୍ରଦର୍ଶନରେ ମୁଁ ଆଶାଭଙ୍ଗର ଯନ୍ତ୍ରଣା ଭୋଗ କଲି । ଜନ୍ମକୃଷ୍ଣ ବାବୁ ତାହା ବୁଝିପାରି ସେମାନଙ୍କ କର୍ଣ୍ଣରେ ତେଲିଙ୍ଗୀୟ ଭାଷାରେ କି ଗୁରୁମନ୍ତ୍ର ପ୍ରଦାନ କଲେ । ତହୁଁ ସେମାନେ ଗିରି-ଆରୋହଣରେ ଉତ୍ସାହିତ ହୋଇ ଉଠିଲେ । ଜନ୍ମକୃଷ୍ଣ ବାବୁ ଉଠ ବୋଲି କହିବାରୁ ସମସ୍ତେ ଉଠ ଉଠ କହି ପର୍ବତକୁ ଉଠିଲେ । ଗ୍ରାମଫୋନ ଯନ୍ତ୍ରର ତ ନିଜର ଭାଷା ନାହିଁ, ସେ ଅନ୍ୟର ଭାଷାରେ କଥା କହେ । ଯାହାହେଉ ମୋର ଆଉ ଆନନ୍ଦର ସୀମା ରହିଲା ନାହିଁ, ଆଶାଭଙ୍ଗ ପରେ ଅକସ୍ମାତ୍ ସାଫଲ୍ୟର ମୂର୍ତ୍ତି ଦେଖିଲେ ପ୍ରାଣରେ ଯେ ଆନନ୍ଦ ଜାତ ହୁଏ, ସେ ଆନନ୍ଦ ବଡ଼ ମଧୁର । ଶୁଣିଲି, ଚିଲିକା ମଧ୍ୟସ୍ଥ ପର୍ବତମାନଙ୍କରେ ବାଘ ଓ ମୃଗ ଅଛନ୍ତି । ଏକ ପର୍ବତରେ ଖାଦ୍ୟର ଅଭାବ ହେଲେ ସେମାନେ ଚିଲି-କାରେ ପହଁରି ଅନ୍ୟ ପର୍ବତକୁ ଯାଆନ୍ତି । ଏ ଉକ୍ତିର ସତ୍ୟତାରେ ସନ୍ଦିହାନ ହୋଇ ମୁଁ ଉମ୍ଭାର ପ୍ରାଚୀନ

ଲୋକମାନଙ୍କୁ ପଚାରିଥିଲି । ଅବଶ୍ୟ ସେମାନେ ହଲପ୍ କରି ସତ୍ୟତା ପ୍ରମାଣିତ କରି ନାହାନ୍ତି, ତେବେ ସମୟ ସମୟରେ ଚିଲିକାସ୍ଥ ପର୍ବତରେ ବାଘର ଶବ୍ଦ ଶୁଣାଯାଏ ବୋଲି କେହି କେହି କହୁଥିଲେ; ମାତ୍ର ବାଘ କେହି ଦେଖିଥିବାର କିମ୍ବା କେବେ କେହି ବ୍ୟାଘ୍ରଦ୍ୱାରା ଆକ୍ରାନ୍ତ ହୋଇଥିବାର ଶୁଣାଯାଇ ନାହିଁ । ସ୍ଥାନେ ସ୍ଥାନେ ଚିଲିକାର ଜଳ ଅଗାଧ; ମାତ୍ର କେହି ଚିଲିକାରେ ବୁଡ଼ି ମରିଥିବାର ଶୁଣାଯାଇ ନାହିଁ ।

ପର୍ବତର ଆକୃତି ଘଣ୍ଟା ପରି ଦିଶିବାରୁ ଘଣ୍ଟଶିଳା ନାମ ହୋଇଅଛି । ସମସ୍ତେ ଗିରି ଆରୋହଣ କଲୁଁ । ଉଠିବାକୁ ବାଟ ନାହିଁ । ଅବାଟ ବାଟ ହେଲା, ତାହା ପୁଣି ଉଠାଣିଆ ଓ କଙ୍କରମୟ । ଉଠିବାବେଳେ ଗୋଡ଼ ତଳୁ କଙ୍କର ଖସି ଆସିଲେ ଗୋଡ଼ ତଳ ପରି ଖସିଯାଏ । ପାର୍ଶ୍ୱସ୍ଥ ତରୁବୃନ୍ଦ ଆମ୍ଭମାନଙ୍କୁ ଉଠାଇ ନେଇ ପଥିକ-ବନ୍ଧୁ ଉପାଧି ଅର୍ଜନ କଲେ । ପର୍ବତର କଟିଦେଶ ଅରଣ୍ୟସଙ୍କୁଳ । ସେଥିରେ ଅରଣ୍ୟସୁଲଭ ସବୁପ୍ରକାର ବୃକ୍ଷଲତା ଅଛି; ମାତ୍ର ଅତି ବଡ଼ ଗଛ ନାହିଁ । ବଣକୁଞ୍ଜଗୁଡ଼ିକ ପର୍ଣ୍ଣାଶ୍ରମ ପରି ଦେଖାଯାଏ । କ୍ଷୁଦ୍ର କ୍ଷୁଦ୍ର ଗୁଳ୍ମରେ କୁସୁମଶ୍ରୀ ବିକଶିତ । କେହି କୋରକ ସକାଶେ ସୁଷ୍ଠୁ ବେଶ ବାନ୍ଧୁଅଛି । ତାହାର ବା ଫୁଲକାଳ ଯାଇ ଫଳକାଳ ହେଲାଣି । କୁଞ୍ଜ ମଧ୍ୟରେ ଚୂର୍ଣ୍ଣ ସୂର୍ଯ୍ୟକିରଣ ବିଚ୍ଛିନ୍ନ ହୋଇ ପଡ଼ିଅଛି । ଆଲୋକ ଅନ୍ଧାରର ଅପୂର୍ବ କ୍ରୀଡ଼ା ଲାଗିଅଛି । ଏ ପର୍ବତରେ ବହୁତ ପକ୍ଷୀ ବାସ କରନ୍ତି । ସେମାନଙ୍କ ସଂଖ୍ୟା ଏତେ ଅଧିକ ଯେ, ଘଣ୍ଟଶିଳାକୁ ପକ୍ଷିରାଜ୍ୟ ବୋଲାଯାଇପାରେ । ସବୁବେଳେ ପକ୍ଷୀମାନଙ୍କର ବିପୁଳ କୋଳାହଳର ହାଟ ବସିଅଛି । ସେ କୋଳାହଳରେ କର୍ଣ୍ଣଜ୍ୱାଳା ଅନୁଭୂତ ହୁଏ । ଆମ୍ଭେମାନେ କ୍ରମଶଃ ଉପରକୁ ଉଠିଲୁଁ । ବଣପତି କରଜ ପ୍ରସାଦରୁ ଶରୀରର ସ୍ଥାନେ ସ୍ଥାନେ ଚିରସ୍ଥାୟୀ ଚିହ୍ନ ଅଙ୍କିତ ହୋଇଗଲା । ଗତିପଥରେ ଆମ୍ଭମାନଙ୍କ ପ୍ରତି ପକ୍ଷୀମାନଙ୍କର ନିଷେଧାଜ୍ଞା ବାରମ୍ବାର ପ୍ରଚାରିତ ହେଉଥାଏ । ଆମ୍ଭମାନଙ୍କୁ ଆଜ୍ଞା ଲଙ୍ଘନ କରିବାର ଦେଖି ସେମାନେ ଉତ୍ତେଜନାମୟୀ ବକ୍ତୃତାର ଆଶ୍ରୟ ଗ୍ରହଣ କଲେ । ବୋଧହୁଏ ଏପରି କହୁଥିଲେ କି—"ହେ ଦୁଷ୍ଟ ପାନ୍ଥ ! ଅନଧିକାର ପ୍ରବେଶ କର ନାହିଁ, ଏ ପକ୍ଷୀ ସହର, ଏଠାରେ ତୁମ୍ଭର ସ୍ୱତ୍ୱ ନାହିଁ । ବଳପୂର୍ବକ ଅନ୍ୟର ରାଜ୍ୟରେ ପ୍ରବେଶ କରିବା ଅଭଦ୍ରତାସୂଚକ । ତୁମ୍ଭେ ମନୁଷ୍ୟଜାତି ବଡ଼ କୁଟିଳ, କ୍ରୋଧକୁ ପୋଷିରଖ । ପ୍ରତିଶୋଧ ନ ହେଲେ ତୁମ୍ଭମାନଙ୍କର ଚଳେ ନାହିଁ । ଦୁର୍ବଳ ପ୍ରତି ବଳପ୍ରକାଶ ତୁମ୍ଭର ଆଉ ଗୋଟାଏ ମହତ୍ ଦୋଷ । ସେଥିଲାଗି ତୁମ୍ଭର ଆଦେଶକୁ ଆମ୍ଭେମାନେ ବିଷବତ୍ ମଣି ତୁମ୍ଭ ସଂସର୍ଗରୁ ବହୁଦୂରରେ ଆସି ଅଛୁଁ । ଛଳ, ମିଛ, ପ୍ରତାରଣା ଆମ୍ଭର ନାହିଁ । ତୁମ୍ଭ ପରି କଥା କଥାକେ ଆମ୍ଭେ ମୋକଦ୍ଦମା କରୁ ନାହିଁ । ସବୁ କଥା ଆମ୍ଭେ ଆପଣା ଆପଣା ମଧ୍ୟରେ ମେଣ୍ଟାଇନେଉଁ । ଆମ୍ଭେମାନେ ତୁମ୍ଭେ ମୁଁ ଲାଗ—କଳିଗୋଳ କରୁଁ; ମାତ୍ର ଲହମାକେ ସବୁ ପାଶୋରିଯାଉଁ । ଆମ୍ଭମାନଙ୍କ ମଧ୍ୟରେ ମତାନ୍ତର ହୁଏ ନାହିଁ କି କଥାବାର୍ତ୍ତା ବନ୍ଦ ହୁଏ ନାହିଁ । ଏ ସ୍ଥାନର ବାୟୁ ହିଂସାଦ୍ୱେଷରେ କଳୁଷିତ ନୁହେଁ, ତାହା ନିର୍ମଳ ଓ ଅତି ପବିତ୍ର । ତୁମ୍ଭେମାନେ ଏ ବାୟୁକୁ ଦୂଷିତ, ଦୁର୍ଗନ୍ଧମୟ ଆଉ ଅପବିତ୍ର କର ନାହିଁ । ଆମ୍ଭେମାନେ ଶସ୍ୟକ୍ଷେତ୍ରରୁ କୀଟପତଙ୍ଗଙ୍କର ନିପାତସାଧନ କରୁଁ ବୋଲି ତୁମ୍ଭେ ଫସଲ ଅମଳ କର । ତୁମ୍ଭେ କି ଆମ୍ଭର ଏ ମହୋପକାର ଦେବେ ମାନ ? ବରଂ ଗୋଟାଏ ଧାନ କି ମୁଗ ଥଣ୍ଟରେ ଧରିଲେ ହୋହା କରି ତଡ଼ିଦିଅ । ସେଥିରେ ଆମ୍ଭେ ଦୁଃଖ ନ କରି ଆନନ୍ଦରେ ତୁମ୍ଭକୁ କ୍ଷମା କରୁଁ । ଆମ୍ଭେମାନେ ଆନନ୍ଦମୟ ଜୀବ, ପରୋପକାରରେ ଆମ୍ଭର ଆନନ୍ଦ; ମାତ୍ର ତୁମ୍ଭେ କେଡ଼େ ଅକୃତଜ୍ଞ !" ପକ୍ଷୀମାନଙ୍କର ବକ୍ତୃତା ଶୁଣି କୋଳି ଗଛଗୁଡ଼ିକ ବୋଧହୁଏ ନୀରବ ଭାଷାରେ କହିଲେ, "ପକ୍ଷୀମାନେ ଭଦ୍ରଲୋକ ନୁହନ୍ତି, ଭଦ୍ରଲୋକ ସିନା ଭଦ୍ରଲୋକକୁ ଚିହ୍ନେ ! ହେ ଅଭ୍ୟାଗତ ନାଗରିକମାନେ, ଆସ ଆମ୍ଭ ମୂଳରେ ବସ, ଆମ୍ଭେ ସୁଶୀତଳ ଛାୟା ଦାନ କରିବୁଁ, ପଲ୍ଲବବ୍ୟଜନରେ ବିଞ୍ଚିଦେବୁଁ ଏବଂ ମଧୁର ରସାଳ, ପକ୍ୱ ଫଳ ଖାଇବାକୁ ଦେଇ ଅତିଥିସେବାରେ ଧର୍ମ ଉପାର୍ଜନ କରିବୁଁ । ତୁମ୍ଭମାନଙ୍କ ଶୁଭାଗମନକୁ ଆମ୍ଭେମାନେ ସୌଭାଗ୍ୟର ଅନୁଗ୍ରହ ମଣୁଅଛୁଁ ।"

କଳ୍ପନାର ଏ ମଙ୍ଗଳ ଆହ୍ୱାନ ଆମ୍ଭେମାନେ ଉପେକ୍ଷା କରିପାରିଲୁ ନାହିଁ । ଏଣେ ସମସ୍ୟା ହେବ, କଅଣ କରିବୁ ? ଯାହାହେଉ ତାହାର କୋଳମାତ୍ର ଗ୍ରହଣ କରି ତାକୁ କୃତାର୍ଥ କଲୁଁ ଏବଂ ତାହାର ଅଭିନନ୍ଦନ ଗ୍ରହଣ କରି ଅଗ୍ରସର ହେଲୁ । ଉନ୍ନତି କଠିନ; ମାତ୍ର ଅଧୋଗତି ଖୁବ୍ ସହଜ । ଉପରୁ ଓହ୍ଲାଇବା ସହଜ ହେଲେହେଁ ଉପରକୁ ଉଠିବା ବଡ଼ କଠିନ । ଆମ୍ଭେମାନେ ଘଳଦ୍‌ଘର୍ମ ହେଲୁ । ପ୍ରଚଣ୍ଡ ଖରାରେ ଦେହ ଜଳଗଲା । ମୁଁ ଆଉ ସହିପାରିଲି ନାହିଁ, ପଥ ମଧ୍ୟରେ ଛାୟା ତଳରେ ବସିପଡ଼ିଲି । ଓଃ, କି ଉତ୍ତାପ, କି ଯନ୍ତ୍ରଣା ! ଭାବିଲି, ଆଉ କିଛିକ୍ଷଣ ଏହିପରି ଅବସ୍ଥାରେ ରହିଲେ ମୁଁ ବାଷ୍ପ ହୋଇ ଉଡ଼ିଯିବି । ସଙ୍ଗୀମାନେ କ୍ଳାନ୍ତ ଅବସନ୍ନ, ସମସ୍ତେ କ୍ଷୁତ୍‌ପିପାସାରେ ବ୍ୟାକୁଳ । ପର୍ବତକୁ ଉଠିବା ବେଳେ ସ୍ୱଚ୍ଛନ୍ଦୀ କ୍ଷୁଧା ଆକ୍ରମଣ କରେ । ସଙ୍ଗରେ ଚୂଡ଼ାଭଜା, ନଡ଼ିଆ ଓ ପାଣି ଯାଇଥିଲା, ସମସ୍ତେ ସେଥିର ସଦ୍‌ବ୍ୟବହାର କଲୁଁ । ପର୍ବତ ତଳେ ଜଣେ ଲୋକକୁ ବଇଁଶୀ ପକାଉଥିବାର ଦେଖିଯାଇଥିଲୁ । ଜମ୍ବୁକୃଷ୍ଣ ବାବୁ ଖଲାସି ପଠାଇ ତାହା ପାଖରୁ ଦୁଇଟା ବଡ଼ ଖଙ୍ଗା ଓ ଭେକଟା ମାଛ ଆଣାଇଲେ । ପର୍ବତରୁ କାଠ ଆଣି ତାହା ପୋଡ଼ାଗଲା । ସମସ୍ତେ ଖାଇଲୁ । ଦଗ୍‌ଧ ମତ୍ସ୍ୟ ପାଇ ଦଗ୍‌ଧୋଦର ସନ୍ତୁଷ୍ଟ ହେଲା । ମସଲା ନାହିଁ, ଲବଣ ନାହିଁ, ତଥାପି ମାଛପୋଡ଼ା ଉପାଦେୟ ହୋଇଥିଲା । ଏହା ହାତର ଗୁଣ ନା ସର୍ବଗ୍ରାସୀ କ୍ଷୁଧାର ଗୁଣ ?

"ଯାବତ ନ ପୂରେ ଉଦର, ତାବତ ଜ୍ଞାନ କାହିଁ ମୋର ?" ପେଟ ପୂରିଲା, ଏଣିକି ନାନା ଗୁଣ ବାହାରିଲା । ଖଲାସିମାନେ ଗୀତ ଗାଇ ଗାଇ ଗିରି ଲୁଣ୍ଠନରେ ନିଯୁକ୍ତ ହେଲେ । ମନରେ ଆନନ୍ଦ, ଶରୀରରେ ସ୍ଫୂର୍ତ୍ତି ଧରୁ ନାହିଁ । କିଏ ମେରଣ୍ଡିଆ ପତ୍ର ସଂଗ୍ରହରେ ଲାଗିଲା, କିଏ ହାଡ଼ଭଙ୍ଗା ଲତାର ହାଡ଼ ଭାଙ୍ଗି ବସିଲା । ଏ ଦୁଇଟି ପଦାର୍ଥର ତୈଲଙ୍ଗୀୟ ସମାଜରେ ଖୁବ୍ ଆଦର । ସେଥିରେ ଚଟଣି ପ୍ରସ୍ତୁତ ହୁଏ । ମେରଣ୍ଡିଆ ପତ୍ରରେ ତରକାରୀ ତିଆରି ହୁଏ । ତେଲୁଗୁ ଭାଷାରେ ଏହାର ନାମ "କରେପାକୁ", ସଂସ୍କୃତରେ "ମଧୁଶୃଙ୍ଗୀ" । ମେରୁଶୃଙ୍ଗରେ ଜାତ ହେବାରୁ ଏରୂପ ନାମ ହୋଇଅଛି । ଅମ୍ଳପ୍ରିୟ ତୈଲଙ୍ଗୀୟମାନେ ଅମ୍ଳ ଶାକଫଳ ଅନ୍ୱେଷଣରେ ଲାଗିଲେ । କେହି ବାଉଁଶ ବାଡ଼ି ଖୋଜି ବୁଲିଲା । ଏହିପରି ସମସ୍ତେ ଗୋଟାଏ ଗୋଟାଏ ଉଦ୍ଦେଶ୍ୟ ସାଧନରେ ଲାଗିଲେ—କେହି ଅକର୍ମା ହୋଇ ବସି ରହିଲା ନାହିଁ । ମୁଁ ଦୂରବୀକ୍ଷଣରେ ଦୂର ଦୃଶ୍ୟ ଦେଖିବାକୁ ଲାଗିଲି; ମାତ୍ର ପ୍ରଚଣ୍ଡ ରୌଦ୍ର ତେଜରେ ସବୁଆଡ଼ ଧୂଆଁଟିଆ ହେତୁ କିଛି ସ୍ପଷ୍ଟରୂପେ ଦିଶିଲା ନାହିଁ । କେବଳ ପାର୍ବତ୍ୟ ଉପକୂଳର ଶିଳାସ୍ତୂପମାନ ଶୁଭ୍ର ଦେଉଳମାଳା ତୁଲ୍ୟ ଦୃଷ୍ଟିଗୋଚର ହେଲା । ତାହା ଚିଲିକା ସୁନ୍ଦରୀର ସ୍ମାରକ ପଦକହାର । ଖଲାସିମାନେ ନିଜ ନିଜର ବାଞ୍ଛିତ ପଦାର୍ଥ ଘେନି ଫେରି ଆସିଲେ । ମୋର କଅଣ ନେବାକୁ ଇଚ୍ଛା ବୋଲି ଜଣେ ମୋତେ ପଚାରିଲା । ଏ କି ଅଦ୍ଭୁତ ପ୍ରଶ୍ନ ! ଇଚ୍ଛା କି ସୀମାବଦ୍ଧ ? କୁବେର ଭଣ୍ଡାରରେ ପଶିଲେ କି କିଛି ଛାଡ଼ିବାକୁ ଇଚ୍ଛା ହୁଏ ? ମୋର ତ ପର୍ବତଟାଯାକ ନେବାକୁ ଇଚ୍ଛା; କିନ୍ତୁ ନେଇପାରିବି କିପରି ? ମୁଁ କିଛି ନେବି ନାହିଁ । ତେବେ ପର୍ବତକୁ ଆସିଲେ କିଛି ହେଲେ ଗୋଟାଏ ନେବାକୁ ହେବ ବୋଲି ଯଦି ବାଧ୍ୟତାମୂଳକ ଆଇନ ଥାଏ, ତେବେ ଗୋଟାଏ କ[illegible] ନେବାକୁ ମୋର ଆପତ୍ତି ନାହିଁ । ପର୍ବତ ଗାତରେ କାଣ୍ଡଶର ବଣ ଯଥାତଥା ଅଛି, ତାହା କାଣ୍ଡବଣ୍ଡୀ ଜାଗାସୁ ଭୂଷଣବିଶେଷ । ଅକ୍ଷର ବସିବା ପାଇଁ ପିଲାମାନେ ପ୍ରଥମତଃ କାଣ୍ଡଶର କଲମରେ ଲେଖିବାକୁ ଅଭ୍ୟାସ କରନ୍ତି । ତାହାର ଆଦରସୌଭାଗ୍ୟ ସମ୍ପ୍ରତି ଲୌହ ଲେଖନୀ ଛଡ଼ାଇନେଇଅଛି । ପର୍ବତର କାଣ୍ଡଶର ଚୂଡ଼ାମାନ ପୁଷ୍ପ ଧାରଣ କରି ପର୍ବତକୁ ଶୁକ୍ଳ ଚାମରରେ ବ୍ୟଜନ କରୁଅଛି । ମୁଁ ସେଥିରୁ ପେଣ୍ଡାଏ ଆଣିଥିଲି । ଖରା କ୍ରମଶଃ ପ୍ରଖର ହେବାରୁ ଆଉ ଉପରକୁ ନ ଯାଇ ପର୍ବତରୁ ଅବତରଣ କରିବାକୁ ହେଲା । ସମସ୍ତେ ଆସି ବୋଟ୍‌ରେ ବସିଲୁଁ । ବୋଟ ରମ୍ଭା ଅଭିମୁଖରେ ଯାତ୍ରା କଲା । ଆସିବାବେଳେ ଚିଲିକା ଯେଉଁ ଶାନ୍ତ ରୂପ ଦେଖାଇଥିଲା । ପବନ ଟିକିଏ ଅଧିକ ହେବାରୁ ବଡ଼

ବଡ଼ ଲହରୀ ଉଠିଲା—ବୋଟଖଣ୍ଡି ଉଦପଡ଼ ହେଲା; ଆମ୍ଭେମାନେ ସୁଖ-ଦୋଳାରେ ଦୋଳିତ ହେଲୁ । ଖଲାସିମାନେ ଖଲାସ ପାଇଲେ । ଅନୁକୂଳ ପବନରେ ବୋଟ୍ ଚାଲିଲା । ଜଣେ ଗୀତ ଗାଇଲା, ଆଉ ସମସ୍ତେ ପାଳି ଧରିଲେ । ଗୀତ ବୁଝିହେଲା ନାହିଁ; କିନ୍ତୁ ସ୍ୱରଟି ବଡ଼ ମଧୁର । ଦକ୍ଷିଣଦେଶର ସ୍ୱର ଓ ବେଶ ବାସ୍ତବରେ ମଧୁର । ଡଙ୍ଗାଳିମାନେ ଶ୍ରାନ୍ତ ହେଲେ ସଙ୍ଗୀତର ଆଶ୍ରୟ ଗ୍ରହଣ କରନ୍ତି । ସଙ୍ଗୀତର ମୋହରେ ସେମାନଙ୍କର ଶ୍ରାନ୍ତି ଦୂରଯାଏ । ଯଥାସମୟରେ ବୋଟ୍ ଆସି ତୀରରେ ଲାଗିଲା, ମୁଁ ଓ ଜୟକୃଷ୍ଣ ବାବୁ ଉଭୟେ ବଙ୍ଗଳାକୁ ଆସିଲୁଁ ।

ଏଥର ମୁଁ ରମ୍ଭାରେ ଅନେକ ଦିନ ରହି ଅନେକ ଥର ଚିଲିକାରେ ଭ୍ରମଣ କରିଅଛି । ଚିଲିକା-ଭ୍ରମଣ ପ୍ରାୟଶଃ ମୋର ପ୍ରାତ୍ୟହିକ କାର୍ଯ୍ୟ ହୋଇଥିଲା । ପ୍ରତି-ଥର ମୁଁ ଚିଲିକାର ନୂତନ ବେଶ ଦେଖି ମୁଗ୍ଧ ହୋଇଅଛି । ଚିଲିକା ନିତ୍ୟ ନୂତନ ନୁହେଁ—କ୍ଷଣ ନୂତନ । ତାହାର ମହାଶୋଭାର ଦୃଶ୍ୟ ଉପଭୋଗ୍ୟ—ବର୍ଣ୍ଣନୀୟ ନୁହେଁ । କ୍ଷୀଣ ମାନବ ସେହି ଅନନ୍ତ ଦୃଶ୍ୟ ଅଙ୍କନ କରିବାକୁ ଅକ୍ଷମ । ଚିଲିକା-ଭ୍ରମଣରେ ମୋର ଯଥେଷ୍ଟ ଉପକାର ହେଲା; ଶରୀରର ଦୁର୍ବଳତା ଛୁଟି-ଗଲା—ମୁଁ ନୂତନ ଶକ୍ତି ଫେରି ପାଇଲି । ଚିଲିକାର ବାୟୁ ସ୍ୱାସ୍ଥ୍ୟକର, ଜଳ ଈଷତ୍ ଲବଣାକ୍ତ; ମାତ୍ର ହିତ-ଜନକ । ଚିଲିକା ଉତ୍କଳ-ଲକ୍ଷ୍ମୀଙ୍କର ଶୋଭାର ମାୟାପୁର ଏବଂ ସୌନ୍ଦର୍ଯ୍ୟର ଭଣ୍ଡାଗାର । ଚିଲିକା ବାଣିଜ୍ୟର ପ୍ରଧାନ ସହାୟ—ଚିଲିକା ରତ୍ନାକର । ଚିଲିକାରୁ ଶିପ ଶାମୁକା, ଶଙ୍ଖ, ମାଛ, ଶୁଖୁଆ, ପକ୍ଷିପର ଓ ପକ୍ଷୀ ବିଷ୍ଠା ପ୍ରଭୃତି ବିଦେଶକୁ ଯାଏ । ପକ୍ଷିପର ମଧ୍ୟରେ ଏଗ୍ରି ପକ୍ଷୀର ପର ପ୍ରଧାନ । ସେଥିରେ ପାଶ୍ଚାତ୍ୟ ମହିଳା-ମାନଙ୍କର ମୂଲ୍ୟବାନ୍ ରମଣୀୟ ପରିଚ୍ଛଦ ପ୍ରସ୍ତୁତ ହୁଏ । ଦୁଇଜଣ ବଙ୍ଗାଳୀ ରମ୍ଭା ନିକଟସ୍ଥ ସାବେଳଆ ଗ୍ରାମରେ ରହି ଚିଙ୍ଗୁଡ଼ି ଶୁଟୁଆର ବ୍ୟବସାୟ କରୁଅଛନ୍ତି; ଚିଙ୍ଗୁଡ଼ି ମାଛକୁ ଶୁଖାଇ ଖୋଳ ବାହାର କରି ବିଦେଶକୁ ପଠାଉଅଛନ୍ତି । ଚିଙ୍ଗୁଡ଼ିର ସେହି ଶୁଷ୍କମାଂସରେ ବିଲାତରେ ଉପାଦେୟ ତରକାରୀ ପ୍ରସ୍ତୁତ ହୁଏ । ସେପା ଶସ୍ୟକ୍ଷେତ୍ରର ଉତ୍କୃଷ୍ଟ ସାର । ଚିଲିକା ମଧ୍ୟସ୍ଥ ପାହାଡ଼-ମାନ ତାହାର ଗୁପ୍ତ ରତ୍ନର ଭଣ୍ଡାଗାର । ଗିରିଗର୍ଭରେ କେଉଁଠାରେ କି ରତ୍ନ ଲୁକ୍କାୟିତ ଅଛି, ତାହା ବର୍ତ୍ତମାନ ଜଣାଯାଉ ନାହିଁ; ମାତ୍ର ଭବିଷ୍ୟତ୍ ଦିନେ ତାହା ନିଶ୍ଚୟ ଦେଖାଇଦେବ । ଲବଣ ଦ୍ୱାରା ଚିଲିକାରୁ କୁବେର ଭଣ୍ଡାର ମିଳୁଅଛି । ଚିଲିକା ଉତ୍କଳର ଗର୍ବ-ଗୌରବ, ଉତ୍କଳର ସୁଷମା-ସମ୍ପଦର ମାନଦଣ୍ଡ ଏବଂ ଉତ୍କଳର ଅନ୍ୟତମ ପାବନ ତୀର୍ଥ । ତାହାର ମହିମା ତାହାର ଜନକ ମହୋଦଧି ପରି ବିରାଟ । ଚିଲିକା ଉତ୍କଳ ମସ୍ତକର ସୌଭାଗ୍ୟର ରାଜଟୀକା । ଉତ୍କଳ ଭାରତମାତାର ଆଦରିଣୀ ରାଜଜେମା, ଚିଲିକା ସେ ମହିମିତା ରାଜକନ୍ୟା-ମସ୍ତକର ଉପଯୁକ୍ତ ଜ୍ୟୋତିର୍ମୟ ଦୋଦୁଲ୍ୟ ହୀରକ କିରୀଟ ।

ଚିଲିକା ଭିତରକୁ ମୁଁ ୨୪ ମାଇଲ ପର୍ଯ୍ୟନ୍ତ ଯାଇ-ଅଛି । କେଉଁ ଦିନ ପାଞ୍ଚ ମାଇଲ, କେବେ ୭ ମାଇଲ, କେବେ ଦଶମାଇଲ ପର୍ଯ୍ୟନ୍ତ ଯାଇ ଫେରି ଆସିଅଛି, ଆଉ କେବେ ବା ଦୀର୍ଘ ଭ୍ରମଣ କରିଅଛି । ଦୁଇଥର ବରକୁଦା ଯାଇଅଛି । ଶେଷ ଥର ଚିଲିକା ଆଶ୍ରମରେ ରାତ୍ରି ଯାପନ କରିଥିଲି । ଡାନକୁଟୁରି ଉପଦ୍ରବରେ ବଙ୍ଗଳା ମଧ୍ୟରେ ରହିହେଲା ନାହିଁ—ବାରଣ୍ଡାରେ ଶୋଇଲି । ଏଥର ମୃଗ ଦେଖିଥିଲି, ମଧ୍ୟାହ୍ନ ସମୟରେ ଦଳ ଦଳ ହୋଇ ବଙ୍ଗଳା ପାଖରେ ଚରୁଥିଲେ । କେତୋଟି ବଙ୍ଗଳା ବାରଣ୍ଡାରେ ଶୋଇ ରୋମନ୍ଥରେ ନିଯୁକ୍ତ ଥିଲେ; ମାତ୍ର ସନ୍ଧ୍ୟା ପୂର୍ବରୁ ସମସ୍ତେ ବନ ଭିତରକୁ ଚାଲିଗଲେ ।

ଚିଲିକାରେ ଅନେକ ସମୁଦ୍ର ଚିଲ ଅଛନ୍ତି । ଇଂରାଜୀରେ ଏମାନଙ୍କୁ ଇଗଲ କହନ୍ତି । ଏହି ଚିଲର ବହୁଳତା ହେତୁ ଚିଲିକା, କି ହ୍ରଦର ଆକାର ଚିଲି (ଭ୍ରୂଲତା) ପରି ବକ୍ର ହେତୁ ଚିଲିକା ନାମ ହୋଇଅଛି, ତାହା କିଏ କହିପାରିବ ? ଅଥବା ଉତ୍କଳର ଏହା ଶୋଭା-ତିଳକା; ସେହି ତିଳକାରୁ ଚିଲିକା ହୋଇ-ଅଛି । ଏସବୁ ଅନୁମାନସିଦ୍ଧ, ପ୍ରକୃତ କାରଣ ପ୍ରତ୍ନତତ୍ତ୍ୱ-ବିଶାରଦ ପାଠକମାନେ ନିଶ୍ଚୟ କରନ୍ତୁ ।

ଚିଲିକା-ଭ୍ରମଣ ସମୟରେ ଖଲ୍ଲିକୋଟର ସ୍ୱର୍ଗତା ମହାମନସ୍ୱିନୀ ମହାରାଣୀ କନକମଞ୍ଜରୀ ଦେବୀ ମୋତେ ଆଶାତୀତ ସାହାଯ୍ୟ ପ୍ରଦାନ କରିଥିଲେ । ତାଙ୍କର ସାହାଯ୍ୟ ସହାନୁଭୂତି ଲାଭ କରି ନ ଥିଲେ ଚିଲିକାର ମହାଦୃଶ୍ୟ ମୁଁ ଦେଖିପାରି ନ ଥାନ୍ତି ଏବଂ ମୋର ଗୋଟାଏ ଆବାଲ୍ୟପୋଷିତ ଅଧୀର ଆକାଙ୍କ୍ଷା ଅପୂର୍ଣ୍ଣ ରହିଯାଇଥାନ୍ତା । ସ୍ୱନାମଧନ୍ୟା, ପୁଣ୍ୟପ୍ରାଣା ମହାରାଣୀ ମହୋଦୟା ଚିଲିକା ଭ୍ରମଣର ଉପଯୁକ୍ତ ସୁବିଧା କରି-ଦେଇ ମୋତେ ଅନୁଗୃହୀତ କରିଥିବାରୁ ମୁଁ ତାଙ୍କ ନିକଟରେ ଆଜୀବନ କୃତଜ୍ଞ ।

କେତେକ ବର୍ଷ ପୂର୍ବରେ ମୁଁ ଚିଲିକା-ଭ୍ରମଣ ଲେଖିଥିଲି । କାଳୀଜାଈ ଟିକିର ବିବରଣ ଲେଖି ପ୍ରବନ୍ଧଟି ସମାପ୍ତ କରିବାର ବାସନା ଥିଲା; କିନ୍ତୁ ସେ ସମୟରେ କାଳୀଜାଈ ଯିବାକୁ ସୁବିଧା ଘଟିଲା ନାହିଁ । ତହିଁ ପରେ ଦୁଇ ଥର ଚେଷ୍ଟା କରିଥିଲି; ମାତ୍ର ପ୍ରକୃତିର ଭୀଷଣତା ପ୍ରତିଥର ଚେଷ୍ଟାରେ ଅନ୍ତରାୟ ଘଟାଇଥିଲା । ଦୁଇଥର ଯାକ ବୃଷ୍ଟିବାତ୍ୟାର ନିଷେଧାଜ୍ଞା ମୋ ପ୍ରତି ପ୍ରଦତ୍ତ ହୋଇଥିଲା । ଥରେ ରମ୍ଭାରେ ଏକ ସପ୍ତାହ କାଳ ଅପେକ୍ଷା କରି ଫେରି ଆସିଲି । ଚିଲିକା ଶାନ୍ତ ନ ହେବା ପର୍ଯ୍ୟନ୍ତ ନାବିକମାନେ ନାବ ନେବାକୁ ମନା କଲେ । କେହି କେହି ଭୟ ଦେଖାଇ କହିଲେ, କାଳୀଜାଈ ପାର୍ଶ୍ୱରେ ତରଙ୍ଗର ଏରୂପ ଉତ୍କ୍ଷେପ ଗତି ଯେ, ସେ ସ୍ଥାନରେ ପ୍ରବେଶମାତ୍ରେ ନୌକା ମଗ୍ନ ହୋଇଯିବ । ହାୟ, ଯେଉଁ ଉତ୍କଳୀୟ ନାବିକମାନେ କରାଳତରଙ୍ଗା-କୁଳିତ ଅଗାଧ ବାରିଧିବକ୍ଷ ଭେଦ କରି ସୁଦୂର ବିଦେଶରେ ବାଣିଜ୍ୟ କରୁଥିଲେ, ତାଙ୍କର ବଂଶଧର-ମାନେ ଚିଲିକାର ଗୋଟିଏ ଦ୍ୱୀପକୁ ଯିବାକୁ ଭୀତ ! କାପୁରୁଷୋଚିତ ଏହି ଭୀରୁତା, ଏହି କ୍ଲୀବତା କାହୁଁ ଆସିଲା ? କେବଳ ବିଷାଦ-ବ୍ୟଞ୍ଜୀ ଦୀର୍ଘଶ୍ୱାସ ଭିନ୍ନ ଏ ପ୍ରଶ୍ନର ଉତ୍ତର ଆଉ କଅଣ ଅଛି ? ଯାହାହେଉ ସେମାନଙ୍କ ଭୟପ୍ରଦର୍ଶନରେ ମୋର ଇଚ୍ଛା ବିରାମ ନ ଲଭି ପ୍ରତ୍ୟୁତ ବହୁଗୁଣିତ ହେଲା; କିନ୍ତୁ ଉପାୟ ନାହିଁ । ଏଣେ ଉଦ୍‌ବେଳ ଆକାଙ୍କ୍ଷା ସମ୍ଭାଳିହେଲା ନାହିଁ । ତହୁଁ ଭାବିଲି, ବିଧାତା ମନୁଷ୍ୟକୁ ଅନେକ ସ୍ୱାଧୀନତା ଦେଇ-ଅଛି; ମାତ୍ର ଗତିର ସ୍ୱାଧୀନତା ଦେଇ ନାହିଁ । ଗତି ବିଷୟରେ ପକ୍ଷୀମାନଙ୍କର ସ୍ୱାଧୀନତା ଅପେକ୍ଷାକୃତ ପୂର୍ଣ୍ଣାଙ୍ଗ । ମାନବକୁ ଯୋଡ଼ାଏ ପକ୍ଷ ଦେଇଥିଲେ ବିଧାତାର କଅଣ ବା କ୍ଷତି ହୋଇଯାଇଥାଆନ୍ତା ? ଅଭାବ ରଖିବାଟା ଯେପରିକି ତାହାର ଚିରନ୍ତନ ସ୍ୱଭାବ । ମନ୍ଦାରଫୁଲରେ ଗନ୍ଧ ନାହିଁ, ସୁବର୍ଣ୍ଣରେ ରସ ନାହିଁ, ସଙ୍ଗୀତର ରୂପ ନାହିଁ, ଏହିପରି ତାହାର ପ୍ରତ୍ୟେକ ସୃଷ୍ଟ ପଦାର୍ଥରେ ଅଭାବ ବିଦ୍ୟମାନ । ଏହି ସମୟରେ କିଏ କେଉଁ ଅଜ୍ଞାତ ସ୍ଥାନରୁ ରୁଷ୍ଟ ସ୍ୱରରେ କହିଲା, କିଏ ରେ ତୁ ମାନବ—ଦୁର୍ବଳ ଦୁର୍ବୁଦ୍ଧି ସ୍ୱାନସନ୍ତୁ ମାନବ ! ବିଧାତାଙ୍କ କାର୍ଯ୍ୟର ସମାଲୋଚନା-ସାହସ ଅସ୍ପର୍ଦ୍ଧା ତ ଭଲା ନୁହେଁ । ଏହି ନୀରବ ତର୍ଜନ ଶୁଣି ମୋର କଳ୍ପନା ଛୁଟିଗଲା, ଚେତନା ଆସିଲା; ଭାବିଲି—ଏହା ତ ଯଥାର୍ଥ କଥା । ଯାହାକୁ ଧ୍ରୁବ, ଶିବ, ସତ୍ୟ କହନ୍ତି, ତାହାହିଁ କ୍ଷୁଦ୍ର ପ୍ରାଣ ମାନବ ହୋଇ ଅନନ୍ତଭୂମା ବିଶ୍ୱ-ବିଧାତା ବିଧାତୃ-ବିଧାନର ସମାଲୋଚନାରେ ପ୍ରବୃତ୍ତ ହେବା ହାସ୍ୟାସ୍ପଦ ସିନା ! କାହିଁକି କେଜାଣି କାଳୀ-ଜାଈର ପ୍ରକୃତିଲକ୍ଷ୍ମୀ ସେ ସମୟରେ ନିଜର ଶୋଭା ଦେଖାଇବାକୁ ଏକାନ୍ତ ପରାଙ୍ମୁଖ, ତାହା ସେହି ଜାଣନ୍ତି । ଶେଷରେ ଅପୂର୍ଣ୍ଣ ଆକାଙ୍କ୍ଷାର ଦୁର୍ବହ ଗୁରୁଭାର ମସ୍ତକରେ ବହନ କରି ହତାଶ ପ୍ରାଣରେ ରମ୍ଭାରୁ ଫେରି ଆସିବାକୁ ବାଧ୍ୟ ହେଲି ।

ଅନନ୍ତର କେତେକ ବର୍ଷ ଅତୀତ ହେଲା, କେତେ ପରିବର୍ତ୍ତନ ଘଟିଲା; ମାତ୍ର ମୋର ସେହି ବ୍ୟଗ୍ର ଦୁର୍ବାର ଲାଳସାର କୌଣସି ପରିବର୍ତ୍ତନ ଘଟିଲା ନାହିଁ । ସ୍ଥୈର୍ଯ୍ୟ ଅପେକ୍ଷା ସ୍ପନ୍ଦନ ଶ୍ରେୟ, ଏହା ଭାବି ତୃତୀୟ ଥର ଚେଷ୍ଟାରେ ପ୍ରବୃତ୍ତ ହେଲି । ଖଲ୍ଲିକୋଟ ଓ ଆଠ-ଗଡ଼ର ତତ୍କାଳୀନ ରାଜା ଶ୍ରୀଯୁକ୍ତ ରାମଚନ୍ଦ୍ର ମର୍ଦ୍ଦ-ରାଜଦେବ ମହୋଦୟଙ୍କୁ କାଳୀଜାଈ ଯିବାର ସୁବିଧା କରାଇଦେବା ସକାଶେ ଗୋଟିଏ ଅନୁରୋଧ-ପତ୍ର ଲେଖିଲି । ହୃଦୟବାନ୍ ରାଜା ମହୋଦୟ ପତ୍ରଦ୍ୱାରା ମୋତେ ଆହ୍ୱାନ କରିବାରୁ ମୁଁ ୩୦।୪।୧୯ ତାରିଖରେ ରମ୍ଭା ଅଭିମୁଖରେ ଯାତ୍ରା କଲି । ସଙ୍ଗରେ ମୋର ଚିରଜୀବନର ସଙ୍ଗୀ, ଦୁଃଖଦାରିଦ୍ର୍ୟର ସଙ୍ଗୀ, ସ୍ନେହର ଅନୁଜ କେବଳ

ଥିଲା । ବ୍ରହ୍ମପୁର ଷ୍ଟେସନଠାରୁ ରେଲଗାଡ଼ିରେ ଏପରି ଭିଡ଼ ହେଲା ଯେ, ଅନେକଙ୍କୁ ଅଗତ୍ୟା ଠିଆହୋଇ ରହିବାକୁ ହୋଇଥିଲା । ଦୁର୍ଭିକ୍ଷପୀଡ଼ିତ ଗଞ୍ଜାମବାସୀ ଲୋକମାନେ ସପରିବାର ଆସାମ ଯାଉଥିଲେ; ସେହିମାନଙ୍କ ଦ୍ୱାରା ରେଲଗାଡ଼ି ପୂର୍ଣ୍ଣ । ସେମାନଙ୍କ ସଙ୍ଗରେ ଦୁଇ ତିନି ମାସର ଶିଶୁ ସୁଦ୍ଧା ଥିବାର ଦେଖାଗଲା । ଲୋକଗୁଡ଼ିକ କି ଶୀର୍ଣ୍ଣ ! ଶରୀରର ଅସ୍ଥିଗୁଡ଼ିକ ଗଣି ହେଉଅଛି । ଯେମନ୍ତ କି ସେମାନେ ଚିରରୋଗୀ ରାଜ୍ୟର ଅଭଳନ୍ତରୋଗୀ ପ୍ରଜା ଅଥବା ବିଧାତା ମନୁଷ୍ୟ ଗଢ଼ିବା ସକାଶେ ଗଣ୍ଠି ବାନ୍ଧିଅଛି । ହାୟ, ମାନବର ସେଗୁଡ଼ିକ କି ବିକୃତ ସ୍ୱରୂପ ! ସେ ମୂର୍ତ୍ତି ଦେଖିଲେ ନିତାନ୍ତ ପାଷାଣ ହୃଦୟରେ ସୁଦ୍ଧା ସ୍ୱତଃ ଦୟା ଜାତ ହେବ ଏବଂ ନୀରସ ନେତ୍ର ଅଶ୍ରୁପୂର୍ଣ୍ଣ ହେବ । ସ୍ଥାନାଭାବରୁ ଶିଶୁଗୁଡ଼ିକୁ କଷ୍ଟଭୋଗ କରୁଥିବାର ଦେଖି ମୋର ଅନ୍ତରଙ୍ଗ ଲୋକମାନଙ୍କୁ ଉଠାଇ ସେମାନଙ୍କର ଟିକିଏ ସୁବିଧା କରିଦେଲି। ତହୁଁ ସେମାନଙ୍କ ପିତାମାତାଙ୍କର କୃତଜ୍ଞତା କହିଲେ ସରିବ ନାହିଁ । ଦୁଃଖିପ୍ରାଣ ବନ୍ଧୁଏ ସହାନୁଭୂତି ପାଇଲେ ସିନ୍ଧୁଏ କୃତଜ୍ଞତା-ସୁଧା ଢାଳିଦିଏ । ଦୁଃଖି କେବଳ ଟିକିଏ ଖୋଜେ, ଟିକିଏ ପାଇଲେ ସ୍ୱର୍ଗପ୍ରାପ୍ତି ମଣେ । ସେମାନେ ପ୍ରାଣ ଖୋଲି ଆମ୍ଭମାନଙ୍କ ସଙ୍ଗେ କଥାବାର୍ତ୍ତା କଲେ । ଅନ୍ୟ କିଛି କଥା ନୁହେଁ—କେବଳ ସେମାନଙ୍କର ଦାରୁଣ ଦୁର୍ଭିକ୍ଷର କଥା । ସେ ବିଷାଦ-କାହାଣୀ ଲେଖିହେବ ନାହିଁ—ଲେଖିଲେ ମଧ୍ୟ ରକ୍ତମାଂସଦେହୀ ମନୁଷ୍ୟ ତାହା ପଢ଼ି ଧୈର୍ଯ୍ୟ ଧରିପାରିବ ନାହିଁ । ଗୋଟିଏ କଥା କହିଲେ ଯଥେଷ୍ଟ ହେବ, କେଉଁଠିକି ଯିବ ବୋଲି ପଚାରିବାରୁ ଜଣେ କହିଲା, "ବାବୁ, ଆମ୍ଭେମାନେ ମରିବାକୁ ଯାଉଅଛୁଁ; ଏଠି ଥିଲେ ତ ମରନ୍ତୁ, ମରଣକୁ ଖୋଜି ଖୋଜି ସେଠିକି ଯାଉଅଛୁ ।" ଆଉ ଜଣେ କହିଲା, "ମୋର ଶତାଧିକ ଭରଣର ଭୂମି ଅଛି । ଛଅ ହଳ ବଳଦର ଚାଷ କରେ, ତାହା ସବୁ ଛାଡ଼ି ଏ ଜନ୍ମ ସକାଶେ ଯାଉଅଛି ବାବୁ ! ଉପବାସ କଷ୍ଟ ଅପେକ୍ଷା ମୃତ୍ୟୁ କି ସହସ୍ର ଗୁଣେ ଶ୍ରେୟ ନୁହେ ! ମାତ୍ର ତାହା ହେଉଛି ବା କାହିଁ ?" ଏଥି ଉତ୍ତାରୁ ବୋଧହୁଏ ଆଉ କେହି ଅଧିକ ଶୁଣିବାକୁ ଇଚ୍ଛା କରିବେ ନାହିଁ ।

କ୍ଲାନ୍ତ ପଥିକ ପରି ରେଲଗାଡ଼ି ସ୍ଥାନେ ସ୍ଥାନେ ବିଶ୍ରାମ କରି ଅଗ୍ରସର ହେଉଥାଏ; ମାତ୍ର ମୋର ସେ ଆଡ଼କୁ ଲକ୍ଷ୍ୟ ନ ଥିଲା । ମୁଁ ସେହି ହତଭାଗ୍ୟ ସ୍ୱତଃଦେଶାନ୍ତରିତ ଦୁର୍ଭିକ୍ଷପୀଡ଼ିତ ଲୋକମାନଙ୍କ କଥାରେ ଏକାନ୍ତ ତନ୍ମୟ ଥିଲି ।

ରାତି ୭ଘଣ୍ଟା ସମୟରେ ରମ୍ଭାରେ ରେଲଗାଡ଼ି ପହଞ୍ଚିଲା । ପୂର୍ବରୁ ଶ୍ରୀଯୁକ୍ତ ଜମ୍ବୁକୃଷ୍ଣ ଚ୍ୟାଉପଟ୍ଟନାୟକ ଖଣ୍ଡିଏ ଯାନ ଘେନି ରମ୍ଭା ଷ୍ଟେସନରେ ଉପସ୍ଥିତ ଥିଲେ । ତାଙ୍କଠାରୁ ଶୁଣିଲି, ମୋତେ ଚିଲିକାଟି ଦେଖାଇ ଆଣିବାର ଏବଂ ପରିଚର୍ଯ୍ୟା କରିବାର ଭାର ମାନନୀୟ ରାଜା ମହୋଦୟ ତାଙ୍କର ଉପରେ ନ୍ୟସ୍ତ କରିଅଛନ୍ତି । ଉପଯୁକ୍ତ ଅନ୍ତରଙ୍ଗ ବନ୍ଧୁଙ୍କର ସାହଚର୍ଯ୍ୟ ଲାଭ କରି ଅନବଦ୍ୟ ଆନନ୍ଦ ଉପଭୋଗ କଲି । ଶିଷ୍ଟାଚାର, ମିଷ୍ଟସମ୍ଭାଷଣ ପରେ ସମସ୍ତେ ରମ୍ଭା-ବଙ୍ଗଳା ଅଭିମୁଖରେ ଯାତ୍ରାକଲୁଁ । ଅନ୍ଧକାର ରାତି ପ୍ରକୃତିର ଚିରଶୁକନ୍ୟା ଚିଲିକା ମାତୃକୋଳରେ କୃଷ୍ଣ ବସନ ଘୋଡ଼େଇହୋଇ ଶୋଇ ପଡ଼ିଅଛି । ସୁତରାଂ ତାହାର ଚିର ଅପାଚୋର ମଧୁର ମାଧୁରୀର ପୁଣ୍ୟାମୃତ ରସଭୋଗ ଭାଗ୍ୟରେ ଘଟିଲା ନାହିଁ । ସମସ୍ତେ ଯଥାସ୍ଥାନରେ ଉପସ୍ଥିତ ହେଲୁଁ । ଜମ୍ବୁକୃଷ୍ଣ ବାବୁଙ୍କ ଆଦେଶରେ ପୂର୍ବରୁ ଅନ୍ନବ୍ୟଞ୍ଜନ ପ୍ରସ୍ତୁତ ହୋଇ ରହିଥିଲା । କିଛିକ୍ଷଣ ବିଶ୍ରାମ ପରେ ସେଥିର ସଦ୍‌ବ୍ୟବହାର କରି ଶଯ୍ୟାର ଆଗ୍ରହ ଆମନ୍ତ୍ରଣ ଗ୍ରହଣ କରିବାକୁ ହେଲା ।

୧୫।୧୯—ପ୍ରାତଃକୃତ୍ୟ ଶେଷ କରି ଜମ୍ବୁକୃଷ୍ଣ ବାବୁଙ୍କ ଅଫିସ ଗୃହରେ ବସି ଚିଲିକାର ଶୋଭା ଦେଖିବାକୁ ଲାଗିଲି । ଆଜି ଚିଲିକାର ଜଳ ବହୁଦୂର ପର୍ଯ୍ୟନ୍ତ ମାଡ଼ି ଆସିଅଛି ଏବଂ ମେଘାବରଣ ହେତୁ ସ୍ୱଭାବସୁନ୍ଦରୀ ଚିଲିକା ନୂତନ ବେଶରେ ସଜ୍ଜିତ ହୋଇଅଛି । ପବନ ଧୀରେ ଧୀରେ ପ୍ରବାହିତ ହେଉଅଛି । ଚିଲିକା ଅଙ୍ଗପ୍ରସାଧନ ବେଣୀବିନ୍ୟାସ ସୁଲଳିତ ଗୀତରେ ନିଯୁକ୍ତ । ବସନ୍ତ ଯାଉଅଛି; ମାତ୍ର ତାହାର ବିଭବ ରଖିଯାଇଅଛି । ସେହି ମହାର୍ହ ବିଭବରାଶିରେ ଜଗ ଆଲୋକିତ ଓ ମହିମିତ । ପର୍ବତମାନେ ପକ୍ଷଭୂତ ପେଷି ପରସ୍ପରକୁ ପ୍ରୀତି ସମ୍ଭୋଗ ଜଣାଉଅଛନ୍ତି ।

କୋକିଳ 'କୁ' 'କୁ' ରବରେ ତାହାକୁ ଭର୍ତ୍ସନା କରୁଅଛି । ହଳଦୀବସନ୍ତ 'କୁ-କେ-ଗୋ', 'କୁ-କେ-ଗୋ' କହି ତାହାକୁ ବାରମ୍ବାର ପଚାରୁଅଛି । କୋକିଳ ସେ କଥାରେ କର୍ଣ୍ଣପାତ ନ କରି ଏକମନରେ ସ୍ୱରସ୍ବାର ସୃଷ୍ଟି କରୁଅଛି । ଯେ ଅମୃତଢୋଳା ସ୍ୱରସ୍ବାର କେଉଁ ଭାଗ୍ୟଧରର ପ୍ରାପ୍ୟ, ତାହା କିଏ କହିବ ? ଘଣ୍ଟଶିଳା-ଚୂଳରେ ପକ୍ଷୀ ନହବତ ବସିଅଛି । ଚିଲିକା-ବକ୍ଷ-ବିହାରୀ ପବନ ସେହି ମଙ୍ଗଳ ମଧୁର ସୁଶ୍ରାବ୍ୟସ୍ୱର ବହିଆଣି ରମ୍ଭାରେ ବିତରଣ କରୁଅଛି । ନଭ-ପଟି ଘନ-ବିଭୂତି ବୋଳିହୋଇ ଗମ୍ଭୀର ଯୋଗ-ସାଧନାରେ ନିମଗ୍ନ । ରବି କ୍ରୋଧ-ଲୋହିତ ମୂର୍ତ୍ତି ଧରି ଉଦିତ ହେଲେ । ଘନଯୂଥ ତାଙ୍କର ଗତିପଥ ଆକ୍ରମଣ କରିଅଛନ୍ତି; ସୁତରାଂ କ୍ରୁଦ୍ଧ ହେବା ସ୍ୱାଭାବିକ । ସେ କିରଣ-ବାଣରେ ଘନକଳେବର ତୁଳା ଭଳି ପରି ଛିନ୍ନବିଚ୍ଛିନ୍ନ କରିଦେଲେ । ବହୁ ଘନସୈନ୍ୟ ନିପାତ ହେଲେ । ଅବଶିଷ୍ଟ ପୃଷ୍ଠ ପ୍ରଦର୍ଶନପୂର୍ବକ ପଳାଇଗଲେ । ପ୍ରକୃତି-ଦେବୀ ଆକାଶରେ କୁହୁକ ବିସ୍ତାର କଲେ । ଆକାଶ ବିବିଧ ବର୍ଣ୍ଣରେ ରଞ୍ଜିତ ହେଲା । କେଉଁ ଅଂଶ ରୌପ୍ୟବର୍ଣ୍ଣ, କେଉଁ ଅଂଶ ସ୍ୱର୍ଣ୍ଣବର୍ଣ୍ଣ, କେଉଁ ଅଂଶ ପ୍ରବାଳବର୍ଣ୍ଣ, କେଉଁ ଅଂଶ ମରକତ ବର୍ଣ୍ଣ; ଆଉ କେତେ ଅଂଶ କେତେ ଅପୂର୍ବ ନବୀନ ବର୍ଣ୍ଣ ଧାରଣ କଲା, ସେ ବର୍ଣ୍ଣର ସଂଜ୍ଞା ବର୍ଣ୍ଣକୋଷରେ ନାହିଁ । ସେ ବର୍ଣ୍ଣ-ମାନଙ୍କର ନାମକରଣ କୋଷ-କର୍ତ୍ତାର ଅସାଧ୍ୟ । କ୍ଷଣକ ମଧ୍ୟରେ ସବୁ ରଙ୍ଗ କେଉଁଆଡ଼େ ଉଭେଇଗଲା । ଅନନ୍ତର ଦିଗମ୍ବର ମୂର୍ତ୍ତି ଧାରଣ କଲା । ଚିଲିକା ଅତୀତ ଇତିହାସର ବିଶାଳ ପୃଷ୍ଠା ପ୍ରାୟ ବିସ୍ତୃତ ଦିଶିଲା । ସୂର୍ଯ୍ୟ-କିରଣରେ ତାହାର ଜଳରାଶି ଢଳ ଢଳ ଲାବଣ୍ୟ ବିସ୍ତାର କଲା । ସେ ଦ୍ୟୁଲୋକଦୁର୍ଲଭ ଅମରଲୋଭିତ ସୌନ୍ଦର୍ଯ୍ୟ ମହିମାରେ ଚିଲିକା ନିଜେ ମୁଗ୍ଧ ହୋଇ ହସି ଉଠିଲା । ସେ ହାସ୍ୟ ସୁରସ୍ମିତ ପ୍ରାୟ ବଡ଼ ମଧୁର ଓ ମୋହକର । ସେହି ସୁଷମା ଓ ହାସ୍ୟ ଦେଖି ସୁଷମା-ସେବକମାନେ ଚିଲିକାକୁ ନିଶ୍ଚୟ ନିଖିଳ ସୁଷମାବତୀ ଅମରାବତୀର ମର-ସଂସ୍କରଣ ମଣିବେ । ଚିଲିକା ଉପରେ ଦଳେ ପକ୍ଷୀ ଉଡ଼ିଗଲେ । ସାଧୁ ହୃଦୟରେ ଲାଳସାର ଛାୟାପାତ ପ୍ରାୟ ସେମାନଙ୍କର ଛାୟା ଚିଲିକା ବକ୍ଷରେ ପଡ଼ି ମୁହୂର୍ତ୍ତକରେ ଅନ୍ତର୍ହିତ ହୋଇଗଲା । ଚିଲିକା ମଧ୍ୟରେ ଅନେକ ଦ୍ୱୀପ ଅଛି । ସେଗୁଡ଼ିକ ଚିଲିକାର ହୈମସିଂହାସନ । ପ୍ରତିଭାଧନ୍ୟ ମହାଜନ ପ୍ରାୟ ସେ ନିଜ ଶକ୍ତିରେ ନିଜର ସିଂହାସନ ପ୍ରତିଷ୍ଠା କରିଅଛି ।

ବର୍ତ୍ତମାନ ବୈଶାଖ ମାସ; ସର୍ବତ୍ର ପ୍ରଚଣ୍ଡ ଖରା; ମାତ୍ର ଚିଲିକା ପ୍ରସାଦରୁ ରମ୍ଭା ସୁଶୀତଳ । ରମ୍ଭାରେ ସବୁଦିନେ ଫାଲ୍‌ଗୁନ ମାସ । ପତ୍ର ଲେଖା ଓ ସମ୍ବାଦପତ୍ର ପାଠ ପ୍ରଭୃତିରେ ମଧ୍ୟାହ୍ନ ଅତିବାହିତ ହେଲା । ରମ୍ଭାନିବାସୀ କେତେଜଣ ଛାତ୍ର ଆସି ଉପସ୍ଥିତ ହେଲେ । ସେମାନେ ଖଲ୍ଲିକୋଟ ସେକେଣ୍ଡାରୀ ସ୍କୁଲରେ ପଢ଼ନ୍ତି । ସେମାନଙ୍କୁ ସଙ୍ଗରେ ଘେନି ଚିଲିକାକୂଳକୁ ବୁଲିବାକୁ ଗଲି । ମୁଁ କର୍ମସୂତ୍ରରେ ଅଠରବର୍ଷ କାଳ ଛାତ୍ରମାନଙ୍କ ସଙ୍ଗରେ କଟାଇଅଛି, ସୁତରାଂ ଛାତ୍ରମାନଙ୍କର ସରଳ ପବିତ୍ର ବ୍ୟବହାର ମୋତେ ବଡ଼ ମଧୁର ଓ ପ୍ରୀତିପ୍ରଦ ବୋଧହୁଏ । ଛାତ୍ରଜୀବନର ଉଲ୍ଲାସ, ସାହସ, ପ୍ରଫୁଲ୍ଲତା କେବେ କି କେହି ଭୁଲିପାରେ ? ଯାଉଁ ଯାଉଁ କଥା-ଛଳରେ ସେମାନଙ୍କୁ ମାତୃ-ସାହିତ୍ୟ, ଇତିହାସ ଓ ସ୍ଥାନୀୟ ଭୂଗୋଳସମ୍ବନ୍ଧୀୟ ଅନେକ ପ୍ରଶ୍ନ କରିଥିଲି । ଆଶ୍ଚର୍ଯ୍ୟର ବିଷୟ, ସେମାନେ ଗୋଟିଏ ପ୍ରଶ୍ନର ସଦୁତ୍ତର ଦାନରେ ସୁଦ୍ଧା ଅକ୍ଷମ ହୋଇ ନାହାନ୍ତି । ବିଶେଷତଃ ଜୟକୃଷ୍ଣ ବାବୁଙ୍କ ଦ୍ୱାଦଶବର୍ଷବୟସ୍କ ପୁତ୍ର ଶ୍ରୀମାନ୍ ଜଗନ୍ନାଥ ଓ ଶ୍ୟାମସୁନ୍ଦର ନାମକ ଗୋଟିଏ କରଣ ପିଲା ସାହିତ୍ୟରେ ଯଥାଯୋଗ୍ୟ ଉପଯୁକ୍ତ ବୋଧ ହେଲେ । ଖଲ୍ଲିକୋଟ ସ୍କୁଲରେ ମାତୃଭାଷା ଶିକ୍ଷା ପ୍ରକୃତଭାବରେ ଦିଆଯାଉଥିବାର ପ୍ରମାଣ ପାଇ ମୁଁ ପରମାନନ୍ଦିତ ହେଲି । ସ୍କୁଲର ଓଡ଼ିଆ ପଣ୍ଡିତ ମୋର ପରିଚିତ ନୁହନ୍ତି । ସେ ଯେ କେହି ହୁଅନ୍ତୁ, ମାତ୍ର ତାଙ୍କର ଶିକ୍ଷାଦାନ-ପ୍ରଣାଳୀ ଉତ୍କୃଷ୍ଟ, ଏହା ଅବଶ୍ୟ ସ୍ୱୀକାର୍ଯ୍ୟ । ଜୟକୃଷ୍ଣ ବାବୁଙ୍କ ଭ୍ରାତୁଷ୍ପୁତ୍ର ଶ୍ରୀମାନ୍ ଶ୍ରୀନିବାସ ମଧ୍ୟ ସଙ୍ଗରେ ଯାଇଥିଲେ । କାହିଁକି କେଜାଣି, ଶ୍ରୀନିବାସ ମୋ ପ୍ରତି ଅତିରିକ୍ତ ଭକ୍ତି ପ୍ରଦର୍ଶନ କରି ମୋତେ ଲଜ୍ଜିତ କରାଇଲେ । ରମ୍ଭାରେ ସେହି କେବଳ କ୍ୱଣେ

ସାଧାରଣ ହୃତୋସ୍ପାସ୍ପ; ତାଙ୍କ ଯତ୍ନରେ ଗୋଟିଏ ସମିତି ସ୍ଥାପିତ ହୋଇଅଛି । ସେଥିରେ ସାଧାରଣଙ୍କର ଅନେକ ଅସୁବିଧା ଆଲୋଚିତ ହୁଏ । ଶ୍ରୀନିବାସ ଅନେକ ଔଷଧ ଆଣାଇ ବିନାମୂଲ୍ୟରେ ବିତରଣ କରନ୍ତି । ଏହା ଅବଶ୍ୟ ତାଙ୍କ ବଂଶଗୌରବର ପରିପୋଷକ ।

ଚିଲିକା-କୂଳରେ ସନ୍ଧ୍ୟା ହୋଇଗଲା । ସେ ଦିନ ଶୁକ୍ଲପକ୍ଷ ଦ୍ୱିତୀୟା । ସାନ୍ଧ୍ୟସମୀର-ହିଲ୍ଲୋଳରେ ଚିଲିକା ବକ୍ଷରେ ଖଲ୍ଲିକୋଟ ରାଜାଙ୍କର ବିହାର-ତରଣୀ-ଶ୍ରେଣି କୌତୁକମାନ ହେଉଅଛି । ସେଣେ ଊର୍ଦ୍ଧ୍ୱରେ ନଭ-ସାଗର ବକ୍ଷରେ ବିଶ୍ୱରାଜଙ୍କର ଜ୍ୟୋତିର୍ମୟ ତାରକ-ତରଣୀ ଫୁଟିଉଠୁଅଛି । ଚିଲିକାଗର୍ଭସ୍ଥ ପର୍ବତ-ମାଳା ପ୍ରାୟ ମେଘମାଳା ଆକାଶର ଠାବେ ଠାବେ ବିଶ୍ରାମନିରତ । ତାପକୁଳ ଚିଲିକା-ଦର୍ପଣରେ ମୁଖ ଦେଖି ହସିଉଠିଲେ । ଚିଲିକା ମଧ୍ୟ ଚନ୍ଦ୍ରକାଧାରରେ ସ୍ନାନକରି ଠିକ୍ ଠିକ୍ ହୋଇ ହସିଉଠିଲା; ମାତ୍ର ସେ ହାସ୍ୟ ବହୁକ୍ଷଣ ସ୍ଥାୟୀ ହେଲା ନାହିଁ । ଚନ୍ଦ୍ରାସ୍ତ ସଙ୍ଗେ ସଙ୍ଗେ ଚିଲିକାର ସେହି ଚଞ୍ଚଳ ହାସ୍ୟ ତାହାର ଅଧରରେ ମୂର୍ଚ୍ଛିତ ହୋଇପଡ଼ିଲା । ଆମ୍ଭେମାନେ ବଙ୍ଗଳାକୁ ଫେରିଆସିଲୁଁ ।

ପୂର୍ବେ ରମ୍ଭାନଗରୀ ବାଣିଜ୍ୟର ଗୋଟିଏ ପ୍ରଧାନ କେନ୍ଦ୍ର ସ୍ଥଳୀ ଥିଲା । ଉପକୂଳବର୍ତ୍ତୀ ସ୍ଥାନମାନଙ୍କରୁ ଚିଲିକା ପଥରେ ନୌକାରେ ବାଣିଜ୍ୟ ଦ୍ରବ୍ୟ ରମ୍ଭାକୁ ଆସୁଥିଲା । ରେଲ ଯୋଗୁଁ ସମ୍ପ୍ରତି ତାହାର ସେ ସୌଭାଗ୍ୟ କିଛିଟା ମଳିନତା ଲଭିଅଛି; ମାତ୍ର ଏକାବେଳକେ ନଷ୍ଟ ହୋଇ ନାହିଁ । ପୂର୍ବ କାଳରୁ ବର୍ତ୍ତମାନ ବସ୍ତ୍ରର ଧାନ ଆସୁଅଛି । ପ୍ରତ୍ୟହ ହଜାର ହଜାର ଟଙ୍କାର ଧାନ-କାରବାର ଲାଗିଅଛି । ସେଥିରୁ ଅଧିକାଂଶ ଖଲ୍ଲିକୋଟ ଆଠଗଡ଼ ଓ ଭୁମୁସର ପ୍ରଭୃତି ଦୁର୍ଭିକ୍ଷପୀଡ଼ିତ ଅଞ୍ଚଳକୁ ଯାଉଅଛି । ଏତଦ୍ୱାରା ଦୁର୍ଭିକ୍ଷକ୍ଲିଷ୍ଟ ଜନ-ସାଧାରଣଙ୍କର ମହୋପକାର ସାଧିତ ହେଉଅଛି । ଦୁଇଜଣ ବଙ୍ଗାଳୀ ରମ୍ଭାରେ ରହି ମତ୍ସ୍ୟ ବ୍ୟବସାୟ କରୁଅଛନ୍ତି । ଚିଲିକାରେ ଭାଉନ୍ଦା ନାମକ ଏକଜାତୀୟ ମତ୍ସ୍ୟ ଅଛନ୍ତି । ତାହା ଠିକ୍ ମାସ୍ଟର ଭଳି ଦେଖାଯାଏ; ମାତ୍ର ମାସ୍ଟର ନୁହେ । ଇତରଶ୍ରେଣୀୟ ଲୋକମାନେ ତାହା ଭକ୍ଷଣ କରନ୍ତି । ଭଦ୍ରଲୋକଙ୍କର ଅବ୍ୟବହାର୍ଯ୍ୟ ହେତୁ ମୂଲ୍ୟ ମଧ୍ୟ ଖୁବ୍ ସୁଲଭ । ସେହି ମାଛ କଲିକତା ପଠାଯାଉଅଛି । ସେଠାରେ ମାସ୍ଟର ମାଛ ନାମରେ ତାହା ସମଧିକ ଉଚ୍ଚ ମୂଲ୍ୟରେ ବିକ୍ରୀତ ହେଉଅଛି ।

୬।୫।୧୯—ଆଜି ଶରୀର କିଛିହ ଅସୁସ୍ଥ ବୋଧ ହେବାରୁ ବୁଲିବାଟା ଭାଗ୍ୟରେ ଘଟିଲା ନାହିଁ । ଈଶ୍ୱର ତ ମୋତେ ସ୍ୱାସ୍ଥ୍ୟସୁଖରୁ ବଞ୍ଚିତ କରିଅଛନ୍ତି । ତହିଁ ଉପରେ ନୂତନ ପୀଡ଼ା ଏକାନ୍ତ ମୋର ଅସହ୍ୟ ହୁଏ । ପ୍ରତ୍ୟେକ ଥର ରେ ମୁଁ ଈଶ୍ୱରଙ୍କ ଉପରେ ଦୋଷାରୋପ କରେ । କେବଳ ମୋର ସନ୍ତୋଷବିଧାନ ଯେପରି ଭଗବାନଙ୍କର ଏକମାତ୍ର କର୍ତ୍ତବ୍ୟ, ତଦ୍ରୂପ ମଣେ । ମୋର ପୀଡ଼ାର କାରଣ ମୋର ଭାଗ୍ୟଦୋଷ କିମ୍ବା ଅଦୃଷ୍ଟଦୋଷ, ଏହା ମୁଁ ପ୍ରାୟ ବିସ୍ମୃତ । ଅଉ ବିସ୍ମୃତ ହେବାର ମଧ୍ୟ କଥା । ଭାଗ୍ୟଦୋଷ ବା ଅଦୃଷ୍ଟଦୋଷ ମୋର କୀତ, ଉପାର୍ଜିତ ବା ସୃଷ୍ଟ ନୁହେ । ମୋର ଯାହା କିଛି, ତାହା ତାଙ୍କରି ଦୟାର ଦାନ । ଭାଗ୍ୟ ଓ କର୍ମ ମଧ୍ୟରେ ପାର୍ଥକ୍ୟ ଜ୍ଞାନ ମୋର ନାହିଁ ଏବଂ ତାହାକୁ ନିଜର ବୋଲି ତହିଁ ଦାୟିତ୍ୱ ବହନ କରିବାର ଇଚ୍ଛା ମଧ୍ୟ ମୋର ନାହିଁ । ଯାଉ, ତାହିଁକି ସେ କଥା ?

ଆଜି ଅକ୍ଷୟତୃତୀୟା—ସତ୍ୟଯୁଗର ଆରମ୍ଭ ଦିନ । ଯେଉଁ ଦିନରେ ସତ୍ୟ ଯୁଗ ଆରମ୍ଭ ହୋଇଥିଲା, ଆଜି ଦିନଟି ଠିକ୍ ସେହି ଦିନ ନୁହେଁ—ସେହି ପବିତ୍ର ଦିନର ସ୍ମୃତିମାତ୍ର । ହିନ୍ଦୁର ପ୍ରତ୍ୟେକ ବାରବ୍ରତ ଗୋଟିଏ ମହାସ୍ମୃତିର ପୂଜା । କେବଳ ପ୍ରତିମୂର୍ତ୍ତି-ସ୍ଥାପନ ସ୍ମୃତିରକ୍ଷାର ପ୍ରକୃଷ୍ଟ ଉପାୟ ନୁହେ । ହିନ୍ଦୁ ପୁଣ୍ୟପର୍ବରୂପେ ସ୍ମୃତିଦିବସ ପାଳନ କରି ସେହି ସ୍ମୃତି ମଧ୍ୟରେ ଆପଣା ପ୍ରାଣ ମଧ୍ୟରେ ସ୍ମୃତିରୂପେ ପ୍ରତିଷ୍ଠାର ପୂଜା କରେ । ଏହି ସ୍ମୃତି ପୂଜା—ଏହି ପ୍ରତିଷ୍ଠା ପୂଜା ହିନ୍ଦୁର ମହତ୍ତ୍ୱ ଓ ଗୌରବ । ଏହିହେତୁ ହିନ୍ଦୁଧର୍ମ ଜଗତର ପୂଜ୍ୟ ଓ ନମସ୍ୟ । ହିନ୍ଦୁ ନିକଟରେ ଅତୀତ ବ୍ୟର୍ଥ ବା ଉପେକ୍ଷିତ ନୁହେଁ—ପ୍ରସ୍ଫୁଟ ମଙ୍ଗଳ ଜ୍ଞାନରେ ସମାଦୃତ, ସୁପୂଜିତ । ହିନ୍ଦୁ ସର୍ବଦା ଅତୀତକୁ ବର୍ତ୍ତମାନ ନେତ୍ରରେ ଦେଖେ । ଆଜି ଧାନ୍ୟ ସଞ୍ଚ-

ବପନର ଅନୁକୂଳ ଦିନ । ଅକ୍ଷୟତୃତୀୟାରେ ବୁଣିଲେ ବୀଜ ନଷ୍ଟ ହୁଏ ନାହିଁ ବୋଲି ପ୍ରବାଦ ଅଛି । ଆଜି କୁଷ୍ମାଣ୍ଡ-ମନ୍ଦିର ଉତ୍ସବମୟ । ଆଜି ହଳଆ ଆମନ୍ତ୍ରିତ ହୁଏ । ତାହାକୁ କଳମ ଶାଗ ଓ ବୀରତାଲି ଖାଇବାକୁ ଦିଆଯାଏ । ଗୃହସ୍ଥ ଘରେ ମଧ୍ୟ ସେହି ବ୍ୟଞ୍ଜନ । ଏହା ଭାବୀ କୃଷି ପକ୍ଷରେ ମଙ୍ଗଳପ୍ରଦ । ଏତଦ୍ଦ୍ୱାରା ଧାନଗଛ କଳମ ପରି ଶାଖାଯୁକ୍ତ ହୁଏ ଏବଂ ବୀର ପରି ଅଧିକ ଫଳ ଧାରଣ କରେ ବୋଲି ଜନଶ୍ରୁତି ପ୍ରଚଳିତ ଅଛି; କିନ୍ତୁ ଏ ରୀତି ରମ୍ଭାରେ ଦେଖିଲି ନାହିଁ । ସମ୍ଭବତଃ ଏ ଅଞ୍ଚଳରେ ଅକ୍ଷୟତୃତୀୟା ଏରୂପ ଭାବରେ ପାଳିତ ନ ହୋଇ ପ୍ରକାରାନ୍ତରରେ ହେଉଥିବ । ଅଦ୍ୟ ଜଗନ୍ନାଥ ମହାପ୍ରଭୁଙ୍କ ରଥ ଚକରେ ଅକ୍ଷ ସଂଯୋଗ କରାଯାଏ ଏବଂ ଚନ୍ଦନଯାତ୍ରା ଆରମ୍ଭ ହୁଏ । ଆଜି ଦିନ ଉଦ୍ଦେଶ୍ୟରେ ନମସ୍କାର କରି କହିଲି, "ହେ ପୁଣ୍ୟଦିବସ, ତୁମ୍ଭେ ସତ୍ୟର ପ୍ରତିଭୂ, ଜଗତରେ ସତ୍ୟ, ପୁଣ୍ୟ ଓ ଶୁଭ ପ୍ରତିଷ୍ଠା କରିଯାଅ । ତୁମ୍ଭେ ଯାହାର ପ୍ରତିନିଧି, ସେ ଅତୀତ ସିନ୍ଧୁର ଅତଳ ଗର୍ଭରେ ନିମଜ୍ଜିତ । ତୁମ୍ଭର ପରମାୟୁ ସୁଦ୍ଧା ଚତୁର୍ଯାମରୁ ଅଧିକ ନୁହେଁ । ଅତଃପର ତୁମ୍ଭେ ଚାଲିଯିବ, କଥା ରଖିଯାଅ ।"

୩ । ୫।୧୯—ଆଜି ଖଲ୍ଲିକୋଟ ଯିବାକୁ ହେବ । ସେହିଠାରୁ କାଳୀଜାଈ ଯିବାର ବନ୍ଦୋବସ୍ତ ହୋଇ-ଅଛି । ସ୍ନାନଶୌଚ ପରେ ଭୋଜନ କରିବାକୁ ହେଲା । ଭୋଜନରେ ବଡ଼ ତୃପ୍ତି ବୋଧ ହେଲା । ଗତ ରାତିର ଅର୍ଦ୍ଧାହାର ସେଥିର କାରଣ ଏବଂ ଅନ୍ୟ କାରଣ ମୋର ଚିରପ୍ରିୟ ବ୍ୟଞ୍ଜନ ଶାଗ ବର୍ଷକ ପରେ ମଧୁର ମୂର୍ତ୍ତିରେ ମଧୁର ସ୍ୱାଦୁ ଦେଇ ଉଦର ଏକାଂଶରେ ଆସନ ଲାଭ କରିଥିଲା । ବେଳ ପ୍ରହରକ ସମୟରେ ଆମ୍ଭେମାନେ ଖଣ୍ଡିଏ ଶଗଡ଼ରେ ବସି ଖଲ୍ଲିକୋଟ ଯାତ୍ରା କଲୁଁ । ରମ୍ଭାର ଉପକଣ୍ଠବର୍ତ୍ତୀ ଗୋଟିଏ ସ୍ଥାନର ଦୃଶ୍ୟ ବଡ଼ ରମଣୀୟ, ବଡ଼ ଲୋଭନୀୟ, ବଡ଼ ଉପାଦେୟ ବୋଧ ହେଲା । ରାଜମାର୍ଗର ଉଭୟ ପାର୍ଶ୍ୱରେ ବିଶାଳ ବଟ ଓ ଜାମୁ ବୃକ୍ଷ ଘନସନ୍ନିବିଷ୍ଟ ହୋଇ ଶ୍ରେଣୀବଦ୍ଧ ଭାବରେ ପ୍ରାୟ ଏକକୋଶ ପର୍ଯ୍ୟନ୍ତ ବ୍ୟାପି ରହିଅଛି । ତାହା କୁଞ୍ଜ ପ୍ରାୟ ସୁନ୍ଦର ଦିଶେ । ସେହି ଶୀତଳ, ନିକାଞ୍ଚନ ଛାୟାଚ୍ଛନ୍ନ ସ୍ଥଳୀ ବାନରମାନଙ୍କର କେଳିକୁଞ୍ଜ ହୋଇଅଛି । ସେ ସ୍ଥାନରେ ଉପସ୍ଥିତ ହେଲେ ମନରେ ଏକ ଅନନୁଭୂତପୂର୍ବ ଶାନ୍ତିମୟ ପବିତ୍ର ସାତ୍ତ୍ୱିକ ଭାବ ସ୍ୱତଃ ସଞ୍ଜାତ ହୁଏ । ପଥିକ ସେଥିରେ ମୁଗ୍ଧ ହେବା ତ ସହଜ କଥା; ମାତ୍ର ଆତ୍ମବିସ୍ମୃତ ହୁଏ । ସେଠାରେ ଉପସ୍ଥିତ ହେଲେ ଭିନ୍ନ ସଂସାରରୁ ଏକ ନୂତନ ସୁଖମୟ ସଂସାରକୁ ଆସିବା ପରି ବୋଧହୁଏ । ଏହି ସଦାନନ୍ଦ ଧାମରେ ଗୋଟିଏ ବିଷାଦ ଦୃଶ୍ୟ ହୃଦୟରେ ଗଭୀର ରେଖାପାତ କଲା । କେତେକ କଙ୍କାଳସାର ବାଳକବାଳିକାଙ୍କୁ ପକ୍ୱ ବଟଫଳ ସାଉଣ୍ଟି ଖାଉ-ଥିବାର ଦେଖି ଲୋତକ ସମ୍ବରଣ କରିହେଲା ନାହିଁ । ପ୍ରାପ୍ତବୟସ୍କ ନରନାରୀଏ ଶତଚ୍ଛିନ୍ନ ମଳିନ ବସନରେ କୌଣସି ପ୍ରକାରରେ ଲଜ୍ଜା ନିବାରଣ କରି ତଣ୍ଟୀ ବରଫଳ ତୋଳୁଅଛନ୍ତି । ଶୁଣିଲି, ତାହାକୁ ସିଝାଇ ଖାଇ ସେମାନେ ଜୀବନ ଧାରଣ କରୁଅଛନ୍ତି । ଏ ଅଞ୍ଚଳରେ ଦୁର୍ଭିକ୍ଷ କିପରି ତୀବ୍ରଭାବରେ ଆକ୍ରମଣ କରିଅଛି, ତାହା ଉପର୍ଯ୍ୟୁକ୍ତ ମର୍ମନ୍ତୁଦ ଘଟଣାରୁ ଅତି ସହଜରେ ଅନୁମେୟ । ନଅଙ୍କ ଦୁର୍ଭିକ୍ଷ କଥା ଶୁଣିଥିଲି । ସେଥିରେ ମନୁଷ୍ୟ-ମାଂସ ମନୁଷ୍ୟ ଖାଇଥିବାର ଦେଖାଯାଇଥିଲା । ତାହା ଆଶ୍ଚର୍ଯ୍ୟ କଅଣ ? ଉଦର-ଗହ୍ୱରର ତୃପ୍ତି ସକାଶେ କେଉଁ କାର୍ଯ୍ୟ ବା ମାନବ ପକ୍ଷରେ ଅସମ୍ଭବ ? ନ'ଅଙ୍କରେ ୩.୪ ସେରମାତ୍ର ଚାଉଳ ଟଙ୍କାକୁ ବିକ୍ରୟ ହୋଇଥିଲା; ମାତ୍ର ବର୍ତ୍ତମାନ କୌଣସି କୌଣସି ସ୍ଥାନରେ ବର୍ଷବ୍ୟାପୀ ସାର୍ଦ୍ଧ ତିନି ସେର ଦର ରହିଅଛି । ନ'ଅଙ୍କରେ କେବଳ ଧାନ ଚାଉଳ ମହାର୍ଘ ହୋଇଥିଲା ; ଅନ୍ୟ ସମସ୍ତ ବ୍ୟବହାର୍ଯ୍ୟ ପଦାର୍ଥ ଖୁବ୍ ସୁଲଭ ଥିଲା । ବର୍ତ୍ତମାନ ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଅନଳ ପ୍ରଖର ଗତିରେ ବୃଦ୍ଧିଲାଭ କରିଅଛି । କେତେ ବା ଏକାନ୍ତ ଦୁଷ୍ପ୍ରାପ୍ୟ ହୋଇଅଛି । ଅତଏବ ନଅଙ୍କ ଦୁର୍ଭିକ୍ଷଠାରୁ ଉପସ୍ଥିତ ଦୁର୍ଭିକ୍ଷ କେତେ ଗୁଣ ଭୀଷଣତମ, ତାହା ଭାବିଲେ ମସ୍ତିଷ୍କ ବ୍ୟଥାରେ ଅବସନ୍ନ ହୁଏ ଏବଂ ଆତ୍ମା ମୂର୍ଚ୍ଛିତ ହୋଇ-ପଡ଼େ । "ଈଶ୍ୱର ଯାହା କରନ୍ତି, ତାହା ମଙ୍ଗଳ ସକାଶେ" ବୋଲି ଜନଶ୍ରୁତି ଅଛି ; ମାତ୍ର ଉପସ୍ଥିତ

ଦୁର୍ଘଟନାରେ କି ମଙ୍ଗଳ ନିହିତ ଅଛି, ତାହା ସେହି ମଙ୍ଗଳମୟଙ୍କୁ ଗୋଚର । ସେ ରହସ୍ୟ ଭେଦ କରିବାର ଶକ୍ତି ମନୁଷ୍ୟର ତ ନାହିଁ, ଅଧିକନ୍ତୁ ମନୁଷ୍ୟାପେକ୍ଷା ଅମରକୁଳର ସ୍ପୃହା ସାଧାରଣତ ।

କ୍ରମେ ରୌଦ୍ର ତେଜ ପ୍ରଖର ହୋଇ ଉଠିଲା, ଆଉ ସ୍ଥିର ହେଲା ନାହିଁ । ରୌଦ୍ର ବହଳ ହୋଇ ଦୃଷ୍ଟିରେଖା ଅବରୋଧ କଲା ପ୍ରାୟ ପ୍ରତୀୟମାନ ହେଲା । ଆମ୍ଭେମାନେ ସାନଘାଟୀ ପାର ହୋଇ ବଡ଼ଘାଟୀ ନିକଟରେ ପହଞ୍ଚିଲୁଁ । ଏହା ସ୍ୱନାମପ୍ରସିଦ୍ଧ "ଢ଼ୁରଡ଼ାମୂଳ ଘାଟୀ" । ପର୍ବତ ଉପରକୁ ଅର୍ଦ୍ଧମାଇଲ ଉଠିବାକୁ ହେବ । ପଥ ଏପରି ଭୟଙ୍କର ଯେ, ଘାଟୀ ମସ୍ତକରୁ ଗୋଟାଏ ବର୍ତ୍ତୁଳ ପଦାର୍ଥ ଗଡ଼ାଇଦେଲେ ତାହା ନିର୍ବାଧରେ ଆସି ଗିରିପାଦ ସ୍ପର୍ଶ କରିବ । ଶଗଡ଼ରେ ବସି ଘାଟୀ ଉପରକୁ ଉଠିଲାବେଳେ ସ୍ୱର୍ଗକୁ ଉଠିଲା ପ୍ରାୟ ସୁଖକର ବୋଧ ହେଉଥାଏ; ମାତ୍ର ଦୈବାତ୍ ଶଗଡ଼ ଖସିଗଲେ ଏକାବେଳକେ ଯମଦ୍ୱାରରେ ପହଞ୍ଚାଇଦେଇଥାନ୍ତା । ପଥର ଏକ ପାର୍ଶ୍ୱରେ ବିରାଟ ଗିରିଚୂଡ଼ା, ଅପର ପାର୍ଶ୍ୱରେ ଅତଳ ପାତାଳ । ତାହା କେତେ ଗଭୀର ଉପରୁ କଳିହେବ ନାହିଁ । ତାହା ପୁଣି ନିବିଡ଼ ଅରଣ୍ୟ-ସଙ୍କୁଳ । ତହିଁ ମଧ୍ୟରେ ନିସ୍ତବ୍ଧତାର ସାଁ ସାଁ ଶବ୍ଦ ବ୍ୟତୀତ ଅନ୍ୟ ଶବ୍ଦ ନାହିଁ । ବୋଧହୁଏ ତାହା ବନ୍ୟ-ହିଂସ୍ରକର ଆବାସ-ଗହ୍ୱର । ସୌଭାଗ୍ୟବଶତଃ ରଥ ଖସିଲା ନାହିଁ । ସତର୍କ ସାରଥିର ଅଦ୍ଭୁତ କୌଶଳ ସେ ଭୟରୁ ନିସ୍ତାର କଲା । ଏରୂପ ପଥରେ ଶାକଟିକ-ମାନେ ଶଗଡ଼ ପଛରେ ଖଣ୍ଡେ କାଠ ବିଶେଷ କୌଶଳରେ ବାନ୍ଧିଥାନ୍ତି । ତାହାର ନାମ "ଘାଟୀକିଳା ।" ତାହା ଯୋଗୁଁ ଶଗଡ଼ ତଳକୁ ଗଡ଼ି ଆସିବାର ଆଶଙ୍କା ନ ଥାଏ । କ୍ରମେ ଶଗଡ଼ ଘାଟୀ ମୁଣ୍ଡରେ ଯାଇ ଉଠିଲା । ସେଠାରୁ ପୁଣି ଅର୍ଦ୍ଧ ମାଇଲରୁ ଅଧିକ ପଥ ଚଳନ୍ତି ଗଡ଼ିବାକୁ ହେବ । ଘାଟୀମୁଣ୍ଡରୁ ଚାହିଁଲେ ପଥ କ୍ରମେ ଅଦୃଶ୍ୟ ପାତାଳକୁ ପଶିଲା ପ୍ରାୟ ଜଣାଯାଏ । ଦୁଇ ଆଡ଼େ ଦୁଇ ଯୋଡ଼ି ଅଭ୍ରଲେହୀ ରୁଦ୍ର-କାନ୍ତ ଗିରିଚୂଡ଼ା ସଗର୍ବ ଦଣ୍ଡାୟମାନ । ମଧ୍ୟରେ ସଙ୍କୀର୍ଣ୍ଣ ଅରଣ୍ୟ ଶ୍ୱାପଦ ପଥ; ପ୍ରତିପଦକ୍ଷେପରେ ମୃତ୍ୟୁର ଅସୀମ ଅନୁଗ୍ରହ ପ୍ରାଣରେ ଅନୁଭୂତ ହୁଏ । ନଈବାହାଡ଼ା ଫୁଲରେ ପର୍ବତଚଢ଼ା ଶୁକ୍ଳମାମସ୍ତ । ବୋଧହୁଏ, ଗିରିରାଜ ଗ୍ରୀଷ୍ମସନ୍ତାପରୁ ତ୍ରାହି ପାଇବା ସକାଶେ ଆପାଦମସ୍ତକ ଚନ୍ଦନଚର୍ଚ୍ଚିତ ହୋଇଅଛି । ବଂଶଧାନ୍ୟ-ସମୂହ ଥୋପା ଥୋପା ହୋଇ ଝୁଲିପଡ଼ି ଗିରିପ୍ରକୃତିର ହୈମ ଅଳଙ୍କାର ପ୍ରାୟ ସୁନ୍ଦର ଦିଶୁଅଛି । ବାଉଁଶଧାନର ଗୁଡ଼ିଏ ଅବିକଳ ଗହମ ସଦୃଶ । ତାହାକୁ ସିଝାଇଲେ ଭାତ ହୁଏ; ଚୂନା କରି ପିଠା ମଧ୍ୟ କରିଯାଏ । ସ୍ୱାଦୁ ସୁଗନ୍ଧ ଠିକ୍ ଗହମ ଭଳି । ବର୍ତ୍ତମାନ ଦୁର୍ଭିକ୍ଷ ସମୟରେ ଅନେକେ ଏହା ଖାଇ ପ୍ରାଣଧାରଣ କରିଅଛନ୍ତି ।

ଘାଟୀ ପାର ହୋଇ ଆସିଲୁଁ । ଗିରିପାଦ ମୂଳରେ ଚିଲିକା ଧରଣୀ ଦେଲା ପ୍ରାୟ ଅଷ୍ଟାଙ୍ଗ ଲୋଟାଇ ପଡ଼ିଅଛି । ମହାପ୍ରକୃତି ମହାପ୍ରକୃତିକୁ ପୂଜା କରୁଅଛି, ଏହା ବଡ଼ ବାଞ୍ଛନୀୟ, ଶିକ୍ଷଣୀୟ ଓ ପ୍ରୀତିପ୍ରଦ ଦୃଶ୍ୟ । ଜଗତରେ ଯେ ଯେତେ ବଡ଼, ସେ ସେତେ ସାନ । ମାନବ ସିନା ଅଭିମାନୀ, ଅଭିମାନୀ ଶରୀର ହୃଦୟ-ନାମକ ମହାର୍ଘ ଦେବଦୁର୍ଲ୍ଲଭ ପବିତ୍ର ଅଳଙ୍କାରର ଅଧିକାରୀ ହୋଇପାରେ ନାହିଁ । ବାରଘଣ୍ଟା ସମୟରେ ଖଲ୍ଲିକୋଟରେ ପହଞ୍ଚିଲୁଁ ।

କେତେଗୁଡ଼ିଏ ଶାଳ ବା ଶିଆଳୀ ପତ୍ରରେ ଖଲି ପ୍ରସ୍ତୁତ ହୁଏ । ସେହିପରି ଅନେକ ରାଜ୍ୟ ମିଶି ଖଲି ପରି ବିସ୍ତୃତ ହୋଇଥିବାରୁ ରାଜ୍ୟର ନାମ ଖଲ୍ଲିକୋଟ ହୋଇଅଛି । ଛତ୍ରଗଡ଼, ଶ୍ୟାମସୁନ୍ଦରପୁର, କେଶପୁର, କଳସ, ପଙ୍କାଲ, ଷଣ୍ଢମୂଳ, ଦାନପୁର ଓ ହମ୍ବଲଗଡ଼— ଏଗୁଡ଼ିକ ମିଶି ଖଲ୍ଲିକୋଟ ହୋଇଅଛି । ଖଲ୍ଲିକୋଟ ସହିତ ଆଠଗଡ଼ ନାମକ ଅନ୍ୟ ଏକ ରାଜ୍ୟ ସଂଯୁକ୍ତ । ବର୍ତ୍ତମାନ ଖଲ୍ଲିକୋଟ ନରପତିଙ୍କ ପିତାମହ ରାଜର୍ଷିକଳ୍ପ ନାରାୟଣ ମର୍ଦ୍ଦରାଜଦେବଙ୍କ ବାଲ୍ୟାବସ୍ଥାରେ ଖଲ୍ଲିକୋଟ ଓ ଆଠଗଡ଼ ମଧ୍ୟରେ ଯୁଦ୍ଧ ହୋଇଥିଲା । ଗୋଟିଏ ଆମ୍ବଗଛ ପାଇଁ ଏହି ଯୁଦ୍ଧର ସୂତ୍ରପାତ । ଦୁଇ ରାଜ୍ୟର ସୀମାରେ ଗୋଟିଏ ଆମ୍ବଗଛ ଥିଲା । ଗଛଟି ଖଲ୍ଲିକୋଟର; ମାତ୍ର ଆଠଗଡ଼ ଆଡ଼କୁ ତାହାର କେତେଟା ଶାଖା ଥିଲା । ବର୍ଷେ ସେହି ଗଛର ଆମ୍ବ ଆଠଗଡ଼ର ଲୋକ-ମାନେ ତୋଳିନେବାରୁ ଉଭୟ ରାଜ୍ୟ ମଧ୍ୟରେ

ସଂଘର୍ଷଣ ଉପସ୍ଥିତ ହେଲା । ଶେଷରେ ସେହି ସଂଘର୍ଷଣ ପ୍ରଖର ସମରାନଳ ଉଦ୍‌ଗିରଣ କଲା । ତହୁଁ ଦୁଇ ରାଜ୍ୟ ମଧ୍ୟରେ ଯୁଦ୍ଧ ଲାଗିଲା । ଉଭୟ ପକ୍ଷରୁ ସୈନ୍ୟ ହତାହତ ହେଲେ । ଖଲ୍ଲିକୋଟର ଜଣେ ବୀର ଆଠଗଡ଼ର ପ୍ରଧାନ ସେନାପତିଙ୍କୁ ନିହତ କଲା; ମାତ୍ର ହତ୍ୟାକାରୀ ସେନାପତିର ମୁଣ୍ଡ ଆଣିପାରିଲା ନାହିଁ । ଏହି ସମୟରେ ସେ ବିପକ୍ଷ ପକ୍ଷଦ୍ୱାରା ପ୍ରବଳ ଭାବରେ ଆକ୍ରାନ୍ତ ହୋଇ ଏରୂପ ଶ୍ରାନ୍ତ କ୍ଳାନ୍ତମରେ ଦୁଇହସ୍ତରେ ତରବାରୀ ବୁଲାଇଲା ଯେ, କେହି ତାହା ପାଖରୁ ଶବ ଛଡ଼ାଇ ଆଣିପାରିଲେ ନାହିଁ । ଖଲ୍ଲିକୋଟ ପକ୍ଷର ଜଣେ ପାଇକ ହାଣ୍ଡିଆ ମଦ ପିଇ ଘରେ ଶୋଇଥିଲା । ଯୁଦ୍ଧ ବାଦ୍ୟ ଓ ଯୁଦ୍ଧାସ୍ପ ଗର୍ଜନ ଶୁଣି ତାହାର ସ୍ତ୍ରୀ ତାକୁ ଉଠାଇ ଭର୍ତ୍ସନା କରି କହିଲା, "ରାଜାଘର ଯୁଦ୍ଧ ଲାଗିଛି, ଖଇ ଫୁଟିଲା ପରି ବାଣ ଫୁଟୁଛି, ତୁ ରାଜାର ଖାଇ କାମବେଳକୁ ନିଦ୍ରିତ ହୋଇ ଘରେ ଶୋଇଛୁ ! ତେବେ ତୋ ଖଣ୍ଡା ମୋତେ ଦେ, ମୁଁ ଯୁଦ୍ଧକୁ ଯିବି । ତୁ ମୋର ଖଡ଼ୁ ଆଉ ଶାଢ଼ୀ ପିନ୍ଧି ଘରକୋଣରେ ଲୁଚି ଥା ।" ଏହା ଶୁଣି ବୀରପୁରୁଷ ମର୍ଦ୍ଦିତ ପୁଚ୍ଛ କାଳୋଦର ପ୍ରାୟ ଗର୍ଜ୍ଜି ଉଠିଲା । ସେ ସ୍ତ୍ରୀବେଶ ଧରି ଲୁଚି ରହିବ, ଏପରି ଅଗ୍ନିମୟ ତିରସ୍କାର କି ତାହା ପ୍ରାଣରେ ସହ୍ୟ ହେବ ? ବୀର-ହୃଦୟ ସବୁ ସହିପାରେ; ମାତ୍ର ଅନ୍ୟର ତାଚ୍ଛଲ୍ୟ ସହିପାରେ ନାହିଁ । ରମଣୀର ଏହି ବାଣୀ-ବାଣ ତାହା ପ୍ରାଣରେ ଖରଶାଣ ଶାସ୍ତ୍ର ଅପେକ୍ଷା କୋଟି ଗୁଣ ବ୍ୟଥା ଜାତ କଲା । କିଏ ସ୍ତ୍ରୀର ଧର୍ଷଣରେ ସିଂହ କି ସ୍ଥିର ହୋଇ ରହିପାରେ ? ସେ ବଜ୍ରବିକ୍ରମରେ ଧାଇଁଯାଇ ଯୁଦ୍ଧସ୍ଥଳରେ ଉପସ୍ଥିତ ହେଲା ଏବଂ "ମା ବାହୁଡ଼ି ରଖ" ବୋଲି ଗର୍ଜ୍ଜି ଉଠି ଦୁଇ ହାତରେ ଦୁଇଟା ତୀକ୍ଷ୍ଣ ଧାର ଖଣ୍ଡା ବୁଲାଇ ବୁଲାଇ ବିପକ୍ଷର ଶତ ଅସ୍ତ୍ରାଘାତକୁ ଭ୍ରୂକ୍ଷେପ ନ କରି ଶତ୍ରୁ-ଗଣରେ ଧାଇଁଯାଇ ଉପର୍ଯ୍ୟୁକ୍ତ ମୃତ ବିପକ୍ଷ ସେନାପତିର ମୁଣ୍ଡ କାଟିଆଣିଲା । ବିଜୟଲକ୍ଷ୍ମୀ ଖଲ୍ଲି-କୋଟକୁ ଆଲିଙ୍ଗନ କଲେ । ଆଠଗଡର ଖଣ୍ଡେ ସ୍ଥାନ ଖଲ୍ଲିକୋଟର ଅଧିକୃତ ହେଲା । ପରେ ନାରାୟଣ ମର୍ଦ୍ଦରାଜ ଆଠଗଡ଼କୁ ନିଲାମରେ କ୍ରୟ କରି ସ୍ୱୀୟ ଅଧିକାରଭୁକ୍ତ କଲେ ।

ଉପର୍ଯ୍ୟୁକ୍ତ ଘଟଣାରୁ ଓଡ଼ିଆପ୍ରାଣର ରାଜଭକ୍ତି ସହଜରେ ଅନୁମେୟ । ପାଇକ ରମଣୀ ରାଜା ସକାଶେ ନିଜର ପ୍ରାଣପ୍ରିୟ ସ୍ୱାମୀକୁ ମୃତ୍ୟୁମୁଖକୁ ପ୍ରେରଣ କଲା, ଏହାଠାରୁ ବଳି ରାଜଭକ୍ତିର ସର୍ବୋତ୍କୃଷ୍ଟ ଦୃଷ୍ଟାନ୍ତ ଆଉ କଅଣ ହୋଇପାରେ ? ଦୁଃଖର ବିଷୟ, ଅନେକ ଅନୁ-ସନ୍ଧାନ କରି ସୁଦ୍ଧା ସେହି ରାଜଭକ୍ତିମତୀ ବୀର ରମଣୀର ପବିତ୍ର ନାମ ଉଦ୍ଧାର କରିପାରିଲି ନାହିଁ । ଖଲ୍ଲିକୋଟ ଆଠଗଡ଼ ଓ ବିରୁଳିର ବୀରତ୍ୱ ସମ୍ବନ୍ଧରେ ଅଦ୍ୟାପି ନିମ୍ନ-ଲିଖିତ ଜନବାଦ ପ୍ରଚଳିତ ଅଛି—

"ଆଠଗଡ଼ଆର ଆଠ ବାଉଁଶ ଖଲ୍ଲିକୋଟିଆର ଲଉ,
(ଲଙ୍କିଆ କାଣ୍ଡ)"
ବିରୁଳି ଘରର ଟିଆର କାଣ୍ଡ ବିଶୁଥିବ ଦାଉ ଦାଉ ।"

କେବଳ ବିରୁଳି କାଣ୍ଡର ଉତ୍କର୍ଷ ସମ୍ବନ୍ଧରେ ଆହୁରି ଗୋଟିଏ ପ୍ରବାଦ ଅଛି—"ବିରୁଳି କାଣ୍ଡ, ରାତି ଦ୍ୱିପ୍ରହରେ ମାଇପ ରାଣ୍ଡ ।" ପୂର୍ବେ ରାଜାମାନେ ସାମାନ୍ୟ କାରଣରେ ପରସ୍ପର ମଧ୍ୟରେ ଯୁଦ୍ଧ-ଘୋଷଣା କରୁ-ଥିଲେ । ଗୋଟାଏ ଆମ୍ବଗଛ ସକାଶେ ଲଙ୍କାକାଣ୍ଡର ସୃଷ୍ଟି । କେତେ ମହାପ୍ରାଣୀ ଅକାଳରେ ରଣଯାଗରେ ଜୀବନାହୁତି ପ୍ରଦାନ କଲେ, କେତେ ନାରୀ ଅନାଥା ହେଲେ—କେତେ ଲୋତକ, କେତେ ରକ୍ତ ବୃଥା ଅପବ୍ୟୟିତ ହେଲା ! ସେଥିପାଇଁ କିଏ ଦାୟୀ ? ସୁଖର ବିଷୟ, ଶୁଭକ୍ଷଣରେ ଇଂରାଜଶାସନ ଏ ଦେଶକୁ ଆସି ବୃଥା ଶକ୍ତିକ୍ଷୟ, ବୃଥା ଆୟୁକ୍ଷୟରୁ ନିସ୍ତାର ପ୍ରଦାନ କରିଅଛି ।

ନଅର ସୀମାରୁ 'ପର୍ବଘର' ନୋ କଥା ସକାଶେ ନିର୍ଦ୍ଦିଷ୍ଟ ହୋଇଥିଲା । ସ୍ଥାନଟି ନିର୍ଜ୍ଜନ ଓ ମାଲୁଆ ମସ୍ତଧରର ପାଦଦେଶରେ ଅବସ୍ଥିତ ହେତୁ ପ୍ରାକୃତିକ ବିଭବରେ ଦୃଷ୍ଟିରସାୟନ । ଖଲ୍ଲିକୋଟ ରାଜପୁରୀ ମାଲୁଆ ପର୍ବତର କଟିଦେଶରେ ଅବସ୍ଥିତ । ସେହି ସୁନ୍ଦରୀ ପୁରୀ ଦୂରରୁ ଗିରିରାଜ ହିମାଳୟ-କୋଳରେ ଗିରିରାଜ-କେମା ଉମା ପ୍ରାୟ ସୁନ୍ଦର ଦିଶେ । ନିସର୍ଗ-କୃତ୍ରିମର ମୋହନ ମିଳନ ଶୋଭାର ଚରମୋତ୍କର୍ଷ । ବନଫୁଲ ସଙ୍ଗେ ଉଦ୍ୟାନ ଫୁଲ ରହିଲେ ସୁଷମାର ସୁବର୍ଣ୍ଣଧାରା ବହିଯାଏ । ଅପରାହ୍ଣ ବୃଦ୍ଧବେଳା ସମୟରେ ରାଜା-

ମହୋଦୟଙ୍କ ପର୍ଶନାଲ କ୍ଲର୍କ ଶ୍ରୀଯୁକ୍ତ ଶ୍ରୀବତ୍ସ ପଟ୍ଟନାୟକ ମହାଶୟ ଆସି ମୋର ନାନା ସୁବିଧା କରାଇବାକୁ ଲାଗିଲେ । ପ୍ରକୃତରେ ମୋର ଏତେ ସୁବିଧାର ଆବଶ୍ୟକତା ନ ଥିଲା । କେବଳ ରାଜସମ୍ମାନ ହେତୁ ଅତିରିକ୍ତ ଗ୍ରହଣ କରିବାକୁ ହେଲା । ଏଥିପରେ ଆଉ କେତେ ଜଣ ପୁରୁଣା ବନ୍ଧୁ ଓ ପରିଚିତ ବ୍ୟକ୍ତି ଆସି ଉପସ୍ଥିତ ହେଲେ । ସେମାନଙ୍କ ସହ ବିବିଧ ବାକ୍ୟାଳାପରେ ବହୁକ୍ଷଣ ଅତିବାହିତ ହେଲା । ରାତ୍ରି ଆଠଘଣ୍ଟା ପରେ ସମସ୍ତେ ବିଦାୟ ହୋଇ ଗଲେ । ଆମ୍ଭେମାନେ ଅହୋରାତ୍ରେ ଶ୍ରାନ୍ତିହାରିଣୀ ଶାନ୍ତିଦାୟିନୀ ନିଦ୍ରାଦେବୀଙ୍କ ଶୀତଳ ଚରଣ ତଳେ ଆଶ୍ରୟ ଗ୍ରହଣପୂର୍ବକ ତାଙ୍କର ଆରାଧନାରେ ଐକାନ୍ତିକତା ପ୍ରଦର୍ଶନ କଲୁଁ ।

୪।୩।୧୯—'ସ୍ଥାନ ଗୁଣେ ମନ ପ୍ରସନ୍ନ', ଏହା ଅମୂଳକ ନୁହେଁ । ଆଜି ପ୍ରତ୍ୟୁଷରୁ ମନ କି ଏକ ଅଜ୍ଞାନ ଆନନ୍ଦ-ତୀର୍ଥରେ ପରିସ୍ନାତ । ସବୁବେଳେ ସମ୍ମୁଖରେ ମହାପ୍ରକୃତି ମାଆଟି । ସେ ନୀରବରେ, ଇଙ୍ଗିତରେ କେତେ କଥା କହୁଅଛି—କେତେ ଉପଦେଶ ଦେଉଅଛି, କେତେ ଗୀତ ଗାଉଅଛି, କେତେ ହସୁଅଛି, କେତେ କାନ୍ଦୁଅଛି, ତାହା ମାନବ ମୁଁ କେମନ୍ତେ ବୁଝିବି ! କିଛି ବୁଝେ ନାହିଁ, ବୁଝିବାର ଶକ୍ତି ନାହିଁ—ବୁଝିବାକୁ ବିଫଳ ଚେଷ୍ଟା କରୁ ନାହିଁ । ଖାଲି ଦେଖୁଛି, ଶୁଣୁଛି, ଆଉ ମୁଗ୍ଧ ହେଉଛି; କେବେ ବା ଚମତ୍କୃତ ହେଉଛି । ଆନନ୍ଦ ଓ ଆଶ୍ଚର୍ଯ୍ୟ ମୋ ପ୍ରାଣରେ ବିଦ୍ୟୁତ୍ ସଞ୍ଚାଳନ କରୁଛି । ଚନ୍ଦ୍ରବାତ ଉତ୍ସୃଷ୍ଟ ନୈଶରେ ଚନ୍ଦ୍ରର ଶୋଭା ଦେଖେ, ସର୍ପ ଉତ୍କର୍ଣ୍ଣ ହୋଇ ସଙ୍ଗୀତ ଶୁଣେ; ମାତ୍ର କେହି କିଛି ବୁଝେ ନାହିଁ । କେବଳ ଦେଖିବା ଶୁଣିବା ସେମାନଙ୍କର କାର୍ଯ୍ୟ । ଆଉ ବୁଝାଇଦେବ ଅବା କିଏ ? ସଦ୍‌ଗୁରୁ ଉପଦେଶ ବୋଲି ଉତ୍ତର ହୋଇପାରେ; ମାତ୍ର ତାହା ଠିକ୍ ନୁହେ । ବୈଦ୍ୟର ଔଷଧଦାନର କ୍ଷମତା ଅଛି; କିନ୍ତୁ ପରମାୟୁ ଦାନର କ୍ଷମତା ନାହିଁ । ପୁଣି ସଦ୍‌ଗୁରୁ ଅବା କିଏ ? ମନ ? ସେ ଚଞ୍ଚଳପ୍ରକୃତି ବାନର, ତାହାର ବାଞ୍ଛିତ ପ୍ରିୟସ୍ଥାନ ଗିରିକାନନ ପାଇ ସେ ଉଠି ମାଡ଼ି ଖେଳୁଅଛି । ମୁହୂର୍ତ୍ତେ ଧରିଦେବାକୁ ନାହିଁ । ଏରୂପ ଅବସ୍ଥାରେ କର୍ତ୍ତବ୍ୟ କଅଣ ? ମୋ ସ୍ଥୂଳ ବିବେଚନାରେ ଦେଖିବା ଶୁଣିବା ଏବଂ ମୁଗ୍ଧ ହେବା ହିଁ ଶ୍ରେୟ ଏବଂ ପ୍ରେୟ କର୍ତ୍ତବ୍ୟ । ସେଥିରୁ ଆଉ କିଛି ନ ମିଳୁ, ଆନନ୍ଦ ମିଳିବ, ସେହି ଆନନ୍ଦରେ ଚିତ୍ତ ପ୍ରସନ୍ନ ହେବ ।

ରାତିରେ ରାଜାଙ୍କ ସାକ୍ଷାତ୍‌କାର ଲାଭ କରିବାର ସ୍ଥିର ହୋଇଥିଲା । ପ୍ରାୟ ୨ ଘଣ୍ଟା ସମୟରେ ଜୟକୃଷ୍ଣ ବାବୁ ଆସି ମୋତେ ଡାକି ନେଇଗଲେ । ଦ୍ୱିତଳ ଅଫିସ ପ୍ରାସାଦ ଦେଇସିବାକୁ ହେଲା । ଅଫିସ ଗୃହର ପ୍ରତ୍ୟେକ ପ୍ରକୋଷ୍ଠରେ ବୈଦ୍ୟୁତିକ ଆଲୋକ ଓ ପଙ୍ଖାର ବ୍ୟବସ୍ଥା ଅଛି । ମୁଁ ଯାଇ ଶ୍ରୀବତ୍ସ ବାବୁଙ୍କ ଅଫିସ ଗୃହରେ ବସିଲି । ସଙ୍ଗରେ ମୋର ପତ୍ରିକା ଥିଲା । ଶ୍ରୀବତ୍ସ ବାବୁ ସାଦର ସମ୍ଭାଷଣରେ ଆପ୍ୟାୟିତ କଲେ । ସେ ଜଣେ ବ୍ୟବହାର-ନିପୁଣ ଚତୁର ବ୍ୟକ୍ତି । ଅଧିକନ୍ତୁ ବହୁ ଅବଧାନୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ୍ଭମାନଙ୍କ ସଙ୍ଗରେ କଥାବାର୍ତ୍ତା ଚଳୁଥାଏ; ନିଜର କର୍ତ୍ତବ୍ୟ ସମ୍ପାଦନ ସଙ୍ଗେ ସଙ୍ଗେ ବହୁ ଲୋକଙ୍କୁ ବିଭିନ୍ନବିଷୟକ ବହୁ ଉତ୍ତର ଦେବାକୁ ପଡ଼ୁଥାଏ; ମାତ୍ର କାହିଁରେ ବ୍ୟାଘାତ ନାହିଁ; ଉକ୍ତ କର୍ମଚାରୀ ଦେଖିଲି ଅଭିମାନ ନାହିଁ । ଆଉ ଗୋଟିଏ ପ୍ରଶଂସନୀୟ ଗୁଣ ଏହି ଯେ, ଯେ ଯେଉଁପରି ବୋଧ ହେବ, ତାହାକୁ ସେହିପରି ବୋଧ କରନ୍ତି । ସ୍ୱୀୟ ପ୍ରଭୁଙ୍କ ଗୌରବକୁ ସ୍ୱୟଂ ବିଶ୍ୱସ୍ତ ଭାବରେ କାର୍ଯ୍ୟ କରିବାକୁ ସେ ଚିର ଅଭ୍ୟସ୍ତ ।

କିଛିକ୍ଷଣ ପରେ ମାନନୀୟ ରାଜା ମହୋଦୟଙ୍କ ସ୍ୱତନ୍ତ୍ର ଅଫିସ ଗୃହରେ ତାହାଙ୍କର ସାକ୍ଷାତ୍ କଲି । ସେ ଗତବର୍ଷ ଏଫ୍. ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଗ୍ରୀଷ୍ମାବକାଶ ପରେ ବି. ଏ. ଅଧ୍ୟୟନ ସକାଶେ ମାନ୍ଦ୍ରାଜ ଯାତ୍ରା କରିବେ । ଆଡ଼ମ୍ବର ବା ରାଜ-ଅଭିମାନ ଦେଖିଲି ନାହିଁ । ଏକଘଣ୍ଟା ପର୍ଯ୍ୟନ୍ତ ଶିକ୍ଷା, ସାହିତ୍ୟ ଓ ଗାର୍ହସ୍ଥ୍ୟ-ବିଷୟକ କଥାବାର୍ତ୍ତାରୁ ବୁଝିଲି, ମାତୃକ ସଦ୍‌ଗୁଣାବଳୀ ଧୀରେ ବାଳକ ରାଜାଙ୍କ ହୃଦୟମୁକୁରରେ ପ୍ରତିବିମ୍ବିତ କରିଅଛନ୍ତି । ତାଙ୍କର ବିନୟ ସୌଜନ୍ୟ ଦେଖି ମୁଁ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛି । "ଯଥା

ଭୁଲେ ଜନ୍ମ, ତଥା ଗଚ୍ଛନ୍ତୁ" ଏବଂ "ନମନ୍ତି ଫଳିନୋ ବୃକ୍ଷାଃ" ଏ ଉଭୟ ନୀତିଶ୍ଳୋକ ତାହାଙ୍କ ନିକଟରେ ସତ୍ୟ ଓ ସାର୍ଥକ ହୋଇଅଛି । ତାଙ୍କର ବେଶ ଯେଉଁପରି ସରଳ, ବ୍ୟବହାର ମଧ୍ୟ ସେହିପରି ସରଳ । ବର୍ତ୍ତମାନ କାଳରେ ଏରୂପ ଉଦାର ମଧୁରସ୍ୱଭାବ ସ୍ୱଜନପ୍ରିୟ ମାନଙ୍କ ସ୍ଥାନରେ ବିରଳ ପରିଲକ୍ଷିତ ହୁଏ । ରାଜାମହୋଦୟଙ୍କ ଭାବୀ ପ୍ରଜା-ପାଳନର ମଙ୍ଗଳମୟ ଅଦ୍ଭୁତ ଆଭାସ ତାଙ୍କ ସ୍ୱଭାବିତ ଅନ୍ତଃକରଣରୁ ଅନୁମେୟ । ବାଳକ ରାଜାଙ୍କ କୋମଳ ହୃଦୟରେ ଏ ବସ୍ତୁପ୍ରଶଂସ୍ୟ ନିଷ୍କାମ-ବ୍ରତ ବୀଜ କିଏ ରୋପଣ କଲା ? ଏ ପ୍ରଶ୍ନର ସ୍ୱତଃ ଉତ୍ତର—ତାଙ୍କର ବହୁମୁଖୀ ପ୍ରଜ୍ଞା ଓ ଓଜସ୍ୱିନୀ ପ୍ରତିଭା । ସାଢ଼େ ଆଠ-ଘଣ୍ଟିକା ସମୟରେ ରାଜାମହୋଦୟଙ୍କ ନିକଟରୁ ବିଦାୟ ନେଇ ଆମ୍ଭେମାନେ ବସାକୁ ଆସିଲୁଁ । ଆଜି ରାତ୍ରି ତିନିଟା ସମୟରେ କାଳୀଜୟୀ ଯିବାକୁ ହେବ । ସୁତରାଂ ଯଥାଶୀଘ୍ର ଆହାର କରି ଶୟନ କରିବାକୁ ହେଲା; କିନ୍ତୁ ସହଜରେ ନିଦ୍ରା ହେଲା ନାହିଁ । ମନ ମନ କଲେ କଅଣ ହୋଇ ନ ପାରେ ? ସେ କଳ୍ପନାରେ ତାର ମନୋମତ କାଳୀଜୟୀ ପର୍ବତଟିଏ ଗଢ଼ିନେଇ ସେଥିରେ ଖେଳ ବୁଲି କେତେ କଅଣ କରିବାକୁ ଲାଗିଲା । ଦୁଷ୍ଟା ଉତ୍କଣ୍ଠା ତାକୁ ମୁହୁର୍ମୁହୁ ଉତ୍ତେଜିତ କଲା । ଏହିରୂପେ କେତେ କ୍ଷଣ ଅତୀତ ହେଲା । ମନକୁ ସେ ଚିନ୍ତାରୁ ଯେତେ ଛଡ଼ାଇବାକୁ ଚେଷ୍ଟା କଲେହେଁ ସେ ଛାଡ଼ିଲା ନାହିଁ । ସ୍ୱଭାବତଃ ସେ ଜୋକ ପରି କ୍ରିମୂହିଁ । ଗୋଟାଏ ମୁହିଁ ଛଡ଼ାଇଦେଲେ ଆଉ ମୁହିଁରେ ଲାଗିଯାଉଥାଏ । ପରିଶେଷରେ ମୋର ବ୍ୟସ୍ତତା ଦେଖି ଦୟାମୟୀ ନିଦ୍ରାଦେବୀ ଦୟା କରି ଉପସ୍ଥିତ ହୋଇ ତାଙ୍କର ସମ୍ମୋହନ ସୁବର୍ଣ୍ଣ ଶଳାକା ଛୁଆଁଇଦେଲେ । ତହିଁ-ପରେ ଆଉ କଅଣ ହେଲା, ତାହା ମୋର ଅଜ୍ଞାତ । ମନ, କଳ୍ପନା ଓ ଉତ୍କଣ୍ଠା ଏହି ତିନିଙ୍କ ଭାଗ୍ୟରେ ନିଦ୍ରାଦେବୀଙ୍କ ହସ୍ତରେ କି ଦଶା ଘଟିଲା, ନିଦ୍ରା ଭଙ୍ଗ ପରେ ତାହା ମୁଁ ଆଉ ଭାବି ନାହିଁ ।

ରାତି ଦୁଇଟା ସମୟରେ ଉଠି ସମସ୍ତଙ୍କୁ ଉଠାଇଲି । ଜନ୍ମକୃଷ୍ଣ ବାବୁ ଆଦୌ ଶୋଇ ନାହାନ୍ତି । ସେ ଯାତ୍ରା ଆୟୋଜନରେ ବ୍ୟସ୍ତ । ରନ୍ଧନସାମଗ୍ରୀ, କଳଶିଆ, ବଡ଼ ବଡ଼ ପିତ୍ତଳ ହାଣ୍ଡିରେ ପାଣି, ହାଣ୍ଡି, କାଠ ପ୍ରଭୃତି ଆବଶ୍ୟକୀୟ ପଦାର୍ଥ ପଠାଇ ନୌକାରେ ଗୋଟିଏ ଯାକ ଦୋକାନ ସଜାଇବାର ବ୍ୟବସ୍ଥା କରିଗଲେ । ମୂର୍ତ୍ତିମାନ ବନ୍ଧୁସ୍ୱରୂପ ଅଧିକ ପଦାର୍ଥ ସଙ୍ଗରେ ନେଇ ନିଜକୁ ନିଜେ ବିପନ୍ନ କରିବାକୁ ମୁଁ ଏକାନ୍ତ ବୀତସ୍ପୃହ । ସୁତରାଂ ଖୁବ୍ ସଂକ୍ଷେପରେ ଯାଏ । ଉପସ୍ଥିତ କ୍ଷେତ୍ରରେ ତାହାହିଁ କଲି । ସମସ୍ତେ ଶଗଡ଼ରେ ବସି ଏକ କୋଶ ଦୂରବର୍ତ୍ତୀ ତେନ୍ତୁଳିଆପଡ଼ା ଅଭିମୁଖରେ ଯାତ୍ରା କଲୁଁ । ଗ୍ରାମଟି ଚିଲିକା କୂଳରେ ଅବସ୍ଥିତ । ସେଠାରୁ ନୌକାରେ କାଳୀଜୟୀ ଯିବାକୁ ହେବ । ଅନ୍ଧକାର ରାତି, କେଉଁ-ଆଡ଼େ କିଛି ଦିଶିବାକୁ ନାହିଁ । ଆକାଶ ପୃଥିବୀ ମଧ୍ୟରୁ ସୃଷ୍ଟି ବିଲୋପ ହୋଇଅଛି । ଚୌଦିଗ ନୀରବ, ନିସ୍ତବ୍ଧ । କେବଳ ଥରେ ଥରେ କି ଏକ ଅଜ୍ଞାତନାମା ଦୂର-ଗଗନବିହାରୀ ପକ୍ଷୀଙ୍କର କଠୋର ସ୍ୱର ସେହି ନିସ୍ତବ୍ଧ-ତାକୁ କମ୍ପିତ କରୁଅଛି । ପର୍ବତ ପାଖେ ପାଖେ ଶଗଡ଼ ଚାଲିଲା । ହିଂସ୍ରଜନ୍ତୁଙ୍କ ସ୍ୱାଧୀନ କ୍ରୀଡ଼ା ଦେଖିବାକୁ ବଡ଼ ଇଚ୍ଛା ଥିଲା; ମାତ୍ର ପାର୍ବତୀ ପ୍ରକୃତି ମୋର ସେ ଆଶା ଶୂନ୍ୟ ରଖିଲେ । ଗୋଟିଏ ବିରାଟ ଭୀଷଣ ଦୃଶ୍ୟ ନ ଦେଖିଲେ କୌତୂହଳ କାହୁଁ ମିଳିବ ? ସେଭଳି ଦୃଶ୍ୟର ସୂଚନା ସିନା ବହୁଦିନ ସ୍ଥାୟୀ ହୋଇ ଲାଗିଥାଏ । ତିନିଟା ପୂର୍ବରୁ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ହେଲୁ । ନାବ ସହ ନାବିକମାନେ ଆମ୍ଭମାନଙ୍କ ପ୍ରତୀକ୍ଷାରେ ଥିଲେ । ମୁଁ ଗାଡ଼ିରୁ ଓହ୍ଲାଇ ନିତ୍ୟକର୍ମରେ ପ୍ରବୃତ୍ତ ହେଲି । ପ୍ରତ୍ୟହ ତିନିଟା ବେଳୁ ଉଠି ନିତ୍ୟକର୍ମ ଶେଷ କରିବା ମୋର ଚିରଦିନର ଅଭ୍ୟାସ । ସେଥିର ବ୍ୟତିକ୍ରମ ଘଟିଲେ ଶରୀର ଅସୁସ୍ଥ ହୁଏ ।

ଠିକ୍ ତିନିଟା ସମୟରେ ଆମ୍ଭେମାନେ ନୌକାରୋହଣ କଲୁଁ । ନାବିକମାନଙ୍କୁ ମିଶାଇ ଆମ୍ଭମାନଙ୍କ ଦଳର ସମଷ୍ଟି ଦଶଜଣମାତ୍ର । ନାବିକମାନେ କାଳୀଜୟୀ ଦେବୀଙ୍କୁ ଗଙ୍ଗାଙ୍କ ପ୍ରତିମୂର୍ତ୍ତି ଜ୍ଞାନ କରନ୍ତି ଓ ଚିଲିକାର ଅଧିଷ୍ଠାତ୍ରୀ ଦେବୀ ହେତୁ ତାହାଙ୍କୁ ପୂଜା କରନ୍ତି । ନାବିକମାନେ "ଜୟ ମା ଗଙ୍ଗା" ଉଚ୍ଚାରଣପୂର୍ବକ କାଳୀ-ଜୟୀଙ୍କ ଉଦ୍ଦେଶ୍ୟରେ ମିଷ୍ଟାନ୍ନ ଭୋଗ ଦେଇ ନୌକା ଛାଡ଼ିଦେଲେ । ଆମ୍ଭେମାନେ ମଧ୍ୟ ଗଙ୍ଗା ନାମ ଉଚ୍ଚାରଣ

କର ଯୋଡ଼ି ହସ୍ତରେ ନମସ୍କାର କଲୁଁ । ନୌକା ଛାଡ଼ିବାର ଅବ୍ୟବହିତ ପରେ ନାବିକମାନେ ସମସ୍ୱରରେ ଗଙ୍ଗାଦେବୀଙ୍କର ଗୋଟିଏ କଣାଣ ସଙ୍ଗୀତ ଗାନ କଲେ । ସଙ୍ଗୀତଟି ସଂଶୋଧନ ନ କରି ସେମାନେ ଯେଉଁପରି ଗାଇଥିଲେ, ଅବିକଳ ସେହିପରି ଲେଖିଲି ।

"ମାତ ଲୋ ଭାଗୀରଥୀ ଗଙ୍ଗା,
ଭସୁଛି ଅଗାଧ ଜଳେ କୂଳେ ନେଇ ଲଗା । ପଦ ।
ସିନ୍ଧୁ ମଧ୍ୟେ ମାତ ଭୁଞ୍ଜି ବାସ କଲୁ ଆସି,
ଦୁର୍ଘଟ ପଡ଼ଇ ଯାଉ ତା ଭୟ ଉଶ୍ୱାସି ।
ମାତା ଗର୍ଭେ ସୁତ ଯେବେ ପାଦ ପ୍ରହାରଇ,
ସେ ଦୋଷ କି ମାତା ତାର ତା ପକ୍ଷେ ଘେନଇ ?
ତୁ ଯେବେ ନସ୍ୱଶ ମାତ କରିବୁ ଏଠାରେ,
ନିନ୍ଦା ଅପକୀର୍ତ୍ତି ହେବ ଏ ମାୟା ସଂସାରେ ।
ସେହି ଦୟା ମୋହଠାରେ ବାରେମାତ୍ର ହେଉ,
ବିଖ୍ୟାତ ବାନା ତୋହର ଅବିଖ୍ୟାତ ନୋହୁ ।
ଭଣେ ଦୀନକୃଷ୍ଣ ଦାସ ତୋ ପାଦେ ଶରଣ,
ତୁମ୍ଭ ଶ୍ରୀଚରଣ ତଳେ ରହୁ ମୋର ମନ ।"

ଏ ଦୀନକୃଷ୍ଣ ଦାସ କିଏ, ଜଣାଯାଉ ନାହିଁ । ସମ୍ଭବତଃ ରସକଲ୍ଲୋଳ-ପ୍ରଣେତା ନୁହନ୍ତି । ସଙ୍ଗୀତଟି ବଡ଼ ଭାବପ୍ରାଣ । ତାଳ ଲୟ ଧରି ଗାଉଥିବା ବେଳେ ବଡ଼ ମଧୁର ବୋଧହେଲା । ତାହା ଅଶିକ୍ଷିତର ମୁଖ-ବାଣୀ ହେଉ ପଛେ; ମାତ୍ର ତହିଁରେ ବିଶେଷତ୍ୱ ଅଛି । ସେଥିରେ ପ୍ରାଣର ପ୍ରାର୍ଥନା, ମାତୃତ୍ୱର ଦାବୀ, ଭକ୍ତର ଅଭିମାନ ଓ ଆତ୍ମସମର୍ପଣ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ । ମୁକ୍ତପ୍ରାଣରେ ଏହିଳି ହୃଦୟର ଭାବ ବ୍ୟକ୍ତ କରିବା କେବଳ ସରଳବିଶ୍ୱାସୀ ଭକ୍ତ ପକ୍ଷରେ ସମ୍ଭବ । ନୌକା ଖଣ୍ଡେଦୂର ଗଲାପରେ ନାବିକମାନେ ପାଲ ଟାଣିଦେଲେ । ଅନୁକୂଳ ପବନ ପାଇ ନୌକା ଶୀଘ୍ରଗତିରେ ଅଗ୍ରସର ହେଲା । ତରଙ୍ଗରେ ନୌକା ଦୋଦୁଲ୍ୟମାନ ହେଲା-ବେଳେ ମାତୃକୋଳରେ ବସି ଝୁଲିଲା ପ୍ରାୟ ସୁଖକର ବୋଧ ହେଲା । ଲହରୀଗୁଡ଼ିକ ନୌକାରେ ପ୍ରତିହତ ହୋଇ ନୌକା ଦେହରେ ଘର୍ଷିହୋଇ କୁଳୁ କୁଳୁ ଶବ୍ଦ କରି ଚାଲିଯାଉଥାଏ । ଆହା, ସେହି କୋମଳ କୁଳୁ କୁଳୁ ଧ୍ୱନି ମାତୃକଳ୍ପା ଚିଲିକାଦେବୀଙ୍କ ମଧୁର ମଙ୍ଗଳ ପୁଣ୍ୟାଶୀର୍ବାଣୀ ପ୍ରାଣରେ ଅପୂର୍ବ ଆନନ୍ଦଧାରା ଢାଳି ଦେଉଥାଏ । ସଙ୍ଗୀମାନେ ସମସ୍ତେ ଦେବୀଙ୍କ ଅଙ୍କରେ ସନ୍ତାନର ପ୍ରାପ୍ୟ ଲାଭକଲେ । ମାତୃସନ୍ନ, ମାତୃସ୍ନେହ ପାଇ ସେମାନେ ଚିଲିକାମାତାଙ୍କୁ ଭୁଲିଗଲେ । ମୁଁ ଏକା ଉଜାଗର ରହିଲି । ଅନ୍ଧକାରରେ ଚିଲିକା ଆକାଶ ମିଶିଯାଇଅଛି । ଯେମନ୍ତ କି ସେମାନେ ମୁହଁକୁ ମୁହଁ ଲଗାଇ କି ଗୁପ୍ତ ମନ୍ତ୍ରଣାରେ ନିଯୁକ୍ତ । ସେ ମନ୍ତ୍ରଣା ଜାଣିବାର କୌଣସି ଆବଶ୍ୟକତା ମୋର ନାହିଁ । ତାହା ବଡ଼ଙ୍କର ବଡ଼ କଥା, ମୋ ଭଳି କ୍ଷୁଦ୍ରର ତହିଁରେ କି ଲାଭ ? ମୁଁ ଖାଲି ଅନାଇ ରହିଲି । ଦେଖିଲି, ଚିଲିକାର ବିରାଟ ମହିମା-ମଣ୍ଡିତ ବିରାଟ ଶରୀର । ଦେଖିଲି, ମହା ପ୍ରକୃତିର ମହାଶକ୍ତି ମୂର୍ତ୍ତି ଧରି ବସିଛି ଏବଂ ଦେଖିଲି, ତାହାର ରୁଦ୍ର ଫେନ-ହାସ । ଅନ୍ୟ ଶବ୍ଦ କିଛି ନାହିଁ । କେବଳ ମଧ୍ୟରେ ଝପ୍ ଝପ୍ ଶୁଭୁଅଛି । ତାହା ମତ୍ସ୍ୟମୃଗୟୁ ପକ୍ଷୀମାନଙ୍କର ଜଳରେ ବୁଡ଼ିବାର ଶବ୍ଦ । ମାଝିମାନେ ସୁଦ୍ଧା ଶୋଇଲେ । ନୌକା ତ ପବନ ବଳରେ ଚାଲିଅଛି; ସୁତରାଂ ତାଙ୍କର ଭାବନା କଅଣ ? ସେମାନେ ନିଶ୍ଚିନ୍ତ ହୋଇ ନାସିକା-ଘର୍ଘଧ୍ୱନି କରିବାକୁ ଲାଗିଲେ । ଡାକିଲେ ସୁଦ୍ଧା ଶୁଣିଲେ ନାହିଁ । ତହୁଁ ମନରେ ପଡ଼ିଗଲା—

"ବିଶାରଦ ସେ ସାମନ୍ତ ମଣ୍ଡିରେ ଦାସ ସେବିତ
ତାକ ନ ଶୁଣନ୍ତେ ରଘୁନାଥ କହିତ ।
ବଣଧର ହାସ୍ୟେ କି ଭୁଜ,
ବାରେ ନେତ୍ର ତ'ଳ ସୁହାଁ ଉଦାର ନୋହୁ ।"

ଉଞ୍ଜଳର କାଣ୍ଡି ନ ଥିଲେ କଅଣ ? ନାଉରିମାନେ ଯେ ସ୍ୱଭାବତଃ ବଦ୍ରମଗଜା, ଏହା ସୁଦ୍ଧା ତାଙ୍କର ସୌଭାଗ୍ୟ-ବିଳାସ-ବର୍ଜ୍ଜିତ ସରଳଜୀବନରେ ଅନନୁଭୂତ ନ ଥିଲା । କ୍ରମେ ପ୍ରଭାତ ହୋଇ ଆସିଲା, ସମସ୍ତେ ଉଠିଲେ । ମେଘାବରଣ ହେତୁରୁ ସୂର୍ଯ୍ୟୋଦୟ ଦେଖା-ଗଲା ନାହିଁ । ତରଣୀ କାଳୀଜାୟୀ ଘଣ୍ଟରେ ପଡ଼ିଲା । କାଳୀଜାୟୀ ଗିରି ଦେଖାଗଲା । ତାହା ମସ୍ତକରେ ସ୍ୱର୍ଣ୍ଣମୁକୁଟ ପ୍ରାୟ ଦେବୀଙ୍କ ଦେଉଳ ମଧ୍ୟ ଦେଖାଗଲା । ଆମ୍ଭେମାନେ ଦୂରରୁ ସମସ୍ତେ ନମସ୍କାର କଲୁ । ଆଶା ସାଫଲ୍ୟ-ସମୀପବର୍ତ୍ତିନୀ ହେଲା । କେତେ କାଳର

ଆକାଙ୍କ୍ଷା, କେତେ କାଳର ଅବରୁଦ୍ଧ ଉତ୍କଣ୍ଠା, ଯାହା ଲାଗି ମୋ ପ୍ରାଣରେ ବୈଚିତ୍ର୍ୟ କରୁଥିଲେ, ଆଜି ତାହାର ସମୀପବର୍ତ୍ତୀ ହୋଇ ମଙ୍ଗଳମୟଙ୍କ ମଙ୍ଗଳ ଆଶୀର୍ବାଦରୁ ସେହି ଆକାଙ୍କ୍ଷା ଉତ୍କଣ୍ଠାର ଋଣ ପରିଶୋଧରେ କ୍ଷମ ହେଲି । ବାସନାର ବୋଝ ଲଘୁ ହେଲା । ବାଲୀଜାତ୍ରୀ ଗିରି ଉଚ୍ଚ ପର୍ବତ ନୁହେଁ—ତାହା ଖଣ୍ଡିଏ ଦ୍ୱୀପ ପରି । ଜଳର ସମତଳରୁ ପ୍ରାୟ ୫୦ ହାତ ଉଚ୍ଚ । ନୌକା ଯେତେ ନିକଟବର୍ତ୍ତୀ ହେଉଥାଏ, ଦ୍ୱୀପର ଆକର୍ଷଣୀ ଶକ୍ତି ତେତିକି ବୃଦ୍ଧି ଲାଭ କରୁଥାଏ । ପ୍ରାତଃ ଛଅଘଣ୍ଟା ସମୟରେ ନାବ ଦ୍ୱୀପରେ ଲାଗିଲା । ଛାଗ,ମେଷ ଓ କୁକ୍କୁଟଯୂଥ ଆମ୍ଭମାନଙ୍କ ଅଭ୍ୟର୍ଥନା ସକାଶେ ଆଗରୁ ନୌକା ଲାଗିବା ସ୍ଥାନରେ ଆସି ଠିଆହୋଇଥିଲେ । ଅବତରଣମାତ୍ରେ ଆନନ୍ଦ କୋଳାହଳ ସହ ଆମ୍ଭମାନଙ୍କୁ ଘେରିଗଲେ । କେହି ବା ଆନନ୍ଦମିଶ୍ରିତ କାତର ଦୃଷ୍ଟିରେ ଚାହିଁ ରହିଲା । ଦ୍ୱୀପଖଣ୍ଡିକ ସେମାନଙ୍କ ପକ୍ଷରେ ଆଣ୍ଡାମାନ । ବିନା ଅପରାଧରେ ସେମାନେ ଏହି ନିର୍ଜନ ଦ୍ୱୀପରେ ନିର୍ବାସନ ଶାସ୍ତି ଭୋଗ କରୁଅଛନ୍ତି । ଆମ୍ଭେମାନେ ପୂର୍ବରୁ ସେମାନଙ୍କ କଥା ଶୁଣି ସେମାନଙ୍କ ପାଇଁ ଖଇ, ଉଖୁଡ଼ା ପ୍ରଭୃତି ନେଇ ଯାଇଥିଲୁଁ । ତାହା ସେମାନଙ୍କୁ ଖାଇବାକୁ ଦିଆଗଲା । ଆମ୍ଭେମାନେ ଦେଉଳ ଆଡ଼କୁ ଅଗ୍ରସର ହେଲୁଁ । ସେମାନେ ଆମ୍ଭମାନଙ୍କୁ ଘେରି ଚାଲିଲେ ।

ମନ୍ଦିର ପାଖରେ ପହଞ୍ଚିଲାକ୍ଷଣି ହଠାତ୍ ବୃଷ୍ଟି ଢାଳି ପକାଇଲା । ତାହାଁ ସଙ୍ଗେ ସଙ୍ଗେ ପ୍ରବଳ ପବନ ବହିଲା । ମୁହୂର୍ତ୍ତକ ମଧ୍ୟରେ ବୈଶାଖ ବାତ୍ୟାଗର୍ଭ-ଧାରା-ଶ୍ରାବଣରେ ପରିଣତ ହେଲା । ଚିଲିକାର ଏ ସୁପ୍ତ ଶକ୍ତି ହଠାତ୍ ଜାଗ୍ରତ ହୋଇ ଭୀଷଣ ଉତ୍ପାତ ଆରମ୍ଭ କଲା । ଚିଲିକା ନିବିଡ଼ ତରଙ୍ଗମୟ ହୋଇ ଉଠିଲା । ଦୂର ପାଖରୁ ଉତ୍ତୁଙ୍ଗ ତରଙ୍ଗମାଳା ଦ୍ୱୀପକୁ ଆକ୍ରମଣ କଲେ । ଯେମନ୍ତ କି ସେମାନେ ଦ୍ୱୀପଖଣ୍ଡି ଲେଉଟାଇଦେବେ । ଚିଲିକାର ଗଭୀର ବିକଟ ହୁଙ୍କାର ପ୍ରଭଞ୍ଜନର ରୁଦ୍ର ଝଙ୍କାର ଏବଂ ଛାଗ କୁକ୍କୁଟକୁଳର ଆର୍ତ୍ତ ଚିତ୍କାରରେ କର୍ଣ୍ଣ ବଧିର ହେଲା ପ୍ରାୟ ବୋଧ ହେଲା । ହଠାତ୍ ଏ ବିପଦର ଅଗ୍ନିକୁଣ୍ଡ ସୃଷ୍ଟି ଦେଖି ଆମ୍ଭେମାନେ ଅସ୍ଥିର ହୋଇପଡ଼ିଲୁଁ । ଭୀଷଣ ଶୀତରେ ହାତ ଗୋଡ଼ ଖିଲ ମାରିଗଲା । ମୁଁ ବଡ଼ ଅବସନ୍ନ ହୋଇ ପଡ଼ିଲି । ଆଶ୍ରୟ ନେବାକୁ ସ୍ଥାନ ନାହିଁ । ଦ୍ୱୀପରେ ବଡ଼ ଗଛ ସୁଦ୍ଧା ନାହିଁ । ଦେଉଳ ମନ୍ଦିରରେ ପ୍ରସ୍ତୁତ ହେଉଅଛି । ତାହା ଏତେ ଅସମ୍ପୂର୍ଣ୍ଣ ଯେ ମଧ୍ୟରେ ଆଶ୍ରୟ ନେବାର ଉପାୟ ନାହିଁ । ନିକଟରେ ଖଣ୍ଡିଏ ତାଳ-ବରଡ଼ା ନିର୍ମିତ ପାଲ ଦେଖିଲୁଁ । ତାହା ମାନଧାତାଙ୍କ ଅମଳର । ବୋଧହୁଏ ଦେଉଳର ଭିତ୍ତିପାତ ସମୟରେ କୁଲିମାନେ ରହିବା ସକାଶେ ତାହା ପ୍ରସ୍ତୁତ କରିଥିଲେ । ପବନ ଦେବଙ୍କ ପ୍ରସାଦରୁ ପାଲଖଣ୍ଡିକ ଛିଣ୍ଡିପାଖ ମୁକୁଳା । ସଙ୍ଗୀମାନେ ମୋତେ ସେହି ପାଲରେ ରଖି ଉଡ଼ିଯାଇଥିବା ଅଂଶ ତାଳପତ୍ର ଭୁଙ୍ଗିଆଣି ଆଚ୍ଛାଦନ କରିଦେଲେ । ମୁଁ ସମସ୍ତଙ୍କ ଲୁଗା ଘୋଡ଼ି-ହୋଇ ପାଲ ଭିତରେ ବସିଲି । ପବନଦେବ ଅନୁଗ୍ରହ-ପୂର୍ବକ ମନ୍ଦମୂର୍ତ୍ତି ମୋର ଉଠିକଣ୍ଡି ସ୍ଥାନାନ୍ତର କରିବାକୁ ଯତ୍ନ କଲେ; ମାତ୍ର ମୁଁ ମଥାନରେ ଓହ୍ଲାଇ ପ୍ରାଣପଣରେ ସେ ଦାଉ ସମ୍ଭାଳିନେଲି । ଦୁର୍ବଳ ହେଲେ କ'ଣ ହେବ, ପ୍ରବଳ ପବନକୁ ଜୟ କରିବାକୁ ସମର୍ଥ ହେଲି । ଯଥେଷ୍ଟ ଆତ୍ମପ୍ରସାଦ ମଧ୍ୟ ଉପଭୋଗ କଲି । ଭାବିଲି ଏ ଅକାଳ ବୃଷ୍ଟିର କାରଣ ଅନ୍ୟ କିଛି ନୁହେଁ, ବୋଧହୁଏ ଇନ୍ଦ୍ରଦେବ ଏହି ନିର୍ବାସିତ ପଶୁପକ୍ଷୀଙ୍କ ପ୍ରତି କୃପାପରବଶ ହୋଇ ଲବଣ ଜଳପାନର ଅରୁଚି ଛଡ଼ାଇବା ପାଇଁ ଆକାଶରୁ ଅମୃତ-ଧାରା ଢାଳି ଦେଉଅଛନ୍ତି । ଅନର୍ଗଳ ବୃଷ୍ଟି ଓ ତୋଫାନ ! ଏକୁଟିଆ ନିଷ୍କର୍ମା ହୋଇ ବସିବାକୁ ମନ ବଳିଲା ନାହିଁ । ତହୁଁ ବୈଦେଶୀକ ବିଳାସ ଆରମ୍ଭ କଲି; ମାତ୍ର ଏ ନିର୍ଜନ ସ୍ଥାନରେ, ପ୍ରକୃତିର ଏ ଭୀଷଣତା ମଧ୍ୟରେ ମୋର ଏ ଗୀତ କିଏ ଶୁଣିବ ? କେତେଗୋଟି ଛାଗ କୁକ୍କୁଟ ମୋ ପାଖରେ ଆଶ୍ରୟ ନେଇଥିଲେ, ସେହିମାନେ ଶୁଣିଲେ । ସମସ୍ତେ ଯେ ଶୁଣିଲେ ତାହା ନୁହେ, କେହି କେହି ଶାନ୍ତି-ପ୍ରୟାସୀ କୋଳାହଳଦ୍ୱେଷୀ ଭଦ୍ର ପ୍ରାୟ ଗୋଳମାଳ ଶୁଣି ତୀବ୍ର ପ୍ରତିବାଦ କରି ଉଠୁଥାନ୍ତି । ମୁଁ ସୁଖରେ ବସି ମନଫୁଲଣା ଗୀତ ଗାଇଲି; ମାତ୍ର ସେଉଁମାନେ

ମୋର ସୁବଧା କରୁଇଦେଲେ ସେମାନେ କେଉଁ ଅଡ଼େ ଗଲେ ବା କଅଣ ହେଲେ ସେ ଆଡ଼କୁ ମୋର ଦୃଷ୍ଟି ଦେବାର ଅବସର ମୁଁ ପାଇଲି ନାହିଁ । ଏହାହିଁତ ସୁଯୋଗତ କୃତଜ୍ଞତା । ସମସ୍ତେ ଶାନ୍ତ ଶୀତରେ ଥରୁଲେ । ମନ୍ଦିର ଭିତରକୁ ଯାଇଥିଲେ ନିରୁପଦ ହୋଇପାରିଥାଆନ୍ତେ; ମାତ୍ର ସ୍ନାନ କରି ନ ଥିବା ହେତୁ ନିଜକୁ ଅପବିତ୍ର ମଣି ଦେଉଳ ଗଲେ ନାହିଁ । ସ୍ୱବଳି ଏମାନେ କି ଭ୍ରାନ୍ତ ! ମନ୍ଦିରରେ ଯଦି ଦେବତା ଥାଆନ୍ତେ, ତେବେ ସେଠାକୁ ଅପବିତ୍ର ହୋଇ ଗଲେ ପବିତ୍ର ହୋଇ ଆସିବାକୁ ହେବ । ପବିତ୍ର ସ୍ପର୍ଶରେ ଅପବିତ୍ର ସୁଦ୍ଧା ଯେ ପବିତ୍ର ହୋଇଯାଏ, ଏହା ଏମାନେ ଜାଣନ୍ତି ନାହିଁ ।

ଆଜି ଏକ ବିପଦ । ପବନ ଓ ତରଙ୍ଗ ଆଘାତରେ ନୌକାଖଣ୍ଡି ପ୍ରବଳ ଭାବରେ ଉତ୍‌କ୍ଷିପ୍ତ ଏବଂ ନିକ୍ଷିପ୍ତ ହୋଇ ପଥର ବାଜି ଫାଟିଯିବାର ଆଶଙ୍କା ଜାତ କଲା । ତାହାହେଲେ ଏହି ନିସଙ୍ଗ ପଶୁପକ୍ଷୀ ଭଳି ଆମ୍ଭମାନଙ୍କୁ ସୁଦ୍ଧା କିଛିକାଳ ଏହି ଦ୍ୱୀପରେ ନିର୍ବାସିତ ହୋଇ ରହିବାକୁ ପଡ଼ିବ । ନାବିକମାନେ ନାନାବିଧ ଚେଷ୍ଟା କରି ସୁଦ୍ଧା ନୌକାକୁ ସ୍ଥିର କରି ରଖି-ପାରିଲେ ନାହିଁ । ତହୁଁ କନ୍ଦୁକୃଷ୍ଣ ବାବୁ ଏକ କୌଶଳ ଉଦ୍ଭାବନ କଲେ । ଦୁଇଟା ବଡ଼ ପଥରକୁ ଦଉଡ଼ିରେ ବାନ୍ଧି ନୌକାରେ ରଖିବାକୁ ହେଲା । ପରେ ନୌକାକୁ ଗଭୀର ଜଳକୁ ଘେନିଯାଇ ସେହି ପ୍ରସ୍ତରଦ୍ୱୟ ନଙ୍ଗର କରି ରଖାଗଲା । ସେଥିରେ ନୌକା ଉତ୍‌କ୍ଷିପ୍ତ ନିକ୍ଷିପ୍ତ ହେଲା; ମାତ୍ର ଫାଟିଯିବାର ଆଶଙ୍କା ରହିଲା ନାହିଁ । ଅଠଘଣ୍ଟା ସମୟରେ ବୃଷ୍ଟି ତୋଫାନ ଛାଡ଼ିଗଲା, ଆକାଶ ନିର୍ମଳ ହେଲା, ଚିଲିକା ମଧ୍ୟ ଶାନ୍ତଭାବ ଧାରଣ କଲା । ସୂର୍ଯ୍ୟକିରଣରେ କଳସ୍ତ୍ର ଦ୍ୱୀପଟି ହସିଉଠିଲା । ସମସ୍ତେ ଚିଲିକାରେ ସ୍ନାନ କରି ମନ୍ଦିର ଭିତରକୁ ଗଲୁ । ଦେବୀଙ୍କ ଦର୍ଶନ ପରେ ରନ୍ଧନର ବ୍ୟବସ୍ଥା କରିବା ସକାଶେ ସମସ୍ତେ ବାହାରି ଆସିଲେ । ମୁଁ କେବଳ ମନ୍ଦିର ଭିତରେ ରହିଲି ।

ମନ୍ଦିରଟି ଉଚ୍ଚ ନୁହେଁ କି ଖର୍ବକାୟ ନୁହେଁ । ପୂର୍ବକାଳକୁ ହାର, ନବାନ୍ତ ଆଧୁନିକ ହେଉଛି ଶିଳ୍ପକଳା-ବର୍ଜିତ । କେବଳ ଦେହଳୀ ଊର୍ଦ୍ଧ୍ୱରେ ବସ୍ତୁଙ୍କର ଚତୁର୍ଭୁଜ ମୂର୍ତ୍ତି ସନ୍ନିବେଶ ହୋଇଅଛି । ମନ୍ଦିର ଭିତର ପରିଷ୍କୃତ ନୁହେଁ, କଷ୍ଟରେ ୫।୬ ଜଣ ବସିପାରିବେ । ପଶ୍ଚିମ ପାର୍ଶ୍ୱର ଉତ୍ତୋଳିତ ମଣ୍ଡପ ଉପରେ କାଳୀଜାଈ ଦେବୀଙ୍କର ପ୍ରସ୍ତରମୂର୍ତ୍ତି ବିଦ୍ୟମାନ । ତାଙ୍କର ଦକ୍ଷିଣ ଭାଗରେ ଗୋଟିଏ ସିଂହର ମୂର୍ତ୍ତି । ସିନ୍ଦୂରରେ ପ୍ଲାବିତ ହୋଇ ମୂର୍ତ୍ତିଦ୍ୱୟ ଏରୂପ ଅସ୍ପଷ୍ଟ ହୋଇଅଛି ଯେ, ଚିହ୍ନିବାର ଉପାୟ ନାହିଁ । ସିନ୍ଦୂର ସ୍ତର ଉପରେ ରୁପାର ଆଖି ବସାଇ ଦିଆଯାଇଅଛି । ସିଂହାସନ ଭିତ୍ତିରେ ସ୍ତ୍ରୀମାନଙ୍କ ହାତରେ ପିନ୍ଧିବାର କାଚ, କଉଡ଼ି ଲଗାଯାଇଅଛି । ଦେବୀଙ୍କ ଶରୀରରେ ସୁଦ୍ଧା ପଇସା ଲଗାଯାଇଅଛି । ମସ୍ତକ ଉପରେ ଦୁଇଖଣ୍ଡ କାଗଜ ଚନ୍ଦ୍ରା-ତପ ଏବଂ ଗୋଟିଏ କ୍ଷୁଦ୍ର କଉଡ଼ିର ଝାମ ଟଙ୍ଗା ହୋଇଅଛି । ତାହା ତଳେ ଖଣ୍ଡେ ଗାମୁଛା ଜାଲିତ ପଙ୍ଖା ଓ ଗୋଟାଏ କାଗଜ ବଟୁଆ ଓହଳିଅଛି । ବଟୁଆରେ କେତେ କଡ଼ା କଉଡ଼ି ବ୍ୟତୀତ ଅନ୍ୟ କିଛି ନାହିଁ । ଅଲଗୁଣିରେ କେତେ ଖଣ୍ଡ କାଗଜ କଳା ଶାଢ଼ୀ ଅଛି । ପ୍ରତ୍ୟେକର ଲମ୍ବ ଏକ ହାତ ଏବଂ ଓସାର ସୁଖଣ୍ଡେ-ମାତ୍ର । ସେହିପରି ଖଣ୍ଡିଏ ଶାଢ଼ୀ ଦେବୀଙ୍କର ପରିଧେୟ ହୋଇଅଛି । ମନ୍ଦିରର ଏକ କୋଣରେ ଗୋଟିଏ ଧାନପେଣ୍ଡା ଏବଂ ତାହା ସଙ୍ଗରେ ବଙ୍ଗବାସୀ ପ୍ରେସର ଛନ୍ଦ ଗଦ୍ୟ ଅଯୋଧ୍ୟାକାଣ୍ଡ ରାମାୟଣ ଖଣ୍ଡେ ଠିଆ ହୋଇଅଛି । ସିଂହାସନ ତଳେ ଚନ୍ଦନକାଠ, ଚନ୍ଦନ-ପେଡ଼ି, ଦୀପ, ଧୂପଦାନୀ, ହାତଘଣ୍ଟା ପ୍ରଭୃତି ପୂଜାର ଉପକରଣ ଥୁଆ ହୋଇଅଛି । ଅନ୍ୟ ଏକ କୋଣରେ ହନୁମାନ ମୂର୍ତ୍ତି । ତାହା ସୁଦ୍ଧା ସିନ୍ଦୂରରେ ଅସ୍ପଷ୍ଟ । ହନୁମାନ ଗୋଟାଏ ସ୍ତ୍ରୀମୂର୍ତ୍ତିର ମୁଖରେ ଗୋଟାଏ ଶାବଳ ପ୍ରବେଶ କରାଉଅଛି । ହନୁମାନ ପାଖରେ କେତେ ଖଣ୍ଡ ସରୁ ବେତ ରକ୍ଷିତ ହୋଇଅଛି । ମନ୍ଦିରର ଭିତ୍ତି ଖଣ୍ଡିଏ ଖଣ୍ଡିଏ ନାମାବଳୀ । ଦର୍ଶକର ଅଙ୍ଗାର-ଅଙ୍କିତ ନାମରେ ତାହା ପୂର୍ଣ୍ଣ । ଦେବୀଙ୍କ ପ୍ରତି ନାବିକ-ମାନଙ୍କର ଅଟଳ ଭକ୍ତି ଓ ବିଶ୍ୱାସ । ପ୍ରତ୍ୟେକ ଚିଲିକା-ବାସୀ ନାବିକ ଦେବୀଙ୍କୁ ପୂଜା କରି ସୁଲଭ, ଦୋଅଣୀ, ପଇସା ପ୍ରଭୃତି ତାଙ୍କ ଦେହରେ ଲଗାଇଦେଇ

ଯାଆନ୍ତି । ଆମ୍ଭେମାନେ ମଧ୍ୟ ପଇସା ଲଗାଇଲୁ । ଏହି ସ୍ଥଳରେ ମନ୍ଦିରରେ ଯେଉଁ ଅର୍ଥ ସଞ୍ଚିତ ହୁଏ, ତାହା କିଏ ନେଇ କିପରି ବ୍ୟୟ କରେ କିଛି ବୁଝିପାରିଲି ନାହିଁ । ମୋ ବିବେଚନାରେ ଏହି ଅର୍ଥଗୁଡ଼ି ଦେବୀଙ୍କ ଆଶ୍ରିତ ହତଭାଗ୍ୟ ନିର୍ବାସିତ ପଶୁପକ୍ଷୀଙ୍କ ପାଳନରେ ବ୍ୟୟିତ ହେଲେ ତାହାର ପ୍ରକୃତ ସଦ୍‌ବ୍ୟବହାର ହୁଅନ୍ତା । ସେଗୁଡ଼ିକ ସୁଦ୍ଧା ଅକାଳ ମୃତ୍ୟୁମୁଖରୁ ଉଦ୍ଧାର ଲାଭ କରନ୍ତେ ।

ମୁଁ ମନ୍ଦିର ମଧ୍ୟରେ ବସି ଦେବଦେବୀଙ୍କର କେତେକ ସ୍ତୋତ୍ର ଆବୃତ୍ତି କଲି । ମନ ବଡ ପବିତ୍ର, ପ୍ରସନ୍ନ ବୋଧହେଲା । ବାସ୍ତବରେ ଏହା ଦେବଯୋଗ୍ୟ ସ୍ଥଳ ଏବଂ ସାଧନାର ଉପଯୁକ୍ତ ସ୍ୱର୍ଗ । କେବଳ ପାନୀୟ ଜଳ ଅଭାବରୁ ଏ ପାବନତୀର୍ଥ ନିର୍ଜନ ବନରେ ପରିଣତ ହୋଇଅଛି । ଏ ସ୍ଥାନ ଛୁଇଁଲେ ମନରେ ଏକ ଅପୂର୍ବ ଆନନ୍ଦ ଏବଂ ତୃପ୍ତି ଅନୁଭୂତ ହୁଏ ; ସଂସାରକୁ ଆଉ ଫେରିବାକୁ ଇଚ୍ଛା ହୁଏ ନାହିଁ । ସବୁବେଳେ ଏ ଦ୍ୱୀପରେ ପୁଣ୍ୟର କିଛି ମହିମା ଦେହ ଧରି ଭ୍ରମଣ କରୁଅଛି । ତାହା ନ ହେବ ବା କାହିଁକି ? ଏ ଯେ ବ୍ରହ୍ମଦର୍ଶିନୀ ମହାଯୋଗିନୀ ଚିଲିକାର ପରମ ଯୋଗଦେବୀ । ସ୍ୱୟଂ ଚିଲିକାଦେବୀ କାଳିଜାଈ ରୂପରେ ଏଠାରେ ମହା-ଯୋଗରେ ସମାଧିସ୍ଥ । ଦୁଃଖର ବିଷୟ, ଏରୂପ ସ୍ଥାନ ଅତଳ ଜଳଧି ଗର୍ଭରେ ରହି ଲୋକର ଅଗମ୍ୟ ହୋଇ-ଅଛି ।

ଖଲ୍ଲିକୋଟରୁ ପୂଜାର ଉପକରଣ ସଙ୍ଗରେ ଆଣି-ଥିଲୁଁ । ଜୟକୃଷ୍ଣ ବାବୁ ସେ ସମସ୍ତ ନେଇ ମନ୍ଦିରରେ ପ୍ରବେଶ କଲେ । ସେ ଦେବୀଙ୍କ ପୂଜାରେ ନିଯୁକ୍ତ ହେଲେ, ମୁଁ ତାଙ୍କର ଉତ୍ତର ସାଧକ ହେଲି । ଉଭୟେ ମନ୍ତ୍ର-ବିଦ୍ୟାରେ ମହା ଧୁରନ୍ଧର; ସୁତରାଂ ନିର୍ମନ୍ତ୍ର ପୂଜାର ଆଶ୍ରୟ ନେବାକୁ ହେଲା । ମନ୍ତ୍ରହୀନ ପୂଜାହିଁ ପ୍ରକୃତ ପୂଜା, ଯହିଁରେ ଆତ୍ମା ପରିତୃପ୍ତ ହୁଏ । ଭକ୍ତିର ଆବେଗ ଅନ୍ତଃକରଣର ଉତ୍କଣ୍ଠାରୁ ମନ୍ତ୍ରର ଶକ୍ତି ଅଧିକ ନୁହେ । ଦେବତା ଭକ୍ତିରେ ତୁଷ୍ଟ ହୁଅନ୍ତି—ମନ୍ତ୍ରରେ ନୁହେ । ବାଳକ ଧ୍ରୁବ କି ମନ୍ତ୍ର ବା ଜାଣିଥିଲା ? ସହସ୍ର ଧ୍ୟାନ ମନ୍ତ୍ରରେ ମୁନିଋଷିମାନେ ଯାହାଙ୍କୁ ଲାଭ କରିବାକୁ ଅକ୍ଷମ ଥିଲେ ଭକ୍ତିପୂତ ପ୍ରାଣର ଆହ୍ୱାନରେ ଶିଶୁ ଧ୍ରୁବ ସେହି ପ୍ରାଣାରାମଙ୍କୁ ଲାଭ କରିଥିଲା । ଭକ୍ତର ଅନ୍ତର ଆହ୍ୱାନହିଁ ମହାମନ୍ତ୍ର । ପ୍ରକୃତ ପୂଜା ପ୍ରାଣ ଭିତରେ ହୁଏ, ପ୍ରାଣ ଏକା ପୂଜାର ଉପଯୁକ୍ତ ପୀଠମଣ୍ଡପ । ମାନସ-ପୂଜା ହୃଦୟରେ ଅମୃତ ମହୋତ୍ସବ ସୃଷ୍ଟି କରେ । ଧୂପ, ଦୀପ, ପୁଷ୍ପ, ଚନ୍ଦନ, ନୈବେଦ୍ୟ ଇତ୍ୟାଦି ଦେବୀଙ୍କୁ ସମର୍ପଣ କରାଗଲା ।

ତେଣେ ଅନ୍ନବ୍ୟଞ୍ଜନ ପ୍ରସ୍ତୁତ । ତାହା ମନ୍ଦିର ମଧ୍ୟକୁ ଆନୀତ ହେଲା । ପୂଜକ ଜୟକୃଷ୍ଣ ବାବୁ ଚକ୍ଷୁ ଛଡାଇ ଭୋଗ ଦେଲେ । ତହିଁ ପରେ ଆମ୍ଭେମାନେ ସବୁଜଣ ଉଦରଦେବଙ୍କୁ ପ୍ରସାଦ ଅର୍ପଣ କଲୁଁ । ନାବିକମାନେ ନୌକାରେ ରାନ୍ଧି ଖାଇଲେ । ବ୍ୟଞ୍ଜନର ଆଡମ୍ବର ବା ଉପାଦେୟତା ନ ଥିଲେ ସୁଦ୍ଧା ଭୋଜନରେ ବିଶେଷ ତୃପ୍ତି ବୋଧ ହେଲା । କ୍ଷୁଧାଦେବୀ ପୂର୍ବରୁ ଅଭ୍ୟାଗତ ହୋଇଥିଲେ, ସୁତରାଂ ଭୋଜନର ମାତ୍ରା ଅଧିକ ହେଲା । ନିଜର ଭୋଜନରେ ନିଜକୁ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡିଲା । ଅନ୍ନବ୍ୟଞ୍ଜନରେ କି ଲୋଭନୀୟ ବସ୍ତୁ ମିଶିଥିବା ପରି ବୋଧ ହେଲା । ଅତିରିକ୍ତ ଖାଦ୍ୟ ଉଦରରୁ କହି ଉଠିଲା, ଏହା ମୁଁ ଖାଇ ନାହିଁ, ମୋର ପରିଶ୍ରମ ଖାଇଅଛି । ଯେଉଁମାନେ ପରିଶ୍ରମ କରନ୍ତି, ସେମାନେ ଖାଦ୍ୟ ଖାଇ ଜୀର୍ଣ୍ଣ କରନ୍ତି । ଆଉ ଯେଉଁମାନେ ଶ୍ରମବିମୁଖ, ଖାଦ୍ୟ ସେମାନଙ୍କୁ ଖାଇ ଜୀର୍ଣ୍ଣ କରେ, ଏହା ସ୍ୱତଃସିଦ୍ଧ । ଖାଇସାରି ଦ୍ୱୀପାନ୍ତର୍ବର୍ତ୍ତୀ ପଶୁପକ୍ଷୀଙ୍କୁ ଖାଦ୍ୟ ପ୍ରଦାନ କଲୁଁ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ହାଣ୍ଡିଏ ଅନ୍ନ ପାକ ହୋଇଥିଲା । ବହୁଦିନ ଏକାଦଶୀ ପରେ ସେମାନେ ଅନ୍ନବ୍ୟଞ୍ଜନ ଓ ମିଷ୍ଟାନ୍ନ ପାରଣା ପାଇ ଯେଉଁପରି ଆନନ୍ଦିତ, ସେହିପରି କଳହ-ମତ୍ତ ହେଲେ । ସେମାନଙ୍କର ସ୍ୱଭାବ ଠିକ୍ ବାଳକ-ମାନଙ୍କ ପରି । ସବୁବେଳେ ସଦ୍ଭାବ, କେବଳ ଖାଇବା ବେଳେ କଳି । ଖାଦ୍ୟ ଓ ପାନୀୟ ଅଭାବରେ ପ୍ରାଣୀଗୁଡିକ ନିତାନ୍ତ ଶୀର୍ଣ୍ଣକାୟ । କେତେକ ମୃତ ଅବସ୍ଥାରେ ପଡିଥିବାର ଦେଖାଗଲା । ଯେଉଁମାନେ ଜୀବିତ ଅଛନ୍ତି, ସେମାନେ ଅର୍ଦ୍ଧମୃତ ବା ଆସନ୍ନମୃତ । କେହି ବା ନିର୍ବାସନଦାତା ଉଦ୍ଦେଶ୍ୟରେ ନୀରବ ଅଭିଶାପ

ବର୍ଷଣ କରି ମହାକାଶରେ ଦୀର୍ଘ ନିଃଶ୍ୱାସ ମିଶାଉଅଛି । ହାୟ, ନିଜର ଜୀବନ ପାଇଁ ଯେ ନିର୍ବୋଧ ନିରୀହ ପ୍ରାଣୀଙ୍କର ଜୀବନ ଏପରି ଭୀଷଣ ଭାବରେ ବିପନ୍ନ କରେ, ତାହାର ହୃଦୟ କେଡ଼େ କଠିନ ଅଥବା ତାହା ପିଣ୍ଡରେ ହୃଦୟର ଅସ୍ତିତ୍ୱ ନାହିଁ । ତାହାକୁ ବିନା ଅନ୍ନଜଳରେ ଏହିପରି ନିର୍ବାସିତ କଲେ ତାହାର ଅବସ୍ଥା କଅଣ ହେବ, ତାହା କଅଣ ସେ ବୁଝେ ନାହିଁ ? ହା ବିଧାତଃ, ମାନବକୁ କି ଏଥିଲାଗି ଶକ୍ତି, ବଳ, ଜ୍ଞାନ ଦେଇଅଛ ! ତୁମ୍ଭ ଦତ୍ତ ଶକ୍ତି, ବଳ ଓ ଜ୍ଞାନର ଯେ ସଦ୍‌ବ୍ୟବହାର ହୁଏ ନାହିଁ, ଏହା କି ତୁମ୍ଭେ ଅଜ୍ଞାତ ? ତୁମ୍ଭ ରାଜ୍ୟରେ ରକ୍ତମାଂସଧାରୀ ନର ଏଭଳି ପୈଶାଚିକ କାର୍ଯ୍ୟ କରିପାରେ ତ ? ଦୁର୍ବଳ ପ୍ରତି ଏହି ଅମାନୁଷୀ ଅତ୍ୟାଚାର ଦେଖି ଏ ସୃଷ୍ଟି ତୁମ୍ଭର ବୋଲି ଯେ ପ୍ରତୀତ ହୁଏ ନାହିଁ, ପ୍ରଭୋ ! ନାବିକମାନେ କହନ୍ତି, "ଏହି ଜୀବଗୁଡ଼ିକୁ ଦେବୀଙ୍କ ନିକଟରେ ବଳି ନ ଦେଇ ଦୟାବଶ ଛାଡ଼ିଦିଆ-ଯାଇଅଛି । ଧନ୍ୟ ସଂସାର ! ଏଠାରେ ନୃଶଂସତା ମଧ୍ୟ ଦୟା ନାମରେ ଅଭିହିତ ହୁଏ । ଏହା ଯଦି ଦୟା, ତେବେ ଜୀବନ୍ତ ସମାଧି କିଏ ? ଏରୂପ ଭୟଙ୍କର ଦୟା ପ୍ରକାଶ ଅପେକ୍ଷା ସଦ୍ୟ ବଧ କରିବା ବରଂ ଦୟାର କାର୍ଯ୍ୟ । ପବିତ୍ର ତୀର୍ଥସ୍ଥାନରେ ନିରୀହ ପ୍ରାଣୀଗୁଡ଼ିକଙ୍କର ତପ୍ତ ନିଃଶ୍ୱାସ କାନ୍ଦି ବୁଲି ସ୍ଥାନର ପବିତ୍ରତା ନଷ୍ଟ କରୁଅଛି । ଏହା କି ଦୟାର କାର୍ଯ୍ୟ ? ଏହିପରି ଦୟା ଦୟାକାରୀ ପ୍ରତି ଅର୍ପିତ ହେଲେ, ସେ ତାହା ଗ୍ରହଣ କରିବାକୁ ସ୍ୱୀକୃତ ହେବ କି ? ଏଥିରେ ଦୟାର ନାମ ବିକୃତ ଏବଂ କଳଙ୍କିତ ହେଉଅଛିମାତ୍ର । ପ୍ରକୃତ ଦୟା ପ୍ରତି ଏହା ତୀବ୍ର ବ୍ୟଙ୍ଗଶ୍ଳେଷ ପ୍ରଦର୍ଶିତ ହେଉଅଛି ଏବଂ ଦୟାର ଅସମ୍ମାନ କରାଯାଉଅଛି । ଜଳ ଓ ଖାଦ୍ୟର ବ୍ୟବସ୍ଥା କରି ସେମାନଙ୍କୁ ଛାଡ଼ିଥିଲେ ପ୍ରକୃତ ଦୟା ଧର୍ମର କାର୍ଯ୍ୟ ହୋଇ-ଥାଆନ୍ତା । ଦୁର୍ବଳର ସ୍ୱାଧୀନତା ହରଣ ଏବଂ ତାହାର ଜୀବନକୁ ଯଦୃଚ୍ଛାଭାବରେ ବ୍ୟବହାର କଦାପି ଦୟା ନୁହେଁ । ଦ୍ୱୀପରେ ଘାସ ଆଦୌ ନାହିଁ । ଅଙ୍କୁଲ, ବରୁଣ, ଯଯାଙ୍ଗ ଓ ହାଡ଼ଭଙ୍ଗାରେ ଦ୍ୱୀପଟି ପୂର୍ଣ୍ଣ । କେବଳ ଅଙ୍କୁଲ ବା ଯଯାଙ୍ଗ ପତ୍ର ଖାଇ ଛାଗ ମେଷ କେତେ ଦିନ ବଞ୍ଚିପାରିବେ ? ତାହା ମଧ୍ୟ ପର୍ଯ୍ୟାପ୍ତ ନୁହେଁ, କି ସେମାନଙ୍କର ପ୍ରିୟ ଖାଦ୍ୟ ନୁହେଁ । କେବଳ ଲୁଣି ପାଣି ପିଇ ସେମାନେ ପରମାୟୁ କ୍ଷୟ କରୁଅଛନ୍ତି । ଆମ୍ଭେମାନେ ମଧୁର ଜଳ ପାନ କରିବାକୁ ଦେଇଥିଲୁ, ସେମାନେ ରଙ୍କନିଧି ପାଇଲା ଭଳି ପରମ ଆଗ୍ରହ ସହ ତାହା ନିଃଶେଷ କରି ପାନ କରିଥିଲେ । ସେମାନଙ୍କ କଷ୍ଟ ମୋଚନ ସକାଶେ ଭଗବାନଙ୍କ ନିକ-ଟରେ ପ୍ରାର୍ଥନା କରି ଗୋଟିଏ ଦୂରବୀକ୍ଷଣ ଧରି ଦ୍ୱୀପ ପର୍ଯ୍ୟଟନରେ ଆମ୍ଭେମାନେ ବହିର୍ଗତ ହେଲୁ । ଅନେକ ସ୍ଥାନରେ ଅସ୍ଥି କୁଡ଼ କୁଡ଼ ହୋଇ ପଡ଼ିଥିବାର ଦେଖା-ଗଲା । ତାହା ଅନଶନ ଅପାନମୃତ ଛାଗ କୁକ୍କୁଟ-କୁଳର ଅସ୍ଥି । ଗୋଟିଏ ଛାଗଶିଶୁ ମୃତକଳ୍ପ ହୋଇ ପଥର ସ୍ତୂପ ତଳେ ପଡ଼ିଥିଲା । ତାହାକୁ ଉଠାଇଦେବା ସକାଶେ ଯିବାରୁ ନାବିକମାନେ ନିଷେଧ କଲେ ଏବଂ କହିଲେ, "ସେ ମାଆଙ୍କ ଦୂତ, ତାକୁ ଛୁଇଁବା ନିଷେଧ ।" ଏ କି ଜଘନ୍ୟ ଧାରଣା, ଅନ୍ନଜଳ ତ ନିଷିଦ୍ଧ, ଅଧିକନ୍ତୁ ମାଆଙ୍କ ସନ୍ତାନ ପ୍ରତି ଦୟା ମଧ୍ୟ ନିଷିଦ୍ଧ । ଏହା କି ମାତୃତ୍ୱର ଅପବାଦ ନୁହେଁ ? ଯାହା ହେଉ ଆମ୍ଭେମାନେ ସେ ନିଷେଧ ନ ମାନି ତାହା ଉପରୁ ପଥର ସ୍ତୂପ ବାହାର କରିଦେଇ ତାକୁ ଉଠାଇଦେଲୁଁ ; ଖାଦ୍ୟ ଜଳ ମଧ୍ୟ ଦେଲୁଁ । ସେ ଟିକିଏ ସୁସ୍ଥ ସବଳ ହେବାରୁ କେତେକ କଞ୍ଚା ପତ୍ର ଏବଂ ହାଣ୍ଡିରେ ଜଳ ତାହା ପାଖରେ ରଖି ଅନ୍ୟତ୍ର ଗମନ କଲୁଁ ।

ଦ୍ୱୀପଟି ପୂର୍ବପଶ୍ଚିମ ବିସ୍ତୃତ, ନିବିଡ଼ ଅରଣ୍ୟ-ସଙ୍କୁଳ ନୁହେଁ ; କ୍ଷୁଦ୍ର କ୍ଷୁଦ୍ର ଗୁଳ୍ମଲତାରେ ପୂର୍ଣ୍ଣ । ପଶ୍ଚିମାଂଶ ଅପେକ୍ଷାକୃତ ପାଦପ-ବହୁଳ । ଏହି ଅଂଶରେ ଅନେକ କୋଚିଲାଖାଇ ପକ୍ଷୀ ବାସ କରନ୍ତି । ସ୍ଥାନେ ସ୍ଥାନେ ପ୍ରକାଣ୍ଡ ଖଣ୍ଡୋପଳ ତରୁକୁଞ୍ଜ ମଧ୍ୟରେ ଅବସ୍ଥିତ । ଦ୍ୱୀପର ପୃଷ୍ଠଭାଗ ପକ୍ଷି-ବିଷ୍ଠାରେ ଆବୃତ । ସ୍ଥାନେ ସ୍ଥାନେ ବୃକ୍ଷକାଣ୍ଡ ବହୁଳରେ ବସିଅଛି । ବୋଧହୁଏ ଚତୁର୍ଦ୍ଦିଗରୁ ଲକ୍ଷ ଲକ୍ଷ ପକ୍ଷୀ ଆସି ଦ୍ୱୀପରେ ରାତ୍ରି-ଯାପନ କରନ୍ତି । ଦ୍ୱୀପର ଚାରିପାଖରେ ବାଲୁକା ନାହିଁ, ତାହା ଉପଳ-ବନ୍ଧୁର । ଚିଲିକା ଜଳ ଲାଗି

ପ୍ରସ୍ତରଖଣ୍ଡମାନ ଲୌହ ପ୍ରାୟ ପାଣ୍ଡୁର କୃଷ୍ଣାଭ ଦିଶୁଅଛି । ପକ୍ଷୀ ବିଷ୍ଠା ଗୋଟାଏ ଉତ୍କୃଷ୍ଟ ସାର । କୌଣସି ଉନ୍ନତ ଦେଶରେ ଏହିପରି ଖଣ୍ଡିଏ ଦ୍ୱୀପ ଥିଲେ କେବଳ ପକ୍ଷୀ ବିଷ୍ଠାରୁ ଶତ ଶତ ଟଙ୍କା ଆଦାୟ ହୁଅନ୍ତା; ମାତ୍ର ଏଠାରେ କେହି ପଚାରିବାକୁ ନାହିଁ । ବରୁଣ ଛାୟାରେ କୁକ୍କୁଟମାନେ ସଭା କରି ବସିଅଛନ୍ତି । କି ନୀରବ ପ୍ରସ୍ତାବର ଆଲୋଚନା ହେଉଅଛି, ତାହା କିଏ କହିବ ? ଯଦି ଉଦ୍ଧାରର ପ୍ରସ୍ତାବ ଲାଗିଥାଏ, ତେବେ ସେ ଆଶା ବୃଥା । ଦ୍ୱୀପ ଭ୍ରମଣ ସମୟରେ ଗୋଟିଏ ଛାଗଶିଶୁ ଆମ୍ଭମାନଙ୍କ ସଙ୍ଗେ ସଙ୍ଗେ ବୁଲୁଥାଏ । ସମ୍ଭବତଃ ସେ ନବନିର୍ବାସିତ ।

ଦ୍ୱୀପର ପାଦଦେଶରେ ଆମ୍ଭେମାନେ ବସି ବିଶ୍ରାମ କଲୁଁ । ସ୍ୱଚ୍ଛପାଣିରେ ଚିଲିକା ଓ ମଧ୍ୟରେ ଆମ୍ଭେମାନେ । ମହାଶକ୍ତି ମଧ୍ୟରେ ନଗଣ୍ୟ କ୍ଷୁଦ୍ର ଶକ୍ତିର ଅବସ୍ଥାନ ଦେଖି ହସ ମାଡିଲା । ନିଜକୁ ସଁପି ଚିଲିକାକୁ ସଁପିଦେଲି, ମୋର ଯେଉଁ ନିଜସ୍ୱ ରେଣୁକଣାଟିକ ଥିଲା, ତାହା ଚିଲିକାରେ ବୁଡିଗଲା । ମଧ୍ୟାହ୍ନ ସମୟ, ଚିଲିକା ବେଶ ପରିବର୍ତ୍ତନରେ ନିଯୁକ୍ତ । ବର୍ତ୍ତମାନ ତରଙ୍ଗ ନାହିଁ । କେବଳ ଧୀର ପବନରେ ଜଳ ଈଷତ୍ ଝିମି ଝିମି ହେଉଅଛି; ମାତ୍ର ତାହା ଉପରେ ସୂର୍ଯ୍ୟକିରଣ ପଡି ବିଚିତ୍ର ଶୋଭା ଧାରଣ କରିଅଛି । ଯେମନ୍ତ କି ଚିଲିକାସୁନ୍ଦରୀ ନୀଳକୁନ୍ତଳରେ କିରଣ ରୂପ ସୁବର୍ଣ୍ଣ ଚଉଁରୀ ମିଶାଇ ବେଣୀ ବନ୍ଧନରେ ଲାଗିଅଛି । ସନ୍ତରଣଶୀଳ ପକ୍ଷୀବୃନ୍ଦଙ୍କ ସେହି ବେଣୀରେ ଖୋସା ହୋଇଥିବା ଫୁଲର ଉପମା ଧାରଣ କରିଅଛି । ରୌଦ୍ରର ହାସ୍ୟ ଚିଲିକା ହାସ୍ୟରେ ମିଶି ଅନିର୍ବଚନୀୟ ଜ୍ୟୋତିର ମହୋତ୍ସବ ସୃଷ୍ଟି କରିଅଛି । କି ସୁନ୍ଦର ଝିଲମିଲ ଜ୍ୟୋତି ! ସେ ଜ୍ୟୋତିରେ ଦର୍ଶକର ବାସନା ଅନ୍ଧକାରପୂର୍ଣ୍ଣ ହୃଦୟ ଆଲୋକିତ ହୋଇଯାଏ । ଦୂରବୀକ୍ଷଣ ସାହାଯ୍ୟରେ ଦେଖିଲି ଉତ୍ତରପୂର୍ବ କୋଣରେ କିଛି ଦିଶୁ ନାହିଁ । ଜଳରେଖା ଦୂର ଚକ୍ରବାଳରେ ମିଶିଯାଇଅଛି । ତାହାହିଁ ଚିଲିକା ଓ ସମୁଦ୍ରର ସଙ୍ଗମସ୍ଥଳ । ସୁତରାଂ ମୁକ୍ତ ଜଳାରଣ୍ୟ । ସଙ୍ଗମସ୍ଥଳରେ ଅବସ୍ଥିତ "ମାଣିକ୍ୟ-ପଟ୍ଟନ" ଗ୍ରାମର ଚିହ୍ନବର୍ଣ୍ଣ ସୁଦ୍ଧା ସେଠାରୁ ଦିଶିଲା ନାହିଁ । ଏହି ପଥରେ ପୁରୀକୁ ନୌକା ଯାଏ । ମୁହାଣର ଉଭୟ ପାର୍ଶ୍ୱସ୍ଥ ଅର୍କକୁଦା ଓ କଳାମାଟି ଗ୍ରାମଦ୍ୱୟ ବୃକ୍ଷଲତାବେଷ୍ଟିତ ଅରଣ୍ୟ ପ୍ରାୟ ଦେଖାଗଲା । ପୂର୍ବଦିଗରେ ପାରିକୁଦ । କୃଷ୍ଣପ୍ରସାଦ ଦୁର୍ଗ ଚିଲିକାର ଶିରୋମଣି ପ୍ରାୟ ସ୍ପଷ୍ଟରୂପେ ଦେଖାଗଲା । ତହୁଁ ପରେ ଖଟିଆକୁଦା, ବଡ଼ଥଳ ଗ୍ରାମ ରସକୁଦା, ଖୋଲମୁହଁ ଇତ୍ୟାଦି ଗ୍ରାମ । ଦକ୍ଷିଣରେ ମାଦୁଲଗଡ, ଖାତପୁର, ଖେଲଗାଁ, ଚଉରଇଷ୍ଠା ପର୍ବତ, ଘଣ୍ଟଶିଳା ପର୍ବତ, ରମ୍ଭାଗ୍ରାମ, ହରିଡାମୂଳ ପର୍ବତ ଓ ଘାଟୀ, ପଥରନାସୀ ଓ ଅଲସୁରନାସୀ । ପଶ୍ଚିମରେ ଖଲେଇ ପର୍ବତ ଦ୍ୱିକୂଟବିଶିଷ୍ଟ ଓଠ ପ୍ରାୟ ଦଣ୍ଡାୟମାନ । ପର୍ବତ ଉତ୍ତରପାଖ ବାଣପୁର ରାଜ୍ୟର ଓ ଦକ୍ଷିଣପାଖ ଖଲ୍ଲିକୋଟ ରାଜ୍ୟର ଅନ୍ତର୍ଗତ । ଏହି ପର୍ବତର ପ୍ରସିଦ୍ଧ ଛତଗଡ଼ ଘାଟୀ ହସ୍ତିପୃଷ୍ଠଲମ୍ବୀ ପାଟଘଣ୍ଟି ଡୋର ପ୍ରାୟ ଦିଶେ । ଏହି ପର୍ବତ ରାଜନୀତିକ ଉତ୍କଳ ଓ ମାନ୍ଦ୍ରାଜର ସୀମାସ୍ତମ୍ଭସ୍ୱରୂପ ।

ଏହି ପର୍ବତରେ 'ନାରାୟଣୀ ଖୋଲ' ନାମରେ ଗୋଟିଏ ଉପତ୍ୟକା ଅଛି । ସେଠାରେ ନାରାୟଣୀ ଦେବୀଙ୍କର ମୂର୍ତ୍ତି ଓ ଦେଉଳ ଅଛି । ଦେବୀ ଖଲ୍ଲିକୋଟ ରାଜବଂଶର ପୂଜିତା । ବିଶାଳ ଉପତ୍ୟକା ଅପର୍ଯ୍ୟାପ୍ତ ଧାନୁଆ ଲଙ୍କାମରିଚ ଅରଣ୍ୟରେ ପୂର୍ଣ୍ଣ । ସେଠାରେ ଅଜଗର ସର୍ପ ଅଛନ୍ତି । ସମୟ ସମୟରେ ସେଠାରେ ୨୫ ହାତ ଲମ୍ବ ଓ ତଦୁପଯୋଗୀ ମୋଟ ଅଜଗର ଦେଖାଯାଏ । ପଶ୍ଚିମରେ ଜଟିଆନାସୀ ପର୍ବତ ଚିଲିକା ମଧ୍ୟରେ କୁମ୍ଭୀରା-କୃତିରେ ବିସ୍ତୃତ । ଉତ୍ତରରେ ମାମୁଁଭଣଜା ପର୍ବତ ଓ ବାଙ୍କିଆପାଲି ପର୍ବତ । ମାମୁଁଭଣଜା ପର୍ବତ ମଧ୍ୟରେ ଗୋଟିଏ ବଡ଼ ଓ ଅପରଟି ସାନ । ଭଣଜା ମାମୁଁର ପାଦମୂଳରେ ଅବସ୍ଥିତ । ଜଟିଆ ଓ ମାମୁଁ ଭଣଜାର ମଧ୍ୟସ୍ଥଳରେ ଚନ୍ଦ୍ରପୁର, ଛେଡାପଦର, ବର ପଦର, ବଡ଼କୁଲବଙ୍ଗଳା ଓ ବାଲୁଗାଁ ଷ୍ଟେସନ ।

ଦ୍ୱୀପଭ୍ରମଣ ଶେଷ କରି କୂଳେ କୂଳେ ଆମ୍ଭେମାନେ ନୌକା ଆଡ଼କୁ ଅଗ୍ରସର ହେଲୁଁ । ହଠାତ୍ ଗୋଟିଏ ବଡ଼ ମାଛ ଚହଟିଉଠି ଭେଉଟି ପଡିଲା । ତାହାର ଆକୃତି ରୁହିମାଛ ପରି ପ୍ରାୟ ଗୋଲ; ହାତେ ଲମ୍ବର ଗୋଟାଏ ବଙ୍କିତ ଲାଞ୍ଜ ଅଛି । ତାହା

ସାଙ୍କୁଚଜାତୀୟ ମାଛ । ନାବିକମାନଙ୍କୁ ପଚାରି ବୁଝିଲି, ତାହାର ନାମ ଚିଲମାଛ । ଏହି ମାଛ ଚିଲିକାରେ ଏତେ ଅଧିକ ଅଛନ୍ତି ଯେ, ସେମାନଙ୍କ ଭୟରେ ଚିଲିକାର ନାବିକମାନେ ସନ୍ତରଣ କରିବାକୁ ସାହସୀ ହୁଅନ୍ତି ନାହିଁ । ଏବେ ମନେ ବୁଝିଲି, ଚିଲ-ନିବାସ ହେତୁ ଚିଲିକା ନାମ ହୋଇଅଛି । ନାବିକମାନେ ସୁଦ୍ଧା ମୋର ଏ ଅନୁମାନ ସମର୍ଥନ କଲେ । ଏଥିପୂର୍ବରୁ ଚିଲିକା ନାମର ସାର୍ଥକତା ସମ୍ବନ୍ଧରେ ଯେଉଁ ଯୁକ୍ତି ଦେଖାଇଅଛି, ତାହା କାଳ୍ପନିକ ; କିନ୍ତୁ ଚିଲମାଛ ଥିବାରୁ ଚିଲିକା, ଏହାହିଁ ପ୍ରକୃତ ଯୁକ୍ତି । ଏହି ମାଛ ଲାଞ୍ଜରେ ବାଡ଼େଇଦେଲେ ବାଡ଼ାସ୍ଥାନ ଅସ୍ୱାଭାବିକ ରୂପରେ ଫୁଲିଯାଏ ଏବଂ ତୀବ୍ର ଯନ୍ତ୍ରଣା ହୁଏ । କ୍ଷତସ୍ଥାନରେ ଚନ୍ଦନ, ଗନ୍ଧକ ଓ କେରୋସିନ ତେଲ ମିଶାଇ ପ୍ରଲେପ ଦେଲେ ଜ୍ୱାଳା ଓ ଫୁଲା ନିବାରିତ ହୁଏ । ଚିଲ, ଶିଙ୍ଗି ଓ ମାଗୁର ପ୍ରଭୃତି ମାଛ କାମୁଡ଼ିଲେ ଏହି ଔଷଧ ମନ୍ତ୍ରଶକ୍ତି ତୁଲ୍ୟ ଆଶୁଫଳପ୍ରଦ ହୁଏ ବୋଲି ଭୁକ୍ତଭୋଗୀ ନାବିକମାନେ କହିଲେ । ସମ୍ପ୍ରତି 'କୁଣ୍ଡଲ ମାଛ' ଚିଲିକାରୁ ଅପର୍ଯ୍ୟାପ୍ତ ମରୁଅଛନ୍ତି । ଏହାର ଆକୃତି କାଳୀବୁଢ଼ୀ ବା ମହୁଡ଼ିଆବୁଢ଼ୀ ପରି । କାଳ ପଡ଼ିଲେ ଏ ମାଛ ଅଧିକ ମରନ୍ତି । ଗତ ନ'ଅଙ୍କ କାଳରେ ଏହି ମାଛ ଅଧିକ ମରିଥିଲେ ବୋଲି ପ୍ରାଚୀନ ଲୋକମାନେ କହନ୍ତି ।

ବୈଶାଖ ମାସ ଅପରାହ୍ଣରେ ବୃଷ୍ଟି ବାତ୍ୟାର ଉତ୍ପାତ ସ୍ୱାଭାବିକ । ଏହି ଆଶଙ୍କା କରି ବିଶେଷତଃ ଅନୁକୂଳ ପବନ ଦେଖି ନାବିକମାନେ ନୌକା ଛାଡ଼ିଦେବାକୁ କହିବାରୁ ଆମ୍ଭେମାନେ ନୌକାରୋହଣ ସକାଶେ ଯଥାସ୍ଥାନାଭିମୁଖରେ ଅଗ୍ରସର ହେଲୁଁ । ପଶୁ-ପକ୍ଷୀ ବାହୋଇଦେବା ସକାଶେ ପଛେ ପଛେ ଚାଲିଲେ । ପ୍ରଥମ ଦର୍ଶନରେ ସେମାନେ ଭାବିଥିବେ ଯେ, ଆମ୍ଭେମାନେ ସେମାନଙ୍କ ସହ ଚିରକାଳ ଏହି ନିର୍ଜନ ଦ୍ୱୀପରେ ବାସ କରିବୁଁ, ନଚେତ୍ ସେମାନଙ୍କୁ ଏ ଭୀଷଣ କାରାରୁ ଉଦ୍ଧାର କରିବୁ । ସେମାନଙ୍କର ସେ ଆଶା ପୂର୍ଣ୍ଣ ହେଲା ନାହିଁ । ଆମ୍ଭମାନଙ୍କୁ ନୌକାରୋହଣ କରିବାର ଦେଖି ସେମାନେ ବିଷାଦ କାତର ଦୃଷ୍ଟିରେ ଚାହିଁ ରହିଲେ । ହାୟ, ମାୟାବିନୀ ଆଶା ଆଜୀବନ ନିର୍ବାସିତ ପ୍ରାଣୀପୁଞ୍ଜଙ୍କୁ ଏରୂପ ଭାବରେ ନିର୍ଯ୍ୟାତିତ ଏବଂ ପ୍ରତାରିତ କରି ତୁ କି ଫଳ ପାଉଅଛୁ ? ସେମାନଙ୍କର ପ୍ରାଣ ବ୍ୟାକୁଳ । ଏ ସମୟରେ କି ଉପହାସ ସହ୍ୟ ହୁଏ ? ତୁ ପାପୀୟସୀ, ଅଭିଶପ୍ତା ହେବୁ ।

କି ନିର୍ବାକ୍ ବ୍ୟାକୁଳତା ! ଯେପରି କି ସେମାନେ ଆତ୍ମୋଦ୍ଧାର ସକାଶେ କରୁଣା ପ୍ରାର୍ଥନା କରୁଅଛନ୍ତି । ଦର୍ପଣରେ ପ୍ରତିବିମ୍ବ ପ୍ରାୟ ତାଙ୍କ ମ୍ଳାନ ମୁଖ ଓ ଦୀନ ନୟନରେ ତାଙ୍କର ଏହି ମନୋଗତ ଭାବ ଆସି ଉଠିଲା । ସେ ଦୃଶ୍ୟ ବଡ଼ କରୁଣ—ବଡ଼ ମର୍ମନ୍ତୁଦ । ସେମାନଙ୍କ ଶୋକମୂର୍ତ୍ତି ଦେଖି ଦୁଃଖରେ ମର୍ମ-ଗ୍ରନ୍ଥି ଶତଛିନ୍ନ ହୋଇଗଲା, ନୟନରୁ ଅଶ୍ରୁପାତ ହେଲା । ଅବଶିଷ୍ଟ ଖଇଉଖୁଡ଼ା ସେମାନଙ୍କୁ ଖାଇବାକୁ ଦିଆଗଲା । ଅବଶିଷ୍ଟ ଜଳ ମଧ୍ୟ ହାଣ୍ଡିରେ ରଖି ଆସିଲୁଁ । ନାବିକମାନେ ନୌକା ଛାଡ଼ିଦେଲେ, ଆମ୍ଭେମାନେ ଦୁଃଖରେ ସେମାନଙ୍କଠାରୁ ତଥା ଦ୍ୱୀପଠାରୁ ବିଦାୟ ଗ୍ରହଣ କଲୁଁ । ଖାଦ୍ୟ ପାଇ କେହି ଖାଇଲା, କେହି ବା ନ ଖାଇ ଆମ୍ଭମାନଙ୍କୁ ମିନତିପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଲା । ସାମାନ୍ୟ ଖାଦ୍ୟରେ କି ହୃଦୟ-ବ୍ୟାକୁଳତାକୁ ଭୁଲାଇ ରଖିହୁଏ ?

କାଳୀଜାଈ ଗଣ୍ଡରେ ବର୍ତ୍ତମାନ ୧୪ ହାତ ପାଣି । ବର୍ଷାକାଳରେ ୨୦ ହାତ ପର୍ଯ୍ୟନ୍ତ ବୃଦ୍ଧି ଲାଭ କରେ । ନୌକା ନିରାପଦରେ ଦୁଇ ମାଇଲ ପଥ ଅତିକ୍ରମ କଲା । ଅକସ୍ମାତ୍ ଗଣ୍ଡ ମଧ୍ୟରେ ପ୍ରଚଣ୍ଡ ଝଟିକା ଓ ପ୍ରବଳ ବୃଷ୍ଟି ଜାଗ୍ରତ ହୋଇ କ୍ରମଶଃ ଭୀଷଣତର ହୋଇଉଠିଲା । ଚିଲିକା ସେ କରାଳ ଅଭିନୟରେ ଯୋଗଦେଲା । କି ଭୈରବୀ ରାଗିଣୀ ଗାଇ ବିଶ୍ୱ ଗ୍ରାସ କରିବାକୁ ତୁଙ୍ଗ ତରଙ୍ଗର କରମାଳ ବିସ୍ତାର କଲା । ସେ ରାଗିଣୀ ମଧ୍ୟରେ ପ୍ରାଣର ରାଗିଣୀ ମୂର୍ଚ୍ଛିତ ହୋଇ ପଡ଼ିଲା । ବିଜୁଳିର ପ୍ରତିବିମ୍ବ ଚିଲିକାର ଆଗ୍ନେୟ ରସନା ପ୍ରାୟ ମୁହୁର୍ମୁହୁ ଲହ ଲହ ହୋଇଉଠିଲା । ଆଶା ଯାଇ ସୁଦୂରରେ ଅବସ୍ଥାନ କଲା । ଆମ୍ଭେମାନେ ହ୍ରଦ-ପ୍ରକୃତିର ବିରାଟ ଭୀଷଣତା ମଧ୍ୟରେ ବସି ନର-ଜୀବନର କ୍ଷଣଭଙ୍ଗୁରତା ଓ ଅସାରତା ପ୍ରାଣେ ପ୍ରାଣେ

ଅନୁଭବ କରିବାକୁ ଲାଗିଲୁ । ଆମ୍ଭେମାନେ କିଂକର୍ତ୍ତବ୍ୟବିମୂଢ ହୋଇ ପର୍ଯ୍ୟାକୁଳ ନେତ୍ରରେ ଅନାଇ ରହିଲୁ । ଏ ଅବସ୍ଥାର ଦୈବୀ ସଙ୍କଟରୁ ତ୍ରାହି ଲଭିବାର ଆଶା ସୁଦ୍ଧା ରହିଲା ନାହିଁ; ମାତ୍ର ମୁଁ ଯାହା ଖୋଜୁଥିଲି, ତାହା ପାଇଲି । ଅନ୍ତରତମ ପ୍ରଦେଶରୁ ଭକ୍ତି ଉଦ୍‌ବେଳିତ ହୋଇଉଠିଲା ପ୍ରାୟ ସମସ୍ତଙ୍କ ମୁଖଭଙ୍ଗୀରୁ ଜଣାଗଲା । ଧୈର୍ଯ୍ୟ ଆବରଣ କରି ରଖିଲେ ସୁଦ୍ଧା ଧୈର୍ଯ୍ୟ ସେ ଭୟର ବେଗ ପ୍ରତିହତ କରିପାରିଲା ନାହିଁ । କି ଭୀଷଣ ଦୃଶ୍ୟ ! ସେହି ଭୀଷଣତା ମଧ୍ୟରେ ମୃତ୍ୟୁର ରୂପ ବଣି ଆସିଲା । ମୁଁ ଭାବିଲି, ଏତେ ଭୟ, ଏତେ ଉଦ୍‌ବେଗ, ଏତେ ବ୍ୟାକୁଳତା ପ୍ରାଣଟିକର ସକାଶେ ସିନା ! ତେଡ଼କର ମାୟା ଛାଡ଼ିଦେଲେ ସବୁ ପରିଷ୍କାର ହୋଇଯିବ । ଚିଲିକା ମହାଶକ୍ତି ଧାରଣ କରି ମୋର କ୍ଷୁଦ୍ର ଶକ୍ତିଟିକକୁ ଯଦି ଲୋଭ କରିବ, ତେବେ ତାହା ତ ଆନନ୍ଦର କଥା । ମହାଶକ୍ତିରେ ମିଶି ରହିବା ଅପେକ୍ଷା ସୌଭାଗ୍ୟର ବିଷୟ ଆଉ କଅଣ ଅଛି ? ତେବେ ଚିଲିକାର ଏତଦ୍ୱାରା ନିନ୍ଦା, ଅପକୀର୍ତ୍ତି ହୋଇପାରେ । ନାବିକମାନେ ତାହାହିଁ ପ୍ରଥମରେ ଗାଇଥିଲେ ।

"ତୁ ଯେବେ ନିସ୍ୱଣ ମାତ୍ର କରିବୁ ଏଠାରେ
ନିନ୍ଦା ଅପକୀର୍ତ୍ତି ହେବ ଏ ମାୟା ସଂସାରେ ।"

କବିର ଚପଳ ମନ କଅଣ କହୁ କହୁ ଯାଇ କାହିଁ ଉଠିଲାଣି । ପଣ୍ଡିତ ସଙ୍ଗ ପ୍ରାୟ ମନ ସର୍ବଦା ମୂଳ ବିଷୟ ବିସ୍ମୃତ ହୁଏ । ପଣ୍ଡିତ ସଙ୍ଗରେ ସାମାନ୍ୟ ବସ୍ତ୍ରାଶୁଦ୍ଧିର ବିଷୟ ନ୍ୟାୟ, ଦର୍ଶନ ବା ବେଦାନ୍ତ ଭାଷ୍ୟ ପର୍ଯ୍ୟନ୍ତ ଯାଏ; ତଥାପି ଛାଡ଼େ ନାହିଁ । ସବୁବେଳେ ସୁ-ସୁ ଶବ୍ଦ ଓ ଅନର୍ଗଳ ବୃଷ୍ଟିପାତ । ତରଙ୍ଗାଘାତରେ ପ୍ରତି ମୁହୂର୍ତ୍ତରେ ନାବମଗ୍ନାଶଙ୍କା ଜାତ ହେଲା । ଚିଲିକା କୂଳରୁ କାଳୀଜାଈ ଗିରିର ଦୂରତା ପ୍ରାୟ ୧୨ ମାଇଲ । ଆମ୍ଭେମାନେ ଦୁଇ ମାଇଲମାତ୍ର ଆସିଅଛୁ । ନିକଟରେ ଆଶ୍ରୟ ନେବାର ସ୍ଥାନ ନାହିଁ । ନାବିକମାନେ ଉପାୟାନ୍ତର ନ ଦେଖି ଜାତ ପୋତ ନୌକା ଖଟାଇ ରଖିଲେ । ସମସ୍ତେ ନୌକା ଭିତରେ ବସି ରହିଲୁଁ; ପ୍ରବଳ ବୃଷ୍ଟିପାତ ଓ ଲହରୀ ଜଳ ଛିଟିକାରେ ତିନ୍ତ ସତ ସତ ହୋଇଗଲୁଁ । ନୌକାରେ ଜଳ ଠିଆହୋଇଗଲା । ମୁଁ ବସି ସ୍ତବ ସ୍ତୁତି ପାଠକଲି ଏବଂ ପ୍ରକୃତିର ଭୀଷଣ ତାଣ୍ଡବ ଦେଖିବାକୁ ଲାଗିଲି । ଭୀଷଣତାବିହୀନ ଶୋଭା ମେରୁଦଣ୍ଡଶୂନ୍ୟ । ଦାହିକା ଶକ୍ତି ଥିବାରୁ ସିନା ସୌଦାମିନୀ ଏତେ ସୁନ୍ଦର ଦିଶେ ! ପ୍ରକୃତିର କି ଚଞ୍ଚଳତା ! ଯେମନ୍ତ କି ସମସ୍ତ ଶକ୍ତି ପ୍ରୟୋଗ କରି ସେ କି ଏକ ଦୁଃସାଧ୍ୟ କର୍ମସାଧନରେ ନିଯୁକ୍ତ । ସେହି କର୍ମ ମଧ୍ୟରେ ତାହାର କର୍ମପଟୁ ହସ୍ତର କ୍ଷିପ୍ରତା ପରିସ୍ଫୁଟ । ଶୋଭାରେ ଭୀଷଣତା ନ ଥିଲେ ପ୍ରାଣରେ ଦାଗ ପଡ଼େ ନାହିଁ । ଯେଉଁ ଶୋଭା ପ୍ରାଣରେ ଦାଗ ରଖିବାକୁ ଅସମର୍ଥ, ସେ ଶୋଭା ନୁହେଁ । ଯେ ଯେତିକି ଭୀଷଣ, ସେ ସେତିକି ସୁନ୍ଦର ଓ ମଧୁର । ଯାହାହେଉ ସେହି ଭୀଷଣତା ଆଉ ୨।୩ ମିନିଟ୍ ସ୍ଥାୟୀ ହୋଇଥିଲେ ନୌକା ବୁଡ଼ିଯିବା କିଛି ବିଚିତ୍ର ନୁହେଁ । କିଛିକ୍ଷଣ ପରେ ପ୍ରକୃତି ଶାନ୍ତଭାବ ଧାରଣ କଲା । ମେଘ ତୋଫାନ ଛାଡ଼ିଯାଇ ଖରା ହେଲା, ପ୍ରକୃତି ଆନନ୍ଦରେ ହସିଉଠିଲା । ଆମ୍ଭେମାନେ ମଧ୍ୟ ହସିଉଠିଲୁ । ସେ ହାସ୍ୟ ବଡ଼ ମଧୁର । ବିପଦୁଦ୍ଧାର ପରେ ଯେଉଁ ଆନନ୍ଦ ମିଳେ, ତାହାଠାରୁ ବଳି ମଧୁର କିଛି ନାହିଁ । ଝଟିକା ଅନ୍ତର୍ହିତ ହେଲା, ତହିଁ ସଙ୍ଗେ ସଙ୍ଗେ ଚିଲିକା ବକ୍ଷରୁ ଲହରୀ ଅନ୍ତର୍ହିତ ହେଲା । ଏଣେ ଆମ୍ଭମାନଙ୍କ ହୃଦୟ ଚିଲିକାରୁ ଭିତର ଝଟିକା ଏବଂ ତଜ୍ଜନିତ ଉଦ୍‌ବେଗ ତରଙ୍ଗ ଅଦୃଶ୍ୟ ହୋଇଗଲା । ନାବିକମାନେ ନୌକା ଫିଟାଇ ଗିରିଅଭିମୁଖରେ ଚଳାଇଲେ । ଜଣେ ନାବିକ କହିଲା, "ବାବୁମାନେ ଅସିବାରୁ ଆଜି ଦ୍ୱୀପରେ ବର୍ଷା ହେଲା ।" କି ସୌଭାଗ୍ୟ, ବିନା ତପସ୍ୟାରେ ବିନା ସାଧନାରେ ଏକାବେଳକେ ଋଷ୍ୟଶୃଙ୍ଗଙ୍କ ଆସନ ଲାଭ;" କିନ୍ତୁ ଆମ୍ଭମାନଙ୍କ ମନ ମାନିଲା ନାହିଁ । ଋଷ୍ୟଶୃଙ୍ଗ ହୋଇ ଝଡ଼ବୃଷ୍ଟିରୂପ ଆସନ୍ନ ମୃତ୍ୟୁକବଳରେ ପଡ଼ିବାକୁ କିଏ ବା ଇଚ୍ଛା କରିବ ? ଯାହାହେଉ ଚତୁର ଧୀବର ତାହାର ଏହି କଥାର ମୂଲ୍ୟ ଯଥାସମୟରେ ଅଦାୟ କରିନେଇଥିଲା ।

ଚିଲିକା ସ୍ୱଳ୍ପ କାଳ ପରି ଘଣ୍ଟାକ ମଧ୍ୟରେ ଭୈରବ ରାଗିଣୀରେ କେତେ କବିତା ଗାଇଗଲା । ସେ କବିତାଗୁଡ଼ିକ କି ମଧୁର ! କଅଣ କହିଲୁ ? ଖାଲି

କଳ କଳ ବକ ବକ ଅବୋଧ ଶବ୍ଦ, ତାହା କବିତା ନୁହେଁ । ଅବୋଧ ହେଲେ ତୁ ନ ଶୁଣ୍, ସେ ତ ଆଉ ତୋ ପାଇଁ ଗୀତ ଗାଉ ନାହିଁ କିମ୍ବା ତୋ ମନ, ତୋ କଳ୍ପନା ନେଇ କବିତା ରଚନା କରୁ ନାହିଁ ! ତାହାର ଆତ୍ମ-ବିନୋଦନ ସକାଶେ ସେ ଗୀତ ଗାଉ-ଅଛି । ତୁ ନ ଶୁଣିଲେ ବା ତୋତେ ଭଲ ନ ଲାଗିଲେ ତାହାର କ୍ଷତି କଅଣ ? ସେ ତ ଆଉ ତୋତେ ସ୍ୱଆ ଦେଇ ଶ୍ରୋତା ହେବାକୁ ଆମନ୍ତ୍ରଣ କରୁ ନାହିଁ ! ତେବେ ତୁ ତାକୁ ବାଛିବାକୁ କିଏ ? ତୁ କହୁଛୁ, ସେ ଗୀତର ଅର୍ଥ ନାହିଁ, ଭାବ ନାହିଁ କି ସୌନ୍ଦର୍ଯ୍ୟ ନାହିଁ । ଧନ୍ୟ ରେ ଅର୍ଥ-ଭାବ-ସୌନ୍ଦର୍ଯ୍ୟ-ରସିକ ! ତୁ ମାନବ, ସେ ଗୀତ କଅଣ ବୁଝିବୁ ? ସେ ଅସଙ୍ଗୀତର ସଙ୍ଗୀତ ବୁଝିବାକୁ ତୋର ଯୋଗ୍ୟତା କାହିଁ ? ତୁ ନ ବୁଝି-ପାରିଲୁ ବୋଲି ତାହା ହେୟ ନୁହେ । ମାର୍ଜାରକୁ ଖର୍ଜୁର ନ ଜୁଟିଲେ ତାହା ଅମ୍ଳ ହୋଇଯାଏ ନାହିଁ ।

ବିପଦ ଉପରେ ବିପଦ । ମୋତେ ସମୁଦ୍ର-ପୀଡ଼ା ଆକ୍ରମଣ କଲା; ସଙ୍ଗୀମାନଙ୍କର କିଛି ହେଲା ନାହିଁ । କେବଳ ମୋ ପ୍ରତି ଚିଲିକାର ଏହି ଅଯାଚିତ କରୁଣା । ମୁଣ୍ଡ ବୁଲାଇଲା, ଉପର୍ଯ୍ୟୁପରି ବାନ୍ତି ହେଲା ନାହିଁ । ଓଃ ସେ କି ଯନ୍ତ୍ରଣା ! ଉପଯୁକ୍ତ କ୍ଷେତ୍ରରେ ହୃଦୟର ବ୍ୟଥା ବ୍ୟକ୍ତ କରିବାକୁ ଉନ୍ମୁଖ ହୋଇ କହି ନ ପାରିଲେ ଯେପରି ଯନ୍ତ୍ରଣା ହୁଏ, ଏହା ଠିକ୍ ସେହିପରି । ସଙ୍ଗରେ କର୍ପୂର ଥିଲା, କାଗଜିଲେମ୍ବୁ ମଧ୍ୟ ଥିଲା; ମାତ୍ର ତାହା କାହାରି ମନରେ ପଡ଼ିଲା ନାହିଁ । ବିପଦ ବେଳରେ ଜ୍ଞାତ ପ୍ରତିକାର ବିସ୍ମୃତ ହେବା ସୃଷ୍ଟି ସଂସାରର ଗୋଟାଏ ଧାରା । ସଂସାର ତ ମାୟାର ଭ୍ରମ, ତାହା ଧାରାବାହିକ ବା ଅକ୍ରମ କାହିଁକି ହେବ ? କେହି କେହି ମୁହଁମାଡ଼ି ଶୋଇବାକୁ ଉପଦେଶ ଦେଲେ । ଶିଷ୍ଟ ସୁଃ ଅବଧା-ନର ଉପଦେଶ ଶିରୋଧାର୍ଯ୍ୟ କଲି ପ୍ରାୟ ମୁଁ ସେ ଉପଦେଶ ଅକ୍ଷୁ ପ୍ରତିପାଳନ କଲି; ମାତ୍ର କିଛି ଫଳ ହେଲା ନାହିଁ । କୂଳରେ ପହଞ୍ଚିବା ପର୍ଯ୍ୟନ୍ତ ପୀଡ଼ା ସମଭାବରେ ରହିଲା । ମୁଁ ନୀରବ ହୋଇ ବସି ରହିଲି ; ନାବିକ ଓ ସଙ୍ଗୀମାନଙ୍କର କଥାବାର୍ତ୍ତା ନୀରବରେ ଗିଳି ଗୋଷ୍ଠି କରିବାକୁ ଲାଗିଲି ।

ଚିଲିକା ମଧ୍ୟରେ କେତେ ଦ୍ୱୀପ—କେତେ ପର୍ବତ ଅଛି, ତାହା କିଏ କଳିପାରିବ ? ଯେଉଁ ଆଡ଼କୁ ଚାହିଁବ, କେବଳ ଦ୍ୱୀପ ଓ ପର୍ବତ । ନୌକା ଚାଲି-ଥାଏ, ନୌକାକୁ ନିକଟବର୍ତ୍ତୀ ଦେଖି ହଂସ, ପାଣିକୁଆ, ମାଣ୍ଡିଆଗେଣ୍ଡି ପ୍ରଭୃତି ସନ୍ତରଣରତ ପକ୍ଷୀମାନେ ଉଡ଼ିଯାଇ କିଛି ଦୂରରେ ଜଳରେ ବସିପଡ଼ୁଥାନ୍ତି । ଏହିପରି ନୌକାକୁ ପରିହାସ କରି ଆଗେ ଆଗେ ଚାଲିଥାଆନ୍ତି । ବାମ ଭାଗରେ ମାଳଦେଇ କୁଦା ଦେଖାଗଲା । ସେଠାରେ ଝୁଣ୍ଡପୋକ ପରି ପକ୍ଷୀ ଉଡ଼ି ବୁଲୁଥାଆନ୍ତି । ଅଲିପୁର ନାସୀ ନିକଟରେ ଚିଲିକା ଗର୍ଭରେ ଗୋଟାଏ ଶୁକ୍ଳ ସ୍ତମ୍ଭ ଦେଖାଗଲା । ତାହାର ନାମ "ଏକପଥର" । ଉକ୍ତ ପଥର ପକ୍ଷିବିଷ୍ଠାରେ ଶୁକ୍ଳ ହୋଇଯାଇଅଛି । ଏହି ଅଂଶରେ ଚିଲିକା ଗର୍ଭରେ ଅନେକ ଗଣ୍ଡଶୈଳ ଅଛି । କେହି ଉପରକୁ ଦିଶୁଅଛି, କେହି ବା ଜଳ ମଧ୍ୟରେ ମଗ୍ନ । ଏହି ଗଣ୍ଡଶୈଳାକୀର୍ଣ୍ଣ ଅଂଶରେ ନାବିକମାନେ ଅତି ସାବଧାନ ହୋଇ ନୌକା ବାହନ୍ତି । ପ୍ରାୟ ଚାରି ଘଟିକା ସମୟରେ ନାବିକ-ମାନେ "ଓଡ଼ିଆ ଅଲିପୁର" ନିକଟରେ ନାବ ଗଠାଇ ବିଶ୍ରାମ କଲେ । ଏ ଗ୍ରାମଖଣ୍ଡିକ ବାଇଗଣ ଓ ଲଙ୍କା-ମରିଚ ସକାଶେ ବିଖ୍ୟାତ । ଚିଲିକାର ଏ ଅଂଶ ମତ୍ସ୍ୟ-ବହୁଳ । ଅଣ୍ଟୁଏ ପାଣିରେ ଆମ୍ଭମାନଙ୍କର ନୌକା ଖଟାଯାଇଥିଲା । ଏତେ ଅଳ୍ପ ଜଳରେ ଝୁବ୍ ବଡ଼ ବଡ଼ ମାଛ ବିଚରଣ କରୁଥିବାର ଦେଖାଗଲା । ସେଠାରେ ଅଳ୍ପକ୍ଷଣ ବିଶ୍ରାମ ପରେ ନୌକା ଚାଲିଲା । ସନ୍ଧ୍ୟା ୭ ଘଣ୍ଟା ସମୟରେ ନୌକା କୂଳରେ ଲାଗିଲା । "ଭାସୁଚି ଅକାତ ଜଳେ କୂଳେ ନେଇ ଲଗା" ନାବିକମାନଙ୍କର ଏ ପ୍ରାର୍ଥନା ସଙ୍ଗୀତ ସାର୍ଥକ ହେଲା । ଆମ୍ଭେମାନେ ଯେଉଁଠାରୁ ଯାଇଥିଲୁ, ସେହିଠାରେ ଆସି ଉପସ୍ଥିତ ହୋଇ ନୌକାରୁ ଅବତରଣ କଲୁଁ ।

କାଳୀଜାଈ ଦେଖିଆସିଲି, ବହୁଦିନର ଅବାଧ ଆଶା ଶାନ୍ତ ହେଲା । ମନରେ ସୁଖ ଜାତ ହେଲା । କିଏ କହିଲା ସୁଖ ଜାତ ହେଲା ? ସୁଖ, ସେ ତ ବହୁ ଦୂରରେ ରହିଲାଣି । ବରଂ ଦେଖିବାବେଳେ ସୁଖ ଥିଲା । ଦେଖିସାରିଲା ପରେ ଆଉ ସୁଖ କଅଣ ?

ଲୋଭନୀୟ ସ୍ୱର୍ଗର ଯନ୍ତ୍ରଣା । ଆକାଂକ୍ଷା ସାଫଲ୍ୟ ଲାଭ କଲମାତ୍ର; କିନ୍ତୁ ସୁଖ କାହିଁ ? ସଫଳ୍ୟ କି ସୁଖ ? ସେ ତ ସୁଖକୁ ଶେଷ କରିଦିଏ । ତାହା ଗତିଶୂନ୍ୟ, ନିସ୍ପନ୍ଦ । ସେଥିରେ କର୍ମର ପ୍ରେରଣା କାହିଁ, ପ୍ରାଣର ଅନନ୍ତ ବ୍ୟାକୁଳତା କାହିଁ, ହୃଦୟର ଉତ୍କଣ୍ଠା ବା କାହିଁ ? ଏହାହିଁ କି ସୁଖ ! ଅତଃ ସଂଗ୍ରାମରେ ସୁଖ ନାହିଁ— ସୁଖ ଗତିରେ ଅଛି । ଯାଉ ସେକଥା । ଆମ୍ଭେମାନେ ନୌକାରୁ ଓହ୍ଲାଇ ତେନ୍ତୁଳିଆପଡ଼ା ଗ୍ରାମକୁ ଆସିଲୁଁ । ଗ୍ରାମର ସ୍କୁଲଗୃହରେ ରାତ୍ରି-ବିଶ୍ରାମର ଆୟୋଜନ ଲାଗିଲା । ସଙ୍ଗେ ସଙ୍ଗେ ପ୍ରବଳ ବୃଷ୍ଟି । ବୃଷ୍ଟି ଗୁପ୍ତ ଶତ୍ରୁରୂପେ ସଙ୍ଗେ ସଙ୍ଗେ ଥାଇ ବେଳ କାଳ ଜାଣି ଆକ୍ରମଣ କରୁଥିଲା । ମୋର ଶରୀର ଭଲ ବୋଧ ନ ହେବାରୁ ମୁଁ ରାତିରେ ଉପବାସ ରହିଲି । ଖଲ୍ଲିକୋଟ ରାଜାଙ୍କ ପ୍ରେରିତ ଗାଡ଼ି ପୂର୍ବରୁ ଆସି ଉକ୍ତ ଗ୍ରାମରେ ଆମ୍ଭମାନଙ୍କ ପ୍ରତୀକ୍ଷାରେ ଥିଲା । ପରଦିନ ସକାଳେ ଆମ୍ଭେମାନେ ସେହି ଗାଡ଼ିରେ ବସି ରମ୍ଭା ଆସିଲୁଁ । ଷ୍ଟେସନରୁ ଜଗନ୍ନାଥ ବାବୁଙ୍କୁ ବିଦାୟ ଦେଇ ମୁଁ ଓ ମୋହର ଅନୁଜ ଡାକଗାଡ଼ିରେ ଇଚ୍ଛାପୁର ଆସିଲୁଁ ।

ରାଜକୀୟ ସାହାଯ୍ୟ ବ୍ୟତୀତ ମୋଭଳି ଦୈନ୍ୟ ଧନୀ ପକ୍ଷରେ କାଳୀଜୟୀ-ଦର୍ଶନ ଏକାନ୍ତ ଅସାଧ୍ୟ । ମୋ ପକ୍ଷରେ ତାହା ଦୁରାକାଂକ୍ଷା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦରିଦ୍ରର ଆଶା ହୃଦୟର ଏକ କୋଣରେ ମୂର୍ଚ୍ଛିତ ହୋଇ ପଡ଼ିରହିବାହିଁ ସ୍ୱାଭାବିକ । ଖଲ୍ଲିକୋଟର ହୃଦୟବାନ୍ ଶିକ୍ଷିତ ରାଜା ମହୋଦୟ କାଳୀଜୟୀ-ଦର୍ଶନର ସୁବିଧା କରିଦେଇ ମୋର ମହୋପକାର ସାଧନ କରିଅଛନ୍ତି । ମୁଁ ତାହାଙ୍କ ନିକଟରେ ଚିରକୃତଜ୍ଞ ଓ ଚିରଋଣୀ ।

କାଳୀଜୟୀ ନାମକରଣର କାରଣ ଅନେକଙ୍କୁ ପଚାରିଥିଲି; ମାତ୍ର କାହାରିଠାରୁ ସନ୍ତୋଷଜନକ ଉତ୍ତର ପାଇଲି ନାହିଁ । ପରିଶେଷରେ ପାରିକୁଦର ଗୁଣ-ବାଚସ୍ପତି ଯୁବରାଜ ( ବର୍ତ୍ତମାନ ରାଜା ) ମହୋଦୟଙ୍କୁ ଖଣ୍ଡିଏ ପତ୍ର ଲେଖି କାଳୀଜୟୀ-ବିବରଣ ଜିଜ୍ଞାସୁ ହୋଇ-ଥିଲି । ତାଙ୍କଠାରୁ ଯେଉଁ ଉତ୍ତର ପାଇଥିଲି, ସେଥିରେ ଅନେକ କଥା ନିହିତ ଅଛି । ତହିଁର ମର୍ମ ଏହି—

ଦେବୀଙ୍କର ପ୍ରକୃତ ନାମ କାଳୀଜୟୀ; ମାତ୍ର କେହି କେହି କାଳୀଜାମ୍ବୀ ମଧ୍ୟ କହନ୍ତି । ଏକଦା କୌଣସି କାରଣରୁ ଖୋର୍ଦ୍ଧା ରାଜା ପାରିକୁଦ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ସୈନ୍ୟ ପ୍ରେରଣ କଲେ । ଖୋର୍ଦ୍ଧାର ସୈନ୍ୟ ଆସି ପାରିକୁଦ କିଲ୍ଲା ସନ୍ନିକଟସ୍ଥ ସାତପଡ଼ା ନାମକ ସ୍ଥାନରେ ଶିବିର ସଂସ୍ଥାପନ କଲେ । ପାରିକୁଦ ସାତପଡ଼ା ମଧ୍ୟରେ ଚିଲିକାର ବ୍ୟବଧାନ ଅଛି । ପରଦିନ ପ୍ରତ୍ୟୁଷରେ ଶତ୍ରୁ-ସୈନ୍ୟବ୍ୟୂହ ପାରିକୁଦ ବିଜୟ ଆଶାରେ ଅଭିଯାନ କରି ଚିଲିକା କୂଳରେ ଉପସ୍ଥିତ ହୋଇ ଦେଖିଲେ ଯେ, ଦେବୀଙ୍କ ମନ୍ଦିରମାନେ ଅସଂଖ୍ୟ ଏରାପକ୍ଷୀ ପାରିକୁଦ କିଲ୍ଲାର ଗୁରୁବାଇ ନାମକ ସ୍ଥାନରେ ଚିଲିକା କୂଳରେ ଠିଆହୋଇଛନ୍ତି । ସେମାନଙ୍କୁ ପାରିକୁଦର ସୈନ୍ୟ ବୋଲି ମନେ କରି ଏବଂ ନିଜ ସୈନ୍ୟ ଅପେକ୍ଷା ସେମାନଙ୍କର ସଂଖ୍ୟାଧିକ୍ୟ ଦେଖି ଖୋର୍ଦ୍ଧାର ସେନାପତି ଭୀତ ହୋଇ ଖୋର୍ଦ୍ଧାଭିମୁଖରେ ପ୍ରତ୍ୟାବର୍ତ୍ତନ କଲେ । ପାରିକୁଦବାସୀମାନେ ଏହି ଘଟଣାକୁ କାଳୀଙ୍କର କୌଶଳ ମନେ କରି "କାଳୀଜୟୀ ହେଲେ, କାଳୀ ଜୟୀ ହେଲେ" ବୋଲି ମହା ଆନନ୍ଦରେ କୋଳାହଳ କରିବାକୁ ଲାଗିଲେ । ସେହିଦିନଠାରୁ ଦେବୀଙ୍କର ନାମ "କାଳୀଜୟୀ ହେଲା ।

ଦୈନିକ ଭୋଗ ଓ ପୂଜା-ନିର୍ବାହ ନିମନ୍ତେ ପାରିକୁଦ ଷ୍ଟେଟରୁ ଦେବୀଙ୍କ ନାମରେ ଧାନଜମି ଖଞ୍ଜା ଅଛି ; ମାତ୍ର ଚିଲିକା ମଧ୍ୟସ୍ଥ କାଳୀଜୟୀଙ୍କ ନିକଟକୁ ପ୍ରତିଦିନ ଯିବାର ସୁବିଧା ନ ଥିବାରୁ ବିଶେଷତଃ ବର୍ଷା ତୋଫାନ ସମୟରେ ଚିଲିକା-ବକ୍ଷ ନୌଯାନର ଅଗମ୍ୟ ହେବାରୁ ଦେବୀଙ୍କର ପ୍ରତିନିଧିସ୍ୱରୂପ ଗୋଟିଏ ମୂର୍ତ୍ତି ଚିଲିକା ତଟରେ ସ୍ଥାପନ କରି ସେଠାରେ ପ୍ରତ୍ୟହ ପୂଜା ଓ ଭୋଗର ବ୍ୟବସ୍ଥା କରାହୋଇଅଛି । ଦୁର୍ଗାପୂଜା ସମୟରେ ସମାରୋହରେ ଦେବୀଙ୍କର ପୂଜା ହୁଏ ଏବଂ ବଳି ପଡ଼େ ।

କାଳୀଜୟୀ ଚିଲିକାର ଅଧିଷ୍ଠାତ୍ରୀ ଦେବୀ । ଚିଲିକାବକ୍ଷସ୍ଥ ନାବିକମାନେ ତାଙ୍କୁ ଅତିଶୟ ଭକ୍ତି କରନ୍ତି । ସେମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ, ଦେବୀଙ୍କ ନାମ

ସ୍ମରଣ କଲେ ଚିଲିକା ମଧ୍ୟରେ କୌଣସି ବିପଦ ଘଟିବାର ସମ୍ଭାବନା ନାହିଁ । ନୌକା-ନିମଗ୍ନ ସମୟରେ ଦେବୀଙ୍କ ନାମ ସ୍ମରଣ କରି ଅନେକଙ୍କୁ ଆସନ୍ନମୃତ୍ୟୁ-ମୁଖରୁ ରକ୍ଷା ପାଇବାର ଦେଖାଯାଇଅଛି । ଦେବୀଙ୍କ ଅପାର କୃପାରୁ କେହି କେହି ଅଗାଧ ଚିଲିକା ସନ୍ତରଣ ଦ୍ୱାରା ପାରହୋଇ ଆସିଅଛନ୍ତି । ଦେବୀଙ୍କ ଉଦ୍ଦେଶ୍ୟରେ ପୂଜା ଓ ବଳି ମାନସ କରି ଅନେକେ ମହା ସଙ୍କଟରୁ ରକ୍ଷା ପାଇଅଛନ୍ତି । ସ୍ୱୟଂ ଯୁବରାଜ ସୁଦ୍ଧା ଏ ବିଷୟରେ ଭୁକ୍ତଭୋଗୀ ।

୧୧୬୪ ସାଲରେ ପାରିକୁଦର ଇନୈକ ରାଜା ଜଗନ୍ନାଥରାଜଙ୍କ ରାଜତ୍ୱ ସମୟରେ ଗୋଟିଏ କ୍ଷୁଦ୍ର ଦେଉଳରେ ଦେବୀଙ୍କର ମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା । କାଳର କରାଳ ଦଂଷ୍ଟ୍ରା ଘାତରେ ଉକ୍ତ ଦେଉଳଟି ବିନଷ୍ଟ ହୋଇଯିବାରୁ ବର୍ତ୍ତମାନ ରାଜାସାହେବଙ୍କର ପିତା ସ୍ୱର୍ଗତ ଗୌରଚନ୍ଦ୍ର ମାନସିଂହ ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାୟ ବାହାଦୁର ୧୮୮୬ ସାଲରେ ଦେବୀଙ୍କର ଦେଉଳ ତୋଳାଇଦେଇଅଛନ୍ତି । ବର୍ତ୍ତମାନ ରାଜା ମହୋଦୟ ଆଗନ୍ତୁକ ଦର୍ଶକମାନଙ୍କ ସକାଶେ ଗୋଟିଏ ବିଶ୍ରାମ-ସୌଧ ନିର୍ମାଣ କରାଇଅଛନ୍ତି ।

କାଳୀଜାଈ ଦ୍ୱୀପର ପରିମାଣ ୬୯ ଏକର ୧୦ ଡେସିମେଲ ମଧ୍ୟରୁ ମନ୍ଦିର ଏକ ଡେସିମେଲ, ପାନ୍ଥାଗାର ୩ ଡେସିମେଲ, ପଡିଆ ଏକ ଏକର ୭ ଡେସିମେଲ ଏବଂ ପାହାଡ଼ ୬୭ ଏକର ୬୦୦ ଡେସିମେଲ । ଇଂରାଜମାନେ ଓଡ଼ିଶା ଅଧିକାର ଉଦ୍ଦେଶ୍ୟରେ ଏହି ବାଟେ ଯିବା ସମୟରେ ପାରିକୁଦର ତତ୍କାଳୀନ ରାଜା ବାଲୁକେଶ୍ୱର ହରିଚନ୍ଦନ ଭୀତ ହୋଇ କାଳୀଜାଈ ଦ୍ୱୀପରେ ଆଶ୍ରୟ ଗ୍ରହଣ କରିଥିଲେ । ଏହି ଘଟଣା ୧୮୦୩ ଖ୍ରୀଷ୍ଟାବ୍ଦରେ ଘଟିଥିଲା ।

# ପୁଷ୍ପପୀଠ

# ଉପହାର

ଅତୁଳ ସମ୍ମାନାସ୍ପଦ, କାବ୍ୟ-ସାହିତ୍ୟ-ସୁହୃଦ୍‌ପ୍ରବର,

ବିପୁଳ ଖେମଣ୍ଡୀଖଣ୍ଡର ସୁଯୋଗ୍ୟ- ପରିପାଳକ

ଶ୍ରୀଯୁକ୍ତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମହୋଦୟ

ଶ୍ରୀକର-ପଲ୍ଲବେଷୁ

ଭକ୍ତଭଜନ ଶ୍ରୀମନ୍ ଗଜପତି ମହାରାଜ,

ଶ୍ରୀଛାମୁଙ୍କ ଶୁଭ ରାଜପଣ ସମୟରୁ ଉତ୍କଳ-ସାହିତ୍ୟାକାଶରେ ପ୍ରାଣଶୀତଳକାରୀ ମଳୟ ହିଲ୍ଲୋଳ ଭଳି ଗୋଟିଏ ସ୍ନିଗ୍ଧ ମଧୁର ସ୍ପନ୍ଦନ ଅନୁଭୂତ ହେଉଅଛି । ଏହା କାବ୍ୟ ଜାଗତ ଜୀବନର ନୀରବ ମଙ୍ଗଳ ଆହ୍ୱାନ ବ୍ୟତୀତ ଅନ୍ୟ କିଛି ନୁହେଁ । ଦୁଃଖିନୀ ଭାଷା-ଜନନୀ ଭାଗ୍ୟରେ ଶ୍ରୀଛାମୁ ଯେ ଉଦୀୟମାନ ପୂର୍ଣ୍ଣଶଶଧର, ଏହା ଅବିରୁକ୍ତ ଉକ୍ତି । ପାରଳା ଭ୍ରମଣ ସମୟରେ ଯାହା ଯାହା ମୋର କ୍ଷୁଦ୍ର ଅନୁଭୂତି-ସିଦ୍ଧ ହୋଇଥିଲା, ସେଗୁଡିକ ମୁଁ ଏକତ୍ର କରି "ପୁଣ୍ୟପୀଠ" ନାମରେ ପୁସ୍ତକାକାରରେ ପ୍ରକାଶ କରିବାକୁ ମନଃସ୍ଥ କରିଅଛି । ପୁସ୍ତକର କଳ୍ପିତ ବିଷୟ ଶ୍ରୀଛାମୁଙ୍କ ବାକ୍ୟସମ୍ଭୂତ । ତାହା ଶ୍ରୀଛାମୁରେ ଅର୍ପିତ ହେବା ଭରସାରେ ପୁସ୍ତକଖଣ୍ଡି ଭବଦୀୟ ଦାନ-ସଲିଳାର୍ଦ୍ରପୂତ କରକମଳରେ ହୃଦୟର ଅନ୍ତସ୍ତଳନିହିତ ନିର୍ମଳ ଭକ୍ତି ସହ ଉପହାର ଅର୍ପଣ କଲି; ସ୍ୱୀକୃତ ହେଲେ ନିଜକୁ ସଫଳକାମ ମଣିବି ।

ଇଚ୍ଛାପୁର
୧୦ । ୨ । ୧୯୬୦

ଶ୍ରୀଛାମୁଙ୍କର
ଏକାନ୍ତ ସ୍ନେହ-ଋଣୀ
ଶ୍ରୀ ଚନ୍ଦ୍ରାମଣି ମହାନ୍ତି

# ପୁଣ୍ୟପୀଠ

କେହି ଶିକ୍ଷା ବ୍ୟପଦେଶରେ, କେହି ତୀର୍ଥ ସନ୍ଦର୍ଶନ ଉଦ୍ଦେଶ୍ୟରେ ଏବଂ କେହି ବା ସ୍ୱାସ୍ଥ୍ୟ-ପରିବର୍ତ୍ତନ କାମନାରେ ଏହିପରି ନାନା ବିଭିନ୍ନ ଅଭିପ୍ରାୟ ଘେନି ଲୋକେ ଦେଶ-ଭ୍ରମଣ କରନ୍ତି; ମାତ୍ର ମୋର ଭ୍ରମଣ ସେରୂପ କୌଣସି ପ୍ରବୃତ୍ତିର କର୍ତ୍ତବ୍ୟମୂଳକ ନୁହେ— ତାହା ଲକ୍ଷ୍ୟବିହୀନ । ଶିକ୍ଷୋପଦେଶପୂର୍ଣ୍ଣ ଭ୍ରମଣ-କାହାଣୀ ଶୁଣାଇ ସୁଧୀସମାଜର ସେବା କରିବ, ଏ ନିରର୍ଥକ ଉତ୍କଟ ଦୁରାକାଙ୍କ୍ଷା ମୁଁ ଆଦୌ ପୋଷଣ କରି ନାହିଁ । ଭ୍ରମଣ ସମ୍ବନ୍ଧରେ ଧାରାବାହିକ ପଞ୍ଜିକା ଲିଖନ ମୋର କର୍ତ୍ତବ୍ୟ ହୁଏ । ସହଜରେ ସମୟ କ୍ଷେପଣ ଓ ନିଜର ଚିତ୍ତବିନୋଦ ସେଥିର ଏକମାତ୍ର କାରଣ ।

ଯାତ୍ରା ପୂର୍ବରୁ ଗନ୍ତବ୍ୟ ସ୍ଥାନ ନିରୂପିତ ହେବା ସ୍ୱାଭାବିକ । ତାହା ନିର୍ଣ୍ଣୟ ହେଲେ ରଥ ଅଚଳ । ନିଖିଳ ଧର୍ମଧାମ ପ୍ରାକୃତିକ ଉତ୍କଳଖଣ୍ଡର ପାରଳା-ଖେମଣ୍ଡୀ ଗୋଟିଏ ନୈସର୍ଗିକ ଦୃଶ୍ୟବହୁଳ ରାଜ୍ୟ । ସୁତରାଂ ତାହାକୁହିଁ ନୟନ-ଅତିଥି କରିବାର ପ୍ରସ୍ତାବ ଧାର୍ଯ୍ୟ ହେଲା । ସେଦିନ ବୁଧବାର, ଫଳିତ ଜ୍ୟୋତିଷ ମତରେ ଦକ୍ଷିଣକୁ ଦିକଶୂଳ । ନିଷିଦ୍ଧ ବାରରେ ଯାତ୍ରା କରିବି କି ନାହିଁ, ପ୍ରଥମତଃ ମନ ସହିତ ଏହି ବିଷୟରେ ଆନ୍ଦୋଳନ ଆରମ୍ଭ ହେଲା । ମନ ଓ ମୁଁ ଦୁଇଗୋଟି ସ୍ୱତନ୍ତ୍ର ପଦାର୍ଥ ହୋଇ ବସିଲୁ । ସଦିଚ୍ଛାର ପ୍ରତିବନ୍ଧକ ଅବଶ୍ୟମ୍ଭାବୀ । କୌଣସି ଇଚ୍ଛାର ଅପ୍ରତିହତ ସାଫଲ୍ୟ ଅବଧି ଜୀବନରେ ଘଟି ନାହିଁ । ମନ ଅମଙ୍ଗଳ ଆଶଙ୍କା ରୂପ ଅନ୍ତରାୟ ଆଣି ଦେଲା । ତହୁଁ ମୁଁ ପ୍ରତିବାଦ କରି କହିଲି, ପରଦର୍ଶୀ ଓ ଶାନ୍ତି-ରକ୍ଷା ବିଭାଗୀୟ କର୍ମଚାରୀମାନଙ୍କୁ କି ବାର ଦୋଷ ବାଧେ ନାହିଁ ? ହାୟ, ନରକଳଙ୍କିତ ଶବବାହୁ ବାର ! ତୁମ୍ଭେ କି ସୁଦ୍ଧା ପକ୍ଷପାତ ଦୋଷରେ ଦୋଷୀ ! ମନ କହିଲା—ପ୍ରତ୍ୟହ ଭ୍ରମଣ ରାଜକର୍ମଚାରୀମାନଙ୍କର କର୍ତ୍ତବ୍ୟ, ସେମାନଙ୍କ କଥା ସ୍ୱତନ୍ତ୍ର । ସେ ସେଠାରେ ବିତଣ୍ଡା ଉକ୍ତ ହେଉପଛେ; ମାତ୍ର ଶାସ୍ତ୍ରାଦେଶ ସମସ୍ତଙ୍କର ଶିରୋଧାର୍ଯ୍ୟ । ଅନନ୍ତର ମୁଁ ଉତ୍ତର ଦେଲି, କର୍ତ୍ତବ୍ୟରେ ଯଦି ଦୋଷ ନାହିଁ, ତେବେ ମୋର ଏ ଭ୍ରମଣଟା କି ଅକର୍ତ୍ତବ୍ୟ ? ଯେ ଯେତେବେଳେ ଯେଉଁ କର୍ମ କରେ, ସେତେବେଳେ ସେହି କର୍ମ ତାହାର କର୍ତ୍ତବ୍ୟ । ପୁଣି ଯେଉଁ ଶାସ୍ତ୍ର ଅବିଚ୍ଛିନ୍ନ କର୍ମର ଉପଦେଶ ଦିଏ, ସେହି ଶାସ୍ତ୍ର କି କର୍ମର ପରିପନ୍ଥୀ ହୋଇ ଆଳସ୍ୟ ଓ ଭୀରୁତାର ଉପାସନା କରିବାକୁ ପ୍ରବର୍ତ୍ତାଏ ? ଦଗାଦଆ ଦୁର୍ଜନ ପରି ଶାସ୍ତ୍ର କି ତେବେ ଦୁଇମୁହାଁ ? ଶାସ୍ତ୍ରାଦେଶ ଶିରୋଧାର୍ଯ୍ୟ, ଏହା କୋଟିବାର ସ୍ୱୀକାର୍ଯ୍ୟ; ମାତ୍ର ଫଳିତ ଜ୍ୟୋତିଷ ଶାସ୍ତ୍ର ପ୍ରତି ମୁଁ ଆସ୍ଥାବାନ୍ ନୁହେଁ । ମୋର ଏହା ଭ୍ରାନ୍ତି କିମ୍ବା ଅଜ୍ଞାନତା ହୋଇପାରେ; ମାତ୍ର ଫଳିତ ଜ୍ୟୋତିଷ ପ୍ରତି ମୋର ଏହି ଧାରଣା; କିନ୍ତୁ ଗଣିତ ଜ୍ୟୋତିଷକୁ ମୁଁ ଭକ୍ତିରେ ଦଣ୍ଡବତ କରେ । ମୋର ଏହି ଦାର୍ଶନିକତାରେ ରକ୍ଷଣଶୀଳପନ୍ଥୀ ମନ ନିରୁତ୍ତର ହେଲା । ଜଗତରେ ସମସ୍ତେ ଶିକ୍ଷା ଦେବାକୁ ଯେପରି ଉଦ୍ୟତ, ଶିଖିବାକୁ ପ୍ରାୟଶଃ ସେରୂପ ଉଦ୍ୟତ ନୁହନ୍ତି; କିନ୍ତୁ କାହିଁକି କେଜାଣି ମୋର ମନ ଶିଖାଇ-ବାକୁ ବିରତ ହୋଇ ନିଜେ ନୀରବ ଶିକ୍ଷାରେ ନିଯୁକ୍ତ ହେଲା । ତହୁଁ ମୁଁ ଜୟଶ୍ରୀମଣ୍ଡିତ ହୋଇ ସଦର୍ପ, ସହର୍ଷ ରେଲଷ୍ଟେସନ ଅଭିମୁଖରେ ଯାତ୍ରା କଲି । ସେତେବେଳେ ଠିକ୍ ମଧ୍ୟାହ୍ନ ସମୟ । ସୂର୍ଯ୍ୟଦେବ ମସ୍ତକ ଉପରେ ରହି ଆଲୋକ ଗୋଳକ ପିଣ୍ଡ ଭଳି ପ୍ରତୀୟମାନ ହେଉଥିଲେ । ଦୂରରେ ମୃଗତୃଷ୍ଣାର ନୃତ୍ୟ ଦୃଷ୍ଟିରେଖାକୁ ପଛକୁ ହଟାଇଦେଉଥାଏ । ସମ୍ମୁଖରେ ପୀରପର୍ବତ ରୌଦ୍ରତାପକୁ ଭ୍ରୂକ୍ଷେପ ନ କରି ସଗର୍ବ ଦଣ୍ଡାୟମାନ । ପୀରଙ୍କର ଆସ୍ଥାନ ହେତୁ ଏହା ପୀର

ପର୍ବତ ନାମରେ ଅଭିହିତ ହୁଏ । ପର୍ବତର ବକ୍ଷ ଓ ମସ୍ତକରେ ଦୁଇଗୋଟି ମସଜିଦ୍-ସୌଧ ସାରଳ୍ୟ-ପଦକ ଓ ସ୍ମାରକ ସଦୃଶ ତୁଲ୍ୟ ପ୍ରତୀୟମାନ ହୁଏ । ମୁସଲମାନ ରାଜତ୍ୱ ସମୟରେ ଇଚ୍ଛାପୁର ନବାବଙ୍କର ଅନ୍ୟତମ ରାଜଧାନୀ ଥିଲା । ବର୍ତ୍ତମାନ ଯେଉଁଠାରେ ପୋଲିସ ଅଫିସ ଅଛି, ସେହିଠାରେ ନବାବଙ୍କର ଦୁର୍ଗ ଥିଲା । ଅଧୁନା ଦୁର୍ଗପରିଖାର ଲୁପ୍ତାବଶେଷ ଅତୀତ ଇତିହାସର ମୂର୍ତ୍ତିମନ୍ତ ସାକ୍ଷୀ ତୁଲ୍ୟ ବିଦ୍ୟମାନ ଅଛି । ସେହି ସମୟରେ ସେଖ୍ ଫରିଦ୍ ଶକରଗଞ୍ଜ ନାମରେ ଜଣେ ମୁସଲମାନ ଯୋଗୀ ନାଗପୁର ଅଞ୍ଚଳରୁ ଆସି ଉପର୍ଯ୍ୟୁକ୍ତ ପର୍ବତରେ ୪୦ ଦିନ ଯୋଗ ସାଧନ କରି ଅଲୌକିକ ଚମତ୍କାର ଦେଖାଇଥିଲେ । ନବାବ ତାହାଙ୍କ ମହିମାରେ ମୁଗ୍ଧ ହୋଇ ସାଧୁଙ୍କର ସ୍ମୃତିଚିହ୍ନସ୍ୱରୂପ ତାଙ୍କ ଯୋଗଶିଳା ଓ ବିଶ୍ରାମଶିଳା ଉପରେ ଦୁଇଟି ମସଜିଦ୍ ନିର୍ମାଣ କରାଇ ପ୍ରଭୂତ ଭୂସମ୍ପତ୍ତି ଲେଖିଦେଇଯାଇଅଛନ୍ତି । ପାବଚ୍ଛଦ୍ୱାରା ଗିରି-ଆରୋହଣ ମାର୍ଗ ସୁଗମ୍ୟ ହୋଇଅଛି । ପ୍ରତିବର୍ଷ ଏଠାରେ ତିନି ଦିନବ୍ୟାପୀ ମେଳା ହୁଏ । ଦୂରଦୂରାନ୍ତରରୁ ବହୁ ମୁସଲମାନ ଧାର୍ମିକ ବ୍ୟକ୍ତି ମେଳାରେ ଯୋଗ ଦିଅନ୍ତି । ଏତଦ୍‌ଭିନ୍ନ ପ୍ରତି ଗୁରୁବାର ଜାତିଧର୍ମନିର୍ବିଶେଷରେ ଅସଂଖ୍ୟ ନରନାରୀ ପୀରଙ୍କୁ ପୂଜା ଦିଅନ୍ତି । ସୁତରାଂ ପୀରଘେରି ସାମ୍ୟ ତୀର୍ଥରେ ପରିଣତ ହୋଇଅଛି । ସେ ସର୍ବଧର୍ମର ସମନ୍ୱୟ ଭୂମି । ଯେଉଁଠାରେ ବିଭିନ୍ନ ଧର୍ମାବଲମ୍ବୀ ଅଭିଜାତ୍ୟ ପାର୍ଶ୍ୱର ଧର୍ମର ଭେଦଜ୍ଞାନଜନିତ ସଙ୍କୀର୍ଣ୍ଣତା ଓ ଦ୍ୱେଷପରିହାରପୂର୍ବକ ସାର୍ବଜନୀନ ଉଦାର ପ୍ରେମରେ ପରସ୍ପରକୁ ଆଲିଙ୍ଗନ କରନ୍ତି, ସେ ସ୍ଥାନ ପରମ ତୀର୍ଥ ଓ ପରମ ସ୍ୱର୍ଗ । ନିମ୍ନ ମସଜିଦ୍ ନିକଟରେ ଗୋଟିଏ ଅଜ୍ଞାତ ବୃକ୍ଷ ଅଛି । ତାହାକୁ ଅଦ୍ୟାପି କେହି ଚିହ୍ନିପାରି ନାହାନ୍ତି । ପ୍ରବାଦ ଅଛି—ସାଧୁ ମହାତ୍ମାଙ୍କର ତ୍ୟକ୍ତ ଦାନ୍ତକାଠିରୁ ଏହି ଗଛର ଉତ୍ପତ୍ତି । ଏହାର ଫଳ ଅପକ୍ୱ ବରଫଳ ତୁଲ୍ୟ ହରିଦ୍ରାଭ । ସାଧୁଙ୍କର ନାମ ଶକର୍ (ଶକର୍-ଗୁଡ଼, ନବାତ) ଯେପରି ମଧୁଗର୍ଭ, ଫଳଗୁଡ଼ିକ ମଧ୍ୟ ସେହିପରି ମଧୁର । ବୃକ୍ଷ ନିକଟରେ ଗୋଟିଏ ଅପରିଷ୍କାର କୂପ ଅଛି । ସେଥିରେ ପ୍ରାୟ ଏକହାତ ପରିମିତ ଜଳ ଥାଏ; ମାତ୍ର କେବେହେଲେ ତାହା ଶୁଷ୍କ ହୁଏ ନାହିଁ । ଯୋଗୀଙ୍କର ଯଷ୍ଟ୍ୟାଘାତରୁ କୂପର ଉତ୍ପତ୍ତି ବୋଲି ସ୍ଥାନୀୟ କିମ୍ବଦନ୍ତୀ ଅଛି ।

ଉତ୍ତରରୁ ପାସେଞ୍ଜର ଗାଡ଼ି ଆସି ପହଞ୍ଚିଲା । ଷ୍ଟେସନରେ ତାହାର ବିଜୟଘଣ୍ଟା ବାଜିଉଠିଲା, ଶୁଭସୂଚକ ନୀଳପତାକା ଉଡ୍‌ଡୀୟମାନ ହେଲା । କ୍ଳାନ୍ତ ଇଞ୍ଜିନ୍ ଦୀର୍ଘପ୍ରଶ୍ୱାସ ପରିତ୍ୟାଗପୂର୍ବକ ଧଇଁସଇଁ ହୋଇ ଜଳ ପାନ କରିବାକୁ ଗଲା । ତୃତୀୟଶ୍ରେଣୀ ଗାଡ଼ିରେ ତିଳ ଧାରଣର ସ୍ଥାନ ନାହିଁ । ଆଜି ରୈବାରୁଣୀ ଯୋଗ । ସମୁଦ୍ରସ୍ନାନ ଉଦ୍ଦେଶ୍ୟରେ ଅସଂଖ୍ୟ ଯାତ୍ରୀ "ବାରୁଆ" ଯାଉଅଛନ୍ତି । ଏ ଷ୍ଟେସନରୁ ମଧ୍ୟ ଅନେକ ଲୋକ ଟିକଟ କିଣିଲେ । ପରବର୍ତ୍ତୀ ଷ୍ଟେସନମାନଙ୍କରେ ଅନେକ ଲୋକ ଚଢ଼ିବେ, ଅଧିକାଂଶ ଯାତ୍ରୀ ବସିବାକୁ ସ୍ଥାନ ନ ପାଇ ଗାଡ଼ି ମଧ୍ୟରେ ଠିଆହୋଇ ରହିଅଛନ୍ତି, ତଥାପି ଯାତ୍ରୀ ପ୍ରବେଶରେ ବିରାମ ନାହିଁ । ଦଳେ ଦଳେ ଲୋକ ଠେଲାଠେଲି ଚଢ଼ିଯାଉଅଛନ୍ତି । ମାନବ-ବନ୍ୟାରେ ଗାଡ଼ି ଉଚ୍ଛୁଳି ପଡ଼ୁଅଛି । ତୃତୀୟ ଶ୍ରେଣୀଗାଡ଼ି ଅନନ୍ତଗର୍ଭ ! ସେ ସମସ୍ତଙ୍କୁ ସାମ୍ୟନୀତିରେ ସ୍ଥାନ ଦେଉଅଛି । ଏ ନୀରନ୍ଧ୍ର ଜନତା ମଧ୍ୟରେ ମୋ ଭଳି ଦୁର୍ବଳର ଦଶା କଅଣ ହେବ, ମନେ ମନେ ଏହା ଭାବୁଅଛି, ଏହି ସମୟରେ ମୋର ଅନୁଚର ଖଣ୍ଡିଏ ମଧ୍ୟମ ଶ୍ରେଣୀର ଟିକଟ ଆଣି ମୋ ହସ୍ତରେ ଦେଲା । ବୃଥା ବାକ୍ୟ ହେତୁ ମୁଁ ତାହା ପ୍ରତି ଗୋଟାଏ ନିମ୍ଫଳ ଅନୁଚିତ ମନ୍ତବ୍ୟ ପ୍ରକାଶ କରି ଗାଡ଼ିରେ ଚଢ଼ି ବସିଲି । ମୁଁ ସୁବିଧା ଭୋଗ କଲି; ମାତ୍ର ଯେ ସୁବିଧା ଆଣି ଦେଲା, ସେ ଗଞ୍ଜଣା ପୁରସ୍କାର ପାଇଲା । ଏହା କଳିକାଳର କୃତଜ୍ଞତା ! ଗଞ୍ଜାମର ସ୍କୁଲସମୂହର ଆସିଷ୍ଟାଣ୍ଟ ଇନ୍‌ସପେକ୍ଟର ଶ୍ରୀଯୁକ୍ତ ସିଂହାଦ୍ରି ଗନ୍ତାୟତ ମହୋଦୟ ସେହି ଗାଡ଼ିରେ ଉଠିଲେ, ବହୁଦିନ ପରେ ସାକ୍ଷାତ୍ ! ପ୍ରଥମତଃ ଶିଷ୍ଟାଚାର, ତହୁଁ ପରେ ମିଷ୍ଟ ସମ୍ଭାଷଣ ଚାଲିଲା । ଅନେକ କଥା ହେଲା, ତାହା ଅନ୍ୟ କିଛି ନୁହେ—ପରସ୍ପରଙ୍କର ସୁଖ ଦୁଃଖର କଥା, ଦାରୁଣ ସଂସାରର ଜୀବନସଂଗ୍ରାମର କଥା । ଗନ୍ତାୟତମହୋଦୟ ଜଣେ କର୍ତ୍ତବ୍ୟକୁଶଳୀ ଗମ୍ଭୀର ପ୍ରକୃତି ନିରଭିମାନ ବ୍ୟକ୍ତି । ଆଉ

ଜଣେ ଉଚ୍ଚପଦସ୍ଥ ତୈଲଙ୍ଗୀୟ ବ୍ୟକ୍ତି ସେହି ଗାଡ଼ିରେ ଆସି ବସିଲେ । ସେ ଓଡ଼ିଆ ଜାଣନ୍ତି ନାହିଁ । ସିଂହାଦ୍ରି ବାବୁଙ୍କ ସଙ୍ଗେ ସେ ଇଂରାଜୀରେ କଥାବାର୍ତ୍ତା କଲେ । ଆଭାସ ଇଙ୍ଗିତରୁ ବୁଝିପାରିଲି ଯେ, ସେମାନେ ଓଡ଼ିଆଭାଷା ସମ୍ବନ୍ଧରେ ଆଲୋଚନା କରୁଅଛନ୍ତି । ଉଭୟେ ନୀରବ ହୁଅନ୍ତେ ମୁଁ ସିଂହାଦ୍ରି ବାବୁଙ୍କୁ କହିଲି—ବୋଧ ହୁଏ ଆପଣମାନଙ୍କର ଖଣ୍ଡେ ଭାଷା ଚର୍ଚ୍ଚା ଲାଗିଥିଲା । ତହୁଁ ସେ କହିଲେ—"ହଁ, ଏହି ଭଦ୍ରବ୍ୟକ୍ତି କହୁଅଛନ୍ତି ଯେ, ଓଡ଼ିଆ ଭାଷା ସଂସ୍କୃତମୂଳକ, ତାହାର ନିଜସ୍ୱ କିଛି ନାହିଁ ।" ତୈଲଙ୍ଗୀୟ ଭ୍ରାତାଙ୍କର ଏ ଅଦ୍ଭୁତ ମନ୍ତବ୍ୟ ମୁଁ ନୀରବ-ଭାବରେ ଜୀର୍ଣ୍ଣ କରିପାରିଲି ନାହିଁ । ସିଂହାଦ୍ରି ବାବୁଙ୍କୁ କହିଲି, ଆପଣ ତାଙ୍କୁ ବୁଝାଇଦେଉନ୍ତୁ ଯେ, ଯାହାର ଯେଉଁ ଭାଷାରେ ଅଭିଜ୍ଞତା ନାହିଁ, ସେ ଭାଷା ସମ୍ବନ୍ଧରେ ସେ କିପରି ବୁଝିପାରିବ ? ବଙ୍ଗ, ହିନ୍ଦୀ ପ୍ରଭୃତି ଭାରତ ଭାଷାମାନ ସଂସ୍କୃତାଶ୍ରିତା । ତେବେ ସେ ଭାଷାରେ କି ନିଜସ୍ୱ କିଛି ନାହିଁ ? ଓଡ଼ିଆ ମହାଭାଷା ସଂସ୍କୃତରୁ ଜାତ ସତ୍ୟ; ମାତ୍ର ତାହାର ସ୍ୱତନ୍ତ୍ର ପ୍ରାଣ ଓ ସ୍ୱତନ୍ତ୍ର ପ୍ରକୃତି ଅଛି । ମାଆ, ଝିଅ ଉଭୟଙ୍କର ତ ଗୋଟାଏ ଜୀବନ ବା ଗୋଟାଏ ପ୍ରକୃତି ହୁଏ ନାହିଁ ! ସିଂହାଦ୍ରି ମହୋଦୟ ଇଂରାଜୀରେ ଏହା ବୁଝାଇଦେବାରୁ ନିରୀହ ଓଡ଼ିଆ-ଭାଷା ତୈଲଙ୍ଗୀୟ ଭ୍ରାତାଙ୍କର କଠୋର ମନ୍ତବ୍ୟରୁ ନିସ୍ତାର ପାଇଲା । ଗାଡ଼ି ଇଚ୍ଛାପୁର ଷ୍ଟେସନରୁ ବାହାରି ଝାଡ଼ପୁଡ଼ି ଷ୍ଟେସନରେ ଯାଇ ପହଞ୍ଚିଲାଣି, ଆମ୍ଭେମାନେ କଥା-ସାଗରରେ ନିମଗ୍ନ ରହି ତାହା ଲକ୍ଷ୍ୟ କରିପାରି ନ ଥିଲୁଁ । ଝାଡ଼ପୁଡ଼ି ଗୋଟିଏ କ୍ଷୁଦ୍ର ଷ୍ଟେସନ । ନିକଟରେ ଗୋଟିଏ ହାଟ, ତାହା ପ୍ରତି ମଙ୍ଗଳବାର ବସେ । ଥରେ ମୁଁ ଏହି ହାଟ ଦେଖିଥିଲି । ଏଠାରେ ନଡ଼ିଆ, କଦଳୀ ବହୁତ ସ୍ତୂପାକାରରେ ଗଦା ହୁଏ । ଏଗୁଡ଼ିକ 'ଉଦ୍ୟାନଖଣ୍ଡ'ର ସମ୍ପଦ । ଉଦ୍ୟାନ ସାନ; ମାତ୍ର ତାହାର କର୍ମକ୍ଷେତ୍ର ଅନନ୍ତ ବିସ୍ତୃତ । ଏହିଠାରୁ ନଡ଼ିଆ, କଦଳୀ, ପଣସ ଅପର୍ଯ୍ୟାପ୍ତ ପରିମାଣରେ ଉତ୍ତରରେ କଲିକତା, କାଶୀ ଓ ଦକ୍ଷିଣରେ ମାନ୍ଦ୍ରାଜ ପର୍ଯ୍ୟନ୍ତ ଯାଏ । ରେଲ ଯୋଗୁଁ ଏହି ବାଣିଜ୍ୟର ସୁବିଧା ହୋଇଅଛି ।

କିଛିକ୍ଷଣ ପରେ ରେଲଗାଡ଼ି ଚାଲିଲା । ଦୁଇ ପାର୍ଶ୍ୱରେ ନିବିଡ଼ ତାଳବୋଦିଲ ଜଟାମୁକୁଟଧାରୀ ସନ୍ନ୍ୟାସୀମାନଙ୍କର ବିରାଟ ମେଳା ଭଳି ପ୍ରତୀୟମାନ ହୁଏ । ବିଶୃଙ୍ଖଳ ନିଃଶାଖ ବୃତ୍ତାକାରତରୁଗୁଡ଼ିକ କୌଣସି ମହାନଗରୀର ଭଗ୍ନାବଶେଷ ଲୌହସ୍ତମ୍ଭର ଭ୍ରାନ୍ତି ଜନ୍ମାଇଦେଲା । ଏହିଠାରୁ ବାମପାର୍ଶ୍ୱରେ ଉଦ୍ୟାନଖଣ୍ଡ ଓ ଦକ୍ଷିଣ ପାର୍ଶ୍ୱରେ ମହେନ୍ଦ୍ରମାଳ ଆରମ୍ଭ ହୋଇଅଛି । ଏକ ଆଡ଼େ ନିବିଡ଼ ନୀଳାଭମାନ ଉଦ୍ୟାନର ସଜୀବ ଶୋଭା ଏବଂ ଅନ୍ୟ ଆଡ଼େ ଘନ-ଚୁମ୍ବିତୁଙ୍ଗ ଗିରିମାଳାର ଗମ୍ଭୀର ମୂର୍ତ୍ତି । ଯେମନ୍ତ କି ସୌନ୍ଦର୍ଯ୍ୟ ଓ ଗାମ୍ଭୀର୍ଯ୍ୟ ପରସ୍ପରକୁ ଆଲିଙ୍ଗନ କରି ରହିଅଛି । ଆକାଶ ବକ୍ଷରେ ସଚଳ ରଥ୍ୟା ଭଳି ମେଘମାନେ ପଙ୍କ୍ତି ବାନ୍ଧି ପର୍ବତରୁ ଉଦ୍ୟାନ ଆଡ଼କୁ ଯାଉଅଛନ୍ତି । ଶାନ୍ତସ୍ନିଗ୍ଧ ନୀଳାକାଶ ବେଢ଼ରେ ଏହି ନିର୍ବାକ୍ ସୌନ୍ଦର୍ଯ୍ୟ ମନରେ ନୂତନ ଭାଷା ଓ ନୂତନ ଭାବର ସୃଷ୍ଟି କରୁଅଛି । ପ୍ରକୃତିର ସେ ମହାଭାଷା ବ୍ୟକ୍ତ କରିବା ପ୍ରକୃତିଦତ୍ତ ମାନବ ଶକ୍ତିର ଓ ଛକୁଟିଜାତ କ୍ଷୁଦ୍ର ଲେଖନୀଦଣ୍ଡର ଅସାଧ୍ୟ । ମେଘମାନେ ପର୍ବତରୁ କି ଗୁପ୍ତବାର୍ତ୍ତା ଉଦ୍ୟାନ କର୍ଣ୍ଣରେ କହିବାକୁ ଧାଇଁଅଛନ୍ତି, ତାହା କିଏ ବୁଝିବ ? ବଡ଼ ଘରର ବଡ଼ କଥା, ସାନ ତାହା ବୁଝିବାକୁ ଅକ୍ଷମ ।

ଅନନ୍ତର ରେଲଗାଡ଼ି ସୋମପେଣ୍ଟ ଷ୍ଟେସନରେ ପହଞ୍ଚିଲା । ସୋମପେଣ୍ଟ ଗଞ୍ଜାମର ଅନ୍ୟତମ ବାଣିଜ୍ୟର ଉପକେନ୍ଦ୍ର । ଏଠାରେ ଅନେକ କୁମ୍ଭଟି ମହାଜନ ବାସ କରନ୍ତି । ଷ୍ଟେସନ ନିକଟରେ ଧାନକୁଟା କଳର ଗୃହ ଓ ଉପକରଣ ଦେଖାଗଲା । କଳର କାର୍ଯ୍ୟ ଆଉ ହେଉ ନାହିଁ । ଜଣେ ଅନ୍ଧ ଆସି ଖମକଟିଏ ବଜାଇ ଗୀତ ଗାଇ ଯାତ୍ରୀମାନଙ୍କ ନିକଟରେ ଭିକ୍ଷା ପ୍ରାର୍ଥନା କଲା; ମଧ୍ୟରେ ମଧ୍ୟରେ କହୁଥାଏ—"ବାବୁ, ମୁଁ ଅନ୍ଧଲୋକ, କେହି ମୋର ସାହା ନାହିଁ, ଘର ଦୁଆର ନାହିଁ, ଟିକେ ଦୟା କର ।" ତାହାର ଏ କରୁଣୋକ୍ତିରେ ହୃଦୟ ପୀଡ଼ିତ ହେଲା । ମନେ ମନେ ସାନ୍ତ୍ୱନା ଦେଇ କହିଲି—ଅନ୍ଧ, ନିରାଶ ହୁଅ ନାହିଁ । ଅନନ୍ତ ସଂସାର ତୁମ୍ଭର ଗୃହ, ଅଗଣ୍ୟ ନରନାରୀ ତୁମ୍ଭର

ଅସୀମ ପରିବାରଭୁକ୍ତ । ଏହି ବିଶ୍ୱାସ ଧର, ଦୁଃଖଭାର ଲଘୁ ହୋଇଆସିବ, ପ୍ରାଣରେ ଶାନ୍ତି ପାଇବ । କସ୍ତୁରିକା ମୃଗ ପରି ବାହାରେ ସୁଖ ଖୋଜି ବୁଲ ନାହିଁ । ତୁମ୍ଭ ନିତ୍ୟ ଚରିତ୍ର ମଧ୍ୟରେ ଯେଉଁ ଅନନ୍ତ ଅଖଣ୍ଡ ସୁଖ ଜାଗରୁକ ଅଛି, ତାହାକୁ ଦେଖ, ସଂସାରକୁ ଚିହ୍ନ । ଏଠାରେ ତପ୍ତ ବୈତରଣୀ ଅଛି, ଶୀତଳ ତରଙ୍ଗିଣୀ ଅଛି, ଚିର ନିଦାଘ ଅଛି, ଚିର ବସନ୍ତ ଅଛି ; କାକର କର୍କଶ ରବ ଅଛି, କୋକିଳର କୁହୁସ୍ୱର ଅଛି, ଶ୍ୱାସରୋଧକାରୀ ପୂତିଗନ୍ଧ ଅଛି, ତହିଁ ସଙ୍ଗେ ନାସା-ରସାୟନ କୁସୁମ ସୁବାସ ଅଛି—ଏହି-ପରି ବିରୋଧାଭାସ ଅଳଙ୍କାରରେ ଭବ-କାବ୍ୟ ପରିପୂର୍ଣ୍ଣ । ଶେଷ ଦିନ କଥା ଭାବ, ଶେଷାଶ୍ରୟଙ୍କ ଅମୃତ ମହାମିଳନ ଉପଲବ୍ଧି ପାଇଁ ଜାଗ୍ରତ ହୁଅ, ଅନିତ୍ୟ ସୁଖର ଅସାର ଲାଳସା ପରିହାର କରି ବ୍ୟାକୁଳ ପ୍ରାଣରେ ନିତ୍ୟ ସୁଖ ଅନ୍ୱେଷଣ କର । ଏ ସଂସାର ଯାତନା-ଜ୍ୱଳନ୍ତ ଚୁଲିର ତପ୍ତ କଡ଼ାଇ । ଏଥିରେ ରହିଲେ ରକ୍ଷା ନାହିଁ, କେଉଁ ପଡ଼ିଲେ ଚୁଲିରେ ପଡ଼ି ପ୍ରାଣ ହରାଇବାକୁ ହେବ । ଏ ଉଭୟ ସଙ୍କଟରେ ମଧ୍ୟବର୍ତ୍ତୀ ଆଶ୍ରୟ ସ୍ଥଳ କି ନାହିଁ ? ନିଶ୍ଚୟ ଅଛି, ଯେ ଖୋଜେ ସେ ପାଏ । ତୁମ୍ଭେ କହିପାର ମୋର ଚକ୍ଷୁ ନାହିଁ, କିପରି ବା ସେ ସତ୍ୟ ନିତ୍ୟସ୍ଥଳ ନିର୍ଣ୍ଣୟ କରିପାରିବି ? ମାତ୍ର ତାହା କର୍ମଚକ୍ଷୁର କାର୍ଯ୍ୟ ନୁହେଁ, ସେଥିପାଇଁ ଜ୍ଞାନଚକ୍ଷୁ ଲୋଡ଼ା ।

ଅନ୍ଧର ସେହି ଗୀତର ସ୍ୱର ବଡ଼ ମଧୁର ବୋଧ ହେଲା, ମାତ୍ର ଗୀତଗୁଡ଼ିକ ଶୃଙ୍ଗାର ରସରେ ଓତ-ପ୍ରୋତ । ଯେଉଁ ମୁହଁରୁ ରାମ-ନାମ ବାହାରୁଅଛି, ସେହି ମୁହଁରୁ ରସଗୀତ ! ନିୟମ ଭ୍ରାନ୍ତିରେ ଏ ଅଭିଷ ରକ୍ଷା ବ୍ୟବସ୍ଥା କିଏ କଲା ? ସେଠି ନା ମାନବ-ସୁଲଭ ତୃଷ୍ଣା ପ୍ରକୃତି ? ଭାବିଲି, ବୀଭତ୍ସ ଚିତ୍ର ଅଙ୍କନରେ ଯେ ଏଭଳି ପଟୁତମ, ବିଧାତା ତାହାକୁ ଚକ୍ଷୁଦାନ କରି ଅବସର ଦେଇ ନାହାନ୍ତି । ପ୍ରକୃତ ତାହା ପ୍ରତି ପ୍ରଭୂତ କରୁଣା ପ୍ରକାଶ କରିଅଛନ୍ତି । କହିବାକୁ ସଙ୍କୋଚ ମଣୁଅଛି, ଅନ୍ଧର ଦୁଃଖ ଦୃଷ୍ଟିରେ ପ୍ରଥମତଃ ଈଶ୍ୱରଙ୍କ କାର୍ଯ୍ୟର ଗୋଟାଏ ଅତର୍କିତ ସମାଲୋଚନା ମନରେ ଉଦିତ ହୋଇଥିଲା । ଅନେକ କରୁଣ ଘଟଣା ଦେଖି ମାନବର ସ୍ୱଭାବ ଦୁର୍ବଳ ବିଶ୍ୱାସ ଈଶ୍ୱରଙ୍କ ପ୍ରତି ଆହୁରି ଦୁର୍ବଳତର ହୋଇ ଆସେ, ଏହା ସ୍ୱତଃସିଦ୍ଧ ସତ୍ୟ । ଏବେ ନିଜର ଭ୍ରମ ବୁଝିପାରି ମଙ୍ଗଳମୟଙ୍କ ମହିମାରେ ଅଜ୍ଞତାବଶତଃ ପକ୍ଷପାତିତା ଆରୋପ କରିଥିବା ହେତୁ କ୍ଷମାପ୍ରାର୍ଥୀ ହେଲି । ଏହା ମୋ ପାପର ଉପଯୁକ୍ତ ପ୍ରାୟଶ୍ଚିତ୍ତ ।

ଯଥାସମୟରେ ରେଲଗାଡ଼ି ଛାଡ଼ିଲା । ତହିଁ ସଙ୍ଗେ ସଙ୍ଗେ ଉଭୟ ପାର୍ଶ୍ୱସ୍ଥ ବୃକ୍ଷରାଜି ବିପରୀତ ଦିଗକୁ ଧାବିତ ହେଲେ । ତଦ୍ଦର୍ଶନରେ ବୋଧ ହେଲା, ଯେମନ୍ତ ସେମାନେ କଳିଯୁଗର ପୁଷ୍ପକ ବିମାନ ରେଲ-ଗାଡ଼ିକୁ ସମ୍ଭାବନା କରି ଫେରିଯାଉଅଛନ୍ତି । ଶସ୍ୟକ୍ଷେତ୍ର-ମାନ ବିବିଧ ରଙ୍ଗର ରୂପାନ୍ତର ଅନନ୍ତ ଶସ୍ୟସମ୍ଭାରରେ ପୂର୍ଣ୍ଣ ହୋଇ କମଳାଙ୍କ କୋଠଭଣ୍ଡାରକୁ ପରିହାସ କରୁଅଛି । ଦଳେ ଦଳେ ପକ୍ଷୀ କେଦାରରେ ବିପୁଳ କେଳିରେ ନିଯୁକ୍ତ ଅଛନ୍ତି । କେତେକେ ରେଲଗାଡ଼ି ଶବ୍ଦରେ ଭୀତ ହୋଇ କ୍ଷେତ୍ରରୁ କ୍ଷେତ୍ରାନ୍ତରକୁ ଉଡ଼ି-ଯାଉଅଛନ୍ତି । ମଧ୍ୟରେ ମଧ୍ୟରେ ଅନେକ ଶିବାଳୟ । ଶିବ କ୍ଷୁଦ୍ର ଦେଉଳରେ କ୍ଷେତ୍ରପାଳରୂପେ ବିରାଜିତ ଅଛନ୍ତି । ଦୁଇ ପାଖକୁ ଚାହିଁଲେ ଦେଉଳ ଶ୍ରେଣୀ ତୁଲ୍ୟ ପ୍ରତୀୟମାନ ହୁଏ ; କ୍ଷେତ୍ର, ପ୍ରାନ୍ତର, ପଲ୍ଲୀ ଅତିକ୍ରମ କରି ରେଲଗାଡ଼ି ଚାଲିଅଛି । ପଲ୍ଲୀବାସୀଙ୍କ ହୃଦୟ ପରି ଗ୍ରାମଗୁଡ଼ିକ ମଧ୍ୟ ସରଳ ସୁନ୍ଦର । ତାହା ଗ୍ରାମବାସୀ-ଗଣଙ୍କର ଶାନ୍ତ ମଧୁର ନିରାଡ଼ମ୍ବର ଜୀବନର ନିର୍ବାକ୍ ପ୍ରତୀକ । ବାଳକବାଳିକାଗଣ ବିସ୍ମୟ-ଅନିମେଷ ନୟନରେ ରେଲ ଆଡ଼କୁ ଚାହିଁ ରହିଅଛନ୍ତି । କେହି ବା ରେଲ-ଯାତ୍ରୀମାନଙ୍କୁ ହାତ ଠାରି ଡାକି କୌତୁକ କରୁଅଛି । ମହିଷଯୂଥ ଭୟ ଚକିତ ଦୃଷ୍ଟିରେ ଗ୍ରୀବା ବକ୍ର କରି ସ୍ତବ୍ଧ ଭାବରେ ଠିଆହୋଇ ଚାହିଁଅଛନ୍ତି । ସତେ ଯେମନ୍ତ ରେଲ ସେମାନଙ୍କୁ ଗିଳିପକାଇବ । ରେଲଗାଡ଼ି ଆସି ବାରୁଆଁ ଷ୍ଟେସନରେ ପହଞ୍ଚିଲା । ଅନେକ ଲୋକ ଅନେକ ପଦାର୍ଥ ବିକ୍ରୟ କରିବାକୁ ଆଣିଲେ । ଏଠାରେ ଉତ୍କୃଷ୍ଟ କାଜୁବାଦାମ ପଇଡ଼ ମିଳେ । ମୂଲ୍ୟ ଦେଢ଼ପଇସା ବା ଦୁଇ ପଇସାରୁ ଅଧିକ ନୁହେଁ । ଅଳ୍ପକ୍ଷଣ ପରେ ରେଲଗାଡ଼ି ଛାଡ଼ିଲା । ଏଣିକି ମହେନ୍ଦ୍ର-ଗିରି କ୍ରମେ ସ୍ପଷ୍ଟ ହୋଇ ଆସିଲା । ଉଦ୍ୟାନ ମଧ୍ୟ

ସୁସ୍ପଷ୍ଟତର ହେଲା । ଚକ୍ରବାଳରମ୍ଯ଼ୀ ନାରିକେଳ ଓ କଦଳୀ କାନନର ଶାଖା ସଞ୍ଚାଳନ ତରୁସାଗରରେ ଲହରୀ ଖେଳାଇଲା ପ୍ରାୟ ପ୍ରତୀୟମାନ ହେଲା । ଦୁଇ ଅଡ଼େ ପ୍ରକୃତିର ଦୁଇଟି ମହାଶକ୍ତ ଲୋଭନୀୟ ଦୃଶ୍ୟ ବିସ୍ତାର କରି ବସିଅଛି । ଆଖିବାଟରେ ପଶିଲା ପରି ତାହାକୁ ଛାଡ଼ି କାହାକୁ ଦେଖିବ, ସ୍ଥିର କରିପାରିଲା ନାହିଁ । ଏଣେ ରେଲର ଖରଗତି ! ସେ ଗତିସ୍ରୋତରେ କେତେ କେତେ ଦୃଶ୍ୟ ଭାସିଯାଉଥାଏ । ବାଷ୍ପୀୟ ଯାନର ଏ କି ବାଷ୍ପୀୟ ମାୟା ! ଛାୟାବାଜି ଭଳି କ୍ଷଣକେ ମହାଶୋଭାର ମନୋହର ଦେଖାଇଦେଇ ପରକ୍ଷଣରେ ହରିନେଉଥାଏ । ଏଣେ କୋଇଲା ଗୁଣ୍ଡି ହଠକାରିତା କଲା । ନିକୃଷ୍ଟ ପଦାର୍ଥ, ନିଜର ଶୋଭାନୁଭୂତି ନାହିଁ, ଅଥଚ ସେ ତାହାଙ୍କୁ ଦେଖାଇଦେବ ନାହିଁ । ପାଳଗଦାଶାୟୀ ଶ୍ୱାନ ପରି ଏହାର ବ୍ୟବହାର । କୁକୁର ନିଜେ ପାଳ ଖାଏ ନାହିଁ, ଅଥଚ ଗୋମେଷାଦି ଖାଇବାକୁ ଗଲେ ସେମାନଙ୍କୁ ବାଧାଦିଏ । ମନ ବଡ଼ ବିରକ୍ତ ହେଲା । ଯେଉଁ ସୌନ୍ଦର୍ଯ୍ୟ ଉଦୟମାତ୍ରେ ଅସ୍ତମିତ ହୁଏ, ଯହିଁରେ ଆକାଙ୍‌କ୍ଷା ମେଣ୍ଟିପାରେ ନାହିଁ, ସେ ସୌନ୍ଦର୍ଯ୍ୟ ଦେଖିବାଠାରୁ ନ ଦେଖିବାହିଁ ସମ୍ୟକ୍ ମନଃସ୍ୱାସ୍ଥ୍ୟପ୍ରଦ ।

ମଞ୍ଜୁଷା ଷ୍ଟେସନରେ ରେଲଗାଡ଼ି ବିଶ୍ରାମ କଲା । ଏଠାରୁ ମଞ୍ଜୁଷା ଦୁର୍ଗର ଦୂରତା ପ୍ରାୟ ଏକକୋଶ । ଏହା ତାଳଭଙ୍ଗା କୋଶ । କୋଶ ଦୁଇ ପ୍ରକାର—ଗୋରୁ ବୋବା କୋଶ ଏବଂ ତାଳଭଙ୍ଗା କୋଶ । ଗୋଟିଏ ଗୋରୁର ଶବ୍ଦ ଯେତେ ଦୂର ଯାଏ ଶୁଭେ, ସେହି ପରିମିତ ପଥକୁ ଗୋରୁ-ବୋବା କୋଶ, ଆଉ ଖଣ୍ଡିଏ ତାଳ ଭଙ୍ଗା ହାତରେ ଧରି ଚାଲିଲେ ଯେଉଁଠାରେ ତାଳ ଝାଉଁଳିପଡ଼େ, ସେହି ପର୍ଯ୍ୟନ୍ତ ପଥକୁ ତାଳଭଙ୍ଗା କୋଶ କହନ୍ତି । ଏହା ପୁରୁଣାକାଳିଆ ଲୋକଙ୍କର ଅଜ୍ଞାତ ନୁହେଁ; ମାତ୍ର ଆଧୁନିକ ଲୋକଙ୍କ ପାଖରେ ନୂଆ କଥା । ନାରିକେଳ କୁଞ୍ଜ ଅନ୍ତରାଳରେ ମଞ୍ଜୁଷା ନଗରୀର ଅସ୍ପଷ୍ଟ କାନ୍ତି ଦେଖାଯାଉଅଛି । ଯେପରି ନଗରଶ୍ରୀ ପତ୍ତରନ୍ଧ୍ର ପଥରେ ଅତୃପ୍ତ ନେତ୍ରରେ ପୂର୍ବ ଅଡ଼କୁ ଚାହିଁଅଛି । ଷ୍ଟେସନ ନିକଟରେ ଗୋଟିଏ ଜାଠବସ୍ତି ଗଛରେ ଫୁଲଗୁଚ୍ଛଏ ଖଞ୍ଜିଦେଲା ପ୍ରାୟ ଫୁଟି ସ୍ୱାଭାବିକତାରେ କୃତ୍ରିମତାର ଭ୍ରମ ଜନ୍ମାଇଦେଲା । ଦୃଶ୍ୟଟି ଛୋଟି ଚମ୍ପୁ ପେଣ୍ଡ ବିଧାତାଙ୍କର ସୃଷ୍ଟି ରହସ୍ୟ ଦେଖୁଅଛି । ଅଟଳ ସୃଷ୍ଟିରୁ ଜଣାଯାଉଅଛି, ସେହି ଦୁର୍ଭେଦ୍ୟ ରହସ୍ୟ ସେ କାଳ କାଳ ବୁଝିବାକୁ ଚେଷ୍ଟା କରୁଅଛି । ରେଲଗାଡ଼ି ଚାଲିଲା । ସଙ୍ଗେ ସଙ୍ଗେ ମହେନ୍ଦ୍ର ମଧ୍ୟ ଛଟ୍ଟୁଟୁର ସ୍ୱଲ୍ପ ନିବୃତ୍ତି ହେଲା । ତାହାର ଏ ନିବୃତ୍ତି ପ୍ରତିଯୋଗିତା-ଜାତ ପରାଜୟ ନୁହେଁ—ରସିକ-ଶେଖର ପରିହାସ—ପ୍ରିୟ ମହେନ୍ଦ୍ର ରେଲଗାଡ଼ିକୁ ବିଦ୍ରୂପ କରି ସଙ୍କେତରେ କହୁଥିଲା ଯେ, "ରେଲଗାଡ଼ି ! ଖରଗତି ହେତୁ ଗର୍ବ କର ନାହିଁ । ତୁ ସ୍ଥଳର ହସ୍ତର କୀଡ଼ାସ୍ଥଳୀ; ମାତ୍ର ମୋର ସ୍ୱାଭାବିକ ଗତି । ତୋ ପରି ମୁଁ ମଧ୍ୟ ଅନେକ ଜୀବ ଓ ବହୁଳ ରତ୍ନ ବହନ କରିଅଛି । ତୋ ଗର୍ଭରେ ଜଳଅଗ୍ନି ଅଛି, ମୁଁ ମଧ୍ୟ ସେ ସମ୍ପଦରୁ ବଞ୍ଚିତ ନୁହେଁ । ତୋର ପ୍ରକୋଷ୍ଠ ମୋର କନ୍ଦର୍ପ ପରି ଶାନ୍ତିପ୍ରଦ ନୁହେଁ । ମୋର ବକ୍ଷ ସଦାଶୀତଳ, ତାହା ଜୀବନ-ସଂଗ୍ରାମର ପ୍ରଖର ଉତ୍ତାପରେ ଉତ୍ତପ୍ତ ନୁହେଁ । ସେ ପ୍ରତ୍ୟକ୍ଷ ସ୍ୱର୍ଗ । ତୋର କର୍ମକ୍ଷେତ୍ର ମୁଷ୍ଟିବଦ୍ଧ; ମାତ୍ର ମୋର କର୍ମଭୂମି ସୀମାତୀତ । ତୁ ନିଜେ ଯାଇ କର୍ମସାଧନ କରୁ; ମାତ୍ର ମୋତେ କର୍ମସ୍ଥାନକୁ ଯିବାକୁ ହୁଏ ନାହିଁ, ମୋର ଶକ୍ତି ସର୍ବତ୍ର କର୍ମକର୍ତ୍ତା, ତାର ଗତି ଅବ୍ୟାହତ ।" ମହେନ୍ଦ୍ରର ସର୍ବୋନ୍ନତ ଚୂଡ଼ାରେ ମେଘ ଧୂମ୍ରତର ପରି ସ୍ତରେ ସ୍ତରେ ଭୁରି ଖେଳୁଅଛି । ତାହା ଦେଖି ଭାବିଲି, ମହେନ୍ଦ୍ର ଶୁକ୍ଳଭୂଦର ତଉଡାଇ ଢଙ୍କାଇ ଫେଟାଇ ମସ୍ତକରେ ପାଗ ବାନ୍ଧିଅଛି କି ? ବାମ ପାର୍ଶ୍ୱରେ ସମୁଦ୍ର ଦୂର ଗଗନରେ ମିଶିଯାଇ ଧୂମଳ ବର୍ଣ୍ଣର ସୂକ୍ଷ୍ମରେଖା ପ୍ରାୟ ଦେଖାଗଲା । ପ୍ରଦୀପ୍ତ ରୌଦ୍ର-ମଗ୍ନ ଅସ୍ପଷ୍ଟ ଜଳରାଶି ମୃଗତୃଷ୍ଣା-ସ୍ରୋତ ପରି ଆସି ଉଠୁଥାଏ । ଉପରେ ଅନନ୍ତ ନୀଳିମାମୟ ସ୍ଥିର ଶୂନ୍ୟସାଗର, ତଳେ ଅଜସ୍ରଗର୍ଜୀ ତରଙ୍ଗ ତାଣ୍ଡବପୂର୍ଣ୍ଣ ଲବଣ ବାରିଧି । ଗୋଟିଏ ନିର୍ବେଳ—ଅପରଟି ସବେଳ, ଗୋଟିଏ ନିରାକାର,—ଆରଟି ସାକାର । ଏହି ଚବୁଳ ଦୃଶ୍ୟରେ ମାନବର କ୍ଷୁଦ୍ର ଅନୁଭୂତି କେଉଁଆଡ଼େ ମିଳେଇଯାଏ ।

ଅନନ୍ତର ପଲାସା ଷ୍ଟେସନ । ଏଠାରେ ରେଲ୍‌-ଗାଡ଼ିର ଇଞ୍ଜିନ ପରିବର୍ତ୍ତିତ କରାଯାଏ । ଏହି ଷ୍ଟେସନରେ ଗାଡ଼ି ଅପେକ୍ଷାକୃତ ଅଧିକ ସମୟ ରହେ । ଏହିଠାରୁ ଅଗ୍ରବର୍ତ୍ତୀ ଷ୍ଟେସନ ସୁହୁଣ୍ଡି ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱରେ ମୁକ୍ତ ପ୍ରକୃତିର ସରଳ ଶୋଭା ଖେଳି ଯାଉଅଛି । ପର୍ବତ ନାହିଁ, ନଦୀ ନାହିଁ, ଅରଣ୍ୟ ନାହିଁ, କ୍ଷେତ୍ର ତୃଣଶୂନ୍ୟ, ତଥାପି କି ଶୋଭା ! ଯାହା ସାଧାରଣରେ ଅସୁନ୍ଦର ନାମରେ ଅଭିହିତ, ତହିଁ ମଧ୍ୟରେ ଗୋଟାଏ ସୌନ୍ଦର୍ଯ୍ୟ ଅଛି । ତାହାର ରୁକ୍ଷତା ଓ ତାହାର କର୍କଶତା, ତାହାର ଶୋଭା । କୁରୂପା ସ୍ତ୍ରୀର ସନ୍ତାନ୍ତ ତାହାର ଅଭ୍ୟନ୍ତରଣ ଅନନ୍ତ ସୌନ୍ଦର୍ଯ୍ୟ ନୁହେଁ କି ? ଜଗତର ପ୍ରତ୍ୟେକ ପଦାର୍ଥ ସୌନ୍ଦର୍ଯ୍ୟମୟ, କେହି ଅସୁନ୍ଦର ନୁହେଁ । ଅନୁଭୂତିର ନ୍ୟୂନତା ଓ ରୁଚିବୈଷମ୍ୟ ହେତୁ ସୁନ୍ଦର ସୁଦ୍ଧା ଅସୁନ୍ଦର ବୋଧହୁଏ, ନଚେତ୍ ବା ସେ ଚିରସୁନ୍ଦର ! ସେହି ନବ ବୃନ୍ଦାବନ ମନ୍ଦରଧରଙ୍କର ସୃଷ୍ଟ ପଦାର୍ଥ ଅସୁନ୍ଦର ହୋଇ ନ ପାରେ । ମା ଉତ୍କଳ ! ତୋ ବକ୍ଷ-ସ୍ଥଳରେ କଅଣ ନାହିଁ, ତୋର ସନ୍ତାନଗଣ ଅନ୍ୟତ୍ର ବୁଲି କଅଣ ଦେଖିବେ ? ଶତ କାଶୀ, ବୃନ୍ଦାବନତୀର୍ଥ ତୋହରି ଦେହରେ ବିଦ୍ୟମାନ । ସହସ୍ର ସିମଳା ଶୈଳର ସ୍ୱାସ୍ଥ୍ୟକର ବାୟୁ ତୋହରି ଅଙ୍ଗରେ ପ୍ରବାହିତ ହୁଏ । କୋଟି ଇଟାଲୀର ବିଶ୍ୱବିମୋହନ ସୌନ୍ଦର୍ଯ୍ୟ ତୋହରି ଅମୃତ ନିଷିକ୍ତ ନାମରେ ଓ ଶରୀରରେ ଉଚ୍ଛୁଳି ଉଠୁଅଛି । ସ୍ୱର୍ଣ୍ଣଲଙ୍କା-ସୁଲଭ ସୁନାଚାଳଗଛ ତୋ ଦେହରେ ନ ଥାଉ ପଛେ; ମାତ୍ର ତୋର ମୃତ୍ତିକା ସ୍ୱର୍ଣ୍ଣମୟ । ତୋର ସାହିତ୍ୟ, ତୋର ଇତିହାସ, ତୋର ଦର୍ଶନ ଅତୁଳନୀୟ । ତାହା ତୋହରି ଦେହରେ ଅସ୍ପଷ୍ଟ ପ୍ରକାଶ କରନ୍ତି । କେବଳ ଅସ୍ପଷ୍ଟ ପ୍ରକାଶ ନୁହେଁ, କଥା କହିବୁଲନ୍ତି । କଳା-କୌଶଳ ସୃଜନର ତୁ ଅଦ୍ଭୁତ କ୍ଷମତାମୟୀ ଇନ୍ଦ୍ରଜାଲିକା । ମା, ତୁ କେଉଁ ଗୁଣରେ ଊଣା ? ତୁ ବିପୁଳ କୀର୍ତ୍ତିମାଳିନୀ, ଅନନ୍ତ ଗୁଣ-ଶାଳିନୀ; ପୁଣି ତୋର ମହାମହିମା ଧାରଣ କରି ପୁଣ୍ୟ ଓ ଧନ୍ୟ । ତୋର ଭୁବନବିଖ୍ୟାତ ଦୃଶ୍ୟ ଯେପରି ମଧୁର, ତୋର ନାମ ମଧ୍ୟ ତତୋଽଧିକ ମଧୁର । "ଉତ୍କଳ" ଏହି ଅକ୍ଷରତ୍ରୟରେ ବିଶ୍ୱଜଗତର ସମସ୍ତ ମାଧୁରୀ ବର୍ତ୍ତମାନ ।

ସୁହୁଣ୍ଡି ଷ୍ଟେସନ ନିକଟରେ କେତେଗୁଡ଼ିଏ ଢିପ * ଅଛି । ସେଗୁଡ଼ିକ କବନ୍ଧ ମୂର୍ତ୍ତି । କି ଅପରାଧରେ ପ୍ରକୃତିଦେବୀ ଏମାନଙ୍କ ପ୍ରତି ଶିରଚ୍ଛେଦନ ଶାସ୍ତି ବିଧାନ କରିଅଛନ୍ତି, ତାହା କିଏ କହିବ ? ବସନ୍ତ ସେହି କବନ୍ଧ ମୂର୍ତ୍ତିକୁ ଆପାଦାଂଶ () ଅଳଙ୍କୃତ କରି ତାହାକୁ ତୀବ୍ର ପରିହାସାସ୍ପଦ କରିଅଛି । କେଉଁଠାରେ ଶାଳ୍ମଳୀ ସୂର୍ପଣଖା ବେଶରେ ଦଣ୍ଡାୟମାନ; ସର୍ବାଙ୍ଗ ରୁଧିରମୟ । ପୁଷ୍ପପତନ ବ୍ୟାଜରେ ଠୋପା ଠୋପା ରକ୍ତ ଝରି ପଡୁଅଛି । କେଉଁଠାରେ କାଞ୍ଚନ ଗଛ ଲକ୍ଷ୍ମୀରୂପେ ଦିଗ ଉଜ୍ଜ୍ୱଳ କରି ବସିଅଛି । ସ୍ଥାନେ ସ୍ଥାନେ ଲତାପଲାଶ ରକ୍ତାକ୍ଷରରେ ମଧୁ ଋତୁର ଅଭିନନ୍ଦନ ଶ୍ଳୋକ ଲେଖି ରଖିଅଛି । ଚଳସାନରେ ବସି ଲେଖିବା ଅଭ୍ୟାସ-ସାପେକ୍ଷ । ମୁଁ କିଛି ଟିପିବାକୁ ବସିଲି; ମାତ୍ର ଅକ୍ଷର-ଗୁଡ଼ିକର ବର୍ଗ ଏରୂପ ଅଦ୍ଭୁତ ଆକାର ଧାରଣ କଲା ଯେ, ଲେଖା ଭିତରେ ଅକ୍ଷର ଅଛି କି ନାହିଁ ଜାଣି-ହେଲା ନାହିଁ । ପ୍ରାୟ ଦୁଇଟା ସମୟରେ ଗାଡ଼ି ନୌପଡ଼ା ଷ୍ଟେସନରେ ପହଞ୍ଚିଲା । ଷ୍ଟେସନର ନାମ ଓଡ଼ିଆ ଅକ୍ଷରରେ ଲେଖା ନାହିଁ । କେବଳ ଏହି ଷ୍ଟେସନ ନୁହେଁ—ସୋମପେଣ୍ଟଠାରୁ ଏଣିକି ଓଡ଼ିଆ ନିର୍ବାସିତ । ଘୋର ଓଡ଼ିଆ ରାଜ୍ୟ ମଧ୍ୟରେ ଓଡ଼ିଆ ଅକ୍ଷରରେ ନାମ ନାହିଁ, ଏହା କାହାର ଅଭିସନ୍ଧି ? ଯେଉଁ ଷ୍ଟେସନମାନଙ୍କରେ ଓଡ଼ିଆ ଅକ୍ଷର ଅଛି, ତାହା ଦେଖିଲେ ଓଡ଼ିଆ ପ୍ରାଣରେ କଷ୍ଟପ୍ରଦ ଆଘାତ ଲାଗିବ । ତାହା ତ ଆଉ ଓଡ଼ିଆ ଅକ୍ଷର ନୁହେଁ—ଓଡ଼ିଆ ଅକ୍ଷରର ଗୋଟାଏ ବିଦ୍ରୂପ ସଂସ୍କରଣ । ନୌପଡ଼ା ନାମ କାହିଁକି ହେଲା, ମନ ସେଥିର କାରଣ ଅନୁସନ୍ଧାନ କରିବାକୁ ନିଯୁକ୍ତ ହେଲା । କେହି କେହି ନୂଆପଡ଼ା କହନ୍ତି । ପଡ଼ା ପଲ୍ଲୀ ଶବ୍ଦର । ଗ୍ରାମଟି ନୂତନ ହୋଇଥିଲେ ନୂଆପଡ଼ା ନାମ ଠିକ୍ ହୁଅନ୍ତା; ମାତ୍ର ତାହା ପୁରାତନ । ସୁତରାଂ ଏ ଯୁକ୍ତି

* କ୍ଷୁଦ୍ର ପାହାଡ଼ । () ପାଦଠାରୁ କାନ୍ଧ ପର୍ଯ୍ୟନ୍ତ ।

ପଚ୍ଛଘଣ୍ଟା ଲାଗିଲା । ଶେଷରେ ଜାଣିଲୁ ହେଲା ଯେ, ସମୁଦ୍ରର ଦୂରତା ଏଠାରୁ ପ୍ରାୟ ଦୁଇ ମାଇଲ । ବୋଧ-ହୁଏ ପୂର୍ବକାଳରେ ଏହା ବନ୍ଦର ଥିଲା । ଅନେକ ନୌ ଅର୍ଥାତ୍ ନାବ ରହୁଥିବାରୁ ନୌପଡ଼ା ନାମ ହୋଇ-ଥିବ । ଏଠାରୁ ପାରଳାଖେମଣ୍ଡିକୁ ଶାଖା ରେଲ ଯାଇଅଛି । ଆମ୍ଭେମାନେ ପାରଳାଖେମଣ୍ଡିଯାତ୍ରୀ, ସୁତରାଂ ଏଠାରୁ ଗାଡ଼ି ପରିବର୍ତ୍ତନ କରିବାକୁ ହେଲା । ଏଠାରେ ମାନନୀୟ ପାରଳା ରାଜା ମହୋଦୟଙ୍କର ଗୋଟିଏ ସୁଦୃଶ୍ୟ ବଙ୍ଗଳା ଅଛି । ଯାତାୟାତ ସମୟରେ ରାଜାସାହେବ ସେଠାରେ ବିଶ୍ରାମ କରନ୍ତି । ସମସ୍ତ ସମୟରେ ଏହି ରାଜକୀୟ ବଙ୍ଗଳା ବିଶିଷ୍ଟ ଭଦ୍ରଯାତ୍ରୀଙ୍କୁ ସୁଦ୍ଧା ଆଶ୍ରୟ ପ୍ରଦାନ କରେ । ଏଠାର ଟିକଟ ନେବା ଲୋକଟି ବଡ଼ ବିଷମ ମୂର୍ତ୍ତି । ତାହାର ଇଚ୍ଛା ସମସ୍ତଙ୍କର ମାଲ ଓଜନ କରିବ । ଯାହାଠାରେ ୫।୭ ସେର ପଦାର୍ଥ ଅଛି, ତାକୁ ସୁଦ୍ଧା ବୃଥା ଅଟକାଇ ହଇରାଣ କରିବାକୁ ଲାଗିଲା । ଆମ୍ଭମାନଙ୍କ ସଙ୍ଗରେ ଯେତେ ପଦାର୍ଥ ଥିଲା, ତାହା ୧୫ ସେରରୁ ଅଧିକ ନୁହେଁ, ଅଥଚ ଆମ୍ଭେମାନେ ଇଣ୍ଟର କ୍ଲାସର ଯାତ୍ରୀ । ସେ ଆମ୍ଭମାନଙ୍କ ଟ୍ରଙ୍କଗଣ୍ଡି ଓଜନ କରିବାକୁ କହିବାରୁ ଆମ୍ଭ ପକ୍ଷରୁ ଉତ୍ତର ହେଲା—"ତୋମାରା ତାମାସା ଉଧର ରହ୍‌ନେ ଦୋ, ସୀଧା ଛୋଡ଼ ଦୋ ।" ଏହି ହିନ୍ଦୀ ପଦକ ଶୁଣି ସେ ଅନ୍ତର ହୋଇ ଠିଆହେଲା । ଇଂରାଜୀ ପଛକୁ ହିନ୍ଦୀ ଏହା ଗୋଟିଏ ଚମତ୍କାରପ୍ରଦ ଜୀବନ୍ତ ଭାଷା । ଆମ୍ଭେମାନେ ଯାଇ ପାରଳା ଗାଡ଼ିରେ ବସିଲୁଁ । ଏହି ରେଲପଥ ମୟୂରଭଞ୍ଜ ରେଲବର୍ତ୍ମ ପରି ଅପ୍ରଶସ୍ତ । ଗାଡ଼ିଗୁଡ଼ିକ ମଧ୍ୟ କ୍ଷୁଦ୍ରାକାର । ପ୍ରଥମଶ୍ରେଣୀ ଗାଡ଼ି ଭିନ୍ନ ନିମ୍ନଶ୍ରେଣୀୟ ଗାଡ଼ିମାନ ଏଥିରେ ଥାଏ । ଆବଶ୍ୟକ ପଡ଼ିଲେ ପ୍ରଥମଶ୍ରେଣୀ ଗାଡ଼ି ଯୋଡ଼ାହୁଏ । ସେ ଦିନ ମଧ୍ୟମ ଶ୍ରେଣୀରେ ଯାତ୍ରୀ ଭିଡ଼ ଥିଲା ନାହିଁ । ତିନିଗୋଟି କୋଠରୀରେ ଆମ୍ଭେମାନେ ତିନିଜଣମାତ୍ର ଆରୋହୀ; ମାତ୍ର ତୃତୀୟଶ୍ରେଣୀ ଗାଡ଼ିଗୁଡ଼ିକ ଅତିରିକ୍ତ ଆରୋହି-ପୂର୍ଣ୍ଣ ଥିଲା । ନୌପଡ଼ା ଷ୍ଟେସନର ଅନତିଦୂରରେ ଗୋଟିଏ କ୍ଷୁଦ୍ର ଗ୍ରାମ । ଶୁଣିଲି ସେଠାରେ ୨।୩ ଗୋଟା ହୋଟେଲ ଅଛି । ହୋଟେଲରେ ବାସି ସକ ଉଭୟ ପଦାର୍ଥ ମିଳେ । ତରକାରୀର ଉପାଦେୟତା ଶୁଣିଲେ ଅସହ୍ୟ କ୍ଷୁଧାନଳ ସୁଦ୍ଧା ନିର୍ବାପିତ ହୋଇଯିବ । ଆମ୍ଭ-ମାନଙ୍କ ଗାଡ଼ିରେ ଜଣେ ତୈଲଙ୍ଗୀୟ ସହଯାତ୍ରୀ ଥିଲେ । ଲୋକଟି ଶିକ୍ଷିତ ଓ ସଙ୍ଗୀତପ୍ରିୟ । ଆଳାପ ପରିଚୟ ପରେ ତୈଲଙ୍ଗୀୟ ସଙ୍ଗୀତ କିରୂପ ସୁରସ-ପୂର୍ଣ୍ଣ, ଏହା ମୋତେ ବୁଝାଇ ବସିଲେ ଏବଂ ନିଜ ଭାଷାର ଅନର୍ଗଳତାୟ ଟେକ ଦେଖାଇ ଯଥେଷ୍ଟ ଆତ୍ମ-ପ୍ରସାଦ ଉପଭୋଗ କଲେ । ତାଙ୍କ ମତରେ ତେଲୁଗୁ କବିତା ପରି କଳାକୌଶଳପୂର୍ଣ୍ଣ କବିତା ବିଶ୍ୱବ୍ରହ୍ମାଣ୍ଡର ଅନ୍ୟ କୌଣସି ଭାଷାରେ ନାହିଁ । ମୁଁ ପ୍ରତିଯୋଗିତା କ୍ଷେତ୍ରରେ ଭଞ୍ଜଙ୍କୁ ଆଣି ଠିଆକରାଇଦେଲି । ବୈଦେହୀଶ-ବିଳାସର କୁମ୍ଭକର୍ଣ୍ଣ ବଧ ଛାନ୍ଦ ଆବୃତ୍ତି କରି ଯଥାସାଧ୍ୟ ଅର୍ଥ ବୁଝାଇଦେଲି । ଲୋକଟି ବାସ୍ତବରେ ଗୁଣଗ୍ରାହୀ । କ୍ଷଣକ ମଧ୍ୟରେ ତାଙ୍କର ମତ ପରିବର୍ତ୍ତିତ ହୋଇଗଲା । ଭଞ୍ଜଙ୍କୁ ସେ ଭଞ୍ଜଜୀବ ଓ ଓଡ଼ିଆ ଭାଷା ପ୍ରଶସ୍ତିରେ ଶତମୁଖ ହୋଇଉଠିଲେ । ତାଙ୍କର ପୂର୍ବ ଧାରଣା ଭାଙ୍ଗିଗଲା । ସେ ଆନନ୍ଦରେ ଉଠି ମୋର କରମର୍ଦ୍ଦନ-ପ୍ରାର୍ଥୀ ହେଲେ; କିନ୍ତୁ ମୁଁ ସେ ବିଦ୍ୟାରେ ଅନଭ୍ୟସ୍ତ । ଯାହାହେଉ ନବୀନ ବନ୍ଧୁଙ୍କ ଅନୁରୋଧ ଏଡ଼ି ନ ପାରି ହାତ ବଢ଼ାଇଦେଲି; ମାତ୍ର ସ୍ୱାଚ୍ଛନ୍ଦ୍ୟ ହୋଇ-ପାରିଲି ନାହିଁ । ମୋର ଜଣେ ବନ୍ଧୁ ଦିନେ ହାତ-ଗଣ୍ଠିରେ କନା ଗୁଡ଼ାଇ ପାଣି ଡାଳୁଥିଲେ । କାରଣ ପଚାରିବାରୁ କହିଲେ, ଏହା ଆଧୁନିକ ବନ୍ଧୁତାର ଯନ୍ତ୍ରଣା । ମୁଁ କୌତୂହଳୀ ହୋଇ ପ୍ରକୃତ ଘଟଣା କଅଣ ପଚା-ରନ୍ତେ ସେ କହିଲେ—"ତିନିଦିନ ତଳେ ମୋର ଜଣେ ବନ୍ଧୁ ଆସିଥିଲେ । ସେ ଏରୂପ ପ୍ରବଳ ସ୍ନେହରେ କରମର୍ଦ୍ଦନ କଲେ ଯେ, ଫଳରେ ମୋର ହାତର ଗଣ୍ଠିଟି ଖସିଗଲା ।" ସେହି ଘଟଣା ଦିନଠାରୁ ମୋର ସ୍ମୃତି-ପଟରେ ଲେଖି ହୋଇଗଲା । ମୋର ସଦ୍ୟ ଲବ୍ଧ ତୈଲଙ୍ଗୀୟ ବନ୍ଧୁଟି କିଛି ଦୁର୍ବଳପୀଡ଼ିତ ନୁହନ୍ତି । ସେ ଜଣେ ବଳିଷ୍ଠ ପୁରୁଷ, ଆକୃତି ଦେଖି ଆଶଙ୍କା ଜାତ ହେବା ସ୍ୱାଭାବିକ; ମାତ୍ର ସେ ଆଶଙ୍କା ସୌଭାଗ୍ୟବଶତଃ ଫଳବତୀ ହେଲା ନାହିଁ । ଅନନ୍ତର "କୋଟିବ୍ରହ୍ମାଣ୍ଡ-ସୁନ୍ଦରୀ"ର ଗଙ୍ଗାଯମୁନା ଛାନ୍ଦ ଆରମ୍ଭ ହେଲା । ସେ

ପାର୍ଶ୍ୱପଦମାନ ଗୀତ ଶୁଣି ଯୁଗପତ୍ ମୋହିତ ଓ ଦୁଃଖିତ ହେଲେ । ଏ ଦୁଃଖ ଈର୍ଷାମୂଳକ ନୁହେଁ । ଓଡ଼ିଆ ଭାଷାରେ ଏଭଳି ମହାର୍ଘ ରତ୍ନ ଅଛି; ମାତ୍ର ସେ ଓଡ଼ିଆ ଭାଷା ଅନୁଶୀଳନ କରି ନାହାନ୍ତି. ଏହାହିଁ ତାଙ୍କର ଦୁଃଖର କାରଣ ।

ନୌପଡ଼ାରୁ ଛଅଟା ପୂର୍ବରୁ ଗାଡ଼ି ବାହାରି ଯଥାସମୟରେ ଟେକଲୀ ଷ୍ଟେସନରେ ଉପସ୍ଥିତ ହେଲା । ଏହି ରାଜ୍ୟ ଟେକଲୀ, ଟିକାଲୀ ପ୍ରଭୃତି ନାନାମୁଖରେ ନାନାରୂପରେ ଉଚ୍ଚାରିତ ହୁଏ । ସୁତରାଂ ନାମର ପ୍ରକୃତ ତତ୍ତ୍ୱ ନିରୂପଣ ଏକପ୍ରକାର ଦୁର୍ଘଟଣା । ସହସ୍ର ରସନା-ବର୍ତ୍ତୀ ଜନଶ୍ରୁତି ଏ ନାମର ନାନା ଅର୍ଥ ପ୍ରଚାର କରେ; ମାତ୍ର କେଉଁଟିରେ ହୃଦୟ ତୃପ୍ତ ହୁଏ ନାହିଁ । ଯାହା-ହେଉ ରାଜ୍ୟଟି ଯେ ମହିମମଣ୍ଡଳାର ଖଣ୍ଡିଏ ମର୍କତ ଟିକଲି, ଏଥିରେ ସନ୍ଦେହ ନାହିଁ । ଏହା ଗଞ୍ଜାମର ଅନ୍ୟତମ ବାଣୀପୀଠ । ଶ୍ୱେତ-ଶତଦଳ ଅବଧି ସ୍ଥାନର ଟେକ ଘୋଷଣା କରୁଅଛି । ଟିକଲି ଦୁର୍ଗର ଅଦୂରରେ ଗୋଟିଏ ଦୀର୍ଘିକା ଅଛି । ତାହା ପୁରୁଷୋତ୍ତମ ସାଗର ନାମରେ ଅଭିହିତ । ସରୋବରଟି ଶ୍ୱେତ ଶତଦଳରେ ସମଳଙ୍କୃତ । ତାହାର ତିନ ପାର୍ଶ୍ୱରେ ନୀଳାଷ୍ଟା ନେଟା (ନୀଳମାକୁଣ୍ଡ), ଅଞ୍ଜନେୟ ପର୍ବତ, ଚନ୍ଦ୍ରମଣିପର୍ବତ ଓ ମାଳତୀଗିରି । ଏହି ଗିରି-ଚତୁଷ୍ଟୟ ନୀରନ୍ଧ୍ର ନିସର୍ଗ ପ୍ରାଚୀର ତୁଲ୍ୟ ବିଦ୍ୟମାନ । ମୁଁ ଥରେ ଏହି ସରୋବର ତୀରରେ ବସି ସରୋଜା-ସୁନ୍ଦରୀଙ୍କର ଭୁବନମୋହନ ମଧୁର ହାସ୍ୟ ସନ୍ଦର୍ଶନ କରି ଓ ତୀରଶୈଳବାସୀ ବିହଙ୍ଗକୁଳର କଣ୍ଠୋଚ୍ଚାରଣ ବିଶ୍ୱ-ସ୍ରଷ୍ଟାଙ୍କ ମହିମାର ମନ୍ତ୍ରାମନ୍ତ୍ର ଶ୍ରବଣ କରି ନୟନ, ଆତ୍ମା ସାର୍ଥକ କରିବାର ସୌଭାଗ୍ୟ ଉପଲବ୍ଧି କରିଥିଲି । ବାସ୍ତବରେ ସ୍ଥାନଟି ସାରସ୍ୱତ ପୀଠ ତୁଲ୍ୟ ନିକାଞ୍ଚନ ଓ ପରମ ରମଣୀୟ । ସେ ସ୍ଥାନର ଦୃଶ୍ୟ ନୟନରେ ଅମୃତ ପ୍ରଲେପ ଲଗାଇଦିଏ । ସେ ଦୃଶ୍ୟ ଦେଖିଲେ ଭାବୁକର ହୃଦୟତନ୍ତ୍ରୀରେ କଳ୍ପନାର କୋଟି ସ୍ୱର ଯୁଗପତ୍ ବାଜିଉଠେ । ସେଠାରେ ଉପସ୍ଥିତମାତ୍ରେ ପ୍ରକୃତି କ୍ଷଣକ ସକାଶେ ମୋର ଲୁପ୍ତଶୈଶବ ଫେରାଇ ଦେଇଥିଲା । ମୁଁ ପ୍ରକୃତି କୋଳରେ ଶିଶୁ ହୋଇ ନାନାବିଧ କୋଳି କୋଳି ଭକ୍ଷଣ କରିଥିଲି ଓ ଅମରାର ଅମୃତ ଅନ୍ନ ତୁଲ୍ୟ ପଦ୍ମପୁଷ୍କରରେ ପ୍ରାଣ ଶୀତଳ କରିଥିଲି । ସେହି ଦେବବାଞ୍ଛିତ ସ୍ଥାନରେ ଗୋଟିଏ ପାନ୍ଥାଗାର ନିର୍ମାଣ ସକାଶେ ସାହିତ୍ୟପ୍ରାଣ ଟିକିଲିର ଯୁବରାଜ ମହୋଦୟଙ୍କୁ ମୁଁ ଅନୁରୋଧ କରିଥିଲି । ସେ ଆନନ୍ଦର ସହିତ ପ୍ରତିଶ୍ରୁତି ଦାନ କରିଥିଲେ । ଶିକାରୀମାନେ ଧନୁର୍ବାଣ ସାହାଯ୍ୟରେ ସାଗରରୁ ମତ୍ସ୍ୟ ଶିକାର କରୁ-ଥିବା ଦେଖିଥିଲି । ଚନ୍ଦ୍ରମଣି ପର୍ବତର ପାଦଦେଶରେ ଚନ୍ଦ୍ରମଣିଗଡ଼ର ଭଗ୍ନାବଶେଷ କାଳ ଦୌରାତ୍ମ୍ୟର ସ୍ମୃତିଚିହ୍ନ ପ୍ରାୟ ପରିଦୃଶ୍ୟମାନ ହୁଏ । କାଦମ୍ବବଂଶର ଶେଷ ରାଜା ରାମକୃଷ୍ଣ ଜଗଦେବଙ୍କ ସମୟରେ ଏହି ଦୁର୍ଗର ପତନ ଘଟିଥିଲା । ନୀଳମାକୁଣ୍ଡ ତଳେ ନୀଳ ସରସ୍ୱତୀଙ୍କର ଅଭଙ୍ଗ ମନ୍ଦିର ଓ ହନୁମାନ ମନ୍ଦିର ବିଦ୍ୟମାନ । ଶେଷୋକ୍ତ ମନ୍ଦିର ସମ୍ମୁଖରେ ଖଣ୍ଡିଏ କୃଷ୍ଣପ୍ରସ୍ତର ଅଛି । ତାହା ଋଷି-ଆସନ ନାମରେ ଅଭିହିତ । ସେହି ପ୍ରସ୍ତର ଉପରେ ବସିଲେ ମୁକ୍ତି ଅନାୟାସ ବୋଲି ପ୍ରବାଦ ଅଛି ; ଏହି ପ୍ରବାଦର ସତ୍ୟତା ସମ୍ବନ୍ଧରେ ସମସ୍ତେ ସନ୍ଦିହାନ ; ମାତ୍ର ଜନଶ୍ରୁତିର ସୁଦୃଢ଼ ରଚନା କିଏ ଛେଦନ କରି-ପାରିବ ?

ଟିକିଲି ରାଜ୍ୟସ୍ଥ "ମଲ୍ଲିକାର୍ଜୁନ" ଶିବଲିଙ୍ଗ ଅନ୍ୟତମ ଦର୍ଶନୀୟ ପଦାର୍ଥ । ଏରୂପ ବୃହତ୍ ଶିବଲିଙ୍ଗ ଅନ୍ୟତ୍ର ଦୃଷ୍ଟିଗୋଚର ହୁଏ ନାହିଁ । ଏହି ଶିବଲିଙ୍ଗ ଦର୍ଶକ ମନରେ ବରଂ ଗିରିଚୂଡ଼ାର ଭ୍ରାନ୍ତି ଉତ୍ପାଦନ କରେ । ଉଚ୍ଚତା ୮।୧୦ ହାତରୁ ଊଣା ନୁହେଁ, ସ୍ଥୂଳତା ମଧ୍ୟ ତଦୁପଯୋଗୀ । ଏହି ଶିବଲିଙ୍ଗ ମହାବଳୀ ଭୀମଙ୍କ ଦ୍ୱାରା ପ୍ରତିଷ୍ଠିତ ବୋଲି କିମ୍ବଦନ୍ତୀ ଅଛି । ଯାହା ଅସାଧ୍ୟ, ତାହା ଭୀମଙ୍କ କୃତ ବୋଲି ସର୍ବତ୍ର କଥିତ ହୁଏ । ମହାବୀର ଭୀମ ଯୁଦ୍ଧ କ୍ରୋଧରେ ଫୁଲିଲା ପରି ମହା-ଦେବ କ୍ରମଶଃ ମୋଟ ହେଉଥିବା ସ୍ଥାନୀୟ ଲୋକ-ଙ୍କର ବିଶ୍ୱାସ । ତାହା ଅସମ୍ଭବ ନୁହେଁ । ନବ ବିଜ୍ଞାନ ମତରେ ସମସ୍ତେ ପ୍ରାଣବାନ୍ ପ୍ରମାଣିତ ହୋଇଥିବାଠାରେ ବୃଦ୍ଧି ସମସ୍ତଙ୍କ ପକ୍ଷରେ ସମ୍ଭବ । ନିକଟରେ ପାଣ୍ଡବକୁଣ୍ଡ ପାଣ୍ଡବ ସ୍ମୃତି ଧରି ସଗର୍ବ ବର୍ତ୍ତମାନ । କାର୍ତ୍ତିକ ଦଶମୀରେ ସେଠାରେ ଗୋଟିଏ ମେଳା ହୁଏ । ସେଦିନ

ପର୍ବତ ଉପରେ ଦ୍ରୌପଦୀ ମୁକୁଳ ପକାନ୍ତି । ସେଥିର ଚିହ୍ନ ସ୍ପଷ୍ଟ ଦୃଷ୍ଟ ହୁଏ ବୋଲି ଅନେକେ କହନ୍ତି । ପର୍ବତ ପଠାଣ ଉପରେ ହଳଗାର ଲୁଖ ଗୋଟାଏ ନାତି ଗଭୀର, ନାତି ପ୍ରଶସ୍ତ ନାଳ ଦେଖାଯାଏ । ତାହାକୁ ପାଣ୍ଡବଙ୍କ ରଥଚକର ଚିହ୍ନ ବୋଲି ସାଧାରଣ ଲୋକ ପ୍ରଚାର କରନ୍ତି ।

ଶୁଣିଥିଲି, ଟିକିଲି ଷ୍ଟେସନରେ ଶିଙ୍ଗପାନଥା କିଣିବାକୁ ମିଳେ ; ମାତ୍ର ବହୁ ସନ୍ଧାନରେ ବଙ୍କତାଙ୍କ ସୁନ୍ଦରୀଙ୍କୁ ଆବିଷ୍କାର କରିପାରିଲି ନାହିଁ । ସେ କମିଣୀ-କୁନ୍ତଳରେ କମ୍ପା ମାର୍ଜିତ କୁଞ୍ଚ ଉଙ୍ଗାବାଳଆନ ବିଶିଷ୍ଟ ତ-ମାନଙ୍କ କୋଥଳୀରେ କେଉଁଠାରେ ଆଧିପତ୍ୟ ବିସ୍ତାର କରି ବସିଅଛନ୍ତି, କିଏ କହିପାରିବ ? ବୋଧହୁଏ ଦ୍ୱିତୀୟ ସ୍ଥାନରେ ନୁହେଁ—ଯେହେତୁ ସେ ସ୍ଥାନ ବ୍ରୁଣ୍ ନାମକ ପାଶ୍ଚାତ୍ୟ ପ୍ରସାଧନୀ କିଣିନେଲାଣି । ଟିକିଲି ଷ୍ଟେସନକୁ ଟେଲିଗ୍ରାଫ୍ ବା ଟେଲିଫୋନ୍ ନାହିଁ । ସୁତରାଂ ଗାଡ଼ି କେତେବେଳେ ପହଞ୍ଚିବ, କିଛି ଜଣାଯାଏ ନାହିଁ । ଷ୍ଟେସନ ନିକଟରେ କେତେକ ସ୍ୱକୀୟ ଅଫିସ ଓ ସ୍କୁଲ୍ ଅଛି । ଟିକିଲି ପରେ 'ବଡ଼ଗାନା' ଷ୍ଟେସନ । ଏହି ଷ୍ଟେସନ ପାରହୋଇ ଗଲେ କିଛିଦୂରରେ ଗୋଟିଏ କ୍ଷୁଦ୍ର ନଦୀ ପଡ଼େ । ଏହି ନଦୀଟି ଟିକିଲି ଓ ପାରଳା-ଖେମଣ୍ଡିର ଶାଶ୍ୱତ ସୀମାରେଖା । ଏଣିକି ପାରଳାରାଜ୍ୟ ଭିତରେ ଗତି କରିବାକୁ ହେଲା । ଅନନ୍ତର ନେମ୍ବୁରୁ ଷ୍ଟେସନରେ ଗାଡ଼ି ବିଶ୍ରାମ କଲା । ଏଠାରୁ ଅଜୟ-ଗିରିର ଚୂଡ଼ା ଦେଖାଗଲା । ଅଜୟଗିରି ପାରଳାର ସର୍ବୋଚ୍ଚ ପର୍ବତ; କିନ୍ତୁ ବର୍ତ୍ତମାନ ଏଜେନ୍ସି ବହିର୍ଭୁକ୍ତ । ପାରଳା ଲାଇନର ଷ୍ଟେସନ ମଧ୍ୟରେ କେବଳ ଏହି ଷ୍ଟେସନକୁ ଟେଲିଗ୍ରାଫ୍ ଅଛି । ଏଠାରୁ ରେଳ-ଗାଡ଼ିର ଇଞ୍ଜିନ୍ ପାଣି ନିଏ । ଏଠାର ଜଳବାୟୁ ବଡ଼ ଅସ୍ୱାସ୍ଥ୍ୟକର । ରେଳକର୍ମଚାରୀମାନେ ସର୍ବଦା ମାଳ-ଜ୍ୱରରେ ପୀଡ଼ିତ ହୁଅନ୍ତି । ଏଠାରେ ମାନନୀୟ ଶ୍ରୀଯୁକ୍ତ ପାରଳା ରାଜା ମହୋଦୟଙ୍କର ଦୁଇଗୋଟି ବଙ୍ଗଳା ଅଛି । କର୍ମଚାରୀମାନେ ମୋଫସଲ ଗସ୍ତରେ ଆସି ସେଠାରେ ରହନ୍ତି । ଅନତିଦୂରରେ ଅପସ୍ତ୍ରାସାଗର ନାମରେ ଗୋଟିଏ ବୃହତ୍ ସରୋବର ବିଦ୍ୟମାନ । ସ୍ଥାନୀୟ ନୈସର୍ଗିକ ଦୃଶ୍ୟ ଅତୀବ ରମଣୀୟ; ମାତ୍ର ଅସ୍ୱାସ୍ଥ୍ୟକର ଜଳବାୟୁ ସେ ରମଣୀୟତାକୁ ମହାକାଳ ଫଳ ସହ ଉପମିତ କରାଇଅଛି । ତହିଁପରେ ଗଙ୍ଗାବାଡ଼ ଷ୍ଟେସନ । ଏହା ଷ୍ଟେସନ ନୁହେଁ, ତଥାପି ଲୋକେ ଆରୋହଣ ଓ ଅବରୋହଣ କରନ୍ତି । ରେଲଗାଡ଼ିର ଗାର୍ଡ଼ଦ୍ୱାରା ଟିକଟ ଆଦାନପ୍ରଦାନ ହୁଏ । ଶୁଣିଲି, ଢୁମ୍ବୁରୁ ଷ୍ଟେସନ ଏହି ସ୍ଥାନକୁ ଉଠିଆସିବ । ସେଥିର ଭିତ୍ତି-ସ୍ଥାପନ ମଧ୍ୟ ହୋଇଅଛି । ଏହା ପରେ ଗୋଟିଏ ଉଠା ଷ୍ଟେସନ । ପାରଳା ଲାଇନ୍‌ର ଷ୍ଟେସନମାନଙ୍କ ମଧ୍ୟରେ ଏହା ସର୍ବାପେକ୍ଷା କ୍ଷୁଦ୍ର । ଏହି ଷ୍ଟେସନରେ କ୍ୱଚିତ୍ ଯାତ୍ରୀ ଚଢ଼ନ୍ତି ଓ ଓହ୍ଲାନ୍ତି । ଷ୍ଟେସନ ମାଷ୍ଟର ଏଠାରେ ରହନ୍ତି ନାହିଁ । ପ୍ରତ୍ୟହ ପାରଳାରୁ ଆସି କର୍ତ୍ତବ୍ୟ ସମ୍ପାଦନପୂର୍ବକ ଫେରନ୍ତା ଗାଡ଼ିରେ ପାରଳା ଫେରି-ଯାଆନ୍ତି । ସୁତରାଂ ଏହାକୁ ଉଠା ଷ୍ଟେସନ କହିଲେ ଅସଙ୍ଗତ ହେବ ନାହିଁ । ରେଲଗାଡ଼ି ଚାଲିଲା, ଦୂରସ୍ଥ ପର୍ବତମାନେ ସଚଳ ଗାଡ଼ି ପାଖକୁ ଧାଇଁଆସି ପୁଣି କପଟ ମନରେ ସ୍ୱର ପଛକୁ ଘୁଞ୍ଚିଯାଉଛନ୍ତି । ସେମାନଙ୍କ ଗାଡ଼ିର ଗତିରୋଧ କରିବା ସେମାନଙ୍କର ଉଦ୍ଦେଶ୍ୟ; ମାତ୍ର ସାହସ ଛଟେ ନାହିଁ । ପ୍ରକୃତି ମାନବ-ଶକ୍ତିକୁ ଭୟ କରୁ-ଅଛି, ଏରୂପ କଥା କହିବାକୁ ସାହସ ପାଉ ନାହିଁ । ଯାହା ମାନବ ଶକ୍ତି, ତାହା ପ୍ରକୃତିଦତ୍ତ । ସୁତରାଂ ପ୍ରକୃତି ନିଜେ ନିଜକୁ ପରାସ୍ତ କରୁଅଛି । କେତେବେଳେ ଅବା ନିଜେ ନିଜକୁ ଜୟ କରେ । ପ୍ରକୃତିର ଏ ଜୟ-ପରାଜୟ ରହସ୍ୟ ଅତି ଗଭୀର ଓ ଅଚିନ୍ତନୀୟ ।

ଅନନ୍ତର ରେଲଗାଡ଼ି ପୁରୁଣା ପାଟଣା ଷ୍ଟେସନରେ ରହିଲା । ସମୟରେ ଏହି ସ୍ଥାନ ପାରଳାଖେମଣ୍ଡିର ରାଜଧାନୀ ଥିଲା । ସେହି ସ୍ଥାନୀୟ ସୌଭାଗ୍ୟ ବହୁଦିନରୁ କାଳର ଅନନ୍ତ ଗର୍ଭରେ ସମାଧିସ୍ଥ ହୋଇ ଧ୍ୱଂସନୀତିର ସାକ୍ଷ୍ୟ ପ୍ରଦାନ କରୁଅଛି । ସଂସାରରେ ସୃଷ୍ଟିନୀତିର ପ୍ରବାହ ଯେରୂପ ନିତ୍ୟ ଓ ପ୍ରଖର, ଧ୍ୱଂସନୀତିର ପ୍ରବାହ ମଧ୍ୟ ତଦ୍ରୂପ । ଷ୍ଟେସନରେ ଜଳର ବ୍ୟବସ୍ଥା ନାହିଁ । ପାରଳା ଲାଇନର ସମସ୍ତ ଷ୍ଟେସନରେ ଜଳାଭାବ ଗୋଟିଏ ପ୍ରଧାନ ଅସୁବିଧା । ଦାରୁଣ ଗ୍ରୀଷ୍ମକାଳରେ ଯାତ୍ରୀ ଶୁଷ୍କକଣ୍ଠ; ପାଣିପଣ୍ଡାଙ୍କ ଆଗମନକୁ ଅତୁର

ଆଶାରେ ଚାହିଁ ରହିଥାଏ; ମାତ୍ର ଜଳାଭାବରେ ସେହି ଆଶାକୁ ଜଳ ଛୁଇଁ ପାନ କରେ । ଗାଡ଼ି ଷ୍ଟେସନ ଛାଡ଼ି ଅଗ୍ରସର ହେଲା । ଅଳ୍ପଦୂରରେ ମହେନ୍ଦ୍ରତନୟା ନଦୀ ରେଲବର୍ତ୍ମ ଭେଦ କରି ଯାଇଅଛି । ଏହା ଛଡ଼ା ପାରଳା ରାଜ୍ୟରେ ବଂଶଧାରା ନାମରେ ଅନ୍ୟ ଗୋଟିଏ ନଦୀ ପ୍ରବାହିତ ହୁଏ । ଏହି ଦୁଇ ନଦୀ ପାରଳା ରାଜ୍ୟଲକ୍ଷ୍ମୀଙ୍କର କ୍ଷମା ଓ କରୁଣାର ଅମୃତଧାରା । ମହେନ୍ଦ୍ରତନୟା 'ମହେନ୍ଦ୍ର' ପର୍ବତରୁ ଓ ବଂଶଧାରା କଳାହାଣ୍ଡି ଅନ୍ତର୍ଗତ ଲାଞ୍ଜିଗଡ଼ ରାଜ୍ୟର ନିୟମଗିରି ପର୍ବତରୁ ବାହାରିଅଛି । ନିୟମଗିରି ପ୍ରାକୃତିକ ଉତ୍କଳର ସର୍ବୋଚ୍ଚ ପର୍ବତ । ଏହାର ଉଚ୍ଚତା ୪୯୭୨ ଫୁଟ । ଏହି ଗିରି ସାହିତ୍ୟ-ବିନୋଦ ଲାଞ୍ଜିଗଡ଼ାଧୀଶ୍ୱର ଶ୍ରୀଯୁକ୍ତ ଶ୍ରୀ ମାହେଶ୍ୱରୀପ୍ରସାଦ ଦେବ ମହୋଦୟଙ୍କର ନିତ୍ୟ ମୃଗୟା-ବିହାର ମହୀଧର । ପାରଳାର ଯେଉଁ ଆଡ଼େ ଚାହିଁଲେ ବିଶାଳ ଜଳାଧାର । ବର୍ତ୍ତମାନ ଘୋର ନିଦାଘ ନ ହେଲେହେଁ ନିଦାଘର ଆତ୍ମପ୍ରକାଶ ସର୍ବଥା ଅନୁଭୂତ ହେଉଅଛି; ଏ ସମୟରେ ଅନ୍ୟାନ୍ୟ ସ୍ଥାନର କୃଷିକ୍ଷେତ୍ର ତୃଣଶୂନ୍ୟ; ମାତ୍ର ପାରଳା ରାଜ୍ୟର କ୍ଷେତ୍ର-ମାନ ବିବିଧ ଶସ୍ୟରେ ପରିପୂର୍ଣ୍ଣ । ମହେନ୍ଦ୍ର ସର୍ବଦା ଜଳ ଦାନଦ୍ୱାରା ପ୍ରତିପାଳନ କରନ୍ତି; କିନ୍ତୁ କମଳାଙ୍କ ଆଦେଶରେ ଏ ରାଜ୍ୟର ପ୍ରତିପାଳନ ସକାଶେ ସ୍ୱୀୟ ତନୟାକୁ ( ମହେନ୍ଦ୍ର-ତନୟା ) ନିଯୁକ୍ତ କରିଅଛନ୍ତି । ପାରଳାର ଶସ୍ୟଶ୍ୟାମଳା ଉପାଧିରେ ପୂର୍ଣ୍ଣ ଅଧିକାର ।

ଏବେ ପାରଳା ନିକଟ ହୋଇ ଆସିଲା । ଚନ୍ଦ୍ର-ଶାଳା-କିରୀଟିନୀ ରାଜହର୍ମ୍ୟାବଳୀ ଖଣ୍ଡିଏ ଅଳଙ୍କୃତ ଅପୂର୍ବ ଛବି ପ୍ରାୟ ପ୍ରତିଭାତ ହେଉଅଛି । ଆହା କେଡ଼େ ସ୍ନିଗ୍ଧ ଚଞ୍ଚଳ ମାଧୁରୀ ! ଏହା ବିଶ୍ୱଶିଳ୍ପୀ କଳାନିଧି ବିଶ୍ୱକର୍ମାଙ୍କର ତାରକାନିର୍ମିତ କର୍ମଶାଳା କି ? ଅଥବା ଗଜପତି ରାଜ୍ୟର ଅତୁଳ ମହତ୍ତ୍ୱ ଆକୃତି ଧରି ଆତ୍ମ-ପ୍ରକାଶ କରୁଅଛି । ଅଳକା ସୁଷମା ଏହାଠାରୁ ବଳକା ହେବ ନାହିଁ । ସେ କଳ୍ପିତ; ମାତ୍ର ଏ ବାସ୍ତବ । ସେ ଅପ୍ରତ୍ୟକ୍ଷ, ଏ ପ୍ରତ୍ୟକ୍ଷ । ନଗରୀରାଣୀ ତରୁମାଳିମା ଭେଦ କରି ମାନସସରୋବରରେ ରାଜହଂସ ଭାସିଲା ପ୍ରାୟ ସୁନ୍ଦର ଦିଶୁଅଛି । କ୍ରମେ ପାରଳା ନଗରୀ ସ୍ପଷ୍ଟ ହୋଇ ଆସିଲା । କର୍ମଯୋଗୀ ପୁଣ୍ୟଶ୍ଳୋକ ପଦ୍ମନାଭଙ୍କର ସାଧନାସ୍ୱର୍ଗ ପାରଳା ନଗରୀ-ଦର୍ଶନରେ ମନ ଯୁଗପତ୍ ହର୍ଷବିଷାଦ-ସ୍ରୋତରେ ଭାସମାନ ହେଲା । ବିଷାଦର କାରଣ ଏହି ଯେ, ଉତ୍କଳର ଆଶା-ବୃନ୍ତରୁ ସେହି ସୌମ୍ୟ ସୁମନଟି ଅକାଳରେ ଝଡ଼ିପଡ଼ିଅଛି । ସେହି ସ୍ମୃତି କରୁଣ ସ୍ପନ୍ଦିତ ସହସା ଜାଗ୍ରତ ହୋଇ ହୃଦୟରେ ବାରମ୍ବାର ପଦାଘାତ କଲା । ଭାବିଲି, ବିଧାତା କର୍ମିପୁରୁଷମାନଙ୍କୁ ପଠାଇ ଏତେ ଶୀଘ୍ର ଫେରାଇନିଅନ୍ତି କାହିଁକି ? ସେମାନଙ୍କୁ ଆୟୁଷ୍ମାନ୍ କଲେ ତାଙ୍କ ଅକ୍ଷୟ ପରମାୟୁ ଭଣ୍ଡାରରୁ କେତେ ଊଣା ହୋଇଯାଆନ୍ତା ? ଯେଉଁ ନଗରୀ ପ୍ରାତଃସ୍ମରଣୀୟ ରାଜର୍ଷି ଗୌରଚନ୍ଦ୍ରଙ୍କର ତପଃ-ପୂତ ତପୋବନ, ଯେ ଗୋପାଳକୃଷ୍ଣ, ରଘୁନାଥ ପ୍ରଭୃତି ଭାରତୀ-ଭକ୍ତମାନଙ୍କର ସାରସ୍ୱତ ଉପାସନାର ସୁବର୍ଣ୍ଣ ଦେବାଳୟ, ହରିସଂକୀର୍ତ୍ତନରେ ଯେ ଉତ୍କଳର 'ନଦିଆ' ଆଖ୍ୟାର ଅପ୍ରତିଦ୍ୱନ୍ଦୀ ଅଧିକାରିଣୀ, ଏ ସେହି ପୁଣ୍ୟଶୀଳା ପାରଳା । ପାରଳାର ଜ୍ୟୋତିଷଚର୍ଚ୍ଚା ଇତିହାସ-ପ୍ରସିଦ୍ଧ । ଜଣେ ପାରଳାବାସୀ କରଣ ଜ୍ୟୋତିର୍ବିଦ୍ୟାରେ ଅଦ୍ଭୁତ ପାରଗତା ଦେଖାଇ ପୁରୀର ଭାରତ-ବିଖ୍ୟାତ ମୁକ୍ତି-ମଣ୍ଡପ ମହାସଭାରେ ଆଦୃତ ଓ ସମ୍ମାନିତ ହୋଇଥିଲେ । ବର୍ତ୍ତମାନ ସୁଦ୍ଧା ପାରଳା ତାହାର "ଜ୍ୟୋତିଷ-ନଗରୀ" କୀର୍ତ୍ତି ଅକ୍ଷତ ରଖିଅଛି । ବୀରତ୍ୱରେ ପାରଳାର ଗୌରବ ଊଣା ନୁହେଁ । ପ୍ରବାଦ ଅଛି, ଗୋଟିଏ ଭୀଷଣ ଦନ୍ତାଳ ବନ୍ୟହସ୍ତୀ ଗ୍ରାମରେ ପଶି କ୍ଷତି କରିବାରୁ ପାରଳାର ଜଣେ ରାଜା ଏକ ଚପେଟାଘାତରେ ତାହାକୁ ବିବ୍ରତ କରିଥିଲେ । ରାଜାଙ୍କ ହାତରୁ ଚାପୁଡ଼ା ଖାଇ ଗଜବର ମହା ବ୍ୟଥାରେ ଆର୍ତ୍ତ ଭୟଙ୍କର ଚିତ୍କାର କରି ବନକୁ ପଳାଇଗଲା । ଯେଉଁ ସ୍ଥାନରେ ଏ ଘଟଣା ଘଟିଥିଲା, ସେ ସ୍ଥାନ 'ହାତୀବାଡ଼ି' ନାମରେ ଅଭିହିତ । ଏହିପରି ନାନା କାର୍ଯ୍ୟରେ ପାରଗତା ଦେଖାଇ ନଗରୀ ପାରଳା ନାମ ସାର୍ଥକ କରିଅଛି । ପାରଳା ପାରିଲ ଶବ୍ଦରୁ ବୋଲି ବୋଧହୁଏ । 'ପାରିଲ' ପ୍ରବଳର ଅପଭ୍ରଂଶ । କଥାରେ କହନ୍ତି, "ସେ ବଡ଼ ପାରିଲ ଲୋକ ।"

ଦିବା ୪ଘଣ୍ଟା ସମୟରେ ରେଲଗାଡ଼ି ପାରଳା ଷ୍ଟେସନରେ ପହଞ୍ଚିଲା । ଆମ୍ଭେମାନେ ଗାଡ଼ିରୁ ଅବତରଣ

କଲୁଁ । ଏହି ସମୟରେ ମାନନୀୟ ହୃଦୟବାନ୍ ପାରଳାଧୀଶ୍ବର ମହୋଦୟଙ୍କ ପ୍ରେରିତ ଜଣେ ଲୋକ ଆମ୍ଭମାନଙ୍କର ପରିଚୟ ଗ୍ରହଣ କରି ଆମ୍ଭମାନଙ୍କୁ ଷ୍ଟେସନ ଆର ପାଖକୁ ନେଇଗଲେ । ସ୍ବଳ୍ପ ଅଗ୍ରକୁ ଅନାଇ ଦେଖିଲି, ଗିରି-ପରିଧି ମଧ୍ୟରେ ଦକ୍ଷିଣ ଉତ୍କଳର କନ୍ଦ୍ୟାନଗରୀ ପାରଳା ରାଜ୍ୟ ଅବସ୍ଥିତ । ଦୂରରେ ଅକସ୍ମିନିଧ ଭୀଷଣ ଦାନବର ରୂପବନ୍ତ ପ୍ରେତମୂର୍ତ୍ତି ରୂପେ ଦଣ୍ଡାୟମାନ । ଏହି ପର୍ବତ ପାରଳାର ଗିରିଚକ୍ରବର୍ତ୍ତୀ । ଯେମନ୍ତକି ଚିର ମହାଧ୍ୟାନରେ ମଗ୍ନ । ତାହାର ତନୁ ନୀଳିମା ଗଗନର ମହାନୀଳିମାରେ ମିଶି ସେହି ସ୍ଥାନକୁ ଗାମ୍ଭୀର୍ଯ୍ୟ ପ୍ରଦାନ କରୁଅଛି । ଅପର ଶିଖରସମାଜ ମୁକ୍ତ ପ୍ରକୃତିର କଙ୍କାଳଘଣ୍ଟିକାପୂର୍ଣ୍ଣ ଅନନ୍ତ କୋଳରେ ବିରାଟ ବପୁ ଢାଳି ଦେଇଅଛନ୍ତି । ପଶ୍ଚିମରେ 'ସୀତାସାଗର' ନୀଳାସ୍ତରଣରୂପେ ବିସ୍ତୃତ । ସେଥିର ବର୍ଣ୍ଣନା ଯଥାସ୍ଥାନରେ ସନ୍ନିବେଶିତ ହେବ । ଗାଡ଼ିରୁ ଓହ୍ଲାଇ ନିସ୍ତାର ପାଇଲୁଁ । ପାରଳା ରେଲଗାଡ଼ି ଅନବରତ ଝୁଲି ଝୁଲି ଚାଲେ । ସ୍ଥାନବିଶେଷରେ ଏତେ ଥରେ ଯେ, ଗାଡ଼ିଟି ମାଳଭୂର ଅତିକ୍ରମଣ କଲା ପ୍ରାୟ ବୋଧହୁଏ । ଆରୋହୀମାନେ ମଧ୍ୟ ସେହି ବେପଥୁ ଅନୁଭବ କରନ୍ତି । ଯାନାରୋହଣଦୁର୍ବଳ ପାରଳା ନଗରୀ ଅଭିମୁଖରେ ଗମନ କଲୁଁ । କିଛି ଦୂରରେ ଗୋଟିଏ ଶିବାଳୟ ନିକଟରେ ବିସ୍ତୃତ ପ୍ରାନ୍ତର । ଶୁଣିଲି, ପ୍ରତି ଶନିବାର ସେଠାରେ ହାଟ ବସେ । ହାଟକୁ ବନଜାତ ନାନା ପଦାର୍ଥ ବିକ୍ରୟାର୍ଥ ଆସିଥାଏ । ତହିଁପରେ ଓଡ଼ିଆ କଣ୍ଡାରିସାହି । ଏହି ସାହିରେ ଗୋଟିଏ ମ୍ୟୁନିସପାଲ ସ୍କୁଲ ଅଛି । ଏହି ଅଂଶରେ କ୍ଷୁଦ୍ର କ୍ଷୁଦ୍ର ଉପବନ ଓ କଦଳୀକୁଞ୍ଜ ଯଥେଷ୍ଟ ; ଅଧିକ ସଜନାଗଛ ଦେଖାଗଲା । ସେଗୁଡ଼ିକ ସ୍ୱଷ୍ଟ-କୁତ୍ତିକା-ପୁଞ୍ଜରେ ଆନମିତ । ପଥପାର୍ଶ୍ବରେ ଏଷ୍ଟେଟ ମେନେଜରଙ୍କର ଦ୍ୱିତଳ କଚେରୀ ଗୃହ । ସିମେଣ୍ଟ ଚୂନର କାର୍ଯ୍ୟମାନ ବଡ଼ ପସନ୍ଦଯୋଗ୍ୟ ହୋଇଅଛି । ଅନନ୍ତର ରାଜନଗର; ବସ୍ତୁତଃରେ ପ୍ରାୟ ମୟୂରଭଞ୍ଜ ରାଜଭବନର ସମକକ୍ଷ । ପ୍ରାସାଦ ଭିତ୍ତିମାନ କେବଳ ଚୂନରେ ଗଠିତ ବୋଲି ପ୍ରତୀୟମାନ ହୁଏ । ଉତ୍ତୁଙ୍ଗ ସୌଧମାଳା ଜ୍ୟୋତିର୍ହାସ୍ୟରେ ଜଗତ ଆଲୋକିତ କରୁଅଛି । ସିଂହଦ୍ୱାରର ଉଭୟ ପାର୍ଶ୍ୱରେ ଦୁଇଗୋଟି ସିଂହମୂର୍ତ୍ତି । କର୍ପକ୍ଷଦରର ଠାଣି ଦେଖିଲେ ଜୀବନ୍ତ ଭୁଲ୍ ପ୍ରତୀତ ହୁଏ ଅଥବା ଦୁର୍ଦ୍ଦାନ୍ତ କେଶରୀ ଦୁଷ୍ଟଦାବଣଙ୍କଃ ଏ ପବିତ୍ର ତପୋଭୂମିସ୍ଥ କୌଣସି ମହର୍ଷିଙ୍କ ଅଭିଶାପରେ ପାଷାଣତ୍ୱ ପ୍ରାପ୍ତ ହୋଇଅଛି । ସିଂହଦ୍ୱାର ଦୁଇ ପାଖରେ ଦୁଇଗୋଟି ଦ୍ୱିତଳ ପ୍ରାସାଦ ଶଙ୍ଖ ଆକୃତିରେ ନିର୍ମିତ ହୋଇ ରାଜପୁରୀର ଶୋଭାକୁ ଶସାର ପ୍ରଦାନ କରୁଅଛି । ସିଂହଦ୍ୱାର ସମ୍ମୁଖରେ ପ୍ରଶସ୍ତ ରାଜପଥ । ଉଭୟ ପାର୍ଶ୍ୱରେ ବଡ଼ ବଡ଼ ଅଟ୍ଟାଳିକା । ପଙ୍କ୍ତିବଦ୍ଧ ଘନସନ୍ନିବିଷ୍ଟ ନାରିକେଳ ତରୁରାଜି ରକ୍ଷୀ ସୈନ୍ୟ ପ୍ରାୟ କାହୁଙ୍ଗାଅସ୍ତ୍ର ଉତ୍ତୋଳନପୂର୍ବକ ଦଣ୍ଡାୟମାନ । ପାରଳା କେବଳ ରାଜଧାନୀ ନୁହେଁ, ତାହା ବହୁଶାଖା, ପ୍ରଶାଖା, ଗଳି, ଉପଗଳିବିଶିଷ୍ଟ ଗୋଟିଏ ପ୍ରକାଣ୍ଡ ଦର୍ଶନୀୟ ସହର । ଆମ୍ଭେମାନେ ପୂର୍ବାଭିମୁଖରେ ଗମନ କଲୁଁ । ପଥ ପାର୍ଶ୍ୱରେ ଜଗନ୍ନାଥ ମଠ । ଏଠାରେ ଗୋଟିଏ ଚାନ୍ଦ ଚଟ୍ଟଲ ରଥ ରକ୍ଷିତ ହୋଇଅଛି । ଗଣ୍ଡ ପଥରେ 'ହୋମ ଷ୍ଟୋରସ୍' ନାମକ ବଡ଼ ଦୋକାନ ଦେଖିଲୁଁ । ଏହି ଗୋଦାମଟି ପାରଳାର ସ୍ଥାୟୀ ଶିଳ୍ପ-ପ୍ରଦର୍ଶନୀ-ସ୍ୱରୂପ । ବର୍ତ୍ତମାନ ମାନନୀୟ ମହାରାଜାଙ୍କ ସମ୍ପୂର୍ଣ୍ଣ ଅନୁକୂଲ୍ୟ ଓ ତଦୀୟ ବିଶ୍ୱସ୍ତ କର୍ମଚାରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ବାବୁଙ୍କ ଉତ୍ସାହରେ ପ୍ରତିଷ୍ଠିତ । ଏହି ଷ୍ଟୋରରୁ କଲିକତା, ଦିଲ୍ଲୀ, ବୋମ୍ବାଇ, ମାନ୍ଦ୍ରାଜ ପ୍ରଭୃତି ସ୍ଥାନକୁ ଶିଳ୍ପଜାତ ନାନା ଉତ୍କୃଷ୍ଟ ପଦାର୍ଥ ଭି. ପି. ଡାକରେ ପ୍ରେରିତ ହୁଏ । ଏହି ଗୋଦାମର ଦଠା ଓ ତେଲପାଣିଆ ନିତ୍ୟାନନ୍ଦ ବାବୁଙ୍କଠାରୁ ମୁଁ ଉପହାର ପାଇଥିଲି । ପାରଳାର ପାଣମାନେ ଅତି ସୁନ୍ଦର ଦଠା ବୁଣନ୍ତି । ତାହା ଖୁବ୍ ମୋଟ, ମସୃଣ ଓ ଇତର ଭଦ୍ର ସମସ୍ତଙ୍କର ବ୍ୟବହାରୋପଯୋଗୀ । ତେଲ ପାଣିଆଁର ବିଶେଷତ୍ୱ ଏହି ଯେ, ବାଳ କୁଣ୍ଡାଇବାବେଳେ ପାଣିଆଁ ମଧ୍ୟସ୍ଥ ରକ୍ଷିତ ତେଲ ପାଣିଆଁ ଦନ୍ତଛିଦ୍ରରେ ବହିଆସି ବାଳରେ ଲାଗିଯାଏ । କିଛିଦୂର ପୂର୍ବାଭିମୁଖରେ ଅଗ୍ରସର ହେବା ପରେ ସମ୍ମୁଖରେ 'ଭେଇସାହି ପର୍ବତ' ଦୃଷ୍ଟ ହେଲା । ପର୍ବତଟି ଯେପରି ପଥିକମାନଙ୍କୁ ବାଟ ଓଗାଳି

ଉଚ୍ଚ ହୋଇଅଛି । ପର୍ବତର ପାଦଦେଶରେ କଲେଜଟି ଦେବ-ପାଦ ତଳେ ଭକ୍ତ ବସିଲା ପ୍ରାୟ ବୋଧହୁଏ । ପର୍ବତର ନିକଟରେ ଖେଉ (ଆପଟ ଗଛର) ସାହି ଥିବାରୁ ଏହାକୁ ଖେଉସାହି ପର୍ବତ କହନ୍ତି; ମାତ୍ର ଏହା ଏକ ବଶିନ କଥା । ପର୍ବତ କେତେ କାଳର, ଆଉ ସାହି କେତେ ଦିନର, ଏହା ବିଚାର ନ କରି ଏରୂପ ନାମ ଦେବା ଦ୍ୱାରା ପର୍ବତର ନିଶ୍ଚୟ ମାନହାନି କରା ହୋଇଅଛି । ସେ ମହାମନା ହେତୁ ଏ ଦାରୁଣ ଅପମାନ ପ୍ରତି ଭ୍ରୂକ୍ଷେପ କରୁ ନାହିଁ; ମାତ୍ର ନର-ଅବତାର ହୋଇଥିଲେ କେଉଁ ଦିନରୁ ପିନାଲ୍‌କୋଡ଼ର ଆଶ୍ରୟ ଗ୍ରହଣ କରିଥାଆନ୍ତା । ପର୍ବତର ନାମରେ ସାହିର ନାମକରଣ ହୋଇପାରେ; ମାତ୍ର ସାହି ନାମରେ ପର୍ବତର ନାମକରଣ ଅସମ୍ଭବ । ଅନୁସନ୍ଧାନ ଦ୍ୱାରା ବୁଝିଲି, ପର୍ବତର ପ୍ରକୃତ ନାମ ଚମ୍ପାଗିରି । ଏହି ନାମ ବର୍ତ୍ତମାନ ପେନସନ୍ ଭୋଗ କରୁଅଛି । ଅନନ୍ତର ପାରଳା କଲେଜ । ଏହି ପବିତ୍ର ଆଶ୍ରମଟି ବାଳବ୍ରହ୍ମଚାରି-କୁଳର ସାଧନାକ୍ଷେତ୍ର । ଏହି ବିପୁଳ ବପୁ କର୍ମଶାଳାରେ ନିତ୍ୟ ମନୁଷ୍ୟ ଗଠିତ ହେଉଅଛନ୍ତି । କେବଳ ମନୁଷ୍ୟ ନୁହେଁ—ମନୁଷ୍ୟର ଚରିତ୍ର, ଜୀବନ ଓ ସ୍ୱାସ୍ଥ୍ୟ ମଧ୍ୟ ସଗଠିତ ହେଉଅଛି । କଲେଜ ଉତ୍ତରକୁ ଖ୍ରୀଷ୍ଟୀୟାନ ଉପାସନା ମନ୍ଦିର । ଦକ୍ଷିଣ ପଶ୍ଚିମରେ ପ୍ରାଚୀରବେଷ୍ଟିତ ପ୍ରଶସ୍ତ ଖେଳପଡ଼ିଆ । ଏଠାରେ କଲେଜ ଛାତ୍ରମାନେ ଟେନିସ ଖେଳନ୍ତି । ସ୍ନିଗ୍ଧ ସୁନ୍ଦର କୋମଳ ବିଦେଶୀୟ ତୃଣରେ ପ୍ରାନ୍ତର ସମାଚ୍ଛନ୍ନ । ପୋଷ୍ଟଅଫିସ, ଗିର୍ଜା ମନ୍ଦିର ପ୍ରଭୃତି ପାରହେଲା ପରେ ବିଚଳ ଛାତ୍ରାବାସ, ପୋଲିସ ଷ୍ଟେସନ, ଚିକିତ୍ସାଳୟ, ମେନେଜରଙ୍କ ବଙ୍ଗଳା, ପଶୁଚିକିତ୍ସାଗାର ପ୍ରଭୃତି ଦେଖି ମହାତ୍ମା ଟାଇଲର ସାହେବଙ୍କ ବଙ୍ଗଳା ଆଡ଼କୁ ଅଗ୍ରସର ହେବାକୁ ହେଲା । ତହିଁ ପାର୍ଶ୍ୱରେ ଆଉ ଗୋଟିଏ ବଙ୍ଗଳା ଅଛି, ସେହିଟି ମୋର ବସା ସକାଶେ ନିରୂପିତ ହୋଇଥିଲା । ଏହି ବଙ୍ଗଳାଟି ପୂର୍ବେ ଗଞ୍ଜାମର ରାଜକୁମାର ସ୍କୁଲରୂପେ ବ୍ୟବହୃତ ହେଉଥିଲା । ଗଞ୍ଜାମର ଅପ୍ରାପ୍ତବୟସ୍କ ରାଜକୁମାରମାନେ ଏଠାରେ ଅଧ୍ୟୟନ କରୁଥିଲେ । ସ୍ଥାନଟି ବଡ଼ ମନୋହର । ସମ୍ମୁଖରେ ଚମ୍ପାଗିରି, ପଶ୍ଚାତରେ ମହେନ୍ଦ୍ରତନୟା ମଧୁର ମଙ୍ଗଳ କୁଳକୁଳ ସ୍ୱନ ପ୍ରବାହିତା । ଚାରିଆଡ଼େ ଆମ୍ର, ଜାମୁ, ସେଗୁନ ପ୍ରଭୃତି ନାନାବିଧ ବୃକ୍ଷ । କୋକିଳ, କଜ୍ଜଳପକ୍ଷୀ, ହଳଦୀବସନ୍ତ ପ୍ରଭୃତି ବିହଙ୍ଗ-କବିକୁଳ ମଧୁର ରସାଳ କବିତା ରଚନାରେ ନିଯୁକ୍ତ ରହିଅଛନ୍ତି । ପୂର୍ବରୁ ନିର୍ଜନ ବସା ସକାଶେ ପତ୍ର ଲେଖିଥିବାରୁ ଏହି ବସନ୍ତ-ରାଜ୍ୟରେ ମୋର ବସାର ବ୍ୟବସ୍ଥା ହୋଇଅଛି ।

ଗାଡ଼ିରୁ ଓହ୍ଲାଇ ଦେଖିଲି, ବେଳ ରତ ରତ ହେଉଅଛି । ଅଳ୍ପ କ୍ଷଣ ପରେ କ୍ଲାନ୍ତ ଦିନଦେବ ଚତୁର୍ଯାମବ୍ୟାପୀ ଶ୍ୱାସରୋଧୀ ଅବଚ୍ଛିନ୍ନ ପରିଶ୍ରମ ପରେ ସନ୍ଧ୍ୟାର ଶ୍ୟାମାଞ୍ଚଳରେ ତଳିପଡ଼ିଲେ । କମଳିନୀ ନତମସ୍ତକରେ ରବିପଦରେ ବିଦାୟ ନମସ୍କାର ଜଣାଇ ଲୋଚନ ମୁଦ୍ରିତ କଲା । କୃଷ୍ଣପକ୍ଷ ରଜନୀ । ଅନ୍ଧକାର କ୍ରମଶଃ ବହଳ ହୋଇ ଆସିଲା । ଚୂଳସ୍ଥ ଘନକୃଷ୍ଣ ଲହରୀ ଉପର୍ଯ୍ୟପରି ମାଡ଼ିଆସି ସୃଷ୍ଟି ସମାଚ୍ଛନ୍ନ କଲା ପ୍ରାୟ ଜଣାଗଲା । ଗଗନ ରୂପ ଅନନ୍ତ ନୀଳ କାନନରେ ଗୋଟି ଗୋଟି ସୁବର୍ଣ୍ଣ ଫୁଲ ଫୁଟିଉଠିଲା । ବସାଟି ମୁକ୍ତ ସ୍ଥାନରେ ଅବସ୍ଥିତ । ସୁତରାଂ ସବୁବେଳେ ଖର ପବନ । ସେହି ସୁଶୀତଳ ପ୍ରଖର ଅନିଳ ସ୍ରୋତ ଶରୀରରୁ କ୍ଳାନ୍ତି ଧୋଇନେଇଗଲା । ଅନନ୍ତର ମାନନୀୟ ଶ୍ରୀଯୁକ୍ତ ପାରଳାଧୀଶ୍ୱର ମହୋଦୟଙ୍କୁ ମୋର ଉପସ୍ଥିତ ସମ୍ବାଦ ପତ୍ରଦ୍ୱାରା ଜଣାଇଦେଇ ପଥପ୍ରଦର୍ଶକ ସହିତ କଥୋପକଥନରେ ନିଯୁକ୍ତ ହେଲି । ରାତ୍ରି ୮ଘଣ୍ଟା ସମୟରେ ନଅର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ନିତ୍ୟାନନ୍ଦ ପଟ୍ଟନାୟକ ବି.ଏ. ମହାଶୟ ଉପସ୍ଥିତ ହେଲେ । ସ୍ୱାଗତ ସମ୍ଭାଷଣ ପରେ ଜୀବନ-ସଂଗ୍ରାମର କଥା, ସୁଖ ଦୁଃଖର କଥା ଅନେକ ପଡ଼ିଲା । ତାଙ୍କଠାରୁ ପାରଳାର ଐତିହାସିକ ଜ୍ଞାତବ୍ୟ ବିଷୟ କେତେକ ସଂଗୃହୀତ ହେଲା । ସେ ଅନେକ ପୁରୁଣା କଥା ଜାଣନ୍ତି; ବହୁ ଅତୀତ ଘଟଣାବଳୀର ସାଲ ତାରିଖ ପର୍ଯ୍ୟନ୍ତ ମୁହେଁ ମୁହେଁ କହିପାରନ୍ତି । କଥାବାର୍ତ୍ତାରୁ ଜାଣିଲି, ସେ ପାରଳା ରାଜ୍ୟର ମୂର୍ତ୍ତିମନ୍ତ ଇତିହାସ । ୯ଟା ସମୟରେ ନିତ୍ୟାନନ୍ଦ ବାବୁ ପ୍ରସ୍ଥାନ କଲେ । ଆମ୍ଭେମାନେ ଆହାରାନ୍ତେ ନିଦ୍ରାଦେବୀଙ୍କର ଶରଣାପନ୍ନ ହେଲୁଁ ।

ଯେଉଁ ସ୍ଥାନରେ ଆମ୍ଭମାନଙ୍କୁ ବସା ଦିଆହୋଇଥିଲା, ସେ ସ୍ଥାନଟି ପରମ ରମଣୀୟ ବୋଲି ପୂର୍ବରୁ ଉକ୍ତ ହୋଇଅଛି । ତାହାର ଉତ୍ତରରେ ମାଳତୀଗିରି । ଏହି ପର୍ବତଟି ନାସୀ ଆକୃତିରେ ଚମ୍ପାଗିରିରେ ମିଶିଅଛି । ପୂର୍ବରେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ବଙ୍ଗଳା । ପଶ୍ଚିମରେ ସ୍ୱଳ୍ପବିସ୍ତୃତ ପାରଳା ନଗରୀ । ଦକ୍ଷିଣରେ ମହେନ୍ଦ୍ରତନୟା ମୃଦୁ କଳ ନିନାଦରେ ପ୍ରବାହିତ । ଏହି ନଦୀ କୂଳରେ ପାରଳାର ସୁରମ୍ୟ ନବରାଜହର୍ମ୍ୟ ବିଦ୍ୟମାନ । ନଅରଟି ଶ୍ରୀଯୁକ୍ତ ପାରଳାଧୀଶ୍ୱର ମହୋଦୟଙ୍କର ଗ୍ରୀଷ୍ମାବାସ । ପ୍ରାସାଦଟି ତିନିତଳବିଶିଷ୍ଟ ।ଦୁଇ ତଳ ଉପରକୁ ଅଛି ଏବଂ ଆଉ ଗୋଟିଏ ପୁର ମାଟି ଭିତରେ । ଏହା ନୂତନ ଧରଣରେ ନୂତନ ଉପାଦାନରେ ନିର୍ମିତ । ଏରୂପ କୌଶଳ-ନିର୍ମିତ ହର୍ମ୍ୟ ପ୍ରାକୃତିକ ଓଡ଼ିଶାରେ ବିରଳ । ସ୍ଥାନଟି ଏପରି ଶୀତଳ ଯେ, ପ୍ରଚଣ୍ଡ ଗ୍ରୀଷ୍ମକାଳରେ ସୁଦ୍ଧା ଗ୍ରୀଷ୍ମାନୁଭୂତ ହୁଏ ନାହିଁ । ସ୍ଥାନୀୟ ଦୃଶ୍ୟାବଳୀ ସ୍ୱଭାବତଃ ମଧୁର, ତହିଁ ଉପରେ ନିର୍ଜନତା ସେହି ଦୃଶ୍ୟରାଜିକୁ ଏକ ଅଭିନବ ମଧୁରତା ଓ ମଙ୍ଗଳତା ପ୍ରଦାନ କରିଅଛି । ସେଠାରେ ସୌନ୍ଦର୍ଯ୍ୟର ପ୍ରାଣମୟୀ ମୂର୍ତ୍ତି ସର୍ବଦା ଖେଳି ବୁଲୁଥାଏ । ଦୁଇପ୍ରହରର ସମୟରେ ଗିରିବାୟୁ ମୟୂରର କେକା ରବରେ ବୋଝିହୋଇ ପ୍ରବାହିତ ହୁଏ । ସବୁବେଳେ ସେଠାରେ ବସନ୍ତର ତରୁଣାବସ୍ଥା ।

ପରଦିବସ ୧୧ ଘଣ୍ଟା ସମୟରେ ଗାଡ଼ି ଓ ପଥପ୍ରଦର୍ଶକ ଉପସ୍ଥିତ । ଆଜି ପାରଳା ନଗରୀ ବୁଲି ଦେଖିବାର କଥା । ଶ୍ରୀଯୁକ୍ତ ନିତ୍ୟାନନ୍ଦ ବାବୁ ଦ୍ରଷ୍ଟବ୍ୟ ସ୍ଥାନର ଗୋଟିଏ ନିର୍ଘଣ୍ଟ ପ୍ରସ୍ତୁତ କରିଦେଇଅଛନ୍ତି । ଆମ୍ଭେମାନେ ସେହିକ୍ଷଣି ଭ୍ରମଣରେ ବହିର୍ଗତ ହେଲୁଁ । ସାହି ପରେ ସାହି, ଗଳି ପରେ ଗଳି ଅତିକ୍ରମ କରି ଅଗ୍ରସର ହେଲୁଁ । ବଡ ବଡ଼ ଅଟ୍ଟାଳିକା ସପଣି ପ୍ରସ୍ତୁତ ନାଗରିକ ଉପାଦାନରେ ପାରଳା ପରିପୂର୍ଣ୍ଣ । ଗଞ୍ଜାମର ଅନ୍ୟାନ୍ୟ ରାଜଧାନୀ 'ଗଡ଼' ନାମରେ; ମାତ୍ର ପାରଳା 'ପାଟଣା' ନାମରେ ଅଭିହିତ ହୁଏ । ପାଟଣା ପଟ୍ଟନ ଶବ୍ଦଜ । ବୃହତ୍ ନଗରୀକୁ ପାଟଣା କହନ୍ତି । ସମସ୍ତ ବିଷୟର ବର୍ଣ୍ଣନା ଅସମ୍ଭବ । ସୁତରାଂ ସଂକ୍ଷେପରେ କେତେକ କଥା ଲେଖିବାକୁ ହେଲା । ସାହିମାନ ସମାନ୍ତର ଭାବରେ ଅବସ୍ଥିତ ହେବାରୁ ବଡ଼ ସୁନ୍ଦର ଦେଖାଯାଏ । ସବୁବେଳେ ଲୋକ-ଗହଳ । ସାହି-ଗୁଡ଼ିକର ବିଶେଷତ୍ୱ ଏହି ଯେ, ଗୋଟିଏ ଗୋଟିଏ ସାହି ଗୋଟିଏ ଗୋଟିଏ ଜାତି ଦ୍ୱାରା ନିରୂପିତ । ପ୍ରତି ସାହି ମୁଣ୍ଡରେ ଗୋଟିଏ ଲେଖାଏଁ ଭିଆଣ ଓ ସ୍ନାନ ଘର ଅଛି । ପ୍ରତି ରଥ୍ୟାରେ ମାନବ-ସ୍ରୋତ ଅନବରତ ବହୁଅଛି । ଯାଉଁ ଯାଉଁ ତନ୍ତିକର ସାହି ଦେଖିଲୁଁ । ପ୍ରତ୍ୟେକ ପିଣ୍ଡାରେ ନାନାବିଧ ପ୍ରତିମା ଅବସ୍ଥିତ । ପ୍ରତିମାଗୁଡ଼ିକ ସୁଗଠିତ; ଉପଯୁକ୍ତ ରଙ୍ଗବିନ୍ୟାସରେ ଜୀବନ୍ତ ଭଳି ପ୍ରତୀୟମାନ ହୁଏ, କେବଳ ବାକ୍‌ଶକ୍ତିହୀନ । ବୋଧହୁଏ ସଂସାରର ହାଲଚାଲ ଦେଖି ସେମାନଙ୍କୁ ଭେଲିକି ମାରି ଯାଇଅଛି । ଏ ସୌନ୍ଦର୍ଯ୍ୟ-ସୃଷ୍ଟି ପାରଳାର ଶିଳ୍ପଦକ୍ଷତାର ପରିମାପକ । ଆଉ ଏକ ସାହିରେ କାଇଖଡ଼ିର ପଟି, ବାଗ୍ ଇତ୍ୟାଦି ପ୍ରସ୍ତୁତ ହେଉଥିବାର ଦେଖାଗଲା । ଏହା ପାରଳାର ଗୋଟିଏ ନୂତନ ଶିଳ୍ପ । କାଇଖଡ଼ି ପ୍ରସ୍ତୁତ ପଦାର୍ଥଗୁଡ଼ିକ ଦେଖିବାକୁ ବେଶ୍ ସୁନ୍ଦର । ଉକ୍ତ ଶିଳ୍ପ ଆଶାନୁରୂପ ବିସ୍ତୃତି ଲାଭରେ କ୍ଷମ ହୋଇ ନାହିଁ । ଏହି ଶିଳ୍ପ ପ୍ରତି ସାଧାରଣଙ୍କର ଯେପରି ଆଗ୍ରହ ବଢୁଅଛି, ସେଥିରୁ ବୋଧହୁଏ ଏହା ସମୟରେ ଅର୍ଥାଗମର ବିରାଟ ପନ୍ଥା ଉଦ୍‌ଘାଟନ କରିବ । ରେଲ୍‌ଭଡ଼ା ଅଧିକ ଲାଗୁଥିବାରୁ ଏଠାରୁ ଅନେକ ପଦାର୍ଥ ବିଦେଶକୁ ପଠାଇବାକୁ ଅସୁବିଧା ହେଉଥିଲା; ମାତ୍ର ପାରଳାର ମହାରାଜା ମହୋଦୟ ରେଲ କମ୍ପାନୀକୁ ଲେଖି ଅଳ୍ପ ମାସୁଲରେ ଯିବାର ସୁବିଧା ଏଣିକି କରି ଦେଇଅଛନ୍ତି । ଅନନ୍ତର ଓଡ଼ିଆ ବାଳିକା ବିଦ୍ୟାଳୟ ଦେଖିବାକୁ ଗଲି । ବିଦ୍ୟାଳୟଟି ୧୮୮୨ ସାଲରେ ସ୍ଥାପିତ ହୋଇଥିଲା । ବର୍ତ୍ତମାନ ଛାତ୍ରୀସଂଖ୍ୟା ୨୫୭ । ବିଭିନ୍ନ ବିଭାଗରେ ୧୧ ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି । ବାର୍ଷିକ ବ୍ୟୟ ପ୍ରାୟ ପାଞ୍ଚ ହଜାର ଟଙ୍କା । ଉପକରଣର ଅଭାବ ଲକ୍ଷିତ ହେଲା ନାହିଁ । ଏଠାରେ କେବଳ ସାହିତ୍ୟ, ଗଣିତ ଶିକ୍ଷାର ସୀମା ନୁହେଁ, ଯାହା ବାଳିକାମାନଙ୍କର ଭାବୀ ଜୀବନରେ କାର୍ଯ୍ୟକରୀ, ତାହାହିଁ

ଶିକ୍ଷା ଦିଆଯାଏ । ବାଳିକାମାନଙ୍କର ହାତକାମ ଦେଖିଲି । ମୂର୍ତ୍ତିଗଠନ, ଚିତ୍ରଅଙ୍କନ, ବସ୍ତ୍ରଶିଳ୍ପ ପ୍ରଭୃତିରେ ବାଳିକାମାନଙ୍କର ଯଥେଷ୍ଟ ପଟୁତା ପରି-ଦୃଷ୍ଟ ହେଲା । ଟ୍ରେକ୍ତ କୋଟ, ଜାମିକ ଓ ଫ୍ରାଙ୍କ୍ ଫାରମପ୍ଲଟକର ସିଲାଇ କାର୍ଯ୍ୟ ଅତି ସୁନ୍ଦର ହୋଇ-ଅଛି । କନା ଉପରେ ନାନାପ୍ରକାର ମୂର୍ତ୍ତି ସିଲାଇ କରାହୋଇଅଛି । ସେଗୁଡ଼ିକ ସୀଅଁ ହୋଇଛି ବୋଲି ବୋଧ-ହୁଏ ନାହିଁ । କନା ଉପରେ ଛବି ଅଙ୍କା ପ୍ରାୟ ପ୍ରତୀତ ହୁଏ । ଛାତ୍ରୀମାନେ ହାରମୋନିୟମ ବଜାଇ ସଙ୍ଗୀତ ଗାନ କଲେ । ଅଧିକାଂଶ ସଙ୍ଗୀତ ଗୋପାଳ କୃଷ୍ଣଙ୍କ ରଚିତ । ଭକ୍ତିରସର ପ୍ରାଚୀନ ସଙ୍ଗୀତ, ତହିଁରେ ବାଳିକାକୁଳର ସ୍ୱଭାବସୁନ୍ଦର କଣ୍ଠ, ସୁଧା ଉପରେ ସୁଧା ବୃଷ୍ଟି ପ୍ରାୟ ଜଣାଗଲା । ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ନିତ୍ୟା-ନନ୍ଦ ବାବୁ ଅନ୍ତର କେତେକ ଅବଶ୍ୟକ ଶିକ୍ଷାଦାନର ବ୍ୟବସ୍ଥା କରୁଅଛନ୍ତି । ରନ୍ଧନଶିକ୍ଷା ଓ କ୍ଷୁଦ୍ର କ୍ଷୁଦ୍ର ରୋଗର ମୁଷ୍ଟିଯୋଗ ଶିକ୍ଷା ସେଥି ମଧ୍ୟରେ ରହିବ । ବାଳିକାମାନଙ୍କର 'ବେଣୀକ୍ରୀଡ଼ା' ଗୋଟିଏ ଲୋଭନୀୟ ଦୃଶ୍ୟ । ଏଥିରୁ ବାଳିକାମାନଙ୍କର ଅଙ୍ଗାବଧା-ନତ୍ୱ ସୂଚିତ ହୁଏ । ଉପରୁ ଓହଳିଥିବା ୧୬ ଗୋଟି ବିବିଧ ରଙ୍ଗର ଡୋରକୁ ୧୬ ଜଣ ବାଳିକା ଧରି ମୁହଁରେ ଗୀତ ଗାଇ ହାତରେ ଦୁଇଖଣ୍ଡ କାଠି ବଜାଇ ତାଳ ଧରି ବିବିଧ ଛନ୍ଦରେ ଘୂରି ବୁଲନ୍ତି । ସେହି ଘୂର୍ଣ୍ଣନରେ ବିଚିତ୍ର ବର୍ଣ୍ଣର ବେଣୀ, ଫୁଲଧଣ୍ଡା ପ୍ରଭୃତି ପ୍ରସ୍ତୁତ ହୋଇଯାଏ । ବିପରୀତ ଭାବରେ ବୁଲିଲେ ତାହା ଫିଟିଯାଏ । ଏହି ରମଣୀୟ କ୍ରୀଡ଼ା ଦର୍ଶନ କଲାବେଳେ ଆନନ୍ଦରେ ଆତ୍ମା ଶୀତଳ ହୋଇ-ଯାଏ । ତେଲିଙ୍ଗୀମାନଙ୍କର ଏହିପରି ଗୋଟାଏ ସ୍କୁଲ ଅଛି । ତାହା ମଧ୍ୟ ରାଜଦତ୍ତ ବ୍ୟୟରେ ପରିଚାଳିତ । ଏହା ବ୍ୟତୀତ ଉଭୟ ସ୍କୁଲର ଛାତ୍ରୀମାନଙ୍କୁ ଯଥା-ଯୋଗ୍ୟ ପୁରସ୍କାର ପ୍ରଦାନର ବ୍ୟବସ୍ଥା ଅଛି । ଏଥିରୁ ବର୍ତ୍ତମାନ ନରପତିଙ୍କର ବାଳିକା ଶିକ୍ଷାପ୍ରତି ଐକାନ୍ତିକ ଆଦର ଅଗ୍ରହ ପୂର୍ଣ୍ଣରୂପେ ପ୍ରତିଭାତ ହେଉଅଛି । ମାନନୀୟ ମହାରାଜା ମହୋଦୟ ଜଣେ ନବଶିକ୍ଷିତ । ବାଳିକା ଶିକ୍ଷାର ଉପକାରିତା ଓ ଅବଶ୍ୟକତା ସେ ପୂର୍ଣ୍ଣରୂପେ ହୃଦୟଙ୍ଗମ କରିଅଛନ୍ତି । ସ୍ତ୍ରୀଶିକ୍ଷାବିହୀନ ଉନ୍ନତ ମାନବ-ସମାଜ ମଧ୍ୟ ପଙ୍ଗୁ ଓ ଦୁର୍ବଳ । ସ୍ତ୍ରୀ ପୁରୁଷର ଅର୍ଦ୍ଧାଙ୍ଗ, ସୁତରାଂ ତାହାର ନାମ ଅର୍ଦ୍ଧାଙ୍ଗୀ; ମାତ୍ର ଏହି ଅଭିଶପ୍ତ ଯୁଗରେ ଶିକ୍ଷା ଅଭାବରୁ ସେମାନେ ଶୂନ୍ୟାଙ୍ଗୀ ଉପାଧିର ଅଧିକାରିଣୀ ହୋଇଅଛନ୍ତି । ପାରଳା ଆଦର୍ଶରେ ଅନ୍ୟାନ୍ୟ ଗଡ଼ରେ ବାଳିକା ବିଦ୍ୟାଳୟ ସ୍ଥାପିତ ଓ ପରିଚାଳିତ ହେଲେ ସ୍ତ୍ରୀଶିକ୍ଷାର ଅଶେଷ ଉନ୍ନତି ସାଧିତ ହୁଅନ୍ତା ।

ଅତଃପର ପଦ୍ମନାଭ ରଙ୍ଗାଳୟ ଦେଖିବାକୁ ଗଲି । ରଙ୍ଗାଳୟର ମାନେଜର ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରାଜଗୁରୁ ମହାଶୟ ପୂର୍ବରୁ ସମ୍ବାଦ ପାଇ ମୋ ପ୍ରତୀକ୍ଷାରେ ଥିଲେ । ସେ ଜଣେ ମୋର ପୁରୁଣା ଅନ୍ତରଙ୍ଗ ବନ୍ଧୁ । ସେ ଆମ୍ଭମାନଙ୍କୁ ରଙ୍ଗାଳୟ ଭିତରକୁ ଘେନିଯାଇ ସାଜସଜ୍ଜା ଦେଖାଇଲେ । ରଙ୍ଗାଳୟଟି ଇନ୍ଦ୍ରଭୁବନ ତୁଲ୍ୟ ବୋଧ ହେଲା । ରଙ୍ଗମଞ୍ଚର ଶିରୋଭାଗରେ ଖଣ୍ଡିଏ ଚିତ୍ର ପ୍ରତିଷ୍ଠିତ । ପଦ୍ମନାଭନାରାୟଣଙ୍କର ସ୍ମୃତି ଧାରଣ କରି-ଅଛି । ପଦ୍ମନାଭନାରାୟଣ ଦେବ ନାଟକ ଲେଖୁଅଛନ୍ତି, ନାରଦ ତାହାଙ୍କ ମସ୍ତକରେ ହସ୍ତାର୍ପଣପୂର୍ବକ ଆଶୀର୍ବାଦ କରୁଅଛନ୍ତି, ବୀଣାପାଣି ସରସ୍ୱତୀ ଉର୍ଦ୍ଧ୍ୱରୁ ଅବତୀର୍ଣ୍ଣ ହେଉଅଛନ୍ତି । ଚିତ୍ରଖଣ୍ଡି ଦେଖି ନେତ୍ର ଅଶ୍ରୁଭାରାକ୍ରାନ୍ତ ହୋଇ ଆସିଲା । ଏ ଅଶ୍ରୁ ତାଙ୍କ ଅକାଳ ମୃତ୍ୟୁ ସକାଶେ ନୁହେଁ—ଏହା କେବଳ ଆମ୍ଭମାନଙ୍କ ଉତ୍କଳର ଅକାଳ ମୃତ୍ୟୁ ସକାଶେ । ସେ ଯୋଗଜନ୍ମା ପୁରୁଷ ନିଜର କର୍ମମୂଲ୍ୟରେ ଦୁର୍ଲଭ ଦେବାସନ ଲାଭ କରିଅଛନ୍ତି, ସୁତରାଂ ତାଙ୍କ ସକାଶେ ଦୁଃଖ କରିବାର କିଛି ନାହିଁ । ସାଜସଜ୍ଜାର ଚାକଚକ୍ୟରେ ରଙ୍ଗାଳୟଟି ସ୍ୱର୍ଣ୍ଣ ସୌଦାମିନୀର ତରଳ ହାସ୍ୟ ବିସ୍ତାର କରିଅଛି । ଲକ୍ଷ୍ନୌର ଜଣେ ପ୍ରବୀଣ କାରିଗର ଆସି ନୂତନ ଧରଣର ସାଜସଜ୍ଜା ପ୍ରସ୍ତୁତ କରୁଅଛନ୍ତି । ନିତ୍ୟାନନ୍ଦ ବାବୁ ରଙ୍ଗା-ଳୟର ତତ୍ତ୍ୱାବଧାରକ । ତାହାଙ୍କ ବ୍ୟବସ୍ଥାରେ କାର୍ଯ୍ୟ ସୁନ୍ଦର ଶୃଙ୍ଖଳାରେ ସମାହିତ ହେଉ-ଅଛି । ବର୍ତ୍ତମାନ ନରପତି ମହୋଦୟଙ୍କର ଆନୁକୂଲ୍ୟ ଓ କୃପାଦୃଷ୍ଟି ହେତୁ ରଙ୍ଗାଳୟର ଶ୍ରୀବୃଦ୍ଧି ବହୁଗୁଣିତ ହୋଇଅଛି ।

ରଙ୍ଗାଳୟ ଦର୍ଶନାନ୍ତେ ଜରଣଗୁଳର ଗୌରବ-ରଥ, ଅମର କବି ଗୋପାଳକୃଷ୍ଣଙ୍କ ପବିତ୍ର ଜନ୍ମତୀର୍ଥ, ସାଧନା ମନ୍ଦିର ଓ ବଇକୁଣ୍ଠ ଦେଖିବାକୁ ଗଲି । ଏହା ଗଞ୍ଜାମର ଅନ୍ୟତମ ସାରସ୍ୱତ ପୀଠ । ଏହି ଯାଗଭୂମିରେ କବି ସ୍ୱାର୍ଥ, ଅସୂୟା ଓ ଶାନ୍ତି ଆହୁତି ଦେଇ ମାତୃଭାଷାର ପଦସେବାରେ ମନପ୍ରାଣ ଢାଳି ଦେଇଥିଲେ । ଉତ୍କଳ-ସ୍ୱରଶିଳ୍ପୀଙ୍କର ସମ୍ମୋହନୀ ବୀଣା ଏହିଠାରେ ଝଙ୍କାରିତ ହେଉଥିଲା । ସେହି ମଧୁର ସ୍ୱର ଅଦ୍ୟାପି ସ୍ଥାନୀୟ ମୃତ୍ତିକା, ଆକାଶ ଓ ବାୟୁରେ ମିଶି ରହିଅଛି । କବି ଯେଉଁ ସ୍ଥାନରେ ଜୀବନବ୍ୟାପୀ ଭାରତୀଦେବୀଙ୍କ ଆରତିରେ ନିରତ ଥିଲେ, ସେହି ପୁଣ୍ୟଭୂମିରୁ ଟିକିଏ ଧୂଳି ନେଇ ଫେରି ଆସିଲି । ଏହି ଧୂଳିର ପ୍ରତ୍ୟେକ କଣିକାରେ ଗୋପାଳ କୃଷ୍ଣଙ୍କର ମହାସ୍ମୃତି ବିଜଡ଼ିତ । ସମସ୍ତ ସମୟରେ କବିଙ୍କ ସ୍ମୃତିରକ୍ଷାର କରୁଣ କନ୍ଦନ ଶ୍ରୁତିଗୋଚର ହୁଏ । ଗୋପାଳକୃଷ୍ଣ ତାହା ଶୁଣି ସ୍ୱର୍ଗରେ ଥାଇ ହସୁଥିବେ । ଯାହାଙ୍କର ଧାଡ଼ିଏ କବିତାର ମୂଲ୍ୟ ତୁଳନାରେ ସୁବର୍ଣ୍ଣ ଦେଉଳରେ ସ୍ମାରକ ମୂର୍ତ୍ତି ସ୍ଥାପନ ଅକିଞ୍ଚିତ୍କର, ମାନବ ତାଙ୍କର କି ସ୍ମୃତି ରଖିପାରିବ ? ତାଙ୍କର କବିତାମାଳାହିଁ ତାଙ୍କର ଅମର ଅମଳିନ ସ୍ମୃତି । ମହାତ୍ମାମାନେ ଜଗତର ହିତପ୍ରୟାସୀ—ଯଶପ୍ରୟାସୀ ନୁହନ୍ତି । ଉପାଧି-ଅଳଙ୍କାର ପ୍ରତି ସେମାନେ ମମତାବନ୍ତ ନୁହନ୍ତି । ଯେ ଦେଶର ବା ସମାଜର ଅଳଙ୍କାର ସ୍ଥାନୀୟ, ତାଙ୍କର ଅଳଙ୍କାରରେ କେଉଁ ପ୍ରୟୋଜନ ? ତଥାପି ସ୍ମୃତି ରଖିବାକୁ ହେଲେ ତାଙ୍କର ଗ୍ରନ୍ଥମାଳା ପ୍ରକାଶ ସର୍ବୋତ୍କୃଷ୍ଟ ସ୍ମୃତିରକ୍ଷା । ଗୋପାଳକୃଷ୍ଣଙ୍କର ଦୁଇଟି ପୌତ୍ର ଓ ଛଅଟି ପ୍ରପୌତ୍ର ବର୍ତ୍ତମାନ । ପ୍ରପୌତ୍ରମାନେ ଯୋଗ୍ୟ ଓ ଉପାର୍ଜନକ୍ଷମ । ଜ୍ୟେଷ୍ଠ ରାମକୃଷ୍ଣ ପଟ୍ଟନାୟକଙ୍କଠାରେ ଗୋପାଳକୃଷ୍ଣଙ୍କ କଳାର କିଞ୍ଚିତ୍ ଛିଟକା ଥିବାର କଥୋପକଥନରୁ ଆଭାସ ମିଳିଲା । ଅନ୍ୟତମ ପ୍ରପୌତ୍ର ଶ୍ରୀଯୁକ୍ତ ବନବାସୀ ପଟ୍ଟନାୟକ ଇଚ୍ଛାପୁରର ପୋଲିସ ଇନ୍‌ସପେକ୍ଟର । ଆଉ କେତେ ଜଣ ପରିଚିତ ବ୍ୟକ୍ତିଙ୍କର ସାକ୍ଷାତ ନ ପାଇ କେବଳ ଘର ଦେଖିଆସିଲି ।

ପଥ ମଧ୍ୟରେ ସାହିତ୍ୟିକ ଶ୍ରୀଯୁକ୍ତ ଗୋପୀନାଥ ନନ୍ଦ ମହାଶୟଙ୍କ ସହିତ ସାକ୍ଷାତ ହେଲା । ସେ ସ୍ୱାଳ-ନ୍ଦୀର ସମାଲୋଚନା ପ୍ରସଙ୍ଗ ଉତ୍ଥାପନ କଲେ । ସେହି ସମୟରେ ମୋର 'ସ୍ୱାଳନ୍ଦୀ' ପୁସ୍ତକର ଗୋଟାଏ ଈର୍ଷାମୂଳକ ସମାଲୋଚନା ଜଣେ ବେନାମୀ ଲେଖକ 'ଆଶା' ପତ୍ରିକାରେ ପ୍ରକାଶ କରୁଥିଲେ । ତହିଁ ଅଙ୍କୁଶୀର ବକ୍ଷ୍ରୀଠ, ଅସ୍ପୃଷ୍ଟ ପାଦପକୁ ବନସ୍ପତି କହନ୍ତି । ଏହିପରି ତୁଚ୍ଛ କଥା ଘେନି ସମାଲୋଚକ ଅବଭୂତ ହୋଇଥିଲେ । ଉକ୍ତ ଶବ୍ଦର ଅର୍ଥ ତାଙ୍କୁ ଜଣାପଡ଼ିଲା ନାହିଁ ଅଥଚ ସେ ଜଣେ ଆଭିଧାନିକ । କବି-କଣ୍ଠମଣି କାଳିଦାସ ଶକୁନ୍ତଳାରେ କହିଅଛନ୍ତି—

"ଦ୍ୱିତୀୟ ( ମୃ· କୁ, )—ନଖଲୁ । ଶ୍ରୂୟତାମ୍ ତତ୍ର ଭବତା କଣ୍ୱମାଜ୍ଞପ୍ତା ଶକୁନ୍ତଳାହେତୋର୍ବନ-ସ୍ପତିଭ୍ୟଃ କୁସୁମାନ୍ୟା ହରତେତି ।" (ଦ୍ୱିତୀୟ ମୁନିକୁମାର ଗୌତମଙ୍କୁ କହୁଅଛନ୍ତି, "ନା, ତା ନୁହେ ଅର୍ଥାତ୍ ମାନସୀସିଦ୍ଧ ନୁହେ ଶୁଣ, ପୂଜ୍ୟପାଦ କାଶ୍ୟପ ଆଦେଶ କରିଥିଲେ—ଯାଅ, ଶକୁନ୍ତଳାର ବେଶମଣ୍ଡନ ପାଇଁ ବନସ୍ପତିମାନଙ୍କରୁ ଫୁଲ ତୋଳି ଆଣ । )

ଶକୁନ୍ତଳା—ଚତୁର୍ଥ ଅଙ୍କ

ପୁନଶ୍ଚ, ମେଦିନୀକାର କହୁଅଛନ୍ତି—

"ବନସ୍ପତିର୍ଣୀଦ୍ରୁମାନ୍ଵେ ବନାପୁଷ୍ପଫଳଦ୍ରୁମେ ।"

ସମ୍ଭବତଃ ସମାଲୋଚକ ଏହା ଦେଖି ନାହାନ୍ତି । ଯାହାଙ୍କର ସାହିତ୍ୟ-ଜ୍ଞାନ ଏରୂପ ସଙ୍କୁଚିତ, ସଂସ୍କୃତ କାବ୍ୟ ଓ ଅଭିଧାନରେ ଯେ ଏତେଦୂର ଅପଟୁ, ସେ ପୁଣି ସମାଲୋଚକ ଆସନ ଅଧିକାର କରିବାକୁ ଲାଳାୟିତ ! ମୁଁ ସମାଲୋଚନାର ବିରୋଧୀ ନୁହେଁ; ମାତ୍ର ଅଖାଡ଼ୁଆ କଥାରେ କର୍ଣ୍ଣପାତ କରେ ନାହିଁ । ସାମାନ୍ୟ କଥୋପକଥନ ପରେ ନନ୍ଦ ମହାଶୟ ମୋ ବସାକୁ ଯିବେ ବୋଲି ଆଶା ଦେଇ ବିଦାୟ ଗ୍ରହଣ କଲେ; ମାତ୍ର ଆଉ ତାଙ୍କ ସହିତ ସାକ୍ଷାତ ହୋଇ ନାହିଁ ।

ଅନନ୍ତର ସିଦ୍ଧାନ୍ତୀ ନୀଳମଣି ପାଣିଗ୍ରାହୀଙ୍କ ଔଷଧାଳୟରେ ଉପସ୍ଥିତ ହେଲି । ସିଦ୍ଧାନ୍ତୀ ମହାଶୟ ଜ୍ୟୋତିର୍ବେଦ ଛାଡ଼ି ଆୟୁର୍ବେଦ ଅବଲମ୍ବନ କରିଅଛନ୍ତି ।

କାରଣ ଅନ୍ୟ କିଛି ନୁହେଁ, ଏ କାଳରେ କ୍ୟୋତିର୍ବିଦ୍ୟାର ଅଦରଣ୍ଡୀନତା । ବସାକୁ ଫେରିବା ପଥରେ ମ୍ୟୁନସିପାଲିଟି ବଜାର ପଡ଼ିଲା । ବଜାରରେ ସାମୟିକ ଫଳମୂଳ, ଶାକସବଜି ଯଥେଷ୍ଟ । ଲୁଣିମାଛ କୁଟିଏ ମିଳେ; ମାତ୍ର ମିଠାମାଛ ଅପର୍ଯ୍ୟାପ୍ତ ଦେଖାଗଲା । ମୂଲ୍ୟ ମଧ୍ୟ ସୁଲଭ । ମଲ୍ଲିଫୁଲର ହାର ବିଶେଷ ବିକ୍ରୟ ହେଉଥିବାର ଦେଖିଲି । ଏହି ନାଗରିକ ଉପାଦାନର ଗ୍ରାହକ ମଧ୍ୟ ଊଣା ନ ଥିଲେ । ବସାରେ ପହୁଞ୍ଚିବା ବେଳକୁ ଦୁଇଘଣ୍ଟା ରାତି ହୋଇଯାଇଥିଲା । ଯଥାସମୟରେ ଆହାରାନ୍ତେ ଶଯ୍ୟାଶାୟୀ ହେଲି ।

ଦ୍ୱିତୀୟ ଦିବସ ସକାଳେ ସଉରା ଟ୍ରେନିଙ୍ଗ ସ୍କୁଲର ହେଡ଼ମାଷ୍ଟର ଶ୍ରୀଯୁକ୍ତ ଶ୍ରୀହର୍ଷ ପଟ୍ଟନାୟକ ସଶିଷ୍ୟ ଆସି ଉପସ୍ଥିତ ହେଲେ । ଗଞ୍ଜାମର ଫରେଷ୍ଟ ଅଫିସର ମହାପ୍ରାଣ ବେଲ୍‌ଯମେନ ସାହେବ ମହୋଦୟ ଜାଙ୍ଗଲିକ ସଉରା ଜାତିର ଉନ୍ନତି କାମନାରେ ସ୍ୱତଃପ୍ରବୃତ୍ତ ହୋଇ ଅଧମତାରଣ ବ୍ରତ ଗ୍ରହଣପୂର୍ବକ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇ ଏହି ସ୍କୁଲଟି ସ୍ଥାପନ କରାଇଅଛନ୍ତି । ଏ ସ୍କୁଲରୁ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ, ସେମାନେ ସଉରା ଗ୍ରାମମାନଙ୍କରେ ପାଠଶାଳା ସ୍ଥାପନ କରି ଶିକ୍ଷକ ହେବେ । ସ୍ୱଜାତୀୟ ଶିକ୍ଷକମାନଙ୍କ ଦ୍ୱାରା ସଉରା ଜାତି ମଧ୍ୟରେ ଶିକ୍ଷା ବିସ୍ତାର ସହଜସାଧ୍ୟ ହେବ । ସାହେବ ମହୋଦୟଙ୍କ ସହୃଦୟତା ବାସ୍ତବରେ ଅଭିନନ୍ଦନ ଯୋଗ୍ୟ । ଗୋଟାଏ ହସ୍ତପଦବିଶିଷ୍ଟ ମନୁଷ୍ୟ ଜାତି ବନ ମଧ୍ୟରେ ପଶୁ ଅବସ୍ଥାରେ ରହିବ, ଏହା ବାଞ୍ଛନୀୟ ନୁହେଁ । ବନ୍ୟଜାତିମାନେ ଯେପରି ସାହସୀ, କର୍ମଠ, କଷ୍ଟସହିଷ୍ଣୁ, ଓ ନିର୍ଭୀକ, ଶିକ୍ଷାପ୍ରାପ୍ତ ହେଲେ ସେ ଜାତିଦ୍ୱାରା ଉଚ୍ଚ ସମାଜର ଅନେକ ସହାୟତା ହୋଇପାରିବ । ସାହେବ ମହୋଦୟ ଅରଣ୍ୟମୟ ପ୍ରଦେଶରେ ପ୍ରଥମ ଶିକ୍ଷାଲୋକ ପ୍ରଦର୍ଶନ କରିଅଛନ୍ତି । ସଉରାଜାତିର ଅସ୍ତିତ୍ୱ ଥିବାପର୍ଯ୍ୟନ୍ତ ତାଙ୍କର ଏ କୀର୍ତ୍ତି ଦେଦୀପ୍ୟମାନ ଥିବ । ସ୍କୁଲର ଛାତ୍ରସଂଖ୍ୟା ୯ ଜଣ । ପ୍ରତ୍ୟେକେ ଗଭର୍ଣ୍ଣମେଣ୍ଟରୁ ଛଅ ଟଙ୍କା ଲେଖାଏଁ ବୃତ୍ତିପ୍ରାପ୍ତ ହୁଅନ୍ତି; ରହିବା ସକାଶେ ଛାତ୍ରାବାସ ଅଛି । ଛାତ୍ରାବାସରେ ଜଣେ ସଉରା ପାଚକ ନିଯୁକ୍ତ ଅଛି । ଛାତ୍ରମାନଙ୍କର ବେଶଭୂଷାର ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟିଅଛି । ସେମାନେ ଓଡ଼ିଆ ଭଲରୂପେ ଲେଖିପଢ଼ି ପାରୁଅଛନ୍ତି ଓ କହିପାରୁଅଛନ୍ତି । ହେଡ଼ମାଷ୍ଟର ଜଣେ ସୁଶିକ୍ଷିତ, ପରିଶ୍ରମୀ ଓ ଶାନ୍ତପ୍ରକୃତିକ ବ୍ୟକ୍ତି । ସେ ଛାତ୍ରମାନଙ୍କୁ ଯୋଗ୍ୟ କରିବା ବିଷୟରେ ଯଥାସାଧ୍ୟ ଯତ୍ନ କରୁଅଛନ୍ତି । ଛାତ୍ରମାନଙ୍କଠାରୁ କେତେକ ସଉରା ଭାଷାର ଶବ୍ଦ ଲେଖିନେଇଥିଲି । ତାହା ନିମ୍ନରେ ଲିଖିତ ହେଲା । ସେଥିମଧ୍ୟରୁ କେତେକ ଶବ୍ଦ ଅବିକଳ ଓଡ଼ିଆ ଶବ୍ଦ ପରି ।

ଫୁଲ ··· ତାର୍ବା
ବାପ ··· ବାବୁ
ମାଆ ··· ନନ
ଘର ··· ଓର
ଶିକ୍ଷକ ··· ଅବଧାନ
ବଡ଼ଭଉଣୀ ··· କାଙ୍ଗୀ
ସାନଭଉଣୀ ··· ଅଇ
ଝିଅ ··· ଅଙ୍ଗେଇ
ରଜା ··· ରଜା
ବାଘ ··· କିନାଡ଼
ଭାଲୁ ··· କାମ୍ବୁଡ଼ାନ
ହରିଣ ··· ଅଗ୍ଲି
ପାଣି ··· ଡଆ
ଭାତ ··· ତାରି
ତୁଣ ··· ତାନଙ୍ଗାଲ
ଡାଲି ··· ଜାଇ
ଲୁଣ ··· ବାସିଙନ୍
ପିଆଜ ··· ମାତ୍ରୁସା
ମାଛ ··· ଅମେଁସୁ
ଶୁଖୁଆ ··· ଆସୁ

ଛାତ୍ରମାନେ ସଉରା ଭାଷାରେ ୨୩ ଗୋଟି ଗୀତ ଗାଇଲେ । ଗୀତଗୁଡ଼ିକ ପଦକିଆ । ଗୋଟିଏ ଗୀତର ଅର୍ଥ ଏହି ଯେ, "ଗଛରେ ଫୁଲ ଫୁଟିଛି, ପକ୍ଷୀ ରବୁଛି ।" ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟାନୁଭୂତି ମାନବର ସହଜ ବୃତ୍ତି । ନିରକ୍ଷର ସଉରା ପ୍ରାଣର ଏହି ଗୀତପଦକରୁ ସ୍ପଷ୍ଟ

ତାହା ଫୁଟିଉଠୁଅଛି । ଜଗତରେ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟର ଉପାସକ କିଏ ନୁହେଁ ?

ଅଙ୍କ ନିସର୍ଗ ଦୃଶ୍ୟ ଆଡକୁ ଯାଉ । ଯଥାସମୟରେ ସୁରଙ୍ଗ-କନ୍ଦନ-ଯୋଡିତ ପୁଷ୍ପକ ବିମାନ ଖଣ୍ଡିଏ ଆସିଲା । ଅପେକ୍ଷଣ ପରେ ସାରଥି ରଥ ଚଳାଇଦେଲା । ରଥର ମୃଦୁମନ୍ଥର ଗତି ହେତୁ ଉଭୟ ପାର୍ଶ୍ୱବର୍ତ୍ତୀ ଦୃଶ୍ୟ ଦେଖି ଦେଖି ଯିବାର ସୁବିଧା ହୋଇଥିଲା । କିଛି ଦୂରରେ ମହାତ୍ମା ଟେଲର୍ ସାହେବଙ୍କର ମର୍ମର ପ୍ରସ୍ତରନିର୍ମିତ ସମାଧି ଦେଖିଲି । ତାହାଙ୍କ ଜୀବିତାବସ୍ଥାରେ ସମାଧିଟି ବିଲାତରୁ ତିଆରି ହୋଇ ଆସିଥିଲା । ପାରଳା ପୂର୍ବରେ କୋର୍ଟ ଅବ ୱାର୍ଡସ୍ ଅଧୀନ ଥିବାବେଳେ ଟେଲର ସାହେବ ମେନେଜର ଥିଲେ । ସେ ଜଣେ ମହାପ୍ରାଣ ମାନବ । କର୍ମଗୁଣରେ ପାରଳାବାସୀଙ୍କର ପ୍ରାତଃସ୍ମରଣୀୟ ହୋଇଅଛନ୍ତି । ସେ ନିଜର ସମସ୍ତ ଉପାର୍ଜନ କରିଥିଲେ । ମୃତ୍ୟୁ ପୂର୍ବରୁ ସେ ସମସ୍ତ ପାରଳା ରାଜସରକାରଙ୍କୁ ପ୍ରତ୍ୟର୍ପଣ କରିଗଲେ । ସ୍ୱାର୍ଥଜର୍ଜରିତ ଜଗତରେ ଏରୂପ ନିଃସ୍ୱାର୍ଥତା ଓ ତ୍ୟାଗବ୍ରତର ଦୃଷ୍ଟାନ୍ତ ବିରଳ ପରିଲକ୍ଷିତ ହୁଏ । ଟେଲର ସାହେବଙ୍କ ସମ୍ପତ୍ତିର ମୂଲ୍ୟ ୯୦ ହଜାର ଟଙ୍କା । ସେହି ଟଙ୍କା ପାଇବା ସକାଶେ ତାଙ୍କର ଉତ୍ତରାଧିକାରୀ ମୋକଦ୍ଦମା କରି ପରାସ୍ତ ହୋଇଥିଲେ; ମାତ୍ର ବର୍ତ୍ତମାନ ମହାରାଜ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ ମହୋଦୟ ତାଙ୍କୁ ୪୦ ହଜାର ଟଙ୍କା ପ୍ରଦାନ କରି ଅତୁଳ ମନସ୍ୱିତାର ପରିଚୟ ଦେଇଅଛନ୍ତି । ଅବଶିଷ୍ଟ ୫୦ ହଜାର ଟଙ୍କା କୃଷିଶିଳ୍ପର ଉନ୍ନତି ସକାଶେ ଗଚ୍ଛିତ ଅଛି । ସେଥିର ସୁଧରୁ ଉକ୍ତ ବିଦ୍ୟାଶିକ୍ଷାର୍ଥୀ ଛାତ୍ରମାନଙ୍କୁ ବୃତ୍ତି ଦିଆଯାଏ । ଛାତ୍ରମାନେ ଏହି ବୃତ୍ତି ନେଇ ମାନ୍ଦ୍ରାଜ, ବୋମ୍ବାଇ ପ୍ରଭୃତି ସ୍ଥାନରେ ଉଚ୍ଚକଳାବିଦ୍ୟା ଅଧ୍ୟୟନ କରନ୍ତି । ବର୍ତ୍ତମାନ ମହାରାଜା ରାଜଧାନୀରେ ଗୋଟିଏ ଶିଳ୍ପବିଦ୍ୟାଳୟ ସ୍ଥାପନ କରିଅଛନ୍ତି । ମାନ୍ଦ୍ରାଜରୁ ପ୍ରବୀଣ ବହୁଦର୍ଶୀ ଶିଳ୍ପଶିକ୍ଷକ ଆଣି ଉକ୍ତ ବିଦ୍ୟାଳୟର ଶିକ୍ଷକ ନିଯୁକ୍ତ କରାହୋଇଅଛି । ଅନନ୍ତର ଦୋଳମଣ୍ଡପ ନିକଟରେ ପହଞ୍ଚିଲୁଁ । ଏଠାରେ ଗୋଟିଏ ପୁଷ୍କରିଣୀ ଅଛି । ଜଳ ଅତି ଅନିର୍ମଳ । ପୁଷ୍କରିଣୀ ନିକଟରେ ବିସ୍ତୃତ ଦେବାର । କଥିତ ହୁଏ, ଏଠାରେ ଲକ୍ଷ୍ମଣସାଗର ନାମରେ ଗୋଟିଏ ବୃହତ୍ ଜଳାଧାର ଥିଲା । କାଳକ୍ରମେ ପୋତିହୋଇ ସାଗର ଶସ୍ୟକ୍ଷେତ୍ରରେ ପରିଣତ ହୋଇଅଛି । ଖଣ୍ଡେ ଦୂରରେ ଛତ୍ରଘର ନାମକ ପ୍ରକାଣ୍ଡ ଅଟ୍ଟାଳିକା ଦେଖିଲୁ । ସେଥିରେ ଏକ ହଜାର ଲୋକ ରହିପାରନ୍ତି । ଏହି ଧର୍ମଶାଳାରେ ତିନିଦିନ ପର୍ଯ୍ୟନ୍ତ ଖାଦ୍ୟ ଦିଆହେବାର ବିଧାନ ପ୍ରବର୍ତ୍ତିତ ଅଛି । ପୂର୍ବେ ତେଲଙ୍ଗୀ ବ୍ରାହ୍ମଣମାନେ ଭୋଜନ ଓ ଦୁଇଅଣା ପାଉଥିଲେ ଏବଂ ଓଡିଆମାନେ ଏକଅଣା ମାତ୍ର ପାଉଥିଲେ । ବର୍ତ୍ତମାନ ସମସ୍ତେ ଦୁଇଅଣା ଲେଖାଏଁ ପାଉଅଛନ୍ତି । ସାଧାରଣ ଭିକାରୀମାନଙ୍କୁ ନଅରରୁ ପ୍ରତି ଜଣକୁ ଅଣାକଠାରୁ ଦୁଇଅଣା ପର୍ଯ୍ୟନ୍ତ ପ୍ରଦତ୍ତ ହୁଏ । ଧର୍ମଶାଳା ମଧ୍ୟରେ ସଂସ୍କୃତ ଚତୁଷ୍ପାଠୀ ଅବସ୍ଥିତ । ସେଠାରେ ସଂସ୍କୃତ ଶିକ୍ଷା ସଙ୍ଗେ ସଙ୍ଗେ ଇଂରାଜୀ ଶିକ୍ଷା ମଧ୍ୟ ଦିଆହୁଏ । ବାମପାର୍ଶ୍ୱରେ ରାଜଶ୍ମଶାନ । ତିନିଗୋଟି କ୍ଷୁଦ୍ର ସମାଧିମନ୍ଦିର ନିରାଡମ୍ବର ଭାବରେ ଦଣ୍ଡାୟମାନ ହୋଇ କାଳର ଅତୁଳ କ୍ଷମତାର ସାକ୍ଷ୍ୟ ପ୍ରଦାନ କରୁଅଛି । ଅନନ୍ତର ବେତେଇ ଗ୍ରାମ ଉପଗ୍ରାମ ପାରହୋଇ ରେଲ ସଡ଼କ ଡେଇଁ ସୀତାସାଗର ଆଡ଼କୁ ଅଗ୍ରସର ହେଲୁଁ । ସୀତାସାଗର କୂଳରେ ପାରଳା ରାଜଭବନ ସରସୁନ୍ଦରୀ ମସ୍ତକରେ ଉଜ୍ଜ୍ୱଳ ନବରତ୍ନଖଚିତ ହୀରକ-ମୁକୁଟ ପ୍ରାୟ ଶୋଭାବର୍ଦ୍ଧନ କରେ । ସୀତାସାଗର ଅଙ୍ଗ ଉପରେ ଯିବାକୁ ହେଲା । ଆହା କି ପ୍ରାଣବାନ୍ ଦୃଶ୍ୟ ! ସୁରୁଭୂଷଣା ନଗରୀ କାମିନୀ ପାରଳା ସାଗର ସ୍ନାନ କରି ତନୁ ଦ୍ୱିଗୁଣ ଝଟକାଇ କୂଳକୁ ଉଠିଯାଇ ଠିଆହୋଇଅଛି କି ? ଜଳରେ ନଗରୀର ପ୍ରତିବିମ୍ବ ଦେଖି ବୋଧହୁଏ ଯେମନ୍ତ କି ଦୁଇଖଣ୍ଡି ଛବି ଏକ ଛାଞ୍ଚରୁ ଉଦ୍ଭବ ହୋଇଅଛି ଅଥବା ନଗରୀରାଣୀ ଜଳେ ତାହାର ସମାନ ନ ଦେଖି ଉପରକୁ ଖୋଜିବାକୁ ଯାଉଅଛି, ନତୁବା ଉପରେ ନ ପାଇ ତଳକୁ ଓହ୍ଲାଇଯାଉଅଛି । ପାରଳା ଦୁର୍ଗର ପଶ୍ଚାତ୍ ଭାଗରେ ସୀତାସାଗର ବିସ୍ତୃତ । ନଗରୀରାଣୀ ତାହାର ପ୍ରିୟ ଦୁର୍ଗର ନୀଳମଣିମୟ ବିଶାଳ ମୁକୁରଖଣ୍ଡି କାଳେ ଉଗ୍ର ଉପଦ୍ରବୀ କାଳ ସର୍ପ ପଦାଘାତରେ ଚୂର୍ଣ୍ଣ କରିଦେବ, ଏହି

ଉପରେ ପଦ୍ମ ଅଙ୍କକୁ ଲୁଚାଇ ଧରିଅଛି କି ? ସାଗରର କି ଅପୂର୍ବ ଶୋଭା ! ସେ ଶୋଭା ଦର୍ଶକଙ୍କୁ ଚକ୍ଷୁଦାନ କରୁଅଛି । କାହାର ଏ ଦୃଷ୍ଟିନିନ୍ଦିତ ପଦ୍ମର ବିଶାଳ ଆସ୍ତରଣ ? କମଳିନୀକୁଳ ପାଖୁଡ଼ା ସଞ୍ଚାଳନ ଛଳରେ ଭ୍ରମରଙ୍କୁ ଆହ୍ୱାନ କରୁଅଛନ୍ତି । ଭ୍ରମରମାନେ ଗୁଣୁ ଗୁଣୁ ସ୍ୱରରେ ନବ ଜୀବନର ନବୀନ ବେଦ ଗମ୍ଭୀର ଧ୍ୱନିରେ ଉଚ୍ଚାରଣପୂର୍ବକ ବିଚରଣ କରୁଅଛନ୍ତି । ସମୀର ହିଲ୍ଲୋଳରେ ପଦ୍ମପତ୍ରର ଏକପାର୍ଶ୍ୱ ଟେକିହୋଇ ଯାଉଥିବାରୁ ବୋଧ ହେଉଅଛି, କମଳିନୀ ଧନୀ କାନ ଡେରି ସେହି ବେଦଧ୍ୱନି ଏକାଗ୍ର ଚିତ୍ତରେ ଶ୍ରବଣ କରି ଧନ୍ୟ ହେଉଅଛି । କୋମଳତା ବାହୁଲ୍ୟ, ସୁଷମା ଲାବଣ୍ୟ ସେଠାରେ ଉଲଗ୍ନ ମୂର୍ତ୍ତିରେ ଆତ୍ମ ପ୍ରକାଶ କରି-ଅଛି । ସାଗରଟି ବିବିଧ ଜଳଚର ପକ୍ଷୀର ଗୋଟିଏ ସୁବିସ୍ତୃତ ପାଠଶାଳା । ସ୍ଥାନେ ସ୍ଥାନେ ଶୈବାଳ, ପାଣି ଫଳ ଏବଂ କୁମ୍ଭୁଦା ଲତାରେ ଆଚ୍ଛନ୍ନ । ସାଗର ଅନେକ ଲୋକଙ୍କର କର୍ମକ୍ଷେତ୍ର । କେହି କ୍ଷୁଦ୍ର ନୌକାରେ ଚଢ଼ି ମାଛ ଧରୁଅଛି, କେହି ପଦ୍ମପତ୍ର ସଂଗ୍ରହ କରୁଅଛି—କେହି ସାଲୁକ ସଂଗ୍ରହରେ ବ୍ୟସ୍ତ ଅଛି—କେହି ପୁଷ୍କର ଅନ୍ୱେଷଣ କରି ବୁଲୁଅଛି ଏବଂ କେହି ବା ନିର୍ଜ୍ଜୀବ ଭାବରେ ସ୍ଥିରନୟନପୂର୍ବକ ସାଗରର ଶୋଭାସମ୍ପତ୍ତି ଲୁଣ୍ଠନ କରୁଅଛି । ସାଗରର କୂଳରେ ମାଙ୍ଗୁଳୀ-ଶିବଙ୍କର କ୍ଷୁଦ୍ର ମନ୍ଦିର । ବିରୂପାକ୍ଷ କାହିଁକି ଏରୂପ କୁତ୍ସିତ ନାମ ପ୍ରତି ବାସନା ବଳାଇଲେ ସେଥିର କୌଣସି ତଥ୍ୟ ମିଳିଲା ନାହିଁ । ଅନନ୍ତର ପ୍ରାୟ ଅର୍ଦ୍ଧକୋଶ ପଥ ଅତିକ୍ରମ ପରେ କୂପଗିରି ପାଦଦେଶରେ ଶଗଡ଼ ରଖି ଗିରି ଆରୋହଣ କଲୁଁ । ପର୍ବତଟି କ୍ଷୁଦ୍ର; ମାତ୍ର ଅରଣ୍ୟ-ସଙ୍କୁଳ । କିୟଦ୍ଦୂରରେ ଗୋଟାଏ ବିଶାଳ ଗହ୍ୱର ପର୍ବତ ମୁଖ ବ୍ୟାଦାନ କଲା ପ୍ରାୟ ଦିଶୁଅଛି । ଉପଶିଳାକୃତି ବିରାଟ ପର୍ବତଚୂଡ଼ା କାଳ-ସ୍ରୋତରେ ତଳକୁ ଖସି ଆସି ତିର୍ଯ୍ୟକ ଭାବରେ ଅଟକି ରହି ଏହି ଗୁମ୍ଫା ସୃଷ୍ଟି କରି-ଅଛି । ଗୁମ୍ଫାର ନାମ ଅସ୍ୱାଅଣ୍ଡା ଅର୍ଥାତ୍ ବାବାଜିଗୁମ୍ଫା । ଏ ନାମ ଯେ ନିତାନ୍ତ ଆଧୁନିକ, ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ପ୍ରକୃତ ନାମ ଜାଣିବାର ଉପାୟ ନାହିଁ । ଗୁମ୍ଫା ନିକଟରେ ବୃକ୍ଷଲତା ମାଡ଼ିଅଛି । ବହୁଳରେ ଗୁଞ୍ଜପତ୍ରମାନ ପଡ଼ିଥିବାର ଦେଖି ବୋଧହେଲା—ବନଦେବୀକୁଳ ଏଠାରେ ବନଭୋଜି ଉଆଇ ଭୁକ୍ତା-ବଶେଷ ଚପିଠକବାଶି ବୁଣିଦେଇ ଯାଇଅଛନ୍ତି । ବର୍ଷା-ବେଳେ ଗୁମ୍ଫାରେ ଦୁଇଶତ ଲୋକ ଆଶ୍ରୟ ନେଇ-ପାରନ୍ତି । ସ୍ଥାନଟି ମାଳତୀକୁଞ୍ଜପୁଞ୍ଜରେ ରମଣୀୟ । ଆଜି ଆମ୍ଭେମାନେ ଗିରିଗୁହ୍ୱରେ କୁଣିଆ । ଲକ୍ଷ୍ମୀ ଭଣ୍ଡାରରେ ପିପୀଲିକା ଅତିଥି । ଧାତ୍ରୀ ଗିରି ଅତିଥି ପୂଜା ସକାଶେ ସ୍ୱୀୟ ଅନନ୍ତ ଭଣ୍ଡାର ସର୍ବଦା ଉନ୍ମୁକ୍ତ କରି ରଖିଅଛି । ତାହା ଫଳ ଜଳ ଆସନରେ ପୂର୍ଣ୍ଣ । ଆମ୍ଭେମାନେ କେତେ ପ୍ରକାର ଅଚିନ୍ତିତ ମଧୁର କୋଳି ତୋଳି ସେଥିର ସଦ୍‌ବ୍ୟବହାର କଲୁ । ଗୁମ୍ଫା ତଳେ ଗୋଟିଏ ସ୍ୱାଭାବିକ ଉଦ୍ୟାନ ଅଛି । ଆମ୍ବ, ପଣସ, କମଳା ପ୍ରଭୃତି ବୃକ୍ଷରେ ତାହା ପୂର୍ଣ୍ଣ । ଉଦ୍ୟାନ ମଧ୍ୟରେ କୂପ ଆକୃତିରେ ଗୋଟିଏ ଜଳକୁଣ୍ଡ ଅଛି । ଏହି କୂପହେତୁ ଗିରିର ନାମ "କୂପଗିରି" ହୋଇଅଛି । କେହି କେହି କହନ୍ତି, ଏହି କୁଣ୍ଡ ସହିତ ଦୁଇମାଇଲ ଦୂରବର୍ତ୍ତୀ ମହେନ୍ଦ୍ରତନୟାର ସଂଯୋଗ ଅଛି । ଥରେ ଗୋଟାଏ ମତ୍ସ୍ୟ ଏହି କୁଣ୍ଡରେ ବୁଡ଼ି ମହେନ୍ଦ୍ରତନୟାରେ ବାହାରିଥିବାର ସ୍ଥାନୀୟ ପ୍ରବାଦ ମଧ୍ୟ ଅଛି ; ମାତ୍ର ପ୍ରବାଦ ମୂଳରେ କି ପରିମାଣରେ ସତ୍ୟ ନିହିତ ଅଛି, ତାହା ନିର୍ଣ୍ଣୟ କରିବା ଅସାଧ୍ୟ । ଶୁଣିଲି କୁଣ୍ଡର ଗଭୀରତା ଅନିର୍ଣ୍ଣୀତ । ଶୈବାଳାଚ୍ଛାଦିତ ହେତୁ ଜଳ ଶୀତଳ ଓ ସ୍ୱଚ୍ଛ । ପ୍ରବଳ ଧୂମାଳି ଉଠାଇବାର ଦେଖି ପର୍ବତରୁ ଅବତରଣ କଲୁ । ଚଞ୍ଚଳ ଗତି ହେତୁ କର୍କଶ-କର୍କଶ ଟିକିରିରେ ବାରମ୍ବାର ଗୋଡ଼ ଖସିଯିବାକୁ ଲାଗିଲା । ଏଣେ ମେଘମାଳା ଗମ୍ଭୀର ଗର୍ଜନ କରି ଚପଳା ବିକାଶପୂର୍ବକ ଚପଳା କଟାକ୍ଷରେ ତର୍ଜନ କରିବାକୁ ଲାଗିଲା । ମହାଝଟିକାର ପୂର୍ବବର୍ତ୍ତୀ ସଙ୍କେତ ପ୍ରାୟ ବିନ୍ଦୁ ବିନ୍ଦୁ ବାରିପାତ ଆରମ୍ଭ ହେଲା । ଗୁଡ଼ାଏ ଅଢ଼େ ବଣୀଷଦା ଉଡ଼ି ବୁଲିଲା । ସନ୍ଧ୍ୟାନ୍ଧକାର ସେ ବଣୀଷଦାଙ୍କୁ ଶରୀର ପ୍ରଦାନ କଲା । କି ପ୍ରଳୟକାଣ୍ଡ ଘଟିବ, ପର୍ବତ ଲେଉଟିପିବ କି ଆକାଶ ଛିଣ୍ଡିପଡ଼ିବ, ତାହା କଳ୍ପନା କରିହେଲା ନାହିଁ ; ମାତ୍ର ବହ୍ୱାରମ୍ଭେ ଲଘୁକ୍ରିୟା । କ୍ଷଣକ ମଧ୍ୟରେ ବର୍ଷା, ତୋଫାନ, ମେଘ କେଉଁଆଡ଼େ

ଉଭେଇଗଲା । ପ୍ରକୃତିର ଏ କି ଇନ୍ଦ୍ରଜାଲ କ୍ରୀଡ଼ା ! ଏହା ଦେଖି ହୃଦୟରେ ଯେଉଁ ଭାବର ଉଦୟ ହେବା ସ୍ୱାଭାବିକ, ତାହାହିଁ ହେଲା । ରସାରେ ପହଞ୍ଚିବା-ବେଳକୁ ରାତି ପ୍ରାୟ ଦିନଘଣ୍ଟ ହୋଇଯାଇଥିଲା । ପାରଳା କୋଟିଏ ପ୍ରାଚୀନ ଐତିହାସିକ ରାଜ୍ୟ । ତାହାର ଗୌରବ-ଦୀପ୍ତ ଅତୀତ ଇତିହାସ ଏଠାରେ ସଂକ୍ଷେପରେ ଉଲ୍ଲେଖ କଲେ ବୋଧହୁଏ ଅତିରଞ୍ଜିତ ହେବ ନାହିଁ । ଅତି ପ୍ରାଚୀନ କାଳରେ ଜଣେକ ଚନ୍ଦ୍ରବଂଶସମ୍ଭୂତ ଗାଙ୍ଗେୟ ରାଜା ଉତ୍ତରଭାରତରୁ ପଶ୍ଚିମଭାରତକୁ ଯାଇ ପଶ୍ଚିମ ଉପକୂଳରେ ଗଙ୍ଗାବାଡ଼ି ନାମକ ରାଜ୍ୟ ସ୍ଥାପନ କରିଥିଲେ । ତଳକ୍ଷାପୁର ସେହି ରାଜ୍ୟର ରାଜଧାନୀ ଥିଲା । ସେହି ଗଙ୍ଗବଂଶଧରର ଅନ୍ୟ ଜଣେ ରାଜା କାମର୍ଣ୍ଣ-ଦେବ ସ୍ୱୀୟ ଭ୍ରାତାମାନଙ୍କ ସମଭିବ୍ୟାହାରରେ ଅଭି-ଯାନ କରି ମହେନ୍ଦ୍ର ପ୍ରଦେଶ ଆକ୍ରମଣ କଲେ ଓ କଳିଙ୍ଗ-ରାଜ ବଳାଦିତ୍ୟଙ୍କୁ ପରାଜୟପୂର୍ବକ କଳିଙ୍ଗ ଦେଶରେ ଗଙ୍ଗବଂଶ ରାଜ୍ୟ ସ୍ଥାପନ କଲେ । ଏହି ଘଟଣା ଅଷ୍ଟମ ଖ୍ରୀଷ୍ଟାବ୍ଦର ପ୍ରାରମ୍ଭରେ ଘଟିଥିଲା । କଳିଙ୍ଗ ନଗର ବା ମୁଖଲିଙ୍ଗ ଏହି ରାଜ୍ୟର ରାଜଧାନୀ ଥିବାର ପ୍ରମାଣ ମିଳୁ-ଅଛି; ମାତ୍ର ତାହା କଳିଙ୍ଗପାଟଣା ନୁହେ । ପ୍ରାୟ ୧୦୭୫ ଖ୍ରୀଷ୍ଟାବ୍ଦରେ ସେହି ବଂଶୀୟ ଜଣେ ରାଜା ରାଜ-ରାଜଦେବ ଗୋଦାବରୀ ପର୍ଯ୍ୟନ୍ତ ସ୍ୱୀୟ ରାଜ୍ୟ ବିସ୍ତାର କରିଥିଲେ । ସେ ଚୋଳରାଜା ରାଜେନ୍ଦ୍ର ଚୋଳଙ୍କୁ ଓ ବେଙ୍ଗୀରାଜା ବିମଳାଦିତ୍ୟଙ୍କୁ ପରାସ୍ତ କରିଥିଲେ । ଏତଦ୍‌ବ୍ୟତୀତ ଖେମଣ୍ଡୀ, କୋଶଳ ଓ ଓଡ଼ଦେଶ ଜୟ କରି ସ୍ୱୀୟ ରାଜ୍ୟଭୁକ୍ତ କରିଥିଲେ । ତାହାଙ୍କ ପୁତ୍ର ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବ କଳିଙ୍ଗ ସିଂହାସନରେ ଅଧିରୂଢ ଥାଇ ପରେ ଓଡ଼ିଶା ଜୟ କରିଥିଲେ । ଏହାଙ୍କର ଅପର ନାମ ଚୋଳଗଙ୍ଗ । ଏହି ଚୋଡ଼ଗଙ୍ଗ କବିବର ରାଧାନାଥଙ୍କ 'ଚନ୍ଦ୍ରଭାଗା'ର କାବ୍ୟର ନାୟକ ଅଟନ୍ତି । ସେ କଳିଙ୍ଗ ନଗରରୁ ରାଜଧାନୀ ଉଠାଇ-ନେଇ ଓଡ଼ିଶାରେ ନବ ରାଜଧାନୀ ସ୍ଥାପନ କରିଥିଲେ । ଏହାଙ୍କଠାରୁ କପିଳେନ୍ଦ୍ରଦେବଙ୍କ ପର୍ଯ୍ୟନ୍ତ ଗଙ୍ଗବଂଶର ଇତିହାସ 'ଉତ୍କଳ-ଇତିହାସ'ରେ ଦ୍ରଷ୍ଟବ୍ୟ । କପିଳେନ୍ଦ୍ରଦେବଙ୍କର ଅଷ୍ଟାଦଶ ପୁତ୍ର ଉତ୍କଳର ବିଭିନ୍ନ ଅଞ୍ଚଳକୁ ଯାଇ ରାଜ୍ୟ ସ୍ଥାପନ କରିଥିଲେ । ସେଥିମଧ୍ୟରୁ କପିଳେନ୍ଦ୍ରଦେବଙ୍କର ଜ୍ୟେଷ୍ଠପୁତ୍ର କଳିଙ୍ଗ ରାଜ୍ୟରେ ନିଜର ସ୍ୱାତନ୍ତ୍ର୍ୟ ସ୍ଥାପନ କରିଥିଲେ । ଦକ୍ଷିଣରେ ବିଜୟ ନଗର ଏବଂ ପଶ୍ଚିମରେ ମହମ୍ମଦୀୟ ରାଜ୍ୟ ପ୍ରଭାବରୁ ତାଙ୍କର ଜଣେ ବଂଶଧର କଳାହସ୍ତିହରଦେବ ଦୁର୍ଗମ ପାରଳାଖେମୁଣ୍ଡୀକୁ ରାଜଧାନୀ କରି ଆସିଲେ ।

ପ୍ରାୟ ୧୭୭୫ ଖ୍ରୀଷ୍ଟାବ୍ଦରୁ ୧୭୮୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସମଗ୍ର ଗଞ୍ଜାମ ଶ୍ରୀକାକୋଲ ମହମ୍ମଦୀୟ ରାଜ୍ୟର ଅଧୀନ ଥିଲା । ଏକା ପାରଳା ମହମ୍ମଦୀୟ ରାଜାଙ୍କ ପ୍ରତି ଅବମାନନା ପ୍ରଦର୍ଶନପୂର୍ବକ ତାଙ୍କର ଅଧୀନତା ସ୍ୱୀକାର କରି ନ ଥିଲେ । ସେହି ସମୟରେ ଜଗନ୍ନାଥ ନାରାୟଣ-ଦେବ ନାମରେ ଜଣେ ପ୍ରବଳ ପ୍ରତାପାନ୍ୱିତ ନରପତି ପାରଳା ସିଂହାସନରେ ଅଧିରୂଢ ଥିଲେ । ସେ ପୁରୀରେ କିଛିଦିନ ରାଜା ହୋଇଥିବା କଥିତ ଅଛି । ୧୭୯୯ ଖ୍ରୀଷ୍ଟାବ୍ଦରେ ପାରଳାଧୀଶ୍ୱର ଗଜପତି ଦେବଙ୍କ ସହ ଇଂରାଜ ଗଭର୍ଣ୍ଣମେଣ୍ଟଙ୍କର ସଂଘର୍ଷଣ ଘଟିଥିଲା; ସେଥିରେ ପାରଳାରାଜା ପରାସ୍ତ ହେଲେହେଁ ତାଙ୍କର ରାଜ୍ୟ ଓ ଅଧିକାର ଅକ୍ଷତ ରହିଲା । ଅନନ୍ତର ଜଗନ୍ନାଥ ନାରାୟଣ ଗଜପତି ଦେବ ୧୮୨୨ରୁ ୧୮[illegible] ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତହିଁପରେ ପ୍ରତାପରୁଦ୍ର ଗଜପତି ନାରାୟଣ ଦେବ ପାରଳା ରାଜସିଂହାସନରେ ଅଭିଷିକ୍ତ ହେଲେ । ସେ ଜଣେ ଋଷିପ୍ରକୃତିକ ନରପତି ଥିଲେ । ତାଙ୍କର ଦୁଇ ପୁତ୍ର—ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ ପଦ୍ମନାଭ ନାରାୟଣ ଦେବ । ଜ୍ୟେଷ୍ଠ ଗୌରଚନ୍ଦ୍ର ରାଜକାର୍ଯ୍ୟ ପରିଚାଳନ କଲେ । କନିଷ୍ଠ ପଦ୍ମନାଭ ତାହାଙ୍କୁ ସାହାଯ୍ୟ କରିବାକୁ ଲାଗିଲେ । ଏହି ଦୁଇ ଭାଇ ରାମ ଲକ୍ଷ୍ମଣ ସଦୃଶ ଥିଲେ । ଅନୁଜ ଅଗ୍ରଜ ପ୍ରତି ଯେଉଁପରି ଭକ୍ତିଶୀଳ, ଅଗ୍ରଜ ମଧ୍ୟ ଅନୁଜ ପ୍ରତି ସେହିପରି ସ୍ନେହପ୍ରବଣ । ଯେମନ୍ତ କି ଏକ ଅସ୍ଥି ବିଭିନ୍ନ ପିଣ୍ଡରେ ପ୍ରକଟିତ ହୋଇଥିଲା କିମ୍ବା ଏକ ବୃନ୍ତରେ ଦୁଇଟି ଫୁଲ ଫୁଟିଥିଲା । ସୁକ୍ଷେତ୍ରରେ ଏରୂପ ସୌଭ୍ରାତ୍ର ବିରଳ ପରିଲକ୍ଷିତ ହୁଏ । ଏହି ଦୁଇ ଭାଇଙ୍କ ଦ୍ୱାରା କେବଳ ପାରଳାର ନୁହେଁ, ସମଗ୍ର ଉତ୍କଳର ପ୍ରଭୂତ ମଙ୍ଗଳ ସାଧିତ ହୋଇଅଛି । ବାସ୍ତବରେ ଏ

ସେ ପାରଳାର ପିଣ୍ଡ ଓ ପ୍ରାଣସ୍ୱରୂପ ହୋଇଥିଲେ ; ମାତ୍ର ଦାରୁଣ ଦୁର୍ଦ୍ଦୈବ ସେମାନଙ୍କୁ ଅଧିକ ଦିନ ମର୍ତ୍ତ୍ୟରେ ରଖାଇଦେଲା ନାହିଁ । ତାଙ୍କ ପଦ୍ମନାଭଙ୍କର ଅକାଳରେ ତିରୋଧାନ ଘଟିଲା । ଏହି ଆକସ୍ମିକ ବଜ୍ରପାତରେ ଅଗ୍ରଜଙ୍କର ହୃଦୟ-ପଞ୍ଜର ଶୋକା-ବେଗରେ ଭାଙ୍ଗିପଡ଼ିଲା । କେତେକ ବର୍ଷ ପରେ ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ମଧ୍ୟ ପିତୃ ବର୍ତ୍ତିମାନରେ ପାରଳାକୁ ଦୁର୍ବାର ଶୋକ-ସାଗରରେ ବୁଡ଼ାଇ ଅନିତ୍ୟ ସଂସାରରୁ ଚିରବିଦାୟ ଗ୍ରହଣପୂର୍ବକ ସତ୍ୟ ଶାଶ୍ୱତ ଧାମକୁ ପ୍ରସ୍ଥାନ କଲେ । ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ୧୫ ବର୍ଷ ରାଜ୍ୟଶାସନ କରିଥିଲେ । ସେ ସ୍ୱରାଜ୍ୟରେ ରେଳ ଚଳାଇ ବାଣିଜ୍ୟର ଭୂୟସୀ ସୁବିଧା କରି ଦେଇଥିଲେ । ତାହାଙ୍କ ସୁଶାସନ ପାଳନରେ ପରିତୁଷ୍ଟି ଲାଭପୂର୍ବକ ସୁଯୋଗ୍ୟ ଭାରତଗଭର୍ଣ୍ଣମେଣ୍ଟ ତାହାଙ୍କୁ ଗୌରବମୟ ସି. ଆଇ. ଇ. ଉପାଧିରେ ଭୂଷିତ କରିଥିଲେ । ଉକ୍ତ ମହାତ୍ମାଙ୍କ ବିୟୋଗ ପରେ ରାଜ୍ୟ କୋର୍ଟ ଅଫ୍ ୱାର୍ଡ଼ସ୍‌ଙ୍କ ଅଧୀନ ହେଲା । କାହାରି ସୁଖ ବା ଦୁଃଖ ଚିରକାଳ ରହେ ନାହିଁ ; ରହିବା ମଧ୍ୟ ସୁଖ-ଦୁଃଖର ଧର୍ମ ନୁହେଁ । ନିତ୍ୟ ଆବର୍ତ୍ତନଶୀଳ ଜଗତରେ ସୁଖଦୁଃଖର ସୂତ୍ର ଗୋଟାଏ ଅବିଚ୍ଛିନ୍ନ ଅଛି । କୃଷ୍ଣପକ୍ଷ ପରେ ଶୁକ୍ଳପକ୍ଷ ଆସି ରଜନୀର ଅନ୍ଧକାର ଦୂରୀଭୂତ କରେ । ଶୀତ ପରେ ନବବସନ୍ତ ଆସି କ୍ଳେଶମୂର୍ଚ୍ଛିତା ଧରଣୀକୁ ନବଜୀବନ, ନବକଳେବର ଓ ନବଶକ୍ତି ପ୍ରଦାନ କରେ । ଏହା ପ୍ରକୃତିର ଚିରନ୍ତନୀ ରୀତି ଏବଂ ନିତ୍ୟପ୍ରତ୍ୟକ୍ଷୀଭୂତ ଘଟଣା । ଏହି ପ୍ରକୃତିପର୍ଯ୍ୟାୟ ପାରଳା ରାଜ୍ୟରେ ସୁପ୍ରଭାତ ଆନୟନ କଲା । ମାନନୀୟ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମହୋଦୟ ପାରଳାର ହତାଶ ପ୍ରାଣରେ ଆଶାର ଉଜ୍ଜ୍ୱଳ ଜ୍ୟୋତିଃସ୍ୱରୂପେ ଉଦିତ ହେଲେ । ଏହି ଯୋଗଜନ୍ମା ପୁରୁଷ ପାରଳାର ବର୍ତ୍ତିମାନ ଭାଗ୍ୟବିଧାତା ଅଟନ୍ତି । ଏ ଜଣେ ସୁଶିକ୍ଷିତ ନୀତି-ନିପୁଣ ନରପତି । ରାଜା-ମହୋଦୟ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପ୍ରତି ଶତଚକ୍ଷୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ବୟସରେ ତରୁଣ ହେଲେହେଁ ପ୍ରତିଭାରେ ବର୍ଷୀୟାନ୍ । ପ୍ରବୀଣ ମାନ୍ତ୍ରୀ ପ୍ରମୁଖ ମାତଙ୍ଗଙ୍କୁ ଦମିତ କରି ରଖିଲା ପ୍ରାୟ ରାଜା ମହୋଦୟ ଯୌବନ-ସୁଲଭ ଚାଞ୍ଚଲ୍ୟକୁ ଆତ୍ମବଶ କରି ରଖିଅଛନ୍ତି । ଏ ମହାତ୍ମା ମାନ୍ଦ୍ରାଜର ନିଉଇଙ୍ଗ୍‌ଟନ କଲେଜରେ ଶିକ୍ଷା ସମାପନ କରି ୧୯୧୪ ଖ୍ରୀଷ୍ଟାବ୍ଦରେ ରାଜ୍ୟଭାର ଗ୍ରହଣ କରିଅଛନ୍ତି । ଏହି ସ୍ୱଳ୍ପ ସମୟ ମଧ୍ୟରେ ଏହାଙ୍କର ସୁଖ୍ୟାତି ଦେଶବ୍ୟାପିନୀ ହୋଇଅଛି । ମାନନୀୟ ମହାରାଜା ମହୋଦୟ ମୃଗୟାପ୍ରିୟ ଓ ଅଶ୍ୱାରୋହଣପଟୁ । ବିଭିନ୍ନ ପ୍ରକାର ଯାନବାହନ ନିଜେ ନିଜେ ଚଳାଇ ଏହାଙ୍କୁ ଅନେକ ସମୟରେ ଯାତାୟାତ କରିବାର ଦେଖାଯାଇଅଛି । ମହାରାଜା ମହୋଦୟ ଭାରତର ସମଗ୍ର ଉତ୍ତରଖଣ୍ଡ ଓ ବ୍ରହ୍ମଦେଶ ପରିଭ୍ରମଣ କରିଅଛନ୍ତି ।

ଉତ୍କଳ-ଇତିହାସର ସାମରିକ ଅଧ୍ୟାୟରେ ପାରଳାର ନାମ ଅଗ୍ରେ ଲିଖିତ ହେବାର ଯୋଗ୍ୟ । ପୂର୍ବକାଳରେ ବିଷୟୀ, କରଣ, ପାଇକ (ଖଣ୍ଡାଇତ) ପାରଳାର ସୈନିକଶ୍ରେଣୀଭୁକ୍ତ ଥିଲେ । ପାର୍ବତୀୟ କନ୍ଧ ସଉରମାନଙ୍କର ଆକ୍ରମଣ ଓ ଉପଦ୍ରବରୁ ଦେଶରକ୍ଷା କରିବା ସକାଶେ ବିଷୟୀମାନେ ରାଜାଙ୍କଠାରୁ ସୁନ୍ଦର ସ୍ୱତନ୍ତ୍ର ଅଧିକାର ପାଇଥିଲେ । ସେଥିପାଇଁ ସେମାନେ ବିସ୍ତୀର୍ଣ୍ଣ ଭୂଖଣ୍ଡ ଜାଗିରି ଭୋଗ କରୁଥିଲେ । ମୂଳତଃ ବିଷୟୀମାନେ ଜଣେ ଜଣେ ସାମନ୍ତ ଜମିଦାର । ସୈନିକମାନେ ମୁଖ ଓ ଶରୀର ଲାଲ ରଙ୍ଗରେ ରଞ୍ଜିତ କରି କାଛ ପିନ୍ଧି ଯୁଦ୍ଧକୁ ଯାଉଥିଲେ । ପରା ଓ ଶାବେଳୀ ଅସ୍ତ୍ର ପ୍ରୟୋଗରେ ସେମାନେ ସିଦ୍ଧଲକ୍ଷ୍ୟ ଥିଲେ । ସେମାନେ ଲୁହା ସାବଳ ପିଠି ଉପରେ ରଖି ହସ୍ତକୌଶଳ ତାହାକୁ ଧନୁକାକୃତିରେ ବଙ୍କା କରି-ପାରୁଥିଲେ । ମେଣ୍ଢ ତାଳକୁ ବାହୁସ୍ଫୋଟ ଦେଖାଇବା ଭଳି ବୀରେ ମଧ୍ୟ ଥିଲେ । ଯୋଦ୍ଧାମାନେ ମୁଣ୍ଡରେ ପଗଡ଼ି ବ୍ୟବହାର କରୁଥିଲେ । ନିମ୍ନଶ୍ରେଣୀର ପାଇକମାନେ (କନ୍ଧ, ଶଉରା ପ୍ରଭୃତି) ଟୋପର ପିନ୍ଧୁଥିଲେ । ସେମାନଙ୍କ ମଧ୍ୟରେ ସଲପ ମଦର ବ୍ୟବହାର ପ୍ରଚଳିତ ଥିଲା । ଢୋଲ, ଝାଞ୍ଜ, ବୀରକାହାଳି ଯୁଦ୍ଧର ପ୍ରଧାନ ବାଦ୍ୟ ଥିଲା । ପତାକା ତ୍ରିକୋଣାକୃତି, ସେଥିରେ ଦୁଇଟି

ଯବନ ମୁଣ୍ଡ ଅଙ୍କିତ ଥାଏ । କଥିତ ଅଛି, ପାରଳାର ଜନୈକ ନରପତି ଯୁଦ୍ଧରେ ଦୁଇ ଜଣ ମୁସଲମାନଙ୍କୁ ନିହତ କରି ବିଜୟ-ସ୍ମୃତିରୂପେ ସେମାନଙ୍କର ମୁଣ୍ଡକୁ ପତାକାରେ ଚିତ୍ରିତ କରିଥିଲେ । ରାଜଛତ୍ର ଲୋହିତ-ବର୍ଣ୍ଣ ବିଶିଷ୍ଟ ।

ଚୈତନ୍ୟ ଦେବଙ୍କର ପାରଳା ଆଗମନର କୌଣସି ନିଦର୍ଶନ ଲକ୍ଷିତ ହୁଏ ନାହିଁ ; ମାତ୍ର ଦକ୍ଷିଣ-ଯାତ୍ରା ସମୟରେ ଶ୍ରୀକୂର୍ମ ଦେଇ ଯାଇଥିବାରୁ ପାରଳା ରାଜ୍ୟର ସୀମା ମଧ୍ୟରେ ତାଙ୍କର ଗତିବିଧି ହୋଇଥିବାର ଅନୁମିତ ହୁଏ । ସେ କାଳର ପାରଳାର ସୀମା ସମୁଦ୍ରୋପକୂଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପାରଳା ରାଜ୍ୟରେ ପ୍ରଚୁର ତାମ୍ରଶାସନ ଓ ଶିଳାଲିପି ଅଛି ; ମୁଖଲିଙ୍ଗ ନାମକ ସ୍ଥାନରେ ସର୍ବାପେକ୍ଷା ଅଧିକ । ମୁଖଲିଙ୍ଗରେ ସୁନାବୃଷ୍ଟି ହୋଇଥିବାର ପ୍ରବାଦ ଅଛି । ଅଦ୍ୟାପି ସେ ସ୍ଥାନରେ ସୁବର୍ଣ୍ଣ କଣିକା ମିଳେ । ସେଠାରେ ଲକ୍ଷେ ଶିବଲିଙ୍ଗ ଥିବାର କିମ୍ବଦନ୍ତୀ ଘୋଷଣା କରୁଅଛି । ଗୋଟାଏ ମହୁଲଗଛ ମଧ୍ୟରୁ ଶିବଲିଙ୍ଗଙ୍କର ଆବିର୍ଭାବ ହେତୁ ଶିବଙ୍କର ନାମ ମଧୁଲିଙ୍ଗ ଓ ତଦନୁସାରେ ସ୍ଥାନର ନାମକରଣ ହୋଇଅଛି । ସେହି ଲିଙ୍ଗ ମୁଖା-କୃତି ହେତୁ କେହି କେହି 'ମୁଖଲିଙ୍ଗ' ବୋଲି ମଧ୍ୟ କହନ୍ତି । ତାହା ଗୋଟିଏ ରାଜଧାନୀଯୋଗ୍ୟ ସ୍ଥାନ । ମୁଖଲିଙ୍ଗ କଳିଙ୍ଗ ଦେଶର ରାଜଧାନୀ ଥିବା ପୂର୍ବେ ଉକ୍ତ ହୋଇଅଛି । ସେଠାରେ ପାଲି, ସଂସ୍କୃତ ଓ ଓଡ଼ିଆ ତିନି ଭାଷାର ଶିଳାଲିପି ଓ ଖୋଦିତ ବୈଷ୍ଣବମୂର୍ତ୍ତି ଅଛି । ଏଠାରେ ଶୈବ, ବୌଦ୍ଧ, ବୈଷ୍ଣବ—ଏହି ତିନି ଧର୍ମ କାଳକ୍ରମେ ପ୍ରଭାବ ବିସ୍ତାର କରିଥିବାର ଅନୁମିତ ହୁଏ ।

ବଂଧାରା ପାରଳା ରାଜ୍ୟରେ କାମଧେନୁର ଦୁଇଟି ସ୍ତନ ଦୋହନ କରିଅଛନ୍ତି । ତାହା ବଂଶଧାରା ଓ ମହେନ୍ଦ୍ରତନୟା ନାମରେ ପ୍ରଖ୍ୟାତ । ଏହି ଦୁଇ ନଦୀ ପାରଳାକୁ ସ୍ତନ ଶସ୍ୟଶାଳିନୀ କରିଅଛନ୍ତି । ଏହା ଛଡ଼ା କେତେ ଗୋଟି ସାଗର (ବୃହତ୍ ଦୀର୍ଘିକା) ଓ ଅନେକ କ୍ଷୁଦ୍ର ଜଳାଶୟ ଅଛି । ଏରୂପ ଜଳାଧାରବହୁଳ ରାଜ୍ୟରେ ଅନାବୃଷ୍ଟିର ଆକ୍ରମଣ କ୍ଲୀବତ୍ୱ ଲଭିବା ସ୍ୱତଃସିଦ୍ଧ । ଭୂମି ସ୍ୱଭାବତଃ ଉର୍ବରା । ସୁତରାଂ ସ୍ୱର୍ଣ୍ଣପ୍ରସୂ ଆଖ୍ୟା ସାର୍ଥକ । ଦେବଗିରି, ବିଜୟଗିରି, ଚନ୍ଦନଗିରି ପ୍ରଭୃତି ପର୍ବତ । ଶେଷୋକ୍ତ ପର୍ବତର ନାମରୁ ସେଥିରେ ଚନ୍ଦନ-ବୃକ୍ଷ ଥିବାର ଅନୁମାନ ନିରାପତ୍ତିକର । କ୍ଷୁଦ୍ର ଗିରିମାଳ ଅନେକ ଅଛି । ପାର୍ବତ୍ୟ ଅଞ୍ଚଳରେ କନ୍ଧ, ଶବର ପ୍ରଭୃତି ଆଦିମ ଜାତି ବାସ କରନ୍ତି । ଏତଦ୍‌ଭିନ୍ନ ପାରଳା ରାଜ୍ୟରେ ଭଦ୍ର ଇତର ସର୍ବବିଧ ଜାତି ବାସ କରନ୍ତି । ଶ୍ରୀରାମସ୍ୱାମୀ, ଜଗନ୍ନାଥ ଓ ମଣିକେଶ୍ୱରୀ ରାଜବଂଶର ଅଧିଷ୍ଠାତା ଓ ଅଧିଷ୍ଠାତ୍ରୀ ଦେବଦେବୀ ଅଟନ୍ତି । ରାଜ୍ୟର ଅନେକ ସ୍ଥାନରେ ପ୍ରାଚୀନ ପ୍ରସିଦ୍ଧ ଦେବାଳୟ ଅଛି । ପୂର୍ବଖଣ୍ଡ ଗାରବନ୍ଧା ନିକଟବର୍ତ୍ତୀ ସୀତାପଥର ନାମକ କ୍ଷୁଦ୍ର ପାହାଡ଼ ଲବକୁଶଙ୍କର ଜନ୍ମସ୍ଥାନ ବୋଲି କିମ୍ବଦନ୍ତୀ ଅଛି । ପାହାଡ଼ ଉପରେ ଗୋଟିଏ କ୍ଷୁଦ୍ର ମନ୍ଦିର ଓ କୂପ ଅଛି । ପାରଳା ରାଜ୍ୟରେ ବୌଦ୍ଧ ଓ ଜୈନକୀର୍ତ୍ତି କ୍ୱଚିତ୍ ଦେଖାଯାଏ । ପୂର୍ବୋକ୍ତ ରମା ପର୍ବତରେ ମାଙ୍କଡ଼ଙ୍କଣ୍ଠାନିର୍ମିତ ଗୋଟିଏ ମଣ୍ଡପ ଥିଲା । ମାଙ୍କ-ଡ଼ଙ୍ଗାର ଅର୍ଥ ଚର୍ମ ଶରୀରର ଅସ୍ଥି । ଅସ୍ଥି ଉପରେ ସୂକ୍ଷ୍ମସୂକ୍ଷ୍ମ ଶିଳ୍ପ ଖୋଦିତ ଥିଲା । ମଣ୍ଡପଟି କତିପୟଦିନରୁ କାଳଗର୍ଭରେ ସମାଧିସ୍ଥ ହୋଇଅଛି । ଶୁଣିଲି, ବର୍ତ୍ତମାନ ଯାହା ଅଛି, ତାହା ଭଗ୍ନାବଶେଷ ବୋଲାହେବାର ଉପଯୁକ୍ତ ନୁହେଁ ।

ସଙ୍ଗୀତ ସାହିତ୍ୟରେ ପାରଳା ଚିରପ୍ରସିଦ୍ଧ । ପୂର୍ବେ ବଙ୍ଗଳା ଓ ସଂସ୍କୃତର ଚର୍ଚ୍ଚା ଅଧିକ ଥିଲା । ପାରଳାର ପ୍ରତ୍ୟେକ ଉଚ୍ଚଶିକ୍ଷିତ ବ୍ୟକ୍ତି ବଙ୍ଗଭାଷା ଲେଖି ପଢ଼ିପାରନ୍ତି । ପୂର୍ବେ କୀର୍ତ୍ତନ, ଭଜନ, ପୁରାଣ, ଗ୍ରନ୍ଥର ବିଶେଷ ଆଦର ଥିଲା । ଏବେ କର୍ଣ୍ଣାଟ ସଙ୍ଗୀ-ତର ଆଧିପତ୍ୟ ବିସ୍ତୃତ ହେଉଅଛି । ଜ୍ୟୋତିଷ ଚର୍ଚ୍ଚାରେ ପାରଳା ସମଗ୍ର ଉତ୍କଳରେ ଖ୍ୟାତି ଲଭିଥିଲା । ବର୍ତ୍ତମାନ ଶ୍ରୀଯୁକ୍ତ ରାଧାନନ୍ଦ ପଟ୍ଟନାୟକ ସେହି କୀର୍ତ୍ତି ଜୀବିତ ରଖିଅଛନ୍ତି । ରାଜ୍ୟର ବିଶିଷ୍ଟ ପ୍ରଜା ବ୍ରାହ୍ମଣ ଓ କରଣ । ପୂର୍ବେ କରଣମାନେ ରାଜ୍ୟ-ପାଳନ, ଯୁଦ୍ଧ ପ୍ରଭୃତି ବିବିଧ ଉଚ୍ଚପଦରେ ନିଯୁକ୍ତ ଥିଲେ । କରଣମାନଙ୍କ ମଧ୍ୟରେ ପଣ୍ଡିତ ଓ ବୈଦ୍ୟ ଅଧିକ ଥିଲେ । ପ୍ରସିଦ୍ଧ ଗ୍ରଣୀଆ ( ମାନ୍ତିକ ) ସଭାପେ ପ୍ରାଚୀନ

ପାରଳା ବିଖ୍ୟାତ ଥିଲା । ଅଦ୍ୟାପି ମଧ୍ୟ ମନ୍ତ୍ରବିଦ୍ୟା-ସମ୍ପନ୍ନ ବ୍ୟକ୍ତି ଅଛନ୍ତି । ପାରଳାର ଶାସନପାଳନ ନୀତିର ସୁପ୍ରଶଂସା ମୁଁ ପୂର୍ବରୁ ଶୁଣିଥିଲି । ଆଜି ଗୋଟିଏ କ୍ଷୁଦ୍ର ଘଟଣା ତାହା ସ୍ପଷ୍ଟରୂପେ ପ୍ରମାଣିତ କରିଦେଲା । ଜଣେ ବୃଦ୍ଧ ମୁଖରୁ ଶୁଣିଲି, ସେ ମାସିକ ସାତଟଙ୍କା ବେତନରେ ପାଇକ କାର୍ଯ୍ୟରେ ନିଯୁକ୍ତ ଥିଲା । ଏଣିକି ସେ କର୍ତ୍ତବ୍ୟ ସମ୍ପାଦନରେ ଅକ୍ଷମ ହେବାରୁ ତାହାର ପୁଅକୁ ସେହି କାର୍ଯ୍ୟରେ ନିଯୁକ୍ତ କରାହୋଇଅଛି ଏବଂ ବୃଦ୍ଧ ସ୍ୱତେ ତିନିଟଙ୍କା ପେନ୍‌ସନ୍ ଭୋଗ କରୁଅଛି । କି ସୁନ୍ଦର ବ୍ୟବସ୍ଥା ! ଏରୂପ ସୁରୀତି ଯେଉଁ ରାଜ୍ୟରେ ପ୍ରଚଳିତ ଅଛି, ସେ ନିଶ୍ଚୟ ରାମରାଜ୍ୟ ! ବଂଶଧାରା ତୀରରେ ୧୬ ଗୋଟି ଅନ୍ଧ୍ର ବ୍ରାହ୍ମଣଶାସନ ଏବଂ ମହେନ୍ଦ୍ରତନୟା ତୀରରେ ୧୬ ଗୋଟି ଉତ୍କଳ-ବ୍ରାହ୍ମଣ-ଶାସନ ଅଛି । ଏଗୁଡ଼ିକ ପାରଳାର ପୂର୍ବତନ ନରପତି-ମାନଙ୍କ ଦ୍ୱାରା ସ୍ଥାପିତ ।

ମୋତେ ଯେଉଁ ସ୍ଥାନରେ ବସା ଦିଆହୋଇଥିଲା, ସେ ସ୍ଥାନ ପରମ ରମଣୀୟ ବୋଲି ପୂର୍ବରୁ ଲିଖିତ ହୋଇଅଛି । ଆଜି ଅବସର ସମୟରେ ବସି ସ୍ଥାନୀୟ ଦୃଶ୍ୟାବଳୀ ଦେଖୁଁ ଦେଖୁଁ ନିମ୍ନଲିଖିତ 'ବସନ୍ତବିବାହ' କବିତାଟି ଲେଖିଲି ।

ଆଗତ ଫଗୁଣ ଏବେ ପୂର୍ଣ୍ଣ-ସିନ୍ଧୁ-ଇନ୍ଦୁ,
ଅବତାରି ଫଲ୍ଗୁ ଜଳେ, ସ୍ଫୁରି ତା ଶରୀରୁ
ଫଲ୍ଗୁ ଜ୍ୟୋତି, ଧରଣୀ କି କଲା ଆଲିଙ୍ଗନ,
ଆଲୋକିତ ପୁଲକିତ ସେ ଜ୍ୟୋତିରେ ମଗ୍ନ ।
କି ଲଭି ଉତ୍ସବାନନ୍ଦେ ହୋଇ ଉଦ୍ବେଳିତ
ଅବନୀ ଦେବୀଙ୍କ ଅନ୍ତଃପୁର କାନନର,
ହୋଇଛନ୍ତି ସୁସଜ୍ଜିତ ରମ୍ୟ ନବ ସାଜେ,
ପାଇଛନ୍ତି ରଙ୍ଗପାଟ ଶାଳ୍ମଳୀ ସୁନ୍ଦରୀ,
ହେବ ତାହା ପାଳିଧୂଆ ପଳାଶ ଉରସେ
ପିନ୍ଧିଛନ୍ତି ରଙ୍ଗବସ୍ତ୍ର, ଅଙ୍କୁର ଫେଣ ।
କେହି ପୀତ, କେହି ସିତ, କେହି ବା ହରିତ
ବାସେ ବେଶ ସମାଚ୍ଛାଦ, ଉଭେ ଯେସନ୍ତେ ସର୍ବେ
ଅଧୀର ପ୍ରତୀକ୍ଷା ନେତ୍ରେ ନିରେଖି ତାହାଙ୍କୁ,
ବାସଙ୍ଗ, ମଞ୍ଜରୀ-ବେଶେ ବିନ୍ୟାସେ ସୁରଭି ।
କେତେ ରଙ୍ଗ କେତେ ଢଙ୍ଗେ କେ ପାରିବ କହି,
ମଲ୍ଲିକା, କଳିକା-ଶଙ୍ଖ ଲଗାଇ ଅଧରେ
ବସିଛି ମଉନେ, କାହିଁ କଣ୍ଟିକାର ଦଳ
ଚକ୍ରାନ୍ତ ମଧୁପ ମୁଖେ କନକ କାହାଳି ।
ଫିଟାଉଛି ଧୀରେ ଧୀରେ କାହିଁ ବା ତଗର
ରୌପ୍ୟ ଛତ୍ରାମିକ * ହସି ମୃଦୁଳେ ମୃଦୁଳେ,
ଅକୃତ୍ରିମ ସ୍ୱାଗତ ଶ୍ଳୋକ ଲେଖୁଛି କେନ୍ଦୁକ
ଅନୁରାଗ-ଅଳକ୍ତକ ଉଜ୍ଜ୍ୱଳ ଆସବେ,
ଗନ୍ଥୁଛି ସୁବର୍ଣ୍ଣ ହାର ଶ୍ୟାମାଙ୍ଗୀ ସୁନାରୀ ।
ଫୁଲିଛଇ, କଣ୍ଠବୀଣା ଝଙ୍କାରେ ପ୍ରାନ୍ତରେ,
ଶାଖେ ଶାଖେ ବସିଅଛି ନହବତ ବାଦ୍ୟ,
ଲାଗିଅଛି ସାରା ଭବେ ମହୋତ୍ସବ ମେଳା ।
ଆସିଲା ଫାଲ୍‌ଗୁନ ମାସ ପୁରୋହିତରୂପେ
ସଙ୍ଗେ ଘେନି ବରପାତ୍ର ବସନ୍ତଦେବଙ୍କୁ—
ସଜାଇ କୁସୁମ ସାଜେ, ବିଶ୍ୱବିମୋହନ ।
ବସନ୍ତର ବରବେଶ ଆହା କି ସୁନ୍ଦର,
ଶୋଭେ ଶିରେ ସହକାର-ବକୁଳ ମୁକୁଟ
କେତେ ରତ୍ନକଣି ତହିଁ ସଯତ୍ନେ ଜଡ଼ିତ,
କେୟୂର-କୁଣ୍ଡଳ ବଳା ରଚିତ କୁସୁମେ,
କୁସୁମ-କନକ ହାର ଲମ୍ବିତ ଉରସେ ।
କୁସୁମ କେଶରେ ବୁଣା ବସ୍ତ୍ରେ, ଉତ୍ତରୀୟେ
ଶୋଭେ ବରବପୁ ତାର, ଶରୀର ଜ୍ୟୋତିରେ
ମିଶୁଛି ବସନ ଜ୍ୟୋତି,—ସ୍ନିଗ୍ଧ, ସମୁଜ୍ଜ୍ୱଳ,
ହେଉଛି ଜ୍ୟୋତିରେ ଯେସନ୍ତେ ଜ୍ୟୋତି ସମ୍ମାର୍ଜିତ ।
ମଧ୍ୟରେ ବସନ୍ତ ବରେ, ବାମେ ପ୍ରିୟସଖା
ମଳୟ ମାରୁତ ଧରି ପଲ୍ଲବ-ଚାମର,
ଦକ୍ଷିଣେ ବୟସ୍ୟବର ବିଦୂଷକ ପିକ ।
କୁସୁମଶ୍ରୀ ବସନ୍ତର ଲାଗିଲା ବିବାହ,
ସଙ୍ଗୀତ ତୁମୁଳ ତେଣୁ ଖେଳିଲା ସଂସାରେ ।
ସପୁଷ୍ପା ପଳାଶ ଲତା କୁଳ-ବଧୂ † ପ୍ରାୟ

* ଛତା । † ଭଣ୍ଡାରୁଣୀ

ଅଙ୍କିଛି ଅଳତା ରେଖା କନ୍ୟାର ପଦ୍ମରେ ।
ବର୍ଣ୍ଣିବାକୁ କନ୍ୟାରୂପ ଉପଯୁକ୍ତ କବି
ହୋଇ ନାହିଁ ଜନ୍ମେ ଜାତ, ନ ହେବ ଭବିଷ୍ୟେ,
ଈଶ୍ୱର ଯେ କବି, ଏହୁ ବିଶ୍ୱ ସଂସାର
ଯାହାଙ୍କର ବିରଚିତ କଳ୍ପ ମହାକାବ୍ୟ,
ସେ ମହା ମେଧାବୀ, ସେହୁ ମହାକବି ଭିନ୍ନ
ବର୍ଣ୍ଣିବାକୁ ସେ ସ୍ୱରୂପ ଅକ୍ଷମ ମାନବ ।
ସୁଷମାର ଉପାଦାନ ଜାତ ଯା ଶରୀରୁଁ,
କୋଟି ରତ୍ନ ସମୁଜ୍ଜ୍ୱଳ ଅପଘନୁଁ ଯାର
ଝରେ ଲାବଣ୍ୟର ଜ୍ୟୋତି ମୁହୂର୍ତ୍ତି ନବୀନ,
କାହିଁ ବା ଉପମା ସେହୁ ଦେବୀ ପ୍ରତିମାର ?
ଉପମା-ସେବକୀ ତାର, ଖଟନ୍ତି ପଦ୍ମରେ,
ହେବାକୁ ତା ସଙ୍ଗେ ଲକ୍ଷ୍ୟ କେଉଁ ମୂର୍ଖେ ଅବା
ବଳାଇବେ ଦୁଃସାହସ—ବ୍ୟର୍ଥତା ପ୍ରାଣିତ,
ଜଗତେ ଅଲକ୍ଷ୍ୟା କନ୍ୟା, ଅଦ୍ୱିତୀୟ ଧନ୍ୟା ।
ଦେଖିଲେ ବିବାହୋତ୍ସବ ଦିଗଙ୍ଗନାକୁଳ
ଖୁଲ୍‌ଅଛି ଅବଗୁଣ୍ଠନ କରି ଉନ୍ମୋଚନ,
ମିଶି ସେ ମଙ୍ଗଳ କାର୍ଯ୍ୟେ ଦେଲେ ହୁଳହୁଳି,
ସିନ୍ଦୂରମୂର୍ତ୍ତିର ଭୁଣ୍ଡେ ତରଯାମଘୋଷୀ ।
ଦେଖିଲେ ବାହୁଦେ, ଶୋଇ ଶିଖର-ଶଯ୍ୟାରେ ।
ଜ୍ୟୋତିର୍ମୟ ରୂପଧାରୀ ଅମରମଣ୍ଡଳୀ
ବସି ଦିବ୍ୟ ଜ୍ୟୋତିର୍ଯାନେ, ଜ୍ୟୋତିର୍ମୟ ସ୍ୱର୍ଗେ
ଦେଖିଲେ ସେ ମହୋତ୍ସବ ଆନନ୍ଦ ତନ୍ମୟେ !
ମର୍ତ୍ତ୍ୟର ପୁଲକ ଧ୍ୱନି ଉଠି ମହାଶୂନ୍ୟେ,
ଦେଲା ତାର ନୀରବତା ଛିନ୍ନଭିନ୍ନ କରି,
ସେ ଧ୍ୱନିର ପ୍ରତିଧ୍ୱନି ଉଠିଲା କି ବାଜି
ଚରାଚର ଜଗତର ହୃଦୟ-ତନ୍ତ୍ରୀରେ,
ଧରିଲା ସେ କୋଟି ମୂର୍ତ୍ତି ପର୍ବତ କନ୍ଦରେ ।
ସ୍ୱଭାବତଃ ହାସ୍ୟକାରୀ ବିଦୂଷକ ପିକ,
କହିଦେଲା ପରିହାସେ, 'କୁ' 'କୁ' ରବଛଳେ—
ଅଜନ୍ମ କୌମାରବ୍ରତୀ ହେ ବସନ୍ତରାଜ,
ଏ କି ବ୍ରତ ଆଜି ତବ, କାହିଁ ସେ ସଂଯମ,
କିପାଁ ବ୍ରହ୍ମଚର୍ଯ୍ୟ ଭଙ୍ଗ, ବ୍ରହ୍ମସ୍ୱର ପକ୍ଷେ
ସ୍ତ୍ରୀଗ୍ରହଣ ସିନା ସତେ, କୁସିତ କୁତ୍ସବ ।

ଶୁଣି ଏହା ଋତୁରାଜ, ସସ୍ମିତ ବଦନେ,
ଆଦେଶ ଦୃଷ୍ଟିରେ ଚାହିଁ ମଳୟ ମାରୁତେ
ସ୍ୱାଗବଧୂମତେ, ଦେଲେ ମୌନେ ସଦୁତ୍ତର,
ବୁଝି ସେ ସଙ୍କେତାଦେଶ ଚତୁର ସମୀର,
କହିଲା କୋକିଳ ପ୍ରତି, 'ମର' 'ମର' ଛଳେ—
କି ବୁଝିବ ସଖେ, ତୁମ୍ଭେ ବିବାହ ମହିମା,
ଏ ମହାବିବାହ, ଏହି ମହାସମ୍ମିଳନ,
ସୃଷ୍ଟିର କଲ୍ୟାଣକର, ବିଧାତୃ-ବାଞ୍ଛିତ ।
ଏ ନୁହେ ଇନ୍ଦ୍ରିୟ-ପୂଜା କାମନାପ୍ରସୂତ,
ଧର୍ମପୂଜା ଏହା ବନ୍ଧୋ, ନିଃସ୍ୱାର୍ଥ ନିଷ୍କାମ,
ଲଭିବ ପ୍ରକୃତିରାଣୀ ଏ ମହାବିବାହେ
ଅକ୍ଷୟ ଐଶ୍ୱର୍ଯ୍ୟ ସହ ଅନନ୍ତ ସୌନ୍ଦର୍ଯ୍ୟ ।
ଲଭିବ ବିପୁଳ ପୁଷ୍ଟି ସୃଷ୍ଟି ଏ ମିଳନେ,
ଏ ମହାମିଳନ, ଭକ୍ତ ସ୍ୱରୂପ ଅନ୍ତରେ
ଆଣେ ପୁଣ୍ୟ ମହୋତ୍ସବ, ମଙ୍ଗଳ-ନିଦାନ,
ହାସ୍ୟପ୍ରିୟ ତୁମ୍ଭେ, ତାର କି ବୁଝିବ ତତ୍ତ୍ୱ,
'କୁ'ଭାଷା ଭାଷଣ ସଦା ବ୍ୟବସାୟ ତବ ।
ମନୋମତ ଏ ଉତ୍ତରେ ତୁଷ୍ଟ ଋତୁ ସ୍ୱୟେ,
ବାଢ଼ିଲେ ମଳୟାନିଳେ ଯୋଗ୍ୟ ପୁରସ୍କାର,
ସାଙ୍ଗ ହେଲା ବସୁମତୀ ବସନ୍ତ-ବିବାହ ।
ସରିଲା ବିବାହ ମାତ୍ର ଲାଗିଲା ଉତ୍ସବ
ଦୁଇମାସ ଯାଏଁ, ତାହା ବଡ଼ଘର ଧାରା,
ବସିଲା ତ ଶେଷେ ଭେଟି, ମେଲାଣି ଦର୍ବାର,
ବିଜେ ହେଲେ ବରକନ୍ୟା ରାଜାରାଣୀରୂପେ
ପୁଷ୍ପ-ସିଂହାସନେ ପୁଷ୍ପଖଚିତ ଉପରେ
ଇନ୍ଦ୍ରଧନୁ ବର୍ଣ୍ଣାଙ୍କିତ କୋମଳ, ଚଟୁଳ ।
ଭେଟିଲା ସମ୍ମୁଖରେ ଥୋଇ ସ୍ୱଚ୍ଛ ସ୍ୱର୍ଣ୍ଣଛନ୍ଦ
ଶତବର୍ଣ୍ଣ, ଶତସ୍ୱର୍ଗ ସୁଷମା ସମ୍ପଦ,
ଭେଟିଲା ଧୂସ୍ତୁର ଦେଇ ସୁରଭି ଚମ୍ପକ,
ତନ୍ତୁବାୟୁ ଭଣ୍ଡନାର, ଭେଟିଲା ସମର୍ପି
ରମଣୀୟ ଝିନବାସ-ଜ୍ୟୋତ୍ସ୍ନା-ସୂତ୍ରେ ବୁଣା,
ଭେଟିଲା ଶିରୀଷ ଅର୍ପି ଧବଳ ଚାମର ।
କନକର ପକ୍ଷିକୁଳ, ସ୍ୱରଚିତ ପଦ୍ୟ
ଦେଲେ ଆଣି ଉପହାର, ମଧୁ ଛନ୍ଦଯୁକ୍ତ,

ପରଣ୍ୟାମୀ ରାଣୀଙ୍କର ସୁଶୀଳ କୁମାର
କୁରଙ୍ଗମ, କାଟି ଶିଳୁଁ କଠାଣ-କବାଟ
ବହୁଶାଖ, ମହାମୂଲ୍ୟ ମର୍କତ ଗଠିତ,
ଦେଲା ପ୍ରୀତି-ଉପାୟନ ନବ ଋତୁରାଜେ ।
ଭେଟିଲା ଶିଖରୀ ଶ୍ରୀଯୁ ଗନ୍ଧାଗାରୁ ଆଣି
ଗଜଗଣ୍ଡବାହୀ ସ୍ନିଗ୍ଧ ପରିମଳ ମଦ,
ନବରାଣୀଙ୍କର କ୍ରୀଡ଼ା ହ୍ରଦ ସକାଶେ
ଆଣିଦେଲା ରତ୍ନାକର ସୁଦ୍ଧକଳ୍ପ ଫୁଲ,—
ଶ୍ରୀଯୁ ପାଟେଶ୍ୱରୀ ଲୀଳା-ପ୍ରମୋଦ ଉଦ୍ୟାନୁଁ,
ଏହୁପରି ବହୁ ଭେଟି ଲଭିଲେ ଉଭୟେ ।
ମିଶିଲା ଧରଣୀ ସହ ମଧୁର ବସନ୍ତ,
ମିଶିଲା କି ଆହା ସତେ ଜ୍ୟୋତ୍ସ୍ନାରେ ସୌରଭ,
ଉପହାରେ ତୁଷ୍ଟ ଲଭି ସେ ନବଦମ୍ପତି,
ଦେଲେ ବହୁ ପୁରସ୍କାର ପ୍ରଜା, ପରିଜନେ ।
ଲଭିଲେ ବିହଙ୍ଗେ ନାନା ପକ୍ୱ ସ୍ୱାଦୁଫଳ—
ଲଙ୍କା, ଅମ୍ବ, ରାମଫଳ, ବଦରୀ ପ୍ରଭୃତି ।
ଲଭିଲେ ପାଦପ ଲତା, ସ୍ୱଚ୍ଛ ଅଳଙ୍କାର—
ବହୁ ଫୁଲ ଫଳ ଭରି କିଶଲୟ ବ୍ୟାଜେ ।
ନ ହେଲେ ବଞ୍ଚିତ କେହି ରାଜପ୍ରସାଦରୁ
ସ୍ଥାବର ଜଙ୍ଗମ ସର୍ବେ, ଲଭି ଯାହା ଯୋଗ୍ୟ
ନୂତନ କଞ୍ଚୁକ, କଲେ କେହି ଅବା ସ୍ନାନ
ସୁଷମା-ଚନ୍ଦ୍ରିକାଧାରେ, ଲଭିଲେ ମାନବେ—
ନବକାନ୍ତି, ନବଶାନ୍ତି, ନବୀନ ଜୀବନ.
ହେଲେ ସର୍ବେ ପୁରସ୍କୃତ, ଭାଙ୍ଗିଲା ଦର୍ବାର ।

ଏବେ ଆଧୁନିକ ପାରଳାର ଯତ୍କିଞ୍ଚିତ୍ ପରିଚୟ ଦେଇ ପ୍ରବନ୍ଧର ଉପସଂହାର କରିବି । ବର୍ତ୍ତମାନ ପାରଳାର ଗୋଟାଏ ଜାଗ୍ରତ ଜୀବନ ଅନୁଭୂତ ହୁଏ । ତାହାର ଏହି ଜୀବନୀ ଶକ୍ତି ସ୍ଥାନୀୟ କଲେଜ । ଗଞ୍ଜାମଜିଲ୍ଲା ମଧ୍ୟରେ ପାରଳାରେ ଶିକ୍ଷିତ ଓଡ଼ିଆ ସଂଖ୍ୟା ଅଧିକ । ସେଥିର କାରଣ ଏହି କଲେଜ । କଲେଜରେ ଏଫ. ଏ. ପର୍ଯ୍ୟନ୍ତ ଶିକ୍ଷା ଦିଆହୁଏ । ଏହି କଲେଜଟି ସ୍ୱର୍ଗତ ରାଜା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବଙ୍କର ଅମର କୀର୍ତ୍ତି । କଲେଜ ସହିତ ଗୋଟାଏ ବୃହତ୍ ଗ୍ରାମର ଭୂମି ଆକ୍ରମଣ କରି ରହିଅଛି । ତଥାପି ସ୍ଥାନାଭାବ ହେତୁ ବର୍ତ୍ତମାନ ନରପତି ମାନ୍ୟବର ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମହୋଦୟ ଆଉ ଗୋଟିଏ ପ୍ରଶସ୍ତ ସୁରମ୍ୟ ଅଟ୍ଟାଳିକା ନିର୍ମାଣ କରାଇଦେଇଅଛନ୍ତି । ମହାରାଜ ମହୋଦୟ ଏହି ନୂତନ କଲେଜ ଗୃହ ମାନ୍ଦ୍ରାଜସ୍ଥ ନିଉଇଙ୍ଗ୍ଟନ ରାଜକୁମାର କଲେଜର ପ୍ରଧାନ ଅଧ୍ୟାପକ ମୋରିସନ୍ ସାହେବଙ୍କ 'Morrison Tension' ନାମରେ ନାମିତ କରିଅଛନ୍ତି । ଏହା ମହାରାଜଙ୍କର ଗୁରୁଭକ୍ତିର ଗୋଟିଏ ସୁନ୍ଦର ନିଦର୍ଶନ । କଲେଜର ଛାତ୍ରସଂଖ୍ୟା ପ୍ରାୟ ଏକହଜାର । ସେଥିମଧ୍ୟରୁ ଓଡ଼ିଆ ପ୍ରାୟ ଦୁଇଶତ । ଅଧ୍ୟାପକ କାର୍ଯ୍ୟରେ ତେଲଙ୍ଗା ଓ ଓଡ଼ିଆ ଉଭୟ ଜାତି ନିଯୁକ୍ତ ଅଛନ୍ତି । ପ୍ରିନ୍ସିପଲଙ୍କ ବ୍ୟତୀତ କଲେଜରେ ମୋଟ ୫୭ ଜଣ ଶିକ୍ଷକ ଅଛନ୍ତି । ସେଥିମଧ୍ୟରେ ସତରଜଣ ଓଡ଼ିଆ, ଦୁଇଜଣ ଡୋମେଥାଇଲଡ୍ ବଙ୍ଗାଳୀ ଓ ଅବଶିଷ୍ଟ ତେଲଙ୍ଗା । ଦୁଇଜଣ ଓଡ଼ିଆ ଓ ଦୁଇଜଣ ତେଲଙ୍ଗା ଛାତ୍ରଙ୍କୁ ରାଜସରକାରରୁ ଇଣ୍ଟର-ମେଡ଼ିଏଟ ବୃତ୍ତି ପ୍ରଦତ୍ତ ହୁଏ । ବୋର୍ଡିଂରେ ପନ୍ଦର ଜଣ ଓଡ଼ିଆ ଓ ସେହି ପରିମିତ ତେଲଙ୍ଗା ଛାତ୍ରଙ୍କର ବିନା ବ୍ୟୟରେ ରହିବାର ସୁବିଧା ଅଛି । ଏତଦ୍‌ବ୍ୟତୀତ ଶତକଡ଼ା ୧୫ ଜଣ ଛାତ୍ର ବିନା ବେତନରେ ପଢ଼ନ୍ତି । ପଦ୍ମନାଭ ଫଣ୍ଡରୁ ବାର୍ଷିକ ବାରଶତ ଟଙ୍କା ଓଡ଼ିଆ ଛାତ୍ରମାନଙ୍କୁ ଦିଆହୁଏ । ପାରଳା ରାଜସରକାରରୁ ମଧ୍ୟ ମାସିକ ୫୦ଟଙ୍କା ଛାତ୍ରବୃତ୍ତି ପ୍ରଦତ୍ତ ହୁଏ । ବର୍ତ୍ତମାନ ମହାରାଜା ମହୋଦୟଙ୍କର ଶିକ୍ଷାନୁରାଗ ଅନୁକରଣୀୟ । ସେ ପନ୍ଦରଟଙ୍କାର ଦୁଇଗୋଟି ବୃତ୍ତି ଦୁଇଜଣ ବି. ଏ. ଶିକ୍ଷାର୍ଥୀଙ୍କ ପାଇଁ ଖଞ୍ଜିଅଛନ୍ତି । କତିପୟ ଓଡ଼ିଆ ଓ ତେଲଙ୍ଗା ଛାତ୍ର କୃଷି, ଚିକିତ୍ସା, ଶିଳ୍ପ, ପଶୁଚିକିତ୍ସା ଓ ଇଞ୍ଜିନିୟରିଙ୍ଗ୍ ଅଧ୍ୟୟନ ସକାଶେ ବୃତ୍ତି ପାଉଅଛନ୍ତି । କଲେଜ ବ୍ୟତୀତ ଉଭୟ ଜାତିଙ୍କ ନିମନ୍ତେ ସ୍ୱତନ୍ତ୍ର ବାଳକ ଓ ବାଳିକା ବିଦ୍ୟାଳୟ ଅଛି । ଶିକ୍ଷା ସର୍ବବିଧ ଉନ୍ନତିର ମୂଳ । ରାଜାମହୋଦୟ ଶିକ୍ଷିତ ହେତୁ ଏହା ତାଙ୍କର ଅପରିଜ୍ଞାତ ନୁହେଁ । ସୁତରାଂ ଶିକ୍ଷାର ଅଭିବୃଦ୍ଧି ସାଧନରେ ସେ ଶତହସ୍ତ ହୋଇ ଅଜସ୍ର ଅର୍ଥ ବୃଷ୍ଟି-ଦେଉଅଛନ୍ତି । ପ୍ରଜାଙ୍କର ଉନ୍ନତିରେ ରାଜ୍ୟର ଉନ୍ନତି ଓ ରାଜାଙ୍କର ଉନ୍ନତି, ଏହା ସେ ବୁଝନ୍ତି ଓ ବୁଝି କାର୍ଯ୍ୟ

କରନ୍ତି, ସେହି ସବୁ ତାଙ୍କ କର୍ତ୍ତବ୍ୟଜ୍ଞାନ । ବିଶେଷତଃ ପ୍ରକୃତି-ସିଦ୍ଧ ଉପାଧିର ସେହି ଏକା ଅମୂଲ୍ୟ ଅଳଙ୍କାର । ପ୍ରଜା ଶିକ୍ଷିତ ହେଲେ ରାଜ୍ୟରେ କି ଅମୃତମୟ ଫଳ ଫଳେ, ସେଥିର ଉଦାହରଣ ଖୋଜିବାକୁ ଅଧିକ ଦୂର ଯିବାର ଆବଶ୍ୟକତା ନାହିଁ । ଶିଳ୍ପ-ସାହିତ୍ୟ-ଶାଳିନୀ, ବିଜ୍ଞାନ-ବିନୋଦିନୀ ବାମଣ୍ଡାହିଁ ସେଥିର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ପାରଳାର ଶିକ୍ଷିତ ପ୍ରଜାଙ୍କ ମଧ୍ୟରୁ କେତେକେ ରାଜକାର୍ଯ୍ୟରେ ନିଯୁକ୍ତ ଅଛନ୍ତି । କେତେ ଜଣ ଗଭର୍ଣ୍ଣମେଣ୍ଟଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରନ୍ତି ଏବଂ କେହି କେହି ବା ଓକିଲାତି ପ୍ରଭୃତି ସ୍ୱାଧୀନ ବ୍ୟବସାୟ ଅବଲମ୍ବନ କରିଅଛନ୍ତି । ଗଞ୍ଜାମର ବିଖ୍ୟାତ ନରସିଂହ ଦାସ, ଦେଶଭକ୍ତ ମାନଧାତା ଗୋବିନ୍ଦ ପଟ୍ଟନାୟକ ବି. ଏଲ୍. ମହୋଦୟ ପାରଳା-ବାସୀ ଅଟନ୍ତି । ସ୍ଥାନୀୟ ଉନ୍ନତି ବିଷୟରେ ସେ ଯଥାସାଧ୍ୟ ଯତ୍ନ କରୁଅଛନ୍ତି । ପାରଳାରେ କବି ଅଛନ୍ତି, ଲେଖକ ଅଛନ୍ତି, ଗ୍ରନ୍ଥକାର ଅଛନ୍ତି । ପାରଳାର ଲିଖିତ ଭାଷା ଓଡ଼ିଶା ଅଞ୍ଚଳ ଭାଷାର ସମକକ୍ଷ । ତେଲଙ୍ଗୀ ଭାଷାର ସଂମିଶ୍ରଣ ହେତୁ କଥିତ ଭାଷା କିଛି ଭିନ୍ନରୂପ ଧାରଣ କରିଅଛି । ସମ୍ପ୍ରତି ସାମୟିକ ସଭା ସମିତି ଏବଂ ଶିକ୍ଷିତ ସଂଖ୍ୟା ବୃଦ୍ଧି ହେତୁ କଥିତ ଭାଷା କ୍ରମଶଃ ସଂଶୋଧିତ ହୋଇଆସୁଅଛି ।

ଆଉ ଗୋଟିଏ କଥା ଅପ୍ରୀତିକର ହେଲେହେଁ ସତ୍ୟର ଅନୁରୋଧରେ କହିବାକୁ ପଡ଼ିଲା । ଦୁଃଖର ବିଷୟ, ପାରଳାର କାର୍ଯ୍ୟଦକ୍ଷ ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରେ ମେଳ ନାହିଁ । ପ୍ରତିଯୋଗିତାର ପୂଜା ଅବଶ୍ୟ କର୍ତ୍ତବ୍ୟ । ପ୍ରତିଯୋଗିତା ଦେବୀ; ମାତ୍ର ପ୍ରତିହିଂସା ଦାନବୀ । ଭାଇ ଭାଇର ମନ ମଧ୍ୟରେ ଫାଙ୍କ ରହିଲେ ସେହି ଛିଦ୍ର ପଥରେ ତୃତୀୟ ପକ୍ଷର ପ୍ରବେଶର ସୁବିଧା ହୁଏ । ତଦ୍ଦ୍ୱାରା ନିଜର ଉନ୍ନତି ପଥରେ ନିଜକୁ କଣ୍ଟକ ହେବାକୁ ହୁଏ । ନିଜ ସ୍ୱାର୍ଥରେ ନିଜେ ପ୍ରତିକୂଳ ହେବା ଆଉ ନିଜ ହାତରେ ନିଜର ତଣ୍ଟି କାଟି ଆତ୍ମଘାତୀ ହେବା, ଏ ଉଭୟ ମଧ୍ୟରେ ଅଣୁମାତ୍ର ପ୍ରଭେଦ ପରିଲକ୍ଷିତ ହୁଏ ନାହିଁ । ମିଳିମିଶି କାର୍ଯ୍ୟ କରି ସ୍ୱତନ୍ତ୍ର ଭାବରେ ନିଜ ନିଜର ଉନ୍ନତିରେ ପ୍ରବୃତ୍ତ ହେବା ଉଚିତ । ସେଥିରେ କେହି କେହି ଉନ୍ନତି ଖଣ୍ଡବିଖଣ୍ଡ ହୋଇଯିବାର ଆଶଙ୍କା କରନ୍ତି; ମାତ୍ର ଅନ୍ୟ ଦିଗରୁ ବୁଝିଲେ ଖଣ୍ଡ ଖଣ୍ଡକୁ ଯୋଡ଼ିଦେଲେ ଗୋଟା ହୋଇ-ଯାଏ । ଏକା ପାରଳାରେ ନୁହେଁ, ପ୍ରତ୍ୟେକ ସ୍ଥାନର ଶିକ୍ଷିତମାନଙ୍କ ମଧ୍ୟରେ ଏହିପରି ସଂଘର୍ଷଣ ବର୍ତ୍ତମାନ ଯୁଗରେ ଯେପରି ଗୋଟାଏ ନିୟମ ହୋଇଅଛି । ଏକମାତାର ସନ୍ତାନ ହୋଇ, ଏକମାତାର ସ୍ତନ୍ୟ ପାନ କରି ପରସ୍ପର ମଧ୍ୟରେ ଅସହାନୁଭୂତି ଯେ କିରୂପ ଅନିର୍ବଚନୀୟ ଯନ୍ତ୍ରଣାକର ଓ ଅମଙ୍ଗଳପ୍ରଦ, ତାହା ଶିକ୍ଷିତ ଲୋକେ ବୁଝି ସୁଦ୍ଧା କାର୍ଯ୍ୟ ବେଳେ ବିସ୍ମୃତ ହେବା ଅତ୍ୟନ୍ତ ପରିତାପର ବିଷୟ । ଭାଇକୁ ପ୍ରେମରେ ଆଲିଙ୍ଗନ କଲେ, ଭାଇର ସ୍ୱାର୍ଥରେ ନିଜର ସ୍ୱାର୍ଥକୁ ମିଶାଇ ଏକ କରିପାରିଲେ, ଉତ୍କଳଭୂମି କିପରି ସୁଖମୟ ସ୍ୱର୍ଣ୍ଣସ୍ୱର୍ଗରେ ପରିଣତ ହୁଅନ୍ତା, ଏହା ଚିନ୍ତା କଲେ ସେହି ଚିନ୍ତାରେ ସୁଦ୍ଧା ଆନନ୍ଦ ମିଳେ । ଯେଉଁ ସୁଖ-ଚିନ୍ତାମାନେ ଏତେ ଆନନ୍ଦ, ସେହି ସୁଖ କରଗତ ହେଲେ କି ଅତୁଳ ଆନନ୍ଦ, ଶାନ୍ତି ଓ ସନ୍ତୋଷର ଅମୃତମୟୀ ତ୍ରିବେଣୀ ଧାରରେ ଜୀବନ ଉଚ୍ଛଳିଉଠନ୍ତା ନାହିଁ ? ସେହି ଶୀତଳ ଧାରାରେ ଭବ-ଯନ୍ତ୍ରଣା-ଦଗ୍ଧ ହୃଦୟଜ୍ୱାଳା କି ଉପଶାନ୍ତ ହୁଅନ୍ତା ନାହିଁ ?

ଆଜି ସକାଳଟିକି ବିଶ୍ରାମରେ ଅତିବାହିତ ହେଲା । ୭ଟା ସମୟରେ ନିତ୍ୟାନନ୍ଦ ବାବୁ ଆସିଲେ । ପାରଳା ସମ୍ବନ୍ଧରେ ମୁଁ ତାଙ୍କୁ ୪୦ଟି ପ୍ରଶ୍ନ ପଚାରିଥିଲି । ସେଥିମଧ୍ୟରୁ କେତେକର ମୁହେଁ ମୁହେଁ ସମାଧାନ ହେଲା । ଅବଶିଷ୍ଟ ଉତ୍ତର ରାଜବଂଶାବଳୀ ପ୍ରଭୃତି ଦେଖି ଲେଖିବା ସକାଶେ ନିତ୍ୟାନନ୍ଦ ବାବୁ ପ୍ରତିଶ୍ରୁତ ହେଲେ । ତାଙ୍କ ସହିତ ଆହୁରି ଅନେକ ବିଷୟ କଥାବାର୍ତ୍ତା ହୋଇଥିଲା । ଦୁଇଘଣ୍ଟା ପରେ ସେ ବିଦାୟ ଗ୍ରହଣ କଲେ । ନିତ୍ୟା-ନନ୍ଦ ବାବୁ ଜଣେ ମିଷ୍ଟଭାଷୀ, ନିରଭିମାନ ଓ ବ୍ୟବହାରଜ୍ଞ ବ୍ୟକ୍ତି । ଯେଉଁ ସମସ୍ତ ଗୁଣ ଥିଲେ ଅଧୀନ କର୍ମଚାରୀମାନଙ୍କଠାରୁ ଶ୍ରଦ୍ଧା, ଭକ୍ତି ଓ ସନ୍ତୋଷ ଆକର୍ଷଣ କରାଯାଇପାରେ, ତାହାଙ୍କର ସେ ସମସ୍ତ ଗୁଣ ଯଥେଷ୍ଟ ଥିବାର ବୋଧ ହେଲା । ରାଜ୍ୟର ପ୍ରତ୍ୟେକ ବିଭାଗରେ ତାଙ୍କର ସମ୍ପର୍କ ଅଛି । ଆଳସ୍ୟ

ତାହାଙ୍କୁ ସ୍ପର୍ଶ କରି ନାହିଁ କହିଲେ ଅତିରଞ୍ଜିତ ହେବ ନାହିଁ । ତେବେ ତାହାଙ୍କୁ ସନ୍ଧି ଶତା ପର୍ଯ୍ୟନ୍ତ କର୍ତ୍ତବ୍ୟରେ ନିଯୁକ୍ତ ଥିବାର ଦେଖିଥିଲି । ବାକ୍ୟରେ ବା ବେଶରେ ଆଡ଼ମ୍ବର ନାହିଁ । ବ୍ୟବହାର ଦେଖିଲେ ଏତେ ବଡ଼ ଉଚ୍ଚକର୍ମଚାରୀ ବୋଲି କେହି ଜାଣିପାରିବ ନାହିଁ । "ନମ୍ରନ୍ତି ଫଳିନୋ ଦ୍ରୁମାଃ" ଏହି ଉକ୍ତିର ସେ ମୂର୍ତ୍ତିମନ୍ତ ଉଦାହରଣ । ଏହାଙ୍କ ସମୟରେ ନଥିର କାଗଜପତ୍ର ଓଡ଼ିଆରେ ଲିଖିତ ହେଉଅଛି । ନଥିର ସମ୍ପର୍କୀୟ କାଗଜପତ୍ର ଓଡ଼ିଆରେ ଲିଖିତ ହେବା ସକାଶେ ୧୮୯୦ ସାଲରେ ଗଭର୍ଣ୍ଣମେଣ୍ଟ ଆଦେଶ କରିଥିଲେ ; ମାତ୍ର ବର୍ତ୍ତମାନ ମହାରାଜାଙ୍କ ସମୟରେ ତାହା କାର୍ଯ୍ୟରେ ପରିଣତ ହେଲା । ଗତ ଶତବର୍ଷ ମଧ୍ୟରେ ଅଧିକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ଓଡ଼ିଆ କର୍ମଚାରୀ ଥିଲେ ନାହିଁ । ଏକଦା ଚମ୍ପୂ-ପ୍ରଣେତା ବଳଦେବ କବିସୂର୍ଯ୍ୟ ପାରଳାର ଦେୱାନ ଥିଲେ । ତାଙ୍କ ପରେ ଅବଧି ଅଧିକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ଓଡ଼ିଆ କର୍ମଚାରୀ ରହି ନ ଥିଲେ । ବର୍ତ୍ତମାନ ମାନ୍ୟମାନ୍ୟ ଗୁଣଗ୍ରାହୀ ମହାରାଜା ମହୋଦୟ ସତ୍ୟାନନ୍ଦ ବାବୁଙ୍କୁ ଉଚ୍ଚକାର୍ଯ୍ୟରେ ନିଯୁକ୍ତ କରି ଜାତୀୟ ପ୍ରୀତିର ପ୍ରକୃଷ୍ଟ ପ୍ରମାଣ ଦେଖାଇବା ସଙ୍ଗେ ସଙ୍ଗେ ଧନ୍ୟବାଦାର୍ହ ହୋଇଅଛନ୍ତି । ଉଚ୍ଚ ବର୍ଗରେ ଏଣିକି ସେ ଅଧେ ଓଡ଼ିଆ ଓ ଅଧେ ତେଲଙ୍ଗା ରଖିବାର ଆଶା ରଖିଅଛନ୍ତି । ଏହା ନବୀନ ମହାରାଜାଙ୍କ ବିଚାର ନିଷ୍ଠାର ସୁନ୍ଦର ନିଦର୍ଶନ ।

ଅନନ୍ତର ସ୍ନାନାହାର ସମାପନ କରି କେତେକ ପତ୍ର ଲେଖିଲି । କିଛିକ୍ଷଣ ପରେ ନାୟିକା ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ ଶ୍ରୀରାମ ପଟ୍ଟନାୟକ ଆସି ଉପସ୍ଥିତ ହେଲେ । ଶ୍ରୀରାମ ବାବୁ ମୋର ବହୁଦିନରୁ ପରିଚିତ । ତାହାଙ୍କ ସହିତ ଅନେକ ସୁଖଦୁଃଖର କଥା ହେଲା । ସେ ପାରଳାର ପ୍ରେସ୍ ବିଭାଗରେ କାର୍ଯ୍ୟ କରନ୍ତି । ଶୁଣିଲି ଭକ୍ତକବି ଗୋପାଳକୃଷ୍ଣଙ୍କର ଅନେକ ସଙ୍ଗୀତ ସଂଗୃହୀତ ହୋଇ ସ୍ଥାନୀୟ ଛାପାଖାନାରେ ମୁଦ୍ରିତ ହେଉଅଛି । ଅଳ୍ପଦିନ ପୂର୍ବରେ 'ଶ୍ରୀବୃନ୍ଦାବନଚନ୍ଦ୍ର ବିହାର' ନାମକ ଖଣ୍ଡିଏ ପ୍ରାଚୀନ କାବ୍ୟ ଏହି ପ୍ରେସରୁ ବାହାରିଅଛି । ତାହା ପାରଳାର ଜନୈକ ନରପତିଙ୍କ ଦ୍ୱାରା ରଚିତ । ଏହି କାର୍ଯ୍ୟରୁ ପାରଳାଧିପତି ମନସ୍ୱିପ୍ରବର ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମହୋଦୟଙ୍କର ପ୍ରାଚୀନ ସାହିତ୍ୟାନୁରାଗ ଫୁଟିଉଠୁଅଛି । ପ୍ରାଚୀନ ସାହିତ୍ୟର ଅନୁଶୀଳନ ବ୍ୟତୀତ ଭାଷାର ଅଭିବୃଦ୍ଧିସାଧନ ବିଡ଼ମ୍ବନାମାତ୍ର, ଏହା ମହାରାଜା ମହୋଦୟ ଉତ୍ତମରୂପେ ହୃଦୟଙ୍ଗମ କରିଅଛନ୍ତି । ଆଧୁନିକ ବଙ୍ଗଭାଷାର ସମୃଦ୍ଧିର କାରଣ ପ୍ରାଚୀନ ସାହିତ୍ୟର ଆଲୋଚନା ; ମାତ୍ର ଏ ଦେଶରେ ସେପରି ଚର୍ଚ୍ଚା କ୍ୱଚିତ୍ ଦେଖିଲେ ଲୋକେ ନାସିକା ସଙ୍କୁଚିତ କରନ୍ତି । କେହି କେହି ପୁଣି ପ୍ରାଚୀନ ସାହିତ୍ୟାନ୍ତର୍ଗତ ଭାବ-କୌଶଳପୂର୍ଣ୍ଣ ବର୍ଣ୍ଣନା ଉପରେ ବ୍ୟାକରଣ ଦୋଷ ଆରୋପ କରିବାକୁ ଲଜ୍ଜା ବା କୁଣ୍ଠା ବୋଧ କରନ୍ତି ନାହିଁ । ଯେଉଁ ଭାଷା ଆଦର୍ଶ ତାହା ପୁଣି ବ୍ୟାକରଣ-ଦୁଷ୍ଟ ! ଉତ୍କଳରେ କେଉଁ କଥା ଅସମ୍ଭବ ? ଉତ୍କଳ ଭାଷାର ପ୍ରକୃତି ଅନୁସାରେ ପୂର୍ଣ୍ଣାଙ୍ଗ-ବ୍ୟାକରଣ ରଚିତ ନ ହେବାଯାଏ ପ୍ରାଚୀନ କବିମାନେ ଏହି କାରଣଦୈନ୍ୟ କଳଙ୍କ ହସ୍ତରୁ ମୁକ୍ତିଲାଭ କରିପାରିବେ ନାହିଁ । ଚାଲି ନ ଜାଣି ବାଟର ଦୋଷ ଧରିଲେ କିଛି କ୍ଷତି ହେବ କି ?

କେବଳ ପ୍ରାଚୀନ ସାହିତ୍ୟ ନୁହେଁ, ଆଧୁନିକ ସାହିତ୍ୟ ମଧ୍ୟ ମହାରାଜା ମହୋଦୟଙ୍କର ଶ୍ରଦ୍ଧା ଆକର୍ଷଣ କରିଅଛି । ଅନେକ ସାହିତ୍ୟିକ ତାହାଙ୍କ ପ୍ରଦତ୍ତ ଅର୍ଥ ସାହାଯ୍ୟରେ ପୁସ୍ତକ ପ୍ରକାଶ କରି ଜାତୀୟ ସାହିତ୍ୟର ଶ୍ରୀବୃଦ୍ଧି ସାଧନ କରିଅଛନ୍ତି । କଟକର ଉତ୍କଳ-ସାହିତ୍ୟ ସମାଜର ସେ ଜଣେ ପୃଷ୍ଠପୋଷକ । ପ୍ରତ୍ୟେକ ଜାତୀୟ ଅନୁଷ୍ଠାନରେ ମହାରାଜା ମହୋଦୟଙ୍କର ପୂର୍ଣ୍ଣ ସହାନୁଭୂତି ଅଛି । ସେ ଥରେ ସ୍ୱୀୟ ରାଜଧାନୀରେ ଉତ୍କଳସମ୍ମିଳନୀର ଅଧିବେଶନ କରାଇଥିଲେ । ଗୁଣଗ୍ରାହୀ ଇଂରାଜ ଗଭର୍ଣ୍ଣମେଣ୍ଟ ତାଙ୍କର ବହୁବିଧ ସଦ୍‌ଗୁଣ ଦର୍ଶନରେ ବିମୋହିତ ହୋଇ ତାହାଙ୍କୁ 'ରାଜା' ଉପାଧିରେ ଗୌରବାନ୍ୱିତ କରିଅଛନ୍ତି ।

ପାରଳାର ନିକଟବର୍ତ୍ତୀ ଦର୍ଶନୀୟ ସ୍ଥାନ ମଧ୍ୟରୁ ପ୍ରଧାନ ସ୍ଥାନମାନ ଦେଖିଲି । ରୌଦ୍ରତେଜ କ୍ରମଶଃ ପ୍ରଖରତର ହେଉଅଛି । ଏ ସମୟରେ ଦୂରବର୍ତ୍ତୀ

ସ୍ଥାନକୁ ଯିବାର ସୁବିଧା ହେବ ନାହିଁ ବୋଲି ସେ ଇଚ୍ଛାରୁ ନିବୃତ୍ତ ହେବାକୁ ହେଲା । ସୁବିଧା ହେଲେ ଅନ୍ୟ କୌଣସି ସମୟରେ ବା ବସନ୍ତ ଋତୁର ପ୍ରାରମ୍ଭରେ ଆସି ସେ ସମସ୍ତ ଦେଖିବି ବୋଲି ଚିତ୍ତ ମନକୁ ବହଲାଇବାର ଚେଷ୍ଟା କଲି ; ମାତ୍ର ସେ କି ପିଲା ନୁହେ ଯେ, ସହଜରେ ମଙ୍ଗିଯିବ କିମ୍ବା ଭୁଲିଯିବ ! ଯେ ପୁଣି ଅଶରୀରୀ, ସେ କଷ୍ଟର ଅନୁଭୂତି କାହିଁ ପାଇବ ? ମନଟା ଛାଙ୍କୁ ଛାଙ୍କୁ ହେଲେ କଅଣ ହେବ, ଶରୀର ଅସ୍ୱୀକୃତ ହେଲା । ମନ ତ ଶରୀରର ଅଧୀନ, ଶରୀର ନ ଗଲେ ସେ ଅଉ କେଉଁ ବାହନ ଉପରେ ଆରୋହଣ କରି ଯିବ ? ସୁତରାଂ ଅଗତ୍ୟା ତାହାକୁ ସଙ୍କଳ୍ପ ସ୍ୱର୍ଗରୁ ବିଚ୍ୟୁତ ହେବାକୁ ପଡ଼ିଲା । ତହୁଁ ପରଦିନ ସକାଳ ରେଳରେ ପ୍ରସ୍ଥାନ କରିବାକୁ ସ୍ଥିର କରି ମାନନୀୟ ଶ୍ରୀଯୁକ୍ତ ପାରଳାଧୀଶ୍ୱର ମହୋଦୟଙ୍କୁ ଏ ବିଷୟ ପତ୍ରଦ୍ୱାରା ଜଣାଇଦେଲି । ମୋର ଆସିବା ସ୍ଥିରକୃତ ହୋଇଗଲା । ଏହି ସ୍ଥିରୀକୃତ କାଳ ବୁଲିବା ଏବଂ ରାଜ-ଆତିଥ୍ୟ ଷୋଡ଼ଶପୂଜା ଉପଭୋଗ ବ୍ୟତୀତ ମୋର ଅନ୍ୟ କର୍ତ୍ତବ୍ୟ କିଛି ନ ଥିଲା । ମହାରାଜାମହୋଦୟ ପତ୍ର ପାଇ ମୋର ଆବାସ ବଙ୍ଗଳାକୁ ସନ୍ଧ୍ୟା ପୂର୍ବରୁ ବିଜେ ହେବେ ବୋଲି ଜଣେ ଆଇକଲ୍ଲାସ କହିପଠାଇଲେ । ଅଳ୍ପକ୍ଷଣ ପରେ ନିତ୍ୟାନନ୍ଦ ବାବୁ ମଧ୍ୟ ଆସି ସେହି ସମ୍ବାଦ ଦେଇ ମୋତେ ଆଶ୍ଚର୍ଯ୍ୟାନ୍ୱିତ କଲେ । ଶୁଣିଅଛି, ଅନେକ ରାଜସ୍ତମ୍ଭଙ୍କୁ ପକ୍ଷମାସବ୍ୟାପୀ ଆରାଧନା କଲେ ସୁଦ୍ଧା ଥରେ ଦର୍ଶନ-ଲାଭ ଦୁର୍ଘଟ ହୁଏ । ଇଷ୍ଟଜନ ମକୁଟମଣି ପାରଳାଧୀଶ୍ୱର ମହୋଦୟ ମୋ ଭଳି ଜଣେ ନଗଣ୍ୟ ସଙ୍ଗେ ସାକ୍ଷାତ କରିବାକୁ ଆସିବେ, ଏହା ବାସ୍ତବରେ ଆଶ୍ଚର୍ଯ୍ୟ ନୁହେ କି ? ଏହାକୁ ସୌଭାଗ୍ୟର ବିଷୟ ନ ମଣି ବରଂ ସଙ୍କୋଚ ମଣିଲି । ପରମୁହୂର୍ତ୍ତରେ ଭାବିଲି, ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରତି କରୁଣା ପ୍ରକାଶ ଉଦ୍ଦେଶ୍ୟରେ ବଳେ ଚଳେ ବିଦୁରର ଦ୍ୱାରସ୍ଥ ହୋଇଥିଲେ ଏ ମୋ ଭାଗ୍ୟରେ ତାହାହିଁ ଘଟିଲା । ପ୍ରାୟ ସୁବିଧା ସମୟରେ ରାଜ-ଉପବେଶନ ଆସନ ପହଞ୍ଚି ରାଜ-ଆଗମନର ସୂଚନା ଜଣାଇଦେଲା । କିଛିକ୍ଷଣ ପରେ ଜଣେ ସାହେବ ଆସି ମୋର ଆବାସ ବଙ୍ଗଳାର ଅର୍ଦ୍ଧେକ ଶୂନ୍ୟସ୍ଥାନ ପୂର୍ଣ୍ଣ କଲେ । ମୋର ସ୍ୱାଧୀନତାରେ ପ୍ରତିବନ୍ଧକ ଘଟିଲା । ସାହେବଟି ମୃଷ୍ଟ କୁଳ ସଂଗତ ବାସ୍ତବର ଜଣେ ଉଚ୍ଚ କର୍ମଚାରୀ । ସଙ୍ଗରେ ସୁଆର ବେହେରା, ଖିରକାରୀ, ଅଙ୍ଗାବାହୀ ପ୍ରଭୃତି ପ୍ରାୟ ୫୦ ଜଣ ପର୍ଯ୍ୟନ୍ତ ଲୋକ ଅଛନ୍ତି । ସୁତରାଂ ବଙ୍ଗଳାଟି ପୂର୍ଣ୍ଣ ହୋଇଗଲା । ଠିକ୍ ସନ୍ଧ୍ୟା ସମୟରେ ମାନନୀୟ ଶ୍ରୀଯୁକ୍ତ ମହାରାଜା ମହୋଦୟ ସେ ବଙ୍ଗଳାକୁ ନ ଆସି ସନ୍ନିକଟବର୍ତ୍ତୀ ଟେଲର ସାହେବଙ୍କ ବଙ୍ଗଳାରେ ବିଜେ ହେଲେ । ତାହାଙ୍କ ଆହ୍ୱାନମତେ ମୁଁ ଯାଇ ଉପସ୍ଥିତ ହେଲି । ଭଦ୍ରଲୋକମାନଙ୍କୁ ସାକ୍ଷାତ ଦେବା ସମୟରେ ମହାରାଜାଙ୍କ ସମୀପରେ କର୍ମଚାରୀ ବା ଚାକରବାକର କେହି ରହନ୍ତି ନାହିଁ । ଏହା ଗୋଟିଏ ଅତି ସୁନ୍ଦର ଉତ୍କୃଷ୍ଟ ରୀତି । ନାନା ଲୋକ ନାନା ବିଷୟ ଜଣାଇବାକୁ ଆସିବେ । ତାଲେ କେହି ଅନ୍ୟ ଲୋକ ସମକ୍ଷରେ ନିଜର ମନୋଭାବ ଜଣାଇବାକୁ ସଙ୍କୋଚ ବା ଲଜ୍ଜା ବୋଧ କରିବ, ସେଥିପାଇଁ ଏହି ସୁରୀତି ପ୍ରଚଳିତ ହୋଇଅଛି । ମହାରାଜାଙ୍କ ସହିତ ସାକ୍ଷାତ ହେଲାକ୍ଷଣି ସେ କହିଲେ, "ଆପଣ ସ୍ଥିରଦିନ ହେଲା ଆସିଲେଣି, ମୁଁ ଦୁଇ ତିନି ଥର ଆସିଥାନ୍ତି; ମାତ୍ର ଅବସର ଅଭାବରୁ ଆସିପାରି ନାହିଁ ।" ଏହି କଥାପକଥନରେ ଯେ କେତେ ଉଦାରତା, କେତେ ସ୍ନେହସହାନୁଭୂତି ନିହିତ ଅଛି, ତାହା କଳନା କରିବାକୁ ମୋର କ୍ଷୁଦ୍ର ଦୁର୍ବଳ ହୃଦୟ ବାସ୍ତବରେ ଅକ୍ଷମ । ଏରୂପ ନିରଭିମାନତା ସାଧାରଣ ହୃଦୟ-ସୁଲଭ ନୁହେ । ମୁଁ ଏହା ଶୁଣି ବିସ୍ମୟରେ ନିର୍ବାକ୍ ହୋଇଗଲି, କି ଉତ୍ତର ଦେବି ଭାବିପାରିଲି ନାହିଁ । ଯାହାହେଉ ଆତ୍ମସମ୍ବରଣପୂର୍ବକ କହିଲି, ଏ ଜଗତରେ ଯେ ଯେତେ ବଡ଼, ସେ ସେତେ ଭାରଗ୍ରସ୍ତ । ଶ୍ରୀମାନ୍ ଦୟାପୂର୍ବକ ଏହି ଥରକ ଯେ ମୋତେ ସାକ୍ଷାତର ସୁବିଧା ପ୍ରଦାନ କରିଅଛନ୍ତି, ସେଥିପାଇଁ ମୁଁ କୃତଜ୍ଞ । ଏହା ପରେ ଆହୁରି ଅନେକ କଥା ହେଲା । ଅଧିକାଂଶ ସାହିତ୍ୟ, ଇତିହାସ ଓ ପ୍ରତ୍ନତତ୍ତ୍ୱସମ୍ବନ୍ଧୀୟ । ରାଜ୍ୟର କେଉଁଠାରେ କି ଐତିହାସିକ ଚିହ୍ନ ଅଛି, ସେଥିରୁ କି ଆଭାସ ମିଳୁଅଛି, କେଉଁଠାରେ ଶିଳାଲିପି ଅଛି, ସେଥିରୁ କି ପ୍ରମାଣ ମିଳୁଅଛି, କେଉଁଠାରେ କି ପ୍ରାକୃତିକ ଦୃଶ୍ୟ

ଅଛି, ଇତ୍ୟାଦି ବିଷୟ ମହାରାଜା ମହୋଦୟ ଗୋଟି ଗୋଟି କରି ବର୍ଣ୍ଣନା କରିବାକୁ ଲାଗିଲେ । ତାହା ଶୁଣି ମୁଁ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଭାବିଲି—ଏତେ ଅଳ୍ପ ବୟସରେ ଏ ଅସାଧାରଣ ଗୁଣ କାହୁଁ ଆସିଲା ? ବିଧାତା ଯାହାଙ୍କୁ ପ୍ରକୃତ ପରିପାଳନା ସକାଶେ ମନୋନୀତ କରନ୍ତି, ତାହାଙ୍କୁ ଏହିସବୁ ସଦ୍‌ଗୁଣ ସଙ୍ଗରେ ଦେଇ ପଠାଇ ଥାନ୍ତି । ମହାରାଜା ଯେପରି ସଦାଳାପୀ, ସେହିପରି ବିନୟୀ ଏବଂ ଆଡ଼ମ୍ବର-ଅଭିମାନ-ବର୍ଜିତ; ବେଶ ଜଣେ ମଧ୍ୟବିତ୍ତ ଭଦ୍ରଲୋକ ପରି । ତାଙ୍କ ସହିତ ଯେତେ କଥା ହେଲା, ସେଥି ମଧ୍ୟରୁ କିଛିହେଁ ଅନର୍ଥକ ନୁହେଁ । କଥାରୁ, ମୁଖମଣ୍ଡଳରୁ ଓ ଚକ୍ଷୁରୁ ଦୟା, ଦାକ୍ଷିଣ୍ୟ, କର୍ତ୍ତବ୍ୟନିଷ୍ଠା ଓ ସମଦର୍ଶିତା ଭାବ ଫୁଟି-ଉଠୁଥାଏ । ଭାବିଲି—ଗୁଣଖଣିର ଏ ଅମୂଲ୍ୟ ଅତୁଲ୍ୟ ମହାମଣିଟି ଯାହାର ଶିରୋଭୂଷଣ, ସେହି ପାରଳା ଭାଗ୍ୟବତୀ ଓ ଧନ୍ୟବତୀ । ଅନନ୍ତର ମହାରାଜା ମହୋଦୟ ମୋଟର ଯାନରେ ନଅରକୁ ବିଜେହେଲେ । ମୁଁ ବିଦାୟ ଘେନି ବସାକୁ ଆସିଲି ।

ରାତିରେ ବସି କିଛି ଲେଖିବାକୁ ଉଦ୍ୟତ ହେଉଅଛି, ଏହି ସମୟରେ ଏକ କଙ୍କାଳ ଉପସ୍ଥିତ । ପାଚକ ବ୍ରାହ୍ମଣଟି ବିଘ୍ନର ପ୍ରତିମୂର୍ତ୍ତି ପ୍ରାୟ ମୋ ପାଖରେ ଆସି ଦକ୍ଷିଣ ହସ୍ତଟି ବିସ୍ତାର କରି ଠିଆହେଲା । ଉଦ୍ଦେଶ୍ୟ ଏହି ଯେ, ତାହାର ସ୍ତ୍ରୀ ଆସନ୍ନପ୍ରସବା, ସେ କେତେବେଳେ ପ୍ରସବ କରିବ ଏବଂ କଅଣ ପ୍ରସବ କରିବ, ତାହା ହାତ ଦେଖି ମୁଁ ଏହା କହିଦେବି ; ମାତ୍ର ତାହା ହାତରେ କେଉଁଠାରେ ଦେବଲିପିରେ ତାହାର ଭାଗ୍ୟଲିପି ଏବଂ ସ୍ତ୍ରୀପ୍ରସବର ବାରଦଣ୍ଡ ବିଧାତା ଉତ୍କୀର୍ଣ୍ଣ କରିଅଛନ୍ତି, ତାହା ମୋର ନରଚକ୍ଷୁରେ ଦିଶିଲା ନାହିଁ । କଅଣ କରିବି, ବିଷମ ସମସ୍ୟାରେ ପଡ଼ିବାକୁ ହେଲା । ମୁଁ ଜ୍ୟୋତିଷ ଜାଣେ ନାହିଁ ବୋଲି ମନାକଲି; ମାତ୍ର ସେ କି ଛାଡ଼ିବାର ପାତ୍ର ? ସେ ମୋତେ ବିନ୍ଧ୍ୟ ହିମାଳୟ ଅପେକ୍ଷା ଆହୁରି ଉଚ୍ଚକୁ ଠେକିଦେଇ ମୁଁ ବାସ୍ତବରେ ଯେଉଁ ଗୁଣର ଅନଧିକାରୀ, ମୋତେ ସେହି ସମସ୍ତ ଗୁଣରେ ଭୂଷିତ କରିବାକୁ ଲାଗିଲା । ତାହାଠାରୁ ଏ ମୌଖିକ ସାର୍ଟିଫିକେଟ ଶୁଣି ଟିକିଏ କୌତୁକ କରି ବସିଲି । ତହୁଁ ମିଥ୍ୟାର ଆଶ୍ରୟ ଗ୍ରହଣ କରିବାକୁ ହେଲା । କୌତୁକ କିମ୍ବା ଆତ୍ମରକ୍ଷା ଉଦ୍ଦେଶ୍ୟରେ ମିଥ୍ୟାଭାଷଣ ଦୋଷାବହ ନୁହେଁ ବୋଲି ଶାସ୍ତ୍ରକାରମାନେ କହିଯାଇଅଛନ୍ତି । କୌତୁକ ତ ହେବ, ଅଧିକନ୍ତୁ ଏ ଗ୍ରହପାଳରୁ ରକ୍ଷା ପାଇବି । ଯାହା ହେଉ, ଗୋସାଇଁଙ୍କୁ କହିଲି, ଆଜ ରାତିରେ ପ୍ରସବ ହେବ; ମାତ୍ର ପୁଅ ହେବ କି ଝିଅ ହେବ, ବିଧାତା ସେ ବିଷୟ ଲୁଚୁଅଛନ୍ତି । ଯାହାହେଉ ଗୋଟାଏ କିଛି ହେବ । ଏହା ଶୁଣି ତାହାର ଆନନ୍ଦ ଘରେ ବାହାରେ ଖେଳି ବୁଲିଲା । ତାହାର ଭାବୀ ପୁତ୍ର ଗୁଣବାନ୍, ରୂପବାନ୍ ଇତ୍ୟାଦି ହେବ ବୋଲି ପୂର୍ବରୁ ଜଣେ ଜ୍ୟୋତିଷୀ ତାକୁ କହିଥିବାର ପ୍ରକାଶକଲା । ପୁଅ ଜନ୍ମ ଆଗରୁ ଭାଗ୍ୟ-ଗଣନା, ଆଶାର ଦୌଡ଼ ତ ଅଳ୍ପ ନୁହେଁ ! ଧନ୍ୟ ଆଶାର ମହିମା ! ବିଧାତା ସୃଷ୍ଟିରେ ଯେତେ ମୋହନ ବସ୍ତୁ ଅଛି, ସେଥି ମଧ୍ୟରେ ଆଶା ପରି କିଏ ? ରାତିରେ ଆହାରାନ୍ତେ ଯଥାସମୟରେ ନିଦ୍ରାର ଅଙ୍କାଶ୍ରୟୀ ହେଲି ।

ଆରଦିନ ସକାଳୁ ଉଠି ନିତ୍ୟକର୍ମ କରୁ କରୁ ସୂର୍ଯ୍ୟୋଦୟ ହେଲା । ଆଜି ପାରଳାରୁ ବିଦାୟ । ସେଥିସକାଶେ ପ୍ରସ୍ତୁତ ରହିବାକୁ ହେଲା । ଅଳ୍ପକ୍ଷଣ ପରେ ଜଣେ ଲୋକ ଖଣ୍ଡିଏ ଗାଡ଼ି ଘେନି ଆସିଲା । ଲୋକଟି ଆମ୍ଭମାନଙ୍କୁ ବାଟୋଇଦେବା ସକାଶେ ରେଲ୍‌ଷ୍ଟେସନ ପର୍ଯ୍ୟନ୍ତ ଯିବ । ଗାଡ଼ିରେ ଉଠି ବାହାରିବା ସମୟରେ ଶ୍ରୀଯୁକ୍ତ ନିତ୍ୟାନନ୍ଦ ବାବୁ ଉପସ୍ଥିତ ହୋଇ ତାହାଙ୍କ ସ୍ୱଭାବସୁଲଭ କୋମଳ ବାକ୍ୟରେ କହିଲେ—ଆପଣଙ୍କର କଷ୍ଟ ହୋଇଥିବ, ଆମ୍ଭମାନଙ୍କ ପରିଚର୍ଯ୍ୟାରେ ଅବଶ୍ୟ ତ୍ରୁଟି ଘଟିଥିବ, କ୍ଷମା କରିବେ । ତାଙ୍କର ଏରୂପ ଅକୃତ୍ରିମ ଶିଷ୍ଟାଚାରରେ ଲଜ୍ଜିତ ହୋଇ ତାଙ୍କ-ଠାରୁ ବିଦାୟ ଗ୍ରହଣ କରି ପାରଳା ଛାଡ଼ିବାବେଳେ ଭାବିଲି—ମନ ମଧ୍ୟରେ ଯଦି ଶକ୍ତି ଥାଆନ୍ତା, ତାହାହେଲେ ପ୍ରତ୍ୟହ ଆସି ଏ ଅପାଶୋରା ଦୃଶ୍ୟ ଦେଖି ନୟନ ଶୀତଳ କରନ୍ତି; ମାତ୍ର ତାହା ବିଧିର ବିଧି ନୁହେଁ । ସେ ଶକ୍ତିର ମଧ୍ୟରେ ମନକୁ ନିହିତ କରି-ଅଛି ।

# ଆଲିବାବା

## ପ୍ରଥମ ପରିଚ୍ଛେଦ

ପାରସ୍ୟର ରାଜଧାନୀ ମଣ୍ଡିୟର ଅମରାବତୀ ତୁଲ୍ୟ ଅଳକାପୁରୀର ମାନଭଞ୍ଜନୀ ଅଥବା ସ୍ୱର୍ଗର ସୁଷମାସମ୍ପନ୍ନ ନନ୍ଦନକାନନର ଫୁଲ ଆସି ପୃଥିବୀରେ ଫୁଟିଅଛି । ଦୁଇପାର୍ଶ୍ୱରେ ଅଭ୍ରଚୁମ୍ବୀ ବିପଣୀମାଳା, ମଧ୍ୟରେ ପ୍ରଶସ୍ତ ରାଜପଥ । ବିପଣୀମାନଙ୍କ ମଣିରତ୍ନସ୍ତୂପରେ ଘୋର ଅନ୍ଧକାର ରଜନୀରେ ରାଜରଥ୍ୟାମାନ ଜ୍ୟୋସ୍ନାପାତ ଭୁଲି ଆଲୋକିତ ହୁଏ । ସତେ ଯେପରି ନଗରୀ ରତ୍ନ କୋଷରେ ତୁଲ୍ୟ ସୁଖସ୍ୱପ୍ନରେ ଭରା ଗୋଟିଏ ମନୋକାନ୍ତ ଉପବନ । ଏହେ ତ ସ୍ୱାଧୀନ ଦେଶର ରାଜଧାନୀ, ସ୍ୱାଧୀନତାର ଗୌରବ-ଗର୍ବରେ ଉଦ୍ଭାସ୍ୱର — ତାହା ଉପରେ ଅତୁଳ ସମୃଦ୍ଧି ମଣିକାଞ୍ଚନର ସଂଯୋଗ ହୋଇଅଛି । ନଗରୀ ଖାଲି ଶୋଭା-ସମ୍ପଦବତୀ ନୁହେ — ବୀରଜନନୀ । ତାହାର ଶୌର୍ଯ୍ୟ, ବୀର୍ଯ୍ୟ, ତେଜ ତାକୁ ବିଶ୍ୱସମକ୍ଷରେ ପର୍ବତ ପରି ଅଟଳଭାବରେ ଠିଆ କରାଇ ରଖିଅଛି; ସୁନ୍ଦର ସଙ୍ଗରେ ଭୀଷଣର ସମାବେଶ ହୋଇ-ଅଛି; ଭୀଷଣତାବର୍ଜିତ ଶୋଭା ପ୍ରାଣହୀନ । ସେ ଶୋଭାର ଗମ୍ଭୀରତା ନ ଥାଏ । ଯେ ଯେତେ ଭୀଷଣ, ସେ ତେତେ ଗମ୍ଭୀର—ତେତେ ସୁନ୍ଦର । ଘୋଡ଼ାଗାଡ଼ି, ଓଟ, ଖଚର ପ୍ରଭୃତି ଯାନବାହନର ଘର୍ଘର ମନ୍ଥର ଗତିରେ ରାଜପଥ ପ୍ରକମ୍ପିତ । ନାଗରିକ-ମାନଙ୍କ ଜୀବନରେ ପ୍ରୀତିର ଆଲୋକ ପ୍ରଜ୍ୱଳିତ ରହିଅଛି, ପ୍ରେମର ବଂଶୀ ବାଜୁଅଛି—ସୁଖାନନ୍ଦର ମଳୟାନିଳ ବହୁଯାଉଅଛି । ସ୍ୱାଧୀନତାର ଅମୃତବୋଳା ବିଶୁଦ୍ଧ ବାୟୁରେ ଯାହାଙ୍କର ଦେହ, ପ୍ରାଣ, ମନ ପରିପୁଷ୍ଟ, ତାହାଙ୍କ ଜୀବନ ଆନନ୍ଦମୟ, ଉତ୍ସବମୟ, ଅମୃତମୟ ନ ହେବ କାହିଁକି ବା ସେମାନଙ୍କ ମନରେ ଉଦ୍‌ଚିନ୍ତା, ଉତ୍ସବ ଖେଳ ନ ଚଳିବ କାହିଁକି ? ସ୍ୱାଧୀନତା ସ୍ପର୍ଶମଣି ସଦୃଶ, ତାହା ସ୍ପର୍ଶରେ ଲୁହା ସୁନା ହୁଏ ତୁଲ୍ୟ । ସେ ବସନ୍ତ-ସୁରଭିଶ୍ୱାସ ମଳୟପବନ । ସେ ଛୁଇଁଲେ ନିମ୍ବ ବି ଚନ୍ଦନ ପାଲଟିଯାଏ । ସ୍ୱାଧୀନତା ରୂପ ମହାଧନରେ ଯେଉଁମାନେ ଧନୀ, ସେହିମାନେ ଏହି ଜଗତରେ ଜୀବିତ ଓ ପ୍ରକୃତ ସୁଖୀ । ଅସ୍ୱାଧୀନ ଜୀବନର ଚେତନାଶକ୍ତି ନ ଥାଏ । ସୁତରାଂ ତାହାର *ବିକାଶ ଘଟେ ନାହିଁ ।*

ସହରର ମଧ୍ୟସ୍ଥ ପଥପାର୍ଶ୍ୱରେ ରାଜଭବନ ପରି ବହୁତଳବିଶିଷ୍ଟ ଗୋଟାଏ ପ୍ରକାଣ୍ଡ ଅଟ୍ଟାଳିକା ଆକାଶ ଭେଦ କରି ବହୁଦୂର ଉଚ୍ଚକୁ ଉଠିଯାଇଅଛି । ହର୍ମ୍ୟଟି ମହାର୍ଘ ସଜ୍ଜାରେ ସଜ୍ଜିତ । ତାହାର ପାଦମୂଳରେ ଠିଆହୋଇ ଚୂଡ଼ାକୁ ଚାହିଁଲେ ଆଖି ଫାଟିପଡ଼େ । ଗୃହସ୍ୱାମୀ ଜଣେ ପ୍ରଭୂତ ସମ୍ପତ୍ତିଶାଳୀ ସମ୍ଭ୍ରାନ୍ତ ବ୍ୟକ୍ତି । ତାଙ୍କର ନାମ କାଶିମ୍ । ସେ ଧାର୍ମିକ, ଦୟାଳୁ ଓ ଦାତା ବୋଲି ସାଧାରଣରେ ତାଙ୍କର ଗୋଟାଏ ପ୍ରଶସ୍ତି ଅଛି । ଜନ୍ମଭୂମି ସେବାରେ ତାଙ୍କର ହସ୍ତ ପ୍ରବଳ । ତାଙ୍କର ମହତ୍ ଗୁଣ ଓ ରାଜଭକ୍ତିରେ ମୁଗ୍ଧ ହୋଇ ପାରସ୍ୟସମ୍ରାଟ ତାଙ୍କୁ "ନବାବବାହାଦୁର" ଗୌରବ ଉପାଧିରେ ମଣ୍ଡିତ କରିଅଛନ୍ତି । ସେହି ଉପଲକ୍ଷରେ ମହା ଆଡ଼ମ୍ବରରେ ଆନନ୍ଦ ଉତ୍ସବ ଲାଗି-ଅଛି । ବିଶାଳ ହର୍ମ୍ୟଟି ପତ୍ରପୁଷ୍ପଫଳ ବିବିଧ ବନରତ୍ନରେ ଅଳଙ୍କୃତ ହୋଇ ଅତୁଳ ଶ୍ରୀ ଧାରଣ କରିଅଛି । ଚୂଡ଼ାରେ ବିଚିତ୍ର ବୃହତ୍ ପତାକା ଫର୍ ଫର୍ ହୋଇ ସଗର୍ବ ଉଡ଼ୁଅଛି । ହର୍ମ୍ୟର ପ୍ରତିକକ୍ଷ ବିବିଧ ବର୍ଣ୍ଣର ଆଲୋକଜ୍ୟୋତ୍ସ୍ନାରେ ସ୍ନାନ କରି ହସିଉଠୁଅଛି । ଗୃହଭିତ୍ତିରେ ମଣିମାଣିକ୍ୟଖଚିତ ସୁନ୍ଦର ଆସ୍ତରଣ ବିଲମ୍ବିତ । ଆଲୋକର ଜ୍ୟୋତି ସେହି ମଣି-ମାଣିକ୍ୟରେ ପ୍ରତିଫଳିତ ହୋଇ ଅସଂଖ୍ୟ ନକ୍ଷତ୍ରର ହାଟ ବସାଇଦେଇଅଛି । ରତ୍ନଜ୍ୟୋତି ଦୀପଜ୍ୟୋତି

ମିଶାମିଶି ହୋଇ ବର୍ଣ୍ଣବୈଚିତ୍ର୍ୟରେ ଅପୂର୍ବ ନବବସ୍ତୁ ସୃଷ୍ଟି କରଅଛି । ଅପ୍‌ସରାଗଞ୍ଜିନୀ ନର୍ତ୍ତକୀକୁଳ କେତେ ଠାଣିମାଣି ପ୍ରକାଶ କରି କେତେ ଭଙ୍ଗୀରେ ନୃତ୍ୟ କରୁଅଛନ୍ତି । ସେମାନଙ୍କର ବେଣୁବୀଣା ଝଙ୍କାର ମିଳିତ ସୁମଧୁର ସଙ୍ଗୀତ ସ୍ୱର ଶ୍ରୋତା କର୍ଣ୍ଣରେ ଅମୃତ ବର୍ଷଣ କରୁଅଛି । ତେଣେ ବିପୁଳ ଭୋଜର ମହା ଆୟୋଜନ ଲାଗିଅଛି । ସହରର ପ୍ରାୟ ସମସ୍ତ ସମ୍ଭ୍ରାନ୍ତ ବ୍ୟକ୍ତି ନିମନ୍ତ୍ରିତ ହୋଇ ଆସିଅଛନ୍ତି । ନିମନ୍ତ୍ରିତ ସଭାରୁ ମଧୁସ୍ୱାଳାପଗର୍ଭ କୌତୁକ କଥାପ୍ରସଙ୍ଗରେ ଘନ ଘନ ସହାସ୍ୟ କରତାଳି ଧ୍ୱନି ଉଠୁଅଛି । ସଭାରେ ପାଣି ପରି ଅତରଧାରା ବହୁଯାଉଅଛି । ଭିକମାନେ ଉସଘାଣ କରିତା ଅଭ୍ୟର୍ଥ୍ନ କରୁଅଛନ୍ତି । କାଶିମ ଦୁଇହାତରେ ପୁରସ୍କାର ବିତରଣ କରୁଅଛନ୍ତି । କେଉଁ ଠାରେ କୁସ୍ତିଖେଳ, କେଉଁ ଠାରେ ହାତୀଯୁଦ୍ଧ, ମାଲବନ୍ଧାଣ, କେଉଁଠି ବା ଯାତ୍ରା, ଭେଲିକବାଜି ପ୍ରଭୃତି ନାନା ପ୍ରକାର କ୍ରୀଡ଼ାକୌତୁକ ଲାଗିଅଛି । ପ୍ରତି ଛକି ଭାଗରେ ଖଇରାତ ବଣ୍ଟାହେଉଅଛି । ଠଙ୍କା ମୋହର ପ୍ରଭୃତି ବର୍ଷିଢ଼ା ଲାଗିଅଛି । ପଥ ମଧ୍ୟରେ ଠାବେ ଠାବେ ବିଚିତ୍ର ତୋରଣ ନିର୍ମିତ ହୋଇ ସୌଜନ୍ୟଗର୍ଭ ସ୍ୱାଗତ ଶ୍ଳୋକ ସ୍ୱର୍ଣ୍ଣାକ୍ଷରରେ ଲେଖାହୋଇଅଛି । ହାବେଳୀ ବାଣର ଖଚିତ ଜ୍ୟୋତିରେ ଆକାଶରେ ଶତ ଇନ୍ଦ୍ରଧନୁ ଅଙ୍କିତ ହୋଇଯାଉଅଛି । ତୋପ, କମାଣର ପ୍ରଚଣ୍ଡ ଶବ୍ଦରେ ଗଗନ ଚଡ଼ ଚଡ଼ ହୋଇ ଫାଟିଗଲା ପରି ଜଣାହେଉଅଛି ଏବଂ କର୍ଣ୍ଣ ଅସାଡ଼ ହୋଇଯାଉଅଛି । ଚିକ ହାବେଳୀ ଆକାଶରେ ଫାଟିଯାଇ ବିବିଧ ବର୍ଣ୍ଣର ରତ୍ନଗୋଲକ ବର୍ଷିଯାଉଅଛି । ପ୍ରତ୍ୟେକ ମସ୍‌ଜିଦ୍ ଆଲୋକମାଳାରେ ମଣ୍ଡିତ ହୋଇ ସ୍ୱର୍ଣ୍ଣମୟ ଜ୍ୟୋତିଃପରିଚ୍ଛଦ ଧାରଣ କଲା ପରି ଦିଶୁଅଛି ଏବଂ ଅନବରତ "ଅଲ୍ଲାହୋ ଅକ୍‌ବର" ଶବ୍ଦରେ ମୁଖରିତ ହୋଇଉଠୁଅଛି । ଭକ୍ତକଣ୍ଠର ସେହି ପବିତ୍ର ସୁଲଳିତ ଆହ୍ୱାନ ବାଣୀ ଯେପରି ମଧୁ ଉପରେ ମଧୁ ବର୍ଷିଯାଉଅଛି । ଦିଅ ଦିଅ, ନିଅ ନିଅ, ଖାଅ ଖାଅ ଶବ୍ଦରେ ଦିଗ ପ୍ରତିଧ୍ୱନିତ ହେଉଅଛି । ଗରିବ କାଙ୍ଗାଳମାନେ ଉପାଦେୟ ଖାଦ୍ୟରେ ଉଦର ପୂର୍ଣ୍ଣ କରି ବାହୁ ଟେକି ଦାତାଙ୍କର ଜୟ ଜୟକାର ଉଚ୍ଚାରଣ କରୁଅଛନ୍ତି । କି ନିମନ୍ତ୍ରିତ, କି ଦର୍ଶକ, କି ଭିକ୍ଷୁକ ସମସ୍ତେ ବିଳାସ ଆମୋଦରେ ଭାସମାନ । ବଡ଼ଘରର ଗରିବ ଲୁଣିଆ ଉପାସ ରହେ—ଏ କିମ୍ବଦନ୍ତୀ ଏଠାରୁ କାଶିମଙ୍କ ସୁବ୍ୟବସ୍ଥା ହେତୁ ସଫଳ ହୋଇ-ପାରି ନ ଥିଲା । ସେ ନିଜେ ଆନନ୍ଦମୟ, ତାଙ୍କ ବନ୍ଧୁବର୍ଗ ଆନନ୍ଦମୟ, ଅତିଥି ଅଭ୍ୟାଗତ ଆନନ୍ଦମୟ, ଏମନ୍ତକି ତାଙ୍କ ଗୃହପାଳିତ ପଶୁପକ୍ଷୀ ବି ଆନନ୍ଦମୟ । ପୁରିଅଛି ଆନନ୍ଦ ଆନନ୍ଦରେ ହସୁଅଛି । କାଶିମଙ୍କର ପ୍ରାଣ ଖାଲି ଉପାଧିପ୍ରାପ୍ତି ହେତୁ ଉଲ୍ଲସିତ ନୁହେଁ, ଦାନ ହେତୁ ବି ଉଲ୍ଲାସରେ ପରିପ୍ଳୁତ । ଦାନ ଆଉ ତ୍ୟାଗରେ ଯେଉଁଭଳି ଆନନ୍ଦ ଥାଏ, ଅନ୍ୟ କାହିଁରେ ସେଭଳି ନ ଥାଏ ।

କାଶିମଙ୍କର ଅତୁଳ ଐଶ୍ୱର୍ଯ୍ୟ ଥିଲା, ସମାଜରେ ଉଚ୍ଚ ସମ୍ମାନ ଥିଲା, ଅନେକ ଦାସଦାସୀ ଥିଲେ, ବିବିଧ ଯାନ-ବାହନ ଥିଲା, ସୁଖବିଳାସର ଅନ୍ୟାନ୍ୟ ଉପକରଣର ମଧ୍ୟ ଅଭାବ ନ ଥିଲା । ସବୁ ଥିଲା, ଖାଲି ଯାହାଲାଗି ସଂସାରରେ ଜନ୍ମର ଉଦ୍ଦେଶ୍ୟ, ନରଜୀବନର ଆକାଙ୍‌କ୍ଷା ଦୁର୍ଲଭ ମାନବଜନ୍ମର ସୁଖାନନ୍ଦ ଅସମ୍ପୂର୍ଣ୍ଣ ରହିଯାଏ, ସେହି ସନ୍ତାନସନ୍ତତି ତାଙ୍କର ନ ଥିଲେ । ଯେଉଁ ଘରେ ବାଲ୍ୟଲୀଳାର ଅଭାବ, ସେ ଘର ସୁନା, ରୁପା, ହୀରା, ମୁକ୍ତା, ମଣିମାଣିକ୍ୟରେ ଉଜ୍ଜ୍ୱଳ ହେଲେ ସୁଦ୍ଧା ଅନ୍ଧକାରମୟ । ଯେଉଁ ଘର ବାଳଗୋପାଳରୂପୀ ଭଗବାନଙ୍କର ଅମୃତବୋଳା ମଧୁର, କୋମଳ ସ୍ନିଗ୍ଧ ଶୀତଳ ଭାଷାରେ ମୁଖରିତ ନୁହେଁ, ସେ ଘର ଆଉ ମହା ଶ୍ମଶାନ ମଧ୍ୟରେ କିଛି ପ୍ରଭେଦ ନାହିଁ । ନର-ପ୍ରାଣରେ ସନ୍ତାନ-ଲାଭ ପିପାସା ସ୍ୱାଭାବିକ । ସନ୍ତାନ ଅଭାବରେ ତାହାର ପ୍ରାଣ କାନ୍ଦୁଥିଲେ, ସମ୍ପଦ-ପ୍ରାଧାନ୍ୟକୁ ତୁଚ୍ଛ ମଣେ । ସନ୍ତାନ ବିନା ସମ୍ପଦ ସୁନ୍ଦର ଦିଶେ ନାହିଁ ।

ବଡ଼ଲୋକର ଉତ୍ତୁଙ୍ଗ ଧବଳ ପ୍ରାସାଦର ଦୃଶ୍ୟ ତ ଦେଖାସରିଲା, ଏବେ ଗରିବର ଦୁର୍ଗତି, ନଗ୍ନ, ମୁକ୍ତ ଚିତ୍ରର ଦୃଶ୍ୟ ଦେଖାହେଉ । କାଶିମଙ୍କ ନିବାସ ସ୍ଥାନର ଅଳ୍ପ ଦୂରରେ ଗୋଟିଏ କ୍ଷୁଦ୍ର ଖପରଘର ଅଛି । କାଶିମଙ୍କ କୋଠା ପାଖରେ ସେ ଘରଟିକୁ ଆଣି ଥୋଇଲେ

ପର୍ବତ ତଳେ ଉଇହୁଙ୍କା ପରି ଦିଶିବ । ନଦୀତଟ ଗଜ-ରାଜପଦ ତଳେ ମୂଷିକ ଜନ୍ମା ପ୍ରକାଣ୍ଡକାୟ ଦୈତ୍ୟ ପାଖରେ ମାଛିଡ଼ିଏ ପରି ଦିଶିବ । ଘରଟି ଜଣେ ଗରିବ ଗୃହସ୍ଥର । ତାହାର ନାମ ଆଲିବାବା । ଗୃହଟି ଅପରିସର ହେଲେହେଁ ଅପରିଷ୍କୃତ ନୁହେ । ଘର ଦ୍ୱାର ପାଖରେ କେତେଗୋଟା ସାନ ସାନ ଫଳବୃକ୍ଷ ଅଛି ; ଦେଖିଲେ ତପୋବନ ପରି ସୁନ୍ଦର ଦିଶେ । ଭିତର ବାହାର ସବୁ ନିର୍ମଳ, କେଉଁଠି କୁଟା କେଉଁଏ ବା କାଠିଖଣ୍ଡେ ପଡ଼ିଥିବାର ଦେଖାଯାଏ ନାହିଁ । ଗୋଟାଏ ଶୁଚି, ପବିତ୍ରତା ସେ ସ୍ଥାନକୁ ଘେରି ରହି-ଅଛି । କଡ଼ଘର ପରି ଏକବାରିଆ ଗଣ୍ଡଗୋଳ ନାହିଁ ; ସ୍ଥାନଟି ନିର୍ଜନ ନ ହେଲେ ସୁଦ୍ଧା ଶାନ୍ତିଶ୍ରୀମୟ । ଆଲିବାବା, ତାହାର ସ୍ତ୍ରୀ ଓ ଗୋଟିଏ ପୁଅ—ଏହି ତିନି ପ୍ରାଣୀରେ କ୍ଷୁଦ୍ର ପରିବାରଟି ଗଠିତ । ଆଲିବାବା ବଣରୁ କାଠ ଆଣି ସହରରେ ବିକି ସଂସାରଯାତ୍ରା ଚଳାଏ । ସେ ଗରିବ ହେଲେ କୃପଣ ହେବ, ତାହାର ମହତ୍‌ପ୍ରାଣ ଥିଲା । ସେ ଖୁବ୍ ଉଦାର, ସରଳ, ଧର୍ମଭୀରୁ ଓ ମଧୁର ପ୍ରକୃତିର ଲୋକ । ସେ ଶକ୍ତି ଅନୁସାରେ କ୍ଷୁଧାର୍ତ୍ତକୁ ଅନ୍ନଦାନ କରେ, ରୋଗୀର ସେବାଶୁଶ୍ରୂଷା କରେ, ବିପନ୍ନକୁ ସାହାଯ୍ୟ କରେ । ଏହିସବୁ ସଦ୍‌ଗୁଣ ହେତୁ ସେ ସାଧାରଣଙ୍କର ସ୍ନେହସମ୍ମାନ ଆକର୍ଷଣ କରେ । ତାହାର ସ୍ୱଭାବ ଏପରି ସରସ ଯେ, ସେ ସହଜରେ ଅନ୍ୟର ପ୍ରାଣ ଭିତରେ ପଶିଯାଏ । ସେ ଥରେମାତ୍ର ଆଳାପ ପରିଚୟରେ ଲୋକଙ୍କ ମନରେ ଦୃଢ଼ ସ୍ମୃତି-ରେଖା ଟାଣିଦେଉଥିଲା; ସେ ରେଖା ଆଉ ଲିଭୁ ନ ଥିଲା । "ପରୋପକାରାୟ ସ୍ୱର୍ଗାୟ"—ଏହି ଶାସ୍ତ୍ରବାଣୀ ତାହାର ମୂଳମନ୍ତ୍ର ଥିଲା । ସତ୍ୟକଥନରେ ତାହାର ଜିହ୍ୱା ପବିତ୍ର ଥିଲା, ନୈତିକ ସାହସରେ ହୃଦୟ ପବିତ୍ର ଥିଲା, ସନ୍ତୋଷରେ ମନ ପବିତ୍ର ଥିଲା, ଦୟା ଅହିଂସାରେ ସ୍ୱଭାବ ପବିତ୍ର ଥିଲା ଏବଂ କର୍ତ୍ତବ୍ୟସାଧନରେ ହସ୍ତ ପବିତ୍ର ଥିଲା । ତାହାର ଶିକ୍ଷାଦୀକ୍ଷା ନ ଥିଲେ ସୁଦ୍ଧା ଅଭଦ୍ରତା ତାକୁ ସ୍ପର୍ଶ କରି ନ ଥିଲା । ଶିକ୍ଷା ଓ ସଭ୍ୟତା ଏକ ନୁହେ—ଦୁଇଟି ସ୍ୱତନ୍ତ୍ର କଥା । ଅଶିକ୍ଷିତ ପ୍ରାଣରେ ସୁଦ୍ଧା ସଭ୍ୟତା ବିକଶିତ ହୋଇ-ପାରେ ଅର୍ଥାତ୍ ଶିକ୍ଷାକୁ ଛାଡ଼ି ସଭ୍ୟତା ଏକାକୀ ବଢ଼ି ରହିପାରେ । ଆଲିବାବା ଜଣେ ବିଶ୍ୱାସସାର, ଈଶ୍ୱରଙ୍କ ମହିମାରେ ତାହାର ବିଶ୍ୱାସ ଅବାଙ୍ଖ ଦୃଢ଼ତର ରହି-ଅଛି । କୌଣସି ଧର୍ମପ୍ରତି ତାହାର ବିଦ୍ୱେଷ ନାହିଁ, ସବୁ ଧର୍ମକୁ ସେ ଭକ୍ତିଚକ୍ଷୁରେ ଦେଖେ । ତାହା ମତରେ ଈଶ୍ୱର ଏକ, ଧର୍ମ ଏକ—କେବଳ ନାମ ଭିନ୍ନମାତ୍ର, ଅର୍ଥାତ୍ ଏକ ଶକ୍ତିର ଅନେକ ପ୍ରକାଶକ ।

କାଶିମ ଓ ଆଲିବାବା ଉଭୟଙ୍କ ଅବସ୍ଥାରେ ଆକାଶପାତାଳ ପ୍ରଭେଦ ଥିଲେହେଁ ଦୁହେଁ ପରସ୍ପରର ସହୋଦର । ସେମାନଙ୍କ ଭାଗ୍ୟ ସେମାନଙ୍କୁ ଉପର ତଳ ପାଉଛରେ ବସାଇଅଛି । ଗୋଟିଏ ଡେମ୍ଫରେ ଦୁଇଟି ଫଳ ସର୍ବଦା ସମାନ ହୁଏ ନାହିଁ । ଅନେକ ସ୍ଥଳରେ ଗୋଟିଏ ବଡ଼ ଏବଂ ଗୋଟିଏ ସାନ ହେବାର ଦେଖାଯାଏ । କାଶିମ ଜ୍ୟେଷ୍ଠ, ଆଲିବାବା କନିଷ୍ଠ । ସେମାନଙ୍କର ପିତା ପାରସ୍ୟର ଜଣେ ସାଧାରଣ ଅଧିବାସୀ ଥିଲେ । ସେ ଅକାଳରେ ଦେହତ୍ୟାଗ କରି ପୁତ୍ରଦୁଇଟିକୁ ଅନାଥ କରିଗଲେ । କେତେବେଳକୁ କାଶିମଙ୍କ ମୁଣ୍ଡକୁ ହାତ ପାଇଥିଲା ; ମାତ୍ର ଆଲିବାବା ବାଳକସୀମା ଡେଇଁ ନ ଥିଲା । ପୈତୃକ ସମ୍ପତ୍ତି ମଧ୍ୟରେ ଘରଖଣ୍ଡିକ ଛଡ଼ା ଆଉ କିଛି ନ ଥିଲା । କାଶିମ ଯତ୍‌ସାମାନ୍ୟ ଶିକ୍ଷାପ୍ରାପ୍ତ ହୋଇଥିଲେ; ମାତ୍ର ପିତୃବିୟୋଗ ପରେ ଅର୍ଥାଭାବ ହେତୁ ଆଲିବାବା ଭାଗ୍ୟରେ ବିଦ୍ୟା-ଶିକ୍ଷାର ସୁବିଧା ଘଟି ନ ଥିଲା । କାଶିମ ସାମାନ୍ୟ ବାଣିଜ୍ୟବଳରେ ଯାହା ଉପାର୍ଜନ କରନ୍ତି, ସେଥିରେ ଦୁଇଭାଇଙ୍କୁ ସୁଖେ ଦୁଃଖେ ଚଳିବାକୁ ହୁଏ । କାଶିମ ଆଲିବାବାକୁ ପ୍ରାଣାଧିକ ସ୍ନେହ କରନ୍ତି । ଆଲିବାବା ସୁଦ୍ଧା ଅଗ୍ରଜର ପ୍ରାପ୍ୟ ସମ୍ମାନ ଦେବାକୁ କୁଣ୍ଠିତ ହୁଏ ନାହିଁ । ଏହିପରି ଭାବରେ କେତେ କାଳ ଅତୀତ ହେଲା । ଭବିଷ୍ୟତ ଗର୍ଭରେ କଅଣ ଅଛି, ତାହା କେହି ଜାଣି-ପାରେ ନାହିଁ । ଅକସ୍ମାତ୍ କାଶିମଙ୍କର ଭାଗ୍ୟୋଦୟ ହେଲା । ଭାଗ୍ୟଲକ୍ଷ୍ମୀ ଯେତେବେଳେ ଆସନ୍ତି, ଫୁଲ ଦେହକୁ ସୁବାସ ଆସିଲା ପରି ସକଳରେ ଆସନ୍ତି; ତାହା ତାହାର ଜାଣିବାର ଉପାୟ ନାହିଁ । କାଶିମ ଜଣେ ବହୁ ବିତ୍ତଶାଳୀ ବ୍ୟକ୍ତିଙ୍କର 'ସଖିନା'ନାମ୍ନୀ ବିଧବା

କନ୍ୟାର ପାଣିଗ୍ରହଣ କରି ଅତୁଳ ବିଭବର ଅଧିକାରୀ ହେଲେ । କମ୍ପିତ ଚକ୍ରର ବଦଳ ଘୂର୍ଣ୍ଣନରେ ଆଜି ଯେ ଫକୀର, କାଲି ସେ ରଜା ହେଉଥିବାର ଦୃଷ୍ଟାନ୍ତ ଏ ସଂସାରରେ ବିରଳ ନୁହେଁ । ବିବାହ ପରେ କାଶିମ ରାଜଭବନ ତୁଲ୍ୟ ଶ୍ୱଶୁରାଳୟରେ ଯାଇ ବାସ କଲେ । ଅଲିବାବା ପୈତୃକ ଭିଟାମାଟି କାମୁଡ଼ି ପଡ଼ିରହିଲା ।

ସଖିନା ବଡ଼ ଘରର ଝିଅ ହେଲେ କଅଣ ହେବ, ତାହାର ସ୍ୱଭାବ ଅତି ଇତର ଥିଲା । ବଡଘରେ ତାହା ପରି ନୀଚମନା ନାରୀ ପ୍ରାୟଶଃ ଦେଖାଯାଏ ନାହିଁ । ସେ କଟୁ ଈର୍ଷାପରାୟଣା, ସମ୍ପଦ ଗର୍ବରେ ଗର୍ବିତା । ମାନହାନି ଭୟରେ ସେ ଗରିବଙ୍କୁ କଥା କହେ ନାହିଁ । ତାହାର ବିଶ୍ୱାସ, ତାହା ପରି ସୌନ୍ଦର୍ଯ୍ୟବତୀ ରମଣୀ ସ୍ୱର୍ଗରେ ଅଛନ୍ତି କି ନାହିଁ କେଜାଣି; ମାତ୍ର ମର୍ତ୍ତ୍ୟରେ କେହି ନାହାନ୍ତି । ଏ ଉକ୍ତିର ଗୋଟାଏ ଅକ୍ଷର ସୁଦ୍ଧା ମିଛ ନୁହେଁ । ସଖିନା ନିଜର ସୁଖ ଛଡ଼ା ପରର ସୁଖ ସହିପାରେ ନାହିଁ । ପରର ସୁଖଶ୍ରୀ ଦେଖିଲେ ଆଖି ଫୁଟିଗଲା ପରି ଯନ୍ତ୍ରଣା ଅନୁଭବ କରି ହିଂସାରେ ଛଟପଟ ହୁଏ ।

କାଶିମ ଅଲିବାବାଙ୍କୁ ନିଜ ପାଖରେ ଆଣି ରଖିବାକୁ ଇଚ୍ଛା ପ୍ରକାଶ କରିବାରୁ ସଖିନା ସେଥିରେ ଘୋର ଆପତ୍ତି କରି ଅମଙ୍ଗ ହେଲା । କି କୁକ୍ଷଣରେ ସେ ଅଲିବାବାକୁ ଦେଖିଥିଲା କେଜାଣି, ଅଲିବାବାର ନାମ ଶୁଣିଲେ ତା ଦେହ ଜଳିଉଠେ । ଜ୍ୟେଷ୍ଠ ଭ୍ରାତୃଜାୟାକୁ ଅଲିବାବା ମାତୃ ତୁଲ୍ୟ ଭକ୍ତି କରେ; ମାତ୍ର ସଖିନା ତାକୁ ଅନ୍ତରରୁ ଘୃଣା କରେ । ସେ ଧନୀ କନ୍ୟା, ମହାମାନବତୀ ! ଗରିବ ଅଲିବାବାଟାକୁ ଦେବର ବୋଲି ପରିଚୟ ଦେଲେ ଲଜ୍ଜାରେ ତାହାର ମୁଣ୍ଡ କଟିଯିବ, ସେ ସମାଜରେ ଆଉ ମୁହଁ ଦେଖାଇପାରିବ ନାହିଁ—ଏ ଧାରଣା ସେ ସର୍ବଦା ପୋଷିରଖିଥିଲା । କାଶିମ ତାକୁ ଡେର ବୁଝାଇ କହିଲେ, "ଅଲି ମୋର ସାନ ଭାଇ, ଏକା ମାଆ ପେଟରୁ ଦୁହିଙ୍କର ଜନ୍ମ, ଦୁହିଙ୍କ ଦେହରେ ଏକା ରକ୍ତ ବହୁଅଛି, ମୁଁ ଅତୁଳ ଐଶ୍ୱର୍ଯ୍ୟ ଭୋଗ କରି ରଜା ପରି ରହିବି, ଆଉ ସେ ମୂଲ ଲାଗି ପେଟ ପୋଷିବ, ଏହା ଦେଖି ଲୋକେ ମୋତେ କଅଣ କହିବେ ? ସମସ୍ତଙ୍କ ଆଗରେ ମୁଁ ନିନ୍ଦା-ଉପହାସର ପାତ୍ର ହେବି ସିନା ! କେତେ ଲୋକ ଆମ ଘରେ ଖାଇ ବଞ୍ଚୁଛନ୍ତି, ଆଉ ଅଲି ମୁଠାଏ ଖାଇ ଖଣ୍ଡେ ପିନ୍ଧିବ, ସେଥିରେ ଆମର କଅଣ ବା ସରିଯିବ ?" ସଖିନା ଈଷତ୍ ରୁଢ଼ କଣ୍ଠରେ କହିଲା—"ତୁମ ଭାଇ ବୋଲି ତୁମେ ତ ଆଉ ତାକୁ ଗୋଟାଏ ଭାଗ୍ୟ ଗଢ଼ିଦେଇ ବା କିଣିଦେଇପାରିବ ନାହିଁ ! ତା ଭାଗ୍ୟରେ ଯାହା ଅଛି, ସେ ତାହା ଭୋଗକରୁ । ସେଥିରେ ଆମର କଅଣ ଗଲା ? ଆଉ ଲୋକଙ୍କ କଥାରେ ବା କଅଣ ଅଛି ? ସଂସାରରେ କିଏ କାହାର ଶିରି ଦେଖିପାରେ ? ଦୁଷ୍ଟ ଅସହଣି ଲୋକେ ନିନ୍ଦା କରିବେ ବୋଲି କଅଣ ଆମେ ତାଙ୍କର କଥାରେ ଚାଲିବା ? ଯାହାହେଉ, ସେ ଯାହା କରୁପଛେ ଅଲି ପାଇଁ ଏ ଘରେ ସ୍ଥାନ ନାହିଁ, ଏହା ମୋର ସ୍ପଷ୍ଟ କଥା ।" କାଶିମ ତ ବାସ୍ତବିକ, ଉଚ୍ଛୃଙ୍ଖଳ-ମତି ପତ୍ନୀର ସ୍ୱଭାବ ଜାଣନ୍ତି, ସୁତରାଂ ଉଗ୍ରଚଣ୍ଡୀ ନାରୁଣୀକୁ ଉତ୍ତେଜିତ କଲେ ନାହିଁ; କଲେ ଦଂଶନ, ବାଦୋଦ୍‌ଗାର ପ୍ରଭୃତି ମହା ଅନର୍ଥ ଘଟିବ, ଏକଥା ସେ ଉତ୍ତମରୂପେ ଜାଣନ୍ତି । ବିଶେଷତଃ ସେ ନିଜେ ବର୍ତ୍ତମାନ ସ୍ତ୍ରୀର ଅନ୍ନପୋଷ୍ୟ, ତାଙ୍କର ସୌଭାଗ୍ୟ ସମ୍ପଦ ପଦଗୌରବ ସବୁ ତ ସ୍ତ୍ରୀର ପ୍ରସାଦରୁ ! ଏରୂପ ଅବସ୍ଥାରେ ସେ ଅଧିକ ଅଗ୍ରସର ନ ହୋଇ ନୀରବ ରହିବା ହିଁ ସୁବୁଦ୍ଧିର ପରିଚୟ ପ୍ରଦାନ କଲେ ଏବଂ ସ୍ତ୍ରୈଣକ ଚରିତ୍ରର ଶୁଭ ଆଦର୍ଶ ମଧ୍ୟ ଦେଖାଇଲେ । ସେହିଦିନଠାରୁ ଅଲିବାବା ସଙ୍ଗରେ ତାଙ୍କର ଆଉ ସମ୍ପର୍କ ରହିଲା ନାହିଁ । ଏକ ପାଖରେ ଭାଇ, ଆର ପାଖରେ ସମ୍ଭ୍ରମ, ସମ୍ପଦ—ସେ କେଉଁ ଆଡ଼କୁ ଯିବେ ? ତାଙ୍କର ଦୁର୍ବଳ ବିବେକ ଶକ୍ତି ତାଙ୍କୁ ଦ୍ୱିତୀୟ ପକ୍ଷ ଆଲିଙ୍ଗନ କରିବାକୁ ପରାମର୍ଶ ଦେଲା, ସୁତରାଂ ସେ ସେହି ଆଡ଼କୁ ଢଳିପଡ଼ିଲେ । ଭାଇ ବିଚରା ପର ହୋଇ ରହିଲା; କିନ୍ତୁ ଅଲିବାବାର ଭ୍ରାତୃଭକ୍ତି ମଳିନ ହେଲା ନାହିଁ । ସେ ବାଟରେ କାଶିମଙ୍କୁ ଚତୁର୍ହୟଯୋଜିତ ସୁସଜ୍ଜିତ ଅଶ୍ୱରଥରେ ବସି ଯାଉଥିବାର ଦେଖିଲେ ବିନୟରେ ନମ୍ରହୋଇ ଦୁଇ ହାତରେ ସଲାମ କରେ ଏବଂ ଅଗ୍ରଜର ସୌଭାଗ୍ୟରେ ଆନନ୍ଦ ମଧ୍ୟ ପ୍ରକାଶ କରେ; କିନ୍ତୁ

କାସିମ କଅଣ କରନ୍ତୁ, ସେ ବଡଲୋକ ଢଙ୍ଗରେ ଟିକଏ ଅଡ଼ନେଇରେ ଚୂହିଁଦେଇ କପଟ ମୁଣ୍ଡ ହଲାଇ ଚାଲିଯାନ୍ତି । ଭାଇଙ୍କର ଏ ଅଦ୍ଭୁତ ପରିବର୍ତ୍ତନ ଦେଖି ଅଲିବାବା ଆଶ୍ଚର୍ଯ୍ୟ ହୁଏ ଏବଂ ହସିପକାଏ । ତାଙ୍କ ମନରେ ଦୁଃଖ ବା ଈର୍ଷା କିଛି ହୁଏ ନାହିଁ । ଅଳ୍ପ ଯେ ଉଦାସ, କାଲି ଯେବେ ସେ କୁବେର ହୁଏ, ତେବେ ସେ ନିଜକୁ ବି ଭୁଲିଯାଏ, ଅନ୍ୟ ଲୋକଙ୍କୁ ଭୁଲିଯିବା ବଡ କଅଣ ? ବର୍ତ୍ତମାନ ଆବରଣରେ ତାହାର ଅତୀତ ଏପରି ନିବିଡ଼ ଭାବରେ ଢାଙ୍କିଯାଏ ଯେ, ଅତୀତର ଅତି ଅସ୍ପଷ୍ଟ ଛାୟା ସୁଦ୍ଧା ସେ ଦେଖିପାରେ ନାହିଁ ।

ଏଥିମଧ୍ୟରେ ଅଲିବାବାର ବିବାହ ହୋଇଯାଇ-ଅଛି । ତାହାର ସ୍ତ୍ରୀର ନାମ ଫତେମା । ଫତେମା ଯେଉଁ-ପରି ରୂପବତୀ, ସେହିପରି ଗୁଣବତୀ । ଗରିବ ଘରର ଝିଅ ହେଲେ କଅଣ ହେବ, ତାହାର ହୃଦୟ ଥିଲା । ଅନେକ ଧନୀ କନ୍ୟାର ହୃଦୟ ଫତେମାର ସେହି ହୃଦୟ ତୁଳନାରେ ଲଘୁ । ତାହାର ପତିଭକ୍ତି ଯେଉଁପରି ଆଦର୍ଶ, ଅଲିବାବାର ପତ୍ନୀପ୍ରେମ ସେହିପରି ପବିତ୍ର । ଦୁହିଁଙ୍କର ଦାମ୍ପତ୍ୟ ଜୀବନ ଅତୀବ ସୁଖକର ହୋଇଥିଲା । ଫତେମାର ଚରିତ୍ର ଏପରି ମଧୁର, ମାର୍ଜିତ ଓ ଉଜ୍ଜ୍ୱଳ ଯେ, ତାକୁ ଦେଖିଲାକ୍ଷଣି ତାହାର ଆନନ୍ଦ-ମୟୀ ମାତୃମୂର୍ତ୍ତି ନିକଟରେ ସମ୍ଭ୍ରମରେ ଶିର ଅବନତ ହୋଇଆସେ । ତାହା ପରି ଦୟାଶୀଳା ପରୋପକାରିଣୀ ରମଣୀ ନାରୀ-ସମାଜରେ ଦୁର୍ଲଭ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ସଖିନାକୁ ବଡ଼ ଭଉଣୀ ପରି ଭକ୍ତି କରେ; ମାତ୍ର ସଖିନା ତାକୁ ପ୍ରାଣେ ପ୍ରାଣେ ଈର୍ଷା କରେ । ଏ ଦୁଇଟି ରମଣୀଙ୍କର ସ୍ୱଭାବ ପରସ୍ପରର ପ୍ରତିକୂଳ । ଗୋଟିଏ ତୁଳସୀ ମଞ୍ଜରୀ, ଅନ୍ୟଟି ଚାଉଡଙ୍କର ଅଁଶ; ଗୋଟିଏ ସୁଗନ୍ଧପ୍ରାଣ ସୁଗନ୍ଧା, ଅପରଟି ଦୂଷିତଗନ୍ଧ-ମୟ ଗନ୍ଧଗୋହିରୀ; ଗୋଟିଏ ଦେବୀ, ଅନ୍ୟଟି ଦାନବୀ; ଗୋଟିଏ ପୁଣ୍ୟତୋୟା ଜାହ୍ନବୀ, ଅପରଟି ପାପପଙ୍କିଳା ଚର୍ମନାଶା ନଦୀ । ଗୋଟିଏ ଅମୃତ କଳସ, ଅନ୍ୟଟି ପ୍ରାଣଘାତୀ ବିଷଭାଣ୍ଡ । ଫତେମା ଖଣ୍ଡିଏ ଭଲ ଲୁଗା ପିନ୍ଧିଲେ ସଖିନା ତେବେ ଥଟ୍ଟା କରେ, ଶ୍ଳେଷ ବାକ୍ୟ ପ୍ରୟୋଗରେ ଶତଛିନ୍ନ କରେ, ଛଟାଭଙ୍ଗ ମେଲେ; ମାତ୍ର ଫତେମା ସେସବୁ ଦେହକୁ ନ ନେଇ ହସରେ ଉଡ଼ାଇଦିଏ । ତାହାର ଛଳ, କପଟ, ମାୟା କିଛି ନାହିଁ; ସେ ଗୋଟିଏ ସରଳ ସୁନ୍ଦର ଶାଳଶାଖା; ମାତ୍ର ସଖିନା ରୁକ୍ଷ କର୍କଶ କଣ୍ଟାବାଉଁଶ କଣି । ଫତେମା ତା ଘରକୁ କ୍ୱଚିତ୍ ଯିବା ଆସିବା କରେ ।

# ଦ୍ୱିତୀୟ ପରିଚ୍ଛେଦ

ଅଲିବାବାର ତିନୋଟି ଗଧ ଥିଲେ । ସେ ପ୍ରତିଦିନ ସେହି ଗଧ ତିନୋଟିଙ୍କୁ ନେଇ ବଣକୁ ଯାଏ । ବଣରୁ କାଠ କାଟି ସେମାନଙ୍କ ପିଠିରେ ଲଦି ବଜାର-ରରେ ଆଣି ବିକ୍ରୟ କରେ । ସେଥିରୁ ଯାହା ମିଳେ, ତେତିକରେ ସେ ସୁନ୍ଦରରୂପେ ଘର ଚଳାଇନିଏ । ତେବେ ଅଣେପଣେ ବଳିଲେ ଦାନଖଇରାତ କରେ; ଯଥାଶକ୍ତି ଗରିବ ଅକ୍ଷମର ଅଭାବ ପୂରଣ କରେ । ଅଲିବାବା କୋଷ୍ଠୀରେ ସଞ୍ଚୟ ନାହିଁ, ସେ ପୂର୍ଣ୍ଣ ଈଶ୍ୱର-ବିଶ୍ୱାସୀ । ସେ କହେ—ଯେ ସମସ୍ତଙ୍କୁ ଦେଉଛି, ସେ ମୋତେ ବି ଦେବ, ଆଉ ପ୍ରତିଦିନ ଦେଇଆସୁଅଛି । ଜଣେ ଦେବା ଲୋକ ଥିବାଠାରେ ସଞ୍ଚୟ କରିବି କାହିଁକି ? ଅଲିବାବାର ଅଳ୍ପ ଆୟରେ ସୁଦ୍ଧା କିଛି ଅଭାବ ହୁଏ ନାହିଁ । ମନରେ ସନ୍ତୋଷ ଥିଲେ ଆଉ ଅଭାବ କଅଣ ? ଅଭାବର ଜନ୍ମଦାତା ଅସନ୍ତୋଷ ସିନା ! ସେହି ଅସନ୍ତୋଷ ଦ୍ୱାରା ସେ ପୁଷ୍ଟ ପରିବର୍ଦ୍ଧିତ ହୁଏ । କେହି ଯେବେ କହେ—“ନିଜ ପାଇଁ ସଞ୍ଚୟ ନ କର ପଛେ, ସ୍ତ୍ରୀପୁତ୍ରପୋଷ୍ୟବର୍ଗ ପାଇଁ କିଛି କିଛି ସଞ୍ଚୟ କରିବା ଉଚିତ, ନଚେତ୍ ଦୈବାତ୍ ସେମାନେ ଯେବେ ତୁମର ଅଭାବ ଅନୁଭବ କରନ୍ତି, ତେବେ ବଞ୍ଚିବେ କିପରି ?” ଅଲିବାବା ଏ କଥା ଶୁଣି ହସି ହସି କହେ—ସେମାନେ ନିଶ୍ଚୟ ବଞ୍ଚି ରହିବେ । ଯେ ସମସ୍ତଙ୍କୁ ଦେଖୁଛି, ସେ ତାଙ୍କୁ ବି ଦେଖିବ । ମୁଁ ନିଜେ ତ ପିଲାବେଳୁଁ ପିତୃହୀନ, ବଞ୍ଚି ନ ରହି କଅଣ ମରିଗଲି ? ଯେ ଜୀବନ ଦେଇଛି, ଜୀବନ ରକ୍ଷାର ଉପାୟ ସେହି ଏକା ଦେଖାଇଦେବ, ସେଥିଲାଗି ଚିନ୍ତା କଅଣ ?

ଦିନେ ଅଲିବାବା ଖଣ୍ଡେ କୁରାଢ଼ି ଧରି ଗଧ ତିନୋଟି ଧରି ବଣକୁ ଗଲା । ପ୍ରତିଦିନ ଯେତେବେଳେ ଯାଏ, ସେ ଦିନ ତାହାଠାରୁ ଟିକିଏ ଉଛୁର ହୋଇ-ଯାଇଥିଲା । ସୁତରାଂ ଶୀଘ୍ର କାଷ୍ଠ ସଂଗ୍ରହ ନିମନ୍ତେ ବ୍ୟଗ୍ର ହୋଇଉଠିଲା । ସେ ମନେ ମନେ ଭାବିଲା—ବଣର ଯେଉଁ ଅଂଶରୁ ଲୋକେ କାଠ ନିଏ, ସେ ଅଂଶରୁ ତ କାଠ ସରିଆସିଲାଣି, ଆଜି ସେଠାକୁ ନ ଯାଇ ପର୍ବତ ମୂଳକୁ ଗଲେ ଅଳ୍ପ ସମୟରେ ପ୍ରଚୁର କାଠ ସଂଗ୍ରହ କରିପାରିବି । ଏହା ଭାବି ସେଦିନ ଘୋର ଜଙ୍ଗଲ ଭେଦି ପର୍ବତ ମୂଳକୁ ଗଲା । ଭୟରେ କେହି ଅଡ଼କୁ କେହି ଯାଆନ୍ତି ନାହିଁ । ଦୈବାତ୍ ଗଲେ ଆଉ ଲୋକୁଣ୍ଡ ଅସିବାକୁ ହୁଏ ନାହିଁ ବୋଲି ପ୍ରବାଦ ଅଛି । କାହିଁକି ଫେରିଆସିବାକୁ ନ ହୁଏ, ତାହା କେହି ଜାଣନ୍ତି ନାହିଁ; ମାତ୍ର ଫେରି ଆସିବାକୁ ହୁଏ ନାହିଁ, ଏହା ସମସ୍ତେ ଜାଣନ୍ତି । ଅଲିବାବା ସେଠାକୁ ଯିବାକୁ ପ୍ରଥମତଃ ଟିକିଏ ଶଙ୍କିତ ହେଲା; ମାତ୍ର ପରେ ସାହସ ବାନ୍ଧି କହିଲା—ମଲେ ପଛେ ମରିବି, ସେଥିପାଇଁ କାପୁରୁଷ ପରି ଏତେ ଭୟ କାହିଁକି ? ମୋପରି ଗୋଟାଏ ଦରିଦ୍ର ମରିଗଲେ ବା ଜଗତର କ'ଣ କ୍ଷତି ହୋଇଯିବ ? ଅଭି ତାହା ବା କାହିଁକି ହେବ ? ହାତରେ କୁରାଢ଼ି ଥାଉ ଥାଉ ଏତେ ଚିନ୍ତା କାହିଁକି ? ଭୟ ସିନା ହିଂସ୍ରଜନ୍ତୁଙ୍କ ଲାଗି, ତା ଛଡ଼ା ତ ଭୂତ ପ୍ରେତ ଆସି ଡରାଇବେ ନାହିଁ ! ସେମାନଙ୍କ ସଙ୍ଗରେ ତ ମୋର ଲେଖାଯୋଖା ବା ମଧୁର ସମ୍ପର୍କ ନାହିଁ, ବୃଥା ସେମାନେ ମୋତେ ଅଭ୍ୟର୍ଥନା କରିବାକୁ କାହିଁକି ଆସିବେ ? ତେବେ ତେଙ୍କାଣି କାହାର ଯେବେ ନିତାନ୍ତ କନ୍ୟାଦାୟ ପଡ଼ିଥିବ, ତେବେ କହି ନ ପାରେ । ଅଲିବାବା ଏହା କହି ଆପେ ଆପେ ହସିବାକୁ ଲାଗିଲା ଓ କହିଲା, ଆଃ, ଏ କୌତୁକ ନା ରସିକତା ? ଯାହା ହେଉ, କଳ୍ପନାର ମଜାଟା ମନ୍ଦ ନୁହେ ।

ନିବିଡ଼ ଅରଣ୍ୟ ମଧ୍ୟରେ ଗୋଟାଏ ଘନତୃଣ୍ମ-ଚ୍ଛନ୍ନ ଉତ୍ତୁଙ୍ଗ ପର୍ବତ ମୌନବ୍ରତୀ ଯୋଗୀ ଯୋଗ-ଧ୍ୟାନରେ ନିଶ୍ଚଳ ଥିଲା ପରି ଠିଆ ହୋଇଅଛି । କେତେ ଯୁଗ ବହିଗଲାଣି, ତେବେ ବି ତାହାର ଧ୍ୟାନ ଭଙ୍ଗ ନାହିଁ । ଯୋଗରେ ତାହାର ପିଣ୍ଡ ପଥର ପାଲଟି-ଯାଇଅଛି । ପର୍ବତଟା ଏରୂପ ନିର୍ଜନ ଯେ, ପଶୁପକ୍ଷୀଙ୍କର ଶବ୍ଦ ସୁଦ୍ଧା ନାହିଁ—ଗୋଟାଏ ନୀରବ ବିଭୀଷିକା ସେଠାରେ ରାଜତ୍ୱ କରୁଅଛି । ସେହି ପର୍ବତର ପାଦ ତଳେ ଗୋଟାଏ ଖୁବ୍ ବଡ ଝାଙ୍କୁଡ଼ା ଗଛ ଅଛି । ଅଲିବାବା ଗଧ ତିନିଟାକୁ ଚରିବା ପାଇଁ ଛାଡ଼ିଦେଇ ସେହି ଗଛ ମୂଳରେ ଯାଇ ଠିଆହେଲା । ଏହି ସମୟରେ ବନସ୍ଥଳୀ ଥରିଉଠିଲା ପରି ଜଣାଗଲା । ଖଇ ଫୁଟିଲା ପରି ଦୂର ଜାତ ଅଶ୍ୱଖୁରର ଟପ୍-ଟାପ୍ ଶବ୍ଦ ବାୟୁସ୍ରୋତରେ ଭାସି ଆସିଲା । ଅଲିବାବାର ଦେହ ଫୁଲିଉଠିଲା । ସେ ବ୍ୟସ୍ତହସ୍ତ ନେତ୍ରରେ ଚାରିଆଡ଼କୁ ଚାହିଁ ଦେଖିଲା—ବସ୍ତୁତ ଧୂମଶ୍ରେଣୀ ପରି ଖଣ୍ଡେ ମେଘ ଆକାଶରେ ଭାସି ଆସୁଅଛି । ତଥ୍ୟ ଜାଣିବା ପାଇଁ ସେ ଗଛ ଉପରେ ଚଢ଼ି ଅନାଇଲା । ଉଚ୍ଚ ସ୍ଥାନରେ ଥିବା ହେତୁ ବନର ଅନେକ ଦୂରଯାଏ ତାକୁ ଦେଖାଗଲା । ସେ ଦେଖିଲା—ଦଳେ ଦାନବ ସଦୃଶ ଅଶ୍ୱାରୋହୀ ପ୍ରଖର ବେଗରେ ଅଶ୍ୱ ଛୁଟାଇ ସେହି ଆଡ଼କୁ ଆସୁଅଛନ୍ତି । ଅଶ୍ୱଖୁରୋତ୍ଥିତ ଧୂଳିପଟଳ ମେଘ ପରି ଦିଶୁଅଛି । ଅଲିବାବା ସେମାନଙ୍କୁ ଦେଖି ଗଛର ଆହୁରି ଉପରକୁ ଉଠିଯାଇ ପତ୍ରବହୁଳ ସ୍ଥାନରେ ଆତ୍ମଗୋପନ କରି ବସି ରହିଲା । ଅଳ୍ପକ୍ଷଣ ପରେ ଅଶ୍ୱାରୋହୀ ଦଳ ଆସି ସେହି ଗଛମୂଳରେ ପହଞ୍ଚିଲେ । ଅଲିବାବା ସେମାନଙ୍କର ଭୀଷଣ ଯମଦୂତଙ୍କର ମୂର୍ତ୍ତି ଦେଖି ଜାଣିପାରିଲା, ସେମାନେ ଦୁର୍ଦ୍ଦାନ୍ତ ଦସ୍ୟୁ । ସମସ୍ତେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ । ସମସ୍ତଙ୍କ ଘୋଡ଼ା ଉପରେ ଗୋଟାଏ ଗୋଟାଏ ମୁହଁବନ୍ଧା ଥଳୀ ଅଛି । ସମ୍ଭବତଃ ସେଥିରେ ଅପହୃତ ପଦାର୍ଥସବୁ ଅଛି । ଅଲିବାବା ଗଣି ଦେଖିଲା, ସେମାନେ ସଂଖ୍ୟାରେ ଚାଳିଶ ଜଣ । ସମସ୍ତଙ୍କ ଦେହରେ ବହୁମୂଲ୍ୟ ପରିଚ୍ଛଦ ଏବଂ ମସ୍ତକରେ ପ୍ରକାଣ୍ଡ ପଗଡ଼ି । ସମସ୍ତେ ଘୋଡ଼ାରୁ ଓହ୍ଲାଇ ଘୋଡ଼ାର ଦେହ ମୂଳରେ ଥାପଡ଼ା ମାରି ତାହା ପ୍ରତି ସ୍ନେହାଦର ପ୍ରକାଶକଲେ । ତହିଁ ପରେ ଘୋଡ଼ାକୁ ଗଛରେ ବାନ୍ଧିଦେଇ ଚାଳିଶ-ଜଣଯାକ ଉପର୍ଯ୍ୟୁକ୍ତ ମାଲପୂର୍ଣ୍ଣ ଥଳୀସବୁ ହାତରେ

ଧରି ଖଣ୍ଡେ ଦୂରରେ ଯାଇ ଠିଆହେଲେ । ଦସ୍ୟୁଦଳ-ପତି ଅଗ୍ରବର୍ତ୍ତୀ ହୋଇ ଜଳଦ ଗମ୍ଭୀର ସ୍ୱରରେ କହିଲା—'ସିସେମ୍, ଦ୍ୱାର ଖୋଲ୍ ।' ଏହା କହିବା-ମାତ୍ରେ ଅକସ୍ମାତ୍ ଗୁଳ୍ମଲତାଗୁଳ୍ମାଚ୍ଛାଦିତ ପର୍ବତର ପାଦ-ଦେଶରେ ଗୋଟାଏ ଦ୍ୱାର ହୋଇଗଲା । ତହିଁ ପରେ ଘୋଡ଼ାଗୁଡ଼ିକ ସାଙ୍ଗରେ ଦସ୍ୟୁଗଣ ସେହି ଗୁପ୍ତ ସୁଡ଼ଙ୍ଗରେ ପଶି ଅଦୃଶ୍ୟ ହୋଇଗଲେ । କିଛିକ୍ଷଣ ପରେ ସମସ୍ତେ ବାହାରି ଆସି ସ୍ୱ ସ୍ୱ ଅଶ୍ୱ ଆରୋହଣ କଲେ । ଦଳପତି ଉକ୍ତ ଦ୍ୱାର ନିକଟକୁ ଯାଇ ପୂର୍ବପରି ବିକଟ ସ୍ୱରରେ କହିଲା—ସିସେମ, ଦ୍ୱାର ବନ୍ଦ କର । ତତ୍‌କ୍ଷଣାତ୍ ମାୟାଦ୍ୱାର ବନ୍ଦ ହୋଇଯାଇ ଭୂମିରେ ମିଶିଗଲା । ସେଠାରେ ଦ୍ୱାର ଥିବାର ଚିହ୍ନବର୍ଣ୍ଣ କିଛି ଜଣାହେଲା ନାହିଁ । ଦସ୍ୟୁମାନେ ଏକାଧିକ ଦଳରେ ବିଭକ୍ତ ହୋଇ ଭିନ୍ନ ଭିନ୍ନ ଦିଗକୁ ଘୋଡ଼ା ଛୁଟାଇଦେଇ ବନ ମଧ୍ୟରେ ପଶିଗଲେ । ଅଲିବାବା ଗଛ ଉପରେ ଥାଇ ସବୁ ଦେଖିଥିଲା । ଗୁପ୍ତ ସୁଡ଼ଙ୍ଗ ଭିତରେ କଅଣ ଅଛି, ତାହା ଦେଖିବା ନିମନ୍ତେ ତାହାର ମନ ବଡ଼ କୌତୂହଳୀ ହୋଇ-ଉଠିଲା । ସେ ଗଛରୁ ଓହ୍ଲାଇ ଆସି ଦସ୍ୟୁପତି ଯେଉଁଠାରେ ଠିଆହୋଇଥିଲା, ସେଇଠାରେ ଯାଇ ଠିଆହେଲା । ସେ ଗଛ ଉପରେ ଥିବାବେଳେ ଦସ୍ୟୁ-ପତି ଉଚ୍ଚାରିତ ଦ୍ୱାର ଖୋଲିବା ଏବଂ ବନ୍ଦ ହେବାର ମନ୍ତ୍ର ଶୁଣି ତାକୁ ଘୋଷି ଘୋଷି କଣ୍ଠସ୍ଥ କରି ରଖିଥିଲା । ଅଲିବାବା ଦସ୍ୟୁପତି ପରି ଗମ୍ଭୀର ସ୍ୱରରେ କହିଲା, ସିସେମ୍, ଦ୍ୱାର ଖୋଲ । ତତ୍‌କ୍ଷଣାତ୍ ପୂର୍ବପରି ଗୁପ୍ତଦ୍ୱାର ଖୋଲିଗଲା । ଅଲିବାବା ତାହା ଭିତରେ ପଶି ଦେଖିଲା —ତାହା ଖାଲି ଗୁମ୍ଫା ନୁହେଁ, ଗୁମ୍ଫା ତଳକୁ ରାଜଭବନ ପରି ସୁନ୍ଦର ସୁସଜ୍ଜିତ ଅନେକ ଘର ଅଛି । ସେ ଘରେ ବାୟୁ, ଆଲୋକର ଅଭାବ ନାହିଁ । ବାୟୁ ଓ ଆଲୋକ ଆସିବା ସକାଶେ ଗୁପ୍ତ ପଥ ଅଛି । ତାହା ଏପରି କୌଶ-ଳରେ ନିର୍ମିତ ଯେ, କାହାରି ଜାଣିବାର ଉପାୟ ନାହିଁ । ଅଲିବାବା ପ୍ରତି ଘରେ ବୁଲି ସବୁ ଦେଖି ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ସେ ଏବେ ବୁଝିପାରିଲା, ଏ ସ୍ୱପ୍ନପୁରୀ ବା ମାୟାପୁରୀ ନୁହେ—ଏ ପାତାଳପୁରୀଟି ଦସ୍ୟୁମାନଙ୍କର ଗୁପ୍ତ ଧନାଗାର । ସେ ଦେଖିଲା—କେଉଁ ଘରେ କାନ୍ଥ ଉପରେ ସ୍ୱର୍ଣ୍ଣ ମୋହରର କାନ୍ତି ମଗ୍ନହୋଇଛି, କେଉଁ ଘରେ ବସ୍ତା ବସ୍ତା ମଣି-ମାଣିକ୍ୟ, ହୀରା ନୀଳା ମୋତି ପ୍ରଭୃତି ସଜ୍ଜିତ ହୋଇ ରହିଅଛି । କେଉଁ ଘର ରତ୍ନଖଚିତ ବହୁ ବିବିଧ ମୂଲ୍ୟବାନ୍ ରତ୍ନାଳଙ୍କା-ରରେ ଅଳଙ୍କୃତ । ଯେଉଁଠାରେ ସ୍ୱର୍ଣ୍ଣରତ୍ନର ଚିକ୍‌-ଚିକି, ସେଠାରେ ରୌପ୍ୟମୁଦ୍ରାକୁ ବା ପଚାରେ କିଏ ? ଧାନଖଲାର ଅଗାଡ଼ି ପରି ସେଗୁଡ଼ାକ ଯଥା ତଥା ଗଦା ହୋଇଅଛି । ଦସ୍ୟୁମାନଙ୍କର ଖଟ ଆବଶ୍ୟକ ହୁଏ ନାହିଁ—ସେହି ଟଙ୍କାଗଦା ଉପରେ ସେମାନେ ଶୁଅନ୍ତି । ଏତେ ଧନରତ୍ନ ଦେଖି ଅଲିବାବା ତାଟଙ୍କା ହୋଇଗଲା । ସେ ଭାବିଲା—ଦସ୍ୟୁମାନଙ୍କର ଏ ଗୁପ୍ତଧନ-ଭଣ୍ଡାରରେ ଯେତେ ଧନ ଅଛି, ଶତ ଶତ ରାଜଭଣ୍ଡା-ରରେ କେତେ ନ ଥିବ । ଏ ଦ୍ୱିତୀୟ କୁବେରର ଗନ୍ତା-ଘର । ଏଥିରେ ଯାହା ଯାହା ଅଛି, ତାହାସବୁ ଗୋଟି ଗୋଟି କରି ଦେଖିଲେ ଗୋଟାଏ ଜନ୍ମର ପରମାୟୁ ଅଣ୍ଟିବ ନାହିଁ । ଈଶ୍ୱର କି ଶୁଭଯୋଗରେ ମୋତେ ଘରୁ ଆଜି ବାହାର କରି ଆଣିଥିଲେ, ଏତେ କାଳ ପରେ ଆଜି ମୋ ହାତରୁ ଦରିଦ୍ରତା ଖସିବ । ଭଗବାନ ମୋ ଭାଇ କାଶିମକୁ ବି ଦିନେ ଏହିପରି ଆକସ୍ମିକ ସୌଭାଗ୍ୟ ଦାନ କରିଥିଲେ ; ମାତ୍ର ମୁଁ କ୍ଷଣକ ପାଇଁ ସେହି ଭ୍ରାତୃ-ସୌଭାଗ୍ୟରେ କେବେ ଈର୍ଷାପରାୟଣ ହୋଇ ନାହିଁ ବରଂ ଆହ୍ଲାଦ ପ୍ରକାଶ କରିଅଛି । ବୋଧ-ହୁଏ ଦୟାମୟ ଜଗତ୍‌ପିତା ମୋର ସେହି ଅହିଂସାର ପୁରସ୍କାର ଆଜି ଏହି ସୂତ୍ରରେ ମୋତେ ଦେଉଅଛନ୍ତି । ଅଲିବାବା ଆନନ୍ଦରେ ବିହ୍ୱଳ ହୋଇ ଏହିପରି ଭାବୁ ଭାବୁ ହଠାତ୍ ତାହା ଦେହରେ ଗୋଟାଏ ଚମକ ଆସି ପଶିଗଲା । ସେ ଧଡ଼କରି ଉଠି ଠିଆହୋଇ କହିଲା—ଉଃ, କେତେବେଳ ହୋଇଗଲାଣି ! ଦସ୍ୟୁମାନେ ଯେବେ ଆସି ପହଞ୍ଚିଯାଆନ୍ତି, ତେବେ ମୋର ଅବସ୍ଥା କଅଣ ହେବ ? ଆଉ ଏ ମୃତ୍ୟୁମନ୍ଦିର ଭିତରେ ରହିବା ନିରାପଦ ନୁହେ । ଏହା କହି ସେ କେତେଟା ମୋହର-ପୂର୍ଣ୍ଣ ଥଳି ଘେନି ଯଥାଶୀଘ୍ର ସେହି ସଙ୍କଟପୁରୀ ମଧ୍ୟରୁ ବାହାରି ଆସିଲା । ପଛ ଆଡ଼କୁ ଚାହିଁଲା, କେହି କୁଆଡ଼େ ନାହାନ୍ତି । ତକ୍ଷଣି କହିଲା—'ସିସେମ୍, ଦ୍ୱାର ବନ୍ଦ କର ।'

ତାହାର ଏ ବାକ୍ୟର ଅବସାନ ସଙ୍ଗେ ସଙ୍ଗେ ମାୟାଦ୍ୱାର ବନ୍ଦ ହୋଇଗଲା । ଅଲିବାବା ତେବେ କାଠ କାଟିସାରି ବନମଧ୍ୟରୁ ଗଧ ତିନୋଟିଙ୍କୁ ଖୋଜି ଆଣିଲା । ମଝିରେ ମୋହରଥଳୀ ରଖି ତାହା ଚାରି ପାଖରେ କାଠ ସଜାଇ ବୋଝ ବାନ୍ଧିଲା । ଏପରି କୌଶଳରେ ବୋଝ କଷିଲା ଯେ, ତାକୁ ଦେଖି କେହି କାଠ ଛଡ଼ା ଅନ୍ୟ କିଛି ବୋଲି ସନ୍ଦେହ କରିବ ନାହିଁ । ବୋଝ ତିନୋଟା ଗଧ ପିଠିରେ ଲଦି ସେ ଗୃହାଭିମୁଖରେ ଅଗ୍ରସର ହେଲା । ତେତେବେଳକୁ ବେଳ ବୁଡ଼ି ଆସୁଥିଲା । ଅଲିବାବା ଧୀରେ ଧୀରେ ଗଧ ଅଡ଼ାଇ ଚାଲିଲା । ଖୁବ୍ ଅନ୍ଧାର ହୋଇଗଲା ପରେ ଘରେ ପହଞ୍ଚିଲେ କେହି କିଛି ଜାଣିପାରିବ ନାହିଁ ବୋଲି ପାଞ୍ଚି ବେଳ ମାପି ମାପି ସେ ବାଟ ଚାଲିବାକୁ ଲାଗିଲା ।

ଦେଖୁଁ ଦେଖୁଁ ସନ୍ଧ୍ୟା ହେଲା, ଅନ୍ଧାର ମାଡ଼ି ଆସିଲା । ଚର୍ମପକ୍ଷ ବାଦୁଡ଼ିବୃନ୍ଦ ଅନ୍ଧାରର ଜୟପତାକା ଉଡ଼ାଇବୁଲିଲେ । ସନ୍ଧ୍ୟାରାଣୀଙ୍କ ସ୍ୱାଗତଉତ୍ସବର ଗାୟକ ରହି ଝିଲ୍ଲୀକୁଳ ଷଡ଼ଜଧୈବତ ମିଶ୍ରିତ ମଧୁର ସ୍ୱରରେ ରାଣୀଙ୍କର ଆଗମନୀ ସଙ୍ଗୀତ ଗାନ କରିବାକୁ ଲାଗିଲେ । ନୀଳ ସମୁଦ୍ରରେ ଫେନରାଶି ପରି ଆକାଶରେ ତାରାପୁଞ୍ଜ ଫୁଟିଉଠିଲେ । ଏତେବେଳଯାଏ ଅଲିବାବା ଫେରି ଆସିଲା ନାହିଁ । ପ୍ରତିଦିନ ତ ବେଳ ଉତରୁ ଉତରୁ ହେଉଥାଏ ଆସି ପହଞ୍ଚେ, ଆଜି ରାତିଯାଏ ଡେରି କାହିଁକି ହେଉଛି ? ଫତେମାର ମନ ଆଣ୍ଟିପାଣ୍ଟି ହେଲା । ବେଳ ଯେତେ ଡେରି ହେଉଥାଏ, ତାହାର ଉତ୍କଣ୍ଠା ସେତେ ବଢ଼ୁଥାଏ । ସ୍ୱାମୀ ହିଂସ୍ରଜନ୍ତୁପୂର୍ଣ୍ଣ ଅରଣ୍ୟକୁ ଏକୁଟିଆ ଯାଇ ରାତିଯାଏ ଫେରିଲା ନାହିଁ । ଏଥିରେ ସ୍ୱାମିବତ୍ସଳା ସତୀର ହୃଦୟ ଓ ମନ ଯାହା ହୁଏ, ତାହା ସତୀ ଛଡ଼ା ଆଉ କେହି ବୁଝିପାରିବେ ନାହିଁ । ସେ ବାରମ୍ବାର ଦାଣ୍ଡକୁ ଆସି ଅନାଇଯାଉଥାଏ । ଘରକୁ ଫେରିଆସି ପୁଣି ଦାଣ୍ଡକୁ ଯାଏ, ପୁଣି ଫେରିଆସେ—ଏହିପରି ସେ ଚରଖି ଭଳି ଘୂରିବୁଲୁଥାଏ । ମନେ ମନେ କେତେ ଦିଅଁ ଦେବତାଙ୍କୁ ଡାକୁଥାଏ । ଏହି ସମୟରେ ଦାଣ୍ଡରେ ଅଲିବାବାର ଗଧ ହୁଙ୍କା ଶବ୍ଦ ଶୁଭିଲା । ଫତେମା ଅଳପ ଡେରି ସହିବାକୁ ତର ପାଇଲା ନାହିଁ ; ଅନ୍ଧାରରେ ଝୁଣ୍ଟି ହାବୁଡ଼ି ଧାଇଁଯାଇ କବାଟ ଫିଟାଇଦେଲା । ସ୍ୱାମୀର ମୁହଁକୁ ଚାହିଁ ତାହାର ସବୁ ଉତ୍କଣ୍ଠା ଦୂର ହୋଇଗଲା । ସେ ମୁହଁରେ ଦୁଃଖ ବା ବିଷାଦର ଛାୟା ସୁଦ୍ଧା ନ ଥିଲା । ଅଧିକନ୍ତୁ ମଧୁର ଆନନ୍ଦରେଖା ହେଲ ସ୍ପଷ୍ଟ ଦିଶୁଥିଲା । ଫତେମା ପଚାରିଲା—"ଆଜି ଏତେ ଡେରି କାହିଁକି ହେଲା ?" ଅଲିବାବା ଟିକିଏ ଚଞ୍ଚଳ ସ୍ୱରରେ କହିଲା—ପାଖରେ ଆଉ କାଠ ମିଳୁ ନାହିଁ । ଆଜି ଅନେକ ଦୂରକୁ ଯାଇଥିଲି । ଅନନ୍ତର ଅଲିବାବା ଗଧମାନଙ୍କୁ ଘେନି ଭିତରକୁ ଆସିଲା ଏବଂ ଦାଣ୍ଡକବାଟ କିଳିଦେଇ ଆସିବା ପାଇଁ ସ୍ତ୍ରୀକୁ କହିଲା । ଫତେମା ସ୍ୱାମୀର ଆଦେଶ ପାଳନ କରି ପଛେ ପଛେ ଆସିଲା । ଅଲିବାବା ଗଧ ପିଠିରୁ ବୋଝ ଓହ୍ଲାଇ ସେମାନଙ୍କୁ ଚରିବା ପାଇଁ ଛାଡ଼ିଦେଲା । ତାହା ପରେ ବୋଝ ଭିତରୁ ମୋହର ଥଳୀଗୁଡ଼ିକ ନେଇ ଘରେ ରଖିଲା । ଘର ଭିତରେ ଦୀପ ଜଳୁଥିଲା, ଅଲିବାବା ଥଳୀ ଫିଟାଇ ଘର ମଝିରେ ମୋହରଗୁଡ଼ାକ ଢାଳିବାକୁ ଲାଗିଲା । ଫତେମା ଦେଖି ଆନନ୍ଦରେ ଓ ଆଶଙ୍କାରେ ଛାନିଆ ହୋଇଗଲା । ତାହାର ଦେହ ଥରିଉଠିଲା । ସେ ଅନୁଚ୍ଚ ସ୍ୱରରେ କହିଲା—ଏଗୁଡ଼ିକ କେଉଁଠୁ ଆଣିଲ ହୋ ? ଏ ତ ଭଲ ସୁନାରେ ତିଆରି ପୁରୁଣାକାଳିଆ ବଡ଼ ବଡ଼ ମୋହର ! କେଉଁଠୁ ଚୋରି କରି ଆଣିଲ ? ଆହା, ଏ କୁବୁଦ୍ଧି କାହିଁକି କଲ ? କାଠ ବିକି ତ ବେଶ୍ ଚଳୁଥିଲ, ଆମର କଅଣ ଅଭାବ ଥିଲା କି ? ଏ ମହାପାପ କାହିଁକି କରିବାକୁ ଗଲ ? ପାପ ତ କେବେ ଲୁଚି ରହିବ ନାହିଁ, ଏତୁଣି ପୋଲିସ୍ ଆସି ବାନ୍ଧି ନେଇଯିବ । ମୋର ସ୍ୱାମୀ ହତ୍ୟାକାରୀ ଏ ଅପବାଦ ମୁଁ ସହିପାରିବି ନାହିଁ । ଛି-ଛି, ତୁମେ କି ମଣିଷ ହୋଇ କଅଣ କଲ ? ହାୟ ମୋ ପୋଡ଼ା କପାଳ ! ତୁମର ଏ ଅଧୋଗତି ଦେଖିବା ଆଗରୁ ମୋତେ ମରଣ ନ ଠେଲିଲା କାହିଁକି ? ଫତେମା ଏହିପରି ଢେର ହାଇପି ସାଇପି ହେଲା । ଅଲିବାବା କିଛି ନ କହି ମୁରୁକି ମୁରୁକି ହସୁଥାଏ । ମନେ ମନେ କହୁଥାଏ—ବାଃ, କୌତୁକ ତ ମନ୍ଦ ନୁହେଁ; ମାତ୍ର ସ୍ତ୍ରୀର କଳ୍ପନା କ୍ରମେ ସୀମା ଲଙ୍ଘନ କରି ଆସିବାରୁ ଆଉ ସେ

ନୀରବତା ରକ୍ଷା କରିପାରିଲା ନାହିଁ; ହସି ହସି କହିଲା, "ଫତେମା, ସ୍ଥିର ହୁଅ, ଧୈର୍ଯ୍ୟ ଧର । ତୁମ ସ୍ୱାମୀ ଯେତେ ଅକିଞ୍ଚନ ହୋଇପାରନ୍ତି; ମାତ୍ର କଦାପି ଚୋର ଡକାଏତ ବା ନରଘାତକ ହୋଇପାରେ ନାହିଁ । ତୁମେ ଭୟ କର ନାହିଁ । ପୋଲିସ ତୁମର ଛାୟା ସ୍ପର୍ଶ କରିବାକୁ ଦୁଃସାହସୀ ହେବ ନାହିଁ । ଏବେ ଶୀତଳ ମୂର୍ତ୍ତି ଧରି ମନ ଲଗାଇ ଘଟଣାଟା ଶୁଣ ।" ଏହା କହି ଦସ୍ୟୁବୃତ୍ତାନ୍ତ ଆମୂଳଚୂଳ ସବିସ୍ତାର ବର୍ଣ୍ଣନା କରିବାକୁ ଲାଗିଲା । ଫତେମା ସବୁ ଟିକଳଠାରୁ ନଖର ଯାଏ ଶୁଣିସାରି ମୃଦୁ ହସି କହିଲା—"ତୁମେ ଚୋରି ନ କର ପଛକେ, ହେଲେ ଚୋରି ମାଲ ଫାଙ୍କିଆରି ଆଣିଛ !" ଅଲିବାବା କହିଲା—ଶାସ୍ତ୍ରରେ ଅଛି, ରତ୍ନ ଅସ୍ଥାନରେ ପଡିଥିଲେ ବି ତାକୁ ସାଉଣ୍ଟି ଆଣିବ, ତେବେ ସେଥିରେ ଦୋଷ କଅଣ ? ଫତେମା କହିଲା — ଦସ୍ୟୁଧନ ହେଲେ ବି ସେ ପରଧନ ତ, ତୁମେ ପର ଧନ ହରଣ କରି, ପାପ ହେବ ନାହିଁ ? ଅଲିବାବା ଉଚ୍ଚସ୍ୱରରେ ହସିଉଠି କହିଲା—"ଅହା, ଦସ୍ୟୁଗୁଡ଼ାକ ତ ଯେଉଁ ଧର୍ମବଳରେ ଉପାର୍ଜନ କରିଥିଲେ, ତାକୁ ନେଲେ ପୁଣି ପାପ ହେବ ! ବରଂ ସେହି ଧନ ଆଣି ଦାନ କଲେ ବା ଅନ୍ୟ ସତ୍କାର୍ଯ୍ୟରେ ଲଗାଇଲେ ସଦ୍‌ବ୍ୟବହାର ହେତୁ ଧନ ସାର୍ଥକ ହେବ । ଆଉ ଅପବିତ୍ର ଅପବାଦରୁ ମୁକ୍ତି ଲଭି ପବିତ୍ର ହେବ । ଫତେମା ଆଉ କିଛି ନ କହି ମୃଦୁ ମୃଦୁ ହସିବାକୁ ଲାଗିଲା ।

## ତୃତୀୟ ପରିଚ୍ଛେଦ

ଫତେମା ସନ୍ତୁଷ୍ଟ ନୟନରେ ମୋହର ଗଦାକୁ ଚାହିଁରହିଲା । କେତେକ କ୍ଷଣ ପରେ ଅଧରରେ ହାସ୍ୟର ରେଖା ଖେଳାଇ ସ୍ୱାମୀକୁ ପଚାରିଲା—ଅଚ୍ଛା, ଏତେ ମୋହର କେଉଁ ରଜା ଘରେ ଅଛି ନା ? ତୁମ ଭାଇ ଯେ ଏତେ ବଡ଼ଲୋକ, ତାଙ୍କ ଘରେ ଏତିକି ଅଛି ନା ? ଅଲିବାବା କହିଲା—ଛି, ଛି, ତୁମେ ବଡ ନିର୍ବୋଧ ଫତେମା ବିବି, ଏ କଅଣ ଏକାଳର ମୋହର ଯେ ସମସ୍ତଙ୍କ ଘରେ ଥିବ ? ଏ ବହୁକାଳର ପୁରୁଣା ମୋହର । ଦେଖୁ ନାହଁ, କମିତି ଝଲସା ମେଞ୍ଚା ପଡ଼ି ଯାଉଛି ! ଏଥିରେ ଖାଦ ନାହିଁ—ଏ ଖାଣ୍ଟି ସୁନା ! ଖୁବ୍ ପୁରୁଣା ଖାମଦାନ ବୁନିଆଦ୍ ରଜାମହୋଦୟା ଘରେ କିଛି ଥାଇପାରେ; ମାତ୍ର ଏତେ କାହା ଘରେ ନ ଥିବ । ଭାଇ ସାହେବ ତ ଭାରି ବଡ଼ଲୋକ ହେଲେ, ତାଙ୍କ ଶ୍ୱଶୁର ବି ତ ଏକପ୍ରକାର ବଡ଼ଲୋକ ଥିଲେ, ତାଙ୍କ ଘରେ ଏ ମାଲ କାହୁଁ ଆସିବ ? ସେ କଥାରେ ଆମର କଅଣ ଅଛି ? ଏବେ ଏଗୁଡ଼ିକ ରଖିବା କେଉଁଠି ? ମୁଁ କହୁଛି, ଗୋଟାଏ ଖଣା ଘର ଭିତରେ ଖୋଳି ବର୍ତ୍ତମାନ ସେଇଥିରେ ରଖିବା, ପରେ ଲୁହା ସିନ୍ଦୁକ ବରାଦ ଦେଇ ଆଣିବା । ଫତେମା ଉଚ୍ଛୃଙ୍ଖଳ ହାସ୍ୟରେ ଘର କମ୍ପାଇଦେଇ କହିଲା—ଅଚ୍ଛା, କହିଲ ଭଲ, ତୁମ ପରି ବେଇମାନ ଦୁନିଆରେ ଆଉ କିଏ ଅଛି ? ଯେ ତୁମକୁ ଏକଦିନରେ ରଜା କରାଇଦେଲା, ତୁମେ ତାକୁ କବର ଦେବ, ଏଟା ଏକା ନ୍ୟାୟର କଥା ହେଲା ? ହେଉ, ତାହା କର ପଛେ, ଗଣିକରି କବର ଦିଅ । ଅଲିବାବା କହିଲା, ପାଗଳ ନା କଅଣ ? ଅଳ୍ପ ହୋଇଛି ନା ଗଣି-ହେବ ? ଗଣୁ ଗଣୁ ରାତି ପାହିଗଲେ କେହି ଯେବେ ଆସି ଦେଖେ, ତେବେ ସର୍ବନାଶ । ଫତେମା କହିଲା, ତେବେ ମାପି ରଖିବା, ମୁଁ ସଖିନା ବିବି ପାଖରୁ ସେରଟା ମାଗି ଆଣେ । ତାକୁ ଡାକିବ କି ? ଦେଖିଲେ ତା ଛାତି ଫାଟିଯାଆନ୍ତା ସିନା, ସେ କଅଣ ଆଉ ବଞ୍ଚନ୍ତା ? ଫତେମା ଏହା କହି ଜିଭ କାମୁଡ଼ି ପକାଇଲା । ଅଲିବାବା ମୃଦୁ ହସି କହିଲା—ତୁମ ଅନୁମାନ ଠିକ୍ ଫତେମା, ଏବେ ଚାଲିଯାଇ ସେରଟା ଆଣ । ଫତେମା ସେର ପାଇଁ ଯାଉଁ ଯାଉଁ ଖଣ୍ଡେ ବାଟରୁ ଫେରିପଡି କହିଲା—ମୋତେ ଯେ କହିଥିଲ ମୋଣେଇଏ ଝୁମ୍‌କା କାନକୁ ଗଢାଇଦେବ ବୋଲି, ତା ଏଥର ନିଶ୍ଚେ ଦେବ । ଅଲିବାବା ଏ କଥା ଶୁଣି ନ ହସି ସମ୍ଭାଳିହୋଇ ରହିପାରିଲା ନାହିଁ, କହିଲା—ସମୁଦ୍ରରେ ପଶି ତୁମର ତୃଷା ଯାଉ ନାହିଁ, ଖାଲି ଝୁମ୍‌କା କାହିଁକି, ସୁନାରେ ଗୋଟାଏ ଖୋଳ କରି ଏବେ ତାହା ଭିତରେ ପଶ । ଗହଣା ପିନ୍ଧିବା ସାଧଟା ମେଣ୍ଟିଯାଉ । ଫତେମା କହିଲା—ସୁନାକୁ ମାଟି ଭିତରେ

ଖବର ଦେବ, ଆଉ ମୋତେ ସୁନା ଭିତରେ ଖବର ଦେବ—ଯାହାହେଉ, ଅଚ୍ଛା ଲୋକ ତୁମେ ! ସେ ଏତିକିମାତ୍ର କହି ହସି ହସି ଚାଲିଗଲା ।

ଫତେମା ଯାଇ ତାହାର ବଡ଼ ମାଆ ସଖିନାକୁ କହିଲା—"ନାନୀ, ତୁମ ଘରର ଅଳ୍ପ ବଜାରରୁ ଚାଉଳ କିଣି ଆଣିଛନ୍ତି । ତାହା ଠିକ୍ ଅଛି କି ନାହିଁ ମାପିକରି ଦେଖିବି । ତୁମ ସେରଟା ଟିକିଏ ଦିଅ, ମାପିସାରି ଉଚ୍ଛୁଣି ଆଣି ଦେଇଯିବି । ବଜାରୱାଲାଙ୍କ ଭାରି ଠକ ଭଉଣୀ । ସେ କି ଯାଦୁମନ୍ତ୍ର ଜାଣନ୍ତି କେଜାଣି, ଦେଖୁଁ ଦେଖୁଁ ଆଖିରେ ପଟି ମାରିଦେଇ ସେରରେ ତୋଲି ଚଉଦଛଟାଙ୍କି ମାପିଦେବେ ।" ସଖିନା ଭାରି ଚତୁର, ସେ ମନେ ମନେ ଭାବିଲା—"ଯେ ଲୋକ ଆଣି ଲୋକ ଖାଏ, ଅଳ୍ପ ସେ ଏତେ ଚାଉଳ କେଉଁଠୁ ଆଣିଲା ଯେ, ତାହା ପୁଣି ମାପି ରଖିବ ? ଫତେମା ଭାରି ଚାଲାକ୍, ଅଚ୍ଛା ତା ଚାଲାକି ବାହାର କରିବ ।" ସଖିନା ଘର ଭିତରକୁ ଯାଇ ସେର ତଳରେ ମେଣ୍ଟିଏ ମହମ ଲଗାଇ ଫତେମା ହାତରେ ଦେଇ କହିଲା—"ମାପିସାରି ଚଞ୍ଚଳ ଆଣି ଦେଇଯିବୁ ଭଉଣୀ, ମୋର ବି ଦରକାର ଅଛି ।" ସେର ତଳରେ ମହମ ଲଗାଇବାର ଉଦ୍ଦେଶ୍ୟ ଏହି ଯେ, ଯାହା ମାପିଲେ ସେଥିରେ କିଛି ଲାଗିରହିବ । ସୁତରାଂ ସହଜରେ ଜଣାପଡ଼ିବ । ଫତେମା ସେର ଆଣି ସ୍ୱାମୀ ହାତରେ ଦେଲା । ଅଲିବାବା ଖଣା ଖୋଳି ସାରିଥିଲା । ସେରରେ ମୋହରସବୁ ମାପି ସେଥିରେ ଢାଳିଦେଇ ଉପର ମାଟି ସମାନ କରିଦେଲା । ମାପିବାବେଳେ ସେର ତଳେ ମହମରେ ଗୋଟାଏ ମୋହର ଲାଗି ରହିଥିଲା । ଆନନ୍ଦର ଉତ୍ତେଜନାରେ ଅଲିବାବା କିମ୍ବା ଫତେମା କେହି ତାହା ଦେଖିପାରି ନାହାନ୍ତି । ଯେ ସରଳ, ସେ ଏତେ କୁଟିଳତା ପ୍ରତି କାହିଁକି ବା ଲକ୍ଷ୍ୟ ରଖିବ ? ଫତେମା ସେରଟି ନେଇ ସଖିନାକୁ ଦେଇ ଆସିଲା ।

ସେର ତଳେ ଗୋଟାଏ ମୋହର ଲାଗିଥିବାର ଦେଖି ସଖିନା କାଠଗା ହୋଇଗଲା । ତାହା ମୁଣ୍ଡରେ ବଜ୍ର ଖସିପଡ଼ିଲା । ବାଣବିଦ୍ଧ ପକ୍ଷୀ ପରି ସେ ଈର୍ଷାରେ ଛଟପଟ ହୋଇ ମୋହରଟି ଧରି ପଡ଼ିଉଠି ସ୍ୱାମୀ ପାଖକୁ ଧାଇଁଲା । ମୋହରଟି କାଶିମ ଉପରକୁ ଫିଙ୍ଗିଦେଇ କହିଲା—"ଦେଖିଲ ଏଟା କଅଣ ?" ସ୍ତ୍ରୀର ମୁହଁ ଥମଥମ, ଆଖି ଛଳଛଳ ଦେଖି କାଶିମ କିଛି କାରଣ ବୁଝିପାରିଲା ନାହିଁ । ସେ ମୋହରଟି ଧରି ଏ ପାଖ ସେ ପାଖ ଲେଉଟାଇ କହିଲା—"ଏ ତ ପୁରୁଣାକାଳିଆ ଅସଲ ଖାଣ୍ଟି ସୁନାମୋହର ! ଅଜିକାଲି ଏ ମୋହର ମିଳୁ ନାହିଁ—ତୁମେ ଏହାକୁ କେଉଁଠୁ ପାଇଲ ?

ସଖିନା ଅଭିମାନମିଶା କର୍କଶ କଣ୍ଠରେ କହିଲା—"ତୁମ ପରି ଧନୀ ଭୂମଣ୍ଡଳରେ ନାହାନ୍ତି ବୋଲି ତୁମେ ଯେ ଗୋଟାଏ ଗର୍ବ କର, ତାହା ତୁମର ଭୁଲ, ମସ୍ତ ଭୁଲ, ପ୍ରକାଣ୍ଡ ଭୁଲ । ତୁମ ଭାଇ ଅଲିବାବା ଏଭଳି ଧନୀ ହୋଇ ଉଠିଲାଣି ଯେ, ସେ ସେରରେ ମୋହର ମାପୁଛି । ଇଚ୍ଛା କଲେ ସେ ତୁମରି ପରି ପାଞ୍ଚଟା ଧନୀ ଲୋକ କିଣିନେଇପାରିବ ।" ଏହା କହି ସେ ଏ ଦୁରୂହ ରହସ୍ୟ କି ସୂକ୍ଷ୍ମ କୌଶଳରେ ଉଦ୍‌ଘାଟନ କରିଅଛି, ତାହା ସାଟୋପ-ସାଳଙ୍କାର ବର୍ଣ୍ଣନା କରିଗଲା । କାଶିମ ସବୁ ଶୁଣି ସ୍ତ୍ରୀର ପ୍ରତ୍ୟୁତ୍ପନ୍ନମତିତ୍ୱକୁ ଯଥେଷ୍ଟ ପ୍ରଶଂସା କଲେ ଏବଂ ଏଭଳି ବୁଦ୍ଧିମତୀ ସ୍ତ୍ରୀରତ୍ନର ସ୍ୱାମୀ ବୋଲି ନିଜେ ସୁଦ୍ଧା ଆତ୍ମଶ୍ଲାଘା ଉପଭୋଗ କଲେ । ଅନନ୍ତର ଆନନ୍ଦ ପ୍ରକାଶ କରି କହିଲେ—"ସତେ ଆମର ଅଲି ଏଭଳି ବଡ଼ଲୋକ ହେଲାଣି ? ହେଉ ହେଉ, ଭଲ କଥା, ଈଶ୍ୱରଙ୍କୁ ଧନ୍ୟବାଦ । ମୁଁ ସ୍ୱର୍ଗୈଶ୍ୱର୍ଯ୍ୟ ଭୋଗ କରୁଛି, ସେ ମୋର ମାଆପେଟର ଭାଇ ହୋଇ କେତେ କଷ୍ଟ ଭୋଗ କରୁଥିଲା, ଭଗବାନ ତାକୁ ଏତେ ଦିନେ ମୁହଁ ଟେକି ଚାହିଁଲେ, ଏହାଠାରୁ ଆନନ୍ଦ ଆଉ କଅଣ ଅଛି ? ଲୋକେ କହନ୍ତି ପରା, ପୋଖରୀରେ ପାଣି ଥିଲେ ଅଣ୍ଟକି ଶୀତଳ । ମୁ ସିନା ତାହା କରି ନାହିଁ, ହେଲେ ମୋର ଅଲିଭାଇଟି ସେପରି ନୁହେ । ତୁମକୁ ଆଉ ମତେ ସେ କେତେ ଭକ୍ତି କରେ ! ବଞ୍ଚିଥାଉ ଭାଇ ମୋର । ସେ ଯେମିତି, ତା ସ୍ତ୍ରୀଟି ବି ସେମିତି, ଦୁହେଁଯାକ ଏକା ମାଟିରେ ଗଢ଼ା ।" ସଖିନା ଏ କଥା ଶୁଣି ବିସ୍ମୟରେ କାଠ ହୋଇଗଲା, ତାହାର ମୁଣ୍ଡ ଝାଇଁ ଝାଇଁ ହୋଇଗଲା । ସେ କ୍ରୁଦ୍ଧା ବାଘୁଣୀ ପରି ଗର୍ଜିଉଠି କହିଲା, "ହାୟ ମୋ

ପୋଡ଼ା ଭଗବାନ, ଏମିତି ମଣିଷ କି ଦୁନିଆରେ ଅଛନ୍ତି ? ମୁଁ କହୁଛି କଅଣ, ଏ ଭାଇ ଭାଇବୋହୂଙ୍କର ପ୍ରଶଂସା ବାଢ଼ିବସିଲେ ! ପୋଡ଼ିଯାଉ ସେ ବୁଦ୍ଧି । ଆଲିବାବା ବଡ଼ଲୋକ ହେଲେ ତୁମକୁ ଆଉ କେହି ପଚାରିବେ ନା ଖାତିର କରିବେ, ଏତିକି କି ବୁଝିପାରୁ ନାହିଁ ? ଆଉ କାଙ୍ଗାଳୁଣୀ ଝିଅ ପତେମାଠା ମୋ ଆଗରେ ବାହା ବଙ୍କି ବାଟ ଚାଲିବ, ଏହା ତ ମୁଁ ମଲେ ବି ସହିପାରିବି ନାହିଁ । ଛୁଆଗୁଣୀ ପୁଣି କେବେ ଛୁଆ ଜାଣେ ଲୋ ମା ! ମଉନମୁହାଁ ପୁଚ୍‌କାଗାରର ଏତେ ଗୁଣ ! ମୋତେ କହିଲା କଅଣ ନା ଚାଉଳ ମାପିବ ! ମୁଁ ସିନା ସିମିତି ସିଆଣୀ ହୋଇଥିଲିକୁ ଜାଣିଲି ! ସେ ଡାଳେ ଡାଳେ ବୁଲିଲେ ମୁଁ ପତ୍ରେ ପତ୍ରେ ବୁଲିଲି ଲୋକ, ମୋ ଆଖିରେ ପୁଣି ସେ ଧୂଳି ଦେବ ? ସେ ସବୁ ମୋହର-ମାଳ ଗୋଟି ଗୋଟି ବେକରେ ପକାଇ ଛାତି ଫୁଲାଇ ମୋ ଆଗରେ ବଡ଼ପଣ ଦେଖାଇହେବ ? ଫାଲୁଆ-ମୁହାଁଙ୍କ ତ ବେଶଟା ଖାଲି ଖାଇଯିବ ! ନା-ନା, ତାହା କେବେ ହେବ ନାହିଁ, ମୋର ସେ ମୋହର ଲୋଡ଼ା । ତୁମେ ଯେଉଁ ବାଟେ ହେଉ, ମୋତେ ସେ ମୋହରସବୁ ଆଣିଦିଅ ।" କାଶିମ କହିଲେ, "ଛି ସଖିନା, ତୁମେ କି ଘରର ଝିଅ ହୋଇ ଏ କଅଣ କରୁଛ ? ଆଲି-ବାବାର ସୌଭାଗ୍ୟରେ ଈର୍ଷା କରିବା ତୁମର ଉଚିତ ନୁହେଁ । କାହିଁ, ସେ ତ ଆମକୁ କେବେ ହିଂସା କରେ ନାହିଁ ? ତୁମର ଏ ଆଚରଣ ଭଲ ନୁହେଁ । ସେଥିଲାଗି ଲୋକେ ତୁମକୁ ନିନ୍ଦା କରିବେ । ପରର ଅମଙ୍ଗଳ ଚାହିଁଲେ ନିଜର ଅମଙ୍ଗଳ ହୁଏ, ଏହା କଅଣ ତୁମେ ଜାଣ ନାହିଁ ? ତୁମର କଅଣ ବା ନାହିଁ, ତେବେ କି ତୁମେ ପର ଦ୍ରବ୍ୟକୁ ଲୋଭ କରୁଛ ? ଏହା ଧର୍ମ ସହିବ ନାହିଁ ।" ସଖିନା କହିଲା, ଧର୍ମ ନ ସହୁ ପଛକେ, ଯେତେ ଯାହା ହେବାର ହେଉପଛେ, ମୋତେ ସେହି ମୋହର ଆଣି ଦିଅ, ନ ହେଲେ ମୁଁ ବିଷ ଖାଇ ମରିବି । ପୁରୁଷ ମଣିଷ ତୁମେ, ନାରୀ ହୃଦୟର ବ୍ୟଥା କଅଣ ବୁଝିବ ? ନାରୀର ସୌଭାଗ୍ୟ ଦେଖି ନାରୀ-ହୃଦୟରେ ଯେଉଁ ବିଷ ଚଢ଼େ, ତୁମେ ନାରୀ ହୋଇଥିଲେ ତାହା ଅନୁଭବ କରନ୍ତ । ସେ ଯନ୍ତ୍ରଣା ଅକଥନୀୟ ।" କାଶିମ ଆଉ କିଛି କହିଲେ ନାହିଁ । ସ୍ତ୍ରୀହୃଦୟରେ ଜ୍ୱାଳା କେଉଁ-ଠାରେ, ତାହା ଜାଣିପାରି ଉଠି ଧୀରେ ଧୀରେ ଆଲି-ବାବା ଘର ଆଡ଼କୁ ଅଗ୍ରସର ହେଲେ ।

ଭ୍ରାତୃଭକ୍ତ ଆଲିବାବା ଅଗ୍ରଜଙ୍କୁ ଦେଖି ଆନନ୍ଦରେ ଫୁଲିଉଠିଲା ; ଅସ୍ତବ୍ୟସ୍ତ ହୋଇ କାଶିମଙ୍କ ପଦଧୂଳି ନେଇ ମୁଣ୍ଡରେ ବୋଳିହେଲା , ବସିବା ପାଇଁ ଖଣ୍ଡେ ଆସନ ଆଣି ପିଣ୍ଡାରେ ବିଛାଇଦେଲା । କାଶିମ ଭାଇକୁ ଆଶୀର୍ବାଦ କରି ବସିଲେ । ଆଲିବାବା କହିଲା, "ଭାଇ, ଆପଣଙ୍କ ଚରଣଧୂଳି ଲାଗି ମୋର ଦୀନ କୁଟୀର ପବିତ୍ର ହେଲା । ଆଜ ଶୁଭଯୋଗରେ ରାତି ପାହିଥିଲା, ଆପଣଙ୍କ ଶ୍ରୀପଦ-ଦର୍ଶନ ମିଳିଲା । ଆଜି ମୋର କେଡ଼େ ଭାଗ୍ୟ ଯେ, ଅମିର ଆସି ଫକୀର ଦ୍ୱାରରେ ଉପସ୍ଥିତ । କଅଣ ଆଜ୍ଞା କରିବେ କରନ୍ତୁ, ଏ ସେବକ ତାହା ପାଳିବାକୁ ପ୍ରସ୍ତୁତ ଅଛି । ଆପଣଙ୍କର ଏ ଦୟା ମୁଁ ଭୁଲିପାରିବି ନାହିଁ ।" କାଶିମ କହିଲେ, "ଭାଇ, ଆଉ ଲଜ୍ଜା ଦେ ନାହିଁ, ମୁଁ ତୋର କିଛି କରି ନାହିଁ । ତୁ ଯାହା କହୁଛୁ, ସେ ତୋର ମୋ ପ୍ରତି ଭକ୍ତିର ଅତ୍ୟୁକ୍ତି । ମୋର ଆସି-ବାର କାରଣ ଏହି ଯେ, ତୁ କାଲି ତେର ମୋହର ଆଣିଛୁ, ତାହା କିପରି କେଉଁଠୁ ଆଣିଲୁ, ମୋର ଜାଣିବା ଦରକାର । କାଲେ ପୋଲିସ ଆସି ଦୌରାତ୍ମ୍ୟ କରିବ, ସେଥିପାଇଁ ଆଗରୁ ସାବଧାନ କରିଦେବାକୁ ଆସିଲି । ସବୁ ଘଟଣା ଜାଣିଥିଲେ ଦରକାରବେଳେ ଉପାୟ କରିବାର ସୁବିଧା ହେବ । ଏବେ କେଉଁଠୁ କେତେ ମୋହର ଆଣିଛୁ ସତ କହନା ?" ଆଲିବାବା ଏ କଥା ଶୁଣି ଅତି ଆଶ୍ଚର୍ଯ୍ୟ ହେଲା ପରି ହୋଇ କହିଲା, "ଏ କି କଥା କହୁଛ ଭାଇ, ରାତିରେ ସ୍ୱପ୍ନ ଦେଖିଥିଲ ନା କଅଣ ? ମୋହର ମୁଁ କେଉଁଠୁ ଆଣିବି ? ବୋଧହୁଏ ମୋର କେହି ଦୁଷ୍ମନ୍ ତୁମ୍ଭଙ୍କୁ ଏ ମିଥ୍ୟା ସମ୍ବାଦ ଦେଇଛି । ଭାଇ ଭାଇ ମଧ୍ୟରେ ବିଭେଦ ଜନ୍ମାଇବା ତାହାର ଉଦ୍ଦେଶ୍ୟ; କିନ୍ତୁ ସେଥିରେ ତାର ଲାଭ କଅଣ ବୁଝିପାରୁ ନାହିଁ । ନିଶ୍ଚୟ ମତେ ଠଟ୍ଟା କରିଦେବା ପାଇଁ ଖେଳରେ ଆପଣ ଏକଥା କହୁଛନ୍ତି; ନ ହେଲେ ଏହାର ଅନ୍ୟ କାରଣ ନାହିଁ ।" କାଶିମ ଧୀର କଣ୍ଠରେ କହିଲେ, "ଆଲି, ଆଉ ବେଶୀ ଚାଲାକି ବାହାର କଲେ

ଚଳିବ ନାହିଁ । ମୁଁ ଜାଣେ, କୁତରୁପେ ଜାଣେ, ତୁ ମୋହର ଆଣି ଘରେ ରଖିଛୁ । ଏବେ ସୁନା ସୁଦ୍ଧି ସବୁ ସତ କଥା କହିଯା ।” କାଶିମ ଏହା କହି ସଖିନାର ସେର ତଳେ ମହମ ଲଗାଇବାଠାରୁ ଆରମ୍ଭ କରି ସେଥିରେ ମୋହର ଲାଗି ଆସିବା ଯାଏ ସବୁକଥା କହିଗଲେ । ହାତରେ ମୋହରଟି ଆଣିଥିଲେ, ତାହା ମଧ୍ୟ ଦେଖାଇଲେ । ଆଲିବାବା ଆଉ ସନ୍ଦେହ କରି-ପାରିଲା ନାହିଁ, କି ଲଜ୍ଜାରେ କଥା କହିପାରିଲା ନାହିଁ; ଥମ ଥମ ହୋଇ ରହିଗଲା । ନିଜର ଅସାବଧାନତାରୁ କଥା ପ୍ରକାଶ ହୋଇ ପଡିଥିବାର ଜାଣି ମନେ ମନେ ଦୁଃଖିତ ହେଲା; କିନ୍ତୁ ତକ୍ଷସ୍ତ କହୁଣୀକୁ ବହିଯାଇ-ଥିବା ସ୍ଥଳେ ଆଉ କଅଣ କରିବ ? ବାଧ୍ୟହୋଇ ଦସ୍ୟୁ-ଘଟିତ ସମସ୍ତ ବୃତ୍ତାନ୍ତ ଭାଇଙ୍କ ପାଖରେ ସତ କହିଗଲା । କାଶିମ ଅବିଶ୍ୱାସବ୍ୟଞ୍ଜକ ଶୁଷ୍କହାସ୍ୟ ମୁଖରେ ଫୁଟାଇ କହିଲେ, “ଆଲି, ତୁ ବୁଢା ଶେଉଳକୁ କାଞ୍ଜିପାଣିରେ ଭଣ୍ଡାଇବାକୁ ଇଚ୍ଛାକରି କେତେ ଗୁଜୁବ ଖେଳୁଛୁ ? ମନ୍ତ୍ରବଳରେ ଦ୍ୱାର ଫିଟିଗଲା, ପୁଣି ମନ୍ତ୍ରବଳରେ ବନ୍ଦ ହୋଇଗଲା, ଏପରି କଥା ଉପନ୍ୟାସକୁ ଶୋଭା ପାଏ । ଦେଖୁଛି—ତୁ ଗୋଟାଏ ମସ୍ତ ଔପନ୍ୟାସିକ ହୋଇଉଠିଲୁଣି । ଡାଲିକା ଅଣ୍ଡାଖଣ୍ଡିଆ, ତୋତେ ଏବେ ମିଛ କହିଆସିଲାଣି ? ହେଉ ତେବେ, ମୁଁ ଯାଉଛି ଏଣିକି ତୋର ହାଲଚାଲ ତୁ ଜାଣୁ । ମୋତେ ଆଉ ପଛକୁ ପାପଶା ମାରିବୁ ନାହିଁ ।” ଆଲିବାବା ଏ କଥାରେ ଟିକିଏ ତାତିଉଠି ଦୃଢ କଣ୍ଠରେ କହିଲା—“ଭାଇ, ମୁଁ ପୁରସ୍କାର ଇଚ୍ଛାରେ ଆପଣଙ୍କ ପାଖରେ ମିଛ କହୁ ନାହିଁ । ମନ୍ତ୍ରର ଶକ୍ତି ଅଛି କି ନାହିଁ ତାହା ବି ଜାଣେ ନାହିଁ । ମୁଁ ଯାହା ଅନୁଭବ କରିଛି, ତାହା କହିଲି । ବିଶ୍ୱାସ କରିବା ନ କରିବା ଆପଣଙ୍କ ଇଚ୍ଛା ଉପରେ ନିର୍ଭର କରେ ।” କାଶିମ କହିଲେ—ମୁଁ ନ ଦେଖିଲେ ବିଶ୍ୱାସ କରିବି ନାହିଁ । ତୁ ମୋତେ ସେ ଜାଗାର ଠିକଣା କହିଦେ, ଆଉ ସେହି ମନ୍ତ୍ର ଶିଖାଇଦେ; ମୁଁ ନିଜେ ଯାଇ ପରୀକ୍ଷା କରିବି । ଆଲିବାବା ଏଥିରେ ସମ୍ମତ ହୋଇ ସ୍ଥାନର ଠିକଣା କହିଦେଲା ଓ ଦ୍ୱାର ଖୋଲିବା ଓ ବନ୍ଦ ହେବାର ମନ୍ତ୍ର ମଧ୍ୟ ଶିଖାଇଦେଲା । ତହୁଁ କାଶିମ ସ୍ୱଗୃହାଭିମୁଖରେ ପ୍ରସ୍ଥାନ କଲେ ।

# ଚତୁର୍ଥ ପରିଚ୍ଛେଦ

କାଶିମ ଘରେ ପହଞ୍ଚି ସଖିନାକୁ ସବୁ କଥା କହିଲେ । ଯେତେବେଳେ ସଖିନା ଶୁଣିଲା—ଦସ୍ୟୁ ଗନ୍ତାଘରରେ ଧାନ ଅମାର ପରି ଅମାରେ ମୋହର ଅଛି, କାଶିମ ଗଧ ନେଇଯାଇ ମାତ୍ର ଅନ୍ଧାରରୁ ସବୁ ବୋହି ଆଣିବେ, ସେତେବେଳେ ସେ ଆନନ୍ଦରେ ମୂର୍ଚ୍ଛିତ ହେଉଁ ହେଉଁ ରକ୍ଷା ପାଇଗଲା । ସେ କହିଲା, “ହାୟ ହାୟ, ଆମର ସେଉଁ ବଡ ଗଧଟା ମରି-ଗଲା, ସେ ଥିଲେ ଦୁଇଟା ଗଧର ବୋଝ ଏକାକୀ ବହି ଆଣନ୍ତା ।” କାଶିମ ହସି ହସି କହିଲେ—“ହଁ, ହଜିଗଲା ଗାଈଟା ଖୁବ୍ ଦୁଧିଆଳୀ ପରା ? ସେଟା ନ ଥିଲେ କଅଣ ହେଲା, ଆଉ ଯେ କେତେଟା ଅଛନ୍ତି ସେମାନଙ୍କୁ ନେଇ ମୁଁ ଏକାକୀ ଲୁଚୁଡା ନ ଗରୁଣ୍ଡ ବାହାରିଯିବି । ଏପରି କାମ ଖୁବ୍ ଗୋପନରେ ଏକାକୀ କରିବା ନିରାପଦ । ଷଡ୍‌କାନରେ ମନ୍ତ୍ରଭେଦ ହୁଏ ନାହିଁ । ଯେ ଯେତେ ବିଶ୍ୱାସୀ ହେଉପଛେ, ଅର୍ଥସମସ୍ୟାରେ ତାହାରିକୁ ବିଶ୍ୱାସ କରିବ ନାହିଁ । ନିଜର ବାପକୁ ବି ନୁହେଁ, ପୁଅକୁ ବି ନୁହେଁ । ଟିକିଏ ସତ୍ତ ଥାଉଁ ଥାଉଁ ନ ଗଲେ ଲୋକେ ଦେଖିବେ, ନାନାପ୍ରକାର ସନ୍ଦେହ କରିବେ । ପୁଣି ନିଜର ମାନମହତ୍ତ୍ୱରେ ବି ଆଘାତ ଲାଗିବ । ସମସ୍ତଙ୍କ ଉଠିବା ପୂର୍ବରୁ ଗ୍ରାମଟା ପାରିହୋଇ ଯାଇଥିଲେ କେଣିକି ନିଶ୍ଚିନ୍ତ । ଆସିବା-ବେଳେ ସନ୍ଧ୍ୟା ପୂର୍ବରୁ ସେଠାରୁ ବାହାରିଲେ ରାତି ପ୍ରହରକ ଆଗରୁ ଆସି ଘରେ ପହଞ୍ଚିପାରିବି ।” ସଖିନା କହିଲା—“ଆଲିବାବାକୁ ସଙ୍ଗରେ ନେଇଯିବ ନାହିଁ—ମୋ ରାଣ । ସେ ଗଲେ ଭାଗ ଖୋଜିବ । ସେ ଯେତିକି ଆଣିଛି, ତେତିକି ପଛେ ନେଉ; ମାତ୍ର ଆଉ ଯାହା ଅଛି ସବୁ ମୋର । ସେଥିରୁ ମୁଁ ଗୋଟାଏ ତାହାକୁ ଦେଇ-ପାରିବି ନାହିଁ । ହଁ, ଆଉ ଗୋଟାଏ କଥା ପବ୍ବୁ ପସ୍ତୁରୁ କଥା ଲହରରେ ପାସୋରିଯାଇଥିଲି । ସେ ମନ୍ତ୍ର ତୁମେ ଭଲକରି ଶିଖିଛ ତ ? କାଳେ ଭୁଲିଯିବ, ତାକୁ ଖଣ୍ଡେ କାଗଜରେ ଲେଖିରଖ । ଆଚ୍ଛା କହିଲ—ଏତେବଡ଼ାଏ ଅସରପି ଆଣି ରଖିବା କେଉଁଠି ?”

କାଶେମ କହିଲେ—"ଓଃ, ସେଥିଲାଗି ଭାବନା କଅଣ, ଏକାଦିନକେ ଲୁହାର ଅମାର ଭିଆଣି କରିନେବି। ଆଉ ତୁମେ ଯେ କହୁଛ, ମନ୍ତ୍ର ଲେଖି ରଖିବି କାହିଁକି? ତୁମ ସ୍ୱାମୀ ଏତେ ଅଯୋଗ୍ୟ ବା ବଦ୍ଧବୁଦ୍ଧି ନୁହେଁ ଯେ, ଅତେଇଚରଣ ମନ୍ତ୍ର ମନରେ ନ ରଖି ଭୁଲିଯିବ।" ସଖିନା ଏ କଥାରେ ବଡ଼ ଲଜ୍ଜିତ ହେଲା; ମାତ୍ର ସେ ବୁଦ୍ଧିମତୀ। ଅନ୍ୟ ପ୍ରସଙ୍ଗ ଉତ୍ଥାପନ କରି ସ୍ୱାମୀଙ୍କ ମନକୁ ଭିନ୍ନ ଆଡ଼କୁ ଟାଣିନେଲା। ସେ ହଜାରେ ଟଙ୍କାର ଗୋଟାଏ ତୋଡ଼ା ଆଣି ସ୍ୱାମୀଙ୍କ ମୁଣ୍ଡରେ ଛୁଆଇଁ ରଖିଦେଲା। ମୋହରସବୁ ହସ୍ତଗତ ହେଲା ପରେ ଏହି ଟଙ୍କାରେ ପିରଙ୍କ ପାଖରେ ଫାତିଆ ଚଢ଼ିବ।

ରାତିରେ କାଶିମଙ୍କର ସୁନିଦ୍ରା ହେଲା ନାହିଁ। ସେ ଉତ୍କଣ୍ଠାରେ ଛଟପଟ ହେବାକୁ ଲାଗିଲେ; କେତେବେଳେ ରାତି ପାହିବ ବୋଲି ଅଧୀର ଅପେକ୍ଷାରେ ରହିଁ ରହିଲେ। ଘଡ଼ି ଘଡ଼ି ବିଛଣାରୁ ଉଠିଆସି ବାହାରେ ଠିଆହୋଇ ଆକାଶକୁ ଚାହିଁଲେ; ମାତ୍ର ପ୍ରଭାତ ଆସି କେତେ ବାଟରେ ହେଲାଣି କିଛି ଜାଣି-ପାରିଲେ ନାହିଁ। ଉତ୍କଣ୍ଠା ରଜନୀ ସ୍ୱଭାବତଃ ଦୀର୍ଘ ବୋଧହୁଏ। ରଜନୀର ଶେଷ ପ୍ରହରରେ କିଛିକ୍ଷଣକୁ କ୍ଳାନ୍ତହୋଇ ବିଛଣାରେ ପଡ଼ିରହିଲେ। ବେଳେ ବେଳେ ପ୍ରାତଃସ୍ମୃତ ମୁକ୍ତିମନ୍ତ୍ର ପଢ଼ି ଦସ୍ୟୁଭଣ୍ଡାରର ଗୁପ୍ତଦ୍ୱାର ଖୋଲିବା, ବନ୍ଦ ହେବାର ମନ୍ତ୍ର ଆବୃତ୍ତି କରି ଉଠୁଥାନ୍ତି। ଥରେ ଥରେ ଆନନ୍ଦଦାୟିନୀ ସ୍ୱପ୍ନଦେବୀ ଆସି କୌତୁକ ଲଗାଇଦେଇ ଅନ୍ତର୍ଦ୍ଧାନ ହୋଇଯାଉଥାନ୍ତି। କେତେବେଳେ କାଶିମଙ୍କୁ ଦସ୍ୟୁଭଣ୍ଡାର କତିକି ନେଇଗଲେ, କେବେ ତାଙ୍କ ହାତରେ ମୋହର ଥଳୀ ବନ୍ଧାଇଲେ, ଏହିପରି କେତେ ଭେଳିକି ଦେଖାଇ-ବାକୁ ଲାଗିଲେ। ସ୍ୱପ୍ନଭଙ୍ଗ ପରେ ଆଶା ତାହାର ସମଗ୍ର ଶକ୍ତି ଘେନି କାଶିମଙ୍କ ହୃଦୟକୁ ନବଭାବରେ ଆକ୍ରମଣ କରୁଥାଏ। କାଶିମ ଉଦ୍‌ବେଗ ସହି ନ ପାରି ରଜନୀ ଓ ପ୍ରଭାତ ପ୍ରତି ବିରକ୍ତ ହୋଇଉଠିଲେ। ରାତି ଯାଉ ନାହିଁ କି ପ୍ରଭାତ ଆସିବାକୁ ନାହିଁ, ଆଜି ଦୁହେଁଯାକ ଏତେ ଦୀର୍ଘସୂତ୍ରୀ ହେଲେ କାହିଁକି? କାଶିମ ମୁହୂର୍ତ୍ତିକେ ପୁଣି ପ୍ରସନ୍ନ ହୋଇ ରାତ୍ରି ଓ ପ୍ରଭାତକୁ ସ୍ତୁତି ବିନତି କରନ୍ତି; ମାତ୍ର ସେ ଦୁହିଙ୍କ ପାଷାଣ ହୃଦୟ ତରଳେ ନାହିଁ।

ପୂର୍ବ ଦିଗରେ ସିନ୍ଦୂର ଫାଟିଲା। ପ୍ରାଚୀରାଣୀ ପାଟ-ଶାଢ଼ୀ ପିନ୍ଧି ଶୁକତାରକାରୂପ ସମୁଜ୍ଜ୍ୱଳ ସ୍ୱର୍ଣ୍ଣ ପ୍ରଦୀପରେ ଉଷାଦେବୀଙ୍କୁ ବନ୍ଦାପନା କଲେ। ଶୀତଳବାୟୁ ବୃକ୍ଷଶାଖା ଦ୍ରୁମର ଧୀରେ ଧୀରେ ଡୋଳାଇବାକୁ ଲାଗିଲା। ବୃନ୍ତଶାଖୀବଧୂଏ ପଞ୍ଚ-କର ଯୋଡ଼ି ନଉଛାଳ କଲେ। ଏଣେ ପ୍ରଭାତ ଆଗମନର ସୂଚନା ଦେଖାଗଲା। ପ୍ରଭାତ-ସଙ୍ଗୀଙ୍କର ଖଣ୍ଡିଆ ଶଙ୍ଖଚିଲ ବୃକ୍ଷ ଉପରେ ପକ୍ଷ ଉହ୍ଲା-ଡରୁ ଗ୍ରାକବକେସ୍‌ବଙ୍କ କଣ୍ଠସ୍ୱର ବଜାଇଦେଲା। କାଶିମଙ୍କ କର୍ଣ୍ଣରେ ତାହା ଉତ୍ତେଜନାର ଅଗ୍ନି ବର୍ଷଣ କଲା। ଉତ୍ସାହ ଶତସିଂହର ପରାକ୍ରମ ଆଣିଦେଲା। କାଶିମ କେତେଟା ଗଧ ଘେନି ବନକୁ ଗଲେ। ଏ କଥାର ଅଣୁ ପରମାଣୁ ସୁଦ୍ଧା କେହି ଜାଣିପାରିଲେ ନାହିଁ। ଯେ ଆସି କାଶିମଙ୍କୁ ଖୋଜିଲା, ସଖିନା ତାକୁ ନିମନ୍ତ୍ରଣ ଖାଇବାକୁ ଯାଇଛନ୍ତି ବୋଲି କହି ବିଦାକରି-ଦେଲା। ଦାସଦାସୀମାନଙ୍କୁ ସୁଦ୍ଧା ସମସ୍ତଙ୍କୁ ସେହିପରି କହିବାକୁ କହିଦେଲା। ସଖିନାର ମନ କାହିଁରେ ଲାଗିଲା ନାହିଁ। ସୁନା ମୋହର ଦେଖିବାକୁ ମନ ସବୁ ବେଳେ ଟାକୁ ଟାକୁ ହେଲା। ସମୟ କଟାଇବା ପାଇଁ ସେ ଖଣ୍ଡେ ଉପନ୍ୟାସ ଖୋଲି ପଢ଼ିବସିଲା; ମାତ୍ର ମନ ଭଲ ଲାଗିଲା ନାହିଁ। ସିତାର ଆଣି ବଜାଇଲା; ମାତ୍ର ତାର-ଗୁଡ଼ାକ ବେସୁରିଆ ହୋଇ ବାଜିଲା। ସଖିନା ତାକୁ ରଖିଦେଇ ଆଉ ଗୋଟାଏ କିଛି କଲା। ଏହିପରି ନାନା ବୃଥା କାର୍ଯ୍ୟରେ ବ୍ୟସ୍ତ ରହିଲା।

ଏଣେ ଅଲ୍‌ବାବା ମନେ ମନେ ଭାବିଲା—କାଶିମଙ୍କୁ ଏକୁଟିଆ ସେହି ଭୀଷଣ ସଙ୍କଟ ସ୍ଥଳକୁ ପଠାଇ ସେ ବଡ଼ ଭୁଲ କରିଅଛି। ସଙ୍ଗରେ ତାହାର ନିଜେ ଯିବା ଉଚିତ ଥିଲା; କିନ୍ତୁ କାହିଁ, କାଶିମ ତ ତାକୁ ସଙ୍ଗରେ ଯିବାକୁ କହିଲେ ନାହିଁ, କି ଯିବାବେଳେ ବି ଡାକିଲେ ନାହିଁ, ସେ ହାତକୁ ଖାଇ ଘୋଡ଼ା ଆଗରେ ଦୌଡ଼ନ୍ତା କାହିଁକି? କିନ୍ତୁ ଯେତେହେଲେ ରକ୍ତ ସମ୍ପର୍କ ତୁଟିଯିବ? ଅଲ୍‌ବାବାର ମନ ଘାଣ୍ଟିଚକଟ ହେଲା। ସେ ଫତେମାକୁ ସବୁକଥା କହି ବଣକୁ ଯିବାକୁ ବାହାରିଲା; ମାତ୍ର ଫତେମା ତାକୁ ନାନା କଥାରେ ଶାନ୍ତ କରି

ରଖିଲା । ସେ କହିଲା—"ଏତେ ଗ୍ଳାନଥା ହେଉଛ କାହିଁକି ? କେଉଁ ପାଣି ଲୁଅନ୍ତେ ଯାଉଛ ଆଗେ ଦେଖ, ପଛେ ଯାହା କରିବାର କରିବ । ତାଙ୍କ ଆସିବାରେ ଯେବେ ଡେରି ହୁଏ, ତେବେ ପଛେ ତୁମେ ବାଟକୁ ଚାଲିଯିବ । ଆଉ ଯାଇ ଅବା କଅଣ କରିବ ? ସୁଲତାନ କଣ ହଜାଏତ; କିନ୍ତୁ କାଦାପିମ୍ପୁଡ଼ି ଦଳେ ନୁହନ୍ତି ଯେ, ତୁମେ ଗୋଡ଼ ତଳପାରେ ଦଳି-ଦେଇ ମାରିପକାଇବ । ଏତେ କସ୍ରତ କେଉଁଠି ଲୁଚାଇ ରଖିଛ ?" ଆଲିବାବା କହିଲା—"ଫତେମାର ପରାମର୍ଶ ମୂଲ୍ୟହୀନ ନୁହେ । କାଶିମଙ୍କୁ ସେ ବେଳଯାଏ ଅପେକ୍ଷା କରିବ, ଯେବେ ରାତିରେ ଆସି ନ ପହଞ୍ଚିବେ, ତେବେ ସେ ଖୁବ୍ ସକାଳୁ ଉଠି ଚାଲିଯିବ ।" ଆଲିବାବା ଏହିପରି ସ୍ଥିର କରି କାର୍ଯ୍ୟାନ୍ତରରେ ଚାଲିଗଲା ।

କାଶିମ ଯଥାସମୟରେ ଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଲା ; ଗଧଗୁଡ଼ିକୁ ଚରିବା ପାଇଁ ଛାଡ଼ିଦେଇ କିଛିକ୍ଷଣ ଠିଆହୋଇ ଚାରିଆଡ଼କୁ ଚାହିଁଲା । ତହିଁ ପରେ ପାହୁଲେ ଦୁଇ ପାହୁଲ ଅଗ୍ରସର ହୋଇ ସ୍ୱାଭାବିକ କଣ୍ଠରେ କହିଲା—"ସିସେମ୍, ଦ୍ୱାର ଖୋଲ ।" ତତ୍କ୍ଷଣାତ୍ ଗୁପ୍ତଦ୍ୱାର ଖୋଲିଗଲା । କାଶିମ ଆଶ୍ଚର୍ଯ୍ୟ ହୋଇଗଲା । ତାଙ୍କ ମନ ମଧ୍ୟରେ ଆନନ୍ଦର ଉଚ୍ଛୁଳା ବନ୍ୟାସ୍ରୋତ ବକ୍ରଧାରାରେ ବହିଗଲା । ସେ ମନେ ମନେ କହିଲା, ଆଲି କଥା ମିଛ ନୁହେ । ଅଃ, ମୋ ଆଲି ପରି ଭାଇ ଦୁନିଆରେ କେତେ ଜଣ ଅଛନ୍ତି ? ଭାଇ ମୋର ବଡ଼ ଉପକାର କଲା । ମୁଁ ନବାବ ବାହାଦୁର ହୋଇଛି, ତାକୁ ବି ନବାବବାହାଦୁର କରିବି । ନ ହେଲେ ତାର ଏ ଋଣ ଅନ୍ୟ କାହିଁରେ ଶୁଝିହେବାର ନୁହେ । ଦେଖେ ଆଗେ ଭିତରେ କଅଣ ଅଛି ।" କାଶିମ ଶୀଘ୍ରଗତିରେ ସେହି ପାତାଳ-ପୁରକୁ ପଶିଲା, ତତ୍କ୍ଷଣାତ୍ ଦ୍ୱାର ବନ୍ଦ ହୋଇଗଲା । ସେ ଭିତରେ ପଶି ଧନରତ୍ନାଦିର ସ୍ତୂପମାନ ଦେଖି ଆନନ୍ଦରେ ଆଚ୍ଛନ୍ନ ହୋଇଗଲା ; ଦୁନିଆର ମାଲିକ ଆଲ୍ଲାଙ୍କ ଉଦ୍ଦେଶ୍ୟରେ ଶତ ଶତ ସଲାମ କଲା । ନିରାପଦ ହୋଇ ଫେରିଗଲେ କେତେଟା ମସ୍‌ଜିଦ୍ ନିର୍ମାଣ କରିବ ଓ ମକବର୍ ବସାଇବ ବୋଲି ସଙ୍କଳ୍ପ କଲା; ମାତ୍ର ଯମର ସଙ୍କଳ୍ପ ଯେ ଆସି ମୁଣ୍ଡ ଉପରେ ଝୁଲିଲାଣି, ତାହା ଜାଣିବାର ଉପାୟ ନାହିଁ । ସେ ଆଉ ବିଳମ୍ବ ନ କରି ନେଇଥିବା ଥଳୀରେ ମୋହର ପୂରାଇ ଶୀଘ୍ର ଶୀଘ୍ର ସିଲାଇଦେଲା । ମଣିମୁକ୍ତାର ଦ୍ରବ୍ୟ ଖେଳାଇପକାଇ ବହୁମୂଲ୍ୟ ରତ୍ନସବୁ ବାଛି ଗୋଟାଏ ବୋଝରେ ବାନ୍ଧିଲା । ତହୁଁ ଉଭୟ ମୋହର ଥଳୀମାନ ବୋହିନେଇ ଦ୍ୱାର ଏ ପାଖରେ ଜମା କଲା । ପିଠିରେ ବୋଝଟି ମାରି ଦ୍ୱାର ପାଖରେ ଆସି ଠିଆ-ହେଲା ; କିନ୍ତୁ ସର୍ବନାଶ, ଏ ପୁଣି କଅଣ ହେଲା ! ଦ୍ୱାରଫିଟା ମନ୍ତ୍ର ମନରେ ପଡ଼ିଲା ନାହିଁ । ମନ୍ତ୍ରଟି ମନ ମଧ୍ୟରେ ଥିଲା; କିନ୍ତୁ ଅତିରିକ୍ତ ଆନନ୍ଦ ତାକୁ ଠେଲି ବାହାର କରି ଦେଇସାରିଛି । ସେ ମନ ଭିତରେ ପଶି ଅନ୍ଧସନ୍ଧି ଅଣ୍ଡାଳି ଅଣ୍ଡାଳି କରି କେଉଁଠି ତାର ଚିହ୍ନ ଦେଖିଲା ନାହିଁ । ତାର ପ୍ରାଣ କାନ୍ଦିଉଠିଲା । ସେ ହତାଶ ନ ହୋଇ—"କସେମ୍ ଦ୍ୱାର ଖୋଲ, ପିସେମ୍ ଦ୍ୱାର ଖୋଲ, ଇଶେମ୍ ଦ୍ୱାର ଖୋଲ, କାଶେମ୍ ଦ୍ୱାର ଖୋଲ"—ଏହିପରି କେତେ ଡାକିଲା; ମାତ୍ର ଦ୍ୱାର ଖୋଲିଲା ନାହିଁ । ଶେଷକୁ ଭୁଷି ଚଳଉଠି "ନିଅଁ-ସେମ୍ ଦ୍ୱାର ଖୋଲ, ରୂଲ୍ ସେମ୍ ଦ୍ୱାର ଖୋଲ, ହୁସେମ ସେମ୍ ଦ୍ୱାର ଖୋଲ, ଗୁଅର ସେମ୍ ଦ୍ୱାର ଖୋଲ" ବୋଲି ଚିତ୍କାର କରି ଦ୍ୱାରକୁ ଆଉଜି ବସିପଡ଼ିଲା । ଏଥର ଆଉ ନିସ୍ତାର ନାହିଁ, ନିଶ୍ଚୟ ଦସ୍ୟୁହସ୍ତରେ ପ୍ରାଣ ଯିବ—ଏହା ଭାବି ଦୀର୍ଘ ନିଃଶ୍ୱାସ ଛାଡ଼ି ଆଲ୍ଲାଙ୍କ ନାମ ଜପ କରିବାକୁ ଲାଗିଲା । ରୋଗୀକି ଯେତେବେଳେ ବେଦବୈଦ୍ୟ ଛାଡ଼ି ଅଲଗା ହୁଅନ୍ତି, ସେତେବେଳେ ଯମ ତାକୁ ଆସି ଦେଖେ । ମନ୍ତ୍ର ଭୁଲିଗଲା ବେଳୁ ତ ଯମ ଆସି ବେକ ଉପରେ ଅସିଧାର ରଖିଲାଣି, ଆଉ ତାକୁ କିଏ ରକ୍ଷା କରିବ ? ଏହି ସମୟରେ ଦସ୍ୟୁମାନେ ଆସି ପହଞ୍ଚିଲେ । ନିକଟରେ ଗଧ ଚରୁଥିବାର ଦେଖି ଆଶ୍ଚର୍ଯ୍ୟ ହେଲେ । ଯେଉଁଠାକୁ ଯମ ବି ଆସିବାକୁ ଭୟ କରିବ, ସେ ସ୍ଥାନକୁ ମନୁଷ୍ୟ ବା କିପରି ଆସିବ ? ଆଉ ମନୁଷ୍ୟ ନ ଆସିଲେ ଗଧ କିଏ ଆଣିଲା ? ତେବେ କଅଣ ଏ ଗୁପ୍ତ ଧନାଗାରର ସନ୍ଧାନ କେହି ଜାଣିଲାଣି ! ଦସ୍ୟୁ-

ପରେ ଏହିପରି ଆଶଙ୍କା କରି ବନରେ କିଏ କେଉଁଠି ଅଛି, ଖୋଜିବା ପାଇଁ ସଙ୍ଗୀମାନଙ୍କୁ ଆଦେଶ ଦେଲା । ଅନୁଚରମାନେ ସମସ୍ତେ ଘୋଡ଼ା ଛୁଟାଇଦେଇ ପର୍ବତ ଓ ଗୁହା ପାଖର ବଣ ଛିନ୍ନଭିନ୍ନ କରି ଘାଣ୍ଟି-ପକାଇଲେ ; ମାତ୍ର ମନୁଷ୍ୟ କଥା ଦୂରେ ଥାଉ, କୁଆ କୋଇଲି ବି କେଉଁଠି ଦେଖିଲେ ନାହିଁ । ଦସ୍ୟୁଦଳ ଫେରି ଆସି ସର୍ଦ୍ଦାରକୁ ଏହି ସମ୍ବାଦ ଦେଲେ; ମାତ୍ର ତେବେ ବି ତାହାର ସନ୍ଦେହ ଦୂର ହେଲା ନାହିଁ । ସେ କହିଲା—କାଲେ କିଏ ଭିତରେ ଥାଇପାରେ, ସମସ୍ତେ ଅସ୍ତ୍ର ଧରି ପ୍ରସ୍ତୁତ ହୋଇ ଠିଆ-ହୁଅ । ତହୁଁ ସମସ୍ତେ ଅସ୍ତ୍ର ଉଦ୍ୟତ କରି ଦ୍ୱାର ମୁହ ପାଖକୁ ଘେରି ଠିଆହେଲେ । କାଶିମ ଭିତରେ ଥାଇ ଦସ୍ୟୁମାନଙ୍କର କଥାବାର୍ତ୍ତା ଶୁଣୁଥିଲେ । ଦ୍ୱାର ଫିଟିବାମାତ୍ରେ ଡେଇଁକୁଦି କୌଣସିମତେ ଖସି ପଳା-ଇବା ପାଇଁ ଚେଷ୍ଟା କରିବେ ବୋଲି ମନେ ମନେ ସାହସ ବାନ୍ଧି ରହିଥିଲେ । ଦସ୍ୟୁପତି କଠୋର ସ୍ୱରରେ କହିଲା, "ସିସେମ୍ ଦ୍ୱାର ଖୋଲ ।" ସଙ୍ଗେ ସଙ୍ଗେ ଗୁପ୍ତ-ଦ୍ୱାରର ଆଚ୍ଛାଦନ ପ୍ରସ୍ତରଖଣ୍ଡ ଘୁଞ୍ଚିଯାଇ ବାଟ ହୋଇ-ଗଲା । କାଶିମ ଅଣ୍ଟା ଭିଡ଼ି ପ୍ରସ୍ତୁତ ହୋଇ ଠିଆହୋଇ-ଥିଲେ । ଦ୍ୱାର ଖୋଲିବାକ୍ଷଣି ଡିଆଁଏ ମାରି ପଳାଇଯିବାକୁ ବସିଲେ । ସଙ୍ଗେ ସଙ୍ଗେ ଚୋର, ଚୋର ଶବ୍ଦରେ ବନଭୂମି କମ୍ପିଉଠିଲା; ମାତ୍ର ସେ ଶବ୍ଦ ହେବା ପୂର୍ବରୁ କାଶିମଙ୍କ ମସ୍ତକ ଦସ୍ୟୁପତିର ଅବ୍ୟର୍ଥ ଅସିପ୍ରହାରରେ ଦେହଚ୍ୟୁତ ହୋଇ ତଳେ ପଡ଼ିଗଲା । ଦସ୍ୟୁମାନେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଚୋର କେଉଁବାଟେ ଆସିଲା ତାର ଅନୁସନ୍ଧାନ ଲାଗିଲା; ମାତ୍ର କେଉଁଠି ଛୁଞ୍ଚି ଗଳିବା ଭଳି ବାଟ ସୁଦ୍ଧା ମିଳିଲା ନାହିଁ । ଦସ୍ୟୁପତି ସଦର୍ପ ହାସ୍ୟ ପ୍ରକାଶ କରି କହିଲା—"ପର୍ବତ ଭିତରେ ଗୁମ୍ଫା, ତାହା ଭିତରକୁ ବାଟ ଫିଟାଇବାର ସୁବିଧା ସ୍ୱୟଂ ଇନ୍ଦ୍ରଦେବଙ୍କ ବଜ୍ରର ବାପେ ବି କରିପାରିବେ ନାହିଁ । ଆମେ କାଲି ସଞ୍ଜରେ ଆସିଥିଲେ । ବୋଧହୁଏ ଅନ୍ଧାରରେ ଏ ଚୋର ଆମ ସାଙ୍ଗରେ ମିଶି ଗୁମ୍ଫା ଭିତରେ ପଶିଥିଲା । ଆମେ ବାହାରିଗଲେ, ସେ ଲୁଚି ରହିଥିଲା । ମୂଷା ଚୋର ଉପରେ ବାଟ ପାରି କରିବାକୁ ବସିଥିଲା, ଶେଷରେ ଯନ୍ତ୍ରାରେ ପଡ଼ି ମଲା ।" ଦସ୍ୟୁପତି ଏହା କହି ଉଚ୍ଚ ହାସ୍ୟରେ ନିର୍ଜନ ବନଭୂମିକୁ କମ୍ପାଇଦେଲା । ଦସ୍ୟୁପତିର ଏ ଅନୁମାନ ଠିକ୍ ବୋଲି ସମସ୍ତଙ୍କ ମନକୁ ଆସିଲା । ଏଣିକି ଗୁମ୍ଫାରେ ପଶିବାବେଳେ ଗଣିହୋଇ ସମସ୍ତେ ପଶିବେ ବୋଲି ନିୟମ ଧାର୍ଯ୍ୟ ହେଲା । ତଦନନ୍ତର ଦଳପତିର ଆଦେଶରେ କାଶିମଙ୍କ ଦେହ ଚାରିଖଣ୍ଡରେ ଖଣ୍ଡହୋଇ ଧନାଗାରର ଚାରିକୋଣରେ ଡେରି ଦିଆହେଲା ଓ ମୁଣ୍ଡ ଗୋଟାଏ ଗଛରେ ଟାଙ୍ଗି-ଦିଆହେଲା । ଛିନ୍ନମୁଣ୍ଡ ଦେଖିଲେ କେହି ସାହସ କରି ସେ ସ୍ଥାନ ଆଉ ମାଡ଼ିବେ ନାହିଁ—ଏହାହିଁ ଉଦ୍ଦେଶ୍ୟ । ଏହି କାର୍ଯ୍ୟ ପରେ ଯଥାରୀତି ଦ୍ୱାର ବନ୍ଦ କରି ସମସ୍ତେ ଅଶ୍ୱାରୋହଣପୂର୍ବକ ବଣ ଭିତରେ ପଶି ବୁଡ଼ିଗଲେ ।

## ପଞ୍ଚମ ପରିଚ୍ଛେଦ

ସଖିନାର ଆଜି ଆନନ୍ଦର ଥଳକୂଳ ନାହିଁ । ତାହାର ହୃଦୟ ଆଜି ଆନନ୍ଦରେ ଭରା ! ସେ ହୃଦୟ ସିନ୍ଧୁବକ୍ଷରେ କେତେ ଭାବତରଙ୍ଗ ଠେଲିଠେଲି ହୋଇ ଯାତାୟାତ କରୁଅଛି । ସଖିନା ଚିନ୍ତା-ସୂତ୍ରରେ କେତେ ଆକାଂକ୍ଷା ଗୁନ୍ଥି ଯାଉଅଛି । ସେ ସୂତ୍ରର ଶେଷ ନାହିଁ । ଖଣ୍ଡିଏ ସରି ଆସିବାବେଳକୁ ଆଉ ଖଣ୍ଡିଏ ଆପେ ଆପେ ଆସି ଯୋଡ଼ି ହୋଇଯାଉଛି । ତାହାର ଲକ୍ଷ୍ୟ—ତାହାର କଳ୍ପନା ଖୁବ୍ ଉଚ୍ଚକୁ ଉଠିଗଲାଣି । ସେ ମନେ ମନେ ଭାବିଲା—ଏତେଗୁଡ଼ାଏ ମୋହର ସେ କଅଣ କରିବ, ତାକୁ କି କାର୍ଯ୍ୟରେ ଲଗାଇବ ? ଏ ବିପୁଳ ଅର୍ଥରାଶିରେ ସମଗ୍ର ପୃଥିବୀଟା କିଣାହୋଇ-ପାରେ । ଯେବେ ପୃଥିବୀଟା ସେ କିଣେ, ତେବେ ତାହା-ଠାରୁ ଆଉ ବଡ଼ କିଏ ? ଧନ, ମାନ, ଯଶ, ପୌରୁଷ, ପ୍ରାଧାନ୍ୟ, ଶକ୍ତି, ଅଧିକାର ପ୍ରଭୃତି ବଡ଼ ହେବାର ଯେତେ ଉପକରଣ ବିଧାତା-ଭଣ୍ଡାରରେ ଅଛି, ସେ ସବୁ ତ ତାହାରି ହେବ । ସାର କଥା ଏହି ଯେ, ସେ ଅଜାତପ୍ରତିଦ୍ୱନ୍ଦ୍ୱୀ ଚକ୍ରବର୍ତ୍ତିନୀ ହେବ । ସଖିନା ଏହିପରି ଆନନ୍ଦମୟ କଳ୍ପନାରାଜ୍ୟରେ ବୁଲି ବୁଲି ଯେତେବେଳେ ହାଲିଆ ହୋଇଗଲା, ସେତେବେଳେ ପୃଥିବୀକୁ ଫେରି ଆସି ସ୍ନାନାହାର ପ୍ରଭୃତି ନିତ୍ୟକର୍ମରେ ନିଯୁକ୍ତ ହେଲା ।

କଳ୍ପନାରେ ତ ତାହାର ପେଟ ପୂରେ ନାହିଁ ! ପେଟ ଜଳିଲେ ସବୁ କଳ୍ପନା ଭାଙ୍ଗିଯାଏ । ସେ ଉଦର ନାମକ ଗହ୍ୱରବାସୀ ମହାଦାନବ-ଦେବତାଙ୍କୁ ପୂଜାରେ ସନ୍ତୁଷ୍ଟ କରିସାରି ମୋହର ରଖିବା ପାଇଁ ପାତ୍ର ସଂଗ୍ରହ କରି ବସିଲା । ଘରେ ହାଣ୍ଡି ଅଟିକା, ଠୋକାଇ ପାଛିଆ ଯେତେ ଥିଲା, ସେ ସବୁକୁ ଖାଲି କରି ପକାଇଲା । ସେଥିରେ ଥିବା ଦ୍ରବ୍ୟସାମଗ୍ରୀ ଏଣେ ତେଣେ ଢାଳିପକାଇଲା । ସେ-ସବୁତାକର ମୂଲ୍ୟ ତ ମୋହରଠାରୁ ଅଧିକ ନୁହେ ! ସୁତରାଂ ଇତସ୍ତତଃ ପଡି ନଷ୍ଟ ହୋଇଗଲେ ବି ବାଧିବ ନାହିଁ । ସିନ୍ଦୁକ ପେଟରା, ପେଡି ଅଳ୍ମାରି ଭିତରୁ ତେଲ-ବାସନ, ଗହଣାଗଣ୍ଠି, ଲୁଗାପଟା ଇତ୍ୟାଦି କାଢିପକାଇ ଘରର ଗୋଟାଏ କୋଣରେ ନେଇ ଗଦା କରିଦେଲା । ଜାଗାସବୁ ଠିକ୍ ହୋଇଗଲା, ଖାଲି ମୋହର ଆସିଲେ ସେଥିରେ ରହିବ । ଗୋଟାଏ ଧାନ ତୋଳି ଖାଲି ହୋଇଗଲା । ସେ କ୍ଷୁଧିତ ଜନ୍ତୁବିଶେଷ ପରି ଆଁ କରି ରହିଲା, ମୋହର ଆସି ପହଞ୍ଚିଲେ ସେ ଉଦରସ୍ଥ କରିବ ।

ସବୁ ଠିକ୍ ହେଲା; ମାତ୍ର ମୋହର କାହିଁ ? ଦିନ ଯାଇ ସନ୍ଧ୍ୟା ହେଲା, ସନ୍ଧ୍ୟା ଯାଇ ରାତି ହେଲା, ଦେଖି ଦେଖି ରାତି ପ୍ରହରକରୁ ବଳିଗଲା, ତେବେ ବି କାଶିମ ମୋହର ଘେନି ଫେରିଲେ ନାହିଁ ! ତାଙ୍କର ଏତେ ବିଳମ୍ବ କାହିଁକି ହେଉଛି, ବାଟରେ କିଛି ଆପଦ ବିପଦ ଘଟି ନାହିଁ ତ ! ସକିନା ଏହିପରି ଭାବି ବ୍ୟାକୁଳ ହୋଇଉଠିଲା । ତାହାର ମନ ଛନ୍ଦ ଛନ୍ଦ ହେଲା, ଅନ୍ତ ହାଲୁ ହାଲୁ ହେଲା, ସେ ଆଉ ସ୍ଥିର ହୋଇ ରହିପାରିଲା ନାହିଁ, ତରତର ହୋଇ ଆଲିବାବା ଘରକୁ ଧାଇଁଲା । ଆଲିବାବା ଖାଇସାରି ଶୋଇବାକୁ ଯାଉଥିଲା । ସକିନା ଯାଇ କହିଲା, "ଆଲି, ତୁମ ଭାଇ ତ ଏତେ ରାତିଯାଏ ଫେରିଲେ ନାହିଁ, ମୋତେ କିଛି ଭଲ ଲାଗୁ ନାହିଁ, ଖାଲି କାନ୍ଦ ମାଡୁଛି, ମୁଁ ଏବେ କଅଣ କରିବି କିଛି ବୁଦ୍ଧି ଦିଶୁ ନାହିଁ ।" ଆଲିବାବା କହିଲା, କାହିଁକି ତୁମେ ଏତେ ଛାନିଆ ହେଉଛ ? ଭାଇ ଆସୁଥିବେ, ରାତି ଟିକିଏ ବେଶୀ ହୋଇଗଲେ, ଗାଁ ଲୋକେ ସବୁ ଶୋଇ ପଡିଲେ ସେ ଘରେ ଆସି ପହଞ୍ଚିବେ । କାଳେ କିଏ ଦେଖିବ, ସେଥିପାଇଁ ଡେରି କରି ଆସୁଛନ୍ତି । ତୁମ୍ଭେ କିଛି ଚିନ୍ତା କର ନାହିଁ, କି ଭୟ କର ନାହିଁ; ଘରକୁ ଯାଅ, ସେ ଏହିକ୍ଷଣି ନ ହେଲେ ଆଉ ଘଡିକେ ଆସି ନିଶ୍ଚେ ପହଞ୍ଚିବେ । ଅଲ୍ଲା ମାଲିକ ଅଛନ୍ତି, ଭୟ କଅଣ ? ଆଲିବାବା ଏହିପରି ଅନେକ ବୁଝାଇ କହିବାରୁ ସକିନା ସାନ୍ତ୍ୱନା ଧରି ଘରକୁ ଫେରି ଆସିଲା । ଗୃହରେ ଆଉ ଦିଅପିଅ ନ କରି ଶୋଇବାକୁ ଗଲା; ମାତ୍ର ଶୋଇପାରିଲା ନାହିଁ । ଶଯ୍ୟା କଣ୍ଟକ ପରି ବୋଧ ହେଲା, ନାନା ଦୁଶ୍ଚିନ୍ତାରେ ମସ୍ତିଷ୍କ ଗରମ ହୋଇଉଠିଲା, ମନ ଉଡି ବୁଲିଲା । ସକିନା ଶୋଇପାରିଲା ନାହିଁ କି ବସିପାରିଲା ନାହିଁ; ପହରା ଦେଲା ପରି ଘରୁ ଦାଣ୍ଡକୁ ଏବଂ ଦାଣ୍ଡରୁ ଘରକୁ ଯାତାୟାତ କରିବାକୁ ଲାଗିଲା ।

କ୍ରମେ ରଜନୀ ବଢିବାକୁ ଲାଗିଲା, ତହିଁ ସଙ୍ଗେ ସଙ୍ଗେ କୃପଣ ମହାଜନର ସୁଧ ପରି ସକିନାର ଉତ୍କଣ୍ଠା ବହୁଗୁଣ ବୃଦ୍ଧିମୁଖରେ ଅଗ୍ରସର ହେଲା । ସେ ଏକାବେଳକେ ଅସମ୍ଭାଳ ହୋଇ ପଡିଲା; ଲୋତକ ଧାରାରେ ବକ୍ଷ ଭସାଇଦେଲା । ଥରକୁ ଥର ଦୀର୍ଘନିଃଶ୍ୱାସ ଛାଡି କପାଳରେ କରାଘାତ କଲା । ରାତିର ଶେଷ ପ୍ରହରରେ ଯାଇ ଆଲିବାବାକୁ ଉଠାଇ ମୁଣ୍ଡ-କୋଡି ହୋଇ କାନ୍ଦକାଟି ତାକୁ ଅସ୍ଥିର କରି ପକାଇଲା । କ୍ରନ୍ଦନ ଗଦ୍‌ଗଦ କଣ୍ଠରେ କହିଲା—"ଭାଇ, ମୋର ସର୍ବନାଶ ହେଲା । ମୁଁ ଏବେ କଅଣ କରିବି ? ଏ ବିପଦରେ ତୁମେ ଏକା ମୋର ସାହା-ଭରସା । ମୁଁ ପାପୀୟସୀ ଅତି ଲୋଭରେ ପ୍ରାଣର ସ୍ୱାମୀଙ୍କୁ ଯମ ମୁହଁକୁ ପଠାଇଲି । ମୁଁ ବଳାଇ ନ ଥିଲେ ସେ କାହିଁକି ଯାଆନ୍ତେ ? ମୋର କଅଣ ବା ଅଭାବ ? ମୁଁ ରାଜରାଣୀ ପରି ସୁଖ ଐଶ୍ୱର୍ଯ୍ୟ ଭୋଗ କରୁଛି, ତେବେ ବି ପୋଡା ଲୋଭ ଛାଡିପାରିଲି ନାହିଁ । ମୋହର କୁବୁଦ୍ଧି ମୋତେ ବଧାଉଛି; ମୁହିଁ ଏକା ମୋର ଶତ୍ରୁ । ଭାଇ ଆଲି, ତୁମ ହାତ ଓଠ ଧରି ନେହୁରା ହେଉଛି, ତୁମେ ଚଞ୍ଚଳ ଯାଇ ତୁମ ଭାଇଙ୍କୁ ଘେନି ଆସ । ତାଙ୍କୁ ନ ଦେଖିଲେ ମୁଁ ଜହର ଖାଇ ମରିବି ।" ଆଲିବାବା ଆଉ ତାକୁ ଅଧିକ ଅନୁତାପ କରିବାକୁ ନ ଦେଇ ସହାନୁଭୂତିବୋଳା କଣ୍ଠରେ

କହିଲା, "ତୁମେ ଏବେ ଅଧୁର କାହିଁକି ହେଉଛ ବୋହୂ, ଧୈର୍ଯ୍ୟ ଧର, ମନ ସ୍ଥିର କରି ଆଲ୍ଲାଙ୍କୁ ଡାକ, ସେ ଅବଶ୍ୟ ମଙ୍ଗଳ କରିବେ । ଅନ୍ଧାରରାତି, ପୁଣି ଭାଇଙ୍କର ଛୋଟ-ବୁଧଶିଆ ସୁକୁମାର ଶରୀର, ବଣବୁଲା ବା କାଠକଟାରେ ତାଙ୍କର ଅଭ୍ୟାସ ନାହିଁ । ଏ କାମରେ ସେ ନୂଆ । ରାତିରେ ଏକୁଟିଆ ଆସିବାକୁ ସାହାସ ନ ଥିଲେ କେଉଁଠି ରହିଯାଇଥିବେ, ସକାଳୁ ଉଠିଆସିବେ ! ଆଉ ମୁଁ ବି ତ ଏହିକ୍ଷଣି ଯାଉଛି, ତାଙ୍କୁ ବାଟରେ ଦେଖିଲେ ଚଞ୍ଚଳ ଆସିବାକୁ କହିଦେବି, ନ ହେଲେ ସଙ୍ଗରେ ଘେନି ଆସିବି । ତୁମେ କିଛି ଭାବନା କର ନାହିଁ । ଘରକୁ ଯାଇ ନିଶ୍ଚିନ୍ତ ହୋଇ ବସିଥାଅ । ତୁମ ନାରୀଜାତିର ସ୍ୱଭାବ, ତୁମେ ଛୋଟାଟାରେ ନାନା ଅମଙ୍ଗଳ କଳ୍ପନା କର—ଏଟା ତୁମର ଗୋଟାଏ ଭାରି ଦୁର୍ବଳତା ।" ଅନନ୍ତର ଅଲିବାବା ଫତେମାକୁ ଡାକି କହିଲା—"ଫତେମା, ତୁମେ ବୋହୂଙ୍କୁ ନେଇ ଘରେ ଛାଡିଆସିବ, ଆଉ ତାଙ୍କର ଖିଆପିଆ ଦେଖିବ । ମୁଁ ଫେରିବାଯାଏ ତାଙ୍କୁ ଖୁବ୍ ଜଗାରେ ରଖିଥିବ ।" ଫତେମା ମୁଣ୍ଡ ହଲାଇ ସମ୍ମତି ପ୍ରକାଶ କଲା । ଅଲିବାବା ଗଧ ତିନୋଟି ଘେନି ଘରୁ ବାହାରିଗଲା ।

ଫତେମା ସଖିନାକୁ ନେଇ ତାହା ଘରେ ଛାଡିଲା । ସଖିନା ବାଘୁଣୀ ପରି କେତେ କଅଣ ବକିଯାଉଥାଏ, ବେଳେ ବେଳେ ହାହାକାର କରି ବକ୍ଷରେ କରାଘାତ କରୁଥାଏ; ନେତ୍ରଦ୍ୱୟରୁ ଶ୍ରାବଣର ଧାରା ବହିପଡି ମୃତ୍ତିକା ସିକ୍ତ କରୁଥାଏ । ଫତେମା ମଧୁର କଥାରେ ସାନ୍ତ୍ୱନା ଦେଇ କହିଲା—"ନାନୀ, ତୁମେ ବ୍ୟାକୁଳ ହୁଅ ନାହିଁ, ତୁମ ଦିଅର ଗଲେଣି, ନିଶ୍ଚେ ତାଙ୍କ ଭାଇଙ୍କୁ ଘେନି ଏହିକ୍ଷଣି ଆସି ପହଞ୍ଚିବେ । ଚାଲ, ଆମେ ଦୁଇ ଭଉଣୀ ବସି ଆଲ୍ଲାଙ୍କୁ ଡାକିବା, ସେ ଦୟାମୟ ଆମ ଡାକ ଅବଶ୍ୟ ଶୁଣିବେ । ସେ ମଙ୍ଗଳମୟ, ତାଙ୍କ ନାମ ଧରିଲେ ଅମଙ୍ଗଳ ଭୂତ ପଳାଇଯିବ । ତୁମେ ବୁଦ୍ଧିମତୀ ହୋଇ ବୃଥା ଅମଙ୍ଗଳ କଳ୍ପନା କାହିଁକି କରୁଛ ? ତୁମେ ତ କାହାରି ଅନିଷ୍ଟ କରି ନାହଁ, ତେବେ ତୁମର ଅନିଷ୍ଟ କିଏ କାହିଁକି ପାରିବ ? ତୁମରି ଧର୍ମ ତୁମକୁ ଘୋଡାଇ ରଖିବ, ତୁମ ସ୍ୱାମୀଙ୍କ ଗୋଡ଼ରେ କଣ୍ଟା ଭୁଶିବ ନାହିଁ ।" ଫତେମା ଏହିପରି ତେର ବୁଝାଇ ସଖିନାକୁ ନେଇ ଖଟଥାଳା ପାଖରେ ଜୋର କରି ବସାଇଲା । ତାହା ମୁହଁରେ ପାଣିହାତ ବୁଲାଇଦେଇ ପଣନ୍ତ କାନିରେ ପୋଛିଦେଲା; ମାତ୍ର ସଖିନା ଭାତ ତୁଣରେ ହାତ ମାରିଲା ନାହିଁ । ଭାତକୁ ଲୁହ ଧାରରେ ପଖାଳିଦେଇ ପାଣି ଗିଲାସେ ପିଇଦେଇ ଉଠିଗଲା ।

ଅଲିବାବା ବାଟରେ କାଶିମଙ୍କୁ ନ ଦେଖି ଟିକିଏ ଶଙ୍କିତ ହୋଇ ଉଠିଥିଲା; ମାତ୍ର ପଛରେ ଭାବିଲା, ଗୋପନରେ ତ ଯିବାର କଥା, ଯେବେ ଅନ୍ୟ କୌଣସି ବାଟରେ ଯାଇଥିବେ, ତାହା ହେଲେ ତ ଭଲ କଥା । ଏହା ଭାବି କିଛି ମନକୁ ଶାନ୍ତ କଲା । ସେ ଯଥାସମୟରେ ଯାଇ ଦସ୍ୟୁଧନାଗାରର ଗୁପ୍ତଦ୍ୱାର ପାଖରେ ଉପସ୍ଥିତ ହେଲା; ମାତ୍ର ସେଠାରେ ଯାହା ଦେଖିଲା, ସେ ଦୃଶ୍ୟ ବଡ଼ ଅସହ୍ୟ । ତାହାର ଆତ୍ମା ଥରିଉଠିଲା, ରକ୍ତ ପାଣି ହୋଇଗଲା । ସେ ଦେଖିଲା—ସେଠାରେ ଗଛଡାଳରେ କାଶିମଙ୍କ ମୁଣ୍ଡ ଝୁଲୁଅଛି । ସେଥିର ବ୍ୟାପାର ବୁଝିବାକୁ ବିଳମ୍ବ ହେଲା ନାହିଁ । ଅଲିବାବା ଭ୍ରାତୃଶୋକରେ କାନ୍ଦିବାକୁ ବସିଲା; ମାତ୍ର ମୁହୂର୍ତ୍ତିକେ ତାହାର ଚେତନା ହେଲା । ସେ ଭାବିଲା—ଏ ତ କାନ୍ଦିବାବେଳ ନୁହେଁ, ଆଉ କିଛିକ୍ଷଣ ବିଳମ୍ବ କଲେ ଭାଇଙ୍କ ଭାଗ୍ୟ ସଙ୍ଗେ ମୋ ଭାଗ୍ୟ ସମାନ ହୋଇଯିବ । ଦୁର୍ବୃତ୍ତମାନେ ଶରୀରଟା କେଉଁଠି ରଖିଛନ୍ତି, ଆଗେ ଖୋଜିବା ଦରକାର । ବୋଧହୁଏ ଧନାଗାର ଭିତରେ କୌଣସି ଗୁପ୍ତ ସ୍ଥାନରେ ଲୁଚାଇ ରଖିଛନ୍ତି । ତହୁଁ ସେ ଗଧଗୁଡ଼ାକୁ ବଣ ଭିତରକୁ ଅଡ଼ାଇଦେଲା । କାଶିମଙ୍କ ଗଧ କେତୋଟି ବି ପୂର୍ବଦିନରୁ ସେଠାରେ ଚରି ବୁଲୁଥିଲେ । ଅଲିବାବା ଗଧ ତାଙ୍କ ସାଙ୍ଗରେ ମିଶି ଚରିବାକୁ ଲାଗିଲେ । ଅଲିବାବା ଗୁପ୍ତଦ୍ୱାର ପାଖକୁ ଆସି କହିଲା—'ସିସେମ୍, ଦ୍ୱାର ଖୋଲ ।' ଦ୍ୱାର ସେହିକ୍ଷଣି ଖୋଲିଗଲା । ଅଲିବାବା ଭିତରେ ପଶି ପ୍ରତିଘରେ ବୁଲି ବୁଲି ଦେଖିଲା; ମାତ୍ର କିଛି ସଙ୍କେତ ସୁଦ୍ଧା ପାଇଲା ନାହିଁ । ଶେଷରେ ଦସ୍ୟୁମାନଙ୍କ ବସ୍ତ୍ର ମଣ୍ଡପରେ ଦେଖିଲା—କାଶିମଙ୍କ ଗଣ୍ଡି ଚାରିଫାଳ ହୋଇ ଘରର ଗୋଟିଏ କୋଣରେ ଗଦା ହୋଇଅଛି । ଅଲିବାବା

ଆଉ ବିଳମ୍ବ ନ କରି ସେହି ସ୍ୱରପାଳ ଶବକୁ ଲୁଗାରେ ବାନ୍ଧି ତାକୁ ଏବଂ କେତେଗୁଡ଼ାଏ ମଣି, ମୁକ୍ତା, ସୁନା, ମୋହର ପ୍ରଭୃତିର ଥଳୀ ଧରି ଦ୍ୱାର ପାଖରେ ଠିଆ ହୋଇ କହିଲା—"ସିସେମ୍ ଦ୍ୱାର ଖୋଲ।" ହଠାତ୍ ଦ୍ୱାର ମୁକ୍ତ ହୋଇଗଲା। ସେ ବାହାରି ଆସି କହିଲା—"ସିସେମ୍, ଦ୍ୱାର ବନ୍ଦ କର।" ସେହିକ୍ଷଣି ଦ୍ୱାର ବନ୍ଦ ହୋଇଗଲା। ଅଲ୍ଲିବାବା କେତେ ଗୋଛା କାଠ କାଟି ଗଧଗୁଡ଼ାକୁ ବଣରୁ ଅଡ଼ାଇଆଣିଲା। କାଶିମଙ୍କ ଶବକୁ କାଠଦ୍ୱାରା ଭଲରୂପେ ଘୋଡ଼ାଇ ଗୋଟାଏ ଗଧ ଉପରେ ଲଦିଲା ଏବଂ ଆଉ ଗଧଙ୍କ ଉପରେ ମୋହର ପ୍ରଭୃତିର ଥଳୀ ଲଦିଲା। ସ୍ୱଭପାଖରେ କାଠ ସଜାଡ଼ି ଉପରେ ଥଳୀଗୁଡ଼ିକୁ ଏପରି ଭାବରେ ରଖି ଦେଲା କି ଯେ, କିଛିମାତ୍ର ବାରିହେଲା ନାହିଁ। ତହୁଁ ଉଦ୍ଧାରୁ କାଶିମଙ୍କ କଟା ମୁଣ୍ଡଟା ଗଛରୁ ଆଣି ସେଥିରେ ପଜ ଢାଙ୍କି ଲୁଗାରେ ବାନ୍ଧି କାନ୍ଧରେ ପକାଇଲା; ଆଉ ସେଠାରେ ଅକାରଣରେ ବିଳମ୍ବ କଲା ନାହିଁ। ଗଧଗୁଡ଼ିକୁ ଅଡ଼ାଇ ଗୃହାଭିମୁଖରେ ଚାଲିଲା। କେତେବେଳକୁ ବେଳ ବୁଡ଼ି ଆସୁଥିଲା।

ଅଲ୍ଲିବାବା ଘଣ୍ଟା ପ୍ରହରକବେଳେ ଆସି ଘରେ ପହଞ୍ଚିଲା; ଆଣିଥିବା ମାଲସବୁ ଗଧ ଉପରୁ ଓହ୍ଲାଇ ଘରେ ନେଇ ରଖିଦେଲା; କାଶିମଙ୍କ ମୁଣ୍ଡଗଣ୍ଡି ନେଇ ଗୁପ୍ତ ସ୍ଥାନରେ ରଖି ଲୁଗା ଢାଙ୍କିଦେଲା। ପରେ ଫତେମାକୁ ଡାକି ସବୁ କହିଲା। ଫତେମା ଧନରତ୍ନ ଦେଖି ଖୁବ୍ ଆନନ୍ଦିତ ହେଲା; ମାତ୍ର କାଶିମଙ୍କ ମୃତ୍ୟୁ-ସମ୍ବାଦ ସେ ଆନନ୍ଦକୁ ଢାଙ୍କିପକାଇଲା। ସେ ହାହାକାର କରି କହିଲା—"ସଖିନାର ଦଶା କଅଣ ହେବ? ସେ କି ଆଉ ପ୍ରାଣ ରଖିବ? ତାହାର କପାଳ ବଡ଼ ମନ୍ଦ। ଥରେ ବିଧବା ହୋଇଥିଲା, ପୁଣି ଥରେ ତା ଅଦୃଷ୍ଟରେ ବିଧବାଯୋଗ ବିଧାତା ଲେଖିଥିଲା। ହଜାର କୁବେରର ସମ୍ପତ୍ତି ଥିଲେ କଅଣ ହେବ, ସ୍ୱାମୀ ବିନା ନାରୀର ଜୀବନ ବୃଥା। ପୋଡ଼ାକପାଳୀ ନିଜ ଦୋଷରେ ନିଜର ସର୍ବନାଶ କରିବସିଲା। ଯୋଡ଼ପଥର ଲୋଭରେ କି ଅମୂଲ୍ୟ ମହାରତ୍ନ ସେ ଜାଣୁ ଜାଣୁ ଫିଙ୍ଗିଦେଲା! ହାୟ ହାୟ, ତାହାର ହୃଦୟବେଦନା କିଏ ବୁଝିବ? ଅଚ୍ଛା, ମୁଁ କହୁଛି ତୁମ୍ଭେ ତାକୁ ବିବାହ କର। ମୋର ସେଥିରେ କିଛି ଆପତ୍ତି ନାହିଁ। ଅନ୍ତର ଅଧିକରେ ମୁଁ ଖୁସି ହେବି। ତାହା ନ ହେଲେ ସଖିନା କଲିଜାର ଘାଆ ଶୁଖିବ ନାହିଁ। ତୁମେ ମୋ କଥା ମାନ, ତାହା ପାଖରେ ଏହି ପ୍ରସ୍ତାବ କରିବ—ମୁଁ ତାକୁ ଠିକ୍ ବଡ଼ ଭଉଣୀ ପରି ସେବା କରିବି। ଘରର ସବୁ ଭାର ସେ ନେଇ ତାହା ମନ ଅନୁସାରେ ବ୍ୟବସ୍ଥା କରୁ, ମୁଁ ତାହାର ଆଜ୍ଞାନୁବର୍ତ୍ତିନୀ ହୋଇ ରହିବି। ମୁଁ ତୁମକୁ ବି ତାହା ହାତରେ ଦାନ କରିଦେବି। ଯେଉଁ ଦାନ କେବେ କେହି ନାରୀ କରିପାରି ନାହିଁ, ମୁଁ ସେହି ସ୍ୱାମୀ ଦାନ କରି ମନରେ ଗୋଟାଏ ଗର୍ବ ଓ ଆନନ୍ଦ ଉପଭୋଗ କରିବି। ମୁଁ ନିଜର ସ୍ୱାର୍ଥ ଖୋଜେ ନାହିଁ, ମୋ ସ୍ୱାର୍ଥରେ ସେ ସୁଖୀ ହେଲେ ମୁଁ ତାହାକୁ ପରମ ଲାଭ ମଣିବି। ଅବଧି ଯାହା କେହି କରି ନାହିଁ, ମୁଁ ତାହା କରି ନାରୀଜଗତରେ ଦାନର ଆଦର୍ଶ ଦେଖାଇବି। ଏହାଠାରୁ ବଳି ମୋ ନାରୀ-ଜୀବନରେ ଶ୍ଲାଘାର କଥା କଅଣ ହୋଇପାରେ? ଅନ୍ୟ କେହି ପତି ଦାନ କରିପାରେ ନାହିଁ, କେବଳ ସତୀ ନାରୀ ତାର ପ୍ରାଣରେ କରିପାରେ। ମୁଁ ଯେବେ ସତୀ ହୋଇଥିବି, ତୁମ ପାଦରେ ଯେବେ ମୋର ଅଟଳ ଭକ୍ତି ଥିବ, ତେବେ ମୁଁ ଏହି ମହାଦାନ କରିପାରିବି, ମୋର ସେ ସାହସ ଖୁବ୍ ଅଛି।" ସ୍ତ୍ରୀର କଥାରେ ଅଲ୍ଲିବାବା ମୁଗ୍ଧ ହୋଇଗଲା। ସେ ମନେ ମନେ ଭାବିଲା—"ଏଭଳି ହୃଦୟବତୀ, ପୁଣ୍ୟଶୀଳା ଦେବୀ ସ୍ତ୍ରୀ ଯାହା ଭାଗ୍ୟରେ ମିଳେ, ସେ ଅଧମ, ଅଭାଜନ, ଅକିଞ୍ଚନ ହେଲେ ସୁଦ୍ଧା ଧନ୍ୟ। ପୂର୍ବ ଧର୍ମବଳ ନ ଥିଲେ ଏରୂପ ସ୍ତ୍ରୀରତ୍ନ ମିଳେ ନାହିଁ। ଏପରି ମହିମାମୟୀ ଆଦର୍ଶ ରମଣୀ କୋଟିକେ ଗୋଟିଏ ମିଳିବା ଅସମ୍ଭବ।" ଅଲ୍ଲିବାବା ସ୍ତ୍ରୀ କଥାର କିଛି ଉତ୍ତର ନ ଦେଇ ନୀରବରେ କାଶିମ ଘର ଆଡ଼କୁ ଚାଲିଗଲା। ଫତେମା ତାକୁ ସମ୍ମତିର ଲକ୍ଷଣ ମଣି ମନେ ମନେ ଆହ୍ଲାଦିତ ହେଲା।

## ଷଷ୍ଠ ପରିଚ୍ଛେଦ

ଅଲ୍ଲିବାବା କାଶିମ ଘରକୁ ଯାଇ ସଖିନାକୁ ନିର୍ଜନରେ ସବୁ କଥା କହିଲା। ସଖିନା ଶୁଣିଲାକ୍ଷଣି

ବଡ଼ ପାଟିରେ କାନ୍ଦିଉଠିଲା । ଅଲିବାବା ତା ମୁହଁରେ ହାତ ଦେଇ ଲଘୁସ୍ୱରରେ କହିଲା—"ଚୁପ୍ କର ସକିନା ବିବି ! ଯାହା ହେବାର ତ ହେଲାଣି; ତୁମ କାନ୍ଦଣାରେ କଥା ସ୍ପଷ୍ଟ ହୋଇପଡ଼ିଲେ ପୋଲିସ ଆସି ମହା ଅନର୍ଥ ଘଟାଇବ । ଏବେ ମୁଁ ଯାହା କହୁଛି, ତାହା ମନ ଦେଇ ଶୁଣ । ମୁଁ ଆଜି ବି ବସ୍ତାଏ ଧନରତ୍ନ ଆଣିଛି । ପୂର୍ବରୁ ଯାହା ଆଣିଥିଲି, ଆଜି ଯାହା ଆଣିଛି ସେ ସବୁ ତୁମର । ତାକୁ ସାତଜନ୍ମ ବସି ଖାଇଲେ ସରିବ ନାହିଁ । ମୁଁ ତୁମକୁ 'ନିକା' କରିବାକୁ ପ୍ରସ୍ତୁତ ଅଛି । ତୁମେ ପ୍ରଧାନା ଗୃହିଣୀ ହେବ । ମୋର ସ୍ତ୍ରୀର ଦେବୀ-ସ୍ୱଭାବ ତୁମେ ଜାଣ, ସେ ତୁମକୁ ବଡ଼ଭଉଣୀ ପରି ସେବା-ଭକ୍ତି କରିବ । ତୁମର କିଛି କଷ୍ଟ ହେବ ନାହିଁ । ତୁମେ ଆଉ କାନ୍ଦାକଟା ନ କରି ମୋ କଥା ମାନ; ଉପସ୍ଥିତ କର୍ତ୍ତବ୍ୟର ପରାମର୍ଶ କରିବା ଆସ ।" ସକିନାର ପ୍ରଧାନ ପରିଚାରିକାର ନାମ ମାର୍ଜିୟାନା । ସେ ବଡ଼ଘରର ଝିଅ, ଅଦୃଷ୍ଟର ବିପର୍ଯ୍ୟୟରେ ଦାସୀକାମ କରିବାକୁ ବାଧ୍ୟ ହୋଇଅଛି । ମାର୍ଜିୟାନା ଅସାଧାରଣ ରୂପ-ଗୁଣବତୀ । ସେ ଯେଉଁପରି ଚତୁରୀ, ସେହିପରି ଧୂର୍ତ୍ତା । ବୁଦ୍ଧିରେ ଅନେକ ରାଜମନ୍ତ୍ରୀ ସୁଦ୍ଧା ତାହାର ସମକକ୍ଷ ନୁହନ୍ତି । ସକିନା ତାହାକୁ ପ୍ରାଣ ପରି ସ୍ନେହଶ୍ରଦ୍ଧା କରେ । ସେ ସକିନାର ଖୁବ୍ ବିଶ୍ୱାସପାତ୍ରୀ । ତାହା କଥାକୁ ସେ ମୂଲ୍ୟହୀନ ମଣି ହେଳେ ଏଡ଼େଇଏ ନାହିଁ—ବରଂ ଅନେକ ବଡ଼ ବଡ଼ କଥାରେ ତାହାର ପରାମର୍ଶ ନେଇ କାମ କରେ । ଅଲିବାବା ସକିନାର କଥାବାର୍ତ୍ତା ସେ ଅନ୍ୟ ପ୍ରକୋଷ୍ଠରେ ଥାଇ ଶୁଣୁଥିଲା । ବୁଦ୍ଧିମତୀ ନାରୀ ସେହି କଥାରୁ ଘଟଣାଟା ବୁଝିପାରି ହଠାତ୍ ବାହାରି ଆସି କହିଲା, "ବେଗମ୍ ସାହେବ, ଖାନ ସାହେବ ଯାହା କହିଲେ ତାହା ଠିକ୍ । ତାହା ନ କଲେ ତୁମର ଉପାୟ ନାହିଁ । କାନ୍ଦିକରି ଘରଦ୍ୱାର ଫଟାଇଲେ ତୁମ ସ୍ୱାମୀ ଆଉ ଫେରିଆସିବେ ନାହିଁ । ସେ ଯେଉଁ ରାଜ୍ୟକୁ ଯାଇଛନ୍ତି, ସେ ରାଜ୍ୟରୁ କେହି ଫେରି ଆସେ ନାହିଁ । ଘଟଣା ପ୍ରକାଶ ହୋଇପଡ଼ିଲେ ପଲିମକୁ ଛାଡ଼ିକି ଜଳନ୍ତା ଚୁଲୀରେ ପଡ଼ିବାକୁ ହେବ । କେହି ନ ଜାଣୁଣୁ ଏହି ରାତିରେ ତୁମ ସ୍ୱାମୀଙ୍କର କମିତି କବର ହୋଇପାରିବ, ସେ ଉପାୟ ଚିନ୍ତାକର ।" ସକିନା ଏହା ଶୁଣି ଖୁବ ଚିନ୍ତା କରିବାପରେ ସ୍ପଷ୍ଟ ବୁଝିଲା, ମାର୍ଜିୟାନାର କଥା ସତ । ଅଲିବାବାର ପ୍ରସ୍ତାବରେ ସମ୍ମତ ହେବା ଛଡ଼ା ତାହାର ଉପାୟ ନାହିଁ । ସେ ଅଗତ୍ୟା ତାହାହିଁ ସ୍ୱୀକାର କଲା । ତିନିହେଁ ବସି ଉପସ୍ଥିତ କର୍ତ୍ତବ୍ୟର ପରାମର୍ଶ କରିବାକୁ ଲାଗିଲେ । ମାର୍ଜିୟାନାର ତୀକ୍ଷ୍ଣ ବୁଦ୍ଧିବଳରେ ନିରାପଦ ସୁପରାମର୍ଶର ଅଭାବ ହେଲା ନାହିଁ ।

ମାର୍ଜିୟାନା କହିଲା—"ସମସ୍ତେ ନିଶ୍ଚିନ୍ତ ହୋଇ ବସ, ମୁଁ ଏକାକୀ ସବୁ କରିଦେବି ।" ଏହା କହି ସେ ଗୋଟାଏ ଶିଶି ଓ କେତେଟା ମୋହର ଧରି ଘରୁ ବାହାରିଗଲା । ସେ ଜାଣେ ସେ ଗାଆଁରେ ଜଣେ ଡାକ୍ତର ଅଛି, ସେ ଓଲାଉଠାର ନାମ ଶୁଣିଲେ ଘରଦ୍ୱାରେ ଗ୍ରାମ ଛାଡ଼ି ପଳାଇଯାଏ । ମାର୍ଜିୟାନା ତାହାର ପାଖକୁ ଯାଇ କହିଲା—"କାଶିମ ସାହେବଙ୍କୁ ଆଜି ଭୋରରୁ ଓଲାଉଠା ଧରିଛି ଅବସ୍ଥା ବଡ଼ ଖରାପ, ତୁମେ ଏହି ମୋହର ଦୁଇଟା ନେଇ ଥରେ ତାଙ୍କୁ ଦେଖି ଆସିବ ଆସ ।" ଏହା କହି ମୋହର ଦୁଇଟି ତାଙ୍କ ହାତରେ ଗୁଞ୍ଜିଦେଲା । ଓଲାଉଠାର ନାମ ଶୁଣି ଡାକ୍ତରର ପିଲିହା ପାଣି ହୋଇଗଲା, ଏଣେ ମୋହର ଲୋଭ ବି ଛାଡ଼ିପାରିଲା ନାହିଁ । ସେ ଅନେକ କ୍ଷଣ ଭାବି କହିଲା—ମୋର ଯିବାର କିଛି ଦରକାର ନାହିଁ, ତୁମେ ଔଷଧ ନେଇଯାଅ, ଫଳ ଯାହା ହେବ, କାଲି ସକାଳେ ଆସି କହିବ ।" ମାର୍ଜିୟାନା ତ ତାହାହିଁ ଖୋଜୁଥିଲା, ସେ କିଛି ଆପତ୍ତି ନ କରି ଔଷଧ ନେଇ ଚାଲିଆସିଲା । ଡାକ୍ତରଟି ସେହି ରାତି ଭିତରେ କାଶିମଙ୍କୁ ଓଲାଉଠା ହେଉଛି ବୋଲି ଗାଆଁସାରା ଢେଣ୍ଡରା ପିଟିଦେଲା । ଏହା ଶୁଣି ଯେଉଁମାନେ କାଶିମଙ୍କ ଘରକୁ ଯିବା ଆସିବା କରନ୍ତି, ସେମାନେ ଭୟରେ ଆଉ ଆସିଲେ ନାହିଁ । ତହୁଁ ଉତ୍ତାରୁ ମାର୍ଜିୟାନା କହିଲା—"ମଡ଼ାକୁ କବର କିପରି କରାହେବ ? ଚାରିଖଣ୍ଡ ଦେଖିଲେ ପୁଣି କଟା ମୁଣ୍ଡ ଦେଖିଲେ କବର ଦେବା ଲୋକେ ସନ୍ଦେହ କରିବେ, ତାହାହେଲେ କଥା ଫୁଟିଉଠିବ । ସବୁକୁ ସିଇଁ ଗୋଟାଏ କରିବା ଦରକାର; ମାତ୍ର କାହା ନ ଚିହ୍ନିବା ଭଳି ସିଇଁ ପାରିବ କିଏ ? ଯାଇ ଦେଖେଁ, ସେହିଭଳି

ନିପୁଣ ମୋଚି କେହି ମିଳିବେ କି ?" ମାର୍ଜିଆନା ଆଉ କେତୋଟି ମୋହର ଧରି ବାହାରିଲା । ଯାଉଁ ଯାଉଁ ସହରର ଉପକଣ୍ଠରେ ଜଣେ ମୋଚି ଦୋକାନରେ ପହଞ୍ଚିଲା । ବୁଢ଼ାମୋଚି ବସି ଯୋତା ସିଲାଇ କରୁଥିଲା; ତାକୁ କହିଲା—"ମୁଁ ତୋତେ ଗୋଟାଏ ମୋହର ଦେବି, ତୁ ଗୋଟାଏ କାମକୁ ମୋ ସଙ୍ଗରେ ତୋର ହତିଆର ନେଇ ଯାଇପାରିବୁ ?" ମୋଚି ମୋହର ନାମ ଶୁଣି ଉତ୍ସାହିତ ହୋଇ କହିଲା—"ହଁ, ଯାଇ-ପାରିବି ।" ମାର୍ଜିଆନା କହିଲା—"ମୁଁ ତୋ ଆଖି ବାନ୍ଧି ନେଇଯିବି, କାମ ସରିଲେ ପୁଣି ଆଖି ବାନ୍ଧି ଆଣି ଛାଡ଼ିଦେଇଯିବି ।" ମୋଚି କହିଲା, "ନା, ତାହା ପାରିବି ନାହିଁ ।" ମାର୍ଜିଆନା ହସି ହସି ପଚାରିଲା—"ଆଉ ଗୋଟାଏ ମୋହର ଦେଲେ ପାରିବୁ ?" ମୋଚି ମୁରୁକିହସା ଦେଇ କହିଲା—"ହଁ, ପାରିବି ।" ତହୁଁ ମାର୍ଜିଆନା ତାହା ହାତରେ ଦୁଇଟି ମୋହର ଦେଇ ଲୁଗାରେ ତା ଆଖି ବାନ୍ଧି ନାନା ପଥରେ ଘୂରାଇ ଫେରାଇ ନେଇଗଲା । କାଳେ ମୋଚି ବାଟ ଚିହ୍ନିନେବ—ଏହି ଆଶଙ୍କାରେ ସିଧା ବାଟରେ ନ ନେଇ ଘୂରାଣିଆ ଗଳି ବାଟରେ ନେଇଗଲା । କାଶିମଙ୍କ ଶବ ଯେଉଁ ସ୍ଥାନରେ ଅଛି, ସେହିଠାକୁ ନେଇଯାଇ ମୋଚିର ଆଖି ଖୋଲିଦେଇ କହିଲା—"ଏ ଶବକୁ ସିଇଁ ଠିକ୍ ପୂର୍ବପରି କରି ମିଳାଇଦେଲେ ଆଉ ଦୁଇଟି ମୋହର ପୁରସ୍କାର ପାଇବୁ ।" ଅହୋ କି ଶୁଭ ସୁଯୋଗ ! ମୋଚି କିଏ, ମୋହର କିଏ, କେହି କାହାକୁ ଚିହ୍ନନ୍ତି ନାହିଁ । ପୁଣି ଗୋଟାଏ ଅଧେ ନୁହେଁ—ଏକାବେଳକେ ସୁବିଧା ଲାଭ ! ମୋଚିର ଜିହ୍ୱାରୁ ତରଳ ଧାର ବିଶେଷ ବହିପଡ଼ିଲା । ସେ ବାକ୍ୟବ୍ୟୟ ନ କରି ସିଇଁବାକୁ ବସିଗଲା । ଅଳ୍ପକ୍ଷଣ ମଧ୍ୟରେ ଯୋଡ଼ି ଏପରି ସିଇଁ-ଦେଲା ଯେ, ତାହା ଆଦୌ ବାରିହେଲା ନାହିଁ । ମାର୍ଜିଆନା ତାକୁ ଆଉ ଯୋଡ଼ିଏ ମୋହର ଦେଇ ପୂର୍ବପରି ତାହାର ଆଖି ବାନ୍ଧି ଘୂରାଣିଆ ବାଟରେ ନେଇ ତାହା ଦୋକାନରେ ଛାଡ଼ିଦେଇ ଆସିଲା । ଘରେ ପହଞ୍ଚି ମାଆ କାନ୍ଦଣା କାନ୍ଦି ବସିଲା । ଅଲିବାବା ସଖିନା ବିବି ବଡ଼ପାଟିରେ କାନ୍ଦବୋବାଳି ପକାଇଲେ । ତାହା ଶୁଣି କାଶିମଙ୍କ ମୃତ୍ୟୁରେ ଆଉ କାହାର ସନ୍ଦେହ ରହିଲା ନାହିଁ । ସେହି ରାତିରେ ଫକିରମାନଙ୍କଦ୍ୱାରା କାଶିମଙ୍କ ଶବର କବର ଦିଆହୋଇଗଲା । କ୍ରିୟା-କର୍ମ ପରେ ଅଲିବାବା ସଖିନାକୁ ନିକା କଲା । ସେହିଦିନ-ଠାରୁ ସମସ୍ତେ ଏକ ପରିବାରଭୁକ୍ତ ହୋଇ ରହିଲେ । ମାର୍ଜିଆନାର ଚମତ୍କାର ବୁଦ୍ଧିକୁ ସମସ୍ତେ ପ୍ରଶଂସା କଲେ । ତାହାର କୃତକାର୍ଯ୍ୟର ପୁରସ୍କାରସ୍ୱରୂପ ସେ ଦାସୀତ୍ୱରୁ ସହଚରୀତ୍ୱକୁ ଉନ୍ନୀତ ହେଲା । ସଖିନାର ବି ଦ୍ୱିତୀୟରୁ ତୃତୀୟକୁ ଉନ୍ନତି ହେଲା !

ଏଣେ ଯଥାସମୟରେ ଦସ୍ୟୁମାନେ ଆସି ଦେଖିଲେ—ଗଛରେ ଟଙ୍ଗାହୋଇଥିବା ମୁଣ୍ଡଟା ନାହିଁ । ତହୁଁ ସମସ୍ତେ ତାଟଙ୍ଗା ହୋଇଗଲେ । ଜଣେ କହିଲା—"ଶିଆଳ ଖାଇଯାଇଥିବ ।" ଆଉ ଜଣେ କହିଲା—"ହଁ ହଁ, ଠିକ୍ କଥା । ଆମେ ଆସିବାବେଳେ ଗୋଟାଏ ଭୁଣ୍ଡାଶିଆଳ ଉଡ଼ିଯାଉଥିଲା, କେହି କଅଣ ଦେଖି ନାହିଁ ?" ଏହି ଶ୍ଳେଷ ବିଦ୍ରୂପ ଶୁଣି ସମସ୍ତେ ହୋ ହୋ ହୋଇ ହସିଉଠିଲେ । ବୟସ୍କ ବ୍ୟକ୍ତି କହିଲା—"ଇମିତି ପଖାଭୁଆ କଥା କି ମଣିଷ କହନ୍ତି ? ଶିଆଳର ଡେଣା ପର ଅଛି ଯେ, ସେ ଉଡ଼ିଯାଇ ମୁଣ୍ଡଟା ଖାଇଦେଲା !" ଦଳପତି ଟିକିଏ ବିରକ୍ତ ହୋଇ କହିଲା, "ତୁଚ୍ଛା ତୁଷ କୁଟି ଲାଭ କଅଣ ? ଚାଲ ଆଗେ ଭିତର ଦେଖିବା ।" ସମସ୍ତେ ଏକଥା ସମର୍ଥନ କଲେ । ତହୁଁ ସର୍ଦ୍ଦାର କଠୋର ସ୍ୱରରେ କହିଲା—"ସିସେମ୍, ଦ୍ୱାର ଖୋଲ ।" ହଠାତ୍ ଦ୍ୱାର ଫିଟିଗଲା । ସର୍ଦ୍ଦାର ଆଗେ ଆଗେ ଗଲା, ସମସ୍ତେ ଗୋଟି ଗୋଟି ହୋଇ ତାହା ପଛରେ ଗଲେ । ସୀତା ଅନ୍ୱେଷଣାର୍ଥୀ କ୍ଷୁଧାତୁର ବାନରଯୂଥ ପାତାଳ ଗୁମ୍ଫାରେ ଏହିପରି ପଶିଥିଲେ । ହନୁମାନ୍ ଆଗେ ଆଗେ ଚାଲି ବାଟ କଢ଼ାଉଥିଲା, ଅନ୍ୟ ବାନରମାନେ ତାହାର ଲାଙ୍ଗୁଳ ଧରି ଚାଲିଥିଲେ । ଘର ଭିତରେ ଚାରିଫାଳିଆ ମଢ଼ା ନ ଦେଖି ଦସ୍ୟୁପତି ଚମକିଉଠିଲା, ବିସ୍ମୟବ୍ୟଞ୍ଜୀ ସ୍ୱରରେ କହିଲା—"କି ଆଶ୍ଚର୍ଯ୍ୟ ଘଟଣା ! ଦେଖୁଛି ବସ୍ତ୍ର ଧନରତ୍ନ ବି ଅପହୃତ ହୋଇଛି । ଏ ମୃତ୍ୟୁପୁର ଭିତରେ ପଶୁଛି, ଏଭଳି ଦୁଃସାହସୀ କିଏ ? ସେ କଅଣ ପ୍ରାଣକୁ

ଜଳାଞ୍ଜଳି ଦେଉଛ ? ପୁଣି କି ଅଦ୍ଭୁତ ଚୋର, ବାଟ ନାହିଁ, ଛିଦ୍ର ନାହିଁ, ତେବେ ବି ବାସ୍ପ ପରି ପଶିଆସୁଛି ! ଯେପରି ଭୀତ ଭେଦକରି ଆଲୋକ ଆସି ଘରେ ପଶେ, ଏ ଚୋର ସେହିପରି ଆସି ସେହିପରି ଯାଉଛି । କି ଅଦ୍ଭୁତ ମହାବିଦ୍ୟା ଜାଣେ ସେ ? ତାହାର ସାହସକୁ ଧନ୍ୟବାଦ, ବିଦ୍ୟାକୁ ଧନ୍ୟବାଦ । ଏହିପରି ଅତି ସିଆଣାଲୋକ ଏକା ଆମ ଦଳର ଉପଯୁକ୍ତ, ଆଉ ତାକୁ ଏହି ରୂପ ମହାକାର୍ଯ୍ୟ ସାଧନାରେ—ମହାକୀର୍ତ୍ତି ସ୍ଥାପନରେ କ୍ଷମ । ଏଭଳି ବାହାଦୁର ଚୋର ଏକା ଚୌର୍ଯ୍ୟ ମହାବିଦ୍ୟାର ଆଉ ଚୌର୍ଯ୍ୟ ଚଣ୍ଡୀଙ୍କର ଗୁଣଧର ସେବକ । ଚୋର-ଜଗତରେ ତାହାର ଗୌରବ-ସମ୍ମାନ ଅତୁଳନୀୟ । ଏଭଳି ଚୋରକୁ ପୁରସ୍କାର ଦେଲେ ପାଣିରେ ପଡ଼ିବ ନାହିଁ । ତାହାର ସେହି ଉଚ୍ଚ ପୁରସ୍କାର ମୋର ଏହି କୃପାଣର ତୀକ୍ଷ୍ଣ ଧାର ଛଡ଼ା ଆଉ କାହିଁରେ ନାହିଁ ।” ଏହା କହି ଅସି ଉତ୍ତୋଳନପୂର୍ବକ ବିକଟ ଅଟ୍ଟହାସ୍ୟରେ ସେ ଗିରିଗୁହା କମ୍ପାଇଦେଲା ।

ଅନନ୍ତର ସେହି ଗିରିଗର୍ଭରେ ଦସ୍ୟୁଦଳର ମନ୍ତ୍ରଣା ସଭା ବସିଲା । ଯେଉଁ କୌଶଳରେ ହେଉ, ଏ ଚୋରକୁ ଧରି ବିନାଶ ନ କଲେ ମଙ୍ଗଳ ନାହିଁ । ତାହା ନ ହେଲେ ଆମର ଏ ବହୁକାଳର ସଞ୍ଚିତ କୁବେର ସମ୍ପତ୍ତି ରହିବ ନାହିଁ, ପୁଣି ଶେଷରେ ଆମ ସମସ୍ତଙ୍କର ପ୍ରାଣ ବି ଯିବ । ଯେତେ ଅର୍ଥବ୍ୟୟ ହେଉପଛେ ସେ ଚୋରକୁ ଖୋଜି ବାହାର କରିବାକୁ ହେବ । ଆମ ଦଳ ମଧ୍ୟରୁ ଯେ ତାହାର ମୁଣ୍ଡ ସାତଦିନ ମଧ୍ୟରେ କାଟି ଆଣିଦେବ କିମ୍ବା ନ ପାରିଲେ ତାହାର ଘର ଦେଖିଆସି ଠିକ୍ ସମ୍ବାଦ ଦେବ, ମୁଁ ତାକୁ ଉଚ୍ଚ ପୁରସ୍କାରରେ ସମ୍ମାନିତ କରିବି । ଆଉ ଯେବେ ସେ କିଛି ନ କରି ଫେରିଆସେ, ତେବେ ତାହାର ମୁଣ୍ଡ କଟାହେବ, ମୋର ଏ ପ୍ରତିଜ୍ଞା ରହିଲା । ଏବେ ଯେ ଯିବ ସାହସ ବାନ୍ଧିଉଠ, ଆଉ ଏହି ତରବାରି ଛୁଇଁ ନିୟମ କରି ଶୀଘ୍ର ବାହାରିଯାଅ ।” ଏ କଥା ଶୁଣି ସମସ୍ତଙ୍କ ପେଟ ହାଉ ହାଉ ହେଲା । କେହି କିଛି ନ କହି ପରସ୍ପରର ମୁହଁ ଚାହିଁଚାହିଁ ହେଲେ । ସମସ୍ତଙ୍କୁ ନୀରବ ଦେଖି ଦସ୍ୟୁରାଜ ଗର୍ଜିଉଠି କହିଲା—“ଛିଃ, ଏହି ଦୁର୍ବଳ ସାହସ ଘେନି କି ନର୍କକୁ ମୁହଁରେ ଦସ୍ୟୁବୃତ୍ତି କରିବାକୁ ଆସିଛ ? ପ୍ରାଣକୁ ଯାହାର ଏତେ ଭୟ, ସେ ଯାଇ ହାଣ୍ଡିଶାଳରେ ରୋଷେଇଣୀ ପଛରେ ପଣତ ଘୋଡ଼େଇହୋଇ ଲୁଚୁ । ଦସ୍ୟୁର ଜୀବନ ମୃତ୍ୟୁର ମୁହଁ ଭିତରେ । ଜୀବନକୁ ପାଣି ଛଡ଼ାଇ ନ ଦେଲେ କେହି ଦସ୍ୟୁ ହୋଇପାରିବ ନାହିଁ ।” ସର୍ଦ୍ଦାରର ଏ କଟୁ ଭର୍ତ୍ସନା ସହି ନ ପାରି ଜଣେ ଉଠି ତରବାରି ଛୁଇଁ କହିଲା—“ଅଦୃଷ୍ଟରେ ଯାହା ଘଟୁ ପଛେ ମୁଁ ଯିବି ।” ଦସ୍ୟୁପତି ଆନନ୍ଦିତ ହୋଇ ତା'ହା ପିଠିରେ ହାତ ବୁଲାଇ ତାକୁ ଅଧିକତର ଉତ୍ସାହିତ କଲା ଏବଂ ଖର୍ଚ୍ଚ ପାଇଁ କେତେଗଣ୍ଡା ମୋହର ତାହା ହାତରେ ଦେଲା । ସେ ଦଳପତି ଓ ଦଳର ଅପରାପର ସମସ୍ତଙ୍କଠାରୁ ବିଦାୟ ନେଇ ଚୋରର ଅନୁସନ୍ଧାନ କରିବାକୁ ଚାଲିଗଲା ।

ଦସ୍ୟୁ ଛଦ୍ମବେଶରେ ନଗର ମଧ୍ୟରେ ପ୍ରବେଶ କରି ନାନା ସ୍ଥାନରେ ବୁଲିବାକୁ ଲାଗିଲା । ଗଳି, ଉପଗଳି, କନ୍ଦି ସନ୍ଧି ସବୁଆଡ଼େ ବୁଲିଲା । ସକାଳୁ ବୁଲି ବୁଲି ବାଟ ଫୁଟାହୋଇ ମାଛ ଅନ୍ଧାରବେଳେ ଆସି ଗୋଟାଏ ମୋଚି ଦୋକାନରେ ବସି ପଡ଼ିଲା । ବୁଢ଼ା ମୋଚି ତାକୁ ଥରେ ଚାହିଁଦେଇ ଶ୍ରାନ୍ତ ବାଟୋଇ ବୋଲି ଜାଣି କିଛି ନ କହି ନିଜ କାର୍ଯ୍ୟରେ ମନ ଦେଲା । ଦସ୍ୟୁ ପଚାରିଲା—“ବୁଢ଼ା, ବୟସ କେତେ ହେଲାଣି ?” ମୋଚି କହିଲା—“କେଜାଣି ବାବୁ, ମୂର୍ଖ ଗରିବ ଲୋକ, ଜାତକ ଅଛି ନା ପତର ଅଛି ? ତେବେ ସତରକୋଡ଼ି କି ପାଞ୍ଚକୋଡ଼ି ହୋଇଥିବ, ନ ହେଲେ ଆଉ କୋଡ଼ିଏ ପଚାଶ ବେଶୀ ହୋଇଥିବ— ଆଉ କେତେ ହେବ ? ତୁମେ ଏହି ଗଳିବାଟେ ଆସିଲ ପରା ! ଗଳି ମୁଣ୍ଡରେ ଯେଉଁ ବୁଢ଼ାଟି ଦୋକାନ କରିଛି— ସେହି ତେଙ୍ଗଡ଼ା ହୋଇ ଗୋଟା ଚଉତନ-ରୁଟିଆ; ତା'ର ପୋଢ଼ରେ ଗୋଟିଏ ବାଳମୂଳିଆ ଘାଆ ହୋଇଛି; ବୈଦ୍ୟରାଜ ତାକୁର ଚିକିତ୍ସା କରୁଛି; ସେହି ବୁଢ଼ା ମୋଠାରୁ ତିନିବର୍ଷ ବଡ଼—ଏବେ ବୁଝିଲ ?” ଦସ୍ୟୁ ହସି ହସି କହିଲା—“ହଁ, ବୁ

ଯେଉଁ ସହଜ ଉପାୟ କହିଲୁ, ତାହା ଆଉ ବୁଝି ନ ପାରିବ କିଏ ? ଯାହା ହେଉ, ଏତେଗୁଡ଼ାଏ ବୟସ ହେଲଣି, ଅନ୍ଧାରରେ ସୀଉଛୁ—ତୋତେ ଦିଶୁଛି ?" ମୋଚି କହିଲା—"ଓଃ, ଏ କି ଅନ୍ଧାର, ସେଦିନ ଜଣେ ଅମିର ଘରେ ଘୋର ଅନ୍ଧାରରେ ଗୋଟାଏ ଚୌଫାଳିଆ ମଡ଼ାକୁ ସୀଇଁ ସୁନାଟା ମୋହର ବକ୍‌ସିସ୍ ଆଣିଛି—ତୁମେ ଦେଖିଥିଲେ ତ ତାଟଙ୍ଗା ହୋଇଯାଇଥାଆନ୍ତ ପରା !" ବୁଢା ଉତ୍ତେଜନାରେ କଥାଟା କହିଦେଇ ଜିଭ କାମୁଡ଼ପକାଇ ତୁନି ହୋଇ ରହିଲା । ଦସ୍ୟୁ ମନେ ମନେ ଭାବିଲା—"ଚୌଫାଳିଆ ମଡ଼ା, ତାହାହେଲେ ତ ସେହି । ତେବେ ଏଇଠି ତ ବାଜିମନ୍ତ ଲୁଚିଛି । ହେ ଈଶ୍ୱର, ତୁମକୁ ଧନ୍ୟବାଦ, ମୋତେ ଠିକ୍ ଜାଗାରେ ଆଣି ହାବୁଡ଼ାଇଛ । ଉଃ, ଏଥର ପ୍ରାଣଟା ରହିଗଲା, ମୋଟା ପୁରସ୍କାର ବି ପାଇବ ।" ଦସ୍ୟୁ ଏହିପରି ଗୋଟାଏ ବଡ଼ଠ ଆଶା, ଆନନ୍ଦର ଚୋଟ ମୁଣ୍ଡରେ ବସାଇ ମୃଦୁ ହସି ପଚାରିଲା—"କେଉଁ ଅମିର ଘରେ ସୀଇଁଥିଲୁ ? କମିତ କପଣ କଲୁ କହିଲ ମଉସା ! ଶୁଣିବାକୁ ବଡ଼ ଶରଧା ଲାଗୁଛି ।" ମୋଚି କହିଲା, "ନା ନା ବାବୁ, ରକ୍ଷାକର, ସେ ବଡ଼ଘରର କଥା ! ତାହା କହିବାକୁ ମନା ଅଛି ।" ଦସ୍ୟୁ ଶିଅ ପାଇଛି, ଆଉ କି ସୂତା ଛାଡ଼ିବ ? ସେ ମୃଦୁ ମଧୁର ବାଣୀରେ କହିଲା—"ନା ମଉସା, ମୁଁ କେବେ କାହାକୁ କହିବି ନାହିଁ, ତୋ ଗୁଣ ପକାଇ କହୁଛି, ତୋ ଦେ ଛୁଉଁଛି, ତୁ ସେ ଅମିରଙ୍କ ନାମ ନ କହୁ ପଛେ, ତାଙ୍କ ଘର ମୋତେ ଦେଖାଇଦେଲେ ମୁଁ ତୋତେ ଦୁଇଟା ମୋହର ବକ୍‌ସିସ୍ ଦେବି ।" ବୁଢା କହିଲା—"ସ୍ୱର୍ଗର ପରି ପରି ଗୋଟିଏ ସୁନ୍ଦରୀ ସ୍ତ୍ରୀ ମୋ ଆଖି ବାନ୍ଧି ସେଠାକୁ ନେଇଯାଇଥିଲା, ମୁଁ ବାଟ ଦେଖି ନାହିଁ ।" ତହୁଁ ଦସ୍ୟୁ କହିଲା—"ମୁଁ ବି ସେହିପରି ଆଖିରେ ଲୁଗା ବାନ୍ଧି ନେଇଯିବି । ତେବେ ଘର ଚିହ୍ନିପାରିବୁ କି ?" ବୁଢା ସମ୍ମତ ହେବାରୁ ଦସ୍ୟୁ ତାହା ହାତରେ ଦୁଇଟି ମୋହର ଦେଇ ତାହା ଆଖି ବାନ୍ଧି ତାକୁ ଆଗରେ ଚଲାଇ ନିଜେ ପଛେ ପଛେ ଚାଲିଲା । ମୋଚି ଯାଉଁ ଯାଉଁ ଗୋଟାଏ ସ୍ଥାନରେ ଠିଆହୋଇ କହିଲା—"ଏହି ଘରେ ମୁଁ ମଡ଼ା ସୀଇଁଥିଲି ।" ଦସ୍ୟୁ ତାକୁ ବିଦାୟ କରିଦେଇ ଅଣ୍ଟାରୁ ଖଡ଼ିଗୋଟାଏ କାଢ଼ି ସେହି ଘର କାନ୍ଥରେ ଗୋଟାଏ ସଙ୍କେତ ଚିହ୍ନ କାଟିଦେଇ ଶୀଘ୍ର ସେଠାରୁ ବାହାରିଗଲା । ସେହି ଘରଟି ଆଲିବାବାର ଘର । ଚତୁରା ମାର୍ଜିଆନା ଅନ୍ତରାଳରେ ଥାଇ ଦସ୍ୟୁର କାର୍ଯ୍ୟ ଦେଖୁଥିଲା । କାନ୍ଥରେ ଗୋଟାଏ ଚିହ୍ନ ଦେଖି ସେ ନାନାପ୍ରକାର ସନ୍ଦେହ କଲା । ସେ ମନେ ମନେ ଭାବିଲା—"ଲୋକଟାର ଆକୃତି ପ୍ରକୃତି ତାକୁ ଡକାଏତ ବୋଲି ଚିହ୍ନାଇଦେଉଛି । ଚିହ୍ନ ଦେଇ ଚିହ୍ନିତ କରିଗଲା, ସଞ୍ଜରେ ଆସି ମୋର ମୁନିବଙ୍କୁ ଆପଦରେ ପକାଇବ । ଅଚ୍ଛା, ଦେଖେ ପୋଡ଼ାମୁହାଁ ଅଲ୍ଲାଇସର କେତେ ବୁଦ୍ଧି ! ତାହାର ମନକାମନା ଯେବେ ବିଫଳ ନ କରେ, ତେବେ ମୋ ନାଆଁ ମାର୍ଜିଆନା ନୁହେଁ ।" ଏହା କହି ଗୋଟାଏ ଖଡ଼ି ଆଣି ଦସ୍ୟୁ ଯେଉଁପରି ଚିହ୍ନ ଦେଇଥିଲା, ସମସ୍ତଙ୍କ କାନ୍ଥରେ ସେହିପରି ଚିହ୍ନ ଦେଇଗଲା । ଏଣେ ଦସ୍ୟୁପତି ସମ୍ବାଦ ପାଇ ଆଲିବାବା ଘର ଲୁଟ୍ କରିବା ସକାଶେ ଦଳବଳ ସହ ରାତ୍ରରେ ଆସି ପହଞ୍ଚିଲା । ଚିହ୍ନ ଦେଇଥିବା ଦସ୍ୟୁ ସବୁ ଘରେ ଏକା ଚିହ୍ନ ଦେଖି ସେ କେଉଁ ଘରେ ଚିହ୍ନ ଦେଇଥିଲା ଚିହ୍ନିପାରିଲା ନାହିଁ । ଦସ୍ୟୁଦଳ ଭଗ୍ନ-ମନୋରଥ ହୋଇ ଫେରିଗଲେ । ପ୍ରେରିତ ଦସ୍ୟୁ ମିଥ୍ୟା ସମ୍ବାଦ ଦେଇଥିବାରୁ ପଣ ଅନୁସାରେ ସର୍ଦ୍ଦାର ତାହାର ଶିରଚ୍ଛେଦନ କଲା । ମାର୍ଜିଆନାର ଅଲୌକିକ ଉପସ୍ଥିତ ବୁଦ୍ଧିବଳରେ ଆଲିବାବା ସେଥର ବିପଦରୁ ଉଦ୍ଧାର ପାଇଲା ।

ଏଥି ଉତ୍ତାରୁ ଆଉ ଜଣେ ଦସ୍ୟୁ ପୂର୍ବନିର୍ଦ୍ଧାରିତ ପଣରେ ଆବଦ୍ଧ ହୋଇ କେତେ ମୋହର ଲୋଭ ଚୋର ଧରିବାକୁ ଆସିଲା । ତାକୁ ନୂତନ କିଛି କରିବାକୁ ହେଲା ନାହିଁ । ସେ ପ୍ରଥମ ଦସ୍ୟୁର ପଦଚିହ୍ନ ଅନୁସରଣ କରି ଚାଲିଲା । ପୂର୍ବ ସଙ୍ଗୀଠାରୁ ସେ ସବୁ ଶୁଣିଥିଲା । ତଦନୁସାରେ ଯାଇ ସେହି ମୋଚି ଦୋକାନରେ ପହଞ୍ଚି ତାହାରି ସାହାଯ୍ୟରେ ଆଲିବାବା ଘର ଦେଖି ଆସିଲା । ସେ ଖଣ୍ଡେ ଗେରୁମାଟି ଦ୍ୱାରା ଆଲିବାବା ଘର କାନ୍ଥରେ ଗୋଟାଏ ଚିହ୍ନ କାଟିଦେଇ ବଣକୁ ଫେରିଗଲା ; ମାତ୍ର

ସେ ଚାଲାକ ବୁଦ୍ଧିମତୀ ମାର୍ଜିଆନାର ଚକ୍ଷୁ ଉହାଡରେ ରହିଲା ନାହିଁ । ସେ ତାହା ଦେଖି ସମସ୍ତଙ୍କ ଦ୍ୱାରରେ ସେହିପରି ଚେଲୁଚିହ୍ନ ଦେଇଗଲା । ଦସ୍ୟୁଦଳ ସ୍ଥାନରେ ଆସି ପୂର୍ବଥର ପରି ପ୍ରତାରିତ ହୋଇ ଫେରିଗଲେ । ପଣ ଅନୁସାରେ ଦ୍ୱିତୀୟ ଦସ୍ୟୁ ପ୍ରାଣଦଣ୍ଡରେ ଦଣ୍ଡିତ ହେଲା । ସର୍ଦ୍ଦାର ବିରକ୍ତ ହୋଇ କହିଲା—"ନା, ଏ ଭାବରେ କାର୍ଯ୍ୟ କଲେ କିଛି ଫଳ ହେବ ନାହିଁ, ବରଂ ଅକାରଣ ଅର୍ଥର କ୍ଷୟ ହେବ, ପୁଣି ବଳକ୍ଷୟ ବି ହେବ । ସେ ଜଣେ ସାମାନ୍ୟ ବ୍ୟକ୍ତି ନୁହେ, ତାକୁ ଧରିବା ଯାହାର ତାହାର ସାଧ୍ୟ ନୁହେ । ତାହାର ପରି ଲୁହାଚଣାଖିଆ ଠୁଳି ନ ହେଲେ ତାକୁ କିଏ ପାରିବ ? ଯାହାହେଉ ପ୍ରତିଶୋଧ ନେବାକୁହିଁ ହେବ । ଦୁଷ୍ଟ ଉଚିତ ପରିଭବ ନ ପାଇଲେ ତାହାର ପ୍ରଶ୍ରୟ ଭୟଙ୍କର ଭାବରେ ବଢିଉଠିବ । ଦୟା, କ୍ଷମା ଦସ୍ୟୁ-ଧର୍ମର ବିରୁଦ୍ଧ । ସେଭଳି ଆଚରଣ କଲେ ଦସ୍ୟୁକୁ ଚେରବାର ଘଣ୍ଟ ଜପାମାଳା ଧରିବାକୁ ହେବ । ଏଥର ଆଉ କାହାକୁ ନ ପଠାଇ ମୁଁ ସ୍ୱୟଂ ଯିବି । କର୍ତ୍ତବ୍ୟ-ସାଧନ, ନଚେତ୍ ଶରୀର-ପାତନ—ଏହାହିଁ ମୋର କଠୋର ପ୍ରତିଜ୍ଞା । ଏଥର ଚତୁର ଚତୁର ମଧ୍ୟରେ ଖେଳ ଲାଗିବ—ଭାଗ୍ୟର ଉତ୍କଟ ଅଗ୍ନିପରୀକ୍ଷା ହେବ ।"

# ସପ୍ତମ ପରିଚ୍ଛେଦ

ଦସ୍ୟୁନାୟକ ପୂର୍ବୋକ୍ତ ଚର୍ମକାର ମୁସ୍ତାଫାର ସାହାଯ୍ୟରେ ଅଲିବାବା ଘର ଯାଇ ଦେଖିଲା । ଗୋପନରେ ପଚାରି ତାହାର ନାମ ପ୍ରଭୃତି ଜାଣିନେଲା ; ମାତ୍ର ଦ୍ୱାରରେ କୌଣସି ଚିହ୍ନ ଦେଲା ନାହିଁ ; ଭଲରୂପେ ଲକ୍ଷ୍ୟ କରି ଚାଲି ଫେରିଗଲା । ତହୁଁ ପରେ ବଜାରକୁ ଯାଇ ୩୮ଗୋଟା କିଣାପିମ୍ପା ଓ ୧୯ଗୋଟା ଗଧ କିଣିଆଣିଲା । ୩୭ଗୋଟା ପିମ୍ପା ଭିତରେ ୩୭ ଜଣ ସଶସ୍ତ୍ର ଦସ୍ୟୁ ଲୁଚି ରହିଲେ । ଗୋଟାକରେ ତେଲ ପୂର୍ଣ୍ଣ ହୋଇ ରହିଲା । ସବୁ ପିମ୍ପା ୧୯ଟା ଗଧ ଉପରେ ଲଦି ଦସ୍ୟୁପତି ତେଲ ବେପାର ଛଳନାରେ ବାହାରିଲା ; ସନ୍ଧ୍ୟା ପରେ ଯାଇ ଅଲିବାବା ଘର ପାଖରେ ପହଞ୍ଚି ତାକୁ କହିଲା, ମୁଁ ସିରାଜ ନଗରକୁ ତେଲ ନେଇ ଯାଉଛି, ସେଠାରେ ମୋର ବାଣିଜ୍ୟକୋଠି ଅଛି । ସନ୍ଧ୍ୟା ହୋଇଯିବାରୁ ବାଧ୍ୟହୋଇ ଏ ଗ୍ରାମରେ ଆଶ୍ରୟ ଖୋଜିବାକୁ ହେଲା ; କିନ୍ତୁ କି ଆଶ୍ଚର୍ଯ୍ୟର କଥା—ଏତେ ବଡ଼ ଗାଆଁ ଠାରେ ଯାହାକୁ ସ୍ଥାନ ମାଗିଲି, ସେ ଆପଣଙ୍କୁ ଦେଖାଇଦେଲା । ସମସ୍ତେ କହିଲେ—ଅଲିସାହେବ ଏ ଗ୍ରାମର ମାତବର ଲୋକ । ସେ ଯେଉଁପରି ଧାର୍ମିକ, ସେହିପରି ଦୟାଳୁ । ଅତିଥି ପାଇଲେ ସେ କୋଟିନିଧି ମଣନ୍ତି । ତାଙ୍କର ଅତିଥିଶାଳା ଅଛି, ଅଧିକନ୍ତୁ ତାଙ୍କ ଘର ବି ଗୋଟାଏ ପ୍ରକାଣ୍ଡ ଅତିଥିଶାଳା ! ସେଠାକୁ ଗଲେ ତୁମ୍ଭଙ୍କୁ ପ୍ରଶସ୍ତ ସ୍ଥାନ ମିଳିବ । ବାସ୍ତବିକ ମହାଶୟ, ମୁଁ ଏ କଥା ଶୁଣି ମୁଗ୍ଧ ହୋଇଗଲି । ଭାବିଲି ଗାମଠାପାଙ୍କର ଶ୍ରଦ୍ଧା ଭକ୍ତି ଯେ ଆକର୍ଷଣ କରୁଛନ୍ତି, ସେଭଳି ପୁଣ୍ୟାତ୍ମାଙ୍କୁ ଥରେ ଦର୍ଶନ କରିବା ଶ୍ରେୟସ୍କର । ଧର୍ମପ୍ରାଣ, ସାଧୁ-ଦର୍ଶନ ଭାଗ୍ୟରେ ଥିଲେ ମିଳେ ସିନା ! ଧନ୍ୟ ଆପଣ ଆଉ ଧନ୍ୟ ଆପଣଙ୍କ ପିତାମାତା ! ସମ୍ପତ୍ତି, ପ୍ରାଧାନ୍ୟ, ପ୍ରତିଷ୍ଠା କାହାକୁ ବା ପିତା ଲାଗେ ? ଯେ ଯେତେ ମହାପ୍ରାଣ ହେଉ ପଛେ, ପ୍ରଶଂସା ଶୁଣି ସନ୍ତୁଷ୍ଟ ନ ହୁଏ କିଏ ? ଦେବତା ତ ସ୍ତୁତି ସ୍ତବରେ ତୁଷ୍ଟ ହୋଇ ବର ଦିଅନ୍ତି । ଅଲିବାବା ଜଣେ ବିଦେଶୀୟ ମୁଖରୁ ଏଭଳି ଉଚ୍ଚ ପ୍ରଶଂସା ଶୁଣି ଅତ୍ୟନ୍ତ ପ୍ରୀତ ହେଲା ; ଅତିଥିକୁ ସେ ଅତି ଆଦରରେ ନିଜ ଘରେ ସ୍ଥାନ ଦେଲା ଏବଂ ଗଧ ଆଉ ତେଲଟିଣା ପାଇଁ ଗୋଟିଏ ପ୍ରଶସ୍ତ କୁହାଳଘର ଛାଡିଦେଲା । ଦସ୍ୟୁ ସେହି ଘର ଭିତରେ ଗୋଟାଏ ପାଖରେ ଗଧ ବାନ୍ଧି ଆର ପାଖରେ ପିମ୍ପାଗୁଡାକ ଧାଡି ଧାଡି କରି ଠିଆଇ ରଖିଲା । ତାହା ଭିତରେ ଲୁଚି ରହିଥିବା ଦସ୍ୟୁମାନଙ୍କୁ ଖୁବ୍ ଗୋପନରେ କହିଗଲା, "ମୁଁ ଯେତେବେଳେ ପିମ୍ପା ଉପରକୁ ଇଟା ଫିଙ୍ଗି ସଙ୍କେତ କରିବି, ତୁମ୍ଭେମାନେ ତତ୍କ୍ଷଣାତ୍ ବାହାରିଯାଇ ଅଲିବାବା ଘର ଆକ୍ରମଣ କରିବ, ଆଉ ଖୁବ୍ ଶୀଘ୍ରହସ୍ତରେ ହତ୍ୟା, ଲୁଣ୍ଠନ ଆରମ୍ଭ କରିଦେବ ।" ଦସ୍ୟୁପତି ଏହା କହି ଅତି ଚଞ୍ଚଳ ସେଠାରୁ ବୁଲିଯାଇ ଅଲିବାବା ସଙ୍ଗରେ ନାନାବିଷୟର ମଧୁରାଳାପରେ ପ୍ରବୃତ୍ତ ହେଲା । ଅଲିବାବା ସ୍ୱତରେ ଅତିଥିକୁ ତୃପ୍ତିପୂର୍ବକ ଆହାର କରାଇଲା । ଅତିଥି

କୃତଜ୍ଞତା ଜଣାଇ ଶୋଇବାର ଛଳନା କରି କକ୍ଷାନ୍ତରକୁ ଚାଲିଗଲା । ଆଲିବାବା ଶୋଇବାକୁ ଗଲାବେଳେ ମାର୍ଜିୟାନାକୁ ଡାକି କହିଲା—"ବିଦେଶୀ ତେଲ ମହାଜନ କାଲି ସକାଳୁ ଉଠି ଚାଲିଯିବ । ତାହା ସଙ୍ଗରେ କେହି ନାହାନ୍ତି, ବାଟରେ ଖାଇବା ପିଇବା ଲାଗି ବଡ଼ ଅନସ୍ତା ହେବ । ତୁ ସୁରୁଖଣ୍ଡ ଖେଣ୍ଟି କରି ରଖିବୁ, କାଲି ସକାଳୁ ନେଇ ତାକୁ ଦେଇଆସିବୁ । ମାର୍ଜିୟାନା ପ୍ରଭୁଙ୍କର ଆଦେଶ ପାଳନରେ ସମ୍ମତ ହେଲା । ତହୁଁ ଆଲିବାବା ଚାଲିଗଲା ।

ମାର୍ଜିୟାନା ଖେଣ୍ଟି କରିବା ପାଇଁ ହାଣ୍ଡିଶାଳକୁ ଯାଇ ଦେଖିଲା, ଦୀପ ଜାଳିବାକୁ ତେଲ ନାହିଁ । ସେଦିନ ଘରୁ ସବୁ ତେଲ ସରିଯାଇଥିଲା । ରାତି ଆସି ଦୁଇପହର ହେଲାଣି, ବଜାର ବନ୍ଦ ହୋଇଗଲାଣି, ଏତେବେଳେ ସେ ତେଲ କାହୁଁ ଆଣିବ ? ହଠାତ୍ ତେଲ ମହାଜନ କଥା ତା ମନରେ ପଡ଼ିଗଲା । ତହୁଁ ସେ କହିଲା—"ମଲା ମୋ ପୋଡ଼ା ମନ, ତେଲ ମହାଜନର ପିମ୍ପାସବୁ ତ ଗୁହାଳଘରେ ଅଛି, ମୁଁ ଏଣେ ଏତେ ଭାବହେଉଛି ! ଗୋଟାଏ ପିମ୍ପାରୁ ଗଡ଼ାଇ କିଛି ତେଲ ଆଣେ, କାଲି ସକାଳୁ ସେଥିର ଦାମ୍ ଦେଇପକାଇବି ।" ଏହା କହି ସେ ଗୋଟାଏ ପାତ୍ର ଧରି ତେଲ ନେବାକୁ ଆସିଲା । ଗୋଟାଏ ପିମ୍ପାରେ ହାତ ଦେବା କ୍ଷଣି ଖଡ଼ ଖଡ଼ ଶବ୍ଦ ଶୁଣି ତାହା ଭିତରେ ଥିବା ଦସ୍ୟୁ ଧୀର ସ୍ୱରରେ ପଚାରିଲା—"ବେଳ ହେଲାଣି କି ?" ମାର୍ଜିୟାନା ଚମକି ପଡ଼ିଲା; ମାତ୍ର ପଳାଇଗଲା ନାହିଁ । ତାହାର ଉପସ୍ଥିତ ବୁଦ୍ଧି ଖୁବ୍ ପ୍ରଖର । ସେ ଖୁବ୍ ନିମ୍ନସ୍ୱରରେ କହିଲା—"ନା, ବେଳ ହୋଇ ନାହିଁ ।" ମାର୍ଜିୟାନା ପ୍ରତ୍ୟେକ ପିମ୍ପା ଛୁଇଁ ଜାଣିଲା—ସେ ସବୁଥିରେ ଜଣେ ଜଣେ ମନୁଷ୍ୟ ଅଛନ୍ତି । ସମସ୍ତେ ତାକୁ ଉପର୍ଯ୍ୟୁକ୍ତ ପ୍ରକାର ପ୍ରଶ୍ନ ପଚାରିଲେ । ସେ ସୁଦ୍ଧା ପୂର୍ବପରି ଏକ ଉତ୍ତର ଦେଲା । ଶେଷରେ ଗୋଟାଏ ପିମ୍ପାରେ ତେଲ ଥିବାର ଜାଣି ସେଥିରୁ କେତେ ତେଲ ଗଡ଼ାଇନେଇ ଚାଲିଗଲା । ଗୋଟାଏ କଡ଼େଇ ଚୁଲ୍ଲୀରେ ବସାଇଦେଇ ସେଥିରେ ତେଲ ଢାଳିଦେଲା । ତେଲ ଗରମ ହେଉ ହେଉ ଏହି ଅବସରରେ ଯାଇ ଅବ୍ଦୁଲ୍ ନାମକ ଭୃତ୍ୟକୁ ଉଠାଇଲା । ଅବଦୁଲ୍ ତାହାର ଖୁବ୍ ବିଶ୍ୱାସୀ । ସେ ତାକୁ ସବୁ କଥା କହିଲା । ଅବଦୁଲ୍ ଶୁଣି କାଠ ହୋଇଗଲା । ଦୁହେଁ ସିଦ୍ଧାନ୍ତ କଲେ—ମହାଜନ ଛଦ୍ମବେଶୀ ଦସ୍ୟୁପତି; ଆଉ ପିମ୍ପାରେ ଯେଉଁମାନେ ଅଛନ୍ତି, ସେମାନେ ତାହା ଦଳର ଲୋକ । ଆଲିବାବା ଯେଉଁ ଦସ୍ୟୁଦଳର ଧନରତ୍ନ ବୋହିଆଣିଥିଲା, ଏ ସେହି ଦଳ । ତହୁଁ ବିଶ୍ୱାସଘାତକ ଦସ୍ୟୁପତି ଓ ଦସ୍ୟୁମାନଙ୍କୁ ଉଚିତ ଶାସ୍ତି ଦେବାକୁ ସ୍ଥିର କରି ଦୁହେଁ ପ୍ରସ୍ତୁତ ହେଲେ । ଅବଦୁଲ୍ ଠକ ଠକ ହୋଇ ଫୁଟୁଥିବା ତେଲ କଡ଼େଇ ଧରି ଏବଂ ମାର୍ଜିୟାନା ଗୋଟାଏ ବଡ଼ କରଛୁଲି ଧରି ଗୁହାଳଘରକୁ ଗଲେ । ମାର୍ଜିୟାନା ଅବଦୁଲ୍ ଧରିଥିବା କଡ଼େଇରୁ ଚାଟୁଏ ଲେଖାଏଁ ଫୁଟନ୍ତା ତେଲ ନେଇ ପ୍ରତି ପିମ୍ପାମୁହଁରେ ଢାଳିଦେଲା । ଦସ୍ୟୁମାନେ ବାହାରି ନ ପାରି ପିମ୍ପା ଭିତରେ ଛଟପଟ ହୋଇ ମରିଗଲେ । ଅବଦୁଲ୍ ଫେରିଯାଇ ଶୋଇଲା; ମାତ୍ର ମାର୍ଜିୟାନା ଶୋଇଲା ନାହିଁ ; ଅତଃପର ଦସ୍ୟୁପତିର କାର୍ଯ୍ୟକଳାପ ଦେଖିବା ଇଚ୍ଛାରେ ଅନ୍ଧକାରରେ ଲୁଚି ରହିଲା । ଏଣେ ଦସ୍ୟୁପତି ଖୁବ୍ ନିଃଶବ୍ଦରେ ଛପି ଛପି ଘରୁ ବାହାରି ଗୁହାଳ ଏ ପାଖରେ ରହି ଝରକା ବାଟରେ ପିମ୍ପା ଉପରକୁ ଢେଲା ପିଙ୍ଗି ଘନ ଘନ ସଙ୍କେତ କରିବାକୁ ଲାଗିଲା; ମାତ୍ର କେହି ନ ବାହାରିବାରୁ ବିରକ୍ତ ହୋଇ ଘର ଭିତରେ ପଶି ସବୁ ପିମ୍ପା ହଲାଇ ପରୀକ୍ଷା କରି ଦେଖିଲା—ତାହାର ଦଳ ମଧ୍ୟରୁ ଜଣେ ସୁଦ୍ଧା ଜୀବିତ ନାହିଁ । ତହୁଁ ଦସ୍ୟୁପତି କ୍ରୋଧ ଓ ଭୟରେ କମ୍ପି କମ୍ପି ପ୍ରାଚୀର ଡେଇଁ ପଳାଇଗଲା । ମାର୍ଜିୟାନା ଉହାଡ଼ରେ ବସି ତାହାର ଅବସ୍ଥା ଦେଖି ହସିଉଠିଲା; ମାତ୍ର କିଛି କହିଲା ନାହିଁ । ଆଲିବାବା ସକାଳୁ ଉଠି ଏହି ଲୋମହର୍ଷଣ ଘଟଣା ଦେଖି ଚମକିପଡ଼ିଲା । ପରେ ମାର୍ଜିୟାନାଠାରୁ ସବୁ ଶୁଣି ସେ ତାହାର ଜୀବନଦାତ୍ରୀ ବୋଲି ଜାଣି ତାହା ପାଖରେ କୃତଜ୍ଞତା ପ୍ରକାଶପୂର୍ବକ ତାକୁ ଯଥେଷ୍ଟ ପୁରସ୍କୃତ କଲା । ମୃତ ଦସ୍ୟୁମାନଙ୍କୁ ଗୁପ୍ତ ସ୍ଥାନରେ କବର ଦିଆହେଲା ।

ଏହି ଭୀଷଣ ଘଟଣା ଦସ୍ୟୁପତିର ପ୍ରଚଣ୍ଡ ଦ୍ୱେଷାନଳର ଆହୁତି ତୁଲ୍ୟ ହେଲା ଏବଂ ତାହାର ପ୍ରତିଶୋଧ

ସ୍ପୃହାକୁ ବହୁଗୁଣିତ କରିଦେଲା । ଆହାର ନାହିଁ, ନିଦ୍ରା ନାହିଁ, କି କୌଶଳରେ ଅଲିବାବାର ବଂଶକୁ ତଳେ କଣ୍ଟା ଉପରେ କଣ୍ଟା ଦେଇ ମାରିବ, ଏହି ଚିନ୍ତାରେ ନିମଗ୍ନ ହେଲା । ସେ ଏବେ ଏକୁଟିଆ, ତାହାର ପୃଷ୍ଠବଳ କେହି ନାହିଁ । ମାୟାବୀ ଦସ୍ୟୁ କେତେ ମାସ ପରେ ଆଉ ଗୋଟାଏ ମାୟାଜାଲ ବିସ୍ତାର କଲା । ବଜାରରେ ଅଲିବାବାର ପୁଅ ଗୋଟାଏ ବଡ଼ ଦୋକାନ କରିଥିଲା । ଦସ୍ୟୁରାଜ ସେହି ଦୋକାନ ପାଖରେ ଗୋଟାଏ ଘର ଭଡ଼ା ନେଇ ବହୁମୂଲ୍ୟ ପଦାର୍ଥର ବ୍ୟବସାୟ ଆରମ୍ଭ କରି ବସିଲା । ମଧୁର ବ୍ୟବହାର ଦ୍ୱାରା ସେ ଅଳ୍ପ ସମୟ ମଧ୍ୟରେ ସ୍ଥାନୀୟ ଇତର ଭଦ୍ର ସମସ୍ତଙ୍କର ପ୍ରିୟପାତ୍ର ହୋଇଉଠିଲା । ଅଲିବାବା ପୁଅ ସଙ୍ଗରେ ସେ ସଙ୍ଗାତ ବସାଇଲା । ଦୁଇ ସଙ୍ଗାତଙ୍କର ଅଚ୍ଛେଦ୍ୟ ପ୍ରୀତି; ପ୍ରୀତିରେ ଦୁହେଁ ଦୁହିଙ୍କୁ କିଣିନେଲେ । ଖିଆ ପିଆ, ଦିଆ ନିଆ ଲାଗିରହିଲା । ଅଲିବାବା ପୁଅକୁ ଦସ୍ୟୁ ଅନେକ ଥର ନିମନ୍ତ୍ରଣ କରିନେଇ ଖୁବ୍ ଆଡ଼ମ୍ବରରେ ମର୍ଯ୍ୟାଦାର ସହ ଚତୁର୍ବିଧ ଖାଦ୍ୟରେ ପରିତୁଷ୍ଟ କରାଇ-ଅଛି । ଦିନେ ଅଲିବାବା ପୁଅ ତାକୁ ନିମନ୍ତ୍ରଣ କଲା । ବଡ଼-ଲୋକ ଘରର ସବୁ ବଡ଼ । ଆୟୋଜନର ସୀମା ରହିଲା ନାହିଁ । ବନ୍ଧୁର ମନସ୍ତୁଷ୍ଟି ସକାଶେ ଅଲିବାବା ପୁଅ ନୃତ୍ୟଗୀତର ମଧ୍ୟ ବ୍ୟବସ୍ଥା କରିଥିଲା । ମାର୍ଜିୟାନା ତୌର୍ଯ୍ୟତ୍ରିକ ବିଦ୍ୟାରେ ସୁନିପୁଣା । ସେ ଆଜି ନିମନ୍ତ୍ରଣ ସଭାରେ ତାହାର ବିଦ୍ୟା ଦେଖାଇବ ବୋଲି ସ୍ଥିର ହୋଇଅଛି । ପ୍ରଥମେ ଗଳ୍ପ ଆରମ୍ଭ ହେଲା । ଦସ୍ୟୁ ବିବିଧ ଖୁସିଗଳ୍ପରେ ପିତାପୁତ୍ରଙ୍କର ମନ ହରଣ କରିନେଲା । ନିର୍ଦ୍ଦୋଷ ହାସ୍ୟ ପରିହାସର ଢେଉ ଖେଳିଗଲା—ପ୍ରାଣ ପୁଲକରେ ପୂରିଉଠିଲା, ଭୂରି ଭୂରି ଅତର ଏବଂ ସୁଗନ୍ଧ ଗୁଡ଼ାଖୁର ପିଚ୍ଛୁଳାଦି ହେଲା । ତହିଁପରେ ଛଦ୍ମବେଶୀ ଦସ୍ୟୁ ଓ ସପୁତ୍ର ଅଲିବାବା ଆହାର କରିବାକୁ ବସିଲେ । ମାର୍ଜିୟାନା ପରିବେଷଣ କଲା । ଦସ୍ୟୁ କାହିଁରେ ହାତ ମାରିଲା ନାହିଁ ; ସେ କହିଲା—"ଏଥିରେ ଲୁଣ ପଡ଼ିଥିବ, ମୁଁ ଖାଇବି ନାହିଁ । ମୁଁ ଗୋଟିଏ ବ୍ରତ ଧାରଣ କରିଛି, ଲୁଣ ଖାଇବା ସେଥିରେ ମନା । ମୋର କ୍ଷୁଧା ବି ନାହିଁ, ମୁଁ ଖାଲି ଟିକିଏ ସୁସ୍ଥ ନେଉଛି, ଆପଣମାନେ କିଛି ମନରେ ନ ଭାବି ଆହାର କରନ୍ତୁ ।" ଅଲିବାବା କହିଲା—ତାହା କି ହୁଏ ? ଲୁଣଦିଆ ଖାଦ୍ୟରେ ଆପତ୍ତି ଥିଲେ ଆପଣଙ୍କ ପାଇଁ ଅଲଣା ଖାଦ୍ୟ ପ୍ରସ୍ତୁତ କରି ଆସିବ ।" ମାର୍ଜିୟାନା ଏହା ଶୁଣିଲାକ୍ଷଣି ପ୍ରଭୁଙ୍କ ଆଦେଶକୁ ଅପେକ୍ଷା ନ କରି ଅଲଣା ରାନ୍ଧି ଆଣିବାକୁ ଚାଲିଗଲା । ଯିବାକୁ ଯିବାକୁ ଭାବିଲା—ଏ କି ସୃଷ୍ଟିଛଡ଼ା କଥା ଲୋ ମା, ମଦ ଖାଇଲେ ବ୍ରତ ମାରୁ ହେବ ନାହିଁ, ଲୁଣ ଖାଇଲେ ବ୍ରତ ମାରୁ ହୋଇଯିବ ? ଲୋକଟାର ଚେହେରା ତ ଠିକ୍ ଯମଙ୍କର ପରି । ମନ ଭିତରେ କିଛି ମନ୍ଦ ଉଦ୍ଦେଶ୍ୟ ଅଛି କି ? ଏଟା ତ ସେହି ଗାତପଶା ତେଲ ମହାଜନ ପରି ଦିଶୁଛି ! ଦୁଷ୍ଟ ପ୍ରତିଶୋଧ ନେବାକୁ ଆସିଛି କି ? ଯାହାର ଲୁଣ ଖାଅନ୍ତି, ତାକୁ ମାରିଲେ ମହାପାପ ହୁଏ । ସେଥିପାଇଁ ଲୁଣ ଖାଇବ ନାହିଁ ପରା ! ଅଛା, ହେଉ, ମାର୍ଜିୟାନା ଥାଉଁ ଥାଉଁ ତୁ ତା ପ୍ରଭୁର କେଶ ବି ବଙ୍କା କରିପାରିବୁ ନାହିଁରେ ଡାକୁଣିଆ !" ମାର୍ଜିୟାନା ଖୁବ୍ ଅଳ୍ପ ସମୟ ମଧ୍ୟରେ ଉପାଦେୟ ଅଲଣା ଖାଦ୍ୟ ରାନ୍ଧି ଆଣି ଦସ୍ୟୁ ପାଖରେ ଥୋଇଦେଲା । ସେ ଖାଇବାକୁ ଲାଗିଲା, ଏହି ଅବସରରେ ମାର୍ଜିୟାନା ତାକୁ ଏକଧ୍ୟାନରେ ଚାହିଁ ତାହାର ଗୋଡଠାରୁ ମୁଣ୍ଡଯାଏ ନିରୀକ୍ଷଣ କରିଗଲା । ସେ ଖୁବ୍ ନିରୀକ୍ଷଣ କରି ଦେଖିଲା—ଦସ୍ୟୁର ବକ୍ଷସ୍ଥଳରେ ଜାମା ଭିତରେ ଖଣ୍ଡେ ତୀକ୍ଷ୍ଣ ଧାର ଅସ୍ତ୍ର ଲୁକ୍କାୟିତ ରହିଅଛି । ମାର୍ଜିୟାନା ଭୟରେ ଥରିଉଠିଲା । ଲୋକଟା ଯେ ସେହି ତେଲ ମହାଜନ, ଏଥିରେ ସନ୍ଦେହ ରହିଲା ନାହିଁ ; ମାତ୍ର ସେ କାହାକୁ କିଛି ନ କହି ଉପଯୁକ୍ତ ଅବସର ପ୍ରତୀକ୍ଷାରେ ନୀରବ ରହିଲା । ଦସ୍ୟୁ ମାର୍ଜିୟାନାର ରାନ୍ଧଣା ଖାଇ ଖୁସି ଖୁସି ହୋଇ ଅଲି-ବାବାକୁ ପଚାରିଲା, "ଏଇଟି କଣ ଆପଣଙ୍କର କନ୍ୟା ? ଏଭଳି ଉତ୍କୃଷ୍ଟ ରାନ୍ଧଣା ମୁଁ କେବେ ଖାଇ ନ ଥିଲି ।" ଅଲିବାବା କହିଲା—"କନ୍ୟା ନୁହେ, କନ୍ୟାଠାରୁ ଅଧିକ । ଏବେ ସେବା ଯତ୍ନ କନ୍ୟା ବୁଝେ ଥାଉ, ମା'ଆ ବି କରିବ ନାହିଁ । ଖାଲି ରନ୍ଧାବଢ଼ା ନୁହେ, ଯେଉଁ କାର୍ଯ୍ୟରେ ତାର ଯୋଗ୍ୟତା ନାହିଁ, ଏପରି କାର୍ଯ୍ୟ

ନାହିଁ କହିଲେ ବାହୁଙ୍କ ହେବ ନାହିଁ । ମାଆ ମୋର ସଙ୍ଗୀତ ବିଦ୍ୟାରେ ତ କିନ୍ନରୀ ! ତାହାର ଗୁଣକୁ ପଟାନ୍ତର ନାହିଁ ମହାଶୟ !" ଏହିପରି କଥାବାର୍ତ୍ତା କରୁ କରୁ ସମସ୍ତଙ୍କର ଖାଇବା ଶେଷ ହେଲା । ଗୃହକର୍ତ୍ତା-ଯାକ ହାତ ଧୋଇସାରି ମହାର୍ହ ଆସନ ଉପରେ ତକିଆ ଠେସଦେଇ ବସିଲେ । ପାନ, ଅତର ପ୍ରଭୃତିର ବଂଶ ନିପାତ ହେଲା । ଏହି ସମୟରେ ମାର୍ଜିଆନା ବହୁମୂଲ୍ୟ ବିଚିତ୍ର ସାଜସଜ୍ଜାରେ ସଜ୍ଜିତ ହୋଇ ସେଠାରେ ଆସି ନୃତ୍ୟଗୀତ ଆରମ୍ଭ କରିଦେଲା । ବିବିଧ ଭଙ୍ଗୀରେ ପଦକ୍ଷେପ କରି ତାଳମାନ ସହି ନୃତ୍ୟଗୀତ କଲ୍ଲୋଳ ଖେଳାଇଦେଲା । ତାହାର କଣ୍ଠ ବୀଣାଠାରୁ ମଧୁର ଓ ବଂଶୀଠାରୁ ସୂକ୍ଷ୍ମ । ତାହାର ସୁକଣ୍ଠ ଝଙ୍କାରିତ ମଧୁର ସଙ୍ଗୀତର ମୋହନ ମୂର୍ଚ୍ଛନା କର୍ଣ୍ଣରେ ଅମୃତ ବର୍ଷଣ କରିବାକୁ ଲାଗିଲା । ସମସ୍ତେ ମନ୍ତ୍ରମୁଗ୍ଧ ପରି ତାକୁ ଏକଧ୍ୟାନରେ ଚାହିଁରହିଲେ । ଦସ୍ୟୁକୁ ଏବେ ଉପଯୁକ୍ତ ସମୟ ସୁବିଧା ମିଳିଗଲା । ସେ ଗାର୍ଜିଆନାକୁ ପୁରସ୍କୃତ କରିବା ପାଇଁ ମୁଦ୍ରା ବାହାର କରିବା ଛଳନାରେ ବସ୍ତ୍ରାବୃତ ପରିଚ୍ଛଦ ଭିତରେ ହାତ ଗଳାଇ ଅସ୍ତ୍ର ଧରିବାବେଳେ ମର୍ଜିଆନା ତାହା ଲକ୍ଷ୍ୟ କରି ନୃତ୍ୟ ଛନ୍ଦରେ ଶୀଘ୍ର ଧାଇଁ ଆସି ତାହାର ବକ୍ଷରେ ଛୁରି ବସାଇଦେଲା । ଦସ୍ୟୁ ତତ୍‌କ୍ଷଣାତ୍ ତଳେ ପଡିଯାଇ ପ୍ରାଣତ୍ୟାଗ କଲା । ଏ ଭୀଷଣ ଲୋମହର୍ଷଣ ଦୃଶ୍ୟ ଦେଖି ସମ୍ଭ୍ରମ ଅଲିବାବା କ୍ରୋଧରେ ଗର୍ଜି ଉଠି ସିଂହବିକ୍ରମରେ ମାର୍ଜିଆନାକୁ ଆକ୍ରମଣ କରିବାକୁ ଉଠି ଆସିଲେ । ମାର୍ଜିଆନା ମୃଦୁ ହସି ମୃତ ଦସ୍ୟୁର ପରିଚ୍ଛଦ ଭିତରୁ ବନ୍ଧା ଅସ୍ତ୍ର ବାହାର କରି ଆଣି ଦେଖାଇଲା । ସମସ୍ତେ ଭଲରୂପେ ଚାହିଁ ଚିହ୍ନିଲେ—ଏ ସେହି ତେଲ ମହାଜନ । ତହୁଁ ଅଲିବାବା ମାର୍ଜିଆନାକୁ କୁଣ୍ଢାଇପକାଇ ଆନନ୍ଦ ଗଦ୍‌ଗଦ କଣ୍ଠରେ କହିଲା—"ମା, ତୁ ମୋର ପୂର୍ବଜନ୍ମରେ ମାଆ ଥିଲୁ । ଏ ଜନ୍ମରେ ବାରମ୍ବାର ମୋତେ ମୃତ୍ୟୁ-ମୁଖରୁ ଉଦ୍ଧାର କଲୁ । ତୋତେ ଆଉ କି ପୁରସ୍କାର ଦେବି ? ଆଜିଠାରୁ ତୋତେ ମୁଁ ପୁତ୍ରବଧୂରୂପରେ ବରଣ କଲି ।" ମୃତ ଦସ୍ୟୁପତିକୁ ଅବିଳମ୍ବରେ କବର ଦିଆହେଲା । ସେହିଦିନ ଅଲିବାବା ପୁଅ ସଙ୍ଗରେ ମାର୍ଜିଆନାର ଶୁଭପରିଣୟ ସମ୍ପାଦିତ ହେଲା । ସାତଦିନ ପର୍ଯ୍ୟନ୍ତ ସେଠି ଆନନ୍ଦ ଉତ୍ସବ ଲାଗିରହିଲା । ତହିଁପରେ ଅଲିବାବା ଯାଇ ଦସ୍ୟୁଧନାଗାରର ସମସ୍ତ ଧନରତ୍ନ କାଢ଼ିଆଣି ମହାସୁଖୈଶ୍ୱର୍ଯ୍ୟରେ କାଳାତିପାତ କଲା; ଆନୀତ ଧନର ଅଧିକାଂଶ ଉପଯୁକ୍ତ ପାତ୍ରରେ ଦାନ ଓ ଦରିଦ୍ରନାରାୟଣ-ସେବା ପ୍ରଭୃତି ସତ୍କାର୍ଯ୍ୟରେ ବ୍ୟୟ କରି ଅମର କୀର୍ତ୍ତି ସଂସ୍ଥାପନ କଲା ।

# ସଂଯମ-ଶିକ୍ଷା

# ଉପହାର

ଉତ୍କଳ-ସାହିତ୍ୟର ଏକମାତ୍ର ଅଖିଳ ସଦ୍‌ଗୁଣ-ନିକେତନ ଲକ୍ଷ୍ମୀଗଡ଼ାଧୀଶ୍ୱର ଶ୍ରୀଯୁକ୍ତ
ଶ୍ରୀ ମାହେଶ୍ୱରୀପ୍ରସାଦ ଦେବ ମହୋଦୟ ...... ଉଦାରହୃଦୟେଷୁ

ପୂଜାସ୍ପଦ ମହାଶୟ,

ଶ୍ରୀଛାମୁ ଆମ୍ଭ ସାହିତ୍ୟସାଧନାର ପ୍ରଧାନ ଉତ୍ସାହଦାତା, ସାହାଯ୍ୟକର୍ତ୍ତା ଓ ପୃଷ୍ଠପୋଷକ । ଶ୍ରୀଛାମୁଙ୍କ ସାହାଯ୍ୟ, ସହାନୁଭୂତି ଓ ଅନୁକମ୍ପା ଲାଭ କରି ଆଜି ମାତୃସାହିତ୍ୟ ପରିପୁଷ୍ଟି ଓ ଉନ୍ନତିମୁଖରେ ଧାବିତ । ମୋର ପୂଜ୍ୟପାଦ ଜ୍ୟେଷ୍ଠାଗ୍ରଜ ମହୋଦୟ ଶ୍ରୀଛାମୁଙ୍କଦ୍ୱାରା ନାନାରୂପେ ଉତ୍ସାହିତ ହୋଇ ମାତୃ-ସାହିତ୍ୟ-ସେବାରେ ମନପ୍ରାଣ ନିୟୋଗ କରିଅଛନ୍ତି । ଶ୍ରୀଛାମୁଙ୍କର ଏହି ମହାନୁଭବତା ସର୍ବଦା ମୋର ହୃଦୟକୁ ଭକ୍ତିପ୍ରୀତି ଆକର୍ଷଣ କରେ । ସେହି ଭକ୍ତିପ୍ରୀତିର ନିଦର୍ଶନସ୍ୱରୂପ ଓ ଶ୍ରୀଛାମୁଙ୍କ ମହୋପକାରର କଥଞ୍ଚିତ ପ୍ରତିଦାନସ୍ୱରୂପ ମୁଁ ମୋର ଭ୍ରାତୃଦେବ ମହୋଦୟଙ୍କର 'ସଂଯମଶିକ୍ଷା' ପୁସ୍ତକଟି ଶ୍ରୀଛାମୁଙ୍କ କର-କମଳରେ ଉପହାର ଅର୍ପଣ କରିବାକୁ ସାହସୀ ହେଲି । ଭରସା କରେ, ଦୀନର ଏ ଦୀନ ଉପହାର ଶ୍ରୀଛାମୁରେ ଗୃହୀତ ହେବ ।

ଭଦ୍ରଖ<br>୨୫ । ୭ । ୨୫

ଶ୍ରୀଛାମୁଙ୍କର ଚିରାଶ୍ରିତ<br>ଶ୍ରୀ ସୋମନାଥ ମହାନ୍ତି

# ସଂଯମ-ଶିକ୍ଷା

କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ— ଏହି ଦୁଷ୍ପ୍ରବୃତ୍ତିନିଚୟ ପ୍ରତ୍ୟେକ ମାନବ-ଜୀବନର ଗୋଟିଏ ଗୋଟିଏ ପ୍ରଧାନ ଶତ୍ରୁ । ମାନବମାନେ ଏମାନଙ୍କ ସେବାରେ ଭକ୍ତସେବକତୁଲ୍ୟ ସ୍ୱତଃ ନିଯୁକ୍ତ ହୋଇ ଅକାଳରେ ଏହି ଅସାଧ୍ୟ ଶତ୍ରୁଦ୍ୱାରା ଉତ୍ପୀଡ଼ିତ ହେଉଅଛନ୍ତି ଏବଂ ଆପଣାର ସର୍ବନାଶ ଘଟାଉଅଛନ୍ତି । ସଂସାରର ଯାବତୀୟ ଅମଙ୍ଗଳ ଏହି ଶତ୍ରୁମାନଙ୍କଦ୍ୱାରା ଅନୁଷ୍ଠିତ ଘଟୁଅଛି । ଅତଏବ ଯେଉଁ ବ୍ୟକ୍ତି ଜୀବନ-କ୍ଷେତ୍ରରେ ଏହି ଶତ୍ରୁମାନଙ୍କ ସଙ୍ଗେ ଅନବରତ କଠୋର ସଂଗ୍ରାମରେ ପ୍ରବୃତ୍ତ, ସେହି ବ୍ୟକ୍ତି ପ୍ରକୃତ ବୀର, ଜ୍ଞାନୀ ଓ ମୁକ୍ତ । ସେହି ଜ୍ଞାନବୀରମାନଙ୍କର ଶାରୀରିକ-ମାନସିକ ଶକ୍ତି ଓ ସ୍ଫୂର୍ତ୍ତି କ୍ରମଶଃ ପରିସ୍ଫୁଟ ହୋଇ ସେମାନଙ୍କୁ ପ୍ରକୃତ ମନୁଷ୍ୟତ୍ୱ ପ୍ରଦାନପୂର୍ବକ ଐହିକ ଓ ପାରତ୍ରିକ ମଙ୍ଗଳ ପଥରେ ଅଗ୍ରସର କରାଏ । ସେମାନେ ଭାବୀ ବଂଶଧରଙ୍କର ଆଦର୍ଶ ହୋଇ ରହନ୍ତି ଏବଂ ସେମାନଙ୍କଦ୍ୱାରା ଜାତି, ସମାଜ ଓ ଦେଶର ଅଶେଷ କଲ୍ୟାଣ ସାଧିତ ହୁଏ । ଏହି ରିପୁମାନଙ୍କୁ ଦମନ କରିବାର କେତେକ ସାମାନ୍ୟ ଓ ସହଜ ଉପାୟ ନିମ୍ନରେ ପ୍ରଦତ୍ତ ହେଲା । ତଦନୁଯାୟୀ କାର୍ଯ୍ୟ କଲେ ଜୀବନର ମହାଶତ୍ରୁ ଏହି ରିପୁମାନଙ୍କ ହସ୍ତରୁ ଅନ୍ତତଃ କେତେକ ପରିମାଣରେ ନିସ୍ତାର ଲଭିବାର ଆଶା କରିବା ଅସଙ୍ଗତ ନୁହେଁ ।

## କାମ

କାମ ମନୁଷ୍ୟର ଦୁର୍ଜ୍ଜୟ ପରମ ରିପୁ । କାମଦ୍ୱାରା ଯେଉଁ ଅନିଷ୍ଟ ଘଟୁଅଛି, ତାହା ଅକଥନୀୟ । ପୃଥିବୀରେ ଭ୍ରୂଣହତ୍ୟାଜନିତ ମହାପାତକର ମୂଳ କାରଣ କାମ । ସେ ଅକପଟ ବନ୍ଧୁଭାବରେ ଆସି ପରିଣାମରେ ଇହ ପରକାଳର ସମ୍ବଳ ଅପହରଣପୂର୍ବକ ମନୁଷ୍ୟକୁ ଦାରୁଣ ଦୁର୍ଦ୍ଦଶାଗ୍ରସ୍ତ ଓ ଅନ୍ତଃସାରଶୂନ୍ୟ କରେ । କାମଦ୍ୱାରା ଶୁକ୍ର ନଷ୍ଟ ହୁଏ । ଶୁକ୍ର ରକ୍ତର ସାରଭାଗ, ସୁତରାଂ ମାନବର ଜୀବନୀ ଶକ୍ତିସ୍ୱରୂପ । ଅତଏବ ସେହି ଶୁକ୍ର-ନାଶରେ ମନୁଷ୍ୟର କି ଅପରିପୂରଣୀୟ ଦାରୁଣ କ୍ଷତି ହୁଏ, ତାହା ସହଜରେ ଅନୁମେୟ । ଓଜଃ ଧାତୁର ଅଧିକତର କ୍ଷୟ ହେତୁ ପରମାୟୁ ମଧ୍ୟ ହ୍ରାସ ହୁଏ ।

"ମରଣଂ ବିନ୍ଦୁପାତେନ,
ଜୀବନଂ ବିନ୍ଦୁଧାରଣାତ୍ ।"

ଏହି ପ୍ରବଚନଟି ଏଥିର ଅନୁକୂଳ ପ୍ରମାଣ ସ୍ଥଳ ।

"ଊର୍ଦ୍ଧ୍ୱରେତା ଭବେଦ୍‌ଯସ୍ତୁ ସ ଦେବଃ ନତୁ ମାନୁଷଃ ।"

ଯେ ବ୍ରହ୍ମଚର୍ଯ୍ୟ ଅବଲମ୍ବନପୂର୍ବକ ସେହି ବିନ୍ଦୁ ସଂରକ୍ଷଣ କରନ୍ତି, ତାହାଙ୍କର ଶାରୀରିକ ଓ ମାନସିକ ଶକ୍ତିର ସ୍ଫୂର୍ତ୍ତି ବୃଦ୍ଧିପ୍ରାପ୍ତ ଓ ବିକଶିତ ହୁଏ । ପ୍ରାତଃ-ସ୍ମରଣୀୟ ଆର୍ଯ୍ୟଋଷିବୃନ୍ଦ ଦୃଢ଼ ସିଦ୍ଧାନ୍ତରେ ଚିକିତ୍ସା ଶାସ୍ତ୍ରରେ ଲେଖିଛନ୍ତି ଯେ, ରକ୍ତର ସାରାଂଶ ମାନବର କନସ୍ୱୀ ଶକ୍ତିର ମୂଳକାରଣ । ଯେଉଁମାନଙ୍କର ଜୀବନ ପବିତ୍ର ଓ ସଂଯତ, ସେମାନଙ୍କର ମସ୍ତିଷ୍କ, ସ୍ନାୟୁ ଓ ମାଂସପେଶୀ ଅତ୍ୟୁତ୍କୃଷ୍ଟ । ଏହି ଜୀବନୀ ଶକ୍ତି ଶରୀରରେ ବ୍ୟାପ୍ତ ହୋଇ ମନୁଷ୍ୟକୁ ବଳିଷ୍ଠ, ସାହସୀ, ମେଧାବୀ, ନିତ୍ୟୋଦ୍‌ଯୋଗୀ ପ୍ରଭୃତି ମନୁଷ୍ୟତ୍ୱ ଉପ-ଯୋଗୀ ଗୁଣାବଳୀରେ ଭୂଷିତ କରେ । ଏହି ସାର ପଦାର୍ଥ ବୀର୍ଯ୍ୟଚ୍ୟୁତ ହେଲେ ମନୁଷ୍ୟ ବିପରୀତ ଗୁଣବିଶିଷ୍ଟ ହୋଇ ଦାରୁଣ ଦୁଶ୍ଚିକିତ୍ସ୍ୟ ରୋଗଗ୍ରସ୍ତ ଓ ଅଳ୍ପାୟୁ ହୁଏ । ସ୍କୁଲରେ ପଢ଼ିବାକୁ ଗଲେ ଇନ୍ଦ୍ରିୟପରାୟଣତାର

ଉପନାମ ମୃତ୍ୟୁ ଓ ବ୍ରହ୍ମଚର୍ଯ୍ୟର ଉପନାମ ଜୀବନ ଅଟେ । ଅତଏବ ମଧ୍ୟ ଏ ବିଷୟରେ ଅସ୍ମମାନଙ୍କର ଶାସ୍ତ୍ରସ୍ପଷ୍ଟ ପ୍ରମାଣ ଦେଉଅଛି ଯେ, କଷ୍ଟମୂଳକ ତପସ୍ୟା ତପସ୍ୟା ନୁହେଁ—ବ୍ରହ୍ମଚର୍ଯ୍ୟହିଁ ସାରଭୂତ ତପସ୍ୟା । କାୟମନୋବାକ୍ୟରେ ସର୍ବଦା ମୈଥୁନ ତ୍ୟାଗ କରିବାର ନାମ ବ୍ରହ୍ମଚର୍ଯ୍ୟ । ସେହି ମୈଥୁନର ଅଷ୍ଟ ଅଙ୍ଗ, ଯାହା କି ଦକ୍ଷସଂହିତାରେ ଲିଖିତ ହୋଇଅଛି, ତାହା ନିମ୍ନରେ ପ୍ରଦତ୍ତ ହେଲା—

"ସ୍ମରଣଂ କୀର୍ତ୍ତନଂ କେଳିଃ ପ୍ରେକ୍ଷଣଂ ଗୁହ୍ୟଭାଷଣଂ ।
ସଙ୍କଳ୍ପୋଽଧ୍ୟବସାୟଶ୍ଚ କ୍ରିୟାନିଷ୍ପତ୍ତିରେବ ଚ ।"

ସ୍ତ୍ରୀମାନଙ୍କୁ ମନରେ ସ୍ମରଣ କରିବା, ସେମାନଙ୍କ ବିଷୟ ମୁଖରେ କୀର୍ତ୍ତନ କରିବା, ସେମାନଙ୍କ ସହିତ ହାସ ପରିହାସ କରିବା, ପୁଣି ଏକାନ୍ତରେ କଥାବାର୍ତ୍ତା କରିବା, ତାହାଙ୍କୁ ଭୋଗ କରିବା ବିଷୟ ମନରେ ସଙ୍କଳ୍ପ କରିବା ଓ ପ୍ରକୃତରେ ଭୋଗ କରିବା—ଏହି ପ୍ରକାର ମୈଥୁନର ଅଷ୍ଟ ଅଙ୍ଗ ଆର୍ଯ୍ୟମୁନିଗଣ ନିର୍ଦ୍ଦେଶ କରିଯାଇଅଛନ୍ତି । ଏହି ଅଷ୍ଟାଙ୍ଗଯୁକ୍ତ ମୈଥୁନରୁ ଯେଉଁ ପୁରୁଷ ରହିତ, ସେହି କେବଳ ବ୍ରହ୍ମଚାରୀ ପଦବାଚ୍ୟ, ଅନ୍ୟ କେହି ନୁହେଁ ।

ମନୁଷ୍ୟ ଦେହରେ ଯେତେ ଶକ୍ତି ଅବସ୍ଥିତ, ତାହା ମଧ୍ୟରେ ସର୍ବଶ୍ରେଷ୍ଠ ଶକ୍ତି ଓଜଃ । ଏହି ଓଜଃ ମସ୍ତିଷ୍କରେ ସଞ୍ଚିତ ଅଛି । ଯାହା ମସ୍ତିଷ୍କରେ ଯେଉଁ ପରିମାଣରେ ଓଜୋଧାତୁ ସଞ୍ଚିତ ଅଛି, ସେ ସେହି ପରିମାଣରେ ବୁଦ୍ଧିମାନ୍ ଓ ଆଧ୍ୟାତ୍ମିକ ବଳରେ ବଳୀ ହୁଏ । ସକଳ ମନୁଷ୍ୟଙ୍କ ମଧ୍ୟରେ ଅଳ୍ପାଧିକ ପରିମାଣରେ ଏହି ଓଜଃ ଅଛି । ଯୋଗୀମାନେ କହୁଅଛନ୍ତି, ମନୁଷ୍ୟ ମଧ୍ୟରେ ଯେଉଁ ଶକ୍ତି କାମକ୍ରିୟା, କାମଚିନ୍ତା ଇତ୍ୟାଦିରୂପେ ପ୍ରକାଶ ପାଉଅଛି, ତାହା ଦମିତ ହେଲେ ସହଜରେ ଓଜୋଧାତୁରୂପେ ପରିଣତ ହୁଏ । ଆଉ ଅସ୍ମମାନଙ୍କର ଶରୀରସ୍ଥ ନିମ୍ନତମ କେନ୍ଦ୍ରଟି ଏହି ଶକ୍ତିର ନିୟାମକ ବୋଲି ଯୋଗୀମାନେ ତାହାପ୍ରତି ସର୍ବଦା ବିଶେଷ ଲକ୍ଷ୍ୟ କରନ୍ତି । ସମୁଦାୟ କାମଶକ୍ତିଟିକୁ ନେଇ ଓଜୋଧାତୁରେ ପରିଣତ କରିବା ସେମାନଙ୍କର ଇଚ୍ଛା । କାମଜୟୀ ନରନାରୀ କେବଳ ଏହି ଓଜୋଧାତୁକୁ ମସ୍ତିଷ୍କରେ ସଞ୍ଚିତ କରିବାକୁ କ୍ଷମ ହୁଅନ୍ତି । ଏଥିପାଇଁ ସର୍ବଦେଶରେ ବ୍ରହ୍ମଚର୍ଯ୍ୟ ସର୍ବଶ୍ରେଷ୍ଠ ଧର୍ମରୂପେ ପରିଗଣିତ ହୋଇଅଛି । ପ୍ରକୃତରେ କାମକୁ ପ୍ରଶ୍ରୟ ଦେଲେ ଧର୍ମଭାବ, ଚରିତ୍ର ବଳ ଓ ମାନସିକ ତେଜଃ ସମସ୍ତ ନଷ୍ଟ ହୋଇଯାଏ । ଓଜୋଧାତୁର କ୍ଷୟରେ ଶରୀରର ମଧ୍ୟ କ୍ଷୟ ହୁଏ । ଯେଉଁମାନେ ପ୍ରକୃତ ସାଧୁ, ସେମାନେ ଆତପତଣ୍ଡୁଳାନ୍ନ କିମ୍ବା ସାମାନ୍ୟ ବନ୍ୟଫଳମୂଳ ଭକ୍ଷଣ କରି ହୃଷ୍ଟପୁଷ୍ଟ ଓ ବଳବାନ୍ ଦେଖାଯାଆନ୍ତି; ମାତ୍ର କେତେକ ନଷ୍ଟଦୁଷ୍ଟ ଚରିତ୍ରର ଲୋକ ନାନାପ୍ରକାର ପୁଷ୍ଟିକର ପଦାର୍ଥ ଆହାରଦ୍ୱାରା ଶରୀରକୁ ସତେଜ ରଖିବାକୁ ଚେଷ୍ଟା କରି ମଧ୍ୟ ଅନ୍ତଃସାରବିହୀନ ହୋଇ ସର୍ବଦା ଅପ୍ରସନ୍ନତା ଓ ରୋଗରେ କାଳଯାପନ କରନ୍ତି ।

ବ୍ରହ୍ମଚର୍ଯ୍ୟପାଳନ କାମଦମନର ସର୍ବଶ୍ରେଷ୍ଠ ଉପାୟ । ଦୁଃଖର ବିଷୟ, ଏ କାଳରେ ବ୍ରହ୍ମଚର୍ଯ୍ୟ ପ୍ରତି ଲୋକଙ୍କର ପୂର୍ବପରି ଆସ୍ଥା ନାହିଁ । ଭିତ୍ତିହୀନ ହେଲେ ପ୍ରାସାଦ ପଡ଼ିଯାଏ । ବ୍ରହ୍ମଚର୍ଯ୍ୟର ମହାଭିତ୍ତି ଉପରେ ଆର୍ଯ୍ୟଜାତିର ମହିମା ପ୍ରତିଷ୍ଠିତ ଥିଲା; କିନ୍ତୁ ସର୍ବଭୁକ୍ କାଳ ପ୍ରଭାବରେ ସେ ଭିତ୍ତି ଧ୍ୱଂସ ହୋଇଅଛି । ସୁତରାଂ ଆର୍ଯ୍ୟର ଆର୍ଯ୍ୟତ୍ୱ, ମହତ୍ତ୍ୱ ଓ ବିଶେଷତ୍ୱ ବିନଷ୍ଟ ହୋଇଅଛି । ଏକାଳର ଯୌବନ-ବୃଦ୍ଧ, ଶକ୍ତିହୀନ, ଉଦ୍ୟମ-ଅଧ୍ୟବସାୟଶୂନ୍ୟ, ପଞ୍ଜରାସ୍ଥିସାର ଯୁବକମାନଙ୍କୁ ଦେଖିଲେ ଦାରୁଣ କ୍ଷୋଭରେ ନେତ୍ର ଲୋତକାକ୍ତ ହୋଇଆସେ । ତରୁଣ ବୟସରେ ସେମାନଙ୍କ ଶରୀର ବାତାହତ ବନସ୍ପତି ପ୍ରାୟ ଆଗରୁ ଝୁଙ୍କିପଡ଼ୁଅଛି ଏବଂ ଯାବଜ୍ଜୀବନ ଦୁଶ୍ଚିକିତ୍ସ୍ୟ ରୋଗ ତିନିପ୍ରଭୃତି ଉତ୍ତରାଣି ସିଅନା ପରି ସେମାନଙ୍କୁ ଘେରି ରହୁଅଛି । ବ୍ରହ୍ମଚର୍ଯ୍ୟର ଅଭାବ ଏହି ଦୁର୍ଦ୍ଦଶାର ଦୁର୍ଗତିର ମୁଖ୍ୟ କାରଣ । ବ୍ରହ୍ମଚାରୀ ନ ହେଲେ ଆତ୍ମୋନ୍ନତି ଲାଭ ହୁଏ ନାହିଁ—ଦୀର୍ଘଜୀବନ ଲାଭ ହୁଏ ନାହିଁ—ବୁଦ୍ଧି, ପ୍ରତିଭା ଓ ସ୍ମରଣଶକ୍ତିର ବିକାଶ ଘଟେ ନାହିଁ—ଶାନ୍ତି ଓ ସୁଖଲାଭ ଦୁଷ୍କର ହୁଏ । ବ୍ରହ୍ମଚର୍ଯ୍ୟ ଧାରଣ କଲେ ଶରୀରରେ ଓ ମନରେ ଅସାଧାରଣ ସାମର୍ଥ୍ୟ ଜନ୍ମେ । ଓଜୋଧାତୁ ଶୁକ୍ର ପରି ବିକୃତ, ସ୍ଖଳିତ ବା ବିଚଳିତ ନ

ହୋଇ ଅଚଳ, ଅଟଳ ଓ ସ୍ଥିର ଥାଏ, ତେବେ ବୁଦ୍ଧି, ଇନ୍ଦ୍ରିୟ, ମନର ଶକ୍ତି ଓ ପରମାୟୁ ବୃଦ୍ଧି ଲାଭ କରେ, ଆଉ କାମକ୍ରୋଧ ହ୍ରାସ ହୋଇପଡ଼େ ।

କାମଦମନ କରିବାକୁ ହେଲେ କୁଚିନ୍ତା ଓ ସ୍ତ୍ରୀ ସଂଶ୍ଳିଷ୍ଟ ପ୍ରଲୋଭନୀୟ ବସ୍ତୁର ଦୂରବର୍ତ୍ତୀ ସ୍ଥାନରେ ରହିବା ଉଚିତ । କୁଚିନ୍ତା ପାପର ଜନନୀ । ଦୁର୍ଭାଗ୍ୟ-ବଶତ, କୁଚିନ୍ତାସକ୍ତ ବ୍ୟକ୍ତିଙ୍କର ସଂଖ୍ୟା ଏ ସଂସାରରେ ଅଧିକ ନ ଥାଉ; ମାତ୍ର ନିତାନ୍ତ ଊଣା ନୁହେ । କୁଚିନ୍ତା ମନକୁ ଆକ୍ରମଣ କଲାମାତ୍ରେ କୌଣସି ଭଲ ବିଷୟରେ ମନୋନିବେଶ କରିପାରିଲେ କୁଚିନ୍ତାର ବଳ ତୁଟ୍ଟି ହୋଇଯାଏ । ତତ୍‌କ୍ଷଣାତ୍ ସେହି କୁଚିନ୍ତା ପଳାୟନ ପଥ ଅବଲମ୍ବନ କରେ । ଯଦି କୁଚିନ୍ତା ଦମନ କରିବାକୁ ଇଚ୍ଛାସତ୍ତ୍ୱେ ଅକ୍ଷମ ହୁଅ, ତାହାହେଲେ କୌଣସି କଠିନ ଶାରୀରିକ ପରିଶ୍ରମଜନକ କାର୍ଯ୍ୟରେ ବ୍ୟାପୃତ ହେବ । ବାରମ୍ବାର ଏହିପରି କଲେ କୁଚିନ୍ତା ଅନାୟାସରେ ପରାଭୂତ ହେବ, ଏହା ନିଃସନ୍ଦେହ ।

କେବଳ ଏତିକିମାତ୍ର କରି ନିରସ୍ତ ହେଲେ ଚଳିବ ନାହିଁ, ଶାରୀରିକ ସ୍ୱାସ୍ଥ୍ୟପ୍ରତି ସତର୍କ ଦୃଷ୍ଟିପାତ କରିବାକୁ ହେବ । ସ୍ୱାସ୍ଥ୍ୟର ନିୟମମାନ ପ୍ରତିପଦ-ବିକ୍ଷେପରେ ଜାଗ୍ରତର ସହିତ ପ୍ରତିପାଳନ କରିବା ନିତାନ୍ତ ଆବଶ୍ୟକ । ଅଳସୁଆ ଓ ଅତିରିକ୍ତାହାରୀ ବ୍ୟକ୍ତି-ମାନଙ୍କର ଇନ୍ଦ୍ରିୟ ଚରିତାର୍ଥ-ଲାଳସା ସମଧିକ ବର୍ଦ୍ଧିତ ହୁଏ । ପ୍ରତ୍ୟହ ଶାରୀରିକ ପରିଶ୍ରମ, ବ୍ୟାୟାମ ଓ ଭ୍ରମଣ ଦ୍ୱାରା ଶରୀରରୁ ଘର୍ମନିଃସୃତ କରିବ । ଲଘୁପାକ ଅଥଚ ପୁଷ୍ଟିକର ଓ ଅନୁତ୍ତେଜକ ପଦାର୍ଥ ଆହାରାର୍ଥ ଗ୍ରହଣ କରିବ । ରାତ୍ରି ଅଧିକ ନ ହେଉଣୁ ନିଦ୍ରାଯାଇ ବ୍ରାହ୍ମ-ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ କରିବ । ନିଦ୍ରା ପୂର୍ବରୁ ଶୀତଳ ଜଳ ପାନ କରିବ ଓ ତଦ୍ଦ୍ୱାରା ହସ୍ତପଦର ଗଣ୍ଠି ପର୍ଯ୍ୟନ୍ତ ଓ ମୁଖମଣ୍ଡଳ ଉତ୍ତମରୂପେ ଧୌତ କରିବ । ଆଉ ବିଶୁଦ୍ଧ ବାୟୁପୂର୍ଣ୍ଣ ସ୍ଥାନରେ ଶୟନ କରିବ । ଏହି ଉପାୟରେ ଅନେକ ବ୍ୟକ୍ତି କୁଚିନ୍ତା ରୂପ ମହାପାପରୁ ମୁକ୍ତିଲାଭ କରିଥିବା କଳ୍ପନାପ୍ରସୂତ ଉକ୍ତି ନୁହେ ।

ଜଗଜ୍ଜୟୀ କାମହସ୍ତରୁ ମୁକ୍ତିଲିପ୍ସୁମାନଙ୍କର ଶରୀର-ସମ୍ବନ୍ଧୀୟ କି କି ବିଶେଷ ନିୟମ ଅବଲମ୍ବନ କରିବା



କର୍ତ୍ତବ୍ୟ, ତାହା ସଂକ୍ଷେପରେ ଲେଖାହେଉଅଛି । ଆହାର ସମ୍ବନ୍ଧରେ କତିପୟ ନିୟମ ପ୍ରତିପାଳନ କରିବା ଉଚିତ । କାମ ରଜୋଗୁଣ-ସମ୍ଭୂତ—

"କାମ ଏଷ କ୍ରୋଧ ଏଷ ରଜୋଗୁଣ ସମୁଦ୍ଭବଃ ।"
—ଭଗବଦ୍‌ଗୀତା

ଅତଃ ରାଜସ ଆହାର ସର୍ବାଗ୍ରେ ପରିତ୍ୟାଜ୍ୟ । ରାଜସ ଆହାର ସମ୍ବନ୍ଧରେ ଶ୍ରୀକୃଷ୍ଣଙ୍କର ମୁଖବାଣୀ ଭଗବଦ୍‌ଗୀତାରୁ ଗୋଟିଏ ଦୃଷ୍ଟାନ୍ତ ନିମ୍ନରେ ପ୍ରଦର୍ଶିତ ହେଲା ।

"କଟ୍ୱମ୍ଳଲବଣାତ୍ୟୁଷ୍ଣତୀକ୍ଷ୍ଣରୁକ୍ଷବିଦାହିନଃ
ଆହାରା ରାଜସସ୍ୟେଷ୍ଟା ଦୁଃଖଶୋକାମୟପ୍ରଦାଃ ।

ଅର୍ଥାତ୍ ଅତ୍ୟନ୍ତ ତିକ୍ତ, ଅତ୍ୟମ୍ଳ, ଅତି ଲବଣ, ଅତ୍ୟୁଷ୍ଣ, ଅତି ତୀକ୍ଷ୍ଣ (ଲଙ୍କାମରିଚ ପ୍ରଭୃତି ରାଗ ପଦାର୍ଥ) ଅତି ରୁକ୍ଷ, ଅତି ବିଦାହୀ (ସର୍ଷପାଦି) ପଦାର୍ଥ ରାଜସ ବ୍ୟକ୍ତିମାନଙ୍କର ପ୍ରିୟ ବାଞ୍ଛିତ ଆହାର ଅଟେ। ଏହାଦ୍ୱାରା ଶୋକ ଓ ରୋଗ ଉପସ୍ଥିତ ହୁଏ । ସୁତରାଂ ଏହି ସମସ୍ତ ପଦାର୍ଥ ଆହାର କରିବା ଦୂରେ ଥାଉ, ସ୍ପର୍ଶ ସୁଦ୍ଧା ନିଷିଦ୍ଧ ।

କୌଣସି କୌଣସି ଚିକିତ୍ସାଶାସ୍ତ୍ର-ବିଶାରଦ ଲବ୍ଧ-ପ୍ରତିଷ୍ଠ ଚିକିତ୍ସକ ଆମିଷ ( ମତ୍ସ୍ୟମାଂସ ପ୍ରଭୃତି ) ପିଆଜ, ରସୁଣ, ସର୍ଷପ, ଲବଣ, ମରିଚ, ଅତି ମିଷ୍ଟ, ଗୁରୁପାକ ପଦାର୍ଥ ଓ ଅଧିକ ମସଲାଯୁକ୍ତ ଖାଦ୍ୟକୁ ଇନ୍ଦ୍ରିୟସଂଯମର ଅନ୍ତରାୟ ବୋଲି ନିର୍ଦ୍ଦେଶ କରିଅଛନ୍ତି ।

ଏ ଦେଶର ଉଚ୍ଚଜାତୀୟା ବିଧବା ରାଜସ ଆହାର କରନ୍ତି ନାହିଁ । ଆମ୍ଭମାନଙ୍କର ପୂର୍ବପୁରୁଷ ନିଷ୍କଳଙ୍କ ଆର୍ଯ୍ୟଋଷିଗଣ ବିଧବାମାନଙ୍କର ଖାଦ୍ୟପାନ ସମ୍ବନ୍ଧରେ ବିଶେଷ ନିୟମ ବାନ୍ଧିଯାଇଅଛନ୍ତି । ସେହି-ଗୁଡ଼ିକ କାମର ପ୍ରତିକୂଳ ଓ ସଂଯମ ଓ ପବିତ୍ରତା ସାଧନର ଅନୁକୂଳ ଅଟେ । ବ୍ରହ୍ମଚାରିଣୀ ବିଧବାମାନଙ୍କର ଖାଦ୍ୟୋପଯୋଗୀ ଦ୍ରବ୍ୟ ବାଛିନେଇ ଆହାର କରିବା ଉଚିତ । ସୈନ୍ଧବଲବଣ, କଦଳୀ, ଅମଳକୀ, ପଣସ, ଆମ୍ବ, ହରିତକୀ, ଗୋ-ଦୁଗ୍ଧ, ଗୋ-ଘୃତ ଆତପତଣ୍ଡୁଳ ମୁଗ, ତିଳ, ଯବ ବିଧବାମାନଙ୍କ ଖାଦ୍ୟ ପକ୍ଷରେ ପ୍ରଶସ୍ତ । ଆହାରାନ୍ତେ ଅଧିକ ତାମ୍ବୁଳ ଚର୍ବଣ ନିଷିଦ୍ଧ । ତାହା ଉତ୍ତେଜକ ପଦାର୍ଥ, ସୁତରାଂ କାମୋଦ୍ଦୀପକ ।

"ତାମ୍ବୂଳ ଚୂର୍ଣ୍ଣବର୍ଜ୍ଜିତଂ ।" ଅଳ୍ପ ପରିମାଣରେ ଅର୍ଥାତ୍ ଆହାରାନ୍ତେ ଖଣ୍ଡେ ଦୁଇଖଣ୍ଡ ଖାଇଲେ ତେତେ-ଦୂର ଅନିଷ୍ଟର ସମ୍ଭାବନା ନାହିଁ । ତାମ୍ବୂଳ ପତ୍ରବଲ୍ଲିରେ ହରିତକୀ ଭକ୍ଷଣ ଅତ୍ୟନ୍ତ ଉପକାରଜନକ । 'କଦାଚିତ୍ କୁପ୍ୟତେ ମାତା ନୋଦରସ୍ଥା ହରିତକୀ ।' ଡାଲି ମଧ୍ୟରେ ଚଣାମୁଗ ଉତ୍କୃଷ୍ଟ, ମସୁର ଓ ବ୍ରୀହି ଉତ୍ତେଜକ ଅଟେ । ଶାକ ମଧ୍ୟରେ ଅଗସ୍ତି, ବଥୁଆ ଟୁଲ୍ଲିଡି ଅତି ପଥ୍ୟ ଓ ଗୁଣକର ।

"ବାଲଶାକଂ କାଲଶାକଂ ତଥା ପଟୋଲପତ୍ରକଂ
ପଞ୍ଚଶାକଂ ପ୍ରଶଂସୀୟାଦ୍ ବାସ୍ତୁକଂ ମୂଳମୋଚକଂ ।"

ଆଳୁ, ଓଲୁଅ, କନ୍ଦମୂଳ ଭିନ୍ନ ଅନ୍ୟପ୍ରକାର ମୂଳ ଭକ୍ଷଣୀୟ ନୁହେ । ଅମ୍ଳଭକ୍ଷଣର ବିଶେଷ ଆବଶ୍ୟକ ହେଲେ ସୁପକ୍ୱ ଓଉ, ତେନ୍ତୁଳି କିମ୍ବା ଅମ୍ବୁଲ ସାମାନ୍ୟ ମାତ୍ରାରେ ବ୍ୟବହାର କଲେ କ୍ଷତି ନାହିଁ । ପ୍ରତ୍ୟହ ଅଳ୍ପ ପରିମାଣରେ ତିକ୍ତ ପଦାର୍ଥ ବ୍ୟବହାର କରିବା ଉଚିତ । କଥାରେ କହନ୍ତି, "ଖାଇବୁ ପିତା, ପାଳିବୁ ଗୀତା, ତେବେ ହୋଇବୁ ଜଗଜିତା ।" ମଧୁର ରସ ମଧ୍ୟରେ ଇକ୍ଷୁଶର୍କରା ପ୍ରଶସ୍ତ । ପାନୀୟ ସମ୍ବନ୍ଧରେ ଅଭିଜ୍ଞ ଚିକିତ୍ସକମାନଙ୍କର ମତ ଏହି ଯେ, ଶୟନ ପୂର୍ବରେ ଓ ପ୍ରତ୍ୟୁଷରେ ଯଥେଷ୍ଟ ନିର୍ମଳ ଶୀତଳ ଜଳ ପାନ କଲେ କୋଷ୍ଠଶୁଦ୍ଧି କାର୍ଯ୍ୟରେ ପ୍ରଭୂତ ଉପକାର ହୁଏ ।

ଲୌହ, ସୀସକ, ତାମ୍ର ଓ ଭଗ୍ନକାଂସ୍ୟପାତ୍ରରେ ଆହାର କରିବ ନାହିଁ । ପଦ୍ମପତ୍ର ଭିନ୍ନ ଅନ୍ୟ ପତ୍ରର ପିଠି ପାଖରେ ଖାଇବା ନିଷିଦ୍ଧ । ପ୍ରସ୍ତରପାତ୍ର ଆହାର ପକ୍ଷରେ ନିର୍ଦ୍ଦୋଷ ।

ଦୁଗ୍ଧଫେନନିଭ ସୁକୋମଳ ତୂଳିକା ଶଯ୍ୟା ଓ ଉପାଧାନ ସଂଯମ-ବିରୋଧୀ । କଠିନ ଶଯ୍ୟା ଓ ଉପାଧାନ ଯେ କିପରି ମହୋପକାରୀ, ତାହା ଭୁକ୍ତଭୋଗୀ ମାନେ ଅନୁଭବ କରିଥିବେ । ଯେଉଁମାନେ ପ୍ରକୃତ ସାଧୁ ସନ୍ନ୍ୟାସୀ, ସେମାନେ ଇଟା ବା କାଠ ମୁଣ୍ଡତଳେ ଦେଇ ଭୂମିରେ ଶୟନ କରନ୍ତି, ଏହା ଅନେକେ ପ୍ରତ୍ୟକ୍ଷ କରିଥିବେ । ଭୂମି ଉପରେ ସାମାନ୍ୟତଃ ତୃଣ କିମ୍ବା ଶୁଷ୍କପତ୍ର ବିଛାଇ ଅନେକେ ଶୟନ କରନ୍ତି । ଦେଶ-ପ୍ରଚଳିତ ମସିଣା ଉପରେ ଖଣ୍ଡେ ଆସ୍ତରଣ ପକାଇ ଶୟନ କରିବା ସଂଯମ-ବିରୋଧୀ ନୁହେ । ସଂଯମୀ ହେବାକୁ ହେଲେ ବେଶ, ଭୂଷଣ ଓ ବିଳାସେଚ୍ଛା ସର୍ବତୋଭାବେ ପରିତ୍ୟାଗ କରିବାକୁ ହେବ ।

ଅଧିକ ରାତ୍ରିଜାଗରଣ ଅନିଷ୍ଟକାରୀ । ଶୟନ ପୂର୍ବରୁ ସଦ୍‌ଗ୍ରନ୍ଥ ପାଠ ଓ ଭଗବାନଙ୍କ ନିକଟରେ ଆତ୍ମନିବେଦନ କରିବ । ଶୟନମାତ୍ରେ ନିଦ୍ରା ନ ହେଲେ କୌଣସି ସାଧୁବିଷୟ ମନରେ ଚିନ୍ତା କରିବ । ଶୟନ ପୂର୍ବରୁ ନାଭିକମଳ ଧୌତ କଲେ ଶୀଘ୍ର ସୁନିଦ୍ରା ହୁଏ ।

ଆମ୍ଭମାନଙ୍କର ଶାସ୍ତ୍ରକାର ଋଷିବୃନ୍ଦ ଧର୍ମାନୁଷ୍ଠାନ ସଙ୍ଗରେ ସ୍ୱାସ୍ଥ୍ୟବିଧିର ନିବିଡ଼ ସମ୍ପର୍କ ରଖିଯାଇଅଛନ୍ତି । ଏକାଦଶୀ ଗୋଟିଏ ପରମ ପୁଣ୍ୟବ୍ରତ । ଏକାଦଶୀରେ ଉପବାସ କର୍ତ୍ତବ୍ୟ । ବୈଦ୍ୟଶାସ୍ତ୍ର ମତରେ ଏକାଦଶୀ, ପୂର୍ଣ୍ଣିମା ଓ ଅମାବାସ୍ୟାରେ ଉପବାସ ରହିଲେ ଶରୀରରେ ରସ ବୃଦ୍ଧି ହୋଇପାରେ ନାହିଁ । ହିନ୍ଦୁ-ବିଧବାମାନେ ବାରବ୍ରତ ଉପଲକ୍ଷରେ ଅଧିକ ଦିନ ଉପବାସ ରହନ୍ତି । ତଦ୍ୱାରା ସେମାନଙ୍କର ପୁଣ୍ୟାର୍ଜ୍ଜନ ଓ ସ୍ୱାସ୍ଥ୍ୟାର୍ଜ୍ଜନ ଉଭୟ ହୁଏ । ଅତଏବ ସମୟ ସମୟରେ ଉପବାସ କର୍ତ୍ତବ୍ୟ । ବ୍ୟାୟାମ କାମ ଦମନର ଅନ୍ୟତମ ଉପାୟ । ଦିନରେ ଦୁଇ ତିନିଥର ଶରୀରରୁ ଘର୍ମ ବାହାର ହେବା ଭଳି ବ୍ୟାୟାମ ବା ଶାରୀରିକ ପରିଶ୍ରମ କଲେ ଯଥେଷ୍ଟ ଉପକାର ମିଳେ । ପରିଶ୍ରମ କାମଦମନର ପ୍ରଧାନ ସହାୟ । "ପଣ୍ଡିତମାନେ ପରିଶ୍ରମକୁ ମାନବର ପ୍ରହରୀ ବୋଲି ନିର୍ଦ୍ଦେଶ କରିଯାଇଅଛନ୍ତି । ଏ ଉକ୍ତି ଅକ୍ଷରେ ଅକ୍ଷରେ ସତ୍ୟ, ଏଥିରେ ଦ୍ୱୈଧ ମତ ନାହିଁ । ବାସ୍ତବିକ ମନୁଷ୍ୟ ପରିଶ୍ରମରେ ନିଯୁକ୍ତ ଥିଲବେଳେ ତାହାର ମନ କାର୍ଯ୍ୟରେ ସଂଲଗ୍ନ ଥାଏ । ସୁତରାଂ ଅନ୍ୟ ପାପଚିନ୍ତାର ସେଠାରେ ପ୍ରବେଶର ପଥ ଥାଏ ନାହିଁ । ସ୍ଥୂଳତଃ କୁଚିନ୍ତା ମନରେ ଉଦୟ ହେଲାକ୍ଷଣି ଅଚିରାତ୍ କୌଣସି ଶ୍ରମସାଧ୍ୟ କାର୍ଯ୍ୟରେ ବ୍ୟାପୃତ ହୋଇପାରିଲେ କୁଚିନ୍ତା ଜରାସନ୍ଧ ପରି ପୃଷ୍ଠଭଙ୍ଗ ଦେବ, ସନ୍ଦେହ ନାହିଁ । ଅତଏବ ସର୍ବଦା କୌଣସି ନା କୌଣସି କାର୍ଯ୍ୟରେ ନିଯୁକ୍ତ ରହିବା ଉଚିତ ।

ଗତ ସ୍ମୃତିଦ୍ୱାରା କାମକୁ ଜୟ କରିହୋଇପାରେ । ପୂର୍ବରେ ତୁମ୍ଭେ କି କି ଆପଦରେ ପଡ଼ିଥିଲ, କେଉଁ କେଉଁ ସଙ୍କଟ ପୀଡ଼ାରେ ଆକ୍ରାନ୍ତ ହୋଇଥିଲ ଓ ସେଥିରୁ କେଉଁ

କେଉଁ ଉପାୟରେ ରକ୍ଷା ପାଇଅଛି—ଏହିସବୁ ବିଷୟ କୁଚିନ୍ତା ଉଦୟ ହେବାମାତ୍ରେ ଭାବିଲେ ମନ ଯୁଗପତ୍ ଭୀତ ଓ ସ୍ୱେଚ୍ଛାବର୍ଜିତ ହୋଇପଡ଼େ । ମୃତ୍ୟୁ ଚିନ୍ତା ଏକା କାମ କାହିଁକି, ସର୍ବରିପୁ ଦମନକାରିଣୀ ମୃତ୍ୟୁକୁ ସର୍ବଦା ଆଗରେ ଦେଖୁଥିବା ଭଲ । କୌଣସି କୁକାର୍ଯ୍ୟ କରିବାକୁ ଯିବାବେଳେ ପଥ ମଧ୍ୟରେ ଯଦି ମନରେ ଏହିପରି ଭାବ ଉଦୟ ହୁଏ ଯେ, ସଂସାରରେ କେହି ଅମର ନୁହେଁ—ମୁଁ ମଧ୍ୟ ଅମର ନୁହେଁ, ମୃତ୍ୟୁ କେତେବେଳେ ଅଲକ୍ଷ୍ୟଭାବରେ ଆସି ଆକ୍ରମଣ କରିବ, ତାହା ଜାଣିବାର ଉପାୟ ନାହିଁ, ତେବେ ବର୍ତ୍ତମାନ ସୁଦ୍ଧା ଉପସ୍ଥିତ ହୋଇ ପାରେ, ଯଦି ତାହା ହୁଏ, ତେବେ ମୋର ଅସ୍ତିତ୍ୱ କେଉଁଠାରେ ରହିବ ? ଏହି କଥା ପ୍ରକୃତ ପକ୍ଷେ ମନରେ ଉଦୟ ହେଲେ କୁକାର୍ଯ୍ୟରେ ଅଗ୍ରସର ହେବା ଦୂରେ ଥାଉ, ବାଟରୁ ନିଶ୍ଚୟ ଫେରି ଆସିବାକୁ ହେବ । ଅତଏବ କୁଚିନ୍ତା ଉପସ୍ଥିତ ହେଲାକ୍ଷଣି ମନକୁ କୌଣସି ପ୍ରକାରେ ଭୁଲାଇବାକୁ ଚେଷ୍ଟା କରିବ । ସେ ସମୟରେ ନିର୍ଜନରେ ନ ରହି ଲୋକଗହଳକୁ ଗଲେ ନାନା କାର୍ଯ୍ୟ ଓ କଥା ଦେଖି ଶୁଣି ମନ ସହଜରେ ଭୁଲିଯାଏ ।

ଶରୀରସମ୍ବନ୍ଧୀୟ ଚିନ୍ତା ଓ ଶରୀରର ପରିଣାମ ଚିନ୍ତା ଯାବତୀୟ ରିପୁଦମନ ପକ୍ଷରେ ପରମ ସହାୟ । ସାଧାରଣତଃ ଦେଖାଯାଏ, ସ୍ତ୍ରୀ ଓ ଅର୍ଥ ସଂସାରକୁ ବଶ କରି ରଖିଅଛି । ସ୍ତ୍ରୀ କିପରି ପଦାର୍ଥ, ତାହା ସ୍ଥିର ଚିତ୍ତରେ ଚିନ୍ତାକଲେ ବୁଦ୍ଧିମାନ୍ ବ୍ୟକ୍ତିମାନେ ବୁଝି-ପାରିବେ ଯେ, ତାହା ଅତି ଘୃଣ୍ୟ ଓ ଜଘନ୍ୟ ବସ୍ତୁ—ଅପବିତ୍ରତାପୂର୍ଣ୍ଣ, କୃମିକୀଟସଙ୍କୁଳ, ମୂତ୍ରପୁରୀଷ-ପୂର୍ଣ୍ଣ ସ୍ୱଭାବ ଦୁର୍ଗନ୍ଧମୟ କଳେବରରେ ଭୋଗ-ଲାଳସା କି ମୂର୍ଖତାର କାର୍ଯ୍ୟ ନୁହେଁ ? ଦୁଇ କର୍ଣ୍ଣ, ଦୁଇ ଚକ୍ଷୁ, ଦୁଇ ନାସାରନ୍ଧ୍ର, ମୁଖ, ଗୁହ୍ୟ ଓ ଉପସ୍ଥ—ମାନବର ଏହି ମଳବାହୀ ନବଦ୍ୱାର ପଥରେ ଅହରହ ମଳ ନିର୍ଗତ ହେଉଅଛି, ଏହା ସ୍ଥିର ଚିତ୍ତରେ ଚିନ୍ତାକଲେ ଏହି ବାହ୍ୟ ସୁନ୍ଦର ଶରୀର କିରୂପ ବୀଭତ୍ସ ପଦାର୍ଥରେ ପରିପୂର୍ଣ୍ଣ, ତାହା ସହଜରେ ଦୃଶ୍ୟମାନ ହେବ । ଏହି ଜଳସ୍ଫୋଟକ ତୁଲ୍ୟ କ୍ଷଣଭଙ୍ଗୁର ଶରୀରର ଅନିତ୍ୟତା ଏକମନରେ ଚିନ୍ତାକଲେ ମନର ଗତି ଭୋଗ ବିଳାସ ଆଡ଼କୁ ପ୍ରଧାବିତ ହେବ କି ? ନା, ଏରୂପ ଚିନ୍ତାଦ୍ୱାରା ମନ ଊର୍ଦ୍ଧ୍ୱଗାମୀ ବ୍ୟତୀତ ଅଧୋଗାମୀ ହୁଏ ନାହିଁ ।

କାମ ହେତୁ ଯେଉଁ ଅନାରୋଗ୍ୟ ରୋଗମାନ ଉପସ୍ଥିତ ହୁଏ, ସେଥିର ତୀବ୍ର ଯନ୍ତ୍ରଣା ଅନୁଭବ କରିବା ଦୂରେ ଥାଉ, ଶୁଣିଲେ ହୃତ୍କମ୍ପ ଉପସ୍ଥିତ ହୁଏ । ପ୍ରମେହ, ଉପଦଂଶ ଶେଷରେ ଗଳିତ କୁଷ୍ଠ ପ୍ରଭୃତି ମାରାତ୍ମକ ଭୟଙ୍କର ରୋଗର ମୂଳ କାରଣ କାମ । ମସ୍ତିଷ୍କ ପୀଡ଼ାର ଯେତେ କାରଣ ଅଛି, ଅତିରିକ୍ତ କାମ ସେଥି ମଧ୍ୟରେ ଅନ୍ୟତମ । କେତେ କେତେ ଯୁବକ କାମସେବାରେ ନିଯୁକ୍ତ ରହି କାମର ଅନୁଚର ବିବିଧ ଉତ୍କଟ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ କାଳ-କବଳିତ ହେଉଅଛନ୍ତି, ତାହା ଭାବିଲେ କେଉଁ ବୁଦ୍ଧିମାନ୍ ବ୍ୟକ୍ତି ଲୋଭକୁ ସମ୍ବରଣ କରିପାରିବ ? ଏହିପରି ଘଟଣା ଦୃଷ୍ଟିରେ ଅନୁମିତ ହୁଏ, ପୃଥିବୀ ମହାଶ୍ମଶାନରେ ପରିଣତ ହେବାକୁ ଆଉ ଅଧିକ ବିଳମ୍ବ ନାହିଁ । ନିଶ୍ଚଳ ମନରେ ଏହି ବିଷୟ ଅନୁଧ୍ୟାନ କଲେ ଶାଖାପ୍ରଶାଖାକ୍ରମେ ଆହୁରି ଅନେକ ଆନୁଷଙ୍ଗିକ କାରଣ ମିଳିବ । ଏହିପରି ଚିନ୍ତାଦ୍ୱାରା ଅନେକ ଉପକାର ହୋଇପାରେ ।

କୁଚିତ୍ର-ଦର୍ଶନ କାମୋଦ୍ଦୀପକ; କୁଗ୍ରନ୍ଥ ଅଧ୍ୟୟନ, କୁଲୋକ ସଙ୍ଗ ଓ କୁକଥା ଶ୍ରବଣ ମଧ୍ୟ ଊଣା ଅପକାରୀ ନୁହେଁ । କୁକଥା ଉଚ୍ଚାରଣ ସୁଦ୍ଧା ଏହି ଶ୍ରେଣୀୟ । କୁକଥା କଥନଦ୍ୱାରା ଅଭ୍ୟାସ ଘନୀଭୂତ ହେଲେ ସେହି ଅଭ୍ୟାସ ମନକୁ କ୍ରମଶଃ ଆକ୍ରମଣ କରେ । ମନ ସେହି ଦିଗକୁ ଧାବିତ ହେଲେ ମନୁଷ୍ୟ ନାନାପ୍ରକାର ଦୁଷ୍କାର୍ଯ୍ୟରେ ରତ ହୁଏ । ଇତରଶ୍ରେଣୀୟ ଲୋକ ପରସ୍ପର କଳହ ସମୟରେ ନାନାପ୍ରକାର ଅକଥ୍ୟ ଭାଷାରେ ଗାଳିଦିଅନ୍ତି । ତାହା ଶ୍ରବଣ ନିଷେଧ । ଦୈବାତ୍ ସେହିପରି ଘଟଣା ସ୍ଥଳରେ ଉପସ୍ଥିତ ହେଲେ ହଠାତ୍ ସେସ୍ଥାନ ପରିତ୍ୟାଗ କରିବା ବିହିତ ।

କାରଣ ବ୍ୟତିରେକେ ଜନନେନ୍ଦ୍ରିୟ ସ୍ପର୍ଶ କରିବ ନାହିଁ । ସ୍ତ୍ରୀରୂପ ଦର୍ଶନରେ ଅନେକ ଲୋକଙ୍କ ମନରେ କୁଭାବ ଉଦ୍ରେକ ହୁଏ । ପରସ୍ତ୍ରୀର ରୂପ କୁଭାବରେ ଦର୍ଶନ କରିବା ଉଚିତ ନୁହେଁ । "ମାତୃବତ୍

ପରଦାରେଷୁ" ଏହି ସୁନୀତିପୂର୍ଣ୍ଣ ଶାସ୍ତ୍ରୀୟ ଆଦେଶ ସର୍ବଦା ଜୀବନରେ ପାଳନ କଲେ ପରସ୍ତ୍ରୀଦର୍ଶନଜନିତ କୁଭାବ ମନର ସୀମା ସ୍ପର୍ଶ କରିପାରିବ ନାହିଁ ।

ନାରୀଜାତି ମାତୃଜାତି । ସୁତରାଂ ନାରୀମାନେ ମାତୃଜ୍ଞାନ କରିବ । ପ୍ରାତଃସ୍ମରଣୀୟ, ପୁଣ୍ୟପ୍ରାଣ ରାମକୃଷ୍ଣ ପରମହଂସ ଦେବଙ୍କ ସହଧର୍ମିଣୀ ରାତିରେ ସ୍ୱାମୀଙ୍କୁ ସନ୍ତୋଷିବାକୁ ଯିବା ସମୟରେ ପରମହଂସ ଦେବ କହୁଥିଲେ, "ମା, ମୋତେ ତୁମ୍ଭେ ଛଳନା କରିବାକୁ ଆସିଅଛ କି ?" ଏହିପରି ସର୍ବଦା ଯାହାର ହୃଦୟ ମାତୃଭକ୍ତିରେ ପରିପୂର୍ଣ୍ଣ, ତାହାର ପବିତ୍ର ହୃଦୟରେ କାମର ଗୁରୁଦେବର ସ୍ପର୍ଦ୍ଧା ପ୍ରବେଶର ଅଧିକାର ନାହିଁ । ମନରେ କାମୋଦ୍ରେକ ହେଲେ ଧର୍ମପୁସ୍ତକ ପାଠରେ ନିଯୁକ୍ତ ହେବ ।

କାମପ୍ରବୃତ୍ତି ଉପସ୍ଥିତ ହେଲେ ଘୃଣାବ୍ୟଞ୍ଜକ ଛି-ଛି ଶବ୍ଦ ବାରମ୍ବାର ଉଚ୍ଚାରଣ କରିବ । ସେଥିରେ ନିଜ ପ୍ରତି ଗୋଟାଏ ତୀବ୍ର ଅସ୍ୱୀକାର ଆସେ ଏବଂ ଲଜ୍ଜାରେ ମସ୍ତକ ଅବନତ ହୁଏ ।

କୌଣସିପ୍ରକାର ମାଦକଦ୍ରବ୍ୟ ସେବନ କରିବ ନାହିଁ । ଇନ୍ଦ୍ରିୟଚରିତାର୍ଥ ଇଚ୍ଛାରେ ଅନେକେ ମାଦକ ସେବନ କରନ୍ତି । ମାଦକର କାମୋତ୍ତେଜନୀ ଶକ୍ତି ପୂର୍ଣ୍ଣମାତ୍ରାରେ ଅଛି । ମାଦକସେବନରେ ମନର ବିକାର ଜନ୍ମେ—କୁଚିନ୍ତାରେ ଏକାଗ୍ରତା ଜନ୍ମେ ଏବଂ ସୁଖ-ସମ୍ଭୋଗେଚ୍ଛା ବଳବତୀ ହୁଏ । ହିତାହିତ ଜ୍ଞାନ-ବିଲୋପୀ ମାଦକଦ୍ବାରା ଏକା କାମ କାହିଁକି, ସର୍ବରିପୁ ଉତ୍ତେଜିତ ହୁଏ । ଗୋଟାଏ ରିପୁର ଆକର୍ଷଣରେ ମନୁଷ୍ୟ ଅସ୍ଥିର; ଛଅ ରିପୁ ଏକତ୍ର ହୋଇ ପ୍ରତ୍ୟେକ ଦିଗକୁ ଆକର୍ଷଣ କଲେ ଆଉ କି ରକ୍ଷା ଅଛି ? ଏକ ମାଦକ ଏହି ଛଅ ରିପୁର ଉତ୍ପତ୍ତି ସ୍ଥାନ ଏବଂ ମାନବ-ଚରିତ୍ର ବିନାଶର ମୂଳକାରଣ ।

ପରମାତ୍ମାହିଁ ଭଗବାନ; ଶରୀର ପରମାତ୍ମାଙ୍କର ମନ୍ଦିର, ସୁତରାଂ ଭଗବାନଙ୍କର ମନ୍ଦିର । ସେହି ଭଗ-ବାନଙ୍କର ଅଧିଷ୍ଠିତ ପରମ ପବିତ୍ର ମନ୍ଦିର ଅପବିତ୍ର କରିବା କି ଉଚିତ—ମନରେ ଏହିପରି ଚିନ୍ତାକଲେ ଅପବିତ୍ରତା ଓ କାମୁକତା ପଳାୟନ କରେ ଏବଂ ପବିତ୍ରତାର ସ୍ୱର୍ଗୀୟ ହୃଦୟରେ ଉଦ୍ଭାସିତ ହୁଏ । ହୃଦୟ ପବିତ୍ରତାର ଆଲୟ ହେଲେ କୌଣସି ପ୍ରକାର କୁକାମର ଇଚ୍ଛା ସେଠାରେ ସ୍ଥାନ ପାଇ-ପାରେ ନାହିଁ ।

ସ୍ତ୍ରୀମାନଙ୍କର ରୂପ, ଯୌବନ, ହାବଭାବ ପ୍ରଭୃତି ବର୍ଣ୍ଣନା ଶ୍ରବଣ କଲେ ମନ ବିଚଳିତ ହୁଏ ଏବଂ ଇନ୍ଦ୍ରିୟଚରିତାର୍ଥ ଲାଳସା ବଳବତୀ ହୋଇ-ଉଠେ । ଅତଃ ତାହା ଶ୍ରବଣ ବା ପାଠ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ । କୁତ୍ସିତ ବର୍ଣ୍ଣନା ପଢି କିମ୍ବା ଶୁଣି ହୃଦୟ ନିଷ୍ଟଳ ଏବଂ ନିର୍ବିକାର ରଖିପାରିବା ଭଳି ଲୋକ ଯଦି ଥାଆନ୍ତି, ତେବେ ସେମାନଙ୍କର ସଂଖ୍ୟା ମୁଷ୍ଟିମେୟ । ସଙ୍ଗୀତ ପରି ଉତ୍ତେଜକ ଆଉ କିଛି ନାହିଁ । ମନ୍ଦ ସ୍ତ୍ରୀଚରିତ୍ର ବର୍ଣ୍ଣନା ପ୍ରସଙ୍ଗର ସଙ୍ଗୀତ ଶ୍ରବଣ କଲେ ପୈଶାଚିକ ପ୍ରବୃତ୍ତି ଉତ୍ତେଜିତ ହେବ, ସୁତରାଂ ତାହା ଯେ ଶ୍ରବଣ-ନିଷିଦ୍ଧ, ଏଥିରେ ଦ୍ୱୈଧମତ ନାହିଁ ।

ସାମାନ୍ୟ କୀଟପତଙ୍ଗ ପର୍ଯ୍ୟନ୍ତ କୌଣସି ଜନ୍ତୁର ମିଥୁନୀଭୂତ ଅବସ୍ଥା କିମ୍ବା ଉଲଙ୍ଗ ସ୍ତ୍ରୀରୂପ ବା ଚିତ୍ରଦର୍ଶନ କରିବ ନାହିଁ । କେହି କେହି ବିଶ୍ରାମା-ଗାର ବା ଶୟନାଗାରର ଶୋଭାବୃଦ୍ଧି ପାଇଁ କାନ୍ଥରେ ଉଲଙ୍ଗ ଅଶ୍ଳୀଳ ସ୍ତ୍ରୀଚିତ୍ର ଟାଙ୍ଗିଥାଆନ୍ତି । ସୁଚିତ୍ର ଦର୍ଶନରେ ଯଦ୍ୟପି ମନରେ ସୁଭାବର ଉଦୟ ହୁଏ, ତେବେ କୁଚିତ୍ର ଦର୍ଶନରେ କୁଭାବର ଉଦୟ ନ ହେବ କାହିଁକି ? ଅତଏବ ସେପରି ଚିତ୍ରଦ୍ବାରା ବିଶ୍ରାମା-ଗାରର ମଣ୍ଡନ କରିବା ତେଣିକି ଥାଉ, ତାହାକୁ ଗୃହର କିସୀମା ସ୍ପର୍ଶ କରାଇଦେବା ଉଚିତ ନୁହେଁ ।

ଭଗବଦ୍‌ଗୀତାରେ କାମ, କ୍ରୋଧ ଓ ଲୋଭକୁ ନରକର ଦ୍ୱାରସ୍ୱରୂପ ବର୍ଣ୍ଣନା କରାଯାଇଅଛି । ଯଥା—

"ତ୍ରିବିଧଂ ନରକସ୍ୟେଦଂ, ଦ୍ୱାରଂ ନାଶନମାତ୍ମନଃ ।
କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ।"

ଅର୍ଥାତ୍ କାମ, କ୍ରୋଧ, ଲୋଭ—ଏହି ତିନି ରିପୁ ଆତ୍ମବିନାଶର କାରଣ ଓ ନରକର ଦ୍ୱାରସ୍ୱରୂପ । ଏହି ତିନିରିପୁ ପ୍ରବଳ ହୋଇ ମନୁଷ୍ୟକୁ ସ୍ୱର୍ଗାଦି ସୁଖରୁ

ବଞ୍ଚିତ କରାଏ ଏବଂ ନରକାଗ୍ନି ଅଧୋଗତି ପ୍ରାପ୍ତ କରାଏ । ସୁତରାଂ ଆତ୍ମାର ଅଧୋଗତିର ପ୍ରଧାନ କାରଣ ଏହି କାମ ରିପୁ ଅଟନ୍ତି । ଅତଏବ ସର୍ବପ୍ରଯତ୍ନରେ ତାହା ବର୍ଜନୀୟ । ତାହାହେଲେ ସମସ୍ତ ଆସୁରୀ ପ୍ରବୃତ୍ତି ଦୂରୀଭୂତ ହେବ ।

ପବିତ୍ରତା ରକ୍ଷା କାମଦମନ ପକ୍ଷରେ ଅସାଧାରଣ ଉପକାରୀ । ଯେଉଁମାନେ ପବିତ୍ରତାରେ ଅଭ୍ୟସ୍ତ, ଅପବିତ୍ର କାର୍ଯ୍ୟ କରିବା ସକାଶେ ସେମାନଙ୍କର ପ୍ରବୃତ୍ତି ହୁଏ ନାହିଁ; ପ୍ରତ୍ୟୁତ ଅପବିତ୍ରତା ପ୍ରତି ବିଜାତୀୟ ଘୃଣା ଜାତ ହୁଏ । ଅତଏବ ପ୍ରାଣପଣରେ ପବିତ୍ରତା ସାଧନ କରିବ । ଭଦ୍ର ବ୍ରହ୍ମଚାରୀମାନେ କେବଳ ପବିତ୍ରତା-ଦ୍ୱାରା ମନ ସଂଯତ ରଖିବାକୁ କ୍ଷମ ହୁଅନ୍ତି ।

ଯୋନି ପଥରେ ରତ ହେବା ଏବଂ ମୃତ୍ୟୁକୁ ସାଦର ଆହ୍ୱାନ କରିବା ଏକ କଥା । ଏହାହିଁ ଆମ୍ଭମାନଙ୍କର ଧ୍ୱଂସର ମୂଳ କାରଣ । ଏହି ମହାପାତକର ଅମୋଘ ଔଷଧ କେବଳ ଏକମାତ୍ର ମାତୃଚିନ୍ତା । ସ୍ତ୍ରୀଲୋକ ଦେଖିବାମାତ୍ରେ ଯାହାର ମାତୃନାମ ସ୍ମରଣ ହୁଏ, ତାହା ହୃଦୟରେ ଅପବିତ୍ର ଭାବ ସ୍ଥାନ ପାଏ ନାହିଁ । ଯେ ଜ୍ଞାନୀ, ତାହାଙ୍କ ନିକଟରେ ସ୍ତ୍ରୀଲୋକମାତ୍ରେ ମାତୃସ୍ୱରୂପା । ସ୍ତ୍ରୀଲୋକ ଦେଖିଲେ ତାହାଙ୍କ ହୃଦୟ ପବିତ୍ରତାରେ ଆପ୍ଳୁତ ହୁଏ । ସୁତରାଂ ସେ ହୃଦୟରେ କାମର ଅଧିକାର କେଉଁଠାରେ ?

ହରିନାମ-ସ୍ମରଣ ମହାପାପହାରୀ । ରିପୁଦମନ ପକ୍ଷରେ ତାହା ଉଚ୍ଛଳ ଜଳରେ ତୈଳ ନିକ୍ଷେପ ତୁଲ୍ୟ । ଯେଉଁ ହରିନାମ ପ୍ରଭାବରେ ଋଷିପ୍ରବର ବାଲ୍ମୀକି ଜଗତପୂଜ୍ୟ ମୁନି ହୋଇ ଅମରତ୍ୱ ଲାଭ କରିଅଛନ୍ତି—କେତେ ଭଣ୍ଡପାଷଣ୍ଡ ଯେଉଁ ନାମ ପ୍ରଭାବରେ ନିସ୍ତରି-ଯାଇଅଛନ୍ତି, ସେହି ଅସୀମ ଶକ୍ତିମାନ୍ ହରିନାମ ତୁଚ୍ଛ ରିପୁ-ଦମନରେ କି ଅକ୍ଷମ ? ମନରେ କୁଭାବର ସଞ୍ଚାର ହେବାମାତ୍ରେ ଏକାନ୍ତ ମନରେ ହରିନାମ ସ୍ମରଣ କଲେ ପାପଚିନ୍ତା ଅଙ୍ଗ ସ୍ପର୍ଶ କରି ନ ପାରି ଦୂରରୁ ପଳାୟନ କରେ, ମନରେ ଅପୂର୍ବ ପବିତ୍ରତା ଜାତ ହୁଏ । ମନ ପବିତ୍ର ହେଲେ ଅପବିତ୍ର କୁକାର୍ଯ୍ୟରେ ଲିପ୍ତ ହେବାକୁ କଦାପି ପ୍ରବୃତ୍ତି ହୁଏ ନାହିଁ । ଶିବ-ନାରାୟଣ ସ୍ୱାମୀ ପରମହଂସଙ୍କ ମତରେ ପ୍ରଣବ ଅର୍ଥାତ୍ 'ଓଁ' ଏହି ବ୍ରହ୍ମବାଚକ ଶବ୍ଦ ବାରମ୍ବାର ଉଚ୍ଚାରଣ କଲେ ସର୍ବରିପୁ ଦମିତ ହୁଏ । ମନ ଓ ଇନ୍ଦ୍ରିୟ ସଙ୍ଗରେ 'ଓଁ' ଶବ୍ଦର ଉଚ୍ଚାରଣ ସ୍ଥାନମାନଙ୍କର ବୈଜ୍ଞାନିକ ସଂଯୋଗ ଅଛି । ସୁତରାଂ ବାରମ୍ବାର 'ଓଁ' ଉଚ୍ଚାରଣ କଲେ ଇନ୍ଦ୍ରିୟସଂଯମ ଏବଂ ମନ ନିରୋଧ ହୋଇଆସେ । ମନ ତଦ୍‌ଭାବାପନ୍ନ ହେଲେ ରିପୁମାନଙ୍କର ବଳ ଚୂର୍ଣ୍ଣ ହୋଇଯିବା ସ୍ୱାଭାବିକ କଥା ।

"ଗୃହସ୍ଥ ଜିତେନ୍ଦ୍ରିୟ ହୋଇ ସଂସାରରେ କିପରି ଚଳିବ"—ଅନେକେ ଏହିପରି ବୃଥା ଧାରଣା ପୋଷଣ କରନ୍ତି । ଯେଉଁମାନେ ଏରୂପ ଅହେତୁକୀ ଆପତ୍ତି ଉତ୍ଥାପନ କରନ୍ତି, ସେମାନଙ୍କର ଅଳୀକ ଭ୍ରମ ଦୂରୀକରଣ ନିମିତ୍ତ ବିଧିପ୍ରଣେତା ଆର୍ଯ୍ୟଋଷିଗଣଙ୍କର ଜୀବନ-ଚରିତ ପାଠ କରିବା ଉଚିତ । ତାହାହେଲେ ସେମାନଙ୍କର ସମସ୍ତ ଭ୍ରମ ଅଚିରେ ଦୂରୀଭୂତ ହେବ । ମୁନିଋଷି ଗୃହସ୍ଥାଶ୍ରମରେ ଥାଇ ଜିତେନ୍ଦ୍ରିୟ ଥିଲେ । ମହାଦେବ ଓ ଜନକ ଋଷିଙ୍କ ତୁଲ୍ୟ ମହାଗୃହସ୍ଥ ଓ ମହାଯୋଗୀ ଆଉ କିଏ ? ଆର୍ଯ୍ୟଋଷିଗଣ ପ୍ରଥମତଃ ବ୍ରହ୍ମଚର୍ଯ୍ୟ ଅବଲମ୍ବନରେ ଜିତେନ୍ଦ୍ରିୟ ହୋଇ ଏବଂ ତଦ୍ୱାରା ଜୀବନ ପବିତ୍ର କରି ପଶ୍ଚାତ୍ ପାଣିଗ୍ରହଣପୂର୍ବକ ଗୃହସ୍ଥାଶ୍ରମରେ ନିଯୁକ୍ତ ହେଉଥିଲେ । ବିଷୟ-ବାସନାଶୂନ୍ୟ ହୋଇ ବିଷୟ ଭୋଗ କରିବା, ଜିତେନ୍ଦ୍ରିୟ ହୋଇ ସ୍ତ୍ରୀଗ୍ରହଣ କରିବା—ଏହାହିଁ ଆର୍ଯ୍ୟଋଷିଗଣଙ୍କର ସ୍ୱକୃତ ଏବଂ ପାଳିତ ବିଧାନ । ସେମାନେ ବଂଶରକ୍ଷା ସକାଶେ ଋତୁକାଳରେ ସ୍ତ୍ରୀସଙ୍ଗମର ବିଧାନ କରିଯାଇଅଛନ୍ତି । କୁକୁଟ-କୁକୁଟୀ ପରି ଜୀବନ ଯାପନ କରିବା ପାଇଁ ସେମାନେ ଗାର୍ହସ୍ଥ୍ୟାଶ୍ରମର ବିଧାନ କରି ନାହାନ୍ତି । ଫଳତଃ ଅଜିତେନ୍ଦ୍ରିୟ ଗୃହସ୍ଥ ଗୃହସ୍ଥ-ପଦବାଚ୍ୟ ନୁହେ । ସେ ପଶୁଠାରୁ ହୀନ ।

"ଋତୁକାଳାଭିଗାମୀ ସ୍ୟାତ୍ ଯାବତ୍ ପୁତ୍ରୋ ନ ଜାୟତେ ।"

ଯେତେଦିନ ପର୍ଯ୍ୟନ୍ତ ପୁତ୍ରଜନ୍ମ ନ ହୁଏ, ସେତେଦିନ ପର୍ଯ୍ୟନ୍ତ ଋତୁକାଳରେ ସହବାସ ବିଧେୟ; ପୁତ୍ର ଜନ୍ମଗ୍ରହଣ କଲେ ଆଉ ପ୍ରୟୋଜନ ନାହିଁ । ପୁତ୍ରାର୍ଥେ

କେବଳ ସହବାସ, ନଚେତ୍‌ବା ଏହାର ଅନ୍ୟ ଉଦ୍ଦେଶ୍ୟ କିଛି ନାହିଁ ।

ଯୋଗୀ ଯାଜ୍ଞବଲ୍କ୍ୟ କହିଅଛନ୍ତି:—

ଋତାବୃତୌ ସ୍ୱଦାରେଷୁ ସଙ୍ଗତିର୍ଯା ବିଧାନତଃ ।
ବ୍ରହ୍ମଚର୍ଯ୍ୟଂ ତଦେବୋକ୍ତଂ ଗୃହସ୍ଥାଶ୍ରମବାସିନଂ ।
ପ୍ରତି ଋତୁକାଳେ ଯେବେ ଶାସ୍ତ୍ରବିଧିମତ
ଆପଣା ଭାର୍ଯ୍ୟାରେ ଗୃହୀ ଯୋଗୀ ହୁଏ ରତ ।
ନଷ୍ଟ ହୁଏ ନାହିଁ ତାର ବ୍ରହ୍ମଚର୍ଯ୍ୟବ୍ରତ
ଯେହେତୁ ଶାସ୍ତ୍ରର ଏହା ଅଟେ ଅଭିମତ ।

ଜଘନ୍ୟ ଇନ୍ଦ୍ରିୟତୃପ୍ତି ସମ୍ପାଦନ ନିମନ୍ତେ ସମ୍ମିଳନକୁ କାମ ବୋଲିହୁଏ ଏବଂ ଭଗବାନଙ୍କ ଶୁଭଇଚ୍ଛା ସମ୍ପୂରଣ ପାଇଁ ସ୍ୱଦେଶ, ସ୍ୱଜାତି ଓ ସ୍ୱଧର୍ମ-ହିତକାମୀ ସନ୍ତାନ ଉତ୍ପାଦନ ସକାଶେ ଦୈହିକ ସମ୍ମିଳନକୁ ପ୍ରେମ କହନ୍ତି । ଅତଃ ପ୍ରେମ ବାଞ୍ଛନୀୟ ଏବଂ କାମ ସର୍ବଥା ପରିତ୍ୟାଜ୍ୟ । ପ୍ରେମ ଉଦାତ୍ତ ଏବଂ କାମ ବୀଭତ୍ସ ।

କାମ ଦମନ ସମ୍ବନ୍ଧରେ ଯୋଗଶାସ୍ତ୍ରରେ ଅନେକ ଉପାୟ ଅଛି, ତାହା ଗୁରୁପଦ-ଲଭ୍ୟ ।

ସଙ୍ଗମ ସମ୍ବନ୍ଧରେ ପ୍ରାଚୀନ ଲୋକମାନଙ୍କ ମୁଖରୁ ଶୁଣାଅଛି—

"ମାସେ ଏକ, ବର୍ଷେ ବାର, ପାରିଲେ ଆୟୁର ଊଣା କର ।" ମାତ୍ର ବର୍ତ୍ତମାନ କାଳରେ ଠିକ୍ ତାହାର ବିପରୀତ ଘଟୁଅଛି ।

"ଦିନରେ ତିନିମାସରେ ନବେ, ଆୟୁର ପାଇଲେ ଅଙ୍କୁର ହେଉ ।" ବର୍ତ୍ତମାନ ସମସ୍ତେ ଏହି ନୀତିର ବଶୀଭୂତ । ଦେଖ ପଶୁମାନେ ମଧ୍ୟ ଈଶ୍ୱର-ନିର୍ଦ୍ଦିଷ୍ଟ ପଥରେ ଚାଲୁଅଛନ୍ତି, ବିନା ଋତୁରେ ସେମାନଙ୍କର ସଙ୍ଗମ ନାହିଁ; ମାତ୍ର ମନୁଷ୍ୟ ଏତେ ନିମକହାରାମ ଯେ, ସେ ବିଧି-ଆଜ୍ଞା ଲଙ୍ଘନ କରି ଯେତେ ଥର ଇଚ୍ଛା ତେତେ ଥର ନାରୀ-ସହବାସ କରିବା ପଥରେ କେତେବେଳେ ପଶ୍ଚାତ୍ମୁଖ ହେଉ ନାହିଁ ।

ମହାତ୍ମା ତୁଳସୀ ଦାସ କହିଅଛନ୍ତି—

"ଦିନ୍‌କୁ ମୋହିନୀ ରାତିକୁ ବାଘିନୀ ପଲକ୍ ପଲକ୍ ଲହୁ ଶୋଷେ । ଦୁନିଆଁ ସବ୍ ବାଉରା ହୋକେ ଘର୍ ଘର୍ ବାଘିନୀ ପୋଷେ ।"

ଶାସ୍ତ୍ର-ଆଜ୍ଞା ଓ ମହାଜନମାନଙ୍କର ଆଜ୍ଞା ପାଳନ ନ କରିବାରୁ ଯେ କେତେଦୂର ଅମଙ୍ଗଳ ଘଟୁଅଛି, ତାହା ଟିକିଏମାତ୍ର ଚିନ୍ତା କଲେ ସହଜରେ ଜଣାହେବ ।

ଶେଷରେ ନବ୍ୟ ଯୁବକମାନଙ୍କ ପ୍ରତି ସନିର୍ବନ୍ଧ ଅନୁରୋଧ ଯେ, ସେମାନେ କାମଜୟ କରିବାକୁ ଟିକିଏ ଚେଷ୍ଟା କରନ୍ତୁ । ଅଳ୍ପ ଅଳ୍ପ ଭାବରେ ସାଧନା କଲେ ସମୟରେ ସିଦ୍ଧି ଅବଶ୍ୟ ମିଳିବ । ପ୍ରତି ସପ୍ତାହ ସାତବାର । ସେଥି ମଧ୍ୟରୁ ଶନିବାର, ମଙ୍ଗଳବାର, ଗୁରୁବାର ଓ ରବିବାର—ଏହି ଚାରିବାରରେ ରମଣ ନିଷେଧ । ତାହା ପରେ ମାସମଧ୍ୟରେ ସଂକ୍ରମଣ, ପୂର୍ଣ୍ଣିମା, ଅମାବାସ୍ୟା ଓ ହରିବାସର ଅଛି । ଏସବୁ କ୍ରମଶଃ ବାଦ୍‌ଦେଲେ ମାସରେ ଦୁଇ ତିନିଥର ସଙ୍ଗମ ହେବ କି ନା ସନ୍ଦେହ । ପୁଣି ଜ୍ୟୋତିଷ ମତରେ ଆପଣାର ଜନ୍ମନକ୍ଷତ୍ର ଓ ସହଧର୍ମିଣୀର ଜନ୍ମନକ୍ଷତ୍ର ଶୁଭ ହେଲେ ସହବାସ ହୋଇପାରେ, ନଚେତ୍ ହୋଇପାରିବ ନାହିଁ । କଦାଚିତ୍ କାଳରେ ଏକା ବିଛଣାରେ ସ୍ତ୍ରୀପୁରୁଷ ଶୟନ କରିବା ଉଚିତ ନୁହେଁ । ଦୁଇଗୋଟି ଶଯ୍ୟା ବିଶେଷ ପ୍ରୟୋଜନ ।

କାମ ଦମନ ସମ୍ବନ୍ଧରେ ଯେତେ ନିୟମ ଲିଖିତ ହେଲା, ତାହା ଯଥାଶକ୍ତି ପାଳନ କଲେ ଅନେକ ପରିମାଣରେ କାମହସ୍ତରୁ ନିସ୍ତାର ପାଇବାର ଆଶା କରିହୁଏ । ଅନ୍ୟଥା କି ସ୍ୱାଧୀନ ଜ୍ଞାନ କାର୍ଯ୍ୟକାରୀ ହୁଏ ନାହିଁ ।

## କ୍ରୋଧ

କାମ ଓ କ୍ରୋଧ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ । କାମ ବାଧାପ୍ରାପ୍ତ ହେଲେ କ୍ରୋଧରୂପରେ ପରିଣତ ହୁଏ । କାମ ପରି କ୍ରୋଧ ମଧ୍ୟ ମନୁଷ୍ୟର ଦୁର୍ଦ୍ଦଶାର ଏବଂ ବିନାଶର ମୂଳ କାରଣ । କ୍ରୁଦ୍ଧ ମନୁଷ୍ୟର ଅସାଧ୍ୟ କାର୍ଯ୍ୟ ନାହିଁ । ମନୁଷ୍ୟ କ୍ରୋଧପରବଶ ହୋଇ ମହାପାପ କରେ; ଗୁରୁହତ୍ୟା, ବ୍ରହ୍ମହତ୍ୟା ପ୍ରଭୃତି ଘୋର ଉତ୍କଟ ପାପକାର୍ଯ୍ୟ କରେ । କ୍ରୁଦ୍ଧ ବ୍ୟକ୍ତି କର୍କଶ ବାକ୍ୟଦ୍ୱାରା ଶ୍ରେୟକୁ ଅଶ୍ରେୟ ଜ୍ଞାନ କରେ । କ୍ରୋଧପରବଶ ବ୍ୟକ୍ତି ହିତାହିତ ଜ୍ଞାନଶୂନ୍ୟ ହୁଏ । କ୍ରୋଧଦ୍ୱାରା ମନୁଷ୍ୟର

ମନୁଷ୍ୟତ୍ୱ ନଷ୍ଟ ହୁଏ । ଯେଉଁ ଲୋମହର୍ଷଣ ଘଟନାର ଅଭିନୟରେ ପୃଥିବୀ ଏକ ଅଭିନବ ନରକରେ ପରିଣତ ହେଉଅଛି, ସେ ସମସ୍ତର ମୂଳ କାରଣ କ୍ରୋଧ । କ୍ରୋଧ ମନୁଷ୍ୟକୁ ପଶୁତ୍ୱ ଅଡ଼କୁ ଘେନିଯାଏ, କ୍ରୋଧ-ପରବଶ ବ୍ୟକ୍ତିର ମୁଖମଣ୍ଡଳ ଅବଲୋକନ କଲେ ତାହା ସ୍ପଷ୍ଟରୂପେ ଜଣାଯାଏ । ଯେଉଁ ଲୋକର ସଦା ସହାସ୍ୟ-ବଦନ ସୁନ୍ଦର ଓ ମଧୁର ବୋଲି ବୋଧ ହୁଏ, ଦେଖିଲା-ମାତ୍ରେ ସ୍ୱର୍ଗୀୟ ସୁଷମା ଓ ଦେବଭାବରେ ପରିପୂର୍ଣ୍ଣ ବୋଲି ପ୍ରତୀୟମାନ ହୁଏ, ଥରେ କ୍ରୋଧ ସମୟରେ ସେହି ମୁଖ ଅବଲୋକନ କର, ଦେଖିବ, ସେ ମୁଖର ସେହି ପରମ ଶୋଭା ନାହିଁ, କ୍ରୋଧ ବିଷପ୍ରଭାବ ସେ ମୁଖ ମହାବିକଟ ରୂପ ଧାରଣ କରିଅଛି, ଚକ୍ଷୁ ଆରକ୍ତବର୍ଣ୍ଣ ଧାରଣ କରି କୁଲାଳଚକ୍ର ପ୍ରାୟ ବିଘୂର୍ଣ୍ଣିତ ହେଉଅଛି, ଦୀର୍ଘତପ୍ତ ନିଃଶ୍ୱାସରେ ମୁଖମଣ୍ଡଳ ପାଣ୍ଡୁରବର୍ଣ୍ଣ ଧାରଣ କରିଅଛି । ତେତେବେଳେ ସେ ଲୋକର ନିକଟବର୍ତ୍ତୀ ହେବାକୁ ଭୟ ବୋଧ ହେବ । ମୁହୂର୍ତ୍ତିକ ମଧ୍ୟରେ ସୁନ୍ଦରକୁ କୁତ୍ସିତ କରିବାର ଶକ୍ତି କ୍ରୋଧର ଯେପରି ଅଛି, ଅନ୍ୟ କୌଣସି ରିପୁର ସେପରି ନାହିଁ । ପୁଣି କ୍ରୋଧ ନାନା ପ୍ରକାର ଦୁଶ୍ଚିକିତ୍ସ୍ୟ ରୋଗ ଉତ୍ପନ୍ନ କରିଥାଏ । ଅନେକ ଚିକିତ୍ସା-ଶାସ୍ତ୍ରବିତ୍ ପଣ୍ଡିତଙ୍କର ମତ ଯେ—କ୍ରୋଧରୁ ଅପସ୍ମାର, ଉନ୍ମାଦ, ମୂର୍ଚ୍ଛା, ରକ୍ତବମନ ପ୍ରଭୃତି ଉତ୍କଟ ରୋଗ ଜାତ ହୁଏ । ଏମନ୍ତକି ସମୟ ସମୟରେ କ୍ରୋଧ ମୃତ୍ୟୁ ପର୍ଯ୍ୟନ୍ତ ଘଟାଇଥାଏ । କ୍ରୋଧଦ୍ୱାରା କି ଅନିଷ୍ଟ ହୁଏ, ସେଥିର ଗୋଟିଏ ସୁନ୍ଦର ପ୍ରମାଣ ଭଗବଦ୍‌ଗୀତାରୁ ଉଦ୍ଧୃତ ହେଲା ।

"କ୍ରୋଧାତ୍ ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ
ସ୍ମୃତିଭ୍ରଂଶାତ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ॥"

ଅର୍ଥାତ୍ କ୍ରୋଧରୁ ମୋହ, ମୋହରୁ ସ୍ମରଣଶକ୍ତି ବିନାଶ ଓ ସ୍ମରଣଶକ୍ତି ବିନାଶରୁ ବୁଦ୍ଧିନାଶ ହୁଏ । ବୁଦ୍ଧିନାଶ ହେଲେ ପ୍ରାଣୀ ମୃତବତ୍ ନିଶ୍ଚେଷ୍ଟ ହୁଏ । କ୍ରୁଦ୍ଧ ବ୍ୟକ୍ତିର କାର୍ଯ୍ୟାକାର୍ଯ୍ୟ ଜ୍ଞାନ ରହେ ନାହିଁ । ସୁତରାଂ ମୋହ ଉପସ୍ଥିତ ହୁଏ । ମୋହଯୁକ୍ତ ବ୍ୟକ୍ତିର ସ୍ମୃତି ବିନଷ୍ଟ ହୁଏ ଅର୍ଥାତ୍ ସେ ଗୁରୁଦତ୍ତ ଓ ଶାସ୍ତ୍ରଲବ୍ଧ ଉପଦେଶ ବିସ୍ମୃତ ହୋଇଯାଏ । ସ୍ମୃତିର ବିନାଶରେ ଆତ୍ମଜ୍ଞାନରୂପ ବୁଦ୍ଧିର ବିନାଶ । ବୁଦ୍ଧି ବିନାଶ ହେଲେ ମନୁଷ୍ୟ ମୃତ୍ୟୁର ଆଶ୍ରୟ ଗ୍ରହଣ କରେ । କ୍ରୋଧ କିପରି ଅନିଷ୍ଟକାରୀ, ତାହା ଉପର୍ଯ୍ୟୁକ୍ତ ପ୍ରମାଣରୁ ସହଜରେ ଅନୁମେୟ ।

କ୍ରୋଧ ଦମନ ସମ୍ବନ୍ଧରେ କେତେକ ସାମାନ୍ୟ ନିୟମ ଲେଖାହେଉଅଛି । ସେହି ନିୟମଗୁଡ଼ିକ ଜୀବନରେ ଅତି ଅବହିତ ଚିତ୍ତରେ ପ୍ରତିପାଳନ କରିବାକୁ ସଚେଷ୍ଟ ହେଲେ, ଏହି ଦୁରନ୍ତ ରିପୁହସ୍ତରୁ ସମ୍ପୂର୍ଣ୍ଣଭାବରେ ନ ହେଉ, କିୟତ୍‌ପରିମାଣରେ ହେଲେ ପରିତ୍ରାଣ ଲାଭ କରିହୋଇପାରେ । ଅନେକ ସମୟରେ ଦେଖାହୋଇ-ଅଛି, ଯେଉଁ କଠିନ ବ୍ୟାଧି ମହୌଷଧରେ ଆରୋଗ୍ୟ ନ ହୁଏ, ସାମାନ୍ୟ ଚୁଟକା ବା ମୁଷ୍ଟିଯୋଗରେ ତାହା ଆରୋଗ୍ୟ ହୋଇଥାଏ । ଆମ୍ଭମାନଙ୍କ ଦେଶରେ ଗୋଟାଏ ପ୍ରବଚନ ଅଛି, 'ଏ ନ ସାପର ବିଷ ବେଶୀ' । ଅତଏବ କ୍ଷୁଦ୍ର ବା ସାମାନ୍ୟ ବୋଲି କୌଣସି ବିଷୟକୁ ଅବଜ୍ଞା କରିବା ଉଚିତ ନୁହେଁ ।

କ୍ରୋଧର କୁଫଳ ଓ ଅକ୍ରୋଧର ସୁଫଳ ପୁନଃ ପୁନଃ ମନରେ ଆଲୋଚନା କରି "କଦାପି କ୍ରୋଧପରବଶ ହେବି ନାହିଁ" ବୋଲି ଦୃଢ଼ ପ୍ରତିଜ୍ଞା କରିବା କର୍ତ୍ତବ୍ୟ । କେବଳ ବାକ୍ୟରେ ନୁହେଁ, ସେହି ପ୍ରତିଜ୍ଞା କାର୍ଯ୍ୟରେ ଦେଖାଇବାକୁ ହେବ ।

ନିର୍ଜ୍ଜନବାସ କ୍ରୋଧ ଦମନର ପ୍ରଧାନ ସହାୟ । କ୍ରୋଧ ଉପସ୍ଥିତ ହେଲାକ୍ଷଣି ନିର୍ଜ୍ଜନ ସ୍ଥାନକୁ ଯାଇ କୌଣସି ଚିତ୍ତରଞ୍ଜକ ବିଷୟ ଭାବିଲେ ମନର ଭାବ ପରିବର୍ତ୍ତିତ ହୁଏ । ମନ ଅନ୍ୟ ବିଷୟର ଭାବନାରେ ପୂର୍ଣ୍ଣ ହୁଏ, ସୁତରାଂ କ୍ରୋଧ ଦମିତ ହୋଇଯାଏ । ଅନ୍ୟ ବିଷୟ ଅପେକ୍ଷା ସଙ୍ଗୀତରେ ମନ ଅଧିକ ଆସକ୍ତ ହୁଏ । ଏଣୁ କ୍ରୋଧ ସମୟରେ ସଙ୍ଗୀତଚର୍ଚ୍ଚା, ଈଶ୍ୱରାରାଧନା କିମ୍ବା ଅନ୍ୟ ଯେଉଁ ଗ୍ରନ୍ଥ ପାଠକଲେ ମନରେ ଏକାଗ୍ରତା ଜନ୍ମେ, ଏପରି ସତ୍ ପୁସ୍ତକ ପାଠାରମ୍ଭ କରିବ । ସଙ୍ଗୀତରେ କ୍ରୋଧାଗ୍ନି ଜଳସେଚନ ତୁଲ୍ୟ ଆଶୁ ନିର୍ବାପିତ ହୁଏ । ଅନ୍ୟ ସମୟରେ ନିଜର ବା ଅନ୍ୟର କ୍ରୋଧର କୁଫଳ ସ୍ମରଣରେ ସୁଫଳର ସମ୍ଭାବନା ।

ଯେଉଁ ଲୋକ କିମ୍ବା ବସ୍ତୁ ଦେଖିଲେ ବା ଯେଉଁ ବିଷୟ ସ୍ମରଣ କଲେ କ୍ରୋଧର ଉଦ୍ରେକ ହୁଏ, ସେ ବ୍ୟକ୍ତି କିମ୍ବା ବସ୍ତୁକୁ ଚକ୍ଷୁର ଅନ୍ତରାଳରେ ରଖିବ ଓ କ୍ରୋଧୋଦ୍ରେକ ବିଷୟ ମନରେ ଭାବିବ ନାହିଁ ।

କ୍ରୋଧପରବଶ ହେଲେ ହିତାହିତ ଜ୍ଞାନ ରହେ ନାହିଁ । କ୍ରୋଧ ସମୟରେ ଯେଉଁ କୁକାର୍ଯ୍ୟ କରିବାକୁ ବା କୁକଥା କହିବାକୁ ହୋଇଥାଏ, ସେଥିର ଭଲ, ମନ୍ଦ କ୍ରୋଧ ଅବସାନ ପରେ ଜଣାଯାଏ, ଏହା ସ୍ୱୀକୃତ । ନିଜର ଦୋଷ ଜାଣିପାରିବାମାତ୍ରେ ତାହା ସଂଶୋଧନରେ ପ୍ରବୃତ୍ତ ହେବା ଉଚିତ । ଯାହା ପ୍ରତି କ୍ରୁଦ୍ଧ ହୋଇଥିବ, କ୍ରୁଦ୍ଧ ଶାନ୍ତ ହେଲାକ୍ଷଣି ତାହା ନିକଟରେ ଅପରାଧ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିବ । ଏହି ଉପାୟଟି କ୍ରୋଧ ଦମନର ଉତ୍କୃଷ୍ଟ ଉପାୟ ଅଟେ । ବାରମ୍ବାର କ୍ଷମାପ୍ରାର୍ଥନା ଦ୍ୱାରା ଯୁଗପତ୍ ଲଜ୍ଜା ଓ ନିଜର ପ୍ରତି ଗୋଟାଏ ଘୃଣା ଜାତ ହୁଏ । ସେହି ଘୃଣା ଓ ଅପ୍ରୀତିକର କ୍ରୋଧର ଶାନ୍ତିକାରକ। କେହି କେହି କ୍ଷମାପ୍ରାର୍ଥନାକୁ ମହାମାନହାନିକର ବିବେଚନାରେ ତହିଁ ପ୍ରତି ଉପେକ୍ଷା କରନ୍ତି; ମାତ୍ର ସେମାନଙ୍କର ପୂର୍ବରୁ ଜାଣି ରଖିବା ଉଚିତ ଯେ, ଧୈର୍ଯ୍ୟ ଓ ସହିଷ୍ଣୁତାର ମୂଲ୍ୟ ସଙ୍ଗେ ମାନର ମୂଲ୍ୟ କଦାପି ତୁଳନୀୟ ହୋଇ ନ ପାରେ । କେବେ ଧୈର୍ଯ୍ୟ, ସହିଷ୍ଣୁତା ଗୁଣ ତୁଚ୍ଛ 'ମାନ', 'ମାନ' ଚିତ୍କାରରେ ଆକାଶ ବିଦୀର୍ଣ୍ଣ କଲେ କେଉଁ ଫଳ ହେବ ?

ଅବଗାହନ, ସ୍ନାନ କ୍ରୋଧଶାନ୍ତିର ଗୋଟିଏ ସଦୁପାୟ । କ୍ରୋଧୋଦୟର ଅବ୍ୟବହିତ ପରେ ସ୍ନାନ କରିବ, ନଚେତ୍ ଆଣ୍ଠୁ ଓ କହୁଣିଠାରୁ ଗୋଡ଼, ହାତ, କଣ୍ଠ, ମୁଖମଣ୍ଡଳ ଶୀତଳ ଜଳରେ ଧୌତ କଲେ ବିଶେଷ ଉପକାର ହୁଏ । ଏହି ଉପାୟରେ କ୍ରୋଧ ନିବୃତ୍ତି ଅନେକଙ୍କର ପ୍ରତ୍ୟକ୍ଷୀଭୂତ । ନାଭି, କର୍ଣ୍ଣ ଓ ମସ୍ତକରେ ଜଳ ଦେଲେ ଅଧିକ ଅଧିକତର କଲ୍ୟାଣ ହୁଏ । କେହି କ୍ରୋଧ ସମୟରେ ଶୀତଳ ଜଳ ପାନର ବ୍ୟବସ୍ଥା କରନ୍ତି ।

ମାଦକ ସେବନ କ୍ରୋଧୋଦ୍ରେକକାରୀ । ନିଶା ଯଦି ହିତାହିତ ଜ୍ଞାନବିଲୋପୀ ପଦାର୍ଥ ସଂସାରରେ ଆଉ କିଛି ନାହିଁ । ମାଦକ ସେବନରେ ମତ୍ତତା ଜନ୍ମେ । ଉନ୍ମତ୍ତ ଥିବା ସମୟରେ ଯଦି କୌଣସି କାରଣବଶତଃ ମନରେ କ୍ରୋଧ ଜନ୍ମେ, ତାହାହେଲେ ସେହି କ୍ରୋଧ ଅନିବାର୍ଯ୍ୟ ହୋଇଉଠେ—ନିଶାରେ ସର୍ବଦା ମସ୍ତିଷ୍କ ଗରମ ଥାଏ । ମସ୍ତିଷ୍କ ଗରମ ଥିବା ସମୟରେ ସାମାନ୍ୟ ବିଷୟରେ ମହାକ୍ରୋଧ ଉତ୍ତେଜିତ ହୋଇଉଠେ । ଅତଏବ ନିଶା ସେବନ ତ ଭୟଙ୍କର ବ୍ୟାପାର—ତାହାର ନାମୋଚ୍ଚାରଣ ସୁଦ୍ଧା କରିବ ନାହିଁ । ସେ ବିଷୟ ପୂର୍ବରୁ ଆଲୋଚିତ ହୋଇଥିବାରୁ ସେଥିର ପୁନରାଲୋଚନା ଅନାବଶ୍ୟକ ।

ଯେଉଁମାନେ କୋପନସ୍ୱଭାବବିଶିଷ୍ଟ, ସେମାନଙ୍କର ସର୍ଷପତୈଳ ବ୍ୟବହାର କରିବା ଉଚିତ ନୁହେ । ଶରୀରରେ ବା ମସ୍ତକରେ ଉକ୍ତ ତୈଳ କିମ୍ବା ସେହିପରି ଅନ୍ୟ କୌଣସି କଟୁ ତୈଳ ମର୍ଦ୍ଦନ କରିବା କ୍ରୋଧୀ ଲୋକ ପକ୍ଷରେ ଏକାବେଳକେ ନିଷେଧ । ଯେଉଁ ଉପାୟରେ ମସ୍ତିଷ୍କ ସର୍ବଦା ଶୀତଳ ରଖାହୋଇପାରେ, ସେହି ସଦୁପାୟ ଅବଲମ୍ବନୀୟ । ତିଳ କିମ୍ବା ନାରିକେଳ ତୈଳ ବ୍ୟବହାରଦ୍ୱାରା ମସ୍ତିଷ୍କ ଅପେକ୍ଷାକୃତ ଶୀତଳ ରହେ ।

ନିଜର ଦୋଷତ୍ରୁଟିର କୌଣସି କଥା ଖଣ୍ଡିଏ କାଗଜରେ ଲେଖି ସର୍ବଦା ସମ୍ମୁଖରେ ରଖିଲେ ତଦ୍ୱାରା ଉପକାର ହୁଏ । କ୍ରୋଧର କୁଫଳ ଏକମନରେ ଚିନ୍ତାକରି "ଆଉ କ୍ରୋଧ କରିବି ନାହିଁ" ଏହିପରି ପ୍ରତିଜ୍ଞାବାକ୍ୟ ଉପର୍ଯ୍ୟୁକ୍ତ ପ୍ରକାରରେ ଲେଖିରଖି କ୍ରୋଧୋଦ୍ରେକ ସମୟରେ ତାହା ପାଠ କଲେ ନିଜର ପ୍ରତିଜ୍ଞାଭଙ୍ଗହେତୁ ମନରେ ଦାରୁଣ ଲଜ୍ଜା ଜାତହୁଏ । ଏହି ଉପାୟରେ କ୍ରୋଧ ଅର୍ଦ୍ଧପଥରୁ ପଳାୟନ କରେ । କାମ ହେଉ, କ୍ରୋଧ ହେଉ କିମ୍ବା ଅନ୍ୟ ରିପୁଜନିତ ଦୋଷ ହେଉ, ସମଦୋଷରେ ଦୋଷୀମାନଙ୍କ ସହିତ ତାହାଙ୍କର ସଂସ୍କାରସମ୍ବନ୍ଧୀୟ ପ୍ରତିଦ୍ୱନ୍ଦ୍ୱିତାରେ ଅନେକ ଉପକାର ହୁଏ । ପ୍ରଥମତଃ କ୍ରୋଧ ସମ୍ବନ୍ଧରେ ଧର । ଦେଖାଯାଉ କିଏ କେତେ ଦିନ ଅକ୍ରୋଧିତା ରକ୍ଷା କରିପାରେ—ଏହିପରି ଭାବ ଘେନି କାହାରି ସଙ୍ଗରେ ବାଜି ରଖିଲେ କ୍ଷଣରେ ଏପରି ଗୋଟାଏ ତେଜ

ଏବଂ ଈର୍ଷା ପରାଭୂତ ହେବ ଯେ, କ୍ରୋଧ ଆଉ ମନ ସ୍ପର୍ଶ କରିପାରିବ ନାହିଁ । ମନେ କର, ତୁମ୍ଭେ କୌଣସି କାରଣବଶତଃ କ୍ରୁଦ୍ଧ ହୋଇଅଛ । ଏହି ସମୟରେ ଯେଉଁ ଲୋକ ସଙ୍ଗେ ବାଜି ରଖି ପ୍ରତିଜ୍ଞା କରିଥିଲ, ଦୈବାତ୍ ସେ ଉପସ୍ଥିତ ହୋଇ ତୁମ୍ଭର କ୍ରୋଧ-ରୁଦ୍ରମୂର୍ତ୍ତି ଦେଖିଲା । ସେ ସମୟରେ ତୁମ୍ଭ ମନରେ ଏପରି ଅପୂର୍ବ ଲଜ୍ଜା ଏବଂ ଆତ୍ମଧିକ୍କାର ଜାତ ହେବ ଯେ, ତୁମ୍ଭେ ତତ୍କ୍ଷଣାତ୍ କ୍ରୋଧ ସମ୍ବରଣ ନ କରି ରହିପାରିବ ନାହିଁ ।

କ୍ରୋଧ ସମୟରେ ଦର୍ପଣରେ ନିଜର ପ୍ରତିମୂର୍ତ୍ତି ଦେଖିଲେ କ୍ରୋଧ ତତ୍କ୍ଷଣାତ୍ ହ୍ରାସ ହୋଇଆସିବ । ସେ ସମୟରେ ନିଜ ରୂପର ବିକଟତା ଏବଂ ମୁଖର ଦଶା ଦେଖି ଆପଣା ମନରେ ଭୟ ଏବଂ ସଙ୍କୋଚ ଭାବ ଯୁଗପତ୍ ଆବିର୍ଭୂତ ହୋଇ କ୍ରୋଧକୁ ତଡିଦିଏ । ଯେଉଁ ମୁଖକୁ ସୁନ୍ଦର ବୋଲି ବୋଧକର, କ୍ରୋଧ ସମୟରେ ତାହା କିପରି ଅସୁନ୍ଦର ଭାବରେ ପରିଣତ ହୁଏ, ଦର୍ପଣରେ ତାହାର ପ୍ରତିବିମ୍ବ ଦେଖିଲେ ସ୍ପଷ୍ଟରୂପେ ଜଣାଯାଏ । ସୁନ୍ଦର ଅଙ୍ଗର ଏପରି ଆଶ୍ଚର୍ଯ୍ୟ ପରିବର୍ତ୍ତନ ଦେଖି କେଉଁ ମୂଢ ବ୍ୟକ୍ତି କ୍ରୋଧ ତ୍ୟାଗ କରିବାକୁ ଇଚ୍ଛା ନ କରେ ? ବାସ୍ତବରେ କ୍ରୋଧ ସମୟରେ ନିଜର ରୂପ ଦେଖିଲେ ନିଜକୁ ଭୟ ବୋଧହୁଏ, ଏହା ଅମୂଳକ ଉକ୍ତି ନୁହେ । ଥରେ ଭୁକ୍ତଭୋଗୀ ହୁଅ, ତାହାହେଲେ ସେଥିର ସାର୍ଥକତା ସ୍ୱତଃ ଉପଲବ୍ଧ ହେବ ।

ନୀରବତା କ୍ରୋଧ ଦମନର ଅନ୍ୟତମ ଉପାୟ ଅଟେ । ଏହି ଉପାୟରେ କ୍ରୋଧ ଦମନର ଦୃଷ୍ଟାନ୍ତ ପୃଥିବୀର ଇତିହାସରେ ବିରଳ ନୁହେ । ମହାବୀର ପ୍ଳେଟୋ ଏହି ସୁକୌଶଳରେ କ୍ରୋଧ ପରାଜୟ କରିବାକୁ କ୍ଷମ ହୋଇଥିଲେ । ତାଙ୍କର କ୍ରୋଧୋଦ୍ରେକ ହେଲେ ସେ ନୀରବ ହୁଅନ୍ତି ଏବଂ କ୍ରୋଧ ତିରୋହିତ ହେଲେ ସମୟୋଚିତ କାର୍ଯ୍ୟ କରନ୍ତି । ସଙ୍ଖ୍ୟାଗଣନା ଓ ଭଗବତ୍ ନାମ ସ୍ମରଣ କ୍ରୋଧ ଦମନର ଗୋଟିଏ ଗୋଟିଏ ସୁନ୍ଦର ସୁକୌଶଳ । ଏକଠାରୁ ଏକଶତ ପର୍ଯ୍ୟନ୍ତ ଗଣିବାକୁ ହେଲେ ଇତ୍ୟବସରରେ କ୍ରୋଧ ଶାନ୍ତ ହୋଇପଡେ; ଉଚ୍ଚସ୍ୱରରେ ଈଶ୍ୱରଙ୍କର ନାମ ଉଚ୍ଚାରଣ କଲେ ମଧ୍ୟ ଏହିପରି ଫଳ ହୋଇଥାଏ । ପୂର୍ବରେ ବୋଲାହୋଇଅଛି, ଯେ କୌଣସି ଉପାୟରେ ହେଉ, ମନକୁ ଅନ୍ୟମନସ୍କ କରିପାରିଲେ କ୍ରୋଧ ଉପଶାନ୍ତ ହୁଏ ।

ଅନେକେ ପରମୁଖରୁ ଆତ୍ମନିନ୍ଦା ଶୁଣିଲେ ମହାକ୍ରୋଧରେ ପ୍ରଜ୍ୱଳିତ ହୋଇଉଠନ୍ତି; କିନ୍ତୁ ତାହା କର୍ତ୍ତବ୍ୟ ନୁହେ । ଜଣେ ମନୁଷ୍ୟ ପ୍ରକୃତିର ନୀଚତା ତ୍ୟାଗ କରି ନ ପାରି ନିନ୍ଦା କଲେ ସେଥିରେ କ୍ଷତି କଅଣ ? ଅପରଠାରୁ ନିଜର ନିନ୍ଦା ଶୁଣିଲେ କ୍ଷିପ୍ତ ନ ହୋଇ ସହ୍ୟଶୀଳ ହେବ । "ସେ ବ୍ୟକ୍ତି ଅନ୍ୟାୟରେ ମୋର ନିନ୍ଦା କରୁଅଛି, ସେଥିପାଇଁ ମୁଁ କି ଅନ୍ୟାୟ କରିବି ?" ଏହିପରି ଚିନ୍ତା କଲେ ମନ ସ୍ଥିର ହୋଇଆସେ, ସୁତରାଂ କ୍ରୋଧ ନିବୃତ୍ତ ହୁଏ । ଆମ୍ଭମାନଙ୍କ ଦେଶରେ ଗୋଟିଏ ସୁନ୍ଦର ପ୍ରବାଦ ଅଛି, "ସହେ ଯେ, ବଡ଼ଲୋକ ସେ ।" ଅର୍ଥାତ୍ ଅପମାନିତ ବ୍ୟକ୍ତି ସୁଖ ଭୋଗ କରେ ଆଉ ଯେ ଅପମାନ କରେ, ସେ ନଷ୍ଟ ହୁଏ ।

କାମ, ଲୋଭ, ଅହଙ୍କାର ଓ ପରଦୋଷ ଆଲୋଚନାରୁ କ୍ରୋଧ ଜାତ ହୁଏ । ଏହି ଦୁର୍ଗୁଣମାନ ଜୟ କରିପାରିଲେ କ୍ରୋଧ ଜୟ ହୋଇଆସେ । ଶ୍ରୀକୃଷ୍ଣଦେବ ଯୁଧିଷ୍ଠିରଙ୍କୁ କହିଅଛନ୍ତି—

"ଲୋଭାତ୍ କ୍ରୋଧଃ ପ୍ରଭବତି ପରଦୋଷୈରୁଦୀର୍ଯ୍ୟତେ
କ୍ଷମୟା ତିଷ୍ଠତେ ରାଜନ୍ କ୍ଷମୟା ବିନିବର୍ତ୍ତତେ ।"

ଅର୍ଥାତ୍ ଲୋଭରୁ କ୍ରୋଧର ଉତ୍ପତ୍ତି । ପରଦୋଷଦ୍ୱାରା ତାହା ଉଦ୍ଦୀପ୍ତ ହୁଏ ଏବଂ କ୍ଷମାଦ୍ୱାରା ତାହା ନିବୃତ୍ତ ହୁଏ । ଅତଏବ କ୍ଷମା, ଦୟା, ଶାନ୍ତିର ସାଧନାଧିକ୍ୟରେ କ୍ରୋଧ ହ୍ରାସ ହୁଏ । ତତ୍ତ୍ୱଜ୍ଞାନର ବୃଦ୍ଧି ସଙ୍ଗେ ସଙ୍ଗେ କ୍ରୋଧ ଲାଘବ ହୋଇଆସେ । ପରର ଦୋଷ କୀର୍ତ୍ତନ ନ କରି ଗୁଣ-କୀର୍ତ୍ତନ କଲେ କ୍ରୋଧ ନିମ୍ନଶିଖ ଅଗ୍ନି ତୁଲ୍ୟ ନିର୍ବାପିତ ହୁଏ ।

କ୍ରୋଧ ଦମନ ସମ୍ବନ୍ଧରେ କେତେକ ଶାରୀରିକ ନିୟମ ପାଳନ କରିବା ଏକାନ୍ତ କର୍ତ୍ତବ୍ୟ । ଯେଉଁ

ପଦାର୍ଥ ଆହାର କଲେ କ୍ରୋଧ ଉତ୍ତେଜିତ ହୁଏ, ତାହା ପରିତ୍ୟାଜ୍ୟ । ପୂର୍ବକଥିତ ରାଜସ ଆହାର କ୍ରୋଧୋ-ଦ୍ଦୀପକ, ସୁତରାଂ ତାହା ବର୍ଜନୀୟ । ସ୍ନାନ, ଆହାର ପ୍ରଭୃତି ପ୍ରାତ୍ୟହିକ କ୍ରିୟାମାନ ନିତ୍ୟ ନିୟମିତ ସମୟରେ ସମାହିତ ହେଲେ ଭଲ । ଯେଉଁ କାର୍ଯ୍ୟରେ କିମ୍ବା ଖାଦ୍ୟରେ ପିତ୍ତ ବୃଦ୍ଧି ହୁଏ, ସେ କାର୍ଯ୍ୟ କିମ୍ବା ଖାଦ୍ୟ ବର୍ଜନୀୟ । ଆମିଷ ଆହାର କ୍ରୋଧାନଳରେ ଆହୁତି ଦାନ ସଦୃଶ । ଆମ୍ଭମାନଙ୍କ ଦେଶର ମୁସଲମାନ୍‌ମାନେ କ୍ରୋଧନ ସ୍ୱଭାବବିଶିଷ୍ଟ । ତାହାର କାରଣ ଏହି ଯେ, ସେମାନେ ମାଂସ ପ୍ରଭୃତି ଉତ୍ତେଜକ ପଦାର୍ଥ ଆହାର କରନ୍ତି । ସାଧୁମାନଙ୍କର ଆହାର କ୍ରୋଧଦମନ ପକ୍ଷରେ ପ୍ରଶସ୍ତ । ଯେଉଁମାନେ ପ୍ରକୃତ ସାଧୁ, ସେମାନଙ୍କୁ କ୍ରୋଧ କରାଇବାର ଚେଷ୍ଟା କଲେ ସୁଦ୍ଧା ସେମାନେ କ୍ରୁଦ୍ଧ ହୁଅନ୍ତି ନାହିଁ । ସେଥିର କାରଣ କେବଳ ତତ୍ତ୍ୱଜ୍ଞାନ ନୁହେଁ, ଖାଦ୍ୟ ସଙ୍ଗରେ ମଧ୍ୟ ତାହାର ନିବିଡ଼ ସମ୍ପର୍କ ଅଛି । ମନୁଷ୍ୟର କଥା ଛାଡ଼ିଦିଅ, ପଶୁପକ୍ଷୀ ମଧ୍ୟରେ ସୁଦ୍ଧା ଏହି ଅବସ୍ଥା ପ୍ରବଳ ଭାବରେ ଦେଖାଯାଏ । ସିଂହ, ବ୍ୟାଘ୍ର ଓ କୁକୁର ପ୍ରଭୃତି ମାଂସ ଭକ୍ଷଣ କରନ୍ତି, ସୁତରାଂ ସେମାନେ କ୍ରୋଧନ ସ୍ୱଭାବବିଶିଷ୍ଟ; ମାତ୍ର ଗୋରୁ, ଛେଳି ପ୍ରଭୃତି ଉଦ୍ଭିଦ ଆହାର କରନ୍ତି, ସେମାନେ ସ୍ୱଭାବତଃ ଶାନ୍ତ । ଅତଏବ ମାଂସାହାର ସୁରାପାନ ତୁଲ୍ୟ ସର୍ବତୋଭାବରେ ନିଷିଦ୍ଧ ।

ଯେଉଁମାନଙ୍କର କ୍ରୋଧନ ପ୍ରବୃତ୍ତି ଅଧିକ, ସେମାନଙ୍କ ପକ୍ଷରେ ଲଙ୍କାମରିଚ ପ୍ରଭୃତି କଟୁପଦାର୍ଥ ଓ ଉତ୍ତେଜକ ମସଲାଯୁକ୍ତ ବ୍ୟଞ୍ଜନ କିମ୍ବା ଧୂମ୍ରପାନ ନିଷେଧ । ଲବଣ ବ୍ୟବହାର ସମ୍ବନ୍ଧରେ ମଧ୍ୟ ସତର୍କତା ଆବଶ୍ୟକ । ଏହିସବୁ ପଦାର୍ଥ ଅଳ୍ପପରିମାଣରେ ବ୍ୟବହାର କଲେ ତାଦୃଶ କ୍ଷତିର ଆଶଙ୍କା ନାହିଁ ।

ତାଶ, ପଶା, ବାଘଛେଳି ଓ ଜୁଆ ପ୍ରଭୃତି ଯେଉଁ ଖେଳରେ ହଠାତ୍ କ୍ରୋଧ ବଢ଼ିଉଠେ, ତାହା କଦାପି ଖେଳିବ ନାହିଁ । ଯହିଁରେ ସଦା ଶାନ୍ତ-ପ୍ରସ୍ୱାସୀ, ବୈରାଗ୍ୟନିଷ୍ଠ, ଧର୍ମନନ୍ଦନ ଯୁଧିଷ୍ଠିରଙ୍କର ମତି ବିଚଳିତ ହୋଇଗଲା, ସେ ଖେଳରେ ସାମାନ୍ୟ ଲୋକ ଆମ୍ଭର କଥା କଅଣ ? ବାଜି ରଖି କୌଣସି ଖେଳରେ ମତ୍ତ ହେବା ଉଚିତ ନୁହେଁ । ସେଥିରେ କ୍ରୋଧୋଦ୍ରେକ ହୋଇ ସମୟ ସମୟରେ ମହାଭୟଙ୍କର ବୀଭତ୍ସ ଘଟଣା ସଂଘଟିତ ହୋଇଥାଏ ।

କେହି କେହି ପଣ୍ଡିତ ଆପତ୍ତି ଉତ୍ଥାପନ କରନ୍ତି ଯେ, କ୍ରୋଧ ନ କଲେ କି ସଂସାରରେ ଚଳିହେବ ? କିନ୍ତୁ କ୍ରୋଧ ଅପେକ୍ଷା ମୃଦୁତାର ମୂଲ୍ୟ ଯେ ସମଧିକ, ତାହା ସେମାନେ ଜାଣନ୍ତି ନାହିଁ । ଜଣେ ଶିଶୁକୁ ସୁପଥକୁ ଆନୟନ କରିବାକୁ ଗଲେ ସେଠାରେ କିଏ କାର୍ଯ୍ୟକାରୀ ହୋଇଥାଏ, କ୍ରୋଧ ନା ମୃଦୁତା ? ସୁଶିକ୍ଷକମାନେ ଏ ପ୍ରଶ୍ନ ମୀମାଂସା କରିବାକୁ କ୍ଷମ । କଠୋର ଶାସନରେ ଯଦ୍ୟପି ବନ୍ଧ୍ୟା ପ୍ରସବ ତୁଲ୍ୟ କେତେବେଳେ କୌଣସି ଫଳ ହୁଏ, ତଥାପି ମୃଦୁତା ଦ୍ୱାରା ସେଥିର ସହସ୍ର ଗୁଣ ସୁଫଳ ହୁଏ, ଏହା ନିଃସନ୍ଦେହ । ଲୋକେ କହନ୍ତି—"ଧୀରପାଣି ପଥର କାଟେ ।" ସୁତରାଂ ମୃଦୁତା କଠୋରତା ଅପେକ୍ଷା ଶ୍ରେଷ୍ଠତର । ଯଦି ମୃଦୁତାରେ କୌଣସି କାର୍ଯ୍ୟ ଅସାଧ୍ୟ ହୁଏ ଏବଂ କ୍ରୋଧ ନିତାନ୍ତ ଆବଶ୍ୟକ ହୁଏ, ତାହାହେଲେ ସାଧୁମାନଙ୍କ ତୁଲ୍ୟ ମୌଖିକ କ୍ରୋଧ ପ୍ରକାଶ କଲେ କ୍ଷତି ନାହିଁ । ତଦ୍ଦ୍ୱାରା ମନ କଳୁଷିତ ହୁଏ ନାହିଁ । ବାହ୍ୟିକ କ୍ରୋଧ କ୍ରୋଧ ନୁହେଁ, ତାହା ଅନ୍ୟାୟ ଦମନ ନିମିତ୍ତ କ୍ରୋଧର ଛଳନାମାତ୍ର ।

କ୍ରୋଧଦ୍ୱାରା କ୍ରୋଧ ଦମନ କରିବ । ବିଷଦ୍ୱାରା ବିଷଦୋଷ ନିବାରଣ ଏବଂ କଣ୍ଟକଦ୍ୱାରା କଣ୍ଟକଉଦ୍ଧରଣ ଅମୂଳକ କିମ୍ବଦନ୍ତୀ ନୁହେଁ । କ୍ରୋଧ ଉପରେ କ୍ରୋଧ ପ୍ରକାଶ କଲେ କ୍ରୋଧ ପଳାୟନ କରେ । ଶତ୍ରୁଦ୍ୱାରା ଶତ୍ରୁକୁ ଜୟ କରିବା ବିଚକ୍ଷଣ ବୁଦ୍ଧିମାନ୍‌ର କାର୍ଯ୍ୟ ।

ଧର୍ମମତ ଯେଣି ସମୟ ସମୟରେ ବିଭିନ୍ନ ସମ୍ପ୍ରଦାୟ ସୃଷ୍ଟି ହୋଇଉଠନ୍ତି; ମାତ୍ର କ୍ରୋଧ ସବୁ ଧର୍ମରେ ନିଷିଦ୍ଧ । ଯେ ଯେଉଁ ପଥରେ ଥାନ୍ତୁ, ସମସ୍ତେ ଧର୍ମର ବିମଳ ପବିତ୍ର ପତାକା ଲକ୍ଷ୍ୟ କରି ଅଗ୍ରସର ହୁଅ, ଏହାହିଁ ପ୍ରକୃତ ଧାର୍ମିକର ଲକ୍ଷଣ । ଅତଏବ ଧର୍ମର ଦୋହାଇ ଦେଇ କ୍ରୋଧ କରିବା ଅନୁଚିତ । ଧର୍ମ ମହାପ୍ରସାଦ ଓ କ୍ରୋଧ ଆମିଷ; କ୍ରୋଧର ସ୍ପର୍ଶରେ

ଧର୍ମ କଳୁଷିତ ଏବଂ କ୍ଷତବିକ୍ଷତ ହୁଏ । ସାମ୍ପ୍ରଦାୟିକ ବିଦ୍ୱେଷ ଏବଂ ତଜ୍ଜନିତ କ୍ରୋଧ ସର୍ବଥା ପରିହାର୍ଯ୍ୟ ।

## ଲୋଭ

ଆମ୍ଭମାନଙ୍କ ଦେଶରେ ଗୋଟିଏ ପ୍ରଚଳିତ କଥା ଅଛି —"ଲୋଭରୁ ପାପ, ପାପରୁ ମୃତ୍ୟୁ ।" ନିବିଷ୍ଟ ଚିତ୍ତରେ ଚିନ୍ତାକଲେ ଏ ଉକ୍ତିରେ କିରୂପ ଗଭୀରତମ ସତ୍ୟ ନିହିତ ଅଛି, ତାହା ସହଜରେ ପ୍ରତୀୟମାନ ହେବ । ସାଧାରଣତଃ ଲୋଭ ଇନ୍ଦ୍ରିୟଚରିତାର୍ଥ ବୃତ୍ତି ଏବଂ ଧନ, ମାନ, ଯଶ ଲିପ୍ସାର ବଶୀଭୂତ ହୋଇଥାଏ । ଲୋଭ କିପରି ଭୟାନକ ଅନିଷ୍ଟକାରୀ, ହିତୋପଦେଶରୁ ସେଥିର ଗୋଟିଏ ସୁନ୍ଦର ଉଦାହରଣ ନିମ୍ନରେ ପ୍ରଦର୍ଶିତ ହେଲା —

"ଲୋଭାତ୍ କ୍ରୋଧଃ ପ୍ରଭବତି ଲୋଭାତ୍ କାମଃ
ପ୍ରଜାୟତେ
ଲୋଭାନ୍ମୋହଶ୍ଚ ନାଶଶ୍ଚ ଲୋଭଃ ପାପସ୍ୟ କାରଣଂ ।"

ଅର୍ଥାତ୍ ଲୋଭରୁ କ୍ରୋଧର ଉଦୟ ହୁଏ, ଲୋଭରୁ କାମ ଜନ୍ମେ, ଲୋଭରୁ ମୋହ ଏବଂ ବିନାଶ ଉପସ୍ଥିତ ହୁଏ; ଲୋଭ ପାପର ମୂଳ କାରଣ । ଭୋଗେଚ୍ଛାରୁ ଲୋଭର ଉତ୍ପତ୍ତି, ଲୋଭ ଚରିତାର୍ଥ ପଥରେ ବାଧା ଉପସ୍ଥିତ ହେଲେ କ୍ରୋଧ ଜାତହୁଏ, କ୍ରୋଧରୁ ମୋହର ଉତ୍ପତ୍ତି, ଏହା ସ୍ୱାଭାବିକ କଥା । ଏହି ହିତାହିତ ଜ୍ଞାନ-ବିଲୋପୀ ମୋହହିଁ ଆସନ୍ନ ମୃତ୍ୟୁର ସୁପଥ ଅଥବା ମୃତ୍ୟୁର ଅଗ୍ରଦୂତ । ଲୋଭନୀୟ ବିଷୟ ପ୍ରତି ମନ ପ୍ରବଳବେଗରେ ଆକର୍ଷିତ ହୁଏ । ସେହି ଆକର୍ଷଣର ଗତି କେବଳ ଲୁବ୍ଧ ବସ୍ତୁ ବା ବିଷୟ ପର୍ଯ୍ୟନ୍ତ ନୁହେଁ, ତାହା ଏକାବେଳକେ ପାପପଥ ଦେଇ ମନୁଷ୍ୟଙ୍କୁ ଯମାଳୟ ପର୍ଯ୍ୟନ୍ତ ଟାଣି ନେଇଯାଏ । ବାସ୍ତବରେ କି ଉପାୟରେ ଲୋଭ ଚରିତାର୍ଥ ହୋଇପାରିବ, ଏହି ଚିନ୍ତାରେ ମନୁଷ୍ୟ ସଦସଦ୍‌ଜ୍ଞାନ ହରାଇ ବସେ ଓ ନାନା ଅସଦୁପାୟ ଅବଲମ୍ବନ ତାହା ପଛରେ ଧାବମାନ ହୋଇଉଠେ । ତହୁଁ ସେ ବିନାଶ ପଥରେ ପଥିକ ହୁଏ । ଦେଖ, ଯେଉଁ ଲୋଭର ପରିଣାମ ଏତାଦୃଶ ବିଷମୟ, ତାହାକୁ କି ଉପାୟରେ ସୁଦ୍ଧା ପ୍ରଶ୍ରୟ ଦେବା ଉଚିତ ? ଲୋଭ ଦମନ ସମ୍ବନ୍ଧରେ କେତେକ ସରଳ ଉପାୟ ଲିଖିତ ହେଲା । ମନୁଷ୍ୟ କାର୍ଯ୍ୟ ନ କଲେ ସବୁ ଅସାଧ୍ୟ, ପୁଣି ଖାଲି ପଢିସାରି କଥାଗୁଡିକ ମନରେ ରଖିଲେ କିଛି ଲାଭ ହେବ ନାହିଁ । କିୟାହୀନ ଜ୍ଞାନ କେବଳ ଭାରମାତ୍ର ସାର । ଯାହା ଉଲ୍ଲେଖ କରାହେଲା, ତାହା କାର୍ଯ୍ୟରେ ପ୍ରତିପାଳନ କଲେ ଅବଶ୍ୟ ସୁଫଳ ଫଳିବ ସନ୍ଦେହ ନାହିଁ ।

ମୋର ଅନୁରୋଧ ଲୋଭର ବିଷୟଟା କଅଣ, ସେଥି ଲୋଭ ଚରିତାର୍ଥ କଲେ ତଜ୍ଜନିତ ସୁଖର ସତ୍ତା କେତେ କ୍ଷଣ ସ୍ଥାୟୀ, ଲୋଭର ପରିଣାମ କଅଣ, ଏହିପରି ଚିନ୍ତାକଲେ ଲୋଭର ଆପାତ ମଧୁରତା ଓ ପରିଣାମ-ଭୟଙ୍କରତା ସ୍ୱତଃ ମନରେ ଉଦିତ ହୁଏ । ସେଥିରେ ଲୋଭ ସମ୍ପୂର୍ଣ୍ଣ ଦମିତ ନ ହେଲେ ମଧ୍ୟ ସାଧକର ଶ୍ରମ ପଣ୍ଡ ହେବ ନାହିଁ । ଏହି ଉପାୟରେ ଲୋଭ କ୍ରମରେ କ୍ଷୀଣ ହୋଇଆସିବ ।

ଲୋଭ ଅଜ୍ଞାନତାରୁ ଜାତ ହୁଏ । ଭୋଗର ଅସ୍ଥିରତା ଦେଖିଲେ ଓ ଜାଣିଲେ ଲୋଭ ହ୍ରାସ ହୋଇ ଆସେ । ଭୋଗ୍ୟ ବିଷୟମାନ କିପରି ତୁଚ୍ଛ ଓ ଅସ୍ଥାୟୀ, କିଛିକ୍ଷଣ ସ୍ଥିର ମନରେ ଚିନ୍ତାକଲେ ବୁଝିପାରିବ । ଇନ୍ଦ୍ରିୟଭୋଗ୍ୟ ତାବତୀୟ ବିଷୟର କଥା ଛାଡିଦିଅ, ଯଶ, ମାନ, ସନ୍ତାନ ପ୍ରଭୃତି ସୁଦ୍ଧା କଅଣ ଓ କେତେ ଦିନ ସ୍ଥାୟୀ ? ଏମାନଙ୍କର ଅସାରତ୍ୱ ଓ ଅସ୍ଥାୟିତ୍ୱ ପ୍ରକୃତ ପକ୍ଷେ ବୁଝିପାରି ମହାତ୍ମା ବୁଦ୍ଧଦେବ ଛନ୍ଦକ ନାମକ ଅଶ୍ୱପାଳକକୁ କହିଥିଲେ—

"ହେ ଛନ୍ଦକ ମୂର୍ଖଜନ୍ମିକ ପରିତ୍ୟକ୍ତ— ବାଲବୃଦ୍ଧ ବ୍ୟକ୍ତିଙ୍କ ଦ୍ୱାରା ପରିସେବିତ ଏହି ଭୋଗ୍ୟ ବିଷୟମାନ ଅଧ୍ରୁବ ଓ ଅନିତ୍ୟ । ଏମାନଙ୍କର ପରିଣତି ନିତାନ୍ତ ଦୁଃଖାବହ । ଅତଏବ ସର୍ବ ସୁଖର ବିନାଶକ ଜାଣି ଭୋଗ୍ୟ ବିଷୟରେ ମୋର ଅନୁରାଗ ଜାତ ହୁଏ ନାହିଁ ।"

ଲୋଭଦ୍ୱାରା ପ୍ରଜ୍ଞା ନଷ୍ଟ ହୁଏ । ଏହି କ୍ରମରେ ପ୍ରଜ୍ଞା ନଷ୍ଟ ହେଲେ ଲଜ୍ଜା, ଲଜ୍ଜା ନଷ୍ଟ ହେଲେ ଧର୍ମ, ଧର୍ମ ନଷ୍ଟ ହେଲେ ଶ୍ରୀ, ଅର୍ଥାତ୍ ଯାହା ଶୁଭ ତାହା ସମସ୍ତ ନଷ୍ଟ ହୁଏ । ଏ ମହାବାଣୀ ମହାପୌରାଣିକ

ବେଦବ୍ୟାସ ମହାଭାରତରେ ଲେଖିଅଛନ୍ତି । ଲୋଭ କାମନା ଅନିଷ୍ଟ ଉତ୍ପାଦନ କରେ, ତାହା ଉପର୍ଯ୍ୟୁକ୍ତ ଶାସ୍ତ୍ରବାଣୀରୁ ସ୍ପଷ୍ଟରୂପେ ପ୍ରମାଣ ମିଳୁଅଛି । ଯଦି ଲୋଭର ବିଷୟ ହସ୍ତଗତ ହେଲେ ଲୋଭ ନିବୃତ୍ତ ହେଉଥାନ୍ତା, ତାହାହେଲେ ଲୋଭ ଚରିତାର୍ଥ କଲେ ହାନି ହୁଅନ୍ତା ନାହିଁ ; କିନ୍ତୁ ପ୍ରତ୍ୟେକ ସ୍ଥଳରେ ଦେଖା-ହେଉଅଛି ଯେ, ଭୋଗ ଲୋଭକୁ ନିବୃତ୍ତ କରୁ ନାହିଁ ; କେବଳ ଲୋଭାଗ୍ନିରେ ଆହୁତି ପ୍ରଦାନ କରୁଅଛିମାତ୍ର । ଏଥିର ପ୍ରମାଣସ୍ୱରୂପ ନିମ୍ନଲିଖିତ ପୌରାଣିକ ଦୃଷ୍ଟାନ୍ତ ଏଠାରେ ଉଲ୍ଲେଖ କଲେ ଅସଙ୍ଗତ ହେବ ନାହିଁ ।

ରାଜା ଯଯାତି ବୃଦ୍ଧତ୍ୱ ପ୍ରାପ୍ତହୋଇ ଭାବିଲେ, ଯୌବନକୁ ପୁନର୍ବାର ଆଣିପାରିଲେ ଭୋଗଦ୍ୱାରା ଲୋଭ-ନିବୃତ୍ତି କରିବାକୁ ସେ ସକ୍ଷମ ହେବେ । ତହୁଁ ସେ ତାଙ୍କ ପୁତ୍ରମାନଙ୍କ ନିକଟରେ ଯୌବନ ପ୍ରାର୍ଥନା କରି-ବାରୁ ତାଙ୍କର ସର୍ବକନିଷ୍ଠ ପୁତ୍ର ପିତୃବତ୍ସଳ ପୁରୁ ସ୍ୱୀୟ ଯୌବନ ପିତାଙ୍କୁ ଅର୍ପଣ କଲେ । ଯଯାତି ସେହି ଯୌବନ ଘେନି ଦିନେ ନୁହେ—ମାସେ ନୁହେ—ବର୍ଷେ ନୁହେ, ସହସ୍ର ବର୍ଷ ନାନା ବିଷୟରେ ଓ ନାନା ପ୍ରକାରରେ ଲୋଭ ଚରିତାର୍ଥ କରିବାକୁ ଲାଗିଲେ । ଅବଶେଷରେ ଲୋଭର ଶେଷ ନାହିଁ ଜାଣି ପୁରୁଙ୍କୁ ଯୌବନ ପ୍ରତ୍ୟର୍ପଣପୂର୍ବକ ପରମାର୍ଥ ଗ୍ରହଣ କଲେ ।

ଯାହା ହୃଦୟରେ ଲୋଭ କ୍ରମେ କ୍ରମେ ରାଜତ୍ୱ ବିସ୍ତାର କରେ, ତାହା ହୃଦୟରୁ ଶାନ୍ତି ତିରୋହିତ ହୋଇ-ଯାଏ । ଅଶାନ୍ତ ମନ ଘେନି ସୁଖର ଆଶା ସୁଦୂର ପରାହତ । ଅତଏବ ଲୋଭଶୂନ୍ୟ ହୋଇ ବିଷୟ ଭୋଗ କରିବା କର୍ତ୍ତବ୍ୟ । ଏ ସମ୍ବନ୍ଧରେ ଭଗବଦ୍‌ଗୀତାରୁ ଗୋଟିଏ ଉପଦେଶ ଲିଖିତ ହେଲା—

"ଆପୂର୍ଯ୍ୟମାଣମଚଳପ୍ରତିଷ୍ଠଂ
ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍‌ବତ୍ ।
ତଦ୍‌ବତ୍ କାମା ଯଂ ପ୍ରବିଶନ୍ତି ସର୍ବେ
ସ ଶାନ୍ତିମାପ୍ନୋତି ନ କାମ-କାମୀ ।"

ଯେପରି ଚତୁର୍ଦ୍ଦିଗସ୍ଥ ନଦନଦୀର ଜଳ ଆସି ସମୁଦ୍ରରେ ମିଶୁଅଛି, ଅଥଚ ସମୁଦ୍ରରେ ବିନ୍ଦୁମାତ୍ର ଉଚ୍ଛ୍ୱାସ ନାହିଁ, ସେହିପରି ଯେ କାମନାରେ ବିଷୟ ଉପଭୋଗ କରୁଅଛନ୍ତି ଅଥଚ ବିନ୍ଦୁମାତ୍ର କାମଦ୍ୱାରା ବିଚଳିତ ହେଉ ନାହାନ୍ତି, କେବଳ ସେହିମାନେ ଶାନ୍ତିଲାଭ କରନ୍ତି ; ଅନ୍ୟଥା ଭୋଗ-କାମନାଶୀଳ ବ୍ୟକ୍ତି କଦାପି ଶାନ୍ତିଲାଭ କରିପାରେ ନାହିଁ ।

ଯେଉଁ ବିଷୟରେ ଲୋଭର ଉତ୍ପତ୍ତି ହେବ, ସେ ବିଷୟରୁ ଶୀଘ୍ର ମନକୁ ଫେରାଇଆଣିବ । ଯୋଗ-ବାଶିଷ୍ଠରେ ବଶିଷ୍ଠ ରାମଚନ୍ଦ୍ରଙ୍କୁ ଉପଦେଶ ଦେଇ କହୁଅଛନ୍ତି —

"ଯେପରି ବିଷବୃକ୍ଷର ଅଙ୍କୁର ଉତ୍ପନ୍ନ ହେବା-ମାତ୍ରେ ତାହା ଛେଦନ କରିବା କର୍ତ୍ତବ୍ୟ, ସେହିପରି ବିନ୍ଦୁମାତ୍ର ଅନର୍ଥକାରିଣୀ ଇଚ୍ଛା ମନରେ ଉଦିତ ହେଲେ ଅନନୁଭୂତି ରୂପ ଅସ୍ତ୍ରଦ୍ୱାରା ସେହି ଇଚ୍ଛାକୁ ଛେଦନ କରିବ ।"

ଲୋଭନୀୟ ବିଷୟ ନିକଟରୁ ସର୍ବଦା ଦୂରରେ ଥିବା ଭଲ । କାର୍ଯ୍ୟଟି ଅବଶ୍ୟ ଗୁରୁତର ସାଧନା-ସାପେକ୍ଷ, ସନ୍ଦେହ ନାହିଁ । ଅନେକ ସମୟରେ କର୍ତ୍ତବ୍ୟ ଅନୁରୋଧରେ ଧନ, ମାନ ଓ ଯଶୋପ୍ରାପ୍ତିଜନକ କାର୍ଯ୍ୟ କରିବାକୁ ହୋଇଥାଏ । ସେଥିପାଇଁ କେହି କେହି କହିପାରନ୍ତି—ନିର୍ଲୋଭ ଭାବରେ ସଂସାରଯାତ୍ରା ନିର୍ବାହ କରିବା କଠିନ । ଏହା ଗୋଟିଏ ବିଷମ ଭ୍ରମ । କର୍ତ୍ତବ୍ୟ ଅନୁରୋଧରେ ଯାହା କରାହୁଏ, ତାହା ଜଗତକର୍ତ୍ତାଙ୍କ ଆଦେଶ ପାଳନ ବ୍ୟତୀତ ଅନ୍ୟ କିଛି ନୁହେ । ମୁଁ ତାଙ୍କର ଦାସ—ତାଙ୍କର ଆଦେଶ ପାଳନ କରିବି—ତାଙ୍କରି କାର୍ଯ୍ୟ କରିବି, ଯଶ, ମାନ କିମ୍ବା ଧନଲାଭ ମୋର ଲକ୍ଷ୍ୟ ନୁହେ । ହେ ଭଗବନ୍, ମୁଁ ଯେପରି ପ୍ରଶଂସାରେ ସ୍ଫୀତ ନ ହୁଏ—ମୋର ହୃଦୟରେ କୌଣସି ପ୍ରକାର ବିକାର ଉପସ୍ଥିତ ନ ହେଉ, ମୋ ପ୍ରତି ଏହି ମଙ୍ଗଳ ବିଧାନ କରନ୍ତୁ । ଏହିପରି ଭାବ ମନରେ ଧରି ଲୋଭ ବିଷୟରେ ଉଦାସୀନ ରହି ନିଜର ଉନ୍ନତି, ପରିବାରର ଉନ୍ନତି ଓ ମାତୃଭୂମିର ଉନ୍ନତି ସାଧନ କଲେ ଲାଭ ବ୍ୟତୀତ କ୍ଷତି ନାହିଁ ।

ସର୍ବଦା ଲୋଭାସକ୍ତ ବ୍ୟକ୍ତି 'ତୃପ୍ତି' ଏହି ଶବ୍ଦ ବାରମ୍ବାର ଉଚ୍ଚାରଣ କଲେ ଲୋଭବୃତ୍ତି ବହୁପରିମାଣରେ ଊଣା ହୁଏ । ଲୋଭଦ୍ୱାରା କାହାର କି ଅନିଷ୍ଟ ହୋଇଅଛି ଏବଂ ଲୋଭବଶ୍ୟ ଲୋକର ପାରତ୍ରିକ ଉନ୍ନତି କଅଣ ହେଉଅଛି, ନିବିଷ୍ଟ ଚିତ୍ତରେ ଏହା ଭାବିଲେ ଲୋଭ ଅନ୍ତର୍ହିତ ହୋଇଯାଏ ।

ଆମ୍ଭେମାନେ କେତେକ କଳ୍ପିତ ଅଭାବ ସୃଷ୍ଟି କରି ଲୋଭର ପରିସର ବୃଦ୍ଧି କରିଥାଉଁ; ମାତ୍ର ଆମ୍ଭମାନଙ୍କର ପ୍ରକୃତ ଅଭାବ କଅଣ, ତାହା ଥରେ ସ୍ଥିର ଚିତ୍ତରେ ଭାବିଲେ ଜଣାଯାଏ ଯେ, ପ୍ରକୃତ ଅଭାବ କିଛିହିଁ ନାହିଁ । ଯେଉଁମାନେ ବିଦେଶୀୟ ଚତୁର୍ବିଧ ଖାଦ୍ୟ ଗଳାଧଃ କରିବାରେ ଅଭ୍ୟସ୍ତ ଏବଂ ତାହା ନ ହେଲେ ପଦେ ପଦେ ଅଭାବର ଧ୍ୱଜା ଧରନ୍ତି, ସେମାନେ କି ଆମ୍ଭମାନଙ୍କ ଦେଶର ଶାକାନ୍ନଭୋଗୀ କୃଷକମାନଙ୍କ ଅପେକ୍ଷା ଅଧିକ ବଳବାନ୍ ? ଶୟନ, ପରିଧାନ ପ୍ରଭୃତି ସମ୍ବନ୍ଧରେ ଏହିପରି ଭୂରି ଭୂରି ଅନୁକୂଳ ପ୍ରମାଣ ସଂଗ୍ରହ କରାଯାଇପାରେ । ବିଳାସ ଲିପ୍ସା ପରିତ୍ୟାଗ କରି ଅନାୟାସଲବ୍ଧ ସ୍ୱାସ୍ଥ୍ୟଜନକ ଖାଦ୍ୟ, ଶସ୍ୟ ଆହାର, ସ୍ୱାସ୍ଥ୍ୟକର ତୃଣଶଯ୍ୟାରେ ଶୟନ ଏବଂ ସ୍ୱାସ୍ଥ୍ୟପୂର୍ଣ୍ଣ କୁଟୀରରେ ବାସ କଲେ ଲୋଭ ଅନେକ ପରିମାଣରେ ସଙ୍କୁଚିତ ହୋଇଆସେ । ମନ, ପ୍ରାଣ ଓ ଶରୀରର ସୁସ୍ଥତା ନିମିତ୍ତ ଓ ସାଂସାରିକ କାର୍ଯ୍ୟର ସୁଷ୍ଠୁ ସମ୍ପନ୍ନ ନିମିତ୍ତ ଆମ୍ଭମାନଙ୍କର ଯାହା ଯାହା ଆବଶ୍ୟକ, ତାହା ଅତି ସାମାନ୍ୟ ଏବଂ ଅଳ୍ପାୟାସପ୍ରାପ୍ତ । ସେଥିର ସଂଗ୍ରହ ବିଷୟରେ ଲୋଭ ବିଶେଷର ପ୍ରଶ୍ରୟ ନିଷ୍ପ୍ରୟୋଜନ ।

ଏ ସଂସାରରେ ମନୁଷ୍ୟର ଅଭାବ ଅତି ଅଳ୍ପ ଏବଂ ସେ ଅଭାବ ମଧ୍ୟ ଅଳ୍ପ ଦିନ ସକାଶେ । ଏହି ସତ୍ୟଟି ସର୍ବଦା ମନରେ ରଖି 'ଏ ଲୋଡ଼ା', 'ସେ ଲୋଡ଼ା' ବୋଲି ଉଚ୍ଚ ଚିତ୍କାର ନ କରି ଅତି ଅଳ୍ପରେ ସନ୍ତୁଷ୍ଟ ହେଲେ ଲୋଭ ଅପସାରିତ ହୋଇଯିବ । ନିଜର ଅବସ୍ଥାରେ ସର୍ବଦା ସନ୍ତୁଷ୍ଟ ଥିବ । ତାହା ବୋଲି ଉନ୍ନତି ଚେଷ୍ଟା କରିବାର ନୁହେ—ଏହା ବୋଲାହେଉ ନାହିଁ । ଉନ୍ନତିର ଚେଷ୍ଟା କରିବାକୁ ହେବ । ତେବେ ଅଧିକ ପ୍ରାପ୍ତି ଆଶାରେ ବିଶୃଙ୍ଖଳମତି ହେବା ଅନୁଚିତ । ସନ୍ତୋଷ-ସୁଧାପୂର୍ଣ୍ଣ ଶାନ୍ତ ଚିତ୍ତ ବ୍ୟକ୍ତିମାନଙ୍କର ଯେ ସୁଖ, ଧନଲୁବ୍ଧ ଅସ୍ଥିରମନା ଲୋକଙ୍କର ସେ ସୁଖ କାହିଁ ? ମହାତ୍ମା ସ୍ପେନ୍ସର କହିଅଛନ୍ତି—ପୂର୍ଣ୍ଣ ସନ୍ତୁଷ୍ଟ ବ୍ୟକ୍ତି ମହାପୁରୁଷ ଅଟନ୍ତି ।

ଲାଳସାରୁ ଅଭାବ ଜାତ ହୁଏ । ଲାଳସା ପୂର୍ଣ୍ଣ ହୁଏ ନାହିଁ ; ତାକୁ ଯେତେ ପୂର୍ଣ୍ଣ କଲେ, ସେ ସେତେ ବଢ଼େ । ତାହାର ସୀମା ନାହିଁ, କେବଳ ବୃଦ୍ଧି ଅଛି । ଲାଳସାର ବୃଦ୍ଧି ସଙ୍ଗେ ସଙ୍ଗେ ଅଭାବ ମଧ୍ୟ ବଢ଼େ । ଦରିଦ୍ରଠାରୁ ଧନୀର ଲୋଭ ଅଧିକ । ଦରିଦ୍ର ତାହାର ଦାରିଦ୍ର୍ୟ ବୃତ୍ତିରେ ସନ୍ତୁଷ୍ଟ ଥାଏ; ମାତ୍ର ଧନୀ ଲାଳସାରେ ଛଟପଟ ହୁଏ । ସେ ଶହେ ପାଇଲେ ହଜାରେ ପ୍ରାପ୍ତିର ଆଶା କରେ—ହଜାରେ ପାଇଲେ ଲକ୍ଷେ ପାଇବାର ଆଶା କରେ—ଲକ୍ଷେ ପାଇଲେ ପୁଣି କୋଟିକୁ ଆଶା କଳାଏ ।

ଆଶା ଓ ଲାଳସା, ଏ ଦୁହେଁ ଯାମଳ ଭଗିନୀ । ଆଶା ମାନବକୁ ପ୍ରତାରିତ କଲେହେଁ ଆଶ୍ୱାସନା ଦେଇ ବଞ୍ଚାଇ ରଖେ । ଆଶା ଆଶ୍ୱାସ ପ୍ରଦାନ ନ କଲେ ବିପଦ କାଳରେ ଜୀବନ ଧାରଣ ଅସମ୍ଭବ ହୁଅନ୍ତା । ସୁତରାଂ ଆଶା ବଞ୍ଚାଇ ରଖେ; ମାତ୍ର ଲାଳସା ଅତଳ ସାଗରରେ ବୁଡ଼ାଇମାରେ । ଲାଳସା ପୂର୍ଣ୍ଣ ହୁଏ ନାହିଁ । ଭୂଆଁ ଗାତରେ ଯେତେ ପାଣି ଢାଳିଲେ ସବୁ ଚାଲିଯାଏ—ବାଲୁକାରାଶିରେ ଅଠରଖଣ୍ଡ୍ରାଯାକ ମେଘ ବର୍ଷିଲେ ମଧ୍ୟ ସେ ସବୁ ଶୋଷିନିଏ । ଅଭାବର ସ୍ୱଭାବ ଠିକ୍ ସେହିପରି । ତାକୁ ଯେତେ ପୂର୍ଣ୍ଣ କରିବ, ସେ ସେତେ ବଢ଼ିବ । ଯାହା ପୂର୍ଣ୍ଣ ହେବାର ନୁହେଁ, ତାକୁ ପୂର୍ଣ୍ଣ କରିବାକୁ ଯିବା ବାତୁଳତା ଛଡ଼ା ଅନ୍ୟ କଅଣ ହୋଇପାରେ ?

ଲୋଭ ମାନବର ନୈତିକ ଚରିତ୍ରକୁ ମ୍ଳାନ କରିଦିଏ । ଲୋଭରେ ପଡ଼ି ଲୋକେ ଚୋରି କରନ୍ତି । ସେଥିପାଇଁ ସମାଜରେ ଲାଞ୍ଛିତ ଏବଂ ରାଜଦ୍ୱାରରେ ଦଣ୍ଡିତ ହେବାକୁ ହୁଏ । ଏତିକିରେ ଶେଷ ନୁହେଁ, ତହିଁ ଉପରେ ପରକାଳର ବିଚାର ଓ ଶାସ୍ତି ଅଛି—ତାହା ଅବ୍ୟର୍ଥ । ଲୋଭନୀୟ ବସ୍ତୁ ହସ୍ତଗତ କରିବା ସକାଶେ ଲୋକେ ମିଥ୍ୟା, ପ୍ରତାରଣା ଓ ପାପର ଆଶ୍ରୟ

ନେବାକୁ ହୁଏ । ଏହିପରି ଲୋଭର ପରିଣାମ ବିଷମୟ କଥା ଯେତିକି ଭାବିବ, ଲୋଭ ସେତିକି ଊଣା ହୋଇ ଆସିବ । ଲୋକେ କଥାରେ କହନ୍ତି—"ଅତି ଲୋଭରେ ତନ୍ତୀ ମରେ ।" ଏ କଥା ମନେ ରଖି ଲୋଭ ପରିତ୍ୟାଗ ସକାଶେ ପ୍ରତିଜ୍ଞା କରିବ; ମାତ୍ର ପ୍ରଲୋଭନ ନିକଟରେ ପ୍ରତିଜ୍ଞା ସତତ ପରାସ୍ତ ହୁଏ, ସେଥିପ୍ରତି ସାବଧାନ ରହି ଯହିଁରେ ପ୍ରତିଜ୍ଞା ନିକଟରେ ପ୍ରଲୋଭନ ପରାସ୍ତ ହୁଏ, ତାହାହିଁ କରିବ ।

## ମୋହ

ମୋହ ସମସ୍ତ ପାପର ମୂଳ । ଏହାର ଅପର ନାମ ଅଜ୍ଞାନ । ଆମ୍ଭେମାନେ ମୋହାନ୍ଧକାର ଦ୍ୱାରା ଅଜ୍ଞାନ ଅନ୍ଧ ହୋଇ ଯାହା ଅସ୍ଥାୟୀ, ଅଧ୍ରୁବ, କଷ୍ଟ, ତାପ ଓ ଶୋକର ଉପାଦାନ, ତାହାକୁ ସ୍ଥାୟୀ, ଧ୍ରୁବ ଓ ସର୍ବସୁଖର ନିଦାନ ବୋଲି ଜ୍ଞାନ କରୁଁ ଏବଂ ଯାହା କଦାପି ଆମ୍ଭର ନୁହେ—ଯହିଁରେ ଆମ୍ଭର ଲେଶମାତ୍ର ଅଧିକାର ନାହିଁ, ତାହାକୁ 'ଆମ୍ଭର ଆମ୍ଭର' କହି ତାହା ଅଭାବରେ ଅସ୍ଥିର ହୋଇପଡ଼ୁଁ । ମୋହ ନ ଥିଲେ ଆଶାର ଅନିତ୍ୟ ବିଷୟରେ ଆମ୍ଭେମାନେ ଲୋଭପରବଶ ହୋଇ ସେହି ଲୋଭାଗ୍ନିରେ ପ୍ରାଣ-ପତଙ୍ଗ ଢାଳିଦିଅନ୍ତୁ ନାହିଁ । ଏହି ପୃଥିବୀର ଧନ, ମାନ—ଏହି ମାଟିର ଧନ, ମାନ ସକାଶେ ଆମ୍ଭେମାନେ ଗର୍ବପ୍ରଣୋଦିତ ହୋଇ ଧରାକୁ ଶରା ଜ୍ଞାନ କରନ୍ତୁ ନାହିଁ—ପରଶ୍ରୀକାତରତା, ଏକଦେଶଦର୍ଶିତା ପ୍ରଭୃତି ଦୋଷ ଆମ୍ଭମାନଙ୍କର ଜୀବନ ବିସର୍ଜ୍ଜନ କରିପାରନ୍ତା ନାହିଁ—ମନ୍ମଥ କାନ୍ତାର ଭୂମିକୁ ସ୍ୱର୍ଗ ମଞ୍ଚରେ ପରିଣତ କରି ନିଜ ନାମର ସାର୍ଥକତା ସମ୍ପାଦନରେ କୃତକାର୍ଯ୍ୟ ହୁଅନ୍ତା ନାହିଁ । ଏହି ମୋହ ଯାବତ ପାପର ଉତ୍ପାଦୟିତା । ଥରେ ଭଲକରି ଭାବି ଚିନ୍ତା ଦେଖ, ଏ ଦେହ କି ମୋର ? ଯଦି ମୋର ହୋଇଥାନ୍ତା, ତାହାହେଲେ ମୋର ସେଥିରେ ସମ୍ପୂର୍ଣ୍ଣ ଅଧିକାର ଥାଆନ୍ତା; ମାତ୍ର ଅଧିକାର କାହିଁ ? ଏ ଦେହର ଗୋଟିଏ କୃଷ୍ଣଲୋମ ଶୁକ୍ଳ କରିବାକୁ କି ମୋର ଅଧିକାର ଅଛି ? ଯଦି ଏ ଦେହର ଗୋଟିଏ ସାମାନ୍ୟ ଲୋମର ତଥ୍ୟ ଅବଗତ ହେବାକୁ ମୁଁ ଅକ୍ଷମ, ତେବେ ଏ ଦେହ ମୋର କିପରି ହେଲା ? ଏହି ସ୍ତ୍ରୀପୁତ୍ରକନ୍ୟାଦି ମଧ୍ୟ ମୋର ନୁହେଁ, ମୋର ହୋଇଥିଲେ ମୁଁ ଚିରକାଳ ଏଥିରେ ବାସ କରିପାରନ୍ତି; କିନ୍ତୁ ତାହା ହେବ କି ? ଯଦି ନ ହେବ, ତେବେ ମୋର କିପରି ହେଲା ? ଏହିପରି ଗଠନା ଅନୁଧାନ କଲେ ଜାଣିପାରିବ ଯେ, ସଂସାରର କୌଣସି ପଦାର୍ଥ ମୋର ନୁହେଁ । ଏମନ୍ତ କି ମୋର ଗୃହପ୍ରାଙ୍ଗଣର ଗୋଟିଏ ଧୂଳିକଣା ସୁଦ୍ଧା ମୋର ନୁହେଁ, ଅଥଚ ଏବାର୍ଦ୍ଧି ସମସ୍ତ ପଦାର୍ଥକୁ ମୋର ଜ୍ଞାନ କରୁଅଛି । ମୋର ବାପ, ମୋର ଭାଇ, ମୋର ଏହିପରି 'ମୋର' 'ମୋର' ଶବ୍ଦ ପ୍ରାଣ ମଧ୍ୟରେ କିଏ ଯେପରି ଧ୍ୱନି କରୁଅଛି, ଅଥଚ କେହି ମୋର ନୁହନ୍ତି । ଯେ ଏହିପରି ଭ୍ରମ ଜାତ କରାଉଅଛି, ସେ ହିଁ ମୋହ । ମୋହାନ୍ଧ ହୋଇ ଆମ୍ଭେମାନେ କେତେ କେତେ ଅକାର୍ଯ୍ୟ କରୁଅଛୁଁ—କୁକାର୍ଯ୍ୟକୁ ସୁକାର୍ଯ୍ୟ ମନେ କରି କମେ ବିନାଶ ପଥରେ ଅଗ୍ରସର ହେଉଅଛୁଁ । ଏତିକିରେ ପର୍ଯ୍ୟବସିତ ନୁହେ, ପୁଣି ପରକାଳର ସମ୍ବଳ କିଛିମାତ୍ର ଆୟୋଜନ କରୁ ନାହୁଁ । ଏକାନ୍ତ ମନରେ ଏହା ଭାବିଲେ କେଉଁ ହୃଦୟବାନ୍ ବ୍ୟକ୍ତି ମୋହକୁ ସାଦର ଆଲିଙ୍ଗନ କରିବ ?

ମୋହ ବା ଅଜ୍ଞାନ କେବଳ ଜ୍ଞାନବହ୍ନି ଦ୍ୱାରା ବିନଷ୍ଟ ହୁଏ । ଜ୍ଞାନ ଜନ୍ମିଲେ ଅଜ୍ଞାନ ନିଜେ ନିଜେ ପଳାୟନ କରେ । ସୂର୍ଯ୍ୟୋଦୟ ହେଲେ ଅନ୍ଧକାର ଆପେ ଆପେ ବିଦାୟ ଗ୍ରହଣ କରେ । ସେହିପରି ଜ୍ଞାନ-ସୂର୍ଯ୍ୟ ଉଦିତ ହେବାମାତ୍ରେ ମୋହାନ୍ଧକାର ନିଜର ଗନ୍ତବ୍ୟ ପଥ ଅବଲମ୍ବନ କରେ । ଅତଏବ ଯତ୍ନପୂର୍ବକ ଜ୍ଞାନ ଉପାର୍ଜ୍ଜନ କରିବ । ପିପାସା ଶାନ୍ତି ସକାଶେ ଜଳ ଆବଶ୍ୟକ, ସେହିପରି ଜ୍ଞାନାର୍ଜନ-ପିପାସା ଶାନ୍ତି ନିମିତ୍ତ ତତ୍ତ୍ୱଚିନ୍ତା ଓ ଶାସ୍ତ୍ରାଲୋଚନା ରୂପ ଜଳ ଆବଶ୍ୟକ । ମୁଁ କିଏ, ମୋର କିଏ, ସଂସାର କଅଣ, ବନ୍ଧନ କଅଣ, ମୁକ୍ତି କଅଣ ? ଏହିପରି ବିଷୟ ଯେତେ ତର୍କଣା କରିବ, ମୋହ ସେତେ ଊଣା ହୋଇଆସିବ । 'ମୁଁ' ବୋଲି କିଛି ନାହିଁ, ତାହା କେବଳ ମାୟାର ଛଳନାମାତ୍ର । 'ମୁଁ' କେବଳ ଅନାତ୍ମ ବସ୍ତୁରେ ଆତ୍ମଭାବନା । ଏହିପରି

ଯେବେ ଗଭୀର ତତ୍ତ୍ୱାଲୋଚନାରେ ପ୍ରବୃତ୍ତ ହେବ, ମନ କ୍ରମଶଃ ଶୂନ୍ୟ ଆଡ଼କୁ ଅଗ୍ରସର ହେବ । ଶେଷରେ ଦେଖିବ, କେବଳ ଶୂନ୍ୟ, ଶୂନ୍ୟ । ଶୂନ୍ୟମୟ ବ୍ୟତୀତ ଏ ଅନନ୍ତ ବ୍ରହ୍ମାଣ୍ଡ ଆଉ କିଛି ନୁହେ । ଯେତେବେଳେ ସମ୍ପୂର୍ଣ୍ଣ ମୋହ ବିଚ୍ୟୁତ ହେବ—ସେତେବେଳେ ଏ ପୃଥିବୀ ଆଉ ବର୍ତ୍ତମାନ ପରି ଦେଖାହେବ ନାହିଁ । କାର୍ଯ୍ୟଟି କଠିନ ସାଧନା-ସାପେକ୍ଷ ।

ଯୋଗବାଶିଷ୍ଠରେ ମହାତପା ମହର୍ଷି ବଶିଷ୍ଠ ରାମଚନ୍ଦ୍ରଙ୍କୁ କହୁଅଛନ୍ତି—"ମୁଁ କୃଶ, ମୁଁ ଅତି ଦୁଃଖୀ, ମୁଁ ମୂଢ଼, ମୁଁ ହସ୍ତପଦବିଶିଷ୍ଟ ଜୀବ । ଏହି ଭାବର ଅନୁରୂପ ବ୍ୟବହାର ଦ୍ୱାରା ମନୁଷ୍ୟ ମୋହପାଶରେ ଆବଦ୍ଧ ହୁଏ । ମୁଁ ଦୁଃଖୀ ନୁହେଁ, ମୋର ଦେହ ନାହିଁ, ସୁତରାଂ ମୋର ବନ୍ଧନ ହେବ କିପରି ? ଏହି ଭାବର ଅନୁରୂପ ବ୍ୟବହାର କଲେ ମନୁଷ୍ୟ ମୋହବିମୁକ୍ତ ହୁଏ । ମୁଁ ମାଂସ ନୁହେଁ, ମୁଁ ଅସ୍ଥି ନୁହେଁ, ମୁଁ ଦେହଠାରୁ ଭିନ୍ନ, ମୁଁ ଆତ୍ମା—ଏହିପରି ନିଶ୍ଚୟ ଜ୍ଞାନଦ୍ୱାରା ଯେ ମୋହ-ମୁକ୍ତ ହୋଇଅଛନ୍ତି, ସେ ପ୍ରକୃତରେ ମୁକ୍ତ ହୋଇଅଛନ୍ତି । ଅନାତ୍ମବସ୍ତୁରେ ଆତ୍ମଭାବନା ଦ୍ୱାରା ଅଜ୍ଞାନ ବ୍ୟକ୍ତି ମୋହ କଳ୍ପନା କରେ; ମାତ୍ର ଜ୍ଞାନିଗଣ ତାହା କରନ୍ତି ନାହିଁ ।"

କିଏ କାହାର ସ୍ତ୍ରୀ, କିଏ କାହାର ପୁତ୍ର ? ଏ ମାୟାଚ୍ଛନ୍ନ ସଂସାରର ଲୀଳା ଅତ୍ୟନ୍ତ ବିଚିତ୍ର । ମୁଁ କାହାର, କେଉଁଠାରୁ ଆସିଅଛି, କେଉଁଠାକୁ ଯିବି — ଏହିପରି ତତ୍ତ୍ୱଚିନ୍ତା ଦ୍ୱାରା ଜ୍ଞାନର ଉଦୟ ହୁଏ । ଜ୍ଞାନ ଉଦିତ ହେଲେ ମୋହ ବିଦୂରିତ ହୁଏ । ଆଉ ଟିକିଏ ବିଶଦ କରି ଲେଖା ହେଉଅଛି—ସ୍ତ୍ରୀ, ପୁତ୍ର, ପରିବାର କି ମୋର ? ଯଦି ମୋର ହୋଇଥାନ୍ତେ, ତାହାହେଲେ ସେମାନଙ୍କ ସଙ୍ଗରେ ବିଚ୍ଛେଦ ଘଟନ୍ତା ନାହିଁ । ଯାହା ସଙ୍ଗରେ ବିଚ୍ଛେଦ ଘଟିବ, ସେ ମୋର କିପରି ଏବଂ ତାହା ସଙ୍ଗରେ ମୋର ସମ୍ପର୍କ କଅଣ ? ମୃତ୍ୟୁ ସମୟରେ ପୁତ୍ର, ପରିବାର କେହି ସହଗାମୀ ହେବେ ନାହିଁ, ଅଥଚ ମୋର ମୃତ ଶରୀରରେ ମୋର ସ୍ୱୋପାର୍ଜିତ ଭଲବସ୍ତ୍ର ଖଣ୍ଡିଏ ଆବୃତ ଥିଲେ ତାହା ବାହାର କରି ନେବେ । ଏଥିରୁ କଅଣ ଜଣାହେଉଅଛି ? ସ୍ତ୍ରୀ କହ, ପୁତ୍ର କହ, ପରିବାର କହ, ସମସ୍ତେ ଉପକାର-ପ୍ରତ୍ୟାଶୀ । ଯେ ଚିରକାଳ ସଙ୍ଗରେ ରହିବ—ଛାୟା ସଙ୍ଗେ ସଙ୍ଗେ ଛାୟା ତୁଲ୍ୟ ଅନୁଗମନ କରିବ, ସେହି ପ୍ରକୃତ ସଙ୍ଗୀ ଓ ବନ୍ଧୁ । ସେରୂପ ବନ୍ଧୁ ପାର୍ଥିବ ବସ୍ତୁରେ ନାହିଁ । ସେପରି ସଙ୍ଗୀ ଓ ବନ୍ଧୁ କେବଳ ଏକମାତ୍ର ଧର୍ମ । ତେବେ ପ୍ରକୃତ ବନ୍ଧୁକୁ ଭୁଲି ଶଠ, ପ୍ରତାରକମାନଙ୍କ ସଙ୍ଗରେ ଅଳୀକ ବନ୍ଧୁତାରେ ପ୍ରୟୋଜନ କଅଣ ? କେହି କେହି କହିପାରନ୍ତି, ଏପରି ଉଦାସୀନ ଓ ବିଷୟ-ନିର୍ଲିପ୍ତ ଭାବ ଧରିଲେ ସଂସାରରେ ଚଳିବା ଦୁରୂହ ହେବ । ମୋହ ଛାଡ଼ିଗଲେ ଆଉ ସଂସାର କାର୍ଯ୍ୟରେ କି ପ୍ରୟୋଜନ ? ଏପରି କଥା ଭ୍ରମରେ ସୁଦ୍ଧା ମୁଖରେ ଉଚ୍ଚାରଣ କରିବା ଉଚିତ ନୁହେ ।

ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଅଛନ୍ତି—"ଅଜ୍ଞାନ ବ୍ୟକ୍ତି ଯେରୂପ ମୋହାଭିଭୂତ ହୋଇ କର୍ମ କରେ, ଜ୍ଞାନୀ ବ୍ୟକ୍ତି ମୋହ ବିମୁକ୍ତ ହୋଇ ସୁଦ୍ଧା ଲୋକ-ସମାଜର ରକ୍ଷା ଏବଂ ଉନ୍ନତି ପାଇଁ ସେହିପରି କର୍ମ କରିବେ ।"

ସଂସାର କର୍ମକ୍ଷେତ୍ର । ଯେତେବେଳେ ଆମ୍ଭେମାନେ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଅଛୁଁ, ସେତେବେଳେ ଆମ୍ଭମାନଙ୍କୁ ଅବଶ୍ୟ କର୍ମ କରିବାକୁ ହେବ । ସେ କର୍ମର ନିୟମ ଭିନ୍ନ ପ୍ରକାର । ତାହା ଏହି ଯେ, ଭିତରେ ଆବେଗବର୍ଜିତ ହୋଇ ଅଥଚ ବାହାରେ କୃତ୍ରିମ ଆବେଗ ଦେଖାଇ—ଭିତରେ ଅକର୍ତ୍ତା ଥାଇ ଏବଂ ବାହାରେ କର୍ତ୍ତା ହୋଇ ସଂସାରର କାର୍ଯ୍ୟ କରିବାକୁ ହେବ । ଯୋଗବାଶିଷ୍ଠରେ ବଶିଷ୍ଠ କହୁଅଛନ୍ତି—"ମୁଁ କରୁଅଛି", ଏହି ଅଭିମାନ ପରିତ୍ୟାଗ କରି, କାର୍ଯ୍ୟର ଫଳାଫଳ ସମ୍ବନ୍ଧରେ ଉଦାସୀନ ରହି, ପ୍ରଶାନ୍ତ ଚିତ୍ତରେ ସଂସାରର ସମସ୍ତ କାର୍ଯ୍ୟରେ ବ୍ୟାପୃତ ଥାଅ ଅଥଚ ନିର୍ଲିପ୍ତ ନିଷ୍କଳଙ୍କ ଭାବରେ ସଂସାରରେ ବିଚରଣ କର ।" ପୃଥିବୀର ସମସ୍ତଙ୍କୁ ବନ୍ଧୁ ଭାବି, କର୍ତ୍ତୃତ୍ୱାଭିମାନ ପରିତ୍ୟକ୍ତ ହୋଇ ଭଗବଦ୍ ବିଧିପାଳନ ନିମିତ୍ତ ସଂସାରରେ କର୍ତ୍ତୃତ୍ୱ କରିବାକୁ ହେବ । ଏ ବିଧି ଅନୁସାରେ ମିତ୍ରକୁ ମିତ୍ର ଭାବିବାକୁ ହେବ । ବାସ୍ତବରେ ଆମ୍ଭେମାନେ ଯାହାକୁ ବାହାରରେ ଶତ୍ରୁ ବୋଲି ଜ୍ଞାନ କରୁଁ, ସେ ଆମ୍ଭମାନଙ୍କର

ପରମ ହିତୈଷୀ ବନ୍ଧୁ । ଶତ୍ରୁ ଦୁର୍ଗୁଣ ଦେଖାଇଦେଇ ମହୋପକାର ସାଧନ କରେ । ପୂର୍ବରେ ବୋଲାହୋଇଅଛି ଯେ, ଯାହାକୁ ଆମ୍ଭେମାନେ ଶତ୍ରୁ ବୋଲି ମଣୁଁ, ସେ ଶତ୍ରୁ ନୁହେ—ପ୍ରକୃତ ବନ୍ଧୁ । ଅତଏବ କୌଣସି ବ୍ୟକ୍ତିବିଶେଷ ଆମ୍ଭମାନଙ୍କର ଶତ୍ରୁ ନୁହେ—ଶତ୍ରୁ କେବଳ ପାପ ଓ ଦୁର୍ନୀତି । କେବଳ ଧର୍ମାନୁରୋଧରେ ଦୁର୍ନୀତି ଶାସନ ନିମିତ୍ତ କୃତ୍ରିମ ଶତ୍ରୁତା କରିବାକୁ ହେବ, ଅନ୍ୟ ବିଷୟରେ ନୁହେ । "ଶତ୍ରୁର ଉପକାର କର, ସେ ତୁମ୍ଭର ବନ୍ଧୁ ହେବ ।" (ଖ୍ରୀଷ୍ଟଗୀତ)

ସଙ୍କୀର୍ଣ୍ଣତା, ସ୍ନେହ ଓ ବନ୍ଧୁତ୍ୱ ମୋହର ଉତ୍ପତ୍ତି ସ୍ଥାନ । ଏ ରୋଗର ଅମୋଘ ମହୌଷଧ କେବଳ ଉଦାର ପ୍ରେମ । ପ୍ରେମର ଅଭିବୃଦ୍ଧି ସମଧିକ ପରିଶୀଳନା-ସାପେକ୍ଷ । ପ୍ରେମବୃଦ୍ଧି ହେଲେ ପ୍ରାଣ ମଧୁମୟ ହୁଏ । ପ୍ରାଣ ମଧୁମୟ ହେଲେ କୁତ୍ସିତ ପଦାର୍ଥ ସୁନ୍ଦର ଦେଖାହୁଏ । ପ୍ରେମିକ ନିକଟରେ ନୀରସ ସରସ ତୁଲ୍ୟ ପ୍ରତୀୟମାନ ହୁଏ; ମାତ୍ର ଆମ୍ଭମାନଙ୍କ ନିକଟରେ ତାହା ସମ୍ପୂର୍ଣ୍ଣ ବ୍ୟତ୍ୟୟ । ତୁମ୍ଭ ପ୍ରାଣରେ ଯେତେ ପ୍ରେମ ବୃଦ୍ଧି ହେବ, ଅପର ଲୋକ ତୁମ୍ଭଙ୍କୁ ଦେଖି ସେତେ ଆକୃଷ୍ଟ ହେବେ ଓ ତୁମ୍ଭେ ସୁଦ୍ଧା ସେତେ ଅପର ପ୍ରତି ଆକୃଷ୍ଟ ହେବ—ଏହାହିଁ ଭଗବାନଙ୍କର ନିୟମ । ପ୍ରାଣରେ ଯେତେ ମଧୁ ସଞ୍ଚିତ ହୁଏ, ମନୁଷ୍ୟ ସେତେ ମଧୁ ଲୋଭୀ ହୁଏ, ସୁତରାଂ ସର୍ବଦା ସର୍ବତ୍ର ମଧୁ ଅନ୍ୱେଷଣରେ ପ୍ରବୃତ୍ତ ରହିବା ଉଚିତ । ପୃଥିବୀରେ ମଧୁଗର୍ଭ କୁସୁମର ଅଭାବ ନାହିଁ । ଯେଉଁ ପଦାର୍ଥ ପ୍ରତି ଦୃଷ୍ଟିପାତ କର, ସେଥିରେ କିଛି ନା କିଛି ମଧୁ ନିହିତ ଅଛି । ନିତାନ୍ତ ପାପୀ ପ୍ରାଣରେ ସୁଦ୍ଧା ଭଗବାନ ମଧୁ ସୃଷ୍ଟିକରି ରଖିଅଛନ୍ତି । ଯେ ଅନ୍ୱେଷଣ କରେ, ସେ ଅବଶ୍ୟ ପ୍ରାପ୍ତ ହୁଏ । ଯେତିକି ପରିମାଣରେ ପ୍ରାଣରୁ ଅମୃତ କ୍ଷରିତ ହେବ, ସେତିକି ପରିମାଣରେ ମୋହଜନିତ ଆସକ୍ତି କ୍ଷୀଣ ହୋଇ ଆସିବ, ଏହା ସ୍ୱତଃସିଦ୍ଧ କଥା । ଯେ କୌଣସି ବିଷୟରେ ମୋହ ପ୍ରାଣକୁ ଆଚ୍ଛନ୍ନ କରେ ଓ ସଂକୀର୍ଣ୍ଣତା ଆନୟନ କରେ, ସେହି ବିଷୟରେ ଉଦାରତା ଯେତେ ବୃଦ୍ଧି ହେବ, ମୋହ ସେତେ ବିନଷ୍ଟ ହେବ । ସଂକୀର୍ଣ୍ଣ ଧର୍ମମତାବଲମ୍ବିଗଣ ମୋହ ବିଭ୍ରାନ୍ତ ହୋଇ ବିବାଦରେ ପ୍ରବୃତ୍ତ ହୁଅନ୍ତି; ମାତ୍ର ଯେପରି ସେମାନଙ୍କ ପ୍ରାଣରେ ସାର୍ବଭୌମିକ ଉଦାରତା ପ୍ରବେଶ କରେ, ସେହିପରି ସେମାନେ ସର୍ବ ସମ୍ପ୍ରଦାୟ ଲୋକଙ୍କୁ ସାଦର ଆଲିଙ୍ଗନ କରିବାକୁ ବ୍ୟଗ୍ର ହୁଅନ୍ତି । ତତ୍କ୍ଷଣାତ୍ ମୋହର ଶାନ୍ତି ହୁଏ । ଏହି ବିଶ୍ୱଜନୀନ ପ୍ରେମ-ପୀୟୂଷ ଧାରାରେ ହୃଦୟ ପ୍ଲାବିତ ହୋଇଥିଲା ବୋଲି ପ୍ରେମାବତାର ବୁଦ୍ଧଦେବ ପ୍ରାଣ-ପ୍ରେୟସୀ ସହଧର୍ମିଣୀଙ୍କୁ ତ୍ୟାଗ କରି ଜଗଦୁଦ୍ଧାର ନିମିତ୍ତ ସର୍ବତ୍ୟାଗୀ ହୋଇ ଧର୍ମପ୍ରଚାରାର୍ଥ ଗୃହରୁ ବହିର୍ଗତ ହୋଇଥିଲେ—ମହାପ୍ରେମରେ ମଗ୍ନ ହୋଇଥିଲେ ବୋଲି କ୍ଷୁଦ୍ର ମୋହ ମସ୍ତକରେ ପଦାଘାତ କରିବାକୁ କ୍ଷମ ହୋଇଥିଲେ । ଏହା ଅପେକ୍ଷା ମୋହ ଦମନର ଅନ୍ୟ ଉତ୍କୃଷ୍ଟ ପ୍ରମାଣ କଅଣ ସଂଗ୍ରହ କରିହୋଇପାରେ ?

ଦୃଢପ୍ରତିଜ୍ଞତା ସମସ୍ତ କାର୍ଯ୍ୟସାଧନର ମୂଳ । ମୋହଦ୍ୱାରା କି ଅନିଷ୍ଟ ହୁଏ, ଏହା ସ୍ଥିର ମୋହାଭିଭୂତ ନ ହେବା ସକାଶେ ଦୃଢତର ପ୍ରତିଜ୍ଞା କଲେ ଏବଂ ସେହି ପ୍ରତିଜ୍ଞା କାୟମନୋବାକ୍ୟରେ ସର୍ବଦା ପ୍ରତିପାଳନ କଲେ ମୋହ ଦୂରୀଭୂତ ହୁଏ ।

ସାଧୁମାନେ 'ତୋର ମୋର' ଭାବ ଧରନ୍ତି ନାହିଁ । ସେମାନେ ସମଦର୍ଶୀ । 'ବସୁଧୈବ କୁଟୁମ୍ବକଂ' ସେମାନଙ୍କର ନୀତି । ଆତ୍ମାରୂପରେ ଅର୍ଥାତ୍ 'ମୁଁ' ରୂପରେ ସମସ୍ତଙ୍କ ଦେହରେ ଭଗବାନ ବାସ କରନ୍ତି । ମୁଁ ଓ ଦେହ—ଏ ଦୁଇଟି ସ୍ୱତନ୍ତ୍ର ପଦାର୍ଥ । ମୁଁ କର୍ତ୍ତା, ଦେହ ତାହାର ବାହନ ବା ଘର । ସୁତରାଂ ଦେହମାନେ ଏକ ଏବଂ ଦେହୀମାନେ ଏକ । ଏହି ଇତର ବିଶେଷ-ବିହୀନ ସାର୍ବଜନୀନ ସାମ୍ୟ ସମ୍ବନ୍ଧର ଭାବ ମନରେ ପୋଷଣ କରି କାର୍ଯ୍ୟ କଲେ ମୋହ ବିଦୂରିତ ହୁଏ । ବାସ୍ତବରେ ଯେଉଁମାନେ ଏକ ଈଶ୍ୱରଙ୍କଦ୍ୱାରା ପ୍ରେରିତ, ଏକ ସ୍ଥାନରେ ସମାଗତ, ପୁଣି ଏକ ସ୍ଥାନକୁ ଯିବେ—ହସ୍ତପଦ ଅବୟବ ଏବଂ ରକ୍ତ, ମାଂସ, ଅସ୍ଥି, ଚର୍ମ ଯେଉଁମାନଙ୍କର ଏକ, ସେମାନେ ଏକ ଅଟନ୍ତି । କେହି କେହି କହନ୍ତି, "ଏରୂପ ସାଧନା-ପଥର ପୂର୍ଣ୍ଣାହୁତି ପ୍ରଦାନ ବହୁଜନ୍ମ-ସାପେକ୍ଷ ।" ତାହା ହେଉ; ମାତ୍ର ସାଧନାରୁ ବିରତ ହେବା ଉଚିତ ନୁହେ । ବିଷୟ

ଯେଉଁପରି ମହତ୍ତର ହୁଏ, ସେଥିର ସାଫଲ୍ୟ ସେହିପରି ଦୀର୍ଘ ସମୟସାପେକ୍ଷ ହୁଏ ।

ପରମାତ୍ମାଙ୍କ ପାଦପଦ୍ମରେ ଏକାନ୍ତ ଆତ୍ମସମର୍ପଣ ମୋହ-ନିବାରଣର ସର୍ବଶ୍ରେଷ୍ଠ ଶୁଭ ଉପାୟ । "ହେ ପ୍ରଭୁ, ତୁମ୍ଭେ ଅସୀମ, ଅରୂପ, ଅଜ୍ଞେୟ ହେଲେହେଁ ମୋ ମଧ୍ୟରେ ତୁମ୍ଭର ପୂର୍ଣ୍ଣ ପ୍ରକାଶ । ତୁମ୍ଭେ ଅଲକ୍ଷ୍ୟରେ ମୋ ମଧ୍ୟରେ ରହି ମୋର ଇନ୍ଦ୍ରିୟମାନଙ୍କୁ ପରିଚାଳନ କରୁଅଛ । ପ୍ରଭୋ ! ମୋର ଚିତ୍ତର ଦୁର୍ବଳତା, ଭେଦ-ଜ୍ଞାନ ପ୍ରସୂତ ଅମଙ୍ଗଳ ଚିନ୍ତା ଦୂର କର—ତୁମ୍ଭର ଦିବ୍ୟ ଜ୍ୟୋତିରେ ମୋର ମୋହାନ୍ଧକାରମୟ ହୃଦୟ ଉଜ୍ଜ୍ୱଳ ହେଉ—ସାମ୍ୟ, ମୈତ୍ରୀ, ପ୍ରୀତିର ପୁଣ୍ୟ ତ୍ରିବେଣୀଧାରାରେ ମୋର ହୃଦୟ ଅଭିଷିକ୍ତ ହେଉ—ମୁଁ ନିଃସ୍ୱାର୍ଥ ଭାବରେ ତୁମ୍ଭର ପବିତ୍ର ମଙ୍ଗଳାଦେଶ ପାଳନରେ କ୍ଷମ ହୁଏ, ହେ ଦୟାମୟ ଏହି ଆଶୀର୍ବାଦ କର ।" ପ୍ରତ୍ୟହ ଶଯ୍ୟାତ୍ୟାଗ ପରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏହିପରି ପ୍ରାର୍ଥନା କଲେ ମୋହର ବଜ୍ରଦୃଢ଼ ହସ୍ତରୁ ନିସ୍ତାର ମିଳେ ।

## ମଦ

ମଦ ଅର୍ଥ ଅହଙ୍କାର । ଏ ରିପୁ ମାନବ-ଜୀବନର ସାମାନ୍ୟ ଶତ୍ରୁ ନୁହେ ! ଏହି ଦ୍ୱାରା କି ଅନର୍ଥ ଘଟୁଅଛି, ସେ କଥା କାହାରିକୁ ଅବିଦିତ ନାହିଁ । ମହାପାତ୍ର କବି ଅହଙ୍କାରୀ ବ୍ୟକ୍ତିର ପ୍ରକୃତ ଚିତ୍ର ଅଙ୍କନ କରିଅଛନ୍ତି । ଯଥା—

"ଅସେ 'ମଦ' ତୁଙ୍ଗଶିର ଲଗିଛି ଆକାଶେ
ମହା ଅହମିକାମତ୍ତ, ହସ୍ତବକ୍ଷସ୍ଥଳେ,
ସଙ୍ଗେ ଉପାସକଦଳ ଗମ୍ଭୀର ମୂରତି,
ଊର୍ଦ୍ଧ୍ୱଦୃଷ୍ଟି, ପଦତଳେ ଟଳେ ବସୁନ୍ଧରା
ଆପଣାକୁ ବଡ଼ ମଣି ସମସ୍ତେ କୁଣ୍ଠିତ,
ମହାର୍ଘ ବଚନ ବ୍ୟଙ୍ଗେ ମାନହାନି ଭୟେ,
ଅହମିକା-କୂପେ କୂପମଣ୍ଡୂକ ସରିବେ,
ଧନମଦେ ମତ୍ତ କେହୁ, କେହୁ କୁଳମଦେ,
ଉଚ୍ଚକୁଳର ମଦେ କେହୁ, ପଦେ କେହୁ ଅବା
କେହୁ ରୂପମଦେ, କେହୁ ଆଭିଜାତ୍ୟ ମଦେ,
ବିଦ୍ୟାମଦେ, ବୁଦ୍ଧିମଦେ ସ୍ଫୀତ ହୋଇ କେହୁ
ନିଜକୁ ଅତୁଳ ମଣି ଧରା ମଣେ ଶରା !"

ଏ ଅମୂଲ୍ୟ ସ୍ୱଭାବ ଚିତ୍ରର ପ୍ରତିଅକ୍ଷରରେ ସୁବର୍ଣ୍ଣ ସତ୍ୟ ନିହିତ ଅଛି । ମଦ୍ୟକୁ ସାଧାରଣ କଥାରେ ମଦ କହନ୍ତି । ମଦ ପିଇଲେ ଯେପରି ଉନ୍ମତ୍ତତା ଓ ମତିଭ୍ରଂଶ ଜାତ ହୁଏ, ମଦ (ଅହଙ୍କାର) ଦ୍ୱାରା ଠିକ୍ ସେହିପରି ହୁଏ ।

ପୃଥିବୀରେ ଉତ୍ଥାନ, ପତନ ଚିରକାଳ ଲାଗିଅଛି । ଆଜି ଯେଉଁ ଧନକୁବେର ମସ୍ତକରେ ଇନ୍ଦ୍ରଧନୁ ପ୍ରଭାପ୍ଲାବୀ ରତ୍ନମୁକୁଟ ଶୋଭା ପାଉଅଛି, କାଲି ସେ ଦାରିଦ୍ର୍ୟର ଭିକାରୀ ରୂପରେ ଦଗ୍ଧୋଦର ପାଇଁ ଦ୍ୱାରେ ଦ୍ୱାରେ ଦ୍ୱାରସ୍ଥ ହେଉଅଛି । ଏହି ଶ୍ରେଣୀର ଲୋକେ ଧନ, କ୍ଷମତା ମଦରେ ମତ୍ତ ହୋଇ କେତେ ଅସାଧ୍ୟ ସାଧନ କରିଥିଲେ—କେତେ ପାପାନୁଷ୍ଠାନ କରିଥିଲେ; ସମ୍ପ୍ରତି ସେମାନଙ୍କର ସେ ଧନ କାହିଁ ? ସେ କ୍ଷମତା କାହିଁ ? ସେ ମଦ କାହିଁ ? ଶାସ୍ତ୍ରୀ ବ୍ୟକ୍ତିମାନେ ବିଭିନ୍ନ ବିଷୟ ନେଇ ଅହଙ୍କାର କରନ୍ତି । ଜ୍ଞାନାଭିମାନୀ କହିବେ—"ମୁଁ ଜ୍ଞାନୀ ମହାଜ୍ଞାନୀ କେତେ କେତେ ଜ୍ଞାନସ୍ପର୍ଦ୍ଧୀଙ୍କୁ ବାଗ୍‌ଯୁଦ୍ଧରେ ପରାସ୍ତ କରିଅଛି । ଅତଏବ ମୋର ପଟାନ୍ତର କିଏ ?" ଏହି ସମୟରେ ଯଦି ତାଙ୍କପ୍ରତି ପ୍ରଶ୍ନ ହୁଏ, "ଜ୍ଞାନି, ତୁମ୍ଭେ ଜ୍ଞାନର ଅହଙ୍କାର କରୁଅଛ, କହିପାରିବ କି, ତୁମ୍ଭେ ସେହି ଜ୍ଞାନବଳରେ ତୁମ୍ଭକୁ ଚିହ୍ନିଅଛ କି ନାହିଁ ? ଆତ୍ମାର କଥା ଦୂରରେ ଥାଉ, ଯଦି ତୁମ୍ଭ ଦେହର ଗୋଟିଏ ରକ୍ତକଣିକା କଅଣ, ଏହାର ପ୍ରକୃତ ଉତ୍ତର ଦେଇପାର, ତେବେ ତୁମ୍ଭେ ଯଥାର୍ଥ ଜ୍ଞାନୀ । ଯଦି ଉତ୍ତର ଦାନରେ ଅକ୍ଷମ ହୁଅ, ତେବେ ବୃଥା ଜ୍ଞାନୀ ବୋଲି ଅଭିମାନ କରିବାରେ କେଉଁ ଫଳ ?"

ଆଉ କବି ! ତୁମ୍ଭେ କହିପାର, ମୋର କବିତାଧାରା ଶୁଣିଲେ ଜଗତ ମୋହିତ ହୋଇଯାଏ—ଶୁଷ୍କ ତରୁ ପଲ୍ଲବିତ ହୁଏ—ପାଷାଣ ବିଗଳିତ ହୁଏ; ମୁଁ କାବ୍ୟ ଲେଖି ରାଜଦ୍ୱାରରୁ 'କବିଶିରୋମଣି' ବୋଲି ଶବ୍ଦମୟ ସମ୍ମାନ ପାଇଅଛି । ଆଚ୍ଛା, ତୁମ୍ଭକୁ ପଚାରେ କବି, ତୁମ୍ଭର କବିତ୍ୱ ଶକ୍ତିର ସ୍ରଷ୍ଟା ତୁମ୍ଭେ, ନା ଅନ୍ୟ କେହି ତୁମ୍ଭକୁ ତାହା ଦେଇଅଛି ? ସେ ଶକ୍ତି ତୁମ୍ଭେ

ଅନ୍ୟକୁ ବିକ୍ରୟ କିମ୍ବା ଦାନ କରିପାରିବ କି ? ଯଦି କରି ନ ପାର, ତେବେ ସେ ଶକ୍ତିରେ ତୁମ୍ଭର ଅଧିକାର କାହିଁ ? ଯେଉଁ ସମ୍ପତ୍ତି ଦତ୍ତ ବା ବିକ୍ରୀତ ହୋଇ ନ ପାରେ କିମ୍ବା ଇଚ୍ଛାନୁସାରେ ଭୋଗ କରାଯାଇ ନ ପାରେ, ଏପରି ସମ୍ପତ୍ତି ଘେନି ଆପଣାକୁ ସମ୍ପତ୍ତିମାନ୍ ବୋଲିଭିବା ଅପେକ୍ଷା ଅବିମୃଷ୍ୟକାରିତାର ବିଷୟ ଆଉ କଅଣ ଅଛି ? କାଲି ତୁମ୍ଭେ ଦଣ୍ଡକ ମଧ୍ୟରେ ଅନେକ ସୁନ୍ଦର ସରସ କବିତା ଅନର୍ଗଳ ରଚନା କରିଗଲ, ଆଜି ଓଳିଏ ହେଲା କାଗଜ ପେନ୍‌ସିଲ ଘେନି ବସିଅଛ, ଗୋଟିଏ ଭାବ ପାଇବା ସକାଶେ କେତେ ମସ୍ତିଷ୍କ ବିଘୂର୍ଣ୍ଣିତ କରି ରସ୍ତ ବୁଲି ବୁଲୁଅଛ— କେତେ ଥର ଆକାଶକୁ ଚାହୁଁଅଛ— କୌଣସି ପଶୁପକ୍ଷୀଙ୍କ ଶବ୍ଦ ଶୁଣିଲାକ୍ଷଣି ତାହା ପ୍ରତି ଲକ୍ଷ୍ୟଗ୍ରସ୍ତ ହେଉଅଛ—କାହିଁ, ଗୋଟିଏ ଧାଡ଼ି ତ ଲେଖିପାରୁ ନାହିଁ ? ଯଦି ଶକ୍ତି ଥାଏ, ତେବେ ସେ ଶକ୍ତିର କର୍ତ୍ତା କି ତୁମ୍ଭେ ? କାହିଁ, କି ଯାଁରୁ ସେ ଶକ୍ତି ତୁମ୍ଭର କର୍ତ୍ତୃତ୍ୱ ଥିବାର ଦେଖାହେଉ ନାହିଁ ! ତେବେବୃଥାଭିମାନ କାହିଁକି ?

ଏହିପରି ପ୍ରତ୍ୟେକ ବିଷୟ ଚିନ୍ତା କରି ଦେଖିବ, ଯାହା ପାଇଁ ଆମ୍ଭେମାନେ ଅହଙ୍କାର କରୁଁ, ତାହା କଦାପି ଆମ୍ଭର ନୁହେ; ସେଥିରେ ଆମ୍ଭର କିଛିମାତ୍ର ଅଧିକାର ନାହିଁ । ଏମନ୍ତ କି ଆପଣା ଶରୀର ଉପରେ ମଧ୍ୟ ଆପଣାର ଅଧିକାର ନାହିଁ । ଏହି ଅଗ୍ରବର୍ତ୍ତୀ ସ୍ଥାନକୁ ଯିବା ପାଇଁ ଅଗ୍ରସର ହେଉଅଛ, ଇତିମଧ୍ୟରେ ବାତବ୍ୟାଧି ଦ୍ୱାରା ତୁମ୍ଭର ଗୋଡ଼ ଅଚଳ ହୋଇଗଲେ ଆଉ ଚାଲି ଯାଇପାରିବ କି ? ସହସ୍ର ଚେଷ୍ଟାରେ ଚାଲି-ଯାଇପାରିବ ନାହିଁ । ତେବେ ଗୋଡ଼ ଉପରେ ତୁମ୍ଭର ଅଧିକାର କାହିଁ ? ଏହିପରି ବିଷୟ ଯେତେ ଭାବିବ, ମୋହ ତେତେ ଅନ୍ତର ହୋଇଯିବ ।

ଆତ୍ମପରୀକ୍ଷା ମୋହ-ବିଜୟର ଶ୍ରେଷ୍ଠତମ ଉପାୟ । ଯେଉଁ ବ୍ୟକ୍ତି ସ୍ଥିର ଭାବରେ ଚିନ୍ତା କରେ, ମୁଁ କଅଣ ? ମୋହର ଜ୍ଞାନ କେତେ ? ମୋହର କ୍ଷମତା କେତେ ? ସେ କଦାପି ଅହଙ୍କାରରେ ସ୍ଫୀତ ହୋଇପାରେ ନାହିଁ । ଯେଉଁମାନେ ନିଜ ନିଜ ଜ୍ଞାନର ଅହଙ୍କାର କରନ୍ତି, ସେମାନଙ୍କ ମଧ୍ୟରୁ କିଏ କହିପାରିବ ଯେ, "ମୁଁ କଅଣ ? ମୋର ଅଙ୍ଗପ୍ରତ୍ୟଙ୍ଗ କି ଉପାଦାନରେ ନିର୍ମିତ ? ଆମ୍ଭେ-ମାନେ ଗୋଡ଼ରେ ଚାଲିପାରୁ କାହିଁକି ? ଚକ୍ଷୁରେ ଦେଖି-ପାରୁଁ କାହିଁକି ? ମନର ଚିନ୍ତାଶକ୍ତି କେଉଁଠାରୁ ଆସିଲା ? ଏ ସଂସାର କଅଣ ? ଏହାର ଗୋଟିଏ କ୍ଷୁଦ୍ରାଦପି କ୍ଷୁଦ୍ର ଧୂଳିକଣାର ପ୍ରକୃତ ତଥ୍ୟ କଅଣ ?" 'ମୁଁ କିଏ' ଏହା ଯଦି ବୁଝି ନ ପାରିଲ, ତାହା ହେଲେ ଅନର୍ଥକ 'ମୁଁ' 'ମୁଁ' କହିବାର ଫଳ କଅଣ ? ଯେ ଯେଉଁ ବିଷୟରେ ଅହଙ୍କାର କରନ୍ତି, ସେହି ବିଷୟରେ ସେ କି ଉନ୍ନତି କରିଅଛନ୍ତି, ସେ ବିଷୟରେ ସେ କଅଣ ଜାଣନ୍ତି— କିଛିକ୍ଷଣ ସ୍ଥିର ଚିତ୍ତରେ ଭାବିଲେ ଅହଙ୍କାରର କୌଣସି କାରଣ ପାଇଥାନ୍ତି କି ?

ଆମ୍ଭେମାନେ ଯାହା କରୁଁ, ଯାହା ବୁଝୁଁ, ଯାହା ଭାବୁଁ—ତାହା ସମସ୍ତ ଭଗବାନଙ୍କ ଶକ୍ତିରେ ସାଧିତ ହୁଏ, ଆମ୍ଭମାନଙ୍କର କୌଣସି କ୍ଷମତା ନାହିଁ । ଯଦି ସେ ତାଙ୍କର ପ୍ରଦତ୍ତ ଶକ୍ତି ପ୍ରତ୍ୟାହାର କରନ୍ତି, ତାହା ହେଲେ ଆମ୍ଭମାନଙ୍କର କିଛି କରିବାର କ୍ଷମତା ରହିବ ନାହିଁ । ସେ ସଦୟ ନ ହେଲେ ଏବଂ ଶକ୍ତି ନ ଦେଲେ କେହିଏ କ୍ଷୁଦ୍ର ତୃଣ ଉତ୍ତୋଳନ କରିବାକୁ ଆମ୍ଭେମାନେ ଅକ୍ଷମ ହେବୁଁ । ଏ ସମ୍ବନ୍ଧରେ ଗୋଟିଏ ସୁନ୍ଦର ଗଳ୍ପ ନିମ୍ନରେ ଲିଖିତ ହେଲା । ତାହା ପାଠକଲେ ଆମ୍ଭେମାନେ ଯେଉଁ କ୍ଷମତାର ଅଭିମାନ କରୁଁ, ତାହା ଯେ ପ୍ରକୃତରେ ଆମ୍ଭମାନଙ୍କର ନୁହେ, ଏ ବିଷୟ ସୁସ୍ପଷ୍ଟରୂପେ ପ୍ରତୀୟମାନ ହେବ ।

"ଭଗବାନ ଦେବାସୁର ସଂଗ୍ରାମରେ ଜଗତର କଲ୍ୟାଣ ନିମିତ୍ତ ଦେବଗଣଙ୍କୁ ବିଜୟ ପ୍ରଦାନ କଲେ । ଅଗ୍ନି, ଇନ୍ଦ୍ର, ବାୟୁ ପ୍ରଭୃତି ଦେବତା ସେହି ବିଜୟ-ଦାତା ଭଗବାନଙ୍କୁ ଭୁଲି ନିଜ ନିଜ ଶକ୍ତିରେ ଜୟ କରିଅଛନ୍ତି ବୋଲି ଅହଙ୍କାର କଲେ । ଅନ୍ତର୍ଯାମୀ ଭଗବାନ ଦେବଗଣଙ୍କର ବୃଥାଭିମାନ ଜାଣିପାରି ଅଦ୍ଭୁତ ରୂପ ଧରି ସେମାନଙ୍କ ନିକଟରେ ଉପସ୍ଥିତ ହେଲେ । ଦେବଗଣ ତାଙ୍କର ପରିଚୟାଦି ତଥ୍ୟ ଜାଣିବା ସକାଶେ ଅଗ୍ନିଙ୍କୁ ପ୍ରେରଣ କଲେ । ଅଦ୍ଭୁତ-ରୂପୀ ପୁରୁଷ ଅଗ୍ନିଙ୍କୁ ସମ୍ମୁଖରେ ଦେଖି ପଚାରିଲେ, "ତୁମ୍ଭେ କିଏ ?" ଅଗ୍ନି ନିଜର ପରିଚୟ ଦେଲେ ।

ସେ ପୁନର୍ବାର ପଚାରିଲେ, 'ତୁମ୍ଭର କି ଶକ୍ତି ଅଛି ?' ଅଗ୍ନି ଉତ୍ତର ଦେଲେ, ଏ ଜଗତସ୍ଥ ଯାବତୀୟ ବସ୍ତୁକୁ ମୁହୂର୍ତ୍ତକ ମଧ୍ୟରେ ମୁଁ ଭସ୍ମ କରିପାରେ । ତହୁଁ ଭଗବାନ ଅଗ୍ନି ସମ୍ମୁଖରେ କେଷ୍ଏ କୁଟା ରଖି କହିଲେ, 'ତୁମ୍ଭେ ବ୍ରହ୍ମାଣ୍ଡ ଦଗ୍ଧ କରିପାର, ଏହି କୁଟା କେବଳ ଦଗ୍ଧ କର ।' ଅଗ୍ନି ତାଙ୍କର ସମୁଦାୟ ଶକ୍ତି ପ୍ରୟୋଗ କରି ସୁଦ୍ଧା କୃତକାର୍ଯ୍ୟ ହୋଇପାରିଲେ ନାହିଁ । ଅବଶେଷରେ ଫେରି ଆସି ଦେବଗଣଙ୍କୁ କହିଲେ, ଏ ବ୍ୟକ୍ତି କିଏ, ତାହା ମୁଁ ଜାଣିପାରିଲି ନାହିଁ ।

ଅନନ୍ତର ଦେବଗଣ ତଥ୍ୟ ଜାଣିବା ପାଇଁ ବାୟୁଙ୍କୁ ପଠାଇଲେ । ବାୟୁ ତାଙ୍କ ନିକଟରେ ଉପସ୍ଥିତ ହେବାମାତ୍ରେ ସେ ପ୍ରଶ୍ନ କଲେ, 'ତୁମ୍ଭେ କିଏ ?' ବାୟୁ କହିଲେ, 'ମୁଁ ବାୟୁ ।' ତହୁଁ ସେ ପୁନଶ୍ଚ ପଚାରିଲେ, ତୁମ୍ଭର କି ଶକ୍ତି ଅଛି ? ବାୟୁ ତଦୁତ୍ତରରେ କହିଲେ, ଏହି ପୃଥ୍ୱୀସ୍ଥ ଯାବତୀୟ ପଦାର୍ଥ ମୁଁ ଭ୍ରୂକ୍ଷେପମାତ୍ରେ ଉଡ଼ାଇଦେଇପାରେ । ଭଗବାନ ପୂର୍ବୋକ୍ତ କୁଟାଖଣ୍ଡି ରଖି କହିଲେ, 'ତୁମ୍ଭେ ବ୍ରହ୍ମାଣ୍ଡ ଉଡ଼ାଇଦେଇପାର, ଭଲା ଏହି କ୍ଷୁଦ୍ର କୁଟା କେବଳ ଉଡ଼ାଇଦେଲ !' ବାୟୁ ଆପଣାର ସମସ୍ତ ଶକ୍ତି ପ୍ରୟୋଗ କରି ସୁଦ୍ଧା ତାହା ଟଳାଇବାକୁ କ୍ଷମ ହେଲେ ନାହିଁ । ଅବଶେଷରେ ଫେରି ଆସି ଦେବତାମାନଙ୍କୁ କହିଲେ, ଏ ବ୍ୟକ୍ତି କିଏ, ତାହା ମୁଁ ଜାଣିପାରିଲି ନାହିଁ ।

ଶେଷରେ ଇନ୍ଦ୍ର ତଥ୍ୟ ଜାଣିବା ପାଇଁ ଦେବତାମାନଙ୍କର ଆଦେଶାନୁସାରେ ଗମନ କଲେ । ଇନ୍ଦ୍ର ଉପସ୍ଥିତ ହେବାକ୍ଷଣି ପୁରୁଷ ଅନ୍ତର୍ଦ୍ଧାନ ହୋଇଗଲେ । କିୟତ୍କ୍ଷଣ ପରେ ଇନ୍ଦ୍ର ଉମାଦେବୀଙ୍କୁ ଆକାଶରେ ଦେଖି ପ୍ରଶ୍ନ କଲେ, ଏହି ଯେ ବିରାଟ ମହାପୁରୁଷ ଏହିକ୍ଷଣି ଅନ୍ତର୍ହିତ ହୋଇଗଲେ, ସେ କିଏ ? ଉମା କହିଲେ—"ସେ ବ୍ରହ୍ମ, ତୁମ୍ଭମାନଙ୍କର ବିଜୟଦାତା । ତୁମ୍ଭେମାନେ ତାଙ୍କୁ ଭୁଲି ସ୍ୱ ସ୍ୱ ଶକ୍ତିରେ ଜୟ କରିଅଛ ବୋଲି ଅହଙ୍କାର କରିବାରୁ ସେ ତୁମ୍ଭମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଆବିର୍ଭୂତ ହୋଇଥିଲେ । ପ୍ରକୃତପକ୍ଷରେ ସେ ଶକ୍ତି ନ ଦେଲେ ତୁମ୍ଭମାନଙ୍କର କାହାରି କିଛିମାତ୍ର ଶକ୍ତି ନ ଥାଏ, ଏହା ଦେଖାଇଦେଇ ସେ ଅନ୍ତର୍ହିତ ହେଲେ ।"

ସମସ୍ତ କାର୍ଯ୍ୟ ଯଦ୍ୟପି ସେହି ଭଗବତ୍-ଶକ୍ତି ଉପରେ ନିର୍ଭର କରେ, ତାହାହେଲେ ତୁମ୍ଭର ପର ମାଲରେ ସଙ୍ଗୀନ କରି ଗର୍ବ କରିବାରେ ଫଳ କଅଣ ? ମହାଜନ ମାଲ ଘେନି ଗର୍ବ-ପ୍ରଣୋଦିତ ହେବା ଉଚିତ କି ? ମହାଜନ ଯଦି ତାଙ୍କର ମାଲ ଫେରାଇନିଅନ୍ତି, ତାହାହେଲେ ତୁମ୍ଭର ରହିବ କଅଣ ? କେତେବେଳେ ତୁମ୍ଭେ ଯେଉଁ ଫଙ୍କାରକୁ ସେହି ଫଙ୍କାର ।

ଯେଉଁ ବିଷୟରେ ଯେତେ ଆସକ୍ତ ହେବ, ସେ ବିଷୟରେ ତେତିକି ମୋହ ଜନ୍ମିବ । ଅତଏବ କୌଣସି ବିଷୟରେ ଆସକ୍ତ ହେବ ନାହିଁ । ଅନାସକ୍ତ ବିଷୟ ବୀତ-ସ୍ପୃହ ପୁରୁଷର ଉଦାହରଣ ବିରଳ ନୁହେଁ । ରାଜର୍ଷି ଜନକ ସେ ସମ୍ବନ୍ଧରେ ଆଦର୍ଶ ପୁରୁଷ ଅଟନ୍ତି ।

ଆତ୍ମଦୋଷ ଦର୍ଶନ ଅହଙ୍କାର ନାଶର ସର୍ବୋତ୍କୃଷ୍ଟ ଉପାୟ । ଆମ୍ଭେମାନେ ଆପଣାର ଗୁଣ ଓ ପରର ଦୋଷ ଆଡ଼କୁ ଦୃଷ୍ଟି ଦେଉଥାଉଁ ବୋଲି ଅହଙ୍କାରୀ ହେଉଁ । ଆତ୍ମଦୋଷଦୃଷ୍ଟି ଯାହାଙ୍କ ହୃଦୟରେ ସର୍ବଦା ଜାଗରୁକ ଥାଏ, ସେ ଅହଙ୍କାରୀ ନ ହୋଇ ଦୀନାତ୍ମା ହୁଅନ୍ତି । ଥରେ ଉତ୍କଳର ଜଣେ ମହାତ୍ମାଶ୍ରେଣୀୟ ଉଚ୍ଚତମ ରାଜକର୍ମଚାରୀ ଷ୍ଟିମରରେ ସ୍ଥାନାନ୍ତର ଯାତ୍ରା କରୁଥିଲେ । ସେ ଷ୍ଟିମରର ତଳ ପ୍ରକୋଷ୍ଠରେ ଥାଇ ଗବାକ୍ଷ ପଥରେ ମୁଣ୍ଡ ବାହାର କରି ଅନ୍ୟତ୍ର ଦୃଷ୍ଟି ସଞ୍ଚାଳନ କରୁଅଛନ୍ତି, ଏମନ୍ତ ସମୟରେ ଛାତ ଉପରେ ଥିବା ଜଣେ ସାମାନ୍ୟ ଲୋକ ଅସାବଧାନତାବଶତଃ ତାହାଙ୍କ ମସ୍ତକରେ ପାନପିକ ପକାଇଦେଲା । ମହାତ୍ମାଙ୍କର ଭୃତ୍ୟବର୍ଗ ତାହା ଦେଖି ଅତୀବ କ୍ରୁଦ୍ଧ ହୋଇ ସେହି ଲୋକକୁ ଆକ୍ରମଣ କରିବାକୁ ଅଗ୍ରସର ହେଲେ । ମହାତ୍ମା ସେମାନଙ୍କୁ ନିବାରଣ କରି ମୃଦୁ ମଧୁର ସ୍ୱରରେ କହିଲେ, 'ଆହା ! ତୁମ୍ଭେମାନେ କି କାର୍ଯ୍ୟ କରୁଅଛ ? ତୁମ୍ଭମାନଙ୍କଠାରୁ ଲାଞ୍ଛନା ଭୋଗ କରି ତାହା ମନରେ ଯେତେ କଷ୍ଟ ହୋଇଥିବ, ତୁମ୍ଭମାନଙ୍କ ବ୍ୟବହାରରେ ତଦପେକ୍ଷା ଶତଗୁଣ ଦାରୁଣ କଷ୍ଟ ମୋ ମନରେ ଜାତ ହେଉଅଛି । ଯାହା ମସ୍ତକରେ ତପ୍ତ ବୈତରଣୀର ଜଳ ବର୍ଷଣ ହେବା ଉଚିତ, ତାହା ମସ୍ତକରେ ଟିକିଏ ଶୀତଳ ପାନପିକ

ପଡ଼ିଅଛିମାତ୍ର, ତାହା ତ ତାହାର ସୌଭାଗ୍ୟର ବିଷୟ ! ଯେଉଁ ବ୍ୟକ୍ତି ଏହି ମହାତ୍ମାଙ୍କ ପରି ଆପଣାର ଦୋଷମାନ ସର୍ବଦା ସମ୍ମୁଖରେ ଦେଖନ୍ତି, ସେ ଅବଶ୍ୟ ଧାନାତ୍ମା ହେବେ, ସନ୍ଦେହ ନାହିଁ । ତାଙ୍କର ହୃଦୟରେ ଅହଙ୍କାର ଠାବ ପାଏ ନାହିଁ ।

ଅହଙ୍କାରର କୁଫଳ ଏକମନରେ ଚିନ୍ତାକଲେ ମନରେ ସ୍ୱତଃ ଭୟ ଓ ଲଜ୍ଜାର ସଞ୍ଚାର ହୁଏ । ଯେତିକି ଗଭୀର ଚିନ୍ତା କରିବ, ମନ ସେତିକି ଉଦ୍ବିଗ୍ନ ହେବ । ବାରମ୍ବାର ଏହିପରି ଚିନ୍ତାଦ୍ୱାରା ଅହଙ୍କାର ପ୍ରତି ଘୃଣା ଜାତହୁଏ । ସେହି ଘୃଣା କ୍ରମଶଃ ଘନୀଭୂତ ହେଲେ ଆଉ ଅହଙ୍କାର କରିବାକୁ ପ୍ରବୃତ୍ତି ହୁଏ ନାହିଁ ।

ଅହଙ୍କାରର ଅସ୍ଥାୟିତା ଚିନ୍ତା କଲେ ଅହଙ୍କାର ହ୍ରାସ ହୁଏ । ଯେ ଯେଉଁ ବିଷୟ ଘେନି ଅହଙ୍କାର କରନ୍ତି ପଛକେ, ମୃତ୍ୟୁ ଅବଶ୍ୟ ଦିନେ ସମସ୍ତ ଅହଙ୍କାର ଚୂର୍ଣ୍ଣ କରିଦେବ । ପୁନଶ୍ଚ ମୃତ୍ୟୁ ତ ଦୂରର କଥା, ମୃତ୍ୟୁ ପୂର୍ବରୁ ସୁଦ୍ଧା କେତେ ମହାଜ୍ଞାନୀ ମୂର୍ଖ ହୋଇଯାଇ-ଅଛନ୍ତି, କେତେ ଧନକୁବେର ଦ୍ୱାରର ଭିକାରୀ ହୋଇଅଛନ୍ତି, କେତେ ମାନୀ ଅପମାନିତ ହୋଇ-ଅଛନ୍ତି, ଏପରି ଉଦାହରଣ ପୃଥିବୀରେ ବିରଳ ନୁହେଁ । ମାନଦୃପ୍ତ ଦୁର୍ଯ୍ୟୋଧନ କେତେ ଅପମାନ ସହ୍ୟକଲେ, ଅଦ୍ୱିତୀୟ ପ୍ରତାପୀ ଦିଗ୍‌ବିଜୟୀ ନେପୋଲିଅନ ସେଣ୍ଟ ହେଲେନା ଦ୍ୱୀପରେ ବନ୍ଦୀ ହୋଇ ରହିଲେ । ଧନୀ ଦରିଦ୍ର ହେବାର ଦୃଷ୍ଟାନ୍ତ ତ ନିତ୍ୟ ଦୃଶ୍ୟମାନ ହୁଏ ! ରୂପଯୌବନ ତ ପର୍ଯ୍ୟୁଷିତ ପୁଷ୍ପ ପରି ଦୁଇ ଦିନରେ ଫିକା ପଡ଼ିଯିବ । ଯେଉଁ ଅହଙ୍କାରର ଅସ୍ତିତ୍ୱରେ ବିଶ୍ୱାସ ସ୍ଥାପନ କରାହୋଇପାରିବ, ଏପରି କୌଣସି ଅହଙ୍କାର ତ ଦେଖାଯାଏ ନାହିଁ । ଜଗତ ଓ ତଦନ୍ତର୍ଗତ କୌଣସି ବିଷୟ ବା ବସ୍ତୁ ସମସ୍ତ ଅସ୍ଥାୟୀ, ତେବେ ଅହଙ୍କାର କି ସ୍ଥାୟୀ ହେବ ? ଅତଏବ ଅସ୍ଥାୟୀ ବୃଥା ଅହଙ୍କାରରେ ମୁହୂର୍ତ୍ତେ କି ଘଡ଼ିଏ ମାତିଲେ କିଛିମାତ୍ର ଫଳ ନାହିଁ ।

ମହାଭାରତରେ ଲିଖିତ ଅଛି, ଅହଙ୍କାରୀ ବ୍ୟକ୍ତି ଅଷ୍ଟାଦଶ ଦୋଷରେ ଦୂଷିତ ହୁଏ । ଗ୍ରନ୍ଥବାହୁଲ୍ୟ ଭୟରେ ଉକ୍ତ ଦୋଷସମୂହର ନାମୋଲ୍ଲେଖ କରାହେଲା ନାହିଁ । ଗୋଟିଏ କି ଦୁଇଟା ନୁହେଁ, ଏକାବେଳକେ ଅଠରଟା ଦୋଷ ଯାହା ସ୍କନ୍ଧରେ ଆରୋହଣ କରିବ, ତାହାର କି ଆଉ ମନୁଷ୍ୟତ୍ୱ ରହିବ ? ଅହଙ୍କାରୀର ସ୍ୱର୍ଗ-ପ୍ରବେଶ ନିଷିଦ୍ଧ । ମହାଭାରତର ମହାପ୍ରସ୍ଥାନିକ ପର୍ବରେ ପାଣ୍ଡବଙ୍କର ସ୍ୱର୍ଗଗମନ ବୃତ୍ତାନ୍ତ ସେଥିର ଜାଜ୍ୱଲ୍ୟମାନ ପ୍ରମାଣ । ପଞ୍ଚପାଣ୍ଡବ ସ୍ୱର୍ଗକୁ ଯାଉଁ ଯାଉଁ ପ୍ରଥମତଃ ସହଦେବ ପଥରେ ଭୂତଳଶାୟୀ ହେଲେ । ଭୀମ ଯୁଧିଷ୍ଠିରଙ୍କୁ ସହଦେବଙ୍କର ପତନର କାରଣ ଜିଜ୍ଞାସା କରିବାରୁ ଯୁଧିଷ୍ଠିର କହିଲେ—ସହଦେବ ଅପର କାହାରିକୁ ଆପଣା ସଦୃଶ ପ୍ରାଜ୍ଞ ମନେ କରନ୍ତି ନାହିଁ, ଏହି ଅହଙ୍କାର ଦୋଷରୁ ସେ ସ୍ୱର୍ଗକୁ ଯାଇ ନ ପାରି ପଥରେ ପତିତ ହେଲେ । କୃଷ୍ଣାଙ୍କର ଗମନାନନ୍ତର ପୁଣି ନକୁଳ ପତିତ ହେଲେ । ପୂର୍ବୋକ୍ତ ପ୍ରକାରେ ଭୀମ ଏହି ପତନର କାରଣ ଜିଜ୍ଞାସୁ ହେବାରୁ ଯୁଧିଷ୍ଠିର କହିଲେ—ସୁନ୍ଦରପଣରେ ନକୁଳ ଅଦ୍ୱିତୀୟ ଥିଲେ, ତେଣୁ ତାଙ୍କ ମନରେ ମହା ଅହଙ୍କାର ଥିଲା । ସେହି ଅହଙ୍କାର ତାଙ୍କର ପତନର କାରଣ । ପୁଣି କିୟତ୍‌କ୍ଷଣ ପରେ ଅର୍ଜ୍ଜୁନ ପତିତ ହେବାରୁ ଭୀମଙ୍କର ପ୍ରଶ୍ନାନୁସାରେ ଯୁଧିଷ୍ଠିର ଉତ୍ତର ଦେଲେ—ଅର୍ଜ୍ଜୁନ ମହାବୀର-ମଣ୍ଡଳୀରେ ଅଗ୍ରଗଣ୍ୟ ହେତୁ ଅନ୍ୟ ବୀରପୁରୁଷଙ୍କୁ ଅବଜ୍ଞା କରୁଥିଲେ, ଏହି ଅହଙ୍କାରରୁ ସେ ସ୍ୱର୍ଗଗମନରେ ଅକ୍ଷମ ହୋଇ ପଥରେ ପତିତ ହେଲେ । ପଞ୍ଚପାଣ୍ଡବ ମଧ୍ୟରୁ ଯୁଧିଷ୍ଠିର ଓ ଭୀମ ଉଭୟେ ଅବଶିଷ୍ଟ; ସେମାନେ କେତେକ ପଦାର୍ଥ ଅଗ୍ରସର ନ ହେଉଣୁ ଭୀମ ପତିତ ହେଲେ । ଭୀମ ପତିତ ହୋଇ କାରଣ ପଚାରନ୍ତେ ଯୁଧିଷ୍ଠିର କହିଲେ, ତୁମ୍ଭେ ଅନ୍ୟର ବଳ ଗ୍ରାହ୍ୟ ନ କରି ନିଜ ବଳର ଶ୍ଳାଘା କରୁଥିଲ, ସେହି ଅହଙ୍କାରଜନିତ ପାପରୁ ତୁମ୍ଭର ପଥ ମଧ୍ୟରେ ପତନ ଘଟିଲା ।

ଏକମାତ୍ର ନିରହଙ୍କାର ଯୁଧିଷ୍ଠିର ସଶରୀର ସ୍ୱର୍ଗଗମନ କରିଥିଲେ । ଗର୍ବ ଅନ୍ୟ ଭ୍ରାତାଚତୁଷ୍ଟୟଙ୍କ ପତନର ମୂଳକାରଣ । ସେମାନେ ପ୍ରତ୍ୟେକେ ନାନା ସଦ୍‌ଗୁଣରେ ବିଭୂଷିତ ହୋଇ ସୁଦ୍ଧା ଅହଙ୍କାରକୁ

ମନୋମଧ୍ୟରେ ପୋଷଣ କରୁଥିବାରୁ ସ୍ୱର୍ଗକୁ ଯାଇପାରିଲେ ନାହିଁ । ସ୍ୱର୍ଗଦ୍ୱାରର ଅର୍ଗଳବଦ୍ଧତା ଅହଙ୍କାରର ଅବଶ୍ୟମ୍ଭାବୀ ଫଳ । ଅହଙ୍କାର ପୂର୍ବସଞ୍ଚିତ ସୁକୃତିକୁ ଦଗ୍ଧ କରିଦିଏ । ଉପର୍ଯ୍ୟୁକ୍ତ ଦୃଷ୍ଟାନ୍ତରୁ ସ୍ପଷ୍ଟରୂପେ ପ୍ରମାଣିତ ହେଉଅଛି ଯେ, ଅହଙ୍କାର ଇହ ପରକାଳର ସୁଖନଷ୍ଟ ବିଷୟରେ ଅବ୍ୟର୍ଥ ବ୍ରହ୍ମାସ୍ତ୍ର ତୁଲ୍ୟ । ସ୍ଥିରଚିତ୍ତରେ ଅହଙ୍କାରର ଏହି ବିଷବୃକ୍ଷ କୁଫଳ ଚିନ୍ତା କଲେ ତାହା ପ୍ରତି ମନ ସ୍ୱଭାବତଃ ଆଶଙ୍କାପ୍ରବଣ ହେବ । ସୁତରାଂ ଅହଙ୍କାରର ବଳ ହ୍ରାସ ହୋଇଆସିବ ।

ଗୁଣୈକଦର୍ଶିତା ଅହଙ୍କାର ଦମନର ଗୋଟିଏ ବିଶେଷ ଉପାୟ । ପରର ଦୋଷ ଅନ୍ୱେଷଣ ନ କରି ଗୁଣ ଅନ୍ୱେଷଣ କରିବା ଉଚିତ । ଆପଣାକୁ ସର୍ବଦା ଅନ୍ୟଠାରୁ କ୍ଷୁଦ୍ରଜ୍ଞାନ କରିବା ଓ ଅପର ଲୋକ ସହିତ ଆତ୍ମତୁଳନା କରିବା ଏ ବିଷୟ ଦମନ ପକ୍ଷରେ ସାମାନ୍ୟ ଉପକାରୀ ନୁହେଁ । ସର୍ବଦା ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ପ୍ରତି ଲକ୍ଷ୍ୟ ରଖିଲେ ମନ ସେହି ଦିଗରେ ଆବଦ୍ଧ ଥାଏ, ସୁତରାଂ ଅହଙ୍କାର ମନକୁ ଆକ୍ରମଣ କରିବାକୁ ଅବସର ପାଏ ନାହିଁ ।

ଆତ୍ମପ୍ରଶଂସା ଅହଙ୍କାରର ପ୍ରଧାନ ପୋଷକ । ନିଜେ ଆତ୍ମପ୍ରଶଂସା କରିବ ନାହିଁ ତୁମ୍ଭେ ଯେଉଁ ସ୍ଥାନରେ ତୁମ୍ଭର ପ୍ରଶଂସାବାଦ ହେଉଥିବ, ସେ ସ୍ଥାନରେ ଅବସ୍ଥାନ କରିବ ନାହିଁ । ସାଧୁଗଣ ଆତ୍ମପ୍ରଶଂସାର ବିରୋଧୀ । ଯେଉଁ ସ୍ଥାନରେ ସେମାନେ ଆତ୍ମସ୍ତୁତି ଆଲୋଚନା ଶ୍ରବଣ କରନ୍ତି, ସେ ସ୍ଥାନ ସତ୍ୱର ପରିତ୍ୟାଗ କରି ଅନ୍ୟତ୍ର ଗମନ କରନ୍ତି ।

କେହି କେହି ନିଜ ଉନ୍ନତିରେ କ୍ଷୁଦ୍ର କର୍ତ୍ତବ୍ୟ ପାଳନର ପଟୁତାରେ ମହାନ୍ ଗର୍ବ କରନ୍ତି । ନିଜ କର୍ତ୍ତବ୍ୟପାଳନରେ ପୌରୁଷ କଅଣ ? ନ କଲେ ବରଂ ମହାହାନି । କୌଣସି ପୁତ୍ର କିମ୍ବା ପିତାଙ୍କ ସ୍ତନପାଳନରେ କି ପୌରୁଷ ମଣିଥାନ୍ତି ? ଅଥବା ସେଥିପାଇଁ ଅହଙ୍କାର କରନ୍ତି ? ଯାହା କର୍ତ୍ତବ୍ୟ, ତାହା ନ କଲେ ନ ଚଳେ, ତେବେ କଲେ ସେଥିରେ ଗର୍ବ କରିବାର କାରଣ କଅଣ ଅଛି ? ଆମ୍ଭେମାନେ କର୍ତ୍ତବ୍ୟ ପାଳନ କରି ଗର୍ବରେ ସ୍ଫୀତ ହେଉଁ, ସେ କର୍ତ୍ତବ୍ୟ ପୁଣି କେତେ ସଙ୍କୀର୍ଣ୍ଣ । ସେଥିରେ ଦେଶର, କି ଜାତିର, କି ସମାଜର ବିନ୍ଦୁମାତ୍ର ଉପକାର ନାହିଁ ; କିନ୍ତୁ ସାଗରୋପମ ଅଗାଧ ଜ୍ଞାନବାନ୍ ମହାତ୍ମାବୃନ୍ଦ ଦେଶର ଯେଉଁ ମହଦୁପକାର ସାଧନ କରିଅଛନ୍ତି, ତାହା ସ୍ମରଣ କଲେ ହୃଦୟ ସ୍ତମ୍ଭୀଭୂତ ହୁଏ । ଏହିପରି ମହାତ୍ମାମାନଙ୍କ ସଂଖ୍ୟା ଆମ୍ଭମାନଙ୍କ ଦେଶରେ ଯଥେଷ୍ଟ । ସେମାନେ କହନ୍ତି— ମୁଁ କିଛି ନୁହେଁ, ମୋ ଦ୍ୱାରା କିଛି ହେଲା ନାହିଁ । ଏହିପରି ସର୍ବଦା ଖେଦୋକ୍ତି କରନ୍ତି । ଆଉ ଆମ୍ଭେମାନେ କ୍ଷୁଦ୍ର କୂପମଣ୍ଡୂକ ହୋଇ ସ୍ଥୂଳ ଶରୀର ପୋଷଣାର୍ଥ କ୍ଷୁଦ୍ର କର୍ତ୍ତବ୍ୟଟି ସମ୍ପାଦନ କରି କେଉଁ ମୁହଁରେ ବା ବଡ଼ାଇ କରିବାକୁ ଉଦ୍ୟତ ହେଉଅଛୁଁ ? ଏହିପରି ଚିନ୍ତା କଲେ ଅହଙ୍କାରର କୌଣସି କାରଣ ମିଳେ କି, ଥରେ ଚିନ୍ତା କରି ଦେଖିବା ଉଚିତ ।

ସ୍ୱଦୋଷ ଦର୍ଶନ ଓ କୀର୍ତ୍ତନ ଅହଙ୍କାର ଦମନର ପ୍ରଧାନ ଉପାୟ । ଯେ ଯେଉଁ ବିଷୟରେ ଅହଙ୍କାରୀ, ସେ ତାହା ଗୋପନ ରଖିବେ ନାହିଁ । ମୋର ଅମୁକ ବିଷୟରେ ଅହଙ୍କାର ଅଛି, ଏହା ପ୍ରକାଶ୍ୟ ଭାବରେ ଲୋକଙ୍କ ନିକଟରେ କହିଲେ ଅହଙ୍କାରର ଦର୍ପ ଚୂର୍ଣ୍ଣୀଭୂତ ହୁଏ । ପ୍ରକୃତରେ ଅହଙ୍କାର ଦମନ କରିବାର ଇଚ୍ଛା ଯାହାଙ୍କର ଥିବ, ସେ ଏପରି କାର୍ଯ୍ୟ କରିବାକୁ ଲଜ୍ଜା ବା ଘୃଣା ବୋଧ କରିବେ ନାହିଁ । ଅହଙ୍କାରର ଅସ୍ଥାୟିତା ଉପଲବ୍ଧି କରି ତାହାର ପରିତ୍ୟାଗରେ ଦୃଢ଼ ପ୍ରତିଜ୍ଞ କରିବା ଓ ସେହି ପ୍ରତିଜ୍ଞା ସର୍ବଦା କାର୍ଯ୍ୟତଃ ପାଳନ କରିବା ଅହଙ୍କାର ଦମନର ଶ୍ରେଷ୍ଠତମ ସଦୁପାୟ । ସେ ବିଷୟ ପୂର୍ବରୁ ଆଲୋଚିତ ହୋଇଥିବାରୁ ସେଥିର ପୁନରାଲୋଚନା ଅନାବଶ୍ୟକ ।

ମୁଁ ଅଧିକ ଜାଣେ, ଏହିପରି ବଡ଼ାଇ କରିବା ଅନୁଚିତ । ଯେହେତୁ ତୁମ୍ଭ ଅପେକ୍ଷା ଜାଣିବା ଲୋକ ଅଧିକ ଅଛନ୍ତି । ତୁମ୍ଭେ ଯାହାକୁ ନିମ୍ନ ଜ୍ଞାନକର, ସେ ସମୟରେ ତୁମ୍ଭଠାରୁ ଉଚ୍ଚାସନ ଲାଭ କରିପାରେ । ମହାତ୍ମାମାନେ ଏପରି ଅଭିମାନ କରନ୍ତି ନାହିଁ । ମହାମନା ସକ୍ରେଟିସ୍ କହିଅଛନ୍ତି,'ମୁଁ କେବଳ ଏତିକି ଜାଣେ

ଯେ, ମୁଁ କିଛି ଜାଣେ ନାହିଁ ।' ଅତଏବ କୌଣସି ବିଷୟରେ ଅଭିମାନ ପୋଷଣ କରିବା ନିରର୍ଥକ । ତୁମ୍ଭଠାରୁ ବଳି ଜାଣିବା ବ୍ୟକ୍ତି ଅନେକେ ଅଛନ୍ତି; ଅନ୍ୱେଷଣ କଲେ ଯଥେଷ୍ଟ ମିଳିବେ । ଏହି କଥା ମନରେ ଧରିଲେ ଅହଙ୍କାର ତିରୋହିତ ହୁଏ ।

ମଦମତ୍ତର ଉନ୍ନତ ଶିର ଭୁଗ୍ନ ଯାଏ; ମାତ୍ର ବିନୟୀ ସୁଖଭୋଗ କରେ । ପ୍ରଭଞ୍ଜନରେ ଉନ୍ନତବୃକ୍ଷ ଭାଙ୍ଗିପଡ଼େ; ମାତ୍ର ଭୂମିଲମ୍ବୀ ତୃଣର କିଛି ଅନିଷ୍ଟ ହୁଏ ନାହିଁ । ଦର୍ପହେତୁ ଅତୁଳ ପ୍ରତାପୀ ରାବଣ ସବଂଶ ନଷ୍ଟ ହେଲା । ଧନୀ ଧନଗର୍ବରେ ସିନ୍ଧୁକୁ ବନ୍ଦନା କରେ; ମାତ୍ର ତାହାର ଧନରେ କାହାର କି ଉପକାର ହୁଏ ? ଅଭୁକ୍ତ ପ୍ରତିବେଶୀକୁ ନ ଦେଇ ଆପେ ଖାଇ ପିଇ, ମଳାଉଦ୍ଧାଇ ବେଣୁବୀଣା ଝଙ୍କାର ମିଳିତ ସଙ୍ଗୀତ ଉପଭୋଗ କରିବାରେ ଗର୍ବର କାରଣ କଅଣ ଅଛି ? ନିଜକୁ ନିଜେ ପ୍ରଶଂସା କରିବା ଭଳି ତାହା ହାସ୍ୟାସ୍ପଦ ମୂର୍ଖତାମାତ୍ର । ଆତ୍ମପ୍ରଶଂସା ଓ ଆତ୍ମହତ୍ୟା—ଏ ଦୁହେଁ ସମାନ ।

ଯେ ଯେଉଁ ପରିମାଣରେ ଜ୍ଞାନୀ, ସେ ସେହି ପରିମାଣରେ ସ୍ୱଳ୍ପଦର୍ପ । ଶ୍ରୀକୃଷ୍ଣ ଅର୍ଜୁନଙ୍କ ଗୁଣର ପ୍ରଶଂସା କରି କହିଲେ—"ସଖେ, ଗୁଣଧରପଣରେ ଜଗତରେ କିଏ ତୁମ୍ଭର ସମକକ୍ଷ, ତାକୁ ଆଣି ମୋତେ ଦେଖାଅ ।" ଅର୍ଜୁନ କିଛିଏ ଚୋମଦ୍ଧ ଆଣି ଶ୍ରୀକୃଷ୍ଣଙ୍କୁ ଦେଖାଇ କହିଲେ—"ଏହି ମୋର ସମକକ୍ଷ ।" ଯେ ଆପଣାକୁ ଏହିପରି ନିକୃଷ୍ଟ ମଣନ୍ତି, ସେହି ଏକା ବଡ଼ । ମହାପୁରୁଷମାନଙ୍କର ତ ନିଜପ୍ରତି ଏରୂପ ଧାରଣା, ସାମାନ୍ୟ ମାନବ କେଉଁ ମୁଖରେ ନିଜକୁ ବଡ଼ ମଣିବ ? ଯେ ଧନ ମାନ, ବିଦ୍ୟା ବୁଦ୍ଧି ବା ଆଭିଜାତ୍ୟମଦରେ ନିଜକୁ ବଡ଼ ଜ୍ଞାନ କରେ, ତାହାଠାରୁ ସାନ ଜଗତରେ କେହି ନାହିଁ । କବି ଗାଇଅଛନ୍ତି—"ଇଚ୍ଛନ୍ତି ଦମ୍ଭେ ହସ୍ତେ ରଖିବାକୁ ସମସ୍ତଙ୍କ ଭାଗ୍ୟ-ଡୋରି, ନିଜ ଭାଗ୍ୟଡୋରି କାଳହସ୍ତେ ଏହା ପକାନ୍ତି ହେଲେ ପାଶୋରି ।" ବାସ୍ତବରେ ଯେ ଯେତେ ଦର୍ପୀ ହୋଇ ପଛେ, କାଳ ଦିନେ ନିଶ୍ଚୟ ତାହାର ଦର୍ପ ଭାଙ୍ଗିଦେବ ।

# ମାତ୍ସର୍ଯ୍ୟ

ଅବସ୍ଥାବିଶେଷରେ ମନୁଷ୍ୟ ପଶୁ ହୁଏ, ମତ୍ସରୀ ପକ୍ଷରେ ଏ ଉକ୍ତି ସାର୍ଥକ । ବାସ୍ତବରେ ମତ୍ସରୀ ହିଂସ୍ର-ଜନ୍ତୁ ପରି ଅତୀବ ଭୟାବହ । ସେ ବଡ଼ କୁଟିଳ, ବଳେ ଛଳେ-କଳେ-କୌଶଳେ ନିଜର ଦୁରଭିସନ୍ଧି ଚରିତାର୍ଥ ନ କରିବାଯାଏ ତାହାର ମନ ସ୍ଥିର ହୁଏ ନାହିଁ । ପର ଶ୍ରୀ ଦେଖିଲେ ସେ ଜଳିପୋଡ଼ି ମରେ । ଅନ୍ୟକୁ ଯନ୍ତ୍ରଣା ଦେବାକୁ ଯାଇ ନିଜେ ମଧ୍ୟ ଅସହ୍ୟ ଯନ୍ତ୍ରଣା ଲାଭ କରେ । ବିଧାତା ତାହାକୁ ଅନ୍ଧ, ବଧିର କରିଥିଲେ ସେ ଯନ୍ତ୍ରଣାରୁ ବାହି ଲଭିଥାନ୍ତା—ଅନ୍ୟଥା ଏ ରୋଗର ଔଷଧ ସହଜପ୍ରାପ୍ୟ ନୁହେଁ । ବିଧାତା ତାହାକୁ ମନୁଷ୍ୟର ଶରୀର ଓ ହିଂସ୍ରଜନ୍ତୁର ସ୍ୱଭାବ ଦେଇ ସୃଷ୍ଟି କରିଅଛନ୍ତି । ହୃଦୟ ବୋଲିବା ପଦାର୍ଥ ବିଧାତା ତାହାକୁ ଦେଇ ନାହାନ୍ତି । ଉନ୍ମତ୍ତର ସୁରାପାନ ଯେପରି ଭୟଙ୍କର, ମତ୍ସରୀର ସ୍ୱଭାବ ତତୋଽଧିକ ଭୟଙ୍କର । ମତ୍ସରୀ ଉତ୍ଫଣ ବକ୍ର ବିଷାକ୍ତ ନାଗସର୍ପ ପ୍ରାୟ ମାରାତ୍ମକ, ସୁତରାଂ ତାହାର ସଂସର୍ଗ ସର୍ବଥା ପରିତ୍ୟାଜ୍ୟ । ତାହାର ଅଗ୍ନିବର୍ଷୀ ନିଃଶ୍ୱାସ ବାୟୁରେ ଶରୀର ଜଳିଯାଏ ।

ମାତ୍ସର୍ଯ୍ୟର ଉପନାମ ପରଶ୍ରୀକାତରତା ବା ଈର୍ଷା । ତ୍ରିଭୁବନରେ ଏହାର ଅସାଧ୍ୟ କିଛି ନାହିଁ । କାର୍ଯ୍ୟ ମଧ୍ୟରେ ଦୋଷାନ୍ୱେଷଣ ଏହାର ପ୍ରଧାନତମ ପ୍ରିୟ କାର୍ଯ୍ୟ । ମାତ୍ସର୍ଯ୍ୟବାନ୍ ଲୋକ ଚନ୍ଦ୍ରରେ କେବଳ କଳଙ୍କ —ଫୁଲରେ କୀଟ—ସମୁଦ୍ରରେ ଲବଣାମ୍ବୁ ଭିନ୍ନ ଅନ୍ୟ କିଛି ଦେଖେ ନାହିଁ । ମହାଯାତ୍ରାରେ ମତ୍ସର୍ଯ୍ୟର ଅବିକଳ ଚିତ୍ର ଅଙ୍କିତ ହୋଇଅଛି । ଯଥା—

"ମଦ ପଛେ ଅସେ 'ଈର୍ଷା' କୃଷକଳେବରା,
କର୍କଶ କୁଟିଳ ଦୃଷ୍ଟି, ପାଣ୍ଡୁରବଦନା;
କ୍ରୂର ଚାହାଣିରେ ଯାର ଯାଉଛି ଝାଉଁଳି
ଚଉଦିଗେ ତରୁଲତା, ଯଥା ଚଣ୍ଡବାତେ,
ବେଗଲକ୍ଷ୍ମ ସାଧୁ ଦୃଷ୍ଟ ଅପ୍ରସନ୍ନା ସଦା,
ଶୁଷ୍କାସ୍ୟେ ଉପୁଜେ ହାସ୍ୟ ଯଦ କଦାଚିତେ,
ସେ କେବଳ ପରଦୁଃଖେ; ଦୁଃଖେ ତାହାରିକ
ତାହିବାର ନ ଦେଖିଲେ ପଡ଼ାଏ ସେ କାନ୍ଦ ।

ଦ୍ରବେ ରସନାରୁ ତାର ବିଷ ଅହର୍ନିଶ,
ଏ ବଡ଼ ବିଷମ ବିଷ ! ଯାର ଶକ୍ତି ତେଜେ
ଅନ୍ୟେ ଘାରି, ତହିଁ ଦୁଷ୍ଟ ଆପେ ହୁଏ ଘାରି !
ପରଦୋଷ ଦରଶନେ ଉଦ୍ୟ ଚକ୍ଷୁଷ୍ମାନ
ପରନିନ୍ଦାବାବଦୂକ, ମୂକ ପର ଯଶେ,
ପରହାନିପ୍ରିୟ ଖଳ, ଦାନକୁହା ଅନ୍ଧ
ଭକ୍ତଙ୍କର ମୁଖ ଦୁଃଖେ ଯାଉଅଛି ଶୁଖି ।
ପରସ୍ପର ମୁଖଦେଖି ଦେଖି ପରସ୍ପରେ;
ଘାରିହେଉଅଛି ଦେହ ଶୁଣି ଲୋକମୁଖେ
ପର ଯଶକଥା ଯଥା ବୃଶ୍ଚିକ ଦଂଶନେ,
ପର ସଉଭାଗ୍ୟ ଦେଖି ମହାଖେଦ ବହି
ଲଘୁ କରେ ହୃଦଭାର ଦୀର୍ଘଶ୍ୱାସ ଦେଇ,
ମହାଘୋର ଈର୍ଷାନଳେ ଜଳି ନିରନ୍ତରେ
ଜୀବନ୍ତେ ନରକଭୋଗ କରନ୍ତି ପିଶୁନେ ।”

ଏ ପଙ୍କ୍ତିଗୁଡ଼ିକ କଣ୍ଠସ୍ଥ କଲେ ଈର୍ଷାପର ବ୍ୟକ୍ତିର ନିଶ୍ଚୟ ଚେତନା ହେବ । ଯେହେତୁ ବର୍ଣ୍ଣନାକୁ ଆତ୍ମଚରିତ୍ର ସଙ୍ଗରେ ମିଳାଇଲେ ଆପଣାକୁ ମାତ୍ସର୍ଯ୍ୟର ମନ୍ଦିର ଜାଣି ସଙ୍କୁଚିତ ହେବାକୁ ହେବ । ବାରମ୍ବାର ଏହିପରି କଲେ ଆପଣା ପ୍ରତି ଏପରି ଏକ ବିଜାତୀୟ ଘୃଣା ଓ ଧିକ୍କାର ଜାତ ହେବ ଯେ, ତଦ୍ଦ୍ୱାରା ସେହି କୁପ୍ରବୃତ୍ତିର ପରିବର୍ତ୍ତନ ନିଶ୍ଚୟ ଘଟିବ ।

ଅନ୍ୟ ପ୍ରତି ପ୍ରେମ-ପ୍ରକାଶ ମାତ୍ସର୍ଯ୍ୟର ପରମ ମହୌଷଧି । ସେ ଯାହାକୁ ସ୍ନେହ କରେ, ତାହାର ଶ୍ରୀ ଦେଖିଲେ ସେ କଦାପି କାତର ହୁଏ ନାହିଁ । ବରଂ ତାହା ମନରେ ଅଧିକତର ଆନନ୍ଦ ସଞ୍ଚାରିତ ହୁଏ । ଏହିପରି ଅନ୍ୟ ଲୋକ ପ୍ରତି ଯେତେ ପ୍ରେମ ବା ସ୍ନେହ ପ୍ରକାଶ କରିବ, ତେତେ ମାତ୍ସର୍ଯ୍ୟଭାବ ହ୍ରାସ ହୋଇଆସିବ । ଅତଏବ ଯାହାପ୍ରତି ହୃଦୟରେ ଈର୍ଷା ଜାତ ହେବ, ସେହି ଲୋକ ସହିତ ସୌହାର୍ଦ୍ଦ୍ୟ ସ୍ଥାପନ କରିବା ଉଚିତ ।

ପରର ଦୋଷାନୁସନ୍ଧାନ ନ କରି ଗୁଣାନୁସନ୍ଧାନରେ ଅଭ୍ୟସ୍ତ ହେବା ଉଚିତ । ଏହି ଅଭ୍ୟାସ ଯେତେ ବୃଦ୍ଧି ପାଇବ, ପରନିନ୍ଦା ପ୍ରବୃତ୍ତି ତେତେ ଊଣା ହୋଇ ଆସିବ । ଯେଉଁମାନେ ସର୍ବଦା ପରର ଗୁଣ କୀର୍ତ୍ତନ କରନ୍ତି, ସେହିପରି ଲୋକମାନଙ୍କର ସଂସର୍ଗ ଏ ସମ୍ବନ୍ଧରେ ବିଶେଷ ଉପକାରୀ ।

ନିଜର ଦୋଷକୁ ସତତ ସମ୍ମୁଖରେ ରଖିଲେ ମାତ୍ସର୍ଯ୍ୟର ନିବୃତ୍ତି ହୁଏ । ପରନିନ୍ଦା ମାତ୍ସର୍ଯ୍ୟର ପ୍ରଧାନ ସହାୟ । ପ୍ରାଣରେ ଯେତେ ମାତ୍ସର୍ଯ୍ୟର ବୃଦ୍ଧି ପାଇବ, ପରନିନ୍ଦା କୀର୍ତ୍ତନରେ ଜିହ୍ୱା ସେତିକି ନୃତ୍ୟ କରିବ । ପରନିନ୍ଦାର ଅଭ୍ୟାସ ଓ ପ୍ରବୃତ୍ତି ଯେତେ ଊଣା ହେବ, ମାତ୍ସର୍ଯ୍ୟ ସେତିକି ଆଘାତ ପାଇବ । ଯେଉଁ ବ୍ୟକ୍ତି ଆତ୍ମଦୋଷ ସମ୍ବନ୍ଧରେ ଜାଗ୍ରତ, ସେ କଦାପି ପର ଦୋଷ କୀର୍ତ୍ତନରେ ଆଗ୍ରହ ପ୍ରକାଶ କରିବେ ନାହିଁ । ଯାହାର ଗୋଡ଼ ଗୋଦର, ସେ ଅପର ଗୋଦର ବ୍ୟକ୍ତିକୁ ଉପହାସ କରିବାକୁ ସାହସୀ ହେବ କି ? ଆପଣା ଗୋଡ଼କୁ ଚାହିଁଲେ ତାହାର ମୁହଁ ଶୁଖିଯିବ । ସେ ଆଉ ପରଦୋଷ ଆଲୋଚନା କରିବ କି ସାହସରେ ?

ଉଦାରତାର ବୃଦ୍ଧିରେ ମାତ୍ସର୍ଯ୍ୟର ପତନ ଅବଶ୍ୟମ୍ଭାବୀ । ପରର ସୁଖସମ୍ପଦ ଦୃଷ୍ଟିରେ ଯେ ଆପଣାର ଅଦୃଷ୍ଟର ହ୍ରାସତା ଅନୁଭବ କରେ, ତାହାର କଥା ସ୍ୱତନ୍ତ୍ର ; ମାତ୍ର ଯେ ମନରେ କରେ — ପ୍ରକାଣ୍ଡ ପୃଥିବୀ ପଡ଼ି ରହିଅଛି, ଅନ୍ତର୍ଜଗତ ଓ ବାହ୍ୟ ଜଗତରେ ଲୋକର ସୁଖୀ, ସମ୍ପନ୍ନ ଓ ସମ୍ପଦଶାଳୀ ହେବା ପଥର ଅନ୍ତ ନାହିଁ, ପ୍ରତ୍ୟେକ ଲୋକର ପୃଥିବୀରେ କୌଣସି ନା କୌଣସି ପ୍ରକାରେ ଶ୍ରେଷ୍ଠ ହେବାର ଅଧିକାର ଅଛି—ସେ ଅଧିକାର ଲାଭ ସାହସ ଓ ଅଧ୍ୟବସାୟ-ସାପେକ୍ଷ । ପୃଥିବୀରେ ମନୁଷ୍ୟର ଅସାଧ୍ୟ କିଛି ନାହିଁ, ବୁଦ୍ଧି ଓ ଚେଷ୍ଟାରେ ସମସ୍ତ ସାଧ୍ୟ ହୋଇପାରେ । ଏ ସମ୍ବନ୍ଧରେ ଜ୍ଞାନ ଗରିମାରୁ ଦୁଇଗୋଟି ଦୃଷ୍ଟାନ୍ତ ଉଦ୍ଧୃତ ହେଲା । ଯଥା— ‘ଜଣେ ମନୁଷ୍ୟ ଯେ କାର୍ଯ୍ୟ କରିଅଛି, ସମସ୍ତଙ୍କର ସେହି କାର୍ଯ୍ୟ କରିବାର ଅଧିକାର ଓ ଶକ୍ତି ଅଛି ।’

—ମହାତ୍ମା ଇମର୍ସନ

‘ଜଗତରେ ଅସାଧ୍ୟ କିଛି ନାହିଁ, ପରିଶ୍ରମଦ୍ୱାରା ସବୁ ସିଦ୍ଧ ହୁଏ’—ମହାତ୍ମା କଲମାନ । ଯେ ଏହିପରି ଭାବ ଧରି କାର୍ଯ୍ୟକ୍ଷେତ୍ରରେ ପ୍ରବିଷ୍ଟ ହୁଏ, ତାହା ହୃଦୟରେ ମାତ୍ସର୍ଯ୍ୟ ରାଜତ୍ୱ ବିସ୍ତାର କରିପାରେ ନାହିଁ ।

ଯେ ଗୁଣହୀନ, ସେ ଗୁଣିଗଣରେ ଈର୍ଷାନ୍ୱିତ ହୁଏ । ପରର ମନ୍ଦଚିନ୍ତା ନିଜ ଉନ୍ନତି ପଥର କଣ୍ଟକ । ଯାହା ହୃଦୟରେ ଉନ୍ନତିର ଇଚ୍ଛା ବଳବତୀ, ସେ ଅନ୍ୟର

ଉନ୍ନତି ଦେଖି ସେ ଉନ୍ନତି ସ୍ୱୀୟ ଜୀବନର ଆଦର୍ଶ କରିବାକୁ ଚେଷ୍ଟା କରିବେ ଏବଂ ସେହି ଉନ୍ନତ ବ୍ୟକ୍ତିର କାର୍ଯ୍ୟାବଳୀ ଅନୁକରଣ କରିବେ । ତାହାହେଲେ ଈର୍ଷା ପାଶ ସ୍ପର୍ଶ କରିପାରିବ ନାହିଁ । ଅନ୍ୟକୁ ଅପଦସ୍ଥ କରି ଯେ ନିଜର ଉନ୍ନତି ଅଭିଳାଷ କରେ, ସେ ମହାପାଷଣ୍ଡ, ତାହାର ନାମସ୍ମରଣ ପାପଜନକ ।

ମନ୍ଦଫଳ ଚିନ୍ତା ମାତ୍ସର୍ଯ୍ୟ ଦମନର ପ୍ରଧାନ ଉପାୟ । ଯେ ଈର୍ଷାନଳରେ ସ୍ୱୀୟ ପ୍ରାଣ ଆହୁତି ପ୍ରଦାନ କରେ, ତାହାର ଅବସ୍ଥା ଅତି ଶୋଚନୀୟ ଏବଂ ସେ ନିତାନ୍ତ ଅନୁଗ୍ରହର ପାତ୍ର । ଯାହା ଦେଖିଲେ ସାଧାରଣଙ୍କ ପ୍ରାଣ ଆନନ୍ଦରେ ଉତ୍ଫୁଲ୍ଲ ହୁଏ, ଈର୍ଷୀ ତାହା ଚକ୍ଷୁଃଶୂଳ ମଣେ । ଅନ୍ୟର ସୁଖସ୍ୱାଚ୍ଛନ୍ଦ୍ୟ, ସାହସ ଓ ସଦ୍‌ଗୁଣ ଦେଖିଲେ କାହାର ହୃଦୟ ଆନନ୍ଦପ୍ଲୁତ ନ ହୁଏ ? ମନ୍ଦ ଈର୍ଷୀର ତାହାହିଁ ଯନ୍ତ୍ରଣାର କାରଣ ଏବଂ ତାହାହିଁ ଈର୍ଷୁକ ହୃଦୟରେ ନରକାଗ୍ନି ପ୍ରଜ୍ୱଳିତ କରେ । ଭଲ ଯାହା ନିକଟରେ ମନ୍ଦ, ସୁଧା ଯାହା ନିକଟରେ ଗରଳ, ସ୍ୱର୍ଗ ଯାହା ନିକଟରେ ନରକ, ପୂର୍ଣ୍ଣଚନ୍ଦ୍ର-ଆଲୋକ ଯାହା ନିକଟରେ ଅମାବାସ୍ୟାର ଅସୂଚିଭେଦ୍ୟ ଅନ୍ଧକାର, ତାହାର ଦୁଃଖାବସ୍ଥା ବର୍ଣ୍ଣନା କରିବାକୁ ମାନବ-ରସନା ଅକ୍ଷମ । ସହସ୍ର ସହସ୍ର ବ୍ୟକ୍ତି ଯାହାର ଗୁଣ ଗାନ କରି ଆପଣାକୁ ଧନ୍ୟ ମଣନ୍ତି, ଅହଙ୍କାରୀ ଏକା ତାହାର କୁତ୍ସା ରଟନାରେ ସହସ୍ରମୁଖ । ଅତଏବ ଅହଙ୍କାରୀଠାରୁ ନିର୍ବୋଧ ଆଉ କିଏ ଅଛି ? କାହାରି ପ୍ରଶଂସା ତାହାର କର୍ଣ୍ଣଗୋଚର ହେଲେ ସେ ଯନ୍ତ୍ରଣାରେ ମ୍ରିୟମାଣ ହୁଏ । ବାସ୍ତବରେ ନିତାନ୍ତ ଲଘୁଚେତା ନିକୃଷ୍ଟ ଲୋକ ଭିନ୍ନ ଅନ୍ୟ କେହି ଈର୍ଷାକୁ ସ୍ଥାନ ଦେବାକୁ ଇଚ୍ଛା କରିବେ ନାହିଁ । ଯାହାର ନିଜର ଉନ୍ନତି କରିବାର ଶକ୍ତି ନାହିଁ, ଅଥଚ ଅନ୍ୟର ଉନ୍ନତି ସହ୍ୟ ହୁଏ ନାହିଁ—ଏହିପରି ଲୋକେ ଈର୍ଷାପରତନ୍ତ୍ର ହୁଅନ୍ତି । ଈର୍ଷାଳୁ ଅପରର ଗୁଣ ଅନୁକରଣ ନ କରି ବରଂ ଗୁଣରେ କ୍ଷୁବ୍ଧ ହୁଏ । ଅତଏବ ଈର୍ଷାଳୁ ତୁଲ୍ୟ ହତଭାଗ୍ୟ ସଂସାରରେ କିଏ ଅଛି ? ଈଶ୍ୱର ସେମାନଙ୍କୁ ସୁମତି ପ୍ରଦାନପୂର୍ବକ ପ୍ରକୃତିସ୍ଥ କରି ମହାରୌରବରୁ ଉଦ୍ଧାର କରନ୍ତୁ ।

ମାତ୍ସର୍ଯ୍ୟର ଅନିଷ୍ଟକାରିତା ବର୍ଣ୍ଣନା କରିବା କଲ୍ପନାର ଅସାଧ୍ୟ । ଭାରତର ଭାଗ୍ୟମଳିନକାରୀ ମହାଭାରତ ଯୁଦ୍ଧ, ପାଣ୍ଡବ-ଶ୍ରୀକାତର ମାତ୍ସର୍ଯ୍ୟର ସାକ୍ଷାତ୍ ଅବତାର ଦୁର୍ଯ୍ୟୋଧନର ମାତ୍ସର୍ଯ୍ୟଫଳ ନୁହେଁ କି ? ସେହି ମହାଯୁଦ୍ଧରେ ମହାବୀରପ୍ରସୂତି ଭାରତମାତା ବୀରଶୂନ୍ୟା ହୋଇ ଚରମ ଦୁର୍ଗତିରେ ଉପସ୍ଥିତ ହୋଇଅଛି । ଦୁର୍ଯ୍ୟୋଧନର ପାପ ଏବେ ଭାରତରେ ସଂକ୍ରମିତ । ତାହାର ମାତ୍ସର୍ଯ୍ୟ ଏତେ ବଳପଡ଼ିଥିଲା ଯେ, ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ମଙ୍ଗଳବାଣୀ ତାହାକୁ ସଙ୍କଳ୍ପଚ୍ୟୁତ କରିପାରି ନ ଥିଲା । ଶେଷରେ ତାହାରି ହେତୁ ତାହାର ବଂଶନାଶ ହେଲା ଏବଂ ବସୁନ୍ଧରା 'ଭାରତମାତା' ଅବୀରା ଆଖ୍ୟା ଧାରଣ କଲା । ଏହାଠାରୁ ବଳି ମାତ୍ସର୍ଯ୍ୟର ଅନିଷ୍ଟକାରୀ ଦୃଷ୍ଟାନ୍ତ ଆଉ କଅଣ ହୋଇପାରେ ? ଏହା ସ୍ମରଣ କଲେ ଦାରୁଣ ଅନୁଶୋଚନାରେ ଦେହ ଶୀତେଇଉଠେ, ଲୋମ ଝାଙ୍କୁରିଉଠେ ଓ ଅନ୍ତରାତ୍ମା ଥରିଉଠେ ।

ଜୀବନର ମହାଶତ୍ରୁ ରିପୁଗଣ-ଦମନର ଉପାୟ ଯଥାଶକ୍ତି ଲକ୍ଷିତ ହେଲା । ସେହି ଉପାୟ ମଧ୍ୟରେ ମନର କାର୍ଯ୍ୟ ସମଧିକ । କୁଚିନ୍ତାକୁ ସୁଚିନ୍ତାଦ୍ୱାରା ପରାସ୍ତ କରିବା ପ୍ରୟୋଜନ । ଯାବତୀୟ କୁଚିନ୍ତାର ଉତ୍ପତ୍ତି ସ୍ଥାନ ମନ ଏବଂ ସେହି ମନହିଁ ସେଥିର ବିନାଶ ସାଧନରେ କେବଳ କ୍ଷମ ।

ପତଙ୍ଗ ଦଗ୍ଧ ଯନ୍ତ୍ରଣା ଜାଣି ନ ଥିବାରୁ ପ୍ରଦୀପାଗ୍ନିରେ ଝାସ ପ୍ରାଣ ହରାଏ; ମତ୍ସ୍ୟ ବନ୍ଧଶୀ ଟୋପ ମଧ୍ୟରେ ଯେ ପଣରେ ତାହାର ମୃତ୍ୟୁ ଅଛି ବୋଲି ଜାଣେ ନାହିଁ, ସେହି ହେତୁ ସେ ଟୋପ ଗିଳିଦେଇ ମୃତ୍ୟୁ ଆଲିଙ୍ଗନ କରେ; କିନ୍ତୁ ଆମ୍ଭେମାନେ ଦେଖୁଅଛୁଁ ଏବଂ ଜାଣୁଅଛୁଁ ଯେ, ଭୋଗ-ବାସନାସୃଷ୍ଟିକ ବିପଦପୂର୍ଣ୍ଣ, ଭୋଗରେ ସର୍ବନାଶ ଘଟେ, ତଥାପି ଭୋଗେଚ୍ଛାରେ ବୀତସ୍ପୃହ ହେଉ ନାହୁଁ ! ଧନ୍ୟ ମୋହର ମୋହିନୀ କ୍ଷମତା ! ଭଗବାନ କରନ୍ତୁ, ଆମ୍ଭେମାନେ ଜ୍ଞାନାଲୋକରେ ହୃଦୟ ଆଲୋକିତ କରି ରିପୁଚୟଙ୍କୁ ବିଦାୟ ପ୍ରଦାନପୂର୍ବକ ପରିବାର ଏବଂ ସମାଜ ମଧ୍ୟରେ ତାଙ୍କର ପ୍ରିୟକାର୍ଯ୍ୟ ସାଧନରେ ଜୀବନ ଅତିବାହିତ କରିବାକୁ କ୍ଷମ ହେଉଁ । ଏହା ଅପେକ୍ଷା ଉତ୍କୃଷ୍ଟତର ଭିକ୍ଷା ଅନ୍ୟ କଅଣ ହୋଇପାରେ ?

# କଟକରେ ଚାରିଦିନ

ଉତ୍କଳ-ସାହିତ୍ୟ ସମାଜର ଆହ୍ୱାନମତେ ସେପ୍‌ଟେମ୍ବର ୨୩ତାରିଖରେ ମୋର କଟକ ଯିବା ସ୍ଥିର ହେଲା । ସୋମନାଥ ଓ ଉପେନ୍ଦ୍ର ମୋର ଶରୀର-ରକ୍ଷକରୂପେ ସଙ୍ଗରେ ଯିବାକୁ ବାହାରିଲେ । ସେମାନେ ସବୁଦିନେ ମୋତେ ନାବାଳକଶ୍ରେଣୀରେ ରଖନ୍ତି । ପଞ୍ଚଷଠୀବର୍ଷୀୟ ଅଜ୍ଞାତ ଶିଶୁ ପକ୍ଷରେ ଅଭିଭାବକ ନ ହେଲେ ଚଳିବ ବା କିପରି ? ପୁଣି କଟକ ପରି ସୁଦୂର ସ୍ଥାନକୁ ଯିବାକୁ ହେବ ! ଏକାବେଳକେ ଦେଶାନ୍ତର କିମ୍ବା ଦ୍ୱୀପାନ୍ତର ନୁହେଁ; କିନ୍ତୁ କଟକ ସେ ଦ୍ୱାର ଆଗରେ, ରେଲରେ ଦୁଇତିନି ଘଣ୍ଟାର ବାଟ, ଏହା ସେମାନେ ବିସ୍ମୃତ ହୋଇଗଲେ । ଜାମାତା ଶ୍ରୀମାନ୍ ମୀନକେତନ ଡାକ୍ତର । ସେ କହିଲା—ଆପଣଙ୍କର ସ୍ୱାସ୍ଥ୍ୟଭଗ୍ନ ଦେହ, ମୋର ସଙ୍ଗରେ ଯିବା ଉଚିତ । ଡାକ୍ତରମାନେ ସବୁବେଳେ ବୁଢାଙ୍କର ହାର୍ଟଫେଲର ଆଶଙ୍କା କରନ୍ତି । ଏ ସ୍ୱପ୍ନ ତାର ସ୍ୱଭାବସିଦ୍ଧ ଧାରଣା ଏବଂ ପୋଥିଗତ ବିଦ୍ୟା । କାଳେ ବାଟରେ ମୋର ସ୍ୱାସ୍ଥ୍ୟଦେହଟା ଭାଙ୍ଗିପଡିବ, ସେଥିପାଇଁ ଯୋଡ଼ାଯୋଡି କରିବାର ହାତହତିଆର ଏବଂ ଔଷଧ ପେଡି ଧରି ଯିବାକୁ ସେ ପ୍ରସ୍ତୁତ ହେଲା । ଦୁଇଦିନର ଛୁଟି ମଧ୍ୟ ମଞ୍ଜୁର କରାଇ ଆଣିଲା ; କିନ୍ତୁ ହଠାତ୍ ଗୋଟାଏ ଦୈବାଘଟଣାବଶତଃ ତାହାର ଯିବା ବନ୍ଦ ହେଲା । ମୋର ଭ୍ରାତୃଷ୍ପୁତ୍ର ଶ୍ରୀନାଥ ସମସ୍ତଙ୍କ ପାଖରେ କହି ବୁଲିଲା, "ମୁଁ ନ ଗଲେ ବାବାଙ୍କର ଭୟାନକ ଅସୁବିଧା ହେବ, ସର୍ବାଗ୍ରେ ମୋର ଯିବା ଉଚିତ ।" କେବଳ ଉଚିତ ବୋଲି କହିଥିଲା, 'ଭୟାନକ ଉଚିତ' ବୋଲି କହି ନାହିଁ—ଏତିକି ସୌଭାଗ୍ୟର କଥା । କୈଶୋର ବୟସ୍କ ବାଳକର ଏ ଉଦ୍‌ବେଳ ଆଗ୍ରହ ଏକାବେଳକେ ପୂର୍ଣ୍ଣ କରିଦେବାକୁ ମୋର ପ୍ରବୃତ୍ତି ହେଲା ନାହିଁ । ଯାହାହେଉ, କି ଭୟାନକ ସୁବିଧା କରିବା ପାଇଁ ସେ ସୁଦ୍ଧା ସଙ୍ଗରେ ଯିବାକୁ ବାହାରିଲା । ଏଠାରେ ମୁଖ୍ୟ ଉଦ୍ଦେଶ୍ୟ ଉହ୍ୟ; ମାତ୍ର ଗୌଣ ପ୍ରତ୍ୟକ୍ଷୀଭୂତ । ଏ ସଂସାର ବଡ଼ ଚତୁର । ଦୁଇ ତିନି ଦିନ ଚଳିବା ଭଳି ଲୁଗାପଟା ପ୍ରଭୃତିର ଗୋଟାଏ ପକେଟ ସଂସ୍କରଣ ବୁଜୁଳା ବନ୍ଧାହେଲା । ଅନାବଶ୍ୟକ ସମ୍ଭାରଗୁଡ଼ାଏ ଘେନି ବିଦେଶକୁ ଯିବା, ଆଉ ବିବିଧ ଜଞ୍ଜାଳଯନ୍ତ୍ରଣାକୁ ସମାଦରପୂର୍ବକ ଡାକେଇ କୁଣ୍ଢେଇ ମୁଣ୍ଡେଇ କରିନେବା ଏକ କଥା । ତାହା ନିଜର ସୁବିଧାକୁ ନିଜେ ତଣ୍ଟି ଚିପି ମାରିବାର ବ୍ୟବସ୍ଥା । ଉତ୍ତରରୁ ପାସେଞ୍ଜର ଗାଡି ଦିନ ୯ଟାରେ ଭଦ୍ରଖ ଷ୍ଟେସନରେ ଆସି ପହଞ୍ଚିବ, ସୁତରାଂ ତତ୍ପୂର୍ବରୁ ସେଠାରେ ଯାଇ ଉପସ୍ଥିତ ଥିବା ଆବଶ୍ୟକ । ଜଣେ ପାଚକ ସହ ସମସ୍ତେ ଗୋଟାଏ ମଟରରେ ବସି ଠିକ୍ ଅଠଟାବେଳେ ଘରୁ ବାହାରିଲୁଁ । ଦେବଯାନ-ଖଣ୍ଡି ପଁ-ପଁ ଶବ୍ଦରେ ମଙ୍ଗଳ କିସ୍ମା କରି କରି ଭୀଷଣ ଦୈତ୍ୟ ପରି ପ୍ରଖର ଗତିରେ ଧାବିତ ହେଲା । ଯଥାସମୟରେ ଯାଇ ଷ୍ଟେସନରେ ପହଞ୍ଚିଲୁଁ । ସୋମନାଥ ଯାଇ ଇଣ୍ଟର କ୍ଲାସ୍‌ର ଟିକଟ କିଣିଆଣିଲା । ଥାର୍ଡକ୍ଲାସର ଟିକଟ ହୋଇଥିଲେ ବି ଚଳିଥାନ୍ତା; ମାତ୍ର ଲୋକଗହଳର ଜଞ୍ଜାଳରେ ମୋର କଷ୍ଟ ହେବ ବୋଲି ବାଧ୍ୟହୋଇ ଇଣ୍ଟରକ୍ଲାସ୍‌ର ଟିକଟ କିଣିବାକୁ ହେଲା । କିଛିକ୍ଷଣ ପରେ "ଡାକୁ ଡାକ୍—ଡାକୁ ଡାକ୍" ଶବ୍ଦ କରି କରି ଷ୍ଟେସନରେ ରେଲଗାଡ଼ି ଆସି ପହଞ୍ଚିଲା । ଶେଷରେ "ଖଟାଂ-ଖଟ୍" କରି ସ୍ଥିର ହୋଇ ଶ୍ରାନ୍ତର ଖରଶ୍ୱାସ ଛାଡିବାକୁ ଲାଗିଲା । ସିଗ୍ନାଲର ଆଖ୍ୟାଧାରୀ ସେବକବୃନ୍ଦ ଆସି ଲାଲ ପତାକା ଧରି କ୍ଲାନ୍ତ ରେଲଗାଡି ସାଆନ୍ତଙ୍କର ବ୍ୟଜନ ସେବାରେ ନିଯୁକ୍ତ ହୋଇଗଲେ । ଆମ୍ଭେମାନେ ସମସ୍ତେ ଯାଇ ରେଲରେ ବିଜେହେଲୁଁ । ରେଲଷ୍ଟେସନଗୁଡିକ ଯମଦ୍ୱାର ପରି ନଗ୍ନ ନିର୍ମମ ସ୍ୱାର୍ଥର ସ୍ଥାନ । ସେଠାରେ କେହି କାହାର ନୁହେ—

ସମସ୍ତେ ନିଜ ପାଇଁ ବ୍ୟସ୍ତ । ଯାତ୍ରୀ ଗହଳରେ ଗୋଟାଏ ତୁମୁଳ କୋଳାହଳ ଜାଗ୍ରତ ହୋଇଉଠିଲା । "ଗରମ ଦୁଧ, ଗରମ୍ ଚା, ଗରମାଗରମ୍ ଜିଲେପି" ଶବ୍ଦରେ ସେ କୋଳାହଳ ଆହୁରି ସ୍ଥୂଳ ହୋଇଉଠିଲା । ସବୁ ଦୋକାନୀ ଗରମ୍ ଗରମ୍ ରଡ଼ି ଛାଡ଼ୁଥାଆନ୍ତି; କେବଳ କଦଳୀ ବିକାଳିମାନେ କଥାଟା ଅସଙ୍ଗତ ହେବ ବୋଲି ଗରମ୍ କଦଳୀ ନ କହି 'କେଲା କେଲା' ବୋଲି ଚିତ୍କାର ଛାଡ଼ୁଥାଆନ୍ତି । ସେଠାରେ ସବୁବେଳେ ମହଙ୍ଗା କାଳ, ପଇସାକର ପଦାର୍ଥ ତିନି ପଇସାରେ, ସମୟବିଶେଷରେ ତତୋଽଧିକ ମୂଲ୍ୟରେ ବିକ୍ରୟ ହୁଏ । ବେପାରୀମାନେ ଆଙ୍ଗୁଳା ଆଙ୍ଗୁଳା ଠେଙ୍ଗା ରେଲ କୋମ୍ପାନୀକୁ କର ଦେଇ ଶସ୍ତାରେ କପରି ବିକିବେ ! ସେଥିରେ କୋମ୍ପାନୀର ଦୋଷ ନାହିଁ କି ବିକେତାର ଦୋଷ ନାହିଁ—ସବୁ ଦୋଷ ସେହି ହତଭାଗ୍ୟ ନନ୍ଦଘୋଷ ଯାତ୍ରୀମାନଙ୍କର । ସେମାନେ ନାନା ପ୍ରକାରରେ କୋମ୍ପାନୀର ଧନଭଣ୍ଡାର ବଢ଼ାଇବା ପାଇଁ ଜନ୍ମ ହୋଇଅଛନ୍ତି । ପେଟ ରୁପ ଦୁର୍ଦ୍ଦାନ୍ତ, ଅତୃପ୍ତ ରାକ୍ଷସଟିକୁ ତ ପୋଷିଅଛନ୍ତି, ତାକୁ ସନ୍ତୋଷ ନ କଲେ କି ରକ୍ଷା ଅଛି ? କାନ ମୁଣ୍ଡ ଆଉଁସି ଝିଙ୍କ୍‌ମାରି ଝାଳବୁହା ଧନର ଅପବ୍ୟୟ କରିବାକୁ ସେମାନେ ଏକାନ୍ତ ବାଧ୍ୟ । ତାହା ସେମାନଙ୍କର କପାଳଲେଖା ଅବ୍ୟର୍ଥ ଶାସ୍ତି ।

ରେଲ ଛାଡ଼ିବାକୁ ପ୍ରାୟ ତିନି ମିନିଟ୍ ଅଛି, ଏହି ସମୟରେ ମୋର ନାତୁଣୀ ଉଷା ନରବାହନରେ ଆସି ଉପସ୍ଥିତ । ଆମ୍ଭେମାନେ ଘରୁ ବାହାରିଆସିଲା ପରେ ସେ ବଡ଼ ଉପଦ୍ରବ କଲା । ସେହି ହେତୁ ତାକୁ ଷ୍ଟେସନକୁ ପଠାଇଦିଆହୋଇଥିଲା । ଉଷା ଆସି ରେଲରେ ବସିଲା, ତେଣିକିବେଳୁ ମୋର ସ୍ୱାଧୀନତା ଅଧେ ଲୁପ୍ତ ହେଲା । ସର୍ବଦା ତାହା ପ୍ରତି ସତର୍କ ଦୃଷ୍ଟି ରଖିବାକୁ ହେଲା । ତାହାର ବାପ ଓ ସୋମନାଥ ଦୁହେଁ ଉପସ୍ଥିତ ଅଛନ୍ତି, ମୁଁ ଅବା ସେମାନଙ୍କଠାରୁ ଅଧିକ କଅଣ କରିପାରିବି ? ତଥାପି ମାୟା ମୋତେ ସେହି ଆଡ଼କୁ ଆକର୍ଷଣ କରିନେଲା । ରେଲଗାଡ଼ି ଚାଲିଲା, ଆଉ ଉଷାକୁ ସମ୍ଭାଳେ କିଏ ? ତିନିବର୍ଷର ଶିଶୁ, ସେ କି କଥା ମାନିବ ? ଗାଡ଼ି ଭିତରେ ମକ୍ଷିଫୁଲ ପରି ଫକ୍ ଫକ୍ ହୋଇ ନାଚି ବୁଲିଲା, କରତାଳିବାଦ୍ୟ ସଙ୍ଗୀତ ବି ଆରମ୍ଭ ହେଲା ; ଗାଡ଼ି ଝରକା ଉପରେ ଠିଆହୋଇ ନାଚିବାକୁ ଉଦ୍ୟତ ହେଲା । ଚଳନ୍ତା ଗାଡ଼ିରେ ତାହାର ଉଗ୍ବର ଦେଖି ମୋତେ ବଡ଼ ଭୟ ବୋଧହେଲା । ଷ୍ଟେସନମାନଙ୍କରେ ଯାହା ଯାହା ବିକି ହେଉଥାଏ—ଯେତେ ଫୁଲ ଫୁଟିଥାଏ, ସବୁ ସେ ନେବାକୁ ଇଚ୍ଛାକଲା । ସାହେବ ଦେଖି ଖୁସି ଖୁସି ! ଏଇ ସାଇବ, ଏଇ ସାଇବ କହି ତାଳି ମାରିବାକୁ ଲାଗିଲା । ମୋତେ ପଚାରିଲା—ସାଇବ କଅଣ ବାପା ? ମୁଁ କହିଲି, ମଣିଷ । ପୁଣି ପ୍ରଶ୍ନ ହେଲା—ମଣିଷ କଅଣ ? ଏ ପ୍ରଶ୍ନର ଉତ୍ତର କଅଣ ଅଛି ? ଏହିପରି ଅସଙ୍ଗତ ଅଡ଼ୁଆ ପ୍ରଶ୍ନରେ ମୋତେ ବ୍ୟତିବ୍ୟସ୍ତ କରିପକାଇଲା । ଘରର କାହାରି କଥା ଆଉ ତା ମନରେ ରହିଲା ନାହିଁ । କଦଳୀ, ପୁରୀ, ରସଗୋଲା ପ୍ରଭୃତିର ସଦ୍‌ବ୍ୟବହାରରେ ଲାଗିରହି ସେ କାହାରି କଥା ମନେ କରିବାକୁ ଅବସର ପାଇଲା ନାହିଁ । ଷ୍ଟେସନ ପରେ ଷ୍ଟେସନ ଅତିକ୍ରମ କରି ରେଲଗାଡ଼ି ସାଙ୍କବଙ୍କେ ଛବି ଅନୁକରଣ କରି ଚାଲିଥାଏ । ଦୁଇପାଖର ବୃକ୍ଷଶ୍ରେଣୀ ଖରଗତିରେ ଆସି ରାଜଭକ୍ତ ପ୍ରଜା ପରି ଶାଖା-କର ଯୋଡ଼ି, ଶିର ନୁଆଇଁ ନମସ୍କାର କରି ଚାଲିଯାଉଥାଆନ୍ତି । ରାଜା ଉଦାର, ସେ କେଉଁ ଆଡ଼କୁ ନ ଚାହିଁ ଗମ୍ଭୀର ହୋଇ ଚାଲିଥାଏ । ପକ୍ଷୀମାନେ ରେଲଗାଡ଼ି ସଙ୍ଗରେ ପ୍ରତିଯୋଗିତା କରିବାକୁ ଆସି ଖଣ୍ଡେ ଦୂରରୁ ପରାସ୍ତ ହୋଇ ଫେରିଯାଉଥାଆନ୍ତି ; କେତେକ କ୍ଳାନ୍ତ ହୋଇ ଗଛ ଉପରେ ବସିପଡ଼ୁଥାନ୍ତି । ଶ୍ୟାମକାନ୍ତ ଧାନ୍ୟକ୍ଷେତ୍ର ଧରଣୀ ମସ୍ତକରେ କେଶ ପ୍ରାୟ ଶୋଭା ପାଉଥାଏ । ମଝିରେ ମଝିରେ ଲଘୁ ଧାନ କଟାସରିଥିବାରୁ କଆଁରଗୁଣ୍ଡିକ ଯୁଥା ଅବନୀ ମସ୍ତକରେ ଚନ୍ଦୁଆ ପଡ଼ିଲା ପରି ଦିଶୁଥାଏ । ବହୁସ୍ତରଯୁକ୍ତ ଦୂର ପର୍ବତଶ୍ରେଣୀ ଯୁଦ୍ଧାର୍ଥୀ ଦାନବ ପ୍ରାୟ ଧାଇଁଥାଆନ୍ତି । ସତେ ଯେପରି କଳିଯୁଗର ହନୁମାନ ପର୍ବତମାଳ ଲୁଣ୍ଠେଇ ମୁଣ୍ଡେଇ ସମୁଦ୍ର ପୋତିବାକୁ ଧାଇଁଅଛି ! ପର୍ବତବେଷ୍ଟିତ ଗୋଯୁଥ ନୀଳ ହ୍ରଦରେ ରାଜହଂସ ସନ୍ତରଣ

ଜଳ ପ୍ରାୟ ସୁନ୍ଦର ଦିଶୁଥାଏ । ହର୍ଷବିଷାଦର କ୍ରୀଡ଼ା ପରି ପର୍ବତ ଉପରେ ରୌଦ୍ର ଓ ଛାୟାର ମହାକ୍ରୀଡ଼ା ଲାଗିଥାଏ । କେବେ ହର୍ଷ ବିଷାଦକୁ ଗିଳିଦେଉଅଛି, କେବେ ବିଷାଦ ହର୍ଷକୁ ଗିଳିଦେଉଅଛି, ପୁଣି ଦୁହେଁ ଦୁହିଙ୍କୁ ଉଦ୍‌ଗାର କରି ପକାଉଥାଆନ୍ତି—ଏହିପରି ଅଦ୍ଭୁତ ଚଉହରର କୁହୁକ ସର୍ବଦା ଲାଗିଥାଏ । ଗିରି-ଚୂଡ଼ାରେ ଶୁଭ୍ର ମେଘ ଲାଗିରହି ଧ୍ୟାନ ସମାଧିମଗ୍ନ ଯୋଗୀ କପାଳରେ ଊର୍ଦ୍ଧ୍ୱପୁଣ୍ଡ୍ର ଚିତା ପ୍ରାୟ ସୁନ୍ଦର ଦିଶୁଥାଏ । ଛାୟା ଆଲୋକର କ୍ରୀଡ଼ା କି ସୁନ୍ଦର ଦୃଶ୍ୟ ! ସତେ ଯେପରି ମହାଯୋଗୀ ଶିବ କ୍ଷଣ କ୍ଷଣକେ ଆଖି ବୁଜି କ୍ଷଣ କ୍ଷଣକେ ଚାହିଁଦେଉଅଛି ଅଥବା ହସି-ଦେଇ କି ଅଜ୍ଞାତ କାରଣରୁ ମୁହଁ କୁସୁଣ୍ଡା କରି ବସୁଥାଏ । ଲୀଳାମୟୀ ପ୍ରକୃତିର ଏ ବିଚିତ୍ର ଲୀଳା କୌତୁକ ବଡ଼ ସୁନ୍ଦର, ବଡ଼ ମଧୁର ଏବଂ ଗମ୍ଭୀର ଭାବପ୍ରଦ । ତାହା ଭାବୁକର ଅମୂଲ୍ୟ ସମ୍ପଦ ଏବଂ ଦର୍ଶକର ଉଲ୍ଲାସର ଉପାଦାନ । ଚଞ୍ଚଳା ପ୍ରକୃତି କ୍ଷଣ-ପରିବର୍ତ୍ତନଶୀଳା ! ତାହା ହୋଇ ନ ଥିଲେ ଏ ଜ୍ୱାଳାମୟ ସଂସାର ମରୁଭୂମିରେ ମାନବର ଦଗ୍ଧ ପ୍ରାଣ ତିଷ୍ଠି-ପାରନ୍ତା ନାହିଁ । ବିଧାତା ତାଙ୍କ ସୃଷ୍ଟ ଜୀବକୁ ଆନନ୍ଦ ଦେବା ସକାଶେ ସୃଷ୍ଟିକୁ ବୈଚିତ୍ର୍ୟମୟ କରିଅଛନ୍ତି । ବୈଚିତ୍ର୍ୟ ନ ଥିଲେ ସୃଷ୍ଟି ଏକଘାଇଆ ଶୋଭାରେ ଆନନ୍ଦ ଜାତ କରିପାରନ୍ତା ନାହିଁ । ଯେଉଁ ସୌନ୍ଦର୍ଯ୍ୟରେ ବୈଚିତ୍ର୍ୟର ଲୀଳା-ବିଳାସ ତରଙ୍ଗ ନ ଉଠେ, ସେ ସୌନ୍ଦର୍ଯ୍ୟ ତୃପ୍ତିକର୍ଟ । ଏହା ସୃଷ୍ଟିର ବାହାର ସୌନ୍ଦର୍ଯ୍ୟର କଥା, ଅନ୍ତର ସୌନ୍ଦର୍ଯ୍ୟ ଭାବୁକ ଛଡ଼ା ଅନ୍ୟର ଅନୁପଭୋଗ୍ୟ ।

ବ୍ରାହ୍ମଣୀ ପୋଲ ଉପରେ ରେଲ ଗାଡ଼ି ଶଙ୍ଖ ବଜାଇ ବଜାଇ ଅଗ୍ରସର ହେଲା । ସେଦିନ ବ୍ରାହ୍ମଣୀରେ ପ୍ରବଳ ବନ୍ୟା ମାଡ଼ି ଆସୁଥାଏ । ଜଳସ୍ରୋତ ସରଳ ଲତା ପରି ବଙ୍କା ଶାଖା ପ୍ରଶାଖା ବିସ୍ତାର କରି ଦ୍ରୁତଗତିରେ ଚାଲିଥାଏ । ଜଳଭଉଁରି ସେ ଲତାରେ ଅସଂଖ୍ୟ ଫୁଲ ଫୁଟାଇଦେଇ ବିଲୀନ ହୋଇଯାଉଥାଏ । ଯେଉଁ-ଠାରେ ଗମ୍ଭୀର ଜଳ, ସେଠାରେ ଶବ୍ଦ ନାହିଁ । ସ୍ୱଳ୍ପ ବିଦ୍ୟା ଭୟଙ୍କରୀ ପରି ଅଳ୍ପ ଜଳର ଗର୍ଜନ ବେଶି । ପୋଲ ତଳର ଦୃଶ୍ୟ ଯେଉଁପରି ସୁନ୍ଦର, ସେହିପରି ଭୟଙ୍କର । ପାଣି ଭିତରେ କିଏ କଅଣ ଅଧୀର ଉଦ୍‌ବେଗରେ ଦଉଡ଼ି ଖୋଜିଲା ପରି ତଳପାଣି ଉପରକୁ ଏବଂ ଉପର ପାଣି ତଳକୁ ଗତି କରି ଭୀଷଣ ଜଳଚକ୍ର ସୃଷ୍ଟି କରୁଥାଏ । ସତେ ଯେପରି ଗଙ୍ଗାଦେବୀ ଅତି ଆତୁରରେ ଭଗୀରଥୀକୁ ଖୋଜି ବୁଲୁଅଛନ୍ତି । ଜୀବନ-ସ୍ରୋତରେ ଘଟଣାବଳି ପରି କେତେ ଆବର୍ଜନା ଭାସି ଆସୁଥାଏ । ବ୍ରାହ୍ମଣୀ ବିକଟ ଫେନହାସ୍ୟ ବିସ୍ତାର କରି ରଣରଙ୍ଗିଣୀ ବେଶରେ ଗର୍ଜି ଗର୍ଜି ଧାଇଁଅଛି । କେଉଁଠାରେ ମଧୁର କୁଳୁ କୁଳୁ ଶବ୍ଦରେ ହୁଳହୁଳି ଦେଉଅଛି, କେଉଁଠାରେ ଗମ୍ଭୀର ଘୋ ଘୋ ଶବ୍ଦରେ ପ୍ରଳୟ ଶଙ୍ଖ ବଜାଉଅଛି, କେଉଁଠାରେ ଧା ଧୁ ଧୁ ଶବ୍ଦରେ ଦିଗ ପ୍ରତିଧ୍ୱନିତ କରୁଅଛି । ବେଳେ ବେଳେ ପବନ ହୁ-ହୁ ଶବ୍ଦରେ ଧାଇଁ ଆସି କି ପ୍ରେମବାଣୀ ତାହା କାନରେ କହିଦେଇ ଚୋର ପରି ତୀର ବେଗରେ ତୀର ଆଡ଼କୁ ଛୁଟି ପଳାଇଯାଉଅଛି । ତରଙ୍ଗିଣୀ ସେ ଗୁପ୍ତ କଥା ଶୁଣି ଚକିତ ହୋଇ ହସି ହସି ଆହ୍ଲାଦରେ ଖଣ୍ଡ ଖଣ୍ଡ ହୋଇ ଫାଟିପଡୁଅଛି । ସେ ପ୍ରେମିକ-ପ୍ରେମିକାଙ୍କର ସଙ୍କେତ ବାଣୀ ଅନ୍ୟର ଅବୋଧ । ତାହା ପ୍ରେମ-ରାଜ୍ୟର ସ୍ୱତନ୍ତ୍ର ଭାଷା, ଅପ୍ରେମୀ ମାନବର ସେ ଭାଷା ବୁଝିବା ସାଧ୍ୟାତୀତ । ଉତ୍କୂଳା ତଟିନୀ ଏହିପରି ରୁଦ୍ର, ସୁନ୍ଦର, ମଧୁର ତାଣ୍ଡବ ଲୀଳା ସୃଷ୍ଟି କରି ଚାଲିଅଛି, ଥରେ ହେଲେ ପଛକୁ ଲେଉଟି ଚାହିଁବାକୁ ନାହିଁ । ତାହା ମହାଜନର ସ୍ୱଭାବ-ସୁଲଭ ଧାରା, ଲକ୍ଷ୍ୟ ଦିଗ ଛଡ଼ା ସେମାନେ ଅନ୍ୟ ଦିଗକୁ ଚାହାନ୍ତି ନାହିଁ । ଶୀତଶୀର୍ଣ୍ଣା ନାଗୁଣୀ ସୁଷୁପ୍ତ ପ୍ରାୟ ନିର୍ଜୀବ ଅବସ୍ଥାରେ ପଡ଼ିରହିଥାଏ; ମାତ୍ର ବସନ୍ତର ମଳୟ ଅମୃତ ପାନ କରି ଶରୀର ଫୁଲାଇ ଫଣା ଟେକି ଗର୍ଜିଉଠେ । ବ୍ରାହ୍ମଣୀ ସେହିପରି ଅତି ଶୀର୍ଣ୍ଣ ହୋଇ ଖଣ୍ଡ ଖଣ୍ଡ ହୋଇ-ପଡ଼ିଥିଲା; ମାତ୍ର ବର୍ତ୍ତମାନ ତାହାର ରୁଦ୍ର ପ୍ରତାପରେ ତୀରଭୂମି ପ୍ରକମ୍ପିତ । ଅପ୍ରତିହତପ୍ରଭାବ କାଳ କଅଣ ନ କରେ ? ତାହାର କୁଟିଳ କୁଟିଳ ଗତିରେ ପ୍ରବଳ ପରିପିଷ୍ଟ ହୋଇ ମରେ ଏବଂ ମୃତକଳ୍ପ ଦୁର୍ବଳ ନବଜୀବନ ପାଇ ପ୍ରତାପବନ୍ତ ଦୁର୍ଦ୍ଧର୍ଷ ହୋଇଉଠେ ।

ଉତ୍ଥାନ ପତନ ସମସ୍ତଙ୍କ ଜୀବନରେ ଲାଗି ରହିଅଛି । ଏପରି ଦୃଶ୍ୟମାନ ସୃଷ୍ଟି ଉତ୍ଥାନ ପତନରେ ଗଢ଼ା । ମନୁଷ୍ୟ ନିଜ ଅବସ୍ଥାର ଅସ୍ଥାୟିତ୍ୱ ଜାଣି ସୁଦ୍ଧା ଦୁର୍ବଳ ଉପରେ ହସ୍ତୋତ୍ତୋଳନ କରିବାକୁ ସଙ୍କୁଚିତ ବା ଲଜ୍ଜିତ ହୁଏ ନାହିଁ—ଏହାହିଁ ଆଶ୍ଚର୍ଯ୍ୟ । ଏ ଭଙ୍ଗୁର ଜଗତ ସଂସାର କି ଅଦ୍ଭୁତ ଖେଳା ମହେଶ୍ୱର ! ତାହାର ଏ ଘଡ଼ିର କଥା ଆର ଘଡ଼ିକୁ ମନରେ ଥାଏ ନାହିଁ ।

ଗାଡ଼ି ଯାଇ କେନାପୁର ଷ୍ଟେସନରେ ବିଶ୍ରାମ ନେଲା । ବାଷ୍ପୀୟରଥ ସେଠାରେ ଅପେକ୍ଷାକୃତ ଅଧିକ ସମୟ ରହିଲା । ସେଠାରେ ପ୍ରବଳ ବର୍ଷା ଆରମ୍ଭ ହେଲା । ମୂଷଳଧାରରେ ପାଣି ଢାଳି ପକାଇଲା । ସେଠାରୁ ଧାନକ୍ଷେତ ଭଲ ହୋଇଥିବାର ଦେଖାଗଲା । ଭଦ୍ରଖଠାରୁ ସେ ପର୍ଯ୍ୟନ୍ତ ଧାନଗଛ ଉଧାଇପାରି ନାହିଁ । ସ୍ଥାନେ ସ୍ଥାନେ ହୁଡ଼ଠାରୁ ଧାନଗଛ ଉଚ୍ଚ ହୋଇପାରି ନାହିଁ । ଏବର୍ଷ ଏହିପରି ଖଣ୍ଡପାଳକ । ପ୍ରକୃତିର ମୁକ୍ତ ଅବାଧ୍ୟସ୍ତ କ୍ଷେତ୍ର ପରି ମଧ୍ୟରେ ମଧ୍ୟରେ ଅଖୁକ୍ଷେତ୍ର ଫର୍ ଫର୍ ହୋଇ ଉଡ଼ୁଅଛି । ତାହା ଗୁଡ଼ି ପାଖରେ ଧାନ୍ୟକ୍ଷେତ୍ର ଚୂର୍ଣ୍ଣକୁନ୍ତଳର ଶୋଭା ଧାରଣ କରିଅଛି । ରେଲସଡ଼କର ଦୁଇପାଖ ନାଳରେ ପଦ୍ମ, କୁମୁଦ, କହ୍ଲାରର ବିସ୍ତୃତ ବନ; ତାହା ପୁଷ୍ପରେ ପୂର୍ଣ୍ଣହୋଇ ରହିଅଛି । ପବନ ତାହାର ମଧୁର ଆମୋଦ ବହିଆଣି ରେଲଯାତ୍ରୀମାନଙ୍କୁ ବିତରଣ କରୁଅଛି । ପର ପଦାର୍ଥରେ ଦାତାପଣ ବୋଲାଇବା ପବନର ସ୍ୱଭାବସିଦ୍ଧ ଧର୍ମ; ତେଣୁ ଦାନରେ କୃପଣତା ନାହିଁ । ରାଜସୂୟଯଜ୍ଞରେ ମହାରାଜ ଯୁଧିଷ୍ଠିରଙ୍କର ଧନଭଣ୍ଡାର ଈର୍ଷାକୁ କୁଟିଳ ଦୁର୍ଯ୍ୟୋଧନ ଯଥେଚ୍ଛ ଦାନ କଲା ପରି ସେ ଉଭୟହସ୍ତରେ ଅନର୍ଗଳ ସୁରଭିସମ୍ପଦ ଦାନ କରୁଅଛି । ଦୁଇ ପାଖରେ ଚକ୍ରବାଳବ୍ୟାପୀ ବିସ୍ତୃତ ଧାନ୍ୟକ୍ଷେତ୍ର, ପଦ୍ମବନର ଶୋଭା-ସୌରଭ ଉପଭୋଗ କରିବାକୁ ସେଠାରେ କେହି ନାହିଁ, ତାହା ଶୂନ୍ୟରେ ମିଳାଇଯାଉଅଛି । ଅସ୍ଥାନରେ ଗୁଣୀର ପ୍ରତିଭାର ଆଦର ବ୍ୟର୍ଥ ହେଲା ପରି ଉପଯୁକ୍ତ ଗ୍ରାହକ ଅଭାବରେ ସେ ମୋହନ ମାଧୁରୀ, ସେ ମଧୁର କୋମଳ ଆମୋଦ ନୀରବଭାବରେ ହାହାକାର କରି ବ୍ୟଥାର ଅଶ୍ରୁ ବିସର୍ଜନ କରୁଅଛି । ପ୍ରାନ୍ତରବିହାରୀ ପଶୁପକ୍ଷୀକୁଳ ଭାଗ୍ୟବାନ୍ ! ସେହିମାନେ ସେ ଦୁର୍ଲଭ ସ୍ୱର୍ଗୀୟ ସମ୍ପଦ କିଛି କିଛି ଉପଭୋଗ କରୁଅଛନ୍ତି; କିନ୍ତୁ ସେ ସମ୍ପଦର ମୂଲ୍ୟ ବୁଝିପାରୁଛନ୍ତି କି ନାହିଁ, ତାହା କିଏ କହିପାରିବ ? ଯାହା ହେଉ, ମନୁଷ୍ୟଠାରୁ ସେମାନଙ୍କର ଆସନ ବହୁ ଊର୍ଦ୍ଧ୍ୱରେ । ଯେହେତୁ ଦେବଭୋଗ୍ୟ ପଦାର୍ଥର ଅପ୍ରତିଦ୍ୱନ୍ଦ୍ୱୀ ଅଧିକାରୀ ସେହିମାନେ । ଦେବତା ଅଭାବରେ ମହାର୍ଘ ମଣିରତ୍ନଖଚିତ ସୁବର୍ଣ୍ଣଦେଉଳ ଆଲୋକରେ ସି ଦୁରନ୍ତ ଚମଣୀ ଓ ବୁଢ଼ୀଆଣି ପ୍ରଭୃତି ଇତର କୀଟପତଙ୍ଗଙ୍କର ଉପଭୋଗ୍ୟ ହୁଏ—ହାୟ, ଏହାହିଁ ବିଧାତାର ବିଚିତ୍ର ବିଧାନ । ପଦ୍ମବନ ସରୋଜାସୁନ୍ଦରୀର ସ୍ୱୟମ୍ବରସ୍ଥଳୀ; ବିବାହାର୍ଥୀ ରାଜପୁତ୍ର ଭୃଙ୍ଗ ବହୁଭ୍ରମର ସେଠାରେ ସମବେତ ହୋଇଅଛନ୍ତି; ମାତ୍ର ସମସ୍ତେ କୁରୂପ, ତେଣୁ ରାଜନନ୍ଦିନୀର କେହି ମନୋମତ ହେଉ ନାହାନ୍ତି—ସେ ବାୟୁ ସଞ୍ଚାଳନ ଛଳରେ ନାହିଁ ନାହିଁ କହି ମୁଣ୍ଡ ହଲାଉଅଛି । ତଥାପି ନିର୍ଲଜ୍ଜ ଭ୍ରମର ଗୁଣୁ ଗୁଣୁ ସ୍ୱରରେ ସାଧ୍ୟ ସାଧନାରେ ନିଯୁକ୍ତ । ତାହା ଦେଖି ସଭାର ଦ୍ୱାରପାଳ ପବନ 'ଦୂର ଦୂର' କହି ଗର୍ଜି ଗର୍ଜି ସେମାନଙ୍କୁ ଗଳଥା ଦେଇ ଘଉଡ଼ାଇ ଦେଉଅଛି । ଭ୍ରମର ଶିଶୁପାଳର ଦଶା ଲାଭ କରି କ୍ଷୁଣ୍ଣମନରେ ପତ୍ର ଉପରେ ବସିପଡ଼ୁଅଛି; କିନ୍ତୁ କୁରୂପ ହେଲେ କଅଣ ହେବ, ସେ ତ ରସିକଶେଖର ରସଚୋପାନ ଭାବରେ ସେ ସବୁ ଲାଞ୍ଛନା-ଅପମାନ ଭୁଲିଯାଇ ଠାବବସିଅଛି । ତାହାର ଅଭିମାନ ନାହିଁ, ଅପମାନ ତିରସ୍କାର ତାହା ପକ୍ଷରେ ମଧୁର ପୁରସ୍କାର । "ସୁରସିକ ବୁଝେ ରସର ସମ୍ମାନ, ମାନ ଅପମାନ ତାଠାରେ ସମାନ"—ଇତି ସ୍ୱୟମ୍ବର ଅଧ୍ୟାୟ ।

ଗଡ଼ ମଧୁପୁର ଷ୍ଟେସନ ପାରହୋଇ ରେଲଶକଟ ଅଗ୍ରସର ହେଲା । ଦୂରରୁ ମଧୁପୁରଦୁର୍ଗ ଗିରିସୁନ୍ଦରୀର ହୀରକମେଖଳା ପ୍ରାୟ ସୁନ୍ଦର ଦିଶୁଥାଏ । ମଧୁପୁରରାଜ୍ୟର ଭୂମି ଖୁବ୍ ଉର୍ବର । ସରଯୂତୀରରେ ଅଯୋଧ୍ୟା ପ୍ରାୟ ବ୍ରାହ୍ମଣୀତୀରରେ ମଧୁପୁର ଦୁର୍ଗ ରମଣୀୟ ସୁଷମାମଣ୍ଡିତ ବୋଲି ଶୁଣିଅଛି । ମୁଁ ମଧୁପୁର ରାଜଧାନୀ ଦେଖି ନାହିଁ । ରେଲଗାଡ଼ିରେ ବସି ଦୁର୍ଗର ଅସ୍ପଷ୍ଟ ଦୂରଶୋଭା ଦେଖିଅଛିମାତ୍ର । ଇତିମଧ୍ୟରେ ରେଲଗାଡ଼ି ମହାବିନାୟକ ପର୍ବତର ପାଦମୂଳରେ ଗଲା । ପର୍ବତଟି ଦର୍ପଣରାଜ୍ୟର

ମାତ୍ର ମନ୍ଦିର ପ୍ରାୟ ଛଅଫିଟ୍ ଭୂତଳରେ ରହିଯାଇଅଛି । ତାହା ଯେପରି ଦୁଷ୍ପ୍ରବେଶ୍ୟ, ସେହିପରି ନିବିଡ଼ ଅରଣ୍ୟାନୀ-ଭୀଷଣ । ବନାଚ୍ଛନ୍ନ ପର୍ବତ ଉତ୍କଳର ପ୍ରସିଦ୍ଧ ପୁଣ୍ୟପୀଠ୍ୟ କ୍ଷେତ୍ର; ଶିବରାତ୍ରିରେ ସେଠାରେ ବଡ଼ ମେଳା ବସେ । ହରିଦାସପୁର ଷ୍ଟେସନ ପାଖରୁ ପର୍ବତ ମୂଳଯାଏ ସଡ଼କ ଅଛି । ଉତ୍ସବ ସମୟରେ ସେଠାରୁ ମୋଟର ଯାତାୟାତ କରେ । ବହୁଦୂରରୁ ଯାତ୍ରୀମାନେ ଆସନ୍ତି । ପର୍ବତ ଉପରକୁ ଉଠିବା ସକାଶେ ପାବଚ୍ଛ ବନ୍ଧା ହୋଇଅଛି । ରେଲ ଯାଇ କପିଳାସ ରୋଡ଼ ଷ୍ଟେସନରେ ପହଞ୍ଚିଲା । ତାହାର ଅନତିଦୂରରୁ ତାଳଚେରକୁ ଶାଖା ରେଲ ସଡ଼କ ଯାଇଅଛି । ଏହି ରେଲପଥ ଯୋଗୁଁ ମୋଗଲବନ୍ଦି ଓ ଗଡ଼ଜାତ ମଧ୍ୟରେ ବାଣିଜ୍ୟର ବିଶେଷ ସୁବିଧା ହୋଇଅଛି । କପିଳାସ ପର୍ବତ ଉତ୍କଳର ସୁପ୍ରସିଦ୍ଧ ଶୈବପୀଠ । ସେଠାର ଜଳବାୟୁ ଅତି ସ୍ୱାସ୍ଥ୍ୟପ୍ରଦ । ଝରଜଳ ସୁପାଚ୍ୟ । କପିଳାସ ଉତ୍କଳର ଦାର୍ଜିଲିଂ ଆଖ୍ୟାପ୍ରାପ୍ତ ହେବା ଉଚିତ ।

କେନାପୁରରେ ଯେଉଁ ପ୍ରବଳ ବର୍ଷା ହୋଇଥିଲା, ତାହା ବହୁଦୂରବ୍ୟାପୀ ନୁହେ । ଖଣ୍ଡେଦୂରଯାଏ ନବାମ୍ବୁର ସୃଷ୍ଟି କରିଗଲା । ବିଲ, ଖାଲ, ପ୍ରାନ୍ତରସବୁ ଜଳମୟ । ଧାନ କିଆରିରେ ହୁଡ଼ ଭୁଡ଼ ପାଣି ଚାଲିଥାଏ; କିନ୍ତୁ କେଣିକି ଶୁଖିଲା ଠକ୍ ଠକ୍ । ପ୍ରଚଣ୍ଡ ଖରାରେ ମୃତ୍ତିକା ଫାଟିଯାଇଥାଏ । ରେଲଗାଡ଼ି ଗ୍ରାମପ୍ରାନ୍ତର, ଶସ୍ୟକ୍ଷେତ୍ର ପାରହୋଇ ମହାନଦୀ ପୋଲ ଉପରେ ଚାଲିଲା । ନଦୀରେ ବନ୍ୟା ଛାଡ଼ିଯାଇଥାଏ । ପଠା ଉଣ୍ଡ୍ରିବୁଦାରେ ଫୁଲ ଫୁଟି ବଡ଼ ବାହାର ଦେଖାଯାଉଥାଏ । ସତେ ଯେପରି ଜରତୀ ତପସ୍ୱିନୀ ଚନ୍ଦ୍ରୋଦୂଲାର ଶୁଭ୍ରକେଶଗୁଚ୍ଛ ଫର ଫର ହୋଇ ଉଡ଼ୁଅଛି । କାଶ ବୁଦାଗୁଡ଼ିକ ଶ୍ୟାମ-ଭୂମିର ତାଳ ତପଃକ୍ଲିଷ୍ଟା ମହାନଦୀର ଶରୀର ଶୀତଳ କରୁଥାଏ । ଜଳରାଶି ଅନବରତ ଢେଉଁ ଅପୂର୍ବକ୍ରୀଡ଼ାରେ ମାତିଥାଏ । ତାହାର ଝର୍ଝର ଶବ୍ଦ, ପୋଲର ଘୋ ଘୋ ଶବ୍ଦ ମିଶି ହାଟବଜାରର କୋଳାହଳ ସୃଷ୍ଟି କରୁଥାଏ । ପଠାଚରା ଗୋରୁପଲ ମଧ୍ୟରୁ ଯେଉଁମାନେ ନିର୍ଭୟ, ସେମାନେ କେଉଁ ଆଡ଼କୁ ନ ଚାହିଁ ଉଦର ସେବାରେ ନିଯୁକ୍ତ ଥାଆନ୍ତି ; ଅର୍ଦ୍ଧଭୀତଗୁଡ଼ିକ ତୃଣାହାର ଛାଡ଼ି ଏକଧ୍ୟାନରେ ରେଲଗାଡ଼ି ଆଡ଼କୁ ଚାହିଁ ରହିଥାଆନ୍ତି । କେତେ ଡରକୁଳା ଗୋରୁ ଭୟରେ ପୁଚ୍ଛ ଟେକି ଇତସ୍ତତଃ ଧାବମାନ ହେଉଥାଆନ୍ତି; ଖଣ୍ଡେ ଦୂର ଯାଇ ପଛକୁ ନେଉଟି ଚାହିଁ ବିକଟ କରୁଣ ଚିତ୍କାର ଛାଡ଼ି ପୁଣି ଧାଉଁ-ଥାଆନ୍ତି । ସତେ ଯେପରି ରେଲଗାଡ଼ି ସେମାନଙ୍କୁ ଗିଳି-ପକାଉଛି । ରେଲଗାଡ଼ି କୃଷ୍ଣଧୂମରାଶି ଉଦ୍‌ଗାର କରି ଗଜେନ୍ଦ୍ର ଗମନରେ ଅଗ୍ରସର ହେଉଥାଏ; କେବେ କେବେ କୋଇଲାଗୁଣ୍ଡରେ ଫଗୁଖେଳ ଖେଳୁଥାଏ । ଦୁଇ ପାଖକୁ ଚାହିଁବାର ଉପାୟ ନାହିଁ । କୋଇଲାଗୁଣ୍ଡ ଚକ୍ଷୁର ପୀଡ଼ା ଉତ୍ପାଦନ କରୁଥାଏ । ଆରୋହୀମାନଙ୍କର ନେତ୍ର ବିନା ଶୋକଦୁଃଖରେ ଅଶ୍ରୁସଜଳ ହୋଇ-ଉଠୁଥାଏ ।

ଗାଡ଼ି ଯାଇ ଫଁକର ଦୀର୍ଘନିଃଶ୍ୱାସଟାଏ ଛାଡ଼ି କଟକ ଷ୍ଟେସନରେ ଠିଆହେଲା । ସେଦିନ ଶୁକ୍ରବାର, ମୋ ରାଶିର ଘାତବାର; କିନ୍ତୁ ମୁଁ ଅକ୍ଷତ ଶରୀରରେ ନିରୁପଦ୍ରବରେ ଯାଇ କଟକରେ ପହଞ୍ଚିଲି । ଘାତବାର କିଛି ଆଘାତ କରିପାରିଲା ନାହିଁ । ମୁଁ ଚିରକାଳ ଏହିପରି ପ୍ରଭୁର ହାତରେ ଜନ୍ମକାଠି ସମର୍ପଣ କରି ନିଶ୍ଚିନ୍ତ ହୁଏ । ଘାତବାର, ଘାତତିଥି, ଘାତନକ୍ଷତ୍ର, ଘାତଚନ୍ଦ୍ରରେ ମୁଁ ଯାତ୍ରା କରେ । ମୋର ବିଶ୍ୱାସ—ପ୍ରଭୁର ହାତରେ ଜନ୍ମକାଠି ଦେଲେ ସେ ପ୍ରଭୁର ଦରବାର ଛାଡ଼ି ପାଇବ ନାହିଁ, ଫଳେ ଦାୟିତ୍ୱ ତାହାର ମୁଣ୍ଡରେ ପଡ଼ିବ, ସୁତରାଂ ସେ ପ୍ରଭୁର ଦରବାର କେଉଁ ସାହସରେ ? ଭଗବାନ ମଙ୍ଗଳମୟ, ତାଙ୍କ ମଙ୍ଗଳନାମ ସ୍ମରଣ କଲେ ଅମଙ୍ଗଳ ଭୟରେ ଦୂରରୁ ଜୁହାର ହୋଇ ବାଟ ଛାଡ଼ି ପଳାଇଯିବ । ଭଗବାନଙ୍କର ନାମ ଜ୍ୱଳନ୍ତ ଅଗ୍ନି । ସେଥିରେ ତୁଳାଜଳା ପରି ମହା ଅମଙ୍ଗଳ ବି ଭସ୍ମ ହୋଇ ଉଡ଼ିଯିବ । 'ଜୟ ଜଗନ୍ନାଥ' ଉଚ୍ଚାରଣ କରି ଘରୁ ବାହାରିପଡ଼ିଲେ ଦୁର୍ବାର ଅମଙ୍ଗଳ ସୁଦ୍ଧା ମଙ୍ଗଳ ପାଲଟିଯିବ—ଏହା ମୋର ମୂଢ଼ ବିଶ୍ୱାସ ବୋଲି କେତେ କେହି କହିପାରନ୍ତି; ମାତ୍ର ସେହି ମୂଢ଼ ବିଶ୍ୱାସ ମୋତେ ଯଥେଷ୍ଟ ମଙ୍ଗଳ ଆଣିଦିଏ—ଏହା

ମୋର ଅନୁଭୂତିର କଥା । ଯାହାଙ୍କୁ ଡରିବ, ସେ ଦୁର୍ବଳ ମଣି କଷ୍ଟ ଦିଅନ୍ତି; ମାତ୍ର ନ ଡରିଲେ ଭୀମ ପରି ପ୍ରବଳ ଯୋଦ୍ଧା ପାଖ ପଶିବାକୁ ସାହସୀ ହେବ ନାହିଁ । କପଟକୁ ନ ଡରି ତାହା ଆଗରେ ଛାତି ପତାଇଦେବା ସିନା ବୀରର କାର୍ଯ୍ୟ ! ମୁଁ ତାହାହିଁ କରି କ୍ଷୀଣ ଦୁର୍ବଳ ହୋଇ ଯୋଦ୍ଧା ବୀରର ଗୌରବ ଉପଭୋଗ କରେ । ପାଞ୍ଜିର ପୃଷ୍ଠା ଘାଣ୍ଟି ଯାତ୍ରାଦିନ ଖୋଜିବସିଲେ ଜୀବନରେ ଯାତ୍ରାର ପୂର୍ଣ୍ଣ ଅନୁକୂଳ ଦିନ ଦୁଇ ଚାରିଟା ମିଳିବ କି ନାହିଁ ସନ୍ଦେହ । କାର୍ଯ୍ୟ କରିବା ଦୂରେ ଥାଉ, ଯାତ୍ରାର ଶୁଭଦିନ ଖୋଜୁଁ ଖୋଜୁଁ ପରମାୟୁ ଶେଷ ହୋଇଯିବ । ଶୁଭଦିନକୁ ଅପେକ୍ଷା କରୁ କରୁ ଜୀବନର ସନ୍ଧ୍ୟା ଆସିଯିବ । ମୁନିଋଷି ବନରେ ବାସ କରନ୍ତି । ସେମାନେ ହିଂସ୍ରଜନ୍ତୁଙ୍କୁ ଡରନ୍ତି ନାହିଁ ବୋଲି ହିଂସ୍ରଜନ୍ତୁ ତାଙ୍କର କିଛି ଅନିଷ୍ଟ କରିପାରନ୍ତି ନାହିଁ; ଅଧିକନ୍ତୁ ଦେଖିଲେ ପଳାଇଯାଆନ୍ତି । ଶାରୀରିକ ବଳ ପ୍ରଧାନ ବଳ ନୁହେ—ସାହସହିଁ ପ୍ରଧାନ ବଳ; ସାହସ ଅଭାବରେ ବାହୁବଳ କ୍ଲୀବତ୍ୱ ପ୍ରାପ୍ତହୁଏ । ସାହସ ଦୈହିକ ଶକ୍ତିର ପ୍ରାଣ, ସାହସହିଁ ମହା ଦୁର୍ବଳକୁ ବଳବାନ୍ କରେ—ଭୀରୁକୁ ମହାବୀର ଆଖ୍ୟାରେ ମଣ୍ଡିତ କରେ । କବି ଯଥାର୍ଥ ଗାଇଅଛନ୍ତି—"ଯାହା ଥାଉ ଭାଗ୍ୟେ କେବଳ ସାହସ ମୋର ସମ୍ବଳ, ସାହସୀଙ୍କୁ ଦେବେ ଅନୁକୂଳ ହୋଇ ଦିଅନ୍ତି ବଳ ।" କବିଙ୍କର ଏ ଅମର ସତ୍ୟ ବୀରବାଣୀ ଦୁର୍ବଳର ଶକ୍ତି । ଏହି ମହାବାଣୀ ଦୁର୍ବଳ ଶରୀରରେ ଗୋଟାଏ ଦୁର୍ଜୟ ଶକ୍ତି ଆଣି ପୂରାଇଦିଏ ।

ଗାଡ଼ି ଷ୍ଟେସନରେ ପହଞ୍ଚିଲାକ୍ଷଣି ଜଣେ ରେଲ୍‌ପାଇକ ତାରକମନ୍ତ୍ର ଜପ କଲା ପରି 'କଟକ, କଟକ, କଟକ' ସ୍ୱର ଧରି ଘୋଷିହେଲା । ଓହ୍ଲାଇବା ଯାତ୍ରୀମାନେ ତାହା ଶୁଣି ବ୍ୟସ୍ତ, ଚଞ୍ଚଳ ହୋଇଉଠିଲେ । କିଏ ସୁଖନିଦ୍ରା ଭୋଗ କରୁଥିଲା, କିଏ ବସିଥିଲା, କିଏ ଖୁସି ଗପ କରୁଥିଲା, ସମସ୍ତେ ସେହି ଶବ୍ଦରେ ଜାଗ୍ରତ ହୋଇ ଠିଆହେଲେ । ସଂସାରରେ ମନୁଷ୍ୟ ମାୟାମୋହରେ ଜଡ଼ିତ ହୋଇ ଆତ୍ମବିସ୍ମୃତ ଗର୍ଭରେ ନିଶ୍ଚିନ୍ତରେ ସୁଖ-ସ୍ୱପ୍ନ ଦେଖୁଥାଏ । ଆର ପାଖରୁ ମହା ଦରବାରର ଅବ୍ୟର୍ଥ ଡାକରା ଶୁଣିଲେ ତାହାର ବିସ୍ମୃତ-ବିଭୋର ନିଦ୍ରା ହଠାତ୍ ଭାଙ୍ଗିଯାଏ । ସେ ଚେଇଁ ଉଠି ଅଧୀର ବ୍ୟାକୁଳ ହୃଦୟରେ ଦରବାରରେ କଲମୀ-ଇଜାହାର ଦେବା ପାଇଁ ପ୍ରସ୍ତୁତ ହୁଏ । ତହୁଁ ଅଣ୍ଟାରି ସାଉଣ୍ଟି ପାଥେୟ ଯାହା ପାଏ, ତାହା ଘେନି ଧାଏଁ । ଯାହାର ପାଥେୟ କିଛି ନ ଥାଏ, ସେ ଖାଲିହାତରେ ଯାଏ । ଓହ୍ଲାଇବା ଲୋକମାନେ ସେହିପରି ଖରହସ୍ତରେ ବୁଜୁଳା ବୁଜୁଳି ଧରି ଗାଡ଼ିରୁ ଓହ୍ଲାଇପଡ଼ିଲେ । ଯାହାର କିଛି ନ ଥିଲା, ସେ ଭୁଗ ଶୂନ୍ୟହସ୍ତରେ ଓହ୍ଲାଇଗଲା । ଓହ୍ଲାଇଲାକ୍ଷଣି ତପ୍ତବୈତରଣୀ ପାର କରିଦେବା ପାଇଁ କର୍ଣ୍ଣଧାରରୂପୀ ଗାଡ଼ିଆଳମାନେ ଆମିଷଶିକାର ଧରିବାରେ ଲାଗିଗଲେ । 'ବାବୁ ସିକନ୍ କ୍ଲାସ ଗାଡ଼ି— ବାବୁ ସିକନ୍ କ୍ଲାସ ଗାଡ଼ି' କହି ଉତ୍ତରକୁ ପ୍ରତୀକ୍ଷା ନ କରି ଠିକ୍, ବୁଜୁଳା ସୁଦ୍ଧା ହାତରୁ ଜବରଦସ୍ତି ଛଡ଼ାଇନେଇ ଗାଡ଼ିରେ ରଖିଦେଲେ । ବାବୁମାନେ ତାହା ପଛେ ପଛେ ଧାଇଁଲେ । ଗାଡ଼ି ପାଖରେ ପହଞ୍ଚିଲାକ୍ଷଣି ବାବୁ ବ୍ରହ୍ମଲୋକକୁ ଯିବେ କି ଶିବଲୋକକୁ ଯିବେ କିମ୍ବା ରୌରବ-କୁମ୍ଭୀପାକ ସ୍ୱର୍ଗକୁ ଯିବେ, ତାହା ପଚାରିନେଇ ବାବୁଙ୍କୁ ଗାଡ଼ିରେ ବସାଇ ଅଶ୍ୱିନୀକୁମାରଙ୍କ ପୃଷ୍ଠରେ ସପାସପ୍ ପୁରସ୍କାର ଦେବାକୁ ଲାଗିଲେ । ସେମାନେ ହ୍ରେଷାରବ କରି ଧାବିତ ହେଲେ । ଓଜର ଆପତ୍ତି କଲେ ଅଧିକ ପୁରସ୍କାର ମିଳିବ, ସୁତରାଂ ବିନା ଆପତ୍ତିରେ ଅଶ୍ୱଭାଷାରେ 'ଯେ ଆଜ୍ଞା ହଜୁର' କହି ବକ୍ରିତ ମୁଖରେ ଖଳିନ ଚର୍ବଣ କରି କରି ଦୌଡ଼ିବାକୁ ଲାଗିଲେ ଏବଂ ମନେ ମନେ ନିଜର ପ୍ରଭୁଙ୍କୁ ଆଶୀର୍ବାଦ କରିବାକୁ ଭୁଲିଲେ ନାହିଁ । ବୋଧହୁଏ କହିଲେ—"ହେ ଧର୍ମାବତାର ପ୍ରଭୁ, ଜନ୍ମାନ୍ତରରେ ତୁମ୍ଭେ ଆମ୍ଭ ଜାତି ହୁଅ, ଆଉ ଆମ୍ଭେ ତୁମ୍ଭ ଜାତି ହେଉଁ ।" ସିକନ୍‌କ୍ଲାସ ଉପାଧିଧାରୀ ଗାଡ଼ି ଧଡ଼ଧଡ଼ ଖଡ଼ଖଡ଼ ଶବ୍ଦରେ ମନଫୁଲଣା ସଙ୍ଗୀତ ଆବୃତ୍ତି କରି କରି ଅଗ୍ରସର ହେଲା । ଯାହାର ପାଥେୟ ନାହିଁ, ସେ ପାଦବାହନରେ ଧୀରେ ଧୀରେ ଚାଲିଲା । ଦେବଦୁର୍ଲଭ ବାବୁ ଉପାଧି ତାହା ଭାଗ୍ୟରେ ଘଟିଲା ନାହିଁ । ଭାଗ୍ୟଂ ଫଳତି ସର୍ବତ୍ର, ନତୁବା ଅର୍ଥଂ ଫଳତି ସର୍ବତ୍ର । ମୁଁ

ରେଲଗାଡ଼ିରେ ବସି ଏ ଦୃଶ୍ୟ ଦେଖୁଥାଏ । ସମସ୍ତେ ଓହ୍ଲାଇଗଲା ପରେ ଗହଳି ଭାଙ୍ଗିଲେ ମୁଁ ପଛରେ ଓହ୍ଲାଇବି, ଏହାହିଁ ମୋର ଉଦ୍ଦେଶ୍ୟ । ରେଳ ଗାଡ଼ିରେ ଆଗରେ ଚଢ଼ି ପଛରେ ଓହ୍ଲାଇବା ନୀତିଶାସ୍ତ୍ରର ଧାରା । ଯୁବକମାନେ ଏ ଧାରା ମାନନ୍ତୁ ବା ନ ମାନନ୍ତୁ; ମାତ୍ର ବୃଦ୍ଧମାନେ ମାନିବାକୁ ବାଧ୍ୟ, ନଚେତ୍ ବିପଦ ଅନିବାର୍ଯ୍ୟ । ପ୍ଲାଟଫର୍ମରେ ସାଇନବୋର୍ଡଧାରୀମାନେ ଦଳ ଦଳ ହୋଇ ଠେଲୁଥାନ୍ତି । ରେଲ କୋମ୍ପାନୀ ବାହାଦୁରଙ୍କ ପ୍ରସାଦରୁ କୁଲି, ବେପାରୀ, କର୍ମଚାରୀ ଓ ଜାନୁବାହୁ ପର୍ଯ୍ୟନ୍ତ ସମସ୍ତ ସାଇନ୍‌ବୋର୍ଡ ଅଳଙ୍କାରରେ ଅଳଙ୍କୃତ । କାହା ମସ୍ତକରେ ମୁକୁଟରୂପେ, କାହା ବକ୍ଷରେ କୌସ୍ତୁଭ ପଦକରୂପେ, କାହା ବାହୁରେ ବାଜୁରୂପେ ସାଇନବୋର୍ଡ଼ ଶୋଭା ପାଉଅଛି ।

ସୋମନାଥ କୁଲି ଡାକି ମାଲପତ୍ର ଓହ୍ଲାଇନେଇ ଶେଷ ମାଲ ମୋତେ ଓହ୍ଲାଇନେବାକୁ ଆସିଲା । ସେତେବେଳେ ପ୍ରାୟ ଦେଡ଼ଟା ସମୟ । ପ୍ରଚଣ୍ଡ ମୁଣ୍ଡଫଟା ଖରା । ଛଳନାମୟୀ ମରୀଚିକା ଦୂରଆଡ଼େ ବର୍ଣ୍ଣଚ୍ଛଟା ବିସ୍ତାର କରି ଖେଳୁଅଛି । ଦୂରକୁ ଚାହିଁଲେ ଆଖି ବୁଜି-ହେଉଅଛି, ସେଥିପ୍ରତି ଭ୍ରୂକ୍ଷେପ ନ କରି ସେ ପ୍ରଖର ଖରା-ସ୍ରୋତ ସନ୍ତରଣ କରି ସାହିତ୍ୟ-ସମାଜର ସମ୍ପାଦକ ବନ୍ଧୁବର ଶ୍ରୀଯୁକ୍ତ ଶଶିଭୂଷଣ ରାୟ, ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ଶରତ୍‌ଚନ୍ଦ୍ର ମୁଖର୍ଜି ଓ କେତେ ଜଣ ପ୍ରବୀଣ ସାହିତ୍ୟିକ ଆସି ପୂର୍ବରୁ ଷ୍ଟେସନରେ ଅପେକ୍ଷା କରି-ଥିଲେ । ମୋର ଓହ୍ଲାଇବା ପୂର୍ବରୁ ସେମାନେ ଆସି ଗାଡ଼ିଦ୍ୱାରରେ ଉପସ୍ଥିତ । ଓହ୍ଲାଇବାକ୍ଷଣି ଶଶୀବାବୁ ଗୋଟାଏ ଫୁଲହାର ଗଳାରେ ପିନ୍ଧାଇଦେଲେ । ଶଶୀବାବୁ କବିଯୁବକ, ନିଜେ ମଧ୍ୟ କବି, ଫୁଲହାରଟି ସୁଦ୍ଧା କବିତ୍ୱରସରେ ରଚିତ ହୋଇଥିଲା । ତାହା ନୀରବ କବିତା କଳା-କୌଶଳରେ ସୃଷ୍ଟ । ତହିଁପରେ ସ୍ୱାଗତ ସମ୍ଭାଷଣ, ନମସ୍କାର ଅଭିନନ୍ଦନ ପ୍ରଦାନ ଚାଲିଲା । ଖରାରେ କଷ୍ଟ ସହି ତାଙ୍କର ଆସିବାର ଆବଶ୍ୟକତା ନ ଥିଲା ବୋଲି ମୁଁ କହିବାରୁ ଶଶୀବାବୁ ହସି ହସି କହିଲେ—"ଆପଣ ଶିଷ୍ଟାଚାର ଦେଖାଉଅଛନ୍ତି କି ? ଏହା ମୋର କର୍ତ୍ତବ୍ୟ, ମୁଁ କର୍ତ୍ତବ୍ୟ ପାଳନ କରିବାକୁ ଆସିଅଛି ।" ଏହା ଶୁଣି ମୋର ମୁଖ ବନ୍ଦ ହୋଇଗଲା । ଏହା ହେଲା ମୁଖ ବନ୍ଦ ମନ୍ତ୍ର । କର୍ତ୍ତବ୍ୟର ନାମ ଧରିଲାରୁ ଆଉ ଉତ୍ତର ବା କଅଣ ଅଛି ? ବୃଦ୍ଧକାଳରେ ଫୁଲମାଳ ବେକରେ ପକାଇବାକୁ ବାସ୍ତବରେ ମୋତେ ବଡ଼ ଲଜ୍ଜା ବୋଧହେଲା । ମାଳଟି ବାହାର କରି ପକାଇବାକୁ ସାହସ ମଧ୍ୟ କୁଳାଇଲା ନାହିଁ । ତାହା ହେଲେ ବନ୍ଧୁବରଙ୍କୁ ଅପମାନ ହେବ । କଅଣ କରିବି, ବାଧ୍ୟ ହୋଇ ସେଥିରୁ କ୍ଷାନ୍ତ ହେବାକୁ ପଡ଼ିଲା । ଉଷା ପାଖରେ ଥିଲେ ତାକୁ ପିନ୍ଧାଇଦେଇଥାନ୍ତି, ମାତ୍ର ସେ ଯାଇ ଷ୍ଟେସନର ଫୁଲଗଛର ପତ୍ର ଓ ଫୁଲ ଛିଣ୍ଡାଇବାରେ ବ୍ୟସ୍ତ ଥାଏ । ମୁଁ ତାହା କଥା ଭାବୁ-ଥାଏ; କିନ୍ତୁ ସେ ମୋତେ ଭୁଲିଯାଇଥାଏ । ସେ ତାହାର ପିତା, ପିତୃବ୍ୟ ଓ ସାନ ପିତାମହଙ୍କ ସ୍ନେହର ତ୍ରିବେଣୀଧାରାରେ ମଗ୍ନ । ମୋତେ ବା ଖୋଜିବ କାହିଁକି ? ମୋର ବି ଗୋଟାଏ ଶିକ୍ଷା ହେଲା, ମୁଁ ଶ୍ମଶାନ ପଥର ଯାତ୍ରୀ, ତଥାପି ସଂସାର ମାୟାରୁ ମୁକ୍ତ ନୁହେଁ । ସେ ତ ଅଜ୍ଞାନ ଶିଶୁ, ମାୟା ଛୁଇଁବ କାହିଁକି ? ତାହାର ଶିଶୁବୁଦ୍ଧି ମୋ ଭଳି ବୃଦ୍ଧର ପାଗଳ ବୁଦ୍ଧିକୁ ଜିଣିଗଲା । ପରିପକ୍ୱ ଜ୍ଞାନ କାହାର, ମୋର ନା ଉଷାର—ତାହା ମନେ ମନେ ବୁଝିପାରିଲି । ତାହା ନ ହେଲେ ସଂସାର ମୋତେ ଭ୍ରୂକୁଟି ଦେଖାନ୍ତା କାହିଁକି ? ମାୟାବଦ୍ଧ ମୋହାନ୍ଧ ଉପରେ ତ ତାହାର ଅଧିକାର ଷୋଳପଣ । ମନୁଷ୍ୟ ଚିତାନଳରେ ଭସ୍ମ ନ ହେବାଯାଏ ମୋହମାୟା ଛାଡ଼ିପାରେ ନାହିଁ । ମୂର୍ଖ ହେଉ ବା ପାଠୁଆ ହେଉ, ସମସ୍ତଙ୍କର ଏକଦଶା । ତେବେ ପ୍ରଭେଦ ଏତିକି ଯେ, ପାଠୁଆ ସଂସାରର ମୋହମାୟାକୁ କଥାରେ ଛାଡ଼ିପାରେ । ଜଗନ୍ନେ କା ଦରିଦ୍ରତା ? ମାତ୍ର କାର୍ଯ୍ୟରେ ଛାଡ଼ିପାରେ ନାହିଁ—ତାହା ଯେ କାଠିକର ପାଠ । ଆଉ ଅପାଠୁଆ କଥା, କାର୍ଯ୍ୟ କାହିଁରେ ଛାଡ଼ିପାରେ ନାହିଁ । କଥାରେ ଛାଡ଼ିବା ଯେ ଗୋଟାଏ ଭାନ୍ ବା ଲୋକଦେଖା ବ୍ୟବହାର; ମାତ୍ର ମୂର୍ଖ ହେଲେ କଅଣ ହେବ ସେ ତାହା ଜାଣେ । ମୂର୍ଖଠାରୁ ପଣ୍ଡିତ କେବଳ କୂଟବୁଦ୍ଧିରେହିଁ ଶ୍ରେଷ୍ଠ । କେଉଁ କଥା ଅସି କେଉଁଠି

ଉଠିଲାଣି, ସେ ସ୍ଥାନର ସ୍ମାନ ଦେଖାଇବା ଏଣିକରେ ଥାଉ ।

ଶରତ୍‌ବାବୁ ସନ୍ଧ୍ୟାବେଳେ ବସାକୁ ଆସିବେ ବୋଲି କହି ବିଦାୟ ନେଲେ । ଶଶୀବାବୁ ଓ ମୁଁ ଗୋଟାଏ ଅଶ୍ୱରଥରେ ବସି ସହରର ଅଭିମୁଖରେ ଆସିଲୁଁ । ସାରଥି କେବେ ଧୀରଗତିରେ, କେବେ ବା ବ୍ୟଗ୍ରଗତିରେ ରଥକୁ ବାହିବାକୁ ଲାଗିଲା । ଆଉ ସମସ୍ତେ ମାଲପତ୍ର ସହ ଆଉ ଖଣ୍ଡେ ଗାଡ଼ିରେ ପଛରେ ଆସିଲେ । ବାଟରେ ସୁଖଦୁଃଖର କଥା, ସାହିତ୍ୟ-ସମାଜର କଥା ଓ ଅନ୍ୟାନ୍ୟ କଥାବାର୍ତ୍ତା ଆମ୍ଭ ଦୁହିଙ୍କ ମଧ୍ୟରେ ଲାଗିଥାଏ ! ଏ ବର୍ଷ ସାହିତ୍ୟସମାଜର ବିଶେଷ ପରିବର୍ତ୍ତନ ଘଟିଛି । ପୁରୁଣା କର୍ମୀମାନଙ୍କ ମଧ୍ୟରୁ ଅଧିକାଂଶ ଅବସର ନେଇଅଛନ୍ତି, ସେମାନଙ୍କ ସ୍ଥାନରେ ନୂତନ ତରୁଣ କର୍ମୀମାନେ ପ୍ରବେଶ କରିଅଛନ୍ତି । ଶଶୀ ବାବୁ ସମ୍ପାଦକ ପଦ ଛାଡ଼ି ଦେଇଅଛନ୍ତି । ଏଣିକି ସେ ସାହିତ୍ୟସମାଜର ସଭ୍ୟପତି । ଶଶୀବାବୁ ଏକାଦିକ୍ରମେ ଅଠର ବର୍ଷ ହେଲା ସମ୍ପାଦକ-ଦାୟିତ୍ୱ ନିର୍ବାହ କରି ଆସୁଥିଲେ, ଏଣିକି ସେ ଦାରୁଣ ବ୍ଲଡ଼ପ୍ରେସରରେ ଭୋଗି-ପଡ଼ିଅଛନ୍ତି । ଏହି ଦୁଃସହ ରୋଗ ତାଙ୍କୁ ସୁଦୀର୍ଘ ବାରବର୍ଷ ହେଲା ବଡ଼ କଷ୍ଟ ଦେଉଅଛି । ଶୁଣିଲି, ତାହାହିଁ ତାଙ୍କର ସମ୍ପାଦକପଦତ୍ୟାଗର କାରଣ । କେତେ ବର୍ଷ ହେଲା ପ୍ରୌଢ଼ ତରୁଣ ମଧ୍ୟରେ ସାହିତ୍ୟସମାଜ ପାଇଁ ଗୋଟାଏ ପ୍ରବଳ ଘର୍ଷଣ ଚାଲିଥିଲା । ସମ୍ବାଦପତ୍ରରେ ବି ଆନ୍ଦୋଳନ ଲାଗିଥିଲା । ଯାହାହେଉ ଏବେ ସବୁ ଛିଡ଼ି-ଗଲା । ଯୁବକମାନେ କାର୍ଯ୍ୟ କରିବାକୁ ଅଗ୍ରସର ଥିବା ସ୍ଥଳେ ସେମାନଙ୍କୁ ସେହି ଛାଡ଼ିଦେବା ପ୍ରୌଢ଼ୋଚିତ କାର୍ଯ୍ୟ ହୋଇଅଛି । ବର୍ତ୍ତମାନ ଯୁବକର ଯୁଗ । ଯେଉଁ ଆଡ଼କୁ ଚାହିଁଲେ ଯୁବକଶକ୍ତିର କର୍ମପଟୁତା ଦେଖାଯାଉ-ଅଛି । ଅନେକ ଦେଶର ଅନେକ ମହତ୍ ସଦନୁଷ୍ଠାନର ସାଫଲ୍ୟ ଯୁବକଶକ୍ତିରେ ଘଟିଥିବା ଓ ଘଟୁଥିବା କେହି ଅସ୍ୱୀକାର କରିବେ ନାହିଁ । ଦେଶରେ ଭବିଷ୍ୟତ୍ କର୍ମୀ ପ୍ରସ୍ତୁତ କରିଦେବା ପ୍ରୌଢ଼ମାନଙ୍କର ଉଚିତ । ଯୁବକ ଯେତେବେଳେ ସ୍ୱୀୟ ଦୁର୍ବାର ଶକ୍ତିରେ ପ୍ରୌଢ଼ର ପରିପକ୍ୱ ଜ୍ଞାନ ମିଶାଇ କାର୍ଯ୍ୟ କରେ, ତେବେ ତାହାର ଅସାଧ୍ୟ କଅଣ ? ଯୁବକକୁ ହାତରେ, କଲମରେ ଶିକ୍ଷା ଦେବା ପ୍ରୌଢ଼ର ଗୁରୁତର ଦାୟିତ୍ୱ । ଯୁବକର ପ୍ରବଳ ଶକ୍ତି, ବୃଦ୍ଧର ପରିପୁଷ୍ଟ ଜ୍ଞାନୋପଦେଶ ଏ ଦୁହିଙ୍କର ଶୁଭ ସମ୍ମିଳନ ମଣିକାଞ୍ଚନର ସଂଯୋଗ ତୁଲ୍ୟ । ନିଜେ ଥାଉ ଥାଉଁ ନିଜର ଭବିଷ୍ୟତ୍ କର୍ମୀଙ୍କୁ ଉପଯୁକ୍ତ ଦେଖିବା କମ୍ ଆଶା-ଆନନ୍ଦ-ସୌଭାଗ୍ୟର କଥା ନୁହେଁ । ଯୁବକର କାର୍ଯ୍ୟକଳାପ ପର୍ଯ୍ୟବେକ୍ଷଣ ଓ ସଂଶୋଧନ କରି ତାକୁ ସର୍ବାଙ୍ଗସୁନ୍ଦର କରିବା ପ୍ରୌଢ଼ର ଅବଶ୍ୟ କର୍ତ୍ତବ୍ୟ । ନିଜ ଆଖିରେ ନିଜ ମାତୃଭୂମିର ଭବିଷ୍ୟତ୍ ଉଜ୍ଜ୍ୱଳ ଆଲେଖ୍ୟର ମଙ୍ଗଳ ଲକ୍ଷଣ ଯେ ଦେଖି ଯାଏ, ତାହାର ଆଖି ସାର୍ଥକ, ସେ ଭାଗ୍ୟଧର, ତାହାର ଗର୍ବ କରିବା ଉଚିତ । ମୋ ପଛକୁ ମୁଁ କର୍ମୀ ପ୍ରସ୍ତୁତ କରି ଯାଉଅଛି ବୋଲି ଗୋଟାଏ ଆତ୍ମଶ୍ଳାଘା ମନକୁ ଆନନ୍ଦ କରି-ପକାଏ । ତାହାର ମୂଲ୍ୟ ଓ ମାଧୁରୀ କହିବା ନୁହେଁ । ଯେ ସେହି ଅମୃତ ଆସ୍ୱାଦନ କରେ, ତାହା ସେହି ଏକା ଜାଣେ । ଜୀବନ କାଳରେ ତାହାର ଚିତ୍ତ ଉତ୍ସବମୟ, ସେ ସ୍ୱର୍ଗସୁଖ ଭୋଗ କଲା ପରି ମଣେ । ତାହା ନ ଥିଲେ କେହି ଦୁରୂହ କାର୍ଯ୍ୟ କରିବାକୁ ମନ ବଳାଏ ନାହିଁ । ଯୁବକମାନଙ୍କର ଶକ୍ତି ଅଛି, ଶିକ୍ଷା ଅଛି, ଯୋଗ୍ୟତା ଅଛି, ମନ ବି ଅଛି । ସେଥିର ସଦ୍‌ବ୍ୟବହାର ଉତ୍ସାହ, ଆଗ୍ରହ ଓ ନିଷ୍ଠା ସହ ଏହିପରି ଦେଶର ସଦନୁଷ୍ଠାନମାନ-ଙ୍କରେ ପ୍ରବେଶ କଲେ ବୃଦ୍ଧମାନଙ୍କର କର୍ତ୍ତବ୍ୟର ଭାର ଲଘୁ ହୋଇ ଆସିବ । ଦେଶ ଯୁବକର, ବୃଦ୍ଧର ନୁହେଁ । ବୃଦ୍ଧ ଆଜି ଅଛି, କାଲି ନାହିଁ, ଯୁବକ ସଂସାରରେ ଘର-କରଣା କରିବ । ଉତ୍କଳ-ଯୁବକ କର୍ମରେ ନିଯୁକ୍ତ ହେଉ, ମଙ୍ଗଳମୟଙ୍କର ଆଶୀର୍ବାଦ ଲାଭ କରୁ—ଏହା କାହାର କାମନୀୟ ନୁହେଁ !

ଅଶ୍ୱରଥଖଣ୍ଡି ବାରି ବାଙ୍କ ତେର ବକାର ଅତିକ୍ରମ କରି ଚାଲିଥାଏ । ସାରଥି ଅର୍ଦ୍ଧ ନିମୀଳିତ ନେତ୍ରରେ ଯୋଗମଗ୍ନ । ଦୈବାତ୍ ଧ୍ୟାନ ଭାଙ୍ଗିଗଲେ ଅଶ୍ୱପୃଷ୍ଠରେ ସପାସପ୍ ଦୁଇଛାଟ ବସିଯାଏ । ତହୁଁ ସେ ମୁଖ ବିକୃତ କରି ବକ୍ରଗ୍ରୀବ ହୋଇ ଗତିର ବେଗ ଟିକିଏ ବଢ଼ାଇ-ଦିଏ । ଉଗ୍ର ଯୋଗୀ ବାମଦେବଙ୍କର ଯୋଗଭଙ୍ଗ କରି କାମଦେବ ଭସ୍ମ ହୋଇଥିଲେ ; ମାତ୍ର ଏ ଶୀତଳ

ଯୋଗୀ ହେଲୁ ସେଭଳି କଠୋର ଶାସ୍ତି ବିଧାନ ନ କରି ସାମାନ୍ୟ ଦଣ୍ଡ ଦିଏ । ଏଣିକି ପରମ ଦୟା । ବିଦେଶୀୟ ପଦାର୍ଥରେ ବଜାରମାନ ଆଲୋକ-ମୟ । ମନୋହର ଦୋକାନଗୁଡିକ ବିଶ୍ୱ-କର୍ମାଙ୍କର ସୁସଜ୍ଜିତ ଜ୍ୟୋତିର୍ମୟ ବୈଠକଖାନା । ବିକାକିଣାର ବିରାମ ନାହିଁ, କର୍ମର ସ୍ରୋତ ବହୁ ଧାରାରେ ପ୍ରବାହିତ । ବଡଠାରୁ ସାନଯାଏ ସମସ୍ତ ଦୋକାନୀ କର୍ମନିରତ । ଯେଉଁମାନେ ଲକ୍ଷ୍ମୀଙ୍କର ଅତି ସୌଭାଗ୍ୟଧର ପ୍ରିୟପୁତ୍ର, ସେମାନଙ୍କର ନିଃଶ୍ୱାସ ମାରିବାକୁ ଅବସର ନାହିଁ । ସହସ୍ର ହସ୍ତରେ କର୍ମ-ଦେବତାଙ୍କର ପୂଜା ଲାଗିଅଛି । ଟଙ୍କା ପଇସାର ଅଜସ୍ର ଝଣଝଣ ଶବ୍ଦ 'ବାଣିଜ୍ୟେ ବସତେ ଲକ୍ଷ୍ମୀ' ଏହି ସତ୍ୟ ସତ୍ପୁକ୍ତିର ଜୀବନ୍ତ ଚିତ୍ର ଦେଖାଇଦେଉଅଛି । ମାର-ବାଡିଙ୍କ ଦୋକାନ ସବୁଠାରୁ ଅଧିକ । ଏକା କଟକ କାହିଁକି, ଉତ୍କଳର ସର୍ବତ୍ର ସେମାନଙ୍କ ଗାଦିର ପ୍ରଭାବ ଅବ୍ୟାହତ । ବୋଧହୁଏ କିଛିକାଳ ପରେ ଓଡିଶା ମାର-ବାଡି ମୂଲକ ହୋଇଯିବ । ଦକ୍ଷିଣରେ କୋମ୍ଟି ଜାତି ପରି ଏ ଜାତି ବ୍ୟବସାୟ ବିଦ୍ୟାରେ ଅତି ଧୁରନ୍ଧର । ଏ ବିଦ୍ୟାରେ ମାରବାଡିମାନେ ଭାରତୀୟ ସମସ୍ତ ଜାତିର ଶୀର୍ଷସ୍ଥାନୀୟ । ବାଣିଜ୍ୟରେ ଏତେ ଅଧିକ ବୁଦ୍ଧି ଅନ୍ୟ କୌଣସି ଜାତିର ଭାଗ୍ୟରେ ଘଟେ ନାହିଁ । କବି ଗାଇଅଛନ୍ତି—ବାଣିଜ୍ୟରେ ଲକ୍ଷ୍ମୀଙ୍କର ବାସ, ତାର ଅଧ କୃଷି, ତାର ଅଧ ବି. ଏଲ୍. ପାସ । ତାର ଅଧ ଆଉ ଲେଖି ନାହାନ୍ତି । ଲେଖିଥିଲେ ବୋଧହୁଏ, "ତାର ଅଧ ପର ପାଦରେ ଦାସ" ବୋଲି ଲେଖିଥାଆନ୍ତେ । ଆମ ଦେଶର ଭାଗ୍ୟ ଠିକ୍ ଶେଷୋକ୍ତ ପଙ୍କ୍ତି ସଙ୍ଗରେ ସମ୍ପୃକ୍ତ । ତାହା ଛଡା ଆଉ କାହାରି ଇଚ୍ଛା କେଉଁ ଆଡକୁ ଯିବାକୁ ଏକାନ୍ତ ନାରାଜ । ଅଳ୍ପଦିନ ପୂର୍ବରେ ସମ୍ବାଦପତ୍ରରେ ଗୋଟିଏ ଶୁଭସମ୍ବାଦ ବାହାରିଥିଲା—ମାନ୍ଦ୍ରାଜରେ ଖଣ୍ଡିଏ ତେଇଶଟଙ୍କା ବେତନର କିରାଣୀ କାର୍ଯ୍ୟ ସକାଶେ ଊନଶତାଧିକ ଦରଖାସ୍ତ ପଡିଥିଲା । ପ୍ରାର୍ଥୀ ମଧ୍ୟରେ ଆଇ. ଏ., ବି. ଏ., ଏମ୍. ଏ., ବି, ଏଲ୍. ପ୍ରଭୃତି ଉତ୍ତୀର୍ଣ୍ଣଙ୍କ ସଂଖ୍ୟା ଅଧିକ । ଶେଷରେ ଚାକିରିଖଣ୍ଡି ଜଣେ ମାଟ୍ରିକ୍ ପାଇଲା । ବଙ୍ଗ ଦେଶରେ ଡାକମୁଣ୍ଡିବୁହା ହରକରାର କାମ ସକାଶେ ଜଣେ ମାଟ୍ରି-କ୍ୟୁଲେସନ ପାସବାଲା ପ୍ରାର୍ଥୀ ହୋଇଥିବାର ଶୁଣା-ହୋଇଥିଲା; କିନ୍ତୁ ହାକିମ ତାକୁ ସେ ଚାକିରି ଦେଲେ ନାହିଁ ; ଅଧିକନ୍ତୁ କହିଥିଲେ—ସମୟରେ ଏହି ହରକରା ଚାକିରି ପାଇଁ ମାଟ୍ରିକ୍ୟୁଲେସନ ପାସବାଲା ପ୍ରାର୍ଥୀ ହୋଇପାରନ୍ତି; ମାତ୍ର ବର୍ତ୍ତମାନ ସେଭଳି ଅଧୋଗତି ଘଟି ନାହିଁ । ବର୍ତ୍ତମାନ ଚାକିରିବଜାରର ଅବସ୍ଥା ଏହିପରି; ଅପରେ କିଂ ଭବିଷ୍ୟତି , ତାହା ସେହି ଭବିଷ୍ୟତ ଦେବତା ଜାଣନ୍ତି, ନଚେତ୍ ଭବିଷ୍ୟତ ପୁରାଣ ଖୋଜିଲେ ମିଳିପାରେ । ମାରବାଡିମାନଙ୍କର ଉନ୍ନତି ପ୍ରତ୍ୟକ୍ଷରେ ଦେଖି ସୁଦ୍ଧା ସେମାନଙ୍କଠାରୁ ଏ ଶୁଭବିଦ୍ୟା କେହି ଶିଖିବାକୁ ଚେଷ୍ଟା କରୁ ନ ଥିବା କେଉଁ ଅପଦେବତାର ଦୁଷ୍ଟ ପ୍ରେରଣା, ତାହା କିଏ କହି-ପାରେ ? ମୂଳଧନ ଅଭାବର କୁହାଇ ଦେଇ କେହି କେହି ଦୋଷମୁକ୍ତ ହୋଇ ବସନ୍ତି ; ମାତ୍ର ସେମାନେ ବଡ ଭ୍ରାନ୍ତ । ମାରବାଡିମାନେ କଅଣ ଘରୁ ହଜାର ହଜାର ଟଙ୍କା ଧରି ଆସି ଏ ଦେଶରେ ବ୍ୟବସାୟ କରନ୍ତି ? ଅନେକେ ଲୋଟା କମ୍ବଳମାତ୍ର ସମ୍ବଳ ଘେନି ଏ ଦେଶକୁ ଆସି ଦଶବର୍ଷ ମଧ୍ୟରେ କୋଠା ତୋଳି ଲକ୍ଷପତି ହୋଇ ବସନ୍ତି । ସେମାନଙ୍କର ବିଳାସଶୂନ୍ୟ ମିତବ୍ୟୟିତା, ନିଷ୍ଠା, ଧୈର୍ଯ୍ୟ, କଷ୍ଟସହିଷ୍ଣୁତା, ଅଦମ୍ୟ ଅଧ୍ୟବସାୟ, ନିରାଡମ୍ବର ବ୍ୟବହାର ପ୍ରଭୃତି ମହତ୍ ସଦ୍‌ଗୁଣାବଳୀ ସେମାନଙ୍କୁ ଉନ୍ନତିର ସୁବର୍ଣ୍ଣ ପାହାଚକୁ ଉଠାଇଦିଏ । ଆମର ତା ନାହିଁ ବୋଲି ଆମେ ଦୁର୍ଦ୍ଦଶାପନ୍ନ । ଚାକିରିର ମୋହ ଛାଡି କୃଷି, ଶିଳ୍ପ, ବାଣିଜ୍ୟ ଆଡକୁ ଲୋକଦୃଷ୍ଟି ନ ପଡାଇବାଯାଏ ଆମର ଏ ଦୁର୍ଦ୍ଦଶା ଘୁଞ୍ଚିବ ନାହିଁ । କେବଳ ଆଲୋଚନା ଛଡା ଆଉ ସବୁ ଆମକୁ ମିଳୁଥିବ । ଦେଶର ଶିକ୍ଷିତ ଯୁବକ-ମାନଙ୍କର ଏ ବିଷୟରେ ଆଦର୍ଶ ଦେଖାଇବା ଉଚିତ । ତାଙ୍କର କାର୍ଯ୍ୟ ସାଧାରଣଙ୍କ ଅନୁକରଣୀୟ ହେବ, ଏହା ସେମାନଙ୍କର ଦୃଢ ଧାରଣା ହେବା ବାଞ୍ଛନୀୟ ।

ଗାଡି ଆସି ନିର୍ଦ୍ଦିଷ୍ଟ ବସା ପାଖରେ ଠିଆହେଲା । ଶଶୀବାବୁ ମୋ ପାଇଁ କାଲି ଗଳିରେ ଗୋଟାଏ ପ୍ରଶସ୍ତ କୋଠା ଭଡା ନେଇଥିଲେ । କୋଠାଟି ତାଙ୍କ

ହୋଟେଲର ଅଳ୍ପ ଦୂରରେ ଓ ସାହିତ୍ୟ-ସମ୍ପାଦକ ବିଶ୍ୱନାଥ ବାବୁଙ୍କ ଆବାସ ଭବନର ଅତି ନିକଟରେ। ଗାଡ଼ିରୁ ଓହ୍ଲାଇଲାକ୍ଷଣି ବିଶ୍ୱନାଥବାବୁ ଘରୁ ବାହାରି ଆସିଲେ। ସେତେବେଳେ ସେ ଅଫିସକୁ ବାହାରୁଥିଲେ। ଋଷିପ୍ରତିମ ସୌମ୍ୟ ଶୀତଳମୂର୍ତ୍ତି ବିଶ୍ୱନାଥ ବାବୁଙ୍କୁ ଦେଖିଲେ ବାସ୍ତବରେ ମନରେ ଭକ୍ତି ଜାତ ହୁଏ। ଉତ୍କଳସାହିତ୍ୟସେବାରେ ସେ ବୁଢ଼ା ହେଲେଣି, ତଥାପି ସାହିତ୍ୟ-ମାତୃକାଦେବୀଙ୍କୁ ସମାନ ଆଗ୍ରହରେ ମୁଣ୍ଡାଇ ଧରିଅଛନ୍ତି। ମାତୃସାହିତ୍ୟ ସକାଶେ ତାଙ୍କର ଅସୀମ ଧୈର୍ଯ୍ୟ, ଅତୁଳ ନିଷ୍ଠା, ସହିଷ୍ଣୁତା ଯେ କୌଣସି ସାହିତ୍ୟିକ ପକ୍ଷରେ ଅନୁକରଣୀୟ ଏବଂ ଗର୍ବଗୌରବର ବିଷୟ। ସେରୂପ ଏକନିଷ୍ଠ ସାଧକ ଏକାଳରେ ଦୁର୍ଲଭ କହିଲେ ଅତିଶୟୋକ୍ତି ହେବ ନାହିଁ। ବିଶ୍ୱନାଥ ବାବୁଙ୍କ ଅଫିସ-ଯିବା ସମୟ, ଏଣେ ଖରା ତାପରେ ବସ୍ତ୍ରାବଦ୍ଧ ଅବସ୍ଥାରେ ଆସି ବହୁଅଁଟ ଲାଗିଲା ପରି ମୋ ଦେହ ଜଳୁଥାଏ, ସୁତରାଂ ସ୍ୱାଗତ ପ୍ରଭୃତି ସାଦରସମ୍ଭାଷଣ ପ୍ରଭୃତି ସଂକ୍ଷେପରେ ସାରି-ଦେବାକୁ ହେଲା। ତହିଁ ପରେ ମୁଁ ବସାକୁ ଆସି ବେଶ-ଭୂଷଣ ଫିଙ୍ଗାଇପକାଇ ଶାନ୍ତିର ନିଃଶ୍ୱାସ ଛାଡ଼ି ଟିକିଏ ଆଶ୍ୱସ୍ତ ହେଲି। ଶଶୀବାବୁ ସଙ୍ଗେ ସଙ୍ଗେ ଥାଆନ୍ତି। ଏ ନଗଣ୍ୟ ଅକିଞ୍ଚନ ପାଇଁ ସେ ବହୁତ କ୍ଲେଶ ସହୁଅଛନ୍ତି। ସୁଦିନକାଳ ସେ ସ୍ୱାସ୍ଥ୍ୟର ପ୍ରତୀକ ହୋଇ ଥିଲେ। ସବୁବେଳେ ମୋ ପାଖରେ ଦୁଇଜଣ ଲୋକ ନିଯୁକ୍ତ କରି-ଥାନ୍ତି, ତଥାପି ବାରମ୍ବାର ନିଜେ ଆସି ତଦ୍ଧ ନେଉଥାନ୍ତି। ସେ ନିଜେ ଶୂଳରୋଗରେ ପୀଡ଼ିତ; ମାତ୍ର ସେ ଦାରୁଣ ଯନ୍ତ୍ରଣାକୁ ଭ୍ରୂକ୍ଷେପ ନ କରି ଦୁଇ ହାତରେ ପେଟ ଚାପି-ଧରି କଥାବାର୍ତ୍ତା ଲଗାଇଥାନ୍ତି। ବାସ୍ତବରେ ସେ ଜଣେ ହୃଦୟୀ! ତାଙ୍କ ସରସ ପବିତ୍ର ସ୍ୱଚ୍ଛ ହୃଦୟ ସଙ୍ଗରେ ଦେବହୃଦୟ ଏକା ତୁଳିତ ହେବାର ଯୋଗ୍ୟ। କେବଳ ଏହି କେତେ ଦିନ ନୁହେ, ଚିରକାଳ ମୋତେ ପର-ମାତ୍ମୀୟ ଜ୍ଞାନରେ ସେ ମୋ ପ୍ରତି ଏକାନ୍ତ ସ୍ନେହ-ପ୍ରବଣ। ବସାଟି ନିର୍ଜ୍ଜନ ହେତୁ ମୋ ପକ୍ଷରେ ଯଥେଷ୍ଟ ଶାନ୍ତି, ସୁଖ ଓ ଆନନ୍ଦପ୍ରଦ ହୋଇଥିଲା। ଶଶୀବାବୁ କହିଲେ, ଇଚ୍ଛାପୁରରେ ମୁଁ ଆପଣଙ୍କର ଅବସ୍ଥାନ ସୁଖ୍ୟା ଦେଖି ଏହା ନିର୍ଜ୍ଜନ ବସାର ବ୍ୟବସ୍ଥା କରିଅଛି। ବାସ୍ତବରେ ମୁଁ ଆଜୀବନ ନିର୍ଜ୍ଜନପ୍ରିୟ। ଏହିପରି ନିର୍ଜ୍ଜନ ବାସଗାର ମୋତେ ଯଥେଷ୍ଟ ପ୍ରୀତି ପ୍ରଦାନ କରେ। କୂପ, ପାଇଖାନାର ଉପଯୁକ୍ତ ବ୍ୟବସ୍ଥା ଥିଲା। ଫଟୀଡ଼ ଦିଗର ପ୍ରାକୃତିକ ଦୃଶ୍ୟ ମଧ୍ୟ ରମଣୀୟ। ସ୍ଥୂଳତଃ ବାସଭବନଟି ମୋର ଖୁବ୍ ମନୋମତ ହୋଇଥିଲା। ବ୍ୟବସ୍ଥାପକ ବିଶେଷଜ୍ଞ, ବ୍ୟବସ୍ଥା ସୁନ୍ଦର ନ ହେବ କାହିଁକି—

କାଲି ସମାଜର ଅଧିବେଶନ। ସେଥିର କେତେକ ଆନୁଷଙ୍ଗିକ କାର୍ଯ୍ୟ ସକାଶେ ଶଶୀବାବୁ ସ୍ଥାନାନ୍ତରକୁ ଗଲେ। କିଛିକ୍ଷଣ ପରେ ତାଙ୍କର ଜଣେ ଲୋକ ଜଳଖିଆ ନେଇ ଆସିଲା। ବାବୁଙ୍କ ସ୍ନେହାଦରରେ ତ ପୂର୍ବରୁ ପେଟ ପୂରିଯାଇଥିଲା, ଯାହା ଟିକିଏ ଫାଙ୍କ ଥିଲା, ତାହା ଜଳଖିଆରେ ପୂର୍ଣ୍ଣ ହେଲା। ବାସ୍ତବରେ ମିଷ୍ଟାନ୍ନଠାରୁ ମଧୁର ବ୍ୟବହାରହିଁ ଅଧିକ ମଧୁର ଲାଗେ। ସ୍ନେହ-ରସ ଆଗରେ ମିଷ୍ଟାନ୍ନରସ ଅତି ଅକିଞ୍ଚିତ୍କର। ବନ୍ଧୁ-ପ୍ରୀତି କି ସ୍ୱର୍ଗୀୟ ପଦାର୍ଥ, ତାହା ମନୁଷ୍ୟ-ଜୀବନ ପକ୍ଷରେ ଗୋଟାଏ ଅମୂଲ୍ୟ ଉପାଦାନ। ସେ ନ ଥିଲେ ସଂସାର ରୂପ ଦଗ୍ଧ ମରୁଭୂମିରେ ମନୁଷ୍ୟର ଶୁଷ୍କ ପ୍ରାଣକୁ ଆର୍ଦ୍ର-ଶୀତଳ କରନ୍ତା କିଏ? ବନ୍ଧୁ-ପ୍ରେମ ମନୁଷ୍ୟ ପକ୍ଷରେ ଦୟାମୟ ପରମେଶ୍ୱରଙ୍କର ଦୟାର ଅତିରିକ୍ତ ମହା-ଦାନ। ପ୍ରଭୁ ସେହି ମହାମୃତ ସମସ୍ତଙ୍କ ପ୍ରାଣରେ ସଞ୍ଚିତ କରି ରଖିଅଛନ୍ତି। ମହିମାମୟଙ୍କର ମହିମାର ଶୃଙ୍ଖଳା କିଏ ବୁଝିବ? ଖାଇସାରି ବିଶ୍ରାମ କରୁଅଛି, ଏହି ସମୟରେ ଜଣେ ବିଶିଷ୍ଟ ଭଦ୍ରବ୍ୟକ୍ତି ସାକ୍ଷାତ କରିବାକୁ ଆସିଲେ। ସେ ମୋର ଅପରିଚିତ ହେଲେହେଁ ଠିକ୍ ପରିଚିତ ପରି ବ୍ୟବହାର କରିବାର ଦେଖି ମୁଁ ମୁଗ୍ଧ ହୋଇଗଲି। ଭଦ୍ରବ୍ୟକ୍ତି ଲକ୍ଷ୍ମଣନାଥ ମହାଶୟଙ୍କର ଭାଇ ଏମ୍. ଏ., ବି. ଏଲ୍. ଉପାଧିଧାରୀ। ସେ ଓକିଲତିରେ ଓକିଲତି କରନ୍ତି, ନାମ ସତୀନ୍ଦ୍ରନାରାୟଣ ରାୟ। ପ୍ରସନ୍ନ ସହାସ୍ୟ ବଦନରୁ ପ୍ରତିଷ୍ଠା, ଉତ୍ସାହ ନିର୍ଗତ-ହଉଥାଏ। ସେ ଜଣେ ପ୍ରବୀଣ ଐତିହାସିକ। 'ଓଡ଼ିଶାର କଥା' ନାମରେ ସେ ଖଣ୍ଡିଏ ଐତିହାସିକ ପୁସ୍ତକ ବଙ୍ଗ-ଭାଷାରେ ପ୍ରକାଶ କରି ଓଡ଼ିଆ-ପ୍ରୀତିର ଯଥେଷ୍ଟ ପରିଚୟ ଦେଇଅଛନ୍ତି। ଅଧିକନ୍ତୁ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଗୌରବ ଅନୁଭବ କରନ୍ତି। କଥାରୁ ବୁଝି-

ପାରିଲି, ମେଦିନୀପୁର ଓଡ଼ିଶା ସଙ୍ଗେ ମିଶିବାର ପ୍ରସ୍ତାବ ନ ହେବାରୁ ସେ ବିଶେଷ କ୍ଷୁବ୍ଧ । ବେଶଭୂଷାର ଆଡ଼ମ୍ବର ନାହିଁ; ବ୍ୟବହାର "ନମ୍ରନ୍ତି ଫଳିନୋ-ବୃକ୍ଷ ।" ଉତ୍କଳ ସାହିତ୍ୟ ସମାଜର ସେ ଜଣେ ବିଶିଷ୍ଟ ସଭ୍ୟ । ସେ ମୃଦୁ ହସି କହିଲେ, ମୁଁ ତୁମ୍ଭ ଦେଖିବାକୁ ଆସିଲି । ଯେତେବେଳେ ମୁଁ କଟକ କଲେଜରେ ପଢ଼ିବାକୁ ଆସିଲି, ତେତେବେଳେ କବିବର ରାଧାନାଥ ଓ ମଧୁସୂଦନଙ୍କର ତିରୋଧାନ ଘଟିସାରିଥିଲା । ଏତେଦିନ ପରେ ଆଜି କଟକରେ ଆପଣଙ୍କୁ ଦେଖିଲି । କଥାବାର୍ତ୍ତାର ଛଳଛଳ ସ୍ୱର ଭିତରେ ତାଙ୍କର ହୃଦୟର ବ୍ୟଥା ବାହାରି ଆସୁଥାଏ । କବି, କାବ୍ୟ, ସାହିତ୍ୟ ଓ ଭାଷା ସମ୍ବନ୍ଧରେ ସଂକ୍ଷେପରେ କିଛି ଆଲୋଚନା ହେଲା । ମୁଁ ସ୍ପଷ୍ଟରୂପେ ବୁଝିପାରିଲି, ସତୀଶବାବୁ କେବଳ ଐତିହାସିକ ନୁହନ୍ତି—ସେ ଏକାଧାରରେ କାବ୍ୟାମୋଦୀ ସାହିତ୍ୟରସିକ ଓ ଐତିହାସିକ । ଏଭଳି ଜଣେ ସୁବନ୍ଧୁ ନୂତନ ଭାବରେ ଲାଭ କରି ମୁଁ ବାସ୍ତବରେ ଅନିର୍ବଚନୀୟ ପ୍ରୀତି ଲାଭ କଲି । ମନେ ମନେ ଭାବିଲି, "ସଂସାର ବିଷ ବୃକ୍ଷସ୍ୟ ଦ୍ୱିଫଳେ ଅମୃତୋପମ, କାବ୍ୟାମୃତ ରସାସ୍ୱାଦ ଆଳାପ ସଜ୍ଜନୈ ସହ ।" ଏ ଶ୍ଲୋକ ଯାହାଙ୍କର ରଚନା, ସଂସାରରେ ସୁଖ ଆନନ୍ଦ ଓ ରସର ଆସ୍ୱାଦନ ସେହି ଏକା ଜାଣନ୍ତି । ସେ ରସଗ୍ରାହକ, ରସର ମୂଲ୍ୟ ମହତ୍ତ୍ୱ ତାଙ୍କର ପ୍ରାଣରେ ଅମୃତ ଲହରୀ ଖେଳାଏ । ସନ୍ଧ୍ୟା ପୂର୍ବରୁ ସତୀଶବାବୁ ବିଦାୟ ନେଇ ଗଲେ । ତାଙ୍କ ସଙ୍ଗରେ ଜଣେ ଲ' କ୍ଲାସର ଛାତ୍ର ଆସିଥିଲେ । ତାଙ୍କର ଜାତୀୟ ପ୍ରୀତିରେ ମୁଁ ମୁଗ୍ଧ, ସ୍ତମ୍ଭିତ । ସ୍ୱତଃପ୍ରବୃତ୍ତ ହୋଇ ସେ ମୋର ତତ୍ତ୍ୱ ବାରମ୍ବାର ନେଉଥିଲେ । ଦୁଃଖର ବିଷୟ, ତାଙ୍କର ନାମ ମୋର ଅଜ୍ଞାତ । ଅଧୁନାତନ ରୁଚିର ଶିଷ୍ଟାଚାର-ବିରୁଦ୍ଧ ହେବ ବୋଲି ତାଙ୍କର ନାମ ପଚାରିବାକୁ ମୁଁ ସାହସୀ ହୋଇପାରିଲି ନାହିଁ । ସେମାନଙ୍କ ପ୍ରସ୍ଥାନ ପରେ ମୁଁ ସାନ୍ଧ୍ୟକୃତ୍ୟ କରିବାକୁ ଗଲି ।

ରାତିରେ ପରିଚିତ ଅପରିଚିତ କେତେ ଜଣ ଦେଖା କରିବାକୁ ଆସିଲେ । ଭଦ୍ରକର କେତେକ ଛାତ୍ର ନାନାବିଷୟରେ ଶିକ୍ଷାଲାଭ କରୁଅଛନ୍ତି । ସେମାନଙ୍କ ମଧ୍ୟରୁ କେହି କେହି ଆସିଥିଲେ ; ମାତ୍ର କଲେଜପାଠୁଆ କାହାରିକୁ ଦେଖିଲି ନାହିଁ । ସାହିତ୍ୟ ସମ୍ବାଦର କେତେ ଜଣ ବସିଥିବାର ଦେଖିଥିଲି । ଟାଉନରେ ଯେଉଁମାନଙ୍କର ଘର, ସେମାନେ ତ ଓଡ଼ିଆରେ ମହାପଣ୍ଡିତ, ସେମାନଙ୍କର ସାହିତ୍ୟରେ କିଛି ଶିଖିବାର ନାହିଁ । କେହି କେହି ଫିରିଙ୍ଗି ପାଲଟିଗଲେଣି । ସେମାନେ ଓଡ଼ିଆ ନ କହି "ଓରିଆ" ବୋଲି କହନ୍ତି । ଏଭଳି କାଳିଦାସ ବା ସ୍ମିଥ ଫମିଡ଼ରୁ କଅଣ ଶିଖିବେ ? ତାଙ୍କର ପାଠ୍ୟପୁସ୍ତକ ଗାନ୍ଧୀ କଲ୍ପଦ୍ରୁମ ଓ ସେମାନେ ଭକ୍ତାସ୍ୱର୍ଣ୍ଣି । ଯାହାଙ୍କୁ ଦେଖିଥିଲି, ସେମାନେ ଭଦ୍ରକର ମଫସଲବାସୀ । ରାତିରେ ଶଶୀବାବୁ ଆସି ଆଗାମୀ ସାହିତ୍ୟ ସଭାର ମୁଦ୍ରିତ କାର୍ଯ୍ୟବିବରଣୀ ଓ ଗତ ବର୍ଷର ବାର୍ଷିକ ରିପୋର୍ଟ ଦେଇଗଲେ । ବିଶ୍ୱନାଥ ବାବୁଙ୍କର ତ ଆମ୍ଭେମାନେ ପ୍ରତିବେଶୀ, ସେ ଥରକୁ ଥର ଆସି ପିଇବା ପାଣି ଅଛି କି ନାହିଁ, ମଶାରି ଅଛି କି ନାହିଁ ପଚାରିପାଉଥାନ୍ତି । ସଙ୍ଗରେ ଯେଉଁ ପାଚକଟି ଯାଇଥିଲା, ରନ୍ଧନ ବିଦ୍ୟାରେ ତାଙ୍କ ବଂଶର ଗୋଟାଏ ଖୁବ୍ ସୁଖ୍ୟାତି ଅଛି । ସୁଜାରି ବଂଶ ବୋଲି ତାଙ୍କର ଖୁବ୍ ନାମ ଡାକ । କେଉଁଠାରେ ମେଳା ମହୋତ୍ସବ ହେଲେ ଆଗେ ସେମାନଙ୍କ ପାଖକୁ ନିମନ୍ତ୍ରଣ ଗୁଆ ଆସେ; କିନ୍ତୁ ଆମ ସୁଜାରିଟି ଲବଣ ସମୁଦ୍ରର ବଂଶଧର । ଲବଣ ସଙ୍ଗରେ ତାଙ୍କର ଏକାନ୍ତ ଆତ୍ମୀୟତା ଆଦର୍ଶ ସ୍ଥାନୀୟ । ପ୍ରଥମଦିନ ସେ ଲୁଣରେ ସବୁ ଅଖାଦ୍ୟ କରିଦେଲା । କହିଲା—ମୁଁ ଲୁଣ ଅଟକଳ କରିପାରିଲି ନାହିଁ । ଏହି ଅପରାଧରେ ଦୈବୀଦଣ୍ଡ ସେ ରାତିରେ ଯଥେଷ୍ଟ ଭୋଗ କରିଥିଲା । ସେ ମଶାରି ଭିତରେ ନ ଶୋଇ ଦାରୁଣ ଗ୍ରୀଷ୍ମରେ ଲୁଗା ଘୋଡ଼େଇହୋଇ ଶୋଇଥିଲା; କିନ୍ତୁ ମଶକ-ଦଳର ଆକ୍ରମଣ ପ୍ରତିହତ କରିବା ପାଇଁ ନିଜ ହାତରେ ଏତେ ଚାପୁଡ଼ା ଖାଇହେଲା ଯେ, ସକାଳୁ ଉଠି କହିଲା, "ମୋର ଅଷ୍ଟାଙ୍ଗ ଶରୀର ବଥା ।" ମୁଁ କହିଲି—"କାଲି ଯେତେ ଲୁଣ ଖାଇଛ, ସେହି ଲୁଣସବୁ ବଥା ହରିନେବ । ଆଜି କିଛି ଲୁଣ ଦେହରେ ମାଲିସ କରି ଶୋଇବ । ରାତିସାରା ବେତାଳ ବାଦ୍ୟର ଚଟ୍ ଚଟ୍ ଶବ୍ଦରେ ନିଦ୍ରେ ଶୋଇଲା ନାହିଁ କିମ୍ବା କାହାରିକୁ ଶୁଆଇ-

ଦେଲ୍ ନାହିଁ । ହେଉ, ଲୁଣ ତ ତୁମର ସଙ୍ଗାତ, ସେହି ସବୁ କଷ୍ଟ ହରିନେବ—ଚିନ୍ତା କଅଣ ?" ଏହାଠାରୁ ବଳି ଆଉ କି ସାନ୍ତ୍ୱନା ବା ମୁଁ ଦିଅନ୍ତି ? ବାସ୍ତବରେ କଟକରେ ମଶାର ଦୌରାତ୍ମ୍ୟ ଖୁବ୍ ପ୍ରବଳ । ଘୋର ମଫସଲ ପରି ଜଙ୍ଗଲମୟ ସ୍ଥାନ ସହର ମଧ୍ୟରେ ଅନେକ ଅଛି । ଗଡ଼ିଆ ପୋଖରୀ କି ଉଣା ନୁହେ ! ସେ ସବୁ କଳମଶାଗ ଓ ବୁରଚ୍ଛିଞ୍ଜିରେ ଅଚ୍ଛନ୍ନ । କେଉଁଠାରେ କୋଠା ଘରପାଖରେ ଜଙ୍ଗଲ, କେଉଁଠି କୋଠା ଭିତରେ ଜଙ୍ଗଲ । ସେ ସବୁ ଘରର ପଛ ଆଡ଼େ ଥିବାରୁ ସାଧାରଣ ରାସ୍ତାରୁ ଦେଖାହୁଏ ନାହିଁ । ତାହା ମଶକକୁଳର ଦୁର୍ଭେଦ୍ୟ ଦୁର୍ଗ । ସେଠାରେ ପୁରୁଷାନୁକ୍ରମେ ବାସକରି ସେମାନେ ନିଜର ରାବଣ ବଂଶ ବୃଦ୍ଧିରେ ନିଯୁକ୍ତ ଅଛନ୍ତି । ସେ ନିଭୃତିନ ଅଭିସାର ସ୍ଥାନଗୁଡ଼ିକ ନିପାତ ନ ହେବାଯାଏ ମଶକ-ଉପଦ୍ରବ ବୃଦ୍ଧି ବ୍ୟତୀତ ଉଣା ହେବ ନାହିଁ । ମ୍ୟୁନିସିପାଲିଟି ଦୟାରୁ କ୍ଷୁଦ୍ର ଜୀବଗୁଡ଼ିକ ନିରାପଦରେ ଅଛନ୍ତି । ରାତିରେ ଦଳ ଦଳ ହୋଇ ତାହାରି ମଧୁର ସ୍ୱରରେ ମ୍ୟୁନିସିପାଲିଟିର ଜୟଗାନ କରନ୍ତି ।

ରାତି ଶନିଠାରେ ଉଠି ମୋର ନିତ୍ୟକର୍ମ ସାରି ସକାଳୁ ଆସି ବାରନ୍ଦାରେ ବସିଲି । ବସା ଆଗରେ ଗୋଟିଏ କୋଠା ତିଆରି ହେଉଅଛି । ତାହାର ଲମ୍ବ ବାଉଁଶରେ ଦୁଇଟା ପକ୍ଷୀମାନଙ୍କୁ ଖେଳାବାଡ଼ି କରିବାକୁ ଲାଗିଲେ । ତାଙ୍କର ବାଉଁଶଗଣୀ ଖେଳ ଦେଖି ଉଷାର ଆନନ୍ଦର ସୀମା ରହିଲା ନାହିଁ । ସେ ହସି ନାଚି ତାଳି ମାରି ଖୁବ୍ ଗୋଟାଏ ଆନନ୍ଦ ଉପଭୋଗ କଲା । ହାତ ଠେକି ତାଙ୍କୁ ପାଖକୁ ଆସିବାକୁ ଡାକିଲା । ଉଦ୍ଦେଶ୍ୟ ଏହି ଯେ, ସେମାନେ ଆସିଲେ ସେ ତାଙ୍କ ସଙ୍ଗରେ ଖେଳିବ ; କିନ୍ତୁ ସ୍ୱଭାବକୁଣ୍ଠ ବାନର ଶିଶୁର ସେ ମଧୁର ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କଲେ । ପାରିମାନେ ଘୁଟୁର ଘୁଟୁର ଶବ୍ଦରେ ଏ କୋଠାରୁ ସେ କୋଠାକୁ ଉଡ଼ିଯାଉଥାନ୍ତି, ପୁଣି ଫେରି ଆସୁଥାନ୍ତି । ସେମାନେ ସଂସାରର ଅଭିନୟ ସଙ୍କେତରେ ଦେଖାଉଥାନ୍ତି । ମାନବାତ୍ମା ଏହିପରି ଏ ପାଖରୁ ସେ ପାଖକୁ ଉଡ଼ିଯାଇ ପୁଣି ସେ ପାଖରୁ ଏ ପାଖକୁ ଉଡ଼ିଆସେ । କେଉଁ ପାଖରେ ତାହାର ସ୍ଥାୟୀ ଘର ନାହିଁ । ଚିରକାଳ ତାହାର ଯିବା ଆସିବା ଲାଗିଥାଏ । ଜନ୍ମାନ୍ତରର ଜଟିଳ ରହସ୍ୟକୁ ପକ୍ଷୀଗୁଡ଼ିକ ସରଳ ସୁବୋଧ କରିଦେଉଥାଆନ୍ତି । ଉଷା ସେମାନଙ୍କୁ ପାଖକୁ ଆସିବା ପାଇଁ ଅନେକ ଡାକିଲା; ମାତ୍ର ସେମାନେ କି ଦୁର୍ବୃତ୍ତ ବାନର ପରି କେହି ତାହାର ଡାକରେ କର୍ଣ୍ଣଦାନ କଲେ ନାହିଁ । ମାନବ-ହୃଦୟର ସ୍ନେହ ଅଜ୍ଞାନ ପଶୁପକ୍ଷୀ କଅଣ ବୁଝିବେ ? ନିର୍ବୋଧ ବାଳିକା ଅପୂର୍ଣ୍ଣ ଆକାଙ୍‌କ୍ଷାର ତୀବ୍ରତା ସମ୍ଭାଳି ନ ପାରି ଶେଷରେ ସେମାନଙ୍କ ଉଦ୍ଦେଶ୍ୟରେ ଗାଳି ବର୍ଷଣ କରି ମନର ସାଧ ମେଣ୍ଟାଇବାକୁ ଲାଗିଲା । ଏହି ସମୟରେ ଶଶୀବାବୁଙ୍କର ଜଣେ ଲୋକ ଆସି ଉଷାକୁ ତାଙ୍କ ଘରକୁ ନେଇଗଲା । ମୁଁ ଭାବିଲି, ଯାହା ହେଉ କିଛିକ୍ଷଣ ପାଇଁ ତାହା ଜଞ୍ଜାଳରୁ ମୁଁ ରକ୍ଷା ପାଇଲି; କିନ୍ତୁ କାହିଁ, ମୋର ଏ କଳ୍ପନା କେବଳ କଳ୍ପନାରେ ପର୍ଯ୍ୟବସିତ ହେଲା । ପ୍ରାୟ ୧୦ ମିନିଟ୍ ପରେ ମୂର୍ତ୍ତିମାନ୍ ଉପଦ୍ରବ ଉଷା ଗୋଟାଏ ଆମ୍ବ ଓ ଗୋଟାଏ କଦଳୀ ଧରି ଉପସ୍ଥିତ । କଣ୍ଢେଇଟି ଉତ୍କଳୀ ବାବୁଙ୍କ କାରଖାନାରେ ତିଆରି ଗୋଟାଏ ବେଙ୍ଗର ମୂର୍ତ୍ତି । ତାହା ବଡ଼ କୌଶଳରେ ଛିଣ୍ଡା କାଗଜ, ଛିଣ୍ଡା କନାରେ ତିଆରି; ସୁତରାଂ ଅଭଙ୍ଗପ୍ରବଣ ; ବହୁମୂଲ୍ୟରେ ବିଦେଶୀୟ କ୍ଷଣଭଙ୍ଗୁର ଖେଳନା ଅପେକ୍ଷା ସହସ୍ର ଗୁଣରେ ଶ୍ରେଷ୍ଠ । ଉତ୍କଳୀବାବୁ ସମଗ୍ର ଉତ୍କଳରେ ଏହି ଶିଳ୍ପର ପ୍ରଣାଳୀ ଶିଖାଇ ଗୋଟାଏ ଲାଭଜନକ ଶିଳ୍ପର ପ୍ରଚଳନ କରାଇଅଛନ୍ତି । ଏବେ ଛିଣ୍ଡାକନା, ଛିଣ୍ଡାକାଗଜ ପ୍ରଭୃତି ଅନାୟାସଲବ୍‌ଧ ଗୋଟାଏ ଅଲୋଡ଼ା ଦ୍ରବ୍ୟରେ ଶିଳ୍ପ ଆବିଷ୍କାର କରି ଅକର୍ମୀଙ୍କୁ ବିନା ମୂଳଧନରେ କାର୍ଯ୍ୟ ଯୋଗାଇଦେଇଅଛନ୍ତି । ଦେଶ-କାର୍ଯ୍ୟ ଏହିପରି କରିବାକୁ ହୁଏ । ଖାଲି ଲମ୍ବା ଲମ୍ବା ବକ୍ତୃତା ଝାଡ଼ି ପରୋପଦେଶରେ ପାଣ୍ଡିତ୍ୟ ଦେଖାଇଲେ କିଛି ହୁଏ ନାହିଁ । ଏଥିପାଇଁ ଉତ୍କଳୀବାବୁ ଦେଶର ଅତୁଳ କୃତଜ୍ଞତା-ଭାଜନ ଓ ଚିରନମସ୍ୟ । ପିଲାଙ୍କ ଖେଳନା ଛଳରେ ଏ ଦେଶରୁ କୋଟି କୋଟି ଅର୍ଥ ବିଦେଶକୁ ଚାଲି-ଯାଉଅଛି । ଖାଲି ଏତିକି ନୁହେଁ, ନାନା ପଥରେ

ବିଦେଶକୁ ଅର୍ଥର ସ୍ରୋତ ବହିଯାଉଅଛି । କେବଳ ଜାମା ବୋତାମରେ ଆମ୍ଭମାନଙ୍କର ଅଳ୍ପ ବ୍ୟୟ ହେଉ ନାହିଁ । ଏ ଦେଶରେ ବୋତାମ ଗଢ଼ିବାର ସୁଲଭ ଉପକରଣର ଅଭାବ ନାହିଁ । ଶିଙ୍ଗ, ଶାମୁକ ଓ ନଡ଼ିଆ ସଢେଇରେ ସୁନ୍ଦର ଶକ୍ତ ବୋତାମ ତିଆରି ହୋଇପାରନ୍ତା । ମୁଁ କି ଉପଦେଶ ଦେଇ ପାଣ୍ଡିତ୍ୟ ପ୍ରକାଶ କରିବାକୁ ଯାଉଅଛି । ଏ କଥା ଏତିକି ଥାଉ । ଦୁଃଖର ବିଷୟ, ପ୍ରବଳ ଆକାଙ୍‌କ୍ଷା ସତ୍ତ୍ୱେ ମୁଁ ଭିକାରୀ ବାବୁଙ୍କର କାରଖାନା ଦେଖିବାକୁ ଯାଇପାରିଲି ନାହିଁ । ସମୟାଭାବ ସେଥିର ଅନ୍ତରାୟ ହେଲା ; କିନ୍ତୁ ତାଙ୍କ ଆବିଷ୍କୃତ ନବଶିଳ୍ପକଳା ଦେଖି ବାସ୍ତବରେ ମୁଁ ସମ୍ପୂର୍ଣ୍ଣମାତ୍ରା ମୁଗ୍ଧ ହୋଇଅଛି । ଆସିବାବେଳେ ସେହି କଣ୍ଢେଇରୁ କେତେ ଗୋଟା ବଜାରରୁ କିଣି ଆଣିଥିଲି । ସେଗୁଡ଼ିକ ଯେତେବେଳେ ଦେଖୁଛି, ସେତେବେଳେ ଭିକାରୀ ବାବୁଙ୍କର ଦୀର୍ଘଜୀବନ କାମନା କରି ମନେ ମନେ ତାଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ତାଙ୍କର ଏ ଦେଶ-ହିତୈଷଣା ଈଶ୍ୱରଦରବାରରେ ପୁରସ୍କୃତ ହେବ, ଏହା ମୋର ଦୃଢ଼ ଧାରଣା । ସେ ସ୍ୱଦେଶର ଅମର କୀର୍ତ୍ତି ସ୍ୱହସ୍ତରେ ସ୍ଥାପନ କରିଗଲେ । ସେ କୀର୍ତ୍ତି ମଳିନ ହେବ ନାହିଁ ।

ଉଷା ମୋତେ ଆଉ ବ୍ୟସ୍ତ କରି ନାହିଁ । ବ୍ୟସ୍ତ କରିବାକୁ ଅବକାଶ ମଧ୍ୟ ପାଇ ନାହିଁ । ତାକୁ ଗୋଟାଏ କାର୍ଯ୍ୟ ମିଳିଗଲା । ସେ ନିଜେ ସେଥିରେ ବ୍ୟସ୍ତ ହୋଇ ପଡ଼ିଲା । ଅଭୁଟି ଭାଙ୍ଗି ବେଙ୍ଗଠାକୁରକୁ ଭୋଗ ଦେଇ ବସିଲା । ଅଜ୍ଞାନ ଶିଶୁ କି ଲୀଳା ଲଗାଇଅଛି ! ମୁଁ ଦେଖି ଦେଖି ମୁଗ୍ଧ ହୋଇଗଲି । ଭାବିଲି, ତାହାର କ୍ଷୁଦ୍ର ପ୍ରାଣରେ ଏ ପ୍ରେରଣା କିଏ ଆଣି ଦେଉଅଛି ? ବେଙ୍ଗ ଦେବତା ହେବ, ସେ ପୁଣି ଆଭୁଭୋଗ ଖାଇବ, ଏ କଳ୍ପନା ବାସ୍ତବରେ ଅମୂଳକ । ସ୍ଥାବର ଜଙ୍ଗମ ସମସ୍ତଙ୍କ ଦେହରେ ବ୍ରହ୍ମସତ୍ତା ଅଛି, ଶିଶୁ କଅଣ ଏହା ବୁଝିପାରିଅଛି ? ଏ ଧର୍ମଭାବ, ଏ ଆନ୍ତରିକତା, ଏ ବିଶ୍ୱାସ ସେ କାହୁଁ ଆଣିଲା ? ଏ ବୁଦ୍ଧି, ଏ ଗୋପନ ଶିକ୍ଷା ତାକୁ କିଏ ଦେଉଅଛି ? ଏହାର କି କେହି କହିବା ନାହିଁ ? ଭଗବାନ ମନୁଷ୍ୟକୁ ଆଣି ସଂସାରରେ ଛାଡ଼ିଦେଇ ନିଶ୍ଚିନ୍ତ ହୁଅନ୍ତି ନାହିଁ । ଏତିକିରେ ତାଙ୍କର କାର୍ଯ୍ୟ ଶେଷ ହେଲା ବୋଲି ସେ ଭାବନ୍ତି ନାହିଁ । ତାଙ୍କର କର୍ତ୍ତବ୍ୟ ଗୁରୁତର, ସାମାନ୍ୟଭାବରେ ତାହା ଶେଷ ହୁଏ ନାହିଁ । ସେ ପ୍ରତି ନିଃଶ୍ୱାସରେ ପ୍ରାଣ ମଧ୍ୟରେ ଶିକ୍ଷା, ଉପଦେଶ-ଧାରା ଢାଳିଦେଉଥାନ୍ତି । ମନୁଷ୍ୟ ବଡ଼ ଭ୍ରାନ୍ତ, ସେ ତାହା ମନରେ ରଖିପାରେ ନାହିଁ । ଦୟାମୟଙ୍କର ଦୟା ଅନନ୍ତ, ମହିମା ଅନନ୍ତ । କେହି ତାଙ୍କ ଉପଦେଶ ଓ ଇଙ୍ଗିତ ଭୁଲିଗଲା ବୋଲି ସେ ଉପଦେଶ ଦାନରୁ କ୍ଷାନ୍ତ ହୁଅନ୍ତି ନାହିଁ ; ସବୁବେଳେ ତାକୁ ଇଙ୍ଗିତ ଦେଖାଉଥାନ୍ତି । ଶଠ ଉପଦେଶ ଧରି ନ ପାରିଲେ ଗୁରୁ ବିରକ୍ତ ହୁଅନ୍ତି ; ମାତ୍ର ଯେ ଜଗତର ଗୁରୁ, ତାଙ୍କର ବିରକ୍ତି ନାହିଁ, କି କ୍ରୋଧ ନାହିଁ । ସେ ନିର୍ବିକାର ! ଯାହା ମନରେ ବିକାର ନାହିଁ ସେ ସ୍ୱଚ୍ଛ, ତାହାର କ୍ରୋଧ ବିରକ୍ତି ଦ୍ୱେଷ ହିଂସା କାହୁଁ ଆସିବ ? ସ୍ୱଚ୍ଛ ପଦାର୍ଥରେ ମଳ ଲାଗେ ନାହିଁ । ଉଜ୍ଜ୍ୱଳ ତରଳ ଶୁଦ୍ଧ ସୁବର୍ଣ୍ଣକୁ ମଳ ଆବର୍ଜନା ବା ଅଙ୍ଗାର କାଳିମା ସ୍ପର୍ଶ କରିପାରେ ନାହିଁ । ବାଳକାର ଖେଳ ଦେଖି ଏହିପରି ନାନା ଭାବ ମନରେ ଉଦିତ ହେଲା ।

କିଛିକ୍ଷଣ ପରେ 'ସହକାର'ର ସମ୍ପାଦକ ବାଳକୃଷ୍ଣ ବାବୁ ଆସିଲେ । ମୁଁ ତାଙ୍କୁ କେବେ ଦେଖି ନାହିଁ । ତାଙ୍କର ଲେଖା ପଢ଼ି ତାଙ୍କର ଗୋଟାଏ ମୂର୍ତ୍ତି ମନେ ମନେ କଳ୍ପନା କରିନେଇଥିଲି । ବାସ୍ତବରେ ତାଙ୍କ ଲେଖାରୁ ତାଙ୍କର ପ୍ରତିଭା ଫୁଟିଉଠେ । ସେ ଜଣେ ତେଜସ୍ୱୀ ଦକ୍ଷ ସମ୍ପାଦକ ! ଭାବିଥିଲି, ସେ ହାତୀ ପରି ପ୍ରକାଣ୍ଡ ମନୁଷ୍ୟ ହୋଇଥିବେ ; କିନ୍ତୁ ମୂର୍ତ୍ତି ଦେଖି ସେ ଭୁଲ ମୋର ଦୂର ହୋଇଗଲା । ଦେଖିଲି, ଅଢ଼ାଇ ବିଘତ ଲମ୍ବର ଜଣେ ମନୁଷ୍ୟ । ବ୍ୟାସକବି ଫକୀରମୋହନଙ୍କର ଉତ୍କଳ-ଭ୍ରମଣରୁ ଦୁଇଧାଡ଼ି ମନରେ ପଡ଼ିଗଲା । ସେ ଉକ୍ତକବି ମଧୁସୂଦନଙ୍କ ସମ୍ବନ୍ଧରେ ଲେଖିଅଛନ୍ତି—"ଓଜନରେ ହେବ ମଧୁ ଅଢ଼ାଇ ପସୁରୀ, ଏତେ ଗୁଣ କପରି ରଖିଛି ପେଟେ ପୂରି ?" ବାସ୍ତବରେ ଦେହର ବିଶାଳତା ଗୁଣର ମାପକାଠି ନୁହେ । ଅନେକ ବେଳ ଯାଏ କଥାବାର୍ତ୍ତା ଲାଗିଲା । ବାଳକୃଷ୍ଣ ବାବୁ ଯୁବକ, ମିଷ୍ଟଭାଷୀ, ଉଦାରମନା ଓ

ଉଦାରଚେତା । ମୁଖମଣ୍ଡଳରୁ କର୍ମଶୀଳତା ଫୁଟିଉଠୁଥାଏ । ନିର୍ଭୀକତା ଓ ତେଜସ୍ୱିତା ବାକ୍ୟର ଭୂଷଣ । ତାଙ୍କର ଭାବୀ ସ୍ୱରଶ୍ରୀ ପତ୍ରିକା ସମ୍ବନ୍ଧରେ ମୋର ଗୋଟାଏ ଆଶଙ୍କା ଥିଲା । 'ସ୍ୱରଶ୍ରୀ' ଦ୍ୱାରା ସହକାରର ଆଘାତ ଲାଗିପାରେ, ଏହାହିଁ ଆଶଙ୍କାର ହେତୁ । ଜଣକ ସମ୍ପାଦନରେ ଦୁଇଟା ସାହିତ୍ୟିକ ପତ୍ରିକା ବର୍ତ୍ତମାନ ସମୟବୃତ୍ତିରେ, ଦେଶର ଜଳବାୟୁରେ ନିଜ ନିଜର ସ୍ୱତନ୍ତ୍ରତା ରକ୍ଷା କରିପାରିବ କି ନାହିଁ, ଏବିଷୟରେ ମୋର ସନ୍ଦେହ ଥିଲା । ବୁଝିଲି, ନୂତନ ପତ୍ରିକାଖଣ୍ଡିକରେ ସାହିତ୍ୟର ନାନାବିଭାଗର ଆଲୋଚନା ହେବ ନାହିଁ । ତାହା କେବଳ ଔପନ୍ୟାସିକ ପତ୍ରିକା ହେବ । ବାଳକୃଷ୍ଣ ବାବୁଙ୍କଠାରୁ ଏହା ଶୁଣି ମୋର ସନ୍ଦେହ ଦୂର ହେଲା । ବାଳକୃଷ୍ଣ ବାବୁ କହିଲେ—"ଆପଣ କାଲିଠାରୁ ଆସିଲେଣି; କିନ୍ତୁ ଆମ୍ଭେମାନେ କେହି ଜାଣୁ ନାହିଁ, ମୁଁ ବର୍ତ୍ତମାନ ଶୁଣିପାରି ଆସିଲି ।" ମୁଁ କହିଲି—"୨୩ ତାରିଖ ଦିନ ଗାଡ଼ିରେ ମୁଁ ଆସିବି ବୋଲି ସମାଜର ସମ୍ପାଦକଙ୍କୁ ପତ୍ର ଲେଖିଥିଲି ।" ଏହି ସମୟରେ ଶଶୀବାବୁ ଆସି ପହଞ୍ଚିଗଲେ । ବାଳକୃଷ୍ଣବାବୁ ତାଙ୍କୁ କହିଲେ—ଗୁରୁପତିଙ୍କ ପତ୍ର ଆପଣ ଆମ୍ଭମାନଙ୍କୁ ଦେଖାଇଲେ ନାହିଁ ପୁଣି ଆପଣ ନିଜେ ଯାଇ ତାଙ୍କୁ ଷ୍ଟେସନରୁ ଘେନି ଆସିଲେ—ଆମ୍ଭମାନଙ୍କୁ ସମ୍ବାଦ ବି ଦେଲେ ନାହିଁ ? ଦୁହିଙ୍କ ମଧ୍ୟରେ ଏହିପରି ଟିକିଏ ମଧୁର ସଂଘର୍ଷଣ ଲାଗିଲା । ମୁଁ କହିଲି—କେବଳ ଶଶୀବାବୁ ଷ୍ଟେସନକୁ ଏକୁଟିଆ ଯାଇ ନ ଥିଲେ, କେତେ ଜଣ ସମାଜର କର୍ମୀ ସୁଦ୍ଧା ଯାଇଥିଲେ—ସମସ୍ତେ ନ ଗଲେ କ୍ଷତି କଅଣ ? ଏତିକିରେ ସଂଘର୍ଷଣ ମିଳେଇଗଲା । ଏହି ସମୟରେ କେନାଲ ବିଭାଗର ଡେପୁଟି କଲେକ୍ଟର ଶ୍ରୀଯୁକ୍ତ ଯଦୁନାଥ ମହାପାତ୍ର ଆସି ପହଞ୍ଚିଲେ । ଯଦୁନାଥ ବାବୁ ସେହିକ୍ଷଣି ମଫସଲରୁ ଆସି ମୋର ଆସିବା ଶୁଣି ପୋଷାକ ନ ବଦଳାଇ ଚାଲିଆସିଲେ; କହିଲେ—ମାଷ୍ଟର ମହାଶୟ, କାଲି ଆମ ବସାରେ ଭୋଜନ କରିବେ । ମୁଁ ନିମନ୍ତ୍ରଣ କରିବାକୁ ଆସିଲି । କାଲି ଦଶଟା ସମୟରେ ମୁଁ ଗାଡ଼ି ପଠାଇଦେବି । ଯଦୁନାଥ ବାବୁ ମୋର ଛାତ୍ର, କେଉଁ କାଳେ ସାମାନ୍ୟ କେତେଟା ଦିନ ମୋ ପାଖରେ ପଢ଼ିଥିଲେ । ସେଥିପାଇଁ ଆଜିପର୍ଯ୍ୟନ୍ତ ମୁଁ ତାଙ୍କର ମାଷ୍ଟର ମହାଶୟ । ତ୍ରିଶ ବର୍ଷ କାଳ ତାଙ୍କ ପରିବାର ସହ ଆମ୍ଭେମାନେ ଏକାପରିବାରଭୁକ୍ତ ହେଲା ପରି ଥିଲୁ । ତାଙ୍କ ପିତାଙ୍କୁ ମୁଁ ଅଗ୍ରଜ ତୁଲ୍ୟ ଜ୍ଞାନକରେ । ସେହି ସମ୍ପର୍କରେ ଯଦୁନାଥ ବାବୁ ଓ ତାଙ୍କର ଭାଇଭଉଣୀ ମୋତେ କକା ବୋଲି ସମ୍ବୋଧନ କରନ୍ତି । ଯଦୁନାଥ ବାବୁ ମୋଠାରୁ ଭଞ୍ଜକବିଙ୍କର କବିତା ଅର୍ଥ ଶୁଣିବାକୁ ବିଶେଷ ଆଗ୍ରହ ପ୍ରକାଶ କରନ୍ତି । ବିଦେଶରୁ ଉଦ୍ଦେଶ ପଲେ ସେହି ଚର୍ଚ୍ଚା ଲାଗେ । ଯିବାବେଳେ ପୁନଶ୍ଚ ଯଦୁନାଥ ବାବୁ କହିଗଲେ—"ଅନୁଗ୍ରହ କରି ନିଶ୍ଚୟ କାଲି ଆମ ବସାକୁ ଯିବେ ।" ମୁଁ କହିଲି—"ନିଜ ପେଟକୁ ଖାଇବି, ଏହା ପୁଣି ଅନୁଗ୍ରହ ହେଲା ? ଏତେ ସନିର୍ବନ୍ଧ ଅନୁରୋଧ ଦରକାର ନାହିଁ ବାବା, ମୁଁ ବେଳେ ବେଳେ ଯାଇ ଖାଇଆସିବି, ପିଲାମାନଙ୍କୁ ବି ଦେଖି ଆସିବି ।" ଯଦୁନାଥ ବାବୁ ଚଳିତ ବିଦାୟ ନେଇ ଗଲା ପରେ ମୁଁ ଉଦ୍ଧବନାମକ ଠାକୁରଙ୍କ ପୂଜାରେ ବସିଲି । ପୂଜା ଷୋଳକଳା ପୂର୍ଣ୍ଣ ହେଲା । ହାତ ଧୋଇସାରି ଟିକିଏ ବିଶ୍ରାମ କରୁଛି, ସେହି ପ୍ରଚଣ୍ଡ ଖରାରେ ଧାଇଁ ଧାଇଁ ମାନନୀୟ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ମହୋଦୟ ଆସି ଉପସ୍ଥିତ । ସେ ଗଡ଼ଜାତର ଗୋଟାଏ ଫାଶି ମୋକଦ୍ଦମାର ଅପିଲ ପଲିଟିକାଲ ଏଜେଣ୍ଟଙ୍କ ନିକଟରେ ଦାଏର କରିବାକୁ ଯାଇଥିଲେ । ମୋର ଆସିବା ଶୁଣି ଘରକୁ ନ ଯାଇ ବାହାରେ ବାହାରେ ଏହି ବାଟେ ଆସିଲେ । ବୟୋଧର୍ମ ପ୍ରଭାବରେ ମୋର ଚକ୍ଷୁର ଜ୍ୟୋତି ଅନେକ ଊଣା ହୋଇଯାଇଛି । ଗୋପାଳ ବାବୁ ବି ବୁଢ଼ା ହୋଇ ମୋର ପରି ବେଦାନ୍ତ ମୂର୍ତ୍ତି ଧରିଲେଣି, ସୁତରାଂ ହଠାତ୍ ଦୃଷ୍ଟିରେ ମୁଁ ତାଙ୍କୁ ଚିହ୍ନିପାରିଲି ନାହିଁ । ସେ ସ୍ନେହରେ ଗଦ୍‌ଗଦ ହୋଇ ମୋତେ ଆସି କୁଣ୍ଢାଇପକାଇ କଥା କହିଲା ପରେ ସ୍ୱର ବାରି ଚିହ୍ନିଲି ଓ ଲଜ୍ଜିତ ହେଲି । ସେ କହିଲେ—ଆଜି ତ ସାହିତ୍ୟ ସମାଜର ଅଧିବେଶନ, ଆପଣଙ୍କର ସମୟ ହେବ ନାହିଁ, କାଲି କେତେବେଳେ ଅବସର ହେବ କହିଲେ ମୁଁ ଗାଡ଼ି ପଠାଇଦେବି । ଆପଣ ଥରେ

ଯାଇ ମୋର ଭାଷାକୋଷ ଅଫିସ ଦେଖି ଆସିବେ । ମୋର ସହକାରୀ ପଣ୍ଡିତ ଆସି ଆପଣଙ୍କୁ ସଙ୍ଗରେ ନେଇଯିବେ । ମୁଁ କହିଲି—"କାଲି ସକାଳେ ଇତିହାସ ଶାଖାର ଅଧିବେଶନ । ସଭାଭଙ୍ଗ ପରେ ସେହି ବାଟେ ଯାଇ ଯଦୁନାଥ ବାବୁଙ୍କ ନିମନ୍ତ୍ରଣ ରକ୍ଷା କରିବାକୁ ହେବ । ସେଠାରୁ ଫେରିଆସି ପୋଷ୍ଟ ବେଳେ ଯିବି ।" ଏଣୁ ତେଣୁ କେତେ କଥା ହେଲା ପରେ ଗୋପାଳବାବୁ ପ୍ରସ୍ଥାନ କଲେ । ମୁଁ ପାମ୍ଫ୍ଲେଟିଦେବାକୁ ଯାଉଥିଲି, ସେ ବଳାତ୍କାରରେ ମୋତେ ଧରିଆଣି ବସାରେ ଛାଡ଼ିଦେଇ-ଗଲେ ।

ଦୁଇପ୍ରହର ସମୟରେ କେତେ ଜଣ କଲେଜ ଛାତ୍ର ଓ ପରିଚିତ ବ୍ୟକ୍ତି ଆସିଲେ । କଥାବାର୍ତ୍ତା ହେଉଁ ହେଉଁ ଅନେକ ବେଳ ହୋଇଗଲା । ଆଜି ସାହିତ୍ୟ ସଭାର ଅଧିବେଶନ । ସାଢ଼େ ଛଅଟା ବେଳେ ସଭା ହେବ, ତହିଁ ପୂର୍ବରୁ ଉପସ୍ଥିତ ଥିବା ଦରକାର । ଜଳଖିଆ କରି-ସାରି ପ୍ରସ୍ତୁତ ହେବାକୁ ହେଲା । ଗାଡ଼ି ଆସି ଦାଣ୍ଡରେ ଅପେକ୍ଷା କରିଥିଲା । ଆମ୍ଭେମାନେ ଯାଇ ଗାଡ଼ିରେ ବସିଲୁଁ । ରବର ଚକ ରିକ୍‌ସା ଗାଡ଼ିର ପ୍ରଚଳନ କଟକରେ କ୍ରମଶଃ ବଢ଼ୁଅଛି । ତାହା ସର୍ବାଂଶରେ ସୁବିଧାଜନକ । ସେଗୁଡ଼ିକ ତେଲଙ୍ଗୀୟ ସଙ୍ଗୀତ ଆବୃତ୍ତି କରେ ନାହିଁ, ଖେମଟା ନାଚ ବି ଜାଣେ ନାହିଁ । ସଡ଼କରେ ପ୍ରସ୍ତରଖଣ୍ଡ ବିଛା ହୋଇଥିବାରୁ ସାଧାରଣ ଗାଡ଼ିର ଖେମଟାନାଚ ନ କରିବାର ଉପାୟ ନାହିଁ । ଯଥାସମୟରେ ଗାଡ଼ି ଯାଇ ରାମଚନ୍ଦ୍ରଭବନର ପ୍ରବେଶ ଦ୍ୱାରରେ ଉପସ୍ଥିତ ହେଲା । ପୂର୍ବରୁ ସେଠାରେ ସମାଜର କର୍ମୀ ଓ କେତେ ଜଣ ସାହିତ୍ୟିକ ଅପେକ୍ଷା କରି-ଥିଲେ । ଆମ୍ଭେମାନେ ଓହ୍ଲାଇଲା କ୍ଷଣି ସମସ୍ତେ ମିଶି ସଭାଗୃହରେ ପ୍ରବେଶ କଲୁଁ । ନିର୍ଦ୍ଦିଷ୍ଟ ଆସନରେ ମୋତେ ନେଇ ବସାଇଦିଆହେଲା । ଏଥି ପୂର୍ବରୁ ରାମଚନ୍ଦ୍ରଭବନ ମୁଁ ଦେଖି ନ ଥିଲି । ତାହାର ବହିର୍ଭାଗର ଦୃଶ୍ୟ ଖଣ୍ଡିଏ ସୁନ୍ଦର ସୁଦୃଶ୍ୟ ଛବି ପରି । ଶିଳ୍ପୀର ପରିକଳ୍ପନା ଅତି ଉଚ୍ଚ ଧରଣର ଓ ବଡ଼ ଚମତ୍କାର । ଭିତରଟି ଖଣ୍ଡିଏ ଆଲଙ୍କାରିକ ସଙ୍ଗୀତ କାବ୍ୟ । ସଭାଗୃହ ପୁଷ୍ପପଲ୍ଲବରେ ଅପୂର୍ବ ଶ୍ରୀ ଧାରଣ କରିଥିଲା । ରାଧାନାଥ, ମଧୁସୂଦନ, ଫକୀରମୋହନ ପ୍ରଭୃତି ସ୍ୱର୍ଗତ ବରେଣ୍ୟ କବିଙ୍କର ସୁନ୍ଦର ପ୍ରତିମୂର୍ତ୍ତି କାନ୍ଥରେ ଟଙ୍ଗାହୋଇ ଦୀପାଲୋକରେ ଅପୂର୍ବ ଜ୍ୟୋତି ବିସ୍ତାର କରୁଥାଏ । ସତେ ଯେପରି କବିପ୍ରତିଭା ପୁଞ୍ଜୀଭୂତ ହୋଇ ନାଚିଉଠୁଅଛି । ସଭାଗୃହଟି ସାରସ୍ୱତ ଶ୍ରେଷ୍ଠ ଯୋଗୀଙ୍କର ପବିତ୍ର ସାଧନାଶ୍ରମ । ସତେ ଯେପରି କବିମାନଙ୍କର ଐକତାନିକ ବୀଣା ଝଙ୍କାରର ମଧୁର ମୂର୍ଚ୍ଛନା ନୀରବଭାବରେ କର୍ଣ୍ଣରେ ଅମୃତ ବର୍ଷଣ କରି-ଯାଉଅଛି । କି ଏକ ଅପୂର୍ବ ସ୍ୱର୍ଗୀୟ ମହାଭାବରେ ହୃଦୟ ମନପ୍ରାଣ ବିଭୋର ହୋଇଉଠିଲା । ସଂସାରର ଚିନ୍ତା ବାସନା କୁଆଡ଼େ ମିଳାଇଗଲା । ମନେ ହେଲା—କେଉଁ ଜ୍ୟୋତିର୍ମୟ ଭାବରାଜ୍ୟରେ ମୋତେ ଆଣି କିଏ ଯେପରି ଛାଡ଼ି ଦେଇଗଲା । ଊର୍ଦ୍ଧ୍ୱରୁ ଗୁରୁ ଚିନ୍ତାବଳିରୁ ମହାଭାବପୂର୍ଣ୍ଣ ଉଦାର କବିତା ଝରିପଡ଼ିଲା ପରି ବୋଧ ହେଉଥାଏ । ସତେ ଯେପରି ସେ କବିତା ପୁଷ୍ପ ପରି ସୌରଭ ଓ ମଧୁକଣିକାରେ ପୂର୍ଣ୍ଣ । ଏ ସଭାଗୃହ କି କବିତାରାଜ୍ୟ, କି ସାରସ୍ୱତ ତପସ୍ୱର୍ଗ, କିଛି ନିଶ୍ଚୟ କରିହେଲା ନାହିଁ । ଫଟୋଗୁଡ଼ିକ ପୁଷ୍ପମାଳାରେ ମଣ୍ଡିତ । ବୋଧ ହେଲା ଯେପରି ଦେବୀ ବୀଣାପାଣି ଫୁଲ ରୂପରେ କବିତାଗୁଡ଼ିଏ ଗୁନ୍ଥି ତାଙ୍କ ପ୍ରିୟ ପୁତ୍ରମାନଙ୍କ ଗଳାରେ ଆଦରରେ ପିନ୍ଧାଇଦେଇଅଛନ୍ତି । କବିମାନଙ୍କ ହାସ୍ୟ-ମୟ ଅଧରରେ କବିତା ଲାଗିରହିଅଛି । "କେଉଁ ମାୟା-ପୁରରେ ଅତରେ ଆହା ପଶିଲି ଆସି, ଯେଣିକି ଚାହିଁଲେ ବର୍ଷୁଛି ମୌନ କବିତାରାଶି ।" ମୋର ଅଜ୍ଞାତରେ ଏହି ଦୁଇ ଧାଡ଼ି କବିତା ଆସି କଣ୍ଠମୂଳରେ ଅଟକି ରହିଲା । ମୁଁ କେଉଁଠିକି ଆସିଛି, କାହିଁକି ଆସିଛି—କିଏ କି କାର୍ଯ୍ୟ ପାଇଁ ମୋତେ ଶୂନ୍ୟରେ ଏଠାକୁ ଉଡ଼ାଇ ନେଇ ଆସିଅଛି—କୌଣସି ଅନୁଭୂତି ମୋତେ ସ୍ପର୍ଶ କରିପାରିଲା ନାହିଁ । କେବଳ ଭାବରେ ଭେକା ହୋଇ ବସିରହିଲି । "ଆତ୍ମବିସ୍ମୃତ ହେଲି" କହିଲେ ଠିକ୍ ହେବ ନାହିଁ, ତାହାଠାରୁ କିଛି ଅଧିକ ଥିଲେ ମୋର ସେକାଳର ଅବସ୍ଥା ସଙ୍ଗେ ସମାନ ହୁଅନ୍ତା । ମୋର ଏ କଥା ଶୁଣି କେହି ହସିଲେ ହସନ୍ତୁ, ଥଟ୍ଟା କଲେ କରନ୍ତୁ, ବ୍ୟଙ୍ଗବିଦ୍ରୂପ ଚାଲିଲେ ଚାଲୁ, ସେଥିରେ ମୁଁ କ୍ଷୁବ୍ଧ ହେବି ନାହିଁ ।

ମୋର ଯାତ୍ରା ହୃଦୟର ସତ୍ୟ ଅନୁଭୂତି, ତାହା ମୁଁ ନିର୍ଭୟରେ କହିଯାଉଛି । ସେପରି କହିବାର ଅଧିକାର ବ୍ୟକ୍ତିମାନଙ୍କର ଅଛି । ବରଂ ନ କହିବା ସତ୍ୟ ଗୋପନଜନିତ ପାପ । ଗାଳି ପଡ଼େ ଖାଏ; କିନ୍ତୁ ସେ ପାପରୁ ମୁକ୍ତ ହେବି । ଏଣିକି ଲେଖି ନୋବେଲ ପ୍ରାଇଜ୍ ପାଇବାର ବ୍ୟର୍ଥ ଧୃଷ୍ଟତା ମୁଁ ହୃଦୟରେ ପୋଷଣ କରି ନାହିଁ ।

ଯଥାସମୟରେ ସଭାର କାର୍ଯ୍ୟ ଆରମ୍ଭ ହେଲା । ଯାହା ପରେ ଯାହା ହେବାର, ତାହା ତ ଆଇନବନ୍ଧା ହୋଇ ରହିଅଛି । ସବୁ ଠିକ୍ ସେହିପରି ହେଲା । ସଭ୍ୟ ଓ ଦର୍ଶକର ଆଧିକ୍ୟରେ ସଭାର ବିସ୍ତୃତ ହଲ ପରିପୂର୍ଣ୍ଣ ହୋଇ ରହିଥାଏ । ଏବେ ଲୋକାରଣ୍ୟ; କିନ୍ତୁ ନୀରବ-ନିସ୍ତବ୍ଧ; ନିର୍ବାତ ବାରିଧିବକ୍ଷ ପରି ନିସ୍ତରଙ୍ଗ । ସାହିତ୍ୟ-ପ୍ରୀତିର ନୀରବ ପ୍ରାଣଶକ୍ତି ଅନୁଭୂତି ଉଠୁଥାଏ । ଯୁବକ କର୍ମୀମାନଙ୍କର ଉତ୍ସାହ, ଉତ୍ତେଜନା ଶତମୂର୍ତ୍ତି ଧାରଣ କରି ଖେଳିଯାଉଥାଏ । ମାତୃସାହିତ୍ୟପ୍ରତି ଦେଶବାସୀଙ୍କର ଆଦର, ଆଗ୍ରହ ଓ ଆନ୍ତରିକତା ବୃଦ୍ଧିର ଏହା ଶୁଭସୂଚନା ।

ସଭାପତି-ବକ୍ତବ୍ୟ ଯେପରି ଅଧିକ ନ ହୁଏ, ସେଥିପାଇଁ ସମାଜର ସମ୍ପାଦକ ମହୋଦୟ ପକ୍ଷକାଳ ଆଗରୁ ମୋତେ ବିଶେଷ ଭାବରେ ସତର୍କ କରାଇଦେଇଥିଲେ । ସେ ଲେଖିଥିଲେ, ଆପଣଙ୍କ ଅଭିଭାଷଣ ୫।୭ ପୃଷ୍ଠା ମଧ୍ୟରେ ପ୍ରସ୍ତୁତ କରି ଆଣିବାକୁ ଅନୁରୋଧ କରୁଅଛି, ଯେପରି ଅଧିକ ନ ହୁଏ । ଅଧିକ ହେଲେ ଶ୍ରୋତାମାନଙ୍କର ଧୈର୍ଯ୍ୟଚ୍ୟୁତି ଘଟିଥାଏ । ତାଙ୍କର ଏହି କଥା ଅନୁସାରେ ମୁଁ ମୋର ବକ୍ତବ୍ୟ ଲେଖିନେଇଥିଲି; କିନ୍ତୁ ପଢ଼ିବା ମୋ ପକ୍ଷରେ କଷ୍ଟକର । ପୂର୍ବରୁ କହିଅଛି— ବୟୋଧର୍ମର ଆଶୀର୍ବାଦରୁ ମୋର ଦୃଷ୍ଟିଶକ୍ତି ଅଧେ କମିଯାଇଅଛି । ରାତିରେ ଆଉ ଲେଖାପଢ଼ି କରିପାରୁ ନାହିଁ; ତଥାପି ରାତିରେ ଯାହା ଲେଖେ, ତାହା ଦେବ ଅକ୍ଷରରେ ପରିଣତ ହୋଇଯାଏ । ଧାଡ଼ି ଉପରେ ଧାଡ଼ି ପଶିଯାଇ ଅନ୍ୟର ଅପାଠ୍ୟ ହୋଇଯାଇଥାଏ । ସକାଳୁ ତାହା ସଜାଡ଼ିନେବାକୁ ହୁଏ । ଜୋରରେ କଥା କହିପାରେ ନାହିଁ; କହିଲେ ଧଇଁ ସଇଁ ହୋଇପଡ଼େ । ମୋ ଭାଗ୍ୟରେ ଏ ପୁରସ୍କାର ଜଗଠାକୁରାଣୀଙ୍କ ପ୍ରଦତ୍ତ । ଦାନ୍ତ ନ ଥିବାରୁ ଶବ୍ଦ ଉଚ୍ଚାରଣ ମଧ୍ୟ ସ୍ପଷ୍ଟ ହୁଏ ନାହିଁ । ସେଥି ନିମନ୍ତେ ମୋର ନଗଣ୍ୟ ବକ୍ତବ୍ୟଟିକୁ ମୋର ପୁତ୍ର ଶ୍ରୀମାନ୍ ଉପେନ୍ଦ୍ର ସଭାରେ ପାଠ କରିଥିଲା । ତହିଁପରେ ଘୋଷିତ ପ୍ରବନ୍ଧର ପୁରସ୍କାର ଲେଖକମାନଙ୍କୁ ପ୍ରଦତ୍ତ ହେଲା । ଶେଷରେ ସଭାପତି ଏବଂ ଉପସ୍ଥିତ ଭଦ୍ରମଣ୍ଡଳୀଙ୍କୁ ଯଥାରୀତି ଧନ୍ୟବାଦ ପ୍ରଦତ୍ତ ହୋଇ ସଭାଭଙ୍ଗ ହେଲା ।

ଆଉ ଗୋଟାଏ ମଜାର କଥା କହିବାକୁ ଭୁଲିଯାଉଛି । ପ୍ରଥମତଃ ସଭାପତିଙ୍କ ଗଳାରେ ଜାକୁଜକାମଣ୍ଡିତ ଫୁଲର ଧଣ୍ଡା ଲମ୍ବାଇଦିଆହୋଇଥାଏ । ତହିଁପରେ କ୍ରିଡ଼ାମୟ ପୁରସ୍କାର ଅଛି । ସଭାପତିଙ୍କ ଆସନ ଉପରେ ଘରର ଛାତରେ କୌଶଳରେ ଛିଦ୍ର ରଖାହୋଇଅଛି । ତାହା ତଳକୁ ଦେଖାହୁଏ ନାହିଁ । ସଭାପତି ଆସନ ଗ୍ରହଣ କଲା ପରେ ସେ ଗୁପ୍ତ ଛିଦ୍ରପଥରେ ସଭାପତିଙ୍କ ମସ୍ତକରେ କୁସୁମାଞ୍ଜଳି ବର୍ଷିତ ହୁଏ । ଏହା ଏକ ଅଦ୍ଭୁତ ସୁନ୍ଦର ଏବଂ ବିଚିତ୍ର କାରିଗୁରି । ସେହିସମୟରେ ସଭାପତି ଉପରକୁ ଚାହିଁଦେଲେ ଚକ୍ଷୁଯୋଡ଼ାକର ମାୟା ତ୍ୟାଗ କରିବାକୁ ହେବ । ଏହି ଅପୂର୍ବ ଭୋଜବାଜି ସମାଜର ସମ୍ପାଦକ ମହାଶୟଙ୍କର ଗମ୍ଭୀର କଳ୍ପନାପ୍ରସୂତ । ଉପରକୁ ନ ଚାହିଁବା ପାଇଁ ପୂର୍ବରୁ ସଭାପତିଙ୍କୁ ସତର୍କ କରିଦିଆହୋଇଥାଏ ।

ଆଜି ୨୫ ତାରିଖ ସକାଳବେଳ ଇତିହାସ ଶାଖାର ଅଧିବେଶନ । ଉପରନ୍ତୁ ବିଜ୍ଞାନ ଶାଖାର ଅଧିବେଶନ ହେବ । ଏ ବର୍ଷ ସାହିତ୍ୟସମାଜର ଏହା ନୂତନତ୍ୱ ଓ ବିଶେଷତ୍ୱ । ଏଣିକି କ୍ରମେ କ୍ରମେ ଦର୍ଶନ, ପ୍ରତ୍ନତତ୍ତ୍ୱ ପ୍ରଭୃତି ବିଭାଗ ଖୋଲିବାର ଆଶା କରାହୁଏ । ଯୁବକମାନେ ସାହିତ୍ୟ କ୍ଷେତ୍ରରେ ଏହିପରି ସ୍ପନ୍ଦନ ଆନୟନ କରନ୍ତୁ, ଏହାହିଁ କାମନୀୟ । ପ୍ରଥମ ପ୍ରବେଶରେ ଯେଉଁ ଶୁଭ ସଙ୍କେତର ବୀଜ ସେମାନେ ରୋପଣ କରିଅଛନ୍ତି, ତାହା ଅକ୍ଷୟ ହୋଇ ଶାଖାପ୍ରଶାଖା ବିସ୍ତାରପୂର୍ବକ ମହାମହୀରୁହରେ ପରିଣତ ହେଉ— ମଙ୍ଗଳମୟଙ୍କ ଶ୍ରୀଚରଣରେ ଏହାହିଁ ବିନୀତ ଇଚ୍ଛା । ସାଧୁକାର୍ଯ୍ୟର ସହାୟ ଭଗବାନ, ଯୁବକମାନଙ୍କର ଏହି ମହତ ଉଦ୍ୟମରେ ସେ ନିଶ୍ଚୟ ଅମୃତ ଆଶୀର୍ବାଦ ସହସ୍ର ଧାରାରେ ବର୍ଷଣ କରିବେ—ଏ ବିଶ୍ୱାସ ଅସମୀଚୀନ

ନୁହେଁ । ଯୁବକ ପ୍ରାଣରେ ସେହି ଏ ପ୍ରେରଣା ଆଣି ଦେଇଅଛନ୍ତି । ଦିନେ ସେହି ପ୍ରେରଣା-କଳ୍ପବୃକ୍ଷ ଶୀତଳ ଛାୟା ଓ ଅମୃତ ଫଳ ଦାନ କରି ଦେଶବାସୀଙ୍କୁ ପରିତୃପ୍ତ କରିବ; କିନ୍ତୁ ମୁଁ ତାହା ଦେଖିପାରିବି ନାହିଁ । ଏ ଜନ୍ମରେ ନ ଦେଖିଲେ ନାହିଁ, ପର ଜନ୍ମରେ ତ ଦେଖିବି—ଏହାହିଁ ମୋର ଆନନ୍ଦ । ବର୍ତ୍ତମାନ ସେହି ଭାବୀ ଆନନ୍ଦର ସ୍ମୃତିରେ ମୋର ପ୍ରାଣ ବିଭୋର । ଯଥାସମୟରେ ଇତିହାସ ଶାଖାର ଅଧିବେଶନ ହେଲା । ସଭାପତି ଶ୍ରୀମାନ୍ ସତ୍ୟନାରାୟଣ ରାଜଗୁରୁ ତାଙ୍କର ସୁଚିନ୍ତିତ ଅଭିଭାଷଣ ପାଠକଲେ । ଅଭିଭାଷଣଟି ବହୁ ଗବେଷଣାପୂର୍ଣ୍ଣ ଓ ମୌଳିକତାରେ ଅନୁପ୍ରାଣିତ । ତାହା ଶ୍ରୋତୃମଣ୍ଡଳୀଙ୍କର ପ୍ରୀତିପ୍ରଦ ହୋଇଥିଲା । ସମ୍ମିଳନରେ କେହି ତାହାର ସମାଲୋଚନା କଲେ ନାହିଁ ବୋଲି 'ଉତ୍କଳଦୀପିକା' ଦୁଃଖ ପ୍ରକାଶ କରି ଲେଖିଥିଲେ । ଖାଲି ଦୁଃଖ ପ୍ରକାଶରେ କି ଫଳ, ତାହା ସେହି ଜାଣନ୍ତି । ଦୀପିକାର ସମ୍ପାଦକ ଜଣେ ଉଚ୍ଚଶିକ୍ଷିତ ଯୁବକ, ଇଚ୍ଛା କରିଥିଲେ ତାଙ୍କ ପତ୍ରିକାରେ ସେ ସମାଲୋଚନା କରିପାରିଥାନ୍ତେ । ପ୍ରବନ୍ଧ ବାସି ହୋଇଗଲେ ପଚିଯାଏ ନାହିଁ, ଏବେ ସୁଦ୍ଧା ସେ ସମାଲୋଚନା କରିପାରନ୍ତି । ଜଜ୍, କଲେକ୍ଟର ପରି ପଦେ ହୁକୁମ ଝାଡ଼ିଦେଲେ ସମ୍ପାଦକୀୟ କର୍ତ୍ତବ୍ୟ ଶେଷ ହୁଏ ନାହିଁ । ସମ୍ପାଦକ ଲୋକଶିକ୍ଷକ । ଆଦର୍ଶ ଶିକ୍ଷା ଦେବା ତାଙ୍କର ଗୌରବମୟ କର୍ତ୍ତବ୍ୟ । ସଭାପତି ଅଭିଭାଷଣ ପରେ ଶ୍ରୀଯୁକ୍ତ ସତୀନ୍ଦ୍ରନାରାୟଣ ରାୟ ମହାଶୟଙ୍କର 'ଇତିହାସର ଅନ୍ଧକାର' ଶୀର୍ଷକ ପ୍ରବନ୍ଧ ପାଠ କରାହେଲା । ପ୍ରବନ୍ଧଟି ସମୟୋପଯୋଗୀ ସାରଗର୍ଭକ, ସୁତରାଂ ଉପଭୋଗ୍ୟ । ସେଥିରେ ଶିକ୍ଷାର ଉପାଦାନ ଯଥେଷ୍ଟ ଥିଲା । ତତ୍ପରେ ଡାକ୍ତର ରାଧାଚରଣ ପଣ୍ଡା ତାଙ୍କର 'ପ୍ରାଚୀରେ ପ୍ରାଚୀନ କୀର୍ତ୍ତି' ପ୍ରବନ୍ଧ ପାଠ କରି ଶିବ ସବୁ ବୁଝାଇଦେଇଥିଲେ । ତାହା ସୁଦ୍ଧା 'ଉତ୍କଳଦୀପିକା'ର ମନକୁ ଆସିଲା ନାହିଁ । ଟିକିଏ ବକ୍ରୋକ୍ତିସୂଚକ ମନ୍ତବ୍ୟରେ ଲେଖକଙ୍କୁ ପୁରସ୍କୃତ କରାହେଲା । ସେଭଳି ମନ୍ତବ୍ୟର ମୂଲ୍ୟ କିଛି ନାହିଁ—ତାହା ହାସ୍ୟରସ ହିସାବରେ ଉପଭୋଗ୍ୟ ହୋଇପାରେ । ସୁଦୂର ତୈଲଙ୍ଗୀୟ ରାଜ୍ୟ ମଧ୍ୟରେ ରହି କରି ଲେଖକ ଓଡ଼ିଶାର ଐତିହାସିକ କୀର୍ତ୍ତି ଚିହ୍ନ ଚିହ୍ନ ଅନୁସନ୍ଧାନ କରି ଗୋଟାଏ ମହାର୍ଘ ପ୍ରାଚୀନ ଘଟଣା ଆବିଷ୍କାର କଲେ; କିନ୍ତୁ ପ୍ରାଚୀ ଆମ ବାଡ଼ି ଦୁଆର ପାଖରେ ଥିଲେ ସୁଦ୍ଧା ଆମେ କଅଣ କଲେ ? ନିଜେ କିଛି କରିବୁ ନାହିଁ ଅଥଚ କେହି କିଛି କଲେ ବାଛିବୁ—ଏହାହିଁ ଆମ ଶିକ୍ଷାର ବିଶେଷତ୍ୱ । ଲେଖାରେ ଭ୍ରମପ୍ରମାଦ ଥାଇପାରେ, ତାହା କାହାର ବା ନ ଥାଏ ? ମାତ୍ର ଗୁଣଗ୍ରହଣ ସର୍ବତୋଭାବରେ କର୍ତ୍ତବ୍ୟ ।

ସଭାପତିଙ୍କୁ ଧନ୍ୟବାଦ ପ୍ରଦାନ ହେଲା ପରେ ଠିକ୍ ଦଶଟାବେଳେ ସଭାଭଙ୍ଗ ହେଲା । ଯଦୁନାଥ ବାବୁ ସଭାରେ ଉପସ୍ଥିତ ଥିଲେ । ସେ ମୋତେ ତାଙ୍କ ଘରକୁ ନେଇଗଲେ । ଭୋଜନର ଆୟୋଜନ ଦେଖି ସ୍ତମ୍ଭୀଭୂତ ହୋଇଗଲି । ଯଦୁନାଥବାବୁ ନିଜେ ବସି ପାଚକଦ୍ୱାରା ଷଡ଼ରସପୂର୍ଣ୍ଣ ବତିଶ ବ୍ୟଞ୍ଜନ ପ୍ରସ୍ତୁତ କରାଇଥିଲେ । ଥାଳୀ ଚାରି ପାଖରେ ବିବିଧ ଉପାଦେୟ ଆହାର, ତରକାରୀ, ଭଜା ପ୍ରଭୃତିରେ ଗୋଟିଏ ବୃତ୍ତ ଅଙ୍କିତ ହୋଇଗଲା । ହାଣ୍ଡି ଆଖିବାଡ଼ରେ ପଡ଼ିଲା ପରି ମନ କାହାକୁ ଛାଡ଼ି କାହାକୁ ଖାଇବ ବୋଲି ଅସ୍ଥିର ହୋଇପଡ଼ିଲା । ଯଦୁନାଥବାବୁ ଆଗରେ ବସି ଏଟା ଖାଆନ୍ତୁ—ସେଟା ଖାଆନ୍ତୁ—ଏଥିରେ ତ ହାତ ମାରିଲେ ନାହିଁ—ଏହିପରି ସ୍ନେହର ପ୍ରେରଣା ଦେଉଥାଆନ୍ତି । ସବୁ ତରକାରୀକୁ ଥରେ ଥରେ ଛୁଇଁଲେ ପେଟର ଗହ୍ୱର ପୂର୍ଣ୍ଣ ହୋଇଯିବ । ସଜ ମରି ଗୁଆଘିଅ ଆଣ, ଦହି ଆଣ, ଛେନା ଆଣ, ମିଷ୍ଟାନ୍ନ ଆଣ—ଏହିପରି ବରାବରରେ ବାବୁ ଲାଗିଥାନ୍ତି । ଆଦେଶମାତ୍ରେ ସେ ସବୁ ପହଞ୍ଚାଉଥାଏ । ମୁଁ, ସୋମନାଥ, ଉପେନ୍ଦ୍ର ଏକ ପଙ୍କ୍ତିରେ ବସିଥାଉଁ । ଉପେନ୍ଦ୍ର ଯଦୁନାଥ ବାବୁଙ୍କର ଶଳା । ତାଙ୍କୁ ସେ ଅନୁଜ ପରି ସ୍ନେହ କରନ୍ତି । ତାହାର ପିତାମହୀଙ୍କର ସ୍ନେହଦତ୍ତ ନାମ ଗୋବିନ୍ଦ । ଘରେ ସମସ୍ତେ ସେହି ନାମରେ ଡାକନ୍ତି । ଯଦୁନାଥ ବାବୁ ବି ଗୋବିନ୍ଦ ବୋଲି ଡାକନ୍ତି । "ଗୋବିନ୍ଦ, ତୁ ପିଲାଟା ଖାଉ ନାହୁଁ, ଲାଜ କରୁଛୁ କାହିଁକି" ବୋଲି ତାଗିଦ୍ ଦିଆହେଉଥାଏ । ବାବୁଙ୍କ ପିଲାଗୁଡ଼ିକ ବି

ପରିବେଷଣରେ ଲାଗିଥାଆନ୍ତି । ସେମାନଙ୍କ କି ଶାନ୍ତ—କି ଶିଷ୍ଟ ! "ଯଥା କୁଳେ ଜନ୍ମ ତଥା ଗରିଷ୍ଟ ।" ବ୍ୟବହାରରେ ଏହି ସାର ସତ୍ୟବାଣୀ ଅକ୍ଷରେ ଅକ୍ଷରେ ସାର୍ଥକ ହେଉଥାଏ । ଭୋଜନରେ ଷୋଳକୋଠା ପୂର୍ଣ୍ଣ ହୋଇଗଲା । ଆଚମନ ପରେ ସୁଖଦୁଃଖରେ କଥା ଅନେକ ହେଲା । ସେଦିନ ଶରତବାବୁଙ୍କ ଘରେ ତରୁଣ ସମିତି । ପୂର୍ବରୁ ଉପେନ୍ଦ୍ର ନିମନ୍ତ୍ରିତ ହୋଇଥିଲା । ଆଗରୁ ସେ ସେଠାକୁ ଗଲା । ମୁଁ ଓ ସୋମନାଥ ବସାକୁ ଆସିଲୁଁ ; ପହଞ୍ଚିବାବେଳକୁ ବାରଟା ବାଜିଯାଇଥିଲା ।

ଖରାରେ ଗାଡିରେ ଆସିବାରୁ କ୍ଳାନ୍ତି ବୋଧ ହେଲା । ବସି ଟିକିଏ ବିଶ୍ରାମ କରୁଅଛି, ଏହି ସମୟରେ ଗୋପାଳବାବୁଙ୍କ ଭାଇ କୃଷ୍ଣଚନ୍ଦ୍ର ମିଶ୍ର ଆସି ଉପସ୍ଥିତ । ସେ ଜଣେ ଏମ୍. ଏ., ବି. ଏଲ୍. ଓ ଗୋପାଳ ବାବୁଙ୍କ ଭାଷାକୋଷ ଅନୁଷ୍ଠାନର ଅନ୍ୟତମ ସହକାରୀ; କିନ୍ତୁ ବେଶଭୂଷା ଓ ବ୍ୟବହାରରୁ ଏଡ଼େ ବଡ଼ ବିଦ୍ୱାନ୍ ବୋଲି ଜଣାହେଉ ନ ଥିଲା । କୃଷ୍ଣବାବୁ କହିଲେ, "ଭାଇନା ଆପଣଙ୍କ ଅପେକ୍ଷାରେ ଅଛନ୍ତି, ମୁଁ ଗାଡି ଘେନି ଆସିଛି, ଯିବା ଚାଲନ୍ତୁ ।" ତହୁଁ ମୁଁ ଆସିଲି, ସୋମନାଥ ମୋ ସଙ୍ଗରେ ଆସିଲା । ସମସ୍ତେ ଗାଡିରେ ବସି ଯଥାସମୟରେ ଯାଇ ଗୋପାଳବାବୁଙ୍କ ଘରେ ପହଞ୍ଚିଲୁଁ । ଗୋପାଳବାବୁ ଖଣ୍ଡେ ଦୂରରୁ ଆସି ମତେ କୁଣ୍ଢାଇପକାଇ ତାଙ୍କ ଭାଷାକୋଷ ଅଫିସ ଘରେ ନେଇ ବସାଇଲେ । ନିଜେ ଯାଇ ପାନ ଆଣି ବାଣ୍ଟିବାକୁ ଲାଗିଲେ । ନିଷେଧ କରନ୍ତେ ତାଙ୍କ ସ୍ୱାଭାବିକ ଶାନ୍ତି ଶିଆଳିଆ କୌତୁକିଆ ଭାଷାରେ କହିଲେ, "ତୁ ଯେଉଁ ମାଆର ପୁଅ, ମୁଁ ବି ତ ସେହି ମାଆର ପୁଅ, ଭାଇ ଭାଇ ମଧ୍ୟରେ ପୁଣି ସଙ୍କୋଚ କଅଣ ?" ଭାଷାକୋଷର ପାଣ୍ଡୁଲିପି ଦେଖି ମୁଁ ସ୍ତମ୍ଭୀଭୂତ ହୋଇଗଲି । ଭାବିଲି, ଏ କଅଣ, ପାଣ୍ଡୁଲିପି ନା ପୁସ୍ତକର ପାହାଡ଼ ! ଗୋପାଳବାବୁ ପୁସ୍ତକ ଖୋଲି ମୋ ପୁସ୍ତକର କେତେଟା ଉଦାହରଣ ଦେଖାଇଦେଲେ । ଅଫିସ ଘରଟାଯାକ କେବଳ ପ୍ରକାଣ୍ଡ ପ୍ରକାଣ୍ଡ ପାଣ୍ଡୁଲିପିରେ ପୂର୍ଣ୍ଣ । ହୃଦୟଭାବ ଗୋପନ ରଖିପାରିଲି ନାହିଁ, ଆବେଗରେ ଗୋପାଳବାବୁଙ୍କୁ କହି ପକାଇଲି, "ଆପଣ ସାଧାରଣ ମନୁଷ୍ୟ ନା ଯୋଗୀ ? ମନୁଷ୍ୟ କି ଏଡ଼େ ବଡ଼ ବିପୁଳ କାର୍ଯ୍ୟ ସ୍ଥାପନ କରିପାରେ !" ବାସ୍ତବରେ ଏହା ତାଙ୍କର ବହୁବର୍ଷବ୍ୟାପୀ ଯୋଗସାଧନର ଫଳ । ଏହି ଆଶ୍ରମରେ ବସି ଅସାଧାରଣ ଧୈର୍ଯ୍ୟ, ସହିଷ୍ଣୁତା ଓ ଅଧ୍ୟବସାୟ ବଳରେ ସେ ଏହି ବିରାଟ ଶବ୍ଦ-ହିମାଳୟ ସୃଷ୍ଟି କରିଅଛନ୍ତି । ତାଙ୍କର ଗଭୀର ଗବେଷଣା, ଅଖଣ୍ଡ ଚିନ୍ତା କେବଳ ତାଙ୍କୁହିଁ ପଠାନ୍ତର । ଶୁଣିଲି, ତିନିବର୍ଷ ହେଲା ସେ ଏକାବେଳକେ ଓକିଲାତି ଛାଡ଼ିଦେଇ ଏହି କାର୍ଯ୍ୟରେ ଶରୀର, ମନ, ପ୍ରାଣ ନିୟୋଗ କରିଅଛନ୍ତି । ଗତବର୍ଷ ଓକିଲାତିରୁ ସେ ମୋଟରେ ୨୩ ଶହ ଟଙ୍କା ମାତ୍ର ପାଉଥିଲେ । ହଜାର ହଜାର ଟଙ୍କାର ମୋହ ଛାଡ଼ିବା ସାମାନ୍ୟ ସ୍ୱାର୍ଥତ୍ୟାଗର ଦୃଷ୍ଟାନ୍ତ ନୁହେଁ । ନିଜର ମାତୃଭୂମି, ମାତୃଭାଷା ଓ ମାତୃସାହିତ୍ୟ ପାଇଁ ସେ ଯାହା କରିଗଲେ, ସେପରି ଉଚ୍ଚ ମହାନ୍ ଶୁଭ ଦୃଷ୍ଟାନ୍ତ ଜାତୀୟ ଇତିହାସ ବକ୍ଷରେ ଧାରଣ କରି ଧନ୍ୟ ହେବ । ଉତ୍କଳର ଭାବୀ ବଂଶଧର ତାଙ୍କର ସ୍ୱର୍ଣ୍ଣମୂର୍ତ୍ତି ନିର୍ମାଣ କରି ରତ୍ନ ଖଟୁଲିରେ ବସାଇ ଭକ୍ତି-ପ୍ରୀତିର ଷୋଡ଼ଶୋପଚାରରେ ପୂଜା କରିବେ । ଏଭଳି ଖଣ୍ଡିଏ ସର୍ବାଙ୍ଗସୁନ୍ଦର ପୂର୍ଣ୍ଣାଙ୍ଗ ଅଭିଧାନ ସଙ୍କଳନ କରିଥିଲେ ପୃଥିବୀର ଯେକୌଣସି ସଭ୍ୟ ସମୁନ୍ନତ ଜାତି ନିଶ୍ଚୟ ଗର୍ବ ଅନୁଭବ କରିଥାନ୍ତା । ସୁଦୂର ପାଶ୍ଚାତ୍ୟଖଣ୍ଡରେ ଓଡ଼ିଆ ଭାଷାକୋଷର ଆଦର କ୍ରମଶଃ ବୃଦ୍ଧି ଲାଭ କରୁଅଛି । ଇଂଲଣ୍ଡ, ଆମେରିକା, ଜର୍ମାନ, ଫ୍ରାନ୍ସ, ଇଟାଲୀ ପ୍ରଭୃତି ଆଦର୍ଶ ଦେଶର ଅଧିବାସୀ ଅତି ଆଗ୍ରହରେ ଏହି ପୁସ୍ତକ ପାଇଁ ବରାଦ ଦେଉଅଛନ୍ତି । ଏହା ଉତ୍କଳ ପକ୍ଷରେ ସାମାନ୍ୟ ସୌଭାଗ୍ୟ ଏବଂ ପ୍ରଶଂସାର ବିଷୟ ନୁହେଁ । ଗୋପାଳ ବାବୁ ଦୁର୍ଜନର ପରମାୟୁ ଘେନି ସହସ୍ରାୟୁ ହେଉନ୍ତୁ, ମଙ୍ଗଳ-ବିଧାତାଙ୍କ ନିକଟରେ ଏହି ଭିକ୍ଷା । ଏକା ଓଡ଼ିଆ ଭାଷା ନୁହେଁ, ଏହି ପୁସ୍ତକଦ୍ୱାରା ପୃଥିବୀର ଭାରତୀୟ ଭାଷାର ଉପକାର ହେବ । ଅତି ପ୍ରାଚୀନ ଓଡ଼ିଆ ମହାଭାଷାର ମହତ୍ତ୍ୱ କେତେ, ତାହାର ଆସନ କେତେ, ଭବିଷ୍ୟରେ ଏହି ପୁସ୍ତକରୁ ପୃଥିବୀର ଲୋକ ତାହା ସହଜରେ ଉପଲବ୍ଧି କରିପାରିବେ । ପାଣ୍ଡୁଲିପିର ଲେଖା ଶେଷ ହୋଇଅଛି, ତଥାପି ଗୋପାଳବାବୁଙ୍କର

ବିଶ୍ରାମ ନାହିଁ । ସେ ଯେଉଁଠି ଯାହା ପାଉଅଛନ୍ତି, ତାହା ଅତି ମର୍ଯ୍ୟରେ ମର୍ଯ୍ୟରେ ଗୁଣ୍ଡାଗୁଣ୍ଡି କରୁଅଛନ୍ତି ।

କିନ୍ତୁ ଦାରୁଣ ଦୁଃଖ, କ୍ଷୋଭ ଏବଂ ଲଜ୍ଜାର ବିଷୟ ଏଭଳି ଦୁର୍ଲ୍ଲଭ ମହାରତ୍ନର ମୂଲ୍ୟ ଓଡ଼ିଶା ବୁଝୁ ନାହିଁ । ବୁଝିଥିଲେ ଏତେଦିନ ଯାଏ ଓଡ଼ିଆ ଭାଷାକୋଷ ପାଣ୍ଡୁଲିପି ଅବସ୍ଥାରେ ନ ଥାନ୍ତା । ଏତେବେଳକୁ ତାହାର ବହୁ ସଂସ୍କରଣ ହୋଇଯାଇଥାନ୍ତା । ଓଡ଼ିଶାର ଜଣେ କେହି ରାଜା ମହାରାଜା ଇଚ୍ଛାକଲେ ଏହାର ସମ୍ପୂର୍ଣ୍ଣ ମୁଦ୍ରଣବ୍ୟୟ ବହନ କରିପାରନ୍ତେ । ଯେଉଁ ଦେଶର ଆଦର୍ଶ ମନୀଷୀ ରାଜନ୍ୟବୃନ୍ଦ ମନୁ, ପରାଶର, ଭାଗବତ, ପଣ୍ଡିତସର୍ବସ୍ୱ ପ୍ରଭୃତି ବହୁବ୍ୟୟସାଧ୍ୟ ବିରାଟ ଶାସ୍ତ୍ର-ଗ୍ରନ୍ଥ ପ୍ରକାଶ କରି ଘରେ ଘରେ ବିନାମୂଲ୍ୟରେ ବିତରଣ କରିଯାଇଅଛନ୍ତି, ଲକ୍ଷ ଲକ୍ଷ ଟଙ୍କା ଅକାତର ବ୍ୟୟରେ ଦେଶରେ ବିରାଟ ଶିକ୍ଷା-ମନ୍ଦିର ସ୍ଥାପନ କରି ଉନ୍ନତିର ସୁବିଧା କରିଯାଇଅଛନ୍ତି, ସେହି ପୁଣ୍ୟପ୍ରାଣ ରାଜନ୍ୟବୃନ୍ଦଙ୍କ ସୁଯୋଗ୍ୟ ବଂଶଧର ଦେଶରେ ଏଭଳି ଆଶା କରିବା ଅସଙ୍ଗତ ବା ଅତିରଞ୍ଜିତ ନୁହେଁ, ବରଂ ସ୍ୱାଭାବିକ । ବର୍ତ୍ତମାନ ମୁଦ୍ରା ରାଜା-ମହାରାଜା ଲକ୍ଷ ଲକ୍ଷ ଦେଇ ହୀରା, ମାଣିକ୍ୟ ପ୍ରଭୃତି ସାମାନ୍ୟ ଗୋଡ଼ପଥର କିଣି ରଖୁଅଛନ୍ତି; କିନ୍ତୁ ହାୟ, ଭାଷାକୋଷ ପରି ମହାରତ୍ନକୁ କେହି ପଚାରିବାକୁ ନାହିଁ । ଏହାଠାରୁ ବଳି କ୍ଷୋଭର ଅଶ୍ରୁପାତୀ ଉଦାହରଣ ଆଉ କଅଣ ହୋଇପାରେ ? ଏ ଅତୁଳ ରତ୍ନର ଜ୍ୟୋତି ନିକଟରେ ହୀରାମାଣିକ୍ୟର ଜ୍ୟୋତି ଅତି ଅକିଞ୍ଚିତ୍କର ଏବଂ ଅତି ତୁଚ୍ଛ । ଯେତେଦିନ ଯାଏ ଏ ଦେବଭୂମି ଉତ୍କଳ ଦେଶ ଥିବ, ଯେତେ ଦିନ ଯାଏ ଓଡ଼ିଆ ଭାଷା ଥିବ, ତେତେ କାଳ ଯାଏ ଏ ଅକ୍ଷୟ-କୀର୍ତ୍ତିରତ୍ନର ଜ୍ୟୋତି ଅକ୍ଷୟ ହୋଇ ରହିବ ଏବଂ ସେହି ଜ୍ୟୋତି ମଧ୍ୟରେ ବଦାନ୍ୟ ନୃପତିମାନଙ୍କର ପବିତ୍ର ଜ୍ୟୋତିର୍ମୟ ଯଶୋମୂର୍ତ୍ତି ଦେଦୀପ୍ୟମାନ ରହିବ । "କୀର୍ତ୍ତିରକ୍ଷର ସମ୍ବନ୍ଧା ସ୍ଥିରା ଭବତି ଭୂତଳେ ।" ଏହି ବାଣୀର ମର୍ଯ୍ୟାଦା ରକ୍ଷିବା ପାଇଁ ରାଜନ୍ୟମଣ୍ଡଳୀ ଅଗ୍ରସର ହେଉନ୍ତୁ, ଏହାହିଁ ପ୍ରାର୍ଥନୀୟ । ଅତୀବ ଆନନ୍ଦର ବିଷୟ, ଅଠ-ମଲ୍ଲିକର ଗୁଣଗ୍ରାହୀ ମହାରାଜା ମହୋଦୟ ସ୍ୱତଃପ୍ରବୃତ୍ତ ହୋଇ ଖଣ୍ଡିକର ମୁଦ୍ରଣବ୍ୟୟ ପ୍ରଦାନ କରିବାକୁ ସ୍ୱୀକୃତ ହୋଇଅଛନ୍ତି । ମୁଁ ଦେଶ ପକ୍ଷରୁ ତାଙ୍କର ଜୟଜୟକାର ଘୋଷଣା କରୁଅଛି । ଏହିପରି ଜଣେ ଜଣେ ଗୋଟିଏ ଗୋଟିଏ ଖଣ୍ଡର ବ୍ୟୟ ବହନ କଲେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଅଦୂର ଭବିଷ୍ୟତରେ ପୂର୍ଣ୍ଣଚନ୍ଦ୍ର ପରି ଷୋଳକଳା ପ୍ରଭା ବିସ୍ତାରପୂର୍ବକ ଉତ୍କଳର ମୁଖ ଜ୍ୟୋତିର୍ମୟ କରିବ ।

ଏ ବିଷୟରେ ଶିକ୍ଷିତ ଜନସାଧାରଣଙ୍କର ବି ଗୁରୁତର କର୍ତ୍ତବ୍ୟ ଅଛି । ସମସ୍ତେ ଖଣ୍ଡିଏ ଲେଖାଏଁ କିଣିଲେ ଅତି ଅଳ୍ପଦିନ ମଧ୍ୟରେ ପୁସ୍ତକର ଦ୍ୱିତୀୟ ସଂସ୍କରଣ ଆବଶ୍ୟକ ହେବ । ନିର୍ଦ୍ଦିଷ୍ଟ ସଂଖ୍ୟାରେ ପୁସ୍ତକ ଛପାହେଉଅଛି, ସରିଗଲେ ଏ ମହାରତ୍ନ ସଞ୍ଚୟରୁ ବଞ୍ଚିତ ହେବାକୁ ହେବ । ଅତଃ ଶୀଘ୍ର ତତ୍ପର ହେବା ବାଞ୍ଛନୀୟ ।

ଗୋପାଳ ବାବୁଙ୍କଠାରୁ ବିଦାୟ ନେଇ ଆସି ସୁରିଟାବେଳେ ବସାରେ ପହଞ୍ଚିଲି । ତତ୍ପୂର୍ବରୁ ଜଳଖିଆ ସାମଗ୍ରୀ ଆସି ଉପଯୁକ୍ତ ସଦ୍‌ବ୍ୟବହାରର ଅପେକ୍ଷାରେ ଥିଲା । ଏଣେ ଉଦର-ଦାନବ ମହାକ୍ରୋଧରେ ନାଗ ସାପ ପରି ଫଁଫଁ ହୋଇ ଗର୍ଜନ କରୁଥାଏ । ତାକୁ ସେଥିରୁ କିଛି ଅର୍ପଣ କରିବାରୁ ସେ ଶାନ୍ତ ହେଲା । ସାଢ଼େ ଛଅଟାବେଳେ ବଙ୍ଗୀୟ ସଭାର ଅଧିବେଶନ, ମୋତେ ସେଠାକୁ ସାଢ଼େ ପାଞ୍ଚଟାବେଳେ ଯିବାକୁହେବ । ଆଉ ଗୀତା ପଢ଼ି ନାହିଁ, ମନେ ମନେ ଦୁଇସ୍ଥାନ ଶ୍ଳୋକ ଆବୃତ୍ତି କରିଅଛି । ଏହି ସମୟରେ ଶଶୀ ବାବୁ, ଶରତ୍‌ବାବୁ ଦୁହେଁ ଆସି ଉପସ୍ଥିତ । ଶଶୀବାବୁ କହିଲେ—ଆଜି ସବୁଜ ସାହିତ୍ୟ ସମାଜ ପକ୍ଷରୁ ଆପଣଙ୍କୁ ସମ୍ବର୍ଦ୍ଧନା କରାହେବ । କେତେବେଳେ ଆପଣଙ୍କର ସମୟ ହେବ, ଶରତ୍‌ବାବୁ ପଚାରିବାକୁ ଆସିଅଛନ୍ତି । ମୁଁ କହିଲି—ସମୟ ମୋ ହାତରେ ନାହିଁ, ଆପଣମାନଙ୍କ ହାତରେ । ତହୁଁ ସାଢ଼େପାଞ୍ଚଟା ବେଳେ ସବୁଜ ସାହିତ୍ୟ ସମାଜର ଅଧିବେଶନ ଶ୍ରୀରାମଚନ୍ଦ୍ର ଭବନରେ ହେବାର ସ୍ଥିର ହେଲା । ସେ ଦୁହେଁ ଗଲା ପରେ ଆଉ କେତେ ଜଣ ଭଦ୍ରବ୍ୟକ୍ତି ଆସିଲେ ।

ସେମାନଙ୍କ ସଙ୍ଗରେ କଥୋପକଥନ ଲାଗିଅଛି, ଏତିକି-ବେଳେ ଉଷାର ଦୌରାତ୍ମ୍ୟ ବାଢ଼ିଗଲା । ଆଜିଯାଏ ଘରକଥା ତାହା ମନରେ ନ ଥିଲା, ଆଜି ବଡ଼ ପାଖକୁ ଯିବାକୁ ବାହାରିଲା । ଏକୁଟିଆ ଯାଇ ଶଶୀ ବାବୁଙ୍କ ଘର ପାଖରେ ହୋଇଥିଲା, ଶ୍ରୀନାଥ ଯାଇ ତାକୁ ଖୋଜି ଘେନିଆସିଲା । ଆଉ ତାକୁ ସମ୍ଭାଳେ କିଏ ? ବ୍ୟସ୍ତ ହୋଇ ଅସ୍ଥିର ହେଲା । ସେତେ ବହଲା ବହଲି କଲେ ସୁଦ୍ଧା କିଛି ଫଳ ହେଲା ନାହିଁ । ସୋମ-ନାଥକୁ କହିଲା—ବଜାରରୁ ଗୋଟିଏ ବଡ଼ କିଣିଆଣ । ଏହା ଶୁଣି ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ମଧ୍ୟରେ ହାସ୍ୟର ଗୋଟାଏ ଢେଉ ଖେଳିଗଲା । ଅଜ୍ଞାନ ଶିଶୁର ବିଶ୍ୱାସ, ମିଠେଇ ରସଗୋଲା ପରି ବଡ଼ ବି ବଜାରରେ ବିକା-ହୁଏ । ଆହା, ସରଳପ୍ରାଣ ଶିଶୁର କି ସରଳ ବିଶ୍ୱାସ ! ବିଧାତା ଶିଶୁର ହୃଦ୍‌ପ୍ରାଣକୁ କେବଳ ସାରଲ୍ୟରେ ଗଢ଼ିଥାଏ । ଏହି ସମୟରେ ଗୋଟାଏ ମାଙ୍କଡ଼ କାହା ବାଡ଼ିରୁ ଗୋଟାଏ କାକୁଡ଼ି ଚୋରି କରି ଆଣି ଛାତ ଉପରେ ବସି ଖାଇବାକୁ ଲାଗିଲା । ତାହା ଦେଖି ଉଷା ବଡ଼ କଥା ମନରୁ ଭୁଲିଗଲା । ମାଙ୍କଡ଼ ସଙ୍ଗରେ ତାହାର କଥାବାର୍ତ୍ତା ଲାଗିଲା । ତାକୁ ପୁରି, ମିଠେଇ ପ୍ରଭୃତି କେତେ ଲୋଭ ଯାଚିଲା । ବାଳକ ପ୍ରାଣରେ ବିଧାତା ଚାଞ୍ଚଲ୍ୟ ଯେପରି ଦେଇଥାଏ, କ୍ଷଣ-ବିସ୍ମୃତି ବି ସେହିପରି ଦେଇଥାଏ । ଏହି କ୍ଷଣବିସ୍ମୃତି-ଶକ୍ତି ଦେଇ ନ ଥିଲେ ତାକୁ ସମ୍ଭାଳି ରଖିବା ଅସମ୍ଭବ ହୋଇଥାଆନ୍ତା । ଶିଶୁର ଅମାପୁରି ଜଗତରେ କିଛି ନାହିଁ । ସେ ଆକାଶର ଚନ୍ଦ୍ରକୁ ଆଣି ଦେବା ପାଇଁ ମାଗେ, ବାଜୁଲି ସଙ୍ଗରେ ଖେଳିବାକୁ ଅଳି କରେ । ତାହା ବିଚାରରେ ଅସମ୍ଭବ କିଛି ନାହିଁ । ଏହି ସରଳତା ହେତୁ ତାହାର ପ୍ରାଣ ମଧୁମୟ—ବ୍ୟବହାର ମଧୁମୟ ଏବଂ ଅଳି ଅଝଟ ବି ଅମୂଲ୍ୟ ମଧୁମୟ । ସେହିଥିରେ ସେ ଜଗତକୁ ବଶୀଭୂତ କରି ଅପାର୍ଥିବ ଆନନ୍ଦ ଦାନ କରେ । ଯେଉଁ ଘରେ ବାଳକର ଲୀଳାଖେଳା ନାହିଁ, ସେଘର ନିରାନନ୍ଦପୂର୍ଣ୍ଣ ଏବଂ ଚିର ଅନ୍ଧକାରମୟ । ଅମୃତ ସ୍ୱର୍ଗରେ ଥାଏ ବା ଥାଇପାରେ; କିନ୍ତୁ ମର୍ତ୍ତ୍ୟରେ ଶିଶୁମୁଖରେ ତାହା ଅତି ସୁଲଭ ।

କିଛିକ୍ଷଣ ପରେ ସବୁଜସାହିତ୍ୟ ସମାଜରୁ ସମ୍ବାଦ ଆସିଲା—ସାଢ଼େ ପାଞ୍ଚଟାବେଳେ ଗଲେ ସମସ୍ତ ଅଣ୍ଟିବ ନାହିଁ, ଠିକ୍ ପାଞ୍ଚଟାବେଳେ ଯିବାକୁ ହେବ । ମୁଁ ଆଉ କାଳ ବିଳମ୍ବ ନ କରି ବାହାରିଲି । ସେଦିନ ରିକ୍ସା ଗାଡ଼ିରେ ଯିବାକୁ ହେଲା । ଦାରୁଣ ଗ୍ରୀଷ୍ମରେ ଦେହ ଜଳିଗଲା ପରି ଲାଗୁଥାଏ । ମୁଁ ଯାଇ ଶ୍ରୀରାମଚନ୍ଦ୍ର ଭବନର ବାରଣ୍ଡାରେ ବସିଲି । ଶ୍ରୀନାଥ ମୋତେ ବିଞ୍ଚିଦେଉଥାଏ । ଏହି ସମୟରେ ଗଙ୍ଗାଧର ବାବୁ ଆସି କଥାବାର୍ତ୍ତା ଲଗାଇଲେ । ଶ୍ରୀନାଥର ବିଞ୍ଚିବା ଠିକ୍ ହେଉ ନାହିଁ ଦେଖି ସେ ତାହା ହାତରୁ ପଙ୍ଖା ଟାଣିନେଇ ନିଜେ ବିଞ୍ଚିବାକୁ ଲାଗିଲେ । ସେ ମୋ ପ୍ରତି ଅସାଧାରଣ ଭକ୍ତି ପ୍ରଦର୍ଶନ କରନ୍ତି, ତାଙ୍କ ମନରେ ବିକାର ନାହିଁ; କିନ୍ତୁ ମୋତେ ସଙ୍କୋଚ ଲାଗିଲା । ଗଙ୍ଗାଧର ବାବୁ ଗଭର୍ଣ୍ଣ-ମେଣ୍ଟ ଶିଳ୍ପବିଭାଗର ଜଣେ ବିଶିଷ୍ଟ କର୍ମଚାରୀ । ତାଙ୍କର ଅଫିସ୍ ଭଦ୍ରକରେ ଥିଲା । କିଛିକାଳ ହେଲା କଟକକୁ ଉଠିଆସିଛି । ସେ ଶିଳ୍ପବିଦ୍ୟାରେ ଖୁବ୍ ପ୍ରବୀଣ । ନିଜେ ଏଣ୍ଡିପୋକ ପୋଷି ସେଥିରୁ ସୂତା ବାହାର କରି ଲୁଗା ବୁଣନ୍ତି; ନାନାପ୍ରକାର ଖେଳଣା ତିଆରି କରନ୍ତି । ସ୍ଥୂଳତଃ ଶିଳ୍ପବିଦ୍ୟାରେ ସେ ଜଣେ ହରବୁନ୍ଦିଆ । ମୋର ଜଣେ ଆତ୍ମୀୟର ଆତ୍ମୀୟ ଚାକିରୀ ସକାଶେ ମୋ ପାଖକୁ ଅନେକ ଥର ଆସିଲା । ଚାକିରୀର କଳ ବା ଗଛ ମୋ ପାଖରେ ନାହିଁ । ଲୋକଟିର ଉଦ୍ଦେଶ୍ୟ ଯେ, କେଉଁଠି ଚାକିରୀ ଖାଲି ହେଲେ ମୁଁ ତାହା ପାଇଁ ସୁପାରିସ କରିବି । ବର୍ତ୍ତମାନ ଚାକିରୀ ବଜାରରେ ତ ନଅଙ୍କ ଦୁର୍ଭିକ୍ଷ ! ମୁଁ ତାକୁ ଗଙ୍ଗାଧର ବାବୁଙ୍କଠାରୁ ଠକ୍ଠକି ତନ୍ତରେ ଲୁଗାବୁଣା ଶିଖିବାକୁ ଉପଦେଶ ଦେଲି; କିନ୍ତୁ ବୁଦ୍ଧିମାନ୍ ଲୋକଟା କହିଲା—"ଛି, ମୁଁ ସେ ଛୋଟ କାମ କରିବି ନାହିଁ ।" ତହୁଁ ମୁଁ କହିଲି—ତେବେ ତୁମ୍ଭେ ଅପେକ୍ଷା କର, ଜଜ୍ କିମ୍ବା କଲେକ୍ଟରରେ କାମ ଖାଲି ହେଲେ ଦରଖାସ୍ତ କରିବ । ସେହିଦିନଠାରୁ ଲୋକଟି ଆଉ ମୋତେ ଦେଖା ଦେଇ ନାହିଁ । ଚାକିରୀର ମୋହ ଲୋକଙ୍କୁ ଏପରି ଗ୍ରାସ କରି ବସିଛି ଯେ, ହାୟ ଚାକିରୀ, ହାୟ ଚାକିରୀ ବୋଲି ଲୋକେ ଚାକିରୀ ପଞ୍ଚାକ୍ଷରୀ ମହାତାରକମନ୍ତ୍ର ଜପ କରୁଅଛନ୍ତି । ପର ପାଦରେ

ଢେଇ ମାଲିସ କରନ୍ତେ ପଛେ, ମାତ୍ର ସ୍ୱାଧୀନ ଜୀବିକା ଅବଲମ୍ବନ କରିବାକୁ କେହି ରାଜି ହେଉ ନାହାନ୍ତି । ଏ ଦୁର୍ଗତି କେବେ ଘୁଞ୍ଚିବ, ତାହା ସେ ଭଗବାନ ଜାଣନ୍ତି, କେହି ଏହା ଜାଣେ । ଚାକିରୀ ବଜାର ସମ୍ବନ୍ଧରେ ପୂର୍ବରୁ ଗୋଟାଏ ଉଦାହରଣ ଲକ୍ଷିତ ହୋଇଅଛି । ବର୍ତ୍ତମାନ ଆଉ ଗୋଟାଏ ଦୃଷ୍ଟାନ୍ତ ବିଶେଷ ଉଲ୍ଲେଖଯୋଗ୍ୟ । ଘଟଣାଟି ଦୈନିକ ସମାଜରେ ବାହାରିଥିଲା । ମଧ୍ୟପ୍ରଦେଶ ଓ ଯୁକ୍ତପ୍ରଦେଶରେ ବର୍ତ୍ତମାନ ଇନ୍‌କମ୍ ଟାକ୍‌ସ ଅଫିସରେ କାର୍ଯ୍ୟ ଅଧିକ ହୋଇ ପଡ଼ିଅଛି । ସେଥିପାଇଁ କେତେ ଜଣ ଅଧିକ କିରାଣି ରହିବା ଦରକାର । ପ୍ରାର୍ଥୀମାନଙ୍କୁ ଟଙ୍କାଏ ଲେଖାଏଁ ଫିସ୍ ଦେଇ ଦରଖାସ୍ତ କରିବାକୁ ହେବ । ସେହି କେତେ ଜଣ ଗୁମାସ୍ତା କାମ ସକାଶେ ସ୍ୱଦ୍ରହଜାର ଦରଖାସ୍ତ ପଡ଼ିଅଛି । ପ୍ରାର୍ଥୀମାନଙ୍କ ମଧ୍ୟରେ ବି. ଏ., ଏମ୍. ଏ ଉପାଧିଧାରୀ ଅଧିକ ଅଛନ୍ତି । ମୋଟରେ କେତେ ଜଣ ଚାକିରୀ ପାଇବେ, ତାଙ୍କର କେତେ ଟଙ୍କା ଫିସ ସାର୍ଥକ ହେଲା । ଅବଶିଷ୍ଟ ପ୍ରାର୍ଥୀଙ୍କର ୩୯୮ ଟଙ୍କା ଅପଚାରଣ ହେଲା । ଲାଭ କିଏ ପଚାରେ, ମୂଳ ବି ବୁଡ଼ିଲା । ଏହାପରି ଫିସ ପରିମାଣ ଅଧିକ ହେଲେ ଚାକିରୀଖୋରଙ୍କର ଉପଯୁକ୍ତ ଶିକ୍ଷା ହୁଅନ୍ତା ।

କିଛିକ୍ଷଣ ପରେ ଶଶୀବାବୁ ଆସି କହିଲେ—ଆପଣ ଆରପାଖ ବାରଣ୍ଡାକୁ ଆସନ୍ତୁ । ସେଠାରେ ଭିନ ସମ୍ପାଦକଙ୍କ ସହ ବିଶିଷ୍ଟ ସାହିତ୍ୟିକ ଓ ସମାଜର କର୍ମୀମାନଙ୍କର ଫଟୋ ନିଆହେବ । ମୋର ବିଶ୍ରାମ କରିବା ଶେଷ ହେଲା । ସୁବୋଧ ପିଲା ପରି ଉଠି ମୁଁ ତାଙ୍କ ସଙ୍ଗେ ସଙ୍ଗେ ଗଲି । ଆମ୍ଭେମାନେ କେତେ ଜଣ ପାଉଁଚ ତଳେ ବସିଲୁ । ଆଉ ସମସ୍ତେ ପଛରେ ଠିଆହେଲେ । ଫଟୋଗ୍ରାଫର ଦୂରରେ ଠିଆହୋଇ ତାହାର ଯନ୍ତ୍ର ସଜାଡ଼ିବାକୁ ଲାଗିଲା । ଥରେ ଥରେ ଆସି କାହାର ଦେହ, କାହାର ହାତ ସଳଖାଇଦେଇ ଯାଉଥାଏ, କାହାର ଲୁଗା ସଜାଡ଼ିଦେଇ ଯାଉଥାଏ । ପୁଣି ମୁଖରେ ଆନନ୍ଦର ଚିହ୍ନ ପ୍ରକାଶ କରିବା ପାଇଁ ଉପଦେଶ ଦେଉଥାଏ । ତାହା ଗୋଟାଏ ଯନ୍ତ୍ରଣାର କଠୋର କଷରତ । ଫଟୋ ପଡ଼ିଯାଇଲା । ସମସ୍ତେ ଉଠି ସଭାସ୍ଥଳ ଭିତରକୁ ଗଲୁଁ । ସ୍ଥାନଟି ସବୁଜ ବସ୍ତ୍ରରେ ସଜ୍ଜିତ ହୋଇ ସବୁଜ ସାହିତ୍ୟସମାଜର ନାମ ସାର୍ଥକ କରୁଥିଲା । କାନ୍ଥ, ଖମ୍ବ, ଚୌକି, ଟେବୁଲ—ସବୁ ସବୁଜ ପତ୍ରରେ ଶୋଭିତ, ସବୁଜ ବସ୍ତ୍ରର ଫୁଲପତ୍ରରେ ସୁନ୍ଦର । ଗୋଟାଏ ହାର ମୋ କଣ୍ଠରେ ଲମ୍ବାଇଦିଆହେଲା । ବୃଦ୍ଧାକାଳରେ ନିଜର ବେଶ ଦେଖି ହସ ମାଡ଼ୁଥାଏ, ଲଜ୍ଜା ବି ହେଉଥାଏ । ଏଣେ ସବୁଜ ସାହିତ୍ୟସମାଜର ଉଚ୍ଚଶିକ୍ଷିତ ଯୁବକ କର୍ମୀମାନଙ୍କର ଉତ୍ସାହ, ଉତ୍ତେଜନା ଓ କର୍ମସ୍ଫୂର୍ତ୍ତି ଦେଖି ଆଶାରେ ମନ ଫୁଲିଉଠୁଥାଏ । ସେମାନେ ମୋ ଭଳି ନଗଣ୍ୟ ପ୍ରତି ଯେଉଁ ସମ୍ମାନ ପ୍ରଦର୍ଶନ କଲେ, ତାହା ତାଙ୍କର ଉଦାରତା ଓ ହୃଦୟବତ୍ତାର ନିଦର୍ଶନ; କିନ୍ତୁ ମୁଁ ସେମାନଙ୍କ ନିକଟରେ ଚିରଋଣୀ । ଏ ଅନ୍ତିମ କାଳରେ ମୁଁ ତାଙ୍କର କି ଆଶା ଆକାଙ୍କ୍ଷା ବା ପୂର୍ଣ୍ଣ କରିପାରିବି ? ମୁଁ ତାଙ୍କଠାରୁ ଅତୁଳ ଆନନ୍ଦ ପାଇଲି; କିନ୍ତୁ ତାଙ୍କୁ କଣିକାଏ ଆନନ୍ଦ ବି ଦେଇପାରିଲି ନାହିଁ । ଏହି ଅନୁଶୋଚନା ମୋ ମନରେ ରହିଗଲା । ଖଣ୍ଡିଏ ସୁମୁଦ୍ରିତ ମାନପତ୍ର ସଭାରେ ପଠିତ ହୋଇ ମୋତେ ପ୍ରଦତ୍ତ ହେଲା । ତହିଁ ପରେ ସମାଜର ବିଶିଷ୍ଟ ଲେଖକ କର୍ମୀମାନଙ୍କ ପ୍ରଣୀତ କେତେକ ପୁସ୍ତକ ଉପହାର ଦିଆହେଲା । ମୁଁ ହୃଦୟର କୃତଜ୍ଞତା ଜ୍ଞାପନ କରି ମହାର୍ଘ ଦୁର୍ଲଭ ରତ୍ନ ତୁଲ୍ୟ ତାହା ଗ୍ରହଣ କଲି । ସବୁଜ ସାହିତ୍ୟସମାଜ ଅତି ଅଳ୍ପ ସମୟ ମଧ୍ୟରେ ଅନେକ ସତ୍‌ସାହିତ୍ୟଗ୍ରନ୍ଥ ପ୍ରକାଶ କରି ଉତ୍କଳବାଣୀ-ଭଣ୍ଡାରକୁ ସମୃଦ୍ଧ କରିଅଛନ୍ତି । ଏହିପରି ସାହିତ୍ୟରେ ଯେତେ ବିଭିନ୍ନ ଶାଖା ଗଠିତ ହେବ, ଦେଶର ସେତେ ମଙ୍ଗଳ । ତାହା ଦ୍ୱାରା ମୂଳ ସାହିତ୍ୟସମାଜ ଦୃଢ଼ ଓ ପରିପୁଷ୍ଟ ହେବ । କର୍ମୀମାନଙ୍କର ପ୍ରବଳ କର୍ମସ୍ପୃହା ସେମାନଙ୍କ ଦୀପ୍ତ ମୁଖରେ ଜ୍ୟୋତିରୂପରେ ଫୁଟିଉଠିବାର ଦେଖି ମୋର ଶୁଷ୍କ ଅସାଡ଼ ବୃଦ୍ଧ ପ୍ରାଣରେ ଯେଉଁ ଆନନ୍ଦର ଢେଉ ଉଠିଲା, ତାହା ମୁଁ କେବଳ ଜାଣେ —ତାହା ପ୍ରକାଶର ଭାଷା ନାହିଁ । ଭାବିଲି ମୋର ଅତୀତ ତରୁଣତ୍ୱ ଯେବେ ଫେରିଆସନ୍ତା, ତେବେ ମୁଁ ଏହି ତରୁଣମାନଙ୍କର ସହକର୍ମୀ ହୋଇ ଜୀବନକୁ ଧନ୍ୟ ମଣନ୍ତି । ପୁଣି ମନେ ମନେ କହିଲି—ମା ଉତ୍କଳ-ଦେବୀ, ତୋତେ ଅଭାଗିନୀ ବୋଲି କିଏ କହେ ? ସେ

କହେ, ସେ ଭ୍ରାନ୍ତ । ତୋର ଏହି ତରୁଣ ସୁପୁତ୍ରମାନଙ୍କୁ ଦେଖି ଓ ସେମାନଙ୍କର କାର୍ଯ୍ୟ ପ୍ରାଣରେ ଅନୁଭବ କରି ତୁ ଯେ ମହାସୌଭାଗ୍ୟବତୀ, ଏହା କିଏ ସ୍ୱୀକାର ନ କରିବ ? ଏହି ଯୁବକ ପ୍ରକୃତି ଦେଖିଥିଲେ—"କୋଟିଏ ସନ୍ତାନ ମାଗୋ ଧରିଅଛୁ କୋଳେ, କୋଟିଏ ମନୁଷ୍ୟ କିନ୍ତୁ ନ ଦେଖିଲି ତୋଳେ" କବି ଏଭଳି ଆକ୍ଷେପ କରିବାକୁ ଅବସର ପାଇ ନ ଥାନ୍ତେ । ସେକାଳର ଯୁବକ ପ୍ରକୃତି ଏପରି ନ ଥିଲା । ଯୁବକ ସେ ଅଗ୍ନିର କୁମାର, ଶକ୍ତିର ଶିଷ୍ୟ, ଏକାଳର ଉତ୍କଳଯୁବକ ତାହାର ପ୍ରମାଣ ଦେଖାଉଅଛି । ହେ ଯୁବକ, ହେ ନବୀନର ପୂଜାରୀ, ତୁମ୍ଭେ କେବଳ ନୂତନ ଆଦର୍ଶ ସୃଷ୍ଟି କରିଯାଅ । ନୂତନ ଆଲୋକରେ ଦେଶମାତାର ମୁଖ ହାସ୍ୟମୟ, ଜ୍ୟୋତିର୍ମୟ କର, ଏ ବୃଦ୍ଧର ଏହାହିଁ ଶେଷ ଆଶୀର୍ବାଦ । ତୁମ୍ଭ ଦାନର ପ୍ରତିଦାନ ମୋ ପକ୍ଷରେ ଅସମ୍ଭବ । କେବଳ ଆଶୀର୍ବାଦହିଁ ପ୍ରତିଦାନରୂପେ ଅର୍ପଣ କରୁଅଛି । ଗ୍ରହଣ କର ଯୁବକ, ଗ୍ରହଣ କର ।

ଅନନ୍ତର ବିଜ୍ଞାନଶାଖାର କାର୍ଯ୍ୟ ଆରମ୍ଭ ହେଲା । ଅଧ୍ୟାପକ ନାରାୟଣ ମିଶ୍ର ଏମ୍. ଏସ୍. ସି. ପୁଷ୍ପମାଳାରେ ବିଭୂଷିତ ହୋଇ ସଭାପତି ଆସନ ଗ୍ରହଣ କଲେ । ବିଜ୍ଞାନବିଦ୍ୟା ସ୍ୱଭାବତଃ "ଶୁଷ୍କକାଷ୍ଠଂ ତିଷ୍ଠତ୍ୟଗ୍ରେ" ପରି ନୀରସ, ବୈଜ୍ଞାନିକ ଭିନ୍ନ ଅବୈଜ୍ଞାନିକର ମନ ତାହାର ରସ ଗ୍ରହଣ କରି-ପାରେ ନାହିଁ । ତଥାପି ସଭାପତି ମହାଶୟ ବିଜ୍ଞାନ ବିଷୟରେ ଯେ ଅଭିଭାଷଣ ବ୍ୟାଖ୍ୟାନ କଲେ, ତାହା ମନ୍ଦ ନୁହେ—ସେଥିର ମୂଲ୍ୟ ଅଛି; ମାତ୍ର ଜଣକର ସୁଦ୍ଧା ମନଃପୂତ ହୋଇପାରି ନ ଥିବା ମର୍ମରେ 'ଉତ୍କଳଦୀପିକା' ଯେଉଁ ମନ୍ତବ୍ୟ ପ୍ରକାଶ କରିଥିଲେ, ତାହା ଠିକ୍ ନୁହେ । ଉତ୍କଳରେ ତାହା ପ୍ରଥମ ଅନୁଷ୍ଠାନ । ପ୍ରାରମ୍ଭମାତ୍ର ଦେଖି ଭଲ ମନ୍ଦ ବିଚାର କରିବା ଉଚିତ ନୁହେ । ବିଜ୍ଞାନ-ଶାଖାର ଅଧିବେଶନ ଶେଷ ହେଲା ପରେ ଜଣେ ବଙ୍ଗୀୟ ସ୍ଥାପତ୍ୟବିଦ୍ୟାବିତ୍ ଯୁବକ 'ବିମାନ-ବିହାର' ପ୍ରବନ୍ଧ ପାଠକଲେ । ପ୍ରବନ୍ଧର ଭାଷା ଠିକ୍ ଓଡ଼ିଆ ନୁହେଁ; ମାତ୍ର ଛଅମାସ ମଧ୍ୟରେ ଓଡ଼ିଆଭାଷା ଶିଖି ସେଥିରେ ପ୍ରବନ୍ଧ ଲେଖିବା କମ୍ ସାହସର କଥା ନୁହେଁ ! ତଥାପି ପ୍ରବନ୍ଧଟି କାହାରିଦ୍ୱାରା ସଂଶୋଧନ କରାଇ-ନେଇଥିଲେ ଅପେକ୍ଷାକୃତ ଭଲ ହୋଇଥାନ୍ତା । ତହିଁପରେ ଅଧ୍ୟାପକ ଶ୍ରୀଯୁକ୍ତ ବିରଜାମୋହନ ସେନାପତି ମହାଶୟ ମାଜିକ୍ ଲଣ୍ଠନ ସାହାଯ୍ୟରେ ଧାନ ଓ ଗହମର ଖାଦ୍ୟପ୍ରାଣ ବିଷୟରେ ଅନେକ କଥା ବୁଝାଇଥିଲେ । ବିଷୟଟି ସ୍ୱଭାବତଃ ଜଟିଳ ହେଲେହେଁ ସେ ଖୁବ୍ ସରଳ-ଭାବରେ ବ୍ୟାଖ୍ୟା କରିଥିଲେ । ସେଥିରେ ସାଧାରଣଙ୍କର ଶିକ୍ଷଣୀୟ ସାର କଥା ଅନେକ ଥିଲା । କିନ୍ତୁ ବକ୍ତବ୍ୟ ଦୀର୍ଘ ହେବାରୁ କାହାରି କାହାରି ଟିକିଏ ଧୈର୍ଯ୍ୟଚ୍ୟୁତି ଘଟିଲା ପରି ଜଣାହେଉଥିଲା । ଶେଷରେ ଶ୍ରୀଯୁକ୍ତ ହରିହର ମହାପାତ୍ର ଏମ. ଏ., ବି. ଏଲ୍ ସଭାପତିମାନଙ୍କୁ ଧନ୍ୟବାଦ ଦେଇ ବକ୍ତୃତା କଲେ । ତାଙ୍କର ବକ୍ତୃତା ଯେପରି ସୁସ୍ପଷ୍ଟ ସାରଗର୍ଭକ, ସେହିପରି ବିଶୁଦ୍ଧ ଓ ଅନର୍ଗଳ. ଲିଖିତ ଭାଷଣ ପଢିଲା ପରି ତାଙ୍କର ମୌଖିକ ବକ୍ତବ୍ୟ ଅତି ସୁନ୍ଦର । ସେଥିର ଗୋଟିଏ ଶବ୍ଦ ଅଧିକ ବା ଅତିରଞ୍ଜିତ ନୁହେ । ଏରୂପ ସରଳ ଆଡ଼ମ୍ବର-ଶୂନ୍ୟ ହୃଦୟଗ୍ରାହୀ ବକ୍ତୃତା ମୁଁ ଜୀବନରେ ଖୁବ୍ ଅଳ୍ପ ଶୁଣିଅଛି । ସେଦିନ ପ୍ରାୟ ରାତି ନଅଟା ପରେ ସଭା-ଭଙ୍ଗ ହେଲା । ଏହିଠାରୁ ଉତ୍କଳସାହିତ୍ୟସମାଜର ଊନବିଂଶ ବାର୍ଷିକ ଅଧିବେଶନର କାର୍ଯ୍ୟ ସମାପ୍ତ ହେଲା । ଶ୍ରୀଯୁକ୍ତ ବାଳକୃଷ୍ଣ କର ବି.ଏ., ଶ୍ରୀଯୁକ୍ତ ହରିହର ମହାପାତ୍ର ଏମ୍. ଏ., ବି. ଏଲ, ଶ୍ରୀଯୁକ୍ତ ଶରତ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟ ବି. ଏ ପ୍ରଭୃତି ଉଚ୍ଚଶିକ୍ଷିତ ଯୁବକଙ୍କର ସମାଜ ପ୍ରତି ଜୀବନ୍ତ ଆଗ୍ରହ, ଏକାନ୍ତ ନିଷ୍ଠା, ପ୍ରଗାଢ ମମତା ଓ ଆତ୍ମପ୍ରାଣତା ବାସ୍ତବରେ ପ୍ରଶଂସନୀୟ । ଏହି ନବକର୍ମୀମାନଙ୍କ ଦ୍ୱାରା ସମାଜର ଭବିଷ୍ୟତ ଆଶା ଉଜ୍ଜ୍ୱଳ । ସେମାନଙ୍କର କର୍ମତତ୍ପରତା ଦେଖିଲେ ପ୍ରାଣରେ ଉଲ୍ଲାସର ଲହରୀ ଖେଳିଯାଏ । ମୂଳ ସାହିତ୍ୟ-ସମାଜର ସଭାପତି-ଅଭିଭାଷଣ ପୂର୍ବରୁ ଛପା ହୋଇ ନ ଥିଲା । ଶ୍ରୀଯୁକ୍ତ ବାଳକୃଷ୍ଣ କର ନିଜ ବ୍ୟୟରେ ସେହି ରାତିରେ ତାହା ସ୍ୱତନ୍ତ୍ର ପୁସ୍ତକାକାରରେ ଛପାଇ ତହିଁ ପରଦିନ ସଭାରେ ବିତରଣ କରିଥିଲେ । ସେଥିପାଇଁ ସେ ସଭାପକ୍ଷରୁ ଧନ୍ୟବାଦ ପ୍ରାପ୍ତ ହୋଇଥିଲେ ।

ଉତ୍କଳ-ସାହିତ୍ୟ ସମାଜ ୧୯୦୩ ଖ୍ରୀଷ୍ଟାବ୍ଦରେ ପ୍ରଥମେ ସ୍ଥାପିତ ହେଲା । ଏହା ସମଗ୍ର ଉତ୍କଳର ଏକମାତ୍ର ସାହିତ୍ୟିକ ଅନୁଷ୍ଠାନ । କେତେ ବର୍ଷଯାଏଁ ସମାଜ କେବଳ ନାମରେ ପରିଚିତ ଥିଲା ; ସାହିତ୍ୟ-ସମାଜ ବୋଲି କହିଲେ କେଉଁ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇବାକୁ ହେବ, ସେପରି କିଛି ନିଦର୍ଶନ ନ ଥିଲା । ସମାଜର ସ୍ୱତନ୍ତ୍ର ଘର କଥା ଦୂରେ ଥାଉ, ସମାଜ ନାମରେ ଗୋଟାଏ କାହୁଅ କଲା ବା ପୋଡ଼ା ହୋଇ ନ ଥିଲା । ଆକାରପ୍ରକାରନାସ୍ତି ଶୂନ୍ୟଗର୍ଭ ଶବ୍ଦସମ୍ଭାର ମଧ୍ୟରେ ସମାଜର ଅସ୍ତିତ୍ୱ ଆବଦ୍ଧ ହୋଇ-ଥିଲା । ତିନୋଟି ଶବ୍ଦ ବା ନଅଟି ଅକ୍ଷରର ସମଷ୍ଟି 'ଉତ୍କଳ-ସାହିତ୍ୟ-ସମାଜ' ନାମ ଧାରଣ କରିଥିଲା, ଅର୍ଥାତ୍ ବ ସ୍ୱରେ ଗଢା ହୋଇଥିଲା; ମାତ୍ର ଶଶୀବାବୁଙ୍କ ସମୟରୁ ତାହା ଆକାର ଧରିବାକୁ ଲାଗିଲା । ୧୯୧୪ ଖ୍ରୀଷ୍ଟାବ୍ଦରେ ଶଶୀବାବୁ ସମାଜର ସମ୍ପାଦକ ହେଲେ । ଉପଯୁକ୍ତ କର୍ଣ୍ଣଧାର ହସ୍ତରେ ସମାଜର ଜୀବନ-ତରଣୀ ପରିଚାଳିତ ହେଲା । ବର୍ତ୍ତମାନ ସାହିତ୍ୟସମାଜ କହିଲେ ଯାହା ଦେଖାଯାଏ, ତାହା ଶଶୀବାବୁଙ୍କର ଅଠର ବର୍ଷବ୍ୟାପୀ ଅଦମ୍ୟ ଚେଷ୍ଟା ଓ ଅକ୍ଳାନ୍ତ ପରିଶ୍ରମର ଅମୃତ ଫଳ । ଏତଦ୍ୱାରା ମୁଁ ତାଙ୍କୁ ଏକାଙ୍ଗ-ଚକ୍ରବର୍ତ୍ତୀ ବୋଲି କହୁ ନାହିଁ । ଅବଶ୍ୟ କାହାରି କାହାରି ଚିନ୍ତା, କଳ୍ପନା ବା ସହାନୁଭୂତି ତାଙ୍କ କାର୍ଯ୍ୟରେ ମିଶି ଅଛି । ଏକେଶ୍ୱର, ନିଃସଙ୍ଗ ଯୋଗୀ ଋଷିଙ୍କର ବି ଉତ୍ତର ସାଧକ ଥାଏ । ପୁଣି ଯେତେ କ୍ଷୁଦ୍ର ହେଉ ପଛେ, ସଂସାରର କୌଣସି କାର୍ଯ୍ୟ ଜଣକଦ୍ୱାରା ସାଧିତ ହୁଏ ନାହିଁ । ମୂଳ ଅନୁସନ୍ଧାନ କଲେ ସେଥିରେ ଅନେକଙ୍କର ସହାନୁଭୂତି ମିଶିଥିବାର ଜଣାଯାଏ । ମୋର କହିବାର ଉଦ୍ଦେଶ୍ୟ ଏହି ଯେ, ସାହିତ୍ୟସମାଜର କ୍ରମବିକାଶ ବା ଅଭିବୃଦ୍ଧିରେ ଶଶୀବାବୁଙ୍କର ଚେଷ୍ଟାର ଅଂଶ ସମଧିକ—ଆନ୍ତରିକତା ଅପେକ୍ଷାକୃତ ବହୁଗୁଣ । ତାଙ୍କର ସମ୍ପାଦକତ୍ୱ ଗ୍ରହଣ ସମୟରେ ସମାଜର ପାଣ୍ଠି ଦଶଟଙ୍କା-ମାତ୍ର ଥିଲା; କିନ୍ତୁ ବର୍ତ୍ତମାନ ସମାଜର ସମ୍ପତ୍ତି ଅର୍ଦ୍ଧଲକ୍ଷ ଟଙ୍କାରୁ ଅଧିକ । ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଅଟଳ ଅକ୍ଷତ ଥିଲେ ଶ୍ରୀବୃଦ୍ଧିଶାଳିନୀ ବୃଦ୍ଧି ଆପେ ଆସି ସାଧକକୁ ଆଲିଙ୍ଗନ କରେ । ଅନ୍ୟଥା ଉପରେ ଉପରେ ଖୁସି ଭୁଲି ବାହ୍ୟର ଢେଙ୍ଗୁରା ବଜାଇଲେ କିଛି ହୁଏ ନାହିଁ । ଖାଲି କଥାରେ ଚୂଡ଼ା ଭିଜେ ନାହିଁ । ସମାଜସଂଲଗ୍ନ ପୁସ୍ତକାଗାରରେ ବିଭିନ୍ନ ଭାଷାର ପାଞ୍ଚହଜାର ପୁସ୍ତକ ରକ୍ଷିତ ଅଛି । ସେଥି ମଧ୍ୟରୁ ଅନେକ ପୁସ୍ତକ ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ସମାଜର ଉପକରଣ ମୁଦ୍ରା ଅଳ୍ପ ସଂଗୃହୀତ ହୋଇ ନାହିଁ । ପ୍ରବନ୍ଧର ପୁରସ୍କାର ଘୋଷଣା ଦ୍ୱାରା ସାହିତ୍ୟର କମ୍ ଉପକାର ହୋଇ ନାହିଁ । ତଦ୍ୱାରା ସାହିତ୍ୟ ସାଧନା ପାଇଁ ଅନେକଙ୍କର ପ୍ରାଣରେ ସ୍ପନ୍ଦନ ଆସିଅଛି—ସାହିତ୍ୟ-ରାଜ୍ୟରେ ଚିନ୍ତାର ସ୍ରୋତ ମଧ୍ୟ ଖେଳିଅଛି । ବିନା କାହାରି ସାହାଯ୍ୟରେ ଅଠର ବର୍ଷକାଳ ସମାଜର ସମସ୍ତ କାର୍ଯ୍ୟ ଶଶୀବାବୁ ସ୍ୱହସ୍ତରେ ନିର୍ବାହ କରିଅଛନ୍ତି । ତାଙ୍କର ଏହି ଅସାଧାରଣ କୃତିତ୍ୱର ପୁରସ୍କାର ସେ ଏ ପାଖରେ ନ ପାଇଲେ ମୁଦ୍ଧା ସେ ପାଖରେ ନିଶ୍ଚୟ ପାଇବେ । ଉତ୍କଳ-ସାହିତ୍ୟ-ସମାଜ ଥିବାଯାଏ ତାଙ୍କର ପବିତ୍ର ନାମ ଅକ୍ଷୟ ହୋଇ ରହିବ ଏବଂ ତାଙ୍କର ଆଦର୍ଶ ନିଷ୍ଠା ଭବିଷ୍ୟତ୍ ବଂଶଧରଙ୍କର ଅନୁକରଣୀୟ ହେବ ।

ଆଉ ଜଣେ ଉଦୀୟମାନ କର୍ମୀ ଶ୍ରୀଯୁକ୍ତ ଶରତ୍-ଚନ୍ଦ୍ର ବାନାର୍ଜି ବି. ଏ. । ତାଙ୍କ ପରି କର୍ମପିପାସୁ ବିରଳ ପରିଲକ୍ଷିତ ହୁଅନ୍ତି । ତାଙ୍କର ମନ, ପ୍ରାଣ, ହୃଦୟ ଅଦମ୍ୟ କର୍ମ-ପିପାସାରେ ପରିପୂର୍ଣ୍ଣ । ଶରତ୍ ବାବୁ ଅଳ୍ପକାଳ ମଧ୍ୟରେ ଯାହା କରିଅଛନ୍ତି, ସାରା ଜୀବନରେ କେହି କେତେ କରିପାରିବ ନାହିଁ । ସେ ନିରଳସ କର୍ମଦେବତାର ଆଦର୍ଶ ପଟ୍ଟଶିଷ୍ୟ । ତାଙ୍କ ପ୍ରକାଶିତ 'ପଲ୍ଲୀ-ମଙ୍ଗଳ' ଦେଶର ପ୍ରଭୂତ ମଙ୍ଗଳ ସାଧନ କରୁଅଛି । ନବେ ଭାବର ଲାଭଜନକ କୃଷିଶିଳ୍ପର ଉନ୍ନତ ପ୍ରଣାଳୀ ଶିକ୍ଷା ଦେବା ପତ୍ରିକାଖଣ୍ଡିର ମହତ୍ ଉଦ୍ଦେଶ୍ୟ । ସେଥିରେ ସାହିତ୍ୟାଙ୍ଗର ଆଲୋଚନା ମଧ୍ୟ ହୁଏ । ସ୍ଥୂଳରେ କହିବାକୁ ଗଲେ ଦେଶୋନ୍ନତି ବିଷୟରେ ଯାହା ଯାହା ଆବଶ୍ୟକ, ତାହା ସବୁ ପ୍ରାୟ ଏହି ପତ୍ରିକାରେ ସରଳ ସୁନ୍ଦର ରୂପରେ ଆଲୋଚିତ ହୋଇଥାଏ । ଶରତ୍ ବାବୁଙ୍କ ଉପଦେଶ ଅନୁସାରେ କାର୍ଯ୍ୟ କରି କୃଷକମାନେ ବାସ୍ତବରେ ଉପକାର ପାଉ-

ଅଛନ୍ତି । ତେଣୁ ତାଙ୍କ ଉପଦେଶ ଶୁଣିବାକୁ ସମସ୍ତେ ଲାଳାୟିତ । ମଫସଲର ନିରକ୍ଷର ଲୋକ ସୁଦ୍ଧା ତାଙ୍କ ଉପଦେଶ ଶୁଣିବା ପାଇଁ ଉତ୍କଳ ବ୍ୟାଙ୍କ ଅଫିସ ପର୍ଯ୍ୟନ୍ତ ଆଗ୍ରହରେ ଧାଇଁ ଆସିବାର ମୁଁ ସ୍ୱଚକ୍ଷୁରେ ଦେଖିଅଛି । ଏତଦ୍‌ବ୍ୟତୀତ ସେ ସାହିତ୍ୟର ନୀରବ ସାଧକ । ସବୁଜ ସାହିତ୍ୟ ସମିତିର ସେ ଅନ୍ୟତମ ପ୍ରବର୍ତ୍ତକ ଓ କର୍ମୀ । ଏହି ହେତୁରୁ 'ଉତ୍କଳ ଦୀପିକା' ତାଙ୍କ ସମ୍ବନ୍ଧରେ କଠୋର ଅପ୍ରିୟ ମନ୍ତବ୍ୟ ପ୍ରକାଶ କରିଅଛନ୍ତି । ନିଜର କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରି ଦେଶର ଉନ୍ନତିଜନକ କାର୍ଯ୍ୟ କରିବା କି ଦୋଷାବହ ? ଯାହାଙ୍କ ଦ୍ୱାରା ବଙ୍ଗସାହିତ୍ୟ ମୁଣ୍ଡ ଟେକି ବିଶ୍ୱସାହିତ୍ୟରେ ଉଚ୍ଚସ୍ଥାନ ଅଧିକାର କରିଅଛି, ସେହି ବଙ୍କିମଚନ୍ଦ୍ର, ନବୀନଚନ୍ଦ୍ର, ରମେଶଚନ୍ଦ୍ର କଅଣ ଥିଲେ ? ବଙ୍ଗଦେଶର ପ୍ରଫେସର, କଲେକ୍ଟର, ଡେପୁଟି ମାଜିଷ୍ଟ୍ରେଟ ପ୍ରଭୃତି ଉଚ୍ଚରାଜକର୍ମଚାରୀ ନିଜର ମାତୃ-ସାହିତ୍ୟକୁ ସମୃଦ୍ଧ ଏବଂ ଧନ୍ୟ କରିଯାଇ-ଅଛନ୍ତି । ଯାହା ଅନ୍ୟ ଦେଶ ପକ୍ଷରେ ଗୁଣ, ଦୁର୍ଭାଗ୍ୟ ଉତ୍କଳ ପକ୍ଷରେ ତାହା ଦୋଷ, ଏହାଠାରୁ ବଳି କ୍ଷୋଭର ବିଷୟ କଅଣ ହୋଇପାରେ ? ଦୀପିକାର ସମ୍ପାଦକ ଜଣେ ଉଚ୍ଚଶିକ୍ଷିତ, ବିଦ୍ୱାନ୍, ଦେଶର ବିଶିଷ୍ଟ ବ୍ୟକ୍ତି । ତାଙ୍କର ଲେଖନୀ ଏଭଳି ବିଦ୍ୱେଷ ବିଷୋଦ୍‌ଗାର କରିବା ଦେଶ ପକ୍ଷରେ ଶୁଭ ଲକ୍ଷଣ କି ? ଘରର ଢିଙ୍କି କୁମ୍ଭୀର ହେଲେ ତାକୁ କପାଳଦୋଷ ନ କହି କଅଣ କହିବାକୁ ହେବ ? ଦୀପିକା ଉତ୍କଳର ପ୍ରାଚୀନ ପତ୍ରିକା, ତାହା ପ୍ରତି ଦେଶର ଭକ୍ତିସମ୍ଭ୍ରମ ଅଛି । ତାହାର ସେ ଭକ୍ତିସମ୍ଭ୍ରମ ଏରୂପ ବ୍ୟବହାରରେ ଅକ୍ଷତ ରହିବ ତ ? ମହାତ୍ମା ଗୌରୀଶଙ୍କର, ଦେଶପୂଜ୍ୟ ସୁଦାମଚରଣ, ପଣ୍ଡିତପ୍ରବର ନୀଳମଣି ବିଦ୍ୟାରତ୍ନ ଯେଉଁ ଆସନ ଅଲଙ୍କୃତ କରିଯାଇଅଛନ୍ତି, ସେହି ଆସନର ଗୌରବ ଓ ମୂଲ୍ୟ ଏରୂପ ମନ୍ତବ୍ୟରେ କଳୁଷିତ ହେବ ନାହିଁ ତ ? ଦୀପିକାର ମହତ୍ତ୍ୱ କଣିକାଏ ହ୍ରାସ ହେଲେ ଦେଶ-ହୃଦୟରେ ବଜ୍ରାଘାତ ପରି ବ୍ୟଥା ଜାତ ହେବ, ଏହା ଉତ୍ତମରୂପେ ହୃଦୟଙ୍ଗମ କରିବା ଆବଶ୍ୟକ । ବର୍ତ୍ତମାନ ମାତୃସାହିତ୍ୟ ଉନ୍ନତି ଆଡ଼କୁ ଅଗ୍ରସର ହେଉଅଛି । ଏତେବେଳେ ତାହାର ରକ୍ଷକ ହେବା ଉଚିତ । ଭକ୍ଷକ ହେଲେ ସବୁ ସରିଯିବ, ଦେଶକୁ ପୁଣି ଅନ୍ଧକାର ଗ୍ରାସିବ । ସ୍ୱାଧୀନାଥଙ୍କୁ ବିପନ୍ନ କରିବା ପାଇଁ ମନ୍ତ୍ରୀମାନେ କି କୂଟ କୌଶଳ କରି ନ ଥିଲେ ? ସେଥିରେ ସାହିତ୍ୟର ଯେଉଁ କ୍ଷତି ହେଲା, ତାହା ସ୍ମରଣ କଲେ ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇଆସେ । ତାହାର ଫଳରେ ସାହିତ୍ୟଭଣ୍ଡାର ଅତୁଳ କେତେ ମହାର୍ଘ ରତ୍ନପ୍ରାପ୍ତିରୁ ବଞ୍ଚିତ ହେଲା । ସମ୍ପାଦକୀୟ ହୃଦୟ ଉଦାରତାର ପବିତ୍ର ଦେବାଳୟ, ସଙ୍କୀର୍ଣ୍ଣତା ଓ ଲଘୁତା ପାଇଁ ସେଠାରେ ସ୍ଥାନ ନାହିଁ—ପ୍ରତ୍ୟେକ ସମ୍ପାଦକଙ୍କର ଏହା ମନେ ରଖିବା ଉଚିତ । ହୃଦୟର ନୈତିକ ବଳରେ ବଳୀୟାନ୍ କରିବାକୁ ହେବ । ଏ ହାକିମ କାହିଁକି ଏତେ ମୋଟା ବେତନ ପାଇବ, ସେ ହାକିମ କାହିଁକି ଏତେ ଏଲାଉନ୍ସ ପାଇବ, ଏଭଳି ହାସ୍ୟକର ଅନଧିକାର ଚର୍ଚ୍ଚାରେ କିଛି ଫଳ ନାହିଁ । ସେ ବିଷୟର ସରକାରଙ୍କ ହାତରେ, ସେଥିପାଇଁ ଲୋକ କଷ୍ଟ ହେଲେ ନିଜର ଦେହ ବଥା କରିବ ସିନା, ସେଥିରେ ଆଉ ଜାହାର କଅଣ ଯିବ ? ଯାହା ସତ୍ୟ, ଯାହା ଧର୍ମ, ଯାହା ନ୍ୟାୟ, ତାହାର ପୂଜା କରିବାକୁ ହେବ—ଅନ୍ୟଥା ପୂଜା ବ୍ୟର୍ଥ ହେବ ଓ ନିଜର ବ୍ୟକ୍ତିତ୍ୱକୁ ଶୂଳୀ ଦେବା ପରି ହେବ ।

ସେଦିନ ସଭା ଭାଙ୍ଗିବାବେଳକୁ ରାତି ନଅଟାରୁ ବେଶୀ ହୋଇଯାଇଥିଲା । ମୁଁ ହଠାତ୍ ନ ଉଠି ସଭା ଭାଙ୍ଗିବା ପର୍ଯ୍ୟନ୍ତ ବସି ରହିଥାଏ । ସ୍ୱର୍ଗତ ସବ୍‌ଜଜ୍ ଭଗବାନଚନ୍ଦ୍ର ଚୌଧୁରୀଙ୍କ ସହଧର୍ମିଣୀ ମୋ ପାଖରେ ବସି କଥାବାର୍ତ୍ତା କରୁଥାନ୍ତି । ପୂର୍ବରୁ ଭିକାରୀ ବାବୁ ତାଙ୍କୁ ଆଣି ମୋ ସଙ୍ଗରେ ପରିଚୟ କରାଇଦେଇ-ଥିଲେ । ସେ କହିଲେ—ଆପଣଙ୍କୁ ଦେଖିବା ପାଇଁ ମୁଁ ଉତ୍କଳ ଯିବାକୁ ଇଚ୍ଛା କରିଥିଲି । ମୁଁ କେତେଗୋଟି ପୁସ୍ତକ ଲେଖିଅଛି, ପାଣ୍ଡୁଲିପିଗୁଡ଼ିକ ଆପଣଙ୍କଠାରୁ ସଂଶୋଧନ କରାଇନେବି ବୋଲି ବହୁ ଦିନରୁ ଇଚ୍ଛା ପୋଷଣ କରିଥିଲି । ଆପଣ କଟକ ଆସିଛନ୍ତି ଶୁଣି ବଡ଼ ଖୁସି ହୋଇ କହିଲି—ଭଗବାନ ଆଣି ସୁବିଧା ଘଟାଇ-ଦେଇଅଛନ୍ତି । ଥରେ ସାକ୍ଷାତ କଲେ ଭଲ ହୁଅନ୍ତା

କିନ୍ତୁ ପୂର୍ବରୁ ପରିଚୟ ନାହିଁ, କିପରି ଯାଇ ସାକ୍ଷାତ କରିବି, ଟିକିଏ ସଙ୍କୋଚ ବୋଧ ହେଲା । ଉକାଶି ବାବୁଙ୍କୁ କହିବାରୁ ସେ ସାକ୍ଷାତ କରାଇଦେବାକୁ ସ୍ୱୀକୃତ ହେଲେ । ତାଙ୍କ ସଙ୍ଗରେ ଆସିଲି । ମୁଁ କହିଲି— କାଲି ଦିନ ରେଲଗାଡ଼ିରେ ମୁଁ ଉତ୍କଳ ବାହାରିଯିବି, ପାଣ୍ଡୁଲିପି ଦେଲେ ସଙ୍ଗରେ ନେଇଯିବି । ସେଠାରେ ସଂଶୋଧନ କରି ଯଥାଶୀଘ୍ର ରେଜେଷ୍ଟ୍ରି ଡାକରେ ଆପଣଙ୍କ କଟକ ଠିକଣାରେ ପଠାଇଦେବି । ତହୁଁ ପରଦିନ ସକାଳେ ପାଣ୍ଡୁଲିପି ମୋ ବସାକୁ ପଠାଇଦେବେ ବୋଲି କହି ସେ ବିଦାୟ ନେଲେ । ତହୁଁ ପରେ ଅଧ୍ୟାପକ ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ଚୌଧୁରୀ ଆସିଲେ । ତାଙ୍କ ସଙ୍ଗରେ ଏହି ପ୍ରଥମ ସାକ୍ଷାତ୍; କିନ୍ତୁ ଅତି ସରଳ ବ୍ୟବହାରରେ ବହୁଦିନର ପୁରୁଣା ବନ୍ଧୁ ପରି ସେ ମୋତେ ନିଜର ଆତ୍ମୀୟ କରିନେଲେ । ତାହାହିଁ ବଡ଼ଲୋକମାନଙ୍କର ସ୍ୱାଭାବିକ ଉଦାରତା । ସେ ଉପରକୁ ତୁଲ୍ୟ ବିଦ୍ୱାନ୍; କିନ୍ତୁ ସରଳ, ନିରହଙ୍କାର । ଲକ୍ଷ୍ମୀକାନ୍ତ ବାବୁ ବ୍ୟାସକବି ଫକୀରମୋହନଙ୍କର ଦୌହିତ୍ର । କଥାବାର୍ତ୍ତାରୁ ବୋଧହେଲା ଫକୀରମୋହନଙ୍କର ନୈସର୍ଗିକ ସାରସ୍ୱତ ପ୍ରତିଭା ତାଙ୍କର ଏହି ଦୌହିତ୍ରଙ୍କ ଉପରେ ପ୍ରଭାବ ବିସ୍ତାର କରି ରହିଅଛି । ସେହି ମଧୁର ସ୍ୱର, ସେହି ବଚନଭଙ୍ଗୀ, ଏମନ୍ତ କି ମୂର୍ତ୍ତିର ସ୍ଥିତି ଅନେକ ସୌସାଦୃଶ୍ୟ ଅଛି । ମନେ ମନେ ଭାବିଲି—ବୋଧହୁଏ ବିଧାତା ଦେବପ୍ରକୃତିକ ଉତ୍କଳବ୍ୟାସଙ୍କର ଦ୍ୱିତୀୟ ସଂସ୍କରଣରୂପେ ଲକ୍ଷ୍ମୀକାନ୍ତ ବାବୁଙ୍କୁ ଉତ୍କଳ-ମାତାଙ୍କ ହସ୍ତରେ ସ୍ନେହୋପହାର ଦେଇଅଛନ୍ତି । ଲକ୍ଷ୍ମୀକାନ୍ତ ବାବୁଙ୍କର ସାହିତ୍ୟ-ପ୍ରିୟତା ସର୍ବଜନବିଦିତ । ସେ ଉତ୍କଳ-ସାହିତ୍ୟସମାଜର ସମ୍ପାଦକ, ପ୍ରାଚୀ-ସାହିତ୍ୟସଙ୍ଘର ପୃଷ୍ଠପୋଷକ ଏବଂ ସବୁଜ ସାହିତ୍ୟ ସମିତିର ସହକର୍ମୀ । ମାତୃସାହିତ୍ୟ ତାଙ୍କଠାରେ ଅନେକ ପରିମାଣରେ ଭବିଷ୍ୟତ ଆଶା ରଖିଅଛି । ସେ ଦେଶପୂଜ୍ୟ ମାତାମହଙ୍କର ପଦାଙ୍କ ଦୋଙ୍କାନୁସରଣ କରି ତାଙ୍କର ଅମର କୀର୍ତ୍ତିର ଉପଯୁକ୍ତ ଦାୟାଦ ହେଉନ୍ତୁ, ମୁଁ ଏହି କାମନା କରୁଅଛି । ଲକ୍ଷ୍ମୀକାନ୍ତ ବାବୁ ବାଲେଶ୍ୱର ଜିଲ୍ଲାବାସୀ । ବାଲେଶ୍ୱର ସବୁ ବିଷୟରେ ଉତ୍କଳରେ ପ୍ରଥମ ଆଦର୍ଶ ଦେଖାଇଆସିଅଛି । ଓଡ଼ିଶାର ପ୍ରଥମ ଗ୍ରାଜୁଏଟ ବାଲେଶ୍ୱରବାସୀ, ପ୍ରଥମ ମୁନ୍‌ସଫ୍ ବାଲେଶ୍ୱରବାସୀ, ପ୍ରଥମ ସବ୍‌ଜଜ୍ ବାଲେଶ୍ୱରବାସୀ, ପ୍ରଥମ ଇଞ୍ଜିନିଅର ବାଲେଶ୍ୱରବାସୀ, ପ୍ରଥମ ସ୍କୁଲ ଇନ୍‌ସପେକ୍ଟର ଓ ପ୍ରଧାନକବି ରାଧାନାଥ ବାଲେଶ୍ୱରବାସୀ, ପ୍ରଥମ ମହାରାଜା ଉପାଧିଧାରୀ ଜମିଦାର ବାଲେଶ୍ୱରବାସୀ, ପ୍ରଥମ ସଦରଆଲା ବାଲେଶ୍ୱରବାସୀ, ପ୍ରଥମ ଓଡ଼ିଆ ଅଭିଧାନକାର ବାଲେଶ୍ୱରବାସୀ, ପ୍ରଥମ ବାରିଷ୍ଟର ବାଲେଶ୍ୱରବାସୀ । ଚିରକାଳ ବାଲେଶ୍ୱର ଏହିପରି ବୈଶିଷ୍ଟ୍ୟ ରକ୍ଷାକରି ଆସୁଅଛି । ଏଣିକି ତାହାର ଏହି ସୁଖ୍ୟାତି ରକ୍ଷାର ଭାର ବାଲେଶ୍ୱରର ଉଚ୍ଚଶିକ୍ଷିତ ଯୁବକମାନଙ୍କ ଉପରେ ନିର୍ଭର କରେ—ଏହା ସେମାନଙ୍କର ମନରେ ରଖିବା ଉଚିତ । ଜନ୍ମଭୂମିର ଏ ପ୍ରତିଷ୍ଠା ଯହିଁରେ ଭ୍ରଷ୍ଟ ନ ହୁଏ, ସେଥିପ୍ରତି ସତର୍କ ରହିବା ବାଞ୍ଛନୀୟ । ଯେମାନଙ୍କ ଉପରେ କେତେ ଗୁରୁତର ଦାୟିତ୍ୱ ନ୍ୟସ୍ତ ଅଛି, ତାହା ସେମାନେ ନିତ୍ୟ ଶଯ୍ୟାରୁ ଉଠି ସର୍ବାଗ୍ରେ ସ୍ମରଣ କରନ୍ତୁ । ଏ ଗୌରବ ରଖି ନ ପାରିଲେ କଳଙ୍କ ସେହି ଯୁବକମାନଙ୍କୁହିଁ ସ୍ପର୍ଶ କରିବ ।

ମୁଁ କାଲି ଘରକୁ ଯିବି, ଆଜି ଶେଷ ବିଦାୟର ଦିନ । କାହାରି କାହାରି ସଙ୍ଗରେ ମୋର କେବେ କେବେ ହେଲେ ଥରେ ଅଧେ ସାକ୍ଷାତ ହୋଇପାରେ; ମାତ୍ର ଅନେକଙ୍କ ସଙ୍ଗରେ ଜୀବନରେ ଆଉ ସାକ୍ଷାତର ସମ୍ଭାବନା ନାହିଁ । କଟକ ପକ୍ଷରେ ମଧ୍ୟ ଏହି ଉକ୍ତି ପ୍ରଯୁଜ୍ୟ । ଗଞ୍ଜାମରୁ ଆସିବା ଦିନୁ ମୁଁ ଆଉ କୁଆଡ଼କୁ ଗୋଡ଼ କାଢ଼ି ନାହିଁ । ଏହିଥର କଟକ ଆସିଲି, କଟକଠାରୁ ବି ଶେଷ ବିଦାୟ ନେବାକୁ ହେବ । ବୁଦ୍ଧଦେବ ବୈଶାଳୀ ନଗରୀକୁ ଲକ୍ଷ୍ୟ କରି କହିଥିଲେ, "ଏ ପ୍ରିୟ-ନଗରୀ ଆଉ ମୋର ନୟନ-ପଥରେ ପଡ଼ିବ ନାହିଁ ।" ପ୍ରିୟଭୂମିର ଆକର୍ଷଣ ବାସ୍ତବରେ ଅତି ପ୍ରବଳ । ଯେ ପିତା-ମାତା, ସ୍ତ୍ରୀ-ପୁତ୍ର ପରିବାର ସବୁ ତ୍ୟାଗ କରି ଯାଉଅଛନ୍ତି, ସେ ପ୍ରିୟଭୂମିର ମମତା ଛାଡ଼ିପାରୁ ନାହାନ୍ତି । ସବୁ ବିଚ୍ଛେଦ ସହିହୁଏ; ମାତ୍ର ପ୍ରିୟଭୂମିର ବିଚ୍ଛେଦ ସହିହୁଏ ନାହିଁ । ବୟୋଧର୍ମ ମୋତେ ଆଜି ଶ୍ମଶାନ-

ପଥରେ ଠିଆକରାଇଅଛି । ଦୂର ସ୍ଥାନର କଥା କିଏ ପଚାରେ, ବର୍ତ୍ତମାନ ମୋର ପଦେ ହେଲେ ଅଗ୍ରସର ହେବାର ଶକ୍ତି ନାହିଁ । ମୃତ୍ୟୁ ଆସି ଆଲିଙ୍ଗନ କରି ବସିଲାଣି; ମାତ୍ର ଦେହରେ ମିଶାଇ ନେଇପାରୁ ନାହିଁ, ଏତିକି ବାକି ଅଛି । ଏଣିକି ଘର ନିଛାଟିଆ ବୋଧ ହେଉଅଛି, ଛନଅ ମଧ ଲାଗୁଛି । ମୋତେ ଏକୁଟିଆ ଛାଡିଦେଇ ବନ୍ଧୁହିତୈଷୀ ଗୁରୁସ୍ଥାନୀୟ ବ୍ୟକ୍ତି ସମସ୍ତେ ଆଗରୁ ଚାଲିଗଲେଣି । ଯେ କେତେଖଣ୍ଡ ପତ୍ର ପଡିରହିଛି, ସେଥି ମଧ୍ୟରେ ମୁଁ ସବୁଠାରୁ ଜୀର୍ଣ୍ଣ, ସବୁଠାରୁ ଅଧିକ ଘୁଣଲଗା । ରାଧାନାଥ, ମଧୁସୂଦନ, ଫକୀରମୋହନ, ଗୌରୀଶଙ୍କର, ଗଙ୍ଗାଧର, ନୀଳମଣି, ନନ୍ଦକିଶୋର, ଚନ୍ଦ୍ରମୋହନ, ରାମଶଙ୍କର, ଚନ୍ଦ୍ରଚୂଡ଼ାମଣି ପ୍ରଭୃତି ମହାର୍ଘ ମଣିରତ୍ନରାଜି ଏହି କେତେ ଦିନ ମଧ୍ୟରେ ସାହିତ୍ୟ-ଦେବୀଙ୍କ ମୁକୁଟରୁ ଝଡିପଡିଲେଣି । ସେଭଳି ଦୁର୍ଲ୍ଲଭ ସଙ୍ଗୀ ଆଉ ମିଳିବେ ନାହିଁ । ତାହା ସ୍ମରଣ କଲେ ନିଜକୁ ନିତାନ୍ତ ନିଃସଙ୍ଗ ନିଃସହାୟ ବୋଧହୁଏ । ସେମାନଙ୍କର ସ୍ମୃତି ବାସ୍ତବରେ ହୃଦୟରେ, ପ୍ରାଣରେ, ମନରେ ଦାରୁଣ ବଜ୍ରାଘାତର ଯନ୍ତ୍ରଣା ଆଣି ଦେଉଛି । ସେ ଦେବମନୁଷ୍ୟ, ସେ ଉତ୍ସାହ, ସେ କାଳ, ସେ ସ୍ନେହମମତା ସହାନୁଭୂତି ସବୁ ଯାଇଅଛି । ତାହାସବୁ ସ୍ମରଣ କରିବାବେଳକୁ ଚକ୍ଷୁ ଫାଟି ପଡି ବାହାରି-ପଡିଲା ପରି ଲାଗୁଅଛି । ଅଶ୍ରୁଛଳରେ ଚକ୍ଷୁରୁ ରୁଧିର ଧାର ବହିଆସୁଅଛି, ପ୍ରାଣ ମଧ୍ୟରୁ ନୀରବ ଭାବରେ ହାହାକାର ଧ୍ୱନି ଉଠୁଅଛି । ଯେତେବେଳଯାଏ ଲେଖାଲେଖିରେ ନିଯୁକ୍ତ ଥାଏ, ତେତିକି ସମୟ ସେମାନଙ୍କୁ ଭୁଲି ରହିଥାଏ, ନଚେତ ଭୁଲିବାର କଥା ନୁହେଁ । ସେମାନେ ବି ଭୁଲିବାର ପାତ୍ର ନୁହନ୍ତି । ପରସ୍ପର ମଧ୍ୟରେ ଯେଉଁ ସୌହାର୍ଦ୍ଦ୍ୟ ଲାଗିଥିଲା, ତାହା ଏ କାଳରେ ଆଶାର ଅତୀତ । ଏଣିକି ସଂସାରରେ ମନ ଲାଗୁ ନାହିଁ, ଧରିଆଣିଲା ପରି ଲାଗୁଛି । ପ୍ରାଣ ଅଧୀର ବ୍ୟାକୁଳରେ କଅଣ ଖୋଜୁଛି, ତାହା ବି ଜାଣିହେଉ ନାହିଁ; ନିରୁପାୟ ହୋଇ ଖାଲି ଛଟପଟ ହେଉଅଛି । ଯିବାକୁ ଇଚ୍ଛା ହେଉ ନାହିଁ କି ରହିବାକୁ ଇଚ୍ଛା ହେଉ ନାହିଁ । ମନ ଶୂନ୍ୟରେ ଉଡି ବୁଲି କଅଣ ଖୋଜୁଛି; ମାତ୍ର ପାଉ ନାହିଁ । ଅଜ୍ଞାନ ଆକାଙ୍କ୍ଷାର ତୀବ୍ର ଜ୍ୱାଳାରେ ଆତ୍ମା ଦଗ୍ଧ ହେଉଅଛି । ଜୀବନ ଜୀବନ୍ତ ମରଣ ପରି ବୋଧ ହେଉଅଛି । ମରଣ ଜୀବନର ବନ୍ଧୁ; ମାତ୍ର ଜୀବନ୍ତ ମରଣ ପରି ଦୁଷ୍ଟ ଶତ୍ରୁ ଆଉ ନାହିଁ । ସେ ମାରେ ନାହିଁ—ଜଳିବଳି କରେ । ସାହିତ୍ୟ-ସେବା ମୋତେ ବଞ୍ଚାଇ ରଖିଥିଲା, ସେଥିରେ ଲାଗିଲେ ମୁଁ ସବୁ ଭୁଲିଯାଏ—ନିଜକୁ ବି ଭୁଲିଯାଏ; ମାତ୍ର ଏଣିକି ତାହା ଆଶାନୁରୂପ ହେଉ ନାହିଁ । ତହିଁକି ଶକ୍ତି ପାଉ ନାହିଁ, ଶକ୍ତି ବିରୁଦ୍ଧରେ ଯୁଦ୍ଧ କରି ଟାଣିଟୁଣି ହୋଇ ଯାହା କିଛି କରିବାକୁ ହେଉଅଛି—ସେଥିରେ ଆତ୍ମା ତୃପ୍ତ ହେଉ ନାହିଁ । ଦିନକରେ ଯାହା ହେଉଥିଲା, ମାସକରେ ତାହା ହେଉ ନାହିଁ । ଆତ୍ମା କାନ୍ଦୁଛି; ମାତ୍ର ହସ୍ତ ଶକ୍ତି ପାଉ ନାହିଁ । ନିଜର ଦେହ ନିଜକୁ ଭାର ଲାଗୁଛି—ଘୃଣା ବି ଲାଗୁଛି, ଏହାଠାରୁ ଦୁର୍ଗତି ଆଉ କଅଣ ଅଛି ? ଏକା ମୋତେ ନୁହେଁ—ଶେଷକାଳକୁ ସମସ୍ତଙ୍କ ଭାଗ୍ୟରେ ଏହିପରି ଦୁର୍ଦ୍ଦଶା ଘଟେ, ତାହା ଅନିବାର୍ଯ୍ୟ—ଏହାହିଁ ମୋର ଆତ୍ମସାନ୍ତ୍ୱନା । ବିଶ୍ରାମ କରିବାକୁ ଇଚ୍ଛା ହେଉ ନାହିଁ, ବରଂ ବିରକ୍ତି ବୋଧ ହେଉଅଛି, ପୁଣି ପ୍ରକୃତି ରୁଷ୍ଟ ହୋଇଉଠୁଅଛି । ସେଥିପାଇଁ କାଳେ କାହାର ଘୃଣାର ପାତ୍ର ହେବାକୁ ହେବ, ଏହି ଆଶଙ୍କା ସ୍ୱତଃ ମନରେ ଜାତ ହେଉଅଛି । ଏହିପରି ନ ତୀର ନ ନୀର ଅବସ୍ଥାରେ ପଡି ସେଥିରୁ ତ୍ରାହି ପାଇବା ସକାଶେ ଶେଷ ଜୀବନରେ ଲୋକେ ବାନପ୍ରସ୍ଥ ଅବଲମ୍ବନ କରୁଥିଲେ; ମାତ୍ର ଏଣିକି ବାନପ୍ରସ୍ଥ ଅଭିମାନଗ୍ରସ୍ତରେ ପରିଣତ ହେଲାଣି । ସର୍ବଦା ମହାନ ପଦାର୍ଥ ଆଗରେ ନ ଦେଖିଲେ ଆତ୍ମତୁଳନା କରି-ହୁଏ ନାହିଁ । ନିଜେ କେତେ କ୍ଷୁଦ୍ର, ଏହା ନ ଜାଣିଲେ କେହି ଧର୍ମସାଧନର ଅଧିକାରୀ ହୋଇପାରେ ନାହିଁ । ଭିତରେ ଗର୍ବ, ଅଭିମାନ ପ୍ରଭୃତି ସଢ଼ାଏ ଆବର୍ଜନା ପୂରାଇ ବାହାରେ ଧର୍ମସାଧନା କରିବା ଧର୍ମସାଧନା ନୁହେଁ—ତାହା ପୋତି ବାଦନା । ବନ ପର୍ବତ, ସମୁଦ୍ର ପ୍ରଭୃତି ମହା ପ୍ରକୃତିର ମହାଶକ୍ତି ଛଡା ଆଉ କେହି ମନୁଷ୍ୟର କ୍ଷୁଦ୍ରତା ବୁଝାଇଦେଇପାରେ ନାହିଁ । ତାହା ବସ୍ତଠର ଆଦର୍ଶ । ସେହି ଆଦର୍ଶ

ଦେଖିଲେ ମାନବର ଦର୍ପ ଆପେ ଆପେ ଚୂର୍ଣ୍ଣ ହୋଇଯାଏ । ମନକୁ ଶାନ୍ତି, ପ୍ରୀତି, ସଂଯମ ଆଚ୍ଛନ୍ନ କରି ରଖେ । ମହାନ୍‌ର ଶକ୍ତି ମହାନ୍ , ଇତରର ସେ ଶକ୍ତି କାହୁଁ ଆସିବ ? ମହାନ୍ ଏକା ମହାଶିକ୍ଷାର ଆଧାର, ସେଥି ଶିକ୍ଷା ଲୋଭରେ ଯୋଗୀ ସନ୍ନ୍ୟାସୀମାନେ ବନପର୍ବତରେ ବା ସମୁଦ୍ର କୂଳରେ ବାସ କରନ୍ତି । ମୋର ସେ ସୌଭାଗ୍ୟ ବା କାହିଁ ? ସେ ଆଶା ମୋ ପକ୍ଷରେ ଧୃଷ୍ଟତା ।

ସନ୍ଧ୍ୟାର ଗହଳ ଭାଙ୍ଗିଗଲା ପରେ ମୁଁ ବାହାରକୁ ଆସିଲି । ଉପସ୍ଥିତ ବନ୍ଧୁମାନଙ୍କ ସଙ୍ଗରେ କିଛିକ୍ଷଣ ଆଳାପ କରି ସମସ୍ତଙ୍କଠାରୁ ଶେଷ ବିଦାୟ ନେଇ ବସାକୁ ଆସିଲି । ସେଦିନ ଭାରି ଗ୍ରୀଷ୍ମ, ପବନର ସଞ୍ଚାର ଆଦୌ ଅନୁଭୂତ ହେଉ ନ ଥାଏ । ବୋଧହୁଏ ପବନ ଦେବତା ବି ଦାରୁଣ ଗ୍ରୀଷ୍ମରେ ଶିଥିଳାଙ୍ଗ ହୋଇପଡିଥିଲେ କିମ୍ବା ତାଙ୍କର ଦେଣା ଅବଶ, ଅକ୍ଷମ ହୋଇ ପଡିଥିଲା, ତାହା ସେହି ଜାଣନ୍ତି । ଦେବକୂଟ ମାୟା ମନୁଷ୍ୟ ବା କଅଣ ବୁଝିବ ? ସେଦିନ ଦୁଇପ୍ରହରଠାରୁ ମୁଁ ଖରାରେ ତତ୍ତ ପଡ଼ି ଘୂରି ବୁଲିଥିଲି, ପୁଣି ସନ୍ଧ୍ୟା କଅଣ ଯାଏ ଲୋକାରଣ୍ୟ ଭିତରେ ରହିବାକୁ ହେଲା । ସେଭଳି ଅଭ୍ୟାସ ମୋର ନାହିଁ, ତାହା ବହୁକାଳରୁ ବିଦାୟ ନେଇଅଛି । ଅଭ୍ୟାସର କବଳରେ ଯାଇ ଅବସାଦକୁ ଆମନ୍ତ୍ରଣ କରିଥିଲି, ଏଥିରେ ଗ୍ରୀଷ୍ମ ଅଧିକ ବାଧିଲା ବୋଲି ତାହାର ଦୋଷ କଅଣ ? ବସାରେ ପହଞ୍ଚିଲା ବେଳକୁ ପାରକଟ ସଚେଷ୍ଟ ଥିଲା ନାହିଁ । ସେ ବହୁ ପୂର୍ବରୁ ତାହାର କର୍ତ୍ତବ୍ୟ ଶେଷ କରି ନିଦ୍ରାଦେବୀଙ୍କ ପୀଠରେ ଅର୍ଘ୍ୟ ଦେଉଥାଏ । କି ଅସ୍ପଷ୍ଟ ସ୍ତବସ୍ତୁତି ଉଚ୍ଚସ୍ୱରରେ ନାସିକାରେ ଆବୃତ୍ତି କରୁଥାଏ । ତାହା ନାକର ଭାଷା, କଣ୍ଠର ସେ ଭାଷା ବୁଝିବାର ଦକ୍ଷତା ବା ଶକ୍ତି ନାହିଁ । ତେତେବେଳେ ତ ନିଦ୍ରାଦେବୀ ଖୋଲକଲା ତାହା ପ୍ରତି ପ୍ରସନ୍ନ, ତଥାପି ସେ ଆଉ କି ବର ମାଗୁଥାଏ, ତାହା ସେହି ଜାଣେ । ଅତି କଷ୍ଟରେ ତାହାର ଧାରଣା ଭାଙ୍ଗିଲା । ସେ ନିଦ୍ରା-ଦେବତାର ପୂଜାରୁ ଉଠି ଉଦର-ଦେବତାର ପୂଜାର ଆୟୋଜନରେ ଲାଗିଲା । ଆମ୍ଭେମାନେ ବି ତାହାର ସହକର୍ମୀ ହେଲୁଁ । ଅନେକ ରାତି ଯାଏ ମୋତେ ନିଦ ହେଲା ନାହିଁ । ବାରଣ୍ଡାରେ ପଡି ଛଟପଟ ହେଉଥାଏ । କେତେକ କ୍ଷଣ ପରେ ଚନ୍ଦ୍ରୋଦୟର ସଙ୍କେତ ଦେଖାଗଲା : ପ୍ରାଚୀଦିଗ୍‌ବଧୂ ହସିଉଠିଲା । ଉଚ୍ଚବୃକ୍ଷ ଓ ସୌଧମାଳା ଶ୍ୱେତଚମ୍ପକ କିରୀଟରେ ଭୂଷିତ ହେଲେ । ଅନ୍ଧକାର ତାହାର ଯବନିକା ଟେକାଇ ତଳକୁ ଫିଙ୍ଗିଦେଲା । ସାରା ସୃଷ୍ଟି ଚନ୍ଦ୍ର ଜଳରେ ଧୌତ ହେଲା ପ୍ରାୟ ବୋଧହେଲା । ପବନ ରୁଦ୍ଧ, ଚନ୍ଦ୍ରକିରଣ ମୋତେ ଖରା ପରି ଲାଗୁଥାଏ । ତେତେବେଳଯାଏ ସହରର ଗହଳ ସମ୍ପୂର୍ଣ୍ଣ ଭାଙ୍ଗି ନ ଥାଏ । ଦୂରରୁ ଜନ-କୋଳାହଳ ଭାସି ଆସୁଥାଏ । ସହରରେ ଦିନରାତି ସମାନ, ଏହା କାଲିକାଲିର କଥା ନୁହେ । ଦୁଷ୍ଟିନ୍ତା ମୁଖର ହୃଦୟରୁ ବେଳେବେଳେ କଚେରିର ସତର୍କ ବାଣୀ ଉଠଲା ପରି ପ୍ରହରୀର ହାଙ୍କ ଶୁଣାହେଉଥାଏ । ଦୁଇଟା ବାଜିଗଲା ପରେ ମୋତେ ଘଣ୍ଟାଏ ନିଦ୍ରା ହୋଇଗଲା । ଏତକ ପ୍ରକୃତିର ଦୟା । ତାର ଅଭ୍ୟାସମତେ ଶନିଟାବେଳୁ ଉଠି ନିତ୍ୟ କର୍ମରେ ଲାଗିଲି । ଘଣ୍ଟାକ ନିଦ୍ରାରେ ସାରା ରାତିର ଅନିଦ୍ରାର ଅବସାଦ ଦୂର ହୋଇଗଲା । ପ୍ରଭାତର ଅମୃତ ସ୍ପର୍ଶରେ ନବ ଜୀବନ, ନବ ଶକ୍ତି ଲାଭ ହେଲା ପ୍ରାୟ ବୋଧହେଲା । ସ୍ନାନ ପରେ ଶରୀର ମନ ଅଧିକ ସ୍ନିଗ୍ଧ, ଅଧିକ ଶୀତଳ ଜଣାଗଲା, ଶିରଭୂତ ଦେହ ଫୁଲ ପରି ଉଚ୍ଛ୍ୱାସ ହୋଇ ଆସିଲା । ପ୍ରଭାତ ମଧୁରକାଳ, ସୃଷ୍ଟିଆଡେ ମଧୁବୃଷ୍ଟି ହେଉଥାଏ । ଦେବାଳୟର ଶଙ୍ଖ ଘଣ୍ଟାର ପବିତ୍ର ଶବ୍ଦ ମଧୁ ଉପରେ ମଧୁ ବୃଷ୍ଟି କରିବାକୁ ଲାଗିଲା । ସେକାଳରେ ଦୁର୍ଦ୍ଦାନ୍ତର ରୁଚି-କଠୋର-ଉଷ୍ଣ ସ୍ୱଭାବ ବି ମଧୁର ହୋଇଉଠେ । ସ୍ନାନ ପରେ କିଛିକ୍ଷଣ ଭଗବତ୍ ଚିନ୍ତାରେ ଅତିବାହିତ ହେଲା । ବାହାରକୁ ଆସି ସୂର୍ଯ୍ୟ-ଦେବଙ୍କୁ ପ୍ରଣାମ କରି ବାରଣ୍ଡାରେ ଯାଇ ବସିଲି । ଏହି ସମୟରେ ଶଶୀବାବୁ ତାଙ୍କର ନିତ୍ୟପୋଷ୍ୟ କାନ୍ଦାପିମ୍ପୁଡ଼ିଙ୍କୁ ଭୋଗ ଦେଇସାରି ଆସି ଉପସ୍ଥିତ ହେଲେ; ଏଣୁ କେଣୁ ଗୁଡ଼ିକଥା କହି ବଜ୍ରକ ପରି ପୁଣି ଅନ୍ତର୍ଦ୍ଧାନ ହୋଇଗଲେ ।

ମାୟାବଦ୍ଧ ମନୁଷ୍ୟ ମାୟାକୁ ଛାୟା ପରି ସବୁବେଳେ ସଙ୍ଗରେ ଘେନି ବୁଲୁଥାଏ । ବାଟରେ

ଯାଉଁ ଯାଉଁ ଗଛମୂଳରେ ମୁହୂର୍ତ୍ତେ ବସି ବିଶ୍ରାମ କଲେ ସେ ସ୍ଥାନ ପ୍ରତି ସୁଦ୍ଧା ତାହାର ଗୋଟାଏ ମାୟା ଜନ୍ମିଯାଏ । ଏହି ବସା ଘରଟିରେ ମୁଁ ସ୍ୱଳ୍ପଦିନମାତ୍ର ରହିଅଛି, ଆଜି ଏହାକୁ ଛାଡ଼ି ଚାଲିଯିବାକୁ ହେବ— ଏ କଥା ମନରେ ପଡ଼ିଲାକ୍ଷଣି ଗୋଟାଏ ଅଜ୍ଞାତ ବିଷାଦ ଆସି ମନକୁ ଅଧୀର କରି ପକାଉଅଛି । ଅଳ୍ପ ସମୟର ତ ଏକଥା, ଦୀର୍ଘ ସଂସାର ପ୍ରବାସ ପରେ ସ୍ୱସ୍ଥାନକୁ ଯିବାବେଳେ ମନ ବ୍ୟାକୁଳ ନ ହେବ କାହିଁକି ? ମାୟା ଗୋଟାଏ କି ବିଚିତ୍ର ଅଦୃଶ୍ୟ ଅଠା, ସେ ହଠାତ୍ ଲାଗିଯାଇ ଏପରି ଜାମୁଡ଼ିଧରେ ଯେ, ସହସ୍ରଚେଷ୍ଟାରେ ଧୋଇ ଛଡ଼ାଇଲେ ସୁଦ୍ଧା ଛାଡ଼େ ନାହିଁ । ତାକୁ ଛଡ଼ାଇବାକୁ ଯେତେ ଯତ୍ନ କରାଯାଏ, ସେ ତେତେ ଜାମୁଡ଼ିଧରେ । ଏ ଘର ମୋର ନୁହେଁ, ଏହା ମୁଁ ଜାଣେ ; ଅଥଚ ଏ ଘର ପ୍ରତି ମୋର ଏତେ ମାୟା ! ଯହିଁରେ ମୋର ଅଧିକାର ନାହିଁ, ତାହା ପ୍ରତି ଏତେ ଆସକ୍ତି କାହିଁକି ? ପର ଦ୍ରବ୍ୟରେ ଏହି ଲାଳସା ପ୍ରବୃତ୍ତି ଦେଖି ହସମାଡ଼େ, ଲଜ୍ଜା ବି ହୁଏ— ନିଜର ଚରିତ୍ର ପ୍ରତି ଘୃଣା ବି ହୁଏ, ତଥାପି ତାହା ଛାଡ଼ି-ଯାଏ ନାହିଁ । ମାୟାର ଏ କି ଅଲୌକିକ ପ୍ରଭାବ ! ମନୁଷ୍ୟ ଏହି ବାଟେ ପଦାର୍ଥ ପ୍ରତି ଏତେ ମାୟା ପ୍ରକାଶ କରେ; ମାତ୍ର ପ୍ରତି ନିଃଶ୍ୱାସରେ ଯାହାଙ୍କର ଦୟା ଉପଲବ୍ଧି କରେ, ଯାହାଙ୍କ ଦୟାରକ୍ଷଣରେ ସେ ଜନ୍ମେ ଜନ୍ମେ ଋଣୀ, ଯାହାଙ୍କ ଦୟା ବିନା ମୁହୂର୍ତ୍ତେ ସୁଦ୍ଧା ବଞ୍ଚି ରହିପାରିବ ନାହିଁ, ସେହି ଅନନ୍ତ ଦୟାମୟ ଭଗବାନଙ୍କ ପ୍ରତି ସେ କେତେ ମାୟା ପ୍ରକାଶ କରେ ? ଦିନାନ୍ତରେ, ମାସାନ୍ତରେ ବା ବର୍ଷାନ୍ତରେ ସୁଦ୍ଧା ତାଙ୍କୁ ଥରେ ସ୍ମରଣ କରେ ନାହିଁ । ଭଗବାନ ଯେ ଅଦ୍ଭୁତ ସାହୁକାର, ତାହା ସେ ଭୁଲିଯାଏ । ସାହୁକାର ଖାତକକୁ ଋଣ ଦେଇ ମୂଳ କଳନ୍ତର ସହ ଆଦାୟ କରିନିଏ ; କିନ୍ତୁ ଭଗବାନ ଋଣ ଆଦାୟ କରନ୍ତି ନାହିଁ, ଅଧିକନ୍ତୁ ସେ ଋଣର ସୁଧ ଓଲଟି ଖାତକକୁ ପ୍ରଦାନ କରନ୍ତି । ଯେପରିକି ସେ ଖାତକ, ତାଙ୍କ ସୃଷ୍ଟି ପାଳିତ ମନୁଷ୍ୟ ତାଙ୍କର ସାହୁକାର । ତାଙ୍କପ୍ରତି ମମତା ପ୍ରଦର୍ଶନ କରିବା କେଉଁଠେ ଥାଉ, ତାଙ୍କର ଏ ମହାଦୟା ସୁଦ୍ଧା ମନୁଷ୍ୟ ଭୁଲିଯାଏ । ଏହାଠାରୁ ଆଶ୍ଚର୍ଯ୍ୟ ଆଉ କଅଣ ହୋଇପାରେ ? ମନୁଷ୍ୟର ପ୍ରକୃତି ଏହିପରି ଖେଳା-ମହେଶ୍ୱର । ଏହା ତାହାର ଭୁଲ ନୁହେଁ ; ଦାରୁଣ ଦୁର୍ଦ୍ଦୈବର ଚୂଡ଼ାନ୍ତ ନିଦର୍ଶନ । 'ଅତିପରିଚୟାଦବଜ୍ଞା' ଯାହା କହନ୍ତି, ଏହା ତାହାର କଠୋର ଦୃଷ୍ଟାନ୍ତ । ଯେ ଜନ୍ମଦାତା, ପାଳନକର୍ତ୍ତା, ପୁଣି ବିପଦହର୍ତ୍ତା— ହାୟ, ଅକୃତଜ୍ଞ ମାନବ ତାଙ୍କୁ ଭୁଲିଯାଏ । ତାହାର କୃତଘ୍ନତାର ସୀମା ନାହିଁ, ସେହିପରି ଭଗବାନଙ୍କର ଦୟାରି ବି ସୀମା ନାହିଁ । ଅକୃତଜ୍ଞ ପ୍ରତି ତାଙ୍କର ଦୟା ଅଧିକ । ଏହି ହେତୁରୁ ସିନା ସେ ଜଗତର ନିସ୍ୱାର୍ଥ ପ୍ରଭୁ, ସେ ସ୍ୱଗୁଣରେ ମହାନ୍, ମନୁଷ୍ୟ ସ୍ୱଦୋଷରେ କ୍ଷୁଦ୍ର, ଅତି ହେୟ, ନରକର କୀଟ । ଯେ ତାହାର କେହି ନୁହେଁ, ତାହା ପ୍ରତି ମମତା ପ୍ରଦର୍ଶନ କରେ, ଆଉ ଯେ ତାହାର ସର୍ବସ୍ୱ, ତାହା ପ୍ରତି ଉପେକ୍ଷା ପ୍ରକାଶ କରେ । ମନୁଷ୍ୟ ସାରଜୀବ ନା ଇତର କ୍ଷୁଦ୍ର ଜୀବ, ତାହା ଆଉ ଖୋଲି କହିବାର ଆବଶ୍ୟକତା ନାହିଁ । ଥାଉ ସେ ଚର୍ଚ୍ଚା, ଦୁର୍ଗନ୍ଧ ପଙ୍କକୁ ଘାଣ୍ଟିଲେ ନିଜ ଉପରକୁ ଛିଟିକିବ ସିନା !

ପ୍ରାୟ ଆଠଟା ସମୟରେ ଶଶୀବାବୁ ଆସି ଖଣ୍ଡିଏ ଚିଠି ଦେଖାଇ କହିଲେ—"ଅସ୍ପୃଶ୍ୟତା ସମ୍ବନ୍ଧରେ କଅଣ ପରାମର୍ଶ କରିବା ସକାଶେ କମିଶନର ସାହେବ ଏହି ଚିଠି ଲେଖି ମୋତେ ଡାକିଅଛନ୍ତି । ନଅଟାବେଳେ ଯାଇ ତାଙ୍କୁ ସାକ୍ଷାତ କରିବାକୁ ହେବ । ଆପଣ ତ ଦଶଟା ପୂର୍ବରୁ ଷ୍ଟେସନକୁ ବାହାରିଯିବେ, ସୁତରାଂ ଆପଣଙ୍କ ସଙ୍ଗରେ ମୋର ଆଉ ସାକ୍ଷାତର ସମ୍ଭାବନା ନାହିଁ ।" ଏଣୁତେଣୁ ସାମାନ୍ୟ ଟିକିଏ କଥାବାର୍ତ୍ତା ପରେ ସେ ବିଦାୟ ନେଇ ଗଲେ । ତହିଁପରେ ବିଶ୍ୱନାଥ ବାବୁ ଆସି ସେହି କଥା କହିଲେ । ମୁଁ ବୁଝି-ପାରିଲି— ମହାତ୍ମା ଗାନ୍ଧିଙ୍କ ଉପବାସବ୍ରତ ସମସ୍ତ ରାଜ-ପୁରୁଷଙ୍କୁ ବ୍ୟସ୍ତତାରେ ପକାଇଅଛି । ସେଥିପାଇଁ କମିଶନର ସାହେବ ମହୋଦୟ ସହରର ବିଶିଷ୍ଟ ବ୍ୟକ୍ତିମାନଙ୍କର ଅସ୍ପୃଶ୍ୟତା ସମ୍ବନ୍ଧରେ ମତ ଲୋଡ଼ି-ଅଛନ୍ତି । ମୁଁ ବିଶ୍ୱନାଥ ବାବୁଙ୍କୁ ଖଣ୍ଡେଦୂର ବାଟେଇ-ଦେଇ ଆସି ମନେ ମନେ କହିଲି—ଆଉ ସାକ୍ଷାତ ନ

ହେଲା ତ ନାହିଁ, ମନରେ ସାକ୍ଷାତ ହେଉଥିଲେ ଯଥେଷ୍ଟ । ସେହି ସା ହିଁ ପ୍ରକୃତ ସାକ୍ଷାତ । ବାହ୍ୟ ସାକ୍ଷାତର ସୁଯୋଗ ସବୁବେଳେ ସୁଲଭ ନୁହେଁ— ସମ୍ଭବ ମଧ୍ୟ ନୁହେଁ; ମାତ୍ର ମନର ଗତି ଅବ୍ୟାହତ— ସେ ଅକ୍ଳେଶରେ ବାର ପର୍ବତ, ତେର ସମୁଦ୍ର ପାର ହୋଇ ପ୍ରିୟଜନ ବା ପୂଜ୍ୟଜନଙ୍କୁ ସାକ୍ଷାତ କରି ଆସେ । କବି ଯଥାର୍ଥ ଗାଇଅଛନ୍ତି—"ଜିଣଇ ସହଜରେ ମନୁଷ୍ୟ ମତି, ପ୍ରଭଞ୍ଜନର ବେଗ ଆଲୋକ ଗତି ।" ସମସ୍ତଙ୍କର ମତି ଚଞ୍ଚଳ—ଗତି ଚଞ୍ଚଳ—ଉକ୍ତି ଚଞ୍ଚଳ—ସବୁ ଚଞ୍ଚଳ ।

ଆଜି ବସାରେ ଗୋଟାଏ ଛିପ୍ରତା ଧାଇଁ ବୁଲୁଅଛି । କିଏ ଲୁଗାପଟା ବାନ୍ଧିବାରେ ବ୍ୟସ୍ତ— କିଏ ଚଞ୍ଚଳ ରୋଷେଇର ବ୍ୟବସ୍ଥା କରୁଅଛି, କିଏ ବଜାର ସଉଦା କିଣିବା ପାଇଁ ବାରମ୍ବାର ଧାଉଁଅଛି । ଦେଖୁଦେଖୁ ନଅଟା ବାଜିଗଲା । ମୁଁ ଖାଇସାରି ଟିକିଏ ବିଶ୍ରାମ କରୁଅଛି, ଏହି ସମୟରେ ଭାରତ-ସେବକ ସମିତିର ସୁଯୋଗ୍ୟ ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ ଆସି ପହଞ୍ଚିଲେ । ଏଥର ସାହିତ୍ୟ-ସମାଜର ବାର୍ଷିକ ଅଧିବେଶନବେଳେ ସେ ନ ଥିଲେ । ଓଡ଼ିଶା ଦେଶମିଶ୍ରଣସମ୍ବନ୍ଧୀୟ ଡେପୁଟେସନ ଗହଣରେ ସେ ସିମଳା ଯାଇଥିଲେ; ବଡ଼ଲାଟଙ୍କ ସହ ସାକ୍ଷାତ ଶେଷରେ ଫେରିଆସି ଆଜି କଟକରେ ପହଞ୍ଚିଲେ । ଘରକୁ ନ ଯାଇ ବାହାରେ ବାହାରେ ମୋତେ ଦେଖା କରିବାକୁ ଆସିଅଛନ୍ତି । ତାଙ୍କଠାରୁ ଦେଶମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ସମ୍ବନ୍ଧରେ ବଡ଼ଲାଟଙ୍କର ଆଶାବାଣୀ ଶୁଣି ମନ ଅପୂର୍ବ ପୁଲକରେ ପୂର୍ଣ୍ଣ ହୋଇଗଲା । ଲକ୍ଷ୍ମୀ-ନାରାୟଣ ବାବୁ ଧନୀ ନୁହନ୍ତି, ଶୂନ୍ୟହସ୍ତରେ ଦେଶ-କାର୍ଯ୍ୟରେ ଯାଇଥିଲେ ; କିନ୍ତୁ ବାଟରେ ଅଯାଚିତ ଭାବରେ ତାଙ୍କୁ ସାହାଯ୍ୟ ମିଳିଥିଲା । ସାଧୁ କାର୍ଯ୍ୟର ସହାୟ ଭଗବାନ—ଏ ଉକ୍ତିର ପ୍ରତ୍ୟେକ ବର୍ଣ୍ଣ ସଜୀବ ସତ୍ୟ । ମନ ସାଧୁ ଅନୁଷ୍ଠାନର ଜୀବନ, ମନ ଥିଲେ ଧନର ଅଭାବ ହୁଏ ନାହିଁ । ତାଙ୍କଠାରୁ ସବୁ ଶୁଣି ମନେ ମନେ କହିଲି—ଧନ୍ୟ ଲକ୍ଷ୍ମୀନାରାୟଣ, ଧନ୍ୟ ତୁମ୍ଭର ସାହସ ! ସତ୍ ସାହସ ବଳରେ ତୁମ୍ଭେ ବିନା ନୌକାରେ ସମୁଦ୍ର ଲଙ୍ଘିଯାଇପାର । ବାସ୍ତବରେ ମନସ୍ୱୀ ଓ ସାହସୀ ଜନ ଯାହା କରିପାରେ, ଅମନସ୍ୱୀ ନିଃସାହସୀ କୋଟିପତି ତାହା କରିବାକୁ ଅକ୍ଷମ । ଲକ୍ଷ୍ମୀନାରାୟଣ ବାବୁ ଦେଶକାର୍ଯ୍ୟରେ ବାଉଳା ! ତାଙ୍କ ଭଳି ଆଦର୍ଶ ଦେଶକର୍ମୀ ଦେଶରେ ବିରଳ । ଆଜି ବାଲେଶ୍ୱରରେ ତ କାଲି ଗଞ୍ଜାମରେ, ପରଶ୍ୱଃ ସମ୍ବଲପୁରରେ । ଏହିପରି ଚକ୍ରବତ୍ ସେ ଭ୍ରମଣ କରୁ-ଅଛନ୍ତି । ଦେଶୋନ୍ନତିର ଶାଖା-ପ୍ରଶାଖା ସବୁଆଡ଼େ ତାଙ୍କର ସମାନ ଦୃଷ୍ଟି । ସେ ଜଣେ ଆଦର୍ଶ ତ୍ୟାଗୀ ଓ ଆଦର୍ଶ ନିଃସ୍ୱାର୍ଥ । ଆଜି ପୁଣି ସେ ଖୋର୍ଦ୍ଧା ଯାଇ ସେଠାରେ ସାହିତ୍ୟ-ସମ୍ମିଳନୀ ବସାଇବେ । ଦୁଇଗୋଟି ହାତରେ ସେ ଶତହସ୍ତର କାର୍ଯ୍ୟ କରନ୍ତି । ଆଦର୍ଶ ଯୁବକ ଲକ୍ଷ୍ମୀନାରାୟଣ ଓଡ଼ିଆ ଜାତିର ଗର୍ବଗୌରବର କାରଣ, ଏହା ବୋଲିବା ଦ୍ୱିରୁକ୍ତିମାତ୍ର । କିଛିକ୍ଷଣ ପରେ ସେ ଉଠି ଘରକୁ ବାହାରିଲେ । ଆମ୍ଭେମାନେ ମଧ୍ୟ ରେଲ-ଷ୍ଟେସନକୁ ବାହାରିଲୁଁ । ଗାଡ଼ି ଦାଣ୍ଡରେ ଠିଆହୋଇ ଆରୋହୀର ଅପେକ୍ଷାରେ ଥିଲା । ରଥୀର ଆସନ ପୂର୍ଣ୍ଣ ହେଲା, ରଥ ଚଳିଲା । ଏହି ଗୃହବନ୍ଦନ ମଧ୍ୟରେ ମୁଁ ଯେଉଁ ଆଡ଼କୁ ଯାଇଅଛି, ପ୍ରତିଥର ବଳିଷ୍ଠ ପଥର ଆଶ୍ରୟ ନେଇଅଛି । ଦୁର୍ଭିକ୍ଷ ରାଜ୍ୟର ପ୍ରଜା ପରି ସଡ଼କମାନ ଖଣ୍ଡୋପଲ ଦନ୍ତ ବିସ୍ତାର କରି ରହିଅଛି । କେତେକ ସ୍ଥାନ ଏତେ ଅପରିଷ୍କୃତ ଯେ, ମଫସଲର ଇତର ଗ୍ରାମ ସୁଦ୍ଧା ତେତେ ଅପରିଷ୍କୃତ ନୁହେଁ । ନାକରେ ଲୁଗା ଗୁଞ୍ଜି ସୁଦ୍ଧା ନର୍ଦ୍ଦମାର ପୂତିଗନ୍ଧରୁ ଛାଡ଼ ମିଳେ ନାହିଁ । ବିଶେଷତଃ ଯେଉଁଠାରେ ମାଡ଼ୁଆଡ଼ି ବସତି, ସେଠାରେ ଏ ଦୁର୍ଦ୍ଦଶା ବେଶୀ । ଅଧିବାସୀଙ୍କର ନାସିକା ଗନ୍ଧ ସହ ହୋଇଯାଇଅଛି । ଓଡ଼ିଶାର ରାଜ-ଧାନୀରେ ମ୍ୟୁନିସିପାଲିଟିର ଏତାଦୃଶ ଶିଥିଳତା-ସହନୀୟ ନୁହେଁ । କରଦାତାମାନେ କର ଦେଇ ସ୍ୱାସ୍ଥ୍ୟ ବଦଳରେ ଏହି ଜୀବନ୍ତ ନରକ ଭୋଗ କରୁ-ଅଛନ୍ତି, ଏହା ସାମାନ୍ୟ ଆକ୍ଷେପର ବିଷୟ ନୁହେଁ । ସ୍ଥାନୀୟ ପତ୍ରପତ୍ରିକାରେ ଏ ବିଷୟରେ ପ୍ରବଳ ଆନ୍ଦୋଳନସତ୍ତ୍ୱେ କୁମ୍ଭକର୍ଣ୍ଣର ନିଦ୍ରା ଭଙ୍ଗ ହେବାକୁ ନାହିଁ । କଟକ ସହର ମହାକାଳ ଫଳ ପରି ଉପରେ ଚହଟ ଚିକ୍କଣ; ମାତ୍ର ଭିତରେ ପୋଡ଼ା ଅଙ୍ଗାର ।

ସ୍ୱଜାତିଭକ୍ତି ନ ପଢିବାଯାଏ ସହରର ଏ ଦୁର୍ଦ୍ଦଶା ଘୁଞ୍ଚିବ ନାହିଁ । ଆଲୁଅର ବ୍ୟବସ୍ଥା ମଧ୍ୟ ତତୋଽଧିକ ଖରାପ । ଅନେକ ଗଳିରେ ସେପରି ଆଲୁଅ ଦିଆହୁଏ, ଜୁଳୁଜୁଳିଆ ପୋକର ଆଲୋକ ବରଂ ତାହାଠାରୁ ଶ୍ରେୟସ୍କର । କଟକର ମ୍ୟୁନିସିପାଲିଟିର ଦୁର୍ଦ୍ଦଶା ଲେଖି ବସିଲେ ଖଣ୍ଡିଏ ପ୍ରକାଣ୍ଡ ପୁସ୍ତକ ହେବ, ଏ ପ୍ରବନ୍ଧର ସଂକୀର୍ଣ୍ଣ ପରିସର ମଧ୍ୟରେ ସେଥି ପାଇଁ ସ୍ଥାନାଭାବ । ଯଥାସମୟରେ ଷ୍ଟେସନରେ ପହଞ୍ଚି ଟିକଟ କାଟି ଗାଡିରେ ଚଢିବାକୁ ହେଲା । ରେଲ ପଥର ଦୃଶ୍ୟ ପୂର୍ବରୁ ବର୍ଣ୍ଣିତ ହୋଇଅଛି । ସେଥିର ପିଷ୍ଟପେଷଣ ଅନାବଶ୍ୟକ । ଏ ଥରର ମଧ୍ୟରେ ବିଶେଷତ୍ୱ ଏହି ଯେ, ପ୍ରତି ଷ୍ଟେସନରେ ଗାଡି ରହିବାମାତ୍ରେ ଗୋଟିଏ ବାଳକ ଓ ଗୋଟିଏ ବାଳିକା ଆସି ଗୀତ ଗାଇ ପଇସା ମାଗନ୍ତି । ବାଳକଟି ରୂପରେ ଯେପରି ଗନ୍ଧର୍ବ, ବାଳିକାଟି ମଧ୍ୟ ସେହିପରି ଅପ୍ସରା । ପେଟ ବାଳକର ବାଦ୍ୟଯନ୍ତ୍ର । ସେ ଖୁବ୍ ଜୋରରେ ପେଟରେ ଚାପୁଡ଼ା ମାରି ଗୀତ ଗାଏ । ମୁଁ ତାକୁ କହିଲି—ପେଟକୁ ଏତେ ଜୋରରେ ପିଟିଲେ ତୋର ପ୍ଲୀହା ଫାଟିଯିବ, ତୁ ଗାଲରେ ଚାପୁଡ଼ା ମାରି ହୋଇ ତାନ ମାନ ଠିକ୍ କର । ବାଳକଟି ପଇସାଟିଏ ଦକ୍ଷିଣା ନେଇ ହସି ହସି ଚାଲିଗଲା । ତାହାର ଚିରଅଭ୍ୟାସ, ସେ ମୋ ଉପଦେଶକୁ ହାସ୍ୟ ନ କରିବ କାହିଁକି ? ଅଭ୍ୟାସଦ୍ୱାରା ଅସାଧ୍ୟ ସୁସାଧ୍ୟ ହୁଏ । ଅଭ୍ୟାସ ମନୁଷ୍ୟର ଦ୍ୱିତୀୟ ପ୍ରକୃତି ଏବଂ ଅଦ୍ୱିତୀୟ ଶକ୍ତି ।



# ଯୁଧିଷ୍ଠିର

## ପ୍ରଥମ ପରିଚ୍ଛେଦ

ମହାଜନମାନଙ୍କର ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ଯେଉଁ ଯେଉଁ ଘଟଣା ଘଟିଥାଏ, ତାହା ସବୁ ବର୍ଣ୍ଣିତ ଭାବରେ ଲିପିବଦ୍ଧ ହେଲେ ତାକୁ ଜୀବନୀ କହନ୍ତି । ଦେଶ, ଜାତି ବା ସମାଜର ମଙ୍ଗଳ ଉଦ୍ଦେଶ୍ୟରେ କିଏ କି ମହତ୍ କାର୍ଯ୍ୟ କରି ବିଖ୍ୟାତ ହୋଇଅଛନ୍ତି—ତାଙ୍କର କି କି ମହତ୍ ଗୁଣ ଥିଲା—କାହିଁକି ତାଙ୍କୁ ଲୋକେ ପୂଜାଭକ୍ତି କରନ୍ତି—ତାଙ୍କର ଆଦର୍ଶ କିପରି ମହାନ୍—ଉପଦେଶ କିରୂପ ମୂଲ୍ୟବାନ୍—ଲକ୍ଷ୍ୟ କିଭଳି ଉଚ୍ଚ, ଏ ସମସ୍ତ ବିଷୟ ଜୀବନୀରୁ ଶିକ୍ଷା ହୁଏ । ବ୍ୟକ୍ତିବିଶେଷର ଜୀବନୀରେ ଅନେକ ମଣିମାଣିକ୍ୟ ଥାଏ, ଅର୍ଥାତ୍ ଜାଣିବାର କଥା ଓ ଶିଖିବାର କଥା ବହୁତ ଥାଏ । ସେ କି ଉପାୟରେ ବଡ଼ ହୋଇଥିଲେ, କି ପୁଣ୍ୟ କାର୍ଯ୍ୟ କରି ନିଜର ନଶ୍ୱର ନାମକୁ ଅମର କରିଯାଇଅଛନ୍ତି, ତାହା ସବୁ ଜାଣିଲେ ସେହିପରି କରିବାକୁ ମନ ବଳିବ ଏବଂ ଆଖି ଆଗରେ ଉନ୍ନତିର ସରଳ ସୁଗମ ପଥ ଦିଶିବ । ଅନୁକରଣ ସ୍ପୃହା ମନୁଷ୍ୟର ସ୍ୱାଭାବିକ ସହଜ ବୃତ୍ତି । ସେ ଆଦର୍ଶ ଦେଖିଲେ ଅନୁକରଣରେ ପ୍ରବୃତ୍ତ ହୁଏ । ବର୍ତ୍ତମାନ ଯାହାଙ୍କ ଜୀବନୀ ବର୍ଣ୍ଣିତ ହେଉଅଛି, ସେ ଜଣେ ମହାପୁରୁଷ ବା ମହାମାନବ । ତାଙ୍କର ମାତୃଭକ୍ତି, ଧର୍ମନିଷ୍ଠା, ସତ୍ୟ-ପ୍ରିୟତା, ଭ୍ରାତୃବାତ୍ସଲ୍ୟ, ସହିଷ୍ଣୁତା, ବିନୟ, ସୌଜନ୍ୟ, ଦୟା, କ୍ଷମା ପ୍ରଭୃତି ସଦ୍‌ଗୁଣ ଅତୁଳନୀୟ । ସତ୍ୟ, ନ୍ୟାୟ, ଧର୍ମପଥରୁ ସେ ତିଳେମାତ୍ର ବିଚ୍ୟୁତ ନ ଥିଲେ । ଜଗତର ସକଳ ସଦ୍‌ଗୁଣ ତାଙ୍କୁ ମହଦାଶ୍ରୟ ମଣି ତାଙ୍କଠାରେ ଶରଣ ପଶିଥିଲେ । ଭୂତଳରେ ରହିବାକୁ ହେଲେ ଯେଉଁ ସବୁ ଶୁଭଗୁଣ ଥିଲେ ମନୁଷ୍ୟ ଦେବତା ହୁଏ, ସେ ସମସ୍ତ ତାଙ୍କର ଥିଲା । ସେହି ପୁଣ୍ୟପ୍ରାଣ ମହାତ୍ମାଙ୍କର ନାମ 'ଯୁଧିଷ୍ଠିର' । ସେ ଲକ୍ଷେ ରାଜାର ମୁକୁଟମଣି; ମାତ୍ର ଦେବତ୍ୱ, ଋଷିତ୍ୱ ତାଙ୍କ ହୃଦୟରେ ଅଖଣ୍ଡ ରାଜ୍ୟପଣ ବିସ୍ତାର କରି ବସିଥିଲେ । ତାଙ୍କ ରାଜତ୍ୱରେ ମର୍ତ୍ତ୍ୟ ସ୍ୱର୍ଗ ହୋଇଥିଲା । ସେ ଆଦର୍ଶ ରାଜା, ଆଦର୍ଶ ଯୋଗୀ, ଆଦର୍ଶ ଗୃହୀ ଏବଂ ପୂର୍ଣ୍ଣ ଆଦର୍ଶ ମାନବ ଥିଲେ । କେଉଁ କାଳରୁ ସେ ପୃଥିବୀ ଛାଡ଼ି ସ୍ୱର୍ଗକୁ ଗଲେଣି; ମାତ୍ର ସହସ୍ର ସହସ୍ର ବର୍ଷ ହେଲା ଲୋକେ ତାଙ୍କୁ ଦେବତା ପରି ପୂଜା କରି ଆସୁଅଛନ୍ତି ଏବଂ ଚିରକାଳ କରିବେ । ତାଙ୍କର ପବିତ୍ର କୀର୍ତ୍ତି ତାଙ୍କୁ ଜଗତର ଆରାଧ୍ୟ କରି ରଖିଅଛି । କୀର୍ତ୍ତି ଅମୃତ, ଅତ କୀର୍ତ୍ତିମନ୍ତ ଅମର । କୀର୍ତ୍ତିମନ୍ତର ଜୀବନ ସେହି କୀର୍ତ୍ତି ସହିତ ସ୍ଥାୟୀ ହୋଇ ରହିଥାଏ । ଯୁଧିଷ୍ଠିର ପ୍ରଭୁ ହୋଇ ମଧ୍ୟ ନିଜକୁ ପ୍ରଜାଙ୍କର ଭୃତ୍ୟସ୍ୱରୂପ ମଣୁଥିଲେ । ବ୍ରହ୍ମନିଷ୍ଠ, ତ୍ରିକାଳଜ୍ଞ ଆର୍ଯ୍ୟ ଋଷିମାନେ ତାଙ୍କ ଗୁଣରେ ମୁଗ୍ଧ ହୋଇ ତାଙ୍କର ପୁଣ୍ୟ ନାମକୁ ପାପମୁକ୍ତି ଆଶାରେ ପ୍ରାତଃସ୍ମରଣୀୟ ମହାମନ୍ତ୍ରରେ ନିବଦ୍ଧ କରିଅଛନ୍ତି । କେବଳ ଏତିକି ନୁହେଁ—ବିଶ୍ୱକର୍ତ୍ତା ପରମେଶ୍ୱରଙ୍କ ସଙ୍ଗରେ ତାଙ୍କୁ ଏକାସନରେ ବସାଇଅଛନ୍ତି । ଯଥା—

"ପୁଣ୍ୟଶ୍ଲୋକୋ ନଳୋ ରାଜା ପୁଣ୍ୟଶ୍ଲୋକୋ ଯୁଧିଷ୍ଠିରଃ
ପୁଣ୍ୟଶ୍ଲୋକା ଚ ବୈଦେହୀ ପୁଣ୍ୟଶ୍ଲୋକୋ ଜନାର୍ଦ୍ଦନଃ ।"

ଯୁଧିଷ୍ଠିର ପୂର୍ଣ୍ଣ ମାନବ, ତାଙ୍କ ନାମ ସ୍ମରଣ କଲେ ମହାପାପ ମଧ୍ୟ ଧ୍ୱଂସପ୍ରାପ୍ତ ହୁଏ । ତାଙ୍କର ସ୍ୱଭାବ ଏଭଳି ମଧୁର ଯେ, ସେ ଅତି ସହଜରେ ସମସ୍ତଙ୍କ ପ୍ରାଣରେ ମିଶିଯାଇ ପ୍ରତ୍ୟେକର ମନରେ ଗୋଟାଏ ସ୍ଥାୟୀ ସୁନେଲି ଦାଗ ବସାଇବାକୁ କ୍ଷମ

ହୋଇଥିଲେ । ତାଙ୍କ ପରି ଧର୍ମବୀର, କର୍ମବୀର, ଜ୍ଞାନ-ବୀର, ବିଶ୍ୱାସବୀର ଆଜିଯାଏ ପୃଥିବୀରେ ଅବତୀର୍ଣ୍ଣ ହୋଇ ନାହାନ୍ତି । ସେ ଏକାନ୍ତ ଈଶ୍ୱର-ବିଶ୍ୱାସୀ ଏବଂ ଈଶ୍ୱର-ନିର୍ଭରଶୀଳ ଥିଲେ ; ଆଉ ନିଜକୁ ଈଶ୍ୱରଙ୍କ ଆଦେଶର ପ୍ରତିଧ୍ୱନି ମଣୁଥିଲେ । ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଈଶ୍ୱରଙ୍କ ଆଦେଶର ପ୍ରତିମୂର୍ତ୍ତି, ଏ ବିଶ୍ୱାସ ଦୃଢରୂପେ ଧରି ସେ ବିଷରୁ ସୁଦ୍ଧା ଅମୃତ ଲାଭ କରୁଥିଲେ । ଯାହାଙ୍କର ବିଶ୍ୱାସ ଏହିପରି ଅଟଳ, ସ୍ୱୟଂ ଭଗବାନ ନିକଟେ ଆସି ତାଙ୍କ ହାତ ଧରି ବାଟ ଦେଖାଇ ନେଇଯାଆନ୍ତି ।

ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବରେ କୁରୁରାଜବଂଶରେ ଧୃତରାଷ୍ଟ୍ର, ପାଣ୍ଡୁ ଓ ବିଦୁର ନାମରେ ତିନି ଭାଇ ଥିଲେ । ଜ୍ୟେଷ୍ଠ ଧୃତରାଷ୍ଟ୍ର ଜନ୍ମରୁ ଅନ୍ଧ ଥିବାରୁ ମଧ୍ୟମ ପାଣ୍ଡୁ ରାଜା ହୋଇଥିଲେ । କନିଷ୍ଠ ବିଦୁର ତାଙ୍କର ମନ୍ତ୍ରୀ ଥିଲେ । ହସ୍ତିନା ନଗରୀ କୁରୁବଂଶର ରାଜଧାନୀ ଥିଲା । ହସ୍ତିନାକୁ ବର୍ତ୍ତମାନ ଦିଲ୍ଲୀ କହନ୍ତି । ଧୃତରାଷ୍ଟ୍ରଙ୍କର ଦୁର୍ଯ୍ୟୋଧନ, ଦୁଃଶାସନ ପ୍ରଭୃତି ଶହେ ପୁଅ । ପାଣ୍ଡୁଙ୍କର ଯୁଧିଷ୍ଠିର, ଭୀମ, ଅର୍ଜ୍ଜୁନ, ନକୁଳ, ସହଦେବ ନାମରେ ପାଞ୍ଚପୁଅ ଥିଲେ । ପାଣ୍ଡୁଙ୍କ ପୁତ୍ର ମଧ୍ୟରୁ ପ୍ରଥମ ତିନିଜଣ ତାଙ୍କ ପ୍ରଧାନ ମହିଷୀ କୁନ୍ତୀଙ୍କ ଗର୍ଭରୁ ଏବଂ ଚତୁର୍ଥ, ପଞ୍ଚମ ଦ୍ୱିତୀୟ ରାଣୀ ମାଦ୍ରୀଙ୍କ ଗର୍ଭରୁ ଜାତ ହୋଇଥିଲେ । ପାଣ୍ଡୁ ଅଳ୍ପ ବୟସରେ ଦେହତ୍ୟାଗ କଲେ । ପତିପରାୟଣା ମାଦ୍ରୀ ପତିଙ୍କ ଚିତାନଳରେ ପ୍ରାଣ ବିସର୍ଜ୍ଜନପୂର୍ବକ ପତିଙ୍କର ଅନୁଗାମିନୀ ହେଲେ । କୁନ୍ତୀ ଶିଶୁ ପୁତ୍ରମାନଙ୍କୁ ଘେନି କଷ୍ଟରେ ଦିନ ଯାପନ କରିବାକୁ ଲାଗିଲେ । ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କୁ କୌରବ ଏବଂ ପାଣ୍ଡୁଙ୍କ ପୁତ୍ର-ମାନଙ୍କୁ ପାଣ୍ଡବ କହନ୍ତି । କୌରବ ଶହେଭାଇ ପାଣ୍ଡବ ପାଞ୍ଚଭାଇଙ୍କୁ ଆଦୌ ଦେଖିପାରନ୍ତି ନାହିଁ । କୌରବ-ଜ୍ୟେଷ୍ଠ ଦୁର୍ଯ୍ୟୋଧନ ଭାରି ଅଭିମାନୀ, କୁଟିଳ, କୁଚକ୍ରୀ ଓ ହିଂସୁକ । ତାହାର ଭାଇମାନେ ମଧ୍ୟ ତାହାରି ପ୍ରକୃତିବିଶିଷ୍ଟ ; ମାତ୍ର ପାଣ୍ଡବଜ୍ୟେଷ୍ଠ ଯୁଧିଷ୍ଠିର ଜଣେ ଯୋଗଜନ୍ମା ଆଦର୍ଶ ପୁରୁଷ । ସେ କୁରୁବଂଶର ଜ୍ୟୋତିର୍ମୟ ମହାମଣି । ଭାଇମାନଙ୍କୁ ସେ ନିଜ ହସ୍ତରେ ନିଜ ଆଦର୍ଶରେ ଗଢିନେଇଥିଲେ । ଭାଇମାନେ ତାଙ୍କର ଏକାନ୍ତ ଅନୁଗତ ଏବଂ ଆଜ୍ଞାବହ ଥିଲେ । ଦ୍ୱିତୀୟ ପାଣ୍ଡବ ଭୀମ ଅସାଧାରଣ ବଳଶାଳୀ, ଦୃଢପ୍ରତିଜ୍ଞ ଓ ଅଦ୍ଭୁତକର୍ମା । ନାମ ସଙ୍ଗରେ ଆକୃତିର ମେଳ ପ୍ରାୟ ଦେଖାଯାଏ ନାହିଁ ; ମାତ୍ର ସାର୍ଥକନାମା ଭୀମଙ୍କର ନାମକରଣ ଆକୃତିର ଅନୁରୂପ ହୋଇଥିଲା । ତାଙ୍କୁ ଦେଖି ଲୋକେ କହୁଥିଲେ, ଉଗ୍ର ଯାନଶକ୍ତି ପୁରୁଷ ରୂପ ଧରି ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୋଇଅଛି । ବାସ୍ତବରେ ଭୀମଙ୍କ ହୃଦୟ ଭିତରେ ଗୋଟାଏ ପ୍ରକାଣ୍ଡ ପ୍ରଚଣ୍ଡ ବୈଦ୍ୟୁତିକ ଶକ୍ତି ସର୍ବଦା ତରି ବୁଲୁଥିଲା । ଏତେ ଶକ୍ତିମନ୍ତ ହୋଇ ସୁଦ୍ଧା ସେ ବଡ଼ଭାଇଙ୍କ ନିକଟରେ କିଣାକିଙ୍କର ପରି ହୋଇ ଥାଆନ୍ତି । ସର୍ପ ସର୍ବଦା ଉଗ୍ରସ୍ୱଭାବ ହେଲେ ସୁଦ୍ଧା ଶିବଙ୍କ ନିକଟରେ ନମ୍ର । ତୃତୀୟ ପାଣ୍ଡବ ଅର୍ଜ୍ଜୁନ ସକଳ ପ୍ରକାର ଶସ୍ତ୍ର-ଶାସ୍ତ୍ରରେ ପଣ୍ଡିତ, ଧର୍ମଯୋଗୀ ଏବଂ ଧନୁର୍ବେଦରେ ସ୍ୱୟଂ ଧନୁର୍ବେଦ ପରି ଜଗତରେ ଅଜେୟ । ନକୁଳ,ସହଦେବ ଦେବସେନାପତି କାର୍ତ୍ତିକେୟଙ୍କ ପରି ଶକ୍ତିଧର ଓ ଅଶେଷ ଗୁଣଶାଳୀ । ଯୁଧିଷ୍ଠିର ଭାଇମାନଙ୍କୁ ପ୍ରାଣଠାରୁ ବଳି ସ୍ନେହ କରୁଥିଲେ, ବିଶେଷତଃ ବୈମାତ୍ରିକ ଭାଇ ନକୁଳ, ସହଦେବଙ୍କୁ ସୋଦରାଧିକ ଭଲ ପାଉଥିଲେ । ଭ୍ରାତାମାନେ ମଧ୍ୟ ଦେବୋପମ ଅଗ୍ରଜଙ୍କର ସେହି ସ୍ନେହ-ଋଣ ଅଜସ୍ର ଶ୍ରଦ୍ଧାଭକ୍ତି ପ୍ରଦର୍ଶନଦ୍ୱାରା ପରିଶୋଧ କରିଦେଉଥିଲେ । କୌରବ ପାଣ୍ଡବ ପଞ୍ଚୋତ୍ତର ଶତଭ୍ରାତା ପ୍ରଥମେ କୃପାଚାର୍ଯ୍ୟଙ୍କଠାରୁ ଧନୁର୍ବେଦ ଶିକ୍ଷା କଲେ । ତହିଁପରେ ଭୀଷ୍ମ ଦ୍ରୋଣାଚାର୍ଯ୍ୟଙ୍କୁ ଆଣାଇ ତାଙ୍କୁ ରାଜକୁମାରମାନଙ୍କର ଧନୁର୍ବେଦ-ଶିକ୍ଷକ ନିଯୁକ୍ତ କଲେ । ଦ୍ରୋଣାଚାର୍ଯ୍ୟ ଜଣେ ଜଗଦ୍‌ବିଖ୍ୟାତ ଧନୁର୍ବେଦାଜ୍ଞ ଥିଲେ ।

ଯୁଧିଷ୍ଠିର ଦୁର୍ଯ୍ୟୋଧନକୁ ଆଦର, ସ୍ନେହ କରନ୍ତି; ମାତ୍ର ପ୍ରତିଦାନରେ ସେ ଯୁଧିଷ୍ଠିରଙ୍କୁ ହିଂସା ଓ ଘୃଣା କରେ । ସର୍ପକୁ ଦୁଗ୍ଧ ପାନ କରାଇଲେ ସେ ବିଷୋଦ୍‌ଗାର କରେ ସିନା ! ପାଣ୍ଡବମାନଙ୍କୁ ସମୂଳ ବିନାଶ କରିପାରିଲେ ସେ ନିଷ୍କଣ୍ଟକ ରାଜ୍ୟ ଭୋଗ କରିବ ଭାବି ପାଣ୍ଡବମାନଙ୍କ ବିରୁଦ୍ଧରେ ନାନା ଷଡ଼ଯନ୍ତ୍ର କରିବାକୁ ଲାଗିଲା । ପ୍ରକାଶ୍ୟ ରାଜସଭାରେ ସେମାନଙ୍କୁ

ଅନେକ ଥର ଲାଞ୍ଛିତ ଅପମାନିତ କଲା । ଥରେ ଭୀମଙ୍କୁ ବିଶ୍ୱାସରେ ବିଷଲଡ଼ୁ ଖୁଆଇ ତାହାର ପ୍ରାଣବିନାଶର ଚେଷ୍ଟା କରିଥିଲା । ପାଣ୍ଡବମାନେ ଧର୍ମବଳ, ଚରିତ୍ରବଳ, ବିଶ୍ୱାସବଳରେ ବଳୀ; ସୁତରାଂ ତାଙ୍କର ଧର୍ମ ତାଙ୍କୁ ସବୁ ଆପଦରୁ ରକ୍ଷା କରୁଥାଏ ।

ପ୍ରଜାମାନେ ଯୁଧିଷ୍ଠିରଙ୍କ ଗୁଣରେ ମୁଗ୍ଧ ହୋଇ ତାଙ୍କୁ ଯୌବରାଜ୍ୟରେ ଅଭିଷିକ୍ତ କରିବାକୁ ଇଚ୍ଛା ପ୍ରକାଶ କଲେ । ଏ ସମ୍ବାଦ ଶୁଣି ଦୁର୍ଯ୍ୟୋଧନ ଚିତ୍ତରେ ପାଣି ଗଲା ନାହିଁ; ସେ ଈର୍ଷାରେ ମୂର୍ଚ୍ଛିତ ହୋଇପଡ଼ିଲା । କି କୌଶଳରେ ପାଣ୍ଡବମାନଙ୍କୁ ସ୍ଥାନାନ୍ତରିତ କରିବ, ଏହି ଚେଷ୍ଟାରେ ଲାଗିଲା । ଦୁଷ୍ଟ ମନ୍ତ୍ରୀମାନଙ୍କ ମୁଖରେ ଯୁଧିଷ୍ଠିରଙ୍କୁ ବାରୁଣାବତ ନଗରର ପ୍ରଶଂସା ବାରମ୍ବାର ଶୁଣାଇବାକୁ ଲାଗିଲା । ପାଣ୍ଡବମାନେ ସ୍ଥାନାନ୍ତରରେ ରହିଲେ ହସ୍ତିନାର ପ୍ରଜାମାନଙ୍କୁ ସେ ନାନା କୌଶଳରେ ବଶ କରି ନିଜେ ରାଜା ହେବାର ସୁବିଧା କରିନେବ, ଦୁର୍ଯ୍ୟୋଧନର ଏହି ଦୁରଭିସନ୍ଧି ଥିଲା । ଯୁଧିଷ୍ଠିର ଦୁଷ୍ଟ ମନ୍ତ୍ରୀମାନଙ୍କଦ୍ୱାରା ପ୍ରଲୁବ୍ଧ ହୋଇ ବାରୁଣାବତ ଦେଖିବାକୁ ଇଚ୍ଛା ପ୍ରକାଶ କରିବାରୁ ଦୁର୍ଯ୍ୟୋଧନ ଆନନ୍ଦିତ ହୋଇ ସେମାନଙ୍କ ରହିବା ନିମନ୍ତେ ପ୍ରେମ୍ନସୀ ବା ମାୟାପୁରୀ ତୁଲ୍ୟ ସୁନ୍ଦର ଗୃହ ପ୍ରସ୍ତୁତ କରାଇଦେଲା । ସେହି ଗୃହ ଜତୁ, ଘୃତ ପ୍ରଭୃତି ଆଶୁ ଅଗ୍ନିଦାହ୍ୟ ପଦାର୍ଥରେ ବିଶେଷ କୌଶଳରେ ନିର୍ମିତ ହୋଇଥିଲା । ମହାଭାରତରେ ଉକ୍ତ ଗୃହ 'ଜତୁଗୃହ' ନାମରେ ଅଭିହିତ । ପାଣ୍ଡବମାନେ ମାତାଙ୍କ ସହିତ ସେହି ଘରେ ଯାଇ ରହିଲେ । ଯୁଧିଷ୍ଠିର ତ ସ୍ୱୟଂ ଧର୍ମର ଅବତାର, ସେ ଛଳ କପଟ ଭିତରକୁ ପଶିବେ କାହିଁକି ? ଦିନେ ନିଶୀଥ ସମୟରେ ଦୁର୍ଯ୍ୟୋଧନର ଗୁପ୍ତ ଆଦେଶରେ ସେ ଘର ପୋଡ଼ିଦିଆହେଲା । ପାଣ୍ଡବମାନେ ଆଗରୁ ଏ କଥା ବିଦୁରପ୍ରେରିତ ଗୁପ୍ତଚରଦ୍ୱାରା ଜାଣିପାରି ଘର ଭିତରେ ସୁଡ଼ଙ୍ଗ ଖୋଳାଇ ସେହି ବାଟେ ବାହାରିଯାଇଥିଲେ । ସେହି ଗୃହଦାହରେ ପାଣ୍ଡବମାନେ କୁନ୍ତୀ ସହିତ ପୋଡ଼ିହୋଇ ମଲେ ବୋଲି ରାଜ୍ୟସାରା ବ୍ୟସ୍ତ ହୋଇଗଲା । ଦୁର୍ଯ୍ୟୋଧନ ଏ ସମ୍ବାଦରେ ନିଜକୁ ନିଷ୍କଣ୍ଟକ ମଣି ପରମ ଆନନ୍ଦ ଲାଭ କଲା । ସେ ଅନେକ ବଡ଼ ବଡ଼ ରାଜା ଏବଂ ପ୍ରତାପୀ ବିଖ୍ୟାତ ବୀରଙ୍କୁ ଧନ, ମାନରେ ବଶୀଭୂତ କରି ରଖିବାକୁ ଲାଗିଲା । ଭୀଷ୍ମ, ଦ୍ରୋଣ, କର୍ଣ୍ଣ ପ୍ରଭୃତି ସ୍ୱନାମଧନ୍ୟ ମହା ମହା ରଥୀ ତାହାର ପୃଷ୍ଠପୋଷକ ହୋଇ ରହିଲେ । ଭୀଷ୍ମ କୌରବ ପାଣ୍ଡବଙ୍କର ପିତାମହ ଓ ଦ୍ରୋଣ ସେମାନଙ୍କର ଅସ୍ତ୍ରଗୁରୁ । କର୍ଣ୍ଣ ଦୁର୍ଯ୍ୟୋଧନର ସଖା । ଦୁର୍ଯ୍ୟୋଧନ ତାକୁ ଅଙ୍ଗ ଦେଶର ରାଜା କରାଇଥିଲା । ଏମାନେ ସମସ୍ତେ ଦୁର୍ଯ୍ୟୋଧନର ବୃତ୍ତିଭୋଗୀ ଥିଲେ ।

ଏଣେ ପାଣ୍ଡବମାନେ ତାଙ୍କ ସମ୍ପର୍କୀୟ ଖୁଡ଼ୁତା ବିଦୁରଙ୍କ ମନ୍ତ୍ରଣାରେ ଉପସ୍ଥିତ ଗୃହଦାହ ମୃତ୍ୟୁବିପଦରୁ ଉଦ୍ଧାର ପାଇ ମାତାଙ୍କୁ ଘେନି ଛଦ୍ମବେଶରେ ବନେ ବନେ ବୁଲିବାକୁ ଲାଗିଲେ । ଏହି ସମୟରେ ସେମାନେ ନାନା ତୀର୍ଥ ଭ୍ରମଣ କରି ପୁଣ୍ୟ ସଞ୍ଚୟ କରିବାକୁ ଲାଗିଲେ । ଅନନ୍ତର ସେମାନେ କିଛିଦିନ 'ଏକଚକ୍ରା' ନଗରୀରେ ଅବସ୍ଥାନ କଲେ । ଭୀମ ସେଠାରେ ମହାପ୍ରତାପୀ ବକ ରାକ୍ଷସକୁ ଗୋପନରେ ବଧ କରି ନଗରୀକୁ ରାକ୍ଷସର ଉପଦ୍ରବ, ଉତ୍ପୀଡ଼ନରୁ ରକ୍ଷା କଲେ । ପାଣ୍ଡବମାନେ ସେଠାରୁ ଯିବାବେଳେ ଅଙ୍ଗାରପର୍ଣ୍ଣ ନାମକ ଗନ୍ଧର୍ବରାଜ ପଥ ଅବରୋଧ କଲା । ଅର୍ଜୁନ ତାକୁ ଯୁଦ୍ଧରେ ପରାଜୟ କରି ତାହାର ଶିରଚ୍ଛେଦନ ପାଇଁ ଉଦ୍ୟତ ହେଲେ । ଏହି ସମୟରେ ଗନ୍ଧର୍ବର ସ୍ତ୍ରୀ ଯୁଧିଷ୍ଠିରଙ୍କ ଗୋଡ଼ ତଳେ ପଡ଼ି ପତିର ପ୍ରାଣଭିକ୍ଷା କଲା । ଧର୍ମରାଜ ତାହାପ୍ରତି ଦୟା କରି ଅଙ୍ଗାରପର୍ଣ୍ଣକୁ ଛାଡ଼ିଦେବା ନିମନ୍ତେ ଅର୍ଜୁନଙ୍କୁ ଆଦେଶ ଦେଲେ । ଅର୍ଜୁନ ଭ୍ରାତାଦେଶମତେ ଗନ୍ଧର୍ବକୁ ହତ୍ୟା ନ କରି ଛାଡ଼ିଦେଲେ । ଯୁଧିଷ୍ଠିରଙ୍କ ମହାନୁଭବତା ଓ ମହାପ୍ରାଣତାରେ ମୁଗ୍ଧ ହୋଇ ଗନ୍ଧର୍ବ ଓ ଗନ୍ଧର୍ବପତ୍ନୀ ଉଭୟେ ତାଙ୍କଠାରେ କୃତଜ୍ଞତା ପ୍ରକାଶ କରି ପ୍ରସ୍ଥାନ କଲେ । ଅବଳାର ଗୌରବ ରକ୍ଷା ଯୁଧିଷ୍ଠିରଙ୍କ ପକ୍ଷରେ ସାମାନ୍ୟ ମହତ୍ତ୍ୱର ପରିଚାୟକ ନୁହେ ।

ତଦନନ୍ତର ପାଣ୍ଡବମାନେ ବ୍ରାହ୍ମଣବେଶ ଧରି ପାଞ୍ଚାଳରାଜ୍ୟରେ ଜଣେ କୁମ୍ଭାର ଘରେ ବସା କରି ରହିଲେ ଏବଂ ଭିକ୍ଷାଦ୍ୱାରା ଜୀବନଯାତ୍ରା ନିର୍ବାହ

କରିବାକୁ ଲାଗିଲେ । ଏଣେ ଦ୍ରୁପଦ-ରାଜକନ୍ୟା ଦ୍ରୌପଦୀଙ୍କର ସ୍ୱୟମ୍ବର ଘୋଷଣା ଶୁଣି ପାଞ୍ଚ ଭାଇଯାକ ଯାଇ ଦ୍ରୁପଦ ରାଜଧାନୀରେ ଉପସ୍ଥିତ ହେଲେ । ସେ ସ୍ୱୟମ୍ବରରେ ଲକ୍ଷ୍ୟଭେଦ ପଣ ଥିଲା । କେତେ ଯୋଜନ ଉଚ୍ଚରେ ଶୂନ୍ୟରେ ଗୋଟାଏ ମତ୍ସ୍ୟ ରଖାହୋଇଥିଲା । ତାହା ତଳେ ଏକ ଛିଦ୍ରବିଶିଷ୍ଟ ଚକ୍ର ଘୂରୁଥିଲା । ଏକ ସ୍ଥାନରେ ଗୋଟାଏ ପାତ୍ରରେ ଜଳ ତଳେ ରଖାହୋଇ-ଥିଲା । ସେହି ଜଳରେ ଉପରିସ୍ଥ ମତ୍ସ୍ୟ ଓ ଚକ୍ରର ପ୍ରତିବିମ୍ବ ପଡ଼ୁଥିଲା । ଯେ ଅଧୋମୁଖରେ ସେହି ପ୍ରତିବିମ୍ବ ଦେଖି ଚକ୍ରଛିଦ୍ର ପଥରେ ବାଣ ବିନ୍ଧି ମତ୍ସ୍ୟର ବାମଚକ୍ଷୁ ଫୁଟାଇଦେବ, ରାଜକନ୍ୟା ତାହାରି କଣ୍ଠରେ ବରମାଲ୍ୟ ପ୍ରଦାନ କରିବେ । ସ୍ୱୟମ୍ବର ସଭାରେ ଅନେକ ରାଜା, ରାଜପୁତ୍ର, କ୍ଷତ୍ରିୟ ବ୍ରାହ୍ମଣ ଏବଂ ଅନ୍ୟାନ୍ୟ ଜାତିର ଦର୍ଶକ ଉପସ୍ଥିତ ଥିଲେ ; ମାତ୍ର କେହି ଲକ୍ଷ୍ୟଭେଦ କରିବାକୁ ସାହସୀ ହେଲେ ନାହିଁ । କେତେ ଜଣ ଅତି ସାହସୀ ଚେଷ୍ଟା କରି ମଧ୍ୟ ବିଫଳକାମ ହେଲେ । ଶେଷରେ ଯୁଧିଷ୍ଠିରଙ୍କ ଆଦେଶରେ ବ୍ରାହ୍ମଣସଭା ମଧ୍ୟରୁ ଅର୍ଜୁନ ଉଠିଯାଇ ଲକ୍ଷ୍ୟଭେଦ କରି ଦ୍ରୌପଦୀଙ୍କୁ ଲାଭ କଲେ । ତହୁଁ ପାଞ୍ଚଭାଇ ଦ୍ରୌପଦୀଙ୍କୁ ଘେନି ରାତିରେ ଆସି ବସାରେ ପହଞ୍ଚିଲେ । ଯୁଧିଷ୍ଠିର ଦ୍ୱାରମୁହଁରେ ଠିଆ-ହୋଇ କୁନ୍ତୀଙ୍କୁ ଡାକି କହିଲେ—"ମା, ଦିନସାରା ବୁଲି ବୁଲି ରାତିରେ ଗୋଟିଏ ଭିକ୍ଷା ମିଳିଲା—ଦେଖିବ ଆସ ।" କୁନ୍ତୀ ଘର ଭିତରୁ କହିଲେ—"ପାଞ୍ଚ ଭାଇଯାକ ବାଣ୍ଟି କରି ନିଅ ।" ଏ ଆଦେଶ ଅସଙ୍ଗତ ହେଲେ ସୁଦ୍ଧା ଯୁଧିଷ୍ଠିର ତାହା ଅକୁଣ୍ଠିତ ଭାବରେ ଶିରୋଧାର୍ଯ୍ୟ କରି ପାଳନ କରିଥିଲେ । ପାଞ୍ଚ ଭାଇଯାକ ଦ୍ରୌପଦୀଙ୍କୁ ଯଥାବିଧି ଧର୍ମପତ୍ନୀରୂପେ ଗ୍ରହଣ କରିଥିଲେ । ଏହାଠାରୁ ବଳି ଅଗାଧ ମାତୃଭକ୍ତିର ଚୂଡ଼ାନ୍ତ ଦୃଷ୍ଟାନ୍ତ ଆଉ କଅଣ ହୋଇପାରେ ? ଯେଉଁ ଦେଶରେ ମାତୃଭକ୍ତିର ଏଭଳି ଅମୂଲ୍ୟ ଉଦାହରଣ ବିଦ୍ୟମାନ, ସେ ଦେଶ ମର୍ତ୍ତ୍ୟ ନା ସ୍ୱର୍ଗ ? ଆଉ ସେହି ମାତୃଭକ୍ତ ନର ନା ଦେବତା ? ଅଥବା ତାହା ଉପରକୁ ଆଉ କିଛି ?

ଦ୍ରୁପଦରାଜ୍ୟରେ ପାଣ୍ଡବମାନଙ୍କର ବିବାହ ହୋଇଗଲା । ଏହି ଶୁଭ ସମ୍ବାଦ ଧୂପଗନ୍ଧ ପରି ମୁହୂର୍ତ୍ତକେ ସବୁଆଡ଼େ ବ୍ୟାପିଗଲା । ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ସେମାନଙ୍କୁ ଦେଖିବାକୁ ଆସିଲେ । ଦ୍ୱାରକାରୁ ସ୍ୱୟଂ ବୃଷ୍ଣି କୁଳଚନ୍ଦ୍ର ଶ୍ରୀକୃଷ୍ଣ ସେମାନଙ୍କୁ ସମ୍ଭାଷିବାକୁ ଆସିଲେ । ପାଣ୍ଡବମାନେ କୃଷ୍ଣଭକ୍ତ ; କୃଷ୍ଣଙ୍କ ସଙ୍ଗରେ ତାଙ୍କର ସମ୍ପର୍କ ମଧ୍ୟ ଅଛି । ପାଣ୍ଡବଜନନୀ କୁନ୍ତୀ ଦେବୀ ଶ୍ରୀକୃଷ୍ଣଙ୍କର ପିଉସୀ ଅଟନ୍ତି । ସେହି ଲେଖାରେ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କର ମଉଳାପୁଅ ଭାଇ । ଯୁଧିଷ୍ଠିର ଏକାନ୍ତ କୃଷ୍ଣପରାୟଣ । କୃଷ୍ଣଙ୍କ ମନ୍ତ୍ରଣା ବା ଉପଦେଶକୁ ସେ ଦେବତା-ପ୍ରସାଦୀ ଫୁଲ ପରି ଶିରୋଧାର୍ଯ୍ୟ କରୁଥିଲେ । ଶ୍ରୀକୃଷ୍ଣ ସୁଦ୍ଧା ଯୁଧିଷ୍ଠିରଙ୍କୁ ଅନ୍ତର ସହିତ ଶ୍ରଦ୍ଧା କରୁ-ଥିଲେ । ମଧ୍ୟମ ପାଣ୍ଡବ ଅର୍ଜୁନ ଶ୍ରୀକୃଷ୍ଣଙ୍କର ପ୍ରାଣପ୍ରିୟ ସଖା ଥିଲେ । ପାଣ୍ଡବମାନେ ଜୀବିତ ଥିବା ଶୁଣି ଧୃତରାଷ୍ଟ୍ର ବିଦୁରଙ୍କୁ ପଠାଇ ସେମାନଙ୍କୁ କୁନ୍ତୀ ଦ୍ରୌପଦୀ ସହିତ ହସ୍ତିନାକୁ ନେଇଗଲେ । ବହୁଦିନ ପରେ ପାଣ୍ଡବମାନଙ୍କୁ ଦେଖି ସେମାନଙ୍କ ଅନୁରକ୍ତ ଭକ୍ତମାନେ ଆନନ୍ଦରେ ବିହ୍ୱଳ ହୋଇଗଲେ । ସମସ୍ତେ କୁହାକୁହି ହେଲେ—"ଯେ ଧର୍ମ ରକ୍ଷା କରେ, ଧର୍ମ ତାକୁ ରକ୍ଷା କରେ । ଯୁଧିଷ୍ଠିର ମହା ଧାର୍ମିକ, ଧର୍ମ ତାଙ୍କୁ ରକ୍ଷା ନ କରିବ କାହିଁକି ? ପାଷଣ୍ଡ ଦୁର୍ଯ୍ୟୋଧନର ଷଡ଼ଯନ୍ତ୍ର ବ୍ୟର୍ଥ ହୋଇଗଲା । ଆଉ ପାପୀ ପୁରୋଚନ ଧାର୍ମିକର ଅମଙ୍ଗଳ ପାଇଁ ନିଜେ ପ୍ରଜ୍ୱଳିତ ଅଗ୍ନିରେ ପଡ଼ି ଭସ୍ମ ହୋଇଗଲା—ନରାଧମ ପାପର ଶାସ୍ତି ହାତେ ହାତେ ପାଇଲା ।" ଦୁର୍ଯ୍ୟୋଧନର ଆଜ୍ଞାରେ ଜତୁଗୃହରେ ଯେ ଅଗ୍ନି ସଂଯୋଗ କରିଥିଲା, ତାହାର ନାମ ପୁରୋଚନ । ସେ ଦୁର୍ଯ୍ୟୋଧନର ଜଣେ ଦୁଷ୍ଟ ମନ୍ତ୍ରୀ ଥିଲା । ଜତୁଗୃହରେ ଅଗ୍ନି ଲଗାଇ ନିଜେ ବାହାରିବାକୁ ବାଟ ନ ପାଇ ସେ ପୋଡ଼ିହୋଇ ମରିଥିଲା । ପାଣ୍ଡବମାନଙ୍କ ପ୍ରତି ଦୁର୍ଯ୍ୟୋଧନର ଏହି ଗୁପ୍ତ ଚକ୍ରାନ୍ତ ପ୍ରକାଶ ପାଇବାରୁ ସମସ୍ତେ ତାକୁ ନିନ୍ଦା କରିବାକୁ ଲାଗିଲେ ।

ଅନନ୍ତର ଯୁଧିଷ୍ଠିର ଯୌବରାଜ୍ୟରେ ଅଭିଷିକ୍ତ ହେଲେ । ତାଙ୍କର ସାଧୁ, ସରଳ, ଉଦାର, ନମ୍ର ବ୍ୟବହାରରେ କି ଆତ୍ମୀୟ ବନ୍ଧୁ, କି ପ୍ରଜା ପରିବାର ସମସ୍ତେ ତାଙ୍କପ୍ରତି କ୍ରମେ କ୍ରମେ ଅନୁରକ୍ତ ହୋଇ-ଉଠିଲେ । ପ୍ରଜାମାନେ ତାଙ୍କୁ ଦେବତା ପରି, କେହି

ପିତା ପରି ଭକ୍ତି କରିବାକୁ ଲାଗିଲେ । ସେ ସୁଦ୍ଧା ଦୟା-ଦାକ୍ଷିଣ୍ୟ ଓ ସ୍ନେହ ସହାନୁଭୂତିରେ ପ୍ରଜା ଓ ଆଶ୍ରିତମାନଙ୍କୁ ମୁଗ୍ଧ ଚକିତ କରିଦେଲେ । ସତ୍ୟ, ନ୍ୟାୟ, କ୍ଷମା ତାଙ୍କ ସ୍ୱଭାବର ମହାର୍ଘ୍ୟ ଅଳଙ୍କାର । ଏହି ହେତୁରୁ ସେ ସମସ୍ତଙ୍କର ବହୁଗୁଣ ଶ୍ରଦ୍ଧାଭାଜନ ହୋଇ-ଉଠିଲେ। ଗେଲ୍ହା ବା ଥଟ୍ଟାରେ ସୁଦ୍ଧା ସେ କେବେ ମିଥ୍ୟା କହନ୍ତି ନାହିଁ । ତାଙ୍କ ପ୍ରାଣ, ମନ, ଦେହ, ଆତ୍ମା ସବୁ ଧର୍ମ-ଉପାଦାନରେ ଗଠିତ ବୋଲି ସେ ସାଧାରଣରେ ଧର୍ମରାଜ ଉପାଧିରେ ଉପାଧିତ ହୁଅନ୍ତି । ଅପରନ୍ତୁ ଏଷ ଉନ୍ନତିକୁ ବଢାଇଲା ପରି ତାଙ୍କର ପବିତ୍ର ନିର୍ମଳ ଆଦର୍ଶ ଚରିତ୍ର ତାଙ୍କ ବ୍ୟକ୍ତିତ୍ୱ ବା ବିଶେଷତ୍ୱକୁ ଅସୀମ ଆଡ଼କୁ ଘେନିଯାଉଥିଲା । ତାଙ୍କ ସୁଖ୍ୟାତିର ମୋହନ ବଂଶୀଧ୍ୱନିରେ ଚତୁର୍ଦ୍ଦିଗ ମଧୁର ମୁଖରିତ ହେବାକୁ ଲାଗିଲା । ତାଙ୍କର ପ୍ରତିଷ୍ଠା ଯେତିକି ବଢୁଥିଲା, ତାଙ୍କ ପ୍ରତି ଦୁର୍ଯ୍ୟୋଧନର ଦୁର୍ବାର ଈର୍ଷାନଳ ସେତିକି ପ୍ରଖର ହୋଇ ଜଳିଉଠୁଥିଲା । ତାଙ୍କର ସତ୍ୟନିଷ୍ଠା ତାଙ୍କ ଶତ୍ରୁ-ମୁଖରେ ସୁଦ୍ଧା ପ୍ରଶଂସିତ ହେବାର ଯୋଗ୍ୟ । ଗୋଟାଏ ସାମାନ୍ୟ ଘଟଣା ଉପଲକ୍ଷରେ ସେ ପ୍ରାଣାଧିକ-ପ୍ରିୟ ସର୍ବଗୁଣଧର ସହୋଦର ଭାଇ ଅର୍ଜ୍ଜୁନଙ୍କୁ ସୁଦ୍ଧା ଦ୍ୱାଦଶବର୍ଷ ବନବାସ ପଠାଇଥିଲେ । ସେ କେବଳ ପ୍ରଜାର ଶାସକ ନୁହନ୍ତି, ନିଜର ଶାସନ-ନୀତିରେ ନିଜେ ମଧ୍ୟ ଶାସିତ ହେଉଥିଲେ । ମୁଖଲଜ୍ଜା ବା ଚକ୍ଷୁଲଜ୍ଜା ତାଙ୍କୁ ସ୍ପର୍ଶ କରି ନ ଥିଲା । ତାଙ୍କର ଦୂରଦୃଷ୍ଟି ଯେଉଁପରି ପ୍ରବଳ, ଅନ୍ତର୍ଦ୍ଦୃଷ୍ଟି ମଧ୍ୟ ତହୁଁ ବଳି ପ୍ରଖର । ତାଙ୍କ ଶାସନରେ ଦୁର୍ଭିକ୍ଷ, ମଡ଼କ, ଅଶାନ୍ତି, ଉପଦ୍ରବ, ଅତ୍ୟାଚାର, ମିଥ୍ୟା, ହତ୍ୟା, ବ୍ୟଭିଚାର ପ୍ରଭୃତି ଶବ୍ଦ ଅଭିଧାନରୁ ବହିଷ୍କୃତ ହୋଇଥିଲା । ସେ ଦେବତା, ବ୍ରାହ୍ମଣ, ଅତିଥି ଓ ଗୁରୁଜନମାନଙ୍କୁ ଯଥାବିହିତ ଭକ୍ତିସମ୍ମାନ କରି ସେମାନଙ୍କ ଆଶୀର୍ବାଦଭାଜନ ହେବାକୁ ଜୀବନର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ବୋଲି ମଣୁଥିଲେ । ତାଙ୍କର ଏହି ସଦ୍‌ଗୁଣାବଳୀର ପ୍ରଶଂସା ଲୋକମୁଖରେ ଖେଳି ବୁଲିଲା । ଦୁର୍ଯ୍ୟୋଧନ ତାହା ଶୁଣି ପ୍ରାଣରେ ଶକ୍ତିଶେଳବିଦ୍ଧ ହେଲା ପରି ଯନ୍ତ୍ରଣା ଅନୁଭବ କରୁଥାଏ । ଯୁଧିଷ୍ଠିରଙ୍କ ସ୍ୱଭାବ ଯେଉଁ ପରି ଜ୍ୟୋତିର୍ମୟ, ଦୁର୍ଯ୍ୟୋଧନର ସ୍ୱଭାବ ସେହିପରି ଜ୍ୱାଳାମୟ ।

# ଦ୍ୱିତୀୟ ପରିଚ୍ଛେଦ

ଚତୁର୍ଦ୍ଦଶ ବର୍ଷ ବନବାସ ପରେ ଅର୍ଜ୍ଜୁନ କୃଷ୍ଣଙ୍କ ଭଗିନୀ ସୁଭଦ୍ରାଙ୍କୁ ବିବାହ କରି ଫେରି ଆସିଲେ । ଏହି ଦୀର୍ଘକାଳ ମଧ୍ୟରେ ସେ ନାନା ତୀର୍ଥ ଦର୍ଶନ କରି ଓ ବହୁ ଦେବଦେବୀ ଓ ସିଦ୍ଧପୁରୁଷଙ୍କୁ ଭକ୍ତି-ସେବାରେ ସନ୍ତୁଷ୍ଟ କରି ଅନେକ ଇଷ୍ଟବର ଓ ଅଜେୟ ଅସ୍ତ୍ରଶସ୍ତ୍ର ଲାଭ କରି ବହୁତ ଶକ୍ତି ସଞ୍ଚୟ କରିଥିଲେ । ସ୍ୱୟଂ ଦେବାଧିଦେବ ମହାଦେବଙ୍କୁ ବାହୁ-ଯୁଦ୍ଧରେ ପରାସ୍ତ କରି ଜଗଜ୍ଜୟୀ ପାଶୁପତ ଅସ୍ତ୍ର ଓ ଅକ୍ଷୟ ତୂଣୀର ଲାଭ କରିବାକୁ ସମର୍ଥ ହୋଇଥିଲେ । ଏଥିଉତ୍ତାରୁ ପାଣ୍ଡବପ୍ରାଣ ଶ୍ରୀକୃଷ୍ଣଙ୍କ ଉପଦେଶରେ ଯୁଧିଷ୍ଠିର ରାଜସୂୟ ଯଜ୍ଞ ଅନୁଷ୍ଠାନ କଲେ । ଏହି ମହାଯଜ୍ଞ ବହୁ ବ୍ୟୟ, ବହୁ ଆୟାସସାପେକ୍ଷ ହେଲେହେଁ ସ୍ୱୟଂ ଯଜ୍ଞେଶ୍ୱର ଶ୍ରୀକୃଷ୍ଣ ଯାହାଙ୍କର ସଦା ସହାୟ, ତାଙ୍କର ଅସାଧ୍ୟ କଅଣ ? ଯୁଧିଷ୍ଠିରଙ୍କ ଆଜ୍ଞାରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ସମକକ୍ଷ ମହାସ୍ଥପତି 'ମୟ' ଦାନବ ଅଦ୍ଭୁତ ଅପୂର୍ବ ସୁନ୍ଦରରେ ଯାଗସଭା ନିର୍ମାଣ କଲା । ସେ ସଭା ସୌନ୍ଦର୍ଯ୍ୟ ଗର୍ବରେ ଇନ୍ଦ୍ରସଭାକୁ ପରିହାସ କଲା । ସତେ ଯେପରି ମହାଶିଳ୍ପୀର ଅମୂଲ୍ୟ ମହାକଳ୍ପନା ମୂର୍ତ୍ତି ଧରି ଆସି ଠିଆହୋଇଅଛି । ସେ ସଭା ସ୍ୱପ୍ନରେ ତିଆରି, କି ଜ୍ୟୋତ୍ସ୍ନାରେ ତିଆରି ଅଥବା କେଉଁ ଅଜ୍ଞାତ ଶୋଭା-ରାଜ୍ୟରୁ ସାର ଉପାଦାନ ସଂଗ୍ରହ କରି ଶିଳ୍ପୀ ନିଜ ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିଅଛି, ତାହା ସ୍ଥିର କରି ନ ପାରି ଦର୍ଶକର ମନ ସନ୍ଦେହ-ଦୋଳାରେ ଆନ୍ଦୋଳିତ ହୁଏ । ଅନେକ ପ୍ରତିଜ୍ଞା ପରି ତାହାର କୌଣସି ସିଦ୍ଧାନ୍ତ ସ୍ଥାୟୀ ହୁଏ ନାହିଁ । ସେ ସଭାକୁ ଶୋଭା-ସ୍ୱର୍ଗର ସୁନ୍ଦରୀ ଅପ୍ସରା-ରଙ୍ଗମଞ୍ଚର ଜ୍ୟୋତି ବୋଲି ଯାଇପାରନ୍ତା; ମାତ୍ର ତାହା କାଳ୍ପନିକ । ଯହିଁରେ ମୌଳିକତା ନାହିଁ, ତାହା ତୁଳନାର ଯୋଗ୍ୟ ହୋଇପାରେ ନାହିଁ ।

ଶ୍ରୀକୃଷ୍ଣଙ୍କର ମନ୍ତ୍ରଣାନୁସାରେ ଯୁଧିଷ୍ଠିରଙ୍କ ଚାରି ଭାଇ ଦିଗ୍‌ବିଜୟ କରିବାକୁ ଯାତ୍ରା କଲେ । ସେମାନେ ପ୍ରତ୍ୟେକେ ଗୋଟିଏ ଗୋଟିଏ ଦିଗକୁ ଯାଇ ସେହି ସେହି ଦିଗର ରାଜାମାନଙ୍କୁ ଯୁଦ୍ଧରେ ଜୟ କରି ବଶୀଭୂତ କଲେ । ବିଜିତମାନେ ଉପଯୁକ୍ତ ରାଜକର ଓ ବହୁମୂଲ୍ୟ ଉପଢୌକନ ଘେନି ଯଜ୍ଞରେ ଆସି ଉପସ୍ଥିତ ହେଲେ । ଏହିପରି ଲକ୍ଷେ ରାଜା ଆସି ଯୁଧିଷ୍ଠିରଙ୍କୁ ରାଜଚକ୍ରବର୍ତ୍ତୀ ବୋଲି ସମ୍ବର୍ଦ୍ଧନା କରିବାକୁ ଲାଗିଲେ । ଲକ୍ଷେ ରାଜା ମୁଣ୍ଡ ନୁଆଇଁ ଦଣ୍ଡବତ ହେଲାବେଳେ ସେମାନଙ୍କ ରାଜମୁକୁଟ ଲାଗି ଯୁଧିଷ୍ଠିରଙ୍କ ଚରଣରେ ବହୁ ରାଜମୁକୁଟର ଚିହ୍ନ ଅଙ୍କିତ ହୋଇଗଲା । ଶ୍ରୀକୃଷ୍ଣଙ୍କ ସହାୟତାରେ ଯଜ୍ଞ ଶେଷ ହେଲା । ରାଜାମାନେ ଉଚିତ ଆଦର ପାଇ ନିଜ ନିଜ ରାଜ୍ୟକୁ ଫେରିଗଲେ । ରାଜାମାନେ ଯେଉଁ ଧନରତ୍ନ, ଦ୍ରବ୍ୟସାମଗ୍ରୀ ଭେଟି ଦେଇଥିଲେ, ସେଥିରୁ ଯଥେଚ୍ଛା ଦାନ କରି ସୁଦ୍ଧା ଯାହା ଯାହା ବଳିଲା, ତାହା ରଖିବାକୁ ସ୍ଥାନ ଅଣ୍ଟିଲା ନାହିଁ । ଦୁନିଆକୁ ତ ଲୋକେ ପରଧନ ଓ ନିଜର ପରମାୟୁକୁ ଅଧିକ ବୋଲି ବିଶ୍ୱାସ କରନ୍ତି, ଆଉ ପ୍ରତ୍ୟକ୍ଷରେ ଯଦି ଶତ୍ରୁର ଅତୁଳ ସମ୍ପତ୍ତି ଦେଖାଯାଏ, ତେବେ ଈର୍ଷାର ଅଗ୍ନି ବିରୂପ କଳେବର ହୁଏ, ତାହା ଅନ୍ୟମାନର ଅସାଧ । ଦୁର୍ଯ୍ୟୋଧନ ଯୁଧିଷ୍ଠିରଙ୍କର ଅପ୍ରତିହତ ପ୍ରଭାବ ଓ ଅକଳନ ସମ୍ପଦ ଦେଖି ଆଉ ସହିପାରିଲା ନାହିଁ—ବାଣବିଦ୍ଧ ପଶୁ ପରି ଛଟପଟ ହେବାକୁ ଲାଗିଲା । ତାହା କଲିଜାରେ କିଏ ଚେଙ୍କା ବସାଇଦେଲା ପରି ଲାଗିଲା । ଚିନ୍ତାରେ ତାକୁ ଅରୁଚି ଧରିଗଲା । ସେ ଆହାର ନିଦ୍ରା ଛାଡି କଣ୍ଠା ପରି ଝଡ଼ିଗଲା । ଶତ୍ରୁର ସମ୍ପଦ ସ୍ୱଚକ୍ଷୁରେ ଦେଖିବା ଅପେକ୍ଷା ମୃତ୍ୟୁ ବରଂ ଶ୍ରେୟ, ଏହା ଭାବି ସେ ଜୀବନକୁ ଅସାର ମଣିଲା । ଯେଉଁ ପ୍ରାଣରେ ଈର୍ଷା-ଅସୂୟା ଜାଗା ମାଡି ବସି ପ୍ରଭାବ ବିସ୍ତାର କରିଥାଏ, କୌଣସି ସଦ୍‌ଭାବ ବା ସଚ୍ଚିନ୍ତା ସେ ପ୍ରାଣର ସୀମା ମାଡିବାକୁ ସାହସୀ ହୁଏ ନାହିଁ ।

ପାଣ୍ଡବମାନଙ୍କୁ ନିପାତ କରିବାକୁ ଦୁର୍ଯ୍ୟୋଧନ ମନେ ମନେ କୃତସଙ୍କଳ୍ପ ହେଲା । ସେ ଦୁଷ୍ଟ ମନ୍ତ୍ରୀମାନଙ୍କୁ ଘେନି ସବୁବେଳେ ପାଣ୍ଡବମାନଙ୍କ ଛିଦ୍ରାନ୍ୱେଷଣ ଓ ଷଡ଼୍‌ଯନ୍ତ୍ରରେ ଲିପ୍ତ ରହିଲା । ଶକୁନି ନାମରେ ତାହାର ଗୋଟିଏ ମାମୁ ଥିଲା । ତାହାର ନାମ ଯେପରି ଅମଙ୍ଗଳ, କାର୍ଯ୍ୟ ସେହିପରି ପାପମୟ । ଦୁଷ୍ଟ ଓ କ୍ରୂର ବୁଦ୍ଧିରେ ସେ ମହାନାରକୀଙ୍କର ଗୁରୁସ୍ଥାନୀୟ । ସେହି ଶକୁନି ଦୁର୍ଯ୍ୟୋଧନର ପାପ ମନ୍ତ୍ରଣାଦାନର ପୃଷ୍ଠପୋଷକ ଥିଲା । ସେ ଦୁହିଙ୍କର ମିଳନ ନଷ୍ଟ ସଙ୍ଗରେ ଅଭିଶପ୍ତର ମିଳନ ପରି ବଡ଼ ଅମଙ୍ଗଳପ୍ରଦ ହୋଇଥିଲା । ଦୁର୍ଯ୍ୟୋଧନର ଅବସ୍ଥା ଦେଖି କୁଟିଳୀ ମାମୁ ଶକୁନିର ହୃଦୟ ଦୁଃଖରେ ବାମ୍ଫ ହୋଇ ଉଠିଗଲା । ସେ କହିଲା, "ଛାର ପାଣ୍ଡବଙ୍କ ପାଇଁ ଏତେ ଚିନ୍ତା କାହିଁକି ? ମୁଁ ପ୍ରତିଜ୍ଞା କରି କହୁଛି—ପୃଥିବୀକୁ ଅପାଣ୍ଡବା କରି ତୁମ୍ଭ ହାତରେ ରାଜଲକ୍ଷ୍ମୀଙ୍କୁ ଆଣି ବସାଇବି, ଆଉ ତୁମ୍ଭ ମସ୍ତକରେ ଚକ୍ରବର୍ତ୍ତୀ ଛାତି ବାନ୍ଧିବି—ଏହା ସତ୍ୟ, ସତ୍ୟ, ତିନିବାର ସତ୍ୟ । ତୁମ୍ଭେ ଜାଣ, ମୁଁ ପଶା ଖେଳରେ ଜଗତରେ ଅଦ୍ୱିତୀୟ । ସେ ବିଦ୍ୟାରେ ମୋର ସମକକ୍ଷ ତ୍ରିଭୁବନରେ କେହି ନାହିଁ । ତୁମ୍ଭେ ଯୁଧିଷ୍ଠିରକୁ ନିମନ୍ତ୍ରଣ କର, ରାଜ୍ୟସମ୍ପଦ ବାଜି ରଖି ତାହା ସଙ୍ଗରେ ପଶାଖେଳ ଆରମ୍ଭ କର । ମୁଁ ତୁମ୍ଭ ପକ୍ଷରେ ରହି ସବୁ ଜୟ କରାଇଦେବି । ରାଜ୍ୟହାରି ଗଲେ ପାଣ୍ଡବମାନେ ନିରୁପାୟ ହୋଇ ବଳେ ବଳେ ବଣକୁ ପଳାଇବେ, ତୁମ୍ଭେ ନିଷ୍କଣ୍ଟକ ହୋଇ ରାଜ୍ୟ ଭୋଗ କରିବ ।" ଏ ପ୍ରସ୍ତାବ ଦୁର୍ଯ୍ୟୋଧନର ମନୋମତ ହେଲା; ଅନ୍ୟ ଦୁଷ୍ଟ ମନ୍ତ୍ରୀମାନେ ସୁଦ୍ଧା ଅନୁମୋଦନ କଲେ; ସୁତରାଂ ପ୍ରସ୍ତାବକୁ ସ୍ୱରୂପ ଦାନ କରିବା ସ୍ଥିର ହେଲା ।

ଯଥାସମୟରେ ପଶାଖେଳ ଆରମ୍ଭ ହେଲା । ଶକୁନି ଦୁର୍ଯ୍ୟୋଧନ ଆଡକୁ ହୋଇ ଖେଳିଲା । ପ୍ରତିଥର ଯୁଧିଷ୍ଠିର ହାରିବାକୁ ଲାଗିଲେ । ଶେଷରେ ସେ ପଣ ଅନୁସାରେ ସର୍ବସ୍ୱ ହରାଇ ବସିଲେ । ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ସଭାତଳରେ ବସାଇ ଅପମାନିତ କଲା ଏବଂ ପାଣ୍ଡବ-ମହିଷୀ ଦ୍ରୌପଦୀଙ୍କୁ ସଭାସ୍ଥଳକୁ ଆଣି ଉଲଗ୍ନ କରିବାକୁ ଚେଷ୍ଟା କଲା; ମାତ୍ର କୃତକାର୍ଯ୍ୟ ହୋଇପାରିଲା ନାହିଁ । ସତୀଙ୍କର

ଧର୍ମବଳ ଓ ସତ୍ୟାଚାର ତେଜସ୍ୱିନୀ ଶକ୍ତି ତାଙ୍କୁ ସେ ଦୁର୍ଦ୍ଦିନର ସଙ୍କଟରୁ ଉଦ୍ଧାର କଲା । ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ନାନା ପ୍ରକାର ଅପମାନ ଦେଲା; ମାତ୍ର ଯୁଧିଷ୍ଠିର ସେହି ଅନ୍ୟାୟର ପ୍ରତିବାଦ ସୁଦ୍ଧା ନ କରି ନୀରବଭାବରେ ସବୁ ସହ୍ୟ କଲେ । ସେ ଯଦି ଟିକିଏ ଆଖି ଠାରିଦେଇଥାନ୍ତେ, ତେବେ ଭୀମ ଅର୍ଜ୍ଜୁନ ଦୁହେଁ ସେହି ମୁହୂର୍ତ୍ତରେ କୌରବକୁଳ ନିପାତ କରି ପୃଥିବୀକୁ ଅକୌରବା କରିଦେଇଥାନ୍ତେ; ମାତ୍ର ସେ ତାହା କଲେ ନାହିଁ । ସେ ଧାର୍ମିକ, ଶାନ୍ତିମାନ୍—ନିଜର କୁଳକ୍ଷୟ କରିବାକୁ ତାଙ୍କର ପ୍ରବୃତ୍ତି ବଳିଲା ନାହିଁ । ଦୁର୍ଯ୍ୟୋଧନ ଶତ୍ରୁ ହେଲେ ସୁଦ୍ଧା ତାଙ୍କରି ଭାଇ—ଏହି ଭାବି ଧରି ତାକୁ କ୍ଷମା କଲେ । ତାଙ୍କର ଏହି କ୍ଷମାଗୁଣ ତାଙ୍କୁ ସବୁଠାରୁ ବଡ଼ କରିଥିଲା । ଶେଷ ଥର ପଶାଖେଳରେ ଯେ ହାରିବ, ସେ ବାରବର୍ଷ ବନବାସ ଓ ବର୍ଷେ ଅଜ୍ଞାତବାସ କରିବ, ଏହି ପଣ ଥିଲା । ଦୁର୍ଦ୍ଦୈବବଶରୁ ସେଥର ସୁଦ୍ଧା ଯୁଧିଷ୍ଠିର ହାରିଗଲେ । ତହୁଁ ସ୍ତ୍ରୀ ଓ ଭ୍ରାତାମାନଙ୍କୁ ଘେନି ସେ ବନଗମନ କଲେ । କୁନ୍ତୀ ଓ ସୁଭଦ୍ରା ବିଦୁରଙ୍କ ଗୃହରେ ରହିଲେ । ଶ୍ରୀକୃଷ୍ଣ ଆସି ସୁଭଦ୍ରାଙ୍କୁ ଦ୍ୱାରକାକୁ ନେଇଗଲେ ।

ଯୁଧିଷ୍ଠିର ଦ୍ରୌପଦୀ ଓ ଭାଇମାନଙ୍କ ସଙ୍ଗରେ ବନେ ବନେ ବୁଲିବାକୁ ଲାଗିଲେ । ବନଗମନ ସମୟରେ ଅନେକ ବ୍ରାହ୍ମଣ, ମୁନି, ଋଷି ଧର୍ମରାଜଙ୍କର ପୁଣ୍ୟ ସାହଚର୍ଯ୍ୟ ଛାଡ଼ି ନ ପାରି ତାଙ୍କର ସହଗାମୀ ହୋଇଥିଲେ । ଅଧିକନ୍ତୁ ଅନେକେ ଘୃଣା, ଦୁଃଖ ଓ କ୍ରୋଧରେ ଦୁର୍ଯ୍ୟୋଧନର ପାପସଂସର୍ଗ ତ୍ୟାଗ କରି ତାଙ୍କର ଅନୁଗାମୀ ହୋଇଥିଲେ । ଯୁଧିଷ୍ଠିର ସେମାନଙ୍କୁ ନାନା ଉପଦେଶ ଦେଇ, ଅନେକଙ୍କୁ ବାଟରୁ ଫେରାଇଦେଇଥିଲେ । ବିଦାୟ ସମୟରେ ସେ ସମସ୍ତଙ୍କୁ ସମ୍ବୋଧନ କରି କହିଲେ— "ହେ ପ୍ରଜାବର୍ଗ, ହେ ଆତ୍ମୀୟବନ୍ଧୁବର୍ଗ, ହେ ପୂଜ୍ୟ ଗୁରୁଜନବର୍ଗ, ତୁମ୍ଭେମାନେ ଆମ୍ଭମାନଙ୍କ ପାଇଁ ଦୁଃଖିତ ହୋଇ କ୍ରନ୍ଦନ କର ନାହିଁ । ଯେଉଁ ନିୟତି ତୁମ୍ଭ ନେତ୍ରରେ ଦୁଃଖାଶ୍ରୁ ଆଣି ଦେଇଛି, ସେହି ନିୟତି ନିଶ୍ଚୟ ଦିନେ ତୁମ୍ଭ ଅଧରରେ ସୁଖହାସ୍ୟ ଫୁଟାଇବ, ଏହି ବିଶ୍ୱାସ ଧରି ସମସ୍ତେ ହସ୍ତିନାକୁ ଫେରିଯାଅ ।" ଏହିପରି ଆଶ୍ୱାସନାବାଣୀରେ ସମସ୍ତେ ଫେରିଗଲେ, କେବଳ ଧୌମ୍ୟ ପୁରୋହିତଙ୍କୁ ସେ ସଙ୍ଗରେ ନେଇଥିଲେ । ସସ୍ତ୍ରୀକ ପାଣ୍ଡବ ଆଜି ଏ ବନ, କାଲି ସେ ବନ, ଏହିପରି ନାନା ସ୍ଥାନ ବୁଲି ବୁଲି ଦେଖିବାକୁ ଲାଗିଲେ । ବନବାସ ସମୟରେ ସୁଦ୍ଧା ଯୁଧିଷ୍ଠିର ପ୍ରତ୍ୟହ ଦଶସହସ୍ର ବ୍ରାହ୍ମଣଙ୍କୁ ତୃପ୍ତିପୂର୍ବକ ଭୋଜନ କରାଉଥିଲେ ଏବଂ ସେମାନଙ୍କ ସହିତ ଓ ଅରଣ୍ୟବାସୀ ମୁନିଋଷି ସିଦ୍ଧପୁରୁଷଙ୍କ ସହିତ ସଦାଲାପ କରି ଆନନ୍ଦରେ ଦିନ କାଟୁଥିଲେ । ନାନା ତୀର୍ଥରେ ବୁଲି ଦେବତା ଓ ପିତୃଗଣଙ୍କୁ ପିଣ୍ଡତର୍ପଣରେ ସନ୍ତୋଷ କରି ନିଜେ ମଧ୍ୟ ସନ୍ତୋଷ ଲାଭ କରୁଥିଲେ । ତାଙ୍କର ଭାଇମାନେ ବନେ ବନେ ବୁଲି ଶାର୍ଦ୍ଦୂଳ, ଶୂକର ପ୍ରଭୃତି ହିଂସ୍ରଜନ୍ତୁ ବଧ କରି ଋଷିମାନଙ୍କ ତପୋବନକୁ ନିରାପଦ କରିଦେଉଥିଲେ । ଏହି ସମୟରେ ସେମାନେ ଅନେକ ବଡ଼ ବଡ଼ ଦୁଷ୍ଟ, ଦୁର୍ଦ୍ଦମ୍ୟ ରାକ୍ଷସଙ୍କୁ ସଂହାର କରି ଧରଣୀର ଉଶ୍ୱାସ କରି ଦେଉଥିଲେ ।

ପାଣ୍ଡବଙ୍କୁ ବନକୁ ପଠାଇ ସୁଦ୍ଧା ଦୁର୍ଯ୍ୟୋଧନ ଶାନ୍ତି ଲାଭ କରିଲା ନାହିଁ । ସେ ଏବେ ଅତୁଳ ସୌଭାଗ୍ୟର ଅଧିକାରୀ । ଯୁଧିଷ୍ଠିର ରାଜ୍ୟସମ୍ପଦରେ ସେ ଐଶ୍ୱର୍ଯ୍ୟବାନ୍ । ଯାହାଙ୍କ ଧନରେ ସେ ଧନୀ, ବନକୁ ଯାଇ ତାଙ୍କୁ ନିଜର ବୈଭବ ଦେଖାଇବା ସକାଶେ ସେ ଅଧୈର୍ଯ୍ୟ ହୋଇଉଠିଲା । ଦିନେ ତୀର୍ଥଯାତ୍ରା ଛଳରେ ଅଗଣିତ ସୈନ୍ୟସାମନ୍ତ, ଅଶ୍ୱ, ହସ୍ତୀ, ରଥ, ଛତ୍ର, ଚାମର, ଆଡ଼ାଣି, ଆଲଟ, ଚଉର ପ୍ରଭୃତି ଘେନି ଯୁଧିଷ୍ଠିରଙ୍କ ନିକଟସ୍ଥ ବନ ଅଭିମୁଖେ ବିପୁଳ ଆଡ଼ମ୍ବରରେ ଯାତ୍ରା କଲା । ସେଠି ବିରାଟ ବାହିନୀଦ୍ୱାରା ଚିତ୍ରସେନ ନାମକ ଗନ୍ଧର୍ବର ପ୍ରମୋଦ ଉଦ୍ୟାନ ଧ୍ୱଂସପ୍ରାପ୍ତ ହେବାରୁ ଦୁର୍ଯ୍ୟୋଧନ ସହିତ ଗନ୍ଧର୍ବର ତୁମୁଳ ସମର ଲାଗିଲା । ଶେଷରେ ଗନ୍ଧର୍ବ ଦୁର୍ଯ୍ୟୋଧନକୁ ବାନ୍ଧି ରଥରେ ପକାଇ ଘେନିଗଲା । ନିଜ ବଂଶର ଅପମାନ ଦେଖି ଯୁଧିଷ୍ଠିର ଭୀମ ଓ ଅର୍ଜ୍ଜୁନଙ୍କୁ ଡାକି ଦୁର୍ଯ୍ୟୋଧନର ଉଦ୍ଧାର ପାଇଁ ପଠାଇଲେ । ସେ ଦୁହେଁ ଗନ୍ଧର୍ବକୁ ଯୁଦ୍ଧରେ ପରାସ୍ତ କରି

ଦୁର୍ଯ୍ୟୋଧନର ବନ୍ଧନ ଫିଟାଇ ତାକୁ ଉଦ୍ଧାର କରି ଆଣିଲେ । ପରମ ଶତ୍ରୁ ପ୍ରତି, ପ୍ରଧାନ ଅତତାୟୀ ପ୍ରତି ଏଭଳି ଅନୁଗ୍ରହ ପ୍ରକାଶର ଦୃଷ୍ଟାନ୍ତ ପୃଥିବୀର କୌଣସି କାଳର ବା ଦେଶର ଇତିହାସରେ ଦେଖାଯାଏ ନାହିଁ । ଏତେ ହଟହଟାରେ ସୁଦ୍ଧା ଦୁର୍ଯ୍ୟୋଧନକୁ ଲଜ୍ଜା ମାଡିଲା ନାହିଁ, ସାମର ପୁନଶ୍ଚ ଦ୍ରୌପଦୀଙ୍କୁ ହରଣ କରିବା ପାଇଁ ଅତି ସଂଗୋପନରେ ନିଜର ଭଗିନୀ-ପତି ଜୟଦ୍ରଥଙ୍କୁ ବନକୁ ପଠାଇଲା । ପାଣ୍ଡବ ପାଞ୍ଚଭାଇ ନ ଥିବା ସମୟରେ ଦୁଷ୍ଟ ପିଶାଚପ୍ରକୃତି ଜୟଦ୍ରଥ ଦ୍ରୌପଦୀଙ୍କୁ ଜୋର୍ କରି ରଥରେ ବସାଇ ନେଇଗଲା; ମାତ୍ର ଦେବୀଙ୍କ କ୍ରନ୍ଦନ ସ୍ୱର ଶୁଣି ଭୀମ ବନ ମଧ୍ୟରୁ ବାହାରି ଆସି ପାପୀର ପାପହସ୍ତରୁ ତାଙ୍କୁ ଉଦ୍ଧାର କଲେ । ମହାକୋପୀ ବୃକୋଦର ଜୟଦ୍ରଥର ଚୁଟି ଧରି ବଧ କରିବା ସମୟରେ ଧର୍ମରାଜ ଯୁଧିଷ୍ଠିର ଧାଇଁ ଆସି ଭୀମଙ୍କ ହାତ ଧରିପକାଇ ବର୍ବର ସିନ୍ଧୁପତିର ପ୍ରାଣ ରକ୍ଷା କଲେ । ମହାପ୍ରାଣ ଧର୍ମରାଜ ଅନୁଜ ଭୀମଙ୍କୁ ଅନେକ ବୁଝାଇ ଶୁଝାଇ ଶାନ୍ତ କଲେ । ସେ କହିଲେ, "ଭୀମ, ଜୟଦ୍ରଥକୁ ମାରିଲେ ଆମ୍ଭର କିଛି ଲାଭ ନାହିଁ, ବରଂ ହାନି ବହୁତ ଘଟିବ । ଆମ୍ଭର ପ୍ରିୟ ଭଗିନୀ ଦୁଃଶୀଳାକୁ ଅସହ୍ୟ ବୈଧବ୍ୟ ଯନ୍ତ୍ରଣା ଭୋଗ କରିବ । ତାହା ଆଖିରେ ଲୁହ ଦେଖିଲେ ମୋ ହୃଦୟ ଶତଧା ବିଦୀର୍ଣ୍ଣ ହୋଇଯିବ । ସେହି ତପ୍ତ ଲୋତକଧାରା ଅହରହ ଝରିଲା ପରି ମୋ ପ୍ରାଣର ପ୍ରାଣ ଭିତରେ ଚେଙ୍କା ଲଗାଇଦେବ । ତୁମ୍ଭେ ଜୟଦ୍ରଥକୁ କ୍ଷମା କର । କ୍ଷମା ବୀରର ଗୌରବ ଏବଂ ବୀରତ୍ୱର ଅଳଙ୍କାର । ଆଉ ତୁମ୍ଭେ ମାରିବ ବା କାହାକୁ ? ତୁମ୍ଭେ ମାରିବା ଆଗରୁ ସେ ମରିସାରିଅଛି । କ୍ଷତ୍ରିୟ ପକ୍ଷରେ ଚୂଡାନ୍ତ ମୃତ୍ୟୁ ଅପମାନ ସିନା ! ଅତଏବ ତାକୁ ଛାଡିଦିଅ, ସେ ନିର୍ଲଜ୍ଜ ପ୍ରାଣ ଧରି ବଞ୍ଚିଥାଉ ।" ଦାଗି-ଶତ୍ରୁକୁ କ୍ଷମା କରିବା ସାଧାରଣ ଲୋକର ତ କାର୍ଯ୍ୟ ନୁହେଁ, ଅଧିକନ୍ତୁ ଏଭଳି କ୍ଷମା ଦେବା ତାଙ୍କ ହୃଦୟରେ ସୁଦ୍ଧା ଦୁର୍ମିଳ ।

ପାଣ୍ଡବ ଅତ୍ୟନ୍ତ କୃଷ୍ଣପରାୟଣ, କୃଷ୍ଣ ମଧ୍ୟ ସେହିପରି ପାଣ୍ଡବ-ବତ୍ସଳ । ବନବାସ କାଳରେ କୃଷ୍ଣ ଏକାଧିକ ଥର ପାଣ୍ଡବଙ୍କ ନିକଟକୁ ଯାଇ ସେମାନଙ୍କ ସୁଖଦୁଃଖର ଅଂଶ ଗ୍ରହଣ କରିଛନ୍ତି । ମହାଜ୍ଞାନୀ ଯୁଧିଷ୍ଠିରଙ୍କର ମହାମହିମା ଅରଣ୍ୟବାସ କାଳରେ ପ୍ରଚ୍ଛନ୍ନ ରହିଲା ନାହିଁ । ଅନେକ ମୁନିଋଷି ଖୋଜି ଖୋଜି ଆସି ବନରେ ତାଙ୍କ ସହ ଶାସ୍ତ୍ରାଳାପ କରି ଆପଣାକୁ କୃତାର୍ଥ ମଣୁଥିଲେ । ଦିନେ ସ୍ୱୟଂ ଧର୍ମଦେବ ଛଦ୍ମରୂପ ଧରି ତାଙ୍କର ଜ୍ଞାନ ପରୀକ୍ଷା କରିଥିଲେ । ସେ ବନ ମଧ୍ୟରେ ଗୋଟିଏ ମାୟାସରୋବରର ସୃଷ୍ଟି କରି ସେହି ସରୋବରକୂଳସ୍ଥ ଗୋଟାଏ ଗଛ ଉପରେ ବକରୂପ ଧରି ବସିଥିଲେ । ଯୁଧିଷ୍ଠିରଙ୍କର ଚାରି ଭାଇ ଏବଂ ଦ୍ରୌପଦୀ ଗୋଟିକ ପଛରେ ଜଣେ ଜଳ ପିଇବାକୁ ଯାଇ ମାୟାଜଳ ପାନ କରି ସମସ୍ତେ ମରିଗଲେ । ଶେଷରେ ଯୁଧିଷ୍ଠିର ସେମାନଙ୍କୁ ଖୋଜିବାକୁ ଯାଇ ସେଠାରେ ପହଞ୍ଚିଲେ । ଧର୍ମବକ ତାହାଙ୍କର ପରିଚୟ ନେଇସାରି କହିଲା, "ମୋର କେତୋଟି ପ୍ରଶ୍ନର ଉତ୍ତର ଦେଇ ତୁମ୍ଭର ସ୍ତ୍ରୀ ଓ ଭାଇମାନଙ୍କୁ ବଞ୍ଚାଇନିଅ ।" ଯୁଧିଷ୍ଠିର ସମ୍ମତ ହେବାରୁ ବକ ଏହି ପ୍ରଶ୍ନମାନ ପଚାରିଲା—

ପ୍ରଥମ ପ୍ରଶ୍ନ—ବାର୍ତ୍ତା କଅଣ ?

ଉତ୍ତର—କାଳରୂପୀ କଡ଼ାଇ ମାସରୂପକୁ ଚଟୁ କରି, ଦିବାରାତ୍ରକୁ କାଷ୍ଠ କରି, ସୂର୍ଯ୍ୟଙ୍କୁ ଅଗ୍ନି କରି ମୋହମାୟା ରୂପ କଟାହରେ ଭୂତଗଣଙ୍କୁ ପାକ କରୁଅଛି ।

ଦ୍ୱିତୀୟ ପ୍ରଶ୍ନ—ଆଶ୍ଚର୍ଯ୍ୟ କଅଣ ?

ଉତ୍ତର—ପ୍ରତିଦିନ ଜୀବମାନଙ୍କୁ ମରିବାର ଦେଖି ସୁଦ୍ଧା ଲୋକ ମୃତ୍ୟୁକୁ ପାଶୋରିଯାଇ ନିଜକୁ ଚିରଜୀବୀ ମଣନ୍ତି—ଏହାହିଁ ଆଶ୍ଚର୍ଯ୍ୟ ।

ତୃତୀୟ ପ୍ରଶ୍ନ—ପଥ କାହାକୁ କହନ୍ତି ?

ଉତ୍ତର—ବେଦ ଆଉ ସ୍ମୃତିଶାସ୍ତ୍ରର ମତ ଏକ ନୁହେଁ, ଇଚ୍ଛାନୁସାରେ ନାନା ମୁନି ନାନା କଥା କହନ୍ତି । ତେବେ ନିଗୂଢ ଧର୍ମତତ୍ତ୍ୱ ନିରୂପଣ କରି-ପାରିବ କିଏ ? ଅତଏବ ମହାଜନମାନେ ଯେଉଁ ପଥରେ ଯାଇଛନ୍ତି, ସେହି ପଥ ଗ୍ରାହ୍ୟ, ଅର୍ଥାତ୍ ସେହି ପଥରେ ଯିବା ଶ୍ରେୟଃ ।

ଚତୁର୍ଥ ପ୍ରଶ୍ନ—ସଂସାରରେ ସୁଖୀ କିଏ ?

ଉତ୍ତର—ଯେଉଁ ଲୋକ ଅପ୍ରବାସୀ, ପୁଣି ଅଋଣୀ, ସେ ଯଦି ଅପରାହ୍ଣରେ ଶାଗଭାତ ଖାଏ, ତଥାପି ସେ ସଂସାରରେ ସୁଖୀ ।

ଧର୍ମଦେବ ଯୁଧିଷ୍ଠିରଙ୍କର ଏ ଉତ୍ତରରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ମାୟାରୂପ ପରିତ୍ୟାଗପୂର୍ବକ ନିଜ ରୂପ ଧରି ଯୁଧିଷ୍ଠିରଙ୍କୁ ଆତ୍ମପରିଚୟ ପ୍ରଦାନ କଲେ । ତହୁଁ ଉତ୍ତାରୁ ଯୁଧିଷ୍ଠିରଙ୍କ ମୃତ ସ୍ତ୍ରୀ ଓ ଭ୍ରାତାମାନଙ୍କୁ ବଞ୍ଚାଇଦେଇ ଏବଂ ତାଙ୍କୁ ବହୁ ଇଷ୍ଟବର ପ୍ରଦାନ କରି ପ୍ରସ୍ଥାନ କଲେ । ଯୁଧିଷ୍ଠିରଙ୍କ ଜ୍ଞାନ କିପରି ଅଗାଧ ଗଭୀର ଥିଲା, କିପରି ପରିପକ୍ୱ ହୋଇ ପୂର୍ଣ୍ଣତା ଲାଭ କରିଥିଲା, ତାଙ୍କ ଉତ୍ତରଗୁଡ଼ିକରୁ ତାହା ସ୍ପଷ୍ଟରୂପେ ଉପଲବ୍ଧ ହେବ । ଏଭଳି ଚମତ୍କାର ଜ୍ଞାନ, ପ୍ରତ୍ୟୁତ୍ପନ୍ନମତି ଓ ଆଶୁ ପ୍ରତିଭା ଅତିମାନବ ବ୍ୟତୀତ ସାଧାରଣ ମନୁଷ୍ୟ ପକ୍ଷରେ ଏକାନ୍ତ ଅସମ୍ଭବ ।

ବନବାସ କାଳରେ ପାଣ୍ଡବଙ୍କ ପ୍ରତିଷ୍ଠା ଦୂରଅଞ୍ଚଳେ ବିକ୍ଷିପ୍ତ ହୋଇ ପଡ଼ିଲା । ଯେଉଁମାନେ ଜଗତର ମହତ୍ କାର୍ଯ୍ୟ ସାଧନ କରନ୍ତି, ସେମାନେ ଆତ୍ମ-ଗୋପନର ଚେଷ୍ଟା କଲେ ସୁଦ୍ଧା ଗୁଣଗ୍ରାହିଣୀ ପ୍ରକୃତି ସେମାନଙ୍କୁ ପ୍ରକାଶ କରିଦିଏ । ପାଣ୍ଡବ ନିଜ ଗୁଣରେ ମୁନି, ଋଷି, ଦେବ, ଯକ୍ଷ, ଗନ୍ଧର୍ବଙ୍କଠାରୁ ଅନେକ ଉତ୍କୃଷ୍ଟ ଅସ୍ତ୍ର ଓ ବର ଲାଭ କରିଥିଲେ । ସେମାନେ ବନରେ ଅନେକ ଦୁଃଖ ଭୋଗ କରିଥିଲେ; ମାତ୍ର ଅସୀମ ଶକ୍ତି ସଞ୍ଚୟ କରିବାକୁ କ୍ଷମ ହୋଇଥିଲେ । ଏତକ ତାଙ୍କର ସାମାନ୍ୟ ସୁଖ ନୁହେଁ । ସେମାନେ ଯେଉଁସବୁ ଦିବ୍ୟାସ୍ତ୍ର ଲାଭ କରିଥିଲେ, ତଦ୍ଦ୍ୱାରା ବିଶ୍ୱଜୟ ସେମାନଙ୍କର ଅନାୟାସସାଧ୍ୟ । ପାଣ୍ଡବ ସ୍ୱଭାବତଃ ବିବିଧଗୁଣବିଚକ୍ଷଣ; ନାନା ବିଦ୍ୟାର ପ୍ରଭାବରେ ସେହି ଗୁଣମାନ ଆହୁରି ଚହଟିଉଠିଲା । ମଲ୍ଲୀଫୁଲ ସ୍ୱଭାବରେ ସୁଗନ୍ଧର ଆଧାର; ମାତ୍ର ମଳୟସ୍ପର୍ଶରେ ସେ ସୁଗନ୍ଧ ଅଧିକତର ମହକିଉଠେ । ରଥ-ଚାଳନାରେ ଯୁଧିଷ୍ଠିରଙ୍କ ତୁଲ୍ୟ ଧୁରନ୍ଧର କେହି ନ ଥିଲେ । ସେ ଯୁଦ୍ଧରେ ଅସ୍ଥିର ହୁଅନ୍ତି ନାହିଁ ବୋଲି ତାଙ୍କ ନାମ ଯୁଧିଷ୍ଠିର ହୋଇଥିଲା । ଧନୁର୍ବେଦ ଅର୍ଜ୍ଜୁନ ମହାରଥ ଏବଂ ଅତିରଥମାନଙ୍କ ଗୁରୁର ପରମ ଗୁରୁସ୍ଥାନୀୟ । ଭୀମ ତ ସ୍ୱୟଂ ଯମର ଯମ ତୁଲ୍ୟ—ଗଦା ଯୁଦ୍ଧରେ ତାଙ୍କର ସମକକ୍ଷ ତ୍ରିଭୁବନରେ କେହି ନାହାନ୍ତି । ନକୁଳ କୁନ୍ତଘାତରେ ପୃଥିବୀକୁ ଚୂର୍ଣ୍ଣ କରି ଉଡ଼ାଇଦେବାକୁ ସମର୍ଥ । ସହଦେବ ଭୂତଭବିଷ୍ୟତ୍ଜ୍ଞାତା ମହାମନ୍ତ୍ରୀ । ସେ ନିଜର କରକୋଷ୍ଠୀକୁ ଗୁହାଁଲେ ସବୁ ଜାଣିପାରୁଥିଲେ । ବିଶେଷତଃ ସେ ଜଣେ ପ୍ରସିଦ୍ଧ ବୀର ମଧ୍ୟ ଥିଲେ । ଏହିପରି ପାଣ୍ଡବଙ୍କ ମଧ୍ୟରେ କେହି କାହାରିକୁ ଊଣା ନୁହନ୍ତି । ଏହା ଉପରେ ଦୈବୀଶକ୍ତିରେ ସମସ୍ତେ ଆଚ୍ଛନ୍ନ ହୋଇଥିଲେ । ଏବେ ତ ଇସ୍ପାତନିର୍ମିତ ଅସ୍ତ୍ର ଦୁର୍ବାର, ତହିଁରେ ପୁଣି ଶାଣ ଦେଲେ କି ଆଉ ରକ୍ଷା ଅଛି ?

# ତୃତୀୟ ପରିଚ୍ଛେଦ

କାଳସ୍ରୋତର ବିଶ୍ରାମ ନାହିଁ; ସେ ସମାନ ଭାବରେ ଚାଲିଅଛି । ସେ ସ୍ରୋତର ଶେଷ ନାହିଁ, କି ସେ ଶୁଖେ ନାହିଁ ବା ମରେ ନାହିଁ; ତାହାର ଆଳସ୍ୟ ନାହିଁ, ନିଦ୍ରା ମଧ୍ୟ ନାହିଁ । ଆଳସ୍ୟ ଓ ନିଦ୍ରା ଅନ୍ୟାନ୍ୟ ଜୀବ ଅପେକ୍ଷା ମନୁଷ୍ୟର ଅଧିକ ପ୍ରିୟ । ନିଦ୍ରା ଓ ଆଳସ୍ୟରେ ତା ଜୀବନର ଅଧିକାଂଶ ସମୟ ବ୍ୟୟିତ ହୁଏ । ସୁତରାଂ ଖୁବ୍ ଅଳ୍ପ ସମୟ ସେ କାମରେ ଲଗାଏ । କାଳ ତାହାର କାମ କରି ଚାଲିଯାଏ, ମନୁଷ୍ୟ ବସି ଦେଖୁଥାଏ—କାଳର କାମ ଦେଖି ସେଥିରୁ କିଛି ଶିଖେ ନାହିଁ । କାରଣ ସେଥିପ୍ରତି ତାହାର ଲକ୍ଷ୍ୟ ନ ଥାଏ । ଦେଖୁଁ ଦେଖୁଁ ବାରବର୍ଷ ଅତୀତ ହୋଇଗଲା । ପାଣ୍ଡବଙ୍କ ବନବାସ ଆଉ ବର୍ଷେମାତ୍ର ଅବଶିଷ୍ଟ ଅଛି । ଏ ବର୍ଷଟି ସେମାନଙ୍କ ଜୀବନର କଠୋର ଅଗ୍ନିପରୀକ୍ଷାର ସମୟ—ଏହି ବର୍ଷଟି ତାଙ୍କୁ ଅତି ସାବଧାନ ହୋଇ ଅଜ୍ଞାତବାସ କରିବାକୁ ହେବ । ଯଦି ଏହି ବର୍ଷକ ମଧ୍ୟରେ ସେମାନେ ଆତ୍ମପ୍ରକାଶ କରନ୍ତି କିମ୍ବା ଦୁର୍ଯ୍ୟୋଧନ ପକ୍ଷୀୟ କେହି ତାଙ୍କୁ ଦେଖେ, ତେବେ ସେ ପୁଣି ତେର ବର୍ଷ ବନବାସ କରିବେ—ଏହିପରି କଠୋର ପଣ ଥିଲା । କେଉଁଠାରେ ଓ କି ଉପାୟରେ ଅଜ୍ଞାତବର୍ଷ କଟାଇବାକୁ ହେବ, ପାଣ୍ଡବ ପାଞ୍ଚ ଭାଇ ବସି ତାହା ପରାମର୍ଶ କରିବାକୁ ଲାଗିଲେ । ଅର୍ଜ୍ଜୁନ କହିଲେ—

"ମତ୍ସ୍ୟଦେଶର ରାଜା ବିରାଟ ଜଣେ ଧାର୍ମିକ, ନୀତିଜ୍ଞ, ପଣ୍ଡିତ, ଦୟାଳୁ ଓ ପ୍ରବୀଣ ନରପତି । ଛଦ୍ମବେଶରେ ତାଙ୍କର ଆଶ୍ରୟରେ ରହିବା ନିରାପଦ । ସେ ମଧ୍ୟ ଆମ୍ଭର ପ୍ରକୃଷ୍ଟ ବନ୍ଧୁ ଓ ଆମ୍ଭମାନଙ୍କ ପ୍ରତି ସର୍ବଦା ସ୍ନେହଶୀଳ, ବିଶେଷତଃ ସେ ସମଦର୍ଶୀ ଓ ଆଶ୍ରିତବତ୍ସଳ । ତାଙ୍କ ନିକଟରେ ଆତ୍ମପ୍ରକାଶ ହେବାର ଆଶଙ୍କା ନାହିଁ । ସେଠାରେ ରହିଲେ ଦୁର୍ମତିଙ୍କ ନଜରରେ ଅମ୍ଭଙ୍କୁ କେହି ଚିହ୍ନିପାରିବେ ନାହିଁ ।" ଏ ପ୍ରସ୍ତାବ ଯୁଧିଷ୍ଠିର ଓ ଅନ୍ୟାନ୍ୟ ଭାଇଙ୍କର ମନୋମତ ହେଲା । ତହୁଁ ଅରଣ୍ୟସ୍ଥ ଗୋଟାଏ ଶମୀବୃକ୍ଷର କୋଟରରେ ସମସ୍ତେ ନିଜ ନିଜର ଅସ୍ତ୍ରଶସ୍ତ୍ର ଲୁଚାଇ ରଖି ଛଦ୍ମବେଶରେ ବିରାଟ ରାଜସଭାରେ ଯାଇ ଉପସ୍ଥିତ ହେଲେ । ରୂପର ପ୍ରଭାରେ ସଭା ଆଲୋକିତ ହୋଇଉଠିଲା । ନୃପତି ଓ ସଭାସଦ୍ ସେମାନଙ୍କ ଅଙ୍ଗକୁ ବିସ୍ମୟବିମୁଗ୍ଧ ନେତ୍ରରେ ଚାହିଁରହି ମନେ ମନେ ଭାବିଲେ କୌଣସି ଛଦ୍ମବେଶୀ ଦେବତା ହେବେ ।

ଅନନ୍ତର ଯୁଧିଷ୍ଠିର ବିରାଟରାଜାଙ୍କୁ ସମ୍ବୋଧନ କରି କହିଲେ—"ମହାରାଜ, ମୋର ନାମ କଙ୍କପଣ୍ଡା । ଯୁଧିଷ୍ଠିର ମହାରାଜାଙ୍କର ମୁଁ ଜଣେ ସଭାସଦ୍ ଏବଂ ପ୍ରିୟସଖା ଥିଲି । ମୁଁ ଅକ୍ଷତନ୍ତ୍ରରେ ବିଶାରଦ ଓ ଦ୍ୟୂତପ୍ରିୟ । ଧର୍ମରାଜ ଭାଇ ଓ ଭାର୍ଯ୍ୟାଙ୍କ ସହିତ ଅଜ୍ଞାତବାସ କରିବାକୁ ଯିବାରୁ ମୁଁ ନିରାଶ୍ରୟ ହୋଇ ଆପଣଙ୍କ ପାଖକୁ ଆସିଅଛି ।" ଗୁଣଗ୍ରାହୀ ବିରାଟରାଜା ଏହା ଶୁଣି ଅତି ଆଦରରେ ଯୁଧିଷ୍ଠିରଙ୍କୁ ଗ୍ରହଣ କରି ତାଙ୍କୁ ପ୍ରଧାନ ସଦସ୍ୟ ପଦରେ ନିଯୁକ୍ତ କଲେ । ତହୁଁପରେ ଭୀମ ରାଜାଙ୍କ ସମ୍ମୁଖୀନ ହୋଇ ସଙ୍କୋଚିତ ସମ୍ମାନ ପ୍ରଦର୍ଶନପୂର୍ବକ କହିଲେ, "ମୋର ନାମ ବଲ୍ଲଭ, ମୁଁ ଯୁଧିଷ୍ଠିରଙ୍କ ପାକଶାଳାର ଅଧ୍ୟକ୍ଷ ଥିଲି । ସଢ଼ରୀ, ଗଉରୀ, ନଳ—ଏହି ତିନି ପ୍ରକାର ରନ୍ଧଣାରେ ମୁଁ ପ୍ରବୀଣ । ମୋ ରନ୍ଧଣା ଛଡ଼ା ଯୁଧିଷ୍ଠିରଙ୍କର ଯୋଗଣ ହୁଏ ନାହିଁ । ମୋତେ ଆଶ୍ରୟ ଦେଲେ ମୁଁ ଦେବଦୁର୍ଲ୍ଲଭ ଖାଦ୍ୟ ପ୍ରସ୍ତୁତ କରି ଆପଣଙ୍କୁ ଖୁଆଇବି । ଖାଲି ଏତିକି ନୁହେଁ—ମୋତେ ପ୍ରମତ୍ତ କରି କେଶରୀ ସଙ୍ଗରେ ଯୁଦ୍ଧ କରିବାକୁ କହିଲେ କରିବି, ମଲ୍ଲମାନଙ୍କ ସଙ୍ଗରେ ବନ୍ଧାଣ ଲଢ଼ିବାକୁ କହିଲେ ମଧ୍ୟ କରିବି ।" ମତ୍ସ୍ୟାଧୀଶ ଭୀମ କଥାରେ ପରମ ସନ୍ତୁଷ୍ଟ ହୋଇ ତାଙ୍କୁ ପାକଶାଳାର ଅଧିକାର ଦେଲେ । ତୃତୀୟତଃ ଅର୍ଜ୍ଜୁନ ଅଗ୍ରସର ହୋଇ ମସ୍ତକରେ ହସ୍ତ ଲଗାଇ ରାଜାଙ୍କୁ ଦଣ୍ଡବତ ହେଲେ । ହସ୍ତ ଓ ବକ୍ଷର ଜ୍ୟାଘର୍ଷଣ ଚିହ୍ନ ଢାଙ୍କିବା ପାଇଁ ସେ ସ୍ତ୍ରୀବେଶ ଧରି ନାନା ଅଳଙ୍କାରରେ ମଣ୍ଡିତ ହୋଇଥିଲେ । ସେ କହିଲେ—"ପାଣ୍ଡବ ରାଜା ଯୁଧିଷ୍ଠିରଙ୍କ ଅନ୍ତଃପୁରରେ ମୁଁ ନୃତ୍ୟଗୀତ ଶିକ୍ଷା ଦେଉଥିଲି, ମୋର ନାମ ବୃହନ୍ନଳା । ଗନ୍ଧର୍ବବିଦ୍ୟାରେ ମୋର ଅସାଧାରଣ ଦକ୍ଷତା ଅଛି । ଯୁଧିଷ୍ଠିର ଅଜ୍ଞାତବାସରୁ ଫେରିବା ପର୍ଯ୍ୟନ୍ତ ମୋତେ ଟିକିଏ ଆଶ୍ରୟ ଦେଲେ ମୁଁ ଆଜୀବନ ଶ୍ରୀଚରଣରେ କୃତଜ୍ଞ ହୋଇ ରହିବି ।" ଉଦାରହୃଦୟ ବିରାଟରାଜା ଅର୍ଜ୍ଜୁନଙ୍କ ପ୍ରାର୍ଥନା ଶୁଣି ତାଙ୍କୁ ସ୍ୱୀୟ କନ୍ୟା ଉତ୍ତରାର ଗୀତବାଦ୍ୟ ଶିକ୍ଷୟିତ୍ରୀପଦରେ ନିଯୁକ୍ତ କରି ଜେମା-ଅନ୍ତଃପୁରକୁ ପଠାଇଦେଲେ । ଚତୁର୍ଥତଃ ନକୁଳ ଆସି କହିଲେ—"ମୋର ନାମ ଗ୍ରନ୍ଥିକ, ମୁଁ ଧର୍ମରାଜଙ୍କ ଅଶ୍ୱଶାଳାର ଅଧିକାରୀ ଥିଲି । ମୋର କାର୍ଯ୍ୟକୁଶଳତାରେ ଯୁଧିଷ୍ଠିର ସନ୍ତୁଷ୍ଟ ହୋଇ ମୋତେ ଖୁବ୍ ସ୍ନେହଚକ୍ଷୁରେ ଦେଖୁଥିଲେ । ସେ ଅଜ୍ଞାତବାସ କରିବାକୁ ଯିବାରୁ ମୁଁ ଶ୍ରୀଚରଣରେ ଆଶ୍ରୟପ୍ରାର୍ଥୀ ହୋଇଅଛି ।" ବିରାଟରାଜା ନକୁଳଙ୍କ ପରିଚୟ ପାଇ ତାଙ୍କୁ ଅଶ୍ୱଶାଳାର ଅଧ୍ୟକ୍ଷ ପଦରେ ନିଯୁକ୍ତ କରି ଆଶ୍ରୟ ଦେଇ ରଖିଲେ । ତହୁଁ ଉତ୍ତାରୁ ସହଦେବ ଆସି ଜଣାଇଲେ—"ନରପତେ, ମୁଁ ପାଣ୍ଡବସମ୍ରାଟ୍ ଧର୍ମରାଜାଙ୍କର ଗୋ-ପରୀକ୍ଷକ ଥିଲି । ମୋର ନାମ ତନ୍ତିପାଳ । ସେ ଆତ୍ମଗୋପନ ପାଇଁ ଅଗମ୍ୟ ଅରଣ୍ୟକୁ ଯିବାରୁ ମୁଁ ଏବେ ଅନାଥ ହୋଇ ବୁଲୁଅଛି । ଆପଣଙ୍କ ଦୟାଦାକ୍ଷିଣ୍ୟ ଲୋକମୁଖରୁ ଶୁଣି ଆଶ୍ରୟ ନେବାକୁ ଆସିଅଛି ।" ବିରାଟ ନୃପତି ଏହା ଶୁଣି ସହଦେବଙ୍କୁ ସ୍ୱୀୟ ଗୋଶାଳାର ଅଧିକାରୀ କରି ପଠାଇଲେ । କଥିତ ଅଛି—ବିରାଟରାଜାଙ୍କର ସଂଖ୍ୟାତୀତ ଦୁଗ୍ଧବତୀ ଗାଈ ଥିଲେ । ସେମାନଙ୍କୁ ଦୁହିଁବାବେଳେ ପ୍ରଥମେ ଗୋଟାଏ ଗାଈର ଦୁଗ୍ଧଧାର

ଭୂମିରେ ପକାଇଦେବାର କଥା ଅଛି । ଏହିପରି ଭାବରେ ଦୁଗ୍ଧଧାରା ପଡି ଗୋଟାଏ ନଦୀ ବହିଯାଏ, ପ୍ରଜାମାନେ ସେହି ନଦୀର ଦୁଧ ବ୍ୟବହାର କରନ୍ତି । ବିରାଟରାଜାଙ୍କ ଗୋଶାଳାରେ ଯେ କେତେ ଦୁହାଁଳ ଗାଈ ଥିଲେ, ତାହା ଏହିଥିରୁ ଅନୁମେୟ । ଶେଷରେ ଦ୍ରୌପଦୀ ଅନ୍ତଃପୁରରେ ପ୍ରବିଷ୍ଟ ହୋଇ ବିରାଟ ରାଜାଙ୍କ ପଟ୍ଟମହିଷୀ ସୁଦେଷ୍ଣାଙ୍କ ସମ୍ମୁଖରେ କହିଲେ—"ମହାଦେଈ ମଣିମା, ମୁଁ ଧର୍ମରାଜଙ୍କ ପାଟମହାଦେଈ ଯାଜ୍ଞସେନୀଙ୍କର ପରିଚାରିକା ଥିଲି । କେଶସଂସ୍କାର ଆଉ କେଶ-ବିନ୍ୟାସରେ ମୁଁ ଖୁବ୍ ଦକ୍ଷ । ମୋ ଛଡା ଦ୍ରୌପଦୀ ଆଉ କାହାରି ହାତରେ କେଶ ବାନ୍ଧନ୍ତି ନାହିଁ । ମୋର ନାମ ସୈରିନ୍ଧ୍ରୀ । ଦୁଷ୍ଟ ଦୁର୍ଯ୍ୟୋଧନର ଦାରୁଣ ପଣ ଅନୁସାରେ କୃଷ୍ଣା ସହ ପାଣ୍ଡବ ପାଞ୍ଚଭାଇ ଅଜ୍ଞାତବାସ କରିବାକୁ କେଉଁ ଅଜଣା ରାଜ୍ୟକୁ ଗଲେ । ସେତେବେଳେ ଦ୍ରୌପଦୀ ମୋତେ କହିଗଲେ—'ସୈରିନ୍ଧ୍ରୀ, ମୋର ଫେରିବାଯାଏ ତୁ ମତ୍ସ୍ୟେଶ୍ୱରୀ ସୁଦେଷ୍ଣାଙ୍କ ସେବା କରୁଥିବୁ । ସେ ହୃଦୟବତୀ, ମୁଁ ଜାଣେ ତୁ ନିଜର ପରିଚୟ ଦେଲେ ସେ ନିଶ୍ଚେ ତୋତେ ଆଶ୍ରୟ ଦେବେ ।' ତାଙ୍କରି ଆଜ୍ଞାରେ ମୁଁ ଆପଣଙ୍କ ପାଖକୁ ଆସିଛି । ଆଉ ଗୋଟିଏ ମାଗୁଣି ଏହି ଯେ, "ମୁଁ ମଣିମାଙ୍କର ସବୁ କାମ କରିବି, ଖାଲି ପାଦସେବା ଆଉ ଉଚ୍ଛିଷ୍ଟ ସ୍ପର୍ଶ କରିବାକୁ ମୋତେ କହିବେ ନାହିଁ ।" ସୁଦେଷ୍ଣା କୃଷ୍ଣାଙ୍କ ରୂପରେ ମୁଗ୍ଧ ହୋଇଥିଲେ, ଏବେ ତାଙ୍କର ବୀଣାଜିଣା ମଧୁର ବାଣୀ ଶୁଣି ତାଙ୍କ ପ୍ରତି ଏକାନ୍ତ ଅନୁରକ୍ତ ହୋଇ-ଉଠିଲେ । ସେ ମୃଦୁ ହସି କହିଲେ—"ତୁମ୍ଭେ ଯେ ଉଚ୍ଚକୁଳ-ସମ୍ଭୂତା, ତୁମ୍ଭର ରୂପ ଓ ବାକ୍ୟରୁ ମୁଁ ତାହା ବୁଝିପାରୁଅଛି । ତୁମ୍ଭକୁ ଇତର କାମ କରିବାକୁ ହେବ ନାହିଁ—ମୁଁ ତୁମ୍ଭକୁ ସହଚରୀରୂପେ ଗ୍ରହଣ କଲି ।" ସୁଦେଷ୍ଣା ଏହା କହି ଦ୍ରୌପଦୀଙ୍କ ଦୁଃଖ ବ୍ୟାଖ୍ୟାନ କରି ସମବେଦନାର ପ୍ରବଳ ଉଚ୍ଛ୍ୱାସରେ କାନ୍ଦିପକାଇଲେ ।

ଯାହାଙ୍କର ହାତଟେକା ଦାନରେ ଲକ୍ଷ ପ୍ରାଣୀଙ୍କର ପେଟ ପୂରୁଥିଲା, ସେ ଅନ୍ୟର ଅନ୍ନପୋଷ୍ୟ ହୋଇ ରହିଲେ । ହାୟ, ଅଦୃଷ୍ଟର କି ନିଦାରୁଣ ଅଭିଶାପ ! ବୋଧ ହୁଏ, ଅଦୃଷ୍ଟ ଦେବତା ବଡ଼ ନିଷ୍ଠୁର କୌତୁକପ୍ରିୟ । ତାହାର ହୃଦୟ ପାଷାଣର କଠିନ ଅଂଶରେ ଗଢା ହୋଇଅଛି । ନଚେତ ରାଜାଙ୍କ ରତ୍ନମୁକୁଟ କାଲି ଯାହାଙ୍କର ଚରଣ ଚୁମ୍ବନ କରିଥିଲା, ସେ ଆଜି ଅନ୍ୟର ବଶଂବଦ । ଧନ୍ୟ ଏ ସଂସାର ! ଏଠାରେ କେଉଁ କଥା ଅସମ୍ଭବ ? ଯେଉଁ ସାଧୁପୁରୁଷ ଆଜନ୍ମ ମିଥ୍ୟା ପ୍ରବଞ୍ଚନାର ସ୍ୱପ୍ନ ସୁଦ୍ଧା ଦେଖି ନାହାନ୍ତି, ଯାହାଙ୍କର ମନ, ପ୍ରାଣ, ଆତ୍ମା ସତ୍ୟନ୍ୟାୟଧର୍ମରେ ଗଢା, ତାଙ୍କର ତ ଏ ଦୁର୍ଗତି, ଆଉ ସାଧାରଣ ପ୍ରାକୃତ ଲୋକର କଥା ଅବା କଅଣ ? ତେବେ ଏ ସଂସାରରେ ସୁଖୀ କିଏ ? ଏ ସଂସାର ସୁଖର ସ୍ଥାନ ନୁହେ— ଏଠାରେ ଯେ ସୁଖ ଖୋଜେ, ସେ ବାତୁଳ । ଯାହା ସୁଖ ବୋଲି ଉକ୍ତ ହୁଏ, ସୁଖର ଲେଶମାତ୍ର ସୁଦ୍ଧା ସେଥିରେ ନାହିଁ । ତାହା ଦୁଃଖର ଗୋଟାଏ ସୁନ୍ଦରକାନ୍ତିଶାଳି ପୋଷାକ, ଅର୍ଥାତ୍ ଦାରିଦ୍ର୍ୟ ଅଭିନେତାର ମହାର୍ଘ ରତ୍ନମଣ୍ଡିତ ରାଜପରିଚ୍ଛଦ । ସେଥିରେ ସୁଖ ନାହିଁ— ଗୋଟାଏ ଇନ୍ଦ୍ରଜାଲିକୋଳା ମୋହ ଅଛି । ଭ୍ରାନ୍ତ ମାନବ ମୃଗ ପରି ସେହି ମୋହ-ମରୀଚିକାର ପଶ୍ଚାଦ୍ଧାବନ କରେ; ମାତ୍ର ଶେଷରେ ହତାଶ ହୁଏ ।

ବିରାଟ ରାଜ୍ୟରେ ମହାମଲ୍ଲ କୀଚକର ଦୁର୍ଦ୍ଦଣ୍ଡ ପ୍ରଭାବ ଅପ୍ରତିହତ । କୀଚକ ବିରାଟ ରାଜାଙ୍କର ଶ୍ୟାଳକ; ମାତ୍ର ବିରାଟ ରାଜ୍ୟର ଭାଗ୍ୟବିଧାତା । ତାହାରି ବାହୁ-ବଳରେ ବିରାଟରାଜା ନିଷ୍କଣ୍ଟକ ରାଜ୍ୟ ଭୋଗ କରନ୍ତି । ବିରାଟରାଜା ପିଣ୍ଡ ଓ କୀଚକ ପୌରୁଷ । ମୂଳତଃ କୀଚକହିଁ ରାଜ୍ୟର ପ୍ରକୃତ ରାଜା ଓ ମତ୍ସ୍ୟାଧୀଶ ତାହାର ସ୍ଥାପନା ପ୍ରତିମା । ବୀରବର କୀଚକର ଭୟରେ ଶତ୍ରୁମାନେ ମତ୍ସ୍ୟରାଜ୍ୟର ସୀମା ସ୍ପର୍ଶ କରନ୍ତି ନାହିଁ । ସେହି କୀଚକ ଦ୍ରୌପଦୀଙ୍କ ଅତୁଳ ରୂପସୌନ୍ଦର୍ଯ୍ୟରେ ବିମୋହିତ ହୋଇ ତାଙ୍କ ନିକଟରେ କୁପ୍ରସ୍ତାବ କଲା; ମାତ୍ର ସତୀରାଣୀ ଦ୍ରୌପଦୀ ଅତ୍ୟନ୍ତ ଘୃଣା, ଲଜ୍ଜା ଓ କ୍ରୋଧର ସହିତ ପାପୀର ସେ ପାପପ୍ରସ୍ତାବ ପ୍ରତ୍ୟାଖ୍ୟାନ କଲେ । କୀଚକ କ୍ରୁଦ୍ଧ ହୋଇ ଦେବୀଙ୍କୁ ଚରଣ ପ୍ରହାର କଲା । ଏ ଅପମାନର ପ୍ରତିଶୋଧ ନେବା ପାଇଁ ଦ୍ରୌପଦୀ ସିଂହଦଂଶୀ ଫଣିନୀ ପରି ରୁଦ୍ର ରୋଷରେ ଫୁଲି ଫୁଲି ନିଜ

ସ୍ୱାମୀମାନଙ୍କୁ ଗୋପନରେ ସବୁ ଜଣାଇଲେ । ତହୁଁ ଭୀମଙ୍କଦ୍ୱାରା କୀଚକବଧର ମନ୍ତ୍ରଣା ସ୍ଥିର ହେଲା । ତନେ ନିଶୀଥ ସମୟରେ ବିଶ୍ୱବିଧ୍ୱଂସନ-କ୍ଷମ ମହାବୀର ଭୀମସେନ ଗୋପନରେ ଗୋଟାଏ ଅନ୍ଧକାର ପ୍ରକୋଷ୍ଠ ମଧ୍ୟରେ ଦୁରାତ୍ମା କୀଚକକୁ ବଧ କଲେ ଓ ତାହାର ହସ୍ତପଦମୁଖକୁ ତାହାର ପିଣ୍ଡ ମଧ୍ୟରେ ପ୍ରବେଶ କରାଇ ଫିଙ୍ଗିଦେଇ ଆସିଲେ ।

ଦୁର୍ମତି ଦୁର୍ଯ୍ୟୋଧନ ଅଜ୍ଞାତବାସ କାଳରେ ପାଣ୍ଡବଙ୍କୁ ଖୋଜିବା ପାଇଁ ନାନା ସ୍ଥାନକୁ ପ୍ରବୀଣ ଚର-ମାନଙ୍କୁ ଘନ ଘନ ପଠାଇବାକୁ ଲାଗିଲା । ଯଦି ସେହି ସେମାନଙ୍କୁ କେଉଁଠାରେ ଦେଖେ, ତେବେ ପଣ ଅନୁସାରେ ସେହି ଦିନଠାରୁ ପାଣ୍ଡବମାନେ ପୁଣି ବାରବର୍ଷ ବନବାସ କରିବେ । ଦୁର୍ଯ୍ୟୋଧନ ପୁଣି ତେରବର୍ଷ ନିଷ୍କଣ୍ଟକ ହୋଇ ନିଜକୁ ଅଧିକ ଦୃଢ଼ କରିନେବ, ଏ ଇଚ୍ଛା ତା ମନ ମଧ୍ୟରେ ସବୁବେଳେ ଜାଗ୍ରତ ଥିଲା । ଚରମାନେ ତିର୍ଥ, କାନ୍ତାର, କନ୍ଦର, ନଗର, ଗ୍ରାମ, ପ୍ରାନ୍ତର ସର୍ବତ୍ର ଅନ୍ଧିସନ୍ଧି, ଗଳି ଉପଗଳି ତନ୍ନ ତନ୍ନ ଭାବରେ ବାହୁଡ଼ାର ଖୋଜି କେଉଁଠାରେ ପାଣ୍ଡବଙ୍କୁ ଦେଖିଲେ ନାହିଁ । ଅଜ୍ଞାତବାସ କାଳରେ ସେମାନଙ୍କୁ କେହି ଚିହ୍ନିପାରିବ ନାହିଁ ବୋଲି ବକରୂପୀ ଧର୍ମ ଯୁଧିଷ୍ଠିରଙ୍କୁ ବର ପ୍ରଦାନ କରିଥିଲେ । ସୁତରାଂ ଦେଖିଲେ ସୁଦ୍ଧା କାହାର ଚିହ୍ନିବାର ଉପାୟ ନ ଥିଲା । କୀଚକର ମୃତ୍ୟୁସମ୍ବାଦ ଶୁଣି ଦୁର୍ଯ୍ୟୋଧନ ମନରେ ଘୋରତର ସନ୍ଦେହ ଜାତ ହେଲା । ମହାବଳୀ କୀଚକର ସମବଳୀ ଭୀମ ବ୍ୟତୀତ ଜଗତରେ ଆଉ କେହି ନାହାନ୍ତି — ଏହା ସେ ସୁବିଦିତ ଥିଲା । ସେଥିପାଇଁ ବିରାଟରାଜ୍ୟକୁ ବାରମ୍ବାର ବହୁଚର ପଠାଇଲା; ମାତ୍ର ସମସ୍ତେ ଫେରି ଆସି ନିରାଶ ସମ୍ବାଦ ଦେଲେ ।

ବିରାଟ ରାଜାଙ୍କର ଅସଂଖ୍ୟ ଗୋଧନ ଥିଲା, ଏହା ପୂର୍ବରୁ ଉକ୍ତ ହୋଇଅଛି । ଏବେ ସେଥିପ୍ରତି ଦୁର୍ଯ୍ୟୋଧନର ଲୋଲୁପ ଦୃଷ୍ଟି ପଡ଼ିଲା । ବର୍ତ୍ତମାନ ମତ୍ସ୍ୟରାଜ୍ୟ କୀଚକଶୂନ୍ୟ ହେତୁ ଦୁର୍ବଳ, ସୁତରାଂ ଦୁର୍ଯ୍ୟୋଧନକୁ ଗୋଟାଏ ଶୁଭ ସୁଯୋଗ ମିଳିଗଲା । ସେ ସାତଶେପମ ବିରାଟ କୁରୁବାହିନୀ ଘେନି ଗୋଧନ ହରଣାର୍ଥ ମତ୍ସ୍ୟରାଜ୍ୟାଭିମୁଖରେ ଯାତ୍ରା କଲା । ଏହି ସମୟରେ ବିରାଟରାଜା ରାଜଧାନୀରେ ଉପସ୍ଥିତ ନ ଥିଲେ; ସୈନ୍ୟ ସାମନ୍ତ ଘେନି ତ୍ରିଗର୍ତ୍ତ ରାଜାଙ୍କ ସହ ଯୁଦ୍ଧ କରିବାକୁ ଯାଇଥିଲେ । ଯୁଧିଷ୍ଠିର, ଭୀମ, ନକୁଳ ଓ ସହଦେବ ସୁଦ୍ଧା ତାଙ୍କ ସଙ୍ଗରେ ଯାଇଥିଲେ । ରାଜ-କୁମାର ଉତ୍ତରଙ୍କ ବ୍ୟତୀତ ଆଉ ଯୁଦ୍ଧ କରିବାକୁ କେହି ନ ଥିଲେ । ସେ ବୃହନ୍ନଳାରୂପୀ ଅର୍ଜୁନଙ୍କୁ ସାରଥି କରି କୁରୁବାହିନୀ ସହିତ ଏକାକୀ ଯୁଦ୍ଧ କରିବାକୁ ଯାତ୍ରା କଲେ ; ମାତ୍ର ଦୂରରୁ କୌରବ ସୈନ୍ୟସାଗର ଦେଖି ଭୀତ ହୋଇ ଅଧବାଟରୁ ଫେରିବାକୁ ଇଚ୍ଛା କରିବାରୁ ଅର୍ଜୁନ ତାଙ୍କୁ ଅନେକ ବୁଝାଇ ନିଜେ ରଥୀ ହୋଇ ତାଙ୍କୁ ସାରଥି କରି ଯୁଦ୍ଧଯାତ୍ରା କଲେ । ଅର୍ଜୁନ ଆତ୍ମପରିଚୟ ଦେଇ ଉତ୍ତର-କୁମାରଙ୍କର ଭ୍ରମ୍ୟ ଭଙ୍ଗାଇଥିଲେ ଓ ତାହା ଗୋପନ ରଖିବା ପାଇଁ ତାଙ୍କୁ ବାରମ୍ବାର ସାବଧାନ କରାଇ-ଦେଇଥିଲେ ।

ଏକାକୀ ଅର୍ଜୁନ ଅସ୍ତ୍ରପ୍ରହାର ଦ୍ୱାରା ବିପକ୍ଷ ପକ୍ଷକୁ ବ୍ୟତିବ୍ୟସ୍ତ କରିପକାଇଲେ । ତାଙ୍କର ପ୍ରଚଣ୍ଡ ଆକ୍ରମଣ ସହି ନ ପାରି ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଅଶ୍ୱତ୍ଥାମା କୃପାଚାର୍ଯ୍ୟ ପ୍ରଭୃତି ମହାରଥ ଓ ଦୁର୍ଯ୍ୟୋଧନ, ଦୁଃଶାସନ, ଶକୁନି ପ୍ରଭୃତି ବଡ଼ ବଡ଼ ବୀର ଭଙ୍ଗ ଦେଇ ବାରମ୍ବାର ପଳାଇଗଲେ । ଅର୍ଜୁନଙ୍କ ଅସ୍ତ୍ରରେ ଅଭେଦ୍ୟ ସୈନ୍ୟବ୍ୟୂହ ଛିନ୍ନଭିନ୍ନ ହୋଇଗଲା । ବୀରମାନେ କେଶବାସ ଅସମ୍ଭାଳ ହୋଇ ଯେ ଯେଉଁ ଆଡ଼କୁ ପାରିଲା, ସେ ଆଡ଼କୁ ପଳାଇଯାଇ ପ୍ରାଣରକ୍ଷା କଲେ । ଶେଷରେ ଅର୍ଜୁନ ସମ୍ମୋହନ ଅସ୍ତ୍ରଦ୍ୱାରା ସମସ୍ତଙ୍କୁ ମୂର୍ଚ୍ଛିତ କରାଇ ଗୋଧନ ଉଦ୍ଧାରପୂର୍ବକ ଜୟଶଙ୍ଖ ବଜାଇ ଫେରିଗଲେ । ମୂର୍ଚ୍ଛାଭଙ୍ଗ ପରେ ସୈନ୍ୟମାନେ ଉଠି ଲଜ୍ଜା ଓ ଅପମାନରେ ଅଧୋବଦନ ହୋଇ ରହିଲେ । ଦୁର୍ଯ୍ୟୋଧନ ଅସହ୍ୟ ମନୋ-ବେଦନାରେ ଦୀର୍ଘନିଃଶ୍ୱାସ ପକାଇ ଭଗ୍ନଦଣ୍ଡ ଘେନି ହସ୍ତିନାକୁ ପ୍ରସ୍ଥାନ କଲା । ଏହି ଯୁଦ୍ଧରେ ଅର୍ଜୁନଙ୍କୁ

ଅନେକେ ଦୋଷରଖା କରୁଥିଲେ; ମାତ୍ର ସ୍ପଷ୍ଟଭାବରେ କେହି ଚଳିପାରି ନାହାନ୍ତି ।

ଅର୍ଜୁନ ନାମ ପ୍ରଚ୍ଛନ୍ନ ରହିଲା; ମାତ୍ର ଉତ୍ତରଙ୍କ ପ୍ରଶଂସାରେ ସମସ୍ତେ ଚମତ୍କୃତ ହେଲେ । ପୁରଅଟ୍ଟେ ଧନ୍ୟବାଦ ରବ ଉଠିଲା, ଜୟ ଜୟକାର ଘୋଷିତ ହେଲା । ନାଗରିକମାନେ ବିଜୟ-ଉଲ୍ଲାସରେ ପ୍ରମତ୍ତ ହୋଇ ନାନାସ୍ଥାନରେ ସଭା ସମିତି କରି ତାଙ୍କୁ ସମ୍ବର୍ଦ୍ଧନା କଲେ । ପ୍ରଜାମାନେ ଶ୍ରଦ୍ଧାଭିନନ୍ଦନ ପ୍ରଦାନ କଲେ । ଉତ୍ତର ଏଥିରେ ବଡ଼ ଲଜ୍ଜିତ ହେଲେ; ମାତ୍ର ଅର୍ଜୁନଙ୍କ ବିଶେଷ ନିଷେଧହେତୁ ପ୍ରକୃତ କଥା ପ୍ରକାଶ କରିବାକୁ ସାହସୀ ହେଲେ ନାହିଁ । ପର ପୌରୁଷକୁ ନିଜର ବୋଲି କହି କେହି କେହି କପଟ ଗୌରବ ପ୍ରଦର୍ଶନ କରନ୍ତି; ମାତ୍ର ଉତ୍ତର ସେଭଳି ନୀଚମନା ନ ଥିଲେ । ସେ ରାଜକୁମାର, ତାଙ୍କର ହୃଦୟ ଉଦାର । ସେ ଗୁଣଗ୍ରାହୀ; ମାତ୍ର ଗୁଣଚୋର ନୁହନ୍ତି । ବିରାଟରାଜା ତ୍ରିଗର୍ତ୍ତପତି ସୁଶର୍ମାଙ୍କୁ ପରାସ୍ତ କରି ଫେରିଆସି କୌରବ ଯୁଦ୍ଧସମାଚାର ଶୁଣିଲେ । ଏକା ଉତ୍ତରକୁମାର କୁରୁ-ସାଗର ମନ୍ଥନ କରି, ବିଜୟ-ଲକ୍ଷ୍ମୀଙ୍କୁ ଜିଣି ଆଣିଅଛନ୍ତି, ଏ ସମ୍ବାଦ ତାଙ୍କ କର୍ଣ୍ଣରେ ଅମୃତ ବର୍ଷଣ କଲା—ସ୍ନେହ-ଗୌରବରେ ପିତୃହୃଦୟ ଫୁଲି-ଉଠିଲା । ଶିଶୁ ନର୍ତ୍ତନପାଠ ଘୋଷିଲା ପରି ସେ ପୁତ୍ରର ପ୍ରଶଂସା ଘୋଷିହେବାକୁ ଲାଗିଲେ । ବିରାଟରାଜା କହିଲେ—"ଧନ୍ୟ ଉତ୍ତର, ତୋ ଯୋଗୁଁ ମୋ କୁଳ ଧନ୍ୟ ହେଲା—ଉଜ୍ଜ୍ୱଳ ହେଲା । ତୋର ଜୀବନ ଧନ୍ୟ, ଜନ୍ମ ଧନ୍ୟ, ବୀରତ୍ୱ ଧନ୍ୟ, ଆଉ ତୋ ଭଳି ବୀରେନ୍ଦ୍ର ମନୁଷ୍ୟମଣିର ପିତା ବୋଲି ମୁଁ ମଧ୍ୟ ଧନ୍ୟ !" ବିରାଟରାଜା ସହାସ୍ୟ ପ୍ରସନ୍ନ ଦୃଷ୍ଟିରେ ଯୁଧିଷ୍ଠିରଙ୍କୁ ଚାହିଁ କହିଲେ—"କଙ୍କ, ମୋର ଉତ୍ତରକୁମାର ଅସାଧ୍ୟ ସାଧନ କଲା—ଅସମ୍ଭବ ସମ୍ଭବ କଲା ।" ଯୁଧିଷ୍ଠିର ସ୍ଥିର ଅବିଚଳିତ କଣ୍ଠରେ କହିଲେ—"ମହାରାଜ, ସର୍ବଗୁଣ-ବିଚକ୍ଷଣ ବୃହନ୍ନଳା ଯାହାର ସାରଥି, ତାହାର ଅସାଧ୍ୟ କଅଣ ?" ରାଜା ଏ କଥାରେ ମନେ ମନେ ଅପ୍ରସନ୍ନ ହେଲେ; ମାତ୍ର କିଛି କହିଲେ ନାହିଁ । ପୁତ୍ର ପ୍ରଶଂସାରେ ଆଘାତ ଲାଗିଲେ କେଉଁ ପିତାର ପ୍ରାଣରେ ତାହା ସହ୍ୟ ହେବ ? ପୁନଶ୍ଚ ବିରାଟରାଜା ଯୁଧିଷ୍ଠିରଙ୍କୁ କହିଲେ—"ମୋର ଉତ୍ତର ମୋ ବଂଶରେ ଗୋଟିଏ ଅମୂଲ୍ୟ ପ୍ରଦୀପ୍ତ ରତ୍ନମଣି । ବାସ୍ତବରେ ସେ ତ୍ରିଲୋକ-ବିଜୟ-କ୍ଷମ ।" ଯୁଧିଷ୍ଠିର ଏଥର ମଧ୍ୟ ପୂର୍ବପରି ଦୃଢ଼ସ୍ୱରରେ କହିଲେ, "ବୃହନ୍ନଳା ଯାହାର ସହାୟ, ତ୍ରିଲୋକ-ବିଜୟ ତାହା ପକ୍ଷରେ କଠିନ କଥା ନୁହେଁ ।" ରାଜା ଏଥର ଆଉ ସହିପାରିଲେ ନାହିଁ, କ୍ରୋଧରକ୍ତ ନେତ୍ରରେ ଗର୍ଜିଉଠି ରୁକ୍ଷ କର୍କଶ ସ୍ୱରରେ କହିଲେ—"ଦେଖ କଙ୍କ, ପୁଣି ଏପରି ଅସାବଧାନ ହୋଇ କଥା କହିବ ନାହିଁ ।" ଯୁଧିଷ୍ଠିର କିଛି ନ କହି ନୀରବ ରହିଲେ ।

ଅପରାହ୍ଣରେ ବିରାଟରାଜା ଯୁଧିଷ୍ଠିରଙ୍କୁ ଘେନି ପୁଣି ପଶାଖେଳରେ ପ୍ରବୃତ୍ତ ହେଲେ ; ମାତ୍ର ଖେଳରେ ତାଙ୍କର ମନ ଲାଗିଲା ନାହିଁ । ଖେଳୁ ଖେଳୁ ବାରମ୍ବାର ଉତ୍ତରକୁମରଙ୍କର ପ୍ରଶଂସା ଗାଇବାକୁ ଲାଗିଲେ । ଶେଷରେ କହିଲେ—"ଉଃ, ଅଜେୟ ଅଭେଦ୍ୟ କୌରବ ମହାବାହିନୀକୁ ଏକାକୀ ମୋର ଶିଶୁ ପୁତ୍ର ଉତ୍ତର ଛାରଖାର କରିଦେଲା । ଭୀଷ୍ମ, ଦ୍ରୋଣ ପ୍ରଭୃତି ବିଶ୍ୱତ୍ରାସ ମହାରଥମାନଙ୍କୁ ଶିଶୁକ୍ରୀଡ଼ା ପରି ଅବଲୀଳାକ୍ରମେ ଜୟ କଲା । ଅହୋ ! କି ଅସୀମ ପରାକ୍ରମ ! ତାହା ଭାବିଲେ ଦେହକୁ ଦେହ ଥରିଉଠୁଛି—ଅତି ବାତ୍ସଲ୍ୟରେ ପ୍ରେମ ଝଙ୍କୁରିଉଠୁଛି ।" ଯୁଧିଷ୍ଠିର ଏହା ଶୁଣି ମୃଦୁ ହସି କହିଲେ—"ବିରାଟ, ହିମାଳୟ ତୁଲ୍ୟ ଭୀଷ୍ମ ଦ୍ରୋଣଙ୍କୁ ଜୟ କରିବା ଭଳି ଯୋଗ୍ୟତା କୁମାରଙ୍କର ନାହିଁ—ଅତୁଳ ପ୍ରଭାବଶାଳୀ ବୃହନ୍ନଳା ସେମାନଙ୍କୁ ଜୟ କରିଅଛନ୍ତି ।" ବାରୁଦସ୍ତୂପରେ ଅଗ୍ନିସ୍ଫୁଲିଙ୍ଗ ପଡ଼ିଲେ ଆଉ କି ସମ୍ଭାଳି ହୁଏ ? ରାଜା ଆହତ କେଶରୀ ପରି ଗର୍ଜିଉଠି କ୍ରୋଧ-କମ୍ପିତ ସ୍ୱରରେ କହିଲେ—"କିଏ ହେ ତୁମ୍ଭେ ଛଦ୍ମବେଶୀ ଶତ୍ରୁ ? କେଉଁଠାର କିଏ ଗୋଟାଏ ହୀନ ନପୁଂସକ ଅମଙ୍ଗଳ ପରି ବୃହନ୍ନଳା; ତାହା ମୁହଁ ଚାହିଁଲେ ଶକ୍ତିସାମର୍ଥ୍ୟ କ୍ଳୀବତ୍ୱରେ ଅବଶ ହୋଇଯିବ; ବାରମ୍ବାର ତାହାର ପ୍ରଶଂସା ଗାଇବାକୁ କି ତୁମ୍ଭକୁ ଲାଜ ମାଡ଼ୁ ନାହିଁ ?" ଏହା କହି ପଶାକାଠି ଦ୍ୱାରା ଧର୍ମରାଜଙ୍କ କପାଳରେ ଆଘାତ କଲେ । ସେହି ଆଘାତରେ ଚର୍ମ ଫାଟିଯାଇ ଧାର ଧାର ହୋଇ ରକ୍ତ

ବହିଲା । ଯୁଧିଷ୍ଠିର ସ୍ୱୀୟ ଉତ୍ତରୀୟ ଦ୍ୱାରା ସେହି ରକ୍ତକୁ ଚୁପି ଧଇଲେ—ତଳେ ପଡ଼ିବାକୁ ଦେଲେ ନାହିଁ । ଧର୍ମରାଜଙ୍କର ରକ୍ତ ତଳେ ପଡ଼ିଥିଲେ ମତ୍ସ୍ୟଦେଶର ଘୋର ଅମଙ୍ଗଳ ହୋଇଥାନ୍ତା । ପୁଣି ଭୀମ ଅର୍ଜୁନ ସେହି ରକ୍ତ ଦେଖିଲେ ଆଉ ନିସ୍ତାର ମିଳନ୍ତା ନାହିଁ । ମତ୍ସ୍ୟଦେଶ ରକ୍ତ ସମୁଦ୍ରରେ ପରିଣତ ହୁଅନ୍ତା କିମ୍ବା ଧୂଳି ପରି କୁଆଡ଼େ ଉଡ଼ିଯାଆନ୍ତା । ଧନ୍ୟ ଧର୍ମରାଜ, ପ୍ରହାରକର୍ତ୍ତା ପ୍ରତି ତୁମ୍ଭର ଏ କ୍ଷମା—ଏଭଳି ହିତାକାଙ୍କ୍ଷୀ ତୁମ୍ଭଙ୍କୁହିଁ ଏକା ପଟାନ୍ତର ।

ଉତ୍ତରକୁମାର ପିତାଙ୍କର ଏହି ଅବିମୃଷ୍ୟକାରିତା ଶୁଣି ଲଜ୍ଜାରେ ମ୍ରିୟମାଣ ହୋଇ ରହିଲେ । ତାଙ୍କର ଜ୍ଞାନ ବୁଦ୍ଧି ଭୟରେ ବାଷ୍ପ ହୋଇ ଉଡ଼ିଗଲା । ସେ କିଂକର୍ତ୍ତବ୍ୟ-ବିମୂଢ଼ ହୋଇ ପିତାଙ୍କ ପାଖକୁ ଧାଇଁଲେ । ପିତୃ ସକାଶେ ଉପସ୍ଥିତ ହୋଇ କାତର ଗଦ୍‌ଗଦ କଣ୍ଠରେ କହିଲେ—"ପିତଃ, ଆପଣଙ୍କ ଦୁଷ୍କରଣୀ ହେତୁ ଆଜି ବିରାଟ ରାଜବଂଶ ଲୋପ ପାଇବ । ଆଉ ବିରାଟରାଜ୍ୟ ଶ୍ମଶାନଭସ୍ମରେ ପରିଣତ ହେବ । ବିପଦ-ବେଳେ ଲୋକଙ୍କର ବିପରୀତ ବୁଦ୍ଧି ହୁଏ, ଆମ୍ଭମାନଙ୍କର ଦୁର୍ଭାଗ୍ୟ ହେତୁ ଆପଣଙ୍କର ତାହାହିଁ ହୋଇଛି । ହାୟ, କହିବା ବେଳକୁ କଣ୍ଠ ବାଷ୍ପ-ରୁଦ୍ଧ ହୋଇଆସୁଛି । ଆପଣ ଆଜି ଯାହାଙ୍କୁ ପଶାକାଠିରେ ପ୍ରହାର କଲେ, ସେହି ଛଦ୍ମବେଶୀ କଙ୍କ ମର୍ତ୍ତ୍ୟର ଦେବତା ରାଜଚକ୍ରବର୍ତ୍ତୀ ଧର୍ମପ୍ରାଣ ଯୁଧିଷ୍ଠିର ।" ଯୁବରାଜ ଏତିକି କହି ନୀରବ-ଭାବରେ କାନ୍ଦିବାକୁ ଲାଗିଲେ । ବିରାଟରାଜା ଏକଥା ଶୁଣି ଚାଟକା ହୋଇଗଲେ, ତାଙ୍କ ଦେହ କାଠର ହୋଇଗଲା । ସତେ ଯେପରି ମିଳେଇଯାଇ ପାଣି ହୋଇଯିବ । ତୁଣ୍ଡରୁ କଥା ବାହାରିଲା ନାହିଁ, ସେ ଭାଷା ପାସୋରିଗଲେ । କଠୋର ଅନୁତାପରୂପୀ ତୀବ୍ର ପ୍ରାଣଘାତୀ ବିଷ ତାଙ୍କର ପ୍ରତି ରକ୍ତକଣିକାରେ ଚରିଗଲା । ସେ ନିଜେ ବସ୍ତ୍ରର ଧିକ୍କାର କରିହେଲେ । ସେ ଠିଆହୋଇପାରିଲେ ନାହିଁ, ତାଙ୍କର ଗୋଡ଼ ବରଡ଼ାପତ୍ର ପରି ଥରିଲା—ସେ ଉଠୁ ଉଠୁ ପଡ଼ିଗଲେ । ଉତ୍ତର ଯାଇ ତାଙ୍କୁ ଟେକି ଉଠାଇଲେ । କିଛିକ୍ଷଣ ପରେ ଟିକିଏ ପ୍ରକୃତିସ୍ଥ ହୋଇ ସତ୍ୱର ଯୁଧିଷ୍ଠିରଙ୍କ ନିକଟକୁ ଗମନ କଲେ । ବିରାଟରାଜା ଯୁଧିଷ୍ଠିରଙ୍କ ପାଦ ତଳେ ପଡ଼ିଯାଇ ଅତି କରୁଣ କଣ୍ଠରେ କହିଲେ—"ପ୍ରଭୋ, ଏ ଅଧମ ଭୃତ୍ୟର ଅପରାଧ କ୍ଷମା କରିବା ହେଉନ୍ତୁ । ମୁଁ କ୍ରୋଧରେ ହିତାହିତ ଜ୍ଞାନ ଭୁଲିଯାଇ ଯେଉଁ ପାପ, ଯେଉଁ ନିନ୍ଦିତ ଦୁଷ୍କର୍ମ କରିଅଛି, ତାହାର ପ୍ରାୟଶ୍ଚିତ୍ତ ନାହିଁ । ଖାଲି ଭରସା ଏତିକି ଯେ, ମୋର ଦୟାର୍ଦ୍ର ପ୍ରଭୁ ଅନନ୍ତ କ୍ଷମାର ଆକର, ଆଉ ମୁଁ ତାଙ୍କର ଅଜ୍ଞାନ ଅପରାଧୀ ଭୃତ୍ୟ । ମୋର କୃତକର୍ମ ମୋତେ ଯଥେଷ୍ଟ ଶାସ୍ତି ଦେଲାଣି । ପ୍ରଭୋ ! ହୃଦୟ ଚିରି ଦେଖାଇ ହେଉଥିଲେ ଦେଖାଇଦିଅନ୍ତି, ସେଥିରେ କେତେ ଚେଙ୍କା ଲାଗି ଗଭୀର କ୍ଷତ ହୋଇଯାଇଛି—ତାହା ଆପଣ ପ୍ରତ୍ୟକ୍ଷରେ ଦେଖିପାରନ୍ତେ । ମୁଁ ରାଜା, ପ୍ରଜାମାନେ କ୍ରୋଧରେ କୁକର୍ମ କଲେ ମୁଁ ସେମାନଙ୍କୁ ଦଣ୍ଡ ଦିଏ, ଏବେ ମୁଁ ନିଜେ ସେହି ଦୋଷରେ ଦୋଷୀ । ଏହାଠାରୁ ବଳି ଲଜ୍ଜା ଓ ଆକ୍ଷେପର କଥା କଅଣ ଅଛି ? ବର୍ତ୍ତମାନ ମୁଁ ମୋହରଦ୍ୱାରା ଦଣ୍ଡିତ ହେଉଅଛି, ସେ ଦଣ୍ଡର ଯନ୍ତ୍ରଣା ମୃତ୍ୟୁଠାରୁ ଅଧିକ । ମୃତ୍ୟୁ ହେଲେ ତ ଥରେ ହୁଅନ୍ତା, ସବୁ ଯନ୍ତ୍ରଣା ସରିଯାଆନ୍ତା; ମାତ୍ର ଏ ମୃତ୍ୟୁ ସେରୂପ ନୁହେ—ଏହା ବାରମ୍ବାର ଘଟୁଅଛି । ହାୟ, ଦୁର୍ଦ୍ଦାନ୍ତ କ୍ରୋଧ କଅଣ ନ କରେ ? ସେ ମାନବକୁ ପଶୁଠାରୁ ଅଧମ କରିଦିଏ । ତାକୁ ଛାଡ଼ିବାକୁ ଇଚ୍ଛାକଲେ ସୁଦ୍ଧା ସେ ଛାଡ଼େ ନାହିଁ । ସେ ଥରେମାତ୍ର ନରଶୋଣିତର ବା ଶାସ୍ତ୍ରବର୍ଜ୍ଜିତ ମଧୁମାଂସର ସ୍ୱାଦ ପାଇଲେ ତାକୁ ଶେଷ ନ କରି ଛାଡ଼ିଯାଏ ନାହିଁ । ରେ କ୍ରୋଧ, ରେ ପିଶାଚ, ରେ ମହାପାପିଷ୍ଠ, ରେ ଚଣ୍ଡାଳ, ରେ ବର୍ବର, ତୁ ଭସ୍ମ ହୋଇଯା, ସେହି ଭସ୍ମ ଚଣ୍ଡାଳ ହସ୍ତରେ କର୍ମନାଶା-ଗର୍ଭରେ ପଡ଼ୁ—ତୋର ପାପନାମ ଜଗତର ଅଭିଧାନ ବକ୍ଷରୁ ଲିଭିଯାଉ ।"

ବିରାଟ ରାଜାଙ୍କର ଏହିପରି ଖେଦୋକ୍ତି ଓ ଅଶ୍ରୁଗ୍ଲାନରେ ଯୁଧିଷ୍ଠିରଙ୍କର ଦୟାର ହୃଦୟ ଦ୍ରବୀଭୂତ ହୋଇଗଲା । ସେ ତାଙ୍କ ଉଠାଇ ପ୍ରେମରେ ଆଲିଙ୍ଗନ କଲେ । ଏହି ସମୟରେ ଭୀମ, ଅର୍ଜୁନ, ନକୁଳ, ସହଦେବ ଓ ଦ୍ରୌପଦୀ ଆସି ସେଠାରେ ପହଞ୍ଚିଲେ । ବିରାଟରାଜା ସମସ୍ତଙ୍କୁ ଦେଖି, ପ୍ରେମାନନ୍ଦରେ କାନ୍ଦି-

ପକାଇଲେ । ତେତେବେଳକୁ ଅଜ୍ଞାତବାସ ଶେଷ ହୋଇ କେତେ ଦିନ ଅଧିକ ହୋଇଯାଇଥିଲା । ପାଣ୍ଡବ ବନବାସ କ୍ଳେଶରୁ ଉଦ୍ଧାର ପାଇ ଆନନ୍ଦରେ କାନ୍ଦି ପକାଇଲେ । ପ୍ରେମାଶ୍ରୁରେ ଆନନ୍ଦାଶ୍ରୁ ମିଶିଲା । ତାହା ଗଙ୍ଗା ଯମୁନା ସଙ୍ଗମ ତୀର୍ଥଜଳ ତୁଲ୍ୟ ପବିତ୍ର । ସେହି ପବିତ୍ର ତୀର୍ଥଜଳରେ ସମସ୍ତଙ୍କର ମନର କ୍ଳେଦ-କଳୁଷ ଧୋଇଗଲା ।

ଅନନ୍ତର ବିରାଟରାଜା କୃତାଞ୍ଜଳି ହୋଇ ଭକ୍ତିଭୋଳା ବିନୟ ବାଣୀରେ କହିଲେ—"ଧର୍ମରାଜ, ଆପଣମାନେ ମୋ ରାଜ୍ୟରେ ବର୍ଷେକାଳ ଛଦ୍ମବେଶରେ ରହିଲେ । ଆପଣମାନଙ୍କ ପ୍ରତି ମୋର କର୍ତ୍ତବ୍ୟରେ ଅନେକ ତ୍ରୁଟି ଘଟିଅଛି, ଦୟାପୂର୍ବକ ମୋର ସେ ଅଜ୍ଞାତ ଅପରାଧ ମାର୍ଜନା କରିବା ହେଉନ୍ତୁ । ଆପଣଙ୍କ ଅଧିକାର ମଧ୍ୟରେ ମୋର ରାଜ୍ୟ, ମୁଁ ଆପଣଙ୍କର ଅଧୀନ ରାଜା । ଆପଣ ତେରବର୍ଷକାଳ ବନରେ ବୁଲି ବହୁତ କ୍ଳେଶଭୋଗ କରିଅଛନ୍ତି । ଆପଣ ଏଠାରେ ଥିବାଯାଏ ଏହି ବିରାଟ-ସିଂହାସନରେ ବସି ଶାନ୍ତିସୁଖ ଭୋଗ କରନ୍ତୁ । ମୁଁ ଆପଣଙ୍କର ଆଜ୍ଞାଧୀନ ହୋଇ କାର୍ଯ୍ୟ କରିବି ଏବଂ ଆପଣଙ୍କ ପାଦସେବାରେ ଜୀବନ ସାର୍ଥକ କରିବି । ମୋର ବିଶେଷ ଆଶା ଏହି ଯେ—ଏ ଭୃତ୍ୟକୁ ଏତିକି ଭିକ୍ଷାଦାନରୁ ବଞ୍ଚିତ କରିବେ ନାହିଁ ।" ବିରାଟରାଜା ଏହା କହି ଯୁଧିଷ୍ଠିରଙ୍କୁ ନେଇ ସିଂହାସନରେ ବସାଇଲେ । ପାଣ୍ଡବ ପଟ୍ଟମହିଷୀ କୃଷ୍ଣା ତାଙ୍କ ବାମପାର୍ଶ୍ୱ ଅଳଙ୍କୃତ କଲେ । ପାଣ୍ଡବ ପଣମୁକ୍ତ ହୋଇ ଆନନ୍ଦରେ ବିରାଟ-ରାଜପରିବାରର ଭକ୍ତିପୂଜା ଗ୍ରହଣ କରିବାକୁ ଲାଗିଲେ । ଏତେ ଦିନ ପରେ ମେଘ ଉହାଡ଼ରୁ ସୂର୍ଯ୍ୟ ବାହାରିଲେ । ଭସ୍ମାବରଣ ଭେଦି ପ୍ରଚଣ୍ଡ ଅଗ୍ନିଶିଖା ଦାଉ ଦାଉ ହୋଇଉଠିଲା ।

## ଚତୁର୍ଥ ପରିଚ୍ଛେଦ

ଦିନେ ଯୁଧିଷ୍ଠିର ବିରାଟରାଜାଙ୍କ ପାଖରେ ବନବାସ କାଳର ଘଟଣା ବର୍ଣ୍ଣନ କରୁଥିଲେ । ତାଙ୍କ ଭାଇମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । କଥା ଶେଷରେ ଧର୍ମରାଜ ମତ୍ସ୍ୟପାଳଙ୍କୁ କହିଲେ—"ତୁମ୍ଭ ପରି ବିପଦବନ୍ଧୁ ଆମ୍ଭମାନଙ୍କ ଭାଗ୍ୟରେ ବିଧାତାର ମହାଦାନ । ତୁମ୍ଭର ଆଶ୍ରୟରେ ଆମ୍ଭେମାନେ ନିର୍ବିଘ୍ନରେ ବିପଦ କଟାଇବାକୁ ସମର୍ଥ ହୋଇଅଛୁଁ । ରାଜ୍ୟଲାଭ ହେଉ ବା ନ ହେଉ; ମାତ୍ର ଆମ୍ଭମାନଙ୍କର ପଣରକ୍ଷା ଓ ସତ୍ୟପାଳନ ହୋଇଅଛି—ଏହାହିଁ ଚୂଡ଼ାନ୍ତ ଲାଭ । ସତ୍ୟର ମୂଲ୍ୟଠାରୁ, ସତ୍ୟର ମହତ୍ତ୍ୱଠାରୁ ରାଜ୍ୟ ବଡ଼ ନୁହେଁ । ଘର ମାଟିର ରାଜ୍ୟ ଅସ୍ଥାୟୀ; ମାତ୍ର ସତ୍ୟ ନିତ୍ୟ, ଅକ୍ଷୟ । ରାଜ୍ୟ ମାଟି, ସତ୍ୟ ସୁବର୍ଣ୍ଣ । ଆପଣଙ୍କ ସହାୟେ ଆମ୍ଭେମାନେ ସେହି ସତ୍ୟରକ୍ଷା, ସୁତରାଂ ଧର୍ମରକ୍ଷାରେ ସଫଳକାମ ହୋଇଅଛୁଁ; ଆପଣଙ୍କ ରାଜ୍ୟରେ ଆମ୍ଭେମାନେ ଘରଠାରୁ ଅଧିକ ସୁଖରେ ଥିଲୁଁ । ଆପଣଙ୍କର ଏହି ଅଲୌକିକ ମହୋପକାର କୃତଜ୍ଞତାର ସୀମାକୁ ବହୁ ଦୂର ଟପି-ଯାଇଅଛି ।" ବିରାଟରାଜା ଯୁଧିଷ୍ଠିରଙ୍କୁ ଆଉ ଅଧିକ କହିବାକୁ ନ ଦେଇ ବିନୀତ ଭାବରେ କହିଲେ—"କ୍ଷାନ୍ତ ହେଉନ୍ତୁ ଧର୍ମରାଜ, ଅଧିକ କହିଲେ ମୁଁ ଅଧିକ ଲଜ୍ଜିତ ହେବି ସିନା ! ଆପଣଙ୍କର ସତ୍କାର ମୁଁ କିଛି କରିପାରି ନାହିଁ, ମୋ ପ୍ରତି ଅଗାଧ ସ୍ନେହ ହେତୁ ଆପଣ କଥା ବଢାଇ କହୁଅଛନ୍ତି—ତାହା ଆପଣଙ୍କର ସ୍ନେହର ଅତ୍ୟୁକ୍ତି—ତାହା ମହାପୁରୁଷଙ୍କ ଲକ୍ଷଣ । ସେମାନଙ୍କ ଆଖିକୁ ଖୁବ୍ ସାନ ମଧ୍ୟ ଖୁବ୍ ବଡ଼ ଦିଶେ । ଆପଣଙ୍କ ମହାବଂଶ ସଙ୍ଗରେ ସମ୍ବନ୍ଧ ସ୍ଥାପନ କରି ବନ୍ଧୁତା ସୁଦୃଢ଼ୀଭୂତ କରିବାକୁ ମୁଁ ଏକାନ୍ତ ଲାଳାୟିତ । ଏଣୁ ଶ୍ରୀଚରଣରେ ମୋର ଗୋଟିଏ ଭିକ୍ଷା ଅଛି । ତାହା ଏହି ଯେ, ମଧ୍ୟମପାଣ୍ଡବ ବୀରବର ଅର୍ଜୁନଙ୍କ ମହୋପକାର ମୁଁ ଜୀବନରେ ଶୁଝିପାରିବି ନାହିଁ । ତାଙ୍କରି ହେତୁ ମୋର ରାଜ୍ୟରକ୍ଷା ଓ ସମ୍ମାନବୃଦ୍ଧି ହୋଇଅଛି । ମୋର ଇଚ୍ଛା—ମୁଁ ତାଙ୍କ ହସ୍ତରେ ମୋର ରୂପଗୁଣବତୀ ଉତ୍ତରାକନ୍ୟାକୁ ସମ୍ପ୍ରଦାନ କରି ତାଙ୍କର ସେହି ଉପକାରର କିଞ୍ଚିତ୍ ପ୍ରତିଦାନ କରିବି । ମହାରାଜ ! ଅନୁମତି କରନ୍ତୁ—ମୋର ଆଶା ଫଳବତୀ ହେଉ ।" ଯୁଧିଷ୍ଠିର କିଛି ଉତ୍ତର ନ ଦେଉଣୁ ବୀର-ଚୂଡ଼ାମଣି ସବ୍ୟସାଚୀ କହିଲେ—"ନା, ତାହା ହୋଇପାରିବ ନାହିଁ । ଉତ୍ତରକୁ ମୁଁ ବର୍ଷେକାଳ

ଗୀତବାଦ୍ୟ ଶିକ୍ଷା ଦେଇଅଛି, ମୁଁ ତାହାର ଶିକ୍ଷାଗୁରୁ, ସେ ମୋର ଛାତ୍ରୀ, ସୁତରାଂ କନ୍ୟାସ୍ଥାନୀୟା । ଅତଏବ ଆପଣଙ୍କର ଏ ପ୍ରସ୍ତାବ ଅତି ଅସଙ୍ଗତ । ତେବେ ଆମ୍ଭର ବଂଶ ସହିତ ସମ୍ବନ୍ଧ କରିବାକୁ ଯଦି ଆପଣଙ୍କର ଏକାନ୍ତ ଇଚ୍ଛା ହୋଇଥାଏ, ତାହାହେଲେ ମୋର ପୁତ୍ର ଅଭିମନ୍ୟୁଙ୍କୁ କନ୍ୟାଦାନ କରନ୍ତୁ । ସେ ବିବାହ ରାଜଯୋଟକ ହେବ ଓ ଶୋଭା ସଙ୍ଗେ ଶୌର୍ଯ୍ୟର ମିଳନ ଭଳି ସୁନ୍ଦର ଓ ମଧୁର ହେବ ।" ବିରାଟରାଜା ଏ ପ୍ରସ୍ତାବରେ ସମ୍ମତ ହେବାରୁ ଧର୍ମରାଜ ଆନନ୍ଦରେ ଅଧୀର ହୋଇ କହିଲେ, "ମୋର ଅଭିମନ୍ୟୁ ମୋ ବଂଶର ରତ୍ନଦୀପ, ପ୍ରଭାବରେ ଦ୍ୱିତୀୟ ଅର୍ଜୁନ ; ଯେ ସ୍ୱୟଂ ବିଶ୍ୱଭରସା ପୁଣ୍ଡରୀକାକ୍ଷ ଶ୍ରୀକୃଷ୍ଣଙ୍କର ଭଗିନେୟ, ତାହା ପରି ଭାଗ୍ୟଧର ଆଉ କିଏ ହେବ ? ଦୀର୍ଘଜୀବୀ ହୋଇଥାଉ ବତ୍ସ ମୋର । ହେ ବିରାଟରାଜା, ଶୁଭକାର୍ଯ୍ୟର ଅନୁଷ୍ଠାନ ଶୀଘ୍ର ହେବା ଉଚିତ । ତୁମ୍ଭେ ସତ୍ୱର ଦୂତ ପଠାଇ ଆମ୍ଭର ଆତ୍ମପ୍ରକାଶବାର୍ତ୍ତା ଆମ୍ଭ ବନ୍ଧୁରାଜାମାନଙ୍କୁ ଜଣାଇଦିଅ ଓ ବିବାହର ଆୟୋଜନ କର ।" ବିରାଟରାଜା 'ଯେ ଆଜ୍ଞା' କହି ଯୁଧିଷ୍ଠିରଙ୍କୁ ପ୍ରଣାମ କଲେ ।

ପାଣ୍ଡବ ଅଜ୍ଞାତବାସରୂପ କଠୋର ଅଗ୍ନି-ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିରାଟ ରାଜଧାନୀରେ ଅବସ୍ଥାନ କରୁଅଛନ୍ତି, ଏ ସମ୍ବାଦ ବିଜୁଳି ପରି ଚାରିଆଡେ ଚରିଗଲା । ସେମାନଙ୍କର ବନ୍ଧୁବାନ୍ଧବ ଓ ମିତ୍ର ରାଜାମାନେ ଏ ଆକସ୍ମିକ ଶୁଭସମ୍ବାଦରେ ଆନନ୍ଦିତ ହୋଇ ସେମାନଙ୍କୁ ସମ୍ଭାଷିବାକୁ ଆସିଲେ । ଏକ ଯାତ୍ରାରେ ସେମାନଙ୍କର ବନ୍ଧୁ-ସମ୍ଭାଷା ଏବଂ ବିବାହ-ନିମନ୍ତ୍ରଣ ରକ୍ଷା ଉଭୟ କାର୍ଯ୍ୟ ହେଲା । ଦ୍ୱାରକାରୁ କୃଷ୍ଣ, ବଳରାମ, ସୁଭଦ୍ରା, ଅଭିମନ୍ୟୁ ଓ ଯଦୁବଂଶୀୟମାନଙ୍କୁ ସଙ୍ଗରେ ଘେନି ଆସିଲେ । ଦ୍ରୁପଦ ରାଜ୍ୟରୁ ଦ୍ରୌପଦୀଙ୍କର ପାଞ୍ଚପୁତ୍ର ଆସିଲେ । ପାଣ୍ଡବଙ୍କ ବନବାସ ସମୟରେ ଅଭିମନ୍ୟୁ ପ୍ରଭୃତି ପାଣ୍ଡବକୁମାର ସ୍ୱ ସ୍ୱ ମାତୁଳାଳୟରେ ଥିଲେ—ଅର୍ଥାତ୍ ଅଭିମନ୍ୟୁ ମାତାଙ୍କ ସହ ଦ୍ୱାରକାରେ ଥିଲେ ଏବଂ ଦ୍ରୌପଦୀଙ୍କର ପଞ୍ଚପାଣ୍ଡବ ଔରସଜାତ ପ୍ରତିବିନ୍ଧ୍ୟାଦି ପଞ୍ଚପୁତ୍ର ଦ୍ରୁପଦ ରାଜାଙ୍କ ଘରେ ଥିଲେ । ସମସ୍ତ ନିମନ୍ତ୍ରିତ ଯଥାସମୟରେ ଆସି ଉପସ୍ଥିତ ହେଲେ । ବିରାଟରାଜା ସମସ୍ତଙ୍କୁ ଯଥୋଚିତ ସତ୍କାର ସମ୍ବର୍ଦ୍ଧନାରେ ପରମାପ୍ୟାୟିତ କଲେ । ଶୁଭଲଗ୍ନରେ ଉତ୍ତରା ଅଭିମନ୍ୟୁଙ୍କର ବିବାହ ନିର୍ବିଘ୍ନରେ ହୋଇଗଲା । ରାଜଧାନୀରେ କେତେ ଦିନ ଯାଏ ଆଡ଼ମ୍ବରରେ ଉତ୍ସବ ଆମୋଦ ଲାଗିଲା । ଅନନ୍ତର ନିମନ୍ତ୍ରିତମାନେ ବିଦାୟ ଘେନି ସ୍ୱ ସ୍ୱ ଗୃହକୁ ଫେରିଗଲେ । କେବଳ କୃଷ୍ଣ, ବଳରାମ ପ୍ରଭୃତି କେତେ ଜଣ ରହିଲେ ।

ଯୁଧିଷ୍ଠିର କୃଷ୍ଣଙ୍କୁ କହିଲେ—"ଯଦୁନାଥ, ତୁମ୍ଭର ଦୟାବଳରୁ ଆମ୍ଭେମାନେ ଏ ଦୁସ୍ତର ସଙ୍କଟରୁ ଉଦ୍ଧାର ଲାଭ କଲୁଁ । ତୁମ୍ଭର ପାଣ୍ଡବସଖା ନାମ ଯଥାର୍ଥ । ତୁମ୍ଭ କୃପାରେ ମୂକ ବାଗ୍ମୀ ହୁଏ, ତୁମ୍ଭର କ୍ରୋଡ଼ରେ ବିନ୍ଦୁ ସିନ୍ଧୁ ହୁଏ ଆଉ ରେଣୁ ହିମାଳୟ ହୁଏ । ବାସୁଦେବ, ଦୀର୍ଘ ତେରବର୍ଷ କାଳ ତୁମ୍ଭେ ମୋର ଚକ୍ଷୁ ଉହାଡ଼ରେ ଥିଲ; ମାତ୍ର ଦଣ୍ଡକ ପାଇଁ ମୁଁ ତୁମ୍ଭଙ୍କୁ ମନ ଉହାଡ଼ରେ ରଖି ନାହିଁ । ତୁମ୍ଭେ କେତେ କେତେ ଦୁରୂହ ସଙ୍କଟରୁ ଆମ୍ଭମାନଙ୍କୁ ରକ୍ଷା କରିଅଛ, ବର୍ତ୍ତମାନ ଆଉ ଗୋଟିଏ କାର୍ଯ୍ୟ କରି ଆମ୍ଭମାନଙ୍କର ଏବଂ ଆମ୍ଭ କୁରୁବଂଶର କଲ୍ୟାଣ ସାଧନ କର । ସେ କାର୍ଯ୍ୟ ବଡ଼ କଠିନ, ତୁମ୍ଭ ଛଡ଼ା ତାହା ଅନ୍ୟ କାହାର ସାଧ୍ୟ ନୁହେ । ଆମ୍ଭେମାନେ ପଣମୁକ୍ତ ହେଲୁଁ, ଏବେ ଦୁର୍ଯ୍ୟୋଧନ ଆମ୍ଭଙ୍କୁ ଅଧେ ରାଜ୍ୟ ଛାଡ଼ିଦେଉ—ତୁମ୍ଭେ ହସ୍ତିନା ଯାଇ କୁରୁସଭାରେ ଏହି ପ୍ରସ୍ତାବ କର । ଦୁର୍ଯ୍ୟୋଧନ ଏଥିରେ ସମ୍ମତ ନ ହେଲେ ଆମ୍ଭେମାନେ ଯୁଦ୍ଧ କରି ନ୍ୟାଯ୍ୟ ଅଂଶ ଅଧିକାର କରିବୁଁ ।" କୃଷ୍ଣ କହିଲେ—"ଦୁର୍ଯ୍ୟୋଧନକୁ ତ ଭଲ କହିଲେ ସଇ ହୁଏ, ତାକୁ ଯେତେ ବୁଝାଇଲେ କଅଣ ହେବ ? କୁକୁର ଲାଙ୍ଗୁଡ଼, ଯେଉଁ ବଙ୍କାରୁ ସେହି ବଙ୍କା । ତେବେ ତୁମ୍ଭ ଅନୁରୋଧରେ ମୁଁ ତୁମ୍ଭର ଦୂତ ହୋଇ ଅବଶ୍ୟ ଯିବି; ମାତ୍ର ଫଳ କଅଣ ହେବ, କହିହେଉ ନାହିଁ । ଯାହା ହେଉ, ଥରେ ଯାଇ ମୁଁ ଯଥାସାଧ୍ୟ ଚେଷ୍ଟା କରିବି ।" ଶ୍ରୀକୃଷ୍ଣ ଏହା କହି ସେହି ଦିନ ହସ୍ତିନା ଅଭିମୁଖରେ ରଥାରୋହଣପୂର୍ବକ ଯାତ୍ରା କଲେ । ବଳରାମ ଓ ଯଦୁବଂଶୀୟ ପାଣ୍ଡବମାନଙ୍କ ପାଖରୁ ବିଦାୟ ନେଇ

ସ୍ୱୀୟ ଯାନବାହନ ଆରୋହଣପୂର୍ବକ ଦ୍ୱାରକାକୁ ପ୍ରସ୍ଥାନ କଲେ ।

ଶ୍ରୀକୃଷ୍ଣ ହସ୍ତିନାରେ ପହଞ୍ଚି ବିଦୁରଙ୍କୁ ସଙ୍ଗରେ ଘେନି କୌରବ ରାଜସଭାକୁ ବିଜେକଲେ । ସଭାରେ ସଭ୍ରାତ ଦୁର୍ଯ୍ୟୋଧନ, ପୁଣ୍ୟପ୍ରାଣ ଭୀଷ୍ମ, ମହାଯଶା ଦ୍ରୋଣ, କର୍ଣ୍ଣ, ଧୃତରାଷ୍ଟ୍ର ପ୍ରଭୃତି ଉପସ୍ଥିତ ଥିଲେ । ଶ୍ରୀକୃଷ୍ଣ ସେମାନଙ୍କ ସମ୍ମୁଖରେ ପାଣ୍ଡବମାନଙ୍କୁ ଅର୍ଦ୍ଧରାଜ୍ୟ ଛାଡ଼ିଦେବାର ପ୍ରସ୍ତାବ କଲେ । ପାଣ୍ଡବମାନେ ନିର୍ବ୍ବିପଦରେ ଅଜ୍ଞାତବାସ କଟାଇ ଅସ୍ତ୍ରଧାରଣ କରିଅଛନ୍ତି, ଏ ସମ୍ବାଦ ଶୁଣିଲାଦିନୁଁ ପାପବୁଦ୍ଧି ଦୁର୍ଯ୍ୟୋଧନ ହୃଦୟରେ ପ୍ରଚଣ୍ଡ ଈର୍ଷାନଳ ଜଳିଉଠିଅଛି, ତାହା ଉପରେ କୃଷ୍ଣଙ୍କର ଏ ପ୍ରସ୍ତାବ ଅଗ୍ନିରେ ଆହୁତି ତୁଲ୍ୟ ହେଲା ; ମାତ୍ର ସେ କିଛି କହିଲା ନାହିଁ । ଅସହ୍ୟ କ୍ରୋଧର ଉଚ୍ଛ୍ୱାସରେ ତାହାର କଣ୍ଠ ରୁଦ୍ଧ ହୋଇଗଲା । ସେ କିଛି ନ କହିଲେ ସୁଦ୍ଧା ତାହାର ମନୋଗତ କ୍ରୋଧ ଭାଷା-ରୂପରେ ନ ବାହାରିଲେ ସୁଦ୍ଧା, ଚକ୍ଷୁ ମୁଖରେ ସେହି କ୍ରୋଧ ମୂର୍ତ୍ତି ହୋଇଉଠିଲା । ରୌଦ୍ରସ୍ଥ ଦୀପଶିଖା ପରି ତାହାର ମୁହଁ ଫିକା ପଡ଼ିଗଲା । ବୃଦ୍ଧ ପିତାମହ ଭୀଷ୍ମ, ଧାର୍ମିକ ବିଦୁର, ନ୍ୟାୟନିଷ୍ଠ ଦ୍ରୋଣ ପ୍ରଭୃତି ସ୍ପଷ୍ଟଭାଷୀ ନିର୍ଭୀକ ମହାତ୍ମା କୃଷ୍ଣଙ୍କ ପ୍ରସ୍ତାବ ସମର୍ଥନ କରି ଦୁର୍ଯ୍ୟୋଧନଙ୍କୁ ଅନେକ ବୁଝାଇଲେ; ମାତ୍ର ସବୁ ପଣ୍ଡ ଅରଣ୍ୟରୋଦନରେ ପରିଣତ ହେଲା । ସମସ୍ତଙ୍କର ସଦୁପଦେଶ ତାହାର ଏ କାନରେ ପଶି ସେ କାନବାଟେ ବାହାରିଗଲା । ଯେଉଁମାନଙ୍କର ଗୋଟିଏ ଗୋଟିଏ କଥା ଗୋଟିଏ ରତ୍ନପିଣ୍ଡଠାରୁ ମୂଲ୍ୟବାନ୍, ସେମାନଙ୍କ କଥା ବି ବିଫଳ ହୋଇଗଲା । ଚୋର କି ଧର୍ମ ଉପଦେଶ ଶୁଣିବ ? ଭୂତ କି ରାମନାମ ଭଜି ଦୁଷ୍ଟପ୍ରକୃତି ଛାଡ଼ିବ ? ଅନ୍ୟର କଥା କିଏ ପଚାରେ, ତାହାର ଅନ୍ଧ ବୃଦ୍ଧ ପିତା ସ୍ୱୟଂ ଧୃତରାଷ୍ଟ୍ର ସୁଦ୍ଧା ଅନେକ ବୁଝାଇଲେ, ମାତା ଗାନ୍ଧାରୀ ସଜଳ ନେତ୍ରରେ କେତେ ରାଣ ନିୟମ ପକାଇ କହିଲେ; କିନ୍ତୁ ଦୁରାଚାର କୁପୁତ୍ର ଦୁର୍ଯ୍ୟୋଧନ ପରମଗୁରୁ, ପରମଦେବତା ପିତାମାତାଙ୍କର ବୋଲ ମାନିଲା ନାହିଁ । ଅଧିକନ୍ତୁ ବାରମ୍ବାର ବଜ୍ରବତ ସ୍ୱରରେ କହିଲା—"ଅର୍ଦ୍ଧରାଜ୍ୟ କଥା ଦୂରରେ ଥାଉ, ତୀକ୍ଷ୍ଣ ଛୁଞ୍ଚି ମୂନରେ ଯେତିକି ମାଟି ରହିବ, ବିନା ଯୁଦ୍ଧରେ ତାହାର ଅଧେ ସୁଦ୍ଧା ଦେବି ନାହିଁ । ପୃଥିବୀ ଅପାଣ୍ଡବ ହେବ, ନଚେତ୍ ଅକୌରବ ହେବ—ଏଥିର ଅନ୍ୟଥା ହେବ ନାହିଁ । ସୂର୍ଯ୍ୟ ଯଦି ପଶ୍ଚିମରେ ଉଦୟ ହୁଅନ୍ତି, ଅଗ୍ନି ଯଦି ଦର୍ପଣରେ ପରିଣତ ହୁଏ, ସର୍ପ ଯଦି ଅମୃତ ଉଦ୍‌ଗାର କରେ, ବାରିରେ ଯଦି ପଦ୍ମ ପ୍ରସ୍ଫୁଟିତ ହୁଏ, ତଥାପି ମୋର ପ୍ରତିଜ୍ଞାଭଙ୍ଗ ହେବ ନାହିଁ ।" ଶ୍ରୀକୃଷ୍ଣ ଏହି ନିରାଶ ବାଣୀ ଶୁଣି ଶେଷରେ ପାଣ୍ଡବ ପାଞ୍ଚଭାଇଙ୍କ ପାଇଁ ପାଞ୍ଚଖଣ୍ଡିମାତ୍ର ଗ୍ରାମ ପ୍ରାର୍ଥନା କଲେ; ମାତ୍ର ଦୁର୍ମତି ଦୁର୍ଯ୍ୟୋଧନ ତାହା ସୁଦ୍ଧା ପ୍ରତ୍ୟାଖ୍ୟାନ କଲା । ସ୍ୱୟଂ ବୃଷ୍ଣି କୁଳଚନ୍ଦ୍ର କୃଷ୍ଣଚନ୍ଦ୍ରଙ୍କ କଥା ଅବଜ୍ଞା କରିବାରୁ ନିରପେକ୍ଷ ସାଧୁବ୍ୟକ୍ତିମାନେ ଦୁର୍ଯ୍ୟୋଧନକୁ ଅନେକ ନିନ୍ଦା କଲେ; ମାତ୍ର ସେ କାହାରି ନିନ୍ଦା ବା ବିରକ୍ତି ପ୍ରତି ଭ୍ରୂକ୍ଷେପ କଲା ନାହିଁ । ତହୁଁ ଶ୍ରୀକୃଷ୍ଣ ଫେରିଯାଇ ଯୁଧିଷ୍ଠିରଙ୍କୁ ସମସ୍ତ ଜଣାଇଲେ । ଧର୍ମରାଜ ଗୋଟାଏ ବ୍ୟଥା-ଜଡ଼ିତ ଦୀର୍ଘନିଃଶ୍ୱାସ ପକାଇ କହିଲେ—"ହାୟ, ତେବେ କୁରୁକୁଳ ସମୂଳ ବିନଷ୍ଟ ହେଲା । କୁଟିଳ କ୍ରୂରକର୍ମା, କୁରୁକୁଳାଙ୍ଗାର ଦୁର୍ଯ୍ୟୋଧନ ଦେଖୁଛି ବିଶାଳ କୁରୁ ମହାବଂଶରେ ବତି ଦେବାକୁ କେହି ରହିବ ନାହିଁ । ଦୁର୍ଯ୍ୟୋଧନ ଯେପରି ଦୁର୍ଦ୍ଦାନ୍ତ ଅଭିମାନୀ, ସେ ଯେ କାହାର କଥାରେ କର୍ଣ୍ଣପାତ କରିବ ନାହିଁ, ଏହା ମୁଁ ଜାଣେ । ତଥାପି ନ୍ୟାୟଧର୍ମର ଅନୁରୋଧରେ ତାକୁ ଥରେ ପଚାରି ପଠାଇବା ଉଚିତ ବୋଲି ତାହା କରିଥିଲି । ହେ କେଶବ, ଅକାରଣ ତୁମ୍ଭଙ୍କୁ କ୍ଳେଶ ଦେଲି—କ୍ଷମା କରିବ । ଏବେ ଆମ୍ଭମାନଙ୍କର କର୍ତ୍ତବ୍ୟ କଅଣ, ମୋତେ ସେହି ପରାମର୍ଶ ଦିଅ ।"

ଯଥାସମୟରେ ଯୁଧିଷ୍ଠିର ଭାଇମାନଙ୍କୁ ଘେନି ସଭା କରି ବସିଲେ । ସଭାରେ ଶ୍ରୀକୃଷ୍ଣ ଦ୍ରୁପଦ ବିରାଟ ରାଜା ଓ ଅନ୍ୟାନ୍ୟ ବନ୍ଧୁ ଉପସ୍ଥିତ ଥିଲେ । ବର୍ତ୍ତମାନ ଉପସ୍ଥିତ କର୍ତ୍ତବ୍ୟ କଅଣ, ଏହି ବିଷୟରେ ମନ୍ତ୍ରଣା ଲାଗିଲା । ଅନେକ ଯୁକ୍ତିତର୍କ ପରେ ଶେଷରେ ଯୁଦ୍ଧ କରିବା ସାର ସିଦ୍ଧାନ୍ତ ହେଲା । ଶ୍ରୀକୃଷ୍ଣ ପାଣ୍ଡବଙ୍କ-ଠାରୁ ବିଦାୟ ହୋଇ ରଥାରୋହଣପୂର୍ବକ ଦ୍ୱାରକା-

ଅଭିମୁଖରେ ଯାତ୍ରା କଲେ । ପାଣ୍ଡବ ଯୁଦ୍ଧର ଆୟୋଜନରେ ମନୋଯୋଗୀ ହେଲେ । ତେଣେ ଦୁର୍ଯ୍ୟୋଧନ ମଧ୍ୟ ଯୁଦ୍ଧ ନିମିତ୍ତ ପ୍ରସ୍ତୁତ ହେବାକୁ ଲାଗିଲା । ଉଭୟ ପକ୍ଷରୁ ଦୂତମାନେ ଯାଇ ନିଜ ନିଜର ସପକ୍ଷ ରାଜାମାନଙ୍କୁ ଯୁଦ୍ଧ ସକାଶେ ନିମନ୍ତ୍ରଣ କରି ବୁଲିଲେ । ଅସ୍ତ୍ରଶସ୍ତ୍ର, ଯାନବାହନ ଓ ଖାଦ୍ୟାଦି ଯୁଦ୍ଧ ଉପକରଣର ବିପୁଳ ଆୟୋଜନ ଲାଗିଲା । ଏହି ଯୁଦ୍ଧରେ ବିଶାଳ ଭାରତର ସମସ୍ତ ରାଜା ନିମନ୍ତ୍ରିତ ହୋଇଥିଲେ ।

ଯଥାସମୟରେ ନିମନ୍ତ୍ରିତ ରାଜନ୍ୟବର୍ଗ ଚତୁରଙ୍ଗ ବଳ ସହ ଆସି ଉପସ୍ଥିତ ହେଲେ । ସୈନ୍ୟ କୋଳାହଳରେ ଆକାଶ ପୃଥିବୀ କମ୍ପିବାକୁ ଲାଗିଲା । ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ପକ୍ଷ ଗ୍ରହଣ କଲେ । ସେ ମହାଭାରତ ଯୁଦ୍ଧରେ ଅସ୍ତ୍ର ଧରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିବାରୁ ଅର୍ଜୁନଙ୍କର ସାରଥି ହେବାକୁ ସ୍ୱୀକାର କଲେ । ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଶଲ୍ୟ, କୃପ, ଅଶ୍ୱତ୍ଥାମା, ଶକୁନି, ଜୟଦ୍ରଥ ପ୍ରଭୃତି ବିଶ୍ୱବିଜୟୀ ମହାରଥ କୌରବପକ୍ଷ ଏବଂ ଦ୍ରୁପଦ, ବିରାଟ, ଶିଖଣ୍ଡୀ, ଧୃଷ୍ଟଦ୍ୟୁମ୍ନ, ଉତ୍ତର, ଘଟୋତ୍କଚ, ସାତ୍ୟକି ପ୍ରଭୃତି ମହାମହେଷ୍ୱାସ ବୀର ପାଣ୍ଡବପକ୍ଷ ଅବଲମ୍ବନ କରିଥିଲେ । କୌରବପକ୍ଷର ସୈନିକସଂଖ୍ୟା ଏଗାର ଅକ୍ଷୌହିଣୀ ହେଲା ଏବଂ ପାଣ୍ଡବ ପକ୍ଷର ସୈନିକସଂଖ୍ୟା ସାତ ଅକ୍ଷୌହିଣୀ ହେଲା । ଏହି ଅଷ୍ଟାଦଶ ଅକ୍ଷୌହିଣୀ ସୈନିକ ଘେନି ଉଭୟ ପକ୍ଷ ଯୁଦ୍ଧ ସକାଶେ ଥାନେଶ୍ୱର ନିକଟବର୍ତ୍ତୀ କୁରୁକ୍ଷେତ୍ରନାମକ ଧର୍ମକ୍ଷେତ୍ରରେ ଯାଇ ଉପସ୍ଥିତ ହେଲେ । ଯୁଧିଷ୍ଠିର ଉଭୟ ସୈନିକମଧ୍ୟରେ ଠିଆ ହୋଇ ଧର୍ମ ଡାକ ଦେବାରୁ ଦୁର୍ଯ୍ୟୋଧନର ଭାଇ ଧାର୍ମିକ ଯୁଯୁତ୍ସୁ ଭ୍ରାତୃପକ୍ଷ ତ୍ୟାଗ କରି ତାଙ୍କଠାରେ ଆସି ଶରଣ ପଶିଲା । ଧର୍ମରାଜ ତାକୁ ଆଦର ଆଗ୍ରହ ସହ ଗ୍ରହଣ କଲେ । ସମସ୍ତେ କହିଲେ—ଧର୍ମ ଯେଉଁଠାରେ, ଧାର୍ମିକ ସେହିଠାରେ ଏବଂ ଜୟ ମଧ୍ୟ ସେହିଠାରେ । ଧାର୍ମିକ ଛଡ଼ା ବିଜୟଲକ୍ଷ୍ମୀ, ଗୌରବଲକ୍ଷ୍ମୀ ଓ ରାଜଲକ୍ଷ୍ମୀ ଅନ୍ୟ କାହାକୁ ଆଶ୍ରୟ କରନ୍ତି ନାହିଁ ।

ଯଥାସମୟରେ ଯୁଦ୍ଧ ଆରମ୍ଭ ହେଲା । ବୀରବାଦ୍ୟ ଭୀଷଣ ରବରେ ବାଜିଉଠିଲା । ବାଣରେ ଆକାଶ ଛାଇଗଲା, ସୂର୍ଯ୍ୟକିରଣ ଦେଖାଗଲା ନାହିଁ । ସବୁବେଳେ ଦୁର୍ଦ୍ଦିନ ଜାଣିଲା ପରି ଜଣାଗଲା । ଅସ୍ତ୍ରର ଝନ୍‌ଝନ୍, ରଥଚକ୍ରର ଘର୍ଘର ଶବ୍ଦ, ଶଙ୍ଖନାଦ, ସିଂହନାଦ, ଘାତକର ହୁଙ୍କାର, ଆହତର ଚିତ୍କାର ଏକାଠି ହୋଇ ପ୍ରଳୟର ମହାକାଳ ଗର୍ଜନ ତୁଲ୍ୟ ବିକଟ ଭୀଷଣାକାର ଧାରଣ କଲା । ସତେ ଯେପରି ପୃଥିବୀ ଖଣ୍ଡଖଣ୍ଡ ହୋଇ ଫାଟିଗଲା କିମ୍ବା ଜ୍ୟୋତିଷ୍କକୁଳର ଆକର୍ଷଣ ରଜ୍ଜୁ ଛିନ୍ନବିଛିନ୍ନ ହୋଇଗଲା । ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଭୀମ, ଅର୍ଜୁନ, ଅଭିମନ୍ୟୁ ପ୍ରଭୃତି ମହାରଥ ଝମି ଝମିଗଲା ପରି ପ୍ରଚଣ୍ଡ ବେଗରେ ଘୂରି ବୁଲିଲେ । ସେ ଭୀଷଣ ଦୃଶ୍ୟ କେହିର ଅସହ୍ୟ । ରଥମାନଙ୍କର ଗତି କି ପ୍ରଖର, ତାହା ବୁଲିଯାଉଅଛି କି ଉଡ଼ିଯାଉଅଛି କିଛି ବାରିହେଉ ନାହିଁ । ସତେ ଯେପରି ପ୍ରକାଣ୍ଡ ପୋତସମୂହ ତରଙ୍ଗିଳ ସମୁଦ୍ର ବକ୍ଷରେ ଇତସ୍ତତଃ ଧାବିତ ହେଉଅଛି । ସେ ମହାବେଗ ସମ୍ଭାଳି ନ ପାରି ତରଙ୍ଗମାଳା ଭାଙ୍ଗିଯାଉଅଛି । ଛିନ୍ନ ନରଶିରମାନ ରଣଚଣ୍ଡୀଙ୍କର କ୍ରୀଡ଼ାକନ୍ଦୁକ ପରି ଗଡ଼ୁଅଛି । ଦାଣ୍ଡିକ ମଧ୍ୟରେ କେଉଁଠାରେ ନରମାଂସ ଅସ୍ଥିମେଦାରେ ଦେବୀଙ୍କର ବୀଭତ୍ସ ଭୋଗଥାଳିଆ ପ୍ରସ୍ତୁତ ହୋଇଗଲା, କେଉଁଠାରେ ବା ଉଷ୍ଣ ବୀର ଶୋଣିତରେ ତୀବ୍ର ଉନ୍ମାଦକ ସୁରା-ସ୍ରୋତ ବହିଗଲା । ବିଶାଳ ରଣକ୍ଷେତ୍ର ଏହିପରି ସମରକାଳିକାଙ୍କର ଭୋଗମଣ୍ଡପରେ ପରିଣତ ହେଲା । ମୃତ ମୁମୂର୍ଷୁରେ ରଣସ୍ଥଳୀ ଭୀଷଣ ହୋଇଉଠିଲା—ଭଗ୍ନ ଅସ୍ତ୍ରରାଶିରେ କଣ୍ଟକିତ ହୋଇଗଲା । ଚାରିଆଡ଼େ ରୌଦ୍ରରସ ବିଭୀଷିକା ମୂର୍ତ୍ତି ଧରି ଖେଳି ବୁଲିଲା ଏବଂ ବ୍ୟଥାତୁର କରୁଣରସ ହାହାକାର କରି କାନ୍ଦି ବୁଲିଲା । ବୀର ହୃଦୟରେ କି ଉନ୍ମାଦନା, କି ପ୍ରେରଣା ଅଛି କେଜାଣି, ସେ ତାର ଅମୂଲ୍ୟ ଜୀବନକୁ ବେଲକେ କଡ଼ାକର ବୋଲି ମଧ୍ୟ ଜ୍ଞାନ କରେ ନାହିଁ । ଜୀବନ ତାହା ପକ୍ଷରେ ମାଟିର କଣ୍ଢେଇ, ଇଚ୍ଛା ହେଲେ ତାହା ସଙ୍ଗରେ ଦୁଇଦିନ ଖେଳିପାରେ, ଆଉ ଇଚ୍ଛା ହେଲେ ନିର୍ବିକାରରେ ଫିଙ୍ଗିଦେଇପାରେ । ନିଜକୁ ରଣଯଜ୍ଞରେ ଆହୁତି ଦେବାକୁ ବୀରମାନେ ପୌରୁଷ ଓ ଧର୍ମ

ମଣନ୍ତି । ଭଯୁକ୍ତ ସେ ଭୟ କରନ୍ତି ନାହିଁ, ପ୍ରତ୍ୟୁତ ଭୟ ତାଙ୍କୁ ଭୟ କରେ । ଜୀବନ ବୀରର ପ୍ରିୟ ନୁହେ, ମରଣହିଁ ପ୍ରିୟ । ବୀର-ଅଭିଧାନରେ ଭୀରୁତାର ଅର୍ଥ ମରଣ ।

ଯୁଦ୍ଧ ଅଠରଦିନ ପର୍ଯ୍ୟନ୍ତ ଲାଗିଲା । ଗାଙ୍ଗେୟ ଭୀଷ୍ମ ଦଶଦିନ ଯୁଦ୍ଧ କରି ପ୍ରତିଦିନ ପାଣ୍ଡବ ପକ୍ଷର ଦଶସହସ୍ର ରଥୀ ନିଧନପୂର୍ବକ ଦ୍ରୁପଦ-ପୁତ୍ର ଶିଖଣ୍ଡୀକତୃର୍କ ବାଣବିଦ୍ଧ ହୋଇ ରଥରୁ ଖସିପଡି ଶରଶଯ୍ୟା ଗ୍ରହଣ କଲେ । ମହାଧାର୍ମିକ ଭୀଷ୍ମ ଇଚ୍ଛାମୃତ୍ୟୁ ଥିଲେ । ଦକ୍ଷିଣାୟନ ଅଶୁଦ୍ଧ କାଳ ହେତୁ ସେ ଉତ୍ତରାୟଣ ଅପେକ୍ଷାରେ ଯୁଦ୍ଧ ଶେଷପର୍ଯ୍ୟନ୍ତ ଶରଶଯ୍ୟାରେ ପଡି ଯୋଗଧ୍ୟାନରେ ଆତ୍ମନିୟୋଗ କଲେ । ଦକ୍ଷିଣାୟନରେ ଦେହ ତ୍ୟାଗ କଲେ ନିର୍ବାଣ ମୁକ୍ତି ମିଳେ ନାହିଁ ବୋଲି ପ୍ରବାଦ ଅଛି । ତହିଁପରେ ଦ୍ରୋଣ ପାଞ୍ଚଦିନ ଯୁଦ୍ଧ କଲେ । ସେ ଦୁର୍ଭେଦ୍ୟ ଜଟିଳ ବ୍ୟୂହ ରଚନା କରି ପାଣ୍ଡବ ପକ୍ଷକୁ ଅସ୍ଥିର କରି ପକାଇଲେ । ଥରେ ସେ ଚକ୍ରବ୍ୟୂହ ରଚନା କଲେ । ଅର୍ଜୁନ-ନନ୍ଦନ ଅମିତତେଜା ଅଭିମନ୍ୟୁ ଉକ୍ତ ବ୍ୟୂହ ଭେଦ କରି କୁରୁସୈନ୍ୟ ସଂହାର କରିବାକୁ ଲାଗିଲା । ବାଳକ ଅଭିମନ୍ୟୁର ରଣକୌଶଳ, ବୀରତ୍ୱ, ସାହସ ଓ ବିଚକ୍ଷଣତା ଦେଖି ବିପକ୍ଷରୁ ସୁଦ୍ଧା ଧନ୍ୟ ଧନ୍ୟ ଶବ୍ଦ ଉଠିଲା ।

ସେ ମହାବଳୀ ସିଂହଶାବକ ପରି ପ୍ରଚଣ୍ଡ ବିକ୍ରମରେ ଶତ୍ରୁବାହିନୀ ମନ୍ଥନ କରିବାକୁ ଲାଗିଲା । ମହା ମହା ରଥୀମାନେ ପୃଷ୍ଠଭଙ୍ଗ ଦେଇ ପଳାଇଲେ । ବାଳକର ଅପ୍ରତିହତ ପ୍ରଭାବରେ କୌରବ ପକ୍ଷ ଶଙ୍କିତ ହୋଇଉଠିଲେ । ତହୁଁ ସପ୍ତରଥୀ ଏକତ୍ର ହୋଇ ଅନ୍ୟାୟ ଯୁଦ୍ଧରେ ତାକୁ ନିହତ କଲେ । ଆଉ ଗୋଟିଏ ଦିନ ଅଭିମନ୍ୟୁ ଜୀବିତ ଥିଲେ ସେ ଏକାକୀ ସମସ୍ତ ସୈନ୍ୟ ସଂହାର କରିଥାନ୍ତା । ଅଭିମନ୍ୟୁ-ନିଧନରେ ପାଣ୍ଡବ ପକ୍ଷ କ୍ରୁଦ୍ଧ ହୋଇ ତୁମୁଳ ଯୁଦ୍ଧରେ ମାତିଉଠିଲେ ; ମାତ୍ର ଦ୍ରୋଣାଚାର୍ଯ୍ୟଙ୍କୁ କେହି ଅତିକ୍ରମ କରିପାରିଲେ ନାହିଁ । ସେ ସଶସ୍ତ୍ର ଥିଲେ ତାଙ୍କୁ ଜଗତରେ କେହି ପରାସ୍ତ କରିପାରିବ ନାହିଁ । ପୁଣି ପ୍ରିୟ ପୁତ୍ର ଅଶ୍ୱତ୍ଥାମାର ମୃତ୍ୟୁସମ୍ବାଦ



ନ ଶୁଣିଲେ ସେ ଅସ୍ତ୍ର ତ୍ୟାଗ କରିବେ ନାହିଁ । ଦୈବାତ୍ ଏହି ସମୟରେ ଅଶ୍ୱତ୍ଥାମା ନାମକ ହସ୍ତୀ ଯୁଦ୍ଧରେ ମରିଗଲା । ଅଶ୍ୱତ୍ଥାମା ହତ ବୋଲି ଦ୍ରୋଣଙ୍କ ଆଗରେ ଯାଇ ସମସ୍ତେ କହିଲେ ; ମାତ୍ର ସେ କାହାରି କଥାରେ ବିଶ୍ୱାସ ନ କରି ଧର୍ମରାଜଙ୍କୁ ଆସି ପଚାରିଲେ । ଅଶ୍ୱତ୍ଥାମା ହତ ବୋଲି ଯୁଧିଷ୍ଠିର କହିବାରୁ ଦ୍ରୋଣ ବିଶ୍ୱାସ କରି ପୁତ୍ରଶୋକରେ ଧନୁର୍ବାଣ ତ୍ୟାଗ କଲେ । ଏହି ସମୟରେ ଦ୍ରୁପଦପୁତ୍ର ଧୃଷ୍ଟଦ୍ୟୁମ୍ନ ଖଡ୍ଗାଘାତରେ ତାଙ୍କର ମସ୍ତକ ଛେଦନ କଲା । ଯୁଧିଷ୍ଠିର ଏହି ମିଛ ପଦକ ନ କହିଥିଲେ ଦ୍ରୋଣ ଅସ୍ତ୍ରତ୍ୟାଗ କରନ୍ତେ ନାହିଁ ; ସୁତରାଂ ମରନ୍ତେ ନାହିଁ । ସେ ଜୀବିତ ଥିଲେ ଯୁଦ୍ଧ ଜୟ କରି ହୁଅନ୍ତା ନାହିଁ । ସେଥିପାଇଁ ଯୁଧିଷ୍ଠିର ବାଧ୍ୟ ହୋଇ ମିଛ କହିଥିଲେ । ସେ ଧର୍ମରାଜ, ଜୀବନରେ କେବେ ମିଛ କହି ନାହାନ୍ତି ; ତଥାପି ଏହି ମିଥ୍ୟାପଦକ କହିଥିବାରୁ ଶେଷକାଳରେ ତାଙ୍କୁ ନରକ ଦର୍ଶନ କରିବାକୁ ପଡିଥିଲା । ଅତଏବ ଯେଉଁମାନେ ସ୍ଥାନ-ବିଶେଷ, ସମୟବିଶେଷ ବା ଅବସ୍ଥାବିଶେଷରେ ମିଛ କହିଲେ ଦୋଷ ହୁଏ ନାହିଁ ବୋଲି କହନ୍ତି, ସେମାନଙ୍କ ଉକ୍ତିର ଆଦୌ ମୂଲ୍ୟ ନାହିଁ । ମିଥ୍ୟା କେବେ ନିର୍ଦ୍ଦୋଷ ହୋଇପାରେ ନାହିଁ । ଯେଉଁ ଅବସ୍ଥାରେ ହେଉ ପଛେ ମିଛ କହିଲେ ପାପ ହେବ—ଏଥିରେ ଲେଶମାତ୍ର ସନ୍ଦେହର ଅବକାଶ ନାହିଁ ।

ଦ୍ରୋଣାଚାର୍ଯ୍ୟଙ୍କ ପରେ ମହାବୀର କର୍ଣ୍ଣ କୁରୁ-ବାହିନୀର ସେନାପତି ପଦରେ ଅଭିଷିକ୍ତ ହେଲେ । କର୍ଣ୍ଣ କୁନ୍ତୀଙ୍କର କନ୍ୟାକାଳୀନ ପୁତ୍ର । ଦୁର୍ଯ୍ୟୋଧନଙ୍କ ସାରଥିପତ୍ନୀ ରାଧା ତାଙ୍କୁ ନଦୀରେ ଭାସମାନ ମଞ୍ଜୁଷା ମଧ୍ୟରୁ ପାଇ ପୁତ୍ର ପରି ପ୍ରତିପାଳନ କରିଥିଲେ । କର୍ଣ୍ଣ ଜଣେ ସୁବିଖ୍ୟାତ ବୀର ଓ ଅଦ୍ୱିତୀୟ ଦାତା । ସେ ଦୁର୍ଯ୍ୟୋଧନର ସଖା ଓ ମନ୍ତ୍ରୀ ଥିଲେ । ତାଙ୍କର ବାହୁ-ବଳରେ ଦୁର୍ଯ୍ୟୋଧନ ଅନେକ ରାଜ୍ୟ ଜୟ କରି ଥିଲା । ତାଙ୍କ ଗୁଣରେ ମୁଗ୍ଧ ହୋଇ ଦୁର୍ଯ୍ୟୋଧନ ତାଙ୍କୁ ଅଙ୍ଗଦେଶର ରାଜସିଂହାସନ ପ୍ରଦାନ କରିଥିଲା । କର୍ଣ୍ଣ ଅଢାଇଦିନ ଯୁଦ୍ଧ କରି ଅର୍ଜୁନଙ୍କଦ୍ୱାରା ନିହତ ହେଲେ । ଅତଃପର ମଦ୍ରପତି ଶଲ୍ୟ କୌରବ ପକ୍ଷର

ସେନାପତି ହୋଇ ଯୁଦ୍ଧ କଲେ । ସେ ପଣ୍ଡୁରାଜାଙ୍କ ଦ୍ୱିତୀୟ ମହିଷୀ ମାଦ୍ରୀଦେବୀଙ୍କର ଭାଇ, ନକୁଳ-ସହଦେବଙ୍କର ମାମୁଁ; ମାତ୍ର ସେ କୌରବଙ୍କ ଅନୁକୂଳ ହୋଇଥିଲେ । ଶଲ୍ୟଙ୍କ ସଙ୍ଗରେ ଯୁଧିଷ୍ଠିରଙ୍କର ଘୋରତର ଯୁଦ୍ଧ ହେଲା । ଶେଷରେ ଧର୍ମରାଜଙ୍କ ଅସ୍ତ୍ରରେ ସେ ନିହତ ହେଲେ । ଶଲ୍ୟ ଅର୍ଦ୍ଧଦିନମାତ୍ର ଯୁଦ୍ଧ କରିଥିଲେ ।

ଯୁଦ୍ଧରେ ଦୁର୍ଯ୍ୟୋଧନର ଅନେକଗୁଡ଼ିଏ ଭାଇ ଭୀମହସ୍ତରେ ପ୍ରାଣ ହରାଇଲେ । କୁରୁସଭାରେ ଦ୍ରୌପଦୀଙ୍କୁ ବିବସ୍ତ୍ର କରିବାବେଳେ ଭୀମସେନ ପ୍ରତିଜ୍ଞା କରିଥିଲେ—ଦୁର୍ବୃତ୍ତ ଦୁଃଶାସନର ବକ୍ଷ ବିଦାରଣ କରି ରକ୍ତଲିପ୍ତ ହସ୍ତରେ ଦ୍ରୌପଦୀଙ୍କ ମୁକୁଳିତ କେଶ ବାନ୍ଧିଦେବେ । ସେହି ଦିନରୁ ଦ୍ରୌପଦୀଙ୍କ କେଶ ମୁକୁଳା ହୋଇଥିଲା । ମହାପ୍ରତାପୀ ଅଭଙ୍ଗସଙ୍କଳ୍ପ ମହାବାହୁ ଭୀମ ଦୁର୍ଯ୍ୟୋଧନର ସେହି ପ୍ରିୟତମ ଭାଇ ଦୁଃଶାସନକୁ ମାରି ସେହି ପ୍ରତିଜ୍ଞା ସାର୍ଥକ କରିଥିଲେ । ଏତଦ୍‌ବ୍ୟତୀତ ଉଭୟ ପକ୍ଷରୁ ଅନେକ ବଡ଼ ବଡ଼ ବୀର ଏବଂ ବହୁକୋଟି ସୈନିକ ଏହି ଯୁଦ୍ଧରେ ବିନଷ୍ଟ ହୋଇଥିଲେ । ମୂଳରେ ସମଗ୍ର ଭାରତ ଏହି କାଳସମରରେ ନିଃକ୍ଷତ୍ରିୟ ହୋଇଥିଲା । ଦୁର୍ଯ୍ୟୋଧନ ସମସ୍ତ ସୈନିକସାମନ୍ତ, ଆତ୍ମୀୟବନ୍ଧୁ ହରାଇ ନିରାଶ ହୋଇ ଭୟରେ ଦ୍ୱୈପାୟନ ହ୍ରଦ ମଧ୍ୟରେ ଲୁଚି ରହିଲା । ପାଣ୍ଡବ କୃଷ୍ଣ ସହ ସେଠାକୁ ଯାଇ ତାକୁ ଯୁଦ୍ଧ ସକାଶେ ଆହ୍ୱାନ କଲେ । ମହାମାନୀ ଦୁର୍ଯ୍ୟୋଧନ ଭୀମର ମର୍ମଦାହୀ ତିରସ୍କାର ସହି ନ ପାରି ହ୍ରଦ ମଧ୍ୟରୁ ଉଠିଆସି ତାହା ସହିତ ଗଦା ଯୁଦ୍ଧରେ ପ୍ରବୃତ୍ତ ହେଲା । କୁରୁସଭାରେ ଦୁର୍ଯ୍ୟୋଧନ ଦ୍ରୌପଦୀଙ୍କୁ ଊରୁ ଦେଖାଇ ଉପହାସ କରିବାବେଳେ ଗଦାଘାତରେ ତାହାର ଊରୁ ଭାଙ୍ଗିବେ ବୋଲି ମହାବଳୀ ଭୀମସେନ ପ୍ରତିଜ୍ଞା କରିଥିଲେ । ତଦନୁସାରେ ସେ ପ୍ରଚଣ୍ଡ ଗଦାଘାତରେ କୌରବାଧମ ଦୁର୍ଯ୍ୟୋଧନର ଊରୁ ଭଗ୍ନ କଲେ । ତେଣେ ଗୁରୁପୁତ୍ର ଅଶ୍ୱତ୍ଥାମା ପାଣ୍ଡବଙ୍କ ଅନୁପସ୍ଥିତି ସମୟରେ ଘୋର ନିଶୀଥ କାଳରେ ଶିବିର ମଧ୍ୟରେ ପଶି ଦ୍ରୌପଦୀଙ୍କର ପଞ୍ଚ ସୁପ୍ତ ପୁତ୍ରଙ୍କର ମସ୍ତକ ଛେଦନ କଲା । ପାଣ୍ଡବ ବୋଲି ଭ୍ରମରେ ସେ ପାଣ୍ଡବପୁତ୍ରଙ୍କୁ ହତ୍ୟା କରିଥିଲା । ସେହି ଶିଶୁପୁତ୍ରଙ୍କର ଛିନ୍ନଶିର ଦେଖି ଭଗ୍ନଜାନୁ ଦୁର୍ଯ୍ୟୋଧନର ମୁଖ ବାସିଫୁଲ ପରି ଫିକା ପଡ଼ିଗଲା । ସେ କପାଳରେ କରାଘାତ କରି ଅଶ୍ରୁସଙ୍କୁଳ ନେତ୍ରରେ ଗଦ୍‌ଗଦ କଣ୍ଠରେ କହିଲା—"ହାୟ, ନିଜ ଦୋଷରେ ମୁଁ ବଂଶ ହରାଇ ବସିଲି । ପାଣ୍ଡବପୁତ୍ର ଥିଲେ ପିତୃପୁରୁଷଙ୍କର ଅଞ୍ଜଳାଏ ପାଣିର ଭରସା ଥାଆନ୍ତା, ମୁଁ କୁଳାଙ୍ଗାର ତାଙ୍କର ସେତକ ଭରସା ସୁଦ୍ଧା ବୁଡ଼ାଇଲି, ପୁଣି ବାଳହତ୍ୟାର କାରଣ ହୋଇ ମହାପାପରେ ଲିପ୍ତ ହେଲି । ଏ ଉତ୍କଟ ପାପର ପ୍ରାୟଶ୍ଚିତ୍ତ ନାହିଁ । ସାମାନ୍ୟ ସାତଗୁଣ୍ଠ ଭୂମି ହେଲେ ତ ମୋର ଯଥେଷ୍ଟ, ତେତିକି ବି ସଙ୍ଗରେ ନେଇପାରିବି ନାହିଁ, ତେବେ ପାଣ୍ଡବଙ୍କ ବିଶାଳ ରାଜ୍ୟଟା ସାଙ୍ଗେ ମାଡ଼ି ବସିଥିଲି କାହିଁକି ? ତାଙ୍କ ଧର୍ମ ତାଙ୍କୁ ରକ୍ଷା କଲା, ଆଉ ମୋ ଈର୍ଷା ମୋତେ ନଷ୍ଟ କଲା । ମୋର ଏ କଳଙ୍କ କାହାରି ଇତିହାସକୁ କୃଷ୍ଣବର୍ଣ୍ଣ କରି ରଖିବ । ଛିଃ ଗୁରୁପୁତ୍ର, କି କୁକ୍ଷଣରେ, କି କୁବୁଦ୍ଧି ଦୋଷରେ ମୁଁ ତୁମ୍ଭଙ୍କୁ ସେନାପତି କରିଥିଲି ! ତୁମ୍ଭେ ଉଚ୍ଚ ଅଧିକାର ପାଇ ଅଜ୍ଞାନ ଶିଶୁ-ହତ୍ୟାରେ କୃତିତ୍ୱ ଦେଖାଇଲ ପରା ! ବଗର ବେକ ଲମ୍ବା ହେବା ସାନ ସାନ ମାଛ ପକ୍ଷରେ ବିପତ୍ତିଜନକ ବୋଲି ଯାହା କହନ୍ତି, ତାହା ମିଛ ନୁହେଁ । ଅପାତ୍ରରେ କ୍ଷମତାର ଦାନ ଏହିପରି ବିଷମୟ ହୁଏ । ତୁମ୍ଭର ଅତୀତ ଗୌରବୋଜ୍ଜ୍ୱଳ ଥିଲା; କିନ୍ତୁ ସେହି ଗୌରବ ସ୍ମରଣ କରି ବର୍ତ୍ତମାନ ଲଜ୍ଜିତ ହୋଇ କାନ୍ଦିବ । ତୁମ୍ଭେ ନିଜ ମୁହଁରେ କାଳି ବୋଳିହୋଇ ମୋ ମୁହଁରେ ବି ମୋର ଅନ୍ତିମ ସମୟରେ ସେହି କାଳି ବୋଳିଦେଲ । କେଉଁ ମହାନରକରେ ମୋର ଠାବ ହେବ କେଜାଣି ? ହାୟ ଦୁର୍ଦ୍ଦୈବ, ମୋର ଇହକାଳ ତ ଯାଇଥିଲା, ଏବେ ପରକାଳ ବି ଗଲା !" ଦୁର୍ଯ୍ୟୋଧନ ଏହିପରି କଠୋର ଅନୁତାପ କରୁ କରୁ ପ୍ରାଣତ୍ୟାଗ କଲା । ହାୟ, ଯାହାର ପାଦତଳେ ସ୍ୱର୍ଣ୍ଣ ଶତଦଳ ଫୁଟି-ଉଠୁଥିଲା, ସେ ଏବେ ଧୂଳିରେ ବିଲୁଣ୍ଠିତ । ଜୀବନର ପରିଣାମ ଯଦି ଏଭଳି ଶୋକାବହ ଆଉ ଶୂନ୍ୟମୟ,

ତେବେ ମାନବ ଆଶାର ସ୍ୱର୍ଣ୍ଣ ଅଟ୍ଟାଳିକା ତୋଳେ କାହିଁକି ?

ଅଶ୍ୱତ୍ଥାମା ଶିଶୁହତ୍ୟାର ଉପଯୁକ୍ତ ପ୍ରତିଫଳ ଲଭିଥିଲା । ଅର୍ଜ୍ଜୁନ ତାହା ମସ୍ତକରୁ ମଣି କାଢ଼ିଆଣି ଦ୍ରୌପଦୀଙ୍କୁ ଦେଇ ତାଙ୍କର ପୁତ୍ରଶୋକସନ୍ତାପିତ ପ୍ରାଣ କଥଞ୍ଚିତ ଶୀତଳ କଲେ । ପାଣ୍ଡବମାନେ ଜୟଶ୍ରୀମଣ୍ଡିତ ହୋଇ ଯୁଧିଷ୍ଠିରଙ୍କ ଆଜ୍ଞାନୁସାରେ ଦୁର୍ଯ୍ୟୋଧନାଦି ମୃତ ଆତ୍ମୀୟ, ଜ୍ଞାତି ଏବଂ ଅନ୍ୟାନ୍ୟ ସମସ୍ତ ମୃତ ବ୍ୟକ୍ତିଙ୍କ ଶବସତ୍କାରରେ ନିଯୁକ୍ତ ହେଲେ ।

# ପଞ୍ଚମ ପରିଚ୍ଛେଦ

ଯୁଧିଷ୍ଠିର ଯୁଦ୍ଧରେ ଜୟଲାଭ କଲେ; ମାତ୍ର ସେ ଜୟ ବସୁନ୍ଧରା ସିକ୍ତ ଜୟ ତାଙ୍କୁ ସୁଖ ବା ଆନନ୍ଦ ଦାନ କରିପାରିଲା ନାହିଁ । ଜ୍ଞାତିନାଶ ଶୋକରେ ସେ ଅଧୀର ହୋଇପଡ଼ି ନିଜର ଜୀବନକୁ ଶୂନ୍ୟ ଓ ହାହାକାରମୟ ମଣିଲେ । ସେ ଅତୀତକୁ ଭୁଲିବା ପାଇଁ ଯେତେ ଚେଷ୍ଟା କଲେ, ଅତୀତ ତେତେ ଜୀବନ୍ତ ହୋଇ ତାଙ୍କ ଆଗରେ ଠିଆ ହୋଇ ରହିଲା । ହାୟ ପିତାମହ ଭୀଷ୍ମ, ହାୟ ଗୁରୁ ଦ୍ରୋଣାଚାର୍ଯ୍ୟ, ହାୟ ପୁତ୍ର ଅଭିମନ୍ୟୁ— ଏହିପରି ମୃତବ୍ୟକ୍ତିମାନଙ୍କର ନାମ ଧରି ସେ ଝୁରି ହେବାକୁ ଲାଗିଲେ । ଶ୍ରୀକୃଷ୍ଣ ତାଙ୍କୁ ତଦବସ୍ଥ ଦେଖି ବୁଝାଇ କହିଲେ—"ଧର୍ମରାଜ, ଯେଉଁ ବୀର ପୁରୁଷମାନେ ସମ୍ମୁଖ ସମରରେ ପ୍ରାଣତ୍ୟାଗ କରି କ୍ଷାତ୍ରଧର୍ମର କୀର୍ତ୍ତିକିରୀଟ ମସ୍ତକରେ ବାନ୍ଧି ମହାନନ୍ଦରେ ହସି ହସି ବୀର-ସ୍ୱର୍ଗକୁ ଚାଲିଯାଇଅଛନ୍ତି, ସେମାନଙ୍କ ପାଇଁ ଶୋକ କରି ସେମାନଙ୍କର ପୁଣ୍ୟକ୍ଷୟ କରିବା ଉଚିତ ନୁହେଁ । ଯାହା ଚିରକାଳ ପାଇଁ ଗତ ହୋଇଛି— କୋଟି ଚେଷ୍ଟା ବା ଶୋକ ଦୁଃଖରେ ଯେ କଦାଚ ଫେରି ଆସିବ ନାହିଁ, ତାହା ପାଇଁ ବୃଥା ଶୋକ କରି ଫଳ କଅଣ ? ସେମାନେ ଏବେ ଶୋକଦୁଃଖ ମାୟାମମତାର ଅତୀତ ଯେଉଁ ସୁଖମୟ ରାଜ୍ୟରେ ବାସ କରୁଅଛନ୍ତି, ତୁମ୍ଭର ଆର୍ତ୍ତଚିତ୍କାର ସେ ରାଜ୍ୟକୁ ଶୁଭିବ ନାହିଁ । ତୁମ୍ଭେ ବାହୁବଳରେ ଯୁଦ୍ଧ ଜୟ କରିଅଛ ! କ୍ଷତ୍ରିୟ ପକ୍ଷରେ ଏହାଠାରୁ ସୌଭାଗ୍ୟ କଅଣ ଅଛି ? ଅତଏବ ତୁମ୍ଭେ ଶୋକ ମୋହ ତ୍ୟାଗ କରି ହସ୍ତିନା ସିଂହାସନରେ ବସି ରାଜ୍ୟର ଶାସନ ପାଳନରେ ମନୋନିବେଶ କର ।" ଯୁଧିଷ୍ଠିର ଦୀନ କରୁଣ ଦୃଷ୍ଟିରେ ଶ୍ରୀକୃଷ୍ଣଙ୍କୁ ଚାହିଁ ନୈରାଶ୍ୟ-ବ୍ୟଥା ସିକ୍ତ ଦୀର୍ଘ ନିଃଶ୍ୱାସ ପକାଇ କହିଲେ—"ହେ କେଶବ, ଯାହାଙ୍କ ପାଇଁ ରାଜ୍ୟ, ଯାହାଙ୍କ ପାଇଁ ସମ୍ପତ୍ତି, ସେହି ପୁତ୍ର, ମିତ୍ର, ଭ୍ରାତା ପ୍ରଭୃତି ସ୍ୱଜନ ତ କାଳସମରଯଜ୍ଞରେ ଆହୁତ ହୋଇ ସାରିଅଛନ୍ତି , ଆଉ ଏ ରକ୍ତଧୌତ ରାଜ୍ୟ, ତୁଚ୍ଛ ସମ୍ପତ୍ତି କଅଣ ହେବ ? ହସ୍ତିନାର ରାଜସିଂହାସନ ମୋ ପକ୍ଷରେ ଜ୍ଞାତିକୁଳର ଶବସ୍ତୂପ । ସ୍ୱଜନମାନଙ୍କ ଅସ୍ରୁଶୋଣିତରେ ଅଭିଷିକ୍ତ ହୋଇ ସେହି ଶବାସନରେ ବସିବାକୁ ମୋର ପ୍ରବୃତ୍ତି ହେଉ ନାହିଁ । କ୍ରନ୍ଦନ-ମୁଖର ରାଜପୁରୀ ମୋତେ ପ୍ରେତପୁରୀ ପରି ଭୟଙ୍କର ବୋଧ ହେବ । ବିଧବା ଭ୍ରାତୃବଧୂ, ପୁତ୍ରବଧୂଙ୍କର ଜ୍ୱାଲାମୟ କରୁଣ ନିଃଶ୍ୱାସ ଏବଂ ଅଶ୍ରୁବର୍ଷୀ ହାହାକାର ମୋତେ ପୋଡ଼ି ଭସ୍ମ କରିଦେବ । ସେମାନଙ୍କ ଉଷ୍ଣ ଲୋତକରେ ରାଜସିଂହାସନ ଭାସିଯିବ । ହେ କେଶବ, ମୋତେ କ୍ଷମା କର । ମୁଁ ଘୋର ବନକୁ ଯିବି, ନଚେତ୍ ଏହି ପୁଣ୍ୟତୀର୍ଥ କୁରୁକ୍ଷେତ୍ରରେ ତପସ୍ୟା କରି ପ୍ରାଣତ୍ୟାଗ କରିବି । ରାଜ୍ୟସୁଖ, ରାଜସିଂହାସନ, ରାଜପଦ—ସବୁ ଜ୍ଞାତିଚିତାନଳରେ ନିରବଶେଷ ହୋଇସାରିଅଛି । ବର୍ତ୍ତମାନ ସୁଖ ମୋ ପକ୍ଷରେ ପ୍ରାଣଘାତୀ ଜହର, ଆଉ ବର୍ତ୍ତମାନ ସିଂହାସନ ପ୍ରଜ୍ୱଳିତ ଅଗ୍ନିମଞ୍ଚ ତୁଲ୍ୟ । ମୁଁ ଏବେ ମୃତ୍ୟୁ-ଦେବତା ଦର୍ଶନାର୍ଥୀ ତୀର୍ଥଯାତ୍ରୀ । ରାଜ୍ୟ ଲୋଭରେ ଶାଖା ପ୍ରଶାଖା, ଫଳପତ୍ର ହରାଇ ଏବେ ମୁଁ ଶୁଖିଲା ବରଗଛ ପରି ଠିଆ ହୋଇଅଛି । ଯନ୍ତ୍ରଣାରେ ଦେହ, ମନ, ପ୍ରାଣ, ଆତ୍ମା ଜଳିଯାଉଅଛି । ରାଜ୍ୟ ତାର ରାଜ୍ୟ ହୋଇ ଥାଉ, ସିଂହାସନ ଗୁରୁଗମ୍ଭୀର ଅଭିମାନ ଘେନି ଧନ୍ୟ ହୋଇଥାଉ—ସେ ଦୁହିଁଙ୍କୁ ମୋର ଦୂରରୁ ଜୁହାର ।"

ଶ୍ରୀକୃଷ୍ଣ, ବ୍ୟାସ, ନାରଦ ପ୍ରଭୃତି ଋଷି ଯୁଧିଷ୍ଠିରଙ୍କୁ ଅନେକ ବୁଝାଇଲେ, ଅନେକ ଦାର୍ଶନିକ ଦୃଷ୍ଟାନ୍ତଦ୍ୱାରା ଉପଦେଶ ଦେଲେ; ମାତ୍ର କିଛି ଫଳ ହେଲା ନାହିଁ । ଯୁଧିଷ୍ଠିରଙ୍କର ଶୋକ-ନିର୍ବେଦ,

ତ୍ୟାଗବ୍ୟାକୁଳ ମନ ତାହିଁରେ ପ୍ରବୋଧିତ ହେଲା ନାହିଁ । ପରିଶେଷରେ ସମସ୍ତେ ଯୁଧିଷ୍ଠିରଙ୍କୁ ଘେନି ଶରଶଯ୍ୟାଶାୟୀ ତପୋନିରତ ଭୀଷ୍ମଦେବଙ୍କ ନିକଟକୁ ଗମନ କଲେ । ନିର୍ଭୀକ, ନିରପେକ୍ଷ, ନୈତିକପଣ୍ଡିତ, ସ୍ପଷ୍ଟବାଦୀ, ତେଜସ୍ୱୀ, ଧାର୍ମିକପ୍ରବର ଭୀଷ୍ମ ଧର୍ମରାଜଙ୍କର ବୈରାଗ୍ୟ ଶୁଣି ତାଙ୍କୁ ଅନେକ ଧର୍ମନୀତି, ରାଜନୀତି ବୁଝାଇଲେ ଏବଂ ରାଜଧର୍ମର ଅନେକ ଉପଦେଶ ଦେଲେ । ସେ କହିଲେ—"ପ୍ରକୃତ ପାଳନ ରାଜାର ପ୍ରଧାନ ତପସ୍ୟା । ଭୋଗରେ ସୁଖ ନାହିଁ କି ତ୍ୟାଗରେ ବି ସୁଖ ନାହିଁ—ସୁଖ ଥାଏ କର୍ମରେ । ଯେଉଁ ହୃଦୟୀ ବ୍ୟକ୍ତି ନିଜେ କଷ୍ଟ ସହି ପର ପାଇଁ ଅବିରତ କର୍ମ କରେ, ସେହି ଏକା ପ୍ରକୃତ ତପସ୍ୱୀ । ତାହାର ପ୍ରାଣ ଏକା ତାହା ପାଇଁ ନୁହେ—ସେ ପ୍ରାଣ ବିଶ୍ୱପ୍ରାଣ; ପବିତ୍ର ବିଶ୍ୱପ୍ରେମ ସେହି ପ୍ରାଣରେ ସୁଲଭ । ପ୍ରଜାପାଳନ ଲୋକରକ୍ଷୀ ନରପତିଙ୍କର ଧର୍ମ । ସେହି ଧର୍ମ ପାଳନ ନ କରିବା ରାଜାଙ୍କ ପକ୍ଷରେ ମହାପାପ । ଅତଏବ ବତ୍ସ ଯୁଧିଷ୍ଠିର, ତୁମ୍ଭେ ଗତ କଥାକୁ ଶୋଚନା ନ କରି କର୍ମ କର । କର୍ମହିଁ ପୁଣ୍ୟ, କର୍ମବିମୁଖତା ପାପ ।" ମହାପ୍ରାଜ୍ଞ ଭୀଷ୍ମ ଏହିପରି ଅନେକ ବୁଝାଇବାରୁ ଧର୍ମରାଜଙ୍କର ମନ ପରିବର୍ତ୍ତିତ ହୋଇଗଲା । ସେ ପିତାମହଙ୍କର ଚରଣାର୍ଚ୍ଚନା କରି ତାଙ୍କପ୍ରତି ଭକ୍ତି-ସମ୍ମାନ ପ୍ରଦର୍ଶନ କଲେ । ଅନନ୍ତର ଭୀଷ୍ମ ଦେହତ୍ୟାଗ କଲେ । ଯୁଧିଷ୍ଠିର ତାଙ୍କର ଶ୍ରାଦ୍ଧ, ସତ୍କାର କରିସାରି କୃଷ୍ଣ ଓ ଭ୍ରାତାମାନଙ୍କ ସଙ୍ଗରେ ହସ୍ତିନା ଅଭିମୁଖରେ ଯାତ୍ରା କଲେ । ଇନ୍ଦ୍ରପ୍ରସ୍ଥ ତାଙ୍କର ରାଜଧାନୀ ହେଲା । ସେ ସେହିଠାରେ ରହି ବିଶାଳ ରାଜ୍ୟ ଶାସନପାଳନ କରିବାକୁ ଲାଗିଲେ । ଇନ୍ଦ୍ରପ୍ରସ୍ଥ ନଗର ଦିଲ୍ଲୀଠାରୁ ଏକକୋଶ ଦୂରରେ ଯମୁନା ନଦୀର ଦକ୍ଷିଣରେ ଅବସ୍ଥିତ । ଯୁଧିଷ୍ଠିରଙ୍କ ରାଜତ୍ୱ ସମୟରେ ଇନ୍ଦ୍ରପ୍ରସ୍ଥ ଅମରାବତୀର ସୌନ୍ଦର୍ଯ୍ୟ ଧାରଣ କରିଥିଲା । ଏବେ ତ ତାହା ନିସର୍ଗ ସୁଷମାରେ ବିଶ୍ୱସୌନ୍ଦର୍ଯ୍ୟର ମାନଦଣ୍ଡ, ତହିଁରେ ପୁଣି ବିଜୋତିତ ଭାବରେ ମଣ୍ଡିତ ହୋଇ ପୃଷ୍ଠ ଉପରେ ଜ୍ୟୋତ୍ସ୍ନାପାତ ପ୍ରାୟ ମନୋହର ଦିଶିଲା ।

ଯୁଧିଷ୍ଠିର ରାଜ୍ୟ-ଭାର ଗ୍ରହଣ କରି ପ୍ରକୃତିପୁଞ୍ଜର ଶାସନପାଳନରେ ଆତ୍ମନିୟୋଗ କଲେ । ପ୍ରଜାମାନେ ରାମରାଜ୍ୟ ପରି ସୁଖଶାନ୍ତି ଭୋଗି ଧର୍ମ ଓ ଅଧ୍ୟାତ୍ମଚର୍ଚ୍ଚାର ପୂର୍ଣ୍ଣ ସୁଯୋଗ ଏବଂ ଅବସର ଲାଭ କଲେ । କୃଷି, ଶିଳ୍ପ-ବାଣିଜ୍ୟର ଅସାଧାରଣ ଉନ୍ନତି ହେଲା । ପ୍ରଜାଙ୍କର ଅବସ୍ଥା ଏପରି ସ୍ୱଚ୍ଛଳ ହେଲା ଯେ, ରାଜ୍ୟ ମଧ୍ୟରେ ଦୁଃଖୀ ଭିକାରୀ ରହିଲେ ନାହିଁ । ଯୁଧିଷ୍ଠିରଙ୍କର ଶାସନ ଅତି କଠୋର ନ ଥିଲା କିମ୍ବା ଅତି କୋମଳ ନ ଥିଲା । ତାଙ୍କର ରାଜ-ଅଭିମାନ ନ ଥିଲା । ମଧୁର ସରଳ ବ୍ୟବହାରଦ୍ୱାରା ସେ ପ୍ରତି ପ୍ରଜାପ୍ରାଣରେ ମିଶି ରହିଥିଲେ । ବ୍ୟବହାର ପରି କଥା ମଧ୍ୟ ତାଙ୍କର ମଧୁର ଥିଲା । ତାଙ୍କର ପ୍ରତ୍ୟେକ କଥା ପ୍ରଜାମାନଙ୍କ କାନକୁ ଜାତୀୟ ସଙ୍ଗୀତ ପରି ମିଠା ଲାଗୁଥିଲା । ରାଜା ହୋଇ ସୁଦ୍ଧା ସେ ଦୀନତମ ପ୍ରଜା ପରି ଥିଲେ । ତାଙ୍କ ସମୁଦାର ସାମ୍ୟ ଦୃଷ୍ଟିରେ ରାଜା ପ୍ରଜାର ପାର୍ଥକ୍ୟ ନ ଥିଲା । ପ୍ରଜାଙ୍କଠାରୁ ସେ ଭୟ ଆକର୍ଷଣ କରୁ ନ ଥିଲେ, ତାଙ୍କ ହୃଦୟର ଗଭୀର ପ୍ରଦେଶରୁ ଶ୍ରଦ୍ଧାଭକ୍ତି ଆକର୍ଷଣ କରୁଥିଲେ । ତାଙ୍କ ରାଜଧର୍ମ ଜଟିଳତା, କୁଟିଳତାରେ କଳୁଷିତ କିମ୍ବା ରାଜସ୍ୱାର୍ଥରେ ବିଶାକ୍ତ ନ ଥିଲା । ସେ ଆଦର୍ଶ ରାଜା । ତାଙ୍କ ଅମଳରେ ରାଜଧର୍ମର ପୂର୍ଣ୍ଣ ବିକାଶ ଘଟିଥିଲା । ଚରିତ୍ର ଓ ଜ୍ଞାନରେ ସେ ଋଷି ଥିଲେ । ତାଙ୍କ ଚରିତ୍ରରେ ରାଜଧର୍ମ ଉଜ୍ଜ୍ୱଳ ଓ ଅଲଙ୍କୃତ ହୋଇଥିଲା । ସେହି ମହାପୁରୁଷ ଯୁଧିଷ୍ଠିରଙ୍କ ହେତୁ ଭାରତର ରାଜ-ଆଦର୍ଶ ଉଚ୍ଚ ଓ ଅନୁକରଣୀୟ । ଯୁଧିଷ୍ଠିର ଅତି ପ୍ରାଚୀନକାଳରୁ ଅଦ୍ୟାବଧି ରାଜ-ଆଦର୍ଶ ହୋଇ ରହିଅଛନ୍ତି । ତାଙ୍କ ସମୟରେ ରାଜଭକ୍ତିର ଯେଉଁ ସ୍ୱଚ୍ଛପୂତ ସ୍ରୋତ ବହୁଥିଲା, ତାହା ବର୍ତ୍ତମାନ ସୁଦ୍ଧା ଅଛି । ଭାରତରେ ସେ ସ୍ରୋତ ଅମର । ରାଜଶବ୍ଦ ଶୁଣିଲା-ମାତ୍ରେ ସ୍ୱଭାବତଃ ଯେଉଁ ଉଚ୍ଚ ଧାରଣା ଓ ଶ୍ରଦ୍ଧାଭକ୍ତିର ଉଦ୍ରେକ ହୁଏ, ତାହାର ଶୁଭସୂଚନା ଯୁଧିଷ୍ଠିରଙ୍କ ରାଜତ୍ୱ କାଳରୁ ଆରମ୍ଭ ହୋଇଅଛି । ରାଜା ପ୍ରଜା ମଧ୍ୟରେ ପିତା-ପୁତ୍ର ସମ୍ବନ୍ଧ ସେହି କଲ୍ୟାଣକର ସ୍ମରଣୀୟ କାଳଠାରୁ ସ୍ଥାପିତ ହୋଇଅଛି ।

ଯୁଧିଷ୍ଠିର ରାଜା ହୋଇ ଭାଇମାନଙ୍କ ସହିତ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ସେବାରେ ଭୃତ୍ୟ ପରି ଖଟି ରହିଲେ । ପାଣ୍ଡବମାନେ ତାଙ୍କ ମନ ଉପରେ ଏପରି

ଭାବରେ ପରିଚୟ ଦେଲେ ଯେ, ସେ ମନ ଭିତରେ ପୁତ୍ରଶୋକ-ସନ୍ତପ୍ତ ପଶିପାରିଲା ନାହିଁ । ବୃଦ୍ଧ ଦମ୍ପତି ଭ୍ରାତୃଷ୍ପୁତ୍ରମାନଙ୍କଠାରୁ ପୁତ୍ରାଧିକ ସେବାଭକ୍ତି ପାଇ ପରମ ପ୍ରୀତି ଲାଭ କଲେ । ଅଧବା ରାଜବଧୂମାନଙ୍କ ଚିତ୍ତବିନୋଦନ ସକାଶେ ନାନାପ୍ରକାର ଧର୍ମାନୁଷ୍ଠାନ କରାଗଲା । ସେମାନେ ପାଣ୍ଡବଙ୍କ ସାଧୁସଦୟ ବ୍ୟବହାରରେ ମୁଗ୍ଧ ହୋଇ ପୁଣ୍ୟକର୍ମରେ ସର୍ବଦା ଲିପ୍ତ ହୋଇ ରହିବାଦ୍ୱାରା ପତିପୁତ୍ରର ଶୋକ ପାଶୋରି ଗଲେ । ଯୁଧିଷ୍ଠିର ନିର୍ଲିପ୍ତ ଭାବରେ ରାଜକାର୍ଯ୍ୟର ପ୍ରତ୍ୟେକ ଅଂଶ ଗଭୀର ଦୃଷ୍ଟିରେ ପର୍ଯ୍ୟବେକ୍ଷଣ କରନ୍ତି; ମାତ୍ର ତାଙ୍କର ମନ ବ୍ରହ୍ମପଦରେ ସନ୍ନିବିଷ୍ଟ ହୋଇ ରହୁଥାଏ । ରାଜ-ସମାଜରେ ଏରୂପ ବ୍ରହ୍ମନିଷ୍ଠା ଓ ଅନାସକ୍ତିର ମହାଦୃଷ୍ଟାନ୍ତ ଯୁଗଯୁଗାନ୍ତରରେ ବିରଳ ପରିଲକ୍ଷିତ ହୁଏ । ଧର୍ମରାଜଙ୍କର ବହୁମୁଖୀ ପ୍ରଖର ପ୍ରତିଭା ରାଜ୍ୟୋନ୍ନତିର ସକଳ ଅଂଶରେ ଖେଳି ବୁଲିଲା । ତାଙ୍କ ଆଜ୍ଞାରେ ରାଜ୍ୟ ମଧ୍ୟରେ ବିଦ୍ୟାଳୟ, ଚିକିତ୍ସାଳୟ, ଅତିଥିଶାଳା, ଧର୍ମମନ୍ଦିର, ଗ୍ରନ୍ଥାଗାର, ପଣ୍ୟଶାଳା, ଚିତ୍ରଶାଳା ପ୍ରଭୃତି ସ୍ଥାପିତ ହେଲା । ଉନ୍ନତ ଆଦର୍ଶ ରାଜ୍ୟ ପକ୍ଷରେ ଯାହା ଯାହା ଆବଶ୍ୟକ, ତାହା ସବୁ କରାହେଲା । ମୂଳତଃ ପ୍ରଜାମାନଙ୍କର ଯେତେବେଳେ ଯାହା ଅଭାବ, ତାହା ପୂରଣ କରି ଦିଆହେଲା । ଯୁଧିଷ୍ଠିର କାୟମନଃପ୍ରାଣରେ ଏହିପରି ପ୍ରଜାଙ୍କର ସର୍ବାଙ୍ଗୀନ ମଙ୍ଗଳ ସାଧନ ନିମିତ୍ତ ଶତହସ୍ତରେ, ଶତମୁଖରେ କାର୍ଯ୍ୟ କରିବାକୁ ଲାଗିଲେ । ବୃଦ୍ଧ, ରୋଗୀ, ଆତୁର, ଅରକ୍ଷିତଙ୍କୁ ସେ ଦାନରେ ସନ୍ତୁଷ୍ଟ କଲେ, ପୁରସ୍କାର ଦେଇ ଗୁଣୀଙ୍କୁ ଉତ୍ସାହିତ କଲେ । ରାଜ୍ୟ ସକଳ ବିଷୟରେ ସମୃଦ୍ଧ ହୋଇଉଠିଲା । ନାଗରିକ ପ୍ରାଣରେ ସୁଖାନନ୍ଦର ତରଙ୍ଗ ଖେଳିବୁଲିଲା । ଆକାଶ, ପବନ ଆନନ୍ଦମୟ, ରାଜ୍ୟ ଆନନ୍ଦମୟ, ରାଜ୍ୟବାସୀଙ୍କ ଅନ୍ତର ଆନନ୍ଦମୟ—ଚାରିଆଡ଼େ ଆନନ୍ଦର ଫଙ୍ଗାଫଙ୍ଗି । ସମସ୍ତଙ୍କ ତୁଣ୍ଡରେ ଧର୍ମରାଜଙ୍କ ପ୍ରଶଂସାସୂଚକ ଧନ୍ୟ ଧନ୍ୟ ବାଣୀ ଉଚ୍ଚାରିତ ହେଲା । ପଶୁପକ୍ଷୀ, କୀଟପତଙ୍ଗ ହେଁ ତାଙ୍କ ଦୟାରୁ ବଞ୍ଚିତ ହେଉ ନ ଥିଲେ । ତାଙ୍କ ଆଜ୍ଞାରେ ଗ୍ରୀଷ୍ମକାଳରେ ପର୍ବତ ଉପରେ ଜଳ ରକ୍ଷିତ ହେଉଥିଲା, ଶୀତକାଳରେ ଅଗ୍ନିକୁଣ୍ଡ ପ୍ରଜ୍ୱଳିତ ହେଉଥିଲା ଏବଂ ବର୍ଷାକାଳରେ ବନପର୍ବତରେ ଜୀବଜନ୍ତୁଙ୍କ ଆଶ୍ରୟ ନିମିତ୍ତ ବହୁ ପର୍ଣ୍ଣକୁଟୀର ପ୍ରସ୍ତୁତ ହେଉଥିଲା ।

କେତେ କାଳ ପରେ ଧୃତରାଷ୍ଟ୍ର, ବିଦୁର, ଗାନ୍ଧାରୀ ଓ କୁନ୍ତୀ ବାନପ୍ରସ୍ଥବ୍ରତ ଗ୍ରହଣପୂର୍ବକ ତପସ୍ୟାର୍ଥ ବନଗମନ କଲେ । ଯୁଧିଷ୍ଠିର ସେମାନଙ୍କର ବନବାସ ଓ ନିର୍ବିଘ୍ନ ତପସ୍ୟାର ସୁବିଧା କରିଦେଲେ ; ସେମାନଙ୍କର ଦେହତ୍ୟାଗ ପରେ ବନକୁ ଯାଇ ଯଥାବିଧି ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନ କରି ଆସିଲେ । ପ୍ରେତାତ୍ମାର ମୁକ୍ତି ଉଦ୍ଦେଶ୍ୟରେ ବିରାଟ ବିପୁଳ ଦାନର ବ୍ୟବସ୍ଥା ହେଲା । ଧର୍ମରାଜ ସର୍ବଦା ଧର୍ମକାର୍ଯ୍ୟରେ ବ୍ୟାପୃତ ରହିଲେ—ଦାନର ଉତ୍ସର୍ଗଜଳରେ ତାଙ୍କର କରତଳ ସର୍ବଦା ଆର୍ଦ୍ରୀଭୂତ ହୋଇରହିଲା । ଯଜ୍ଞ, ଶ୍ରାଦ୍ଧ ଓ ଦାନରେ ଦେବଋଣ, ପିତୃଋଣ ଓ ଋଷିଋଣରୁ ମୁକ୍ତ ହେଲେ । ଭାରତର ଅନେକ ସ୍ଥାନରେ ତାଙ୍କର କୀର୍ତ୍ତି ଦେଉଳ, ପୁଷ୍କରିଣୀରୂପରେ ଅଦ୍ୟାପି ବିଦ୍ୟମାନ ଅଛି । ଆମ୍ଭର ଏହି ଦେବର୍ଷିପ୍ରିୟ ପବିତ୍ର ଉତ୍କଳ-ମାତାଙ୍କ ବକ୍ଷରେ ପାଣ୍ଡବଙ୍କ କୀର୍ତ୍ତି ଯଥାତଥା ବିକ୍ଷିପ୍ତ ହୋଇ ରହିଅଛି । ଉତ୍କଳ-ଭୂମାଣ୍ଡ ମହେନ୍ଦ୍ର-ବାହିନୀ ତ ମହେନ୍ଦ୍ରଗିରିରେ ପାଣ୍ଡବଙ୍କର ସ୍ଥାପିତ କଉନ୍ତି ଶିବମନ୍ଦିର ଅଛି । ଯୁଧିଷ୍ଠିରଙ୍କ ଦେଉଳଟି ଠିକ୍ ଯୁଧିଷ୍ଠିରଙ୍କ ପରି ସରଳ ଓ ନିରାଡ଼ମ୍ବର । ସେହିପରି ଭୀମଙ୍କ ଦେଉଳଟି ବିରାଟ ପ୍ରସ୍ତରଖଣ୍ଡସଂଯୋଜିତ ଭୀମଦର୍ଶନ । ଶିଳ୍ପୀ ଅଭିନବ କଳ୍ପନାବଳରେ ଦେଉଳ ସଙ୍ଗରେ ଦେଉଳକର୍ତ୍ତାଙ୍କର ସ୍ୱଭାବ ପରାକ୍ରମର ନିଦର୍ଶନ ଗୁନ୍ଥି ରଖିଅଛି । ଏତଦ୍ବ୍ୟତୀତ ଉତ୍କଳର ଜାଙ୍ଗଲ, ମାଗଧ ପ୍ରଦେଶରେ ପାଣ୍ଡବଙ୍କର କୀର୍ତ୍ତି ଯଥେଷ୍ଟ ଦେଖାଯାଏ । ମାଗଧ ଅପେକ୍ଷା ଜାଙ୍ଗଲ ପ୍ରଦେଶରେ ଅଧିକ ।

ଯୁଧିଷ୍ଠିର ବାହାରେ ସବୁ କାର୍ଯ୍ୟରେ ନିପୁଣ ; ମାତ୍ର ଭିତରେ ଉଦାସୀନ । ତାଙ୍କର ଦୃଷ୍ଟି ସର୍ବଦା ସ୍ଥିର, ଲକ୍ଷ୍ୟସ୍ଥାନ; କିନ୍ତୁ ମନ ଚଞ୍ଚଳ । ସତେ ଯେପରି ସେ କଅଣ ଖୋଜୁଅଛନ୍ତି; ମାତ୍ର ପାଉ ନାହାନ୍ତି । ଜ୍ଞାତିବଧ ପାପ ସବୁବେଳେ ତାଙ୍କୁ ସନ୍ତପ୍ତ କରିବାକୁ ଲାଗିଲା । ସେହି ପାପରୁ ମୁକ୍ତ ହେବା ସକାଶେ ମୁନିଋଷିଙ୍କ

ପରାମର୍ଶାନୁସାରେ ଅଶ୍ୱମେଧଯଜ୍ଞର ଅନୁଷ୍ଠାନ କଲେ । ଯଜ୍ଞ ଯଥାରୀତି ସାଙ୍ଗ ହେଲା । ଧର୍ମରାଜଙ୍କ ମନ କିଛିହେଁ ଅସୁସ୍ଥ ହେଲା ; ମାତ୍ର ଏହି ସମୟରେ ଗୋଟାଏ ଅସମ୍ଭାବିତ ଅଶୁଭ ବାର୍ତ୍ତା ତାଙ୍କ ହୃଦୟ-ପଞ୍ଜର ଭାଙ୍ଗି ଚୂନା କରିଦେଲା । ପୁଣ୍ୟ ପ୍ରଭାସ କ୍ଷେତ୍ରରେ ଶ୍ରୀକୃଷ୍ଣ ଦେହତ୍ୟାଗ କରିଅଛନ୍ତି—ଏ ଦୁଃସମ୍ବାଦ ଶୁଣି ସେ ମହାଶୋକରେ ଅଧୀର ହୋଇଉଠିଲେ । କୃଷ୍ଣପ୍ରାଣ ଧର୍ମରାଜ କୃଷ୍ଣଙ୍କ ବିୟୋଗରେ ନିଜକୁ ପ୍ରାଣହୀନ ଅସାଡ଼ ପିଣ୍ଡ ମଣିଲେ । ପୃଥିବୀରେ ଆଉ ତାଙ୍କର ମନ ଲାଗିଲା ନାହିଁ । ସେ ମନେ ମନେ ଭାବିଲେ—ଯେଉଁ ଶ୍ରୀକୃଷ୍ଣ ପାଣ୍ଡବଙ୍କୁ ସକଳ ଆପଦ, ସକଳ ସଙ୍କଟରୁ ରକ୍ଷା କରିଥିଲେ, ଯାହାଙ୍କ ପରାମର୍ଶରେ ଆମ୍ଭେମାନେ ଦୁସ୍ତର ସମରସାଗର ଉତ୍ତୀର୍ଣ୍ଣ ହୋଇ ବିଜୟ-ଲକ୍ଷ୍ମୀଙ୍କୁ ମସ୍ତକରେ ବସାଇଥିଲୁଁ, ଯାହାଙ୍କର ଅପାର କରୁଣା ଆମ୍ଭମାନଙ୍କୁ ଜଗତର ଉଚ୍ଚାସନରେ ବସାଇଥିଲା, ସେହି ପାଣ୍ଡବଭରସା, ପାଣ୍ଡବବନ୍ଧୁ, ପାଣ୍ଡବଜୀବନ ଶ୍ରୀକୃଷ୍ଣଙ୍କ ଅଭାବରେ ପାଣ୍ଡବଗଣର ବଞ୍ଚିରହିବା ବୃଥା ସିନା ! ଅନନ୍ତର ଯୁଧିଷ୍ଠିର ଭାଇମାନଙ୍କୁ ଡାକି ନିଜର ମନୋଭାବ ସମସ୍ତଙ୍କ ନିକଟରେ ବ୍ୟକ୍ତ କରି ରାଜ୍ୟ ତ୍ୟାଗପୂର୍ବକ ବନଗମନର ପ୍ରସ୍ତାବ କଲେ । ଭାଇମାନେ ଆନନ୍ଦ ସହ ତାଙ୍କ ମତର ଅନୁଗାମୀ ହେଲେ । ରାଜବଂଶରେ ଅଭିମନ୍ୟୁଙ୍କ ପୁତ୍ର ଶିଶୁ ପରୀକ୍ଷିତଙ୍କ ଛଡ଼ା ସିଂହାସନର ଉତ୍ତରାଧିକାରୀ ଅନ୍ୟ କେହି ନାହାନ୍ତି । ଅଭିମନ୍ୟୁଙ୍କ ମୃତ୍ୟୁ ସମୟରେ ସେ ମାତୃଗର୍ଭରେ ଥିଲେ । ଉତ୍ତରାଙ୍କ ଗର୍ଭ ଛେଦନ କରି ତାଙ୍କୁ ମାରିବ ବୋଲି ଅଶ୍ୱତ୍ଥାମା ବ୍ରହ୍ମାସ୍ତ୍ର ପ୍ରୟୋଗ କରିଥିଲା; କିନ୍ତୁ ଶ୍ରୀକୃଷ୍ଣ ଚକ୍ରଉହାଡ଼ କରି ମାତା ସହ ଗର୍ଭସ୍ଥ ଶିଶୁର ପ୍ରାଣରକ୍ଷା କରିଥିଲେ । ଏହି ଭୀଷଣ ଅଗ୍ନି ପରୀକ୍ଷାରୁ ରକ୍ଷା ପାଇଥିବାରୁ ତାଙ୍କର ନାମ ପରୀକ୍ଷିତ ରଖାହୋଇଅଛି । ଯୁଧିଷ୍ଠିର ତାଙ୍କୁ ସିଂହାସନରେ ବସାଇ ତାଙ୍କ ରକ୍ଷଣାବେକ୍ଷଣ ସକାଶେ ବୃଦ୍ଧା ସୁଭଦ୍ରା ଓ ଧାର୍ମିକ ଯୁଯୁତ୍ସୁଙ୍କୁ ପ୍ରତିନିଧି ନିଯୁକ୍ତ କଲେ । ପାଣ୍ଡବଙ୍କ ଗୃହତ୍ୟାଗ ସମ୍ବାଦରେ ପୁରବାସୀ ଓ ପ୍ରଜାବର୍ଗ ଅଗାଧ ଶୋକସାଗରରେ ନିମଗ୍ନ ହୋଇ ହାହାକାର କରିବାକୁ ଲାଗିଲେ ; ମାତ୍ର ଯୁଧିଷ୍ଠିର ସମସ୍ତଙ୍କୁ ବୁଝାଇ ବହୁ କଷ୍ଟରେ ଶାନ୍ତ କଲେ । ତହୁଁ ପରେ ଚାରିଭାଇ ଓ ଦ୍ରୌପଦୀ ସହିତ ତପସ୍ୟାର୍ଥ ହିମାଳୟ ପର୍ବତ ଅଭିମୁଖରେ ମହାପ୍ରସ୍ଥାନ କଲେ । ନଗରବାସୀ ଅନେକ ଦୂର ଯାଏ ସେମାନଙ୍କର ଅନୁଗମନ କଲେ ଓ ଆଉ କିଛିକାଳ ରହିବା ସକାଶେ ବାରମ୍ବାର କାତର ପ୍ରାର୍ଥନା କଲେ ; ମାତ୍ର ଯାହାଙ୍କର ଆତ୍ମା ଅନନ୍ତ ଆଡ଼କୁ ଧାବିତ, ସେ କି ସାନ୍ତ ପୃଥିବୀରେ ଆବଦ୍ଧ ହୋଇ ରହିପାରନ୍ତି ? ଯୁଧିଷ୍ଠିର ସମସ୍ତଙ୍କର ସକଳ ପ୍ରାର୍ଥନା ବିନୟ ବଚନରେ ପ୍ରତ୍ୟାଖ୍ୟାନ କଲେ । ତହୁଁ ସମସ୍ତେ ନିରାଶ ହୋଇ ଭଗ୍ନମନୋରଥର ଯନ୍ତ୍ରଣା ଘେନି ଅତି ଦୁଃଖରେ ଫେରିଗଲେ । ହସ୍ତିନାନଗରୀ ପାଣ୍ଡବଙ୍କ ପଛରେ ଧାଇଁ ଥିଲା, ସଂକ୍ଷୁବ୍ଧ ପାରାବାର ପରି ସେ ଲେଉଟିଗଲା । ଅନେକେ କାନ୍ଦି କାନ୍ଦି ପଛରୁ ଡାକିଦେଇ କହିଲେ—"ହେ ଦେବଧର୍ମୀ ଧର୍ମରାଜ, ଆମ୍ଭେମାନେ ଜନ୍ମେ ଜନ୍ମେ ତୁମ୍ଭଙ୍କୁ ରାଜାରୂପରେ ପାଉଁ—ଏହି ଆଶୀର୍ବାଦ କର ।" ଯୁଧିଷ୍ଠିର ସମସ୍ତଙ୍କୁ ବିଦାୟ ଦେଇ ଆଗେ ଆଗେ ଚାଲିଲେ, ଅନ୍ୟ ଭ୍ରାତୃ-ଚତୁଷ୍ଟୟ ଓ ଦ୍ରୌପଦୀ ତାଙ୍କ ପଛେ ପଛେ ଚାଲିଲେ ; ଅଗମ୍ୟ ଅରଣ୍ୟ ଏବଂ ଦୁରାରୋହ ଶୈଳଶୃଙ୍ଗ ପାର ହୋଇ କ୍ରମେ ହିମାଳୟ ପର୍ବତର ଉପରକୁ ଉଠିଲେ । ବାଟରେ ବହୁ ତୀର୍ଥ, ବହୁ ସିଦ୍ଧପୁରୁଷଙ୍କୁ ଦର୍ଶନ କରି ଧୀରେ ଧୀରେ ଅଗ୍ରସର ହେବାକୁ ଲାଗିଲେ । ଦେବରୂପୀ ଗିରିରାଜ ହିମାଳୟ ଗନ୍ତପଥରେ ନାନା ବିଚିତ୍ର ଦୃଶ୍ୟ ଦେଖାଇ ସେମାନଙ୍କର ଚିତ୍ତ ବିନୋଦନ କଲା । ସମସ୍ତେ ଏହି ସମ୍ମୋହନ ଦୃଶ୍ୟ ଉପଭୋଗ କରି ପଥକ୍ଳାନ୍ତି ପାସୋରି-ଗଲେ । ଏହିପରି ଭାବରେ ଶୃଙ୍ଗ ପରେ ଶୃଙ୍ଗ ଅତିକ୍ରମ କରି ବହୁଦୂର ପର୍ଯ୍ୟନ୍ତ ଉଠିଗଲେ ; ମାତ୍ର ତେଣିକି ଭୀଷଣ ଶୀତ ଓ ବରଫରେ ଦେହ ଅସାଡ଼ ହୋଇଗଲା । ଯାଉଁ ଯାଉଁ ପଥ ମଧ୍ୟରେ ଦ୍ରୌପଦୀ, ଭୀମ, ଅର୍ଜୁନ, ନକୁଳ ଓ ସହଦେବ କ୍ରମେ କ୍ରମେ ମାନବଲୀଳା ସମ୍ବରଣ କଲେ । କେବଳ ଯୁଧିଷ୍ଠିର ଅନନ୍ତ ଧର୍ମବଳରେ ସଶରୀର ସ୍ୱର୍ଗକୁ ଯିବାକୁ ସମର୍ଥ ହୋଇଥିଲେ ।

# ନାମ ମାହାତ୍ମ୍ୟ

# ଉପହାର

ଅତୁଳ ସମ୍ମାନାସ୍ପଦ ଶ୍ରୀଯୁକ୍ତ ଲଞ୍ଜିବିଦ୍ୟାଧୀଶ୍ୱର ଶ୍ରୀମାନ୍ ମାହେଶ୍ୱରୀପ୍ରସାଦ ଦେଓ ମହୋଦୟ

ଶ୍ରୀକରକମଳେଷୁ

ଶ୍ରୀମନ୍ମହାସ୍ୱତ,

ଶ୍ରୀଚ୍ଛମୁ ଅଳ୍ପଦିନ ହେଲା ରାଜସିଂହାସନାରୋହଣ କରି 'ତୁଳସୀ ଦୁଇ ପତରୁ ବାସେ' ଏହି ନୀତି-ବଚନର ସମ୍ପୂର୍ଣ୍ଣ ସାର୍ଥକତା ଦେଖାଇଅଛନ୍ତି । ଶ୍ରୀଚ୍ଛମୁଙ୍କର ସ୍ୱଦେଶାନୁରାଗ, ଜାତୀୟତା, ସୂକ୍ଷ୍ମଦର୍ଶିତା ପ୍ରଭୃତି ଅନୁକରଣର ଯୋଗ୍ୟ । ଏହି ସମସ୍ତ ସର୍ବୋଚିତ ସଦ୍‌ଗୁଣ ଜନମୁଖରେ କୀର୍ତ୍ତିତ ହେଉଥିବା ଶ୍ରବଣ କରି ଶ୍ରୀଚ୍ଛମୁଙ୍କ ପ୍ରତି ମୋର ଗଭୀର ଭକ୍ତି ଓ ପ୍ରୀତି ଜାତ ହୋଇଅଛି । ସେ ଭକ୍ତିପ୍ରୀତିର ନିଦର୍ଶନସ୍ୱରୂପ ଏହି 'ନାମମାହାତ୍ମ୍ୟ' ପୁସ୍ତକଖଣ୍ଡିକ ଶ୍ରୀଚ୍ଛମୁଙ୍କର ପବିତ୍ର କର-କମଳରେ ଉପହାର ଅର୍ପଣ କଲି । ଅକିଞ୍ଚନର ଏହି କ୍ଷୁଦ୍ର ଉପହାର ସାଦରଗୃହୀତ ହେଉ, ଏତିକିମାତ୍ର ପ୍ରାର୍ଥନା ।

ମୟୂରଭଞ୍ଜ
୨୦।୫।୦୭

ଶ୍ରୀଚ୍ଛମୁଙ୍କର
ଏକାନ୍ତ ବିନୟାବନତ
ଶ୍ରୀ ଚିନ୍ତାମଣି ମହାନ୍ତି

# ନାମ ମାହାତ୍ମ୍ୟ

## ଶ୍ରୀବିଷ୍ଣୁ ଶତାଷ୍ଟକ

ରାଗ—ଲଘୁ ଭୂପାଳ

ଛନ୍ଦ, ଯଥା— ୭+୭+୭+୪

ଜୟ ଶ୍ରୀଅଚ୍ୟୁତ  ସଂସାର ବର୍ଜିତ  ବସୁଦେବସୁତ  ସନାତନ,
ଭବେଶ ଭୁବନ  ପଣ୍ଡିତପାବନ  କେଶିନିମର୍ଦ୍ଦନ  ଜନାର୍ଦ୍ଦନ ।
ଗଦାବ୍‌ଜଧାରକ  ନରକବାରକ  ଖଳାନ୍ତକାରକ  ଖଗାସନ,
କୈବଲ୍ୟଦାୟକ  ବିଶ୍ୱବିଧାୟକ  ଭବାମ୍ନାୟକ  ବନମୋହନ ।
ଶିଖଣ୍ଡଶେଖର  ଦାରୁଚକ୍ରଧର  ଧରାଧରଧର  ନାରାୟଣ,
କଂସାରିକେଶବ  ସିନ୍ଧୁସୁତାଧବ  ମୁରାରି ମାଧବ  ପରାୟଣ ।
ଶ୍ରୀନନ୍ଦନନ୍ଦନ  ବରଶିଖିଚନ୍ଦନ  ବିପଦ୍‌ବିଭଞ୍ଜନ  ନିରଞ୍ଜନ,
କ୍ୱଣବେଣୁଧାରୀ  ଦୁରନ୍ତସଂହାରୀ  ଜନକଲୁଷାରି—  ପ୍ରାଣଧନ ।
ମହାପାପ ଘୋର—  ହାରୀ ମହାବୀର  ଶ୍ରୀବ୍ରଜକିଶୋର  ପଦ୍ମାନନ,
ଯଶୋଦାଦୁଲାଳ  ସୁଧାକନ୍ଦମାଳ  ଦୁଷ୍ଟଶିଶୁପାଳ—  ବିନାଶନ ।
ନୀରଦସୁନ୍ଦର  ନୀଳକଳେବର  ଗଜମୁକ୍ତିବର—  ନିକେତନ,
ହିରଣ୍ୟଦାରଣ  ଧରଣୀଧାରଣ  ଦେବାରିକାରଣ  ସୁଦର୍ଶନ ।
ସକାମ ନିଷ୍କାମ  ଜିତକୋଟିକାମ  ଭକତ-ଦୁଷ୍କାମ—  ବିନାଶନ,
ଦଶାସ୍ୟନିପାତ  କରୁଣାପ୍ରପାତ  ବଳାନୁଜଭ୍ରାତ  ଦୁଃଖିଧନ ।
ବନ୍ଧୁ କୃପାସିନ୍ଧୁ  ହରି ବ୍ରଜବନ୍ଧୁ  ପୂର୍ଣ୍ଣଶରଦିନ୍ଦୁ—  ନିଭାନନ,
ଭକ୍ତଚିନ୍ତାମଣି  ସୁରାସୁରଗଣୀ  କଉସ୍ତୁଭମଣି—  ବିଭୂଷଣ ।
ବିଧୃତମନ୍ଦର  ଶିବେଶସୁନ୍ଦର  ଅଶେଷ ଦୁନ୍ଦର—  ବିନାଶନ,
ସକଳଲୋକେଶ୍ୱର  ଇନ ଅନଶ୍ୱର  ଚରାଚରେଶ୍ୱର  ପଦ୍ମାନନ ।
ଦୁରନ୍ତପାତନ  ସୁରାରିଶାତନ  ବାରଣପାବନ  ନିବାରଣ,
କୁଣ୍ଡଳ-କୁଣ୍ଡଳ  ବିଧିଆଖଣ୍ଡଳ  ଅଖଣ୍ଡମଣ୍ଡଳ  ବିସ୍ତରଣ ।
ଅନାଦି ଅନନ୍ତ  ବିମଳବସନ୍ତ  ହିରଣ୍ୟାକ୍ଷ-ଅନ୍ତ  ବିଦାରଣ,
ମାରୀଚମାରଣ  ନିତାପତାରଣ  ସୃଷ୍ଟିସଂହାରଣ  ରମାଧନ ।
କାଳିୟଗଞ୍ଜନ  ସୁରସୁରଞ୍ଜନ  ଦୁଷ୍ଟ ଭିଭଞ୍ଜନ  ନିରଞ୍ଜନ,
ଦୁରନ୍ତଦାରକ  ଭୟାପହାରକ  ସୃଷ୍ଟିସଂସାରକ  ଖରାର୍ଦ୍ଦନ ।
ହୃଷୀକ ଈଶ୍ୱର  ମହାମହେଶ୍ୱର  ବିଧି ପରାତ୍ପର  ଗୋବର୍ଦ୍ଧନ,
ଭଦ୍ରାଗଜ ଅଜ  ଦଶରଥାଙ୍ଗଜ  କୁବଳୟ ଗଜ—  ବିମର୍ଦ୍ଦନ ।
ରାମ ରଘୁରାଣ  ଆର୍ତ୍ତ-ଆର୍ତ୍ତିତ୍ରାଣ  ପୂତନା-ପରାଣ—  ଆକର୍ଷଣ,
ଯାଦବେଶଯୂନ  ସର୍ବୋକଜୟନ  ଅନୁପମ ଅଯୂନ  ଶ୍ରୀମୋହନ ।

---

ଭଗବାନଙ୍କର ଅଶେଷ ନାମ ଏବଂ ପ୍ରତ୍ୟେକ ନାମର ଅଶେଷ ମହିମା । ଯେଉଁ ନାମ ପ୍ରଭାବରେ ମହାପାପାତ୍ମା ଖଣ୍ଡପ୍ରବର ରତ୍ନାକର ଜଗତ୍‌ପୂଜ୍ୟ ମହାତପା ମହର୍ଷି ହୋଇଥିଲେ—ଦଶରଥ ରାଜା ବ୍ରହ୍ମହତ୍ୟା ପାପରୁ ମୁକ୍ତ ହୋଇଥିଲେ,-ଅଜାମିଳ ଅକ୍ଷୟ ସ୍ୱର୍ଗଲାଭରେ କ୍ଷମ ହୋଇଥିଲେ, ଧ୍ରୁବ ପ୍ରହ୍ଲାଦ ନିସ୍ତରିଯାଇଥିଲେ, ପ୍ରେମାବତାର ଚୈତନ୍ୟ-ଦେବ କେତେ କେତେ ଭଣ୍ଡ ପାଷଣ୍ଡଙ୍କୁ ପାପର କରାଳ କବଳରୁ ଉଦ୍ଧାର କରିଥିଲେ—ମହାଯୋଗୀ ମହାଦେବ ଯେଉଁ ନାମକୁ ପଞ୍ଚମୁଖରେ ନିରନ୍ତର ଗାନ କରନ୍ତି, ସେହି ଅସୀମ ଶକ୍ତିସମ୍ପନ୍ନ ହରିନାମର ମହିମା ଦେବଶକ୍ତିର ଅତୀତ ।

ଚୈତନ୍ୟୋକ୍ତ ପଞ୍ଚସାଧନ (ସାଧୁସଙ୍ଗ, କୃଷ୍ଣସେବା, ଭାଗବତ, ନାମକୀର୍ତ୍ତନ ଶ୍ରବଣ ଏବଂ ଜପ, ତୀର୍ଥଭ୍ରମଣ ଓ ତୀର୍ଥବାସ ) ମଧ୍ୟରେ ନାମକୀର୍ତ୍ତନ, ଶ୍ରବଣ ଓ ଜପ ଅନ୍ୟତମ ସାଧନ ଏବଂ ଭକ୍ତିପଥର ପ୍ରଧାନ ସହାୟ । ନାମର ମାହାତ୍ମ୍ୟ ଚୈତନ୍ୟ ଯେରୂପ କୀର୍ତ୍ତନ କରି-ଅଛନ୍ତି, ସେରୂପ ଅନ୍ୟ କେହି କରିଅଛନ୍ତି କି ନା, ବୋଲାଯାଇ ନ ପାରେ । ସେ ବାରମ୍ବାର କହିଅଛନ୍ତି—

"ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳଂ
କଲୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା ।

ଚୈତନ୍ୟ ଜନୈକ ଶିଷ୍ୟଙ୍କୁ ପାପମୋଚନର ଉପଦେଶ ଦେବା ସମୟରେ କହିଥିଲେ:—

"ଏକ ନାମାଭାସେ ତୁମ୍ଭ ପାପ ଦୋଷ ଯିବ
ଦ୍ୱିତୀୟ ନାମରେ କୃଷ୍ଣ-ଚରଣ ପାଇବ ।"

ଭକ୍ତପ୍ରବର ହରିଦାସ ଗୋସ୍ୱାମୀ କହିଅଛନ୍ତି—
"କେହି କହେ, ନାମ ଜପ କଲେ ପାପ ଧ୍ୱଂସ ହୁଏ, କେହି କହେ ନାମ ଗ୍ରହଣ କଲେ ଜୀବର ମୁକ୍ତି ହୁଏ; କିନ୍ତୁ ହରିଦାସ କହନ୍ତି, ନାମର ଏ ଦୁଇ ଫଳ ନୁହେ । ନାମ ଫଳରେ କୃଷ୍ଣ ପଦରେ ପ୍ରେମ ସଞ୍ଚାର ହୁଏ । ମୁକ୍ତି ଓ ପାପନାଶ ନାମର ଆନୁଷଙ୍ଗିକ ଫଳମାତ୍ର ।"

ଶ୍ରୀମଦ୍‌ଭାଗବତରେ ଏକାଦଶ ସ୍କନ୍ଧରେ ଋଷଭ ନନ୍ଦନ କବି ଜନକ ରାଜାଙ୍କୁ କହିଅଛନ୍ତି—

ଏବଂ ବ୍ରତଃ ସ୍ୱପ୍ରିୟନାମ କୀର୍ତ୍ତ୍ୟା
ଜାତାନୁରାଗୋ ଦ୍ରୁତଚିତ୍ତ ଉଚ୍ଚୈଃ ।
ହସତ୍ୟଥ ରୋଦିତି ରୌତି ଗାୟ-
ତ୍ୟୁନ୍ମାଦବନ୍ନୃତ୍ୟତି ଲୋକବାହ୍ୟଃ ।

"ଭଗବାନଙ୍କର ନାମ ଓ ଲୀଳାକୀର୍ତ୍ତନ ବ୍ରତ ଯେ ଅବଲମ୍ବନ କରିଅଛନ୍ତି, ତାଙ୍କର ସେହି ପ୍ରିୟତମ ଭଗବାନଙ୍କ ନାମ କୀର୍ତ୍ତନ କରୁ କରୁ ହୃଦୟରେ ଅନୁରାଗର ଉଦୟ ହୁଏ ଏବଂ ଚିତ୍ତ ଦ୍ରବୀଭୂତ ହୁଏ । ସୁତରାଂ ସେ କେବେ ଉଚ୍ଚୈଃସ୍ୱରରେ ହାସ୍ୟ କରନ୍ତି, କେବେ ରୋଦନ କରନ୍ତି, କେବେ ବ୍ୟାକୁଳ ଚିତ୍ତରେ ଚିତ୍କାର କରନ୍ତି, କେବେ ଗାନ କରନ୍ତି ଏବଂ କେବେ ଉନ୍ମାଦପରି ନୃତ୍ୟ କରନ୍ତି ।

ନାମ କୀର୍ତ୍ତନ କରୁ କରୁ କ୍ରମେ ପ୍ରେମର ସଞ୍ଚାର ହୁଏ ଏବଂ ପାପ ନାଶ ହୁଏ ।

ଅଂହଃ ସଂହରଦଖିଳଂ ସକୃଦୁଦୟାଦେବ
ସକଳଲୋକସ୍ୟ,
ତରଣିରିବ ତିମିରଜଳଧିଂ ଜୟତି
ଜଗନ୍ମଙ୍ଗଳହରେର୍ନାମ ।
ପଦ୍ୟାବଳୀ—

"ଥରେ ମାତ୍ର ଯେଉଁ ନାମ ଉଦୟ ହେଲେ ସମସ୍ତ ଲୋକର ନିଖିଳ ପାପ ଦୂର ହୁଏ; ପାପତିମିର ଜଳଧିର ତରଣି ତୁଲ୍ୟ ସେହି ଯେ, ଜଗନ୍ମଙ୍ଗଳ ହରିନାମ ତାହା ଜୟଯୁକ୍ତ ।"

ଚେତୋଦର୍ପଣମାର୍ଜ୍ଜନଂ ଭବମହାଦାବାଗ୍ନି ନିର୍ବାପଣଂ ।
ଶ୍ରେୟଃ କୈରବଚନ୍ଦ୍ରିକାବିତରଣଂ ବିଦ୍ୟାବଧୂଜୀବନ ।
ଆନନ୍ଦାମ୍ବୁଧିବର୍ଦ୍ଧନଂ ପ୍ରତିପଦଂ ପୂର୍ଣ୍ଣାମୃତାସ୍ୱାଦନଂ ।
ସର୍ବାତ୍ମସ୍ନପନଂ ପରଂ ବିଜୟତେ ଶ୍ରୀକୃଷ୍ଣସଂକୀର୍ତ୍ତନଂ ।
ପଦ୍ୟାବଳୀ—

ଶ୍ରୀକୃଷ୍ଣ ସଂକୀର୍ତ୍ତନରେ ଚିତ୍ତଦର୍ପଣ ମାର୍ଜ୍ଜିତ ହୁଏ, ଚିତ୍ତର ସମସ୍ତ କଳଙ୍କ ଦୂର ହୁଏ; ଯେଉଁ ବିଷୟବାସନା ମହାଦାବାଗ୍ନି ତୁଲ୍ୟ ଆମ୍ଭମାନଙ୍କୁ ନିରନ୍ତର ଦଗ୍ଧ କରୁଅଛି, ତାହା ନିର୍ବାପିତ ହୁଏ । ଚନ୍ଦ୍ର ଜ୍ୟୋତ୍ସ୍ନାରେ ଯେପରି କୁମୁଦ ଫୁଟିଉଠେ, ଶ୍ରୀକୃଷ୍ଣ-ସଂକୀର୍ତ୍ତନରେ ସେହିରୂପେ ଅପାର ମଙ୍ଗଳ ପ୍ରସ୍ଫୁଟିତ ହୁଏ । ବ୍ରହ୍ମବିଦ୍ୟା

ଅସୂର୍ଯ୍ୟଂପଶ୍ୟରୂପା ରଧି ତୁଳ୍ୟ । ରଧି ଯେପରି ଅନ୍ତଃପୁରର ଅନ୍ତଃପୁରରେ ଅବସ୍ଥିତ କରନ୍ତି, ବ୍ରହ୍ମବିଦ୍ୟା ସେହିପରି ହୃଦୟର ଅତି ନିର୍ଜନ ପ୍ରକୋଷ୍ଠରେ ଲୁକ୍କାୟିତ ଥାଆନ୍ତି; ତାହା ସାଧାରଣଙ୍କ ନିକଟରେ ଅପ୍ରକାଶ୍ୟ । 'ଗୁହ୍ୟାତିଗୁହ୍ୟଂ,' ଶ୍ରୀକୃଷ୍ଣ ସଂକୀର୍ତ୍ତନ ସେହି ବ୍ରହ୍ମବିଦ୍ୟାର ଜୀବନସ୍ୱରୂପ । ଏହାଦ୍ୱାରା ଆନନ୍ଦ-ସାଗର ଉଚ୍ଛ୍ୱସିତ ହୁଏ; ଏହାର ପ୍ରତିପଦରେ ପୂର୍ଣ୍ଣାନନ୍ଦର ଆସ୍ୱାଦନ ଏବଂ ସେହି ଅମୃତ ରସରେ ତୃଣ ମାନବ ଅସ୍ୱବସ୍ତୁତ ହୁଏ ।"

ବନ୍ଧୁବାନ୍ଧବ ଏକତ୍ର ହୋଇ ପ୍ରତ୍ୟହ କୌଣସି ସମୟରେ ନାମ ସଂକୀର୍ତ୍ତନ କରିବା ତୁଲ୍ୟ ଆନନ୍ଦବ୍ୟାପାର ଆଉ କିଛି ନାହିଁ । ସତ୍ୟ ସତ୍ୟ, ସେହି ସମୟରେ ଆନନ୍ଦସାଗର ଉଚ୍ଛଳିଉଠେ, ପ୍ରାଣରେ ଶାନ୍ତି ମିଳେ, ବିଷୟ-ବାସନା ଅନ୍ତତଃ ସେହି ସମୟ ସକାଶେ ତିରୋହିତ ହୁଏ । କମାଗତ ନାମ ସଂକୀର୍ତ୍ତନ କଲେ ମନୁଷ୍ୟ ଅବଶ୍ୟ ପରମପଦ ଲାଭ କରି କୃତାର୍ଥ ହୁଏ ।

ଭଗବାନ ଶ୍ରୀକୃଷ୍ଣ ନୃପତି ପୁରୁରବା ସମ୍ବନ୍ଧରେ ଉଦ୍ଧବଙ୍କୁ କହୁଅଛନ୍ତି—

( ଜ.ଭା. )

"ମୋ ନାମ ଜପି ଶୁଦ୍ଧମନେ, ଅନ୍ତେ ପଶିଲା
ମୋ ଭୁବନେ ।"

ଜସ୍ୱଶବର ଶ୍ରୀକୃଷ୍ଣଙ୍କୁ ସ୍ତୁତି କରି କହୁଅଛି—

"ତୋ ନାମ ଡାକେ ଯେ ସୁମରେ,
ଘୋର ସଂସାର-ଦୁଃଖୁ ତରେ ।" (ଜ.ଭା.)

ଭଗବାନ ଭକ୍ତିଯୋଗ ବର୍ଣ୍ଣନରେ ଉଦ୍ଧବଙ୍କୁ କହୁଅଛନ୍ତି—

"ମୋ ନାମ ଶ୍ରବଣ କୀର୍ତ୍ତନେ,
ଶ୍ରଦ୍ଧା ଉପୁଜେ ଯାର ମନେ ।
ନିର୍ବିଣ୍ଣେ ସର୍ବକର୍ମ ତେଜେ,
କେବଳ ହୃଦେ ମୋତେ ଭଜେ ।
* * * *
କାମ ନ ରହେ ତାଙ୍କ ଦେହେ
ସଂସାରୁ ତରେ ସେ ଉପାୟେ ।"

ପୁନଶ୍ଚ ଭକ୍ତିଯୋଗ କଥନରେ ଉଦ୍ଧବଙ୍କୁ ଉପଦେଶ ଦେଉଅଛନ୍ତି :—

"ଏବେ ତୁ ଶୁଣ ମୋ ବଚନ,
ନ ସାଧ ଏ ମନ ପବନ ।
ସର୍ବସଂକଳ୍ପ ଛାଡି ତୁହି,
ସକଳ କର୍ମ ମୋତେ ଦେଇ ।
ଏକାନ୍ତେ ଗାଇ ଭଜ ମୋତେ,
ସଂସାର-ଚିନ୍ତା ଛାଡି ଚିତ୍ତେ ।
ମୋର ବଚନ ଅନୁସର,
ଏ ଭବଜଳୁଁ ହେବୁ ପାର ।" (ଭ: ଭା.)

ବଙ୍ଗୀୟ କବି ମହାତ୍ମା କାଶୀରାମ ଦାସ କହୁଅଛନ୍ତି :—

"କୃଷ୍ଣ ନାମ ଗୁଣେର ନାହିଁକ ବେଦେ ସୀମା
ବୈଷ୍ଣବ ସେ ଜାନେ କୃଷ୍ଣ ନାମେର ମହିମା ।
ଶ୍ରୀକୃଷ୍ଣ ହଇତେ କୃଷ୍ଣ ନାମ ଧନ ବଡ଼,
କପଟ କୃଷ୍ଣେର ନାମ ଡାକେ କରି ଦୃଢ଼ ।
କୃଷ୍ଣ କୃଷ୍ଣ ବଲିୟା ପାଇବା କୃଷ୍ଣଦେହ,
କୃଷ୍ଣେର ମୁଖେର ବାକ୍ୟ ନାହିଁକ ସଂଶୟ ।'

(ମହାଭାରତ)

ନାମମାହାତ୍ମ୍ୟ ସମ୍ବନ୍ଧରେ 'ଗାନମାଳା' ରୁ ଗୋଟିଏ ସୁନ୍ଦର ସଙ୍ଗୀତ ଏଠାରେ ଉଦ୍ଧୃତ ହେଲା :—

ସିନ୍ଧୁ—ଠୁଂରି

"ହରିନାମ ସୁଧାରସ,ପିଅ ପୁରି ମାନସ,ଅଳସେର ବଶେ. କାଲ ହରନା । ହରିର ସହସ୍ର ଗୁଣ, ଶ୍ରୀହରି ନାମେର ଗୁଣ୍ ତୁଲେ ତୁଲେ ନାମେର ଗୁଣ, ପେଲେ ତୁଲନା । ସତ୍ୟଭାମା କ୍ରୁତ ଛଲେ, ଶ୍ରୀକୃଷ୍ଣେର ତୁଲେ ତୁଲେ,ମଣି ରତ୍ନ ଆଦି ଦିଲେ ତୁଲ ଠେଲେନା । ତୁଲସୀ ପତ୍ରେ ଲିଖି ହରି, ଦିଲେନ୍ ଧରି ତୁଲୋପରି, ହରି ହତେ ନାମ ଭାରି, ସେଥି ହତେ ଜାନା । ଲଇଲେ ଶ୍ରୀହରିର ନାମ, ପୂର୍ଣ୍ଣ ହୟ ମନସ୍କାମ, ପ୍ରାପ୍ତ ହୟ କୈବଲ୍ୟଧାମ, ବେଦେତେ ବର୍ଣ୍ଣନା । କର ଶ୍ରୀହରି କୀର୍ତ୍ତନ, ଶୁନ ହରି ଗୁଣ ଗାନ, ହରି ଭିନ୍ନ ଅନ୍ୟ କୋନ, ରସେ ମଜନା । ବାସନାୟ ରସନା ଯନ୍ତ୍ରେ,ସାଧନା ଶ୍ରୀହରି ମନ୍ତ୍ରେ,ସୁସ୍ୱରେ ସୁକଣ୍ଠତନ୍ତ୍ରେ, ତଏ ମୂର୍ଚ୍ଛନା । ଛୟ ରାଗେ ଅନୁରାଗେ, ଛତ୍ରିଶ ରାଗିଣୀ ଯୋଗେ, ତାଲେ ଲୟେ ଦ୍ରୁତ

ବେଗେ, ହରି ସାଧନା । ହରେର୍ନାମୈବ ଏଇ କଥା, କଲୌ ନାସ୍ତ୍ୟେବ ଗତିରନ୍ୟଥା, ତପସ୍ୱୀ ଋଷିର ଗାଥା, ଗୀତା ବର୍ଣ୍ଣନା । ତିନିବାର ହରେ ହରେ ବଲିଲେ କଳୁଷ ହରେ, ହରି ବଲେ ଉଚ୍ଚୈଃସ୍ୱରେ ହରେ ବେଦନା । ହରିର ନାମ ଅଗତିର ଗତି, ନାମେ କର ରତି ମତି, ନାମ କର ନିତି ନିତି, ଦିବା ସର୍ବେ ଚେତନା । ତାହେ ଦୀନ ଖଗପତି ଉଦ୍ଧରିବ ପଶୁପତିର କେବଳ ହରିମତି, ରତି ଥିଲେନା ।”

ସ୍ୱୟଂ ଶ୍ରୀକୃଷ୍ଣଙ୍କ ମୁଖବାଣୀ ଶ୍ରୀମଦ୍ ଭଗବଦ୍‌ଗୀତାରେ ବର୍ଣ୍ଣିତ ଅଛି :

ତେଷାଂ ସତତଯୁକ୍ତାନାଂ, ଭଜତାଂ ପ୍ରୀତିପୂର୍ବକଂ
ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ ।

ଶ୍ରୀକୃଷ୍ଣ କହୁଅଛନ୍ତି—ସର୍ବଦା ଏକାଗ୍ରଚିତ୍ତ ଓ ପ୍ରୀତିପୂର୍ବକ ଭଜନକାରୀମାନଙ୍କୁ ଆମ୍ଭେ ବୁଦ୍ଧିଯୋଗ ପ୍ରଦାନ କରୁଁ, ଅର୍ଥାତ୍ ଆମ୍ଭର କୃପାରେ ସେମାନଙ୍କର ବୁଦ୍ଧି ସୁନିର୍ମଳ ହୁଏ । ତାହାଦ୍ୱାରା ସେମାନେ ଆମ୍ଭଙ୍କୁ ପ୍ରାପ୍ତ ହୁଅନ୍ତି ।

ନାମୈବ ପରମଂ ଜନ୍ମ, ନାମୈବ ପରମନ୍ତପଃ
ନାମୈବ ପରମୋବନ୍ଧୁଃ,ନାମୈବ ଜଗତାଂ ଗତିଃ ॥

କିପରି ନାମ-ସଂକୀର୍ତ୍ତନ କରିବାକୁ ହେବ, ତତ୍ ସମ୍ବନ୍ଧେ ଗୌରାଙ୍ଗ ତାଙ୍କର ଭକ୍ତମାନଙ୍କୁ ଉପଦେଶ ଦେଇଥିଲେ—

“ତୃଣାଦପି ସୁନୀଚେନ ତରୋରପି ସହିଷ୍ଣୁନା ।
ଅମାନିନା ମାନଦେନ କୀର୍ତ୍ତନୀୟଃ ସଦା ହରିଃ ॥”

“ତୃଣଠାରୁ ନୀଚ ଓ ବୃକ୍ଷଠାରୁ ସହିଷ୍ଣୁ ହୋଇ, ନିଜେ ଅଭିମାନ ତ୍ୟାଗ କରି, ପରକୁ ସମ୍ମାନ ଦେଇ ସର୍ବଦା ହରିନାମ କୀର୍ତ୍ତନ କରିବ ।”

ଭଗବାନଙ୍କର ଯେଉଁ ନାମରେ ଯେଉଁ ଶକ୍ତି ଉପଲକ୍ଷିତ ହେଉଅଛି, ନାମକୀର୍ତ୍ତନ ସମୟରେ ତାହା ଚିନ୍ତା କରିବା ପ୍ରୟୋଜନ; ଅନ୍ୟାନ୍ୟ କୀର୍ତ୍ତନରେ ଲାଭ କଅଣ ? କେବଳ ଆମୋଦ ପ୍ରକାଶେ କୀର୍ତ୍ତନ ହେଲେ ସେ କୀର୍ତ୍ତନ ବିଫଳ ।

ନାମ ଜପ କରିବାକୁ ହେଲେ ନାମର ଅର୍ଥ ଓ ଶକ୍ତି ଜାଣିବା ଏକାନ୍ତ ଆବଶ୍ୟକ । ଯେ ଯେଉଁ ନାମ ମନ୍ତ୍ରସ୍ୱରୂପ ଜପ କରିବେ, ସେହି ନାମର ଅର୍ଥ ଓ ଶକ୍ତି ତାହାଙ୍କୁ ଜାଣିବାକୁ ହେବ ।

ମନ୍ତ୍ରାର୍ଥଂ ମନ୍ତ୍ରଚୈତନ୍ୟଂ ଯୋ ନ ଜାନାତି ସାଧକଃ
ଶତଲକ୍ଷପ୍ରଜପ୍ତୋଽପି ତସ୍ୟ ମନ୍ତ୍ରୋ ନ ସିଧ୍ୟତି ॥

ମହାନିର୍ବାଣ ତନ୍ତ୍ରେ—

“ଯେଉଁମାନେ ସାଧନମନ୍ତ୍ରର ଅର୍ଥ କିମ୍ବା ମନ୍ତ୍ରର ଶକ୍ତି ଜାଣନ୍ତି ନାହିଁ, ଶତଲକ୍ଷ ବାର ଜପ କଲେ ସୁଦ୍ଧା ତାଙ୍କର ମନ୍ତ୍ର ସିଦ୍ଧ ହେବ ନାହିଁ ।”

ଉପଯୁକ୍ତ ଗୁରୁଙ୍କଠାରୁ କୌଣସି ନାମ ଦୀକ୍ଷା କଲେ ଜୀବନର ଅନେକ ଉପକାର ହୁଏ । ଯେ ଉପଯୁକ୍ତ ଗୁରୁଙ୍କ ଦ୍ୱାରା ଉପଦିଷ୍ଟ, ସେ ସୌଭାଗ୍ୟବାନ । ଆଉ ଯେ ଉପଯୁକ୍ତ ଗୁରୁ ପାଇ ନାହାନ୍ତି, ତାଙ୍କର ଯେଉଁ ନାମରେ ଶ୍ରଦ୍ଧା ହୁଏ, ବ୍ୟାକୁଳଭାବରେ ତାହା ଜପ କରିବା କର୍ତ୍ତବ୍ୟ । ଭଗବାନ୍ ଏରୂପେ ଲୋକଙ୍କୁ ସମୟରେ ଉପଯୁକ୍ତ ଗୁରୁ ମିଳାଇଦିଅନ୍ତି ।

କିରୂପଭାବରେ ଜପ କରିବାକୁ ହେବ, ତଦ୍‌ବିଷୟରେ ଋଷିମାନେ ଉପଦେଶ ଦେଇଅଛନ୍ତି :—

ପ୍ରଣବୋ ଧନୁଃ ଶରୋହ୍ୟାତ୍ମା ବ୍ରହ୍ମ ତଲ୍ଲକ୍ଷ୍ୟମୁଚ୍ୟତେ ।
ଅପ୍ରମତ୍ତେନ ବୋଧବ୍ୟଂ ଶରବତ୍ତନ୍ମୟୋ ଭବେତ୍ ॥

ମୁଣ୍ଡକୋପନିଷତ୍—

ପ୍ରଣବ ଧନୁସ୍ୱରୂପ, ଆତ୍ମା ଶରସ୍ୱରୂପ, ବ୍ରହ୍ମ ତାହାର ଲକ୍ଷ୍ୟ । ସ୍ଥିରପ୍ରଶାନ୍ତ ଚିତ୍ତରେ ପ୍ରଣବଧନୁକରେ ଟଙ୍କାର ଦେଇ ନିଜର ଆତ୍ମାଦ୍ୱାରା ବ୍ରହ୍ମଲକ୍ଷ୍ୟବିଦ୍ଧ କରିବାକୁ ହେବ । ଶର ଯେପରି ବିଦ୍ଧ ପଦାର୍ଥ ଭିତରେ ତନ୍ମୟ ହୋଇଯାଏ, ଆତ୍ମା ସୁଦ୍ଧା ସେହିପରି ବ୍ରହ୍ମରେ ତନ୍ମୟ ହୋଇଯିବ । ବୃତ୍ତିଶୂନ୍ୟାବସ୍ଥାନ ହୋଇ ପ୍ରଣବ ଜପ କରୁଁ କରୁଁ ଆତ୍ମା ବ୍ରହ୍ମରେ ତନ୍ମୟ ହୋଇଯିବ ।”

ମନୁ ଜପମାହାତ୍ମ୍ୟ ସମ୍ବନ୍ଧରେ କହୁଅଛନ୍ତି—

“ବିଧିଯଜ୍ଞାଜ୍ଜପଯଜ୍ଞୋ ବିଶିଷ୍ଟୋ ଦଶଭିର୍ଗୁଣୈଃ ।
ଉପାଂଶୁଃ ସ୍ୟାଚ୍ଛତଗୁଣଃ ସହସ୍ରୋ ମାନସଃ ସ୍ମୃତଃ ॥

ମନୁସଂ—

“ଦର୍ଶପୌର୍ଣ୍ଣମାସାଦି ବିଧିଯଜ୍ଞଠାରୁ ଜପ ଦଶଗୁଣ ଶ୍ରେଷ୍ଠ, ଉପାଂଶୁଜପ ଶତଗୁଣ ଶ୍ରେଷ୍ଠ ଏବଂ ମାନସ ଜପ ସହସ୍ରଗୁଣ ଶ୍ରେଷ୍ଠ ।”

ଜପ ତିନି ପ୍ରକାର—ପ୍ରଥମ ଉଚ୍ଚରବରେ, ଦ୍ୱିତୀୟ ଉପାଂଶୁମୀତରବରେ ( ଅତି ନିକଟସ୍ଥ ଅପର ବ୍ୟକ୍ତି ଯାହା ଶୁଣିପାରେ ନାହିଁ, ) ତୃତୀୟ ମାନସ ଅର୍ଥାତ୍ ମନେ ମନେ ଜପ ।

ଜପ୍ୟେନୈବ ତୁ ସଂସିଧ୍ୟେଦ୍ ବ୍ରାହ୍ମଣୋନାତ୍ର ସଂଶୟଃ
କୁର୍ଯ୍ୟାଦନ୍ୟନ୍ନ ବା କୁର୍ଯ୍ୟାନ୍ମୈତ୍ରୋବ୍ରାହ୍ମଣଉଚ୍ୟତେ ॥
( ମ-ସଂ )

"ବ୍ରାହ୍ମଣ ଯାଗାଦି କରନ୍ତୁ, ଦାନ କରନ୍ତୁ ଏକମାତ୍ର ଜପଦ୍ୱାରା ସିଦ୍ଧ ହୋଇପାରନ୍ତି, ଏଥିରେ ସଂଶୟ ନାହିଁ।"

ଯାଗାଦି ନ କରି ସୁଦ୍ଧା ଏକମାତ୍ର ଜପଦ୍ୱାରା ସିଦ୍ଧ ହେବାକୁ ହୁଏ । ଜପ ସକାଶେ ତିନିଗୋଟି ସମୟ ପ୍ରଶସ୍ତ ।

(୧) ବ୍ରାହ୍ମମୁହୂର୍ତ୍ତ, (୨) ପ୍ରଦୋଷ, (୩) ନିଶୀଥ । ସାଧକଗଣ ବ୍ରାହ୍ମମୁହୂର୍ତ୍ତର ବିଶେଷ ପକ୍ଷପାତୀ । ମୁସଲ-ମାନ ସାଧକ ଫକିରମାନେ କହନ୍ତି, ଏହି ସମୟରେ ପ୍ରଭାତ ସମୀରଣ ଭଗବାନଙ୍କ ନିକଟରୁ ଭକ୍ତମାନଙ୍କ ନିକଟକୁ ସ୍ୱର୍ଗସମ୍ବାଦ ଘେନି ଆସେ ଏବଂ ଭକ୍ତମାନଙ୍କ ନିକଟରୁ ଭଗବାନଙ୍କ ନିକଟକୁ ସମ୍ବାଦ ଘେନିଯାଏ ।

ଜପ କରିବା ପକ୍ଷରେ ଯେଉଁ ଯେଉଁ ସ୍ଥାନ ପ୍ରଶସ୍ତ, ତାହା ଲେଖାହେଉଅଛି —

ପୁଣ୍ୟକ୍ଷେତ୍ରଂ ନଦୀତୀରଂ ଗୁହାପର୍ବତମସ୍ତକଂ ।
ତୀର୍ଥପ୍ରଦେଶାଃ ସିନ୍ଧୂନାଂ ସଙ୍ଗମଃ ପବିତ୍ରଂ ବନଂ ।
ଉଦ୍ୟାନାନି ବିବିକ୍ତାନି ବିଲ୍ୱମୂଳଂ ତଟଂ ଗିରେଃ ।
ଦେବତାୟତନଂ କୂଳଂ ସମୁଦ୍ରସ୍ୟ ନିଜଂ ଗୃହଂ ।
ସାଧନେଷୁ ପ୍ରଶସ୍ତାନି ସ୍ଥାନାନ୍ୟେତାନି ମନ୍ତ୍ରିଣାଂ
ଅଥବା ନିବସେତ୍ତତ୍ର ଯତ୍ର ଚିତ୍ତଂ ପ୍ରସୀଦତି ।

କୁଳାର୍ଣ୍ଣବତନ୍ତ୍ରେ—

"ପୁଣ୍ୟକ୍ଷେତ୍ର, ନଦୀତଟ, ଗୁହା, ପର୍ବତଶୃଙ୍ଗ, ତୀର୍ଥସ୍ଥାନ, ଏକାଧିକ ନଦୀର ମିଳନସ୍ଥାନ, ପବିତ୍ର ବନ, ନିର୍ଜ୍ଜନ ଉଦ୍ୟାନ, ବିଲ୍ୱମୂଳ, ଗିରିତଟ, ଦେବତାମନ୍ଦିର, ସମୁଦ୍ରକୂଳ, ନିଜର ଗୃହ ଅଥବା ଯେଉଁ ସ୍ଥାନରେ ଚିତ୍ତ ପ୍ରସନ୍ନ ହୁଏ ।"

ମ୍ଳେଚ୍ଛ ଅର୍ଥାତ୍ ଧର୍ମଦ୍ୱେଷୀ, ଦୁଷ୍ଟ ତସ୍କରଲୋକ, ହିଂସ୍ରପଶୁ କିମ୍ବା ସର୍ପର ଭୟ ଯେଉଁ ସ୍ଥାନରେ ଅଛି, କୁଳାର୍ଣ୍ଣବତନ୍ତ୍ରାନୁସାରେ ଏରୂପ ସ୍ଥାନରେ ଜପ ନିଷିଦ୍ଧ । କାରଣ ସମସ୍ତଙ୍କର ସହଜ ବୋଧଗମ୍ୟ ।

ମନର ସହିତ ନାମଗତ ଜପ କଲେ ଚରମ ଲାଭ ହୁଏ, ସାଧକପ୍ରବର କବିର ତାହା ସ୍ୱୀୟ ଜୀବନରେ ପ୍ରତିଫଳିତ କରିଥିଲେ । ତାହାଙ୍କ ଦୋହାରେ ସେ ତାହା ପ୍ରକାଶ କରିଅଛନ୍ତି —

କବିର ତୂତୂ କରତେ ତୁଭୟା ମୁଝ୍‌ମେ ରହି ନହୁ ।
ଓୟାରେ ଫେରେ ନାମପର ଜିତ୍ ଦେଖତ ତ ତୁ ॥

"କବିର, ତୁମ୍ଭେ ତୁମ୍ଭେ କରୁ କରୁ ତୁମ୍ଭେ ହୋଇଗଲା, ଆଉ କବିର 'ମୁଁ' ରେ ନାହିଁ । ଧନ୍ୟ ତୁମ୍ଭର ନାମକୁ ! ଯେଉଁଆଡ଼େ ଦେଖେ, ସେହିଆଡେ ତୁମ୍ଭେ ।"

କବିର ତୁ ତୁ କରତେ ତୁ ଭୟା, ତୁଝ୍‌ମେ
ରହେ ସମାୟ ।
ତୋ ମହି ମାହି ମିଲ ରହିଁ, ଅବ ମନ୍ ଅନତ୍
ନ ଯାୟ ।

"କବିର ତୁମ୍ଭେ ତୁମ୍ଭେ କରୁ କରୁ ତୁମ୍ଭେ ହୋଇଗଲା, 'ତୁମ୍ଭେ' ରେ ମଗ୍ନ ହୋଇଗଲା, 'ତୁମ୍ଭ'ରେ 'ମୁଁ' ମିଶାଇଗଲା, ଏବେ ଆଉ ମନ ଅନ୍ୟ ଆଡ଼କୁ ଯାଏ ନାହିଁ ।"

ଜପ କରୁ କରୁ ସାଧକ ଏହିରୂପ ଅବସ୍ଥା ପ୍ରାପ୍ତ ହୁଅନ୍ତି, ଭଗବାନରେ ମଗ୍ନ ହୋଇଯାଆନ୍ତି, ସବୁଆଡ଼େ ତାଙ୍କ ଭିନ୍ନ ଅନ୍ୟ କିଛି ଦେଖିବାକୁ ପାଆନ୍ତି ନାହିଁ; ସମସ୍ତ ବ୍ରହ୍ମାଣ୍ଡମୟ ଭଗବାନ୍ ମୂର୍ତ୍ତି ହୋଇଯାଏ ।

ଏକାଗ୍ରତା ସର୍ବପ୍ରକାର ସାଧନର ଏକାନ୍ତ ସାପେକ୍ଷ । ଏକାଗ୍ରତା ନ ଥିଲେ କୌଣସି ପ୍ରକାର ସାଧନରେ କୃତକାର୍ଯ୍ୟତା ଲାଭ ହୁଏ ନାହିଁ । ଚିତ୍ତ ବିକ୍ଷେପ ସାଧନର ପ୍ରଧାନ ଅନ୍ତରାୟ । ଆତ୍ମଚିନ୍ତା କରି-ବାକୁ ବସିଅଛି, ଏମନ୍ତ ସମୟରେ ଚିତ୍ତ-ବିକ୍ଷେପ ଆସି ମନକୁ ଅନ୍ୟ ଏକ ଦିଗକୁ ଉଠାଇ ଘେନିଗଲା, ଆତ୍ମ-ଚିନ୍ତାର ଗାତକୁ ଭୁଲିଗଲି, ସୁତରାଂ ମନ ଓ ଆତ୍ମଚିନ୍ତା ମଧ୍ୟରେ ଫାଙ୍କ ହୋଇଗଲା, ଏରୂପ ଭାବ ଅସ୍ମଜୀବନରେ ଅନେକ ସମୟରେ ଘଟିଥାଏ । କୌଣସି ସାଧୁ ମହାପୁରୁଷଙ୍କ ନିକଟରେ ବସି ତାଙ୍କର ଧର୍ମୋପ-

ଦେଖ ଶୁଣୁଅଛି, ଇତିମଧ୍ୟରେ ବାଇଗଣବାଡ଼ିର କଥା ମନେ ପଡ଼ିଲା । ମୁଁ କଳ୍ପନାରେ ବାଇଗଣ ତୋଳିଲି । ସାଧୁଙ୍କର ଉପଦେଶ ବାୟୁରେ ବିଲୀନ ହୋଇଗଲା , ଏରୂପ ଚିତ୍ତବିକ୍ଷିପ୍ତି ବୋଧହୁଏ ସମସ୍ତେ ଅନୁଭବ କରି-ଅଛନ୍ତି । ନାମ ଜପ କରିବାକୁ ବସିଅଛି ଅଥବା ଜପ କରୁଅଛି, ମାଳ ହସ୍ତରେ ଘୂରୁଅଛି, ଜିହ୍ୱା ଶବ୍ଦାୟିତ ହେଉଅଛି; କିନ୍ତୁ ମନ କୌଣସି ପ୍ରକାର ଖଜଣା ଅସୁଲି କରିବାରେ ବ୍ୟସ୍ତ । ପୁରାଣ ପାଠ ହେଉଅଛି, ମୁଁ ଭାବରେ ଗଦ୍‌ଗଦ ହୋଇ ବସି ଶୁଣୁଅଛି, ଇତିମଧ୍ୟରେ ମନ ଥରେ ଫିଟିଯାଇ କୌଣସି ମୋକଦ୍ଦମାର କାଗଜପତ୍ର ଯୋଗାଡ଼ କରି ଆସିଲା । ପୁରୀରେ ଜଗନ୍ନାଥଙ୍କର ଅଲୌକିକ ଭାବରେ ପୂର୍ଣ୍ଣ ହୋଇ ଦେଖୁଅଛି, ଇତଃମଧ୍ୟେ ଗ୍ରାମର ପୁଷ୍କରିଣୀଟିର ପଙ୍କୋଦ୍ଧାର ହୋଇଗଲା । ଏମନ୍ତ ସମୟରେ ଭଗବାନଙ୍କୁ ଥରେ ମାତ୍ର ଡାକୁଅଛି, ସେ ଉପସ୍ଥିତ ହୋଇଅଛନ୍ତି; କିନ୍ତୁ ମୁଁ କି ଆଉ ସେଠାରେ ଅଛି ? ବୋଧ ହୁଏ ମୁଁ ଗୋଟାଏ ଲଙ୍କାମରିଚ ସହାଶେ ଅଜ୍ଞାନ ଭାଇ ସଙ୍ଗରେ ମହା ବାଗ୍‌ଯୁଦ୍ଧରେ ପ୍ରବୃତ୍ତ ହୋଇଅଛି । ଏରୂପ ଚିତ୍ତବିକ୍ଷେପ ସ୍ୱର୍ଗପଥର କଣ୍ଟକ । ଅତଃ ଏକାଗ୍ରତା ଏକାନ୍ତ ଆବଶ୍ୟକ ।

ମାଳ ଘେନି ନାମ ଜପିବାର ଅନ୍ୟତମ ଉଦ୍ଦେଶ୍ୟ ଏକାଗ୍ରତାସାଧନ । କୌଣସି କାର୍ଯ୍ୟରେ ସଫଳତା ଲାଭ ସେହି କାର୍ଯ୍ୟରେ ଶନୈଃ ଅଭ୍ୟାସସାପେକ୍ଷ । ମାଳ ଜପିବା ସମୟରେ ସେଥିର ସଂଖ୍ୟାରେ ଚିତ୍ତ ସନ୍ନିବେଶିତ ହୁଏ, ଏଣୁ ଅନ୍ୟ ବିଷୟରେ ଚିନ୍ତା ସେହି ସମୟରେ ମନରେ ସ୍ଥାନ ଲାଭ କରିବାକୁ କ୍ଷମ ହୁଏ ନାହିଁ । ଅତଏବ ଏକାଗ୍ରତାସାଧନ ଅଭ୍ୟାସ ହୁଏ । ତିଳକଧାରଣ ମୁଦ୍ରା ଏହି ଶ୍ରେଣୀର ଅନ୍ତର୍ଗତ ବୋଲି ବିବେଚିତ ହୁଏ ।

ଭ୍ରୂଦ୍ୱୟର ମଧ୍ୟବର୍ତ୍ତୀ ସ୍ଥାନ କିମ୍ବା ନାସାଗ୍ରରେ ଦୃଷ୍ଟି ସ୍ଥିର ରଖିଲେ ଅର୍ଥାତ୍ ଅନିମେଷ ନେତ୍ରରେ ଭ୍ରୂମଧ୍ୟ ସ୍ଥାନ କିମ୍ବା ନାସାଗ୍ରକୁ ଚାହିଁ ରହିଲେ ଏକାଗ୍ରତା ଜନ୍ମେ । ଜିହ୍ୱାଗ୍ର, ଜିହ୍ୱାମଧ୍ୟ, ଜିହ୍ୱାମୂଳ ଓ ତାଳୁ— ଏହି ସ୍ଥାନମାନଙ୍କ ମଧ୍ୟରୁ କୌଣସି ଏକସ୍ଥାନରେ ଚିତ୍ତ ଧାରଣ କଲେ ଚିତ୍ତ-ବିକ୍ଷେପ ନିବୃତ୍ତ ହୁଏ ।

ଚକ୍ଷୁ ମୁଦ୍ରିତ କରି କୌଣସି ସାଧୁ ବିଷୟ ବା ବସ୍ତୁପ୍ରତି ଲକ୍ଷ୍ୟ ଅଟଳ ରଖିଲେ ମନରେ ଏକାଗ୍ରତା ଜନ୍ମେ । ନିର୍ମଳ ଚିନ୍ତା ଏକାଗ୍ରତା ଆନୟନର ଗୋଟିଏ ସୁନ୍ଦର କୌଶଳ ।

ଯେଉଁ ନାମ ବା ମନ୍ତ୍ର ଜପ କରିବ, ସେଥିର ବର୍ଣ୍ଣମାଳା ଆକାଶରେ କଳ୍ପନା କରି ସେହି ଅକ୍ଷର-ସମୂହର ଆକୃତି ଉପରେ ଲକ୍ଷ୍ୟ ନିଶ୍ଚଳ ରଖିଲେ ଏକାଗ୍ରତାରେ ଅଭ୍ୟାସ ଜନ୍ମେ ।

ପ୍ରାଣାୟାମ ମନ ଏକାଗ୍ର କରିବାର ସର୍ବପ୍ରଧାନ ଉପାୟ । ସମସ୍ତ ଇନ୍ଦ୍ରିୟ ବୃତ୍ତି ପ୍ରାଣର ( ଦେହସ୍ଥ ବାୟୁର ) ବୃତ୍ତି ଉପରେ ନିର୍ଭର କରେ ବୋଲି ଏବଂ ମନ ଓ ପ୍ରାଣର ସ୍ୱ ସ୍ୱ ବ୍ୟାପାରରେ ପରସ୍ପରର ଏକଯୋଗ ଥିବା ହେତୁ ସମସ୍ତ ଇନ୍ଦ୍ରିୟ ବୃତ୍ତି ନିରୋଧ ଦ୍ୱାରା ପ୍ରାଣକୁ ଜୟ କରିପାରିଲେ ମନର ଏକାଗ୍ରତା ଜନ୍ମେ । ପ୍ରାଣାୟାମ ଶିକ୍ଷା କରିବାକୁ ହେଲେ ଉପଯୁକ୍ତ ଗୁରୁଠାରୁ ଶିକ୍ଷା କରିବା କର୍ତ୍ତବ୍ୟ । ଗୁରୁ ଭିନ୍ନ ଶିକ୍ଷା କଲେ ଅନିଷ୍ଟ ଘଟିବାର ବିଶେଷ ସମ୍ଭାବନା ।

ପୂର୍ବରେ ବୋଲାହୋଇଅଛି, ଏକାଗ୍ରତା ସାଧନ ଅଭ୍ୟାସସାପେକ୍ଷ । ଅଭ୍ୟାସ ବଳରେ କୌଣସି କୌଣସି ଇତର ଜାତୀୟା ଅଶିକ୍ଷିତା ସ୍ତ୍ରୀମାନଙ୍କୁ ଏକସମୟରେ ଏକାଧିକ କାର୍ଯ୍ୟରେ ଲକ୍ଷ୍ୟ ସ୍ଥିର ରଖିବାର ଦେଖା-ଯାଏ । ଉଦାହରଣସ୍ୱରୂପ ଗୁଡ଼ିଆଣୀର ନାମ ବିଶେଷ ଉଲ୍ଲେଖଯୋଗ୍ୟ । ଚୂଡ଼ା କୁଟିବା ସମୟରେ ସେ ଦକ୍ଷିଣ ହସ୍ତରେ ଘୁଞ୍ଚାଇଦେଉଥାଏ ଏବଂ ବାମ ହସ୍ତରେ ଧାନ ଭାଜୁଥାଏ । ସେତେବେଳେ ସେ ହାତ କୁଟି ନ ଯିବା ପକ୍ଷେ ଦୃଷ୍ଟି ରଖେ, ଚୂଡ଼ା ହେବା ନ ହେବା ପ୍ରତି ଦୃଷ୍ଟି ରଖେ, ଧାନ ପୋଡ଼ିଯିବା ପକ୍ଷେ ସାବଧାନ ହୁଏ ଏବଂ ଚୁଲିର ଜାଳ ଉପରେ ଦୃଷ୍ଟି ରଖିଥାଏ । ଏକ ସମୟରେ ବହୁ ଅବଧାନୀ ହେବା ଗୁଡ଼ିଆଣୀର ସ୍ୱାଭାବିକ ଶକ୍ତି ନୁହେଁ; ସେ ତାହା ଅଭ୍ୟାସ ବଳରେ ସିଦ୍ଧ କରିଅଛି । ଅତଏବ ଥରେ ଅଧେ ଚେଷ୍ଟାରେ କ୍ଷାନ୍ତ ନ ହୋଇ ଉତ୍ସାହ ଓ ଧୈର୍ଯ୍ୟର ସହିତ ବାରମ୍ବାର ଚେଷ୍ଟା କଲେ କାର୍ଯ୍ୟୋଦ୍ଧାର ହୁଏ । ବର୍ତ୍ତମାନ ଦେଶ-କାଳପାତ୍ର ଦୃଷ୍ଟିରେ ଅନ୍ୟାନ୍ୟ ସାଧନ ଅପେକ୍ଷା ନାମ-

ଗ୍ରହଣ, କୀର୍ତ୍ତନ ଓ ଜପକୁ ଅଂଶୀବଦ୍ଧ ଚୈତନ୍ୟ ଦେବ ସମୟୋପଯୋଗୀ ଜାଣି ନାମଗ୍ରହଣକୁ ମୁକ୍ତିର ମାର୍ଗ ବୋଲି ନିର୍ଦ୍ଦେଶ କରିଅଛନ୍ତି । ଅରଣ୍ୟମୟ ନିର୍ଜ୍ଜନ ପଥରେ ଅନ୍ଧକାର ରାତ୍ରିରେ ଏକାକୀ ଗମନ କଲାବେଳେ କୌଣସି ପ୍ରକାର ଉତ୍କଟ ବିପଦର କାରଣ ଉପସ୍ଥିତ ହେଲେ ସେହି ବିପଦରୁ ତ୍ରାହି ଲଭିବା ସକାଶେ ଯେପରି ଭୟରେ ଜଡ଼ସଡ଼ ହୋଇ ଈଶ୍ୱରଙ୍କର ନାମ ଗ୍ରହଣ କରାଯାଏ, ସେହିପରି ପ୍ରେମରେ ଜଡ଼ସଡ଼ ହୋଇ ନାମ-ଗ୍ରହଣ କରିବା ବିଧେୟ । ଅନ୍ୟଥା ଲୋକଦେଖା ପଣ୍ଡଭକ୍ତି କୌଣସି କାର୍ଯ୍ୟର ନୁହେ । ପ୍ରତ୍ୟେକ ମନୁଷ୍ୟର ପ୍ରତ୍ୟହ ଅନ୍ତତଃ ଥରେ ହେଲେ ଭଗବାନଙ୍କ ନାମ ଗ୍ରହଣ କରିବା ଉଚିତ ।

ସ୍ନାନାନ୍ତେ ପୂଜା କରିବା ସମୟରେ ଏବଂ ସନ୍ଧ୍ୟା ସମୟରେ ମାଳ ଜପିବା ହିନ୍ଦୁମାନଙ୍କର ଚିରନ୍ତନ ପ୍ରଥା । ଗଭୀର ଦୁଃଖ ଓ ଆକ୍ଷେପର ବିଷୟ, ଏହି ସନାତନ ଧର୍ମର ପ୍ରଥାଟି କାଳକ୍ରମେ ସଙ୍କୁଚିତ ହୋଇ ଆସୁଅଛି । ଅନେକ ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ବାବୁମାନଙ୍କର ତ କଥା ନାହିଁ, ସେମାନେ ନବ୍ୟ ସଭ୍ୟଭବ୍ୟ ବିଜ୍ଞାନ ପଢ଼ି ଅଜ୍ଞାନ ହୋଇଅଛନ୍ତି । ପ୍ରାଚୀନ ପୋଥି ଓ ପୁରାଣମାନ ସେମାନଙ୍କ ନିକଟରେ କୁସଂସ୍କାର ମଧ୍ୟରେ ପରିଗଣିତ । ସୁତରାଂ ତାହା ଦୂଷିତ ଓ ଅବଜ୍ଞାତ । ପୂଜା କରିବା ଏବଂ ମାଳ ଜପିବା ଦୂରେ ଥାଉ, ଗାଧୋଇସାରି ଗୋଟାଏ ନିର୍ମାଲ୍ୟ ପାଇବା ସେମାନଙ୍କ ପକ୍ଷେ ଦୁଷ୍କର ହୁଏ । ସେମାନଙ୍କର ପୂଜୋପକରଣ ଗିନା, ଢ଼ଙ୍କୀ ଓ ପାଦୋଦକ ପ୍ରଭୃତି ନୁହେ— ବ୍ରସ, ପାନିଆଁ, ଅଇନା, କାଚଗ୍ଲାସ, ବିଲାତି ସୁଗନ୍ଧଦ୍ରବ୍ୟ ଇତ୍ୟାଦି ମାର୍ଜିତ ନବ୍ୟ ସୁରୁଚିସମ୍ପନ୍ନ ପଦାର୍ଥମାନ ସେମାନଙ୍କର ପୂଜା-ସାମଗ୍ରୀ । କେହି କେହି ଉଚ୍ଚଶ୍ରେଣୀର ସୁନ୍ଦରୀଙ୍କର ଭକ୍ତ ହେବାକୁ ଇଚ୍ଛା କଲେ ସ୍ଫଟିକ ମନ୍ଦିରବାସିନୀ ଦ୍ରବମୟୀ ମହାଶକ୍ତି-ସମ୍ପନ୍ନା ବିଲାତବାସିନୀ ସୁରା ଆରାଧନା କରନ୍ତି । ପଥର ଏହି ଶ୍ରେଣୀୟ ଲୋକମାନେ ଯେ ଏକାବେଳକେ ଉଚ୍ଛନ୍ନ ପଥିକ ହେଉଅଛନ୍ତି, ଏହା କହିବା ବାହୁଲ୍ୟମାତ୍ର ।

ଆମ୍ଭେମାନେ ଅତ୍ୟଳ୍ପ ଦିନ ସକାଶେ ଏ ପୃଥିବୀକୁ ଆସିଅଛୁଁ । ଯେଉଁ ବିଷୟ ଲାଭ କରିବାକୁ ଆସିଅଛୁଁ, ତତ୍ସମ୍ବନ୍ଧରେ କିଛିମାତ୍ର ଯତ୍ନ ନ କରି କେବଳ ଅଳୀକ ଆମୋଦ ଓ ପରସ୍ପର ବିରୋଧରେ ଜୀବନର ସର୍ବନାଶ ଘଟାଉଅଛୁଁ । ଏହି ଜଗତରେ ସମୟ ନଷ୍ଟ ନ କରି ଯଦି ରେ ସାରଧର୍ମ ସଞ୍ଚୟ କରିବାକୁ କ୍ଷମ ହେବୁଁ, ସେହି କାର୍ଯ୍ୟରେ ସମସ୍ତଙ୍କର ଯତ୍ନବାନ୍ ହେବା କର୍ତ୍ତବ୍ୟ ।

କେହି କେହି ପୁଣି ପଣ୍ଡ ଆପତ୍ତି ଉତ୍ଥାପନ କରି କହନ୍ତି, "ବାଲ୍ୟ ବୟସରେ ଧର୍ମ କର୍ମ କରିବା ନିତାନ୍ତ ଅକର୍ତ୍ତବ୍ୟ ।" କିନ୍ତୁ ଧର୍ମକାର୍ଯ୍ୟ କାଳ, କୁଳ ଓ ବୟସର ଅପେକ୍ଷା କରେ ନାହିଁ । ପରିଣତ ବୟସରେ କାର୍ଯ୍ୟ କରିବ, ବାଲ୍ୟ ବା ଯୌବନରେ କରିବ ନାହିଁ— ଏରୂପ ବାକ୍ୟ ସମ୍ପୂର୍ଣ୍ଣ ମୂଲ୍ୟହୀନ ଓ ଭ୍ରାନ୍ତିମୂଳକ । ଭକ୍ତିସାଧନ ବାଲ୍ୟ ବୟସରେ ଆରମ୍ଭ କରିବା ଉଚିତ । ପ୍ରାତଃସ୍ମରଣୀୟ ରାମକୃଷ୍ଣ ପରମହଂସ କହିଅଛନ୍ତି, "ହୃଦୟ କୋମଳ ଥାଉଁ ଥାଉଁ ଭକ୍ତି-ବୀଜ ବପନ କରିବା କର୍ତ୍ତବ୍ୟ । ବାଲ୍ୟ ବୟସରେ ମୃତ୍ତିକା ତୁଲ୍ୟ ହୃଦୟ କୋମଳ ଥିବା ସମୟରେ ଭକ୍ତି-ବୀଜ ରୋପଣ କଲେ ତାହା ଅଙ୍କୁରିତ ହୁଏ । ଅନ୍ୟଥା ସଂସାର-ଅନଳରେ ଉକ୍ତ ମୃତ୍ତିକା ପୋଡ଼ି କଠିନ ଓ ନୀରସ ହୋଇଗଲେ ସେଥିରେ ଗଛ ଉଠିବା ଅସମ୍ଭବ ।" ଅନେକ ବୃଦ୍ଧବ୍ୟକ୍ତି କହନ୍ତି, "ପ୍ରଥମ ବୟସରେ ବିଦ୍ୟା ଉପାର୍ଜ୍ଜନ କରିବ, ଦ୍ୱିତୀୟ ବୟସରେ ଧନ ଉପାର୍ଜ୍ଜନ କରିବ ଏବଂ ବୃଦ୍ଧକାଳରେ ଧର୍ମ ଉପାର୍ଜ୍ଜନ କରିବ ।" କିନ୍ତୁ ଭଗବାନଙ୍କର ତାହା ଅଭିପ୍ରେତ ନୁହେ । ବିଦ୍ୟା ଉପାର୍ଜ୍ଜନ ଓ ଧନ ଉପାର୍ଜ୍ଜନାଦି କାର୍ଯ୍ୟ ଭଗବାନଙ୍କୁ ନେଇ କରିବାକୁ ହେବ । ଧର୍ମ ଭିନ୍ନ ବିଦ୍ୟା ଅକର୍ମଣ୍ୟ—ଧନ ଅକର୍ମଣ୍ୟ, ଧର୍ମରେ ମତି ନ ଥିଲେ ବିଦ୍ୟା ଓ ଧନ ଧୃଷ୍ଟତା ଏବଂ ଶଠତାର ପରିପୋଷକ ରୂପରେ ଦଣ୍ଡାୟମାନ ହୁଏ । ପରେ ହାହାକାର କରିବାକୁ ହୁଏ ।

ଯୁବୈବ ଧର୍ମଶୀଳଃ ସ୍ୟାତ୍ ଅନିତ୍ୟଂ ଖଳୁ ଜୀବିତଂ,
କୋହି ଜାନାତି କସ୍ୟାଦ୍ୟ ମୃତ୍ୟୁକାଲୋ ଭବିଷ୍ୟତି ।

ମହାଭାରତେ—

"ଯୁବାବୟସରେ ଧର୍ମଶୀଳ ହେବ । ଜୀବନ ଅନିତ୍ୟ । କିଏ ଜାଣେ, ଆଜି କାହାର ମୃତ୍ୟୁ ଘଟିବ ? ମୃତ୍ୟୁ ବାଳକକୁ ତ୍ୟାଗ କରେ ନାହିଁ ।

ଭକ୍ତଚୂଡ଼ାମଣି ପ୍ରହ୍ଲାଦ କହିଅଛନ୍ତି —
"କୌମାର ଆଚରେତ୍ ପ୍ରାଜ୍ଞୋ ଧର୍ମାନ୍ ଭାଗବତାନିହ,
ଦୁର୍ଲ୍ଲଭଂ ମାନୁଷଂ ଜନ୍ମ ତଦପ୍ୟଧ୍ରୁବମର୍ଥଦଂ ।

ବାଲ୍ୟବୟସରେ ଭାଗବତ ଧର୍ମ ଆଚରଣ କରିବ; ଜୀବନ କେତେ ଦିନ ପାଇଁ ? ମନୁଷ୍ୟ-ଜୀବନ ଦୁର୍ଲ୍ଲଭ। ତନ୍ମଧ୍ୟରେ ସଫଳକାମ ଜୀବନ ନିତାନ୍ତ ଅଧ୍ରୁବ ।

ଏ ପୃଥିବୀରେ ଯେଉଁମାନେ ମହାପୁରୁଷ ବୋଲି ଖ୍ୟାତ, ବାଲ୍ୟ ଜୀବନରେ ପ୍ରାୟ ସମସ୍ତେ ଭଗବଦ୍-ଭକ୍ତିପରାୟଣ ହୋଇଥିଲେ। ବୁଦ୍ଧ, ଚୈତନ୍ୟ ମହାପୁରୁଷ-ମାନଙ୍କର ଜୀବନଚରିତ ଅନୁଧ୍ୟାନ କଲେ ଏ ଉକ୍ତିର ସାରବତ୍ତା ସମ୍ପୂର୍ଣ୍ଣ ଉପଲବ୍ଧ ହେବ । ବାଲ୍ୟ ବୟସରେ ଭକ୍ତି ଉପାର୍ଜ୍ଜନ ନ କଲେ ପଶ୍ଚାତ୍ ଅନୁତପ୍ତ ହେବାକୁ ହୁଏ । ଆମ୍ଭମାନଙ୍କ ଦେଶରେ ଗୋଟିଏ ପ୍ରଚଳିତ କଥା ଅଛି । "ଯାହା ନାହିଁ ବାଳକାଳେ ତାହା ନାହିଁ କାଳେ କାଳେ ।" ଅତଏବ ବୃଦ୍ଧ ବୟସରେ ଭକ୍ତି ସାଧନ କରିବି ବୋଲି କୌଣସି ବାଳକର ଅପେକ୍ଷା ପ୍ରଦର୍ଶନ ଉଚିତ ନୁହେ । ଶ୍ରୀ-ଶ୍ରୁତମନ୍ତ୍ର । "ଜୟତୁ ଜୟତୁ ଜଗନ୍ମଙ୍ଗଳଂ ହରେର୍ନାମ ।

## ହରିନାମମାଳା ସ୍ତୋତ୍ରଂ

ଗୋବିନ୍ଦଂ ଗୋକୁଳାନନ୍ଦଂ ଗୋପେଶଂ ଗୋପୀବଲ୍ଲଭଂ,
ଗୋବର୍ଦ୍ଧନୋଦ୍ଧରଂ ଧୀରଂ ତଂ ବନ୍ଦେ ଗୋମତୀ-ପ୍ରିୟଂ ।
ନାରାୟଣଂ ନିରାକାରଂ ନରବୀରଂ ନରୋତ୍ତମଂ
ନୃସିଂହଂ ନାଗନାଥଞ୍ଚ ତଂ ବନ୍ଦେ ନରକାନ୍ତକଂ ।
ପୀତାମ୍ବରଂ ପଦ୍ମନାଭଂ ପଦ୍ମାକ୍ଷଂ ପୁରୁଷୋତ୍ତମଂ,
ପବନଂ ପରମାନନ୍ଦଂ ତଂ ବନ୍ଦେ ପରମେଶ୍ୱରଂ ।
ରାଘବଂ ରାମଚନ୍ଦ୍ରଞ୍ଚ ରାବଣାରିଂ ରମାପତିଂ,
ରାଜୀବଲୋଚନଂ ରାମଂ ତଂ ବନ୍ଦେ ରଘୁନନ୍ଦନଂ ।
ବାମନଂ ବିଶ୍ୱରୂପଞ୍ଚ ବାସୁଦେବଞ୍ଚ ବିଠ୍ଠଳଂ,
ବିଶ୍ୱେଶ୍ୱରଂ ବିଶ୍ୱବାସଂ ତଂ ବନ୍ଦେ ବେଦ-ବଲ୍ଲଭଂ ।
ଦାମୋଦରଂ ଦିବ୍ୟସିଂହଂ ଦୟାଳୁଂ ଦୀନନାୟକଂ,
ଦୈତ୍ୟାରିଂ ଦେବଦେବେଶଂ ତଂ ବନ୍ଦେ ଦେବକୀ-ସୁତଂ ।
ମୁରାରିଂ ମାଧବଂ ମତ୍ସ୍ୟଂ ମୁକୁନ୍ଦଂ ମୁଷ୍ଟି-ମର୍ଦ୍ଦନଂ,
ମୁଞ୍ଜକେଶଂ ମହାବାହୁଂ ତଂ ବନ୍ଦେ ମଧୁସୂଦନଂ ।
କେଶବଂ କମଳାକାନ୍ତଂ କାମେଶଂ କୌସ୍ତୁଭପ୍ରିୟଂ,
କୌମୋଦକୀଧରଂ କୃଷ୍ଣଂ ତଂ ବନ୍ଦେ କୌରବାନ୍ତକଂ ।
ଭୂଧରଂ ଭୁବନାନନ୍ଦଂ ଭୂତେଶଂ ଭୂତନାୟକଂ,
ଭାବନୈକଂ ଭୁଜଙ୍ଗେଶଂ ତଂ ବନ୍ଦେ ଭବନାଶନଂ ।
ଜନାର୍ଦ୍ଦନଂ ଜଗନ୍ନାଥଂ ଜଗଜ୍ଜାଡ୍ୟ-ବିନାଶନଂ,
ଜାମଦଗ୍ନ୍ୟଂ ବରଂ ଜ୍ୟୋତିସ୍ତଂ ବନ୍ଦେ ଜଳଶାୟିନଂ ।
ଚତୁର୍ଭୁଜଂ ଚିଦାନନ୍ଦଂ ମଲ୍ଲ-ଚାଣୁର-ମର୍ଦ୍ଦନଂ,
ଚରାଚରଗତଂ ଦେବଂ ତଂ ବନ୍ଦେ ଚକ୍ରପାଣିନଂ ।
ଶ୍ରିୟଃକରଂ ଶ୍ରିୟୋନାଥଂ ଶ୍ରୀଧରଂ ଶ୍ରୀବରପ୍ରଦଂ,
ଶ୍ରୀବତ୍ସଲଧରଂ ସୌମ୍ୟଂ ତଂ ବନ୍ଦେ ଶ୍ରୀସୁରେଶ୍ୱରଂ ।
ଯୋଗୀଶ୍ୱରଂ ଯଜ୍ଞପତିଂ ଯଶୋଦାନନ୍ଦଦାୟକଂ,
ଯମୁନା-ଜଳକଲ୍ଲୋଳଂ ତଂ ବନ୍ଦେ ଯଦୁନାୟକଂ ।
ଶାଳଗ୍ରାମଶିଳାଶୁଦ୍ଧଂ ଶଙ୍ଖଚକ୍ରୋପଶୋଭିତଂ,
ସୁରାସୁର-ସଦାସେବ୍ୟଂ ତଂ ବନ୍ଦେ ସାଧୁବଲ୍ଲଭଂ ।
ତ୍ରିବିକ୍ରମଂ ତପୋମୂର୍ତ୍ତିଂ ତ୍ରିବିଧାଘୌଘନାଶନମ୍
ତ୍ରିସ୍ଥଳଂ ତୀର୍ଥରାଜେନ୍ଦ୍ରଂ ତଂ ବନ୍ଦେ ତୁଳସୀପ୍ରିୟଂ ।
ଅନନ୍ତମାଦିପୁରୁଷମଚ୍ୟୁତଞ୍ଚ ବରପ୍ରଦଂ ।
ଆନନ୍ଦଞ୍ଚ ସଦାନନ୍ଦଂ ତଂ ବନ୍ଦେ ବୃଘନାଶନଂ ।
ଲୀଳୟା ଧୃତଭୂଭାରଂ ଲୋକସତ୍ତ୍ୱୈକ-ବନ୍ଦିତଂ,
ଲୋକେଶ୍ୱରଞ୍ଚ ଶ୍ରୀକାନ୍ତଂ ତଂ ବନ୍ଦେ ଲକ୍ଷ୍ମଣପ୍ରିୟଂ ।
ହରଞ୍ଚ ହରଣ୍ୟାକ୍ଷଞ୍ଚ ହରିନାଥଂ ହରିପ୍ରିୟଂ,
ହଳାୟୁଧସହାୟଞ୍ଚ ତଂ ବନ୍ଦେ ହନୁମତ୍ପତିଂ ।
ହରିନାମକୃତା ମାଳା ପବିତ୍ରା ପାପନାଶିନୀ,
ବଳିରାଜେନ୍ଦ୍ରେଣ ପ୍ରୋକ୍ତା କଣ୍ଠେ ଧାର୍ଯ୍ୟା ପ୍ରଯତ୍ନତଃ ।

ସ୍ତବମାଳା—

ଗୋକୋଟିଦାନଂ ଗ୍ରହଣେଷୁ କାଶୀ,
ମାଘେ ପ୍ରୟାଗେ ଯଦି କଳ୍ପବାସଃ ।
ସୁମେରୁ ସମତୁଲ୍ୟ ହିରଣ୍ୟ ଦାନଂ,
ନହିତୁଲ୍ୟ ନହିତୁଲ୍ୟ ଗୋବିନ୍ଦ-ନାମ ।

# ପଣ୍ଡିତ ନୀଳମଣି ବିଦ୍ୟାରତ୍ନ

ସ୍ୱାଧୀନ କର୍ମପୁରୁଷମାନଙ୍କ ଜୀବନସ୍ତୂପରେ ଅନେକ ମଣିମାଣିକ୍ୟ ଗୁପ୍ତ ହୋଇ ରହିଥାଏ, ମୃତ୍ୟୁ ପରେ ସେଥିର ପ୍ରଚ୍ଛନ୍ନ ଜ୍ୟୋତି ଦାଉ ଦାଉ ହୋଇଉଠେ। ବର୍ତ୍ତମାନ ଯାହାଙ୍କ ଜୀବନଚରିତ ଲେଖାହେଉଅଛି, ସେହି ଅକ୍ଳାନ୍ତକର୍ମା ସ୍ୱର୍ଗତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଉତ୍କଳର ଜଣେ ତେଜସ୍ୱୀ କର୍ମବୀର ଥିଲେ। ଶିକ୍ଷା, ସାହିତ୍ୟ, ସମ୍ବାଦପତ୍ର, କୃଷି, ଶିଳ୍ପ, ଚିକିତ୍ସା ପ୍ରଭୃତି ନାନା ବିଭାଗରେ ତାଙ୍କର କାର୍ଯ୍ୟ ମୂର୍ତ୍ତି ଧରି ରହିଅଛି। ତାଙ୍କର କର୍ମତାଲିକା ଦେଖିଲେ ବୋଧହୁଏ, ସତେ ଯେପରି ବିଧାତା ଉତ୍କଳୀୟ ଦେହରେ ଗୋଟାଏ ବହୁ ସାଧନାପକ୍ୱ ଉନ୍ନତ ବିଦେଶୀୟ ମସ୍ତିଷ୍କ ଆଣି ଯୋଡ଼ି-ଦେଇଥିଲା। ସେ ଗରିବ ଘରେ ଜନ୍ମଗ୍ରହଣ କରିଥିଲେ; ମାତ୍ର ତାଙ୍କର ବହୁମୁଖୀ ପ୍ରତିଭା ବଣର ମାଳତୀ ପରି ବଣରେ ଫୁଟି ବଣରେ ଝଡ଼ିପଡ଼ି ନ ଥିଲା। ଉପଯୁକ୍ତ ଗୁଣଗ୍ରାହୀଙ୍କ ଶୁଭଦୃଷ୍ଟିରେ ପଡ଼ି ସେ ପ୍ରତିଭା ଯଥେଷ୍ଟ ସୌରଭ ବିସ୍ତାର କରିଥିଲା। ବିଦ୍ୟାରତ୍ନଙ୍କ ହୃଦୟରେ ଯୌବନରେ ଦେଶସେବାର ଯେଉଁ ପବିତ୍ର ଆକାଂକ୍ଷା ଜାଗ୍ରତ ହୋଇଉଠିଥିଲା, ସ୍ୱଦେଶପ୍ରାଣ ସାହିତ୍ୟ-ଭରସା ଉତ୍କଳ-ଗୌରବ ମହାରାଜା ସୁଧଳଦେବଙ୍କ ସଂସର୍ଗରେ ତାହା ଅଧିକତର ଉଦ୍ଦୀପ୍ତ ହୋଇଉଠିଲା। ସାହିତ୍ୟ-ସେବା ପରି ତୀବ୍ର ଅଗ୍ନିତୁଆ ଜଣା ଅଉ ନାହିଁ। ବିଦ୍ୟାରତ୍ନେ ସେହି ଅନଳରେ ଘାରିହୋଇ ସାହିତ୍ୟ-ସେବା ତଥା ଦେଶସେବାରେ ଉନ୍ମତ୍ତ ହୋଇ ଉଠିଲେ। ଭବିଷ୍ୟତ ସମାଲୋଚକ ତାଙ୍କୁ ଯେଉଁ ସ୍ଥାନ ପ୍ରଦାନ କରନ୍ତୁ; ମାତ୍ର ଉତ୍କଳ-ସାହିତ୍ୟର ଇତିହାସରେ ତାଙ୍କ ପାଇଁ ଗୋଟିଏ ଗୌରବମୟ ସ୍ୱତନ୍ତ୍ର ଅଧ୍ୟାୟ ରହିବ। ତାଙ୍କର ଉତ୍ସାହ-ବାରି ପାଇ ନ ଥିଲେ କେତେ ଜଣଙ୍କର ପ୍ରତିଭା ମୁକୁଳ ଅବସ୍ଥାରେ ଶୁଖିଯାଇଥାଆନ୍ତା। ଦେଶରେ ଲେଖକସଂଖ୍ୟା ବୃଦ୍ଧି କରିବା ତାଙ୍କର ଅନ୍ୟତମ ଲକ୍ଷ୍ୟ ଥିଲା। ସେ ସ୍ୱୟଂ ଜଣେ ଲବ୍ଧପ୍ରତିଷ୍ଠ ଲେଖକ ମଧ୍ୟ ଥିଲେ। ତାଙ୍କର ଭାଷା ସ୍ୱତନ୍ତ୍ର, ସେଥିରେ ପାଣ୍ଡିତ୍ୟର ଅଭିମାନ ବା ଶବ୍ଦର ଆଡ଼ମ୍ବର ନାହିଁ। ତାହା ସହଜ ସରଳ ଭାବରେ ପାଠକର ପ୍ରାଣ ଭିତରେ ପ୍ରବେଶ କରି ଆତ୍ମାକୁ ସ୍ପର୍ଶକରେ। ତାଙ୍କର ଗଦ୍ୟ ଲେଖା ପରି ପଦ୍ୟ ଲେଖା ବି ସ୍ୱତନ୍ତ୍ର। ସେଥିରେ ଇନ୍ଦ୍ରଧନୁର ମାଧୁରୀ, ପାରିଜାତର ସୁଗନ୍ଧ କିମ୍ବା କୋକିଳର କୁହୁ କୁହୁ ପଞ୍ଚମତାନ ନାହିଁ। ତାହା ବୈରାଗ୍ୟଗୀତିକା ପରି ଶୁଷ୍କ ଓ ନୀରସ; କିନ୍ତୁ ତାକୁ ଘୋରିଲେ ଚନ୍ଦନ-କାଷ୍ଠ ପରି ଅସ୍ୱର୍ଗୀତଳକାସ ମଧୁର ସୁବାସ ମହକି-ଉଠେ।

ନୀଳମଣି ବିଦ୍ୟାରତ୍ନ ଜଣେ ଯୋଗଜନ୍ମା ପୁରୁଷ। ଦେଶ ସକାଶେ ସର୍ବଦା ତାଙ୍କ ପ୍ରାଣ ବ୍ୟାକୁଳ ହେଉଥିଲା। ସେ ଦେଶମିଶ୍ରଣ ଆନ୍ଦୋଳନର ମୂଳଭିତ୍ତିର ମୂଳ ପଥର। ଆଜିକାଲି ଯେଉଁ ଗ୍ରାମସଂଗଠନର ଚହଳ ଉଠିଅଛି, ବହୁଦିନ ପୂର୍ବରୁ ନୀଳମଣି ସେ ବିଷୟରେ 'ଗ୍ରାମ୍ୟସମିତି' ନାମକ ପୁସ୍ତକ ପ୍ରଚାର କରିଯାଇଅଛନ୍ତି। ଗ୍ରାମସଂଗଠନର ସହଜ ପ୍ରଣାଳୀ ସେଥିରେ ବିସ୍ତୃତ ଭାବରେ ପ୍ରଦର୍ଶିତ ହୋଇଅଛି। ସେ କାଳର ଉତ୍ସାହ, ସେ କାଳର ଉଦ୍ୟମ, ସେ କାଳର ଏକତା ଏବେ ଦୁର୍ଲଭ ହୋଇଅଛି। ବାସ୍ତବରେ ସେ କାଳର କଥା ସ୍ମରଣ କଲେ ମନ ମଧ୍ୟରୁ ଗୋଟାଏ ବିରାଟ ଶୂନ୍ୟତା କରୁଣ ଚିତ୍କାର କରିଉଠେ।

ବିଦ୍ୟାରତ୍ନ ବିବିଧ ବିଷୟରେ ପ୍ରାୟ ଅର୍ଦ୍ଧଶତାଧିକ ପୁସ୍ତକ ଲେଖିଯାଇଅଛନ୍ତି। ଉନ୍ନତ ପ୍ରଣାଳୀର କୃଷି-ପୁସ୍ତକମାନ ସୁଲଭ ମୂଲ୍ୟରେ ପ୍ରକାଶ କରି ସେ ଦେଶର ବହୁ ଉପକାର କରିଅଛନ୍ତି। ତାଙ୍କର ଜ୍ୱର-ଚିକିତ୍ସା, ବସନ୍ତଚିକିତ୍ସା, ବିସୂଚିକାଚିକିତ୍ସା ଦେଶରେ

ଖୁବ୍ ଆଦର ଲାଭ କରିଅଛି । ବିବିଧ ପୁସ୍ତକ ପତ୍ରିକାରୁ ସଂଗ୍ରହ କରି ସେ ଏହି ପୁସ୍ତକମାନ ଲେଖିଥିଲେ । ତାଙ୍କ ପ୍ରାଣ ସବୁବେଳେ ମଧୁପ ପରି ମଧୁ ସଂଗ୍ରହ କରି ବୁଲୁଥିଲା । ପୁସ୍ତକ-ପତ୍ରିକା ବା ଲୋକମୁଖରୁ କିଛି ଟିକିଏ ସାର ପାଇଲେ ସେ ତାହା ଟିପି ରଖୁଥିଲେ । ତାଙ୍କ ପରି ସାରସଂଗ୍ରହକାରୀ ଉତ୍କଳରେ କେହି ନାହାନ୍ତି ବୋଲି କହିଲେ ଅତିରଞ୍ଜିତ ହେବ ନାହିଁ । କାର୍ଯ୍ୟରେ ଲାଗିପଡିବା ଶକ୍ତି ତାଙ୍କର ଅସାଧାରଣ ଥିଲା । ସଭାସମିତିରେ ହିତକର ପ୍ରସ୍ତାବ କରିଦେଇ ସେ ନିଶ୍ଚିନ୍ତ ହେଉ ନ ଥିଲେ । ପ୍ରସ୍ତାବକୁ ଜୀବନ ଏବଂ ଆକୃତି ଦାନ କରିବା ସକାଶେ ସେ ପ୍ରାଣପଣ ଚେଷ୍ଟା କରୁଥିଲେ । ଅସାଧ୍ୟ ଉଚ୍ଚ ପ୍ରସ୍ତାବ ସେ କରୁ ନ ଥିଲେ । ତାଙ୍କର ବ୍ୟବହାର ଅତି ସରଳ ଓ ମଧୁର । ସେ ଶିଶୁ, ଯୁବକ, ବୃଦ୍ଧ ସମସ୍ତଙ୍କ ପ୍ରାଣରେ ସହଜରେ ମିଶିପାରୁଥିଲେ । ଉଦାର ସାଧୁ ବ୍ୟବହାର ତାଙ୍କର ଜୀବନକୁ ଅଳଙ୍କୃତ କରିଥିଲା ; କିନ୍ତୁ ଦେଶକାଳପାତ୍ର ଦୃଷ୍ଟିରେ ଯେଉଁଠାରେ ଔଦ୍ଧତ୍ୟର ଆବଶ୍ୟକତା ବୁଝୁଥିଲେ, ସେଠାରେ ସେ ଠାଣଲୁହାକୁ ଠାଣପାଣି ଦେବାକୁ କୁଣ୍ଠିତ ହେଉ ନ ଥିଲେ । ନୈତିକ ସାହସ ଓ ସ୍ପଷ୍ଟବାଦିତା ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ପ୍ରିୟସହଚର ଥିଲା । କୌତୁକସ୍ପୃହା ମାନବର ସ୍ୱାଭାବିକ, ବିଦ୍ୟାରତ୍ନେ ନିର୍ଦ୍ଦୋଷ ଆମୋଦ ବା କୌତୁକକୁ ଖୁବ୍ ସୁଖ ମଣୁଥିଲେ ।

ବିଦ୍ୟାରତ୍ନଙ୍କର ଧର୍ମମତ ନିରୂପଣ କରିବା ସହଜ ନୁହେ । ସେ କାହାକୁ ସ୍ୱଧର୍ମ ବୋଲି ପ୍ରଶଂସା ବା ପରଧର୍ମ ବୋଲି ନିନ୍ଦା କରନ୍ତି ନାହିଁ । ବାସ୍ତବରେ ଯେଉଁମାନେ ଏହିପରି ସମଦର୍ଶୀ, ସେହିମାନେହିଁ ପ୍ରକୃତ ଧର୍ମଜ୍ଞ ଓ ଧାର୍ମିକ । ନିଜର ବିବେକ ନିଜକୁ ଯାହା ଶିକ୍ଷା ଦିଏ, ତାହା ଏକା ଧର୍ମ ।

ବିଦ୍ୟାରତ୍ନଙ୍କ ଗୁପ୍ତଦାନ କଥା ତାଙ୍କର କେହି କେହି ଅନ୍ତରଙ୍ଗ ବନ୍ଧୁ କହି ପ୍ରଶଂସା କରନ୍ତି । ପ୍ରକୃତରେ ତାଙ୍କର ଦକ୍ଷିଣ ହସ୍ତର କାର୍ଯ୍ୟ ବାମ ହସ୍ତ ଜାଣିପାରେ ନାହିଁ । ଦାନ କରିବା ବେଳେ ସେ ନିଜର ଅବସ୍ଥା ଓ ପାତ୍ରାପାତ୍ର ଭୁଲିଯାଆନ୍ତି । ବିପନ୍ନ ଦେଖିଲେ ସେ ସ୍ୱତଃପ୍ରବୃତ୍ତ ହୋଇ ଦାନ କରନ୍ତି । ରମ୍ଭାରେ ଥିବାବେଳେ ସେ ବିପନ୍ନ ବା ଅର୍ଥଶୂନ୍ୟ ବ୍ୟକ୍ତିଙ୍କୁ ଆଦରପୂର୍ବକ ଡାକିଆଣି ନିଜ ବସାରେ ଖୁଆଇ ରେଲଖର୍ଚ୍ଚ ଦେଇ ବିଦାୟ କରିଥିବା ଅନେକେ ଜାଣନ୍ତି । ଥରେ ଜଣେ ଭଦ୍ରବଂଶୀୟ ଯୁବକ ଗୋଟିଏ ଭଦ୍ରବଂଶୀୟା ସ୍ତ୍ରୀକୁ ଘେନି ରମ୍ଭା ଛତ୍ରଘରେ ଆସି ଆଶ୍ରୟ ନେଲେ । ଉଭୟେ ଶୂନ୍ୟହସ୍ତ, ଅଧିକନ୍ତୁ ସ୍ତ୍ରୀଲୋକଟି ଅନ୍ତଃସତ୍ତ୍ୱା । ଏହି ଲଜ୍ଜା ଲୁଚାଇବା ପାଇଁ ରସିକରସିକା ଦୁହେଁ ପ୍ରେମସନ୍ନ୍ୟାସ ଗ୍ରହଣ କରି ବୁଲୁଅଛନ୍ତି । ଦୁଇଦିନ ନିର୍ଜଳା ଉପବାସ ପରେ ସ୍ତ୍ରୀଲୋକଟି ଅଶକ୍ତ ହୋଇପଡିଲା । ବିଦ୍ୟାରତ୍ନେ ଛତ୍ରଘର ହାଣ୍ଡିଆଣୀଠାରୁ ଏ ସମ୍ବାଦ ଶୁଣିଲେ । ଆଉ କେହି ହୋଇଥିଲେ ପାପଗର୍ଭ କଥା ଶୁଣି ଘୃଣାରେ ନାସିକା-କୁଞ୍ଚନ କରିଥାନ୍ତା ; ମାତ୍ର ବିଦ୍ୟାରତ୍ନେ ମନରେ କିଛି ନ ବିଚାରି କେବଳ ସେମାନଙ୍କୁ ବିପନ୍ନ ଜାଣି ସାହାଯ୍ୟ କରିବାକୁ ପ୍ରବୃତ୍ତ ହେଲେ । ସେହିକ୍ଷଣି ଛତ୍ରଘରକୁ ଦ୍ରବ୍ୟାଦିର ସଞ୍ଚା ପଠାଗଲା । ଜଣେ ଅପରିଚିତର ଏଭଳି ସହାନୁଭୂତି ଦେଖି ସ୍ତ୍ରୀଲୋକଟି କାନ୍ଦିପକାଇ କହିଲା— "ଏତେ ଦୟା ମନୁଷ୍ୟର ହୋଇପାରେ ନାହିଁ, ବିଦ୍ୟାରତ୍ନ ନିଶ୍ଚୟ ଦେବତା ।" ତହିଁ ପର ଦିନ ସେମାନଙ୍କୁ ଦୁଇଖଣ୍ଡ ଲୁଗା ଏବଂ ରେଲଖର୍ଚ୍ଚ ଦେଇ ସେମାନଙ୍କ ଇଚ୍ଛାନୁସାରେ ପୁରୀ ପଠାଇଦିଆଗଲା । ହଠାତ୍ ପୁରୀରେ ପହଞ୍ଚି କାଳେ ହତାଶ ହୋଇପଡିବେ, ସେଥିପାଇଁ କିଛି ହାତଖର୍ଚ୍ଚ ମଧ ଦିଆଗଲା । ତାଙ୍କ ଜୀବନରେ ଏହିପରି ଦୟାଦାକ୍ଷିଣ୍ୟର ଘଟଣା ଅନେକ ଅଛି, ସେ ସବୁ ଲେଖିଲେ ଖଣ୍ଡିଏ ପୁସ୍ତକ ହେବ । ମୂଳତଃ ତାଙ୍କ ହୃଦୟ ଦୟାରେ ଉର୍ବର ଏବଂ ଦାନରେ ସରଳ ଥିଲା । ସମୟର ସଦ୍‌ବ୍ୟବହାରରେ ସେ ଖୁବ୍ ଜାଗ୍ରତ ଥିଲେ । ନିତ୍ୟକର୍ମାଦିରେ ତାଙ୍କର ଅତି ଅଳ୍ପମାତ୍ର ସମୟ ବ୍ୟୟିତ ହୁଏ । ଅବଶିଷ୍ଟ ସମୟ ଲେଖାପଢା ଓ ସଦାଳାପରେ ଅତିବାହିତ ହୁଏ । ତାଙ୍କର ଜୀବନ ସର୍ବଦା କର୍ତ୍ତବ୍ୟରେ ଖଟି ରହିଥାଏ ।

ଗୌରିଚରଣଙ୍କର ଜ୍ୟେଷ୍ଠପୁତ୍ର ନୀଳମଣି ଓଡିଶାର ଭୟାବହ ନଅଙ୍କ ଦୁର୍ଭିକ୍ଷର ପରବର୍ତ୍ତୀ ଅର୍ଥାତ୍ ୧୮୬୭ ମସିହା ଡିସେମ୍ବର ୧୪ ତାରିଖରେ ଜନ୍ମଗ୍ରହଣ

କରିଥିଲେ । କଟକ ଜିଲ୍ଲା ଅନ୍ତର୍ଗତ ବାଙ୍କି ନୀଳମଣିଙ୍କର ଜନ୍ମଭୂମି । ତାଙ୍କର ମାତାଙ୍କ ନାମ ସୋହ୍ନଣୀ ଦେବୀ । ଗୌରିଚରଣ ମିଶ୍ର କର୍ମକାଣ୍ଡ ଓ ଧର୍ମଶାସ୍ତ୍ରରେ ଉତ୍ତମ ଯୋଗ୍ୟତା ଲାଭ କରିଥିଲେ । ପିତାମାତା ପୁତ୍ରର ଶ୍ୟାମଳ କାନ୍ତି ନିରୀକ୍ଷଣ କରି ତାଙ୍କୁ ନୀଳମଣି ନାମରେ ଅଭିହିତ କଲେ । ବାଙ୍କିରେ ସେତେବେଳେ ସ୍କୁଲ ନ ଥିବାରୁ ସେ ଗ୍ରାମ୍ୟପାଠଶାଳାରେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ । ନୀଳମଣି ପାଠଶାଳାର ପାଠ ଶେଷ କରି ବୈଦ୍ୟେଶ୍ୱର ମାଇନେର ସ୍କୁଲରେ ଯାଇ ପଢିଲେ । ସେ ନିଜର ଦୃଢତା, ଅଧ୍ୟବସାୟ, ସୁଶୀଳତା ଓ ନିରହଙ୍କାର ସ୍ୱଭାବଦ୍ୱାରା କି ଶିକ୍ଷକ, କି ସହାଧ୍ୟାୟୀ ସମସ୍ତଙ୍କର ପ୍ରିୟପାତ୍ର ହୋଇଉଠିଲେ । ସେ ବର୍ଷକୁ ବର୍ଷ ଗୋଟିଏ ଗୋଟିଏ ଶ୍ରେଣୀରୁ ଉନ୍ନୀତ ହୋଇ ଉଚ୍ଚଶ୍ରେଣୀରେ ଉପସ୍ଥିତ ହେଲେ । ସେ ପଢିବାବେଳେ ସାହିତ୍ୟରେ ଅନ୍ୟାନ୍ୟ ଛାତ୍ରଙ୍କ ତୁଳନାରେ ତାଙ୍କର ଅସାଧାରଣ ଶକ୍ତିମତ୍ତା ଦେଖି ତାଙ୍କର ଅଧ୍ୟାପକ ବିଦ୍ୟାଧର ଦାଶ ପରମ ପରିତୋଷ ଲାଭ କରିଥିଲେ । ସେ ୧୮୮୦ ମସିହାରେ ବୈଦ୍ୟେଶ୍ୱର ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ମାସିକ ତିନିଟଙ୍କା ଲେଖାଏଁ ଉଚ୍ଚମାଇନେର ବୃତ୍ତି ପାଇଲେ । ତତ୍ପରେ ଚର୍ଚ୍ଚିକା ମିଡିଲଭର୍ଣ୍ଣାକୁଲର ସ୍କୁଲରେ ପ୍ରବିଷ୍ଟ ହେଲେ । ସେଠାରେ ପାଠ୍ୟପୁସ୍ତକ ବ୍ୟତୀତ ସେ ସ୍କୁଲ ଲାଇବ୍ରେରୀରୁ ବଙ୍ଗଳା ଓ ଓଡିଆ ପୁସ୍ତକ ନେଇ ପାଠ କରୁଥିଲେ । ସେ ସମୟରେ ବାହାରୁଥିବା ଓଡିଆ ଓ ବଙ୍ଗଳାଭାଷାର ସାପ୍ତାହିକ ଓ ମାସିକ ପତ୍ରିକା ଯେତେବେଳେ ଯାହା ପାଉଥିଲେ, ତାହା ମନୋଯୋଗ ସହକାରେ ପଠନ କରୁଥିଲେ । କୈଶୋରାବସ୍ଥାରୁ ତାଙ୍କର ଅଧ୍ୟୟନରେ ଏପରି ଅନୁରାଗ ଥିଲା ଯେ, ସେ ତୈଳାଭାବ ହେଲେ ଅନେକ ସମୟରେ ଚନ୍ଦ୍ରାଲୋକରେ ବସି ଗ୍ରନ୍ଥ ପାଠ କରୁଥିଲେ ।

ସେ ଚର୍ଚ୍ଚିକାରେ ନିଜେ ରନ୍ଧନ କରି ଖାଇଲେ ଶିକ୍ଷାରେ ବ୍ୟାଘାତ ହେବ ବୋଲି ତାଙ୍କର ପିତା ସ୍କୁଲଇନ୍‌ସପେକ୍ଟିଙ୍ଗ୍ ପଣ୍ଡିତ ରାମଚନ୍ଦ୍ର ମିଶ୍ରଙ୍କ ଘରେ ଖାଦ୍ୟର ବ୍ୟବସ୍ଥା କରିଦେଲେ । ସ୍କୁଲକୁ ଯିବା ସମୟକୁ ରୋଷାଇ ଶେଷ ହୋଇ ନ ଥିଲେ, କେତେ କେତେ ପଇସାକର ମୁଢି, କେବେ ବା କେବଳ ଜଳପାନ କରି ସ୍କୁଲକୁ ଯାଉଥିଲେ । ମାସ ମଧ୍ୟରେ ୭।୮ ଦିନ ସେ ଏହିପରି ସମସ୍ତ ଦିବସ ଉପବାସରେ ରହି ସ୍କୁଲକୁ ଯାଉଥିଲେ । ଏହି ସମୟରେ ସ୍ଥାନୀୟ ସବ୍‌ରେଜିଷ୍ଟ୍ରାର ଅଫିସର ଦଲିଲ ଲେଖକଙ୍କ ସଙ୍ଗେ ତାଙ୍କର ସହୃଦୟତା ଜାତ ହୋଇଥିଲା । ନୀଳମଣିଙ୍କ ହସ୍ତଲିପିଗୁଡିକ ସୁନ୍ଦର ଥିବାରୁ ସେ ବେଳେ ବେଳେ ଦଲିଲ ଦରଖାସ୍ତ ପ୍ରଭୃତି ଲେଖି କିଛି କିଛି ଉପାର୍ଜ୍ଜନ କରୁଥିଲେ ଏବଂ ସେହି ଅର୍ଥକୁ ବ୍ୟୟ ନ କରି ଭବିଷ୍ୟତ ଶିକ୍ଷା ଉଦ୍ଦେଶ୍ୟରେ ସେଭିଙ୍ଗ୍‌ସ ବ୍ୟାଙ୍କରେ ଜମା କରି ରଖିଥିଲେ ।

୧୮୮୨ ମସିହାରେ ସେ ଚର୍ଚ୍ଚିକା ମି. ଭ. ସ୍କୁଲରୁ ଦ୍ୱିତୀୟ ବିଭାଗରେ ଉତ୍ତୀର୍ଣ୍ଣ ହୋଇ କଟକ ନର୍ମାଲସ୍କୁଲରେ ପଢିବା ଉଦ୍ଦେଶ୍ୟରେ ପୂର୍ବସଞ୍ଚିତ ଅର୍ଥତକ ସମ୍ବଳ କରି କଟକକୁ ଆସି ବାଙ୍କିର ସ୍ୱନାମଧନ୍ୟ ପଣ୍ଡିତ ଗୋବିନ୍ଦ ରଥଙ୍କ ବସାରେ ରହିଲେ । ନର୍ମାଲସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀଙ୍କ ସଙ୍ଗେ ନୀଳମଣି ସାକ୍ଷାତ କରି ଅଧ୍ୟୟନ କଥା କହିବାରୁ ସେ କହିଲେ—ତୁମ୍ଭେ ଛଅମାସ ସ୍ୱବ୍ୟୟରେ ପଢିବା ପରେ ସରକାରୀ ବୃତ୍ତି ମିଳିବ । ତହୁଁ ନୀଳମଣି ଗୋବିନ୍ଦ ରଥଙ୍କ ସାହାଯ୍ୟରେ ଟ୍ରେନିଙ୍ଗ୍ ସ୍କୁଲ ପାଠ୍ୟପୁସ୍ତକମାନ ଏବଂ ଅନ୍ୟାନ୍ୟ ପୁସ୍ତକ ଅଧ୍ୟୟନ କଲେ । ନୀଳମଣି ଘରେ କାହାରିକୁ କିଛି ନ କହି ମାଆଙ୍କଠାରୁ ପୁସ୍ତକ କିଣିବା ଛଳନାରେ ଛଅଅଣାମାତ୍ର ପଇସା ନେଇ କଟକ ବାହାରି ଆସିଥିଲେ । ପିତାମାତା ଏହା ଜାଣି ନ ଥିବାରୁ ବହୁତ ଖୋଜିଲେ । ସେମାନଙ୍କର ଦୁଃଖର ସୀମା ରହିଲା ନାହିଁ, ସଂସାର ଅନ୍ଧକାର ଦିଶିଲା । ବନ୍ଧୁବାନ୍ଧବଙ୍କ ଘର ଅନ୍ୱେଷଣ କରି ମନଦୁଃଖରେ କାଳେ ପୁତ୍ର ପ୍ରାଣ ହରାଇଦେଇଥିବ, ଏହି ଆଶଙ୍କାରେ ଅକୂଳ ଶୋକସମୁଦ୍ରରେ ଭାସିଲେ । ଏମନ୍ତ ସମୟରେ ଗୋବିନ୍ଦ ରଥଙ୍କ ପତ୍ର ମିଳିଲା । ସେ ଲେଖିଲେ—"ମିଶ୍ର ଅବଧାନେ, ଆପଣଙ୍କର ପୁତ୍ର ନୀଳମଣି ପଢିବା ଉଦ୍ଦେଶ୍ୟରେ କଟକ ଆସି ମୋ ବସାରେ ଅଛି । ମୁଁ ମହାମେଳାକୁ କଲିକତା ଯାଉଅଛି, ସଙ୍ଗରେ ସେ

ଯିବ । ତା ସକାଶେ କୌଣସି ଭାବନା କରିବ ନାହିଁ । ଫେରିବାମାତ୍ରେ ତାକୁ ଆପଣଙ୍କ ନିକଟକୁ ପଠାଇଦେବ ।"

୧୮୮୩ ମସିହାରେ ପ୍ରାତଃସ୍ମରଣୀୟ ଗଭର୍ଣ୍ଣର-ଜେନେରେଲ୍ ଲର୍ଡ ରିପନଙ୍କ ଆଦେଶରେ ଭାରତୀୟ ଶ୍ରମଶିଳ୍ପର ଉନ୍ନତି ପାଇଁ କଲିକତା ମହାନଗରୀରେ ଆନ୍ତର୍ଜାତିକ ପ୍ରଦର୍ଶନୀ ( Inter-national Exhibition ) ଅନୁଷ୍ଠିତ ହେଲା । ଗୋବିନ୍ଦ ରଥେ ଉକ୍ତ ଅନୁଷ୍ଠାନରେ ଯୋଗ ଦେବା ପାଇଁ କଲିକତା ବାହାରିବାର ଦେଖି ନୀଳମଣି ତାଙ୍କୁ କହିଲେ—"ମୁଁ କେବେ କଲିକତା ଯାଇ ନାହିଁ, ତେଣୁ ଆପଣଙ୍କ ସଙ୍ଗରେ ଯିବାକୁ ଇଚ୍ଛା । ମୋହର ଖର୍ଚ୍ଚ ମୁଁ ନିଜେ ଚଳାଇନେବି, ମୋତେ କେବଳ ସଙ୍ଗରେ ନିଅନ୍ତୁ ।" ରଥେ ଏହା ଶୁଣି ଆଉ ବୁଝର ଆଉ କାହାରିକୁ ସଙ୍ଗରେ ନ ନେଇ ନୀଳମଣିଙ୍କୁ ସହଯାତ୍ରୀ କରି କଲିକତା ଯାତ୍ରା କଲେ । ସେତେବେଳେ ସେହି ମହାମେଳା ଦର୍ଶନ କରିବା ପାଇଁ କଟକରୁ ଅନେକ ଲୋକ କଲିକତା ଯାଉଥିଲେ । ସପ୍ତଦଶବର୍ଷୀୟ ନୀଳମଣିଙ୍କ ମନରେ ସେହି ପ୍ରଦର୍ଶନୀ-ଦର୍ଶନାକାଙ୍କ୍ଷା ବଳବତୀ ହୋଇଉଠିଲା । ସେ ପୂର୍ବସଞ୍ଚିତ ଅର୍ଥ ସାହାଯ୍ୟରେ ଚାନ୍ଦବାଲି ବାଟେ ଜାହାଜରେ ଚଢ଼ି କଲିକତା ଯାତ୍ରା କଲେ ଏବଂ କଲିକତାରୁ ଫେରିଆସିଲା ବେଳକୁ ସଞ୍ଚିତ ଅର୍ଥ ନିଃଶେଷ ହୋଇଯାଇଥିଲା; ତେଣୁ ସେ ସ୍ୱବ୍ୟୟରେ କଟକ ଟ୍ରେନିଂ ସ୍କୁଲରେ ପଢ଼ିବାର ଆଶା ବିସର୍ଜନ କଲେ ।

ସେ ଗ୍ରାମକୁ ଯିବା ପୂର୍ବରୁ ଦିନେ ସହର ଭିତର-ଦେଇ ଯାଉଥିବାବେଳେ କଲେକ୍ଟର ରାଧାନାଥ ରାୟବାହାଦୁର ତାଙ୍କ ଅଫିସକୁ ଯାଉଁ ଯାଉଁ ବାଟରେ ନୀଳମଣିଙ୍କୁ ଦେଖି ତାଙ୍କର ପରିଚୟ ଜିଜ୍ଞାସା କଲେ । ନୀଳମଣି ତାଙ୍କର ଯାବତୀୟ ବୃତ୍ତାନ୍ତ ବର୍ଣ୍ଣନ କରୁ କରୁ ଅଫିସରେ ଉପସ୍ଥିତ ହେଲେ । କଲେକ୍ଟର ସମସ୍ତ ଶ୍ରବଣ ପରେ ଖଣ୍ଡିଏ କାଗଜ ଦେଇ ତାଙ୍କର ଲିପି ଦେଖିବା ଅଭିପ୍ରାୟରେ କେତେକ କଥା ଲେଖାଇଲେ । ତାଙ୍କର ଘନ ବିରଳ, ବିଶୁଦ୍ଧ ରମଣୀୟ ଲିପି ଦର୍ଶନ କରି ପ୍ରସନ୍ନ ହୃଦୟରେ ତାଙ୍କ ଖାଦ୍ୟପାନ ନିମନ୍ତେ ତତ୍‌କ୍ଷଣାତ୍ ୧୦ଟଙ୍କା ପ୍ରଦାନ କରି କହିଲେ—"ତୁମ୍ଭେ କଟକରେ କିଛିଦିନ ରହି ପ୍ରତିଦିନ ମୋ ନିକଟକୁ ଆସୁଥାଅ, ମୋର ଖଣ୍ଡେ ପୁସ୍ତକ ପେନ୍‌ସିଲରେ ଲେଖା ହୋଇଅଛି, ତାହା କାଳିରେ ଲେଖି ମୋହର କିଛିଏ ଉପକାର କର, ମୁଁ କେଉଁଠାରେ କାର୍ଯ୍ୟ ଖାଲି ଅଛି ଅନୁସନ୍ଧାନ କରି ତୁମ୍ଭ ସମ୍ବନ୍ଧେ ଚେଷ୍ଟା କରିବି ।"

ନୀଳମଣି ଏହି ଆଶାବାଣୀ ଶୁଣି ଆଶ୍ୱସ୍ତ ହୋଇ କଲେକ୍ଟରଙ୍କ କବିତା ଲେଖି ଲେଖି ତାଙ୍କର ବଡ଼ାମ୍ବା-ବାସୀ କୃଷ୍ଣଚନ୍ଦ୍ର ମିଶ୍ରଙ୍କଠାରୁ ପତ୍ର ପାଇଲେ ଯେ, "ବଡ଼ାମ୍ବାରେ ଶୀଘ୍ର ଗୋଟିଏ ପ୍ରାଇମେରୀ ସ୍କୁଲ ଫିଟିବ, ମୁଁ ତାଙ୍କ ମୁଣ୍ଡଳୀ ସ୍କୁଲ ସକାଶେ ଦରଖାସ୍ତ କରିଅଛି, ଆପଣଙ୍କ ଇଚ୍ଛା ହେଲେ ଗୋପୀନାଥପୁର ସ୍କୁଲ ସକାଶେ ଚେଷ୍ଟା କରନ୍ତୁ ।" ସେ ପତ୍ର ରାଧାନାଥ ବାବୁ ଦେଖି ସେ ଅଞ୍ଚଳ ସବ୍‌ଇନ୍‌ସପେକ୍ଟର ମଥୁରାନାଥ ସେନଙ୍କୁ କହି ବଡ଼ାମ୍ବା ମେନେଜର ମଦନମୋହନ ପଟ୍ଟନାୟକଙ୍କଠାରୁ ଖଣ୍ଡିଏ ପତ୍ର ତାଙ୍କ ହସ୍ତରେ ଦେଇ ଏବଂ ପାଥେୟ ପାଞ୍ଚଟଙ୍କା ପ୍ରଦାନ କରି ପଠାଇଦେଲେ । ନୀଳମଣି ସ୍ୱଗ୍ରାମକୁ ଯାଇ ଦୁଇଦିନ ରହି ବଡ଼ାମ୍ବା ଗମନ କଲେ । ମେନେଜର କଲେକ୍ଟରଙ୍କ ପତ୍ର ପାଇବାମାତ୍ରେ ନୀଳମଣିଙ୍କୁ ଗୋପୀନାଥପୁର ସ୍କୁଲଶିକ୍ଷକରୂପେ ନିଯୁକ୍ତି-ପତ୍ର ଦେଲେ ଏବଂ ସବୁ ସୁବିଧା କରିବା ସକାଶେ ସେ ଗ୍ରାମ ସରବରାକାରଙ୍କଠାରୁ ଆଦେଶ ଦେଲେ । ନୀଳମଣି ନୂତନ ସ୍କୁଲରେ ନୂତନ ଶିକ୍ଷକ ହୋଇ ମନପ୍ରାଣେ ତାଙ୍କ କାର୍ଯ୍ୟ କରିବାକୁ ଲାଗିଲେ । ଏହାଙ୍କ ଶିକ୍ଷାପ୍ରଣାଳୀ ଦେଖି ଗ୍ରାମବାସୀମାନେ ସନ୍ତୁଷ୍ଟ ହେଲେ । ଅଳ୍ପଦିନ ମଧ୍ୟରେ ଛାତ୍ରସଂଖ୍ୟା ଶତାଧିକ ହୋଇଥିଲା । ଯେଉଁମାନେ ଦିବାଭାଗରେ ନାନାକାର୍ଯ୍ୟ ନ କଲେ ନ ଚଳେ, ଏପରି ଯୁବକମାନଙ୍କ ସକାଶେ ନୀଳମଣି ଏକ ନୈଶ ବିଦ୍ୟାଳୟ ପ୍ରତିଷ୍ଠା କରି ସେମାନଙ୍କୁ ଶିକ୍ଷା ଦେବାକୁ ଲାଗିଲେ । ସେଥିପାଇଁ ପ୍ରତ୍ୟେକ ଛାତ୍ର ନିଜ ଅବସ୍ଥା-ଦୃଷ୍ଟିରେ ଦୁଇଅଣାଠାରୁ ଆଠଅଣା ପର୍ଯ୍ୟନ୍ତ ପାରିଶ୍ରମିକ

ହେଉଥିଲେ । ସେ ଗ୍ରାମର ସରବରାହକାର ବନ୍ଧୁ ସ୍ୱବୁଦ୍ଧି ଦେଶୀୟ ସ୍କୁଲରେ ଶିକ୍ଷିତ ଜଣେ ଐଶ୍ୱର୍ଯ୍ୟଶାଳୀ ଉଚ୍ଚାଶା ଯୁବକ । ସେ ନୀଳମଣିଙ୍କ ସୌଜନ୍ୟରେ ମୁଗ୍ଧ ହୋଇ ତାଙ୍କ ସଙ୍ଗେ ସଖ୍ୟଭାବରେ ବଦ୍ଧହେଲେ । ସେହି ସୂତ୍ରରେ ରାଜସ୍ୱ ଆଦାୟର ଲେଖାଲେଖି ହିସାବପତ୍ର ନୀଳମଣିଙ୍କ ଦ୍ୱାରା ସମ୍ପାଦିତ ହେଉଥିଲା । ସେ ଗ୍ରାମର ପ୍ରଜାମାନେ ତମସୁକ, ଦସ୍ତାବିଜ ପ୍ରଭୃତି ନୀଳମଣିଙ୍କଠାରେ ଲେଖାଇ ଉଚିତ ପାରିଶ୍ରମିକ ପ୍ରଦାନ କରୁଥିଲେ । ସେଠାରେ ନୂତନ ଏକ ଡାକ୍ଅଫିସ ପ୍ରତିଷ୍ଠିତ ହେଲା ଏବଂ ତହିଁର ଭାର ନୀଳମଣିଙ୍କୁ ଦିଆହେଲା । ତହିଁରେ ସରକାରୀ ପାଉଣା ଯାଇ ଯାହା ଲାଭ ହେଉଥିଲା, ସେ ତାହା ନିଜେ ବ୍ୟୟ ନ କରି ସରବରାହକାରଙ୍କଠାରେ ଜମା ରଖିଲେ । ପରେ ଗ୍ରାମବାସୀଙ୍କଠାରୁ କିଛି କିଛି ଚାନ୍ଦା କରି ସେହି ଅର୍ଥରେ ସେ ଗ୍ରାମର ଦେବତାମାନଙ୍କ ପାଇଁ ଚନ୍ଦନଯାତ୍ରା, ଝୁଲଣ, ଦୋଳଯାତ୍ରା ପ୍ରତିଷ୍ଠା କଲେ । ନୀଳମଣି ଅନେକ କାଳ ହେଲା ସେ ସ୍ଥାନ ତ୍ୟାଗ କଲେଣି; ମାତ୍ର ଏହି ଉତ୍ସବମାନ ଅଦ୍ୟାବଧି ଅନୁଷ୍ଠିତ ହୋଇ ଆସୁଅଛି ।

ଗୋପୀନାଥପୁରରେ ଗୋଟିଏ ବ୍ରାହ୍ମଣଶାସନ ଥିଲା । ତହିଁର ବ୍ରାହ୍ମଣସନ୍ତାନଙ୍କୁ ନିରକ୍ଷର ଓ କର୍ମକାଣ୍ଡ ଜ୍ଞାନଶୂନ୍ୟ ଦେଖି ଦିନେ ସମସ୍ତଙ୍କୁ ନୀଳମଣି ଡକାଇ ଗୋଟିଏ ଚତୁଷ୍ପାଠୀ ସ୍ଥାପନପୂର୍ବକ ସନ୍ଧ୍ୟା, ତର୍ପଣ, ପୂଜା, ବୈଶ୍ୱଦେବ, ହୋମ, ବଳି ବନ୍ଦାପନା ପ୍ରଭୃତି ପଢାଇବା ପାଇଁ ଜଣେ ଶିକ୍ଷିତ ଶିକ୍ଷକ ନିୟୋଗର ବ୍ୟବସ୍ଥା କରିଦେଲେ । ଏହି ଉପାୟ ଯୋଗୁଁ ଶାସନ-ବ୍ରାହ୍ମଣମାନେ ନୀଳମଣିଙ୍କଠାରୁ ପ୍ରାପ୍ତ ହେବା ଉପକାର ଅଦ୍ୟାପି ବିସ୍ମୃତ ହୋଇପାରି ନାହାନ୍ତି ।

ନୀଳମଣିଙ୍କ ବସା ଓ ବିଦ୍ୟାଭବନ ନିକଟରେ ମୋହନ ସ୍ୱବୁଦ୍ଧି ନାମରେ ଜଣେ ତେଲି ଜାତିର ଯୁବକ କୌଣସି କାର୍ଯ୍ୟ ନ କରି ସମସ୍ତ ଦିନ ପିଣ୍ଡାରେ ବସିଥାଏ । ତାହାକୁ ପ୍ରତିଦିନ ଏହିପରି ନିଷ୍କର୍ମା ହୋଇ ବସିବାର ଦେଖି ନୀଳମଣି ଦିନେ ପଚାରିଲେ—ଏପରି ବସି ବସି କାଳ କାଟୁଛ କାହିଁକି ? ସେ କହିଲା—ମୁଁ ମହାଜନ ପିଲା, ବେପାର ଜାଣେ; ମାତ୍ର ପଇସା ନ ମିଳିବାରୁ ଦୁଇଟି ଭାଇ ଏପରି ବସି ମାଆ ଯାହା ଉପାର୍ଜ୍ଜନ କରେ, ତହିଁରେ ଉଦର ପୋଷଣ କରୁଅଛୁଁ ।

ନୀଳମଣି କହିଲେ—ମୁଁ ପାଞ୍ଚ ଟଙ୍କା ଦେବି, ଗୋଟିଏ ଛୋଟ ଦୋକାନ କର । କ୍ରମଶଃ ତହିଁରେ ଆଉ କିଛି ମିଶାଇ ଦୋକାନର ଉନ୍ନତି କରିବା । ମୋହନ ସେ ଟଙ୍କା ନେଇ ତେଲ, ଲୁଣ, ଧୂଆଁପତ୍ର, ପାନଗୁଆ ଇତ୍ୟାଦିର ଦୋକାନ କଲା । ଦେଖୁ ଦେଖୁ ମାସକ ମଧ୍ୟରେ ୮।୧୦ ଟଙ୍କା ଲାଭ ହେଲା । ନୀଳମଣି ତାଙ୍କ ସଙ୍ଗାତ ସରବରାହକାରଙ୍କୁ କହି ତାକୁ ନିଜ ଜାମିନ୍‌ରେ ୫୦ ଟଙ୍କା କରଜ ଦିଆଇଦେଲେ । ସେ କଳାପଥର ଲୁଗା ବେପାରୀଙ୍କୁ ପଚିଶ ଟଙ୍କା ଦେଇ ଏକଶତ ଟଙ୍କାର ନୂତନ ବସ୍ତ୍ର ଆଣି ବଡ଼ାମ୍ବା ଗଡ଼ରେ ଏକ ଦୋକାନ କଲା । ପନ୍ଦର କୋଡ଼ିଏ ଦିନ ପରେ ତାହା ବିକ୍ରୀ କରି କଟକ ଯାଇ ଲୁଗା ଓ ତେଜସ୍ୱତ ପଦାର୍ଥ ଦୁଇ ତିନିଶହ ଟଙ୍କାର ଆଣି ବିକି ମହାଜନର ଟଙ୍କା କ୍ରମଶଃ ଦେଇ କ୍ରମେ କ୍ରମେ ନୂତନ ଦ୍ରବ୍ୟ ଆଣୁଥାଏ । ସେ ଏହି ଭାବରେ ବର୍ତ୍ତମାନ ଧନବାନ୍ ହୋଇ ବଡ଼ାମ୍ବା ଗଡ଼ରେ ଏକ ଉଚ୍ଚବିଦ୍ୟାଳୟ ସ୍ଥାପନ ନିମନ୍ତେ ସ୍ୱେଚ୍ଛାକ୍ରମେ ସାତ ସହସ୍ର ଟଙ୍କା ପ୍ରଦାନ କରି ଗଭର୍ଣ୍ଣମେଣ୍ଟଙ୍କଠାରୁ 'ରାୟସାହେବ' ଉପାଧି ଲାଭ କରିଅଛନ୍ତି ।

ପ୍ରକୃତରେ ନୀଳମଣିଙ୍କର ଏହିଠାରେ କର୍ମମୟ ଜୀବନର ସୂତ୍ରପାତ ହେଲା । ସେ ସ୍ୱୀୟ ଅଧ୍ୟବସାୟ ଓ ସଜ୍ଜନୋଚିତ ବ୍ୟବହାର ଦ୍ୱାରା ବଡ଼ାମ୍ବାର ତତ୍କାଳୀନ ମେନେଜରଙ୍କ ପ୍ରୀତି ଆକର୍ଷଣ କରିବାକୁ ଲାଗିଲେ । ଅଳ୍ପକାଳ ମଧ୍ୟରେ ତାଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟର ଖ୍ୟାତି ସର୍ବତ୍ର ପରିବ୍ୟାପ୍ତ ହେଲା । ସମଗ୍ର ଗଡ଼ଜାତର ଉ. ପ୍ରା. ସ୍କୁଲ ପାଇଁ ସେତେବେଳେ ଅତ୍ୟଳ୍ପସଂଖ୍ୟକ ଗଭର୍ଣ୍ଣମେଣ୍ଟ ବୃତ୍ତି ନିର୍ଦ୍ଦିଷ୍ଟ ଥିଲା । ସୁତରାଂ ପ୍ରତିଯୋଗିତା କ୍ଷେତ୍ରରେ ଯେଉଁ ସ୍କୁଲର ଛାତ୍ର କୃତକାର୍ଯ୍ୟ ହେଉଥିଲା, ତାହାର ଅଧ୍ୟାପକଙ୍କ ପ୍ରତି ସାଧାରଣ ଦୃଷ୍ଟି ଆକୃଷ୍ଟ ହେବା ସ୍ୱାଭାବିକ । ନୀଳମଣି ସେଠାରେ କାର୍ଯ୍ୟଭାର ଗ୍ରହଣ କରିବାର ଦ୍ୱିତୀୟ ବର୍ଷରେ ଜଣେ ଛାତ୍ର

(ତାଙ୍କର ଅନୁଜ—ଦାମୋଦର) ସରକାରି ବୃତ୍ତି ପାଇବାରୁ ମେନେଜର ଓ ଅନ୍ୟାନ୍ୟ ରାଜକର୍ମଚାରୀ ତାଙ୍କୁ ବିଶେଷ ସମ୍ମାନ ପ୍ରଦର୍ଶନ କଲେ । ବଡ଼ାମ୍ବାର ରାଜା ଦାଶରଥି ମଙ୍ଗରାଜ ବୀରବର ମହାପାତ୍ରଙ୍କର ମୃତ୍ୟୁ ହୋଇଥିବାରୁ ଏହି ସମୟରେ ବଡ଼ାମ୍ବାରାଜ୍ୟ କୋର୍ଟ ଅଫ୍ ୱାର୍ଡସର ଅଧୀନ ହୋଇଥିଲା । ଏକଦା ତଦୀୟ ମହିଷୀ ସ୍ୱୀୟ ଅପ୍ରାପ୍ତ ବୟସ୍କ ପୁତ୍ର ବିଶ୍ୱମ୍ଭରଙ୍କୁ ସଙ୍ଗରେ ଘେନି ପୁରୀ ଯିବା କାମନାରେ ମହାନଦୀ ମଧ୍ୟବର୍ତ୍ତୀ ପର୍ବତପାଦ ଦେଶସ୍ଥ ପ୍ରସିଦ୍ଧ ସିଂହନାଥ ମହାଦେବଙ୍କ ନିକଟରେ ଅବସ୍ଥାନ କରୁଥିଲେ । ନୀଳମଣି ଏହା ଜାଣିପାରି ସ୍ୱର୍ଗତ ରାଜା, ରାଜମହିଷୀ ଓ ମେନେଜରଙ୍କ ଗୁଣ କୀର୍ତ୍ତନ କରି ଗୋଟିଏ ମନୋରମ କବିତା ରଚନା କଲେ ଓ ତାହା ମଧୁରକଣ୍ଠ ଶିଷ୍ୟମାନଙ୍କଦ୍ୱାରା ସିଂହନାଥ ଦେବଙ୍କ ନିକଟରେ ରାଣୀଙ୍କ ସମ୍ମୁଖରେ ଆବୃତ୍ତି କରାଇଲେ । ରାଣୀ ଏଥିରେ ପରମ ପରିତୁଷ୍ଟ ହୋଇ ତାଙ୍କୁ ନଗଦ ପଚିଶଟଙ୍କା, ପଟ୍ଟବସ୍ତ୍ର ସହ 'ବିଦ୍ୟାରତ୍ନ' ଉପାଧି ଅର୍ପଣ କରି ଖଣ୍ଡେ ସାର୍ଟିଫିକେଟ ପ୍ରଦାନ କଲେ । ସେ ସେହିଦିନଠାରୁ 'ବିଦ୍ୟାରତ୍ନ' ନାମରେ ଓଡ଼ିଶାର ଶିକ୍ଷିତ ସମାଜ ନିକଟରେ ସୁପରିଚିତ । ବଡ଼ାମ୍ବାରେ ଥିବାବେଳେ ସେ କଟକ ଉତ୍କଳ ପ୍ରେସରୁ ବାହାରୁଥିବା 'ସଂସ୍କାରକ' ନାମକ ପତ୍ରିକାର ନିୟମିତ ଲେଖକ ଥିଲେ । ପରଶ୍ରୀକାତର ମନୁଷ୍ୟ ସର୍ବଦେଶରେ ଓ ସର୍ବକାଳରେ ବିଦ୍ୟମାନ ଅଛନ୍ତି । ବଡ଼ାମ୍ବାରେ ନୀଳମଣିଙ୍କ ସମ୍ମାନଲାଭରେ ଈର୍ଷାନ୍ୱିତ ହୋଇ କେତେକ ଲୋକ ତାଙ୍କର ଅନିଷ୍ଟ କରିବାକୁ ପ୍ରବୃତ୍ତ ହେଲେ । ବିଶେଷତଃ ତାଙ୍କର ଆଳସ୍ୟପରାୟଣ ଦ୍ୱିତୀୟ ପଣ୍ଡିତ ତାଙ୍କର ଶତ୍ରୁତାଚରଣ କରିବା ନିଜର ଏକ ପ୍ରଧାନ କର୍ତ୍ତବ୍ୟ ବୋଲି ମନେ କଲେ । ସେ ରାଜଦରବାରରେ ଓ ସ୍କୁଲ ସବ୍ଇନ୍ସପେକ୍ଟରଙ୍କ ପାଖରେ 'ପଣ୍ଡିତେ ସର୍ବଦା ପଶାଖେଳରେ ଆସକ୍ତ' ବୋଲି କହି ବୁଲିଲେ । ଦ୍ୱିତୀୟ ଶିକ୍ଷକଙ୍କର ଏହି ଅନିଷ୍ଟାଚରଣ ଦ୍ୱାରା ନୀଳମଣି ବଡ଼ାମ୍ବା ପରିତ୍ୟାଗ କରି ଅନ୍ୟତ୍ର ଚାଲିଯିବାକୁ ଅଭିଳାଷୀ ହେଲେ ।

ଏହି ସମୟରେ ବାମଣ୍ଡା ଦେବଗଡ଼ ମିଃ ଇଃ ସ୍କୁଲରେ ଦ୍ୱିତୀୟ ଶିକ୍ଷକପଦ ଶୂନ୍ୟ ଥିବାର ଅବଗତ ହୋଇ ନୀଳମଣି ସେହି ପଦପ୍ରାପ୍ତି ନିମନ୍ତେ ବାମଣ୍ଡାକୁ ଖଣ୍ଡିଏ ଦରଖାସ୍ତ ପଠାଇଲେ । ଅନେକ ଦିନ ଅତିବାହିତ ହେଲା; କୌଣସି ଉତ୍ତର ପାଇଲେ ନାହିଁ । ତାଙ୍କର ସେହି ଦ୍ୱିତୀୟ ପଣ୍ଡିତ ଏହି ସମ୍ବାଦ ଶୁଣି ତାଙ୍କୁ ଶୀଘ୍ର ବଡ଼ାମ୍ବାରୁ ବିଦାୟ କରିଦେବା ଉଦ୍ଦେଶ୍ୟରେ ଏକ କୃତ୍ରିମ ଲେଖ୍ୟ ପ୍ରସ୍ତୁତ କରି ଦେବଗଡ଼ ମିଃ ଇଃ ସ୍କୁଲର ଦ୍ୱିତୀୟ ଶିକ୍ଷକପଦର ନିଯୁକ୍ତିପତ୍ରରୂପେ ତାହା ବଡ଼ମ୍ବା ଡାକଘରୁ ନୀଳମଣିଙ୍କ ନାମରେ ପ୍ରେରଣ କଲେ । ପୋଷ୍ଟାଫିସ ମୋହରରେ ବଡ଼ାମ୍ବାକୁ ବାମରା (ବାମଣ୍ଡାର ପୋଷ୍ଟାଫିସ ନାମ ବାମରା) ବୋଲି ପଢ଼ିବା ଅତି ଅସ୍ୱାଭାବିକ ନୁହେ । ନୀଳମଣି ସେହି କୃତ୍ରିମ ପତ୍ର ପାଇ ବଡ଼ାମ୍ବା ତ୍ୟାଗ କରି ଅବିଳମ୍ବେ ବାମଣ୍ଡା ଅଭିମୁଖରେ ପ୍ରସ୍ଥାନ କଲେ । ଘୋର ଅରଣ୍ୟ ପଥରେ ବହୁକାଳ ବୁଲି ବୁଲି ବାମଣ୍ଡାରେ ଉପସ୍ଥିତ ହୋଇ ରାଜାମହୋଦୟଙ୍କ ସଙ୍ଗରେ ଦେଖାକଲେ । ସେପର୍ଯ୍ୟନ୍ତ ଦେବଗଡ଼ ସ୍କୁଲରେ ଶୂନ୍ୟ ଥିବା କାର୍ଯ୍ୟରେ କୌଣସି ଲୋକ ନିଯୁକ୍ତ ହୋଇ ନ ଥିଲେ । ରାଜାସାହେବ ସେହି କୃତ୍ରିମ ନିଯୁକ୍ତିପତ୍ର ଦେଖି ପ୍ରଥମେ ଟିକିଏ ଚକିତ ହୋଇପଡ଼ିଲେ ; ମାତ୍ର ପରେ ନୀଳମଣିଙ୍କ ମୁଖରୁ ତାଙ୍କ ଶତ୍ରୁସଙ୍କୁଳ ବଡ଼ାମ୍ବାର ଘଟଣା ଶ୍ରବଣ କରି ଦୟାର୍ଦ୍ର ଅନ୍ତଃକରଣରେ ତାଙ୍କୁ ଉକ୍ତ କାର୍ଯ୍ୟରେ ନିଯୁକ୍ତ କଲେ । ଏହିପରି ଭାବରେ ନୀଳମଣି ଦୈବକର୍ତ୍ତୃକ ପ୍ରେରିତ ହେଲା ପରି ବାମଣ୍ଡାରେ କାର୍ଯ୍ୟଭାର ଗ୍ରହଣ କଲେ ।

ଏହିଠାରେ ପ୍ରାତଃସ୍ମରଣୀୟ ମନୋହର କୀର୍ତ୍ତି ସୁଖ୍ୟାତନାମା ମହାରାଜା ବାସୁଦେବ ସୁଢ଼ଳଦେବ ନୀଳମଣିଙ୍କ ଅନ୍ତର୍ନିହିତ ପ୍ରଚ୍ଛନ୍ନ ଶକ୍ତିର ଆଭାସ ପାଇ ତାଙ୍କୁ ଅତ୍ୟନ୍ତ ସମାଦର କରିବାକୁ ଲାଗିଲେ । ନୀଳମଣି ସୁଢ଼ଳଦେବଙ୍କ ସ୍ନେହସହାନୁଭୂତି ଲାଭ କରି ଆପଣାକୁ କୃତକୃତ୍ୟ ମନେକଲେ । ତାଙ୍କର ଅଧ୍ୟାପନା-କୌଶଳ ଓ ଧୀମତ୍ତାରେ ସନ୍ତୁଷ୍ଟ ହୋଇ ମହାରାଜା ମହୋଦୟ ୧୮୮୮ ମସିହାରେ ତାଙ୍କୁ ସମଗ୍ର ରାଜ୍ୟର ଶିକ୍ଷକଙ୍କୁ

ସଚେତନ ଓ ଅଚେତନ ସର୍ବବିଧ ଅବକାଶ ପ୍ରଦାନ କରିବାର କ୍ଷମତା ପ୍ରଦାନ କଲେ ।

ଓଡ଼ିଶାର ଆଧୁନିକ ସାହିତ୍ୟର ଉନ୍ନତି କାମନାରେ ସାର ବାସୁଦେବ ଯେଉଁ କାର୍ଯ୍ୟ କରିଅଛନ୍ତି, ସେଥିପାଇଁ ତାଙ୍କ ନାମ ଉତ୍କଳସାହିତ୍ୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ତାଙ୍କର ବହୁତୋମୁଖୀ ପ୍ରତିଭା ଅନ୍ୟାନ୍ୟ ଦିଗରେ ଯେପରି ସିଦ୍ଧିଲାଭ କରିଅଛି, ସାହିତ୍ୟରେ ମଧ୍ୟ ସେହିପରି ସିଦ୍ଧ ହୋଇଥିଲା । ସେତେବେଳେ ବାମଣ୍ଡା ରାଜନୀତିକ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ରହିଥିଲେହେଁ ସେ ମାତୃଭାଷାର ଉନ୍ନତି କାମନାରେ କାୟମନୋବାକ୍ୟରେ ଚେଷ୍ଟା କରିବାକୁ ଲାଗିଲେ । ତାଙ୍କ ସାଧୁ ଚେଷ୍ଟାରେ ସହାୟତା କରିବା ପାଇଁ ସତେ ଯେପରି ନୀଳମଣି ବିଧିପ୍ରେରିତ ସହଚରରୂପେ ତାଙ୍କ ନିକଟରେ ଉପସ୍ଥିତ ହେଲେ । ଉତ୍କଳସାହିତ୍ୟର ଉନ୍ନତି କାମନାରେ ସେ କଟକ ନଗରରେ ସ୍ୱତନ୍ତ୍ର ପ୍ରେସ ନାମକ ଗୋଟିଏ ପ୍ରେସ ପ୍ରତିଷ୍ଠିତ କରିଥିଲେ; ମାତ୍ର ତାହାର କାର୍ଯ୍ୟ କଟକରେ ସୁଚାରୁରୂପେ ପରିଚାଳିତ ନ ହେବାରୁ ସେ ତାହାକୁ ୧୮୮୭ ଖ୍ରୀଷ୍ଟାବ୍ଦରେ ଦେବଗଡ଼କୁ ଉଠାଇନେଇ ତହିଁରେ ପୁସ୍ତକ, ଫର୍ମ ମୁଦ୍ରିତ ଓ ଜଗନ୍ନାଥବଲ୍ଲଭ ପ୍ରେସରେ 'ସମ୍ବଲପୁର ହିତୈଷିଣୀ' ପତ୍ରିକା ମୁଦ୍ରିତ ହେବାର ସୁବ୍ୟବସ୍ଥା କରିଦେଲେ । ସେତେବେଳେ ଓଡ଼ିଶାରେ ଗଦ୍ୟପଦ୍ୟ ସାହିତ୍ୟର ଅବସ୍ଥା ଅତୀବ ଶୋଚନୀୟ ଥିଲା । ବିଶେଷତଃ ଗଡ଼ଜାତମାନଙ୍କରେ ଲିଖିତ ଓ କଥିତ ଭାଷାର କୌଣସି ପ୍ରଭେଦ ନ ଥିଲା କହିଲେ ଚଳେ । ମୋଗଲବନ୍ଦୀ ଅଞ୍ଚଳରେ ମୁଷ୍ଟିମେୟ ଲୋକହିଁ ଭାଷାଚର୍ଚ୍ଚାରେ ପ୍ରବୃତ୍ତ ହୋଇଥିଲେ । ଏହି ଶୋଚନୀୟତାର ନିରାକରଣ ନିମିତ୍ତ ୧୮୮୭ ଖ୍ରୀଷ୍ଟାବ୍ଦରେ ମହାରାଜ ବାସୁଦେବ ଦେବଗଡ଼ରୁ 'ସମ୍ବଲପୁର ହିତୈଷିଣୀ' ନାମ୍ନୀ ପତ୍ରିକା ପ୍ରକାଶ କଲେ । ସେ ସ୍ୱୟଂ ସୁପଣ୍ଡିତ ଓ ମନୀଷୀ ଥିଲେ । ତେଣୁ ପତ୍ରିକାର ସମ୍ପାଦନ ଓ ପରିଚାଳନ କାର୍ଯ୍ୟରେ ନିଜେ ଏକମାତ୍ର ପୃଷ୍ଠପୋଷକରୂପେ କାର୍ଯ୍ୟ କରିବାକୁ ଲାଗିଲେ ।

ପ୍ରଥମେ ରାଜକୁମାର ସ୍କୁଲର ହେଡ୍‌ମାଷ୍ଟର ବାବୁ ଗଣେଶ୍ୱର ପଟ୍ଟନାୟକ ବି. ଏ. ଏହି ପତ୍ରିକାର ସମ୍ପାଦକ ଥିଲେ; ମାତ୍ର କିଛି ଦିନ ପରେ ମହାରାଜା ସ୍ୱତନ୍ତ୍ରଭାବେ ନୀଳମଣି ବିଦ୍ୟାରତ୍ନଙ୍କୁ ପତ୍ରିକାର ସ୍ଥାୟୀ ସମ୍ପାଦକ କାର୍ଯ୍ୟରେ ନିଯୁକ୍ତ କଲେ । ନୀଳମଣି ତାଙ୍କର କର୍ମମୟ ଜୀବନର ପ୍ରାକ୍‌କାଳରେ ପତ୍ରିକା ସମ୍ପାଦନ କାର୍ଯ୍ୟରେ କିପରି ଅସାଧାରଣ ଶକ୍ତିସାମର୍ଥ୍ୟ ଓ ପ୍ରତିଭା ପ୍ରକାଶ କରିଥିଲେ, ତାଙ୍କର ସମସାମୟିକ ଅନେକ ଲୋକ ଏହା ଅବଗତ ଅଛନ୍ତି । ସେ ପ୍ରଗାଢ଼ ଅଧ୍ୟବସାୟସହକାରେ 'ସମ୍ବଲପୁର ହିତୈଷିଣୀ'କୁ ଉତ୍କଳର ସର୍ବପ୍ରଧାନ ପତ୍ରିକାରେ ପରିଣତ କଲେ । ସେତେବେଳେ 'ହିତୈଷିଣୀ' କେବଳ ସାପ୍ତାହିକ ସମ୍ବାଦ ପତ୍ରିକା ନ ଥିଲା, ରାଜନୀତିକ, ସାମାଜିକ, ସାହିତ୍ୟିକ, ବୈଜ୍ଞାନିକ ତଥା ଧର୍ମସଂକ୍ରାନ୍ତ ତାବତୀୟ ବିଷୟ ଏଥିରେ ସୁଚାରୁରୂପେ ଆଲୋଚିତ ହେଉଥିଲା ।

"ସମାଜ କାର୍ଯ୍ୟାଣି ଚ ରାଜନୀତିର୍ବିଜ୍ଞାନ ସାହିତ୍ୟ-
ବିଷୟସୁକ୍ତିଃ,
ଯତ୍ରୈବ ସନ୍ଦେଶ ବରଃ ପ୍ରମେୟଂ ଚରଂ ବରବର୍ତ୍ତି,
ସୁପତ୍ରିକେୟଂ ।"

ନୀଳମଣି ପତ୍ରିକାର ଏହି ଶିରୋକ୍ତ ବିଷୟମାନଙ୍କ ପ୍ରତି ଦୃଷ୍ଟି ଦେଇ ତାହାର ସାହିତ୍ୟିକ ସମ୍ପଦ ଓ ସମ୍ମାନ ଅଭିବୃଦ୍ଧି ବିଷୟରେ ପ୍ରାଣପଣେ ଯତ୍ନ କରିବାକୁ ଲାଗିଲେ । ପତ୍ରିକା ପ୍ରଚାରକାର୍ଯ୍ୟ ଜୀବନର ପ୍ରଧାନତମ ବ୍ରତ କରି ସେ ସ୍ୱକୀୟ ତୀକ୍ଷ୍ଣଦୃଷ୍ଟି ସମାଜର ସର୍ବନିମ୍ନସ୍ତର ପର୍ଯ୍ୟନ୍ତ ନିକ୍ଷେପପୂର୍ବକ ଯେଉଁଠାରେ ଯ ଅଭାବ ଅସୁବିଧା ବିଦ୍ୟମାନ, ଯେଉଁଠାରେ କପଟତାର ପାପପିଶାଚ ମୂର୍ତ୍ତି ଧାରଣ କରି ତାହାର ବିକଟ ତାଣ୍ଡବରେ ସମାଜକୁ ସନ୍ତ୍ରସ୍ତ କରୁଅଛି, ଯେଉଁଠାରେ କି କୁତ୍ସିତ କୁସଂସ୍କାର ଆବର୍ଜନାରୂପେ ରାଶୀକୃତ ହୋଇ ରହିଅଛି, ସେ ସମସ୍ତ ପତ୍ରିକାରେ ପ୍ରକାଶକରତଃ ତହିଁର ପ୍ରତିକାର ନ ହେବା ପର୍ଯ୍ୟନ୍ତ ବାରମ୍ବାର ସର୍ବସାଧାରଣଙ୍କ ମନୋଯୋଗ ଆକର୍ଷଣ କରୁଥିଲେ । ନାନା ନୂତନ ଚିନ୍ତା, ନାନା ନୂତନ ଭାବ, ନାନା ନୂତନ ସମସ୍ୟା ହୃଦୟରେ ଧାରଣ କରି ପ୍ରତି ସପ୍ତାହରେ

ନିୟମିତରୂପେ ପ୍ରକାଶିତ ହେବାଦ୍ୱାରା 'ହିତୈଷିଣୀ' ସଙ୍ଗେ ଯେପରି ଉତ୍କଳର ଏକ ଅଭିନବ ଯୁଗର ସୂତ୍ରପାତ ହେଲା । ସେତେବେଳେ ପାଠକ-ସମାଜ ହିତୈଷିଣୀର ପ୍ରକାଶିତ ଦିବସକୁ ଏକାନ୍ତ ଉତ୍କଣ୍ଠିତ ହୃଦୟରେ ଅପେକ୍ଷା କରି ରହୁଥିଲେ । କେବଳ ନୀଳମଣି ଓ ମହାରାଜା ସୁଡଳଦେବ ଯେ ଏହାର ଲେଖକ ଥିଲେ, ତାହା ନୁହେଁ, ପରନ୍ତୁ ତତ୍କାଳୀନ ସମାଜରେ ଯେଉଁମାନେ ସାହିତ୍ୟ-କ୍ଷେତ୍ରରେ ପ୍ରବେଶ କରିଥିଲେ, ସେହି ସମସ୍ତଙ୍କ ଲେଖା ହିତୈଷିଣୀରେ ପ୍ରକାଶିତ ହେଉଥିଲା । ଯେପରି ସୌରଭାନୁସାରୀ ଭ୍ରମର ପୁଷ୍ପର ଅନୁସନ୍ଧାନ କରି ମଧୁ ସଂଗ୍ରହରେ ବ୍ୟସ୍ତ ହୁଏ, ସେହିପରି ନୀଳମଣି ଓଡ଼ିଶାର କୌଣସି ଲୋକଠାରେ ସାହିତ୍ୟିକ ଶକ୍ତିମତ୍ତାର ଆଭାସ ପାଇଲାକ୍ଷଣି ତାଙ୍କୁ ନାନା କୌଶଳରେ ହିତୈଷିଣୀର ଲେଖକ କରି ନେଉଥିଲେ । ଏହିପରି ଭାବରେ ହିତୈଷିଣୀ ସେତେବେଳେ ଓଡ଼ିଶାର ଅନେକ ଯୁବକଙ୍କୁ ସାହିତ୍ୟିକରୂପେ ପରିଣତ କରିଥିଲା । ଏହି ନବୀନ ଲେଖକମାନଙ୍କ ଛଡ଼ା ସ୍ୱର୍ଗତ ରାଧାନାଥ, ମଧୁସୂଦନ, ଚନ୍ଦ୍ରମୋହନ, ବିଶ୍ୱନାଥ ପ୍ରଭୃତି ତାହାର ନିୟମିତ ଲେଖକ ଥିଲେ । ବିଶ୍ୱନାଥ ବାବୁଙ୍କର ହିତବାଦ ନୀତି, ସାଧନା ଓ ସିଦ୍ଧି, ସାହିତ୍ୟଚର୍ଚ୍ଚା, ସାହିତ୍ୟ ଓ ସମାଲୋଚନା, କବିବର ଉପେନ୍ଦ୍ରଭଞ୍ଜ, ଶିକ୍ଷାପ୍ରସଙ୍ଗେ, ବାଲ୍ମୀକି ପ୍ରଭୃତି ସାହିତ୍ୟିକ ପ୍ରବନ୍ଧାବଳୀ ପ୍ରଥମେ ହିତୈଷିଣୀ ପତ୍ରିକାରେ ପ୍ରକାଶିତ ହୋଇଥିଲା । ପରେ କିଛି ପରିବର୍ତ୍ତିତ ପରିବର୍ଦ୍ଧିତ ଆକାରରେ ତାଙ୍କର 'ବିବିଧ-ପ୍ରବନ୍ଧ'ରେ ସ୍ଥାନ ପାଇଅଛି । ସେ ଜଣେ ନିରପେକ୍ଷବାଦୀ ସମ୍ପାଦକ ଥିଲେ । ସପକ୍ଷ ବିପକ୍ଷ ଉଭୟଙ୍କ ଲେଖା ଉପାଦେୟତା ଦୃଷ୍ଟିରେ ପତ୍ରିକାରେ ପ୍ରକାଶ କରୁଥିଲେ । ସେଥିରେ ବଡ଼ ବଡ଼ ପ୍ରବନ୍ଧ ପ୍ରକାଶିତ ହେଉଥିଲା । ସୁତରାଂ ଶିକ୍ଷିତ ସମାଜରେ ତାହା ଆଦୃତ ଥିଲା ।

ରାଧାନାଥ,ମଧୁସୂଦନ, ଫକୀରମୋହନ, ଭୋଳା-ନାଥ ପ୍ରମୁଖ ଶିକ୍ଷିତ ବ୍ୟକ୍ତିମାନଙ୍କର ସହାନୁଭୂତି ଓ ସାହଚର୍ଯ୍ୟ ଲାଭ କରି ଉତ୍ସାହ ଉଚ୍ଛ୍ୱସିତ ହୃଦୟରେ ସମାଜର ସକଳ ପ୍ରକାର ଉନ୍ନତି ଓ ସଂସ୍କାର ସାଧନ ଉଦ୍ଦେଶ୍ୟରେ ସେ ଅସୀମ ସାହସ, ଅବିଚଳିତ ଧୈର୍ଯ୍ୟ, ଅକମ୍ପିତ ନିର୍ଭୀକତା ଓ ଅସାଧାରଣ ନୈପୁଣ୍ୟ ପ୍ରକାଶ କରିବାକୁ ଲାଗିଲେ । ସେ ଯାହା ଅଭ୍ରାନ୍ତ ସତ୍ୟ ପୁଣି ନ୍ୟାୟ ଓ ଧର୍ମାନୁମୋଦିତ ବୋଲି ବୁଝିଥିଲେ, ଅନେକଙ୍କର ତୀବ୍ର ସମାଲୋଚନା, ଅଜସ୍ର ବାଗ୍‌ବାଣ ପ୍ରୟୋଗରେ ସୁଦ୍ଧା ପଛଘୁଞ୍ଚା ଦେଉ ନ ଥିଲେ । ସେ ଯାହା ଅସତ୍ୟ ବା ଅଯଥାର୍ଥ ବୋଲି ବୁଝୁଥିଲେ, ତହିଁରେ ସେ କେବେହେଁ ସାହଚର୍ଯ୍ୟ କରୁ ନ ଥିଲେ ଅଥବା ଯାହା ଯଥାର୍ଥ ବୋଲି ହୃଦୟଙ୍ଗମ କରୁଥିଲେ, ତହିଁରୁ ସେ ବିଚଳିତ ହେଉ ନ ଥିଲେ । ଏକଦା ସେ କହିଥିଲେ,

"ହୋଇ ଏକତ୍ରିତ ସ୍ୱର୍ଗଦେବଗଣ
କରିବେ ଯେବେ ମୋ ଜୀବନ ହରଣ,
ନ ତେଜିବି ସତ୍ୟପଥ ସଦାଶୟ,
ଦେବି ନାହିଁ କେବେ ମିଥ୍ୟାକୁ ପ୍ରଶ୍ରୟ ।"

ସାର୍ ସୁଡଳଦେବଙ୍କ ଜୀବନଚରିତ ଲେଖକ 'ସମ୍ବଲପୁର ହିତୈଷିଣୀ' ସମ୍ବନ୍ଧରେ ଲେଖିଛନ୍ତି,'ଯାହାର ଦୀର୍ଘକାଳବ୍ୟାପୀ ଅକ୍ଳାନ୍ତ ପରିଶ୍ରମ ଫଳରେ ସମ୍ବଲପୁର ହିତୈଷିଣୀ ନାନାବିଧ ସମ୍ବାଦସମ୍ଭାରରେ ସଜ୍ଜିତ ହୋଇ ପ୍ରତି ସପ୍ତାହରେ ପାଠକମାନଙ୍କ ନିକଟରେ ଦେଖା ଦେବାକୁ ଆରମ୍ଭ କରେ, ସେରୂପ ଅସାଧ୍ୟ ସାଧନରେ ସେ କାଳରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନହିଁ ନିଯୁକ୍ତ ଥିଲେ । ସେ ନିଜେ ସୁପଣ୍ଡିତ ଓ ଭାଷାଭିଜ୍ଞ ବ୍ୟକ୍ତି ଥିଲେ । କାବ୍ୟ, ଅଳଙ୍କାର, ସାହିତ୍ୟ ଓ ଇତିହାସରେ ତାଙ୍କର ଯଥେଷ୍ଟ ଅଧିକାର ଥିଲା । ତାହାଙ୍କର ଭାଷା ପ୍ରାଞ୍ଜଳ ଓ ମଧୁର ଥିଲା । ସେ ଯେଉଁ ବିଷୟରେ ହସ୍ତକ୍ଷେପ କରନ୍ତି, ତାହା ସହଜରେ ଛାଡ଼ନ୍ତି ନାହିଁ କିମ୍ବା ତହିଁରେ ତାହାଙ୍କୁ ସହଜରେ କେହି ଖର୍ବ କରିପାରନ୍ତି ନାହିଁ । ରାଜନୀତି, ସମାଜସଂସ୍କାର ବିଷୟରେ ତାହାଙ୍କର ଗଭୀର ଅଭିଜ୍ଞତା ଥିଲା । ରାୟକବି, ସ୍ୱଭାବକବି, ବ୍ରାହ୍ମଧର୍ମ-ପ୍ରଚାରକ ପଣ୍ଡିତ ନନ୍ଦଲାଲ ବନ୍ଦୋପାଧ୍ୟାୟ, ବିଶ୍ୱନାଥ କର ପ୍ରଭୃତି ବହୁବାର ବାମଣ୍ଡାଭ୍ରମଣ ଓ ଅବସ୍ଥିତି ସୂତ୍ରରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କର ବିବିଧ ସଦ୍‌ଗୁଣ ଓ ବିଦ୍ୟାବତ୍ତାର ଭୂରି ଭୂରି ପ୍ରଶଂସା କରିଅଛନ୍ତି । ଆକ୍ଷେପର ବିଷୟ, ଏତାଦୃଶ ଗୁଣବାନ୍ ବ୍ୟକ୍ତି ସମ୍ପ୍ରତି

ସ୍ୱାସ୍ଥ୍ୟଭଙ୍ଗ ନିବନ୍ଧନ ଜୀବନ୍ମୃତ ଅବସ୍ଥାରେ ଗଞ୍ଜାମରେ ଶେଷଜୀବନ ଯାପନ କରୁଅଛନ୍ତି । ରାଜାଙ୍କର ଉପଦେଶ ଓ ପରାମର୍ଶରେ ନୀଳମଣି ଏପରି ସୁନ୍ଦର ଭାବରେ ଗଠିତ ହୋଇଥିଲେ ଯେ, ଶେଷରେ ତାଙ୍କ ତତ୍ତ୍ୱାବଧାନ କାଳରେ ସମ୍ବଲପୁର ହିତୈଷିଣୀ ସମ୍ବନ୍ଧେ ଅନେକ ସମୟରେ ରାଜା ବାସୁଦେବ ବିଶେଷ ଦୃଷ୍ଟିପାତ ନ କଲେ ମଧ ଚଳିଯାଉଥିଲା । ତାଙ୍କର ପତ୍ରିକା-ସମ୍ପାଦନ ସର୍ବଦା ରାଜାଙ୍କର ମନୋମତ ହେଉଥିଲା ।”

ନୀଳମଣି ତାଙ୍କ ପତ୍ରିକାରେ ବାଳବିଧବାମାନେ ନିର୍ଜ୍ଜଳା ଉପବାସ କରିବାକୁ ଶକ୍ତିହୀନ, ତେଣୁ ଏକାଦଶୀ ଦିନ ସେମାନଙ୍କୁ ଫଳାହାର ଦେବା ଉଚିତ ବୋଲି ପ୍ରମାଣ ସହିତ ‘ବାଳବିଧବାର ଏକାଦଶୀ’, ଉତ୍କଳଦେଶର ବ୍ରାହ୍ମଣମାନେ ନିଜ ନିଜ କନ୍ୟାକୁ ଘୋଡ଼ା ହାତୀ ପରି ମୂଲ୍ୟ କରି ବିକ୍ରୟ କରୁଥିବାରୁ ବିଦ୍ୟାରତ୍ନେ ତାହାର ଅବୈଧତା ପ୍ରଦର୍ଶନ କରି ‘ସମାଜକଳଙ୍କ’ ନାମକ ପୁସ୍ତକ ପ୍ରକାଶ କରିଥିଲେ ।

ଜୀବହିଂସା ଓ ମାଛମାଂସ ଭୋଜନ ଉଚିତ ନୁହେଁ ବୋଲି ସେ ପତ୍ରିକାରେ ଆନ୍ଦୋଳନ କରିବାରୁ ତାଙ୍କର ସେହି ପ୍ରବନ୍ଧ ଓ ଶାସ୍ତ୍ରୀୟ ପ୍ରମାଣ ହୃଦୟଙ୍ଗମ କରି ବହୁତ ଲୋକ ତାଙ୍କଠାକୁ ପତ୍ର ଲେଖିଥିଲେ । ସେ ଇନ୍ଦ୍ରିୟ ସୁଖ ଓ ଜୀବନର ମୂଲ୍ୟ ତୁଳନାପୂର୍ବକ ନାନା ଶାସ୍ତ୍ରୀୟ ପ୍ରମାଣ ଦେଇ ‘ଇନ୍ଦ୍ରିୟସୁଖ ଓ ଜୀବନ’ ନାମରେ ଖଣ୍ଡିଏ ପୁସ୍ତକ ପ୍ରକାଶ କରିଥିଲେ । ସେ ଚିକିତ୍ସକ ନୁହନ୍ତି, ତଥାପି ନାନା ଚିକିତ୍ସାଶାସ୍ତ୍ର ଆଲୋଚନା କରି କେତେକ ମାରାତ୍ମକ ରୋଗର ସହଜ ମୁଷ୍ଟିଯୋଗ ଓ ଔଷଧମାନ ପ୍ରସ୍ତୁତ କରି ରୋଗୀମାନଙ୍କ ମଧରେ ବିତରଣ କରୁଥିଲେ । ସେ ଆମବାତ ରୋଗଚିକିତ୍ସା, ଜ୍ୱରଚିକିତ୍ସା, ମେହଚିକିତ୍ସା ପ୍ରଭୃତି ରୋଗମାନଙ୍କ ସମ୍ବନ୍ଧେ ଖଣ୍ଡେ ଖଣ୍ଡେ ସ୍ୱତନ୍ତ୍ର ପୁସ୍ତକ ଲେଖିଅଛନ୍ତି । ବିଦ୍ୟାରତ୍ନେ ପତ୍ରିକା ପରିଚାଳନା ଭାର ନେଇ ସୁଦ୍ଧା ଭାରତବର୍ଷୀୟ ଦଣ୍ଡବିଧି ଓ କାର୍ଯ୍ୟବିଧି ଆଇନ ପଢ଼ି ଓ ବୁଝି ବାମଣ୍ଡା ମାଜିଷ୍ଟ୍ରେଟ କୋର୍ଟରେ ମଧେ ମଧେ ମୁକ୍ତାର କରୁଥିଲେ । ଏ କାର୍ଯ୍ୟରେ ସମସ୍ତ ସମୟରେ ସୁବିଧା ପଇସା ମିଳୁଥିଲା ସତ୍ୟ; ମାତ୍ର ସାହିତ୍ୟଚର୍ଚ୍ଚାକୁ ସମୟାଭାବ ଦେଖି ତହିଁରୁ ବିରତ ହେଲେ ।

କବି ଗଙ୍ଗାଧର ବିଦ୍ୟାରତ୍ନଙ୍କଠାରେ ନାନାଭାବରେ ଋଣୀ ଥିଲେ । ତତ୍‌ପ୍ରଣୀତ କେତେକ ପ୍ରାଥମିକ କବିତାର ରସାସ୍ୱାଦନ କରି ବିଦ୍ୟାରତ୍ନ ସେଗୁଡ଼ିକ ପ୍ରଥମେ ତାଙ୍କ ପତ୍ରିକାସ୍ଥ କଲେ ଏବଂ ଗଙ୍ଗାଧରଙ୍କଠାରେ ଯେଉଁ ଶକ୍ତି ନିହିତ ଥିଲା, ତାହାର ଭୂୟସୀ ପ୍ରଶଂସା କଲେ । ବିଦ୍ୟାରତ୍ନଙ୍କର ଏହି ଉତ୍ସାହ ବାଣୀରେ ଗଙ୍ଗାଧର ଉତ୍ସାହିତ ହୋଇ ଇନ୍ଦୁମତୀ, କୀଚକବଧ ପ୍ରଭୃତି ଲେଖିବାକୁ ଆରମ୍ଭ କଲେ । ସେ ଗଙ୍ଗାଧରଙ୍କ ଅସାଧାରଣ ଶକ୍ତିରେ ଚମତ୍କୃତ ହୋଇ ନାନାଚେଷ୍ଟାରେ ସେଗୁଡ଼ିକ ପ୍ରକାଶ କରାଇ ଓଡ଼ିଶାବାସୀଙ୍କ ଧନ୍ୟବାଦାର୍ହ ହୋଇଅଛନ୍ତି ।

ଗୁଣଗ୍ରାହୀ ମହାରାଜା ବାସୁଦେବ ୧୮୯୫ ମସିହାରେ ନୀଳମଣିଙ୍କୁ ବାମଣ୍ଡା ଷ୍ଟେଟ କାଉନ୍‌ସିଲର ଅବୈତନିକ ସଦସ୍ୟ ପଦରେ ମନୋନୀତ କରିଥିଲେ । ବାମଣ୍ଡାରେ ନୀଳମଣି ୧୭ ବର୍ଷ କାର୍ଯ୍ୟ କରିଥିଲେ । ସେ ସେଠାରେ ଶିକ୍ଷକ-ସମିତି ଓ ଆଲୋଚନା ସଭା ନାମରେ ଦୁଇଗୋଟି ସଭା ପ୍ରତିଷ୍ଠା କରି ତହିଁରେ ସ୍ୱୟଂ ପ୍ରବନ୍ଧ ପାଠ କରୁଥିଲେ ଓ ବକ୍ତୃତା ପ୍ରଦାନ କରୁଥିଲେ, ଅନ୍ୟମାନଙ୍କୁ ସେହିପରି କରିବାକୁ ଶିକ୍ଷା ଦେଉଥିଲେ ।

ମହାରାଜା ସୁବଳଦେବ ତାଙ୍କୁ ଗୋଟିଏ ଉପାଧି ଦେବାକୁ ଇଚ୍ଛା ପ୍ରକାଶ କରିବାରୁ ନୀଳମଣି ତହିଁରେ ଅନିଚ୍ଛୁକ ହୋଇ କହିଥିଲେ—“ମୁଁ ଯେଉଁ ଉପାଧି କର୍ମମୟ ଜୀବନର ପ୍ରକୃତିକାଳରେ ଲାଭ କରିଅଛି, ତଦ୍ଦ୍ୱାରା ସର୍ବତ୍ର ପରିଚିତ ହେବାକୁ ଇଚ୍ଛାକରେ; ମାତ୍ର ସେ ଉପାଧିଟି ରାଜପରିବାରର କୌଣସି ସ୍ୱୀକୃତିକ ପ୍ରଦତ୍ତ । ଆପଣ ଯେବେ ମୋ ପ୍ରତି ସଦୟ ହୋଇଥାନ୍ତି, ତେବେ ସେହି ପଦଟିକୁ ସ୍ୱୀକାର କରି ମୋତେ ସନନ୍ଦ ପ୍ରଦାନ କରନ୍ତୁ ।” ଏହା ଶୁଣି ଗୁଣଗ୍ରାହୀ ମହାରାଜା ଅତୀବ ସନ୍ତୁଷ୍ଟ ହେଲେ ଏବଂ ତାଙ୍କର ପ୍ରିୟ ବିଦ୍ୟାରତ୍ନ ଉପାଧିଟିକୁ ସ୍ୱୟଂ ସ୍ୱୀକାର କରି ତଦନୁରୂପ ସନନ୍ଦ ପ୍ରଦାନ କଲେ ।

ନୀଳମଣି ନାନା ସଦ୍‌ଗୁଣରେ ବିମଣ୍ଡିତ ଥିଲେ । ତାଙ୍କର କର୍ମମୟ ଜୀବନ ଅନୁଧ୍ୟାନ କଲେ କେବଳ କର୍ମହିଁ ମିଳେ । ତାଙ୍କ ମନରେ ଯେତେବେଳେ ଯେଉଁ ସାଧୁ କଳ୍ପନାର ଉଦୟ ହୁଏ, ସେ କଳ୍ପନାକୁ ସେ ବାସ୍ତବରେ ପରିଣତ କରିବା ପାଇଁ ନିଜର ସମସ୍ତ ଶକ୍ତି ପ୍ରୟୋଗ କରୁଥିଲେ । ଦେଶ ପାଇଁ ସେ ଆହାର ନିଦ୍ରା ତ୍ୟାଗ କରୁଥିଲେ, ଶରୀରର ସ୍ୱାସ୍ଥ୍ୟପ୍ରତି ମଧ୍ୟ ଉପେକ୍ଷା ପ୍ରଦର୍ଶନ କରୁଥିଲେ । ଫଳତଃ ସେ ନିଜର ପ୍ରାଣକୁ ଦେଶ ସଙ୍ଗରେ ମିଶାଇଦେଇଥିଲେ । ଦେଶର ପ୍ରତ୍ୟେକ ମହଦନୁଷ୍ଠାନ ମୂଳରେ ତାଙ୍କର ଚିହ୍ନାସନ ବିଦ୍ୟମାନ ।

ନୀଳମଣିଙ୍କର ଆତିଥେୟତା ସର୍ବଜନ-ପ୍ରଶଂସିତ । ଏତେ ସଦ୍‌ଗୁଣସତ୍ତ୍ୱେ ତାଙ୍କଠାରେ କେତେକ ଗୁରୁତର ଦୋଷ ମଧ୍ୟ ପ୍ରବେଶ କରିଥିଲା । ବ୍ୟକ୍ତିବିଶେଷଙ୍କ ଜୀବନଚରିତ ଆଲୋଚନା କଲେ ସତ୍ୟର ଅନୁରୋଧରେ ଦୋଷ ଗୁଣ ଉଭୟ ପକ୍ଷ ଦେଖାଇବା ଆବଶ୍ୟକ । ଅନ୍ୟଥା ସତ୍ୟର ଅପଲାପ ଘଟେ । ଜଟିଳ ଚିନ୍ତା ଓ ଗଭୀର ଗବେଷଣା ହେତୁ ନୀଳମଣି ଅବସନ୍ନ ହୋଇ-ପଡୁଥିଲେ । ସେହି ଅବସନ୍ନତା ନିବାରଣ ସଙ୍କାଶେ ତାଙ୍କ କୁବନ୍ଧୁମାନଙ୍କ ଉପଦେଶରେ ସେ ପାନ ଦୋଷରେ ଅଭ୍ୟସ୍ତ ହୋଇପଡ଼ିଲେ । ବହୁଚେଷ୍ଟାସତ୍ତ୍ୱେ ସେ ତାହା ଛାଡ଼ିପାରି ନ ଥିଲେ । ସେଥିପାଇଁ ସେ ବେଳେ ବେଳେ କ୍ଷୋଭ ଓ ଦୁଃଖ ପ୍ରକାଶ କରୁଥିଲେ ; କିନ୍ତୁ ଅଭ୍ୟାସର ପରିପକ୍ୱତା ହେତୁ ସେ ତାହା ଛାଡ଼ି-ପାରିଲେ ନାହିଁ । ଚନ୍ଦ୍ରର କଳଙ୍କ ପରି ଏ ଦୋଷଟି ପାଇଁ ତାଙ୍କୁ ଅନେକ ସମୟରେ ଦାରୁଣ ଅର୍ଥାଭାବ ଭୋଗ କରିବାକୁ ପଡ଼ୁଥିଲା । ସେଥିପାଇଁ ଶେଷ ଜୀବନ ପର୍ଯ୍ୟନ୍ତ ସେ ବିଶେଷ ଅନୁତପ୍ତ ଥିଲେ । ପାନ ଦୋଷ ତାଙ୍କ ଚରିତ୍ରକୁ କଳୁଷିତ କରିପାରି ନ ଥିଲା, ଏହା ତାଙ୍କ ଶତ୍ରୁମାନେ ମଧ୍ୟ ମୁକ୍ତକଣ୍ଠରେ ସ୍ୱୀକାର କରିବେ । ତଥାପି ଆଦର୍ଶ ଏବଂ ନୀତିଦୃଷ୍ଟିରେ ଏଭଳି କୁଅଭ୍ୟାସ ସମର୍ଥନୀୟ ନୁହେଁ ।

ନୀଳମଣି ନାନାଭାବରେ ଯଥେଷ୍ଟ ଆୟ କରୁଥିଲେହେଁ ଅମିତବ୍ୟୟିତା ହେତୁ ସେ ବେଳେ ବେଳେ ବହୁକଷ୍ଟ ଭୋଗ କରୁଥିଲେ । କ୍ରମେ ତାଙ୍କର ଏହି ଅମିତବ୍ୟୟିତାର କାରଣ ସୁଢଳ ଦେବଙ୍କର କର୍ଣ୍ଣଗୋଚର ହେଲା । ସେ ତାଙ୍କୁ ମିତବ୍ୟୟୀ ହେବାକୁ ଉପଦେଶ ଦେଲେ; ମାତ୍ର ସେ ସମସ୍ତ ବ୍ୟର୍ଥ ହେଲା । ସେ ମହାରାଜାଙ୍କ ଅଜ୍ଞାତରେ 'ସମ୍ବଲପୁର ହିତୈଷିଣୀ' ଆୟରୁ ତିନିଶତ ଟଙ୍କା ଖରଚ କରିପକାଇଥିଲେ । ମହାରାଜା ଏହି କଥା ଶ୍ରବଣ କରି ତାଙ୍କୁ ସତ୍‌ପଥରେ ପରିଚାଳିତ କରିବା ପାଇଁ ଅନତିବିଳମ୍ବରେ ଏକ ସପ୍ତାହ ମଧ୍ୟରେ ଟଙ୍କା ରାଜକୋଷରେ ଜମା ଦେବା ନିମିତ୍ତ ଆଦେଶ ଦେଲେ ଏବଂ ତାହା ନ କଲେ ନିୟମାନୁସାରେ ରାଜଦଣ୍ଡ ଭୋଗ କରିବାକୁ ହେବ ବୋଲି ଭୀତି ପ୍ରଦର୍ଶନ କଲେ । ଏଥିରେ ନୀଳମଣି କିଂକର୍ତ୍ତବ୍ୟବିମୂଢ଼ ହୋଇ ସ୍ୱର୍ଗତ କବିବର ରାଧାନାଥଙ୍କୁ ଏହି ସମ୍ବାଦ ପ୍ରଦାନ କଲେ ଏବଂ ଲେଖିଲେ ଯେ, "ଏକ ସପ୍ତାହ ମଧ୍ୟରେ ତିନିଶତ ଟଙ୍କା ପ୍ରଦାନ କରି ନ ପାରିଲେ ମୁଁ କାରାଦଣ୍ଡ ଭୋଗ କରିବି ।" ପରଦୁଃଖକାତର ରାଧାନାଥ ପତ୍ରପ୍ରାପ୍ତିମାତ୍ରକେ ମନିଅର୍ଡର ଦ୍ୱାରା ତିନିଶତ ଟଙ୍କା ପ୍ରେରଣ କରି ତାଙ୍କୁ ଏହି ବିପଦରୁ ରକ୍ଷା କରିଥିଲେ ।

ନୀଳମଣି ୧୯୦୬ ମସିହାରେ ବାମଣ୍ଡା ତ୍ୟାଗ କରି ଖଲ୍ଲିକୋଟରେ ଉପସ୍ଥିତ ହେଲେ । ସେତେବେଳେ ଖଲ୍ଲିକୋଟର ରାଜା ହରିହର ମର୍ଦ୍ଦରାଜ ଦେବ ଦେଶସେବା ଓ ପରହିତ ବ୍ରତରେ ଗଞ୍ଜାମର ରାଜନ୍ୟ-ବର୍ଗଙ୍କ ମଧ୍ୟରେ ଆଦର୍ଶ ଥିଲେ । ଚିଲିକା ତୀରବର୍ତ୍ତୀ ରମ୍ଭା ନଗରୀରେ ସେ ଗୋଟିଏ ରମଣୀୟ ପ୍ରାସାଦ ନସ୍ଥ କରି ସ୍ୱୀୟ ଶୋଭାନୁରାଗିତା ଓ ବିଭବ-ଶାଳିତାର ପ୍ରମାଣ ପ୍ରଦାନ କରିଯାଇଅଛନ୍ତି । ସାହିତ୍ୟ-ସେବା ଓ ସମ୍ବାଦପତ୍ର ପରିଚାଳନା ଦ୍ୱାରା ଦେଶସେବା କରିବା ଉଦ୍ଦେଶ୍ୟରେ ସେ ସେହି ରମ୍ଭାରେ ଗୋଟିଏ ପ୍ରେସ ପ୍ରତିଷ୍ଠିତ କରି ତାହାର ପରିଚାଳନା ନିମିତ୍ତ ନୀଳମଣିଙ୍କୁ ନିଯୁକ୍ତ କଲେ । ସେ ରମ୍ଭାରେ କାର୍ଯ୍ୟଭାର ଗ୍ରହଣ କରି ଅଦମ୍ୟ ଉତ୍ସାହସହକାରେ 'ପ୍ରଜାବନ୍ଧୁ' ନାମକ ସାପ୍ତାହିକ ପତ୍ରିକା ପ୍ରକାଶ କଲେ । ୧୯୦୬ ମସିହା ଜୁନ ୨୫ ତାରିଖ ବୁଧବାର ଦିନ

ପ୍ରଜାବନ୍ଧୁ ପତ୍ରିକା ସର୍ବପ୍ରଥମେ ପ୍ରଚାରିତ ହେଲା । ସେ ପ୍ରଜାବନ୍ଧୁରେ ଆଲୋଚନା କରିବା ନିମନ୍ତେ ଯାହା ସ୍ଥିର କରିଥିଲେ, ତାହା ସେହି ପତ୍ରିକାର ଶୀର୍ଷଦେଶରେ ଲେଖାହୋଇଥିଲା । ତାହା ଏହି—

"ହିତକଥା ଶୁଣିବାକୁ ସର୍ବସମାଗର,
କରିବ ଏ 'ପ୍ରଜାବନ୍ଧୁ' ଉତ୍କଳେ ପ୍ରଚାର ।
ନିଯୁତ କାମନା କରି ସ୍ୱଦେଶର ହିତ,
ରାଜାଙ୍କର ହେଉ ମନ୍ତ୍ରୀ ପ୍ରଜାଙ୍କର ମିତ ।
ନ୍ୟାୟଦେବଙ୍କର କରି ନିତ୍ୟ ସେବକତା,
କରୁ ପ୍ରଜାବନ୍ଧୁ ନିଜ ନାମ ସାର୍ଥକତା ।
ହେଉ ସ୍ୱଦେଶର ଏହା ନିତ୍ୟ ଶୁଭାନୁକୂଳ,
ଜଗଦୀଶ କରନ୍ତୁ ଏ ବାସନା ସଫଳ ।"

'ସମ୍ବଲପୁର ହିତୈଷିଣୀ' ପରି ସେ ପ୍ରଜାବନ୍ଧୁରେ ପ୍ରବନ୍ଧାଦି ଲେଖିବା ପାଇଁ ଉତ୍କଳର ବିଭିନ୍ନ ଶ୍ରେଣୀର ଲେଖକଙ୍କୁ ଅନୁରୋଧ କଲେ । ପ୍ରଜାବନ୍ଧୁ ଅତି ଅଳ୍ପକାଳ ମଧ୍ୟରେ ଓଡ଼ିଶାରେ ଗୋଟିଏ ପ୍ରଧାନ ପତ୍ରିକାରେ ପରିଣତ ହେଲା । ଅନେକ ଅପରିପକ୍ୱ ଯୁବକ ଲେଖକଙ୍କୁ ପ୍ରଜାବନ୍ଧୁ ସୁଲେଖକରେ ପରିଣତ କରିଅଛି । ସ୍ୱର୍ଗତ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ବାଣୀଭୂଷଣ ସାହିତ୍ୟକ୍ଷେତ୍ରରେ ସୁପରିଚିତ ହେବା ପୂର୍ବରୁ ପ୍ରଜାବନ୍ଧୁ ପତ୍ରିକାର ଜଣେ ନିୟମିତ ଲେଖକ ଥିଲେ । ରାଜପୁରୁଷମାନେ ପ୍ରଜାବନ୍ଧୁର ସୁଯୁକ୍ତିପୂର୍ଣ୍ଣ ପ୍ରବନ୍ଧାବଳୀ ପାଠ କରି ଉତ୍କଳର ନାନା ଅଭାବ ଅସୁବିଧା ଦୂର କରୁଥିଲେ । ଅନେକ ଅତ୍ୟାଚାରୀ ପ୍ରଜାବନ୍ଧୁର ତୀବ୍ର ସମାଲୋଚନା ଭୟରେ ସୁପଥଗାମୀ ହୋଇଅଛନ୍ତି । ସ୍ଥୂଳତଃ କହିବାକୁ ଗଲେ ପ୍ରଜାବନ୍ଧୁ ପରି ସୁଖପାଠ୍ୟ ପତ୍ରିକା ଓଡ଼ିଶା ପ୍ରଦେଶରେ ଅତ୍ୟଳ୍ପ ପ୍ରକାଶିତ ହୋଇଅଛି । ନୀଳମଣି ଗଞ୍ଜାମ ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳରେ 'ପ୍ରଜାବନ୍ଧୁ ସମିତି' ନାମରେ ଅନେକ ସମିତି ପ୍ରତିଷ୍ଠା କରି ତେଲିଙ୍ଗିମାନଙ୍କଦ୍ୱାରା ଉତ୍ପୀଡ଼ିତ ଓଡ଼ିଆମାନଙ୍କର ନ୍ୟାଯ୍ୟ ଅଧିକାର ବିଷୟ ପ୍ରଜାବନ୍ଧୁ ପତ୍ରିକା ସାହାଯ୍ୟରେ ସରକାରଙ୍କର କର୍ଣ୍ଣଗୋଚର କରାଉଥିଲେ ।

ନୀଳମଣି ଗଞ୍ଜାମ ଜିଲ୍ଲାକୁ ଓଡ଼ିଶାର ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରଥମେ ପ୍ରଜାବନ୍ଧୁରେ ଆନ୍ଦୋଳନ ଆରମ୍ଭ କଲେ ଏବଂ ସେହି ଉଦ୍ଦେଶ୍ୟର ବଶବର୍ତ୍ତୀ ହୋଇ ୧୯୦୩ ମସିହା ଏପ୍ରେଲ୍‌ରେ ଗଞ୍ଜାମ-ସମ୍ମିଳନୀର ସୂତ୍ରପାତ କଲେ । ବ୍ରହ୍ମପୁରରେ ସମ୍ମିଳନୀର ବିପୁଳ ଆୟୋଜନ ହେଲା । ସୁବିସ୍ତୃତ ଗଞ୍ଜାମ ରାଜ୍ୟରୁ ବହୁ ପ୍ରତିନିଧି ସଭାକୁ ନିମନ୍ତ୍ରିତ ହେଲେ । ଓଡ଼ିଶାରୁ ବହୁ ବିଶିଷ୍ଟ ବ୍ୟକ୍ତି ସେଥିରେ ଯୋଗ ଦେବା ପାଇଁ ଆହୂତ ହୋଇଥିଲେ । ସେ ସମୟରେ ଦେଶପ୍ରାଣ ମଧୁସୂଦନ ଦାସ ସି. ଆଇ. ଇ. କଲିକତାରେ ଅବସ୍ଥାନ କରୁଥିଲେ । ସେ ତାର ଖବର ପାଇ ଠିକ୍ ସମୟରେ ବ୍ରହ୍ମପୁରରେ ଉପସ୍ଥିତ ହେଲେ । ଦାସ ମହାଶୟ ଏହି ସମ୍ମିଳନୀର ପ୍ରୟୋଜନୀୟତା ହୃଦୟଙ୍ଗମ କରି ସମସ୍ତ ଉତ୍କଳଭାଷୀ ପ୍ରଦେଶରେ ସମ୍ମିଳନୀ ପ୍ରତିଷ୍ଠା କରିବା ପାଇଁ ବଦ୍ଧପରିକର ହେଲେ ଏବଂ ଅକ୍ଳାନ୍ତ ପରିଶ୍ରମ ଓ ଅଦମ୍ୟ ଅଧ୍ୟବସାୟ ସାହାଯ୍ୟରେ ଉତ୍କଳ ସମ୍ମିଳନୀର ସୂତ୍ରପାତ କଲେ । ୧୯୦୩ ମସିହା ଡିସେମ୍ବରରେ କଟକ ନଗରୀରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ହୋଇଥିଲା । ସମ୍ମିଳନୀ ଆଉ କିଛି ନ କରିଥିଲେ ମଧ୍ୟ ସମଗ୍ର ଓଡ଼ିଆଜାତିର ଜୀବନୀ ଶକ୍ତିକୁ ଭାରତରେ ପ୍ରତିଷ୍ଠିତ କରିଅଛି, ଏହା କେହି ଅସ୍ୱୀକାର କରିବେ ନାହିଁ ।

ପ୍ରଜାବନ୍ଧୁ ପତ୍ରିକା ବାହାରୁଥିବା ସମୟରେ ରମ୍ଭାରୁ 'ସଂସ୍କାରକ' ନାମରେ ଆଉ ଖଣ୍ଡିଏ ପତ୍ରିକା ପ୍ରକାଶିତ ହେଉଥିଲା । ବିଦ୍ୟାରତ୍ନଙ୍କ ସମ୍ପାଦକତାରେ 'ଉତ୍କଳ-ମଧୁପ' ନାମରେ ଖଣ୍ଡିଏ ବିବିଧ ଜ୍ଞାତବ୍ୟ ମାସିକ ପତ୍ରିକା ମଧ୍ୟ ପ୍ରଚାରିତ ହେଉଥିଲା । ବିଦ୍ୟାରତ୍ନ ପ୍ରଜାବନ୍ଧୁ ପ୍ରକାଶ ସମୟରେ ଦେଶ ସମ୍ବନ୍ଧେ ଯାହା ଯାହା କରିଅଛନ୍ତି ସେ ସମୁଦାୟ ବର୍ଣ୍ଣନ କଲେ ଏକ ପ୍ରକାଣ୍ଡ ପୁସ୍ତକ ହେବ, ତଥାପି ପାଠକମାନଙ୍କ ଅବଗତି ନିମନ୍ତେ କେତେକ କାର୍ଯ୍ୟର ଆଭାସମାତ୍ର ଦିଆହେଉଅଛି ।

ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ଉତ୍କଳର ଜଣେ ଅସାଧାରଣ ପ୍ରତିଭାଶାଳୀ ସୁପଣ୍ଡିତ । ତାଙ୍କ ପ୍ରଣୀତ 'ସିଦ୍ଧାନ୍ତ ଦର୍ପଣ' ତାଙ୍କ ପ୍ରତିଭାର ସୁଷ୍ଠୁ ନିଦର୍ଶନ । ତାହାଙ୍କର ଗଣିତ-ପଞ୍ଜିକା ଉତ୍କଳର

ସ୍ବଳ୍ପେ ସ୍ବଳ୍ପେ ସମାଦୃତ । ତାଙ୍କର ଆର୍ଥିକ ଅବସ୍ଥା ଅସ୍ବଚ୍ଛଳ ହେତୁ ସେ ସର୍ବଦା ଗ୍ରାସାଚ୍ଛାଦନ ବିଷୟରେ ଦାରୁଣ କଷ୍ଟ ଭୋଗ କରୁଥିବାର ଅବଗତ ହୋଇ ବିଦ୍ୟାରତ୍ନେ ୧୯୦୨ ମସିହା ଅକ୍ଟୋବର ୮ ତାରିଖରେ ସ୍ବବ୍ୟୟରେ ଶତଶତ କାର୍ଡ ମୁଦ୍ରିତ କରାଇ ତାହା ଦେଶର ସଙ୍ଗତିସମ୍ପନ୍ନ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ପ୍ରେରଣପୂର୍ବକ ସାହାଯ୍ୟ ପ୍ରାର୍ଥନା କଲେ । ସେ ତହିଁରେ ଲେଖିଥିଲେ—"ସିଦ୍ଧାନ୍ତଦର୍ପଣ-ପ୍ରଣେତା ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ଯେପରି ମହାପଣ୍ଡିତ, ସେହିପରି ମହାଦରିଦ୍ର ଓ ମହାବୃଦ୍ଧ । ସେ ଜରରୋଗୀ ଏବଂ ଦରିଦ୍ର ଥିବାହେତୁ ବୃଦ୍ଧ କାଳରେ ଦୁର୍ବିସହ ଯାତନା ଭୋଗ କରୁଅଛନ୍ତି । ଉତ୍କଳରେ ଗୁଣଗ୍ରାହୀ ଦାନଶୀଳ ରାଜା, ଜମିଦାର, ଧନୀ ଓ ଶିକ୍ଷିତ ଲୋକ ଥାଉଁ ଥାଉଁ ସେ ଏପରି କଷ୍ଟ ଭୋଗ କରୁଥିବା ସେମାନଙ୍କ ପକ୍ଷରେ ଏବଂ ଦେଶ ପକ୍ଷରେ ଗଭୀର କଳଙ୍କର ବିଷୟ । ଏହି କଳଙ୍କ କ୍ଷାଳନ ନିମିତ୍ତ ତାଙ୍କ ପାଇଁ ଚାନ୍ଦା ସଂଗ୍ରହ କରିବାକୁ ପ୍ରବୃତ୍ତ ହୋଇଅଛୁଁ । ଭରସା କରୁଁ, ଆପଣ ଯଥାସାଧ୍ୟ ଚାନ୍ଦା ଅଙ୍ଗୀକାର କରିବା ହେବେ ଏବଂ ଚାନ୍ଦା ଦେବା ସଙ୍ଗେ ଅନ୍ୟାନ୍ୟ ଲୋକଙ୍କର ପ୍ରବୃତ୍ତି ଜନ୍ମାଇବା ହେବେ । ଚାନ୍ଦାଦାତାମାନଙ୍କର ନାମ ସମ୍ବାଦପତ୍ର-ମାନଙ୍କରେ ପ୍ରକାଶିତ ହେବ । ବର୍ତ୍ତମାନ ଟଙ୍କା ପଠାଇବାର ଆବଶ୍ୟକତା ନାହିଁ । କିଏ କି ପରିମାଣରେ ଅର୍ଥ ସାହାଯ୍ୟ କରିବେ, ତାହା ଜଣାହେଲାରୁ ପରେ କେଉଁ ଠିକଣାରେ ଏବଂ କାହା ନାମରେ ଟଙ୍କା ପଠାଇବାକୁ ହେବ, ଜଣାଇଦିଆହେବ । ନିବେଦକ ଶ୍ରୀ ନୀଳମଣି ବିଦ୍ୟାରତ୍ନ ।" ନୀଳମଣିଙ୍କର ଏ ସାଧୁ ଚେଷ୍ଟାରେ ପ୍ରାୟ ସହସ୍ରାଧିକ ଟଙ୍କା ସଂଗୃହୀତ ଓ ପ୍ରେରିତ ହୋଇ ତାଙ୍କ ଅନ୍ତିମକାଳରେ ଚନ୍ଦ୍ରଶେଖରଙ୍କର ମହୋପକାର ସାଧନ କରିଥିଲା ।

ସମ୍ବଲପୁରରୁ ଓଡ଼ିଆ ଭାଷା ଉଠାଇ ଦିଆହୋଇ ହିନ୍ଦୀ ଭାଷା ପ୍ରଚଳନ କରାହେବାରୁ ଉତ୍କଳଭାଷାର ପୁନଃପ୍ରତିଷ୍ଠା ନିମନ୍ତେ ବିଦ୍ୟାରତ୍ନେ ତାଙ୍କ ହିତୈଷିଣୀ ପତ୍ରିକାରେ ବର୍ଷବ୍ୟାପୀ ତୁମୁଳ ଆନ୍ଦୋଳନ ଚଳାଇ ଖଲ୍ଲିକୋଟ ବାହାରି ଆସି 'ପ୍ରଜାବନ୍ଧୁ'ରେ ସେହି ଆନ୍ଦୋଳନ ପୁନରୁଜ୍ଜୀବିତ କଲେ । ମଧ୍ୟପ୍ରଦେଶର ଚିଫ୍ କମିସନର ମାନ୍ୟବର ଫ୍ରେଜର ସାହେବଙ୍କ ସୁପାରିସ ଓ ବଡ଼ଲାଟଙ୍କ ନ୍ୟାୟବିଚାରରେ ସେଠାରୁ ହିନ୍ଦୀଭାଷା ବିତାଡ଼ିତ ହେବାରୁ ସମ୍ବଲପୁରବାସୀ ବିଦ୍ୟାରତ୍ନଙ୍କୁ ଅଜସ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ୧୯୦୩ ମସିହା ଜାନୁଆରି ଏକତାରିଖଠାରୁ ସମ୍ବଲପୁର ଅଦାଲତରେ ଓଡ଼ିଆଭାଷା ପ୍ରବର୍ତ୍ତିତ ହେଲା ।

ନୀଳମଣି ପୁରୀରେ ବିଧବାଶ୍ରମ ସ୍ଥାପନ ବିଷୟରେ ଚେଷ୍ଟା କରିବା ନିମନ୍ତେ ପୁରୀମନ୍ଦିରର ମେନେଜର ଶ୍ରୀଯୁକ୍ତ ରାଜକିଶୋର ଦାସ ବି. ଏ.ଙ୍କୁ ଅନୁରୋଧ କରିଥିଲେ । ଏହି ଆଶ୍ରମ ସ୍ଥାପନ ନିମନ୍ତେ ଶ୍ରୀଯୁକ୍ତ ଶ୍ରୀବତ୍ସ ପଣ୍ଡା ବି. ଏ. ଏକସହସ୍ର ମୁଦ୍ରା ଦେବାକୁ ଅଙ୍ଗୀକାର କରିଥିଲେ ଏବଂ ମାନନୀୟ ମୟୂରଭଞ୍ଜ ମହାରାଜା ପନ୍ଦରଶତ ମୁଦ୍ରା ଦେବାକୁ ସ୍ବୀକୃତ ହୋଇ ଯେଉଁ ପତ୍ର ଲେଖିଥିଲେ, ତାହା ଏହି, "ମାନ୍ୟବରେଷୁ, ଆପଣଙ୍କ ୧୪ ତାରିଖର ଚିଠି ପାଇଲି । ପୁରୀରେ ବିଧବାଶ୍ରମ ସ୍ଥାପନ କରିବା ପାଇଁ ଆପଣ ଯାହା ଲେଖିଅଛନ୍ତି, ସେଥିରେ ମୋର ସମ୍ପୂର୍ଣ୍ଣ ସହାନୁଭୂତି ଅଛି । ଏପରି ଆଶ୍ରମ ସ୍ଥାପନ କରିବା ପାଇଁ କେତେ ଟଙ୍କା ଆବଶ୍ୟକ ଓ ସ୍ଥାପନ ହେଲା ପରେ କିପରି ସଂରକ୍ଷଣ ଓ ତତ୍ତ୍ବାବଧାରଣ ହେବ, ତାହା ଜାଣିବା ଆବଶ୍ୟକ । ଏ ସମ୍ବନ୍ଧରେ ଆପଣ ଯଦି ବିଜ୍ଞାପନ କିମ୍ବା ପ୍ରସ୍ତାବ ଛପାଇ ବିତରଣ କରନ୍ତି, ତାହାହେଲେ ଉତ୍ତମ ହେବ । ଆବାସଗୃହ ନିର୍ମାଣ ନିମନ୍ତେ ଯଦି ଆବଶ୍ୟକ ମୁଦ୍ରା ଜନସାଧାରଣରେ ସ୍ବାକ୍ଷରିତ ହୁଏ, ତାହାହେଲେ ଆଗାମୀ ଏପ୍ରେଲରେ ମୁଁ ଏଥିପାଇଁ ପନ୍ଦରଶତ ଟଙ୍କା ଦେବା ପାଇଁ ସ୍ବୀକୃତ ହେଉଅଛି । ୧୭।୮।୧୯୦୪, ନିବେଦକ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ, ମୟୂରଭଞ୍ଜ ।"

ନୀଳମଣି ଯେ କୌଣସି ସଭା ସମିତି ହେଲେ ଆନନ୍ଦର ସହିତ ସେଥିରେ ଯୋଗଦାନ କରୁଥିଲେ । ସେ ସଭା ସମିତିରେ ଯୋଗ ଦେବା ସଙ୍ଗେ ପୁରୀ, ବାଲେଶ୍ବର, କଟକ, ସମ୍ବଲପୁର, ଗଦାଧରପୁର ଆଦି ସ୍ଥାନକୁ ଗମନ କରୁଥିଲେ । ସେ 'ଖଲ୍ଲିକୋଟ ବ୍ରାହ୍ମଣ

ସମିତି' ସ୍ଥାପନର ପ୍ରଧାନତମ ଉଦ୍‌ଯୋଗୀ ଥିଲେ । ୧୯୦୫ ମସିହା ଜୁଲାଇ ୧୫ ତାରିଖରେ ସେହି ସମିତିର ଗୋଟିଏ ଅଧିବେଶନରେ କେତେକ ପ୍ରସ୍ତାବ ଉପସ୍ଥାପିତ କରିଥିଲେ । ନାନା ତର୍କବିତର୍କ ପରେ ନିମ୍ନଲିଖିତ ପ୍ରସ୍ତାବ ଗୃହୀତ ହୋଇଥିଲା ।

୧ । କନ୍ୟା ଶୁଳ୍କ ନିବାରଣ ଚେଷ୍ଟା ।

୨ । କନ୍ୟାମାନଙ୍କୁ ଦ୍ୱାଦଶବର୍ଷ (ଋତୁମତୀର ପୂର୍ବକାଳ) ପର୍ଯ୍ୟନ୍ତ ଅବିବାହିତାବସ୍ଥାରେ ରଖାହେବ ।

୩ । ବାଳକବାଳିକାଙ୍କ ଶିକ୍ଷୋନ୍ନତିର ଚେଷ୍ଟା ।

୪ । କୁଟୁମ୍ବ ଓ ଜ୍ଞାତି ଭିନ୍ନ ସଦାଚାରସମ୍ପନ୍ନ ଅନ୍ୟ ବ୍ରାହ୍ମଣଘରେ ଭୋଜନ କରିବାର ରୀତି ପ୍ରଚଳନ ।

୫ । ଅନିମନ୍ତ୍ରିତ ଭାବରେ କ୍ରିୟାକର୍ମାସ୍ଥଳରେ ଉପସ୍ଥିତ ହେବା ନିବାରଣ ।

୬ । ଚୋଖାଦିକମାନଙ୍କୁ ଦୁଗ୍ଧ ଗୋରୁ ବିକ୍ରୟ ପ୍ରଥା ରହିତ ହେବା, କେହି ସେପରି କଲେ ସମାଜଚ୍ୟୁତ କରାହେବା ।

ବିଦ୍ୟାରତ୍ନେ ଗୌରବାସ୍ପଦ ବ୍ୟକ୍ତିଙ୍କୁ ଗୌରବ କରୁଥିଲେ । ବିଶ୍ୱନାଥ ମିଶ୍ର ବାରିଷ୍ଟର ପାସ୍ କରି ପ୍ରତ୍ୟାବୃତ୍ତ ହେଲା ପରେ କେତେକ ବନ୍ଧୁଙ୍କୁ ଆହ୍ୱାନ କରି ବିଦ୍ୟାରତ୍ନ ତାଙ୍କୁ ଅଭିନନ୍ଦିତ କରିଥିଲେ । ସମୁଦ୍ରଯାତ୍ରା ଦୋଷାବହ ନୁହେଁ,. ପୂର୍ବରୁ ପ୍ରଚଳିତ ଥିଲା ଇତ୍ୟାଦି ପତ୍ରିକାରେ ଆନ୍ଦୋଳନ କରି 'ସମୁଦ୍ରଯାତ୍ରା ବିଚାର' ନାମରେ ଖଣ୍ଡିଏ ପୁସ୍ତକ ସେ ପ୍ରକାଶ କରିଥିଲେ ।

ଶ୍ରୀମତୀ ନାସିକର ଅନ୍ନପୂର୍ଣ୍ଣାଙ୍କୁ ସାହାଯ୍ୟ କରିବା ସକାଶେ ନୀଳମଣି ଉତ୍କଳର ରାଜା,ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଅନ୍ନପୂର୍ଣ୍ଣା ତଦନୁସାରେ ଅନେକଙ୍କଠାରୁ ଅର୍ଥ ସାହାଯ୍ୟ ଲାଭ କରିଥିଲେ ।

ଗଞ୍ଜାମ ଜିଲ୍ଲାର ଓଡ଼ିଆ ସ୍କୁଲମାନଙ୍କରେ ଓଡ଼ିଆରେ ଅଙ୍କ ଲେଖିବାର ରୀତି ନ ଥିଲା । ପୁଣି ଓଡ଼ିଶା ରୀତିରେ ପଣକିଆ ଶିକ୍ଷା ଦିଆହେଉ ନ ଥିଲା । ଯାହା ଶିକ୍ଷା ଦିଆହେଉଥିଲା,ତାହା ଅସମ୍ପୂର୍ଣ୍ଣ । ପଣକିଆ ଗଣିତ ଜ୍ଞାନର ମୂଳଭିତ୍ତି ହେଉଥିବାଠାରେ ତାହାକୁ ଏପରି ଅସମ୍ପୂର୍ଣ୍ଣ ଭାବରେ ଶିକ୍ଷା ଦେବାରେ କ୍ଷତି ଭିନ୍ନ ଲାଭ ନାହିଁ । ଏହି କାରଣରୁ ଗଞ୍ଜାମର ଓଡ଼ିଆ ସ୍କୁଲ-ମାନଙ୍କରେ ଓଡ଼ିଆ ଅଙ୍କ ଲେଖାଇବା ଏବଂ ଓଡ଼ିଶା ରୀତିରେ ପଣକିଆ ଶିକ୍ଷା ଦିଆହେବାର ବ୍ୟବସ୍ଥା କରିବା ନିମନ୍ତେ ନୀଳମଣି ଶିକ୍ଷାବିଭାଗୀୟ କର୍ମଚାରୀଙ୍କର ଦୃଷ୍ଟି ଆକର୍ଷଣ କରି ପତ୍ରିକାରେ ଆନ୍ଦୋଳନ କରିଥିଲେ । ଫଳରେ ଓଡ଼ିଶା ଅଞ୍ଚଳରେ ଯେରୂପ ପଣକିଆ ଶିକ୍ଷା ଦିଆହୁଏ, ଗଞ୍ଜାମ ଜିଲ୍ଲାରେ ସେହିପରି ଶିକ୍ଷାର ବ୍ୟବସ୍ଥା ହେଲା ।

ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦକତାରେ 'ପ୍ରଜାବନ୍ଧୁ' ବାହାରୁଥିବା ସମୟରେ ଉତ୍କଳରେ ଯେଉଁ ଜାତୀୟ ଜାଗରଣ ଦେଖାଦେଇଥିଲା, ସେଥିର କିଞ୍ଚିତ୍ ପରିଚୟ ଏବଂ ପ୍ରଜାବନ୍ଧୁ ପ୍ରତି ଦେଶର ବିଶିଷ୍ଟ ବ୍ୟକ୍ତିମାନଙ୍କର ଅଭିମତ ପାଠକବର୍ଗ ନିମ୍ନଲିଖିତ ପତ୍ରରୁ ଅବଗତ ହୋଇପାରିବେ ।

ବ୍ୟାସକବି ଫକୀରମୋହନ ସେନାପତି ଲେଖି-ଥିଲେ—"ପ୍ରତି ବୃହସ୍ପତିବାର ଦିବସ ପ୍ରଜାବନ୍ଧୁ, ପ୍ରତୀକ୍ଷାରେ ମୁଁ ବାଟକୁ ଚାହିଁ ବସିଥାଏ । ପ୍ରତିସଂଖ୍ୟା କାଗଜ ମନୋଯୋଗ ସହିତ ପାଠ କରିଅଛି । ନିତାନ୍ତ ଜ୍ଞାତବ୍ୟ ବିଷୟମାନଙ୍କରେ ପତ୍ରିକା ପୂର୍ଣ୍ଣ ଥାଏ । ଏହି ଅଳ୍ପକାଳ ମଧ୍ୟରେ 'ପ୍ରଜାବନ୍ଧୁ' ଦେଶର ବିଶେଷ ଉପକାର ସାଧନ କରିଅଛି । ଏହା ଦେଶ ସଂମିଶ୍ରଣ ଚେଷ୍ଟା ଓ ଜାତୀୟ ସମିତି ପ୍ରତିଷ୍ଠାର ମୂଳାଧାର ଅଟେ । ପ୍ରଜାବନ୍ଧୁ ଯେପରି ସୁଲଭ, ସେହିପରି ସୁପାଠ୍ୟ । ଏହାର ବହୁଳ ପ୍ରଚାର ନିତାନ୍ତ ବାଞ୍ଛନୀୟ । ଏହା ଉତ୍କଳର ପ୍ରତି ଗ୍ରାମରେ ଯେପରି ପ୍ରଚାରିତ ହୁଏ, ସେଥି ସମ୍ବନ୍ଧେ ଅବଶ୍ୟ ଯତ୍ନ କରିବେ । ଏହାର ଉନ୍ନତିକଳ୍ପେ ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିଙ୍କର ଯତ୍ନଶୀଳ ହେବା ଉଚିତ ।"

କବିବର ରାଧାନାଥ ରାୟ ଲେଖିଥିଲେ,"ଗଞ୍ଜାମ ଉପେନ୍ଦ୍ର ଓ ବାଳଭଦ୍ରଙ୍କର ପ୍ରସୂତି । ଏ ଦୃଷ୍ଟିରେ ଗଞ୍ଜାମ ଓଡ଼ିଶାର କେବଳ ଅଙ୍ଗ ନୁହେଁ, ଉତ୍ତମାଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାର ଦୁର୍ଭାଗ୍ୟ-ଦୋଷରୁ ସେହି ଗଞ୍ଜାମ ଓଡ଼ିଶାରୁ ଏକପ୍ରକାର ବିଚ୍ଛିନ୍ନ ହେବାରୁ ଓଡ଼ିଶା କେବଳ ବିକଳାଙ୍ଗ ନୁହେଁ, ମୃତକଳ୍ପ

ହୋଇ ରହିଥିଲା । ଯେହିରୁ ଉତ୍ତମାଙ୍ଗ ବିଚ୍ଛିନ୍ନ ପ୍ରାୟ ହେଲେ ଉତ୍ତମାଙ୍ଗର ଯେ ଦଶା ହୁଏ, ଗଞ୍ଜାମ ମଧ୍ୟ ତଦବସ୍ଥ ହୋଇଥିଲା । ଏହି ଦୁର୍ବିପାକର ମୂର୍ତ୍ତିମାନ୍ ପ୍ରତୀକାରସ୍ୱରୂପ ପ୍ରଜାବନ୍ଧୁର ଆବିର୍ଭାବ ହୋଇଅଛି । ପ୍ରଜାବନ୍ଧୁ ପ୍ରତ୍ୟେକ ଗଞ୍ଜାମବାସୀ, ପ୍ରତ୍ୟେକ ଉତ୍କଳବାସୀଙ୍କର ଆଦରର ସାମଗ୍ରୀ ।"

ଉତ୍କଳକବି ମଧୁସୂଦନ ରାଓ ଲେଖିଥିଲେ— ପ୍ରଜାବନ୍ଧୁ ପତ୍ରିକା ସୁକ୍ଷଣରେ ଜନ୍ମଗ୍ରହଣ କରି ପ୍ରାୟଶଃ ସୁବସ୍ତୁର, ସୁଲିଖିତ ଓ ସୁନିର୍ବନ୍ଧସହକାରେ ଚାଳିତ ହେଉଅଛି । ସମ୍ପାଦକ ମହାଶୟ ପ୍ରବୀଣ ଲେଖକ ଏବଂ ଦେଶ-କାଳ-ପାତ୍ରମର୍ମଜ୍ଞ ଉଦ୍ୟୋଗୀ ପୁରୁଷ । ପତ୍ରିକା ଅଳ୍ପକାଳ ମଧ୍ୟରେ ଅନେକ କୃତବିଦ୍ୟ, ଲବ୍ଧପ୍ରତିଷ୍ଠ ହିତୈଷୀ ସ୍ୱଦେଶୀଙ୍କର ସହାନୁଭୂତି ଲାଭକରି ଉତ୍କଳର ଶ୍ରେୟଃ ସାଧନ ବିଷୟରେ କୃତନିଶ୍ଚୟ ହୋଇଥିବାର ଦେଖି ମୁଁ ଅତ୍ୟନ୍ତ ପ୍ରୀତ ହୋଇଅଛି ଏବଂ ତାହାର ମଙ୍ଗଳ କାମନା କରୁଅଛି ।"

କବି ନନ୍ଦକିଶୋର ବଳ ଲେଖିଥିଲେ— ପ୍ରଜାବନ୍ଧୁ ପାଇଁ ମୁଁ ପ୍ରତି ଗୁରୁବାର ଡାକକୁ ଚାତକ ପରି ଚାହିଁ ବସିଥାଏ । ବିଚ୍ଛିନ୍ନ, ବିକଳାଙ୍ଗ, ଲାଞ୍ଛିତ, ପଦାନତ ଉତ୍କଳଖଣ୍ଡମାନଙ୍କର ସଂଯୋଗ ନିମିତ୍ତ ଗଞ୍ଜାମ-ଜାତୀୟ ସମିତିର ଅନୁଷ୍ଠାନ ନିମିତ୍ତ, ଆଧୁନିକ ଉତ୍କଳର ଶ୍ରେଷ୍ଠ ପ୍ରତିଭା ଦରିଦ୍ର ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ ସାହାଯ୍ୟ ପାଇଁ ଏବଂ ଓଡ଼ିଆଜାତି ଓ ଓଡ଼ିଆଭାଷାର ଶ୍ରୀବୃଦ୍ଧିସାଧନାର୍ଥ ଅନ୍ୟ ବିବିଧ ଉପାୟ ଅବଲମ୍ବନପୂର୍ବକ ତନ୍ନିମିତ୍ତ ଅକ୍ଳାନ୍ତ ଅକୃତ୍ରିମଭାବରେ ବ୍ରତୀ ଥିବା ସକାଶେ ମୁଁ ସ୍ୱଦେଶର ଏହି ପତ୍ରିକାକୁ ଆଦର ଓ ସମ୍ମାନ କରେ ।

'ଉତ୍କଳସାହିତ୍ୟ' ସମ୍ପାଦକ ବିଶ୍ୱନାଥ କର ଲେଖିଥିଲେ—"ପ୍ରଜାବନ୍ଧୁ କ୍ଷୁଦ୍ର କଳେବର ହେଲେହେଁ ଅଳ୍ପକାଳ ମଧ୍ୟରେ ଓଡ଼ିଆ ସମ୍ବାଦପତ୍ରର ମର୍ଯ୍ୟାଦା ଅନେକ ପରିମାଣରେ ବଢ଼ାଇଦେଇଅଛି । ଆଲୋଚ୍ୟ ବିଷୟ ଏବଂ ଭାଷା ଉଭୟତଃ ଏହାର ଉପଯୋଗିତା ଦିନକୁ ଦିନ ବଢ଼ୁଥିବାର ଦେଖି ମୁଁ ବିଶେଷ ଆନନ୍ଦ ଅନୁଭବ କରୁଅଛି । ସମ୍ପାଦକଙ୍କ ଉତ୍ସାହ, ଉଦ୍ୟମ ଏ ନିର୍ଭୀକତା ଉତ୍କଳଖଣ୍ଡରେ ବଡ଼ ଆଶାପ୍ରଦ । ସୁତରାଂ ତାଙ୍କ ହସ୍ତରେ ପତ୍ରିକାଖଣ୍ଡିକର ଉତ୍ତରୋତ୍ତର ଉନ୍ନତି ଆଶା କରିବା ଆଦୌ ଅସଙ୍ଗତ ନୁହେଁ । ମୁଁ ପ୍ରଜାବନ୍ଧୁର ଜଣେ ଅନୁରାଗୀ ପାଠକ । ପ୍ରତିସଂଖ୍ୟା ପାଠକଲାବେଳେ ଏହାର ଉଜ୍ଜ୍ୱଳ ଭବିଷ୍ୟତ୍ କଳ୍ପନା କରୁଥାଏ ଏବଂ ହୃଦୟର ସହିତ ଏହାର କଲ୍ୟାଣ କାମନା କରିଥାଏ ।"

ଭାଷାକୋଷକାର ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ଲେଖିଥିଲେ—"ଅଳ୍ପଦିନ ମଧ୍ୟରେ ସମ୍ପାଦକ ନୀଳମଣି ବିଦ୍ୟାରତ୍ନଙ୍କ ଯତ୍ନରେ 'ପ୍ରଜାବନ୍ଧୁ' ବିଶେଷ ଉନ୍ନତି ଲାଭ କରିଅଛି । ଏହି ପତ୍ରିକାର ଆବିର୍ଭାବ ଦିନଠାରୁ ଗଞ୍ଜାମ ଅଞ୍ଚଳ ଓ ବ୍ରିଟିଶ ଓଡ଼ିଶା ମଧ୍ୟରେ ସମ୍ବନ୍ଧ ଦୃଢ଼ତର ଓ ଆଶାପ୍ରଦ ହୋଇଅଛି ଏବଂ ଅନେକ ଦେଶହିତକର କାର୍ଯ୍ୟ ଅନୁଷ୍ଠିତ ହୋଇଅଛି । ସାମନ୍ତ ଚନ୍ଦ୍ରଶେଖରଙ୍କ ବିଷୟରେ ସମ୍ପାଦକ ଚେଷ୍ଟା କରିବା ଦ୍ୱାରା ସୁଷୁପ୍ତ ଓଡ଼ିଆଙ୍କୁ ଗୋଟିଏ ଉଦାହରଣ ଦେଖାଇଅଛନ୍ତି । ସେ 'ଜାତୀୟସଙ୍ଗୀତ'ର ପ୍ରବର୍ତ୍ତନ କରି ଓଡ଼ିଆଙ୍କ ମଧ୍ୟରେ ଜାତୀୟତା ଉଦ୍ଦୀପନା କରିବାଦ୍ୱାରା ଓଡ଼ିଶାର କୃତଜ୍ଞତାଭାଜନ ହୋଇଅଛନ୍ତି । ପ୍ରଜାବନ୍ଧୁର ଏକ ସ୍ଥାୟୀ କୀର୍ତ୍ତି ଗଞ୍ଜାମଜାତୀୟସମିତି । ମୁଁ ଅନେକ ଉଚ୍ଚପଦସ୍ଥ ବଙ୍ଗ ଓଡ଼ିଆ ଭ୍ରାତାଙ୍କଠାରୁ ଶୁଣିଅଛି, ପ୍ରଜାବନ୍ଧୁ ପ୍ରତି ସେମାନଙ୍କର ଆନ୍ତରିକ ସମ୍ମାନ ଅଛି । ମୋ କ୍ଷୁଦ୍ର ମତରେ ପ୍ରଜାବନ୍ଧୁର ଶରୀରଗଠନରେ ଯେଉଁ ଦୁଇଧାଡ଼ି ପଦ୍ୟ ଲେଖାଅଛି, ସମ୍ପାଦକ ମହାଶୟ ତାହା କାର୍ଯ୍ୟରେ ପରିଣତ କରିବା ପ୍ରତି ସର୍ବଦା ତତ୍ପର । ପ୍ରଜାବନ୍ଧୁ ଗଞ୍ଜାମରେ ଥିଲେହେଁ ତାହା ଉତ୍କଳବାସୀମାନଙ୍କର ସାଧାରଣ ସମ୍ପତ୍ତି ଓ ଓଡ଼ିଆଙ୍କ ଠେକ ରଖିବାକୁ ସର୍ବଦା ତତ୍ପର । ମୋର ଶେଷ ନିବେଦନ ଏହି—ହେଉ ସ୍ୱଦେଶର ଏହା ନିତ୍ୟ ଶ୍ରୀବର୍ଦ୍ଧନ,

ଜଗଦୀଶ କରନ୍ତୁ ଏ ବାସନା ସଫଳ ।"

ପୁରୀ ବ୍ରାହ୍ମଣସମିତିର ସଭାପତି ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର ମହୋଦୟ ଲେଖିଥିଲେ, "ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଉତ୍କଳର ଚିନ୍ତାଶୀଳ ବ୍ୟକ୍ତିମାନେ ଯେପରି ଖଣ୍ଡିଏ ଉତ୍କଳୀୟ ସମ୍ବାଦପତ୍ରର ଅଭାବ ଅନୁଭବ କରୁଥିଲେ, ସେ ଅଭାବ ବହୁ ପରି-

ମାନରେ 'ପ୍ରଜାବନ୍ଧୁ' ଦ୍ୱାରା ଅପସାରିତ ହୋଇଅଛି । ଏହି ଅଳ୍ପକାଳ ମଧ୍ୟରେ ପ୍ରଜାବନ୍ଧୁର ପରିଚାଳନା ସମଗ୍ର ଉତ୍କଳଭୂମି ପ୍ରଦେଶରେ ଜୀବନୀ ଶକ୍ତି ସଞ୍ଚାର କରିଥିବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଆହୁରି ଆନନ୍ଦର ବିଷୟ ଏହି ଯେ, ପ୍ରଜାବନ୍ଧୁ ପତ୍ରିକା ପାଇବା ନିମନ୍ତେ ଅନେକ ଗ୍ରାହକଙ୍କୁ ଉଦ୍‌ବିଗ୍ନ ହେବାର ଦେଖାଯାଇଅଛି । ଏପରିକି ପତ୍ରିକାପ୍ରାପ୍ତିର ନିର୍ଦ୍ଦିଷ୍ଟ ସମୟରୁ କିଞ୍ଚିତ୍ ବିଳମ୍ବ ହେଲେ ତାହାଠାରେ ପର୍ଯ୍ୟନ୍ତ ଲୋକ ଦଉଡ଼ିବାର ଦେଖାଯାଏ । ଅମ୍ଭେମାନେ ସାହସର ସହିତ କହିପାରୁଁ, ବର୍ତ୍ତମାନ ପର୍ଯ୍ୟନ୍ତ ଉତ୍କଳର କୌଣସି ସମ୍ବାଦପତ୍ର ସାଧାରଣ ପାଠକଙ୍କର ଏତେଦୂର ମନୋଯୋଗ ଆକର୍ଷଣ କରିପାରି ନ ଥିଲା । 'ପ୍ରଜାବନ୍ଧୁ' ନିଜ ନାମ ସାର୍ଥକ କରିଥିବାର ଉଦାହରଣ ଦେବା ଅନାବଶ୍ୟକ । ଯେଉଁମାନେ ମନୋଯୋଗ ସହିତ ଉକ୍ତ ପତ୍ରିକା ପାଠ କରିଅଛନ୍ତି, ସେମାନଙ୍କୁ ପତ୍ରିକାର କୃତିତ୍ୱ ଅବିଦିତ ନାହିଁ । ଅମ୍ଭେମାନେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ କି, ଏହି ପତ୍ରିକା ଦୀର୍ଘଜୀବନ ଲାଭ କରି ପ୍ରାକୃତିକ ଓଡ଼ିଶାର ଘରେ ଘରେ ସମାଦୃତ ହେଉ ।"

ପାରଳାଖେମୁଣ୍ଡିର ଦ୍ୱିତୀୟ ରାଜକୁମାର ପଦ୍ମନାଭ ନାରାୟଣ ଦେବ ଲେଖିଥିଲେ—ଆମ୍ଭେ ଅତୀବ ଆନନ୍ଦ-ସହକାରେ ପ୍ରକାଶ କରୁଅଛୁଁ ଯେ, 'ପ୍ରଜାବନ୍ଧୁ' ଉତ୍ତମରୂପେ ପରିଚାଳିତ ଖଣ୍ଡିଏ ସାପ୍ତାହିକ ପତ୍ର । ଏଥିରେ ସାଧାରଣ ଓ ସ୍ଥାନୀୟ ଅନେକ ଅନାବଶ୍ୟକ ବିଷୟର ଚର୍ଚ୍ଚା ହୁଏ । ଆମ୍ଭ ମତରେ 'ପ୍ରଜାବନ୍ଧୁ' ଓଡ଼ିଆଜାତିଙ୍କ ମନରେ ନୂତନ ତେଜର ଉଦ୍ରେକ କରିଅଛି ଏବଂ ଏହାଦ୍ୱାରା ଏହି ଗଞ୍ଜାମଜିଲ୍ଲାର ସାହିତ୍ୟ ଗତି ଓ ଅନ୍ୟାନ୍ୟ ସଚେତନତା ଅନେକ ପରିମାଣରେ ବୃଦ୍ଧିଲାଭ କରିଅଛି । ବର୍ତ୍ତମାନ ଏହା ଯେଉଁ ପନ୍ଥା ଅବଲମ୍ବନ କରି ଚାଲୁଅଛି, ଯେବେ ଭବିଷ୍ୟତରେ ସେହି ପନ୍ଥା ଅନୁସରଣ କରେ, ତାହାହେଲେ ଏହା ପ୍ରକୃତରେ ପ୍ରଜାବନ୍ଧୁ ନାମ ସାର୍ଥକ କରିବ—ଏଥିରେ ଆମ୍ଭର କିଛିମାତ୍ର ସନ୍ଦେହ ନାହିଁ । ଏ ପତ୍ରିକାଖଣ୍ଡ ଉପଯୁକ୍ତ ସିଦ୍ଧି ଲାଭ କରୁ, ଏହାହିଁ ଆମ୍ଭର କାମନା ।

ରମ୍ଭାଗ୍ରାମନିବାସୀ ବନ୍ଦ୍ୟୋପାଧ୍ୟାୟ ଯୁବକ ଶ୍ରୀଯୁକ୍ତ ଜୟକୃଷ୍ଣ ପଟ୍ଟନାୟକ 'ପ୍ରଜାବନ୍ଧୁ'ର ମ୍ୟାନେଜର ଥିଲେ । ସେ ବିଦ୍ୟାରତ୍ନଙ୍କ ଦକ୍ଷିଣହସ୍ତସ୍ୱରୂପ ହୋଇଥିଲେ । ଜୟକୃଷ୍ଣ ବାବୁ ମଧ୍ୟ ବିଦ୍ୟାରତ୍ନଙ୍କୁ ଗୁରୁ ପରି ଭକ୍ତି କରୁଥିଲେ । ଫଳତଃ ରମ୍ଭାଗ୍ରାମ ବିଦ୍ୟାରତ୍ନଙ୍କ ହେତୁ ବିଦ୍ୟାନଗରୀରେ ପରିଣତ ହୋଇଥିଲା । ଖଣ୍ଡରାଜ୍ୟ ରାଜା ହରିହର ମର୍ଦ୍ଦରାଜ ଦେବ ଜୟକୃଷ୍ଣ ବାବୁଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ତାଙ୍କୁ 'ଦ୍ୟାଉପଟ୍ଟନାୟକ' ଉପାଧି ପ୍ରଦାନ କରିଥିଲେ । ବିଦ୍ୟାରତ୍ନଙ୍କ ଗୁଣଗ୍ରାମ ଦ୍ୟାଉପଟ୍ଟନାୟକଙ୍କ ଉପରେ ସମ୍ପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରିଥିଲା । ସେହି ଦ୍ୟାଉପଟ୍ଟନାୟକ ଏବେ ଜରାଜୀର୍ଣ୍ଣାବସ୍ଥାରେ ଶିବଭକ୍ତିର ଶରଣାଗତ ହୋଇ ରହିଅଛନ୍ତି । ତାଙ୍କ ଭଳି କର୍ମଯୋଗୀ ବିରଳ ପରିଲକ୍ଷିତ ହୁଅନ୍ତି ।

'ପ୍ରଜାବନ୍ଧୁ' ସ୍ୱୀୟ ଗୁଣଗୌରବରେ ଉତ୍କଳ-ବାସୀଙ୍କ ନିକଟରେ ସମ୍ମାନିତ ଓ ସମାଦୃତ ହୋଇ ଛଅ ବର୍ଷକାଳ ନିର୍ବିଘ୍ନରେ ପ୍ରକାଶିତ ହେଲା । ଏହି ସମୟରେ ଖଲ୍ଲିକୋଟ ରାଜ୍ୟ ଋଣଗ୍ରସ୍ତ ହେବାରୁ କୋର୍ଟୱାର୍ଡ ପରିଚାଳନାଧୀନ ହେଲା । 'ପ୍ରଜାବନ୍ଧୁ' ପ୍ରକାଶ ଦ୍ୱାରା ଇଷ୍ଟେଟର କୌଣସି ଆର୍ଥିକ ଲାଭ ହେଉ ନ ଥିଲା ବରଂ ଇଷ୍ଟେଟର ଲୋକସାନ ହେଉଥିଲା । ଇଷ୍ଟେଟ ମ୍ୟାନେଜର ବାଧ୍ୟହୋଇ ପତ୍ରିକାପ୍ରକାଶ ବନ୍ଦ କରିଦେଲେ । ନୀଳମଣି ଉପାୟାନ୍ତର ନ ଦେଖି ବ୍ରହ୍ମପୁର ଚାଲିଗଲେ । ସେଠାରେ ପରଶୁରାମ ପାତ୍ର ବି. ଏଲ୍‌ଙ୍କ ଅର୍ଥସାହାଯ୍ୟରେ କିଛିଦିନ କଟାଇଲେ । ଏହି ସମୟରେ ସେ ଭୟଙ୍କର ବ୍ରଣପୀଡ଼ାରେ ପୀଡ଼ିତ ହେଲେ । ଏହି ସଙ୍କଟ ସମୟରେ ବାମଣ୍ଡା, ଧରାକୋଟ, ଲାଞ୍ଜିଗଡ଼ର ରାଜାମାନେ ଓ ଓଡ଼ିଶାର କେତେକ ବିଶିଷ୍ଟ ଭଦ୍ରବ୍ୟକ୍ତି କିଛି କିଛି ଅର୍ଥସାହାଯ୍ୟ କରି ତାଙ୍କର ଉପକାର ସାଧନ କରିଥିଲେ । ସୁସ୍ଥ ହେଲା ପରେ ବଡ଼ଖେମୁଣ୍ଡି ଯାଇ ରାଜାସାହେବଙ୍କୁ ସାକ୍ଷାତ୍ କଲେ । ରାଜା ତାଙ୍କୁ 'ଗଞ୍ଜାମଗୁଣଦର୍ପଣ' ପତ୍ରିକାର ସମ୍ପାଦକ ପଦରେ ନିଯୁକ୍ତ କଲେ । ବିଦ୍ୟାରତ୍ନେ ସେଠାରେ ସଭାସମିତି ସ୍ଥାପନ କରି ତହିଁରେ ପ୍ରବନ୍ଧପାଠ ଓ ବକ୍ତୃତା କରିବା ପାଇଁ ସ୍ଥାନୀୟ ଶିକ୍ଷିତ ବ୍ୟକ୍ତିମାନଙ୍କୁ ଉତ୍ସାହିତ

କରିଥିଲେ । ଯେଉଁମାନେ ସାମାନ୍ୟ ସାମାନ୍ୟ କାରଣ-ବଶତଃ ରାଜଦରବାରରେ ପ୍ରବେଶ ନିମନ୍ତେ ମନା ହୋଇଥିଲେ, ବିଦ୍ୟାରତ୍ନେ ସମୟସୁବିଧାକ୍ରମେ ରାଜାଙ୍କୁ ଜଣାଇ ସେମାନଙ୍କୁ ପ୍ରବେଶାଧିକାର ଦିଆଇ-ଥିଲେ । କେହି ଗୁଣବାନ୍ ପଣ୍ଡିତ ଆସିଲେ ରାଜା ମହୋଦୟ ବିଦ୍ୟାରତ୍ନଙ୍କ ପରାମର୍ଶାନୁସାରେ ତାଙ୍କୁ ଉଚିତ ସମ୍ମାନ ଓ ପୁରସ୍କାର ପ୍ରଦାନ କରୁଥିଲେ । ବିଦ୍ୟାରତ୍ନେ କତିପୟ ପଣ୍ଡିତଙ୍କୁ ନେଇ ଗୋଟିଏ ସଭାରେ ବଡ଼ଖେମୁଣ୍ଡିରାଜା କୃପାମୟଦେବଙ୍କୁ 'ପ୍ରଜାର-ବିନୋଦ' ନାମରେ ଗୋଟିଏ ଉପାଧି ପ୍ରଦାନ କରିଥିଲେ ।

ନୀଳମଣି ବଡ଼ଖେମୁଣ୍ଡିରେ ମଧ୍ୟ ତାଙ୍କର ସେହି ଦେଶମିଶ୍ରଣ ଆନ୍ଦୋଳନ ସମ୍ପର୍କରେ ନାନା ପ୍ରବନ୍ଧ 'ଗଞ୍ଜାମଗୁଣଦର୍ପଣ'ରେ ପ୍ରକାଶ କରୁଥିଲେ । ଏଥିରେ ଅନେକ ତେଲିଙ୍ଗୀୟ ଲୋକ ତାଙ୍କୁ ନାନାପ୍ରକାର ଭୟ ପ୍ରଦର୍ଶନ କଲେ; ମାତ୍ର ସେ ବୀରହୃଦୟରେ ସ୍ୱୀୟ କର୍ତ୍ତବ୍ୟସାଧନରେ ଅଗ୍ରସର ହେଉଥିଲେ । କର୍ମୀ ଲୋକ ସର୍ବଦା କର୍ମ କରିବାର ପ୍ରଶସ୍ତ କ୍ଷେତ୍ର ଦେଖି-ପାରନ୍ତି । ବିଦ୍ୟାରତ୍ନେ କେବଳ ପତ୍ରିକା ପରିଚାଳନରେ ବ୍ୟାପୃତ ନ ଥାଇ ରାଜ୍ୟର ବିବିଧ ଉନ୍ନତି ବିଧାନରେ ରାଜାଙ୍କୁ ପ୍ରୋତ୍ସାହିତ କରିବାକୁ ଲାଗିଲେ । ତାଙ୍କର ଚେଷ୍ଟାରେ ବଡ଼ଖେମୁଣ୍ଡିର ଉ: ପ୍ରା: ସ୍କୁଲ ସେକେଣ୍ଡାରୀ ସ୍କୁଲରେ ପରିଣତ ହୋଇଅଛି ଓ ସେଠାରେ ଗୋଟିଏ ବାଳିକାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି । ବିଦ୍ୟାରତ୍ନଙ୍କ ପ୍ରବର୍ତ୍ତନାରେ ରାଜା ମହୋଦୟ ବ୍ରହ୍ମପୁର କଲେଜସଂଲଗ୍ନ ଓଡ଼ିଆ ଛାତ୍ରାବାସ ନିର୍ମାଣ ନିମନ୍ତେ ସାତହଜାର ଟଙ୍କା ଦାନ କରିଥିଲେ । ରାଜ୍ୟର ଦରିଦ୍ର ଛାତ୍ରମାନଙ୍କୁ ରାଜକୋଷରୁ ସାହାଯ୍ୟ ଦେଇ ଭିନ୍ନ ଭିନ୍ନ ସ୍କୁଲରେ ପଢ଼ାଉଥିଲେ । ବଡ଼ଖେମୁଣ୍ଡିର ଟାଉନହଲ ଓ ତତ୍ରତ୍ୟ ଲକ୍ଷ୍ମୀନାରାୟଣ ଲାଇବ୍ରେରୀ ବିଦ୍ୟାରତ୍ନଙ୍କ ଚେଷ୍ଟାର ଅନ୍ୟତମ ନିଦର୍ଶନ । 'ଦେଶୋନ୍ନତିଦାୟିନୀ ସମିତି' ଓ 'ଯୁବକସମିତି' ନାମକ ଦୁଇଗୋଟି ସମିତି ସେଠାରେ ପ୍ରତିଷ୍ଠିତ କରି ସେଗୁଡ଼ିକର ନିୟମିତ ଅଧିବେଶନରେ ରାଜ୍ୟର ତଥା ଯୁବକ ସମ୍ପ୍ରଦାୟର ସର୍ବବିଧ ଉନ୍ନତି ପାଇଁ ଚେଷ୍ଟା କରୁଥିଲେ । ରାଜାଙ୍କ ଜମି-ଦାରୀ ସେରସ୍ତାରେ ଓଡ଼ିଆ ଅଙ୍କ ପରିବର୍ତ୍ତେ ଇଂରେଜୀ ଅଙ୍କ ପ୍ରଚଳନ ଥିଲା ଏବଂ ରାଜକର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ ତେଲିଙ୍ଗୀୟ ଥିଲେ । ସେ ରାଜା ମହୋଦୟଙ୍କୁ ଏଥିର ଅସୁବିଧାମାନ ଦର୍ଶାଇ କ୍ରମେ ସେଠାରୁ ଏହି ଉଭୟ ପ୍ରଥାର ଉଚ୍ଛେଦସାଧନ କରିଥିଲେ । ତାଙ୍କର ଚେଷ୍ଟାରେ ରାଜାମହୋଦୟ ଓଡ଼ିଶାର ପ୍ରଧାନ ପ୍ରଧାନ ସାହିତ୍ୟିକଙ୍କୁ ନିମନ୍ତ୍ରଣ କରିନେଇ ସ୍ୱୋଚିତ ସମ୍ମାନ ପ୍ରଦାନ କରିଅଛନ୍ତି ।

ରାଜାଙ୍କର ପଟ୍ଟକୁମାରଙ୍କ ଜନ୍ମୋତ୍ସବକୁ ଦୁଇ ତିନିଗୋଟି ବିରାଟ ସଭା କରାଇ ତହିଁରେ ରାଜ୍ୟର ଅନେକ ଯୋଗ୍ୟ ବ୍ୟକ୍ତିଙ୍କୁ ପଦ ଓ ପୁରସ୍କାର ପ୍ରଦାନ କରାଇଥିଲେ । ସୁରଙ୍ଗୀ ଓ ବଡ଼ଖେମୁଣ୍ଡି ମଧ୍ୟରେ ରାଜ୍ୟର ସନ୍ଧିସୀମାନ୍ତ ବିଷୟରେ ପୂର୍ବରୁ ମନୋମାଳିନ୍ୟ ଥିଲା । ବିଦ୍ୟାରତ୍ନେ ସୁରଙ୍ଗୀ ନରପତିଙ୍କ ଗୁଣାବଳୀ ବର୍ଣ୍ଣନ-ପୂର୍ବକ 'କୀର୍ତ୍ତି-କୁସୁମମାଳା' ନାମରେ ଖଣ୍ଡିଏ କବିତା ପୁସ୍ତକ ଛପା କରାଇ ସୁରଙ୍ଗୀ ଯୁବରାଜଙ୍କ ନାମରେ ଉପହାର ଦେଇଥିଲେ । ବିଦ୍ୟାରତ୍ନେ ସେହି ପୁସ୍ତକ ନେଇ ସୁରଙ୍ଗୀ ନରପତିଙ୍କୁ ପ୍ରଦାନପୂର୍ବକ ସମୁଚିତ ପୁରସ୍କୃତ ହୋଇଥିଲେ ଏବଂ ଉଭୟ ନରପତିଙ୍କ ମଧ୍ୟରେ ସ୍ନେହସମ୍ବନ୍ଧର ସୂତ୍ରପାତ କରିଥିଲେ । ବଡ଼-ଖେମୁଣ୍ଡି ରାଜାଙ୍କୁ ପ୍ରୋତ୍ସାହିତ କରି ତାଙ୍କ ପଟ୍ଟକୁମାରଙ୍କ କର୍ଣ୍ଣବେଧ ଉତ୍ସବକୁ ନିମନ୍ତ୍ରଣ ଦେବାର ପ୍ରେରଣର ବ୍ୟବସ୍ଥା ହେବାରୁ ଶ୍ରୀମାନ୍ ସୁରଙ୍ଗୀ ନରପତି ଯଥୋଚିତ ବିଧିରେ ଉତ୍ସବକୁ ପ୍ରତିନିଧି ଓ ଭେଟିର ପଠାଇ ଉଭୟେ ପରମ ବନ୍ଧୁସୂତ୍ରରେ ଆବଦ୍ଧ ହୋଇଥିଲେ । ଉଭୟ ରାଜା ପରସ୍ପର ରାଜଧାନୀକୁ ଗମନାଗମନ କରୁଥିଲେ ।

ଗତ ଜର୍ମାନୀ ଯୁଦ୍ଧ ସମୟରେ ବିଦ୍ୟାରତ୍ନେ ବଡ଼ଖେମୁଣ୍ଡି ନରପତିଙ୍କୁ ଜଣାଇ ସ୍ୱୟଂ ଏବଂ ରାଜା ପ୍ରୟୋଜନ ହେଲେ ଇଂରେଜ ରାଜାଙ୍କ ସପକ୍ଷରେ ଯୁଦ୍ଧରେ ଯୋଗ ଦେବା ସଙ୍କଳ୍ପ ସ୍ପଷ୍ଟ ଜଣାଇ ଅନୁମତି ପ୍ରାର୍ଥନା କରିବାରୁ ଭାରତର ମାନନୀୟ ଗଭର୍ଣ୍ଣର ଜେନେରେଲ୍ ମହୋଦୟ ସେମାନଙ୍କ ସ୍ନେହ-

ସହାନୁଭୂତିକୁ ଧନ୍ୟବାଦ ପ୍ରଦାନ କରି ପତ୍ର ଲେଖି-ଥିଲେ । ରାଜା ମହୋଦୟ ବିଦ୍ୟାରତ୍ନଙ୍କ ଯୋଗୁଁ ଏହି ଗୌରବ ଲାଭରେ ପରିତୁଷ୍ଟ ହୋଇ ସନ୍ତୋଷର ନିଦର୍ଶନରୂପେ ତାଙ୍କୁ ଭରଣ ଭୂମି ପ୍ରଦାନ କରିଥିଲେ । ରାଜାମହୋଦୟ ବିଦ୍ୟାରତ୍ନଙ୍କ ପ୍ରତି ସତତ ସୁପ୍ରସନ୍ନ ଥାଇ ଯେତେବେଳେ ଯାହା ଆବଶ୍ୟକ, ତାହା ପ୍ରଦାନ କରୁଥିଲେ ।

ସ୍ୱର୍ଗୀ ମହାରାଜାଙ୍କ ପୋଷ୍ୟପୁତ୍ର ଗ୍ରହଣ ସମ୍ପର୍କରେ ଯେତେବେଳେ ବାମଣ୍ଡା ସଙ୍ଗେ ବଡ଼ଖେମୁଣ୍ଡିର ମନୋମାଳିନ୍ୟ ଉପସ୍ଥିତ ହେଲା, ସେତେବେଳେ କୌଣସି କୌଣସି ପରଚ୍ଛିଦ୍ରାନ୍ୱେଷୀ ଲୋକ ରାଜାଙ୍କ ମନରେ ଏହି ଭାବ ଜନ୍ମାଇଦେଲେ ଯେ, ବିଦ୍ୟାରତ୍ନ ବହୁକାଳ ବାମଣ୍ଡାରେ ଥିଲେ, ତେଣୁ ଏ ସ୍ଥାନର ଯାବତୀୟ ବିଷୟ ଗୋପନରେ ବାମଣ୍ଡାକୁ ଜଣାଉଅଛନ୍ତି । ଏଥିରେ ରାଜା ମହୋଦୟ ବିଦ୍ୟାରତ୍ନଙ୍କୁ ଟିକିଏ ଭିନ୍ନ ଦୃଷ୍ଟିରେ ଦେଖିଲେ । ସ୍ୱାଧୀନଚେତା ବିଦ୍ୟାରତ୍ନ ଏହା ଜାଣିପାରି ବଡ଼ଖେମୁଣ୍ଡି ତ୍ୟାଗ କରି ବ୍ରହ୍ମପୁର ଚାଲିଗଲେ ।

ବଡ଼ଖେମୁଣ୍ଡି ଅବସ୍ଥାନ ସମୟରେ ଶ୍ରୀ କପିଳ ଦୋରା ନାମକ ଜଣେ ଉତ୍ସାହୀ ଯୁବକ ବିଦ୍ୟାରତ୍ନଙ୍କର ବିଶେଷ ଅନୁଗତ ଥିଲେ । ତାଙ୍କର ସଙ୍ଗୀତଗାନରେ ପାରଦର୍ଶିତା ଦେଖି ବିଦ୍ୟାରତ୍ନେ ରାଜାଙ୍କୁ ଜଣାଇ ତାହାଙ୍କୁ ଗାୟକରତ୍ନ ଉପାଧି ପ୍ରଦାନ କରାଇଥିଲେ । ବିଦ୍ୟାରତ୍ନଙ୍କ ମୃତ୍ୟୁପର୍ଯ୍ୟନ୍ତ ଗାୟକରତ୍ନ ତାଙ୍କ ସଙ୍ଗରେ ରହି ସହକର୍ମୀ ରୂପେ କାର୍ଯ୍ୟ କରୁଥିଲେ ।

ବିଦ୍ୟାରତ୍ନେ ବ୍ରହ୍ମପୁରରୁ ଧରାକୋଟ ଗଲେ । ସେଠାରେ ଧରାକୋଟାଧୀଶ୍ୱର ମଦନମୋହନ ସିଂହ-ଦେବ ମହୋଦୟଙ୍କୁ ନିଜର ଦୁରବସ୍ଥା ବିଷୟ ଜଣାଇବାରୁ ସେ ଗୋଟିଏ ପ୍ରେସ ଆଣାଇ ତାହିଁରେ ରଖିବାର ଇଚ୍ଛା ପ୍ରକାଶ କରି ଏହିସବୁ ବନ୍ଦୋବସ୍ତ ହେବା ପର୍ଯ୍ୟନ୍ତ ତାଙ୍କର ବ୍ରହ୍ମପୁରସ୍ଥିତ ବଙ୍ଗଳାରେ ରହିବାକୁ ନିଶ୍ଚୟ କରି ମାସିକ ପଚାଶ ଟଙ୍କା ସାହାଯ୍ୟ ଦାନ କରିବାକୁ ଅଙ୍ଗୀକାର କଲେ । ବିଦ୍ୟାରତ୍ନ ଆଶ୍ୱସ୍ତ ହୋଇ ବ୍ରହ୍ମପୁର ପ୍ରତ୍ୟାଗମନ କଲେ । ସେ ଧରାକୋଟ ବଙ୍ଗଳାରେ ଅବସ୍ଥାନ କରି ନିଜର ଉପସ୍ଥିତ ବିପଦ ବିଷୟ ଖଲ୍ଲିକୋଟର ବର୍ତ୍ତମାନ ନରପତିଙ୍କୁ ଜଣାଇଲେ । ସେ କିଛି ଅର୍ଥସାହାଯ୍ୟ ପଠାଇଦେଲେ । ଏହିପରି ଭାବରେ ଛଅମାସ ଅତୀତ ହେଲା, ଧରାକୋଟରେ ପ୍ରେସ ସ୍ଥାପନର କୌଣସି ସୂଚନା ଜଣାଗଲା ନାହିଁ । ସେ କର୍ମଶୂନ୍ୟ ଭାବରେ କାଳଯାପନ କରୁଥିବା ସମୟରେ ୧୯୨୨ ମସିହା ନଭେମ୍ବରରେ 'ଉତ୍କଳ-ଦୀପିକା'ର ସମ୍ପାଦକରୂପେ ନିଯୁକ୍ତ ହୋଇ କଟକ ଗମନ କଲେ । ଉତ୍କଳ-ଦୀପିକାର ସମ୍ପାଦକତ୍ୱ ତାଙ୍କ ଜୀବନର ଶେଷକାର୍ଯ୍ୟ । ସେ ଦାୟିତ୍ୱର ଗ୍ରହଣ କରିବାବେଳେ 'ଉତ୍କଳଦୀପିକା'ର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ଥିଲା । ଯେଉଁ ନୀଳମଣି ବୀରଦର୍ପରେ 'ସମ୍ବଲପୁର ହିତୈଷିଣୀ', 'ପ୍ରଜାବନ୍ଧୁ' ଓ 'ସୁଷ୍ଟ ଦର୍ପଣ' ପରିଚାଳନା କରି ଉତ୍କଳରେ ନବଯୁଗର ଜାଗରଣ ଆଣିଥିଲେ, ଯାହାଙ୍କର ବଜ୍ରଦୃପ୍ତ ଲେଖନୀ ପ୍ରଭାବରେ କେତେ ରାଜା, ପ୍ରଜା, ଜମିଦାର, ଧନୀ, କର୍ମୀ ସୁପଥରେ ପରିଚାଳିତ ହେବାକୁ ବାଧ୍ୟ ହୋଇଥିଲେ ଏବଂ ଯାହାଙ୍କ ଦ୍ୱାରା ଉତ୍କଳର ରାଜନୀତିକ ଆକାଶରୁ ବହୁବିଧ ଅସାମୟିକ ଘନଘଟା ତିରୋହିତ ହୋଇଥିଲା; ଉତ୍କଳଦୀପିକାର ସମ୍ପାଦକରୂପେ ସେହି ନୀଳମଣି ନିୟୋଜିତ ହୋଇ ନ ଥିଲେ ଯେ, ନିଯୁକ୍ତ ହୋଇଥିଲେ ସେ ଛାୟାମୟ ନୀଳମଣି । ପ୍ରତିଭା ଓ ଶକ୍ତି ସ୍ୱତନ୍ତ୍ର ବସ୍ତୁ । ଯଥାକାଳରେ ତାହା ମନୁଷ୍ୟକୁ ତ୍ୟାଗ କଲେ ମନୁଷ୍ୟ ପ୍ରତିବିମ୍ବରେ ପର୍ଯ୍ୟବସିତ ହୋଇଥାଏ । କେବଳ ନୀଳମଣି କାହିଁକି, ଅନେକ ପ୍ରତିଭାଶାଳୀ ଲୋକଙ୍କ ଜୀବନରେ ଏହା ପ୍ରମାଣିତ ହୋଇଅଛି । ସେ ଯାହା ହେଉ, ପ୍ରିଣ୍ଟିଙ୍ଗ୍ କୋମ୍ପାନୀର ପରିଚାଳକମାନେ ତାଙ୍କ ସ୍ୱାଧୀନ ମତ ପ୍ରକାଶରେ ବାଧା ଦେବାରୁ ସେ ୧୯୨୩ ମସିହା ମାର୍ଚ୍ଚରେ 'ଉତ୍କଳଦୀପିକା'ର ସମ୍ପାଦକ କାର୍ଯ୍ୟ ତ୍ୟାଗ କଲେ । ସେ କଟକରେ ଅବସ୍ଥାନପୂର୍ବକ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ସାହାଯ୍ୟରେ 'ଉତ୍କଳମଧୁପ' ଖଣ୍ଡି ପ୍ରକାଶ କଲେ । କେତେକ ଦିନ ପରେ ତାଙ୍କର ସ୍ୱାସ୍ଥ୍ୟଭଙ୍ଗ ହେଲା । ସେ ଅଗ୍ନିମାନ୍ଦ୍ୟ ଓ କୋଷ୍ଠକାଠିନ୍ୟ ରୋଗରେ ବିଶେଷ କଷ୍ଟ ଭୋଗକଲେ । ସେ ପ୍ରାୟ

ଛଅମାସକାଳ ଶଯ୍ୟାଶାୟୀ ହୋଇ ରହିଲେ । ତାଙ୍କର କଟକବାସୀ ବନ୍ଧୁମାନେ ଏହି ପୀଡ଼ିତାବସ୍ଥାରେ ତାଙ୍କୁ ନାନାପ୍ରକାରରେ ସାହାଯ୍ୟ କରିଅଛନ୍ତି । ବିଶେଷତଃ କଟକର ସ୍ୱନାମଧନ୍ୟ କବିରାଜ ଶ୍ରୀଯୁକ୍ତ ବାଲୁକେଶ୍ୱର ଆଚାର୍ଯ୍ୟ ଭିଷକରତ୍ନ ମହୋଦୟ ତାଙ୍କ ସୁଚିକିତ୍ସା, ପରୋପକାରିତା ଓ ସଦୟ ନିର୍ଲୋଭ ବ୍ୟବହାର ଦ୍ୱାରା ଖ୍ୟାତ ହୋଇ ତାଙ୍କୁ ବହୁଦିନ ପର୍ଯ୍ୟନ୍ତ ଯତ୍ନ-ସହକାରେ ଚିକିତ୍ସିତ କରିଅଛନ୍ତି । ତାଙ୍କ ଚିକିତ୍ସା ଦ୍ୱାରା ମୃତ୍ୟୁର ପ୍ରାୟ ୧୫ ଦିନ ପୂର୍ବରୁ କୋଷ୍ଠକାଠିନ୍ୟ ଦୂର ହୋଇଥିଲା ଏବଂ ଶରୀର ଅନେକାଂଶରେ ସୁସ୍ଥ ହୋଇ ଆସିଥିଲା । ଯେତେବେଳେ ତାଙ୍କର ମୃତ୍ୟୁ-ଦିବସ ଅତି ସମୀପବର୍ତ୍ତୀ, ସେତେବେଳେ ସେ ଘଣ୍ଟାକ ପାଇଁ ସୁଦ୍ଧା ଶଯ୍ୟାରେ ପଡ଼ି ନ ରହି ବନ୍ଧୁମାନଙ୍କ ସହିତ ନାନା ବିଷୟରେ କଥାବାର୍ତ୍ତା କରୁଥିଲେ । ନୀଳମଣି ୧୯୨୩ ମସିହା ଜୁଲାଇ ୨୬ ତାରିଖ ରାତି ୧୨ଟା ବେଳେ ନଶ୍ୱର ଦେହ ପରିତ୍ୟାଗ କରି ଅନାମୟ ଅମରଧାମକୁ ପ୍ରସ୍ଥାନ କଲେ । କାଠଯୋଡ଼ୀ-ତୀରବର୍ତ୍ତୀ ସତୀଚଉରାର ଯେଉଁ ସ୍ଥାନରେ ରାଧାନାଥ, ମଧୁସୂଦନ ଓ ମୃତ୍ୟୁଞ୍ଜୟ ଆଦିଙ୍କର ନଶ୍ୱର ଦେହ ଭସ୍ମାବଶେଷରେ ପରିଣତ ହୋଇଥିଲା, ବିଦ୍ୟାରତ୍ନଙ୍କର ମୃତକଳେବର ସେହିଠାରେ ଭସ୍ମୀଭୂତ ହେଲା । ବିଦ୍ୟା-ରତ୍ନଙ୍କର ପରମ ହିତୈଷୀ କଟକ ଟ୍ରେନିଂ ସ୍କୁଲର ପ୍ରଧାନାଧ୍ୟାପକ ଦାଶରଥି ପାଣିଗ୍ରାହୀ ତାଙ୍କ ଗୃହାବାସରେ ବାସ କରୁଥିବା ବ୍ରାହ୍ମଣସନ୍ତାନମାନଙ୍କ ସହିତ ନୀଳମଣିଙ୍କ ଶବସଂସ୍କାର କାର୍ଯ୍ୟରେ ପ୍ରବୃତ୍ତ ଉତ୍ସାହ ଓ ସହାନୁଭୂତି ପ୍ରଦର୍ଶନପୂର୍ବକ ସ୍ୱର୍ଗଗତ ଆତ୍ମା ଓ ତାଙ୍କ ପରିବାର-ବର୍ଗଙ୍କର କୃତଜ୍ଞତାର ପାତ୍ର ହୋଇଥିଲେ ।

ମଧୁମକ୍ଷିକା ନାନା ପୁଷ୍ପରୁ ମଧୁ ସଂଗ୍ରହପୂର୍ବକ ଯେପରି ମଧୁଚକ୍ର ନିର୍ମାଣ କରିଥାଏ, ନୀଳମଣି ସେହିପରି ନାନା ପୁସ୍ତକ ଓ ପତ୍ରିକାରୁ ସାର ସଂଗ୍ରହ କରି 'ଉତ୍କଳମଧୁପ' ପତ୍ରିକା ପ୍ରକାଶ କରୁଥିଲେ । ଏହା ସର୍ବପ୍ରଥମେ ବାମଣ୍ଡା ଦେବଗଡ଼ରୁ ପ୍ରକାଶିତ ହେଲା । ସ୍ଥାନପରିବର୍ତ୍ତନ ଓ ଗ୍ରାହକମାନଙ୍କ ଅବହେଳା ପ୍ରଭୃତି କାରଣରୁ ଏହା ୧୦।୧୧ ବର୍ଷମାତ୍ର ପ୍ରକାଶିତ ହୋଇଥିଲା । ତାହା ଦେବଗଡ଼, ରମ୍ଭା, ବଡ଼ଖେମୁଣ୍ଡି ଓ କଟକରେ କିଛିଦିନ ଲେଖାଏ ବାହାରିଥିଲା । ବିଦ୍ୟାରତ୍ନେ ତହିଁର ପ୍ରଚାର ଓ ଉନ୍ନତି ସକାଶେ ନାନା ଯତ୍ନ କରୁଥିଲେ । ଏହି ପତ୍ରିକା ସମ୍ବନ୍ଧରେ ରାଧାନାଥ କହିଥିଲେ—"ଜ୍ଞାନର ପେଡ଼ା ସଭିଙ୍କୁ ଲୋଡ଼ା, ସଭିଏଁ ପାଇବେ ଥୋଡ଼ା ଥୋଡ଼ା ।"

ନୀଳମଣି ଓଡ଼ିଆ, ବଙ୍ଗଳା, ହିନ୍ଦୀ ଆଦି ଭାଷାରେ ସୁନିପୁଣ ଥିଲେ । ସେ ଯେକୌଣସି ଭାଷାର ପୁସ୍ତକ ପତ୍ରିକା ପାଇଲେ ତାହା ଆମୂଳାନ୍ତ ପାଠକରି ତହିଁରୁ ବିବିଧ ତତ୍ତ୍ୱ ସଂଗ୍ରହ କରି ଲେଖି ରଖୁଥିଲେ । ତାହା ସମୟକ୍ରମେ ଉତ୍କଳମଧୁପରେ ପ୍ରକାଶ କରୁଥିଲେ । ତାଙ୍କ ପରି ସୁଲେଖକ ଉତ୍କଳରେ ଖୁବ୍ ଅଳ୍ପ ଅଛନ୍ତି । ବିଷୟ ଯେତେ କଠିନ ଓ ଦୁର୍ବୋଧ ହୋଇଥିଲେ ସୁଦ୍ଧା ନୀଳମଣି ତାହାକୁ ସରଳ ସୁବୋଧ ଭାଷାରେ ଲେଖି-ପାରୁଥିଲେ । ତାହାଙ୍କର ଲେଖନୀ ଗିରି-ନିର୍ଝର ବା ସରିତ୍ପ୍ରବାହ ସଦୃଶ ଲେଖିଲାବେଳେ ଅଗ୍ରସର ହେଉ-ଥାଏ । ସେ ଅତି ସରଳ ଗ୍ରାମ୍ୟଭାବକୁ ଉଚ୍ଚ ସାଧୁ-ଭାଷାରେ ବ୍ୟକ୍ତ କରିବା ବିଷୟରେ ସୁନିପୁଣ ଥିଲେ । ସେ କୌଣସିଠାରେ କୌଣସି ଲୋକହିତକର ବିଷୟ ଦେଖିଲେ ତାହା ଲେଖି ପୁସ୍ତକାକାରରେ ପ୍ରଚାର କରୁଥିଲେ । ବିଦ୍ୟାରତ୍ନେ ଜଣେ ଅସାଧାରଣ ଉଦ୍ୟୋଗୀ ପୁରୁଷ । ସେ କୌଣସି କାର୍ଯ୍ୟରେ ହସ୍ତକ୍ଷେପ କଲେ ତାହା ଶେଷ ନ ହେବା ପର୍ଯ୍ୟନ୍ତ ପରିତ୍ୟାଗ କରୁ ନ ଥିଲେ । ସେ ଆରବ୍ଧ କାର୍ଯ୍ୟରେ କୌଣସି ପ୍ରତିବନ୍ଧକ ଘଟିବା ଆଶଙ୍କାରେ କଦାପି ବିଚଳିତ ହେଉ ନ ଥିଲେ । ଦୈବ ପ୍ରତି ନିର୍ଭର କରି ବସିବାର କାପୁରୁଷ ଲକ୍ଷଣ ତାଙ୍କଠାରେ ନ ଥିଲା । ସେ ପୁରୁଷସିଂହ ସଦୃଶ ସର୍ବଦା ଉଦ୍ୟୋଗଶାଳୀ ଥିଲେ । ସେ ଅଭାବଗ୍ରସ୍ତ ହେଲେହେଁ ସର୍ବଦା ଅଧ୍ୟବସାୟୀ ଓ ସାହସସମ୍ପନ୍ନ । ଯେକୌଣସି କାର୍ଯ୍ୟ ଆରମ୍ଭ କଲେ—"କାର୍ଯ୍ୟଂ ବା ସାଧୟେତ୍ ଶରୀରଂ ବା ପାତୟେତ୍" ନୀତି ସ୍ମରଣ କରି କେବେହେଁ ତହିଁରୁ ପଶ୍ଚାତ୍ପଦ ହେଉ ନ ଥିଲେ । ସେ ଅଭାବ ପୀଡ଼ାରେ ପୀଡ଼ିତ ଓ ଚରମଦଶାରେ ପଦାର୍ପଣ କରିଥିଲେ ସୁଦ୍ଧା ତାଙ୍କର କାର୍ଯ୍ୟାନୁରାଗ ଓ ଉତ୍ସାହ

ଜ୍ୱଳଦଗ୍ନି ତୁଲ୍ୟ ଦେଦୀପ୍ୟମାନ ଥିଲା । କୌଣସି ଅଭିଳଷିତ ପଦାର୍ଥ ପ୍ରାପ୍ତ ହେବାକୁ ବାଳକମାନେ ଉତ୍କଣ୍ଠାକୁଳ ହେଲା ପରି ବିଦ୍ୟାରତ୍ନ ଯେକୌଣସି ଦେଶ ବା ଲୋକହିତକର କାର୍ଯ୍ୟର ଫଳଲାଭ ନିମିତ୍ତ ବ୍ୟାକୁଳ ହେଉଥିଲେ । ସେ ବୃଦ୍ଧ ହେଲେହେଁ କାର୍ଯ୍ୟ ସମୟରେ ଯୁବକ ସଦୃଶ ପ୍ରଶାସ୍ୟମାନ ହେଉଥିଲେ । ସେ କୌଣସି କାର୍ଯ୍ୟସାଧନ ନିମନ୍ତେ ନିଜେ ଉଦ୍‌ଯୋଗୀ ହୋଇ ତାଙ୍କର ବନ୍ଧୁମାନଙ୍କୁ ସେହି କାର୍ଯ୍ୟକ୍ଷେତ୍ରକୁ ଟାଣିନେଉଥିଲେ । ତାଙ୍କର ସ୍ୱତେଜ ଓ ଦୃଢ଼ପ୍ରତିଜ୍ଞମତି ଏ କାଳରେ ଦୁର୍ଲ୍ଲଭ ।

ସେ ସଂସ୍କାରପ୍ରିୟ ଥିଲେ ସତ୍ୟ; ମାତ୍ର ଉଗ୍ର ସଂସ୍କାରକ ନ ଥିଲେ ; ଦେଶକାଳ ବିବେଚନା କରି ପ୍ରାଚୀନ ପ୍ରଥା ଅନୁସରଣପୂର୍ବକ ଧୀରେ ଧୀରେ ସଂସ୍କାର କରିବାକୁ ଚେଷ୍ଟିତ ଥିଲେ । ଅବରୋଧ ପ୍ରଥା, ଦ୍ୱାଦଶ ବର୍ଷ ପର୍ଯ୍ୟନ୍ତ କନ୍ୟାକୁ ବିବାହ ନ ଦେବା, ବହୁ ବିବାହ, ବୃଦ୍ଧବିବାହ, କନ୍ୟା ଶୁଳ୍କ ଗ୍ରହଣ କରିବା, ବାଳବିଧବାକୁ ନିର୍ଜଳ ଏକାଦଶୀ କରାଇ ନ ଦେବା ଇତ୍ୟାଦି କାର୍ଯ୍ୟମାନ ତାଙ୍କ ସଂସ୍କାରପ୍ରିୟତାର ଉତ୍ତମ ଉଦାହରଣ । ମଦ୍ୟ, ଅହିଫେନ, ତମାଖୁର ବ୍ୟବହାର ଓ ସମୁଦ୍ରଯାତ୍ରା କଲେ ଜାତି ଯିବା ଭୟ ଇତ୍ୟାଦି ବିଷୟରେ ସେ ପ୍ରମାଣ ସହିତ ପୁସ୍ତକମାନ ପ୍ରକାଶ କରିଥିଲେ ।

ନୀଳମଣି ରାଜା, ଜମିଦାର ଅଥବା ବିଭବଶାଳୀ ନ ଥିଲେ, ଅଥଚ ସେହିମାନଙ୍କ ସଦୃଶ ପରଦୁଃଖକାତର, ଦୟାଶୀଳ ଓ ପରୋପକାରୀ ଥିଲେ । ସେ କୌଣସି ସହାୟସମ୍ବଳହୀନ ଓ ବିପନ୍ନ ବ୍ୟକ୍ତିର ଦୁଃଖରେ ଯେପରି ତରଳିଯାଉଥିଲେ, ଶକ୍ତ୍ୟନୁସାରେ ତାହାକୁ କିଛି ସାହାଯ୍ୟ କରିପାରିଲେ ସେପରି ତାଙ୍କର ଆନନ୍ଦର ସୀମା ରହୁ ନ ଥିଲା । ସେ ପ୍ରୟୋଜନ ଅନୁସାରେ ନିଜର ରନ୍ଧାହୋଇଥିବା ଅନ୍ନ ଏବଂ ପିନ୍ଧିଥିବା ବସ୍ତ୍ରଖଣ୍ଡ ଦେଇ ଆନନ୍ଦ ଉପଭୋଗ କରିବାର ଦୃଷ୍ଟାନ୍ତ ଲୋକେ ବହୁବାର ଦେଖିଅଛନ୍ତି । ସେ ଗରିବ ଛାତ୍ରମାନଙ୍କୁ ପାଠ୍ୟପୁସ୍ତକ, ସ୍କୁଲବେତନ, ଲୁଗା ଇତ୍ୟାଦି ପ୍ରଦାନ କରିଥାଆନ୍ତି । ନିଜର ସାଧ୍ୟାତୀତ ହେଲେ ଅପର ସ୍ଥାନରେ ନିଜେ ପ୍ରାର୍ଥନା କରି ଅର୍ଥୀର ମନଃକାମନା ପୂରଣ କରିଥାଆନ୍ତି । ସେ ଦେଶର ବା ବ୍ୟକ୍ତିବିଶେଷର ଉପକାରକଜନଙ୍କ କାର୍ଯ୍ୟ ଅଥବା ନାମଖ୍ୟାତି ସର୍ବାଗ୍ରେ ବହୁ ଲୋକଙ୍କୁ ଜଣାଇ, ମତାଇ ସଙ୍ଗ କରିନେଉଥିଲେ ।

ବିଦ୍ୟାରତ୍ନେ କୌଣସି ଦେବଦେବୀଙ୍କ ପାଖକୁ ଯାଉ ନ ଥିଲେ ସତ୍ୟ; ମାତ୍ର ସେ କୌଣସି ଦେବତା ପ୍ରତି ଅଭକ୍ତି ପ୍ରଦର୍ଶନ କରୁ ନ ଥିଲେ । ସତ୍ୟନାରାୟଣଙ୍କ ପ୍ରତି ତାଙ୍କର ଅଚଳା ଭକ୍ତି ଥିଲା । ସେ ପ୍ରତି ମାସରେ ଥରେ ଲେଖାଏଁ ସତ୍ୟନାରାୟଣ ପୂଜା କରାଉଥିଲେ । ସେ ଫୁଲଚନ୍ଦନ, ତୁଳସୀ, ନଡ଼ିଆ କଦଳୀ ଦେଇ ଦେବାରାଧନା କରିବା ଅପେକ୍ଷା ମାନସ ପୂଜାର ପକ୍ଷପାତୀ ଥିଲେ । ସେ ମହାନିର୍ବାଣତନ୍ତ୍ରର—

ନମସ୍ତେ ସତେ ସର୍ବଲୋକାଶ୍ରୟାୟ
ନମସ୍ତେ ଚିତେ ବିଶ୍ୱରୂପାତ୍ମକାୟ,
ନମୋ ଦ୍ୱୈତତତ୍ତ୍ୱାୟ ମୁକ୍ତିପ୍ରଦାୟ,
ନମୋ ନିର୍ଗୁଣେ ବ୍ରହ୍ମଣେ—ଇତ୍ୟାଦି ଶ୍ଳୋକ-

ଗୁଡ଼ିକ ସ୍ନାନ ପରେ ଉଚ୍ଚାରଣ କରୁଥିଲେ ।

ନୀଳମଣି କବିବର ଉପେନ୍ଦ୍ରଭଞ୍ଜଙ୍କ 'ରସତରଙ୍ଗ' ପୁସ୍ତକରେ ରାମଚନ୍ଦ୍ରଙ୍କ ବିରହବର୍ଣ୍ଣନ ଓ ଋତୁବର୍ଣ୍ଣନ ଅବକାଶରେ ଚମତ୍କାର ହୋଇଥିବାରୁ ହୃଦୟଙ୍ଗମ କରି ତଗିରିଆ ବାନ୍ଧାଣି ଗ୍ରାମନିବାସୀ ପ୍ରଧାନ ଛାତ୍ରାର୍ଥୀ ଗଙ୍ଗାଧର ସିଂହଗୁରୁଙ୍କଦ୍ୱାରା ଅର୍ଥ କରାଇ ମୁଦ୍ରିତ କରାଇଥିଲେ ।

ତାଙ୍କର ବେଶଭୂଷା ଅତି ଆଡ଼ମ୍ବରଶୂନ୍ୟ ଥିଲା । ସେ ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟା ତ୍ୟାଗ କରି ପ୍ରାତଃକୃତ୍ୟ ସମାପନପୂର୍ବକ କିଛିଦୂର ଭ୍ରମଣ କରି ପୂର୍ବଦିନ ପୁସ୍ତକ ଓ ପତ୍ରିକା ପାଠ କରି ଚିହ୍ନ ଦେଇଥିବା ପ୍ରୟୋଜନୀୟ ବିଷୟମାନ ସଙ୍କଳନ କରି ସାତଘଣ୍ଟାଠାରୁ ୧୨ ଘଣ୍ଟା ଯାଏ ନିଜ କାର୍ଯ୍ୟକ୍ଷେତ୍ରରେ ବସି କାର୍ଯ୍ୟାଳୟର ତତ୍ତ୍ୱ ନେଉଥିଲେ ଏବଂ ଛପାହେଉଥିବା ପୁସ୍ତକ, ଫାରମ ଓ ପତ୍ରିକାର ପ୍ରୁଫ୍ ଦେଖୁଥିଲେ । ତାଙ୍କର ପଠନସ୍ପୃହା ଯେପରି ବଳବତୀ ଥିଲା, ପୁସ୍ତକ ସଂଗ୍ରହେଚ୍ଛା ତତୋଽଧିକ ଥିଲା । ସେ ନାନା ପୁସ୍ତକ ନାନା ସ୍ଥାନରୁ ଦେଇ ସୁଦ୍ଧା ବହୁତ ଉପାଦେୟ ପୁସ୍ତକ ସଂଗ୍ରହ କରିଯାଇଅଛନ୍ତି ।

ବିଦ୍ୟାରତ୍ନେ 'ପ୍ରତିଭାପୂଜା' ସମ୍ବନ୍ଧରେ ଗୋଟିଏ ସୁଚିନ୍ତିତ ପ୍ରବନ୍ଧ ଲେଖିଥିଲେ । ତାହା ପାଠକମାନଙ୍କ ଅବଗତି ନିମନ୍ତେ ନିମ୍ନରେ ପ୍ରକାଶ କରୁଅଛି ।

"ଆମ୍ଭମାନଙ୍କ ଦେଶରେ ଲୋକମାନେ ଅନ୍ୟାନ୍ୟ ବିଷୟ ପରି ପ୍ରତିଭା-ପୂଜା ବିଷୟରେ ବଡ଼ ପଶ୍ଚାତ୍‌ପଦ । ସଭ୍ୟଦେଶମାନଙ୍କରେ ପ୍ରତିଭାଶାଳୀ ବ୍ୟକ୍ତିମାନେ ରାଜକୋଷରୁ, ସଭାସମିତିରୁ ବୃତ୍ତି ଓ ପ୍ରତିଭାବିକାଶର ଉପଯୋଗୀ ସାହାଯ୍ୟ ସହାନୁଭୂତି ଯଥେଷ୍ଟ ପରିମାଣରେ ପାଇଥାଆନ୍ତି । ଜନସାଧାରଣ ସେମାନଙ୍କୁ ସମାଦର କରିବା, ସେମାନଙ୍କ ନଖକେଶାଦିଠାରୁ ଛିନ୍ନ ଉପାନହ ପର୍ଯ୍ୟନ୍ତ ପ୍ରଚୁର ଧନ ବିନିମୟରେ ସଂଗ୍ରହ କରିବା ବିଷୟରେ ସୁଦ୍ଧା ଉଦାସୀନ ନୁହନ୍ତି । ଆମ୍ଭେମାନେ ଓଡ଼ିଆ, ଇଂରାଜୀ ଦୁଇଧାଡ଼ି ଶିକ୍ଷା କରି ଆପଣାକୁ ସଭ୍ୟଭବ୍ୟ ଶିକ୍ଷିତ ବୋଲି ମନରେ ଅଭିମାନ ପୋଷଣ କରିବାକୁ ଶିଖିଅଛୁଁ; କିନ୍ତୁ ସଭ୍ୟଦେଶର ସୁମଙ୍ଗଳପ୍ରଦ ଗୁଣାବଳୀ ଆମ୍ଭମାନଙ୍କଠାରେ କିଛି ନାହିଁ ।

ଉପେନ୍ଦ୍ର, ବଳଦେବ, ଦୀନକୃଷ୍ଣ, ଜଗନ୍ନାଥ, ପୀତାମ୍ବର, ରାମଦାସ, ବିଶ୍ୱ ପ୍ରଭୃତି ଉତ୍କଳୀ ସୁପ୍ରଥିତ-ଯଶା କବିପଣ୍ଡିତ ଏହି ପତିତ ଦେଶରେ ଜନ୍ମଗ୍ରହଣ କରିଥିବାରୁ ଆଜି ଓଡ଼ିଆମାନେ ଆପଣାକୁ ଗୋଟାଏ ଜାତି, ଓଡ଼ିଆକୁ ଗୋଟାଏ ଗଣନୀୟ ଭାଷା ବୋଲି କହିବାକୁ ସକ୍ଷମ ହେଉଅଛନ୍ତି । ଯେଉଁମାନଙ୍କ ଯୋଗୁଁ ଏହି ଜାତି ଓ ଭାଷା ଆଜି ଗୌରବାନ୍ୱିତ, ସେମାନଙ୍କୁ ସେମାନଙ୍କ ଜୀବଦ୍ଦଶାରେ କି ସମୁଚିତ ଆଦର କରାଯାଇଥିଲା ? ସେମାନଙ୍କ ପ୍ରତିଭା-ବିକାଶ ପଥରେ କି କିଛି ବିଘ୍ନବାଧା ନ ଥିଲା ?

ଆମ୍ଭେମାନେ ପ୍ରାଚୀନ ବ୍ୟକ୍ତିମାନଙ୍କ ମୁଖରୁ ଯେତେଦୂର ଶୁଣିଅଛୁଁ, ତହିଁରେ ନିର୍ଭର କରି କହି-ପାରୁଁ, ସେମାନଙ୍କ ମଧ୍ୟରୁ ଅନ୍ତତଃ ଅଧିକାଂଶ ଯାହା କରିଅଛନ୍ତି, ସେମାନେ ତାହା ପ୍ରବଳ ପ୍ରତିକୂଳାବସ୍ଥାରେ ଥାଇ କରିଅଛନ୍ତି । ସେମାନଙ୍କ ସମ୍ବନ୍ଧରେ ଜନସାଧା-ରଣଙ୍କର ଯାହା କର୍ତ୍ତବ୍ୟ, ତାହା ହୋଇଥିଲେ ଆଜି ଉତ୍କଳସାହିତ୍ୟର ଶ୍ରୀ ଭିନ୍ନାକାର ଧାରଣ କରିଥାଆନ୍ତା ।

ଗଲା କଥା ଯାଉ, ବର୍ତ୍ତମାନ ବିବେଚ୍ୟ, ସେମାନଙ୍କ ସମ୍ବନ୍ଧରେ ଏବେ ଆମ୍ଭମାନଙ୍କର କିଛି କର୍ତ୍ତବ୍ୟ ଅଛି କି ନାହିଁ । ଏ ସବୁ ବିଷୟର ଆଲୋଚନା କରିବାକୁ ହେଲେ ସଭ୍ୟଦେଶର କାର୍ଯ୍ୟପ୍ରତି ଦୃଷ୍ଟିପାତ କରିବାକୁ ହେବ । ସଭ୍ୟଦେଶରେ ସେପରି ବ୍ୟକ୍ତିମାନ-ଙ୍କର ଜୀବନଚରିତ ସଂଗ୍ରହ ଓ ପ୍ରକାଶ, ମୂର୍ତ୍ତିପ୍ରତିଷ୍ଠା, ମୃତ୍ୟୁବାସରରେ ନାନା ସ୍ଥାନରେ ସଭାସମିତି କରି ସେମାନଙ୍କ ଗୁଣକୀର୍ତ୍ତନ, ସମାଧିଦର୍ଶନ, ସମାଧିରେ ପୁଷ୍ପମାଲାଦି ପ୍ରଦାନ, ଜନ୍ମ ଓ ଅବସ୍ଥାନ ସ୍ଥଳରେ ସ୍ମୃତିରକ୍ଷା ପ୍ରଭୃତି ନାନା ଉପାୟରେ ପ୍ରତିଭାପ୍ରିୟତାର ପରିଚୟ ଦେଇଥାଆନ୍ତି । ଆମ୍ଭମାନଙ୍କ ପଡ଼ିଶା ଘରେ ବଙ୍ଗଦେଶରେ ମଧ୍ୟ ପ୍ରତିଭାପୂଜକଙ୍କ ଦଳ ଦିନକୁ ଦିନ ପରିପୁଷ୍ଟ ହେଉଅଛନ୍ତି ଏବଂ ସେମାନଙ୍କ ପୂର୍ବପୁରୁଷ ପ୍ରତିଭାଶାଳୀମାନଙ୍କ ପ୍ରତି ସମୁଚିତ କାର୍ଯ୍ୟ କରି ନ ଥିବା ହେତୁ ସେମାନେ ଦୁଃଖିତ ଏବଂ ଲଜ୍ଜିତ ହୋଇ ତହିଁର ପ୍ରାୟଶ୍ଚିତ୍ତସ୍ୱରୂପ ଯଥାସମ୍ଭବ ସମୟୋଚିତ କାର୍ଯ୍ୟ କରୁଅଛନ୍ତି । ଏପରି ସ୍ଥଳରେ ଅତୀତକାଳର ଓଡ଼ିଆ ବୀରମାନଙ୍କ ପ୍ରତି ସମୟୋଚିତ କର୍ତ୍ତବ୍ୟ ପାଳନ କରିବା କି ଉଚିତ ନୁହେ ? ଅବଶ୍ୟ ଉଚିତ । ସେହି କର୍ତ୍ତବ୍ୟ କଅଣ ? ଉପେନ୍ଦ୍ର, ଦୀନକୃଷ୍ଣ ପ୍ରଭୃତିଙ୍କ ନାମ ସମସ୍ତ ଓଡ଼ିଆଙ୍କୁ ଜଣାଅଛି; କିନ୍ତୁ ତାଙ୍କ ଘର କେଉଁ-ଠାରେ, ସେ କି କି କାର୍ଯ୍ୟ କରିଥିଲେ, ତାଙ୍କର ଶିକ୍ଷା-ଦୀକ୍ଷାର ଅବସ୍ଥା କିପରି ଥିଲା, ସେ କେଉଁ ସମୟର ଲୋକ—ଏ ସବୁ କଥା ପଚାରିଲେ ପ୍ରାୟ ସମସ୍ତେ ନୀରବ ହେବେ । ଏପରି ସ୍ଥଳରେ ଯେତେ ଦୂର ହୋଇପାରେ ସେମାନଙ୍କ ବିବରଣ ସଂଗ୍ରହ କରିବା, ସେମାନଙ୍କ ଜନ୍ମସ୍ଥାନମାନଙ୍କରେ ମେଳା ସ୍ଥାପନ କରିବା, ସେହି ସେହି ସ୍ଥାନକୁ ତୀର୍ଥସ୍ଥାନ ମନେ କରିବା, ସେମାନଙ୍କ ରଚିତ ଗ୍ରନ୍ଥମାନଙ୍କର ସଠିକ ବିଶୁଦ୍ଧ ସଂସ୍କରଣ ପ୍ରକାଶ କରିବା, ସେମାନଙ୍କ ମୃତ୍ୟୁଦିବସରେ ସଭାସମିତି କରି ଶୋକପ୍ରକାଶ କରିବା ଆମ୍ଭମାନଙ୍କର ଏକାନ୍ତ କର୍ତ୍ତବ୍ୟ ବୋଲି ବିବେଚନା କରୁଅଛୁଁ ।

ମୃତ ମହାନୁଭବମାନଙ୍କ ଉପଲକ୍ଷେ ଯାହା ଯାହା କର୍ତ୍ତବ୍ୟ ବୋଲି ନିର୍ଦ୍ଦେଶ କରାହେଲା, ତାହା ପ୍ରତିପାଳନ

କଲେ ସେମାନଙ୍କର କିଛି କ୍ଷତିବୃଦ୍ଧି ହେବ ନାହିଁ । ସେମାନେ ନିଜ ନିଜର କୃତିତ୍ୱଦ୍ୱାରା ମର୍ତ୍ତ୍ୟ ଅମରତା ଲାଭ କରିଅଛନ୍ତି । ଯେତେଦିନଯାଏଁ ଉତ୍କଳଜାତି, ଉତ୍କଳ-ଭାଷା ଥିବ, ତେତେ ଦିନଯାଏଁ ସେମାନଙ୍କ ନାମଲୋପର ବିନ୍ଦୁମାତ୍ର ଆଶଙ୍କା ନାହିଁ । ତଥାପି ସେମାନଙ୍କ ନାମଗୁଣ କୀର୍ତ୍ତନ କରିବା, ସେମାନଙ୍କ ପ୍ରତିଭାର ପୂଜା କରିବା ଆମ୍ଭମାନଙ୍କ ପକ୍ଷରେ କର୍ତ୍ତବ୍ୟ ଓ ଅଶେଷ ଶ୍ରେୟୋଜନକ । ଏହା ବିଧବାର ଏକାଦଶୀ ନୁହେଁ ଯେ, କରଣେ ଫଳ ଲାଭ ହେବ, ଅକରଣେ ପ୍ରତ୍ୟବାୟ ହେବ । ସେମାନଙ୍କ ପୂଜା କଲେ 'ପୂଜ୍ୟପୂଜା ବ୍ୟତିକ୍ରମଃ' ଦୋଷରୁ ମୁକ୍ତି ମିଳିବ । ପ୍ରତିଭାର ସମାଦର ସଙ୍ଗେ ସଙ୍ଗେ ସମାଜରେ ଶତ ଶତ ପ୍ରତିଭାଶାଳୀ ବ୍ୟକ୍ତିଙ୍କର ଆବିର୍ଭାବ ହେବ, ଜାତୀୟତା ବୃଦ୍ଧି ପାଇବ, ଜାତି ଓ ଭାଷାର ଗୌରବ ଦେଶବିଦେଶରେ ବିଘୋଷିତ ହେବ । ଜାତୀୟଦୃଷ୍ଟିରେ ଫଳ ଅସାଧାରଣ, ଏହା କି କଦାପି ପରିତ୍ୟାଜ୍ୟ ?

ମୃତ ମହାନୁଭବମାନଙ୍କ ଜୀବିତକାଳରେ ସେମାନଙ୍କ ସମସାମୟିକ ବ୍ୟକ୍ତିମାନେ ସେମାନଙ୍କ ସମ୍ବନ୍ଧରେ ଆପଣା ଆପଣାର ଯାହା କର୍ତ୍ତବ୍ୟ ଥିଲା, ତାହା ପାଳନ କରିନାହାନ୍ତି । ଆମ୍ଭେମାନେ ସେମାନଙ୍କ ବଂଶଧର ଓ ସବ୍ୟଭବ୍ୟ ହୋଇ ମଧ୍ୟ ସେମାନଙ୍କ ପରି ପ୍ରତିଭା-ପୂଜା ବିଷୟରେ ଏକାନ୍ତ ଉଦାସୀନ । ଏହି ଉଦାସୀନତା ଯେ ଜାତୀୟ ଅବନତିର ଆଦିକାରଣ, ଏ କଥା କେହି ଅସ୍ୱୀକାର କରିବେ ନାହିଁ । ତଥାପି ଆମ୍ଭମାନଙ୍କ ଔଦାସୀନ୍ୟ ଅନ୍ତରିତ ହେଉ ନାହିଁ । କର୍ତ୍ତବ୍ୟବିମୁଖତା-ଜନିତ ପ୍ରବଳ ପାପର କଠୋର ପ୍ରାୟଶ୍ଚିତ୍ତସ୍ପୃହା ପ୍ରାଣରେ ଜାଗ୍ରତ ହେବାକୁ ନାହିଁ, ଏଥିରୁ ଗର୍ହିତ ପରିତାପର ବିଷୟ କଅଣ ଅଛି ? କେବଳ ଅତୀତ ମହାଜନମାନଙ୍କ ପ୍ରତି ଏ ଅନାସ୍ଥା ଭାବ, ତାହା ନୁହେଁ—ଜୀବିତ ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କ ପ୍ରତି ତତୋଽଧିକ ଅନାସ୍ଥା ଭାବ । ଦୃଷ୍ଟାନ୍ତ ସ୍ଥଳ ଅନେକ ।

ପ୍ରଥମେ ମହାମହୋପାଧ୍ୟାୟ ଶ୍ରୀ ଚନ୍ଦ୍ରଶେଖର ସିଂହ-ସାମନ୍ତଙ୍କ ଅବସ୍ଥା ପ୍ରତି ଦୃଷ୍ଟି ନିକ୍ଷେପ କର । ଯାହାଙ୍କର ଲୋକୋତ୍ତର, ପ୍ରତିଭା ଜ୍ଞାନଦୃପ୍ତ ଇଉରୋପ, ଆମେରିକାରେ ଆତଙ୍କ ଉପସ୍ଥିତ କରିଅଛି, ଭାରତର ଜ୍ୟୋତିଷ-ସ୍ୱରୂପ ସେହି ଜଗଦ୍ୱିଖ୍ୟାତ ପଣ୍ଡିତଙ୍କୁ ଉତ୍କଳମାନେ ଚିହ୍ନିଲେ କି ? କବି ସାମନ୍ତପ୍ରସଙ୍ଗରେ ତାଙ୍କୁ ସମ୍ବୋଧନ କରି କହୁଅଛନ୍ତି—"ଗୁଣଜ୍ଞ ଉତ୍କଳେ ଜଣେ କେହି ନାହିଁ, ଗୁଣୀନ୍ଦ୍ର ! ତୁମ୍ଭର ହେବ ଗୁଣଗ୍ରାହୀ !" ଏହା କି ମିଛ ? ଏହି କବିବାଣୀ କି ଉତ୍କଳମାନଙ୍କର କଳଙ୍କମୁଦ୍ରା ନୁହେ ? ଏ କଳଙ୍କକ୍ଷାଳନ ସକାଶେ ଆମ୍ଭେମାନେ କଅଣ କରୁଅଛୁଁ ? ସାମନ୍ତଙ୍କ ଋଣପରିମାଣ ୨।୩ ସହସ୍ରମୁଦ୍ରା । ସାମନ୍ତଙ୍କୁ ଋଣମୁକ୍ତ କରିଦେଇ ବାର୍ଷିକ ସହସ୍ର ମୁଦ୍ରା ବୃତ୍ତି ବ୍ୟବସ୍ଥା କରିଦେବା କି ଉତ୍କଳଜାତି ପ୍ରତି ବଡ଼ କଥା ? କିନ୍ତୁ ଆମ୍ଭମାନଙ୍କର ଅଗ୍ରାହକତା, ଉଦାସୀନତା ଏହା କରିବାକୁ ନ ଦେଇ ଆପଣା ଦେଶକୁ, ଜାତିକୁ କଳଙ୍କିତ କରୁଅଛି ।

ସାମନ୍ତଙ୍କ ସମାଦର ସକାଶେ ସହସ୍ର ସହସ୍ର ମୁଦ୍ରା ଆବଶ୍ୟକ । ସେଥିରେ ଅପାରଗ ବା ଅକୃତକାର୍ଯ୍ୟ ହେଲ, ହେଉ; କିନ୍ତୁ ତଦପେକ୍ଷା ସାମାନ୍ୟ ସାହାଯ୍ୟରେ ଯାହା ହୋଇପାରେ, ତାହା କି ଆମ୍ଭେମାନେ କରୁଅଛୁଁ ? ଉତ୍କଳର ପ୍ରଧାନକବି ରାଧାନାଥ, ମଧୁସୂଦନ, ରାମଶଙ୍କର ପ୍ରଭୃତି ନବୀନ କବି ନନ୍ଦକିଶୋର ଓ ସୁଲେଖକ ବିଶ୍ୱନାଥ ପ୍ରଭୃତିଙ୍କ ସମ୍ବନ୍ଧରେ ଆମ୍ଭେମାନେ କଅଣ କରୁଅଛୁଁ ? ସେମାନେ ଗ୍ରନ୍ଥ ପ୍ରଣୟନ କରି ବିଲାତି ଗ୍ରନ୍ଥକାରମାନଙ୍କ ପରି ଧନକୁବେର ହେବା ତେଣେ ଥାଉ, ଅନେକଙ୍କୁ ମୁଦ୍ରଣବ୍ୟୟ ନିର୍ବାହାର୍ଥ ଋଣଗ୍ରହଣ କରିବାକୁ ପଡ଼ିଅଛି । ଶକ୍ତିକ୍ଷୟ, ଧନବ୍ୟୟ କରି ଯାହା ମୁଦ୍ରିତ କଲେ ତାହା ଗ୍ରହଣ କଲେ କେତେ ଜଣ ? ଯେଉଁମାନେ ପଢ଼ିବାକୁ ଉପଯୁକ୍ତ, ସେମାନେ ଓଡ଼ିଆ ପୁସ୍ତକ କିଣି କରିବାରେ ପଇସା, ଅଧ୍ୟୟନ କରିବାରେ ସମୟ ବ୍ୟୟ କରିବା ଅପବ୍ୟୟ ଓ ମୂର୍ଖତା ମନେକରି କେବଳ ଉପହାର-ପ୍ରତ୍ୟାଶୀ ହେଲେ । ଉପହାର ପାଇଲେ ପ୍ରାପ୍ତି ସ୍ୱୀକାର କରିବାକୁ କୁଣ୍ଠିତ, ଅଥଚ ମନରେ ସଭ୍ୟତାଭିମାନ ଭାରି ଟାଣ ! ଭିକ୍ଷାଦାନ ଓ ଉପହାରରେ ସାଧାରଣତଃ ଶତାଧିକ ଖଣ୍ଡ ଯାଇ ବାକୀ ପୁସ୍ତକ ନିମନ୍ତେ ଅଲମାରି ଖୋଜ । ଦଶବର୍ଷରେ ଛପା ଖର୍ଚ୍ଚ ତେଣେ ଥାଉ, ଘରଭଡ଼ା, ଅଲମାରିମୂଲ୍ୟ ଉଠିବା ଅସମ୍ଭବ । ଏହା ଅତିରଞ୍ଜିତ ନୁହେଁ, ସତ୍ୟକଥା—ଏଥିରେ ଜାତୀୟସାହିତ୍ୟର ଉନ୍ନତି !

ଦେଶରେ ପ୍ରତିଭାଶାଳୀ ଲୋକର ଅଭ୍ୟୁତ୍ଥାନ ଆଶାକରିବା ପୂର୍ଣ୍ଣ ବାତୁଳତା ବ୍ୟତୀତ ଆଉ କଅଣ ବୋଲାଯିବ ?

ପ୍ରଧାନତଃ ପ୍ରତିଭାଶାଳୀ ଲେଖକମାନଙ୍କ ପ୍ରତି ଲକ୍ଷ୍ୟ ରଖି ଏ ପ୍ରବନ୍ଧ ଲିଖିତ ହେଲା; କିନ୍ତୁ କେବଳ ପ୍ରତିଭାଶାଳୀ ଲେଖକ ନୁହନ୍ତି, ପ୍ରତ୍ୟେକ ବିଭାଗର ପ୍ରତିଭାଶାଳୀମାନଙ୍କର ସମାଦର କରିବା ଏବଂ ସେମାନଙ୍କ ପ୍ରତିଭାର କ୍ରମୋନ୍ନତି ଚେଷ୍ଟା କରିବାରେ ଅଗ୍ରସର ହେବା ପ୍ରତ୍ୟେକ ମାନବର କର୍ତ୍ତବ୍ୟ । ଏହା ଜାତୀୟ ସର୍ବବିଧ ଉନ୍ନତିର ମୂଳମନ୍ତ୍ର । ସୁଖର ବିଷୟ, ଗତ ଗଞ୍ଜାମ ଜାତୀୟ ସମିତିରେ ଏହି ମହତ୍ ପ୍ରସ୍ତାବର ଆଲୋଚନା ହୋଇ ପ୍ରାଚୀନ ଓ ଆଧୁନିକ ପ୍ରତିଭାଶାଳୀ ଲେଖକମାନଙ୍କର ସମାଦର ଓ ସ୍ମୃତିରକ୍ଷାର ଚେଷ୍ଟା କରାହେବ ବୋଲି ସ୍ଥିର କରାହୋଇଅଛି । ସମସ୍ତେ ପରମ ଆଗ୍ରହର ସହିତ ଏହି ପ୍ରସ୍ତାବ ଅନୁମୋଦନ କରିଅଛନ୍ତି; କିନ୍ତୁ କଥା ଓ କାର୍ଯ୍ୟରେ ଆକାଶପାତାଳ ପ୍ରଭେଦ ! ସଭାରେ ବସି ପ୍ରସ୍ତାବ ଅନୁମୋଦନ କରିବା ଯେପରି ସହଜ ପାଳନ କରିବା ସେପରି ନୁହେ । ଗଞ୍ଜାମବାସୀମାନେ ଏହି ପ୍ରସ୍ତାବକୁ କେତେଦୂର କାର୍ଯ୍ୟରେ ପରିଣତ କରିବେ, ଫଳରେ ଦେଖାହେବ ।

ଗଞ୍ଜାମ କବି-ଜନନୀ । ଏହି ଗଞ୍ଜାମର ଅମର କବିମାନଙ୍କ ବିସ୍ତୃତ ଜୀବନଚରିତ, କାବ୍ୟାବଳୀ ସଂଗ୍ରହ କରିବା ସକାଶେ ବହୁଦର୍ଶୀ ପ୍ରବୀଣ ବ୍ୟକ୍ତିଙ୍କୁ ନିଯୁକ୍ତ କରିବା ଉଚିତ । ସଂଗ୍ରାହକମାନେ ବ୍ୟସ୍ତ ନ ହୋଇ ଗଞ୍ଜାମର ନାନା ସ୍ଥାନ ଭ୍ରମଣ କରି ସେମାନଙ୍କ ସମ୍ବନ୍ଧୀୟ ନାନା କଥା ସଂଗ୍ରହ କରନ୍ତୁ । ସଂଗୃହୀତ କାର୍ଯ୍ୟାବଳୀ ବହୁପୁସ୍ତକର ସାହାଯ୍ୟରେ ପରିଶୋଧିତ ହୋଇ ମୁଦ୍ରିତ ହେଉ ଏବଂ ଯଥାସମ୍ଭବ ସୁଲଭ ମୂଲ୍ୟରେ ପ୍ରଚାରିତ ହେଉ । ନବୀନ କବି ଓ ଲେଖକମାନଙ୍କ କାବ୍ୟକବିତା ସ୍ଥାନେ ସ୍ଥାନେ ରଚିତ ହେଉ ଓ ପଠିତ ହେଉ । ଦରିଦ୍ର ଗ୍ରନ୍ଥକାରମାନଙ୍କ ଗ୍ରନ୍ଥପ୍ରକାଶର ସଦୁପାୟ କରାହେଉ । ସଭା ସମିତିରେ ସୁଲେଖକ ଓ ସୁକବିମାନଙ୍କୁ ଧନ୍ୟବାଦ ପାରିତୋଷିକ ଦିଆହେଉ । ଗଞ୍ଜାମର ଏହି ସଦ୍‌ଦୃଷ୍ଟାନ୍ତ ଅନ୍ୟ ଜିଲାର ଲୋକମାନେ ଅନୁକରଣ କରନ୍ତୁ । ଦେଖିବ, ଅଚିରେ ଉତ୍କଳରେ ଯୁଗାନ୍ତର ଉପସ୍ଥିତ ହେବ । ଶତ ଶତ ସୁଲେଖକଙ୍କର ଆବିର୍ଭାବ ହୋଇ ସାହିତ୍ୟଭଣ୍ଡାର ପୂର୍ଣ୍ଣ ହୋଇଯିବ । ଓଡ଼ିଆମାନେ ଗୋଟିଏ ଉନ୍ନତ ଜାତି ବୋଲି ପରିଗଣିତ ହେବେ ।

ବିଦ୍ୟାରତ୍ନେ ଉପର୍ଯ୍ୟୁକ୍ତ ପ୍ରବନ୍ଧ ଭିନ୍ନ ଅବରୋଧ ପ୍ରଥା, ପ୍ରାଚୀନକୀର୍ତ୍ତି, ବ୍ୟୟସଙ୍କୋଚ, ଅନ୍ତଃପୁରସଂସ୍କାର, ଗୋଧନ ରକ୍ଷା, ଦେଶୀୟ ବସ୍ତ୍ର ବ୍ୟବହାର, କ୍ଷତ୍ରିୟଜାତି, ଦୁହୁସ ବ୍ୟବସାୟ, ପଖାଳଭାତ ପ୍ରଭୃତି ସୁଚିନ୍ତିତ ପ୍ରବନ୍ଧାବଳୀ ଲେଖିଅଛନ୍ତି ।

ଉତ୍କଳଭାଷା ରଚନାରେ ସଂସ୍କୃତ ବ୍ୟାକରଣ କଠୋର ନିୟମ ପାଳନ କରିବା ଉଚିତ କି ନାହିଁ, ଏ ବିଷୟରେ ତାହାଙ୍କର ମତ ସମ୍ପୂର୍ଣ୍ଣ ଉଦାର ଓ ଅସଙ୍କୀର୍ଣ୍ଣ ଥିଲା । ସେ ସଂସ୍କୃତବ୍ୟାକରଣର ସର୍ବତୋଭାବରେ ଅନୁସରଣର ପକ୍ଷପାତୀ ନ ଥିଲେ. ଅଥଚ ସେ ସ୍ୱୟଂ ଯେପରି ସଙ୍ଗତ ଓ ବିଶୁଦ୍ଧ ଭାଷା ବ୍ୟବହାର କରୁଥିଲେ, ତାହା ଉତ୍କଳର ଲେଖକମାନଙ୍କ ମଧ୍ୟରେ ୫।୬ ଜଣ ବ୍ୟତୀତ ଆଉ କେହି କରିଥିଲେ କି ନାହିଁ ତାହା ଆମ୍ଭମାନଙ୍କୁ ଜଣା ନାହିଁ । କିନ୍ତୁ ବିଶୁଦ୍ଧି ରକ୍ଷା ସକାଶେ ଏହି ପ୍ରୟାସ ତାଙ୍କର ରଚନାକୁ କେବେହେଁ କୃତ୍ରିମତାଦୁଷ୍ଟ କରି ନାହିଁ । ଭାଷାକୁ ସେ କେବଳମାତ୍ର ଭାବପ୍ରକାଶର ଉପାୟସ୍ୱରୂପ ମନେ କରୁ ନ ଥିଲେ ।

ଉତ୍କଳସାହିତ୍ୟର ସେବା ଓ ଉତ୍କଳଦେଶର ସେବା ନୀଳମଣି ବାବୁଙ୍କ ଜୀବନର ମୁଖ୍ୟତମ ବ୍ରତ ଥିଲା । ସେ ନିଜର କ୍ଷମତାନୁସାରେ ସେହି ବ୍ରତ ଯଥାସାଧ୍ୟ ପାଳନ କରିଅଛନ୍ତି ଏବଂ ସେହି ବ୍ରତ-ପାଳନରେହିଁ ସେ ନିଜର ସମସ୍ତ ଶକ୍ତି ଅର୍ପଣ କରି-ଯାଇଅଛନ୍ତି । ସେ ତାଙ୍କ ଜୀବନରେ ସାହିତ୍ୟସେବା, ଦେଶସେବା କାର୍ଯ୍ୟ ଭିନ୍ନ ପର ଆଉ କୌଣସି କାର୍ଯ୍ୟ କରି ନାହାନ୍ତି । ତାଙ୍କ ଅପେକ୍ଷା ପ୍ରତିଭାଶାଳୀ ଲେଖକ ଉତ୍କଳରେ ଅନେକ ଜନ୍ମଗ୍ରହଣ କରିଅଛନ୍ତି, ଏହା ସ୍ୱୀକାର କରୁଅଛୁଁ । ଉତ୍କଳସାହିତ୍ୟରେ ସେମାନଙ୍କର ସ୍ଥାନ ଅନେକ ଉଚ୍ଚରେ ଅବସ୍ଥିତ, ସେମାନଙ୍କ କାର୍ଯ୍ୟ

ସହିତ ତତ୍କୃତ କାର୍ଯ୍ୟର ତୁଳନା କରିବା କୌଣସି ପ୍ରୟୋଜନ ନାହିଁ । କିନ୍ତୁ ଏକମାତ୍ର ଉତ୍କଳସାହିତ୍ୟର ତଥା ଉତ୍କଳଜନନୀଙ୍କର ସେବାବ୍ରତରେ ସମଗ୍ର ଜୀବନ ଉଦ୍‌ଯାପନର ଉଦାହରଣ ଅଧିକ ଅଛି କି ନାହିଁ କହି ନ ପାରୁଁ । ବିଦ୍ୟାରତ୍ନେ ଯେପରି ଲେଖକ ଥିଲେ, ସେହିପରି ବିଭବଶାଳୀ ନ ଥିଲେ । ତେଣୁ ସେ ରଚିତ ବା ସଙ୍କଳିତ ପ୍ରବନ୍ଧମାନ ପୁସ୍ତକାକାରରେ ପ୍ରକାଶ କରି-ପାରି ନାହାନ୍ତି । ସେ ଆଜୀବନ ସମ୍ପାଦକ ପରିଚାଳନାରେ ମନପ୍ରାଣ ସମର୍ପଣ କରି ରହିବାରୁ କୌଣସି ବିଶେଷ ବିଷୟରେ ଗ୍ରନ୍ଥ ରଚନା କରିବାର ସୁଯୋଗ ପାଇ ନାହାନ୍ତି ।

ବିଦ୍ୟାରତ୍ନେ ଜଣେ ସ୍ୱାଧୀନଚେତା ଲୋକ ଥିଲେ । ପରାଧୀନତା ବା ସେବକତାକୁ ସେ ନିତାନ୍ତ ଘୃଣା-ଚକ୍ଷୁରେ ଦେଖୁଥିଲେ । ସେ ଅର୍ଥଲୋଭୀ ନ ଥିଲେ । ନାନା ଉପାୟରେ ଉପାର୍ଜନ ଓ ସଞ୍ଚୟ କରି ସୁଖସ୍ୱାଚ୍ଛନ୍ଦ୍ୟରେ ଜୀବନ ଅତିବାହିତ କରିବା, ତାଙ୍କ ଜୀବନର ଚରମ ଲକ୍ଷ୍ୟ ନ ଥିଲା । ସ୍ୱଦେଶର ସେବା, ମାନବର କଲ୍ୟାଣ ତାଙ୍କ ଜୀବନର ପ୍ରଧାନତମ ଲକ୍ଷ୍ୟ ଥିଲା । ତାହାଙ୍କର ପ୍ରକୃତି ଏହିପରି ଥିଲା ଯେ, ସେ ଯେତେବେଳେ ଯାହା ସତ୍ୟ ବା ନ୍ୟାଯ୍ୟ ବୋଲି ବୁଝୁଥିଲେ, ତାହା ହୃଦୟର ସହିତ ବୁଝୁଥିଲେ । "କର୍ତ୍ତବ୍ୟ ବୁଝିବ ଯାହା ଅବଶ୍ୟ କରିବ ତାହା, ଯାଉ ପ୍ରାଣ କିମ୍ବା ଥାଉ ପ୍ରାଣ"—ଏହି ମହତ୍ ବଚନାନୁସାରେ ସେ କାର୍ଯ୍ୟ କରୁଥିଲେ । ଜନସାଧାରଣଙ୍କ ସକାଶେ କାର୍ଯ୍ୟ କରିବାକୁ ଗଲେ ଅନେକ ସମୟରେ ଅନେକ ଲୋକଙ୍କର ବିରାଗଭାଜନ ହେବାକୁ ହୁଏ । ମାତ୍ର ସେ ସକଳ ସେ ଗ୍ରାହ୍ୟ କରୁ ନ ଥିଲେ । ସାଧାରଣ କାର୍ଯ୍ୟ ନେଇ ସେମାନଙ୍କ ସଙ୍ଗରେ ଘୋର ତର୍କ ଓ ପ୍ରତିବାଦ କରିବାକୁ ହେଉଥିଲା । ସେମାନଙ୍କ ପ୍ରତି ତାହାଙ୍କର କୌଣସି ପ୍ରକାର ଅସଦ୍-ଭାବ ନ ଥିଲା । ସେ ସେମାନଙ୍କ ସଙ୍ଗରେ ବନ୍ଧୁଭାବରେ ମିଶୁଥିଲେ ଏବଂ ସୁଖଦୁଃଖରେ ସହାନୁଭୂତି ପ୍ରଦର୍ଶନ କରୁଥିଲେ । ସେ ସର୍ବଜନପ୍ରିୟ ଥିଲେ । ତାଙ୍କର ବ୍ୟବହାର ଓ ହୃଦୟ କୋମଳତାରେ ପୂର୍ଣ୍ଣ ଥିଲା ।

ସଙ୍କଳ୍ପ ଓ ସାଧନା ଯୋଗୁଁ ସିଦ୍ଧିଲାଭ ହୋଇ-ଥାଏ । ବିଦ୍ୟାରତ୍ନଙ୍କଠାରେ ଏହି ଗୁଣ ଦୁଇଟି ବିଦ୍ୟମାନ ଥିଲା । ସେ ନିଜ ପ୍ରତିଭାବଳରେ ଉତ୍କଳଭାଷାରେ ଓ ଉତ୍କଳଦେଶରେ ଯାହା କରିଅଛନ୍ତି, ତାହା ପ୍ରଶଂସାର ଯୋଗ୍ୟ । ତାହାଙ୍କର କାର୍ଯ୍ୟ ନବୀନ ଓ ପ୍ରବୀଣ ସାହିତ୍ୟସେବୀମାନଙ୍କର ଅନୁକରଣଯୋଗ୍ୟ କହିଲେ ବୋଧହୁଏ ଅନ୍ୟାୟ ହେବ ନାହିଁ । ତାଙ୍କର ଅମାୟିକ ସ୍ୱଭାବ, ସମସ୍ତଙ୍କ ସହିତ ମିଷ୍ଟ ବ୍ୟବହାର ଓ ଗଭୀର ଭାବମଗ୍ନତା ଦେଖିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ନୀଳମଣିଙ୍କ ପରଲୋକଗମନ ପରେ ଉତ୍କଳର ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ଶୋକପ୍ରକାଶ କରି ଗଦ୍ୟପଦ୍ୟ ପ୍ରବନ୍ଧ ପ୍ରକାଶ କରିଥିଲେ, ସେଥିରୁ କେତେକ ନିମ୍ନରେ ପ୍ରକାଶିତ ହେଲା ।

---

## ସ୍ୱର୍ଗତ ନୀଳମଣି ବିଦ୍ୟାରତ୍ନ

( ଉତ୍କଳ-ସାହିତ୍ୟ, ୨୮ଶ ଭାଗ, ୪ର୍ଥ ସଂଖ୍ୟା )

ଆହେ ନୀଳମଣି ଉତ୍କଳମଣି,
ଅକାଳରେ ଗଲ ଏ ଭବ ତେଜି,
ତୁମ୍ଭ କାର୍ଯ୍ୟ ଭଳି ତୁମ୍ଭ ଗୁଣ ଗୁଣି,
ବ୍ୟାକୁଳ ହେଉଛୁଁ ତୁମ୍ଭକୁ ହେଜି ।୧।
'ହିତୈଷିଣୀ', 'ପ୍ରଜାବନ୍ଧୁ' ପ୍ରକାଶିଣ,
କଲ ଏ ଦରିଦ୍ର ଉତ୍କଳ-ହିତ,
'ଉତ୍କଳ-ମଧୁପ' ପ୍ରକାଶ କରିଣ
ଦେଲ କେତେ କେତେ ଜ୍ଞାନ ସମ୍ଭୃତ ।୨।
ଥିଲ ସ୍ୱଦେଶର ହିତେ ସଦା ରତ,
ସାହିତ୍ୟ-ସେବାରେ ଉଦ୍‌ଗତ ମନ,
ଯେତେବେଳେ ଯେଉଁ କାର୍ଯ୍ୟେ ଲାଗିଥିଲ,
ପ୍ରାଣପଣେ କରୁଥିଲ ସାଧନ ।୩।
ତୁମ୍ଭରି ଯତନେ 'ପ୍ରଜାବନ୍ଧୁ' ମୁଖେ,
ଉତ୍କଳ-ମିଳନ ପାଇଁ ଘୋଷଣା,
ପ୍ରଥମ 'ଉତ୍କଳ-ସମ୍ମିଳନୀ' ପାଇଁ
ତୁମ୍ଭରି ପ୍ରାଣରୁ ହେଲା ପ୍ରେରଣା ।୪।
ଦରିଦ୍ର ଗୃହରେ ଜନ୍ମି ନୀଳମଣି,

ଅଳ୍ପ ଶିକ୍ଷା ପାଇ କରଛ ଯାହା,
ଧନାଢ୍ୟ ସନ୍ତାନ ସୁଶିକ୍ଷିତ ପକ୍ଷେ,
ହୁଅଇ କି ସୁଧି, ଅସାଧ୍ୟ ତାହା ? ୫ ।
ସଂସାରରେ ନୁହେଁ ପୂର୍ଣ୍ଣସୁଖୀ କେହୁ,
ଏ ଜଗତେ ନାହିଁ ପୂର୍ଣ୍ଣତା କାହିଁ,
ପ୍ରାଣେ କେଉଁ ସ୍ଥାନେ ଥିଲା ଦୁର୍ବଳତା
ତାହା ପାଇଁ ଆଜି ନଭାବୁଁ ନାହିଁ । ୬ ।
ଯାଅ ଯାଅ ଭାଇ, ସେ ଦେଶେ ଯେ ଦେଶେ,
ଅଭାବ ଯାତନା ବାଧଇ ନାହିଁ,
ସୁକୃତ-ସୁକୃତ-ସୁଫଳ ଭୁଞ୍ଜିଣ,
ଥାଅ ବନ୍ଧୁପଦ-ପଙ୍କଜ ଧ୍ୟାୟି । ୭ ।
ଯେଉଁ ସ୍ୱଦେଶର ଶୁଭ ମନାସିଣ
ସାରା ଜୀବନଟା କଲ ଯାପନ,
ମଧୁପ ସମାନ ସତ୍କର୍ମ-ସଦଗୁଣ—
ମଧୁ ସେ ଉତ୍କଳ କରୁ ଗ୍ରହଣ । ୮ ।

ଶ୍ରୀ ନନ୍ଦକିଶୋର ବଳ ବି. ଏ. ( ସ୍ୱାସ୍ଥ୍ୟସାହେବ)

---

## ଶୋକ ସଙ୍ଗୀତ

( ଉତ୍କଳସାହିତ୍ୟସମାଜର ୨୯ । ୭ । ୨୪
ତାରିଖର ବିଶେଷ ଅଧିବେଶନ ଉପଲକ୍ଷେ ରଚିତ)

ରାଗ—ରସକୁଲ୍ୟା

ଦୁଃଖିନୀ ଜନନୀ ନୟନନୀର,
ନ ଶୁଖୁଁ ଦାରୁଣ ବଧି ବଧିର,
ଚଳେ କାହୁଁ ତୀର ଜଳ କର୍ଷଣ,
ପୁଣି ଗୁଣମଣି ସୁନ୍ଦରରତନ,
ହୃଦସୁ ଯାଉଛୁ ଫାଟି ଯେ,
କାନ୍ଦଇ ଉତ୍କଳେ ଦୀନବନ୍ଧୁ ହର
ଦେଲ ମୋର ଗଳା କାଟି ଯେ । ୧ ।
କାନ୍ଦୁଛି ବାମଣ୍ଡା ପ୍ରଧାନପାଟ,
କାନ୍ଦେ ମାଙ୍ଗିରି ଗିରିସମ୍ରାଟ,
କାନ୍ଦଇ ବଙ୍ଗଳେ ଗଞ୍ଜାମ ମସ୍ତା,
ଦାରୁଣ ସନ୍ଦେଶ ନ ପାରେ ସହି,
ତବ ପ୍ରିୟ ଲୀଳାସ୍ଥଳୀ ଯେ,
ସୁନୀଳ ଚିଲିକା ଲହରୀମାଳିକା
ବିକ୍ଷୁବ୍ଧ ରମ୍ଭା ନଗରୀ ଯେ । ୨ ।
କର୍ମବୀର, ଧୀର, ଜ୍ଞାନୀ ସୁଜନ,
ପବିଣ-ଗଗନ-ଶୁକଶୋଭନ,
ସ୍ୱଦେଶ-ବତ୍ସଳ ଭାଷା-ରସିକ,
ବସନ୍ତ-ବିଳାସୀ ରସଜ୍ଞ ପିକ,
ଉତ୍କଳ ମୁକୁଟମଣି ଯେ,
କାହିଁ ଚାଲିଗଲ ? ନ ପାଉ ରଜନୀ
ବିଦ୍ୟାରତ୍ନ ନୀଳମଣି ହେ ! ୩ ।
ସୂଚନା କରିଲ ଉତ୍କଳଭୂମି—
ସମ୍ମିଳନୀ ଆହେ ସ୍ୱର୍ଗେ କିବାସି !
ନ ଦେଖି ସେ ଶୁଭ କର୍ମର ଫଳ,
କପଟ ଛାଡିଲ ପ୍ରିୟ ଉତ୍କଳ,
ବିଶ୍ୱସଙ୍କ ଶ୍ରୀଚରଣେ ଯେ,
ନ ସେବିଲେ ଆଶା ନ ହେବ ପୂରଣ
ବୋଲି କି କଲ ଗମନ ହେ ? ୪ ।

ଶ୍ରୀ କୁଳମଣି ଦାସ, କଟକ

---

## ଅନୁଶୋଚନା

ଧନ୍ୟ କର୍ମବୀର ! ତବ ଜନମ ସଫଳ,
ତୁମ୍ଭେହିଁ ତୁମ୍ଭର ସାଧୁ ଦୃଷ୍ଟାନ୍ତର ସ୍ଥଳ ।
ଦେଶହିତ-ବ୍ରତ ପାଳି ଯାବତ ଜୀବନ,
ବୋଲୁଅଛ ପ୍ରତିଲୋକ ମୁଖେ ଧନ୍ୟ ଧନ୍ୟ ।
ଯେତେବେଳେ ସାତପାଞ୍ଚ ତୁମ୍ଭ ଗୁଣ ଭାବୁଁ,
ମନେହୁଏ ବସିଛନ୍ତି ନୀଳମଣି ବାବୁ ।
ହାତୁଁ ଖାଇ ପର କାମ କରିବା ପ୍ରବୃତ୍ତି,
ଯାବତ ଜୀବନ ଥିଲ ତବ ଶ୍ରେଷ୍ଠ ବୃତ୍ତି ।
ମିଶାଇବା ପାଇଁ ତୁମ୍ଭେ ଉତ୍କଳେ ଗଞ୍ଜାମ,
କାନ୍ଦିଥିଲ ସଦା ଆମ୍ଭେ କରୁଛୁଁ ଅଞ୍ଜାମ ।

ଆଣିଥିଲେ ଜାହ୍ନବୀଙ୍କ ଯେସନ୍ତେ ଭଗୀରଥି,
ଆଣିଥିଲ ତୁମ୍ଭେ ତେସନ୍ତେ ସଂଗ୍ରାମେ ଉନ୍ନତି ।
ଦେଶମିଶ୍ରଣର ମୂଳ ନେତା ବୋଲି ଜାଣି,
ଇଚ୍ଛାକଲେ ତେଲଙ୍ଗାଏ ଦେବେ ବୋଲି ହାଣି ।
ମାତ୍ର ବସ୍ତପଣ ହୁଏ ସହାୟ ଯାହାର,
କି କରିପାରିବେ ତାର ତେଲଙ୍ଗାଏ ଘର !
ମହାବୀର ସମ ମହାଦର୍ପରେ ହେ ଅର୍ଥୀ,
ସାଧିଲ ନିର୍ଭୀକଭାବେ ସ୍ୱଦେଶର କାର୍ଯ୍ୟ ।
କରିଅଛ ସଂଗ୍ରାମରେ କାର୍ଯ୍ୟ ଯାହା ଯାହା,
ହୋଇବ ପ୍ରକାଣ୍ଡ ଗ୍ରନ୍ଥ ବଖାଣିଲେ ତାହା ।
ନୁହ ତୁମ୍ଭେ ରାଜା କିମ୍ବା ନୁହ ଜମିଦାର,
ମାତ୍ର ସ୍ୱୋପାର୍ଜିତ ଥିଲ କ୍ଷୁଦ୍ର ମହୋଦାର ।
ପରର ଉନ୍ନତି ଦେଖି ଆନନ୍ଦିତ ହେବା,
ଅଛି ଉତ୍କଳରେ ଜଣେ ତୁମ୍ଭ ବିନା କେବା ?
ଚନ୍ଦ୍ରାମଣି, ଦାମୋଦର ସ୍ୱର୍ଗି ଗଙ୍ଗାଧର,
କାଳ ହେଲେ ଏହିମାନେ ଉତ୍ସାହେ ତୁମ୍ଭର ।
ଘେନିଣ ପରୋପକାର ସାଧନର ଦୀକ୍ଷା,
ପର ପାଇଁ ପରଦ୍ୱାରେ ମାଗିବୁଲ ଭିକ୍ଷା ।
ଗର୍ବ ଅଭିମାନ ତିଳେ ମନରେ ନ ଥାଇ,
ଦେଖିଲେ ଓଡ଼ିଆ ମଣ ସହୋଦର ଭାଇ ।
ଦେଖିଛି ମୁଁ ଶୁଣି ଦେଶ-ଦୁର୍ଦ୍ଦଶା ସକଳ,
ତିନ୍ତିଯାଏ ନେତ୍ରଜଳେ ତୁମ୍ଭ ବକ୍ଷସ୍ଥଳ ।
ଅଛନ୍ତି ଖ୍ୟାତି-ପ୍ରତ୍ୟାଶୀ ନେତା ଦେଶେ ପଣେ,
ମାତ୍ର ସତ୍ୟ କର୍ମବୀର ତୁମ୍ଭେ ଏକା ଜଣେ ।
ଲେଖି ସେ ପ୍ରବନ୍ଧ କରି କେତେ ମିଷ୍ଟଭାଷା,
ପଠନେ ଲୋକର ଯାହା ନିରନ୍ତର ଆଶା ।
ଗରିବର ପୁତ୍ର ତୁମ୍ଭେ ହୋଇଲେ କି ହେଲା,
ଗରିବ ଘରକୁ ତୁମ୍ଭ ପରିଏ କେ ଦେଲା ।
ପାଶ୍ଚାତ୍ୟ ଦେଶରେ ଜନ୍ମିଥାନ୍ତ ଯେବେ ଭାଇ,
କେତେ ଆୟୋଜନ ହୋଇଥାନ୍ତା ତୁମ୍ଭ ପାଇଁ ।
ଯଥାର୍ଥ କହିଲେ ଏତେ ଅକୃତଜ୍ଞ ଜାତି,
ଓଡ଼ିଆଙ୍କ ପରି କେହି ଜଗତେ ନାହାନ୍ତି ।
ଦେଖୁ ଦେଖୁ ବର୍ଷଟାଏ ହୋଇଲଣି ଶେଷ,
ଦେଖୁ ନାହିଁ ସ୍ମୃତିରକ୍ଷା ପାଇଁ ଯତ୍ନ ଲେଶ ।

ମାତ୍ର ତୁମ୍ଭେ ତୁମ୍ଭ ସ୍ମୃତି ରଖିଛ ହେ ଯାହା,
ନୁହନ୍ତା ତ ବଳବତ୍ ଏହାଠାରୁ ତାହା ।
କି କହନ୍ତେ ବନ୍ଧେ ମାତ୍ର ମୋହ ପରି ଅଜ୍ଞ,
ବୋଲୁଥିବେ ଓଡ଼ିଆଏ ଅତି ଅକୃତଜ୍ଞ ।
କରିଛ ଯେ ମହାଯାତ୍ରା ମହମାସ୍ଥ ସ୍ଥଳେ,
ରଖିଣ ପବିତ୍ର ନାମ ସ୍ମୃତି ମସ୍ତକେ ।
ଦିବ୍ୟନେତ୍ରେ ଦିବ୍ୟଲୋକୁଁ ଦେଖୁଛ କି ଭାଇ,
କାନ୍ଦନ୍ତି ଉତ୍କଳେ କେତେ ତୁମ୍ଭ ଗୁଣ ଗାଇ ।

ଶ୍ରୀ ଗଦାଧର ମଙ୍ଗରାଜ ସାମନ୍ତ
ବରୁଣ

## ଶୋକ-ଗୀତିକା

ଗୀତ — ରସକୁଲ୍ୟା
(ମୁକୁର, ୧୯ଶ ଭାଗ, ୭ମ ସଂଖ୍ୟା)

ଉତ୍କଳ-ବରେଣ୍ୟ ବାଣୀ-ପୂଜକ,
ନିରଳସ ନିଷ୍ଠାପର ସାଧକ,
କର୍ମବୀର ଧୀର ସୁଧୀପ୍ରବର,
ସାହିତ୍ୟ-ରସିକ ସୁଗୁଣାଧାର,
କାହିଁ ଚାଲିଗଲ ଏକା ହେ,
ତବ କର୍ମଭୂମି ଉତ୍କଳ ଅବନୀ
ଝୁରୁଅଛି ଦିଅ ଦେଖା ହେ । ୧ ।
କି ଅତୁଳନୀୟ ତବ ଲେଖନୀ,
ଗଢିଅଛି କେତେ ଗୁଣୀ ସୁଜ୍ଞାନୀ,
ଫୁଟାଇଛି ବହୁ ଜ୍ଞାନ-କୋରକ,
ଫିଟାଇଛି କେତେ ମୂକ ମୁଖ,
ରଟାଇଛି ହିତ କଥା ହେ,
ଭାବିଲେ ହୃଦୟ ବିଦୀର୍ଣ୍ଣ ହେଉଛି
କାନ୍ଦି କାନ୍ଦି ମଥା ବ୍ୟଥା ହେ । ୨ ।
ଆଡ଼ମ୍ବରଶୂନ୍ୟ ତବ ଜୀବନ,
ନ ଥିଲ ମନେ ଅଭିମାନ ଚିହ୍ନ,
କେତେ କେତେ ନବ କାର୍ଯ୍ୟ ଦର୍ଶାଇ,
ଦେଶବାସୀ ମନ ନେଇଛ ମୋହି,
ଆଜୀବନ ଦେଶ କଥା ହେ,

ଧୀର ଧୀର ବନ୍ଧୁ   ଆଶା ବାନ୍ଧିଥିଲ
ସବୁ ହୋଇଗଲା ବୃଥା ହେ । ୩ ।
କେତେ ନିର୍ଯାତନ ନ ଥିଲ ସହି,
ବିଚ୍ଛିନ୍ନ ଉତ୍କଳ ମିଳନ ପାଇଁ,
ସ୍ୱାର୍ଥବେଷୀଙ୍କର ତୀବ୍ର ଯାତନା
ଘଟାଇଲା ଘୋର ହୃଦ-ବେଦନା,
କିନ୍ତୁ କାର୍ଯ୍ୟେ ଦୃଢବ୍ରତ ହେ,
ବହୁ ବାଧାବିଘ୍ନ   ଘଟିଲେ ହେଁ ତେବେ
ହୋଇ ନାହିଁ ବିଚଳିତ ହେ । ୪ ।
ସ୍ପଷ୍ଟବାଦୀ ବିଚକ୍ଷଣ ନିର୍ଭୀକ,
ଦେଖିଛି ତୁମ୍ଭ ସମ ଅଳ୍ପ ଲୋକ,
ସ୍ୱାର୍ଥସିଦ୍ଧି ପାଇଁ ନ ଥିଲା ଲକ୍ଷ୍ୟ,
ବିପନ୍ନ ଜନଙ୍କ ସେବାରେ ଦକ୍ଷ,
ପ୍ରତିଭା-ପୂଜା ପ୍ରବୃତ୍ତି ହେ,
ଉତ୍କଳେ ବିରଳ   ଦେଖାଯାଏ; କିନ୍ତୁ
ତବ ହୃଦେ ତା ବସତି ହେ । ୫ ।
'ପ୍ରଜାବନ୍ଧୁ', 'ହିତୈଷିଣୀ', 'ଦର୍ପଣ',
କେତେ ସୁଲେଖକ କରି ସୃଜନ,
ଜାତି-କୁସଂସ୍କାର କରିଛ ଧ୍ୱଂସ,
ବିଜାତି-ପ୍ରଭାବ ହୋଇଛି ହ୍ରାସ,
ପର-ଉପକାର-ବ୍ରତ ହେ,
ପାଳନେ ପଟୁତା   ଲଭି କରି ନିଜ
ଜୀବନକୁ କଲ ସାର୍ଥ ହେ । ୬ ।
'ମଧୁପ' ନମନ୍ତେ ମଧୁ ସଂଗ୍ରହ,
ହୋଇ ଯେ କରିବ ହୋଇ ସାରିଛି,
ସଞ୍ଚିତ କରିଛ ଯାହା ତା ପାଇଁ,
ବଞ୍ଚିବ ସିନା କିଛି କାଳ ଖାଇ,
ପରେ ତା ଦଶା କି ହେବ ହେ,
ସୁର-ସୁପାଳିତ   ନନ୍ଦନ-କାନନୁଁ
ଆହରି କି ଯୋଗାଇବ ହେ । ୭ ।
ନାହିଁ ମୋର ଜ୍ଞାନ ଶକ୍ତି ସାଧନା,
କରିବାକୁ ତବ ଗୁଣ ବର୍ଣ୍ଣନା,
ମାତ୍ର ଉତ୍କଳର ଇତିହାସରେ,
ନାମୋଲ୍ଲେଖ ହେବ ସ୍ୱର୍ଣ୍ଣାକ୍ଷରେ,
ତବକୃତ ଗ୍ରନ୍ଥାବଳୀ ହେ,
ପ୍ରତି ଘରେ ରହି   ସମାଜରେ ତବ
ସ୍ମୃତିଦୀପ ଦେବ ଜାଳି ହେ । ୮ ।
ଦେଖାଇଅ ଦେବ ସ୍ୱପ୍ନରେ ଥରେ,
ଜୁହାରିବ ତବ ପଦପଦ୍ମରେ,
ଜଣାଇବ ମୋର ହୃଦ-ବେଦନା,
ଭାଗ୍ୟହୀନା ବୋଲି ନ କର ଘୃଣା,
ତବ ପ୍ରିୟ ପୁତ୍ରକନ୍ୟା ହେ,
ଅଙ୍କୁର ହେଲେଣି   ଆଶୀର୍ବାଦ କର
ହେଉ ତାଙ୍କ ଚିର ଆୟୁ ହେ । ୯ ।
ଏତିକି ହେ ଦେବ ! ଶେଷ ମାଗୁଣି,
ଉତ୍କଳ-ଅବସ୍ଥା ଅଛ ତ ଜାଣି,
ପ୍ରତିକାର ପାଇଁ ବିଭୁ-ଛାମୁରେ,
ପ୍ରାର୍ଥୀ ହେବ ପ୍ରତିନିଧି ଭାବରେ,
ତବ ସଙ୍କଳ୍ପିତ କାର୍ଯ୍ୟ ହେ,
ଉତ୍କଳ-ମିଳନ   ଆଶୁ ହେବା ପାଇଁ
ଜଣାଉଥିବଟି ଆର୍ଯ୍ୟ ହେ । ୧୦ ।

ଶ୍ରୀ ବିପତ୍ତି ଗାୟକବନ୍ଧୁ
ବଡଖେମୁଣ୍ଡି

---

'ଉତ୍କଳ ସାହିତ୍ୟ' ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ବିଶ୍ୱନାଥ କର ତାଙ୍କ ପତ୍ରିକାରେ ବିଦ୍ୟାରତ୍ନଙ୍କ ସମ୍ବନ୍ଧରେ ଲେଖିଅଛନ୍ତି :—

"ଉତ୍କଳ ଚକ୍ଷୁରୁ ଶୋକାଶ୍ରୁ ଆଉ ଶୁଖିବ ନାହିଁ ପରି ? କିଛିଦିନ ହେଲା ବିଶେଷରେ ସାହିତ୍ୟ-କ୍ଷେତ୍ର ପ୍ରତି ଶନିଦୃଷ୍ଟି ପଡିଅଛି । ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ନାମ ଉତ୍କଳର ଗ୍ରାମେ ଗ୍ରାମେ, ଘରେ ଘରେ ସୁପରିଚିତ । ଆଜି ଆଉ ସେ ନୀଳମଣି ଏ ସଂସାରରେ ନାହାନ୍ତି । ଗତ ଜୁଲାଇ ୨୭ ତାରିଖ ରାତ୍ରି ପ୍ରାୟ ୧୨ଘଣ୍ଟା ସମୟରେ ସେ ଜରାଜୀର୍ଣ୍ଣ,ରୋଗଶୀର୍ଣ୍ଣ, ଚିନ୍ତାକ୍ଷୀଣ ପାର୍ଥିବ ଦେହ ପରିତ୍ୟାଗ କରି ଅମର ଧାମକୁ ଚାଲିଯାଇଅଛନ୍ତି ।

ଆଜି 'ଦେଶ-ସେବକ','ସାହିତ୍ୟିକ', 'କର୍ମବୀର' ଇତ୍ୟାଦି କଥାସବୁ ଯେପରି ସୁଲଭ ହୋଇଅଛି, ୩୦।୩୫ ବର୍ଷ ପୂର୍ବେ ସେପରି ନ ଥିଲା । ଆଜି ଯେପରି ଦେଖୁ ଦେଖୁ ଅଜାତଶ୍ମଶ୍ରୁ ବାଳକ ପର୍ଯ୍ୟନ୍ତ ସମ୍ପାଦ-

ପତ୍ରର ସମ୍ପାଦକ ହୋଇପଞ୍ଚ ଗଗନ ମେଦିନୀ ପ୍ରକମ୍ପିତ କରିଦେଉଅଛନ୍ତି, ସେତେବେଳେ ତାହା ମଧ୍ୟ ନ ଥିଲା । କେବଳ ମୁଷ୍ଟିମେୟ ବ୍ୟକ୍ତି ବିଭିନ୍ନ କେନ୍ଦ୍ରରେ ଥାଇ ପ୍ରାଣର ଗଭୀରତମ ପ୍ରଦେଶର ପ୍ରେରଣାରେ ଜାତୀୟ ଜୀବନର ଭିତ୍ତି ପ୍ରତିଷ୍ଠା କାର୍ଯ୍ୟରେ ଆତ୍ମନିୟୋଗ କରିଥିଲେ, ଜାତୀୟ ଅବସାଦ ଓ ଜଡତା ଦୂରୀକରଣ ପାଇଁ ପ୍ରାଣମନ ସମର୍ପଣ କରି କଠୋର ସାଧନାରେ ପ୍ରବୃତ୍ତ ହୋଇଥିଲେ । ତନ୍ମଧ୍ୟରେ ଜୀବନ୍ତ ଉତ୍ସାହ ଓ ଉଦ୍ୟମର ଅବତାର, ଅଧ୍ୟବସାୟର ପ୍ରତିମୂର୍ତ୍ତି, ଅକ୍ଲାନ୍ତ-କର୍ମା, ସ୍ୱନାମଧନ୍ୟ ପୁରୁଷ ପଣ୍ଡିତ ନୀଳମଣି ବିଦ୍ୟା-ରତ୍ନଙ୍କ ନାମ ଅଗ୍ରଗଣନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦିବାନିଶି କର୍ମ ଭିତରେ ବୁଡ଼ିରହିବା, ନିତ୍ୟ ନୂତନ ନୂତନ କର୍ମକ୍ଷେତ୍ରର ସନ୍ଧାନ କରିବା, କର୍ମସାଧନର ସୁଗମ ପନ୍ଥା ଉଦ୍ଭାବନ କରିବା, ବିଭିନ୍ନ ବିଷୟରେ କର୍ମୀ ନିର୍ବାଚନ କରି ଏବଂ ନିତ୍ୟ ଉତ୍ସାହର ଜଳ ସେଚନ କରି କର୍ମୀର ଜୀବନକୁ ସରସ ଓ ସତେଜ ରଖିବା, ଗୁଣୀର ଗୁଣ ପ୍ରତି ସମୁଚିତ ସମାଦର ପ୍ରଦର୍ଶନ କରିବା ଏବଂ ନାନାଭାବରେ ଗୁଣର ପୁରସ୍କାର ପାଇଁ ଆୟୋଜନ କରିବା ବିଷୟରେ ନୀଳମଣି ଭଳି ଦ୍ୱିତୀୟ ବ୍ୟକ୍ତି ଉତ୍କଳରେ କେହି ଅଛନ୍ତି ବୋଲି ଆମ୍ଭମାନଙ୍କୁ ଜଣା ନାହିଁ । ଗତ ୩୬।୩୭ ବର୍ଷ କାଳ ତାଙ୍କ ସହିତ ଘନିଷ୍ଠ ବନ୍ଧୁତା-ସୂତ୍ରରେ ଆବଦ୍ଧଥାଇ ଆମ୍ଭେମାନେ ତାଙ୍କୁ ନାନାକ୍ଷେତ୍ରରେ ନାନାଭାବରେ ଦେଖିବାର ସୁଯୋଗ ପାଇଅଛୁଁ ; ନାନା ବିଷୟରେ ତାଙ୍କ ଉନ୍ନତ ଉଦାର ଭାବ ପ୍ରତ୍ୟକ୍ଷ କରିଅଛୁଁ । ପରନ୍ତୁ ତାଙ୍କ ଜୀବନରେ ମାନବୀୟ ତ୍ରୁଟି ଦୁର୍ବଳତା ଯାହା ଥିଲା, ତାହା ମଧ୍ୟ ଆମ୍ଭମାନଙ୍କର ଅଗୋଚର ନ ଥିଲା ।

ତାଙ୍କ ଜୀବନର ସମସ୍ତ ଦିଗ ଓ କାର୍ଯ୍ୟକଳାପ ଆଲୋଚନା କରି ବୁଝିଥିଲୁଁ, ଦେଶଭକ୍ତ କାହାକୁ କହନ୍ତି ? ଦେଶ-ସେବା କିପରି କରିବାକୁ ହୁଏ ? ମହତ୍ତ୍ୱ ପ୍ରତି ସମ୍ମାନ କିପରି ଦେଖାଇବାକୁ ହୁଏ ? ଗୁଣର ଆଦର ଦ୍ୱାରା ଗୁଣକୁ କିପରି ଫୁଟାଇବାକୁ ହୁଏ—ଏଗୁଡ଼ିକ ଶିଖିବା ଓ ଶିଖାଇବା ତାଙ୍କ ଜୀବନଧାରଣର ଉଦ୍ଦେଶ୍ୟ ଥିଲା । ତାଙ୍କର ଜ୍ଞାନ, ଧ୍ୟାନ, ଚିନ୍ତା, ଆଲୋଚନା କର୍ମ—ସମସ୍ତର ଗତି ଏହି ଏକ ଲକ୍ଷ୍ୟର ଅଭିମୁଖରେ ନିୟତ ଚାଳିତ ହେଉଥିଲା । ନିଷ୍କର୍ମ ହୋଇ ବସିରହିବା ଅଥବା ଅସାର ବିଷୟରେ କାଳକ୍ଷେପ କରିବା ନୀଳମଣି-ଙ୍କର ପ୍ରକୃତିବିରୁଦ୍ଧ ଥିଲା । କର୍ମରେ ତାଙ୍କର ଶାନ୍ତି, କର୍ମରେ ଆନନ୍ଦ, କର୍ମରେ ଆପଣାକୁ ନିୟତ ନିଯୋଜିତ ରଖି ସେ ପରମ ପ୍ରସନ୍ନତା ଲାଭ କରିପାରୁଥିଲେ । ମୃତ୍ୟୁର ୨।୩ ମାସପୂର୍ବରୁ ନିତାନ୍ତ ଯନ୍ତ୍ରଣାଦାୟକ ପୀଡ଼ାର ସୂତ୍ରପାତ ହୋଇ ତାଙ୍କର ଜୀବନୀଶକ୍ତି କ୍ରମଶଃ ହ୍ରାସପ୍ରାପ୍ତ ହେଉଥିଲା । ଏ ସମୟଟା ତାଙ୍କର ପ୍ରାୟ ନିଃସଙ୍ଗଭାବରେ ଅତିବାହିତ ହୋଇଅଛି କହିଲେ ଚଳେ । ସମୟ ସମୟରେ ଜଣେ ଅଧେ ବନ୍ଧୁଙ୍କ ସହିତ କଥୋପକଥନ ଛଡ଼ା ସମୟ କଟାଇବାର ଅନ୍ୟ ଅବଲମ୍ବନ କିଛି ନ ଥିଲା । ସେ ଅବସ୍ଥାରେ ସୁଦ୍ଧା ନୂତନ କିଛି ଜ୍ଞାନ ଅର୍ଜନ କରିବା ଓ ସାଧାରଣଙ୍କର ପ୍ରୟୋଜନୀୟ ବିଷୟ କିଛି ସଂଗ୍ରହ କରିବା ତାଙ୍କର ନିତ୍ୟକର୍ମ ଥିଲା । ସେତେବେଳେ ସୁଦ୍ଧା ଶେଷ ଜୀବନରେ ଗୋଟିଏ କିଛି ନୂତନ କର୍ମକ୍ଷେତ୍ରରେ ପ୍ରବେଶ କରିବା ପାଇଁ ତାଙ୍କ ଚିତ୍ତ ଉଠୁଥିଲା । ପ୍ରାୟ ପ୍ରତିଦିନ ଆମ୍ଭମାନଙ୍କ ସହିତ ସେ ବିଷୟରେ ଆଲୋଚନା ଚାଲିଥିଲା । ହାୟ ! କର୍ମର ବ୍ୟବସ୍ଥା ପ୍ରସ୍ତୁତ ହେବା ବେଳକୁ ସେ ଆମ୍ଭମାନଙ୍କୁ ଫାଙ୍କିଦେଇ ଚାଲିଗଲେ ! ହାୟ ! ଏହା କିପରି ଅଦୃଷ୍ଟର ପରିହାସ ! ଶ୍ମଶାନକ୍ଷେତ୍ରରେ ତାଙ୍କ ବଦନମଣ୍ଡଳରେ ଗୋଟିଏ ସୁମଧୁର ହାସ୍ୟରେଖା ପ୍ରତ୍ୟକ୍ଷ କରି ଆମ୍ଭମାନଙ୍କ ମନରେ ଏହି କଥାଟା ବାରମ୍ବାର ଉଦିତ ହୋଇଥିଲା । ଦେଶହିତକର ସମସ୍ତ ବ୍ୟାପାରରେ ନୀଳମଣିଙ୍କର କିପରି ପ୍ରାଣର ଗଭୀର ଯୋଗ ଥିଲା, ତାହା ଅନେକଙ୍କୁ ଜଣାଅଛି ।

ଉତ୍କଳ ସମ୍ମିଳନୀର କଳ୍ପନା ସର୍ବପ୍ରଥମେ ତାଙ୍କର ଉର୍ବର ମସ୍ତିଷ୍କରେ ଉଦିତ ହୋଇଥିଲା । ସମ୍ମିଳନୀର କାର୍ଯ୍ୟରେ ତାଙ୍କର ଉତ୍ସାହ, ଅନୁରାଗ, ଚିନ୍ତା ଓ ଶ୍ରମର ଅନ୍ତ ନ ଥିଲା । ଅନ୍ୟ ବହୁବିଧ ବ୍ୟାପାରରେ ସେ ନାନା ଭାବରେ ଶକ୍ତି ଓ ସମୟ ବ୍ୟୟ କରିଯାଇଅଛନ୍ତି । କିନ୍ତୁ ସମ୍ବାଦପତ୍ର ପରିଚାଳନରେ ସେ ଯେଉଁ କୃତିତ୍ୱ, ଦକ୍ଷତା ଓ କୌଶଳ ଦେଖାଇଅଛନ୍ତି, ସେଥିରେ ତାଙ୍କୁ ଆଜନ୍ମ ସମ୍ପାଦକ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଦ୍ୟାରତ୍ନଙ୍କ

ହିତୈଷିଣୀ ଓ 'ପ୍ରଜାବନ୍ଧୁ' ତାହାର ଜ୍ୱଳନ୍ତ ସାକ୍ଷୀ । ଏହି କ୍ଷେତ୍ରରେ ସର୍ବାପେକ୍ଷା ଉଲ୍ଲେଖଯୋଗ୍ୟ ବିଷୟ, ତାଙ୍କର ଉଦାରତା ଓ ନିରପେକ୍ଷତା । ନିଜର ମତ-ବିରୁଦ୍ଧ ହେଲେ ମଧ୍ୟ ନାନାମତ ପ୍ରତି ସମାଦର ପ୍ରଦର୍ଶନ କରିବାରେ ସେ କେବେହେଲେ ପଶ୍ଚାତ୍‌ପଦ ନ ଥିଲେ । କୌଣସି ପକ୍ଷ ଅବଲମ୍ବନ କରି ପରସ୍ପରବିରୁଦ୍ଧ ମତା-ବଲମ୍ବୀ ଲେଖକମାନଙ୍କ ସ୍ୱାଧୀନ ମତ ପ୍ରକାଶ ପାଇଁ ସ୍ୱୀୟ ପତ୍ରିକାର ସ୍ତମ୍ଭ ସେ ସର୍ବଦା ମୁକ୍ତ ରଖୁଥିଲେ । ଏହି କାରଣରୁ ତାଙ୍କ ପତ୍ରିକା ସକଳ ଶ୍ରେଣୀର ଲେଖକ ଓ ସମାଲୋଚକଙ୍କର ପ୍ରିୟ ହୋଇପାରିଥିଲା ।

ସ୍ୱଜାତି-ପ୍ରୀତିରେ ନୀଳମଣି କାହାରିଠାରୁ ହୀନ ନ ଥିଲେ । କିନ୍ତୁ ପରଜାତି-ବିଦ୍ୱେଷ ତାଙ୍କ ପ୍ରାଣକୁ କେବେହେଲେ ସ୍ପର୍ଶ କରି ନ ଥିଲା । ସତ୍ୟର ଅନୁ-ରୋଧରେ ସ୍ୱଜାତି ବା ପରଜାତି କାହାରି ଦୋଷ ଉଦ୍‌ଘାଟନ କରିବାକୁ ସେ ଭୀତ ବା କୁଣ୍ଠିତ ହେଉ ନ ଥିଲେ । ନୀଳମଣିଙ୍କ ଜୀବନର ବହୁଶତ ଘଟଣା ଆଜି ଆମ୍ଭମାନଙ୍କ ସ୍ମୃତିମନ୍ଦିରର ଦ୍ୱାରଦେଶ ଆଚ୍ଛନ୍ନ କରି ପକାଇଅଛନ୍ତି, କେଉଁ କଥା ଲେଖିବୁଁ ? କେତେଟା କଥା ଲେଖିବୁଁ ? ଏ ସ୍ଥଳରେ ନୀରବତାହିଁ ଶ୍ରେୟସ୍କର ।

ବନ୍ଧୁରୂପରେ ନୀଳମଣି ଆମ୍ଭମାନଙ୍କ ପ୍ରାଣର କେତେ ସ୍ଥାନ ଅଧିକାର କରିଥିଲେ, ତାହା ଅନ୍ତର୍ଯ୍ୟାମୀ ପୁରୁଷଙ୍କ ଛଡ଼ା ଆଉ କିଏ ବୁଝିବ, ବୁଝିବାର ପ୍ରୟୋ-ଜନୀୟତା ବା କଅଣ ? ଅବସ୍ଥାର ଶତ ବିପର୍ଯ୍ୟୟରେ—ଘଟଣାଚକ୍ରର ଶତ ଘୂର୍ଣ୍ଣନରେ ତାହାର ତିଳେମାତ୍ର ବ୍ୟତିକ୍ରମ ଘଟି ନାହିଁ । ତାଙ୍କପରି ବନ୍ଧୁବତ୍ସଳ ବ୍ୟକ୍ତି ଜୀବନରେ ଅତି ଅଳ୍ପ ଦେଖିଅଛୁଁ ।"

---

କଟକର ଶ୍ରୀଯୁକ୍ତ କୃଷ୍ଣପ୍ରସାଦ ଚୌଧୁରୀ ଲେଖିଥିଲେ:—

"ପ୍ରିୟ ନୀଳମଣି ବାବୁ, ୩୫ ବର୍ଷର ପାର୍ଥିବ ବନ୍ଧୁତା ଛିନ୍ନ କରି ଚାଲିଗଲ ! ଆଉ ତୁମଠାରୁ "ପ୍ରିୟ କୃଷ୍ଣପ୍ରସାଦ ବାବୁ" ମଧୁର ସମ୍ଭାଷଣଟି ଶୁଣି-ପାରିବି ନାହିଁ । ତୁମ୍ଭେ ଶୋକଦୁଃଖର ଅତୀତ ପ୍ରଦେ-ଶକୁ ଚାଲିଯାଇଅଛ, ତୁମ୍ଭ ସକାଶେ ଶୋକ କରିବା ବୃଥା ଜାଣି ସୁଦ୍ଧା ଏ କ୍ଷୁଦ୍ର ପତ୍ରିକା ଖଣ୍ଡିକ ଲେଖୁଅଛି । ଥରେ ତାହା ତୁମ୍ଭ ସ୍ୱର୍ଗୀୟ ବନ୍ଧୁମାନଙ୍କ ବୈଠକରେ ପେସ କରିଦିଅ କି ?

ମହା ମହୋପାଧ୍ୟାୟ ପଠାଣିସାମନ୍ତ ଜ୍ୟୋତିଷ ଗଣନା ଦ୍ୱାରା ପୁରୀଧାମରେ ନିଜର ମହାଯାତ୍ରା କାଳ ନିର୍ଣ୍ଣୟ କରିଥିଲେ । ତୁମ୍ଭେ ଜ୍ୟୋତିଷୀ ନ ହୋଇ ସୁଦ୍ଧା ତାଙ୍କୁ ବଳିଗଲ ପରି ! ଅଳ୍ପଦିନ ପୂର୍ବେ ତୁମ୍ଭେ 'ଗଙ୍ଗାଧର ପ୍ରସଙ୍ଗ' ଶେଷ କରିବାକୁ ଯାଇ କହିଥିଲ—"ଭାଇ ଗଙ୍ଗାଧର, ଦ୍ୱେଷ-ହିଂସା-କପଟତା-କଳୁଷିତ, ଆତ୍ମାଭିମାନଜର୍ଜରିତ ଏ ଦେଶ ତୁମ୍ଭର ବାସସ୍ଥାନର ଉପଯୁକ୍ତ ନୁହେ । ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ବିହାରସ୍ଥଳୀ ଅମର ଧାମ ତୁମ୍ଭର ଉପଯୁକ୍ତ ସ୍ଥାନ । ସେହି ଦେବବାଞ୍ଛିତ ସ୍ଥଳୀ ସମସ୍ତଙ୍କର ଉପଭୋଗ୍ୟ ନୁହେ । ତେବେ କଥା ଅଛି—'କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ ତରଣେ ନୌକା ।'

ତୁମ୍ଭମାନଙ୍କ ସହବାସ ଫଳରେ ଯଦି କିଛି ପୁଣ୍ୟ ଲାଭ କରିପାରିଥାଏ, ତେବେ ସେହି ପୁଣ୍ୟବଳରେ ଅନ୍ତରେ ତୁମ୍ଭମାନଙ୍କ ସାକ୍ଷାତ୍ ଲାଭ କରିପାରିବାର ଭରସା ରହିଲା । ଭରସା ଯେ ବାସ୍ତବିକ ଅନ୍ତରେ କାର୍ଯ୍ୟରେ ପରିଣତ ହେଲା ! ତୁମ୍ଭର ମହାପ୍ରୟାଣ ଯେ ପ୍ରାୟ ଇଚ୍ଛାମୃତ୍ୟୁ ପରି ହେଲା ।

ଭାଇ, ସ୍ୱର୍ଗରେ ସ୍ୱାର୍ଥପରତା ନାହିଁ ବୋଲି ଲୋକେ କହୁଥାଆନ୍ତି । ମାତ୍ର ତୁମ୍ଭର ସ୍ୱର୍ଗୀୟ ବନ୍ଧୁମାନେ ଅକାଳରେ ତୁମ୍ଭକୁ ଆହ୍ୱାନ କରି ନେଇଯିବାରୁ ତାହା ଅପ୍ରମାଣିତ ହେଉ ନାହିଁ କି ? 'ବିଜୁଳି'ର ଲକ୍ଷ୍ମୀ ରାମନାରାୟଣ ରାୟ, 'ଇନ୍ଦ୍ରଧନୁର' ଗୋପାଳବଲ୍ଲଭ, 'ଦୀପିକା'ର ଗୌରୀଶଙ୍କର, 'ଗଞ୍ଜାମନିଉଜ'ର ଶ୍ୟାମସୁନ୍ଦର, ଷ୍ଟାର ଅଫ୍ ଉତ୍କଳର ଖୀରୋଦଚନ୍ଦ୍ର, 'ସମ୍ବାଦବାହିକା'ର ଗୋବିନ୍ଦଚନ୍ଦ୍ର, 'ଆଶା'ର ସାଧୁଚରଣ, 'ଉତ୍କଳପ୍ରଭା'ର ଗୋବିନ୍ଦଚନ୍ଦ୍ର ପ୍ରଭୃତି ସମ୍ପାଦକ ଯେଉଁ ବୈଠକରେ ଠୁଳ—ରାଜକବି ସାର ସୁଢଳଦେବ, ମହାରାଜା ରାମଚନ୍ଦ୍ର ଭଞ୍ଜ ଯେଉଁ ମହାସଭା ଅଳଙ୍କୃତ କରିଅଛନ୍ତି, କବିବର ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର

ସହିଁର ଭୂଷଣ—ଉତ୍ସାହର ଉତ୍ସ ଓ ଓଡ଼ିଆ ସାହିତ୍ୟର ନିଷ୍ଠାପର ସାଧକ, ଗୋପୀନାଥ ଓ ମୃତ୍ୟୁଞ୍ଜୟ, ନରସିଂହ ଯେଉଁଠାରେ ସମାସୀନ, ତହିଁରେ ତୁମ୍ଭର ଆସନଖଣ୍ଡିକ କେତେ ଦିନ ଶୂନ୍ୟ ପଡ଼ିଥାଆନ୍ତା ?

ଭାଇ, ପତ୍ରିକା ସମ୍ପାଦନ ତୁମ୍ଭର ଜନ୍ମଗତ ବ୍ୟବସାୟ ଥିଲା ପରି ! 'ସମ୍ବଲପୁର ହିତୈଷିଣୀ' ଠାରୁ ଆରମ୍ଭ କରି 'ପ୍ରଜାବନ୍ଧୁ', 'ସ୍ୱଣଦର୍ପଣ', 'ଉତ୍କଳଦୀପିକା', 'ଉତ୍କଳମଧୁପ', 'ଆଲୋଚନା', 'ସଂସ୍କାରକ'—ଛଅ ସାତ ଖଣ୍ଡ ସାପ୍ତାହିକ ଓ ମାସିକ ପତ୍ରିକା ଦକ୍ଷତା ସହିତ ସମ୍ପାଦନ କରିଗଲ; 'ହିତୈଷିଣୀ' ଓ 'ପ୍ରଜାବନ୍ଧୁ' ଓଡ଼ିଆଭାଷୀ ଅଞ୍ଚଳମାନଙ୍କରେ ଯେଉଁ ଯୁଗାନ୍ତର ପ୍ରବର୍ତ୍ତିତ କରିଥିଲା, ତାହା ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଅଙ୍କିତ ରହିବ । ସତ୍ ସାହିତ୍ୟପ୍ରିୟର ମାନସରେ ଯେଉଁ ରତ୍ନସ୍ତବକ ସୁସମ୍ପାଦନ କରି ରଖିଗଲ, ସେଗୁଡ଼ିକ ସାହିତ୍ୟ ଭଣ୍ଡାରର ଖୋଜି ସମ୍ପାଦନ କରିବା ସଙ୍ଗେ ସଙ୍ଗେ ଦେଶର ଅଶେଷ କଲ୍ୟାଣ ସାଧନ କରିବ ।

ବନ୍ଧୁବର, ଓଡ଼ିଆଭାଷୀ ମଧ୍ୟପ୍ରଦେଶ, ଗଞ୍ଜାମ ଓ ମୋଗଲବନ୍ଦୀ ଏହି ତିନି ଅଞ୍ଚଳ ତୁମ୍ଭର କର୍ମଭୂମି ହୋଇଥିଲା । ବିକ୍ଷିପ୍ତ ଓଡ଼ିଆ ଜାତିକୁ ଏକତ୍ର କରି ଏକ ମହାଜାତିରେ ପରିଣତ କରିବାଲାଗି ଯେଉଁ ଅଗ୍ରଣୀ ମହାତ୍ମାମାନେ କାର୍ଯ୍ୟ କରିଥିଲେ, ସେମାନଙ୍କ ମଧ୍ୟରେ ତୁମେ ଅନ୍ୟତମ ଥିଲ । ଗଞ୍ଜାମ ବ୍ରହ୍ମପୁରଠାରେ ପ୍ରଥମେ "ଉତ୍କଳ-ସମ୍ମିଳନୀ"ର ଜନ୍ମଦାତାମାନଙ୍କ ମଧ୍ୟରେ ତୁମ୍ଭେ ଅଗ୍ରଣୀ । ଦେଶ-ମିଶ୍ରଣ ବିଷୟରେ ଲର୍ଡ କର୍ଜନଙ୍କ ସମୀପକୁ ଡେପୁଟେସନ ପଠାଇବାରେ ତୁମ୍ଭେ ଅକ୍ଳାନ୍ତ ପରିଶ୍ରମ କରିଥିଲ । ତୁମ୍ଭେ ସ୍ୱପ୍ନରେ ସୁଦ୍ଧା ସ୍ୱଦେଶ-ସେବା କରୁଥିଲ । ସ୍ୱଦେଶ-ପ୍ରେମ ତୁମ୍ଭଠାରେ ମୂର୍ତ୍ତି ପରିଗ୍ରହ କରିଥିଲା ।

ପ୍ରିୟବର, ଦାରିଦ୍ର୍ୟ ସହିତ ତୁମ୍ଭର ଚିରକାଳ ସମ୍ବନ୍ଧ ଥିଲା । ମାତ୍ର କଦାପି ତାହା ତୁମ୍ଭଙ୍କୁ କର୍ତ୍ତବ୍ୟ-ଭ୍ରଷ୍ଟ କରିପାରି ନ ଥିଲା । ସାହିତ୍ୟ କ୍ଷେତ୍ରରେ—ପୁଣି ଓଡ଼ିଶାରେ ଦାରିଦ୍ର୍ୟପୀଡ଼ିତ ହୋଇ ଅନେକ ଶକ୍ତି-ଶାଳୀ ଲେଖକ ଓ ଗ୍ରନ୍ଥପ୍ରଣେତା ହତାଶ ହୋଇ ପଥ-ଭ୍ରଷ୍ଟ ହୋଇଅଛନ୍ତି । ମାତ୍ର ମୋତେ ଅଜୁଆ ଲାଗୁଅଛି ତୁମ୍ଭେ କିପରି ନିରୁତ୍ସାହ ନ ହୋଇ ଏତେ କାର୍ଯ୍ୟ କରିଗଲ । ଦରିଦ୍ର ଦେଶର କର୍ମୀମାନଙ୍କ ନିକଟରେ ତୁମ୍ଭର ଆଦର୍ଶ ସଫଳ ହେଉ ।

ବନ୍ଧୋ ! ଦେଶର ପ୍ରତ୍ୟେକ ହିତକର ଅନୁଷ୍ଠାନ ସହିତ ତୁମ୍ଭର ଯୋଗ ଥିଲା । ତୁମ୍ଭ ସହିତ କଥୋପକଥନ ବେଳେ ଏବଂ ତୁମ୍ଭର ପତ୍ରାଦିରୁ ତାହା ସ୍ପଷ୍ଟରୂପେ ଜଣା-ଯାଉଥିଲା । ତୁମ୍ଭର ମୁକ୍ତାବିନିନ୍ଦିତ ହସ୍ତଲିପି ପାଠକରିବା ମୋ ପକ୍ଷରେ ସୌଭାଗ୍ୟର ବିଷୟ ଥିଲା । 'ହିତୈଷିଣୀ' ପରିଚାଳନା ବେଳେ ତୁମ୍ଭେ ସାହିତ୍ୟସେବାରେ ଯେଉଁ ଉଚ୍ଚ ଆଦର୍ଶ ଦେଶସମ୍ମୁଖରେ ସ୍ଥାପନ କରିଥିଲ, ତଦ୍ୱାରା ଅନେକ ସୁଲେଖକ ପ୍ରସ୍ତୁତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ଅନେକେ ଆଜି ସୁଦ୍ଧା ସାହିତ୍ୟ-ସେବାରେ ରତ ଅଛନ୍ତି । ଗଞ୍ଜାମ ଅଞ୍ଚଳରେ ତୁମ୍ଭେ ଓଡ଼ିଆ ଭାଷା ଓ ସାହିତ୍ୟର ମର୍ଯ୍ୟାଦା ବଢ଼ାଇବାରେ ପ୍ରଭୂତ ଚେଷ୍ଟା କରିଥିଲ । ସେଠାରେ ଓ ସମ୍ବଲପୁରରେ ଓଡ଼ିଆ ଭାଷା ପ୍ରଧାନତଃ ତୁମ୍ଭ ଚେଷ୍ଟାରୁ ସରକାରୀ କଚେରୀ ଓ ଦେଶୀୟ ରାଜା ଏବଂ ଜମିଦାରମାନଙ୍କ ସିରସ୍ତାରେ ପ୍ରବେଶ ଲାଭ କରିପାରିଅଛି । ତୁମ୍ଭର ପ୍ରରୋଚନାରେ ଅନେକ ମୋଗଲବନ୍ଦୀର ଓଡ଼ିଆ ଉକ୍ତ ଦୁଇ ଅଞ୍ଚଳରେ ପ୍ରବେଶ ଲାଭକରି ତତ୍ପ୍ରଦେଶର ଭାଷା ଓ ଆଚାର-ବ୍ୟବହାର ବହୁତ ପରିମାଣରେ ସଂଶୋଧନ କରିପାରି-ଅଛନ୍ତି । ଭାଇ, ସମ୍ବାଦପତ୍ର ପରିଚାଳନା ତୁମ୍ଭ ଜୀବନର ପ୍ରଧାନ କାର୍ଯ୍ୟ ଥିଲା । ଉକ୍ତ କାର୍ଯ୍ୟ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ଓ ବିପତ୍ସଙ୍କୁଳ । ନିର୍ଭୀକତା ସମ୍ପାଦକ ପଦର ଗୋଟିଏ ପରମ ଭୂଷଣ, ତୁମ୍ଭଠାରେ ତାହା ପୂର୍ଣ୍ଣମାତ୍ରାରେ ଥିଲା । ଦେଶର କଥା ଓ ଅବସ୍ଥା ସରଳ ଓ ନିର୍ଭୀକଭାବରେ କହିବାକୁ ତୁମ୍ଭେ କେବେମାତ୍ର ପଶ୍ଚାତ୍ପଦ ହେଉ ନ ଥିଲ ।

ଆଉ କଅଣ କହିବି ଭାଇ, ଗଙ୍ଗାଧର ପ୍ରସଙ୍ଗର କାଳି ନ ଶୁଖୁଣୁ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲ । ତୁମ୍ଭର କାର୍ଯ୍ୟ କଅଣ ଶେଷ ହୋଇଥିଲା ? ଯାହାହେଉ, ତୁମ୍ଭେ ମେହେରଙ୍କୁ ଲକ୍ଷ୍ୟ କରି ଯାହା କହିଥିଲ, ତାହାହିଁ କହି ମୁଁ ଏ ପତ୍ର ଶେଷ କରୁଅଛି । ତୁମ୍ଭେମାନେ ତ ଏକେ ଏକେ ଦେଶ ତ୍ୟାଗ କରିଗଲ । ତୁମ୍ଭମାନଙ୍କ ସ୍ଥାନ ପୂରଣ କରିବାକୁ ବର୍ତ୍ତମାନ ବା ନିକଟଭବିଷ୍ୟତରେ

ଦେଶରେ ଉପଯୁକ୍ତ ଲୋକର ଏକାନ୍ତ ଅଭାବ ପରିଲକ୍ଷିତ ହୁଏ । ତୁମ୍ଭେମାନେ ଅମର ଧାମରେ ଥାଇ ସ୍ୱଦେଶର ଏହି ଶୋଚନୀୟ ଅଭାବ ପୂରଣ ପାଇଁ ଆଶୀର୍ବାଣୀ ଉଚ୍ଚାରଣ କର ।

ତୁମ୍ଭର ପ୍ରିୟ "କୃଷ୍ଣପ୍ରସାଦ ଚୌଧୁରୀ"

---

ଶ୍ରୀଯୁକ୍ତ ଶ୍ରୀବତ୍ସ ପଣ୍ଡା ବି:ଏ:'ପ୍ରଦୀପ' ମାସିକପତ୍ରିକାରେ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ବନ୍ଧରେ ଲେଖିଥିଲେ—

ସମ୍ପାଦକ, "ସମ୍ବଲପୁର ହିତୈଷିଣୀ" ଉତ୍କଳରେ ଗୋଟିଏ ପ୍ରାଚୀନ ପ୍ରସିଦ୍ଧ ସାପ୍ତାହିକ ସମ୍ବାଦପତ୍ର ଥିଲା । ବିଦ୍ୟାରତ୍ନ ବହୁକାଳ ତାହାର ସୁଦକ୍ଷ ବିଖ୍ୟାତ ସମ୍ପାଦକ ଥିଲେ । ଅନେକ କବି, ପଣ୍ଡିତ, ବିଦ୍ୱାନ୍ ବ୍ୟକ୍ତି ତହିଁର ଲେଖକ ଥିଲେ । ବିଦ୍ୟାରତ୍ନଙ୍କ ଅମଳରେ ହିତୈଷିଣୀର ବହୁପ୍ରଚାର ଓ ଆଦର ଗୌରବ ବଢିଥିଲା । ତା ପରେ ନୀଳମଣି ଗଞ୍ଜାମକୁ ଆସି ଖଲ୍ଲିକୋଟ ରାଜାଙ୍କ ଆନୁକୂଲ୍ୟରେ ରମ୍ଭାରୁ "ପ୍ରଜାବନ୍ଧୁ" ପ୍ରକାଶ କଲେ । ଏହି ପ୍ରଜାବନ୍ଧୁ କ୍ରମେ କ୍ରମେ ବଡ଼ ପ୍ରଭାବଶାଳୀ ପତ୍ରିକା ହେଲା । ପ୍ରଜାବନ୍ଧୁ ଯୋଗୁଁ ଗଞ୍ଜାମରେ ଜାତୀୟ ଜାଗରଣର ସୂତ୍ରପାତ ହେଲା, ଦେଶମିଶ୍ରଣ, ଉତ୍କଳସମ୍ମିଳନୀ ଇତ୍ୟାଦି ଜାତୀୟ ଆନ୍ଦୋଳନ ଆରମ୍ଭ ହେଲା । ଖଲ୍ଲିକୋଟ ରାଜାଙ୍କ ବିୟୋଗ ପରେ ନୀଳମଣି ବଡଖେମୁଣ୍ଡି ରାଜଧାନୀରୁ 'ଗଞ୍ଜାମ ଗୁଣଦର୍ପଣ' ସମ୍ପାଦନ କଲେ । ପରିଶେଷରେ ବଡ଼ଖେମୁଣ୍ଡିରୁ ଯାଇ କଟକରେ 'ଉତ୍କଳଦୀପିକା'ର ସମ୍ପାଦକ ହେଲେ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୁଦକ୍ଷତା ଓ ସୁଖ୍ୟାତିର ସହିତ ନୀଳମଣି ଏହିସବୁ ସମ୍ବାଦପତ୍ରର ସମ୍ପାଦନ ଓ ସୁପରିଚାଳନ କରିପାରୁଥିଲେ । ଏହିପରି ସମଗ୍ର ଉତ୍କଳରେ ନୀଳମଣି ବିଦ୍ୟାରତ୍ନ ଜଣେ ପ୍ରବୀଣ ବିଖ୍ୟାତ ସମ୍ପାଦକରୂପରେ ଆଦରଗୌରବ ପାଉଥିଲେ ।

ସଂଗ୍ରାହକ—ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ଇଂରାଜୀ କାଗଜ ଓ ପୁସ୍ତକମାନଙ୍କରୁ ବିଦ୍ୟାରତ୍ନ ବିବିଧ ବିଦ୍ୟା-ତତ୍ତ୍ୱ ସଂଗ୍ରହ କରିପାରୁଥିଲେ ଏବଂ ସେହିସବୁ ସଂଗୃହୀତ ତଥ୍ୟ 'ଉତ୍କଳ-ମଧୁପ' ନାମକ ମାସିକ ପତ୍ରିକାରେ ଧାରାବାହିକଭାବରେ ପ୍ରକାଶ କରୁଥିଲେ । ଉତ୍କଳ-ମଧୁପରୁ ରାଜା ପ୍ରଜା, କୃଷକ, ବଣିକ, ଶିକ୍ଷକ, ସେବକ, ସ୍ତ୍ରୀପୁରୁଷ, ଯୁବକ, ବାଳକ ନାନାଶ୍ରେଣୀର ଲୋକ କିଛି କିଛି ଜ୍ଞାନ ଲାଭ କରୁଥିଲେ । 'ଉତ୍କଳ-ମଧୁପ' ସତ ଉତ୍କଳମଧୁପ ଥିଲା, ନାନା ଦେଶରୁ ଆଣି ଉତ୍କଳ ପାଇଁ ମଧୁ ସଞ୍ଚୟ କରୁଥିଲା ।

ସୁଲେଖକ—ନୀଳମଣି ଜଣେ ଭଲ ବଡ଼ ଲେଖକ ଥିଲେ । ଉତ୍କଳରେ ଏପରି ଲେଖକ ବିରଳ ବୋଲିବାକୁ ହେବ । ଯେତେ ଦୃଢ଼ ଓ ଜଟିଳ ଭାବ ହେଉପଛେ, ସେ ସୁନ୍ଦର ସରଳ ସୁବୋଧ ଭାଷାରେ ବ୍ୟକ୍ତ କରିପାରୁଥିଲେ । ସେ କୌଣସି ବିଷୟ ଧରିଲେ ଶେଷ ନ କରି ଛାଡ଼ନ୍ତି ନାହିଁ । ତାଙ୍କ କଲମଟା ପାଣି ସୁଅ ପରି ଚାଲିଥାଏ, କେବେ କୌଣସି ଜାଗାରେ ଅଟକିଯାଏ ନାହିଁ ବୋଲିବାକୁ ହେବ । ସେ ଜଣେ ଚିନ୍ତାଶୀଳ ଅବିଶ୍ରାନ୍ତ ଲେଖକ ଥିଲେ । ସେ ସାଧାରଣ ଗ୍ରାମ୍ୟଭାବକୁ ଉଚ୍ଚ ସାଧୁଭାଷାରେ ଓ ଉଚ୍ଚ ଗମ୍ଭୀର ଭାବକୁ ସାଧାରଣ ସରଳ ଅଥଚ ସାଧୁଭାଷାରେ ବ୍ୟକ୍ତ କରିପାରୁଥିଲେ । ବିବିଧବିଷୟକ ଅତ୍ୟନ୍ତ ଉପାଦେୟ ଅନେକ ଛୋଟ ଛୋଟ ବହି ସେ ଲେଖିଯାଇଅଛନ୍ତି । ତାହାଙ୍କର ପୁସ୍ତକଗୁଡ଼ିକୁ ଏକାଠି କଲେ, ନୀଳମଣି-ଲେଖାବଳୀ ଗୋଟିଏ ପ୍ରକାଣ୍ଡ ଗ୍ରନ୍ଥ ହେବ । କେହି ସାହିତ୍ୟରସିକ ଧନାଢ୍ୟ ଲୋକ ଏହି ଗ୍ରନ୍ଥ ସଙ୍କଳନ କଲେ ବହୁ ଉପକାର ହୁଅନ୍ତା । ନୀଳମଣି ବିଦ୍ୟାରତ୍ନ ଉତ୍କଳସମାଜରୁ ଗଲେଣି; କିନ୍ତୁ ଉତ୍କଳସାହିତ୍ୟକ୍ଷେତ୍ରରେ ବିବିଧ ବିଦ୍ୟାର ମଣି ବିଞ୍ଚିଦେଇ ଯାଇଅଛନ୍ତି । ସେହିସବୁ ମଣି ନୀଳମଣିଙ୍କୁ ଉତ୍କଳରେ ଚିରକାଳ ଅମର କରି ରଖିପାରିବ ।

ଉଦ୍ୟୋଗୀ—ବିଦ୍ୟାରତ୍ନ ସର୍ବଦା ବିବିଧ ଚିନ୍ତା କରି ନାନାଦିଗରେ ଉଦ୍ୟୋଗ କରନ୍ତି । ବିଘ୍ନଭୟରୁ କୌଣସି କାର୍ଯ୍ୟ ଆରମ୍ଭ ନ କରି ରହନ୍ତି ନାହିଁ ଓ ଆରବ୍ଧ କାର୍ଯ୍ୟ ଛାଡ଼ନ୍ତି ନାହିଁ; ବିଘ୍ନ ଆଶଙ୍କାରେ ବିଚଳିତ ନ ହୋଇ ମନୋଯୋଗପୂର୍ବକ କାର୍ଯ୍ୟରେ ଲାଗିଥାଆନ୍ତି, ମନ୍ଦ ହେଉ ପଛେ କାର୍ଯ୍ୟ ସିନା କରନ୍ତି, ଅକର୍ମା ହୋଇ ବସିବା ଜାଣନ୍ତି ନାହିଁ, କାପୁରୁଷ ପରି ଦୈବ ଉପରେ ନିର୍ଭର କରି ବସନ୍ତି ନାହିଁ, ପୁରୁଷସିଂହ ପରି ସର୍ବଦା ଉଦ୍ୟୋଗଶାଳୀ । ଅଭାବଗ୍ରସ୍ତ ହେଲେହେଁ ସେ ସର୍ବଦା ଅଧ୍ୟବସାୟୀ ଓ ସାହସୀ ମନ୍ତ ।

ଉତ୍ସାହୀ—ଅସୁବିଧାଗ୍ରସ୍ତ ଓ ବୟୋବୃଦ୍ଧ ହେଲେହେଁ ତାହାଙ୍କର ଉତ୍ସାହ ଊଣା ହୋଇ ନ ଥାଏ । ନୀଳମଣି ବାଳକ ମେଳରେ ବାଳକ ପରି ଓ ବୃଦ୍ଧ ସଙ୍ଗରେ ବୃଦ୍ଧଙ୍କ ପରି ଆସର କସର କରୁଥିଲେ । ସେ କୌଣସି କାର୍ଯ୍ୟରେ କେବେହେଁ ହତୋତ୍ସାହ ଥିବା ଦେଖାଯାଏ ନାହିଁ । ତାହାଙ୍କର ଉତ୍ସାହରେ ଅନୁପ୍ରାଣିତ ହୋଇ ଅକର୍ମା ଅଳସ ଲୋକ କର୍ମକ୍ଷେତ୍ରରେ ପ୍ରବେଶ କରିଅଛନ୍ତି ।

ସଂସ୍କାରପ୍ରିୟ—ସମ୍ପାଦକ ନୀଳମଣି ସଂସ୍କାରପ୍ରିୟ ଥିଲେ । ପ୍ରାଚୀନ ପରମ୍ପରାର ଅନୁସରଣ କରୁଥିଲେହେଁ କୁସଂସ୍କାରବିଶିଷ୍ଟ ଅନ୍ଧ ରକ୍ଷଣଶୀଳ ନ ଥିଲେ—ଦେଶରୁ, ଜାତିରୁ, ସମାଜରୁ କୁସଂସ୍କାର ଦୂର କରିବାକୁ ସର୍ବଦା ଚେଷ୍ଟା କରୁଥିଲେ, କୁରୀତି କୁନୀତିର ପ୍ରତିବାଦ କରିବାକୁ ଛାଡ଼ୁ ନ ଥିଲେ, ସମାଜର ଆକ୍ଷେପ ପ୍ରତି ଭ୍ରୂକ୍ଷେପ ନ କରି ଯେତେଦୂର ପାରନ୍ତି ନିଜେ ସଂସ୍କାର କରିପାରୁଥିଲେ । ସ୍ୱଦେଶ ଓ ସ୍ୱଜାତିର ହିତସାଧନରେ କୌଣସି ନେତାଠାରୁ ବିଦ୍ୟାରତ୍ନ ନ୍ୟୂନ ନ ଥିଲେ । ସ୍ୱଳ୍ପଧୀମାନଙ୍କରେ ରହି ପରାଧୀନତାପଙ୍କରେ ନିମଗ୍ନ ଥିଲେହେଁ ତାହାର ସ୍ୱାଧୀନତାରେ ବାଧା ଦେଉ ନ ଥିଲେ । ସ୍ୱାଧୀନ ଚିନ୍ତା, ସ୍ୱାଧୀନ କର୍ମ ଓ ସ୍ୱେଚ୍ଛାସେବକତା ଦେଖିଲେ ସେ ଆନନ୍ଦିତ ହୁଅନ୍ତି ।

ଦୟାଳୁ ପରୋପକାରୀ ନୀଳମଣି—ବିପନ୍ନ ଲୋକଙ୍କୁ ଦେଖିଲେ ତାଙ୍କ ହୃଦୟ ତରଳିଯାଏ, ଆପଣା ଶକ୍ତ୍ୟନୁସାରେ ସାହାଯ୍ୟ କରନ୍ତି, କୌଣସି ଯାଚକକୁ ହତାଶ କରନ୍ତି ନାହିଁ; ନିଜେ କିଛି ଦିଅନ୍ତି ବା ଦିଆଇଛନ୍ତି, ଆବଶ୍ୟକ ହେଲେ ଆପଣାର ରନ୍ଧାହେବା ଅନ୍ନ ଓ ପରିଧେୟ ବସ୍ତ୍ରଖଣ୍ଡି ଦେଇ ଆନନ୍ଦ ଭୋଗ କରନ୍ତି । ସେ ଅନ୍ୟର କୌଣସି ଉପକାର କରିବାକୁ ଅବକାଶ ପାଇଲେ ଛାଡ଼ନ୍ତି ନାହିଁ; ବୈଧ ବା ଅବୈଧ ଯେ କୌଣସି ପ୍ରକାର ସାହାଯ୍ୟ କରିଥାଆନ୍ତି, କୌଣସି ପରୋପକାର, ଦେଶହିତକର କାର୍ଯ୍ୟ ବା ନାମଖ୍ୟାତି ପ୍ରକାଶେ ବହୁଲୋକଙ୍କୁ ପ୍ରବର୍ତ୍ତାଇ ମତାଇ ତତାଇ ସଙ୍ଗେ ବାହାରନ୍ତି ।

ବିଦ୍ୟାରତ୍ନେ ନିଜେ ବିଳାସୀ ବା ଆଡମ୍ବରପ୍ରିୟ ନ ଥିଲେ, ଭୂଷଣ ବେଶଭୂଷାରେ ଅତ୍ୟନ୍ତ ସଂଯତ ଥିଲେ, ମୁଠେମାତ୍ର ଅନ୍ନରେ ଉଦର ପୂର୍ଣ୍ଣ କରିଥାଆନ୍ତି, ସାମାନ୍ୟ ଖଣ୍ଡପଟାରେ ଦିନ ଯାପନ କରନ୍ତି, କେବଳ ସାଧାରଣ କାର୍ଯ୍ୟସାଧନରେ ବଡ଼ ଆଡମ୍ବର ଓ ଚହଳପ୍ରିୟ ଥାଆନ୍ତି ।

ବିଦ୍ୟାରତ୍ନଙ୍କର ଅନ୍ୟାନ୍ୟ ଗୁଣ ଦୋଷ ଯାହା ଥାଉ, ଏହି ଗୁଣମଣି ନୀଳମଣିଙ୍କ ପରି ସମ୍ପାଦକ, ସଂଗ୍ରାହକ, ସୁଲେଖକ ଉତ୍କଳରେ ବିରଳ । ଏହାଙ୍କ ସ୍ଥାନ କେବେ ପୂର୍ଣ୍ଣ ହେବ କେଜାଣି ? ଏହାଙ୍କର ଅକାଳ ବିୟୋଗରେ ଆଜି ଆମ୍ଭେମାନେ ବଡ଼ ଦୁଃଖିତ । ଭଗବାନଙ୍କ ଏହି ଭବଲୀଳାକ୍ଷେତ୍ରରେ ଯେ ଯାହାର ଅଭିନୟ ସାରି ଚାଲିଯାଉଅଛନ୍ତି, ତଥାପି ଥିବା ଲୋକେ ମୁଗ୍ଧ ଓ ଶୋକସନ୍ତପ୍ତ ।

---

ନୀଳମଣି ବିଦ୍ୟାରତ୍ନଙ୍କ ଅକାଳବିୟୋଗ ପରେ ମୁଁ ଗୋଟିଏ ପ୍ରବନ୍ଧ ୧୯ଶ ଭାଗ,୫ମ ସଂଖ୍ୟା 'ମୁକୁର'ରେ ଲେଖିଥିଲି । ତାହା ଏଠାରେ ଉଦ୍ଧୃତ ହେଲା :—

ବାଣୀବୀରପୁତ୍ର ଗଙ୍ଗାଧର, ଗୋପୀନାଥ ଓ ମୃତ୍ୟୁଞ୍ଜୟଙ୍କ ବିୟୋଗଜନିତ ଶୋକାଶ୍ରୁଧାରା ଶୁଷ୍କ ନ ହେଉଣୁ ଉତ୍କଳଗଗନର ଆଉ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ଅନନ୍ତ ଅନ୍ଧକାରରେ ମିଶିଗଲା । ଏ ଶୋକ ରଖିବାକୁ ଠାବ ନାହିଁ । ଏ ବର୍ଷଟା ଉତ୍କଳ ପକ୍ଷରେ ବଡ଼ ଦୁର୍ବର୍ଷ । ମାତୃସାହିତ୍ୟମନ୍ଦିରରୁ ଗୋଟି ଗୋଟି ଦୀପ ନିଭିଯାଉଅଛି, ଏହା କେବଳ କ୍ଷୋଭର ବିଷୟ ନୁହେ—ଦାରୁଣ ଦୁର୍ଭାଗ୍ୟର ବିଷୟ । ଆଜି ଚୌଦିଗ ହାହାକାରମୟ । ଶୋକ ବ୍ୟତୀତ ଶୋକର ସାନ୍ତ୍ୱନା ନାହିଁ । ମୃତ୍ୟୁ ସଂସାରର ନିତ୍ୟନୈମିତ୍ତିକ ଘଟଣା । ପ୍ରତ୍ୟହ କେତେ ମରୁଅଛନ୍ତି, ମାତ୍ର କାହା ପାଇଁ କେତେ ଜଣ ଝୁରିହୁଅନ୍ତି ? ଯାହାର ମୃତ୍ୟୁରେ ଜଗତ କାନ୍ଦେ ଓ ଅଭାବ ଅନୁଭବ କରେ, ତାହାର ଜନ୍ମ ଯେଉଁପରି ଧନ୍ୟ, ମୃତ୍ୟୁ ସୁଦ୍ଧା ସେହିପରି ସାର୍ଥକ । ସେହି ଭାଗ୍ୟଧରମାନଙ୍କ ବିୟୋଗରେ ସମାଜ ଯେଉଁ ଆଘାତ ପାଏ, ସେହି ଆଘାତ କ୍ଷତ ବହୁକାଳ ପର୍ଯ୍ୟନ୍ତ ଶୁଷ୍କ ହୁଏ ନାହିଁ । ସେମାନେ ହସି ହସି ଯାଆନ୍ତି; କିନ୍ତୁ କନ୍ଦାଇଯାଆନ୍ତି ।

ଉତ୍କଳର ସମୁଜ୍ଜ୍ୱଳ ରତ୍ନ— ଦୁଃଖିନୀ ଉତ୍କଳଜନନୀଙ୍କ ଦୁର୍ଲ୍ଲଭ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଆଜି ଇହଲୋକରେ ନାହାନ୍ତି । ସେ ଦେଶ, ଜାତି, ସମାଜ, ପୁତ୍ର, ପରିବାର ଓ ବନ୍ଧୁବର୍ଗଙ୍କ ପକ୍ଷରେ ଦୁର୍ଭର ଶୋକରାଶି ଛାଡ଼ିଦେଇ ଅନନ୍ତଲୀଳା ସମ୍ବରଣ କରିଅଛନ୍ତି । ହାୟ ଦୁର୍ଦ୍ଦୈବ, ଏ ଦୁଃସମ୍ବାଦ ଲେଖିବାକୁ ହେଲା ! ଲେଖିବାବେଳକୁ ନେତ୍ର ଆର୍ଦ୍ର ହୋଇଆସୁଅଛି— ବକ୍ଷ ବିଦୀର୍ଣ୍ଣ କରି ଗୋଟାଏ ଅବର୍ଣ୍ଣନୀୟ ହାହାକାର ଅନ୍ତଃକରଣର ଅନ୍ତସ୍ତଳରୁ ବାହାରି ଆସୁଅଛି ଏବଂ ଲେଖନୀ ଅଚଳ ହୋଇଯାଉଅଛି । ଅହୋ, କି ଦୁର୍ବିପାକ ! କର୍ମ-ଯୋଗୀ କର୍ମଯଜ୍ଞ ଶେଷ କରି ନିଜକୁ ସେହି ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନପୂର୍ବକ ଜ୍ୟୋତିର୍ମୟ କର୍ମବିମାନରେ ଆରୋହଣ କରି ଯେଉଁ ସ୍ୱର୍ଗରେ କର୍ମର ପାରିତୋଷିକ ମିଳେ, ସେହି ଅଜ୍ଞେୟ ଅନାମୟ ଅନନ୍ତ ସୁନ୍ଦର ପୁଣ୍ୟଧାମକୁ ଚାଲିଯାଇଅଛନ୍ତି, ସୁତରାଂ ତାଙ୍କ ପାଇଁ ଶୋକ କରିବା ଅନୁଚିତ । ଶୋକ କେବଳ ନିଜ ପାଇଁ । ମାନବ-ସ୍ୱଭାବ ବଡ଼ ବିଚିତ୍ର, ସେ ଯାହାଠାରୁ ଯେତିକି ପାଉଥାଏ, ତାହାଠାରୁ ତାହାର ବହୁଗୁଣ ପ୍ରତ୍ୟାଶା କରୁଥାଏ । ଶୋକ ସେହି ହତାଶ-କ୍ଳିଷ୍ଟମନର ଅତୃପ୍ତ ଅପୂର୍ଣ୍ଣ ବାସନାର ।

ନୀଳମଣିଙ୍କ ଅକ୍ଳାନ୍ତ କର୍ମମୟ ଜୀବନ ଅନୁଧ୍ୟାନ କଲେ କେବଳ କର୍ମହିଁ ମିଳେ । ତାଙ୍କ ମନରେ ଯେତେବେଳେ ଯେଉଁ ସାଧୁ କଳ୍ପନାର ଉଦ୍ଭବ ହୁଏ, ସେ କଳ୍ପନାକୁ ସେ ବାସ୍ତବରେ ପରିଣତ କରିବା ପାଇଁ ନିଜର ସମଗ୍ର ଶକ୍ତି ପ୍ରୟୋଗ କରନ୍ତି । ଦେଶ ପାଇଁ ସେ ଆହାରନିଦ୍ରା ତ୍ୟାଗ କରୁଥିଲେ; ଶରୀରର ସ୍ୱାସ୍ଥ୍ୟପ୍ରତି ମଧ୍ୟ ଉପେକ୍ଷା ପ୍ରଦର୍ଶନ କରୁଥିଲେ । ଫଳତଃ ସେ ନିଜର ପ୍ରାଣକୁ ଦେଶ ସଙ୍ଗରେ ମିଶାଇଦେଇଥିଲେ । ଦେଶର ପ୍ରତ୍ୟେକ ମହଦନୁଷ୍ଠାନ ମୂଳରେ ତାଙ୍କର ଚିନ୍ତା, ଯତ୍ନ, ଚେଷ୍ଟା ବିଦ୍ୟମାନ ।

ସମ୍ବଲପୁରବାସୀ ବହୁକାଳ ପରେ ସ୍ୱୀୟ ମହିମାମୟୀ ମାତୃକ୍ରୋଡ଼କୁ ଯେପରି ପାଇଅଛନ୍ତି, ସେ ଆନ୍ଦୋଳନ ମୂଳରେ ନୀଳମଣିଙ୍କ କର୍ମନିପୁଣ ହସ୍ତ ବିଦ୍ୟମାନ ଥିଲା । ଯେଉଁ ଉତ୍କଳ-ସମ୍ମିଳନୀ ଯୋଗୁଁ ଓଡ଼ିଆ ଜାତିର ଅସାର ପ୍ରାଣରେ ସ୍ପନ୍ଦନ ଏବଂ ଆକାଙ୍କ୍ଷା ଜାତ ହୋଇଅଛି, ସେହି ଉତ୍କଳ ମହାସମ୍ମିଳନୀ ନୀଳମଣିଙ୍କର ମାନସୀ କନ୍ୟା । ଦେଶ ସକାଶେ ସେ ବିପଦର ସମ୍ମୁଖୀନ ହୋଇ ବିପଦ ସଙ୍ଗରେ ଯୁଦ୍ଧ କରିବାକୁ ପଶ୍ଚାତ୍ପଦ ହେଉ ନ ଥିଲେ । ଗଞ୍ଜାମ-ମିଶ୍ରଣ ଆନ୍ଦୋଳନ ସମୟରେ ତେଲଙ୍ଗାମାନେ ତାଙ୍କୁ ବିପନ୍ନ କରିବାକୁ ଚେଷ୍ଟା କରିଥିଲେ; ମାତ୍ର ସେ ସେଥିରେ ଭୀତ ହୋଇ ଲକ୍ଷ୍ୟଚ୍ୟୁତ ହୋଇ ନ ଥିଲେ । ସ୍ପଷ୍ଟବାଦିତା, ନୈତିକ ସାହସ ଓ ପରୋପକାରିତା ଦ୍ୱାରା ତାଙ୍କର ଚରିତ୍ର ଅଳଙ୍କୃତ ଥିଲା । ଶ୍ଳେଷଭଙ୍ଗୀରେ କଥା କହି ବା ମୁରବିଅଳି ଦେଖାଇ ସେ ନିଜକୁ ବଡ଼ ମଣୁ ନ ଥିଲେ । ତାଙ୍କର ବିପୁଳ ପ୍ରତିଭା ଓ କର୍ମଚାତୁର୍ଯ୍ୟ ତାଙ୍କୁ ବଡ଼ପଦକୁ ଉନ୍ନୀତ କରାଇଥିଲା । ସେ ପିଲା ପାଖରେ ପିଲା, ଯୁବକ ପାଖରେ ଯୁବକ ଏବଂ ବୃଦ୍ଧ ପାଖରେ ବୃଦ୍ଧ । ତାଙ୍କର ଏହି ସରଳ ବ୍ୟବହାରର ମଧୁରିମା କେବଳ ଉପଭୋଗ୍ୟ ନୁହେ— ଅନୁକରଣୀୟ ।

ନୀଳମଣିଙ୍କର ବନ୍ଧୁବାତ୍ସଲ୍ୟ ଅତୁଳନୀୟ । ସେ ସମଗ୍ର ଉତ୍କଳରୁ ଯଥେଷ୍ଟ ବନ୍ଧୁ ସଂଗ୍ରହ କରିପାରିଥିଲେ । ତାଙ୍କର ବନ୍ଧୁସଂଗ୍ରହ ଉପକାର-ପ୍ରାପ୍ତ୍ୟାଶାମୂଳକ ନୁହେ । ସେ ଉପକାର ବାଣ୍ଟିବା ପାଇଁ ବନ୍ଧୁ ସଂଗ୍ରହ କରୁଥିଲେ । ତାଙ୍କର ଅତିଥିସତ୍କାର ଅବିସ୍ମରଣୀୟ । ନିଜ ଖାଦ୍ୟର ଆଡ଼ମ୍ବର କିଛି ନାହିଁ; ମାତ୍ର ବନ୍ଧୁମାନଙ୍କୁ ଷୋଡ଼ଶୋପଚାରରେ ପୂଜା କରନ୍ତି । ତାଙ୍କର ଆତିଥ୍ୟ ଗ୍ରହଣ କଲାବେଳେ କୌଣସି ରାଜା ମହାରାଜାଙ୍କ ଗୃହରେ ଅତିଥି ହେଲି ପରି ବୋଧହୁଏ । ବିପନ୍ନକୁ ସାହାଯ୍ୟ କରିବା ଏବଂ ଅକ୍ଷମ ଦରିଦ୍ରକୁ ଦାନ କରିବା ତାଙ୍କ ଜୀବନର ବ୍ରତ ଥିଲା । ବିପନ୍ନ ବା ଅଭାବଗ୍ରସ୍ତକୁ ସମାଦରପୂର୍ବକ ବସାଇ ରଖି ପାଥେୟ ଦେଇ ବିଦାୟ କରିବାର ଦେଖାହୋଇଅଛି ।

ସାହିତ୍ୟରେ ନୀଳମଣିଙ୍କର ସ୍ଥାନ ଖୁବ୍ ଉଚ୍ଚରେ ନିର୍ଦ୍ଦିଷ୍ଟ । ସାହିତ୍ୟରେ ସେ ଅନେକ କାର୍ଯ୍ୟ କରିଅଛନ୍ତି । ସେ ଯେତେ କରିଅଛନ୍ତି, ତାହାର ବହୁଗୁଣ କରାଇଅଛନ୍ତି । ରାଜା ମହାରାଜାଙ୍କ ସାହାଯ୍ୟରେ ଅନେକ

ଗରିବ ଗ୍ରନ୍ଥକାରଙ୍କର ପୁସ୍ତକ ଛପାଇଦେଇଅଛନ୍ତି । ନିଜେ ମଧ୍ୟ ଅନେକ କ୍ଷୁଦ୍ର କ୍ଷୁଦ୍ର ଉପାଦେୟ ପୁସ୍ତକ ଲେଖି ପ୍ରକାଶ କରିଯାଇଅଛନ୍ତି । ସେଥିମଧ୍ୟରୁ ଅଧିକାଂଶ ନୀତିଶିକ୍ଷା-ପୁସ୍ତକ । ସେ ଯେଉଁପରି ଗୁଣୀ, ସେହିପରି ଗୁଣଗ୍ରାହୀ ଏବଂ ସତ୍‌ସାହିତ୍ୟର ଉତ୍ସାହଦାତା । ସାହିତ୍ୟର ତଥା ଦେଶର ଉନ୍ନତି ନିମିତ୍ତେ ସେ ଶତହସ୍ତ ହୋଇ କାର୍ଯ୍ୟ କରୁଥିଲେ । ସେ ହିତୈଷିଣୀରେ ସାହିତ୍ୟସନ୍ଦର୍ଭ ବିଷୟରେ ଦୀର୍ଘ ଦୀର୍ଘ ସୁଚିନ୍ତିତ ପ୍ରବନ୍ଧ ଲେଖି ସାହିତ୍ୟର ପନ୍ଥା ପରିବର୍ତ୍ତନ କରିଦେଇଥିଲେ । ତାଙ୍କର ପ୍ରବର୍ତ୍ତନାରେ ଅନେକ କୃତବିଦ୍ୟ ବ୍ୟକ୍ତି ସାହିତ୍ୟ ସଂସ୍କାରରେ ମନୋନିବେଶ କରିଥିଲେ । ଫଳତଃ ବିଭୂଳ ଓ ଇନ୍ଦ୍ରଧନୁ ଆବିର୍ଭୂତ ହୋଇ ସାହିତ୍ୟର ଅନେକ ଜଟିଳ ସମସ୍ୟାର ସମାଧାନ କରି-ଥିଲେ । ସମ୍ବାଦପତ୍ରର ସମ୍ପାଦକରୂପରେ ସେ ଦେଶର ମହୋପକାର ସାଧନ କରିଯାଇଅଛନ୍ତି । ତାଙ୍କର ବିଷୟ-ନିର୍ବାଚନ ଯେପରି ଉତ୍କୃଷ୍ଟ, ଭାଷା ସେହିପରି ଭାବପ୍ରାଣ, ଉତ୍ତେଜକ ଏବଂ ବିଷୟର ଉପଯୋଗୀ । ତାଙ୍କର ଲେଖା ସହଜରେ ହୃଦୟ ସ୍ପର୍ଶ କରିପାରୁଥିଲା । ସମାଜର କୁତ୍ସିତ, କୁନୀତି ଓ ଅନ୍ଧସଂସ୍କାରର ନିରାକରଣ ନିମିତ୍ତେ ସେ ସମାଜ-ସଂସ୍କାରରେ ବିଶେଷ ମନୋଯୋଗୀ ହୋଇଥିଲେ । ସେଥିପାଇଁ ତାଙ୍କୁ ଅନେକ ଅତ୍ୟାଚାର, ବିଦ୍ରୂପ, ଲାଞ୍ଛନା ସହିବାକୁ ହୋଇଥିଲା । ମାତ୍ର ସେ ସେଥିପ୍ରତି ଥରେମାତ୍ର ଭ୍ରୂକ୍ଷେପ କରିନାହାନ୍ତି । ତାଙ୍କୁ ମୂର୍ତ୍ତିମାନ୍ ଉଦାରତା କହିଲେ ଅତ୍ୟୁକ୍ତି ହେବ ନାହିଁ ।

କଟକ ଜିଲ୍ଲାନ୍ତର୍ଗତ ବାଙ୍କି ତହସିଲର ବୈଦ୍ୟେଶ୍ୱର ଗ୍ରାମସଂଲଗ୍ନ ବ୍ରଜବିହାରୀପୁର ଶାସନରେ ନୀଳମଣି ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଗୌରିଚରଣ ମିଶ୍ର ଜଣେ ନିଷ୍ଠାପର ବ୍ରାହ୍ମଣ । ଶାସନ ମଧ୍ୟରେ ତାଙ୍କର ବଂଶ ଜାତୀୟ ମର୍ଯ୍ୟାଦାରେ ଉତ୍କୃଷ୍ଟ । ତାଙ୍କ ପୂର୍ବପୁରୁଷ ରାଜସମ୍ମାନିତ ଥିଲେ । ଗ୍ରାମ୍ୟପାଠ-ଶାଳାରେ ନୀଳମଣିଙ୍କର ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା । ବାଲ୍ୟକାଳରୁ ନୀଳମଣିଙ୍କ ଶିକ୍ଷାର ଅନୁରାଗ ପ୍ରବଳ ହୋଇ ଫୁଟିଉଠିଲା । ବାଙ୍କିର ତାତ୍କାଳିକ ତହସିଲଦାର ଶ୍ରୀନାଥ ଘୋଷ ନୀଳମଣିଙ୍କ ଶିକ୍ଷାନୁରାଗିତା ବିଷୟରେ ବହୁବାର ସ୍କୁଲ ଦର୍ଶକା-ଭିପ୍ରାୟ ପୁସ୍ତକରେ ଅନେକ ପ୍ରଶଂସା ଲେଖିଯାଇଅଛନ୍ତି ।

× × × ×

ବିଦ୍ୟାରତ୍ନ 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦକ ନିଯୁକ୍ତ ହୋଇ ତେରବର୍ଷକାଳ ଦକ୍ଷତା ସହିତ ଉଲ୍ଲତ ଧରଣରେ ପତ୍ରିକା ପରିଚାଳନା କରି ବିଶେଷ ପ୍ରଶଂସା ଲାଭ କରିଥିଲେ ।

ବିଦ୍ୟାରତ୍ନ ବାମଣ୍ଡାରୁ ଆସି ଖଲ୍ଲିକୋଟରାଜା ହରିହର ମର୍ଦ୍ଦରାଜଙ୍କ ସାହାଯ୍ୟରେ ରମ୍ଭାରୁ 'ପ୍ରଜାବନ୍ଧୁ' ପତ୍ର ପ୍ରକାଶ କଲେ । ସେ 'ଉତ୍କଳ-ମଧୁପ' ର ଜନ୍ମଦାତା । ତାଙ୍କର ପ୍ରରୋଚନାରେ ରମ୍ଭାରୁ 'ସଂସ୍କାରକ' ନାମକ ମାସିକ-ପତ୍ରିକା ପଣ୍ଡିତ ଗଦାଧର ବିଦ୍ୟାଭୂଷଣଙ୍କ ସମ୍ପାଦକତ୍ୱରେ ପ୍ରକାଶିତ ହୋଇଥିଲା । ଖଲ୍ଲିକୋଟ ରାଜାଙ୍କ ମୃତ୍ୟୁ ପରେ 'ପ୍ରଜାବନ୍ଧୁ' ବନ୍ଦ ହୋଇଗଲା । ତହୁଁ ନୀଳମଣି ବଡ଼ଖେମୁଣ୍ଡି ଯାଇ ସେଠାରେ 'ଗୁଣଦର୍ପଣ' ପତ୍ରର ସମ୍ପାଦକ ହେଲେ । ତତ୍ପରେ 'ଉତ୍କଳଦୀପିକା'ର ସମ୍ପାଦକ ହୋଇ କଟକ ଆସିଲେ ; ମାତ୍ର ଉତ୍କଳ-ଦୀପିକାର ସମ୍ପାଦନ ଭାର ତାଙ୍କୁ ଅଧିକ ଦିନ ବହନ କରିବାକୁ ହେଲା ନାହିଁ । ସମ୍ପାଦକୀୟ ସ୍ୱାଧୀନତା ଅଭାବରୁ ସେ ଦୀପିକାର ସମ୍ପର୍କ ତ୍ୟାଗ କରି କଟକରେ ରହି 'ଉତ୍କଳ-ମଧୁପ' ପ୍ରକାଶ କରୁଥିଲେ । ଦୁର୍ଦ୍ଦୈବ ସେଥିରୁ ସୁଦ୍ଧା ତାଙ୍କୁ ବଞ୍ଚିତ କଲା । କଟକରେ ସେ ପୀଡ଼ିତ ହୋଇ ଜୁଲାଇ ୨୭ ତାରିଖ ରାତି ୮ ଘଣ୍ଟା ସମୟରେ ଦେହ-ତ୍ୟାଗ କଲେ । ମୃତ୍ୟୁ ସମୟରେ ତାଙ୍କର ବୟସ ପ୍ରାୟ ୭୦ବର୍ଷ ହୋଇଥିଲା ।

ନୀଳମଣିଙ୍କର ପୌତ୍ତଳିକତା ପ୍ରତି ପ୍ରଥମତଃ ଘୋର ଆସ୍ଥା ଥିଲା । ତାହା କ୍ରମେ ଅନ୍ତରିତ ହେବାକୁ ଲାଗିଲା । ପ୍ରଧାନପାଠ ପ୍ରସାଦ ନିକଟରେ ଭକ୍ତକବି ମଧୁସୂଦନ ରାଓଙ୍କ ପ୍ରାର୍ଥନା ଶ୍ରବଣ କରି ବ୍ରାହ୍ମଧର୍ମ ପ୍ରତି ସେ ଆକୃଷ୍ଟ ହେଲେ । ତହୁଁ ପରେ ନଗେନ୍ଦ୍ରନାଥ ବନ୍ଦୋପାଧ୍ୟାୟଙ୍କ 'ଧର୍ମଜିଜ୍ଞାସା', ଅଶ୍ୱିନୀକୁମାରଙ୍କ 'ଭକ୍ତିଯୋଗ' ଓ ଶିବନାଥ ଶାସ୍ତ୍ରୀଙ୍କ ପୁସ୍ତକମାନ ପାଠକରି ସେ ବ୍ରାହ୍ମଧର୍ମ ପ୍ରତି ଅତ୍ୟନ୍ତ ଅନୁରକ୍ତ ହେଲେ ।

ପ୍ରଚଳିତ ଜାତିଭେଦ ପ୍ରଥାକୁ ସେ ଭଲ ଘୃଣା କରୁଥିଲେ ଏବଂ ଅନେକ ସମୟରେ ବିଭିନ୍ନ ଜାତୀୟ ବନ୍ଧୁବାନ୍ଧବଙ୍କ ସହିତ ଏକତ୍ର ଭୋଜନ କରୁଥିଲେ । ତାଙ୍କ ଚେଷ୍ଟାରେ ଓ ତାଙ୍କ ଅନ୍ନରେ କେତେ ଜଣ ଛାତ୍ର ଶିକ୍ଷାଲାଭ କରି ସ୍ୱୀୟ ଜୀବିକା ନିର୍ବାହରେ ସମର୍ଥ ହୋଇଅଛନ୍ତି । ଶିକ୍ଷା ନିମନ୍ତେ ସେ ଛାତ୍ରମାନଙ୍କୁ ସର୍ବଦା ଉତ୍ସାହିତ ଏବଂ ପୁରସ୍କୃତ କରୁଥିଲେ ।

ନୀଳମଣି ଚାଲିଗଲେ, ତାଙ୍କ ସୌମ୍ୟ ସୁନ୍ଦର ମୂର୍ତ୍ତି କାଳତରଙ୍ଗରେ ମିଶିଗଲା, ରହିଲା କେବଳ ସ୍ମୃତି । ଏଣିକି ତାଙ୍କ କର୍ମ ମଧ୍ୟରେ ତାଙ୍କର ଉଜ୍ଜ୍ୱଳ ମୂର୍ତ୍ତି ପ୍ରତିଭାତ ହେବ । ତାଙ୍କ ସ୍ମୃତି ମଧ୍ୟ ତାଙ୍କୁ ସହସ୍ର ମୂର୍ତ୍ତିରେ ପ୍ରକାଶ କରିବ । ସେ ଅନନ୍ତଯୋଜନ ବ୍ୟବଧାନରେ ଦେବମେଳରେ ଅଛନ୍ତି । ପୃଥିବୀର ଶବ୍ଦ ସେ ଦିବ୍ୟଧାମ ପର୍ଯ୍ୟନ୍ତ ଯାଏ କି ନାହିଁ କିଏ କହିବ ? ନୀଳମଣି ମୁକ୍ତିକାମୀ ନୁହନ୍ତି, ସେ କର୍ମଯୋଗୀ । କର୍ମଯୋଗୀଙ୍କର ମୁକ୍ତି ନାହିଁ । ବାରମ୍ବାର ଜନ୍ମ, ବାରମ୍ବାର ଦେଶସେବାରୂପ କର୍ମସାଧନରେ ଯେ ସୁଖ, ଯେ ଆନନ୍ଦ, ଯେ ତୃପ୍ତି, ମୁକ୍ତିରେ ସେ ସୁଖ, ସେ ଆନନ୍ଦ ବା ତୃପ୍ତି ନାହିଁ । କର୍ମଯୋଗୀମାନେ ମୁକ୍ତି ଅପେକ୍ଷା କର୍ମକୁ ଉଚ୍ଚାସନ ପ୍ରଦାନ କରିଥାଆନ୍ତି । ନୀଳମଣି ଯାଇଅଛନ୍ତି ସତ୍ୟ; କିନ୍ତୁ ଆସିବା ପାଇଁ ଯାଇଅଛନ୍ତି । ଜୀର୍ଣ୍ଣଦେହ କର୍ମସାଧନରେ ଅକ୍ଷମ ହେବାରୁ ସେ ତାହା ପରିବର୍ତ୍ତନ କରିବା ପାଇଁ ଯାଇଅଛନ୍ତି । ଯଥାସମୟରେ ନବକଳେବର, ନବଶକ୍ତି, ନବଉତ୍ତେଜନା ଘେନି ପୁଣି କର୍ମଭୂମିରେ ଅବତୀର୍ଣ୍ଣ ହୋଇ ସେ ସ୍ୱୀୟ ଅପୂର୍ଣ୍ଣ କର୍ମର ପୂର୍ଣ୍ଣତାରେ ମନୋନିବେଶ କରିବେ । ଜନ୍ମାନ୍ତର ଯଦି ସତ୍ୟ ହୁଏ, ପୂର୍ବଜନ୍ମର ସଂସ୍କାର ଯଦି ସତ୍ୟ ହୁଏ, ତେବେ ନୀଳମଣି ନିଶ୍ଚୟ ଆସିବେ ।

ନୀଳମଣି ଧନୀ ନ ଥିଲେ; କିନ୍ତୁ ବିଭବଶାଳୀ ରାଜା ମହାରାଜାଙ୍କଠାରୁ ସାଧାରଣ ଲୋକ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଆଦର-ସମ୍ମାନ କରୁଥିଲେ । ତାଙ୍କ ପରି ସାମୟିକ ଅବସ୍ଥାବିଶେଷରେ ସଦାପ୍ରଫୁଲ୍ଲଚିତ୍ତ ବ୍ୟକ୍ତି ବିରଳ ପରିଲକ୍ଷିତ ହୁଅନ୍ତି । ସେ ପ୍ରତିଷ୍ଠାର ପ୍ରୟାସୀ ନ ଥିଲେ, କର୍ମରେହିଁ ତାଙ୍କର ଆନନ୍ଦ । କର୍ମ-ଦେବତାର ଉପଯୁକ୍ତ ପୂଜାରୀ ତାଙ୍କ ପରି କିଏ ? ଦୀନଦରିଦ୍ର ଓ ବିପନ୍ନକୁ ଯଥାଶକ୍ତି ସାହାଯ୍ୟ କରିପାରିଲେ ସେ ନିଜକୁ କୃତାର୍ଥ ମଣୁଥିଲେ । ଅପରର ତାଙ୍କର ମନର ଶାନ୍ତି ହରଣ କରିବାକୁ କେବେହେଲେ କ୍ଷମ ହୋଇ ନାହିଁ ।

ଉପଦ୍ରବ, ଅତ୍ୟାଚାର, ଅବିଚାର, ମିଥ୍ୟା, ପ୍ରବଞ୍ଚନା ପ୍ରଭୃତି ପାପ ଦେଖିଲେ ବିଦ୍ୟାରତ୍ନଙ୍କର ଲେଖନୀ ଅନଳ ଉଦ୍‌ଗାର କରେ । ତାଙ୍କର ଲେଖନୀ ବିପନ୍ନର ନିତ୍ୟ ସହାୟ ଏବଂ ଦରିଦ୍ରର ଏକାନ୍ତ ଅନୁକୂଳ । ମହତ୍ତ୍ୱ ଦେଖିଲେ ଲୋକେ ଯେପରି ମୁଗ୍ଧ ହୁଅନ୍ତି, ସେହିପରି ଅନେକେ କ୍ଷୁବ୍ଧ ମଧ୍ୟ ହୁଅନ୍ତି, ଏହା ସଂସାରର ନିତ୍ୟ ପରିଦୃଶ୍ୟମାନ ଘଟଣା । ଗୁଣୀକୁ ଲୋକେ ଈର୍ଷା କରନ୍ତି; ମାତ୍ର ନିର୍ଗୁଣକୁ କିଏ କାହିଁକି ଈର୍ଷା କରିବ ? ଯେଉଁମାନେ ବିଦ୍ୟାରତ୍ନଙ୍କ ପ୍ରତିଷ୍ଠାରେ ଈର୍ଷା କରୁଥିଲେ, ସେମାନେ ବଡ ଭୁଲ କରୁଥିଲେ । ଗୁଣକୁ ଈର୍ଷା ନ କରି ବ୍ୟକ୍ତିକୁ ଈର୍ଷା କଲେ କିଛି ଫଳ ମିଳେ ନାହିଁ । ସେମାନେ ବିଦ୍ୟାରତ୍ନଙ୍କୁ ଈର୍ଷା ନ କରି ତାଙ୍କ ଗୁଣକୁ ଈର୍ଷା କରିଥିଲେ, ତଦ୍ୱାରା ସେମାନଙ୍କର ଅଶେଷ ଉପକାର ହୋଇଥାଆନ୍ତା ।

ବିଦ୍ୟାରତ୍ନ ଅନେକ ସମୟରେ ଅନେକ ପ୍ରକାର ଦୁଃଖକଷ୍ଟର ଚରମ ସୀମାରେ ଉପସ୍ଥିତ ହୋଇ ସୁଦ୍ଧା କ୍ଷଣକ ସକାଶେ ତାଙ୍କ ପ୍ରିୟ ପୁଜନୀୟ ମାତୃଭୂମି-ସେବାରୁ ବିରତ ହୋଇ ନାହାନ୍ତି । ବିପଦ ଯେତେ ବଢ଼ି ହୁଏ, ତାଙ୍କର ପ୍ରତିଜ୍ଞା ସେତେ ଦୃଢ଼ ହୁଏ । ସେ ବିପଦ ସଙ୍ଗରେ ମହାବୀର ପରି ଯୁଦ୍ଧ କରନ୍ତି; ମାତ୍ର ପୃଷ୍ଠଭଙ୍ଗ ଦିଅନ୍ତି ନାହିଁ । ତାଙ୍କର ଏହି ନିଷ୍ଠା, ଏହି ନୈତିକ ସାହସ ପରିଶେଷରେ ତାଙ୍କୁ ଜୟଶ୍ରୀରେ ମଣ୍ଡିତ କରେ । ତାଙ୍କର ଜୀବନଚରିତ ଆଲୋଚନା କଲେ ଏହି ମହତ୍ ଶିକ୍ଷା ମିଳେ ଯେ, ନିଷ୍ଠା, ଅଧ୍ୟବସାୟ ଅକ୍ଷତ ଥିଲେ ସାଧନାର ସିଦ୍ଧି ଅବଶ୍ୟ ହୁଏ । ଲକ୍ଷ୍ୟ ପଥର ବାଧାବିପତ୍ତି ଯେତେ ଦୁର୍ଲଙ୍ଘନୀୟ ହେଉପଛେ, ପ୍ରାଣପଣେ ଯତ୍ନ ଏବଂ ଚେଷ୍ଟାଲେ ତାହା ନିଶ୍ଚୟ ଅତିକ୍ରମ କରିହୁଏ ।

ଉତ୍କଳର ମହାମଣି ହେ ନୀଳମଣି, ତୁମ୍ଭେ ଉତ୍କଳକୁ ଯାହା ଦେଇଅଛ, ଉତ୍କଳ ତାହାର ପ୍ରତିଦାନ କରିପାରି ନାହିଁ । ମୁମୂର୍ଷୁ ଅବସ୍ଥାରେ ତୁମ୍ଭ ତୁଣ୍ଡରେ ଟୋପାଏ

ଔଷଧ ଦେବାକୁ କାହାର ସାଧ୍ୟ ହେଲା ନାହିଁ । ତୁମ୍ଭେ ହତାଶ ହୋଇ ଆତ୍ମୀୟ-ପରିବାରଶୂନ୍ୟ କଟକରେ ଦେହ ତ୍ୟାଗକଲ, ଏ ଦୁଃଖ, ଏ ଲଜ୍ଜା ରଖିବାକୁ ସ୍ଥାନ ନାହିଁ; କିନ୍ତୁ ତୁମ୍ଭେ ବର୍ତ୍ତମାନ ପ୍ରତିଦାନର ଅତୀତ ଅନାମୟ ଅମୃତଧାମରେ ଅବସ୍ଥାନ କରୁଅଛ, ସ୍ଥାନ ପ୍ରଭାବରେ ତୁମ୍ଭର କ୍ଷମା ହିଁ ଧର୍ମ ହୋଇଥିବ । ତେଣୁ ଆଶା ହୁଏ, ତୁମ୍ଭେ ନିଜ ଗୁଣରେ କାହାର ଅପରାଧ କ୍ଷମା କରିବ । ତୁମ୍ଭେ ଦେଶସେବାରେ ଯେଉଁ ପୁଣ୍ୟାର୍ଜ୍ଜନ କରିଅଛ, ତାହାରି ଫଳରେ ସ୍ୱର୍ଗରେ ଅମୃତ ସୁଖଶାନ୍ତି ଉପଭୋଗ କରୁଥିବ । ଉତ୍କଳରେ ତୁମ୍ଭର ଗତଜୀବନ ସୁଖମୟ ହୋଇ ନାହିଁ, ତଥାପି ଆମ୍ଭମାନଙ୍କର ବିଶ୍ୱାସ, ତୁମ୍ଭେ ପୁଣି ଏହି ଦେବଧାମ ଉତ୍କଳରେ ଜନ୍ମଗ୍ରହଣ କରିବ । ତୁମ୍ଭର ମାତୃସେବା ତପସ୍ୟାର ଫଳ ତୁମ୍ଭଙ୍କୁ ନିଶ୍ଚୟ ଉତ୍କଳବକ୍ଷକୁ ଟାଣିଆଣିବ । ତୁମ୍ଭେ ଆସ, ନାନା-ଶାସ୍ତ୍ରରୁ ନାନାରତ୍ନ ସଂଗ୍ରହ କରି ମାତୃସାହିତ୍ୟଭଣ୍ଡାର ପୂର୍ଣ୍ଣ କର । ତୁମ୍ଭର ଗତଜନ୍ମର ଅପୂର୍ଣ୍ଣ କାର୍ଯ୍ୟର ପୂର୍ଣ୍ଣତା ସାଧନ କର । ବଜାଅ ନୀଳମଣି, ତୁମ୍ଭର ସ୍ୱାଭାବିକ ଉତ୍ତେଜନା ଶଙ୍ଖ । ସେ ପବିତ୍ରଧ୍ୱନି ସ୍ୱଦେଶର ପ୍ରାଣ ଓ ଆତ୍ମାକୁ ସ୍ପର୍ଶକରୁ;ଅର୍ଦ୍ଧସୁପ୍ତ ଉତ୍କଳ ପୂର୍ଣ୍ଣଭାବରେ ଜାଗ୍ରତ ହୋଇଉଠୁ ।

ଗ୍ରନ୍ଥାବଳୀର କଳେବର ଦୃଷ୍ଟିରେ ବିଦ୍ୟାରତ୍ନଙ୍କ ଜୀବନଚରିତ ସଂକ୍ଷେପରେ ପ୍ରଦତ୍ତ ହେଲା । ଯୋଗଜନ୍ମା ନୀଳମଣିଙ୍କ ନିକଟରେ ମୁଁ ନାନା ଭାବରେ କୃତଜ୍ଞ । ତାଙ୍କରି ପ୍ରବର୍ତ୍ତନାରେ ମୁଁ ଗଞ୍ଜାମ ଯାଇ ବ୍ରହ୍ମପୁରରୁ ପ୍ରକାଶିତ 'ଧୂତବାଦିନୀ' ପତ୍ରିକାର ସମ୍ପାଦକ ହୋଇଥିଲି । ସେ ବସ୍ତ କରି ମୋ ଦ୍ୱାରା ପୁସ୍ତକ ଲେଖାଉଥିଲେ । ମୋର କେତେ ଖଣ୍ଡ ପୁସ୍ତକ ତାଙ୍କରି ଯନ୍ତ୍ରରେ ମୁଦ୍ରିତ ହୋଇଥିଲା । ସେ ମୋତେ ସାନ ଭାଇ ପରି ସ୍ନେହ କରୁଥିଲେ । ତାଙ୍କରି ଉତ୍ସାହ ମୋ ହୃଦୟରେ ଅଦ୍ୟାପି ମୁଦ୍ରିତ ରହିଅଛି । ସେ କାଳର ବନ୍ଧୁତା, ଉତ୍ସାହ, ସହାନୁଭୂତି ଏବେ ଦୁର୍ଲଭ ହୋଇଅଛି । ନୀଳମଣିଙ୍କ ବୃହତ୍ ଜୀବନଚରିତ ପୁସ୍ତକ ଲିଖିତ ହେବା ଆବଶ୍ୟକ । କେହି ବିସ୍ତୃତ ଭାବରେ ତାଙ୍କର ଜୀବନଚରିତ ଲେଖିଲେ ମୁଁ ବିଶେଷ ସୁଖୀ ହେବି; କିନ୍ତୁ ସେ ସୁଖାନୁଭୂତି ମୋ ଜୀବଦ୍ଦଶାରେ ଘଟିଲା ପରି ଜଣାହେଉ ନାହିଁ । ତାହା ଶୀଘ୍ର ନ ହେଉ ପଛକେ; ମାତ୍ର ଦିନେ ସେ ନିଶ୍ଚୟ ହେବ, ଏ ଭରସା ମୁଁ ରଖିଅଛି । ଉପସଂହାରରେ ମୁଁ ଏତିକି କହି କ୍ଷାନ୍ତ ହେଲି ।

# ଫେରନ୍ତା ଯାତ୍ରୀ

—୧—

ଜଗଜ୍ଜୀବନ ପରିଛ ଜଣେ ଖାଣ୍ଟି ଅଷ୍ଟାବଧାନୀ, ତାଙ୍କର ଏ ପ୍ରଶଂସାରେ ତାଙ୍କ ପରମଶତ୍ରୁ ବି ଈର୍ଷା କରିବ ନାହିଁ । ସେ ଏକସମୟରେ ଅନେକ ଆଡ଼େ ମନ ଦେଇପାରନ୍ତି । ମାଳା ଜପୁ ଜପୁ କେତେ ଲୋକଙ୍କ ସାଙ୍ଗରେ କେତେ କଥାବାର୍ତ୍ତା ହୋଇଯାଏ—କେତେ ଗାଳିଗୁଲଜ ହଉଯାଏ—ତେଣେ ବାଡରେ ଗୋରୁ ପଶିବା ପ୍ରତି ସତର୍କ ଦୃଷ୍ଟି ଥାଏ—ବାଛୁରୀ ଦୁଧ ପିଇଯିବା ପ୍ରତି ନଜର ଥାଏ—ରାତିକି ତୁଣ କଅଣ ହେବ, ସେ ଚିନ୍ତା ମନ ମଧ୍ୟରେ ନାଚୁଥାଏ । ଏହା ଛଡ଼ା ମନ ଭିତରେ ଆହୁରି ଅନେକ କଳ୍ପନା ଜଳ୍ପନା ବି ଚାଲିଥାଏ । ପରନ୍ତୁ ଏତେ ଆଡ଼େ ମନ ଦେଇ ସୁଦ୍ଧା ବ୍ରହ୍ମପଦରେ ଅଖଣ୍ଡ ଲୟ ରଖିଥାଆନ୍ତି । ଧନ୍ୟ ସାଧନା ! ଏଭଳି ଉଚ୍ଚଶ୍ରେଣୀର ସାଧକ ଆମ୍ଭମାନଙ୍କ ପରିଛ ଏବଂ ସେକାଳର ଜନକ ଋଷିଙ୍କ ଛଡ଼ା ଆଉ ଦ୍ୱିତୀୟ ବ୍ୟକ୍ତି ଦୁନିଆରେ କେହି ଜନ୍ମଗ୍ରହଣ କରି ନାହାନ୍ତି କିମ୍ବା ସେଭଳି ଯୋଗଜନ୍ମା ପୁରୁଷ ଗଢ଼ିବାକୁ ବିଧାତା କଳ୍ପନା ସୁଦ୍ଧା କରି ନାହାନ୍ତି ।

ପରିଛଙ୍କ ବୟସ ଅର୍ଦ୍ଧଶତାବ୍ଦୀ ଅତିକ୍ରମ କରି ଅନିର୍ଦ୍ଦିଷ୍ଟ କେତେ ବର୍ଷ ବିତିଗଲାଣି । ପ୍ରୌଢତ୍ୱସୁଲଭ ସ୍ଥୂଳତା ତାଙ୍କ ଶ୍ରୀଅଙ୍ଗ ଆଶ୍ରୟରେ ଧନ୍ୟ ହେଲାଣି । ଶରୀରର ବର୍ଣ୍ଣ ଉଜ୍ଜ୍ୱଳ ଶ୍ୟାମଳ । ମୁଣ୍ଡଟି ଠିକ୍ ପିଢ଼ା ବୋଇତାକୁ ପରି ତେଲା । ତାହାର କେନ୍ଦ୍ର ସ୍ଥଳରେ ଚାରି ଅଙ୍ଗୁଳି ମୋଟରେ କେସଏ ଚୁରୁକି ଅଛି । ଅଳିକାଳିକା ଇସ୍କୁଲିଆ ପିଲାଗୁଡ଼ାକ ବଡ଼ ଦୁହାଳିଆ ଧରିଲେଣି । ବାପ ଖୁଡ଼ୁ ତାଙ୍କୁ ତ ଖାତିର କରନ୍ତି ନାହିଁ, ପୁଣି ବୟୋଽଧିକ ଗୁରୁସ୍ଥାନୀୟମାନଙ୍କୁ ସୁଦ୍ଧା ଥଟ୍ଟା-ଥାପରେ ଉଡ଼ାଇଦିଅନ୍ତି । ସେହି ଅବାଧ ସ୍ୱେଚ୍ଛାଚାରୀ ଟୋକାଗୁଡ଼ାକ ପରିଛଙ୍କ ଚୁରୁକିଯୁକ୍ତ ମୁଣ୍ଡଟି ଦେଖି 'ଠ' ଅକ୍ଷର ଉପରେ ରେଫ ଚଢ଼ିଛି ବୋଲି କହି ରସିକତା ପ୍ରକାଶ କରନ୍ତି । ପରିଛଙ୍କର ହଳେ ବାଦ୍‌ସାହି ନିଶ ଅଛି । ତାଙ୍କ ମୁହଁକୁ ନିଶଯୋଡ଼ାକ ବେଶ୍ ମାନେ । ନିଶ ସଙ୍ଗରେ ମଗଜର କି ବୈଜ୍ଞାନିକ ସଂଯୋଗ ବା ସମ୍ବନ୍ଧ ଅଛି କେଜାଣି, ତାକୁ ନ ମୋଡ଼ିଲେ ମଗଜ ଭିତରେ ବୁଦ୍ଧି ଛୁରିପାରେ ନାହିଁ । ରଜନୀ ଚନ୍ଦ୍ରର ବିଚ୍ଛେଦ ସହିପାରେ—ଧରଣୀ ବସନ୍ତର ବିଚ୍ଛେଦ ସହିପାରେ—ମାଳେରିଆ ଜ୍ୱର କୁଇନାଇନର ବିଚ୍ଛେଦ ସହିପାରେ; ମାତ୍ର ପରିଛଙ୍କ ନିଶଯୁଗଳ ବାମହସ୍ତର ବିଚ୍ଛେଦ ମୁହୂର୍ତ୍ତେ ସହିପାରନ୍ତି ନାହିଁ ।

ପରିଛ ନାମରେ ଜଗଜ୍ଜୀବନ ହେଲେହେଁ ନିଜ ଜୀବନ ସଙ୍ଗରେ ତାଙ୍କର ଅଧିକ ପରିଚୟ ଥିଲା । ନାମ ସଙ୍ଗରେ ବ୍ୟବହାରର କୌଣସି ସମ୍ପର୍କ ନ ଥାଏ । ଚୋରର ନାମ ସାଧୁ ହୋଇପାରେ—ଲୋକପୀଡ଼କ ଅତ୍ୟାଚାରୀର ନାମ ଦୀନବନ୍ଧୁ ହୋଇପାରେ—ହତ୍ୟାକାରୀର ନାମ କୃପାସିନ୍ଧୁ ହୋଇପାରେ । ସୁତରାଂ ବ୍ୟବହାର ନାମର ପ୍ରତିକୂଳ ହେବା ବିଚିତ୍ର ନୁହେଁ । ପରିଛଙ୍କ ନାମ ତାଙ୍କ ବ୍ୟବହାରର ଅନୁକୂଳ ନ ଥିଲା ସତ୍ୟ; ମାତ୍ର ପ୍ରତିକୂଳ ଥିଲା ବୋଲି ତାଙ୍କର ଶତ୍ରୁ ସୁଦ୍ଧା କହିବାକୁ ସାହସୀ ହେବ ନାହିଁ । ତାଙ୍କର ନିପୁଣ ହସ୍ତ ଯେଉଁ କାର୍ଯ୍ୟରେ ନ ଲାଗିବ, ତାହା ଅସମ୍ପୂର୍ଣ୍ଣ ରହିଯିବ—ଏ ଅମୂଳକ ବିଶ୍ୱାସ ତାଙ୍କର ପ୍ରକୃତିଗତ । ପାଣିମୁନ୍ଦାକ ନିଜେ ନ ଛାଙ୍କି ଅନ୍ୟ କେହି ଛାଙ୍କିଲେ ସେଥିରେ ଦୋଷ ରହିଯିବ । ସ୍ଥୂଳତଃ ତାଙ୍କ

ହୀନ ଯହିଁରେ ନ ଲାଗେ, ତାହା ଦୋଷଯୁକ୍ତ । ସେ ଦୋଷ ଆଉ ସୁଧୁରିବାର ଆଶା ନାହିଁ । ପୁଣି ଦୋଷ ମଧ୍ୟରେ ଯେ ତାରତମ୍ୟ ଅଛି, ଏ ଧାରଣା ତାଙ୍କର ମୂଳରୁ ନ ଥିଲା । ଗୋହତ୍ୟା କଲେ ଯେଉଁ ଦୋଷ ହୁଏ, ଚିମୁଟେ ଲୁଣ ନଷ୍ଟ କଲେ ବି ସେହି ଦୋଷ ହୁଏ । ଚିରରୋଗୀ ରୋଗ୍ ଔଷଧ ଖାଇଲା ପରି ଦୋଷ ଥାଉ ବା ନ ଥାଉ, ଦିନରେ ଅନ୍ତତଃ ଥରେ ଲେଖାଏଁ ତାଙ୍କ ପରିବାର ତାଙ୍କଠାରୁ ଗାଳିଖାଆନ୍ତି । ତାଙ୍କ ମତରେ ଗାଳି ନ ଖାଇଲେ ସେମାନେ ବିଗିଡିଯିବେ । ରୋଗ୍ ନ ମାଜିଲେ ବାସନରେ କଳଙ୍କି ଧରିଯାଏ । ସେ ହୁକୁମ ଦେବେ, ଆଉ ସମସ୍ତେ ତାହା ପାଳନ କରିବେ—ଏହାହିଁ ତାଙ୍କ ସ୍ୱଭାବ ଆଇନର ପ୍ରବଳ ପ୍ରଥମ ଧାରା ! ବିଧାତା ଆଉ ଗୋଟିଏ ମହତ୍ ଗୁଣ ତାଙ୍କୁ ଦାନ କରିଥିଲେ । ସେହି ଗୁଣଟି ତାଙ୍କର ବୈଶିଷ୍ଟ୍ୟ । ସେ ଏପରି ଗୋଟାଏ ଖାଣ୍ଟିଆ ତୁଣ୍ଡ ପାଇଥିଲେ ଯେ, ଘର ଭିତରେ ବସି କଥା କହିଲେ ସାହିପଡିଶାଙ୍କର ତାହା ଶୁଣିବାକୁ ତିଳେମାତ୍ର ବାଧା ଘଟେ ନାହିଁ ।

ସବୁବେଳେ ସବୁ କାର୍ଯ୍ୟରେ ସାବଧାନ ହେବା ଉଚିତ, ଏହା ନୀତିଶାସ୍ତ୍ରର ଉପଦେଶ । କେତେ ଜଣେ ମାତ୍ରାକୁ ବଳିଯାଇ ଅତିରିକ୍ତ ସାବଧାନୀ ହୋଇପଡନ୍ତି । ଆମ୍ଭମାନଙ୍କ ଜଗୁଜୀବନ ସେହି ଦଳର ପଟ୍ଟନାୟକ-ସ୍ଥାନୀୟ ଥିଲେ । ସେ ଅପବ୍ୟୟ ସହିପାରନ୍ତି ନାହିଁ । କାହାରିକୁ କୌଣସି ପଦାର୍ଥ ନଷ୍ଟ କରିବାର ଦେଖିଲେ ତାଙ୍କର ପ୍ରାଣ ଫାଟିଯାଏ । ଥରେ ତାଙ୍କ ଘରକୁ ଜଣେ କୁଣିଆ ଆସିଥିଲା । ସେ ଭାତ ଖାଉଥିବାବେଳେ ପତ୍ରରୁ ଦୈବାତ୍ ପହଞ୍ଚିଯାଇ ଦେଖିଲେ ଥାଳୀ ଚାରି ପାଖରେ ଖଣ୍ଡଖଣ୍ଡେ ଭାତ ବିଞ୍ଚୁଡ଼ି ହୋଇପଡିଅଛି । ସେ ଆଉ ସହିପାରିଲେ ନାହିଁ, ସେଠାରୁ ଚାଲିଆସି ମାରେଳାରେ ଭେଁ ଭେଁ ହୋଇ କାନ୍ଦପକାଇଲେ । ସେଦିନ ରାତିରେ ନିଜର ଆହାର ବନ୍ଦ କଲେ । ତଦ୍ଦ୍ୱାରା କ୍ଷତିପୂରଣ ହେଲା—ପାପର ପ୍ରାୟଶ୍ଚିତ୍ତ ହେଲା ।

—୨—

ଜଗୁଜୀବନ ବହୁକାଳରୁ ବିପତ୍ନୀକ । ତାଙ୍କର ତ୍ରିଶ ବର୍ଷ ବୟସ ସମୟରେ ପତ୍ନୀବିୟୋଗ ଘଟିଥିଲା । ବର୍ତ୍ତମାନ ପତ୍ନୀ-ବିୟୋଗ ବ୍ୟଥା ତାଙ୍କ ହୃଦୟରେ ଆଉ ନାହିଁ । ପୁରୁଣା ବୈଦ୍ୟକାଳର ମହା ବ୍ୟଥାହର ତୈଳରେ ସେ ବ୍ୟଥା କେଉଁ ଦିନୁ ହରିଗଲାଣି । ତାଙ୍କ ପରି ଅବସ୍ଥାପନ୍ନ କୌଣସି ବ୍ୟକ୍ତି ତାଙ୍କରି ବୟସରେ ଜାୟାହୀନ ହୋଇଥିଲେ ସେ ନିଶ୍ଚୟ ଦ୍ୱିତୀୟ ବିବାହ କରିଥାଆନ୍ତେ; ମାତ୍ର ପରିଷ୍ଠ ସେ ଶ୍ରେଣୀର ନ ଥିଲେ । ସେ ମନେ ମନେ ଭାବିଲେ—'ପୁତ୍ର ଉତ୍ପାଦନ ବିବାହର ଉଦ୍ଦେଶ୍ୟ, କାହିଁକି ନା, ପୁତ୍ର ପିଣ୍ଡଦାନ କରିବ । ତ୍ରିଶ ବର୍ଷ ଅସି କଟିଗଲା, ବିଧାତା ତ ସେ ସୌଭାଗ୍ୟ ଘଟାଇଲା ନାହିଁ । ଶେଷ ଦିନ ଆଉ କେତେ ଦୂରରେ ଅଛି, ତାହା ଜାଣିବାର ଉପାୟ ନାହିଁ । ବୋଧହୁଏ ଖୁବ୍ ନିକଟରେ ବି ଥାଇପାରେ । ତେବେ ଏହି କେତେ ଦିନ ପାଇଁ ଗୋଟାକୁ ବେକରେ ବାନ୍ଧି ତାହାର ଜୀବନ ମାଟି କରିବି କାହିଁକି ? ଆସିଥିଲି ଏକା, ଯିବି ଏକା, ମଝିରେ ଅଢାଇ ଦିନ ପାଇଁ ଗୋଟାଏ ସଙ୍ଗୀ କରିବା ଅଉ କି ଦରକାର ? ଏହିପରି ଭାବି ସେ ଆଉ ବିବାହ କଲେ ନାହିଁ । ଯୌବନରେ ସେ ସୁନାରୁପାର ଅଳଙ୍କାର ବ୍ୟବସାୟ କରି ପ୍ରଚୁର ଅର୍ଥୋପାର୍ଜନ କରିଥିଲେ । ପ୍ରଥମେ ସାମାନ୍ୟ ମୂଳଧନରେ ବ୍ୟବସାୟ ଆରମ୍ଭ କରିଥିଲେ; ମାତ୍ର ତାଙ୍କର ସତ୍ୟତା ଅଳ୍ପକାଳ ମଧ୍ୟରେ ତାଙ୍କୁ ବଡ଼ଲୋକ କରିଦେଲା । ସତ୍ୟତା ବ୍ୟବସାୟର ପ୍ରାଣ । ସତ୍ୟ, ନିଷ୍ଠା ସହ ବ୍ୟବସାୟ କଲେ କଦାପି ବ୍ୟର୍ଥକାମ ହେବାକୁ ପଡ଼େ ନାହିଁ । ପତ୍ନୀବିୟୋଗ ପରେ ଜଗୁଜୀବନ ବ୍ୟବସାୟ ଛାଡିଦେଇଅଛନ୍ତି । ଏଣିକି ଉପାର୍ଜିତ ଟଙ୍କା କରଜ ଲଗାଇଦେଇ ତାହାରି ସୁଧରେ ସଂସାରଯାତ୍ରା ନିର୍ବାହ କରନ୍ତି; ମାତ୍ର ମୂଳରେ ହାତ ଦିଅନ୍ତି ନାହିଁ । ତାଙ୍କ ଘରେ ପରିବାର ମଧ୍ୟରେ ସେ ଓ ବିଧବା ବଡ଼ଭଉଣୀ ନିଃସନ୍ତାନା ସୁଣୀ ଦେଈ ଛଡ଼ା ଆଉ କେହି ନ ଥିଲେ । ଧନର ବୈରୀ କୁଟୁମ୍ବ ପିନା ! ଯାହାର କୁଟୁମ୍ବ ନାହିଁ, ତାହାର ଅଧିକ ବ୍ୟୟର କି ଆବଶ୍ୟକ ? ଦୁଇବର୍ଷ ହେଲା ପରିଷ୍ଠଙ୍କ ଘରେ ଆଉ ଜଣେ କୁଟୁମ୍ବ ବଢିଅଛି—ସେ ତାଙ୍କ ମାଉସୀ ପୁଅ ଭାଇର ନାତୁଣୀ କନକ । ସେ ଏବେ

ବୃଦ୍ଧ ପରିଛାଙ୍କ ଗଳଗ୍ରହ ହୋଇଅଛି । କନକ ପିତୃ-ମାତୃହୀନ । ପିତାମହ ତାହାର ଏକମାତ୍ର ଅଭିଭାବକ ଥିଲେ । ତାଙ୍କର ନାମ ମୁକୁନ୍ଦ । ସେ ବଡ଼ ଗରିବ ଥିଲେ । ମୁକୁନ୍ଦ ପୀଡ଼ିତ ହୋଇ କନକକୁ ଘେନି ପରିଛାଙ୍କ ଘରେ ଆସି ଆଶ୍ରୟ ନେଇଥିଲେ ; ମାତ୍ର କାଳ ବ୍ୟାଧିହସ୍ତରୁ ମୁକ୍ତିଲାଭ କରିପାରିଲେ ନାହିଁ— ଛଅମାସ ପରେ ରୋଗ, ଦାରିଦ୍ର୍ୟର ଯନ୍ତ୍ରଣା ଭୁଲି ସେ ପରଲୋକକୁ ଚାଲିଗଲେ । କନକର ଆଉ ଆଶ୍ରୟ କେହି ନାହିଁ, ସୁତରାଂ ସେ ପରିଛାଙ୍କ ଘରେ ରହିଲା । ତାଙ୍କୁ ସେ ଠାକୁରବାବା ବୋଲି ଡାକେ ।

ବନ୍ଧ୍ୟା ରାଣୀ ଦେଈ କନକକୁ ମାତାଧିକ ସ୍ନେହ କରନ୍ତି । କନକ ତାଙ୍କୁ ମାଆ ବୋଲି ଡାକେ । ବନ୍ଧ୍ୟାର ଚିରତୃଷାତୁର ହୃଦୟ ସେହି ମାଆ ଶବ୍ଦରୁ ଆକଣ୍ଠ ଅମୃତ ପାନ କରି ଉଲ୍ଲସିତ ହୋଇଉଠେ । ବୃଦ୍ଧା ଏତେଦିନ ଯାଏ ରନ୍ଧାବଢ଼ା କରୁଥିଲେ; ମାତ୍ର ଏଣିକି ଆଉ ପାରିଲେ ନାହିଁ । ସେ ବସି କହୁଥାନ୍ତି, କନକ ରାନ୍ଧେ । ଅଳ୍ପଦିନ ମଧ୍ୟରେ ସେ କନକକୁ ନିଜର ମନୋମତ କରି ଗଢ଼ିନେଲେ । ଏକାଦଶ-ବର୍ଷୀୟା କନକ ପରିପକ୍ୱ ଗୃହିଣୀ ପରି ଘରର ସବୁ କାର୍ଯ୍ୟ ଏକାକିନୀ କରେ । ବୃଦ୍ଧା ସହଜ ସହଜ କେତେଟା କାମ କରି ତାକୁ ସାହାଯ୍ୟ କରିବାକୁ ଅଗ୍ରସର ହୁଏ; ମାତ୍ର କନକ ତାଙ୍କୁ କିଛି କରିଦିଏ ନାହିଁ । ସେ କହେ—"ଇସ୍, ଭାରି କାମ ତ ! ଏକା ମୋତେ ନଅଣ୍ଟ । ତୋର କଳ ବଅସ ଅଛି ଯେ, ତୁ ଶୁଖିଲା ହାତରେ ଆଉ କାମ କରିପାରିବୁ ?" କନକ ଏପରି ଶୃଙ୍ଖଳାରେ କାମ କରେ ଯେ, ଅନ୍ୟ ଲୋକ ଯେଉଁ କାର୍ଯ୍ୟ ପ୍ରହରକରେ କରିବ, ସେ ତାକୁ ଘଣ୍ଟାକରେ କରିଦେଇ ବସେ । ସମସ୍ତଙ୍କ ଖିଆପିଆ ଶେଷରେ ସେ ଖାଏ । ତହୁଁ ପରେ ଆସି ବୃଦ୍ଧା ରାଣୀ ଦେଈଙ୍କ ଗୋଡ଼ରେ ହାତ ବୁଲାଇଦିଏ । ବୃଦ୍ଧା ତାକୁ ଆଦରରେ କୋଳକୁ ଟାଣିନେଇ ତାହାର ମୁଣ୍ଡରେ ପିଠିରେ ସ୍ନେହ-କୋମଳ ମାତୃହସ୍ତ ବୁଲାଇ ଦେଉ ଦେଉ "ଭଗବାନ୍, ମୋ ମାଆକୁ ରାଜରାଣୀ କର—ବାପ ମାଆ ଛେଉଣ୍ଡିଟିକୁ ଶହେବର୍ଷ ଆୟୁଷ ଦିଅ"—ଏହିପରି କେତେ କଲ୍ୟାଣ କରନ୍ତି । କନକର ରୂପ ଯେପରି, ଗୁଣ ବି ସେହିପରି । ତାର କାମର ସାଠଣା ଓ ଶାନ୍ତ ଶୀତଳ ସ୍ୱଭାବ ଦେଖି ସମସ୍ତେ ତାକୁ ପ୍ରଶଂସା କରନ୍ତି—ଆଦର ସ୍ନେହ ମଧ୍ୟ କରନ୍ତି । ଗାଆଁ ମାଇପେ ଝିଅ ଝିଆରୀଙ୍କୁ କାମପାଇଁଟିରେ ତାଗିଦବା ବେଳେ କନକକୁ ଉପଲକ୍ଷ ଦେଇ କହନ୍ତି—"ଝିଅ ଏକା କନକ । ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀ ତ ! ମର୍ତ୍ତ୍ୟମଣ୍ଡଳରେ ତାକୁ ଉପମା ଦେବାକୁ ନାହିଁ । କାମଦାମ ସିମିତି, ଲାଜ ସରମ ବି ସିମିତି । ରୂପରେ, କାମରେ, କଥାରେ, ଚାଲିରେ, ଚାହାଣିରେ—କେଉଁ କଥାରେ ତାକୁ କିଏ ବାଛିବ ? କର୍ଣ୍ଣେଇ ପରି କେତେକେତେ ଝିଅ ଲୋ ମାଆ, ତା ଉପରେ ସୃଷ୍ଟି ଏତେ ଗୁଣ ? ଝିଅ ହେବ ତ ତାହାରି ପରି ଝିଅ ହେବ, ନ ହେଲେ ଦାଣ୍ଡିଅଦେଈ, ଦାଣ୍ଡିଆପାଟୀ, ଅଗ୍ନିଅଗଣୀ, ଜଳଅନ୍ତୁଣୀ, ଗଦେଇ, ଗୁରୁଗୀ କାହାଣେ ଜନ୍ମକରି ଲାଭ କଅଣ ? ବାସ୍ତବରେ କନକର ହାତ ଯହିଁରେ ଲାଗେ, ସେ ଉଜ୍ଜ୍ୱଳ, ସୁନ୍ଦର ହୋଇଉଠେ । ତାହାର ହସ୍ତଗୁଣରେ ପରିଛାଙ୍କ ଗୃହ ଅପୂର୍ବ ଶ୍ରୀଧାରଣ କରି ହସିଉଠିଲା—ଦେବାଳୟ ପରି ପବିତ୍ର ବୋଧହେଲା ଏବଂ ଋଷିଆଶ୍ରମ ପରି ଶାନ୍ତି-ସୁଖମୟ ହୋଇଉଠିଲା । କଣ କନକ ହାତରେ କି ଅମୃତ ଥାଏ କେଜାଣି, ତାହା ସ୍ପର୍ଶରେ ଶ୍ମଶାନ ତପୋ-ବନ ହୋଇଉଠେ । ସେହିପରି ସୁଲକ୍ଷଣା, ସର୍ବଗୁଣ-ବିଚକ୍ଷଣା କନ୍ୟାଲକ୍ଷ୍ମୀ ଯାହା ଘରେ ଥାଏ, ଜଗତରେ ସେହି ଏକା ଭାଗ୍ୟଧର ।

—୦—

ପରିଛା କନକକୁ କି ଶୁଭକ୍ଷଣରେ, କି ଅମୃତ ନେତ୍ରରେ ପ୍ରଥମେ ଦେଖିଥିଲେ କେଜାଣି, କନକ ଠାକୁରବାବାଙ୍କର ଯେତେ ମନଦେଇ କାମ କରେ, ପରିଛା ତାକୁ ସେତେ ଘୃଣା କରନ୍ତି । ଏହା କନକର ଦୁର୍ଭାଗ୍ୟ, କି ପରିଛାଙ୍କର ଗ୍ରହଦୋଷ—ତାହା କିଏ କହିପାରିବ ? ତାଙ୍କ ଆଖିରେ କି ବିଷ ଅଛି କେଜାଣି, କନକର ଗୁଣଗୁଡ଼ାକ ତାଙ୍କ ଦୃଷ୍ଟିରେଖା ସ୍ପର୍ଶରେ ଦୋଷ ହୋଇଯାଏ । ତାହାର କଥାରେ, ଆଚରଣରେ, ବ୍ୟବହାରରେ , ଚାଲିଚଳଣରେ , ଖାଇବାରେ , ଶୋଇବାରେ , ଗାଧିବାରେ , ବାଢ଼ିବାରେ ଦୋଷ,

ଝାଟଗୁଡ଼ାକ ସଲ୍ ସଲ୍ ହେଉଥାଆନ୍ତି । ସ୍ଥୂଳରେ ଜନକର ଦେହ, ମନ, ପ୍ରାଣ, ଆତ୍ମା, ଅସ୍ଥି, ମାଂସ, ମେଦା, ରକ୍ତ, ଶିରା, ଉପଶିରା, ଗ୍ରନ୍ଥି, ପେଶୀ ସବୁ ଜାତ୍ୟେଲ ଦୋଷରେ ଗଠିତ । ଏହି ପ୍ରଚୁର ଦୋଷରାଶି ଯୋଗୁଁ ଜନକ ଝୁଅଙ୍କଠାରୁ ପ୍ରତ୍ୟହ ଏକାଧିକ ଥର ତିରସ୍କାର ଲାଭ କରେ । ପରନ୍ତୁ ସବୁବେଳେ କହନ୍ତି—ଏଟା ମୋର ଝିଅ, ବେଠିବେ ଏ ଜୋକ ମୁଁ କାହିଁକି ରଖିବି? ଏ ମଲାଙ୍ଗ କେଉଁଠି ଥିଲା, ଉଡ଼ିଆସି ମୋ କଲିଜାରୁ ରକ୍ତ ଶୋଷଣ କରୁଅଛି । ଏହାର, କି ଏହା ବାପର, କି ଏହା ଚଉଦ-ପୁରୁଷର ମୁଁ କେଉଁ ଜନ୍ମରେ ଧାରୁଆ ଥିଲି ଯେ, ରାକ୍ଷସୀ ମୋ ଛାତି ଉପରେ ବସି ଅସୁଲ କରୁଅଛି । ଧାନ ରଖାର ଧାନ ଖୋଇ ପୋଷିବି, ପୁଣି ବାହାଘରରେ ଗଉଣିଏ ଟଙ୍କା ଖରଚ କରିବି—କି, ମୋର ଏତେ ଅପରାଧ କାହିଁକି ? ମୁଁ ମୋର ନିଶ୍ଚିନ୍ତ ହୋଇ କେତେ ଆନନ୍ଦରେ ଥିଲି, ଏ ଆପଦ ମୋତେ କାହିଁକି ? ଆଉ ଅଲକ୍ଷଣୀ କଷ୍ଟନ୍ୟାୟୁନର୍ବିକ କିଏ ବାହାହେବାକୁ କେଉଁ ତୀର୍ଥରେ ତପସ୍ୟା କରୁଅଛି କେଜାଣି ? ବର ଲଙ୍କାରୁ ଆସିବ ପରା ! ପରନ୍ତୁ ସବୁବେଳେ ଏହିପରି ଜଟରଜଲା କଟୁକଥା କହନ୍ତି । କେଉଁ ଦିନ ଜନକ ତାଙ୍କଠାରୁ ଗାଳିଖାଇ ନାହିଁ, ଏପରି ଶୁଭଦିନ ତାହା ଜୀବନ-ପଞ୍ଜିକାରେ ଖୋଜିଲେ ମିଳିବ ନାହିଁ । ଗାଳିଖାଇ ଜନକ କାନ୍ଦେ; ମାତ୍ର ତୁଣ୍ଡ ଫିଟାଇ କିଛି କହେ ନାହିଁ । ରାଣୀଦେଈ ତ ଝିଅଙ୍କ ସ୍ୱଭାବ ଜାଣନ୍ତି, ଝିଅଟି ତାଙ୍କର ଧାନହେଁସରେ କୁଆଥଣ୍ଟ ମରାଇଦଅନ୍ତି ନାହିଁ । ଜନକ ତାଙ୍କର ଅନ୍ନଧ୍ୱଂସ କରୁଅଛି, ତାହା ତାଙ୍କ ପ୍ରାଣରେ ସହିବ କପରି ? ସେ ଝିଅଙ୍କ କଥାରେ ପ୍ରତିବାଦ କରନ୍ତି ନାହିଁ, କଲେ ତାଙ୍କର ମହତ୍ତ୍ୱ ରହିବ ନାହିଁ, ସୁତରାଂ ନୀରବ ଭାବରେ ଅଶ୍ରୁ ବିସର୍ଜନ କରନ୍ତି । କିନ୍ତୁ ସେହି ଅଶ୍ରୁ ଯେ ତାଙ୍କର ତୀବ୍ର ପ୍ରତିବାଦ, ଏ ଜ୍ଞାନ ତାଙ୍କର ନ ଥିଲା । ସେ ଝିଅଙ୍କ ଅନୁପସ୍ଥିତିରେ ଜନକଙ୍କୁ ପ୍ରବୋଧ ଦେଇ କହନ୍ତି, "ମାଆ, ମନ ଭଙ୍ଗା କର ନାହିଁ, ଦୁଃଖ ସହିଥିଲେ ସୁଖ ମିଳେ । ତୁ ଦୁଃଖ ସହି ରହିଥାଆ, ପଛକୁ ସୁଖ ପାଇବୁ । ଦୁଃଖ ଯେ ଦିଏ, ସୁଖ ବି ସେହି ଦିଏ—ଅମାବାସ୍ୟା ପରେ ପୂର୍ଣ୍ଣିମା ଜନ୍ମେ ଆସିବ, ଏହା ସଂସାରର ଧାରା ଲୋ ମାଆ ! ହରି ତୋ କଷଣ ଫେଡ଼ିବେ, ତୁ ବାମ୍ଭୁଣୀ ଝିଅ କାହିଁ ମନ ଖରାପ କର ନାହିଁ । କି ପାପ କରି ମାଇପିଜନ୍ମ ପାଆନ୍ତି କେଜାଣି, ସହିବାଟା ତାଙ୍କର ଧର୍ମ । ପିଲାଦିନଟା ବାପମାଆ ପ୍ରଭୃତିଙ୍କ ଗାଳିରେ ଯାଏ, ମଝି ସମୟଟା ସ୍ୱାମୀ, ଶାଶୁଶ୍ୱଶୁରଙ୍କ ଗାଳି ଗଞ୍ଜଣାରେ କଟେ, ଆଉ ଶେଷ କାଳଟାରେ କାମପାଇଟି କରି ନ ପାରିବା ହେତୁ ପୁଅବୋହୂଙ୍କଠାରୁ ଗାଳିଖାଇବାକୁ ହୁଏ—ବିଧାତା ଲେଖନକାର ମାଇପିଲୋକଙ୍କ କପାଳରେ ଏହି ଫଳ ଲେଖିଅଛି । ଅଇଣା ମାଇପି ଜୀବନ ପାଇଁ ସବୁ ସହି ନ ରହିଲେ ଚଳିବ କାହିଁକି ? ଦଣ୍ଡିବା ବଡ଼ପଣ ନୁହେଁ ଲୋ ମାଆ, ସହିବା ଏକା ବଡ଼ପଣ । ଭଗବାନ ସମସ୍ତଙ୍କର ସବୁ ସହନ୍ତି ବୋଲି ସିନା ସେ ଏଡ଼େ ବଡ଼ଲୋକ !

ତନେ ବନେ ପରନ୍ତୁ କେତେ କୌତୁକ କରନ୍ତି, କେତେ ନବରଙ୍ଗ ବାହାର କରନ୍ତି—କେତେ ଶ୍ଳେଷ ବିଦ୍ରୂପ କରନ୍ତି, ପୁଣି ଦଣ୍ଡକେ ବଦଳିଯାଆନ୍ତି । ଜନକର ରାନ୍ଧଣା ଯେ ଖାଏ, ସେ ପ୍ରଶଂସା କରେ । ସେ ପ୍ରବୀଣା ରାଣୀ ଦେଈଙ୍କ ଶିଷ୍ୟା, ରନ୍ଧନବିଦ୍ୟାରେ ଦୁର୍ବଳ ହେବ କାହିଁକି ? ତା ରାନ୍ଧଣାଟା ଖାଲି ଠାକୁରବାବାଙ୍କ ତୁଣ୍ଡକୁ ରୁଚେ ନାହିଁ । ତାଙ୍କ ପକ୍ଷରେ ତୁଣ ଶାଗ କେବେ ଭଲପଣିଆର ଦେଖାଯାଏ ନାହିଁ—ବରଂ ସବୁ ପୁଞ୍ଚିପୁଞ୍ଚି ଖାଉଦିଅନ୍ତି, ଅଥଚ ରୁଚେ ନାହିଁ ବୋଲି କହୁଥିଲନ୍ତି । ଜନକ ଛିଙ୍କାଟାରେ ଧିକ୍କାର ଖାଏ । ତୁଣ ସିଝିଥିଲେ ବି ଅସିଝା ହୁଏ—ଲୁଣ ଅଧିକ ନ ହୋଇଥିଲେ ବି ଲୁଣିଆ ହୁଏ । ପରନ୍ତୁ କିଛି ଗୋଟାଏ ସୂକ୍ଷ୍ମ ଧରି ଗାଳିଦେବାର ସୁବିଧା କରିନଅନ୍ତି । କେଉଁ ଦିନ କହନ୍ତି—"ଛି-ଛି-ଛି, ତୁଣଗୁଡ଼ାକ ଧୂଆଁଳିଆ, ଗନ୍ଧରେ ନାକ ଫାଟିଯାଉଛି ।" କେବେ କହନ୍ତି, "ଡ଼ାଲିଟା ଇମିତି ଲୁଣ ଜହର ହୋଇଅଛି ଯେ, କୁଆ କୁକୁର ବି ଛୁଇଁବେ ନାହିଁ ।" ଦିନେ ପରନ୍ତୁ ଖାଉଥିଲେ, ରାଣୀଦେଈ ଆଗରେ ବସି ପଙ୍ଖା ହଲାଇ ମାଛି ତଡ଼ିବାରେ ଲାଗିଥିଲେ, ଜନକ ଖଣ୍ଡେ ଛଡ଼ାରେ ଠିଆହୋଇଥିଲା । ପରନ୍ତୁ ଖାଉ ଖାଉ କହିଲେ—"ଆଃ, ଆଜି ମାଛ ମହୁରଟା ବଡ଼ ସ୍ୱାଦ ଲାଗୁଛି, ଠିକ୍

ଯେମିତି ଅମୃତ ! ଏ ତୁଣ କଅଣ ଏତେ ଅପରିଚ୍ଛନ୍ନା ଜନକ ସହିଛି ନା ? ଉଁ ହୁଁ, ମୁଁ ଖାଇଲାଣି ବାଉ-ଦେବ । ଏ ଯନ୍ତ୍ରଣା ରାଣୀ ଅପାର । ଆଃ, ତୁଣ ଖାଇ ଚାହିଁଅ ଖାଇସିବାକୁ ମନ ହେଉଅଛି ।” ଜନକ ଆଉ ସହିପାରିଲା ନାହିଁ, ଅନୁଚ୍ଚ ସ୍ୱରରେ କହିଲା—“ମାଉ-ତୁଣ ମାଆ କାହିଁକି ସହିବ, ମୁଁ ସହୁଅଛି, ପସ୍ୱରନ ଭଲ ମାଆକୁ ।” ପତିଙ୍କ ଗର୍ଜିଉଠି କହିଲେ—“ହଁରେ ଯୁଗ, ମୁଁ ସବୁ ଜାଣେ । ତୁ ସାତକାଣ୍ଡରେ କେବେ ଇମିତି ସୁଅଡ଼ଆ ତୁଣ ସହିପାରିବୁ ନା ?” ଅନନ୍ତର ରାଣୀ-ଦେଈଙ୍କ ମୁହଁକୁ ଚାହିଁରହି ପଚାରିଲେ—“ଅଚ୍ଛା, ସତ କହିନ ରାଣୀଅପା, କିଏ ସହୁଅଛି ? ମୋ ରାଣୀଟି ମିଛ କହିବୁ ନାହିଁ ।” ରାଣୀ ଦେଈ ବିରକ୍ତ ହେଲା ପରି କହିଲେ—“କାହିଁକି ରେ ଜଗୁ, ଏବେ ସଣ ନିୟମ ? ଏଣିକି ତ ବଳ ବୟସ ହୁଟିଲା, ଆଖିକି ଝାପସା ମାରିଲାଣି, ଆଉ ମୁଁ ସହିପାରୁଅଛି ନା ? ଏବେ ଜନକ ସହେ, ଆଜି ମାଛମଣ୍ଡର ବି ସେହି ସହୁଅଛି ।” ପତିଙ୍କଙ୍କ ମୁହଁ କସ୍ୱାଁ ଖାଇଲା ପରି ହୋଇଗଲା; ମାତ୍ର ସେ ଠାଣ ଛାଡ଼ିବାର ପାତ୍ର ନୁହନ୍ତି, ଉଚ୍ଚସ୍ୱରରେ କହିଉଠିଲେ—“ନା, ନା, କେବେଁ ନୁହେଁ—କେବେଁ ନୁହେଁ, ତୁ ସେରେ ନିର୍ମାଲ୍ୟ ଧରି କହିଲେ ବି ମୁଁ ବିଶ୍ୱାସ କରିବି ନାହିଁ । ଛି-ଛି, ତୁ ସେ ନେସିମାଠାକୁ କେବେ ହାଣ୍ଡି-ଶାଳକୁ ଛାଡ଼ିବୁ ନାହିଁ, ତାହା ହାତ ଲାଗିଲେ ସବୁ ଅପବିତ୍ର ହୋଇଯିବ—ଭଲ ବି ଖରାପ ହୋଇଯିବ ।” ଏହା ଶୁଣି ଜନକ ମୁହଁ ଶୁଖାଇପକାଇଲା । ରାଣୀ ଦେଈଙ୍କର ନେତ୍ର ଛଳ ଛଳ ହୋଇଆସିଲା ; ମାତ୍ର କେହି କିଛି କହିଲେ ନାହିଁ । କିଛିକ୍ଷଣ ପରେ ରାଣୀଦେଈ ମୃଦୁ ହସି କହିଲେ—“ନା ରେ ଜଗୁ, ସେହି ସହୁଅଛି ।” ପତିଙ୍କ ସଙ୍ଗେ ସଙ୍ଗେ ଲେଉଟିପଡ଼ି କହିଲେ, “ମୁଁ ସେଇଆ କହୁଅଛି ପରା, ଇମିତି ଯନ୍ତ୍ରଣା ମୁଁ ଜନ୍ମକେ ଖାଇ ନାହିଁ । ଛି, ଆଇଁଷିଆ ଗନ୍ଧରେ ଅନ୍ତତଃ ବି ନାକରେ ଲୁଗା ଗୁଞ୍ଜିବ ।” ପତିଙ୍କର କୁଇରୂପ ଦେଖି ଏତେ ଦୁଃଖ—ଏତେ ଗଞ୍ଜଣା ଭର୍ତ୍ସନାରେ ମଧ୍ୟ ଜନକ ହସିପକାଇଲା । ରାଣୀଦେଈ ମଧ୍ୟ ନ ହସି ରହିପାରିଲେ ନାହିଁ ; ମାତ୍ର ତାଙ୍କ ହସ ପତିଙ୍କ ଦେଖି ନାହାନ୍ତି ।

ପତିଙ୍କଙ୍କ ପୂଜା କରିବାବେଳେ ଆଉ ଖାଇବା-ବେଳେ ଜନକର କପାଳ ବାମ ହୁଏ । ସେହି ସମସ୍ତ ଦୁଇଟା ତାର ଗାଳିଖାଇବାର ପ୍ରଶସ୍ତ ସମୟ । ପତିଙ୍କ ପୂଜା କରୁଥାଆନ୍ତି, ଆଉ ତାଙ୍କ ମୁହଁରୁ ଅନର୍ଗଳ ଗାଳି ବାହାରୁଥାଏ । ତେତେବେଳେ ସେହି ଗାଳିଗୁଡ଼ାକ ତାଙ୍କର ପୂଜାମନ୍ତ୍ର ହୁଏ । ଖାଇବାବେଳେ ବି ପାଟିରେ ଗାଳି ପୁଷ୍ଟ ହୋଇଥାଏ, ଖାଦ୍ୟ ପଦାର୍ଥଗୁଡ଼ାକ ସେହି ଗାଳିରେ ଗୋଳେଇହୋଇ ପେଟ ଭିତରକୁ ଯାଏ । ଜନକ ଏହିପରି ଗାଳିଖାଇ ଗ୍ରସ୍ତ କାନ୍ଦେ । ତାହାର ଅନାଥ ହୃଦୟ ଲଜ୍ଜା, ଦୁଃଖ, ଘୃଣା ଓ ଅପମାନରେ ପୂରିଉଠେ । ସେ ଲକ୍ଷ୍ୟହୀନ ଶୂନ୍ୟଦୃଷ୍ଟିରେ କେବଳ ଚାହିଁରହେ । ତାହାର ହୃଦୟର ଗୋପନ ବ୍ୟଥା ମୁହଁ ବାଟେ ବାହାରି ନ ପାରି ଆଖିବାଟେ ବାହାରି-ପଡ଼େ ; କିନ୍ତୁ କଅଣ କରିବ, ପୋଡ଼ା ପେଟ ତ ମାନିବ ନାହିଁ । ସେହି ଉପାସିଆ ଲାଗି ସେ ନତମସ୍ତକରେ ନୀରବ ଭାବରେ ସବୁ ସହିରହେ ।

—୪—

ଜଗୁଜୀବନ ପତିଙ୍କ ବର୍ତ୍ତମାନ ସୂଧଙ୍ଗୀବୀ—ଏହା ପୂର୍ବରୁ କୋଲ୍‌ହୋଇ ଅଛି । ବୈରାଗୀ ନାହାକ ତାଙ୍କର ଜଣେ ଖାତକ । କେଉଁ କାଳରୁ ପତିଙ୍କଙ୍କର ତାହା ଉପରେ ତିନିଟଙ୍କା ବାକୀ ଅଛି । ଦିନେ ସେ ତାକୁ ଡାକି କହିଲେ—“ବୈରାଗି, ମୋ ଟଙ୍କା କଥା କଅଣ ତୁ ଭୁଲିଗଲୁ ?” ବୈରାଗୀ କହିଲା—“ଭୁଲିଯିବ କଅଣ ଅଧିନରକରେ ପଡ଼ିବାଲାଗି ? ତୁମେ ମୋର ଅନ୍ନଦାତା ଯଜମାନ, ତୁମ ଘର ମୋର ଲକ୍ଷ୍ମୀହାଣ୍ଡି । ତୁମ ଘର ଗୁଡ଼ଲମୂଠାକ ମୋର ଭରସା । ଆଉ ବେଶୀ କଅଣ କହିବି, ମୁଁ ତୁମ ଘରର ଜ୍ୟୋତିଷୀ, ତିନିଟା ଟଙ୍କା କଅଣ ମୋତେ ଶୁଝିବାକୁ ପଡ଼ିବ ? ତେବେ ମୁଁ ଖାଲି ଛାଡ଼ିଦେବା କଥା କହୁ ନାହିଁ । ତୁମେ ବଡ଼ଲୋକ, ମୁଁ ତୁମର ଖଣ୍ଡିଏ ଆୟୁର୍ଦ୍ଦା ସାଧିଦିଏ, ଆଉ ତୁମେ ମୋତେ ଏ ଋଣରୁ ମୁକ୍ତ ଦିଅ । ଏଥିରେ ତୁମର ଯେପରି ଗୋଟାଏ କାର୍ଯ୍ୟ ହେବ, ମୋର ବି ସେହିପରି ଗୋଟାଏ ଉପକାର ହେବ । ବୈରାଗୀ ସେ ତଲ୍ଲାରେ ଜଣେ ଡାକୁଆ ଜ୍ୟୋତିଷୀ । ବିବାହର ଲଗ୍ନ

ନିରୂପଣ ଆଉ କୋଷ୍ଠୀଗଣନା ସେ ନିର୍ଭୁଲ୍ ଭାବରେ କରିପାରେ ବୋଲି ସମସ୍ତଙ୍କର ଧାରଣା । ବୈରାଗୀ ବ୍ୟତୀତ ଅନ୍ୟ କେହି ଖଡ଼ି ପକାଇଲେ ତାହାର ମନକୁ ଆସେ ନାହିଁ । ସେ ଅନେକ ଲୋକଙ୍କର ଆୟୁଷୀ ସାଧି ଦେଇଅଛି । ଯେଉଁ ଦଶାର ଯେଉଁ ଫଳ ଲିଖିତ ଅଛି, ତାହା ଠିକ୍‌ରୂପେ ଘଟିଅଛି—ତିଳେମାତ୍ର ଅନ୍ୟଥା ହୋଇ ନାହିଁ । ପରଶୁ ନିଜେ ମଧ୍ୟ ବୈରାଗୀର ଯୋଗ୍ୟତା ଜାଣନ୍ତି । ବୈରାଗୀର ପ୍ରସ୍ତାବରେ ସେ ସମ୍ମତ ହେଲେ । ତହୁଁ ବୈରାଗୀ କହିଲା—"ତୁମେ ତ ଜାଣ ବାବୁ, କୃଷ୍ଣ ସେବା ନ କଲେ ମୁଁ ପାଠ ଭୁଲିଯାଏ । ସେ ତ ଅଙ୍କ ପାଠ, ଟିକିଏ ଉଣା ଅଧିକ ହେଲେ ସବୁ ମାଟି ହୋଇଯିବ । ତୁମ ଆୟୁଷୀ କାମ ତିନି ମାସ ଲାଗିବ, ତୁମେ ଏହି ତିନି ମାସରେ ତିନି ଭରି ଅଫିମ ମୋତେ କିଣିଦେବ, ନ ହେଲେ ଭୁଲ ରହିଗଲେ ପଛକୁ ମୋତେ ନିନ୍ଦା କରିବ ନାହିଁ । ଜ୍ୟୋତିଷ ବିଦ୍ୟାକୁ ପରଶୁ ଖୁବ୍ ଭକ୍ତି ଓ ବିଶ୍ୱାସ କରନ୍ତି, ବୈରାଗୀକୁ ବି ତାହାର ଯୋଗ୍ୟତା ପାଇଁ ଶ୍ରଦ୍ଧା କରନ୍ତି । ସେ କହିଲେ, "ତିନି ତୋଳା କାହିଁକି, ମୁଁ ତୋତେ ଛଅ ତୋଳା ଜଳାମାଣିକ କିଣିଦେବି । ତୁ ମନ ଥୟ କରି ଲେଖିବୁ । ଦିନ, ବାର, ବେଳ ଠିକ୍ ଠିକ୍ ଘଟିଲା ପରି ଗଣନା କରିବୁ । ତୁ ଲେଖିସାରିଲେ ମୁଁ ଗୋଟାଏ ଦୁଇଟା କଥା ପରୀକ୍ଷା କରି ବୁଝିବି, ସତ ହେଲେ ଗୋଟାଏ ମାଣିଅବନ୍ଧୀ ପାଁଶିଫଳିଆ ଯଥା ପୁରସ୍କାର ଦେବି ।" ଏହା ଶୁଣି ବୈରାଗୀ ଖୁବ୍ ଖୁସି ହୋଇ ସେହି ଦିନ କାର୍ଯ୍ୟାରମ୍ଭ କରିବ ବୋଲି କହି ଚାଲିଗଲା । ସେ ମନେ ମନେ କହିଲା—କି ଶୁଭ ମାହେନ୍ଦ୍ର ବେଳରେ ଆଜି ଯାତ୍ରା ସାଧିଥିଲି !

ଜସ୍ତ ଗାବନଙ୍କ ତାଡ଼ନା, ଗଞ୍ଜଣା, ଅଣହେଲା ମଧ୍ୟରେ କନକ ଦିନକୁ ଦିନ ବଢ଼ିଉଠିଲା । ଦେଖୁ ଦେଖୁ କ୍ରମେ ସେ ବିବାହଯୋଗ୍ୟା ହେଲା । ଦେହରେ ଯୌବନର ଶ୍ରୀ ଫୁଟିଉଠିଲା । ତାକୁ ଦେଖି ରାଣୀଦେଈ ଚିନ୍ତିତ ହୋଇଉଠିଲେ; କିନ୍ତୁ କଅଣ କରିବେ ମନେ ମନେ ଦହିହେବାକୁ ଲାଗିଲେ । କନକ ତାଙ୍କର ଗର୍ଭଜାତ ସନ୍ତାନ ନ ହେଲେ ସୁଦ୍ଧା ସେ ତାକୁ ଝିଅ-ଠାରୁ ଅଧିକ ସ୍ନେହ କରନ୍ତି । ତାଙ୍କ ବନ୍ଧ୍ୟା ହୃଦୟ ତାକୁ ଝିଅ ବୋଲି କୁଣ୍ଢାଇ ଧରିଅଛି, ଗୋଟାଏ ଅଚ୍ଛେଦ୍ୟ ମୋହ ପାଶରେ ସେ ଆପେ ଆପେ ଛନ୍ଦିହୋଇ ଅଛନ୍ତି । ତାଙ୍କ ମନ ଯେ କନକ ପାଇଁ ବ୍ୟାକୁଳ ହେବ—ଏହା ଆଶ୍ଚର୍ଯ୍ୟ ନୁହେଁ । ସ୍ନେହ-ପାଶ ଛୁଟୁ ନାହିଁ, ଛୁଟାଇବାକୁ ଚେଷ୍ଟା କଲେ ଅଧିକ କଷ୍ଟ ହୋଇଯାଏ । ସ୍ନେହ ଗୋଟାଏ କି ବାଷ୍ପ କେଜାଣି, ସେ ଦେହରେ ପଶିଲେ ଆଉ ବାହାରେ ନାହିଁ । ରାଣୀଦେଈ କନକ ବିବାହ କଥା ସ୍ୱାମୀଙ୍କି କହିବେ ବୋଲି ଅନେକ ଥର ବାହାରିଲେଣି; ମାତ୍ର କହିପାରନ୍ତି ନାହିଁ । ମୁହଁରୁ କଥା ବାହାରୁ ବାହାରୁ ଅଟକିଯାଏ । ଏହିପରି ଇତସ୍ତତଃ ହୋଇ ଦିନେ ସାହସ ଧରି କହି-ପକାଇଲେ । ପରଶୁ ଖାଇସାରି ଖଟ ଉପରେ ଶୋଇ ବିଶ୍ରାମ କରୁଥିଲେ । ରାଣୀଦେଈ ଆସି କଥାବାର୍ତ୍ତା କରି ବସିଲେ । ଭାଇଭଉଣୀଙ୍କର ଏକଥା ସେକଥା ନାନା ବିଷୟର ଆଲୋଚନା ହେଲା । କେତେକ କ୍ଷଣ ପରେ ରାଣୀଦେଈ ଅତି କୋମଳ ସ୍ୱରରେ କହିଲେ—"ଭାଇ, ଗୋଟିଏ କଥା କହିବି, ତୁ ଚିଡ଼ିବୁ ନାହିଁ ତ ?" ଭୋଜନ ଶେଷରେ ସମସ୍ତଙ୍କର ମନ କିଛି ଅଧିକରେ ପ୍ରଫୁଲ୍ଲ ଥାଏ । ପରଶୁ ସେଥିରୁ ବା ବାହାର ହେବେ କାହିଁକି ? ସେ ମୃଦୁ ହସି କହିଲେ—"ଚିଡ଼ିବି କାହିଁକି, କଅଣ କହିବୁ କହ ।" ରାଣୀଦେଈ କହିଲେ—"କନକ ତ ବଡ଼ ହୋଇଉଠିଲା, ତା କଥା କଅଣ ଭାବୁଅଛୁ ? ତୋ ଛଡ଼ା ତାର ଆଉ ଆଶ୍ରୟ କିଏ ଅଛି ? ଗୋଟିଏ ପାତ୍ର ଅନ୍ୱେଷା କର, ବୈଶାଖ ମାସବେଳକୁ ତାକୁ ଉଠାଇଦେବା, ସେ ବୋଝ ତୋହର ମୁଣ୍ଡରୁ ତ ଯିବ ! ତୁ ନ କଲେ ଆଉ କିଏ କରିବ ? ଈଶ୍ୱରର ଗଛମୂଳ ଆଶ୍ରା ଅଛି, କନକର ତାହା ବି ନାହିଁ । ସେ ଆଉ କେଉଁଠିକି ଯିବ ? ବେଶୀ ଖର୍ଚ୍ଚ କରିବାକୁ ମୁଁ କହୁ ନାହିଁ, ଖୁବ୍ ଅଳ୍ପରେ ଫଳଟାଏ ଫୁଲଟାଏ ଦେଇ ପାଣି ଠୋପାଏ ଗଡ଼େଇଦେ । ସେ ହାତକୁ କି ହାତ ହୋଇଗଲେ ତୁ ଖଲାସ୍—ତୋତେ ଆଉ କେହି ନିନ୍ଦା କରିବାକୁ ବାଟ ନ ଥିବ । ମୋ ସୁନା ଭାଇଟା, ତୁ ଏତିକି କର ।" ପରଶୁ ଶୋଇକରି ସବୁ ଶୁଣୁଥିଲେ ।

ତାଙ୍କ ରକ୍ତରେ ବିଷ ଚଢ଼ିଗଲା । ସେ ଆଉ ସମ୍ଭାଳି ହୋଇ ରହିପାରିଲେ ନାହିଁ; ଧଡ଼ପଡ଼ ହୋଇ ଉଠି ବସି କହିଲେ—"ଓଃ, ଜନକକୁ ବାହା ନ ଦେଲେ ମୋତେ କିଏ ତଣ୍ଟିବାନ୍ଧି ନେଇଯିବ ପରା ? ସେ ଗାତକୁ ଯାଉ ବା ତୁଳକି ଯାଉ, ମୋର କଅଣ ଗଲା ? ସେଟା ମୋର କିଏ ଯେ, ତାହା ଲାଗି ମୁଁ ଏତେ କରିବାକୁ ଯିବି ? ରୂପ ଦେଖିଲେ ତ ଶିଆଳ କୁକୁର ବାନ୍ତି କରି ମରିବେ, ସେଠାକୁ ପୁଣି ବାହାହେବ କିଏ ? ତୁ ସିମିତି କଥା ମୋତେ କହୁବୁ ନାହିଁ । ମୋତେ ତାହା ଭଲ ଲାଗେ ନାହିଁ । ଏ ତୋର କଥା ନୁହେଁ ଅପା—କୋ ମ୍ଲେଚ୍ଛୁର କଥା ।" ଏହା କହି ଭଉଣୀ ଆଡ଼କୁ ପିଠି କରି ଶୋଇପଡ଼ିଲେ । ବାଣୀଦେଈ ଆଉ କିଛି ନ କହି ଦୀର୍ଘନିଃଶ୍ୱାସ ପକାଇ ଅନ୍ୟନ୍ତ୍ର ଉଠିଗଲେ ।

—୪—

ଠିକ୍ ଛଅମାସ ପରେ ବୈରାଗୀ ନାହାକ ଆୟୁର୍ଦା ବହିଟି ଆଣି ପରିଛାଙ୍କ ପାଖରେ ଥୋଇଦେଲା । ପରିଛା ଖୁବ୍ ଖୁସି ହୋଇ ବୈରାଗୀର ତେର ପ୍ରଶଂସା କଲେ । ବୈରାଗୀ ତାହାର ପ୍ରାପ୍ୟ ଆଗରୁ ପାଇସାରିଅଛି । କେତେଟା କଥା ପରୀକ୍ଷା ହେଲା ପରେ ଯୋଡ଼େ ଲୁଗା ପାଇବ । ସେ କଥା ତ ବର୍ତ୍ତିମାନ ନୁହେଁ, ଆଗେ ପରୀକ୍ଷା ସରୁ, ପଛକୁ ଦେଖାଯିବ । ତେବେ ବୈରାଗୀ ଆୟୁର୍ଦା ଧରି ଆସି ଶୂନ୍ୟହାତରେ ଫେରିଗଲେ କଥାଟା ବଡ଼ ଅସୁନ୍ଦର ହେବ ଭାବି ପରିଛା ତାକୁ ଦୁଇସେର ଚାଉଳ ଏବଂ ଅଣେ ପଇସା ଦେଇ ବିଦାୟ କରିଦେଲେ । ସେହିଦିନଠାରୁ ପରିଛା ନିଜେ ଆୟୁର୍ଦା ପଢ଼ିବାକୁ ଆରମ୍ଭ କଲେ । ନାନା ଧନ୍ଦା ହେତୁ ଅଧିକ ଅବସର ହୋଇପାରନ୍ତି ନାହିଁ—ଗୀତା ପଢ଼ିଲା ପରି ଦିନରେ ପଦେ ଲେଖାଏଁ ସେ ପଢ଼ନ୍ତି । ଜନକକୁ ଗାଳିଦେବା ତାଙ୍କର ଗୋଟାଏ ନିତ୍ୟକର୍ମ ଥିଲା । ତାହା ଉପରେ ଆୟୁର୍ଦାପାଠ ଆଉ ଗୋଟାଏ ନିତ୍ୟକର୍ମ ହେଲା । ଦେଖୁ ଦେଖୁ ଦୁଇମାସ ଗତ ହୋଇଗଲା, ତେବେ ବି ଆୟୁର୍ଦା ପଢ଼ା ସରିଲା ନାହିଁ । ଛଅମାସ ପରେ ଆୟୁର୍ଦା ପଢ଼ା ଶେଷ ହେଲା; ମାତ୍ର ଶେଷ ଧାଡ଼ିଟି ପଢ଼ିଲାକ୍ଷଣି ପରିଛାଙ୍କ ଛାତି ଦାଉ ଦାଉ ହୋଇଉଠିଲା, ହାତ ଥରିଉଠିଲା, ଆୟୁର୍ଦାବହି ତଳେ ପଡ଼ିଗଲା । ସେ କମ୍ପିତ ହସ୍ତରେ ଉଠାଇନେଇ ଉତ୍କଣ୍ଠାର ସହିତ ପୁଣି ଥରେ ପଢ଼ିଲେ । ଉଃ, କି ସର୍ବନାଶର କଥା ! ଶେଷରେ ଲେଖାଅଛି—"ସନ ୧୩୧୦ ସାଲ ଫଗୁଣମାସ ଏଗାର ଦିନ ବେଳ ୨୫ ଦଣ୍ଡ ୧୩ପଳ ସମୟରେ ସ୍ୱର୍ଗପ୍ରୟାଣ ଘଟିବ ଅର୍ଥାତ୍ ଦେହ ଛାଡ଼ି ସ୍ୱର୍ଗକୁ ଯିବେ ।" ବୃଦ୍ଧାବସ୍ଥାରେ ପରିଛାଙ୍କ ଆଖିକୁ ଆଉ ପୂର୍ବପରି ଦେଖାଯାଏ ନାହିଁ—ଘୋର ଅନ୍ଧାର ରାତିରେ ବିଜୁଳି ମାରିଲେ ଯେପରି ବାଟ ଦେଖାଯାଏ, ପରିଛା ଆଖିରେ ଅକ୍ଷରଗୁଡ଼ାକ ସେହିପରି ଦେଖାଯାଏ, ଅର୍ଥାତ୍ କ୍ଷଣକେ ଦୀପ୍ତ, କ୍ଷଣକେ ଲୁପ୍ତ ଦେଖାଯାଏ । ସେହିହେତୁ ତେରଶହ ଦଶସାଲକୁ ସେ ତେରଶହ ଏକସାଲ ବୋଲି ପଢ଼ିଲେ । ଆଖି ଭଲରୂପେ ମଳି ଲୁଗାରେ ଛପି ବାରମ୍ବାର ପଢ଼ିଲେ—ସେହି ତେରଶହ ଏକସାଲ । ଶୂନଟା ବୁନ୍ଦା ପରି ସାନ ଥିବାରୁ ପରିଛାଙ୍କ ଆଖିରେ ସେ ଦେଖାଗଲା ନାହିଁ । ଯେତେ ଥର ପଢ଼ିଲେ ସେହି ତେରଶହ ଏକସାଲ । ତାଙ୍କ ମୁଣ୍ଡରେ ଆକାଶ ଭାଙ୍ଗିପଡ଼ିଲା; ମସ୍ତିଷ୍କର କ୍ରିୟା ବିଶୃଙ୍ଖଳ ହୋଇଗଲା । ଅନେକ କ୍ଷଣ ପର୍ଯ୍ୟନ୍ତ ସେ ଥକାହୋଇ ବସିରହିଲେ । ତହିଁପରେ କିଞ୍ଚିତ୍ ପ୍ରକୃତିସ୍ଥ ହୋଇ ମନେ ମନେ କହିଲେ—ତେରଶହ ଏକସାଲ ଫଗୁଣମାସ ତ ଆଉ ପାଞ୍ଚମାସ ରହିଲା, ତେବେ କଅଣ ମୋର ପରମାୟୁ ଆଉ ପାଞ୍ଚମାସ ଅଛି ? ତେବେ ତ ଜୀବନର ସନ୍ଧ୍ୟା ଘୋଟି ଆସିଲାଣି । ବିସର୍ଜନର ବାଦ୍ୟକୁ ମୁଁ ଆବାହନର ମନ୍ତ୍ରପାଠ ମଣୁଥିଲି । ହାୟ, ଏବେ ସବୁ ସରିଲା । ଆଶାଭରସା, ମାୟାମମତା, ଲୋଭମୋହ ସବୁ ଶେଷ । ଅତୀତର ଅନୁଶୋଚନା ଓ ଭବିଷ୍ୟତର ଭାବନା ଏବେ ସବୁ ମରିଯିବ । ବାଟରେ ଅସି ଠିଆ ହେଲଣି, ଅଥଚ ହାତରେ ପାଥେୟ କଡ଼େ କଉଡ଼ି ସୁଦ୍ଧା ନାହିଁ । ହାୟ, ମୋର ଗତି କଅଣ ହେବ ? ବିଷୟମଦରେ ଅନ୍ଧ ହୋଇ ମୁଁ ଜନ୍ମର ଉଦ୍ଦେଶ୍ୟ—ଜୀବନର ଲକ୍ଷ୍ୟ ଭୁଲିଯାଇଅଛି । ଧିକ୍, ଶତ ଧିକ୍ ମୋତେ ! ମୁଁ ମାତୃଗର୍ଭରୁ ନ ମଲି କାହିଁକି ? ଖାଲି ହେଲାରେ ତ

ଧନ ଗଲା, ତାହିଁ ତାମ କଅଣ କରୁଅଛ ? ଶେଷଦିନ ମହାଦରବାରରେ ଉପସ୍ଥିତ ହୋଇ କଅଣ କରୁଅଛ ବୋଲି କହିବ ? ସଂସାରରେ ସାର କିଛି ନାହିଁ, ସବୁ ମିଛମାୟା—ଏହା ନ ବୁଝିଲି ନାହିଁ କି ? ହାୟ, ଏ କି ମୋହ, କି ଭ୍ରାନ୍ତି ! ଯାହାକୁ ମୋର ମୋର କହୁଥିଲି, ସେ ତ ମୋର ନୁହେ । ଆଖି ବୁଜିଲେ ସବୁ ଅନ୍ଧାର ! ତେତେବେଳେ ମୋର କିଏ, କି ମୁଁ କାହାର ? ଲୋଭ କରି ଧନ ଅର୍ଜିଲି କାହିଁକି ? ସେ ଧନ କିଏ ଭୋଗ କରିବ ? ହେ ଭଗବାନ, ମନୁଷ୍ୟ ଉପରେ ତୁମ୍ଭର ଏତେ ଅନୁକମ୍ପା କାହିଁକି ? ସେ ବିଚରା ତ ନିଜ ଇଚ୍ଛାରେ କିଛି ଦେଶଭ୍ରମଣ କରିବାକୁ ପୃଥିବୀକୁ ଆସି ନାହିଁ—ତୁମ୍ଭେ ତାକୁ ପଠାଇଛ ସିନା ! ଯେବେ ପଠାଇଲ, ତେବେ କେତେ ବର୍ଷ ପାଇଁ ପଠାଇଲ, ତାହା ଲୁଚାଇଲ କାହିଁକି ? ନିଜର ପରମାୟୁ ଜାଣିଥିଲେ ସେ ଏତେ ପାପ, କୁକର୍ମ କରିବାକୁ ଅବଶ୍ୟ ଭୟ କରନ୍ତା । ଶେଷଦିନ ଯେତେ କଡ଼ା ହୋଇ ଆସୁଥାଆନ୍ତା, ମାୟାଜଞ୍ଜାଳ ପାଖରୁ ସେ ତେତେ ଦୂରକୁ ଘୁଞ୍ଚିଯାଉଥାଆନ୍ତା । ମାନବକୁ ଆୟୁଜ୍ଞ କରିଥିଲେ ତୁମ୍ଭର କଅଣ ବା କ୍ଷତି ହୋଇଯାଇଥାଆନ୍ତା ? ମନୁଷ୍ୟର ସାବଧାନ ହେବାର ବାଟ ସୁଦ୍ଧା ତୁମ୍ଭେ ରଖି ନାହଁ ।" ପରିଛା ଉତ୍ତେଜନାରେ ଏହା କହୁ କହୁ ହଠାତ୍ ଜିହ୍ୱା ଦଂଶନ କରି କହିଲେ—"ଛି ଛି, ମୁଁ ମୂଢ ଭଗବାନଙ୍କୁ ବୁଦ୍ଧି ଶିଖାଇବାକୁ ଯାଉଅଛି । କୌତୁକଟା ମନ୍ଦ ନୁହେ—ବୁଦ୍ଧିବିଦ୍ୟା ସାହସ କି କମ ନୁହେ । କ୍ଷମାକର ଦୟାମୟ ! ତୁମ୍ଭ କର୍ମର ସମାଲୋଚନା କରି ମୁଁ ନିଜ ପାଖରେ ନିଜେ ଲଜ୍ଜିତ । ମୋର କୃତକର୍ମ ମୋତେ ଯଥେଷ୍ଟ ଶାସ୍ତି ଦେଲାଣି । ତୁମ୍ଭ ମଙ୍ଗଳ ଇଚ୍ଛା ମଧ୍ୟରେ ମଙ୍ଗଳ ଏକା ଥାଏ ମଙ୍ଗଳମୟ ! ମୁଁ ପାମର ତୁମ୍ଭ ମହିମା କଅଣ ବୁଝି-ପାରିବ ?" ପରିଛା ଏହିପରି ସଢ଼ାଏ ଅନୁତାପ କରିନେଲେ । ତାଙ୍କ ମନରେ ହଠାତ୍ ଭୟ ପଶିଗଲା । ମୃତ୍ୟୁକୁ ବା କାହାର ଭୟ ନାହିଁ ? ସେହି ମୁହୂର୍ତ୍ତରେ ତାଙ୍କ ମନ କି ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ ହୋଇ ଧର୍ମମୁଖୀ ହୋଇଉଠିଲା । ଉଚ୍ଛୃଙ୍ଖଳ ମନକୁ ସୁପଥକୁ ଆଣି ମୃତ୍ୟୁଚିନ୍ତା ପକ୍ଷରେହିଁ ସହଜ ଓ ଆଶୁ ସୁସାଧ୍ୟ । ପରିଛା ଏ କଥା କାହାରି ପାଖରେ ପ୍ରକାଶ ନ କରି ଖୁବ୍ ଗୋପନ ରଖିଲେ ।

—୨—

ପରିଛା ମୃତ୍ୟୁ ନିମନ୍ତେ ଭିତରେ ଭିତରେ ପ୍ରସ୍ତୁତ ହେବାକୁ ଲାଗିଲେ, ପୃଥିବୀର କାର୍ଯ୍ୟ ଯେତେ ଶୀଘ୍ର ଶେଷ କରିପାରନ୍ତି, ତେତେ ମଙ୍ଗଳ, ସୁତରାଂ ସେହି ଚେଷ୍ଟାରେ ଲାଗିଲେ, କରଜ ଲାଗିଥିବା ଟଙ୍କାସବୁ ଆଦାୟ କଲେ ; ଖାତକମାନଙ୍କୁ ସୁଧସବୁ ଛାଡ଼ିଦେଲେ । ସ୍ଥଳବିଶେଷରେ ମୂଳ ଟଙ୍କାରୁ ବି କିଛି କିଛି ସେ ଛାଡ଼ି-ଦେଲେ । ତାଙ୍କର ଏ ଅପୂର୍ବ ଦୟା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ; ମାତ୍ର କାରଣ କିଛି ଜାଣିପାରିଲେ ନାହିଁ । କେତେ ଲୋକ କେତେ ଅନୁମାନ କରିଗଲେ । କେହି କହିଲା—"ବୁଢ଼ା ବେଶ୍ୟା ତପସ୍ୱିନୀ । ସୁଧ ଦୁହିଁ ଦୁହିଁ ଜୀବନଟା କଟିଲା, ଏବେ ମରିବାବେଳକୁ ଧର୍ମବୁଦ୍ଧି ବାହାରିଲା ।" କେହି କହିଲା—"ନାହିଁ ହୋ, ସେ କଥା ଠିକ୍ ନୁହେ । ତୁମେ କେହି ଭିତର କଥା କିଛି ଜାଣ ନାହିଁ—ତୁଚ୍ଛାଟାରେ ଶୁଖିଲା ତର୍କସୁଦ୍ଧାଏ ବାଢ଼ିଲେ ଫଳ କଅଣ ? ଅସଲ କଥା ମୁଁ କହୁଅଛି ଶୁଣ । ବାପୁଡ଼ା କିଛି ଗୁପ୍ତ ପାପ କରିଅଛି, ଏ ତାହାର ପ୍ରାୟଶ୍ଚିତ୍ତ । ଏହା ଯେବେ ନ ହୁଏ, ତେବେ ମୋର କାନ କାଟି-ନେବ । ହୁଁ, ଯଉଁ ମଣିଷର ଯେମନ୍ତ ଠାଣି—ତାହା ଗୁଲିଗଲାଠଉଁ ଜାଣି ।" ଦୁଷ୍ଟ ଲୋକଙ୍କ ମୁହଁରେ କିଏ ହାତ ଦେବ ? ଏହିପରି ଯାହା ମନକୁ ଯାହା ଆସିଲା, ସେ ତାହା କହିଲା । ପରିଛାଙ୍କର ଆଉ ପୂର୍ବଭାବ ନାହିଁ, ସେ ଖିଙ୍କାରି ମିଙ୍କାରି ହେବା ନାହିଁ, ସେ ଝଡ଼ଝଡ଼ ଫରଫର ନାହିଁ, ସେ ଘଣ୍ଟ ଘଣ୍ଟ ତାଡ଼ିଯିବା ନାହିଁ, ସେ ଏବେ ତୃଣଠାରୁ ନୀଚ, ତରୁ ପରି ସହିଷ୍ଣୁ ଏବଂ ଅମାନୀର ମାନଦାତା । ଆଉ କନକକୋଷ୍ଠୀର କେନ୍ଦ୍ର ଶୁଭଗ୍ରହ ଏକାଦଶକୁ ଆସିଲା କେଜାଣି, ତାହା ପ୍ରତି ଆଉ ଗାଳି ବାରନ୍ତି ନାହିଁ । ବରଂ ବେଳେ ବେଳେ ସହାନୁଭୂତିର ଅମୃତଧାରା ତାହା ମସ୍ତକରେ ବର୍ଷିଯାଉଅଛି । କନକ ଓ ବାଣୀଦେଈ ଏ ଭାବାନ୍ତର ଲକ୍ଷ୍ୟ କଲେ; ମାତ୍ର କିଛି ହେତୁ ବାହାର କରିପାରିଲେ ନାହିଁ । ପରିଛାଙ୍କୁ

ନିଃଶ୍ୱାସ ମାରିବାକୁ ତର ନାହିଁ, ସେ ପୃଥିବୀର କାମ ଗୁଣ୍ଡାଇ ମୁଣ୍ଡାଇ ଶେଷ କରିବାରେ ଲାଗିଅଛନ୍ତି । ଗାଆଁ ଲୋକେ ଦା, କତା, କୋଡ଼ି, କୁରାଢ଼ି, ଶାବଳ, କୁମ୍ଭ, ଖୁଲୁଣୀ ଯେ ଯାହା ମାଗି ନେଇଥିଲେ ସେମାନଙ୍କ ଘରକୁ ଯାଇ ସେ ସମସ୍ତ ଆଦାୟ କରି ଆଣିଲେ । ଯାହାର ଯାହା ପ୍ରାପ୍ୟ ଥିଲା, ତାକୁ ତାହା ବୁଝାଇଦେଲେ । ପୂଜା, ମାଳଜପା ଓ ଧର୍ମଗ୍ରନ୍ଥପାଠ ଭାରି ଆଡ଼ମ୍ବରରେ ଲାଗିଲା । ଦାନଖଇରାତ ବି ଚାଲିଲା । ଗୋଟାଏ ଅନ୍ନଛତ୍ର ଖୋଲା ହୋଇଗଲା । ଅନେକ ଦୁଃଖୀ, ରଙ୍କୀ, ଅନାଥ, ଅକ୍ଷମଙ୍କୁ ପଇସା ଲୁଗା ବଣ୍ଟାହେଲା । ଏହା ସବୁ ଦେଖି ତାଙ୍କ ଶତ୍ରୁମାନେ କୁହାକୁହି ହେଲେ, କୃପଣ ହାତରେ ପଡ଼ି ପାଣି ଗଳେ ନାହିଁ ବୋଲି କହନ୍ତି, ଅର୍ଥ ତ ଘନ ପଦାର୍ଥ, ସେ କିମିତି ଗଳୁଅଛି ? କେହି କହିଲା, କୃପଣତା ଛାଡ଼ିଗଲାଣି । ଆଉ ଜଣେ କହିଲା—କେଜାଣି, ପଣ୍ଡିତଙ୍କ ଆଉ ଜନ୍ମକୁ ତୋ କଥା ସଫଳ ହେବ ପରା !

ମୃତ୍ୟୁଦିନ କ୍ରମଶଃ ନିକଟବର୍ତ୍ତୀ ହୋଇଆସିଲା । ପଣ୍ଡିତଙ୍କର ପୃଥିବୀର କାର୍ଯ୍ୟ ମଧ୍ୟ ଶେଷ ହୋଇଆସିଲା । ଆଉ ତାଙ୍କର ଦୁଇଟି କାର୍ଯ୍ୟ ଅଛି—ଗୋଟିଏ କନକ ଓ ଅନ୍ୟଟି ସୁଣୀଦେଇ । ସେ ଦୁହିଁଙ୍କ ପାଇଁ କି ବ୍ୟବସ୍ଥା କରିଯିବେ, ତାହାହିଁ ଚିନ୍ତାର ବିଷୟ ହେଲା । ଅନେକ ଚିନ୍ତା ଭାବନା ପରେ ସ୍ଥିର ହେଲା—କନକକୁ ସୁପାତ୍ର ଅର୍ପଣ କରି ଅଧେ ବିଷୟ ତାହାକୁ ଦାନ କରିଯିବେ ଏବଂ ଆଉ ଅଧେ ରାଧାକାନ୍ତଜିଉ ଗୃହ-ଦେବତାଙ୍କ ନାମରେ ଲେଖିଦେଇଯିବେ । ସେଥିରେ ଠାକୁରଙ୍କ ସେବାପୂଜା, ଭୋଗ-ରାଗ ଚାଲିବ ଏବଂ ଦଶଜଣ ଅନାଥ ବାଳକବାଳିକାଙ୍କୁ ଗ୍ରାସାଚ୍ଛାଦନ ଦିଆହେବ । ସୁଣୀଦେଇ ସେଥିର ତତ୍ତ୍ୱାବଧାନ କରିବେ । ତାଙ୍କ ମୃତ୍ୟୁ ପରେ ଗ୍ରାମର ପଞ୍ଚାଏତମାନେ ଉପଯୁକ୍ତ ଲୋକଦ୍ୱାରା ଉକ୍ତ ଦାଧୁ ଅନୁଷ୍ଠାନଟି ଚଳାଇବେ । ପଣ୍ଡିତ ଖଣ୍ଡିଏ ଉଇଲ ପ୍ରସ୍ତୁତ କଲେ । ସେଥିରେ ଉପର୍ଯ୍ୟୁକ୍ତ ବିଷୟଗୁଡ଼ିକ ଲେଖାହୋଇ ଉଇଲ ରେଜେଷ୍ଟ୍ରୀ ହେଲା । ଏ କି ବଡ଼ିକ ପରିବର୍ତ୍ତନ ! ଲୋକେ କହିଲେ, ବୁଢ଼ାଟା ବାତୁଳା ହୋଇଗଲାଣି, ତାହାର ମଣ୍ଡଗଣ୍ଡର ସ୍ଥିରତା ନାହିଁ । ବାସ୍ତବରେ ପଣ୍ଡିତଙ୍କ ପୂର୍ବ ଅବସ୍ଥା ସଙ୍ଗେ ବର୍ତ୍ତମାନ ଅବସ୍ଥାର ତୁଳନା କଲେ ଲୋକଙ୍କର ଅନୁମାନ ମୂଳହୀନ ବୋଲି କହିହେବ ନାହିଁ । ଅନନ୍ତର କନକ ପାଇଁ ବର ଖୋଜା ଲାଗିଲା; ମାତ୍ର ସେ ପଦାର୍ଥ ଦୁର୍ଲଭ ହେଲା ନାହିଁ । କନ୍ୟାଟିଏ ପାଇବ, ସାଙ୍ଗସୁଲରେ ଅଧେ ବିଷୟ ସେ ପାଇବ, ଏ ସୌଭାଗ୍ୟର ସୁବିଧା କି କେହି ପାଇଲେ ଛାଡ଼େ ? ବରବଜାରରେ ଗୋଟାଏ ଉଚ୍ଛୃଙ୍ଖଳ ଧାଇଁ ବୁଲିଲା । ପ୍ରତ୍ୟହ ରାତି ପାହିବାବେଳକୁ ପଣ୍ଡିତଙ୍କ ଦ୍ୱାରରେ ଗୋଛ ଗୋଛ କୋଷ୍ଠୀ, ଟିପଣା ଆସି ଗଦା-ହେଲା । କେତେ ଲୋକଙ୍କର ଠେଣୀ ଆସି ଘର, ବରର ସୁଖ୍ୟାତି ଗାଇବାକୁ ଲାଗିଲେ । ଦୁଇତିନି ବରଧାଡ଼ି ଛୁଟିଲେ । ପ୍ରତ୍ୟହ ଜଗୁଜୀବନଙ୍କ ଘରେ ସ୍ୱୟମ୍ବରସଭା ବସିଲା । ବରବାପମାନେ କେତେ ଛଟା ଦେଖାଇ କେତେ ଢଙ୍ଗରେ କଥା କହିଲେ । କେହି କହିଲା—'ମୋ ପୁଅ ତ ଇଂରେଜୀରେ ଏଣ୍ଟ୍ରେନ୍ସ ପାସ୍ କରିଛି, ତାକୁ କଅଣ କନ୍ୟା ଅପୂର୍ବ ହେବ ? ଖାଲି ପାତ୍ରଟି ଦେଖି ତାକୁ ବରଣ କରିବାକୁ ଆମ ଘରଅଡ଼ ମଣିଷଙ୍କର ଭାରି ଆଗ୍ରହ ବଳିଅଛି ।' ଆଉ କେହି କହିଲା, 'କହନ୍ତି ସବୁ ଜାଗା ଦେଖି ବସିବୁ । ଗୋଟାଏ ଘର ପରି ଘର, ସେଥିଲାଗି ବନ୍ଧୁ କରିବାକୁ ଇଚ୍ଛା, ନ ହେଲେ ମୋର କଅଣ ବିଷୟ ନାହିଁ ଯେ, ମୁଁ ଶ୍ୱଶୁରଙ୍କ ହୋଇଅଛି ! ଆମେ ସିମିତି ଭିକାରି ନୋହୁ ।' ବରକର୍ତ୍ତାମାନେ ଏହିପରି ନିଜ ନିଜର ନାନାପ୍ରକାର ବଡ଼େଇ ଗାଇଲେ । ଯାହାହେଉ, ପଣ୍ଡିତ ଗୋଟିଏ ସୁବର ବାଛିନେଇ ତାହାକୁ କନ୍ୟା ସମ୍ପ୍ରଦାନ କରି କନକ ବିଷୟରେ ନିଶ୍ଚିନ୍ତ ହେଲେ ।

—୨—

ଜଗୁଜୀବନ ପଣ୍ଡିତଙ୍କର ନିର୍ଦ୍ଧାରିତ ମୃତ୍ୟୁଦିବସ ଆସି ଉପସ୍ଥିତ ହେଲା । ଆଜି ସେ ଚିରଦିନ ପାଇଁ ସୁନ୍ଦର ପୃଥିବୀକୁ ଛାଡ଼ି ଚାଲିଯିବେ । ଏ ପ୍ରିୟ ଘରଦ୍ୱାର ତାଙ୍କ ନେତ୍ରର ଅନ୍ତରାଳରେ ରହିବ—ନରକଣ୍ଠର ମଧୁର ସ୍ୱର ସେ ଆଉ ଶୁଣିବେ ନାହିଁ, ଏହା କଅଣ ସାମାନ୍ୟ ଦୁଃଖର କଥା ! ମାୟାରେ ତାଙ୍କ ମନ ଘାଣ୍ଟିଚକଟି ହେଲା—ହୃଦୟ ଫାଟିଗଲା—ପେଟ ଭିତର ମସାଲ ଜଳିଲା ପରି ହାଉ ହାଉ ହେଲା, ଆଉ ତାଙ୍କ ଅଜାଣାରେ ଆଖିରୁ

ଦୁଇଧାର ଲୁହ ଗଡ଼ିପଡ଼ିଲା । ଅତି ଦୁଃଖୀ ସୁଦ୍ଧା ପୃଥିବୀ ଛାଡ଼ିଯିବାକୁ ଇଚ୍ଛାକରେ ନାହିଁ, ଆଉ ପରିଛାଙ୍କର କଅଣ ଅଭାବ ଯେ, ସେ ମୃତ୍ୟୁଇଚ୍ଛା କରନ୍ତେ ? ଅନେକେ କହନ୍ତି—"ମୁଁ ମରିଯାଆନ୍ତି କି, କଷ୍ଟରୁ ଉଦ୍ଧାର ପାଇଯାଆନ୍ତି, ପୋଡ଼ା ଯମ କି ମୋତେ ପାଶୋରିଯାଇ ହଟ ଲଗାଇଲା !" ଏହିପରି କଥା ଅନେକ ଶୁଣାଯାଏ; ମାତ୍ର ତାହା କ୍ଷଣିକ ଶୋକ-ଦୁଃଖର ଉତ୍ତେଜନା ସିନା ! ତାହା ପ୍ରାଣର କଥା ନୁହେଁ, କି ବିବେକର ବାଣୀ ନୁହେ । ଏହିପରି ହାଇପି ସାଇପି ହେବାକ୍ଷଣି ଯେତେବେ ଲୋକେ ମଡ଼ିଯାଉଥାଆନ୍ତେ, ତେବେ ଆଉ ସେପରି କଥା କେହି ତୁଣ୍ଡରେ ଉଚ୍ଚାରଣ କରିବାକୁ ସାହସ କରନ୍ତେ ନାହିଁ । ସଂସାରରେ ବଞ୍ଚିରହିବାକୁ ସମସ୍ତଙ୍କର ଇଚ୍ଛା, ମରିବାକୁ କେହି ଇଚ୍ଛାକରେ ନାହିଁ । ପରିଛାଙ୍କର ମରିବାକୁ ଇଚ୍ଛା ନୁହେଁ; କିନ୍ତୁ କଅଣ କରିବେ ? ସେହି ହତଭାଗା ଅସୁର୍ଯ୍ୟୀ ଲଗି ତାଙ୍କୁ ବାଧ୍ୟହୋଇ ଅକାଳରେ ମରିବାକୁ ହେଉଅଛି ସିନା, ନ ହେଲେ ଆଉ କୋଡ଼ିଏ ବର୍ଷ ବଞ୍ଚି କୋଡ଼ି ଅମ୍ବ ଖାଇବାକୁ କଅଣ ତାଙ୍କର ଇଚ୍ଛା ନୁହେ ? ପରଲୋକରେ କେଉଁ କାମଠା ବା ତାଙ୍କ ଲାଗି ଅଟକି ରହିଅଛି କିମ୍ବା ସେଠାରେ କେଉଁ କଅଁଳା ପିଲାଟା ତାଙ୍କର କାନ୍ଦୁଅଛି ଯେ, ସେ ଯିବାକୁ ହକର ହକର ହୁଅନ୍ତେ— ଆଉ ବିଗୋଡ଼ କାନ୍ଧରେ ପକାଇ ଧାଆନ୍ତେ ? ଯୁଧିଷ୍ଠିରଙ୍କ ପରି ତାଙ୍କର ଆଶା ଆକାଙ୍କ୍ଷା ମରିଯାଇ ନାହିଁ କିମ୍ବା ସଂସାରରୂପ ଦଗ୍ଧ ମରୁଭୂମିରେ ତାଙ୍କର ଗୋଡ଼ଫୋଟକା ହୋଇଯାଇ ନାହିଁ । ତେବେ ସେ ଛନଅ ହୋଇ ପଳାନ୍ତେ କାହିଁକି ? ସେହି ଦରପୋଡ଼ା ଆସୁର୍ଯ୍ୟୀଟା ସବୁ ଅନର୍ଥର ମୂଳ । ବର୍ତ୍ତମାନ କେହି ଯେବେ ତାଙ୍କୁ କହନ୍ତା, "ତୁମର ସର୍ବସ୍ୱ ମୋତେ ଦିଅ, ମୁଁ ତୁମକୁ ବଞ୍ଚାଇ-ଦେବି", ତେବେ କଅଣ ସେଥିରେ ସେ ଅମଙ୍ଗ ହୁଅନ୍ତେ ? କେବେ ନୁହେ —କେବେ ନୁହେ, ବରଂ ସର୍ବସ୍ୱ ଦେଇସାରି ଅଧିକରେ ଜୁହାର ନକଟି ହୋଇ ଗୋଡ଼ ଧରି ପ୍ରାର୍ଥନା କରନ୍ତେ । ସଂସାରକୁ କେହି ଛାଡ଼ିଯିବାକୁ ଇଚ୍ଛାକରେ ନାହିଁ, କଲେ ସୁଦ୍ଧା ସଂସାର ତାକୁ ଛାଡ଼େ ନାହିଁ । ଯେବେ ତାକୁ ଛାଡ଼ିଦେବ, ତେବେ ଏକାଳରେ ଆଉ ପଚାଇବ କାହାକୁ ?

ଅସୁର୍ଯ୍ୟୀଖଣ୍ଡ ଲେଖାଇ ନ ଥିଲେ ପରିଛାଙ୍କୁ ଏତେ ସନ୍ତାପି ହେବାକୁ ପଡ଼ନ୍ତା ନାହିଁ । ମୃତ୍ୟୁଦିନ ଜାଣିପାରନ୍ତେ କିପରି ଯେ, ଶୋକରେ ଘାରିହୁଅନ୍ତେ ? ସେହି ଆସୁର୍ଯ୍ୟୀ ଏକା କାଳ ହେଲା । ତାହା ଲେଖାଇ ନ ଥିଲେ ଭଲ ହୋଇଥାଆନ୍ତା ।

ଆଜି ପରିଛାଙ୍କ ଜୀବନର ଶେଷ ଦିନ । ସେ ରାତି ଘଡ଼ିଏ ଥାଉଁ ଉଠି ସ୍ନାନକରି ଆସିଲେ । ଅଧନଉଣ୍ଡ ଚନ୍ଦନ ଘୋରି ସର୍ବାଙ୍ଗରେ ବୋଳିହେଲେ । କପାଳରେ ଗଙ୍ଗାମୃତ୍ତିକାର ଚିତା ଘେନିଲେ । ମୁଣ୍ଡରେ ଖଣ୍ଡେ ନାମାବଳୀ ବାନ୍ଧିଲେ, ବେକରେ ଗୋଛାଏ ତଗରି ତଗରି ତୁଳସୀମାଳ ପକାଇଲେ । ତାହା ଉପରେ କେତେ ହାର ଫୁଲମାଳ ପଡ଼ିଲା । ତୁଳସୀମାଳ ଓ ଫୁଲହାରରେ ବେକଟା ଏପରି ବହଳରେ ଢାଙ୍କିଗଲା ଯେ, ସେଥିରେ ଅସି ବ୍ଲେଟ ବସାଇଲେ ସୁଦ୍ଧା ଦାଗ ବସିବ ନାହିଁ । ତହିଁ ଉତ୍ତାରୁ ହାତରେ ଗୋଟିଏ ଜପାମାଳ ଧରି ବେଳା ବେଳ ଘରୁ ବାହାରିପଡ଼ିଲେ । ଗାଆଁସାରା ସବୁଘରେ ବୁଲି ବୁଲି କହିଲେ—'ଦୟା ରଖିଥିବ, ପାଶୋରିବ ନାହିଁ । ଏବେ ମୁଁ ଚାଲିଲି ।' ଯାଉ ଯାଉ ଯାହାକୁ ଆଗରେ ଦେଖିଲେ ତାକୁ ଗୋଟାଏ ଜୁହାର ହୋଇ ଏହିପରି କହି ବୁଲିଲେ । ଲୋକେ ତାଙ୍କ କଥାର ମର୍ମ ବୁଝି ନ ପାରି ତାଟକା ହୋଇ ତାଙ୍କ ମୁହଁକୁ ଅନାଇରହିଲେ । ତାଙ୍କର ଏ ଅପୂର୍ବ ବରବେଶ ଦେଖି ଓ ଅଦ୍ଭୁତ କଥା ଶୁଣି କେହି କେହି ଅନୁମାନ କଲେ—ବୋଧହୁଏ ସେ ଗୃହତ୍ୟାଗୀ ହୋଇ ତୀର୍ଥବାସୀ ହେବେ; କିନ୍ତୁ ସେ ଯେ ସଂସାରତ୍ୟାଗୀ ହେଉଅଛନ୍ତି, ଏ କଥା କେହି ଜାଣନ୍ତି ନାହିଁ । ଯାହାହେଉ କାହାରିକୁ ଆଉ ଅଧିକ କ୍ଷଣ ସନ୍ଦେହରେ ଭ୍ରାନ୍ତି ହେବାକୁ ପଡ଼ିଲା ନାହିଁ । ପରିଛା କହିଲେ, ଆସୁର୍ଯ୍ୟୀରେ ଲେଖାଅଛି ସବୁ—ଆଜି ୨୫ ଦଣ୍ଡ ୧୩ଲିତା ବେଳେ ମୁଁ ଦେହତ୍ୟାଗ କରିବି । ସମସ୍ତେ ଆଶୀର୍ବାଦ କର, ମୋତେ ସଦ୍‌ଗତି ମିଳୁ । ସମସ୍ତଙ୍କ ପାଖରୁ ମୁଁ ଶେଷ ବିଦାୟ ନେଉଅଛି । ଲୋକେ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ, ଆବାଳବୃଦ୍ଧ ସମସ୍ତେ ପରିଛାଙ୍କ ପଛେ ପଛେ ଚାଲିଲେ । ସେ ଗାଆଁ

ସାସ୍ ବୁଲିସାରି ଦୁଇପହରର ବେଳେ ଘରକୁ ଫେରି ଆସିଲେ । ସେଦିନ କିଛି ଖାଇଲେ ନାହିଁ —କେବଳ ଜଳତୁଳସୀ ପାଇ ରହିଲେ । ଶାସ୍ତ୍ରରେ କହୁଛି ପରା— ମଢ଼ାବାହକ ଭାତ ଖାଇଲେ ନରକରେ ପଡ଼ନ୍ତି । ଛାଇ ଗଡ଼ିଗଲା ପରେ ଗାଆଁ ଲୋକେ ତଟାଉଟ ହୋଇ ପରଶୁଙ୍କ ସ୍ୱର୍ଗଯାତ୍ରା ଦେଖିବାକୁ ଆସିଲେ । ଖିଆଲିଆ ଲୋକେ କହିଲେ—"ଆସ ରେ ଗୁଣ୍ଡେ ଆସ, ପରଶୁ ପୁଷ୍ପରଥରେ ଚଢ଼ି କିମିତି ସ୍ୱର୍ଗକୁ ଯିବେ ଦେଖିବା ।" କେହି କହିଲା—"ପ୍ରାଣଟା କେଉଁ ବାଟେ ବାହାରି କୁଆଡ଼େ ଯିବ, ଦେଖିବା ଚାଲ ରେ ।" ଏହିପରି କୁହାକୁହି ହୋଇ ଯାବାକାଳୀ ସବୁ ଲୋକେ ଧାଇଁ ଦେଲେ । ପରଶୁଙ୍କ ଘର, ବାହାର, ପିଣ୍ଡା, ଓଳି ସବୁ ଲୋକାରଣ୍ୟ ହୋଇଗଲା । ଏତେ ଲୋକ-ସମାଗମ ଦେଖି ରାଣୀଦେଈ ଛନିଆ ହୋଇଗଲେ । ସେ ତ ଆଗରୁ କିଛି ଜାଣନ୍ତି ନାହିଁ, ସେ କାନ୍ଦିବେ ବୋଲି ପରଶୁ ତାଙ୍କୁ ଲୁଚାଇଥିଲେ । ଏତେ ଲୋକଙ୍କ କଥା-ବାର୍ତ୍ତାରୁ ସାଇଁଙ୍କର ମହାପ୍ରୟାଣ କଥା ବୁଝିପାରି କାନ୍ଦ କାଟି ଗୃହପ୍ରାଙ୍ଗଣ କମ୍ପାଇଦେଲେ । ମୁଣ୍ଡ କୋଡ଼ି ହୋଇ ଧୂଳିରେ ଗଡ଼ି ବଡ଼ପାଟିରେ ବାହୁନି କାନ୍ଦି କହିଲେ—"ହାୟ ମୋ ରୁକ୍ମଣୀନାଥ ରେ—ହାୟ ମୋ ଜଗୁ ରେ, ମୋତେ କାହାକୁ ଦେଇଯାଉଛ ରେ ! ମଝିଦରିଆକୁ ସିନା ପେଲିଦେଇ ଯାଉଅଛ ରେ ! ମୁଁ କିମିତି ଦେହ ଧରି ରହିବି ରେ, ମୋ ବାପଧନ ରେ ! ଖଟରେ ବସିଥିଲେ ଆଉ ଛୁଇଁକି କିଏ ଡାକିବ ରେ, ମୋ ଭାଇରେ ! ସକାଳୁ ଉଠି ପିଙ୍କା ଖାଇବାଲାଗି ଆଉ କାହାକୁ ହୁକୁଡ଼ା ଖାଲପଡ଼ ଆଣି ଦେବି ରେ, ମୋ ଜଗସୁନ୍ଦର ରେ ! ଅପା ବୋଲି ମୋତେ କିଏ ଡାକିବ ରେ ! ତୋ ପରି ଆଉ କିଏ ସୁନ୍ଦର ଦିଶିବ ରେ, ମୋ ଜଗୁହାଣ୍ଡି ରେ ।" ରାଣୀଦେଈ ଏହିପରି ବାହୁନି କୋଳକମ୍ପିତ ହେବାକୁ ଲାଗିଲେ । କେତେ ଜଣ ତାଙ୍କୁ ସେଠାରୁ ଉଠାଇ ଅନ୍ୟତ୍ର ନେଇଯାଇ ପ୍ରବୋଧ ଦେବାରେ ଲାଗିଲେ । ଦେଖୁ ଦେଖୁ ମୁହୂର୍ତ୍ତକାଳ ଆସି ଉପସ୍ଥିତ ହେଲା । ପରଶୁ ଖଟଣ୍ଡି ମୃଗଛାଲ ଉପରେ ଟେକାମାଣ୍ଡି ବସି ଉଚ୍ଚକଣ୍ଠରେ ହରେକୃଷ୍ଣ ରାଧେକୃଷ୍ଣ ଆବୃତ୍ତି କରିବାକୁ ଲାଗିଲେ । ଉପସ୍ଥିତ ଜନବୃନ୍ଦ ଘନ ଘନ ହରିବୋଲ ପକାଇଲେ । କେତେ ଜଣ ଖୋଳ କରତାଳ ବଜାଇ ପରଶୁଙ୍କ ଚୁଲିପାଖରେ ସଂକୀର୍ତ୍ତନ କରି ବୁଲିଲେ । କେହି ପରଶୁଙ୍କ ମୁହଁକୁ ଏକଧ୍ୟାନରେ ଅନାଇରହିଲା—କେହି ଊର୍ଦ୍ଧ୍ୱଦୃଷ୍ଟି ହୋଇ ଦେବରଥ ଆସୁଛି କି ନାହିଁ ଦେଖିବାକୁ ଲାଗିଲା; କିନ୍ତୁ ଏ କି କଥା, ଯୁହୁଁ ଯୁହୁଁ ସମସ୍ତଙ୍କ ଆଖିରୁ ପାଣି ମଲା—ଯମ କାହିଁ ନା, ମୃତ୍ୟୁ କାହିଁ ନା, ଦେବରଥ ବା କାହିଁ ? ଦେଖୁ ଦେଖୁ ସନ୍ଧ୍ୟା ହେଲା—ରାତି ହେଲା । କାହିଁ କେହି ତ କୁଆଡ଼ୁ ଆସିଲା ନାହିଁ । ସମସ୍ତେ ଅପେକ୍ଷା କରି କରି ରାତି ଅଧିକ ହୋଇଯିବାରୁ ବିରକ୍ତ ହୋଇ ଉଠି ଚାଲିଗଲେ । ପରଶୁ ଘରେ ଯାଇ ଶୋଇଲେ ।

ସକାଳୁ କେତେ ଲୋକ ଆସି ପଚାରିଲେ— "କି ହେ ପରଶୁ, ଯମପୁରରୁ ଫେରିଆସିଲଣି କି ?" ପରଶୁ ହସି ହସି କହିଲେ—"ହଁ, ମୁ ପରା ମୃତ୍ୟୁତୀର୍ଥର ଫେରନ୍ତା ଯାତ୍ରୀ, ଦୁଷ୍ଟ ନାହାକଟା ମୋତେ କି ଛଟହଟା କଲା !" କେହି କେହି କହିଲେ—"ଆଚ୍ଛା, ତମ ଆୟୁଷାଖଣ୍ଡ ଆଣନା ଦେଖିବା ।" ପରଶୁ ଆୟୁଷା ଆଣି ଦେଲେ । ସମସ୍ତେ ପଢ଼ିଲେ । ସେଥିରେ ଲେଖାଅଛି, ସନ ୧୩୧୦ ସାଲ; ମାତ୍ର ପରଶୁ ତାକୁ ତେରଶହ ଏକସାଇ ବୋଲି ପଢ଼ିଥିଲେ । ତହୁଁ ସମସ୍ତେ ଉଚ୍ଚହାସ୍ୟ କରି ଉଠିଲେ । ପରଶୁ ଲଜ୍ଜିତ ହୋଇ କହିଲେ— ଓଃ, ମୁଁ ଭୁଲରେ ଶୂନଟା ଛାଡ଼ିଯାଇଥିଲି ! ସେହି ଦିନଠାରୁ ପରଶୁଙ୍କୁ ସମସ୍ତେ ଫେରନ୍ତାଯାତ୍ରୀ ବୋଲି କହନ୍ତି ।

# ବିବିଧ ପ୍ରବନ୍ଧ

# ସୂଚୀପତ୍ର


୧। ମାୟା

୨। ପୂଜା

୩। ଖୁସି ଗପ

୪। ଆବାହନ

୫। ପ୍ରଲୋଭନ

୬। ଭ୍ରମ

୭। ଗୃହାରମ୍ଭ

୮। କର୍ମଫଳ

୯। ଚଳିବ କପଟ ହବ !

୧୦। ଜପ, ସ୍ତୁତି ଓ ଧ୍ୟାନ

୧୧। ବାସ୍ତୁବନ୍ଧ

୧୨। ଅଦ୍ଭୁତ ସାକ୍ଷାତ୍କାର

୧୩। ବର୍ଷବୃଦ୍ଧି

୧୪। ବଚନ ଲୀଳା

୧୫। ଜନକର ଚଣ୍ଡ

୧୬। ପ୍ରଳାପ

୧୭। ପ୍ରାର୍ଥନା

# ବିବିଧ ପ୍ରବନ୍ଧ

## ମାୟା

ହରି ହେ, ତୁମ୍ଭ ମାୟା-ଦର୍ପଣ ଗୋଟାଏ ଅଦ୍ଭୁତ କାଳକର । ସେ କାଚଖଣ୍ଡରେ ଅଶେଷ ଗୁଣ ! ସେଥିରେ ତୁମ୍ଭ ରୂପ ଅସଂଖ୍ୟ କୋଟି ମୂର୍ତ୍ତି ଧରି ପ୍ରତିଫଳିତ ହୁଏ । ତୁମ୍ଭେ ଏକପାଖରେ, ଆଉ ଜଗତ ଏକପାଖରେ, ମଝିରେ ମାୟା-ଦର୍ପଣ ଥୋଇଅଛ । ସେହି ଦର୍ପଣରେ ତୁମ୍ଭର ଗୋଟିଏ ମୂର୍ତ୍ତି କୋଟି କୋଟି ଭଳି ମୂର୍ତ୍ତି ପରି ଦେଖାଯାଉଅଛି । ଖାଲି ମନୁଷ୍ୟ ମୂର୍ତ୍ତି ନୁହେ—ସେଥିରେ ପଶୁପକ୍ଷୀ, କୀଟପତଙ୍ଗ, ଉଦ୍ଭିଦ, ଗ୍ରହନକ୍ଷତ୍ର, ପର୍ବତସାଗର, ମୃତ୍ତିକା, ବହୁରୂପ ବା ମୂର୍ତ୍ତି ଅଛି—ସେ ସବୁର ସମଷ୍ଟି ହିଁ ମାୟା-ଜଗତ । ସେହି ଦର୍ପଣଖଣ୍ଡ ତୁମ୍ଭେ ଉଠାଇନେଲେ ତୁମ୍ଭ ଛଡ଼ା ଆଉ କିଛି ରହିବ ନାହିଁ । ସେତେବେଳେ ତୁମ୍ଭେ ଏକ, ଅଦ୍ୱିତୀୟ । ଜଗତ ମାୟାରୁ ଉତ୍ପନ୍ନ ହୋଇଥିଲା, ପୁଣି ସେହି ମାୟାରେ ମିଳେଇଗଲା । ପ୍ରଭୁ, ସେ ମାୟା କିଏ, ଆଉ କାହାର ସୃଷ୍ଟି ? ତୁମ୍ଭେ ପରା ମାୟାମୟ, ଲୋକେ ତୁମ୍ଭଙ୍କୁ ମାୟାଧର ବୋଲି ଡାକନ୍ତି—ତେବେ ମାୟା ଆଉ କାହାର ? ତୁମ୍ଭ ଛଡ଼ା ଆଉ କାହାର ନୁହେ ତ ? ସେ ମାୟାର ଶକ୍ତି ଅସୀମ । ତୁମ୍ଭଠାରୁ ଜନ୍ମି ସେ ତୁମ୍ଭଙ୍କୁ ଆଚ୍ଛନ୍ନ କରେ - ତୁମ୍ଭେ ତୁମ୍ଭର ମାୟାରେ ଭୋଳ ହୁଅ । ସେ ମାୟା ଆଉ କେହି ନୁହେ—ତୁମ୍ଭର ମହାଯୋଗ, ତେଣୁ ତାହାର ନାମ ଯୋଗମାୟା । ସେହି ଯୋଗମାୟା ତୁମ୍ଭର ମାଜିକ୍ ଲଣ୍ଠନ୍, ତାହାର ସାହାଯ୍ୟରେ ତୁମ୍ଭେ ନାନା ପ୍ରକାର ବାହାର କର— ଏହି ବଡ଼ ସୃଷ୍ଟି ଗୋଟାଏ କେଉଁଠୁ ଆଣି ଛାୟାବାଜି ପରି ଦେଖାଇଦେଉଅଛ । ସେହି ଛାୟାମୂର୍ତ୍ତିକୁ ସୁଦ୍ଧା ମାୟାରେ ଆଚ୍ଛନ୍ନ କର । ଯେ ତୁମ୍ଭଙ୍କୁ ବଶ କରିପାରେ, ତୁମ୍ଭ ସୃଷ୍ଟଜୀବକୁ ସେ ଯେ ଅତି ଅକ୍ଳେଶରେ ବଶୀଭୂତ କରିବ, ଏଥିରେ ଆଉ ସନ୍ଦେହର ଅବକାଶ କାହିଁ ହେବ ? ଅବକାଶ କଳ୍ପନା କିମ୍ବା କଳ୍ପନାର ଛାୟାର ଛାୟା ସୁଦ୍ଧା ନାହିଁ । ମାୟା କୁହୁକିନୀ, ତାହା ପାଲରେ କିଏ ନ ପଡ଼ିବ ? ମାୟା ମଶି ରଜା, ସେଥିରେ ତୁମ୍ଭର ବି ଭ୍ରମ ହୁଏ । ଜୀବମୃଗର ବା ସ୍ୱରୂପ କଅଣ ହେ ମାୟାବି ! ଆଉ ଗୋଟାଏ କଥା ବଡ଼ ଗହନ ବୋଧହୁଏ ପ୍ରଭୁ ! ପ୍ରଳୟ ପରେ ତୁମ୍ଭେ ଯୋଗନିଦ୍ରାରେ ମଗ୍ନ ହୁଅ । ଯୋଗ ତୁମ୍ଭର କି ଲୋଡ଼ା ? ତୁମ୍ଭେ ତ ଯୋଗେଶ୍ୱର, ସକଳ ଯୋଗର ଆଶ୍ରୟ ତୁମ୍ଭେ, ପୁଣି କେଉଁ ଯୁଗକୁ ତୁମ୍ଭେ ଆଶ୍ରୟ କର ? ନିଜ ହାତରେ ନିଜେ ବାନ୍ଧିହୁଅ କାହିଁକି ହରି ? ପୁଣି କାହା ଉଦ୍ଦେଶ୍ୟରେ ଯୋଗ ସାଧନ କର, କାହାକୁ ଧ୍ୟାନ ଧାରଣା କର ? ତୁମ୍ଭେ ତ ଜଗଦୀଶ୍ୱର, ତୁମ୍ଭର ପୁଣି ପ୍ରଭୁ କିଏ ଅଛି ଯେ, ତାକୁ ପୂଜା ଅର୍ଚ୍ଚନା କର ? ଏହା ତୁମ୍ଭର କୌତୁକ ନା ଲୋକଶିକ୍ଷା ! ତୁମ୍ଭେ କର୍ମ ନ କଲେ ଯେ କେହି କର୍ମର ସେବା କରିବେ ନାହିଁ—ଏହା କି ତୁମ୍ଭର ଉଦ୍ଦେଶ୍ୟ ମାୟାଧର ! ନା, ନା ପ୍ରଭୁ, ତୁମ୍ଭେ ତୁମ୍ଭର ଉଦ୍ଦେଶ୍ୟରେ ଯୋଗ ସାଧନ କର—ତୁମ୍ଭର ମୂର୍ତ୍ତିକୁ ତୁମ୍ଭେ ଧ୍ୟାନ କର—ତୁମ୍ଭେ ତୁମ୍ଭର ମହିମା ଗାନକର, ଆଉ ତୁମ୍ଭର ନାମ ତୁମ୍ଭେ ଜପକର । ତୁମ୍ଭ ଛଡ଼ା ଯେ ଆଉ କେହି ନାହିଁ ପ୍ରଭୁ ! ତୁମ୍ଭେ ଯେ, ସୃଷ୍ଟି ସେ—ପୁଣି ସ୍ରଷ୍ଟା ସେ, ତୁମ୍ଭେ ସେ— ଏହା ଭିତରେ ଦ୍ୱିତୀୟ କେହି ନାହିଁ । ପ୍ରଭୁ, ଏହି ଭାବ ମୋ ମନରେ ଜାତ କରିଦିଅ । ବିଶ୍ୱାସ

ପର୍ବତ ପରି ଅଟଳ କରିଦିଅ । ସ୍ୱଭାବରେ ତ ମନୁଷ୍ୟର ବିଶ୍ୱାସ ଦଦମ୍ୟାଛେନା ପରି ଥଲଥଲିଆ, ସେ ଟିକିଏ ବସିଆସିଲେ ତୁମ୍ଭର ମାୟା ତାକୁ ଚହଲାଇଦିଏ, ହଲହଲରେ ତାହାର ଉପର ସର ଭାଙ୍ଗିଯାଏ । ଚଳୁ ଛେନା ପାଣି ଫାଟିଯାଏ ଆଉ ମୁଣ୍ଡା ବାନ୍ଧିପାରେ ନାହିଁ । ତୁମ୍ଭର ମାୟା ତ ତାକୁ ଛକିବସିଅଛି, ସେ ଟିକିଏ ଠାଣି ହୋଇ ଆସିଲେ ମାୟା ତାକୁ ଭାଙ୍ଗିଦେଉଅଛି—ଏ କି ରହସ୍ୟ ହେ ଅନନ୍ତ ରହସ୍ୟମୟ ! ତୁମ୍ଭେ ରହସ୍ୟ-ରସିକ, ବହୁତ ରହସ୍ୟ ଜାଣ । ବାଟଘାଟର ଲୋକ ସଙ୍ଗରେ ବି ତୁମ୍ଭ ମାୟା ଗୋଟାଏ ସମ୍ବନ୍ଧ ଲଗାଇଦିଏ, ଆଉ ପ୍ରାଣ ଯାହାକୁ ସବୁବେଳେ ମୋର ମୋର ବୋଲି ଭଜୁଥାଏ, ତାହା କଥା ତ ସ୍ୱତନ୍ତ୍ର । ମାୟାବାଦୀ-ମାନେ କହନ୍ତି—ମାୟା ନ ହେଲେ ସଂସାର ଚଳିବ ନାହିଁ—ସୃଷ୍ଟିର ବନ୍ଧନ ହୁସୁଳିଯିବ । ତୁମ୍ଭର ସଂସାର ପକ୍ଷେ ଅଚଳ ହେଉ—ସୃଷ୍ଟି ପକ୍ଷେ ଖଣ୍ଡ ଖଣ୍ଡ ହୋଇ ଅଲଗା ହୋଇଯାଉ; ମାତ୍ର ତୁମ୍ଭ ମାୟାଟିକୁ କାଢ଼ିନିଅ ପ୍ରଭୁ ! ତାହାର ବନ୍ଧନ ଯନ୍ତ୍ରଣା ବଡ଼ ଅସହ୍ୟ ହରି ! ଲତା ବନ୍ଧନରେ ତରୁ ପ୍ରଥମେ କୋମଳ ସ୍ପର୍ଶସୁଖ ଅନୁଭବ କରେ; ମାତ୍ର ପଛକୁ ସେହି ପ୍ରାଣଶୋଷୀ ନିବିଡ଼ ଆଲିଙ୍ଗନ ଦେହରେ ଘାଆ କରିଦେଲେ ଜାଣି ମଧୁସୂଦନ ଡାକ ଛାଡ଼େ । ଆପାତ ସୁଖରେ ଲାଭ କଅଣ, ବରଂ ସମୂହ ହାନି !

ମାୟାର କୁହୁକ ପ୍ରଭାବରେ ମନୁଷ୍ୟ ନିଜକୁ ଭୁଲିଯାଏ । ସବୁବେଳେ ମାୟା ମୋର ଘର, ମୋର ପୁତ୍ର, ମୋର ପରିବାର ବୋଲି ଘୋଷିହେଉଥାଏ । ମନୁଷ୍ୟ ତାହାରି ସ୍ୱରରେ ସ୍ୱର ମିଶାଇଦିଏ । ସେ ଭାବେ ନାହିଁ ଯେ, ଏମାନେ କି ବାସ୍ତବରେ ମୋର, ନାହିଁ ସେପରି ତ ଦେଖାଯାଏ ନାହିଁ । ମୋର ହୋଇଥିଲେ ସେମାନେ ମୋ ସଙ୍ଗରେ ଆସିଥାଆନ୍ତେ, ପୁଣି ମୋ ସଙ୍ଗରେ ଯାଆନ୍ତେ; ମାତ୍ର କେହି ତ ସଙ୍ଗରେ ଆସିଥାଏ ନାହିଁ କିମ୍ବା ଯାଏ ନାହିଁ । ମନୁଷ୍ୟ ଏକା ଆସି ଏକା ଯାଏ । ଯାହାକୁ ଇଚ୍ଛାନୁସାରେ ବ୍ୟବହାର କରିହେବ ନାହିଁ, ବୃଥା ତାକୁ ମୋର ମୋର କହିବା ଉତ୍କଟ ଭ୍ରମ ନୁହେ କି ? ସ୍ୱାର୍ଥ ଯେଉଁଠି, ମାୟା ସେହିଠି, ସ୍ୱାର୍ଥ ଗଲେ ମାୟା ଖୁଲିଯାଏ । ସ୍ୱାର୍ଥ ଥିବାଯାଏ ମାୟାର ମୋହ କାଟିହୁଏ ନାହିଁ । ଏହି ମାୟା ଊର୍ଦ୍ଧ୍ୱଗାମୀଙ୍କୁ ତଳକୁ ଖସାଇଆଣେ । ମୁଁ ଯାହାକୁ ମୋର ମୋର କହେ, ସେ ମୋର ନୁହେ—ଏହା ଯେବେ ମନୁଷ୍ୟ ବିଶ୍ୱାସ କରନ୍ତା, ତେବେ ନିଜେ ନିଜକୁ ମୋହରେ ବାନ୍ଧିରଖନ୍ତା କାହିଁକି ? ତୁମ୍ଭର ମାୟାବିନୀ ମାୟା ତାହାର ସେହି ବିଶ୍ୱାସ ହରଣ କରିନେଇ ତାହା ସ୍ଥାନରେ ସନ୍ଦେହକୁ ଆଣି ବସାଇଦେଉଅଛି । ମନୁଷ୍ୟ-ଠାରୁ ବୋଧଜ୍ଞାନହୀନ କୀଟପତଙ୍ଗଙ୍କର ଅବସ୍ଥା ବହୁଗୁଣେ ଉତ୍କୃଷ୍ଟ । ସନ୍ତାନର ଶକ୍ତି ଜନ୍ମିବାପର୍ଯ୍ୟନ୍ତ ତାହା ପ୍ରତି ସ୍ନେହମାୟା କରନ୍ତି; ମାତ୍ର କେଣିକି କେହି କାହାରି ନୁହେ । ଖୁବ୍ ଅଳ୍ପଦିନରେ ସେମାନେ ମାୟା ଛାଡ଼ିଦିଅନ୍ତି; କିନ୍ତୁ ମନୁଷ୍ୟ ଶ୍ମଶାନକୁ ଯିବାପର୍ଯ୍ୟନ୍ତ ମାୟାରେ ଜଡ଼ିତହୋଇ ଥାଏ । ତାହାର ବୟସ ଯେତେ କ୍ଷୟ ହେଉଥାଏ, ମାୟା ତେତେ ବଢ଼ୁଥାଏ । ସେହିହେତୁ ତ୍ରିକାଳଦର୍ଶୀ ଋଷିମାନେ ମନୁଷ୍ୟ ପାଇଁ ବାନପ୍ରସ୍ଥାଶ୍ରମର ବିଧାନ କରିଯାଇଅଛନ୍ତି ; କିନ୍ତୁ ମାୟା କଅଣ ଛାଡ଼ିଦିଏ ? ସେ କହେ—ଯିବୁ କୁଆଡ଼େ, ମୋହର ମାୟାକାନନରେ ବାନପ୍ରସ୍ଥବ୍ରତ ପାଳନ କରୁଥାଅ । ତୁ ଯେଉଁ ବନକୁ ଯିବାକୁ ଇଚ୍ଛା କରିଅଛୁ, ସେ ବନର ସୁଖ ମୋ ବନର ସୁଖଠାରୁ ଅଧିକ ନୁହେ । କାମ୍ରୂପ-ଦେଶର ସ୍ତ୍ରୀମାନେ ମନୁଷ୍ୟକୁ ମେଣ୍ଢା କରି ରଖନ୍ତି ବୋଲି ପ୍ରବାଦ ଅଛି । ତୁମ୍ଭର ମାୟା କି ମନ୍ତ୍ର ଔଷଧି-ବଳରେ କେଜାଣି, ସେହିପରି ସମସ୍ତଙ୍କୁ ମେଣ୍ଢା କରି ରଖିଅଛି । ସମସ୍ତଙ୍କ ସ୍ୱାଧୀନତା ତାହାର ପଦତଳରେ ଲୁଣ୍ଠିତ ହେଉଅଛି । ସେ ମିଥ୍ୟାବାଦିନୀ ; ମିଛକୁ ସତ ଏବଂ ସତକୁ ମିଛ ବୋଲି କହେ । ମାୟା ନ ଥିଲେ ତୁମ୍ଭର ସୃଷ୍ଟି ସତ ହୋଇଥାଆନ୍ତା, ଗୋଟାଏ ମିଛ ସୃଷ୍ଟି ଭିଆଣ କରି ଫଳ କଅଣ ପ୍ରଭୁ ! ସେହି ମାୟା ତ ତୁମ୍ଭଙ୍କୁ ବି ବାୟା କରିଅଛି ହରି ! ବାତୁଳର ସୃଷ୍ଟି ସୁଦ୍ଧା ବାତୁଳ । ମନୁଷ୍ୟ ଯାହାକୁ ମୋର ବୋଲି ଭାବି ସ୍ନେହ ଯତ୍ନ କରେ—ତାହାର ଦୁଃଖରେ ଅସହ୍ୟ ଦୁଃଖ ଅନୁଭବ କରେ—ତାହାର ସୁଖ ଲାଗି ପ୍ରାଣ ଉତ୍ସର୍ଗ କରେ—ପ୍ରତିଦାନରୂପେ ତାହାଠାରୁ ଲାଞ୍ଛନା, ଯନ୍ତ୍ରଣା

ଭୋଗ କରେ । ତେବେ ସୁଦ୍ଧା ତାକୁ ସ୍ନେହମମତାରୁ ବଞ୍ଚିତ କରେ ନାହିଁ—ଏହା ପାଗଳପଣିଆ ନୁହେଁ ଆଉ କଅଣ ? ଏ ପାଗଳପଣିଆ ନ ଛାଡିବାଯାଏ ମନୁଷ୍ୟର ମନୁଷ୍ୟତା ଆସିବ ନାହିଁ । ହେ ମହାପାଗଳ, ମୁଁ ତୁମ୍ଭ ପୁତ୍ର—ପାଗଳର ପୁତ୍ର ପାଗଳ, ମୋର ଏ ପାଗଳପଣିଆ ଛଡ଼ାଇଦିଅ ପ୍ରଭୁ ! ତୁମ୍ଭର ଦୟା ମଧ୍ୟମନାରାୟଣ ହେଉ, ମୋର ପାଗଳପଣିଆ ଛାଡିଯାଉ ।

ମାୟା ତ ତୁମ୍ଭର ଛାୟା ପ୍ରଭୁ, ସେ ତୁମ୍ଭକୁ ଛାଡିପାରେ ନାହିଁ—ତୁମ୍ଭଠାରୁ ଜନ୍ମ ଲଭି ତୁମ୍ଭକୁ ଆଚ୍ଛାଦନ କରେ । ଏ ତୁମ୍ଭର କି ଅଦ୍ଭୁତ କୁହୁକ ପ୍ରଭୁ ! କେତେ ରହସ୍ୟ-ଜାଲରେ ତୁମ୍ଭେ ଛନ୍ନ-ହୋଇଅଛ ? ସେ ଜାଲ ଭେଦ କରି ତୁମ୍ଭର ସ୍ୱରୂପର ସନ୍ଧାନ ପାଇବା ତ କାଠିକର ପାଠ । ତୁମ୍ଭେ ସର୍ବବ୍ୟାପୀ, ସର୍ବରୂପ; ତୁମ୍ଭର ସେ ମାୟା ଛାୟାରୂପରେ ସର୍ବତ୍ର ଅଛି । ସେ ଛାୟା ଛାୟା ହୋଇଯାଉ; ମାତ୍ର ସେ ଯେ କାୟାକୁ ଗ୍ରାସ କରି ବସୁଅଛି—ଏହା ତ ବିଷମ ସମସ୍ୟା ପ୍ରଭୁ ! ରହସ୍ୟମୟୀ ମାୟା କେତେ ରହସ୍ୟ କରେ । କ୍ଷଣକ ପରେ ଯାହାର ପ୍ରାଣପକ୍ଷୀ ଉଡିଯିବ, ମୃତ୍ୟୁ ଅଲକ୍ଷ୍ୟରେ ଯାହାର ତୁଣ୍ଟି ଧରି ଟାଣିବାକୁ ଉଦ୍ୟତ ରହିଅଛି, ସେହି ଆସନ୍ନମୃତ୍ୟୁ ଶଯ୍ୟାଶାୟୀ ବ୍ୟକ୍ତିକୁ ବି ତୁମ୍ଭ ମାୟା ହଠହଠା ନ କରି ଛାଡ଼େ ନାହିଁ । ସେ ବ୍ୟକ୍ତି ମନେ ମନେ ଭାବୁଥାଏ—ସେ ରୋଗରୁ ଉଠିବ, ନାନା ଉପାୟରେ ବଡ଼ଲୋକ ହେବ, ଜମିଦାରୀ କିଣିବ, ହାତୀ ଘୋଡ଼ା ବାନ୍ଧିବ—ଏହିପରି ଅସମ୍ଭବ କଳ୍ପନା ସ୍ୱପ୍ନ ମାୟା ତାକୁ ଦେଖାଉଥାଏ । କିନ୍ତୁ ଏଣେ କାଳ-ଛଞ୍ଚାଣ ଯେ ଥଣ୍ଟ ମେଲାଇ ଝାମ୍ପ ଦେଲାଣି—ଏକଥା ସେତେବେଳଯାଏ ଭୁଲିରହିଥାଏ । ମାୟା କାହାରିକୁ ଛାଡ଼େ ନାହିଁ, ସେ ସଙ୍ଗରେ ଆସିଥାଏ—ସଙ୍ଗେ ସଙ୍ଗେ ଥାଏ, ପୁଣି ସଙ୍ଗରେ ଯାଏ । ସେ ଶେଷକାଳଯାଏ ପଛେ ଥାଉ; ମାତ୍ର ଉତ୍ପାତ ନ ଘଟାଉ—ଏହି ଆଶୀର୍ବାଦ କର ପ୍ରଭୁ !

# ପୂଜା

ହରି ହେ, ମୁଁ ତୁମ୍ଭକୁ ପୂଜା କରେ; କିନ୍ତୁ ପୂଜାର ବିଧିବିଧାନ ମୁଁ କଅଣ ଜାଣେ ? ତାହା ପୂଜା ନୁହେଁ—ପିଲାଖେଳ । ନିଜ ପିଲାର ଖେଳ ଦେଖି ପିତା ଖୁସି ହୁଅନ୍ତି । ତୁମ୍ଭେ ତ ପିତା, ଅନ୍ୟ କୌଣସି ବାଟରେ ମୁଁ ତୁମ୍ଭକୁ ଖୁସି କରିପାରିବି ନାହିଁ । ଏହି ପିଲା-ଖେଳରେ ଯେବେ ତୁମ୍ଭକୁ ହସାଇପାରେ, ତେବେ ତାହାହିଁ ମୋର ପରମ ଲାଭ । ଏହି ଭରସାରେ ମୁଁ ପୂଜା କରେ । ପୂଜାରେ ଫୁଲଚନ୍ଦନ କିଛି ନ ଥାଏ, କଳ୍ପନାରେ ସବୁ ହୁଏ । ମୋର ପୂଜା ଦେଖି ମୁଁ ମଧ୍ୟ ହସେ—ଜଗତ ବି ହସିବ । ମୋ ଭିତରେ ଯେଉଁ ଉଦାସୀ ମୂର୍ତ୍ତି ଅଛି, ସେ ପଛେ ହସୁ, ଜଗତ ପଛେ ହସୁ; ମାତ୍ର ମୋର ପ୍ରିୟପୂଜା ମୁଁ ଛାଡିପାରିବି ନାହିଁ । ଏହାଠାରୁ ସହଜ, ସୁଲଭ ପୂଜାର ଉପାୟ ଆଉ ନାହିଁ ବୋଲି ମୋର ବିଶ୍ୱାସ । ତୁମ୍ଭେ ମୋର ଏ ପୂଜାକୁ କି ଭାବରେ ଗ୍ରହଣ କର କେଜାଣି, ଗ୍ରହଣ କର ବା ନ କର, ମୁଁ ପୂଜା କରୁଅଛି ଆଉ କରୁଥିବି । ପୂଜାରେ ମୋର ଆନନ୍ଦ, ପୂଜାରେ ମୋର ସନ୍ତୋଷ । ପୂଜାର ଫଳ ବି ମୁଁ ମାଗୁ ନାହିଁ । ତୁମ୍ଭେ ଟିକିଏ ହସିଲେ ମୁଁ ମୋର ବାଞ୍ଛିତ ଫଳ ପାଇଲି ବୋଲି ମନେ କରିବି । ସତେ ମୋ ପୂଜା ଦେଖି ତୁମ୍ଭେ ହସ କି ପ୍ରଭୁ ? ଦାନ କରିବାର ଶକ୍ତି ନାହିଁ—ପୁଣ୍ୟ କରିବାର ମାର୍ଗ ଜାଣେ ନାହିଁ—ସେବା କରିବାର ସାମର୍ଥ୍ୟ ନାହିଁ, ତେବେ ଆଉ କାହିଁରେ ତୁମ୍ଭକୁ ତୁଷ୍ଟ କରିପାରିବି ? ତୁମ୍ଭ ସୃଷ୍ଟିର କିଛି ଉପକାର କରିପାରି ନାହିଁ—ବରଂ ତୁମ୍ଭ ସୃଷ୍ଟିକୁ ଭାର ଦେଇଅଛି, ପୀଡ଼ା ଦେଇଅଛି ; କିନ୍ତୁ ଯାହାକୁ ପୀଡା ଦେଇଅଛି, ତାହାଠାରୁ ଉପକାର ପାଇଅଛି । ଜ୍ଞାନର ବଳ ତ ନାହିଁ, ସୁତରାଂ ଯାହା କରେ, ତାହା ଖିଆଲ୍‌ରେ କରେ । ଏ ପୂଜା ବି ସେହିପରି ଗୋଟାଏ ଖିଆଲ । ଖିଆଲ ତ ମନୁଷ୍ୟର ପ୍ରକୃତି, ତାକୁ କଅଣ କରିବି ପ୍ରଭୁ ? ତାକୁ ଛାଡିପାରିବି କିଏ ? ଆଉ ତାକୁ ଛାଡିଲେ ସେ ଅବା ଛାଡିବ କାହିଁକି ? ତାକୁ ମାରି ଘଉଡାଇଲେ ବି ସେ ଛାଡ଼େ ନାହିଁ । ବିଶେଷତଃ ମୁଁ ବି ସେ ଖିଆଲକୁ

ଛାଡ଼ିବାକୁ ଇଚ୍ଛା କରେ ନାହିଁ । ଶିଥିଳରେ ତୁମ୍ଭଙ୍କୁ ଖୁସି କରିବା—ଏତିକି ତ ମୋର ଆଶା । ତାକୁ ଛାଡ଼ିଲେ ଆଶାକୁ ଛାଡ଼ିବାକୁ ହେବ । ଆଶା ଛାଡ଼ିଗଲେ ଜୀବନକୁ ଆଉ ଜିଆଇ ରଖିବ କିଏ ? ସେ ଯେ ଅଖଡ଼ରେ ଶୁଖି ଜଳିଯିବ । ପୂଜା ମୋର ଶିଥିଳ ହେଉପଛେ, ସେହି ମୋର ହାହାକାରର ସାନ୍ତ୍ୱନା ।

ପ୍ରଭୁ, ମୁଁ ତୁମ୍ଭଙ୍କୁ ଅନେକ ରୂପରେ ପୂଜା କରେ; କିନ୍ତୁ ସବୁ ଫଳ ଏକା ତୁମ୍ଭଠାରୁ ପାଏ । ଅନ୍ୟ କାହାକୁ ଅର୍ଚ୍ଚନା ନ କଲେ କି ଚଳନ୍ତା; ମାତ୍ର ସେଥିରେ ତୁମ୍ଭର ଅବମାନନା ହେବ ବୋଲି ଆଶଙ୍କା କରେ । କାରଣ ମୁଁ ଯେଉଁମାନଙ୍କୁ ପୂଜା କରେ, ସେହି ଦୁର୍ଗା, ସରସ୍ୱତୀ, ଲକ୍ଷ୍ମୀ—ତୁମ୍ଭ ଛଡ଼ା ସ୍ୱତନ୍ତ୍ର କେହି ନୁହନ୍ତି । ସବୁ ଦେବତା ତ ତୁମ୍ଭେ; ସୁତରାଂ ତାଙ୍କୁ ପୂଜା ନ କଲେ ତୁମ୍ଭଙ୍କୁ ପୂଜା ନ କରିବା ପରି ହେବ । ଗୋଟାଏ ବସ୍ତୁ ସବୁବେଳେ ମନକୁ ଆକର୍ଷଣ କରି ରଖିପାରେ ନାହିଁ, ବସ୍ତ୍ୱାନ୍ତର ଆବଶ୍ୟକ ହୁଏ । ମନ ଅଧିକ କ୍ଷଣ ତୁମ୍ଭ ପାଖରେ ରହେ ନାହିଁ । ତୁମ୍ଭଙ୍କୁ ନାନାମୂର୍ତ୍ତିରେ ପୂଜା କଲେ, ସେ ସବୁବେଳେ ତୁମ୍ଭ ପାଖରେ ରହିବ—ଏହି ବିଶ୍ୱାସରେ ନାନାମୂର୍ତ୍ତିର ପୂଜା କରେ । ମର୍ତ୍ତ୍ୟରେ ମାନବର ମନ ପ୍ରକାରଭେଦ ଖୋଜେ । ପୁଣି ମୁଁ ତୁମ୍ଭଙ୍କୁ ପିତାମାତା ଉଭୟ ରୂପରେ ପୂଜା କରେ । ଖାଲି ପିତୃସ୍ନେହରେ ମନ ତୃପ୍ତ ହୁଏ ନାହିଁ, ସନ୍ତାନର ମନ ପିତୃ-ସ୍ନେହଠାରୁ ମାତୃ-ସ୍ନେହ ଅଧିକ ଖୋଜେ । ମାଆ ପାଖରେ ନିର୍ଭୟରେ ଅଳି କଜିଆ, ଅଭିମାନ କରିହୁଏ; ମାତ୍ର ପିତା ପାଖରେ ସେପରି କରିବାକୁ ସଙ୍କୋଚ ବୋଧହୁଏ । ଅନ୍ତରର ଗୁପ୍ତ ବ୍ୟଥା ବେଦନା ମାଆ ଯେପରି ବୁଝିପାରେ, ବାପ ସେପରି ବୁଝିପାରେ ନାହିଁ । ମାତୃସ୍ନେହକୁ ବିଶ୍ଳେଷଣ କଲେ କେବଳ ସ୍ନେହ ଛଡ଼ା ଆଉ କିଛି ଉପାଦାନ ମିଳେ ନାହିଁ, ପିତୃସ୍ନେହରେ ଶାସନ ମିଶିଥାଏ, ଅର୍ଥାତ୍ ମାଆ କେବଳ ସ୍ନେହ କରେ, ବାପ ସ୍ନେହଶାସନ ଉଭୟ କରେ । ମାଆର ସ୍ନେହ ନିରୋଳା ଖାଣ୍ଟି ସ୍ନେହ, ତାହା ସ୍ୱଚ୍ଛ ଓ ଶୀତଳ; କିନ୍ତୁ ପିତୃସ୍ନେହରେ ଟିକିଏ ଉଷ୍ଣତା ଥାଏ । ମାତୃସ୍ନେହ ନବନୀତ, ପିତୃସ୍ନେହ ଈଷତ୍ ଉଷ୍ମ ଦୁଗ୍ଧ; କିନ୍ତୁ ଉଭୟେ ପୁଷ୍ଟିକର, ଉଭୟେ ତୁମ୍ଭର ଦାନ । ତୁମ୍ଭର ପିତୃମୂର୍ତ୍ତି, ମାତୃମୂର୍ତ୍ତି ମଧ୍ୟରେ ଭେଦ ନାହିଁ, ଉଭୟେ ଏକ । ତାହା ଗୋଟିଏ ଶବ୍ଦର ଦୁଇଟି ପ୍ରତିଶବ୍ଦ ପରି, ଅର୍ଥାତ୍ ବ୍ୟକ୍ତି ଏକ; ମାତ୍ର ଉପାଧି ଭିନ୍ନ । ଆହୁରି ସରଳଭାବରେ କହିଲେ, ଜଣେ ବ୍ୟକ୍ତିର ଦୁଇଟି ଉପାଧି ପରି । ମାତୃସ୍ନେହ ବି ତୁମ୍ଭରି ଦାନ, ପିତୃଶାସନ ବି ତୁମ୍ଭରି ଦାନ । ମାଆ ଶବ୍ଦଟି ଅମୃତଠାରୁ ମଧୁର ଲାଗେ ବୋଲି ମୁଁ ତୁମ୍ଭଙ୍କୁ ମାଆ ବୋଲି ସମ୍ବୋଧନ କରେ । ସେଥିରେ ଯେଉଁ ତୃପ୍ତି, ଆନନ୍ଦ, ଆତ୍ମପ୍ରସାଦ ଉପଭୋଗ କରେ, ତାହା ମୁଁ ଜାଣେ । ତୁମ୍ଭର ତ ମାଆ ନାହିଁ, ତୁମ୍ଭେ ତାହା କାହୁଁ ଜାଣିବ ପ୍ରଭୁ !

ମାତଃ, ତୁମ୍ଭ ପୂଜା ପାଇଁ ମୁଁ ଦ୍ରବ୍ୟସମ୍ଭାର ଖୋଜେ ନାହିଁ, ତାହା ମୋତେ ଭଲ ଲାଗେ ନାହିଁ । ମନ ଥାଉ ଥାଉ ପୂଜା ପାଇଁ ତୁଳସୀପତ୍ର କାହିଁକି ଖୋଜି ବୁଲିବି ? ଭକ୍ତି-ପ୍ରୀତି ଥାଉ ଥାଉ ଫୁଲଚନ୍ଦନ ବା କି ଲୋଡ଼ା ? ତୁମ୍ଭ ପୂଜାରେ ମୋର ପ୍ରାଣ, ଆତ୍ମା, ଧୂପ, ପ୍ରଦୀପ ହୁଏ, ହୃଦୟ ଆସନ ହୁଏ, ଚକ୍ଷୁ ଗଙ୍ଗା ଜଳର କାର୍ଯ୍ୟ କରେ, ଭକ୍ତିରସ ମଧୁପର୍କ ହୁଏ, ପୁଣି ପାପ, ଅଜ୍ଞାନ, ଅହଙ୍କାର, ଦୁର୍ବାସନା ଆଉ ସନ୍ଦେହ—ଏ ପାଞ୍ଚଟି ପଞ୍ଚବର୍ଣ୍ଣୀ ମିଷ୍ଟାନ୍ନ ନୈବେଦ୍ୟର ସ୍ଥାନ ଅଧିକାର କରେ । ତୁମ୍ଭେ ତ ହୃଦୟ ମଧ୍ୟରେ, ମନ ମଧ୍ୟରେ, ବିଶେଷତଃ ମୋ ଭିତରେ ବାହାରେ ଚାରିପାଖରେ, ତଳେ ଉପରେ ସବୁଆଡ଼େ ଅଛ, ଆଉ ଆବାହନ ମନ୍ତ୍ର ଉଚ୍ଚାରଣ କରିବି କାହା ପାଇଁ ? ପୁଣି ସ୍ୱାଗତ ଶ୍ଲୋକ ବା କାହିଁକି ପଢ଼ିବାକୁ ଯିବି ? ଜଗତର ପ୍ରତି ଲୋମକୂପରୁ କୋଟି ସ୍ୱରରେ ତୁମ୍ଭର ସ୍ତୁତି ସଙ୍ଗୀତର ମଧୁର ମୂର୍ଚ୍ଛନା ସର୍ବଦା ଉଠୁଅଛି, ମୁଁ ଆଉ ସ୍ୱତନ୍ତ୍ର ସ୍ତୁତି ଅର୍ପଣ କରିବି ? ପ୍ରାଣ ମଧ୍ୟରୁ ବି ମୋର ଅଜ୍ଞାତରେ ଶ୍ୱାସବାୟୁ ସଙ୍ଗରେ ତୁମ୍ଭର ନିର୍ବାଣୀ ସ୍ତୁତି ଅନର୍ଗଳ ବାହାରି ଆସୁଅଛି । ତାହା ଅନ୍ୟର ଅଶ୍ରୁତ ସିନା; ମାତ୍ର ତୁମ୍ଭେ ତ ଶୁଣିପାରୁଅଛ । ସେ ସ୍ତୁତି ଯେଉଁ ଦିନ ଶେଷ ହେବ, ସେହି ଦିନ ମୋର ମୃତ୍ୟୁ ବି ନିଶ୍ଚୟ ହୋଇଯିବ । ପ୍ରାଣ କି ସ୍ତୁତି ଗାଏ, ତାହା ମୁଁ ଜାଣେ

ନାହିଁ, ଜାଣିବାକୁ ଚେଷ୍ଟା ବି କରେ ନାହିଁ । ଅଳଙ୍କାର ବି ତୁମ୍ଭ ପୂଜାର ଗୋଟିଏ ଉପାଦାନ; ମାତ୍ର ଯେ ଜଗତର ଅଳଙ୍କାର, ପୁଣି ଜଗତ ଯାହାର ଅଳଙ୍କାର, ତାହାକୁ କିଏ ଅଉ କେଉଁ ଅଳଙ୍କାରରେ ମଣ୍ଡନ କରିବ ? ପାର୍ଥିବ କୃତ୍ରିମ ଅଳଙ୍କାର ତୁମ୍ଭର ଯୋଗ୍ୟ ନୁହେଁ, ତାହା ହେୟ । ତୁମ୍ଭ ପବିତ୍ର ଅଙ୍ଗସ୍ପର୍ଶର ସୌଭାଗ୍ୟ. ପୁଣ୍ୟ ତାହାର କାହିଁ ? ଅଳଙ୍କାର ନ ହେଲେ ଯେବେ ପୂଜାର ଅଙ୍ଗହାନି ହେବ, ତେବେ ଅଳଙ୍କାରର ବ୍ୟବସ୍ଥା କରିବାକୁ ମୁଁ ପ୍ରସ୍ତୁତ ଅଛି । ମୁଁ ତ ତୁମ୍ଭ ସୃଷ୍ଟିର ଗୋଟାଏ ଖଣ୍ଡ, କଦର୍ଯ୍ୟ, ଅସୁନ୍ଦର ଅଳଙ୍କାର । ମୁ ଅତି ଆନନ୍ଦରେ ତାହା ଛାମୁରେ ସମର୍ପଣ କରୁଅଛି । ତାକୁ ଭାଙ୍ଗି ତୁମ୍ଭର ପାଦଭୂଷଣଯୋଗ୍ୟ ମନୋମତ ନୂତନ ଅଳଙ୍କାର ଗଢ଼ିନିଅ ପ୍ରଭୁ ! ପୂଜା ଶେଷରେ ପ୍ରାର୍ଥନା କରିବାର ବିଧି ଅଛି; ମାତ୍ର ମୁଁ କଅଣ ପ୍ରାର୍ଥନା କରିବି ଭାବି ପାଉ ନାହିଁ । ଅଯାଚିତ ଦାତା ନିକଟରେ ପ୍ରାର୍ଥନା କରିବା ନିମକହାରାମିର ପରାକାଷ୍ଠା ସିନା ! ତଥାପି ପ୍ରାର୍ଥନା ଏହି ଯେ, ମୋର ଏହି ନଗଣ୍ୟ ପୂଜାରୂପ ପିଲାଖେଳ ତୁମ୍ଭେ ଗ୍ରହଣ କର, ଆଉ ମୋତେ ପ୍ରାର୍ଥନାଶୂନ୍ୟ କର । ଏହାଠାରୁ ବଳି ବଡ଼ ପ୍ରାର୍ଥନା ମୋର ଆଉ କିଛି ନାହିଁ ।

ପ୍ରଭୋ, ଧନୀ ତୁମ୍ଭଙ୍କୁ ମହାର୍ଘ ଦ୍ରବ୍ୟସମ୍ଭାରରେ ଆଡ଼ମ୍ବରରେ ପୂଜାକରି ଧନର ଗର୍ବ ଦେଖାଇଥାଏ, ଜ୍ଞାନୀ ଶାସ୍ତ୍ରବିଧିରେ ମନ୍ତ୍ରଶ୍ଳୋକ ଆବୃତ୍ତି କରି ଜ୍ଞାନ-ଗରିମା ପ୍ରକାଶ କରେ; ମାତ୍ର ମୋର ତାହା କିଛି ନାହିଁ । ଧନ ନାହିଁ କି ଜ୍ଞାନ ବି ନାହିଁ, ଅଛି କେବଳ ମନ । ମୁଁ ସେହି ମନରେ ପୂଜାକରେ । ତାହାକୁ ମୁଁ ପୂଜାର ସହଜ ଉପାୟ ବୋଲି ବାଛିନେଇଅଛି । ସେହି ହେତୁ ମୁଁ ମନେ ମନେ ଦ୍ରବ୍ୟଶୂନ୍ୟ ପୂଜାକରେ । ସେ ପୂଜାର କାଳ ନିରୂପଣ ନାହିଁ । ବସି ବସି, ଖାଉ ଖାଉ, ବାଟ ଚାଲୁ ଚାଲୁ, ଶୋଇବାବେଳେ ବିଛଣାରେ ପଡ଼ି ସୁଦ୍ଧା ସେ ପୂଜା କରିଦିଏ । ମୋର ଯେତେବେଳେ ଇଚ୍ଛା ହୁଏ, ଯେତେବେଳେ ଟିକିଏ ଅନୁକୂଳ ସମୟ ପାଏ, ତେତେବେଳେ ମୁଁ ପୂଜାକରେ । ଯେତେ-ବେଳେ ଚିତ୍ତ ପ୍ରସନ୍ନ ଥାଏ, ତେତେବେଳେ ପୂଜାକରେ—ମୋ ପୂଜାର ଧରାବନ୍ଧା ନିୟମ ନାହିଁ । ମୋର ଏହି ବିଶୃଙ୍ଖଳ ଅନିୟମିତ ପୂଜା ସାର୍ଥକ ହୁଏ କି ନାହିଁ, ତାହା ମୁଁ ଭାବେ ନାହିଁ । କେବଳ ପୂଜା କଲି ବୋଲି ଅପ୍ରତ୍ୟାଶିତ ତୃପ୍ତି, ଆନନ୍ଦ ଓ ଗର୍ବ ଅନୁଭବ କରେ, ତେତିକି ମୋର ପରମ ଲାଭ । ତୁମ୍ଭ ଆଗରେ ଦ୍ରବ୍ୟସାମଗ୍ରୀ ବାଢ଼ି ପୂଜା କରିବାକୁ ମୋତେ ଲାଜମାଡ଼େ । ତୁମ୍ଭର ଦାନ ତୁମ୍ଭଙ୍କୁ "ଗ୍ରହଣ କର ବୋଲି" କହିବାକୁ ମୁଁ କେଉଁ ମୁଖରେ ବା ସାହସୀ ହେବି ? ମୂକ ଭାବରେ ମୁଁ ଏତିକିମାତ୍ର ବୁଝେ । ସେହି ମୂକତାହିଁ ମୋର କୃତଜ୍ଞତା । ଏହି ମୂକ ପୂଜାରେ ମୋର ଆନନ୍ଦ—ମୋର ସୁଖ । କିନ୍ତୁ ମନ-ମୂର୍ଖ ସେହି ଆନନ୍ଦଟିକ ମୋତେ ସମ୍ପୂର୍ଣ୍ଣରୂପେ ଉପଭୋଗ କରିବାକୁ ସୁବିଧା ଦିଏ ନାହିଁ । ଦୁର୍ଦ୍ଦାନ୍ତ, ଅବାଧ୍ୟ, ପ୍ରବଳ ଶିଶୁ ପରି ସେ କ୍ଷଣ କ୍ଷଣକେ ଏଣେ ତେଣେ ପଳାଇଯାଏ ; ଅନେକ ଥର ତାକୁ ଧରି ଆଣିବାକୁ ହୁଏ । ଯେତେ ସାଲୁଲାଇଲେ—ଯେତେ ବହଲାବହଲି କଲେ ସୁଦ୍ଧା ସେ ମାନିବାର ପାତ୍ର ନୁହେ । ତାହାର ଦୁଷ୍ଟ ସ୍ୱଭାବ ସେ ଛାଡ଼ିପାରେ ନାହିଁ । ସବୁଦିନେ ତାହାର ପିଲା ବୁଦ୍ଧି, ଚଞ୍ଚଳ ପ୍ରକୃତି; ଏକସ୍ଥାନରେ ଅଧିକ କ୍ଷଣ ରହିବା ତାହାର କୋଷ୍ଠୀରେ ନାହିଁ । ମୁହୂର୍ତ୍ତକ ମଧ୍ୟରେ ସେ ଚଉଦଭୁବନ ବୁଲିଆସେ । ରେଲ ବା ଉଡ଼ାଜାହାଜ କେହି ତାହାର ଗତିକୁ ସରି ନୁହେ । ସେ ଦୁର୍ଜନକୁ ଶାସନ କରି ରଖିବାକୁ ମୋର ଶକ୍ତି ପାଏ ନାହିଁ । ମୁଁ ତାକୁ ଯେତେ ଧରେ, ସେ ତେତେ ପଳାଏ । ଜୀବନଟାଯାକ ସେ ମୋତେ ଏହିପରି ହଟହଟା କରୁଅଛି । ତଥାପି ସେଥିରେ ମୁଁ ଯେଉଁ ଆନନ୍ଦ ଉପଭୋଗ କରେ, ତାହା ଦୁର୍ଲଭ ଓ ଅମୂଲ୍ୟ । ତାହା ଠିକ୍ ସୁଖସ୍ୱପ୍ନ ପରି ମଧୁର ଲାଗେ । ସେହି ମନ ମୋତେ ତୁମ୍ଭ ପୂଜାର ପ୍ରବଞ୍ଚନା ଦିଏ, ସେହି ପୁଣି ବନ୍ଧୁ ଘଟାଏ । ତାହାର ଏ ଲୀଳା, କୌତୁକରେ ମୁଁ ମୁଗ୍ଧ ହୋଇଯାଏ । ମୁହୂର୍ତ୍ତେ ତାକୁ ଧରି ରଖିପାରିଲେ ମୁଁ ନିଜକୁ ଧନ୍ୟ, କୃତାର୍ଥ ମଣେ । ସେହି ଆନନ୍ଦଟିକୁ ମୋର ପୂଜାର ବହୁମୂଲ୍ୟ ସଦ୍ୟ ଫଳ ବୋଲି ମୁଁ ଜ୍ଞାନକରେ, ପୁଣି ବିଶ୍ୱାସ ମଧ୍ୟ କରେ । ଏହାହିଁ ମୋର ମୂଢ଼ତା । ତାହା ଛଡ଼ା ମୁଁ ପାଣ୍ଡିତ୍ୟ ଖୋଜେ

ନାହିଁ, ସେହି ମୂର୍ଖତା ମୋର ପାଣ୍ଡିତ୍ୟ । ତୁମ୍ଭେ ତ ପୂଜାରୁ କିଛି ଗ୍ରହଣ କର ନାହିଁ, କେବଳ ଆନ୍ତରିକତାଟି ଗ୍ରହଣ କର । ମୋର ଏହି ମୃତପୂଜାରେ ଆନ୍ତରିକତା ଥାଏ, କି ନାହିଁ—ତାହା ତୁମ୍ଭେ ଜାଣ, ମୁଁ ଜାଣେ ନାହିଁ । ଯଦି ଥାଏ, ତେବେ ଗ୍ରହଣ କର—ନ ଥିଲେ ନାହିଁ । ପୂଜା କରିବା ମୋର କର୍ତ୍ତବ୍ୟ, ମୁଁ ଏତିକି ବୁଝେ; ମାତ୍ର ତୁମ୍ଭେ ତାହା ଗ୍ରହଣ କର କି ନାହିଁ ତାହା କାହିଁକି ବୁଝିବି ? ତାହା ତୁମ୍ଭର କର୍ତ୍ତବ୍ୟ, ସୁତରାଂ ତୁମ୍ଭେ ବୁଝିବ, ମୋ ପକ୍ଷରେ ତାହା ଅନଧିକାର ଚର୍ଚ୍ଚା ସିନା ! ଅଦାବେପାରି କରି ଜାହାଜର ଖବର ନେବା ହାସ୍ୟକର ଧୃଷ୍ଟତା ନୁହେ କି ? ଏତେଗୁଡ଼ାଏ କଥା କହିଗଲି; ମାତ୍ର ସେ କଥାର କିଛି ଅର୍ଥ ଅଛି କି ନାହିଁ—ତାହା ମୁଁ ନିଜେ ବୁଝିବାକୁ ଅକ୍ଷମ । ଭଲ ଗୀତ ଗାଇଲା ପରି ମୁଁ କଥା କହିଯାଉଅଛିମାତ୍ର । କ୍ଷମାପ୍ରାର୍ଥୀ ହେବି, ତୁମ୍ଭ ପାଦପଦ୍ମରେ ମୋର ଅଶେଷ ପ୍ରଣାମ । ସ୍ୱସ୍ତି—ସ୍ୱସ୍ତି—ସ୍ୱସ୍ତି ।

## ଖୁସି ଗପ

ହରି ହେ, ଆଜି ତ କାହିଁକି ମନରେ ଆନନ୍ଦର ଢେଉ ଖେଳାଇଦେଇଛ ! ତୁମ୍ଭେ ଆନନ୍ଦମୟ ପୁଣି ଇଚ୍ଛାମୟ । ତୁମ୍ଭେ ଇଚ୍ଛାକଲେ ଆନନ୍ଦ ଦେବ, ଏଥିରେ ଆଉ ସଂଶୟ କଅଣ ଅଛି ? ଆଜି ପୁଷ ଯାଉଅଛି, ମାଘ ଆସୁଅଛି । ଠିକ୍ ପୂର୍ଣ୍ଣିମା ରଜନୀର ଶେଷ ପରି ବୋଧହେଉଅଛି । ଅମରଯଶା କବି କାଳିଦାସଙ୍କ ଭାଷାରେ ଏକଦିଗରେ ଚନ୍ଦ୍ର ଅସ୍ତ ହେଉଅଛନ୍ତି, ଅନ୍ୟ ଆଡ଼େ ଅରୁଣସାର ସୂର୍ଯ୍ୟୋଦୟର ଆଭାସ ଦେଉଅଛି । ଏହି ସମୟରୁ ଶ୍ରେଷ୍ଠ ବସନ୍ତ ଦେଖାଦେଲାଣି ! ବୃକ୍ଷଶାଖାରେ, ଲତାମଣ୍ଡପରେ ଦୋଳି ଖେଳି ପକ୍ୱପତ୍ର ଝଡ଼ାଇଦେଇ ମୁହୂର୍ତ୍ତିକେ ଲୁଚିଯାଉଅଛି, ପୁଣି ସୁରୁ ସୁରୁ ଶବ୍ଦ କରି ନାଚି ନାଚି ଆସି ମୋତେ ଆଲିଙ୍ଗନ କରି ଚାଲିଯାଉଅଛି । ତେବେ ଟିକିଏ ଦୂରକୁ ଘୁଞ୍ଚିଯାଇ କର୍ କର୍ ହୋଇ ହସିଉଠୁଅଛି । ଶୀତାନ୍ତେ ନବବସନ୍ତର କୋମଳ ସ୍ପର୍ଶ କି ମଧୁର ! ମଧୁର ଯେପରି ତୁମ୍ଭ ଶୀତଳ ସୁଗନ୍ଧ ଚରଣାମୃତ । ଏସବୁ ତ ତୁମ୍ଭର ଲୀଳା ଲୀଳାମୟ ! ଏତେ ସମ୍ପଦରେ ମନ ଖୁସି ନ ହେବ କାହିଁ କି ? ଖୁସି ମନରେ ଆଜି ତୁମ୍ଭ ସଙ୍ଗରେ ଟିକିଏ ଖୁସିଗପ କରେ । ଆଗେ ମୋ କଥା କହେ । ଗଲା ରାତିରେ ତୁମ୍ଭେ ନିଦ୍ରାରୂପରେ ମୋତେ ଘାରି ଅଚେତନ କରିପକାଇଲ । ମୁଁ ସୁଖରେ ନିଦ୍ରାଗଲି; କିନ୍ତୁ ତୁମ୍ଭେ ରାତିସାରା ଉଜାଗର ରହି ତୁମ୍ଭର ମଙ୍ଗଳ ହସ୍ତକୁ ଅଭେଦ୍ୟ ବଜ୍ରକବଚ ତୁଲ୍ୟ ମୋ ଦେହରେ ଢାଙ୍କିରଖି ମୋତେ ଜଗିବସିଲ । ମୋ ପାଇଁ ତୁମ୍ଭେ କେତେ କଷ୍ଟ ପାଇଲ ପ୍ରଭୁ ! ଆହା, ସେ କଷ୍ଟ ଦେଖି ମୋର ଆଖି ଯାହା ଫାଟି ନ ଗଲା, ଏହାହିଁ ଆଶ୍ଚର୍ଯ୍ୟର କଥା । ମନୁଷ୍ୟର କଠୋର ନିଷ୍ଠୁର ଚକ୍ଷୁ ସବୁ ସହିପାରେ ପ୍ରଭୁ ! ମୁଁ ହତଜ୍ଞାନ ହୋଇ ଶୋଇଥିଲି, ସେହି ସମୟରେ ଏ ମାଟିଘରଖଣ୍ଡ ମୋ ଉପରେ ଭାଙ୍ଗିପଡିବା କଠିନ କଥା ନୁହେ କିମ୍ବା କୌଣସି ଦୁଷ୍ଟ ଜନ୍ତୁ ମୋତେ ଆକ୍ରମଣ କରି ସହଜରେ ମାରିପକାଇପାରିଥାଆନ୍ତା, ଏହା କି ଅସମ୍ଭବ ନୁହେ । ତୁମ୍ଭ ସୃଷ୍ଟିରେ କଅଣ ଅବା ଅସମ୍ଭବ ଯେ, ଏହା ପୁଣି ଅସମ୍ଭବ ହୁଅନ୍ତା ? ତେତେବେଳେ ନାନାବିପଦରୁ ମୋତେ ରକ୍ଷା କଲା କିଏ ? ଏକା ମୋତେ ନୁହେ, ଏହିପରି ସୃଷ୍ଟିସାରା ସମସ୍ତଙ୍କୁ ରକ୍ଷା କରୁଅଛ । କାହିଁକି ତୁମ୍ଭର ଏ କଷ୍ଟ ପ୍ରଭୁ ? ବାସ୍ତବରେ ତୁମ୍ଭର କଷ୍ଟକଥା ଭାବିଲେ କାନ୍ଦମାଡ଼େ ହରି ! ତୁମ୍ଭେ ତ କାହାରିଠାରୁ କିଛି ଉପକାର ପ୍ରତ୍ୟାଶା କର ନାହିଁ, ଉପକାର କି ତୁମ୍ଭର ଲୋଡ଼ା ନାହିଁ, ପୁଣି କିଏ ବା ତୁମ୍ଭର କି ଉପକାର କରିପାରିବ ? ସମସ୍ତେ ତ ତୁମ୍ଭ ଦୟାରେ ଉପକୃତ । ତେବେ ତୁମ୍ଭେ ଅନ୍ୟ ପାଇଁ କଷ୍ଟ ସହି ଏତେ ହନ୍ତସନ୍ତ ହୁଅ କାହିଁକି ? ଏହା ତୁମ୍ଭର ଗୋଟିଏ କି ଖିଆଲ ? ସେ ମହାଖିଆଲରୁ ତୁମ୍ଭେ କି ଆନନ୍ଦ ପାଅ ପ୍ରଭୁ ! ତୁମ୍ଭେ ତ ସଦାନନ୍ଦମୟ, ତୁମ୍ଭର ପୁଣି ଆନନ୍ଦ କି ଲୋଡ଼ା ? ଏହା ଯେ ବିଷମ ସମସ୍ୟା ହେ ଅନନ୍ତ ସମସ୍ୟାମୟ ! ତୁମ୍ଭେ ପ୍ରଭୁ ହୋଇ ସୁଦ୍ଧା ସେବକ । ତୁମ୍ଭେ ଅହରହ ତୁମ୍ଭ ସୃଷ୍ଟ ଜୀବର ସେବା କରୁଅଛ । ସେ ମହାସେବା କ୍ଷଣେ ବନ୍ଦ ହେଲେ ଜୀବର ଜୀବତ୍ୱ ରହିବ ନାହିଁ । ଯେ ସେବା ନ କରେ, ସେ ପ୍ରଭୁପଣକୁ ଭାଜନ ନୁହେ । ସେବା ସିନା ପ୍ରଭୁତ୍ୱକୁ ମହୀୟାନ୍ କରେ ଭଗବାନ ! ସେବକ ଉପାଧି ପ୍ରଭୁଠାରୁ

ବଡ଼ । ଅନନ୍ତ ସୃଷ୍ଟିର ସେବା କର ବୋଲି ସିନା ତୁମ୍ଭେ ଏତେ ବଡ଼ ପ୍ରଭୁ ହୋଇଅଛ ! ତୁମ୍ଭେ ନିଜେ ସେବା କରି ଜଗତକୁ ସେବାର ଆଦର୍ଶ ଦେଖାଉଅଛ, ପୁଣି ଶିଖାଉଅଛ । ପକ୍ଷାନ୍ତରରେ କିଏ କାହାକୁ ସେବା କରେ ହେ ସେବକଚୂଡ଼ାମଣି ? ତୁମ୍ଭେ ତ ସବୁ, ଜଗତରେ ଯାହା କିଛି ଅଛି ସବୁ ତୁମ୍ଭେ । ତୁମ୍ଭ ଛଡ଼ା ତୁମ୍ଭ ସୃଷ୍ଟିରେ ଆଉ କେହି ନାହିଁ । ତୁମ୍ଭେ ତୁମ୍ଭ ସ୍ୱରୂପେ ଜନ୍ମହୁଅ, ତୁମ୍ଭେ ନିଜେ ନିଜକୁ ବିଭୁତମନ୍ତ କର, ପୁଣି ତୁମ୍ଭେହିଁ ତୁମ୍ଭର ସୃଷ୍ଟ ରୂପ ଧରି ଲୟପ୍ରାପ୍ତ ହୁଅ । ତୁମ୍ଭେ ଧନୀ ହୁଅ, ପୁଣି ଦରିଦ୍ର ହୁଅ, ପଣ୍ଡିତ ହୋଇ ଆପେ ଆପଣାକୁ ଜ୍ଞାନ ଶିକ୍ଷାଦିଅ, ପୁଣି ତୁମ୍ଭେ ମୂର୍ଖ ହୋଇ ତୁମ୍ଭରିଠାରୁ ଜ୍ଞାନବିଜ୍ଞାନ ଶିକ୍ଷା କର । ତୁମ୍ଭେ ରୋଗୀ ହୁଅ, ପୁଣି ବୈଦ୍ୟ ହୋଇ ନିଜକୁ ଭଲକର । ତୁମ୍ଭର ଏ ଦୁରୁହ ମହାରହସ୍ୟ କିଏ ଭେଦ କରିପାରିବ ? ତୁମ୍ଭର ଏ ଅଦ୍ଭୁତ ଅଭିନୟ ଭାବିଲେ ସେ ଭାବନା ହୃଦୟରେ ଧରେ ନାହିଁ, ହୃଦୟ-ଯନ୍ତ୍ର ଅତି କ୍ଷୁଦ୍ର ହେତୁ ଖଣ୍ଡ ଖଣ୍ଡ ହୋଇ ଫାଟିଯାଏ । ତୁମ୍ଭେ ପାପୀ ହୁଅ, ପୁଣି ତୁମ୍ଭେ ପୁଣ୍ୟାଦର୍ଶ ହୁଅ । ତୁମ୍ଭର ଏ ମହାକ୍ରୀଡ଼ାର ମର୍ମ କିଏ ବୁଝିବ ପ୍ରଭୁ ! ଆଉ ଗୋଟିଏ କଥା କହିବି, ତାହା ବଡ଼ ଆଶ୍ଚର୍ଯ୍ୟ ହେବ ! ଜାଣତରେ ଅଜାଣତରେ ପ୍ରତିମୁହୂର୍ତ୍ତି ମୁଁ ତୁମ୍ଭର ଆଜ୍ଞା ଲଙ୍ଘନ କରୁଅଛି, ତୁମ୍ଭର ଉଦ୍ଦେଶ୍ୟ ବିଫଳ କରୁଅଛି, ପୁଣି ତୁମ୍ଭଙ୍କୁ ଭୁଲିଯାଉଅଛି । ଏହିପରି ପ୍ରତିନିତ୍ୟ ଅସଂଖ୍ୟ ଅପରାଧ କରୁଅଛି ; କିନ୍ତୁ ସେ ସବୁର ଦଣ୍ଡ ତୁମ୍ଭେ ତ ମୋତେ ଦିଅ ନାହିଁ ! ମୋର ପ୍ରତି ଅପରାଧରେ ତୁମ୍ଭେ ଦଣ୍ଡ ଦେଉ-ଥିଲେ ମୋର ଅସ୍ତିତ୍ୱ ଥାଆନ୍ତା ନାହିଁ ଦୟାମୟ ! ତୁମ୍ଭେ ଦୟାକରି ମୋର ସବୁ ଅପରାଧ କ୍ଷମା କରୁଅଛ । ତୁମ୍ଭେ ଦୟାମୟ, କ୍ଷମା ତୁମ୍ଭର ଭୂଷଣ, କ୍ଷମାହିଁ ତୁମ୍ଭର ମହିମା । ତୁମ୍ଭ କ୍ଷମାର ପଟାନ୍ତର ତୁମ୍ଭେ, ଆଉ ତୁମ୍ଭର ପଟାନ୍ତର ତୁମ୍ଭର କ୍ଷମା । ଆଚ୍ଛା କହ, ଯାହାର ପ୍ରଭୁ ଏତେ ମହତ୍, ଯେ ସେବକର ସେବକ ହୋଇ ଜଗତରେ ସେବାର ମହିମା ପ୍ରଚାର କରନ୍ତି, ତାଙ୍କ ସେବକର କି ଗର୍ବ କରିବାର କିଛି ନାହିଁ ମହାପ୍ରଭୁ ? ସେବାରେ ତୁମ୍ଭର ଅବସର ନାହିଁ । ଦିନରାତି ତୁମ୍ଭର ସୃଷ୍ଟ ଜୀବ ସେବାରେ ଲାଗିଅଛ । କାହିଁକି ଏତେ କ୍ଳେଶ ! ତୁମ୍ଭେ

କର୍ମ କରି କର୍ମଫଳରେ ଲିପ୍ତ ହୁଅ ନାହିଁ । କର୍ମଫଳ ତୁମ୍ଭଙ୍କୁ ସ୍ପର୍ଶ ସୁଦ୍ଧା କରିପାରେ ନାହିଁ । ଜଗତକୁ ତୁମ୍ଭେ ଏହି ଆଦର୍ଶ ଦେଖାଇ ମହାଶିକ୍ଷା ଦାନ କର ; କିନ୍ତୁ ଜଗତ ତ ଅନ୍ଧ, ସେ ଦେଖି ସୁଦ୍ଧା ଦେଖେ ନାହିଁ, ବୁଝି ସୁଦ୍ଧା ବୁଝେ ନାହିଁ, ଏହାହିଁ ଆଶ୍ଚର୍ଯ୍ୟ—ଅତି ଆଶ୍ଚର୍ଯ୍ୟ । ଜୀବ ଏ ସଂସାରକୁ ଋଣୀ ହେବା ପାଇଁ ଆସେ ସିନା ହରି ! ଜନ୍ମେ ଜନ୍ମେ ସେ ତୁମ୍ଭର ସେବାରେ ଋଣୀ । ସେ ଋଣ କମେ ବଢ଼େ, ତାହାର ପରିଶୋଧ ନାହିଁ । ସୁତରାଂ ତୁମ୍ଭ ଦୟା ଛଡ଼ା ଜୀବର ଉପାୟ ନାହିଁ, ସେ କେବଳ ଋଣ ବଢ଼ାଏ । ତୁମ୍ଭେ ଦୟାଳୁ ଉତ୍ତମର୍ଣ୍ଣ, ଋଣଗ୍ରସ୍ତ ଖାତକଙ୍କୁ ଦୟାରେ ହେଉ ବା ବିରକ୍ତିରେ ହେଉ, ଦିନେ ନିଶ୍ଚୟ ଉଦ୍ଧାର କରିବ, ଏହି ବିଶ୍ୱାସରେ, ଏହି ଭରସାରେ ମୁଁ ନିଶ୍ଚିନ୍ତ ହୋଇ ବସିଅଛି । ତୁମ୍ଭ ମହାଦୟାର ଦିନ ନିଶ୍ଚୟ ଦିନେ ଆସିବ ; ମୁଁ ସେହି ଶୁଭଦିନ, ସୌଭାଗ୍ୟର ଦିନ ପ୍ରତୀକ୍ଷାରେ ବସିଅଛି । ଅପରାଧୀକୁ ଦୟାକରି ଛାଡ଼ିଦେବା ତୁମ୍ଭର ସ୍ୱାଭାବିକ ଧାରା । ସେହି ମହାଧାରା ଅକାଟ୍ୟ ଓ ଅପରି-ବର୍ତ୍ତନୀୟ । ଖରା, ବର୍ଷା, ଶୀତ, କାକର, ଝଡ଼ ତୋଫାନ ସହି ସେହି ଶେଷଦିନ ପର୍ଯ୍ୟନ୍ତ ଆନନ୍ଦରେ ବସିଥିବି । ମନ ଯାହା କରୁ, ତାର ମନ, ତାହା କଥା କିଛି ଭାବିବି ନାହିଁ । ସେ ତ ବଜାରିଆ ଲୋକ, ହାଟ ବଜାର ଖୋଜି ବୁଲିବ ; ଏହିକ୍ଷଣି ଏଠି ଅଛି ତ, ପରକ୍ଷଣରେ ଇଂଲଣ୍ଡ ଆମେରିକା ଯାଇ ବୁଲିଆସିବ । ସେ କାନେ କାନେ ଯେତେ ଫୁସୁଲାଇଲେ ବି ତାହା କଥା ଶୁଣିବି ନାହିଁ । ମନକୁ ଛାଡ଼ପତ୍ର ଦେଇ ମୁଁ ଅଲଗା ହୋଇ ରହିବି । ତାକୁ ତ ବଶୀଭୂତ କରିପାରିବି ନାହିଁ, ତୁଚ୍ଛାରେ ତାହା ସଙ୍ଗରେ ସମ୍ପର୍କ ରଖି ଲାଭ କଅଣ— ବରଂ ସମୂହ ହାନି । ମୋର ଏ ଅସଂଲଗ୍ନ ଖାପଛଡ଼ା କଥାଗୁଡ଼ାକ ଶୁଣି ତୁମ୍ଭେ ହସୁଥିବ ଭଗବାନ ! ଭାବୁଥିବ, ଏ ଗୋଟାଏ ନିପଟ ଅଜ୍ଞାନ, ନିପଟ ଗଣ୍ଡମୂର୍ଖ ନା ପାଗଳ ! ତଥାସ୍ତୁ, ସେହିପରି ଭାବ ପ୍ରଭୁ ! ସ୍ୱୀକାର କରୁଅଛି ମୁଁ ପାଗଳ । ପାଗଳ ହେଲେ ନିଜକୁ ପରମ ସୌଭାଗ୍ୟବାନ୍ ମଣିବି । ପାଗଳକୁ ତ କେହି ଦଣ୍ଡନ୍ତି ନାହିଁ । ସୁଧୀଜନମାନେ ପାଗଳର ଗୁରୁତର ଅପରାଧ

ନ କ୍ଷମା କରନ୍ତୁ । ତାକୁ ଦଣ୍ଡିବା ବୃଥା ଶ୍ରମମାତ୍ର । ସହସ୍ର ଦଣ୍ଡରେ ସେ ସୁଧୁରିବ ନାହିଁ । ଦଣ୍ଡକୁ ଯାହାର ଖାତର ନାହିଁ, ତାକୁ ଶାସ୍ତି ଦେଇ ଲାଭ ବା କଅଣ ? ସେହିପରି ତୁମ୍ଭେ ପାଗଳଟାକୁ କଅଣ କରିବ ପ୍ରଭୁ ? ଦୟାକରି ମୋତେ କ୍ଷମା କର । କ୍ଷମା ମୋର ଉପଯୁକ୍ତ ଦଣ୍ଡ । ବାସ୍ତବରେ କ୍ଷମାଠାରୁ ବଳି କଠୋର ଦଣ୍ଡ ଆଉ ନାହିଁ ପ୍ରଭୁ ! ତୁମ୍ଭ ଦତ୍ତଶକ୍ତିର ସଦ୍‌ବ୍ୟବହାର ନ କରି ଯେ ତୁମ୍ଭ କ୍ଷମା ଉପରେ ନିର୍ଭର କଲା, ତାହାର ଆଉ ପୌରୁଷ କଅଣ ? ଏହି ଲଜ୍ଜା, ଏହି ଅନୁତାପ କି ସାମାନ୍ୟ ଦଣ୍ଡ ପ୍ରଭୁ ! ନିଜକୁ ଅକ୍ଷମ ପ୍ରସ୍ତୁତ କରିବା ଅପେକ୍ଷା ନୀଚତା, ଗ୍ଲାନତା ଆଉ କଅଣ ବା ହୋଇ-ପାରେ ?

ହରି ହେ, ମୁଁ ବଡ଼ ନିମକ୍‌ହାରାମ୍ ; ତୁମ୍ଭର ଖାଇ ତୁମ୍ଭଙ୍କୁ ନିନ୍ଦା କରେ । କେବେ ରୁଷେ, କେବେ ଅଭିମାନ କରେ, କେବେ ଅପମାନ କରେ, କେବେ ଗାଳିଦିଏ, ନିନ୍ଦା କରେ; କିନ୍ତୁ ତୁମ୍ଭେ ସବୁ ହସି ଉଡ଼ାଇଦିଅ । ମୋଠାରୁ ଏହିସବୁ କଥା ଶୁଣିବା ଯେପରି ତୁମ୍ଭର ଗୋଟାଏ ପ୍ରିୟକୌତୁକ । ତୁମ୍ଭର ଧୈର୍ଯ୍ୟ ଅସୀମ—ସହିଷ୍ଣୁତା ଅସୀମ—ଦୟା ଅସୀମ ଏବଂ କ୍ଷମା ଅସୀମର ଅତୀତ । ସେହି ହେତୁ ତୁମ୍ଭେ ଜଗତର ପ୍ରଭୁ ହୋଇପାରିଅଛ । ଖାଲି ପ୍ରଭୁ ନୁହେ— ପ୍ରଭୁର ଆଦର୍ଶ, ପ୍ରଭୁତ୍ୱର ଭୂଷଣ, ପ୍ରଭୁତ୍ୱର ଗୌରବ ଏବଂ ପ୍ରଭୁତ୍ୱର ସମ୍ପଦ । ତୁମ୍ଭେ ଯେପରି ମୋର କେଉଁ ପୂର୍ବଜନ୍ମର ବା କେତେ ଜନ୍ମର ଧାରୁଆ । ହିତଏ ଯାନରେ ଚୂନ ଉଣା ହେଲେ ମୁଁ ଅନର୍ଗଳ ଗାଳି ବର୍ଷଣ କରେ, ବିରକ୍ତ ହୁଏ, ତୁମ୍ଭେ ତାହାସବୁ ସହି ଦୈନ୍ୟପଣ ପ୍ରକାଶ କର; କିନ୍ତୁ ମୁଁ ନିଜେ ନିଜର ଅଧୋଗତିର ସୁବର୍ଣ୍ଣ ସୋପାନ ଗଢେ । ମୁଁ ବଡ଼ ଅବିଶ୍ୱାସୀ, ମୋର ଉପାୟ କଅଣ ହେବ ପ୍ରଭୁ ? ତୁମ୍ଭର ଅଜସ୍ର କୃପା ମୁଁ ଭୁଲିଯାଏ । କିନ୍ତୁ ତୁମ୍ଭର କୃପା ତ ମୋତେ ଭୁଲେ ନାହିଁ ହରି ! ସେ ତାହାର ଶୀତଳ ଅମୃତଧାରା ସର୍ବଦା ମୋ ଉପରେ ବର୍ଷୁଥାଏ । ମୁଁ ଅକୃତଜ୍ଞ ବୋଲି ତୁମ୍ଭ କୃପା ମୋତେ ଘୃଣା କରେ ନାହିଁ । କେବେକେବେ ଏ କଥା ଭାବି ମୁଁ ବଡ଼ ଲଜ୍ଜିତ ହୁଏ; କିନ୍ତୁ ସେ ତ ନିଲର୍ଜ୍ଜର ଲଜ୍ଜା, ସ୍ମଶାନ ସ୍ଥାୟୀ ହୁଏ ନାହିଁ—ପରମୁହୂର୍ତ୍ତରେ ହୁଆଡ଼େ ମିଳେଇଯାଏ । ମୋର ସ୍ମୃତିଶକ୍ତି ଏହିପରି ବାରମ୍ବାର ମରିଯାଉଅଛି, ତାକୁ ଚିର ଅମର କରିଦିଅ । ସେହି ସ୍ମୃତି-ଦର୍ପଣରେ ତୁମ୍ଭର ଦୟାର ଉଜ୍ଜ୍ୱଳ ପ୍ରତିମୂର୍ତ୍ତି ମୁଁ ସବୁବେଳେ ଦେଖୁଥାଏ, ଏହି ଭିକ୍ଷା ଦିଅ ହରି !

ହରି ହେ, ଏବେ ମଧ୍ୟାହ୍ନ ରୂପ ଧରି ଆସିଲ । ରୌଦ୍ର କ୍ରମେ ପ୍ରଚଣ୍ଡ, ପ୍ରଖର ହୋଇଆସିଲା—ତାହା ତ ତୁମ୍ଭର ତେଜ ପ୍ରଭୁ ! ତୁମ୍ଭର ବିଶ୍ୱରୂପ ଦେଖି ସିଦ୍ଧ-ଯୋଗୀମାନେ ଯେପରି ସ୍ତବ୍ଧ ବିସ୍ମୟରେ ଭୀତ ହୋଇ ଉଠିଥିଲେ, ସେହିପରି ଜୀବକୁଳ ତୁମ୍ଭର ଭୀଷଣ ବିରାଟ ମଧ୍ୟାହ୍ନମୂର୍ତ୍ତି ଦେଖି ମୌନ ଏବଂ ଚକିତ ହେଉଅଛନ୍ତି । ଅର୍ଜ୍ଜୁନ ପରି ଏକା 'ସିନ୍ଦୁରମୁଣ୍ଡୀ' ଝିଙ୍କାରୀ ଭୈରବ ରାଗିଣୀରେ ତୁମ୍ଭର ସ୍ତବ ଗାନ କରୁଅଛି । ଏ ରୂପରେ ତୁମ୍ଭେ ପୃଥିବୀକୁ ଉତ୍ତାପ ଦେଇ ତାହାର ଶକ୍ତି ବଢାଉ-ଅଛ । ପୃଥିବୀ ସେହି ଶକ୍ତିକୁ ତଦୁପରିସ୍ଥ ଉଦ୍ଭିଦ ଜଗତକୁ ଦେଇ ତାହାର ଶକ୍ତି ବଢାଉଅଛି । ଉଦ୍ଭିଦ ଜଗତ ସେହି ଶକ୍ତିକୁ ଫଳପତ୍ରପୁଷ୍ପ ରୂପରେ ଜୀବ-ଜଗତକୁ ଦାନ କରି ତାହାର ଶକ୍ତି ପୁଷ୍ଟ କରୁଅଛି । ଏହିଠାରୁ ଶେଷ ନୁହେ, ଜୀବଜଗତ ପୁଣି ନାନାଭାବରେ ସେହି ଶକ୍ତି ଉଦ୍ଭିଦ-ଜଗତକୁ ଫେରାଇଦେଉଅଛି । ଉଦ୍ଭିଦଜଗତ ସେହିପରି ପୃଥିବୀକୁ ଶକ୍ତି ପ୍ରତ୍ୟର୍ପଣ କରୁଅଛି । ଏହିପରି ଘୂରିଫେରି ଅନବରତ ଲାଗି ରହିଅଛି । ଶେଷରେ ପ୍ରଳୟରେ ତୁମ୍ଭର ଶକ୍ତି ତୁମ୍ଭର ପାଖକୁ ଯାଉଅଛି । ଏ କି ଅଦ୍ଭୁତ ସୁନ୍ଦର ହରି ! ତୁମ୍ଭେ ବଡ଼ ସୁନ୍ଦରବାଜ । ଲୋକେ ଯେ ତୁମ୍ଭଙ୍କୁ ନଟବରସୁନ୍ଦର କହନ୍ତି, ତାହା ଯଥାର୍ଥ । ପିଅଳ ପାଖୁଡ଼ା ଛଡ଼ାଇଲା ପରି ତୁମ୍ଭ ସୁନ୍ଦରର ମଞ୍ଜି ମିଳେ ନାହିଁ । ତୁମ୍ଭେ ଏବେ ଗୋଟିଏ ସୂର୍ଯ୍ୟର ଜ୍ୟୋତି ଧରିଅଛ, ଏତିକି ତ ସହିହେଉ ନାହିଁ, ବିଶ୍ୱରୂପ ଧରିବାବେଳେ ତ ସହସ୍ର ସହସ୍ର ସୂର୍ଯ୍ୟର ଜ୍ୟୋତି ଧରିଥିଲ, କେତେବେଳେ କି ପ୍ରଚଣ୍ଡ ହୋଇ ନ ଥିବ ! ତୁମ୍ଭର ସେରୂପ ତୁମ୍ଭେ ଏକା ଦେଖ ପ୍ରଭୁ, ଆଉ କେହି ଦେଖିପାରେ ନାହିଁ । ସେ ରୂପ, ସେ ଜ୍ୟୋତି ଦେବଚକ୍ଷୁର ଅସହ୍ୟ । ସୌରିଜ୍ୟୋତି ରାଜା ଯେପରି ଚତୁର୍ଗୁଣ ଦେବା ପାଇଁ

ପ୍ରଜାଠାରୁ ଗୁଣେ କର ନିଏ, ତୁମ୍ଭେ ସେହିପରି ପୃଥିବୀରୁ ଯେତେ ରସ ଶୋଷଣ କର, ତାହାର କୋଟି ଗୁଣ ତାକୁ ଦାନ କର । ଏ ହିସାବରେ ତୁମ୍ଭେ ସୁଖୀ ଲୋକ, ଗୁଣେ ନେଇ ବହୁଗୁଣ ପରିଶୋଧ କର । ତୁମ୍ଭେ ଦେବା ପାଇଁ ନିଅ, ନ ଦେଉଥିଲେ ନିଅନ୍ତ ନାହିଁ । ଏ ମହତ୍ତ୍ୱ ତୁମ୍ଭର କିଏ ବୁଝିବ ହରି ! ତୁମ୍ଭେ ଯାହାକୁ ବୁଝିବାର ଶକ୍ତି ଦିଅ, ସେହି ବୁଝେ । ସେହି ଶକ୍ତିରୁ କଣିକାଏ ପାଇବାକୁ ଏ ଅକିଞ୍ଚନ ଯାଚକ ହେବ କି ପ୍ରଭୁ !

ପୁଣି ଏ କି ମଧୁର ରୂପ ହରି ! ତୁମ୍ଭେ ମହାକାଳ-ରୂପୀ ଏବେ ସନ୍ଧ୍ୟାରୂପରେ ଆସିଲ । ଆହା, କି ପବିତ୍ର କାଳ; ଧର୍ମଭାବ, ପବିତ୍ରତା ଏବଂ ଉଚ୍ଛ୍ୱାସ ସ୍ୱତଃ ଆପେ ଫୁଟି ହୋଇଯାଉଅଛି । ସନ୍ଧ୍ୟା ସାମାନ୍ୟ କାଳ ନୁହେ—ଆତ୍ମବସ୍ତୁଙ୍କର ମନୋହର ସମନ୍ୱୟ । ଦେବାଳୟର ପବିତ୍ର ମଧୁର ଧ୍ୱନି, ଭକ୍ତକଣ୍ଠର ସ୍ତୁତି-ବନ୍ଦନାଦିର କୋମଳ ରସାଳ ସ୍ୱର, ମୃଦଙ୍ଗ କରତାଳ ଘଣ୍ଟାଘଣ୍ଟର ମୋହନ ମୂର୍ଚ୍ଛନା ଏକତ୍ର କର୍ଣ୍ଣରେ ଅମୃତ ବର୍ଷଣ କରୁଅଛି । ପକ୍ଷୀମାନେ କଣ୍ଠରସାୟନ ସ୍ୱରରେ ତୁମ୍ଭର ଆବାହନ-ସଙ୍ଗୀତ ଆବୃତ୍ତି କରୁଅଛନ୍ତି, କେହି ବା ତୁମ୍ଭର ନାମ ଉଚ୍ଚାରଣ କରୁଅଛି, କେହି ମୌନ ଯୋଗୀ ପରି ଜପରେ ନିଯୁକ୍ତ ଅଛି । କୁଳବଧୂ-କୁଳ ସନ୍ଧ୍ୟାଦୀପ ହସ୍ତରେ ଧରି ତୁଳସୀଚଉରା ମୂଳରେ ସଞ୍ଜବତୀ ଜାଳୁଅଛନ୍ତି । ତାଙ୍କର ଅବଗୁଣ୍ଠନ ମୂର୍ତ୍ତି ଦେଖି ବୋଧହୁଏ ସ୍ୱୟଂ ସନ୍ଧ୍ୟାଦେବୀ ବୃହସ୍ପତି ତାରା ଏକ ହାତରେ ଧରି ଅନ୍ୟ ହାତରେ ଉଜ୍ଜ୍ୱଳ ତାରହାର ଗୁନ୍ଥନ କରୁଅଛନ୍ତି ଅଥବା ଶ୍ୟାମାଙ୍ଗୀ ଅରଣ୍ୟାନୀ ବେଦୀମୂଳରେ ବସି ସୁବର୍ଣ୍ଣଫୁଲ ଗୁନ୍ଥୁଅଛନ୍ତି । ତୁମ୍ଭର ପ୍ରେମରେ ବିଭୋର ହୋଇ ଫୁଲଗୁଡ଼ିକ ହସିଉଠୁ-ଅଛନ୍ତି । ଏବେ ସନ୍ଧ୍ୟା ହେଲା, ତୁମ୍ଭେ ଅଗ୍ନିରୂପ ଧରି ଘରେ ଘରେ ଆଲୋକିତ କଲ । ମନୁଷ୍ୟର ନେତ୍ର-ତାରାର ଜ୍ୟୋତି ଏଡ଼େ କ୍ଷୀଣ ଯେ, ସାମାନ୍ୟ ଅନ୍ଧାରରେ ସେ କିଛି ଦେଖିପାରେ ନାହିଁ । ତୁମ୍ଭେ ଅଗ୍ନିରୂପରେ ରାତିକୁ ଦିନ କର, ନ ହେଲେ ରାତିଯାକ ଖାଲି ରାତି ହୋଇଥାଆନ୍ତା । ମନୁଷ୍ୟ ଅନ୍ଧାରରେ ଅନ୍ଧ ହୁଏ, ତୁମ୍ଭେ ଅଗ୍ନିରୂପରେ ତାହାର ପ୍ରତ୍ୟକ୍ଷ ହୋଇ ତାକୁ ଦୃଷ୍ଟି ଦାନ କର, ନଚେତ୍ ମାନବ ଜଗତର ଯେ ଅସୁବିଧା ହୁଅନ୍ତା, ସରସ୍ୱତୀଦେବୀ କୋଟି-ଜିହ୍ୱ ହେଲେ ସୁଦ୍ଧା ତାହା ବର୍ଣ୍ଣନା କରିପାରନ୍ତେ ନାହିଁ । ତେଣେ ଚନ୍ଦ୍ର, ତାରା ରୂପରେ ଆକାଶକୁ ଆଲୋକିତ କର, ସେ ଆଲୋକ ଆସି ପୃଥିବୀରେ ପ୍ରତିଫଳିତ ହୁଏ । ତୁମ୍ଭେ କେତେ ରୂପରେ ପୃଥିବୀର ମଙ୍ଗଳସାଧନ କର । ତୁମ୍ଭର ନାମ ପରି ରୂପ ସୁଦ୍ଧା ଅଶେଷ । ତୁମ୍ଭର ଅଶେଷ ରୂପ ବିଷୟ କଳ୍ପନା କଲେ କେବଳ ଶୂନ୍ୟ ବୋଧହୁଏ ଏବଂ ମାନବର କ୍ଷୁଦ୍ର କଳ୍ପନା ସେହି ମହାଶୂନ୍ୟରେ କୂଳକୂଳ ନ ପାଇ ନିରାଶ ହୋଇ ଫେରିଆସେ କିମ୍ବା ନିଜର ଅସ୍ତିତ୍ୱକୁ ସେହି ମହାଶୂନ୍ୟତାରେ ବୁଡ଼ାଇ-ଦେଇ କୁଆଡ଼େ ମିଳେଇଯାଏ—ତାହାର ଚିହ୍ନବର୍ଣ୍ଣ ସୁଦ୍ଧା ରହେ ନାହିଁ । ତୁମ୍ଭେ ଲୀଳାମୟ, ତୁମ୍ଭର ମହାଲୀଳା ଦେବତାମାନଙ୍କର ଏବଂ ଜ୍ଞାନପକ୍ୱ ଯୋଗୀ ଋଷିମାନଙ୍କର ଜ୍ଞାନର ଅଗୋଚର । କ୍ଷୀଣଜ୍ଞାନ ମନୁଷ୍ୟର କଥା ଅବା କିଏ ପଚ୍ଛରେ ? ହରି ହେ, ତୁମ୍ଭର ଅପଠାନ୍ତର ଲୀଳାକୁ ଅଶେଷ କୋଟି ନମସ୍କାର ।

ପ୍ରଭୁ, ତୁମ୍ଭଙ୍କୁ ସମସ୍ତେ ଅନନ୍ତ ବୋଲି କହନ୍ତି; ମାତ୍ର ଅନନ୍ତ ତୁମ୍ଭର ଅଂଶ । ପଞ୍ଚମହାଭୂତ ତୁମ୍ଭର ବିରାଟ ଶରୀରରେ ଅବସ୍ଥିତ । ସେମାନେ ସ୍ୱତନ୍ତ୍ର ନୁହନ୍ତି—ତୁମ୍ଭର ଶରୀରର ଭିନ୍ନ ଭିନ୍ନ ଅଂଶ । କ୍ଷିତି ତୁମ୍ଭର ପାଦ, ଅପ୍ ଉଦର, ତେଜ ବକ୍ଷ, ମରୁତ୍ କଣ୍ଠ ଓ ବ୍ୟୋମ ମସ୍ତକ । ତୁମ୍ଭେ ସେହି ପଞ୍ଚମହାଭୂତକୁ ନେଇ ତୁମ୍ଭର ଶରୀର ମଧ୍ୟରେ ଅସଂଖ୍ୟ ସ୍ଥାବରଜଙ୍ଗମ ଜୀବପ୍ରାଣୀର ଶରୀର ଅସ୍ଥା ଗଠନ କରୁଅଛ । ତାହା ମଧ୍ୟରେ ପୁଣି ତୁମ୍ଭେ ରହୁଅଛ—ଏହାକୁ ଆଶ୍ଚର୍ଯ୍ୟ ବୋଲି କହିଲେ ଠିକ୍ ହେବ ନାହିଁ । ଆଶ୍ଚର୍ଯ୍ୟଠାରୁ ବଳି ଆଉ କିଛି ଥିଲେ ଠିକ୍ ହୋଇପାରନ୍ତା କି ନାହିଁ ସନ୍ଦେହ । ସମସ୍ତେ ସଂସାରରୁ ବିଦାୟ ନେଇ ତୁମ୍ଭର ଶରୀରର ପଞ୍ଚଭୂତରେ ମିଶିଯାଆନ୍ତି । ପ୍ରକାରାନ୍ତରରେ ତୁମ୍ଭେ ତୁମ୍ଭର ଦେହରେ ମିଶିଯାଅ । ତୁମ୍ଭର ଶରୀର ଗୋଟିଏ ଅନନ୍ତ କାରଖାନା । ଧ୍ୱଂସ ଓ ସୃଷ୍ଟି ତାହାର ଭିତରେ ହେଉଅଛି । ସେହି-ଠାରେ ଧାତୁ ଆଉଟା ହେଉଅଛି, ପୁଣି ଛାଞ୍ଚରେ ଢଳା

ହୋଇ ମୂର୍ତ୍ତି ଗଢାହେଉଅଛି । ଆଉଟିବାର ଉତ୍ତାପ ବା ତାଳିବାର ଘର୍ଷଣରୁ ତୁମ୍ଭର କଳ୍ପନା । ତୁମ୍ଭେ ଯାହା କଳ୍ପନା କରୁଅଛ, ତାହା ସଙ୍ଗେ ସଙ୍ଗେ ରୂପ ଧରିଯାଉ-ଅଛି । ତୁମ୍ଭର ମହିମା ଏପରି ଅଦ୍ଭୁତ ! ହରି ହେ, ତୁମ୍ଭ ବିଶ୍ୱ-ରୂପ ମଧ୍ୟରେ ଅର୍ଜ୍ଜୁନ ସବୁପ୍ରକାର ଜୀବଜନ୍ତୁ, ବୃକ୍ଷଲତା ଦେଖିଥିଲେ । ସେହିସବୁ ତୁମ୍ଭ ଦେହ କାରଖାନାରେ ତିଆରି—ତାହାହିଁ ତୁମ୍ଭର ସୃଷ୍ଟି । ଗୀତାର ସେହି ମହାଚିତ୍ରକୁ କଳ୍ପନାରେ ଦେଖିବାକୁ ଇଚ୍ଛାକଲେ ସୁଦ୍ଧା ଆଖି ଫାଟିପଡି ବ୍ୟଥାରେ ବୁଜିଯାଏ, ଅନ୍ତରସ୍ଥା ଥରି-ଉଠେ; ଧୈର୍ଯ୍ୟ ମୂର୍ଚ୍ଛିତ ହୋଇପଡ଼େ । ମୁଁ ଆତ୍ମଶୂନ୍ୟ ହୋଇଯାଏ—ମୋ ଭିତରେ ଆଉ କିଛି ନ ଥାଏ—ସବୁ କାହିଁରେ କୁଆଡ଼େ ମିଳେଇଗଲା ପରି ବୋଧହୁଏ । ଚୈତନ୍ୟ ଯେତେବେଳେ ସେ ଅବସ୍ଥାରୁ ଫେରିଆସି, ଅଚୈତନ୍ୟ ମୋର ଯାହା ହରଣ କରିଥିଲା, ତାହା ସବୁ ଗୋଟି ଗୋଟି କରି ଆଣିଦିଏ, ସେତେବେଳେ ମୁଁ କେତେ ତଳକୁ ଯାଇ କେଡ଼େ କ୍ଷୁଦ୍ର ହୋଇଯାଏ, ତାହାର ପରିମାଣ ନାହିଁ । ସୂକ୍ଷ୍ମ ସୂଚୀମୁନାଙ୍କିତ ବିନ୍ଦୁର ପରିମାଣ ଅଛି; ମାତ୍ର ମୋର କ୍ଷୁଦ୍ରତାର ପରିମାଣ ନାହିଁ । ସେତେବେଳେ ମୁଁ ଯେ ଗୋଟାଏ ଦେହବନ୍ତ ମନୁଷ୍ୟ, ଏକଥା ସହଜ ବିଶ୍ୱାସକୁ ଆସେ ନାହିଁ । ମୋର ନିଜର କ୍ଷୁଦ୍ରତା ଅନୁଭବ କରି ମୁଁ ଏକାନ୍ତ ଲଜ୍ଜିତ ହୁଏ । କିନ୍ତୁ ସେ ଭାବ ତ କାହିଁ ରହେ ନାହିଁ, ଦର୍ପଣର ପ୍ରତିବିମ୍ବ ପରି ପଲକମାତ୍ରେ କୁଆଡୁ ଆସି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଏ । ସଂସାର କେଉଁଠି ଜଗି ଛକି ବସିଥାଏ କେଜାଣି, ସେ ସତ୍ୱର ଆସି ତାହାର ମୋହନ ବଜାର ଖୋଲିଦେଇ ଆଗରେ ପସରା ମେଲି ବସିଯାଏ । ହରି ହେ, ମୋର ସେହି ଭାବଟା ସ୍ଥାୟୀ ହେଉଥିଲେ, ତାହା କଳ୍ପନା ହେଉପଛେ ସେହି କଳ୍ପନାରେ ମୁଁ ସୁଖଶାନ୍ତି, ଅମୃତର ଆସ୍ୱାଦନ ପାଆନ୍ତି । କଳ୍ପନାରେ ଯେଉଁ ସୁଖ ଥାଏ, ବାସ୍ତବରେ ସେଥିରେ ଶତାଂଶର ଏକାଂଶ ବି ନ ଥାଏ । ମୁହୂର୍ତ୍ତେ ହେଲେ ବି ସେହି କଳ୍ପନା ମନକୁ ଧରି ରଖେ । ମନ ତ ବାଇବାତୁଳ ପରି ସବୁବେଳେ ସବୁ ଜାଗାରେ ଉଡ଼ିବୁଲୁଥାଏ, ତାକୁ ଯେ ଲହମାଏମାତ୍ର ଅଟକାଇ ରଖି ସତ୍ ବିଷୟରେ ବା ସତ୍‌ଚିନ୍ତାରେ ଲଗାଇପାରେ, ସେ କଳ୍ପନା ହେଲେହେଁ ଦେବତ୍ୱ ଏବଂ ସେ ମାନବର ବନ୍ଧୁ । ପ୍ରଭୁ ହେ, ମୋର ଚିତ୍ତବିକ୍ଷେପ ବିନାଶ କର, ଦୁଷ୍ଟ ମନକୁ ଏକକାଗାରେ ବାନ୍ଧିରଖ, ସେ ତୁମ୍ଭର ପାଦପଦ୍ମରେ ଲୀନ ହୋଇଯାଉ । ହରି ହେ, ତୁମ୍ଭର କ୍ଷମତା ଅପାର, ତାହାର ଅସାଧ୍ୟ କିଛି ନାହିଁ । ସେ ଦଣ୍ଡକେ ସୃଷ୍ଟି କରିପାରେ ପୁଣି ଦଣ୍ଡକେ ପ୍ରଳୟ କରିପାରେ; ପର୍ବତକୁ ସମୁଦ୍ର କରିପାରେ ଏବଂ ସମୁଦ୍ରକୁ ମରୁଭୂମି କରିପାରେ । ତୁମ୍ଭର ସେ କ୍ଷମତା ଦୁର୍ବଳ ଦଳନ ସକାଶେ ନୁହେ—ଦୁର୍ବଳର ରକ୍ଷଣ ସକାଶେ । ତୁମ୍ଭେ ଦୁର୍ବଳର ବଳ—ପ୍ରବଳର ଯମ । ତୁମ୍ଭ ନାମ ସ୍ମରଣ କଲେ ଦୁର୍ବଳ ହୃଦୟରେ ବଳ ଜନ୍ମେ । ଯାହା ନାମର କ୍ଷମତା ଏତେ, ତାହାର ନିଜର କ୍ଷମତା ଯେ କେତେ ହୋଇଥିବ, ତାହା କଳିବାକୁ ସର୍ବଜ୍ଞ ସିଦ୍ଧ-ଯୋଗୀ ଯତିଙ୍କର ବି ବୁଦ୍ଧି ବଣା ହୋଇଯିବ; କିନ୍ତୁ ତୁମ୍ଭର ସେହି ମହା କ୍ଷମତାକୁ ତୁମ୍ଭର କ୍ଷମା ଘୋଡାଇ ରଖିଅଛି । କ୍ଷମା ସିନା କ୍ଷମତାର ଅଳଙ୍କାର ଓ ମହତ୍ତ୍ୱ ! ଯାହାର କ୍ଷମା ନାହିଁ, ତାହାର କ୍ଷମତା ବୃଥା । ତାହା କ୍ଷମତା ନୁହେ, କ୍ଷମତାର କଳଙ୍କ ଅତ୍ୟାଚାର । ତୁମ୍ଭର ସେହି ଅଗାଧ ମହା କ୍ଷମତା ସ୍ମରଣ କଲେ ପ୍ରେମରେ, ଭକ୍ତିରେ, ଶ୍ରଦ୍ଧାରେ ତୁମ୍ଭ ପାଦତଳେ ମସ୍ତକ ଆପେ ଆପେ ଅବନତ ହୋଇଯାଏ । ହେ ଅତୁଳ କ୍ଷମତାଧର ପ୍ରଭୁ ତୁମ୍ଭେ ବିନ୍ଦୁକୁ ସିନ୍ଧୁ କର, ରେଣୁକୁ ହିମାଳୟଠାରୁ ବଡ଼ କର । ମୋତେ ବା କଅଣ ନ କରିଅଛ ହରି ? ଆଉ କଅଣ ବା ନ ଦେଇଅଛ ? ମୋତେ ଯେଡ଼େ ସୁଖରେ ରଖିଅଛ, କେଉଁ ରାଜା-ମହାରାଜାଙ୍କୁ ସେଡ଼େ ସୁଖରେ ରଖିଅଛ ପ୍ରଭୁ ! ରାଜାର ରାଜ୍ୟଚିନ୍ତା, ଅର୍ଥଚିନ୍ତା, ଶତ୍ରୁଭୟ—ଏତେ ଚିନ୍ତା ଅଛି, ମାତ୍ର ମୋର କଅଣ ଅଛି ? ମୋତେ ତୁମ୍ଭେ ନିଶ୍ଚିନ୍ତ କରି ଦେଇଅଛ । ମୋତେ ଯେଉଁ ଆନନ୍ଦ ଦେଇଅଛ, ସେହି ମୋର ରାଜମୁକୁଟ, ଯେଉଁ ସ୍ୱଚ୍ଛନ୍ଦତା ଦେଇଅଛ, ସେହି ମୋର ମଣିରତ୍ନ ସିଂହାସନ ଏବଂ ଯେଉଁ ଶାନ୍ତି ଦେଇଅଛ, ସେହି ମୋର ରାଜ୍ୟ । ହରି ହେ, ମୋର ପ୍ରାଣର ଭକ୍ତି, ଅନ୍ତରର ପ୍ରୀତି ଏବଂ ହୃଦୟର କୃତଜ୍ଞତା ସଦୟ ଚିତ୍ତରେ ଗ୍ରହଣ କର ।

# ଆବାହନ

ମା ଗୋ ଜଗଜ୍ଜନନୀ, ଦୁର୍ଗତିନାଶିନୀ ଦୁର୍ଗେ, ମୋହ-ଭ୍ରାନ୍ତ ଅସ୍ଥିରଚିତ୍ତ କ୍ଷୁଦ୍ର ମାନବ ମୁଁ ଆଜି ତୁମ୍ଭଙ୍କୁ ଆବାହନ କରିବାକୁ ବସିଅଛି । ତୁମ୍ଭେ ଜଗନ୍ମାତା, ଏ ଜଗତରେ ଯାହା କିଛି ଅଛି, ସମସ୍ତେ ତୁମ୍ଭର ଶିଶୁ-ସନ୍ତାନ । ସନ୍ତାନକୁ ଛାଡି ମାଆ କ୍ଷଣେ ଅନ୍ୟତ୍ର ରହିପାରେ ନାହିଁ; ସବୁବେଳେ ଛାୟା ପରି ସନ୍ତାନର ପାଖେ ପାଖେ ରହିଥାଏ । ତୁମ୍ଭେ ତ ଦୂରରେ ନାହିଁ, ତେବେ ଆବାହନ କରିବି କଅଣ ମାଆ ? ତୁମ୍ଭେ ମୋର ପ୍ରାଣରେ ଅଛ—ଆତ୍ମାରେ ଅଛ—ହୃଦୟରେ ଅଛ—ଶରୀରରେ ଅଛ—ମନରେ ଅଛ—ରକ୍ତରେ ଅଛ—ମାଂସରେ ଅଛ—ଅସ୍ଥିରେ ଅଛ—ଚକ୍ଷୁକର୍ଣ୍ଣାଦିରେ ଅଛ—ଏମନ୍ତ କି ମୋର "ମୁଁ" ମଧ୍ୟରେ ମଧ୍ୟ ଅଛ । ପୁଣି ତୁମ୍ଭେ ସର୍ବଭୂତରେ ମାତୃରୂପରେ ଅବସ୍ଥାନ କର ।

"ଯା ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା,
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।"

ତ୍ରିକାଳଜ୍ଞ ତପସିଦ୍ଧ ଋଷି-ମୁଖୋଚ୍ଚାରିତ ଏହି ଅମର ପବିତ୍ର ସତ୍ୟ ସନାତନ ମହାବାକ୍ୟ କେବେ ଅନ୍ୟଥା ନୁହେ । ତୁମ୍ଭେ ତ ମୋ ଦେହରେ ଅଛ—ମୋର ବାହ୍ୟରେ ବି ଅଛ, ତେବେ ତୁମ୍ଭଙ୍କୁ ଆବାହନ ଆଉ କଅଣ କରିବି ଜଗଦମ୍ବେ ! ଆବାହନ ଖାଲି ଲୌକିକ ପ୍ରଥା, ସେଥିରେ ସାର୍ଥକତା ନାହିଁ ମାଆ !

ମାଆ ବିଶ୍ୱରୂପିଣୀ, କିପରି ତୁମ୍ଭଙ୍କୁ ପୂଜା କରିବି, ତାହା ବି ବୁଝିପାରୁ ନାହିଁ । ବିଶ୍ୱସାରା ତ ତୁମ୍ଭର ମୂର୍ତ୍ତି, ମୁଁ କେଉଁ ମୂର୍ତ୍ତିକୁ ପୂଜା କରିବି ମାଆ ? ପୂଜାର ଧାରା ବି ତ ମୁଁ ଜାଣେ ନାହିଁ ମାଆ !

"ନଜାନାମିଦାନଂ ନ ଚ ଧ୍ୟାନଯୋଗଂ
ନଜାନାମି ତନ୍ତ୍ରଂ ନ ଚ ସ୍ତୋତ୍ରମନ୍ତ୍ରଂ,
ନଜାନାମି ପୂଜାଂ ନଚ ନ୍ୟାସଯୋଗଂ
ଗତିସ୍ତ୍ୱଂ ଗତିସ୍ତ୍ୱଂ ଗତିସ୍ତ୍ୱଂ ଭବାନି ।
ନଜାନାମି ପୁଣ୍ୟଂ ନଜାନାମି ତୀର୍ଥଂ
ନଜାନାମି ମୁକ୍ତିଂ ଲୟଂ ବା କଦାଚିତ୍,
ନଜାନାମି ଭକ୍ତିଂ ବ୍ରତଂ ବାପି
ମାତର୍ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନି !"

ଆଉ ଅଧିକ କଅଣ କହିବି ମାଆ ? ତୁମ୍ଭର ମହାପୂଜା କେହି କରିପାରେ ନାହିଁ ଶଙ୍କରି ! ତୁମ୍ଭେ ଏକା ତୁମ୍ଭର ପୂଜାକର । ତୁମ୍ଭେ ପୂଜିତା ପୁଣି ତୁମ୍ଭେହିଁ ପୂଜକା ।

ମୋର କଅଣ ଅଛି ନୈବେଦ୍ୟ ଦେବି ମାଆ ! ଜଗତର ସବୁ ପଦାର୍ଥ ତ ତୁମ୍ଭର । ପୁଣି ତୁମ୍ଭର ନୈବେଦ୍ୟ ଅବା କି ଲୋଡା ? କ୍ଷୁଧା ତୃଷା ବି ତୁମ୍ଭର ସୃଷ୍ଟି, ସେ କଅଣ ତୁମ୍ଭଙ୍କୁ ପୀଡା ଦେବାକୁ ସମର୍ଥ ହେବେ ? ପୁଣି ବ୍ରହ୍ମାଣ୍ଡସାରା ଉଦରରେ ରଖି ଯାହାର ଉଦର ପୂର୍ଣ୍ଣ ହୁଏ ନାହିଁ, ଆଉ କେଉଁ ପଦାର୍ଥରେ ତାହା ପୂର୍ଣ୍ଣ ହେବ ମାଆ ! ପକ୍ଷାନ୍ତରରେ ତୁମ୍ଭେ ଯାହା ମୋତେ ଦେଇଅଛ, ମୁଁ ପୁଣି ତାହା ତୁମ୍ଭଙ୍କୁ ଦେଲେ ସେଥିରେ କି ପୌରୁଷ ଅଛି ? ତୁମ୍ଭର ଦତ୍ତ ଦ୍ରବ୍ୟ ନେବାକୁ ତୁମ୍ଭେ ବା ଇଚ୍ଛା କରିବ କାହିଁକି ମାଆ ? ଲୋଭ, ମୋହ, କ୍ରୋଧ, ଦୁର୍ବାସନା—ଏହିଗୁଡିକ କେବଳ ମୋର । ମାଆ ଅନନ୍ତ କରୁଣାମୟୀ, ଏହାକୁହିଁ ନୈବେଦ୍ୟରୂପେ ଗ୍ରହଣ କର ଜନନି !

ତହିଁପରେ ଧ୍ୟାନ । ତୁମ୍ଭର ମହା ବିରାଟରୂପକୁ ଧ୍ୟାନରେ କିଏ ଧାରଣା କରିପାରିବ ମାଆ ? ଚର୍ମଚକ୍ଷୁର କ୍ଷୀଣ ଜ୍ୟୋତିରେ ତାହା ଦିଶିବ ନାହିଁ ମାଆ ! ମାନବର ସ୍ତିମିତ ନେତ୍ର ଭାସ୍ୱର ଅତି କ୍ଷୀଣ ଜ୍ୟୋତି ତୁମ୍ଭ ବିରାଟ ଜ୍ୟୋତିରେ ବୁଡିଯାଇ ଅସିତ୍ତ୍ୱ ହରାଇ ବସିବ ସିନା ! ଧ୍ୟାନର ଉପଯୁକ୍ତ ଏକାଗ୍ରତା ବା କାହିଁ ? ମନ ତ ବାର ଦ୍ୱାର ବୁଲି କୁକୁର ପରି ଏଣେ ତେଣେ ଧାଇଁ-ବୁଲେ, ତାକୁ ବାନ୍ଧିରଖିବା କି ସହଜ କଥା ? ବାନ୍ଧିରଖିଲେ ମଧ୍ୟ ସେ କେବେ କେବେ ରଜ୍ଜୁ ଛାଡି ଠାଣି ଘୋଷାରି ଦଉଡି ଛିଣ୍ଡାଇ ପଳାଇଯାଏ । ପୁଣି ତୁମ୍ଭର କେଉଁ ମୂର୍ତ୍ତିକୁ ଛାଡି କେଉଁ ମୂର୍ତ୍ତିକୁ ଧ୍ୟାନ କରିବି—ତାହା ବି ଗୋଲକଧନ୍ଦା ପରି ବିଷମ ସମସ୍ୟା ମାଆ !

ଧ୍ୟାନ ପରେ ପ୍ରାର୍ଥନା । ସେ କଥା ବି ବଡ ଜଟିଳ, ବଡ ଅଡୁଆ ମାଆ ! ଯେ ଆପେ ଆପେ ଯାଚକରି ଦିଏ, ତାକୁ ପୁଣି ମାଗିବ କିଏ କେଉଁ ମୁହଁରେ ? ମାଆ ତ ପୁଅର ମନ ଜାଣି ଆଗରୁ ତାହା ପାଇଁ ସବୁ ସାଇତି

ରକ୍ଷିଥାଏ, ତେବେ ତାହା ପାଖରେ ବୃଥା ପ୍ରାର୍ଥନା କାହିଁକି ? ତାହା ଖାଲି ସ୍ୱାର୍ଥପ୍ରବୃତ୍ତ ସିନା ! ସେଥିରେ ଦାତାପ୍ରତି ଅବିଶ୍ୱାସ, ଅକୃତଜ୍ଞତା ପ୍ରକାଶ ପାଏମାତ୍ର ।

ବିଶ୍ୱବନ୍ଦ୍ୟେ, ଏବେ ତୁମ୍ଭ ଶ୍ରୀଚରଣରେ ପୁଷ୍ପାଞ୍ଜଳି ପ୍ରଦାନ କରି ବଦାସ୍ଥ ନେବି, କିନ୍ତୁ କଉଣ ପୁଷ୍ପାଞ୍ଜଳି ଦେବି କିଛି ସ୍ଥିର ପାରୁ ନାହିଁ । ତୁମ୍ଭର ଉଦ୍ୟାନରୁ ଫୁଲଗୁଡ଼ିଏ ତୋଳିଆଣି ତୁମ୍ଭଙ୍କୁ ଦେଲେ କି ସୁନ୍ଦର ଦିଶିବ ମାଆ ? ଫୁଲରେ ଥିବା ଶୋଭା ସୁଗନ୍ଧ ତ ତୁମ୍ଭେ ! ସୁତରାଂ ଫୁଲ ତୁମ୍ଭର ପ୍ରୀତିକର ହେବବା କାହିଁକି ? ତୁମ୍ଭ ପକ୍ଷରେ ତାହା ଦୁର୍ଲଭ ଅପୂର୍ବ ପଦାର୍ଥ ନୁହେଁ ମାଆ ! ତେବେ ଆଉ କଉଣ କରିବି ? ମୋର ଶ୍ରାନ୍ତ କ୍ଳାନ୍ତ ହୃଦୟ-ବନରୁ ଭକ୍ତିପୁଷ୍ପ ତୋଳି ତାହାହିଁ ତୁମ୍ଭ ପବିତ୍ର ପାଦପଦ୍ମରେ ପୁଷ୍ପାଞ୍ଜଳି ଅର୍ପଣ କରୁଅଛି—ଦୟାକରି ଗ୍ରହଣ କର ମାଆ ଦୟାମୟି !

"ଅନାଥସ୍ୟ ଦୀନସ୍ୟ ତୃଷ୍ଣାତୁରସ୍ୟ
ଭୟାର୍ତ୍ତସ୍ୟ ଭୀତସ୍ୟ ବଦ୍ଧସ୍ୟ ଜନ୍ତୋଃ
ତ୍ୱମେକା ଗତିର୍ଦ୍ଦେବି ନିସ୍ତାରଦାତ୍ରୀ
ନମସ୍ତେ ଜଗତ୍ତାରିଣୀ ତ୍ରାହି ଦୁର୍ଗେ !"
"ସର୍ବମଙ୍ଗଳମଙ୍ଗଲ୍ୟେ ଶିବେ ସର୍ବାର୍ଥସାଧିକେ,
ଶରଣ୍ୟେ ତ୍ର୍ୟମ୍ବକେ ଗୌରି ନାରାୟଣୀ ନମସ୍ତୁତେ ।"

---

## ପ୍ରଲୋଭନ

ଜ୍ଞାନୀ ଜନମାନେ କହନ୍ତି—ପ୍ରଲୋଭନ ପାପର ହେତୁ, ତାକୁ ସମ୍ପୂର୍ଣ୍ଣ ନିପାତ କରିବା ପୁଣ୍ୟକାମୀର ସର୍ବାଦୌ କରିବ୍ୟ । କିନ୍ତୁ କେଣ୍ଟା ବୁଦ୍ଧିଆମାନେ ଏ ଉପଦେଶ ଗ୍ରହଣ କରିବାକୁ ରାଜି ହୁଅନ୍ତି ନାହିଁ । ସେମାନେ କହନ୍ତି—"ସୃଷ୍ଟି ପ୍ରଲୋଭନମୟ, ଚାରିଆଡ଼େ ପ୍ରଲୋଭନ ପୂରିରହି ଗ୍ରାସ କରିବା ପାଇଁ ଆଁ କରି ଠିଆ ରହିଛି ! ଏପରି ଶ୍ରେଷ୍ଠମହାରଥ କିଏ ଅଛି ଯେ, ପ୍ରଲୋଭନର ଅବ୍ୟର୍ଥ ବଜ୍ରବାଣରୁ ନିସ୍ତାର ପାଇବ ? ଚାରିଆଡ଼ରୁ ବାଣ ଆସି ଦେହରେ ଝପ୍‌ଝାପ୍ ଭୁକ୍ତ-ଯାଉଥିବ, ସେଥିରେ କିଏ ସ୍ଥିର ହୋଇ ରହିପାରିବ । ମୁନିଋଷି ବ ସମ୍ଭାଳିହୋଇ ନ ପାରି ପ୍ରଲୋଭନର ଅଗ୍ନିକୁଣ୍ଡରେ କୋଳପଡ଼ିଅଛନ୍ତି, ସାଧାରଣ ମନୁଷ୍ୟର ବା ଗତି କଉଣ ? ପ୍ରଲୋଭନ ପାଖକୁ ନ ଗଲେ ସୁଦ୍ଧା ସେ ପାଖକୁ ଧାଇଁ ଆସି ଇଢ଼ଧରେ—ସେଥିକି ବା ଦୁଃଖ କଉଣ ଅଛି ? ସେ ଅସୁର, ତାହାର ଦୁର୍ଜ୍ଜୟମାୟ ଆସୁରିକ ବଳରୁ ଫିଟି ଅସିବାକୁ ଦୁର୍ବଳ ମନୁଷ୍ୟର କ୍ଷୁଦ୍ର ଶକ୍ତି ସାହସୀ ହୋଇପାରେ ନାହିଁ ।" ବାସ୍ତବରେ ପ୍ରଲୋଭନ ସମ୍ବରଣ ଖାଲି କଥାରେ କହିଲେ ହୁଏ ନାହିଁ; କିନ୍ତୁ ତାହା ଅସାଧ୍ୟ ନୁହେଁ—ଦୁଃସାଧ୍ୟ । ପ୍ରଲୋଭନ ତ୍ୟାଗର ଦୃଷ୍ଟାନ୍ତ ପୁରାଣ ଇତିହାସରେ ବିରଳ ନୁହେଁ । କେତେ କେତେ ମହାପୁରୁଷ ଜଗତର ହିତ ସକାଶେ ହସି ହସି ସ୍ୱୀୟ ପ୍ରାଣର ପ୍ରଲୋଭନ ତ୍ୟାଗ କରିଅଛନ୍ତି । ଦଧୀଚି ଋଷିଙ୍କର ଅଭୂତ କରଣୀ ସେଥିର ଜାଜ୍ୱଲ୍ୟ ପ୍ରମାଣ । ମହାରଥ ଭୀଷ୍ମ ପିତାଙ୍କ ସକାଶେ କାମିନୀ-କାଞ୍ଚନର ପ୍ରଲୋଭନ ତ୍ୟାଗ କରିଥିଲେ । ଜଗତରେ କାମିନୀ-କାଞ୍ଚନର ପ୍ରଲୋଭନ ଅତି ପ୍ରବଳ ପ୍ରଲୋଭନ । ସେହି ଯାପ ଯେ ପରିତ୍ୟାଗ କରିପାରେ, ସେହି ଏକା ସଂଯମୀ—ସେହି ଏକା ମୁକ୍ତ । ପୁଣି ସେହି ଜ୍ଞାନବୀର ଭୀଷ୍ମଦେବ ପ୍ରିୟ ପାଣ୍ଡବଙ୍କ ହିତ ସକାଶେ ନିଜ ପ୍ରାଣର ପ୍ରଲୋଭନ ତ୍ୟାଗ କରିଥିଲେ । ପର ପାଇଁ ଯେବେ ପ୍ରଲୋଭନ ତ୍ୟାଗ କରିହୁଏ, ତେବେ ନିଜର ମଙ୍ଗଳ ପାଇଁ ତ୍ୟାଗ କରି ନ ହେବ କାହିଁକି? ତେବେ ସେଥିପାଇଁ ଅସୀମ ଧୈର୍ଯ୍ୟ ଦରକାର । ସେଉଁ ବ୍ୟର୍ଥ-ସାହସୀମାନେ ଏକା ନିଃଶ୍ୱାସକେ ସାତ ସମୁଦ୍ର ପହଁରି-ଯିବାର ଦୁରାଶା ପୋଷଣ କରନ୍ତି, ସେମାନଙ୍କ କଥା ନ କହିବାହିଁ ଉଚିତ ।

ପ୍ରଲୋଭନ-ସମ୍ବରଣ ପାଇଁ ତେତେ କଠୋର ସାଧନା ଦରକାର, ସେ ସାଧନା କେତେ କାଳରେ ବା କେତେ ଜନ୍ମରେ ସିଦ୍ଧ ହୁଏ, ତାହା ଭାବିଲେ ଚକ୍ଷୁ ଚମକିଉଠେ; କିନ୍ତୁ ନିରାଶ ହେବାର କାରଣ ନାହିଁ—ବରଂ ନିରାଶ ହେବା କାପୁରୁଷତା । ଏ ଜନ୍ମରେ ଯେତିକି ହୋଇପାରିବ ହେଉ, ପୁଣି ପରଜନ୍ମରେ ହେବ । ଏହିପରି ଧୈର୍ଯ୍ୟ ଓ ବିଶ୍ୱାସ ଧରି ସାଧନା କରିବା ଉଚିତ; କିନ୍ତୁ କହିବା ସହଜ, ଆଉ କରିବା କଠିଣ ।

ବୃଥା କହିବାକୁ ଅଳ୍ପ ସମୟ ଲାଗେ ଏବଂ କାର୍ଯ୍ୟ କରିବାକୁ ଯୁଗ ଯୁଗ ଲାଗିଯାଏ । ସୃଷ୍ଟି କରିବାକୁ ଈଶ୍ବର ଇଚ୍ଛା କଲାକ୍ଷଣି ସୃଷ୍ଟି ସମ୍ପୂର୍ଣ୍ଣ ହୋଇଯାଏ ନାହିଁ ; କେତେ ଯୁଗ ବିତିଯାଏ । ପୁଣି ପ୍ରଳୟ ପର୍ଯ୍ୟନ୍ତ ସୃଷ୍ଟି ଲାଗିଥାଏ । ଧର୍ମସାଧନା ଏକ ଜନ୍ମରେ ପୂର୍ଣ୍ଣତାପ୍ରାପ୍ତ ହୁଏ ନାହିଁ । ଜନ୍ମଜନ୍ମାନ୍ତରର ସଞ୍ଚିତ ସଂସ୍କାର କ୍ରମେ ପୁଷ୍ଟିଲାଭ କରି ସମ୍ପୂର୍ଣ୍ଣତା ଲାଭ କରେ । ଏ ଜନ୍ମର ସଂସ୍କାର ପରଜନ୍ମର ସ୍ମାରକ ହୁଏ, ଅର୍ଥାତ୍ ଏ ଜନ୍ମର ଅପୂର୍ଣ୍ଣ ସାଧନା ପରଜନ୍ମରେ ପାସୋରି ପାଠ ପରି ହେବୁ ଆଣିଦିଏ । ଜନ୍ମାନ୍ତର ମିଥ୍ୟା ନୁହେଁ, ତାହା ସତ୍ୟ ଓ ଧ୍ରୁବ । ଏ ଜନ୍ମରେ ଯେ କାୟମନପ୍ରାଣରେ ଦେଶ-ସେବା କରିଥାଏ, ଆରଜନ୍ମରେ ସେହି ଦେଶ-ସେବା ଆଡ଼କୁ ତାହାର ମନ ଧାଇଁବ । ଏ ଜନ୍ମର ନିଷ୍ଠାପର ସାହିତ୍ୟସେବୀ ଆରଜନ୍ମରେ ସେହି ସାହିତ୍ୟ-ଚର୍ଚ୍ଚାରେ ଲାଗିବ । ଜନ୍ମର ସଂସ୍କାର ଏହିପରି କାର୍ଯ୍ୟ କରେ । ଇହଜନ୍ମରେ ଯାହାର ଯେଉଁ କାର୍ଯ୍ୟପ୍ରତି ପ୍ରାଣର ଏକାନ୍ତ ଟାଣ ଥାଏ, ପରଜନ୍ମରେ ସେ ସେହି କାର୍ଯ୍ୟରେ ନିଯୁକ୍ତ ହୁଏ । ସଂସ୍କାର ମନୁଷ୍ୟକୁ ପୂର୍ବ ଅଭ୍ୟାସ ବା ଅନୁଷ୍ଠାନ ଆଡ଼କୁ ଆପେ ଆପେ ଟାଣିନେଇଯାଏ । ସାଧନାର ଇତର ବିଶେଷ ଭେଦରେ ବହୁଦିନରେ—ବହୁବର୍ଷରେ ବା ବହୁଜନ୍ମରେ ସାଧନା ସିଦ୍ଧ ହୁଏ ।

ଇତର ପ୍ରଲୋଭନ ବର୍ଜନୀୟ; ମାତ୍ର ଭଗବତ୍-ପ୍ରେମର ପ୍ରଲୋଭନ ସର୍ବଥା ବାଞ୍ଛନୀୟ । ତାହା ମନୁଷ୍ୟର ମନୁଷ୍ୟତ୍ୱ ଓ ମୁକ୍ତିର ହେତୁ । ଶାସ୍ତ୍ରପାଠ, ସଦାଲାପ, ଜପ, ଧ୍ୟାନ, ପୂଜା, ଭଜନ, ସାଧନ, ଦାନ, ଜ୍ଞାନ, ବିଶ୍ବହିତ, ଶିକ୍ଷା, ସେବା ଆତ୍ମାକୁ ଉନ୍ନତ କରେ, ସୁତରାଂ ତାହା କର୍ତ୍ତବ୍ୟ । ତାହା ପ୍ରଲୋଭନ ନୁହେଁ, ପରକାଳର ସମ୍ବଳ । ସେଥିରେ ଆଧ୍ୟାତ୍ମିକ ଶକ୍ତି ପରିପୁଷ୍ଟ ହୁଏ । ତାହା ମାନବର ପୁଣ୍ୟ ପୁଣି ସୌଭାଗ୍ୟ ଓ ମଙ୍ଗଳର ନିଦାନ ।

---

# ଭ୍ରମ

ଭଗବାନ୍, ମୋର ଶେଷ ଗତି କଅଣ ହେବ ? ଜନ୍ମେ ଜନ୍ମେ ତୁମ୍ଭର ଋଣ ଲଦିହୋଇ ଆସୁଅଛି, ପୁଣି ତୁମ୍ଭର କ୍ଷମା ସେ ଋଣ ଉପରେ କଲନ୍ତର ହେଉଅଛି । ତୁମ୍ଭର ଖାଇ ପିଇ ପିନ୍ଧି ଏତେ ତ ତୁମ୍ଭଠାରେ ଋଣୀ, ତାହା ଉପରେ ପୁଣି ଜାଣତ ବା ଅଜାଣତରେ ଯେଉଁ ପାପ କରୁଅଛି, ତାହା ତୁମ୍ଭେ କ୍ଷମା କରୁଅଛ । ଏହିପରି ପ୍ରତିଜନ୍ମରେ ମୋ ମୁଣ୍ଡରେ ବୋଝ ଉପରେ ନଳିତା ବିଡ଼ା ଲଦିଦେଉଅଛ । ସେ ଅଗାଧ ମହାଋଣର ପରିମାଣ ନାହିଁ ପ୍ରଭୁ ! ମୁଁ ତାହା ପରିଶୋଧ କରିବି କିପରି ? ମୋର ତ ଆଉ ତୁମ୍ଭ ପରି ଜ୍ଞାନ ନାହିଁ, ଥିଲେ ବା ତୁମ୍ଭର ଏ ରହସ୍ୟ କିଛି ବୁଝିପାରନ୍ତି ; ମାତ୍ର ମୁଁ କ୍ଷୁଦ୍ର ମନୁଷ୍ୟ, ତୁମ୍ଭେ ଯେଉଁ କ୍ଷୁଦ୍ର ଜ୍ଞାନଟିକକ ଦେଇଅଛ, ତାହାରି ଉପରେ ନିର୍ଭର କରି ମୁଁ ଏ କଥା ଭାବିଲେ ଚାରିଆଡ଼ ଖାଲି ଅନ୍ଧାର ଦେଖାଯାଏ । ତେବେ କଅଣ ଖାଲି ଋଣୀ ହେବା ପାଇଁ ମୋର ଜନ୍ମ ? ସେ ଋଣର ଶେଷ ନାହିଁ କି ସୀମା ନାହିଁ ? ମୋର କଅଣ ଆଉ ପରିଣାମ ନାହିଁ ? ଆସୁଥିବି, ତୁମ୍ଭର ଋଣୀ ହୋଇ ଯାଉଥିବି, ଏହିପରି ଲାଗିଥିବ—ଏହାହିଁ ମୋର ଅଦୃଷ୍ଟ ଲିପି ! ଏ ହିମାଳୟ ମୋ ମୁଣ୍ଡରେ କାହିଁକି ଲଦୁଅଛ ହରି ? ତୁମ୍ଭେ ଋଣ ଦେଉଅଛ କାହିଁକି, ପୁଣି କ୍ଷମା କରୁଅଛ ବା କାହିଁକି ? ସେଥିରେ ତୁମ୍ଭର କି ଉଦ୍ଦେଶ୍ୟ ସିଦ୍ଧ ହେଉଅଛି ତାହା ତୁମ୍ଭେ ଜାଣ । ବଳେବଳେ ଯାଚି ଋଣ ଦେଇ ଋଣୀ କରୁଅଛ, ପୁଣି ସବୁ ଋଣ ଛାଡ଼ିଦେଉଅଛ, ଏଥିରେ ତୁମ୍ଭର ସିନା ମହତ୍ତ୍ୱ ପ୍ରକାଶ ପାଉଅଛି; ମାତ୍ର ମୋର କଅଣ ହେଉଅଛି ପ୍ରଭୁ ? ମୋର କେବଳ ନୀଚତା, ହୀନତା, ଅକ୍ଷମତା ଆଉ ନିର୍ଲଜ୍ଜତା ପ୍ରକାଶ ପାଉଅଛି ସିନା ! ମୋତେ ଏତେ ହୀନସ୍ଥା କରି, ଏତେ ଇଙ୍ଗୁ କରି ରଖିବାଦ୍ୱାରା ତୁମ୍ଭେ କି ଆନନ୍ଦ ପାଉଅଛ—ତାହା କିଛି ମୁଁ ବୁଝିପାରୁ ନାହିଁ । ମୋତେ ଏ ହଟହଟା କରୁଅଛ, ନା ତୁମ୍ଭେ ନିଜେ ହଟହଟା ହେଉଅଛ ? ମଝିରେ ଗୋଟାଏ 'ମୁଁ' ରଖିଦେଇ ଏ କି ଖେଳା ଲଗାଇଅଛ ? ସେ 'ମୁଁ'ଟା ମିଛ, ତାକୁ

ଲିପ୍ତଇଚ୍ଛଅ ଭଲି । ତୁମ୍ଭେ ଅନନ୍ତ ଲୀଳାମୟ, ତୁମ୍ଭର ମହାଲୀଳା ଚାଲୁଥାଉ । ତୁମ୍ଭେ ଥାଅ, ତୁମ୍ଭର ଲୀଳା ଥାଉ, ଆଉ 'ମୁଁ'ର ଦରକାର ନାହିଁ । ସେ ବିଚରାକୁ ତୁଚ୍ଛାରେ ହଲାପଟା କର ନାହିଁ । ମୁଁ ଟା ଉଠିଗଲେ ତୁମ୍ଭର ସ୍ୱରୂପରେ ସ୍ୱରୂପ ମିଶିଯାଇ ମହାସ୍ୱରୂପ— ମୂଳସ୍ୱରୂପ ପ୍ରକାଶ ପାଇବ । ନିଜକୁ ଏତେ ଆଉ ଲୁଚାଅ ନାହିଁ ପ୍ରଭୁ ! ଛଳନା ପରିତ୍ୟାଗ କର, ମୋର ଏ ମହାଭ୍ରମ—ମାୟାଚ୍ଛନ୍ନ ତୁଚ୍ଛା ଭ୍ରମ କଟିଯାଉ । ସେହି ଭ୍ରମରେ ବୃଥା ହାହାକାର କରି ମୁଁ ଲୋକହସାରେ ନ ପଡ଼େଁ, ମୋର ଅଜ୍ଞାନତା ତୁଟିଯାଉ ।

## ଗୃହାରମ୍ଭ

ମଙ୍ଗଳମୟ ହରି, ଆଜି ( ୪।୫।୧୯୬୧ ) ମୋର ଗୃହାରମ୍ଭ । ତୁମ୍ଭରି ମଙ୍ଗଳ ନାମ ଉଚ୍ଚାରଣ କରି ମଙ୍ଗଳ ଇଟା ବସାଇଲି । ଗୃହଦେବତା କିଏ—ଏହି କଥା ଭାବୁ ଭାବୁ କେତେ କଥା ମନରେ ପଡ଼ିଲା । ଗୃହଦେବତା ତୁମ୍ଭେ ସ୍ୱୟଂ ସିନା ! ତୁମ୍ଭେ ସର୍ବମୟ, ଜଳ, ସ୍ଥଳ, ମାଟି, ପଥର ସବୁ ତୁମ୍ଭରି ରୂପ । ତୁମ୍ଭେ ମାଟି ରୂପରେ ଥିଲ, ନିଜକୁ ନିଜେ ବିବର୍ତ୍ତିତ କରି ଇଟା ହେଲ, ପୁଣି ଅଗ୍ନି ରୂପରେ ଆପେ ଆପଣାକୁ ଦଗ୍ଧ କରି ପରିପକ୍ୱ ହେଲ । ଶେଷରେ ଗୃହଦେବତା ମୂର୍ତ୍ତି ଧରିବ, କେତେ କାଳ ଯାଏଁ ମୋର ବଂଶଧରଙ୍କୁ ପୁରୁଷାନୁକ୍ରମେ ଗର୍ଭରେ ଆଶ୍ରୟ ଦେଇ ଖରା, ବର୍ଷା, ଶୀତ, କାକର ପ୍ରଭୃତିର ଉପଦ୍ରବରୁ ସେମାନଙ୍କୁ ନିରାପଦ ଭାବରେ ରକ୍ଷା କରିବ । ସମସ୍ତଙ୍କୁ ସୁଖସୌଭାଗ୍ୟରେ ମଣ୍ଡନ କରିବ—ସ୍ୱାସ୍ଥ୍ୟଶାନ୍ତି ପ୍ରଦାନ କରିବ । ତୁମ୍ଭ ଗର୍ଭରେ ମୋର ବଂଶ ବୃଦ୍ଧି ହେବ—ତୁମ୍ଭେହିଁ ମୋର ବଂଶ ରକ୍ଷା କରିବ । ତୁମ୍ଭେ ତ କାହାକୁ ଦୁଃଖ ଦିଅ ନାହିଁ, ତେଣୁ ଦୁଃଖ କଥା ଲେଖିଲି ନାହିଁ । ପିତା ସନ୍ତାନକୁ ଦୁଃଖ ଦିଅନ୍ତି ନାହିଁ । କେବଳ ମୋର ବଂଶର ସୁଖସ୍ୱାଚ୍ଛନ୍ଦ୍ୟ ନୁହେ—କୀଟପତଙ୍ଗ ପ୍ରଭୃତି ଅସଂଖ୍ୟ ଜୀବଙ୍କୁ ଆଶ୍ରୟ ଦେଇ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରିବ । ତୁମ୍ଭ ବିରାଟ ବିଶ୍ୱରୂପରେ ଅସଂଖ୍ୟ ଜୀବଜନ୍ତୁ ଥାଆନ୍ତି, ମୋର ଭବିଷ୍ୟତ ଘରଟି ତୁମ୍ଭର ଗୋଟିଏ ସଂକ୍ଷିପ୍ତ ବିଶ୍ୱରୂପ ହେବ । ତୁମ୍ଭେ ତ ଗୃହରୂପରେ ସ୍ୱଇଚ୍ଛାରେ ଆସୁଅଛ, ତୁମ୍ଭକୁ ଆଉ ଆବାହନ କଅଣ କରିବି ପ୍ରଭୁ ! ଦାତା ପାଖରେ ଭିକ୍ଷା ଅସୁନ୍ଦର । ଦାନୋଦ୍ୟତ ଦାତା ପାଖରେ ଭିକ୍ଷା ମାଗିଲେ ସେଥିରେ ଦାତାପ୍ରତି ଅବିଶ୍ୱାସ ଏବଂ ଦାନର ଅବମାନନା ହୁଏ । ଯନ୍ତ୍ରୀ ତୁମ୍ଭେ, ଯନ୍ତ୍ର ବି ତୁମ୍ଭେ । ତୁମ୍ଭେ ତୁମ୍ଭରିଦ୍ୱାରା ତୁମ୍ଭକୁ ପ୍ରସ୍ତୁତ କରିବ । ମୁଁ ଖାଲିହାତରେ ଆସିଥିଲି, ଖାଲି-ହାତରେ ଫେରିଯିବି, ନିଜର ସ୍ୱତ୍ୱରକ୍ଷା ପାଇଁ ଖଣ୍ଡେ କାତୁଆ ଖିଲା ବି ମୁଁ ପୋତି ନାହିଁ—ବାସ୍ତୁଦେବତା ରୂପରେ ତୁମ୍ଭେ ମୋର ସ୍ୱତ୍ୱରକ୍ଷା କରିବ—ସ୍ୱତ୍ୱର ଚିହ୍ନ ହୋଇ ରହିବ । ତୁମ୍ଭେ ମୋର ସବୁ—"ତ୍ୱମେବ ସର୍ବଂ ମମ ଦେବ ଦେବ ।" ହେ ବାସ୍ତୁଦେବତାରୂପୀ ପ୍ରଭୁ, ଅକିଞ୍ଚନର ଅନ୍ୟ କିଛି ପ୍ରାର୍ଥନା ନାହିଁ, କେବଳ ଏତିକି—

"ତ୍ୱମେକଂ ସ୍ମରାମ ତ୍ୱମେକଂ ଜପାମ,
ତ୍ୱମେକଂ ଜଗତ୍, ସାକ୍ଷିରୂପଂ ନମାମ ।
ସଦେକଂ ନିଧାନଂ ନିରାଲମ୍ବମୀଶଂ,
ଭବାମ୍ଭୋଧି ପୋତଂ ଶରଣ୍ୟଂ ବ୍ରଜାମ ।"

ମନୁଷ୍ୟର ଭାବନା ଅଦୃଶ୍ୟରେ ସୂକ୍ଷ୍ମରୂପ ଧରି ଯାଏ, ପରେ ଅର୍ଥ ଓ ପୁରୁଷାର୍ଥ ଦ୍ୱାରା ସେହି ସୂକ୍ଷ୍ମ-ରୂପ ସ୍ଥୂଳରେ ପରିଣତ ହୋଇ ଦୃଶ୍ୟ ଜଗତର ପଦାର୍ଥ ରୂପରେ ପ୍ରକାଶ ପାଏ । କଳ୍ପନାକୁ ସୂକ୍ଷ୍ମରୂପ ଧରିବାକୁ ସମୟ ଲାଗେ ନାହିଁ—କଳ୍ପନା ସଙ୍ଗେ ସଙ୍ଗେ ରୂପ ଗଠିତ ହୋଇଯାଏ । ଘର ତୋଳିବା ବାସନା ମୋ ମନରେ ଉଦୟ ହେବାମାତ୍ରେ ସେ ସୂକ୍ଷ୍ମରୂପ ଧରିଅଛି, କଳ୍ପନା ଭିତରେ ସେ ରୂପ ଅଙ୍କିତ ହୋଇଯାଇଅଛି ଏବଂ ମୁଁ ମଧ୍ୟ ତାହା କଳ୍ପନା ନେତ୍ରରେ ଦେଖିଅଛି । ଅର୍ଥ, ପରିଶ୍ରମ ଦ୍ୱାରା ଏଣିକି ସେ ସାକାର ସ୍ଥୂଳରୂପ ଧରିବ । ସେହି ମୋର ବାସ୍ତୁଦେବତା—ସେହି ମୋର ତୁମ୍ଭେ । କଳ୍ପନା ତୁମ୍ଭେ, ସୂକ୍ଷ୍ମ ଅଦୃଶ୍ୟରୂପ ତୁମ୍ଭେ, ଅର୍ଥ ପୁରୁଷାର୍ଥ ତୁମ୍ଭେ— ସ୍ଥୂଳବାସ୍ତୁଦେବତା ବି ତୁମ୍ଭେ । ସବୁବେଳେ ତୁମ୍ଭର ସେହି ସଂକ୍ଷିପ୍ତ ବିଶ୍ୱରୂପ ଦେଖିବି— ତୁମ୍ଭର ଏ ଦୟା-ଗୌରବରେ ମୁଁ ଆଜି ତୃପ୍ତ ହୋଇ

ଉଠିଛି ପ୍ରଭୁ ! ଏ ଆନନ୍ଦ ସ୍ୱର୍ଗର ଦୁର୍ଲଭ ପଦାର୍ଥ ହରି ! ଏ ଆନନ୍ଦ ତୁଳନାରେ ମୁକ୍ତିର ମୂଲ୍ୟ କେତେ ଭଗବାନ ! ମୁକ୍ତି ପାଇଥିଲେ ଏ ଅମୂଲ୍ୟ ଆନନ୍ଦ ତାଙ୍କୁ ମିଳନ୍ତା ଦୟାମୟ ! ଏହା ଉପରେ ଆହୁରି ପ୍ରଚୁର ଉଲ୍ଲାସ ଅଛି । ଲେଖୁ ଲେଖୁ ଝିଅ, ନାତୁଣୀଗୁଡ଼ିକ ଆସି ବାଧା ଦେଉଅଛନ୍ତି । ସେ ବାଧା ବଡ଼ ମଧୁର—ବଡ଼ ଲୋଭନୀୟ । ତୁମ୍ଭେ ମୋର ପିଲାଗୁଡ଼ିକଙ୍କ ରୂପ ଧରି ଆସିଛ ବୋଲି ମଣି ମୁଁ ଲେଖା ଛାଡ଼ି ଉଠିଯାଇ ତାଙ୍କ ପରିଚର୍ଯ୍ୟା ଛଳରେ ତୁମ୍ଭଙ୍କୁହିଁ ସନ୍ତୁଷ୍ଟ କରୁଅଛି । ଏହା ତୁମ୍ଭଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଏବଂ ତୁମ୍ଭ ସଙ୍ଗେ ସାକ୍ଷାତ୍ ଲୀଳାଖେଳା ନୁହେଁ କି ? ମୋର ଏ ଧାରଣା ସତ୍ୟ କି ପିଲାଖେଳ—ତାହା ମୁଁ ଜାଣେ ନାହିଁ । କିନ୍ତୁ ସେହି ପିଲା ଖେଳରେ ମୋର ବାଞ୍ଛିତ ଆନନ୍ଦ ଥାଏ । ସେ ଆନନ୍ଦ ଅମୃତଠାରୁ ମଧୁର । ତୁମ୍ଭେ ପରା ଶିଶୁନାରାୟଣ ଦୟାମୟ ! ତୁମ୍ଭେ ଦୟା କରି ମୋତେ ଶିଶୁରୂପରେ ଦେଖାଦେଉଅଛ, ତୁମ୍ଭର ଏ ମହାଦୟାର ପଟାନ୍ତର ନାହିଁ । ତୁମ୍ଭର ଏହି ବାଳବସ୍ତୁ ମୂର୍ତ୍ତିକୁ ଏବଂ ଏହି ଅପୂର୍ବ ଅଯାଚିତ ଦୟାକୁ କୋଟି କୋଟି ନମସ୍କାର । ଏଣିକି ତୁମ୍ଭର ସୃଷ୍ଟ ଉପସୃଷ୍ଟ ସମସ୍ତଙ୍କୁ ତୁମ୍ଭର ପ୍ରତିମୂର୍ତ୍ତି ବୋଲି ଜ୍ଞାନ କରିବି—ଏହି ମହତ୍ ଶିକ୍ଷା, ଏହି ମଙ୍ଗଳ ଉପଦେଶ ପ୍ରଦାନ କର ପ୍ରଭୁ ! ମୁଁ ସାଧକ ନୁହେଁ, ସାଧନା ଜାଣେ ନାହିଁ—ମୁଁ ବିଶ୍ୱାସବାଦୀ । ମୋର ବିଶ୍ୱାସ, ମୋର ଇଷ୍ଟଦେବତା ମୋର ପୁତ୍ରକନ୍ୟା ରୂପ ଧରି ଆସିଅଛନ୍ତି, ତାଙ୍କୁ ସେବାଯତ୍ନ କଲେ ଇଷ୍ଟ-ଦେବତାଙ୍କୁ ଆରାଧନା କଲା ପରି ହେବ—ତାଙ୍କୁ ଖୁଆଇଲେ ମୋର ଇଷ୍ଟଦେବତା ତୁମ୍ଭେ ସନ୍ତୁଷ୍ଟ ହେବ । ମୋର ଏ ବିଶ୍ୱାସକୁ ମିଥ୍ୟା ବୋଲି କହିଲେ ମୁଁ ଦୁଃଖିତ ହେବି ନାହିଁ । ଯେଉଁ ମିଥ୍ୟାରେ ବାଞ୍ଛିତ ଆନନ୍ଦ ଥାଏ, ସେ ମିଥ୍ୟା ଉପଭୋଗ୍ୟ; ସତ୍ୟଠାରୁ ତାହା ଉପାଦେୟ । ସାଧନ ଭଜନରେ ବାଧାକୁ ଯେ ଶତ୍ରୁ ଜ୍ଞାନ କରେ, ସେ ଜ୍ଞାନୀ ନୁହେଁ—ଅହଙ୍କାରୀ ଓ କ୍ରୋଧୀ । ତତ୍ତ୍ୱଜ୍ଞାନ ବା ଆତ୍ମଜ୍ଞାନ ତାକୁ ଛୁଇଁବାକୁ ଭୟ କରେ । ଯେଉଁ ବାଧା ଘଟିପଡ଼େ, ସେହି ବାଧା ରୂପରେ ତୁମ୍ଭେ ଆସିଅଛ ବୋଲି ବିଶ୍ୱାସ କଲେ ଦେହ-ମନ-ପ୍ରାଣ ଆନନ୍ଦମୟ ହୋଇଉଠେ । ଶିଶୁ-ପ୍ରେମରେ ହୃଦୟ ଆତ୍ମା ପୂରିଉଠେ; ଅସ୍ମିତା ସେହି ପ୍ରେମରେ ମିଳେଇଯାଏ । ହେ ସତ୍ୟଶିବସୁନ୍ଦର, ହେ ବାସ୍ତୁଦେବତାରୂପୀ ବିରାଟବ୍ରହ୍ମ, ତୁମ୍ଭଙ୍କୁ ନମସ୍କାର ।

---

# କର୍ମଫଳ

ମନୁଷ୍ୟ ଜନ୍ମଠାରୁ ମୃତ୍ୟୁଯାଏ ଯାହାସବୁ ବୁଝେଇ-ସୁଝେଇ କରେ, ତାହାକୁ କର୍ମ କହନ୍ତି । କର୍ମ ସମସ୍ତେ କରନ୍ତି । ଯାହାକୁ ଅଳସୁଆ ଖାଉଶୁଆ ବୋଲି କହନ୍ତି, ସେ ବି ଅକର୍ମା ନୁହେଁ—ସେହି ଖାଇବା ଶୋଇବା ତାହାର କର୍ମ । କର୍ମ ଦୁଇ ପ୍ରକାର—ସୁକର୍ମ ଓ ଦୁଷ୍କର୍ମ । ଯେ ଯେଉଁ କର୍ମ କରେ, ସେହି କର୍ମର ଫଳ ତାକୁ ଭୋଗ କରିବାକୁ ହୁଏ । ସେହି କର୍ମଫଳ ଭୋଗ କରିବା ପାଇଁ ମନୁଷ୍ୟ ସଂସାରକୁ ଯାତାୟାତ କରେ । ମନୁଷ୍ୟ ଖାଲି କର୍ମଫଳ ଭୋଗକରେ ନାହିଁ, କର୍ମ ବି କରେ । ଏକ ସଙ୍ଗରେ ଭୋଗ ଓ କର୍ମ ଉଭୟ ହୁଏ । କର୍ମ ସମସ୍ତଙ୍କୁ ସଂସାରକୁ ଆଣିଅଛି—ମନୁଷ୍ୟ ଗୋଡ଼ରେ ବେଡ଼ୀ ଦେଇ ରଖିଅଛି, ପୁଣି ଯଥାସମୟରେ ମନୁଷ୍ୟକୁ କୁଆଡ଼େ ନେଇଯିବ । ମୁଁ ମୋର କଥା କହେ । ମୋର କେତେକୋଟି ଜନ୍ମ ଗତ ହୋଇଅଛି, ତାହା କିଏ କହିବ ? କେତେ କୋଟି ଜନ୍ମର କେତେ କୋଟି କର୍ମଫଳ ଭୋଗ କରି କରି ଆସି ବର୍ତ୍ତମାନ ମନୁଷ୍ୟ ଜନ୍ମରେ ପହୁଞ୍ଚିଅଛି । ମୋର ଯେଉଁ ସତ୍ ଓ ଅସତ୍ କର୍ମ ସଞ୍ଚିତ ଅଛି, ସେଥିମଧ୍ୟରୁ କେତେକୋଟିର କର୍ମଫଳ ଭୋଗ କରିବା ପାଇଁ ମୋତେ ମନୁଷ୍ୟ ରୂପ ଧରିବାକୁ ହେବ । ପୁଣି ଜଘନ୍ୟ କର୍ମର ଫଳଭୋଗ ସକାଶେ ବୋଧହୁଏ କୀଟପତଙ୍ଗ ଜନ୍ମର ଆବଶ୍ୟକ ବି ହୋଇପାରେ । ଯେତେବେଳେ ମୁଁ କୀଟ ଜୀବ ପାଇଥିବି, କୀଟର ଖାଦ୍ୟ ମୋର ଖାଦ୍ୟ ହେବ—ମନୁଷ୍ୟଜନ୍ମର ଖାଦ୍ୟ ସକାଶେ ଅନୁତାପ ହେବ ନାହିଁ । ସେତେବେଳେ ପୂର୍ବ ମନୁଷ୍ୟଜନ୍ମର କଥା ଆଉ ମୋ ମନରେ ନ ଥିବ । ମନୁଷ୍ୟ ସଂସାରକୁ ଆସି ଯେତେବେଳେ ଯେଉଁ କର୍ମ କରେ, ତାହା ସବୁ ନିୟତିର ଖଡଡ

ପଞ୍ଜିକାରେ ଲେଖିହୋଇଯାଏ । ଯାହା ପରେ ଯେଉଁ କର୍ମ, ତାହା ସବୁ ଠିକ୍ ଧାରାବାହିକରୂପେ ଲେଖିହୋଇଯାଏ । ସେହିପରି କ୍ରମାନୁସାରେ କର୍ମଫଳ ଭୋଗ କରିବାକୁ ପଡ଼େ । ଫଳ ଭୋଗ କରୁ କରୁ ଯେଉଁସବୁ ନୂଆ କର୍ମ କରାହୁଏ, ତାହା ଉକ୍ତ ତାଲିକାରେ ଯୋଗ ହେଉଥାଏ । ମୋର କର୍ମଫଳ ମଧ୍ୟରୁ ବୃଷ ଜନ୍ମରେ କେତେଟା ଭୋଗ କରିବାକୁ ହେବ । ସେହି ଭୋଗ କାଳ ଯେତେ ବର୍ଷ ହେବ, ବୃଷ ଜନ୍ମରେ ମୋର ପରମାୟୁ ସେତେ ବର୍ଷ ହେବ , ଅର୍ଥାତ୍ ବୃଷଜନ୍ମରେ କର୍ମଫଳ ଭୋଗ ହେବାକୁ ଯେବେ ପଚିଶବର୍ଷ ଲାଗେ, ତେବେ ମୋର ବୃଷଜନ୍ମର ପରମାୟୁ ପଚିଶବର୍ଷ ହେବ । କର୍ମଫଳ ଶେଷ ସଙ୍ଗେ ସଙ୍ଗେ ଗୋଟିଏ ଜନ୍ମ ଶେଷ ହୋଇଯାଏ । ଅତଃପର ପୂର୍ବସଞ୍ଚିତ ଅନ୍ୟ କର୍ମଫଳ ଭୋଗ ସକାଶେ ମୋତେ ଅନ୍ୟ କିଛି ଜନ୍ମ ହେବାକୁ ପଡ଼ିବ । କର୍ମଫଳ ନ ସରିବାଯାଏ ଜନ୍ମର ଶେଷ ନାହିଁ । ଯଦି ସାଧକ କର୍ମଫଳ ଭୋଗ କରୁ କରୁ ଆତ୍ମଜ୍ଞାନ ବା ବ୍ରହ୍ମଜ୍ଞାନ ଲାଭ କରିପାରେ, ତେବେ ସଞ୍ଚିତ କର୍ମଫଳସବୁ ଧ୍ୱଂସ ହୋଇଯାଏ, ସୁତରାଂ ଆଉ ଜନ୍ମଗ୍ରହଣ କରିବାକୁ ପଡ଼େ ନାହିଁ । ସେତେବେଳେ ସେ ଜନ୍ମମରଣର ଅତୀତ ବିଶ୍ୱାତ୍ମାଙ୍କ ଶରୀରରେ ଲୀନ ହୋଇଯାଏ—ଏହାର ନାମ ନିର୍ବାଣ-ମୁକ୍ତି ବା ବ୍ରହ୍ମରେ ମିଳେଇଯିବା । ସାଧକର ସେ ଅସାଧାରଣ ସୌଭାଗ୍ୟ ସେହି ବ୍ରହ୍ମକୃପାସାପେକ୍ଷ ।

କର୍ମହିଁ ଜନ୍ମମରଣର ହେତୁ । କର୍ମ ମନୁଷ୍ୟକୁ ସୁଫଳ ବା କୁଫଳ ଦାନ କରେ, ପୁଣି ସେହି କର୍ମହିଁ କର୍ମୀକୁ ସୁପଥ ବା କୁପଥକୁ ଘେନିଯାଏ । ଯାହାକୁ ଅଦୃଷ୍ଟ ବୋଲି କହନ୍ତି, ତାହା ପୂର୍ବସଞ୍ଚିତ କର୍ମଫଳ ଛଡ଼ା ଆଉ କିଛି ନୁହେ । ଯେଉଁ କର୍ମର ଏତେ ଶକ୍ତି, ଯେ ଜୀବକୁ ଚକାବଣିରେ ବୁଲାଉଅଛି, ଏ ବିଶ୍ୱସୃଷ୍ଟିର ସ୍ଥିତି, ପୁଷ୍ଟି, ଧ୍ୱଂସ ଯାହା ଉପରେ ନିର୍ଭର, ସେ କର୍ମ କିଏ କରାଏ ? ବ୍ରହ୍ମ ତ କର୍ମଶୂନ୍ୟ, ତାଙ୍କ ସୃଷ୍ଟଜୀବକୁ ସେ କଅଣ କର୍ମ କରନ୍ତି ? ମଝିରେ ମାୟାକୁ ରଖିଦେଇ ସେ ତ ଅଲଗା ହୋଇ ରହିଅଛନ୍ତି । ମାୟା ଜଗତ୍ ସୃଷ୍ଟି କରେ—ମାୟା ନାନା ଖେଳ ଖେଳେ, ରହସ୍ୟମୟୀର ସେହି ଖେଳହିଁ କର୍ମ, ସୁତରାଂ ମାୟା କର୍ମ କରାଏ । ଜୀବ ମାୟାରେ ମୋହିତ ହୋଇ କର୍ମ କରେ । ନାନାପ୍ରକାର ବାସନା, କାମନା ଆଣି ମାୟା ଜୀବ ଦେହରେ ପୂରାଇଦିଏ । ସେଗୁଡ଼ିକ ଚରିତାର୍ଥ କରିବା ପାଇଁ ଜୀବ କର୍ମର ଆଶ୍ରୟ ନିଏ । କାମନାଶୂନ୍ୟ ହୋଇ କେବଳ ଯନ୍ତ୍ରଚାଳିତ ପରି ଯେଉଁ କର୍ମ କରାହୁଏ, ସେହି କାର୍ଯ୍ୟ ସାଧକପ୍ରାଣରେ ପରମ ଲୋଭନୀୟ ଓ ଲାଭଜନକ । ସେ କର୍ମ ପାଇଁ ଆତ୍ମଜ୍ଞାନ ଦରକାର । ଆତ୍ମଜ୍ଞାନ ଅର୍ଥ ଆପଣାକୁ ଚିହ୍ନିବା । ଅଣୁଠାରୁ ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ସବୁଥିରେ ବ୍ରହ୍ମସତ୍ତା ଅଛି, ସୁତରାଂ ମୁଁ ମଧ୍ୟ ସେହି ବ୍ରହ୍ମ—ମନରେ ଏହି ଧାରଣା ହେଲେ ସାଧକ ଜଗତର ସମସ୍ତ ପଦାର୍ଥକୁ ବ୍ରହ୍ମ ପରି ଏବଂ ନିଜ ପରି ମଣିବ; ସାମ୍ୟ ଭାବରେ ତାହାର ପ୍ରାଣ ଆତ୍ମା ପୂରିଉଠିବ; ସେତେବେଳେ ସେ ସ୍ୱର-ଅତେ ନିଜ ଛଡ଼ା ଆଉ କିଛି ଦେଖିବ ନାହିଁ; ସବୁ ବ୍ରହ୍ମମୟ, ସବୁ ଆତ୍ମମୟ ମଣିବ ।

ଯେଉଁ ସାଧକର ଏହିପରି ଅବସ୍ଥା ହୁଏ, ସେ ଭାଗ୍ୟଧର । ସେ ନିଜ ପାଇଁ କର୍ମ କରେ ନାହିଁ କି ଜଗତ ପାଇଁ କରେ ନାହିଁ, ସେ କର୍ମ ପାଇଁ କର୍ମ କରେ । ତାହାର ସାଧନା ଶୁଷ୍କ-ବୈରାଗ୍ୟ ନୁହେ କିମ୍ବା ଆତ୍ମପୀଡ଼ା ନୁହେ, ତାହାର ସାଧନା ଆନନ୍ଦମୟ ଏବଂ କର୍ମମୟ । ଜଗତ କର୍ମଭୂମିରେ କର୍ମ ଏକା ଦେବତା, ଏଠାରେ କର୍ମର ପୂଜା କରିବାକୁ ହେବ, ଏହି ଜ୍ଞାନରେ ସେ କର୍ମ କରେ; କିନ୍ତୁ କାହିଁକି କରେ, ତାହା ସେ ଜାଣେ ନାହିଁ । ବସନ୍ତ ଆସିଲେ କୋକିଲ ରାବେ; ମାତ୍ର କାହିଁକି ରାବେ ତାହା କି ସେ ଜାଣେ ? ସ୍ୱର ଅନାୟାସରେ କଣ୍ଠରୁ ବାହାରିପଡ଼େ । ସେହିପରି ନିଷ୍କାମ କର୍ମୀ ଦେହରୁ କାଳେ କାଳେ କର୍ମ ବାହାରିପଡ଼େ । କୋକିଲର ସ୍ୱରରେ କର୍ମ ହୁଏ, ଜଗତ ଆନନ୍ଦିତ ହୁଏ । ସେହିପରି ସତ୍ତ୍ୱଗୁଣୀ ସାଧକର କର୍ମରେ ବିଶ୍ୱ-ବ୍ରହ୍ମାଣ୍ଡର ମହୋପକାର ସାଧିତ ହୁଏ; କିନ୍ତୁ ତାହାର କର୍ମଫଳ ଭୋଗ କରିବାକୁ କିଛି ନ ଥାଏ, ସେ ଚିର-ମୁକ୍ତ ଓ ଜୀବନ୍ମୁକ୍ତ । ଏ ସମ୍ବନ୍ଧରେ ଗୋଟାଏ କଥା ଅଛି । ଜଣେ ଧନୀ ଓ ଜଣେ ଗରିବକୁ ଆତ୍ମ-

ଶେଷ ପରେ ପାପପୁଣ୍ୟର ବିଚାର ସଭାରେ ଧର୍ମରାଜଙ୍କଠାରୁ ଡକରା ହେଲା । ଧର୍ମରାଜ ସେ ଦୁହିଁଙ୍କୁ ପୃଥିବୀରେ କି କି କାର୍ଯ୍ୟ କରିଅଛ ବୋଲି ପଚାରିଲେ । ଧନୀ କହିଲା, "ମୋର ପୁଣ୍ୟର ଅନ୍ତ ନାହିଁ । ଜଳାଭାବ ସ୍ଥାନରେ ମୁଁ ଅନେକ କୂପ ପୁଷ୍କରିଣୀ ଖୋଳାଇଦେଇଅଛି, ମନ୍ଦିର ତୋଳାଇ ଦେବତା ପ୍ରତିଷ୍ଠା କରିଅଛି, ଶାସନ ବସାଇ ଅନେକ ବ୍ରାହ୍ମଣଙ୍କୁ ବୃତ୍ତି ଛାଡ଼ିଦେଇ ଧର୍ମଚର୍ଚ୍ଚାର ସୁବିଧା କରିଦେଇଅଛି ଏବଂ ବିଦ୍ୟାଳୟ, ଚିକିତ୍ସାଳୟ କେତେ ସ୍ଥାପନ କରିଅଛି, ତାହାର ସଂଖ୍ୟା ନାହିଁ । ଅତିଥି-ସତ୍କାରରେ ମୋର ନାମ ଦେଶବିଖ୍ୟାତ ।" ଦରିଦ୍ର କହିଲା, "ଧର୍ମରାଜ ! ମୋର କର୍ମ କିଛି ନାହିଁ । ମୋତେ ଯେ ପଠାଇଥିଲେ, ସେ ମୋଦ୍ୱାରା କି କର୍ମ କରାଇ ନେଇଅଛନ୍ତି, ତାହା ସେ ଜାଣନ୍ତି; ମାତ୍ର ମୁଁ ମୋର କର୍ମ କିଛି ଦେଖିପାରୁ ନାହିଁ । ଯଦି କିଛି କରିଥିବି ତେବେ ମୋ ପାଇଁ କରିଥିବି । ଜଗତ ପାଇଁ କିଛି କରିଥିବାର ସ୍ମରଣ ହେଉ ନାହିଁ କିମ୍ବା ବିଶ୍ୱାସ ମଧ୍ୟ ହେଉ ନାହିଁ । କର୍ମକର୍ତ୍ତା ମୁଁ ନୁହେଁ, ଭଗବାନ; ସେ ନାନାରୂପ ଧରି କର୍ମ କରନ୍ତି । ମୁଁ ବୋଲି କେହି ନାହିଁ, ତାହା ଗୋଟାଏ ଫମ୍ପା ଶବ୍ଦ ।" ଧର୍ମରାଜ କହିଲେ, "ଏହି ଦ୍ୱିତୀୟ ବ୍ୟକ୍ତି ପ୍ରକୃତ ଧାର୍ମିକ । ତାହାର ଆତ୍ମଜ୍ଞାନ ଜନ୍ମିଅଛି । ସେ ଊର୍ଦ୍ଧ୍ୱଲୋକର ଅଧିକାରୀ; ମାତ୍ର ପ୍ରଥମ ବ୍ୟକ୍ତିର ଅହଙ୍କାର ଲୋପ ହୋଇ ନାହିଁ, ତାହାର କର୍ମ ପ୍ରକୃତ କର୍ମ ନୁହେଁ ।" ଏହା କହି ଦରିଦ୍ରକୁ ସ୍ୱର୍ଗକୁ ପଠାଇଲେ ଏବଂ ଧନୀକୁ ଅହଙ୍କାର ଧ୍ୱଂସ କରିବା ପାଇଁ ପୁନର୍ଜନ୍ମ ଦେଇ ପୁଣି ସଂସାରକୁ ପଠାଇଲେ । ଅହଙ୍କାରୀର କର୍ମ ବୃଥା ହେଲା ।

---

## ଚିହ୍ନିବି କିପରି ହରି ?

ପ୍ରଭୁ ! ତୁମ୍ଭେ ଅଜ୍ଞେୟ, ଅଧ୍ୟେୟ, ଅଚିନ୍ତ୍ୟ ଓ ଅକଳ୍ପ୍ୟ; ତୁମ୍ଭଙ୍କୁ ଚିହ୍ନିବି କିପରି ? ନିଜକୁ ଚିହ୍ନିଲେ ତୁମ୍ଭଙ୍କୁ ଚିହ୍ନିପାରନ୍ତି; ମାତ୍ର ନିଜକୁ ଚିହ୍ନିବା ଅସମ୍ଭବ । ଜ୍ଞାନ, ବୁଦ୍ଧି, ବିବେକ ତୁମ୍ଭଙ୍କୁ ଚିହ୍ନି ନ ପାରି ବଣା ହୋଇଯାଏ । ତୁମ୍ଭଙ୍କୁ ଚିହ୍ନିବାର ଅନ୍ୟ ଉପାୟ ନାହିଁ; କେବଳ ଏତିକି ବୋଲିଯାଇପାରେ ଯେ, ତୁମ୍ଭେ ଯାହାକୁ ବିଶେଷ ଦୟା କର, ସେହି ଏକା ତୁମ୍ଭଙ୍କୁ ଚିହ୍ନି ପାରେ । ଏଥିଦ୍ୱାରା ମୁଁ ତୁମ୍ଭଙ୍କୁ ପକ୍ଷପାତ ଦୋଷରେ ଦୂଷିତ କରି ଚିହ୍ନ କରୁ ନାହିଁ ହରି ! ସମସ୍ତଙ୍କ ପ୍ରତି ତୁମ୍ଭର ସମାନ ଦୟା; ମାତ୍ର ଏହା ନିର୍ମଳ ସତ୍ୟ ଯେ, ଅଧମ ଦେଖିଲେ ତୁମ୍ଭେ ଅଧିକ ଦୟାକର । ଦୁର୍ବଳକୁ ହାତ ଧରି ନିଅନ୍ତି; ମାତ୍ର ଅକ୍ଷମକୁ ଟେକିନେବାକୁ ହୁଏ । ହାତ ଧରି ନେବାଠାରୁ ଟେକିନେବା କି ଅଧିକ ଦୟା ନୁହେଁ ପ୍ରଭୁ ? ଯେ ଏକାନ୍ତ ଅକ୍ଷମ, ତାହା ଉପରେ ତୁମ୍ଭର ଦୟା ଶ୍ରାବଣ ଧାରାରେ ବର୍ଷା ହୁଏ—ଏ କଥା ସ୍ୱୟଂ ତୁମ୍ଭେ ବି ଅସ୍ୱୀକାର କରିପାରିବ ନାହିଁ । ସେଥିପାଇଁ କହୁଅଛି, ଯାହା ପ୍ରତି ତୁମ୍ଭର ଅଧିକ ଦୟା, ସେ ତୁମ୍ଭଙ୍କୁ ଚିହ୍ନିପାରେ । ତୁମ୍ଭେ ମୋ ଭିତରେ ଅଛ, ପୁଣି ଅତି କ୍ଷୁଦ୍ର ରେଣୁ ଭିତରେ ବି ଅଛ, ଏଥିରେ ତୁମ୍ଭଙ୍କୁ ଚିହ୍ନିବି କିପରି ? ବିଶେଷତଃ 'ମୁଁ ତୁ'ର ପ୍ରଭେଦ ମୋର ଯାଇ ନାହିଁ । ଏହି ତ କଥା କହୁ କହୁ ମୋତେ ମୁଁ ସ୍ୱତନ୍ତ୍ର ଜ୍ଞାନ କରୁଅଛି । ମୁଁ ଆଉ ତୁ ଏକ ପଦାର୍ଥ ହେଲେ ସୁଦ୍ଧା ମୁଁ ତୁ ସଙ୍ଗରେ ମିଶୁ ନାହିଁ—ମିଶିଗଲେ ଚିହ୍ନିପାରନ୍ତି । ମୋତେ ଯେବେ ମୁଁ ଚିହ୍ନିପାରନ୍ତି, ତେବେ ମୋର ଏ ଦୁର୍ଦ୍ଦଶା ହୁଅନ୍ତା କାହିଁକି ? ସ୍ଥିର ଆହେ ଯାହାସବୁ ଦେଖୁଅଛି, ତାହା ତ ତୁମ୍ଭର ମୂର୍ତ୍ତି, ଅଥଚ ତୁମ୍ଭେ ପୁଣି ଏକ ଅଦ୍ୱିତୀୟ । ଅସଂଖ୍ୟକୁ ଏକ ବୋଲି କହିବି କିପରି ମାୟାମୟ ? ତୁମ୍ଭଙ୍କୁ ଚିହ୍ନିଥିଲା ଅର୍ଜ୍ଜୁନ, ତାକୁ ତୁମ୍ଭେ ତୁମ୍ଭର ବିରାଟ ବିଶ୍ୱରୂପ ଦେଖାଇଥିଲ । ଆଉ ପ୍ରହ୍ଲାଦକୁ ନୃସିଂହରୂପରେ ଦେଖାଦେଇଥିଲ—ସେ ତୁମ୍ଭଙ୍କୁ ଚିହ୍ନିଥିଲା । ଧ୍ରୁବକୁ ତାହାର କଳ୍ପିତରୂପରେ ଦେଖାଦେଇଥିଲ, ସେ ତୁମ୍ଭଙ୍କୁ ଚିହ୍ନିଥିଲା; କିନ୍ତୁ ସେମାନଙ୍କ ସଙ୍ଗରେ ମୋର ତୁଳନା ଅସ୍ତିତ୍ୱ ସଙ୍ଗରେ ନାସ୍ତିତ୍ୱର ତୁଳନା ପରି ! ସେମାନଙ୍କର ସାଧନା, ନିଷ୍ଠା, ଏକାଗ୍ରତା, ବିଶ୍ୱାସ ମୋତେ ସ୍ୱପ୍ନରେ ବି ସ୍ପର୍ଶ କରିବ ନାହିଁ, ତାହା କଳ୍ପନା କଲେ ଲଜ୍ଜାରେ ମୋର ଦେହ ଶୀତେଇଉଠେ, ମୁଁ ଆତ୍ମଗ୍ଲାନିରେ ଅଧୋବଦନ ହୁଏ । ତୁମ୍ଭେ ମୋର ଅସ୍ଥିରେ ଅଛ—ମାଂସରେ ଅଛ—ରକ୍ତରେ

ଅଛ—ବିଶ୍ୱପ୍ରକୃତିରେ ଅଛ—ନିଃଶ୍ୱାସପ୍ରଶ୍ୱାସ ବାୟୁରେ ଅଛ—ସର୍ବଶରୀରରେ ବ୍ୟାପିରହିଅଛ, ତଥାପି ମୁଁ ବୁଝିଲି ନାହିଁ ଯେ, ମୁଁ ଯେ ତୁମ୍ଭେ ସେ । ତୁମ୍ଭେ ଜନ୍ମ ଦେଲ, ଚାଲିବାକୁ ଶିଖାଇଲ, କଥା କହିବାକୁ ଶିଖାଇଲ, ବୁଦ୍ଧି ଦେଲ, ଜ୍ଞାନ ଦେଲ, ଶକ୍ତି ଦେଲ, ବଢାଇଲ, ସବୁ କଲ—ତେବେ ବି ମୁଁ ତୁମ୍ଭଙ୍କୁ ଚିହ୍ନିପାରିଲି ନାହିଁ । ଏହାଠାରୁ ବଳି ମୂଢତା, ଦୁର୍ଭାଗ୍ୟ ଆଉ କଅଣ ହୋଇପାରେ ଦୟାମୟ ? ବଡ଼ ଦୁଃଖରେ ଆଉ ଗୋଟିଏ କଥା କହିବାକୁ ସାହସୀ ହେଉଅଛି ପ୍ରଭୁ ! ତୁମ୍ଭର ଅତୁଳ ଦୟା ମୋର ଜୀବନ ମାଟି କରିଅଛି । ତୁମ୍ଭେ ମୋର ସବୁ, ତୁମ୍ଭ ଛଡ଼ା ମୋର ମୁଁ ଖଣ୍ଡେ କ୍ଷଣେମାତ୍ର ବଞ୍ଚିପାରିବି ନାହିଁ ; ଅଥଚ ଅନ୍ତର୍ଯାମୀର ବିଷୟ, ମୁଁ ତୁମ୍ଭଙ୍କୁ ଚିହ୍ନିପାରୁ ନାହିଁ । ମୋର ଏ ଅକ୍ଷମଣୀୟ ଅପରାଧର ଦଣ୍ଡ ତୁମ୍ଭେ ଦିଅ କି ନାହିଁ ? ତୁମ୍ଭେ ତାହା ଉଦାରତାରେ କ୍ଷମାକର । ତୁମ୍ଭେ ଦୟାକର; କିନ୍ତୁ ସେଥିରେ ମୋର ମଙ୍ଗଳ ବଢିଯାଏ । ମୂଢର ଶିକ୍ଷା ଦଣ୍ଡରେ ହୁଏ । ତୁମ୍ଭେ ଦୟା ଗୁଣରେ ମୋର ଅପରାଧ କ୍ଷମାକର;କିନ୍ତୁ ମୋର ଧାରଣା ବିପରୀତ ହୁଏ । ଦଣ୍ଡ ନ ପାଇ ମୁଁ ମନେ କରେ—ମୋପରି ଦଣ୍ଡଦାତା କେହି ନାହିଁ, ମୋର ଏ ଅଧୋଗତି ତୁମ୍ଭର ଦୟାରୁ ହୁଏ । ଓଃ, କେତେ କଥାଟାଏ କହିପକାଇଲି ପ୍ରଭୁ ! ନିଜେ ଅପରାଧ କରି ତୁମ୍ଭର ଉପରେ ଲଦିଦେଲି । ଅନ୍ତରର ବ୍ୟଥା, ଆବେଗ ତୁମ୍ଭେ ତ ଜାଣ ଅନ୍ତର୍ଯାମୀ ! ଅଧିକ କଅଣ କହିବି ? ଯେବେ ଦଣ୍ଡ ଦେବା ତୁମ୍ଭର ସ୍ୱଭାବବିରୁଦ୍ଧ, ତେବେ ଆହୁରି ଅଧିକ ଦୟାକରି ଅଧମକୁ ଚିହ୍ନାଇଦିଅ । ତୁମ୍ଭେ ମୋର ସକଳ ଅପରାଧ କ୍ଷମା କରୁଅଛ, ତୁମ୍ଭଙ୍କୁ ନ ଚିହ୍ନିବାର ଅପରାଧ ମଧ୍ୟ ସେହିପରି କ୍ଷମା କରିବ, ଏହି ବିଶ୍ୱାସରେ ମୁଁ ନିଶ୍ଚିନ୍ତ, ନିର୍ବିକାର ଓ ନିର୍ଭୟ ଅଛି । ତଥାପି ସେହି କ୍ଷମାଦାତାଙ୍କୁ ନ ଚିହ୍ନିଲେ ମନୁଷ୍ୟଜନ୍ମର ସାର୍ଥକତା କାହିଁ ହେବ ? ତୁମ୍ଭେ ଯାହା କର ଇଚ୍ଛାମୟ, କିନ୍ତୁ ଅତିଛୋଟା ଭାବରେ ତୁମ୍ଭଙ୍କୁ ପୂଜା କରୁଅଛି—ମୋର ଏ ପୂଜା ଗ୍ରହଣ କର । ଷୋଡ଼ଶ ଉପଚାର ମୋର ନାହିଁ ; ତେଣୁ ଭକ୍ତି,ପ୍ରୀତି,ସ୍ନେହ, ପ୍ରେମ, ଶ୍ରଦ୍ଧା,ବିନୟ, ଇନ୍ଦ୍ରିୟ, ମନ, ପ୍ରାଣ, ହୃଦୟ, ଆତ୍ମା, ଜ୍ଞାନ, ବୁଦ୍ଧି, ଦୁର୍ମତି, ପାପ, ପ୍ରକୃତି—ଏହିସବୁକୁ ଷୋଡ଼ଶୋପଚାର-ସ୍ୱରୂପ ସମର୍ପଣ କଲି । ଏଥିମଧ୍ୟରୁ ପୂଜାର ଯଥାଯୋଗ୍ୟ ଉପଚାର ବାଛିନିଅ ପ୍ରଭୁ ! ପୂଜା ପରେ ସାଷ୍ଟାଙ୍ଗ ପ୍ରଣାମ କରି ପୂଜାର ଫଳସ୍ୱରୂପ ତୁମ୍ଭଙ୍କୁ ଚିହ୍ନିବାର ଶକ୍ତି ଦିଅ, ଏତିକି ପ୍ରାର୍ଥନା ।

ତୁମ୍ଭଙ୍କୁ ଅଛପା ଅଛି କେଉଁ କଥା,
ନ ଜାଣ କି ହୃଦ ଅନ୍ତରର ବ୍ୟଥା ?
କିସ ବା ଯତ୍ନରେ ଜଣାଇବି କେଶୀ,
ଚିହ୍ନାଇଦିଅ ଦାସେ ପ୍ରଭୁ ଛଦ୍ମବେଶୀ !

---

# ଜପ, ସ୍ତୁତି ଓ ଧ୍ୟାନ

ଜପ ଓ ସ୍ତୁତି ଉଭୟେ ଧ୍ୟାନସାପେକ୍ଷ । ଜପ କର ବା ସ୍ତୁତି କର, ତତ୍‌ପୂର୍ବରୁ ଇଷ୍ଟଦେବତାଙ୍କୁ ଧ୍ୟାନ କରିବାକୁ ହେବ । ଯେଉଁ ନାମ ବା ମନ୍ତ୍ର ଜପ କରିବ, ସେହି ନାମ ବା ମନ୍ତ୍ରର ଅର୍ଥ ଓ ଶକ୍ତି ବୁଝି ଜପ କରିବ । ଧ୍ୟାନ ମନ୍ତ୍ରର ରୂପାନ୍ତର ଘଟେ । ଇଷ୍ଟ-ମୂର୍ତ୍ତିର ଧ୍ୟାନ କରୁ କରୁ ସେ ନାନାରୂପ ଧାରଣ କରେ । କେତେବେଳେ ଦେବତା ମୂର୍ତ୍ତି, କେତେ-ବେଳେ ବିକଟ ମୂର୍ତ୍ତି, କେତେବେଳେ କୁତ୍ସିତ ମୂର୍ତ୍ତି, କେତେବେଳେ ବା ଅଦ୍ଭୁତ ଅସ୍ୱାଭାବିକ ମୂର୍ତ୍ତି—ଏହିପରି ନାନା ମୂର୍ତ୍ତି ମନ ଅଙ୍କିଯାଉଥାଏ । ତାହା ସବୁ ଲିଭାଇ ପ୍ରକୃତ ଇଷ୍ଟଦେବତାଙ୍କ ମୂର୍ତ୍ତି କଳ୍ପନା କରି ସେ ସ୍ଥାନରେ ବସାଇବା ସହଜ କଥା ନୁହେ । ଥରକୁ ଥର ଆଣି ବସାଇଲେ ସୁଦ୍ଧା ସେ ଅଦୃଶ୍ୟ ହୋଇଯାଏ । ନାନାପ୍ରକାର ଅବାଞ୍ଛିତ ରୂପ ଭାସିଉଠି ଜଳ ବୁଦ୍‌ବୁଦ ପରି କୁଆଡ଼େ ମିଳାଇଯାଉଥାଏ । ତାହା ଗୋଟାଏ ବିରକ୍ତିକର ଅପୂର୍ବ ଅଭିନୟ ପରି ବୋଧହୁଏ ; ମାତ୍ର ବିରକ୍ତ ହେବା ଉଚିତ ନୁହେ । ଯେଉଁ ରୂପ ଦେଖା-ଯାଉ, ତାକୁ ଇଷ୍ଟଦେବତାଙ୍କ ରୂପ ବୋଲି ଜ୍ଞାନ କରିବ । ସମୟ ସମୟରେ ନିଜର ମୂର୍ତ୍ତି ମଧ୍ୟ ଦେଖାଯିବ । କେତେବେଳେ ଆନନ୍ଦରେ ଅଧୀର ହୋଇ କହିବ—"ହେ ଭଗବାନ, ତୁମ୍ଭେ ପରା ମୋ

ମନ ବଞ୍ଚିବା ପାଇଁ ଏ ଲୀଳା ଲଗାଇଅଛ । କେତେ ପରୀକ୍ଷା କର ଲୀଳାମୟ, ତୁମ୍ଭର ଇଚ୍ଛା; ମାତ୍ର ମୋତେ ଯେଉଁ ରୂପ ଦେଖାଇବ, ମୁଁ ତାକୁ ତୁମ୍ଭର ରୂପ ବୋଲି ମଣି ଭକ୍ତିପୂଜା କରିବି । ଘୃଣ୍ୟରୂପ ଦେଖାଇଲେ ବି ଘୃଣା କରିବି ନାହିଁ—ଅଧିକନ୍ତୁ ଶତଗୁଣ ଶ୍ରଦ୍ଧା କରିବି । ତୁମ୍ଭର ଏହା ଛଳନା ବା ଶାସନ ନୁହେଁ—ଏହା ତୁମ୍ଭର ବିଶୁଦ୍ଧ ପିତୃସ୍ନେହ । ତୁମ୍ଭେ ମୋତେ ସ୍ନେହ କର ବୋଲି ଏତେ ରୂପରେ ଦେଖାଦେଉଅଛ, ନଚେତ୍ ମୂଳରୁ ଦେଖା ବି ଦିଅନ୍ତ ନାହିଁ । ତୁମ୍ଭେ ବିଶ୍ୱପିତା, ତୁମ୍ଭେ ପରମ ପିତା, ତୁମ୍ଭେ ଅଦ୍ୱିତୀୟ ପିତା । ଜନ୍ମଦାତା ପିତା କେହି ନୁହେଁ ପ୍ରଭୁ ! ସେ କିଛିଦିନ ଲାଳନପାଳନ କରେ—ସେଥିରେ ତାହାର ସ୍ୱାର୍ଥ ମଧ୍ୟ ଥାଏ । ପୁଅ ଶେଷକାଳକୁ ପୋଷିବ, ତାହାର ଏହି ଆକାଙ୍କ୍ଷା ଥାଏ; ମାତ୍ର ତୁମ୍ଭେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଲାଳନପାଳନ କର—ବିପଦ ବାଧାରୁ ସର୍ବଦା ରକ୍ଷାକର, ସେଥିରେ ତୁମ୍ଭର ସ୍ୱାର୍ଥର ଗନ୍ଧ ବି ନ ଥାଏ । ପିତା ଶାସନ କରେ; ମାତ୍ର ତୁମ୍ଭେ ଶାସନ ବଦଳରେ ସ୍ନେହ କର । କେବେ କାହାର ପିତୃତ୍ୱ ଅଧିକ ପ୍ରଭୁ ? ତୁମ୍ଭର ନା ଜନ୍ମଦାତା ପିତାର ? ତୁମ୍ଭର ପିତୃତ୍ୱ ଅଗାଧ, ଅସୀମ; ତୁମ୍ଭର ସ୍ନେହ ଅସୀମର ଅତୀତ । ଅସୀମର ସୀମା ଥାଇପାରେ—ସେହି ଅସୀମତା ଅସୀମର ସୀମା ହୋଇପାରେ; ମାତ୍ର ତୁମ୍ଭର, ତୁମ୍ଭ ସ୍ନେହର, ତୁମ୍ଭ ପିତୃତ୍ୱର, ତୁମ୍ଭ ଦୟାର କ୍ଷମାର, ମହିମାର ଶକ୍ତିର—ଆଉ ନିଖିଳ ଗୁଣର ସୀମା ନାହିଁ । ତୁମ୍ଭେ ପ୍ରେମମୟ, ପ୍ରେମରେ ସର୍ବଦା ପାଗଳ । ତୁମ୍ଭର ଏ ପରୀକ୍ଷା ମଧ୍ୟ ପ୍ରେମର ପାଗଳପଣିଆ । ସ୍ନେହଦାନ ତୁମ୍ଭର ଦଣ୍ଡଦାନ—ତୁମ୍ଭର ଶାସନ । ତୁମ୍ଭେ ଦଣ୍ଡଛଳରେ ସ୍ନେହ ଦାନ କର; ତୁମ୍ଭ ଦଣ୍ଡର ଅର୍ଥ—ସ୍ନେହ ଆଉ ପ୍ରେମ । ଭଗବାନଙ୍କ ଉଦ୍ଦେଶ୍ୟରେ ଏହିପରି କହି ଏହି ଭାବ ମନରେ ଧରିଲେ ସବୁ ମୂର୍ତ୍ତି ଲୁଅଡ଼େ ମିଳାଇଯିବ ଏବଂ ଆଖି ବୁଜିଲାକ୍ଷଣି ଇଷ୍ଟଦେବତାଙ୍କର ପ୍ରକୃତ ମୂର୍ତ୍ତି ସ୍ଥାୟୀ ଭାବରେ ଅଙ୍କିତ ହୋଇଯିବ—ଆଉ ତାହାର ପରିବର୍ତ୍ତନ ଘଟିବ ନାହିଁ ।

କେହି କେହି କହନ୍ତି—"ଜପରେ ମନ ଦେଲେ ଧ୍ୟାନ ଗୋଳମାଳ ହୋଇଯାଏ, ପୁଣି ଧ୍ୟାନରେ ମନ ଦେଲେ ଜପର ସଂଖ୍ୟା ଗୋଳମାଳ ହୋଇଯାଏ—ଏଥିକି ଉପାୟ କଅଣ ? ମନ ତ ଗୋଟାଏ, ସେ ଏକ ସମୟରେ ଦୁଇଜଣ ସାଆନ୍ତଙ୍କ ସେବା କିପରି କରିବ ?" ଏ କଥାର ଉତ୍ତର ଏହି ଯେ, ଜପର ସଂଖ୍ୟା ଗୋଳମାଳ ହେଉପଛେ; ମାତ୍ର ଧ୍ୟାନ ଅଟୁଟ ରଖିବାକୁ ହେବ । ଅଧିକ ଜପ କଲେ ଅଧିକ ଫଳ ହେବ—ଏଭଳି ବ୍ୟବସାୟୀ ହିସାବ ଧର୍ମରାଜ୍ୟରେ ଚଳେ ନାହିଁ । ନିଶ୍ଚଳ, ନିର୍ବିକାର ମନରେ ଥରେମାତ୍ର ଇଷ୍ଟଦେବତାଙ୍କ ନାମ ଜପ କଲେ ଯେଉଁ ଫଳ ହୁଏ, ବିଶୃଙ୍ଖଳ ମନରେ କୋଟିଏ ବାର ଜପିଲେ ବି ସେଥିର ଲକ୍ଷାଂଶର ଏକାଂଶ ଫଳ ସୁଦ୍ଧା ହୁଏ ନାହିଁ । ଜପରେ ସଂଖ୍ୟା ଧରିବା ଉଚିତ ନୁହେଁ । କଣିକାଏ ମହାପ୍ରସାଦ ସେବା କଲେ ଯାହା, ଆକଣ୍ଠ ଭୋଜନ କଲେ ବି ତାହା; ରତିଏ ସ୍ୱର୍ଣ୍ଣ ଦାନ କଲେ ସ୍ୱର୍ଣ୍ଣଦାନ ହୁଏ, ମହଣେ ସ୍ୱର୍ଣ୍ଣ ଦାନ କଲେ ବି ସ୍ୱର୍ଣ୍ଣଦାନ ହୁଏ । ମାଳ ଜପିବାର ଉଦ୍ଦେଶ୍ୟ କଅଣ କେଜାଣି, ନିଶ୍ଚୟ ସେଥିର କିଛି ମହତ୍ ଉଦ୍ଦେଶ୍ୟ ଥାଇପାରେ; ମାତ୍ର ଜପକୁ ଗଣିବା କଦାପି ସେ ଉଦ୍ଦେଶ୍ୟ ନୁହେଁ । ମାଳ ଜପର ସଂଖ୍ୟା ଧରିବା ଯନ୍ତ୍ର ଅବଶ୍ୟ ନୁହେଁ । ଜପ ମନରେ କରାଯାଏ; ମାତ୍ର ଯନ୍ତ୍ର ସାହାଯ୍ୟରେ ନୁହେଁ । ନିଜର ଜପ ଶବ୍ଦକୁ ଗ୍ରାମଫୋନ ଯନ୍ତ୍ରରେ ଧରି ରେକର୍ଡ ପ୍ରସ୍ତୁତ କଲେ ସେ ଦିନରାତି ଅବିଶ୍ରାମ ଜପ କରୁଥିବ । କଳକୁ ଜପରେ ଲଗାଇଦେଇ ନିଶ୍ଚିନ୍ତ ହୋଇ ଯାହା ଇଚ୍ଛା ତାହା କରାଯାଇପାରନ୍ତା; ମାତ୍ର ସେଥିରେ କଅଣ ମୁକ୍ତି ମିଳିଯିବ ? ମୁକ୍ତି ଏଡ଼େ ମାହାଳିଆ ପଦାର୍ଥ ନୁହେଁ । ମୁକ୍ତି ପାଇଁ ମନ ଜ୍ଞାନ ଲୋଡ଼ା—ଯନ୍ତ୍ର ଲୋଡ଼ା ନୁହେଁ । ଯେତିକି ପାରିବ ତେତିକି ପଛେ ଜପ କରିବ; ମାତ୍ର ଅନ୍ୟମନସ୍କ ହୋଇ ସଂଖ୍ୟା ବଢ଼ାଇବାକୁ ଚେଷ୍ଟା କରିବ ନାହିଁ; କଲେ ଲୟରେ ଆଘାତ ଲାଗିବ ଏବଂ ମୁହୂର୍ତ୍ତିକ ଧ୍ୟାନ ଭାଙ୍ଗିଯିବ—ମନ ଯାଇ ସେହି ସଂଖ୍ୟାରେ ଲାଗି ରହିବ । ଈଶ୍ୱର ମନର ଭାବ ବୁଝି ଫଳ ଦିଅନ୍ତି—ଜପର ସଂଖ୍ୟା ହିସାବ କରି ଫଳ ଦିଅନ୍ତି ନାହିଁ । ଜପର ସଂଖ୍ୟା ଅଧିକ ହେଲେ ଯେ ଅଧିକ ପୁଣ୍ୟ ହେବ, ଏ କଥାର କୌଣସି ଅର୍ଥ ନାହିଁ, ବା ମୂଲ୍ୟ ନାହିଁ । ଭଗବାନ

ସମଦର୍ଶୀ, ସେ ଧାର୍ମିକକୁ ଯେଉଁପରି ଦୟା କରନ୍ତି, ପାପୀକୁ ବି ସେହିପରି ଦୟା କରନ୍ତି । ଦୟା ତାଙ୍କୁ ମାଗିବାକୁ ହୁଏ ନାହିଁ—ସେ ବଳେ ବଳେ ଯାଚକରି ଦିଅନ୍ତି । ଏପରି ଯେ ଦୟାଳୁ, ତାଙ୍କୁ ସଂଖ୍ୟା ଅଧିକ ଦେଖାଇ ଲାଭ କଅଣ ? ତାଙ୍କ ପାଖରେ ଏକର ମୂଲ୍ୟ ଯେତିକି; ଅନେକର ମୂଲ୍ୟ ବି ସେତିକି । ସେ ଦୟା ବିକନ୍ତି ନାହିଁ ଯେ, ଅଧିକ ମୂଲ୍ୟ ପାଇଲେ ଅଧିକ ମାଲ ଦେଇ ପଠାଇବେ ! ଦୟାକୁ ସେ ବିତରଣ କରନ୍ତି, ପୁଣି ବିତରଣରେ ପାତ୍ରାପାତ୍ର ବିବେଚନା କରନ୍ତି ନାହିଁ—ସମସ୍ତଙ୍କୁ ସମାନ ଭାବରେ ବାଣ୍ଟି-ଦିଅନ୍ତି । ପୁନଶ୍ଚ ଏହା ବୁଝିବା ଉଚିତ ଯେ, ସଂଖ୍ୟା ଉପରେ ଧର୍ମ ଉଜ୍ଜ୍ୱଳ ହୁଏ ନାହିଁ । ଅତଏବ ଜପରେ ସଂଖ୍ୟା ଧରିବା ବିଫଳ । ନିଷ୍ପନ୍ଦ ଜଳାଶୟ ପରି ମନକୁ ସୁସ୍ଥିର କରି ଏବଂ ଅନ୍ୟ ଚିନ୍ତାକୁ ମନରୁ ଛାଡିଦେଇ ପବିତ୍ର ସ୍ଥାନରେ ନିର୍ଜନରେ ବସି ଜପ କରିବା ଉଚିତ । ମନ ଯେଉଁ ସ୍ଥାନରେ ପ୍ରସନ୍ନ ହୁଏ, ତାହାହିଁ ପବିତ୍ର ସ୍ଥାନ । ମନ ଅଧୀର ଥିବାବେଳେ ଜପ, ଧ୍ୟାନ କରିବ ନାହିଁ; କଲେ ତାହା ବ୍ୟର୍ଥ ଶ୍ରମମାତ୍ର ହୁଏ—କୌଣସି ଫଳ ଲାଭ ହୁଏ ନାହିଁ । ସମୟର ଅଭାବ ଘଟିଲେ ବରଂ ଧର୍ମ ସାଧନା ନ କରିବା ଭଲ; ମାତ୍ର ତରତରିଆ ଭାବରେ ବିଧିରକ୍ଷା କରିବା ଭଲ ନୁହେଁ । ପୁଣି ସମୟର ଅଭାବ ଅବା କାହିଁକି ହେବ ? ସବୁ କାର୍ଯ୍ୟ ପାଇଁ ସମୟ ହେବ, କେବଳ ଇଷ୍ଟଦେବତାଙ୍କୁ ସ୍ମରଣ କରିବାକୁ ସମୟର ଅଭାବ ଘଟିବ, ଏହା ଅତି ଅସୁନ୍ଦର ହାସ୍ୟକର କଥା ।

---

## ବାସ୍ତୁ ବ୍ରହ୍ମ

ହେ ପରଂବ୍ରହ୍ମରୂପୀ ବାସ୍ତୁବ୍ରହ୍ମ, ତୁମ୍ଭଙ୍କୁ ନମସ୍କାର ! ଦିନେ ତୁମ୍ଭଙ୍କୁ ଆନନ୍ଦ ଆଗ୍ରହରେ ଆହ୍ୱାନ କରିଥିଲି, ତୁମ୍ଭର ଭବିଷ୍ୟତ ମୂର୍ତ୍ତି ମଧ୍ୟ କଳ୍ପନାରେ ଗଢ଼ି-ନେଇଥିଲି । ତୁମ୍ଭେ ମୋର ସେ ଭକ୍ତି ନିମନ୍ତ୍ରଣ ଗ୍ରହଣ କରିଅଛ । ତୁମ୍ଭରି ଦୟାରୁ ତୁମ୍ଭର ନଗ୍ନ ସୁନ୍ଦର ମୂର୍ତ୍ତି ଏବେ ଦେଖୁଅଛି । ତୁମ୍ଭେ ସୁନ୍ଦର, ଅତି ସୁନ୍ଦର—ମହା ସୁନ୍ଦର—ସୁନ୍ଦରଠାରୁ ସୁନ୍ଦର । କିନ୍ତୁ ତୁମ୍ଭର ଉଲଗ୍ନ ମୂର୍ତ୍ତି ତହୁଁ ବଳି ସୁନ୍ଦର । ବେଶ, ପରିଚ୍ଛଦ ସ୍ୱାଭାବିକ ଶୋଭାକୁ ଢାଙ୍କିପକାଏ କିନା ! ତଦ୍ୱାରା ଶୋଭାର ମୌଳିକତା ଖର୍ବ ହୁଏ ପୁଣି ବିକୃତ କ୍ଷତବିକ୍ଷତ ମଧ୍ୟ ହୁଏ । ମୂଳ ଶୋଭା ଦେବତା ଭିନ୍ନ ଅନ୍ୟ କୌଣସି ଉପଦେବତା ଶୋଭା ପୂଜାରୀ ପ୍ରାଣରେ ପ୍ରୀତି ଜାତ କରି-ପାରେ ନାହିଁ । କୃତ୍ରିମ ଉପଶୋଭା ତୁମ୍ଭଙ୍କୁ ଅବଧି ହୋଇଁ ନ ଥିବାରୁ ପ୍ରକୃତ ସୌନ୍ଦର୍ଯ୍ୟର ପୂର୍ଣ୍ଣବିକାଶ ଘଟି ଚିତ୍ତକୁ ମୁଗ୍‌ଧ କରୁଅଛି । ଆନନ୍ଦ-ମିଷ୍ଟାନ୍ନ ଚିତ୍ତର ବାଞ୍ଛିତ ଉପାଦେୟ ଖାଦ୍ୟ । କେବଳ ଖାଦ୍ୟ ନୁହେଁ—ସୃଷ୍ଟିକର ସୁଖାଦ୍ୟ । ବାସ୍ତୁବ୍ରହ୍ମରୂପୀ ପୂର୍ଣ୍ଣବ୍ରହ୍ମ, ତୁମ୍ଭେ ପୂର୍ଣ୍ଣ, ସମ୍ପୂର୍ଣ୍ଣ, ପରିପୂର୍ଣ୍ଣ, ତଥାପି ବାସ୍ତୁରୂପରେ ପୂର୍ଣ୍ଣତା ଆଡକୁ ଅଗ୍ରସର ହେଉଅଛ । ତୁମ୍ଭେ ନିଜେ ନିଜକୁ ପୂର୍ଣ୍ଣ କରୁଅଛ—ନିଜର ମନୋମତ କରି ନିଜକୁ ଗଢୁଅଛ । ନିଜେ ନିଜକୁ ସୁନ୍ଦର କରୁଅଛ । ଏ କି ଅଦ୍ଭୁତ ରହସ୍ୟ ପ୍ରଭୁ ! ଏ ମହା ଜଟିଳ ଲୀଳା—ଏ ଅପୂର୍ବ କୌତୁକ ତୁମ୍ଭଠାରେ ଏକା ସମ୍ଭବ କିନା ! ମୁଁ କ୍ଷୀଣବୁଦ୍ଧି ମାନବ, ତୁମ୍ଭ ମହିମାର ମହତ୍ତ୍ୱ—ରହସ୍ୟର ତତ୍ତ୍ୱ କଅଣ ବୁଝିବ ? ମୋର ଚିନ୍ତା, କଳ୍ପନା କେଉଁ ଅଗାଧସାଗରରେ ମିଶିଲଇଯାଏ । ତୁମ୍ଭେ ସ୍ୱୟମ୍ଭୂ, ନିଜକୁ ନିଜେ ଗଠନ କରୁଅଛ; ମାତ୍ର ଖ୍ୟାତି, ପୌରୁଷ, ପ୍ରତିଷ୍ଠା ମୋତେ ଆଣି ଦେଉଅଛ । ମୁଁ କେହି ନୁହେଁ; କିନ୍ତୁ ତୁମ୍ଭେ ଅନ୍ତରାଳରେ ଥାଇ ମୋତେ କର୍ତ୍ତା କରି ଦେଉଅଛ । ଅର୍ଜୁନର ଶୌର୍ଯ୍ୟରେ ଶିଖଣ୍ଡୀର ଗୌରବ, ଶାତକର ବାହୁ-ବଳରେ ବଶିଷ୍ଠର ଖ୍ୟାତି, ଅକର୍ମଣ୍ୟ ମୂର୍ଖର ଯୋଗ୍ୟତାର ପାଠଶାଳୀ ପ୍ରଶଂସାର ରାଜମୁକୁଟ, ଏ କୌତୁକ ତ ମଜାର କୌତୁକ ପ୍ରଭୁ ! ଏ ମହାଦୟାର ପଶ୍ଚାତ୍ତର କଅଣ ତୁମ୍ଭରି ଦୟା ମୋର ଗର୍ବର କାରଣ ! ମୁଁ କନ୍ଦର୍ପ ଦୀନକୁଟୀରରେ ତୁମ୍ଭର ପୂଜା କରୁଥିଲି, ତୁମ୍ଭେ ମୋତେ ସୁବର୍ଣ୍ଣ ମେରୁରେ ବସାଇଲ, ଏ ଦୟାର ମୁଁ ଉପଯୁକ୍ତ ପାତ୍ର କି ଦୟାମୟ ! ଏହା ଭାବି ମୁଁ ମନେ ମନେ ଲଜ୍ଜା ଅନୁଭବ କରେ । ତୁମ୍ଭେ ମୋତେ ଏତେ ସ୍ନେହ କର—ଏତେ ଦୟା କର, ମାତ୍ର ମୁଁ କଅଣ କରେ—ଦିନାନ୍ତରେ ଥରେ ହେଲେ ତୁମ୍ଭଙ୍କୁ ସ୍ମରଣ କରେ ନାହିଁ । ପ୍ରଭୁ, ମୋର ଏ

ବିସ୍ମୃତି ଖଣ୍ଡନ କର । ତୁମ୍ଭ ଦତ୍ତ ସୁବର୍ଣ୍ଣବେଦୀରେ ବସି ତୁମ୍ଭର ମହାଦାୟିତା ପ୍ରତି ନିଃଶ୍ୱାସରେ ସ୍ମରଣ କରେ ଏବଂ ତୁମ୍ଭର ସତ୍‌ସ୍ୱରୂପ ଏହି ବାସ୍ତୁବ୍ରହ୍ମର ଉପଯୁକ୍ତ ସମ୍ମାନ ମୋ ଦ୍ୱାରା ଏବଂ ମୋର ବଂଶଧରଙ୍କ ଦ୍ୱାରା ସମ୍ପୂର୍ଣ୍ଣରୂପେ ରକ୍ଷିତ ହେଉ—ତୁମ୍ଭର ମଙ୍ଗଳମୟ ଶ୍ରୀଚରଣରେ ମୋର ଏତିକି ଆତୁର ଇଚ୍ଛା । ମୁଁ ତୁମ୍ଭର, ମୋର ଖ୍ୟାତି, ପ୍ରତିଷ୍ଠା, ଯୋଗ୍ୟତା ସବୁ ତୁମ୍ଭର—ଏହା ସୁବର୍ଣ୍ଣ ପଙ୍‌କ୍ତିରେ ମୋର ଦୃଷ୍ଟିସମ୍ମୁଖରେ ଅଙ୍କିତ ହୋଇ ରହୁ—ଏତିକିରେ ମୁଁ କୃତାର୍ଥ ।

---

# ଅଦ୍‌ଭୁତ ସାହୁକାର

ହରି ହେ, ତୁମ୍ଭେ ଅଦ୍ଭୁତ ସାହୁକାର; ମୁଁ ସେହିପରି ତୁମ୍ଭର ଅଦ୍ଭୁତ ଖାତକ । ତୁମ୍ଭେ ଜନ୍ମେ ଜନ୍ମେ ମୋତେ ଋଣ ଦେଇ ଆସୁଅଛ । ତାହା ଥରେ ଅଧେ ନୁହେଁ—ଦିନେ ଦୁଇଦିନ ନୁହେଁ, ପ୍ରତି ନିଃଶ୍ୱାସରେ, ପ୍ରତି ମୁହୂର୍ତ୍ତରେ ମୋତେ ଋଣ ଦେଉଅଛ । ମୋର ନିଃଶ୍ୱାସ ପ୍ରଶ୍ୱାସ ବି ତୁମ୍ଭରି ଦତ୍ତ ଋଣ ଛଡ଼ା ଅନ୍ୟ କିଛି ନୁହେଁ । ସାହୁକାର କାଳାନ୍ତର ନେବା ପାଇଁ ଋଣ ଦିଏ; ମାତ୍ର ତୁମ୍ଭର ଧାରା ଠିକ୍ ଓଲଟା । ତୁମ୍ଭେ ଚକ୍ରବୃଦ୍ଧି ହିସାବରେ କାଳାନ୍ତର ଦେବା ପାଇଁ ଋଣ ଦିଅ, ପୁଣି ମୂଳଋଣ ସୁଦ୍ଧା ଅଦାୟ କର ନାହିଁ । ସୁତରାଂ ତୁମ୍ଭଙ୍କୁ ଅଦ୍ଭୁତ ସାହୁକାର ନ କହି ଆଉ କଅଣ କହିବି ? ତୁମ୍ଭେ ଜନ୍ମ ଦେଇଅଛ, ପୋଷଣ କରୁଅଛ, ଯେତେବେଳେ ଯାହା ଦରକାର, ନ ମାଗୁଣୁ ତାହା ବଳେ ବଳେ ଆଣି ଯାଚି ଦେଉଅଛ—ପୁଣି ଆପଦ ବିପଦରୁ ରକ୍ଷା କରୁଅଛ, ଏହା ଋଣ ଉପରେ ଋଣ—ତାହା ଉପରେ ମହାଋଣ ନୁହେଁ କି ପ୍ରଭୁ ! ତୁମ୍ଭେ ଋଣ ଦେଉଅଛ, ସେ ଋଣର ସୁଧ ଦେଉଅଛ—ସୁଧର ସୁଧ—ତାହାର ସୁଧ ବି ଦେଉଅଛ, ଯେପରି ତୁମ୍ଭେ ସାହୁକାର ନୁହଁ, ମୁଁ ସାହୁକାର—ତୁମ୍ଭେ ମୋର କାମଧେନୁ ଖାତକ । ଋଣର ପରିଶୋଧ ତୁମ୍ଭେ ଚାହଁ ନାହିଁ, ଆଉ ପରିଶୋଧ ବା କିଏ କାହିଁ କରିପାରିବ ? ତାହା ଋଣ ନୁହେଁ—ତୁମ୍ଭର ନିଃସ୍ୱାର୍ଥ ଦାନ । ତୁମ୍ଭରି ପ୍ରତିଦାନ ଦେବା ପାଇଁ, ମୋର ଜନ୍ମ ଦାନ ଗ୍ରହଣ କରିବା ପାଇଁ । ତୁମ୍ଭେ ଦାତା କଳ୍ପତରୁ, ମୁଁ ଲୁବ୍‌ଧକ ଗ୍ରହୀତା । ତୁମ୍ଭ ଦାନର ପୁଣି ବିଶେଷତ୍ୱ ଅଛି—ତୁମ୍ଭେ ଯାଚିକରି ଦିଅ; କିନ୍ତୁ ମାଗିଲେ କୃପଣତା କର—ବୋଧହୁଏ ମନେ ମନେ ବିରକ୍ତ ହୁଅ । ତାହା ତ ହେବାର କଥା । ମାଗିବା ବାସ୍ତବରେ ବଡ଼ ହୀନତା । ତୁମ୍ଭେ ମହାଦାତା । ପିତା ପୁତ୍ରର ହୀନତାକୁ ଘୃଣା ନ କରିବ କାହିଁକି ପ୍ରଭୁ ! ବଡ଼ଲୋକର ପୁଅ ବଡ଼ ହୁଏ ସିନା—ହୀନ ହୁଏ ନାହିଁ । ବଡ଼ଲୋକର ପୁଅ ହୋଇ ସୁଦ୍ଧା ମୋର ହୀନ ବୁଦ୍ଧି ଛାଡ଼ିଯାଇ ନାହିଁ—ଏହା ଦେଖି ତୁମ୍ଭର ଲଜ୍ଜା ବୋଧକରିବା ସ୍ୱାଭାବିକ । ପୁତ୍ରକୁ ନିଜର ସମ ଆଚରଣସମ୍ପନ୍ନ ନ ଦେଖି ଇତରଜନୋଚିତ ବିପରୀତ ପ୍ରକୃତିର ଦେଖିଲେ ପିତା ମନରେ ବାସ୍ତବରେ ଦାରୁଣ ଖେଦ ଜାତ ହୁଏ । ମୋର ହୀନସ୍ୱଭାବ ଦେଖି ତୁମ୍ଭେ ଦୁଃଖିତ ହୁଅ; ମାତ୍ର ମୋ ପ୍ରତି ଅଶ୍ରଦ୍ଧାଳୁ ନିର୍ଦ୍ଦୟ ହୁଅ ନାହିଁ—ଏହାକୁ ମୁଁ ପରମସୌଭାଗ୍ୟ ଏବଂ ଗୌରବ ମନେକରେଁ । ଏହିପରି ମନେକରିବା ମୋ ପକ୍ଷରେ ଅନୁଚିତ ବା ଅସୁନ୍ଦର ନୁହେଁ—ପ୍ରକୃତ ତାହା ମୋର ଗର୍ବର କାରଣ ।

ମୁଁ ନିତାନ୍ତ ମୂଢ଼, ଅଜ୍ଞାନ, ଅବିଶ୍ୱାସୀ, ତେଣୁ ହାତ ପାତି ମାଗିବାକୁ ଲଜ୍ଜାବୋଧ କରେ ନାହିଁ—ଏହା ମୋର ଚରିତ୍ରର ଦୁର୍ବଳତା । ଅଯାଚିତ ଦାତା ନିକଟରେ ପ୍ରାର୍ଥନା ଶୋଭା ପାଏ ନାହିଁ, ହରି ! ସେଥିରେ ଦାତାର ମର୍ଯ୍ୟାଦା ହାନି ହୁଏ ପୁଣି ଦାନର ମହତ୍ତ୍ୱ ଖର୍ବ ହୁଏ । ଭିକାରୀର ସ୍ୱଭାବ, ସେ ଯେଉଁଠାରୁ ଅଧିକ ଭିକ୍ଷା ପାଏ, ସେହିଠାରେହିଁ ଅଧିକ ଅଳିକରେ; କିନ୍ତୁ ଏ ଦୃଷ୍ଟାନ୍ତ ମୋ ପକ୍ଷରେ ସମୀଚୀନ ନୁହେଁ । ମୁଁ ବଡ଼ଲୋକର ପୁଅ, ମୋର ଦୟାଳୁ ପୁତ୍ରବତ୍ସଳ ପିତା ମୋର ମନ ଜାଣି ଯେତେବେଳେ ଯାହା ଦରକାର, ତାହା ଆଣି ଦେଉଅଛନ୍ତି, ପୁଣି ମୁଁ ଯାହା ପାଇବାର ଉପଯୁକ୍ତ ନୁହେଁ ତାହା ବି ସ୍ନେହରେ ମୋତେ ଦେଉଅଛନ୍ତି—ଏପରି ଅବସ୍ଥାରେ ତାଙ୍କୁ ମାଗିବା ମୋର ଦୁର୍ବୁଦ୍ଧିର ପରିଚୟ ସିନା ! ସେଥିରେ ମୋର ରାଜରାଜେଶ୍ୱର ପିତୃଦେବଙ୍କର ମନ କ୍ଷୁଣ୍ଣ ହେବ ଏବଂ ମୋ ପ୍ରତି ତାଙ୍କର ସ୍ନେହର ମୂଲ୍ୟ ମଧ୍ୟ ରହିବ ନାହିଁ । ହେ ପ୍ରଭୁ,

ହେ ମୋର ପ୍ରାଣର ହରି, ହେ ପିତା, ହେ ମହାପିତା, ହେ ପରମପିତା, ହେ ଆଦିପିତା, ହେ ଅଦ୍ୱିତୀୟପିତା, ତୁମ୍ଭର ଏ ଅଧମ ପୁତ୍ର ପ୍ରାଣରେ ଏହି ମଙ୍ଗଳ ଧାରଣା ଦୃଢ଼ୀଭୂତ କରିଦିଅ ଦୟାମୟ, ମୁଁ ଏବଂ ମୋର ସବୁ ତ ତୁମ୍ଭର ଦୟାର ଦାନ; କିନ୍ତୁ ଏହି ଗୋଟିକ ମୋର ପ୍ରାଣର ବାଞ୍ଛିତ ମାଗୁଣି । ମୋର କୌଣସି ଅଭାବ ତୁମ୍ଭେ ଅପୂର୍ଣ୍ଣ ରଖି ନାହିଁ, ଷୋଳକଳା ସକଳସୁଖ ପୂର୍ଣ୍ଣ କରି ଦେଇଅଛ; ଏ କ୍ଷୁଦ୍ର ଅନ୍ତଃକରଣର ଅନ୍ତସ୍ତଳ-ନିହିତ ଭକ୍ତି, କୃତଜ୍ଞତା ଯାହା ଥିଲା, ତାହା ସବୁ ପୋଛିପାଛି ଶ୍ରୀଚରଣ ତଳେ ସମର୍ପଣ କରୁଅଛି, କେବଳ ଦୟା କରି ଗ୍ରହଣ କଲେ ମୁଁ ଅସୀମ ସୁଖଶାନ୍ତି ଏବଂ ଆନନ୍ଦ ଉପଭୋଗ କରି ନିଜର ଜନ୍ମ ଓ ଜୀବନ କୃତାର୍ଥ ମଣିବି ହରି, ମୋର ଏହା ଅକିଞ୍ଚିତ୍କର ନଗଣ୍ୟ ଉପହାର; କିନ୍ତୁ ମହତର ଉଦାର ଦୃଷ୍ଟିରେ ରେଣୁ ହିମାଳୟଠାରୁ ଏବଂ ବିନ୍ଦୁ ସିନ୍ଧୁଠାରୁ ମହତ୍ତର ବିବେଚିତ ହୁଏ—ଏ ବିଶ୍ୱାସ ମୋର ଅଛି । ବିଦୁର ଖୁଦକଣା, ଦ୍ରୌପଦୀର ସିଦ୍ଧଶାଗକଣା ତୁମ୍ଭେ ପରମ ଆଗ୍ରହରେ ଗ୍ରହଣ କରି ପରିତୃପ୍ତ ହୋଇଅଛ । ସେହିହେତୁ ମୁଁ କ୍ଷୁଦ୍ର ହୃଦୟର ଭକ୍ତି, ପ୍ରୀତି, କୃତଜ୍ଞତା ଅର୍ପଣ କରିବାକୁ ସାହସୀ ହୋଇଅଛି । ମୋର ଧୃଷ୍ଟତା କ୍ଷମା କର, କ୍ଷମାମୟ !

---

## ବର୍ଷବୃଦ୍ଧି

ଆଜି ମୋର ଜନ୍ମଦିନ । ଚୌଷଠୀବର୍ଷ ଅତିକ୍ରମ କରି ଆଜି ମୁଁ ପଞ୍ଚଷଠୀରେ ପହଞ୍ଚିଲି, ଏହା ହେଲା ବର୍ଷବୃଦ୍ଧି । ଚୌଷଠୀ ଟଙ୍କା ଦରମା ପାଉଥିବା ଲୋକ ପଞ୍ଚଷଠୀ ଟଙ୍କା ପାଇଲେ ତାହାର ଦରମା ଟଙ୍କାଟିଏ ବଢ଼ିଲା ବୋଲି କହନ୍ତି; ମାତ୍ର ଏ ବର୍ଷବୃଦ୍ଧି ସେ ବୃଦ୍ଧିର ବିପରୀତ । ତାହାର ଅର୍ଥ ଏହି ଯେ—ଦରମାରୁ ପଞ୍ଚଷଠୀ ଟଙ୍କା କଟିଗଲା । ଏହିପରି ବର୍ଷବୃଦ୍ଧି ଯେବେ ଘଟୁଥିବ, ଜୀବନର ଶେଷ ଦିନ ସେତେ ନିକଟବର୍ତ୍ତୀ ହୋଇ ଆସୁଥିବ, ଏହା ପାଠକମାନେ ବୁଝିପାରନ୍ତି । ଏହା ବର୍ଷବୃଦ୍ଧି କି ବର୍ଷକ୍ଷୟ, ତାହା ବି ସେହିମାନେ ଜାଣନ୍ତି । ବର୍ଷବୃଦ୍ଧି ଶବ୍ଦ ଯେ ସୃଷ୍ଟି କରିଅଛି, ଏ ବର୍ଷବୃଦ୍ଧିର ଅର୍ଥ ସେହି ଏକା ଜାଣିଥିବ । ଆଜି ମୋର ବର୍ଷବୃଦ୍ଧି, ପରିବାରଙ୍କର ଆନନ୍ଦ ଉପଭୋଗ କରିବାର କଥା, ସୁତରାଂ ପିଲାମାନଙ୍କୁ ଆନନ୍ଦ ଦେବା ସକାଶେ ସିଏ କେତେ କାମରେ ଲାଗିଯାଇଅଛନ୍ତି । ପିଲାମାନଙ୍କୁ ଆନନ୍ଦ ଦାନ ଅର୍ଥ ମିଷ୍ଟାନ୍ନ ଦାନ । ମିଷ୍ଟାନ୍ନ, ପିଷ୍ଟାନ୍ନ, ଶିଷ୍ଟାନ୍ନ ପ୍ରଭୃତି କେତେ କଅଣ ପ୍ରସ୍ତୁତ ହେଉଅଛି । ପିଲାମାନଙ୍କର ଆଜି ଖେଳା ବୁଲା ନାହିଁ, ତାଙ୍କର ମନ ସେହିଠାରେ—ଶରୀର ବି ସେହିଠାରେ । ପ୍ରସ୍ତୁତ ନ ସରୁଣୁ ମିଷ୍ଟାନ୍ନର ଆସ୍ୱାଦନ ମନେ ମନେ ଉପଭୋଗ କରିନେଇ ତୃପ୍ତି ମୋଦକରେ ସେମାନେ ଉଦର ପୂର୍ଣ୍ଣ କରୁଅଛନ୍ତି । ଶିଶୁମଣ୍ଡଳଙ୍କର ଆନନ୍ଦ କୋଳାହଳରେ ଗୃହ, ପ୍ରାଙ୍ଗଣ ଉଚ୍ଛଳି ଉଠୁଅଛି । ସମସ୍ତେ ନୃତ୍ୟ, ଗୀତ, ବାଦ୍ୟ, କୌତୁକ ଲୀଳାରେ ଅସ୍ତବ୍ୟସ୍ତ । ମୋର କଲ୍ୟାଣ କାମନାରେ ଠାକୁର ମନ୍ଦିରକୁ ସିଧା-ସଞ୍ଜା ପଠାଯାଉଅଛି । ଏସବୁ କାର୍ଯ୍ୟରେ ମୁଁ ବାଧା ଦେଉ ନାହିଁ; ମାତ୍ର ମନେ ମନେ ଗୋଟାଏ ଅପୂର୍ବ ରହସ୍ୟମୟ କୌତୁକ ଅନୁଭବ କରୁଅଛି । ବେଳେ ବେଳେ ବର୍ଷବୃଦ୍ଧି କଥା ଭାବି ହସ ମାଡୁଅଛି । ଏ ଭାବରେ ମୋର କିଛି ଆନନ୍ଦ ନାହିଁ; ମାତ୍ର ଅନ୍ୟ ଭାବରେ ମୁଁ ଆନନ୍ଦ ଅନୁଭବ କରିପାରନ୍ତି । ବନ୍ଦୀ ଦଶାର ଚୌଷଠୀ ବର୍ଷ କଟିଗଲା, ଆଉ କେତେଟା ବର୍ଷ, ମାସ ବା ଦିନ ପରେ ମୁଁ ବନ୍ଦିଶାଳରୁ ମୁକ୍ତ ହୋଇ ନିଜ ଘରକୁ ଚାଲିଯିବି—ଏହିପରି ଭାବି ଆନନ୍ଦ ଲାଭ କରିପାରନ୍ତି; ମାତ୍ର ତାହା ସଙ୍ଗତ ହେବ କି ? ମୋର ପୁଣି ଘର କେଉଁଠି ଅଛି, ଘର ଥିଲେ ମୁଁ ଏଠାକୁ ଆସନ୍ତି କାହିଁ କି ? ମୁଁ ସେ ଅଘର । କେଉଁଠୁ ଆସି ଏ ସଂସାରରେ ମୁଣ୍ଡ ଗୁଞ୍ଜିଅଛି, ପୁଣି ଏଠାରୁ ଯାଇ କେଉଁ ଅଜ୍ଞାତ ରାଜ୍ୟରେ କେତେ କାଳ ମୁଣ୍ଡ ଗୁଞ୍ଜିବି, ତାହା ମୁଁ ଜାଣେ ନାହିଁ । ସେଭଳି ରାଜ୍ୟ କେଉଁଠି ଅଛି କି ନାହିଁ, ତାହା ମଧ୍ୟ ଜାଣେ ନାହିଁ । ଯଦି ଥାଏ,

ତେବେ ତ ସେଠାରୁ ପୁଣି ଫେରିଆସିବା ଅସମ୍ଭବ ନୁହେଁ । ଅରେ ଯେବେ ଆସିଅଛି, ତେବେ ଆଉ ଯେ ନ ଆସିବ, ସେଥିର ସ୍ଥିରତା କଅଣ ? ତେବେ ଯାଉଥିବ ପୁଣି ଆସୁଥିବ, ଏହିପରି ଯିବା ଆସିବା ଲାଗିଥିବ । ଯେଉଁ କାର୍ଯ୍ୟ ଅଭ୍ୟସ୍ତ, ସେଥିରେ ନୂତନତ୍ୱ ବା ବୈଚିତ୍ର୍ୟ କଅଣ ଅଛି ? ବୈଚିତ୍ର୍ୟବିହୀନ ଦୃଶ୍ୟ ବା ଘଟଣାରେ ଆନନ୍ଦ କାହିଁ ? ତେବେ ମୋର ଦୁଇକୂଳ ଆନନ୍ଦଶୂନ୍ୟ । ଏ ଜୀବନ ନିଶ୍ଚିତ ଗଦ୍ୟମୟ ଓ ନୀରସ । ଅଙ୍କରପ୍ରବଣ ଶୁଷ୍କ ଜୀବନ-ମରୁଭୂମିରେ ଆନନ୍ଦ-ରସଧାରା ସ୍ୱପ୍ନରେ କଳ୍ପନା କରିବା କି ବାତୁଳତା ନୁହେଁ ! ଯାଉ ସେ କଥା, ଉପସ୍ଥିତ ବର୍ଷ ଏବେ ମୋର ଭାଗ୍ୟବିଧାତା ତାହାର କର୍ତ୍ତବ୍ୟ ସେ କରି ଯିବ, ମୋର ସହସ୍ର ଅନୁନୟ-ବିନୟରେ କର୍ଣ୍ଣପାତ କରିବ ନାହିଁ । ତାହାର ଯାହା ଦାନ, ତାହା ନିଷ୍ଠୁରର ଦାନ ! ସେ ଦାନ ଗ୍ରହଣ କରିବାକୁ ସମସ୍ତେ ନତମସ୍ତକରେ ବାଧ୍ୟ । ତେବେ ହାକିମ ଆସି କ୍ଷମତା ବିସ୍ତାର କରନ୍ତି, ସେଥି ମଧ୍ୟରେ କେହି ଶିଷ୍ଟ, କେହି ଦୁଷ୍ଟ, କେହି ତୁଷ୍ଟ, କେହି ନଷ୍ଟ, କେହି ଭ୍ରଷ୍ଟ, କେତେ ପ୍ରକୃତିର ଲୋକ ଥାଆନ୍ତି; ମାତ୍ର ଯଥାନିର୍ଦ୍ଦିଷ୍ଟ କାଳ ପରେ ସମସ୍ତେ ଚାଲିଯାଆନ୍ତି, ରହିଯାଏ କେବଳ ତାଙ୍କର ଭଲ ମନ୍ଦ କାର୍ଯ୍ୟ । ଏହି ନୂଆ ହାକିମଟି ମୋ ଭାଗ୍ୟରେ କି ଫଳ ପ୍ରଦାନ କରିବ, ତାହା ସେହି ଏକା ଜାଣେ । ସେ ଯାହାହେଉ ପଛେ, ମୋର ତାହା ଶିରୋଧାର୍ଯ୍ୟ । ମୁଁ ସେଥିପାଇଁ ପ୍ରସ୍ତୁତ ଅଛି ! ଶୀତ ଉଷ୍ଣ ସହିବା ପାଇଁ ମାନବର ଜନ୍ମ ।

---

## ବିଚିତ୍ର ଲୀଳା

ତୁମ୍ଭର ଦୟା ସ୍ମରଣ କରି ନିଷ୍ଠୁରତା କଥା ଭାବିଲେ ହସ ମାଡ଼େ ପ୍ରଭୁ ! ତୁମ୍ଭେ ଯେତିକି ଦୟାଳୁ, ସେତିକି ନିଷ୍ଠୁର । ତାହା ନୋହିଥିଲେ କି ତୁମ୍ଭେ ଜଗତର ପ୍ରଭୁ ହୋଇପାରିଥାଆନ୍ତ ? କେବଳ ଦୟାରେ କିମ୍ବା କେବଳ ନିଷ୍ଠୁରତାରେ ସଂସାରର ଅସ୍ତିତ୍ୱ ଅସମ୍ଭବ । ତେଣୁ ଦୁହିଁଙ୍କୁ ଯୋଗ କରି ଦେଇଅଛ । କୋମଳ କଠୋର ଦୁଇ ଉପାଦାନରେ ସଂସାରକୁ ଗଢ଼ିଅଛ । ଖାଦ ନ ମିଶିଲେ ବିଶୁଦ୍ଧ ସ୍ୱର୍ଣ୍ଣରେ କଣ୍ଠି ଗଢ଼ିହୁଏ ନାହିଁ । ବାଲ୍ୟ ଯୌବନରେ ଯେତେ ସୁଖ ଦେଇଥାଅ, ତାହା ସବୁ ବୃଦ୍ଧାବସ୍ଥାବେଳେ ଶୁଝାଇନିଅ । ଏହା ତ ମୋର କର୍ମଫଳ ନୁହେଁ ହବ, ତେବେ ତାହା କେଉଁଠୁ ଆସେ ? କି ବିଚିତ୍ର ଲୀଳା ତୁମ୍ଭର ! ଅଥବା ଏହା ସବୁ କିଛି ନୁହେଁ । ତୁମ୍ଭର ମାୟା ଯେପରି 'ନା' କୁ 'ହଁ' ବୋଲି କହେ, ଏହା ସେହିପରି ପ୍ରଭୁ ! ତୁମ୍ଭର ଦେବା ନେବା ବି ମାୟା । ତାହା ମିଛ, କିନ୍ତୁ ସତ ପରି ଜଣାଯାଏ । ତେବେ ତୁମ୍ଭେ ଖାଲି ମାୟାର ଜାଲ ବିସ୍ତାର କରିଛ ମାୟାଧର ! ମୋର ଯାହା ଅନୁଭୂତି, ତାହା ବି ତ ମାୟା, ସୁତରାଂ ମିଥ୍ୟା । ତେବେ ସବୁ ମାୟା, ସବୁ ମିଥ୍ୟା । ଏତେ ବଡ଼ ଦୃଶ୍ୟମାନ ବିରାଟ ସୃଷ୍ଟି ଯେ ମିଥ୍ୟା, ବିଶ୍ୱାସ ତ ବିଶ୍ୱାସ କରିବାକୁ ମଙ୍ଗୁ ନାହିଁ ପ୍ରଭୁ ! ସତ୍ୟ ଚିରସ୍ଥାୟୀ, ମିଥ୍ୟା ସ୍ୱଳ୍ପାୟୁ ବୋଲି ପ୍ରାଜ୍ଞ ବ୍ୟକ୍ତିମାନେ କହନ୍ତି । ଯୁଗ ଯୁଗ ହେଲା ମିଥ୍ୟା ବଞ୍ଚିରହିଛି କିପରି ? ବୋଧହୁଏ, ଏହା ବିରାଟ ମିଥ୍ୟା ବୋଲି ଏତେ କାଳ ବର୍ତ୍ତି ରହିଅଛି । ବିରାଟ ମିଥ୍ୟାର ମରିବାକୁ ବିରାଟ ସମୟସାପେକ୍ଷ । କାହୁଅ ପେଣ୍ଡୁଲାଟାଏ ନଈ ପାଣିରେ ପକାଇଦେଲେ ଅଳ୍ପ କ୍ଷଣରେ ମିଳାଇଯାଏ; ମାତ୍ର ଗୋଟାଏ ବୁନ୍ଦ ମିଳାଇବାକୁ ବହୁବର୍ଷ ବିତିଯାଏ । ଯେବେ ସବୁ ମିଥ୍ୟା, ତେବେ ଏ ମିଥ୍ୟା ସୃଷ୍ଟିର ପ୍ରୟୋଜନ କଅଣ ? ତୁମ୍ଭର କୌତୁକ ଚିତ୍ତ-ବିନୋଦନ, ନା ଆଉ କିଛି ଅଛି ? ଲକ୍ଷ୍ୟ ବା ଉଦ୍ଦେଶ୍ୟ ନ ଥିଲେ ତ କିଛି ହୋଇପାରେ ନାହିଁ । ପକ୍ଷାନ୍ତରରେ ତୁମ୍ଭେ ସତ୍ୟସ୍ୱରୂପ, ତୁମ୍ଭର ସୃଷ୍ଟି କି ମିଛ ହୋଇପାରେ ? ସତ୍ୟର ପ୍ରଚଣ୍ଡ ଅଗ୍ନିଶିଖାରୁ ମିଥ୍ୟାରୂପ ଇତର ତୃଣ ଜାତ ହେବା ସମ୍ଭବ କି ହବ ? ଏହି ମହା ସନ୍ଦେହରେ ଚିତ୍ତ ସର୍ବଦା ଆନ୍ଦୋଳିତ । ପ୍ରତ୍ୟକ୍ଷ ଦୃଷ୍ଟ ବସ୍ତୁକୁ କିଏ ମିଥ୍ୟା ବୋଲି ସନ୍ଦେହ କରିବ ? ଯାହାର ରୂପ ଅଛି, ରସ ଅଛି, ଗନ୍ଧ ଅଛି, ତାକୁ ନାହିଁ ବୋଲି କହିବାକୁ କିଏ ସାହସ କରିବ ? ଆଗରେ ଏହିପରି ଦୁଇଟି ବାଟ ଦେଖି ମୁଁ ସନ୍ଧିସ୍ଥଳରେ ସ୍ତମ୍ଭୀଭୂତ

ହୋଇ ଠିଆହୋଇଅଛି । କେଉଁ ବାଟରେ ଗଲେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବ, ତାହା ଠିକ୍ କରିପାରୁ ନାହିଁ । ପଥିକଶୂନ୍ୟ ପଥ, କାହାକୁ ବା ପଚାରିବ ? ତୁମ୍ଭ ମାୟା ଜାଲ ମଧ୍ୟରେ ପଡ଼ି ଏତେ ଦୂର ଆସିଲି, ଏଣିକି ବୁଢ଼ିଆଣୀ ଜାଲରେ ମାଛି ବାନ୍ଧିହେଲା ପରି ବୁଦ୍ଧି ତୁମ୍ଭ ମାୟାଜାଲରେ ପୂରିଅଛି, ଛନ୍ଦିହୋଇ ଜୀବନ ବିସର୍ଜନ କରିବସିଲି । ଏବେ ମୁଁ ଖାଲି ବାଟବଣା ନୁହେଁ, ବନ୍ଧଣାଜାଲରେ ଦୃଢ଼ରୂପେ ଆବଦ୍ଧ । ଏ ସନ୍ଦେହ-ସଙ୍କଟରୁ ଉଦ୍ଧାର କର ସଙ୍କଟତାରଣ ! ଜୀବନ ଗୋଟାଏ ବିଚିତ୍ର ରହସ୍ୟପୂର୍ଣ୍ଣ ବିରାଟ ସ୍ୱପ୍ନ ବୋଲି ଜ୍ଞାନୀମାନେ କହନ୍ତି; କିନ୍ତୁ ମୁଁ ତାହାର ଅର୍ଥ କିଛି ବୁଝିପାରେ ନାହିଁ । ପିତଃ ! ଜୀବନ ସ୍ୱପ୍ନ ହେଲେ ସେ ସ୍ୱପ୍ନ ଦେଖେ କିଏ ? ଯେବେ ମୁଁ ତାହାର କର୍ତ୍ତା ବୋଲି କୁହାଯାଏ, ତେବେ ସେ ମୁଁ କିଏ, ତାହାର ଆକାର ପ୍ରକାର, ରୂପ ବର୍ଣ୍ଣ କିଛି ଅଛି କି ? ପୁଣି ସବୁ ଯେବେ ମିଥ୍ୟା, ତେବେ ମୁଁ କି ସେଥିରୁ ବାହାର ? ମୁଁ ଯଦି କିଛି ନ ହୋଇ ତୁଚ୍ଛା ବାଷ୍ପ ହୁଏ, ତେବେ ବାଷ୍ପ କଅଣ ସ୍ୱପ୍ନ ଦେଖିପାରେ ? ଏହିପରି ମୁଁ ଯେତେ ଭାବେ, ଅଡ଼ୁଆ ସୂତା ପରି ଖିଅ ପାଏ ନାହିଁ । ଅଡ଼ୁଆ ସୂତାକୁ ଯେତେ ଛଡ଼ାଇଲେ ସେ ତେତେ ଅଡ଼ୁଆ ହୋଇଯାଏ । ତୁମ୍ଭର ବିଚିତ୍ର ଲୀଳାରହସ୍ୟ ଚିନ୍ତା କଲେ ସେ ଚିନ୍ତାରୁ ଏତେ ଜଟିଳ ଶାଖା ପ୍ରଶାଖା ବାହାରିପଡ଼େ ଯେ, ତଦ୍ଦ୍ୱାରା ମୂଳଚିନ୍ତା ଆତ୍ମହତ୍ୟା କରିବସେ । ମୂଳ ମରିଗଲେ ଡାଳର ଯେଉଁ ଦଶା ଘଟିବାର ତାହାହିଁ ଘଟେ; ଚିନ୍ତା, କଳ୍ପନା, ସବୁ ବିଫଳ ହୋଇଯାଏ । ତେତେବେଳେ ମୁଁ ଦାରୁଣ ହତାଶାର ବ୍ୟର୍ଥତ୍ୱର ମୂର୍ଚ୍ଛାରେ କଳ୍ପନା-ରାଜ୍ୟରୁ ଖସିଆ ହୋଇ ପଳାଇଆସେ । ଇଚ୍ଛାମୟ ପ୍ରଭୁ ତୁମ୍ଭେ, ଇଚ୍ଛା କଲେ କ୍ଷଣେ ମୋର ଚିନ୍ତା ମଧ୍ୟରେ ପଶି ସତ୍ୟର ଆଲୋକମୟ ନିର୍ମଳ ସରଳ ପଥ ଦେଖାଇଦେବ, ଏହି ବିଶ୍ୱାସରେ ମୋର ପ୍ରାଣ ଆଶ୍ୱସ୍ତ । ମୋର ସେ ସୌଭାଗ୍ୟର ଶୁଭକ୍ଷଣ ଇହଜନ୍ମରେ ଅଛି କି ପରଜନ୍ମରେ ଅଛି ଅଥବା ବହୁଜନ୍ମ ପରେ ଅଛି, ତାହା ତୁମ୍ଭେ ଏକା ଜାଣ ପ୍ରଭୁ ! କିନ୍ତୁ ଅଛି ନିଶ୍ଚୟ, ତୁମ୍ଭେ ପୂର୍ଣ୍ଣପରଂବ୍ରହ୍ମ, ସମସ୍ତଙ୍କୁ ତୁମ୍ଭେ ପୂର୍ଣ୍ଣତା ଆଡ଼କୁ ନେଇଯାଅ, କାହାକୁ ଅପୂର୍ଣ୍ଣ ରଖ ନାହିଁ । ବିଶେଷତଃ ତାହା ତୁମ୍ଭର ସ୍ୱଭାବ ନୁହେଁ । ହେ ବିଚିତ୍ର ଲୀଳାମୟ ହରି, ତୁମ୍ଭର ଅନନ୍ତ ବିଚିତ୍ର ମହାଲୀଳାକୁ ଅସଂଖ୍ୟ ନମସ୍କାର ।

---

## ଦିନକର ଚିନ୍ତା

ଏ କି ଲୀଳା ଲୀଳାମୟ ? ଜୀବନ-ପ୍ରଦୋଷରେ ଏ ଅଗ୍ନିମୟ ଚିତ୍ର କାହିଁକି ଦେଖାଇଲ ହରି ! କେବଳ ଲୀଳା କଅଣ ତୁମ୍ଭର ବେଉସା ହୋଇଅଛି ? ଅନ୍ତିମକାଳରେ ଏ ଦାରୁଣ ଦୃଶ୍ୟ କେମିତି ସ୍ଥିର ଶାନ୍ତିନେଇ ସହିପାରୁ ନାହିଁ ପ୍ରଭୁ ! ତୁମ୍ଭ ପାଖରୁ ମନକୁ ତଣ୍ଡିଦେବାର ଏ ଗୋଟାଏ ଫିକର ନା କଅଣ ? ମନ ତ ସେଇଆ ଖୋଜୁଥାଏ, ତୁମ୍ଭେ ରୋଗୀକୁ ବାଞ୍ଛିତ ଉପଚାର ଯୋଗାଇଦେଲ ; ସବୁ ପୂର୍ଣ୍ଣ କରିଦେବାକୁ ପଣ କରି ନ୍ୟାୟତୁଳରେ ଟିକିଏ ପାସଙ୍ଗ ରଖିଲ କାହିଁକି ? ଗୋଟାଏ ପାଖ ଊଣା କରିଦେଲ, ଏହା କୌତୁକ ନା କୃପଣତା ? ଅଥବା ତୁମ୍ଭେ କାହାରିକୁ ପୂର୍ଣ୍ଣତା ଦିଅ ନାହିଁ ପରା ! ବିଶ୍ୱଚିତ୍ତ-ଚନ୍ଦ୍ରକୁ ବି ତ ଦେଇ ନାହିଁ । ଷୋଳକଳାରୁ ତାକୁ ଊଣା କରିଅଛ । କିନ୍ତୁ ମୋତେ ତ ଦେଇଥିଲ ଦୟାମୟ ! ଦିନେ ମୋ ଆଖିରେ ଆଶାର ରଞ୍ଜିତ ଅଞ୍ଜନ ଲଗାଇଦେଇଥିଲ, ସେହି କୁହୁକମାୟାରେ ମୁଁ ଅପୂର୍ଣ୍ଣତାକୁ ପୂର୍ଣ୍ଣତା ବୋଲି ସ୍ୱପ୍ନ ଦେଖୁଥିଲି । ଆଜି ସେ ରଙ୍ଗ ଦିଆହୋଇଥିବା ସୁଖସ୍ୱପ୍ନ ଭାଙ୍ଗିଦେଲ । ତୁମ୍ଭେ ମଙ୍ଗଳମୟ, ଯାହା କର ତାହା ମଙ୍ଗଳ ସକାଶେ । କିନ୍ତୁ ତୁମ୍ଭର ଏ ମଙ୍ଗଳ ଦାନ ସେ ପିତା ଲଗୁଛି ହରି ! ଏ ମଙ୍ଗଳଦାନ ନ ଦେଇଥିଲେ ମୋ ପ୍ରତି ବରଂ ଅଧିକ ଦୟା ପ୍ରଦର୍ଶିତ ହୋଇଥାଆନ୍ତା ପ୍ରଭୁ ! ତୁମ୍ଭେ ଯେଉଁପରି ଦୟାଳୁ, ସେହିପରି ନିଷ୍ଠୁର । ଅବା ତାହା ହୋଇ ନ ଥିଲେ ତୁମ୍ଭେ ପ୍ରଭୁ ବା ହୁଅନ୍ତ କିପରି ? ଦୋଷର ଦଣ୍ଡ, ଗୁଣର ପୁରସ୍କାର ଦାନ ପ୍ରକୃତ ପ୍ରଭୁର ଧର୍ମ ଓ ସ୍ୱଭାବ । ପୁରସ୍କାର ଦେଇ ଦେଇ ଶେଷକୁ କଅଣ ଏହି ବିଷମ ଶାସ୍ତି ରଖିଥିଲ ? ଅମୃତ ପରେ ବିଷ ଦେବା କି ସୁନ୍ଦର

ନ୍ୟାସ୍ତ ହେଲ ? ଇଚ୍ଛାମୟ ହରି ତୁମ୍ଭେ, ଯାହା ଇଚ୍ଛା କର, ସେ ଅବ୍ୟର୍ଥ ମହାଇଚ୍ଛାକୁ କିଏ ବାଧା ଦେଇ-ପାରିବ ? ଏ ସଂସାର ରୂପ ସୁନ୍ଦର ଲକୁଟିରେ ତୁମ୍ଭେ କି ବିଷପୃଷ୍ଠ ଦେଇଅଛ କେଜାଣି, ତାହା ସ୍ପର୍ଶରେ ନିର୍ମଳ ଜଳ ବି ଗୋଳିଆ ହୋଇଯାଏ, ସଦ୍ଧ ସୁନା ବି ଗିଲ୍‌ଟି ପାଲଟିଯାଏ । ମନୁଷ୍ୟଙ୍କୁ ପରିବାର ବନ୍ଧନରେ ବାନ୍ଧି ଯେତିକି ସୁବିଧା ଦେଇଅଛ, ସେତିକି ଜଞ୍ଜାଳ ବି ଲଦିଅଛ । ସେ ପକ୍ଷେ ପାରିଜାତ ହାର ହେଉ; ମାତ୍ର ତାହା ମଧ୍ୟରେ ଯେଉଁ ବିଷାକ୍ତ ବଜ୍ର କୀଟ ଥାଏ, ତାହାର ଦଂଶନ ଯନ୍ତ୍ରଣା ବଡ ଭୟାବହ । ଶିମିଳି କଣ୍ଢା ଭିତରେ ଅନେକ ମଞ୍ଜି ଥାଏ; ମାତ୍ର କଣ୍ଢା ଫାଟିଲେ କିଏ କୁଆଡେ ଉଡ଼ି-ଯାଏ । ସଂସାରରେ କେହି କାହାର ନୁହେ, ଏହା ଜାଣି ମଧ୍ୟ ଏକ ଅପର ପ୍ରତି ସ୍ନେହମମତା ପୋଷଣ କରି ଅଗ୍ନିଶିଖାକୁ ଆଲିଙ୍ଗନ କରେ—ବିଷଧର ସର୍ପମୁଖରେ ଚୁମ୍ବନ ଦାନ କରେ ଏହାହିଁ ଆଶ୍ଚର୍ଯ୍ୟ ! ମନୁଷ୍ୟର ଏ ଭୁଲ ତୁମ୍ଭରି ଦତ୍ତ ମୋହର ଫଳ । ସଂସାରରେ ଜୀବ ବଡ଼ ନିଃସହାୟ, ସେ ଆତ୍ମଚିନ୍ତା ବା ତତ୍ତ୍ୱ ଚିନ୍ତାରେ ପ୍ରବୃତ୍ତ ହେଲେ ମୋହ ଆସି ତାକୁ ଦୁଃସ୍ୱପ୍ନ ଦେଇ ପୋଛିଦିଏ । ସେହି ମୋହ ତୁମ୍ଭର ପ୍ରତିଭୂ, ତାହାରି ଦ୍ୱାରା ତୁମ୍ଭେ ସବୁ କରାଉଅଛ, ଅଥଚ ନିଜେ ନିର୍ଲିପ୍ତ, ନିର୍ବିକାର ରହିଅଛ, ଏହା ତୁମ୍ଭ ମୋହ ଅପେକ୍ଷା ଆହୁରି ଆଶ୍ଚର୍ଯ୍ୟ । ସଂସାରର ଗତିଗତି ଦେଖିଲେ ନିଃସହାୟ ସନ୍ନ୍ୟାସ-ଜୀବନ ଶ୍ରେୟସ୍କର ବୋଧହୁଏ । ତାହାର ଜୀବନ ତାହାର ନିଜ ପାଇଁ, ପର ପାଇଁ ପସ୍ତ ଯନ୍ତ୍ରହେବା ରୀତି ସେ ଜାଣେ ନାହିଁ । ସେ ଜଗତର ବ୍ୟଥାରେ ବ୍ୟଥୀ; ମାତ୍ର ତାହା ବ୍ୟଥାରେ ବ୍ୟଥୀ କେହି ନାହିଁ । ସେହି ଏକା ଜଗତରେ ପ୍ରକୃତ ସୁଖୀ, ଶାନ୍ତି ତାହାର ଚିର-ସହଚରୀ । କିନ୍ତୁ ସାଧାରଣ ଚକ୍ଷୁରେ ସନ୍ନ୍ୟାସୀ ଦୁଃଖୀ । ସୁଖ ଶବ୍ଦର ଅର୍ଥ ଓଲଟା ବୁଝିବାକୁ ହେବ । ଜଗତ ଯାହାକୁ ସୁଖ ବୋଲି କହେ, ତାହା ଦୁଃଖ ଏବଂ ଯାହାକୁ ଦୁଃଖ ବୋଲି ନିର୍ଦ୍ଦେଶ କରେ, ତାହାହିଁ ପ୍ରକୃତ ସୁଖ । ଏହି ଭାବ ଜୀବନରେ ଅନୁଭୂତ ରହିଲେ ମନୁଷ୍ୟ ଜୀବନ ଖାପଛଡ଼ା ହୋଇଯାଆନ୍ତା । କେବଳ ବୈରାଗ୍ୟରେ ସଂସାର ଚଳେ ନାହିଁ—ଆସକ୍ତି ବି ଆବଶ୍ୟକ, ନଚେତ୍ ସମସ୍ତେ ତ୍ୟାଗୀ, ବୈରାଗୀ ହେଲେ ସୃଷ୍ଟି ଅଚଳ ହେବ । ଏଠାରେ ଜଞ୍ଜାଳ ଦରକାର ପୁଣି ନିର୍ଜ୍ଞାଳ ବି ଦରକାର । ରହସ୍ୟପୂର୍ଣ୍ଣ ସଂସାର ରହସ୍ୟରେ ଗଢା ।

ପରିବାର-ବନ୍ଧନ ଯେବେ ସ୍ନେହ, ପ୍ରୀତିରେ ଗଢା ହୋଇଥାଆନ୍ତା, ଜଣକ ଦେହରେ ବାଥ ହେଲେ ଅପର ସମସ୍ତେ ବ୍ୟଥା-ଛଟିଢା ଅନୁଭବ କରନ୍ତେ, ଜଣେ ମିଷ୍ଟାନ୍ନ ଖାଇଲେ ଅନ୍ୟମାନେ ମଧୁରତା ଅନୁଭବ କରନ୍ତେ, ତାହାହେଲେ ପରିବାର ବନ୍ଧନ ବଡ ସୁଖକର ହୁଅନ୍ତା; ମାତ୍ର ତାହା ତ ହୁଏ ନାହିଁ—କ୍ରୋଧ, ହିଂସା, ମାତ୍ସର୍ଯ୍ୟ ପ୍ରଭୃତି ମାନବ ପ୍ରକୃତିରେ ଜଡ଼ିତ ହୋଇ ରହିଅଛି । ଜୀବନ ଅସ୍ଥାୟୀ, ତହିଁରେ ଏସବୁଡାକ ପୁଣି ଶତ୍ରୁତାସାଧନରେ ନିଯୁକ୍ତ । ମନୁଷ୍ୟ ମଝିରେ ପଡି ଯନ୍ତ୍ରପେଷି ହୁଏ । ତୁମ୍ଭେ ଏ ସଙ୍କଟରେ ତାହାର ସାହା ଭଗବାନ ! ପ୍ରଭୁ, ବିଶ୍ୱର ପ୍ରତ୍ୟେକ ପରିବାରର ପ୍ରତ୍ୟେକ ପ୍ରାଣରେ ପବିତ୍ର ପ୍ରେମ ଦିଅ—ଅନାବିଲ ଆତ୍ମୀୟତା ଦିଅ—ଧର୍ମର ହିରଣ୍ମୟୀ ପ୍ରଭାରେ ମାନବଜୀବନ ଜ୍ୟୋତିର୍ମୟ ହେଉ—କୁବୁଦ୍ଧି, କୁପ୍ରବୃତ୍ତି ଆତ୍ମହତ୍ୟା କରୁ—ପୃଥିବୀ ସ୍ୱର୍ଗ ହେଉ, ମନୁଷ୍ୟ ଦେବତା ହେଉନ୍ତୁ—ସୃଷ୍ଟି ମଧୁମୟ ହେଉ, ଶୁଭ୍ରଦର୍ଶରେ ମାନବସମାଜ ହସିଉଠୁ—ଏହି ଆଶୀର୍ବାଦ କର ପ୍ରଭୁ ! ନଚେତ୍ ପାରିବାରିକ ଅଶାନ୍ତିଜଞ୍ଜାଳରେ ପୃଥିବୀ ରସାତଳଗାମିନୀ ହେବ । ସଙ୍କଟତାରଣ, ଏ ଦୁର୍ବଳର ସଙ୍କଟରୁ ଉଦ୍ଧାର କର ।

---

## ପ୍ରଳାପ

ଉଃ, କି ଯନ୍ତ୍ରଣା, କି ତୀବ୍ର ବିଷଜ୍ୱାଳା ପ୍ରଭୁ ! ତୁମ୍ଭେ ପ୍ରଥମେ ଯେତିକି ସୁଖ ଦେଇଥାଅ, ଶେଷକୁ ସେତିକି ଦୁଃଖ ଦେଇ କି କୌତୁକ ଉପଭୋଗ କର ହେ କୌତୁକ-ପ୍ରିୟ ! ମୋର ମନ ଜାଣି ତ ମୋତେ ସବୁ ଦେଇଅଛ, ବହୁ ଉନ୍ନତ କଳ୍ପରେ ଯାହା ପାଇବାକୁ ମୁଁ ଅଯୋଗ୍ୟ, ତାହା ବି ଦେଇଅଛ । କିନ୍ତୁ ଏ ପୁଣି

କଅଣ, ଶ୍ମଶାନପଥରେ କି ଅଘାତ ! ତୁମ୍ଭର ମୋତେ ପାଳି ପୋଷି ରଖିବା ଯବନର କୁକୁଡ଼ା ପୋଷିବା ପରି ଛନ୍ଦ ! ସେ କୁକୁଡ଼ାର ପ୍ରିୟଖାଦ୍ୟ ଦେଇ ତାକୁ ବଢାଏ—ଅପର ବିପଦରୁ ରକ୍ଷାକରେ—କୋଳରେ ବସାଇ ଗେଲ କରେ; ମାତ୍ର ଶେଷରେ ସବୁ ମମତା ଛଣ୍ଡାଇ ବେକ ଦରକଠା କରି ଛଟପଟ କରି ମାରି-ପକାଏ । ଶେଷକୁ ଯେବେ ଦୁଃଖ ସହିବାକୁ ହେବ, ତେବେ ସୁଖର ସ୍ୱାଦୁ ଚଖାଅ କାହିଁକି ? ବରଂ ଅନ୍ଧାରରେ ସର୍ବଦା ରଖିବା ଭଲ; ମାତ୍ର ଟିକିଏ ଆଲୁଅ ଦେଖାଇଦେଇ ପୁଣି ଅନ୍ଧାର କରିଦେବା ଚକ୍ଷୁଦ୍ୱୟକୁ ଅନ୍ଧ କରିଦେଲା ପରି । ଆଲୁଅ ନିଭିଯାଏ; ମାତ୍ର ତାହାର ସ୍ମୃତିଚିହ୍ନ ଲିଭେ ନାହିଁ—ବଡ଼ ପୀଡ଼ା ଦିଏ । ଗୃହବିପ୍ଳବ, ପାରିବାରିକ ଅଶାନ୍ତି, ପ୍ରାଣର ସବୁ ସୁଖ-ସୁବିଧା ଗ୍ରାସ କରିଦିଏ ହରି ! ଅଗ୍ନି-ମଣ୍ଡାରୁ ସାର ବୃଷ୍ଟିକିଏ । ସେ ଅବାଞ୍ଛନୀୟ ଅପ୍ରିୟ ଦୃଶ୍ୟ ଚକ୍ଷୁରୁ ଲୋପାଣ ହୁଡ଼ିଏ । ତାହା ତେତେ ବାଧନ୍ତା ନାହିଁ; ମାତ୍ର ଅଭାବ ଅସୁବିଧା ବଡ଼ ବାଧେ । ଯେତେବେଳେ ଶାନ୍ତି ଦରକାର, ତେତେବେଳେ ନାନାବିଧ ଦୁଶ୍ଚିନ୍ତା ଗନ୍ତବ୍ୟପଥର କଣ୍ଟକ ହୁଏ କି ଯାଣାଯମ ! ଏ ସଂସାରଟା କରୁଣ କବିତାରେ ଗଢା, ସେ କବିତା ପୁଣି ବିଷମ ସମସ୍ୟାରେ ପୂର୍ଣ୍ଣ । ଉତ୍ତେଜନାବଶତଃ ସଂସାର ତ୍ୟାଗର କଳ୍ପନା ସହଜ ବୋଧ ହୋଇପାରେ; ମାତ୍ର ସଂସାର ତ ତାହାକୁ ଛାଡ଼େ ନାହିଁ, ତାକୁ କିଏ କିପରି ଛାଡିବ ? ବୃଥାକୁ ଛାଡିବାକୁ ଇଚ୍ଛାକଲେ ସୃହ ତାକୁ ଛାଡିଦେବ କି ? ସ୍ୱାର୍ଥ ହେଉଛି ଆତ୍ମୀୟତା । ସ୍ୱାର୍ଥ ନ ଥିଲେ ମନୁଷ୍ୟ ପକ୍ଷୀ ପରି ନିର୍ମମ ହୋଇଥାଆନ୍ତା । କିଏ ସଂସାର ତ୍ୟାଗ କରିବ—ଅନ୍ତର ତେତେ କଅଣ କରିବ—କିଏ ଗୃହତ୍ୟାଗ କରିବ; କିନ୍ତୁ ମୁଁ କଅଣ ତ୍ୟାଗ କରିବି ଭାବି ପାଉ ନାହିଁ । ଯିବାକୁ ବସିଲଣି, ତେବେ ସୁଦ୍ଧା 'ମୁଁ' ଅକ୍ଷରଟି ଛାଡିପାରିଲି ନାହିଁ ପୁଣି ଯେଉଁ ଦେହଟାକୁ ମୋର ମୋର କହି ଫୁଲେଇହୁଏ ସେ ଦେହର ରୋଟାଏ ରୋମତ୍ୟାଗ କରିବାର ଅଧିକାର ବି ମୋର ନାହିଁ; ତେବେ ଆଉ ତ୍ୟାଗ କରିବି କଅଣ ଛନ୍ଦ ! ତଥାପି 'ଅତ୍ୟାଗୀ ହେବି ନାହିଁ—କେତେଟା ସଙ୍କଳ୍ପ ଦୀର୍ଘନିଃଶ୍ୱାସ ଏବଂ ଅଶ୍ରୁତ୍ୟାଗ କରିବାକୁ ହେବ । ଏକାଳରେ ସଂସାରର ଯେଉଁ ଅଘାତ ଅସି ଲଗୁଅଛି, ସେ ବଥାରେ ଅଷ୍ଟାଙ୍ଗ ଭାଙ୍ଗି-ଯାଉଅଛି । ଏତେବେଳେ ତୁମ୍ଭେ ଏକା ଭରସା ହରି । ସଙ୍କଟ ଆଣି ଦେଉଅଛ ପୁଣି ସଙ୍କଟରୁ ଉଦ୍ଧାର କରୁଅଛ—ଏହି ତ ତୁମ୍ଭର ଖେଳ ଲୀଳାମୟ ! ତୁମ୍ଭର ବିଚିତ୍ର ଲୀଳା, କୁଟିଳ କୌତୁକ କିଏ ବୁଝି-ପାରିବ ? ତୁମ୍ଭେ ଯେବେ ସମସ୍ତଙ୍କ ମନରେ ଶୁଭପ୍ରେରଣା ଆଣି ଦିଅନ୍ତ—ଅଶୁଭ ପ୍ରେରଣା ଅସିଲାକ୍ଷଣି ତାହାର ଟର୍ଣ୍ଣି ଚିପି ମାରନ୍ତ, ତେବେ ଏ ମାଟିର ପୃଥିବୀ ସ୍ୱର୍ଗ ହୋଇଥାଆନ୍ତା; ପାପ, ତାପ ଯେଉଁଠାରେ ଅଧିକାର ବିସ୍ତାର କରିବାକୁ ସାହସୀ ହୁଅନ୍ତା ନାହିଁ ।

କ୍ଷୁଦ୍ର ମନୁଷ୍ୟ ତାହାର କ୍ଷୁଦ୍ର ଜୀବନ-ତରଣୀଖଣ୍ଡି ସଂସାର-ସମୁଦ୍ରର ବିପଦ-ବାତ୍ୟା-ଭୀଷଣ, ତରଙ୍ଗ-ମୁଖର ଅନନ୍ତବକ୍ଷରେ ଭସାଇଦେଇ କେତେ ସୁଖଦୁଃଖ, ହର୍ଷବିଷାଦର ଦୃଶ୍ୟ ଦେଖି ଦେଖି ଚାଲିଅଛି । ତାହାର ଏ ଗତିର ଲକ୍ଷ୍ୟ କିଏ—ଶେଷ କେଉଁଠାରେ, ତାହା ସେ ଜାଣେ ନାହିଁ । ଆଶା-ବିଶ୍ୱାସ ତାକୁ ଯେଉଁ ଆଡକୁ ଠେଲିନେଇଯାଉଅଛି, ସେ ସେହି ଆଡ଼କୁ ଚାଲିଅଛି । ତାହାର ସ୍ପର୍ଦ୍ଧା କେତେ ଯେ, ଏହି ଅବ୍ୟାହତ ଗତିକୁ ସେ ଇଚ୍ଛାଧୀନ କରି ଫେରାଇପାରିବ । କେହି ବର୍ତ୍ତମାନକୁ ଧରି କାର୍ଯ୍ୟବ୍ୟସ୍ତ, ପୁଣି କେହି ଭବିଷ୍ୟତକୁ ବର୍ତ୍ତମାନରେ ମିଶାଇ ଦୂରଆଡକୁ ଚାହିଁ ସ୍ୱବଚିନ୍ତ କର୍ମପନ୍ଥା ବାଛିନେଇଅଛି ଏବଂ ବିପଦ ବାଧାକୁ ଖାତର ନ କରି ସେହି ଦୁର୍ଗମ ପଥରେ ଅଗ୍ରସର ହେଉଅଛି । ଏହି ଦ୍ୱିତୀୟ ବ୍ୟକ୍ତି ପରିଣାମଦର୍ଶୀ ଏବଂ ସଂସାର ଧର୍ମରେ ପଣ୍ଡିତ । ନିତ୍ୟ ନବଦୃଶ୍ୟ ଦର୍ଶନର ବିଚିତ୍ର ରଙ୍ଗାଳୟ ଏ ସଂସାର ଶାନ୍ତିର ସ୍ଥାନ ନୁହେଁ, ଏଠାରେ ଶାନ୍ତି ମିଳେ ନାହିଁ—ଶାସ୍ତି ମିଳେ । ଫୁଲହାର ପିନ୍ଧିବା ପାଇଁ କେହି କାରାଗାରକୁ ଯାଏ ନାହିଁ । ସେଠାରେ ହାର ଦୁର୍ଲଭ; ମାତ୍ର ପ୍ରହାର ସୁଲଭ । ଯେ ପ୍ରହାର ସହିବାକୁ ଡରେ ନାହିଁ—ବଜ୍ରକୁ ହସି ହସି ଛାତି ପତାଇଦିଏ, ସଂସାର ତାହା ନିକଟରେ କ୍ଲୀବ । ଏହିପରି ବିଜୟୀ ବୀର ଲଲାଟରେ ଜୟଟିକା ଦେଇ

ଯଶଲକ୍ଷ୍ମୀ ତାଙ୍କୁ ସାଦରରେ ବରଣ କରନ୍ତି । ତାହାର ସବୁ ଆପଦ ବିପଦ ଶୂନ୍ୟରେ ମିଳାଇଯାଏ । ସେ କାହାରି ଅପେକ୍ଷା ନ କରି ନିଜର କର୍ତ୍ତବ୍ୟ ପଥରେ ଖଟିଥାଏ, ତାହା ପଛରେ ହଜାରେ ଷଡ଼ଯନ୍ତ୍ର ହେଲେ ସୁଦ୍ଧା ସବୁ ଫସର ଫାଟିଯାଏ । ପ୍ରଭୁ, ମୋର ଗୋଟିଏ ପ୍ରାଣର ଗୁହାରି ଶୁଣିବାକୁ ଭବ୍ୟ ଅବଧାନ ହେଉ । ମୁଁ ସବୁ ତ୍ୟାଗ କରେ ପଛେ; ମାତ୍ର ମୋତେ କର୍ତ୍ତବ୍ୟ ତ୍ୟାଗ କରିବାକୁ ଦେବ ନ ଦିଅନ୍ତୁ । ସେ ମୋର ପ୍ରାଣର ପ୍ରାଣ—ପରମ ପ୍ରାଣ, ତାଙ୍କୁ ମୋ ଜୀବନ ସଙ୍ଗରେ ସମ୍ମିଳିତ କର !

ସଙ୍କଟତାରଣ ! ଆଉ ଗୋଟିଏ ପ୍ରାର୍ଥନା କରିବି; କିନ୍ତୁ ତାହା ପ୍ରାର୍ଥନା ନୁହେ—ଅଣ ଅଥବା ଉକ୍ତି । ମନୁଷ୍ୟ ପରି ତୁମ୍ଭର ତ ଅବସ୍ଥାବିଶେଷ ଘଟେ ନାହିଁ ! ସୁତରାଂ ତୁମ୍ଭେ ବାଳକ ନୁହ, କି ଯୁବକ ନୁହ, କି ବୃଦ୍ଧ ନୁହ ; ବୁଢା ହୁଅ ନାହିଁ ବୋଲି ବୁଢାକାଳର କଷ୍ଟ ଅନୁଭବ କରିପାର ନାହିଁ । ଦେହରେ ନ ନିଭେଇଲେ ଯେ ଯନ୍ତ୍ରଣା ଜାଣି ହୁଏ ନାହିଁ ! ବୃଦ୍ଧର ପ୍ରାଣ ବଡ଼ ହାହାମୟ । ସଂସାର-ଯଜ୍ଞକୁଣ୍ଡ ପାଖରେ ବସି ସୁଦୀର୍ଘକାଳ କର୍ମ-ଆହୁତି ଦେଇ ଦେଇ ଅଗ୍ନି ଉତ୍ତାପରେ ତାହାର ଦେହ ସିଝିଯାଇଥାଏ । ତେତେବେଳେ ତାର ଜୀର୍ଣ୍ଣ ଅବସନ୍ନ ପ୍ରାଣ ଟିକିଏ ବିଶ୍ରାମ ଖୋଜୁଥାଏ । ଏବେ ତ ପ୍ରାଣ ହୁ-ହୁ ହୋଇ ଜଳୁଥାଏ, ତା ଉପରେ ପୁଣି ଦୁଶ୍ଚିନ୍ତା ଘାରିଲେ କଟା ଘାଅ ଉପରେ ଚମ୍ପଟିଲ୍ ପରି ଯନ୍ତ୍ରଣା ଅସହ୍ୟ ହୋଇପଡ଼େ; ତେତେବେଳେ ଶ୍ୱାସରୁଦ୍ଧ ହୋଇଆସେ । ଅଶ୍ରୁକୂପରେ ରୁଦ୍ଧ ହୃଦୟସନ୍ତାପ ବାହାରିପଡ଼ିଲେ ବେଦନା ଟିକିଏ ଶାନ୍ତ ହୁଅନ୍ତା; ମାତ୍ର ଅଶ୍ରୁର ଝର ବନ୍ଦ ହୋଇଯାଏ । ଏ ଦଣ୍ଡ ପରମ ଶତ୍ରୁ ପ୍ରତି ବାଞ୍ଛନୀୟ ନୁହେ । ପ୍ରାଣ ଅବସନ୍ନ, ଇନ୍ଦ୍ରିୟ ଅବସନ୍ନ, କର୍ମଶକ୍ତି ଅବସନ୍ନ, ମନ ତେଜ-ଉତ୍ସାହ ଅଚଳ ମୂର୍ଚ୍ଛା ଅବସ୍ଥାପ୍ରାପ୍ତ । ଏ ଅବସ୍ଥାରେ ତାଙ୍କୁ ଦୁଶ୍ଚିନ୍ତାରେ ପକାଇଲେ ଫୁଟୁଥିବା ତେଲ କରେଇରୁ ନେଇ ଜଳନ୍ତା ଚୁଲିରେ ପକାଇବା ପରି ନୁହେ କି ବିଷମୟ ! ଯେତେବେଳେ ସେ ଛୁଟି ଖୋଜୁଥାଏ, ତେତେବେଳେ ତାକୁ ଚିନ୍ତା ଆଣିଦେବା ତାହା ପ୍ରତି କଠୋର ଅଭିଶାପ ସିନା ! ପ୍ରଭୁ ମୋର ଏତିକି ମାଗୁଣି ଯେ, ମନୁଷ୍ୟ ବୃଦ୍ଧ ହେଲେ ତାହା ପ୍ରତି ଆଉ ଦୁଶ୍ଚିନ୍ତା, ଦୁଃସଙ୍କଟ ବ୍ୟବସ୍ଥା କରିବ ନାହିଁ, ସେ ଦୟାର ପାତ୍ର । ତାକୁ ସଂସାରଜଞ୍ଜାଳରୁ ଦୂରରେ ରଖିବ । ଅନର୍ଥକ ସଂସାର ଜଞ୍ଜାଳ ବୃଦ୍ଧର ବ୍ୟକ୍ତିତ୍ୱକୁ ବି ତୁଚ୍ଛ କରିଦିଏ । ବୃଦ୍ଧର ପ୍ରାଣରୁ ସଂସାର ଚିନ୍ତା କାଢ଼ିଦେଇ ଉଚ୍ଛ୍ୱାସ କରିଦେବ । ଘାଆରୁ ପୂଜ କାଢ଼ିଦେଲେ ବଜାଛଟିବାରୁ ତାହୁ ମିଳେ । ସଂସାରରେ ଯିଏ କେହି କୃପା-ପାତ୍ର ଥାଏ, ତେବେ ସେ ବୃଦ୍ଧ । ତେତେବେଳେ ସଂସାର ତାକୁ ଭ୍ରୂକୁଟି ଦେଖାଉଥାଏ, ସୁତରାଂ ତାହାର ପ୍ରାଣ ଆଶ୍ରୟ ଖୋଜି ବୁଲୁଥାଏ । ନିରାଶ୍ରୟକୁ ଆଶ୍ରୟ ଦେବା କୃପାର ଶ୍ରେଷ୍ଠ ନିଦର୍ଶନ । ତୁମ୍ଭେ ତ ନିରାଶ୍ରୟର ଚରମ ଆଶ୍ରୟ, ଏହା କି କଅଣ ନ ଜାଣ ପ୍ରଭୁ ! ହେ ପିତା, ମହାପିତା, ପରମପିତା, ଅଦ୍ୱିତୀୟ ପିତା, ତୁମ୍ଭର ସ୍ଥବିର ପୁତ୍ରକୁ କୋଳକୁ ଟାଣିନେଇ ପ୍ରେମାମୃତ ପାନ କରାଅ, ତାର ଶାନ୍ତିସୁଖ ସେହିଠାରେ ଅଛି । ଅଧିକ ଦିନ ଜୀବିତ ରହିବା ବୃଦ୍ଧ ପକ୍ଷରେ ଅଭିଶାପ । ତୃତୀୟ ଭିକ୍ଷା ଏହି ଯେ, ଉତ୍କଳ-କନ୍ୟାଙ୍କ ଭାଗ୍ୟରୁ ମୂର୍ଖତାର ଭାଲୁଣି କାଢ଼ିଦିଅ, ସେମାନେ ଶିକ୍ଷିତା ହୋଇ ଅତୀତ ଗୌରବ ଆଦର୍ଶ ଧାରଣ କରନ୍ତୁ । ସ୍ତ୍ରୀଶିକ୍ଷା ଅଭାବରେ ଏ ଦେଶର ପୁରୁଷ-ଶିକ୍ଷା ବ୍ୟର୍ଥ ହେଉଅଛି । ପକ୍ଷୀର ଗୋଟାଏ ପକ୍ଷ ଅକର୍ମଣ୍ୟ ହେଲେ ଅନ୍ୟପକ୍ଷରେ ଗରୁଡ଼ର ବଳ ଥାଇ କଅଣ ହେବ ? ଦିନ ଥିଲା, ତେତେବେଳେ ଶିକ୍ଷାସଭ୍ୟତାରେ ଉତ୍କଳ-କନ୍ୟାମାନେ ପୁରୁଷର ସମକକ୍ଷତା ଲାଭ କରିଥିଲେ । ଏବେ ଆଉ ସେ ସୁବର୍ଣ୍ଣ ଯୁଗ ନାହିଁ । ସ୍ତ୍ରୀମାନେ ଅଶିକ୍ଷିତା, ସୁତରାଂ ଅନ୍ଧ । ସେହି ହେତୁ ସମାଜ ଏକଆଖିଆ ଶୁକ୍ର ହୋଇ ରହିଅଛି । ନାରୀଜାତିର ଧର୍ମ-ଜ୍ଞାନର ଉନ୍ମେଷ ନାହିଁ, ଗୁରୁସେବା, ପତି-ସେବାରେ ସେମାନେ ଉଦାସୀନ । ଅତି ପ୍ରୟୋଜନୀୟ ଗାର୍ହସ୍ଥ୍ୟ କାର୍ଯ୍ୟରେ ନିପୁଣତାର ଅଭାବ, ହିତାହିତ ଜ୍ଞାନ ଅତି କ୍ଷୀଣ, ଏଣୁ ସମାଜରେ ନାନା ପାପ, ନାନା ଅତ୍ୟାଚାର ଓ କୁସଂସ୍କାର ଚେର ଭିଡ଼ି ରହିଅଛି । ଯେଉଁ ଦେଶରେ ସ୍ତ୍ରୀଶିକ୍ଷାର ପ୍ରସାର ଯେତେ ଅଧିକ, ସେ ଦେଶର ସମାଜ ତେତେ ଉଜ୍ଜ୍ୱଳ,

ତେବେ ଉନ୍ନତ । ସ୍ତ୍ରୀଶିକ୍ଷା ଅଭାବରୁ ଏ ଦେଶରେ ଗୃହଭେଦ, ଭ୍ରାତୃଭେଦ, ପାରିବାରିକ ଅଶାନ୍ତି, ଦ୍ୱେଷ-କଳହ ପ୍ରଭୃତିର ଭୟଙ୍କର କୁଟିଳ ସମାଜର କଳଙ୍କ ହୋଇ ରହିଅଛି । ତଦ୍ଦ୍ୱାରା ପୁରୁଷ ଶିକ୍ଷାର ମହତ୍ତ୍ୱ ଖର୍ବ, କଳୁଷିତ ଓ ମ୍ଳାନପ୍ରଭ ହେଉଅଛି । ଅଶିକ୍ଷିତା ମାତାର ଅଯତ୍ନପାଳିତ ସନ୍ତାନ ଭୀରୁ, ଅପରିଚ୍ଛନ୍ନ ଓ ଦୁର୍ବଳ ହେଉଅଛନ୍ତି । ସେମାନଙ୍କ ବୁଦ୍ଧି, ପ୍ରତିଭା ବିକଶିତ ହୋଇପାରୁ ନାହିଁ । ସମାଜରେ ପ୍ରଧାନ ଅବଲମ୍ବନ ସ୍ତ୍ରୀପକ୍ଷ ଦୁର୍ବଳ ହେଲେ ଯେଉଁ ସବୁ ଦୁର୍ଗତି ଘଟେ, ଉତ୍କଳ-ସମାଜ ଭାଗ୍ୟରେ ତାହାହିଁ ଘଟିଅଛି । ପ୍ରଭୁ, ଏ ଉତ୍କଳ ତୁମର ପ୍ରତ୍ୟକ୍ଷ ପ୍ରିୟ ଲୀଳାକ୍ଷେତ୍ର, ତାହାର ଏ କଳଙ୍କ ଶୋଭନୀୟ ନୁହେ । ହେ ଜଗନ୍ନାଥ, ତୁମ ପବିତ୍ର ଧାମର ଗୌରବ ତୁମ୍ଭେ ଉଦ୍ଧାର କର, ସ୍ତ୍ରୀ-ଶିକ୍ଷାରେ ଉତ୍କଳ ଆଦର୍ଶ ହୋଇଉଠୁ । ତୁମର ମଙ୍ଗଳ-ମୟ ପାଦପଦ୍ମରେ ଏହି ଭିକ୍ଷା, ଆଉ କିଛିମାତ୍ର ମାଗୁଣି ନାହିଁ । ଥଳ ଥରରୁ ଅଧିକ ମାଗିଲେ ପ୍ରାର୍ଥନା ବିଫଳ ହୁଏ । ଅତି ଲୋଭରେ ତନ୍ତୀ ମରେ । ପୁଣି ଆଶାମୃଣି ତ ପୂର୍ଣ୍ଣ ହେବାର ନୁହେ, ସେଥିରେ ଯେତେ ଢାଳେ ବି ପୁରେ ନାହିଁ । ଅତି ମାଗିଲେ ନିଜର ତୁଣ୍ଡ ବି ଅମ୍ବିଳା ଲାଗେ ।

---

# ପ୍ରାର୍ଥନା

ହେ ଅଣୋ ଅଣୀୟାନ୍, ମହତୋ ମହୀୟାନ୍, ଜଗତ୍ପିତା ଜଗଦୀଶ୍ୱର, ତୁମ ମହାମହିମାକୁ ଅଶେଷ ପ୍ରଣାମ, ତୁମ ଅନନ୍ତ କରୁଣାକୁ ଅଶେଷ ପ୍ରଣାମ, ତୁମର ଅତୁଳ ଦାନକୁ ଅଶେଷ ପ୍ରଣାମ, ତୁମର ଅଗାଧ ସ୍ନେହ, ବାତ୍ସଲ୍ୟ, ପିତୃତ୍ୱ, ନିତ୍ୟନୂତନତ୍ୱ, ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟକୁ ଅଶେଷ ପ୍ରଣାମ । ହେ ରହସ୍ୟମୟ, ତୁମର ମାୟା, ଲୀଳା ଓ ରହସ୍ୟ ବୁଝିବାକୁ ଦେବଶକ୍ତିର ଅତୀତ । ତୁମ୍ଭେ ଏକ, ଅଦ୍ୱିତୀୟ । ପୁଣି ଏକର ବିଭକ୍ତି ଅନନ୍ତ ଏବଂ ଅନନ୍ତର ସମଷ୍ଟି ଏକ । ସୃଷ୍ଟିର ପ୍ରତ୍ୟେକ ପଦାର୍ଥରେ ତୁମର ଶକ୍ତି ବିଦ୍ୟମାନ, ବସ୍ତୁତଃ ସୃଷ୍ଟିର ପ୍ରତ୍ୟେକ ପଦାର୍ଥ ତୁମର ରୂପାନ୍ତର । ତୁମର ମୂର୍ତ୍ତି ଅନନ୍ତ ଓ ନାମ ଅନନ୍ତ । ସୁତରାଂ ଗୋଟିଏ ମୂର୍ତ୍ତିକୁ ପୂଜା କରିବାଦ୍ୱାରା ଅବା ତୁମକୁ ଗୋଟିଏ ନାମରେ ଡାକିବାଦ୍ୱାରା ସେହି ଅନନ୍ତକୁ କ୍ଷୁଦ୍ର କଲି ବୋଲି କେହି କେହି କହିପାରନ୍ତି; ମାତ୍ର ବୁଝିବା ଉଚିତ ଯେ, ଅନନ୍ତକୁ କଳିବା ସାନ୍ତ ପକ୍ଷରେ ଅସମ୍ଭବ । ସେଥିମଧ୍ୟରୁ ଗୋଟିକୁ ପୂଜା କଲେ ସେହି ଅନନ୍ତକୁ ପୂଜା କରାଯାଏ ଏବଂ ପୂଜାର ଫଳ ତୁମରି ଏକା ଦାନ । ତୁମକୁ ପିତାମାତା ଉଭୟ ନାମରେ ସମ୍ବୋଧନ କରାଯାଏ; କିନ୍ତୁ ତୁମ୍ଭେ ଦୁଇ ମୂର୍ତ୍ତି ନୁହ, ଏକ । ତୁମ୍ଭେହିଁ ମାତା, ତୁମ୍ଭେହିଁ ପିତା । ସ୍ୱଭାବତଃ ପିତା ଅପେକ୍ଷା ମାତାଠାରୁ ଅଧିକ ସ୍ନେହ ମିଳେ । ମାତା ସ୍ନେହମୟୀ, ତାହାର ଦେହ-ପ୍ରାଣ ସ୍ନେହରେ ଗଢା । ମାତୃସ୍ନେହ ବିଶୁଦ୍ଧ ମଧୁର ଏବଂ ପିତୃସ୍ନେହ କଠୋରତାମିଶା ମଧୁର । ଏଣୁହେତୁ ମାତୃରୂପରେ ତୁମକୁ ପୂଜା କରାଯାଏ । ତୁମର ପିତାମାତା ଦୁଇଟି ରୂପ ନୁହେ—ଏକାଧାରରେ ଦୁଇଟି ଉପାଧିମାତ୍ର । ତୁମ ସୃଷ୍ଟିରେ ବାପ, ମାଆ ଦୁହିଙ୍କଠାରୁ ସ୍ନେହ ପାଇବାକୁ ତାହାର ବା ଲୋଭ ନୁହେ ?

ହେ ଦୟାଧର, ତୁମ୍ଭେ ମୋତେ ଜନ୍ମ ଦେଇଅଛ, ପାଳନ କରୁଅଛ, ଆପଦ ବିପଦରୁ ରକ୍ଷା କରୁଅଛ ଏବଂ ସର୍ବପ୍ରକାର ମଙ୍ଗଳଦାନ କରୁଅଛ । ମୁଁ ତୁମ କରୁଣାର ରୂପବନ୍ତ ମୂର୍ତ୍ତି । ପୁତ୍ର ପିତାର କଳା ଘେନି ଜନ୍ମଲାଭ କରେ । ତୁମ୍ଭେ ଅନନ୍ତ ଶକ୍ତିମାନ୍, ମୁଁ ଦୁର୍ବଳ ନୁହେ. ତୁମ୍ଭେ ଜ୍ଞାନସ୍ୱରୂପ, ମୁଁ ମୂର୍ଖ ନୁହେ, ତୁମ୍ଭେ ସତ୍ୟସ୍ୱରୂପ, ମୁଁ ମିଥ୍ୟାବାଦୀ ନୁହେ, ତୁମ୍ଭେ ପୁଣ୍ୟମୟ, ମୁଁ ପାପୀ ନୁହେ, ତୁମ୍ଭେ ମହାତେଜସ୍ୱୀ, ମୁଁ ମୃତ ନୁହେ, ତୁମ୍ଭେ ମହାନହାନ୍, ମୁଁ କ୍ଷୁଦ୍ର ନୁହେ, ତୁମ୍ଭେ ଶାନ୍ତସହିଷ୍ଣୁ, ମୁଁ ଖୁଇଲୁଜିଆ ନୁହେ—ଏହି ଭାବ, ଏହି ବିଶ୍ୱାସ ମୋ ହୃଦୟରେ ଦୃଢ କରିଦିଅ ପ୍ରଭୋ, ଏହି କର୍ମ ମୋର ପ୍ରାଣରେ ମିଶିରହୁ, ବାକ୍ୟରେ ମିଶି ରହୁ ଏବଂ ଉତ୍ସାହରେ ମିଶିରହୁ ? ବଡ଼ଲୋକର ପୁଅ ହୋଇ ମୁଁ ସାନ ହେବି କାହିଁକି ? ତୁମ୍ଭେ ମୋର, ମୁଁ ତୁମର, ମୋତେ ତୁମର ଭାବରେ ପ୍ରଭାବିତ କରିଦିଅ । 'ମୁଁ'ଟି ମୋର ଶତ୍ରୁ, ସେହି ମୁଁ ତୁମକୁ ମୋତେ ବିଭେଦ

କମ୍ପାଇଦେଉଅଛି । ଏହି ବିଚ୍ଛେଦର ମୂଳ ତୁମ୍ଭର ସୃଷ୍ଟ ମାୟା । ସେହି ମାୟା ତୁମ୍ଭର ଶୂନ୍ୟମୟ ପ୍ରତିନିଧି । ସେହି ମୁଁ ରୂପୀ ମାୟାକୁ ମୋ ଦେହରୁ କାଢିନିଅ । ସଂସାରର ମାୟା, ମୋହ, ଜ୍ୱାଳା, ଯନ୍ତ୍ରଣା, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ପ୍ରଭୃତି ଦୁଷ୍ଟବସ୍ତୁ—କୁଭାବ, କୁଚିନ୍ତା, କୁବୁଦ୍ଧି, ଅହମିକା ପ୍ରଭୃତିର ନିପାତ ସାଧନ କରି ମୋତେ ତୁମ୍ଭର ପୂଜା ଫୁଲ ପରି ନିର୍ମଳ, ସୁନ୍ଦର ଓ ପବିତ୍ର କରିଦିଅ । ମୁଁ ତୁମ୍ଭରେ ମିଶିଯାଉ, ମୁଁ ତୁ ହୋଇଯାଉ, ତୁମ୍ଭେ ମିଶି ଏକ ହୋଇଯାଉ—ତୁମ୍ଭର ଶ୍ରୀପାଦପଦ୍ମରେ ମୋର ଏକମାତ୍ର ସକାତର ଅଳି ।

ହେ କରୁଣାମୟ ହରି, ତୁମ୍ଭ ପାଦପଦ୍ମରେ ମୁଁ ଜନ୍ମେ ଜନ୍ମେ ଋଣୀ, ପ୍ରତି ନିଃଶ୍ୱାସରେ ଋଣୀ । ଶ୍ରାବଣର ମୂଷଳଧାର ପରି ତୁମ୍ଭେ ମୋ ଉପରେ ଅଜସ୍ର କରୁଣାଧାର ଢାଳିଦେଉଅଛ । ସେ ଧାର କ୍ଷଣେମାତ୍ର ବିରତ ହେଲେ ମୋର ଅସ୍ତିତ୍ୱ ରହିବ ନାହିଁ । ତୁମ୍ଭେ ମୋ ପ୍ରତି କୌଣସି ପ୍ରକାର କୃପଣତା ପ୍ରକାଶ କରି ନାହଁ । ମୁଁ ଯାହା ମାଗି ନାହିଁ, ତାହା ଦେଇଅଛ । ମୁଁ ଯାହା ପାଇବାକୁ ଅଯୋଗ୍ୟ, ତୁମ୍ଭେ ତାହାଠାରୁ ଅଧିକ ଦେଇଅଛ । କେବଳ ଏତିକି ମାଗୁଛି ଯେ, ତୁମ୍ଭ ପାଦସେବାର ଅଧିକାର ଦିଅ । ମୁଁ ତାହା ପାଇବାକୁ ଅଭାଜନ ହେଲେ ସୁଦ୍ଧା ତୁମ୍ଭ ଦୟାର ଅସାଧ୍ୟ କିଛି ନାହିଁ—ଏ ବିଶ୍ୱାସ ମୋର ଅଛି । ତୁମ୍ଭ ପଦସେବା ମୋର କର୍ତ୍ତବ୍ୟ ହେଉ, ମୋର ନିତ୍ୟକର୍ମ ହେଉ । କର୍ମର ଅନ୍ୟ ପୁରସ୍କାର ମୁଁ ଖୋଜୁ ନାହିଁ ପ୍ରଭୁ, କର୍ମର ପୁରସ୍କାର ସେହି ପଦସେବା ହେଉ । କର୍ମର ପୁରସ୍କାର ସେହି କର୍ମସେବାର ବଦଳିନ ସେହି ସେବା ହେଉ, ମୋର ପ୍ରାଣ କର୍ମମୟ ହେଉ — ସେବାପରାୟଣ ହେଉ । ଚକ୍ଷୁ ତୁମ୍ଭ ମୂର୍ତ୍ତି ଦର୍ଶନ କରୁ, କର୍ଣ୍ଣ ତୁମ୍ଭର ମହିମାଗୀତ ଶୁଣୁ, ଜିହ୍ୱା ତୁମ୍ଭ ପ୍ରେମାମୃତ ପାନରେ ବିହ୍ୱଳ ହୋଇ ତୁମ୍ଭର ମହାଦୟା ଘୋଷଣା କରୁ—ନାସିକା ତୁମ୍ଭର ଛଡ଼ାଫୁଲ ଆଘ୍ରାଣରେ ପରିତୃପ୍ତ ହେଉ—ହସ୍ତ ତୁମ୍ଭ ପଦସେବାରେ ପବିତ୍ର ହେଉ—ଧନ୍ୟ ହେଉ ! ସବୁ କାର୍ଯ୍ୟରେ, ସବୁ ଚିନ୍ତାରେ, ସବୁ କଳ୍ପନାରେ ମୁଁ ତୁମ୍ଭକୁ ଦେଖେ; ତୁମ୍ଭର ଦୟାର ଦାନ ଏବଂ ଆନନ୍ଦ ଭୋଗ କରିବା ପୂର୍ବରୁ ତୁମ୍ଭଙ୍କୁ ସ୍ମରଣ କରି କୃତଜ୍ଞତା ପ୍ରକାଶ କରେ । କର୍ମ ଯନ୍ତ୍ରଚାଳିତ ପରି ହେଉଥାଉ; ମାତ୍ର ଅନ୍ତର୍ଭୂତ ତୁମ୍ଭର ପବିତ୍ର ସ୍ମରଣ କରୁଥାଉ । ମୁଁ ଏକାନ୍ତ ତନ୍ମୟ ହୋଇ ତୁମ୍ଭର ଖଟଣୀ ସେବାରେ ମନ ପ୍ରାଣ ସମର୍ପଣପୂର୍ବକ ଅନାବିଳ ସୁଖାନନ୍ଦ ଉପଭୋଗ କରେ, ଏହା ଅପେକ୍ଷା ମାନବଜୀବନ ପକ୍ଷରେ ଅନ୍ୟ ସ୍ପୃହଣୀୟ କଅଣ ହୋଇପାରେ ? ମୋ ନେତ୍ରରେ ବିଶ୍ୱ ବ୍ରହ୍ମମୟ କରିଦିଅ ଭଗବାନ ! ଜୀବନର ସାୟଂକାଳରେ କୃତାଞ୍ଜଳିପୁଟରେ ନତମସ୍ତକରେ ଏହାହିଁ ଶେଷ ଭିକ୍ଷା ।

ହରି ହେ, ମୁଁ ମୋତେ ଚିହ୍ନିଲେ ତୁମ୍ଭକୁ ଚିହ୍ନିବି । ତୁମ୍ଭେ ମୋ ମଧ୍ୟରେ ଅଛ, ବାହାରେ ଅଛ । ପ୍ରତି ନିଃଶ୍ୱାସ ପ୍ରଶ୍ୱାସରେ ଓଁକାର ରୂପରେ ମୋର ଶରୀର ମଧ୍ୟକୁ ଯାତାୟାତ କରୁଅଛ । ମାତୃଗର୍ଭରୁ ଭୂମିଷ୍ଠ ହେଲାକ୍ଷଣି ଉଆଁ ଉଆଁ ଶବ୍ଦରେ ବ୍ରହ୍ମବାଚକ ଓଁ ଶବ୍ଦ ଉଚ୍ଚାରଣ କରିଥିଲି । ନିଃଶ୍ୱାସ ପ୍ରଶ୍ୱାସରେ 'ଓଁ' ଏହି ଏକାକ୍ଷରୀ ପ୍ରଣବ ମହାମନ୍ତ୍ରର ଧ୍ୱନି ଅନୁଭବ କରୁଅଛି, ତଥାପି ତୁମ୍ଭକୁ ଦେଖିପାରୁ ନାହିଁ କିମ୍ବା ଧାରଣା କରିପାରୁ ନାହିଁ । ଦୟାମୟ, ଦୟା କରି ମୋହର ମଧ୍ୟରେ ମୋତେ ଦର୍ଶନ ଦେଇ ଜୀବନ ସାର୍ଥକ କର ପ୍ରଭୁ ! ସାଂସାରିକ ସମ୍ପଦରେ ମୋ ପ୍ରତି କିଛି ଅଦେୟ ରଖି ନାହିଁ, ଏବେ ପାରତ୍ରିକ ସୁଖସମ୍ପଦ ପାଇଁ ମୁଁ ଲଳାୟିତ । କିନ୍ତୁ କି ଉପାୟରେ ଭିକ୍ଷା କରିବି ଜାଣେ ନାହିଁ । ପ୍ରଭୁ, ପ୍ରାଣ ମଧ୍ୟରେ ବସି ତାହା ଶିଖାଇଦିଅ । ତୁମ୍ଭେ କଳ୍ପତରୁ, ଏ କ୍ଷୁଦ୍ର ପ୍ରାଣରେ ଶୁଭସନ୍ଧି ପ୍ରଦାନ କର ପ୍ରଭୁ !

# କଳାହାଣ୍ଡି-ଭ୍ରମଣ

[ ୨୧ । ୧୧ । ୧୯୩୭ ]

ଉତ୍କଳ ଭିତରର ଅମସୃଣ କଳାହାଣ୍ଡି ରାଜଧାନୀର ଶୋଭା-ପ୍ରଶଂସା ମୁଁ ବହୁଦିନରୁ ଶୁଣି ଆସୁଥିଲି; ମାତ୍ର କଳାହାଣ୍ଡି-ଦର୍ଶନ ମୋ ଭାଗ୍ୟରେ ଘଟି ନ ଥିଲା । ନଭେମ୍ବର ମାସରେ ସେଠାକୁ ଯିବା ପାଇଁ କଳାହାଣ୍ଡିର ସ୍ୱନାମଧନ୍ୟ ମହାରାଜା ମହୋଦୟଙ୍କୁ ଏବଂ ତାଙ୍କର ସୁଯୋଗ୍ୟ ଦେୱାନ ଶ୍ରୀଯୁକ୍ତ ବିନୋଦ-ବିହାରୀ ମହାନ୍ତି ବି. ଏଲ୍. ମହାଶୟଙ୍କୁ ମୁଁ ପତ୍ର ଲେଖିଲି । ଯିବା ଦିନ ସ୍ଥିର ହେଲା । ତହୁଁ ନଭେମ୍ବର ୨୧ତାରିଖ ରାତିରେ ମୁଁ ମୋର ଚିରସହଚର ଶ୍ରୀମାନ୍ ସୋମନାଥଙ୍କୁ ସଙ୍ଗରେ ନେଇ "ପ୍ରବାସେ ବିକ୍ରମ" ସ୍ମରଣପୂର୍ବକ କଳାହାଣ୍ଡି ଅଭିମୁଖରେ ଯାତ୍ରା କଲି । ଜଣେ ଭୃତ୍ୟ ମଧ୍ୟ ସଙ୍ଗରେ ଗଲା । ଆମ୍ଭେମାନେ ଛତ୍ରପୁର ଷ୍ଟେସନରୁ ଡାକଗାଡ଼ିରେ ଗଲୁଁ । ସେଦିନ କାର୍ତ୍ତିକ ପୂର୍ଣ୍ଣିମା ପାଉଥିବାରୁ ଶୁକ୍ଳା ରଜନୀରେ ସୁନ୍ଦର ପ୍ରକୃତି ସ୍ନିଗ୍ଧହାସ୍ୟ ପରି ମନୋରମ ଦିଶୁଥିଲା । ରେଲଗାଡ଼ି ଷ୍ଟେସନ ପରେ ଷ୍ଟେସନ ଅତିକ୍ରମ କରି ଚାଲିଥାଏ । ପଥ ମଧ୍ୟରେ ପ୍ରଭାତ ହେଲା । ସକାଳ ୭ଟା ବେଳେ ଗାଡ଼ି ରମ୍ଭା ଷ୍ଟେସନରେ ପହଞ୍ଚିଲା । ନବୋତ୍କଳ ପ୍ରଦେଶର ପ୍ରଥମ ଲାଟ ମହାମାନ୍ୟ ହୁବାକ୍ ସାହେବ ମହୋଦୟ ଦକ୍ଷିଣ ଗସ୍ତରୁ ଫେରିଆସି ସେଦିନ ରମ୍ଭାରେ ଅବସ୍ଥାନ କରୁ-ଥିଲେ । ସେ ଦିନ ୧୦ଘଣ୍ଟା ସମୟରେ ତାଙ୍କର ପୁରୀ ବାହୁଡ଼ିଯିବାର କଥା ଥିଲା । ତାଙ୍କର ସୁସଜ୍ଜିତ ଟ୍ରେନଖଣ୍ଡି ପ୍ରଭୁଙ୍କ ଅପେକ୍ଷାରେ ଷ୍ଟେସନରେ ଥିବାର ଦେଖିଲି । ସେଠାରୁ ବର୍ଷା ଆରମ୍ଭ ହେଲା । ଏହି ବର୍ଷା ନୂଆପଡ଼ା ପର୍ଯ୍ୟନ୍ତ ଲାଗିଥାଏ । ଦୁଇ ପାଖରେ ଶସ୍ୟକ୍ଷେତ୍ର । ଧାନଗଛଗୁଡ଼ିକ ପକ୍ୱଫଳ-ଭର-ଆନତ ହୋଇ ମାତୃପାଦ ତଳେ ସନ୍ତାନ ସାଷ୍ଟାଙ୍ଗ ପ୍ରଣାମ କଲା ପରି ବସୁମତୀ ପୟରରେ ଲୋଟିପଡ଼ିଥାଆନ୍ତି । ପକ୍ୱଧାନ ଛଡ଼ାରେ ବର୍ଷା-ବାରିବିନ୍ଦୁ ମଣ୍ଡି ରତ୍ନ ସ୍ୱନାକଣ୍ଠୀରେ ମୁକ୍ତା ଲମ୍ବିଲା ପରି ପ୍ରାୟ ସୁନ୍ଦର ଦିଶୁଥାଏ । ଦାନବନ୍ତ କୃଷକର ଆନନ୍ଦ-ସଙ୍ଗୀତର ମଧୁର ମୂର୍ଚ୍ଛନା ବାୟୁଲହରୀରେ ଭାସିଆସୁ-ଥାଏ । ଆଶା ସଫଳ ହେଲେ ଆଶାୟୀ କଣ୍ଠରୁ ଆନନ୍ଦ ଗୀତ ଉତ୍ଥିତ ହେବା ସ୍ୱାଭାବିକ ।

ଅପରାହ୍ନ ପ୍ରାୟ ୧୨ଘଣ୍ଟା ସମୟରେ ବିଜୟନଗର ଷ୍ଟେସନରେ ରେଲ ପହଞ୍ଚିଲା । ସେଠାରେ ଓଲ୍ଟାଇ ରାଏପୁର ରେଲକୁ ଅପେକ୍ଷା କରିବାକୁ ହେଲା । ଆମ୍ଭେ-ମାନେ ରେଲରୁ ଓହ୍ଲାଇ ବିଶ୍ରାମାଗାରରେ ଯାଇ ବସିଲୁଁ । ସେଠାରେ ମୋର ଉପଯୁକ୍ତ ଖାଦ୍ୟପଦାର୍ଥ ମିଳିଲା ନାହିଁ । ମୁଁ ଦେହାନ୍ତ ନ ଜାଣିଲେ ସୁଦ୍ଧା ବୟୋଧର୍ମରେ ବେଦାନ୍ତୀ ହୋଇଅଛି; ନରମ ପଦାର୍ଥ ନ ହେଲେ ଖାଇପାରେ ନାହିଁ । ସେଠାରେ ଯେଉଁ ପକୋଡ଼ି ମିଳେ, ତାହା ପିଆଜ, ଲଙ୍କାମରିଚ ପ୍ରଭୃତି ବହୁ ଅଳଙ୍କାରଯୁକ୍ତ ହେଲେ ସୁଦ୍ଧା ମୋର ଅଖାଦ୍ୟ । ସେ ପକୋଡ଼ି ମୋ ପକ୍ଷରେ ଗୋଡ଼ି ଭଳି । ସୁତରାଂ ଉଦର ତଳ । କେତେ କୋଷା କମଳା ଏବଂ ଗୋଟାଏ କଦଳୀରେ କ୍ଷୁନ୍ନିବୃତ୍ତି କରିବାକୁ ହେଲା । କାଫି ଓ ଚା ସଙ୍ଗରେ ମୋର କେଉଁ କାଳରେ ବନ୍ଧୁତା ନାହିଁ । ଜଳପାନରେ ତୃଷାଦେବୀ ସନ୍ତୁଷ୍ଟ ହେଲେ । ବିଜୟ-ନଗରର ଭାଗ୍ୟରବି ବହୁକାଳରୁ ଅସ୍ତମିତ । ପୂର୍ବେ ଏହା ଉତ୍କଳର ଗଜପତି ସମ୍ରାଟଙ୍କର ଅନ୍ୟତମ ରାଜଧାନୀ ଥିଲା । ପ୍ରଧାନମନ୍ତ୍ରୀ କରଣ-କୁଳତିଳକ ରାୟରାମାନନ୍ଦ ଏ ଅଞ୍ଚଳ ଶାସନପାଳନ କରୁଥିଲେ । ବର୍ତ୍ତମାନ ଏହା ରେଲକୋମ୍ପାନୀର ରାଜଧାନୀ ।

ଅପରାହ୍ଣ ୫ଘଣ୍ଟା ସମୟରେ ସମ୍ବଲପୁରଗାମୀ ରେଲ ଆସି ପହଞ୍ଚିଲା । ଆମ୍ଭେମାନେ ଜିନିଷପତ୍ର ଘେନି ରେଲରେ ବସିଲୁଁ । ହୁଇସିଲ୍ ବଜାଇ ରେଲ ଚାଲିଲା । କେତେଟା ଷ୍ଟେସନ ପରେ ଖୁବ୍ ଯାତ୍ରୀଗହଳ ହେଲା । ସେଦିନ ଗଜପତି ନଗରଠାରେ ମେଣ୍ଢା ଲଢାଇ ହେଉଥିଲା । କେତେକ ଦିନ ମଧ୍ୟରେ ଏ ଯୁଦ୍ଧର ହାରଜିତରେ ପନ୍ଦର ହଜାର ଟଙ୍କା ଉଡ଼ିଯାଇଥିବାର ଶୁଣିଲି । ଏତେ ଟଙ୍କା ବ୍ୟର୍ଥ ଆମୋଦରେ ଉଡ଼ାଇଦେବା କମ୍ ବାହାଦୁରି ନୁହେଁ । "ଧନ ଅର୍ଜିଲେ ମଉଜ କର, ମଉଜେ ସ୍ୱର୍ଗ ନରହରି"—ଏହା ଏ କାଳର ଭାଗବତବାଣୀ । ମେଷମଲ୍ଲଙ୍କର କନ୍ଦାଣ ଦେଖିବା ପାଇଁ ବହୁଦୂରରୁ ବହୁଲୋକଙ୍କର ସମାଗମ ହେଉଥିଲା । ଏଣୁ ଯୁଦ୍ଧଦେଖାଳିଙ୍କ ଯାତାୟାତ ହେତୁ ରେଲଗାଡ଼ିରେ ଖୁବ୍ ଭିଡ଼ ହେଉଥିଲା । ସେମାନେ ବ ବଡ଼ ବୁଦ୍ଧିମାନ୍ । ମେଷ-ଯୁଦ୍ଧ ଦେଖି ମାନବଜନ୍ମ ସାର୍ଥକ କରିବା ପାଇଁ ସେମାନେ ରେଲକୋମ୍ପାନୀର ଆୟବୃଦ୍ଧିରେ ଖୁବ୍ ସହାୟତା କରିଅଛନ୍ତି । ଆମ୍ଭମାନଙ୍କ ବସିବା ଗାଡ଼ିରେ ଶତାଧିକ ଫେରନ୍ତା ଦେଖାଳି ଆସି ପଶିଗଲେ । ମାତ୍ର ସ୍ଥାନାଭାବ ହେତୁ ଅଧିକାଂଶ ଠିଆ-ହୋଇ ରହିଲେ । ପାଇଖାନାକୁ ଯିବାକୁ ବାଟ ନାହିଁ, ପିଲାମାନେ ଜାକିହୋଇ କାନ୍ଦିଉଠିଲେ । କିନ୍ତୁ ରେଲ-କର୍ମଚାରୀମାନଙ୍କର ସେଥିପ୍ରତି ଭ୍ରୂକ୍ଷେପ ନାହିଁ । କୋମ୍ପାନୀ ଖାଲି ଅର୍ଥ ନେବା ପାଇଁ ଦାୟୀ; ମାତ୍ର ଯାତ୍ରୀଙ୍କର ଅସୁବିଧା ବା କଷ୍ଟ ପାଇଁ ଦାୟୀ ନୁହନ୍ତି । ରାତି ଦୁଇଟା ସମୟରେ ଆମ୍ଭେମାନେ କଳାହାଣ୍ଡିରାଜ୍ୟସ୍ଥ କେସିଙ୍ଗା ଷ୍ଟେସନରେ ପହଞ୍ଚିଲୁଁ । କଳାହାଣ୍ଡିର ଫରେଷ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମଧ୍ୟ ରାସ୍ତାରୁ ଫେରିଆସି ସେହି ଷ୍ଟେସନରେ ପହଞ୍ଚିଲେ । ତାଙ୍କର ଡାକ ନାମ ଜଙ୍ଗଲସାହେବ । ତାଙ୍କ ସଙ୍ଗରେ ପରିଚୟ ହେଲା; ସେ କହିଲେ—"ମୋ ସଙ୍ଗରେ ନିକଟବର୍ତ୍ତୀ ଷ୍ଟେଟ ପୋଲିସ ଷ୍ଟେସନକୁ ଚାଲନ୍ତୁ, ସେଠାରେ ରାତ୍ରି ଯାପନ କରି କାଲି ମୋଟରରେ ଭବାନୀପାଟଣା ଯିବେ । ମୁଁ ମଧ୍ୟ ଯିବି, ସଙ୍ଗ ହୋଇ ଯିବା ।" ଆମ୍ଭେମାନେ ତାଙ୍କ ସଙ୍ଗରେ ଯଥାସ୍ଥାନକୁ ଆସିଲୁଁ । ସେ ଲୋକ ପଠାଇ ଆମ୍ଭମାନଙ୍କର ମାଲପତ୍ର ନେଇଗଲେ । ଥାନାର ସାଇଟର ଶ୍ରୀ ବ୍ରଜସୁନ୍ଦର ପଟ୍ଟନାୟକ କେତେ ଘଣ୍ଟାଏ ବସି କର୍ତ୍ତବ୍ୟରେ ନିଯୁକ୍ତ ଥିଲେ । ସେ ଗୋଟାଏ କୋଠରୀ ଖାଲି କରିଦେଲେ, ଆମ୍ଭେମାନେ ସେହିଠାରେ ରାତ୍ରି-ଯାପନ କଲୁଁ । ସକାଳୁଁ ଉଠି ଦେଖିଲି, ପୋଲିସ ଷ୍ଟେସନ ପ୍ରକାଣ୍ଡ ପଡ଼ିଆ ଘେରନ୍ତି ନିର୍ଜନ ସୁପ୍ରଶସ୍ତ ପ୍ରାନ୍ତର ମଧ୍ୟରେ "ବଡ଼ଜଗିରି" ପର୍ବତର ପାଦମୂଳରେ ଅବସ୍ଥିତ । ସାର୍ଥକନାମା ବଡ଼ଜଗିରି ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ କ୍ଷଣ କ୍ଷଣକେ ବିଚିତ୍ର ବେଶ ଧାରଣ କରୁଥାଏ । କେବେ ଭସ୍ମବୋଳା ସମାଧିମଗ୍ନ ମୌନବ୍ରତୀ ଯୋଗୀ, କେବେ ରୌଦ୍ର ଓ ଛାୟାରେ ଶବଳବର୍ଣ୍ଣଲିତ କଳେବର, କେବେ ବା ଭୀଷଣ ଦୈତ୍ୟ ପରି ଗର୍ବୋନ୍ନତ ମସ୍ତକ—ଏହିପରି ବହୁରୂପୀର ଅଭିନୟ ଦେଖାଉଥାଏ । ଥାନା ଚାରିପାଖରେ ସୁନ୍ଦର ଫୁଲ ବଗିଚା; ଯୁଇ, ଶତବର୍ଣ୍ଣ, ସନ୍ଧ୍ୟାମାଳତୀ ପ୍ରଭୃତି ବିବିଧ ପୁଷ୍ପରେ ସମୁଜ୍ଜ୍ୱଳ । ଉଦ୍ୟାନର ପରିକଳ୍ପନା ମଧ୍ୟ ଗମ୍ଭୀର ଭାବବ୍ୟଞ୍ଜକ । ଯେଉଁ ଫୁଲ ପାଖରେ ଯେଉଁ ଫୁଲ ସୁନ୍ଦର ଦିଶିବ, ସେହିପରି ଭାବରେ ମାଳା ଗୁନ୍ଥିଲା ପରି ବୃକ୍ଷଗୁଡ଼ିକ ରୋପିତ ହୋଇଅଛି । ଯୁଇଫୁଲ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲି । ତାହାର ପାଖୁଡ଼ାଗୁଡ଼ିକ ମାଳତୀ ପାଖୁଡ଼ା ପରି; ପଚାରି ବୁଝିଲି, ତାହା ସାଧାରଣ ଯୁଇଫୁଲ । ମାତ୍ର ମାଟି ଗୁଣରେ ଏଭଳି ବୃହତ୍ ସ୍ୱରୂପ ଧରିଅଛି । ସାଧାରଣତଃ ଗିରିକାନନସଙ୍କୁଳ ସ୍ଥାନରେ ଯେପରି ବିବିଧ ପକ୍ଷିବହୁଳତା ଦେଖାଯାଏ, ଏଠାରେ ସେପରି ଦେଖିଲି ନାହିଁ । କେବଳ ମଧ୍ୟାହ୍ନରେ ଚଷାପୁଅର କରୁଣ ଗୀତ ଶୁଣାଯାଉଥିଲା । ସନ୍ଧ୍ୟା ସମୟରେ ଗୋଟିଏ ପକ୍ଷୀର ଘଣ୍ଟା ବାଜିଲା ପରି ଶବ୍ଦ ଶୁଣିଥିଲି । ଦୂରରୁ ଆଉ ଗୋଟିଏ ପକ୍ଷୀ କହୁଣୀସ୍ୱ ସ୍ୱରରେ ତାହାର ଉତ୍ତର ଦେଉଥାଏ । ବୋଧହୁଏ ତପୋବନର ଦମ୍ପତି ପରି ଏ ପକ୍ଷୀ ଦମ୍ପତିର ପ୍ରୀତିରେ ବିଚ୍ଛେଦ ଘଟେ । ପକ୍ଷୀଟିର ନାମ—କାସ୍ତୁ, ବଣ୍ଡ ତାଉଥି । ବଡ଼ଜଗିରି ପାଦତଳରେ ବଙ୍ଗଳାଟିକୁ ଦେଖିଲେ ରାମାୟଣ-ବର୍ଣ୍ଣିତ ଚିତ୍ରକୂଟ ଗିରିମୂଳରେ ଋଷିଆଶ୍ରମର ଚିତ୍ର ମନରେ ଅଙ୍କିତ ହୋଇଯାଏ । ବଡ଼ଜଗିରି ଉଦ୍ୟାନ

ସ୍ଥାନରେ ସ୍ଥାପିତ । ବଙ୍ଗଳାଟି ନାଗପୃଷ୍ଠ ପାଦତଳରେ ଲକ୍ଷ୍ମୀଙ୍କର ଉପମା ଧାରଣ କରିଅଛି କିମ୍ବା ଭକ୍ତ ପାଦତଳେ ଭକ୍ତ ବସିଲା ପ୍ରାୟ ବୋଧହୁଏ । ଢେପିଗାଁରେ ଗୋଟିଏ ଉ. ପ୍ରା. ସ୍କୁଲ ଅଛି, ଛାତ୍ରସଂଖ୍ୟା ୧୪୦ । ଅଧିକାଂଶ ବନ୍ୟଜାତୀୟ । ଅନ୍ତ୍ୟଜ ଜାତିର ଉନ୍ନତିରେ କଳାହାଣ୍ଡି ମହାରାଜାଙ୍କର ସମଧିକ ଆଗ୍ରହ ଏଥିରୁ ସ୍ପଷ୍ଟ-ରୂପେ ଅନୁମିତ ହୁଏ ।

ସ୍ନାନ ପରେ ମୁଁ ବଙ୍ଗଳାର ପଛପଟ ବାରଣ୍ଡାରେ ପୂଜା କରୁଅଛି, ଏହି ସମୟରେ ଜଙ୍ଗଲସାହେବ ଆସି କହିଲେ—ଆପଣ ଘରେ ଭୋଜନ କରି ନାହାନ୍ତି, ମୁଁ କମାବ୍ରାହ୍ମଣ । ମୋର ଓଡ଼ିଆ ପୂଜାରୀ ଅଛି । ରୋଷାଇ ଆରମ୍ଭ ହେଲାଣି, ଆପଣ ମୋ ବସାରେ ଖାଇବେ । ଭୁବନେଶ୍ୱରର ଉପବାସୀ ଉଦର ଏ ଅଯାଚିତ ଅନୁରୋଧ ପ୍ରତ୍ୟାଖ୍ୟାନ କରିପାରେ କି ! ମୁଁ ଆନନ୍ଦରେ ସମ୍ମତ ହେଲି । ଫରେଷ୍ଟ ସୁପରିଣ୍ଟେଣ୍ଡେଣ୍ଟ ବିଶ୍ୱାଳଙ୍କ ବୃଦ୍ଧ ବ୍ରାହ୍ମଣ । ତାଙ୍କର ଏ ଅନୁରୋଧକୁ ମୁଁ ଆଶୀର୍ବାଦ ଜ୍ଞାନ କଲି । ତାଙ୍କ ବ୍ୟବହାରରେ ମୁଁ ବାସ୍ତବରେ କୃତଜ୍ଞ । ଶୁଣିଲି, ସେ ବୟସରେ ବୃଦ୍ଧ ହେଲେହେଁ କର୍ତ୍ତବ୍ୟରେ ଶତହସ୍ତ ଯୁବକ । କିଛିକ୍ଷଣ ପରେ ଥାନାର ସବ୍‌ଇନ୍‌ସପେକ୍‌ଟର ଶ୍ରୀଯୁକ୍ତ ନୀଳାମ୍ବର ନେଗୀ ଆସି ଉପସ୍ଥିତ ହେଲେ । ସେ ଜଣେ କଳାହାଣ୍ଡିବାସୀ ଓଡ଼ିଆ ବ୍ରାହ୍ମଣ । ତାଙ୍କର ନେଗୀ ଉପାଧି ନିୟୋଗୀର ଅପଭ୍ରଂଶ କି ତାହାର ଅନ୍ୟ କିଛି ଅର୍ଥ ଅଛି, ତାହା ମୁଁ ଅଜ୍ଞାତ ; ଶୁଣିଲି ତାହା ରାଜଦତ୍ତ ଉପାଧି । ନେଗୀ ମହାଶୟ ପୂର୍ବରୁ ମୋର ଫଟୋ ଦେଖିଥିଲେ । ସେହି ସୂତ୍ରରେ ସେ ମୋତେ ଚିହ୍ନିପାରି ପୁରୁଣା ବନ୍ଧୁ ପରି ବ୍ୟବହାର କଲେ । ତାଙ୍କ ଭଳି ବଳିଷ୍ଠ, ସଦାଚାରୀ ଏବଂ ମିଷ୍ଟଭାଷୀ ପୋଲିସବିଭାଗର ଅଳଙ୍କାର । ସେ ମୋର ଖାଦ୍ୟାଦିର ବ୍ୟବସ୍ଥା କରିବା ପାଇଁ ବ୍ୟସ୍ତ ହୋଇଉଠିଲେ ; ମାତ୍ର ପୂର୍ବବ୍ୟବସ୍ଥା ଶୁଣି ବିରତ ହେଲେ । ଜାଇଫୁଲ ପରି ଶୁଭ୍ର ସୁବାସିତ ସରୁ ଅନ୍ନ, ବିବିଧ ବ୍ୟଞ୍ଜନ ଉପ-ବାସର ଦିବ୍ୟ ପାରଣା ହେଲା । ଶାଗ ବିଶେଷ ଉପାଦେୟ ହୋଇଥିଲା । ଶାଗର ନାମ ପଚାରିବାରୁ ପାଚକ କହିଲା, ଖଜିଶାଗ । ଶାଗର ସ୍ୱାଦୁରେ ମୁଗ୍ଧ ପ୍ରଲୁବ୍ଧ ହୋଇ ମୋର ବୃକୋଦର ମଞ୍ଜି ସଂଗ୍ରହ ପାଇଁ ଉତ୍କଣ୍ଠିତ ହୋଇ-ଉଠିଲା । ଭବାନୀପାଟଣାରେ ମଞ୍ଜି ମିଳେ ବୋଲି ପାଚକଠାରୁ ଶୁଣି ଅଗତ୍ୟା ସେ ଦୁର୍ଦ୍ଦମ୍ୟ ଆତୁରତା ସମ୍ବରଣ କଲି ।

ଅପରାହ୍‌ଣ ୫ଟା ବେଳେ ଭବାନୀପାଟଣାରୁ ମୋଟର ଆସି ପହଞ୍ଚିଲା । ଆନନ୍ଦ ନାୟକ ନାମରେ ଜଣେ କର୍ମକୁଶଳ ମୋଟର ଆରୋହୀଙ୍କର ଜୁହାର ରଖନ୍ତି । ତାଙ୍କ ସଙ୍ଗରେ ସାକ୍ଷାତ୍ ହେଲା । ସୌଜନ୍ୟ ଓ ଶିଷ୍ଟାଚାରରେ ସେ ମୋତେ ଋଣୀ କରିପକାଇଲେ । ୬ ଘଣ୍ଟା ସମୟରେ ନୀଳାମ୍ବର ବାବୁ ଓ ଫରେଷ୍ଟ ସୁପରିଣ୍ଟେଣ୍ଡେଣ୍ଟ ଆମ୍ଭମାନଙ୍କୁ ନେଇ ମୋଟରରେ ବସାଇଦେଲେ । ଆନନ୍ଦବାବୁ ପ୍ରତ୍ୟହ ମୋଟରରେ ଯାତାୟାତ କରନ୍ତି । ସେ ମୋର ବସିବାର ବିଶେଷ ସୁବିଧା କରିଦେଲେ । ସୁପରିଣ୍ଟେଣ୍ଡେଣ୍ଟ ସାହେବ ମୋ ପାଖରେ ବସିଲେ । ୬ଟା ବେଳେ ଢେପିଗାଁରୁ ମୋଟର ବାହାରିଲା । ସେଠାରୁ ଭବାନୀପାଟଣା ୨୧ ମାଇଲ । ମୋଟର ଯାତାୟାତ ପକ୍ଷରେ ସଡ଼କ ଖୁବ୍ ଉପଯୁକ୍ତ । ପଥର ଉଭୟପାର୍ଶ୍ୱରେ ରଥ୍ୟାବୃକ୍ଷଶ୍ରେଣୀ ରୋପିତ ହୋଇ ସୁନ୍ଦର କୁଞ୍ଜ ଏବଂ ତୋରଣ ସଜନା କରିଅଛି । ମଧ୍ୟରେ ମଧ୍ୟରେ ଆଲୋକ ସ୍ତମ୍ଭ । ଅନ୍ଧାର ଆସ୍ତେ ଆସ୍ତେ ଧସିଧସି ହୋଇ ବଢ଼ିଲା ... ୭ । ସମୟରେ ଆମ୍ଭେମାନେ ଭବାନୀପାଟଣା ... ପହଞ୍ଚିଲୁ । ରାଜସିଂହଦ୍ୱାର ସମ୍ମୁଖରେ ମୋଟର ରହିଲା । ମୋର ଆସିବା ସମ୍ବାଦ ମାନନୀୟ ମହାରାଜା ... ଙ୍କ ଛାମୁରେ ଜଣାଇବା ସକାଶେ ... ନନ୍ଦ ବାବୁ ମୋଟରରୁ ଓହ୍ଲାଇଗଲେ । ମୁଁ ମୋଟରରେ ବସି ରାଜଦୁର୍ଗର ଶୋଭା ଦେଖିବାକୁ ଲାଗିଲି । ବୈଦ୍ୟୁତିକ ଆଲୋକମାଳାରେ ହର୍ମ୍ୟାବଳୀ ଅପୂର୍ବ ଶୋଭା ଧାରଣ କରିଅଛି । ସେ ମହାଶୋଭାର ପଟାନ୍ତର ନାହିଁ । ଧବଳ ହର୍ମ୍ୟ ଉପରେ ବୈଦ୍ୟୁତିକ ଆଲୋକ ପଡ଼ି ଚନ୍ଦ୍ରକିରଣରେ କୁନ୍ଦାଇଥିବା ଧୌତ ହେଲା ପରି ଜ୍ୟୋତିର୍ମୟ ଦିଶୁଅଛି । ମନେ ମନେ ଭାବିଲି—ଯେଉଁ ନଗରୀରାଣୀ ଲକ୍ଷ ଲକ୍ଷ ଲୋକଙ୍କର ଭାଗ୍ୟ ସମ୍ପୃକ୍ତ କରୁଅଛି, ସେ ଏହିକି ଦେବମନ୍ଦିରେ

ଜ୍ୟୋତିର୍ମୟୀ ବେଶ ନ ଧରିବ କାହିଁକି ? ସତେ ଯେପରି ନଗରୀ ବହୁଦିନ ପରେ ଅଳକାପୁରୀକୁ ନୀରବ ହାସ୍ୟରେ ପରିହାସ କରୁଅଛି କିମ୍ବା ଜ୍ୟୋତିକୁଞ୍ଜରେ ଜ୍ୟୋତିର ପୁଷ୍ପମାଳା ଫୁଟିଉଠୁଅଛି ଅଥବା ସାତ୍ତ୍ୱିକ ହୃଦୟରେ ସତ୍ତ୍ୱଗୁଣାବଳୀ ଦିବ୍ୟଜ୍ୟୋତିର ମନୋହର ସୃଷ୍ଟି କରିଅଛି । ନଗରୀ ମଧ୍ୟରେ ନୈଶ ଅନ୍ଧକାରର ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ, ସେ ଭୟରେ ପଳାଇଯାଇ ମନୁଷ୍ୟ ହୃଦୟରେ ଲୁଚିରହିଅଛି । ସୌନ୍ଦର୍ଯ୍ୟ ଉପରେ ସୌନ୍ଦର୍ଯ୍ୟ, ଜ୍ୟୋତି ଉପରେ ଜ୍ୟୋତି କିମ୍ବା ପୁଷ୍ପ ଉପରେ ପୁଷ୍ପ ବର୍ଷିଯାଉଅଛି । ସେ ଦୃଶ୍ୟ ଅତି ସୁନ୍ଦର, ଅତି ମଧୁର, ଅତି ପବିତ୍ର ! ଅନ୍ୟର କଥା ଦୂରେ ଥାଉ, ସ୍ୱୟଂ ଶୋଭାଦେବୀ ସେ ଶୋଭା ଦେଖି ଈର୍ଷାରେ ଲଜ୍ଜିତ ହେବେ । ଆଲୋକମାଳାର ଉପମା ନାହିଁ, ସେ ଅନୁପମାର ଉପମା । ଗଗନ-ସୁନ୍ଦରୀ ବିଜୁଳି ଅଞ୍ଚଳୀ ଶେଯରେ ଶୟନ କରି ସୁଖ ସ୍ୱପ୍ନ ଦେଖି ସତେ ଯେପରି ହସିଉଠୁଅଛି କିମ୍ବା ରାଜଲକ୍ଷ୍ମୀ ଦେବୀ ଚତୁର୍ଦ୍ଦିଗରେ ରାଜ୍ୟର ବ୍ୟବହାର ଦେଖୁଅଛନ୍ତି କିମ୍ବା ନଗରୀ ରାଣୀ ନିଜ ଶୋଭାରେ ନିଜେ ମୁଗ୍ଧ ହୋଇ ଆନନ୍ଦ ଆବେଗରେ କ୍ଷଣକ୍ଷଣକେ ଚମକିପଡ଼ୁଅଛନ୍ତି । ସେହି ଆନନ୍ଦ ତାଙ୍କ ଚକ୍ଷୁ-କର୍ଣ୍ଣ-ନାସିକା ଓ ପ୍ରତି ଲୋମକୂପ ପଥରେ ବାହାରି ପଡ଼ୁଅଛି । ସେ ଶୋଭା ଉପଭୋଗ୍ୟ; ତାହା ଲେଖି ଶେଷ କରିହେବ ନାହିଁ ।

କିଛିକ୍ଷଣ ପରେ ଆନନ୍ଦ ବାବୁ ଫେରିଆସି କହିଲେ—ମହାରାଜାଙ୍କର ଆଦେଶ ହେଲା, ଆପଣ କାଶୀପୁର ରାଜାଙ୍କ ବଙ୍ଗଳାରେ ରହିବେ । ଗୋଟିଏ ମୋଟର ଆପଣଙ୍କ ମାଲପତ୍ର ଏବଂ ନୌକରଙ୍କୁ ସେଠାରେ ରଖିଆସି ପରେ ଆପଣଙ୍କୁ ନେଇଯିବ । ପାଚକ, ପରିଚାରକ ପ୍ରଭୃତି ସେଠାକୁ ପଠାଯାଇଅଛି । ଆପଣ ଆସନ୍ତୁ ଅଫିସରେ ବସିବେ । ମୁଁ ଓ ସୋମନାଥ ମଟରରୁ ଓହ୍ଲାଇ ତାଙ୍କ ସଙ୍ଗରେ ଯାଇ ଅଫିସରେ ବସିଲୁଁ । ଅଫିସ ଘରଟି ଚୌକି, ବେଞ୍ଚ, ଟେବୁଲ ପ୍ରଭୃତିରେ ସୁସଜ୍ଜିତ ଏବଂ ବୈଦ୍ୟୁତିକ ଆଲୋକପୁଞ୍ଜରେ ଆଲୋକିତ । ଉପରେ ବିଜୁଳିପଙ୍ଖା ଚତୁର୍ଭୁଜଙ୍କ ମୂର୍ତ୍ତିରେ ଝୁଲୁଅଛି । ତଳେ ଚୌସାର ପାଲି ପରି ଚକଧ କଷ୍ଟର ମର୍ମର ପ୍ରସ୍ତର ବିଛାହୋଇଅଛି । ସେଥିରେ ବୈଦ୍ୟୁତିକ ଆଲୋକ ପ୍ରତିଫଳିତ ହୋଇ ବହୁ ଇନ୍ଦ୍ରଧନୁର ଅପୂର୍ବ ସୁଷମା ସୃଷ୍ଟି କରିଅଛି । ସେ ଶୋଭାର ଉପମା ନାହିଁ, ତାହା ଉପମାର ଅଳଙ୍କାର । ଅଳ୍ପକ୍ଷଣ ପରେ ମୋଟର ଫେରିଆସି ଆମ୍ଭମାନଙ୍କୁ ପୂର୍ବ ନିରୂପିତ ବଙ୍ଗଳାକୁ ଘେନିଗଲା । ଦ୍ରୁତଗାମୀ ମୋଟରରେ ବସି ରାଜଧାନୀର ନାନାଦୃଶ୍ୟ ବାଏସ୍କୋପ ଦେଖିଲା ପରି ଦେଖି ଦେଖି ଅଗ୍ରସର ହେବାକୁ ହେଲା । ଗଳି, ଉପଗଳି ସବୁ ବିଜୁଳି ଆଲୋକରେ ସମୁଜ୍ଜ୍ୱଳ । ସତେ ଯେପରି ରାଜଧାନୀ ସୁନ୍ଦରୀ ଦୀପାବଳୀ ଅମାବାସ୍ୟା ରଜନୀର ଆଲୋକ-ବିଭବକୁ ଛଡ଼ାଇଆଣି ବିଜୟ-ଗର୍ବରେ ହସୁଅଛି । ପ୍ରାୟ ୧୦ ମିନିଟ୍ ମଧ୍ୟରେ ମୋଟର ଆସି କାଶୀପୁର ବଙ୍ଗଳାରେ ଉପସ୍ଥିତ ହେଲା । ମୋଟରରୁ ଓହ୍ଲାଇ ଦେଖିଲୁ ପାକକାର୍ଯ୍ୟ ପ୍ରାୟ ଅଧାଅଧି ହୋଇଗଲାଣି । ଅତ୍ୟଳ୍ପ ସମୟ ମଧ୍ୟରେ ଏରୂପ ସୁବ୍ୟବସ୍ଥା ବାସ୍ତବରେ ଆଶ୍ଚର୍ଯ୍ୟର ବିଷୟ, ମାତ୍ର ରାଜାଦେଶ ଓ ରାଜକୃପାର ତାହା ଅସମ୍ଭବ ନୁହେଁ । ମହାରାଜା ମହୋଦୟଙ୍କର ଅତିଥିବାତ୍ସଲ୍ୟ ଯାହା ଶୁଣିଥିଲି, ଆଜି ଦେହରେ ସେଥିର କିଛିକ୍ଷଣ ଉପଭୋଗ କରି ଚକ୍ଷୁକର୍ଣ୍ଣର ବିବାଦ ମେଣ୍ଟାଇବାକୁ ସମର୍ଥ ହେଲି । ଉଦାର ବଦାନ୍ୟ ହୃଦୟର ବ୍ୟବହାର ଏହିପରି ପ୍ରଶଂସନୀୟ ହେବା ସ୍ୱାଭାବିକ । ମୋ ଭଳି ଜଣେ ସାମାନ୍ୟ ଲୋକପ୍ରତି ମହାରାଜାଙ୍କର ଏରୂପ ସ୍ନେହାନୁକମ୍ପା ବାସ୍ତବରେ ଦୁର୍ଲଭ । ଏହା ମୋର ଆଜୀବନ ସ୍ମରଣୀୟ ହୋଇ ରହିଲା । ମହାମନା ମହାରାଜାଙ୍କର କାର୍ଯ୍ୟ ମହତ୍ତ୍ୱର ଅନୁରୂପ ହୋଇଥାଏ । ବଙ୍ଗଳାଟି ପ୍ରଶସ୍ତ ଏବଂ ପକ୍କା ପ୍ରାଚୀର-ବେଷ୍ଟିତ ରାଜୋଚିତ ସାଜସଜ୍ଜାରେ ସୁସଜ୍ଜିତ ହୋଇ ଅପୂର୍ବ ଶ୍ରୀ ଧାରଣ କରିଅଛି । ତାହାର ପ୍ରତିକକ୍ଷ ଓ ବାରଣ୍ଡା ବୈଦ୍ୟୁତିକ ଆଲୋକରେ ସମୁଜ୍ଜ୍ୱଳ । ଯେପରି ଗୋଟିଏ ଅପ୍ସରା ତଳକୁ ଓହ୍ଲାଇଆସି ରାଜଧାନୀର ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟରେ ମୁଗ୍ଧ ସ୍ତବ୍ଧ ହୋଇ ବସିଅଛି । ପ୍ରାୟ ୯ଘଣ୍ଟା ସମୟରେ ଆମ୍ଭେମାନେ ଆହାରାନ୍ତେ ଶୟନ କଲୁ । ପଥଶ୍ରାନ୍ତି ସୁନିଦ୍ରା ଆନୟନ କଲା ।

ସକାଳୁ ଉଠି ନିତ୍ୟକର୍ମ, ସ୍ନାନପୂଜା ଶେଷରେ ବଙ୍ଗଳାର ସମ୍ମୁଖ ବାରନ୍ଦାରେ ବସି ଦେଖିଲି । ଯେଉଁ ଆଡ଼କୁ ଚାହିଁଲେ ଧବଳମୟ କୋଠା ଧାଡ଼ି ଧାଡ଼ି ହୋଇ ସୁନ୍ଦର ଦିଶୁଅଛି । ଚାରିକି ଏସବୁତକ ମହାରାଜାଙ୍କର ସ୍ୱଚ୍ଛଶୁଭ୍ର କୀର୍ତ୍ତିମାଳା ରୂପ ଧରି ଠିଆ-ହୋଇଅଛି । ସଡ଼କମାନ ଶାଖା ପ୍ରଶାଖା ବିସ୍ତାର କରି ଜାଲ ଛନ୍ଦିଲା ପରି ହୋଇଅଛି । ପଥ ନିର୍ମଳ, ସୁନ୍ଦର ଏବଂ ମୋଟର ଯାତାୟାତର ଉପଯୋଗୀ । ବର୍ତ୍ତମାନ ଭବାନୀପାଟଣାରେ ଯେତେ କୋଠା, ବଙ୍ଗଳା ପ୍ରଭୃତି ଅଛି, ତାହା ସବୁ ବର୍ତ୍ତମାନ ମହାରାଜା ଶ୍ରୀ ଶ୍ରୀ ଶ୍ରୀ ବ୍ରଜମୋହନଦେବଙ୍କ ଅମଳରେ ପ୍ରସ୍ତୁତ । ସହରଟି ସୁସଜ୍ଜିତ ଓ ସୁବନ୍ଦୋବସ୍ତ । ଗୋଟିଏ ବଡ଼ ସହରରେ ଯାହା ଯାହା ଥାଏ, ତାହା ସବୁ ଏଠାରେ ଏକାଧାରରେ ପରିଦୃଷ୍ଟ ହୁଏ । ସମସ୍ତ କୋଠାବାଡ଼ୀ ମହାରାଜାଙ୍କ ପରି-କଳ୍ପନାନୁଯାୟୀ ନିର୍ମିତ । ସହରଟି ଦେଖିଲେ ମହାରାଜାଙ୍କର ସୌନ୍ଦର୍ଯ୍ୟ-ପରିକଳ୍ପନା ଓ ନିର୍ଦ୍ଦୋଷ ଆଦର୍ଶରୁଚିକୁ ଧନ୍ୟବାଦ ନ ଦେଇ କେହି ରହି-ପାରିବେ ନାହିଁ । ତାଙ୍କର କଳ୍ପନା ବଡ଼ ବଡ଼ ଇଞ୍ଜିନିୟରଙ୍କ କଳ୍ପନା ଓ ବୁଦ୍ଧିକୁ ବଳିଯାଇଅଛି । ବିଧାତା ଯାହାଙ୍କୁ ଲୋକରକ୍ଷୀ ଏବଂ ଲୋକଶିକ୍ଷକ ରାଜକୁଳରେ ଜନ୍ମଦିଅନ୍ତି, ତାଙ୍କୁ ଏହିପରି ସମସ୍ତ ଆଦର୍ଶ ଗୁଣଗଣରେ ବିଭୂଷିତ କରି ପ୍ରେରଣ କରନ୍ତି । ମହାରାଜା ବ୍ରଜମୋହନ ଦେବ ସେହିପରି ଜଣେ ବିଧିପ୍ରେରିତ ରାଜପୁରୁଷ । ଏଭଳି ମହତ୍ତ୍ୱ ଓ ଜ୍ଞାନ ବୁଦ୍ଧି ନ ଥିଲେ କେହି ବିଶାଳ ରାଜ୍ୟର ଅଧୀଶ୍ୱର ହୋଇ-ପାରନ୍ତି ନାହିଁ । ନବାଗନ୍ତୁକ ଲୋକ ଭବାନୀପାଟଣା ସହର ଦେଖିଲେ ତାହାକୁ ପଲ୍ଲୀଜାତ ସହର ନ କହି ମୋଗଲବନ୍ଦୀର ପ୍ରକାଣ୍ଡ ସମୃଦ୍ଧିଶାଳୀ ସହର ବୋଲି ନିଶ୍ଚୟ କହିବ । ରାଜ୍ୟର ନାମ ଯେପରି କଳାହାଣ୍ଡି, ମୂର୍ତ୍ତି କାରୁଶିଳ୍ପର ଆଧାର, ତାହାର ଅଧୀଶ୍ୱର ମହାରାଜା ବ୍ରଜମୋହନ ସେହିପରି ଜଣେ ଆଦର୍ଶ କଳାକୁଶଳୀ । ସେ ଏହି ଅଭିନବ ବ୍ରଜଧାମ ସୃଷ୍ଟି କରି ନିଜର ନାମ ଧନ୍ୟ ଓ ସାର୍ଥକ କରିଅଛନ୍ତି ।

ଆନନ୍ଦବିହ୍ୱଳ ନେତ୍ରରେ ସହରର ଶୋଭା ଦେଖୁଅଛି, ଏହି ସମୟରେ ଆସିଷ୍ଟାଣ୍ଟ ଦେବାନ ଶ୍ରୀଯୁକ୍ତ ଫକୀରଚରଣ ମହାନ୍ତି ବି. ଏଲ୍. ଉପସ୍ଥିତ ହୋଇ କହିଲେ — ଆପଣଙ୍କ ଅଭାବ ଅସୁବିଧା ବୁଝିବା ପାଇଁ ମହାରାଜା ମହୋଦୟ ମୋତେ ପଠାଇ-ଅଛନ୍ତି । ଏହା ଶୁଣି ମୁଁ ନ ହସି ରହିପାରିଲି ନାହିଁ । ମନେ ମନେ କହିଲି—କୁବେର ଭଣ୍ଡାରରେ ପିମ୍ପୁଡ଼ି ଭୁଣିଆ, ତାହାର ପୁଣି ଅଭାବ ! ବିସ୍ମୟ କିଛିକ୍ଷଣ ମୋର ବାକ୍ୟ ରୋଧ କରିଦେଲା । କେବଳ ଏତିକି କହିଲି — କିଛି ଅଭାବ ନାହିଁ । ଯେଉଁଠାରେ ଅଭାବର ଅଭାବ, ସେଠାରେ ଅଭାବ ଶବ୍ଦ ଉଚ୍ଚାରଣ ଅସଙ୍ଗତ । ଫକୀର ବାବୁ ହସିଉଠିଲେ । ନମସ୍କାର ଓ ଶିଷ୍ଟାଚାରର ଆଦାନ ପ୍ରଦାନ ପରେ ଅନ୍ୟାନ୍ୟ କଥାବାର୍ତ୍ତାରେ ପ୍ରାୟ ଅର୍ଦ୍ଧଘଣ୍ଟା ଅତିବାହିତ ହେଲା । ଫକୀରବାବୁ କଟକ ଜିଲ୍ଲାବାସୀ । ସେ ଜଣେ ବିନୟୀ, ସଦାଳାପୀ, ବିଚକ୍ଷଣ ବ୍ୟକ୍ତି ଏବଂ ରାଜଭକ୍ତ ପ୍ରବୀଣ ଉଚ୍ଚ ରାଜକର୍ମଚାରୀ । ସେ ଦଣ୍ଡକ ମଧ୍ୟରେ ଚିର ଅପରିଚିତକୁ ସୁଦ୍ଧା ନିଜର କରିନେଇପାରନ୍ତି । ସୁବକ୍ତାରୂପେ ହାକିମ ବୋଲି ତାଙ୍କର ସୁଖ୍ୟାତି ମଧ୍ୟ ଅଛି । ଗର୍ବ ବା ଅଭିମାନ ତାଙ୍କୁ ସ୍ପର୍ଶ କରି ନାହିଁ । କିଛିକ୍ଷଣ ପରେ ସେ ପ୍ରସ୍ଥାନ କଲେ । ଦୁଇଘଣ୍ଟା ପରେ ତାଙ୍କ ଘରୁ ପ୍ରକାଣ୍ଡ ଥାଳୀ-ପୂର୍ଣ୍ଣ ମିଷ୍ଟାନ୍ନସମ୍ଭାର ଆସିଲା । ଭାବିଲି ଏହା ସହୃଦୟତାର ପ୍ରଥମ ଟୋକନ୍ ।

ଅପରାହ୍ନରେ ଦ୍ୱିତୀୟ ମହାରାଜ କୁମାରଙ୍କର ଗୃହଶିକ୍ଷକ ଶ୍ରୀଯୁକ୍ତ ଲୋକନାଥ ମହାପାତ୍ର ଏମ୍. ଏ., ବି. ଏଲ୍ ସ୍ୱତଃପ୍ରବୃତ୍ତ ହୋଇ ଆସି ଉପସ୍ଥିତ ହେଲେ । ସେ ମହାଶୟ "ନମନ୍ତି ଫଳିନୋ ବୃକ୍ଷ" । ସେ ଟ୍ରେନିଂ ପାସ ମଧ୍ୟ କରିଅଛନ୍ତି ; ସ୍ଥାନୀୟ ହାଇସ୍କୁଲର ଆସିଷ୍ଟାଣ୍ଟ ହେଡ଼ମାଷ୍ଟର ଥିଲେ । ଯୋଗ୍ୟତାର ପୁରସ୍କାରସ୍ୱରୂପ ଉପର୍ଯ୍ୟୁକ୍ତ ପଦବୀକୁ ଉନ୍ନୀତ ହୋଇଅଛନ୍ତି । ଏହେ ବିଦ୍ୱାନ୍ କିନ୍ତୁ ସାରଲ୍ୟର ପ୍ରତିମୂର୍ତ୍ତି । କିଛିକ୍ଷଣ ତାଙ୍କ ସହ ସାହିତ୍ୟାଲୋଚନାରୁ ବୁଝିଲି, ସେ ଜଣେ ପ୍ରଚ୍ଛନ୍ନ ସାହିତ୍ୟିକ । ସେ ପୁରୀଜିଲ୍ଲାବାସୀ ।

୪ଟା ସମୟରେ ଟ୍ରେନିଂ ସ୍କୁଲର ହେଡ଼ପଣ୍ଡିତ ଶ୍ରୀଯୁକ୍ତ ବାଳକ ମୁଣ୍ଡ ମହୋଦୟ ଶୁଭାଗମନ କଲେ । ସେ ବୃଦ୍ଧ ବ୍ରାହ୍ମଣ, ମୁଁ ତାଙ୍କର ସମଧର୍ମୀ । ସୁତରାଂ ବନ୍ଧୁତା

ଘଟିବାରେ ବିଳମ୍ବ ହେଲା ନାହିଁ । ସେ କଳାହାଣ୍ଡିର ଖଣ୍ଡିଏ ଇତିହାସ । ତାଙ୍କଠାରୁ ମୁଁ କଳାହାଣ୍ଡିର ଅନେକ ତଥ୍ୟ ଅବଗତ ହୋଇଅଛି । ପୁନଶ୍ଚ ସେ କଳାହାଣ୍ଡିର ଭ୍ରମଣଗୁରୁ । ଉଚ୍ଚଠାରୁ ନିମ୍ନ ପର୍ଯ୍ୟନ୍ତ ଅଧିକାଂଶ ରାଜକର୍ମଚାରୀ ତାଙ୍କର ଶିଷ୍ୟ, ଉପଶିଷ୍ୟ । ପଣ୍ଡିତ ମହାଶୟ ମ୍ୟୁନିସିପାଲିଟିର ସେକ୍ରେଟରୀ କାର୍ଯ୍ୟ ମଧ୍ୟ କରନ୍ତି । ରାଜଦ୍ୱାରରେ ତାଙ୍କର ଖ୍ୟାତି ପ୍ରତିଷ୍ଠା ଅଛି । ତାଙ୍କର ବ୍ୟବହାର ମୋତେ ତାଙ୍କ ନିକଟରେ ଚିରକୃତଜ୍ଞ କରି ରଖିଅଛି । ସେ ଜଣେ ବିଜ୍ଞ, ବହୁଦର୍ଶୀ, ଶାନ୍ତ ମିଷ୍ଟଭାଷୀ ବ୍ୟକ୍ତି । ପଣ୍ଡିତବାଞ୍ଛିତ ଜ୍ଞାନ ଏବଂ ପ୍ରତିଭା ତାଙ୍କର ଯଥେଷ୍ଟ ଅଛି । କଳାହାଣ୍ଡି ଅବସ୍ଥାନ କାଳରେ ପଣ୍ଡିତ ମହାଶୟ ପ୍ରତ୍ୟହ ମୋତେ ଦେଖିବାକୁ ଆସୁଥିଲେ ଏବଂ ବିବିଧ ସଦାଳାପରେ ମୋତେ ଆପ୍ୟାୟିତ କରୁଥିଲେ ; ମହାରାଜାଙ୍କ ଆଦେଶମତେ ମୋ ସାଙ୍ଗରେ ଯାଇ ସ୍ଥାନୀୟ ସମସ୍ତ ଦର୍ଶନୀୟ ସ୍ଥାନ ଦେଖାଇଥିଲେ । ଏ ମହାଶୟ କଳାହାଣ୍ଡିବାସୀ ଏବଂ କଳାହାଣ୍ଡିର ଗୋଟିଏ ଅଳଙ୍କାର ।

ବଙ୍ଗଳା ଜଗୁଆଳଟିର ନାମ ସମ୍ଭୁତାନ୍ । ଲୋକଟି ଚଳନ୍ତା ଶଗଡ଼ରେ ହାତ ଦେବା ଭଳି ପୋକ । ସେ ନିଜର ନାମକୁ ଅତି ଗୌରବାବହ ମଣେ । ଓଡ଼ିଶା ଗଡ଼ଜାତର ସେ ଖଣ୍ଡିଏ ପୁରାଣ-ପୁସ୍ତକ । କେଉଁ କଥା ତାକୁ ଅଛପା ନାହିଁ । ଯେଉଁ ବ୍ୟକ୍ତି ତାହାର ଏଭଳି ନାମକରଣ କରିଥିଲେ, ସେ ନିଶ୍ଚୟ ଜଣେ ଭବିଷ୍ୟଦ୍‌ବେତ୍ତା । ଲୋକଟିର ଗୋଟାଏ ଭଲ ଗୁଣ ଅଛି, ସେ ଖୁବ୍ ଗୀତ ଗାଇପାରେ । ସେ ମଧୁର ମନୋହର ସ୍ୱର-ଲହରୀରେ ଚମ୍ପୂ, ଗୀତଗୋବିନ୍ଦ ପ୍ରଭୃତି ଗାଇପାରେ । ଅନେକ ଗୀତ ତାହାର କଣ୍ଠସ୍ଥ । କେତେ ଥର ସନ୍ଧ୍ୟା ସମୟରେ ସେ ଗୀତ ଗାଇ ମୋତେ ଶୁଣାଇ ଆନନ୍ଦ ପ୍ରଦାନ କରିଅଛି । ସକାଳେ ପୂଜା କରିବାବେଳେ ଫୁଲ ଆଣିଦିଏ । ବଙ୍ଗଳାର ଅଗପଟ ସଡ଼କ ପାଖରେ ଗୋଟିଏ ଫୁଲଗଛ ଅଛି । ତାହାର ଫୁଲସବୁ ଠିକ୍ ଅଙ୍କୁ ଫୁଲ ପରି । ତାହାର ସ୍ନିଗ୍ଧ ସୁବାସ ଦେବଲୋଭନୀୟ । ଏ ଅଞ୍ଚଳରେ ତାହାର ନାମ ଆକାଶମଲ୍ଲୀ । ଗଛ ଖୁବ୍ ବଡ଼, ଫୁଲ ପେଣ୍ଡା ପେଣ୍ଡା ହୋଇ ଫୁଟେ । ତାହା ଏକ-ପ୍ରକାର ବିଦେଶୀୟ ବୃକ୍ଷ । ଶୁଣିଲି କଳାହାଣ୍ଡି କୋର୍ଟ-ଅଫ୍ ୱାର୍ଡସ ଥିବାବେଳେ ସାହେବମାନେ ତାହା ଆଣି ରୋପଣ କରିଥିଲେ । ସମ୍ଭୁତାନ ସେହି ଫୁଲ ଆଣି ମୋତେ ଦିଏ ।

ପାଣି ଦେବା ପାଇଁ ଜଣେ ଗଉଡ଼ ନିଯୁକ୍ତ ହୋଇଥିଲା, ତାହାର ନାମ ଚନ୍ଦ୍ର । କିନ୍ତୁ ତାହାର ରୂପ ଅମା ରଜନୀର ଅଳଙ୍କାର । ଗାଧୋଇବା ତାହାର କୋଷ୍ଠୀରେ ନାହିଁ । ଝେଲ ବା ବରଫ ପରି ପାଣିକୁ ସେ ଯମ ଭଳି ଭୟ କରେ । ମୋ ଚାକରର ସଙ୍ଗରେ ଚନ୍ଦ୍ରର ଖୁବ୍ ଭାବ । ଦିନେ ସେ କହିଲା—ତୁ ନ ଗାଧୋଇଲେ ତୋତେ ଭାତ ଦିଆଯିବ ନାହିଁ । ତେଣୁ *ସେ ଅତି କଷ୍ଟରେ ସେଦିନ ଗାଧୋଇଥିଲା* । ମୋର ଚାକରଟିର ନାମ ନିଶା । କେସିଙ୍ଗାଠାରୁ ଭଲ ଶାଗମଞ୍ଜି ସଂଗ୍ରହର ନିଶା ତାକୁ ଘାରିଥିଲା । ଚନ୍ଦ୍ର ସଙ୍ଗରେ ନିଶାକରର ବନ୍ଧୁତା ଗୋଟାଏ ରାଜଯୋଟକ ହୋଇଗଲା । ତେଣୁ ସେ ବନ୍ଧୁ ସାହାଯ୍ୟରେ ଦୁଇ ପଇସାର ଉପଯୁକ୍ତ ମଞ୍ଜି ସଂଗ୍ରହ କରିନେଲା । ଦିନେ ଚନ୍ଦ୍ର ତାହାର ନୂତନ ବନ୍ଧୁକୁ ଉପହାର ଦେବା ପାଇଁ ମନସ୍ଥ କରି କହିଲା—ଆଜି ତୁମକୁ ପାଚିଲା ବରଫଳ ଆଣି ଦେବି ଖାଇବ । ଏଠାରେ ଏକ ରକମ ବରଗଛ ଅଛି, ତାହାର ଫଳ ବିଲାତିଅଳୁ ପରି ବଡ଼, ଖାଇଲେ ଖୁବ୍ ମିଠା ଲାଗେ । ଏହା ଶୁଣି ନିଶାର ପାଟିରୁ ପଦାର୍ଥ-ବିଶେଷ ବହିପଡ଼ିଲା । ଗୋଟାଏ ନୂତନ ପଦାର୍ଥ ଦେଖିବ ଶୁଣିବ ଚାଖିବ, ଏ ଆନନ୍ଦ, ଏ ଲାଳସାଂକି ସମ୍ଭାଳି ହେବାର କଥା ? କିନ୍ତୁ ପରେ ଦେଖାଗଲା—ବନ୍ଧୁ ଚନ୍ଦ୍ରଟି କେତୋଟି ବରକୋଳି ଆଣି ଭେଟିଲେ । ନିଶାର ଉଦ୍‌ବେଳ ଆନନ୍ଦ ଆକାଂକ୍ଷା ଜୁଆରରେ ଭଟ୍ଟା ପଡ଼ିଗଲା । ସେ କହିଲା—କିରେ ଲବୁଆ, ଏ କଅଣ, ବରଫଳ ନା ବରକୋଳି ? ଲବୁଆ କହିଲା—ଏହି ପରା ବରଫଳ । ନିଶା ଆଉ କଅଣ କରିବ, ଅମ୍ବିଳା ଖାଇଲା ପରି ତାହାର ମନ ଫିକାପଡ଼ିଗଲା । ସେ ବୁଦ୍ଧିମାନ୍ ବନ୍ଧୁରତ୍ନଟିକୁ ଦୁଇମୁଠା ମଧୁର ସମ୍ବୋଧନ ପ୍ରୀତି-ଉପହାର ଦେଇ ନୀରବ ହେଲା । ଏ ଅଞ୍ଚଳରେ ଗଉଡ଼କୁ ଲବୁଆ କହନ୍ତି । ଆଜିକାଲି ଲବୁଆ ବୋଲି କହିଲେ ମୋଟରେ ମୂଳକ ଅର୍ଥାତ୍ ଲମ୍ବକଳକୁ ବୁଝାଇବ ।

ଯେପରି ଖଗଡଆ, ବଳଦଆ ଇତ୍ୟାଦି । ଏ ଅଞ୍ଚଳର ଇତର ଶ୍ରେଣୀରେ "ଣ" "ଳ"ର ବ୍ୟବହାର ପ୍ରାୟ ନାହିଁ । ସେମାନେ ଉକ୍ତ ଦୁଇ ବର୍ଣ୍ଣକୁ "ନ" "ଲ" ରୂପେ ଉଚ୍ଚାରଣ କରନ୍ତି । ଯଥା କହେ—ଉନଷି (ଊଣାଇଶ), ନାହୁନୀ (ନାହୁଣୀ), ସୁଲଣି, କଦଲୀ ଇତ୍ୟାଦି । କିନ୍ତୁ ଶିକ୍ଷିତଶ୍ରେଣୀର ଭାଷା ଓଡ଼ିଶା ଅଞ୍ଚଳର ଭାଷା ପରି, ତାହା ବାରିହୁଏ ନାହିଁ ।

ସନ୍ଧ୍ୟା ସମୟରେ ହେଡ଼ମାଷ୍ଟର ଶ୍ରୀଯୁକ୍ତ ବାସୁଦେବ ପଟ୍ଟନାୟକ ବି. ଏ., ଡି. ଇଡି. ମହାଶୟ ଆସି ପହଞ୍ଚିଲେ । ତାଙ୍କର ପ୍ରଶଂସା ମୁଁ ପୂର୍ବରୁ ଶୁଣିଥିଲି । ତାଙ୍କର ଶିକ୍ଷାଦାନ ପ୍ରଣାଳୀ ଅତି ଉତ୍କୃଷ୍ଟ । ସୁଶିକ୍ଷକମାନଙ୍କର ଯେଉଁସମସ୍ତ ସଦ୍‌ଗୁଣ ଥାଏ, ତାହା ତାଙ୍କଠାରେ ପୂର୍ଣ୍ଣମାତ୍ରାରେ ଦେଖିଲି । ସେ ଜଣେ ଶାନ୍ତ, ସହୃଷ୍ଟ ଏବଂ ସରଳପ୍ରକୃତିବିଶିଷ୍ଟ ପ୍ରବୀଣ ଶିକ୍ଷକ ବୋଲି ତାଙ୍କ ଛାତ୍ରମାନଙ୍କ ମୁଖରୁ ଶୁଣିଅଛି । ତାଙ୍କଠାରୁ ସ୍କୁଲ ବିଷୟରେ ଏବଂ ସ୍ଥାନୀୟ ଶିକ୍ଷା-ବିଧାନ ସମ୍ବନ୍ଧରେ ମୁଁ ଅନେକ ତଥ୍ୟ ଅବଗତ ହେଲି । ଭବାନୀପାଟଣା ହାଇସ୍କୁଲର ଛାତ୍ରସଂଖ୍ୟା ତିନିଶତରୁ ଅଧିକ । ଗୋଟିଏ ଶିଖ ଛାତ୍ର ଆଗାମୀ ବର୍ଗୀୟ ପରୀକ୍ଷାକୁ ନିର୍ବାଚିତ ହୋଇଅଛି । ଅତୀବ ଆନନ୍ଦର ବିଷୟ, ଛାତ୍ରଟି ଓଡ଼ିଆ ଭାଷାକୁ ମାତୃଭାଷା ରୂପେ ଗ୍ରହଣ କରିଅଛି । ବାସୁଦେବ ବାବୁଙ୍କ ଦ୍ୱାରା ସ୍କୁଲର ବିଶେଷ ଉନ୍ନତି ସାଧିତ ହୋଇଅଛି । ସେ ଜଣେ ଆଦର୍ଶ ଶିକ୍ଷକ । ସ୍କୁଲର ଛାତ୍ରଦତ୍ତ ବେତନ ଖୁବ୍ କମ, ତାହା ଓଡ଼ିଶାର ମାଇନର ସ୍କୁଲର ବେତନ ସଙ୍ଗେ ପ୍ରାୟ ସମାନ । ହେଡ଼ମାଷ୍ଟର ବାବୁ କଟକ ଜିଲ୍ଲା-ବାସୀ । ସେ ଶିକ୍ଷାବିଭାଗର ଗୋଟିଏ ରତ୍ନ । ତାଙ୍କ ସଙ୍ଗରେ ନାନା ବିଷୟରେ ଆଲୋଚନା ହୋଇଥିଲା । ସେ ଏକାଧିକ ବାର ମୋର ବସାକୁ ଆସି ମୋତେ ବିଶେଷ ଅନୁଗ୍ରହ କରିଅଛନ୍ତି ।

ଯୁବକ କବି ମାୟାଧର ମାନସିଂହଙ୍କୁ ମୁଁ ଏହିଠାରେ ପ୍ରଥମେ ଦେଖିଲି । ସେ ଅଳ୍ପଦିନ ହେଲା ଆସିଷ୍ଟାଣ୍ଟ ହେଡ଼ମାଷ୍ଟର କାର୍ଯ୍ୟରେ ଏଠାକୁ ଆସିଅଛନ୍ତି । ତାଙ୍କର ଅନେକ ଲେଖା ଏବଂ ଖଣ୍ଡେ ଦୁଇଖଣ୍ଡ ପୁସ୍ତକ ମୁଁ ପଢ଼ିଅଛି । ସେଥିରେ ଯୁବକ-ସୁଲଭ ଟିକିଏ ସ୍ୱେଚ୍ଛାଚାର ପରିଦୃଷ୍ଟ ହୁଏ । ମାତ୍ର ତାହା ଧର୍ତ୍ତବ୍ୟ ନୁହେଁ—ବୟୋଧର୍ମର ପ୍ରଭାବ । ତାଙ୍କର ଗଦ୍ୟ ପଦ୍ୟ ଉଭୟ ଲେଖା ଉଚ୍ଚ ଧରଣର । ନୂତନ ଶିକ୍ଷା ଓ ନୂତନ ଆଦର୍ଶ ସେଥିରେ ଯଥେଷ୍ଟ ଅଛି । ସାହିତ୍ୟକ୍ଷେତ୍ରରେ ତାଙ୍କୁ ପ୍ରତିଷ୍ଠିତ ଦେଖି ମୁଁ ବିଶେଷ ମୁଗ୍ଧ । ତାଙ୍କର ପ୍ରତିଭା ଅତି ମୂଲ୍ୟବାନ୍ । ସେ ମଧ୍ୟ ଏକାଧିକବାର ମୋ ବସାକୁ ଆସି ନାନା ବିଷୟର ଆଲୋଚନା ଦ୍ୱାରା ମୋତେ ଯଥେଷ୍ଟ ଆନନ୍ଦ ଦାନ କରିଅଛନ୍ତି । ଉଚ୍ଚ ଲକ୍ଷ୍ୟ ଘେନି କର୍ମକ୍ଷେତ୍ରରେ ଯଶସ୍ୱୀ ହେବା ତାଙ୍କ ପକ୍ଷରେ ବାସ୍ତବରେ ଗୌରବର ବିଷୟ ।

ଆଜି ଦିନଟି ମୋ ଭାଗ୍ୟରେ ଗୋଟିଏ ସୁଦିନ । ଏତେଗୁଡ଼ିଏ ବିଶିଷ୍ଟ ସୁବନ୍ଧୁ ଲାଭ କରିବା ପରମ ସୌଭାଗ୍ୟର ବିଷୟ । ସଜ୍ଜନ ସଙ୍ଗ ସଦାଳାପ ସଂସାର ବିଷବୃକ୍ଷର ଗୋଟିଏ ଅମୃତ ଫଳ ବୋଲି ଯାହା ମହାଜନୋକ୍ତି ଅଛି, ତାହା ସତ୍ୟ ଓ ସାର୍ଥକ । ଆଜି ଦିନଟି ମହାସୁଖ ଓ ମହାନନ୍ଦରେ ଅତିବାହିତ ହେଲା । ନୈଶ ଭୋଜନ ପରେ ମୁଁ ନିଦ୍ରାଦେବୀଙ୍କ ଆରାଧନାରେ ଆତ୍ମନିୟୋଗ କଲି । ଦେବୀ ମଧ୍ୟ ସେଦିନ କରୁଣା-ଦାନରେ କୃପଣତା କରି ନାହାନ୍ତି ।

ଅବାଧ ଅଭ୍ୟାସ ହେତୁ ରାତ୍ରିର ଶେଷଯାମରେ ନିଦ୍ରା ଭାଙ୍ଗିଗଲା । କାର୍ତ୍ତିକବ୍ରତୀମାନଙ୍କର ଶଙ୍ଖ ହୁଳହୁଳି ଶବ୍ଦରେ ରଜନୀ ମୁଖରିତ ହୋଇଉଠିଲା । ସଙ୍କୀର୍ତ୍ତନର ମଧୁର ପବିତ୍ର କୋଳାହଳ ମଧ୍ୟ କର୍ଣ୍ଣରେ ଅମୃତ ବର୍ଷଣ କରିବାକୁ ଲାଗିଲା । ଏକେ ତ ମଧୁର ପ୍ରଭାତ, ତାହା ଉପରେ ମଧୁର ହରିନାମ ସଙ୍କୀର୍ତ୍ତନ, ବାସ୍ତବରେ ମଧୁ ଉପରେ ମଧୁ ବୃଷ୍ଟି ହେଲାପ୍ରାୟ ବୋଧ-ହେଲା । ବିଷୟ-କଳୁଷିତ ମନ ଯାଇ କେଉଁ ଅଜ୍ଞାତ ଆନନ୍ଦଧାମରେ ବିଚରଣ କଲା । ସତେ ଯେପରି ମୁଁ ପାର୍ଥିବ ଜୀବ ନୁହେଁ, କେଉଁ ସୁଖମୟ ସ୍ୱପ୍ନସ୍ୱର୍ଗରେ ମୁଁ ଉପସ୍ଥିତ, ତାହା ଅନୁଭବ କରିପାରିଲି ନାହିଁ । ଦୂରରୁ ଉଠ ଉଠ ପାହିଲା ରଜନୀ ହେ ରଘୁମଣି" ଉଦ୍ଭ-କଣ୍ଠୋତ୍ଥିତ ପ୍ରଭାତ ସଙ୍ଗୀତର ମଧୁର ମୂର୍ଚ୍ଛନା ଧ୍ୱନି ନୈଶସମୀରଣ ବହିଆଣିଲା । ସେ ଧ୍ୱନି କି ମଧୁର, କି

ପବନ, କି ଉନ୍ମାଦନାପୂର୍ଣ୍ଣ, ତାହା ଭୁକ୍ତଭୋଗୀମାନେ ଅବଗତ । ସେ ଧ୍ୱନି ଶରୀରକୁ ଆର୍ଦ୍ରୀଭୂତ କରିଦେଲା । ସେ ସମୟ ପକ୍ଷରେ ମନରେ ଅସ୍ୱବସ୍ତୁତ ଆନନ୍ଦ କରିବା ଅତି ସହଜସାଧ୍ୟ । ପ୍ରକୃତ ମନର କଠୋର ବାହ୍ୟବୃତ୍ତିକୁ କୋମଳରୁ କୋମଳତର କରିଦେଇ ଅନ୍ତର୍ମୁଖୀ କରିଦିଏ । ସାଧକ ପକ୍ଷରେ ତାହା ମହାସୌଭାଗ୍ୟର ମହାଶୁଭଯୋଗ । ସେକାଳର ସୁଖ —ସେକାଳର ଆନନ୍ଦ ସର୍ବଥା ବାଞ୍ଛନୀୟ ଏବଂ ସର୍ବଥା ଉପଭୋଗ୍ୟ । ସେ ମହାଶୁଭକାଳ ମୃତ ମନକୁ ଧର୍ମ-ଭାବରେ ପ୍ରବୋଧିତ କରି ଅମର ଦୁର୍ଲଭ ଶାନ୍ତିଧାମକୁ ଘେନିଯାଏ ।

ଭବାନୀପାଟଣାରେ ସପ୍ତାହରେ ଦୁଇଥର ହାଟ ବସେ । ସେଠାରେ ବାଲେଶ୍ୱରୀ ସେର ପ୍ରଚଳିତ । ଅଧଲା ପାହୁଲା, ଏ ରାଜ୍ୟରେ ଚଳେ ନାହିଁ । ହାଟରେ ସବୁପ୍ରକାର ପନିପରିବା ମିଳେ । କୋବି, ସାଲଗମ ପ୍ରଭୃତି ବିଦେଶୀୟ ଫସଲ ଖୁବ୍ ଶୀଘ୍ର ହୁଏ । ସକଳ ପ୍ରକାର ଶସ୍ୟ, ଲୌହଜାତ ପଦାର୍ଥ, ଲୁଗା ପ୍ରଭୃତି ହାଟକୁ ଅଧିକ ଆସେ । ଚାଉଳ ବର୍ତ୍ତମାନ ଟଙ୍କାକୁ ୩୨ ସେର ମିଳୁଅଛି । ବହିର୍ବାଣିଜ୍ୟ ବନ୍ଦ ହୋଇଥିବାରୁ ଏପରି ଶସ୍ତା ହୋଇଅଛି । ହାଣ୍ଡିର ଗଠନ ବଡ଼ ସୁନ୍ଦର । ସେଥିରେ ନାନାପ୍ରକାର କାରୁକାର୍ଯ୍ୟ ହୋଇଥାଏ । ଶିଳ୍ପର ବୈଚିତ୍ର୍ୟ ପ୍ରାୟ ସବୁ ପଦାର୍ଥରେ ଦେଖାଯାଏ । ଆଜି ସକାଳେ ମୁଁ ଟିକିଏ ବୁଲିବାକୁ ଯାଇଥିଲି । ବାଟ ପାଖରେ ଦୁଇଟି ପୋଷା ମହାବଳ ବାଘ ଦେଖିଲି । ବନରାଜ ବନ୍ଦୀ ହୋଇ ସୁଦ୍ଧା ଗର୍ବରେ ଫାଟିପଡ଼ୁଅଛନ୍ତି । ଗ୍ରୀବସ୍କନ୍ଧ ସଦର୍ପ ସ୍ୱହାଣି, ଉଦାର ପଦକ୍ଷେପ ତାଙ୍କର ପୂର୍ବଗରିମା ବଞ୍ଚାଇରଖିଅଛି । ବୀର ଯେଉଁ ଅବସ୍ଥାରେ ଥିଲେ ସୁଦ୍ଧା ସେ ବୀର, ଉର୍ଦ୍ଧ୍ୱଶିର ।

ଆଜି କେତେକ ସ୍କୁଲଛାତ୍ର ମୋତେ ଦେଖିବାକୁ ଆସିଥିଲେ । ପିଲାଗୁଡ଼ିକ ଶାନ୍ତ, ସୁଶୀଳ । ବାକ୍ୟରେ ବା ବ୍ୟବହାରରେ ଲେଶମାତ୍ର ଅଶିଷ୍ଟତା ବା ଔଦ୍ଧତ୍ୟ ନାହିଁ । ଏହି ବାଳବ୍ରହ୍ମଚାରୀଗଣଙ୍କର ନୈତିକ ବ୍ୟବହାର ଦେଖି ମନରେ ବିଶେଷ ଆନନ୍ଦ ଜାତ ହେଲା । ପ୍ରକୃତି ସୁନ୍ଦର, କଥା ସୁନ୍ଦର, ବ୍ୟବହାର ସୁନ୍ଦର; ସୁନ୍ଦର ପଦାର୍ଥର ସବୁ ସୁନ୍ଦର ।

ଅପରାହ୍ଣ ୫ଟା ସମୟରେ ଷ୍ଟେଟ ପୋଲିସ ସୁପରି-ଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ମହେଶ୍ୱର ପାତ୍ରୀ ମହୋଦୟ ଆସି ଉପସ୍ଥିତ ହେଲେ । ସେ ଜଣେ କଳାହାଣ୍ଡିର ସୁସନ୍ତାନ । ଏଡ଼େ ବଡ଼ ଉଚ୍ଚକର୍ମଚାରୀ; ମାତ୍ର ଅଭିମାନ-ଆଡ଼ମ୍ବର-ଶୂନ୍ୟ । ସେ ମୋ ସଙ୍ଗରେ ଠିକ୍ ଅନ୍ତରଙ୍ଗ ପୁରୁଣା ବନ୍ଧୁ ପରି ବ୍ୟବହାର କଲେ । ସେ ଯେଉଁପରି ଚତୁର, ସେହିପରି ସରଳ ଏବଂ ସେହିପରି କର୍ମଠ । ନିରପେକ୍ଷ ବିଚାରକ ବୋଲି ତାଙ୍କର ବିଶେଷ ଖ୍ୟାତି ମଧ୍ୟ ଅଛି । ତାଙ୍କର ଉପସ୍ଥିତ ବୁଦ୍ଧି ଏପରି ତୀକ୍ଷ୍ଣ ଯେ, ସେ ଅତି ସହଜରେ ଏବଂ ଅତି ଅଳ୍ପ ସମୟରେ ଚୋର, ଡକାଏତ ପ୍ରଭୃତି ଗୁରୁତର ଅପରାଧୀମାନଙ୍କୁ ଧରିପାରନ୍ତି । ତାଙ୍କ ଭଳି କର୍ତ୍ତବ୍ୟନିପୁଣ ସଦାଶୟ ହାକିମ ଲୋକରକ୍ଷୀ ପୋଲିସ ବିଭାଗର ସୁଦୃଢ଼ ସ୍ତମ୍ଭସ୍ୱରୂପ ! ମହେଶ୍ୱର ବାବୁ ଯିବାବେଳେ କହିଗଲେ—ମୁଁ ଯାଉଛି, ମହାରାଜାଙ୍କ ଠାରୁ ସମୟ ବୁଝି ଆପଣଙ୍କ ସାକ୍ଷାତ୍କାର ବ୍ୟବସ୍ଥା କରିବି । ପ୍ରାୟ ରାତି ୮ଟା ସମୟରେ ସେ ରାଜବାଟୀରୁ ଫେରିଆସି କହିଲେ—ମହାରାଜା ମୋତେ ଆଦେଶ କରିଅଛନ୍ତି—କାଲି କଚେରି ଭାଙ୍ଗିବା ପରେ ମୁଁ ମୋଟରରେ ଆସି ଆପଣଙ୍କୁ ନେଇଯିବି । କାଲି ସନ୍ଧ୍ୟା ୭ଟା ବେଳେ ମୁଁ ଆସିବି । ଆପଣଙ୍କୁ ମହାରାଜାଙ୍କ ସହ ସାକ୍ଷାତ୍ କରାଇ ପୁଣି ଆଣି ଛାଡ଼ିଦେଇଯିବି । କେତେ ଗଳ୍ପସଳ୍ପ ପରେ ମହେଶ୍ୱର ବାବୁ ପ୍ରସ୍ଥାନ କଲେ ।

ପରଦିନ ଯଥାସମୟରେ ପୋଲିସ ସାହେବ ଆସି ମୋତେ ନେଇଗଲେ । ଆମ୍ଭେମାନେ ପୂର୍ବବର୍ଣ୍ଣିତ ଅଫିସ ପ୍ରକୋଷ୍ଠରେ ଯାଇ ବସିଲୁଁ । ପରେ ପରେ ଆସିଷ୍ଟାଣ୍ଟ ଦେବାନ, ବାଲିଙ୍ଗମୁଣ୍ଡ, ହାଇସ୍କୁଲର ହେଡ୍ପଣ୍ଡିତ, ଡାକ୍ତର ବାବୁ ଆସି ବସିଲେ । ପ୍ରାୟ ୧୦ ମିନିଟ୍ ପରେ ମାନନୀୟ ମହାରାଜା ବିଜେ ହେଲେ । ବେଶଭୂଷାରେ ଆଡ଼ମ୍ବର ନାହିଁ । ପରିଚ୍ଛଦ ମଧ୍ୟରେ ଖଣ୍ଡିଏ ସାଧାରଣ କାମିଜ । ମୁଖମଣ୍ଡଳ ପ୍ରତିଭା ଜ୍ୟୋତିରେ ଉଦ୍ଭାସିତ, କରୁଣାରେ ଶୀତଳ । ମହାରାଜା ଖଣ୍ଡିଏ ସାଧାରଣ ଚୌକି ଟାଣିନେଇ ମୋର ସମ୍ମୁଖରେ

ବସିଲେ । ମଣିରତ୍ନ-ଖଚିତକାନ୍ତ କୌଚ ବା ମହାର୍ଘ ସ୍ୱର୍ଣ୍ଣରୌପ୍ୟାସନ ଦରକାର ହେଲା ନାହିଁ । ଆଦର୍ଶ ନୃପତିମାନଙ୍କର ମୁକୁଟମଣ୍ଡିତ ରାଜବେଶ ମହତ୍ତ୍ୱର ପରିଚାୟକ ନୁହେ—ସାଦା ସରଳ ବେଶହିଁ ମହା-ମହତ୍ତ୍ୱର ପରିଚାୟକ । ମହାରାଜା ମୋ ସହିତ କଥାବାର୍ତ୍ତା ଆରମ୍ଭ କଲେ । ସ୍ଥାନୀୟ ବିଷୟ, ସାହିତ୍ୟ ବିଷୟ ଏବଂ ଅନ୍ୟାନ୍ୟ ବିଷୟର ଆଲୋଚନା ହେଲା । ମହାରାଜାଙ୍କ ହୃଦୟ ଅତି ଉଦାର ଓ ମହତ୍, ଏହା ତାଙ୍କର ପ୍ରତି କଥାରୁ ଆତ୍ମପ୍ରକାଶ କରୁଥାଏ । ଶେଷରେ ମହାରାଜା ମୋତେ କହିଲେ—ଆପଣ ଶେଷ ଜୀବନରେ କଳାହାଣ୍ଡି ଆସିଅଛନ୍ତି, ଏଠାରେ କେତେ ଦିନ ରହି ସ୍ଥାନୀୟ ଦୃଶ୍ୟମାନ ଦେଖିଯାଆନ୍ତୁ, ମୁଁ କାଲିଠାରୁ ବ୍ୟବସ୍ଥା କରିଦେବି । ମୁଁ ଆନନ୍ଦର ସହିତ ସମ୍ମତି ଜଣାଇ ସଙ୍ଗରେ ଜଣେ ବିଶେଷଜ୍ଞ ଦେବାକୁ କହିଲି । ମାନନୀୟ ମହୋଦୟ ସେହିକ୍ଷଣି ବାଲ୍ମିକ ପଣ୍ଡିତଙ୍କୁ ସେ କାର୍ଯ୍ୟରେ ନିଯୁକ୍ତ କଲେ । ପ୍ରାୟ ଘଣ୍ଟାଏ ପରେ ମୁଁ ବିଦାୟ ନେଇ ଆସିଲି । ମହେଶ୍ୱର ବାବୁ ମୋତେ ଆଣି ବସା ବଙ୍ଗଳାରେ ଛାଡ଼ିଗଲେ । ମହାରାଜାଙ୍କ ସହିତ ସାକ୍ଷାତ୍ କରି ଆଜି ମୋ ମନରେ ଅପୂର୍ବ ଆନନ୍ଦ ଜାତ ହେଲା । ରାଜା ମର୍ତ୍ତ୍ୟର ଦେବତା, ସୁତରାଂ ରାଜଦର୍ଶନ ଦେବଦର୍ଶନ ତୁଲ୍ୟ । ଦେବ-ଦର୍ଶନରେ ଆନନ୍ଦ ଜାତ ହେବା ସ୍ୱାଭାବିକ । ବିଶେଷତଃ ସ୍ଥାନୀୟ ଦୃଶ୍ୟ ଦର୍ଶନର ସୁବିଧା ମିଳିଲା, ଏହା ଅପେକ୍ଷା ବାଞ୍ଛନୀୟ ସୌଭାଗ୍ୟ ଆଉ କଅଣ ଅଛି ? ପୁନଶ୍ଚ ଜଣେ ଦେଶ-ବରେଣ୍ୟ ମହାରାଜା ଜଣେ ସାଧାରଣ ଲୋକ ସଙ୍ଗରେ ବନ୍ଧୁ ପରି ବ୍ୟବହାର କରିବା ସାମାନ୍ୟ ସୌଭାଗ୍ୟର ବିଷୟ ନୁହେ ! ଆଶା ସାଫଲ୍ୟମଣ୍ଡିତ ହେଲେ ଆନନ୍ଦ ସ୍ୱତଃ ଆସି ଚିତ୍ତକୁ ସ୍ପର୍ଶ କରେ ।

ତହିଁ ପରଦିନ କଳାହାଣ୍ଡିର ଦ୍ରୋଣ ସ୍କୁଲ ବାଲ୍ମିକ ପଣ୍ଡିତ ମହାଶୟ ମୋଟର ଆଣି ମୋତେ ସହର ଦେଖାଇବାକୁ ନେଇଗଲେ । ଗତିପଥ ମଧ୍ୟରେ ପ୍ରଥମେ ହାତୀଶାଳା ପଡ଼ିଲା । ହାତୀମାନଙ୍କ ପାଇଁ ଖୁବ୍ ଉଚ୍ଚ ବଡ଼ଘର ଶ୍ରେଣୀବଦ୍ଧ ଭାବରେ ନିର୍ମିତ ହୋଇଅଛି । ଅଠର ଘର ହାତୀ ହାତୁଣୀ ବନ୍ଧାହୋଇ ଆନନ୍ଦରେ ଝୁଲୁଅଛନ୍ତି । ସେଥିମଧ୍ୟରୁ କେତେଗୋଟି ଗିରିଚୂଡ଼ା ପରି ପ୍ରକାଣ୍ଡକାୟ, କେତେକ ତରୁଣ ଅବସ୍ଥା ପାର ହୋଇ କୈଶୋରରେ ଉପନୀତ, କେତେଗୋଟି ତରୁଣ । ହାତୀଗୁଡ଼ିକ ହୃଷ୍ଟପୁଷ୍ଟ ଓ ସୁନ୍ଦର । ସେମାନଙ୍କ ନାମ-ଗୁଡ଼ିକ ମଧ୍ୟ ସୁନ୍ଦର ଏବଂ ଗଜରାଜ ଗଜରାଣୀର ଉପଯୁକ୍ତ । ନାମଗୁଡ଼ିକ ନିମ୍ନରେ ଲିଖିତ ହେଲା । ବୀରବାହାଦୁର, କାଳିପ୍ରସାଦ, ସଭାମଣ୍ଡନା, ବନରାଣୀ, ଫୁଲକେଳି, ନାଗରଜଙ୍ଗ, ଅଞ୍ଜନାବତୀ. ମଞ୍ଜୁଳା, ମହେଶ୍ୱରପ୍ରସାଦ, ଜଗମୋହନ, ଗଣିଧନ, ବିଜୟ-କୁମାର, ବାବୁଲାଲ, ଗିରିଧାରୀ ଲାଲ, କମଳା, ମନୋହର ପ୍ରସାଦ, କନକଲତା ଓ କନକପିଆରୀ । ଏମାନଙ୍କ ମଧ୍ୟରୁ ବୀରବାହାଦୁର ରାଜପାଟହସ୍ତୀ । ତାହା ଦାନ୍ତରେ କାରୁକଳାମଣ୍ଡିତ ଅଳଙ୍କାର ବଡ଼ ସୁନ୍ଦର ଦିଶୁଅଛି । ଭୂଷଣ ଓ ପଦଗୌରବ ତାହାର ଦୃଷ୍ଟିକୁ ଗର୍ବ-ଗମ୍ଭୀର କରିଅଛି । ରାଜଦଣ୍ଡ ଅନୁକୂଳରେ ପରିପାଳିତ ହୋଇ ହାତୀଗୁଡ଼ିକ ପ୍ରକାଣ୍ଡ ଗର୍ବଗଞ୍ଜଣା ଭୁଲିଯାଇ ନିଶ୍ଚିନ୍ତ ଅଛନ୍ତି । କିନ୍ତୁ ନିଜର ସହଜାତ ସ୍ୱାଧୀନତା ହରାଇ ଯେ ଭିତରେ ଭିତରେ ଦୁଃଖିତ ନ ଥିବେ, ତାହା କିଏ କହିପାରିବ ? ଗିରିଗୁହାରେ ଅବାଧ ବିହାର ଓ ନିର୍ମଳ ଝର ଜଳପାନ-ସୁଖ ସେମାନେ ଏବେ ସ୍ୱପ୍ନରେ ଭୋଗ କରୁଥିବେ । ସେମାନଙ୍କ ଜଠରାନଳ କୁଣ୍ଡରେ ପ୍ରତ୍ୟହ ବାରମହଣ ଧାନ ଆହୁତି ଦିଆଯାଏ । ପୁଷ୍କରିଣୀରେ ଜଳକେଳି କରିବାର ସୁବିଧା ସେମାନଙ୍କ ସକାଶେ କରାଯାଇଅଛି; ମାତ୍ର ତାହା ସୀମାବଦ୍ଧ । ସେମାନଙ୍କର ଯଥେଚ୍ଛାଚାରର ଦିନ ସରିଯାଇଅଛି । ପୂର୍ବସୌଭାଗ୍ୟ ହରାଇଥିଲେ ସୁଦ୍ଧା ରାଜାଶ୍ରୟରେ ସେମାନଙ୍କର ସୁଖ ସୁବିଧା ଊଣା ନୁହେ । ସ୍ଥାନ ସେବାରେ ଫଳ ନାହିଁ ସିନା; ମାତ୍ର ମହତ୍ ଆଶ୍ରୟରେ ମହତ୍ ଫଳ ସ୍ୱତଃସିଦ୍ଧ ସତ୍ୟ ।

ସେଠାରୁ "ଆଶାସାଗର" ଦେଖିବାକୁ ଗଲି । ମହାରାଜାଙ୍କର ପିତାମହୀ ପୁଣ୍ୟଶ୍ଳୋକା ଆଶାକୁମାରୀ ମହାଦେବୀ ଏହି ଜଳଖଣ୍ଡି ସ୍ଥାପନ କରିଅଛନ୍ତି । ପୁଷ୍କରିଣୀଟି ପ୍ରକାଣ୍ଡ । ପ୍ରସ୍ତରସୋପାନାବଳୀ ସରସୁନ୍ଦରୀ-ଙ୍କର ପରିଧେୟ ନୀଳ ପାଟଶାଢ଼ୀ ପରି ସୁନ୍ଦର ଦିଶୁଅଛି ।

ତାହାର ସୁଗର୍ଭର ଜଳ ଗାଣ୍ଡିବାରଣୀଙ୍କ ହୃଦୟ ପରି ନିର୍ମଳ, ଶୀତଳ ଓ ସ୍ୱଚ୍ଛ । ସରୋବର-ଗର୍ଭ ନାନାବିଧ ଜଳଚର ପକ୍ଷୀଙ୍କର କଳକାକଳିରେ ମୁଖର ।

ଭବାନୀପାଟଣା ଦେଉଳମାଳିନୀ ରାଜଧାନୀ । ଯେଉଁ ଆଡ଼କୁ ଚାହିଁଲେ ସେଆଡ଼େ ଦେଉଳ ଉପରକୁ ମୁଣ୍ଡ ଟେକି ଆକାଶକୁ ଚାହିଁଅଛି ଏବଂ ଆକାଶର ମହାବିସ୍ତୃତିରେ ବୁଡ଼ିଯାଇ ସ୍ତବ୍ଧ ହୋଇ ଠିଆ ହୋଇଅଛି । ଦେଉଳର ବହୁଳତା ରାଜବଂଶର ଧର୍ମପ୍ରାଣତାର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଦିନେ ପ୍ରଧାନ ଧର୍ମାନୁଷ୍ଠାନ ବାଲିଜିମଠ ଦେଖିବାକୁ ଯାଇଥିଲି । କିଛିଦୂରରେ ଗୋଟିଏ କ୍ଷୁଦ୍ର ପାହାଡ଼ ଦେଖାଗଲା । ପୂର୍ବେ ସେହି ପର୍ବତ ଉପରେ ପ୍ରାଣଦଣ୍ଡପ୍ରାପ୍ତ ଅପରାଧୀମାନେ ଫାଶି ପାଉଥିଲେ । ସେହିହେତୁ ପର୍ବତର ନାମ ଫାଶିଡୁଙ୍ଗର ହୋଇଅଛି । ଦୁର୍ଜନ ସ୍ପର୍ଶରେ ସଜ୍ଜନ କଳଙ୍କିତ ହେଲା ପରି ପ୍ରକୃତିର ମହାଯୋଗୀ ପର୍ବତଟିର ନାମ କଳଙ୍କିତ ହୋଇ ରହିଅଛି । ବାଲିଜି ମଠରେ ଲଛମନଜି ବିରାଜମାନ । ମଠଟି ପବିତ୍ର ନିକାଞ୍ଚନ ସ୍ଥାନରେ ଅବସ୍ଥିତ । ମଠମଧ୍ୟସ୍ଥ ଉତ୍ତୁଙ୍ଗ ଦେଉଳ କାରୁକାର୍ଯ୍ୟବିହୀନ ସରଳଭାବରେ ନିର୍ମିତ । ସିଂହଦ୍ୱାରରେ ଉଚ୍ଚ ଦୀପସ୍ତମ୍ଭ ଅଛି । କାର୍ତ୍ତିକମାସରେ ପ୍ରତ୍ୟହ ସେଥିରେ ଆକାଶଦୀପ ଦିଆହୁଏ । ସିଂହଦ୍ୱାରରେ ଦୁଇଟି ସଙ୍ଗୀନଧାରୀ ପ୍ରହରୀଙ୍କର ମୂର୍ତ୍ତି ଦଣ୍ଡାୟମାନ । ଗଠନ-ପ୍ରଣାଳୀ ଅତି ଚମତ୍କାର ! ଦୂରରୁ ଦେଖିଲେ ପ୍ରକୃତ ମୂର୍ତ୍ତି ପରି ଦେଖାଯାଏ । ତହିଁପରେ ଜୟବିଜୟ ମୂର୍ତ୍ତି ଶିଳ୍ପୀ ନିଜ ମୂର୍ତ୍ତି ପରିକଳ୍ପନାର ପରାକାଷ୍ଠା ପ୍ରଦର୍ଶନ କରିଅଛି । ମଠରେ ସଦାବର୍ତ୍ତ ଦିଆହୁଏ । ରାଜକୋଷରୁ ମହନ୍ତ ବୃତ୍ତିଭୁକ୍ତ ; ବର୍ତ୍ତମାନ ମହାରାଜାଙ୍କ ତତ୍ତ୍ୱାବଧାନରେ ମଠ ଚାଲୁଅଛି । ସାଧୁସନ୍ଥ-ଅତିଥି-ସତ୍କାର ଏବଂ ସଦାବର୍ତ୍ତ ଦାନର ସୁନ୍ଦର ବ୍ୟବସ୍ଥା ଅଛି । ଦେବସେବା ଓ ଅତିଥିସେବା ନିର୍ବାହ ସକାଶେ ତିନଖଣ୍ଡ ଗ୍ରାମ ଖଞ୍ଜାହୋଇଅଛି । ସିଂହାସନରେ ରାମ, ଲକ୍ଷ୍ମଣ, ସୀତାଙ୍କର ମୂର୍ତ୍ତି ବିରାଜମାନ । ମୂର୍ତ୍ତିତ୍ରୟ ମର୍ମର ପ୍ରସ୍ତରରେ ସୁଗଠିତ । ସିଂହାସନରେ ତାମ୍ରନିର୍ମିତ ସୁନ୍ଦର ବାଲିଜି ମୂର୍ତ୍ତି ମଧ୍ୟ ଅବସ୍ଥିତ । ଦେଉଳ ମଧ୍ୟରେ ଶ୍ୱେତମର୍ମର ପ୍ରସ୍ତରନିର୍ମିତ ଶିବମୂର୍ତ୍ତି ମଧ୍ୟ ଅବସ୍ଥିତ । ବାମପାର୍ଶ୍ୱରେ ନୃସିଂହ ଓ ଦକ୍ଷିଣ ପାର୍ଶ୍ୱରେ ହନୁମାନ ଅଛନ୍ତି । ଦେଉଳ ଭିତରକୁ ଗଲେ ମନରେ ପାର୍ଥିବ-ବିକାର ନ ଥାଏ ; ମନ ଧର୍ମ-ଭାବରେ ଆଚ୍ଛନ୍ନ ହୋଇଯାଏ । ଯେଉଁଠାରେ ସାତ୍ତ୍ୱିକ ଭାବ ପ୍ରାଣକୁ ସ୍ପର୍ଶକରେ, ସେହିଠାରେହିଁ ପ୍ରକୃତରେ ଦେବତା ଥାଆନ୍ତି । ସେ ସ୍ଥାନ ସ୍ପର୍ଶ କଲେ ପାପୀ ଧାର୍ମିକ ହୁଏ, ଅପବିତ୍ର ପବିତ୍ର ହୁଏ, ସଂସାରୀ ବୈରାଗୀ ହୁଏ । ଦେଉଳଟି ମହନ୍ତ ନାରାୟଣ ଦାସଙ୍କ ସମୟରେ ନିର୍ମିତ ହୋଇଥିଲା । ଦେଉଳ ସମ୍ମୁଖସ୍ଥ ପୁଷ୍ପୋଦ୍ୟାନ ବିବିଧ ପୁଷ୍ପର ସୁଗନ୍ଧ ବିସ୍ତାର କରି ଦେବସ୍ଥାନର ମାହାତ୍ମ୍ୟ ବୃଦ୍ଧି କରୁଅଛି । ବେଢ଼ା ବାହାରେ ସୁନ୍ଦର ଦୋଳମଣ୍ଡପ ଅବସ୍ଥିତ । ଦେଉଳ ମଧ୍ୟରେ ଦେବତାଙ୍କ ସମ୍ମୁଖରେ ବସି ଦଶ ଅବତାର ସ୍ତବ ପାଠକଲି । ପଣ୍ଡିତ ମହାଶୟ ମଧ୍ୟ ସ୍ତବସ୍ତୁତି ଆବୃତ୍ତି କଲେ । ଉଭୟେ ବୃଦ୍ଧ, ବୟୋଧର୍ମରେ ଅଶକ୍ତ । ସେ ଯାହା ହୁଅନ୍ତୁ ପଛେ; ମାତ୍ର ଧର୍ମଚିନ୍ତାରେ ଆମ୍ଭେମାନେ ଗୋଟାଏ ଅଦ୍ଭୁତ ଶକ୍ତି ଅନୁଭବ କରୁଁ । ଧର୍ମ ହିଁ ମନୁଷ୍ୟର ସବୁବେଳେ ସହାୟ, ଏ ବିଶ୍ୱାସ ଆମ୍ଭମାନଙ୍କର ସ୍ୱାଭାବିକ । ଯେଉଁମାନେ ଅସି ତାର ଦୁର୍ଜୟ ଅଭିମାନରେ ଆପାଦଶିର ନିମଗ୍ନ ଥାଇ ଧର୍ମକୁ ବାହ୍ୟିକ ଚଟକ ବୋଲି ଜ୍ଞାନ କରନ୍ତି, ସେହି ଶସ୍ତ୍ରଧରମାନଙ୍କର, ସେହି ଯୁକ୍ତିସର୍ବସ୍ୱ, ଜ୍ଞାନବିଶ୍ୱାସୀମାନଙ୍କର କଥା ସ୍ୱତନ୍ତ୍ର । ଗୋଟିଏ ଦିନର ଭ୍ରମଣ ଏହିଠାରୁ ଶେଷ କରି ଆମ୍ଭେମାନେ ଫେରି-ଆସିଲୁଁ ।

ଫେରିବାବେଳେ ଅନେକ ଗଳି, ଉପଗଳି ଦେଇ ଫେରିବାକୁ ହୋଇଥିଲା । ପଥ ଘାଟ ଖୁବ୍ ସଫାସୁତୁରା । ଏହା ମ୍ୟୁନିସିପାଲିଟିର ସତର୍କ ଶାସନ-ଦୃଷ୍ଟିର ଫଳ । ଟାଉନର ଲୋକସଂଖ୍ୟା ସାତହଜାରରୁ ଅଧିକ । ବାଣିଜ୍ୟ ବ୍ୟବସାୟ ସୂତ୍ରରେ ଏବଂ ମାଲିମାମଲା ସମ୍ପର୍କରେ ଅଧିକ ଲୋକଙ୍କର ସମାଗତ ହୁଏ । ଏତେ ଜନଗହଳରେ ସୁଦ୍ଧା କେଉଁଠାରେ ଅପରିଷ୍କୃତ, ଅପରିଚ୍ଛନ୍ନ ଦେଖାଯାଏ ନାହିଁ । ସୁଦକ୍ଷ କର୍ମଚାରୀଙ୍କ ଦ୍ୱାରା ମ୍ୟୁନିସିପାଲିଟି ବଢ଼ିଆ ପରିଚାଳିତ ହୁଏ । ବହୁଦର୍ଶୀ

ପଣ୍ଡିତ ବାଲକୃଷ୍ଣ ମ୍ୟୁନିସିପାଲିଟିର ସେକ୍ରେଟେରୀ । ସହରସ୍ଥିତ ସମସ୍ତ ପ୍ରକାର ଯାନବାହନର ଯାତାୟାତ ପକ୍ଷରେ ଖୁବ୍ ସୁଗମ୍ୟ । ହାଟ ବଜାରରେ ସୁଦ୍ଧା ମଇଳା ଜମି ରହିବାର ଦେଖାଯାଏ ନାହିଁ । ମ୍ୟୁନିସିପାଲିଟିର ତାନଖାଠୁ ବ୍ୟୟ ଯାଇ ୨୭୦୦ ଟଙ୍କା ଜମା ଅଛି । ଗତ ଦୁର୍ଭିକ୍ଷ ସମୟରେ ଲୋକରକ୍ଷା ସକାଶେ ମ୍ୟୁନିସିପାଲିଟିର ପାଣ୍ଠିରୁ ଅନେକ ଅର୍ଥ ବ୍ୟୟିତ ହୋଇଥିଲା । ପ୍ଲେଗ-ପୀଡ଼ାର ପ୍ରାବଲ୍ୟ ସମୟରେ ମ୍ୟୁନିସିପାଲିଟି ବିଶେଷ ଜାଗ୍ରତ ଥାଏ ; ଯଥେଷ୍ଟ ଅର୍ଥବ୍ୟୟରେ ସେଥିର ଉପଯୁକ୍ତ ପ୍ରତିକାର ମଧ୍ୟ କରେ । ସ୍ଥୂଳତଃ ମ୍ୟୁନିସିପାଲିଟିର ପରିଚାଳନା ଅତି ସନ୍ତୋଷଜନକ । ସାଧାରଣ ସ୍ୱାସ୍ଥ୍ୟ ସୁବିଧା ପ୍ରତି ଉକ୍ତ ବିଭାଗ ସର୍ବଦା ତତ୍ପର । କରଧାର୍ଯ୍ୟ ମଧ୍ୟ ଯଥାସମ୍ଭବ ଊଣାରେ କରାଯାଏ । ଏଠାର ମ୍ୟୁନିସିପାଲିଟି ପୀଡ଼ା ଦିଏ ନାହିଁ —ଅଧିକନ୍ତୁ ସୁଖସୁବିଧା ଦାନକରେ । ଗାଧୋଇବା ସକାଶେ ଏବଂ ଧୋବାଙ୍କ ଲୁଗା କାଚିବା ସକାଶେ ସ୍ୱତନ୍ତ୍ର ଜଳାଶୟ ନିରୂପିତ ଅଛି । ସାଧାରଣଙ୍କର ପାନୀୟ ଜଳକୁ ପଶୁମାନେ ଦୂଷିତ କରିପାରନ୍ତି ନାହିଁ କିମ୍ବା ସେଥିରେ ଅନ୍ୟ କିଛି ଅପବ୍ୟବହାର ହେବାର ଦେଖାଯାଏ ନାହିଁ । ଏ ସ୍ଥାନର ଜଳ ପରିଷ୍କୃତ ଓ ନିର୍ଦ୍ଦୋଷ ।

ପରଦିନ ଗେଷ୍ଟହାଉସ୍ ବା ଡାକବଙ୍ଗଳା ଦେଖିବାକୁ ଗଲି । ଦୋତାଲା ବଙ୍ଗଳା, ଖୁବ୍ ଫର୍ଚା ଜାଗାରେ ଅବସ୍ଥିତ । ଯେପରି ଯୋଗଜୀବନ ଯୋଗୀ ଗ୍ରାମଗହଳରୁ ବାହାରିଆସି ନିର୍ଜନରେ ଯୋଗ ସାଧନ କରୁଅଛି ! ପ୍ରତ୍ୟେକ ତଳରେ ଦୁଇଟି ଲେଖାଏଁ କକ୍ଷ ଅଛି । ସମସ୍ତ କକ୍ଷ ସମାନଭାବରେ ସଜ୍ଜିତ । ସେଠାରେ ବୈଦ୍ୟୁତିକ ଆଲୋକ, ପଙ୍ଖା, ଜଳକଳ ପ୍ରଭୃତି ସମସ୍ତ ସୁବିଧା ଅଛି ! ଉର୍ଦ୍ଧ୍ୱତଳର ସମ୍ମୁଖରେ ବାୟୁସେବନ ସକାଶେ ପାଚେରିବେଷ୍ଟିତ ଖଣ୍ଡିଏ ସୁନ୍ଦର ମୁକ୍ତସ୍ଥାନ ଅଛି । ସେଠାରେ ବସିଲେ ନିକଟବର୍ତ୍ତୀ ଗିରିଶୃଙ୍ଗର ମୁକ୍ତ ପାର୍ବତ୍ୟବାୟୁ ସେବନର ଖୁବ୍ ସୁବିଧା ହୁଏ । ବଙ୍ଗଳା ଆଗରେ ଫୁଲବଗିଚାଟି ନାନାପ୍ରକାର ଫୁଲର ପ୍ରଦର୍ଶନୀ ବସାଇଅଛି । ଦୂର ପର୍ବତ ଚୂଡ଼ାରେ ସୂର୍ଯ୍ୟାସ୍ତର ଦୃଶ୍ୟ ସେଠାରୁ ବଡ଼ ମନୋହର ଦିଶେ । ପର୍ବତ ଶିଖରରେ ଶୋଭାକୁ ଶୋଭା ଆଲିଙ୍ଗନ କରି ସୌନ୍ଦର୍ଯ୍ୟ ଓ ବୈଚିତ୍ର୍ୟର ମହୋତ୍ସବ ସୃଷ୍ଟିକରେ । ତାହା ଦେଖିବାର ବିଷୟ, ଲେଖିବାର ବିଷୟ ନୁହେଁ । ବଙ୍ଗଳାଟି ୧୯୩୪ ସାଲରେ ବର୍ତ୍ତମାନ ମହାରାଜା ନିର୍ମାଣ କରାଇଅଛନ୍ତି । ସେଥିରେ ଅର୍ଦ୍ଧଲକ୍ଷାଧିକ ଟଙ୍କା ବ୍ୟୟିତ ହୋଇଅଛି । ବଙ୍ଗଳାର ଗଠନପ୍ରଣାଳୀ ଓ ସାଜସଜ୍ଜା ଅତି ମନୋହର ।

ସେଠାରୁ ଜେଲଖାନା ଦେଖିବାକୁ ଗଲି । ଜେଲଖାନାଟି ପ୍ରକାଣ୍ଡ ଓ ସୁପ୍ରଶସ୍ତ । ସେଥିରେ ୪୩୨ ଜଣ କଏଦୀ ରହିପାରନ୍ତି । ବର୍ତ୍ତମାନ ୯୮ ଜଣ ଅଛନ୍ତି । ସ୍ତ୍ରୀ କଏଦୀମାନଙ୍କ ପାଇଁ ସ୍ୱତନ୍ତ୍ର ବନ୍ଦଶାଳା ନିରୂପିତ ଅଛି । ବନ୍ଦୀମାନଙ୍କ ଶିକ୍ଷା ଓ ଚରିତ୍ର ଶୋଧନ ପାଇଁ ଭଲ ବ୍ୟବସ୍ଥା ଅଛି । ସେମାନେ ନାନାପ୍ରକାର କୃଷି ଓ ଶିଳ୍ପକାର୍ଯ୍ୟ କରନ୍ତି । ସ୍ୱଦେଶୀ, ବିଦେଶୀ ବହୁପ୍ରକାର କୃଷି ସେମାନେ କରନ୍ତି । ଶତରଞ୍ଜି, ଆସନୀ, ବିଛଣା ଚଦର ଓ ନାନାପ୍ରକାର ଲୁଗା ବୁଣାଯାଏ । ଦଉଡ଼ିବଳା, ବେତେଇକାମ ଓ ତେଲପେଡ଼ା ପ୍ରଭୃତି ଅନେକ କାମ ସେମାନଙ୍କ ଦ୍ୱାରା କରାଇନିଆଯାଏ । ଦଶସେର ସୋରିଷରୁ ସେଦ୍ୟର ତେଲ ବାହାରେ । କଏଦୀମାନେ ଗହମ ପେଷି ଅଟା ପ୍ରସ୍ତୁତ କରନ୍ତି । ଜେଲଖାନାରେ ପ୍ରତିଦିନ ମ ୧୩୫ ସେର ବୁଟ ଭଙ୍ଗାହୁଏ । କେବଳ ଦଣ୍ଡରେ ଚରିତ୍ର ସଂଶୋଧିତ ହୁଏ ନାହିଁ । ସେଥିପାଇଁ ଦଣ୍ଡଭୋଗ ସଙ୍ଗେ ସଙ୍ଗେ ଜୀବିକାର୍ଜନର ଉପାୟ ମଧ୍ୟ ଶିକ୍ଷା ଦିଆଯାଏ । ଅପରାଧୀମାନେ କଏଦୀଖାନାରୁ ମୁକ୍ତ ହୋଇ ତଦ୍ୱାରା ଜୀବନପୋଷଣର ଗୋଟାଏ ଅବଲମ୍ବନ କରିନିଅନ୍ତି । ଲୋକ ପେଟ ପୋଷିପାରିଲେ ଚୋରି, ଡକାଏତି ପ୍ରଭୃତି ଦୁଷ୍କର୍ମ କରିବାକୁ କଦାପି ମନ ବଳାଇବ ନାହିଁ । କଏଦୀଖାନାରେ ଶିଷ୍ଟାଚାର ମଧ୍ୟ ଶିକ୍ଷା ଦିଆଯାଏ । ଦୁଇଜଣ ସ୍ତ୍ରୀ କଏଦୀ ବର୍ତ୍ତମାନ ଅଛନ୍ତି । ସେ ଦୁହେଁ ଆମ୍ଭମାନଙ୍କୁ ଦେଖି ହାତ ଯୋଡ଼ି ନମସ୍କାର କରିଥିଲେ । ଜଣେ ଜଣେ କଏଦୀ ପାଇଁ ଖଣ୍ଡିଏ ଲେଖାଏଁ ପକ୍କା ଖଟି ଓ ଖଣ୍ଡିଏ ଖଣ୍ଡିଏ କମ୍ବଳ ନିର୍ଦ୍ଦିଷ୍ଟ ଅଛି । ସେମାନଙ୍କ ପାଇଁ ଗାଧୋଇବା ସ୍ଥାନ, ପାଇଖାନା, ଜଳକଳ, ବୈଦ୍ୟୁତିକ ଆଲୋକର

ମଧ୍ୟ ବ୍ୟବସ୍ଥା ଅଛି । ରହିବା ସ୍ଥାନ ଲୌହ ଜାଲିରେ ଘେରା । ରାତିରେ କିଏ କଅଣ କରୁଛି, ପ୍ରହରୀ ତାହା ବାହାରରୁ ଦେଖିପାରେ । କଏଦୀମାନଙ୍କୁ ପୂର୍ବାହ୍ଣ ୧୧ଟା ସମୟରେ ଓ ଅପରାହ୍ଣ ୫ଟା ସମୟରେ ଭାତ, ଡାଲି, ତରକାରୀ ଖାଇବାକୁ ଦିଆଯାଏ । ମାଛ, ମାଂସର ବ୍ୟବସ୍ଥା ମଧ୍ୟ ଅଛି । ବିଚାରାଧୀନ ଦୋଷୀମାନେ ସୁଦ୍ଧା ଏହିଠାରେ ବନ୍ଦୀ ହୋଇ ରହନ୍ତି । ସେମାନଙ୍କୁ ମଧ୍ୟ କାମ କରିବାକୁ ହୁଏ । କଏଦୀଖାନା ବାହାରେ ଗୋଟାଏ ପ୍ରଶସ୍ତ ବଗିଚା ଅଛି । କଏଦୀମାନେ ସେଥିରେ ବିଲାତିଅଳୁ, କନ୍ଦମୂଳ, ସାରୁ, ବାଇଗଣ, କୋବି ପ୍ରଭୃତି ଫସଲ ପ୍ରଚୁର ପରିମାଣରେ କରିଅଛନ୍ତି ।

କଏଦୀଖାନା ମଧ୍ୟରେ ସ୍ୱତନ୍ତ୍ର ସ୍ଥାନରେ ଫାଶି-ଖାନା ଅଛି । ସେଠାରେ ଉପରମ ପରି ଗୋଟାଏ ପ୍ରକାଣ୍ଡ ସ୍ତମ୍ଭ ପୋତା ହୋଇଅଛି । ସେଥିରେ ଫାଶି ଦିଆଯାଏ । ପ୍ରାଣଦଣ୍ଡପ୍ରାପ୍ତ ଲୋକମାନଙ୍କର ଶେଷ ନିଃଶ୍ୱାସରେ ସ୍ତମ୍ଭଟା କୃଷ୍ଣବର୍ଣ୍ଣ ଧାରଣ କରିଅଛି । ସେହି ଭୀଷଣ ସ୍ତମ୍ଭକୁ କେତେ ଲୋକଙ୍କର ପ୍ରେତାତ୍ମା ଅଦୃଶ୍ୟରେ ଆଲିଙ୍ଗନ କରି ରହିଅଛି, ସେଥିର ହିସାବ ଈଶ୍ୱରଙ୍କୁ ଗୋଚର । ଫାଶିଖାନାଟା ଠିକ୍ ଯମଖାନା ପରି ଭୟଙ୍କର । ଜେଲଖାନାରେ ୨୨ ଜଣ ପ୍ରହରୀ ଅଛନ୍ତି । ଜେଲର ଏନାମ ରସୁଲ କଟକଜିଲ୍ଲାବାସୀ । ସେ ଆମ୍ଭମାନଙ୍କୁ ନେଇ ଆଗ୍ରହରେ ସବୁ ଦେଖାଇଥିଲେ । ସେ ଜଣେ ଅତି ଭଦ୍ରବ୍ୟକ୍ତି । ତାଙ୍କର ଆଦର ଅଭ୍ୟର୍ଥନା ଓ ଶିଷ୍ଟ ବ୍ୟବହାରରେ ଆମ୍ଭେମାନେ ଯତ୍ପରୋନାସ୍ତି ମୁଗ୍ଧ । ଆମ୍ଭେମାନେ ଦିନ ଦଶରେ ନିଜ ଇଚ୍ଛାରେ ପ୍ରାୟ ଦୁଇଘଣ୍ଟାକାଳ ବନ୍ଦୀ ହୋଇ ସନ୍ଧ୍ୟା ସମୟରେ ଜେଲଖଲାସୀ ପରି ବାହାରକୁ ଆସିଲୁଁ ।

ଜେଲଖାନାର ସମ୍ମୁଖରେ ଛାପାଖାନା । ଷ୍ଟେଟରେ ସମସ୍ତ କାଗଜପତ୍ର ସେଠାରେ ଛାପାହୁଏ ; ଛୋଟ ଛୋଟ ପୁସ୍ତକ ମଧ୍ୟ ମୁଦ୍ରିତ ହୁଏ । ପ୍ରେସରେ ସମସ୍ତ ପ୍ରକାର ଉପକରଣ ବହୁତ ଅଛି । ଜେଲର୍ ପ୍ରେସର ତତ୍ତ୍ୱାବଧାରକ । ତାଙ୍କର ପରିଚାଳନା ପ୍ରଣାଳୀ ସୁନିୟମବଦ୍ଧ, ସୁତରାଂ ପ୍ରଶଂସନୀୟ ।

ସେଠାରୁ କଚେରୀ ବାଟେ ଆସିବାକୁ ହେଲା । ଏହି ଅଂଶରେ ସମସ୍ତ ଅଫିସ ଅଦାଲତ ଅବସ୍ଥିତ । ପ୍ରଧାନ ଦେୱାନ ସାହେବଙ୍କ କଚେରୀ, ଏସିଷ୍ଟାଣ୍ଟ ଦେୱାନ, ମୁନସଫ୍, ତହସିଲଦାର, ପୋଲିସ ସୁପରି-ଣ୍ଟେଣ୍ଡେଣ୍ଟ ପ୍ରଭୃତି ବଡ଼ ବଡ଼ ହାକିମଙ୍କର କଚେରୀ ଓ ଆଉ କେତେ ଅଫିସ ଏକତ୍ର ଏହି ଅଂଶରେ ଅଛି । କଚେରୀମାନ ମୋଗଲବନ୍ଦୀର ଗଭର୍ଣ୍ଣମେଣ୍ଟ କଚେରୀ ଆଦର୍ଶରେ ଗଠିତ ଓ ସଜ୍ଜିତ । ପ୍ରଧାନ ଦେୱାନ ଶ୍ରୀଯୁକ୍ତ ବିନୋଦବିହାରୀ ମହାନ୍ତି ବି. ଏଲ୍. ଜଣେ ପ୍ରବୀଣ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି । ଉକ୍ତ ଅଧିକାରୀମାନଙ୍କର ଯେଉଁ ସମସ୍ତ ସଦ୍‌ଗୁଣ ଓ ଦକ୍ଷତା ବାଞ୍ଛନୀୟ, ତାହା ତାଙ୍କ-ଠାରେ ପୂର୍ଣ୍ଣମାତ୍ରାରେ ଥିବାର ଦେଖାଯାଏ । ରାଜ୍ୟ ପରିଚାଳନା ଭଳି ବିଶେଷଜ୍ଞ ମତିମାନ୍ ବ୍ୟକ୍ତି ତାଙ୍କ ପରି କ୍ୱଚିତ୍ ଦେଖାଯାନ୍ତି । ରାଜ୍ୟ ଓଡ଼ିଆ, ରାଜା ଓଡ଼ିଆ, ସାନଠାରୁ ବଡ଼ ପର୍ଯ୍ୟନ୍ତ ପ୍ରାୟ ସମସ୍ତ କର୍ମଚାରୀ ଓଡ଼ିଆ— ଏପରି ଶୁଭସଂଯୋଗ ଅନ୍ୟତ୍ର ଦୁର୍ଲଭ । ଏଡ଼େ ବଡ଼ ରାଜ୍ୟ କେବଳ ଓଡ଼ିଆମାନଙ୍କ ଦ୍ୱାରା ସୁପରିଚାଳିତ ହେବା ଓଡ଼ିଆ ଶକ୍ତି ଓ ଓଡ଼ିଆ ଯୋଗ୍ୟତାର ପ୍ରଶଂସନୀୟ ନିଦର୍ଶନ ନୁହେଁ କି ? ଓଡ଼ିଆ ମସ୍ତିଷ୍କର ପ୍ରତିଭା ଭାରତୀୟ କୌଣସି ଜାତିଠାରୁ ଊଣା ନୁହେଁ । ଉପଯୁକ୍ତ ଯୋଗ ପାଇଲେ ଓଡ଼ିଆ ତାହାର ବୈଶିଷ୍ଟ୍ୟ ପ୍ରଦର୍ଶନ କରି-ପାରେ, ଏହା କେହି ଅସ୍ୱୀକାର କରିପାରିବେ ନାହିଁ । ଗଙ୍ଗାଠାରୁ ରାମେଶ୍ୱର ପର୍ଯ୍ୟନ୍ତ ସୁବିରାଟ ରାଜ୍ୟ ଯେ ଶାସନ ପାଳନ କରୁଥିଲା, ସେହି ଓଡ଼ିଆ ମହାଜାତି ପକ୍ଷରେ କଅଣ ଅସମ୍ଭବ ? ଆଉ ଗୋଟିଏ ବିଶେଷତ୍ୱ ଏହି ଯେ, ଏ ରାଜ୍ୟରେ ଓକିଲ ମୋକ୍ତାର ନାହାନ୍ତି । ମୁଦ୍ଦେଇ, ମୁଦାଲା ଓ ସାକ୍ଷୀମାନଙ୍କ ଜବାନବନ୍ଦୀ ଧରି ବିଚାର ହୁଏ । ଏହା ଅତି ସୁନ୍ଦର ରୀତି । ମୋକଦ୍ଦମାରେ ପ୍ରଜାମାନେ ବହୁ ଅର୍ଥ ବ୍ୟୟ କରି କ୍ଷତିଗ୍ରସ୍ତ ଓ ସର୍ବସ୍ୱାନ୍ତ ନ ହେବାର ଏହା ମଙ୍ଗଳଜନକ ଉପାୟ । ଏ ଦୁଇ ବିଷୟରେ କଳାହାଣ୍ଡି ଉତ୍କଳରେ ଆଦର୍ଶ ରାଜ୍ୟ । ଏଠାରେ ଖଜଣାକୁ ଟଙ୍କୋଲି ଓ ଗସ୍ତ କରିବାକୁ ଦୌରା କହନ୍ତି । ରାଜ୍ୟର ଷ୍ଟାମ୍ପ, କୋର୍ଟଫିସ୍ ସ୍ୱତନ୍ତ୍ର ।

କଚେରୀ ହତାରୁ ପି. ଡବଲିଉ. ଡି. ଅଫିସବାଟେ ଆସିବାକୁ ହେଲା । ସେଠାରେ ଶାଳ, ପିଆଶାଳ ପ୍ରଭୃତି ବଡ଼ ବଡ଼ କାଠ ଗଣ୍ଡିହୋଇ ଭିଣ୍ ମିସ୍ତ୍ରୀମାନଙ୍କ ଦ୍ୱାରା ନାନାପ୍ରକାର କାଷ୍ଠଶିଳ୍ପ ପ୍ରସ୍ତୁତ ହେଉଅଛି । କବାଟ, ଖଟ, ଆଲମାରୀ, ଟେବୁଲ, ଚୌକି ପ୍ରଭୃତି ପଦାର୍ଥ ବଡ଼ ସୁନ୍ଦର ପରିପାଟୀରେ ନିର୍ମିତ । ପାଖରେ ଡାକ୍ତରଖାନା । ସ୍ତ୍ରୀ, ପୁରୁଷ ଉଭୟଙ୍କର ଚିକିତ୍ସା ପାଇଁ ସ୍ୱତନ୍ତ୍ର ଗୃହ ଅଛି । ଜଣେ ଏମ୍. ବି. ଡପ୍ ମେଡିକାଲ ଅଫିସର ଅଛନ୍ତି । ତାଙ୍କର ନାମ ଶ୍ରୀଯୁକ୍ତ ପ୍ରମଥନାଥ ସରକାର । ସେ ଜଣେ ସୁପ୍ରବୀଣ ଲୋକପ୍ରିୟ ବ୍ୟକ୍ତି । ତାଙ୍କ ଚିକିତ୍ସାର ସୁଖ୍ୟାତି ସର୍ବଜନବିଦିତ । ରୋଗୀମାନଙ୍କ ପ୍ରତି ତାଙ୍କର ସସ୍ନେହ ସଦୟ ବ୍ୟବହାର ବାସ୍ତବରେ ପ୍ରଶଂସନୀୟ । ତାଙ୍କ ଅଧୀନ ଜଣେ ସବ୍ ଏସିଷ୍ଟାଣ୍ଟସର୍ଜନ ଏବଂ କେତେ ଜଣ କମ୍ପାଉଣ୍ଡର ଅଛନ୍ତି । ସେମାନେ ମଧ୍ୟ ଯଥାଯୋଗ୍ୟ । ଡାକ୍ତରଖାନାକୁ ବାର୍ଷିକ ଆଠହଜାର ଟଙ୍କାର ଔଷଧ ଏବଂ ଆବଶ୍ୟକ ଯନ୍ତ୍ରମାନ ଆସେ । ଡାକ୍ତରଖାନାର ସୁପରିଚାଳନା ଏବଂ ଚିକିତ୍ସାର ବ୍ୟବସ୍ଥା ଏଥିରୁ ଅନୁମେୟ । ଡାକ୍ତରଖାନା ପାଖରେ ପଶୁଚିକିତ୍ସାଳୟ ଅଛି । ତାହାର ପରିଚାଳନା ପ୍ରଣାଳୀ ମଧ୍ୟ ଅତି ଉତ୍କୃଷ୍ଟ । ଦୁଇଟିଯାକ ଦାତବ୍ୟ ଚିକିତ୍ସାଳୟ ।

ତତ୍ପରେ ହାଇସ୍କୁଲ । ୧୪ଜଣ ଶିକ୍ଷକ ଶିକ୍ଷାକାର୍ଯ୍ୟ ପରିଚାଳନା କରନ୍ତି । ସ୍କୁଲଟି ୧୯୧୭ରେ ଆରମ୍ଭ ହୋଇ ୧୯୨୦ସାଲରେ ପୂର୍ଣ୍ଣତାପ୍ରାପ୍ତ ହୋଇଅଛି । ଛାତ୍ରସଂଖ୍ୟା ତିନିଶତରୁ ଅଧିକ । କେତେ ଜଣ ଆଦିମନିବାସୀ ବାଳକ ମଧ୍ୟ ଅଧ୍ୟୟନ କରନ୍ତି । ମହାରାଜା ମହୋଦୟ ସ୍କୁଲ ପାଇଁ ଗୋଟିଏ ସୁନ୍ଦର ପ୍ରକାଣ୍ଡ କୋଠା ନିର୍ମାଣ କରାଇଦେଇଅଛନ୍ତି । ଛାତ୍ରାବାସ ମଧ୍ୟ ଖୁବ୍ ପ୍ରଶସ୍ତ । ଛାତ୍ରମାନଙ୍କୁ ଘରଭଡ଼ା ଏବଂ ପୂଜାରୀ ଚାକରର ବେତନ ଦେବାକୁ ପଡ଼େ ନାହିଁ । ଡ୍ରଇଂ ପଣ୍ଡିତ ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟ । ସେ ଜଣେ ଖୁବ୍ ଯୋଗ୍ୟ ବ୍ୟକ୍ତି ଏବଂ ହୋମିଓପ୍ୟାଥିକ ଚିକିତ୍ସାରେ ପ୍ରବୀଣ । ଛାତ୍ରମାନେ ତାଙ୍କ ଗୁଣ ଓ ବ୍ୟବହାରରେ ମୁଗ୍ଧ ହୋଇ ତାଙ୍କୁ ଶ୍ରଦ୍ଧାଭକ୍ତି କରନ୍ତି । ସେ ପୁରୀ ଜିଲ୍ଲାବାସୀ । ଦୁଇଜଣ ସ୍ଥାନୀୟ ଉଚ୍ଚଶିକ୍ଷିତବ୍ୟକ୍ତି ସ୍କୁଲର ସହକାରୀ ଶିକ୍ଷକକାର୍ଯ୍ୟ ଦକ୍ଷତାର ସହିତ କରୁଅଛନ୍ତି । ଏ ପର୍ଯ୍ୟନ୍ତ ସ୍କୁଲରୁ ଯେତେ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି, ସେ ସମସ୍ତେ ଷ୍ଟେଟରେ କାର୍ଯ୍ୟ ପାଇଅଛନ୍ତି । ଶିକ୍ଷାପ୍ରତି ପ୍ରଜାସାଧାରଣଙ୍କର ଆଗ୍ରହ ବୃଦ୍ଧି ପକ୍ଷରେ ଏହା ସୁନ୍ଦର କୌଶଳ । ଛାତ୍ରମାନଙ୍କର ବେତନର ପରିମାଣ ମଧ୍ୟ ଖୁବ୍ କମ୍ ନିରୂପିତ ହୋଇଅଛି । ଛାତ୍ରମାନଙ୍କ ଉତ୍ସାହବୃଦ୍ଧି ପାଇଁ ପ୍ରତିବର୍ଷ ପ୍ରାଇଜ ଦିଆଯାଏ । ସ୍କୁଲଟି ଯେପରି କ୍ରମୋନ୍ନତିରେ ଅଗ୍ରସର ହେଉଅଛି, ସେଥିରୁ ଅଦୂର ଭବିଷ୍ୟତରେ ତାହା ଗୋଟିଏ କଲେଜରେ ପରିଣତ ହେବାର ଆଶା କରାଯାଏ ।

ଷ୍ଟେଟର ସ୍କୁଲ ଡେପୁଟି ଇନ୍‌ସପେକ୍ଟର ଶ୍ରୀଯୁକ୍ତ ହରିହର ପଣ୍ଡା ମହାଶୟ ସ୍ଥାନୀୟ ଅଧିବାସୀ । ପୂର୍ବେ ସେ ହାଇସ୍କୁଲର ହେଡ଼ମାଷ୍ଟର ଥିଲେ । ସେ ଜଣେ ସୁବକ୍ତା ଏବଂ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି । ସ୍ଥାନୀୟ ଅଧିକାଂଶ ଶିକ୍ଷିତ ବ୍ୟକ୍ତି ତାଙ୍କର ଏବଂ ବାଲାଜି ପଣ୍ଡିତଙ୍କର ଛାତ୍ର । ଜଣେ କୃପାଚାର୍ଯ୍ୟ, ଜଣେ ଦ୍ରୋଣାଚାର୍ଯ୍ୟ ।

ଅନନ୍ତର ହୁଇଲର କ୍ଲବ୍ ଏବଂ ଲାଇବ୍ରେରୀ ଦେଖିଲି । ଓଡ଼ିଆ, ବଙ୍ଗଳା, ଇଂରାଜୀ ଭାଷାର ପୁସ୍ତକ ଲାଇବ୍ରେରୀରେ ପ୍ରଚୁର ଅଛି । ଅନେକ ମାସିକପତ୍ର ଓ ପତ୍ରିକା ମଧ୍ୟ ଲାଇବ୍ରେରୀକୁ ଆସେ । ଲାଇବ୍ରେରୀରେ ପାଠକସଂଖ୍ୟା କ୍ରମଶଃ ବଢ଼ୁଥିବାର ଶୁଣି ମୁଁ ବିଶେଷ ଆନନ୍ଦ ଲାଭ କଲି ।

ସେଠାରୁ ମ୍ୟୁନିସିପାଲିଟି ବଜାରବାଟେ ଫେରିବାକୁ ହେଲା । ବଜାରଟି ସୁନ୍ଦର ଓ ସୁସଜ୍ଜିତ । ଉଠା ଦୋକାନମାନ ପକ୍କା ଚଟାଣରେ ବସେ । ଏଠାରେ ଅନେକ ମାରୱାଡ଼ି ବ୍ୟବସାୟୀ ଅଛନ୍ତି । ସ୍ଥାନୀୟ ବ୍ୟବସାୟୀ ଡୋମ । ସେମାନଙ୍କ ମଧ୍ୟରେ ଅନେକ ଧନୀ ବ୍ୟକ୍ତି ଅଛନ୍ତି । ବଜାରରେ ସୂତାଠାରୁ ମୁକ୍ତା ପର୍ଯ୍ୟନ୍ତ ସମସ୍ତ ପଦାର୍ଥ ମିଳେ । ସର୍ବପ୍ରକାର ଖାଦ୍ୟବସ୍ତୁ ଏଠାରେ ଅପେକ୍ଷାକୃତ ଶସ୍ତା । ଦୋକାନଗୁଡ଼ିକ ଧାଡ଼ି ଧାଡ଼ି ହୋଇ ସୁବିନ୍ୟସ୍ତ ଭାବରେ ନିର୍ମିତ । ମଧ୍ୟରେ ପ୍ରଶସ୍ତ ପଥ । ବଜାରର ମୁଢ଼ି, ଚୁଡ଼ା ଓ ଖଇ ଅତି ଲୋଭନୀୟ ପଦାର୍ଥ । ତାହା

ଯେଉଁପରି ସବୁ ଓ ଶୁଭ୍ର, ସେହିପରି ପରିଷ୍କୃତ ଓ ପରିଚ୍ଛନ୍ନ । ନ ଖାଇବା ଲୋକର ମଧ୍ୟ ଦର୍ଶମାତ୍ରେ ପଦାର୍ଥଗୁଡ଼ିକ କିଣିବାକୁ ଇଚ୍ଛା ହୁଏ । ସନ୍ଧ୍ୟାଲୋକରେ ବଜାରରେ ବିକାକିଣାର ଖୁବ୍ ଗହଳି ହୁଏ । ମ୍ୟୁନିସିପାଲିଟିର ସୁବ୍ୟବସ୍ଥାହେତୁ ବଜାର ସବୁବେଳେ ପରିଷ୍କୃତ, ପରିଚ୍ଛନ୍ନ ଥାଏ । ବଜାରର ଶାଖାପ୍ରଶାଖା ସୁଦ୍ଧା ନିର୍ମଳ । ବଜାରର ସୌନ୍ଦର୍ଯ୍ୟ ଓ ଦ୍ରବ୍ୟସମ୍ଭାର ଦେଖିଲେ ତାହା ନଗରୀଲକ୍ଷ୍ମୀଙ୍କର କୋଠଭଣ୍ଡାର ହର୍ମ୍ୟମାଳା ପରି ବୋଧହୁଏ ।

ରାଜବାଟୀର ଦକ୍ଷିଣରେ ପୁରୁଷୋତ୍ତମ ସାଗର ମହାରାଜା ପୁରୁଷୋତ୍ତମ ଦେବଙ୍କ କୀର୍ତ୍ତିଗୀତ ନୀରବ ଛନ୍ଦରେ ଗାନ କରୁଅଛି । ଏହା ଗୋଟିଏ ବିଶାଳ ଜଳାଶୟ । ଉଚ୍ଚବନ୍ଧବେଷ୍ଟିତ ପୁଷ୍କରିଣୀଟି ଫର୍ମାବନ୍ଧା ଦର୍ପଣ ପରି ସୁନ୍ଦର ଦିଶେ । ବୋଧହୁଏ ରାଜବାଟୀ ଏହି ନୀଳକାନ୍ତ ଦର୍ପଣ ଆଗରେ ଥୋଇ ନିଜ ମୁଖର ପ୍ରତିବିମ୍ବ ଦେଖୁଅଛି । ଜଳ ତ୍ୟାଗୀ ହୃଦୟ ପରି ସ୍ୱଚ୍ଛ । ସ୍ୱର୍ଗତ ମହାରାଜାଙ୍କର ଏହି କୀର୍ତ୍ତିକନ୍ୟାଟି ତାଙ୍କୁ ବହୁକାଳ ହେଲା ଜୀବନ୍ତ ରଖିଅଛି ଏବଂ ବହୁକାଳପାଏ ଜୀବନ୍ତ ରଖିବ । ବର୍ତ୍ତମାନ ମହାରାଜା ମହୋଦୟ ଏହି ସାଗରର ସଂସ୍କାର ସାଧନ କରି ବଂଶୀୟ କୀର୍ତ୍ତି ଅକ୍ଷତ ରଖିଅଛନ୍ତି ।

ଅତଃପର ରାଜବଂଶର ଅଧିଦେବୀ ମାଣିକ୍ୟେଶ୍ୱରୀ ମନ୍ଦିର ଦେଖିଲି । ସିଂହଦ୍ୱାରସ୍ଥ ସିଂହଦ୍ୱୟ ଦୁଇଟି ହାତୀକୁ ମାଡ଼ିବସିଅଛନ୍ତି । ଗ୍ରୀବାବୃତ୍ତ କେଶରର ସତେଜ ଦୃଷ୍ଟି ଯେପରି ଜଗତକୁ ତୃଣଜ୍ଞାନରେ ବେଖାତିର କରୁଅଛି । ଦେବୀଙ୍କ ଦେଉଳ ଖୁବ୍ ଉଚ୍ଚ; କିନ୍ତୁ ସୌନ୍ଦର୍ଯ୍ୟ ବା ବୈଚିତ୍ର୍ୟର ଛାୟା ସୁଦ୍ଧା ସେଥିରେ ପଡ଼ି ନାହିଁ, କେବଳ କ୍ରମସୂକ୍ଷ୍ମ ଆକୃତିରେ ଉଇହୁଙ୍କା ପରି ଉପରକୁ ଉଠିଯାଇଅଛି । ମହାରାଜାଙ୍କ ସ୍ୱର୍ଗତ ପିତାମହ ଉଦ୍ଧବପ୍ରତାପ ଦେବ ଦେଉଳର ମୂଳପତ୍ତନ କରିଯାଇଥିଲେ । ପରେ ମହାରାଜାଙ୍କ ପିତୃଦେବ ପୀଠ ସ୍ଥାପନ କଲେ । ଦୈବଦୁର୍ବିପାକରୁ ଅକାଳରେ ତାଙ୍କର ବିୟୋଗ ଘଟିଲା । ତହୁଁ ରାଜ୍ୟ କୋର୍ଟ ଅଫ୍ ୱାର୍ଡ୍ସ ଅଧୀନ ରହିଲା । କୋର୍ଟ ଅଫ୍ ୱାର୍ଡ୍ସ ବଳିଷ୍ଠ ରୁଚିରେ ଦେଉଳ ତୋଳାଇଅଛନ୍ତି । ମୂଳ-ପୀଠର ପରିକଳ୍ପନାରୁ ବୋଧହୁଏ, ସେ ସମୟରେ ଦେଉଳଟି ନିର୍ମିତ ହୋଇଥିଲେ ଶିଳ୍ପବୈଶିଷ୍ଟ୍ୟରେ ବଡ଼ ଆଲୋକିତ ହୋଇ ବସିଥାଆନ୍ତା । ଏଡ଼େ ବଡ଼ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ—ଏତେ ବଡ଼ ମହାରାଜ-ବଂଶର କୁଳଦେବୀଙ୍କର ଆବାସ ମନ୍ଦିର ତାଙ୍କ ଗୌରବର ଉପଯୁକ୍ତ ହୋଇ ନାହିଁ । ଯେମନ୍ତ କି ତରତରିଆ ଭାବରେ ଲଦାଲଦି କରି ଦେଉଳଟି ତୋଳାଯାଇଅଛି । ଦେବୀଙ୍କର ଚତୁର୍ଭୁଜା ପ୍ରସ୍ତର-ମୂର୍ତ୍ତି ଅତି ରମଣୀୟ । ମନ୍ଦିରର କୋଣ ମୂର୍ତ୍ତିକୁ ଝଁପିପଡ଼ିଅଛି । ଦେବୀଙ୍କ ପ୍ରଭାବ ସମ୍ବନ୍ଧରେ ଅନେକ କିମ୍ବଦନ୍ତୀ ଅଛି । ଏ ଅବିଶ୍ୱାସ ଯୁଗରେ ତାହା ଲେଖି ଦୈବୀଶକ୍ତିର ଅବମାନନା କରିବା ଅନୁଚିତ ଜ୍ଞାନରେ ସେ ସମସ୍ତ ଉପେକ୍ଷିତ ହେଲା ।

ଦେଉଳ ସମ୍ମୁଖରେ ଗୋଟିଏ ସୁନ୍ଦର ମଣ୍ଡପ ଅଛି । ତାହା ବିବିଧ ବର୍ଣ୍ଣର ମର୍ମର ପ୍ରସ୍ତରରେ ନିର୍ମିତ । ସ୍ତମ୍ଭଗୁଡ଼ିକ କାରୁକାର୍ଯ୍ୟରେ ଜ୍ୟୋତିର୍ମୟ । ମଣ୍ଡପଟି ଦେଉଳକୁ ପରିହାସ କଲା ପ୍ରାୟେ ବୋଧହୁଏ । ଏହି ମଣ୍ଡପଟି ବର୍ତ୍ତମାନ ମହାରାଜାଙ୍କର ଅନ୍ୟତମ ଉଜ୍ଜ୍ୱଳ କୀର୍ତ୍ତି । ତଦ୍ୱାରା ଶୋଭାହୀନ ଦେଉଳର ମହତ୍ତ୍ୱ ବଢ଼ି-ଅଛି । ମାଣିକ୍ୟେଶ୍ୱରୀ ରାଜ-ଆରାଧ୍ୟା ଦେବୀ, ସୁତରାଂ ବିଭବରେ ଅତୁଳନୀୟା । ତାଙ୍କର ରତ୍ନଖଚିତ ଜ୍ୟୋତିର୍ମୟ ଆଭରଣମାନ ଅଳଙ୍କାରର ପ୍ରଦର୍ଶନୀ । ତାଙ୍କର ରାଜରାଜେଶ୍ୱରୀ ଭକ୍ତ-ଆକର୍ଷଣୀ ମୂର୍ତ୍ତି ଦର୍ଶକର ଚିତ୍ତକୁ ଅପୂର୍ବ ଅନିର୍ବଚନୀୟ ମହାଭାବରେ ଆଚ୍ଛନ୍ନ କରିଦିଏ ।

ନଅର ମଧ୍ୟରେ ଇଷ୍ଟଦେବ ଗୋପୀନାଥଙ୍କର ଛବିଳ ଦେଉଳ ବିଦ୍ୟମାନ । ତାହା ଫତେ ନାରାୟଣ ଦେବଙ୍କ ଅମଳରେ ନିର୍ମିତ ହୋଇଥିଲା; ମାତ୍ର ଅଦ୍ୟାବଧି ନୂତନ ପରି ବୋଧହୁଏ । ଫତେ ନାରାୟଣ ଦେବ ଜଣେ ରାଜଯୋଗୀ ଓ ପରମ ବୈଷ୍ଣବ ଥିଲେ । ଦେଉଳଟି ତାଙ୍କର ପୁଣ୍ୟସ୍ମୃତି ବୋଲିହୋଇ ବିଭୂତିଭୂଷଣ ଶିବଙ୍କ ପରି ଯୋଗମଗ୍ନ ରହିଅଛି ।

ସନ୍ଧ୍ୟା ସମୟରେ ଦରବାର ହଲ ଦେଖିବାକୁ ଗଲି । ଭିତରକୁ ଗଲାକ୍ଷଣି ବୈଦ୍ୟୁତିକ ଆଲୋକ ଜଳିଉଠିଲା । ହଠାତ୍ କୌଣସି ମାୟାପୁରୀରେ ପ୍ରବେଶ କଲି କି ଅଦ୍ଭୁତ ସ୍ୱପ୍ନପୁରୀରେ ପ୍ରବେଶ କଲି, ତାହା ବୁଝିପାରିଲି ନାହିଁ ; ବହୁବିଧ ରତ୍ନଖଚିତ ସିଂହାସନ ମଧ୍ୟରେ ସ୍ଥାପିତ । ଦୁଇ ସ୍ଥୂଳ ପ୍ରକାଣ୍ଡ ହାତୀଦାନ୍ତ ଫର୍ମା ଭିତରେ ଖଣ୍ଡିଏ ବିଶାଳ ଦର୍ପଣ ରଖାଯାଇଅଛି । ଦ'ନ୍ତରେ ଗୋଟାଏ ବୃହତ୍ ମହାବଳ ବ୍ୟାଘ୍ର ମୂର୍ତ୍ତି ଏରୂପ ଭାବରେ ରଖାଯାଇଅଛି ଯେ, ଶା'ର୍କଲସ୍କ ଗୁମ୍ଫା ମଧ୍ୟରୁ ଅର୍ଦ୍ଧ ବାହାରକୁ ବାହାରିଲା ପରି ଦେଖାଯାଉଅଛି । ସିଂହାସନର ସିଂହଦ୍ୱୟ ସୁବର୍ଣ୍ଣନିର୍ମିତ । ସିଂହାସନର ମଣ୍ଡଣି ଅତି ଚମତ୍କାର । ବୈଦ୍ୟୁତିକ ଆଲୋକ ବିବିଧ ରତ୍ନପୁଞ୍ଜରେ ପ୍ରତିଫଳିତ ହୋଇ ଦାନ୍ତରେ ପଡ଼ିଅଛି । ଇନ୍ଦ୍ରଧନୁକୁ ତରଳାଇ ସେଥିରେ ଦାନ୍ତ ଲିପାହେଲା ପ୍ରାୟ ଅତି ରମଣୀୟ ସୁଷମା ବିସ୍ତାର କରୁଅଛି । ପୁଷ୍ପ-ହାସରେ ଚନ୍ଦ୍ର କର ହାସ୍ୟ ମିଶିଲା ପରି ରତ୍ନଜ୍ୟୋତିରେ ବୈଦ୍ୟୁତିକ ଆଲୋକର ଜ୍ୟୋତି ମିଶି ଉପମା ସୃଷ୍ଟିରେ ଗୋଟାଏ ନୂତନତ୍ୱ ଆନୟନ କରୁଅଛି । ସତେ ଯେପରି ଶୋଭାଲକ୍ଷ୍ମୀ ତାଙ୍କର ଗଣ୍ଡାଧର ଫିଟାଇ ହାସ୍ୟମୁଖରେ କ୍ରୀଡ଼ା କରୁଅଛନ୍ତି । କମ୍ବୁ ଧର୍ମିର ଆଲୋକ ଜ୍ଞାନର ଆଲୋକ ଏକତ୍ର ମିଶାମିଶି ହୋଇ ସ୍ନିଗ୍ଧ ଶୀତଳ ସ୍ୱଚ୍ଛ ରୂପ ଧାରଣ କରୁଅଛି । ସିଂହାସନର ଶିଳ୍ପ-ବୈଶିଷ୍ଟ୍ୟ ବୈଚିତ୍ର୍ୟର ସୀମାକୁ ଲଙ୍ଘନ କରିଯାଇ-ଅଛି । ସୂକ୍ଷ୍ମସୂକ୍ଷ୍ମ କମ କାର୍ଯ୍ୟ ଅକ୍ଷରନିର୍ମିତ ପରି ବୋଧହୁଏ । ଶିଳ୍ପୀର କଳ୍ପନା ଏଠାରେ ରୂପ ଧରି-ଯାଇଅଛି । ତାହା କେବଳ ଉପଭୋଗ୍ୟ, ଲେଖି ପ୍ରକାଶ କରିବାର ବିଷୟ ନୁହେଁ । ସ୍ୱର୍ଣ୍ଣ ଲତାରେ ସ୍ୱର୍ଣ୍ଣ ଫୁଲ-ଫଳ ଧାରଣ କରିଅଛି, ସ୍ୱର୍ଣ୍ଣ ଭ୍ରମର ସ୍ୱର୍ଣ୍ଣ ବିହଙ୍ଗ ତାହା ଉପରେ ନୀରବ ଆନନ୍ଦରେ ବସିଅଛନ୍ତି । କେଉଁ ଅପୂର୍ବ ସ୍ୱର୍ଣ୍ଣମୟ ରାଜ୍ୟରୁ ଏ ସବୁ ଆସି ରାଜସିଂହାସନରେ ଆଶ୍ରୟ ନେଇଅଛନ୍ତି, ତାହା ଏକା ତାହାଙ୍କୁହିଁ ଜଣା । ତାହା ଦେଖିବା ଓ ଆଶ୍ଚର୍ଯ୍ୟାନ୍ୱିତ ହେବା ଖାଲି ଏତିକିମାତ୍ର ଦର୍ଶକର କର୍ତ୍ତବ୍ୟ ।

ଦରବାର ହଲ ଦ୍ୱିତଳବିଶିଷ୍ଟ । ଉପର ତଳରେ ଶୟନାଗାର, ବିଶ୍ରାମାଗାର ଏବଂ ବୈଠକଖାନା ଅଛି । ପ୍ରତ୍ୟେକ ଆବଶ୍ୟକ ସ୍ୱତନ୍ତ୍ର ଉପକରଣରେ ସୁସଜ୍ଜିତ । ସବୁ ତଳରେ ମୁଣ୍ଡ ଲାଗିଥିବା ବୃହତ୍ ବାଘ ଛାଲ ବିଛାହୋଇଅଛି । ମହାରାଜା ବଡ ଶିକାରପ୍ରିୟ । ଏହି ବ୍ୟାଘ୍ରପୁଞ୍ଜ ତାଙ୍କର ଅମୋଘ ଅସ୍ତ୍ରରେ ବ୍ୟାଘ୍ର-ଲୀଳା ସମ୍ବରଣ କରିଥିଲେ । ଏହି ନର-ଶକ୍ତିର ଏବଂ ପଶୁ-ଶକ୍ତିର ଯୁଦ୍ଧରେ ମହାବୀର ମହାରାଜା ମହୋଦୟ ଜୟ-ଶ୍ରୀମଣ୍ଡିତ ହୋଇଅଛନ୍ତି । ବ୍ୟାଘ୍ରପୁଞ୍ଜଙ୍କର ଦୃଷ୍ଟିରୁ ବୋଧହୁଏ ମରି ସୁଦ୍ଧା ସେମାନେ ସ୍ୱାଭାବିକ ଉଗ୍ରଦର୍ପ ଛାଡ଼ିପାରି ନାହାନ୍ତି । ଦୁର୍ଜନର ପ୍ରେତାତ୍ମା ସୁଦ୍ଧା ଦୁର୍ଜନ । ବାଘ ମୁହଁରେ ଏକପ୍ରକାର ସ୍ୱଚ୍ଛ ଗୋଲେଇ ଖଞ୍ଜାଯାଇ-ଅଛି । ବୈଦ୍ୟୁତିକ ଆଲୋକ ସ୍ପର୍ଶରେ ତାହା ଜ୍ୟୋତିର୍ମୟ ହୋଇଉଠେ । କାଳରୁଣ୍ଡରୁ ମୁକ୍ତି ବାହାରିଲା ପରି ବାଘ ପାଟିରେ ନିଆଁ ଜଳିଲା ପ୍ରାୟ ଦିଶେ, ଏହା ଏକ ଅଭିନବ ଅଦ୍ଭୁତ ଇନ୍ଦ୍ରଜାଲ । ପ୍ରତି କକ୍ଷରେ ବାଘଛାଲ ଉପରେ ଖଟ, ଚୌକି, ବେଞ୍ଚ, ଟେବୁଲ ପ୍ରଭୃତି ଯଥାଯୋଗ୍ୟ ଆବଶ୍ୟକ ଉପକରଣ ସଜ୍ଜିତ ହୋଇ ରହିଅଛି । ତାହା ସବୁ ମୂଲ୍ୟବାନ୍ କାଷ୍ଠ, ଶଙ୍ଖ ମର୍ମର ଓ ସିଂହ ମର୍ମର ପ୍ରସ୍ତର-ନିର୍ମିତ । ତାହା ଉପରେ ନାନାପ୍ରକାର ସ୍ୱର୍ଣ୍ଣ-ରୌପ୍ୟ-ମଣିମୁକ୍ତାମଣ୍ଡିତ କାରୁକାର୍ଯ୍ୟ ହୋଇଅଛି । ହୀରା, ମୁକ୍ତା ଓ ସ୍ୱର୍ଣ୍ଣରେ ମହାରାଜାଙ୍କର ପବିତ୍ର, ମନ୍ତ୍ରମିତ ନାମ ଲିଖିତ ହୋଇ ଦ୍ରବ୍ୟର ଗୌରବ ବହୁଗୁଣିତ କରିଅଛି । ମହାର୍ଘ ସୂକ୍ଷ୍ମବସ୍ତ୍ରନିର୍ମିତ ମଶାରିର ମୁକ୍ତାମାଳା ଝାଲର ସୁଷମାର ଅଳଙ୍କାର ପ୍ରାୟ ସୁନ୍ଦର ଦିଶୁଅଛି । ସତେ ଯେପରି କୋଟି କୁବେର ଭଣ୍ଡାର ସେଠାରେ ଉନ୍ମୁକ୍ତ ରହି ସୌନ୍ଦର୍ଯ୍ୟ ଓ ବୈଚିତ୍ର୍ୟର ମହାମହୋତ୍ସବ ସୃଷ୍ଟି କରିଅଛି । ଗୃହ ଓ ଉପକରଣମାନଙ୍କର ଅଦ୍ଭୁତ କାରୁକାର୍ଯ୍ୟ ଦେଖି ସ୍ୱୟଂ ଦେବଶିଳ୍ପୀ ବିଶ୍ୱକର୍ମା ସୁଦ୍ଧା ଲଜ୍ଜିତ ହେବେ । ମୂଳତଃ ଦରବାର ହଲଟି ମହାରାଜାଙ୍କର ମାର୍ଜିତ ଆଦର୍ଶ ସୁରୁଚି ଏବଂ ଅପୂର୍ବ ଅଭିନବ ବୈଚିତ୍ର୍ୟ ସୃଷ୍ଟିର ସୁନ୍ଦର ନିଦର୍ଶନ । ଦରବାର କକ୍ଷଟି ରାଜଲକ୍ଷ୍ମୀଙ୍କର ମହାପୂଜାର ସୁରମ୍ୟ ଦେଉଳ । ସେଠାକୁ ଗଲେ ଜଡ଼ପିଣ୍ଡଟି ଫେରିଆସେ; ମାତ୍ର ମନ, ନେତ୍ର, ପାଦ ଫେରିବାକୁ ଇଚ୍ଛା କରେ ନାହିଁ । ସେ ମୋହନ ମହାଦୃଶ୍ୟ ମାସେଯାଏଁ ଦେଖୁଥିଲେ ଶେଷ

ହେବାର ନୁହେଁ: ସାମାନ୍ୟ ଘଣ୍ଟାଏ ଦୁଇ ଘଣ୍ଟାର ଦେଖା, ଦେଖିବା ମଧ୍ୟରେ ଗଣନୀୟ ନୁହେ । ଶେଷ ଜୀବନରେ ମୁଁ ଏହି ମହାଦୃଶ୍ୟର କଣିକାଏମାତ୍ର ଦେଖି ନେତ୍ର ସାର୍ଥକ କରିଅଛି ଏବଂ ରାଜଗୌରବର ମହତ୍ତ୍ୱ ଉପଲବ୍ଧି କରିପାରିଅଛି ।

ରାଜବାଟୀ ସମ୍ମୁଖରେ ଗୋଟିଏ ସୁନ୍ଦର ଫୋଏରା ଅଛି । ଗଙ୍ଗୋତ୍ରୀ ଶୃଙ୍ଗରୁ ଗଙ୍ଗାର ଅବତରଣ ପରି ସେଥିରୁ ଜଳଧାରା ସତତ ଝରୁଅଛି । ତାହା ପରେ ସଭାମଣ୍ଡପ । ୧୯୨୯ ଖ୍ରୀଷ୍ଟାବ୍ଦରେ ବର୍ତ୍ତମାନ ମହାରାଜା ଏହି ମଣ୍ଡପ ନିର୍ମାଣ କରାଇଅଛନ୍ତି । ଏତାଦୃଶ ମଣ୍ଡପର ସବୁ ବିରଳ । ଇନ୍ଦ୍ରପ୍ରସ୍ଥ ନଗରର ମୟବିରଚିତ ମହାସଭାର ବର୍ଣ୍ଣନା ମହାଭାରତରେ ପଢିଥିଲି; ମାତ୍ର ଏଠାରେ ଦେହକେ ଦେଖିଲି । ସଭାମଣ୍ଡପ ଅଳଙ୍କାରରେ ଭାରାକ୍ରାନ୍ତ । ଅଳଙ୍କାର ପ୍ରକୃତ ସୌନ୍ଦର୍ଯ୍ୟକୁ ଢାଙ୍କିପକାଏ; ମାତ୍ର ଏଠାରେ ସଭାମଣ୍ଡପର ପ୍ରକୃତ ସୌନ୍ଦର୍ଯ୍ୟ ଅଳଙ୍କାରର ଅଳଙ୍କାର ହୋଇଅଛି । ସୌନ୍ଦର୍ଯ୍ୟ ଅଳଙ୍କାରର ବାହୁଲତା ଖୋଜେ ନାହିଁ । ଆପାଦଶିର ପୁଷ୍ପମଣ୍ଡିତ ଲତାପଳାଶ ଅପେକ୍ଷା ବିରଳ ପୁଷ୍ପିତା ଗୋଲାପ ଲତା ଅଧିକ ସୁନ୍ଦର ନୁହେ କି ? ବିସ୍ତୃତ ପୁଷ୍ପୋଦ୍ୟାନ ମଧ୍ୟରେ ମଣ୍ଡପଟି ସରୋବର ମଧ୍ୟରେ ସ୍ନାନାର୍ଥୀ ଶ୍ୱେତହସ୍ତୀ ଉପମା ଧାରଣ କରିଅଛି । ବ୍ରତ, ବିବାହାଦି ମଙ୍ଗଳୋତ୍ସବ ସମୟରେ ସଭା ମଣ୍ଡପର ସୁଷମା ଓ ସୌନ୍ଦର୍ଯ୍ୟ ବହୁଗୁଣ ବୃଦ୍ଧି ଲାଭ କରେ ।

ଅଳ୍ପ ଦୂରରେ ମୋଟରଶାଳା । ସେଥିରେ ଟାକ୍‌ସି, ଲରି ମିଶି ୧୭ ଖଣ୍ଡ ମୋଟର ଯାନ ଅଛି । ତାହା ଛଡ଼ା ମହାରାଜାଙ୍କର ୫୫ ହଜାର ଟଙ୍କା ମୂଲ୍ୟର ଖଣ୍ଡିଏ ମୂଲ୍ୟବାନ୍ ମୋଟର ଅଛି । ସେ ଗୋଟିକ ପୁଷ୍ପକ ରଥ । ସେଠାରୁ ଖେଳ ପଡିଆ ଦେଇ ପଞ୍ଚ ଦେବାଳୟକୁ ଯିବାକୁ ହେଲା । ଖେଳ ପଡିଆ ପ୍ରକାଣ୍ଡ । କେତେବେଳେ ସେଠାରେ କେହି ନ ଥିଲେ । ମହାରାଜାଙ୍କର ମାତୃଦେବୀ ଧର୍ମପ୍ରାଣା ଶ୍ରୀମତୀ ରାମଚନ୍ଦ୍ରପ୍ରିୟା ମହାଦେଈ ରାମସ୍ୱାମୀ ଦେଉଳ ପ୍ରସ୍ତୁତ କରାଇ ସେଥିରେ ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତାଙ୍କର ମୂର୍ତ୍ତି ସ୍ଥାପନ କରିଅଛନ୍ତି । ଦେଉଳଟି ପ୍ରାଚୀରବେଷ୍ଟିତ, ଖୁବ୍ ଉଚ୍ଚ । ପ୍ରାଚୀରର ଚାରିକୋଣରେ ସ୍ୱତନ୍ତ୍ର ଚାରି ଗୋଟି ମନ୍ଦିରରେ ଶିବ, ଦୁର୍ଗା, ଗଣେଶ ଓ କାର୍ତ୍ତିକ ମୂର୍ତ୍ତି ପ୍ରତିଷ୍ଠିତ । ଏହା ପଞ୍ଚଦେବାଳୟ ନାମରେ କଥିତ ହୁଏ । ଦେଉଳଗୁଡିକ ସୁନ୍ଦର ପ୍ରଣାଳୀରେ ଗଠିତ ଏବଂ ସୂକ୍ଷ୍ମ ଶିଳ୍ପକଳାରେ ଭାସ୍ୱର । ପୂଜା ଓ ଭୋଗର ବିଧାନ ଆଡ଼ମ୍ବରଯୁକ୍ତ । ଦେବାଳୟଟି ଶାନ୍ତିମୟ ନିର୍ଜନ ସ୍ଥାନରେ ଅବସ୍ଥିତ । ଭିତରକୁ ଗଲେ ସଂସାରର ଜ୍ୱାଳାଯନ୍ତ୍ରଣା-ଦଗ୍ଧ ହୃଦୟ ସାତ୍ତ୍ୱିକ ଭାବରେ ଶୀତଳ ଓ ଉଲ୍ଲାସ ହୋଇଉଠେ । ସେଠାର ବାୟୁ ବିଶୁଦ୍ଧ, ତାହା ସଂସାରର ଉଷ୍ଣ ନିଃଶ୍ୱାସରେ ଉତ୍ତପ୍ତ ବା ବିକୃତ ନୁହେ । ହତାଶ ପ୍ରାଣ ସେଠାରେ ସାନ୍ତ୍ୱନା ଉପଲବ୍ଧି କରେ ।

ନିକଟରେ ନୂଆବନ୍ଧ ନାମରେ ଗୋଟିଏ ସୁନ୍ଦର ସରୋବର ନୂତନ ଖୋଦିତ ହୋଇଅଛି । ତାହା ମାନନୀୟା ରାଜମାତାଙ୍କର ଅନ୍ୟତମ କୀର୍ତ୍ତି । ପୁଷ୍କରିଣୀର ପଥରବନ୍ଧା ଘାଟ ଉପରେ ଗୋଟିଏ ବିଶ୍ରାମ ମଣ୍ଡପ ଅଛି । ବନ୍ଧଟିକୁ ଦେଖିଲେ ତାହା ପ୍ରକୃତିରୂପିଣୀ ଶୁଭଙ୍କରୀ ଶଙ୍କରୀ ଦେବୀଙ୍କର ଉନ୍ମୀଳିତ ତୃତୀୟ ନେତ୍ର ପରି ପ୍ରତୀୟମାନ ହୁଏ । ଜଳ ଶିଶୁ-ମନ ପରି ନିର୍ମଳ ଓ ନିର୍ବିକାର । ରାଜମାତା ମହାଦେବୀଙ୍କର ଅନାବିଳ କରୁଣା ସନ୍ତାପିତ ପ୍ରାଣିକୁଳର ପ୍ରାଣ ଶୀତଳ କରିବା ପାଇଁ ଜଳ ରୂପ ଧାରଣ କରି ରହିଅଛି ।

ଭବାନୀପାଟଣାରେ ଗୋଟିଏ ବାଳିକା ସ୍କୁଲ ଅଛି । ସେଥିରେ ଅପର ପ୍ରାଇମେରୀ ପର୍ଯ୍ୟନ୍ତ ପଢା-ହୁଏ । ସ୍କୁଲଗୃହ ଖୁବ୍ ପ୍ରଶସ୍ତ । ବାଳିକା ଶିକ୍ଷା ପ୍ରତି ସ୍ଥାନୀୟ ଲୋକଙ୍କର ଆଗ୍ରହ କ୍ରମଶଃ ଯେପରି ବଢୁଅଛି, ସେଥିରୁ ଅନୁମିତ ହୁଏ, ଅଦୂର ଭବିଷ୍ୟତରେ ତାହା ଉଚ୍ଚବିଦ୍ୟାଳୟରେ ପରିଣତ ହୋଇପାରିବ । ସ୍କୁଲ ନିକଟରେ ପାୱାର ହାଉସ । ଏଠାରୁ ଟାଉନର ସର୍ବତ୍ର ଜଳବାୟୁ ଓ ଆଲୋକ ଦାନର ବ୍ୟବସ୍ଥା ହୁଏ ।

ଅଧମ ଜାତୀୟ ବାଳକମାନଙ୍କର ଶିକ୍ଷାର ସୁବିଧା ସକାଶେ ଭବାନୀପାଟଣାରେ ଗୋଟିଏ ସ୍ୱତନ୍ତ୍ର

ସ୍କୁଲ ଅଛି । ରାଜ୍ୟର ସମସ୍ତ ଶ୍ରେଣୀର ପ୍ରଜାଙ୍କୁ ଶିକ୍ଷିତ କରାଇବା ପ୍ରୟାସ ସ୍ପଷ୍ଟରୂପେ ଅନୁମିତ ହୁଏ । ମହାରାଜାଙ୍କର ଏ ସମଦର୍ଶିତା ବାସ୍ତବରେ ମହାରାଜୋଚିତ ।

ଭବାନୀପୁର ବଙ୍ଗଳା ନିକଟରେ ଟ୍ରେନିଂସ୍କୁଲ ଓ ହଷ୍ଟେଲ ଅବସ୍ଥିତ । ସ୍କୁଲର ଦ୍ୱିତୀୟ ପଣ୍ଡିତ ହଷ୍ଟେଲର ତତ୍ତ୍ୱାବଧାରକ । ସେ ଅଳ୍ପବୟସ୍କ ହେଲେହେଁ ଯୋଗ୍ୟତାରେ ପ୍ରବୀଣ ସଦୃଶ । ଟ୍ରେନିଂ ସ୍କୁଲ ସଙ୍ଗରେ ଗୋଟିଏ ନି. ପ୍ରା. ପାଠଶାଳା ସଂଯୁକ୍ତ ହୋଇଅଛି । ଛୁଟି ପୂର୍ବରୁ ଛୋଟ ଛୋଟ ପିଲା ପଙ୍କ୍ତି-କ୍ରମେ ବସି ଧର୍ମସଙ୍ଗୀତ ଆବୃତ୍ତି କରନ୍ତି । ମଧୁର ବାଳକଣ୍ଠର ମଧୁର ସଙ୍ଗୀତ-ଆବୃତ୍ତି ବଡ଼ ଉପଭୋଗ୍ୟ ହୁଏ । ବିଦ୍ୟାମଣ୍ଡପ ଉପରେ ବାଳଛାତ୍ରମାନଙ୍କର ଧର୍ମବେଦ ଅଧ୍ୟୟନ ଦୃଶ୍ୟଟି ମଧ୍ୟ ଯେତିକି ସୁନ୍ଦର, ସେତିକି ମଧୁର । ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଶ୍ରୀଯୁକ୍ତ ବାଲ୍ମିକ ମିଶ୍ର ଜଣେ ଋଷିପ୍ରକୃତିର ବ୍ୟକ୍ତି ।

ଭବାନୀପାଟଣାରେ ଦୁଇଗୋଟି ଧର୍ମଶାଳା ଅଛି । ଅତିଥିମାନଙ୍କ ପାଇଁ ସୁନ୍ଦର ବ୍ୟବସ୍ଥା ଅଛି । ଏହା ବ୍ୟତୀତ ମାରୱାଡ଼ିମାନଙ୍କର ଗୋଟିଏ ଧର୍ମଶାଳା ଅଛି । ସେମାନଙ୍କର ଗୋଟିଏ ଦେବମନ୍ଦିର ମଧ୍ୟ ଅଛି । ଏଠାରେ ଅଳ୍ପ ମୁସଲମାନ୍ ବାସ କରନ୍ତି; ସେମାନଙ୍କର ଗୋଟିଏ ମସଜିଦ୍ ମଧ୍ୟ ଅଛି ।

ହାଇସ୍କୁଲର ହେଡ଼ ପଣ୍ଡିତ ସାହିତ୍ୟୋପାଧ୍ୟାୟ ଶ୍ରୀଯୁକ୍ତ ଗଣେଶ୍ୱର ରଥ ଦୁଇଥର ମୋତେ ସାକ୍ଷାତ୍ କରିଥିଲେ । ସେ ଖଲ୍ଲିକୋଟବାସୀ । ତାଙ୍କ ସହ ସାହିତ୍ୟର ଆଲୋଚନା ହୋଇଥିଲା । ସେ ଜଣେ ଆଳଙ୍କାରିକ । ତାଙ୍କ ରଚିତ ଦୁଇଖଣ୍ଡି କ୍ଷୁଦ୍ର ପୁସ୍ତକ ସେ ମୋତେ ଉପହାର ଦେଇଥିଲେ । ଖଣ୍ଡିଏ ଅସ୍ମଦ୍ଯୁବରାଜଙ୍କ ଉପନୟନୋପଲକ୍ଷେ ଏବଂ ଅନ୍ୟଖଣ୍ଡିକ ଅସ୍ମଦ୍ଭଗ୍ନୀ ଜେମାମଣିଙ୍କ ବିବାହୋତ୍ସବ ଉପଲକ୍ଷେ ସଂସ୍କୃତ ଭାଷାରେ ରଚିତ । ପଣ୍ଡିତ ମହାଶୟ ବିନୟୀ, ଶାନ୍ତ ଓ ପଣ୍ଡିତ-ସୁଲଭ ବାକ୍‌ପଟୁ । ତାଙ୍କ ସଦାଳାପରେ ମୁଁ ମୁଗ୍ଧ ହୋଇଅଛି । ତାଙ୍କର ପାଣ୍ଡିତ୍ୟ ଅଛି; ମାତ୍ର ପାଣ୍ଡିତ୍ୟର ଗର୍ବ ନାହିଁ ।

ଦୁଇଦିନଯାଏଁ ମୋଟରରେ ବୁଲି ସ୍ଥାନୀୟ ପ୍ରଧାନ ପ୍ରଧାନ ଦୃଶ୍ୟ ଦେଖିଲି । ଏବେ ରାଜ୍ୟର ଭୌଗୋଳିକ ଓ ଐତିହାସିକ ବିବରଣ ସଂକ୍ଷେପରେ ଲେଖି ମୋ ଲେଖାର ଉପସଂହାର କରିବି । ଉତ୍ତୁଙ୍ଗ ନୀଳପର୍ବତମାଳା ବୃତ୍ତଖଣ୍ଡାକାରରେ ପ୍ରାଚୀର ପରି ରାଜ୍ୟର ତିନି ଦିଗକୁ ଘେରି ରହିଅଛି । କେବଳ ଗୋଟିଏ ଦିଗ ମୁକୁଳା । ଦୂରରୁ ଦେଖିଲେ ଗୋଟିଏ ହାଣ୍ଡି ପରି ଜଣେ । କଳାହାଣ୍ଡି କଳା-ପ୍ରସିଦ୍ଧ ରାଜ୍ୟ । ବଜାରରେ ବିକାହେଉଥିବା ସାମାନ୍ୟ ମାଟିପାତ୍ର, ବାଉଁଶ ବରଡ଼ା ପତ୍ରର ଡାଲା, ପେଡ଼ି, ପାନ୍ଥିଆ ପ୍ରଭୃତି ପଦାର୍ଥ ବିବିଧ ଚିତ୍ରକଳାରେ ପୂର୍ଣ୍ଣ ଦେଖାଯାଏ । କଳାର ଆଧାର ହେତୁ ରାଜ୍ୟର ନାମ କଳାହାଣ୍ଡି ହୋଇଥିବା ସମ୍ଭବ । କେହି କେହି କାରୁଣ୍ଡ ରାଜ୍ୟ ବୋଲି ମଧ୍ୟ କହନ୍ତି । କାରୁଣ୍ଡ ଶବ୍ଦ ଏଠି (କାରୁ) କଳା ଅର୍ଥବ୍ୟଞ୍ଜକ ବୋଲି ବୋଧହୁଏ । କାରୁ ଶବ୍ଦର ଅର୍ଥ ଶିଳ୍ପ । ଉତ୍କୃଷ୍ଟ ଶିଳ୍ପିକୁଳର ବାସସ୍ଥଳ ହେତୁ କାରୁଣ୍ଡ ନାମ ମଧ୍ୟ ସୁସଙ୍ଗତ ବୋଧହୁଏ । ଯେଉଁ ଦିଗରୁ ବିଚାର କଲେ ରାଜ୍ୟର କଳାହାଣ୍ଡି ଓ କାରୁଣ୍ଡ ଉଭୟ ନାମ ସାର୍ଥକ ଓ ସମୀଚୀନ ।

କଳାହାଣ୍ଡିର ଉତ୍ତର ଦିଗରେ ପାଟଣା ରାଜ୍ୟ, ପୂର୍ବରେ ପାରଳାଖେମଣ୍ଡି, ଦକ୍ଷିଣରେ ଜୟପୁର ଓ ପଶ୍ଚିମରେ ଖଡ଼ିଆଲ । ପୂର୍ବ ପଶ୍ଚିମ ଖୁବ୍ ଲମ୍ବ ଓ ଉତ୍ତର ଦକ୍ଷିଣ ଅପ୍ରଶସ୍ତ । କ୍ଷେତ୍ରଫଳ ୩୭୪୫ ବର୍ଗମାଇଲ ଓ ଅଧିବାସୀଙ୍କ ସଂଖ୍ୟା ୫୧୩୭୧୭ । ରାଜସ୍ୱ ପ୍ରାୟ ୭ ଲକ୍ଷ ଟଙ୍କା । ରାଜ୍ୟର ଅଧିକାଂଶ ସ୍ଥାନ ଜଙ୍ଗଲ ଓ ପାହାଡ଼ରେ ପୂର୍ଣ୍ଣ, ଏହେତୁ ମାନବ-ବସତି-ଯୋଗ୍ୟ ସ୍ଥାନ ଖୁବ୍ ଊଣା ।

ଏ ରାଜ୍ୟରେ ଖରା, ବର୍ଷା ଶୀତ ସବୁ ପ୍ରବଳ । ଶୀତକାଳରେ ଯେତିକି ଶୀତଳ ଥାଏ, ଗ୍ରୀଷ୍ମକାଳରେ ସେତିକି ଉଷ୍ଣ ଥାଏ । ଗ୍ରୀଷ୍ମକାଳରେ ସୂର୍ଯ୍ୟାସ୍ତ ପରେ ଭୂମିରୁ ଘୋଟାଏ ପ୍ରଚଣ୍ଡ ଉତ୍ତାପ ବାହାରେ । ତାହା ବେଳେ ବେଳେ ଅସହ୍ୟ ବୋଧହୁଏ ।

କଳାହାଣ୍ଡି ରାଜ୍ୟରେ କାଶୀପୁର, ମହୁଲପାଟଣା, ଲାଞ୍ଜିଗଡ଼, ଚାଲ୍‌ପାଠ ଓ ରାମପୁର ମଦନପୁର ନାମରେ ୫ ଗୋଟି ଜମିଦାରୀ ଅଛି । ତାହା ଜଣେ ଜଣେ ରାଜାଙ୍କଦ୍ୱାରା ଶାସିତପାଳିତ ହୁଏ । ତାହା ଛଡ଼ା ଦୁଇଟି କ୍ଷୁଦ୍ର ଜମିଦାରୀ ଅଛି । ସେଥିରେ ଜଣେ ଜଣେ ଜମିଦାର ଅଛନ୍ତି । ପୂର୍ବେ ଥୁଆମୂଳ ରାମପୁର ନାମରେ ଆଉ ଗୋଟିଏ ଜମିଦାରୀ ଥିଲା; ମାତ୍ର ରାଜବଂଶ ଲୋପ ପାଇବାରୁ ତାହା ଷ୍ଟେଟଭୁକ୍ତ ହୋଇଅଛି । ଥୁଆମୂଳ ରାମପୁରର ବିଧବା ରାଣୀ ଭବାନୀପାଟଣାର ସ୍ୱତନ୍ତ୍ର ନଅରରେ ବାସ କରୁଅଛନ୍ତି । କାଶୀପୁର କୋର୍ଟ ଅଫ୍ ୱାର୍ଡ଼ସ ଅଧୀନ ଅଛି । ଉପର୍ଯ୍ୟୁକ୍ତ ପାଞ୍ଚରାଜ୍ୟର ରାଜାମାନଙ୍କର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବଙ୍ଗଳା ଭବାନୀପାଟଣାରେ ଅଛି । କଳାହାଣ୍ଡି ଦୁଇ ତହସିଲରେ ବିଭକ୍ତ—ଭବାନୀପାଟଣା ଓ ଥୁଆମୂଳରାମପୁର । ସମସ୍ତ ଖାଲସାରାଜ୍ୟ ୪୪ ପ୍ରଗଣାରେ ବିଭକ୍ତ ।

ଉପର୍ଯ୍ୟୁକ୍ତ ପାଞ୍ଚଗୋଟି ଜମିଦାରୀର ପରିମାଣ ଓ ଲୋକସଂଖ୍ୟା ନିମ୍ନରେ ଲିଖିତ ହେଲା ।

| | | | | |
|---|---|---|---|---|
| କାଶୀପୁର— | ୪୩୨ ବର୍ଗମାଇଲ | — | ଲୋକସଂଖ୍ୟା | ୩୯୪୧୨ |
| ମହୁଲପାଟଣା— | ୩୪୮ " | — | " | ୩୦୭୩୮ |
| ଲାଞ୍ଜିଗଡ଼— | ୨୫୨ " | — | " | ୧୧୫୮୦ |
| ଚାଲ୍‌ପାଠ— | ୨୪୮ " | — | " | ୬୭୨୮ |
| ରାମପୁର ମଦନପୁର | ୪୨୪ " | — | " | ୨୯୨୦୦ |

କଳାହାଣ୍ଡି ରାଜ୍ୟରେ ଗୋଟିଏ ହାଇସ୍କୁଲ, ଗୋଟିଏ ମିଡ଼ଲ ଇଣ୍ଡଷ୍ଟ୍ରିଆଲର ଟ୍ରେନିଂସ୍କୁଲ, ଗୋଟିଏ ସଂସ୍କୃତ ବିଦ୍ୟାଳୟ, ଗୋଟିଏ ମାଇନର ସ୍କୁଲ, ଗୋଟିଏ ଇଣ୍ଡଷ୍ଟ୍ରିଆଲର ସ୍କୁଲ, ଗୋଟିଏ ନୀଚ ଜାତିର ସ୍କୁଲ, ଗୋଟିଏ ହିନ୍ଦୀ ସ୍କୁଲ, ତିନିଗୋଟି ବାଳିକା ସ୍କୁଲ ଓ ୭୯ ଗୋଟି ପ୍ରାଇମେରୀ ସ୍କୁଲ ଅଛି । ସ୍ଥୂଳତଃ ଶିକ୍ଷାର ବ୍ୟବସ୍ଥା ଯଥୋପଯୁକ୍ତ ।

କଳାହାଣ୍ଡିର ପ୍ରାଚୀନ ରାଜଧାନୀ ଜୁନାଗଡ଼ ଭବାନୀପାଟଣାଠାରୁ ୧୭ ମାଇଲ ଦୂରରେ ଅବସ୍ଥିତ । ନିକଟରେ ହାତୀନଦୀ ପ୍ରବାହିତ ହୁଏ । ସେଠାରେ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ଅଛି ଏବଂ ଅନେକ ପ୍ରାଚୀନ କୀର୍ତ୍ତି ଓ ପୁଷ୍କରିଣୀ ଅଛି । ପ୍ରାଚୀନ ଇଷ୍ଟଦେବୀ ଲଙ୍କେଶ୍ୱରୀ ଓ ଇଷ୍ଟଦେବ ଗୋପୀନାଥଙ୍କର ମନ୍ଦିର ମଧ୍ୟ ଅଛି । ଦଶହରା ସମୟରେ ମହା ଆଡ଼ମ୍ବରରେ ଲଙ୍କେଶ୍ୱରୀଙ୍କର ପୂଜା ହୁଏ । ବାଲିଛ, କନକ ଦୁର୍ଗା ପ୍ରଭୃତି କେତେ ଦେବାଦେବୀଙ୍କର ସୁନ୍ଦର ଦେଉଳ ଓ କେତେ ସରକାରୀ ଅଫିସ ସେଠାରେ ଅଛି । ରାଜକାର୍ଯ୍ୟର ସୁବିଧା ସକାଶେ ଭବାନୀପାଟଣାଠାରୁ ଜୁନାଗଡ଼ ପର୍ଯ୍ୟନ୍ତ ଟେଲିଫୋନର ବ୍ୟବସ୍ଥା ହୋଇଅଛି ।

କଳାହାଣ୍ଡିର ପ୍ରଧାନ ଫସଲ ଧାନ । ମୁଗ, ବିରି, ହରଡ଼, କୋଳଥ, ଖେସାରି, ସୋରିଷ, ଜଡ଼ା, ମାଣ୍ଡିଆ, ସୁଆଁ, ରାଶି ପ୍ରଭୃତି ପ୍ରଚୁର ପରିମାଣରେ ଉତ୍ପନ୍ନ ହୁଏ । ଅନ୍ତର୍ବାଣିଜ୍ୟର ସୁବିଧା ସକାଶେ ରାଜ୍ୟରେ ଅନେକ ହାଟ ଅଛି । କନ୍ଧମାନେ ନାନା ପ୍ରକାର ବନ୍ୟଜାତ ପଦାର୍ଥ ହାଟରେ ବିକ୍ରୟ କରନ୍ତି । ଏହି କନ୍ଧମାନେ ହିଁ କଳାହାଣ୍ଡିର ସଂଖ୍ୟାଗରିଷ୍ଠ ଜାତି । ସେମାନେ ଓଡ଼ିଆ କହନ୍ତି । ଲାଞ୍ଜିଗଡ଼ରେ କନ୍ଧମାନେ ଓଡ଼ିଆ ଗୀତ ଗାଉଥିବାର ଶୁଣିଥିଲି । ସେମାନେ ଗ୍ରାମୋଫୋନରୁ ଶୁଣି 'ବଉଳକୁ ଆଲିଙ୍ଗନ' ଆଦି ସୁନ୍ଦର ଭାବରେ ଗାଉଥିଲେ । ସ୍ୱରର ଅବିକଳ ଅନୁକରଣ ବିଶେଷ ପ୍ରଶଂସାର୍ହ । ସଉରାମାନେ ବି ଓଡ଼ିଆ କହନ୍ତି । ମହାରା, ଡୋମ, ଭୁଞ୍ଜିଆ, କୋଷ୍ଟା ଜାତିମାନେ ଲୁଗା ବୁଣନ୍ତି; ବୁଣା କହଲ ଓ ପରିଷ୍କାର । ଏ ଅଞ୍ଚଳରେ ଅରଟକୁ ରାହାଣ୍ଡି କହନ୍ତି । ଅରଟର ପ୍ରଚଳନ ପ୍ରାଚୀନକାଳରୁ ଅବଧି ଅଟଳ ଅଛି । କୁଟି ଖାଇବା, କାଣ୍ଟି ପିନ୍ଧିବା ଏ ରାଜ୍ୟବାସୀଙ୍କର ସହଜାତ ସଂସ୍କାର । ସେହି ହେତୁରୁ ସେମାନେ ସୁଖୀ, ସୁସ୍ଥ ଓ ସବଳ ।

ଲାଞ୍ଜିଗଡ଼ରେ ଉତ୍କୃଷ୍ଟ କମଳା ଲେମ୍ବୁ ଓ ଅମ୍ବ ମିଳେ । କାଶୀପୁରରେ ଚିନ୍ତାମଣି ନାମକ ପ୍ରସ୍ତର-ନିର୍ମିତ ସୁନ୍ଦର ବାସନ ମିଳେ । ଉତ୍କୃଷ୍ଟ ଦହି ଓ ଘିଅ ସକାଶେ ମଧ୍ୟ କାଶୀପୁର ପ୍ରସିଦ୍ଧ । ଲାଞ୍ଜି ନାମକ ସ୍ଥାନରେ ସୁନାର ଖଣି ଅଛି । ସେଠାକାର ସୁନା ଅତି ଉତ୍କୃଷ୍ଟ ବୋଲି ପରୀକ୍ଷାରେ ପ୍ରମାଣିତ ହୋଇଅଛି । ମହୁଲ ପାଟଣାରେ ଲାଖ ଓ ତସର ଉତ୍ପନ୍ନ ହୁଏ ।

ରାମପୁର ମଦନପୁରରେ ପ୍ରଚୁର ପରିମାଣରେ ଲାଇ ଖଇର ଓ ଚନ୍ଦନକାଠ ମିଳେ।

କର୍ଲାପାଟରେ ଲୌହଉତ୍ପାଦକ ପ୍ରସ୍ତର ପ୍ରଚୁର ପରିମାଣରେ ମିଳେ। ଥୁଆମୂଳ ରାମପୁରରେ ଚନ୍ଦନ ବୃକ୍ଷ ଅଛି। ସେଠାରେ ଫୁଲଝଣ୍ଡ ଯଥେଷ୍ଟ ପରିମାଣରେ ମିଳେ। ଧର୍ମଗଡ଼ରେ ଭୀମଖୋଜ ନାମରେ ସୁଦୃଶ୍ୟ ପ୍ରାଚୀନ ଗୁମ୍ଫା ବିଦ୍ୟମାନ। ସେଠାରେ ସାପ୍ତାହିକ ମେଳା ବସେ। ଗୋଡମୁଣ୍ଡାରେ ସ୍ଲେଟ୍ ପଥରର ଖଣି ଅଛି। କାଣ୍ଟପଡ଼ାରୁ ପ୍ରଚୁର ପରିମାଣରେ ସୁର୍ମା ରପ୍ତାନି ହେଉଅଛି। ରାଜ୍ୟର ନାନା ସ୍ଥାନରେ ବୃହତ୍ ଗଭୀର ଜଳାଧାର ଅଛି।

ଭବାନୀପାଟଣା, କର୍ଲାପାଟ, କାଶୀପୁର, ଜୁନାଗଡ଼, ରାମପୁର ମଦନପୁର, ଲାଞ୍ଜିଗଡ଼, ଜୟପାଟଣା, କୋକସରାରେ ଦାତବ୍ୟ ଔଷଧାଳୟ ସ୍ଥାପିତ ହୋଇ ରାଜ୍ୟର ସର୍ବତ୍ର ଚିକିତ୍ସାର ସୁବ୍ୟବସ୍ଥା କରାଯାଇଅଛି।

ରାଜ୍ୟରେ ଅନେକ ବଡ଼ ବଡ଼ ପର୍ବତ ଅଛି। ସେଥିମଧ୍ୟରେ ନିୟମଗିରି, ଯଶେଶ, ବ୍ରାହ୍ମଣୀ, କୁମ୍ଭକୋଟ, ଧନୁଚଣ୍ଡାଙ୍ଗ, ଚୂଡ଼ା, ଘଣା, ଅମ୍ବପାଣି, ବଜ୍ରଗଡ଼ ପ୍ରଧାନ। ନିୟମଗିରି ନବୋହିଳ ପ୍ରଦେଶର ସର୍ବୋଚ୍ଚ ପର୍ବତ। ତାହାର ଉଚ୍ଚତା ମହେନ୍ଦ୍ରଗିରିଠାରୁ ଅଧିକ। ଚୂଡ଼ାପର୍ବତରେ ଅନେକ ପ୍ରାକୃତିକ ଗୁମ୍ଫା ଅଛି। ତାହା ପୂର୍ବେ ଯୋଗୀ ଋଷିମାନଙ୍କର ଆବାସ ଥିବା ସମ୍ଭବ।

କଳାହାଣ୍ଡିର ବନ୍ୟଜାତ ଦ୍ରବ୍ୟ ମଧ୍ୟରେ ଲାଖ, ଚାରେଞ୍ଜି, ହରଡ଼ା, ବାହାଡ଼ା, ଅଁଳା (ଅଳୁ), ଧୂପ, ମଧୁ, ମହମ, କୋଷା, ମହୁଲ, ଝୋଲ, ସୁନାରି ଛାଲି ପ୍ରଧାନ। ଏହା ଛଡ଼ା ନାନାଜାତୀୟ ଔଷଧ ଓ ଉତ୍କୃଷ୍ଟ କାଠ ପ୍ରଚୁର ପରିମାଣରେ ମିଳେ। ମୂଳତଃ କଳାହାଣ୍ଡି ବନ୍ୟ-ସମ୍ପଦରେ କୁବେର। ସମୟ ସମୟରେ ଜଙ୍ଗଲରେ ହାତୀପଲ ଦେଖାଯାଆନ୍ତି। କଳାହାଣ୍ଡିର ମହାବଳ ବ୍ୟାଘ୍ର ବଡ଼ ଭୀଷଣାକାର। ମହାରାଜା ଶିକାରରେ ସିଦ୍ଧହସ୍ତ। ତାଙ୍କର ଅବ୍ୟର୍ଥ ଲକ୍ଷ୍ୟଭେଦ ଅନେକ ବ୍ୟାଘ୍ରବଧୂଙ୍କୁ ବୈଧବ୍ୟ-ଯନ୍ତ୍ରଣା ପ୍ରଦାନ କରିଅଛି। ବନ, ପର୍ବତରେ ଉତ୍କୃଷ୍ଟ ମୃଗୟାରର ଅଭାବ ନାହିଁ। ମୃଗ, ମୟୂର, ବରାହ ପ୍ରଭୃତି ବନ-ସରୋବରରେ ପାଳିତ ମତ୍ସ୍ୟ। ସ୍ଥାନେ ସ୍ଥାନେ ବଡ଼ ବଡ଼ ସର୍ପ ମଧ୍ୟ ଦେଖାଯାଆନ୍ତି। ଅରଣ୍ୟ ପ୍ରଦେଶ ସମ୍ବନ୍ଧ ପରି ବରାହ, ଶୃଗାଳ। ତାହାର କଳନା ଅସମ୍ଭବ ନ ହେଲେ ସୁଦ୍ଧା ଦୁଃସାଧ୍ୟ।

କଳାହାଣ୍ଡିରେ ଅନେକ ନଦନଦୀ ପ୍ରବାହିତ। ତନ୍ମଧ୍ୟରେ ତେଲ ନଦୀ, ହାତୀ ନଦୀ, ସଗଡ଼ା, ଉତେଇ, ଇନ୍ଦ୍ରାବତୀ, ରେତ, ଭମଲା, ଗାଉଧାର, ମୁଡ଼ସ ଓ ବଂଶଧାରା ପ୍ରଧାନ। ତେଲନଦୀ ସବୁଠାରୁ ବଡ଼। ଏହା ମହାନଦୀରେ ମିଶିଅଛି। ରାଜ୍ୟର ସକଳ ଅଂଶରେ ଶିରାପ୍ରଶିରା ପରି ପ୍ରାୟ ଏକହଜାର ସାନ ବଡ଼ ନଦନଦୀ ପ୍ରବାହିତ ହୁଏ। ଏହି ହେତୁରୁ ରାଜ୍ୟ ବିଶେଷ ଉର୍ବର। ରାଜ୍ୟର ନାନା ସ୍ଥାନରେ ବାଣିଜ୍ୟର କେନ୍ଦ୍ର ଅଛି।

ଇନ୍ଦ୍ରାବତୀ ଥୁଆମୂଳ ରାମପୁରରୁ ନିର୍ଗତ ହୋଇ କଳାହାଣ୍ଡି, ବସ୍ତର ଓ ଜୟପୁର ଦେଇ ଗୋଦାବରୀରେ ମିଶିଅଛି। ଭମଲା ଓ ଗାଉଧାର ନଦୀ ମହୁଲପାଟଣାରୁ ବାହାରିଅଛି। ବଂଶଧାରା ନିୟମଗିରିରୁ ବାହାରି ଗଞ୍ଜାମ ଜିଲ୍ଲାଦେଇ ସମୁଦ୍ରରେ ପଡ଼ିଅଛି।

ଲୌହ, ଅଭ୍ର, ସ୍ଲେଟ, ଫୁଲଝଣ୍ଡ, ସୁର୍ମା, ଚମଡ଼ା, ଶିଙ୍ଗ, ମହୁ, ମହମ, କପା, ଝୋଟ, ତେଲ ଓ ତୈଳବୀଜ, ଗହମ, ଚଣା, ହରଡ଼ା, ବାହାଡ଼ା, ଖଇର, ଲାଖ, ଝୁସର, ଚନ୍ଦନକାଠ, ଅଳୁମୂଳ, ସୁନାରି ଛାଲି, ଗୁଆ ଘିଅ ପ୍ରଭୃତି ଏ ରାଜ୍ୟରୁ ଅନ୍ୟତ୍ର ରପ୍ତାନି ହୁଏ। ମସଲା, କାଲିଅଳୁ, ଲୁଣ, ଲୁଗା ଓ ଛତା ପ୍ରଭୃତି କେତେକ ପଦାର୍ଥ ବିଦେଶରୁ ଏଠାକୁ ଆସେ।

ସଡ଼କ ମଧ୍ୟରେ ଶିକାରକୁପା, ସମ୍ବଲପୁର, ରାୟପୁର, ଜୁନାଗଡ଼, ପାର୍ବତୀପୁର ଓ ଧର୍ମଗଡ଼ ସଡ଼କ ସର୍ବପ୍ରଧାନ। ରାୟପୁର ଏଠାରୁ ୧୭୦ ମାଇଲ ଓ ସମ୍ବଲପୁର ୧୪୦ ମାଇଲ।

ପାଣ, ଘାସୀ, କନ୍ଧ, ଗଣ୍ଡ, ସଉରା, ବଞ୍ଜଲ—ଏ ରାଜ୍ୟର ଆଦିମ ଅଧିବାସୀ। ବ୍ରାହ୍ମଣ, କରଣ, ତେଲୀ, ସୁନାରି, ବଢ଼େଇ, କମାର, ଗଉଡ଼, ଥଟାରି, କୋଷ୍ଟା, ପାଇକ ଓ କ୍ଷତ୍ରିୟ ବର୍ତ୍ତମାନ ଅଧିବାସୀ। ବ୍ରାହ୍ମଣ, କରଣ ପ୍ରଭୃତି ଉତ୍କଳୀୟ ବ୍ୟତୀତ ଅନ୍ୟାନ୍ୟ ଜାତିରେ

ଗାନ୍ଧର୍ବ ବିବାହ ପ୍ରଚଳିତ । ଏଠାର ସାଧାରଣ ଭାଷା ଓଡ଼ିଆ । ନବାନ୍ନ ଭକ୍ଷଣ ପ୍ରଧାନ ପର୍ବ; ଅନ୍ୟାନ୍ୟ ହିନ୍ଦୁପର୍ବ ମଧ୍ୟ ପାଳିତ ହୁଏ । ବ୍ରାହ୍ମଣ, କ୍ଷତ୍ରିୟ, କରଣ ପ୍ରଭୃତି କୁଳୀନ ଜାତି ମଧ୍ୟରେ ପ୍ରଥମାଷ୍ଟମୀ ପାଳିତ ହୁଏ; ମାତ୍ର ଅନ୍ୟ ଜାତିରେ ହୁଏ ନାହିଁ ।

ନର୍ଲା ଗ୍ରାମରେ ଗୋଟିଏ ଶିବମନ୍ଦିର ଅଛି । ପଥର ଉପରେ ପଥର ରଖାଯାଇ ମନ୍ଦିର ନିର୍ମିତ ହୋଇଅଛି । ଶିଳ୍ପୀର କଳ୍ପନାରେ ବୈଶିଷ୍ଟ୍ୟ ଅଛି । ସେ ବୋଧହୁଏ ମନ୍ଦିରାକୃତିରେ ଶିବଙ୍କର ମୂଳବାସସ୍ଥଳ କୃତ୍ରିମ କୈଳାସ ପର୍ବତ ନିର୍ମାଣ କରିଅଛି । ତେଲନଦୀ ଓ ଉତେଇ ନଦୀର ସଙ୍ଗମ ସ୍ଥାନରେ ବେଲଖଣ୍ଡୀ ଗ୍ରାମରେ ମହାଦେବ ଓ ଚଣ୍ଡୀଙ୍କର ମନ୍ଦିର ଅଛି । ଶିବରାତ୍ରି ସମୟରେ ସେଠାରେ ପାଞ୍ଚଦିନଯାଏଁ ମେଳା ବସେ । ସମ୍ବଲପୁର, ସୋନପୁର ପ୍ରଭୃତି ବହୁ ଦୂରବର୍ତ୍ତୀ ସ୍ଥାନରୁ କ୍ରେତାବିକ୍ରେତାମାନେ ମେଳାକୁ ଆସନ୍ତି । ନାନା ପ୍ରକାର ଲୌହଜାତ ପଦାର୍ଥ ପ୍ରଚୁର ପରିମାଣରେ ମେଳାକୁ ଆସେ ।

କାଶୀପୁର ବଙ୍ଗଳାର ପଛପାଖ ବାରନ୍ଦାରେ ବସିଲେ ଡାବ୍ରଣୀପର୍ବତ ଓ ପର୍ବତସ୍ଥ ଡାବ୍ରଣୀ ଦେବୀଙ୍କ ମନ୍ଦିର ସେଠାରୁ ଦେଖାଯାଏ । ଡାବ୍ରଣୀ ପର୍ବତ ଉପରେ ସୂର୍ଯ୍ୟୋଦୟର ଦୃଶ୍ୟ ମୁଁ ପ୍ରତ୍ୟକ୍ଷ ଦେଖିଅଛି । ଦେଉଳ ଭିତରୁ ସୂର୍ଯ୍ୟ ବାହାରିଆସିଲା ପରି ବୋଧହୁଏ । ସେ ଦୃଶ୍ୟ ଅତି ଚମତ୍କାର । ତାହା ଅଦ୍ୟାପି ମୋ ନେତ୍ରରେ ଲାଗିରହିଅଛି । ସୌନ୍ଦର୍ଯ୍ୟ, ବୈଚିତ୍ର୍ୟ, ବୈଶିଷ୍ଟ୍ୟ ଓ ନିତ୍ୟ ନୂତନତ୍ୱ ପରସ୍ପରକୁ ଆଲିଙ୍ଗନ କଲା ପରି ଦିଶେ । ସେ ମହାଦୃଶ୍ୟ ପ୍ରାଣରେ ପ୍ରେମ, ଭକ୍ତି, ଭାବ ଓ ଉଲ୍ଲାସର ଅମୃତ-ଉତ୍ସ ସୃଷ୍ଟି କରେ । ସେ ଚିତ୍ରର ଅଙ୍କନ ଲେଖାଶକ୍ତିର ଅତୀତ ।

କଳାହାଣ୍ଡି ଗୋଟିଏ ପ୍ରାଚୀନ ସମୃଦ୍ଧ ରାଜ୍ୟ । ପୂର୍ବେ ସେଠାରେ ଗଙ୍ଗବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ସେହି ବଂଶର ଶେଷ ରାଜା ଅପୁତ୍ରକ ଥିଲେ । ତାଙ୍କର ଗୋଟିଏ କନ୍ୟାସନ୍ତାନ ଥିଲେ । ରାଜା ସେହିରୂପ ଗୁଣବତୀ କନ୍ୟାଙ୍କୁ ଜଣେ ନାଗବଂଶୀୟ ସୁପ୍ରସିଦ୍ଧ ରାଜପୁରୁଷଙ୍କ ସହ ବିବାହ-ସୂତ୍ରରେ ଆବଦ୍ଧ କରି ସେହି ନବ ଜାମାତାଙ୍କ ହସ୍ତରେ ରାଜ୍ୟଭାର ଅର୍ପଣ କଲେ । ସେହିଦିନଠାରୁ କଳାହାଣ୍ଡିରେ ନାଗବଂଶୀୟ ରାଜତ୍ୱ ଆରମ୍ଭ ହେଲା । ନବନୃପତି ଜଣେ ସୁଚତୁର, ବିଚକ୍ଷଣ ଓ ରାଜନୀତି-ବିଶାରଦ ରାଜା ଥିଲେ । ସେ ରାଜନ୍ୟ-ବାଞ୍ଛିତ ସମସ୍ତ ସଦ୍‌ଗୁଣରେ ବିଭୂଷିତ ଥିଲେ ।

ସେହି ବଂଶୀୟ ପୁରୁଷୋତ୍ତମ ଦେବ ବର୍ତ୍ତମାନ ରାଜଧାନୀର ୧୬ ମାଇଲ ପଶ୍ଚିମରେ ଜୁନାଗଡରେ ରାଜଧାନୀ ସ୍ଥାପନ କରିଥିଲେ । ତାଙ୍କ ପରେ ତାଙ୍କର ଜ୍ୟେଷ୍ଠପୁତ୍ର ଯୁଗସାଏ ଦେବ ସିଂହାସନାରୋହଣ କଲେ । ଦ୍ୱିତୀୟ ପୁତ୍ର ବିଶ୍ୱନାଥ ଦେବ ଲାଞ୍ଜିଗଡ଼ର ରାଜା ହେଲେ । ସାହସଶକ୍ତିର ପ୍ରତିମୂର୍ତ୍ତି ବିଶ୍ୱନାଥ ଦେବ ବେଗଗାମୀ ଅଶ୍ୱପୃଷ୍ଠରେ ଆସୀନ ରହି ବନ ମଧ୍ୟରେ ହିଂସ୍ରଜନ୍ତୁମାନଙ୍କୁ ବିନାଶ କରୁଥିଲେ । ତାଙ୍କର ଅଦମ୍ୟ ସାହସ ଓ ବୀରତ୍ୱର ପରିଚୟ ପାଇ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ତାଙ୍କୁ ରାୟପୁର ଜିଲ୍ଲାସ୍ଥ ସାତଖଣ୍ଡ ଗ୍ରାମ ପୁରସ୍କାର ଦେଇଥିଲେ । ଗୁଣର ପୂଜା ଗୁଣୀଠାରେହିଁ ସୁଲଭ । ବୀର ବୀରତ୍ୱରେ ମୁଗ୍ଧ ହୁଏ । ଲାଞ୍ଜିଗଡର ବର୍ତ୍ତମାନ ରାଜା ମୃଗୟୁବରେଣ୍ୟ ଶ୍ରୀଯୁକ୍ତ ମାହେଶ୍ୱରୀ-ପ୍ରସାଦ ଦେବ ବିଶ୍ୱନାଥ ଦେବଙ୍କ ସୁଯୋଗ୍ୟ ପୌତ୍ର ଅଟନ୍ତି । ପିତାମହଙ୍କ ଗୁଣ ପୌତ୍ରଙ୍କ ହୃଦୟରେ ପ୍ରତିଫଳିତ ହେଉଅଛି । ଗୁଣ ଓ ମହତ୍ତ୍ୱ ବାସ୍ତବରେ ବଂଶାନୁସାରୀ ହୋଇଥାଏ ।

ଯୁଗସାଏ ଦେବଙ୍କ ପରେ ତାଙ୍କ ପୁତ୍ର ଫତେ-ନାରାୟଣ ଦେବ ସିଂହାସନରେ ପ୍ରତିଷ୍ଠିତ ହେଲେ । ତାଙ୍କ ରାଜତ୍ୱ ସମୟରେ ଜୁନାଗଡ଼ ଭୀଷଣ ମହାମାରୀରେ ଆକ୍ରାନ୍ତ ହେଲା । ରୋଗ ଏପରି ପ୍ରବଳ ହେଲା ଯେ, ଜୁନାଗଡ଼ ଏକାବେଳକେ ଲୋକବସତିର ଅନୁପଯୁକ୍ତ ହୋଇପଡ଼ିଲା । ତହୁଁ ରାଜା ଫତେନାରାୟଣ ଦେବ ଜୁନାଗଡ଼ ପରିତ୍ୟାଗ କରି ଭବାନୀପାଟଣାକୁ ରାଜଧାନୀ ଉଠାଇଆଣିଲେ । ଜୁନାଗଡ଼ର ସୌଭାଗ୍ୟରବି ଅସ୍ତମିତ ହୋଇଗଲା । ସ୍ଥାବର ଜଙ୍ଗମ ସମସ୍ତେ ଭାଗ୍ୟାଧୀନ ।

ସେତେବେଳେ ଭବାନୀପାଟଣାର ନାମ ଭକ୍ତେଶ୍ୱର ଥିଲା । ମହାରାଜା ତୀର୍ଥାଟନରୁ ଫେରିଆସି ନବ ରାଜଧାନୀରେ ଭବାନୀଶଙ୍କର ନାମକ ଶିବଲିଙ୍ଗ ସ୍ଥାପନ କରି ତାଙ୍କରି ନାମାନୁସାରେ ରାଜଧାନୀର ନାମ ଭବାନୀପାଟଣା ରଖିଲେ । ଭବାନୀପାଟଣା ରାଜ୍ୟରେ ଏକାଦଶ ବୃହସ୍ପତି ଯୋଗ ଘଟିଲା । ଅରଣ୍ୟ ଶୋଭା-ଲକ୍ଷ୍ମୀ ଓ ସମୃଦ୍ଧିଲକ୍ଷ୍ମୀଙ୍କର ପ୍ରିୟ ବିଳାସ-ସ୍ୱର୍ଗରେ ପରିଣତ ହେଲା ; ଅନ୍ଧକାରରେ ଜ୍ଞାନବିଜ୍ଞାନର ବିମଳ ଜ୍ୟୋତି ହସିଉଠିଲା । ସ୍ଥାନ ଓ କର୍ମ ଉଭୟ ଉଭୟଙ୍କୁ ଉନ୍ନତ କରେ ଏବଂ ଉଭୟଙ୍କୁ ବଳୀୟାନ୍ କରେ । ସେଥିପାଇଁ କହନ୍ତି—"ଭାଗ୍ୟଂ ଫଳତି ସର୍ବତ୍ର, କପାଳଃ କପାଳଃ କପାଳୋହି ମୂଳଃ ।" ଭାଗ୍ୟର ଅର୍ଥ କର୍ମ । କର୍ମଦ୍ୱାରା ଭାଗ୍ୟ ଗଠିତ ହୁଏ, ପୁଣି କେହି କେହି କହନ୍ତି—ଭାଗ୍ୟ କର୍ମର ଜନକ । ଏ ରହସ୍ୟ ଆଜି ଓ ଦୂରତର ରହସ୍ୟ ପରି ଅମୀମାଂସ୍ୟ ଦୁରୂହ ବିଷମ ସମସ୍ୟାମୟ ।

ଫତେନାରାୟଣ ଦେବଙ୍କ ପରେ ତାଙ୍କ ପୁତ୍ର ଉଦିତପ୍ରତାପ ଦେବ ରାଜା ହେଲେ । ସେ ରାଜ୍ୟ ମଧ୍ୟରେ ସୁଗମ୍ୟ ପଥ ନିର୍ମାଣ ଓ ଦେବାଳୟ, ବିଦ୍ୟାଳୟ, ପାନ୍ଥଶାଳା, ଶିଳ୍ପବାଣିଜ୍ୟାଗାର ପ୍ରଭୃତି ସ୍ଥାପନ କରି ନିଜକୁ ଅମର କରିଯାଇଅଛନ୍ତି । ପ୍ରଜାପୁଞ୍ଜଙ୍କର କଲ୍ୟାଣ ନିମନ୍ତେ ସେ ରାଜସ୍ୱ ବନ୍ଦୋବସ୍ତ ମଧ୍ୟ କରିଯାଇଥିଲେ । ମହାରାଣୀ ଭିକ୍ଟୋରିଆଙ୍କ ଅମଳର ଦିଲ୍ଲୀ ଦରବାର ସମୟରେ ମହାରାଜା ଉଦିତପ୍ରତାପ ଦେବ ଉତ୍କଳୀୟ ରାଜାମାନଙ୍କର ଗୌରବ ବର୍ଦ୍ଧନ ନିମନ୍ତେ ରଥ,ଗଜ,ଅଶ୍ୱ, ସୈନିକସାମନ୍ତ ସହ ରାଜାମାନଙ୍କର ଅଗ୍ରଣୀ ହୋଇ ମହା ଦରବାରରେ ଯୋଗ ଦେଇଥିଲେ । ତାଙ୍କ ରାଜଭକ୍ତିର ପରାକାଷ୍ଠା ଦୃଷ୍ଟିରେ ନଅଗୋଟି ତୋପଦ୍ୱାରା ତାଙ୍କୁ ସମ୍ମାନ ପ୍ରଦର୍ଶିତ ହୋଇଥିଲା । ସେ ସମ୍ବଲପୁରର ମହାରାଜକନ୍ୟା ଶ୍ରୀମତୀ ଅଶାକୁମାରୀ ଦେବୀଙ୍କର ପାଣିଗ୍ରହଣ କରିଥିଲେ ।

ତାଙ୍କ ପରେ ତାଙ୍କର ଶିଶୁପୁତ୍ର ରଘୁକେଶରୀ ଦେବ ସିଂହାସନରେ ଅଭିଷିକ୍ତ ହେଲେ । ମହାରାଣୀ ଅଶାକୁମାରୀ ଦେବୀ ବୈଧବ୍ୟବ୍ରତଧାରଣ କରି ରାଜକାର୍ଯ୍ୟ ପରିଚାଳନ କରିବାକୁ ଲାଗିଲେ । ସେ ଯେପରି ବୁଦ୍ଧିମତୀ, ସେହିପରି ଧୈର୍ଯ୍ୟଶୀଳା । ସେହି ସମୟରେ ରାଜ୍ୟରେ ଭୀଷଣ କନ୍ଧବିଦ୍ରୋହ ଉପସ୍ଥିତ ହେଲା । କନ୍ଧମାନେ ମେଳ ବାନ୍ଧି ନାନା ଉପଦ୍ରବ ସୃଷ୍ଟିକଲେ । ବିଦ୍ରୋହବହ୍ନି ପ୍ରଖରଭାବରେ ଜଳିଉଠିଲା; ମାତ୍ର ମହାରାଣୀ ଅଶା-କୁମାରୀ ସେଥିପାଇଁ ଭୀତ ବା ଚକିତ ନ ହୋଇ ବଂଶ ଓ ଆତ୍ମମର୍ଯ୍ୟାଦା ଅକ୍ଷୁଣ୍ଣ ରଖି ଅସୀମ ଧୈର୍ଯ୍ୟ ଓ ସାହସ ଅବଲମ୍ବନପୂର୍ବକ ଉପସ୍ଥିତ କର୍ତ୍ତବ୍ୟରେ ମନୋନିବେଶ କଲେ । ବୀରବାଳାମାନେ ବିପଦକୁ ଭୟ ନ କରି ବିପଦର ସମ୍ମୁଖୀନ ହୁଅନ୍ତି । ବୀରରମଣୀ ବିପଦରେ ଅଧୀର ନହୋଇ ବିପଦ ସଙ୍ଗରେ ଯୁଦ୍ଧକରେ । ମହାରାଣୀ ବିଦ୍ରୋହ-ଦମନ ନିମନ୍ତେ ରକ୍ଷିତ ସୈନିକ ଦଳ ସହ ସେନାପତିଙ୍କୁ ପ୍ରେରଣ କଲେ ଏବଂ ଆବଶ୍ୟକ ପଡ଼ିଲେ ନିଜେ ମଧ୍ୟ ଯୁଦ୍ଧକୁ ଯିବା ପାଇଁ ପ୍ରସ୍ତୁତ ରହିଲେ । ଫେରୁଦଳର ଉପଦ୍ରବକୁ ବାଘୁଣୀ ଖାତର କରେ ନାହିଁ, କଠୋର ଅଗ୍ନିବର୍ଷୀ ଦୃଷ୍ଟିରେ ସେମାନଙ୍କୁ ବ୍ୟସ୍ତବ୍ୟସ୍ତ କରି ଘଉଡ଼ାଇଦିଏ । ତେଣିକିରେ ଫେରୁପଲ କୁଆଡ଼େ ପଳାଇଯାଇ ଲୁଚିରହନ୍ତି । ରାଜସୈନ୍ୟ ମହାବିକ୍ରମରେ ବିଦ୍ରୋହୀମାନଙ୍କ ପ୍ରତି ପ୍ରଧାବିତ ହେଲେ । ଏହି ସମୟରେ ଦୟାମୟ ଗଭର୍ଣ୍ଣମେଣ୍ଟ ମହାରାଣୀଙ୍କ ସାହାଯ୍ୟ ନିମିତ୍ତ ଏକଦଳ ପଦାତିକ ସୈନିକ ପ୍ରେରଣ କଲେ । ମହାରାଣୀଙ୍କ ରାଜ୍ୟପାଳନ-ଦକ୍ଷତା ଓ ରାଜଭକ୍ତିରେ ଗଭର୍ଣ୍ଣମେଣ୍ଟ ଅତିବ ସନ୍ତୁଷ୍ଟ ଥିଲେ । ସୁଶିକ୍ଷିତ ସରକାରୀ ସୈନିକ ଯାଇ ରାଜସୈନିକ ସହ ମିଳିତ ହେଲେ । ଅନଳ ସ୍ୱଭାବତଃ ଦୁର୍ବାର, ଦ୍ୱିଗୁଣ୍ୟରେ ସୃଷ୍ଟିଧ୍ୱଂସଦକ୍ଷ ମହାବଳୀ ପ୍ରଭଞ୍ଜନର ସହାୟତା ପାଇଲେ ତାହାର ଦୁର୍ଦ୍ଦମ୍ୟ ବେଗ କିଏ ସମ୍ଭାଳିପାରିବ ? ସାହସ ଆଗରେ ଭୀରୁତା ବା କେତେକ୍ଷଣ ମୁଣ୍ଡଟେକିପାରେ ? ମିଳିତ ସୈନିକଦଳଙ୍କର ଦୁର୍ଦ୍ଦଣ୍ଡ ପ୍ରତାପ ଓ ଭୀଷଣ ଆକ୍ରମଣ ସହି ନ ପାରି ମେଳିଆ କନ୍ଧ-ମାନେ ଛତ୍ରଭଙ୍ଗ ହୋଇ ପଳାଇଯାଇ ଦୁର୍ଗମ କାନ୍ତାର ଓ ଗିରିଗହ୍ୱରରେ ପ୍ରାଣଭୟରେ ଲୁଚିରହିଲେ । ନୀତି ଆଗରେ ଅଧର୍ମ ତିଷ୍ଠିପାରେ ନାହିଁ ! ସେହି ଭୀଷଣ କନ୍ଧବିଦ୍ରୋହ ଅଚିରେ ଦମିତ ହୋଇଗଲା । ରାଜ୍ୟରେ

ସ୍ୱରରୁ ବୋଧହେଲା, ଲୋକଟିର କିଛି ଶିକ୍ଷାଦୀକ୍ଷା ଅଛି । ସେ ଠିକ୍ ଓଡ଼ିଆ ପରି ଦିଶେ । ତାହାର ପୋଷାକ ପରିଚ୍ଛଦ ମଧ୍ୟ ଓଡ଼ିଆ ଭଦ୍ରଲୋକଙ୍କ ପରି । ଲୋକଟି ସବୁ ବିଷୟରେ ନିଜକୁ ଓଡ଼ିଆ କରି ନେଇଛି । ତାହାର ଏଭଳି ଏକାନ୍ତ ଓଡ଼ିଆ-ପ୍ରୀତି ଦେଖି ମନରେ ବିଶେଷ ଆନନ୍ଦ ଲାଭ ହେଲା ।

ଠିକ୍ ରାତ୍ରି ୧୨ଟାବେଳେ ଆମ୍ଭେମାନେ ବେସିଙ୍ଗା ଷ୍ଟେସନରେ ପହଞ୍ଚିଲୁ । ଗୋଟାଏବେଳେ ଗାଡ଼ି ଆସିବ, ସୁତରାଂ ସେଠାରେ ଅପେକ୍ଷା କରିବାକୁ ହେବ । ସେ ଅଞ୍ଚଳର ରେଲ ଷ୍ଟେସନମାନଙ୍କରେ ବିଶ୍ରାମାଗାର ନାହିଁ । ଅଳ୍ପକାଳ ହେଲା ରେଲରାସ୍ତା ପଡ଼ିଥିବାରୁ ଷ୍ଟେସନର ସମସ୍ତ ଅଭାବ ପୂର୍ଣ୍ଣ ହୋଇ ନାହିଁ । ସେଠାରୁ ଡ୍ରାଇଭରଙ୍କୁ ଫେରିଯିବା ପାଇଁ କହିବାରୁ ସେ କହିଲା—ମହାରାଜାଙ୍କର ଆଦେଶ ଅଛି—ଆପଣଙ୍କୁ ଗାଡ଼ିରେ ବସାଇଦେଇ ମୁଁ ଯିବି । ମହାରାଜାଙ୍କର ଏଭଳି ଅନୁକମ୍ପା ଶୁଣି ମୁଁ ନିଜକୁ କୃତାର୍ଥ ମଣିଲି । ବିଧାତା ଯାହାକୁ ଯେତେ ବଡ଼ କରନ୍ତି, ତାଙ୍କ ହୃଦୟ ସେତେ ସରସ କରନ୍ତି । ଗୋଟାଏବେଳେ ଗାଡ଼ି ଆସିଲା । ଡ୍ରାଇଭର ଆମ୍ଭମାନଙ୍କୁ ଗାଡ଼ିରେ ବସାଇଦେଇ ବିଦାୟ ନେଇ ପ୍ରସ୍ଥାନ କଲା



# ଋଷି-ରାଜ୍ୟ

# ଆଜପୂଜା

ସାହିତ୍ୟ-ପଣ୍ଡିତ, ରାଜନୀତି-ଧୁରନ୍ଧର, ପୁଣ୍ୟଶ୍ଲୋକ, ଲଣ୍ଡିପଡ଼ାଧୀଶ୍ୱର ଶ୍ରୀ ଶ୍ରୀ ଶ୍ରୀ ମାହେଶ୍ୱରୀ-ପ୍ରସାଦ ଦେବ ମହୋଦୟୁ ... ... ... ଶ୍ରୀଚରଣକମଳେଷୁ

ପୂଜ୍ୟପାଦ ଶ୍ରୀମନ୍ ନରପତେ,

ଶ୍ରୀଛାମୁ ମୋତେ ଅନୁଜ ତୁଲ୍ୟ ସ୍ନେହଚକ୍ଷୁରେ ଦେଖନ୍ତି । ମୁଁ ବହୁବାର ସେଥିର ସୁସ୍ପଷ୍ଟ ପ୍ରମାଣ ଉପଲବ୍ଧି କରିଅଛି । ସେଥିପାଇଁ ମୁଁ କି ଉପାଦାନରେ ଶ୍ରୀଛାମୁଙ୍କୁ ପୂଜା କରିବି, ତାହା ଖୋଜି ପାଉ ନ ଥିଲି । ଶେଷରେ ବୁଝିଲି—ଶ୍ରୀଛାମୁ ସାହିତ୍ୟ-ପ୍ରିୟ ଓ ସାହିତ୍ୟ-ରସିକ, ସୁତରାଂ ସାହିତ୍ୟହିଁ ଶ୍ରୀଛାମୁଙ୍କ ପୂଜାର ଉପଯୁକ୍ତ ଉପାଦାନ । ଶ୍ରୀଛାମୁ ଯାହାଙ୍କ ସାହିତ୍ୟ-ସାଧନାର ସର୍ବପ୍ରଧାନ ପୃଷ୍ଠପୋଷକ, ଯାହାଙ୍କ ଗ୍ରନ୍ଥାବଳୀ ମୁଦ୍ରଣ ସକାଶେ ଶ୍ରୀଛାମୁ ସର୍ବପ୍ରଥମେ ଅର୍ଥ ସାହାଯ୍ୟ କରି ମୋତେ ଉତ୍ସାହିତ କରିଥିଲେ ଏବଂ ସେହି ଉତ୍ସାହ ଫଳରେ ଆଜି "ଚିନ୍ତାମଣି-ଗ୍ରନ୍ଥାବଳୀ" ପୂର୍ଣ୍ଣ କଳେବରରେ ପ୍ରକାଶିତ ହୋଇଅଛି, ମୁଁ ତାଙ୍କର ଜୀବନ-ସାୟଂକାଳର ଲେଖା "ଋଷିବାକ୍ୟ କାବ୍ୟ" କୁ ଶ୍ରୀଛାମୁଙ୍କ ପୂଜାର ଉପଯୁକ୍ତ ସାମଗ୍ରୀ ମଣି ତହିଁରେହିଁ ଶ୍ରୀଛାମୁଙ୍କୁ ପୂଜା କରିବାକୁ ସାହସୀ ହୋଇଅଛି । ଶ୍ରୀଛାମୁ ଦୟା ବହି ମୋର ଏହି ସାମାନ୍ୟ ପୂଜା ଗ୍ରହଣ କଲେ ମୁଁ ନିଜକୁ ସଫଳାଶ ଜ୍ଞାନ କରିବି ।

ଭଦ୍ରଖ<br>୨୫ । ୧୧ । ୪୧

ଶ୍ରୀଛାମୁଙ୍କର ସ୍ନେହକ୍ରୀତ<br>**ସୋମନାଥ**

# ଋଷି-ରାଜ୍ୟ

ଦେଖିଲି ମୁଁ ଏ କି ଦୃଶ୍ୟ ଅପରୂପ,
ସ୍ୱପନ କି ଏହା ସତ୍ୟର ସ୍ୱରୂପ !
ବସ୍ତୁତ ଅଗ୍ରତେ କେବଣ ପ୍ରଦେଶ,
କେଉଁ ଋଷିରାଜ୍ୟେ କଲି ମୁଁ ପ୍ରବେଶ !
ଆକୃତିରେ ସାନ ରାଜ୍ୟ ଲଞ୍ଜିଗଡ଼
ମାତ୍ର ଶ୍ରେଷ୍ଠତ୍ୱେ ବଡ଼ଠାରୁ ବଡ଼ ।
କୋହିନୁର ମଣି ହେଉପଛେ ସାନ,
ମାତ୍ର ଜ୍ୟୋତିରେ କେ ହେବ ତା' ସମାନ ?
ସୂର୍ଯ୍ୟମୁଖୀ ବଡ଼ ହେଉ ପଛେ ଅତି,
ବଳିଯାଏ ତାକୁ ସୌରଭେ ସେବତୀ ।
ଦୂରୁଁ ଦିଶେ ଯଥା ରମ୍ୟ ତପୋବନ,
ସୁନ୍ଦର ଯେସନ ପବିତ୍ର ତେସନ ।
ରାଜର୍ଷିରେ ଶୋଭେ ମାତ୍ର ମହତ୍ତ୍ୱ—
ପାର୍ଶ୍ୱେ 'ନିୟମ-ଗିରି' ତୁଙ୍ଗ ଚୂଡ଼ ।
ଶ୍ୟାମକାନ୍ତି ତାର କି ସୁନ୍ଦର ଦିଶେ,
ରାଜ୍ୟ-ସୁଷମାର ମାନଦଣ୍ଡ କି ସେ !
ସମାଧି ଯୋଗରେ ଆଜୀବନ ଋଷି,
ଯାଇଛି କି ଯୋଗୀ ପ୍ରସ୍ତର ପାଲଟି ?
ହେଲେହେଁ ନିୟମ ଗିରିକୁଳେ ରାଜା,
ମାତ୍ର ଏ ରାଜ୍ୟର ଛତ୍ରଦାତା ପ୍ରଜା ।
ପଦ ତଳେ ସ୍ଥିତ ପକ୍ୱାଣ କୁଟୀର,
ଋଷ୍ୟାଶ୍ରମ ପ୍ରାୟ ଦିଶେ ସୁରୁଚିର ।
ନାହିଁ ବେଶଭୂଷା ନାହିଁ ପରିପାଟୀ,
ଉପାଦାନ ତାର ପତ୍ର ଘାସମାଟି ।
ନିବସନ୍ତି ତହିଁ ନିଷାଦ କିରାତ,
ଗିରି ତାଙ୍କ ମାତ ଗିରି ତାଙ୍କ ତାତ ।
ବହନ୍ତି ଶରୀରେ ଅମାନୁଷୀ ବଳ,
ଚରିତ୍ର ତାଙ୍କର ମଧୁର ନିର୍ମଳ ।

ବନ୍ୟ ମୃଗ ମାରି ପୋଷନ୍ତି ଉଦର,
ନ ପଶନ୍ତି ପାଖେ କୁଟ କପଟର ।
ହେଉନ୍ତୁ ପଛକେ ନୀଚ ଅଶିକ୍ଷିତ,
ମାତ୍ର ପାଠୁଆଙ୍କ ଠାରୁ ସେ ନିଷ୍ଠିତ ।
ଧାରନ୍ତି ନାହିଁ ସେ ସଭ୍ୟତାର ଧାର,
ସଭ୍ୟତାକୁ ଦୂରୁ କରନ୍ତି ଜୁହାର ।
ଭିତରେ କୋମଳ ବାହାରେ ପାଷାଣ,
ଭିନ୍ନ ଉପାଦାନେ ଗଢ଼ା ତାଙ୍କ ପ୍ରାଣ ।
ଗିରି ସହବାସେ ବଂଶପରମ୍ପରା,
ଶିଖିଛନ୍ତି ଏହି ଗିରିଗୁଣ ପରା !
ପାଳନ୍ତି ଜୀବନେ ସତ୍ୟ ଉପାସନା,
ଡରେ ତାଙ୍କୁ ଦେଖି ମିଥ୍ୟା ପ୍ରବଞ୍ଚନା ।
ଅଳ୍ପରେ ସନ୍ତୁଷ୍ଟ, ଅଧିକେ ସନ୍ତୁଷ୍ଟ,
ସନ୍ତୋଷରେ ତାଙ୍କ ଚିତ୍ତ ସଦା ହୃଷ୍ଟ ।
ଭୁଞ୍ଜନ୍ତି ଯେ ସୁଖ ଅଶିକ୍ଷିତ ପ୍ରାଣେ,
ବଞ୍ଚିତ ସେ ସୁଖୁଁ ସୁଶିକ୍ଷିତମାନେ ।
ମହତ୍ତ୍ୱ କି ଏକା ମହାଜନ ଧରେ,
ଥାଏ କି ମହତ୍ତ୍ୱ ଇତର ପ୍ରାଣରେ ।
ହୀରାଖଣ୍ଡେ ଏକା ସ୍ଫୁରଇ କି ଜ୍ୟୋତି,
ନୀଚ ଶୁକ୍ତିକା କି ଗର୍ଭେ ଧରେ ମୋତି ।
ନିହିତ କି ମଧୁ କେବଳ ପ୍ରସୂନେ,
ନ ଥାଏ କି ତାହା ଇକ୍ଷୁ କ୍ଷୁଦ୍ର ତୃଣେ ।
ପୁଷ୍ପର କି ଏକା ସମ୍ପଦ-ସୁବାସ,
ଥରେ ଶୁଙ୍ଘ ତାହା ବେଣାଚେରରେ ବାସ ।
କହନ୍ତି ପଣ୍ଡିତେ ଶିକ୍ଷା-ଅଭିମାନ,
ମାତ୍ର ମୂର୍ଖଠାରୁ ବହୁଗୁଣେ ସାନ ।
କେଉଁ କାଳେ ଶିକ୍ଷା ନ ଲଭେ ପୂର୍ଣ୍ଣତା,
ଶିକ୍ଷା-ଅଭିମାନ ନିଷ୍ଫଳ ସର୍ବଥା ।

ପଣ୍ଡିତର ବୁଦ୍ଧି ହୁଏ ଯହିଁ ବଣା,
ତତ୍ତ୍ୱଜ୍ଞାନଶୂନ୍ୟ ମୂର୍ଖେ ତାହା ଜଣା ।
ମୂର୍ଖ ବୋଲି ଆନେ ପ୍ରକାଶେ ଯେ ଘୃଣା,
ପଣ୍ଡିତ ନୁହେ ସେ ମୂର୍ଖଠାରୁ ଊଣା ।

ମହାଦାନଶୀଳ ତୁହି ରେ କଲ୍ୟାଣ,
ରତ ଦାନେ ତବା— ଜଣି ଅଶ୍ୱଯାମ ।
ତର କର୍ମଯୋଗୀ, ଧର୍ମ ତୋର କର୍ମ,
ପାଳୁଅଛୁଁ ସଦା ସନାତନ ଧର୍ମ ।
ଧର୍ମ-କପଟରେ ଜୀବନ ମହତ୍ତ୍ୱ,
ହୁଏ ପରୀକ୍ଷିତ, ଜାଣୁ ତୁ ଏ ତତ୍ତ୍ୱ ।
କୋଟିପୋଷୀ ତୁହି ଯଥା ନାରାୟଣ,
କୋଟି କୋଟି ପ୍ରାଣୀ କରୁ ତୁ ପୋଷଣ ।
ଦାନ ତୋର ଧର୍ମ, ଦାନ ତୋର ବ୍ରତ,
ଅଯାଚିତ ଦାନ ଅର୍ପୁ ତୁ ସତତ ।
କଠୋର ତୁ ଯଥା ନାରିକେଳ ଫଳ,
ମାତ୍ର ଅଭ୍ୟନ୍ତର ସରସ କୋମଳ ।
ବୁଝୁ ତୁ ମହତ୍ତ୍ୱ ନିଃସ୍ୱାର୍ଥ ଦାନର,
ସେ ଦାନରେ ତୁହି ତୋତେ ପଟାନ୍ତର ।
ଦାନେ ଏକା ଧନ୍ୟ ହୁଏ ସିନା ଧନ,
ଦାନ ପାଇଁ ଜଳ ସଞ୍ଚିରଖେ ଘନ ।
ଧନୀ ଅଖ୍ୟାଧାରୀ କୃପଣ ମାନବ,
ବୁଝେ ନାହିଁ ଏହି ସୁନୀତି ଦୁର୍ଲଭ ।
ଜଗି ଜଗି ଦିନେ ଯାଏ ଉଭୁଁ ଭୁଲି,
ଧନୀକ ନୁହେ ସେ, ଧନ-ଜଗୁଆଳି ।
କାରୁବଦ୍ଧ ଧନ ଭଣ୍ଡାର ଯାହାର,
ଧନ ନୁହେ ତାହା ଶ୍ମଶାନ ଅଙ୍ଗାର ।
ପୋତି ରଖେ ଧନ ଭୂଗର୍ଭ ଭଣ୍ଡାରେ,
ନ ଲାଗେ ସେ ଧନ ତାହା ଉପକାରେ ।
ଆବର ଧନୀକ ଅଛନ୍ତି ପ୍ରକାରେ,
ଉଡ଼ାନ୍ତି ସେ ଧନ ଅପବ୍ୟବହାରେ ।
ଲକ୍ଷ ଲକ୍ଷ ଯାଏ ମଉଜରେ ଉଡ଼ି,
ନ ଦେଖନ୍ତି ଦେଶେ କହାଏ କଉଡ଼ି ।
ପରସ୍ୱ ହରଣେ ଏବଦ୍ୟା ପ୍ରକାରେ,
ଭରନ୍ତି ସେ ବ୍ୟାଘ୍ର ହୁଙ୍କାରେ ହୁଙ୍କାରେ ।

ସ୍ୱଦେଶର ସାଧୁ ଅନୁଷ୍ଠାନ ପାଇଁ,
ଟୋପାଏ ହେଲେ ବି ଲସି ଫଟେ ନାହିଁ ।
ଥାଉ ସେ ଅଲକ୍ଷ୍ମୀ ଭୃତ୍ୟଙ୍କର କଥା,
ଗାଇବା ସେ ଗୀତ ବିଫଳ ସର୍ବଥା ।
ହେବ ସିନା ତହୁଁ ଶ୍ରୋତାର ଶ୍ରବଣ,
ଅପବାଦ ବକ୍ତା ଭୁଞ୍ଜି ଅକାରଣ ।
ଦେବ-ଚରିତ ତୁ ଯୋଗୀ ସାନୁମାନ
ଶୁଣି ତା ଲଜ୍ଜାରେ ହେବୁ ମ୍ରିୟମାଣ ।
ବଞ୍ଚନ୍ତି ତୋ ଧନେ ଆଶ୍ରିତ ସକଳ,
ତୋର ପର କିଏ ଆଶ୍ରିତ-ବତ୍ସଳ ?
ଯେ ଦସ୍ୟୁ ଅଛି ତୋ ଶିଳା ଦେହେ ଆହା
ରକ୍ତମାଂସ ଦେହେ ନାହିଁ ହାୟ ତାହା !
ଯଥା ତୁ ମହତ ତଥା ତୁ ଉଦାର,
ସମାନ ତୋ ନେତେ ପର ଆପଣାର ।

ଅତୁଳିତ ତୋର ସୌନ୍ଦର୍ଯ୍ୟ-ବୈଭବ,
ନିତ୍ୟ ନୂତନତ୍ୱ ତୋଠାରେ ସମ୍ଭବ ।
ସୌନ୍ଦର୍ଯ୍ୟ ତୋହର ହୁଏ ନାହିଁ ଫିକା,
ସୌନ୍ଦର୍ଯ୍ୟ କାବ୍ୟେ ସେ ଅଶ୍ରୁବୋଧ୍ୟ ଟୀକା ।
ବଟବଟା ଯେଉଁ ଶୋଭାର ଜୀବନ,
ନ ହୁଏ ତା ଦେଖି ନେତ୍ର ଅବସନ୍ନ ।
ତୋ ଶୋଭା-ମଣ୍ଡପ ପାନେ କବିକୁଳ,
ବର୍ଣ୍ଣନେ ତୋ ଅଙ୍ଗ ହୁଅନ୍ତି ଅକୁଳ ।
ତୋ ମହିମା ଏକା ବୁଝେ ଅନୁଭବୀ,
ଧରୁ ତୁ ଶରୀରେ ନୈଶାକାଶ ଛବି ।
ଲତା ପାଦପରେ ସୃଜିଅଛୁ କୁଞ୍ଜ,
ତାସି ପ୍ରାନ୍ତେ ତହୁଁ ଶୋଭେ ପୁଷ୍ପପୁଞ୍ଜ ।
ବହୁ ଶତଦଳ ତୋ ବକ୍ଷରେ ଉଦେ,
ଅସଂଖ୍ୟ କୁମୁଦା ହସୁଥାନ୍ତି ମୁଦେ ।
କାହିଁ ବା ଉଦ୍ଭତ ନାଟକ ଶ୍ରାବଣା,
କ୍ୟୋଷ୍ଣବିହ୍ୱଳ ବୁଦ୍ଧି ହୁଏ ବଣା ।
ଦାବାନଳ ରେଖା ଧୂମକେତୁ ପ୍ରାୟେ,
ନୀଳ ବକ୍ଷେ ତୋର ଜ୍ୱଳେ ଠାଏଁ ଠାଏଁ !
ଦର୍ଶକ ନୟନେ ହୁରୁ ଯାଏ ଦେଖା,
ନିକଷ ଖଣ୍ଡେ କି ଅଙ୍କା ସ୍ୱର୍ଣ୍ଣରେଖା ।

ଦୂରେ ଚଳଘନ ଧୂମ୍ର ରେଖାବତ,
ଶାରଦ ଆକାଶେ କି ସେ ଛାୟାପଥ ।
ବହୁରୂପୀ ପ୍ରାୟ ତୁହି ସାନୁମାନ,
କ୍ଷଣେ କ୍ଷଣେ ଧରୁ ମୂର୍ତ୍ତି ଆନ ଆନ ।
ବନ୍ଧୁ ବନ୍ଧୁରଦ୍ଧା ସ୍ତୂପ ଉଚ୍ଚତମ,
ଦିଗନ୍ତ ଭୀଷଣ ଉପିବର ସମ ।
ପ୍ରତେ ହୁଏ ଘୋର ପ୍ରକାଣ୍ଡ ସତ୍ତ୍ୱ,
ଋଷ୍ୟମୂକ ଗିରେ ବସେ କି ସୁଗ୍ରୀବ ।
ସର୍ବୋଚ୍ଚ ଶିଖର ତୋର ସାନୁମାନ,
ଦିଶେ ଯଥା ଉଚ୍ଚ ବୀର ହନୁମାନ ।
ଲଙ୍ଘିବାକୁ ସିନ୍ଧୁ ମନାସି ଅନ୍ତରେ,
ହୋଇଛି କି ଛିଡ଼ା ଦକ୍ଷିଣ ମୁଖରେ ।
ନିରେଖି ଏ ଦୃଶ୍ୟ ମନେ ଭାବେ କବି,
କହନ୍ତୁ କି ଦେଖେ ରାମାୟଣ ଛବି ।
ମନେହୁଏ ହେଉ ତୋ ଗିରି ସୁଷମା,
ବନ୍ଧୁ ଚିତ୍ରକୂଟ ଚିତ୍ରର ଉପମା ।
ଶୃଙ୍ଗବେରପୁର ତୋର କନ୍ଧ ଗ୍ରାମ,
କରୁଅଛି ପୂର୍ଣ୍ଣ ଉପମାର ସାମ୍ୟ ।
କେତେ ଯୋଗୀ ପ୍ରାୟ ତୁହି ଗିରିବର,
ଚିନ୍ତା-ମହାରାଜ୍ୟ ଭ୍ରମୁ ନିରନ୍ତର ।
ବ୍ରହ୍ମମୁଖେ ସଦା ରଚୁ କି କବିତା,
ଅଥବା ନିର୍ବାଣ— ମୁକ୍ତିତତ୍ତ୍ୱ ଗୀତା ।
ବୁଝୁ ତୁହି ତୋର ପାର୍ଶ୍ୱବାସୀ ଭାଷା,
ଅନ୍ୟ ପକ୍ଷେ ତାହା ନିଷ୍ଫଳ ପ୍ରତ୍ୟାଶା ।
ହେଉପଛେ ତାହା ମଧୁଶୂନ୍ୟ ସିଠା,
ତୋର ମାତୃଭାଷା ତୋ କାନକୁ ମିଠା ।
ଧନ୍ୟ କବି ତୋର ମାତୃଭାଷା-ପ୍ରୀତି,
କବି ପକ୍ଷେ ତାହା ସୁନ୍ଦର ସୁରୀତି ।
ଗିରିରାଜା, କିନ୍ତୁ ତରୁ ଉପବାସୀ,
ଋଷିରାଜ୍ୟ ତୋର ଅର୍ଦ୍ଧସ୍ଥିତ ରାଜ୍ୟ ।
ଋଷିପ୍ରାଣେ ତୋର ହେ ମୌନ-ପଣ୍ଡିତ,
ହୋଇଅଛୁ ଦେବ— ଭାବେ ପ୍ରଭାବିତ ।

ସ୍ୱର୍ଗୀୟ ବିଭୂତି ଗୁରୁ ଦୃଶ୍ୟଚୟ,
ଆସି ଦେଖାଉଛୁ ମର୍ତ୍ତ୍ୟେ ଅଭିନୟ ।
ବୈକୁଣ୍ଠ-ଭୂଷଣ ଶତଶୃଙ୍ଗ ଗିରି,
ଛଡ଼ାଇ ଆଣିଛୁ ତୁ ତାହାର ଶିରୀ ।
ବର୍ଷେକା ତଟିନୀ ସ୍ୱଚ୍ଛ ପୂତଜଳା,
ଯଥା ଶତଶୃଙ୍ଗ କଟୀର ମେଖଳା ।
ତୋ କଟୀ ମେଖଳା ତଥା ବଂଶଧାରା,
ଅମନ୍ଦଗାମିନୀ ମହାସିନ୍ଧୁ ଦାରା ।
ଏକଇ କମଳା ବସନ୍ତି ସ୍ୱରେ,
ଅନେକ କମଳା ରାଜେ ତୋ ବକ୍ଷରେ ।
ତ୍ରିଦିବ ଧାମରେ ଏକ ରମ୍ଭା ସ୍ଥିତ,
ବହୁ ରମ୍ଭା ବୃକ୍ଷେ ତୋ ବକ୍ଷ ମଣ୍ଡିତ ।
ଗୋଟିଏ ବରୁଣ ନବସନ୍ତ ବହିଁ,
କୋଟିଏ ବରୁଣ ଅଛୁ ତୁହି ବହି ।
ଏକ ଚନ୍ଦ୍ରନେତ୍ର ଅଧିପ ତହିଁରେ,
ବହୁ ଚନ୍ଦ୍ରନେତ୍ର ବହୁ ତୁ ଶରୀରେ ।
ରେ ନସ୍ୟାମ ଗିରି— ଗୌରବ-ଅସୀମା *
ଏ ଭାବେ ବହୁଛୁ ସ୍ୱର୍ଗର ଉପମା ।

ଇତିହାସ ଗର୍ଭ ତୁହି ଧରାଧର,
ସମ୍ବଲ-ବଳ ତୁ ଐତିହାସିକର ।
ବହୁ ପୁରାତନ ଘଟଣା ବକ୍ଷରେ
ରଖିଛୁ ତୁ ଲେଖି ଅଦୃଶ୍ୟ ଅକ୍ଷରେ ।
ଉତ୍କଳରେ ତୁହି କିଣ୍ଣ ପରସ୍ପିଣ୍ଡି,
କଳ୍ପତରୁ ଯାଏଁ ଯାଏ ତୋର ଦୃଷ୍ଟି ।
ଉତ୍କଳର ତୁହି ତୁଙ୍ଗ କୀର୍ତ୍ତିବନ୍ତ,
ସୁଦୂର ଘଟଣା ତୋର ଅବଗତ ।
ଦେଖିଛୁ ଉତ୍କଳ— ଭାଗ୍ୟ ଅଭ୍ୟୁଦୟ,
ଦେଖିଛୁ ତାହାର ଭାଗ୍ୟ-ବିପର୍ଯ୍ୟୟ ।
ଶ୍ରୀ ପୁରୁଷୋତ୍ତମ ଉତ୍କଳ-ସମ୍ରାଟ,
କାଞ୍ଚି ଅଭିମୁଖେ ଚଳାଇଲେ ଠାଟ,
ହାଲୀ ଜଗନ୍ନାଥ ବେନି ସହୋଦର,
ଜଲେ କାଞ୍ଚିରାଜ୍ୟେ ବିଷମ ସମର ।

‡ ତରୁଣ ବୃକ୍ଷ । () ଇନ୍ଦ୍ର । ◆ ସମୁଦ୍ର ପତ୍ନୀ । * ସୂର୍ଯ୍ୟ

ଲଗିଲାକ ଯୁଦ୍ଧ ଅଦ୍ଭୁତ ଭୀଷଣ,
କାଞ୍ଚିରାଜା ଭାଗ୍ୟେ ଘଟିଲା ପତନ ।
ଜୟ-ଶ୍ରୀମଣ୍ଡିତ ହୋଇ ଛତ୍ରପତି,
ବାହୁଡ଼ିଲେ ଘେନି ସୈନ୍ୟ ସେନାପତି ।
କାଞ୍ଚି-ରାଜକନ୍ୟା ଦେଖି ପଦ୍ମାବତୀ,
ସମକକ୍ଷ ତାଙ୍କୁ ନ ହେବ ଦୋଳଣ୍ଡି * ।
ସମ୍ରାଟ ତାହାଙ୍କୁ ଗ୍ରହଣରେ ଆଣି,
ସ୍ୱରାଧାମେ ଆସି କଲେ ପାଟରାଣୀ ।
ଗିରୀନ୍ଦ୍ର ଗୌରବ ତୁହି ରେ ନୟାମ,
ଦେଖିଅଛୁ ସେହି ଦୃଶ୍ୟ ଅଭିରାମ ।
ଦେଖିଅଛୁ କେତେ ଜୟ ପରାଜୟ,
ମସ୍ତବକୁଲର କ୍ରୂର ଅଭିନୟ ।
ହସିଅଛୁ ଯେତେ, ଅଛୁ କେତେ କାନ୍ଦି,
ସମ୍ଭାଳିଛୁ ଶୋକ, ଧୈର୍ଯ୍ୟେ ଚିତ୍ତ ବାନ୍ଧି ।
ଅନମିଲା ଦେଶେ ଦୈତ୍ୟ ରକ୍ତବାହୁ,
ଆଇଲେ ଯେସନ ପୂର୍ଣ୍ଣଚନ୍ଦ୍ରେ ରାହୁ ।
ଫେରସିବା ବେଳେ ଚିଲ୍‌କା ହ୍ରଦ କୂଳେ,
ପଡ଼ିଲା ଶମନ କରାଳ କବଳେ ।
ଆସିଥିଲା ଦମ୍ଭେ ପର ରାଜ୍ୟ ଆଶେ,
ପଡ଼ିଲା ମସ୍ତସି ଆପେ କାଳଗ୍ରାସେ ।
ପ୍ରଭୁ ଜଗନ୍ନାଥ ଦେବଙ୍କର ଶାପେ,
ନାଶ ଗଲା ଦୁଷ୍ଟ ଆତ୍ମକୃତ ପାପେ ।
ଶାର୍ଟପୁତ ମସ୍ତା ଜଗତେ ଦୁର୍ଜୟ,
କୁକ୍ଷଣରେ କୁଇଁ କଲା ଆସୁ କ୍ଷୟ ।
ଅକାରଣ ପରେ ଦଣ୍ଡେ ଯେ ଧ୍ୱଂସକ,
ପଡ଼େ ତାହା ଶିରେ ଅକାଳ ଚଡ଼କ ।
ହେଉ ତା ଦୁର୍ଗତି ହାସ୍ୟ-ସୁରସିକା,
ଫେନ ହାସ ଛଳେ ହସିଲା ଚିଲିକା ।
ଅଚଳକୁ ଚାହିଁ ହସିଲେ ଅଚଳ,
ହସିଲେ ଅମ୍ବର ଜଳଜନ୍ତୁଦଳ ।
ହସିଲା ସଘନେ ଉଚେ ମହୋଦଧି,
ହସିଲା ଲଗର୍ବୀ ସହ୍ୟ ବନ୍ଧ୍ୟାନଗୀ ।
ଆକାଶ ପାତାଳ ହୋଇ ମିଶାମିଶି,
ହସିଲେ ସକଳେ ସପ୍ତ ଦିବାନିଶି ।
ଦୈତ୍ୟ ଅପମୃତ୍ୟୁ ବାରତା ବହନ,
କରୁଥିବ ଆସି ତୋତେ ପ୍ରଭଞ୍ଜନ ।
ତୋର ଶୃଙ୍ଗାଗ୍ରସ୍ଥୀ ବାରିଧରମାନେ,
କହୁଥିବେ ଦେଖି ଆସି ତୋର କାନେ !
ସେମାନେ ତୋହର ଚିର-ବାର୍ତ୍ତାବହ,
ଦୂର ବାର୍ତ୍ତା ଆଣି ଦିଅନ୍ତି ପ୍ରତ୍ୟହ ।
ଉତ୍କଳ-ମାତାର ଶୁଣି ଦୁଃଖ ମୁକ୍ତି,
ଲଭିଥିବୁ ତୁହି ଅପୂର୍ବ ସନ୍ତୃପ୍ତି ।

ପ୍ରାଚୀନ ବୈଦ୍ୟ ତୁ ଚିହ୍ନୁ ରୋଗ ବ୍ୟାଧି,
ବହୁ ମହୌଷଧି ରଖିଛୁ ସମ୍ପାଦି ।
ଅମର ଔଷଧି ଅଛି ତୋ ଭଣ୍ଡାରେ,
କିମ୍ବଦନ୍ତୀ ତାହା ସଦର୍ପେ ପ୍ରଚାରେ ।
ଭକ୍ଷିଲେ ଔଷଧି ତୋ ଭଣ୍ଡାରୁ ଆଣି,
ଉଗ୍ର ସର୍ପଦଂଶ ହୋଇଯାଏ ପାଣି ।
କି ବର୍ଣ୍ଣିବ ଗିର ମହତ୍ତ୍ୱ ତୋହର,
ସେ ମହାମହତ୍ତ୍ୱ ଦେବେ ଅଗୋଚର ।
ଉତ୍କଳ-ମାତାର ସୁନ୍ଦର ଲଲାମ,
କବି-କେଳିକୁଞ୍ଜ ମଞ୍ଜୁଳ ଗଞ୍ଜାମ ।
ମିଶିଲାଣି ଆସି ଏବେ ଏ ଉତ୍କଳେ,
ବହୁକାଳବ୍ୟାପୀ ତୀବ୍ର ତପଫଳେ ।
ଏ ସୌଭାଗ୍ୟ ଯୋଗ ତୋର ମସ୍ତାଧର,
ହେଲାଣି ପୂର୍ବରୁ ପ୍ରତ୍ୟକ୍ଷ ଗୋଚର ।
ଦୁଇ ଅଙ୍ଗେ ତୁହି ଥିଲୁ ଗିରିରାଜ,
ଏ ପାଖ ଉତ୍କଳ ସେ ପାଖ ମାନ୍ଦ୍ରାଜ ।
ସେ ପାଖେ ତେଲଙ୍ଗୀ ଏ ପାଖେ ଓଡ଼ିଆ,
ଦୁଇମୂର୍ତ୍ତି ଧରି ହୋଇଥିଲୁ ଠିଆ ।
ଏକ ଦେହେ ବହି ଯୁଗଳ ଆକୃତି,
ଧରିଥିଲୁ ତୁହି ହରିହର ମୂର୍ତ୍ତି ।
ସେ ପାଖରେ ଗାଲୁ ଏ ପାଖରେ ବାଲୁ,
ବେନି ଉପାଧିରେ ହୋଇଥିଲୁ କାଲୁ ।

* ରଣ

ବାନ୍ଧବ ଓଡ଼ିଆ ହେଲୁ ସୁଖି ଏବେ,
ହେଲେ ତୋର ପ୍ରତି ସୁପ୍ରସନ୍ନ ଦେବେ ।
ଅସିଲା ଫେରି ତୋ ଅତୀତ ସୌଭାଗ୍ୟ,
ମଣୁଥିବୁ ନିଷ୍ଠେ ଆପଣାକୁ ଶ୍ଳାଘ୍ୟ ।
ଥିଲୁ ତୁ ଓଡ଼ିଆ ହେଲୁ ରେ ଓଡ଼ିଆ,
ପର ଘରେ ଥିଲୁ ହୋଇ ତୁ କୁଣିଆ ।
ହୃତଧନ ପ୍ରାପ୍ତ ହେଲୁ ଯା ପ୍ରସାଦେ,
ଅର୍ପି କୃତଜ୍ଞତା ସେ ପ୍ରଭୁଙ୍କ ପାଦେ ।
ପ୍ରଭୁ ଜଗନ୍ନାଥ ସାହା ଯେ କାଳକୁ,
କେ ରୋଧିବ ସେତୁ ଓଡ଼ିଆ ଜାତିକୁ ?
ତାଙ୍କରି ପ୍ରସାଦେ ଅବଶିଷ୍ଟ ଅଂଶ,
ଉତ୍କଳ ଦେହରେ ମିଶିବ ଅବଶ୍ୟ ।
ଅଦୂର ଭବିଷ୍ୟେ ଆସିବ ସେ ଦିନ,
ସେ ସୁଦିନେ ହେବ ଉତ୍କଳ ସ୍ୱାଧୀନ ।
ଉତ୍କଳ-ବେଦନା ବୁଝିବେ ସମ୍ରାଟ,
ଜଳିବ ଉଜ୍ଜ୍ୱଳ ଉତ୍କଳ ଲଲାଟ ।
ଶୁଭ ଶଙ୍ଖ ଘୋଷ ବଜାଅ ଗମ୍ଭୀରେ,
ହେଉ ଏ ଉତ୍କଳ ପୂର୍ଣ୍ଣାଙ୍ଗ ଅଚିରେ ।

ଋଷି ତୁହି, ଥାଉ ଋଷିଗଣ ସଙ୍ଗେ,
ଋଷି ସହ ରତ ବହୁ ସୁପ୍ରସଙ୍ଗେ ।
ଋଷି ଅଙ୍କରେ ଏବେ ଋଷ୍ୟ * ସବୁ
ନିବସୁ ଆନନ୍ଦେ ତୁହି ଅହରହ ।
ପଶୁରୂପୀ ଋଷି ସିନା ଋଷ୍ୟଗଣ,
ଋଷି ପରି ଶିଷ୍ଟ ତାଙ୍କ ଆଚରଣ ।
ସଦା ଶାନ୍ତିପ୍ରିୟ ତୁମେ ସେ କାହାର
ନ କରନ୍ତି କେବେ କ୍ଷତି ଅପକାର ।
ନ ଜାଣନ୍ତି ହିଂସା ନ ଜାଣନ୍ତି କ୍ରୋଧ,
ସରଳ ପ୍ରକୃତି ସୁଶୀଳ ସୁବୋଧ ।
ବନ ତୃଣ ପତ୍ର ଗିରି-ଝରଜଳ,
ଜୀବନେ ତାଙ୍କର ସମ୍ବଳ କେବଳ ।
ସୁନ୍ଦର ଆକୃତି ସୁନ୍ଦର ଚାହାଣି,
ପଶୁଜାତି ମଧ୍ୟେ ସେ ନିରୀହ ପ୍ରାଣୀ ।

ତେଣୁ ତରହିସ୍ତୁ ସଙ୍ଗୀ ସେ ତୋହର,
ସାଧୁ ସିନା କରେ ସାଧୁକୁ ଆଦର ।
ଅତିଥି ସକାଶେ ମୁକ୍ତ ତୋର ଦ୍ୱାର,
ବହୁ ପତ୍ରଫଳେ ପୂର୍ଣ୍ଣ ତୋ ଭଣ୍ଡାର ।
କଦଳୀ, କମଳା, ପଣସ, ମାକନ୍ଦ ✤
ଝରଜଳ ତୋର ଛଣା ମକରନ୍ଦ ।
ଫଳ ଜଳେ ପୂଜା କରୁ ତୁ ଅତିଥି,
ଅତିଥିସତ୍କାର ଲାଗିଥାଏ ନିତି ।
ପର-ଉପକାରୀ ହୁଅବେ ତୁ ଗିରି,
କି ଲୋଡ଼ା ତୋହର ଦ୍ରବ୍ୟସାମଗିରି ?
ଅତିଥିଙ୍କ ପାଇଁ ରଖିଥାଉ ସଞ୍ଚି,
ସତେ ନାହିଁ କେବେ ତୋ ଭଣ୍ଡାରେ କଞ୍ଚି ।
ପ୍ରକାଶୁ ସକଳେ ସମାନ ମମତା,
ପ୍ରସ୍ତର ନୋହୁ ତୁ ଅଟୁ ରେ ଦେବତା ।
କରେ ଯେ ନିଃସ୍ୱାର୍ଥ ବହୁ-ଉପକାର,
ଦେବ ଆଖ୍ୟା ସିନା ସାର୍ଥକ ତାହାର ।
ତୋ ଭଳି ମହତ ଏ ରାଜ୍ୟର ରଜା,
ଉତ୍କୃଷ୍ଟ ଉତ୍କଳେ ତାଙ୍କ ଖ୍ୟାତି-ଧ୍ୱଜା ।

ଗିରି-ଅଧିରାଜ କହ କହ ବାରେ,
ସନ୍ଦେହ ମୋହର ଦୁଇଟି କଥାରେ ।
ବନବାସ କାଳେ ରଘୁପତି ରାମ,
କରିଥିଲେ କି ରେ ତୋ ଶୃଙ୍ଗରେ ବିଶ୍ରାମ ?
ତୋ ଲାବଣ୍ୟମୂର୍ତ୍ତି ଦେଖି ହରଷିତା,
ହୋଇଥିଲେ କି ରେ ରଘୁବଧୂ ସୀତା ?
ମଣି ତୋତେ ଦେବୀ ପୁଣ୍ୟ ତୀର୍ଥସ୍ଥାନ,
କରିଥିଲେ କି ରେ ତୋ ନିର୍ଝରେ ସ୍ନାନ ?
ରଚିଥିଲେ କି ରେ ତୋ ଶିରେ କୁଟୀର,
ଅଗଜ-ଆଦେଶେ ସଉମିତ୍ରି ବୀର ?
ରାଜା ଯୁଧିଷ୍ଠିର ଭ୍ରାତୃଗଣେ ଘେନି,
ଆସିଥିଲେ କି ରେ ସହ ଯାଜ୍ଞସେନୀ ?
ମନ୍ତ୍ରି ଶ୍ରୀମାର୍ଜ୍ଜୁନ ତୋ ବନବାସି,
କରିଥିଲେ କି ରେ ତୌରୁଦେ ପାଶୁପି ?

* ମୃଗ । ✤ ଆମ୍ବ

ଦେଖୁ ତ ନାହିଁ ମୁଁ  କାହ୍ନା କାର୍ତ୍ତିଚନ୍ଦ୍ର
କମ୍ପା କାଳଗ୍ରାସେ  ହୋଇଛି ତା ଲୀନ ।
କାର୍ତ୍ତିଧ୍ୱଂସପଟୁ  କାଳ ଏ ଶମ୍ଭୁଳେ,
କିସ ବା ଅସାଧ୍ୟ  ତାର ମହୀତଳେ ?

ତ୍ୟାଗୀ ଯୋଗୀ ତୁହ  ତ୍ୟାଗରେ ଆନନ୍ଦ,
ସଂସାର ସହିତ  ନ ରଖ ସମ୍ବନ୍ଧ ।
ଜଗତରୁ ବଳି  ତୁ ଅତି ମହତ,
ସଦା ଦାନ-ଯଜ୍ଞେ  ତ୍ୟାଗ-ଯଜ୍ଞେ ରତ ।
କାର୍ଯ୍ୟ-ସାହିତ୍ୟର  ବହୁ ଉପାଦାନ,
ଅଛି ତୋ ଶରୀରେ  ସଦା ବିଦ୍ୟମାନ ।
ଜୀବନରୁ ତୋର  ସାର୍ଥକ ଅଭିଖ୍ୟା,
ଜୀବକୁଳେ ଅର୍ପୁ  ଉପଯୁକ୍ତ ଶିକ୍ଷା ।

ସୁଧା-ଧବଳିତ  ସୁରମ୍ୟ ବଙ୍ଗଳା,
ବେଢିଛି ତାହାକୁ  ପ୍ରାଚୀର ମେଖଳା ।
ମଧ୍ୟେ ବିରଚିତ  ପୁଷ୍ପ-ଫଳୋଦ୍ୟାନ,
ଶୋଭାଦେବୀଙ୍କର  ବିଳାସ ଆସ୍ଥାନ ।
ଅନ୍ୟ ପାର୍ଶ୍ୱେ ଘରେ  ଶ୍ୟାମକାନ୍ତ ଚିର,
ମାଧବ ମଣ୍ଡପ  'ପ୍ରାୟ ଯାର ଶିର ।
ତବା ସନ୍ଧି ମଧ୍ୟେ  ପ୍ରଦୋଷ ସଙ୍କାଶ,
ବକ୍ଷରେ ଉଦ୍ୟାନ  ବସି ପୁଷ୍ପହାସ ।
ଅଥବା କଳ୍ପନା  ଭୁବ ମଧ୍ୟସ୍ଥଳେ,
କବିତା-ସୁନ୍ଦରୀ  ବସିଛି ନିସ୍ତଳେ ।
ଏ ପାଶେ ପୂର୍ଣ୍ଣିମା  ସେ ପାଶେ ଉଆଁସ,
ମଧ୍ୟେ କୃଷ୍ଣପକ୍ଷ  କରନ୍ତି କି ବାସ !
ଉଦ୍ୟାନ-ସୁନ୍ଦରୀ  ନାଭିକୁଣ୍ଡ ପ୍ରାଏ,
ପୁଷ୍କରିର ବାପୀ  ମଧ୍ୟେ ଶୋଭି ପାଏ ।
ମୁଖର ଉଦ୍ୟାନ  ପକ୍ଷୀ କଳରବେ,
ପରିପୂର୍ଣ୍ଣ ସଦା  ସଙ୍ଗୀତ ଉତ୍ସବେ ।
ବେଳେ ବେଳେ ତହିଁ  କାନନ ଅପ୍‌ସରୀ,
କ୍ରୀଡନ୍ତି ମୃଗୀଏ  ଶୈଳୁଁ ଅବତରି ।
ମଧ୍ୟାହ୍ନେ କଳାପୀ  ବିସ୍ତାରି କଳାପ,
ଷଡ୍‌ଜ ସ୍ୱରେ କରେ  ସଙ୍ଗୀତ ଆଳାପ ।

ସାୟଂ ସୁଶୀତଳ  ଉଦ୍ୟାନ ବକ୍ଷରେ,
ଭ୍ରମିଲେ ଉଲ୍ଲାସ  ଉପୁଜେ ଅନ୍ତରେ ।
ପୁଷ୍ପଗନ୍ଧ ଫଳ  ଅର୍ପି ଉପହାର,
କରେ ସେ ଉଦ୍ୟାନ  ଅତିଥି-ସତ୍କାର ।
ଉର୍ଦ୍ଧ୍ୱବାହୁ ଯୋଗୀ  ପାଦପନିକର,
ସୁକଠୋର ଯୋଗେ  ରତ ନିରନ୍ତର ।
ସ୍ୱଦେଶୀ ବିଦେଶୀ  ତରୁ ଗୁଳ୍ମପୁଞ୍ଜ
ସ୍ୱଚ୍ଛନ୍ଦ ଜାତେ  ରମଣୀୟ କୁଞ୍ଜ ।
ଉଦ୍ୟାନ-କମଳା  ପଦେ ଯାଏ ଦେଖା,
ରଙ୍ଗପଥ ଯେସନ୍ତେ  ଅଳକ୍ତକ ରେଖା ।

ଦେବତା ଭୃଙ୍ଗର  ନିସ୍ତାମ ମଧ୍ୟରେ,
ରମ୍ୟ ରାଜପୁରୀ  ଏ ଉପମା ଧରେ ।
ଶୀତେ ଗ୍ରୀଷ୍ମେ ଅବା  ଜଗାଇ ଦ'ପାଶେ,
ମଧ୍ୟେ ମଟ୍ଟରନ୍ତୁ  ସୁଷମା ପ୍ରକାଶେ ।
ରାଜ୍ୟ, ରାଜଧାନୀ  ହେଲେ ସୁଦ୍ଧା ସାନ
ପରିପୂର୍ଣ୍ଣ ତହିଁ  ସର୍ବ ଉପାଦାନ ।
ବହୁ ଅର୍ଥ ବ୍ୟୟ  ହୋଇ ନାହିଁ ତହିଁ,
ତଥାପି ସୌନ୍ଦର୍ଯ୍ୟ  ହେବ ନାହିଁ କହି ।
ରାଜରୁଚି, ରାଜ—  ସୌନ୍ଦର୍ଯ୍ୟାନୁଭୂତି,
ଧରିଛି ତହିଁରେ  ମନୋହର ମୂର୍ତ୍ତି ।
ନାଗରିକ ସର୍ବ —  ଯୋଗ୍ୟ ଉପାଦାନ,
ଅଳ୍ପ ସ୍ଥାନ ମଧ୍ୟେ  ଅଛି ବିଦ୍ୟମାନ ।
ସ୍ୱହସ୍ତେ ପ୍ରକୃତି  ଯାହାକୁ ସଜାଇଛି,
ନାହିଁ ବୋଲିବାକୁ  ନାହିଁ ତହିଁ କିଛି ।
ପ୍ରକୃତି ଯାହାର  ସୁବେଶକାରିଣୀ,
ନ ହେବ କିପାଁ ସେ  ମାନସହାରିଣୀ ?
ପ୍ରାକୃତିକ ଶୋଭା  ଶୋଭା ମଧ୍ୟେ ସାର,
ହେବ କି କୃତ୍ରିମ  ଉପମା ତାହାର ?
ଗଢିଛି ଯାହାକୁ  ପ୍ରକୃତି-ସୁନ୍ଦରୀ,
ସୁନ୍ଦରପଣରେ  କିଏ ତାକୁ ସରି ?
ସିଂହଦ୍ୱାର ନବ  ସୌନ୍ଦର୍ଯ୍ୟର ସୃଷ୍ଟି,
ଉପମା ଭଣ୍ଡାର  କରିଛି ସେ ଲୁଟି ।
ତିକାରଠାଣିରେ  ଉର୍ଦ୍ଧ୍ୱେ ସିଂହଦ୍ୱୟ,
ରହିଛନ୍ତି ହୋଇ  ଏକାନ୍ତ ତନ୍ମୟ ।

ସବେ ଯେଷ୍ଟେ ଉଚ୍ଚ   ବଳ ସନ୍ନିଧାରେ,
ଲମ୍ଫଦେଇ ମାଡ଼ି   ବସିବେ ଶିଖାରେ ।

ରାଜଭବନର   ମୁଖ୍ୟକାମଘର—
ସ୍ଥାନେ ଉଚ୍ଚ ଏବେ   ହର୍ମ୍ୟ ତୁଙ୍ଗ ଶିର ।
ଅନୁପମ ତାର   ସୁନ୍ଦର ଆକୃତି,
ଭବତାଛନ୍ଦ କି   ଧରିଅଛି ମୂର୍ତ୍ତି ।
କୁଳ-ଅଧିଦେବୀ   ଦକ୍ଷିଣକାଳିକା,
ରୌପ୍ୟାସନେ ବସେ   ଶଙ୍କରନାୟିକା ।
ପ୍ରଭୁ ଗୋପୀନାଥ   ଛବିଳ ଦେଉଳେ,
ବସେ ମଣ୍ଡି ଅଙ୍ଗ   ହାରିଦ୍ର୍ୟଦୁକୂଳେ ।
ବକୁଳ ପାଦପ   ବସିଛେ ସୁରତେ,
ବରଛ * ପରସ୍ତେ   ଯୋଡ଼ି ଶାଖା ହସ୍ତେ ।
ମୂର୍ଦ୍ଧଭାଗେ ଉଚ୍ଚ   ଦେବତା ଭୃଙ୍ଗର,
ଇନ୍ଦୀବରନିନ୍ଦୀ   ନୀଳ କଳେବର ।
ଅପାଦ ମସ୍ତକ   ଅଚ୍ଛନ୍ନ ଅଃସ୍ତ୍ରୀ,
ଅଧିଷ୍ଠିତ ତହିଁ   ଭୈରବ ଭୈରବୀ ।
ବାଞ୍ଛା-କଳ୍ପତରୁ   ଦୁଃଖୀ ଦୁଃଖହାରୀ,
ଡାକିଲେ ଶୁଣନ୍ତି   ଆତୁର ଗୁହାରି ।
ପଥପାର୍ଶ୍ୱେ ସ୍ଥିତ   ଦେଉଳ ସୁନ୍ଦର,
ମଧ୍ୟେ ବସେ ପ୍ରଭୁ   ନୀଳକଣ୍ଠେଶ୍ୱର ।
ରାଜ୍ୟ କ୍ଷେତ୍ରପାଳ   ଅଟନ୍ତି ସେ ଶିବ
ଯୋଗମଗ୍ନ ଯୋଗୀ   ଦୟାଳୁ ଅଶିବ ।
ମଣ୍ଡମାସମ୍ମୁଖେ   କାମଦେବ ଅରି,
ନବସନ୍ତ ଢଗ   ଅଲେଖିତ କରି ।
ବାଳକ ବାଳିକା   ବେନି ଶିକ୍ଷାଳୟ,
ପାନ୍ଥାବାସ, ରାଜ—   କାର୍ଯ୍ୟାଳୟତ୍ରୟ;
ଚିକିତ୍ସା ଆଗାର   ବିପଣି ସହିତ,
ଯଥାଯୋଗ୍ୟ ସ୍ଥାନେ   ହୋଇଛି ନିର୍ମିତ ।
ପଥ, ଘାଟ, ଗ୍ରାମ   ନିର୍ମଳ ସୁନ୍ଦର,
ହର୍ମ୍ୟ ଉଦ୍ୟାନର   ନାହିଁ ପଟାନ୍ତର ।

ପାଳନ୍ତି ଏ ରାଜ୍ୟ   ମାହେଶ୍ୱରୀଦେବ,
ନୀତିନିପୁଣ କେ   ତାଙ୍କ ପରି ହେବ ?

ସରସ ମଧୁର   ତାଙ୍କ ରାଜନୀତି,
ଗାଉଛି ଉଜ୍ଜ୍ୱଳ   ଉଚ୍ଚେ ଖ୍ୟାତିଗୀତି ।
ରହିଥାଏ ଘେରି   ସଦା ତାଙ୍କୁ କର୍ମ,
କର୍ମ ତାଙ୍କ ଜପ,   ତପ, ଯଜ୍ଞ, ଧର୍ମ ।
ଥାନ୍ତି ସଦା କର୍ମେ   ନିଜକୁ ନିଯୋଗି,
ରାଜା ହୋଇ ସୁଦ୍ଧା   ଚିର-କର୍ମଯୋଗୀ ।
ନିରେଖି ତାଙ୍କର   ସ୍ଥାପତ୍ୟ କଳ୍ପନା,
ବିଜ୍ଞ ସ୍ଥପତିର   ବୁଦ୍ଧି ହେବ ବଣା ।
କୃଷି ଶିଳ୍ପ ପଣ୍ୟେ   ଶିକ୍ଷା ସଂସ୍କାରରେ,
ଧାଇଁଛି ଏ ରାଜ୍ୟ   ଆଗକୁ ପ୍ରଖରେ ।
ଶତହସ୍ତ ହୋଇ   କଣ୍ଣ ନରପତି,
ସାଧୁଛନ୍ତି ସଦା   ରାଜ୍ୟର ଉନ୍ନତି ।
ସ୍ଥିର ସ୍ଥାନେ ସ୍ଥାପି   ବିଶାଳ ଖମାର,
ଦେଇଛନ୍ତି ଖୋଲି   ଉନ୍ନତିର ଦ୍ୱାର ।
ଏକାଧାରେ ତହିଁ   କୃଷକ ସକଳ,
ଲଭୁଛନ୍ତି ସୁଖେ   ଦୁଇଗୋଟି ଫଳ ।
ଉଭ କୃଷିବିଦ୍ୟା,   ଅର୍ଥ ଉପାର୍ଜନ,
ଶିଖନ୍ତି ଶ୍ରମିକ—   ରୂପେ ପ୍ରଜାଗଣ ।
ପ୍ରତିବେଶୀ ରାଜ୍ୟେ   ସେଥିର ପ୍ରଭାବ,
ପଡ଼ି ଦୂର କରେ   ପ୍ରଜାଙ୍କ ଅଭାବ ।
ଏକ ସ୍ଥାନେ ପୁଷ୍ପ   ହୋଇ ପ୍ରସ୍ଫୁଟିତ,
ଗୁଣ୍ଡି ଝଡେ ଯଥା   କରେ ଆମୋଦିତ,
ଜନ୍ମି ଏକସ୍ଥାନେ   ତଥା ନବାଦର୍ଶ,
କରେ କ୍ରମେ କ୍ରମେ   ବହୁ ସ୍ଥାନେ ସ୍ପର୍ଶ ।
କୃଷିର ଉନ୍ନତ—   ପ୍ରଣାଳୀ ନୂତନ,
କରୁଛନ୍ତି ନୃପ   ନିଜେ ଉଦ୍ଭାବନ ।
ସୃଜୁଛନ୍ତି ରାଜ୍ୟେ   ନବ ନବ କୃଷି,
ନବ-ଯୁଗରେ ସେ   ପରାଶର ଋଷି ।
କୃଷି ମହାବିଦ୍ୟା   ନୁହେ ସ୍ୱଳ୍ପବୃତ୍ତି,
ଉନ୍ନତିର ତାହା   ଶୁଦ୍ଧ ସ୍ପଷ୍ଟମୂର୍ତ୍ତି ।
ପ୍ରଜାକୁଳ ମେଳେ   ରାଜା ଶୁଦ୍ଧୋଦନ
କରୁଥିଲେ ହର୍ଷେ   ମୃତ୍ତିକା କର୍ଷଣ ।

* ଗରୁଡ

ଦ୍ୱାପର ଯୁଗରେ   ରାଜର୍ଷି ଜନକ,
ଥିଲେ ଜଣେ ଶ୍ରେଷ୍ଠ   କୃଷି-ପ୍ରବର୍ତ୍ତକ ।
ଜ୍ୟୋତିର୍ବିଦ୍ୟାଦକ୍ଷା   ମନସ୍ୱିନୀ ଖନା;
କରିଥିଲେ କୃଷି—   ପ୍ରବାଦ ରଚନା ।
ଏଣୁ ଲୋକଙ୍କର   ଯାହା ପ୍ରିୟତର,
ସେ ବିଦ୍ୟା କଦାପି   ନୁହେ ତ ଇତର ।
ଶିଳ୍ପ ବ୍ୟବସାୟ   କୃଷିର ସାପେକ୍ଷ,
ସର୍ବବିଦ୍ୟା ମଧ୍ୟେ   ତାହା ଅଗ୍ରଲେଖ୍ୟ ।
ଯେ ବିଦ୍ୟା ପ୍ରଭାବେ   ମୃତ୍ତିକାରୁ ସୁନା
ଉପୁଜେ, ତା ମୂଲ୍ୟ   ନୁହେଁ କେବେ ଊଣା ।
ଯହିଁରେ ମାନବ   ଜୀବନ ନିର୍ଭର,
ସେ ବିଦ୍ୟା କଦାପି   ନୁହେ ତ ଇତର ।
ତେଣୁ ସ୍ୱାର୍ଥୀ ଦେଖ   ପ୍ରଶସ୍ତ ପାଣ୍ଡିତ୍ୟ,
ଯେ ବିଦ୍ୟା ପ୍ରଭାବେ   ହୋଇଛି ଗଠିତ,
ଇତର ତାହାକୁ   ମଣେ ଯେଉଁ ନର,
ମାନବ-ସମାଜେ   ସେ ଏକା ଇତର ।
ଏ କାଳର ସଭ୍ୟ   ସୁଶିକ୍ଷିତ ଜନେ,
ଦେଖନ୍ତି କୃଷିକୁ   ଅବଜ୍ଞା ନୟନେ ।
ଦୈନ୍ୟ ଅଭାବକୁ   ସେହୁ କଳ୍ପଗଣ,
ଅଣଚନ୍ତି ସ୍ନେହେ   କରି ନିମନ୍ତ୍ରଣ ।
ଏକାଳେ କୃଷିର   ବୈଜ୍ଞାନିକ ଧାରା—
ଦେଖାନ୍ତି ଯେ ସେହୁ   ପୂଜ୍ୟ ଦେଶସାରା ।
ସେ ଏକା ବରେଣ୍ୟ, ସେହୁ ଏକା ଧନ୍ୟ,
ସମାଜର ନ୍ୟାସ*   ତାହାଙ୍କ ଜୀବନ ।

ହେ ବର୍ତ୍ତିତ ନୃପ,   ତବ ଗୁଣଗଣ,
ବର୍ଣ୍ଣନାକୁ ତାହା   ବଳେ ବହୁଗୁଣ ।
ନୀତି ଶୀତ ଉଷ୍ଣ   ରାଜନୀତି ତବ,
ମନସ୍ତୁ ମାନୁଛେ   ଅସେ ପରିଭବ ।
ନବ ଶୁଭନୀତି—   ସ୍ରଷ୍ଟା ତୁମ୍ଭେ ବୀର,
ବୀର-ଗୌରବ   ଯଥା ଯୁଧିଷ୍ଠିର ।
ତବ ଅବର୍ତ୍ତିବ   ହେ ସୁନୀତିପ୍ରାଣ,
ଉତ୍କଳ ପକ୍ଷରେ   ଈଶ୍ୱରଙ୍କ ଦାନ ।

ସାହିତ୍ୟର ଆଶା   ସାହିତ୍ୟ ଭରସା,
ସାହିତ୍ୟ-ଗୌରବ   ତୁମ୍ଭେ ମହାଯଶା !
ଆଦର୍ଶ ତୁମ୍ଭର   ପବିତ୍ର ମହତ,
ଉଚ୍ଚ ଲକ୍ଷ୍ୟ ଧରି   କର୍ମେ ଥାଅ ରତ ।
କର୍ମକ୍ଷେତ୍ର ତବ   ବିସ୍ତୃତ ବିଶାଳ,
ସାଧକପ୍ରବର   ହେ ବଙ୍କ ଭୂପାଳ !
ରାଜକର୍ତ୍ତବ୍ୟର   ସଫଳ ବିଭାଗେ,
ଅଦ୍ଭୁତ ଦକ୍ଷତା   ଅର୍ଜିଛ ସୁଯୋଗେ ।
ଶ୍ରୀରାମଙ୍କ ବାର୍ତ୍ତା—   କଳାପ ଦର୍ଶନେ,
ଏସନ ସ୍ୱଭାବ   ଜାତ ହୁଏ ମନେ ।
ଆଦର୍ଶ ନୃପତି   ସୁସ୍ୱାଣ ଯୁଗର,
ହୋଇ ଜଣେ ଅବା   ଲଭି ଜନ୍ମାନ୍ତର,
କରନ୍ତି ଏ ରାଜ୍ୟେ   ରାଜପଣ ସତେ,
ଅସମ୍ଭବ ବୋଲି   ହୁଏ ନାହିଁ ପ୍ରତେ ।
ଗଡ଼-ଦୁର୍ଗେ ଉଦ୍ଭେ   ତ୍ୟାଗର କେତନ,
ରାଜୋପାଧି ତବ   ବାହ୍ୟ ଆବରଣ ।
କୀର୍ତ୍ତି-ଦର୍ପଣରେ   ମୂର୍ତ୍ତି ପ୍ରତିବିମ୍ବ,
ହେ ରାଜର୍ଷି, ତବ   କାଳେ କାଳେ ଥିବ ।

ଲୁଣ୍ଠନ୍ତି ଭଙ୍ଗିତେ   ଯେସନ୍ତ ଜନ-ମନ,
ନୃମଣି ଆଖ୍ୟାର   ସେ ଏକା ଭାଜନ ।
ପ୍ରଜା ରାଜାପ୍ରାଣ,   ରାଜା ପ୍ରଜାପ୍ରାଣ,
ରାଜା ପ୍ରଜାର ଏ   ସମ୍ପର୍କ ପ୍ରଧାନ ।
ଲୁଣ୍ଠନ୍ତି ଏ ତତ୍ତ୍ୱ   ଯେଉଁ ବଙ୍କ ରାଜା,
ତାଙ୍କରି ନାମରେ   ଦୀକେ ଖ୍ୟାତିବାଜା ।
ପ୍ରଜା-ମୁଖ ସଦା   ମଣ୍ଡନ୍ତି ସେ ହାସେ
ରାଜନ୍ୟ ସମାଜେ   ଆଦର୍ଶ ରାଜା ସେ ।
ପ୍ରଜାହୃଦ ଯାଙ୍କ   ରାଜ-ସିଂହାସନ,
ଭୂପତିକୁଳେ ସେ   ମହାର୍ଘ ରତନ ।
ପାଳନ୍ତି ସେ ପ୍ରଜା   ପୁତ୍ରନିର୍ବିଶେଷେ,
ବର୍ଷେ ଦେବାଶିଷ   ତାଙ୍କ ଶିରେ ଦେଶେ ।
ପ୍ରଜା-ମୁଖେ ଉଠେ   ଯାଙ୍କ ଯଶୋଗୀତ,
ଧନ୍ୟ ସେହୁ, ଧନ୍ୟ   ତାଙ୍କ ରାଜନୀତ !

* ଗଚ୍ଛିତ ସମ୍ପତ୍ତି

କରନ୍ତି ଯେ ବୃଦ୍ଧି    ପ୍ରଜା-ଧର୍ମ-ଧନ,
ଦେବେ ତାଙ୍କୁ ପୂଜା    କରନ୍ତି ଅର୍ପଣ ।

ଲୋକଦେଖା ଧର୍ମ    ତୋଳପିଠା ଧର୍ମ,
ଧର୍ମ ନୁହେଁ ତାହା    ଦେଖାଇବା ଭ୍ରମ ।
ସେ ଧର୍ମେ ତୁମ୍ଭର    ବସେ ନାହିଁ ମନ,
ସାତ୍ତ୍ୱିକତା ତୁମ୍ଭ    ଧର୍ମର ଜୀବନ ।
ପରମାତ୍ମାରୂପୀ    ସତ୍ୟ ବିଶ୍ୱରୂପ,
ଯେ ତ ସର୍ବଘଟେ    ଧର ମୂର୍ତ୍ତିରୂପ ।
ତାଙ୍କ ଉପଦେଶ    ପ୍ରବଳ କେବଳ,
ଅନ୍ୟ ଉପଦେଶେ    ନାହିଁ କିଛି ଫଳ ।
ଅର୍ଚ୍ଚନ୍ତି ଯାହା    ସେନ୍ତୁ ନିରନ୍ତର,
ତାହା ସତ୍ୟ ଶିବ    ତାହାହିଁ ସୁନ୍ଦର ।
ବୁଝିଅଛ ନୃପ    ତୁମ୍ଭେ ଏହି ତତ୍ତ୍ୱ,
ଧର୍ମଜ୍ଞାନ ତବ    ଏହେତୁ ମହତ ।
ଛାମୁଙ୍କ ମହତ୍ତ୍ୱ    ସ୍ତୁତି ସଦାସ୍ୱର,
ରାଜଚରିତର    ସ୍ୱରୁ ଅଲଙ୍କାର ।
ସୁଧାଙ୍କିଣୀ ମଧ୍ୟ    ସୌରଭ ଯେସନ,
ପୁଷ୍ପ ସୌନ୍ଦର୍ଯ୍ୟର    ମହାହିଁ ଭୂଷଣ ।
ଜାତେ ରାଜା ପୁଣି    ନାଜେ ହିଁ ସମ୍ଭବ,
ଏ ଆଦର୍ଶ ତବ    କାଳେ କାଳେ ଥିବ ।

ଜଳର ପ୍ରକୃତି    ସଦା ଶୀତଳତା,
କାରଣବଶେଷେ ହେଲେ ତା ଅନ୍ୟଥା;
ନ ହୁଏ ତା ସ୍ଥାୟୀ,    ମୁହୂର୍ତ୍ତିକେ ପୁଣ,
ଫେରିଆସେ ତାର    ସ୍ୱାଭାବିକ ଗୁଣ ।
ଛାମୁଙ୍କର କ୍ରୋଧ    ତଥା ମହାମନା,
କ୍ରୋଧ ନୁହେଁ ତାହା କ୍ରୋଧର ଛଳନା ।
ଅନ୍ତରେ ନ ଥାଇ ଥାଏ ସେ ବାହାରେ,
କାର୍ଯ୍ୟରେ ନ ମିଶି ମିଶେ ସେ କଥାରେ ।
ପ୍ରଜେ ହୁଏ ଦେଖି    ଛାମୁଙ୍କ ଆକୃତି,
କ୍ଷାତ୍ରଧର୍ମ ସେତେକ    ଧରିଅଛି ମୂର୍ତ୍ତି ।
ପାରିଧି ତୁମ୍ଭର    ନୁହେଁ ତ ବ୍ୟସନ,
ଉପଦ୍ରବଶୂନ୍ୟ    ହୁଏ ତହିଁ ବନ ।

ଭୀଷଣ ହ୍ୱାଗର    ନଗର ପ୍ରଜାରେ,
ଭ୍ରମନ୍ତି ଶ୍ୱାପଦେ    ବନ-ପାଶ୍ୱବାରେ ।
ଉପଯମ ପ୍ରାୟ    ବିକଟ ମହାନ,
ଦୃଷ୍ଟିରେ ଶୋଷନ୍ତି    ବନ୍ୟଜନ୍ତୁ ପ୍ରାଣ ।
ତାଙ୍କ ଉପଦ୍ରବେ    କ୍ଷୁଦ୍ର ଜନ୍ତୁଚୟ,
ଲୁଚନ୍ତି କେ କାହିଁ    ମନେ ଗଣି ଭୟ ।
କରି ଛାମୁ ତାଙ୍କ    ଜୀବନ ବିନାଶ,
ଶାନ୍ତ ଜୀବଙ୍କୁଳେ    ଅର୍ପନ୍ତି ଆଶ୍ୱାସ ।
ଆଗ୍ନେୟାସ୍ତ୍ର ତବ    ହେ ମୃଗୟୁ ବନ୍ଧୁ,
ଚଳ ଲକ୍ଷ୍ୟଭେଦ    କରେ ଅଣ୍ଡ ବୁରୁ ।
ଅସ୍ତ୍ରଶସ୍ତ୍ର ତବ    ଆହେ ରାଜ୍ୟାଧୀଶ,
ଅବ୍ୟର୍ଥ, ଅବ୍ୟର୍ଥ    ଯେସନ କୁଳିଶ ।
ଋକ୍ଷ, ବ୍ୟାଘ୍ର ଜୀବ    ବିଷଧର ସାପ,
ବଧିବା କଦାପି    ନୁହେଁ ରାଜ୍ୟେ ପାପ ।
ନିରୀହ ପ୍ରାଣୀର    ପ୍ରାଣରକ୍ଷା କର୍ମ,
ନୁହେଁ ଅନୁଚିତ,    ତାହା ବୀରଧର୍ମ ।
ପ୍ରବଳ ପୀଡ଼ନ୍ତି    ଦୁର୍ବଳେ ରକ୍ଷଣ,
ନୃପତିର ସତ୍ୟ—    ଧର୍ମ ସନାତନ ।
ବିଶ୍ୱଧ୍ୱଂସୀ ଦୁଷ୍ଟ    ଦାନବକନ୍ଦରେ,
ସୃଷ୍ଟିରକ୍ଷା ଅର୍ଥେ    ନାଶନ୍ତି ଅମରେ ।
ଦୁଷ୍ଟ ପାଳି ଶିଷ୍ଟେ    କରିବା ଉଦ୍ଧାର,
ଏହା ଧର୍ମଶାସ୍ତ୍ର—    ଉପଦେଶ ସାର ।
ମହାବଳ ବ୍ୟାଘ୍ର    ଦୁର୍ଦ୍ଦାନ୍ତ ଭୀଷଣ,
ବଂଶନାଶେ ଛାମୁ    କରିଛନ୍ତି ପଣ ।
ବହୁ ବ୍ୟାଘ୍ରବ୍ୟାଘ୍ରୀ    ହେଲେଣି ନିହତ,
ବଧିଲେଣି ପୁଣି    ଭଙ୍ଗ ଶତ ଶତ ।
ତେତେ ଶ୍ୱାପଦର    ଅସ୍ତିତ୍ୱ ବିଲୁପ୍ତ,
ହେଲଣି ସେ ସଂଖ୍ୟା    ଜାତ ଶତଗୁପ୍ତ ।
ଛାମୁଙ୍କର ବ୍ୟାଘ୍ର—    ପାରିଧି ବିଧାନ,
ବର୍ଣ୍ଣିଲେ ହେବ ସେ    ସ୍ୱତନ୍ତ୍ର ପୁରାଣ ।

ନ୍ୟାୟମାର୍ଗେ ରହି    ଧନ ଉପାର୍ଜନ,
କରନ୍ତି ଯେ ରାଜା    ରକ୍ଷଣ ବର୍ଦ୍ଧନ,
ସତ୍ପାତ୍ରରେ ଦାନ    କରନ୍ତି ଆଦର,
ବସନ୍ତି ଉପାଧି    ଲାଳସା ମନ୍ତର,

ଦେଖି ବସୁମତୀ ହୋଇ ତୁଷ୍ଟଚିତ୍ତ,
ଅର୍ପନ୍ତି ତାହାଙ୍କୁ ସର୍ବବିଧ ବିତ୍ତ ।
ଏ ସତ୍ୟୁକ୍ତି ହେବ ଗ୍ରନ୍ଥଙ୍କ ପକ୍ଷରେ
ହୋଇଛି ସାର୍ଥକ ଅକ୍ଷରେ ଅକ୍ଷରେ ।
କାବ୍ୟେ ବ୍ୟାକରଣ ଶାସ୍ତ୍ରେ ନୃପବର,
ତରକ ଗ୍ରନ୍ଥଙ୍କୁ କରିଛି ସୁନ୍ଦର ।
ଧରଣୀରୁ ରସ ଶୋଷି ମେଘଗଣ,
ସେହି ଧରଣୀରେ କରନ୍ତି ବର୍ଷଣ;
ତଥା ତୁମ୍ଭେ ଗହି ପ୍ରଜାଠାରୁ ଧନ,
ତାହାଙ୍କୁହିଁ ପୁଣି କର ବିତରଣ ।
ବିତରଣ ପାଇଁ ନଦୀ ବହନ୍ତି ଜଳ,
ବିତରଣ ପାଇଁ ବୃକ୍ଷ ଧରେ ଫଳ,
ବିତରଣ ପାଇଁ ଶସ୍ୟ ସହେ ଧରା,
ବିତରଣ ପାଇଁ ତାପ ବହେ ଖରା ।
ତଥା ବୁଦ୍ଧିମନ୍ତ ଆହେ ନରସାଇଁ,
ସଞ୍ଚିଥୁ ତୁମ୍ଭର ବିତରଣ ପାଇଁ ।
ଦାସ୍ୟାରେ ସରସ ସଜ୍ଜନ ହୃଦୟ,
ନୁହେ ନିଜ ପାଇଁ ତାଙ୍କର ସଞ୍ଚୟ ।
ସୁମନ ମହତ୍ତ୍ୱ ଯେସନ ସୌରଭ,
ସୁକାନ୍ତି ଯେସନ ମୁକ୍ତାର ବିଭବ,
ପଣ୍ଡିତ-ମହତ୍ତ୍ୱ ଯେସନ ପ୍ରତିଭା,
ମହତ୍ତ୍ୱ ଯେସନ ସୁରଙ୍କର ବିଭା,
ଶୁଙ୍ଗାର୍ଥ ଯେସନ ବୀରର ମହତ୍ତ୍ୱ,
ଔଦାର୍ଯ୍ୟ ତେସନ ତବ ବିଶେଷତ୍ୱ ।
ସତ୍ୟ ଉକ୍ତି ଏହା ନୁହେ ଔପାଧିକ,
ନ ମଣ ଅତ୍ୟୁକ୍ତି ହେ କାବ୍ୟ-ରସିକ ।
ନୈସର୍ଗିକ ଦେଖ ଅଗ୍ନି ଦେବଙ୍କର,
ହୁତାହୁତତ୍ୱାସ ହୁଏ ଖରତର ।
ସହିଷ୍ଣୁତା ଦକ୍ଷେ ଗ୍ରନ୍ଥଙ୍କର ତଥା,
ବିନୟ ସୌଜନ୍ୟ ବଢିଛି ସର୍ବଥା ।
ସ୍ୱାଭାବିକ ଗୁଣ ଗ୍ରନ୍ଥଙ୍କର ତାହା,
ଅର୍ଚ୍ଚିଛନ୍ତି ତବ ପ୍ରାଣେ ବିଶ୍ୱନାହା ।
ନୃପତିର ସିନା ତାହା ବଡ଼ପଣ,
ଗୁଣିଦେହେ ତାହା ମହାର୍ଘ ଭୂଷଣ ।

ସ୍ୱର୍ଗେ ଜମିଜମା ଚିର ବନ୍ଦୋବସ୍ତ,
ଅର୍ପିଛି ପ୍ରଜାଙ୍କୁ ସୁବିଧା ସମସ୍ତ ।
ଏହି ଉଦାରତା ତବ ପ୍ରଜା-ପାଳ
ଘୋଷୁଥିବେ ପ୍ରଜା— ପୁଞ୍ଜ ଚିରକାଳ ।
ଗ୍ରନ୍ଥଙ୍କ ସୁଯଶ ମଧୁମା ସଙ୍ଗୀତ
ହେଉଅଛି ସ୍ୱର— ପଲ୍ଲୀରେ ଘୋଷିତ ।
କ୍ଷୁଦ୍ର ରାଜ୍ୟ ଖଣ୍ଡେ ହୋଇ ଅଧିପତି
ପ୍ରଦର୍ଶିଲ ଯେଉଁ ଆଦର୍ଶ ସମ୍ପ୍ରତି,
ନାହିଁ ଏ ଦେଶରେ ପଠାନ୍ତର ତାର
ସେ ଆଦର୍ଶ ତବ ନବ ଆବିଷ୍କାର ।
ବାୟୁମଣ୍ଡଳ ତା ହୋଇ ବିସ୍ତାରିତ,
ମୋହୁଅଛି ଦାନ ଉତ୍କଳୀୟ ଚିତ୍ତ ।
ମାତୃସମା ମାତୃ— ଭାଷାର ଉନ୍ନତି—
ବ୍ରତରେ ଶ୍ରୀଗ୍ରନ୍ଥ ଆଶାବାନ ବ୍ରତୀ ।
ଅସ୍ତ୍ର ଅବଧାନୀ— ରୂପେ ହେ ନୃପତି,
କାୟମନୋବାକ୍ୟ ସାଧୁଛ ଉନ୍ନତି ।
ତୁମ୍ଭର ସୁଯଶ ଗାଇ ମଧୁମିତ,
କରୁଛି କବିକ ଦେଶ ଅଲୋକିତ ।
ସେ ଆଲୋକ ଲଭି ଉତ୍କଳୀୟ ପ୍ରାଣ,
କୃତଜ୍ଞତା ନିଷ୍ଠେ କରିବ ପ୍ରଦାନ ।
ତୁମ୍ଭ ପରି ରାଜା ଥିଲେ କେତେ ଜଣ,
ନ ଥାନ୍ତା ସାହିତ୍ୟ— ଜନନୀ କୃଷଣ ।
କାଶ୍ମୀର-ସାହିତ୍ୟ ବଳୁ ଉଭୟରେ,
ସ୍ୱଜୁଥାନ୍ତା ଆଜି ଉନ୍ନତ ଅମ୍ବରେ ।
ବହୁ ମଣିରତ୍ନ ଗଜମୋତି ସଙ୍ଗେ,
ଝଟକୁଥାଆନ୍ତା ଜନନୀ ଶ୍ରୀଅଙ୍ଗେ ।
ମାତ୍ର ଉତ୍କଳର ଭାଗ୍ୟ ଅତି ସାନ,
ନିରାଶାରେ ସଦା କାଟୁଛି ସେ ଦିନ ।
କୁବେର ବିଭବ ସମ ଯାର ଧନ,
ସାହିତ୍ୟ ବୃଦ୍ଧିରେ ତାର ନାହିଁ ମନ ।
ମନ ଯାର ଅଛି ଅଭାବ ତାଠାରେ,
ଏଭଳି ଦୃଷ୍ଟାନ୍ତ ସୁଲଭ ସଂସାରେ ।
ଅଭିମାନଶୂନ୍ୟ ନିରହଙ୍କାର,
ଜଣାଯାଏ ଯେତେ ଦେବ-ଅବତାର ।

ନାହିଁ ବେଶଭୂଷା ନାହିଁ ଆଡ଼ମ୍ବର
ସରଳ ବେଶର ଆଦର୍ଶ ସୁନ୍ଦର ।
ଆଦର୍ଶ ଆଦର୍ଶ ତୁମ୍ଭର ସ୍ୱଭାବ,
ନାହିଁ ତବଠାରେ ଆଦର୍ଶ ଅଭାବ ।

ମହାପ୍ରାଜ୍ଞ ତୁମ୍ଭେ ହେ ବିଶ୍ରାମତ୍ୟାଗୀ
ସାହିତ୍ୟ ସଙ୍ଗୀତେ ସମ ଅନୁରାଗୀ ।
ଅଲୌକିକ ତବ ଧୈର୍ଯ୍ୟ ସହିଷ୍ଣୁତା,
ଛନ୍ଦିସ୍ତ ପକ୍ଷେ ଯେ ମାଣିକ୍ୟ ମୁକ୍ତା ।
ଭୃଙ୍ଗବୃତ୍ତିଧାରୀ ତୁମ୍ଭେ ମତିମାନ,
ବହୁ ଗ୍ରନ୍ଥପୁଷ୍ପ କର ମଧୁପାନ ।
ଗ୍ରନ୍ଥକୀଟ ଭଳି ସାହିତ୍ୟ-ପାଠକ,
ଥିବେ ଦେଶ ମଧ୍ୟେ ଅତ୍ୟଳ୍ପସଂଖ୍ୟକ ।
ଜଣିଏ ପର୍ଯ୍ୟନ୍ତ ରହୁ ଉତ୍କଳରେ,
ସନ୍ତରନ୍ତି ତୁମ୍ଭ ସ୍ୱଚ୍ଛନ୍ଦ-ସାଗରେ ।
ସେ ସାଗରୁ ବହୁ ରତ୍ନ ଆହରଣ,
କରିବାକୁ ତୁମ୍ଭ ଏକାନ୍ତ ଯତନ ।
ନ ମଣନ୍ତି ତହିଁ କଲେହେଁ ଆୟାସ,
ପ୍ରତ୍ୟହ କରନ୍ତି ଅଗାଧ ପ୍ରୟାସ ।
ଜ୍ଞାନାର୍ଜନ ସଦା ଯାହାଙ୍କର ଲକ୍ଷ୍ୟ,
ଲୋଡ଼ିବ ସେ କିପାଁ ନିଦ୍ରାସୁଖ ଭକ୍ଷ ?
ବୈଦିକ ଗୁରୁର ଧର୍ମ ଉପଦେଶ,
ଯାହା ତେଜ ସହ ମିଶିଲେ ନରେଶ,
ରାଜଶକ୍ତି ତହୁଁ ଲଭେ ବର୍ଦ୍ଧନ,
ଯଥା ଅଗ୍ନି ବାୟୁ ଦୋହିଙ୍କ ମିଳନ ।
ଆହେ ଧର୍ମବୀର, ରାଜନୀତି-ବୀର,
ସ୍ୱଦେଶ ବୃତ୍ତାନ୍ତ ତୁମ୍ଭ ଏ ଉତ୍ତର ।
ଜାତୀୟସାହିତ୍ୟ ଅଭିବୃଦ୍ଧି ପାଇଁ
ମୁକ୍ତହସ୍ତ ତୁମ୍ଭେ ସଦା ନରସାଇଁ !
ରାଜ୍ୟ-ଯାତ୍ରାକାରୀ ଯାଏ ତୁମ୍ଭେ ଭୂପ,
ନାଗବଂଶୀ ନୃପ କାନ୍ତି ସତରୂପ ।
ମନ ବଳ ତବ ହେ ନୃପରତନ,
କରେ ତବ ଦେହେ ଶକ୍ତି ଆନୟନ ।
ମନବଳେ ହୁଏ ମହାନରେ ଉଚ୍ଚ,
ମନବଳେ ଯୁଏ ସିନ୍ଧୁ ଗର୍ଭେ ତୁଚ୍ଛ;

ଅସାଧ୍ୟ ଯେ କାର୍ଯ୍ୟ ଦେହବଳୀ ପାଶେ,
ମନୋବଳୀ ତାହା ସାଧେ ଅନାୟାସେ ।
ବଳ ମଧ୍ୟେ ସିନା ସାର ମନ ବଳ,
ଧର୍ମଶକ୍ତି ତାର ଅଚ୍ୟୁତ ଅଟଳ ।
ନାମାନ୍ତର ତାର ଅଟଇ ସାହସ,
ଅର୍ଜ୍ଜନ୍ତି ସାହସୀ ଜଗତରେ ଯଶ ।

ଉକ୍ତି-ରାଜ୍ୟେଶ୍ୱର ଦେବ ମାହେଶ୍ୱରୀ,
କେ ସବୁ ତୁମ୍ଭଙ୍କୁ ହେ ନୃପକେଶରୀ ?
ବର୍ଣ୍ଣୁଥିଲେ ତବ ରାଜ୍ୟର ସୁଷମା,
ସରସିଜ ଦଳ— ସମ୍ବଳ ଉପମା ।
ସମ୍ଭବେ କି ଦେବ ନିର୍ଯ୍ୟାମକହୀନ,
ଯାନ୍ତ୍ର ନାବେ ହେବା ମହାସିନ୍ଧୁ ପାର !
କେ ତୋଳିବ ହସ୍ତ ଘନ ସ୍ପର୍ଶ ଆଶେ,
ପକ୍ଷ ନ ଥାଇ କେ ଉଡ଼ିବ ଆକାଶେ ?
ବନ୍ଧୁଧର୍ମରେ ମୁଁ ଅବସନ୍ନ ଅତି,
ମହା ଚନ୍ଦାଙ୍କନେ କାହିଁ ମୋ ଶକତି ?
ହେବ ତୁମ୍ଭେ ବଙ୍କ କାବ୍ୟ-ରସଜ୍ଞାତା,
ଜାଣିଥିଲେ ଏହା ପୂର୍ବରୁ ବିଧାତା ।
ତେଣୁ ଦେବ ତବ ରାଜ୍ୟେ ସର୍ବସ୍ଥାନେ,
ସୃଜିଛନ୍ତି ସୃଷ୍ଟି କାବ୍ୟ ଉପାଦାନେ ।
ମନ ଜାଣି ତବ କରୁଣା-ବାରିଧି,
ଅର୍ପିଛନ୍ତି ସର୍ବ ହେ ସୁଗୁଣନିଧି !
କବିଛନ୍ତି ସୃଷ୍ଟି ସବୁ ଏକାଧାରେ
ଅଭାବ କେବଳ ଗୋଟିଏ କଥାରେ ।
ଅର୍ପିଛନ୍ତି ପ୍ରଭୁ କୁମାରୀ-ଚନ୍ଦ୍ରମା,
ଅଭାବ କେବଳ କୁମାର-ପୂର୍ଣ୍ଣିମା ।
ଯେ ଆକାଶେ ଉଦେ ଶଶୀ ଜ୍ୟୋତିର୍ମୟ,
ସେ ଆକାଶେ ପୁଣି ହୁଏ ସୂର୍ଯ୍ୟୋଦୟ ।
ଏଥିଲୁ ହେ ନୃପ ନ ହୁଅ ଚକିତ,
ଚନ୍ଦ୍ର ପଛେ ସୂର୍ଯ୍ୟ ହେବେ ସମୁଦିତ ।
ଏ ନିୟମ ସିନା ଭବେ ଚିରନ୍ତନ,
ଅର୍ପିବେ ତୁମ୍ଭଙ୍କୁ ପ୍ରଭୁ ପୁତ୍ରରତ୍ନ ।
ସେ ରତ୍ନଜ୍ୟୋତିରେ ହେବ ହେ ନିଶ୍ଚିତ,
ରାଜହର୍ମ୍ୟ ତବ ଜନେ ଆଲୋକିତ ।

ନିୟତ ନିୟମେ ଯଥାକାଳେ ଫଳ,
ଭରନ୍ତି ଧାରଣ ପାଦପ-ସକଳ ।
ନିୟତିର ସେହି ଶାଶ୍ୱତ ନିୟମ,
ଲଙ୍ଘିବାକୁ କେହି କେବେ ନୁହେ କ୍ଷମ ।
ଅଙ୍କୁର ଅବଶ୍ୟେ ତବ ଧର୍ମବଳ,
ଫଳାଇବ ତବ କର୍ମ-ବୃକ୍ଷେ ଫଳ ।

ଘେନୁଛ ମେଲାଣି ହେ ନୃପରତନ,
ଋଣୀ ତବ ପାଶେ ମୁହିଁ ଅଭାଜନ ।
ଲଭିଛି ସତତ ନାନା ଉପକାର,
ଅଶୋଧ୍ୟ ମୋ ପକ୍ଷେ ସେହି ଋଣଭାର ।
ପାଷାଣ-ଖୋଦିତ ରେଖା ସମ ତାହା,
ଏ ଜୀର୍ଣ୍ଣଶରୀରେ ଅଙ୍କା ନରନାହା ।
ଘେନା ମୋ ଉକ୍ତି ତବ ଦତ୍ତ ଧନେ,
ଅର୍ପେ କୃତଜ୍ଞତା ଦେହେ ପ୍ରାଣେ ମନେ ।

ଲକ୍ଷ୍ମୀଗଡ଼, ଏବେ ଘେନୁଛ ମେଲାଣି,
ଶୁଣ ସିନା ମୋର ଅଦୃଷ୍ଟ କହାଣୀ ।
କହୁଥିବା ଯାଏଁ ତୋ ସଙ୍ଗରେ କଥା,
ଯାଉଥିଲି ଭୁଲି ସବୁ ଦୁଃଖ ବ୍ୟଥା ।
ପୀୟୂଷପ୍ରତିମ ସହୃଦ ଆଳାପ,
ହରେ ସେ ହୃଦୟୁଁ ବେଦନା ସନ୍ତାପ ।
ଭବ-ମରୁରେ ମୁଁ ପଥହରା ପାନ୍ଥ,
ସାହା ସଙ୍ଗୀଶୂନ୍ୟ ପୁଣି ଅତି ଶ୍ରାନ୍ତ ।
ଚିର-ଅନ୍ଧାରିତ ମୋର ଗତି-ପଥ
ବ୍ୟର୍ଥତାରେ ଗଢା ମୋର ମନୋରଥ ।
ନୁହେ ଭବ-କ୍ରୀଡ଼ା କୌତୁକ ଆଗାର,
ତମୋମୟ ତାହା ଶ୍ରମ କାରାଗାର ।
ଅସାର ସଂସାରେ ବୋଲନ୍ତି ଯେ ସାର,
କରୁଥାଏ ତାଙ୍କୁ ଦୂରୁ ମୁଁ ଜୁହାର ।
ମନ କଥା ସଦା ରହୁଥାଉ ମନେ,
କେଉଁ ଫଳ ଅବା ନିଫଳ କହନେ ?
ଘାଣ୍ଟିଲେ ଅନଳେ ବଢେ ସିନା ତାପ,
ଅନୁତାପେ ତଥା ବଢେ ଅନୁତାପ ।
ଯେବେ ଜନ ଯାଏଁ ଥିବ ମୋ ଅକ୍ଷତ,
ମୋ ଜୀବ ସଙ୍ଗିଣୀ ହେବ ତୋର ସ୍ମୃତି ।
ହେଉଛି ବିଦାୟ ଜପି ତୋର ନାମ,
ଘେନ ଭକ୍ତିବାକ୍ୟ, ସଭକ୍ତ ପ୍ରଣାମ ।

# ବିବିଧ ସନ୍ଦର୍ଭ

# ସୂଚୀପତ୍ର


୧ । ଅଭିଭାଷଣ (୧)
୨ । " (୨)
୩ । " (୩)
୪ । ସ୍ୱତନ୍ତ୍ର ପ୍ରଦେଶ
୫ । ଚିନ୍ତାଶକ୍ତି
୬ । ସୁଖ ଓ ଦୁଃଖ
୭ । ମନ
୮ । ସାଧନା ସିଦ୍ଧିର ଜନନୀ
୯ । ପଞ୍ଚସାଧୁ
୧୦ । ଚରଖାବ୍ରୀ
୧୧ । ବାଣିଜ୍ୟ
୧୨ । ଫଳ
୧୩ । ପଖାଳ ଭାତ
୧୪ । କୃଷକ
୧୫ । ଉପାର୍ଜନ
୧୬ । ଗଞ୍ଜାମରେ ଓଡ଼ିଆ-ଦୁର୍ଦ୍ଦଶା
୧୭ । ଭୟାବହ ବନ୍ୟା
୧୮ । ସୁମାଣ୍ଡି ଲବଣ କାରଖାନା
୧୯ । ସ୍ୱାବଲମ୍ବନଶୀଳତା
୨୦ । ଆମ୍ଭମାନଙ୍କର ବର୍ତ୍ତମାନ ଅବସ୍ଥା
୨୧ । ବାଘୀପାଲି (ଗଳ୍ପ)

# ବିବିଧ ସନ୍ଦର୍ଭ

[ ୧ ]

## ଉତ୍କଳ ସାହିତ୍ୟ-ସମାଜର ସପ୍ତବିଂଶ ବାର୍ଷିକ ଅଧିବେଶନରେ ସଭାପତିଙ୍କ ଅଭିଭାଷଣ

ମାନନୀୟ ସଭ୍ୟମହୋଦୟଗଣ !

ଏ ସାରସ୍ୱତ ମହାଯଜ୍ଞରେ ପୌରୋହିତ୍ୟ କରିବାକୁ ମୁଁ ଆସି ନାହିଁ । ସେ ଦୁରାଶା ମୁଁ ସ୍ୱପ୍ନରେ ବା କଳ୍ପନାରେ ସୁଦ୍ଧା କରି ନାହିଁ । ଏ ମହତୀ ସଭାକୁ ଶିକ୍ଷାର୍ଥୀ ମଣି ଶେଷଜୀବନରେ କିଛି ଶିକ୍ଷା କରିବାକୁ ଆସିଅଛି; ମାତ୍ର ସଭାପତି-ଗୌରବ ସଂଗ୍ରହ ପ୍ରତ୍ୟାଶେ ନୁହେଁ । ଅନେକ ସାରସ୍ୱତ ସିଦ୍ଧଯୋଗୀ ଏଠାରେ ସମବେତ ହୋଇଅଛନ୍ତି । ସେମାନଙ୍କୁ ଥରେ ଶେଷ ଦର୍ଶନ କରିପିବ—ଜୀବନର ସାୟଂକାଳରେ ଏତିକି ମୋ ପକ୍ଷରେ ସାମାନ୍ୟ ଲାଭ ନୁହେଁ । ମୋର ଶିକ୍ଷା-ଦୀକ୍ଷା, ଜ୍ଞାନଗରିମା, ବିଦ୍ୟାବୁଦ୍ଧି ସମସ୍ତେ ଜାଣନ୍ତି । ସୁତରାଂ ମୋଠାରୁ କିଛି ଶୁଣିବା ପାଇଁ ଆପଣମାନେ ମୋତେ ଡାକି ନାହାନ୍ତି । ପେଟରେ ବିଦ୍ୟା ଥାଉ ବା ନ ଥାଉ, ବୟସ ଅଧିକ ହେଲେ ଗୋଟାଏ ସମ୍ଭ୍ରମ ମିଳେ । ମୋ କଥା ଠିକ୍ ସେହିପରି । ଆପଣମାନଙ୍କର ଏହି ଅତୁଳ ସ୍ନେହମମତାକୁ ମୁଁ ମୋର ସୌଭାଗ୍ୟ ମନେ କରୁଅଛି । ସେହି ପବିତ୍ର ସ୍ନେହର ସୁବର୍ଣ୍ଣ-ଆକର୍ଷଣ-ରଜ୍ଜୁ ମୋତେ ଏଠାକୁ ଟାଣି ନେଇ ଆସିଅଛି । ଭ୍ରାତୃପ୍ରେମ ଯେ କି ସ୍ୱପ୍ନସ୍ୱର୍ଗର ଅମୂଲ୍ୟ ସମ୍ପଦ, ତାହାର ମୂଲ୍ୟ ଓ ମହତ୍ତ୍ୱ କେତେ, ତାହା ମୁଁ ପ୍ରତି ନିଃଶ୍ୱାସରେ ଆଜି ଅନୁଭବ କରୁଅଛି । ଆଜି ଦିନଟି ମୋର ସୌଭାଗ୍ୟର ଶୁଭଦିନ—ଏହା କହିବା ଦ୍ୱିରୁକ୍ତିମାତ୍ର ।

ପୂର୍ବତନ ଲବ୍ଧପ୍ରତିଷ୍ଠ ସଭାପତିମାନେ ଆପଣମାନଙ୍କୁ ସାରସ୍ୱତ ନବବାଣୀ ଶୁଣାଇ ପରିତୃପ୍ତ କରିଅଛନ୍ତି; ମାତ୍ର ମୁଁ ତହିଁକି ଅକ୍ଷମ । ମୋତେ ଅକ୍ଷମ ଜାଣି ସୁଦ୍ଧା ଆପଣମାନେ ମୋର ଜୀର୍ଣ୍ଣ, ଦୁର୍ବଳ ମସ୍ତକରେ ଗୁରୁଭାର ଲଦିଦେଇଅଛନ୍ତି । ଆପଣମାନଙ୍କ ସ୍ନେହ, ସହାନୁଭୂତି ଓ ଆଶୀର୍ବାଦ ମୋତେ ପଥ ଦେଖାଇବ ଓ ମୋର ତ୍ରୁଟିପ୍ରମାଦ ଯାହା ଘଟିବ, ତାହା ଆପଣମାନେ ଶୁଦ୍ଧିପୂର୍ଣ୍ଣ କରିନେବେ—ଆପଣମାନଙ୍କ ଉଦାରତା ଦୃଷ୍ଟିରେ ଏ ବିଶ୍ୱାସ, ଏ ସାନ୍ତ୍ୱନା, ଏ ଭରସା ମୋର ଅଛି ।

ଉତ୍କଳ-ସାହିତ୍ୟ ବର୍ତ୍ତମାନ ଏକ ନୂତନ ଯୁଗରେ ପହଞ୍ଚିଅଛି—ଏହା ସାହିତ୍ୟର ଯୁଗପରିବର୍ତ୍ତନ । ଆନନ୍ଦର ବିଷୟ, ଦେଶର ଭବିଷ୍ୟତ ଭାଗ୍ୟବିଧାୟୀ ଉଚ୍ଚଶିକ୍ଷିତ ଯୁବକମାନଙ୍କ ମଧ୍ୟରୁ ଅନେକେ ପବିତ୍ର ସାହିତ୍ୟ-ସେବାବ୍ରତ ଧାରଣ କରିଅଛନ୍ତି । ଅନେକଙ୍କର ଲେଖନୀ ଚାଲିଅଛି । ସେମାନେ ବହୁ ଉନ୍ନତ ସାହିତ୍ୟର ଉଚ୍ଚ ଚିନ୍ତା, ଉଚ୍ଚ ଆଦର୍ଶ, ଉଚ୍ଚ ଭାବ ଅଲଙ୍କାରର ସଂଗ୍ରହ କରି ନିଜର ମାତୃଭାଷା ଓ ମାତୃସାହିତ୍ୟକୁ ପୁଷ୍ଟ ଓ ସମୃଦ୍ଧ କରୁଅଛନ୍ତି । କେହି କେହି ନୈସର୍ଗିକ ପ୍ରତିଭାର ଉଜ୍ଜ୍ୱଳ ଆଭା କେବେ କେବେ ଦେଖାଉଅଛନ୍ତି । ମହିଳା ସମାଜରେ ବି ଧୀରେ ଧୀରେ ସାହିତ୍ୟ-ପ୍ରଭାବ ବିସ୍ତାର କରୁଅଛି । ସାହିତ୍ୟ-ରାଜ୍ୟରେ ଗୋଟାଏ ମୃଦୁ ସ୍ପନ୍ଦନ ଖେଳି ବୁଲୁଅଛି । ଏହା ଶୁଭ ଲକ୍ଷଣ । ଯେଉଁ

ଦେଶର ଯୁବକ-ପ୍ରାଣରେ ଏହି ଶୁଭ ପ୍ରେରଣା ଆସେ, ସେ ଦେଶର ଶ୍ରୀବୃଦ୍ଧିର ଆଶା ଅସଙ୍ଗତ ନୁହେଁ । ଏତଦ୍ବାରା ମୁଁ କହୁ ନାହିଁ ଯେ, ଆମର ସବୁ ଶୁଦ୍ଧ, ପୂତ—ଆମର ଷୋଳକଳା ପୂର୍ଣ୍ଣ, ସୁତରାଂ ଆଉ କିଛି କରିବାର ଆବଶ୍ୟକତା ନାହିଁ । ବର୍ତ୍ତମାନ ସାହିତ୍ୟ ଯେ ଏକାବେଳକେ ନିର୍ଦ୍ଦୋଷ, ଏହା ମଧ୍ୟ କହୁ ନାହିଁ । ସେଥିରେ ଉଚ୍ଛୃଙ୍ଖଳତା ଅଛି, ଦୋଷ ଆବର୍ଜନା ବି ଅଛି—ସେପରି ସବୁ ଦେଶର ସବୁ ସାହିତ୍ୟରେ ଥାଏ; କିନ୍ତୁ ସେଥିରେ ଆଶଙ୍କାର କାରଣ ନାହିଁ । ବର୍ତ୍ତମାନ ସାହିତ୍ୟ-ରାଜ୍ୟରେ ଗୋଟାଏ ପ୍ରବଳ ବନ୍ୟା ବହୁଅଛି । ସାଳନ୍ଦୀ କୂଳରେ ମୋର ଘର । ମୁଁ ଦେଖିଅଛି, ନଈ-ବଢ଼ି ସମୟରେ ଅନେକ କୁଟା, କାଠି, ଅଙ୍ଗାର, ଝାବ, ଆବର୍ଜନା ଭାସିଆସେ । ଲୋକେ ତାହା ଟାଣିନେଇ ଜାଳ କରନ୍ତି—କେତେ ଏଠି ସେଠି ଲାଗିରହି ପଚି ମାଟି ହୋଇଯାଏ, କେତେ ଭାସିଯାଇ ସମୁଦ୍ରଗର୍ଭରେ ଲୀନ ହୋଇଯାଏ । ବଢ଼ି ଛାଡ଼ିଗଲେ ଜଳ ଆପେ ଆପେ ନିର୍ମଳ ହୋଇଯାଏ । ସେହିପରି ସାହିତ୍ୟର ଆବର୍ଜନା ସ୍ଥାୟୀ ହୋଇ ରହିବ ନାହିଁ । ଶିକ୍ଷା, ସହବାସ, ଆଦର୍ଶ ଦ୍ୱାରା ତାହା କାଳେ କାଳେ ଅନ୍ତର୍ଧାନ କରିବ । ସତ୍ୟର ମରଣ ନାହିଁ । ଯାହା ସତ୍ୟ—ଯାହା ସୁନ୍ଦର—ଯାହା ନିର୍ମଳ, ତାହା ଚିରକାଳ ଅମର । ହାଟ ବଜାରକୁ ନାନାପ୍ରକାର ଫଳମୂଳ ବିକ୍ରୟ ପାଇଁ ଆସେ । ସେଥିରୁ ଯେଉଁଗୁଡ଼ିକ ଅଟିତ, ହୃଷ୍ଟପୁଷ୍ଟ, ନିର୍ଦ୍ଦୋଷ, ସେଗୁଡ଼ିକୁ ଗ୍ରାହକମାନେ ଆଗ୍ରହରେ କିଣିନିଅନ୍ତି । ଆଉ ଯେ ପଟୁ ସଡ଼ା, ପୋକା ଦଣା, କୁଜା, ଖଣ୍ଡିଆ, ଶୁଖୁଟା ତାହାକୁ ସେହି ଶ୍ରେଣୀର ଲୋକେ କିଣିନିଅନ୍ତି, ଆଉ ଯାହା ରହେ, ତାହା ଖତଗଦାକୁ ଯାଏ । ଇତର ଓ ମହତର ପ୍ରଭେଦ ଚିରକାଳ ଅଛି ଓ ଥିବ । କିନ୍ତୁ ଇତରକୁ ମହତ୍ ଆସନରେ ବସିବାକୁ ପ୍ରଶ୍ରୟ ଦେବା କଦାପି ଉଚିତ ନୁହେଁ । କହିବାକୁ ଭୁଲିଯାଇଛି, ନଈବଢ଼ିରେ କେବଳ ଫୋପାଡ଼ ଆବର୍ଜନା ଭାସି ଆସେ ନାହିଁ, ଗିଲ, ଡଡ଼ଫୁଲ, ହରଡ଼ା, ବାହାଡ଼ା, ସୁନାରିଫଳ, ମୋଡ଼ା, ବେଲୁଫଳ, ହାଣ୍ଡିଆ କାକଡ଼ ମଞ୍ଜି ପ୍ରଭୃତି ଆବଶ୍ୟକ ଅନେକ ଭୈଷଜ୍ୟ ପଦାର୍ଥ ବି ଭାସି ଆସେ । ସେହିପରି ଆଧୁନିକ ସାହିତ୍ୟରେ ସଦ୍‌ଗ୍ରନ୍ଥ ବି ଦେଖାଯାଉଅଛି । କିନ୍ତୁ ତାହା ଅଳ୍ପ । ଆଉ ଗୋଟିଏ ଆନନ୍ଦର ବିଷୟ ଏହି ଯେ, ପୂର୍ବପୁରୁଷଙ୍କ ସୁଖ୍ୟାତି ଗାଇ ଫୁଲେଇହେବା ଦିନ ଆଉ ନାହିଁ । ସେ ପରଲୁଗା ପିନ୍ଧି ଯାହା ଦେଖା ଦିନ ଯାଇଛି । ପୂର୍ବପୁରୁଷଙ୍କ ଗୁଣଗରିମାର ଆଦର କରିବାକୁ ହେବ । ତାକୁ ଆଦର୍ଶ ଧରି ଅନୁକରଣ କରିବାକୁ ହେବ । ପୁଣି ସେଥିରୁ କିଛି ଶିକ୍ଷା କରିବାକୁ ହେବ । ମହାକବି ଭଞ୍ଜ ଅମର, କବିସୂର୍ଯ୍ୟ ଅମର, ଦୀନକୃଷ୍ଣ, ଗୋପାଳକୃଷ୍ଣ, ଅଭିମନ୍ୟୁ ଅମର—କେବଳ ଏହିପରି ଅମର ଅମର କହି ବଡ଼ାଇ ବାଡ଼ିଲେ କିଛି ଫଳ ନାହିଁ । ଯାହାଙ୍କୁ ଅମର ଅମର କହୁଥାଉ, ତାଙ୍କ ଗୁଣଗରିମାରେ ପ୍ଲାବିତ ନ ହେଲେ ସେ ଅମର ହେବେ କାହିଁକି ? ପୈତୃକ ସୁଖ୍ୟାତିରୂପ ସମ୍ପଦକୁ ଭାଙ୍ଗି ଖାଇବାର ଦିନ ଯାଇଛି । ସେ ମାଲ ଆଉ ବଜାରରେ କଟୁ ନାହିଁ । ବିନା ମୂଲ୍ୟରେ ତାହା କେହି ଏବେ ନେବାକୁ ଇଚ୍ଛା କରୁ ନାହାନ୍ତି । ସୁଖର ବିଷୟ, ଆଧୁନିକ ଯୁବକ ଏହା ବୁଝିପାରିଅଛି । ଏହା ଦେବ-ଆଶୀର୍ବାଦ । ଖାଲି ବୁଝିପାରିଲେ ହେବ ନାହିଁ, କିଛି କାର୍ଯ୍ୟ କରି ଦେଖାଇବାକୁ ହେବ । ପୂର୍ବପୁରୁଷଙ୍କ ସଦ୍‌ଗୁଣର ପ୍ରତିବିମ୍ବ ହୃଦୟରେ ଧାରଣ କରିବାକୁ ହେବ । ଯେଉଁ ଦିନ ଯୁବକ ପିତୃସମ୍ପତ୍ତିର ରକ୍ଷଣା-ବେକ୍ଷଣ ଶିଖି ତାହା ବୃଦ୍ଧି କରିବାକୁ ଶିଖିବ, ସେହି ଦିନ ସେ ଯୁବକ ନାମର ଯୋଗ୍ୟ ହେବ । ଧର୍ମବଳ ଓ ଚରିତ୍ରବଳରେ ସର୍ବପ୍ରକାର ଉନ୍ନତି ସାଧିତ ହୁଏ । ଏହି ଦୁଇଟି ବିନା କୌଣସି ଜାତି ଉନ୍ନତିର ମୁହଁ ଦେଖିପାରେ ନାହିଁ । ଜାତୀୟ ସାହିତ୍ୟରେ ସେହି ବଳ ଫୁଟାଇବା ଆବଶ୍ୟକ । ଏହି ଦୁଇ ବଳ ଅଟଳ ରହିଲେ ଉଚ୍ଚ, ଉଦାର, ମୁକ୍ତ ଚିନ୍ତା ଆପେ ଆପେ ମନକୁ ବାହାରିଆସିବ । ଧର୍ମବଳ ଓ ଚରିତ୍ର-ବଳ ଦୁହେଁ ପରସ୍ପର ସାପେକ୍ଷ । ଗୋଟିଏ ବ୍ୟତୀତ ଅନ୍ୟଟି ତିଷ୍ଠି ପାରେ ନାହିଁ । ଏହି ଦୁଇବଳ ନ ଥାଇ ଯେଉଁ ଉନ୍ନତି ଘଟେ, ତାହା ଉନ୍ନତି ନୁହେଁ—ଛଦ୍ମବେଶୀ ଅବନତି । ସେହିଭଳି ଉନ୍ନତି ସ୍ୱଳ୍ପାୟୁ; ତାହା ଆତ୍ମହତ୍ୟା କରି ମରେ । ସାହିତ୍ୟ ଭିତରେ

ଧର୍ମବଳ ଓ ଚରିତ୍ରବଳର ଆଦର୍ଶ ଫୁଟାଇବାକୁ ହେବ—ତାହା ଲୋକଶିକ୍ଷାର ସହଜ ଉପାୟ । ଏହି ଦୃଢ଼ଭିତ୍ତି ଉପରେ ଯେଉଁ ସାହିତ୍ୟ ପ୍ରତିଷ୍ଠିତ, ସେ ସାହିତ୍ୟ ଶକ୍ତିଶାଳୀ ଓ ଅମର ।

ଯେଉଁ ଭାଷାରେ ଶବ୍ଦସମ୍ପଦ ଯେତେ ଅଧିକ, ସେ ଭାଷା ସେତେ ସହଜରେ ଭାବ ପ୍ରକାଶ କରିବାକୁ ସମର୍ଥ । ଯେଉଁ ଭାଷା ଯେତେ ଶୀଘ୍ର ଭାବପ୍ରକାଶ କରିପାରେ, ସେ ଭାଷା ସେତେ ସମୃଦ୍ଧ ଏବଂ ପୂର୍ଣ୍ଣତାର ନିକଟବର୍ତ୍ତୀ । ଆମ୍ଭମାନଙ୍କ ଓଡ଼ିଆ ଭାଷାରେ ଶବ୍ଦସମ୍ପଦ କ୍ଷୀଣ ଗତିରେ ବଢ଼ୁଅଛି, ତାକୁ ଦ୍ରୁତ ଗତିରେ ବଢ଼ାଇବାର ଚେଷ୍ଟା ହେବା ଆବଶ୍ୟକ । କଥା ଶୁଣିଲାକ୍ଷଣି ଭାବ ବାହାରିପଡ଼ିବା ଭଳି ଭାଷା ଗଠନ କରିବାକୁ ହେବ । ସେହିପରି ଭାଷାର ପ୍ରକୃତି ଅନୁସାରେ ଶବ୍ଦଗଠନ କରିବା ଉଚିତ ଯାନ୍ତ୍ରିକ ବା ଜଟିଳ ଶବ୍ଦର ଅର୍ଥ ସହଜରେ ବୁଝିହୁଏ ନାହିଁ । ସେହିଭଳି ବ୍ୟାସକୂଟ ଶବ୍ଦଗଠନର ପ୍ରୟାସ ସର୍ବଥା ପରିହାର୍ଯ୍ୟ । ଖାଲି ଏତିକି ନୁହେଁ, ନୂତନ ଶବ୍ଦକୁ ଶ୍ରୁତିମଧୁର କରିବାକୁ ହେବ । ସରଳ ଶବ୍ଦ ପରି କଠିନ ଶବ୍ଦ ବି ବ୍ୟବହାର କରାଯାଇପାରେ; ମାତ୍ର ତାହା ଅକଷ୍ଟିକ ହେବା ଆବଶ୍ୟକ । ହାଡ଼ ସ୍ୱରଖଣ୍ଡ ନ ହେଲେ କେବଳ କୋମଳ ମାଂସରେ ଶରୀର ଗଠିତ ହୋଇପାରେ ନାହିଁ । ହେଲେ ସେପରି ଶରୀର କର୍ମକ୍ଷମ ହେବ ନାହିଁ । ପରିମାଣ ଅନୁସାରେ ସ୍ଥାନବିଶେଷରେ କଠିନ ଶବ୍ଦର ବ୍ୟବହାର ଦୋଷାବହ ନୁହେଁ । ଭାଷା ଅତି ଶୀତଳ କିମ୍ବା ଅତି ଉଷ୍ଣ ହେବା ଉଚିତ ନୁହେଁ । ସେଭଳି ଭାଷା ଅତି କ୍ଲୀବ । ଶୀତଳତା ସଙ୍ଗରେ ଟିକିଏ ଉଷ୍ଣତା ମିଶିଥିବା ଭଲ । ସେ ଉତ୍ତାପଟିକ ଭାଷାର ଶକ୍ତି । ଭାବ ଯେପରି ଭାଷାର ପ୍ରାଣ, ଉତ୍ତାପ ସେହିପରି ଭାଷାର ଶକ୍ତି । ଅଶ୍ଳୀଳ ଓ ଅପଶବ୍ଦ ଛଡ଼ା ଆଉ ସବୁ ଶବ୍ଦ ଗ୍ରହଣ କରାଯାଇପାରେ । ଉତ୍ତାପ ଦେଇ ସୁଦ୍ଧା ଭାଷାକୁ ସଜୀବ କରିବାକୁ ହେବ । ସଂଯମ ସବୁ କାର୍ଯ୍ୟରେ ଦରକାର । ପୁଣି ଭାଷା ପଥରେ ଅଧିକ ଦରକାର । କେହି କେହି କହନ୍ତି—ଭାଷା ବଡ଼ ନୁହେଁ, ଭାବ ବଡ଼ । ସୁତରାଂ ଭାବକୁ ସୁନ୍ଦର କଲେ ଯଥେଷ୍ଟ—ଭାଷାର ସୌନ୍ଦର୍ଯ୍ୟ ସେତେ ଆବଶ୍ୟକ ନୁହେଁ, ମାତ୍ର ଏହା ଠିକ୍ ନୁହେଁ । ଭାଷା ଭାବକୁ ରୂପ ଦାନ କରେ ଅର୍ଥାତ୍ ଭାବ ପ୍ରାଣ ଏବଂ ଭାଷା ତାହାର ଶରୀର । ଭାବକୁ ରୂପ ଦେବା ଭଳି ଏଡ଼େ ବଡ଼ ଶକ୍ତି ଯାହାର ଅଛି, ତାହାର ସୌନ୍ଦର୍ଯ୍ୟ ନ ଥିଲେ ଚଳିବ କିପରି ? ସୌନ୍ଦର୍ଯ୍ୟ ସିନା ଶୌର୍ଯ୍ୟକୁ ମଧୁର କରେ ! ଜଗତରେ ସମସ୍ତେ ସୌନ୍ଦର୍ଯ୍ୟର ବଶ ଏବଂ ସୌନ୍ଦର୍ଯ୍ୟର ଉପାସକ । ସୌନ୍ଦର୍ଯ୍ୟ ମନକୁ ଆକର୍ଷଣ କରେ । ଯହିଁରେ ସୌନ୍ଦର୍ଯ୍ୟ ନାହିଁ, ସେଥିରେ ମନ ବସେ ନାହିଁ । ଭାଷା ମନକୁ ଆକର୍ଷଣ ନ କଲେ ଭାବ ଗ୍ରହଣ କରିବ କିଏ ? ଶରୀର ମନର ବାହନ ବୋଲି ଶରୀର ପ୍ରତି କେହି ଅନାସ୍ଥା ପ୍ରଦର୍ଶନ କରେ କି ? ସଂଯମ, ସାଧୁଚିନ୍ତା ମନକୁ ଘଷାମଜା କଲା ପରି ଶରୀରକୁ ବି ଘଷାମଜା କରିବାକୁ ହୁଏ । ଅତଏବ ଭାବକୁ ସୁନ୍ଦର କଲା ପରି ଭାଷାକୁ ବି ମଧୁର, ଉପାଦେୟ କରିବା ଉଚିତ ।

ଓଡ଼ିଆ ଭାଷାର ଶବ୍ଦସମ୍ପଦ ବଢ଼ାଇବାକୁ ହେଲେ ପ୍ରାଚୀନ ଓଡ଼ିଆ ସାହିତ୍ୟର ଆଲୋଚନା ବିଶେଷ ବାଞ୍ଛନୀୟ । ପ୍ରାଚୀନ ସାହିତ୍ୟ ଓଡ଼ିଆ ଭାଷାର ଶବ୍ଦ-କଳ୍ପଦ୍ରୁମ । ପ୍ରାଚୀନ କବିମାନେ ମାତୃଭାଷାର ନାଡ଼ି ପ୍ରକୃତି ଅନୁସାରେ ଭୁରି ଭୁରି ଶବ୍ଦ ଗଠନ କରି ପ୍ରୟୋଗ କରିଯାଇଅଛନ୍ତି । ସେମାନେ କେବଳ ନାୟକ-ନାୟିକାଙ୍କର ଜୀବନ-ଚିତ୍ର ଅଙ୍କନ କରି କ୍ଷାନ୍ତ ହୋଇ ନାହାନ୍ତି । ସେହି ଚିତ୍ର ଭିତରେ ପୁରାଣ, ଇତିହାସ, ଜ୍ୟୋତିଷ, ଆୟୁର୍ବେଦ, ଧନୁର୍ବେଦ, ବିଜ୍ଞାନ, ଦର୍ଶନ, ମନସ୍ତତ୍ତ୍ୱ ପ୍ରଭୃତି ଅତି ନିପୁଣଭାବରେ ଫୁଟାଇଅଛନ୍ତି । ରାଜନୀତି, ଗାର୍ହସ୍ଥ୍ୟ ନୀତି, ଦେଶାଚାର, କୁଳାଚାର ପ୍ରଭୃତି ସୁଦ୍ଧା ବାଦ୍ ଯାଇ ନାହିଁ । କାବ୍ୟଗୁଡ଼ିକ ସାହିତ୍ୟ ଓ ସଙ୍ଗୀତ ଉଭୟର ସମାବେଶ । ଛନ୍ଦମାନଙ୍କର ସ୍ୱର ମଧୁର ଓ ଚିତ୍ତହର । କାବ୍ୟକଳାର ପରିପାଟୀ ଓ ଅଳଙ୍କାର ପ୍ରାଚୁର୍ଯ୍ୟ ଯଥେଷ୍ଟାଧିକ ଥିବାରୁ ରଚନା କଠିନ ହୋଇପଡ଼ିଅଛି । ତଥାପି ସରଳ ଶବ୍ଦ ଏବଂ କୋମଳ ଭାବର ଅଭାବ ନାହିଁ । ତାହା କୋମଳ, କଠୋର ଉଭୟର ମିଶାମିଶି ସରସ ମଧୁର

ନାରିକେଳ ଫଳ; ସୁରୁପାକ ହେଲେହେଁ ପୁଷ୍ଟିକର । ଉକ୍ତ ସାହିତ୍ୟ ଟିକିଏ କଠିନ ହୋଇପଡ଼ିବା ବି ସ୍ୱାଭାବିକ । କିନ୍ତୁ କଠିନସତ୍ତ୍ୱେ ମୋହିନୀ ଆକର୍ଷଣୀ ଶକ୍ତି ଏତେ ଅଧିକ ଯେ, ତାହା ସମସ୍ତଙ୍କଠାରେ ଅଦ୍ଭୁତ । ଅଳଙ୍କାର-ସୃଷ୍ଟି ବଡ଼ କୌତୁକପ୍ରଦ, ଚିତ୍ତାକର୍ଷକ ଏବଂ ଚିନ୍ତାଶକ୍ତିର ପ୍ରସାରକ । ସେଥିରୁ ବହୁଦର୍ଶିତା ଏବଂ ବହୁ ଅଭିଜ୍ଞତା ଶିକ୍ଷା ହୁଏ । ପ୍ରାଚୀନ କାବ୍ୟର ଅଳଙ୍କାର ବହୁଳତାରେ ଅନେକ ସ୍ଥାନରେ ସ୍ୱାଭାବିକ ରୂପ ଢାକିପଡ଼ିଅଛି ସତ୍ୟ; ମାତ୍ର ତାହା ଭିତରେ ଭାବ ଏବଂ ଚିନ୍ତାର ଲୀଳାମୟ ଉଚ୍ଛ୍ୱାସ—ତାହା ସେଠାରେ ଅଣାୟତ୍ତ । ଭିତର ଗମ୍ଭୀର ଚିନ୍ତା ତାକୁ ଏତେ ଭାବ ଆଣି ଦେଇଅଛି ଯେ, ସେ ବିହ୍ୱଳ ହୋଇ କାହାକୁ ନ ଛାଡ଼ି ସବୁଗୁଡ଼ିକ ବ୍ୟବହାର କରିଅଛନ୍ତି । ବଡ଼ ବଡ଼ କବି ଏହିପରି ଲୋଭରେ ପଡ଼ନ୍ତି । ଉତ୍କଳର କବି ଓ ଶିଳ୍ପୀ ଉଭୟେ ଏକ ସ୍ତରର ସ୍ରଷ୍ଟା । ଉଭୟେ ଅଳଙ୍କାରପ୍ରିୟ । ପ୍ରାଚୀନ ଦେବାଳୟର ଗଠନ ସଙ୍ଗରେ କାବ୍ୟବର୍ଣ୍ଣନାର ଅବିକଳ ମେଳ ଅନେକତ୍ର ଦେଖାଯାଏ । କବି କଳ୍ପନାରେ ଯେଉଁ ରୂପ ଗଢ଼ିଅଛି, ଶିଳ୍ପୀ କାଷ୍ଠପ୍ରସ୍ତରରେ ତାହାକୁ ଆକାରବନ୍ତ କରିଅଛି । ଶିଳ୍ପୀ କଠିନ ପାଷାଣରେ ଯାହା ଅଙ୍କିତ କରିଅଛି, କବି କଠିନ ଶବ୍ଦରେ ତାହା ଅଙ୍କିତ କରିଅଛି । ଜଣେ ପାଷାଣରେ ଯେଉଁ ଭାବ ଫୁଟାଇଅଛି, ଅନ୍ୟ ଜଣକ ପାଷାଣ ପରି କଠିନ ଶବ୍ଦରେ ସେହି ଭାବ ଫୁଟାଇଅଛି । କିନ୍ତୁ ସେହି ପାଷାଣ ତଳେ ଭାବ, ଚିନ୍ତା, ଅର୍ଥରୂପ ସ୍ୱଚ୍ଛ ଶୀତଳ ମଧୁର ନିର୍ଝର ବହୁଅଛି । କବି, ଶିଳ୍ପୀ ଉଭୟେ ସୌନ୍ଦର୍ଯ୍ୟସ୍ରଷ୍ଟା—ଉଭୟେ ରସିକ ।

ପ୍ରାଚୀନ ସାହିତ୍ୟର ଉପଯୁକ୍ତ ସଂସ୍କାର ବିଳମ୍ବସହ ନୁହେଁ, ଆଶୁ ସେଥିର ବ୍ୟବସ୍ଥା ହେବା ଉଚିତ । ଟୀକା, ଟିପ୍ପଣୀ, ବିଶଦ୍ ବିବରଣୀ ସହ ମୂଳ ରଚନା ଏବଂ ଅର୍ଥକୁ ସୁସଙ୍ଗତ ଏବଂ ସୁସ୍ପଷ୍ଟ କରିବାକୁ ହେବ । ପ୍ରାଚୀନ ସାହିତ୍ୟର ବିଶୁଦ୍ଧ ସଂସ୍କରଣ ପ୍ରକାଶ କରି ଦେଶରେ ତାହା ପ୍ରଚାର କରିବାକୁ ହେବ । ପୂର୍ବେ ଘରେ ଘରେ ପ୍ରାଚୀନ ସାହିତ୍ୟର ଆଲୋଚନା ହେଉଥିଲା । ସେହି ପ୍ରଥା ପୁନଃ ସମାଜରେ ଚଳାଇବାକୁ ହେବ । ଏହି କାର୍ଯ୍ୟ ଦେଶର ଭବିଷ୍ୟତ ପ୍ରତିଭା ଛାତ୍ରମାନଙ୍କଦ୍ୱାରା ସୁନ୍ଦରରୂପେ ସମ୍ପନ୍ନ ହୋଇପାରିବ । କାର୍ଯ୍ୟସାଧନର ନିଷ୍ଠା, ଆନ୍ତରିକତା ଏବଂ ତନ୍ମୟତା ଛାତ୍ରଜୀବନରେ ଅଧିକ ସମ୍ଭବପର । ସ୍କୁଲ କଲେଜ ଛୁଟି ସମୟରେ ସେମାନେ ନିଜ ନିଜ ଗ୍ରାମରେ ସଭା କରି ପ୍ରାଚୀନ ସାହିତ୍ୟର ଉପକାରିତା ଲୋକଙ୍କୁ ବୁଝାଇ ସେମାନଙ୍କର ମନ ସାହିତ୍ୟ ଆଡ଼କୁ ଆକର୍ଷଣ କରିବେ । ନିଜେ ପ୍ରାଚୀନ ସାହିତ୍ୟର ଆଲୋଚନା କରି ଅନ୍ୟକୁ ସେଥିରେ ପ୍ରବର୍ତ୍ତାଇବେ । ପ୍ରାଚୀନ ସାହିତ୍ୟ ଆମ ଘରର ସମ୍ପତ୍ତି । ତାକୁ ଦେଖାଶୁଣା କରି ବଢ଼ାଇବା ଆମର କର୍ତ୍ତବ୍ୟ, ତାହା ଆମର ଜାତୀୟ ଆଦର୍ଶ । ସାହିତ୍ୟ ଜାତୀୟ ଉନ୍ନତିର ନୀରବ ସାକ୍ଷୀ । ଯେଉଁ ସାହିତ୍ୟ ଯେତେ ମାର୍ଜିତ, ଯେତେ ସଞ୍ଚିତ, ଯେତେ ସରଳ, ସେ ଜାତି ସେତେ ଉନ୍ନତ ଏବଂ ସେତେ ସବଳ । ଶବ୍ଦ ଏବଂ ଭାବ-ସମ୍ପଦରେ ସାହିତ୍ୟ ସବଳ ହୁଏ । ଛନ୍ଦଦ୍ୱାରା ବିଷୟ ପରିସ୍ଫୁଟ ହୁଏ । ପ୍ରାଚୀନ ସାହିତ୍ୟର ସର୍ବାଙ୍ଗସୁନ୍ଦର ବିଶୁଦ୍ଧ ବିସ୍ତୃତ ସଂସ୍କରଣ ପ୍ରକାଶ କରି ଛନ୍ଦ-ବିନ୍ୟାସଦ୍ୱାରା ତାକୁ ଉପାଦେୟ କରିବାକୁ ହେବ । ଗୀତ ବା ବିଷୟ ସଙ୍ଗରେ ସାମଞ୍ଜସ୍ୟ ରଖି ଛନ୍ଦ ପ୍ରସ୍ତୁତ କରିବାକୁ ହେବ । ଛନ୍ଦଗୁଡ଼ିକ କାବ୍ୟର ସରଳ ଅର୍ଥ ଏବଂ ବିଶଦ୍‌ବ୍ୟାଖ୍ୟା ଲିଖି ହେବା ବାଞ୍ଛନୀୟ । ପ୍ରାଚୀନ ସାହିତ୍ୟର ବିଶୁଦ୍ଧ ସଂସ୍କରଣ ପ୍ରକାଶ ଏକା ମୋର ମତ ନୁହେଁ—ଏହି ସମାଜର ପୂର୍ବ ସଭାପତିମାନଙ୍କ ମଧ୍ୟରୁ କେହି କେହି ତାହା ବାରମ୍ବାର କହିଯାଇଅଛନ୍ତି । ଭଲ କଥା ବାସି ହେଲେ ବି ମିଠା ଲାଗେ । ଏହି ବିଶ୍ୱାସରେ ମୁଁ ଏଠାରେ ତାହା ସ୍ମରଣ କରାଇଦେଉଅଛିମାତ୍ର । ସୁଖର ବିଷୟ, ପ୍ରାଚୀନ ସାହିତ୍ୟର ସଂଗ୍ରହ ଏବଂ ପ୍ରକାଶ ବିଷୟରେ ପ୍ରାଚୀ ସମିତି ଖଣ୍ଡେଦୂର ଅଗ୍ରସର ହୋଇଅଛନ୍ତି; କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ । ଏହିପରି ଆହୁରି କେତେ ସମିତି ସ୍ଥାପିତ ହୋଇ ଅକ୍ଲାନ୍ତ ଭାବରେ କାର୍ଯ୍ୟ କଲେ ଉତ୍କଳର ରାଜଗ୍ରନ୍ଥାଘରମାନଙ୍କରେ ଯେତେ ପୁରୁଣା ପୋଥି, ଅପ୍ରକାଶିତ ଗ୍ରନ୍ଥ ଅଛି, ତାହା ସବୁ ପ୍ରକାଶ କରିବାକୁ ଗୋଟାଏ ଶତାବ୍ଦୀ ବିତିଯିବ । ଜଣେ ଜଣେ ରାଜାଙ୍କ ଘରେ ଯେତେ ଗ୍ରନ୍ଥ ଅଛି, ତଦ୍ଦ୍ୱାରା

ଗୋଟାଏ ଗୋଟାଏ ପ୍ରକାଣ୍ଡ ପାଠାଗାର ହେବ । ସେକାଳରେ ସଙ୍କୁଚିତ ପୁସ୍ତକ ପ୍ରକାଶ କରିବାକୁ କେହି ଦେଉ ନ ଥିଲେ; ମାତ୍ର ଏଣିକି ମଙ୍ଗିଲେଣି । କେବଳ ଗଞ୍ଜାମରେ ଯେତେ ଅପ୍ରକାଶିତ ପ୍ରାଚୀନ ଗ୍ରନ୍ଥ ଅଛି, ସମଗ୍ର ଉତ୍କଳରେ ତେତେ ମିଳିବ କି ନାହିଁ ସନ୍ଦେହ । ଗଞ୍ଜାମର ପ୍ରତ୍ୟେକ ରାଜାଙ୍କ ଗ୍ରନ୍ଥାଗାରରେ ଏବଂ ସାଧାରଣ ଗୃହସ୍ଥ ଘରେ ପୋଥି ଗାଦାମାନ ରକ୍ଷିତ ଏବଂ ପୂଜିତ ହେଉଅଛି । ସୁରଙ୍ଗୀ ରାଜାଙ୍କ ପୁସ୍ତକ ଗାଦାରୁ ମୁଁ ବାବନ ଖଣ୍ଡ କାବ୍ୟ, ନାଟକ ପ୍ରଭୃତି ତାଳପତ୍ର ପୋଥି ବାଛି ଆଣିଥିଲି । ସୁରଙ୍ଗୀର ରାଜଗାଦୀ ବାସ୍ତବରେ ସାରସ୍ୱତ ଗାଦୀ । ରାଜାମାନେ ପ୍ରାୟ ସମସ୍ତେ ଅଳ୍ପାଧିକ କାବ୍ୟ-କବିତା ଲେଖିଯାଇଅଛନ୍ତି । ଦୀନବନ୍ଧୁ ରାଜ ଜଣେ ଅସାଧାରଣ କବି । ସେ ଭଞ୍ଜକବିଙ୍କର ଅଳ୍ପ ପରବର୍ତ୍ତୀ । ଭଞ୍ଜକବିଙ୍କ ଧାରା ଅନୁକରଣ କରି ସେ ଅନେକ ବଡ଼ ବଡ଼ କାବ୍ୟ ଲେଖିଅଛନ୍ତି । ରାଜ୍ୟକୁ ସୁଦ୍ଧା ସେ ଖଣ୍ଡେ କାବ୍ୟ କରିଥିଲେ । କାବ୍ୟକୁ ମଣ୍ଡିତ କଲା ପରି ସେ ନାନା କାରୁକଳାରେ ରାଜ୍ୟକୁ ମଣ୍ଡିତ କରିଥିଲେ । ଜଗନ୍ନାଥମଣ୍ଡପ, ମତ୍ସ୍ୟମଣ୍ଡପ, କୂର୍ମମଣ୍ଡପ, କାଳୀୟଦଳନ, ଚୌରାମଣ୍ଡପ , କୁଟମଣ୍ଡପ ପ୍ରଭୃତି ମଣ୍ଡପ ଏବଂ ଦେଉଳରେ ସୁରଙ୍ଗୀରାଜ୍ୟକୁ ସେ ପ୍ରକୃତ ସୁରଙ୍ଗୀ କରି-ଯାଇଅଛନ୍ତି । ତାଙ୍କ ପରବର୍ତ୍ତୀ ରାଜକବି ଚୈତନ୍ୟଚନ୍ଦ୍ର ରାଜ ବହୁକାଳ ବୃନ୍ଦାବନରେ ବାସ କରିଥିଲେ । ସେଠାରୁ ଫେରିଆସି ସେ ଗୌଡ଼ୀୟ ଭାଷାରେ ହରିବଂଶ ଅନୁବାଦ କରିଥିଲେ । ବର୍ଷେ ଛଅମାସ ମଧ୍ୟରେ ଗୋଟିଏ ଭିନ୍ନ ଭାଷା ଆୟତ୍ତ କରି ସେଥିରେ ଗ୍ରନ୍ଥ ଲେଖିବା ବଡ଼ ସହଜ ବ୍ୟାପାର ନୁହେଁ । ଏହିପରି ପ୍ରତିଭାଶାଳୀ କବିମାନଙ୍କର ରଚିତ ଗ୍ରନ୍ଥ ଗଞ୍ଜାମରେ ବିସ୍ତର ଅଛି । ତାହାସବୁ ସଂଗ୍ରହ କରି ପ୍ରକାଶ କଲେ ଉତ୍କଳ-ସାହିତ୍ୟ ବିଶେଷ ସମୃଦ୍ଧିଶାଳୀ ହୋଇଉଠିବ ।

ଅନ୍ୟ ସଭ୍ୟ ଦେଶମାନଙ୍କରେ ପ୍ରତିଭାଶାଳୀ ପ୍ରାଚୀନ କବି, ଗ୍ରନ୍ଥକାରମାନଙ୍କର ନିୟମିତ ସ୍ମୃତି-ପୂଜା ହେଉଅଛି । କିନ୍ତୁ ଉତ୍କଳରେ ତାହା ନାହିଁ । ପ୍ରତିଭାର ପୂଜା ନ କଲେ ପ୍ରତିଭା ଅଙ୍କୁରିତ ହୁଏ ନାହିଁ । ପୂଜ୍ୟର ପୂଜା କରିବା କେବଳ କର୍ତ୍ତବ୍ୟ ନୁହେ—ଶ୍ରେଷ୍ଠତର ମାନବ-ଧର୍ମ । ଭଞ୍ଜ, ଦୀନକୃଷ୍ଣ ପ୍ରଭୃତି ଜାତୀୟ ସାହିତ୍ୟର ମେରୁଦଣ୍ଡସ୍ଥାନୀୟ ସାରସ୍ୱତ ଯୋଗୀଙ୍କର ରଚନା ବିଶ୍ଳେଷଣ କରି ସାଧାରଣଙ୍କର ଦୃଷ୍ଟି ସେଥିପ୍ରତି ଆକର୍ଷଣ କରିବାକୁ ହେବ । ତଦ୍ଦ୍ୱାରା କବିଙ୍କର ମହତ୍ତ୍ୱ ଏବଂ ପ୍ରତିଭା ଲୋକେ ଜାଣିପାରିବେ ଏବଂ କବିଙ୍କ ପ୍ରତି ଲୋକେ ଭକ୍ତିପରାୟଣ ହେବେ । ସେହି ମହାମନା ବାଣୀଭକ୍ତ-ମାନଙ୍କର ସ୍ମୃତିତର୍ପଣର ଦିବସ ପର୍ବଦିବସ ପରି ନିର୍ଦ୍ଦିଷ୍ଟ ରହିବା ଉଚିତ । ବୈଷ୍ଣବ ମହାତ୍ମାମାନଙ୍କର ଆବିର୍ଭାବ ତିରୋଭାବ ଦିବସର ତାଲିକା ପଞ୍ଜିକାରେ ଥାଏ । ସେହିପରି କବି-ସ୍ମୃତିତର୍ପଣର ଦିବସ ସୁଦ୍ଧା ପଞ୍ଜିକାରେ ଲିପିବଦ୍ଧ ହେବାର ବ୍ୟବସ୍ଥା କରିବାକୁ ହେବ । କବିମାନଙ୍କର ବିସ୍ତୃତ ଜୀବନୀ ପୁସ୍ତକାକାରରେ ପ୍ରକାଶିତ ହେବା ଆବଶ୍ୟକ । ଆଜିପର୍ଯ୍ୟନ୍ତ ସେ ସମ୍ବନ୍ଧରେ ଯାହା ପ୍ରକାଶିତ ହୋଇଅଛି, ତାହା ଅସମ୍ପୂର୍ଣ୍ଣ ଏବଂ ଅତିରଞ୍ଜିତ । ମହାଜନମାନଙ୍କର ଜୀବନୀ ପାଠଦ୍ୱାରା ସାଧୁ, ପବିତ୍ର ଆଦର୍ଶ ଜୀବନ ଗଠନର ସୁବିଧା ହୁଏ । ମହାଜନ-ଜୀବନୀ ମହାଶିକ୍ଷାର ଆଧାରସ୍ୱରୂପ । ସେମାନଙ୍କର ସଦ୍‌ଗୁଣାବଳୀ ମନକୁ ଯେପରି ମୁଗ୍ଧ କରେ, ଅନୁକରଣର ପ୍ରବଳ ପ୍ରବୃତ୍ତି ସେହିପରି ଆଣିଦିଏ । ଆମର ଯେଉଁଗୁଡ଼ିକ ଭଲ, ସେଗୁଡ଼ିକୁ ଅନ୍ୟ ଜାତିମାନେ ନିଜର କରି-ନେଉଅଛନ୍ତି । ପ୍ରାଚୀନ କବିଙ୍କ ପ୍ରତି ଆମ୍ଭମାନଙ୍କର ଦୃଷ୍ଟି ନ ରହିଲେ ସେମାନଙ୍କର ଦଶା ଜୟଦେବଙ୍କ ପରି ହେବ । ହୁଏତ ଭଞ୍ଜ, କବିସୂର୍ଯ୍ୟ କେବେ ଭିନ୍ନଜାତୀୟ ହୋଇ ବସିବେ । ଗୁଣଚୋର, ପ୍ରତିଭା ଚୋର ଯେପରି ଶିକ୍ଷିତ ଭଦ୍ରସମାଜରେ ଦିନକୁ ଦିନ ପ୍ରବଳ ହୋଇଉଠୁଅଛି, ସେଥିପାଇଁ ବେଳ ଥାଉଁ ଥାଉଁ ଆମ୍ଭମାନଙ୍କୁ ବିଶେଷ ସାବଧାନ ହେବାକୁ ହେବ ।

ଅତୀବ ଆନନ୍ଦର ବିଷୟ, ଓଡ଼ିଆଭାଷାରେ ପୂର୍ଣ୍ଣାଙ୍ଗ ଅଭିଧାନର ଅଭାବ ଦୂର ହୋଇଅଛି । ଉତ୍କଳ-ମାତା ତାଙ୍କର ସୁପୁତ୍ର କର୍ମଯୋଗୀ ଗୋପାଳଚନ୍ଦ୍ର ବାବୁଙ୍କର ବହୁବର୍ଷବ୍ୟାପୀ ଅକ୍ଲାନ୍ତ ପରିଶ୍ରମ ଏବଂ

ଗଭୀର ଗବେଷଣା ଫଳରେ ସେ ଅଭାବ ପୂର୍ଣ୍ଣ ହୋଇଅଛି । ଓଡ଼ିଆ ଭାଷାକୋଷ ପୂର୍ଣ୍ଣଚନ୍ଦ୍ର ସବୁ ସାହିତ୍ୟାକାଶରେ ଜ୍ୟୋତି ବିସ୍ତାର କରୁଅଛି । ଆଉ ଖଣ୍ଡିଏ ପୂର୍ଣ୍ଣାଙ୍ଗ ଓଡ଼ିଆ ବ୍ୟାକରଣର ଅଭାବ ଅଛି । ତାହା ଗୋଟିଏ ମହତ୍ ଅଭାବ । ଓଡ଼ିଆ ଭାଷାର ସ୍ୱଭାବ ପ୍ରକୃତି ଅନୁସାରେ ତାହା ଲିଖିତ ହେବା ବାଞ୍ଛନୀୟ । ଶବ୍ଦ ଓ ଭାଷାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ବ୍ୟାକରଣରେ ନୂତନ ସୂତ୍ର ଗଠିତ ଏବଂ ଆବଶ୍ୟକମତେ ପ୍ରାଚୀନ ସୂତ୍ରର ସଂସ୍କାର ଆବଶ୍ୟକ । ଓଡ଼ିଆ ଭାଷାକୁ ସଂସ୍କୃତ ବ୍ୟାକରଣର ବିଧିବିଧାନରେ ଶାସନ କରିବା ଅସମ୍ଭବ । ସଂସ୍କୃତ ଓଡ଼ିଆ ଭାଷାର ମାଆ ହେଉପଛେ, ମାଆ ଝିଅ ଦୁହିଙ୍କର ଅଲଗା ପ୍ରକୃତି, ସ୍ୱଭାବ ଧାରା ଭିନ୍ନ ହେବ । ଗୋଟିଏ ଭାଷାରୁ ଅନ୍ୟ ଗୋଟିଏ ଭାଷା ଜାତହୋଇ କ୍ରମବିକାଶ ଏବଂ ପରିବର୍ତ୍ତନଦ୍ୱାରା ପରିପୁଷ୍ଟ ହେଲେ ତାହା ସ୍ୱତନ୍ତ୍ର ହୋଇପଡ଼େ । ତେତେବେଳେ ସେହି ଭାଷା ଅନୁସାରେ ବ୍ୟାକରଣ ରଚିତ ହୁଏ । ବର୍ତ୍ତମାନ ଓଡ଼ିଆ ଭାଷାର ଶବ୍ଦ-ସମ୍ପଦ ଧୀରଭାବରେ ବଢ଼ୁଅଛି । ସେହିସବୁ ଶବ୍ଦର ପ୍ରକୃତି ଅନୁସାରେ ବ୍ୟାକରଣର ସଂସ୍କାର, ପରିବର୍ତ୍ତନ ଓ ପରିବର୍ଦ୍ଧନ ଆବଶ୍ୟକ । ଏ କାର୍ଯ୍ୟ ଜଣକର ସାଧ୍ୟ ନୁହେଁ । ଗୋଟାଏ ଭାଷାର ପ୍ରକୃତି ବିଶ୍ଳେଷଣ କରି ବ୍ୟାକରଣ ରଚନା କରିବା ସହଜ କଥା ନୁହେଁ । ସେଥିପାଇଁ ପ୍ରାଜ୍ଞସଙ୍ଘ ଗଠିତ ହେବା ଦରକାର । କେତେ ଜଣ ଓଡ଼ିଆଭାଷା-ବିଶାରଦ ପଣ୍ଡିତ ଏ କାର୍ଯ୍ୟରେ ଅଗ୍ରସର ହେଲେ ମାତୃସାହିତ୍ୟର ଏ ଅଭାବ ପୂର୍ଣ୍ଣ ହୋଇପାରନ୍ତା ।

ବର୍ତ୍ତମାନ ଓଡ଼ିଆ ଭାଷାରେ ଦୀର୍ଘ ଲେଖା ଦେଖାଯାଉ ନାହିଁ । କ୍ଷୁଦ୍ର ଗଳ୍ପ, ଖଣ୍ଡକବିତା ପ୍ରଭୃତି ଲେଖକମାନେ ଯେତେ ଅଭ୍ୟସ୍ତ ହେଉଅଛନ୍ତି, ଦୀର୍ଘ-କାଳବ୍ୟାପୀ କାବ୍ୟାଦି ଲେଖା ପ୍ରତି ସେପରି ହେଉ ନାହାନ୍ତି । ଦୀର୍ଘ ଲେଖା ଲେଖିବାକୁ ବା ପଢ଼ିବାକୁ ଲେଖକ,ପାଠକ ଉଭୟଙ୍କର ଧୈର୍ଯ୍ୟ ଦରକାର । ବର୍ତ୍ତମାନ ସେ ଭୂତ ନାହିଁ । ଦୀର୍ଘ ରଚନାରେ ଚିନ୍ତା ଓ କଳ୍ପନା ଅଧିକ କରିବାକୁ ହୁଏ । ଚିନ୍ତାଦ୍ୱାରା ଚିନ୍ତା ଶକ୍ତି ବିକଶିତ ଏବଂ ପରିବର୍ଦ୍ଧିତ ହୁଏ । କଳ୍ପନାର ଅବାଧ କ୍ରୀଡ଼ାଦ୍ୱାରା ବହୁ ଭାବ ଆସି ମନ ମଧ୍ୟରେ ପୁଞ୍ଜୀଭୂତ ହୁଏ ; ଅନେକ ନୂତନ ଭାବ ବି ଆସେ । ଲେଖକ ଇଚ୍ଛା ଅନୁସାରେ ସେଥିରୁ ଉପାଦାନ ବାଛି ଗ୍ରହଣ କରେ । କଳ୍ପନା ଉଡ଼ନ୍ତୁ ନ ଉଠି ସୀମାବଦ୍ଧ ହୋଇ ରହିଲେ ଉଚ୍ଚଭାବ ସଂଗ୍ରହ କରିବ କେଉଁଠାରୁ ? ଚିନ୍ତା କଳ୍ପନାକୁ ଅବାଧ ଭ୍ରମଣ ପାଇଁ ଛାଡ଼ିଦେବାକୁ ହେବ । ସେ ମୁକ୍ତ ଆକାଶରେ, ମୁକ୍ତ-ବାୟୁରେ ବୁଲି ହୃଷ୍ଟପୁଷ୍ଟ ଏବଂ ବଳିଷ୍ଠ ହୋଇପାରିବ । ଯେ ଅସୀମ, ତାହାର ଅସୀମରେ ବୁଲିବା ଉଚିତ । ଅସୀମକୁ ସୀମାବଦ୍ଧ କଲେ ତାହାର ଶକ୍ତି ସଙ୍କୁଚିତ ହୁଏ । ଯଦି ଗଳ୍ପ ବା କ୍ଷୁଦ୍ର କବିତାର ଯେ ମୂଲ୍ୟ ନାହିଁ—ଏହା ମୁଁ କହୁ ନାହିଁ । ସାହିତ୍ୟରେ ତାହା ବି ଦରକାର । ମୁଁ ବି ସମସ୍ତ ସମୟରେ କ୍ଷୁଦ୍ର ଗଳ୍ପ, କବିତା ଲେଖେ । ମୋର କହିବାର ଉଦ୍ଦେଶ୍ୟ ଏହି ଯେ, ତାହା ସଙ୍ଗେ ସଙ୍ଗେ ଦୀର୍ଘଲେଖାରେ ଅଭ୍ୟସ୍ତ ହେବା ବି ଉଚିତ । ଅନୁକରଣ କରିବା ଭଲ; ମାତ୍ର ତାହାର ସୀମା ଅଛି । ଭାବ ଅନୁକରଣ କରାଯାଏ; ମାତ୍ର ଭାଷା ଅନୁକରଣ କରିବା ଗୋଟାଏ ଦୁର୍ବଳତା । ଅନ୍ୟ ଭାଷାଲିଖିତ କୌଣସି ଭାବ ଲୋଭନୀୟ ହେଲେ ନିଜ ଭାଷାରେ ସେହିପରି ଭାବ ଗଢ଼ିନେବାକୁ ଚେଷ୍ଟା କରିବା ଉଚିତ । ଚେଷ୍ଟା ସଫଳ ହେଲେ ଲୋଭ ସମ୍ବରଣ କରି ରହିବାକୁ ହେବ । ଯେବେ ତାହା ସୁଦ୍ଧା କରି ନ ହୁଏ, ତେବେ ସେ ଭାବଟି ଅବିକଳ ଗ୍ରହଣ କରିବାକୁ ହେବ; ମାତ୍ର ବିକୃତ କରି ଗ୍ରହଣ କରିବା ଉଚିତ ନୁହେଁ । ଭାବ ବିକୃତ ହେଲେ ତାହାର ଜୀବନ ଶକ୍ତି ଦୁର୍ବଳ ହୋଇପଡ଼େ ।

ବର୍ତ୍ତମାନ ଓଡ଼ିଆ ଭାଷା ଉଚ୍ଚଶିକ୍ଷିତଙ୍କଦ୍ୱାରା ଏକ ଆଡ଼େ ଯେପରି ବୃଦ୍ଧି ପାଉଅଛି, ଅନ୍ୟ ଆଡ଼େ ସେହିପରି ସଙ୍କୁଚିତ ହୋଇପଡ଼ୁଅଛି । ବାସ୍ତବରେ ସେମାନଙ୍କର ଭାଷା ସ୍ୱତନ୍ତ୍ର ହୋଇପଡ଼ୁଅଛି । ଅନେକେ ମାତୃଭାଷାରେ ଭାବ ପ୍ରକାଶ କରିପାରନ୍ତି ନାହିଁ । ଭାବର ଆଦାନ ପ୍ରଦାନ ଅନ୍ୟ ଭାଷାରେ ହୁଏ । କଥା କହିବାବେଳେ ମଧ୍ୟ ନିଜ ଭାଷାରେ ଦଶପଣ ଅନ୍ୟ ଭାଷା

ମିଶାଇ ଦେଉଛନ୍ତି । ଅନ୍ୟାନ୍ୟ ଉନ୍ନତ ସାହିତ୍ୟର ଭାବ ଓ ଚିନ୍ତାଧାରା ଆଣି ମାତୃସାହିତ୍ୟକୁ ସବଳ ଓ ଉନ୍ନତ କରିବା ଯାହାଙ୍କର କର୍ତ୍ତବ୍ୟ, ସେହିମାନେ ପୁଣି ଭାଷାକୁ ଜାତି ଆଣୁଅଛନ୍ତି । ଶେଷ ଫଳ ଏତିକି ହେବ ଯେ— ଓଡ଼ିଆ ଭାଷା ମୌଳିକତା ହରାଇ ଅଦ୍ଭୁତମୟ ହୋଇ-ପଡ଼ିବ । ସେମାନଙ୍କର ଧାରଣା ଯେ ଇତର ସାଧାରଣଙ୍କର ଅନୁକରଣୀୟ ହେବ, ଏହା ସେମାନେ ଭୁଲିଯିବା କ୍ଷୋଭର ବିଷୟ । ଅନ୍ୟ ଭାଷାର ବହୁଳ ପ୍ରବେଶଦ୍ୱାରା ଓଡ଼ିଆ ଭାଷାର ମହତ୍ତ୍ୱ ବଢ଼ିବ ନାହିଁ ବରଂ ଏହି ଜାତି-ହେବାଦ୍ୱାରା ତାହାର ଶ୍ୱାସରୋଧ ଅସମ୍ଭବ ନୁହେଁ । ମାତୃଭାଷାରେ ଚିଠିପତ୍ର ଲେଖା କ୍ରମଶଃ ଉଣା ହୋଇ ଆସୁଅଛି । କେହି କେହି ମାତୃଭାଷାରେ ଖଣ୍ଡେ ଅଧେ ଲେଖନ୍ତି । ତାହା ମାତୃଭାଷାର ଅସୀମ ସୌଭାଗ୍ୟ ବୋଲି-ବାକୁ ହେବ । କିନ୍ତୁ ଏତିକି ହେଲେ କଅଣ ହେବ, ଓଡ଼ିଆ ଚିଠିରେ ସ୍ୱାକ୍ଷର ଇଂରାଜୀରେ କରାଯାଏ । ଏପରି ଅନାଦରରେ ଭାଷା ବିକୃତ, ବିକଳାଙ୍ଗ, ଆଉ କ୍ରମ୍ଚ-କମାତାର ଅଙ୍କ ଖେଚଡ଼ୀ ନ ହୋଇ ଆଉ କଅଣ ହେବ ? ଏତଦ୍ୱାରା ଜାତୀୟତାର ତ ଶ୍ରାଦ୍ଧ ହେଉଅଛି, ଅଧିକନ୍ତୁ ମାତୃଭାଷାର ମୌଳିକତାକୁ ଚିପି ଚିପି ମାରିବାର ବ୍ୟବସ୍ଥା ହେଉଅଛି । ଓଡ଼ିଆ ଓଡ଼ିଆ ମଧ୍ୟରେ ମନୋଭାବର ଆଦାନପ୍ରଦାନ ଓଡ଼ିଆ ଭାଷା-ରେହିଁ ସୁବିଧାଜନକ ଥିଲା; ମାତ୍ର କପାଳ ଗୁଣକୁ ଆମର ଠିକ୍ ଓଲଟା । ଏଥିଦ୍ୱାରା ଉଚ୍ଚଶିକ୍ଷିତ ସମାଜକୁ ମୁଁ ଆକ୍ରମଣ କରୁ ନାହିଁ, ବରଂ ସେମାନଙ୍କ ପ୍ରତି ମୁଁ ସର୍ବଦା ଭକ୍ତିପ୍ରବଣ—କେବଳ ସତ୍ୟର ଅନୁରୋଧରେ ଓ ବିବେକର ପ୍ରେରଣାରେ ଏହି ଅପ୍ରିୟ ସତ୍ୟକଥା କହିବାକୁ ହେଲା । ପକ୍ଷାନ୍ତରରେ ଉଚ୍ଚ ଶିକ୍ଷିତ-ମାନେ ଏହିପରି ଦୁରଙ୍ଗୀ ନୁହନ୍ତି । ସେଥିର ବ୍ୟତିରେକ ଦୃଷ୍ଟାନ୍ତ ଦେଶରେ ବିରଳ ନୁହେଁ ।

ଦୁଷ୍ଟ ପ୍ରତିଯୋଗିତା ବି ସାହିତ୍ୟର କମ୍ କ୍ଷତି-କାରକ ନୁହେଁ । ଜଣେ ଯେବେ ଖଣ୍ଡେ ବୈଦେଶିକ ବିଳାସ ପ୍ରକାଶ କଲା, ତେବେ ଆଉ କେତେ ଜଣ ବି ସେହି ବୈଦେଶିକ ବିଳାସ ପ୍ରକାଶରେ ଲାଗିଗଲେ । ଏହି ଶ୍ରେଣୀର ଯେତେ ପୁସ୍ତକ ବାହାରୁଛି, ତାହାର ଅର୍ଥ କଥା କଏ ପଦ୍ୟରେ, ମୂଳ ବି ଅନେକ ସ୍ଥଳରେ ବିକୃତ । ଶାସ୍ତ୍ର, ପୁରାଣ ଗ୍ରନ୍ଥର ବି ସେହି ଦଶା । ପୁସ୍ତକପଟରେ ସାର୍ବଭୌମ ପଣ୍ଡିତମାନଙ୍କ ଦ୍ୱାରା ସଂଶୋଧିତ ବୋଲି ବିଜ୍ଞାପନ ଦିଆହୋଇଥାଏ ; ମାତ୍ର ଦୋଷଗୁଣରେ ପୁସ୍ତକ ଅପାଠ୍ୟ । ତାହାର ପ୍ରୁଫ୍ ଦେଖା ହେଲା ପରି ବୋଧହୁଏ ନାହିଁ । ଭଞ୍ଜଙ୍କର ଖଣ୍ଡିଏ ପୁସ୍ତକ ଜଣେ ପ୍ରକାଶ କଲା; ଆଉ ଜଣେ ସେହିଖଣ୍ଡ ପୁଣି ପ୍ରକାଶ ନ କରି କବିଙ୍କର ଆଉ ଖଣ୍ଡିଏ ଅପ୍ରକାଶିତ ପୁସ୍ତକ ପ୍ରକାଶ କଲେ ପୁସ୍ତକସଂଖ୍ୟା ବଢ଼ନ୍ତା, ସୁତରାଂ ସାହିତ୍ୟଭଣ୍ଡାରର ଅଭିବୃଦ୍ଧି ହୁଅନ୍ତା । କେତେ ଖଣ୍ଡ ଶିଶୁପୁସ୍ତକ ଦେଖିଥିଲି, ସେଗୁଡ଼ିକ ବଙ୍ଗଳା ପୁସ୍ତକର ଅବିକଳ ଅନୁବାଦ । ଆମ ଦେଶର ଜଳବାୟୁର ପ୍ରକୃତି ଅନୁସାରେ ଆମ ଶିଶୁମାନଙ୍କର ଖାଦ୍ୟ ନିର୍ବାଚନ କରିବା ଉଚିତ । ବିଦେଶୀୟ ଜଳବାୟୁରେ ପୁଷ୍ଟ, ବିଦେଶୀୟ ଖାଦ୍ୟ ତାଙ୍କ ପେଟରେ ଜୀର୍ଣ୍ଣ ହେବ କିପରି ? ନିଜ ଭାଷାରେ କି ଶିଶୁଶିକ୍ଷା ପୁସ୍ତକ ପ୍ରକାଶର ଉପାଦାନର ଅଭାବ ଅଛି ? ପ୍ରାଚୀନ ଓଡ଼ିଆ ମହାଭାଷାର କି ଶିଶୁସାହିତ୍ୟ ଜନ୍ମ କରିବା ଭଳି ଶକ୍ତି ନାହିଁ ? ଅନ୍ୟ ଭାଷାରୁ ଯାହା ଅବିକଳ ଉତାରିବାକୁ ହୁଏ, ତାହାର ପୃଥକ୍ ଜୀବନ ଥାଏ ନାହିଁ । ସେରୂପ ଅନୁକରଣ ମୂଳଭାଷାର ଗୋଟାଏ ଉପସଂସ୍କରଣ ଛଡ଼ା ଅନ୍ୟ କିଛି ନୁହେଁ । ଆଦର୍ଶ ଗ୍ରହଣ କରିବା ଭଲ; ମାତ୍ର ଅନୁକରଣ ଶ୍ରେୟସ୍କର ନୁହେଁ । ଆଦର୍ଶ ଧରିବାକୁ ହେଲେ ନିଜ ଭାଷାରେ ସେହିପରି ବିଷୟ ନିର୍ବାଚନ କରି ଲେଖିବା ଉଚିତ । ଛପାଦୋଷ ତ ଓଡ଼ିଶାର ଛପାଖାନାର ବିଶେଷତ୍ୱ । ସେ ବିଷୟ ଉତ୍ଥାପନ ନ କରିବାହିଁ ନିରାପଦ ।

ସ୍କୁଲ କଲେଜରେ ଓଡ଼ିଆ ଶିକ୍ଷାର ଦୁରବସ୍ଥା ଦେଖିଲେ ପ୍ରାଣରେ ବଡ଼ ଆଘାତ ଲାଗେ । ପିଲା-ମାନଙ୍କର ଓଡ଼ିଆ ଜ୍ଞାନ ଆଶାନୁରୂପ ହେଉ ନାହିଁ । କେହି କେହି ଓଡ଼ିଆ ଉଚ୍ଚଶିକ୍ଷିତ ବ୍ୟକ୍ତି କୌଣସି ସଭାସମିତିରେ ସଭାପତି ହୋଇ ଓଡ଼ିଆରେ ଦୁଇପଦ କହିବାକୁ ଗଳଦ୍‌ଘର୍ମ ହୋଇପଡ଼ନ୍ତି । ଓଡ଼ିଆରେ ଭାବ ପ୍ରକାଶ କରିବାକୁ ଯାଇ ବଣାହୋଇ ଇଂରାଜୀ ଶବ୍ଦ

ବହୁପରିମାଣରେ ଦେଖାଯାଏ ଏବଂ ଏହାର ମୂଳ ଦ୍ରବ୍ୟପଦାନ୍ତ । ଏହାର କାରଣ—ଓଡ଼ିଆ ଶିକ୍ଷା ପାଇଁ ସୁବ୍ୟବସ୍ଥାର ଅଭାବ, ମାତୃଭାଷା ପ୍ରତି ଅଶ୍ରଦ୍ଧା ଓ ସ୍ୱେଚ୍ଛାହୀନତା । ବଙ୍ଗଦେଶର ସ୍କୁଲ କଲେଜରେ ମାତୃଭାଷାରେ ଶିକ୍ଷାଦାନର ବ୍ୟବସ୍ଥା ପାଇଁ ବିଶ୍ୱ-ବିଦ୍ୟାଳୟ କର୍ତ୍ତୃକ ସଙ୍ଘ ଗଠିତ ହୋଇଅଛି । ଏଣିକି ପ୍ରବେଶିକା ପରୀକ୍ଷା ପାଇଁ ଇଂରାଜୀ ଛଡ଼ା ଅନ୍ୟ ସମସ୍ତ ବିଷୟ ମାତୃଭାଷାରେ ଶିକ୍ଷା ଦିଆଯାଉଅଛି । ଆମ ଦେଶରେ ଠିକ୍ ସେହିପରି ବିଧାନ ହେବା ବାଞ୍ଛନୀୟ । ସେ ଦିଗରେ ଯାହା ପ୍ରତିବନ୍ଧକ ଅଛି, ତାହା ଶିକ୍ଷିତ-ସମାଜ ଦୂର କରିବାକୁ ଚେଷ୍ଟା କରନ୍ତୁ । ଯୁବକମାନେ ରାଜନୀତି କ୍ଷେତ୍ରରେ ସ୍ୱାର୍ଥ ତ୍ୟାଗ କରିପାରୁଛନ୍ତି, ମାତୃଭାଷା ପାଇଁ ସେହିପରି ତ୍ୟାଗର ଦୃଷ୍ଟାନ୍ତ ଦେଖାନ୍ତୁ, ପ୍ରାଚୀନ ଏବଂ ନୂତନ ସାହିତ୍ୟ ପ୍ରଚାରରେ ବ୍ରତପରାୟଣ ହୁଅନ୍ତୁ, ଇତିହାସ, ଦର୍ଶନ, ବିଜ୍ଞାନ ଏବଂ ଧର୍ମ-ସମ୍ବନ୍ଧୀୟ ସ୍ୱତନ୍ତ୍ର ମୌଳିକ ରଚନାରେ ମାସିକ ପତ୍ରିକାର ସୌଷ୍ଠବ ବୃଦ୍ଧି କରନ୍ତୁ । ଓଡ଼ିଆ ଭାଷାରେ ଅଦ୍ୟାବଧି ଖଣ୍ଡିଏ ଉତ୍କୃଷ୍ଟ ଭ୍ରମଣ-ପୁସ୍ତକ ବାହାରି ନାହିଁ । ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର, ମହାରାଜା ରାମଚନ୍ଦ୍ର, ଗୋପବନ୍ଧୁ, ମଧୁସୂଦନ ଦାସ ପ୍ରଭୃତି ମହାତ୍ମାନୀୟ ବ୍ୟକ୍ତିମାନଙ୍କର ପୂର୍ଣ୍ଣାଙ୍ଗ ଜୀବନୀ ଅଣ୍ଡ ପ୍ରକାଶିତ ହେବା ଶ୍ରେୟସ୍କର । ଛୋଟ ପିଲାଙ୍କ ପାଇଁ ଏହି ଶ୍ରେଣୀର କେତେଖଣ୍ଡ ପୁସ୍ତକ ବାହାରିଅଛି । କିନ୍ତୁ ତାହାର ସ୍ଥାନ କେବଳ ବାଳସାହିତ୍ୟରେ । ଭ୍ରମଣ-ପୁସ୍ତକର ଅଭାବ ବିଷୟ ମୁଁ ପୂର୍ବରୁ କହିଅଛି । ଶଶିଭୂଷଣ ବାବୁଙ୍କ ଦାକ୍ଷିଣାତ୍ୟ-ଭ୍ରମଣ ଓ ସୁରଙ୍ଗୀ ରାଜାଙ୍କର ପାଶ୍ଚାତ୍ୟ-ଭ୍ରମଣ ଏ ଦିଗରେ ସାମାନ୍ୟ ପ୍ରୟାସମାତ୍ର । ଶ୍ରୀମାନ୍ ନୃସିଂହଚରଣ ମହାନ୍ତି ବିଲାତ କଥା ଅଳ୍ପ ଦିନ ହେଲା ଲେଖିଅଛନ୍ତି । କିନ୍ତୁ ବିଲାତ ପରି ସଭ୍ୟ ସମୁନ୍ନତ ଦେଶର କଥା ପ୍ରକାଣ୍ଡ ପୁସ୍ତକାକାରରେ ଖୁବ୍ ବିଶଦ୍‌ଭାବରେ ଲେଖିବାକୁ ବିଲାତ-ପ୍ରତ୍ୟାଗତ ଓଡ଼ିଆର କି ଏକାନ୍ତ ଅଭାବ ଅଛି ? ଦିଲ୍ଲୀ, ଦାର୍ଜିଲିଂ, ଆଗ୍ରା ପ୍ରଭୃତି ପ୍ରାଚୀନ କୀର୍ତ୍ତିବହୁଳ ଅଞ୍ଚଳକୁ ଯାଇ ସେ ସମସ୍ତ ସ୍ଥାନର ବୃତ୍ତାନ୍ତ ସାହିତ୍ୟାକାରରେ ଲିପିବଦ୍ଧ କରିବାକୁ କି କେହି ନାହାନ୍ତି ? ବଙ୍ଗାଳୀମାନେ ନାନା ସ୍ଥାନକୁ ଯାଇ ସ୍ଥାନୀୟ କାହାଣୀ ଚିତ୍ର ସହିତ ମାସିକ ପତ୍ରିକାରେ, ପୁସ୍ତକାକାରରେ ପ୍ରକାଶ କରି ମାତୃସାହିତ୍ୟର ମହିମା ବୃଦ୍ଧିରେ ଲାଗିଅଛନ୍ତି । ଉତ୍କଳର ଶିକ୍ଷିତ ଯୁବକ କି ସେପରି କରିବାକୁ ଅକ୍ଷମ ? ଯୁବକ-ମାନେ ସଙ୍ଘବଦ୍ଧ ହୋଇ ସ୍ୱଦେଶକୁ ବାହାରିପଡ଼ିଲେ ଅଳ୍ପ ଦିନରେ ଉତ୍କଳ-ସାହିତ୍ୟର ବହୁ ଅଭାବ ପୂର୍ଣ୍ଣ ହୋଇପାରନ୍ତା । କେବେ କେବେ ସେ ବିଷୟର କ୍ଷୀଣ ଆଭାସ ଦେଖାଯାଏ; ମାତ୍ର ତାହା ଏତେ କ୍ଷୀଣ ଯେ, ତାହାର ଅସ୍ତିତ୍ୱ ସ୍ୱୀକାର୍ଯ୍ୟ ନୁହେଁ । ଯୋଗୀ, ଉଦାସୀ-ମାନେ ଯେଉଁସବୁ ପୁରୁଣା ଗୀତ ଗାଆନ୍ତି, ସେଥିରେ ସେ କାଳର ଭାଷା ଏବଂ ଅନେକ ସାର କଥା ଥାଏ । ସେଗୁଡ଼ିକ ଭାଷାର ରତ୍ନକଣିକା । ସେହି ବିକ୍ଷିପ୍ତ କଣିକାଗୁଡ଼ିକ ସଂଗ୍ରହ କରି ରଖିବା ରତ୍ନସଂଗ୍ରହ ତୁଲ୍ୟ । ସାହିତ୍ୟ-ମନ୍ଦିର ଗଠନରେ ତାହା ମୂଳ ଉପାଦାନ । ଏଣିକି ଉକ୍ତ ଗୀତଗୁଡ଼ିକ କ୍ରମେ ଲୋପ ପାଇ ଆସୁଅଛି । ଯେ ଯାଇଛି ସେ ଯାଇଛି, ଯାହା ଅଛି ତାକୁ ନ୍ୟାସ ପ୍ରାୟ ସାଇତି ରଖିବା ସମସ୍ତଙ୍କର କର୍ତ୍ତବ୍ୟ । ଅତି ସହଜରେ ତାହା ସଂଗ୍ରହ କରାଯାଇପାରେ ।

ଆଉ ଗୋଟିଏ କଥା କହି ମୋର ବକ୍ତବ୍ୟ ଶେଷ କରିବି । ସାହିତ୍ୟ-ରାଜ୍ୟରେ ନବପ୍ରବେଶୀ ନବୀନ ଲେଖକମାନଙ୍କୁ ମୋର ଅନୁରୋଧ, ସେମାନେ ସମାଲୋଚନାକୁ ଡରିବେ ନାହିଁ । ସମାଲୋଚକ ଲେଖକର ଶତ୍ରୁ ନୁହେଁ—ପରମ ବନ୍ଧୁ । ସେ ଚରିତ୍ରର ସଂସ୍କାରକ, ଭ୍ରମତ୍ରୁଟିର ସଂଶୋଧକ; ସୁତରାଂ ଭକ୍ତି-ଗୌରବର ପାତ୍ର । ଭୁଲ ପ୍ରାୟ ସମସ୍ତଙ୍କର ଥାଏ । ସମାଲୋଚକର ଭୁଲ ଘଟିବା ମଧ୍ୟ ଅସମ୍ଭବ ନୁହେଁ । ସେପରି ହୋଇଥିଲେ ଶାନ୍ତ, ଶିଷ୍ଟ, ସଂଯତ ଭାଷାରେ ସମାଲୋଚନାର ପ୍ରତିବାଦ କରିବା ଉଚିତ । ଦ୍ୱେଷ-ଛିଦ୍ରାନ୍ୱେଷମୂଳକ ସମାଲୋଚନାର ପ୍ରତିବାଦ ନାହିଁ । ଉପେକ୍ଷା ତାହାର ଉପଯୁକ୍ତ ନୀରବ ପ୍ରତିବାଦ । ନିନ୍ଦା ପ୍ରଶଂସାକୁ ପଛ ଆଡ଼କୁ ଫିଙ୍ଗିଦେଇ କର୍ତ୍ତବ୍ୟରେ ପ୍ରବୃତ୍ତ ରହିବା ବୁଦ୍ଧିମାନର କାର୍ଯ୍ୟ । ପ୍ରଶଂସା ଲକ୍ଷ୍ୟ ହେବା ଉଚିତ ନୁହେଁ । ତାକୁ ଖୋଜି ବୁଲିବାକୁ ହୁଏ ନାହିଁ । ନିଜର ଉପଯୁକ୍ତ ସ୍ଥାନ ଦେଖିଲେ ପ୍ରଶଂସା ବଳେ

ବଳେ ଅସି ଅଶ୍ରାନ୍ତ ନଏ । କ୍ଷଣିକ ପ୍ରଶଂସା ପ୍ରଶଂସା ମଧ୍ୟରେ ଗଣ୍ୟ ନୁହେଁ । ଘଣ୍ଟିକ ପାଇଁ ଫୁଲମାଳଟିଏ ବେକରେ ବାନ୍ଧି ଲାଭ କଅଣ ? ଯେ ସହିଷ୍ଣୁ, ଅଧ୍ୟବସାୟୀ, ସାଫଲ୍ୟ ତାହାର ଅନୁଚର ।

ବର୍ତ୍ତମାନ ଦେଶର ଯୁବକ-ଶକ୍ତି ଜାଗ୍ରତ ହୋଇ-ଉଠୁଅଛି । ଉନ୍ନତିର ନାନା ବିଭାଗରେ ପଶିବାକୁ ସେମାନେ ଉନ୍ମୁଖ । ବିସ୍ତୃତ କର୍ମକ୍ଷେତ୍ର ସେମାନଙ୍କ ଆଗରେ ପଡ଼ିରହିଅଛି ସତ୍ୟ; ମାତ୍ର ଉପଯୁକ୍ତ ଉତ୍ସାହ ଓ ସହାନୁଭୂତିର ଅଭାବରୁ ସେହି ଶକ୍ତିର ସମ୍ୟକ୍ ବିକାଶର ସୁବିଧା ହେଉ ନାହିଁ । ଦେଶର ନେତୃସ୍ଥାନୀୟ ବ୍ୟକ୍ତି-ମାନଙ୍କର ସେଥିର ସୁବ୍ୟବସ୍ଥା କରିବା କର୍ତ୍ତବ୍ୟ । ନିଜର ଶକ୍ତି ଯୁବକଙ୍କୁ ଦେଇ ତାଙ୍କର ଶକ୍ତି ପରିପୁଷ୍ଟ କରିବାକୁ ହେବ । ପ୍ରୌଢ଼ର ପରିପକ୍ୱ ଜ୍ଞାନ ଓ ଯୁବକର ଉଦ୍ଦୀପ୍ତ ଶକ୍ତି ଦୁହିଙ୍କ ସମ୍ମିଶ୍ରଣରେ କାର୍ଯ୍ୟ ନିର୍ଦ୍ଦୋଷ ଓ ସୁସାଧ୍ୟ ହୁଏ ।

ଶ୍ରଦ୍ଧାସ୍ପଦ ସଭ୍ୟ ମହୋଦୟଗଣ, ଏହିପରି ହେଲେ ଆଉ ଅସାର ପ୍ରଳାପ କରି ଆପଣମାନଙ୍କର ଅମୂଲ୍ୟ ସମୟର ଅପବ୍ୟୟ କରିବି ? ମୋର ଏ ନୀରସ ଅଡ଼ୁଆ ମହାଭାରତ ଯେ ଆପଣମାନେ ଧୈର୍ଯ୍ୟ ଧରି ଶୁଣିଅଛନ୍ତି, ଏହି ଉଦାରତା ପାଇଁ ମୁଁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛି । ମୁଁ ସମ୍ପ୍ରତି ଜୀବନ-ସମୁଦ୍ରର ପତନୋନ୍ମୁଖ ବାଲିତଡ଼ା ଉପରେ ଠିଆ-ହୋଇଅଛି । ଜୀବନର ଶେଷ କାଳରେ ଏ ପବିତ୍ର ସାରସ୍ୱତ ମହାସମ୍ମିଳନ ତୀର୍ଥ ସ୍ପର୍ଶରେ ମୁଁ ନିଜକୁ କୃତାର୍ଥ ମନେ କରୁଅଛି । ଆପଣମାନଙ୍କ ମଧ୍ୟରୁ ଅନେକଙ୍କ ସଙ୍ଗରେ ଜୀବନରେ ଆଉ ସାକ୍ଷାତ୍‌ର ସମ୍ଭାବନା ନାହିଁ—ଏହାହିଁ ଶେଷ ସାକ୍ଷାତ୍ । ଏହି ମିଳନର ସୁଖସ୍ମୃତିକୁ ପରକାଳର ସମ୍ବଳରୂପେ ମୁଁ ସଙ୍ଗରେ ନେଇଯିବି । ସମସ୍ତେ ଆଶୀର୍ବାଦ କରନ୍ତୁ—ଏହି ଦେବପୂତ ଉତ୍କଳଭୂମି ପ୍ରତି ଜନ୍ମରେ ମୋର ଜନ୍ମଭୂମି ହେଉ ଏବଂ ପ୍ରତି ଜନ୍ମରେ ବାଣୀସେବା ମୋର ଅଖଣ୍ଡ ବ୍ରତ ହେଉ । ମୋର ବକ୍ତବ୍ୟ ଏଇଠାରୁ ଉପସଂହାର କରି ଏବେ ଶେଷ ବିଦାୟ ନେଉଅଛି ।

———

[ ୨ ]

୨୮।୪।୧୯୬୨ ମସିହାରେ ଭଦ୍ରକ ହାଇସ୍କୁଲ ହଲରେ ଉତ୍କଳର ବିଭିନ୍ନ ସ୍ଥାନରୁ ସାହିତ୍ୟିକମାନେ ଆସି ଏବଂ ଚାନ୍ଦା ପଠାଇ ପ୍ରବୀଣ ସାହିତ୍ୟିକ ଶ୍ରୀଯୁକ୍ତ ନାରାୟଣମୋହନ ଦେ ଏମ୍. ଏ. ମହୋଦୟଙ୍କ ସଭାପତିତ୍ୱରେ କବିବରଙ୍କୁ ଯେଉଁ ସମ୍ବର୍ଦ୍ଧନା କରିଥିଲେ, ସେହି ସଭାରେ କବିବର ନିମ୍ନଲିଖିତ ଅଭିଭାଷଣ ପ୍ରଦାନ କରିଥିଲେ·—

ଆଜି ମୋର ଜନ୍ମଭୂମି ଭଦ୍ରକ ପକ୍ଷରେ ତଥା ମୋ ପକ୍ଷରେ ଅତୁଳ ଆନନ୍ଦର ଶୁଭଦିନ । ଆପଣ-ମାନଙ୍କ ପରି ଲବ୍ଧପ୍ରତିଷ୍ଠ ସାରସ୍ୱତ ତପୋବନ-ସ୍ୱାମୀମାନଙ୍କର ପବିତ୍ର ପାଦଧୂଳି ମୋର ଏ ଜନ୍ମଭୂମି ବର୍ଷିତ ହୋଇଅଛି, ଏହା ସ୍ୱପ୍ନାତୀତ ସୌଭାଗ୍ୟର ବିଷୟ ନୁହେଁ କି ? ଯୁବକ-ହୃଦୟର ଶୁଭାଦର୍ଶ ଦେଖି ଆଜି ମୋର ଅନ୍ତର ଅସୀମ ଆନନ୍ଦରେ ଫୁଲିଉଠୁଅଛି । ତେଜସ୍ୱିନୀ ଯୁବକ ଶକ୍ତି ଉନ୍ନତିର ସକଳ ଦିଗକୁ ଧାବିତ ହେଉଅଛି—ମୋର ଶେଷ-ଜୀବନରେ ଏହା ଦେଖି ମୋ ମନରେ ଯେଉଁ ଅପୂର୍ବ ପୁଲକ ଖେଳିଯାଉଅଛି, ତାହା ବର୍ଣ୍ଣନା କରିବାକୁ ମୋର ଭାଷା ସର୍ବଥା ଅକ୍ଷମ । ମୁଁ ଆଜି ନିଜକୁ ବୃଦ୍ଧ ମଣୁ ନାହିଁ, ସେହି ଆନନ୍ଦ ଯୁବକ-ଶକ୍ତି ଭଳି ଗୋଟିଏ ଶକ୍ତି ମୋ ଭିତରେ ପୂରାଇଦେଇଅଛି । ତାହା ହୋଇ ନ ଥିଲେ ଏ ଅତୁଳ ଆନନ୍ଦର ଉଚ୍ଛ୍ୱାସ ଲହରୀର ଘାତ ପ୍ରତିଘାତ ମୋ ପରି ଜଣେ ବୃଦ୍ଧ ସହିପାରନ୍ତା ନାହିଁ । ନିଃସ୍ୱତା ଏବେ ଯୁବକ ପ୍ରାଣରେ ଉନ୍ନତିର ଉତ୍ତେଜନା-ଅଗ୍ନି ଜାଳିଦେଇଅଛି । ସେହି ନିଃସ୍ୱତାର ଅପର ନାମ କାଳ । ସେ ଆମର ସବୁ ହରଣ କରିଥିଲା, ଏବେ ଗୋଟି ଗୋଟି କରି ଫେରାଇଦେଉଅଛି । ସେ ଖାଲି ନିଏ ନାହିଁ, ନେବା ଦେବା ଉଭୟ ତାହାର କର୍ମ ।

ଭ୍ରାତୃବୃନ୍ଦ, ମୋଭଳି ଜଣେ ଅଧମକୁ ଆପଣମାନେ ଅଭ୍ୟର୍ଥନା କରିବାକୁ ଆସିଅଛନ୍ତି, ଏଥିରେ ମୋର ଲଜ୍ଜିତ ହେବା ସ୍ୱାଭାବିକ; ମାତ୍ର ମୁଁ ଲଜ୍ଜିତ ହୋଇ ନାହିଁ କି ଆଶ୍ଚର୍ଯ୍ୟ ହୋଇ ନାହିଁ, ବରଂ ଏହାକୁ ସ୍ନେହର ଲୀଳା ମଣି ଆନନ୍ଦିତ । ସ୍ନେହର ସ୍ୱଭାବ

ସ୍ୱତନ୍ତ୍ର । ସେ ଅସୁନ୍ଦରଙ୍କୁ ସୁନ୍ଦର ମଣେ, ମୂର୍ଖକୁ ପଣ୍ଡିତ ମଣେ—ନିର୍ଗୁଣଙ୍କୁ ଗୁଣବାନ୍ ମଣେ । ଆପଣମାନେ ମୋତେ ବାସ୍ତବରେ ଅତ୍ୟନ୍ତ ସ୍ନେହ କରନ୍ତି ବୋଲି ମୋର ଜୀବନର ସନ୍ଧ୍ୟାସମୟରେ ମୋତେ ସମ୍ବର୍ଦ୍ଧନା ଦେବା ସକାଶେ ସ୍ନେହ-ବାହନରେ ଚଢ଼ି ଏଠାକୁ ଆସିଅଛନ୍ତି । ଆପଣମାନଙ୍କର ଏ ଅତୁଳ ଅମୂଲ୍ୟ ସ୍ନେହ ଓ କଲ୍ୟାଣକର ଦୁର୍ଲଭ ଭ୍ରାତୃପ୍ରେମ ମୁଁ ଅବଶିଷ୍ଟ ଜୀବନରେ କଦାପି ବିସ୍ମୃତ ହେବି ନାହିଁ । ଅଧିକନ୍ତୁ ଈଶ୍ୱର ହେଲେ ଭାବୀ ଜନ୍ମରେ ବି ହୃଦୟରେ ସାଇତି କରିରଖିବି । କିନ୍ତୁ ମୋର ଏ ସମ୍ମାନ ଆପଣମାନଙ୍କ ଦୟାର ଦାନ । ଏହି ଗୋଟାଏ ଦାନ ମୁଁ ସ୍ୱପ୍ନରେ ଆପଣମାନଙ୍କ ନିକଟରେ ଦାବି କରିଥିଲେ, ଜାଗ୍ରତ ହେଲାକ୍ଷଣି ନିଶ୍ଚୟ ନିଜକୁ ପାଗଳ ବୋଲି ଉପହାସ କରିଥାଆନ୍ତି । ମୁଁ ମୋର କର୍ମକ୍ଷେତ୍ରକୁ ଚାହିଁଲେ ଆଖି ଦେଖା ଭଳି କିଛି ଦେଖିବାକୁ ପାଏ ନାହିଁ । ମୋର କଳ୍ପନା ବହୁତ; କିନ୍ତୁ ଶକ୍ତି କ୍ଷୁଦ୍ର । ଭଞ୍ଜ, କବିସୂର୍ଯ୍ୟ, ସାମନ୍ତସିଂହାର, ଦୀନକୃଷ୍ଣ ପ୍ରଭୃତି ମହାକବିଙ୍କର ଅମର ପ୍ରତିଭାରେ ଯେଉଁ ଦେଶର ଗଗନମଣ୍ଡଳ ଜ୍ୟୋତିର୍ମୟ, ସେଠାରେ ମୋର ନଗଣ୍ୟ କାର୍ଯ୍ୟର ମୂଲ୍ୟ କେତେ ହେବ ? ସ୍ୱୟଂ କବି-ମୁକୁଟମଣି ଭଞ୍ଜ କହିଅଛନ୍ତି—

ବାଲ୍ମୀକି ବ୍ୟାସକବି ଯହିଁରେ
ମହାକାବ୍ୟ କେ ସ୍ମରଣ କରେ
ମହାନାଟକ ବାତସୁତରେ ହେଲେ ରଚିତା ଯେ,
ବହିଲେ କାବ୍ୟ ଯେ କାଳିଦାସେ
ଚମ୍ପୂ ରଚନା ଭୋଜ-ନରେଶେ
କୃପାସିନ୍ଧୁଏ ଗୀତ ପ୍ରକାଶେ ଗୁଣିଲି ଚିନ୍ତା ଯେ,
କବେ କହିଁ ଉଦୟ ଏମନ୍ତ ଧାସ୍ତି ଯେ,
ବ୍ୟୋମେ ତାରକା ଯେବେ ଝଟକୁଥାଇ ଯେ,
ନିଶିବଶରେ ଜ୍ୟୋତିରିଙ୍ଗଣଗଣ,
ଜ୍ୟୋତିକ ନ ଦେଖାନ୍ତି କି ପୁଣ,
ସୁଜନେ ସାବଧାନରେ ଶୁଣ ଛାନ୍ଦ ରଚଇଁ ଯେ ।
କେତେ ବଡ଼ କବିଙ୍କ ମୁଖରେ ତ ଏ ଦୀନବାଣୀ,
ଅଉ ମୋ ପରି ଅଜ୍ଞଜନର କଥା ଅବା କଅଣ ?

ମହାକବି ହୋଇ ସେ ନିଜର ଶକ୍ତିକୁ କେଡ଼େ କ୍ଷୁଦ୍ର ମଣୁଥିଲେ ! ଭଞ୍ଜେ କହିଅଛନ୍ତି —"ବାଲ୍ମୀକି, ବ୍ୟାସ, ହନୁମାନ, କାଳିଦାସ, ଭୋଜରାଜା, ବଳରାମ ଦାସ—ଏମାନେ ସମସ୍ତେ କାବ୍ୟ ନାଟକାଦି ଛଳରେ ରାମ-ଚରିତ ବର୍ଣ୍ଣନ କରିଅଛନ୍ତି, ତାହାଙ୍କ ଅପେକ୍ଷା ମୋ କାବ୍ୟ ବୈଦେହୀଶବିଳାସ କି ନିର୍ଦ୍ଦୋଷ ହେବ ?" ଏହା ଚିନ୍ତା କଲାବେଳକୁ ମୋର ଏହିପରି ଶବେଦ ଜାତ ହେଲା କି, ସତରେ ଆକାଶରେ କୋଟି କୋଟି ତାରା ଝଟକୁଥିଲେ ଜୁଳୁଜୁଳିଆ ପୋକ କି ନିଜର କ୍ଷୀଣ ଆଲୁଅଟିକ ଦେଖାଏ ନାହିଁ । ଏହିପରି ଭାବ ମନରେ ଉଦୟ ହେବାରୁ ଦୋଷଚିନ୍ତା ଛାଡ଼ି ସେମାନଙ୍କ ତୁଳନାରେ ମୋର କାବ୍ୟ ଉତ୍କୃଷ୍ଟ ନ ହେଲେ ସୁଦ୍ଧା ମୁଁ ଗୀତ ରଚନା କରୁଛି, ହେ ସଜ୍ଜନମାନେ ଅବହିତ ମନରେ ଶୁଣ ।" ଏହା କବିର ଦୀନୋକ୍ତି; ମାତ୍ର ମୋ ଭଳି ଅଧମର ଦୀନୋକ୍ତି ଏହି ଯେ—ଜୁଳୁଜୁଳିଆ ପୋକର ଆଲୁଅରେ କେତେ ପ୍ରାଣୀଙ୍କର ଉପକାର ହୁଏ; ମାତ୍ର କାଳିବତି ଆଲୁଅରେ କାହାର କଅଣ ହୁଏ—ତାହାର ଆଲୁଅ କେବଳ ତାହାରି ପାଇଁ । ସେହିପରି ମୋର ନଗଣ୍ୟ କାର୍ଯ୍ୟ ଏକା ମୋହରି ପାଇଁ—ତାହା ମୋର ଗୋଟିଏ ଖିଆଲ ପରି । ମୋର ପ୍ରାତଃସ୍ମରଣୀୟ କବିବର ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର, ଚନ୍ଦ୍ରମୋହନ, ରାମଶଙ୍କର, ନୀଳମଣି ପ୍ରଭୃତି ମୋତେ ଛାଡ଼ି ସାରସ୍ୱତ-ସ୍ୱର୍ଗକୁ ଚାଲିଯାଇ-ଅଛନ୍ତି । ତାଙ୍କର ସ୍ମୃତି ମୋତେ କନ୍ଦାଉଅଛି । ବର୍ତ୍ତ-ମାନ ଯେଉଁମାନେ ସାହିତ୍ୟକ୍ଷେତ୍ରରେ କାର୍ଯ୍ୟ କରୁ-ଅଛନ୍ତି, ସେମାନଙ୍କ ମଧ୍ୟରୁ କାହାରି କାହାରି ସହିତ ମୋର ସାକ୍ଷାତ୍ ପରିଚୟ ନାହିଁ । ସେମାନଙ୍କୁ ଦେଖିବା ପାଇଁ ମନ ଝାଙ୍କୁଝାଙ୍କୁ ହୁଏ; ମାତ୍ର ଅବସ୍ଥା ଇଚ୍ଛାର ଅନୁକୂଳ ନୁହେଁ—ସୁତରାଂ ସେ ଇଚ୍ଛା କେବଳ ଇଚ୍ଛାରେ ଶେଷ ହୁଏ । ତଥାପି କାହାରି ସଦିଚ୍ଛା ବିଫଳ ହୁଏ ନାହିଁ । ଚିତ୍ତ ଦର୍ପଣ ବୋଲି ଯାହା କହନ୍ତି, ତାହା ସତ୍ୟ । ମୋର ସେହି ମନୋଭାବ ଆପଣଙ୍କ ଚିତ୍ତ-ଦର୍ପଣରେ ପ୍ରତିଫଳିତ ହୋଇ ମୋର ଆକାଙ୍କ୍ଷା ସଫଳ କରିଅଛି । ଆପଣମାନଙ୍କ ସମାଗମରେ ମୋର ଦୀନା

ମାତୃଭୂମି ଉତ୍କଳ ଜନନୀ ଆଜି ବାଣୀଶୀର୍ଷରେ ପରିଣତ ହୋଇଅଛି । ମାତୃଭୂମିର ଏ ସୌଭାଗ୍ୟରେ ମୋର ଛାତି ଉଲ୍ଲାସରେ ଦୁଇଗୁଣ ମୋଟ ଫୁଲିଉଠୁଛି । ସେ ଉଲ୍ଲାସ ରଖିବାକୁ ମୋର ସଙ୍କୀର୍ଣ୍ଣ ହୃଦୟରେ ସ୍ଥାନ ଅଣ୍ଟୁ ନାହିଁ । ମୋର ବାହାର ଭିତର ସବୁ ଆଜି ଆଜି ଆନନ୍ଦର ସ୍ରୋତ ବହିଯାଉଅଛି । ଆଜି ମୋର ଅପୂର୍ଣ୍ଣ ଆକାଙ୍କ୍ଷା ପୂର୍ଣ୍ଣତା ଲାଭ କରିଅଛି ।

ସାହିତ୍ୟ ସମ୍ବନ୍ଧରେ ମୋଠାରୁ କିଛି ଶୁଣିବାକୁ ଅବଶ୍ୟ ଆପଣମାନେ ଆଶା ପୋଷଣ କରି ନାହାନ୍ତି । ସେଭଳି ଶକ୍ତି ବା ଯୋଗ୍ୟତା ମୋର ନାହିଁ । ତଥାପି ସମ୍ମିଳନୀ-ପରମ୍ପରା ପ୍ରଚଳିତ ରୀତି ବା ଆଇନ ଅନୁସାରେ ମୁଁ ଅଗ୍ରଜନ ହେଲେ ସୁଦ୍ଧା ପଦେ ଅଧେ କହିବାକୁ ବାଧ୍ୟ; ମାତ୍ର କଅଣ କହିବି, ତାହା ଜାଣେ ନାହିଁ । ତେବେ ଏତିକି କହୁଛି ଯେ—ବର୍ତ୍ତମାନ ମାତୃସାହିତ୍ୟର ଗତି ଅପେକ୍ଷାକୃତ ବଦଳିଯାଇଅଛି । ଓଡ଼ିଆଭାଷା ତାହାର ହୃତ ମୌଳିକତାକୁ ପାଇ ପ୍ରାଣବନ୍ତ ହୋଇଉଠୁଅଛି । ସୁଖର ବିଷୟ, ସେ କାଳରେ ଯାହା ଦୋଷ ବୋଲି ବିବେଚିତ ହେଉଥିଲା, ଏ କାଳରେ ତାହାର ପ୍ରକୃତ ମହତ୍ତ୍ୱ ସମସ୍ତେ ବୁଝୁଅଛନ୍ତି । ଗ୍ରାମ୍ୟତା ଦୋଷ, ଗୁରୁଚଣ୍ଡାଳଯୋଗ ପ୍ରଭୃତି ବ୍ୟାକରଣ ବର୍ଣ୍ଣିତା ପ୍ରତି ଆଉ କାହାର ଭୟ, ଭ୍ରୂକ୍ଷେପ ନାହିଁ । ଯାହା ଗ୍ରାମ୍ୟତା ବୋଲି ଉପେକ୍ଷିତ ହେଉଥିଲା, ଏବେ ସେହି ଗ୍ରାମ୍ୟତା ଭିତରେ ଭାଷାର ଆତ୍ମା ପ୍ରକାଶିତ ହେଉଅଛି । ଯେଉଁ ଭାଷାରେ ଶବ୍ଦର ପ୍ରତିଶବ୍ଦ ଯେତେ ଅଧିକ, ସେ ଭାଷା ସେତେ ସମୃଦ୍ଧ, ଏ କଥା ରକ୍ଷଣଶୀଳଦଳ ସ୍ୱୀକାର କରୁଥିଲେ । ସେ କାଳରେ ଗୌରବତ, କ୍ଷମ, ଅସ୍ୱୀକାର, ମାତଙ୍ଗିନୀ ପ୍ରଭୃତି ଶବ୍ଦ ଭୁଲ ବିବେଚିତ ହେଉଥିଲା, ଏ କାଳରେ ତାହା ଅବାଧରେ ପ୍ରଚଳିତ ହେଉଅଛି । ଅଭାବବୋଧକ "ଅ" ବର୍ଣ୍ଣ ଶବ୍ଦର ପୂର୍ବରେ ବ୍ୟବହାର ପରି ସମ୍ବନ୍ଧବ୍ୟଞ୍ଜକ "ସ" ବର୍ଣ୍ଣର ବ୍ୟବହାର ରୀତି ଓଡ଼ିଆ ଭାଷାରେ ବହୁ କାଳରୁ ପ୍ରଚଳିତ ଅଛି । ଯେପରି ଅଚଳର ବିପରୀତାର୍ଥ ସଚଳ, ସେହିପରି ଅକ୍ଷମ ସକ୍ଷମ ହେଲେ ଦୋଷ କଅଣ ? ଅସ୍ୱୀକାର ଶବ୍ଦ ସଂସ୍କୃତ ଅଗ୍ରସରର ଅପଭ୍ରଂଶ । ପ୍ରାଚୀନ ସାହିତ୍ୟରେ ଏହାର ବ୍ୟବହାର ଯଥେଷ୍ଟ । ଶବ୍ଦକୁ କୋମଳ ଓ ଶ୍ରୁତିମଧୁର କରିବା ସକାଶେ ଏରୂପ ପରିବର୍ତ୍ତନ କରିବା ଦୋଷାବହ ନୁହେଁ । ଜଗତ୍‌ସ୍ୱାମୀଙ୍କୁ ଜଗୁଆଇଁ, ଜଗଜ୍ଜୀବନଙ୍କୁ ଜଗୁଜୀବନ କରାଯାଇଅଛି, ଏହା ଦୋଷ ନୁହେଁ—ପ୍ରକୃତ ଗୁଣ ଓ ସୌନ୍ଦର୍ଯ୍ୟ । ମାତଙ୍ଗ ଶବ୍ଦର ସ୍ତ୍ରୀଲିଙ୍ଗ ମାତଙ୍ଗୀ ହୋଇପାରେ, ମାତଙ୍ଗିନୀ ବି ହୋଇପାରେ । ସ୍ତ୍ରୀଲିଙ୍ଗରେ ଙୀପ୍ ପ୍ରତ୍ୟୟ ହୁଏ, ସ୍ଥଳବିଶେଷରେ "ଇନୀ" ପ୍ରତ୍ୟୟ ଦ୍ୱାରା ଓଡ଼ିଆରେ ସ୍ତ୍ରୀଲିଙ୍ଗ ପଦ ସିଦ୍ଧ ହୁଏ । ଏହାର ପ୍ରମାଣ ପ୍ରାଚୀନ ସାହିତ୍ୟରେ ଅପ୍ରଚୁର ନୁହେଁ । ସ୍ୱୟଂ କବିଗୁରୁ ଭଞ୍ଜ "ଲାବଣ୍ୟବତୀ" କାବ୍ୟରେ ଗାଇଅଛନ୍ତି—

"ଚତୁରୀ ସୁବୁଚେଟିନୀ କାଣେ ଘେନି ଶବମଣ୍ଡରଙ୍କୁ ଗଲି

ଏଠାରେ ଚେଟୀକୁ ଚେଟିନୀ କରାଯାଇଅଛି । ପୁଣି ଅନ୍ୟତ୍ର ଗାଇଅଛନ୍ତି—

"ଅମରମୋହିନୀ ଭ୍ରମରକେଶିନୀ ମେଘମାଳା
ଢାଲେ ସ୍ମର ।"

ଏଠାରେ ଭ୍ରମରକେଶିନୀ ସେହି ଇନୀ ପ୍ରତ୍ୟୟସିଦ୍ଧ । ପ୍ରସିଦ୍ଧ ଅମରକବି ଦୀନକୃଷ୍ଣ ରସବନୀ, କମ୍ବୁକଣ୍ଠିନୀ ପ୍ରଭୃତି ଇନୀ ପ୍ରତ୍ୟୟାନ୍ତ ପଦ ଅନେକ ବ୍ୟବହାର କରିଯାଇଅଛନ୍ତି । ଶବ୍ଦଗଠନ ଭାଷାର ଶିଳ୍ପ, ତାକୁ କାଟି ଛାଣ୍ଟି, ମାଠି ରଙ୍ଗ ଦେଇ ସୁନ୍ଦର କରିବାର ଅଧିକାର ଭାଷାଶିଳ୍ପୀର ସ୍ୱାଭାବିକ । ସେଥିରେ ବ୍ୟାକରଣ ବାଧା ଦେଇପାରେ ନାହିଁ । ଭାଷାର ପ୍ରାଣ-ପ୍ରତିଷ୍ଠାତା ଏହି ବଡ଼ କବିମାନେ ଯେଉଁ କାନ୍ତକୋମଳ ମଧୁର ଶବ୍ଦ ଗଠନ କରି ପ୍ରୟୋଗ କରିଯାଇଅଛନ୍ତି, ତାକୁ ଭୁଲ ବୋଲି କହିବାକୁ ସାହସ କରିବା ଏକ ଭୁଲ । ସେ କାଳର ରକ୍ଷଣଶୀଳ ପଣ୍ଡିତମାନେ ଭାଷାକୁ ସଂସ୍କୃତର ବଜ୍ରବେଷ୍ଟନୀ ମଧ୍ୟରେ ଆବଦ୍ଧ ରଖି ଟିକିଏ ହେଲେ ବାହାରକୁ ଛାଡ଼ିଦେଉ ନ ଥିଲେ । ସେମାନେ କହୁଛନ୍ତି, ଓଡ଼ିଆ ଭାଷା ସଂସ୍କୃତର କନ୍ୟା, ସୁତରାଂ ତାହାର ମୂର୍ତ୍ତି ସମ୍ପୂର୍ଣ୍ଣ ସଂସ୍କୃତ ଛାଞ୍ଚରେ ଢଳା ହେବା ଉଚିତ; କିନ୍ତୁ ଏହା ସେମାନଙ୍କର ଭୁଲ ଧାରଣା । ଓଡ଼ିଆ ଭାଷା ସଂସ୍କୃତର କନ୍ୟା ବୋଲି ତାହାର କଅଣ ସ୍ୱତନ୍ତ୍ର

ବ୍ୟକ୍ତିତ୍ୱ, ସ୍ୱତନ୍ତ୍ର ପ୍ରାଣ ନାହିଁ ? ମାଆ ଝିଅ ମଧ୍ୟରେ ରୂପ, ଗୁଣ, ଆକୃତି, ସ୍ୱଭାବର କି କିଛି ପାର୍ଥକ୍ୟ ଥାଏ ନାହିଁ ? ଶବ୍ଦ ଯେଉଁ ପରି ଗଠିତ ହୋଇପଡ଼େ ସୁଶ୍ରାବ୍ୟ ହେଲେ ଓ ଅର୍ଥପ୍ରକାଶରେ ପ୍ରମାଦ ନ ଘଟିଲେ ଯଥେଷ୍ଟ । ଶବ୍ଦ ବାସ୍ତୁ; ତାହାର ଆକାର ବନ୍ଧା ନାହିଁ । ଜନମୁଖରେ ସେ ନାନା ପ୍ରକାର ଧରିପାରେ । ନୂତନ ଶବ୍ଦର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ବ୍ୟାକରଣରେ ନୂତନ ସୂତ୍ର-ଅଧ୍ୟାୟ ଯୋଗ କରିବା ଆବଶ୍ୟକ । ଅନ୍ତରଙ୍ଗୀ ଦଳ ଭାଷାକୁ ଟିକିଏ ଅଗ୍ରସର ହେବାକୁ ଦେଉ ନ ଥିଲେ । ଉନ୍ନତିକାମୀ ତରୁଣଦଳ ଭାଷାର ସେହି କଠୋର ବେଡ଼ି ଭାଙ୍ଗିଦେଇ ତାକୁ କାରାମୁକ୍ତ କରିଅଛନ୍ତି । ଏଣିକି ଯେ ମୁକ୍ତକ୍ଷେତ୍ରରେ ବୁଲି ମୁକ୍ତବାୟୁ ସେବନ କରି ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହେବ—ଏହା ଅତି ଶୁଭ ଲକ୍ଷଣ । ସ୍ୱର୍ଗତ ଶଙ୍କରଙ୍କ ଏ ସୁଖ୍ୟାତି ସାହିତ୍ୟ-ଇତିହାସରେ ଅକ୍ଷୟ ସ୍ୱର୍ଣ୍ଣାକ୍ଷରରେ ଅଙ୍କିତ ରହିବ । ଉତ୍କଳ ଭାଷାର ଏହା ଗୋଟିଏ ଯୁଗ-ପରିବର୍ତ୍ତନ । ଯୁଗକୁ ଅନୁସରି ସାହିତ୍ୟ ଲେଖାହୁଏ, ବର୍ତ୍ତମାନ ତାହାହିଁ ହେଉଅଛି । ଆଧୁନିକ ଲେଖାରେ ପ୍ରାଦେଶିକ ଓ ଗ୍ରାମ୍ୟଶବ୍ଦ ବହୁଳ ପ୍ରବେଶ କରୁଅଛି, ଏହା ଭାଷାର ଶବ୍ଦସମ୍ପଦ ବୃଦ୍ଧି ପକ୍ଷରେ ପରମ ସହାୟ; ମାତ୍ର ଗ୍ରାମ୍ୟଶବ୍ଦକୁ ସାଧୁଶବ୍ଦରେ ପରିଣତ କରିବାକୁ ଯାଇ ବିକୃତ କରିବା ବାଞ୍ଛନୀୟ ନୁହେଁ । ମାଙ୍କଡ଼ା ପଥରକୁ ସାଧୁଭାଷାରେ ମର୍କଟଶିଳା କହିବା ହାସ୍ୟାସ୍ପଦ ।

ଅନେକ ଓଡ଼ିଆ ଶବ୍ଦ ବଙ୍ଗଳାରୁ ଆମଦାନୀ ବୋଲି କଥିତ ହୋଇଅଛି । କେହି କେହି ଶୁକଧର୍ମୀ ରୂପେ ସେହି ପଦ ବୋଲି ଆବୃତ୍ତି କରୁଅଛନ୍ତି; ମାତ୍ର ପ୍ରକୃତ ତଥ୍ୟ ଅନୁସନ୍ଧାନ କରିବାକୁ ତାହାର ଅବସର ନାହିଁ । ବାଲେଶ୍ୱର ଜିଲ୍ଲାର ଖାଇବେ,ଯାଇବେ ପ୍ରଭୃତି କ୍ରିୟାପଦକୁ ଅନେକେ ବଙ୍ଗର ଅନୁକରଣ କହି ଘୃଣା କରନ୍ତି । କେହି କେହି ଏଥିରେ ବିଦ୍ରୂପ ଓ ରସିକତାର ଆଶ୍ରୟ ମଧ୍ୟ ନିଅନ୍ତି । ବଙ୍ଗଳାରେ ଭବିଷ୍ୟତ୍ କାଳକ୍ରିୟାର ଚିହ୍ନରୂପେ କେବଳ କ୍ରିୟାରେ ବେ ଯୋଗହୁଏ; ମାତ୍ର ଓଡ଼ିଆ ଭାଷାରେ କାରକ ବିଭକ୍ତିରୂପେ ବ ଯୋଗହୁଏ । ତୁକୁ, ମୁଁକୁ ନ କହି ସାଧାରଣରେ ତୋତେ ମୋତେ କହନ୍ତି । ପ୍ରାଚୀନ ସାହିତ୍ୟରେ ତୁକୁ, ମୁଁକୁର ବ୍ୟବହାର ଅଛି; ମାତ୍ର ତାହା କେହି ନ କହି ସାଧାରଣରେ ତୋତେ, ମୋତେ ବୋଲି ସମସ୍ତେ କହନ୍ତି । ରାୟ ବାହାଦୁର ରାଜକିଶୋର ଦାସଙ୍କ ସମ୍ପାଦିତ ଜଗନ୍ନାଥ ଦାସ ଭାଗବତରେ ଶୁଣିବେ, ଜାଣିବେ କ୍ରିୟାପଦର ପ୍ରୟୋଗ ଅଛି ।

| | |
|---|---|
| ତାହା ଶୁଣିବେ ମୋର ଇଚ୍ଛା,<br>ପୁଚ୍ଛଇ କହ ଧର୍ମଦୀକ୍ଷା । | ଏକାଦଶସ୍କନ୍ଧ ଦ୍ୱିତୀୟ ଅଧ୍ୟାୟ |
| ସେ ଲୀଳ ଭୂମ୍ଭେ ବଚନ,<br>ମୁଁ ଯେବେ ଶୁଣିବେ ଭଜନ । | „ |
| ତାହା ଜାଣିବେ ମୋର ଇଚ୍ଛା,<br>କହ ପୂରିବ ମନ ବାଞ୍ଛା । | ଏକାଦଶସ୍କନ୍ଧ ଚତୁର୍ଥ ଅଧ୍ୟାୟ |
| ଶୁଣିବେ ଯେବେ ତୋର ଇଚ୍ଛା,<br>ଯାହାର ବନ୍ଧୁଁ ଯୋଗ ଦୀକ୍ଷା । | ଏକାଦଶସ୍କନ୍ଧ ଅଷ୍ଟମ ଅଧ୍ୟାୟ |

ସୁପ୍ରସିଦ୍ଧ ଭକ୍ତକବି ଜଗନ୍ନାଥ ଦାସ ଖାଣ୍ଟି ଓଡ଼ିଆକବି । ତାଙ୍କ ଲେଖାରେ ବଙ୍ଗଳାଶବ୍ଦର ପ୍ରବେଶ ସମ୍ଭବପର ନୁହେଁ । ପୁଣି ଭାଗବତର ବିଶୁଦ୍ଧ ସଂସ୍କରଣ ପ୍ରକାଶକ ଜଣେ ଉଚ୍ଚଶିକ୍ଷିତ ଦେଶପ୍ରିୟ ବ୍ୟକ୍ତି । ତାଙ୍କର ସାହିତ୍ୟପ୍ରିୟତା ସର୍ବଜନ-ବିଦିତ । ସେ ସାହିତ୍ୟ-ସମାଜର ସଭାପତି ପଦ ଅଳଙ୍କୃତ କରିଥିଲେ । କେତେ ଜଣ ପ୍ରବୀଣ ପଣ୍ଡିତଙ୍କୁ ଘେନି ସେ ଭାଗବତ ସଂଶୋଧନ କରିଥିଲେ । ଏତେ ଗୋଟାଏ ଭୁଲ ତାଙ୍କ ଦୃଷ୍ଟିରେ କିମ୍ବା ତାଙ୍କ ସହକାରୀ ପଣ୍ଡିତମାନଙ୍କ ଦୃଷ୍ଟିରେ ନ ପଡ଼ିବା ବିଶ୍ୱାସ-ଯୋଗ୍ୟ ବୋଧ ହେଉ ନାହିଁ । ଏ ପ୍ରତ୍ୟୟାନ୍ତ ଅସମାପିକା କିମ୍ବା ବଙ୍ଗଳାରୁ ଅନୁକରଣ ହୋଇଥିଲେ ସେମାନେ ତାହା ନିଶ୍ଚୟ ଉଠାଇଦେଇଥାଆନ୍ତେ । ଯେଉଁ ଓଡ଼ିଆ ଶବ୍ଦ ସଙ୍ଗରେ ବଙ୍ଗଳା ଶବ୍ଦର ମେଳ ଅଛି, ତାହା ଯେ ବଙ୍ଗଳାରୁ ଆମଦାନୀ, ଏହା କହିବା ସମୀଚୀନ ନୁହେଁ । ଓଡ଼ିଆଭାଷାରେ ଯେ ବଙ୍ଗ ଶବ୍ଦ ମିଶି ନାହିଁ, ତାହା ମୁଁ କହୁ ନାହିଁ । ଏକା ବଙ୍ଗଳା ନାହିଁ କି, ହିନ୍ଦୀ, ଫାର୍ସି, ଉର୍ଦ୍ଦୁ ପ୍ରଭୃତି ନାନା ପ୍ରତିବେଶୀ ଭାଷାର ଶବ୍ଦ ଓଡ଼ିଆ ଭାଷାରେ ମିଶିଅଛି । ସବୁ ଭାଷାରେ ଏହିପରି ବହୁଭାଷାର ଶବ୍ଦ ମିଶିଥାଏ । ଏଭଳି ମିଶ୍ରଣ

ଭାଷାର ସମୃଦ୍ଧି ବୃଦ୍ଧି ନିମନ୍ତେ ଆବଶ୍ୟକ । ଅନ୍ୟ ଭାଷାର ଶବ୍ଦକୁ ନିଜର କରିନେଇ ନିଜ ଭାଷାରେ ମିଶାଇବା ଉଚିତ । ଏ ବିଷୟରେ ଗଞ୍ଜାମ ବଡ଼ ସତର୍କ । ସେଠାରେ ଓଆସିଲକୁ ନଶ ପେଣ୍ଡ, ଷ୍ଟେଟକୁ ପଙ୍କପଠା, ବୋଟକୁ ଜଳାପଠା, ଘୋଡ଼ର ମୋକାକୁ ଡଳା ପାଶୋଇ କହନ୍ତି । ଭିନ୍ନ ଭାଷାର ଶବ୍ଦକୁ ଗଞ୍ଜାମବାସୀମାନେ ନିଜ ଭାଷା ଓଡ଼ିଆର ଜାତି ପ୍ରକୃତି ଅନୁସାରେ ଗଠନ କରିନିଅନ୍ତି । ସେପରି କରିବା ମଧ୍ୟ ନିରାପଦ । କୌଣସି ଭାଷାରେ ବିଭିନ୍ନ ଭାଷାର ବହୁଳ ମିଶ୍ରଣ ନିରାପଦ ନୁହେଁ । ସେଥିରେ ମାତୃଭାଷା ପଙ୍ଗୁ ହୋଇଯାଏ । ନିଜର ଯାହା ନାହିଁ, ପରଠାରୁ ତେଣିକ ଆଣିବା ଉଚିତ । ବହୁଭାଷାର ସମ୍ମିଳନରେ ମୂଳ ଭାଷା ବିକୃତ ହୋଇଉଠେ । ଅଶ୍ଳୀଳ ଶବ୍ଦ ଏବଂ ଅପଶବ୍ଦ ଛଡ଼ା ଅନ୍ୟସବୁ ଶବ୍ଦ ଗ୍ରହଣ ଓ ବ୍ୟବହାର କରାଯାଇପାରେ ।

ସାହିତ୍ୟ ସମସ୍ତଙ୍କର ସବୁବେଳେ ଦରକାର । ଚିନ୍ତା, କଳ୍ପନାରେ ସାହିତ୍ୟ ଦରକାର, କଥା କହିବାରେ ସାହିତ୍ୟ ଦରକାର, ସ୍ୱପ୍ନ ଦେଖିବାରେ ବି ସାହିତ୍ୟ ଦରକାର । ଭାଷାଦ୍ୱାରା ମାନବ-ଜଗତ ପରିଚାଳିତ । ହୃଦୟର ଭାବକୁ ଭାଷା ରୂପ ଆକାର ଦେଇ ତାହାର କରି ଆଣେ । ଭାବ ପ୍ରାଣ, ଭାଷା ଶରୀର । କିନ୍ତୁ ଭାବର ବାହକ ବୋଲି ଭାଷାକୁ ଅଗୌରବ କରିବା ଧର୍ମ ନୁହେଁ । ଖାଲି ଭାବ ପ୍ରକାଶ କରିପାରିଲେ ଯଥେଷ୍ଟ ନୁହେଁ—ଭାଷାର ବୈଚିତ୍ର୍ୟ ଆବଶ୍ୟକ । ମନୁଷ୍ୟର ପ୍ରାଣ ସ୍ୱଭାବତଃ ଶୋଭା-ପିପାସୁ । ଯହିଁରେ ଶୋଭା ନାହିଁ, ତହିଁରେ ମନ ବସେ ନାହିଁ । ଭାଷା ସୁନ୍ଦର ନ ହେଲେ, ସେଥିରେ ମନ ନ ବସିଲେ ଅନ୍ତରସ୍ଥ ଭାବକୁ ଧାରଣା କରିହେବ କିପରି ? ସୁନ୍ଦର ଭାଷା ମନକୁ ଆକର୍ଷଣ କରି ଧରେ, ମନ ତହୁଁ ସହଜରେ ଭାବ ଗ୍ରହଣ କରିନିଏ । ଭାଷାର ସେହି ଆକର୍ଷଣୀ ଶକ୍ତି ତାହାର ସୌନ୍ଦର୍ଯ୍ୟ । ଶରୀର ମନର ବାହନ ବୋଲି ଶରୀରର ସୌନ୍ଦର୍ଯ୍ୟ ପ୍ରତି ଅନାସ୍ଥା ପ୍ରଦର୍ଶିତ ହୁଏ କି ?

ସାହିତ୍ୟର ଅଭିବୃଦ୍ଧି ସକାଶେ ପ୍ରାଚୀନ ସାହିତ୍ୟର ଆଲୋଚନା ସର୍ବାଦୌ ଆବଶ୍ୟକ । ପ୍ରାଚୀନ ସାହିତ୍ୟ ବିଶୁଦ୍ଧ ଓଡ଼ିଆ ଶବ୍ଦର ଅସରନ୍ତି ଭଣ୍ଡାର । ତାହା ଖାଲି ଶବ୍ଦ-ସମ୍ଭାରରେ ପୂର୍ଣ୍ଣ ନୁହେଁ—ସେହି ଶବ୍ଦ-ନିଚୟ ମଧ୍ୟରେ ଶାସ୍ତ୍ର, ପୁରାଣ, ବିଜ୍ଞାନ, ଦର୍ଶନ, ଇତିହାସ, ଜ୍ୟୋତିଷ, ଆୟୁର୍ବେଦ, ମନସ୍ତତ୍ତ୍ୱ ପ୍ରଭୃତି ଏକାଧାରରେ ଆଲୋଚିତ ହୋଇଅଛି । ଭଞ୍ଜ, ଦୀନକୃଷ୍ଣ ପ୍ରଭୃତି ମହାକବି ଓଡ଼ିଆ ସାହିତ୍ୟକୁ ଏକ ଅଭିନବ ସୁନ୍ଦର ଛାଞ୍ଚରେ ଢାଳି ଗଢ଼ିଯାଇଅଛନ୍ତି । ତାହାର ସ୍ୱତନ୍ତ୍ର ଗୌରବ ଆସନ ନିର୍ଦ୍ଦିଷ୍ଟ ଅଛି । ସେମାନଙ୍କ ରଚିତ ସାହିତ୍ୟରେ ସକଳ ପ୍ରକାର ସୁଷମା ପୂରିରହିଅଛି । ବିଶେଷତଃ ଅଲଙ୍କାର ରାଜ୍ୟର ଅପ୍ରତିଦ୍ୱନ୍ଦ୍ୱୀ ଚକ୍ରବର୍ତ୍ତୀ ଭଞ୍ଜଙ୍କର ଉପମା ସୃଷ୍ଟି ସେହି ଭଞ୍ଜଙ୍କୁହିଁ ଏକା ପଟାନ୍ତର ।

ବଳେପି ଅଳକ ତରଳ ଶ୍ୟାମଳି,
ବାରଣଦନ୍ତ ପ୍ରସାଧନୀ ଭଳି,
ବଲ୍ଲବସ୍ତୁକା କଲ୍ଲୋଳରେ ଭାସେ,
ବିକଶି ଆସିଲ କୁମୁଦ କିସେ ?

ସୀତାଙ୍କର କେଶବର୍ଣ୍ଣନାର ଏହି ଉପମାରେ କାହାର ହୃଦୟ ମୁଗ୍ଧ ନ ହେବ ? ଏରୂପ ବର୍ଣ୍ଣନାର ମୂଲ୍ୟ ସଙ୍ଗରେ ଜଗତର ମୂଲ୍ୟ ତୁଳନୀୟ ନୁହେଁ—ତାହା ଅମୂଲ୍ୟ, ଅତୁଳ । ଏଭଳି ଉଚ୍ଚଶ୍ରେଣୀର ସାହିତ୍ୟ ଯେ କୌଣସି ଜାତି ପକ୍ଷରେ ଗୌରବାବହ । ଉତ୍କଳଭାଷାର ପ୍ରାଣପ୍ରତିଷ୍ଠାତା ସେହି ମହାକବିମାନଙ୍କର ସୃଷ୍ଟିପୁଞ୍ଜହିଁ ଉନ୍ନତିର ସରଳ ସୁନ୍ଦର ସୁଗମ୍ୟ ମାର୍ଗ । ଟୀକା, ଟିପ୍ପଣୀ, ବିଶଦ୍‌ବ୍ୟାଖ୍ୟା ସହ ସେମାନଙ୍କ ଗ୍ରନ୍ଥାବଳୀର ବିଶୁଦ୍ଧ ସଂସ୍କରଣ ପ୍ରକାଶ କରି ସେଥିର ସମ୍ୟକ ଆଲୋଚନାର କ୍ଷେତ୍ର ପ୍ରସ୍ତୁତ କରିବାକୁ ହେବ । ସେମାନଙ୍କ ତେଜସ୍ୱିନୀ ପ୍ରତିଭାକୁ ପୂଜା କରିବାକୁ ହେବ । ସେମାନେ ନିଜେ ନିଜର ସୃଷ୍ଟି-ସ୍ୱର୍ଣ୍ଣସୌଧ ତୋଳିଯାଇଛନ୍ତି । ତାଙ୍କର କାବ୍ୟପୁଞ୍ଜ ଓ କବିତାକନ୍ୟାମାନେ ତାଙ୍କର ପୁଣ୍ୟସ୍ମୃତି ସ୍ଥାୟୀ କରି ରଖିବେ । ଆଉ ଅଧିକ ସ୍ମୃତିପୂଜା କିଏ ବା କିପରି କରିପାରିବ ? ତାଙ୍କର ସ୍ମୃତିପୂଜା ତାଙ୍କ ପାଇଁ

ନୁହେଁ—ତାହା ନିଜର ଶିକ୍ଷା, ସ୍ୱାର୍ଥ ଓ ଉନ୍ନତି ପାଇଁ । ପ୍ରତିଭାର ପୂଜା କଲେ ପ୍ରତିଭାର ମହତ୍ତ୍ୱର ପ୍ରତିବିମ୍ବ ହୃଦୟ-ଦର୍ପଣରେ ପ୍ରତିଫଳିତ ହୁଏ । ମହାଜନମାନଙ୍କର କାର୍ଯ୍ୟାବଳୀ ସ୍ମରଣ କଲେ ଚିତ୍ତର ସଂକୀର୍ଣ୍ଣତା, ଦୁର୍ବଳତା ଦୂର ହୋଇଯାଏ । ସେମାନେ ଜାତିକୁ ଯାହା ଦେଇଯାଇଅଛନ୍ତି, ତାହା ଭାବିଲେ ଚିତ୍ତ ବିସ୍ମୟ-ବିମୁଗ୍ଧ ହୋଇଯାଏ । ସେହି ମହାପ୍ରାଣ ମନୀଷୀମାନଙ୍କ ମଧ୍ୟରୁ କାହାରି ନାମରେ ଖଣ୍ଡିଏ ବାଡୁଅଙ୍କିଲା ସୁଦ୍ଧା ପୋତାହୋଇ ନାହିଁ । ଉପେନ୍ଦ୍ର-ପାଠାଗାର, କବିସୂର୍ଯ୍ୟ-ପାଠାଗାର ନାମରେ ଗୋଟିଏ ଦୁଇଟି ପାଠାଗାର ସ୍ଥାପିତ ହୋଇଅଛି ସତ୍ୟ; କିନ୍ତୁ ତାହା କବିମାନଙ୍କ ଜନ୍ମଭୂମି ଗଞ୍ଜାମରେ । ସମଗ୍ର ଉତ୍କଳର ସେ ବିଷୟରେ ଗୁରୁତର ଦାୟିତ୍ୱ ଅଛି । ଉତ୍କଳର ନବଜାଗ୍ରତ ଯୁବକଶକ୍ତି ସେ ଦାୟିତ୍ୱ ପ୍ରତି ଉଦାସୀନ ରହିବ ନାହିଁ, ସେଥିର ଆଭାସ ଦେଖାଗଲଣି ।

ଅତୀବ ଆନନ୍ଦର ବିଷୟ, ଉତ୍କଳର ଉଚ୍ଚଶିକ୍ଷିତ ଓ ଶିକ୍ଷାଧୀନ ଯୁବକମାନଙ୍କ ମଧ୍ୟରୁ ଅନେକେ ବର୍ତ୍ତମାନ ସାହିତ୍ୟ-ସାଧନାରେ ମନପ୍ରାଣ ଢାଳିଦେଇଅଛନ୍ତି । ଏ କଲ୍ୟାଣକର ଦୃଶ୍ୟ ମୋ ପ୍ରାଣରେ ବିରାଟ ଆଶା ସୃଷ୍ଟି କରିଅଛି । ଯେଉଁ ଦେଶର ଯୁବକଶକ୍ତି ଯେତେ ଜାଗ୍ରତ ଓ ପ୍ରଖର, ସେ ଦେଶ ତେତେ ଉନ୍ନତ ଓ ତେତେ ସଜୀବ । ମୋର ମାତୃସାହିତ୍ୟ ଏହି ଯୁବକମାନଙ୍କଦ୍ୱାରା ଅଦୂର ଭବିଷ୍ୟତରେ ପ୍ରତିବେଶୀ ଉନ୍ନତ ସାହିତ୍ୟ ସଙ୍ଗରେ ସମକକ୍ଷ ହୋଇ ଠିଆହେବ— ଏ ବିଶ୍ୱାସ ମୋର ଅଛି । ସେହି ବିଶ୍ୱାସରେ ମୁଁ ଆଶ୍ୱସ୍ତ । ବର୍ତ୍ତମାନ ସମଗ୍ର ଉତ୍କଳ ମଧ୍ୟରେ ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲାଦ୍ୱୟ ସାହିତ୍ୟ ସାଧନାରେ ବିଶେଷ ଆଗ୍ରହ ଦେଖାଉଅଛନ୍ତି । ସେ ଅଞ୍ଚଳର ଅନେକ ଯୁବକ ନିୟମିତ ସାହିତ୍ୟଚର୍ଚ୍ଚା କରୁଅଛନ୍ତି । ଅଧିକାଂଶ ପାଣ୍ଡୁଲିପି ସଂଶୋଧନ ପାଇଁ ମୁଁ ସେହି ଅଞ୍ଚଳରୁ ପାଉଅଛି । କାହାରି କାହାରି ଶକ୍ତିର ଅସାଧାରଣ ଉନ୍ମେଷ ଦେଖି ମୁଁ ସମ୍ପୃସ୍ନେହାସ୍ତି ମୁଗ୍ଧ ହେଉଅଛି ।

ଉପସଂହାରରେ ଅତ୍ୟନ୍ତ ଦୁଃଖର ସହିତ ଆଉ ଗୋଟିଏ କଥା କହିବାକୁ ବାଧ୍ୟ ହେଉଅଛି । ଅଧିକାଂଶ ଶିକ୍ଷିତ ଯୁବକ ଓଡ଼ିଆ ଭାଷା ଚର୍ଚ୍ଚା କରିବାକୁ ପରାଙ୍ମୁଖ । ଓଡ଼ିଆ ଯୁବକର ଏ ଉତ୍କଟ କଳଙ୍କ ମାତୃଭାଷା ଚର୍ଚ୍ଚାରୂପ ପବିତ୍ର ଗଙ୍ଗାଜଳରେ ଆଶୁ ଧୌତ ହେବା ଆବଶ୍ୟକ । ଅନ୍ୟାନ୍ୟ ସାହିତ୍ୟ ତୁଳନାରେ ଓଡ଼ିଆ ସାହିତ୍ୟ ଢେର ପଛରେ ପଡ଼ିଅଛି । ଏ ଅପଯଶ ଅପନୋଦନ କରିବା ପ୍ରତ୍ୟେକ ଓଡ଼ିଆର ବିଶେଷତଃ ପ୍ରତ୍ୟେକ ଓଡ଼ିଆ ଯୁବକର କର୍ତ୍ତବ୍ୟ । ସମୟାଭାବର ଆପତ୍ତି ଦେଖାଇଲେ ଆଉ ଚଳିବ ନାହିଁ, ତାହା ଦୋଷ-ମୁକ୍ତିର ବ୍ୟର୍ଥ ଆପତ୍ତି । ପ୍ରତିବେଶୀ ଉନ୍ନତ ଜାତି ଆଡ଼କୁ ଦୃଷ୍ଟି ପକାଇବାକୁ ହେବ । ସେ ଜାତିର ଜଜ୍, ବାରିଷ୍ଟର, ହାକିମ, ଡେପୁଟି—ଯେଉଁମାନଙ୍କର ବାସ୍ତବରେ ସମୟାଭାବ, ସେହିମାନେହିଁ ତାଙ୍କ ମାତୃସାହିତ୍ୟକୁ ସମୃଦ୍ଧ କରିଅଛନ୍ତି । ସମୟ ନାହିଁ ବୋଲି କହିବା ଯୁବକ ପକ୍ଷରେ ଲଜ୍ଜାର କଥା । ତଦ୍ଦ୍ୱାରା ଯୁବକ ଶକ୍ତିର ଅବମାନନା କରାହୁଏ । ନାହିଁ ଶବ୍ଦ ଯୁବକ ମୁଖରେ ଶୋଭା ପାଏ ନାହିଁ । ସମୟର ସଦ୍‌ବ୍ୟବହାର କଲେ ସମୟ ଅଣ୍ଟ ହେବ ନାହିଁ—ପ୍ରଚୁର ବଳିପଡ଼ିବ । ପ୍ରତ୍ୟେକ ଯୁବକ ପ୍ରତିଜ୍ଞାବଦ୍ଧ ହୋଇ ସାହିତ୍ୟ-ସେବାରେ ଲାଗିଲେ ଅଦୂର ଭବିଷ୍ୟତରେ ମାତୃସାହିତ୍ୟ ମହିମା ବିସ୍ତାର କରିଉଠିବ । କିନ୍ତୁ ସେ ପ୍ରତିଜ୍ଞା ଉତ୍ତରକୁମାର ପ୍ରତିଜ୍ଞା ନୁହେଁ—ତାହା ଭୀଷ୍ମ-ପ୍ରତିଜ୍ଞା ହେବା ଉଚିତ । ଯେବେ ସମ୍ମୁଖରେ ପଡ଼ିରହିଛି, ନିଜକୁ କର୍ମୀ ପ୍ରସ୍ତୁତ କଲେ ହେଲା । ସାହିତ୍ୟରେ ଅନେକ କରିବାକୁ ଅଛି । ପ୍ରାଚୀନ ଓଡ଼ିଆ ସାହିତ୍ୟର ଗୌରବ ପ୍ରଖ୍ୟାପନ ଚେଷ୍ଟା ସର୍ବପ୍ରଥମ ଓ ସର୍ବପ୍ରଧାନ କାର୍ଯ୍ୟ—ଏହା ମୁଁ ଆଗରୁ କହିଅଛି । ଘରେ କି ଅମୂଲ୍ୟ ରତ୍ନ ଅଛି, ତାହା ଦେଖ, ଯାହା ନାହିଁ ତାହା ସଂଗ୍ରହ କର । "ଓଡ଼ିଆରେ ସୁଚିନ୍ତିତ ସନ୍ଦର୍ଭର ଅଭାବ" ଏହି ଅପବାଦ ଦୂର କରିବାକୁ ହେବ । ଅନ୍ୟାନ୍ୟ ଭାଷାର ଯାହା ବିଶେଷତ୍ୱ—ଯାହା ସାର ପଦାର୍ଥ, ତାହା ସଂଗ୍ରହ କରିବାକୁ ହେବ । ଭିନ୍ନ ଭାଷାର ଉତ୍କୃଷ୍ଟ ଗ୍ରନ୍ଥମାନ ଅନୁବାଦ କରିବା ସାହିତ୍ୟର

ଗୋଟାଏ ବିଶିଷ୍ଟ ବିଭାଗ । ଅନୁବାଦକକୁ ନିଜ ଭାଷାର ପ୍ରକୃତି ଦେଇ ନିଜର କରିନେବାକୁ ହେବ । ବାର୍ଷି-କୋତ୍ସବରେ ପଣି ସ୍ୱରଅଡ଼କୁ ସ୍ପୃହିଁଲେ ଏହିପରି ଅନେକ ଅଭାବ ନଜରେ ଆସି ଦେଖାଦେବ ।

ଭ୍ରାତୃବୃନ୍ଦ, ଆଉ ଅଧିକ କଅଣ କହିବି ? ଏପରି ଅସାର ପ୍ରଳାପରେ ଫଳ ବା କଅଣ ? ଏ ସଭାରେ ମୋର ବୟୋଽଧିକ,ସମବୟସ୍କ ଓ ନ୍ୟୂନବୟସ୍କମାନଙ୍କୁ ମୁଁ ପ୍ରଣାମ, ନମସ୍କାର, ସ୍ନେହ ସମ୍ଭାଷଣଦ୍ୱାରା ସମ୍ବର୍ଦ୍ଧନା ଜଣାଇ ମୋର ଅସଂଲଗ୍ନ କ୍ଷୁଦ୍ର ବକ୍ତବ୍ୟଟି ଏଠାରେ ସମାପ୍ତ କଲି ।

---

[ ଙ ]

## କବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ବି.ଏ.ଙ୍କ ସମ୍ବର୍ଦ୍ଧନା ସଭାରେ ସଭାପତି-ଭାଷଣ

ସମ୍ମାନାସ୍ପଦ ଭଦ୍ରମହୋଦୟବୃନ୍ଦ,

ଆଜି ସୌଭାଗ୍ୟର ସୁପ୍ରଭାତ, ପ୍ରତିଭାପୂଜାର ଶୁଭବାସର । ଆତ୍ମୋନ୍ନତିର ଯେତେ ସୋପାନ ଅଛି ସେଥିମଧ୍ୟରେ ପ୍ରତିଭା-ପୂଜା ଗୋଟିଏ ସୁବର୍ଣ୍ଣ ସୋପାନ । ପ୍ରତିଭାପୂଜା ଆତ୍ମଶୁଦ୍ଧି, ଚିତ୍ତଶୁଦ୍ଧି ଓ ଚରିତ୍ରଶୁଦ୍ଧିର ପରମ ସହାୟ । ମନୁଷ୍ୟତାର ମହତ୍ତ୍ୱ ପ୍ରତିଭାପୂଜାରେହିଁ ପରିସ୍ଫୁଟ । ଏହେତୁ ଉଷାବାର, ପୁନେଇପର୍ବ ପ୍ରଭୃତିରେ ପ୍ରତିଭାପୂଜା ପାଳିତ ହେଉଅଛି । ଶାସ୍ତ୍ର-ପୁରାଣରେ ମଧ୍ୟ ପ୍ରତିଭାପୂଜା ଘୋଷିତ ହୋଇଅଛି । ଯେଉଁ ଦେଶ ପ୍ରତିଭାପୂଜାରେ ଯେତିକି ଅଗ୍ରସର, ସେ ଦେଶ ସେହି ପରିମାଣରେ ଉନ୍ନତ ଓ ଶ୍ରୀସମ୍ପନ୍ନ । ଦେଶର ପ୍ରତିଭାବନ୍ତ ବ୍ୟକ୍ତିମାନଙ୍କୁ ସମ୍ମାନ ଦାନ କରିବା ଜାତିର ମହାନ କର୍ତ୍ତବ୍ୟ । ପୁଣି ଏହା ମଧ୍ୟ ନିର୍ମଳ ସତ୍ୟ ଯେ, ପ୍ରତିଭାବନ୍ତ ନ ହେଲେ ପ୍ରତିଭାର ମୂଲ୍ୟ କେହି ବୁଝିପାରେ ନାହିଁ । ଗୁଣିଜନମାନେ ଗୁଣର ପୁରସ୍କାର ଖୋଜନ୍ତି ନାହିଁ, ଦେଶ ବଳେ ବଳେ ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ଯାଚିକରିଦିଏ । ଭଞ୍ଜ, କବିସମ୍ରାଟ ପ୍ରଭୃତି ସାହିତ୍ୟର ମହାରଥ,ଅତିରଥୀମାନେ ଯେଉଁ କାଳରୁ ଇହଧାମରୁ ଅନ୍ତର୍ହିତ ହୋଇଗଲେଣି; କିନ୍ତୁ କାଳ ସେମାନଙ୍କର ଚିତାଭସ୍ମ ଅବଧି ଦେହରେ ବୋଳିହୋଇ ରହିଅଛି । ସ୍ଥାନବିଶେଷରେ ସେମାନଙ୍କର ଆବିର୍ଭାବ, ତିରୋଭାବର ଦିନ ପର୍ବଦିନ ପରି ପାଳିତ ହେଉଅଛି—କେତେକ ସ୍ଥାନରେ ପାଠାଗାର ସ୍ଥାପିତ ହୋଇ ସେମାନଙ୍କ ସ୍ମୃତିରକ୍ଷାର ସୁବ୍ୟବସ୍ଥା ହୋଇଅଛି । ସେମାନେ ନିଜେ ନିଜର ମଣିରତ୍ନମୟ ଅମର ସ୍ମୃତିମନ୍ଦିର ନିର୍ମାଣ କରିଯାଇଥିଲେ ମଧ୍ୟ ଆତ୍ମୋନ୍ନତି ଓ ଲୋକଶିକ୍ଷା ସକାଶେ ଏହିପରି ନାନା ଅନୁଷ୍ଠାନର ସୃଷ୍ଟି ହୋଇଅଛି । ଦେଶ ଓ ଜାତି ପକ୍ଷରେ ଏହା ମଙ୍ଗଳସୂଚକ ।

ଭଦ୍ରଖ କେଉଁ ବିଷୟରେ ଊଣା ନ ଥିଲା । ଉତ୍କଳର ପ୍ରଥମ ଗ୍ରାଜୁଏଟ ଚତୁର୍ଭୁଜ ପଟ୍ଟନାୟକ ଭଦ୍ରଖ-ବାସୀ । ପ୍ରଥମ ମୁନସଫ୍ ପଣ୍ଡିତ ବିଶ୍ୱମ୍ଭର ବିଦ୍ୟାଭୂଷଣ ଭଦ୍ରଖର ଖରଗଡ଼ ଜଗନ୍ନାଥପୁରନିବାସୀ । ଯାଜପୁର ତାଙ୍କର କର୍ମକ୍ଷେତ୍ର ଥିଲା । ସେତେବେଳେ ମୁନସଫ୍ ପଦର ସୃଷ୍ଟି ହୋଇ ନ ଥିଲା—ମୁନସଫ୍‌ମାନେ ସଦରଆଲି ଉପାଧିରେ ପରିଚିତ ଥିଲେ । ଉତ୍କଳର ପ୍ରଥମ ଇଞ୍ଜିନିଅର ସୁଦାମଚରଣ ପଟ୍ଟନାୟକଙ୍କ ଜନ୍ମ-ଭୂମି ଏହି ଭଦ୍ରଖ । ସୁଦୂର ଆସାମ ଜିଲ୍ଲାରେ ସେ କର୍ମ କରୁଥିଲେ । ପଣ୍ଡିତ ଗୋବିନ୍ଦଚନ୍ଦ୍ର ମହାପାତ୍ର ସାମାନ୍ୟ ଇଂରାଜୀ ଶିକ୍ଷା କରି ଅସାଧାରଣ ପ୍ରତିଭା ବଳରେ ବିଶାଳ ମୟୂରଭଞ୍ଜ ଷ୍ଟେଟର କଲେକ୍ଟର ହୋଇଥିଲେ । ଯେଉଁ ଭଦ୍ରଖ ଏଭଳି ପ୍ରତିଷ୍ଠା ଲାଭ କରିଥିଲା, ଗଭୀର ଦୁଃଖର ବିଷୟ, ସେହି ଭଦ୍ରଖ ଏବେ ଶ୍ମଶାନତୁଳସୀ । କିନ୍ତୁ ସଂସାରରେ କାହାରି ଦୁଃଖସୁଖ ଚିର ନୁହେ—ଦୁଃଖସୁଖର ଆବର୍ତ୍ତନ ଲାଗିରହିଅଛି । ଅନ୍ଧକାରମୟ ଭଦ୍ରଖରେ ଯେଉଁ-ମାନେ ବନ୍ଦ୍ୟମାନ ଆଲୋକ ଦେଖାଉଅଛନ୍ତି, ସେମାନେ ସମ୍ମାନର ପାତ୍ର, ଏହା କହିବା ବାହୁଲ୍ୟମାତ୍ର । ଭଦ୍ରଖର ମୁଷ୍ଟିମେୟ କୃତୀ ସନ୍ତାନ ଏବେ ଉନ୍ନତି ଅଡ଼କୁ ମୁହଁ ଫେରାଇଅଛନ୍ତି—ଏହା ଘୋର ନିରାଶା ମଧ୍ୟରେ ଆଶାର ଅଙ୍କୁର—ନିରାନନ୍ଦ ମଧ୍ୟରେ ଆନନ୍ଦ ଓ ଅମାବାସ୍ୟାରେ ପୂର୍ଣ୍ଣିମା ।

ଆଜି ଯାହାଙ୍କ ଉଦ୍ଦେଶ୍ୟରେ ଏ ସମ୍ବର୍ଦ୍ଧନା ସଭା ଗଠିତ ହୋଇଅଛି, ସେହି ଲକ୍ଷ୍ମୀକାନ୍ତ ବାବୁ ଉତ୍କଳ ବାସୀଙ୍କ ହୃଦୟ, ସମଗ୍ର ଉତ୍କଳରେ ଅପରିଚିତ ନୁହନ୍ତି । ସେ ଜଣେ ସାହିତ୍ୟିକ, ସାଙ୍ଗୀତିକ ଏବଂ ଗଳ୍ପ, ନାଟକ, ସନ୍ଦର୍ଭ-ଲେଖକ । ତେତେବେଳେ ସରଳ, ସମୟୋପ-ଯୋଗୀ ଉପାଦେୟ ଶିଶୁସାହିତ୍ୟ ସେ ସାହିତ୍ୟଭଣ୍ଡାରକୁ ଉପହାର ଦେଇଅଛନ୍ତି । ତାଙ୍କ ପରି ନିରଳସ ନିଃସ୍ୱାର୍ଥ ସାହିତ୍ୟ-ସେବୀ ଦେଶରେ ଅତି ଅଳ୍ପ ଅଛନ୍ତି । ରୋଗର ଅସହ୍ୟ ଯନ୍ତ୍ରଣାକୁ ସେ ବାମପାଦରେ ଠେଲିଦେଇ ସାହିତ୍ୟ ସଙ୍ଗରେ ନିଜକୁ ମିଶାଇଦେଇଅଛନ୍ତି । ତାଙ୍କର ଜୀବନ ସାର୍ଥକ ହୋଇଅଛି । ସୁକବି ଓ ସାହିତ୍ୟିକ ବୋଲି ସେ ଦେଶରେ ପ୍ରତିଷ୍ଠା ମଧ୍ୟ ଅର୍ଜନ କରିଅଛନ୍ତି । ସେ କଥାଶିଳ୍ପୀ ସ୍ୱରଶିଳ୍ପୀ ଉଭୟ । ଦେଶ ପକ୍ଷରୁ ତାଙ୍କର ପୂଜା ସମୀଚୀନ । "ଶ୍ରେୟସି କେନ ତୃପ୍ୟତେ ପୂଜ୍ୟପୂଜା ବ୍ୟତିକ୍ରମ ।"

ସଙ୍ଗୀତକଳାରେ ଉତ୍କଳର ଅତୀତ କେତେ ଉଚ୍ଚରେ ଅବସ୍ଥିତ ଥିଲା, ତାହା କହିବାର ପ୍ରୟୋଜନ ନାହିଁ । ଯେଉଁମାନେ ଉତ୍କଳର ଚୈତନ୍ୟମନ୍ଦିର ଅଭିନୟ ଦେଖିଅଛନ୍ତି, ସେମାନେ ତାହା ଅବଗତ ଅଛନ୍ତି । ସେଥିର ସ୍ୱର, ତାଳ, ସଙ୍ଗୀତ ସ୍ୱତନ୍ତ୍ର ଓ ନୂତନ । ତାହା ଯୋଗୀ, ଭୋଗୀ, ପଣ୍ଡିତ, ମୂର୍ଖ, ରସିକ, ଅରସିକ ସମସ୍ତ ଶ୍ରେଣୀର ଲୋକଙ୍କୁ ମୁଗ୍ଧ କରିପାରେ । ସମସ୍ତ ଥିଲା— ତେଣୁ ତେତେବେଳେ ଅନେକ ଲବ୍ଧପ୍ରତିଷ୍ଠ ବିଦେଶୀ ସଙ୍ଗୀତଜ୍ଞ ଉତ୍କଳକୁ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ ; କିନ୍ତୁ କାଳକ୍ରମେ ସେ ବିଦ୍ୟାର ଅଧୋଗତି ଘଟିଅଛି । ସୁଖର ବିଷୟ, ଦେଶର ସେହି ମୃତ ପ୍ରତିଷ୍ଠାକୁ ଯେଉଁ କେତେ ଜଣ ପୁନର୍ଜୀବିତ କରିବାର ଚେଷ୍ଟା କରୁଅଛନ୍ତି, ସେଥି ମଧ୍ୟରେ ଲକ୍ଷ୍ମୀକାନ୍ତ ବାବୁ ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛନ୍ତି । ଜନ୍ମଭୂମିର ସଙ୍ଗୀତ-ଗୌରବ ଉଦ୍ଧାର ନିମନ୍ତେ ଲକ୍ଷ୍ମୀକାନ୍ତ ବାବୁଙ୍କର ଅଦମ୍ୟ ଚେଷ୍ଟା ବାସ୍ତବରେ ପ୍ରଶଂସନୀୟ । ସେଥିପାଇଁ ସେ ବାରମ୍ବାର କ୍ଷତିଗ୍ରସ୍ତ ହୋଇଅଛନ୍ତି, ତଥାପି ତାଙ୍କର ପ୍ରତିଜ୍ଞା ଅଟଳ ଅଛି । ଦେଶର ଏଭଳି ଜଣେ ସୁପରିଚିତ ବ୍ୟକ୍ତିଙ୍କ ପବିତ୍ର ଗୁଣପୂଜାରେ ଯୋଗ ଦେବାର ସୁବିଧା ପାଇ ମୁଁ ନିଜକୁ ଧନ୍ୟ ମଣୁଅଛି ।

ଆଉ ଗୋଟିଏ କଥା କହି ମୋର ଏ କ୍ଷୁଦ୍ର ବକ୍ତବ୍ୟ ଶେଷ କରିବି । ଭାରତସେବକ ସମିତିର ସୁଦକ୍ଷ ସୁପରିଚିତ କର୍ମୀ ବାବୁ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ. ମହୋଦୟ ବୁଦ୍ଧ ଉତ୍କଳଦେଶର ଜଣେ ସୁଯୋଗ୍ୟ ହିତୈଷୀ । ସେ ଜନତାର ଯେଉଁ ଅଙ୍ଗ ଦୁର୍ବଳ, ଅସାଡ଼ ଦେଖୁଅଛନ୍ତି, ସେହିକ୍ଷଣି ଚିକିତ୍ସାରେ ପ୍ରବୃତ୍ତ ହେଉ-ଅଛନ୍ତି । ସ୍ୱଦେଶର ସର୍ବପ୍ରକାର ମଙ୍ଗଳ ଅନୁଷ୍ଠାନରେ ସେ ସର୍ବଦା ସଂଲିପ୍ତ । ଆଜିର ଏ ସଭା ତାଙ୍କର ପ୍ରେରଣା ଓ ଚେଷ୍ଟାର ଫଳ । ସେ କଷ୍ଟ ସହି ଦୂରରୁ ଆସି ଆମ୍ଭମାନଙ୍କୁ ଯେଉଁ ଆଦର୍ଶ ଦେଖାଇଲେ ତାହା ବଡ଼ ମୂଲ୍ୟବାନ୍ । ସେଥି ନିମନ୍ତେ ଉତ୍କଳବାସୀଙ୍କର ସେ କୃତଜ୍ଞତା-ଭାଜନ । ମୁଁ ତାଙ୍କୁ ପ୍ରାଣର ଭାଷାରେ ଧନ୍ୟ-ବାଦ ଅର୍ପଣ କରୁଅଛି ।

---

## ସ୍ୱତନ୍ତ୍ର ପ୍ରଦେଶ

ଆଜି ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହେଲା । ସୁତରାଂ ଆଜି ଦିନଟି ଚିରସ୍ମରଣୀୟ ଶୁଭ ସୁଦିନ । ସେଥିପାଇଁ ପ୍ରତ୍ୟେକ ଉତ୍କଳବାସୀ ପ୍ରାଣରେ ଆନନ୍ଦାନୁଭୂତି ସ୍ୱାଭାବିକ । ମାତ୍ର ଯେତେଦିନ ଯାଏ ଉତ୍କଳର ଅବଶିଷ୍ଟ ବିଚ୍ଛିନ୍ନ ଅଂଶ ତାହାର ଅଙ୍ଗୀଭୂତ ହୋଇ ନାହିଁ, ତେତେ ଦିନ ପର୍ଯ୍ୟନ୍ତ ଏ ଆନନ୍ଦ ପୂର୍ଣ୍ଣତାପ୍ରାପ୍ତ ହେବ ନାହିଁ । ତଥାପି ଘର ନ ଥିବା ଲୋକଙ୍କୁ ଖଣ୍ଡିଏ ଘର ମିଳିଲେ ସେ ନିଶ୍ଚୟ ଆନନ୍ଦ ଉପଭୋଗ କରେ । ଆଶାର ଅଂଶିକ ସାଫଲ୍ୟ ସୁଦ୍ଧା ଆନନ୍ଦଦାୟକ । କ୍ଷୁଦ୍ର ରତ୍ନ-କଣିକାର ମଧ୍ୟ ଜ୍ୟୋତି ଥାଏ । ଏତେ ଦିନଯାଏଁ ଉତ୍କଳ ପର ଓଳିରେ ମୁଣ୍ଡ ଗୁଞ୍ଜୁଥିଲା, ଏବେ ତାର ସ୍ୱତନ୍ତ୍ର ଘରଖଣ୍ଡିଏ ହେଲା, ଏହାହିଁ ତା ପକ୍ଷରେ ସାନ୍ତ୍ୱନାର ବିଷୟ, ଆନନ୍ଦର ବିଷୟ । ଘରର କେତେକ ଉପକରଣର ଅଭାବ ଥାଇପାରେ ; ମାତ୍ର ତାହା ପ୍ରଥମାବସ୍ଥାରେ ଅସଙ୍ଗତ ନୁହେ । ଆଗେ ଘରଟିଏ ହେଲା, ପରେ ଅବସ୍ଥାନୁଯାୟୀରେ କ୍ରମଶଃ ତାହା ସଜ୍ଜିତ

ହୋଇ ପୂର୍ଣ୍ଣତାପ୍ରାପ୍ତ ହେବ । ଖାଲି ଘରଖଣ୍ଡିଏ ମିଳିଲା ବୋଲି ନିଶ୍ଚିନ୍ତ ହୋଇ ବସିଲେ ଚଳିବ ନାହିଁ, ଘରକରଣାର ପ୍ରତ୍ୟେକ ସାମଗ୍ରୀ ସଂଗ୍ରହର ପ୍ରବଳ ଚେଷ୍ଟା ହେବା ଆବଶ୍ୟକ । ସେ ଦାୟିତ୍ୱ ଅନ୍ୟ କାହାରି ନୁହେଁ, ଯାହାର ଘର ତାହାର । ସ୍ୱତ୍ୱଲାଭର ଆନନ୍ଦ ସଙ୍ଗେ ସଙ୍ଗେ ସମସ୍ତଙ୍କୁ ସେ ଦାୟିତ୍ୱର ମହତ୍ତ୍ୱ ଏବଂ ମୂଲ୍ୟ ବୁଝି କର୍ମ କରିବାକୁ ହେବ । ବହୁକାଳର ଆନ୍ଦୋଳନ, ବହୁକାଳର ସାଧନା ଫଳରେ ଆଂଶିକ ସାଫଲ୍ୟ ମିଳିଅଛି, ସାଫଲ୍ୟର ପୂର୍ଣ୍ଣତାଲାଭ ସକାଶେ ସେହି ଆନ୍ଦୋଳନ, ସେହି ସାଧନା ସଞ୍ଜୀବିତ ରଖିବାକୁ ହେବ । ସାଧନାର ସିଦ୍ଧି ଅବଶ୍ୟମ୍ଭାବୀ; ସାଧନାର ପଛରେ ସିଦ୍ଧି ଥାଏ । ଗଞ୍ଜାମ ବିଶାଖାପାଟଣାର ଅବଶିଷ୍ଟ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳ, ସିଂହଭୂମି ଓ ମେଦିନୀପୁର ଜିଲ୍ଲାର ଓଡ଼ିଆଭାଷୀ ଅଞ୍ଚଳ ଉତ୍କଳର ଅନ୍ତର୍ଭୁକ୍ତ ନ ହେବାଯାଏ ଆମ୍ଭମାନଙ୍କର ଏହି ଗୁରୁଦାୟିତ୍ୱରୁ ମୁକ୍ତିଲାଭର ଅବକାଶ ନାହିଁ । ସ୍ୱତନ୍ତ୍ର ପ୍ରଦେଶ ଲାଭର ଆନନ୍ଦ ଏହି ଦାୟିତ୍ୱକୁ ବହୁଗୁଣ ବଢ଼ାଇଦେଇଅଛି, ଏହା ମନେ ରଖିବାକୁ ହେବ । କର୍ତ୍ତବ୍ୟ-ଦେବତା ଶତମୁଖରେ ଆହ୍ୱାନ କରୁଅଛି, ତାହାର ଡାକ ଶୁଣି ତାହାର ଆଦେଶ ପାଳନ କରିବାକୁ ହେବ ଏବଂ ତାଙ୍କୁ ବିଧିମତେ ପୂଜା କରିବାକୁ ହେବ । ସେହି କର୍ତ୍ତବ୍ୟ-ଦେବତା ଆମ୍ଭମାନଙ୍କର ଭାବୀ ଶ୍ରୀବୃଦ୍ଧି ଗଢ଼ିଦେବେ । ଆଜିର ଏ ଆନନ୍ଦ ଅମର, ତାହାର ପରମାୟୁ ଅନନ୍ତ । ଏହି ଶୁଭଦିନଟି ମହାପର୍ବଦିବସ ତୁଲ୍ୟ ପ୍ରତିବର୍ଷ ଉତ୍କଳର ଘରେ ଘରେ ଉତ୍ସବ ସହ ପାଳିତ ହେବା ବାଞ୍ଛନୀୟ । ଏହି ମହାସ୍ମୃତି-ପୂଜା—ଏହି ଆନନ୍ଦ ମହୋତ୍ସବ ଅମର ହେଉ ।

ଆଜି ଏହି ଆନନ୍ଦ ଦିବସରେ ଆନନ୍ଦଦାତା ଉତ୍କଳର ଗଜପତି ମହାରାଜା, ଉତ୍କଳବରେଣ୍ୟ ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମହୋଦୟଙ୍କୁ ମୁଁ ଗଭୀର କୃତଜ୍ଞତା ଏବଂ ପ୍ରାଣର ଭକ୍ତ୍ୟଭିନନ୍ଦନ ଜଣାଉଅଛି । ତାଙ୍କର ଏହି ଜ୍ୟୋତିର୍ମୟ କୀର୍ତ୍ତି ଉତ୍କଳ ଇତିହାସକୁ ଚିରସମୁଜ୍ଜ୍ୱଳ କରି ରଖିବ । ଜୟ ଉତ୍କଳର ଜୟ, ଜୟ କୃଷ୍ଣଚନ୍ଦ୍ରଙ୍କର ଜୟ—ଏହି ଜୟରୋଳ ଆଜି ଉତ୍କଳର ପ୍ରତି ପୁରପଲ୍ଲୀକୁ ଶଙ୍ଖ-ହୁଳହୁଳି ଶବ୍ଦ ସହ ମୁଖରିତ କରି ରଖିଅଛି । ଦ୍ୱାପର ଯୁଗରେ ପ୍ରଭୁ କୃଷ୍ଣଚନ୍ଦ୍ର ଜନନୀଙ୍କ ବନ୍ଧନ ଫେଡ଼ିଥିଲେ, ଆଜି ମହାରାଜା କୃଷ୍ଣଚନ୍ଦ୍ର ଉତ୍କଳ-ଜନନୀଙ୍କର ବନ୍ଧନ ଫେଡ଼ିଲେ । ତାଙ୍କର ମଧୁମୟ କୃଷ୍ଣଚନ୍ଦ୍ର ନାମ ବାସ୍ତବରେ ସାର୍ଥକ ।

---

## ଚିନ୍ତାଶକ୍ତି

ଅନନ୍ତ ବିଶ୍ୱରାଜ୍ୟ ମଧ୍ୟରେ ଯେଉଁ ସମସ୍ତ ବସ୍ତୁକୁ ଆମ୍ଭେମାନେ ଦୃଷ୍ଟିଶକ୍ତିଦ୍ୱାରା ପ୍ରତ୍ୟକ୍ଷୀଭୂତ କରି ଅନ୍ତର୍ଜଗତର ନିଭୃତତମ କକ୍ଷରେ ତାହାର ସ୍ୱରୂପ ଚିନ୍ତା, ଧ୍ୟାନ ବା ଧାରଣା କରୁଁ, ତତ୍ସମୁଦାୟ ଚିନ୍ତାଶକ୍ତିର କାର୍ଯ୍ୟ । ଦୃଷ୍ଟିଶକ୍ତି ତାହାର ଅଦୂରବର୍ତ୍ତିନୀ ସହାୟକାରିଣୀମାତ୍ର ।

ସାଧାରଣତଃ ଦୃଷ୍ଟ ହୁଏ, ଦୃଷ୍ଟିର ସଙ୍କୀର୍ଣ୍ଣତାବଶତଃ ମନୁଷ୍ୟର ଅଦୂରଦର୍ଶିତା ଓ ସଙ୍କୋଚ ଭାବ ଜନ୍ମିଥାଏ । ଏହି ହେତୁ ଯାହାର ବାହ୍ୟଦୃଷ୍ଟି ସମଧିକ ପ୍ରଖର ଓ ତେଜସ୍ୱିନୀ ନୁହେଁ, ତାହାର ଅନ୍ତର୍ଦ୍ଦୃଷ୍ଟି ନିସ୍ତେଜ ଓ ବସ୍ତୁତ ଚିନ୍ତାର ଅନୁପଯୁକ୍ତ । ଯେରୂପ ସ୍ୱଭାବ-ଜାଗ୍ରତ କରାଇ ନ ଦେଲେ ସୁପ୍ତ ଶିଶୁ ସହଜରେ ଜାଗ୍ରତ ହୁଏ ନାହିଁ, କାନନରେ ଫୁଲ ଫୁଟେ ନାହିଁ, ସମୁଦ୍ରରେ ତରଙ୍ଗ ଖେଳେ ନାହିଁ, ସେହିରୂପ ବାହ୍ୟଦୃଷ୍ଟିଦ୍ୱାରା ଅନ୍ତର୍ଦ୍ଦୃଷ୍ଟି ପରିଚାଳିତ ନ ହେଲେ ପ୍ରକୃତିର ସ୍ୱରୂପତତ୍ତ୍ୱ ହୃଦୟ-ମୁକୁରରେ ପ୍ରତିବିମ୍ବିତ ହୁଏ ନାହିଁ । ଜନ୍ମାନ୍ଧର ବାହ୍ୟ ଦୃଷ୍ଟି ନାହିଁ; ସୁତରାଂ ଅନ୍ତର୍ଦ୍ଦୃଷ୍ଟିର ଅଭାବ । ତୀବ୍ର ବାହ୍ୟଦୃଷ୍ଟି ସର୍ବଦା କଳ୍ପନାକୁ ଉତ୍ତେଜିତ କରିଥାଏ । ଯେତେବେଳେ ମନଶ୍ଚକ୍ଷୁ ଉନ୍ମୀଳିତ ହୋଇ ଅତି ଦୂରସ୍ଥ ବସ୍ତୁକୁ ଆତ୍ମାର ସନ୍ନିଧାନରେ ଦର୍ଶନ କରେ, ସେତେବେଳେ ବାହ୍ୟଦୃଷ୍ଟିର କାର୍ଯ୍ୟ କ୍ରମେ ଶିଥିଳ ହୋଇ ଅନ୍ତର୍ଦ୍ଦୃଷ୍ଟିରେ ବିଲୀନ ହୋଇଯାଏ । ଯେପରି ଜଳୌକା ଏକ ବସ୍ତୁକୁ ଆଶ୍ରୟ କରି ଅନ୍ୟ ବସ୍ତୁକୁ ତ୍ୟାଗ କରେ, ସେହିପରି ମନ ସୁଦ୍ଧା ବାହ୍ୟବସ୍ତୁକୁ ତ୍ୟାଗ କରି କ୍ରମେ ଅନ୍ତର୍ଜଗତର ଆଶ୍ରୟ ନେଇ କାର୍ଯ୍ୟ କରୁଥାଏ । ଯେରୂପ ବାହ୍ୟଦୃଷ୍ଟି ସୃଷ୍ଟିଦର୍ଶନର

ଉପଯୋଗୀ ନୁହେଁ, ସେହିରୂପ ଅନ୍ତର୍ଦ୍ଦୃଷ୍ଟି ସୁଦ୍ଧା ସୂକ୍ଷ୍ମ-ଦର୍ଶନର ବିରୋଧୀ । ଚିତ୍ରକର ଚିତ୍ର ଅଙ୍କିତ କରେ, କବି କାବ୍ୟ ଲେଖେ;କିନ୍ତୁ ସବୁଗୁଡ଼ିକ ସମାନ ହୁଏ ନାହିଁ । କୌଣସି ଚିତ୍ର ବା କାବ୍ୟ ଦୃଷ୍ଟିସୁଖପ୍ରଦ ଓ ଶ୍ରୁତି ଭାବବ୍ୟଞ୍ଜକ ହୁଏ, ଆଉ କେହି ଅବା ଅଦୃଶ୍ୟ, ଅପାଠ୍ୟ ଓ ଅରୁଚିକର ହୁଏ । ଏକ ପଦାର୍ଥ ଏକ ଛାଞ୍ଚରେ ଢଳା ଓ ଏକ ଉପକରଣରେ ନିର୍ମିତ ହୋଇ ସୁଦ୍ଧା ଏରୂପ ବିସଦୃଶ ଆକାର ଓ ଭାବବ୍ୟଞ୍ଜକ ହୁଏ କାହିଁକି ? କାରଣ ସମସ୍ତ ଚିତ୍ରକର ଓ କବିର ବାହ୍ୟ ଓ ଅନ୍ତର୍ଦୃଷ୍ଟିର ସାମଞ୍ଜସ୍ୟ ସମାନ ନୁହେଁ । ସେମାନେ ପ୍ରକୃତିର ସନ୍ନିହିତ ହୋଇ ପ୍ରକୃତିକୁ ଦର୍ଶନ କରି ଜାଣନ୍ତି ନାହିଁ । ଦୂରରେ ଥାଇ ସ୍ଥୂଳଦୃଷ୍ଟିରେ ଯେପରି ଦେଖନ୍ତି, ସେହି-ପରି ଅପରିଷ୍କୃତ ଓ ଅସମ୍ପୂର୍ଣ୍ଣ ଭାବ ସେମାନଙ୍କ ହୃଦୟରେ ଫୁଟିଉଠେ । ଦୃଶ୍ୟ ସୁନ୍ଦର ନ ହେଲେ ଦର୍ପଣରେ ସୁନ୍ଦର ପ୍ରତିବିମ୍ବ କାହୁଁ ପଡ଼ିବ ? ପ୍ରକୃତିକୁ ପ୍ରକୃତ ସାଜରେ ସଜ୍ଜିତ କରିବାକୁ ହେଲେ ଅଗ୍ରେ ଚକ୍ଷୁର ଚକ୍ଷୁଦାନ ଆବଶ୍ୟକ। ଇନ୍ଦ୍ରିୟର ଜୀବନୀ ଶକ୍ତି ନ ଥିଲେ କାର୍ଯ୍ୟୋପ-ଯୋଗୀ ହେବ କପରି ? ପ୍ରକୃତିର ଅଙ୍ଗପ୍ରତ୍ୟଙ୍ଗ ଗୋଟି ଗୋଟି କରି ଦର୍ଶନ, ମନନ ଓ ଧ୍ୟାନ କରିବାକୁ ହେବ; ତେବେ ଯାଇ ଆଦର୍ଶ ଉଠିବ; ଅନ୍ୟଥା ଆଦର୍ଶର ଅଭାବରେ ଯାହା ତାହା ଗଢିଲେ ସେ ରୂପ ଚିତ୍ର ବା କାବ୍ୟରେ କାହାର ସୁଖ ଜନ୍ମିବ କାହିଁକି ?

ପୂର୍ବରୁ ଉକ୍ତ ହୋଇଅଛି, ଦୃଷ୍ଟିଶକ୍ତି ଚିନ୍ତା-ଶକ୍ତିର ସହାୟକାରିଣୀ । ଦୃଷ୍ଟିଶକ୍ତି ଅଭାବରେ ଚିନ୍ତାଶକ୍ତିର ସମ୍ୟକ୍ ସ୍ଫୁରଣ ଅସମ୍ଭବ , ଅଥଚ ଦୃଷ୍ଟିଶକ୍ତି ସମଧିକ ପ୍ରଖର ଓ ପୂର୍ଣ୍ଣା । ଦୃଷ୍ଟିଶକ୍ତି ଦୂରସ୍ଥ ବିଷୟସବୁକୁ ମନର ଆୟତ୍ତୀଭୂତ କରି କଳ୍ପନାରେ ସଂଯୋଗ କରିଦିଏ ଏବଂ ଯେପର୍ଯ୍ୟନ୍ତ ବାସନା ସମ୍ୟକ୍ ପୂର୍ଣ୍ଣତା ପ୍ରାପ୍ତ ନ ହୁଏ, ସେପର୍ଯ୍ୟନ୍ତ ତାହା ଉପରେ ଅବିଶ୍ରାନ୍ତ ଓ ଅତୃପ୍ତ ଭାବରେ କାର୍ଯ୍ୟ କରୁଥାଏ । ପ୍ରତି ମୁହୂର୍ତ୍ତରେ ନାନା ବସ୍ତୁର ପ୍ରତିକୃତି ଘେନି ହୃଦୟକୁ ଉପହାର ପ୍ରଦାନ କରିବା ଦର୍ଶନଶକ୍ତିର ଅନ୍ୟତମ କର୍ତ୍ତବ୍ୟ । ତେତେବେଳେ ଚିନ୍ତାଶକ୍ତି କଳ୍ପନାକୋଡ଼ରେ ଲାଳିତ, ପାଳିତ ଓ ପରିବର୍ଦ୍ଧିତ ହୋଇ ବହୁ ଆୟାସସାଧ୍ୟ ଦୂରବର୍ତ୍ତୀ ବିଷୟ-ସମୂହକୁ ଅସ୍ମାର ଅତି ସନ୍ନିହିତ ଓ ଆୟତ୍ତ କରିଦିଏ । ଏହେତୁ ଯେଉଁ ସମସ୍ତ ବସ୍ତୁ ସର୍ବଦା ପ୍ରତ୍ୟକ୍ଷଦର୍ଶନ କରି-ଯାଏ,ସାମାନ୍ୟ ଚେଷ୍ଟା ଓ ମନୋଯୋଗଦ୍ୱାରା ଅତି ଅଳ୍ପ ସମୟରେ ତାହା ହୃଦୟରେ ଅଙ୍କିତ ହୋଇଯାଏ , ସୂକ୍ଷ୍ମ-ଦର୍ଶୀ ମନଶ୍ଚକ୍ଷୁ ତେତେବେଳେ ବସ୍ତୁତ ଭାବରେ ଚତୁର୍ଦ୍ଦିଗ ନିରୀକ୍ଷଣ କରୁଥାଏ । ସ୍ଥୂଳଦର୍ଶିନୀ ବାହ୍ୟ-ଦୃଷ୍ଟି ଯାହାକୁ ଅପୂର୍ଣ୍ଣ ଓ ସସୀମ ଅବସ୍ଥାରେ ଦେଖିଥିଲା, ଋଷିମାନେ ଅନ୍ତଶ୍ଚକ୍ଷୁ ତାହାକୁ ପୂର୍ଣ୍ଣଭାବରେ ଅନନ୍ତ ଅସୀମ ଅବସ୍ଥାରେ ଦେଖେ । ସାଧୁମାନଙ୍କ ଜୀବନୀରେ ଆମ୍ଭେମାନେ କଅଣ ଦେଖୁଁ ? ସେମାନେ ବହିଶ୍ଚକ୍ଷୁଦ୍ୱାରା ପ୍ରକୃତିର ଯେଉଁ ନିକଟ ସୌନ୍ଦର୍ଯ୍ୟ ଉପଲବ୍ଧି କରି ନ ପାରନ୍ତି, ସମାଧି ଅବସ୍ଥାରେ ସେମାନଙ୍କ ହୃଦୟରେ ତାହା ସହସ୍ରଗୁଣିତ ହୁଏ । ସେମାନେ ବାହ୍ୟଦୃଷ୍ଟିଦ୍ୱାରା ଜଡ଼ପଦାର୍ଥର ମଳିନ ଛାୟାମାତ୍ର ଦେଖନ୍ତି, ଅନ୍ତର୍ଦ୍ଦୃଷ୍ଟି-ଦ୍ୱାରା ବିଶ୍ୱବିଧାତାଙ୍କ ଅନନ୍ତ ବିଶ୍ୱବ୍ୟାପିନୀ ଶକ୍ତିର ପବିତ୍ର କାର୍ଯ୍ୟକୌଶଳମାନ ଦେଖନ୍ତି । ସେମାନଙ୍କର ମାର୍ଜ୍ଜିତ ଜ୍ଞାନ ତେତେବେଳେ ଅନନ୍ତ ଶକ୍ତିରେ ବଳୀ-ୟାନ୍ ହୋଇ ଅନନ୍ତ ଧ୍ୟାନ,ଅନନ୍ତ ଚିନ୍ତା,ଅନନ୍ତ ଧାରଣା କରୁଁ କରୁଁ ଅନନ୍ତରେ ବିଲୀନ ହୋଇଯାଏ ; ସେମା-ନଙ୍କର ସାଧନା ସଫଳ ହୁଏ , ତେତେବେଳେ ଚିନ୍ତାଶକ୍ତି ବିବେକ-ସଲିଳରେ ସିକ୍ତ ହୋଇ ସେମାନଙ୍କୁ ପରମବ୍ରହ୍ମଙ୍କ ସ୍ୱରୂପ ଦର୍ଶନରେ ଅଧିକାରୀ କରିଦିଏ । ସେହି ସମୟରେ ପୂର୍ଣ୍ଣ ବୈରାଗ୍ୟ ଆସି ସେମାନଙ୍କ ଅସ୍ଥିକୁ ଆଶ୍ରୟ କରେ । ତେତେବେଳେ ଇହକାଳ କଅଣ, ପରକାଳ କଅଣ, ସ୍ରଷ୍ଟା କିଏ, ସୃଷ୍ଟ କିଏ, ଧ୍ୟାନ କଅଣ, ଧେୟ କଅଣ—ଏହି ପାର୍ଥିବ ଅପାର୍ଥିବ ବିଷୟର ଚିନ୍ତା କି ବିଚାର ସେମାନଙ୍କର ପ୍ରୟୋଜନ ହୁଏ ନାହିଁ । ସେମାନେ ତେତେବେଳେ ଯୋଗାସନରେ ବସି ସୃଷ୍ଟିକାଳର ଘଟନାବଳୀ ପ୍ରତ୍ୟକ୍ଷ ଦର୍ଶନ କରନ୍ତି ଏବଂ ଜ୍ୟୋତିଃରେ ଜ୍ୟୋତିଃ ମିଶାଇ ନିଜକୁ ସୋହଂ ଜ୍ଞାନରେ କାମବିସ୍ତାର ଦୂରରେ ଅବସ୍ଥାନ କରନ୍ତି ।

ଏ ସ୍ଥଳରେ ବୋଲିବା ବାହୁଲ୍ୟ ଯେ, ସାଧା-ରଣତଃ ଦେଖାଯାଏ ଏବଂ ଗବେଷଣାଦ୍ୱାରା ଅନୁଭୂତ

ହୁଏ, ବାହ୍ୟଦୃଷ୍ଟିର କାର୍ଯ୍ୟ ଅପେକ୍ଷା ଅନ୍ତର୍ଦୃଷ୍ଟିର କାର୍ଯ୍ୟ ସୂକ୍ଷ୍ମ ହେଲେ ସୁଦ୍ଧା ନିତାନ୍ତ ସୂକ୍ଷ୍ମ ନୁହେ ।

ବିବେକ ଶକ୍ତିହିଁ ସ୍ୱଷ୍ଟ ଦର୍ଶନର ପରିଚାୟକ । କୌଣସି ବିପନ୍ନ ସମୁଦ୍ରଯାତ୍ରୀ ନାବିକ ଜୀବନର ଶେଷ ମୁହୂର୍ତ୍ତରେ ବହୁଦୂରବର୍ତ୍ତୀ ଆଲୋକ-ସ୍ତମ୍ଭ ଦର୍ଶନରେ ଯେପରି ଅପରିସୀମ ଆନନ୍ଦାନୁଭବ କରେ, ସେହିପରି ଚିତ୍ତ ବିବେକ ଶକ୍ତିର ଉନ୍ମେଷରେ ସ୍ଥୂଳ ଚିନ୍ତାକୁ ପରିହାର କରି ସୂକ୍ଷ୍ମ ଚିନ୍ତା ଉପଲବ୍ଧିପୂର୍ବକ ଆତ୍ମପ୍ରସାଦର ଅକୃତ୍ରିମ ସ୍ୱର୍ଗୀୟ ସୁଖାନୁଭବରେ ସମର୍ଥ ହୁଏ । ଚିନ୍ତାଶକ୍ତି ଏତେ ଦିନପର୍ଯ୍ୟନ୍ତ ଯେ ବହୁରୂପୀ ବେଶରେ ନାନାବିଧ କଳ୍ପିତ ପଦାର୍ଥର ସ୍ଥୂଳ ସ୍ଥୂଳ ଆକାର ଦେଖାଉଥିଲା, ତାହା ତାହାକୁ ବହୁଦୂରରେ ନିକ୍ଷେପ କରି ଏବେ ସ୍ୱରୂପରେ ନିମଜ୍ଜିତ ହେଲା । ଏ ହେତୁ ପ୍ରାଚୀନ ଆର୍ଯ୍ୟଋଷିବୃନ୍ଦ ସାଧକର ରୁଚି ନିମିତ୍ତ ପ୍ରକୃତି ଭେଦରେ ଗୁଣ ସମଷ୍ଟିର ବିଭିନ୍ନ ସଂଯୋଗରେ ଅଗ୍ରେ ଈଶ୍ୱରଙ୍କ କଳ୍ପିତ ରୂପ ଚିନ୍ତାଦ୍ୱାରା ତାଙ୍କ ସ୍ୱରୂପ ଦର୍ଶନର ସହଜ ପଥ ଦେଖାଇ ଦେଇଅଛନ୍ତି । ସ୍ୱରୂପ ଦର୍ଶନର ଅଧିକାରୀ ହେଲେ ସାଧକର ମନଶ୍ଚକ୍ଷୁ ଜଡରେ, ଅଜଡ଼ରେ, ଅନ୍ତରେ, ବାହାରେ, ବନରେ, ଉପବନରେ, ସହରରେ, ସାଗରରେ, ସର୍ବତ୍ର ସକଳ ସମୟରେ, ସକଳ ଅବସ୍ଥାରେ ସେହି ପୂର୍ଣ୍ଣପୁରୁଷଙ୍କର ବିରାଟମୂର୍ତ୍ତି ଦର୍ଶନ କରି ଅପାର ଆନନ୍ଦ-ସାଗରରେ ନିମଜ୍ଜିତ ହୁଏ । ଋଷିବୃନ୍ଦୃଗଣ ତେତେବେଳେ ସେହି ଅବିମିଶ୍ର ସୁଖର ଆସ୍ୱାଦନ ପାଇ ଅନନ୍ତ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ସକଳ କାମନାରୁ ନିବୃତ୍ତ ହୁଅନ୍ତି ।

---

## ସୁଖ ଓ ଦୁଃଖ

("ଜ୍ଞାନଦର୍ପଣ" ମାସିକ ପତ୍ରିକାର ୧ମ ଖଣ୍ଡ, ୪ର୍ଥ ସଂଖ୍ୟାରେ ପ୍ରକାଶିତ )

ଜଗତ୍‌ରେ ନାନାବିଧ ମନୋହର ଓ ତୃପ୍ତିକର ପଦାର୍ଥ ଥାଉଁ ଥାଉଁ ମାନବ ଏକମାତ୍ର ସୁଖ-ପ୍ରତ୍ୟାଶୀ କାହିଁକି ? ଆଉ ଦୁଃଖ ଉପରେ ବା ଏତେ ବିରକ୍ତି କାହିଁକି ? କେତେ ଜଣ ଏ ସଂସାରରେ ଦୁଃଖୀ ଲୋକଙ୍କୁ ସ୍ନେହ-ଶୀତଳ ନେତ୍ରରେ ଦେଖନ୍ତି, ପୁଣି କେତେ ଜଣ ବା ଦୀନଦରିଦ୍ରଙ୍କୁ ସାଦର ଆଲିଙ୍ଗନ ପ୍ରଦାନ କରନ୍ତି ? ସେଥିପାଇଁ ବୋଲିଯାଉଅଛି, ଦୁଃଖ ଉପରେ ଏତେ ବିରକ୍ତି କାହିଁକି ? କି ଇତର, କି ଭଦ୍ର ସମସ୍ତେ ଦୁଃଖର ନାମ ଶୁଣିଲେ ଥରିଉଠନ୍ତି, ଏଥିର କାରଣ କଅଣ ? ଅପକାରଜନକ ବିଷୟରେ ବିରାଗ-ବିତୃଷ୍ଣା ଜାତ ହେବା ସ୍ୱାଭାବିକ । ମାତ୍ର ଦୁଃଖଦ୍ୱାରା ତିଳମାତ୍ର ଅପକାର ହୁଏ ନାହିଁ । ଯେହେତୁ ସୁଖଦୁଃଖ ବିଧିପ୍ରେରିତ । ଈଶ୍ୱର କଦାଚ କାହାରି ଅପକାରୀ ନୁହନ୍ତି । ସେ ଯାହାକୁ ଯେଉଁ ଅବସ୍ଥାରେ ରଖିବେ, ତାହା କି କେତେବେଳେ ଅମଙ୍ଗଳୋତ୍ପାଦକ ହୋଇପାରେ ? କଦାଚ ନୁହେ । କି ଦୁଃଖ କି ସୁଖ, କେହି ଅମଙ୍ଗଳପ୍ରଦ ନୁହେ । କେହି ପ୍ରଶ୍ନ କରିପାରନ୍ତି ଯେ, ଦୁଃଖରେ ପଡିଲେ ପୁଣି କେଉଁ ଉପକାର ହୁଏ ? ଥରେ ଦୁଃଖରେ ପଡି ଭୁକ୍ତଭୋଗୀ ନ ହେଲେ ଏହି ପ୍ରଶ୍ନର ଉତ୍ତର କେହି ବୁଝିବାକୁ କ୍ଷମ ହେବେ ନାହିଁ ।

ଦୁଃଖରେ ପଡିଲେ ମସ୍ତକର କେଶ ସୁଦ୍ଧା ବିବ୍ରତ ହୋଇଯାଏ, ମାନସମ୍ଭ୍ରମ ନଷ୍ଟ ହୋଇଯାଏ, ଯନ୍ତ୍ରଣାବିପଦ ସଂଘଟିତ ହୁଏ, ଏରୂପ ଆଶଙ୍କା ବା ସଂସ୍କାର ସମ୍ପୂର୍ଣ୍ଣ ଭ୍ରମମୂଳକ, କାରଣ ଈଶ୍ୱର ସର୍ବଜ୍ଞ । ଆମ୍ଭମାନଙ୍କର କେଉଁ ଅବସ୍ଥା କେଉଁ ସମୟରେ ଶୁଭ-ଜନକ ଓ କେଉଁ ସମୟରେ ଅପକାରକ, ତାହା ସେ ଜାଣିପାରନ୍ତି । ସୁତରାଂ ସମୟବିଶେଷରେ ଅବସ୍ଥା-ବିଶେଷର ବ୍ୟବସ୍ଥା କରନ୍ତି । ଅତଏବ ଈଶ୍ୱର ଯେତେ-ବେଳେ ଯେଉଁ ଅବସ୍ଥାରେ ରଖିବେ, ସେତେବେଳେ ସେହି ଅବସ୍ଥାହିଁ ଶ୍ରେୟସ୍କରଜନକ ।

ସୁଖ ଓ ଦୁଃଖ ଅବିରାମ ଘୂର୍ଣ୍ଣାୟମାନ ଗୋଟାଏ ଚକ୍ରର ଦୁଇପାର୍ଶ୍ୱରେ ଦୃଢ ସମ୍ବଦ୍ଧ । ସ୍ୱୟଂ ଭଗବାନ ସେହି ଚକ୍ରର ପରିଭ୍ରାମକ । ଚକ୍ରଟି କାଳ-ଚକ୍ର । ଜଗ-ତ୍ପତିଙ୍କ ଅନନ୍ତ ଶକ୍ତିରେ ତାହା ଘୂରୁ ଘୂରୁ ପାର୍ଶ୍ୱସ୍ଥ ଜୀବର ଅଦୃଷ୍ଟ-ଦର୍ପଣରେ କେତେବେଳେ ସୁଖ, କେତେବେଳେ ବା ଦୁଃଖ ପ୍ରତିଫଳିତ ହେଉଅଛି । ଚକ୍ରର ପରିଭ୍ରାମକ ଯାହାର ଅଦୃଷ୍ଟ ଫଳକରେ ଯେତେ କାଳ ସୁଖଦୁଃଖ ପ୍ରତିଫଳିତ କରି ରଖିଅଛନ୍ତି,

ତେତେ କାଳ ସେ ସୁଖ ବା ଦୁଃଖ ଭୋଗ କରୁଅଛି । ଈଶ୍ୱରଙ୍କ ଅପୂର୍ବ କୌଶଳରେ ଅଦୃଷ୍ଟ-ଦର୍ପଣଗୁଡ଼ିକ ଏରୂପଭାବରେ ସଜ୍ଜିତ ଯେ, ଯେତେବେଳେ ଯାହାର ଯେଉଁ ଅବସ୍ଥାରେ ଉପକାର ହେବ, ଚକ୍ର ଘୂରିଲେ ତେତେବେଳେ ତାହାର ଅଦୃଷ୍ଟରେ ଠିକ୍ ସେହି ଅବସ୍ଥା ପ୍ରତିଫଳିତ ହେବ । ଏଥିସକାଶେ ସମସ୍ତଙ୍କର ଏକ ସମୟରେ ଦୁଃଖ ବା ଏକ ସମୟରେ ସୁଖ ହୁଏ ନାହିଁ ।

ପୁନଶ୍ଚ ଈଶ୍ୱର ଯେତେବେଳେ ଜାଣନ୍ତି ଯେ, ଏହାର ଅବସ୍ଥା ପରିବର୍ତ୍ତନ କଲେ ଉପକାର ହେବ, ତେତେବେଳେ ଏପରି କୌଶଳରେ ଚକ୍ର ଘୂରାନ୍ତି ଯେ, ତାହାର ଅଦୃଷ୍ଟରେ ଯେଉଁ ଅବସ୍ଥା ଉପକାରକ, ତତ୍‌କ୍ଷଣାତ୍ ସେହି ଅବସ୍ଥା ପ୍ରତିଫଳିତ ହୁଏ; କିନ୍ତୁ ଯାହାର ଅବସ୍ଥା ପରିବର୍ତ୍ତନର ଆବଶ୍ୟକତା ନାହିଁ, ଅର୍ଥାତ୍ ଅବସ୍ଥା-ପରିବର୍ତ୍ତନରେ ଅପକାର ସମ୍ଭବ, ଚକ୍ରର ଗତି ପରିବର୍ତ୍ତନରେ ସୁଦ୍ଧା ତାହାର ଅବସ୍ଥାର ପରିବର୍ତ୍ତନ ହୁଏ ନାହିଁ । ଏବେ ସ୍ପଷ୍ଟରୂପେ ପ୍ରତୀୟମାନ ହେଲା ଯେ, ସବୁ ଈଶ୍ୱରଙ୍କର ଇଚ୍ଛା । କାଳଚକ୍ର ସତତ ଗତିଶୀଳ ଓ ତହିଁ ସହ "ଚକ୍ରବତ୍ ପରିବର୍ତ୍ତନ୍ତେ ଦୁଃଖାନି ଚ ସୁଖାନି ଚ ।" ବର୍ତ୍ତମାନ ବକ୍ତବ୍ୟ ଏହି ଯେ, ମନୁଷ୍ୟମାନେ ସୁଖର ପକ୍ଷପାତୀ; ସେଥିପାଇଁ ସାମାନ୍ୟ ଦୁଃଖରେ ଅଭିଭୂତ ହେଲେ ସେହି ଦୁଃଖ ମୋଚନର ଚେଷ୍ଟା କରେ ଓ ସାମାନ୍ୟ ସୁଖବୋଧ ହେଲେ ସେଥିରେ ମୁଗ୍ଧ ହୋଇ ତାହାର ଅଭିବୃଦ୍ଧିର ଚେଷ୍ଟା କରେ; କିନ୍ତୁ ଫଳ ହୁଏ କି ? କେବେହେଁ ହୁଏ ନାହିଁ । କାରଣ କାଳଚକ୍ର ଈଶ୍ୱରଙ୍କ ଶକ୍ତି, ଇଚ୍ଛା ଓ ନିୟମାନୁଯାୟୀ ଘୂର୍ଣ୍ଣିତ ହେଉଅଛି । କିଏ ତାହାର ପ୍ରତିକୂଳରେ ଚେଷ୍ଟା କରି ସଫଳପ୍ରଯତ୍ନ ହେବ ? କାହିଁ ବିରାଟରୂପୀ ଭଗବାନଙ୍କର ବିରାଟ ଶକ୍ତି, ଆଉ କାହିଁ କ୍ଷୁଦ୍ରାଦପି ଅତି କ୍ଷୁଦ୍ର କୀଟାଣୁ ସମ ମାନବର ଚେଷ୍ଟା ! ଚେଷ୍ଟାଦ୍ୱାରା ଅସାଧ୍ୟ ସାଧନ ହୁଏ ସତ୍ୟ; ମାତ୍ର ଚେଷ୍ଟାଦ୍ୱାରା ଈଶ୍ୱରଙ୍କ ନିୟମରେ ପରିବର୍ତ୍ତନ ସମ୍ପାଦନ ଆକାଙ୍‌କ୍ଷା ସର୍ପ ମସ୍ତକରେ ଭେକର ପଦାଘାତ ତୁଲ୍ୟ ଅସମ୍ଭବ ।

ରକ୍ତମାଂସ ଦେହ ଧାରଣ କରି ଦୁଃଖରେ ଅଧୀର ହେବା ବିଚିତ୍ର ନୁହେଁ; ମାତ୍ର ତାହା ମୋଚନର ଚେଷ୍ଟା କରିବା କେବଳ ବାତୁଳତାମାତ୍ର; କାରଣ ଉପରେ ଉକ୍ତ ହୋଇଅଛି । ଈଶ୍ୱର ଦୁଃଖ-ପ୍ରଦାନର କର୍ତ୍ତା; ସୁଖ ସୁଦ୍ଧା ତାଙ୍କର ଦାତବ୍ୟ । ସେ ଯେତେବେଳେ ସର୍ବଜ୍ଞତା ଶକ୍ତିବଳରେ ଜାଣିପାରିବେ ଯେ, ଏହାର ସୁଖର ପ୍ରୟୋଜନ ହୋଇଅଛି, ତେତେବେଳେ ସେ ସ୍ୱତଃ ସୁଖ ପ୍ରଦାନ କରିବେ । ନଚେତ୍ "ଈଶ୍ୱରେଚ୍ଛା ବଳବତୀ" । ଚେଷ୍ଟା କରି କେହି ତାହାର ଗତି ବିରୁଦ୍ଧ ଦିଗକୁ ଫେରାଇ-ପାରିବ ନାହିଁ ।

ଅନେକେ କହୁଥାନ୍ତି ଯେ, ମୁଁ ସ୍ୱୟଂ ଚେଷ୍ଟା କରି ଏହି କର୍ମଟି କରିଅଛି, ଏତଦ୍ୱାରା ମୋର ଦୁଃଖ ଅବସିତ ହୋଇଅଛି, ଚେଷ୍ଟା ନ କଲେ କି ଦୁଃଖ ଦୂର ହୁଏ ? କିନ୍ତୁ ଏରୂପ ବିବେଚନା ଅତି ଅନ୍ୟାଯ୍ୟ ଏବଂ ଭ୍ରାନ୍ତିମୂଳକ । କାରଣ ଚେଷ୍ଟା କରୁ କରୁ ଯେତେବେଳେ ସେହି କର୍ମଟି ପ୍ରାପ୍ତ ହେଲେ ଓ ତଦ୍ୱାରା ତାଙ୍କର ଦୁଃଖ ଦୂରହେଲା, ଏପରି ହୋଇପାରେ, ଠିକ୍ ସେହି ସମୟରେ ପରମେଶ୍ୱର କାଳଚକ୍ର ଘୂର୍ଣ୍ଣିତ କରି ଉପଯୁକ୍ତ ସ୍ଥାନରେ ତାଙ୍କର ଅଦୃଷ୍ଟ-ଆରଶିରେ ସୁଖ ପ୍ରତିଫଳିତ କଲେ । ଅତଏବ ଦୁଃଖ ଓ ସୁଖ ଈଶ୍ୱରଙ୍କର ଇଚ୍ଛା, ପୁଣି ସେ ଉଭୟେ ଅଚିରସ୍ଥାୟୀ । ଏହା ଜାଣି ସୁଖରେ ଉତ୍‌ଫୁଲ୍ଲ ହେବା କିମ୍ବା ଦୁଃଖରେ ମ୍ରିୟମାଣ ହେବା ସୁବୁଦ୍ଧିର ପରିଚାୟକ ନୁହେଁ ।

---

# ଆତ୍ମନିର୍ଭରତା

( ଜ୍ଞାନଦର୍ପଣ ମାସିକ ପତ୍ରିକାରେ ପ୍ରକାଶିତ )

ପ୍ରତ୍ୟେକ ପଦାର୍ଥ ସକାଶେ ପରର ମୁଖାପେକ୍ଷୀ ନ ହୋଇ ଶକ୍ତ୍ୟନୁସାରେ ନିଜର ଅଭାବ ନିଜେ ପୂରଣ କରିବାର ନାମ ଆତ୍ମନିର୍ଭରତା । ତାହା ଏ ଦେଶକୁ ବନ୍ଧୁଜନଙ୍କୁ ବିଦାୟ ଦେଇ ଅନ୍ୟ ଖଣ୍ଡରେ ବିଚରଣ କରୁଅଛି । ନିଜ ଗୋଡ଼ରେ ନ ଚାଲି ପର ଉପରେ ଭର ଦେଇ ଚାଲିଲେ ପଦେ ପଦେ ଝୁଣ୍ଟିବା ସ୍ୱାଭାବିକ । ସମ୍ପ୍ରତି ଆମ୍ଭମାନଙ୍କର ସେହିରୂପ ଦୁର୍ଦ୍ଦଶା ହୋଇଅଛି । ବର୍ତ୍ତମାନ ପ୍ରତିକଥାରେ ଆମ୍ଭେମାନେ ପରପଦାନୁସାରୀ । ଦେଶ, ସମାଜ, ଜାତି ବା ପରିବାର ସକାଶେ ପରିଶ୍ରମ

କରିବା ତ ବଡ଼ ବଡ଼ କାର୍ଯ୍ୟ; ମାତ୍ର ଆମ୍ଭେମାନେ ନିଜ ସକାଶେ ଟିକିଏ ପରିଶ୍ରମ କରିବାକୁ କୁଣ୍ଠିତ । ସେଥିର କାରଣ ଆମ୍ଭେମାନେ ଆଜିକାଲି ବାବୁଗିରିର ଚୂଡ଼ାନ୍ତ ସୀମାରେ ପହଞ୍ଚିଅଛୁଁ ଓ ସଭ୍ୟତାର ଅଘ୍ରାଣ ପ୍ରାପ୍ତିରେ ଲୋକଲଜ୍ଜା ଭୟରେ ଝୁଙ୍କିପଡ଼ିଅଛୁଁ । ପାଶ୍ଚାତ୍ୟର ଖଣ୍ଡିଏ ଚାକିରି ପାଇଲେ ଆମ୍ଭେମାନେ ସ୍ୱର୍ଗକୁ ଅଧଃପ୍ରଦେଶ ମନେକରୁଁ । କେତେବେଳେ ନିଜ ପାଇଁ ବଜାରରୁ ପଇସାକର ଜଳପାନ ସ୍ୱହସ୍ତରେ ଧରି ଆସିବାକୁ ଲଜ୍ଜାରେ ମୃତବତ୍ ହୋଇପଡ଼ୁଁ । ବଡ଼-ଲୋକୀ ଯେ ସଂସାରରେ ସାର, ଏହା ଆମ୍ଭେମାନେ ଯେରୂପ ବୁଝୁଁ, ପୃଥିବୀର ପ୍ରାୟ ଅନ୍ୟ କୌଣସି ଜାତି ସେପରି ବୁଝନ୍ତି ନାହିଁ । ଆମ୍ଭେମାନେ ବଡ଼ଲୋକୀରେ ମୁକ୍ତି ପର୍ଯ୍ୟନ୍ତ କଳ୍ପନା କରିଥାଉଁ । ଜଣେ ଦୂରଦୃଷ୍ଟିବାନ୍ ବାବୁଙ୍କର କଥା ଏଠାରେ ଉଲ୍ଲେଖଯୋଗ୍ୟ । ବାବୁ-ଜିର ଉପାଧି ଜଗଦ୍‌ଗୁରୁ, ବର୍ତ୍ତନ କୋଡ଼ିଏ ପଚିଶ ମଧ୍ୟରେ । ବାବୁ ଯେଉଁ ଦିନ ବର୍ତ୍ତନ ପାଆନ୍ତି, ସେହି ଦିନଠାରୁ ତାଙ୍କ ପଛରେ ତିନିଜଣ ଚାକର ଲାଗନ୍ତି । ବାବୁ ଆଗରେ ଚାଲନ୍ତି, ତାଙ୍କ ପଛରେ ଜଣେ ଚାଉଳ ସେରେ ଧରି ଚାଲେ, ଜଣେ ପରିବା ଦୁଇପଇସାର ଧରି ଚାଲେ, ଜଣେ କାଠ ଅଧପଇସାର ଧରିଥାଏ । ସମୟ ସମୟରେ ଆଉ ଜଣକୁ ଛୁଆକାଖେଇ ବାବୁଙ୍କ ପଛରେ ଯିବାର ଦେଖାଯାଇଥାଏ । ବଜାରରୁ ବାବୁଙ୍କ ଘରର ଦୂରତା ପ୍ରାୟ ଊର୍ଦ୍ଧ୍ୱ-ସଂଖ୍ୟାରେ ଦୁଇଶତ ଗଜ । ଚାରିଜଣ ମଜୁରିଦାର ଘରେ ପହଞ୍ଚାଇଦେଇ ଦୁଇଗଣ୍ଡା ପଇସାର ଶ୍ରାଦ୍ଧ କରି ଚାଲିଯାଆନ୍ତି । ଏରୂପ ଅପବ୍ୟୟର କାରଣ କେହି ପଚାରିଲେ ବାବୁ କହନ୍ତି, ଆମ୍ଭେମାନେ ବୋକଗାଣ୍ଡି ଲୋକ । ଏମାନେ ଗରିବ, ଆମ୍ଭେମାନେ ନ ଦେଲେ ଏମାନେ କିପରି ବଞ୍ଚିବେ ? ବାବୁଟି ବଡ଼ ଖର୍ଚ୍ଚି । ଆଠ ଦଶଦିନ ପରେ ସବୁତକ ସରିଯାଏ । କେତେବେଳେ ବାବୁଙ୍କ ଘରେ ମାସରେ ଷୋଳ ଏକାଦଶୀ ହୁଏ । ସେ ବାରମ୍ବାର ଠିକି ସୁଦ୍ଧା ଶିଖି ନାହାନ୍ତି । ସେଥିର କାରଣ ବଡ଼ଲୋକୀ ଦେଖାଇବା ଓ ଲୋକଲଜ୍ଜା । ଏହା ଗୋଟିଏ ବାବୁ କାହିଁକି, ସମାଜରେ ଏହିରୂପ କୋଟି କୋଟି ବାବୁ ବାହାରିବେ । ଆମ୍ଭେମାନେ ମୁଦ୍ଧା ସେଥିରୁ ସର୍ବାଂଶରେ ଛାଡ଼ ପାଇବୁ ନାହିଁ ।

ଚାକିରିସ୍ପୃହା ଆମ୍ଭମାନଙ୍କର ସ୍ୱାବଲମ୍ବନର ବିରୋଧୀ । ଆମ୍ଭମାନଙ୍କ ପରି ଚାକିରି-ପ୍ରିୟ ଜାତି ସୃଷ୍ଟିରେ ଅଛନ୍ତି କି ନାହିଁ ସନ୍ଦେହ । ପରପଦରେ ଜୀବନ ବଳିଦେଲୁଁ ପଛେ ସ୍ୱାବଲମ୍ବୀ ହେବୁ ନାହିଁ । ଚାକିରି ସକାଶେ ଛଅମାସ ପର୍ଯ୍ୟନ୍ତ ବିନା ଆପତ୍ତିରେ ଉମେଦବାର କରିପାରିବୁଁ, ଉପୋଷ ଦେଇପାରିବୁଁ ; ମାତ୍ର ଦିନକ ସକାଶେ କୃଷି-ବାଣିଜ୍ୟ ଚେଷ୍ଟା କରିବୁ ନାହିଁ । ଚାକିରି ଆମ୍ଭମାନଙ୍କର ବର୍ତ୍ତମାନ ଗୌରବମଣି ହୋଇଅଛି । ଯେ ଯେତେ ବୋଝ ବହିପାରିଲା, ତାହାର ମାନ ସେତେ ଅଧିକ । ଆମ୍ଭମାନଙ୍କ ଦେଶର ଅତୁଳ ସମ୍ପତ୍ତିର ଅଧିକାରୀ ମୁଦ୍ଧା ମାନ ସକାଶେ ଚାକିରି କରନ୍ତି । ରାଜସେବା କର୍ତ୍ତବ୍ୟ; କିନ୍ତୁ କେବଳ ରାଜସେବାକୁ ସମସ୍ତେ ଯୁଝି ବସିଲେ କି କାମ ଚଳିବ ? ଯୁଗଧର୍ମରେ ଶିକ୍ଷା ଅର୍ଥକରୀ ହେଲା । ଏଣୁ ଧର୍ମର ପ୍ରଭାବ ଊଣା ପଡ଼ିଲା । ସୁତରାଂ ସ୍ୱାଲମ୍ବନ ସ୍ୱଧର୍ମର ଅନୁଯାୟୀ ହେଲା । ଧର୍ମ ସିନା ସକଳ ଉନ୍ନତିକୁ ଧରି ରଖେ , ଧର୍ମ ହ୍ରାସ ହେଲେ ଆଉ ଉନ୍ନତି କାହୁଁ ଆସିବ ? କଥାରେ କହିବା ଆଉ କାର୍ଯ୍ୟରେ କରିବା, ଏହା ମଧ୍ୟରେ ଆକାଶ ପାତାଳର ପ୍ରଭେଦ ଲକ୍ଷିତ ହୁଏ । ସ୍ୱାବଲମ୍ବ-ନର କଥା ସହଜରେ କେବଳ କଥାରେ କୋଲୁଗଲା; ମାତ୍ର ତାହା କାର୍ଯ୍ୟରେ ପାଳନ କରିବା କଠିନ ; କିନ୍ତୁ କଠିନ ବୋଲି ଉପେକ୍ଷା କରିବା ଉଚିତ ନୁହେଁ । ପିଲା-ମାନେ ଚାଲିବା ପୂର୍ବରୁ ଅନେକ ଥର କଚାଡ଼ିପଡ଼ନ୍ତି, ସମୟ ସମୟରେ ସାଙ୍ଘାତିକ କଷ୍ଟ ମଧ୍ୟ ଭୋଗ କରନ୍ତି; ମାତ୍ର ତଥାପି ଚାଲିବାକୁ ବାରମ୍ବାର ଚେଷ୍ଟା କରନ୍ତି । ଶେଷରେ ସାଧନାର ସିଦ୍ଧି ହୁଏ। ସେଥିପାଇଁ ବୋଲ୍ୟାଇଅଛି, ସ୍ୱା-ବଲମ୍ବନ କଠିନ କାର୍ଯ୍ୟ ହେଲେହେଁ ତାହା ଉପେକ୍ଷଣୀୟ ନୁହେ । ନିଷ୍ଠା ଓ ଅଧ୍ୟବସାୟସହକାରେ ସାଧନା କଲେ ସିଦ୍ଧି ନିଶ୍ଚୟ ମିଳିବ । ସାଧନା ସିଦ୍ଧିର ଜନନୀ; ସାଧନା କଲେ ସିଦ୍ଧି ଆପେ ଆପେ ତାହାର ଅନୁବର୍ତ୍ତିନୀ ହୁଏ । ପଶୁପକ୍ଷୀଙ୍କର ସ୍ୱାବଲମ୍ବନ ମନୁଷ୍ୟଠାରୁ ସହସ୍ରଗୁଣରେ ଶ୍ରେଷ୍ଠ । ସେମାନେ ଚାକିରି କରନ୍ତି ନାହିଁ କିମ୍ବା ମୂଲ ଲାଗନ୍ତି ନାହିଁ , ଅଥଚ ସେମାନେ ଦିନେ

ଉପବାସ ରହନ୍ତି ନାହାନ୍ତି; ପରିଶ୍ରମ ଓ ଯତ୍ନରେ ନିଜର ଖାଦ୍ୟ ଖୋଜି ନେଉଅଛନ୍ତି । ଅଜ୍ଞାନ ଜୀବମାନେ ଯାହା କରୁଅଛନ୍ତି, ଜ୍ଞାନବାନ୍ ମନୁଷ୍ୟ କି ସେ କାର୍ଯ୍ୟରେ ଅକ୍ଷମ ? କରୁଣାମୟ ଜଗଦୀଶ୍ୱର ଜୀବର ଜୀବିକାର୍ଜ୍ଜନ ସୁବିଧାରେ ସୃଷ୍ଟି ପୂର୍ଣ୍ଣ କରି ରଖିଅଛନ୍ତି । ଯେ ଏକାଗ୍ରଚିତ୍ତ ସହକାରେ ଅନ୍ୱେଷଣ କରେ, ସେ ନିଶ୍ଚୟ ପାଏ ।

---

# ମନ

( 'ଜ୍ଞାନଦର୍ପଣ' ମାସିକ ପତ୍ରିକାର ୧ମ ଖଣ୍ଡ, ୩ୟ ସଂଖ୍ୟାରେ ପ୍ରକାଶିତ )

ମନ ସଂସାରର ସାରଭୂତ ପଦାର୍ଥ । ସମୟରେ ତାହା ମୁଁ କାହାରିକୁ ଦେଇ ନାହିଁ, ବରଂ ଅନେକ ଥର ଅନ୍ୟର ମନ ହରଣ କରିଅଛି, ଅର୍ଥାତ୍ ମୁଁ କେବେ କାହାରି ହୃତ-ଚିନ୍ତାରେ ମନୋନିବେଶ କରି ନାହିଁ; କିନ୍ତୁ ଅନେକେ ମୋର ହୃତଚିନ୍ତାବନ୍ତି । କାହାରିକୁ ମନ ଦେଇ ନାହିଁ ବୋଲି ମୁଁ ଅନୁତପ୍ତ ।

ପଣ୍ଡିତମାନେ ମନକୁ ଇନ୍ଦ୍ରିୟସମୂହର ସାରଥିସ୍ୱରୂପ ନିରୂପଣ କରିଅଛନ୍ତି । ଇନ୍ଦ୍ରିୟଗୁଡ଼ିକ ମୋର; କିନ୍ତୁ ସେମାନଙ୍କର ଚାଳକ ମନ । ସୁତରାଂ ମନହିଁ ମୋତେ କାର୍ଯ୍ୟତଃ ପରିଚାଳିତ କରୁଅଛି; କିନ୍ତୁ ବସ୍ତୁତଃ ମନ ମୋର ବିରୁଦ୍ଧ ଦିଗକୁ ସତତ ପ୍ରଧାବିତ ହେଉଅଛି । ମୁଁ ଯାହାକୁ ଅଦର୍ଶନୀୟ ମଣେ, ମନ ମୋତେ ତାହାହିଁ ଦେଖାଏ । ମୁଁ ଯାହାକୁ ଅସ୍ପୃଶ୍ୟ ଜ୍ଞାନକରେ, ମନ ମୋତେ ତାହାହିଁ ସ୍ପର୍ଶ କରାଏ; ଯାହା ଅଖାଦ୍ୟ ବୋଲି ମୋର ବିଶ୍ୱାସ, ମନ ମୋତେ ତାହାହିଁ ଭୋଜନ କରାଏ, ମୁଁ ଯାହାକୁ ମନ୍ଦ ବୋଲି ମନେକରେ, ମନ ମୋତେ ତାହାକୁ ଭଲ ବୋଲି ସ୍ୱୀକାର ନ କରାଇ ଛାଡ଼େ ନାହିଁ; ମୁଁ ଯାହାକୁ ମଣେ ବିପଦର ବିଷ-ତରଙ୍ଗିଣୀ, ମନ ତାହାକୁ କହେ ଆନନ୍ଦର ମଞ୍ଜୁ-ମନ୍ଦାକିନୀ । ଅହୋ ! ଏରୂପ ବିରୁଦ୍ଧ ମନ ଘେନି ସଂସାରରେ ଘର କରିବା ଦୁଷ୍କର ! ଦୁଷ୍ଟ ଗୋରୁପୂର୍ଣ୍ଣ ଗୋଶାଳା ଅପେକ୍ଷା ଶୂନ୍ୟ ଗୋଶାଳା ଭଲ । ମୋର ଏ ମନ ବଦଳ କରିବା; କେହି ନେବେ କି ? କିଏ ଅବା ଏ ଦୁଷ୍ଟ ଗୋରୁ ସକାଶେ ନିଜର ଗୋଶାଳା ଶୂନ୍ୟ କରି ବସିଅଛି ? ଯଦି କେହି ଥାଏ, ତେବେ ସେ କାହିଁକି ବା ସ୍ୱନଷ୍ଟ କର୍ମଫଳ ଭୋଗ ସକାଶେ ଏ ଦୁଷ୍ଟ ଗୋରୁକୁ ଆଶ୍ରୟ ଦେବ ? ଉପମାରେ ଟିକିଏ ଭ୍ରମ ଘଟିଅଛି । ଗୋରୁ ଯେତେ ଦୁଷ୍ଟ ହେଉପଛେ, ତାହାଦ୍ୱାରା ନିଶ୍ଚୟ କିଛି ହେଲେ ଉପକାର ମିଳେ; କିନ୍ତୁ ମୋର ମନଦ୍ୱାରା କୌଣସି ଉପକାର ହୁଏ ନାହିଁ । ଅତଃ ଏହାକୁ ଗୋରୁ ନ କହି ବୃଷ କହିଲେ ସୁସଙ୍ଗତ ହେବ । ଏ ବୃଷ କେବଳ ପଞ୍ଚଭୂତ ଶରୀର-ସଦ୍ମର କଳୁଷ ବହନରେ କ୍ଷମ ।

ଅନଧିକାର ଚର୍ଚ୍ଚା ନିଷେଧ । ସେଥିସକାଶେ ସମାଜରେ ଶାସନବ୍ୟବସ୍ଥା ଓ ରାଜ୍ୟରେ ଆଇନର ସୃଷ୍ଟି ହୋଇଅଛି । ମୋର ମନ ସର୍ବଦା ଅନଧିକାର ଚର୍ଚ୍ଚାରେ ବ୍ୟତିବ୍ୟସ୍ତ । ଶିଥିଳସର୍ବାଙ୍ଗ ସମାଜ ମନର ଶାସକ ହେବା ଦୂରେ ଥାଉ, ସାମାନ୍ୟ ବାଧା ପ୍ରଦାନରେ ସୁଦ୍ଧା ସମର୍ଥ ନୁହେ । ଆଇନରେ କେବଳ ଦଣ୍ଡର ବ୍ୟବସ୍ଥା ଅଛି; ମାତ୍ର ଦୋଷ ସଂଶୋଧିତ ହେବାର ବ୍ୟବସ୍ଥା ନାହିଁ । ଦୁଷ୍ଟର ଦୁଷ୍ଟତ୍ୱ ଦୂର ନ ହେଲେ ସୁଦ୍ଧା ତାହାକୁ ସ୍ଥାନବିଶେଷରେ ଆବଦ୍ଧ ରଖିପାରିଲେ ଯଥେଷ୍ଟ ଲାଭ ମିଳେ । ଆବଦ୍ଧ କରିବାର ସ୍ଥାନ ମିଳିଲେ ସିନା ସେଠାରେ ମନକୁ ରଖି ଆସି ନିଶ୍ଚିନ୍ତ ହୋଇପାରନ୍ତି । ହେ ବିଧାତଃ, ତୁମ୍ଭେ ତ ସମସ୍ତ ସୃଜନ କରିଅଛ, ଏ ମନ ସକାଶେ ଗୋଟାଏ ଆବଦ୍ଧ ସ୍ଥାନ ନିର୍ଦ୍ଦିଷ୍ଟ କରି ଦେଇଥିଲେ ତ ସବୁ ଆପଦ ଘୁଞ୍ଚିଯାଇଥାନ୍ତା ! ଏ ଦୁର୍ବୃତ୍ତ ସକାଶେ ଗୋଟାଏ ଖୁଅଡ଼ର ବ୍ୟବସ୍ଥା ନ କଲ କାହିଁକି ପ୍ରଭୋ !

ପୂର୍ବେ ମୋର ମନ ଏତେ ଦୁଷ୍ଟ ନ ଥିଲା । ସେଥିରେ ସରଳତା, କୋମଳତା, ମଧୁରିମା, ଧୈର୍ଯ୍ୟ ପ୍ରଭୃତି ଯାହା ମୁଖ୍ୟ, ତାହା ଥିଲା । ସଂସାରର ଆଘାତ ସଙ୍ଘାତରେ ଯେଉଁଦିନ ମନ ଧୈର୍ଯ୍ୟଚ୍ୟୁତ ହେଲା, ସେହି ଦିନଠାରୁ ସଂଶୟ ସରଳତାର ସ୍ଥାନ ଅଧିକାର କରିବସିଲା ଓ କୋମଳତାଟିକୁ ନଷ୍ଟ କରି ହୃଦୟ କଷାକ୍ତ କରିଦେଲା । ସୁତରାଂ ଏଣିକି ଯାହା ମୋର ସମ୍ମୁଖରେ ପଡ଼େ, ତାହାକୁ ମୁଁ ବିଷଦୃଷ୍ଟିରେ ଦେଖେ, ଯାହା ଶ୍ରବଣ-ବିବରରେ ପ୍ରବେଶ କରେ, ତାହା

ହଳାହଳରେ ପରିଣତ ହୁଏ । ମୋର ମନ ସର୍ବାଗ୍ରେ ଆଜି ମୋ ନିକଟରେ ଏ ବିଶ୍ବ ବିଷମୟ । ପୂର୍ବେ ଏ ବିଶ୍ବରେ ପ୍ରତି ନିଃଶ୍ବାସରେ, ପ୍ରତି ପଲକରେ ପ୍ରେମର ଉଚ୍ଛ୍ୱାସ, ଶାନ୍ତିର ତରଙ୍ଗ ମୋ ଉପରେ ବହି-ଯାଉଥାଏ । ବର୍ତ୍ତମାନ ଆଉ ତାହାର ଅନୁଭୂତି ସୁଦ୍ଧା ହୁଏ ନାହିଁ । ଏବେ ଚତୁର୍ଦ୍ଦିଗରୁ ଅଗ୍ନିସ୍ଫୁଲିଙ୍ଗ ବୃଷ୍ଟି ହେଉଅଛି । ସେଥିରେ ନିଜେ ଦଗ୍ଧ ହେଉଅଛି ଓ ଆତ୍ମୀୟମାନଙ୍କୁ ସୁଦ୍ଧା ଦଗ୍ଧ କରୁଅଛି । ଯେଉଁ ଦିନ ହୃଦୟ ହଳାହଳରେ ପରିଣତ ହେଲା, ସେହିଦିନ ମନର ସଙ୍କଳ୍ପବିକଳ୍ପାତ୍ମକ ସ୍ବରୂପର ପରିଚୟ ପାଇଲି । ସେହି ଦିନଠାରୁ ମୋତେ ଦୁର୍ବଳ, ସ୍ବଳ୍ପସାହସ ଓ କାପୁରୁଷ ହେବାକୁ ହେଲା ।

ପାଶ୍ଚାତ୍ୟ ପଣ୍ଡିତମଣ୍ଡଳୀଙ୍କ ମତରେ ଯେଉଁ-ମାନଙ୍କର ମନ ବଡ଼, ସେହିମାନେ ଏ ଜଗତର ମନୁଷ୍ୟ। ମାତ୍ରକ ମାନବଦେହଧାରୀ ପଶୁ କ୍ଷୁଦ୍ରତମ ମନ ଘେନି ବୃହତ୍ତର ଅହଙ୍କାର କଲେ ଜନସମାଜରେ ଯେ ହାସ୍ୟାସ୍ପଦ ହେବ, ସେଥିରେ ଆଉ ବୈଚିତ୍ର୍ୟ କଅଣ ? କିନ୍ତୁ ମନଠାରୁ ସୁଦ୍ଧା ବଡ଼ ପଦାର୍ଥ କିଛି ଅଛି—ଏହି ଶିକ୍ଷା ଆମ୍ଭେମାନେ ଅମ୍ଭମାନଙ୍କ ପୂର୍ବପୁରୁଷଙ୍କଠାରୁ ପ୍ରାପ୍ତ ହୋଇଅଛୁଁ । ସେହି "କିଛି"ର ଅର୍ଥ ବୁଝିବାକୁ ହେଲେ ଐକାନ୍ତିକ ସାଧନା ଓ ଅଧ୍ୟବସାୟ ଆବଶ୍ୟକ। ସେହି କିଛିହିଁ ଅସ୍ମିତା । କିନ୍ତୁ ଘର କଥାକୁ ବାତୁଳତା ଭାବି ପର କଥା ଶୁଣିବା ଅମ୍ଭମାନଙ୍କର ଗୋଟିଏ ମହତ୍ ରୋଗ ହୋଇଅଛି । ରୋଗରେ ଭୋଗିବାକୁ ସୁଦ୍ଧା ବଳିଯାଉ ପଡ଼ୁଅଛି ।

ଅମ୍ଭମାନଙ୍କର ମନର କ୍ଷୁଦ୍ରତା ସର୍ବାଗ୍ରେ ଦାୟୀ କିଏ ? ସଂସାର ତ ଦାୟୀ ନୁହେ; ଯେହେତୁ ସମସ୍ତେ ଏ ସଂସାରକୁ ଆସି ନିଜ ନିଜ ମନ ଗଢ଼ି ନେଇ ଯାଉଅଛନ୍ତି । ଯଦି ଶୈଶବରୁ ମନକୁ ଶାସନ କରି-ପାରିଥାନ୍ତି, ତାହାହେଲେ ସେ ଦୁଷ୍ଟ ହୋଇ ପାରି ନ ଥାନ୍ତା । ମୋର ଅବହେଳା ହେତୁ ମୋର ମନ ଆଜି ମୋ ଉପରେ କର୍ତ୍ତୃତ୍ବ କରୁଅଛି । ବାଲ୍ୟ ବୟସରେ ବିଦ୍ୟାରେ ମନ ସଂଯୋଗ କରିଥିଲେ ମନ ଶାସିତ ହୋଇଥାନ୍ତା; ତାହା ନ କରି କେବଳ ମୂର୍ଖତା ଲାଭ କରିଅଛି; ସେହି ମୂର୍ଖତା ଯୌବନ କାଳରେ ଧନୋ-ପାର୍ଜ୍ଜନର ପ୍ରଧାନ ଅନ୍ତରାୟ ହେଲା । ସୁତରାଂ ଫଳ ପାଇଲି, ଦୁଶ୍ଚିନ୍ତା, ଅଶାନ୍ତି ଓ ଅଭାବ । ପୂର୍ବେ ଉକ୍ତ ହୋଇଅଛି, ସମୟ ଥାଉଁ ଥାଉଁ ମନ କାହାରିକୁ ଦେଇ ନାହିଁ । ଭାବିଥିଲି ସମସ୍ତଙ୍କୁ ଠକାଉଅଛି; ମାତ୍ର ଏବେ ବୁଝିଅଛି ମୂର୍ଖତା, ଦୁଶ୍ଚିନ୍ତା, ଅଶାନ୍ତି ଓ ଅଭାବଦ୍ବାରା ମନ ବାସ୍ତବରେ ମୋତେ ଠକାଇଅଛି । କାହାରିକୁ ସୁଦ୍ଧା ଭଲରେ ରହିବାକୁ ଦେଲି ନାହିଁ । ଏବେ ମନ୍ଦ କିଏ ନେବ ?

ଯାଉ ସେ କଥା, ମୋର ମନ ମୋତେହିଁ ଖାଇ-ବାକୁ ହେବ; କିନ୍ତୁ ଏ ମନରେ ସୁଦ୍ଧା ଟିକିଏ ଭଲ ଅଛି । ସେ ଭଲଟିକ ବଡ଼ ବିଶ୍ୱାସିକାମୟ । ମୋର ମନ ସମସ୍ତ କଥା ମନରେ ରଖିଅଛି । ଜୀବନରେ ଯେତେବେଳେ ଯେଉଁ ଘଟଣା ଘଟିଅଛି, ମନ ସେ ସମସ୍ତ ସ୍ମୃତିପଟରେ ଉଜ୍ଜ୍ୱଳଭାବରେ ଚିତ୍ରିତ କରି ରଖିଅଛି । ସ୍ବର୍ଗର ଆଲୋକଠାରୁ ନରକର ଅନ୍ଧକାର ପର୍ଯ୍ୟନ୍ତ ଅସଂଖ୍ୟ ଚିତ୍ର ସୁସ୍ପଷ୍ଟରୂପେ ଅଙ୍କିତ ହୋଇ ରହିଅଛି । ଯେତେବେଳେ ଅନ୍ଧକାରର ଦ୍ୱାର ଦେଖେଁ, ସେତେବେଳେ ହୃଦୟ କମ୍ପିଉଠି ମୋତେ ଆତ୍ମଜ୍ଞାନଶୂନ୍ୟ କରିପକାଏ ।

---

# ସାଧନା ସିଦ୍ଧିର ଜନନୀ

( ୧୯୦୯ ସାଲରେ ପ୍ରକାଶିତ "ଜ୍ଞାନଦର୍ପଣ" ମାସିକ ପତ୍ରିକାର ୧ମବର୍ଷ, ୨ୟ ସଂଖ୍ୟାରେ ପ୍ରକାଶିତ )

ସମସ୍ତ କାର୍ଯ୍ୟରେ ସମ୍ୟଗ୍‌ରୂପେ ଉନ୍ନତି ଲାଭ କରିବାକୁ ହେଲେ ମନଃପ୍ରାଣ ସଂଯୋଗରେ ସେହି କାର୍ଯ୍ୟର ସାଧନା ଆବଶ୍ୟକ । ସାଧନ ବିନା କୌଣସି କାର୍ଯ୍ୟ ସିଦ୍ଧ ହୁଏ ନାହିଁ । ଆମ୍ଭେମାନେ ଏହି ଯେ ମାନବ-ଜନ୍ମ ଲାଭ କରିଅଛୁଁ, ଅମ୍ଭମାନଙ୍କର ଏହି ମାନବ-ଜୀବନର ଭିତ୍ତି କଅଣ ? ମୂଳ କଅଣ ? କାର୍ଯ୍ୟ କଅଣ ? ଉଦ୍ଦେଶ୍ୟ କଅଣ ? ଆମ୍ଭେମାନେ ଲେଖାପଢ଼ା ଶିଖି ଅର୍ଥୋପାର୍ଜନ କରିବୁଁ, ବଡ଼ଲୋକ ହେବୁଁ, ସ୍ତ୍ରୀପୁତ୍ରଙ୍କୁ ସୁଖରେ ରଖିବୁଁ, ନିଜେ ସୁଦ୍ଧା ସୁଖୀ ହେବୁଁ, ଏହି ଚିନ୍ତାରେ ସର୍ବଦା ବ୍ୟସ୍ତ; ମାତ୍ର ଅମ୍ଭମାନଙ୍କର ଯାହା କାର୍ଯ୍ୟ, ଯାହା

ଉଦ୍ଦେଶ୍ୟ, ତାହା କି ଥରେ ସ୍ମରଣ କରୁଁ ? ଦିବାରାତ୍ର ଆମ୍ଭେମାନେ ସାଂସାରିକ ଚିନ୍ତାରେ ଚିନ୍ତିତ । କାହିଁରେ ମାନସମ୍ଭ୍ରମ ଓ ଧନ ବୃଦ୍ଧି ହେବ, କାହିଁରେ ଖ୍ୟାତି-ପ୍ରତିପତ୍ତି ଅଧିକ ହେବ, କାହିଁରେ ସୁଖ ଆରାମ ହେବ, କାହିଁରେ ଉପାଧି ମିଳିବ— ଏହି ଚିନ୍ତାରେ ଅଧିକାଂଶ ସମୟ ବ୍ୟତିବ୍ୟସ୍ତ; କିନ୍ତୁ ମୁଁ କିଏ, କେଉଁଠାରୁ ଆସିଅଛି, କେଉଁଠରୁ ଆସିଅଛି, କାହିଁକି ଆସିଅଛି, ଏଠାରେ ମୋର କି ସମ୍ବନ୍ଧ, ପରେ ବା କେଉଁଠାକୁ ଯିବାକୁ ହେବ, ଏହା ମୁହୂର୍ତ୍ତକ ଅବକାଶେ କାହାରି ମନରେ ଜାତ ହୁଏ ନାହିଁ । ଧନରତ୍ନ କେଉଁଠାରେ ରହିବ, ସ୍ତ୍ରୀପୁତ୍ର କେଉଁଠାରେ ରହିବେ, ମାନସମ୍ଭ୍ରମ, ପଦମର୍ଯ୍ୟାଦା ବା କେଉଁଠାରେ ରହିବ, ତାହା କେବେ କାହାରି ମନରେ ଉଦୟ ହୁଏ ନାହିଁ । ପ୍ରତ୍ୟହ ଅନେକ ଲୋକଙ୍କୁ ମରିବାର ଦେଖି ସୁଦ୍ଧା ଆମ୍ଭମାନଙ୍କୁ ଯେ ସେହିରୂପ ଦିନେ ମରିବାକୁ ହେବ, ଏହା କି କେହି ମନେକରନ୍ତି ? ଯଦି ମନେ କରନ୍ତେ, ତେବେ ଦେଶର ଏ ଦୁର୍ଦ୍ଦଶା ହୁଅନ୍ତା ନାହିଁ, ମାନବ ପଶୁତ୍ୱାପନ୍ନ ହୁଅନ୍ତେ ନାହିଁ ଏବଂ ସଂସାର ଦ୍ୱେଷଈର୍ଷାର ଆଗାର ହୁଅନ୍ତା ନାହିଁ ।

ଆମ୍ଭମାନଙ୍କର କାର୍ଯ୍ୟ କଅଣ, ଏ ସଂସାରନାଟ୍ୟଶାଳାରେ ଆମ୍ଭମାନଙ୍କୁ କଅଣ କରିବାକୁ ହେବ, ଆମ୍ଭମାନଙ୍କର ଉଦ୍ଦେଶ୍ୟ କଅଣ, ପରିଣାମରେ ବା ଆମ୍ଭମାନଙ୍କର କି ଗତି ହେବ, ତାହା ଜାଣିଲୁ ନାହିଁ । ନ ଜାଣି ନ ଶୁଣି ଯାହା ମନରେ ଉଦିତ ହେଲା, ସେଥିରେ ପ୍ରବୃତ୍ତ ହେଲୁଁ । ଏହି କାର୍ଯ୍ୟରେ ସୁଖଲାଭ ହେବ, ଏହା ମନୁଷ୍ୟୋଚିତ କାର୍ଯ୍ୟ ମନେ କରି ସେଥିରେ ହସ୍ତକ୍ଷେପ କଲୁଁ, ସୁଖ ଆଶାରେ କାର୍ଯ୍ୟ କଲୁ ; କିନ୍ତୁ ସୁଖ ପାଇଲୁଁ ନାହିଁ ବରଂ ତାହା ଅସୁଖର କାରଣ ହୋଇଉଠିଲା । ଏହିପରି ମାନବ ଆପଣାର ସର୍ବନାଶ କରେ । ଯେତେବେଳେ ମାନବ ନିଜର ଆଧ୍ୟାତ୍ମିକ ଦୁର୍ଗତିର ଚରମ ସୀମାରେ ଉପସ୍ଥିତ ହୁଏ, ତେତେବେଳେ ତାହାର ମନରେ ହୁଏ କଅଣ କରୁଅଛି ? ନ ବୁଝି ଏତେ ଦିନ ପର୍ଯ୍ୟନ୍ତ ହୃଦୟ ମଧ୍ୟରେ କାଳସର୍ପ ପୋଷିଥିଲି, ବିଷୟର ପ୍ରଲୋଭନରେ ମୁଗ୍ଧ ହୋଇ ସର୍ବଦା ଯାହାକୁ "ମୋର ମୋର" ବୋଲି କହେ, ସେ କିଏ, ତାହା ସଙ୍ଗରେ ମୋର କି ସମ୍ବନ୍ଧ ? ଏହିରୂପ ଅନୁତାପାନଳରେ ମାନବ ଦଗ୍ଧ ହୁଏ ।

ମାନବ-ଜୀବନର କର୍ତ୍ତବ୍ୟ କର୍ମ କଅଣ, ତାହା ଆମ୍ଭମାନଙ୍କୁ ଅନ୍ୱେଷଣ କରିବାକୁ ହେବ । ଯେ ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସତତ ସମସ୍ତ ବିପଦରୁ ରକ୍ଷା କରୁଅଛନ୍ତି, ଯେ ଶୈଶବ, ଯୌବନ, ପ୍ରୌଢ଼, ବାର୍ଦ୍ଧକ୍ୟ ସକଳ ଅବସ୍ଥାରେ ଆମ୍ଭମାନଙ୍କୁ ପାଳନ କରୁଅଛନ୍ତି, ଆହାର ଦେଉଅଛନ୍ତି, ଯେ ନାନାଭାବରେ ନାନାମୂର୍ତ୍ତିରେ ବିରାଜିତ ଅଛନ୍ତି, ଯାହାଙ୍କ ଅପାର କରୁଣା ଆମ୍ଭମାନଙ୍କୁ ଜୀବିତ ରଖିଅଛି, ଯାହାଙ୍କ ଇଚ୍ଛାରେ ସମୁଦାୟ ଜଗତ୍ ପରିଚାଳିତ ହେଉଅଛି, ଯାହାଙ୍କ ନାମ ସ୍ମରଣ କରି କେତେ ପାପୀ ମହାପାପୀ ପରିତ୍ରାଣ ଲଭିଅଛନ୍ତି, ସେହି ସର୍ବଭୂତାତ୍ମା, ସର୍ବବ୍ୟାପୀ ମହାନ୍ ପରମେଶ୍ୱରଙ୍କୁ ଦୃଢ଼ ବିଶ୍ୱାସସହକାରେ ଜ୍ଞାନ-ଚକ୍ଷୁରେ ପ୍ରତ୍ୟକ୍ଷ ଅନୁଭବ କରି ତାଙ୍କର ଉଦ୍ଦେଶ୍ୟରେ ଭକ୍ତି, ପ୍ରେମ, ପ୍ରୀତି, କୃତଜ୍ଞତା ଉତ୍ସର୍ଗ-ପୂର୍ବକ ତାଙ୍କର ପ୍ରୀତି ଉତ୍ପାଦନ କରିବା ମାନବ-ଜୀବନର ଉଦ୍ଦେଶ୍ୟ ଏବଂ ସେହି ଉଦ୍ଦେଶ୍ୟ-ସାଧନହିଁ କର୍ତ୍ତବ୍ୟ । ସାଧନା ଉପାସନା—ସାପେକ୍ଷ । ବିଶ୍ୱାସହିଁ ଉପାସନାର ଭିତ୍ତିଭୂମି, ଅତଃ ସର୍ବାଗ୍ରେ ବିଶ୍ୱାସ ପ୍ରୟୋଜନୀୟ । ଏହି ବିଶ୍ୱାସ ଉପରେ ନିର୍ଭର କରି ମନଃପ୍ରାଣ ସଂଯୋଗରେ ଉପାସନା କରୁଥିଲେ ଅସୀମ ସୁଖଦ ଭକ୍ତି ଓ ପ୍ରେମର ଆବିର୍ଭାବ ହୁଏ ଏବଂ ଏହି ଉଭୟର ଯୌଗିକ ସଂଯୋଗରେ ଅନ୍ତଃକରଣରେ ଯେଉଁ ଏକ ଅପୂର୍ବ ମଧୁର ଭାବର ଉଦୟ ହୁଏ, ତାହାହିଁ ଜୀବନ୍ତ-ବୈରାଗ୍ୟର ପରିସ୍ଫୁଟ ମୂର୍ତ୍ତି । ଏହି ବୈରାଗ୍ୟରେ ହୃଦୟ ଗଠିତ ହେଲେ ଈଶ୍ୱର-ଦର୍ଶନ ଲାଭ ହୁଏ ।

ଏବେ ବୁଝାଗଲା ଯେ, ଈଶ୍ୱରଙ୍କର ଦର୍ଶନ-ଲାଭ ସହଜ କଥା ନୁହେ । ତଥାପି ଈଶ୍ୱରଙ୍କୁ ପାଇଲି ନାହିଁ ବୋଲି ହତାଶ ହେବା ଉଚିତ ନୁହେ । ଯେହେତୁ କୌଣସି କାର୍ଯ୍ୟରେ ନ ଖଟିଲେ ତାହା ସିଦ୍ଧ ହୁଏ ନାହିଁ । ବିନା ଖଟଣିରେ, ବିନା କଷ୍ଟରେ ଯଦି ଲୋକେ କାମ୍ୟ ବସ୍ତୁ ପାଇପାରନ୍ତେ, ତେବେ ଆଉ ଭାବନା କଅଣ ଥିଲା ?

ଧୈର୍ଯ୍ୟାବଲମ୍ବନପୂର୍ବକ ତାଙ୍କ ପ୍ରତି ମନଃପ୍ରାଣ ଅର୍ପଣ କଲେ ସେ ଅବଶ୍ୟ ମିଳିବେ ।

କ୍ଷମା, ଧୈର୍ଯ୍ୟ, ବିନୟ ଓ ସରଳତା—ଏହି ଚତୁଷ୍ଟୟ ଧର୍ମରାଜ୍ୟର ପଥ-ପ୍ରଦର୍ଶକ । ମାନବ ଏହି ଗୁଣଟି ଲକ୍ଷ୍ୟ କରି ଚଳିଲେ ତାହାର ସାଧନା ଫଳୋନ୍ମୁଖ ହେବ । ଅନ୍ୟଥା ପ୍ରକୃତ ଉପାସନା ହେବ ନାହିଁ ।

ଈଶ୍ୱର ସର୍ବଦା ମୋତେ ଦେଖୁଅଛନ୍ତି, ତାଙ୍କଦ୍ୱାରା ମୁଁ ପରିରକ୍ଷିତ ହୋଇଅଛି, ସାଧକର ପ୍ରାଣରେ ଏହି ଭାବ ସର୍ବଦା ଜାଗ୍ରତ ହେବା ଆବଶ୍ୟକ । ତାହାହେଲେ ମନୁଷ୍ୟ କୁପଥଗାମୀ ବା ନୀଚବାସନାରେ ଉତ୍ତେଜିତ ହୋଇପାରେ ନାହିଁ ।

ଈଶ୍ୱରଙ୍କୁ ଜାଣିବା ଏବଂ ଲାଭ କରିବା ମାନବ-ଜୀବନର ଲକ୍ଷ୍ୟ । ସେହି ଲକ୍ଷ୍ୟ ଯେଉଁ ପରିମାଣରେ ଜୀବନରେ ବର୍ତ୍ତମାନ ଥିବ, ସେହି ପରିମାଣରେ ମନୁଷ୍ୟର ମନୁଷ୍ୟତ୍ୱ ଥିବ; ଆଉ ଯେଉଁ ପରିମାଣରେ ଲକ୍ଷ୍ୟଭ୍ରଷ୍ଟ ହେବ, ସେହି ପରିମାଣରେ ପଶୁତ୍ୱ ଆଡ଼କୁ ଅଗ୍ରସର ହେବ ।

ଯାହାଙ୍କର ବିଶ୍ୱାସ ଜନ୍ମିଅଛି, ସେ ଈଶ୍ୱରୋପାସକ । ସେ ଈଶ୍ୱର ବ୍ୟତୀତ ଅନ୍ୟ କାହାରିକୁ ଭଲ ପାଆନ୍ତି ନାହିଁ । ଈଶ୍ୱରବିଶ୍ୱାସୀଙ୍କର ଭୋଗାସକ୍ତି ନାହିଁ । ଯେ ଯାହାକୁ ସାର ବୋଲି ଜାଣେ, ସେ ତାହାକୁ ପରିତ୍ୟାଗ କରେ ନାହିଁ । ଶତସହସ୍ର ପ୍ରତିବନ୍ଧକ ଉପସ୍ଥିତ ହେଲେ ସୁଦ୍ଧା ସେ ସ୍ୱୀୟ କର୍ତ୍ତବ୍ୟପଥରୁ ବିଚ୍ୟୁତ ହୁଏ ନାହିଁ । ଏହିରୂପ ଲୋକହିଁ ଧନ୍ୟ ।

ମନୁଷ୍ୟ ଲେଖାପଢ଼ା ଶିଖି ବା ଯେ କୌଣସି ଉପାୟରେ ଅର୍ଥୋପାର୍ଜ୍ଜନ କରିବା ସକାଶେ, ସ୍ତ୍ରୀପୁତ୍ରଙ୍କୁ ସୁଖୀ କରିବା ସକାଶେ, ନିଜର ମାନସମ୍ଭ୍ରମ ବୃଦ୍ଧି କରିବା ସକାଶେ ଜନ୍ମହୋଇ ନାହିଁ । କେବଳ ଈଶ୍ୱରଙ୍କୁ ଲାଭ କରିପାରିଲେ ମାନବଜନ୍ମ ସାର୍ଥକ ହୁଏ । ଅତଏବ ତାହାଙ୍କର ଧ୍ୟାନ, ଧାରଣା, ସାଧନା ପ୍ରଭୃତି ସର୍ବଦା ଚିତ୍ତରେ ଧାରଣ କରିବା ଉଚିତ ।

ମନୁଷ୍ୟ ତାହାଙ୍କୁ ଚିହ୍ନିଲେ ଆଉ ସଂସାର କାର୍ଯ୍ୟରେ ତାହାର ମନ ଲାଗିବ ନାହିଁ ଏବଂ ବିଷୟରେ ବିତୃଷ୍ଣା ଜନ୍ମିବ । ଯେତେବେଳେ ମାନବ ଶୋଇବା ସମୟରେ, ବସିବା ସମୟରେ, ଠିଆହେବା ସମୟରେ, ଚାଲିବା ସମୟରେ, ସକଳ ଅବସ୍ଥାରେ ତାହାଙ୍କର ସତ୍ତା ପ୍ରକୃତରୂପରେ ଅନୁଭବ କରିପାରିବ, ଯେଉଁଦିନ ସ୍ୱୀୟଅଙ୍ଗରେ, ଅନ୍ତରେ ବାହାରେ, ତାହାଙ୍କୁ ଦେଖିପାରିବ, ସେହିଦିନ ତାହାର ସାଧନା ସମ୍ପୂର୍ଣ୍ଣ ହେବ । ମାତା ଯେପରି ସନ୍ତାନକୁ ନ ଦେଖିଲେ ରହିପାରେ ନାହିଁ, କେତେବେଳେ ଦେଖିବ ବୋଲି ସର୍ବଦା ବ୍ୟାକୁଳ ହୁଏ, ମାନବ ମନରେ ଯେତେବେଳେ ଈଶ୍ୱରଙ୍କ ସକାଶେ ସେହିରୂପ ଭାବ ଉଦିତ ହେବ, ସେତେବେଳେ ସେ ଈଶ୍ୱରଙ୍କୁ ପାଇବ । ଫଳକଥା, ସେତେବେଳେ ତାହାର ମୁକ୍ତି ହେବ ।

ନିଷ୍କାମ କର୍ମହିଁ ସକଳ ଧର୍ମର ଚରମ ସୀମା । ସେହି ନିଷ୍କାମ କର୍ମ ସାଧନ କରିବାକୁ ଗଲେ ବହୁ ଚେଷ୍ଟା, ବହୁ ଯତ୍ନ, ବହୁ ପରିଶ୍ରମ ଏବଂ କଠୋର ସାଧନା ଆବଶ୍ୟକ । ଯେତେବେଳେ ଜୀବ ସେହି କର୍ମଦ୍ୱାରା ଭଗବତ୍-ପ୍ରେମସାଗରରେ ନିମଜ୍ଜିତ ହୁଏ, ସେତେବେଳେ ତାହାର ସେ କାମନା ଥାଏ ନାହିଁ । ସେ ଈଶ୍ୱରଭାବାପନ୍ନ ହୋଇଯାଏ । ଏହା ବଡ଼ କଠିନ କଥା । ସକଳ ବିଷୟ କଥାରେ କହିବା ସହଜ, ଏଣୁ ଆମ୍ଭେମାନେ ଏ କଥା କହିବାକୁ ଉଦ୍ୟତ ହୋଇଅଛୁ । ଯେତେବେଳେ ଜୀବ ସେହିରୂପ ଅବସ୍ଥା ପ୍ରାପ୍ତ ହେବ, ସେତେବେଳେ ମନୁଷ୍ୟ ଦେବତା ହେବ, ପୃଥିବୀ ସ୍ୱର୍ଗ ହେବ ଏବଂ ମନୁଷ୍ୟଜୀବନର ଉଦ୍ଦେଶ୍ୟ ସଫଳ ହେବ ।

## ପାଞ୍ଚ ସାଧୁ

("ଜ୍ଞାନଦର୍ପଣ" ମାସିକ ପତ୍ରିକାର ୧ମ ବର୍ଷ ୨ୟ ସଂଖ୍ୟାରେ ପ୍ରକାଶିତ )

କୌଣସି ତୁଷାରଶ୍ୱେତ ପର୍ବତର ପାଦଦେଶରେ ପାଞ୍ଚଜଣ ସାଧୁ ଉପବିଷ୍ଟ ଥିଲେ । ଜଣେ ପଥିକ ସେମାନଙ୍କୁ ଦେଖି ସାଷ୍ଟାଙ୍ଗ ପ୍ରଣିପାତପୂର୍ବକ ସ୍ୱାଗତ ଜିଜ୍ଞାସୁ ହୁଅନ୍ତେ, ସାଧୁଗଣ ଆଶୀର୍ବାଣୀ ଉଚ୍ଚାରଣାନ୍ତେ କହିଲେ, ଆମ୍ଭେମାନେ ଗିରିଭ୍ରମଣରେ ବହିର୍ଗତ

ହୋଇ ଏହି ସମ୍ମୁଖବର୍ତ୍ତୀ ତୁଙ୍ଗ ଶୃଙ୍ଗୋପରସ୍ଥ ବିଶାଳ ଶିଳାତଳରେ ଉପବେଶନ କରିଥିଲୁଁ । ତହୁଁ ଅବତରଣପୂର୍ବକ ଏଠାରେ ବିଶ୍ରାମ କରୁଅଛୁଁ । ପଥିକ କହିଲେ, "ମହାତ୍ମାଗଣ, ଗିରିଦର୍ଶନରେ କି ଉପଦେଶ ଲାଭ ହୁଏ, ତାହା ମୋତେ କୃପାପୂର୍ବକ କହିବା ହେଉନ୍ତୁ ।" ପଥିକଙ୍କର ଏବମ୍ବିଧ ସାଧୁ ପ୍ରଶ୍ନରେ ସାଧୁମାନେ ସନ୍ତୁଷ୍ଟ ହୋଇ ତାହାଙ୍କୁ ସାଧୁବାଦ ପ୍ରଦାନ କଲେ ।

ପ୍ରଥମ ସାଧୁଙ୍କର କଥା :—

ପ୍ରଥମ ସାଧୁ କହିଲେ, ଶୈଳାରୋହଣ କାଳରେ ମୁଁ ବଡ଼ କଷ୍ଟ ପାଇଥିଲି । କର୍କଶବନ୍ଧୁର ପଥରେ କ୍ରମେ କ୍ରମେ ଉପରକୁ ଉଠିବାକୁ ହେଲା । ଧର୍ମପଥରେ ବିଘ୍ନ ପ୍ରାୟ କେତେ ବିଶାଳ ଖଣ୍ଡପ୍ରସ୍ତର ସମ୍ମୁଖରେ ଭେଟିଲି । ବାଧହୋଇ ତାହାକୁ ଦେବତା ତୁଲ୍ୟ ପରିକ୍ରମା କରିଯିବାକୁ ହେଲା । କେତେକ ସ୍ଥାନରେ ପାଦରେ କଣ୍ଟକ ବିଦ୍ଧ ହେଲା । ନାନାବିଧ ଲତାପତ୍ର ଦେହରେ ଲାଗି ଅସ୍ୱସ୍ତିକର ତୀବ୍ର ଯନ୍ତ୍ରଣା ପ୍ରଦାନ କଲା । ପିଲା କାଳରେ ଭୂଗୋଳରେ ପଢ଼ିଥିଲି—ଉପରକୁ ଉଠିବାବେଳେ ମାଧ୍ୟାକର୍ଷଣ ଟାଣିଧରେ, ସୁତରାଂ କଷ୍ଟ ହେବା ସ୍ୱାଭାବିକ । ଏଠାରେ ମାଧ୍ୟାକର୍ଷଣ ଶକ୍ତିକୁ ମାୟା ତୁଲ୍ୟ ମୋତେ ପଛରୁ ଓଟାରିଥିଲା କି ନାହିଁ, ତାହା ମାଆ ବସୁଧା ଜାଣନ୍ତି; ମାତ୍ର ଯାହାହେଉ ଉଠିବା ସମୟରେ ଯେ ମୁଁ କଷ୍ଟ ଅନୁଭବ କରିଥିଲି, ଏହା ମିଥ୍ୟା ନୁହେ । କଷ୍ଟର ଆତିଶଯ୍ୟରେ କେତେ ଥର ବାଟରୁ ଫେରି ଆସିବାକୁ ଇଚ୍ଛା କଲି; ମାତ୍ର ହୃଦୟର ଆବେଗ ମୋତେ ତାହା କରିଇଦେଲା ନାହିଁ । ଆଶା ଓ ନିରାଶା ହୃଦୟରେ ଘନ ଘନ ଯୁଦ୍ଧାରମ୍ଭ କଲେ । ଅନେକ ଜୟ ପରାଜୟ ପରେ ଶେଷରେ ଆଶାର ଜୟ ହେଲା । କଷ୍ଟେସୃଷ୍ଟେ ଯାଇ ସର୍ବୋଚ୍ଚ ଶୃଙ୍ଗରେ ଆରୋହଣ କଲି । ତାହା ଦେବଯୋଗ୍ୟ ସ୍ଥାନ । ସେଠାରେ ସଂସାରର କୋଳାହଳ ନାହିଁ । ସ୍ଥାନଟି ନିର୍ଜନ, ସପୁଷ୍ପା ମାଳତୀଲତା ସ୍ଥାନେ ସ୍ଥାନେ ମଞ୍ଜୁକୁଞ୍ଜ ରଚନା କରିଅଛି । ଧୀର ଶୀତଳ ପବନରେ ଶରୀରର କ୍ଳାନ୍ତି ଦୂରୀଭୂତ ହେଲା । ଅତିକ୍ରାନ୍ତ ପଥର ବିଘ୍ନ ବିଷମତା ମନରେ ଉଦିତ ହୁଅନ୍ତେ ଭାବିଲି—ଉନ୍ନତିର ପଥ ସୁଗମ୍ୟ ନୁହେ, ଅନେକ ବାଧାବିଘ୍ନ ଅତିକ୍ରମ କରିପାରିଲେ ଉନ୍ନତିର ମୁଖ ଦେଖିବାକୁ ହୁଏ । ସହିଷ୍ଣୁତା, ନିଷ୍ଠା ଓ ଅଧ୍ୟବସାୟଦ୍ୱାରା ଉନ୍ନତିର ପଥ ପରିଷ୍କୃତ ହୋଇଥାଏ ।

ଦ୍ୱିତୀୟ ସାଧୁଙ୍କର କଥା:—

ଦ୍ୱିତୀୟ ସାଧୁ କହିଲେ—ମୁଁ ଆସିବା ସମୟରେ ପର୍ବତର ଯେତେ ନିକଟବର୍ତ୍ତୀ ହେଉଥାଏ, ପର୍ବତର ବିଶାଳତା ମୋ ନେତ୍ରରେ ସେତେ ବିଶାଳତର ହେଉଥାଏ । କ୍ରମେ ଆସି ପର୍ବତରେ ଚଢ଼ିଲି । ଯେଉଁମାନେ ତଳେ ଥିଲେ, ସେମାନେ ଆଉ ମୋତେ ଦେଖିପାରିଲେ ନାହିଁ । ମୁଁ ଯେ ସେତେବେଳେ ପର୍ବତଠାରୁ ସ୍ୱତନ୍ତ୍ର, ଏ ଭାବ ମୋ ମନରେ ଉଦିତ ହେଲା ନାହିଁ । ମୁଁ ବିଶାଳକାୟ ପର୍ବତରେ ମିଶିଗଲି । ସେତେବେଳେ ଭାବିଲି, ଧ୍ୟାନ, ଧାରଣା ଓ ସାଧନାଦିଦ୍ୱାରା ଜୀବ ଯେତେ ଈଶ୍ୱରଙ୍କ ଆଡ଼କୁ ଅଗ୍ରସର ହେଉଥାଏ, ତାଙ୍କ ମହିମାର ମହାନତା ସେତିକି ସେ ଅନୁଭବ କରୁଥାଏ । ଶେଷରେ ଅତି ନିକଟବର୍ତ୍ତୀ ହେଲେ ସେହି ମହାନତାରେ ବୁଡ଼ିଯାଏ । ସେତେବେଳେ ତାହାର ନିର୍ବାଣ ମୁକ୍ତି ହୁଏ ।

ତୃତୀୟ ସାଧୁଙ୍କର କଥା :—

ତୃତୀୟ ସାଧୁ କହିଲେ—ଗିରିଦର୍ଶନ ଅଦ୍ୟାବଧି ମୋ ଭାଗ୍ୟରେ ଘଟି ନ ଥିଲା । ଆଜି ଗିରିଚୂଡ଼ାରେ ଆରୋହଣପୂର୍ବକ ତାହାର ବିଶାଳ ଆକୃତି ଦର୍ଶନରେ ବିସ୍ମିତ ହୋଇ ଭାବିଲି—ଏ ସଂସାରରେ ଯେତେବେଳେ ଏଡ଼େ ବିଶାଳ ବସ୍ତୁମାନ ଅଛି, ସେତେବେଳେ ସଂସାର କେଡ଼େ ବିଶାଳ ନୋହିଥିବ ? ଏହାର ସୃଷ୍ଟିକର୍ତ୍ତା ତ ଈଶ୍ୱର ! ଯାହାଙ୍କର କାର୍ଯ୍ୟ ଏଡ଼େ ବିଶାଳ, ତାଙ୍କର କ୍ଷମତା ବା କେଡ଼େ ବିଶାଳ ନୋହିଥିବ ? ସେ ବିଶାଳତାର କଥା କଥାରେ ଭାବିଲି; ମାତ୍ର ହୃଦୟରେ ଧାରଣା କରିପାରିଲି ନାହିଁ । ଏଠାରେ ଅଧେମୁଣ୍ଡରୁ ଆଧାର ଅସୀମ ଗୁଣରେ ବଳିପଡ଼ିଲା । ଶେଷରେ କିଛି ନ ପାଇ ସ୍ଥିର କଲି—ସେହି ବିଶ୍ୱବ୍ୟାପୀ

ମହାନ୍ ପରମେଶ୍ୱରଙ୍କର ମହା ମହିମାକୁ ଧାରଣା କରିବା କ୍ଷୁଦ୍ର ନରଶକ୍ତିର ଅଗୋଚର ।

ଚତୁର୍ଥ ସାଧୁଙ୍କର କଥା :—

ଚତୁର୍ଥ ସାଧୁ କହିଲେ—ପ୍ରଥମ ସାଧୁଙ୍କ ପରି ଚଢିବାବେଳେ ମୁଁ ବଡ଼ କଷ୍ଟ ପାଇଲି; ମାତ୍ର ଓହ୍ଲାଇବା ସମୟରେ ମୁଁ ସମସ୍ତଙ୍କ ଆଗରେ ଗିରିପାଦ ସ୍ପର୍ଶ କରିଅଛି । ଚଢିବାଠାରୁ ଯେ ଓହ୍ଲାଇବା କରୁପ କେତେ ଗୁଣ ସହଜ, ତାହା ଭୁକ୍ତଭୋଗୀ ହୋଇ ମୁଁ ଜାଣିଅଛି । ଓହ୍ଲାଇବାବେଳେ ମୁଁ ଆନନ୍ଦସହକାରେ ଅଗ୍ରସର ହୋଇ ଭାବୁଥିଲି, ଅବନତିର ପଥ ଅତୀବ ସହଜ ।

ପଞ୍ଚମ ସାଧୁଙ୍କର କଥା :—

ପଞ୍ଚମ ସାଧୁ କହିଲେ—ପର୍ବତ ମୋର ନାନା-ଭାବରେ ଉପକାର କରିଅଛି । ପର୍ବତକୁ ଚଢୁ ଚଢୁ କ୍ଷୁଧାତୃଷାରେ ଅତି ଆକୁଳ ହେଲି । ପର୍ବତ-ସ୍ଥିତ ବୃକ୍ଷମାନେ ସୁମିଷ୍ଟ ସୁସ୍ୱାଦ ଭୁଖ ମୋତେ ଫଳ ଯୋଗାଇଲେ । ପର୍ବତକନ୍ୟା ନିର୍ଝରିଣୀ-ସୁନ୍ଦରୀ ମୋର ତୃଷ୍ଣା ହରଣ କଲା । ବୃକ୍ଷଶାଖା ଧରି ଉପରକୁ ଉଠିବା ବେଳେ ପାଦପମାନେ ହାତ ଧରି ଟାଣିନେଲା ପରି ବୋଧହେଲା । ପରୋପକାର ସେମାନଙ୍କର ଜୀବନର ବ୍ରତ ହୋଇଅଛି । ଅତଏବ ବୁଝିପାରିଲି ଯେ,ପ୍ରାଣପଣରେ ପରର ଉପକାର କରିବାହିଁ ମହତ୍ତର ମହାଲକ୍ଷ୍ୟ ।

ଉପଦେଶ ଦେଇ ସାଧୁମାନେ ପ୍ରସ୍ଥାନ କଲେ ଏବଂ ପଥିକ ତୁଷ୍ଟହୋଇ ଉଦ୍ଦିଷ୍ଟ ସ୍ଥାନାଭିମୁଖରେ ଯାତ୍ରା କଲେ ।

---

## ଚିରଜୀବୀ

("ଜ୍ଞାନଦର୍ପଣ" ମାସିକ ପତ୍ରିକାର ୧ମ ବର୍ଷ, ୬ଷ୍ଠ ସଂଖ୍ୟାରେ ପ୍ରକାଶିତ )

ଜନ୍ମ-ଦୁଃଖ-ଜଡ଼ିତ ଅଚିରସ୍ଥାୟୀ ସଂସାରରେ ଚିରସ୍ଥାୟୀ କିଏ ! କି ମଣିରତ୍ନ-ବିଭୂଷିତ କ୍ଷମତାଶାଳୀ ରାଜା, କି କୁବେରଇଚ୍ଛୀ ଧନୀ, କି ମଧୁବର୍ଷି ସୁହୃଦ୍, କି କଦନ୍ନଭୁକ୍ତ ଦୀନ-ଦରିଦ୍ର, କି ଯନ୍ତ୍ରଣରତ-ବ୍ରତ ନୟମଧାରୀ ଈଶ୍ୱର-ପରାୟଣ, କି ଈଶ୍ୱର-ଅବିଶ୍ୱାସୀ ନାସ୍ତିକ, କି ସର୍ବଶାସ୍ତ୍ରବିଶାରଦ ମହାଜ୍ଞ, କି ନ-ଅକ୍ଷର-ବର୍ଜିତ ମହାଜ୍ଞ—କେହି ଚିରସ୍ଥାୟୀ ନୁହେ । କର୍ମଭୂମି ଭୂମଣ୍ଡଳରେ ଜନ୍ମଗ୍ରହଣ କଲେ ମୃତ୍ୟୁ ଅବଶ୍ୟମ୍ଭାବୀ । କବି ଯଥାର୍ଥ କହିଅଛନ୍ତି, "ଏ ଜୀବ ନୁହଇ ସ୍ଥିର, ସ୍ଥିରଅଛି ମରଣ"—ସଂସାର ରଙ୍ଗଭୂମିର ଅଭିନୟ ପରେ ଜନ୍ମତ୍ୱ ହେଲେ ଏ ଜୀବନର ପରିସମାପ୍ତି ଘଟିବ । ଯତ୍ନ-ରକ୍ଷିତ ଦେହ, ପ୍ରାଣାଦପି ପ୍ରିୟ ପୁତ୍ର, ପରିବାର, ଆତ୍ମୀୟ, ସ୍ୱଜନ କେହି ଚିରସ୍ଥାୟୀ ନୁହେ । ରାଜାର ରାଜ୍ୟ, ଧନୀର ଧନ, ମାନୀର ମାନ, ରମଣୀସୁ ଅଟ୍ଟା-ଳିକା, ବହୁମୂଲ୍ୟ ପରିଚ୍ଛଦ, କାରୁଭୂଷିତ ଗୃହଦର୍ଶନ-ଭୂଷଣ—ସମସ୍ତ ଅବିରତ ଘୂର୍ଣ୍ଣାୟମାନ କାଳଚକ୍ରରେ ନିଷ୍ପେଷିତ ଓ ବିଲୀନ ହୋଇଯାଏ ।

ତେବେ କି ସଂସାରରେ ଚିରସ୍ଥାୟୀ କିଛି ନାହିଁ ? ଅବଶ୍ୟ ଅଛି । ଯାହାଙ୍କ ଜୀବନରେ ପ୍ରକୃତ ମନୁଷ୍ୟତ୍ୱ-ବ୍ୟଞ୍ଜକ ମହତ୍ତ୍ୱ ଅଛି, ସ୍ୱଦେଶର ଉନ୍ନତି ଆଶାରେ ଯେ ଅକାତରରେ ସ୍ୱାର୍ଥର ଆକୃଷ୍ଟ-ଆକାଙ୍କ୍ଷା ପରିତ୍ୟାଗ କରିପାରନ୍ତି, ଯେ ମୃତ୍ୟୁଶଯ୍ୟାରେ ଶୟାନ ହୋଇ ମଧ୍ୟ ଅନ୍ୟର ଚକ୍ଷୁଜଳ ପୋଛିବାକୁ ବ୍ୟାକୁଳ, ଏରୂପ ମହାତ୍ମାଙ୍କର ଶରୀର ମୃତ୍ୟୁ-ଅନ୍ଧକାରରେ ଲୁଚିଗଲେ ମଧ୍ୟ ସେମାନେ ଅମର । ସର୍ବସଂହାରକ କାଳର ସଙ୍ଘର୍ଷଣରେ, ସମୟର ଅବିରତ ଆବର୍ତ୍ତନରେ ଜଗତର କୋଟି କୋଟି ଜୀବଙ୍କର ଅସ୍ତିତ୍ୱ ଅକାଳରେ ବିଲୀନ ହୋଇଯାଉଅଛି; କିନ୍ତୁ ସକଳ ଲୋକଙ୍କର ମୃତ୍ୟୁ ଘଟୁ ନାହିଁ । ଅନେକ ମହାତ୍ମା ସମୟ-ସାଗରର ଅନନ୍ତ ବୁଦ୍‌ବୁଦରେ ଅନନ୍ତ ଭାବରେ ମିଶିଯାଇଅଛନ୍ତି;ସେମାନେ ଚିରଦିନ ସକାଶେ ଲୋକଙ୍କର ସ୍ଥୂଳଚକ୍ଷୁର ଅଗୋଚର ହୋଇଥିଲେହେଁ ଅନେକଙ୍କର ସୂକ୍ଷ୍ମଚକ୍ଷୁରେ ସଜୀବ ଭାବେ ସତତ ବିଚରଣ କରୁଅଛନ୍ତି ଓ ଅନନ୍ତ କାଳପର୍ଯ୍ୟନ୍ତ ଲୋକଙ୍କ ଅନ୍ତରରେ ନିରନ୍ତର ବିରାଜମାନ କରିବେ । ଏ ସଂସାରରେ ଅନେକ ଲୋକ ଜନ୍ମଗ୍ରହଣ କରୁଅଛନ୍ତି, ଅନେକ ଲୋକ ମରୁଅଛନ୍ତି; କିନ୍ତୁ ଯେ ନିଜର ସ୍ୱଭାବ ଶିକ୍ଷା କାର୍ଯ୍ୟର ମନୋହର ପ୍ରତିବିମ୍ବ ଅନ୍ୟର ହୃଦୟ-ମୁକୁରରେ ପ୍ରତିଫଳିତ କରିବାକୁ ଅସମର୍ଥ, ସେହି କେବଳ ଏ ସଂସାରରେ ମୃତ । ପକ୍ଷାନ୍ତରରେ ଯେଉଁ

ମହାତ୍ମା ପ୍ରୋକ୍ତ କାର୍ଯ୍ୟସାଧନରେ କ୍ଷମ, ତାଙ୍କର ଦେହନ୍ତ-ପ୍ରାଣ ସମସ୍ତ-ଗହ୍ବରରେ ଚିର ଲୁକ୍କାୟିତ ହେଲେ ସୁଦ୍ଧା ସେ ଜୀବିତ । ପ୍ରକୃତ କୀର୍ତ୍ତିଶାଳୀ ମହାତ୍ମାଙ୍କର ପବିତ୍ର ନାମ ଜଗତରେ ଅନନ୍ତ କାଳପର୍ଯ୍ୟନ୍ତ ବିଘୋଷିତ ହୁଏ । ଶାସ୍ତ୍ରରେ ଲେଖା ଅଛି—

"ଚଳଚିତ୍ତଂ ଚଳଦ୍‌ବିତ୍ତଂ ଚଳଜ୍ଜୀବନ ଯୌବନଂ
ଚଳାଚଳମିଦଂ ସର୍ବଂ କୀର୍ତ୍ତିର୍ଯସ୍ୟ ସଜୀବତି ।"

ବାସ୍ତବରେ ପ୍ରକୃତ କୀର୍ତ୍ତିମାନ୍ ଲୋକ ମରନ୍ତି ନାହିଁ । କୀର୍ତ୍ତିହିଁ ସେମାନଙ୍କୁ ଚିରଜୀବୀ କରିରଖେ । ଯେ ଜୀବ-ଦଶାରେ ପ୍ରକୃତ ମନୁଷ୍ୟତ୍ବର କାର୍ଯ୍ୟ କରନ୍ତି, ମୃତ୍ୟୁ ତାଙ୍କର ଜୀବନାନ୍ତ କରିପାରେ ନାହିଁ । ମୃତ୍ୟୁ ପରେ ସୁଦ୍ଧା ସେମାନଙ୍କର ଜୀବନ ଅନ୍ୟର ଜୀବନକୁ ଅନୁପ୍ରାଣିତ କରେ । ଜଗତର ହିତୈଷୀ ବ୍ୟକ୍ତିମାନେ ମରି ନାହାନ୍ତି, ପ୍ରକୃତ ଚିରଜୀବୀ ହୋଇ ରହିଅଛନ୍ତି । ଭାରତ-ଭୂଷଣ ଈଶ୍ବର-ପ୍ରେମପରାୟଣ ଚୈତନ୍ୟ ଓ ବୁଦ୍ଧ ମରି ନାହାନ୍ତି, ଫ୍ରାନ୍‌ସର ନେପୋଲିୟନ, ଗ୍ରୀସର ଆଲେକଜାଣ୍ଡର, ଇଂଲଣ୍ଡର ଓ୍ବେଲିଂଟନ, ଦାସ-ବ୍ୟବସାୟର ମୂଳୋଚ୍ଛେଦକ ଉଇଲବାର ଫୋର୍ସ, ପରହିତ ବିକୀର୍ଣ୍ଣ ପ୍ରଖ୍ୟାତନାମା ହାୱାର୍ଡ ପ୍ରଭୃତି ମହାତ୍ମା ମରି ନାହାନ୍ତି । ସେମାନଙ୍କର ଅସାମୟିକ ପତନ ଯେତେ ଦୁଃଖଶୋକୋଦ୍ଦୀପକ ଓ ମର୍ମହିତ ହେଉପଛେ ସେମାନେ ଚିରକାଳ ଚିରଜୀବୀ ।

ଚିରଜୀବୀ ହୋଇ ଲୋକର ହୃଦୟମନ୍ଦିର ଆଲୋକିତ, ପୁଲକିତ କରିବାକୁ କାହାର ଇଚ୍ଛା ନ ହୁଏ ? ଯାହାର ମନୁଷ୍ୟଦେହରେ ମନୁଷ୍ୟତ୍ବ ନାହିଁ, ହୃଦୟରେ ହୃଦୟ ନାହିଁ, ଜୀବନରେ ଜୀବନ ନାହିଁ, ସେହି ନରରୂପୀ ପଶୁ କୀର୍ତ୍ତିରକ୍ଷାପୂର୍ବକ ଲୋକଙ୍କର ହୃଦୟରେ ଚିରପୂଜିତ ହେବାକୁ ସର୍ବଦା ପରାଙ୍ମୁଖ । ନିଜେ ସୁଖୀ ହୋଇ ଜୀବନଯାତ୍ରା ନିର୍ବାହ କରିବା ମନୁଷ୍ୟତ୍ବର ଲକ୍ଷଣ ନୁହେଁ । ଚିରଜୀବୀ ହେବା ଦୂରେ ଥାଉ, ସେମାନଙ୍କର ନାମ ସୀମାବଦ୍ଧ ; ଯେତେ ଦିନ ସଂସାରରେ ଥାଆନ୍ତି, ସେତିକି ଦିନମାତ୍ର ଆତ୍ମୀୟସ୍ବଜନଙ୍କର କ୍ବଚିତ୍ ସ୍ମରଣୀୟ ହୁଅନ୍ତି । କାଳକ୍ରମେ ସେମାନଙ୍କର ନାମ ଲୀନ ହୋଇ ସ୍ବଗଣର ସ୍ମରଣାତୀତ ହୁଏ । ସେରୂପ ଜୀବିତାବସ୍ଥାହିଁ ମୃତାବସ୍ଥା । "ଯସ୍ୟ କୀର୍ତ୍ତିଃ ସଂସୃଷ୍ଟା ଜୀବନ୍ନପି ମୃତୋପମଃ" । ଅକୀର୍ତ୍ତିମାନ୍‌ର ଜୀବିତାବସ୍ଥା ଓ ମୃତାବସ୍ଥା ପାର୍ଥକ୍ୟ-ପରିଶୂନ୍ୟ । ଜୀବନାନ୍ତେ ସେମାନେ ପ୍ରକୃତରୂପେ ମୃତ । ଅତଏବ ସଂସାରରେ ଚିରଜୀବୀ ହେବାକୁ ଚେଷ୍ଟା କରିବା ଉଚିତ । କ୍ଷଣଭଙ୍ଗୁର ଶରୀରର ନିଃସନ୍ଦେହ ନଶ୍ବରତା ସତତ ସ୍ମରଣପୂର୍ବକ ଅସାର ବିଷୟବୃଦ୍ଧିର ବିଷମ ପ୍ରଲୋଭନରେ ପ୍ରତାରିତ ନ ହୋଇ ପ୍ରକୃତ ହୃଦୟବାନ୍ ହୁଅ, ମନୁଷ୍ୟର ହୁଅ, ମହତର ହୁଅ । ସଂସାରରେ ସତ୍‌କୀର୍ତ୍ତି ସଂସ୍ଥାପନ କରିବା ଅମରତ୍ବ ଲାଭର ଉପାୟ । ନିଜର ଶିକ୍ଷା, ଚେଷ୍ଟା, ସଦନୁଷ୍ଠାନଦ୍ବାରା ଅନ୍ୟର ମନ ଓ ହୃଦୟ ବିଲୋଡ଼ିତ କରି ସ୍ବୀୟ ମହତ୍ତ୍ବ ସେଥିରେ ଚିରପ୍ରତିଷ୍ଠିତ କରିବାକୁ କ୍ଷମ ହୁଅ । ତାହାହେଲେ ତୁମ୍ଭର ପବିତ୍ର ନାମ ଅନନ୍ତ କାଳପର୍ଯ୍ୟନ୍ତ ଜଗତର ହୃଦୟରେ ନିରନ୍ତର ନୃତ୍ୟ କରିବ ଏବଂ ତୁମ୍ଭର ସଦ୍‌ଗୁଣ ତୁମ୍ଭଙ୍କୁ କଳ୍ପାନ୍ତସ୍ଥାୟୀ କରି ଅମର ଓ ଚିରଜୀବୀ କରି ରଖିବ ।

---

# ବାଣିଜ୍ୟ

( ୧୯୦୯ ସାଲରେ ପ୍ରକାଶିତ "ଜ୍ଞାନଦର୍ପଣ" ମାସିକପତ୍ରିକାର ପ୍ରଥମବର୍ଷ ଦ୍ବିତୀୟ ସଂଖ୍ୟାରେ ପ୍ରକାଶିତ )

କୃଷି, ଶିଳ୍ପ, ବାଣିଜ୍ୟର ଉନ୍ନତିହିଁ ପ୍ରକୃତ ଉନ୍ନତି । "ବାଣିଜ୍ୟେ ବସତେ ଲକ୍ଷ୍ମୀ" ଏହି ନୀତିଶାସ୍ତ୍ରର ଉପଦେଶ, ଅର୍ଥାତ୍ ବାଣିଜ୍ୟରେ ଯେତେ ଲାଭ ହୁଏ, ଆଉ କାହିଁରେ ସେତେ ହୁଏ ନାହିଁ । ବାଣିଜ୍ୟ ଦୁଇ ପ୍ରକାର—ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ । ଦେଶର ପଦାର୍ଥ ଦେଶରେ ବିକ୍ରୟ ହେବାର ନାମ ଅନ୍ତର୍ବାଣିଜ୍ୟ ଏବଂ ଦେଶବିଦେଶରେ ବିକ୍ରୟ ହେବାର ନାମ ବହିର୍ବାଣିଜ୍ୟ । ବହିର୍ବାଣିଜ୍ୟଦ୍ବାରା ଦେଶକୁ ଅର୍ଥାଗମ ହୁଏ । କିନ୍ତୁ ସେହି ବହିର୍ବାଣିଜ୍ୟ ସୀମା ଲଙ୍ଘନ କଲେ ହିତରେ ବିପରୀତ ଘଟେ । ମନେକର, ଏବର୍ଷ ଯେତେ ଧାନ ଉତ୍ପନ୍ନ ହୋଇଥିଲା, ତାହା ବହିର୍ବାଣିଜ୍ୟସ୍ରୋତରେ ବିଦେଶକୁ ବହିଗଲା । ଏତଦ୍ବାରା ଦେଶକୁ ଅର୍ଥାଗମ ହେଲା ସତ୍ୟ ; ମାତ୍ର

ଦେଶରେ ଧାନର ଅଭାବ ହେବାରୁ ଜନ୍ମିମିତ୍ର ବିଦେଶର ମୁଖାପେକ୍ଷୀ ହେବାକୁ ହେଲା ଏବଂ ଅଧିକ ମୂଲ୍ୟରେ ବିଦେଶୀୟ ଧାନ୍ୟ କ୍ରୟ କରି ଦେଶର ଅଭାବ ପୂରଣ କରିବାକୁ ହେଲା । ସୁତରାଂ ଲାଭ ନ ହୋଇ ବରଂ କ୍ଷତି ହେଲା । ଅତଃ ବହିର୍ବାଣିଜ୍ୟ ସୀମାବଦ୍ଧ ହେବା ଉଚିତ ।

ବାଣିଜ୍ୟରେ ବହୁତ ଲାଭ ହୁଏ; ମାତ୍ର ବାଣିଜ୍ୟ ମୂଳଧନସାପେକ୍ଷ । ସତ୍ୟ, ନିଷ୍ଠା, ଏକାଗ୍ରତା, ଯତ୍ନ ଓ ଅଧ୍ୟବସାୟ ବାଣିଜ୍ୟର ମୂଳଭିତ୍ତି । ଏହି ମୂଳଭିତ୍ତି ଦୃଢ଼ ରଖି କାର୍ଯ୍ୟାରମ୍ଭ କଲେ ମୂଳଧନର ଅଭାବ ହୁଏ ନାହିଁ । ଉଦାହରଣସ୍ୱରୂପ ଜଣେକ ଶିକ୍ଷିତ ବଙ୍ଗାଳୀ ଯୁବକଙ୍କ କଥା ଉଲ୍ଲେଖଯୋଗ୍ୟ । ଜଣେ ବଙ୍ଗାଳୀ ବି. ଏ. ପାସ କରି କୌଣସି କାର୍ଯ୍ୟକର୍ମ ନ ପାଇବାରୁ ବ୍ୟବସାୟ କରିବାକୁ ମନ ବଳାଇଲେ । ଯୁବକ ନିକଟରେ ଦଶୋଟିମାତ୍ର ପଇସା ସମ୍ବଳ ଥିଲା । ସେ ତାହା ଘେନି ଗୋଟାଏ ରେଲ ଷ୍ଟେସନ ପାଖରେ ମୁଢ଼ି ବ୍ୟବସାୟ କଲେ । ଅଳ୍ପଦିନ ପରେ ଉକ୍ତ ବ୍ୟବସାୟରେ ଯଥେଷ୍ଟ ଲାଭବାନ୍ ହୋଇ ଅନ୍ୟ ବ୍ୟବସାୟ କରିବାକୁ ଲାଗିଲେ । ବ୍ୟବସାୟରେ ତାଙ୍କର କ୍ରମଶଃ ଉନ୍ନତି ହେଲା । ୧୦ ବର୍ଷ ପରେ ସେ ଅପର ବି. ଏ. ପାସ୍ କରିଥିବା ଲୋକଙ୍କୁ ସ୍ୱୀୟ ଦୋକାନର କିରାଣି ନିଯୁକ୍ତ କରିଥିଲେ । ଅନେକ ମାଡ଼ବାରୀ 'ଲୋଟାକମ୍ବଳମାତ୍ର ସମ୍ବଳ ଘେନି ଏ ଦେଶରେ ଆସି ବ୍ୟବସାୟ ଆରମ୍ଭ କରି ଅଳ୍ପ ଦିନ ମଧ୍ୟରେ ସହସ୍ର ସହସ୍ର ମୁଦ୍ରାର ଅଧିକାରୀ ହୋଇ ଅଛନ୍ତି ଜମାଇବସନ୍ତି । ଅତଏବ ବ୍ୟବସାୟରେ ନିଷ୍ଠା ଓ ଏକାଗ୍ରତା ଥିଲେ ମୂଳଧନର ଅଭାବ ହୁଏ ନାହିଁ ।

ବ୍ୟବସାୟକୁ ଅନେକେ ମାନହାନିକର ଜ୍ଞାନ କରନ୍ତି, ମାତ୍ର ତାହା ନିତାନ୍ତ ଅସଙ୍ଗତ ଧାରଣା । ବ୍ୟବସାୟଦ୍ୱାରା ମାନବୃଦ୍ଧି ବ୍ୟତୀତ ହାନି ହୁଏ ନାହିଁ । ସ୍ୱାଧୀନ ଭାବରେ ଜୀବିକା ନିର୍ବାହ ଯଦି ମାନହାନିକର ହୁଏ, ତେବେ ଆଉ ମାନବୃଦ୍ଧିକର କିଏ ହେବ ? ମାଞ୍ଚେଷ୍ଟରର ତନ୍ତ୍ରୀମାନେ ସମୟ ସମୟରେ ପାର୍ଲିଆମେଣ୍ଟ ଜମାଇଛନ୍ତି । ବ୍ୟବସାୟର ମାନ କେତେ ଉଚ୍ଚରେ ଅବସ୍ଥିତ, ଏଥିରୁ ତାହା ସ୍ପଷ୍ଟରୂପେ ବୁଝାଯାଉଅଛି । ଜଗତର ସଭ୍ୟଜାତିମାନେ ବ୍ୟବସାୟୀ । ବ୍ୟବସାୟହିଁ ସେମାନଙ୍କର ଉନ୍ନତିର ମୂଳ । ଏହା ସ୍ୱଚକ୍ଷୁରେ ଦେଖି ଯଦି କେହି ବ୍ୟବସାୟ ପ୍ରତି ଘୃଣା ପ୍ରଦର୍ଶନ କରେ, ତେବେ ତାହାଠାରୁ ବଳି ଜଗତରେ ଭ୍ରାନ୍ତ, ଅଭିଶପ୍ତ ଜୀବ ଆଉ କିଏ ?

ମୂଳଧନ ସଙ୍ଗ୍ରହ ଓ ବାଣିଜ୍ୟୋନ୍ନତିର ମୁଖ୍ୟ ଉପାୟ ଯୌଥ କାରବାର । ଦେଶର ସଙ୍ଗତିମାନ ଲୋକେ ଭୂଗର୍ଭରେ ଟଙ୍କା ପୋତି ନ ରଖି ତାହାକୁ ଯୌଥ କାରବାରରେ ନିୟୋଗ କରି ନିଜର ଓ ଦେଶର ଉନ୍ନତି କରିପାରନ୍ତି । ସାମାନ୍ୟ ମୂଳଧନ ଦ୍ୱାରା ବିନା ମୂଳଧନରେ ଚଳିବା ଭଳି ବ୍ୟବସାୟ ଏ ଦେଶରେ ଯଥେଷ୍ଟ ଅଛି । କଦଳୀ, ଅର୍କ, ଧୂଳିବି, ଜାହାଜ (ଲଙ୍କାକାଲ), ଶିମିଳୀ, ଅଳୁ ପ୍ରଭୃତିର ଚାଷ ଅଧିକ ବ୍ୟୟସାପେକ୍ଷ ନୁହେଁ । ତଦ୍ୱାରା ସୁନ୍ଦର ଗୋଟିଏ ଗୋଟିଏ ବ୍ୟବସାୟ ଚଳିପାରେ ; ଅଥଚ ତାହା ସ୍ୱାଧୀନ ବୃତ୍ତି । ଏ ଦେଶବାସୀଏ ଚାକିରୀ ପ୍ରତି ଯେପରି ଲୋଭାସକ୍ତ, ବାଣିଜ୍ୟ ପ୍ରତି ସେଥିର ଶତାଂଶର ଏକାଂଶ ଯଦି ଆସକ୍ତ ହୁଅନ୍ତି । ସେମାନେ ପରପଦସେବାରେ ଅସହ୍ୟ ଲାଞ୍ଛନା, ଗଞ୍ଜନା ସହ୍ୟ କରିବେ ପଛେ ସ୍ୱାଧୀନ ଜୀବିକା ଅବଲମ୍ବନ କରିବେ ନାହିଁ । ମାନ୍ଦ୍ରାଜର ଜଣେ ବି. ଏ. ଉପାଧିଧାରୀ ବ୍ରାହ୍ମଣ ଯୁବକ ଜୋତାର କାରଖାନା କରିଅଛନ୍ତି । କାରଖାନାରେ ନୂଆ ଜୋତା ପ୍ରସ୍ତୁତ ହୁଏ ଓ ନାନା ସ୍ଥାନରୁ ପୁରୁଣା ଜୋତା ଆଣାଇ ମରାମତ କରି ଦିଆଯାଏ । ବ୍ରାହ୍ମଣ ତ ଆଉ ସ୍ୱୟଂ ଏ କାର୍ଯ୍ୟ କରନ୍ତି ନାହିଁ, ଲୋକଦ୍ୱାରା କରାଇଲେ ଦୋଷ କଅଣ ? ଏହିପରି କାର୍ଯ୍ୟକୁ ଅନେକେ ଘୃଣା କରନ୍ତି । ରାଜା, ଜମିଦାରମାନେ ଚମଡ଼ାର ଇଜରା ଦେଇ ପ୍ରକାରାନ୍ତରରେ ଚର୍ମ ବିକ୍ରୟ କରନ୍ତି ନାହିଁ କି ? ସେଥିପାଇଁ କି ସେମାନଙ୍କୁ ପ୍ରାୟଶ୍ଚିତ୍ତ କରିବାକୁ ପଡ଼େ ? ସମାଜରୁ ଏହିସବୁ କୁସଂସ୍କାର ତିରୋହିତ କରିବା ସମାଜପତିଙ୍କର କାର୍ଯ୍ୟ । ଅନେକେ ଦୂର ଦେଶକୁ ବାଣିଜ୍ୟ କରିଯିବାକୁ ଅସ୍ୱୀକୃତ । ଏହା ଗୋଟିଏ ଭୀରୁ ମାତ୍ର । ଆଜିକାଲି ରେଲପ୍ରସାଦରୁ ଦୂର ନିକଟ ହୋଇଅଛି । ବ୍ୟବସାୟ କଷ୍ଟସାପେକ୍ଷ ପ୍ରଥମତଃ କ୍ଲେଶ, ପଛକୁ ସୁଖ । ବ୍ୟବସାୟର ଅସାଧ

କଠୋରତା ଓ ପରିଣାମଦର୍ଶିତାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ଥଳ ଆରବ୍ୟୋପନ୍ୟାସର ସିନ୍ଧବାଦ ବଣିକର ଇତିହାସ । ଏକାଗ୍ରତାର ସହିତ ଯାହା କରିଯାଏ, ତାହା ସଫଳ ହୁଏ । ଶୀଘ୍ର ନ ହେଉ ପଛେ, ମାତ୍ର ବିଳମ୍ବରେ ନିଶ୍ଚୟ ହୁଏ । ଦେଶର ନବୀନ ଉତ୍ସାହୀ ଯୁବକମାନେ ସାଧୁସଙ୍ଗତ ଭାବରେ ସତ୍ୟର ଭୂମିରେ ବିଚରଣ କରି ନାନାପ୍ରକାର ବାଣିଜ୍ୟର ପଥ ଉଦ୍‌ଘାଟନପୂର୍ବକ ଦେଶର, ସମାଜର, ଜାତିର, ପରିବାରର ଉନ୍ନତି ସାଧନ କରିପାରିବେ ।

---

# ଫଳ

( ୧୯୦୭ ସାଲରେ ପ୍ରକାଶିତ "ସ୍ୱଦେଶଲକ୍ଷ୍ମୀ" ମାସିକପତ୍ରିକାର ପ୍ରଥମ ବର୍ଷ ୫ମ ସଂଖ୍ୟାରେ ପ୍ରକାଶିତ )

ଫଳ ଅତ୍ୟନ୍ତ ଉପାଦେୟ ଏବଂ ତୃପ୍ତିକର ଖାଦ୍ୟ । ମନୁଷ୍ୟର ଜୀବନଧାରଣ ପକ୍ଷେ ଯାହା ଯାହା ଆବଶ୍ୟକ, ସେ ସମସ୍ତ ଉପାଦାନ ଫଳରେ ଯଥେଷ୍ଟ ଅଛି । ନାନା କାରଣରୁ ଫଳ ଦୁଗ୍ଧ ଓ ଘୃତ ଅପେକ୍ଷା ଅଧିକତର ଉପକାରୀ । ଦୁଗ୍ଧ ବା ଘୃତ ଅତି ପୁଷ୍ଟିକର ଓ ପରମୋପକାରୀ ହେଲେହେଁ ତାହା ସର୍ବସମୟରେ ଏବଂ ସମସ୍ତଙ୍କ ଶରୀରରେ ନିରାପଦ ଭାବରେ ବ୍ୟବହୃତ ହୋଇପାରେ ନାହିଁ । କିନ୍ତୁ ସମସ୍ତଙ୍କ ପକ୍ଷରେ ଏବଂ ପ୍ରାୟ ସକଳ ଅବସ୍ଥାରେ ଫଳ ବ୍ୟବହାରର ବ୍ୟବସ୍ଥା ଅଛି । ସ୍ତ୍ରୀ, ପୁରୁଷ, ଯୁବକ, ଯୁବତୀ, ବାଳକ, ବାଳିକା, ବୃଦ୍ଧ, ବୃଦ୍ଧା—ସମସ୍ତେ ଫଳଭକ୍ଷଣର ଅଧିକାରୀ । ସୁପକ୍ୱ, ସୁସ୍ୱାଦୁ ଓ ସାରବାନ୍ ଫଳ ବ୍ୟବହାର କଲେ ମସ୍ତିଷ୍କ, ଶରୀର, ମନ ଓ ହୃଦୟର ଉନ୍ନତି ସମ୍ବନ୍ଧରେ ପ୍ରଭୂତ ଉପକାର ହୁଏ । ଚିନ୍ତାଶୀଳ ଲେଖକ, ସମରକୁଶଳ ବୀର, ପରିଶ୍ରମୀ କୃଷକ, ସାତ୍ତ୍ୱିକ ଧର୍ମୋପଦେଷ୍ଟା ବା ସନ୍ନ୍ୟାସୀ, ରୋଗୀ ବା ସୁସ୍ଥ ବ୍ୟକ୍ତି ସମସ୍ତେ ଫଳଭକ୍ଷଣର ଅଧିକାରୀ । ସୁଦକ୍ଷ ଚିକିତ୍ସକ ଓ ବହୁଦର୍ଶୀ ଉଦ୍ଭିଦବେତ୍ତାମାନଙ୍କ ମତରେ ଫଳ ବ୍ୟବହାରଦ୍ୱାରା ରମଣୀ ଅପେକ୍ଷା ପୁରୁଷମାନେ ଅଧିକତର ଉପକାର ପ୍ରାପ୍ତ ହୁଅନ୍ତି । ସୁପକ୍ୱ ଫଳ ସହଜରେ ଜୀର୍ଣ୍ଣ ହୁଏ ଏବଂ ତାହାର ସାରାଂଶ ମାନବ ଦେହାଭ୍ୟନ୍ତରରେ ପ୍ରବିଷ୍ଟ ହୋଇ ସତ୍ତ୍ୱଗୁଣର ବୃଦ୍ଧି ଏବଂ ରଜଃ ଓ ତମୋଗୁଣର ଖର୍ବତା ସାଧନ କରେ । ରକ୍ତ, ମେଦ, ମଜ୍ଜା ଓ ଶୁକ୍ରର ବୃଦ୍ଧି ପକ୍ଷରେ ଫଳ ପରମୋପକାରୀ । ମସ୍ତିଷ୍କକୁ ଉନ୍ନତ, ଅନିୟନ୍ତ୍ରିତ ମନକୁ ନିୟନ୍ତ୍ରିତ, ହୃଦୟକୁ ସାତ୍ତ୍ୱିକଭାବରେ ପରିପୁଷ୍ଟ, ଚିତ୍ତବୃତ୍ତିକୁ ଧର୍ମଭାବରେ ପରିଣତ ଏବଂ ଦେହକୁ ସୁସ୍ଥ ଓ ସାରବାନ୍ କରିବା ପକ୍ଷରେ ଫଳ ଭଳି ଖାଦ୍ୟ ପ୍ରାୟ ଦେଖାଯାଏ ନାହିଁ । ଏଥିସକାଶେ ଏହା ଦେବତାମାନଙ୍କର ଅତ୍ୟନ୍ତ ପ୍ରିୟ, ଯୋଗୀଙ୍କର ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଏବଂ ଭୋଗୀ ଓ ରୋଗୀମାନଙ୍କର ଭୋଗସ୍ପୃହା ଓ ରୋଗଯନ୍ତ୍ରଣାନିବାରକ ବୋଲି ପରିଗଣିତ । ବାସ୍ତବିକ ଫଳର ଅନେକ ଗୁଣ । ଭାରତବର୍ଷ ଗ୍ରୀଷ୍ମପ୍ରଧାନ ଦେଶ; ସୁତରାଂ ଏ ଦେଶ ବହୁବିଧ ଉପାଦେୟ ଫଳର ଜନ୍ମଭୂମି । ବହୁମୂତ୍ର ଓ ମୂତ୍ରକୃଚ୍ଛ୍ର ରୋଗର ଫଳ ପ୍ରଧାନ ଔଷଧ । ବହୁବିଧ ଦୁଶ୍ଚିକିତ୍ସ୍ୟ ରୋଗ କେବଳ ଫଳବ୍ୟବସ୍ଥା ଦ୍ୱାରା ନିରାମୟ କରାଯାଇପାରେ—ଏହା ବୈଦ୍ୟକ ଶାସ୍ତ୍ରର ଧ୍ରୁବସତ୍ୟ ବାଣୀ ।

ଆମ୍ଭମାନଙ୍କ ଦେଶରେ ଅନେକେ ଭାତ ସଙ୍ଗରେ ଫଳଭକ୍ଷଣ କରନ୍ତି; ମାତ୍ର ତାହା କର୍ତ୍ତବ୍ୟ ନୁହେ । ମତ୍ସ୍ୟ, ମାଂସ ପ୍ରଭୃତି ଆମିଷ ଆହାର ସମୟରେ ଫଳ ବ୍ୟବହାର ନିଷିଦ୍ଧ । ଗୁରୁତର ଆହାର ପରେ କିମ୍ବା ନିଶୀଥ ସମୟରେ ଫଳଭକ୍ଷଣର ବ୍ୟବସ୍ଥା ନାହିଁ । ସ୍ଥୂଳତଃ ଫଳ ସଙ୍ଗରେ ଅନ୍ୟ ଦ୍ରବ୍ୟ ବ୍ୟବହାର କରିବା ଭଲ ନୁହେ । ଯଦି ଏକାନ୍ତ ଆବଶ୍ୟକ ହୁଏ, ତେବେ ଦୁଗ୍ଧ କିମ୍ବା ଶର୍କରା ବ୍ୟବହାର କରାଯାଇପାରେ । ଅପକ୍ୱ, କୀଟଦଷ୍ଟ, ଅତି ପୁରାତନ, ପଚା ବା ବାସି ଫଳ ବ୍ୟବହାର କଲେ ଫଳଭକ୍ଷଣର ଉଦ୍ଦେଶ୍ୟ ବିଫଳ ହୁଏ । ଅସମୟରେ ପୁତ୍ର ବା କନ୍ୟା ଜନ୍ମହେଲେ ଯେପରି ସେମାନେ ନାନା ରୋଗରେ ଦୁଷ୍ଟ ହୁଅନ୍ତି ଅଥବା ଦୁର୍ବଳ ହୁଅନ୍ତି, ଅସମୟରେ ପକ୍ୱ ଫଳକୁ ସୁଦ୍ଧା ସେହିପରି ବିବେଚନା କରିବାକୁ ହେବ । ଅନେକେ କୃତ୍ରିମ ଉପାୟରେ ଅପକ୍ୱ ଫଳକୁ ପକ୍ୱ କରି ବିକ୍ରୟ

କରନ୍ତି । ତଦ୍ଦ୍ୱାରା ବିଶେଷ ଉପକାରର ଆଶା ନାହିଁ । ବୃକ୍ଷପକ୍ୱ ଫଳ ସର୍ବାପେକ୍ଷା ଶ୍ରେଷ୍ଠ । ବିଦେଶୀୟ ଫଳ ଅପେକ୍ଷା ସ୍ୱଦେଶଜାତ ଫଳ ଆମ୍ଭମାନଙ୍କ ଶରୀର ପକ୍ଷରେ ଅଧିକତର କଲ୍ୟାଣପ୍ରଦ । ବାଦାମ, ପେସ୍ତା, କିସ୍‌ମିସ୍ ପ୍ରଭୃତି ଏ ଦେଶରେ ପ୍ରଚୁର ଭାବରେ ବ୍ୟବହୃତ ହେଲେ ସୁଦ୍ଧା ସାମାଜିକ ମତାନୁସାରେ ଏହା ବିଦେଶୀୟ ଫଳ ମଧ୍ୟରେ ଗଣ୍ୟ । ଏହି ସକଳ ଫଳ ଅପେକ୍ଷା ଏ ଦେଶ-ଜାତ ସୁପକ୍ୱ ଆତ, ଆମ୍ବ, ପଣସ, ସପୁରିପଣସ, ନଡ଼ିଆ, ଅମୃତଭଣ୍ଡା, ଜାମୁ, ଲେମ୍ବୁ, ଡାଳିମ୍ବ, ପିଜୁଳି, ବେଲ, କଦଳୀ,ତେମିରି ପ୍ରଭୃତି ଫଳ ଅଧିକତର ଉପକାରୀ । ପରିମିତ ଫଳ ଭୋଜନ ଯେପରି ଉପକାରୀ, ଅପରିମିତ ଭକ୍ଷଣ ସେପରି ଅପକାରୀ । ସକଳ ବିଷୟରେ ସୀମା ଅଛି; ବିଶେଷତଃ ଆହାର ବିଷୟରେ ସେହି ସୀମା ଅତିକ୍ରମ କରିବା କଦାଚ ବିଧେୟ ନୁହେଁ ।

ଚିନ୍ତାଶୀଳ ବ୍ୟକ୍ତି ପକ୍ଷରେ ଫଳ ବିଶେଷ ଉପକାରୀ । ଲେଖକ, ବାଗ୍ମୀ,ଗ୍ରନ୍ଥକର୍ତ୍ତା, ଧର୍ମୋପଦେଷ୍ଟା, ଯୋଗାଭ୍ୟାସୀ, ସାଧକ, ସମ୍ବାଦପତ୍ର-ପରିଚାଳକ ପ୍ରଭୃତି ମାନସିକ ପରିଶ୍ରମୀ ବ୍ୟକ୍ତିଙ୍କ ପକ୍ଷରେ ଫଳ ଅସୀମ ଉପକାରୀ । ଆମିଷାଶୀ ବ୍ୟକ୍ତିମାନେ ଫଳ ଭକ୍ଷଣ କଲେ ସେମାନଙ୍କର ଆମିଷ ଭକ୍ଷଣସ୍ପୃହା ହ୍ରାସ-ପ୍ରାପ୍ତ ହୁଏ; କ୍ରୋଧୀର କ୍ରୋଧ, ସ୍ନାୟବିକ ରୋଗୀର ଚଞ୍ଚଳତା, ଇନ୍ଦ୍ରିୟପରାୟଣର କାମବୃତ୍ତି, ମଦ୍ୟ-ପ୍ରିୟର ମଦାତ୍ୟୟ, ତାମସିକର କୁଚିନ୍ତା, ଉଦାସୀନର ଶ୍ରମକାତରତା, କୁଚିନ୍ତାସକ୍ତର ବହୁବିଧ ଦୋଷ, ଦେହର ଅସ୍ୱାଭାବିକ ସ୍ଥୂଳତା, ମନର ଅବସାଦ ଓ ମସ୍ତିଷ୍କର ବିବିଧ ରୋଗ ଦମନ କରିବା ପକ୍ଷେ ଏ ଦେଶ-ଜାତ ଫଳ ପରମ ସହାୟ ।

ବେଲକୁ ଶ୍ରୀଫଳ ବୋଲନ୍ତି । ଏହା ପବିତ୍ର, ଗୁଣକର ଓ ବିବିଧରୋଗନାଶକ । ଏଣୁ ଅନେକ ଔଷଧରେ ଏହା ବ୍ୟବହୃତ ହୁଏ । ବୃକ୍ଷପକ୍ୱବେଲ ବ୍ୟବହାର ପକ୍ଷେ ପ୍ରଶସ୍ତ । ସାହିତ୍ୟଜୀବୀ ପକ୍ଷରେ ବେଲପଣା ଅତି ଉପକାରୀ । ବେଲ ଭକ୍ଷଣରେ ମସ୍ତିଷ୍କ ଉନ୍ନତ ହୁଏ, ଚିନ୍ତାଶକ୍ତି ବିକଶିତ ହୁଏ ଓ ମାନସିକ ସ୍ଫୂର୍ତ୍ତି ବଢେ । ଲେଖକ ଓ ବକ୍ତା ପକ୍ଷରେ ଅମ୍ବ ଓ ବେଲ ଅତି ହିତକର । ଧର୍ମୋପଦେଷ୍ଟା ପକ୍ଷରେ ସୁପକ୍ୱ କଦଳୀ, ଆତ ଓ ଲେମ୍ବୁ କଲ୍ୟାଣଜନକ । ରାଜନୀତିକ ପକ୍ଷରେ ପଣସ ଉପକାରୀ । ବଣିକ ପକ୍ଷରେ ପିଜୁଳି ଓ ନଡ଼ିଆ ଅତି ଉପାଦେୟ । ଅମୃତଭଣ୍ଡା ସମସ୍ତଙ୍କ ପକ୍ଷରେ ଭଲ । ଅତ୍ୟନ୍ତ ଚିନ୍ତାଶୀଳ ଭାବୁକ ପକ୍ଷରେ ଜାମୁ ଓ ଡାଳିମ୍ବ ଭକ୍ଷଣ ପ୍ରଶସ୍ତ ।

ଫଳର ଚାଷ ଓ ବ୍ୟବସାୟ ଯଥେଷ୍ଟ ଲାଭଜନକ । ଫଳର ବଗିଚା କରି ବ୍ୟବସାୟ କଲେ ସୁନ୍ଦରରୂପେ ଜୀବିକା ନିର୍ବାହ ହୋଇପାରେ । ଆମ୍ଭମାନଙ୍କ ଦେଶରେ ସାମାନ୍ୟ ଆୟାସରେ କଦଳୀଚାଷ ହୋଇପାରେ । କଦଳୀ ଅତି ଉତ୍କୃଷ୍ଟ ଫଳ । ଏହା ସର୍ବତ୍ର ପ୍ରଚଳିତ ଓ ସମସ୍ତ ଋତୁରେ ସମଭାବରେ ବିକ୍ରୀତ ହୁଏ । କଦଳୀର ଚାଷ ଏବଂ ବ୍ୟବସାୟରେ ଯଥେଷ୍ଟ ଲାଭ ହୁଏ ଅଥଚ ସେଥିରେ ଯତ୍ନ ଓ ଅର୍ଥବ୍ୟୟ ଊଣା । ସଂସ୍କୃତଭାଷାରେ କଦଳୀର ଭିନ୍ନ ଭିନ୍ନ ନାମ ଅଛି । ଯଥା:—ଭାନୁଫଳ, ବାରୁଣ, ବଲ୍ଲଭ, ରମ୍ଭା, କଦଳୀ, ବନଲକ୍ଷ୍ମୀ, ବାଳକ, ଗାଙ୍ଗେୟଗଣ୍ଡକୀ, ମୋଚକ ପ୍ରଭୃତି । ଅନ୍ୟାନ୍ୟ ଭାଷା-ଭେଦରେ ଏହାର ନାମଭେଦ ମଧ୍ୟ ଅଛି ।

ହିମାଳୟ ପର୍ବତର କଦଳୀବୃକ୍ଷ ସର୍ବାପେକ୍ଷା ଉଚ୍ଚ ହୁଏ । ଆମ୍ଭମାନଙ୍କ ଦେଶରେ ଜ୍ୟେଷ୍ଠ ଓ ଆଷାଢ଼ କଦଳୀରୋପଣ ପକ୍ଷେ ପ୍ରଶସ୍ତ ସମୟ । କଦଳୀରୋପଣ ସମ୍ବନ୍ଧରେ ଗୋଟିଏ ପ୍ରବାଦ ଅଛି । ଜ୍ୟେଷ୍ଠେ କଦଳୀ ଆଷାଢେ କଆଁ, ପୋତ ନ ପୋତ ହୁଅଇ ଠିଆ । ସୁରୁଣା ପଙ୍କମାଟିରେ କଦଳୀବୃକ୍ଷ ଭଲ ହୁଏ । ଗୋବର, ପଚା କୁଟା, ପଚା ପତ୍ର, ପୋଡ଼ିଲା ଚୋପା ଓ ଘଷି ପାଉଁଶ ପ୍ରଭୃତି କଦଳୀ ଚାଷର ଅତ୍ୟୁତ୍ତମ ସାର । ଗଛ ଲଗାଇ ସପ୍ତାହରେ ୨ । ୩ ଥର ଜଳ ଦେଲେ ଚେର ଲାଗି-ଯାଏ । ଏକ ଭୂମିରେ ଏକାଦିକ୍ରମେ କଦଳୀଚାଷ ହେଲେ ଭୂମିର ଉର୍ବରତା କମିଯାଏ । ଏହେତୁ ମଧ୍ୟେ ମଧ୍ୟେ ପରିବର୍ତ୍ତନ ଆବଶ୍ୟକ ।

କଦଳୀରୁ ମଇଦା ପ୍ରସ୍ତୁତ ହୁଏ । ବରପାଚିଲା କଦଳୀର ଚୋପା ଛଡ଼ାଇ ଶସକୁ ପତଳା ଭାବରେ ଚେକା ଚେକା କରି କାଠ ଖପରେ ଶୁଖାଇ ପେଷିଲେ ଅଟା ହୁଏ । ଏଥିରେ ପିଠା, କ୍ଷୀରି ଏବଂ ବିବିଧ ଉପାଦେୟ

ମିଷ୍ଟାନ୍ନ ପ୍ରସ୍ତୁତ ହୁଏ । ତାହା ଯେପରି ରୁଚିକର, ସେହିପରି ପୁଷ୍ଟିକର । ଏହା ଆମ୍ଭମାନଙ୍କଦ୍ୱାରା ପରୀକ୍ଷିତ । ଗଞ୍ଜାମର ଉଦ୍ୟାନଖଣ୍ଡରେ ଅପର୍ଯ୍ୟାପ୍ତ କଦଳୀ ଉତ୍ପନ୍ନ ହୁଏ । କେହି ଉପରୋକ୍ତ ଖଣ୍ଡରେ କଦଳୀରୁ ମଇଦା ବାହାର କରି ବିକ୍ରୟ କଲେ ସୁନ୍ଦର ବ୍ୟବସାୟ ଚଳିପାରିବ ।

## ପଖାଳଭାତ

(୧୯୦୭ ସାଲରେ ପ୍ରକାଶିତ "ସ୍ୱଦେଶଲକ୍ଷ୍ମୀ" ମାସିକ-ପତ୍ରିକାର ପ୍ରଥମ ବର୍ଷ ୫ମ ସଂଖ୍ୟାରେ ପ୍ରକାଶିତ)

ପଖାଳଭାତ ଶୀତଳ, ଅଗ୍ନି ଓ ତେଜବୃଦ୍ଧିକର, ବଳକାରକ, ତୃପ୍ତିପ୍ରଦ ଏବଂ ଉପାଦେୟ ଖାଦ୍ୟ । ଏ ଦେଶରେ ଆବାଳବୃଦ୍ଧ ସମସ୍ତେ ପଖାଳ ଖାଆନ୍ତି । ପଖାଳ ଲଘୁପାକ ପଦାର୍ଥ । ଯେଉଁ ଶ୍ରମଜୀବୀମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହାଡ଼ଭଙ୍ଗା ପରିଶ୍ରମ କରନ୍ତି, ପଖାଳ ସେମାନଙ୍କର ଅତୀବ ପ୍ରିୟ । ଗରମ ଭାତ ଖାଇ ସେମାନେ ଏତାଦୃଶ ଗୁରୁତର ପରିଶ୍ରମ କରିବାକୁ କଦାଚ କ୍ଷମ ହେବେ ନାହିଁ । ସ୍ଥାନବିଶେଷରେ ଜଳବାୟୁ ସଙ୍ଗରେ ଖାଦ୍ୟର ବିଶେଷ ସମ୍ପର୍କ ଅଛି । ଆମ୍ଭମାନଙ୍କର ଗ୍ରୀଷ୍ମପ୍ରଧାନ ଦେଶ, ସୁତରାଂ ପଖାଳ ଓ ତୁଳସୀ ଆମ୍ଭମାନଙ୍କ ପକ୍ଷରେ ବିଶେଷ ଗୁଣକର । ଅଧିକ ଦିନର ପଚା, ଖଟା ପଖାଳ ଯେ ଉପରୋକ୍ତ ଗୁଣବିଶିଷ୍ଟ, ଏହା ବୋଲିଯାଉ ନାହିଁ । ପଚା,ଖଟା ପଖାଳ ଅଖାଦ୍ୟ ମଧ୍ୟରେ ପରିଗଣିତ । ଆମ୍ଭମାନଙ୍କ ଦେଶରେ ପଖାଳକୁ ସେପରି ଅଖାଦ୍ୟ କରି କେହି ପ୍ରାୟ ଖାଆନ୍ତି ନାହିଁ । ସାଧାରଣତଃ ଆଜିର ପଖାଳ କାଲି ଏବଂ କାଲିର ପଖାଳ ପରଦିନ ଏହିରୂପେ ବ୍ୟବହାର କରାଯାଏ ।

ଆଜିକାଲି ଅନେକ ପାଶ୍ଚାତ୍ୟଶିକ୍ଷିତ ବ୍ୟକ୍ତି ପଖାଳକୁ ଆଦର କରନ୍ତି ନାହିଁ । ସେମାନେ କହନ୍ତି, ପଖାଳ ଖାଇଲେ ବୁଦ୍ଧିବୃତ୍ତି ନିସ୍ତେଜ ହୋଇଯାଏ, ପଖାଳଖିଆ ଲୋକେ ଅଳସୁଆ ହୋଇଯାନ୍ତି; ମାତ୍ର ଏରୂପ କଥା ମୂଲ୍ୟବାନ୍ ବୋଧହୁଏ ନାହିଁ । ଓଡ଼ିଆଙ୍କର ପରିଶ୍ରମ ଓ ଶାରୀରିକ ବଳ ଦେଖି ଅନେକ ବିଦେଶୀୟ ଜାତି ଆଶ୍ଚର୍ଯ୍ୟାନ୍ୱିତ ହୁଅନ୍ତି । ପୁଣି ଦେଶର ଯେଉଁମାନେ ଉଚ୍ଚଶିକ୍ଷିତ, ଉଚ୍ଚପଦସ୍ଥ, ସେମାନେ କି ପଖାଳ ଖାଆନ୍ତି ନାହିଁ ? ବରଂ ପଖାଳରେ ସେମାନଙ୍କର ପିଣ୍ଡ ପ୍ରସ୍ତୁତ ହୋଇଅଛି ବୋଲିଯାଇପାରେ । ଏରୂପ ସ୍ପଷ୍ଟ ଦୃଷ୍ଟାନ୍ତ ଦେଖି କେଉଁ ଯୁକ୍ତି ବଳରେ ପଖାଳର ଉପରୋକ୍ତ ଅନିଷ୍ଟକାରିତା ସ୍ୱୀକାର କରାଯିବ ? ଏପରି ସ୍ଥଳେ ପଖାଳର ନିନ୍ଦାବାଦ ତାହାର ଦଗ୍ଧ ଅଦୃଷ୍ଟର ଫଳ, କି ପଖାଳ ବ୍ୟବହାର ଅନଭିଜ୍ଞ ଲୋକଙ୍କର ଦୁରଦୃଷ୍ଟ ତାହା କିଏ କହିପାରେ ? ଯେଉଁମାନଙ୍କର ଅସ୍ଥି, ମଜ୍ଜା, ଶୁକ୍ରଶୋଣିତ ପର୍ଯ୍ୟନ୍ତ ପଖାଳରେ ଗଠିତ, ସେମାନେ ଯଦି ପଖାଳର ନିନ୍ଦା କରନ୍ତି, ତେବେ ସେମାନଙ୍କୁ ନିନ୍ଦୁକ, କୃତଘ୍ନ ନ କହି ଆଉ କଅଣ ବୋଲିହେବ ? ଆଉ ଯେଉଁ ବିଦେଶୀୟ ଲୋକେ ପଖାଳର ନିନ୍ଦା କରନ୍ତି, ସେମାନେ ପଖାଳର ଉପଯୋଗିତା, ଉପାଦେୟତା ଏବଂ ଏ ଦେଶର ପ୍ରାକୃତିକ ଅବସ୍ଥା ବିଷୟରେ ଏକାନ୍ତ ଅନଭିଜ୍ଞ । ସେମାନେ ପଖାଳର ସ୍ୱାଦୁ ଥରେମାତ୍ର ଜାଣିଲେ ଏବଂ ପଖାଳର ଶକ୍ତି ବୁଝିଲେ, ଆଉ ପଖାଳକୁ ଛାଡ଼ିପାରିବେ କି ନାହିଁ ସନ୍ଦେହ ।

ସଜପଖାଳର ଉପାଦେୟତା ବର୍ଣ୍ଣନାତୀତ । ସେଥିରେ ଯଦି ଦୁଇଖଣ୍ଡ ଅଦା, ମନ୍ଦାଏ ସଜଦହି ଆଉ ଦୁଇଟୋପା ଲେମ୍ବୁରସ ପଡ଼େ ଏବଂ ଉଚ୍ଚସ୍ୱାଦଯୁକ୍ତ ନେଉଟିଆ ଶାଗର ଭଜା ତାହା ସଙ୍ଗରେ ଯୋଗ ଦିଏ, ତେବେ ତାହା ଦେବଯୋଗ୍ୟ ଖାଦ୍ୟରେ ପରିଣତ ହୁଏ । ସେତେବେଳେ ତାହା ପଖାଳଭାତ ନୁହେଁ, ଠିକ୍ ସ୍ୱର୍ଗୀୟ ସୁଧା ! ଏହା ଅନୁମାନସାପେକ୍ଷ ନୁହେଁ, ଅନୁଭବସାପେକ୍ଷ ଅଟେ ।

ଦେଶର କୃଷକ, ଶ୍ରମଜୀବୀ ପ୍ରଭୃତି ଗୁରୁତର ଶ୍ରମଶାଳୀ ବ୍ୟକ୍ତିମାନଙ୍କ ପକ୍ଷରେ ପଖାଳ ଅତୀବ ଗୁଣକର ଓ ବଳଦାୟକ । ଏହି ଶ୍ରେଣୀୟ ଲୋକେ କହନ୍ତି, "ପଖାଳ ଖାଇଲେ ଅଣ୍ଟାରେ ବଳ ହୁଏ, ଗରମ ଭାତ ଦୁଇଘଡ଼ିରେ ପାଣି ହୋଇଯାଏ; ଅତଏବ ତାହା ଖାଇ ଆମ୍ଭେମାନେ କି କାମ କରିପାରିବୁ ?" ସେମାନଙ୍କର

ଏ ଉକ୍ତି ଯେ ଅକ୍ଷରେ ଅକ୍ଷରେ ସତ୍ୟ, ଏଥିରେ ଦ୍ୱୈଧମତ ନାହିଁ । ବାସ୍ତବରେ ଜ୍ୱରରେ ଜଳ ଜଳ ଏବ ଯନ୍ତ୍ରରେ ପାଣି ବହି ଅର୍ଦ୍ଧପ୍ରାଣ ହୋଇଥିବା ସମୟରେ ପଖାଳ ସେମାନଙ୍କର ଆତ୍ମା ତୃପ୍ତି କରେ । ଗ୍ରୀଷ୍ମକାଳରେ ପଖାଳର ଉପକାରିତା ଏକା ଶ୍ରମଜୀବୀ କାହିଁକି, ସମସ୍ତେ ଏକବାକ୍ୟରେ ସ୍ୱୀକାର କରିବେ, ଏଥିରେ କୌଣସି ସନ୍ଦେହ ନାହିଁ ।

ବିବାହ ଶେଷରେ ଶ୍ୱଶୁରାଳୟରେ ଦହିପଖାଳ ଖାଇବାର ବିଧି ଅଛି । ଏହାକୁ ଦହିତୋରାଣି କହନ୍ତି । ପୂର୍ବଦିନର ଉପବାସକଷ୍ଟ ଏବଂ ବିବାହ ବେଦୀରେ ହୋମକୁଣ୍ଡ ପାଖରେ ବସି ଅଗ୍ନିତାପ ସେବନରେ ବରର ଦେହ ଅଶକ୍ତ ଓ ଗରମ ହୋଇଯାଏ । ବୋଧହୁଏ ଶରୀର ଥଣ୍ଡା କରିବା ସକାଶେ ଦହିତୋରାଣି ଖାଇବାର ବିଧି ଅଛି । ଯେଉଁମାନେ ବର ହୋଇଅଛନ୍ତି, ସେମାନଙ୍କ ନିକଟରେ ଦହିତୋରାଣିର ମହିମା ଅଧିକ ବର୍ଣ୍ଣନ କରିବାର ଆବଶ୍ୟକତା ନାହିଁ । ଆମ୍ଭେମାନେ ତ ବର୍ତ୍ତମାନ କଳିଯୁଗ ହିସାବରେ ବୁଢ଼ା ହୋଇଅଛୁ; ପିତା, ପିତାମହଙ୍କ ଆସନ ଅଧିକାର କରି ବସିଅଛୁ, ତଥାପି ବିବାହର ଦହିତୋରାଣି କଥା ମନେ ପଡ଼ିଲେ ଏ ବୃଦ୍ଧ ବୟସରେ ସୁଦ୍ଧା ବର ହେବାକୁ ଇଚ୍ଛା ହୁଏ । ପାଠକ ବିରକ୍ତ ହେବେ ନାହିଁ, କ୍ଷମା କରିବେ । ଆପଣମାନଙ୍କ ମନସ୍ତୁଷ୍ଟି ସକାଶେ ଆମ୍ଭମାନଙ୍କୁ ନାନା ରସର ଅବତାରଣା କରିବାକୁ ହେବ । ପିଲାକାଳର କଥା ମନେ ପଡ଼ିଲା । ଗ୍ରୀଷ୍ମକାଳର ଅପରାହ୍ଣରେ ଗୁପୁମା ବୁଢ଼ୀ ମୋତେ ପଖାଳ ଖୁଆଇଦେଇସାରି ତୋରାଣି ମନ୍ଦାକ ପିଇବାକୁ କହନ୍ତି । ମୁଁ ସେଥିରେ ଅସ୍ୱୀକୃତ ହେଲେ ସେ ବାଘ, ଭାଲୁ, କୁକୁର, ବିରାଡ଼ି ପ୍ରଭୃତିଙ୍କ ଭୟ ଦେଖାଇ ଏବଂ କୋମଳ ବାକ୍ୟରେ ନାନାପ୍ରକାର ହିତୋପଦେଶ ଦେଇ କହନ୍ତି—"ତୋରାଣି ମନ୍ଦାକ ଆଖି ବୁଜି ପିଇଦେ, ଦେହ କଞ୍ଚା ରହିବ ।" ସେ ସୁଖ ଏବଂ ସେ ସ୍ନେହରେ ମୁଁ ବହୁଦିନରୁ ଜଳାଞ୍ଜଳି ଦେଇଅଛି; ମାତ୍ର ସେ ବିଷଯୁକ୍ତ ସୁର୍ବିସ୍ମୃତି ଅନୁତାପାନଳ ଜାଳିବା ନିମନ୍ତେ ହୃଦୟରେ ଜାଗରୁକ ରହିଅଛି ।

ଅନେକ ରୋଗରେ ଦୋଫୁଟା ପଖାଳଭାତ ପଥ୍ୟରୂପେ ବ୍ୟବହୃତ ହୁଏ । ତାହା ଶୀତଳ ଓ ଲଘୁପାକ । ସଜ ତୋରାଣି ମଧ୍ୟ ଅନେକ ଔଷଧରେ ଲାଗେ । ପେଟ ଗରମ ହୋଇଥିଲେ ଯୁଆଣି, ଲବଙ୍ଗ ସଜତୋରାଣିରେ ବାଟି ପିଇଲେ ଥଣ୍ଡା ହୋଇଯାଏ । ୨ । ୪ ଦିନର ଖଟା ତୋରାଣି କାଞ୍ଜି ହୁଏ । କାଞ୍ଜି ଶୀତଳ, ଶାନ୍ତିକାରକ ଓ ପିତ୍ତଘ୍ନ । କାଞ୍ଜି ଅନେକ ଔଷଧରେ ବ୍ୟବହୃତ ହୁଏ । କାଞ୍ଜି ପିଇଲେ ଅଗ୍ନିମାନ୍ଦ୍ୟରୋଗ ନିବାରିତ ହୁଏ । ଶୀତକାଳରେ କାଞ୍ଜିର ସ୍ୱାଦୁ ଓ ଗୁଣ ଅଧିକ ହୁଏ । ଗରିବ ଲୋକେ କାଞ୍ଜିଦ୍ୱାରା ତରକାରିର ଅଭାବ ମୋଚନ କରନ୍ତି । ଶୀତଦିନର କାଞ୍ଜି ଠିକ୍ ଅମୃତ ତୁଲ୍ୟ । ଜଳାଜିରା ବଘର କାଞ୍ଜିର ସୁବାସ ନାସାରନ୍ଧ୍ର ସ୍ପର୍ଶ କଲେ ଶୁଷ୍କ ନୀରସ ରସନା ସୁଦ୍ଧା ରସଯୁକ୍ତ ହୁଏ ।

କେବଳ ଓଡ଼ିଆମାନେ ଯେ ପଖାଳ ଖାଆନ୍ତି, ଏପରି ନୁହେଁ । ବଙ୍ଗଦେଶର ଦକ୍ଷିଣସୀମାରୁ ଆରମ୍ଭ କରି କନ୍ୟାକୁମାରୀ ପର୍ଯ୍ୟନ୍ତ ଏହି ଅଂଶର ଅଧିବାସୀମାନଙ୍କର ପଖାଳ ପ୍ରିୟଖାଦ୍ୟ । ତେଲିଙ୍ଗ ସମାଜରେ ପଖାଳର ସମାଦର ଅଧିକ । ସେମାନେ ପଖାଳକୁ ବାସୀ କହନ୍ତି । ବାସୀ ବିଛଣାରୁ ଉଠି ବାସୀ ନ ଖାଇଲେ ସେମାନେ କୌଣସି କାର୍ଯ୍ୟ କରନ୍ତି ନାହିଁ । ମାନ୍ଦ୍ରାଜୀମାନେ କେବଳ ଗୁରୁଭକ୍ତ କିମ୍ବା କେବଳ ଇଂରାଜଭକ୍ତ ନୁହନ୍ତି—ସେମାନେ ପଖାଳଭକ୍ତ ସୁଦ୍ଧା ଅଟନ୍ତି । ଅଥଚ ମାନ୍ଦ୍ରାଜୀମାନେ ଗୋଟାଏ ଉନ୍ନତ ଆଦର୍ଶ ଜାତି । ମାନ୍ଦ୍ରାଜୀମାନଙ୍କ ମଧ୍ୟରେ ପରିଶ୍ରମୀ, ହୃଷ୍ଟପୁଷ୍ଟ ଓ ବଳବାନ୍ ବ୍ୟକ୍ତି ଅଧିକ ସଂଖ୍ୟାରେ ଦେଖାଯାନ୍ତି । ଅତଏବ ଆଳସ୍ୟ ଓ ବୁଦ୍ଧିହୀନତାକୁ ପଖାଳର ଦୁର୍ଗୁଣ ବୋଲି କହିବା କେବଳ ଅନ୍ଧବିଶ୍ୱାସମାତ୍ର । ଯେଉଁମାନେ ପଖାଳକୁ ନିନ୍ଦା କରନ୍ତି ଓ ପଖାଳଭକ୍ତ ହେତୁ ଆମ୍ଭମାନଙ୍କୁ 'ପଖାଳଖିଆ ଓଡ଼ିଆ' ବୋଲି ଘୃଣା କରନ୍ତି, ସେମାନେ ବିଶେଷ ଅନୁଗ୍ରହର ପାତ୍ର । ଓଡ଼ିଆମାନଙ୍କର ବୁଦ୍ଧିବୃତ୍ତି ଓ ଶୌର୍ଯ୍ୟବୀର୍ଯ୍ୟ ଇତିହାସପ୍ରସିଦ୍ଧ । ସେହି ସମସ୍ତ ସଦ୍‌ଗୁଣ ମୂଳରେ ପଖାଳର ଶକ୍ତି ବିଦ୍ୟମାନ । ଅତଏବ ଯେ ଯାହା କହନ୍ତୁ, ପଖାଳ ଯେ ଆମ୍ଭମାନଙ୍କର ବିଶେଷ ଉପକାରୀ, ଏହା ଆମ୍ଭମାନଙ୍କ ଦେଶର ଲୋକେ

ଭଲରୂପେ ବୁଝନ୍ତି । ଏହି ପଖାଳ ଶକ୍ତିରେ ଓଡ଼ିଆ ଜାତି ଗଙ୍ଗାଠାରୁ ସେତୁବନ୍ଧ ପର୍ଯ୍ୟନ୍ତ ବିଜୟବାନା ଉଡ଼ାଇଥିଲା । ତେଲଙ୍ଗାମାନେ କହନ୍ତି—"ପଖାଳ ଭାତ କାଞ୍ଜି ଲୁଣ, ଋଣ ନ ଥିଲେ କରେ ଗୁଣ ।" ଏହା ବେଦବାଣୀ ତୁଲ୍ୟ ସତ୍ୟ ।

---

## କୃଷକ

(୧୯୦୬ ସାଲରେ ପ୍ରକାଶିତ "ସ୍ୱଦେଶ-ଲକ୍ଷ୍ମୀ" ମାସିକପତ୍ରିକାର ପ୍ରଥମ ବର୍ଷ ୨ୟ ସଂଖ୍ୟାରେ ପ୍ରକାଶିତ)

କୃଷିକାର୍ଯ୍ୟ ସମ୍ପୃକ୍ତ ଲାଭଜନକ, ଏକଥା ନୂତନ କରି କହିବାର ପ୍ରୟୋଜନ ନାହିଁ । କିନ୍ତୁ କେତେ କଷ୍ଟ, କେତେ ଯତ୍ନ, କେତେ ପରିଶ୍ରମରେ ଯେ କୃଷିକାର୍ଯ୍ୟରେ ଲାଭବାନ୍ ହେବାକୁ ହୁଏ, ତାହା କୃଷକ ବ୍ୟତୀତ ଅନ୍ୟ କେହି ଅବଗତ ନୁହନ୍ତି । କୃଷିକାର୍ଯ୍ୟରେ ଯଥେଷ୍ଟ ଲାଭ କରିବାକୁ ହେଲେ ପ୍ରକୃତ କୃଷକ ହେବାକୁ ହେବ । ଖରା, କାକର, ବର୍ଷା ଓ କାଦୁଅ ପ୍ରଭୃତିକୁ ଭୟ କଲେ କେହି ପ୍ରକୃତ କୃଷକ ହୋଇପାରେ ନାହିଁ । ପ୍ରକୃତ କୃଷକ ନ ହେଲେ କୃଷିକାର୍ଯ୍ୟରେ ଲାଭବାନ୍ ହେବାର ଆଶା କରିବା ଘୋରତର ବିଡ଼ମ୍ବନା ଭିନ୍ନ ଅନ୍ୟ କିଛି ନୁହେଁ । ଶିଳ୍ପ, ବାଣିଜ୍ୟ ପ୍ରଭୃତି କାର୍ଯ୍ୟ ଅନ୍ୟ ଉପରେ ଭାର ଦେଲେ ଚଳିପାରେ; ମାତ୍ର କୃଷିକାର୍ଯ୍ୟ ସେପରି ଚଳିପାରେ ନାହିଁ । କୃଷିକାର୍ଯ୍ୟର ପ୍ରତ୍ୟେକ ଅଙ୍ଗ ଅର୍ଥାତ୍ ହଳ କରିବାଠାରୁ ଶସ୍ୟ କର୍ତ୍ତନପୂର୍ବକ ଗୃହକୁ ଘେନିଯିବା ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ପ୍ରତ୍ୟକ୍ଷ ନ କଲେ ଲାଭବାନ୍ ହେବାର ଆଶା ଧୃଷ୍ଟତାମାତ୍ର ।

ବିନା ପରିଶ୍ରମରେ ଏକ କପର୍ଦ୍ଦକ ଉପାର୍ଜନ କରି ହୁଏ ନାହିଁ । ସୁତରାଂ ଯେ କୌଣସି କାର୍ଯ୍ୟ ହେଉ, ପରିଶ୍ରମ ଅନୁପାତରେ ତାହା ଫଳଦାୟକ ହୁଏ । କୃଷିକାର୍ଯ୍ୟରେ ବିଶେଷ ଉପାର୍ଜନ କରିବାକୁ ଗଲେ ପ୍ରଥମତଃ ନିଜର ଶରୀରକୁ କୃଷିକାର୍ଯ୍ୟର ଉପଯୋଗୀ କରିବାକୁ ହେବ । ଅତିରିକ୍ତ ଥଣ୍ଡା ଲାଗିଲେ କିମ୍ବା ଜନସାନ୍ତ ଖରାରେ ବୁଲିଲେ ଯେପରି ଶରୀର ଅସୁସ୍ଥ ନ ହୁଏ, ସେହିପରି ଭାବରେ ଶରୀରକୁ ଗଠନ କରିବାକୁ ହେବ । ଶରୀରକୁ କୃଷିକାର୍ଯ୍ୟର ଉପଯୋଗୀ ନ କରି କୃଷିକାର୍ଯ୍ୟରେ ପ୍ରବୃତ୍ତ ହେଲେ ଅନିଷ୍ଟ ଛଡ଼ା ଇଷ୍ଟ ହୁଏ ନାହିଁ । ଯେଉଁମାନେ ୨୪ ଘଣ୍ଟା ଯୋତା, ଛତା, କୋଟ, ଜାମିଜ ପ୍ରଭୃତି ବ୍ୟବହାରରେ ଅଭ୍ୟସ୍ତ, ସାମାନ୍ୟ ଶୀତଳ ପବନରେ ଅନାବୃତ ଶରୀରରେ ବୁଲିଲେ ଅସୁସ୍ଥ ହୋଇପଡ଼ନ୍ତି, ସେମାନେ ଯଦି କୃଷକ ହେବାକୁ ଯାନ୍ତି, ତାହେଲେ ହୁଏତ ବିପରୀତ ହୁଏ—ଉପାର୍ଜନ ପରିବର୍ତ୍ତେ ପ୍ରାଣ ଘେନି ଟଣାଟଣି ଉପସ୍ଥିତ ହୁଏ । ଏଥିସକାଶେ ଏକଥା କହିଲେ ବୋଧହୁଏ ନିତାନ୍ତ ଅସଙ୍ଗତ ହେବ ନାହିଁ ଯେ, ବାଲ୍ୟକାଳରୁ ଯଥେଷ୍ଟ ବ୍ରହ୍ମଚର୍ଯ୍ୟ ଶିକ୍ଷା ନ କଲେ ଉପଯୁକ୍ତ କୃଷକ ହେବାର କିମ୍ବା କୃଷିକାର୍ଯ୍ୟରେ ଲାଭବାନ୍ ହେବାର ଆଶା ନିତାନ୍ତ ଅମୂଳକ । ବ୍ରହ୍ମଚର୍ଯ୍ୟ ଶିକ୍ଷା ଆତ୍ମସଂଯମଶିକ୍ଷାର ନାମାନ୍ତରମାତ୍ର । ପ୍ରକୃତିର ବିକୃତି ସମ୍ପାଦନପୂର୍ବକ ଅର୍ଥାତ୍ ସାର ପ୍ରଭୃତି ପ୍ରୟୋଗଦ୍ୱାରା ଅନୁର୍ବର କ୍ଷେତ୍ରକୁ ଉର୍ବର କରି ନ ପାରିଲେ ଯେରୂପ ଚାଷ କରି ହୁଏ ନାହିଁ, ସେହିରୂପ ପ୍ରକୃତି ସହିତ ଯୁଦ୍ଧରେ ଲିପ୍ତ ହୋଇ ଶରୀରକୁ ବିଜୟୀ କରି ନ ପାରିଲେ କୃଷିକାର୍ଯ୍ୟରେ ପ୍ରବୃତ୍ତ ହେବା ଧୃଷ୍ଟତାମାତ୍ର । ବକ୍ତୃତାଦ୍ୱାରା କୌଣସି କାର୍ଯ୍ୟ ସମ୍ପନ୍ନ ହୋଇପାରେ, ବୁଦ୍ଧିକୌଶଳ ଦ୍ୱାରା ଜଗତର ପ୍ରାୟ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇପାରେ; ମାତ୍ର ନିଜର ଶାରୀରିକ ପରିଶ୍ରମ ପ୍ରୟୋଗ ବ୍ୟତିରେକେ କୃଷିକାର୍ଯ୍ୟ ସମ୍ପନ୍ନ ହୋଇପାରେ ନାହିଁ । ଅତଏବ କୃଷିକାର୍ଯ୍ୟରେ ଲାଭବାନ୍ ହେବାକୁ ହେଲେ ସର୍ବାଗ୍ରେ ଆପଣାକୁ କାର୍ଯ୍ୟକୁଶଳ କୃଷକ ହେବାକୁ ହେବ ।

ଆମ୍ଭମାନଙ୍କ ଦେଶରେ କୃଷକ ହେବା ପକ୍ଷରେ କେତେଗୋଟି ଅନ୍ତରାୟ ପରିଦୃଷ୍ଟ ହୁଏ । ପ୍ରଥମ ଅନ୍ତରାୟ ଏହି ଯେ, ପୂର୍ବେ ଏ ଦେଶର ଲୋକମାନେ ଯେରୂପ ପରିଶ୍ରମୀ ଥିଲେ, ବିଳାସିତା ବୃଦ୍ଧିର ସହିତ ସେମାନେ ଆଉ ସେରୂପ ପରିଶ୍ରମ କରିବାକୁ କ୍ଷମ ନୁହନ୍ତି । ଏହି ହେତୁରୁ ଆମ୍ଭମାନଙ୍କ ସମାଜରେ ଆଳସ୍ୟ କ୍ରମଶଃ ବୃଦ୍ଧି ଲାଭ କରୁଅଛି । ଲୋକେ ଚୌକିରେ ବସି ୧୪।୧୫ ଘଣ୍ଟାକାଳ ଅକାତରରେ କଲମପେଷଣରେ ସମର୍ଥ ହେବେ; କିନ୍ତୁ ୨।୩ କୋଶ ପଥ ଚାଲିବାକୁ ହେଲେ

ସେମାନେ ଘୋର କଷ୍ଟ ଅନୁଭବ କରନ୍ତି ଅଥବା ୩।୪ ଘଣ୍ଟାବ୍ୟାପୀ କୌଣସି ଶାରୀରିକ ପରିଶ୍ରମ କରିବାକୁ ହେଲେ ସେମାନଙ୍କ ମନରେ ଜ୍ୱରର ସଞ୍ଚାର ହୁଏ ।

ଦ୍ୱିତୀୟତଃ ଏ ଦେଶରେ କ୍ରମେ ଆରାମପ୍ରିୟତା ବୃଦ୍ଧି ପାଉଅଛି । ସୁଖପ୍ରିୟତା ଏହି ଆରାମପ୍ରିୟତାର ଜନନୀ । ଘୋର ଗ୍ରୀଷ୍ମକାଳରେ ଅଫିସ ମଧ୍ୟରେ ବସି ଟଣାପଙ୍ଖାର ସୁଖସେବ୍ୟ ଶୀତଳ ସମୀରଣ ସେବନର ତଥା ଚନ୍ଦ୍ରାତପଲେ ଖରାରେ ବୁଲି କୃଷିବାଣିଜ୍ୟ କାର୍ଯ୍ୟରେ କଷ୍ଟକ୍ଲେଶ କରିବାକୁ କାହାର ଇଚ୍ଛା ହେବ ? ଏହିପରି ନାନାକାରଣରୁ ଏ ଦେଶବାସୀଙ୍କର ସୁଖପ୍ରିୟତା କ୍ରମଶଃ ବୃଦ୍ଧିଲାଭ କରୁଅଛି । ବିନାପରିଶ୍ରମରେ ଲୋକଙ୍କର ପ୍ରଚୁର ସମ୍ପତ୍ତିଶାଳୀ ହେବାର ଅଭିଳାଷ ଆରାମପ୍ରିୟତାର ଅଭିବ୍ୟକ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ ।

ବୋଲିବା ବାହୁଲ୍ୟ, ଆରାମପ୍ରିୟତାର ଉପନାମ ଆଳସ୍ୟ । ଏହି ସର୍ବନାଶକାରୀ ଆଳସ୍ୟର ପ୍ରାବଲ୍ୟରୁ ଆମ୍ଭମାନଙ୍କ ମଧ୍ୟରେ ପରିଶ୍ରମର ଆଦର ନାହିଁ । ଏମନ୍ତ କି ଅନେକ ଲୋକ ଦରିଦ୍ର ଶ୍ରମଜୀବୀମାନଙ୍କୁ ପଶୁଠାରୁ ଶ୍ରେଷ୍ଠ ଜୀବ ବୋଲି ବିବେଚନା କରନ୍ତି ନାହିଁ । ପରନ୍ତୁ ଯେଉଁମାନେ ପ୍ରତାରଣା ବୃତ୍ତିର ସାହାଯ୍ୟରେ ବିନାପରିଶ୍ରମରେ ପ୍ରଚୁର ସମ୍ପତ୍ତି ଲାଭରେ କ୍ଷମ, ସେହିମାନେ ବୁଦ୍ଧିମାନ୍ ବୋଲି ବିବେଚିତ ହୁଅନ୍ତି ।

ତୃତୀୟତଃ କୃଷିକାର୍ଯ୍ୟକୁ ଅନେକେ ନୀଚ ବ୍ୟବସାୟ ବୋଲି ମନେକରନ୍ତି । ଅନେକ ଶିକ୍ଷିତ ଲୋକଙ୍କ ମଧ୍ୟରେ ସୁଦ୍ଧା ଏହି ସ୍ରୋତର ପ୍ରବଳତା ଦେଖାଯାଏ । ବାସ୍ତବିକ ଯେଉଁମାନେ କୃଷିକୁ ନୀଚ ବ୍ୟବସାୟ ମଣନ୍ତି, ସେମାନେ ନିପଟ ଭ୍ରାନ୍ତ । ଯେଉଁ କୃଷିଦ୍ୱାରା ମନୁଷ୍ୟ ପ୍ରାଣରକ୍ଷା କରିବାକୁ କ୍ଷମ ହୁଏ, ସେହି କୃଷିକାର୍ଯ୍ୟ ଯେ ଗୌରବଜନକ, ଏଥିରେ ଦ୍ୱିରୁକ୍ତି ନାହିଁ । କୃଷକ ଦେଶର ବଳ ଏବଂ ବୃଦ୍ଧି । କୃଷକ ଦେଶର ସଭ୍ୟତା ଏବଂ ଶାନ୍ତିବିଧାନକାରୀ; ସୁତରାଂ ସାଧାରଣଙ୍କର ନମସ୍ୟ । ପୁଣି କେହି କେହି କହନ୍ତି, କୃଷିକାର୍ଯ୍ୟରେ ସମଧିକ ଧନ ଉତ୍ପନ୍ନ ହୁଏ ନାହିଁ । ଏପରି ଲୋକ ତଥ୍ୟସମ୍ବନ୍ଧେ ତଥ୍ୟଜ୍ଞାନ ହୁଅନ୍ତି । ଯେହେତୁ ବିଶାଳ ଭାରତ ସରକାରଙ୍କର ବୃହତ୍ ଭଣ୍ଡାର କେବଳ କୃଷିଲବ୍ଧ ଅର୍ଥରେ ପରିପୁଷ୍ଟ ହେଉଅଛି, ଏହା ଦେଖି ଯେଉଁମାନେ ଉପର୍ଯ୍ୟୁକ୍ତ ପ୍ରକାରେ ମତ ପ୍ରକାଶ କରନ୍ତି ସେମାନେ ଯଦି ଚକ୍ଷୁଷ୍ମାନ୍, ତେବେ ଆଉ ଅନ୍ଧ କିଏ ?

ଅତଏବ କୃଷକ ହେବାକୁ ହେଲେ ଉଲ୍ଲିଖିତ ଦୋଷସମୂହ ପରିତ୍ୟାଗପୂର୍ବକ ନିୟମିତ ପରିଶ୍ରମ କରିବାକୁ ହେବ ଏବଂ ବିଳାସିତା, ଆରାମପ୍ରିୟତା ଓ ମାତ୍ସର୍ଯ୍ୟ ଏକାବେଳକେ ପରିତ୍ୟାଗ କରିବାକୁ ହେବ । ନଚେତ୍ କୃଷିକାର୍ଯ୍ୟରେ ଉପାର୍ଜ୍ଜନର ଆଶା ବିଡ଼ମ୍ବନାମାତ୍ର ।

# ଉପାର୍ଜ୍ଜନ

(୧୯୦୭ ସାଲରେ ପ୍ରକାଶିତ 'ସ୍ୱଦେଶ-ଲକ୍ଷ୍ମୀ' ମାସିକପତ୍ରିକାର ପ୍ରଥମ ବର୍ଷ ୨ୟ ସଂଖ୍ୟାରେ ପ୍ରକାଶିତ ।)

ଉପାର୍ଜ୍ଜନର ଶତସହସ୍ର ପଥ ଆମ୍ଭମାନଙ୍କ ଚକ୍ଷୁସମକ୍ଷରେ ରହିଅଛି । ଈଶ୍ୱରଙ୍କ ଅକ୍ଷୟ ଭଣ୍ଡାରରେ କିଛି ଅଭାବ ନାହିଁ । ପରିଶ୍ରମ, ଏକାଗ୍ରତା ଏବଂ ଅଧ୍ୟବସାୟ ବଳରେ ସେହି ଭଣ୍ଡାରର କୁଞ୍ଚି ହସ୍ତଗତ କରିପାରିଲେ ଉପାର୍ଜ୍ଜନର ଅଭାବ ହେବ ନାହିଁ । ମନୁଷ୍ୟର ଅସାଧ୍ୟ କିଛି ନାହିଁ । କ୍ରମାଗତ ତୀବ୍ର ଚିନ୍ତାଶକ୍ତି ପ୍ରୟୋଗଦ୍ୱାରା ଉପାର୍ଜ୍ଜନର ପନ୍ଥାନୁସନ୍ଧାୟୀ ହେଲେ ଦିନେ ଅବଶ୍ୟ ଉପାର୍ଜ୍ଜନର ଉପାୟ ସ୍ୱତଃ ଆବିଷ୍କୃତ ହେବ, ସନ୍ଦେହ ନାହିଁ । କିନ୍ତୁ କେବଳ ମାନସିକ ଶକ୍ତି ବଳରେ କୌଣସି କାର୍ଯ୍ୟ ସାଧିତ ହେବା ଅସମ୍ଭବ । ଉତ୍କଟ ଚିନ୍ତା ସଙ୍ଗେ ସଙ୍ଗେ ପ୍ରବଳ ଚେଷ୍ଟାର ଆବଶ୍ୟକ । ଯେଉଁ ଚେଷ୍ଟାବଳରେ ଲୋକ ୧୦ଟଙ୍କା ଉପାର୍ଜ୍ଜନରେ କ୍ଷମ ହୁଏ, ସେହି ଚେଷ୍ଟାର ଅଧିକତର ବିକାଶରେ ପୁଣି ସେହି ବ୍ୟକ୍ତି ୨୦ ଟଙ୍କା ଉପାର୍ଜ୍ଜନ କରିପାରେ । କ୍ରମେ ମାନସିକ ଶକ୍ତିର ବୃଦ୍ଧି ସଙ୍ଗେ ସଙ୍ଗେ ଚେଷ୍ଟାଶକ୍ତି ଯେତେ ବୃଦ୍ଧି ଲାଭ କରେ, ଉପାର୍ଜ୍ଜନର କ୍ଷମତା ତାର ତେତିକି ବୃଦ୍ଧି ଲାଭ କରେ ।

ପ୍ରାୟ ଦେଖାଯାଏ, ଆଜି ଯାହାର ଦୁଇ ପଇସା ଉପାର୍ଜ୍ଜନର କ୍ଷମତା ନାହିଁ, ଚେଷ୍ଟା ସାହାଯ୍ୟରେ କାଲି ସେ ୨୦୦ ଟଙ୍କା ଉପାର୍ଜନ କରେ । ସମୟରେ ସେହି ବ୍ୟକ୍ତି ସେହି ଚେଷ୍ଟା ବଳରେ ୨୦୦୦ ଟଙ୍କା ଉପାର୍ଜ୍ଜନ କରିବ, ସେଥିରେ ବୈଚିତ୍ର୍ୟ କଅଣ ?

ଉଦ୍ୟମ ଚେଷ୍ଟାର ପରମ ସହାୟ । ଚେଷ୍ଟା ଥରେ ଦୁଇଥର କାହିଁକି ଶତ ସହସ୍ରବାର ବିଫଳ ହୋଇପାରେ; କିନ୍ତୁ ଉଦ୍ୟମ ଶିଥିଳେ ପତନ ଅବଶ୍ୟମ୍ଭାବୀ । ଜଣକର ଚେଷ୍ଟାସାଧ୍ୟ କାର୍ଯ୍ୟ ଅପରର ଅସାଧ୍ୟ ନୁହେ । ଚିନ୍ତାଯୁକ୍ତ ଭାବରେ ଏକ ସମୟରେ ଚିନ୍ତା, ଉଦ୍ୟମ ଏବଂ ଚେଷ୍ଟା ପ୍ରୟୋଗ କଲେ ତାହା ଅବଶ୍ୟ ସଫଳ ହେବ । ଉଦ୍ୟମ ଓ ଅଧ୍ୟବସାୟର ବଳରେ ଲୋକେ ସାମାନ୍ୟ ଅବସ୍ଥାରୁ ଉନ୍ନୀତ ହୋଇ ବିପୁଳସମ୍ପତ୍ତିର ଅଧୀଶ୍ୱର ହୋଇଅଛନ୍ତି, ଏପରି ଦୃଷ୍ଟାନ୍ତ ବିରଳ ନାହିଁ ।

କାର୍ଯ୍ୟଶିକ୍ଷା ଉପାର୍ଜନର ପରମ ସହାୟ । ଯେଉଁ କାର୍ଯ୍ୟରେ ଯାହାର ଯେପରି ନିପୁଣତା ଥାଏ, ସେହି କାର୍ଯ୍ୟରେ ତାହାର ଉପାର୍ଜ୍ଜନ ସେହିପରି ଅଧିକ ହୁଏ । କାର୍ଯ୍ୟରେ ସାନ ବଡ଼ ନାହିଁ—ସକଳ କାର୍ଯ୍ୟ ସମାନ । ନିଜ ଗୁଣରେ ସମସ୍ତ କାର୍ଯ୍ୟରେ ସମାନ ଲାଭ ହୁଏ ।

ଅଭିମାନ ପରିତ୍ୟାଗ ନ କଲେ ଉପାର୍ଜ୍ଜନ କରି ହୁଏ ନାହିଁ । ଏକାର୍ଯ୍ୟ ବଡ଼, ସେକାର୍ଯ୍ୟ ସାନ ମନମଧ୍ୟରେ ଏପରି ଭେଦଜ୍ଞାନ ଥିଲେ ଉନ୍ନତି ହୁଏ ନାହିଁ । ଏତଦ୍‌ବ୍ୟତୀତ କିଛି ନ ଜାଣି ନ ଶୁଣି କାହାରି ଅବଲମ୍ବିତ ପନ୍ଥା ଅନୁକରଣ କରିବାକୁ ଗଲେ ବିଡ଼ମ୍ବନା ଘଟେ । ଅତଏବ କାହାରିକୁ କୌଣସି କାର୍ଯ୍ୟରେ ପ୍ରଚୁର ଅର୍ଥୋପାର୍ଜ୍ଜନ କରିବାର ଦେଖି, ତାହାର ଫଳ ପ୍ରତି ଦୃଷ୍ଟି ନ ରଖି କି ଉପାୟରେ ସେ କୃତକାର୍ଯ୍ୟ ହୋଇଅଛି, ସେହି ଉପାୟ ପ୍ରତି ଲକ୍ଷ୍ୟ ରଖି ତାହା ଅବଲମ୍ବନ କରିବା ଉଚିତ । ଇଂରାଜୀରେ ଗୋଟିଏ ପ୍ରବାଦ ଅଛି, "ପ୍ରଥମେ ଯୋଗ୍ୟତା ଲାଭକର, ତାହା ପରେ ଆଶା କରିବ ।" ଯେ ଯେଉଁ କାର୍ଯ୍ୟରେ ଯେଉଁ ପରିମାଣରେ ଯୋଗ୍ୟ, ତାହାର ସେହି କାର୍ଯ୍ୟରେ ସେହିରୂପ ପ୍ରାପ୍ତି ଘଟିବ । ଏହି ଯୋଗ୍ୟତା ଲାଭ କରିବାକୁ ହେଲେ ଅସାଧାରଣ ସହିଷ୍ଣୁତା, ଉତ୍କଟ ପରିଶ୍ରମ ଏବଂ ଅଦମ୍ୟ ଉତ୍ସାହ ଆବଶ୍ୟକ । ପରିଶ୍ରମର ଫଳ କଦାଚ ବ୍ୟର୍ଥ ହୁଏ ନାହିଁ । ଏକ କାର୍ଯ୍ୟରେ ଶାରୀରିକ, ମାନସିକ ଉଭୟ ଶକ୍ତି ପ୍ରୟୋଗ କଲେ କାର୍ଯ୍ୟର ସଫଳତା ଆଶା କରାଯାଏ । ମାନସିକ ପରିଶ୍ରମଦ୍ୱାରା ବୁଦ୍ଧି ତୀକ୍ଷ୍ଣ ଏବଂ ଶାରୀରିକ ପରିଶ୍ରମଦ୍ୱାରା ଦେହ କର୍ମଠ ହୁଏ । ତୀକ୍ଷ୍ଣବୁଦ୍ଧିସମ୍ପନ୍ନ କଠିନ ପରିଶ୍ରମଶୀଳ ବ୍ୟକ୍ତିର କୌଣସି କାର୍ଯ୍ୟ ଅସାଧ୍ୟ ନୁହେ ।

କୌଣସି କାର୍ଯ୍ୟରେ ଏକାଦିକ୍ରମେ ନ ଲାଗିଲେ ସେଥିରେ ଉନ୍ନତି କରି ହୁଏ ନାହିଁ । ଲାଗିବାକୁ ଗଲେ ସହିଷ୍ଣୁତା ଆବଶ୍ୟକ । ଲାଭ କ୍ଷତି ଯାହାହେଉ, ଯେତେ ବାଧାବିଘ୍ନ ଘଟୁ, ସେଥିରେ ବିଚଳିତ ନ ହୋଇ ସହିଷ୍ଣୁତା ଅଭ୍ୟାସ କଲେ କୃତକାର୍ଯ୍ୟ ହେବାକୁ ହୁଏ; ନଚେତ୍ ଆପାତତଃ ଲାଭ ପ୍ରତ୍ୟାଶାରେ ଏକକାର୍ଯ୍ୟ ଛାଡ଼ି ଅନ୍ୟ କାର୍ଯ୍ୟରେ ପ୍ରବୃତ୍ତ ହେଲେ ପୂର୍ବ ଅନୁଷ୍ଠିତ ପରିଶ୍ରମ ବୃଥା ନଷ୍ଟ ହୁଏ । ଜୀବନର ମୁହୂର୍ତ୍ତି କାଳ ବୃଥା ଅତୀତ ନ କରି ସାହସ ଓ ସହିଷ୍ଣୁତା ସହିତ ଯେ କାର୍ଯ୍ୟ କରନ୍ତି, ସେହି କୃତକାର୍ଯ୍ୟ ହୁଅନ୍ତି । ଆଳସ୍ୟ କାର୍ଯ୍ୟହାନିର ମୂଳକାରଣ । ବିଶ୍ରାମଚେଷ୍ଟା ଅଳସତାର ଜନନୀ । "ଅଜରାମରବତ୍ ପ୍ରାଜ୍ଞଃ ବିଦ୍ୟାମର୍ଥଞ୍ଚ ଚିନ୍ତୟେତ୍" ଅର୍ଥାତ୍ ଅଜର, ଅମର ତୁଲ୍ୟ ବିଦ୍ୟା ଏବଂ ଅର୍ଥୋପାର୍ଜ୍ଜନ କରିବାକୁ ହୁଏ । ବିଦ୍ୟା ଅର୍ଥାତ୍ କାର୍ଯ୍ୟଶିକ୍ଷା ଅର୍ଥୋପାର୍ଜ୍ଜନର ପଥ ପରିଷ୍କାର କରେ । ଆତ୍ମଶକ୍ତି ଉପରେ ନିର୍ଭର ନ କଲେ କୌଣସି କାର୍ଯ୍ୟ ହୁଏ ନାହିଁ ।

କାର୍ଯ୍ୟରେ କାୟମନୋବାକ୍ୟରେ ଲିପ୍ତ ହେବା ଆବଶ୍ୟକ । କବିର କହିଅଛନ୍ତି, "ଯୋପାକୋ ଶରଣ ଲିଯେ, ସୋ ସଖେ ତାକ ଲାଜ, ଉଲ୍ଟା ଜଲେ ମଛଲୀ ଚଲେ, ବହିଯାଏ ଗଜରାଜ ।" ଅର୍ଥାତ୍ ଯେ ଯାହାର ଶରଣ ନିଏ, ସେହି ତାହାର ଲଜ୍ଜା ନିବାରଣ କରେ—ଅର୍ଥାତ୍ ସହାୟ ହୁଏ; ଯେପରି ଜଳର ଅଗ୍ରମୁଖରେ କ୍ଷୁଦ୍ର ମତ୍ସ୍ୟ ଅବଲୀଳାକ୍ରମେ ପ୍ରତିକୂଳ ସ୍ରୋତରେ ଗମନ କରିପାରେ; କିନ୍ତୁ ବୃହତ୍‌କାୟ ହସ୍ତୀ ସେଥିରେ ଭାସିଯାଏ ।

ଏହାର ସ୍ପଷ୍ଟାର୍ଥ ଏହି ଯେ, କୌଣସି କାର୍ଯ୍ୟରେ ସର୍ବଦା ନିଯୁକ୍ତ ଥିଲେ ଏବଂ କାୟମନୋବାକ୍ୟରେ ତାହାର ଉନ୍ନତି କାମନା କଲେ କ୍ରମେ ସେ କାର୍ଯ୍ୟ ସମ୍ବନ୍ଧରେ ଅତ୍ୟଧିକ ଅଭିଜ୍ଞତା ଲାଭ ହୁଏ । କ୍ରମେ ସେଥିରୁ ସୂକ୍ଷ୍ମତତ୍ତ୍ୱ ବାହାର ହୋଇ ଉପାର୍ଜନର ନୂତନ ଉପାୟ ଆବିଷ୍କୃତ ହୁଏ ।

କାର୍ଯ୍ୟରେ ବିରକ୍ତି ଅବନତିର ମୂଳ । ଅମୁକ କାର୍ଯ୍ୟ ମୋତେ ବିରକ୍ତ ବୋଧହୁଏ, ଉପାର୍ଜନୋତ୍ସୁକ ବ୍ୟକ୍ତି ଏରୂପ କଥା ପରିତ୍ୟାଗ କରିବ । କାର୍ଯ୍ୟରେ ଦକ୍ଷତା ଲାଭ କରିବାକୁ ଗଲେ ବିରକ୍ତି ପରିତ୍ୟାଗ-ପୂର୍ବକ ଆନନ୍ଦ ମନରେ କାର୍ଯ୍ୟାରମ୍ଭ କଲେ ଉନ୍ନତି ହୁଏ। ଉନ୍ନତି ସୀମାବଦ୍ଧ ନୁହେ—ତାହାର ଶେଷ ନାହିଁ । ଯେ ଯେଉଁ ପରିମାଣରେ ଉନ୍ନତି କାମନା ଏବଂ ଚେଷ୍ଟା କରେ ତାହାର ସେହି ପରିମାଣରେ ଉନ୍ନତି ହୁଏ । ନିଜ ଶକ୍ତିରେ ଅବିଶ୍ୱାସ ଉପାର୍ଜନର ପ୍ରଧାନ ଅନ୍ତରାୟ । ଶକ୍ତିର ଉତ୍କର୍ଷ ଚେଷ୍ଟାରେ ଶକ୍ତିବୃଦ୍ଧି ହୁଏ । ଯେଉଁ ବିଷୟରେ ଶକ୍ତିସାମର୍ଥ୍ୟ ନିୟୋଜିତ ହୁଏ, ସେ ବିଷୟରେ ଶକ୍ତିସାମର୍ଥ୍ୟ ବୃଦ୍ଧିପ୍ରାପ୍ତ ହୁଏ । କୁସ୍ତି କଲେ ଶାରୀରିକ ବଳ ଏବଂ ପାଠ ପଢ଼ିଲେ ମାନସିକ ଶକ୍ତି ବୃଦ୍ଧି ପ୍ରାପ୍ତ ହୁଏ । ସୁତରାଂ ଦେଖାଯାଉଅଛି ଯେ, ମନୁଷ୍ୟ କରି ନ ପାରେ ଏପରି କାର୍ଯ୍ୟ ନାହିଁ । ଉପଯୁକ୍ତ ଯତ୍ନ, ଅଧ୍ୟବସାୟ ଏବଂ ପରିଶ୍ରମଦ୍ୱାରା ସବୁକାର୍ଯ୍ୟ ସିଦ୍ଧ ହୋଇପାରେ ।

---

## ଗଞ୍ଜାମରେ ଓଡ଼ିଆ ଦୁର୍ଦ୍ଦଶା

(୧୩୩୧ ସାଲ ୧୯ଶ ଭାଗ, ୯ମ ସଂଖ୍ୟା 'ମୁକୁର'ରେ ପ୍ରକାଶିତ)

ଓଡ଼ିଆ ଜାତି ଖଣ୍ଡବିଖଣ୍ଡ ହୋଇ ବିଭିନ୍ନ ପ୍ରଦେଶର ଶାସନାଧୀନ ରହିବାରୁ କି ଅସୁବିଧା ଭୋଗ କରୁଅଛି, ତାହା କହିବାର ଆବଶ୍ୟକତା ନାହିଁ । ସେ କଥା ହାଟରେ ପଡ଼ି ବାଣ୍ଡରେ ଗଡ଼ାଗଡ଼ି । ଓଡ଼ିଆମାନଙ୍କର ସଭାଦ୍ୱାରରେ ପ୍ରତ୍ୟେକ ସମ୍ବାଦପତ୍ରରେ ସେ ଅଭାବ-ଅସୁବିଧା ବାରମ୍ବାର ଚର୍ବିତଚର୍ବଣ ହୋଇଅଛି ଓ ହେଉଅଛି । କେବଳ ସଭାସମିତିର ଅନ୍ତରାୟ ନୁହେ—ପ୍ରବଳ ଜାତିର ପ୍ରବଳ ଚାପ ସେ ବୋଝ ଉପରେ ଲଳିତା ବଡ଼ା । ମୁଁ କୋଡ଼ିଏ ବର୍ଷକାଳ ଗଞ୍ଜାମରେ କଟାଇଅଛି । ଏହି ଦୀର୍ଘକାଳର ଅନୁଭୂତିରେ ମୁଁ ବୁଝିଅଛି, ଗଞ୍ଜାମବାସୀ ଓଡ଼ିଆଭାଇମାନଙ୍କର ଦୁର୍ଗତି ଅସହନୀୟ । ତେଲଙ୍ଗାମାନେ ସେମାନଙ୍କୁ ବଡ଼ ଇତର ଦୃଷ୍ଟିରେ ଦେଖନ୍ତି । ତୁ, ରେ ପ୍ରଭୃତି ତାଚ୍ଛଲ୍ୟ ପ୍ରକାଶର ତ କଥାହିଁ ନାହିଁ; ଅଧିକନ୍ତୁ ସେମାନେ ଓଡ଼ିଆଙ୍କୁ "ଓଡ୍ଡି" ବୋଲି କହନ୍ତି । ଓଡ଼ିଆମାନେ ଶିକ୍ଷିତ ପଦସ୍ଥ ହେଉନ୍ତୁ, ଏହା ସେମାନଙ୍କର ଇଚ୍ଛା ନୁହେଁ । କୌଣସି ଗୋଟାଏ ଭଲ କାର୍ଯ୍ୟ କରିବାକୁ ଗଲେ ସେମାନଙ୍କଠାରୁ ପ୍ରତିବନ୍ଧକ ଯଥେଷ୍ଟ ମିଳିପାରେ; ମାତ୍ର ସହାନୁଭୂତି ମିଳେ ନାହିଁ । ମୁଁ ଥରେ ପ୍ରେସ୍ ମେନେଜର କାର୍ଯ୍ୟ ପାଇଁ ଡିକ୍ଲେରେସନ୍ କରିବାକୁ ଜଣେ ଡେପୁଟୀ କଲେକ୍ଟରଙ୍କ ଏଜଲାସକୁ ଯାଇଥିଲି । ହାକିମଟି ତେଲଙ୍ଗା । ସେ ମୋତେ ତୁ ତାକର କରି କଥା କହିଲେ । ମୁଁ କହିଲି—"ସେରୂପ କହିବା ଶିଷ୍ଟାଚାର ନୁହେ ।" ତହୁଁ ମୋ ପ୍ରତି ପ୍ରଶ୍ନ ହେଲା—"ଓଡ଼ିଶାରେ କ୍ୟାଣ ତୁ ବୋଲିବାଟା ଭାଷୁ ? କେହି କହେ ନାହିଁ କି?" ମୁଁ କହିଲି,"ଇତର ଲୋକେ କହନ୍ତି, ମାତ୍ର ତାହା କୌଣସି ଭଦ୍ରଲୋକଙ୍କର ଭାଷା ନୁହେ ।" ଏହା ପରେ ହାକିମ ଆଉ ତୁ ନ କହି ତମେ ବୋଲି କହିଲେ; ମାତ୍ର ଚିରଅଭ୍ୟାସବଶତଃ ବେଳେବେଳେ ତାଙ୍କ ତୁଣ୍ଡରୁ ତୁ ବାହାରି ପଡ଼ୁଥାଏ ଏବଂ ସଙ୍ଗେ ସଙ୍ଗେ ସଂଶୋଧିତ ହୋଇ ତମେ ହୋଇଯାଉଥାଏ । ମୋର ଘର କେଉଁ ଜିଲ୍ଲାରେ, କେଉଁ ସବ୍‌ଡିଭିଜନରେ, କେଉଁ ଥାନାରେ, କେଉଁ ଗ୍ରାମରେ, ମୋର କେତେ ଭୂମି ଅଛି—ସେଥି-ମଧ୍ୟରୁ ଚାଷଜମି କେତେ ଆଉ ଘରଡିହ କେତେ, ଏହିପରି ନାନା ପ୍ରଶ୍ନର ଉତ୍ତର ଦେବାକୁ ମୋତେ ପଡ଼ିଲା । ତହିଁପରେ ଆଉ ଏକ ବିଷମ ସମସ୍ୟା । ମୁଁ ଯେଉଁ ପ୍ରେସର ମେନେଜର ପାଇଁ ଡିକ୍ଲେରେସନ୍ କରିବାକୁ ଯାଇଥିଲି, ସେହି ପ୍ରେସରେ ଅନେକ ଦିନପୂର୍ବରୁ "ଜାତୀୟ ବୋଇଲି" ନାମରେ ଗୋଟାଏ ଚଉଡ଼ଶା ଖଣ୍ଡେ କାଗଜରେ ଛପା ହୋଇଥିଲା । ସେଥିରେ ଗୋଟାଏ ପଦ ଏହିପରି ଥିଲା—

"ତେଲଙ୍ଗାଏ ପ୍ରଥମେ ତଙ୍କଣ,
ତେଲଙ୍ଗାଙ୍କାରେ ହେଲୁଁ ହେଲୁଁ ହଲେ ସ୍ୱାଜପଣ,
ଲୋ ହୋଇଲା ।"

ଏହି ସାମାନ୍ୟ କଥାକୁ କେତେକ ତେଲଙ୍ଗା ମାନ-ହାନିକର ବୋଲି ବୃଥା ଗୋଟାଏ ଶତ୍ରୁତା ଉଠାଇଲେ । ଏହା କିଏ ଲେଖିଛି, କିଏ ଛପା କରିଛି, କେଉଁ କମ୍ପୋଜିଟର କମ୍ପୋଜ କରିଛି, ସେତେବେଳେ ମେନେଜର କିଏ ଥିଲା, ଏହିପରି କେତେ କଥା ମୋତେ ପଚାରିଗଲା । ମୁଁ କହିଲି—"ମୁଁ ଏ ସ୍ଥାନରେ ନୂତନ, ଏହା ଅନେକ କାଳ ପୂର୍ବର କଥା, ସୁତରାଂ ମୁଁ କିଛି ଜାଣେ ନାହିଁ ।" ଶେଷରେ ହାକିମ ମୋତେ 'ତଙ୍କଣ'ର ଅର୍ଥ ପଚାରିଲେ । ମୁଁ କହିଲି, "ଏପରି ଶବ୍ଦର ବ୍ୟବହାର ମୁଁ କେଉଁଠାରେ ଦେଖି ନାହିଁ; ବିଶେଷତଃ ତାହା ଏ ଅଞ୍ଚଳର ଗ୍ରାମ୍ୟ ଶବ୍ଦ, ତାହାର ଅର୍ଥ ମୁଁ କିପରି କହିବି ? ବୋଧହୁଏ ତେଲୁଗୁର ଗୋଟାଏ କିଛି ଯୋଗ ହୋଇଥିବ ।" ହାକିମ କିଛିକ୍ଷଣ ଭାବି ତଙ୍କଣର ଅର୍ଥ "ତାଙ୍କୁଣୀ" ହେବ କି ବୋଲି ପଚାରିଲେ । ମୁଁ କହିଲି—"ଅସଙ୍ଗତ ।" ଏହିପରି ଅପ୍ରାସଙ୍ଗିକ କୂଟ ପ୍ରଶ୍ନରେ ଦିନ ୧୨ଟାଠାରୁ ଚାରିଟା ପର୍ଯ୍ୟନ୍ତ ବିତିଗଲା । ମୋତେ ବଡ଼ ବିରକ୍ତ ବୋଧହେଲା । ମୁଁ କହିଲି—"ମୁଁ ଡିପ୍ଲୋରେସନ୍ କରିବାକୁ ଆସିଛି; ଏ ସବୁ ଅପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଦେବାକୁ ମୁଁ ବାଧ୍ୟ ନୁହେଁ । ଆପଣ ଅନୁଗ୍ରହ କରି ମୋର କାର୍ଯ୍ୟଟି କରିଦେଉନ୍ତୁ ।" ହାକିମ କିଛିକ୍ଷଣ ନୀରବ ରହି କଅଣ ଭାବି ତହିଁ ପରଦିନ ଆସିବାକୁ କହି ମୋତେ ବିଦାୟ ଦେଲେ । ମୁଁ ଆଉ ତାଙ୍କର ସମ୍ମୁଖୀନ ହୋଇ ନାହିଁ, କି ପ୍ରେସ ମେନେଜର କାର୍ଯ୍ୟ ଗ୍ରହଣ କରି ନାହିଁ । କିଛିକ୍ଷଣ ପରେ କେତେ ଜଣ ତେଲଙ୍ଗାଙ୍କ ଦୌରାତ୍ମ୍ୟରେ ପ୍ରେସ୍‌ଟି ଉଠିଗଲା ।

ଏ ତ ଗଲା ବଡ଼ କର୍ମଚାରୀଙ୍କର କଥା; ଏବେ ସାନଙ୍କର ଗୋଟାଏ ଗାଳି କହିବି । ମୁଁ ଗୋଟାଏ ଘର ଭଡ଼ା ନେଇ ବସା କରିଥିଲି । ସେହି ଘର ଉପରେ ଗୋଟାଏ କଖାରୁ ଗଛ ମାଡ଼ି ଅନେକ ଫଳ ଧରିଥିଲା । ଦିନେ ଜଣେ ନିମ୍ନକର୍ମଚାରୀସମ୍ପର୍କୀୟ ଲୋକଟିଏ ଜଣେ ଚୌକିଦାରକୁ ସଙ୍ଗରେ ନେଇ ଉପସ୍ଥିତ ହେଲା । ପ୍ରଥମେ ସେ ଗାଁରେ ଅନୁସନ୍ଧାନ କଲା, କଖାରୁ ଗଛଟା ମୋର ରୋପିତ, କି ଗୃହସ୍ୱାମୀର ରୋପିତ । ମୁଁ ସବୁ ଶୁଣୁଥାଏ । ସମସ୍ତେ ମୋର ରୋପିତ ବୋଲି କହିଲେ । କିଛିକ୍ଷଣ ପରେ ଚୌକିଦାର ଆସି ମୋତେ କହିଲା, "ମେଣ୍ଡ୍ରେଟ୍ (ମାଜିଷ୍ଟ୍ରେଟ୍) ଘର ପାଇଁ କଖାରୁ ଲୋଡ଼ାଅଛି; ଗୋଟାଏ ଦେବାକୁ ହେବ ।" ତାହାର ଏ ହାକିମୀ କଥା ଶୁଣି ମୋର ପ୍ରଥା ଟିକିଏ କୌତୁକ କରିବାକୁ ଇଚ୍ଛା ହେଲା । ମୁଁ କହିଲି—"ମେଣ୍ଟ୍ରେଟ୍‌କୁ କହିବୁ, ସେ ପଇସା ପଠାଇଦେଉ; ବଜାରରୁ କିଣିନେବ । ନ ହେଲେ ଯଦି ମେଣ୍ଡ୍ରେଟ୍ କହୁଥାଏ, ତେବେ ତା ପାଖରୁ ଖଣ୍ଡେ ଚିଠି ଆଣିବୁ ଯା ।" ଅତଃପର ଅନ୍ୟ ଲୋକଠାରୁ ମୋର ପରିଚୟ ପାଇ ଆଉ କିଛି ନ କହି ସେ ନୀରବ ହୋଇ ଚାଲିଗଲା ।

ଆଉ ଅଧିକ ଉଦାହରଣର ଆବଶ୍ୟକତା ନାହିଁ—ଅବସର ମଧ୍ୟ ନାହିଁ । ମୁଁ ଭିନ୍ନ ପ୍ରେସିଡେନ୍‌ସିର ଲୋକ । କେବଳ ଓଡ଼ିଆ ବୋଲି ମୋ ପ୍ରତି ଏ ବ୍ୟବହାର । ସ୍ଥାନୀୟ ଅଶିକ୍ଷିତ, ନିରୀହ ଓଡ଼ିଆମାନେ ଯେ କି ଦୌରାତ୍ମ୍ୟ—କି ଲାଞ୍ଛନା ଭୋଗ କରନ୍ତି, ତାହା ସହଜରେ ଅନୁମେୟ । କେତେକ ତେଲଙ୍ଗା ଓଡ଼ିଆଙ୍କୁ ଯେପରି ଘୃଣା କରନ୍ତି, ମନୁଷ୍ୟ ମନୁଷ୍ୟକୁ ସେପରି ଘୃଣା କରିପାରେ ନାହିଁ ।

ପ୍ରାୟ ପନ୍ଦରବର୍ଷ ପୂର୍ବର କଥା; ମୁଁ ସେତେବେଳେ ବ୍ରହ୍ମପୁରରେ ଥାଏଁ । ଦିନେ ଜଣେ ତେଲଙ୍ଗୀୟ ଯୁବକ ଆସି ଓଡ଼ିଆ ପଢ଼ିବାକୁ ଅତି ବିନୟରେ ପ୍ରାର୍ଥନା କଲା । କମ୍ପାଉଣ୍ଡର କାର୍ଯ୍ୟ ପାଇଁ ସେ ଦରଖାସ୍ତ କରିଥିଲା । ସେଥିରେ ଓଡ଼ିଆ ଜାଣିବା ଦରକାର । ସେ ମୋ ପାଖରୁ ଓଡ଼ିଆ ପଢ଼ିଗଲେ ପରୀକ୍ଷା ଦେବ । ଯୁବକଟି ବୁଦ୍ଧିମାନ୍ । ପ୍ରଥମଦିନ ଓଡ଼ିଆ ଅକ୍ଷର ଉପରେ ତେଲୁଗୁରେ ଲେଖି ନେଇ ବର୍ଣ୍ଣମାଳାଗୁଡ଼ିକ ଶିଖିପକାଇଲା । ତହିଁ ଆରଦିନ ବନାନ ସେହିପରି ଶିଖିଲା । ତୃତୀୟ ଦିନ ସହଜ ସହଜ ଯୁକ୍ତାକ୍ଷର ଚିହ୍ନିଗଲା । ଆଉ ତାହାର ଦେଖା ନାହିଁ । ଛଅମାସ ପରେ ଥରେ ବାଟରେ ଅକସ୍ମାତ୍ ଦେଖାହେଲା । କୃତଜ୍ଞଭାବରେ ନଇଁ ପଡ଼ି ସେ କହିଲା—"ମୋର ଚାକିରି ହୋଇଗଲା; ବାବା ତ ଟିକେ ଟିକେ ଅସୁବିଧା, ଆଉ ଆପଣେ ତ ଲେଖାଟା କରିଦେଲେ, ମୁଁ

ପ୍ୟାସ ହୋଇଗଲା ।” ଏହିପରି ନାମମାତ୍ର ଶିକ୍ଷା ଯେବେ ଓଡ଼ିଆ ଭାଷାରେ ଉଚ୍ଚତର ପରୀକ୍ଷାପାଇଁ ହୁଏ, ତେବେ ନିରୀହ ଓଡ଼ିଆମାନେ ପ୍ରତିଯୋଗିତା କରିବେ କପରି ?

ମୁଁ ଅନେକ ଓଡ଼ିଆ ଛାତ୍ରଙ୍କଠାରୁ ଶୁଣିଅଛି, କେତେକ ତେଲୁଗୁ ଶିକ୍ଷକ ସ୍ୱଜାତୀୟ ଛାତ୍ରଙ୍କର ଯେପରି ଯତ୍ନ ନିଅନ୍ତି, ଓଡ଼ିଆ ଛାତ୍ରଙ୍କ ଭାଗ୍ୟରେ ସେପରି ଘଟେ ନାହିଁ । ନମ୍ବର ଦେବାରେ ସୁଦ୍ଧା ଇତରବିଶେଷ ଭାବ ଦେଖାଯାଏ । ଓଡ଼ିଆ ଛାତ୍ର ଯେତେ ବୁଦ୍ଧିମାନ୍ ହେଲେ ସୁଦ୍ଧା ତଳେ ପଡ଼ିରହନ୍ତି । ନଚେତ୍ ତେଲଗୁ ପିଲାଏ ବୁଦ୍ଧିମାନ୍ ହୋଇ ଅଧିକ ପାସ୍ କରନ୍ତି; ଓଡ଼ିଆ ପିଲାଏ ନିର୍ବୋଧ ହୋଇ ପ୍ରତିଯୋଗିତାରେ ପରାସ୍ତ ହୁଅନ୍ତି—ଏହା ନୁହେଁ । ଭଞ୍ଜ, କବିସୂର୍ଯ୍ୟ ପ୍ରଭୃତିଙ୍କର ମସ୍ତିଷ୍କ ଧରଣୀସ୍ଥ କୌଣସି ଜାତିର ମସ୍ତିଷ୍କ ଅପେକ୍ଷା ଊଣା ନୁହେଁ ।

ଓଡ଼ିଆମାନଙ୍କର ଶତ୍ରୁ ସମ୍ବାଦପତ୍ର ବାହାରୁ, ଏହା ସୁଦ୍ଧା ତେଲଙ୍ଗାମାନଙ୍କର ଇଚ୍ଛା ନୁହେଁ । ପ୍ରଜାମିତ୍ରର ଗୋଟାଏ ସାମାନ୍ୟ ନଗଣ୍ୟ କଥାର କଳ୍ପିତ କଦର୍ଥ କରି ସେମାନେ ଯେଉଁ କାଣ୍ଡ ଘଟାଇଥିଲେ, ତାହା କାହାରି ଅବିଦିତ ନୁହେଁ । ସେହି ଆଘାତରେ 'ପ୍ରଜାମିତ୍ର'ର ଅକାଳମୃତ୍ୟୁ ଘଟିଲା ଏବଂ ସେଥି ସଙ୍ଗେ ସଙ୍ଗେ ଉତ୍କଳର ଗୋଟିଏ ମହଦନୁଷ୍ଠାନ ଚୂର୍ଣ୍ଣ ହୋଇଗଲା; ଏହା ସ୍ମରଣ କଲେ ଚକ୍ଷୁ ଲୋତକାର୍ଦ୍ର ହୋଇଆସେ ।

ଗତ ଦେଶମିଶ୍ରଣ ଆନ୍ଦୋଳନ ସମୟରେ ତେଲଙ୍ଗାମାନେ ସାମାନ୍ୟ ଚକ୍ରାନ୍ତ କରି ନାହାନ୍ତି । ଗାଡ଼ିଆଳ ବାଟରେ ଗାଡ଼ି ନେଇଯାଉଛି, ତାକୁ ପଚରାଗଲା—“ତୁ ବ୍ରହ୍ମପୁରରେ ରହିବୁ, ନା କଟକ ଯିବୁ ?” ସେ ତାଟକା ହୋଇ କହିଲା—“ଜି ବାବୁ, ମୁଁ କଟକ କାହିଁକି ଯିବି ?” ତହୁଁ ଲେଖାଗଲା, “ତାହାର ଓଡ଼ିଶା ସଙ୍ଗରେ ମିଶିବାର ଇଚ୍ଛା ନାହିଁ ।” ଲୋକମତ ଏହିପରି ସଂଗ୍ରହ କରାଯାଇଥିଲା । ଏରୂପ ଚକ୍ରାନ୍ତ କୌଣସି ସଭ୍ୟଶିକ୍ଷିତ ଜାତି ପକ୍ଷରେ ଶୋଭନୀୟ ନୁହେଁ ।

ତେଲୁଗୁମାନଙ୍କ ମଧ୍ୟରେ ମହାପ୍ରାଣ, ଉଦାରମନା, ଉତ୍କଳହିତୈଷୀ ବ୍ୟକ୍ତି ଯେ ନାହାନ୍ତି, ଏହା ମୁଁ କହୁ ନାହିଁ । ପ୍ରକୃତ ସେମାନଙ୍କ ସଂଖ୍ୟା ଯଥେଷ୍ଟ । ମୋର ବିଶ୍ୱାସ, ସେଭଳି ବ୍ୟକ୍ତିମାନେ ଦେଶମିଶ୍ରଣର ବିରୋଧୀ ନୁହନ୍ତି ।

---

## ଭୟାବହ ବନ୍ୟା

ମା ପ୍ରକୃତିଦେବି, ବିଚିତ୍ର ତୁମର କରଣୀ ! କେତେବେଳେ ତୁମେ ଅନନ୍ତ ସୌନ୍ଦର୍ଯ୍ୟମୟୀ ମୋହିନୀ ରୂପରେ ଜନମନ ହରଣ କର, ପୁଣି କେବେ ବା ରୁଦ୍ରଭୀଷଣ ମୂର୍ତ୍ତି ଧରି ବିକଟ ଧ୍ୱଂସଲୀଳାରେ ବିଶ୍ୱକୁ ସ୍ତବ୍ଧ ଓ ସନ୍ତ୍ରସ୍ତ କର । ତୁମରି ସୃଷ୍ଟ ମାନବ ତୁମର ଦତ୍ତ ଜ୍ଞାନରେ ଯାହାକୁ ଅମଙ୍ଗଳ ବୋଲି ଭାବେ, ସେଥିରେ ତୁମର କି ମଙ୍ଗଳ ପ୍ରଚ୍ଛନ୍ନ ଥାଏ, ତାହା ତୁମେ ଜାଣ ମା ! ତୁମର ରହସ୍ୟ ତୁମେ ଏକା ବୁଝ, ଅନ୍ୟ ତାହା ବୁଝିବାକୁ ଅକ୍ଷମ । କେତେବେଳେ ତୁମେ ଅଧରରେ ସୁଖହାସ୍ୟ ଫୁଟାଉଅଛ, ପୁଣି କେତେବେଳେ ଦୁଃଖାଶ୍ରୁ, ଆଣି ନୟନରେ ଭରିଦେଉଅଛ । ତୁମର ଏ ଅଶ୍ରୁପୂର୍ଣ୍ଣ ଖେଳବାଡ଼ିର ତୁଳନା ନାହିଁ ମା ! ୧୯୨୭ ଖ୍ରୀଷ୍ଟାବ୍ଦ ଜୁଲାଇ ୩୦ ତାରିଖର ଭୟାନକ ବନ୍ୟା ବାଲେଶ୍ୱର ଜିଲ୍ଲାର ଇତିହାସରେ ନରାଶ୍ରୁ ଓ ନରଶୋଣିତରେ ଲିଖିତ ରହିବ । ସେ ଭୀଷଣ ପ୍ରଳୟକାଣ୍ଡ ସ୍ମରଣ କଲେ ଅବଧି ଛାତିରେ ଗୋଟାଏ ଛନକା ଆସି ପଡ଼ିଯାଏ, ରୋମ ଠାକୁରିଉଠେ, ଦେହରୁ ଝଲକେ ଝଲକେ ରକ୍ତ ଶୁଖିଯାଏ, କଲିଜାରେ ଚେଙ୍କା ଲାଗିଲା ପରି ଲାଗେ ଏବଂ ହୃତ୍ସ୍ପନ୍ଦନ କିମ୍ବା ହଠାତ୍ ବନ୍ଦ ହୋଇଯିବାର ଆଶଙ୍କା ଜନ୍ମେ । ସେ ମାରାତ୍ମକ ଦୁର୍ଘଟଣା କାହାଣୀ ଶୁଣିଲେ ନିତାନ୍ତ ହୃଦୟହୀନ ପାଷଣ୍ଡର ପାଷାଣ ହୃଦୟ ସୁଦ୍ଧା ବିଦୀର୍ଣ୍ଣ ହୋଇଯିବ ଏବଂ ପ୍ରାଣ ମଧ୍ୟରୁ ଗୋଟାଏ ହାହାକାର ଧ୍ୱନି ଉଠି ନୟନ ଫୁଟାଇ ଅଶ୍ରୁ ରୂପରେ ଝରିପଡ଼ିବ । ଉନ୍ମାଦିନୀ ସାଳନ୍ଦୀ, ଉଗ୍ରା ବୈତରଣୀ ଦୁହେଁ ହଠାତ୍ ବଢ଼ିଲା ପରି ଭୀମବେଗରେ ବଢ଼ିବାକୁ ଲାଗିଲେ । ତାହାରି ଫଳରେ ଭଦ୍ରକ ନଗର ସାମାନ୍ୟ କେତେଘଣ୍ଟା ମଧ୍ୟରେ ଜଳପ୍ଲାବିତ ହୋଇ ପ୍ରାୟଶଃ ଧ୍ୱଂସ ହୋଇଗଲା । ତେଣେ ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ପ୍ରଭୃତିର

ସର୍ବନାଶୀ ବନ୍ୟା ଉତ୍କଳାଞ୍ଚଳରେ ପ୍ରଳୟ ଘଟାଇଲା । ସୁତରାଂ ସମଗ୍ର ବାଲେଶ୍ୱର ଜିଲ୍ଲା ଛାରଖାର ହୋଇଗଲା । ଏହି ଦାରୁଣ ଆଘାତରେ ତାହା ପ୍ରାଣ ମଧ୍ୟରେ ଯେଉଁ ଗଭୀର କ୍ଷତ ହୋଇଗଲା, ସେ ଦୁଷ୍ଟ କ୍ଷତ ଶୁଷ୍କ ହେବାର ଆଶା ନାହିଁ । ଘଟଣାର ବିବରଣ ନିମ୍ନରେ ବର୍ଣ୍ଣିତ ହେଲା ।

ଜୁଲାଇମାସ ୨୮।୨୯ ତାରିଖ ଦୁଇଦିନଯାକ ଅନବରତ ବୃଷ୍ଟି ହେଲା । ୩୦ ତାରିଖ ସକାଳୁ ସାଳନ୍ଦୀ ବଢ଼ିବାକୁ ଲାଗିଲା । ପ୍ରଥମେ ଧୀରବେଗରେ ତହିଁପରେ ଖରବେଗରେ ଏବଂ ଶେଷରେ ଅସମ୍ଭାଳ ବେଗରେ ବନ୍ୟା ମାଡ଼ିଆସିଲା । ସନ୍ଧ୍ୟାବେଳକୁ କୂଳ ଉଚ୍ଛୁଳି ପ୍ରବଳବେଗରେ ଦୁଇପାଖକୁ ଜଳସ୍ରୋତ ଧାବିତହୋଇ ଉଚ, ଢିପ, ଖାଲ, ବିଲ ସବୁ ଏକାକାର କରିଦେଲା । ଏହି ସମୟରେ ବୈତରଣୀର ବନ୍ୟା-ଜଳରାଶି କ୍ଷୁଧିତ ବ୍ୟାଘ୍ର ପରି ଭୀଷଣ ଗର୍ଜ୍ଜନ ସହ ଲମ୍ଫପ୍ରଦାନ କରି ହାଇଲେଭଲ୍ କେନାଲ୍ ବୁଡ଼ାଇ ସାଳନ୍ଦୀ ଜଳରେ ଆସି ମିଶିଲା । ସେହି ମିଶ୍ରିତ ବନ୍ୟା-ଜଳ ବିପୁଳ ଆକାର ଧରି ଭଦ୍ରଖ ଟାଉନ ଆଡ଼କୁ ଧାବିତ ହେଲା । ରାତି ୧୦ଟା ବେଳକୁ ଟାଉନର ପଶ୍ଚିମପାଖ ଜଳମଗ୍ନ ହୋଇଗଲା । ଯେଉଁ ସ୍ଥାନକୁ ବନ୍ୟାଜଳ କେବେ ସ୍ପର୍ଶ କରେ ନାହିଁ, ସେ ସ୍ଥାନରେ ଅଣ୍ଟାଏ, ଛାତିଏ, ସ୍ଥଳବିଶେଷରେ ପହଁରେ ପାଣି ହୋଇଗଲା । ଦେଖୁ ଦେଖୁ ଲୋକଙ୍କ ଘରେ ପାଣି ପଶିଲା । ସମସ୍ତେ ପ୍ରାଣ ଆତଙ୍କରେ ଅସ୍ଥିର ହୋଇ-ଉଠିଲେ । ଚାରିଆଡ଼େ ଜଳମଗ୍ନ, ଅନର୍ଗଳ ବୃଷ୍ଟି, ତହିଁ ଉପରେ ଘୋର କଟିକଟି ଅନ୍ଧକାର । ଏ ଅବସ୍ଥାରେ ଘରୁ ବାହାରିବାର ଉପାୟ କଅଣ ? ତଥାପି ଯେଉଁମାନେ ଅତି ସାହସୀ, ସେମାନେ ସେହି ଜଳ ଏବଂ ଅନ୍ଧକାର-ସମୁଦ୍ର ସନ୍ତରଣ କରି ଜଗନ୍ନାଥସଡ଼କ ଉପରେ ଯାଇ ଆଶ୍ରୟ ନେଲେ । ଆଉ ଯେଉଁମାନେ ଘରଦ୍ୱାର, ଝୋଟିପଇସାର ମାୟା ଛାଡ଼ି ନ ପାରି ଘର ଭିତରେ ଅଟକିଏ, ସେଠେ ପାଣିରେ ଠିଆହୋଇ ରହିଲେ, ସେମାନେ ପ୍ରତିମୁହୂର୍ତ୍ତ ଆସନ୍ନମୃତ୍ୟୁର ଆଶଙ୍କା କରି ମୃତ୍ୟୁ-ସମୁଦ୍ରର ପତନୋନ୍ମୁଖ ତଡ଼ା ଉପରେ ଠିଆ-ହେବା ପରି ମଣିଲେ । ଚାରିଆଡ଼େ କାନ୍ଥ ପଡ଼ିବାର ଧୁସ୍-ଧାସ୍ ଶବ୍ଦ ଶୁଭିଲା । ତହିଁ ସଙ୍ଗେ ସଙ୍ଗେ ମନୁଷ୍ୟଗୋମେ-ଷଙ୍କର କରୁଣ ଚିତ୍କାରରେ ଗଗନ ପବନ ଥରିଉଠିଲା । ବର୍ଷାର ଝଙ୍କାର, ପବନର ହୁଙ୍କାର, ନଦୀସ୍ରୋତର ଉନ୍ମତ୍ତ କଳ କଳ କୋଳାହଳ, ଶଙ୍ଖହୁଳହୁଳି ଏକତ୍ର ମିଶି ସ୍ଥୂଳରୁ ସ୍ଥୂଳତର ହୋଇଉଠିଲା । ସେହି ଭୀଷଣ କରୁଣମିଶ୍ରିତ ଶବ୍ଦ ଶୁଣି ପିଣ୍ଡରୁ ପ୍ରାଣ ଛାଡ଼ିଯିବା ପରି ବୋଧହେଲା । ସତେ ଯେପରି ପୃଥିବୀ ବିକଟ ପିଶାଚ-ରାଜ୍ୟରେ ପରିଣତ ହୋଇଗଲା । ସେ ଦୁର୍ଦ୍ଦିନ ଘଟଣା ବର୍ଣ୍ଣନା କରିବାକୁ ମନୁଷ୍ୟର ଧୈର୍ଯ୍ୟ ଅଣ୍ଟିବ ନାହିଁ । ତହିଁ ଆରଦିନ ସକାଳେ ଦେଖାଗଲା, ଗ୍ରାମ ପ୍ରାୟ ଗୃହଶୂନ୍ୟ ଏବଂ ହାହାକାରମୟ ! ଗୃହହୀନ ଅସହାୟର କରୁଣ ବିଳାପଧ୍ୱନିରେ କର୍ଣ୍ଣରେ ତପ୍ତଶୂଳ ବିଦ୍ଧ ହେଲା ପରି ଯନ୍ତ୍ରଣା ଅନୁଭୂତ ହେଉଥାଏ । ସେ ଦୃଶ୍ୟ ଦେଖିଲେ ଛାତି ଫାଟିଯାଇ ରକ୍ତପାତ ହେବ । ଏ ତ ଗଲା ସହରର ଅବସ୍ଥା; ଏବେ ମୋଫସଲର ଅବସ୍ଥା ଶୁଣନ୍ତୁ ।

ଧାମନଗର, ଭଣ୍ଡାରିପୋଖରୀ, ଚାନ୍ଦବାଲି, ବାସୁଦେବପୁର ଏବଂ ବନ୍ତଥାନାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ତାହା ଲେଖିବାବେଳକୁ ନିର୍ଜ୍ଜୀବ ନିଶ୍ଚେଷ୍ଟ ଲେଖନୀଦଣ୍ଡ ସୁଦ୍ଧା ସମବେଦନାରେ ବ୍ୟାକୁଳ ହୋଇ ଥରିଉଠୁଅଛି । ୩୦ ତାରିଖ ରାତି ତିନିଟା ବେଳେ ଧାମନଗର ଥାନା ଇଲାକାର କେତେ ଜଣ କେଉଟ ବିଲରେ ମାଛ ଧରୁଥିଲେ । ଦୈବାତ୍ ଭୀଷଣ ଶବ୍ଦ ଶୁଣି ଅନାଇ ଦେଖିଲେ ତାଳଗଛ ଉଚ୍ଚରେ ବୋଠାଏ ଧୋବଲା ତେଉ ଅତି ବେଗରେ ଧାଇଁ ଆସୁଛି । ତହୁଁ ସେମାନେ ଜାଲ ପକାଇଦେଇ ପ୍ରାଣପଣରେ ଧାଇଁ ଧାଇଁ ଆସି ଗ୍ରାମରେ ଏହି ସମ୍ବାଦ ପ୍ରଚାର କରି ନିଜ ଘର ଆଡ଼କୁ ଧାଇଁଲେ; କିନ୍ତୁ ସେହି ଦୁର୍ଦ୍ଦାନ୍ତ ଦାନବ ତୁଲ୍ୟ ତେଉ ମୁଖରୁ ରକ୍ଷା ପାଇଲେ ନାହିଁ—ଘରେ ପହଞ୍ଚିବା ପୂର୍ବରୁ ତେଉ ସେହି ହତଭାଗ୍ୟମାନଙ୍କୁ ଭସାଇ କେଉଁ ଅନ୍ତେ ନେଇ ଚାଲିଗଲା । ହଠାତ୍ ଏ ବିପୁଳ ଜଳ ତେଉ କୁଆଡ଼ୁ, ସଚଳ ପର୍ବତ ପରି ତୀରବେଗରେ ଛୁଟି ଆସି ଘରଦ୍ୱାର, ଗୋରୁଗାଈ, ଗଛପତ୍ର ଯାହା

ଅଗରେ ପାଇଲା, ତାହା ଭସାଇନେଇ ଚାଲିଗଲା, ସାବଧାନ ହେବାକୁ ଅବସର ସୁଦ୍ଧା ମିଳିଲା ନାହିଁ— ଏହାକୁ ଲୋକେ ଦୈବକୃତ ମାୟା ବୋଲି କହୁଅଛନ୍ତି। ବାସ୍ତବରେ ଏହା ବଡ଼ ଅଦ୍ଭୁତ, ଅଶ୍ରୁତ, ଅସମ୍ଭବ ଘଟଣା। କେଉଁଠାରେ ଗୁହାଳରୁ ଗୋରୁ ଫିଟାଇ ଫିଟାଇ ମନୁଷ୍ୟ ଗୋରୁ ଉଭୟେ ଭାସିଗଲେ, କେହି ପିଢ଼ାକୁ ବା ଗଛକୁ ଚଢ଼ି ଚଢ଼ି ସ୍ରୋତରେ ଭାସିଗଲା, କେତେକେ ଚାଳ ଏବଂ ଗଛରେ ଆଶ୍ରୟ ନେଇ ସୁଦ୍ଧା ରକ୍ଷାପାଇଲେ ନାହିଁ। ଚାଳ ଭାସିଲା, ଗଛ ଉପୁଡ଼ି ଭାସିଲା, ତାହା ସଙ୍ଗେ ସଙ୍ଗେ ଆଶ୍ରୟୀ ଭାସିଗଲା। ମନୁଷ୍ୟ ବା ମନୁଷ୍ୟେତର କ୍ଷୁଦ୍ର ପ୍ରାଣୀ କଥା କିଏ ପଚାରେ ? ଏହି ବନ୍ୟାରେ ହାତୀ, ବାଘ, ଭାଲୁ, ଅଜଗରସାପ ପ୍ରଭୃତି ବଡ଼ ବଡ଼ ଜନ୍ତୁ ମୃତ ଏବଂ ଜୀବିତ ଅବସ୍ଥାରେ ଭାସି ଆସିଥିଲେ। ହିଂସ୍ରଜନ୍ତୁମାନେ ହିଂସା ପାଶୋରି ମନୁଷ୍ୟ, ଅନ୍ୟ ଜନ୍ତୁ ଦେହରେ ଘଷି ହୋଇଯାଉଥିଲେ। ନିଜର ପ୍ରାଣ ନେଇ ତ ଟଣାଟଣି, କିପରି ନିଜର ପ୍ରାଣରକ୍ଷା ହେବ, ଏହି ଚିନ୍ତାରେ ସମସ୍ତେ ଅସ୍ଥିର; ହିଂସା କରିବାକୁ ବା ବେଳ କାହିଁ ? ନଚେତ୍ ବାଘଭାଲୁଗୁଡ଼ାକ ଅହିଂସାବ୍ରତ ଧରି ସନ୍ନ୍ୟାସୀ ହୋଇ ନ ଥିଲେ ଯେ ସମସ୍ତଙ୍କୁ ପ୍ରେମରେ ଆଲିଙ୍ଗନ କରନ୍ତେ। ଏ ଦୃଶ୍ୟ ବଡ଼ ବିଚିତ୍ର ! ମୃତ୍ୟୁଭୀତି ପଶୁପ୍ରାଣରେ ସୁଦ୍ଧା ସାମ୍ୟନୀତି ଆନୟନ କରିଥିଲା। ଜଗତରେ ପ୍ରାଣଭୟ କାହାର ନାହିଁ ? ସେଥିହେତୁ ଅସମ୍ଭବ ସମ୍ଭବ ହୋଇଅଛି। ପ୍ରାଣଠାରୁ ଜୀବ ପ୍ରିୟ ଆଉ କ'ଣ ଅଛି ? ବାଘ କେବେ ମନୁଷ୍ୟ ସଙ୍ଗରେ ସୁହୃଦ୍‌ଗୋଷ୍ଠୀ ସମ୍ବନ୍ଧ ସ୍ଥାପନ କରି ପୁନାପୁଣି ପରି ଦେହରେ ଘଷିହୋଇ ଚାଲିଯିବାର ଶୁଣା ନାହିଁ—ପ୍ରାଣସଙ୍କଟରେ ପଡ଼ି ଆଜି ଯେ ବୈଚିତ୍ର୍ୟ। ଏହି ବନ୍ୟାରେ ଅସଂଖ୍ୟ ଲୋକ ସର୍ବସ୍ୱାନ୍ତ ହୋଇଅଛନ୍ତି। ସେମାନଙ୍କର ଖାଲି ପିନ୍ଧିଥିବା ଲୁଗାଖଣ୍ଡି ଏବଂ ପ୍ରାଣଟି-ମାତ୍ର ଅବଶିଷ୍ଟ ଅଛି। ଏହି ସର୍ବନାଶୀ ବନ୍ୟା ବିସ୍ତର ସୁନା, ରୁପା, ଗହଣାଗାଣ୍ଠି, ଲୁଗାପଟା, ବେଲବାସନ, ପେଡ଼ିପେଟରା, ଅଡ଼ଖୁର, ଖଟ, ସିନ୍ଦୁକ, ଆଲମାରି ପ୍ରଭୃତି ସମୁଦ୍ରଗର୍ଭରେ ନିକ୍ଷେପ କରି ତାହାର ରତ୍ନାକର ନାମ ସାର୍ଥକ କରିଦେଇଅଛି।

ହାୟ କି କରୁଣ ଦୃଶ୍ୟର ମର୍ମନ୍ତୁଦ ଅଭିନୟ ! କେତେ ପରିବାର ବଂଶଶୂନ୍ୟ ହେଲେ, କେତେ ଧନୀ ଦାରିଦ୍ର୍ୟର ଉପାସୀ ହେଲେ, କେତେ ବକ୍ଷ ଅଶ୍ରୁସିକ୍ତ ହେଲା, ଘଣ୍ଟାକ ମଧ୍ୟରେ କେତେ ପରିବର୍ତ୍ତନ ଘଟିଗଲା ! ଓଃ, ନିୟତିର କି ନିଷ୍ଠୁର ପରିହାସ ! ପାଷାଣୀ ନିୟତି ! ତୋର କି ଦୟାମାୟା ସୁଦ୍ଧା ନାହିଁ ? ତୋର କୋପ କି ବଡ଼ ଭୟଙ୍କର ! ତୁ ପରା ଦେବୀ ? ପ୍ରାଣୀକି କଷ୍ଟ ଦେବା କି ଦେବତ୍ୱ ? ପ୍ରାଣୀର ଶୋକଦୁଃଖ କି ତୋ ଦେବହୃଦୟରେ ଭାବାନ୍ତର ଆଣିପାରେ ନାହିଁ ? ଆଜି ତୋହର ହେତୁ ଧନୀଦରିଦ୍ର, ସାନବଡ଼, ହିନ୍ଦୁ-ଅହିନ୍ଦୁର ଭେଦକାରଣ ନାହିଁ। ସମସ୍ତେ ସମଦଶାପନ୍ନ, ସମସ୍ତେ ଏକ ବିପଦସାମ୍ରାଜ୍ୟର ପୀଡ଼ିତ ପ୍ରଜା। ଆଜି ସାପ ବେଙ୍ଗ ଏକ ଜାଗାରେ, ବିରାଡ଼ି ମୂଷା ଏକ ଜାଗାରେ, ଖାଦ୍ୟ ଖାଦକ ଏକ ଜାଗାରେ ପଡ଼ି ପ୍ରାଣଭୟରେ ବ୍ୟାକୁଳ। "ତାତାପିତୃଦନ ଆଶ୍ରମ ନପିନେ ପ୍ରବେଶ ଶ୍ରୀରାମ, ବଇରି ହିଂସା ତେଜି ହିତ, ବଇରି ସନ୍ନିଧେ କପୋତ।" ଏହି କବିବାଣୀର ସ୍ପଷ୍ଟ ଦୃଷ୍ଟାନ୍ତ ଆଜି ସମସ୍ତେ ଦେଖିଅଛନ୍ତି। ସେକାଳରେ ଋଷିଙ୍କ ତପୋ-ବଳରେ ଅସମ୍ଭବ ସମ୍ଭବ ହୋଇଥିଲା; ଆଉ ଆଜି ପ୍ରକୃତିର ଦୌରାତ୍ମ୍ୟରେ, ନିୟତିର ନିର୍ଦ୍ଦୟ ଶାସନରେ ଏହି ଅସମ୍ଭବ ସମ୍ଭବ ହୋଇଅଛି। "ନିୟତି କେନ ବାଧ୍ୟତେ" ଏହି ମହାବାଣୀ ଅକ୍ଷରେ ଅକ୍ଷରେ ସତ୍ୟ। ଆହା, କି ହୃଦୟବିଦାରୀ ଶୋକଦୃଶ୍ୟ ! ନିଷ୍ଠୁର ନିୟତି ବନ୍ୟାରୂପ ଧରି ମାତୃବକ୍ଷରୁ ଜୀବନସର୍ବସ୍ୱ ଶିଶୁପୁତ୍ରକୁ ଛଡ଼ାଇ ନେଇଯାଉଅଛି, ସ୍ୱାମୀ ହସ୍ତରୁ ସ୍ତ୍ରୀକୁ ଟାଣିନେଇ ଯାଉଅଛି, କୁଟୁମ୍ବୀଠାରୁ କୁଟୁମ୍ବକୁ ବିଚ୍ଛିନ୍ନ କରି ଦେଇ-ଯାଉଅଛି, ପିତାର ସାହାଯ୍ୟ ପ୍ରାର୍ଥନା କରୁଁ କରୁଁ ପୁତ୍ର ବୁଡ଼ିମରୁଅଛି—ପିତା ଅଶ୍ରୁସଜଳ ନୟନରେ ସେ ମର୍ମାନ୍ତିକ ଦୃଶ୍ୟ ଦେଖି ହତଜ୍ଞାନ ହୋଇ କାଠ ପରି ଠିଆହୋଇ ରହିଅଛି। କେହି ଆତ୍ମୀୟବନ୍ଧୁ ହରାଇ ବକ୍ଷରେ କର-ଘାତପୂର୍ବକ କରୁଣ କ୍ରନ୍ଦନରେ ଆକାଶ ବିଦୀର୍ଣ୍ଣ କରୁ-ଅଛି, କେହି ଶୋକର ପ୍ରଚଣ୍ଡ ଆଘାତରେ ମୂର୍ଚ୍ଛିତ ହୋଇ ପଡ଼ିଅଛି, ଅସହ୍ୟ ବେଦନାର ଉଚ୍ଛ୍ୱାସରେ କାହାର କଣ୍ଠ ରୁଦ୍ଧହୋଇଅଛି, କାହାର ହୃଦୟର ବ୍ୟଥା ଲୁହ ରୂପରେ

ବାହାରି ନ ପାରି ଚନ୍ଦ୍ରମୁଖରେ ମୂର୍ଚ୍ଛି ହୋଇ ଉଠୁଅଛି, କିଏ ପାଗଳ ପରି କେତେ ଅସାର ପ୍ରଳାପ କରୁଅଛି, କେହି ବା ହୃତ ଆତ୍ମୀୟର ଗୁଣ ଗୁଣି ବିଳାପ କରୁଅଛି । ସେ ଦୃଶ୍ୟ ରକ୍ତମାଂସଦେହୀ ମନୁଷ୍ୟର ଅସହ୍ୟ !

୭୦ ବର୍ଷରୁ ଊର୍ଦ୍ଧ୍ୱବୟସ୍କ ଲୋକମାନେ କହନ୍ତି, ଏପରି ସର୍ବନାଶୀ ଉତ୍କଟ ବନ୍ୟା ଜୀବନରେ ସେମାନେ କେବେ ଦେଖି ନାହାନ୍ତି । ଯେଉଁ ଆଡ଼କୁ ଚାହିଁଲେ କେବଳ ଜଳମୟ । କେଉଁଠାରେ ପୂର୍ବେ ଗାଁଗଣ୍ଡା ଥିବାର ଆଉ ସୁଦ୍ଧା ପରିଲକ୍ଷିତ ହୁଏ ନାହିଁ । ସବୁଆଡ଼ ଶ୍ମଶାନ । କରାଳିକା ବିକଟ ମୁଖବ୍ୟାଦାନ କରି ରହିଥିବା ପରି ବୋଧହୁଏ । ଉତ୍ତରାଞ୍ଚଳରେ ସ୍ଥାନେ ସ୍ଥାନେ ଜଗନ୍ନାଥସଡ଼କ ଉପରେ ୭ ହାତରୁ ୧୦ ହାତ ପର୍ଯ୍ୟନ୍ତ ପାଣି ଠିଆହୋଇଥିଲା । ଭଦ୍ରଖରୁ ଆଖୁଆପଦା ପର୍ଯ୍ୟନ୍ତ ୧୮ ମାଇଲ ମଧ୍ୟରେ ଜଗନ୍ନାଥସଡ଼କ ଶତାଧିକ ଜାଗାରେ ଭାଙ୍ଗି ବଡ଼ ବଡ଼ ଘାଇ ହୋଇଯାଇଅଛି । କେତେଟା ଘାଇର ଲମ୍ବ ୧୦୦୦ ହାତରୁ ଅଧିକ ହେବ । ଭଦ୍ରଖଠାରୁ ବୈତରଣୀରୋଡ୍ ପର୍ଯ୍ୟନ୍ତ ୧୯ ମାଇଲ ମଧ୍ୟରେ ରେଲସଡ଼କ ନାନାସ୍ଥାନରେ ଧୋଇଯାଇଅଛି । କେତେ ବଡ଼ ବଡ଼ ପୋଲ ଭାଙ୍ଗି ଓଲଟିପଡ଼ିଛି, କେତେ ସ୍ଥାନରେ ଲୁହାଧାରଣା ଶୂନ୍ୟରେ ଝୁଲୁଅଛି; ମାତ୍ର ରେଲସଡ଼କର ସଞ୍ଜ୍ଞା ସୁଦ୍ଧା ନାହିଁ । ଏହି ବନ୍ୟାରେ ବୈତରଣୀରେ ୭୧ ଫୁଟ ପାଣି ହୋଇଥିଲା ଏବଂ ସାଳନ୍ଦୀରେ ପୂର୍ବବର୍ଷର ଭୀଷଣ ବନ୍ୟା ଅପେକ୍ଷା ଦେଢ଼ ଫୁଟ ପାଣି ଅଧିକ ହୋଇଥିଲା । ବୈତରଣୀ, ସାଳନ୍ଦୀ, ବୁଢ଼ାବଲଙ୍ଗ, ସୁବର୍ଣ୍ଣରେଖା ଏବଂ ଆଉ କେତୋଟି ଛୋଟ ଛୋଟ ନଦୀକୂଳସ୍ଥ ଗ୍ରାମମାନ ପ୍ରାୟ ବିଧ୍ୱସ୍ତ ହୋଇଯାଇଅଛି । ଏକଆଡ଼େ କେନ୍ଦୁଝରର ଆନନ୍ଦପୁରଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ ଏବଂ ଅନ୍ୟଆଡ଼େ ଭେରଗଡ଼ ବାଲିଆପାଳଠାରୁ ଯାଜପୁର ପର୍ଯ୍ୟନ୍ତ ବିଶାଳ ଭୂମିଖଣ୍ଡ ଜଳପ୍ଲାବିତ ହୋଇଅଛି । ସ୍ଥୂଳରେ ବାଲେଶ୍ୱର ଜିଲ୍ଲାର ବାରଅଣ ବନ୍ୟାରେ ଅକଥନୀୟ କ୍ଷତିଗ୍ରସ୍ତ ହୋଇଅଛି । ନିମ୍ନଲିଖିତ କେତୋଟି ଘଟଣାରୁ ବନ୍ୟାର ଭୀଷଣ ମାରାତ୍ମକତା ସହଜରେ ଅନୁମେୟ ହେବ ।

ଜଣେ ଗଉଡ଼ର ଘରେ ପାଣି ପଶିଯିବାରୁ ଗଉଡ଼ର ଗର୍ଭିଣୀ ସ୍ତ୍ରୀ ଅନନ୍ୟୋପାୟ ହୋଇ ଘରର ପିଣ୍ଡା ଉପରକୁ ଚଢ଼ିଗଲା । ଭୟରେ ହେଉ ବା ପ୍ରକୃତ ପ୍ରସବକାଳ ଉପସ୍ଥିତ ହେବାରୁ ହେଉ, ସେତେବେଳେ ତାହାର ଗର୍ଭବ୍ୟଥା ହେଲା । ସମସ୍ତେ ଘର ଛାଡ଼ି,ଗାଆଁ ଛାଡ଼ି ପଳାଇଯାଇଅଛନ୍ତି, ସାହାଯ୍ୟ କରିବାକୁ କେହି ନାହିଁ । ଏପରି ସଙ୍କଟ ଅବସ୍ଥାରେ ସ୍ତ୍ରୀଟି ପିଣ୍ଡା ଉପରେ ଗୋଟିଏ ପୁତ୍ରସନ୍ତାନ ପ୍ରସବକଲା । ତଳେ ବସିଥିବା ପିଣ୍ଡା ପାଣିରେ ବୁଡ଼ିଅଛି, ଉପରେ ମୁଷଳଧାରାରେ ଅନର୍ଗଳ ବର୍ଷା ହେଉଅଛି ; ସ୍ତ୍ରୀଟି ପ୍ରସବ ବେଦନା, ଉପବାସକ୍ଲେଶ ଭୁଲି ନବଜାତ ଶିଶୁଟିକୁ କୋଳରେ ଧରି ବସିରହିଥାଏ । ଏହିପରି ଭାବରେ ପୁଣି ଦିନ ଗୋଟାଏ କଟିଗଲା । ଅଧିକ ପାଣି ହେବାରୁ କେହି ଯାଇ ତାକୁ ଉଦ୍ଧାର କରିବାକୁ ସାହସୀ ହେଲେ ନାହିଁ । ଦ୍ୱିତୀୟ ଦିନରେ ନବଜାତ ଶିଶୁର ନାଡ଼ିଚ୍ଛେଦ ହେଲା ।

ଗୋଟାଏ ବଡ଼ ସିନ୍ଦୁକ ପ୍ରବଳ ସ୍ରୋତରେ ଅଗାଧ ଜଳରେ ଭାସିଯାଉଥିଲା । ସିନ୍ଦୁକର ଅଧିକାରିଣୀ ଜଣେ ସ୍ତ୍ରୀ ସିନ୍ଦୁକ ଏବଂ ତନ୍ମଧ୍ୟସ୍ଥ ଧନଦ୍ରବ୍ୟାଦିର ମାୟା ଛାଡ଼ି ନ ପାରି ସେହି ଭାସମାନ ସିନ୍ଦୁକ ଉପରେ ବସି ସମୁଦ୍ର ଆଡ଼କୁ ଭାସିଯାଉଥିଲା । ଦୁଇଜଣ ଲୋକ ଡଙ୍ଗା ଚଢ଼ି ଆସି ସିନ୍ଦୁକ ମଧ୍ୟରେ ବହୁମୂଲ୍ୟ ପଦାର୍ଥ ଥିବାର ଅନୁମାନ କରି ସେହି ଆଡ଼କୁ ଡଙ୍ଗା ବାହି ଘେନିଗଲେ ଏବଂ ସେହି ନିର୍ଦ୍ଦୟ ନରପିଶାଚଦ୍ୱୟ ଅନାଥା, ଅସହାୟା ବିପନ୍ନା ସ୍ତ୍ରୀଲୋକଟିକୁ ପାଣିକୁ ଠେଲିଦେଇ ସିନ୍ଦୁକଟି ନେଇ ଚାଲିଗଲେ । ସ୍ତ୍ରୀଲୋକଟି ମଲା କି ବଞ୍ଚିଲା, ସେଥିର ସ୍ଥିରତା ଜଣାଯାଇ ନାହିଁ । ଏହିପରି ଅନେକ ଘଟଣା ଶୁଣାଯାଇଥିଲା; ସତ୍ୟମିଥ୍ୟା ଭଗବାନଙ୍କୁ ଗୋଚର । ଏହିପରି ବିପଦବେଳେ ଦୁର୍ବୃତ୍ତ ଦସ୍ୟୁମାନଙ୍କୁ ଯେ ଉଦ୍ଦେଶ୍ୟସାଧନର ଗୋଟାଏ ସୁଯୋଗ ମିଳେ, ଏହା ବୋଲିବା ବାହୁଲ୍ୟମାତ୍ର । ତାହାର ସର୍ବନାଶ, ତାହାର ପୌଷମାସ !

ସ୍ଥାନୀୟ କଲେକ୍ଟରୀ ଅଫିସର ଜଣେ ପିଅନ୍ ସମନ ଜାରିକରିବାକୁ ମଫସଲ ଯାଇଥିଲା । ଗୋଟାଏ ନିଛାଟିଆ ବିଲ ମଧ୍ୟରେ ଆସିବାବେଳେ ପ୍ରବଳବେଗରେ

ପାଣି ମାଡ଼ିଆସିଲା । ଦେଖୁଁ ଦେଖୁଁ ସେଠାରେ ପହଁରେ ପାଣି ହୋଇଗଲା । ଲୋକଟି ନିରୁପାୟ ହୋଇ ନିକଟରେ ଥିବା ଗୋଟାଏ ଗଛକୁ ଚଢ଼ିଯାଇ ଡାଳ ଉପରେ ବସିରହିଲା । ଦୁର୍ଭାଗ୍ୟବଶତଃ ଦୁରଦୃଷ୍ଟରେ ଅବୃଷ୍ଟି ବଢ଼ିଲା ପରି କ୍ରମେ କ୍ରମେ ପାଣି ବଢ଼ି ତାହାର ଗୋଡ଼ ତଳପାଖ ଲାଗିଲା । ଏହି ସମୟରେ ଗୋଟାଏ ପ୍ରକାଣ୍ଡ ସର୍ପ ଆଶ୍ରୟ ଖୋଜି ଖୋଜି ସେହି ଗଛ ଆଡ଼କୁ ପହଁରି ଆସିଲା । ତାହା ଦେଖି ଲୋକଟି ମୃତ୍ୟୁ ନିଶ୍ଚିତ ଜାଣି 'ସଙ୍କଟେ ମଧୁସୂଦନ' ସ୍ମରଣ କରିବାକୁ ଲାଗିଲା । ମାତ୍ର "ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ ?" ସାପଟା ଗଛକୁ ଧରିବାକୁ ଚେଷ୍ଟା କରୁଁ କରୁଁ ଗୋଟାଏ ପ୍ରବଳ ଢେଉ ଆସି ତାକୁ ତଳକୁ ଭସାଇ ନେଇଗଲା । ଲୋକଟି ଅପଘାତରୁ ରକ୍ଷା ପାଇ ଦୁଇଦିନକାଳ ଅନାହାରରେ ଗଛ ଉପରେ ବସି-ରହିଥିଲା ; କିନ୍ତୁ କଣ୍ଠରେ କୃଷ୍ଣଚନ୍ଦ୍ର ଥିବାରୁ ତାକୁ ତେବେ ବାଧିଲା ନାହିଁ । ସେ ତାଙ୍କରି ସେବାରେ ମନ-ପ୍ରାଣ-ଧ୍ୟାନ ସମର୍ପଣ କରି ବଞ୍ଚି ରହିବାକୁ ସମର୍ଥ ହେଲା । ଦୁଇଦିନ ପରେ ଦୂରରେ ଖଣ୍ଡେ ନୌକା ଦେଖି ସେ ଚଦର ଉଡ଼ାଇ ସଙ୍କେତ କରିବାରୁ ନାବିକମାନେ ନୌକା ଆଣି ତାକୁ ଉଦ୍ଧାର କଲେ ।

ଲୋକମାନଙ୍କର ଦୁର୍ଦ୍ଦଶାର ସୀମା ନାହିଁ । ପିଲା-କୁଟୁମ୍ବ ଧରି କେହି ରେଲବନ୍ଧ ଉପରେ, କେହି ଜଗନ୍ନାଥସଡ଼କ ଉପରେ ମୁକ୍ତ ଆକାଶତଳେ ପଡ଼ି ରହିଥିଲେ । ଘରଦ୍ୱାର ନାହିଁ, ଖାଇବାକୁ ଦାନା ନାହିଁ, ପିନ୍ଧିବାକୁ କନା ନାହିଁ, ଖରା-ବର୍ଷା-ଜାଡ଼ର ସହି ଅସହ୍ୟ କଷ୍ଟ ଭୋଗ କରୁଅଛନ୍ତି । ବିଲରେ ଧାନଗଛ ନାହିଁ । ସ୍ଥାନେ ସ୍ଥାନେ ଧାନବିଲ ଉପରେ ଏତେ ବହଳରେ ବାଲି ଚଢ଼ିଯାଇଅଛି ଯେ, ତାକୁ ପୁଣି କୃଷିର ଉପଯୁକ୍ତ କରିବା ବହୁବ୍ୟୟ, ବହୁଶ୍ରମ ଓ ବହୁସମୟ-ସାପେକ୍ଷ । ଅନେକ ଜମି ବାଲିରେ ପୋତି-ଯାଇ ଅକର୍ମଣ୍ୟ ହୋଇଯାଇଅଛି । ଗୋ-ମହିଷାଦି ପଶୁର ଅସଂଖ୍ୟ ମୃତଦେହ ଜଗନ୍ନାଥସଡ଼କ ପାଖରେ ଭାସିଆସି ଲାଗିଅଛି । ଦୁର୍ଗନ୍ଧରେ ବାଟ ଚାଲିହେଉ ନାହିଁ । ଖାଇ ଖାଇ ଶବାହାରୀ ପଶୁପକ୍ଷୀଙ୍କର ଅରୁଚି ଜନ୍ମି-ଗଲାଣି । କୁକୁରଶିଆଳମାନେ ଶବକୁ ଶୁଙ୍ଘି ଶୁଙ୍ଘି ଊର୍ଦ୍ଧ୍ୱମୁଖରେ ଭୋ ଭୋ ହୋଇ କାନ୍ଦି ଉଠୁଅଛନ୍ତି; ମାତ୍ର ଖାଉ ନାହାନ୍ତି । ସେମାନଙ୍କର ବଂଶ ସଂଖ୍ୟା ଏହି ଦାରୁଣ ବନ୍ୟାରେ ପ୍ରାୟ ନିପାତ ହୋଇଯାଇ-ଅଛି । କେତେ ଲୋକ ମରିଅଛନ୍ତି, ସେଥିର ନିଶ୍ଚିତ ସଂଖ୍ୟା ଜଣାଯାଇ ନାହିଁ । ଘଟଣାର ଭୀଷଣତା ଦୃଷ୍ଟିରେ ଶତର ଲୋକକ୍ଷୟ ହୋଇଥିବାର ଅନୁମାନ ଅସମ୍ଭବ ନୁହେଁ । ସାପ, ବେଙ୍ଗ, ମୂଷା, ଗୋଧି ପ୍ରଭୃତି କ୍ଷୁଦ୍ର କ୍ଷୁଦ୍ର ମୃତଜନ୍ତୁ ସଂଖ୍ୟା କରିହେବ ନାହିଁ ।

ବନ୍ୟାର ପରବର୍ତ୍ତୀ ଅବସ୍ଥା ବି ବଡ଼ ଭୟଙ୍କର ! ଡାକ, ତାର, ରେଲ ସବୁ ବନ୍ଦ, ସେହି ହେତୁ ବାଣିଜ୍ୟ ବ୍ୟବସାୟ ପୁଣି ବନ୍ଦ ହୋଇଗଲା । ସୁତରାଂ ଅନେକ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ଅଗ୍ନିମୂଲ୍ୟ ହୋଇଉଠିଲା । ସ୍ଥଳବିଶେଷରେ କିଛି ମିଳିଲା ନାହିଁ । ଡାଲି ସେର ବାରଅଣା, ଲୁଣ ସେର ଆଠଅଣା, ଗୁଡ଼ ସେର ଛଅଣା—ଏହିପରି ସବୁପଦାର୍ଥ ମହଙ୍ଗା ହୋଇଗଲା । ମାତ୍ର ସୁନା, ରୁପା, ଗାଈ, ବଳଦ ଖୁବ୍ ଶସ୍ତା ହୋଇଗଲା । ଲୋକେ ପେଟବିକଳରେ ସୁନା ଭରି ଦଶଟଙ୍କାରେ ଏବଂ ଗାଈବଳଦ ବାରଅଣା ଦରରେ ବିକ୍ରୟ କରିଥିବାର ଶୁଣାଯାଇଅଛି । ଗରିବର ତ କଥା ଅଲଗା, ନାହିଁ ଶବ୍ଦରେ ଏକା ସେ ଖୁବ୍ ଧନୀ; ମାତ୍ର ଧନୀଲୋକଙ୍କର ଘରକରଣା ଭସିଯାଇଥିବାରୁ, ଧାନ ଅମାର ଫାଟିଯାଇ ଧାନ ନଷ୍ଟ ହୋଇଥିବାରୁ, ସେ ସୁଦ୍ଧା ଆଜି ଅନ୍ନକଷ୍ଟଗ୍ରସ୍ତ—ସେ ସୁଦ୍ଧା ଆଜି ଗରିବ । ଦୈବାତ୍ କେଉଁଠାରୁ ମାଣେ ପୋଏ ମିଳିଲେ ତାହା କୁଟିବାକୁ ଢିଙ୍କି ନାହିଁ କି ଫୁଟାଇ ଖାଇବାକୁ ସ୍ଥାନ ନାହିଁ । ସବୁ ଘର ପାଣି କାଦୁଅରେ ପୂରି ରହିଅଛି । ଅନେକେ ଭୋକ ସମ୍ଭାଳି ନ ପାରି ଚାଉଳ ଚିବାଇ ଖାଇ ଜୀବନ ବଞ୍ଚାଇଅଛନ୍ତି ।

ବିପଦ କେବେ ଏକୁଟିଆ ଆସେ ନାହିଁ; ଭାଇ-କୁଟୁମ୍ବ, ସାହି-ପଡ଼ିଶା, ସଙ୍ଗାତ-ମୈତ୍ରଙ୍କୁ ସଙ୍ଗରେ ଘେନି ଆସେ । ବନ୍ୟା ପଛେ ପଛେ ତାହାର ଅଗାଧ ସ୍ନେହର ସାନଭଉଣୀ ମେଲେରିଆ ଆସି ତାହାର ପସରା ବାଢ଼ି

ଭସିଲଣି; ଖାଲି ଏତିକି ନୁହେଁ—ବନ୍ଧନ ସୁଦ୍ଧା ପହଞ୍ଚାଇସାରିଲଣି । ଉପଦ୍ରବସୂଚକର ଆଗମନୀବାଦ୍ୟ ସ୍ଥାନେ ସ୍ଥାନେ ବାଜିଉଠି ଶୁଣାଗଲଣି । ଏତିକିରେ ଶେଷ ନୁହେଁ; ଏଥି ଉପରେ ପୁଣି ବିପଦଫୋଟକା । ହିଂସ୍ରଜନ୍ତୁର ଉପଦ୍ରବ ଅନେକ ଆହୁରି ଶୁଣାଯାଉଅଛି । କେଉଁଠାରେ କୁମ୍ଭୀରର ଉତ୍ପାତ, କେଉଁଠାରେ ବା ସାପର ଉତ୍ପାତ । ବନ୍ୟାରେ ଅନେକ ବଡ଼ ବଡ଼ କୁମ୍ଭୀର ଓ ତୀବ୍ର ବିଷାକ୍ତ ସର୍ପ ଭାସିଆସି ସ୍ଥାନେ ସ୍ଥାନେ ରହିଯାଇଅଛନ୍ତି । ଉତ୍ତରାଞ୍ଚଳରେ ଏକ ଜାତୀୟ ଛୋଟ ସାପ ଦେଖାଯାଉଅଛନ୍ତି । ସେମାନଙ୍କର ଲମ୍ବ ଏକ ଫୁଟରୁ ଅଧିକ ନୁହେଁ । ଉକ୍ତ ସାପ ମଶାରି ଭିତରେ ପଶି ଶୋଇଥିବା ଲୋକଙ୍କୁ ଦଂଶନ କରୁଅଛନ୍ତି; ଆଉ ଦଂଶିତ ବ୍ୟକ୍ତି ଦୁଇ ତିନିଦିନ ମଧ୍ୟରେ ମରି ଯାଉଅଛନ୍ତି । ସେମାନଙ୍କ ଦଂଶନରେ କୋଡ଼ିଏ ଜଣ ଲୋକ ମୃତ୍ୟୁମୁଖରେ ପତିତ ହୋଇସାରିଲେଣି । ଦୁର୍ଭାଗ୍ୟ, ବାଲେଶ୍ୱର ଜିଲ୍ଲା ଚାରିଆଡ଼ୁ ଏହିପରି ବିପଦ-ଜାଲରେ ପରିବେଷ୍ଟିତ । ଅତଃପର କଅଣ ଘଟିବ ତାହା ଭବିତବ୍ୟତାକୁ ଗୋଚର ।

ଏହି ଦାରୁଣ ବନ୍ୟାର ଭୀଷଣତା ବର୍ଣ୍ଣନ ମନୁଷ୍ୟ ଲେଖନୀର ସାଧ୍ୟାତୀତ । ଯହିଁରେ ଦେଉଳ ଉପୁଡ଼ି ପଡ଼ିଲା, ବଡ଼ ବଡ଼ ଅଟ୍ଟାଳିକା ଉପୁଡ଼ିପଡ଼ି ତୃଣଗୁଚ୍ଛ ପରି ଭାସିଗଲା, ହାତୀ, ବାଘ, ଭାଲୁ ପ୍ରଭୃତି ଭାସି ଆସିଲେ, ସେ ମହାବନ୍ୟାର ତୁଳନା କଅଣ ? ତାହାକୁ ବନ୍ୟା ନ କହି ଖଣ୍ଡପ୍ରଳୟ ବୋଲି କହିଲେ ଅସଙ୍ଗତ ବା ଅତିରଞ୍ଜିତ ହେବ ନାହିଁ । ତାହାର ଶକ୍ତି ଅନନ୍ତ, ପ୍ରଭାବ ବିସ୍ମୟକର । ଏ ବନ୍ୟାରେ ଲକ୍ଷ ଲକ୍ଷ ଲୋକ ଧନପ୍ରାଣରେ ବିପନ୍ନ । ଲକ୍ଷ ଲକ୍ଷ ଟଙ୍କାର ଦ୍ରବ୍ୟସାମଗ୍ରୀ ଘଣ୍ଟାକେ କେଉଁଆଡ଼େ ଅନ୍ତର୍ହିତ ହୋଇଗଲା । ବାଲେଶ୍ୱର ଜିଲ୍ଲାର ଏ କ୍ଷତି ତାହା ପଞ୍ଜରାସ୍ଥିରେ କଳାଦାଗ ବସାଇ ଦେଇଅଛି । ସେ ଦାଗ ଆଉ ମିଳାଇଯିବ ନାହିଁ । ତାହାର ପ୍ରାଣର ହାହାକାର ବହୁକାଳଯାଏ ଶୂନ୍ୟରେ ଘୂରି ବୁଲିବ । ଏହି ପ୍ରସଙ୍ଗରେ ଆଉ ଗୋଟିଏ ବିଷୟ ଉଲ୍ଲେଖ କରିବା ନିତାନ୍ତ ଆବଶ୍ୟକ । ବିଷୟଟି ଆନନ୍ଦରେ ଭରା ଏବଂ ସନ୍ତୋଷରେ ଭରା । ଏତେ ବିପଦ, ଏତେ ଦୁଃଖ ମଧ୍ୟରେ ସାନ୍ତ୍ୱନା ଏବଂ ସୁଖର କଥା ଏତିକି ଯେ, ଏହି ବନ୍ୟା ଦୁର୍ଘଟଣାରେ ଦେଶର ପ୍ରକୃତ ନିଃସ୍ୱାର୍ଥ କର୍ମବୀରଙ୍କର ପରିଚୟ ମିଳିଅଛି । ସେମାନେ ନିଜ ପ୍ରାଣ ବିପନ୍ନ କରି ପର ପ୍ରାଣ ରକ୍ଷା କରିବା ସକାଶେ ଯାହା କରିଅଛନ୍ତି, ତାହାର ପଟାନ୍ତର ନାହିଁ । ସେହି ହୃଦୟୀ କର୍ମବୀରମାନଙ୍କ ମଧ୍ୟରେ ବାଲେଶ୍ୱର ଡିଷ୍ଟ୍ରିକ୍ଟ ବୋର୍ଡର ଚେୟାରମେନ୍ ମହାପ୍ରାଣ ମହତାବ୍, ଭାଇସ୍ ଚେୟାରମେନ୍ ଦେଶବନ୍ଧୁ ମୁକୁନ୍ଦ ବାବୁ, ଦୀନବତ୍ସଳ ଶ୍ରୀଯୁକ୍ତ ନନ୍ଦକିଶୋର ଦାସଙ୍କ ନାମ ସର୍ବାଦୌ ଉଲ୍ଲେଖଯୋଗ୍ୟ । ସେମାନଙ୍କର ପରିଶ୍ରମ ଦେଖି ତାଙ୍କ ଶତ୍ରୁ ସୁଦ୍ଧା ପ୍ରଶଂସା ନ କରି ରହିପାରୁ ନାହାନ୍ତି । ସେମାନେ ପାଣିକାଦୁଅ ନ ମାନି, ଗ୍ରାମେ ଗ୍ରାମେ ବୁଲି, ଲୋକର ଅବସ୍ଥାନୁରୂପ ଉଚିତ ବ୍ୟବସ୍ଥା କରିଅଛନ୍ତି, ଅନେକ ସହାୟ ସଭାସମିତିମାନଙ୍କୁ ତାର ଉପରେ ତାର ଦେଇ ବନ୍ୟାବିବରଣ ଏପରି ହୃଦୟସ୍ପର୍ଶୀ ଆତୁର ଉଚ୍ଚାଟ କରୁଣ ସ୍ୱରରେ ଗାଇଲେ ଯେ, ସେଥିରେ ହୃଦୟବାନ୍‌ର ଆସନ ଟଳିଗଲା ଏବଂ ପରୋପକାରୀଙ୍କର ହୃଦୟ ପ୍ରାଣ ଆସ୍ଥା ବିଗଳିତ ହୋଇଗଲା । ସେମାନଙ୍କର ପଦେ ପଦେ କଥାର ମୂଲ୍ୟ ଲକ୍ଷ ଲକ୍ଷ ସ୍ୱର୍ଣ୍ଣମୁଦ୍ରାଠାରୁ ଅଧିକ । ମନୁଷ୍ୟର ସ୍ୱଭାବ, ସେ ଦୁଃଖ ବେଳର ବନ୍ଧୁକୁ ସୁଖ ବେଳେ ଭୁଲିଯାଏ; ମାତ୍ର ଏ ତିନିହେଁ ଲୋକଙ୍କ ପ୍ରାଣ ମଧ୍ୟରେ ଏପରି ଗୋଟାଏ ସ୍ଥାୟୀ ଚିହ୍ନ ଅଙ୍କିତ କରିଦେଇଅଛନ୍ତି ଯେ, ତାଙ୍କୁ ଜୀବନରେ କେବେ କେହି ଭୁଲିପାରିବେ ନାହିଁ; ପ୍ରତ୍ୟେକ ହୃଦୟ ସିଂହାସନରେ ବସାଇ ଦେବତା ତୁଲ୍ୟ ପୂଜା କରିବେ । ସେ ତିନିଙ୍କ ଅଦମ୍ୟ ଅଧ୍ୟବସାୟରେ ବିଦେଶରୁ ରିଲିଫ୍ ଦଳ ଆସି ବନ୍ୟାପୀଡ଼ିତ ସ୍ଥାନମାନଙ୍କରେ ସାହାଯ୍ୟ ବିତରଣ କରୁଅଛନ୍ତି । ସେଥିମଧ୍ୟରେ ଅଗରୱାଲ୍ ପଞ୍ଚାୟତ ଦଳ, ମାରୱାଡ଼ି ରିଲିଫ୍ ଏସୋସିଏସନ୍, ଖଡ଼୍ଗପୁର ଓଡ଼ିଆ ଏସୋସିଏସନ୍, ବାଙ୍କୁଡ଼ା ରିଲିଫ୍ ଦଳ, ଭାରତସେବାଶ୍ରମ ଦଳଙ୍କ ନାମ ବିଶେଷ ଉଲ୍ଲେଖଯୋଗ୍ୟ । ସେମାନେ ନାନାସ୍ଥାନରେ ସାହାଯ୍ୟକେନ୍ଦ୍ର ଖୋଲି ଚାଉଳ, ଚୁଡ଼ା, ଡାଲି, ଲୁଣ, ଲୁଗା, ବାସନ ପ୍ରଭୃତି ବିତରଣ କରୁଅଛନ୍ତି । ଅନାଥା ବିଧବା ଏବଂ ଅସମର୍ଥଙ୍କୁ

ଘର ତୋଳିବା ପାଇଁ ଟଙ୍କା ମଧ୍ୟ ଦିଆଯାଉଅଛି । ଏହା ଛଡ଼ା ଅକ୍ଷମ, ଅସହାୟ, ଇତର ଜୀବମାନଙ୍କୁ ରନ୍ଧା ଖାଦ୍ୟ ଖାଇବାକୁ ଦିଆଯାଉଅଛି । ପ୍ରାୟ ଲକ୍ଷାଧିକ ଲୋକ ଏହି ସାହାଯ୍ୟ ଉପରେ ନିର୍ଭର କରି ବଞ୍ଚିରହିଅଛନ୍ତି । ଆଉ ଜଣେ ମାରୱାଡ଼ି ମହାଜନ କୋଡ଼ିଏ ହଜାର ଟଙ୍କାର ଚୂଡ଼ା, ଚାଉଳ, ଲୁଗା, ବାସନ ପ୍ରଭୃତି ନେଇ ବନ୍ୟାପୀଡ଼ିତ ସ୍ଥାନକୁ ଯାଇଅଛନ୍ତି । ଅନଳସ କର୍ମିବୃନ୍ଦଙ୍କର ପରିଶ୍ରମ ଦେଖିଲେ ବିସ୍ମୟରେ ଆଖି ବୁଜିପଡ଼େ । ସେମାନେ ପାଣିରେ ପଶି, ଜଙ୍ଗଲବିଶେଷରେ ପହଁରି, ଦ୍ୱାରେ ଦ୍ୱାରେ ଡାକି ଲୋକଙ୍କର ସଦ୍ୟଃ ଅଭାବ ମୋଚନ କରୁଅଛନ୍ତି । ରୋଗୀକୁ ଔଷଧ-ପଥ୍ୟ ଦେଇ ଶୁଶ୍ରୂଷାର ବ୍ୟବସ୍ଥା କରୁଅଛନ୍ତି । ଭଦ୍ରକ-ଅଞ୍ଚଳରେ ମଧ୍ୟ କେତେ ରିଲିଫ୍ ଦଳ ବନ୍ୟାପୀଡ଼ିତ ଲୋକଙ୍କ ଅପାର ଦୁଃଖ ମୋଚନରେ ବ୍ୟାପୃତ ଅଛନ୍ତି । ଭଦ୍ରଖର ଜମିଦାର ସର୍ବ ସ୍ୱଳ୍ପ ହଜାର ଟଙ୍କା ଚାନ୍ଦା କରି ସେହି ଟଙ୍କାରେ ଧାନ ଚାଉଳ କିଣି ବନ୍ୟାପୀଡ଼ିତ ସ୍ଥାନରେ ଶସ୍ତା ଦରରେ ବିକ୍ରୟ କରିବାର ବ୍ୟବସ୍ଥା କରୁଅଛନ୍ତି । ସ୍ଥାନୀୟ ସେଣ୍ଟ୍ରେଲ୍ କୋ-ଅପରେଟିଭ୍ ବ୍ୟାଙ୍କ ପକ୍ଷରୁ ବନ୍ୟାପୀଡ଼ିତଙ୍କ ସାହାଯ୍ୟ ପାଇଁ ଏକ ହଜାର ଟଙ୍କା ଦିଆଯାଇଅଛି ଏବଂ ପାଞ୍ଚହଜାର ଟଙ୍କା ଶତକଡ଼ା ବାର୍ଷିକ ଛଅଟଙ୍କା ସୁଧରେ ଋଣ ଦେବାର ବ୍ୟବସ୍ଥା ହୋଇଅଛି । ସର୍କାର ତରଫରୁ ମଧ୍ୟ ସାହାଯ୍ୟ ବିତରଣ ଏବଂ ତଗାବି ଋଣର ବ୍ୟବସ୍ଥା ହୋଇଅଛି । ମାରୱାଡ଼ି ଧନୀମାନଙ୍କର ଉପକାର ବାଲେଶ୍ୱର ଜିଲ୍ଲା ଭୁଲିପାରିବ ନାହିଁ । ସେ ଉପକାରର ପ୍ରତିଦାନ ନାହିଁ । ବାଲେଶ୍ୱର ଜିଲ୍ଲାର ଏ ଜୀବନମରଣର ସନ୍ଧିକ୍ଷଣରେ ସେମାନେ ଲକ୍ଷ ଲକ୍ଷ ଟଙ୍କାର ଚାଉଳ ନେଇ ବିଦେଶରୁ ଧାଇଁ ଆସି ନ ଥିଲେ ପ୍ରାୟ ଦୁଇଲକ୍ଷ ଲୋକ ଅନାହାରରେ ପ୍ରାଣ ହରାଇଥାଆନ୍ତେ । କ୍ଷୁଧାତୁରର ମୁଖରେ ମୁଠେ ଅନ୍ନଦାନର ପୁଣ୍ୟ ଅପେକ୍ଷା ସହସ୍ର ଯାଗଯଜ୍ଞର ପୁଣ୍ୟ ଅଧିକ ନୁହେ । ମାରୱାଡ଼ିମାନେ ଯେପରି ଧନ ଉପାର୍ଜନ କରି ଜାଣନ୍ତି, ଧନର ସଦ୍‌ବ୍ୟବହାର ମଧ୍ୟ ସେହିପରି କରି ଜାଣନ୍ତି । ଯେଉଁ ଧନ ଦୁଃସ୍ଥ, ବିପନ୍ନ, ଆତୁର, ଅନାଥ ବା ପୀଡ଼ିତ ସେବାରେ ନ ଲାଗେ, ତାହା ଧନ ନୁହେ—ଶ୍ମଶାନ ଚିତାଚୁଲିର ଅଙ୍ଗାର । ଦାନରେ ମିନା ଧନ ସାର୍ଥକ ହୁଏ । ଦାନରେ ତାହାର ଶୁଦ୍ଧି, ଦାନରେ ତାହାର ବୃଦ୍ଧି । ଅର୍ଥନୀତି ସମ୍ବନ୍ଧରେ ମାରୱାଡ଼ି ସମାଜଠାରୁ ଆମ୍ଭମାନଙ୍କର ଶିକ୍ଷା କରିବାର ବିଷୟ ବହୁତ ଅଛି ।

ପ୍ରୟୋଜନାଭାବରେ ଉପସଂହାରରେ ଆଉ ଗୋଟିଏ ବିଷୟ ଲେଖିବାର ଲୋଭ ସମ୍ବରଣ କରିହେଲା ନାହିଁ । ମନୁଷ୍ୟ ବଡ଼ ସ୍ୱାର୍ଥପ୍ରିୟ ଜୀବ । ସେ ନିଜର ଜାତି ଛଡ଼ା ଆଉ କାହାକୁ ଚିହ୍ନେ ନାହିଁ । ସେ ନିଜର ଜାତି ମନୁଷ୍ୟ କଥା ଯେପରି ବୁଝେ, ଅନ୍ୟ କାହାରି କଥା ସେପରି ବୁଝେ ନାହିଁ । ମନୁଷ୍ୟ ମନୁଷ୍ୟର ଉପକାର କରେ—ମନୁଷ୍ୟର ଶୋକଦୁଃଖରେ ସମବେଦନା ପ୍ରକାଶ କରେ, ଏମନ୍ତ କି ଅନେକ ସମୟରେ କାନ୍ଦିପକାଏ; ମାତ୍ର ମନୁଷ୍ୟେତର ପ୍ରାଣୀ ବେଳକୁ ଅଶ୍ରୁ ଝରିବ ମୁହଁରେ ପଥର ଲଦିଦିଏ । ଉପସ୍ଥିତ ବନ୍ୟା ଦୁର୍ଘଟଣାରେ ସମସ୍ତେ ମନୁଷ୍ୟ ପାଇଁ ଚିନ୍ତିତ; ମାତ୍ର ଇତର ପ୍ରାଣୀଙ୍କ ପାଇଁ କେତେ ଜଣଙ୍କର ପ୍ରାଣ କାନ୍ଦୁଅଛି ? ବନ୍ୟାରେ ଏକା ମନୁଷ୍ୟ ଜାତି ବିପନ୍ନ ହୋଇ ନାହିଁ; ପଶୁ, ପକ୍ଷୀ, ପତଙ୍ଗ ସମସ୍ତେ ସମଦଶାପନ୍ନ; କିନ୍ତୁ ସେମାନଙ୍କ ପାଇଁ କେତେ ଜଣଙ୍କର ପ୍ରାଣ ବ୍ୟାକୁଳ ହୋଇଉଠୁଛି ? ଅତୀବ ଆନନ୍ଦର ବିଷୟ, ଜଣେ ଧର୍ମପ୍ରାଣ ବ୍ୟକ୍ତି ବନ୍ୟାକାତର ବୁଲା କୁକୁରମାନଙ୍କ ଆହାର ସକାଶେ ଛଅଶତ ଟଙ୍କା ଦାନ କରିଅଛନ୍ତି । ପ୍ରତିଦିନ ଭାତ ରନ୍ଧାହୋଇ କୁକୁରମାନଙ୍କୁ ଦିଆଯାଉଅଛି । ଏହିପରି ଯେ ଦାନ କରିପାରନ୍ତି, ସେ ସାମାନ୍ୟ ମାନବ ନୁହନ୍ତି, ମହାମାନବ । ସେହି ଏକା ସମଦର୍ଶୀ । ତାଙ୍କର ବଦାନ୍ୟ ହୃଦୟ ଦେବାଳୟ ପରି ପବିତ୍ର ଓ ଗଙ୍ଗାଜଳ ପରି ସ୍ୱଚ୍ଛ । ଯେ ଜୀବ ଶିବ ମଧ୍ୟରେ ପ୍ରଭେଦ ଦେଖନ୍ତି ନାହିଁ, ସେ ପଣ୍ଡିତ, ଜ୍ଞାନୀ ଏବଂ ଜୀବନ୍ମୁକ୍ତ । ଦେବତ୍ୱ, ଋଷିତ୍ୱ ତାଙ୍କର ପୁଣ୍ୟପ୍ରାଣରେ ପ୍ରଭାବ ବିସ୍ତାର କରେ । ଦାତା ଯେଉଁ ନୂତନ ମଙ୍ଗଳ ଆଦର୍ଶ ଦେଖାଇଲେ, ତାହା ଦେବପ୍ରସାଦ ତୁଲ୍ୟ ଶିରୋଧାର୍ଯ୍ୟ ।

# ସୁମାଣ୍ଡି ଲବଣ-କାରଖାନା

ଇଚ୍ଛାପୁରର ଦୁଇମାଇଲ ଦୂରବର୍ତ୍ତୀ ସୁମାଣ୍ଡି-ଗ୍ରାମ ନିକଟରେ କଲିକତାର ବିଖ୍ୟାତ ଏଣ୍ଡ୍ରୁ ଇଉଲ କୋମ୍ପାନୀ (Andrew Yule & Co.) ନୂତନ କାରଖାନା ସ୍ଥାପନ କରି ଲବଣ ପ୍ରସ୍ତୁତ କରୁଅଛନ୍ତି । ଗତ ୨୪ ତାରିଖ ଅମ୍ଭେମାନେ କେତେ ଜଣ ବନ୍ଧୁ ମିଶି କାରଖାନା ଦେଖିବାକୁ ଯାଇଥିଲୁଁ । ସ୍ଥାନୀୟ ଉଚ୍ଚଶିକ୍ଷିତ ଶ୍ରୀଯୁକ୍ତ ଲାଲମୋହନ ପଟ୍ଟନାୟକ, ବି. ଏ., ଗ୍ରାମ ସରବରାକାର ଶ୍ରୀଯୁକ୍ତ କାଳନ୍ଦୀ ପଟ୍ଟନାୟକ, ଓଡ଼ିଆ ବାଳିକା ସ୍କୁଲର ହେଡ୍‌ପଣ୍ଡିତ ଶ୍ରୀଯୁକ୍ତ ଦାମୋଦର ପାଣିଗ୍ରାହୀ—ଏ ତିନିଜଣ ଏ ଯାତ୍ରାର ପ୍ରଧାନ ଉଦ୍‌ଯୋଗୀ । ମୋର ଅନୁଜ ମଧ୍ୟ ସଙ୍ଗରେ ଥିଲା । ବନ୍ଧୁମାନେ ମୋତେ ଖଣ୍ଡିଏ ବଲୀବର୍ଦ୍ଦ-ଇଞ୍ଜିନଯୁକ୍ତ ମୋଟରକାରରେ ବସାଇ ସମସ୍ତେ ପଦବ୍ରଜରେ ଚାଲିବାକୁ ଲାଗିଲେ । ବୈଶାଖୀ ପ୍ରଚଣ୍ଡ ରୌଦ୍ର, ପବନ ଅଗ୍ନିଦେବତାଙ୍କ ପ୍ରଶ୍ୱାସ ପ୍ରାୟ ଉଷ୍ଣ, ସେମାନଙ୍କୁ ଅନାବୃତରେ ଏହା ସହ୍ୟ କରି ଅଗ୍ରସର ହେବାର ଦେଖି ମନେ ମନେ ଲଜ୍ଜିତ ଏବଂ ସଙ୍କୁଚିତ ହେଲି । ଗାଡ଼ିରୁ ଓହ୍ଲାଇ ପଡ଼ିବାକୁ ଇଚ୍ଛାହେଲା । ମାତ୍ର ମନର ବଳ ଶରୀରକୁ ଆସିବାର ନୁହେ । କଅଣ କରିବି ? ଅଗତ୍ୟା ସେଥିରୁ ନିବୃତ୍ତ ହେବାକୁ ହେଲା । ତେବେ କୈଫିୟତ ସ୍ୱରୂପ ଗୋଟାଏ ଆତ୍ମପ୍ରବୋଧନ ଆବଶ୍ୟକ । କଳ୍ପନାଦେବୀଙ୍କ ପ୍ରସାଦରୁ ସେଥିର ସୁଦ୍ଧା ଅଭାବ ଘଟିଲା ନାହିଁ । ଭାବିଲି, ସେମାନେ ଯୁବକ—ବର୍ତ୍ତମାନ ସେମାନଙ୍କର କଷ୍ଟ ସହିବାର ସମୟ । କଷ୍ଟକୁ ସେମାନେ ସୁଖ ମଣୁଥିବେ । ମୋର ଅତୀତ ଜୀବନରେ ମଧ୍ୟ ଏହିପରି ସମୟ ଥିଲା । ତେତେବେଳେ ମୋର ମନୋରଥ ପଦରଥ ବ୍ୟତୀତ ଅନ୍ୟ ରଥର ପ୍ରତ୍ୟାଶା ରଖୁ ନ ଥିଲା । ଏତିକି ଯଥେଷ୍ଟ ଉପଯୁକ୍ତ ଆତ୍ମ-ପ୍ରବୋଧନ । ଅଧିକ ଭାବିବାର ସୁବିଧା ମଧ୍ୟ ନ ଥିଲା । ସାରଥି "ଆପଣା" ଧୀରମନ୍ଥର ଗତିରେ ରଥ ଚଳାଉଅଛି । ଚକ୍ର ଘର ଘର ଶବ୍ଦରେ ବନ୍ଧୁର ପଥରେ ସତର୍କ କରାଇଦେଉଅଛି । ଇଚ୍ଛାପୁର ପାର ହୋଇ ଆସିଲୁଁ । ଏଣିକି ନିପଟ ଶପଟ ପ୍ରାନ୍ତର ମୃଗ-ତୃଷ୍ଣାବେଣୀ ବିସ୍ତାର କରିଅଛି । ସମୁଦ୍ର ଉପକୂଳର ଉପକଣ୍ଠ ପ୍ରଦେଶ; ସୁତରାଂ ବାଲୁକାମୟ ଓ ପ୍ରାୟ ବୃକ୍ଷଶୂନ୍ୟ । କ୍ୱଚିତ୍ ସାମାନ୍ୟ ସାମାନ୍ୟ ବୃକ୍ଷ ପରିଲକ୍ଷିତ ହୁଏ । ଗିରିମେଖଳା ପ୍ରକୃତିର ନଗ୍ନ ଶୋଭାରେ ତୃପ୍ତି ଆକୃଷ୍ଟ ହେଲା ନାହିଁ । ବର୍ତ୍ତମାନ ବସନ୍ତ ସମୟ, ସୁଷମାର ଢୋଳି ଫରିକ ବୃଷ୍ଟି ହେଉଅଛି; ମାତ୍ର ଏ ଅଞ୍ଚଳ ଶୂନ୍ୟମୟ । ଶାଳ୍ମଳୀ, କିଂଶୁକ, ପାଳଧୂଅ ପ୍ରଭୃତିରେ ବସନ୍ତର ଆତ୍ମପ୍ରକାଶ । ଏହି ସମସ୍ତ ବୃକ୍ଷ ଏ ଅଞ୍ଚଳରେ ଆଦୌ ଦେଖାଯାଏ ନାହିଁ । ସୁତରାଂ ବସନ୍ତକାଳରେ ସୁଦ୍ଧା ପ୍ରାଣବତୀ ହାସ୍ୟମୟୀ ଶୋଭାର ଅଭାବ ।

ବାମଭାଗରେ ଗୋଟିଏ ବିଶାଳ ବନ୍ଧ ପଡ଼ିଲା । ତାହା ୮୦ ଏକର ବା ମାଣ ଭୂମି ବ୍ୟାପି ରହିଅଛି । ସର୍ବଲୋପୀ କାଳ ତାହାର ବିଶାଳତା ଓ ଗଭୀରତା କ୍ରମେ ସଙ୍କୁଚିତ କରିଆଣୁଅଛି । ଶୁଣିଲି ବନ୍ଧଟିର ନାମ ସିଦ୍ଧବନ୍ଧ । ଏହା କୌଣସି ସିଦ୍ଧପୁରୁଷଙ୍କ ଖୋଳା କିମ୍ବା କେବେ କୌଣସି ସିଦ୍ଧପୁରୁଷ ଏହାର କୂଳରେ ଆଶ୍ରୟ ନେଇଥିବାରୁ ଏରୂପ ନାମ ହୋଇଅଛି । ସେ ସତ୍ୟ ଉଦ୍ଧାର କରିବାର ଉପାୟ ନାହିଁ । ତାହା କାଳ-ଗର୍ଭରେ ଜୀର୍ଣ୍ଣ ହୋଇଯାଇଅଛି । ପୁଷ୍କରିଣୀର ଉତ୍ତର ତୀରରେ ତପୋବନ ତୁଲ୍ୟ ଖଣ୍ଡିଏ କ୍ଷୁଦ୍ର ଅରଣ୍ୟ ଗ୍ରୀଷ୍ମାତ ମହିମାରେ ପଥିକର ପ୍ରୀତି ଆକର୍ଷଣ କରେ । ବନ୍ଧ ବର୍ତ୍ତମାନ ଶୁଷ୍କ, ଅଳ୍ପ ସ୍ଥାନରେ ଜଳ ଅଛି । ଜଳମଧ୍ୟସ୍ଥ ଶରବନରେ ଶଗଳଦମ୍ପତିର ଜଳକ୍ରୀଡ଼ା ବଡ଼ ମନୋହର । ଅଦୂରରେ ମୁକ୍ତ ପ୍ରାନ୍ତର ବକ୍ଷରେ କତିପୟ ଗଣ୍ଡଶୈଳ ସୁପ୍ତ ମହିଷଗୋଠ ବତ୍ ପ୍ରତିଭାତ ହେଲା । ସେ ସମ୍ବନ୍ଧରେ କିମ୍ବଦନ୍ତୀ ଅଛି ଯେ, ଜଣେ ଗଉଡ଼ ସେଠାରେ ମହିଷ ମାହାଳି ପକାଇଥିଲା । ଜଣେ ସାଧୁ ଆସି ତାକୁ ଦୁଧ ମାଗିଲେ । ମାତ୍ର ମହିଷାଳ ଦୁଧ ନ ଦେବାରୁ ସାଧୁ କ୍ରୁଦ୍ଧ ହୋଇ ଅଭିସମ୍ପାତ ଦ୍ୱାରା ନିରପରାଧ ମହିଷଗୁଡ଼ିକୁ ପଥର କରି ଦେଇଗଲେ । ଏ ଜନବାଦ ମୂଳରେ ସତ୍ୟର ସତ୍ତା ଅଛି କି ନାହିଁ, ତାହା କହିହେଉ ନାହିଁ । ମାତ୍ର ଗୌତମ ଋଷିଙ୍କ

ଅଭିଶାପରେ ଅହଲ୍ୟା ପାଷାଣ ହୋଇଥିବା ଶାସ୍ତ୍ରେ ସ୍ୱ ରାମାୟଣରେ ବର୍ଣ୍ଣିତ ଅଛି । ପାଷାଣ ମନୁଷ୍ୟଗୁଡ଼ିକ ଘୋର କୃଷ୍ଣବର୍ଣ୍ଣ ଓ ସାଧାରଣ ପଥର ଅପେକ୍ଷା ଭାରି । ସମ୍ଭବତଃ ସେଥିରେ ଲୌହଅଂଶ ଅଧିକ ଅଛି । ଯଦି ତାହା ହୁଏ, ତେବେ ସମୟରେ ସେହି ଅଭିଶପ୍ତ ମନୁଷ୍ୟ-ଗୁଡ଼ିକ ସ୍ୱର୍ଣ୍ଣ ପ୍ରସବ କରିବେ ।

ଇଚ୍ଛାପୁର ରେଲଷ୍ଟେସନର ଅନତିଦୂରରୁ ଚୋମାଗୀ କାରଖାନା ପର୍ଯ୍ୟନ୍ତ ଶାଖା ରେଲ ବସିବ । ସେଥିର ପଥ ଚକ୍ଷିତ ହୋଇଅଛି । ଆମ୍ଭେମାନେ ସେହି ପଥରେ ବୁଲିଲୁଁ । ଏକ ସ୍ଥାନରେ ଗୋଟିଏ ପ୍ରସ୍ତୁତ କରଞ୍ଜ ବୃକ୍ଷ ସ୍ତୂଳୀ ପ୍ରାୟ ଖଇପରସ୍ତ ଧରି ଅବସ୍ଥିତ । ପ୍ରକୃତିରାଣୀଙ୍କ ଯୋଗଣ ସଜାଶେ ତାଙ୍କ ଗନ୍ଧାଘରିଆ ଋତୁଦେବ ଏହିଗୁଡ଼ିକ ପ୍ରେରଣ କରିଅଛନ୍ତି । କିଛି ଦୂରରେ ଶତାଧିକ ପଲ୍ଲୀ କୁଦ୍ର କୁଲିଘରମାନର କୁଦ୍ର ପ୍ରସ୍ତରମୂର୍ତ୍ତିବତ୍ ପ୍ରାୟ ପ୍ରତୀୟମାନ । ପଲ୍ଲୀଗୁଡ଼ିକ ଏତେ ଖର୍ବକାୟ ଯେ, ବସିଲେ ସୁଦ୍ଧା ମଥାନରେ ମୁଣ୍ଡ ବାଜିବ । ସେହି ଅନୁଚ୍ଚ ସଂକୀର୍ଣ୍ଣ ପଲ୍ଲୀ ମଧ୍ୟରେ କୁଲିପରିବାର ନିଶ୍ଚିନ୍ତହୃଦୟରେ ସ୍ୱଚ୍ଛନ୍ଦରେ ବାସକରି ସ୍ଥାନର ସଦ୍-ବ୍ୟବହାର କରୁଅଛନ୍ତି । ସମ୍ବଳ କେବଳ ଭାଙ୍ଗି ମାଠିଆ ଏବଂ ଖଣ୍ଡେଖଣ୍ଡେ ଛିଣ୍ଡା ମଶିଣା । ନିର୍ଦ୍ଧନ ହେତୁ ଚୋର ଭୟ ନାହିଁ, ସାପର ଭୟ ନାହିଁ । ଦାରିଦ୍ର୍ୟ ବ୍ୟତୀତ ଅନ୍ୟ କାହାରିକି ସେମାନେ ଭୟ କରନ୍ତି ନାହିଁ । ସାଧକମାନେ ଚାରିପାଖରେ ଅଗ୍ନି ଜାଳି ସୂର୍ଯ୍ୟମଣ୍ଡଳରେ ଦୃଷ୍ଟି ନିବଦ୍ଧପୂର୍ବକ 'ପଞ୍ଚାଗ୍ନି' ସାଧନା କରନ୍ତି । ମାତ୍ର ଏମାନେ ତନସାରି ତପ୍ତ ବାଲୁକା ଉପରେ ସଖର ମୁକ୍ତ ରୌଦ୍ରରେ ଅତିବାହିତ କରନ୍ତି । ସୁତରାଂ ଏମାନଙ୍କର ଷଡ଼ାଗ୍ନି ସାଧନା । ତଥାପି ସେମାନେ ସୁଖୀ । ଯେ ଦୁଃଖ ସହି ନ ପାରେ, ସେ ସୁଖ ସହିପାରିବ ନାହିଁ । ଖରା, ବର୍ଷା, ଶୀତ ନ ମାନି ପ୍ରକୃତି ସଙ୍ଗରେ ମିଶି ରହିଅଛନ୍ତି । ପ୍ରକୃତିର ଦୌରାତ୍ମ୍ୟ ସହିବା ଭଳି ନିଜର ଶରୀରକୁ ପ୍ରସ୍ତୁତ କରି ନେଇଅଛନ୍ତି । କଅଣ, ଦୌରାତ୍ମ୍ୟ ?—ପ୍ରକୃତିର ଦୌରାତ୍ମ୍ୟ ! ! ପ୍ରକୃତି—ଜନନୀ, ପ୍ରକୃତି—ମଙ୍ଗଳମୟୀ ଦେବୀ, ପ୍ରକୃତି—ବାତ୍ସଲ୍ୟବତୀ; ତାହାର କି ଦୌରାତ୍ମ୍ୟ ସମ୍ଭବପର ? ହାଁ, ପ୍ରକୃତିଙ୍କ ମାନବ, ବତ୍ସାଙ୍କୁ ଦୌରାତ୍ମ୍ୟ ମଣିବାକୁ ଯିବା ତୋର ଏ ନିଦାରୁଣ ଦୁର୍ଗତି ! ତୁ ଅଭିମାନରେ ଚକ୍ଷୁ ଥାଉଁ ଥାଉଁ ପରଚକ୍ଷୁ ଲୋଡୁ, ପାଦଥାଉଁ ପର କାନ୍ଧର ଭାର ବର୍ଦ୍ଧନ କରୁ; କିନ୍ତୁ ତୋର ସେ ଶରୀରବାହକ ତୋଠାରୁ ସହସ୍ର ଗୁଣରେ ସୁଖୀ । ତୋର ଅସ୍ୱାସ୍ଥ୍ୟ ତୋର ସଂକୀର୍ଣ୍ଣ ହୃଦୟର—ଦୁର୍ବଳ ଚିତ୍ତର—ତଥା ଇତର ପ୍ରକୃତିର ଚିହ୍ନମାତ୍ର । ସେହି ଅଭିମାନ-ପାରିବାଙ୍କ ପାନରେ ତୁ ନିଜକୁ ନିଜେ ପଙ୍ଗୁ, ଅକର୍ମଣ୍ୟ ଏବଂ ଅଳସୁ କରୁଅଛୁ । ବିଳାସିତାର ମୋହ ତୋତେ ହାତୀଘୋଡ଼ାରେ ଚଢାଇ ପ୍ରଚ୍ଛନ୍ନରେ ହାତୀ ଘୋଡ଼ାରେ ପରିଣତ କରୁଅଛି । ତୋର ପଳମୂର୍ଖ, ଅଶ୍ୱମୂର୍ଖ ଉପାଧି ସ୍ୱୋପାର୍ଜ୍ଜିତ ସମ୍ପତ୍ତି । ବିରକ୍ତ ହେଲୁ କି ? ଛି, ଏଥିରେ ବିରକ୍ତ ହେବାର କଅଣ ଅଛି । ଅଚ୍ଛା, ଆସେ ତେବେ ସେହି ସଭ୍ୟତାହୀନ ଗ୍ରାମ୍ୟଗ୍ରାମୀମାନଙ୍କର ସ୍ୱସ୍ଥ, ବଳିଷ୍ଠ, କଠିନ ଶରୀର ସଙ୍ଗେ ନିଜର କ୍ଳେଶ-ବର୍ଦ୍ଧିତ, ଅକାଳଜୀର୍ଣ୍ଣ, ଶ୍ଳଥ ଶରୀରର ତୁଳନା କର, ତେଣିକି ବିରକ୍ତ ହେବାର ନିତାନ୍ତ ଆବଶ୍ୟକ ହେଲେ ହୋଇପାରୁ । ତାର ଅନାବୃତ ଦେହ କଠିନ ଲୌହ, ଆଉ ତୋର ଅହୋରାତ୍ର ବସ୍ତ୍ରାବୃତ ଦେହ ଭଙ୍ଗପ୍ରବଣ ନୁହେ କି ? କହିପାରୁ, ଅଜ୍ଞାନ, ନିରକ୍ଷର ଅସଭ୍ୟ ଲୋକଙ୍କ ସଙ୍ଗେ ମୋ ଭଳି ସଭ୍ୟଙ୍କୁ ଜ୍ଞାନୀ, ସୁଶିକ୍ଷିତ, ନବ୍ୟସଭ୍ୟର ତୁଳନା ! ଏହା ତୋର ଭୁଲ, ନିତାନ୍ତ ଭୁଲ—ଏକାବେଳକେ ଭୁଲ । ସେମାନେ ନିରକ୍ଷର ହୋଇପାରନ୍ତି ; ମାତ୍ର ଅଜ୍ଞାନ ନୁହନ୍ତି । ସେମାନଙ୍କର ଧର୍ମବିଶ୍ୱାସ ସରଳ ଏବଂ ଅଟଳ । ଆଉ ତୋର ? ତୁ ଆଜି ହିନ୍ଦୁ, କାଲି ମୁସଲମାନ୍, ପରଦିନ ଖ୍ରୀଷ୍ଟାନ, ତହିଁ ପରଦିନ ସର୍ବଘୋଷ । ତୁ ପାଠ ପଢି ଅଣ୍ଟୁଆଙ୍କରେ ପଡ଼ିଅଛୁ । ସେମାନେ ଅନ୍ଧବିଶ୍ୱାସରେ ଗୋଟିଏ ଦୃଢ଼ରୂପେ ଧରିଅଛନ୍ତି । ତେବେ ଅଜ୍ଞାନ କିଏ ? ତୁ, ନା ସେମାନେ ? ଆଉ ସଭ୍ୟତା କଥା । ସେ ତ ଏକ ବିଷମ ସମସ୍ୟା । ତୁ ସଭ୍ୟତା ଶିକ୍ଷି ବୃଦ୍ଧ ପିତାମାତାଙ୍କୁ ଗଳଗ୍ରହ ମଣୁ; ମାତ୍ର ସେମାନେ ପ୍ରାଣାନ୍ତରେ ସୁଦ୍ଧା ତାହା ମଣନ୍ତି ନାହିଁ ; ତୁ ମାତୃଭାଷାକୁ ଅଭ୍ୟସ୍ତ ଖେତଗ୍ରନ୍ଥରେ ପରିଣତ କରୁ, ଆଉ ସେମାନେ ତାହା କରନ୍ତି

ନାହିଁ । ଏତିକିମାତ୍ର ପ୍ରଭେଦ । ଶିକ୍ଷା ଆଉ ସଭ୍ୟତା ଏକ କଥା ନୁହେଁ । ଶିକ୍ଷା ଅଭାବରେ ସୁଦ୍ଧା ସଭ୍ୟତା ଆତ୍ମପ୍ରକାଶ କରିପାରେ । ଯାଉ ସେ କଥା । ନିଜେ ନିଜକୁ ଶୁଣାଇଲେ ଲୋକେ ପାଗଳ ବୋଲି କହି ହସିବେ ।

ଅନନ୍ତର ସମସ୍ତେ କାରଖାନା ନିକଟରେ ଉପସ୍ଥିତ ହେଲୁଁ । କୋମ୍ପାନୀ ଦୁଇହଜାର ଏକର ଭୂମି ୩୦ବର୍ଷ ସକାଶେ ପଟ୍ଟା ନେଇ କାର୍ଯ୍ୟାରମ୍ଭ କରିଅଛନ୍ତି । ସେଥିର ଏକ ଅଂଶରେ କୋମ୍ପାନୀର ଅଫିସ୍, ଗୋଦାମ ପ୍ରଭୃତି ନିର୍ମିତ ହେବ । ବର୍ତ୍ତମାନ ସାମାନ୍ୟ କେତେଖଣ୍ଡ ଗୃହ ନିର୍ମାଣ କରାଯାଇଅଛି । ଉପକରଣ ସଂଗୃହୀତ ହୋଇ ସ୍ତୂପାକାରରେ ସଜ୍ଜିତ ହେଉଅଛି । ଅଦୂରଭବିଷ୍ୟତରେ ଏ ସ୍ଥାନ ଗୋଟିଏ କ୍ଷୁଦ୍ର ସହରରେ ପରିଣତ ହେବ । ଏହାହିଁ ନିତ୍ୟପରିବର୍ତ୍ତନଶୀଳା ପ୍ରକୃତିର ଶାଶ୍ୱତ ଧାରା । ମରୁଭୂମିରେ କୁବେରପୁରୀ ସ୍ଥାପନ ସେହି ଅଲଙ୍ଘ୍ୟ ମହାଧାରାର ମହିମାର ବିଶେଷତ୍ୱ । ଏହି ଅନୁର୍ବର ସୈକତପ୍ରଦେଶ କୋଟିକୁବେରର ରତ୍ନଭଣ୍ଡାରର ଗୌରବ ଲାଭକରିବ, ସେ ସମ୍ବନ୍ଧରେ ଭବିଷ୍ୟ ଅସନ୍ଦିଗ୍ଧ । ବର୍ତ୍ତମାନ ସେଥିର ଶୁଭସ୍ତମ୍ଭ ସ୍ଥାପିତ ହୋଇଅଛିମାତ୍ର । ସୁମାଣ୍ଡିର ସୌଭାଗ୍ୟ, ଏଣିକି ତାହାର ନାମ ତାହାରି ଗର୍ଭରେ ଆବଦ୍ଧ ନ ରହି ବିଶ୍ୱବିଶ୍ରୁତ ହେବ, ଅୟସ୍କାନ୍ତ ସ୍ପର୍ଶରେ ଲୌହ ସୁବର୍ଣ୍ଣ ହେବ, ଅନାଦୃତ ଆଦୃତ ହେବ । ଯେଉଁ ମାଟିକୁ ଗୋଡ଼ରେ ଚକଟାଯାଏ, ସେହି ମାଟିରେ ପ୍ରତିମା ପ୍ରସ୍ତୁତ ହେଲେ ତାହାକୁ ପୂଜା କରାଯାଏ । ସୁତରାଂ ଅସମ୍ଭବ କଅଣ ?

କୋମ୍ପାନୀଙ୍କର ଜଣେ ଶ୍ୱେତାଙ୍ଗ ମେନେଜର କାର୍ଯ୍ୟ ପରିଚାଳନା କରୁଅଛନ୍ତି । ଆମ୍ଭେମାନେ ତାଙ୍କର ଅନୁମତି ନେଇ ଲୁଣ ଗୋଦାମ ଏବଂ ଲୁଣ ପ୍ରସ୍ତୁତ ସ୍ଥାନ ଦେଖିବାକୁ ଗଲୁଁ । ମେନେଜର ଜଣେ ନରୱେମାନ । ତାଙ୍କର ବ୍ୟବହାର ଅତି ସୁନ୍ଦର । ସେ ନିର୍ବିକାର ଚିତ୍ତରେ ଆମ୍ଭମାନଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ଗୋଦାମ ପ୍ରସ୍ତୁତ ଶେଷ ହୋଇ ନାହିଁ । ଖୋଲା ଜାଗାରେ ସ୍ତୂପୀକୃତ କରି ଲୁଣ ରଖାଯାଉଅଛି । ପ୍ରସ୍ତୁତ ଲବଣ ଲିଭରପୁଲ୍ ଲବଣ ପରି ଅତି ପରିଷ୍କାର । ଅଳ୍ପଦିନ ହେଲା କାର୍ଯ୍ୟାରମ୍ଭ ହୋଇଥିବାରୁ ଅଧିକ ଲୁଣ ପ୍ରସ୍ତୁତ ହୋଇପାରି ନାହିଁ । ତଥାପି ଯାହା ପ୍ରସ୍ତୁତ ହୋଇଅଛି, ତାହାକୁ ଏକତ୍ର କଲେ ଗୋଟିଏ କ୍ଷୁଦ୍ର ପାହାଡ଼ ହେବ । ମୂଲିଆମାନେ ସ୍ତୂପକୁ ଘେରି ବସି ଲୁଣରୁ ମାଟି ଏବଂ ଅନ୍ୟ ମିଶ୍ରିତ ପଦାର୍ଥ ବାଛୁଅଛନ୍ତି । ସେମାନଙ୍କ ମଧ୍ୟରେ ୮ । ୯ ବର୍ଷର ବାଳକବାଳିକା ସୁଦ୍ଧା ଅଛନ୍ତି । ଏହି କାରଖାନାରେ ସ୍ତ୍ରୀପୁରୁଷ, ବାଳକବାଳିକା ୨୫୦୦ ଲୋକ କାର୍ଯ୍ୟ କରୁଅଛନ୍ତି । ସେମାନେ ସମସ୍ତେ ଗଞ୍ଜାମର ବିଭିନ୍ନ ଅଞ୍ଚଳବାସୀ । ପୁରୁଷମାନେ ମାସିକ ଦଶଟଙ୍କା, ସ୍ତ୍ରୀମାନେ ଆଠଟଙ୍କା ଏବଂ ବାଳକବାଳିକା ଯୋଗ୍ୟତାନୁସାରେ ଦୁଇଟଙ୍କାଠାରୁ ଛଅଟଙ୍କା ପର୍ଯ୍ୟନ୍ତ ବେତନ ପାଆନ୍ତି । କୋମ୍ପାନୀଙ୍କ ହେତୁରୁ ଏହି ସାର୍ଦ୍ଧଦୁଇ ସହସ୍ର ଲୋକ ଉପସ୍ଥିତ ଦୁର୍ଭିକ୍ଷ ହସ୍ତରୁ ରକ୍ଷା ପାଇଅଛନ୍ତି । ଲୁଣଗୁଡ଼ିକ ଦେଖିବାକୁ ଚିନି ପରି ଶୁକ୍ଳ ଏବଂ ଲୋଭନୀୟ । ମାତ୍ର ଦୁଃଖର ବିଷୟ, ଏହି ଲୁଣ ମାନ୍ଦ୍ରାଜ ପ୍ରଦେଶରେ ବିକ୍ରି ହେବ ନାହିଁ ।

ସମୁଦ୍ରରୁ ଗୋଟିଏ କେନାଲ୍ କୋମ୍ପାନୀଙ୍କ ଲବଣକ୍ଷେତ୍ର ମଧ୍ୟରେ ଘୂରିଫେରି ଗୋଦାମ ପର୍ଯ୍ୟନ୍ତ ଆସିଅଛି । ସେଥିରୁ ପାଣି ନେଇ ଲବଣ ପ୍ରସ୍ତୁତ କରାଯାଏ । କେନାଲ୍ ଦୁଇପାଖରେ କିଆରୀ ପ୍ରସ୍ତୁତ ହୋଇଅଛି । ପ୍ରତ୍ୟେକ କିଆରୀ ୨୫ ହାତ ଲମ୍ବ ଏବଂ ୮ ହାତ ପ୍ରସ୍ଥବିଶିଷ୍ଟ । ଦୁଇ କିଆରୀ ମଧ୍ୟରେ ଗୋଟାଏ ଲେଖାଏଁ ପାଣିନାଳ । କେନାଲରୁ ପାଣି ବହି କିଆରୀ ପୂର୍ଣ୍ଣ କରାଯାଏ । ପାଣି ମରିଗଲେ କିଆରୀକୁ ଗୋଡ଼ରେ ହାଣି ଚଟାଣ ସମାନ କରିଦେଇ ପୁଣି ପାଣି ମଡ଼ାଯାଏ । ଏହିପରି ତିନିଥର ପାଣି ମଡ଼ାଇବାକୁ ହୁଏ । ଶେଷ ଥରର ପାଣି ମରିଗଲେ କିଆରୀରେ ଯଥେଷ୍ଟ ବହଳରେ ଲୁଣ ବସିଯାଏ । ପ୍ରସ୍ତୁତ ଲବଣ ଉପରିଉକ୍ତ କେନାଲ୍ ପଥରେ ବୋଟଦ୍ୱାରା ଗୋଦାମକୁ ପ୍ରେରିତ ହୁଏ । ଲୁଣଗୁଡ଼ିକ ବରଫ ପରି ଶୁକ୍ଳ । କିଆରୀରେ ଥିବାବେଳେ ସୂର୍ଯ୍ୟକିରଣ ତାହା ଉପରେ ପଡ଼ି ଦର୍ପଣର ସାଦୃଶ୍ୟସାଧ୍ୟ ପ୍ରୀତିପ୍ରଦ ଦିଶେ । କିଆରୀ କରି ଥରେ ଲୁଣ ପ୍ରସ୍ତୁତ କରିବାକୁ ଆଠଦିନ

ଲାଗେ । ମାଘ ମାସଠାରୁ ଆଷାଢ ମାସ ପର୍ଯ୍ୟନ୍ତ ଲୁଣ ଯୋଗାଡ଼ର ସମୟ ।

ଲୁଣ କେହି ନେଇପାରିବେ ନାହିଁ ବୋଲି କୁଲି ଏବଂ କର୍ମଚାରୀମାନଙ୍କ ପ୍ରତି ନିଷେଧାଜ୍ଞା ବିଶେଷ ଭାବରେ ପ୍ରଚାରିତ ହୋଇଅଛି । ବେଳାପ୍ରଦେଶରେ ଏକପ୍ରକାର ଲତା ଦୃଷ୍ଟ ହୁଏ । ତାହା 'ବାଲୁବାଲୁଅ' ଶାଗଜାତୀୟ; ମାତ୍ର ବାଲୁବାଲୁଅ ଅପେକ୍ଷା ତାହାର ଲତା ସ୍ଥୂଳ ଏବଂ ଗାଢ ରକ୍ତବର୍ଣ୍ଣ । ପୁରୀର ସମୁଦ୍ରବେଳାରେ ମୁଁ ଏହି ଲତା ଦେଖିଥିଲି । ଅନେକଙ୍କୁ ପଚାରି ତାହାର ନାମ ଉଦ୍ଧାର କରିପାରିଲି ନାହିଁ । ପ୍ରବାଳର ସୌସାଦୃଶ୍ୟ ହେତୁ ମୁଁ ତାହାର ନାମ "ବେଳାପ୍ରବାଳ" ରଖିଥିଲି । କୋମ୍ପାନୀର ଅଧିକୃତ ଭୂମିରେ ସେହି ଲତା ଅଛି । ଏ ଅଞ୍ଚଳରେ ତାହାକୁ ଗିରିଅଲତା କହନ୍ତି । ଗୈରିକ ବର୍ଣ୍ଣ ହେତୁ ସମ୍ଭବତଃ ଗେରୁଆ ହୋଇପାରେ । ସେହି ଲତା ଏପରି ଲୁଣି ଯେ, ତରକାରୀରେ ପକାଇଲେ ଆଉ ସ୍ୱତନ୍ତ୍ର ଲୁଣ ପକାଇବାର ଆବଶ୍ୟକତା ହୁଏ ନାହିଁ । ଲୁଣ ପରି ସେହି ଲତା ନେବାକୁ ମଧ୍ୟ କୋମ୍ପାନୀଙ୍କର ନିଷେଧ ଅଛି ବୋଲି ଶୁଣିଲୁଁ ।

କି ବିଚିତ୍ର ବ୍ୟାପାର ! ଯେଉଁ ଆଡ଼କୁ ଦୃଷ୍ଟି ଦେଲେ ଲବଣକିଆରୀମାନ ତରଳ ରଜତବତ୍ ତଳ ତଳ ଦିଶୁଅଛି । ନୌକା ପଛରେ ନୌକା ଲବଣପୂର୍ଣ୍ଣ ହୋଇ ଆସୁଅଛି । ଶତ ଶତ ଲୋକ ଲବଣ ବୋହି ଧରି ଗୋଦାମ ଆଡ଼କୁ ଧାବିତ ହେଉଅଛନ୍ତି । ନିର୍ଜନ ସୈକତବେଳାରେ କର୍ମର ମେଳା ବସିଅଛି । କର୍ମରୂ ଯଜ୍ଞକ୍ଷେତ୍ରରେ କର୍ମର ଆରାଧନା ଲାଗିଅଛି । ଯେଉଁ ବେଳାଭୂମି ଲୋକନେତ୍ରରେ ଅସାର ଏବଂ ଅବଜ୍ଞାତ, ସେ ଆଜି ଶତ ଶତ ଲୋକଙ୍କର ଜୀବନ ଏବଂ ଅଦୃଷ୍ଟ ଗଢିଅଛି, ଭବିଷ୍ୟତରେ ଆହୁରି କେତେ ଗଢିବ । ଅତଃ ଜଗତରେ କିଛିହିଁ ହେୟ ନୁହେଁ । କ୍ଷୁଦ୍ର ମାନବର ସ୍ୱଳ୍ପ ବୁଦ୍ଧିରେ ଯାହା ହେୟ ପ୍ରତିପନ୍ନ ହୁଏ, ତାହାଦ୍ୱାରା ସମୟରେ ବିଶ୍ୱର ମହାକଲ୍ୟାଣ ସାଧିତ ହୋଇପାରେ ।

---

# ସ୍ୱାବଲମ୍ବନଶୀଳତା

( ୧୯୦୬ ସାଲରେ ପ୍ରକାଶିତ "ସ୍ୱଦେଶଲକ୍ଷ୍ମୀ" ମାସିକପତ୍ରିକା ପାଇଁ ଲିଖିତ )

ଆମ୍ଭମାନଙ୍କ ଉପସ୍ଥିତ ଦୁର୍ଗତିର ମୂଳକାରଣ ସ୍ୱାବଲମ୍ବନଶୀଳତାର ଅଭାବ । ବାସ୍ତବରେ ଆମ୍ଭେମାନେ ସ୍ୱାବଲମ୍ବନ ଅଭାବରୁ ଉନ୍ନତିର ଶୃଙ୍ଗରୁ ସ୍ଖଳିତ ହୋଇ କ୍ରମେ ଅଧଃପତନ ଗହ୍ୱରରେ ଆପଣାକୁ ନିକ୍ଷେପ କରୁଅଛୁଁ ଏବଂ ନାନାପ୍ରକାର କାଳ୍ପନିକ ଅଭାବ ସୃଷ୍ଟି କରି ସେଗୁଡ଼ିକ ମୋଚନ ସକାଶେ ବ୍ୟତିବ୍ୟସ୍ତ ହେଉଅଛୁଁ । ମାତ୍ର ଆମ୍ଭମାନଙ୍କର ପ୍ରକୃତ ଅଭାବ କଅଣ, ସେବିଷୟରେ ଆମ୍ଭେମାନେ ଲକ୍ଷ୍ୟଭ୍ରଷ୍ଟ । ମାନବ ସମାଜର ଯାହା ଅବଶ୍ୟପ୍ରୟୋଜନୀୟ, ସେଆଡ଼କୁ ଦୃଷ୍ଟି ନ ଥିବାରୁ ଆମ୍ଭମାନଙ୍କର ଏ ଦୁର୍ଗତି ହୋଇଅଛି । ଅଭାବ ମଧ୍ୟରେ ଅନ୍ନ, ବସ୍ତ୍ର, ସାମାଜିକ ଶୃଙ୍ଖଳା ଓ ଆଧ୍ୟାତ୍ମିକ ଉନ୍ନତି— ଏହି କେତୋଟି ପ୍ରଧାନ । ଯହିଁରେ ସମାଜର ଅନ୍ନ, ବସ୍ତ୍ର ପ୍ରଭୃତି ଅବଶ୍ୟପ୍ରୟୋଜନୀୟ ଅଭାବ ପୂର୍ଣ୍ଣ ହୋଇ ସମାଜରେ ଶୃଙ୍ଖଳା ସ୍ଥାପିତ ହୋଇ ଆଧ୍ୟାତ୍ମିକ ଉନ୍ନତିର ପଥ ଉନ୍ମୁକ୍ତ ହୁଏ, ବର୍ତ୍ତମାନ ଆମ୍ଭମାନଙ୍କୁ ସେହି ପଥରେ ପଥିକ ହେବାକୁ ହେବ । ଦେଶର ଲୋକଙ୍କର ଯଦି ଅନ୍ନବସ୍ତ୍ରର ଅଭାବ ନ ଥାଏ, ନିତ୍ୟ ଓ ନିତାନ୍ତ ପ୍ରୟୋଜନୀୟ ଦ୍ରବ୍ୟାଦିର ଅସଦ୍‌ଭାବ ନ ଘଟେ, ଯଦି ସାମାଜିକ ଶୃଙ୍ଖଳା ପୁନଃ ସ୍ଥାପିତ ହୋଇ ଦେଶୀୟ ଲୋକେ ଧର୍ମଚିନ୍ତାର ଅବସର ପ୍ରାପ୍ତ ହୁଅନ୍ତି, ତାହା ଅପେକ୍ଷା ଆମ୍ଭମାନଙ୍କର ଆଉ ସ୍ପୃହଣୀୟ କଅଣ ହୋଇପାରେ ?

ଆମ୍ଭମାନଙ୍କ ଜନ୍ମଭୂମି ଭାରତବର୍ଷ । ଭାରତର ନୈସର୍ଗିକ ଅବସ୍ଥା ଦୃଷ୍ଟିରେ ବୋଧହୁଏ ଏ ଦେଶର ଲୋକେ ଇଚ୍ଛା କଲେ ସ୍ୱାବଲମ୍ବୀ ହୋଇପାରନ୍ତି । ବିଧାତା ଆମ୍ଭମାନଙ୍କ ଜନ୍ମଭୂମିକୁ ପୃଥିବୀର ସଂକ୍ଷିପ୍ତସାର କରି ସୃଷ୍ଟି କରିଅଛନ୍ତି । ଅଭ୍ରଂକଷ ଗିରିମାଳା, ଦୂର-ବାହିନୀ ନଦୀବୃନ୍ଦ ଏବଂ ବିଶାଳ ବନ୍ଧୁର ଚାରିଧି ଭାରତ-ରେ ବିଦ୍ୟମାନ । ସମୁଦ୍ରପର୍ବତସଙ୍କୁଳ ଭାରତର ଜ୍ଞାନ-ଧନର ଆକର ଏବଂ ରକ୍ଷକ ଓ ଶିକ୍ଷକ; ନଦନଦୀବୃନ୍ଦ

ଭାରତବାସୀଙ୍କର ନାନାବିଧ ସୁଖସ୍ୱାଚ୍ଛନ୍ଦ୍ୟର କାରଣ । ଏମାନଙ୍କର ଜଳ ଜମିର ଉର୍ବରାଶକ୍ତି ବୃଦ୍ଧି କରେ । ସେଥିସକାଶେ ଭାରତଭୂମିରେ ସର୍ବପ୍ରକାର ଫସଲ ଅଳ୍ପାୟାସରେ ପ୍ରଚୁର ପରିମାଣରେ ଉତ୍ପନ୍ନ ହୁଏ । ଏହି-ସକଳ ନଦନଦୀ ହେତୁ ଆଭ୍ୟନ୍ତରିକ ବାଣିଜ୍ୟରେ ବିଶେଷ ସୁବିଧା । ଭାରତବାସୀ ଏହି ସକଳ ପର୍ବତ ଓ ନଦନଦୀରୁ ନାନାବିଧ ସୁଖସ୍ୱାଚ୍ଛନ୍ଦ୍ୟର ଦ୍ରବ୍ୟାଦି ପ୍ରାପ୍ତ ହୁଅନ୍ତି ବୋଲି ଏମାନଙ୍କୁ ଦେବତା ଜ୍ଞାନରେ ପୂଜା କରନ୍ତି । ଦେବତାମାନେ ଯେରୂପ ମନୁଷ୍ୟର ମଙ୍ଗଳ ସକାଶେ ଯତ୍ନବାନ୍, ଏହି ସକଳ ପର୍ବତ ଓ ନଦୀ ଠିକ୍ ସେହିରୂପ । ଆମ୍ଭମାନଙ୍କର ଧର୍ମବୃତ୍ତି ଏବଂ ମନୋବୃତ୍ତି ଭାରତର ପର୍ବତ, ସମୁଦ୍ର, ନଦନଦୀ ଦ୍ୱାରା ଗଠିତ । ଆମ୍ଭମାନଙ୍କ କୃଷି, ଶିଳ୍ପ, ବାଣିଜ୍ୟ ସୁଦ୍ଧା ଏହି ସମସ୍ତ ନୈସର୍ଗିକ ପଦାର୍ଥ ଉପରେ ନିର୍ଭର କରେ ।

ଭାରତ ଷଡଋତୁର କ୍ରୀଡ଼ାଭୂମି, ପୃଥିବୀର ଅନ୍ୟ କୌଣସି ଦେଶରେ ଏରୂପ ଋତୁପର୍ଯ୍ୟାୟ ନାହିଁ । ଶୀତପ୍ରଧାନ, ଗ୍ରୀଷ୍ମପ୍ରଧାନ ଓ ନାତିଶୀତୋଷ୍ଣ ସକଳ ପ୍ରକାର ସ୍ଥାନ ଭାରତରେ ଏକାଧାରରେ ଅବସ୍ଥିତ । ସେହି ହେତୁରୁ ସକଳ ଦେଶୀୟ, ସକଳ ପ୍ରକାର ଜୀବର ଏହା ସୁଖବାସୋପଯୋଗୀ ଏବଂ ସକଳ ପ୍ରକାର ବୃକ୍ଷ, ଲତା, ଗୁଳ୍ମ ଓ ଶସ୍ୟାଦି ଏ ଦେଶରେ ଜନ୍ମେ ।

ଆମ୍ଭମାନଙ୍କ ଦେଶର ଲୋକମାନଙ୍କର ଅଭାବ ଅଳ୍ପ ଏବଂ ଅଳ୍ପାୟାସରେ ତାହା ପୂର୍ଣ୍ଣ ହୁଏ ବୋଲି ଆମ୍ଭେମାନେ ନିରୁଦ୍ୟମ ହୋଇ ପୃଥିବୀରେ ନରାଧମ ଆଖ୍ୟା ପ୍ରାପ୍ତ ହୋଇଅଛୁଁ । ଆମ୍ଭମାନଙ୍କ ପୂର୍ବପୁରୁଷ ତ୍ରିକାଳଜ୍ଞ ଆର୍ଯ୍ୟଋଷିଗଣ ଦର୍ଶନ, ବିଜ୍ଞାନ, ଚିକିତ୍ସା, ଜ୍ୟୋତିଷ ପ୍ରଭୃତି ନାନା ଶାସ୍ତ୍ର ଚର୍ଚ୍ଚା ଏବଂ ଅଧ୍ୟୟନ କରି ଭାରତକୁ ସଭ୍ୟ ଜଗତର ଆଦର୍ଶ ଓ ଶୀର୍ଷସ୍ଥାନୀୟ କରିଯାଇଅଛନ୍ତି । ଆମ୍ଭେମାନେ ସେମାନଙ୍କ କୁଳପାଂଶୁଳ ବଂଶଧରଗଣ ସେମାନଙ୍କର ନାମ ଓ ଯଶ ଲୋପ କରି ଜନସମାଜରେ ଅସଭ୍ୟ ଓ ଅଶିକ୍ଷିତ ନାମରେ ପରିଚିତ ହେବାକୁ ଲଜ୍ଜା ବୋଧ-କରୁ ନାହୁଁ । ଆମ୍ଭେମାନେ ପ୍ରତ୍ୟେକ ବିଷୟରେ ବିଦେଶର ମୁଖାପେକ୍ଷୀ, ତାହାହିଁ ଆମ୍ଭମାନଙ୍କର ଦୁର୍ଦ୍ଦଶାର କାରଣ । ବିଦେଶରୁ ବସ୍ତ୍ର ନ ଆସିଲେ ଆମ୍ଭମାନଙ୍କର ଲଜ୍ଜା ନିବାରଣ ହେବ ନାହିଁ ଏବଂ ଆମ୍ଭେମାନେ ସଭ୍ୟ ସାଜରେ ସଜ୍ଜିତ ହୋଇପାରିବୁଁ ନାହିଁ । ବିଦେଶୀୟମାନେ ଆମ୍ଭମାନଙ୍କ ସକାଶେ ନିତ୍ୟ-ବ୍ୟବହାର୍ଯ୍ୟ ଲବଣ, ଚିନି ପ୍ରଭୃତି ପ୍ରସ୍ତୁତ କରି ପଠାଇବେ; ନଚେତ୍ ଆମ୍ଭମାନଙ୍କର ଦୈନିକ ଖାଦ୍ୟ ପ୍ରସ୍ତୁତ ହୋଇପାରିବ ନାହିଁ । ସେମାନେ ଯଦି ଏହି ସକଳ ଦ୍ରବ୍ୟର ଆମଦାନୀ ବନ୍ଦ କରିଦିଅନ୍ତି, ତେବେ ଆମ୍ଭମାନଙ୍କୁ ବନ୍ୟଜନ୍ତୁ ତୁଲ୍ୟ ଉଲଗ୍ନ ଅବସ୍ଥାରେ ରହିବାକୁ ହେବ ଏବଂ ଅନାହାରରେ ମରିବାକୁ ହେବ । ସ୍ୱାବଲମ୍ବନଶୀଳତା ଅଭାବରେ ଆମ୍ଭମାନଙ୍କର ଏପରି ଶୋଚନୀୟ ଅବସ୍ଥା ହୋଇଅଛି ।

ଭାରତରେ ଅପର୍ଯ୍ୟାପ୍ତ ତୁଳା ଉତ୍ପନ୍ନ ହୁଏ, ଏ ଦେଶରେ ତନ୍ତୀଙ୍କର ସୁଦ୍ଧା ଅଭାବ ନାହିଁ; କିନ୍ତୁ ଆମ୍ଭେ-ମାନେ ଏପରି ହତଭାଗ୍ୟ ଯେ, ସ୍ୱଦେଶପ୍ରସ୍ତୁତ ବସ୍ତ୍ର ବ୍ୟବହାର କରୁ ନାହିଁ । ସମସ୍ତ ତୁଳା ବିଦେଶକୁ ପଠାଇ-ଦେଇ ପରିଧେୟ ବସ୍ତ୍ର ସକାଶେ ବିଦେଶୀୟମାନଙ୍କର ମୁହଁକୁ ଚାହିଁ ବସିଥାଉଁ । ଆଖୁ, ଗୁଡ଼ ଓ ଚିନି ଏ ଦେଶରେ ଯଥେଷ୍ଟ ଉତ୍ପନ୍ନ ହୁଏ; କିନ୍ତୁ ଆମ୍ଭେମାନେ ସେ ସବୁ ପଦାର୍ଥ ପ୍ରତି ଘୃଣା ପ୍ରଦର୍ଶନ କରି ବିଦେଶୀୟ ଶୁକ୍ଳ ଚିନି ବ୍ୟବହାର କରିବାକୁ ସଭ୍ୟତାର ଅଙ୍ଗ ବୋଲି ମଣୁଁ । ବିଦେଶୀୟ ଚିନି, ମିଶ୍ରି ପ୍ରଭୃତି ଯେରୂପ ଅପବିତ୍ର ପ୍ରଣାଳୀରେ ପରିଷ୍କୃତ ହୁଏ, ତାହା କାହାରି ଅବିଦିତ ନୁହେଁ; ତଥାପି ଆମ୍ଭେମାନେ ତାହା ଅବିକୃତ ମନରେ ବ୍ୟବହାର କରୁ । ଆମ୍ଭେମାନେ ହିନ୍ଦୁ, ଧର୍ମ ଆମ୍ଭ-ମାନଙ୍କର ପ୍ରାଣ, ଖାଦ୍ୟାଖାଦ୍ୟବସ୍ତୁର ସଙ୍ଗରେ ଧର୍ମାଧର୍ମର ବିଶେଷ ସମ୍ବନ୍ଧ । ଆମ୍ଭେମାନେ ସେହି ଧର୍ମରେ ଜଳାଞ୍ଜଳି ଦେଇ ହୃତସର୍ବସ୍ୱ ହୋଇଅଛୁ । ସୁତରାଂ ଆମ୍ଭମାନଙ୍କର ସର୍ବନାଶ ଘଟିଅଛି ।

ଆମ୍ଭମାନଙ୍କ ଦେଶର ଭୂମି ଅତ୍ୟନ୍ତ ଉର୍ବର; କିନ୍ତୁ ସମ୍ୟକ୍ ଯତ୍ନାଭାବରୁ ସେହି ଉର୍ବର ଶକ୍ତି କ୍ରମଶଃ ହ୍ରାସ ହୋଇଆସୁଅଛି । କୃଷି ଆମ୍ଭମାନଙ୍କ ଜୀବନ-ରକ୍ଷାର ଏକମାତ୍ର ଉପାୟ । ସେହି ଗୁରୁତର କୃଷି-କାର୍ଯ୍ୟର ଭାର ଯେଉଁମାନଙ୍କ ଉପରେ ନ୍ୟସ୍ତ ଅଛି,

ସେହି କୃଷକମାନେ ନିରକ୍ଷର ଏବଂ ଅତି ଦରିଦ୍ର । କୃଷି ଭାରତର ପ୍ରଧାନ ସମ୍ପତ୍ତି, ଏହା ଜାଣି ସୁଦ୍ଧା ଦେଶର ଶିକ୍ଷିତ ଓ ଧନୀ ବ୍ୟକ୍ତିମାନେ ସେଥିର ଉନ୍ନତି ଏବଂ ପରିଚାଳନ ଭାର ନିରନ୍ତ, ଅଶିକ୍ଷିତ କୃଷକମାନଙ୍କ ଉପରେ ନ୍ୟସ୍ତ ରଖିଅଛନ୍ତି । ଦେଶୀୟ ରାଜା ଜମିଦାରମାନେ ଏ ବିଷୟରେ ପ୍ରାୟ ଦୃଷ୍ଟିହୀନ । ସମ୍ପ୍ରତି ଦେଶର ଦୁଇ ଏକ ସ୍ଥାନରେ କୃଷିବିଦ୍ୟାଳୟ ଓ ଆଦର୍ଶ କୃଷିକ୍ଷେତ୍ର ସ୍ଥାପିତ ହୋଇଅଛି । ଦେଶର ଆକୃତି ଏବଂ ପ୍ରୟୋଜନୀୟତା ତୁଳନାରେ ତାହା ସମୁଦ୍ରରେ କୁଶାଗ୍ର ତୁଲ୍ୟ । କୃଷିର ଉନ୍ନତି ସମ୍ବନ୍ଧରେ ଦେଶୀୟ ରାଜା ଜମିଦାରମାନେ ଉଦାସୀନ ଥିଲେ ସୁଦ୍ଧା ଭୂମିର କର ଦିନକୁ ଦିନ ବୃଦ୍ଧିଲାଭ କରୁଅଛି । ସୁତରାଂ ପରିଣାମଫଳ ତଦନୁଯାୟୀ ଶୋଚନୀୟ ହେଉଅଛି ।

ଦେଶରେ ଶିଳ୍ପୀର କିମ୍ବା ଶିଳ୍ପଉପକରଣର ଅଭାବ ନାହିଁ । ଦେଶରେ ଯେଉଁ ଝୋଟ, ତୁଳା ପ୍ରଭୃତି ଉତ୍ପନ୍ନ ହୁଏ, ବସ୍ତ୍ର ଶିଳ୍ପିଗଣ ସେଥିରେ ନାନାପ୍ରକାର ବସ୍ତ୍ର ପ୍ରସ୍ତୁତ କରିପାରନ୍ତି । ଦେଶୀୟ ଖଣିରୁ ଯେଉଁ ସମସ୍ତ ଧାତୁଦ୍ରବ୍ୟ ଉତ୍ତୋଳିତ ହୁଏ, ସେଥିରେ ଶିଳ୍ପୀମାନେ ନାନାବିଧ ଅବଶ୍ୟପ୍ରୟୋଜନୀୟ ଦ୍ରବ୍ୟାଦି ପ୍ରସ୍ତୁତ କରିପାରନ୍ତି; କିନ୍ତୁ କୃଷି ତୁଲ୍ୟ ଭାରତର ଶିଳ୍ପୋନ୍ନତି ଓ ପରିଚାଳନା ଭାର ଦରିଦ୍ର ଓ ନିରକ୍ଷର ଶିଳ୍ପୀମାନଙ୍କ ଉପରେ ନିହିତ । ଏହେତୁ ଶିଳ୍ପର ଉନ୍ନତି ଦୂରେ ଥାଉ, ତାହା କ୍ରମଶଃ ଲୁପ୍ତ ହେବାକୁ ବସିଅଛି ଓ ଅନେକ ଶିଳ୍ପ ଲୋପ ହୋଇଅଛି ।

ଏ ଦେଶରେ ପ୍ରାଣିଜାତ ଏବଂ ବନ୍ୟଜାତ ଦ୍ରବ୍ୟର ଅଭାବ ନାହିଁ; କିନ୍ତୁ କୃଷିଜ ଓ ଖଣିଜ ପଦାର୍ଥ ତୁଲ୍ୟ ସେଗୁଡ଼ିକ ସୁଦ୍ଧା ବିଦେଶକୁ ପ୍ରେରିତ ହୋଇ ବିଦେଶୀୟ ଶିଳ୍ପିକୁଳଙ୍କର ଅନ୍ନବୃଦ୍ଧି କରୁଅଛି ଏବଂ ଆମ୍ଭମାନଙ୍କ ଦେଶର ଶିଳ୍ପିକୁଳ ଅବଲମ୍ବନବିହୀନ ହୋଇ ମଜୁରି ଏବଂ ଭିକାରି ଆଶ୍ରୟ ଗ୍ରହଣ କରି ଅନାହାରରେ ଜୀବନ ବିସର୍ଜନ କରୁଅଛନ୍ତି । ଭାରତର କି ଅନ୍ତର୍ବାଣିଜ୍ୟ, କି ବହିର୍ବାଣିଜ୍ୟ ପ୍ରାୟଶଃ ବିଦେଶୀୟମାନଙ୍କର କରଗତ; ସୁତରାଂ ସେମାନଙ୍କ ଭଣ୍ଡାରରେ ଲକ୍ଷ୍ମୀ ଅଚଳା ହୋଇଅଛନ୍ତି ।

ଆମ୍ଭମାନଙ୍କର ଅଭାବ ପଦାର୍ଥ ଆମ୍ଭମାନଙ୍କ ଦେଶରେ ଯଥେଷ୍ଟ ଅଛି; ନାହିଁ କେବଳ ଆମ୍ଭମାନଙ୍କର ସ୍ୱଦେଶପ୍ରୀତି, ଆତ୍ମନିର୍ଭରଶୀଳତା, ଯତ୍ନ ଏବଂ ଅଧ୍ୟବସାୟ । ଯେତେଦିନ ପର୍ଯ୍ୟନ୍ତ ଆମ୍ଭେମାନେ ନିଜ ଗୋଡ଼ରେ ଭରଦେଇ ଠିଆହେବାକୁ ନ ଶିଖିବୁ, ସେତେଦିନ ପର୍ଯ୍ୟନ୍ତ ଆମ୍ଭମାନଙ୍କର ଅଭାବ ଏବଂ ଅବନତି ଅନିବାର୍ଯ୍ୟ ହୋଇରହିବ ।

---

# ଆମ୍ଭମାନଙ୍କର ବର୍ତ୍ତମାନ ଅବସ୍ଥା

(୧୯୦୭ ସାଲରେ ପ୍ରକାଶିତ "ସ୍ୱଦେଶଲକ୍ଷ୍ମୀ" ମାସିକପତ୍ରିକା ପାଇଁ ଲିଖିତ )

ଆଳସ୍ୟ ଏବଂ ବିଳାସପରାୟଣତା ହେତୁ ଆମ୍ଭମାନଙ୍କ ଜୀବନଯାତ୍ରାର ପଥ କିରୂପ ଗାଢ଼ କଣ୍ଟକମୟ ହୋଇଅଛି, ତାହା ବର୍ଣ୍ଣନା କରିବାକୁ ଭାଷାରେ ବର୍ଣ୍ଣ ସଂକୁଳାନ ହେବ ନାହିଁ । ଆମ୍ଭମାନଙ୍କ ପରି ଦୁର୍ଦ୍ଦଶାଗ୍ରସ୍ତ ଜୀବ ପୃଥିବୀର ଅନ୍ୟତ୍ର ଅଛନ୍ତି କି ନାହିଁ, ସନ୍ଦେହ । ଏ ବିଷୟ ନିବିଷ୍ଟ ମନରେ ଚିନ୍ତାକଲେ, ହୃଦୟବାନ୍ ବ୍ୟକ୍ତିର ଚକ୍ଷୁ ନିବିଡ଼ ନୈରାଶ୍ୟାନ୍ଧକାରରେ ନିମଜ୍ଜିତ ହେବ, ସନ୍ଦେହ ନାହିଁ । ସମୟସ୍ରୋତର କିଞ୍ଚିତ୍ ଉପରକୁ ଉଠି ନାନାବିଧ ଅତୀତ ଦୃଶ୍ୟର ସୁଖଚିତ୍ର ଦେଖିଲେ ଏବଂ ସେଥିସଙ୍ଗେ ଆଧୁନିକ ଦୃଶ୍ୟର (ଆତ୍ମଦୁର୍ଦ୍ଦଶାର) ତୁଳନା କଲେ କେଉଁ ହୃଦୟବାନ୍ ବ୍ୟକ୍ତି ଅଶ୍ରୁସମ୍ବରଣ ନ କରି ଶାନ୍ତ ହେବ ? ଆଳସ୍ୟ ଏବଂ ବିଳାସପରାୟଣତା ହେତୁ ଆମ୍ଭମାନଙ୍କର କି ସର୍ବନାଶ, କି ମହାବିପଦ ଘଟିଅଛି, ତାହା କାହାରି ଅପରିଜ୍ଞାତ ନୁହେ । ଆମ୍ଭମାନଙ୍କ ପୂର୍ବପୁରୁଷ ସ୍ୱଳ୍ପ ଆୟରେ ଯଥୋପଯୁକ୍ତରୂପେ ସୁଖସ୍ୱଚ୍ଛନ୍ଦରେ ଚଳୁଥିଲେ ; କିନ୍ତୁ ଆମ୍ଭେମାନେ ଆଜିକାଲି ତଦପେକ୍ଷା ଅଧିକ ଆୟ କରି ସୁଦ୍ଧା ଆମ୍ଭମାନଙ୍କ ପେଟକୁ ଦାନା ଅଣ୍ଟୁ ନାହିଁ । ଏଥିର ପ୍ରଧାନ କାରଣ ଅଦୂରଦର୍ଶିତା ଏବଂ ବିଳାସପରାୟଣତା । ସ୍ୱଦେଶୀ ଅନାଦର ସୁଦ୍ଧା ଆମ୍ଭମାନଙ୍କ ଜୀବନକୁ ମାଟି କରିଅଛି ।

ଦେଶର ଅର୍ଥ ଦେଶରେ ରହିଲେ ତାହା ଦେଶରେ ବ୍ୟବହୃତ ହେବ ; ବ୍ୟବସାୟୀଙ୍କ ସୂତ୍ରରେ ଦେଶର ଲୋକେ ସେଥିର ଅଂଶ ପାଇବେ; ସୁତରାଂ ଲୋକଙ୍କର ଅବସ୍ଥା ସ୍ୱଚ୍ଛଳ ହେବ । ଅନ୍ୟଥା ଦାରିଦ୍ର୍ୟ ଅବଶ୍ୟମ୍ଭାବୀ; କିନ୍ତୁ ଶତସହସ୍ର ପଥରେ ଅମ୍ଭମାନଙ୍କ ଦେଶର ବିପୁଳ ଅର୍ଥରାଶି ବିଦେଶକୁ ଚାଲିଯାଉଅଛି । ଅତଏବ ଅମ୍ଭମାନଙ୍କ ଅବସ୍ଥାର କ୍ରମେ ଅବନତି ଘଟୁଅଛି । ବିଳାସପ୍ରିୟତା ସ୍ୱଦେଶୀ-ଅନାଦରର ଜନନୀ । ଦେଶୀୟ ପଦାର୍ଥ ମୋଟା ଏବଂ ଅସୁନ୍ଦର; ଏଣୁ ତାହା ସୁଲଭ ହେଲେ ସୁଦ୍ଧା ଆମ୍ଭେମାନେ ବ୍ୟବହାର କରିବାକୁ ସମ୍ମତ ନୁହୁଁ । ଅବଶ୍ୟ ଅମ୍ଭମାନଙ୍କର ଏହା ଜାଣିବା ଉଚିତ ଯେ, ନିଜର ମାଆ ଯଦି ଅସୁନ୍ଦରୀ ହୁଅନ୍ତି, ତେବେ ତାଙ୍କୁ କି ମାତୃସମ୍ବୋଧନ କରିବା ନାହିଁ ? ବିଦେଶୀୟ ପଦାର୍ଥ ଚିରକାଳ ସୁନ୍ଦର ଥିଲା ନାହିଁ । ବିଦେଶୀୟମାନେ ଅଧ୍ୟବସାୟ ବଳରେ ପଦାର୍ଥକୁ ରୁଚିସଙ୍ଗତ କରି ନେଇଅଛନ୍ତି । ଅମ୍ଭମାନଙ୍କର ସେପରି ଅଧ୍ୟବସାୟ ନାହିଁ ; ଏଣୁ ଅମ୍ଭେମାନେ ବିଦେଶମୁଖାପେକ୍ଷୀ । ଅମ୍ଭମାନଙ୍କର ସେହି ସୁଲଭ ସୁମୂଲ୍ୟ ମାଟିକୁମ୍ପା ଆଉ କାଞ୍ଚିଲରେ କାମ ଚଳୁ ନାହିଁ । ତାହାର ସ୍ଥାନ ବିଦେଶୀୟ କାଚ-ଗିନା ଏବଂ କାଚଡିଶି ପ୍ରଭୃତି ଦୁର୍ମୂଲ୍ୟ ଜିନିଷର ବସ୍ତୁ ଅଧିକାର କରିଅଛି । କୁମ୍ପା, କାଞ୍ଚିଲ ପଇସାରେ ତିନି-ଚାରି ଗୋଟା ମିଳୁଥିଲା ଏବଂ ତାହା ଅପେକ୍ଷାକୃତ ଦୃଢ । ଗୋଟାଏ କାଚଗିନା ୩, ୪ ପଇସାରୁ ଊଣାରେ ମିଳେ ନାହିଁ ; ପୁଣି ତାହା କିଞ୍ଚିତ୍ ଅସାବଧାନତାରେ ନଷ୍ଟ ହୋଇଯାଏ । ଚକମକି ପଥର ଏବଂ ଶୋଲ ଅନେକ ଦିନରୁ ପେନ୍‌ସନ୍ ନେଇଅଛି । ବର୍ତ୍ତମାନ ବିଦେଶୀୟ ଅନଳ ଅମ୍ଭମାନଙ୍କର ସମ୍ବଳ । ପାଞ୍ଚିବର୍ଷ ବ୍ୟବହାରୋପଯୋଗୀ ଖଣ୍ଡେ ଲୁହା ଏବଂ ଖଣ୍ଡେ ଚକମକି ପଥରର ମୂଲ୍ୟ ପଇସାଏ କିମ୍ବା ଦୁଇପଇସା । ଅଧିଲାକର ଶୋଲରେ ବର୍ଷେକାଳ ବେଶ୍ ଚଳିପାରେ । ଦିଆସିଲି ପଇସାରେ ଦୁଇଗୋଟା, ତାହା ଅତି ଜୋର କଣେ ଗୃହସ୍ଥର ପନ୍ଦରଦିନ ଚଳିପାରେ । ପ୍ରତ୍ୟେକ ପଦାର୍ଥ ଏହିପରି । ସମସ୍ତ ଲେଖି ବସିଲେ ଅଠରପର୍ବ ମହାଭାରତ ପୋଥି ହେବ । ସ୍ୱଦେଶୀ ପଦାର୍ଥ ତ୍ୟାଗ ହେତୁ ବର୍ତ୍ତମାନ ଅମ୍ଭମାନଙ୍କର ଖର୍ଚ୍ଚର ପରିମାଣ କେତେ ଗୁଣ ବଢିଅଛି, ତାହା ଉପରଉକ୍ତ ସାମାନ୍ୟ ପଦାର୍ଥଦ୍ୱୟର ମୂଲ୍ୟ ହିସାବ ଅନୁପାତରୁ ସ୍ପଷ୍ଟରୂପେ ଜଣାଯିବ । ପୁଣି ସେହି ଅର୍ଥରାଶି ବିଦେଶକୁ ଚାଲିଯାଉଅଛି । ଏଥିରେ ଅମ୍ଭମାନଙ୍କର ଅବସ୍ଥା ଶୋଚନୀୟ ନ ହେବ ତ ଆଉ କେଉଁମାନଙ୍କର ହେବ ?

ଏପରି ଅବସ୍ଥାରେ କୃଷି, ଶିଳ୍ପର ଉନ୍ନତି ନ କଲେ ନିଜର ଅବସ୍ଥା ପରିବର୍ତ୍ତନ କରିବାର ଉପାୟ ନାହିଁ । କିନ୍ତୁ ଅମ୍ଭେମାନେ ଏପରି ଭାବୀ ଅନ୍ଧ, ବର୍ତ୍ତମାନ-ସର୍ବସ୍ୱ ହୋଇଅଛୁଁ ଯେ, ସେପ୍ରତି ଆଦୌ ଆମ୍ଭମାନଙ୍କର ଦୃଷ୍ଟି ନାହିଁ । ଏହିପରି ଉଦାସୀନତା ଏବଂ ନିଶ୍ଚେଷ୍ଟତା ସମଭାବରେ ଆଉ କିଛିଦିନ ରହିଲେ ଅବଶେଷରେ ଅମ୍ଭମାନଙ୍କୁ ଭିକ୍ଷାବୃତ୍ତି ଅବଲମ୍ବନ କରିବାକୁ ହେବ । ତଥାପି ଆମ୍ଭେମାନେ ମନେ କରୁ, ଆମ୍ଭେମାନେ ଖାଉଁ ନ ଖାଉଁ ସୁଖରେ ଅଛୁଁ । ପେଟରେ ଭାତ ନାହିଁ ; କିନ୍ତୁ ବିଳାସବାସନାର ସୀମା ନାହିଁ । ଅମ୍ଭମାନଙ୍କର ବେଶ-ଭୂଷଣ ଏବଂ ବ୍ୟବହାର ଦେଖି ବିଦେଶୀୟ ଲୋକେ ବୁଝନ୍ତି ଯେ, ଏମାନଙ୍କର ପୁଣି ଦୁଃଖ କଅଣ ? କିନ୍ତୁ ଅମ୍ଭମାନଙ୍କର ଦେଶର ଲୋକେ ବିଲକ୍ଷଣ ବୁଝିଅଛନ୍ତି ଯେ, ଅମ୍ଭେମାନେ ସବୁ ସୁଖରେ ଅଛୁଁ, ଦୁଃଖ କେବଳ, ଅନ୍ନବସ୍ତ୍ରର । ଏ ଅବସ୍ଥା କି ପରିବର୍ତ୍ତନ ହେବ ନାହିଁ ?

ଅତଏବ ହେ ସ୍ୱଦେଶୀ ଭ୍ରାତୃଗଣ ! ନିଜ ନିଜ ଅବସ୍ଥାର ପରିଣାମ, ଦେଶର ଅବସ୍ଥା, କାଳର ଗତି ଏବଂ ନିଜର ଅବନତି ଯଦି ବୁଝିଥାଅ, ତେବେ ଆଉ କାଳବିଳମ୍ବର ପ୍ରୟୋଜନ ନାହିଁ । ନିଜର କାର୍ଯ୍ୟରେ ପ୍ରବୃତ୍ତ ହୁଅ, କୃଷିଶିଳ୍ପାଦିର ଉନ୍ନତିରେ ଯତ୍ନପରାୟଣ ହୁଅ ଏବଂ ଆଳସ୍ୟ ଓ ବିଳାସିତା ତ୍ୟାଗ କର । ମୋ ଦ୍ୱାରା କି କାର୍ଯ୍ୟ ହେବ ବୋଲି ଭଗ୍ନମନୋରଥ ହୁଅ ନାହିଁ । ତୁମ୍ଭଦ୍ୱାରା କି କାର୍ଯ୍ୟ ସମ୍ଭବ, କାର୍ଯ୍ୟକ୍ଷେତ୍ରରେ ପ୍ରବିଷ୍ଟ ହୋଇ ତାହା ଦେଖ । ନିଜେ ଦୃଷ୍ଟାନ୍ତସ୍ଥାନୀୟ ହୁଅ ଏବଂ କାର୍ଯ୍ୟର ଅବଶ୍ୟପ୍ରୟୋଜନୀୟତା ଅପରର ହୃଦୟଙ୍ଗମ କରାଅ । ଏହି ଘୋର ସଙ୍କଟ ସମୟରେ ଯଦି ସ୍ୱଦେଶୀୟମାନଙ୍କୁ ପ୍ରକୃତ କର୍ମବୀର ପରି କାର୍ଯ୍ୟ-କ୍ଷେତ୍ରରେ ପ୍ରବୃତ୍ତ ହେବାକୁ ଦେଖାଯିବ, ତାହାହେଲେ ସତ୍ୟ ସତ୍ୟ ଦେଶର ଅନ୍ତରାତ୍ମା ଅପୂର୍ବ ଆନନ୍ଦସଲିଳରେ

ଅଭିଷିକ୍ତ ହେବ—ସ୍ୱର୍ଗ ଆଶାର ସମୁଜ୍ଜ୍ୱଳ ଶତ ମୟୁଖରେ ହୃଦୟ ଆଲୋକିତ ହେବ ଏବଂ ମୃତବତ୍ ଶୁଷ୍କ ଉତ୍ସାହ-ବୃକ୍ଷରେ ନାନାବିଧ ମନୋରଥ ପୁଷ୍ପ ଫୁଟି-ଉଠିବ ।

କୃଷିର ଉନ୍ନତିରେ ବାଣିଜ୍ୟର ଉନ୍ନତି ଏବଂ ବାଣିଜ୍ୟର ଉନ୍ନତିରେ ଦେଶର ସର୍ବବିଧ ଉନ୍ନତି ଅବଶ୍ୟମ୍ଭାବୀ । ଅତଏବ ଉନ୍ନତିର ମୂଳସୋପାନ କୃଷିଶିଳ୍ପରେ ପ୍ରବୃତ୍ତ ହେବା ଦେଶବାସୀଙ୍କର ସର୍ବାଦୌ କର୍ତ୍ତବ୍ୟ । ବଙ୍ଗର ବାଗ୍ମୀଶ୍ରେଷ୍ଠ ଜାତୀୟ ମହାସଭାର ସଭାପତି, ଭାରତସୁସନ୍ତାନ, ମାନନୀୟ ଗୋଖେଲ ମହୋଦୟ ସମୟୋଚିତ ବାକ୍ୟ ଏବଂ ସାରଗର୍ଭ ଯୁକ୍ତି ଦର୍ଶାଇ କହୁଅଛନ୍ତି, "କୃଷି ଓ ଶିଳ୍ପର ଉନ୍ନତି ଭିନ୍ନ ଆମ୍ଭମାନଙ୍କର ପରିତ୍ରାଣର ଅନ୍ୟ ଉପାୟ ନାହିଁ ।" ତାଙ୍କର ଏ ଉକ୍ତି କେତେଦୂର ସାରଗର୍ଭ, ତାହା ବିବେଚକ ବ୍ୟକ୍ତିମାନେ ବୁଝିପାରିଅଛନ୍ତି ।

---

## ବାଘପାଲ

—୧—

ଗ୍ରୀଷ୍ମକାଳର ମଧ୍ୟାହ୍ନ । ଇନ୍ଦୀବରନୀଳିମ ମହା-ଯୋଗୀ ଆକାଶ ସର୍ବାଙ୍ଗରେ ବିଭୂତି ବୋଳିହୋଇ ଗମ୍ଭୀର ଧ୍ୟାନରେ ନିମଗ୍ନ । ସ୍ପନ୍ଦନ ସ୍ତବ୍ଧସ୍ଥଳରେ ଆମ୍ବ, ପଣସ ପାଚିଯାଉଛି—ମନୁଷ୍ୟଦେହ ଭିତରେ ଆଗ୍ନେୟ ବାତୁଳ ଚରିଯାଇଛି । ଯୌବନମଦମତ୍ତ, ଉଦ୍ଧତ ସ୍ୱଭାବର ସଙ୍କଳ୍ପ ପରି ତପ୍ତକାଳରେ ସବୁ ତପ୍ତ । ରୌଦ୍ରର ଉତ୍ତାପ ଅସହ୍ୟ, ବାୟୁ ତପ୍ତ, ଧୂଳିବାଲି ତପ୍ତ, ବୃକ୍ଷର ଶାଖାପତ୍ର ତପ୍ତ, ବାଲୁକାଦ୍ଧି ତପ୍ତ—ଯେମନ୍ତ କି ଉତ୍ତାପର ହାଟବଜାର ସର୍ବତ୍ର ବସିଯାଇଅଛି । ମେଘ ଜଳଧାର ବର୍ଷିଲା ପରି ପ୍ରଚଣ୍ଡ ମାର୍ତ୍ତଣ୍ଡଦେବ ତରଳ ଅନଳଧାର ଅନର୍ଗଳ ବର୍ଷିଅଛନ୍ତି । ମଧ୍ୟାହ୍ନକାଳ ନିଶୀଥ ପରି ନୀରବ ଏବଂ ନିସ୍ତବ୍ଧ । କ୍ୱଚିତ୍ ଯାମଘୋଷୀ ପକ୍ଷୀବୃନ୍ଦଙ୍କର ଦୂର ସ୍ୱରଲହରୀ ତପ୍ତ ବାୟୁରେ ଭାସି ଆସୁଅଛି । ଗ୍ରୀଷ୍ମର ପ୍ରାଣଘାତୀ ସହିହେଉ ନାହିଁ । ଦେହରୁ ଅନବରତ ଝାଳ ବହୁଅଛି । ଶୀତଳ ମାତ୍ର ତପ୍ତ କରେଇରେ ପଡି ଛଟପଟ ହେଲା ପରି ଅତି ଯୁଥୁଳି-କାୟ, ସ୍ୱେଦସିକ୍ତ ମାନବଗଣ ଘରେ ବାହାରେ ସର୍ବତ୍ର ଅତିଷ୍ଠ ହୋଇଉଠିଲେ । କେହି କେହି ଶରଣହୋଇ ବିଧାତାପୁରୁଷଙ୍କୁ ଅଭିସମ୍ପାତ ପ୍ରଦାନ କଲେ । ମଧ୍ୟାହ୍ନ ସମୟରେ ଦୁର୍ଗାପୁର ଗ୍ରାମଖଣ୍ଡି ଶୂନଶାନ । କୁଆ-ଗୋଇଲ୍‌ର ଶବ୍ଦ ସୁଦ୍ଧା ନାହିଁ । ସତେ ଯେପରି ତାହାର ନିର୍ଦ୍ଦୟ ଶାସନରେ ଗ୍ରାମଟି ନୀରବ ହୋଇରହୁଅଛି କିମ୍ବା କିଏ ମାୟାମନ୍ତ୍ରରେ ଗ୍ରାମର ଜୀବନ କାଢି-ନେଇଅଛି । ଏହି ନିର୍ଜ୍ଜୀବ ଗ୍ରାମ ମଧ୍ୟରେ କେବଳ ସଦେଇ ସ୍ୱାଇଁଙ୍କର ଘରଟି ସଜୀବତାର ପ୍ରମାଣ ଦେଉ-ଅଛି । ସଦେଇର ଦାଣ୍ଡ ପରସ୍ତ ବଙ୍ଗଳାରୁ କଚେଡାର, ପ-ଡାର, ପଞ୍ଚାସ୍ୱରି-ନ, ଅଠର ପ୍ରଭୃତି ଶବ୍ଦ ଘନ ଘନ ଉଠୁଅଛି । ସେଠାରେ ପଶାଖେଳ ଲାଗିଅଛି । ଗ୍ରାମର ଅନେକ ଲୋକ ସେଠାରେ ଜୁଣ୍ଡ ହୋଇଅଛନ୍ତି । କେହି ଖେଳୁଅଛି, କେହି ଖେଳଟା ଲୋକଙ୍କୁ ସାହାଯ୍ୟ କରୁଅଛି, କେହି ବା ମଧ୍ୟସ୍ଥରୂପରେ ନ୍ୟାୟବିଚାର କରୁଅଛି, ଆଉ କେତେ ଲୋକ "ଭକ୍ ଭକ୍" ହୋଇ ଗୁହୁଁ ବସିଅଛନ୍ତି—ସେମାନେ ଦର୍ଶକ । ଖେଳ କୌତୁକ ଉପଭୋଗ କରିବା ଏବଂ ତାଳିମାରିବା ସେମାନଙ୍କର କାର୍ଯ୍ୟ । ଖେଳ ଖୁବ୍ ଆଟୋପରେ ଲାଗିଅଛି । ପ୍ରବୀଣ ଖେଳୁଅଡ଼ମାନଙ୍କର ସଦର୍ପ ଚତ୍ଵା-ରରେ ବଙ୍ଗଳାଟି ମୁଖରିତ । ସାରକୁ ସାର ମାରିବା ସମୟରେ ଯୁଦ୍ଧସ୍ଥଳ ପରି ଅବସ୍ଥାନ "ମାର" "ମାର" ଶବ୍ଦ ଉଠୁଛି ।

ଖେଳ ଖୁବ୍ ଗାଢଭାବ ଭାବରେ ଲାଗିଅଛି । ଖେଳୁଅଡ଼ମାନେ ପଶାକାଠି କଳି ଦାନ ପକାଇବାରେ ତନ୍ମୟ ଅଛନ୍ତି । ଏହି ସମୟରେ ଡସିଲ ଲେଙ୍କା ଧର୍ଦ୍ଦି-ସଇଁ ହୋଇ ଆସି ସେଠାରେ ଉପସ୍ଥିତ ହେଲା । କପିଲ ଅର୍ଦ୍ଧକୋଶ ଦୂରବର୍ତ୍ତୀ ବଳାସପୁର ଗ୍ରାମରୁ ଧାଇଁ ଧାଇଁ ଆସିଅଛି, ଦେହରୁ ଗମ୍ ଗମ୍ ହୋଇ ଝାଳ ବହୁଯାଉଅଛି, ସେ ଦପଦପକରି ବସିପଡି ଦୀର୍ଘ ନିଃଶ୍ୱାସଟାଏ ଛାଡିଲା , ଗାମୁଛାଖଣ୍ଡ ଭିଜାକୋଣିଆ ଭାବରେ ଡଉଡାଇ କହିହେବାକୁ ଲାଗିଲା , ଥରେ ଥରେ ଦ୍ରୁଇଡା ଏବଂ

ଅପରିବିନ୍ୟସ୍ତ ପକ୍ୱ ନିଶ ଦେଇ ବହିପଡ଼ୁଥିବା ଝାଳ ପୋଛିହେଉଥାଏ । ଉପସ୍ଥିତ ଜନମଣ୍ଡଳୀଙ୍କର ଦୃଷ୍ଟି ଅନ୍ୟ ଆଡ଼ୁ ଆସି ତାହାର ଉପରେ ଅଟକି ରହିଲା । କିୟତ୍‌କ୍ଷଣ ପରେ ସଦେଇ ପଉତ ପଚାରିଲା—"କି ଲେଙ୍କାପୁଅ, ଏ ଦୁମ୍‌ଦୁମିଆ ଖରାଟାରେ କୁଆଡ଼ୁ ଆସିଲ ?" କପିଳ କ୍ଷୀଣକଣ୍ଠରେ କହିଲା—"ଆଗେ ଲୋଟାଏ ପାଣି ଆଣ, ସବୁ ପଛେ କହିବି । କହିବା ଲାଗି ତ ଏ ଅଗ୍ନି ସମୁଦ୍ର ପହଁରି ପହଁରି ଆସିଛି ! ଉଃ, କି ଖରା ଲୋ ବାପ ! ଶୋଷରେ ଛାତି ଫାଟିଯାଉଛି ।" ଏଥିମଧ୍ୟରେ ସଦେଇର ସଙ୍କେତ ଅନୁସାରେ ଜଣେ ଲୋକ ଦୁଇଲୋଟା ପାଣି ଆଣି ରଖିଦେଇ କହିଲା—"ଆଗେ ଗୋଡ଼ ଧୋଇ-ପକାଅ, ଝାଳ ମରୁ, ପଛେ ପାଣି ପିଇବ, ନ ହେଲେ ଶର୍ଦ୍ଦିଗରମ ହୋଇଯିବ ।" କପିଳ ଗୋଡ଼ ଧୋଇବ କଅଣ, ଅଧାଗରୁ ବଳି ଗୋଟାଏ ଲୋଟା ଟେକିନେଇ ଏକନିଃଶ୍ୱାସରେ ପାଣିତକ କଣ୍ଠନାଳୀ ପଥରେ ଉଦର ନାମକ ପ୍ରକାଣ୍ଡ ଗର୍ତ୍ତକୁ ପ୍ରେରଣ କରି ଈଷତ୍ ଆରାମ ଲାଭ କଲା । ଅନନ୍ତର ବ୍ୟଥାବୋଳା ସ୍ୱରରେ ଖେଦୋକ୍ତି ପ୍ରକାଶ କରି କହିଲା—"ହାୟ, ପୁରୁଷ ପୁରୁଷ ହେଲା ଦୁର୍ଗାପୁର ସବୁକଥାରେ ତାହାର ଟେକ ରଖିଆସିଅଛି; ଆଜି କଅଣ ତା ମୁଣ୍ଡ ତଳକୁ ହେବ, ମାନସମ୍ଭ୍ରମ ବୁଡ଼ିବ ? କଳାସପୁରଅଙ୍କ ଚଉଦ ପୁରୁଷ ଆମକୁ ଜିଣିପାରି ନାହାନ୍ତି, ଏବେ ସେ ଇମିତ ଗଉଳିଆ ହୋଇଗଲେ ଯେ, ଆମକୁ ତଳକୁ ଦେବାକୁ ବାହାରିଛନ୍ତି ?" ଏ କଥା ଶୁଣି ସମସ୍ତଙ୍କର ଉତ୍କଣ୍ଠା ବଢ଼ି-ଉଠିଲା । ଘଟଣା କଅଣ ଜାଣିବା ସକାଶେ ଅଧୀର ଜିଜ୍ଞାସୁ ନେତ୍ରରେ ସମସ୍ତେ କପିଳକୁ ଚାହିଁରହିଲେ । ସଦେଇ ବିସ୍ମୟସିକ୍ତ କଣ୍ଠରେ ପଚାରିଲା—"କଥା କଅଣ ଲେଙ୍କାପୁଅ ?" କପିଳ କହିଲା—"କଅଣ କହିବି ବାବାଜି, ଆମ ବାପ ଗୋସେବାପଙ୍କ ନାଁପାଣି ବୁଡ଼ିଲା । ବାସଧାନ ବହନ କରିବା ପାଇଁ ଆଜି କଳାସପୁରକୁ ଯାଇଥିଲି । ଶୁଣିଲି ସେ ଗାଁ ଲୋକେ ପାଞ୍ଚଶଟଙ୍କା ଚାନ୍ଦା ଉଠାଇଛନ୍ତି । ଆଉ ପାଞ୍ଚଦିନ ପରେ ଭାଗବତସପ୍ତା ବସିବ, ଠିଆଗାଆଣ ପୂଜା ହେବ, ମଉଛବ ହେବ, ଖୁବ୍ ଟହଲବରରେ ଯାତ୍ରା ଲାଗିବ । ତାଙ୍କ ପିଲାଟୁଆ ଆନନ୍ଦରେ ମାତିବେ, କେତେ ଗାଁରୁ ଲୋକେ ଦେଖି-ବାକୁ ଆସିବେ, କଳାସପୁର ନାମରେ ଧନ୍ୟ ଧନ୍ୟ ପଡ଼ିଯିବ । ଆମ ପିଲାଟୁଆ ଶୁଣି ହାଇଁପାଇଁ ହେବେ କିନା ! କଳାସପୁରକୁ ମେଳାଯାତ୍ରା ଦେଖିଯିବା ତ ଆମର କେଉଁ ପୁରୁଷରେ ନାହିଁ । ଆମ ପିଲାପିଲି ଯଦି ଯାଆନ୍ତି, ତେବେ ଲୋକେ ହସିବେ । ସେ ଲଜ୍ଜା ଯେ ମୁଣ୍ଡକାଟ ଶାସ୍ତିଠାରୁ ବଳିବ । ମୁଁ ଏ କଥା ଶୁଣି ଆଉ ବହନ କିଣିବ କଅଣ, ଖରେ ଖରେ ତ ଧାଇଁଛି । ଆମ ଗାଁରେ ଯେବେ ସପ୍ତା ନ ବସେ, ତେବେ ବଡ଼ ନିନ୍ଦାର କଥା ହେବ ।" ସଦେଇ ଏହା ଶୁଣି ଅବଜ୍ଞା ସ୍ୱରରେ କହିଲା—"ଓଃ, ଏହି କଥା ପରା ! ସେ ପାଞ୍ଚଶ ଟଙ୍କା ଖର୍ଚ୍ଚକଲେ ଆମେ ହଜାରେ ଟଙ୍କା ଖର୍ଚ୍ଚ କରି ଦୁଇଗୁଣ ଆଡ଼ମ୍ବରରେ ସପ୍ତାଯାତ୍ରା କରିବା ।" କୁରୁପ ସାଆଣୀ କହିଲା—"ଇସ୍, କେବା ଗାଁଖଣ୍ଡେ ତ କଳାସ-ପୁର, ଫୁଙ୍କ ଦେଲେ ଉଡ଼ିଯିବ, ସେ ପୁଣି ଆମ ଗାଁକୁ ବଳିଯିବ । ସେ ଅଡ଼େଇଘରିଆ ଗାଁରୁ ପାଞ୍ଚଶଟଙ୍କା ଚାନ୍ଦା ଉଠିଲା; ଆମ ଗାଁରୁ କଅଣ ହଜାରେ ଟଙ୍କା ଉଠିବ ନାହିଁ ! ତେବେ ସେ ଗାଁରେ ଦୁଇଟା ବଡ଼ଲୋକ ଅଛନ୍ତି, ଆମ ଗାଁରେ ସେଭଳି ବଡ଼ଲୋକ ନାହାନ୍ତି । ନ ଥାନ୍ତୁ ପଛକେ, ମାନ ବଡ଼ ନା ପଇସା ବଡ଼ ? "ଯାଉ ଜାନ୍, ଥାଉ ମାନ୍" ପରା କଥାରେ କହନ୍ତି । କଂସା-ବାସନ ବନ୍ଧା ପକାଇ ଚାନ୍ଦା ଦେବା ପଛେ, ମୁଣ୍ଡ କେବେ ତଳକୁ କରିବା ନାହିଁ । ତୋଫାନରେ ଗଛ ଭାଙ୍ଗି-ଯାଏ, ଉପୁଡ଼ି ପଡ଼େ, ହେଲେ ମୁଣ୍ଡ କେବେ ତଳକୁ ନୁଆଏଁ ନାହିଁ । ଆଉ ଗୋଟାଏ କଥା ମୁଁ ଆଗରୁ କହିରଖିଛି, ଆମେ ସେ ପରା ପାଲାଦଳ ଆଣିବା ନାହିଁ । ସେରପୁର କୃଷ୍ଣନାଥଦଳର ଖୁବ୍ ନାମ ଡାକ । ଆମେ ତାକୁ ଆଣିବା । ସେ ରାତିକେ ଦଶଟଙ୍କା ନେଉ ପଛେ, ତାହାର ପାଲା ଶୁଣିଲେ ପଞ୍ଚଆତ୍ମା ଶୀତଳ ହୋଇଯିବ । ଗଲାବର୍ଷ ସେ କଲିକତା ଯାଇଥିଲା । ଉଃ, କଅଣ କହିବି, କଲିକତା ସହରକୁ ଲୁଟିଆଣିଛି ପରା । ଖାଲି ପାଟଶାଢ଼ୀ ପଚିଶଖଣ୍ଡରୁ ଊଣା ଆଣି ନାହିଁ । ଆଉ ଟଙ୍କାର ତ କଳଣା ନାହିଁ । ଲୋକେ କହନ୍ତି—ସେ ସିନ୍ଦୁକେ ଟଙ୍କା ଆଣି-ଥିଲା ।" ପୂଜକ ବାବାଜି ଏହା ଶୁଣି ହସି ହସି କହିଲା—

"ଆରେ କୁରୂପା, ପଶୁଶଣ୍ଢ ପାଟଶାଢୀ ଆଉ ସିନ୍ଦୂରେ ଟଙ୍କାରେ କି କଲିକତା ସହର ଲୁଟି ହୋଇଗଲା । କଲିକତା ଭାଇଆ କି ଗୋଷ୍ଠି ତୁ ଦେଖିନୁ ନା ? କୁଷ୍ଠନିଆ ଯୋଗୀଟା କି ପାଲା ଗାଇବ, ସେବେ ପାଲା ଶୁଣିବ ତେବେ ଦକ୍ଷିଣରୁ ହରି ଶଙ୍ଖୁଆ ଦଳକୁ ଆଣ ।" ଏ କଥାର ଅନେକ ବାଦାନୁବାଦ ହେଲା ପରେ ଅଧିକାଂଶ ଲୋକଙ୍କ ସମ୍ମତିରେ ହରି ଶଙ୍ଖୁଆ ଦଳକୁ ନିମନ୍ତ୍ରଣ କରିବାର ଧାର୍ଯ୍ୟ ହେଲା ।

—୨—

ଦୁର୍ଗାପୁର ଏବଂ ବଳାସପୁର ପରସ୍ପରର ନିକଟବର୍ତ୍ତୀ ଗ୍ରାମ । ଦୁଇଗ୍ରାମର ବ୍ୟବଧାନ ଅର୍ଦ୍ଧକୋଶ, ଏହା ପୂର୍ବରୁ କୋଲାଯାଇଅଛି । ପୁରୁଷାନୁକ୍ରମେ ଦୁଇଗ୍ରାମ ମଧ୍ୟରେ ଅଦମ୍ୟ ପ୍ରତିଯୋଗିତା ଚାଲିଆସୁଅଛି । ପ୍ରତିଯୋଗିତା ଉନ୍ନତିମୂଳକ ହେଲେ ପବିତ୍ର ଏବଂ ଈର୍ଷା ବା ଅଭିମାନମୂଳକ ହେଲେ କଳଙ୍କିତ ହୁଏ । ଦୁର୍ଗାପୁର ଏବଂ ବଳାସପୁରର ପ୍ରତିଯୋଗିତା ଶେଷୋକ୍ତ ଶ୍ରେଣୀୟ । ହୋରଯାତ୍ରା ସମୟରେ ଉଭୟ ଗ୍ରାମବାସୀ ଦେବବିମାନ ଭେଟ ଆଗରେ ଯିବା ସକାଶେ ଦାବୀ କରନ୍ତି । ସେଥିପାଇଁ ପ୍ରତିବର୍ଷ ଉଭୟଦଳ ମଧ୍ୟରେ ପିଟାପିଟି ଲାଗେ—କାହାର ହାତଗୋଡ଼ ଭାଙ୍ଗେ—କାହାର ତାଳୁ କଣା ହୁଏ । ତଥାପି ନିଜର ଜିଦ୍ କେହି ଛାଡ଼ନ୍ତି ନାହିଁ । ଏରୂପ ଅନିଷ୍ଟକର ପ୍ରତିଯୋଗିତାକୁ ସେମାନେ ବାହାଦୁରି ମଣନ୍ତି । କେହି ପଚାରିଲେ କହନ୍ତି—"କଅଣ କରିବୁଁ ହୋ, ପିତୃ-ପିତାମହଙ୍କ ଅମଳରୁ ଯାହା ଚାଲିଆସୁଅଛି, ତାହା କଅଣ ଆମେ ଛାଡ଼ିଇପାରୁଁ ? ଆମ ଦେହରେ କଅଣ ରକ୍ତ ନାହିଁ ଯେ, ଆମେ ତାଙ୍କ ପଛରେ ଯିବୁଁ ? ମାଲି-ମୋକଦ୍ଦମା ପଛେ ହେଉ, ଖର୍ଚ୍ଚ ପଛେ ହେଉ, ଘର ଭାଙ୍ଗୁ—କଅଣ କରିବୁ ? କହନ୍ତି ପରା, "ସବୁ ଯାଉ, ମହତ ଥାଉ, ମହତ ଗଲେ ନ ମିଳେ ଆଉ" । ବାସ୍ତବରେ ପିତୃପିତାମହଙ୍କର ଏଡ଼େ ବଡ଼ ଅମୂଲ୍ୟ କୀର୍ତ୍ତି ସେମାନେ ବୁଡ଼ାଇଦେବେ କପରି ? ତାହା-ହେଲେ ଯେ ଖ୍ୟାତି ତାଲିକାରେ ପିତୃପିତାମହଙ୍କ ନାମ ଉପରେ ଗାର ଟଣା ହୋଇଯିବ । ଉପଯୁକ୍ତ ବଂଶଧର ହୋଇ ସେମାନଙ୍କ ପ୍ରାଣରେ କି ଏହା ସହିବ ? ମାଡ଼ ଖାଇବାକୁ କିମ୍ବା ରାଜଦ୍ୱାରରେ ଦଣ୍ଡିତ ହେବାକୁ ସେମାନେ ମାନହାନିକର ମଣନ୍ତି ନାହିଁ, ବରଂ ତାହାକୁ ଜାତୀୟ ଉତ୍ସବ ବା ଆମୋଦରୂପେ ଗ୍ରହଣ କରନ୍ତି । କେଉଁ ସଦାସ୍ତ ଦେବତାର ଆଶୀର୍ବାଦରୁ ଯେଉଁ ବର୍ଷ କଳହ ଅଶାନ୍ତି ନ ଘଟେ, ସେ ବର୍ଷ ଯାତ୍ରା ସୁଖକର ହୁଏ ନାହିଁ—ସମସ୍ତଙ୍କ ମନ ଫିକା ପଡ଼ିଯାଏ । ପୂର୍ବ-ପୁରୁଷଙ୍କୁ ପୂଜା କରିବା ଉଚିତ; ମାତ୍ର ସେମାନଙ୍କ ଦୋଷକୁ ଗୁଣରୂପେ ଗ୍ରହଣ କରିବା ମାରାତ୍ମକ, ବିପଜ୍ଜନକ । ଏହିପରି କୁଆଦର୍ଶର ଅନ୍ଧ ଅନୁକରଣ-ଦ୍ୱାରା ଅନେକ ନିର୍ବୋଧ ବଂଶଧର ଦୁର୍ଗତିକୁ ସାଦର ଆମନ୍ତ୍ରଣ କରନ୍ତି । ସେମାନେ ମାନସମ୍ଭ୍ରମ ରଖିବାକୁ ଯାଇ ବାସ୍ତବରେ ମାନସମ୍ଭ୍ରମର ଅନ୍ତ୍ୟେଷ୍ଟି ଶ୍ରାଦ୍ଧ କରି-ବସନ୍ତି । ଅନ୍ୟଠାରୁ ବଳାତ୍କାରରେ ସମ୍ମାନ ଆଦାୟ କଲେ ସମ୍ମାନ ମିଳେ ନାହିଁ—ଅନ୍ୟକୁ ସମ୍ମାନିତ କଲେ ସମ୍ମାନ ମିଳେ ।

ଦୁର୍ଗାପୁର ଗ୍ରାମରେ ପ୍ରାୟ ପାଞ୍ଚଶତ ଘର କୃଷକ ବାସକରନ୍ତି । ସମସ୍ତେ ଅନକ୍ଷର; ମାତ୍ର ଗାଆଁସାକ ଖୋଜିଲେ ଦୁଇଟି ଜଣ ଖଣ୍ଡିଆପଢ଼ୁଆ ବାହାରିବେ । ସଦେଇ ସାହୁ ଓ କପିଳ ଲେଙ୍କା ସେ ଗ୍ରାମର ମୁଖିଆ । ସେ ଦୁହିଙ୍କ କଥା କେହି ଏଡ଼ିପାରନ୍ତି ନାହିଁ । ଗାଆଁରେ କାହାରି ବାହାଘର ବା ପୁଆଣୀଘର ହେଲେ କିମ୍ବା କ୍ରିୟା-କର୍ମ ପଡ଼ିଲେ ସେ ଦୁଇଜଣ ଯାଇ ଖର୍ଚ୍ଚର ତାଲିକା କରନ୍ତି—କଲିକତାକୁ ଚିଠି ଲେଖିଲେ ସେ ଦୁହେଁ ଯାଇ ପରାମର୍ଶ କରି ପତ୍ରରଚନା କରନ୍ତି—କେହି ଲୁଗା ଖଣ୍ଡେ କିଣିଲେ ତାହା ମୂଲଇଦିଅନ୍ତି—କେହି ବଳଦ ବିକିବାକୁ ଆଣିଲେ ତାହାର ଦର ବାନ୍ଧିଦିଅନ୍ତି; ଏହିପରି ଅନେକ ବିଷୟରେ ସେ ଦୁହେଁ ଗ୍ରାମର ଦକ୍ଷିଣହସ୍ତ । ସମସ୍ତେ ତାଙ୍କୁ ଭକ୍ତି କରନ୍ତି । ସେ ଦୁହେଁ ବସି ଗ୍ରାମବାସୀଙ୍କ ଅବସ୍ଥାନୁସାରେ ଗୋଟାଏ ଚାନ୍ଦାଫର୍ଦ୍ଦ ପ୍ରସ୍ତୁତ କଲେ । ଚାନ୍ଦା ଆଦାୟ ସକାଶେ ତେତେ ଜଣ ଉତ୍ସାହୀ ଯୁବକ ଅନାୟାସ ନିଯୁକ୍ତ ହେଲେ । ସେମାନେ ଘରେ ଘରେ ବୁଲି ଆହାରନିଦ୍ରା ଭୁଲି ଚାନ୍ଦା ଆଦାୟ କରିବାକୁ ଲାଗିଲେ । ଆନନ୍ଦ ଓ ଉତ୍ତେଜନାର ପ୍ରବଳ

ସ୍ରୋତ ଗ୍ରାମ ମଧ୍ୟରେ ବହିବାକୁ ଲାଗିଲା । ଅନେକେ ମନେ ମନେ ଖୁଦୀ ଯାତ୍ରାର ଜାଗ୍ରତ ସ୍ୱପ୍ନସୁଖ ଉପଭୋଗ କଲେ । ସମସ୍ତେ ଯାତ୍ରା ନିମନ୍ତେ ପ୍ରସ୍ତୁତ ହେଲେ । ସମସ୍ତଙ୍କ ପ୍ରାଣରେ ଚାଞ୍ଚଲ୍ୟ ଖେଳିଗଲା । କେହି ଦାମ-ଦାମ ଗଣ୍ଡ ଗୁନ୍ଦୁଆ, ବଟୁଣା ପ୍ରଭୃତି ଯାତ୍ରୋପକରଣ ସଂଗ୍ରହରେ ଲାଗିଲା; କେହି ମଇଳା ଲୁଗା ବୁଜୁଳା ଧରି ଧୋବାଘରକୁ ଧାଇଁଲା ଓ ଚଞ୍ଚଳ ବାସି କରିଦେବା ସକାଶେ ବାରମ୍ବାର ତାଗିଦ କରି ଦେଇଆସିଲା । ଭଲରୂପେ ଇସ୍ତିରି କଲେ ଦୁଇପଇସା ପାରିତୋଷିକ ମିଳିବାର ପ୍ରଲୋଭନ ମଧ୍ୟ ଦେଖାଇଆସିଲା । କାହାର ଅଙ୍ଗରଖା ଖଣ୍ଡି ଚିରିଯାଇଥିଲା; ସେ ତାହା ସିଲାଇବା ପାଇଁ ଦରଜି ଖୋଜିବୁଲିଲା । ରମଣୀସମାଜର ଉତ୍ତେଜନା ଚତୁର୍ଗୁଣ । ସେମାନେ ସାଜସଜ୍ଜାର ସଂସ୍କାରରେ, କେହି ବା ସଂଗ୍ରହରେ ଲାଗିଲେ । କାହାର ବା ଦଣ୍ଡୀଖୁଣ୍ଟାରୁ ଝରି ଖସିପଡିଥିଲା, ବଣିଆଘରକୁ ଯାଇ ତାହା ଲଗାଇ ଆଣିବା ପାଇଁ ସ୍ୱାମୀ ପାଖରେ ସେ ପ୍ରଥମେ ଅଭିମାନ ପ୍ରକାଶ କରି ପରେ ଅଳି କରିବାକୁ ଲାଗିଲା । କେହି କସ୍ତାଶାଢ଼ୀଟି ରୁଣ୍ଡି ବସି ଶାଶୁ ସଙ୍ଗରେ କଳି ଲଗାଇଲା । କେହି ଯାଯଞ୍ଜଲାକୁ ଲକ୍ଷ୍ୟ କରି ଅପସାମାରି କହିଲା—“ବହୁ ଝିଅବୋହୂମାନେ ଅଛନ୍ତି, ଗହଣାରେ ସେମାନଙ୍କର ଦେହ ଦିଶୁ ନାହିଁ । ଆଉ ମୋ ପୋଡ଼ା-କପାଳ ଏମିତି ଯେ, ଅଳିଯାଏ ନାକରୁ ନିମକାଠି ବି ବାହାରିଲା ନାହିଁ । ବାପମାଆ ଏମିତି ଘରବର ବାଛି ଦେଇଥିଲେ ଯେ, ଖଣ୍ଡେ ପିନ୍ଧି ଆରମାନ ଛୁଟିଲା ନାହିଁ କି ଖଣ୍ଡେ ଖାଇ ଅରମାନ ମେଣ୍ଟିଲା ନାହିଁ ।” ଏହିପରି ଯାହାର ଯାହା ଅଭାବ ଥିଲା, ସେ ତାହା ପୂର୍ଣ୍ଣ କରିବାକୁ ଚେଷ୍ଟା କଲା । ଆଉ ସେ ପୂର୍ଣ୍ଣ କରି ନ ପାରିଲା, ସେ ହାଣ୍ଡି ପରି ମୁହଁକରି ବଖାଣିହେଲା । କେହି ବା ପ୍ରତିବେଶିନୀର ନୂତନ ବସ୍ତ୍ରାଳଙ୍କାର ଦେଖି ଉବେଇ-ଖବେଇ ହେଲା, କାନ୍ଥବାଡ଼କୁ ଉପଲକ୍ଷ୍ୟ କରି ଛଟା-ଭଗ ମେଲିଲା । ପିଲାମାନଙ୍କର ଆନନ୍ଦର ସୀମା ନାହିଁ । ସେମାନେ ଯାତ୍ରା ଦେଖିବେ, ପେଟ ପୂରାଇ ଭୋଗ ଖାଇବେ ଆଉ ଆନନ୍ଦରେ ନାଚିଖେଳି ବୁଲିବେ । ଏହା ଅପେକ୍ଷା ବାଲ୍ୟଜୀବନର ବାଞ୍ଛନୀୟ ପ୍ରିୟ ଆମୋଦ କଅଣ ଅଛି ?

ଅତି ବୁଦ୍ଧିମାନ୍ ପିଲାମାନେ ପିତାମାତା ପ୍ରଭୃତିଙ୍କ ଅନୁପସ୍ଥିତ ସମୟରେ ଘରୁ ଚାଉଳ ଚୋରି କରିନେଇ ଗୁନ୍ଦାପାଣ୍ଠି ବୃଦ୍ଧି କଲେ । କେହି ବାଡ଼ିର ଫଳ କଦଳୀ ବିକି ଗୁନ୍ଦା ବୃଦ୍ଧିରେ ସହାୟତା କଲା । ଘରେ କେହି ପଚାରିଲେ ମାଙ୍କଡ଼ ଉପରେ ଦୋଷ ଛଡ଼ାଇଦେଇ, ଆଖି ବୁଜି, ରାଣ ପକାଇ ନିଜର ସାଧୁତା ସପ୍ରମାଣ କଲା । ଗୁନ୍ଦା ଆଦାୟକାରୀମାନଙ୍କୁ ଅଧିକ ଆୟାସ ସହ୍ୟ କରିବାକୁ ହେଲା ନାହିଁ । ତିନି ଚାରିଦିନ ମଧ୍ୟରେ ସାତଶହ ଟଙ୍କା ଆଦାୟ ହୋଇଗଲା । ତହୁଁ ସଭାର ଆୟୋଜନ ଲାଗିଲା । ତିନିଖଣ୍ଡ ଜମିରେ ଛାମୁଣ୍ଡିଆ ନିର୍ମିତ ହେଲା । ତାହା ଶୁଣି କଳାପଥର-ବାସୀଏ ପାଞ୍ଚଖଣ୍ଡ ଜମିରେ ଅପେକ୍ଷାକୃତ ବଡ଼ ଛାମୁଣ୍ଡିଆ ପକାଇଲେ । ସେମାନେ କୋଡ଼ିଏ ଜଣ ବ୍ରାହ୍ମଣ ବରଣି କଲେ । ଦୁର୍ଗାପୁରର ଲୋକେ ପଚିଶ ଜଣ ବରଣି କଲେ । ଏହିପରି ବୁଦ୍ଧିମତାରେ ଉଭୟପକ୍ଷର ସଭା ଆୟୋଜନ ଲାଗିଲା ।

—୩—

ଯଥାସମୟରେ ଉଭୟ ଗ୍ରାମରେ ସଭା ବସିଲା, ଠିଆ ପାଆଣ ପାଲା ହେଲା । ଅଷ୍ଟପ୍ରହରୀ କୀର୍ତ୍ତନର ଉଚ୍ଚାଟ ପ୍ରଚୁର ବାଦ୍ୟରୋଳ ଏବଂ “ହରେକୃଷ୍ଣ ହରେରାମ, ଗଉର ନିତାଇ ରାଧେଶ୍ୟାମ” ଶବ୍ଦରେ ଗ୍ରାମ ଅହୋରାତ୍ରବ୍ୟାପୀ କମ୍ପିତ ହେବାକୁ ଲାଗିଲା । ଗ୍ରାମ ଦୁଇଟି ସଜୀବ ହୋଇଉଠିଲା । ଆନନ୍ଦ ଏବଂ ପବିତ୍ରତାର ସ୍ନିଗ୍ଧ ହିଲ୍ଲୋଳ ନିରନ୍ତର ଖେଳିବୁଲିଲା । ସମସ୍ତେ ନିଜର ବ୍ୟବସାୟ ଛାଡ଼ି ଉତ୍ସବରେ ମାତିଲେ । ସମସ୍ତଙ୍କର ମନ ଉତ୍ସବମୟ—ଚିନ୍ତା ଉତ୍ସବମୟ; ସେ ଚିନ୍ତାରେ କାମନାର ଛାୟା ନାହିଁ; ମାତ୍ର ତୃପ୍ତି ଏବଂ ଆନନ୍ଦର ବିମଳ ଜ୍ୟୋତି ବିଦ୍ୟମାନ । ଯାତ୍ରାକାଙ୍କ୍ଷୀମାନେ ଝିମ୍ପଛମାଳ ପରି ଦୁଇଗ୍ରାମକୁ ଧାଇଁଦେଲେ । ଦୂରଦୂରାନ୍ତରରୁ ବେପାରୀମାନେ ଆସି ଯାତ୍ରାଦେଖା ସଙ୍ଗେ ସଙ୍ଗେ କିଛି ଲାଭ ମଧ୍ୟ କରିନେଲେ । ଏକ ଯାତ୍ରାରେ ଏକାଧିକ ଫଳ ଲାଭ ଅବଶ୍ୟ ଚତୁରତାର ପରିଚାୟକ । ପିଲାଙ୍କର ତ ପ-ବାର ଯୋଗ, ଯାତ୍ରା ଏବଂ ପ୍ରସାଦରେ ସେମାନଙ୍କର ପେଟ ପୂରିଲା । ଅନେକ

ଅ-ପିଲା ମଧ୍ୟ ପିଲାଙ୍କ ମେଳରେ ପଶି ପିଲା ହୋଇଗଲେ । ସେମାନଙ୍କ ଘରେ ଚୂଲି ଜଳିଲା ନାହିଁ ।

ଦକ୍ଷିଣରୁ ହରି ଶଙ୍ଖୁଆ ଦଳ ଦୁର୍ଗାପୁରକୁ ଆସିବେ ବୋଲି ଶୁଣି କଳାସପୁରର ଲୋକେ ଆଗରୁ ଯାଇ ଉକ୍ତ ଦଳକୁ ନିମନ୍ତ୍ରଣ କରି ଆଣିଲେ । ଶଙ୍ଖୁଆ ଜାତିରେ ତନ୍ତୀ । ସେ ଜଣେ ବିଚକ୍ଷଣ ଗାୟକ; ବାରବର୍ଷ ବୟସ ବେଳୁଁ ପାଲା ଗାଇଆସୁଅଛି । ଏହେତୁ ସେ 'ବାରବର୍ଷିଆ ଗାଆଣ' ନାମରେ ସର୍ବତ୍ର ସୁପରିଚିତ । ଆମ୍ଭେମାନେ ସୁଦ୍ଧା ତାଙ୍କୁ ସେହି ନାମରେ ଅଭିହିତ କରିବୁଁ । ସଂସ୍କୃତଭଣ୍ଡାର କାବ୍ୟନାଟକ ତାହାର କଣ୍ଠସ୍ଥ । ବିଶେଷତଃ ପ୍ରାଚୀନ ଓଡ଼ିଆ ସାହିତ୍ୟର ସେ ଜଣେ ପ୍ରବୀଣ ଭକ୍ତ । ଦୁର୍ଗାପୁରବାସୀଙ୍କର ଆକାଙ୍‌କ୍ଷା ବିଫଳ ହେଲା । ସେମାନେ କଳାସପୁରିଆଙ୍କ ଉପରେ ମହା ବିରକ୍ତ ହୋଇ ବଣିଆ ଗ୍ରାମରୁ ଶଙ୍କର ନାୟକ ଦଳକୁ ଆଣି ପାଲା କରାଇଲେ । ଶଙ୍କର ଜାତିରେ ଜ୍ୟୋତିଷୀ । ସେ ଶାରଳାଦେବୀଙ୍କୁ ପ୍ରସନ୍ନ କରି ବର ପାଇଅଛି ବୋଲି ସମସ୍ତେ କହନ୍ତି । ସେ ଯମକାଠିଆ ବଜାଇ ପାଲା ଗାଏ । ତାହାର କଣ୍ଠ ଖୁବ୍ ମଧୁର । ସେ ଜୀବନରେ ଅନେକ ପ୍ରଖ୍ୟାତନାମା ଗାୟକଙ୍କ ସଙ୍ଗରେ ପ୍ରତିଯୋଗିତାରେ ଜୟଲାଭ କରିଅଛି । ଅନେକଥର ପୁରସ୍କୃତ ମଧ୍ୟ ହୋଇଅଛି । ତାହାର ଶାସ୍ତ୍ରଜ୍ଞାନ ଅସାଧାରଣ, ବହୁଦର୍ଶିତା ମଧ୍ୟ ଯଥେଷ୍ଟ ଅଛି । ବାରବର୍ଷିଆ ଓ ଶଙ୍କରନାୟକ କେହି କାହାକୁ ଊଣା ନୁହନ୍ତି । ଉଭୟେ ରସଜ୍ଞ, ଉଭୟେ ଆଶୁକବି ଏବଂ ଛାନ୍ଦେ ଛାନ୍ଦେ କବିତା ରଚନା କରିବାରେ ଉଭୟେ ସମକକ୍ଷ । ଉଭୟେ ବିଦ୍ୱାନ୍; ମାତ୍ର ବାରବର୍ଷିଆ ଯୁବକ ହେତୁ 'ନମନ୍ତି ଫଳିନୋ ବୃକ୍ଷ' ନ ହୋଇ କିଞ୍ଚିତ ଉଦ୍ଧତ, ଆଉ ଶଙ୍କର ପ୍ରୌଢ଼ବୟସ୍କ ଶାନ୍ତ, ସଂଯତ ଏବଂ ମୃଦୁମଧୁରଭାଷୀ । ଲୋକେ କହନ୍ତି, ସେ ପାଲା ଗାଇବାବେଳେ ମଧୁବୃଷ୍ଟି ହୋଇଯାଏ ।

ଏହି ଅବସରରେ ଦୁଇ ଗ୍ରାମରେ ପାଲାଯାତ୍ରା ଲାଗିଲା । ଦର୍ଶକମାନଙ୍କ ମଧ୍ୟରେ ଉଭୟ ଦଳର ତୁଳନାମୂଳକ ସମାଲୋଚନା ଲାଗିଲା । କିଏ ବାରବର୍ଷିଆକୁ ଉଚ୍ଚାସନ ପ୍ରଦାନ କଲା, କେହି ବା ଶଙ୍କରକୁ ପ୍ରଶଂସା କଲା । ସଂସାରରେ ପ୍ରତ୍ୟେକ କଥା ବା କାର୍ଯ୍ୟରେ ଏହିପରି ଘଟିଥାଏ । ଦଳେ ପ୍ରଶଂସା କଲେ ଦଳେ ନିନ୍ଦା କରନ୍ତି । ସମସ୍ତଙ୍କର ସମାନ ଭାବରେ ମନୋମତ ହେବା ଭଳି କଥା ବା କାର୍ଯ୍ୟ ନାହିଁ, ଥିଲା ନାହିଁ ବା ହେବ ନାହିଁ । ରୁଚିଭେଦ ଚିରକାଳ ଅଛି ଏବଂ ଥିବ । ଦୁର୍ଗାପୁରିଆମାନେ ଶଙ୍କରର ପ୍ରଶଂସାରେ ବହୁଜିହ୍ୱ ହେଲେ, ତଥା କଳାସପୁରବାସୀଏ ବାରବର୍ଷିଆର ପ୍ରଶଂସା ଗାଇବୁଲିଲେ । ସମସ୍ତଙ୍କ ମୁହଁରେ ଏକ କଥା—ନିଜ ନିଜ ଦଳର ପ୍ରଶଂସା ଏବଂ ଅପର ଦଳର ନିନ୍ଦା । ସମସ୍ତେ ପର ଗୁଣରେ ବ୍ୟବସାୟୀ କରିବସିଲେ । ଯେମନ୍ତ କି ସେମାନେ ପାଲାଦଳର ଗୋଟିଏ ଗୋଟିଏ ସଚଳ, ସଜୀବ, ସବାକ୍ ବିଜ୍ଞାପନ । ଏହି କଥା ନେଇ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ତୁମୁଳ ଆନ୍ଦୋଳନ ଏବଂ ବାକ୍‌ବିତଣ୍ଡା ଲାଗିଲା । କ୍ରମେ ତାହା ବିବାଦରେ ପରିଣତ ହେଲା । ଥରେ ଦୁଇଥର ମଧ୍ୟ ଖଣ୍ଡଯୁଦ୍ଧ ମଧ୍ୟ ହୋଇଗଲା; ମାତ୍ର ମୁଖର କଥା, ବିବାଦ ଅଧିକ ଦୂର ବିସ୍ତୃତ ହୋଇପାରିଲା ନାହିଁ । ଦୁଇ ଗ୍ରାମର କେତେ ଜଣ ପ୍ରୌଢ଼ ବ୍ୟକ୍ତି ମଧ୍ୟସ୍ଥ ହୋଇ କହିଲେ—'ଦୁଇ ଗ୍ରାମର ଦୋସମାଳରେ ଦୁଇ ଦଳର ବାଦୀପାଲା ହେଉ; କିଏ ଶ୍ରେଷ୍ଠ କିଏ ନିକୃଷ୍ଟ, ବଳେ ବଳେ ଜଣାପଡ଼ିବ ।' ଏ ପ୍ରସ୍ତାବରେ ଉଭୟ ଗ୍ରାମବାସୀ ସମ୍ମତ ହେଲେ ଏବଂ ପ୍ରସ୍ତୁତ ହେବା ସକାଶେ ନିଜ ନିଜ ଦଳକୁ ସତର୍କ କରାଇଲେ । ବାରବର୍ଷିଆ ତୀବ୍ର ପରିହାସ କରି କହିଲା—'ଓଃ, କଅଣ କରିବ, ଯୋଡ଼ିଏ ଖୋଳ ପଶିବ ପରା ! ଶଙ୍କର ଗୋଟାଏ ଗାଆଣ, ସେ ପୁଣି ମୋତେ ବଳିଯିବ !' ଏହି ସଦର୍ପଉକ୍ତି ଶୁଣି ଶଙ୍କର ସୁଦ୍ଧା ଗ୍ରାମବାସୀଙ୍କୁ ଭରସା ଦେଇ କହିଲା—'ହଇ, ତନ୍ତୀଟୋକାର ଏତେ ଗୁମାନ ! ତାହାର ବୟସ କେତେ, ବିଦ୍ୟା କେତେ, ଜ୍ଞାନ କେତେ, ସେ ମୋ ସଙ୍ଗରେ ସମକକ୍ଷ ହେବ ? ଗୋଟାଏ ଶାସ୍ତ୍ରୀୟ ପ୍ରଶ୍ନରେ ତନ୍ତୀବାପୁଡ଼ାକୁ ଠେକିଏ ପାଣି ପିଇଦେବ, ନ ହେଲେ ମୋ ନାଆଁରେ କୁକୁର ପାଳିବ !"

—୪—

ଦୁଇଗ୍ରାମ ମଧ୍ୟରେ ଖଣ୍ଡେ ପ୍ରଶସ୍ତ ପଡିଆ ଅଛି । ତାହା ଦୁଇ ଗ୍ରାମର ଗୋଚରମାଳ । ସମସ୍ତେ ତାକୁ 'ଗୋଠପଡିଆ' ବୋଲି କହନ୍ତି । ସେହି ଗୋଠପଡିଆରେ ଦୁଇଟା ଛାମୁଣ୍ଡିଆ ବନ୍ଧାଗଲା । ନିରୂପିତ ଦିନ ଦୁଇଗ୍ରାମର ଲୋକ ସ୍ୱ ସ୍ୱ ପାଲାଦଳ ଘେନି ସେଠାରେ ଉପସ୍ଥିତ ହେଲେ । ଗାଅଣ ଦୁହେଁ ବର ପରି ଆଡମ୍ବରରେ ଆସିଲେ । ନିଶାଣ ଉଡିଲା, ବାଦ୍ୟ ବାଜିଲା, ଶଙ୍ଖହୁଳହୁଳି ଉଚ୍ଛୁଳିପଡିଲା । ଗାଅଣମାନେ ଫୁଲମାଳରେ ମଣ୍ଡିତ ହୋଇ ମଞ୍ଚରେ ବସିଲେ । ଗ୍ରାମବାସୀମାନେ ତାଙ୍କୁ ସ୍ୱସ୍ୱପାଖରେ ଘେରି ବସିଲେ । ବାଦିପାଲା ନାମ ଶୁଣି ଲୋକେ ଚତୁଃପାର୍ଶ୍ୱରୁ ବାଛି ଧାଇଁଲେ । କେତେ ଜଣ ମଧ୍ୟସ୍ଥ ହୋଇ ନ୍ୟାୟବିଚାର କରିବା ସକାଶେ ନିଯୁକ୍ତ ହେଲେ । ପାଲା ଆରମ୍ଭ ହେଲା । ଦୁଇଦଳଯାକ ରଣୋନ୍ମତ୍ତ ବୀର ପରି କୁହାଟ ଛାଡି ଭଅଁ ଗୁଡା ମାରିବାକୁ ଲାଗିଲେ । ସେପରି ଭଅଁ ଗୁଡା ହନୁମାନବଂଶଧରଙ୍କର ଅସାଧ୍ୟ । ପ୍ରଥମତଃ ଦୁଇଦଳଯାକ ପାଲା ଗାଇଲେ । ମଧ୍ୟରେ ମଧ୍ୟରେ ଟିକିଏ ଟିକିଏ ଘର୍ଷଣ ଲାଗିଯାଉଥାଏ । ସେହି ଘର୍ଷଣ ଶେଷରେ କଳହରେ ପରିଣତ ହେଲା । ତହୁଁ ଧୀବରବଧୂସୁଲଭ ନାନାବିଧ ଅଶ୍ରାବ୍ୟ ବୀଭତ୍ସ ଗାଳି ବସିଲା । ପରସ୍ପର ପରସ୍ପରକୁ ଲକ୍ଷ୍ୟ କରି କୁତ୍ସିତ ଅଙ୍ଗଭଙ୍ଗୀ ପ୍ରଦର୍ଶନ କଲେ, କାଚଗୋଟ ଗୋଡ଼ି ପ୍ରସ୍ତର ଖୋଲାଖୋଲି ହେଲେ । ଏସବୁ ପଦ୍ୟରେ ହେଲା, ଗଦ୍ୟର ସେଠାରେ ପ୍ରବେଶ ନଥିଲା । କିନ୍ତୁ ଏ କଥାଗୁଡ଼ାକ ଅନେକଙ୍କୁ ଭଲ ଲାଗିଲା ନାହିଁ । ସେମାନେ କହିଲେ, "ଏପରି ଇତର ଭାଷାରେ ଗାଳି ଦିଆଦେଇ ହେଲେ ନିଜ ନିଜ ଗୁଣ ଲୁକ୍କାୟିତ ହେବ ସିନା ! ଗୁଣଗରିମା ଦେଖାଅ, ତେବେ ଯାଇ ଜୟ ପରାଜୟ ନିର୍ଣ୍ଣୀତ ହେବ ।" ଏହା ଶୁଣି ଗାଅଣ ଦୁହେଁ କଳହରୁ ନିବୃତ୍ତ ହୋଇ ପରସ୍ପର ପ୍ରଶ୍ନ ପଚରା ପଚରି ହେଲେ । ଛନ୍ଦ, ଅଳଙ୍କାର, ପାଦପୂରଣ, ଅନ୍ତଲିପି, ବହୁଲିପି ପ୍ରଭୃତି ବିଷୟର ଆଲୋଚନା ଲାଗିଲା, ଶାସ୍ତ୍ରପୁରାଣରୁ ପ୍ରଶ୍ନୋତ୍ତର ଚାଲିଲା; ମାତ୍ର କେହି କାହାକୁ ପରାଜୟ କରିପାରିଲେ ନାହିଁ । ଶେଷରେ ଉତ୍ତରପାଡ଼ା-ବ୍ୟର ଚର୍ଚ୍ଚା ଆରମ୍ଭ ହେଲା । ଶଙ୍କର ନାୟକ ପଚାରିଲା—"ବିପିନରେ ପୀନଉରଜା ଅପୂର୍ବ ଦ୍ରବ୍ୟ ଦେଖି ନ ମାତିବୁ ।" ଏ ପଦ୍ୟାଂଶ କେଉଁ ଗ୍ରନ୍ଥର ଅନ୍ତର୍ଗତ, କିଏ କାହାକୁ କହୁଛି ଏବଂ ଏହାର ଅର୍ଥ କଅଣ ?" ବାରବଟିଆ କହିଲା—"ଏହା 'ବୈଦେହୀଶ ବିଳାସ'ରେ ଅଛି, ସୀତା ସ୍ୱାମୀଙ୍କ ସଙ୍ଗରେ ବନକୁ ଯିବାବେଳେ ସୁମିତ୍ରା ତାଙ୍କୁ ଉପଦେଶ ଦେଇ କହୁଅଛନ୍ତି—"ହେ ପୃଥୁଳସ୍ତନୀ ସୀତେ, ତୁ ବନରେ ଅପୂର୍ବ ପଦାର୍ଥ ଦେଖି ମାତିବୁ ନାହିଁ ।" ଶଙ୍କର ଏ ଅର୍ଥ ଶୁଣି ସଗର୍ବ ହାସ୍ୟପ୍ରକାଶପୂର୍ବକ କହିଲା—"ହେ ସଜ୍ଜନ ବନ୍ଧୁବୃନ୍ଦ, ଆପଣମାନେ ବିଚାର କରନ୍ତୁ ଯେ, ଏହା ସଖୀର ଉକ୍ତି କି ମାତାର ଉକ୍ତି ? ସଖୀ ସଖୀକୁ "ପୃଥୁଳସ୍ତନୀ" ବିଶେଷଣ ଦେଇପାରେ; ମାତ୍ର ସୁମିତ୍ରା ସୀତାଙ୍କର ଶାଶୁ, ସୁତରାଂ ମାତୃସ୍ଥାନୀୟା ! ମାଆ କି ଝିଅପ୍ରତି ଏପରି ଶବ୍ଦ ପ୍ରୟୋଗ କରିପାରେ ? ପ୍ରକୃତ ଅର୍ଥ ଏହି ଯେ, ସୁମିତ୍ରା କହୁଲେ—'ହେ ପୃଥ୍ୱୀକନ୍ୟେ, ବନରେ ଅପୂର୍ବ ପଦାର୍ଥ ଦେଖି ମାତିବୁ ନାହିଁ ।' 'ପୀନଉରଜା' ଅର୍ଥ ପୃଥ୍ୱୀକନ୍ୟା । ପୀନ ଉର ଯାହାର, ସେ ପୀନଉର ଅର୍ଥାତ୍ ବିଶାଳବକ୍ଷା ପୃଥ୍ୱୀ । ସୀତା ତାଙ୍କଠାରୁ ଜନ୍ମ ଲଭିଥିବାରୁ ସୁମିତ୍ରା ବାତ୍ସଲ୍ୟ ସମ୍ବୋଧନରେ ତାଙ୍କୁ ପୀନଉରଜା କହିଅଛନ୍ତି । ଆପଣମାନେ ଉଭୟ ଅର୍ଥ ବୁଝି କିଏ ସଙ୍ଗତ ଏବଂ କିଏ ଅସଙ୍ଗତ ବିଚାର କରନ୍ତୁ ।" ମଧ୍ୟସ୍ଥମାନେ କହିଲେ—"ଶଙ୍କର ନାୟକ ଯେଉଁ ଅର୍ଥ କଲେ, ତାହାହିଁ ସଙ୍ଗତ ଏବଂ ଠିକ୍ ।" ଦୁର୍ଗାପୁରବାସୀ ଏହା ଶୁଣି "ଅମର ଜୟ, ଅମର ଜୟ" କହି ଜୟଦର୍ପରେ ମତ୍ତହୋଇ ଉଠିଲେ । କେତେ ଜଣ ଧାଇଁ ଆସି ଶଙ୍କରକୁ ଟେକିନେଇ ଜୟ ଦୁର୍ଗାପୁରର ଜୟ କହି କହି ସ୍ୱୀୟ ଗ୍ରାମାଭିମୁଖରେ ଚାଲିଲେ । ଦୁର୍ଗାପୁରର ଅନ୍ୟ ଅଧିବାସୀ ସେମାନଙ୍କ ପଛେ ପଛେ ବାଦ୍ୟ ବଜାଇ, ଜୟଢକ ଭେରି ବେରି ମହା ଆଡ଼ମ୍ବରରେ ଉତ୍ସବ କରି ଧାବିତ ହେଲେ । ହର୍ଷକୋଳାହଳରେ ଜୟ କୋଳାହଳ ମିଶି ଆକାଶ, ବତାସ ପ୍ରକମ୍ପିତ ହେଲା ।

# ପଞ୍ଚଧାର

# ଭକ୍ତ୍ୟୁପହାର

ଆଦର୍ଶ ରାଜନୀତିବିଶାରଦ, ବିଦ୍ୱଜ୍ଜନବରେଣ୍ୟ, ବହୁଭାଷାଭିଜ୍ଞ
ଅଷ୍ଟମଲ୍ଲିକାଧୀଶ୍ୱର ଶ୍ରୀ ଶ୍ରୀ ଶ୍ରୀ କିଶୋରଚନ୍ଦ୍ର ଦେବ
ମହୋଦୟ ମହତ୍ସନ୍ନିଧାନେଷୁ

କାବ୍ୟ-କୁସୁମମଧୁଲୁବ୍ଧ-ମଧୁପ, ସାହିତ୍ୟ-ସହାୟ ଶ୍ରୀମାନ୍ ମହାରାଜ,

ଶ୍ରୀଛାମୁଙ୍କ ଅନୁକୂଲ୍ୟରେ ମୁଁ ଏକସପ୍ତାହମାତ୍ର ଭବଦୀୟ ରାଜୋଦ୍ୟାନରେ ଭ୍ରମଣ କରି ନେଇଁ ସବୁ ଦୃଶ୍ୟ-ପୁଷ୍ପ ସଂଗ୍ରହପୂର୍ବକ ଯେଉଁ ଅନୁଭୂତି ଅର୍ଜନ କରିଥିଲି, ତାହା କାବ୍ୟାକାରରେ ବର୍ଣ୍ଣନା କରିଅଛି। ଉଦ୍ୟାନ ଶ୍ରୀଛାମୁଙ୍କର, ପୁଷ୍ପ ଶ୍ରୀଛାମୁଙ୍କର ଏବଂ ଭବଦୀୟ ଆନୁକୂଲ୍ୟ ରୂପ ପଞ୍ଚସୂତ୍ର ମଧ୍ୟ ଶ୍ରୀଛାମୁଙ୍କର। ମୁଁ କେବଳ ମାଳାକାରରୂପେ ମାଲ୍ୟ ଗ୍ରନ୍ଥନ କରିଅଛି। ସୁତରାଂ ମୋର ଏଥିରେ କିଛିମାତ୍ର ପୌରୁଷ ନାହିଁ। ନିଜର ଉଦ୍ୟାନକୁସୁମ ସୌନ୍ଦର୍ଯ୍ୟ-ସୌରଭବିହୀନ ହେଲେ ସୁଦ୍ଧା ଉଦ୍ୟାନର ଅଧିକାରୀ ତାହା ଆଗ୍ରହପୂର୍ବକ ଗ୍ରହଣ କରନ୍ତି। ମୁଁ ଏହି ବିଶ୍ୱାସରେ ଏହି "ପଞ୍ଚଧାର" କାବ୍ୟ ଶ୍ରୀ ଛାମୁରେ ଅର୍ପଣ କରିବାକୁ ସାହସୀ ହୋଇଅଛି। ଆଜି ରାଜ୍ଞୀଦେବୀଙ୍କ ବିଜୟୋତ୍ସବ ଆନନ୍ଦ ଦିବସ। ଏହି ପୁଣ୍ୟ ଦିବସରେ ମୁଁ ଏହି କାବ୍ୟମାଳାଟି ଶ୍ରୀଛାମୁଙ୍କ କଣ୍ଠରେ ଲମ୍ବାଇଦେଇ ଅନିର୍ବଚନୀୟ ଆନନ୍ଦ ଉପଭୋଗ କରୁଅଛି। ଦୀନହୀନର ଭକ୍ତ୍ୟୁପହାରସ୍ୱରୂପ ଏହା ଗୃହୀତ ହେଲେ ମୁଁ ଶ୍ରମ ସାର୍ଥକ ମଣିବି।

ଭଦ୍ରକ
୧୦।୧୦।୪୦

ଶ୍ରୀଛାମୁଙ୍କର
ସୌଜନ୍ୟ-କ୍ରୀତ
ଶ୍ରୀ ଚିନ୍ତାମଣି ମହାନ୍ତି

# ପଞ୍ଚଧାର

ଧନ ଢେଲମଞ୍ଚ ଗିରି ପଞ୍ଚଧାର,
ପ୍ରକୃତିଦେବୀଙ୍କ ରତ୍ନ-ଗନ୍ତାଘର ।
ଅମର ସ୍ୱରୂପୀ ଅମର ବାଞ୍ଛିତ,
ଦୂରରୁ ଆକର୍ଷେ ଦର୍ଶକର ଚିତ୍ତ ।
ଅଷ୍ଟମଲ୍ଲିକର ମାହାଗ ପ୍ରାଚୀର,
ଟେକିଅଛୁ ନଭେ ଦର୍ପୋନ୍ନତ ଶିର ।
ଭେଦ ବନ-ସିନ୍ଧୁ ନୀଳ ଜଳରାଶି,
ପ୍ରକାଣ୍ଡ ମଗର ଉଠିଛୁ କି ଭାସି !
କିମ୍ବା ଲାଗିଅଛୁ ସ୍ୱର୍ଗକୁ ନିଶ୍ୱସି,
ଅଥବା ଶୋଇଛୁ ଉଦୀଚୀ ହାତୁଣୀ ।
ଅବା ଧରି ମର୍ତ୍ତ୍ୟ— ତୀର୍ଥାଟନ ବ୍ରତ,
ଓହ୍ଲାଇ ଆସିଛୁ ସ୍ୱର୍ଗୁ ଐରାବତ ।
ଯୋଖୁଥିଲେ ତୋତେ ଉପମା ଶୈଳେଶ,
ଉପମା ଭଣ୍ଡାର ହୋଇଯିବ ଶେଷ ।
ମହୀରେ ଅତୁଳ ଯାହାର ସୁଷମା,
କେଉଁ ଲୋଡ଼ା ତାର ବହୁଳ ଉପମା ?
ଖଞ୍ଜିଲେ ଭୂଷଣ ଅଙ୍ଗେ ଯାକି ଯାକି,
ସ୍ୱଭାବ ସୌନ୍ଦର୍ଯ୍ୟ ଯାଏ ତହିଁ ଢାଙ୍କି ।
ବଢ଼ାଏ ମସଲା ବ୍ୟଞ୍ଜନର ସ୍ୱାଦ,
ଅଧିକ ପ୍ରୟୋଗେ ହୁଏ ସେ ଅଖାଦ୍ୟ ।
ସ୍ୱଳ୍ପ ଫୁଲେ ସିନା ଗୋଲାପ ସୁନ୍ଦରୀ,
ନିଏ ଦର୍ଶକର ପ୍ରାଣମନ ହରି ।
ଚିର-ସୁନ୍ଦର ତୁ ବୈଚିତ୍ର୍ୟ-ମଣ୍ଡିତ,
ଉପମା ତୋ ପାଶେ ହୁଏ ପରାଜିତ ।
ଉପମାର ପ୍ରତି— ଉପମା ତୁ ଗିରି,
ଛବେ ଅଲଙ୍କୃତ ଚୌଦିଗେ ତୋ ଶିରୀ ।

ସୌନ୍ଦର୍ଯ୍ୟ-ବୈଚିତ୍ର୍ୟ ସର୍ଜନା ତୋହର,
ସୁନ୍ଦରପଣେ ତୁ ତୋଟେ ପଟାନ୍ତର ।
ଅସୀମ ଅତୁଳ ତୋହର ମହତ୍ତ୍ୱ,
କବି, ଯୋଗୀ ସିନା ବୁଝନ୍ତି ଏ ତତ୍ତ୍ୱ ।
ଲୋଡ଼ନ୍ତି ଯେ ତେଣୁ ତୋର ରମ୍ୟ ଗୁହା,
ନିବସି ତୋ ଗର୍ଭେ ରଚନ୍ତି ତୋ ଦୁହା ।
ପୁରାତନ ତୁହି ଚିର ଅଭ୍ରଙ୍କଷ,
କେ କଳିବ କେତେ ତୋହର ବୟସ ?
ଭୀଷଣ ଆଘାତ କେତେ ସଂସାରର,
ସହି ସହି ଦେହ କଲୁଣି ପଥର ।
ଭେଟିଲୁଣି ଯେତେ ଦେଖିଲୁଣି ଯେତେ,
ଶିଖିଲୁଣି ତେତେ ଭବ କର୍ମଯେବେ ।
ଅନନ୍ତ ବିଭବେ ତୁ ମହା ଅମୀର,
ମାତ୍ର ମହାତ୍ୟାଗେ ଉଲଗ୍ନ ଫକୀର ।
ଦାନ ପାଇଁ ଧନ ଅର୍ଜନ୍ତି ସଜ୍ଜନ,
ତ୍ୟାଗହିଁ ତାଙ୍କର ଆଦର୍ଶ ଜୀବନ ।
ଇତିହାସ ଜାଣି ତୁହି ସାନୁମାନ,
ଇତିହାସେ ଗଢ଼ା ତୋର ପିଣ୍ଡ ପ୍ରାଣ ।
ଶିଳାତଳେ ତୋର ବହୁ ଇତିହାସ,
କରିଛୁ ଅଲକ୍ଷ୍ୟେ ଗୋପନେ ନିବାସ ।
ସ୍ୱଭାବରେ ତୁହି ଯୋଗମଗ୍ନ ଯୋଗୀ,
ଯେସନ ଉଦାସୀ ତେସନ ଉଦ୍‌ଯୋଗୀ ।
କର୍ମଯୋଗୀ ତୁହି ସଦା କର୍ମରତ,
ବାହାରକୁ ଦିଶୁ କର୍ମହୀନବତ ।
ପୁଣ୍ୟତୀର୍ଥ ପ୍ରାୟ ତୋ ଦର୍ଶନୀୟ,
ଯୋଗୀ ଋଷିଙ୍କର ନିଭୃତ ନିଳୟ ।

ସେ ସୌଭାଗ୍ୟ ତୋର   ଭଳକୁ ବିନାଶ,
ଏକାଳେ ସେ ଗୁମ୍ଫା   ଶ୍ୱାପଦନିବାସ ।
ଉଠୁଥିଲ ଯହିଁ   ପ୍ରଣବ ଓଁକାର,
ଉଠେ ତହିଁ ଏବେ   ବିକଟ ହୁଙ୍କାର ।
ମୁନି-ଚିତ୍ତବିତ୍ତ   ନେଇପାରୁ ଜିଣି,
ମାୟା ପାଶରୁ ତୁ   ଶାଣିତ କତୁରୀ ।
ମହାଲକ୍ଷ୍ମୀକୁ ତୁ   କରିପାରୁ ତ୍ୟାଗୀ,
ଦାମ୍ଭିକେ ବିନୟୀ,   ଗୃହସ୍ଥେ ବୈରାଗୀ ।
ସାଧକ ମଧ୍ୟରେ   ତୁ ମହାମହତ,
ଧରିଅଛୁ ତେଣୁ   ବିଶ୍ୱପ୍ରେମ ବ୍ରତ ।
ଆଧ୍ୟାତ୍ମିକ ଭାବେ   ସଦା ତୁ ବିଭୋର,
ପକାଇଛୁ କାଟି   ସ୍ୱାର୍ଥମୋହ-ଡୋର ।
ବହୁଛୁ ଗର୍ଭରେ   ବିବିଧ ରତନ,
କଡାକର ନାହିଁ   ତୋ ଅଙ୍ଗେ ଭୂଷଣ ।
ନୈସର୍ଗିକ ଭୂଷା   ମହତ୍ତ୍ୱ ଯାହାର,
ମହାରତ୍ନ ସିନା   ତା ଦୃଷ୍ଟିରେ ଛାର ।
ସୁନ୍ଦରର ସେହୁ   ସୁନ୍ଦର ଭୂଷଣ,
ଭୂଷଣ ମାଗେ ତା   ଚରଣେ ଶରଣ ।

ତୋ ବିରାଟ ବପୁ   ଅତସୀନିନ୍ଦିତ,
ସପ୍ତକୋଶୀ ଗଣ୍ଡ   ପର୍ଯ୍ୟନ୍ତ ଲମ୍ବିତ ।
ଅକୃତି ତୋହର   ଅର୍ଦ୍ଧବୃତ୍ତାକାର
ରାଜ୍ୟକଣ୍ଠେ କି ସେ   ଇନ୍ଦ୍ରନୀଳ ହାର !
ମହା ଭୀତିପ୍ରଦ   ସପ୍ତକୋଶୀ ଗଣ୍ଡ,
ଦର୍ଶକର ଧୈର୍ଯ୍ୟ   କରେ ଖଣ୍ଡ ଖଣ୍ଡ ।
ବର୍ଣ୍ଣିନେ ସେ ଦୃଶ୍ୟ   ଥରିଉଠେ ଚିତ୍ତ,
ରଚକ ଲେଖନୀ   ହୁଏ ପ୍ରକମ୍ପିତ ।
ହସ୍ତର ଶାସନ   ନ ମାନେ ଲେଖନୀ,
କଳ୍ପନାର ତୁଣ୍ଡ   ବାଜିଯାଏ ଖଣି ।
ହୋଇପଡେ ପ୍ରାଣ   ଭୟରେ ମୂର୍ଚ୍ଛିତ,
ଉଡ଼ିଯାଏ ହୋଇ   ସାହସ ଚୂର୍ଣ୍ଣିତ ।

ଗାଏ ବିଭୀଷିକା   ଧ୍ୱଂସ ରୁଦ୍ର ଗୀତ,
କାନ୍ଦେ ନିସ୍ତବ୍ଧତା   ହୋଇ ଅତି ଭୀତ ।
ନିଃଶ୍ୱାସ ପ୍ରଶ୍ୱାସ   ହୋଇଯାଏ ରୁଦ୍ଧ,
ହିଂସ୍ରଜନ୍ତୁଙ୍କର   ଦେଖି ଘୋର ଯୁଦ୍ଧ ।
ମହା ଭୟଙ୍କର   ଯେହ୍ନେ ସମହାର,
ଅକାରର ତାହା   ସୂତିକା ଅଗାର ।
ହାଙ୍ଗର ମଗର   ଦିଅନ୍ତି ପହରା,
ସୃଷ୍ଟିକାହିଁ ତହିଁ   ପଡ ନାହିଁ ଖରା ।
ଅତି ସାହସୀ ତୁ   ଯେଣୁ ଧରାଧର,
ନିର୍ଭୟେ ସେ ଦୃଶ୍ୟ   ଦେଖୁ ନିରନ୍ତର ।
ତୋ ଶିଖରୁ ଜନ୍ମି   ଯାଅଛି ପ୍ରପାତ,
ପଡୁଛନ୍ତି ଛାଡ଼ି   ଗର୍ଜନ ନିର୍ଘାତ ।
ସେହୁ ହେତୁ ତୋର   ନାମ ପଞ୍ଚଧାର,
ସେ ସ୍ଥାନର ଦୃଶ୍ୟ   ଅତି ଚମତ୍କାର !
ସୁରଧୁନୀ ନୀର   ଶଙ୍କର ଜଟାରୁ,
ପଡୁଛି କି ଖସି   ସୃଜି ଦୃଶ୍ୟ ଚାରୁ ।
ପାନ କରି ଯେହୁ   ପୁଣ୍ୟ ତୀର୍ଥୋଦକ,
ମଣୁଛନ୍ତି ଜନେ   ଜୀବନ ସାର୍ଥକ ।
ପୂର୍ବଘାଟର ତୁ   ଅଂଶ ଧରାଧର,
ଭାରତରେ ନିର୍ଦ୍ଦିଷ୍ଟ   ଆସନ ତୋହର ।
ସେ ଯେ ମହାକାବ୍ୟ   ତୁ ତାହାର ଟୀକା,
ବିଶ୍ୱହିତ ତୋର   ଜୀବନ ଜୀବିକା ।
ଦୁର୍ଲଭ ଉଦ୍ଭିଦ   ଦୁର୍ଲଭ ଔଷଧି,
ସୁଦୂର ଅତୀତୁଁ   ବହୁଛୁ ଅବଧି ।
ଅଦ୍ଭୁତ ପାଦପ   ଅଛି ତୋ ବନରେ,
ଗୋଟିଏ ପତ୍ରରେ   କ୍ଷୁଧାତୃଷା ହରେ ।
ଘନ ବଂଶବନ   ବହୁଛୁ ଅଶେଷ,
ଦିଶେ ତାହା ଯେହ୍ନେ ତୋର ଦୀର୍ଘକେଶ ।
ଅସ୍ତ୍ରମଲ୍ଲିକେ ତୁ   ଚିରକାଳ ରଜା,
ଅବର ତାହାର   ସର୍ବଶ୍ରେଷ୍ଠ ପ୍ରଜା ।
ଅର୍ପେ ପ୍ରଜା କର   ବର୍ଷେ ଦୁଇ ଥର,
ମାଏ ତୁ ରାଜସ୍ୱ   ଗଣୁ ନିରନ୍ତର ।

ଅନ୍ନ ପ୍ରଜା ଭଳି ତୁମ୍ଭ ରେ ଭୂଧର,
ନ ଖୋଜ୍ ସୁବିଧା ଭୂମି ବୃତ୍ତି ଘର ।
କାମଧେନୁ ପରି ତୁମ୍ଭ ଏ ମନ୍ଦିର,
ଯେତେ ଦୁହୁଁଥିଲେ ଅମୃତ ସେତେ କ୍ଷୀର ।
ରାଜଭକ୍ତି ତୋର ଆଦର୍ଶସ୍ଥାନୀୟ,
ସ୍ୱସ୍ଥଣେ କହୁଅଛୁ ସଦା ରାଜପ୍ରିୟ ।
ସୁନ୍ଦର ସ୍ୱପ୍ନଣି ତୁମ୍ଭ ପଞ୍ଚଧାର,
ପଠାନ୍ତର ତୋର ନୀଳ ପାରିବାର ।
ତୁମ୍ଭେ ବହୁତୋଷୀ, ତୁମ୍ଭେ ରତ୍ନଗର୍ଭ,
ରତ ପୁଣି ତୁମ୍ଭେ ସୌନ୍ଦର୍ଯ୍ୟ ସନ୍ଦର୍ଭ ।
ବିରାଜେ ତୋ ରମ୍ୟ ନାଭିକୁଣ୍ଡ ପର,
ଉପଖୋଲ୍ ନାମେ ସୁବିଶାଳ ଦର୍ଶ ।
ଗିରି ଅପ୍ସରାଙ୍କ କ୍ରୀଡ଼ାନିକେତନ,
ପ୍ରାପ୍ତ ତାହା ଦୂରୁଁ ଦର୍ଶେ ଶୋଭାବନ ।
ପ୍ରସ୍ତରେ ପ୍ରବାଦ ଯୋଗୀ ଋଷି ତହିଁ,
ରତ ଥିଲେ ତପେ ନିକାଞ୍ଚନେ ରହି ।
ଶ୍ରୀ ମହେନ୍ଦ୍ର ଦେବ ତେଜି ରାଜଭୋଗ,
ଯୋଗୀ ବେଶେ ତହିଁ ସାଧୁଥିଲେ ଯୋଗ ।
ଘୋଷୁଛି ଯାହାଙ୍କ ସୁବିମଳ ଯଶ
ସୁବ୍ୟବସ୍ଥା ଗ୍ରନ୍ଥ "ପଣ୍ଡିତସର୍ବସ୍ୱ" ।
ଥିଲେ ଯଶୋଧନ ରାଜଧର୍ମୀ ରାଜା,
ବାଜୁଛି ଉତ୍କଳେ ତାଙ୍କ ଖ୍ୟାତିବାଜା ।
ବାହ୍ୟେ ମାତ୍ର ରାଜା ସ୍ୱଭାବେ ସେ ତ୍ୟାଗୀ
ସନାତନ ଧର୍ମେ ଚିର ଅନୁରାଗୀ ।
ପ୍ରାତଃସ୍ମରଣୀୟ ସେ ମହା ମନସ୍ୱୀ,
ଆଦର୍ଶ ସନ୍ନ୍ୟାସୀ ଆଦର୍ଶ ତପସ୍ୱୀ ।
କରଗ୍ରାହୀ ପ୍ରଜା ରାଜ୍ୟର ନୃବର,
କରନ୍ତି ଗ୍ରହଣ ଋଣ ଛଳେ କର ।
ପ୍ରଜାର ଉନ୍ନତି ସାଧି ବହୁଗୁଣ,
ପରିଶୋଧ ପରି କରନ୍ତି ସେ ଋଣ ।
ନୃପ ଶ୍ରେଷ୍ଠ ଖଣ୍ଡି ଦୁର୍ଜନର ଅରି,
ପ୍ରଜା-ଧନ-ଧର୍ମ ଜୀବନ ପ୍ରହରୀ ।

ପ୍ରଜାପ୍ରାଣ ରାଜା, ପ୍ରଜା ରାଜଶକ୍ତି,
ନୃପତି ତାରକ, ପ୍ରଜା ଏ ବଭକ୍ତି ।
ରାଜା ପ୍ରଜା ମଧ୍ୟେ ଏ ମହା ସମ୍ପର୍କ,
ଅଚ୍ଛେଦ୍ୟ ଅଶେଷ ମଙ୍ଗଳକାରକ ।
ପ୍ରଜା ପାଇଁ ରାଜା ସୃଜିଛନ୍ତି ବିଧି,
ପ୍ରଜାଙ୍କର ରାଜା ଶ୍ରେଷ୍ଠ ପ୍ରତିନିଧି ।
ବୁଝନ୍ତି ଏ ତତ୍ତ୍ୱ ଯେଉଁ ନୃପବର,
ରାଜୋପାଧି ଏକା ସାର୍ଥକ ତାଙ୍କର ।
ନରେନ୍ଦ୍ର ଶେଖର ଶ୍ରୀ ମହେନ୍ଦ୍ର ଦେବ,
ତାଙ୍କ ଭଳି ପ୍ରାଜ୍ଞ ନ ଥିଲ ନ ହେବ ।
ଯୋଗ୍ୟ ନ୍ୟାୟ୍ୟ ଦାନେ ସେ ନୀତିଭୂଷଣ ।
କରୁଥିଲେ ପ୍ରଜା— ଭକ୍ତି ଆକର୍ଷଣ ।
ତାଙ୍କ ପୁଣ୍ୟସ୍ମୃତି ଅମର ପ୍ରତିଭା,
ଖେଳି ବୁଲୁଅଛି ଏଥି ନିଶିଦିବା ।
କୀର୍ତ୍ତିପ୍ରାଣ ନୃପ କୀର୍ତ୍ତି ଉପାର୍ଜ୍ଜନେ,
ରତ ଥିଲେ ସଦା ଧନେ ପ୍ରାଣେ ମନେ ।
ନର ପ୍ରାଣେ କୀର୍ତ୍ତି ଅମର ବିଭୂତି,
ଅନଶ୍ୱର ବିଶ୍ୱେ କୀର୍ତ୍ତିମନ୍ତ ମୂର୍ତ୍ତି ।
କୁଠେଁ ତୋହର ରମ୍ୟ ଉପତ୍ୟକା,
ଖସିପଡ଼ିଛି କ ସ୍ୱର୍ଗରୁ ଅଲକା !
ପ୍ରେମ ଶାନ୍ତି ମୈତ୍ରୀ ସତ୍ୟ ଧର୍ମଭାବ,
ବିସ୍ତାରିଅଛନ୍ତି ସେଠାରେ ପ୍ରଭାବ ।
ପଶେ ନାହିଁ ତହିଁ ଗ୍ରାମ୍ୟ କୋଳାହଳ
ସେ ସ୍ଥାନର ବାୟୁ ପବିତ୍ର ନିର୍ମଳ ।
ସେ ସ୍ଥାନ ପରଶେ ଶୁଦ୍ଧ ହୁଏ ମନ,
ଅନଳ ପରଶେ କାଞ୍ଚନ ଯେସନ ।
ସଂସାରର ତପ୍ତ ପ୍ରଶ୍ୱାସେ ସେ ସ୍ଥଳ,
ତପ୍ତ ନୁହେ, ତାହା ସର୍ବଦା ଶୀତଳ ।
ଅଛି ତହିଁ ଏକ ସୁନ୍ଦର ଉଦ୍ୟାନ,
ଫଳ ଫୁଲେ ନତ ତରୁଲତାମାନ ।
ଉଦ୍ୟାନର ଶୋଭା ରମଣୀୟ ଅତି,
ଦୃଷ୍ଟିମାତ୍ରେ ନିଏ ହରି ସତିମତି ।

ପଶିଲେ ଉଦ୍ୟାନେ ପ୍ରତେ ହୁଏ ମନେ,
ଭ୍ରମୁଛୁ କି ସତେ ଚୈତ୍ରରଥ ବନେ ।
ଉଦ୍ୟାନ-ରଚକ ଜନୈକ ସନ୍ନ୍ୟାସୀ,
ବିଶ୍ୱପ୍ରେମବ୍ରତୀ ନିତ୍ୟ ଯୋଗାଭ୍ୟାସୀ ।
ପୁତ୍ରକନ୍ୟା ପ୍ରାୟେ ତରୁଲତାଚୟେ,
ପୋଷିଛନ୍ତି ସାଧୁ ସସ୍ନେହେ ସଦୟେ ।
ମାକନ୍ଦ, କମଳା ଆଦି ତରୁବୀଥି,
ପକ୍ୱ ଫଳ ଦାନେ ତୋଷନ୍ତି ଅତିଥି ।
ସାରି ଶୁକ ପିକ ହୋଇ ହୃଷ୍ଟଚିତ୍ତ,
ଗାଆନ୍ତି ଉଦ୍ୟାନେ ମଧୁର ସଙ୍ଗୀତ ।
ନାନାଜାତି ପୁଷ୍ପେ ପୂର୍ଣ୍ଣ ସେ ଉଦ୍ୟାନ,
ବସନ୍ତଶ୍ରୀଙ୍କର ପ୍ରିୟ ବାସସ୍ଥାନ ।
ବର୍ଣ୍ଣି ନୁହେ ଗୀତରେ ଉଦ୍ୟାନ-ସୁଷମା,
ସେହୁ ଏକା ତାର ସୁଯୋଗ୍ୟ ଉପମା ।
କରନ୍ତି ସେ ଦୃଶ୍ୟ ଅନୋପମା ଭୟ,
ପଶିଲେ ଲଭନ୍ତି ତହିଁ ପରାଜୟ ।
ଧୀରେ ଧୀରେ ବହି ମଳୟ ମାରୁତ,
ବହି ଆଣୁଥାଏ କୁହୁଁ ପକ୍ଷୀ ଗୀତ ।
ତରୁବରୁ କରି ଶାଖା ସଞ୍ଚାଳନ,
କରୁଛନ୍ତି ସଦା ପଥିକେ ଆହ୍ୱାନ ।
କୁସୁମ ନିଃଶ୍ୱାସ ବୋଲହୋଇ ରଙ୍ଗେ,
ଖେଳାଏ ଉଦ୍ୟାନ ସୌରଭ ତରଙ୍ଗେ ।
ମଧ୍ୟାହ୍ନରେ ତହିଁ କଳାପୀ କଳାପେ,
ମତ୍ତ ଷଡ୍ଜ-ସ୍ୱରେ ସଙ୍ଗୀତ ଆଳାପେ ।

ପଞ୍ଚଧାର ତୋର ବସନ୍ତବିଭବ,
ଭାଷାରେ ବର୍ଣ୍ଣିବା ସିନା ଅସମ୍ଭବ ।
କଳ୍ପନା ତହିଁ କି ଏକାନ୍ତ ଅଯୋଗ୍ୟ,
କେବଳ ଦର୍ଶକ ନେତ୍ର-ଉପଭୋଗ୍ୟ ।
ସୌନ୍ଦର୍ଯ୍ୟ ତୋହର ସ୍ୱପନ ଅତୁଳ,
ଅପୂର୍ବ ବୈଚିତ୍ର୍ୟ ସେ ସ୍ୱପ୍ନର ଫୁଲ ।

ବସନ୍ତର ତୁହି ଚିର-ପ୍ରିୟ-ବାସ
ବାନ୍ଧିଛୁ ତା ପାଦେ ସମ୍ମୋହନ ପାଶ ।
କି ଜାଦୁମନ୍ତ୍ର ଜାଣୁ ତୁ ଶିଖସ୍ତା,
ରଖିଛୁ ସେ ମନ୍ତ୍ରେ ତାକୁ ବଶକରି ।
ବିଚିତ୍ର ତୋହର ଶରୀର ଗଠନ,
ଯେଭଳି ସୁନ୍ଦର ସେଭଳି ଭୀଷଣ ।
ଅବୋଧ ବଧିର ବିଧାନ ଆଭାସ,
ଭୀଷଣତା ମଧ୍ୟେ ସୌନ୍ଦର୍ଯ୍ୟର ବାସ ।
ନୋହୁଥିଲେ ସିନ୍ଧୁ ବୀଚି ଭୟଙ୍କର,
ଜନନେତ୍ରେ ସେ କି ଦିଶନ୍ତା ସୁନ୍ଦର !
ଦେଖୁଥିଲେ ତୋତେ ପୂରେ ନାହିଁ ଆଶା,
ବଢୁଥାଏ କ୍ରମେ ଦର୍ଶକ-ପିପାସା ।
ହେଲେ ସୁଦ୍ଧା ତୁହି ପାଷାଣ-କଠୋର,
ନିତ୍ୟ ନୂତନତା ବିଶେଷତ୍ୱ ତୋର ।
ନାନାବିଧ ବାଦ୍ୟ, ବିବିଧ ସଙ୍ଗୀତ,
ବସନ୍ତେ ତୋ ବକ୍ଷେ କରେ ଉସ୍ରବିତ ।
ବାଜେ ଠାବେ ଠାବେ କଳନାଦୀ ବୀଣା,
ଭାବୁକ ଦର୍ଶକ ମନକର୍ଣ୍ଣକ୍ଷୀଣା ।
ଆଳାପେ ପଞ୍ଚମେ ପିକ ବନକବି,
ଶ୍ରବଣେ ସେ ଗୀତ ଚିତ୍ତ ଯାଏ ଦ୍ରବି ।
କେଁଆଁପକ୍ଷୀ ଗାଏ ବିଷାଦ ରାଗିଣୀ,
ସକରୁଣ ସ୍ୱରେ ଚିରବିଷାଦିନୀ ।
ଅନଳକୁମାରୀ ରାଗିଣୀ ଶାର୍ଦ୍ଦୂଳ,
ଭୈରବ ରାଗରେ ରଣବଧୂକୁଳ,
କରନ୍ତି ଆବୃତ୍ତି ଧ୍ୱଂସ ରୁଦ୍ରଗୀତ,
ଶୁଣି ତାହା ଭୟେ ଥରଉଠେ ଚିତ୍ତ ।
ସ୍ୱଭାବେ ଚିରାନ୍ଧ ତୁ ମହାପର୍ବତ,
ଇନ୍ଦ୍ରୋପାଧି ତୋର ନୁହେ ଅସଙ୍ଗତ ।
ବନେ ବନେ ଫୁଟି ଅଗଣିତ ଫୁଲ,
ମଧୁବ୍ରତକୁଳେ କରନ୍ତି ଅକୁଳ ।
ମୃଗ ଭଲ୍ଲୁଥ ଆଘ୍ରାଣି ସୌରଭ,
ଭୁଞ୍ଜନ୍ତି ସନ୍ତୋଷେ ଆନନ୍ଦ ଦୁର୍ଲଭ ।

ତରୁଶାଖେଜେମା ବନଲକ୍ଷ୍ମୀ ଫୁଲ,
ଜଗତେ ତାହାର ଗୌରବ ଅତୁଲ ।
କଜ୍ଜଳପକ୍ଷିକା ବାଏ ଏକସ୍ୱରା,
ଡମ୍ବକାଉ ପକ୍ଷୀ ବଜାଏ ନାଗରା ।
ଗାଏ ଶୁକପକ୍ଷୀ ବିଭାସ ରାଗିଣୀ,
ମହ୍ଲାର ସଙ୍ଗୀତ ଗାଏ ଚାତକିନୀ ।
ଝିଙ୍କପକ୍ଷିକୁଳ ବଜାନ୍ତି ଘୁଙ୍ଗୁର,
ବିସ୍ତାରି ଚନ୍ଦ୍ରକ ନାଚନ୍ତି ମୟୂର ।
ଏରୂପେ ତୋ ବକ୍ଷେ ଲାଗେ ତୌର୍ଯ୍ୟତ୍ରିକ
କିଏ ତୋହ ପରି ସଙ୍ଗୀତ-ରସିକ !
ଅଭ୍ର-ତାରକିତ ତୋର କଳେବର,
ସହସ୍ରାକ୍ଷ ପ୍ରାୟ ଦିଶୁ ତୁ ସୁନ୍ଦର ।
ପଞ୍ଚଧାର ତୋର ସୂର୍ଯ୍ୟୋଦୟ ଶୋଭା,
ଅତି ଉପଭୋଗ୍ୟ ବିଶ୍ୱମନ-ଲୋଭା ।
ତୋ ଶୃଙ୍ଗ ଉହାଡ଼ୁ ଉଠି ବାଳରବି,
ଧରିଲେ ଭାସ୍ୱର ବୃକ୍ଷଖଣ୍ଡ ଛବି ।
ନବଘନ ଶ୍ୟାମ କୌଶଲ୍ୟାନନ୍ଦନ,
କଲେ ଶିବଧନୁ କିବା ଉତ୍ତୋଳନ
ସୀତାବିବାହର ଧନୁର୍ଭଙ୍ଗ ପଣ,
ଚଳନ୍ତିବେ ନଗ, କରୁ ପ୍ରଦର୍ଶନ ।
କ୍ରମେ କ୍ରମେ ଊର୍ଦ୍ଧ୍ୱେ ଉଠି ଦିନକର,
ବିମଣ୍ଡିଲେ ତୋର ଉତ୍ତୁଙ୍ଗ ଶିଖର ।
ପ୍ରାଚୀ ଦିଗଙ୍ଗନା କି ସୁବର୍ଣ୍ଣ କଳସ,
ଶିରେ ଧରି ଉଭା ଚକ୍ଷେ ବହି ହର୍ଷ ।
ସେ ତୀର୍ଥ-ସଲିଳ ସିଞ୍ଚିହୋଇ ଶିରେ,
ଅଭିଷିକ୍ତ ହେବ ଦିବସ ମନ୍ଦିରେ ।
ଦର୍ଶିଲଣି ତାର ପ୍ରତ୍ୟକ୍ଷ ସୂଚନା,
ବାଜେ ଅଭିଷେକ ମଙ୍ଗଳ ବାଜଣା ।
ଖଣ୍ଡିଜଡ଼ା ଦେଇ କୁମ୍ଭାଟୁଆ ଖରେ,
ବଜାଏ ଦୁନ୍ଦୁଭି ଦୁମ୍‌ଦୁମ୍ ସ୍ୱରେ ।
ପ୍ରାତଃ ବୈତାଳିକ ଆନ ପକ୍ଷିଗଣେ,
କରୁଛନ୍ତି ଜୟ— ଦୁହା ଉଚ୍ଚାରଣେ ।

ସ୍ୱଭାବେ ପକ୍ଷୀଏ ଦ୍ୱିଜ ଅଭିହିତ,
କେହୁ ପଢ଼େ ମନ୍ତ୍ର ହୋଇ ପୁରୋହିତ ।
ବାଏ କେହୁ ଶଙ୍ଖ ଆନନ୍ଦେ ଉତ୍ଫୁଲ୍ଲି,
ଦେଉଅଛି କେହୁ ଉଚ୍ଚେ ହୁଳହୁଳି ।
ନବ ନୃପତିଙ୍କୁ ତରୁଲତାକୁଳ,
ଅର୍ପୁଛନ୍ତି ଭେଟି ସୁବାସିତ ଫୁଲ ।
କେହୁ ଅବା ଉଭା ହଞ୍ଜଛନ୍ଦ ଘେନି,
ଧରିଛନ୍ତି କେହୁ ତରାସ ଅଢ଼େଣୀ ।
ଧରିଛି କେହୁ ବା ଘୁମୁରର ଆଳଟ,
ନାଚନ୍ତି ମୟୂରେ ଯେତେକ ନଟୀନଟ ।
ବାଟେଁ କେହୁ ଖଦ ସଞ୍ଚାଳି ପଲ୍ଲବ,
ଲାଗେ ଏହିରୂପେ ଅଭିଷେକୋତ୍ସବ ।
ସୁବର୍ଣ୍ଣ ଉଷ୍ଣୀଷ ସ୍ୱର୍ଣ୍ଣ ପରିଚ୍ଛଦ—
ସହ ଲଭୁଛୁ ତୁ ରାଜମଣ୍ଡିପଦ ।

ଐନ୍ଦ୍ରଜାଲିକ ତୁ କାମରୂପୀ ଗିରି,
ଭିନ୍ନ ଭିନ୍ନ କାଳେ ଧରୁ ଭିନ୍ନ ଶିରୀ ।
ପ୍ରାତଃକାଳେ ଶାନ୍ତ ଗମ୍ଭୀର ମୂରତି,
ମଧ୍ୟାହ୍ନ ସମୟେ ଉଷ୍ଣବୋଳା ଯତି ।
ସୂର୍ଯ୍ୟାସ୍ତ ସମୟେ ଅତସୀନିନ୍ଦିତ,
ମୟୂରକଣ୍ଠିଆ ବର୍ଣ୍ଣେ ବିଚ୍ଛୁରିତ ।
ଚାନ୍ଦଣୀ ରାତରେ ତୋ ଶୋଭା-ବିଭବ,
କବି-କଳ୍ପନାକୁ ଅର୍ପେ ପରାଭବ ।
ଗ୍ରୀଷ୍ମାଲୋକେ ତନୁ ଝଳତଣ୍ଡୁଳିତ,
ଚିତ୍ରମୃଗ ପ୍ରାୟ ଦିଶେ ବିଶୋଭିତ ।
ତୋ ବକ୍ଷେ ବିକ୍ଷିପ୍ତ ଅଭ୍ରଚୂର୍ଣ୍ଣଚୟ,
ଜ୍ୟୋତ୍ସ୍ନା ସ୍ପର୍ଶେ ତାହା ଦିଶେ ଜ୍ୟୋତିର୍ମୟ ।
ପୁଷ୍ପପ୍ରଭା ସଙ୍ଗେ ମିଶୁଛି ସେ ଜ୍ୟୋତି,
ହରପଡ଼ୁଛି କି ପୁଷ୍ପ ହାସୁ ମୋତି ।
ସୁପ୍ତ ମହାକାଶ ସୁପ୍ତ ବସୁମତୀ,
ତୁ ଏକା ଜାଗ୍ରତ ରହି ଗିରିପତି ।

ଉଚ୍ଚାରୁ ପ୍ରଣବ— ମନ୍ତ୍ର ସ୍ୱାହା ମୁଖେ,
ବିଶ୍ୱ-ପ୍ରେମେ ମତ୍ତ ହୋଇ ମହାସୁଖେ ।

ନିଦାଘେ ତୁ ଧରୁ ଉଲଗ୍ନ ମୂରତି
ଦିଶୁ ନିଃସ୍ୱ ପ୍ରାୟ ଦୀନହୀନ ଅତି ।
ଜଳଉଠେ ତୋର ଦେହେ ଦାବାନଳ,
ତୋ ଆଶ୍ରିତ ଜୀବେ ହୁଅନ୍ତି ବିକଳ ।
ନବବଧୂ ପ୍ରାୟେ ଦିଶୁ ବର୍ଷାକାଳେ,
ଢାଙ୍କିହୋଇ ତରୁ— ଲତା ଅନ୍ତରାଳେ ।
ଶରତ୍କାଳେ ଧରୁ ସୁନ୍ଦର ଆକୃତି,
ପିନ୍ଧାଏ ଭୂଷଣ ତୋ ଅଙ୍ଗେ ପ୍ରକୃତି ।
ହେମନ୍ତ ଶିଶିରେ ରେ ମହାଶିଖରୀ,
ଜୀର୍ଣ୍ଣ ରୁକ୍ଷ ବେଶ ଧରୁ ବୃଦ୍ଧ ପରି ।
ବସନ୍ତେ ତୁ ହେଉ ଅମରବନ୍ଦିତ,
ଋତୁରାଜେଶ୍ୱର ବେଶେ ସୁସଜ୍ଜିତ ।
ସହକାର ତରୁ ଖଟେ ତୋ ନୀଡରେ,
ସୁବର୍ଣ୍ଣ ମୁକୁଟ ପିନ୍ଧାଏ ତୋ ଶିରେ ।
ଶୋଭେ ତୋ ଶରୀରେ ପୁଷ୍ପ ପତ୍ରଛଦ,
ଲକ୍ଷ ତୁହି କୋଟି କୁବେର-ସମ୍ପଦ ।
ଲଭଣ ସୁନାର ଆନନ୍ଦ ଅପାର,
ତୋ କଣ୍ଠେ ଲମ୍ବାଇ— ଦିଏ ସ୍ୱର୍ଣ୍ଣହାର ।
ଆନ ତରୁଲତା ବିବିଧ ଭୂଷଣେ,
ସରାଗେ ତୋ ଅଙ୍ଗେ କରନ୍ତି ମଣ୍ଡନ ।
ସେ କାଳେ ଦିଶୁ ତୁ ପରମ ସୁନ୍ଦର,
ଯେସନ ତରୁଣ ବିବାହାର୍ଥୀ ବର ।
ନିରେଖି ତୋ ରୂପ ଦିଗଙ୍ଗନାଗଣ,
ଇଚ୍ଛନ୍ତି କରିବେ ସ୍ୱୟମ୍ବର ପଣ ।
ସୁନ୍ଦର ପାଦର ଛନ୍ଦିବାକୁ କର,
ପ୍ରତ୍ୟାଶିନୀ ସଦା ସୁନ୍ଦରୀନିକର ।

ମହାପୁରାତନ ତୁହି ପଞ୍ଚଧାର,
ଯେପରି ମହତ ସେପରି ଉଦାର ।

ବହୁଦର୍ଶୀ ପୁଣି ବହୁ ଅନୁଭବୀ,
ଦେଖିଲୁଣି କେତେ ପୁରାତନ ଛବି ।
କେତେ ଆବିର୍ଭାବ କେତେ ତିରୋଭାବ,
ତୋ ସ୍ମୃତିଖାତାରେ ଲଭିଅଛି ଠାବ ।
ଦୁଷ୍ଟ ପ୍ରବଳର କ୍ରୂର ଅତ୍ୟାଚାର,
ଦୀନ ଦୁର୍ବଳର ଅଭିହାହାକାର,
ଦେଖିଅଛୁ ନେତ୍ରେ ଶୁଣିଅଛୁ କର୍ଣ୍ଣେ,
ତୋ ହୃଦୟେ ଲେଖା ତାହା ବର୍ଣ୍ଣେବର୍ଣ୍ଣେ ।
ବିଜୟୀ ବୀରର ବିକଟ ଚିତ୍କାର,
ଶୁଣିଅଛୁ କର୍ଣ୍ଣେ ତୁହି ପଞ୍ଚଧାର ।
ବିଜିତର ଉଷ୍ଣ ହତାଶ ନିଃଶ୍ୱାସ,
ଶୁଣି ତୁ ଅର୍ପିଛୁ ନୀରବେ ଆଶ୍ୱାସ ।
ସେହି ଅତ୍ୟାଚାରୀ ଦର୍ପୋଦ୍ଧତ ବୀରେ,
ନାହାନ୍ତି ରେ ନଗ ଆଜ ଏ ମହୀରେ ।
ସରିଗଲା ତାଙ୍କ ସକଳ ଉତ୍ପାତ,
ତୋ ଆଗରେ ସର୍ବେ ହେଲେ ଧୂଳିସାତ ।
ନର ଜୀବନର ଘଟଣା-ନିକର,
ଅଗୋଚର ତୋର ନୁହେଁ ଗିରିବର !
ବୋଲନ୍ତି ସକଳେ ଯାହାକୁ ଜୀବନ,
ଜୀବନ ନୁହେଁ ସେ ସୁଦୀର୍ଘ ସ୍ୱପନ ।
ମୋହବଶେ ଜନେ ନ ବୁଝନ୍ତି ତଥ୍ୟ,
ସ୍ୱପନକୁ ସିନା ମଣୁଥାନ୍ତି ସତ୍ୟ ।
ଭାଙ୍ଗିଗଲେ ସ୍ୱପ୍ନ ସରିଯାଏ ସତ୍ତା,
ଏଥିପାଇଁ ପୁଣି ଦେଖାନ୍ତି ମମତା ।
ମୋର ମୋର କହି କରେ ସେ ଚିତ୍କାର,
ବାସ୍ତବରେ କେହି ନୁହନ୍ତି ତାହାର ।
ଜ୍ଞାତିବନ୍ଧୁବର୍ଗ ଆତ୍ମଜ କଳତ୍ର,
କେ କାହାର ନୁହେଁ ସକଳେ ସ୍ୱତନ୍ତ୍ର ।
ଆତ୍ମୀୟ ବୋଲି ଯେ ଦେଖାନ୍ତି ମୁଆଁସ,
ସେ ସକଳେ ସିନା ଅର୍ଥ-ସ୍ୱାର୍ଥ-ଦାସ ।
ହୁଅନ୍ତି ଆତ୍ମୀୟ ସର୍ବେ ସ୍ୱାର୍ଥ ପାଇଁ,
ସ୍ୱାର୍ଥ ସରିଗଲେ ଯାଆନ୍ତି ପଳାଇ ।

ସଂସାରର ଏହି ଘୃଣ୍ୟ କୁଷ୍ଠରୋଗ,
ତୋ ଅଗ୍ରତେ ଚିର ରହିଅଛି ନତ ।
ରହିଛି ଗୌରବେ ଜନ୍ତୁ ସବୁ ଜାଣ,
ବିସ୍ମୟରେ ତେଣୁ ହୋଇଅଛୁ ସ୍ଥାଣୁ ।
ଏ କୁଷ୍ଠରୋଗର ଯୋଗ୍ୟ ପ୍ରତିକାର,
କରିବା ଶକ୍ତି ତୋ ନାହିଁ ପଞ୍ଚଧାର !
ଦେଖୁଅଛୁ ନେତ୍ରେ ଶୁଣୁଅଛୁ କାନେ,
କି କରିବୁ, ମାତ୍ର ରହିଛୁ ଗୁମାନେ ।
ଦୁର୍ନୀତି ଦମନେ ନ ଥିଲେ କ୍ଷମତା,
ଶ୍ରେୟସ୍କର ଏକା ତହିଁ ନୀରବତା ।
ଦେଖିଲୁଣି କେତେ ମହତ ଆଦର୍ଶ,
ଶୁଭାନୁଷ୍ଠାନର ବିପୁଳ ଉତ୍କର୍ଷ ।
କେତେ ଯୋଗଜନ୍ମା ଧର୍ମ-କର୍ମବୀରେ,
ଅକ୍ଷୟ ସୁକୀର୍ତ୍ତି ଅର୍ଜ୍ଜିଲେ ମନ୍ଦିରେ ।
ହୋଇ କେତେ ଧନୀ ସତ୍କର୍ମେ ଆକୃଷ୍ଟ,
ଯାଇଛନ୍ତି ଗଢ଼ି ଦାନର ଅଦୃଷ୍ଟ ।
କେତେ ଦେଶଭକ୍ତ ଧର୍ମପ୍ରଚାରକ,
କରୁଛନ୍ତି କର୍ମେ ସ୍ୱନାମେ ସାର୍ଥକ ।
ପଞ୍ଚଧାର, ତାହା ଅଛୁ ତୁ ବିଦିତ,
ସକଳ ବିଷୟେ ଅଟୁ ସୁପଣ୍ଡିତ ।
ଏ ଅଷ୍ଟମଲ୍ଲିକ ତୋ ନିବାସରାଜ୍ୟ,
ସାଧୁଅଛି ବହୁ ମହତ ସତ୍କାର୍ଯ୍ୟ ।
ଉନ୍ନତ ମାର୍ଗରେ ହେଉଛି ଧାବିତ,
ମହିମା-ମୟୂଖେ ହୋଇ ସୁରଞ୍ଜିତ ।
ଦେଖୁଛୁ ତୁ ତାର ଅନୁପମ ଶିରୀ,
ବାହୁଲ୍ୟ ବା କସ ବର୍ଣ୍ଣିବି ରେ ଗିରି !

ଚିରରାଜ ତୁହି ମହା ସଦାଶୟ,
ଘନରାଜେ ଦେହେ ଦେଉଛୁ ଆଶ୍ରୟ !
ଆବର ଅର୍ପିଛୁ ଆଶ୍ରା ଗଜରାଜେ,
ମହାନନ୍ଦେ ସେ ତୋ ଗହ୍ୱରେ ବିରାଜେ ।

ଶାଶ୍ୱତ ନିୟମ ସିନା ଏ ଜଗତେ,
ମହତକୁ ଆଶ୍ରା ଦିଅନ୍ତି ମହତେ ।
ହେଲେ ସୁଦ୍ଧା ପ୍ରାଣ ଆସି କଣ୍ଠାଗତ,
ଇତରର ଆଶ୍ରା ନ ଲୋଡ଼େ ମହତ ।
ଆଶ୍ରା କରେ ଭୂମି ମହାସିନ୍ଧୁ ଜଳ,
ଲୁଟିବ କି ତାକୁ ପଙ୍କିଳ ପଲ୍ୱଳ ?
କ୍ଷୁଦ୍ର ହେଲେ ସୁଦ୍ଧା ମହତ ଗୁଣକ,
ଧରା-ନୀର ତେଜି ପିଏ ଘନୋଦକ ।
ନାରିକେଳ ପରି ବ୍ୟବହାର ତୋର,
ଭିତର କୋମଳ ବାହାର କଠୋର ।
ଅସଂଖ୍ୟ ପ୍ରାଣୀଙ୍କୁ ପ୍ରଦାନି ଭୋଜନ,
ପାଳିଅଛୁ ତୁହି ଧର୍ମ ସନାତନ ।
ଧର୍ମ ଏକା ଗିରି ତୋର ବଡ଼ପଣ,
ଧର୍ମ ଏକା ତୋର ଚିରଏଭୂଷଣ ।

ପଞ୍ଚଧାର ତୋର ଦୃଢ଼ ଆକର୍ଷଣେ,
ଖସି ଆସି ଉର୍ଦ୍ଧ୍ୱୁଁ ନଭସ୍ଥାୟୀ ଘନେ,
ରଚନ୍ତି ତୋ ବକ୍ଷେ କ୍ରୀଡ଼ା ମହୋତ୍ସବ,
ଆଘ୍ରାଣି କୁଟଜ— ପୁଷ୍ପ ସଉରଭ ।
ଧାବନ୍ତି ସକଳେ ହୋଇ ବିଶୃଙ୍ଖଳ,
ଯେସନେ କ୍ରୀଡ଼ାରତ ଶ୍ୱେତହସ୍ତିଦଳ ।
ଦୁନ୍ଦୁଭି ନିନାଦେ ଗରଜି ଗମ୍ଭୀରେ,
ଅନର୍ଗଳ ଜଳ ବର୍ଷନ୍ତି ତୋ ଶିରେ ।
ଧୈବତ ରାଗିଣୀ ଆଳାପନ୍ତି ଭେକ,
ଏ ଭାବେ ହୁଏ ତୋ ରାଜ-ଅଭିଷେକ ।
ସ୍ୱଭାବେ ତୁ ରାଜା ଶିଖରସମାଜେ,
ଏ ଉପମା ତୋତେ ପୂର୍ଣ୍ଣରୂପେ ସାଜେ ।
ଏ ରାଜ୍ୟର କୃଷି-କ୍ଷେତ୍ରେ ସେହି ଜଳ,
ମାଡ଼ି କରେ ତାକୁ ଶସ୍ୟ ସୁଶ୍ୟାମଳ ।
ତହୁଁ କୃଷିବଳ ହୋଇ ଉଲ୍ଲସିତ,
ବଂଶୀ ବାଇ ଗାଏ ଆଶାପୂର୍ଣ୍ଣ ଗୀତ ।

ବନ୍ଧନେଇ ସାର ତୋ ଦେହରୁ ଝର,
ଉର୍ବରଏ କୃଷି— କ୍ଷେତ୍ରେ ସମ୍ପର୍କର ।
ଜ୍ୟୋତିରାଜ ରବି ସ୍ୱଜ୍ୟୋତି ଯେସନ,
ଲକ୍ଷ ତାରାଦଳେ କରନ୍ତି ବଣ୍ଟନ ।
ତେସନ ତୁ ଗିରି ବହୁ ଅନୁରକ୍ତ,
କୁଟିଯେବେ ଦାନ କରୁ ନିଜ ଶକ୍ତ ।
ହୁଏ ଯାର ଧନ ସମ୍ମାନେ ପ୍ରଦତ୍ତ,
ସେହି ଏକା ଜ୍ଞାତ ଦାନର ମହତ୍ତ୍ୱ ।
ପଞ୍ଚଧାର ତୁହି ମହାପୁରାତନ,
ଘନ-ରାଜାର ତୁ ବନସିଂହାସନ ।
କ୍ଳାନ୍ତ ଘନ ଧରି ମୂର୍ତ୍ତି ଅଭିରାମ,
କରେ ଯେବେ ଅସି ତୋ ଶିରେ ବିଶ୍ରାମ,
କାହିଁ ସେ ଦୃଶ୍ୟର ଆନ ଲକ୍ଷ୍ୟ ଅବ,
ଐରାବତ ପୃଷ୍ଠେ ବିଜେ କି ମଘବା !
ଦେଖିଛି ଯେ ଥରେ ସେ ସୁଷମା ଆହା,
ଜୀବନେ ସେ କେବେ ନ ଭୁଲିବ ତାହା ।
ଗିରିବର ତୁହି ପରମ ବୈଷ୍ଣବ,
ବିଷ୍ଣୁଭକ୍ତିରେ ତୋ ଗଢ଼ା ଅବୟବ ।
ସତତ ତୁ ଯେଣୁ ବିଷ୍ଣୁଭକ୍ତିଯୁକ୍ତ,
ସଂସାରେ ଥାଇ ତୁ ହେଉଣୁ ଜୀବନ୍ମୁକ୍ତ ।
ତୋ ଦର୍ଶନେ ଚିତ୍ତ ହୁଏ ସୁପ୍ରସନ୍ନ,
ହୁଏ ସୁପବିତ୍ର କଳୁଷିତ ମନ ।
ଶରତେ ଯେସନ କଳୁଷିତ ଜଳ,
ଅଗସ୍ତ୍ୟ ଦର୍ଶନେ ହୁଏ ସୁନିର୍ମଳ ।
ତୁହି ବୃନ୍ଦାବନ ଦ୍ୱାରକା ମଥୁରା,
ଯୋଗୀ ମନ-ମୃଗ— ବନ୍ଧନ-ବାଗୁରା ।
ଗୁହା ମୁଖେ ସଦା ଉଠାଉ ପ୍ରଣବ,
ଝର ଶବ୍ଦ ଛଳେ ଗାଉ ବିଷ୍ଣୁସ୍ତବ ।
ଧର୍ମଭାବଯୁକ୍ତ ହୁଏ ପାପଚିତ୍ତ,
କାହିଁକି ତୋଠାରୁ ବଳି ମୁକ୍ତିତୀର୍ଥ ?
ବିଶ୍ୱପ୍ରେମେ ଥାଉ ସତତ ବିଭୋର,
ହୃଦୟ କୋମଳ ଦେହ ତୋ କଠୋର ।
କୋମଳ କଠୋର ଅପୂର୍ବ ମିଳନ,
କରିଛୁ ସ୍ୱଦେହେ ତୁହି ପ୍ରଦର୍ଶନ ।

ଗିରିଖୋଲେ ବନେ ଭୟାବହ ସର୍ପ,
ନିର୍ଭୟେ ନିବସି ପ୍ରକାଶନ୍ତି ଦର୍ପ ।
ରଣା ଅଜଗର ବୋଡା ଅହିରାଜ,
ଧୂମକେତୁ ପ୍ରାୟ ସଞ୍ଚାଳନ୍ତି ଲାଞ୍ଜ ।
ନିରେଖି ତାଙ୍କର ଭୀଷଣ ଆକୃତି,
ଶୁଖିଯାଏ ପ୍ରାଣ ଉଡ଼ିଯାଏ ଧୃତି ।
ସେତୁ ପ୍ରାୟ ଦୀର୍ଘ ଅଦ୍ଭୁତ ପ୍ରକାଣ୍ଡ
ସ୍ଥୂଳତାରେ ଯେହ୍ନେ ଶାଳତରୁ କାଣ୍ଡ ।
ଯଥା ଭୀତିପ୍ରଦ ତଥା ବିଷାକର,
ଭ୍ରମନ୍ତି ଯେସନ ଶମନ-କିଙ୍କର ।
ଭ୍ରମି ଇତସ୍ତତଃ ଢାଳି ବିଷଶ୍ୱାସ,
ବନ୍ୟ ଜନ୍ତୁକୁଳେ କରୁଥାନ୍ତି ଗ୍ରାସ ।
ପଡ଼େ ଯେ ହାବୁଡ଼େ ବନେ ବା ଅଚଳେ
ନିକ୍ଷେପନ୍ତି ତାକୁ କରାଳ କବଳେ ।
ବାଘ, ଭାଲୁ ପରି ସେ ଦୁଷ୍ଟନିଚୟ,
କରିଛନ୍ତି ବନେ ବିଭୀଷିକାମୟ ।
ଚିରନୂତନ ତୁ ଗିରି ପଞ୍ଚଧାର,
ନିତ୍ୟ ନବ ନବ ଶୋଭାର ଆଧାର ।
ଉପକଣ୍ଠେ ଶୋଭେ କଶୋର-ଉଦ୍ୟାନ,
ଛାୟା ସୁଶୀତଳ ରମଣୀୟ ସ୍ଥାନ ।
ସ୍ୱାଧୀନ ଶାଖାଳ ପାଦପ କଳାପ,
ଏକତ୍ର ନିବସି କରନ୍ତି ଆଳାପ ।
ଆଦବାରଜନୀ ବନ-ପକ୍ଷିଚୟ,
କରିଥାନ୍ତି ତାକୁ ସଙ୍ଗୀତ-ଆଳୟ ।
ବିବିଧ ଛନ୍ଦରେ ରଚନ୍ତି ସେ ଗୀତ,
ଶୁଣି ତାହା ହର୍ଷେ ସୁବିଭଠେ ଚିତ୍ତ ।
ଫଳେ ଅବନତ ମହୀରୁହଗଣ,
ବିସ୍ମରେ ସେ ତୋର ନନ୍ଦନକାନନ ।

ନିରଖିଲେ ଦୂରୁ ଦିଶେ ସେ ଉଦ୍ୟାନ,
ସଜ୍ଜିତ ସମର— ପ୍ରାଙ୍ଗଣ ସମାନ ।
ଶାଖା-ଅସ୍ତ୍ର ଧରି ଯେସନ୍ତେ ତରୁବୀରେ,
ହୋଇଛନ୍ତି ଉଭା ବ୍ୟୂହ ଆକୃତିରେ ।
ମାଳପଦରାଶି ଝରଣା ସୁଜଳା,
ଉଦ୍ୟାନ କଟିରେ ହୋଇଛି ମେଖଳା ।
ଶତେଶ୍ୱପୂଳାର ସେ ସଖୀ ସୁରାଜନ,
କରନ୍ତି ତାହାକୁ ପ୍ରେମେ ଆଲିଙ୍ଗନ ।
ବିପ୍ରକୁଳମଣି କୁଳମଣି ହୋତା,
ତୋଟା ରଚନାର ପ୍ରଧାନ ଉଦ୍‌ଯୋକ୍ତା ।
ଉଦ୍ୟାନ-ରଚନା — ପ୍ରଣାଳୀ ତାଙ୍କର,
ଅତୀବ ଉନ୍ନତ ଅପୂର୍ବ ସୁନ୍ଦର ।
ସୌନ୍ଦର୍ଯ୍ୟ ସୃଷ୍ଟିରେ ପ୍ରଖର ବୁଦ୍ଧିଆ,
ଆଉର ସେ ଜଣେ ହରହୁନ୍ଦରିଆ ।
ରାଜାଜ୍ଞାରେ ସେହି ସୁଗୁଣନିଧାନ,
ନିର୍ମାଣିଲେ ଏହି ରୁଚିର ଉଦ୍ୟାନ ।
ନିରଖିଲେ ଏହି ଉଦ୍ୟାନ ନକସା,
ନ କରିବ ତାଙ୍କୁ କିଏ ବା ପ୍ରଶଂସା ?
ବିରଚି ଉଦ୍ୟାନ ସେ ବିପ୍ର ଗୋସାଇଁ,
ଅର୍ଥାଗମ ପଥ ଅଛନ୍ତି ଫିଟାଇ ।
ଏଭଳି ଆଦର୍ଶ ଯେଉଁ କର୍ମବୀର
ଦେଖାଏ, ସେ ସିନା ରାଜ୍ୟହିତକାରୀ ।
ଦେଶ-ସୁପୁତ୍ର ସେ ଜାତିବରଣୀୟ,
ପ୍ରଜାର ନମସ୍ୟ ରାଜାଙ୍କର ପ୍ରିୟ ।
ଦେଖିଲେ ସମ୍ମୁଖେ ଆଦର୍ଶ ମହତ,
ଅନୁକରଣର ଇଚ୍ଛା ଜନ୍ମେ ସ୍ୱତଃ ।

ଅପୂର୍ବ ସୁରମ୍ୟ ଦର୍ଶନୀୟ ସ୍ଥାନ,
ଗିରି-ପଦପ୍ରାନ୍ତେ କେତକା-ଉଦ୍ୟାନ ।
ଯୋଗୀ ପାଦତଳେ ପଞ୍ଚଶିଷ୍ୟ ପ୍ରାଏ,
ସେ ଗିରିରୁ ଉଦ୍ୟାନ ଦୂରୁ ଦେଖାଯାଏ ।

ଅଥବା କୈଳାସ— ପର୍ଯ୍ୟରେ ଯେସନ,
ଦେବ ମନଲୋଭର ଶିବ-ଉପବନ ।
କେତକା ଉଦ୍ୟାନ ଦୃଶ୍ୟ ପାଶେ ଛନ୍ଦ,
ଦର୍ଶକ-ନୟନେ ରଖେ କରେ ବନ୍ଦୀ ।
ନାନାଜାତି ଆମ୍ବ, ପିଜୁଳି, ପଣସ,
କମଳା, କଦଳୀ, ଲେମ୍ବୁ, ଅନାରସ,
ସୁରଙ୍ଗ ନାରଙ୍ଗ, ଲିଚୁ, ସୀତାଫଳ,
ବରକୋଳି ଆଦି ପାଦପ ସକଳ,
ଧାଡି ଧାଡି ହୋଇ ହୋଇଛନ୍ତି ଠିଆ,
କେ ଉଇ,କେ ଖର୍ବ, କେହି ଝଙ୍କାଳିଆ ।
ଅମୃତଭଣ୍ଡାର ଯେ ଅମୃତମଣ୍ଡା,
ଝୁଲୁଥାଏ ପାଚି ଗଣ୍ଡା ଗଣ୍ଡା ।
ଖାଇଲେ ସେ ଫଳ ଅମରନଗର,
ନ କରିବେ ପସ୍ତ ଅମୃତେ ଆଦର ।
ନାଗବଲ୍ଲୀ ବସି କୁଟୀର ଭିତରେ,
କର-ପଦ ଠାରି ଡାକୁଛି ଭ୍ରମରେ ।
ମାନ ନ ଥିବାରୁ ମଧୁରସ ତହିଁ,
ନ ଶୁଣେ ସେ ଡାକ ଅଳି ଦର୍ପ ବହି ।
ନାନାଜାତି ରମ୍ଭା ବହୁ ପରିମାଣେ,
ହୋଇଛି ରୋପିତ ଏ ରମ୍ୟ ଉଦ୍ୟାନେ ।
କହ୍ନାଇ-ବଇଁଶୀ ନାମିତ କଦଳୀ,
ଫଳଭାରେ କାହିଁ ପଡ଼ିଅଛି ଢଳି ।
ଶ୍ରୀକୃଷ୍ଣଙ୍କ ବଂଶୀ ପ୍ରାୟ ଅବିକଳ,
ଦିଶେ ସୁନ୍ଦର ଏ କଦଳୀ ଫଳ ।
ନାନାଜାତି ତରୁ ସହସ୍ର ସଂଖ୍ୟାରେ,
ହୋଇଛି ରୋପିତ ଏଥି ଏକାଧାରେ ।
ଚାହିଁଲେ ଉଦ୍ୟାନେ ଫାଟିପଡ଼େ ନେତ୍ର,
ଏ ନିଶ୍ଚେ ଆଦର୍ଶ ରମ୍ୟ କୃଷିକ୍ଷେତ୍ର ।
ସ୍ୱଦେଶୀ ବିଦେଶୀ ବହୁ ଫଳମୂଳ,
ଶାକସବ୍‌ଜି ଆଦି ସର୍ବେ ଏଥି ମିଳ ।
ଆଖୁ ଗୋଧୁମାଦି ଶସ୍ୟସମ୍ଭାରରେ,
ସାମୟିକ ଶୋଭା ଏ ଉଦ୍ୟାନ ଧରେ ।

ପର୍ବତ ଉପରୁ ଢେଉକା ନିର୍ଝର,
ଏଠାର ବନଭୂମି କରୁଛି ମୁଖର ।
ଗାଉଛି ସର୍ବଦା କି ଅବୋଧ ଗୀତ,
ଶୁଣି ତା ଉଲ୍ଲାସେ ପୁରିଉଠେ ଚିତ୍ତ ।
ବୁଝି ନୋହେ ତାର ଛନ୍ଦ ଅର୍ଥ ଶ୍ଳେଷ,
ଅମର ଗୀତ ସେ ନାହିଁ ତାର ଶେଷ ।
ବହେ ଧୀରେ ସ୍ରୋତ ଉର୍ମିସଙ୍କୁଳ,
କଳ୍ପନା-ଲତାରେ ଫୁଟିଛି କି ଫୁଲ !
ବସିଅଛି ଏଥି ଫୁଲର ବଜାର,
ଫୁଟିଅଛି ଫୁଲ ଅସଂଖ୍ୟ ପ୍ରକାର ।
ପ୍ରକାଶିଛି ସ୍ଥାନ ବିଶୃଙ୍ଖଳ ଶୋଭା,
ଅତି ରମଣୀୟ ମନ-ନେତ୍ର-ଲୋଭା ।
ବିଶୃଙ୍ଖଳ ଶୋଭା ଶୋଭାର ଭୂଷଣ,
ଶୋଭାପାୟୀ ଜନ— ନେତ୍ର-ବିମୋହନ ।
ଶ୍ରୀ ମହେନ୍ଦ୍ରଦେବ ଶୁଭ ଗୁଣାଧାର,
ଏ ସୁରମ୍ୟ ସ୍ଥାନ କରି ଅବିଷ୍କାର,
ରଚିଥିଲେ ଏଥି ସୁନ୍ଦର ଉଦ୍ୟାନ,
କରୁଥିଲେ ମୋଦେ ଗ୍ରୀଷ୍ମେ ଅବସ୍ଥାନ ।
ତାହାଙ୍କ ରୋପିତ କମଳା ପ୍ରଭୃତି,
ବହୁଛି ଅବଧି ତାଙ୍କ ପୁଣ୍ୟସ୍ମୃତି ।
ନିଦାଘେ ଏଠାରେ ବାଧେ ନାହିଁ ଖରା,
ଅଠମଲ୍ଲିକରେ ସିମଳା ଏ ପରା ।
ବର୍ତ୍ତମାନ ନୃପ ଶ୍ରୀ କିଶୋରଚନ୍ଦ୍ର,
କଦମ୍ବ ବଂଶର ପୌର୍ଣ୍ଣମାସୀ ଚନ୍ଦ୍ର ।
ସ୍ମୃତିରକ୍ଷାକଳ୍ପେ ପିତାମହଙ୍କର,
ହୋଇଛନ୍ତି ନୃପ ଉଦ୍ୟୋଗରେ ତତ୍ପର ।
ସୁରମ୍ୟ ପ୍ରାସାଦ ହେଉଛି ନିର୍ମିତ,
ହେବ ତହିଁ ତାଙ୍କ ମୂର୍ତ୍ତି ସଂସ୍ଥାପିତ ।
ଯୋଗ୍ୟପୁତ୍ର ସିନା ହୋଇ ସମୁତ୍ସୁକ,
ରଖନ୍ତି ବଂଶର ସ୍ମୃତି ଜାଗରୂକ ।

ବିସ୍ତୃତ ନିଭୃତ ନିସ୍ତବ୍ଧ ସେ ସ୍ଥଳ,
ଅତି ରମଣୀୟ ପବିତ୍ର ନିର୍ମଳ ।
ଯୋଗିମନ ମୃଗ— ବାଗୁରା ସେ ସ୍ଥାନ,
ମୁମୁକ୍ଷୁଙ୍କୁ ମୁକ୍ତି ଯାଚି କରେ ଦାନ ।
କବିନେତ୍ରେ ତାହା ତୀର୍ଥ ସାରସ୍ୱତ,
ତ୍ୟାଗୀ ପକ୍ଷେ ପୁଣି ଆଶ୍ରମ ମହତ ।
ଭକ୍ତ ମଣେ ତାକୁ ପ୍ରେମ-ବୃନ୍ଦାବନ,
ସାଧକର ତାହା ବାଞ୍ଛିତ ନିର୍ଜନ ।
ରସିକ ପକ୍ଷରେ ରସର ଆଧାର,
ବିଳାସୀ ପକ୍ଷରେ କେଳି-କ୍ରୀଡ଼ାଗାର ।
ବ୍ରହ୍ମଗ୍ରସ୍ତ ନେତ୍ରେ ବ୍ରହ୍ମଚର୍ଯ୍ୟାଶ୍ରମ,
କ୍ଷିପ୍ତ ମନ ଲଭେ ସେଠାରେ ସଂଯମ ।
ନିରେଖି ସନ୍ନ୍ୟାସୀ ହୁଏ ବିମୋହିତ,
ଫେରିବାକୁ ତହୁଁ ନ ବଳାଏ ଚିତ୍ତ ।
ଦର୍ଶକ ପକ୍ଷରେ ଦୃଶ୍ୟ ପାରାବାର,
ଅନ୍ତଃପୁର ତାହା ଚୋର ପଞ୍ଚଧାର,
କମ୍ପ୍ର ଗିର୍-ଭାବ୍ୟ ଉପାଦେୟ ସର୍ଗ,
ଅବା ସ୍ୱପ୍ନ-ଦୃଷ୍ଟେ ଅଭିନବ ସ୍ୱର୍ଗ ।
ଦୁର୍ଲଭ ସେ ସ୍ଥାନ ମର୍ତ୍ତ୍ୟରେ ବିଭବ,
ତେଜନ୍ତେ କୈଳାସ ଦେଖିଲେ ତା ଶିବ ।
ବନ୍ଧୁ ଅନ୍ତର-ନେତ୍ରୁ ଚୋର ଗିରିବର,
ଝରୁଅଛି ଅଶ୍ରୁଧାରା ନିରନ୍ତର ।
ଶୋକାଶ୍ରୁ କି ତାହା ଆନନ୍ଦାଶ୍ରୁ ଅବା
ଅଥବା ପ୍ରେମାଶ୍ରୁ ରେ ଗିରିମଘବା !
ବୁଝିବ ସେ ତତ୍ତ୍ୱ କେବଣ ବୁଦ୍ଧିଆ,
ଭାବି ଭାବି ମୁହିଁ ହେଲିଣି ହାଲିଆ ।
ହରାଇଛୁ ତୁହି ଅତୀତ ଗୌରବ,
କାନ୍ଦୁଛୁ କି ସ୍ମରି ସେ ମହାବିଭବ ?
କାଳଚକ୍ରେ ସଦା ଘୂରେ ସୁଖଦୁଃଖ,
ସେଥିପାଇଁ ଗିରି କିପାଁ ତୁ ବିମୁଖ ?
ସୁଖ ବୋଲି ଯାକୁ ବୋଲୁଥାନ୍ତି ନର,
ଛଦ୍ମବେଶୀ ଭୂତ ସେ ସିନା ଦୁଃଖର ।

ଦୁଃଖକୁ ଯେ ଯେତେ   କରୁପଛେ ତ୍ରାସ,
ମାତ୍ର ଦୁଃଖ ମଧ୍ୟେ   ସୁଖର ନିବାସ ।
ତିକ୍ତ ପରି ଦୁଃଖ   ହେଲେହେଁ ପ୍ରତୀତ,
ମାତ୍ର ସେହି ତିକ୍ତ   ସାଧେ ବହୁ ହିତ ।
ତିକ୍ତ ରସ ହେତୁ   ମନ୍ଦ କି ଚନ୍ଦନ,
ସୌରଭ ଦାନେ ସେ ହରେ ପ୍ରାଣମନ ।
ପିଚୁମର୍ଦ୍ଦତରୁ   ତିକ୍ତ ଗୁଣ ଧରେ
ମାତ୍ର ମଧୁ ଥାଏ   ତାହାରି ଫୁଲରେ ।
ଦୁଃଖ କଷ୍ଟ ଗିରି ନୁହେଁ କେବେ ହେୟ,
ଆପାତତିକ୍ତ ସେ   ପରିଣାମେ ଶ୍ରେୟ ।
ସୁଖର ଅସ୍ତିତ୍ୱ   ନାହିଁ ଦୁଃଖ ଛଡ଼ା,
ଦୁଃଖ ଉପାଦାନେ   ସୁଖ ହୁଏ ଗଢ଼ା ।
କାଳ ସିନା ସୁଖ—   ଦୁଃଖର ଜନକ,
ସୁଖ ଦୁଃଖ ମଧ୍ୟେ   ସୋଦର ସମ୍ପର୍କ ।
ବେନି ଭ୍ରାତା ମଧ୍ୟେ   ନାହିଁ ଛଡ଼ାଛଡ଼ି.
ରହିଛନ୍ତି ଦୁହେଁ   ହୋଇ ଜଡ଼ାଜଡ଼ି ।
ସୁଖ ଦୁଃଖର ଏ   ନିଗୂଢ଼ ରହସ୍ୟ,
ଗିରିଯୋଗୀ ତୁହି   ବିଜ୍ଞାତ ଅବଶ୍ୟ ।
ଜାଣି ପୁଣି କପାଁ   ହେଉ ଛଳମତି,
କହୁଛୁ କି ତୋତେ   ବାତୁଳ ନିଯତି !
ସୁଖ ଦୁଃଖର ଏ   ବିଷମ ସମସ୍ୟା,
ସମାଧାନ ସିନା   ବୃଥା ବରିବସ୍ୟା । *
ଭାସୁଛି ମୁଁ ସଦା   ଅନ୍ଧକାର ସ୍ରୋତେ,
ଜ୍ଞାନୀ ପରି ପୁଣି   ଉଅରୁଛି ତୋତେ ।
ତୋ ଅଗରେ ଏହି   କ୍ଷୀଣାଲୋକ ଜାଳି,
ନିଜେ ମୁଁ ଅନ୍ଧାରେ   ହେଉଛି ଅନ୍ତରାଳ ।
ଉଅରୁଛି ତୋତେ   ପ୍ରକାଶି ବଢ଼ାଇ,
ଦେଖୁ ନାହିଁ କି ମୁଁ   ନିଜେ ନିଜ ଛାଇ !
ତୁହି ମାୟାମୁକ୍ତ   ମୁଁ ଯେ ମାୟାବନ୍ଧ,
ଆକାଶ ପାତାଳ   ବେନିଙ୍କ ସମ୍ବନ୍ଧ ।

* ଚେଷ୍ଟା

ତୁ ଆଲୋକପ୍ରାପ୍ତ   ମୁଁ ଯେ ଅନ୍ଧାରିଆ,
ହୋଇଛି ତୋ ଆଗେ   ଅନ୍ଧ ପରି ଟିଆ ।
ଅଜ୍ଞ-ଗୁହାଳୀରେ   ମୁଁ ଅଧମ ଗୁଠ,
ଚକ୍ଷୁହୀନେ ଅନ୍ଧ   ଦେଖାଏ କି ବାଟ ?
ଦୟା ବହି ଗିରି   ନ ବହ ତୁ ରୋଷ,
କ୍ଷମନ୍ତି ମହତେ   ଇତରର ଦୋଷ ।
ବାତୁଳ ପରି ମୁଁ   କହୁ ଦୁଇପଦ,
ହେଲି ସିନା ମୁହିଁ   ତୁଚ୍ଛା ହାସ୍ୟାସ୍ପଦ ।
ପିନ୍ଧିଅଛି ମୁହିଁ   ସିନା ଛଦ୍ମବେଶ,
ଶିଷ୍ୟ କି ପ୍ରବୀଣେ   ଅର୍ପେ ଉପଦେଶ ?
ତୁ ମୋହର ଗୁରୁ   ମୁଁ ପାମର ଶିଷ୍ୟ,
ଜଣା ନାହିଁ ମୋତେ ଅତୀତ ଭବିଷ୍ୟ ।
ବର୍ତ୍ତମାନେ ଏକା   ଜପୁଛି ସମ୍ବଳ,
ମୋ କଥାରେ ଗିରି   ନ ବହ ତୁ ଛଳ ।
ଅଜ୍ଞଜନ ଯେବେ   ଉଚ୍ଚଭାଷା ଭାଷେ,
ଉଡ଼ାଇଦଅନ୍ତି ବିଜ୍ଞେ   ତାହା ହାସ୍ୟେ ।
ଅସାର ପ୍ରଳାପ   ବୃଥା ବକ ବକ,
ଗିରିମଣି ମୁହିଁ   ପଡ଼ିଲିଣି ଥକି ।
କିଛିକ୍ଷଣ ଏଥି   କରିବି ବିଶ୍ରାମ,
ଲଭିବି ଆଶ୍ୱାସ   ସ୍ମରି ବନ୍ଧୁନାମ ।
ବସିଲି ତୋ ପଦେ   ହୋଇ ମୁଁ ଆତୁର,
ଶିବପଦପ୍ରାନ୍ତେ   ଯେସନ ଧୁସ୍ତୁର ।

କାନ୍ଦ ନା କାନ୍ଦ ନା ରେ   ମହାଶିଖରୀ,
ପାହିଲାଣି ତୋର   ଦୁଃଖ-ବିଭାବରୀ ।
କର ନାହିଁ ଦୁଃଖ   ତୋତେ ତ, ନିକୃଷ୍ଟ,
ବରଞ୍ଚ ଦେଇଛି   ଗଢ଼ି ତୋ ଅଦୃଷ୍ଟ ।
ଭାଗ୍ୟ-ନଭେ ତୋର   ଉଜ୍ଜଳ-ଭାସ୍କର,
ଉଇଁଲାଣି ସ୍ୱଚ୍ଛେ   ଦେଖ ଗିରିବର !
ଶ୍ରୀ କିଶୋରଚନ୍ଦ୍ର   ସିଂହଦେବ ଭୂପ,
ସ୍ୱଜ୍ୟୋତିକଳିତ ସଙ୍କେ   ସାତ୍ତ୍ୱିକସ୍ୱରୂପ ।

ଆରମ୍ଭି ଅଛନ୍ତି    ମହାତ୍ୟାଗ ଯାଗ,
ସ୍ୱଚ୍ଛ ପୂତ ଚିତ୍ତେ    ବହୁ ଅନୁରାଗ ।
ସେ ମହାଯଜ୍ଞର    ପୁଣ୍ୟ ଧୂମଚୟ,
ବାତରେ ସୁଗନ୍ଧ    ଭ୍ରମି ରାଜ୍ୟମୟ ।
ଦାନେ ତାହାଙ୍କର  ନାହିଁ ତିଳେ ଦ୍ୱିଧା
ଅର୍ପୁଛନ୍ତି ଜନେ    ଅଶେଷ ସୁବିଧା ।
ଅର୍ଜିଛନ୍ତି ତାଙ୍କୁ    ସର୍ବ ଶୁଭଗୁଣ,
ରାଜନୀତିରେ ସେ    ଅତୀବ ନିପୁଣ ।
ତାଙ୍କ ଯୋଗୁଁ ତାଙ୍କ ରାଜ୍ୟ ନିତ୍ୟ ନିତ୍ୟ,
ପ୍ରଗତି ପଥରେ    ହେଉଛି ଧାବିତ ।
କୃଷି, ଶିଳ୍ପ, ଶିକ୍ଷା,    ସମାଜ-ସଂସ୍କାର,
ସାହିତ୍ୟ, ବାଣିଜ୍ୟ,  ସ୍ୱାସ୍ଥ୍ୟ, ସଦାଚାର,
ସକଳ ବିଭାଗେ    ନୃପ ସଂଶୋଧନ,
କରୁଛନ୍ତି ସଦା    ଶ୍ରୀବୃଦ୍ଧି ସାଧନ ।
ଧର୍ମ-ସାଧକ ସେ    ଧର୍ମର ଦାୟାଦ,
ଉଠୁଅଛି ତାଙ୍କ    ନାମେ ସାଧୁବାଦ ।
ଆଦର୍ଶ ତାଙ୍କର    ଶାସନ ପାଳନ,
ନ୍ୟାୟରେ କରନ୍ତି    ଧନ ଉପାର୍ଜନ ।
ଦୟା କ୍ଷମା ତାଙ୍କ    ଚରିତ୍ରଭୂଷଣ,
ବଡ଼ପଣ ତାଙ୍କ    ସଂଯମ ରକ୍ଷଣ ।
ଚିର କାବ୍ୟାମୋଦୀ    ସାହିତ୍ୟ-ରସିକ,
ତାଙ୍କ ଯୋଗୁଁ ଧନ୍ୟ    ଏ ଅଷ୍ଟମଲ୍ଲିକ ।
ପଞ୍ଚଧାର ସେହି    ଭଞ୍ଜ ନରସାଇଁ,
ତୋ ଗତ ଗୌରବ ଆଣିବେ ଫେରାଇ ।
ତୋଳିବେ ସେ ସ୍ୱାସ୍ଥ୍ୟ-ନିବାସ ତୋ ଶିରେ
ବଢ଼ିବ ତୋହର    ମହତ୍ତ୍ୱ ଅଚିରେ ।
ଆଉର ତୋଳିବେ    ଧର୍ମମନ୍ଦିର ସେ,
ହେବୁ ତୁହି ଧନ୍ୟ    ତାହାର ପରଶେ ।
ସାହିତ୍ୟ-ବିନୋଦ  ଯେଣୁ ସେ ସ୍ୱଭାବେ,
ସାହିତ୍ୟ-ଆଗାର ତୋଳିବେ ସେଠାବେ ।
ହସିବ ତୋ ଶିରେ    ସେ ଭବ୍ୟ ମନ୍ଦିର,
ହୀରକ-କଣ୍ଠେ    ପରାଏ ରୁଚିର ।

କେତେ ହେବେ ତହିଁ  ଦେବୀ ଶ୍ୱେତଭୁଜା,
ଲଭିବ ସାଟୋପେ    ସାରସ୍ୱତ ପୂଜା ।
ଲଭିବ ରେ ପୁଣି    ଧର୍ମ-ଉପାସନା,
ଦେବ-ଦେବୀଙ୍କର    ସେବା ଆରାଧନା ।
ଏହାଠାରୁ ବଳି    ସୌଭାଗ୍ୟ ଅପର,
କିସ ବା ଅଧିକ    ବାଞ୍ଛିତ ତୋହର ।
ବହୁଗୁଣେ ତୋର    ବଢ଼ିବ ଗୌରବ,
ଲଭିବ ତୋ ବକ୍ଷେ    ନିତ୍ୟ ମହୋତ୍ସବ ।
ଏଥୁ ବଳି ଅବା    କି ପୌରୁଷ ଧନ,
କରନ୍ତୁ ଚିନ୍ତଜ୍ଞ    ଭବେ ଉପାର୍ଜନ ?

ମାଗୁଛି ମେଲାଣି    ଏବେ ପଞ୍ଚଧାର,
ଘେନ ମୋ ପ୍ରାଣର    ଭକ୍ତି-ଉପହାର ।
ଦୃଶ୍ୟରେ ତୁ ମୋତେ  କରିଛୁ ମୋହିତ
ଯିବାକୁ ତୋ ପାଶୁ  ବଳ ନାହିଁ ଚିତ୍ତ ।
ପଶୁଥିଲେ ପିଣ୍ଡ    କଳ୍ପନା ମଧ୍ୟରେ,
ଦେଖିଯାନ୍ତି ତୋତେ  ନିତ ଆସି ଥରେ ।
ମାତ୍ର ତାହା ସିନା    ଅସମ୍ଭବ ଏକା,
ଏହି ମୋ ପ୍ରଥମ  ଦେଖା,ଶେଷ ଦେଖା ।
ରହିବ ତୋ ସତ୍ତା    ଯୁଗଯୁଗାନ୍ତରେ,
ନିଭିଯିବ ମୁହିଁ    ଦୁଇଦିନ ପରେ ।
ବୟୋଧର୍ମେ ମୁଁ ଯେ  ଏକାନ୍ତ ଦୁର୍ବଳ,
ସରିଲାଣି ଶକ୍ତି—    ସାହସ ସକଳ ।
ପିଣ୍ଡପ୍ରାଣ ଜରା    ପକାଉଛି ମନ୍ଥି,
ହୁଗୁଳି ଆସୁଛି    କ୍ରମେ ପ୍ରାଣଗ୍ରନ୍ଥି ।
ଦେଇଥିଲେ ମୋତେ  ଯାହା ବିଶ୍ୱନାହା,
ନେଲେଣି ଛଡ଼ାଇ ଗୋଟି ଗୋଟି ତାହା ।
ଅଛି ଶୁଷ୍କପ୍ରାଣ    ଶୁଷ୍କପିଣ୍ଡ ଆହା,
ପଞ୍ଚଭୂତେ ଦିନେ    ମିଶିଯିବ ତାହା ।
ଥିବାଯାଏଁ ମୋର    ପିଣ୍ଡରେ ଜୀବନ,
କରୁଥିବି ତୋତେ    ନିରତେ ସ୍ମରଣ ।

ସାଳନ୍ଦୀ କୂଳରେ  ବସି ଯେତେବେଳେ,
ଦେଖୁଥିଲି ବନ୍ୟା— ଦୃଶ୍ୟ ବନ୍ଧୁମେଳେ;
ନଦୀବକ୍ଷ ଛାଇ  ଫେନ ରାଶି ରାଶି,
ଆସୁଥିବ ବନ୍ୟା— ଖରସ୍ରୋତେ ଭାସି,
ବସନ୍ତେ ଯୋ ଦେହେଁ ବିକ୍ଷିପ୍ତ ଯେସନ,
ବହୁ ସୁରଭିତ  ସୁନ୍ଦର ସୁମନ,
ପଡ଼ି ସେ ଫେନରେ  ବାଳ-ରବିକର,
ଦିଶୁଥିବ ତାହା  ଅତୀବ ଭାସ୍ୱର ।
ହୃଷ୍ଟଚିତ୍ତେ ଦେଖି  ବନ୍ୟା-ରୁଦ୍ରଶିରୀ,
ସ୍ମରିବି ସେ କାଳେ  ତୋତେ ମହାଗିରି !
ଉତ୍ତୁଙ୍ଗ ସ୍ଥୂଳ  ଲୌହସେତୁ ଭଳି,
ଦିଶୁଥିବ ଦୂରେ  ନୀଳ ଶୈଳାବଳୀ ।
ନିରେଖି ତାହାର  ମନୋରମ ମୂର୍ତ୍ତି,
ଉଠିବ ମୋ ଚିତ୍ତେ ଜାଗି ତୋର ସ୍ମୃତି ।
ପ୍ରାଚୀଦିଗମୂଳେ  ଗଜାବୌଦ ଘନ,
ଢାଙ୍କିବ ଯେ କାଳେ  ଆଚ୍ଛାଦି ଗଗନ,
ଶୃଙ୍ଗ ବହୁ ଚୂଡ଼ା,  ବହୁ ଦୀର୍ଘସ୍ତର,
ବହିବ ତୋହର  ଯୋଗ୍ୟ ପଟାନ୍ତର ।
ସେ ବିରାଟ ଦୃଶ୍ୟ  କରି ସନ୍ଦର୍ଶନ,
ପଞ୍ଚଧାର ତୋତେ  କରିବି ସ୍ମରଣ ।
ନୈଶ ନୀଳାକାଶେ  ଦୀପ୍ତ ତାରାଦଳ,
ପ୍ରକାଶିବେ ଯେବେ ଜ୍ୟୋତି ଝଳ ଝଳ ।
ଅଙ୍କିବ ମୋ ଆଗେ  ସେ ଦୃଶ୍ୟ ପଲ୍ଲବ,
ଅଭ୍ରଭାରକତ  ତୋ ବକ୍ଷର ଶବ ।
ସ୍ମରିବି ମୁଁ ହର୍ଷେ  ତୋତେ ସେହିକ୍ଷଣି,
ନ ହେବ ଅନ୍ୟଥା  ଏହା ଚିରମଣି !
ନେଉଛି ବିଦାୟ  ନମି ତୋ ଚରଣେ,
ଏତିକି ମାଗୁଣି  ରଖିଥିବୁ ମନେ ।
ଦେଖିଥିଲେ ପୂର୍ବେ  ତୋତେ ଗିରିବର,
ବର୍ଣ୍ଣିଥାନ୍ତି କିଛି  ମହିମା ତୋହର ।
ଅସ୍ପଷ୍ଟ ଦୃଷ୍ଟିରେ  ହେର ତୋତେ ଗିରି,
ବାଳକାଙ୍ଗ ବାଣୀ  କଲି ତୋର ଶିରି ।

ଅସମ୍ପୂର୍ଣ୍ଣଭାବେ  ଅଙ୍କି ତୋର ଛବି,
ଅର୍ପିଛି ରବିକୁ  ଖଦ୍ୟୋତ ପଦବୀ ।
ବୟୋଧର୍ମ-ଚ୍ୟୁତି  ଭରିବୁ ତୁ କ୍ଷମା,
କ୍ଷମାଦାନେ କ୍ଷମ  ଅଟେ ମହାତ୍ମା ।
ଦେଖିବି ଏବେ ତୋ  ଅଧିଷ୍ଠିତ ରାଜ୍ୟ,
କିଭଳି ତା ନୀତି,  କିଭଳି ତା କାର୍ଯ୍ୟ ।
ଶୁଣି ତା ମହତ୍ତ୍ୱ  ଲଭୁଛି ଆନନ୍ଦ,
ମେଣ୍ଟାଇବି ଆଜି  ଚକ୍ଷୁକର୍ଣ୍ଣ ଦ୍ୱନ୍ଦ୍ୱ ।

କି ସୁନ୍ଦର ରାଜ୍ୟ  ଏ ଅଷ୍ଟମଲ୍ଲିକ,
ସୁଷମା-ସମ୍ପଦେ  କେ ତାକୁ ଅଧିକ ?
ପଶ୍ଚିମେ ଉତ୍ତରେ  ପୂର୍ବେ ଗିରିମାଳ,
ରହିଛି ବିସ୍ତାରି  ବପୁ ସୁବିଶାଳ ।
ଯାମ୍ୟଭାଗେ ବହେ  ଚିତ୍ରୋତ୍ପଳା ନଦୀ,
ଉତ୍କଳ-ମଣ୍ଡଳେ  ପୂତ ବାସ୍ତୁପ୍ରଦୀ ।
ଖେଳୁଛି ବିସ୍ତାରି  ନୀଳ ଜଳବେଣୀ,
ମନ୍ଥରେ ଯେସନ  ଗର୍ଭାଳସା ଏଣୀ ।
ସତତ ଏ ମହୀ  ଶସ୍ୟସୁଶ୍ୟାମଳା,
ଗିରି-କିରୀଟିନୀ  କାନନ-କୁନ୍ତଳା ।
କଦମ୍ବବଂଶୀୟ  ନୃପତି-ପାଳିତା,
ଦୃଶ୍ୟ ହାସ୍ୟମୟୀ  ଶୋଭାଙ୍ଗୀ ଲଳିତା ।
ପ୍ରକୃତିଦେବୀଙ୍କ  ଆଦରିଣୀ କନ୍ୟା,
ମହାପୁଣ୍ୟବତୀ  ଯଶେ ଗୁଣେ ଧନ୍ୟା ।
ଉପମା ତାହାର  ମୂଲ୍ୟକୁ ଅତୁଳ,
ସ୍ୱର୍ଗ-ସ୍ୱପ୍ନର ସେ  ରମଣୀୟ ଫୁଲ ।
ରାଜଧାନୀ ତାର  ଏ କଇନ୍ତାଗଡ଼,
ନିଜ ଗୁଣେ ନିଜେ  ହୋଇଅଛି ବଡ଼ ।
ଏ ଅଷ୍ଟମଲ୍ଲିକ  ରତ୍ନଜ୍ୟୋତି ତୁଲ୍ୟ,
କଇନ୍ତା ସହର  ସେ ଜ୍ୟୋତିର ଫୁଲ ।
ଏ ଅଷ୍ଟମଲ୍ଲିକ  ସର ସ୍ୱଚ୍ଛପୟ,
କଇନ୍ତା ତାହାର  ରୁଚ୍ଛ କୁବଳୟ ।

ଅଥବା ଏ ରାଜ୍ୟ ସୁନ୍ଦରୀ ଅପ୍‌ସରୀ,
କଇଲ୍ଲା ତାହାର ଅଲଙ୍କାର ପରି ।
ବିଶ୍ୱନେତ୍ର ଝାରି ଭୂଷା ଏ ଧରଣୀ,
କଇଲ୍ଲା ତା ବକ୍ଷେ କାବ୍ୟତାର୍କ-ମଣି ।
ଶୋଭିରାଣୀର ସେ ମୁକୁଟର ଫଂଗି,
ବସିଛି ବିସ୍ତାରି ସୌନ୍ଦର୍ଯ୍ୟ-ପସରି ।
ଉପଭୋଗ୍ୟ ତାର ଦୃଶ୍ୟ ଉପାଦେୟ,
କବି-କଳ୍ପନାକୁ କରିପାରେ ହେୟ ।
ଧାଡ଼ି ଧାଡ଼ି ହୋଇ ରମ୍ୟ ହର୍ମ୍ୟାବଳୀ,
ଦିଶନ୍ତି ଯେସନ ହୀରକ-ଶୃଙ୍ଖଳ ।
କଦମ୍ବବଂଶର ସୁକୀର୍ତ୍ତି ନତୁବା,
ମୂର୍ତ୍ତି ପରିଗ୍ରହି ହୋଇଛନ୍ତି ଉଭା ।

ରାଜକାର୍ଯ୍ୟାଳୟ ସବୁ ଏକଠାବେ,
ହୋଇଛନ୍ତି ଦୂଳ ସୁସଜ୍ଜିତ ଭାବେ ।
ସୁନୀତ ବ୍ୟବସ୍ଥା ନ୍ୟାୟ ସଦାଚାର,
ଜୟ ପରାଜୟ ଯୁକ୍ତ ସୁବିଚାର,
ବସିଛନ୍ତି ସର୍ବେ ଯେତେକ ସଭା କରି,
ହୋଇ ପରସ୍ପରେ ହାତ ଧରାଧରି ।
ବିଚାରେ ନିଯୁକ୍ତ ବିଚାରକଗଣ,
ରାଜନୀତଦକ୍ଷ ନ୍ୟାୟ-ପରାୟଣ ।

ତାହିଁ ଶିଳ୍ପଶାଳା, ଚିତ୍ରାଗ୍ରାମନ୍ଦିର,
ତାହିଁ ବିଦ୍ୟାଳୟ ଟେକିଅଛି ଶିର ।
ତାହିଁ ପାଠାଗାର ତାହିଁ କୃଷିକ୍ଷେତ୍ର,
କରେ ଆକର୍ଷଣ ଦର୍ଶକର ନେତ୍ର ।
ରାଜ୍ୟର ସକଳ ଶୁଭ-ଅନୁଷ୍ଠାନ,
ଯଥାଯୋଗ୍ୟ ସ୍ଥାନେ ଅଛି ବିଦ୍ୟମାନ ।
ଆଦର୍ଶ ରାଜ୍ୟର ଉପାଦାନ ସାର,
ପୂର୍ଣ୍ଣ ଏଥି ଯେତେକ କୁବେର-ଭଣ୍ଡାର ।
ରାଜପଥମାନ ସୁନିର୍ମଳ ଦିଶେ,
ରାଜନଗରୀର ଚନ୍ଦ୍ରାଧାରୀ କି ସେ ।

ବେଳ ପାର୍ଶ୍ୱେ ସ୍ଥିତ ବିପଣୀବୀଥିକା,
ଲାଗିଅଛି ତହିଁ ସଦା କିଣା ବିକା ।
ପଣାପାଲି ପ୍ରାୟ ଦିଶେ ଶୃଙ୍ଗାଟକ,
କମ୍ପା ଉଜ୍ଜ୍ୱଳର ଅଙ୍କା କୋଷ୍ଠୀଚକ୍ର ।
ହର୍ମ୍ୟରାଜି ତହିଁ ଗ୍ରହ ସଂସ୍ଥାପନା,
କାଳ-ଜ୍ୟୋତିର୍ବିଦ କରୁଛି ଗଣନା ।
ବିଦ୍ୟାଳୟମାନ କାରଖାନା ପ୍ରାୟ,
ଶିଖନ୍ତି ବାଳକେ ଶିଳ୍ପବ୍ୟବସାୟ ।
ଅବର କର ସେ ଅଗ୍ରହ ପ୍ରକାଶ,
କରନ୍ତି ସ୍ୱହସ୍ତେ ବହୁବିଧ କୃଷି ।
ଦେଶକାଳୋଚିତ ଶାସ୍ତ୍ରୀୟ ଏ ଶିକ୍ଷା,
ନ କରେ କେବଳ ଉପାଧି ପ୍ରତୀକ୍ଷା ।
ମାନବଜାତିର ବିକାଶ ପକ୍ଷରେ
ସାର୍ଥକ ଏ ଶିକ୍ଷା ଅକ୍ଷରେ ଅକ୍ଷରେ ।
ଚିରବାଞ୍ଛିତୀୟ ଏ ଶିକ୍ଷା-ବିଧାନ,
ଅକର୍ମା-ସମସ୍ୟା କରେ ସମାଧାନ ।
ଦାସତ୍ୱ ଜୀବନେ କରି ସେ ନିଧନ,
ଦେଇପାରେ ଗଢ଼ି ସ୍ୱାଧୀନ ଜୀବନ ।
ଆତ୍ମନିର୍ଭରତା ଲକ୍ଷ୍ୟ ଏ ଶିକ୍ଷାର,
ଦେଶରୁ ଦାରିଦ୍ର୍ୟ କରେ ବହିଷ୍କାର ।
ଆଳସ୍ୟ ମସ୍ତକେ ପ୍ରହାରି ଗୋଇଠା,
ଖୁଟେ ନାହିଁ କେବେ ପରର ଅଇଁଠା ।
ଏ ଶିକ୍ଷା ପ୍ରଭାବେ ଜ୍ଞାନର ବରକ,
ନୀଚ ପାରେ ଉଚ୍ଚ ପ୍ରବୃତ୍ତି ଅରକ ।

ପଦ୍ମସ୍ତମ୍ଭେ ମଣ୍ଡି ଛନ୍ଦବଳୀରଚ୍ଛ,
କରନ୍ତି କରମା— ନୃତ୍ୟ ଅଭିନୟ ।
ଲେଖନୀୟ ଦୃଶ୍ୟ ସ୍ଥିତ ନୃତ୍ୟକଳା,
ଦୁଇପ୍ରଦ ଅଙ୍ଗ— ଭଙ୍ଗୀର ଶୃଙ୍ଖଳା ।
ବନ୍ୟ ଜାତିର ସେ ନୃତ୍ୟ ଉଦ୍ଭାବିତ,
ଦେଖି ତାହା କିଏ ନ ହେବ ମୋହିତ ?
ଅସଭ୍ୟ ଜାତିର ଉନ୍ନତ କଳ୍ପନା,
ହେବ ସଭ୍ୟଜାତି—ବୁଦ୍ଧି ହେବ ବଣା ।

ଦେଖି ସେ ନୃତ୍ୟର ତାନ ମାନ ଲୟ,
ଯେ କୌଣସି ଜାତି ଲଭିବ ବିସ୍ମୟ ।
ଦର୍ଶକ ମାନସେ ଉପୁଜେ ଆହ୍ଲାଦ,
ଅର୍ପିବାକୁ ଇଚ୍ଛା ହୁଏ ଧନ୍ୟବାଦ ।
ବନ୍ୟ ଅଶିକ୍ଷିତ ନୁହେ କେବେ ହେୟ,
ଶୋଭାସୃଷ୍ଟି ତାର ଅତି ଉପାଦେୟ ।
ଉଦ୍ୟାନ ଭିତରୀ— ଠାରୁ ବନମଲ୍ଲୀ,
ଶୋଭା ସୌରଭରେ ଯାଏ ସିନା ବଳି !
ଗଡ଼ଜାତ ରାଜ୍ୟେ ଅନ୍ଧାରି ମୁଲକ—
କହୁ ପର ସ୍ପଷ୍ଟ ହେଉଛି ଆତଙ୍କ ।
ମାତ୍ର ସେ ଅନ୍ଧାରି— ମୁଲକ ମଧ୍ୟରେ,
ଯେଉଁ ଶିକ୍ଷାଲୋକ ଜଳୁଛି ପ୍ରଖରେ,
ସେ ଆଲୋକ ନାହିଁ ମୋଗଲବନ୍ଦୀରେ
ଅଥବା କେବଣ ସହର ସନ୍ଧିରେ ।
ଏ କଥାକୁ ଯେହୁ ମଣିବ ଅଳୀକ,
ଦେଖୁ ସେ ପାଠଣା, ଏ ଅଷ୍ଟମଲ୍ଲିକ ।
ତୁଟିଯିବ ଭ୍ରମ ସନ୍ଦେହ ସର୍ବଥା,
ପ୍ରନତ ହୁଏ ମିଥ୍ୟା ନ ଦେଖିଲ କଥା ।
ଗ୍ରାମକୃତ ହସ୍ତ— ଶିଳ୍ପର ଚାତୁରୀ,
ନିରଖି ଉଲ୍ଲାସେ ଚିତ୍ତ ଉଠେ ପୂରି ।
ବସ୍ତ୍ରଶିଳ୍ପ ତଥା କୁମ୍ଭୀରୀଆଁ ଶିଳ୍ପ,
ଦେଖି ଜଳଉଠେ ହୃଦେ ଆଶା-ଦୀପ ।
ଦେଖି ଚର୍ମଶିଳ୍ପ ଅଦ୍ଭୁତ କଳ୍ପନା
ଦକ୍ଷ ଚର୍ମକାର ବୁଝି ହେବ ଜଣା ।
ପରିତ୍ୟକ୍ତ ଦ୍ରବ୍ୟ ଆଣି ସେ ଗୋଟାଇ,
ଗଢ଼ିଛନ୍ତି ତହୁଁ ଅଭଗା କଣ୍ଢାଇ ।
କାଷ୍ଠଶିଳ୍ପେ ହୁଏ ଦର୍ଶକ ଚକିତ,
ପ୍ରତେ ହୁଏ ଯେହ୍ନେ ଅମର-ନିର୍ମିତ ।
ବେଣାଚେର ପଙ୍ଖା ବେଣାଚେର ଚାଟି,
ପ୍ରସ୍ତୁତ ପ୍ରଣାଳୀ ଅତି ପରିପାଟୀ ।
ଉତ୍କୃଷ୍ଟ କଳାରେ ଏ ଦେଶ କୁଶଳ,
ଯେହେତୁ ତା ନାମ ହୋଇଛି ଉତ୍କଳ ।

ପୂର୍ବପୁରୁଷଙ୍କ ଅମର ପ୍ରତିଭା—
ପ୍ରଭାବ ଅଛିଛି ଗ୍ରାମ-ପ୍ରାଣେ କିବା !
ଦେଖି କଳାବିଦ୍ୟା ଉନ୍ନତ ଏସନ,
ଅତୀତ ଯୁଗକୁ ଫେରିଯାଏ ମନ ।
ସେ ଗୌରବ ଯୁଗ ଗଲା ଅହା କାହିଁ,
ପୁଚ୍ଛିଲେ ଉତ୍ତର କିଛି ମିଳେ ନାହିଁ ।
ହେଉଛି ପ୍ରତୀତ ଏହୁ ଗ୍ରାମଗଣ,
କରିବେ ସେ ଯୁଗ ପୁଣି ଆନୟନ ।

ଯାଉଛି ଦେଖିବା ଏବେ ବନ୍ଦଶାଳ
କାଭଲ ବନ୍ଦୀଏ କ୍ଷେପୁଛନ୍ତି କାଳ ।
ବୁଝିବା ତାଙ୍କର ପ୍ରକୃତ ଅବସ୍ଥା,
ଚରିତ୍ରଶୁଦ୍ଧିର ଅଛି କି ବ୍ୟବସ୍ଥା ?
ଅହୋ କି ଆଶ୍ଚର୍ଯ୍ୟ ଦେଖିଲି ମୁଁ ଅତି,
ପ୍ରାଣପ୍ରୀତିପ୍ରଦ ନବଦୃଶ୍ୟରାଜି ।
ଏ କି ପ୍ରଦର୍ଶନୀ କିମ୍ବା କାରାଗାର,
କେ କହିବ ମତେ ସତ୍ୟସମାଚାର ?
ବନ୍ଦୀଏ ଏଠାରେ ହୋଇ ସମବେତ,
ଦେଖାନ୍ତି ନିଜର ଉନ୍ନତ-ସଙ୍କେତ ।
ମୌନବ୍ରତଧାରୀ ଅପରାଧୀ ଗୋଷ୍ଠୀ,
ସଦାଚରଣର ଗଣୁଛନ୍ତି କୋଷ୍ଠୀ ।
ନିର୍ଦ୍ଦୋଷ ଭାବରେ ନିଜକୁ ଗଠନ,
କରି ଗଢ଼ୁଛନ୍ତି ଉନ୍ନତ ଜୀବନ ।
ପାପପ୍ରକ୍ଷାଳନ କରି ଏ ତୀର୍ଥରେ,
ପୁଣ୍ୟ ଦେହ ଘେନି ଫେରିଯିବେ ଘରେ ।
ପ୍ରଦାନି ଅତୀତ ବିସ୍ମୃତ ପରୀକ୍ଷା,
କୃଷିଶିଳ୍ପ ବିଦ୍ୟା କରୁଛନ୍ତି ଶିକ୍ଷା ।
ଧରି ସେହୁ ବୃତ୍ତି ଭବିଷ୍ୟ ଜୀବନେ,
ସୁଖୀ ହେବେ ସର୍ବେ ଅର୍ଥ ଉପାର୍ଜନେ ।
ବନ୍ଦକୃତ ଶିଳ୍ପ କରି ଅବଲୋକ,
ନ ହେବ ବିମୁଗ୍ଧ ଅବା କେଉଁ ଲୋକ ?

ହସ୍ତବୁଣା ଲୁଗା ଚିକ୍କଣ ସୁନ୍ଦର,
କଳବୁଣା ପ୍ରାୟ ଦିଶେ ରୁଚିକର ।
ଦିଶେ ଚମତ୍କାର ଧଡ଼ି ପଟ୍ଟପାଟୀ,
ଘୋଡ଼ା ଧଡ଼ିର ସେ ଦେବ କାନ କାଟି ।
ଅସ୍ୱୀକୃତ ପାପ ଧୋଇ ଏ ତୀର୍ଥରେ,
ସାଧୁଭାବ ଦେଖି ଫେରିଯିବେ ଘରେ ।
ଅତୀତକୁ ଦେଇ ପାସୋରି ସେମାନେ,
ଧରିବେ ସୁଦୃଢ଼େ ଏବେ ବର୍ତ୍ତମାନେ ।
ଗତ କଥାକୁ ସେ କରିଦେଇ ଗତ,
ଧରିବେ ସେ ଅସ୍ତ୍ର— ନିର୍ଭରତା ବ୍ରତ ।
ଏ ସୁବୁଦ୍ଧି ଅସି ହେଲଣି ଉଦିତ,
ବ୍ୟବହାରୁଁ ଏହା ହେଉଛି ପ୍ରତୀତ ।
କୃଷ୍ଣଚନ୍ଦ୍ର କାରିକରେ ବନ୍ଦବାଚ,
ଆସନ ବସନ ଅନେକ ପ୍ରକାର ।
ଗାଲିଚ୍ଚା, କମ୍ବଳ, ଶାଢ଼ୀ, ଖଦି, ଥାନ;
ସତ୍ରଞ୍ଜର ଯଥା, ଗାମୁଛା, ବେଡ଼ାଣି ।
କି ସୁନ୍ଦର ଧଡ଼ି କାନ୍ତିବାସମ୍ପନ୍ନା,
ତହିଁରେ ଅକ୍ଷର ହୋଇଅଛି ବୁଣା ।
ବେଣାଚେରର ପଙ୍ଖା ବେଣାଚେର ପଟି,
ଉଠୁଛି ତହିଁରୁ ସୁବାସ ଚହଟି ।
ଦେବାନ ସାହେବ ବାଞ୍ଛ ବିଚକ୍ଷଣ,
କରିଛନ୍ତି ଏହି ଶିଳ୍ପ ଉଦ୍ଭାବନ ।
ଅଲୋଡ଼ା ପଦାର୍ଥ କାର୍ଯ୍ୟରେ ଲଗାଇ,
ଅର୍ଥାଗମ ପନ୍ଥା ଅଛନ୍ତି ଫିଟାଇ ।
ଓଡ଼ିଆ ଦେହରେ ବୈଜ୍ଞାନିକ ମଥା,
ଯୋଡ଼ିଦେଇଛନ୍ତି ବ୍ରହ୍ମାଣ୍ଡ କରତା ।
କାହିଁରେ ଓଡ଼ିଆ ଜାତି ନୁହେଁ ଊଣା,
ଦେଖାଇଛନ୍ତି ସେ ସେଥିର ନମୁନା ।
ଯେଉଁ ଦ୍ରବ୍ୟ ତୁଚ୍ଛ ମଣେ ଅଜ୍ଞ ନର
ବିଜ୍ଞ ଦୃଷ୍ଟିରେ ସେ ରତ୍ନରୂପାନ୍ତର ।
ରତ୍ନ ମୂଲ୍ୟ ବୁଝେ ରତ୍ନର ଜହୁରି,
ନୀଚ ନିଷାଦ କି ଚାହିଁବ କସ୍ତୁରି !

କାରାଗାରେ ବନ୍ଦୀ କରନ୍ତି ନିର୍ମାଣ,
ସ୍ୱଦେଶୀ ବିଦେଶୀ କ୍ରୀଡ଼ା-ଉପାଦାନ ।
ଲୁଗାକଷ୍ଟ ନିମ୍ନ— ସାବୁନ ଚୌକିନା,
ତଉଲିଆ ଜାମା ମେଜବସ୍ତ୍ର କନା,
ବେତକାଠ ବାଡ଼ି ବିବିଧ ବଟୁଆ,
କେନ୍ଦୁକାଠକୁନ୍ଦା ସୁନ୍ଦର ଫଳୁଆ,
ଫିତା ଟଙ୍କାଥଳୀ ହାତୀହାଡ଼ ଶଙ୍ଖା,
ହୋଇଅଛି ତହିଁ ବହୁବିଧ ଅଙ୍କା ।
କିଆସୂତା ବୁଣା ପାପୋଛ ରୁମାଲ,
ତୂଳିକା ତକିଆ ମାଛଧରା ଜାଲ ।
ଆବର ବିବିଧ ଶିଳ୍ପଦ୍ରବ୍ୟମାନ,
ବନ୍ଦୀଗଣ ଶିଖି କରନ୍ତି ନିର୍ମାଣ ।
ଗୋପାଳନ ଶିକ୍ଷା ହୁଏ କାରାଗାରେ,
ଖାଣ୍ଟି ଦୁଗ୍ଧ ବିକି ହେଉଛି ଶସ୍ତାରେ ।
ଗୋଜାତିର ଖାଦ୍ୟ ବିଦେଶୀୟ ଘାସ,
ବିସ୍ତୀର୍ଣ୍ଣ ଭାବରେ ହେଉଅଛି ଚାଷ ।
ଆଖୁଚାଷ ପୁଣି ହେଉଛି ବହୁତ,
ହେଉଛି ପ୍ରଚୁର ଶର୍କରା ପ୍ରସ୍ତୁତ ।
ସ୍ୱଦେଶୀ ବିଦେଶୀ ନାନାବିଧ ଚାଷ,
କାରା-ଉଦ୍ୟାନରେ ହୁଏ ବାରମାସ ।
ନାନାଜାତି କପା ଲଗିଛି ଉଦ୍ୟାନେ,
ନବ ଉଦ୍ଭାବିତ ଉନ୍ନତ ବିଧାନେ ।
ଥରେ ଦେଖି ଏହି ରମ୍ୟ କୃଷିକ୍ଷେତ୍ର,
ତୃପ୍ତ ହେବ କେଉଁ ଶୋଭାପାୟୀ ନେତ୍ର ?
ଯେତେ ଦେଖିଲେହେଁ ତେତେ ବଢ଼େ ଆଶା,
ଭଜେ ନାହିଁ ଶାନ୍ତ ଦର୍ଶନ-ପିପାସା ।
ଶିଶୁକାଠେ ଗଢ଼ା ଚଉକି ଟେବୁଲ,
ହୋଇଅଛି ନବ୍ୟ ରୁଚି-ଅନୁକୂଳ ।

ରାଜମାତା ଆଶା— କୁମାରୀ ନାମିତ,
ଅନାଥ ଆଶ୍ରମ ହୋଇଛି ସ୍ଥାପିତ ।

ଅନାଥ ବାଳକ— ବାଳଭାଏ ତହିଁ,
ଲାଳିତ ପାଳିତ ହେଉଛନ୍ତି ରହି ।
ପ୍ରବୀଣା ଧାତ୍ରୀର ଲଭି ସ୍ନେହାଦର,
ଯାପୁଛନ୍ତି ସୁଖେ ରଜନୀ ବାସର ।
ଅଛି ତାଙ୍କ ପାଇଁ ସୁଶିକ୍ଷା ବ୍ୟବସ୍ଥା,
ସନ୍ତୋଷଜନକ ତାଙ୍କ ବାଲ୍ୟାବସ୍ଥା ।
ହେଲେହେଁ ନଗରୀ ଆକୃତରେ ନ୍ୟୂନ,
ନାଗରିକ ସର୍ବ— ଉପାଦାନେ ପୂର୍ଣ୍ଣ ।
ବୃହତ ସହର ପକ୍ଷେ ଯା ସମ୍ଭବ,
ସେ ସକଳ ଦୃଶ୍ୟ ଏଠାରେ ସୁଲଭ ।
ମାହେଶ୍ୱରୀଙ୍କର ଉତ୍ତୁଙ୍ଗ ଦେଉଳ,
ରାଜୋଚିତ ସାଜେ ଦିଶେ ସୁମଞ୍ଜୁଳ ।
ରାଜ୍ୟ-ଅଧିଷ୍ଠାତ୍ରୀ ଅଟନ୍ତି ସେ ଦେବୀ,
ଲଭୁଛନ୍ତି ଶ୍ରେୟ ଜନେ ତାଙ୍କୁ ସେବି ।
ନବୀନ ରୀତରେ ଦେଉଳ ନିର୍ମିତ,
ହୋଇଛି ଅଶ୍ଳୀଳ ଚିତ୍ର ବିବର୍ଜିତ ।
ଅଷ୍ଟଧାତୁ ମୂର୍ତ୍ତି ଦେବୀ ଚତୁର୍ଭୁଜା,
ପାରିନ୍ଦ୍ରବାହନା ଗିରୀନ୍ଦ୍ର-ତନୁଜା ।
ଭୋଗ ପୂଜା ନିତି ହୁଏ ଆଡ଼ମ୍ବରେ,
ବହୁ ଦେବଦେବୀ ଅଛନ୍ତି ପାର୍ଶ୍ୱରେ ।
ସ୍ୱଚ୍ଛ ସ୍ୱର୍ଣ୍ଣଚୂଡ଼ ଶୋଭେ ବେନି କରେ,
ରାଜେ ସ୍ୱର୍ଣ୍ଣଛତ୍ର ମସ୍ତକ ଉପରେ ।

ରମ୍ୟ ଦେବାଳୟେ ଲକ୍ଷ୍ମୀନାରାୟଣ,
ମଣ୍ଡିଛନ୍ତି ବେନି ରତ୍ନସିଂହାସନ ।
ଚତୁର୍ଭୁଜ ମୂର୍ତ୍ତି ପ୍ରତିମାଯୁଗଳ,
ମହିମା-ମୟୂଖେ ଶ୍ରୀମୁଖ ଉଜ୍ଜ୍ୱଳ ।
କରୁଣା ଜ୍ୟୋତିରେ ଦୀପ୍ତ ନେତ୍ର ତାରା,
ଝରୁଛି ଅଧରୁ ହାସ୍ୟାମୃତ ଧାରା ।

ପୃଥକ ଦେଉଳେ ପ୍ରଭୁ ଜଗନ୍ନାଥ,
ହୋଇଛନ୍ତି ସବେ ଯେନ ଭଗୀଭ୍ରାତ ।

ତ୍ରିମୂର୍ତ୍ତି ଜ୍ୟୋତିରେ ହୋଇ ଜ୍ୟୋତିର୍ମୟ,
ହସୁଅଛି ଦର୍ପେ ସେହେନ ଦେବାଳୟ ।
ସ୍ତମ୍ଭଶିରେ ବସି ବୈନତେୟ ମୂର୍ତ୍ତି,
ଗାଉଛି ନୀରବେ ପ୍ରଭୁଙ୍କର ସ୍ତୁତି ।
ହୁଏ ରଥଯାତ୍ରା ମହା ଆଡ଼ମ୍ବରେ,
ଆନନ୍ଦୋର୍ମି ଖେଳେ ନଗର-ସାଗରେ ।
ଦେବଗୀତ ପାଇଁ ନୃପ ଗୁଣାରାମ,
ଖଞ୍ଜିଦେଇଛନ୍ତି ସୁବୃହତ୍ ଗ୍ରାମ ।

କ୍ରୋଶାଧିକ ଦୂରେ ଦେଉଳ ନିର୍ଝର,
ଉଷ୍ଣଜଳ ତହୁଁ ଝରେ ନିରନ୍ତର ।
ତପ୍ତ ଜଳେ ସଦା ପୂର୍ଣ୍ଣ ତପ୍ତକୁଣ୍ଡ,
ମୃତ ସର୍ପ ଭେକ ହୋଇଛନ୍ତି ରୁଣ୍ଡ ।
ଅଗ୍ନି ପରି ଉଷ୍ଣ ଅଗ୍ନିକୁଣ୍ଡ ଜଳ,
ସତେ ଯେସନେ ତାହା ତରଳ ଅନଳ ।
ଚୌରାଶୀଟି କୁଣ୍ଡ ଥିଲା ସେହିଠାରେ,
ଜନଶ୍ରୁତ ତାହା ଅବଧି ପ୍ରସ୍ଥରେ ।
ଜଳର ପ୍ରକୃତ ସିନା ଶୀତଳତା,
ବ୍ୟତ୍ୟସ୍ତ ତାହା ଏଠାରେ ସର୍ବଥା ।
କେଉଁ କାହିଁ ଉଷ୍ଣ ରହିଅଛି ଜଳ,
ବର୍ଷା ଶୀତେ ତାହା ନ ହୁଏ ଶୀତଳ ।
କାଳରେ ଅସହ୍ୟ ହେତୁ ପାପଭାର
ଢାଳୁଛି କି ମହୀ ତପ୍ତ ଅଶ୍ରୁଧାର !
ତପ୍ତ ଜଳେ ପୂର୍ଣ୍ଣ ବିସ୍ତୀର୍ଣ୍ଣ ପ୍ରାନ୍ତର,
ଜଳେ ଉଭା ଲତା ପାଦପ-ନିକର ।
ଅର୍ଜ୍ଜୁନ, ଖର୍ଜ୍ଜୁର ଆଦ ତରୁମାନ,
ବଢୁଛନ୍ତି କରି ଉଷ୍ଣଜଳ ପାନ ।
ଅଦ୍ଭୁତ ସ୍ଥାନର ସକଳ ଅଦ୍ଭୁତ,
ନୁହେ ଏହା ତୁଚ୍ଛ କଳ୍ପନା-ପ୍ରସୂତ ।
ଅବସ୍ଥିତ ତହିଁ ସିଦ୍ଧେଶ୍ୱର ହର,
ଉଷ୍ଣଜଳେ କରି ମଗ୍ନ କଳେବର ।

ତାହାଙ୍କ ବଜାଣି ପ୍ରଭୁ ନିଅମ୍ବିତ
ଗଙ୍ଗାଧର ନାମ କଲେ ଅସାର୍ଥକ ।
ସଦାଶିବଙ୍କର ଉଗ୍ର କୋପାନଳ,
ପରଶେ ବା ଉଷ୍ଣ ହୋଇଅଛି ଜଳ ।
ଦ୍ୱିଭାଗେ ବିଭକ୍ତ ବଡ଼ କୁଣ୍ଡ ଏକ,
ଦେଖି ବଣା ହୁଏ ମାନବ ବିବେକ ।
ଏକ ଭାଗେ ତାର ପୂର୍ଣ୍ଣ ଉଷ୍ଣଜଳ,
ଅନ୍ୟ ଭାଗ ଜଳ ସର୍ବଦା ଶୀତଳ ।
ପ୍ରକୃତିର ଏହି ବିଚିତ୍ର ପ୍ରଭାବ,
ଦେଖିଲେ ବିସ୍ମୟ ହୃଦେ ପାଏ ଠାବ ।
ଲୋହିତ କୁସୁମେ ଅଳଙ୍କୃତ ସବ,
ପଥ ପାର୍ଶ୍ୱେ ତହିଁ ଦିଶେ ବୃକ୍ଷତର ।
ପ୍ରତେ ହୁଏ ଯେହ୍ନେ ତାମସିକ ହୃଦେ.
ରଜୋଗୁଣ ଅବା ହୋଇଅଛି ଉଦେ ।

ଶତଧାରା ତୀରେ ରବି-ଅସ୍ତ ଛବି,
ନ ପାରିବ ଅଙ୍କି ହେଲେ ମହାକବି ।
ଗିରି-ଶିରେ ଅସ୍ତ ରବିର ସୁଷମା,
ଦେଖି ମନେ ଜାତ ଏସନ ଉପମା ।
ପ୍ରକୃତି-ରୂପିଣୀ ଶୋଭାମୟୀ ଯୋଷା,
ମଞ୍ଜୁ କୋକନଦେ ମଣ୍ଡିଛି କି ଖୋସା !
ଗଗନ-ବେଳାରେ ସ୍ତବକଙ୍କ ଫୁଲ,
ଗଢ଼ି ଅଛି ସୃଜି ସୁଷମା ଅତୁଳ;
ଅଟିକଛି ହୋଇ ତାଡ଼ିତ ସମୀରେ,
କଂସାର ଶ୍ୟାମଳ ବାଳସ୍ତମ୍ଭ ଶିରେ ।
ପର୍ବତକୁ ମଣି ଉଗ୍ର ଦୈତ୍ୟ ଅବା,
ଟୈଣିକ ବାନ୍ଧୁଲି ବାନ୍ଧିଛି ମଧବା ।
ନଦୀ ବକ୍ଷେ ପଡ଼ି ଅସ୍ତରବି କର,
ଦର୍ଶକ ନୟନେ ଦିଶେ କି ସୁନ୍ଦର !
ମେଲି ସ୍ୱର୍ଣ୍ଣବେଣୀ ଅବା ତରଙ୍ଗିଣୀ,
ବିସ୍ତାରିଛି ହାସ୍ୟ ଅମନ୍ଦଗାମିନୀ ।

କୁହୁ କୁହୁ ସ୍ୱରେ ଦେଇ ହୁଳହୁଳି,
ଫୁଲୁଛି ସୌନ୍ଦର୍ଯ୍ୟ ଗର୍ବରେ ଉତ୍ଫୁଲ୍ଲି ।
ସନ୍ତରି ବିହଙ୍ଗେ ସୁବର୍ଣ୍ଣ ସାଗରେ,
ଯାଉଛନ୍ତି ଉଡ଼ି ଶୈତ୍ୟ ଶୈଳାନ୍ତରେ ।
ନାନା ରୂପେ ହୋଇ ମୁଗ୍ଧ ଖଗାବଳୀ,
କରୁଛନ୍ତି ହର୍ଷେ ମଧୁର କାକଳି ।
ଶବଳିତ ଡେଣା ଝାଡି ମାଛରଙ୍କା,
ବୁଡ଼ଯାଏ ଜଳେ କରେ ନାହିଁ ଶଙ୍କା ।
ନିରଖି ସେ ଦୃଶ୍ୟ ଆସି ଅଚମ୍ବିତେ,
ଅଦ୍ଭୁତ ଉପମା ଉଦେ ହୁଏ ଚିତ୍ତେ ।
ଖସିପଡ଼ି କିବା ଅନନ୍ତ ଗଗନୁଁ,
ବୁଡ଼ିଯାଏ ନଦୀ— ବକ୍ଷେ ଇନ୍ଦ୍ରଧନୁ ।
ସନ୍ଧ୍ୟାଗମ ଜାଣି ଚକୋର ଦମ୍ପତି,
ବେନି ତୀରେ ଯାଇ ବସନ୍ତି ଝଟତି ।
ଗାବନ୍ତି କରୁଣେ ବିଚ୍ଛେଦ ସଙ୍ଗୀତ
ବିରହ ବେଦନା ଘାରେ ବେନି ଚିତ୍ତ ।
ବେଣାଚେର ସ୍ନିଗ୍ଧ ମଧୁର ସୌରଭ,
ସୃଜେ ନଦୀ ତୀରେ ସୁଗନ୍ଧ ଉତ୍ସବ ।
ବନପୁଷ୍ପ ଗନ୍ଧ ଦିଏ ତହିଁ ଯୋଗ,
କରନ୍ତି କୌଶିଲ୍ଲୀ ତାହା ଉପଭୋଗ ।
ତୀରେ ବାଳମୁଣ୍ଡୀ ଉତ୍ତୁଙ୍ଗ ଶିଖରୀ,
ଯିକେ ବୌଦ୍ଧରାଜ୍ୟ ଦିଗଦନ୍ତୀ ପରି ।
ଶତଧାରା ଏଥି ସଙ୍କୀର୍ଣ୍ଣ ଆକୃତି,
ବର୍ଷାକାଳେ ଧରେ ଉଗ୍ରଚଣ୍ଡୀ ମୂର୍ତ୍ତି !
ଉପଳମରୂପୀ ଭୀମ ଘଡ଼ିଆଳ,
ସନ୍ତରୁଥାଆନ୍ତି ହୋଇ ମାଳ ମାଳ ।
ବିକଟ ଦଶନ ଭୟଙ୍କର ମୂର୍ତ୍ତି,
ଶୋଷିନେଉଥାନ୍ତି ଦର୍ଶକର ଧୃତି ।
ଶ୍ରୀ କିଶୋରଚନ୍ଦ୍ର ନୃପ-ଯଶୋନିଧି
ରଚନ୍ତି ଏଠାରେ କୁମ୍ଭୀର ପାରଧି ।
ଚଳ ଲକ୍ଷ୍ୟ-ଭେଦୀ ବୀରେନ୍ଦ୍ର ଗୌରବ,
ନିବାରନ୍ତି ବ୍ୟାଘ୍ର— ନକ୍ର ଉପଦ୍ରବ ।

ସ୍ଥଳେ ବ୍ୟାଘ୍ରଭୟ    ଜଳେ ନକ୍ର-ଭୟ
ପ୍ରାବୃଟେ ଏ ସ୍ଥାନ    ହୁଏ ଯମାଳୟ ।
ମହାବଳଧ୍ୱଂସୀ    ଆଖ୍ୟା ତାଙ୍କ ଖ୍ୟାତ,
ବ୍ୟାଘ୍ରନକ୍ରବଂଶ    କରିବେ ନିପାତ ।

ନିକାଞ୍ଚନ ସ୍ଥାନେ    ପ୍ରଭୁ ରାମେଶ୍ୱର,
ସୁକଠୋର ଯୋଗେ    ରତ ନିରନ୍ତର ।
ବାହନ ବୃଷଭ    ଆଜ୍ଞା ପ୍ରତୀକ୍ଷାରେ,
ହକର୍ଣ୍ଣ ଭାବରେ    ଜଗିଅଛି ଦ୍ୱାରେ ।
କହିଁବା ଗହ୍ୱର    କି ସେ କ୍ଷେତ୍ରପାଳ,
କରନ୍ତି ସାଂଗହୁଁ    ରକ୍ଷା ଚିରକାଳ ।

ଗ୍ରାମ, କାର୍ଯ୍ୟାଳୟ    ଚୌପାଶେ ବେଷ୍ଟିତ,
ନୃପତି-ନଗରୀ    ମଧ୍ୟେ ସୁଶୋଭିତ ।
ଶତଭିଷା ତାରା    ମଧ୍ୟେ ଶଶଧର,
ପ୍ରାୟ ସେ ନଗର    ଦିଶୁଛି ସୁନ୍ଦର ।
କିମ୍ବା କଞ୍ଜକୋଷ    ପାଖୁଡ଼ାବେଷ୍ଟିତ,
ଅବା ପଦ୍ମବନେ    ରାଜହଂସ ସ୍ଥିତ ।
ସ୍ତୁପ ବୈଜୟନ୍ତୀ    ତୁଙ୍ଗ ହର୍ମ୍ମ୍ୟଚୂଡ଼େ,
ସମୀର ହିଲ୍ଲୋଳେ    ଫରଫର ଉଡ଼େ ।
ଖେଳୁଛି କି ମୀନ    ନଭ-ପାରାବାରେ
ଚେଳଭଳି ରହି    ବିବିଧ ପ୍ରକାରେ ।

ଦୂରେ ଅବସ୍ଥିତ    ଅତିଥି ଅଗାର, *
ଡାକ ନାମ ଡାକ—    ବଙ୍ଗଳା ତାହାର ।
ଅତିଥି ମସ୍ତରେ    ତାହା ଶାନ୍ତିପୀଠ,
କ୍ଷୁଦ୍ର ଗ୍ରାମ ଶିରେ    କୁସୁମ କିରୀଟ ।
ହୃତ୍କବାଞ୍ଛିତ    ଭାବର ଭଣ୍ଡାର,
କ୍ଷିପ୍ର ମନେ କରେ    ସ୍ଫୁରିତା ସଞ୍ଚାର ।
ନ ହେଉ ପଲ୍ଲବେ    ବୈଚିତ୍ର୍ୟ ଅଙ୍କିତ,
ମାତ୍ର ବଙ୍ଗଳାଟି    ସ୍ୱଭାବସୁନ୍ଦର ।

ପୁଚ୍ଛ ସ୍ଥୂଳ ଶିଖୀ    ଉଡ଼ି ଆସି ବନ୍ଧୁ,
ଘନା ମେଘେ ସୃଜେ    ଚଳ ଇନ୍ଦ୍ରଧନୁ ।
ଅତୁଳ ସୌରଭ    ସାନ୍ଧ୍ୟ ସମୀରଣ,
ବହୁଆଣି ତହିଁ    କରେ ବିତରଣ ।
ଚିରପୁଚ୍ଛ ମେଲି    ବଲ୍ମୀକ ଶିଖରେ,
ଆଳାପେ ସଙ୍ଗୀତ ଉଚ୍ଚେ ଷଡ଼ଜସ୍ୱରେ ।
ଅମ୍ବରକୁ କରେ    ଶବଳିତ ପୁଚ୍ଛ
ରତ୍ନବର୍ଣ୍ଣ ଜାଲେ    କରୁଥାଏ ତୁଚ୍ଛ ।
ଯାମ୍ୟ ଦିଗେ ଦୂରେ    ସ୍ଥିତ ମହାନଦୀ,
ସୁକାନ୍ତତନୟା    ଉପବସ୍ତ୍ର ପିନ୍ଧି ।
ଦିଶେ ତାର ବସ    ସୈକତ-ଧବଳ,
ଅତି ସୂକ୍ଷ୍ମ ଧାରେ    ବହେ ଧୀରେ ଜଳ ।
ମଣ୍ଡିଛି କି ଭାଲ    ପ୍ରକୃତ-ନାୟିକା,
ହୀରାକଅ ଫୁଲେ    ସ୍ୱଦେଶ-ରସିକା ।
କି ଅବା ତାହାର    ଅଳକାପନ୍ତି ସେ,
ଅମ୍ବରକୁ ଡେଙ୍କେ    ଜକଜକ ଦିଶେ ।
ଅଥବା ବୋଲିଛି    ଲଲାଟେ ଚନ୍ଦନ,
ଶୀତଳିବା ଆଶେ    ତପ୍ତ ଅପଘନ ।
ଜଳଧାରରୂପେ    ହୋଇଅଛି ପରା,
ସେ ଭୂଷଣେ ସ୍ନିଗ୍ଧା    ଇନ୍ଦ୍ରନୀଳ ଧରା ।
କିମ୍ବା କେନ୍ଦ୍ର ଭ୍ରମେ    ଯାଇଛି କି ସ୍ଥଳ
ନୀଳଧଡ଼ିଯୁକ୍ତ    କ୍ଷୀରୋଦସ୍ୱୀ ଶାଢ଼ୀ ।
ଏ ସୁନ୍ଦର ଦୃଶ୍ୟ    ନିସର୍ଗ ଦର୍ଶକ,
ମନେ ଅପଣାର    ନୟନେ ସାର୍ଥକ ।
ଦୂର ଦୃଶ୍ୟ ସିନା    ବାସ୍ତବେ ସୁନ୍ଦର,
ଦିଶେ ମନୋହର    ଦୂରୁଁ ମଞ୍ଜୀଧର ।
ବଙ୍ଗଳା ସମ୍ମୁଖେ ଶୋଭେ ପୁଷ୍ପୋଦ୍ୟାନ
ସ୍ଥଣେ ଗର୍ବିତ ସେ    ଅଙ୍କୁରେ ସାନ ।
ସେ ଉଦ୍ୟାନୁ ଉଠି    ମଲ୍ଲିକା ସୁବାସ,
ଜନ୍ମାଏ ମାନସେ    ଅପୂର୍ବ ଉଲ୍ଲାସ ।

* ବଙ୍ଗଳାସାହି ନାମକ ପଲ୍ଲୀଗ୍ରାମର ଶେଷ ସୀମାରେ "ଡାକବଙ୍ଗଳା" ଅବସ୍ଥିତ ।

ତାରକାନିକରେ  ନିସର୍ଗ ଆକାଶେ
ଗୌରବେ ମଲ୍ଲିକା  ରତ ପରିହାସେ ।
ହସି ତାରା ନଭୁଁ  ଦିଅନ୍ତି ଉତ୍ତର,
ରୂପ ଗର୍ବେ ମଲ୍ଲି  ନ ଦେଖ ଭିତର ।
ଅନନ୍ତ ଆକାଶେ  ଅନନ୍ତ ସମସ୍ତ,
ରହିଥିବୁ ଆମ୍ଭେ  ନ ଭଜି ବିଲୟ ।
କିନ୍ତୁ ଘଡ଼ିକେ ତୁ  ଲଭିବୁ ବିନାଶ,
ଏଥିକି କିପାଇଁ  ଦର୍ପ ପରିହାସ ?
ରଜନୀ ପ୍ରଭାତେ  ଗନ୍ଧବହ ବାୟୁ,
ଶୋଷିନେବ ତୋର  ଗନ୍ଧ ପରମାୟୁ ।
ମରିବୁ ବୋଲି ତୁ  ବହୁ ମଲ୍ଲି ନାମ,
ବୁଝିବୁ ଅପେକ୍ଷା—  କର ଚତୁର୍ଯାମ ।
କହେ ମଲ୍ଲି ହୋଇ  କ୍ରୋଧରେ ବିବଶା;
ପ୍ରଭାତେ ତୁମ୍ଭେ ବି  ଲଭିବ ମୋ ଦଶା ।
ମଲ୍ଲି ତାରା ବେନି  ସଙ୍ଗତୁଣୀ ଭଳି,
ରାତପାଇ ବସି  କରୁଥାନ୍ତି କଳି ।
ଦୁହିଙ୍କ କଳିରେ  ତୃତୀୟର ଲାଭ,
ସଂସାରେ ଦୁର୍ଲଭ  ସର୍ବଦ ଏ ଭାବ ।
ଦର୍ଶକେ ଏ କଳି  ପ୍ରଦାନେ ସୁଯୋଗ,
କରେ ସେ ଅପାର  ସୁଖାନନ୍ଦ ଭୋଗ ।

କିଶୋରନଗର  ନୂତନ ସହର *
ରାଜ୍ୟ ଉପାଦାନେ  ସଜ୍ଜିତ ସୁନ୍ଦର ।
ହର୍ମ୍ୟ-କିରୀଟିନୀ  କୁସୁମ-ହାସିନୀ,
ପଣ୍ୟ-ସମୁଜ୍ଜ୍ୱଳା  ବିପଣୀମାଳିନୀ ।
ଭାରତୀ କମଳା  ବିହାର ବାଟିକା,
ସୌନ୍ଦର୍ଯ୍ୟ-କାବ୍ୟର  ସୁବୋଧିନୀ ଟୀକା ।
ରାଜନୀତି ଧର୍ମ  ସଭ୍ୟତା ସୁକୃତ,
ଏକତ୍ରିତ ଅବା  ପବିତ୍ର ମୂର୍ତ୍ତ ।

ବିଜ୍ଞ ବିଚକ୍ଷଣ  ରାଜ-ପ୍ରତିନିଧି,
ଶାସନ ପାଳନେ  ରତ ଯଥାବିଧି ।
ସକଳ ବିଭାଗେ  ଯୋଗ୍ୟୋପାଧିଧାରୀ,
ଅଛନ୍ତି ନିଯୁକ୍ତ  ରାଜକର୍ମଚାରୀ ।
ସ୍ନେହଶିଷ୍ଟାଚାର  ଭକ୍ତି-ପ୍ରଦର୍ଶନେ,
ନିଅନ୍ତି ସେ କିଣି  ଆଗନ୍ତୁକ ଜନେ ।
ବାସ୍ତବେ ଆଦର୍ଶ  ତାହାଙ୍କ,ଆତିଥ୍ୟ,
ଅଗନ୍ତୁକ ପକ୍ଷେ  କଳ୍ପନା ଅତୀତ ।
ବିଦ୍ୟାମନ୍ଦିରର  ଶିକ୍ଷାର ପଦ୍ଧତି,
ତୃପ୍ତିପ୍ରୀତିପ୍ରଦ  ଉପାଦେୟ ଅତି ।
ସମକକ୍ଷ ବିଶ୍ୱ—  ମାନବିକତାର—
ହେବା ଭଲ ଶିକ୍ଷା  ଅର୍ପେ ବିଦ୍ୟାଗାର ।
କରନ୍ତି ବାଳକେ  ଆୟୁର୍ବେଦ ଶିକ୍ଷା,
ଔଷଧାର୍ଥେ ନାହିଁ  ଆନ କୃପା ଭିକ୍ଷା ।
ଅଧ୍ୟୟନ-ପ୍ରିୟ  ଶିକ୍ଷାର୍ଥୀନିକର,
ବେଶଭୂଷଣର  ନାହିଁ ଆଡ଼ମ୍ବର ।
ଶିଖୁଛନ୍ତି ବାଳେ  ଆତ୍ମନିର୍ଭରତା,
ବିଶେଷତ୍ୱ ଏହା  ଶିକ୍ଷାର ସର୍ବଥା ।
ଶାନ୍ତିରକ୍ଷୀବର୍ଗ  ସହୃଦ୍ ଧୀମାନ
ଶୂନ୍ୟ ଉଗ୍ରତେଜ  ଶୂନ୍ୟ ଅଭିମାନ ।
ନବ-ସ୍ଥାପିତ ଏ  କିଶୋରନଗର
ସକଳ ବିଷୟେ  ସର୍ବାଙ୍ଗସୁନ୍ଦର ।
ପଥ ପାର୍ଶ୍ୱେ ସ୍ଥିତ  ସର୍ଗିପାଲି ଗ୍ରାମ,
ଅରଣ୍ୟ-ଭୀଷଣ  ଦୃଶ୍ୟେ ଅଭିରାମ ।
ବିଦେଶୀ ବଣିକ  ଓ୍ୱାଲଜି କାନଜି,
ଅଛନ୍ତି ଏଠାରେ  ସୁଖ୍ୟାତ ଅରଜି ।
ହେଲେହେଁ ବଣିକ  ସ୍ଥବିର ବୟସ୍କ
ମାତ୍ର ସେ ଉତ୍ସାହ  ଉଦ୍ୟମେ ଯୁବକ ।

* ଆଠମଲ୍ଲିକର ବର୍ତ୍ତମାନ ମହାରାଜା ଶ୍ରୀ ଶ୍ରୀ ଶ୍ରୀ କିଶୋରଚନ୍ଦ୍ର ସିଂହଦେବ ମହୋଦୟ 'କିଶୋରନଗର' ନାମରେ ନୂତନ ସହର ସ୍ଥାପନ କରିଅଛନ୍ତି । ଏହା ଆଠମଲ୍ଲିକର ଅନ୍ୟତମ ସବ୍‌ଡିଭିଜନ ଅଟେ ।

କରି ସେ ନିବିଡ଼ ଅରଣ୍ୟ ଛେଦନ,
ରଚିଛନ୍ତି ବୃନ୍ଦ ନନ୍ଦନ-କାନନ ।
ସ୍ୱଦେଶ ପ୍ରୀତି ବଳେ ହୋଇ ମହାବଳୀ,
କର୍ମ-ପ୍ରବାହରେ ପଡ଼ିଛନ୍ତି ଢଳି ।
କରି ସେ ପ୍ରସ୍ତୁତ ବିବିଧ ଅସ୍ତ୍ରର,
କରୁଛନ୍ତି ଦେଶ— ବିଦେଶେ ପ୍ରଚାର ।
ଚିନି କଳେ ଚିନି ହେଉଛି ପ୍ରସ୍ତୁତ,
ହେଉଛି ବିଦେଶେ ରପ୍ତାନୀ ବହୁତ ।
ଉଦ୍ୟାନେ ଫଳାନ୍ତି ଶଙ୍ଖ ଚିନି ଅନ୍ତ,
ଅତୀବ ବୃହତ ଯେଉଁ କାରବାର ।
ବହୁ ଫଳବୃକ୍ଷ କରି ସେ ରୋପଣ,
କରୁଛନ୍ତି ବହୁ ଅର୍ଥ ଉପାର୍ଜନ ।
ଦେଖାଉଅଛନ୍ତି ବଣିକ-ମହତ,
ଅକର୍ମୀଙ୍କୁ ଅର୍ଥ— ଉପାର୍ଜନ ପଥ ।
ହୃଦୟ ତାଙ୍କର ମହତ ଉଦାର
ଯୋଗୀ ଋଷି ପରି ପୁଣି ବ୍ୟବହାର ।
କରନ୍ତି ଉଦ୍ୟାନେ ବହୁବିଧ କୃଷି,
କୃଷିବିଦ୍ୟାରେ ସେ ପରାଶର ଋଷି ।
ଉଦ୍ୟାନେ ସୁଲଭ ବିବିଧ କାର୍ପାସ,
ସୁବିସ୍ତୃତ ଭାବେ ହୁଏ ଅଭ୍ୟାସ ।
ଆଶ୍ରମରେ ତନ୍ତ୍ର ପଡ଼ୁଛି ତାଙ୍କର,
ବୁଣାହେଉଅଛି ବସନ ବିସ୍ତର ।
ଆଦର୍ଶ ତାଙ୍କର ଅତି ଅଦ୍ୱିତୀୟ,
ସର୍ବାଂଶରେ ତାହା ଅନୁକରଣୀୟ ।

ରାଜେ ଗିରି-ପାଦେ ଉଞ୍ଚବାଲ ଦହ,
ବହି ଜଳରୂପ ଦେବ-ଅନୁଗ୍ରହ ।
ଗିରିଦେବୀକୂଳ କେଳି-ସରୋବର,
ପୁଷ୍ପହାସେ ଦିଶେ ଅପୂର୍ବ ସୁନ୍ଦର !
କାନନ-କମଳା ମାରିଗ ଦର୍ପଣ,
ଅଗ୍ରେ ଥୋଇ ଅବା ଦେଖନ୍ତି ବଦନ ।
ସ୍ୱଚ୍ଛ ବାରି ତାର ଦେବ-ମନଲୋଭା,
ବାଜେ ତହିଁ ସଦା ପକ୍ଷିକଣ୍ଠ ବୀଣା ।
ଅତର୍କିତେ ତହିଁ ହେଲେ ଉପସ୍ଥିତ,
ମୋହ-ମାୟା-ମୁକ୍ତ ହୋଇଉଠେ ଚିତ୍ତ ।
ଆନନ୍ଦ ବିହ୍ୱଳେ ସ୍ୱତଃ ହୁଏ ପ୍ରତେ,
ପ୍ରବେଶିଲି ପ୍ରାୟ ମୁକ୍ତିରାଜ୍ୟ ସତେ ।
ଅଜ୍ଞାତେ ବାହାରେ ମୁମୁକ୍ଷାର ମନ୍ତ୍ର,
ମିଶିଯାଏ ଶୂନ୍ୟେ ଯଥା ଇନ୍ଦ୍ରଧନୁ ।
ସେ କାଳ ଅବସ୍ଥା ବର୍ଣ୍ଣି ନୁହେ ଅହା,
ଭୁକ୍ତଭୋଗୀ ଏକା ବୁଝେ ସିନା ତାହା ।

ପୂର୍ବ ରାଜଧାନୀ ହଣ୍ଡପା ନଗରୀ,
ରହିଅଛି ଏବେ ମ୍ଳାନବେଶ ଧରି ।
ମହେନ୍ଦ୍ର ଦେବଙ୍କ ପୁଣ୍ୟ ଜନ୍ମଭୂମି,
କାଳବଶେ ରୁଦ୍ଧ ତାର ଭାଗ୍ୟଉର୍ମି ।
କନ୍ଦୁକ ପରାୟେ ଭାଗ୍ୟ ସିନା ଚଳେ,
କେବେ ଉଠେ ଊର୍ଦ୍ଧ୍ୱେ କେବେ ଖସେତଳେ
ରହି କତିପୟ ରାଜକାର୍ଯ୍ୟାଳୟ,
ପୂର୍ବ ସୌଭାଗ୍ୟର ଦିଏ ପରିଚୟ ।
ଉଚ୍ଚପ୍ରାଥମିକ ବିଦ୍ୟାଳୟ ତହିଁ,
ଚଳୁଅଛି ନିଜେ ନିଜ ଭାର ବହି ।
କୃଷିଶିଳ୍ପାଦିରେ ସାଧି ସେ ଉତ୍କର୍ଷ,
ସମଶ୍ରେଣୀ ମଧ୍ୟେ ଦେଖାଏ ଆଦର୍ଶ ।
କରି ବାଳିଯୋଗ ଛାତ୍ରେ ମନଧ୍ୟାନ,
ରଚିଛନ୍ତି ତହିଁ ସୁନ୍ଦର ଉଦ୍ୟାନ ।
ସେ ଉଦ୍ୟାନ ସଦା ପୂର୍ଣ୍ଣ ଫଳେ ଫୁଲେ
ନାନାବିଧ ଫଳ ପାଚି ବୃକ୍ଷେ ଝୁଲେ ।
ଉଦ୍ୟାନଟି ଚାରୁ— ଶୀତଳ ନିର୍ମଳ,
ଶିରିକୁନ୍ଦ ପୁଷ୍ପ— ହାସ୍ୟେ ସମୁଜ୍ଜ୍ୱଳ ।

ଖଣ୍ଡହତା ଗ୍ରାମେ ତନ୍ତୁବାୟଗଣ,
କରନ୍ତି କୌଶେୟ ବସନ ବୟନ ।

ସୁନ୍ଦର ସେ ବସ୍ତ୍ର ଚିକ୍‌କଣ ଉଜ୍ଜ୍ୱଳ,
କ୍ଷୀରୋଦ୍ର ସମାନ ଦିଶେ ଅବିକଳ ।

ଧୌଗ୍ରପଲ୍ଲୀ ନାମେ ଗ୍ରାମ ସୁବୃହତ,
ଶିକ୍ଷା ସଭ୍ୟତାରେ ଯା ଶିର ଉନ୍ନତ ।
ଭାରତୀ କମଳା ସଖ୍ୟଭାବ ବହି,
ଏକାସନେ ବିଜେ ହୋଇଛନ୍ତି ତହିଁ ।
ଆଦର୍ଶ ଗ୍ରାମ ସେ ଚିର-ରାଜଭକ୍ତ,
ଧରିଛି ପବିତ୍ର ରାଜସେବା-ବ୍ରତ ।
ସେ ଗ୍ରାମନିବାସୀ ବହୁ ସୁଶିକ୍ଷିତ,
ନାନା ରାଜକାର୍ଯ୍ୟେ ଛନ୍ତି ନିୟୋଜିତ ।

ରଇଣ୍ଡା ଗ୍ରାମରେ ଉଡ଼ାଇଛି ବାନା,
ମିଶ୍ର ସାହୁଙ୍କର ଶିଳ୍ପ କାରଖାନା ।
ଜଡ଼ବାଡ଼ ଜଡ଼— କଲମ ଦୁଆତ,
ଦେଶ ବିଦେଶରେ ହେଉଛି ବିଖ୍ୟାତ ।
ମୃଗବ୍ୟାଘ୍ର-ଚର୍ମ ଶୃଙ୍ଗନଖଚୟ,
ଚର୍ମକାରେ ତହିଁ କରନ୍ତି ବିକ୍ରୟ ।
ଉତ୍କଳ-ଶିଳ୍ପୀଙ୍କ ନିର୍ମାଣ-ଚାତୁରୀ,
ଦେଖି ଉଠେ ହୃଦ ମହୋଲ୍ଲାସେ ପୂରି ।
ବିବୁଧେନ୍ଦ୍ର ଦେବ ରାଜପିତାଙ୍କର,
ବିରାଜିତ ତହିଁ ସ୍ମୃତି-ସରୋବର ।
ସ୍ୱର୍ଗତ ରାଜାଙ୍କ ପୁଣ୍ୟସ୍ମୃତି ବହି,
ବସିଛି ନୂତନ ହାଟ ଏକ ତହିଁ ।
ଶ୍ରୀକିଶୋରଚନ୍ଦ୍ର ସ୍ଥାପି ସ୍ମୃତିଦ୍ୱୟ,
ଦେଇଛନ୍ତି ପିତୃଭକ୍ତି— ପରିଚୟ ।
ଯୋଗ୍ୟପୁତ୍ର ନୃପ ଯୋଗ୍ୟ ପିତାଙ୍କର,
ଗୁଣେ ଶୀଳେ ସେହୁ ତାଙ୍କୁ ପଟାନ୍ତର ।

ପ୍ରାଚୀନ 'ପଥରଗଡ଼' ନିକାଞ୍ଚନେ,
ଲୁଚି ରହିଅଛି ଗହନ କାନନେ ।
ପୂର୍ବେ ତହିଁ ଖଣ୍ଡେ କରୁଥିଲେ ବାସ,
ଦେଖି ତାହା ଜନ୍ମେ ମନେ ମହାତ୍ରାସ ।

ଗୁମ୍ଫାମାନ ଅଛି ଅନ୍ଧକାରେ ପୂରି,
ପ୍ରତେ ହୁଏ ଯେହ୍ନେ ଜ୍ୱପସମପୁରୀ ।
ସୃଷ୍ଟିକାଳୁଁ ତାହା ସୂର୍ଯ୍ୟଦେବଙ୍କର,
ହୋଇ ନାହିଁ ପରା ନୟନ-ଗୋଚର ।
ଦେଖି ସେ ଭୀଷଣ ଧୈର୍ଯ୍ୟଶୋଷୀ ସ୍ଥାନ,
ଅତି ସାହସୀର ଉଡ଼ିଯିବ ପ୍ରାଣ ।
ଦୁର୍ବୃତ୍ତ ପିଶାଚ— ମାନଙ୍କ ଦୁଷ୍କୃତ,
ଗ୍ରାସିବାକୁ ଧାଏଁ ବହ୍ନି ଲୟାକୃତ ।

ଘୋପରାଜ୍ୟ କୋଳ ଚନ୍ଦେଶିଳା ସହ,
ମିଶି ଉଭୟରେ ବିରଚେ କଲହ ।
ଗଡ଼ ପଥେ ଧାଏଁ ବଜାଇ ସେ ବେଣୁ,
ସୈକତେ ତାହାର ମିଶା ସ୍ୱର୍ଣ୍ଣରେଣୁ ।
ଝରା ଜାତି ଲୋକେ ବାଲିରୁ ପ୍ରତ୍ୟହ,
ସୁବର୍ଣ୍ଣ କଣିକା କରନ୍ତି ସଂଗ୍ରହ ।
ଚିର-ସ୍ୱର୍ଣ୍ଣପ୍ରସୂ ଏ ରମ୍ୟ କଟକ,
କରିଅଛି ନିଜ ଗୌରବ ସାର୍ଥକ ।

ସୁରେଶ୍ୱର ନାମେ ରମ୍ୟ ମହୀଧର,
ଶୁକ ସାରି ରୁତେ ସତତ ମୁଖର ।
ନିବସନ୍ତି ତହିଁ ଦେବୀ ସୁରେଶ୍ୱରୀ,
ବରାଭୟ-ଦାନୀ ସଦା ଶୁଭଙ୍କରୀ ।
ଝରେ ସେ ପର୍ବତୁଁ ସୁରେଶ୍ୱରୀ ଝର,
ଅଷ୍ଟମଲ୍ଲିକର ଜଳ-ଚନ୍ଦ୍ରାଧର ।
କୋଡ଼ଏଟି ଗ୍ରାମ ସେ ନିର୍ଝର ଜଳେ,
ଚିର-ସମୁର୍ବର, ପୂର୍ଣ୍ଣ ଶସ୍ୟଫଳେ ।
ବହୁଧାରେ ସଦା ବହେ ଝରପୟ,
ଯେ ଦିଗେ ଚାହିଁଲେ ଦିଶେ ଜଳମୟ ।
ପ୍ରତେ ହୁଏ ସ୍ୱତଃ ମାନସେ ଏସନ,
ବାରମାସ ତହିଁ ଥାଏ କି ଶ୍ରାବଣ !
ଏକମାସୀ ରାଜ୍ୟ ସେ ଗ୍ରାମନିକର,
ପ୍ରବେଶ ନିଷିଦ୍ଧ ଅପର ମାସର ।

ସେ ସ୍ଥାନର ଦୃଶ୍ୟ   ଅତି ଚମତ୍କାର,
ମନ-ନୟନର   ଚିର କାରାଗାର ।
ରହିଛି ଗୁମ୍ଫାଏ   ଶୈଳ ଏକଅଂଶେ,
ଗିରିରାଜାର କି   ସଭାମଣ୍ଡପ ସେ !
ବନବାସ କାଳେ   ପାଣ୍ଡବେ ସେଠାରେ,
ଖେଳୁଥିଲେ ପଶା   ପ୍ରବାଦ ପ୍ରଚାରେ ।
ବାହିଁ ସୁରେଶ୍ୱର   ପଞ୍ଚଧାର କାହିଁ,
ବହୁଛନ୍ତି ଦୁହେଁ   ପରସ୍ପରେ ଚୁହିଁ ।
ବରିଷ୍ଠ ବରିଷ୍ଠ ରତ   ବାକ୍ୟାଳାପେ,
କେ ବୁଝିବ ତାହା   ବୁଝନ୍ତୁ ସେ ଆପେ ।
ଏକ ଉପାଦାନେ   ବେନି ପିଣ୍ଡ ଗଢ଼ା,
ମଧ୍ୟେ ଅବସ୍ଥିତ   ବିଶାଳ ଗୁମ୍ଫଢ଼ା ।
ଦ୍ୱିପାଶେ ପ୍ରକାଣ୍ଡ   ଗଜରାଜ ବେନି,
ଉଭୟଙ୍କ ମଧ୍ୟେ   କରଭକୁ ଘେନି ।
ଅନ୍ୟ ସ୍ଥାନେ ଗୁଣ୍ଡ   ପର୍ବତ ବହୁତ
ଦୂରୁଁ ଦିଶେ ଯେହ୍ନେ   ଉଭା କରିଯୂଥ ।
ଊର୍ଦ୍ଧ୍ୱାକାଶେ ମେଘ   ଭ୍ରମିବା ସମୟେ,
ଅଦ୍ଭୁତ ଉପମା   ଜନମେ ହୃଦୟେ ।
ଭ୍ରମୁଛି କି ଗଣ୍ଡ   ଭୈରଣ୍ଡ ବିହଙ୍ଗ,
ଝାମ୍ପମାରି ନେବ—ନେବ ସେ ମାତଙ୍ଗ ।
ଦୁଇପଦ ନଖେ   ଥରେ ତିନି କରି,
ଧରିଉଡ଼ି ନଭେ   ଭୁଞ୍ଜିବ ବିହରି ।

ବୀର-ପ୍ରସୂ ମହୀ   ଏ ଅଷ୍ଟମଲ୍ଲିକ,
ବୀରଧୂ ତାହାର   ଖ୍ୟାତ ଅଲୌକିକ ।
ବୀର ତେଜ ବୀର୍ଯ୍ୟେ   ଗଢ଼ା ତା ଶରୀର,
ସୁଖ୍ୟାତ-ଗୌରବେ   ଟେକ ତାର ଶିର ।
ବିକୋଣବିଶିଷ୍ଟ   ତାହାର ଆକୃତି,
ବିଦିତ ସର୍ବତ୍ର   ମହତ୍ତ୍ୱ ସୁକୃତି ।
ଦେଖି ମନେହୁଏ   ଏ ଭାବ ଉତ୍ପତ୍ତି,
ଛୁଡପଡିଛି କି   ସ୍ୱର୍ଗ ବୈଜୟନ୍ତୀ ।

ଗଡଜାତ ମଧ୍ୟେ   ଆକୃତି ତାହାର,
କରିଛି ଦ୍ୱାଦଶ   ସ୍ଥାନ ଅଧିକାର ।
ଶିକ୍ଷାସଭ୍ୟତାରେ   କରେ ଅଗ୍ରଗତି,
ସର୍ବପ୍ରଭିଷ୍ଠାରେ   ଉଡ଼ାଏ ସେ ଛତି ।
ହେରି ତା ଦକ୍ଷତା   ସାହିତ୍ୟ ସଙ୍ଗୀତେ,
ତୃପ୍ତିର ଆନନ୍ଦ   ଖେଳଯାଏ ଚିତ୍ତେ ।
ଜଳବାୟୁ ସଦା   ଶକ୍ତି-ସ୍ୱାସ୍ଥ୍ୟପ୍ରଦ,
ପରିପୂର୍ଣ୍ଣ ରାଜ୍ୟେ   ଅରଣ୍ୟ-ସମ୍ପଦ ।
ଶତାଧିକ ହସ୍ତୀ   ଉଚ୍ଚ ବଂଶବନ,
ରହିଅଛି ବ୍ୟାପି   ଯୋଜନ ଯୋଜନ ।
ଶାର୍ଦ୍ଦୂଳକୁଳର   ଅଭେଦ୍ୟ ଦୁର୍ଗ ସେ,
ନ ପଶନ୍ତି ତହିଁ   ଭୟରେ ବାୟୁସେ ।
ଶିଶୁ କେନ୍ଦୁ ଅଛି   ଶାଳ ପିଆଶାଳ,
ଶିରିଷ କୁଳତା   ମାହାଲ ତମାଳ,
ମହୁଲ ପଣସ   ସୁନ୍ଦରୀ ସୁନାରୀ,
ନିମ୍ବ କ୍ଷୀରକୋଳି   କରମ ଗମ୍ଭାରୀ ।
କୁରୁମ କୁସୁମ   ବଉଳ ସେଗୁନ,
ଧବ ନାଗେଶ୍ୱର   ଅସନ ଅର୍ଜ୍ଜୁନ,
ଅତି ମୂଲ୍ୟବାନ   ପାଦପ ଅସଂଖ୍ୟ,
ଅଛି ଏ ରାଜ୍ୟରେ   ସ୍ଥିର ବନବକ୍ଷ ।
ଅଚଳ ଅରଣ୍ୟ   ଯେସନ ଜଳଧି,
ବହୁଅଛି ବକ୍ଷେ   ବହୁ ମହୌଷଧି ।
ଝୁଣା ଲାଖ ମଧୁ   ମହମ ତସର,
ଅଛି ପୁଣି ବହୁ   ଧାତୁର ଆକର ।
ଅରଣ୍ୟ-ସମ୍ପଦ   ରହିଛି ଅପାର,
ତୁଚ୍ଛ ତାହା ପାଶେ   କୁବେର ଭଣ୍ଡାର ।
ନଦୀସ୍ରୋତ ପ୍ରାୟେ   ଉନ୍ନତ ପଥରେ,
ଧାଇଁଛି ଏ ରାଜ୍ୟ   ଆଗକୁ ପ୍ରଖରେ ।
ଉନ୍ନତ ରାଜ୍ୟର   ସର୍ବ ଅନୁଷ୍ଠାନ,
ଅଛି ଅଳ୍ପାଧିକେ   ଏଥି ବିଦ୍ୟମାନ ।
ପ୍ରଗତିଶୀଳତା   ଶ୍ରୀବୃଦ୍ଧି ସତତ,
ହୋଇଛି ଏହାର   ନିତ୍ୟ ନବ ବ୍ରତ ।

ଭ୍ରମି ଏ ରାଜ୍ୟରେ ମୁଗ୍ଧ ମୋର ଚିତ୍ତ,
ହୋଇଛି ଆବର   ଏସନ ପ୍ରତୀତ ।
ପୌରାଣିକ ଯୁଗେ   ଫେରିଯାଇ ମନ,
ଅଯୋଧ୍ୟା ରାଜ୍ୟେ କି   କରୁଛି ଭ୍ରମଣ !
କିମ୍ବା ଭ୍ରମୁଅଛି   ଇନ୍ଦ୍ରପ୍ରସ୍ଥେ ଯାଇ,
ଯୁଧିଷ୍ଠିରଙ୍କର   ଜୟଗୀତ ଗାଇ ।
ଅଥବା ଭ୍ରମୁଛି   ଉଜ୍ଜୟିନୀ ରାଜ୍ୟେ,
ଅଧୀର ଆନନ୍ଦେ   କଳ୍ପନା ସାହାଯ୍ୟେ ।
ନତୁବା ଭ୍ରମୁଛି   ମିଥିଳା ନଗରେ,
ଜନକ ରାଜର୍ଷି   ରାଜତ୍ୱ କାଳରେ ।
ଶ୍ରୀ କିଶୋରଚନ୍ଦ୍ର   ଏ ରାଜ୍ୟର ଭୂପ,
ରାଜଗୌରବ କି   ଧରିଅଛି ରୂପ !
ଗାଉଛି ଉତ୍କଳ   ଯାଙ୍କ କୀର୍ତ୍ତି ଗୀତ,
ନବଛନ୍ଦେ ରଚି   ବହି ହୃଦେ ପ୍ରୀତ ।
ଧନୀ ଦୀନେ କରି   ଦୟା ବିତରଣ,
କରୁଛନ୍ତି ତାଙ୍କ   ଅଦୃଷ୍ଟ ଗଠନ ।
ପ୍ରତିଦାନ ପାଇଁ   ନାହିଁ ହୃଦେ ଠାବ,
ରାଜପ୍ରାଣେ ସିନା   ଏହା ଦେବଭାବ !
ପ୍ରଜାଙ୍କ ଉନ୍ନତ   ଜୀବନ ଗଠନ—
ବିଷୟେ ସେ ସଦା   ଅନୁପରାୟଣ ।
ବାହ୍ୟେ ସଂସାରୀ ସେ, ସ୍ୱଭାବେ ବୈରାଗୀ
ଦେହେ ମାତ୍ର ରାଜା, ମନେ ମହାତ୍ୟାଗୀ ।
ରାଜୋପାଧି ହୋଇ   ତାହାଙ୍କ ଆଶ୍ରିତ,
ହୋଇଅଛି ଧନ୍ୟ   ଗୌରବ-ମଣ୍ଡିତ ।
କରି ଉଦ୍ଭାବନ   ଉପାୟ ବିବିଧ,
ହୋଇଛନ୍ତି ରାଏ   ପୂର୍ଣ୍ଣ ଯୋଗସିଦ୍ଧ ।
ସେ ଚିନ୍ତାରେ ଶକ୍ତି   କରୁଛନ୍ତି ଯାପ୍ୟ,
ରାଜପ୍ରାଣେ ଏହା   ବଡ଼ିତ୍ୱ ନିଷ୍ଟପ୍ୟ ।
କୃଷିକ୍ଷେତ୍ର ଯଥା   ସୁଫଳେ ଦେଇ ଋଣି
କରେ ପରିଶୋଧ   ଅର୍ପି ବହୁଗୁଣି ।
ତଥା ରାଜା ନେଇ   ପ୍ରଜାଠାରୁ କର,
ସାଧନ୍ତି ତାହାର   ମଙ୍ଗଳ ବିସ୍ତର ।

ବୃଟିଶ ନୃପ   ବିପୁଳ ବିଭବେ,
ମାତ୍ର ନୁହନ୍ତି ତ   ସୁଖୀ ସେ ବାସ୍ତବେ ।
ନୃପତଙ୍କୁ ସୁଖୀ   ବୋଲେ ଯେଉଁ ଜନ,
ନ ବୁଝେ ସେ ସୁଖ— ଅର୍ଥ କଦାଚନ ।
ପ୍ରଜା-ହିତ ପାଇଁ   ଭୂପତି ନିଶ୍ଚୟ,
କରନ୍ତି ନିଜର   ଶକ୍ତି ଆୟୁ କ୍ଷୟ ।
ପ୍ରଜାହିତ ତାଙ୍କ   ଚିନ୍ତା ଏକମାତ୍ର,
ତେଣୁ ରାଜା, ଭକ୍ତି— କୃତଜ୍ଞତା ପାତ୍ର ।
କରନ୍ତି ପ୍ରଜାଙ୍କୁ   ସର୍ବଦା ଉଦ୍ଧାର,
ତେଣୁ ରାଜା, ନିତ୍ୟ   ନମସ୍ୟ ପ୍ରଜାର ।
ରାଜାଙ୍କ ଦାୟିତ୍ୱ   କଠୋର ଅତୀବ,
ଧୈର୍ଯ୍ୟ-ସହିଷ୍ଣୁତା   ଗୁଣରେ ସେ ଶିବ ।

ଶ୍ରୀମହେନ୍ଦ୍ର ଦେବ   ସୁଗୁଣ-ଗ୍ରାହକ,
'ସିଦ୍ଧାନ୍ତ ଦର୍ପଣ'   ଗ୍ରନ୍ଥ-ପ୍ରକାଶକ ।
ନୃମଣି କିଶୋର— ଚନ୍ଦ୍ର ତାଙ୍କ ନାତି,
କରୁଛନ୍ତି ବୃଦ୍ଧି   ବଂଶୀୟ ସୁଖ୍ୟାତି ।
ପିତାମହଙ୍କର   ପଦାଙ୍କାନୁସରି,
ଅର୍ଜୁଛନ୍ତି କୀର୍ତ୍ତି   ସେ ନୃପକେଶରୀ ।
ଉତ୍କଳ-ମିହିର   ଚନ୍ଦ୍ରଶେଖରଙ୍କ,
ମହା ପ୍ରତିଭାର   ସେ ବାଞ୍ଛା ପୂରକ ।
ନିଜଠାରୁ ନିତେ   ଲଭି ସୁପ୍ରେରଣା,
କରିଥିଲେ ନୃପ   ଉତ୍କଳେ ଘୋଷଣା,
ଚନ୍ଦ୍ରଶେଖରଙ୍କ   ପ୍ରତିଭା ସମ୍ବନ୍ଧ—
ଯେଉଁ ସେ ଲେଖିବେ   ଉତ୍କୃଷ୍ଟ ପ୍ରବନ୍ଧ,
ଗୁଣ ପୁରସ୍କାର— ରୂପେ ସେ ଲେଖକ,
ପ୍ରାପ୍ତ ହେବେ ଏକ   ସୁବର୍ଣ୍ଣ ପଦକ ।
ପିତାମହ କୀର୍ତ୍ତି—   ସଂରକ୍ଷଣ ପାଇଁ,
ବହୁ ଅର୍ଥ ବ୍ୟୟ   କରି ନରସାଇଁ,
'ପଣ୍ଡିତ ସର୍ବସ୍ୱ'   ନବ ସଂସ୍କରଣ,
କରୁଛନ୍ତି ରାଏ   ଦେଶେ ବିତରଣ ।

ପିତାମହଙ୍କର ପ୍ରତିଷ୍ଠା ନିଷ୍ଠିତ,
ହୋଇଅଛି ଯୌବନ— ପ୍ରାଣେ ପ୍ରଭାବିତ ।
ମହାତ୍ମା ପ୍ରଭାତ ଯଥାସମୟରେ,
ଅଣ୍ଡାକରେ ପିନା ଯୋଗ୍ୟ ବଂଶଧରେ ।
ସ୍ୱୟଂ ସର୍ବଗୁଣ ପ୍ରବୀଣ ଅତୀବ,
ଲଭିଛନ୍ତି ଦୁହେଁ ସୁଯୋଗ୍ୟ ସଉରଭ ।
ଅନଳ ସାହାଯ୍ୟେ ଶୁଦ୍ଧ ସ୍ୱର୍ଣ୍ଣକାର,
ଗଢ଼େ ସିନା ଦ୍ରବ୍ୟ ସ୍ୱର୍ଣ୍ଣ ଅଳଙ୍କାର ।
ନୃପତି ଯେସନ ରାଜ୍ୟକୁ ସୁନ୍ଦର,
ତେସନ ସୁନ୍ଦର ନୃପେ ମନ୍ତ୍ରିବର ।
ପୁଷ୍ପ ମଧ୍ୟେ ଥିଲେ ମଧୁ, ସଉରଭ,
ଉଭୟେ ବଢ଼ାନ୍ତି ପୁଷ୍ପର ଗୌରବ ।
ରାଜା ମନ୍ତ୍ରୀ ଯୋଗେ ଲଭେ ତଥା ବୃଦ୍ଧି,
ରାଜ୍ୟ-କୁସୁମର ସମ୍ଭ୍ରମ ସମୃଦ୍ଧି ।
ରାଜ-ପ୍ରତିଭାରେ ମନ୍ତ୍ରୀ ଚତୁରତା,
ମିଶିଲେ ଅସାଧ୍ୟ ଅବା କେଉଁ କଥା ?
ରାଜଶକ୍ତି ସହ ସୁମନ୍ତ୍ରୀ ମନ୍ତ୍ରଣା,
ମିଶିଲେ ସେ ଧରେ ଶକ୍ତି ଅକଳନା ।
ଅସାଧ୍ୟ ସାଧ୍ୟ ତ ସହଜ-ସୁଲଭ,
କାଳୁ ଅସମ୍ଭବ ହୁଏ ସୁସମ୍ଭବ ।
ବାମଦେବ ମିଶ୍ର ଏ ରାଜ୍ୟେ ଦେଓ୍ୱାନ,
ସଦା ଶାନ୍ତଶୀଳ ମହା ପ୍ରଜ୍ଞାବାନ ।
ଗତ ମତ ଜନ୍ମ ତିନିଙ୍କୁ ତାଙ୍କର,
ବିଶ୍ରାମର ତିଳେ ନାହିଁ ଅବସର ।
ପ୍ରଶଂସିତ ଭାବେ କର୍ତ୍ତବ୍ୟ ସମ୍ପାଦ,
ଲଭିଛନ୍ତି 'ରାଏ— ସାହେବ' ଉପାଧି ।
ବିଜୁଳି ପରି ସେ ଭ୍ରମି ଇତସ୍ତତଃ,
ସାଧୁଛନ୍ତି ରାଜ୍ୟେ ଶ୍ରୀବୃଦ୍ଧି ସତତ ।

ଆଠମଲ୍ଲିକରେ ଦଶଟି ଖମାର *
ସାଧୁଛି ପ୍ରଜାଙ୍କ ବହୁ ଉପକାର ।

ଧାନ୍ୟ ଶସ୍ୟ ତହିଁ ରହୁଛି ଗଚ୍ଛିତ,
ଲକ୍ଷ ମହଣରୁ ଅଧିକ ସଞ୍ଚିତ ।
ରହୁଛି ଖମାରେ ସୁସଞ୍ଚିତ ପୁଣି,
ବିବିଧ ଶସ୍ୟ ବହୁ ସହସ୍ର ଗଉଣୀ ।
ଦୁର୍ଭିକ୍ଷ ଦାଉରୁ ପ୍ରଜା-ରକ୍ଷା ପାଇଁ,
କରିଛନ୍ତି ଏହି ବ୍ୟବସ୍ଥା ନୃସାଇଁ ।
ଶସ୍ୟ ଋଣ ତହୁଁ ନେଇ ପ୍ରଜାଗଣ,
କରନ୍ତି ନିଜର ଅଭାବ ମୋଚନ ।
ହୋଇ ସମବାୟ ସମିତି ଗଠିତ,
ପ୍ରଜାବର୍ଗେ ଋଣ ହେଉଛି ଅର୍ପିତ ।
ଅଳ୍ପ ସୁଧ ହେତୁ ପରିଶୋଧ ପାଇଁ,
ପ୍ରଜାଙ୍କ ପକ୍ଷରେ କଷ୍ଟ ହେଉ ନାହିଁ ।
କରାଳ କବଳୁଁ ସୁଧଖୋରଙ୍କର,
ଲଭିଛନ୍ତି ଶାନ୍ତି ପରଜା-ନିକର ।
ପୂର୍ବ-ପ୍ରଚଳିତ ଅସ୍ୱାଭାବୀ କର,
ଉଠାଇଦେଲେଣି ରାଜ୍ୟୁ ନୃପବର ।
ବେଟି ବେଠି ପୁଣି ଅଯଥା ମାଗଣ,
ତନ୍ତ୍ରୁ ସର୍ବଥା ମୁକ୍ତ ପ୍ରଜାଗଣ ।
ନିର୍ଦ୍ଦିଷ୍ଟ ଦିବସେ ରାଜ୍ୟ-ପ୍ରଜାଗଣ
ଫଳବୃକ୍ଷମାନ କରନ୍ତି ରୋପଣ ।
ରାଜ-ସରକାର ପକ୍ଷୁଁ ରାଜ୍ୟସାରା,
ପ୍ରତିବର୍ଷ ବଣ୍ଟା— ହୁଏ ବୃକ୍ଷଚାରା ।
ଶ୍ରେୟସ୍କର ଅତି ଏ ରାଜବିଧାନ,
ଫଳ ବିକି ପ୍ରଜା ହୁଏ ଲାଭବାନ ।
ପ୍ରଜାଙ୍କର ଏହା ଅନ୍ୟତମ ଆୟ,
ଅର୍ଥ-ହିତପ୍ରଦ ନବ ବ୍ୟବସାୟ ।

ବରବୀରବାସ ନୃପ ମହାଭାଗ,
ଗ୍ରହିଛନ୍ତି ମୃଦେ ବ୍ୟାଘ୍ରବଧ-ଯାଗ ।
ସପ୍ତଷଷ୍ଠି ବ୍ୟାଘ୍ରେ ପ୍ରଦାନି ଆହୁତି,
ଅର୍ଜିଛନ୍ତି ସେ ବୀରତ୍ୱ ଖ୍ୟାତି ।

* ସୁବୃହତ ସର୍ବପ୍ରକାର ଶସ୍ୟଭଣ୍ଡାର

ମହାବଳ ବ୍ୟାଘ୍ର    ବିକଟ ଭୀଷଣ,
କରେ ପଶୁରାଜ୍ୟ    କାନନେ ଶାସନ ।
ଶୁଣି ତାର ବଜ୍ର—    ନିନାଦୀ ଗର୍ଜନ
ଥରହରେ ଗିରି    ଥରହରେ ବନ ।
ଉଡ଼ନ୍ତା ବିହଙ୍ଗ    ସାଧ୍ୱସ ବିହ୍ୱଳେ,
ହରାଇ ଚେତନା    ଖସିପଡ଼େ ତଳେ ।
ବନ-ପଶୁକୁଳ    ତେଜି ଖରଶ୍ୱାସ,
ଲୁଚନ୍ତି କେ କାହିଁ    ଗଣି ମହାତ୍ରାସ ।
ହୃଷ୍ଟ ବନସ୍ଥଳୀ    ମୃତ୍ୟୁର ସେ ମୂର୍ତ୍ତି
ପ୍ରଭାତେ ଦେଖନ୍ତି    କ୍ଷୁଦ୍ରଭୟ ଭର୍ତ୍ତି ।
ନ କରେ ଖାତର    ସହସ୍ର ପ୍ରହାରେ,
ଭୟ ତାକୁ ଭୟେ    ଦୂରରୁ ଜୁହାରେ ।
ନାମେ ମହାବଳ    ବଳେ ମହାବଳ,
ଝରେ ତା ଦୃଷ୍ଟିରୁ    ପ୍ରଚଣ୍ଡ ଅନଳ ।
ଶ୍ରୀ କିଶୋରଚନ୍ଦ୍ର    ନୃପ ମହେଶ୍ୱାସ,
ମଣନ୍ତି ତାହାକୁ    ଯେସନ କଇଁାସ ।

ଦଶବର୍ଷ ପରେ    ଏ ଅସ୍ଥିମଜ୍ଜିକ,
ହେବ ଯକ୍ଷପତି    ଭଣ୍ଡାର ମାଲିକ ।
ଫଳିବ ମୋର ଏ    ଭବିଷ୍ୟତ ବାଣୀ,
ବର୍ତ୍ତମାନ ଦେଖି    ପାରୁଛି ମୁଁ ଜାଣି ।
କହୁଛନ୍ତି ମୋର    ବିବେକ-ଦେବତା,
କର୍ଣ୍ଣମୂଳେ ଏହି    ସଫଳ ବାରତା ।
ସାହିତ୍ୟ-ଶ୍ରୀବୃଦ୍ଧି    ସାଧନେ ବିଶେଷ,
କରୁଛନ୍ତି କାର୍ଯ୍ୟ    ଅସ୍ଥିମଜ୍ଜି ଭେଣ ।
ସ୍ୱଭାବରେ ସେ ତ    ସାହିତ୍ୟପ୍ରେମିକ,
କାବ୍ୟକୁଞ୍ଜବନ—    ବିହାରୀ ରସିକ ।
ଦେଶେ ସତ୍‌ସାହିତ୍ୟ—ପ୍ରଚାର ବିଷୟେ,
କରୁଛନ୍ତି ଚେଷ୍ଟା    ବହୁ ଅର୍ଥବ୍ୟୟେ ।
ଶ୍ରେଷ୍ଠ ନାୟିକାର    ଶ୍ରୀମତୀ ଅପର୍ଣ୍ଣା,
ବ୍ରାହ୍ମଣବଂଶର    ଅନନ୍ୟସୂନ୍ଦରୀ କନ୍ୟା ।

ଲେଖିଛନ୍ତି କେତେ    କାବ୍ୟ ସୁକବିତା,
ଉତ୍କଳ ଭାଷାରେ    ବିଦୁଷୀ ପଣ୍ଡିତା ।
ନୋହିଥିଲେ ରାଜା—    ଦୟା ତାଙ୍କ ପ୍ରତି,
ବନେ ଝଡ଼ିଥାନ୍ତା    ବନର ମାଳତୀ ।
କବି-ପ୍ରତିଭାର    ବୈଚିତ୍ର୍ୟ ଗରିମା
ଛୁଇଁ ନ ଥାଆନ୍ତା    ଲୋକାଳୟ ସୀମା ।
ଅସ୍ଥିମଜ୍ଜି ଭେଣ    ସୁକୀର୍ତ୍ତି-ନିବାସ,
କରିଛନ୍ତି ତାଙ୍କ    ପୁସ୍ତକ ପ୍ରକାଶ ।
କେତେ ଦୀନ କବି    ଦୀନ ଲେଖକର,
କରିଛନ୍ତି ଆଶା    ସଫଳ ନୃବର ।
ସାହିତ୍ୟ-ପାଠକ    ସାହିତ୍ୟ-ସମ୍ବଳ,
ତାଙ୍କ ଭଳି ନୃପ    ପ୍ରାୟଶଃ ବିରଳ ।
ଜାତୀୟ ସାହିତ୍ୟେ    ଅର୍ପି ଶୁଭଦୃଷ୍ଟି
ସାଧୁଛନ୍ତି ନୃପ    ତାର ପରିପୁଷ୍ଟି ।
ପଦ ପଦବାଦ    କରି ସେ ପ୍ରଦାନ,
ବଢ଼ାଇଅଛନ୍ତି    ଗୁଣିଜନ ମାନ ।
'ଭାଷାକୋଷ' ଗ୍ରନ୍ଥ    ପ୍ରକାଶ କାର୍ଯ୍ୟରେ,
ଅର୍ପିଲେ ବହୁତ    ଅର୍ଥ ଅକାତରେ ।
ଏ ଦୀନ ଲେଖକ    'ଗ୍ରନ୍ଥାବଳୀ' ପାଇଁ,
ଅର୍ପିଛନ୍ତି ଅର୍ଥ    ଆଗ୍ରହ ଦେଖାଇ ।
'ପଞ୍ଚଧାର' ନାମେ    ସାମୟିକ ପତ୍ର,
ଘୋଷେ ତାଙ୍କ ଦାନ    ମହତ୍ତ୍ୱ ସର୍ବତ୍ର ।
ସାହିତ୍ୟସମାଜେ    ହୋଇ କର୍ଣ୍ଣଧାର,
ଦେଖାଇଅଛନ୍ତି    ଯୋଗ୍ୟତା ଅପାର ।
ନବୀନ ପ୍ରେରଣା    ସାହିତ୍ୟିକ ପ୍ରାଣେ,
ଦେଇଛନ୍ତି ନୃପ    ବହୁ ପରିମାଣେ ।
ତାହାଙ୍କ ପ୍ରଦତ୍ତ    ସୁ-ଅଭିଭାଷଣ,
କରୁଛି କର୍ଣ୍ଣରେ    ଅମୃତ ବର୍ଷଣ ।
ବିଶ୍ୱ-ସାହିତ୍ୟର    ପ୍ରତିଯୋଗ ପାଇଁ,
ଆହ୍ୱାନଅଛନ୍ତି    ଦେଶେ ନରସାଇଁ ।
ତାହାଙ୍କ ପ୍ରଦତ୍ତ    ଅପୂର୍ବ ଉତ୍ସାହ,
ସାହିତ୍ୟିକ ପ୍ରାଣେ    ସୃଜିବ ପ୍ରବାହ ।

ଏ ରାଜ୍ୟର ଶିକ୍ଷା— ପଦ୍ଧତି ସୁନ୍ଦର,
ଉପଯୋଗୀ ତାହା ସର୍ବସମାଜର ।
ନିର୍ବାହ ପକ୍ଷରେ ମାନବ-ଜୀବନ,
ଯେଉଁଭଳି ଶିକ୍ଷାର ହୁଏ ପ୍ରୟୋଜନ,
ସେହି ଶିକ୍ଷା ଏହି ରାଜ୍ୟେ ପ୍ରଚଳିତ,
ଦେଖି ତାହା ହୁଏ ଚିତ୍ତ ପ୍ରଫୁଲ୍ଲିତ ।
କୃଷି, ବ୍ୟବସାୟ, ଶିଳ୍ପ, ସେବାବ୍ରତ,
ବୃତ୍ତିକରେ ସିନା ଶିକ୍ଷାର ମହତ୍ତ୍ୱ !
ଦେଶ-କାଳ-ପାତ୍ର ଉପଯୋଗୀ ତାହା,
ଦେଖାଏ ସମ୍ପ୍ରତି ଅଙ୍ଗୀକୃତ ରାହା ।
ଉଚ୍ଚ ମନୋବୃତ୍ତି ଗଠନ ପକ୍ଷରେ,
ସାର୍ଥକ ଏ ଶିକ୍ଷା ଅକ୍ଷରେ ଅକ୍ଷରେ !
ସ୍ୱାବଲମ୍ବନର ଅର୍ପି ଶୁଭଦୀକ୍ଷା,
ଜୀବନର ଲକ୍ଷ୍ୟ ଶିଖାଏ ଏ ଶିକ୍ଷା ।
ଏ ସର୍ବଯୋଜନା ଶିକ୍ଷା ଅନ୍ତର୍ଗତ,
ଆଦର୍ଶ ସୃଷ୍ଟିର ଦୃଷ୍ଟାନ୍ତ ମହତ ।
ଛାତ୍ରଛାତ୍ରୀଙ୍କର ଆତ୍ମନିର୍ଭରତା—
ଶିକ୍ଷା, ବିଶେଷତ୍ୱ ଏ ରାଜ୍ୟେ ସର୍ବଥା ।
ଛାତ୍ରଙ୍କର ଚିନ୍ତା, ସୁପରିକଳ୍ପନା,
ଅପୂର୍ବ ବିଚାର ସୌନ୍ଦର୍ଯ୍ୟ ସର୍ଜନା,
ସକଳ ବିଷୟେ ସାଧନା ଅକ୍ଳାନ୍ତ,
ଦେଖି ମୁଁ ହୋଇଛି ବିମୁଗ୍ଧ ଏକାନ୍ତ ।
ଶିକ୍ଷାପ୍ରଣାଳୀରେ ଲଭି ମୁଁ ଆହ୍ଲାଦ,
ଅର୍ପୁଅଛି କର୍ମିବର୍ଗେ ଧନ୍ୟବାଦ ।

ଛାତ୍ରଛାତ୍ରୀବର୍ଗେ ଅସ୍ମମଲ୍ଲକେଶ,
ଅର୍ପନ୍ତି ବିବିଧ ନୀତି ଉପଦେଶ ।
କେବଳ ତାଙ୍କର ହେଉଅଛି ଶିକ୍ଷା,
ବିଦ୍ୟାଳୟେ ଯାଇ କରନ୍ତି ପରୀକ୍ଷା ।
ଉନ୍ନତ ତାହାଙ୍କ ପରୀକ୍ଷାର ରୀତି,
ଛାତ୍ରଛାତ୍ରୀ ପ୍ରାଣେ ଜନମାଏ ପ୍ରୀତି ।
ସକଳ ଶିକ୍ଷକ କରି ତନ୍ନ ତନ୍ନ,
କରନ୍ତି ନରେନ୍ଦ୍ର ସୁପରିଦର୍ଶନ ।
ବିଜ୍ଞ ବିଚକ୍ଷଣ ପ୍ରଦର୍ଶକ ଭଳି,
ପ୍ରଶ୍ନ ଗଠନେ ସେ ଅଦ୍ଭୁତ କୌଶଳୀ ।
ଛାତ୍ରଛାତ୍ରୀଙ୍କର ଭକ୍ତି ସମ୍ବର୍ଦ୍ଧନା,
ଗ୍ରହନ୍ତି ସାଦରେ ନୃପ ମହାମନା ।
କହାଇଦେଇ ସେ ସଦୁକ୍ତି-ପ୍ରବାହ,
ଛାତ୍ରଛାତ୍ରୀଗଣେ ଅର୍ପନ୍ତି ଉତ୍ସାହ ।
ଅବର ଅର୍ପନ୍ତି ଅର୍ଥ ପୁରସ୍କାର,
ଭୁଞ୍ଜନ୍ତି ଶିକ୍ଷାର୍ଥୀ ଆନନ୍ଦ ଅପାର ।
ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ,
ବହୁ ଅର୍ଥବ୍ୟୟେ ବିଦେଶେ ପଠାଇ,
ଆଣି ତାଙ୍କୁ ନୃପ କରାଇ ଶିକ୍ଷିତ,
କରୁଛନ୍ତି ରାଜ-କାର୍ଯ୍ୟେ ନିୟୋଜିତ ।

ଉଚ୍ଚ ନୀଚ ଜାତି ବସି ଏକାସନେ,
ରତ ବିଦ୍ୟାଳୟେ ବିଦ୍ୟା ଅଧ୍ୟୟନେ ।
ଉଚ୍ଚ ଅଛବର ନାହିଁ ପୂର୍ବଭେଦ,
ଅଛି ବେନି ମଧ୍ୟେ ସ୍ନେହ ଅବିଚ୍ଛେଦ !
ଅତୀବ ଉଦାର ଏହି ସାମ୍ୟନୀତି,
ସଂସ୍କାରର ସିନା ଏହା ମୂଳଭିତ୍ତି ।
କରେ ଯେ ମାନବ ମାନବକୁ ଘୃଣା,
ମାନବ ନୁହେ ସେ ପଶୁଠାରୁ ଊଣା ।
ସମସ୍ତେ ତ ପୁତ୍ର ବିଶ୍ୱପିତାଙ୍କର,
ଉଚ୍ଚ କିଆଁ ଏକ ଅପର ଇତର ?
ଭଣେ ଯେଉଁ ଶାସ୍ତ୍ର ସାମ୍ୟବାଦେ ପାପ;
ଶାସ୍ତ୍ର ନୁହେ ତାହା ବାତୁଳ ପ୍ରଳାପ ।
ଯେଉଁ ଦେଶ ଶାସ୍ତ୍ର ରଖିଛି ସ୍ୱଅଣୀ,
ଘୋଷି 'ବସୁଧୈବ କୁଟୁମ୍ବକଂ' ବାଣୀ,
ସେ ଦେଶ ପକ୍ଷରେ ଏ ବର୍ବର ପ୍ରଥା,
ନିଶ୍ଚୟ କୁତ୍ସିତ ଅଦର୍ଶ ସର୍ବଥା ।

ଉଠାନ୍ତି ଯେ ଏହି ପ୍ରଥା ଅମାନୁଷୀ,
ନବଯୁଗର ସେ ପ୍ରବର୍ତ୍ତକ ରଥି ।
ହେ କିଶୋରଚନ୍ଦ୍ର, ଶୁଭ-ଗୁଣାଧାର,
ଆଦର୍ଶ ଗୁମୁଙ୍କ ସମାଜ-ସଂସ୍କାର ।
ଶ୍ରୀମହାପ୍ରସାଦେ ଭକ୍ତସହକାରେ,
ଶୂଦ୍ର ସଙ୍ଗେ ବିପ୍ର ଭୁଞ୍ଜେ ନିର୍ବିକାରେ,
ଯେଉଁ ଦେବ ଦେଶେ ଅଛି ଏ ଆଚାର,
ବିଡମ୍ବନା ତହିଁ ଅଛିବ ବିଚାର ।
ପ୍ରଭୁ ରାମଚନ୍ଦ୍ର, ଜଗତବନ୍ଦନ,
ଚଣ୍ଡାଳକୁ ଦେଲେ ପ୍ରେମେ ଆଲିଙ୍ଗନ ।
ଏଡ଼େ ପ୍ରଭୁଙ୍କର ଏଭଳି ବେଭାର,
ମାନବ-ସମାଜ ଅବା କେଉଁ ଛାର !

ଅଷ୍ଟମଲ୍ଲି କେଶ ଧାର୍ମିକ-ପ୍ରବର,
ଧର୍ମକାର୍ଯ୍ୟେ ରତ ଥାନ୍ତି ନିରନ୍ତର ।
ଦାନେ ହୁଏ ସିନା ଧନ ସୁସାର୍ଥକ,
ବାଦିତ ଏ ତତ୍ତ୍ୱ ସେ ନରନାୟକ ।
ଗୁପ୍ତ ଦାତା ନୃପ ନିଜକୃତ ଦାନ,
ଜ୍ଞାତ ଏକା ନିଜେ, ନ ଜାଣେ ତା ଆନ ।
ଅର୍ଥ ଏ ଜଗତେ ବଡ଼ ଦଗାଦାର,
ନୁହେ ସେ କାହାର, ସେ ଏକା ତାହାର ।
ମୋର ବୋଲି ଲୋକେ କରନ୍ତି ଚିତ୍କାର,
ମାତ୍ର ଅର୍ଥେ ନାହିଁ କାର ଅଧିକାର ।
କେବଳ ସେ ଅର୍ଥ ଯିବା ପାଇଁ ଆସେ,
ଚାଲିଯାଏ ପୁଣି ଆସିବା ସକାଶେ ।
ଦେଖାଇ ମାନବ ଜୀବନର ଲୀଳା,
ବାରଦ୍ୱାରେ ବୁଲି ମାଗୁଥାଏ ଶିକ୍ଷା ।
ଜଣକର କରି ଅଭାବ ମୋଚନ,
ହସ୍ତୁଁ ହସ୍ତାନ୍ତରେ କରେ ସେ ଗମନ ।
ହେଉ ଲକ୍ଷପତି ହେଉ କୋଟିପତି,
ନାହିଁ କାର ସ୍ୱର୍ଗେ ଅର୍ଥ ନେବା ଶକ୍ତି ।

ସମସ୍ତେ ତ ଦିନେ ମୃତ୍ୟୁଯାନେ ଚଢ଼ି—
ଉଡ଼ିଯିବେ, ଅର୍ଥ ରହିଥିବ ପଡ଼ି ।
ସମସ୍ତଙ୍କ କାର୍ଯ୍ୟ କରିଦିଏ ଅର୍ଥ,
ଥାଏ ତା ଆବୃତ ଅକ୍ଷତ ସଞ୍ଚିତ ।
କେହି ତ ଅର୍ଥକୁ ଘୋରି ପିଏ ନାହିଁ,
ବୁଝନ୍ତି ଏ ମର୍ମ ବିଜ୍ଞ ନରସାଇଁ ।
ଦରିଦ୍ର ଅକ୍ଷମ ଦୁସ୍ଥ ହରଘଡ଼ି,
ରାଜ-ଗନ୍ତାଘରୁ ପାଉଛନ୍ତି ପଡ଼ି ।
କ୍ଷୁଧା-ତୃଷାତୁର ଭିକ୍ଷୁକ ସମସ୍ତେ,
ନ ଫେରନ୍ତି କେହି କେବେ ଶୂନ୍ୟହସ୍ତେ ।
ଭକ୍ତି-ପ୍ରୀତି ସହ ଦିବସେ ରାତ୍ରେ ବା,
ଲଭିଛି ଦରିଦ୍ର— ନାରାୟଣ ସେବା ।
ନରପତିଙ୍କର ଦେବ ଦ୍ୱିଜ ପ୍ରତି,
ଅଛି ସଦା ଶ୍ରଦ୍ଧା ଅଚଳା ଭକତି ।

ଦେବତା ସ୍ଥାପନ ଦେଉଳ ନିର୍ମାଣ—
କରି ଉପାର୍ଜିଲେ କୀର୍ତ୍ତି ନରରାଣ ।
ରାଜ୍ୟେ ତାଙ୍କ କୀର୍ତ୍ତି— ଉଦ୍ୟାନର ଫୁଲ
ପ୍ରାୟ ସିଦ୍ଧେଶ୍ୱର ହରଙ୍କ ଦେଉଳ ।
ସେ ଦେଉଳ ଚୂଡ଼ା ଗୁରୁ ଅଭ୍ରଂକଷ,
ଶୋଭେ ତହିଁ ତିନି ସୁବର୍ଣ୍ଣ କଳସ ।
ବ୍ୟୟ କରି ମୁଦ୍ରା ବିଂଶାର୍ଦ୍ଧ ହଜାର,
ନିର୍ମାଣିଲେ ଏହା ନୃପ ଗୁଣାଧାର ।
ବସେ ତହିଁ ମେଳା ଶିବରାତ୍ରି ଦିନ,
ବିଘନ ପ୍ରାନ୍ତର ହୁଏ ଜନାକୀର୍ଣ୍ଣ ।
ବହୁ ଦୂରୁଁ ଆସି ବହୁ ନାରୀନର,
ପୂଜନ୍ତି ଭକ୍ତିରେ ଶଙ୍କର ପୟର ।
ଶିବ-ଭକ୍ତ ବୃନ୍ଦ ହୁଅନ୍ତି ଅନେକ,
କରନ୍ତି ଆନନ୍ଦେ ସହସ୍ରାଭିଷେକ ।
ତହିଁ ଯୋଗୀ ମୁନି * ବସି ସାତ ଅଠ,
କରନ୍ତି ମହିମ୍ନ— ସ୍ତୋତ୍ର ଉଚ୍ଚେ ପାଠ ।

* ଦେବପୂଜକଙ୍କ ଜାତିବିଶେଷ

ଜପେ କେହ୍ନ ଶିବ  ପଞ୍ଚାକ୍ଷରୀ ମନ୍ତ୍ର,
ଶିବ-ଶିରେ କେହ୍ନ  ଅର୍ପେ ବିଲ୍ୱପତ୍ର ।
କେହ୍ନ ଅବା ହୋଇ  ଭାବରେ ଉତ୍‌ଫୁଲ୍ଲ,
ଚଢ଼ାଏ ତ୍ରିଶୂଳୀ  ଶିରେ ଚମ୍ପାଫୁଲ ।
ଶିବ ଅଙ୍ଗେ କେହ୍ନ  କରନ୍ତି ଘର୍ଷଣ,
ଘୃତ ନବନୀତ  କର୍ପୂର ଚନ୍ଦନ ।
ଢାଳେ କେ ଗୋଦୁଗ୍ଧ  ଶିବ ମସ୍ତକରେ
କେହ୍ନ ଗଙ୍ଗାଜଳେ  ଅଭିଷେକ କରେ ।
କେହ୍ନ ଅବା ଜାଳି  ଘୃତପୂର୍ଣ୍ଣ ଦୀପେ,
ବସେ ଜଗାଗରେ  ଦେବଙ୍କ ସମୀପେ ।
ଖେଳେ ଧର୍ମଭାବ  ଗଗନେ ପବନେ,
ଶଙ୍ଖ ଘଣ୍ଟା ବେଶୀ  ନିନାଦେ ସଘନେ ।
ପୂର୍ଣ୍ଣ ହୋଇଯାଏ  ହୃଦେ ଭକ୍ତିଭାବ,
ଦୁଷ୍ଟ ଚିନ୍ତା ପାଇଁ  ଥାଏ ନାହିଁ ଠାବ ।
ଦେଉଳ ବାହାରେ  ବସେ ପଣ୍ୟହାଟ,
ଜନଗହଳରେ  ମିଳେ ନାହିଁ ବାଟ ।
ସିନ୍ଧୁଘୋଷ ପ୍ରାୟ  ଜନତା ଗର୍ଜନ,
ଶୁଣି ହୋଇଯାଏ  ବଧିର ଶ୍ରବଣ ।
ହାଟ ନୁହେ ତାହା  ପଣ୍ୟଦ୍ରବ୍ୟ ଖଣି
ଶିଳ୍ପବାଣିଜ୍ୟର  ମହା ପ୍ରଦର୍ଶନୀ ।
ଅଗଣ୍ୟ-ସଙ୍ଖ୍ୟାତ  ପଦାର୍ଥନିଚୟ,
ଅନ୍ତର୍ବାଣିଜ୍ୟର  ଦିଏ ପରିଚୟ ।
ଚୌଦିଗେ ବିଖ୍ୟାତ  ଶିବଙ୍କ ପ୍ରତାପ,
ପାଦୋଦକ ପାନେ  ଦୂର ହୁଏ ପାପ ।

ତଇଁଶା ଦୁର୍ଗରେ  ନୃପ ଧର୍ମବୀର
ଅଛନ୍ତି ତୋଳାଇ  ସୁନ୍ଦର ମନ୍ଦିର ।
କରିଛନ୍ତି ସେହ୍ନ  ଦେଉଳେ ସ୍ଥାପନ,
ଅଷ୍ଟଧାତୁମୂର୍ତ୍ତି  ଲକ୍ଷ୍ମୀନାରାୟଣ ।
ଅନିନ୍ଦ୍ୟ ସୁନ୍ଦର  ସେ ଯୁଗ୍ମ ମୂରତି,
ଅଲକ୍ଷ୍ୟେ ନିଅନ୍ତି  ଓଠାରି ଭକତି ।

ଚିର-ସୁନ୍ଦର ସେ  ଚିର-ମନୋହର
କରିଛନ୍ତି ନିଜେ  ନିଜକୁ ସୁନ୍ଦର ।
ଛଦ୍ମ କାରିଗର—  ରୂପେ ନାରାୟଣ,
କରିଛନ୍ତି ନିଜ  ଶ୍ରୀମୂର୍ତ୍ତି ଗଠନ ।
ଗଢ଼ିବ କି ନର  ସେଭଳି ପ୍ରତିମା,
ଲଙ୍ଘି ଯାଏ ତାହା  ନରଜ୍ଞାନ-ସୀମା ।
ନିଜେ ସେ ପ୍ରତିମା  ନିଜେ କାରିଗର,
ସୃଜିଛନ୍ତି ଦେବ  ବିଚିତ୍ର ସୁନ୍ଦର ।
ମାନବ ତ ତାଙ୍କ  ସର୍ଜନା ଭିଆଣ,
ସୃଷ୍ଟି କି ସ୍ରଷ୍ଟାଙ୍କୁ  କରିବ ନିର୍ମାଣ ?
ସ୍ୱଭାବେ ସେ ଅଜ  ସ୍ୱଭାବେ ସ୍ୱୟମ୍ଭୂ,
ନିଜେ ସେ ନିଜର  ସେବାକାରୀ ପ୍ରଭୁ ।
ବିଶ୍ୱ ମହାକବି  ପ୍ରଭୁ ନାରାୟଣ,
ସୃଷ୍ଟିକାବ୍ୟ ତବ  ଜଟିଳ ଗହନ ।
ତୁମ୍ଭ ମଧ୍ୟେ ସ୍ଥିତ  ସୃଷ୍ଟି ଚରାଚର,
ସୃଷ୍ଟି ମଧ୍ୟେ ତୁମ୍ଭେ  ରହିଛ ଅବର ।
ସିନ୍ଧୁ ମଧ୍ୟେ ବିନ୍ଦୁ  ରହିବା ସମ୍ଭବ,
ମାତ୍ର ବିନ୍ଦୁ ମଧ୍ୟେ  ସିନ୍ଧୁ ଅସମ୍ଭବ ।
ଏ ବିରୋଧାଭାସ  ଅଳଙ୍କାର ଏକା,
ତୁମ୍ଭର କାବ୍ୟରେ ଯାଏ ସିନା ଦେଖା !
ସୃଷ୍ଟିକାବ୍ୟ ଦେଖି  ଏ ବୈଚିତ୍ର୍ୟ ସ୍ୱତଃ
ହୁଏ ତବ ପଦେ  ଶିର ଅବନତ ।
ଏହ୍ନ ସମସ୍ୟାର  ଯୋଗ୍ୟ ସମାଧାନ,
କେ କରିବ ଅହେ  ସର୍ବଶକ୍ତିମାନ ?
ହେ ମହାମହିମ  ବିଶ୍ୱେଶ ମାଧବ,
ତୁମ୍ଭ ପକ୍ଷେ କିଛି  ନାହିଁ ଅସମ୍ଭବ ।
ପ୍ରଭୁତ୍ୱର ତବ  ଏହାହିଁ ମହତ୍ତ୍ୱ,
ଘେନାହେଉ ପ୍ରଭୁ, କୋଟି ଦଣ୍ଡବତ ।

ବାମ୍ଭୁଛ ଗ୍ରାମରେ  ଅଧିଷ୍ଠିତ ହର,
ସ୍ୱନାମ-ପ୍ରସିଦ୍ଧ  ଶ୍ରୀଧବଳେଶ୍ୱର ।

ଦ୍ୱପଞ୍ଚ ସହସ୍ର ମୁଦ୍ରା କରି ବ୍ୟୟ,
ତୋଳାଇଛନ୍ତି ନୃପ ତାଙ୍କ ଦେବାଳୟ।
ଜାହ୍ନବୀ ରୂପରେ ସୁରେଶ୍ୱରୀ ଝର,
ବହିଯାଏ ଧୋଇ ଶିବଙ୍କ ପୟର।
ଶିବଙ୍କ କରୁଣା ରୂପ ପରଗନ୍ଧ,
ଜଳରୂପେ ଅବା ଯାଉଅଛି ବହି।
ବଂଶୀମୁଣ୍ଡା ନାମେ ସ୍ୱଚ୍ଛ ସ୍ରୋତସ୍ୱିନୀ,
ଶୋଭେ ବହି ଅଙ୍କେ ରକ୍ତ କୁମୁଦିନୀ।
ଗ୍ରାମକଣ୍ଠେ ସେହି ଝରେ କଳକଳ,
ପଦ୍ମୁପାଣି ଗାରି ମାରିଗ ପଦଶ।
ବାତେ ଆନ୍ଦୋଳିତ କୁମୁଦ-କାନନ,
ଦେଖି ମନେ ଜାତ ଉପମା ଏସନ।
ଦୁର୍ବାଦଳ ଶ୍ୟାମ ବିଶାଳ ପ୍ରାନ୍ତରେ,
ଇନ୍ଦ୍ରଗୋପପୁଞ୍ଜ ସୁଖେ କି ବିହରେ!
ଚଳଯାନେ ବସି ସେ ସ୍ଥାନର ଦୃଶ୍ୟ,
ଦେଖୁ ଦେଖୁ ହୁଏ କ୍ଷଣକେ ଅଦୃଶ୍ୟ।
ପଥିକ ମାନସେ ଦର୍ଶନ-ଲାଳସା,
ଜାତମାତ୍ରେ ଭଙ୍ଗେ ବିଳମ୍ବୁ ସହସା।
ଅପୂର୍ଣ୍ଣ ଆକାଙ୍‌କ୍ଷା କରେ ତାକୁ ଥଟ୍ଟା,
ହତାଶ ପଥିକ ହୁଏ ହଟହଟା।
ଥଟ୍ଟା ନୁହେ ତାହା କଠୋର ଭର୍ତ୍ସନା,
ପ୍ରଦାନେ ହୃଦୟେ ଦାରୁଣ ଯନ୍ତ୍ରଣା।
ସ୍ଥାନବିଶେଷରେ ସରୋବର କୂପ,
ତୋଳାଇଅଛନ୍ତି ଧର୍ମବୀର ନୃପ।
ସତତ ତାଙ୍କର ଦାନଧର୍ମ କୀର୍ତ୍ତି,
ଗୁଞ୍ଜୁଛି ଅଗଣ୍ଡ କ୍ରମେ ଯଥାଶ୍ରୁତ।
ଦେଉଳ ଆକାରେ ପୁଣ୍ୟପ୍ରାଣ ଭୂପ,
ରଚୁଛନ୍ତି ନିଜେ ନିଜ କୀର୍ତ୍ତିସ୍ତୂପ।
ରଖନ୍ତି ଯେ ଧର୍ମ ରଖେ ତାଙ୍କୁ ଧର୍ମ,
ବିଦିତ ସେ ଏହି ଆର୍ଷବାଣୀ ମର୍ମ।
ସାର୍ବଜନୀନ ହିତକଳ୍ପେ ଯୋଜନା ବହୁତ,
କରିଛନ୍ତି ନୃପ ସତତ ପ୍ରସ୍ତୁତ।

ଧରିଲେ ସ୍ୱରୂପ ସେ ସକଳ କାର୍ଯ୍ୟ,
ଏ ଅଷ୍ଟମଲ୍ଲିକ ହେବ ପୂର୍ଣ୍ଣରାଜ୍ୟ।

ସ୍ୱରାଜ୍ୟ ବ୍ୟତୀତ ଉତ୍କଳ କାମନ୍ତେ,
ଦାନେ ମୁକ୍ତହସ୍ତ ନରେଶ ସତତେ।
ସାଲେପୁର ଉଚ୍ଚ ବିଦ୍ୟାଳୟ ପ୍ରତି,
ପ୍ରଦାନି ନୃମଣି ଆନୁକୂଲ୍ୟ ଅତି।
ପାଞ୍ଚଶତ ମୁଦ୍ରା କରିଛନ୍ତି ଦାନ,
ସତ୍କାର୍ଯ୍ୟରେ ଦାନ ତପସ୍ୟା ସମାନ।
ତହିଁ ପୁରସ୍କାର— ବିତରଣୀ ସଭା—
ମଧ୍ୟରେ ବିସ୍ତାରି ସାହିତ୍ୟିକ ପ୍ରଭା,
ସଭାପତିରୂପେ ଛାତ୍ରଙ୍କୁ ବିଶେଷ,
ଅର୍ପିଥିଲେ ବହୁ ଉଚ୍ଚ ଉପଦେଶ।
କରିଥିଲେ ଯେଉଁ ଭାଷଣ ପ୍ରଦାନ,
ମଣିରତ୍ନୁ ବଳି ତାହା ମୂଲ୍ୟବାନ।
ଉଦୁଥିଲା ପ୍ରୀତି— ପଦରୁ ଆଭାସି,
ଗମ୍ଭୀର ଜ୍ଞାନର ଉଚ୍ଚ ଚିନ୍ତାରାଶି।

ସିଂହଭୂମି ଓଡିଆ ଶିକ୍ଷା ସାହାଯ୍ୟାର୍ଥ,
ଦାନ କରିଛନ୍ତି ଅର୍ଥ ନରନାଥ।
ଉପସ୍ଥିତ ଯୁଦ୍ଧ ସାହାଯ୍ୟ ସକାଶ,
କରୁଛନ୍ତି ରାଏ ବିଶେଷ ପ୍ରୟାସ।
ଆଗ୍ରହେ ପ୍ରଦାନି ଅର୍ଥ ଯଥାଶକ୍ତି,
ଦେଖାଇଅଛନ୍ତି ପୂର୍ଣ୍ଣ ରାଜଭକ୍ତି।
ସମ୍ରାଟ ବିପଦେ ନିଜର ବିପଦ,
ପ୍ରାୟ ମଣୁଛନ୍ତି ନୃପ ଶ୍ରଦ୍ଧାସ୍ପଦ।
ଚକ୍ରବର୍ତ୍ତୀଙ୍କର ମନାସି ବିଜୟ,
କରୁଛନ୍ତି ଧର୍ମ— କାର୍ଯ୍ୟ ବହୁବ୍ୟୟ।
ହେବା ପାଇଁ ମୁକ୍ତ ବିପଦୁଁ ସମ୍ରାଟ,
ହେଉଅଛି ଚଣ୍ଡୀପୀଠେ ଚଣ୍ଡୀପାଠ।
ଆକର୍ଷଣ ଅର୍ଥେ ବିଷ୍ଣୁଙ୍କ କରୁଣା,
ହେଉଛି ସହସ୍ରନାମ ନିତ ଗୁଣା।

ଜପ ଯଜ୍ଞ ସ୍ତୁତି ସଂକୀର୍ତ୍ତନ ଦାନ,
ଲାଗିଅଛି ବହୁ ଦୈବୀ ଅନୁଷ୍ଠାନ ।
ମୁଖରିତ ରାଜ୍ୟ ନାମ ସଂକୀର୍ତ୍ତନେ,
ସମ୍ରାଟଙ୍କ ଜୟ ଉଚାରନ୍ତି ଜନେ ।
ଉଚାରନ୍ତି ଉଚ୍ଚେ ବୈତାଳିକଚୟ,
ଜୟ ଷଷ୍ଠ ଜର୍ଜ ସମ୍ରାଟଙ୍କ ଜୟ ।
ପ୍ରତିଧ୍ୱନି ଛଳେ ଗାଏ ଦେବାଳୟ,
ଜୟ ଷଷ୍ଠ ଜର୍ଜ ସମ୍ରାଟଙ୍କ ଜୟ ।
ଭକ୍ତବୃନ୍ଦ ରହି ଶ୍ରୀକୃଷ୍ଣପଦେ ଲୟ,
ଗାନ୍ତି ଷଷ୍ଠ ଜର୍ଜ ସମ୍ରାଟଙ୍କ ଜୟ ।
ମୁଖରିତ କରି ସଦା ଦଗ୍‌ବଳୟ,
ଗାଏ ପଞ୍ଚଧାର ସମ୍ରାଟଙ୍କ ଜୟ ।
କଳ କଳ ସ୍ୱରେ ଶବୋତ୍ପଳା ପୟ,
ଉଚାରୁଛି ଜୟ ସମ୍ରାଟଙ୍କ ଜୟ ।
ଉଚାରନ୍ତି ଜୟ ବନେ ବିହଙ୍ଗମ,
ଅବର ସକଳ ସ୍ଥାବର ଜଙ୍ଗମ ।

ବାମଦେବ ମିଶ୍ର ରାଜ୍ୟର ଦେବାନ,
ପ୍ରତ୍ୟୁତ୍ପନ୍ନମତି ଅଗାଧ ବିଦ୍ୱାନ ।
ଜନକ ଯେସନ ପଣ୍ଡିତ ଗୌରବ,
ତେସନ ସେ ପୁତ୍ର ସଂଜାତ ସୌରଭ ।
ଜ୍ଞାନ-ଚକ୍ଷୁରେ ଯେ କରନ୍ତି ଦର୍ଶନ,
ସେ ସିନା ସୁମନ୍ତ୍ରୀ ପଣିକୁ ଭାଜନ ।
କରିପାରନ୍ତି ଯେ ନବ ଉଦ୍ଭାବନ,
ସେ ସିନା ସଚିବ ପଦର ଭୂଷଣ ।
ବେନି ଅକ୍ଷ ବନ୍ଧୁ ଯେହ୍ନୁ ଚକ୍ରରକ୍ଷ,
ସଚିବ ମଧ୍ୟରେ ସେହ୍ନୁ ଏକା ଦକ୍ଷ ।
ଯାଙ୍କ ଗୁଣେ ମୁଗ୍ଧ ଭାରତ ସର୍କାର,
ଯାଚିଦେଇଛନ୍ତି ପଦ ପୁରସ୍କାର ।
କେତେ ନବ ନବ ଶିଳ୍ପ ବ୍ୟବସାୟ—
ସୃଜି ଯେ କରନ୍ତି ବହୁ ଅର୍ଥ ଆୟ ।

ଉଦ୍ଭାବନୀ ଶକ୍ତି ତାଙ୍କ ଅନୁପମ,
କରନ୍ତି ଉଷୀର— ଚେରୁଁ ଅର୍ଥାଗମ ।
ରାମ୍ନା, ଶତରେଇତା, ବାଇବଡ଼ଙ୍ଗାଢ଼,
ବନ ପର୍ବତରୁ ଯତନେ ସମ୍ପାଢ଼,
ସୃଷ୍ଟିକରି ବହୁ ନବ ବ୍ୟବସାୟ,
କରୁଛନ୍ତି ବୃଦ୍ଧି ରାଜକୋଷ-ଆୟ ।
ଶିର ଅନାଦୃତ ବନ୍ୟଦ୍ରବ୍ୟମାନ,
ହୋଇଅଛି ତାଙ୍କ ଯୋଗୁଁ ମୂଲ୍ୟବାନ ।
ନିରପେକ୍ଷବାଦୀ ସାଧୁ ସଚ୍ଚରିତ୍ର,
ସ୍ୱଗୁଣେ ସେ ସର୍ବ ପ୍ରଜାଙ୍କର ମିତ୍ର ।
ମହାରାଜାଙ୍କର ବିଶ୍ୱାସୀ ସଚିବ,
ନ୍ୟାୟ ବିଚାରରେ ସୁଦକ୍ଷ ଅତୀବ ।
ରାଜ୍ୟୋନ୍ନତିକାମୀ ସଦା ସମଦର୍ଶୀ,
ଆଳସ୍ୟ ତାହାଙ୍କୁ ପାରେ ନାହିଁ ସ୍ପର୍ଶି ।
ପ୍ରଜାପତି, ପ୍ରଜା ଉଭୟର ହିତ,
ସାଧନରେ ସଦା ଥାନ୍ତି ଅବହିତ ।
ସୁରାଜା ସହିତ ସୁମନ୍ତ୍ରୀ ମିଳନ,
ବିଧାତୃ-ବିଧାନ ହୋଇଅଛି ଧନ୍ୟ ।
ମହୀରତ୍ନ ସହ ଗଜରାଜମୋତି,
ଗୁମ୍ଫାହେଲେ ବଢ଼େ ଉଭୟର ଜ୍ୟୋତି ।

ମହାରାଜ-ଭ୍ରାତା ପ୍ରକାଶି ମମତା,
କରୁଛନ୍ତି ରାଜ— କାର୍ଯ୍ୟେ ସହାୟତା ।
ବଂଶର ମହତ୍ତ୍ୱ ବଂଶର ଦାୟିତ୍ୱ,
ହୋଇଅଛି ତାଙ୍କ ପ୍ରାଣେ ପ୍ରଭାବିତ ।
ଅଟନ୍ତି ସ୍ୱଭାବେ ମହାବଂଶୋଦ୍ଭବ,
ବଂଶ ଅନୁରୂପ ସଦ୍‌ଗୁଣ ବିଭବ ।
ଅଭାବ କିପାଇଁ ହେବ ବା ତାଙ୍କର,
ସିଂହ-ଶିଶୁ ହୁଏ ସିଂହ-ଗୁଣଧର ।
ଗଜମୋତି ସିନା ଜନ୍ମେ ଗଜଶିରୁ,
ରତ୍ନହିଁ ଉପୁଜେ ରତନ ଖଣିରୁ ।

ସଂକ୍ରାମକ ରୋଗେ   ହେଲେ ଲୋକକଷ୍ଟ,
ଖୋଲେ ସରକାର "ରୋଗ-ଚିକିତ୍ସା ଆଳୟ"।
ନ ବ୍ୟାପୁଣ ରୋଗ   ରାଜ-ସରକାର,
କରନ୍ତି ତାହାର   ଯୋଗ୍ୟ ପ୍ରତିକାର।
ପ୍ରତିଷେଧକାରୀ   ଉପାୟ ବିହିତ,
ହୁଏ ସାବଧାନେ   ସୁଅବଲମ୍ବିତ।
ଦାତବ୍ୟ-ଔଷଧ   ଗୃହ ସୁବିଧାନେ,
ହୋଇଛି ସ୍ଥାପିତ ରାଜ୍ୟ ସ୍ଥାନେ ସ୍ଥାନେ।
ଦୀନ ରୋଗୀଙ୍କର   ରୋଗର ଅବସ୍ଥା—
ଅନୁସାରେ ହୁଏ   ବିହିତ ବ୍ୟବସ୍ଥା।
ଲଘୁ ପଥ୍ୟ ସହ   ରୋଗର ଔଷଧି,
ହୁଏ ବିତରିତ   ଫଳ ଦୁଗ୍ଧ ଦଧି।
ଚିକିତ୍ସକବର୍ଗ   ଚତୁର ସୁଦକ୍ଷ,
ରୋଗୀ ପ୍ରତି ସଦା   ରଖିଥାନ୍ତି ଲକ୍ଷ୍ୟ।
ସାନ୍ତ୍ୱନା ପ୍ରଦାନ   କହି ମିଷ୍ଟ କଥା,
ହରନ୍ତି ରୋଗୀର   ଭୟ, ଆତୁରତା।
ରାଜକୋଷୁଁ କରି   ବହୁ ଅର୍ଥ ବ୍ୟୟ,
ହେଉଛି ଔଷଧ   ପ୍ରତିବର୍ଷ କ୍ରୟ।
ନବ ଉଦ୍ଭାବିତ   ବୈଜ୍ଞାନିକ ଯନ୍ତ୍ର,
କ୍ରୟ ପାଇଁ ଅଛି   ବ୍ୟବସ୍ଥା ସ୍ୱତନ୍ତ୍ର।
ନାହିଁ ଆୟୁର୍ବେଦ   ଚିକିତ୍ସା ଅଭାବ,
ବଢୁଛି ହୋମିଓ   ଚିକିତ୍ସା ପ୍ରଭାବ।
ଚିକିତ୍ସା ବ୍ୟବସ୍ଥା   ଅଷ୍ଟମଲ୍ଲିକର,
ଅତି ପ୍ରୀତିପ୍ରଦ   ସର୍ବାଙ୍ଗସୁନ୍ଦର।

ବିଚାର ଶାସନ   ଉଭୟ ବିଭାଗ,
ଚାଲୁଅଛି ଧରି   ସମୁନ୍ନତ ମାର୍ଗ।
ରାଜ୍ୟବାସୀ ଉଚ୍ଚ—   ଶିକ୍ଷିତ ଯୁବକ,
ଦୁଇ ବିଭାଗର   ଯୋଗ୍ୟ ବିଚାରକ।
ବିଚାର ଆପତ୍ତି   ବୁଝନ୍ତି ଦେୱାନ,
ରାଜନୀତି-ପଟୁ   ତୀକ୍ଷ୍ଣ ବୁଦ୍ଧିମାନ।

ସ୍ୱୟଂ ମହାରାଜା   ରାଜ୍ୟ କର୍ଣ୍ଣଧାର,
ତାଙ୍କ ବିଚାରହିଁ   ଚୂଡ଼ାନ୍ତ ବିଚାର।
ସମସ୍ତ ବିଭାଗ   ତାହାଙ୍କ ନିର୍ଦ୍ଦେଶେ,
ସୁପରିଚାଳିତ   ହେଉଛି ଅକ୍ଳେଶେ।
କର୍ଣ୍ଣଧାର ଯାର   ସୁଚତୁରାଗ୍ରଣୀ,
ନିର୍ବିଘ୍ନରେ ଚଳେ   ସେ ରାଜ୍ୟ-ତରଣୀ।

ରାଜ୍ୟର ସମସ୍ତ   ଉଚ୍ଚ କର୍ମଚାରୀ,
ଶାନ୍ତ ଶିଷ୍ଟ ବାଧ୍ୟ   ସାଧୁବ୍ୟବହାରୀ।
ଉପଦେଷ୍ଟା ସର୍ବେ   ରାଜ-ଉପଦେଶେ,
ପାଳନ୍ତି ସମ୍ଭ୍ରମେ   ନୃପତି ଆଦେଶେ।
ସ୍ୱତଃସିଦ୍ଧ ଏହା   ସଦ୍‌ଗୁରୁ ପ୍ରକୃତି,
ଗୁରୁଭକ୍ତ ଶିଷ୍ୟ   କରେ ଅନୁକୃତି।

ଏ ରାଜ୍ୟର ସୁଧୀ   ଅଧ୍ୟାପକଗଣ,
କରୁଅଛ ତୁମ୍ଭେ   ମନୁଷ୍ୟ ଗଠନ।
ଯେସନ ଶିଳ୍ପୀରୂପୀ   କର୍ଦ୍ଦମ ପେଣ୍ଡୁଳା,
କରୁଛ ନିର୍ମାଣ   ସୁନ୍ଦର ପିତୁଳା।
ଉନ୍ନତିର ମୂଳ   ସମାଜ ଶିକ୍ଷାର,
ବହୁଅଛ ତୁମ୍ଭେ   ଗୁରୁତର ଭାର।
ଆସନ ତୁମ୍ଭର   ହେ ଶିକ୍ଷାପଣ୍ଡିତ,
ମାନବ-ସମାଜ   ଊର୍ଦ୍ଧ୍ୱେ ନିରୂପିତ।
ହାକିମ ଓକିଲ   ଇଞ୍ଜ୍ ଏମ. ଏ. ବି. ଏ.
ତୁମ୍ଭଠାରୁ ବଳି   ବଡ଼ ନୁହେ କିଏ।
ସମସ୍ତଙ୍କର ତ   ତୁମ୍ଭେ ମୂଳ ଗୁରୁ,
ବଡ ସିନା ସର୍ବେ   ତୁମ୍ଭରି ହେତୁରୁ।
ତେଜିଅଛ ତୁମ୍ଭେ   ବଡ଼ଲୋକୀ ଆଶା,
ଧନ ମାନ ପଦ   ବିଷୟ-ପିପାସା।
ଦାରିଦ୍ର୍ୟ ବରଣେ   ସଦା ଅନୁରାଗୀ
ମହାଯୋଗୀ ତୁମ୍ଭେ   ପୁଣି ମହାତ୍ୟାଗୀ।
ଅଳ୍ପେ ତୁମ୍ଭେ ସୁଖୀ   ଅଳ୍ପରେ ସନ୍ତୁଷ୍ଟ,
ଦୁରବସ୍ଥା ପ୍ରତି   ନୁହ କେବେ ରୁଷ୍ଟ।

ଛାତ୍ରଛାତ୍ରୀଗଣେ   ଅପତ୍ୟଜ୍ଞାନରେ,
କର ଶିକ୍ଷାଦାନ   ଅତି ସ୍ନେହାଦରେ ।
କରୁଛ ସମାଜେ   କର୍ମୀ ଦାନ ପୁଣି,
ମାନବ-ସମାଜ   ତୁମ୍ଭଠାରେ ଋଣୀ ।
ଧୈର୍ଯ୍ୟ ସହିଷ୍ଣୁତା   ଆଦର୍ଶ ତୁମ୍ଭର,
ମର ଜଗତରେ   ତୁମ୍ଭେହିଁ ଅମର ।
ମାନବ ନିର୍ମାଣି   ନ ହୋଇ ସନ୍ତୁଷ୍ଟ,
ଗଢୁଛ ସମାଜ   ଭବିଷ୍ୟ ଅଦୃଷ୍ଟ ।
ବର୍ଣ୍ଣି ନୁହେ ଗୁରୋ,   ତୁମ୍ଭର ପ୍ରଭାବ,
ସହସ୍ର ପୃଷ୍ଠାରେ   ତାହା ଅସମ୍ଭବ ।
ନୁହେଟି ସହଜ   ଅଧ୍ୟାପନା କର୍ମ,
ଅଯୋଗ୍ୟ ପାତ୍ରରେ   ଉପୁଜେ ଅଧର୍ମ ।
ଛାତ୍ର-ଜୀବନର   ଅପୂର୍ଣ୍ଣତା ଲାଗି,
ଦାୟୀ ଏକା ଗୁରୁ   ହୁଏ ପାପଭାଗୀ ।
ଶିକ୍ଷାରେ ରହିଲେ   ଏ ତ୍ରୁଟି ଅଣୁମାତ୍ର,
ହେବ ବିକଳାଙ୍ଗ   ଆଜୀବନ ଛାତ୍ର ।
ଛାତ୍ରର ଚରିତ୍ର   ନ ହେଲେ ମାର୍ଜିତ,
ହୁଏ ସିନା ଫଳ   ହୁଡେ ବିପରୀତ ।
ଛାତ୍ର ମନ ମଧ୍ୟେ   ପଶି ଉପାଧ୍ୟାୟ,
ବୁଝିବ ତାହାର   ସର୍ବ ଅଭିପ୍ରାୟ ।
ଥିବ ଯଦ ତହିଁ   ଦୋଷ ଅନାଚାର,
କରିଦେବ ତାକୁ   କୌଶଳେ ବାହାର ।
ବାଲୁଙ୍ଗା ଉପାଡ଼ି   ବାଛିବ ସେ ଧାନ,
ଜ୍ଞାନ-କ୍ଷେତ୍ରେ ସେହି ସୁଯୋଗ୍ୟ କୃଷାଣ ।
ଅଷ୍ଟମଲ୍ଲିକର   ଶିକ୍ଷକମଣ୍ଡଳୀ,
ସେ ବିଷୟେ ସର୍ବେ   ପରମ କୁଶଳୀ ।
ସେହେତୁ ଶିକ୍ଷାରେ   ଉପୁଜୁଛି ଶିବ,
ଦେଖି ମୁଁ ହୋଇଛି   ବିମୁଗ୍ଧ ଅତୀବ ।
ତାଙ୍କ ପ୍ରବର୍ତ୍ତିତ   ସୁଶିକ୍ଷା ପ୍ରଣାଳୀ,
ପ୍ରାଣେ ଆଶାମୃତ   ଦେଉଅଛି ଢାଳି ।
ମେଣ୍ଟାଇ ମୁଁ ଚକ୍ଷୁ—   କଣ୍ଠର ବିବାଦ,
ଅର୍ପୁଅଛି ତାଙ୍କୁ   ବହୁ ଧନ୍ୟବାଦ ।

ବିଦ୍ୟା-ମନ୍ଦିରର   ଛାତ୍ରଛାତ୍ରୀଚୟ,
ଜ୍ଞାନ-ମହାଧନ   କରୁଛ ସଞ୍ଚୟ ।
ମାତୃଭୂମି ତବ   ତୁମ୍ଭରି ବଦନେ,
ଚାହିଁ ରହିଛନ୍ତି   ଉତ୍କଣ୍ଠ ନୟନେ ।
ତୁମ୍ଭେ ତାଙ୍କ ଭାବୀ   ଭରସାର ସ୍ଥଳ,
କର ମାତୃମୁଖ   ଗୁଣେ ସମୁଜ୍ଜ୍ୱଳ ।
ହେ ବାଲ-ତାପସ—   ତପସ୍ୱିନୀଗଣ,
ସମାଜର ତୁମ୍ଭେ   ମହାର୍ଘ ଭୂଷଣ ।
ଧରିଅଛ ଯେଉଁ   ଅଧ୍ୟୟନ ବ୍ରତ,
ଅର୍ପି ତହିଁ ମନ   ଜୀବନ ସତତ ।
ସାଧନା ବଳରେ   କର ତା ସଫଳ,
ସେ ତୁମ୍ଭର ଭାବୀ   ଜୀବନ-ସମ୍ବଳ ।
ସମାଜର ଗୁରୁ—   ଦାୟିତ୍ୱ ବହନ,
କରିଅଛ ଶିରେ   ଛାତ୍ରଛାତ୍ରୀଗଣ ।
ନବ ଭାବେ ତୁମ୍ଭେ   ଗଢ଼ିବ ସମାଜ,
ମଣ୍ଡି ନବୋଜ୍ଜ୍ୱଳ   ନବାଦର୍ଶ ସାଜ ।
ସର୍ବଦା ମାତସେ   ବହି ଅନୁରକ୍ତି,
ଶିକ୍ଷାଦାତା ପ୍ରତି   ରଖିଥିବ ଭକ୍ତି ।
ଗୁରୁଙ୍କ ପ୍ରସାଦେ   ହୁଏ ସର୍ବସିଦ୍ଧି,
କାଳେ କାଳେ ଅଛି   ଏ ବାଣୀ ପ୍ରସିଦ୍ଧ ।
ପିତାଙ୍କ ଊର୍ଦ୍ଧ୍ୱରେ   ଗୁରୁଙ୍କ ଆସନ,
ପାଶୋରିବ ନାହିଁ   ଏହା କଦାଚନ ।
ବିଭୁପଦେ ଶକ୍ତି   ମାଗି ଅନୁକ୍ଷଣ,
କରୁଥାଅ ନିଜ   କର୍ତ୍ତବ୍ୟ ସାଧନ ।
ଚରିତ୍ର ତୁମ୍ଭର   ସର୍ବଶ୍ରେଷ୍ଠ ବଳ,
ପ୍ରାଣେ ପ୍ରାଣେ ତାକୁ   ରଖିବ ନିର୍ମଳ ।
ଚରିତ୍ର ସ୍ୱର୍ଣ୍ଣେ ଯେ   ନ ମିଶାଏ ଖାଦ,
ବର୍ଷେ ତାହା ଶିରେ   ବିଭୁ-ଆଶୀର୍ବାଦ ।
ସତ୍ୟ କହିବାକୁ   ହେବ ନାହିଁ ଭୀତ,
ନୀତି ପଥେ ସଦା   ଉତ୍ସର୍ଗିବ ଚିତ୍ତ ।
ଅବହିତ ସର୍ବେ   ଥିବ ସବୁକାଳେ,
ନ ଭୁଲିବ ମିଥ୍ୟା   ପ୍ରତାରଣା ଜାଲେ ।

ସଂଯମ ସାଧନେ     ନ ମଣିବ କ୍ଳେଶ,
ପାଳିବ ମୋର ଏ     କ୍ଷୁଦ୍ର ଉପଦେଶ ।
ପୂଜିବ ଧର୍ମକୁ     ଭକତି ବିଶ୍ୱାସେ,
ନ ପଶିବ ପାପ     ଅନାଚାର ପାଶେ ।
ଧର୍ମଭିତ୍ତିରେ ଯେ     କାର୍ଯ୍ୟ ସଂସ୍ଥାପିତ,
ବିଫଳ ସେ କାର୍ଯ୍ୟ     ନୁହେ କଦାଚିତ ।
ଧର୍ମ ମାନବର     ଦୃଢ଼ ବଜ୍ର କକ୍ଷା,
ସକଳ ବିପଦୁଁ     କରେ ସେ ସୁରକ୍ଷା ।
ଅନ୍ୟର ଧର୍ମକୁ     ନ କରିବ ଘୃଣା,
ସର୍ବ ଧର୍ମ ଏକ,     କେହି ନୁହେ ଊଣା ।
ରାଜ୍ୟ-ସମାଜର     ରାଜା ମହାଶକ୍ତି,
ପ୍ରକାଶିବ ସଦା     ତାଙ୍କ ପଦେ ଭକ୍ତି ।
ଏ ଦେଶର ପ୍ରାଣ—     ପିଞ୍ଜିର ଶୋଣିତ,
ହୋଇଅଛି ରାଜ—     ଭକ୍ତିରେ ଗଠିତ ।
ରାଜଭକ୍ତି-ଅଣୁ     ଏ ଦେଶ ଗଗନେ,
ଉଡ଼ି ବୁଲୁଅଛି     ଅବିର ପବନେ ।
ପ୍ରଜାହିତେ ରାଜା     ସର୍ବଦା ଚିନ୍ତିତ,
ନୁହେ ଏ ବଚନ     ଅତ୍ୟୁକ୍ତିରଞ୍ଜିତ ।
ରାଜା ନରରୂପୀ     ମର୍ତ୍ତ୍ୟର ଦେବତା,
ସର୍ବବେଦଶାସ୍ତ୍ର     ଭଣେ ଏହି କଥା ।
ପ୍ରଜା ପାଇଁ ରାଜା     ସୃଜିଛନ୍ତି ବିଧି,
ବିଶ୍ୱପିତାଙ୍କର     ରାଜା ପ୍ରତିନିଧି ।
ନିତି ପ୍ରାତେଃ ତାଙ୍କୁ     କରିବ ସ୍ମରଣ,
ବନ୍ଦିବ ଉଦ୍ଦେଶ୍ୟେ     ନୃପତି-ଚରଣ ।
ପ୍ରଜା ପାଇଁ ରାଜା     ନ ବିଚାରି ଦ୍ୱିଧା,
କରିଦେଇଛନ୍ତି     ସକଳ ସୁବିଧା ।
ରାଜାଙ୍କ କର୍ତ୍ତବ୍ୟ     ଗୁରୁତା ସୁମେରୁ,
ମଣିବ ତାହାଙ୍କୁ     ନିଜ ପିତା ପରି ।
ତାଙ୍କରି ପ୍ରସାଦେ     ଲଭିଅଛ ଜ୍ଞାନ,
କରିବ ତାହାଙ୍କୁ     ଉଚିତ ସମ୍ମାନ ।
ପ୍ରଜା-ଶିଷ୍ୟଙ୍କର     ନୃପତି ଶିକ୍ଷକ,
ପୁଣି ଧନ ମାନ     ଜୀବନ-ରକ୍ଷକ ।
ରାଜାଙ୍କ ଦାୟିତ୍ୱ     ସ୍ମରି ଦିବାରାତି,
ରହିବ କୃତଜ୍ଞ     ପ୍ରଜା ଯାବଜ୍ଜୀବୀ ।

ଅଷ୍ଟମଲ୍ଲ କର     ପ୍ରଜାସାଧାରଣ,
ଘେନ ମୋର ଶ୍ରଦ୍ଧା     ପ୍ରୀତି-ସମ୍ଭାଷଣ ।
ମୁଗ୍ଧ ମୁହିଁ ତୁମ୍ଭ     ସ୍ନେହଶିଷ୍ଟାଚାରେ,
ମଧୁମୟ ଶାନ୍ତ     ସରଳ ବେଭାରେ ।
ରାଜାପ୍ରଜାଙ୍କର     ପବିତ୍ର ସମ୍ବନ୍ଧ,
ଦେଖି ମୁଁ ଲଭୁଛି     ପରମ ଆନନ୍ଦ ।
ନିଜ ପଦେ ନିଜେ     କରଣ ନିର୍ଭର,
ହେଉଛ ଉନ୍ନତ—     ପଥେ ଅଗ୍ରସର ।
ଶିକ୍ଷା କୃଷି ଶିଳ୍ପ     ନାନା ବ୍ୟବସାୟ,
ଆଶ୍ରୟେ କରୁଛ     ବୃଦ୍ଧି ନିଜ ଆୟ ।
ମାନବିକତାର     ବିକାଶ ପକ୍ଷରେ,
ଶ୍ରେୟ ସତ୍ୟ ଏହା     ଅକ୍ଷରେ ଅକ୍ଷରେ ।
ଋଣଗ୍ରସ୍ତ ନୋହି     ଅର୍ଥ ଉପାର୍ଜନ,
ଧର୍ମପଥେ ରହି     ଜୀବନ ଯାପନ,
ଯୋଗ୍ୟ ପାତ୍ରେ ଦୟା     ପର ଉପକାର,
ସତତ ପାଳନ     ସତ୍ୟ ସଦାଚାର,
ଏଥୁ ବଳି ସୁଖ     ଏଥୁ ବଳି ଶ୍ରେୟ,
ମାନବ ଜୀବନେ     କିସ ଅଭିପ୍ରେୟ ?
ଯେ ରାଜ୍ୟର ପ୍ରଜା     ଭୁଞ୍ଜନ୍ତି ଏ ସୁଖ,
ସେ ରାଜ୍ୟ ସୌରାଜ୍ୟ, ଉଜ୍ଜ୍ୱଳ ତା ମୁଖ ।
ଏ ରାଜ୍ୟର ରାଜା,     ରାଜ୍ୟର ପ୍ରକୃତି,
ଘଟୁଛନ୍ତି ତବ     ସୌଭାଗ୍ୟର ମୂର୍ତ୍ତି ।
ରାଜଭକ୍ତ ମଧ୍ୟେ     ତୁମ୍ଭେ ଅଗ୍ରଗଣ୍ୟ,
ସେହି ଶୁଭଗୁଣେ     ହୋଇଅଛ ଧନ୍ୟ ।
ରାଜଭକ୍ତ ବୋଲି     ରଟେ ଯାଙ୍କ ଖ୍ୟାତି,
ସେ ଆଦର୍ଶ ପ୍ରଜା,     ସେ ଆଦର୍ଶ ଜାତି ।
ହେଲେ ନୀତିଯୁକ୍ତ     ରାଜବିଧିମାନ,
ସୃଜେ ଏ ଦୁର୍ଲଭ     ଆଦର୍ଶ ମହାନ ।

ଫୁଟିଉଠେ ତହିଁ    ନବୀନ ସଂସ୍କୃତି,
ଧରି ବାଞ୍ଛନୀୟ    ସୁନ୍ଦର ଆକୃତି ।
ପ୍ରଜାଙ୍କର ରାଜା    ପିତୃପଦବାଚ୍ୟ,
ଏ ସମ୍ପର୍କେ ନାହିଁ    ବିଚ୍ଛେଦ କଦାଚ ।
ଏ ବିଷୟ ତୁମ୍ଭେ    ସମ୍ପୂର୍ଣ୍ଣ ବିଦିତ,
ବ୍ୟବହାରୁଁ ସ୍ପଷ୍ଟ    ହେଉଛି ପ୍ରତୀତ ।
କରୁଅଛ ତୁମ୍ଭେ    ଯେବେ ଯେଉଁ ଅଳି,
ହେଉଅଛ ପ୍ରାପ୍ତ    ଫଳ ସେହିଭଳି ।
ସୁବିଦିତ ତୁମ୍ଭେ    ନୃପତି-ହୃଦୟ,
ପ୍ରଜା-ସୁଖ ପ୍ରତି ସଦା    ସେ ସଦୟ ।
ପ୍ରଜା ଅଳି ନୃପ    ନ ମଣନ୍ତି ହେୟ,
ନ ଥାଏ ପିତାର    ପୁଅକୁ ଅଦେୟ ।
ଅନେକ ପ୍ରକାର    ପୁରାତନ କର,
ଦେଲେଣି ଉଠାଇ    କ୍ରମେ ନରବର ।
ନ ଗଣି ସେ ଚିତ୍ତେ    କିଛିମାତ୍ର ଦ୍ୱିଧା,
ଦେଲେଣି ତୁମ୍ଭଙ୍କୁ    ଅନେକ ସୁବିଧା ।
କରୁଥାଅ ତାଙ୍କ    ସନ୍ତୋଷ ବିଧାନ,
ଯୋଗ୍ୟ ଅଧିକାର    କରିବେ ସେ ଦାନ ।
ଶିକ୍ଷାବୃଦ୍ଧି ପାଇଁ    ହେଉଛି ବ୍ୟୟିତ,
ରାଜକୋଷୁ ଅର୍ଥ    ବହୁ ପରିମିତ ।
ଲଭୁଅଛି ବୃଦ୍ଧି    ରାଜ୍ୟେ ଶିକ୍ଷାଗାର,
ପଢୁଛନ୍ତି ଛାତ୍ର    ହଜାର ହଜାର ।
ଶୁଭଦୃଷ୍ଟି ହେତୁ    ନାରୀଶିକ୍ଷା ପ୍ରତି,
ଘଟୁଛି ତାହାର    ଅଦ୍ଭୁତ ଉନ୍ନତି ।
ଦଶ ବର୍ଷ ପରେ    ନ ରହିବ ପରା,
ରାଜ୍ୟ ମଧ୍ୟେ ଜଣେ    ନାରୀ ନିରକ୍ଷରୀ ।

ରୌଦ୍ର ବରଷାର    ଉପଦ୍ରବୁଁ ଯଥା,
ପଥିକଜନଙ୍କରେ    ରକ୍ଷାକରେ ଛତା ।
ନିଦାରୁଣ ଶୀତୁଁ    ତୂଳିକା-ବସନ,
ରକ୍ଷାକରେ ଯଥା    ଜନ-ଅପଘନ;
ତଥା ହିଂସ୍ରଜନ୍ତୁ    ଦସ୍ୟୁ ଉପଦ୍ରବ—
କବଳୁଁ ପ୍ରଜାଙ୍କୁ    ରଖନ୍ତି ଭୂଧବ ।
ପ୍ରଜା ହିତ ପାଇଁ    ନୃପତି-ହୃଦୟ,
ସତତ ବ୍ୟାକୁଳ    ଚିନ୍ତିତ ଅଥୟ ।
ବିଶ୍ୱରେ ଯେ ଅଛି    ରାଜପ୍ରାଣେ ସୁଖ,
ବାତୁଳ ସେ କିମ୍ବା    ନିରକ୍ଷର ମୂର୍ଖ ।
ତା କୋଷ୍ଠୀରେ ବିଧି ଲେଖି ନାହିଁ ଲଜ୍ଜା,
ବୁଝେ ରାଜକ୍ଲେଶ    ଚିନ୍ତାଶୀଳ ପ୍ରଜା ।
ରାଜମନ ନୁହେ    ଶାନ୍ତିର ଆସ୍ପଦ,
ବର୍ଦ୍ଧନେ ସେ ବ୍ୟସ୍ତ    ପ୍ରଜାର ସମ୍ପଦ ।
ସତ୍ୟ-ଧର୍ମ ନୀତି    ପାଳନ୍ତି ଯେ ରାଜା,
ବାଜେ ତାଙ୍କ ନାମେ ସଦା ଖ୍ୟାତିବାଜା ।
ନିଦାଘ ପ୍ରାବୃଟ    ଶୀତଋତୁ ତ୍ରୟ,
ଏ ରାଜ୍ୟେ ପ୍ରବଳ    ହୁଏ ଅତିଶୟ ।
ଆନ ଋତୁତ୍ରୟେ    କରନ୍ତି ସେ ଗ୍ରାସ,
କେବଳ ବସନ୍ତ    ପ୍ରକାଶେ ଆଭାସ ।
ଶେଷ ଭାଗେ ଗ୍ରୀଷ୍ମ    ମୂଳଭାଗେ ଶୀତ,
ଅଶାନ୍ତ ବସନ୍ତେ    କରି ସଙ୍କୁଚିତ ।
ଶରତେ ପ୍ରାବୃଟ,    ହେମନ୍ତେ ଶିଶିର,
କରି ଆତ୍ମସାତ    ବଢ଼ାନ୍ତି ଶରୀର ।
ନୁହେ ତ କେବଳ    ଏ ଅସ୍ୱାଭାବିକ,
ସମଗ୍ର ଉତ୍କଳେ    ଏହା ସ୍ୱାଭାବିକ ।
ଋତୁପର୍ଯ୍ୟାୟର    ଏହି ବିପର୍ଯ୍ୟୟ,
ପ୍ରତିବର୍ଷ ଘଟେ    ଏ ପ୍ରଦେଶମୟ ।
ଦେଶର ପ୍ରକୃତି    ଅନୁସାରେ ତାହା,
ସୃଜିଛନ୍ତି ଏହି    ବିଧି ବିଶ୍ୱନାହା ।
ଏଭଳି ବ୍ୟବସ୍ଥା    ବିଶ୍ୱପତିଙ୍କର,
ଉତ୍କଳ-ପ୍ରକୃତି    ପକ୍ଷେ ହିତକର ।

ଶୁଣ ପଞ୍ଚଧାର,    ଗିରି-ଅଧିରାଜ,
ଦେଖିଲି ବୁଲି ତୋ    ଅଧିଷ୍ଠିତ ରାଜ୍ୟ ।

ପ୍ରାକୃତିକ ଦୃଶ୍ୟ ସୁପ୍ରସିଦ୍ଧ ସ୍ଥାନ,
ଶିବ ନଦୀ ସର ସୁରକାଉଁ ମାନ ।
ତୀର୍ଥୋପମ ପୁଣ୍ୟ ସ୍ଥାନ କତିପୟ,
ସୁରମ୍ୟ ନଗର ଗ୍ରାମ ଦେବାଳୟ ।
ଏ ଆଦି ଅନେକ ବାହାର ସୌନ୍ଦର୍ଯ୍ୟ,
ଦେଖିଲି ଅବର ଭିତର ଐଶ୍ୱର୍ଯ୍ୟ ।
ସାଧୁଛନ୍ତି ଏ ରାଜ୍ୟ ଅମ୍ରୋଳିତ ଯୋଗ,
କରି ମନ ପ୍ରାଣ ଆତ୍ମା ବିନିଯୋଗ ।
ଦେଖି ଉତ୍କଳର ପ୍ରଗତି ପ୍ରଖର,
ଆନନ୍ଦେ ପ୍ଲାବିତ ହେଲା ମୋ ଅନ୍ତର ।
ରାଜାପ୍ରଜାଙ୍କର ଅଖଣ୍ଡ ସଦ୍‌ଭାବ,
ବିସ୍ତାରିଛି ରାଜ୍ୟ ପ୍ରାଣରେ ପ୍ରଭାବ ।
କୃଷ୍ଣଚନ୍ଦ୍ର ନୃପ ବହୁ ଅବଧାନୀ,
ଦକ୍ଷିଣ କର୍ଣ୍ଣରେ ବିବେକର ବାଣୀ ।
ବାମ କର୍ଣ୍ଣ ତାଙ୍କ ରହୁଛି ସତତ,
ପ୍ରଜାଙ୍କ ଗୁହାରି ଶ୍ରବଣେ ନିରତ ।
ନବ ଯୁଗୋଚିତ ଉନ୍ନତ ଜୀବନ,
ହେଉଛି ଏ ରାଜ୍ୟେ ସଫଳ ସ୍ୱପନ ।
ଉତ୍କଳର ଅଙ୍ଗ ଥିଲା ଯା ଅପୂର୍ଣ୍ଣ,
ପୂର୍ଣ୍ଣତା ଅଡ଼କୁ ଧାଇଁଛି ସେ ତୂର୍ଣ୍ଣ ।
ଶିକ୍ଷା ସଭ୍ୟତାରେ ହୋଇ ସମାର୍ଜିତ,
ହେଉଛି ଏ ରାଜ୍ୟ କ୍ରମେ ଅଳଙ୍କୃତ ।
ମୁକ୍ତକଣ୍ଠେ ଶିଷ୍ଟ ସୁପ୍ରଜାମଣ୍ଡଳୀ,
ରାଜଚନ୍ଦ୍ର ଭଣେ ରାଜଗୁଣାବଳୀ ।
ଘଟୁଅଛି ଯହିଁ ଭଲେମାନ ବୃଷ୍ଟି,
ପଡ଼ୁଛି ସର୍ବାଗ୍ରେ ତହିଁ ରାଜଦୃଷ୍ଟି ।
ତୀକ୍ଷ୍ଣ ରାଜଦୃଷ୍ଟି ସୌର କର ପ୍ରାଏ,
ହେଉଛି ପତିତ ସଦ୍ୟ ସବୁଠାଏଁ ।
ଅନଳ ସମାନ ପ୍ରଜାର ପ୍ରକୃତି,
ଯେତେ ଦେଲେ ସୁଦ୍ଧା ନ ଲଭେ ସେ ତୃପ୍ତି ।

ରଟେ ତାହା ମୁଖେ ସୁଖ୍ୟାତି ଯାହାର,
ରାଜୋପାଧିର ସେ ସିନା ଅଳଙ୍କାର !
ପଞ୍ଚଧାର ଏବେ ମାଗୁଛି ମେଲାଣି,
ଜୁହାର ତୋ ପାଦେ ଯୋଡ଼ି ବେନି ପାଣି ।
ରଖିଥିବୁ ଦୟା ସଦା ସାନୁମାନ,
ଦେନ ଏ ଦୀନର ବିଦାୟ-ସମ୍ମାନ ।

ଦେବୀ ମାହେଶ୍ୱରୀ ରାଜ୍ୟ-ଅଧିଷ୍ଠାତ୍ରୀ,
କଦମ୍ବ ବଂଶର ସର୍ବାଭୀଷ୍ଟ-ଦାତ୍ରୀ ।
ମହା ପ୍ରତାପିନୀ ରକ୍ତ-କଷ୍ଟିନୀ,
ମହାବଳୀ ଦୃପ୍ତ ହର୍ଯ୍ୟକ୍ଷବାହିନୀ ।
କଦମ୍ବବଂଶୀୟ ନୃପତି-ଆରାଧ୍ୟା,
ଯୋଗମାୟାରୂପା ଯୋଗିଧ୍ୟାନାସାଧ୍ୟା ।
ତବ ସୁପ୍ରସାଦେ ଏ ରାଜ୍ୟ ଭୂପାଳେ,
ଧନେ ମାନେ ଯଶେ ଖ୍ୟାତ କାଳେ କାଳେ ।

ଏ ଅଷ୍ଟମଲ୍ଲିକ ତୁମ୍ଭ ସୁପାଳିତ,
ଅପୂର୍ବ ସୌନ୍ଦର୍ଯ୍ୟ ଗୌରବେ ଗର୍ବିତ ।
ଲଭି ତବ କୃପା ଏ ରାଜ୍ୟ ବିଭୂତି—
ଦେଖି ମୁଁ ଅର୍ଜିଛି ଯେଉଁ ଅନୁଭୂତି,
କାବ୍ୟାକାରେ ତାହା କରିଣ ବର୍ଣ୍ଣନ
ଶ୍ରୀପଯୁରେ ତବ କଲି ସମର୍ପଣ ।
ସମର୍ପି ତୁମ୍ଭଙ୍କୁ ତୁମ୍ଭର ପଦାର୍ଥ,
ମଣୁଅଛି ମୁହିଁ ନିଜକୁ କୃତାର୍ଥ ।
ପୂଜା ବେଲପତ୍ର— ରୂପେ ତା ଗ୍ରହଣ,
କର ମା ଏତିକି ମୋର ନିବେଦନ ।
ଦୀନ ପ୍ରାଣର ଏ ଭକ୍ତିପୂତ ପୂଜା,
ଦେନନ୍ତୁ ସଦୟେ ଦେବୀ ବରଭୁଜା ।
ମଲ୍ଲୀଜାତ ଦୂର୍ବା ଅକ୍ଷତ ଅର୍ପଣେ,
ପୂଜନ୍ତୁ ମଲ୍ଲୀଙ୍କୁ ସିନା ଦୀନଜନେ ।
ମାଗୁଛି ମେଲାଣି ଦେନ ମୋ ପ୍ରଣାମ
କର ଆଶୀର୍ବାଦ ପୂରୁ ମନସ୍କାମ ।

# ପାଟଣା-କାବ୍ୟ

# କୃତଜ୍ଞତା ସ୍ୱୀକାର

ରାଜନ୍ୟ-ମୁକୁଟମଣି, ବହୁଭାଷା-ବିଶାରଦ, ରାଜନୀତିର ଆଦର୍ଶ ସ୍ରଷ୍ଟା, ପ୍ରଜାରଞ୍ଜକ, ପୁଣ୍ୟଶ୍ଳୋକ ପାଟଣାଧୀଶ୍ୱର ଶ୍ରୀ ଶ୍ରୀ ଶ୍ରୀ ରାଜେନ୍ଦ୍ରନାରାୟଣ ସିଂହଦେବ ମହୋଦୟଙ୍କ ଅନୁକୂଲ୍ୟ ଲାଭ କରି ମୁଁ ବିଶାଳ ପାଟଣା ରାଜ୍ୟରେ ଏକମାସ କାଳ ଭ୍ରମଣ କରିଥିଲି । ମହାରାଜା ମହୋଦୟ ମୋର ଅବସ୍ଥାନ ଏବଂ ଭ୍ରମଣର ଆଶାତୀତ ସୁବିଧା କରିଦେଇଥିଲେ । ମୋ ଭଳି ଜଣେ ସାମାନ୍ୟ ଲୋକପ୍ରତି ମହାରାଜାଙ୍କର ସ୍ନେହସୌଜନ୍ୟ ତାଙ୍କ ମହାପ୍ରାଣତାର ମହତ୍ତ୍ୱର ପରିଚାୟକ । ତାଙ୍କର ଉଦାର ସହାନୁଭୂତି ମୋର ବ୍ୟକ୍ତିତ୍ୱକୁ ବଳସାଇଥିଲା । ମହାରାଜା-ମହୋଦୟଙ୍କର ଏହି ଅନୁକମ୍ପା ସକାଶେ ତାଙ୍କ ସମୀପରେ ମୁଁ ଆଜୀବନ ଋଣୀ ଓ କୃତଜ୍ଞ ।

ପାଟଣା ରାଜ୍ୟରେ ଭ୍ରମଣ କରି ମୁଁ ଯେଉଁ ଅନୁଭୂତି ଲାଭ କରିଥିଲି, ତାହା ଏହି ପାଟଣା କାବ୍ୟରେ ବର୍ଣ୍ଣିତ ହୋଇଅଛି । ମହାରାଜାଙ୍କ ଆଦେଶାନୁସାରେ ଐତିହାସିକ ଓ ସାହିତ୍ୟିକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ରଥ, ବି. ଏ., ବି. ଇଡ୍. ବିଶେଷଜ୍ଞରୂପେ ମୋ ସଙ୍ଗରେ ଯାଇ ରାଜ୍ୟର ପ୍ରାକୃତିକ ଦୃଶ୍ୟ ଓ ଐତିହାସିକ ପୌରାଣିକ ସ୍ଥାନମାନ ମୋତେ ଦେଖାଇଥିଲେ । ଲବ୍ଧପ୍ରତିଷ୍ଠ ସାହିତ୍ୟିକ ରାଜ୍ୟରତ୍ନ ଶ୍ରୀଯୁକ୍ତ ବଳଭଦ୍ର ବହିଦାର ମହୋଦୟ ମଧ୍ୟ ମୋତେ କେତେକ ସ୍ଥାନ ଦେଖାଇଥିଲେ । ହାଉସହୋଲ୍ଡ କମ୍ପଟ୍ରୋଲର ସାହିତ୍ୟ-ରସିକ ଶ୍ରୀଯୁକ୍ତ କୁମାର ରଣେନ୍ଦ୍ରପ୍ରତାପ ସିଂହଦେବ ମହୋଦୟ ମୋତେ ଆବଶ୍ୟକ କାଗଜପତ୍ରମାନ ପ୍ରଦାନ କରିଥିଲେ । ବଲାଙ୍ଗୀର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ, କବିବର ରାଧାନାଥଙ୍କ ଜୀବନଚରିତ-ଲେଖକ ଶ୍ରୀଯୁକ୍ତ ଦୁର୍ଗାଚରଣ ରାୟ, ବି. ଏ. ମହୋଦୟ କେତେକ ଉପାଦାନ ସଂଗ୍ରହ କରି ମୋତେ ଯୋଗାଇଥିଲେ । ଏତଦ୍‌ବ୍ୟତୀତ ଶିକ୍ଷାବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ ସାହିତ୍ୟାମୋଦୀ ଶ୍ରୀଯୁକ୍ତ ଅଦ୍ୱୈତଚରଣ ଦାସ, ଏମ୍. ଏ., ପୃଥ୍ୱୀରାଜ ହାଇସ୍କୁଲର ପ୍ରବୀଣ ହେଡ଼ମାଷ୍ଟର ଶ୍ରୀଯୁକ୍ତ ବାଳମୁକୁନ୍ଦ ହୋତା, ବି. ଏ., ବି. ଇଡ୍., ସାମ୍ବାଦିକ ଶ୍ରୀଯୁକ୍ତ ତ୍ରିଲୋଚନ ପଟ୍ଟନାୟକ, ପାଟଣା ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ସି. ମିଶ୍ର, ସର୍କଲ ଇନ୍‌ସପେକ୍ଟର ଶ୍ରୀଯୁକ୍ତ ରାମଚନ୍ଦ୍ର ପଟ୍ଟନାୟକ, ଶ୍ରୀଯୁକ୍ତ ବାସୁଦେବ ପରିଚ୍ଛା, ତୋପଲା ସ୍କୁଲର ହେଡ଼ପଣ୍ଡିତ ଶ୍ରୀଯୁକ୍ତ ଗୌରୀଚରଣ ଗୁରୁ, ସୁଲେଖକ ଶ୍ରୀଯୁକ୍ତ ସୋମନାଥ ହୋତା ପ୍ରଭୃତି ଅନେକ ଉପାଦାନ ଯୋଗାଇ ମୋର ମହୋପକାର ସାଧନ କରିଅଛନ୍ତି । ଏହି ସହାନୁଭୂତି ସକାଶେ ସେମାନେ ମୋର କୃତଜ୍ଞତା-ଭାଜନ । ବଲାଙ୍ଗୀର ଟାଉନର ବିଶିଷ୍ଟ ବ୍ୟକ୍ତିମାନେ ମୋ ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନପୂର୍ବକ ମୋତେ କୃତଜ୍ଞତା ପାଶରେ ଆବଦ୍ଧ କରିଅଛନ୍ତି । ସେମାନଙ୍କୁ ମୁଁ ମୁକ୍ତକଣ୍ଠରେ ଧନ୍ୟବାଦ ପ୍ରଦାନ କରୁଅଛି ।

ଭଦ୍ରଖ
୧୦ । ୧ । ୫୧

ଶ୍ରୀଚନ୍ଦ୍ରମଣି ମହାନ୍ତି

# ପାଟଣା-କାବ୍ୟ

## ପ୍ରଥମ ସର୍ଗ

ଘେନ ମା ପ୍ରଣତ ପାଟଣା ଜନନୀ,
ପୁରାଣ-ବନ୍ଦିତା ମହା ପୁରାତନୀ ।
ପୁଣ୍ୟବକ୍ଷ ତୋର ଦେବ-ଲୀଳାସ୍ଥଳୀ,
ସ୍ୱର୍ଗ-ନିଶ୍ରେଣୀର ତୁହି ସ୍ୱର୍ଣ୍ଣଫଳୀ ।
ଉତ୍କଳ-ମାତାଙ୍କ ଆଦରିଣୀ କନ୍ୟା,
ଜଗତ-ନମସ୍ୟା ସ୍ୱଭଗୁଣଧନ୍ୟା ।
କାରୁକଳାରେ ତୁ କୁଶଳ ଉଜ୍ଜ୍ୱଳ,
ତେଣୁ ତୋ ଅତୀତ ଅଭେଧା କୌଶଳ ।
ତିବ-କସ୍ୱଟିଣୀ ତଟିନୀମାଳିନୀ,
ବହୁ ତୀର୍ଥମୟୀ ରତ୍ନ-ପ୍ରସବିନୀ ।
ଉତ୍କଳ କଣ୍ଠେ ତୁ ପାରିଜାତ-ମାଳା,
ବିଶ୍ୱ-ପ୍ରକୃତିର ସ୍ତୁତ୍ୟ ଶିଳ୍ପଶାଳା ।
ଏ ଉତ୍କଳ ଭୂମି ବାସନ୍ତୀ ଚନ୍ଦ୍ରମା,
ତୁ ତାହାର ଜ୍ୟୋତ୍ସ୍ନା ଗୁଣେ ନିରୁପମା ।
ଅଥବା ଉତ୍କଳ ସୁରମ୍ୟ ଅମରା,
ତୁ ତାହାର ରତ୍ନ— କଣ୍ଠର ହୀରା ।
ଉତ୍କଳସଙ୍କର ପବିତ୍ର ବେଦିକା,
ତୁହି ଯଜ୍ଞାନଳ ଜ୍ୟୋତିସ୍ମତୀ ଶିଖା ।
କି ଅବା ଉତ୍କଳ ଚୌବେଦ ପୁସ୍ତିକା,
ତୁ ତାର ଭାବାର୍ଥ— ସୁବୋଧିନୀ ଟୀକା ।
ଅଙ୍କିବ ତୋହର ରମ୍ୟ ରୂପ ସୀମା,
ଗାଇବ ଅବର ବୈଶିଷ୍ଟ୍ୟ, ମହିମା ।
ଦିଅ ଶକ୍ତି, ଧୈର୍ଯ୍ୟ, ଜ୍ଞାନ ଯଥାଯଥ,
କର ଆଶୀର୍ବାଦ ପୂରୁ ମନୋରଥ ।

ବ୍ୟର୍ଥ ଦୁଃସାହସ— ନାବ ଆରୋହଣେ,
ବାନ୍ଧିଛି ମୁଁ ଆଶା ସିନ୍ଧୁ-ସନ୍ତରଣେ ।
ଖଦ୍ୟୋତକ ଶିଶୁ ବଢ଼ାଇଛି କର,
ଛୁଇଁବାକୁ ତୁଙ୍ଗ ହିମାଦ୍ରି-ଶିଖର ।
ଧୃଷ୍ଟତା ମୋହର କ୍ଷମହେ ଦେବୀ, ଊଣା
ଭରସା କେବଳ ତୋ ମହା କରୁଣା ।
ତେଣୁ ଯୁକ୍ତକରେ ମାଗୁଛି ଏ ଭିକ୍ଷା,
ଦିଅ ଦୟାବହି ଉପଯୁକ୍ତ ଦୀକ୍ଷା ।
ତୋ ଦେବ-କରୁଣା ଅତୁଳ ଦୁର୍ଲ୍ଲଭ,
ଅସମ୍ଭବେ ପାରେ କରି ସୁସମ୍ଭବ ।
ଏହି ବିଶ୍ୱାସରେ ବାନ୍ଧିଛି ମୁଁ ଆଶା,
ମେଣ୍ଟାଅ ମା ମୋର ଦୁର୍ବାର ପିପାସା ।
ହୁଅ ସୁପ୍ରସନ୍ନା ଦେବୀ ବୀଣାପାଣି,
କବି-କାବ୍ୟମାତା ବାଣୀ ବିଶ୍ୱରାଣୀ !
ରତ୍ନକୁଞ୍ଜେ ବସି ସଙ୍ଗୀତ-ପ୍ରବୀଣା,
ଝଙ୍କାର ତୋ ମୃତ ସଞ୍ଜୀବନୀ ବୀଣା ।
ସେ ଝଙ୍କାରେ ଜାଗୁ କଳ୍ପନା-ସୁନ୍ଦରୀ,
ବିଶ୍ୱ-ବିମୋହନ ନବବେଶ ଧରି ।
ଶୁଦ୍ଧପୂତ ଭାବ ଫୁଟୁ ମୋ ଅନ୍ତରେ,
କୁମୁଦ କମଳ ଯଥା ସରୋବରେ ।
ସ୍ୱଚ୍ଛନ୍ଦ ମୋର ମଞ୍ଜିରୁ ବାଜନେ,
ପ୍ରାଣ ଭରୁ ଯେହ୍ନେ ମଳୟ ନିଃସ୍ୱନେ ।
ମହା ମହୀୟସୀ ତୁହି ମା ଭାରତୀ,
ବିଧାତାର ଜ୍ଞାନ— ବିଜ୍ଞାନ ଶକତି ।

ତୋ କୃପାରେ ଫୁଟେ  ଊଷରେ କୁସୁମ,
ଗଳମୂର୍ଖ ହୁଏ  କାବ୍ୟ-କଳ୍ପଦ୍ରୁମ ।
ମହା ବିଜ୍ଞଜନ  ପଣ୍ଡିତ ମନସ୍ୱୀ,
ତୋ କୃପା ଅଭାବେ  ଶ୍ମଶାନ-ତୁଳସୀ ।
କାବ୍ୟ ସୋଲାପ.  କାବ୍ୟାମୃତ ପାନ,
ମାନବ ବାଞ୍ଛା  ତୋର ମହାଦାନ ।
ବର୍ଣ୍ଣିବି ପାଠଣୀ —  ଭାବ୍ୟ ଅଭିନବ,
କିନ୍ତୁ ମୋ ପକ୍ଷେ ତା  ଅତି ଅସମ୍ଭବ ।
ସହ୍ୟାଦ୍ରି ଲଙ୍ଘନେ  ପିମ୍ପୁଡ଼ି ପ୍ରୟାସ,
ଏହା ସିନା ଦେବୀ  ତୀବ୍ର ଉପହାସ ।
ଅଭାଜନ ମୂର୍ଖ  ଜ୍ଞାନ ହୀନ ଅଜ୍ଞ,
ବିଧାନ ନ ଜାଣି  ଆରମ୍ଭିଛି ଯଜ୍ଞ ।
ଏଥିକି କେବଳ  ତୁହି ମୋର ସାହା,
ଅନ୍ଧକାରେ ମାତଃ,  ଦେଖାଅ ସୁରାହା ।
ମନୋଗତ ଭାବ  ବାକ୍‌ଶକ୍ତି ରୂପରେ,
ବିସ୍ତାରିଛୁ କ୍ରୀଡ଼ା  ସକଳ ଅନ୍ତରେ ।
ଭାଷାରୂପେ ତୁହି  ମାନବ-ଜଗତେ,
କରୁ ନିୟନ୍ତ୍ରିତ,  ଗ୍ରଥିତ ନିରତେ ।
କାବ୍ୟ, ଇତିହାସ,  ଭୂଗୋଳ, ଗଣିତ,
ତୋ ମହା ପ୍ରଭାବ  ସର୍ବତ୍ର ବିଦିତ ।
ବେଦବିଦ୍ୟା, ନ୍ୟାୟ,  ଦର୍ଶନ ଅପର,
ତୋହୋ ବିଭୂତିର  ସର୍ବେ ରୂପାନ୍ତର ।
ସର୍ବ ଚିନ୍ତା, ସର୍ବ  କଳ୍ପନା ମଧ୍ୟରେ,
ତୋ ଅନନ୍ତ ସତ୍ତା  ସର୍ବଦା ବିହରେ ।
ଭକ୍ତିପୁଷ୍ପାଞ୍ଜଳି  ଘେନ ମା ସାରଦେ,
ଅର୍ପିବି ନିଜକୁ  ଏବେ କର୍ମପଦେ ।
ଅଭୀଷ୍ଟଦାୟିନୀ  ବରାଭୟ-ଭୁଜା,
ଘେନାହେଉ ଦେବୀ  ଦୀନବାକ୍ୟ-ପୂଜା ।
ବାକ୍ୟମୟୀ, ବାକ୍ୟେ  ତବ ଅଧିଷ୍ଠାନ,
ବାକ୍ୟ ଏକା ତୋର  ପୂଜା-ଉପାଦାନ ।
ଏଣୁ ସେହି ବାକ୍ୟେ  ପୂଜୁଛି ଚରଣ,
କର ମା ସନ୍ତୋଷେ  ସ୍ତୁତି ଉଚ୍ଚାରଣ ।

ପ୍ରକୃତି-ଦେବୀଙ୍କ  ବିଚିତ୍ର କଳ୍ପନା,
ପୌରାଣିକ ରାଜ୍ୟ  ସୁରମ୍ୟ ପାଟଣା ।
କୌଶଲ୍ୟାଦେବୀଙ୍କ  ପୁଣ୍ୟ ଜନ୍ମଭୂମି,
ଦୃଶ୍ୟ-ପାରାବାରେ ଖେଳେ ଶୋଭା-ଊର୍ମି ।
ନିଖିଳ ଉତ୍କଳେ  ପ୍ରସିଦ୍ଧ ଏ ରାଜ୍ୟ,
ଆଦର୍ଶ ତାହାର  ମହତ ଔଦାର୍ଯ୍ୟ ।
ଲଳିତ ଲାବଣ୍ୟ  ଉଠୁଛି ଉଚ୍ଛ୍ୱସି,
ସ୍ୱର୍ଗରୁ ଅମରା  ପଡ଼ିଛି କି ଖସି !
ବହୁଅଛି ବକ୍ଷେ  ବହୁ ଶିଳାସ୍ତମ୍ଭ,
ଖେଳେ ଇତିହାସ  ଧରି ପ୍ରାଣମୂର୍ତ୍ତି ।
ଉଡ଼ିବୁଲେ ତାହା  ଗଗନେ ପବନେ,
ଦେଖେ ତା ଭାବୁକ କଳ୍ପନା-ନୟନେ ।
ଚୌହାନବଂଶୀୟ  ନୃପ ରାଜଧାନୀ,
ମୃତ୍ତିକା ତାହାର  ଶୁଦ୍ଧ ବୀରବାଣୀ ।
ଗିରି-ଗର୍ଭମୟୀ  କାନନ-କୁନ୍ତଳା,
ଖେଳେ ଯାର ସଦା  ଶସ୍ୟେ ସୁଶ୍ୟାମଳା ।
ଚୌହାନ ନୃପତି  ପାଳିତ ଭୂଖଣ୍ଡ,
ଶତ୍ରୁ-ଦର୍ପ ଯହିଁ  ହୁଏ ସଦା ପଣ୍ଡ ।
ବୀର-ପ୍ରସବିନୀ  ଅଚଳ ପ୍ରାଚୀର;
କାନନ-କୁନ୍ତଳା  ସୁଦୃଶ୍ୟ ରୁଚିର ।
ଦୃଶ୍ୟ ପାରାବାରେ  ନ ପାଇ ସନ୍ତର,
ଦର୍ଶକ-ନୟନ  ଆସେ ଅପସର ।
ଚିର-ସମୃଦ୍ଧ  ଶସ୍ୟହାସ୍ୟମୟୀ,
ବୀରବୃନ୍ଦେ ଯାର  ସଦା ରଣଜୟୀ ।
ଶୁଣି ରଣଡଙ୍କା  ବୀରଙ୍କ ଚିତ୍କାର,
ତୁଟିଯାଏ ବୈରୀ  ବୀର୍ଯ୍ୟ ଅହଙ୍କାର ।
କମ୍ପି ବୀରଙ୍କର  ବିକଟ କୁହାଟେ,
ପଳାଇଯାଆନ୍ତି  ଭୟେ ଶତ୍ରୁଥାଟେ ।
ବହୁ ରାଜ୍ୟର ଏ  ଶିରୋଭୂଷା ଟିକା,
ଏ ରାଜ୍ୟର ରେଣୁ  କୈବଲ୍ୟ କଣିକା ।
ଜନ୍ମି ଏଥି ବହୁ  ଧାର୍ମିକ ନୃପତି,
ଜାଳିଥିଲେ ରାଜ୍ୟେ  ଧର୍ମନୀତି-ବତି ।

ସେ ଆଲୋକେ ଦୀପ୍ତ ଅଦ୍ୟାପି ଦିଗନ୍ତ,
ଯୋଗୀ ଋଷି ସନ୍ତ ସର୍ବେ ପୁଣ୍ୟବନ୍ତ ।
ଭୋଗୀ ରାଜ୍ୟ ନୁହେ, ଏହା ଯୋଗୀ ରାଜ୍ୟ,
ରାଜାଏ ପ୍ରଜାଙ୍କ ଧର୍ମର ଆଚାର୍ଯ୍ୟ ।
ତୀର୍ଥ ସମ ଏହା ପରମ ପବିତ୍ର,
ଏ ରାଜ୍ୟ ରାଜାଏ ଆଦର୍ଶ-ଚରିତ୍ର ।
କେତେ ଜ୍ଞାନୀ,କେତେ ଦିଗ୍‌ବିଜୟୀ ବୀର,
ରଖିଛନ୍ତି ଟେକ ଏ ରାଜ୍ୟର ଶିର ।
କେତେ କବି,କେତେ ବିଜ୍ଞ ଦାର୍ଶନିକ
ବହୁ ବୈଜ୍ଞାନିକ ସୁଐତିହାସିକ,
ଜନ୍ମି ଏ ରାଜ୍ୟକୁ କରିଛନ୍ତି ଧନ୍ୟ,
ବରେଣ୍ୟ ରାଜ୍ୟରେ ଏହା ଅଗ୍ରଗଣ୍ୟ ।
ଶାସ୍ତ୍ର-ବିଶାରଦ ତାର୍କିକ ପଣ୍ଡିତ,
କରିଥିଲେ ରାଜ୍ୟେ ପ୍ରତିଷ୍ଠା ମଣ୍ଡିତ ।
ବହୁ ବିଦ୍ୱଜ୍ଜନ ବହୁ ମହାଜନ,
ଧର୍ମ-ପ୍ରଚାରକ ଥିଲେ ଅଗଣନ ।
ଏବେ ସେମାନଙ୍କ ମହତୀ ପ୍ରତିଭା,
ଗୌରବେ ରୌଦ୍ରରେ ବିତରୁଛି ବିଭା ।
ବର୍ଣ୍ଣି ନୁହେ ବାକ୍ୟେ ଏ ରାଜ୍ୟ ମହିମା,
ଲଙ୍ଘି ଯାଏ ତାହା ବର୍ଣ୍ଣନାର ସୀମା ।
ଦେଖିଥିଲି ଯାହା ସ୍ୱରୂପ ଅକ୍ଷରେ,
ଦେଖିଲି ଏବେ ମୁଁ ତାହା ପ୍ରତ୍ୟକ୍ଷରେ ।
ଏତେ କାଳେ ପୂର୍ଣ୍ଣ ହେଲା ମନଃସାଧ,
ମୋ ଭାଗ୍ୟରେ ଏହା ବନ୍ଧୁ-ଆଶୀର୍ବାଦ ।
ଯାଉଛି ଦେଖିବି ଏ ରାଜ୍ୟେ ମୁଁ ଭ୍ରମି,
ମାଗୁଅଛି ଶକ୍ତି ବନ୍ଧୁ-ପାଦେ ନମି ।

ଦେଖିବି ପ୍ରଥମେ ଯେଣୁ ସଙ୍ଗୀ ମିତ୍ର,
ହରିଶଙ୍କରାଖ୍ୟ ତୀର୍ଥ ସୁପବିତ୍ର ।
ଗମିଲି ମୁଁ ବସି ବାଷ୍ପବାହୀ ରଥେ,
ଧାଇଁଲା ସେ ଯାନ ରମ୍ୟ ରାଜପଥେ ।
ହେଲା ପ୍ରଧାବିତ ପୂର୍ବୋତ୍ତର ଭାଗେ,
କଳ୍ପନା-ବାହନେ ମନ ଧାଏଁ ଆଗେ ।
ବଡ଼ ଅବାଧ୍ୟ ସେ, ମାନେ ନାହିଁ କଥା,
ସଙ୍ଗରେ ଯିବାକୁ ମଣେ ମହାବ୍ୟଥା ।
ପଥ ବେନି ପାର୍ଶ୍ୱେ ରଥ୍ୟା ତରୁପନ୍ତି,
ସଙ୍ଖୋଳିନେବାକୁ ଧାଇଁ ଆସୁଛନ୍ତି ।
ନୀରବେ ଆଶିଷି ଯାଇଁ ପଛ ଅଡେ,
ଲଜ୍ଜାପାଉଥାନ୍ତି ଯାନର ଉହାଡ଼େ ।
ବୃଥା ତାଙ୍କଠାରୁ ବାକ୍ୟର ପ୍ରତ୍ୟାଶା,
ନୀରବତା ତାଙ୍କ ସ୍ୱଜାତୀୟ ଭାଷା ।
ପଥ ପାଶେ ପାଶେ ପକ୍କାଣି କୁଟୀର,
ଋଷ୍ୟାଶ୍ରମ ପ୍ରାୟ ଦିଶେ ସୁରୁଚିର ।
ବହୁ ଦୂର ଯାଇ ତେଜି ରାଜପଥ,
ବନ ଅଭିମୁଖେ ଚଳିଲା ସେ ରଥ
ଦେଖିଲି ଅରଣ୍ୟ ମଧ୍ୟେ ଶିକ୍ଷାଳୟ,
ପାଠେ ରତ ଶିଶୁ— ତାପସନିଚୟ ।
ଦୂର ଅତୀତର ସୁଶିକ୍ଷା-ପ୍ରଣାଳୀ,
ଅରଣ୍ୟ ମଧ୍ୟରେ ଋଷି ଗୁଷ୍ଠଶାଳୀ ।
ସ୍ମୃତିପଟେ ଆସି ହେଲାକ ଅଙ୍କିତ,
ଉଠିଲା ହୃଦୟ ହୋଇ ପୁଲକିତ ।
ଅରଣ୍ୟ ଆଶ୍ରମେ ଋଷି-ଶିଷ୍ୟଗଣେ,
କରୁଥିଲେ ପୂର୍ବେ ବିଦ୍ୟା ଅଧ୍ୟୟନ ।
ଋଷିଗୁରୁଠାରୁ ପୋଥିଗତ ପାଠ,
କରୁଥିଲେ ଶିକ୍ଷା ସମବେତ ଗୁଷ୍ଠ ।
ପ୍ରକୃତି-ଗର୍ବିଣୀ ତାହାଙ୍କୁ ଆଦରେ,
ଅର୍ପୁଥିଲେ ବହୁ ଶିକ୍ଷା ଅଲକ୍ଷରେ ।
ଯୋଗ୍ୟା ଶିକ୍ଷୟିତ୍ରୀ ଏକା ବନସ୍ଥଳୀ,
ନାହିଁ ଭବେ ଗୁରୁ ତାହାଠାରୁ ବଳି ।
ସର୍ବ ଧର୍ମନୀତି ସର୍ବ ରାଜନୀତି,
ମାନବ-ସଭ୍ୟତା ବ୍ୟବହାର ରୀତି,
ସାହିତ୍ୟ, ଗଣିତ, ଦର୍ଶନ, ବିଜ୍ଞାନ,
କୃଷି, ଶିଳ୍ପ ପୁଣି ବେଦାନ୍ତ ପୁରାଣ—
ଏହାଠାରୁ ସିନା ଜାତହୋଇ ସର୍ବ,
ବ୍ୟାପ୍ତ ହୋଇଥିଲା ଏ ନିଖିଳ ଭବେ ।

ସୁଭଦ୍ରାଗାର ଏ ସକଳ ବାଦ୍ୟାର,
ଆବର ସକଳ ଗୀତ-ଆଧାର ।
ଅରଣ୍ୟ ମହିମା ଅନନ୍ତ ଅପାର,
ଅପାର ସେପର ମହିମା ପାରାବାର ।
କୃଷ୍ଣ ନୈବିଦ୍ୟ ପନ୍ଥ ଗର୍ଜି ଉଚ୍ଚସ୍ୱରେ,
ପ୍ରବେଶିଲା ଯାନ ଅରଣ୍ୟ ମଧ୍ୟରେ ।
ସେ ସ୍ୱରର ଧ୍ୱନିଅ ହୋଇଣ ଶଶକେ,
ଲମ୍ବକର୍ଣ୍ଣ ଟେକି ଧାଇଁଲେ ସଶଙ୍କେ ।
ହିଂସ୍ର ଜନ୍ତୁକୁଳ ଲୁଚିଲେ ଯେ କାହିଁ,
କେଉଁଠାରେ ହେଲେ ଦେଖାଗଲେ ନାହିଁ ।
ସଂସାରର ଏ ତ ଚିରନ୍ତନୀ ରୀତ,
ଦୁର୍ବଳେ ରହନ୍ତି ସବଳଙ୍କୁ ଭୀତ ।
କିଛି ଦୂର ଯାଇ ଭେଟି ଲକ୍ଷ୍ୟସ୍ଥାନ,
ଦୀର୍ଘଶ୍ୱାସ ଛାଡ଼ି ବିଶ୍ରାମିଲା ଯାନ ।
ଦେଖିଲି ଉଲ୍ଲାସେ ମୁହିଁ ନେତ୍ରତଃ,
ଅଗ୍ରେ ଉଭା 'ଗନ୍ଧ— ମାର୍ଦ୍ଦନ' ପର୍ବତ ।
କଟିଦେଶେ ତାର ଟେକିଅଛି ଶିର,
ହରିଶଙ୍କରଙ୍କ ସୁରମ୍ୟ ମନ୍ଦିର ।
ଉଦ୍ୟାନର ଶୋଭା ହରେ ଜନ-ମନ,
ପିତୃ-ଅଙ୍କେ ଅବା ବସିଛି ନନ୍ଦନ ।
ଅଥବା ସଙ୍ଗୀତ କୋକିଳ ବସି ଛନ୍ଦ,
ହସୁଅଛି ଲଭି ପରମ ଆନନ୍ଦ ।
ଏ ସ୍ଥାନ ପ୍ରବେଶେ ଭୋଗବିଦ୍ୟା ପରି,
ମାନବତା ମୋର ନେଲା କିଏ ହରି ।
ପୁଲକେ ଶରୀର ହେଲା ରୋମାଞ୍ଚିତ,
ସତ୍ତ୍ୱଗୁଣେ ହେଲା ହୃଦେ ପ୍ରଭାବିତ ।
ସ୍ଥାନ ମାହାତ୍ମ୍ୟରେ ଘଟିପାରେ ସର୍ବ,
ପାରେ ଅସମ୍ଭବ ହୋଇ ସୁସମ୍ଭବ ।
ଅଛି ଏ ସ୍ଥାନର ଅଦ୍ଭୁତ କ୍ଷମତା
ଦେବତ୍ୱ ଏଠାରେ ଲଭନ୍ତି ଦେବତା ।
ଥିଲି ମୁଁ ସଂସାରୀ ନୁହେଁ ଯୋଗୀ ତ୍ୟାଗୀ,
ଏ ସ୍ଥାନରେ ଆସି ହେଲି ବଇରାଗୀ ।

ଏ ସ୍ଥାନର ବାୟୁ ବିଶୁଦ୍ଧ ଅମୃତ,
ସଂସାର ପ୍ରଶ୍ୱାସେ ନ ହୁଏ ବିକୃତ ।
ପଶେ ନାହିଁ ଏଥି ସଂସାର-ଜଞ୍ଜାଳ,
ପୂତ ନିର୍ବିକାର ଏହା ଚିରକାଳ ।
ଶୋକ କ୍ରନ୍ଦନ ବା ଅତି ହାହାକାର,
ପ୍ରବେଶର ଏଥି ନାହିଁ ଅଧିକାର ।
ଅଭିଜାତ୍ୟ ଗର୍ବ ଦ୍ୱେଷ ଅହଙ୍କାର,
ଏ ସ୍ଥାନକୁ କରେ ଦୂରୁ ନମସ୍କାର ।
ମାନବ-ସୁଲଭ ଭଣ୍ଡିମା ବଡ଼ିମା,
ଛୁଇଁ ପାରେ ନାହିଁ ଏ ସ୍ଥାନର ସୀମା ।
ଚିରାନନ୍ଦମୟ ଶାନ୍ତିମୟ ଧାମ,
ଛାଡ଼ିଯାଏ ପାପ ସ୍ମରି ଏହା ନାମ ।

ଅନନ୍ତର ଯାଇ ପଦବ୍ରଜେ ଧୀରେ,
ପ୍ରବେଶିଲି 'ହରି— ଶଙ୍କର' ମନ୍ଦିରେ ।
ବସ୍ତ୍ରରାଜ ଦେବ ଭକ୍ତ ନରମଣି,
କରିଥିଲେ ଏହି ମନ୍ଦିର ନିର୍ମାଣ ।
ରହିଛି ଦେଉଳ ନାହାନ୍ତି ସେ ଭୂପ,
ଏ ମନ୍ଦିର ତାଙ୍କ କୀର୍ତ୍ତିସ୍ମୃତି-ସ୍ତୂପ ।
ଅସ୍ଥାୟୀ ସଂସାରେ ସକଳ ଅସ୍ଥାୟୀ,
ଅସ୍ଥାୟୀ ଯେସନ ଚଳ ଘନ ଛାଇ ।
ସବୁଠୁଁ ଅସ୍ଥାୟୀ ନର-ପରମାୟୁ,
ଅସ୍ଥାୟୀ ଯେସନ ରୁଦ୍ର ଝଞ୍ଜାବାୟୁ ।
କିମ୍ବା ଘନସ୍ଥାୟୀ ବିଦ୍ୟୁଲ୍ଲତା ଯଥା,
ଅଥବା ଦୁର୍ଜ୍ଜନ ଶଠର ମିତ୍ରତା ।
ସଞ୍ଜମୀର କ୍ରୋଧ କିମ୍ବା ଇନ୍ଦ୍ରଚାପ,
ଶୁଷ୍କ ବାଲିସ୍ତୂପେ ଅବା ଯଥା ଆପ ।
ଆଉ ମାଳୋପମା ଦୃଷ୍ଟାନ୍ତ କବିତା,
ଅତି ଲବଣରେ ତୁଣ ହୁଏ ପିତା ।
ଅଧୈର୍ଯ୍ୟ ପାଠକେ ବାହୁବେ ଯେ ରୋଷ,
ଦେଖାଇବେ କୋବିଦେ କାବ୍ୟେ ଏହା ଦୋଷ ।
ଦ୍ୱାର ଦେଶ ପାଶେ ଗଜଲକ୍ଷ୍ମୀଦ୍ୱୟ,
ଉପବିଷ୍ଟ ଘେନି କରେ କୁବଳୟ ।

ଉର୍ଦ୍ଧ୍ୱରେ ଖୋଦିତ ନବଗ୍ରହ ମୂର୍ତ୍ତି,
ଜୀବନ୍ତ ସଦୃଶ ସୁନ୍ଦର ଆକୃତି ।
ଦ୍ୱାରର ଦେହଳୀ କ୍ରମେ ଅତିକ୍ରମି,
ଉଭାହେଲ ହରି— ଶଙ୍କରେ ପ୍ରଣମି ।
ଶିଳାଶକ୍ତି ମଧ୍ୟେ ଅଛନ୍ତି ଶଙ୍କର,
ତୋଳିଅଛି ଫଣା ଶିରେ ଫଣୀବର ।
ଧବଳ ମର୍ମର ବୃଷଭଟି ଦ୍ୱାରେ,
ଅବସ୍ଥିତ ପ୍ରଭୁ— ଆଜ୍ଞା ପ୍ରତୀକ୍ଷାରେ ।
ରତ୍ନ ସିଂହାସନେ ବିଜେ ଦେବ ହରି,
ଶଙ୍ଖ ଚକ୍ର ଗଦା ପଦ୍ମ କରେ ଧରି ।
ଭକ୍ତିରେ ପ୍ରଭୁଙ୍କ ପାଦପଦ୍ମ ସେବି,
ପାର୍ଶ୍ୱେ ଉପବିଷ୍ଟ ବହୁ ଦେବଦେବୀ ।
ହରିଶଙ୍କରଙ୍କ ଅଦ୍ଭୁତ ସୁଷମା,
ଦେଖି ମନେ ଜାତ ଏମନ ଉପମା ।
ସଂଯମ ସହିତେ ବସିଛି କି ତ୍ୟାଗ,
କିମ୍ବା ଏକତ୍ରିତ ପ୍ରେମ ଅନୁରାଗ ।
ଅବା ଶୌର୍ଯ୍ୟ ପାଶେ ବସିଛି ସାହସ,
ଅଥବା ମିଳିତ ପଉରୁଷ ଯଶ ।
ଦେଉଳ ଚୌପାଶେ ବିଶଲ୍ୟକରଣୀ,
ଫୁଟିଅଛି କେତେ ହେବ ନାହିଁ ଗଣି ।
ପ୍ରତାପୀ ଦେବତା ଶ୍ରୀହରିଶଙ୍କର,
ମହିମା ତାଙ୍କର ସର୍ବଜ ଗୋଚର ।
ତାହାଙ୍କ ଅଦ୍ଭୁତ ମହିମା ପ୍ରଭାବେ,
ହିଂସ୍ରଜନ୍ତୁ-ଭୟ ଅଜ୍ଞାତ ଏ ଠାବେ ।
ପାଦପଦ୍ମ-ସେବା ଖଟଣୀ ଅଶାରେ,
ବୃନ୍ଦାବତୀ ଦେବୀ ଅଛନ୍ତି ବାହାରେ ।
ଅଭିଷିକ୍ତ ହୋଇ ସଦା ଝର ଜଳେ,
ଶ୍ରୀଅଙ୍ଗର କାନ୍ତି ଦ୍ୱିଗୁଣ ଉଜ୍ଜ୍ୱଳେ ।
ଆହା କି ଅପୂର୍ବ ଶୋଭା ନିରୁପମ,
ଗଙ୍ଗାବତରଣ ଦୃଶ୍ୟ ମନୋରମ ।
ହରିହର ବ୍ରହ୍ମା ବିଜେ ଏକସ୍ଥାନେ,
ନିଯୁକ୍ତ ପକ୍ଷୀନ୍ଦ୍ର ଯୁକ୍ତକରେ ଧ୍ୟାନେ ।

ଲଳିତ ଲାବଣ୍ୟେ ଗଠିତ ଶ୍ରୀମୂର୍ତ୍ତି,
ମୁନି-ମନଲୋଭା ସୁନ୍ଦର ଆକୃତି ।
ମହିମା ମୟୂଖେ ବଦନ ଉଜ୍ଜ୍ୱଳ,
ଅଧରେ ମଧୁର ହାସ୍ୟ ଢଳ ଢଳ ।
ଦୟାରେ ଶୀତଳ ସୁପ୍ରସନ୍ନ ଦୃଷ୍ଟି,
ହେଉଛି କି ତହୁଁ ସ୍ନେହ-ସୁଧା ବୃଷ୍ଟି ।
ଶ୍ରୀଅଙ୍ଗରୁ ହୋଇ ଜ୍ୟୋତି ନିଃସୃତ,
ମନ୍ଦିରର ଭିତ୍ତି କରେ ଆଲୋକିତ ।
ବ୍ରହ୍ମାଙ୍କର ଧୃତ କମଣ୍ଡଳୁ ଗର୍ଭେ,
ପଶି ଝର ଜଳ କଳ କଳ ରବେ,
ଧୋଇଦେଇ ଆଗେ ହରିଙ୍କ ପଦ୍ମରେ,
ପଡ଼ୁଅଛି ଯାଇ ଶିବ ମସ୍ତକରେ ।
ଏ ଅପୂର୍ବ ଦୃଶ୍ୟ ଦେଖି ଭଗୀରଥ,
ମଣନ୍ତି ନିଜକୁ ପୂର୍ଣ୍ଣ ମନୋରଥ ।
ଯୁକ୍ତକରେ ହର୍ଷେ କରୁଛନ୍ତି ସ୍ତୁତି,
ମଣି କରଗତ ଅମର ବିଭୂତି ।
ଶିବ-କରସ୍ଥିତ ଚନ୍ଦ୍ରକଳା ଧରି,
ବସିଛନ୍ତି ଦେବୀ ଜାହ୍ନବୀ ସୁନ୍ଦରୀ ।
ଏ ଦୃଶ୍ୟରେ ଶିଳ୍ପୀ କଳାକୋଷ ଲୁଟି,
ଦେଖାଇଦେଇଛି ଅଦ୍ଭୁତ ଚାତୁରୀ ।
କରି ନାହିଁ ଏହା ଯତନେ ସେ ଖୋଦିତ,
ନିଶ୍ଚେ ଏହା ତାର କଳ୍ପନା କଳ୍ପିତ ।
କଳ୍ପନା ତାହାର ଧରିଛି ଆକୃତି,
କଳ୍ପନା ମନ୍ଦିରେ ଗଢ଼ିଛି ସେ ମୂର୍ତ୍ତି ।
ଦେଇପାରି ନାହିଁ ମୁଖେ ଖାଲି କଥା,
ତାହା ତ ତାହାର ଅସାଧ୍ୟ ସର୍ବଥା ।

ବସେ ଏଥି ମେଳା ବୈଶାଖ ଉଆଁସେ,
ଯାତ୍ରୀ ସମାଗମ ହୁଏ ଶିବ ପାଶେ ।
ସଙ୍କଟୁ ବିପଦୁ ଉଦ୍ଧାର ସକାଶେ,
ରୋଗନାଶ ଅର୍ଥେ ପୁତ୍ର-ପ୍ରାପ୍ତି ଆଶେ
ମନାସନ୍ତି ଜନେ ଧରି ଦେବନାମ,
ପୂର୍ଣ୍ଣ ହୁଏ ତାଙ୍କ ସର୍ବ ମନସ୍କାମ ।

ଦଳକଳ୍ପ କାଉ ଦେବତା ପୂଜାସି,
ଶାନ୍ତଶିଷ୍ଟବନ୍ତ ଯଜ୍ଞ-ସୂତ୍ରଧାରୀ ।
ସଂସ୍କୃତ ମନ୍ତ୍ରର ଶୁଦ୍ଧ ଉଚ୍ଚାରଣ—
କରଣେ ସେମାନେ ସମ୍ପୂର୍ଣ୍ଣ ଭଜନ ।
ଆସନ୍ତି ଯାତ୍ରୀଏ ବହୁଦୂରୁ ଧାଇଁ,
ହରିଶଙ୍କରଙ୍କୁ ପୂଜା ଦେବା ପାଇଁ ।
ଏ ସ୍ଥାନକୁ ଆସି ଫେରିଯିବା ପାଇଁ,
ଦର୍ଶକର କେବେ ମନ ବଳେ ନାହିଁ ।
ଯୋଗୀ ନେତ୍ରେ ଏହା ତୀର୍ଥ ନିକାଞ୍ଚନ,
ଦର୍ଶକ-ନୟନେ ନନ୍ଦନକାନନ ।
ଭାବୁକ ପକ୍ଷରେ ଭାବର ଆଧାର,
ସାଧକ ପକ୍ଷରେ ମହା ଶିକ୍ଷାଗାର ।
ପ୍ରେମିକ ନେତ୍ରରେ ପ୍ରେମ-ବୃନ୍ଦାବନ,
କବି-ନେତ୍ରେ ରମ୍ୟ କଳ୍ପନା-ସଦନ ।
କବିତାର ଏହା କୁବେର ଭଣ୍ଡାର,
ପୂର୍ଣ୍ଣ ଏଥି କାବ୍ୟ ସଙ୍ଗୀତ ସମ୍ଭାର ।
ଭକ୍ତଜନ ନେତ୍ରେ ବୈକୁଣ୍ଠ ସୁଧାମ,
ନିର୍ଜନେ ବସି ସେ ଜପେ ହରିନାମ ।
ପାପୀ ନେତ୍ରେ ଦିଶେ ଭୀଷଣ ଅରଣ୍ୟ,
ଅଧମ ପକ୍ଷରେ ଅତୀବ ନଗଣ୍ୟ ।
ଏ କୈବଲ୍ୟ ଭୂମି ଦେଖିଲେ ଦେବତା,
ତେଜିବେ ନିଶ୍ଚୟ ସ୍ୱର୍ଗର ମମତା ।
ଶ୍ରୀହରିଶଙ୍କର ଉଭେ ମହାଯୋଗି,
ମହାଯୋଗେ ରତ ଅଛନ୍ତି ନିଯୋଗୀ ।
ବାଛିନେଇଛନ୍ତି ଯୋଗ ଯୋଗ୍ୟସ୍ଥାନ,
ତୀର୍ଥରୁ ଅଧିକ ଏ ସ୍ଥାନ ସମ୍ମାନ ।
ଦେଉଳ ସମୀପେ ଚମ୍ପକ ଆବଳୀ,
ହରିଶଙ୍କରଙ୍କୁ ଅର୍ପେ ପୁଷ୍ପାଞ୍ଜଳି ।
ସୁଗନ୍ଧସମ୍ଭାର ବିସ୍ତାରି ବକୁଳ,
ଅଳିକୁଳେ କରେ ଆକୁଳ ବାତୁଳ ।
ଫଳଭରେ ଆମ୍ର ହୋଇ ଅବନତ,
ଶାଖା-କର ଯୋଡ଼ି କରେ ଦଣ୍ଡବତ ।

ରଚିଛନ୍ତି କେତେ ପାଦପ ତୋରଣ,
ତରୁ-ରାଣୀ ଲତା ଟାଣିଛି ଓଢ଼ଣା ।
ହୋଇଅଛି ଜଗି ଅଦୂରରେ ପଣସ,
କରେ ଧରି ବହୁ ମର୍କତ କଳସ ।
ହରିଶଙ୍କରଙ୍କ କୃପାରେ ପାଳିତ,
ଆବର ତାହାର ସନ୍ତାନ-ବର୍ଦ୍ଧିତ,
ମାଗିଥିଲା ଏକ ପାଇଛି ଅନେକ,
ଏଣୁ କରିବ ସେ ସହସ୍ରାଭିଷେକ ।
ଅଛନ୍ତି ତା ସଙ୍ଗେ ଆତ୍ମୀୟ କୁଟୁମ୍ବ,
ଉଭା ସର୍ବେ ଧରି ଶାଖାହସ୍ତେ କୁମ୍ଭ ।
ଝର୍ଝର ଶବଦେ ଗାଉଛି ନିର୍ଝର,
ହରିଶଙ୍କରଙ୍କ ସ୍ତବ ନିରନ୍ତର ।
ଗାବନ୍ତି ଆବର ସୁସ୍ୱରେ ଖଗାଳି,
ତୁହାଇ ତୁହାଇ ଧରୁଛି କେ ପାଳି ।
ବସାଇଅଛନ୍ତି ହିଁକେ ଶଇହାଟ,
କରୁଛନ୍ତି କସେ ବେଦମନ୍ତ୍ର ପାଠ !
କହେ ଜନଶ୍ରୁତି ଏ ଦେଉଳ ଥରେ
ଯାଇଥିଲା ଭାଙ୍ଗି କାଳ ପ୍ରଭାବରେ ।
ଶ୍ରୀଶୂରପ୍ରତାପ ଦାନ-ଧର୍ମଗାର,
ତୋଳିଥିଲେ ପୁଣି ଏ ରମ୍ୟ ମନ୍ଦିର ।
ଦୂରାଗତ ଯାତ୍ରୀ— ମାନଙ୍କ ନିମିତ୍ତ,
ଧର୍ମଶାଳା ଏଥି ହୋଇଛି ନିର୍ମିତ ।

ମାଗୁଛି ମେଲାଣି ହେ ହରିଶଙ୍କର,
ଘେନାହେଉ ଭକ୍ତି— ପ୍ରଣତି ମୋହର ।
ଜୀବନ ସାୟାହ୍ନେ ତବ ପାଦୋଦକ,
ସେବି ମୁଁ ମଣୁଛି ଜୀବନ ସାର୍ଥକ ।
ବାର୍ଦ୍ଧକ୍ୟ ପଛକେ ପ୍ରଦାନ୍ତୁ ଯନ୍ତ୍ରଣା,
ତହିଁ କି ଚିନ୍ତା ଏ ନାହିଁ ମୋ ଶୋଚନା ।
ଶରୀର ପଛକେ ହେଉ ବୃଦ୍ଧତମ,
କି ଭୟ ତାହା ତ ନିୟତ ନିୟମ ।
ମାତ୍ର ଆଜ ମୋର ଉତ୍ସାହ ତରୁଣ,
ତବ ପଦେ ଏହା ଭିକ୍ଷା ସକରୁଣେ ।

ଜବ ପ୍ରତି ମୋର    ନାହିଁ ତ ବିରକ୍ତି,
ଉତ୍ସାହ ସ୍ରୋତରେ    ଆଣିଦେବ ଶକ୍ତି ।
ଆସିଲଣି ସର    ମୋ ଜୀବନ-ହାଟ,
ନିଷ୍ପ୍ରଭ ନୟନେ    ଦିଶୁ ନାହିଁ ବାଟ ।
ଜରାଜୀର୍ଣ୍ଣ ଶୀର୍ଣ୍ଣ    କଳେବର ବହି,
ଆସିଥିଲି ବୁଲି    ଶ୍ରମକ୍ଲେଶ ସହି ।
ସେ ଶ୍ରମ ମୋହର    ହେଲାକି ସଫଳ,
ନିରଖି ତୁମ୍ଭର    ଚରଣ କମଳ ।
ଟିକି ନାହିଁ ତହିଁ    ଉଠିଲେ ଅବସାଦ,
ଏହା ସିନା ପ୍ରଭୁ,    ତୁମ୍ଭ ଆଶୀର୍ବାଦ ।
ଶରୀର ନଶ୍ୱର    କର୍ମ ଅନଶ୍ୱର,
ଏ ଧାରଣା ପ୍ରଭୁ    ଚିରସ୍ଥାୟୀ କର ।
କର୍ମର ସାଧନ    ଶରୀର ପାତନ,
ହେଉ ମୋର ଏହା    ବ୍ରତ ସନାତନ ।
ମୃତ୍ୟୁକୁ ମୋହର    ନାହିଁ ଉଠେ ଭୟ,
ମୃତ୍ୟୁ ମାନବର    ସୁବନ୍ଧୁ, ନିଶ୍ଚୟ ।
ଜୀର୍ଣ୍ଣଶୀର୍ଣ୍ଣ ତନୁ    ଭାଙ୍ଗି ସେ ବୃଦ୍ଧର,
ଗଢିଦିଏ ସୌମ୍ୟ    ନବ କଳେବର ।

---

## ଦ୍ୱିତୀୟ ସର୍ଗ

ଦେଖିବ ଯାଉଛୁ    ଏ ଗନ୍ଧମାଦନ,
ଦେବରୂପୀ ଗିରି    ଦେବତା ସଦନ ।
ସପ୍ତକୋଶବ୍ୟାପୀ    ବିସ୍ତାର ଏହାର ,
ମାନ ମହିମାରେ    ଅନନ୍ତ ଅପାର ।
ପୌରାଣିକ ଗିରି    ମହା ପୁରାତନ,
ଦର୍ଶକ ନୟନେ    ସର୍ବଦା ନୂତନ ।
ଦିଶୁଛି ଶୁଭ୍ର ଏ    ପ୍ରକାଣ୍ଡ ମସ୍ତକ,
ଏହା ସିନା ଅଟେ    ବୃଦ୍ଧତ୍ୱ ସୂଚକ ।
ଘନ ପଥ ଭେଦି    ତୋଳିଅଛି ଶିର,
ପ୍ରକୃତିଦେବୀଙ୍କ    ମର୍କତ ମନ୍ଦିର ।

ପାଠଣୀ ରାଜ୍ୟର    ବୃଦ୍ଧ ପାଠଦାତା,
ଯୁଗେ ଯୁଗେ ବ୍ୟାପ୍ତ    ଏହାର ସୁଖ୍ୟାତି ।
ବୟସ ଏହାର    ସଂଖ୍ୟାର ଅତୀତ,
ଜାଣେ ତାହା ଏକା    କାଳଜ୍ୟୋତିର୍ବିତ ।
ଜାଣେ ଜଗତର    ବହୁ ଇତିହାସ,
ସର୍ବଗ୍ରାସୀ କାଳେ    କରେ ପରିହାସ ।
ପ୍ରବୀଣ ବୈଦ୍ୟ ଏ    ବହୁଯୁଗାବଧି,
ରଖିଛି ସମାଧି    ଦୁର୍ଲଭ ଔଷଧି ।
ବିଶଲ୍ୟକରଣୀ,    ଅସ୍ଥି ସଞ୍ଚାରଣୀ,
ମୃତ୍ୟୁ ସଞ୍ଜୀବନୀ    ଏ ଔଷଧ ତିନି,
ଏ ଗିରିଶିଖରୁ    ନେଇ ହନୁମାନ,
ବଞ୍ଚାଇଣ ଥିଲେ    ସୌମିତ୍ରିଙ୍କ ପ୍ରାଣ ।
ଅଷ୍ଟାଦଶ ରାଜ୍ୟ    ଲଙ୍ଘି ରଜନୀରେ,
ଆସିଥିଲେ ସେହୁ    ଏହି ଗିରି ଶିରେ ।
ଏ ଭଳି ପ୍ରବାଦ    ଅଛି ପ୍ରଚଳିତ,
ସତ୍ୟ କି କଳ୍ପନା    ଗିରି ତା ବିଦିତ ।
ଅକାଠ ଔଷଧି    ଅଛି ଏ ଗିରିରେ,
ମହାଶକ୍ତି ତାର    ବର୍ଣ୍ଣି ନୁହେଁ ଗିରେ ।
ଭକ୍ଷି ତାହା କଲେ    ଶସ୍ତ୍ର ସହ ଯୁଦ୍ଧ,
ଭେଦ ନାହିଁ ଦେହେ ସୁତୀକ୍ଷଣ ଆୟୁଧ ।
ପାତାଳଗରୁଡ଼ି    ପରଶୁଟେକଦାର,
ଅଛି ଏ ଶଇଳେ    ହଜାର ହଜାର ।
ଭକ୍ଷିଲେ ଏହାକୁ    ସର୍ପଦଂଷ୍ଟ୍ର ପ୍ରାଣୀ,
କାଳକୂଟ ବିଷ    ହୋଇଯାଏ ପାଣି ।
ଭ୍ରମରମାରୀ ଏ    ଚୈଳେ ହୁଏ ଜାତ,
ଭ୍ରମର ବଇରୀ    ବୋଲି ଯାହା ଖ୍ୟାତ ।
ପାଠଣୀ ମହତ୍ତ୍ୱ    ମହା ମାନଦଣ୍ଡ,
ଇନ୍ଦ୍ର ବଜ୍ର ଶକ୍ତି    ହୁଏ ଏଥି ଖଣ୍ଡ ।

ଦୋଳାଯାନେ ବସି    ସୁବନ୍ଧୁ ଗହଣେ ।
ଶ୍ରୀ ରଘୁନନ୍ଦନ    ସ୍ମରି ମନେ ମନେ,

ଉଲ୍ଲସିତ ଚିତ୍ତେ ଉଠିଲୁ ପର୍ବତେ,
ଶିଳା-ବନ୍ଧୁରିତ ଅପ୍ରଶସ୍ତ ପଥେ ।
ହେଉଥାଏ ଯାନ ଯେତିକି ଉତ୍‌ଥିତ,
ତେତିକି ମୋହିତ ହେଉଥାଏ ଚିତ୍ତ ।
ପଥ ପାର୍ଶ୍ୱେ ତରୁ— ଲତିକା ସମାଜ,
ବସିଛନ୍ତି ସଜି ରମ୍ୟ ଫୁଲସାଜ ।
ଋତୁ-ସମ୍ରାଟଙ୍କ ଅଭ୍ୟର୍ଥନା ଲାଗି,
ହୋଇଥିଲେ ପୂର୍ବୁ ସର୍ବେ ଅନୁରାଗୀ ।
ଜାଳି ନିଜ ହୃଦେ ବିବେକ-ଆଲୋକ,
ଲେଖିଥିଲେ ଫୁଲେ ଅଭ୍ୟର୍ଥନା-ଶ୍ଳୋକ ।
ରଚିଥିଲେ ଫୁଲେ କେ କବିତା ଛନ୍ଦ,
ସଙ୍ଗୀତରେ କେହି ସୃଜିଥିଲେ ବନ୍ଧ ।
ଧରାରୁ ବସନ୍ତ ହେଲାଣି ଅନ୍ତର,
ମାତ୍ର ଲିଭି ନାହିଁ ଶ୍ଳୋକର ଅକ୍ଷର ।
ଗ୍ରୀଷ୍ମାଗମେ ସ୍ଥାନ ତ୍ୟଜିଛି ବସନ୍ତ,
ଦୁର୍ଜନ ଆଗମେ ସଜ୍ଜନ ଯେମନ୍ତ ।
ନିଦାଘ ତାହାକୁ କରି ଛିନ୍ନଭିନ୍ନ,
କରି ଦେଉଅଛି କ୍ରମଶଃ ମଳିନ ।
ମନସ୍ୱୀ ସ୍ୱଭାବ ହୀନ ସନ୍ନିକର୍ଷେ,
ପର ପ୍ରତିଷ୍ଠାକୁ ଦେଖେ ବିଷନେତ୍ରେ ।

ଟଙ୍କଧାର ନାମେ ପ୍ରଥମ ପ୍ରପାତ,
ଉଚ୍ଚତା ତାହାର ମାତ୍ର ଊନାହାତ ।
ତୀର୍ଥଙ୍କ ଭାବରେ ଶିଳା ସମତଳ,
ଅବସ୍ଥିତ ତହିଁ ଅତୀବ ପିଚ୍ଛିଳ ।
କୌତୁକେ ଯାତ୍ରୀଏ ବସି ତଦୁପରି,
ନିମ୍ନକୁ କ୍ରମଶଃ ଯାଆନ୍ତି ଖସରି ।
ଶୈଳେ ଅବସ୍ଥିତ ଅନେକ ପ୍ରପାତ,
ପ୍ରପାତସ୍ତବକ ଧାର ନାମେ ଖ୍ୟାତ ।
ଗୁଳ ଧାର ନାମେ ସାମାନ୍ୟ ପ୍ରପାତ,
କ୍ଷୁଦ୍ର ହେଲେ ସୁଦ୍ଧା ସ୍ୱନାମ ବିଖ୍ୟାତ ।
ଟଣ ଗୁଳ ବସ୍ତ୍ର ଉପରେ ତାହାର,
ଯାତ୍ରୀଏ ହୁଅନ୍ତି ସହଜରେ ପାର ।

ଅନତି ଦୂରରେ ଶ୍ରୀ ନଟଗଣେଶ,
ବାଳକେ ଧରି ରମ୍ୟ ନଟବର ବେଶ ।
ମହାନୃତ୍ୟେ ରତ କମଳ ଉପରେ,
ଦିଶେ କି ସୁନ୍ଦର ଘୁଙ୍ଗୁର ପୟରେ ।
ବିଲମ୍ବିତ ସ୍କନ୍ଧେ ସର୍ପ-ଉପବୀତ,
ଗଜଶିରେ ସିଂହ ମୁକୁଟ ମଣ୍ଡିତ ।
ଭାବାବେଶେ ଦେହ ଜଡ଼ିଛି କଣ୍ଟକି,
ବିମ୍ବାଧରେ ଭାଷା ରହିଛି ଅଟକି ।
ଆନନ୍ଦର ମୁଦ୍ରା ମୁଦ୍ରିତ ଶ୍ରୀମୁଖେ
ଜ୍ୟୋତିର୍ମୟ ବନ ଶ୍ରୀମୁଖ ମୟୂଖେ ।
ଅଷ୍ଟଭୁଜ ମୂର୍ତ୍ତି ନିଭଙ୍ଗିମା ଠାଣି,
ହର ନାଏ ଚିତ୍ତ କଟାକ୍ଷ ଗୁହାଣି ।
ସର୍ପ, ମାଳା, ଶଙ୍ଖ ଦକ୍ଷ ସୁରକରେ,
ଅସ୍ତ୍ର, ଲଡ୍ଡୁ, ମୁଦ୍ରା ଶୋହେ ଦକ୍ଷେତରେ ।
ତୃତୀୟ ହସ୍ତଟି ଯାଇଅଛି ଭାଙ୍ଗି,
ନାହିଁ ତହିଁ ଦୁଃଖ ଯେଣୁ ମହାତ୍ୟାଗୀ ।
ଅଷ୍ଟମ କରରେ ଦେବ ଗଜାନନ,
କରୁଛନ୍ତି ସ୍ୱସ୍ତି— ମୁଦ୍ରା ପ୍ରଦର୍ଶନ ।
ପାଦ ମୂଳେ ମୂଷା ପଡ଼ିଛି ଧାରଣା,
ଦେବ ଦେବୀ ବସି ବଜାନ୍ତି ବାଜଣା ।
ପୁଷ୍ପେ ଉଭାହୋଇ ପାଦପ ଗେଣ୍ଡୁଳ,
ବର୍ଷୁଛି ମସ୍ତକେ ରକ୍ତକାନ୍ତ ଫୁଲ ।
ଯୋଗୀ ପୂଜ୍ୟ ଯୋଗୀ ତେଣୁ ଏ ନିର୍ଜନେ,
ଯୋଗ ନୃତ୍ୟେ ରତ ଯୋଗମଗ୍ନ ମନେ ।

କିଛି ଦୂର ଯାଇ ହେଲି ମୁଁ ସ୍ତମ୍ଭିତ,
ଲାଗିଅଛି ତହିଁ ନୃତ୍ୟବାଦ୍ୟ ଗୀତ ।
ଭାବିଲି ଗନ୍ଧର୍ବ— ରାଜ୍ୟ ଏ ନିଶ୍ଚୟ,
ତୌର୍ଯ୍ୟତ୍ରିକେ ମତ୍ତ ଗନ୍ଧର୍ବ ନିଶ୍ଚୟ ।
ହାଲଦୀବସନ୍ତ ଲଳିତ ସଙ୍ଗୀତ,
ଆଳାପେ ମୋହୁଛି ବନଦେବୀ ଚିତ୍ତ ।
ଗିରି-ମହୁରିଅ ଚାଲି ଘୂରି ଘୂରି,
ସଙ୍ଗତେ ବଜାଏ ମଧୁର ମହୁରି ।

ଡମ୍ବକାଜ ତଳେ    ବଜାଏ ମର୍ଦ୍ଦଳ,
ବଜାନ୍ତି ମଧୁର    ମୃଦୁଃ ଝିଲ୍ଲୀଦଳ ।
କେତେ କ୍ଷଣ ପରେ    ହେଲି ଉପସ୍ଥିତ,
ରମଣୀୟ ସ୍ଥାନେ    ଅମରବାଞ୍ଛିତ ।
ଝର୍ଝର ଶବଦେ    ବହୁ ଝର ତହିଁ,
ଊର୍ଦ୍ଧ୍ୱରୁ ନିମ୍ନକୁ    ଆସୁଅଛି ବହି ।
ଅରଣ୍ୟବେଷ୍ଟିତ    ନେତ୍ର ଅଭିରାମ,
ଶିଳା ଶେଯେ ତହିଁ    କଲି ମୁଁ ବିଶ୍ରାମ ।
ଗୁହା-ମୁଖେ ଚିର    ଗାଉଛି ସଙ୍ଗୀତ,
ଉଲ୍ଲସି ଉଠିଲା    ଶୁଣି ମୋର ଚିତ୍ତ ।
ତରୁଚୂଡ଼େ ବସି    ଗାଏ କୁରବଣୀ,
ଶୋକତାପ ବୋଳା    କରୁଣ ରାଗିଣୀ ।
ଆବର ଗାଉଛି    କୋକିଳ ପଞ୍ଚମେ,
ସୁସ୍ୱର ଲହରୀ    ଉଠେ ଦୋଳି କ୍ରମେ ।
ଏ ସ୍ଥାନେ ଆସି ମୁଁ    ଧନ୍ୟ ହେଲି ଆଜ,
ନିଶ୍ଚେ ଏହା କବି—କବିତା ସାମ୍ରାଜ୍ୟ ।
ଭାବାବେଶେ ପ୍ରେମ    ଉଠିଲା ଝାଙ୍କୁରି,
ଦେଇ ସ୍ୱରେ ତହୁଁ    ଝୋଇଲି ଦୂର ।
ଗାଅ ଚିରଯୋଗୀ,  ହୋଇ ଉଲ୍ଲସିତ,—
ରହି ମୁଖୁ ତବ    ଶୁଣିବା ସେ ଗୀତ ।
ନମାଡ଼ୁ ପଛେ ସେ    ଲୋକାଳୟ ସୀମା,
ମ ନ ସେ ଗୀତର    ଅଶେଷ ମହିମା ।
ବନ ତରୁଲତା    ପଶୁ ପକ୍ଷୀଗଣ,
କରିବେ ତାହାକୁ    ଆଗ୍ରହେ ଶ୍ରବଣ ।
ଶୁଣିବେ ଆବର    ରବିଶଶୀତାରା,
ଭାବାବେଶେ ହୋଇ    ମୁଗ୍ଧ ଆତ୍ମହରା ।
କବିତା ଅମୃତ    କରାଏ ଅମର,
ତୋ ଜୀବନେ ଏହା    ସାର୍ଥକ ନିକର ।
ତୁମ୍ଭ କଣ୍ଠେ କଣ୍ଠ    ମିଶାଇ ନିର୍ଝର,
ଗାଇବ ତନ୍ମୟ    ହୋଇ ନିରନ୍ତର ।
କବିତା ତୋହର    କାମଧେନୁ ଦୁଗ୍ଧ,
ନିଜେ ରଚି ଗାଇ ନିଜେ ହେଉ ମୁଗ୍ଧ ।

ଅଭିଜନ ମୁହିଁ    ହେବାକୁ ତୋ ଶିଷ୍ୟ,
ନାହିଁ ବର୍ତ୍ତମାନ    ନାହିଁ ମୋ ଭବିଷ୍ୟ ।
ତରୁଲତାଧରେ    ନିବିଡ ସେ ସ୍ଥଳୀ,
କାଣ୍ଡ ସ୍କନ୍ଧ ତହିଁ    ନ ପାରିବ ଚଳି ।
ଅମାରଜନୀର    ଅନ୍ଧୁଡ଼ଶାଳା ସେ,
ଭସ୍ମ ସୁଙ୍ଖା ତହିଁ    ନ ପଶିବ ତ୍ରାସେ ।
କରେ ରାଜପଣ    ନିସ୍ତବ୍ଧତା ତହିଁ,
ତାହାର ପ୍ରଶ୍ୱାସ    ଶୁଭେ ସଇଁ ସଇଁ ।
ବେଳେ ବେଳେ ଉଠେ ଝିଙ୍କାରୀ ନିସ୍ୱନ,
କାସେ ବନଦେବୀ    ନୂପୁର ନିକ୍ୱଣ ।
ଅବସ୍ଥିତ ଏଥି    ବହୁତ ନିପାନ,
ତେଣୁ ସବ ଜନ୍ତୁ    ହିଂସ୍ର ବାସସ୍ଥାନ ।
ଶ୍ରୀରାଜେନ୍ଦ୍ର ଦେବ    ନୃପ ସଶୋଣାର୍ଥି,
ଖେଳନ୍ତି ଏଠାରେ    ଉଲ୍ଲାସେ ପାରଧି ।
ବଧନ୍ତି ଭୀଷଣ    ବ୍ୟାଘ୍ର ନରସାଇଁ,
ଦୁଷ୍ଟା ବାଘୁଣୀକୁ  ବୈଧବ୍ୟ କରାଇ ।
ହିଂସ୍ରଜନ୍ତୁ କୁଳେ    ନାଶି ତାଙ୍କ ବାଣ,
ଶାନ୍ତ ଜୀବେ କରେ    ଅଭୟ ପ୍ରଦାନ ।
ଶସ୍ୟନାଶୀ ଜୀବେ    ବାଧି ଗୁଣାଧାର,
ଅଜ୍ଞଳତା ଦୂର    କରନ୍ତି ପ୍ରଚାର ।
ନିରୀହ ନିର୍ଦ୍ଦୋଷ    ଜୀବଙ୍କର ପ୍ରାଣ,
ନ କରନ୍ତି ବଧ    ଭ୍ରମେ ନରଗଣ ।

ରନ୍ତିଧାର ସଦା    ଗର୍ଜି ଅନର୍ଗଳ,
ଶତ ହସ୍ତ ଊର୍ଦ୍ଧ୍ୱୁଁ    ତେଇଁ ପଡ଼େ ଜଳ ।
ଦୃଷ୍ଟ ହୁଏ ଏଥି    ବହୁ ଆମ୍ରତରୁ,
କେହି ଅତ ମୋଟ    କେହି ଅବା ସରୁ ।
ଏ ସ୍ଥାନର ବାୟୁ    ପୁଷ୍ପଗନ୍ଧେ ବାସେ,
କିନ୍ତୁ ବିଷମୟ    ଅଜଗର ଶ୍ୱାସେ ।
ଅରଣ୍ୟସଙ୍କୁଳ    ଗହ୍ୱର ମଧ୍ୟରେ,
ନିବସନ୍ତି ସଦା    ବହୁ ଅଜଗରେ ।

ଭୟସମ ରୂପୀ ଅଜଗର ସାପ,
ବନ୍ୟ ଜନ୍ତୁକୁଳେ ଦେଖାନ୍ତି ପ୍ରତାପ ।

ଦୁର୍ଗେଇ ଖୋଲରେ ଦୁର୍ଗା ଅଷ୍ଟଭୁଜା,
ପାଉଛନ୍ତି ଦେବୀ ସାମୟିକ ପୂଜା ।
ମାର୍ଗଶିର ମାସ ପୂର୍ଣ୍ଣିମା ଦିବସେ,
ସମାରୋହେ ଏଥି ମହାମେଳା ବସେ ।
ପୁଣି ପୌଷ ଶେଷ ମଙ୍ଗଳବାରରେ,
ମହାମେଳା ଯାତ୍ରା ବସେ ଆଉ ଥରେ ।
ଜନ ସମାଗମେ ପୂର୍ଣ୍ଣ ବନସ୍ଥଳୀ,
ଦେବୀଙ୍କ ସମୀପେ ପଡ଼େ ବହୁ ବଳି ।
ବହେ ତହିଁ ଝର ହୋଇ କଳ କଳ,
ବଳି ରକ୍ତେ ଦିଶେ ଲୋହିତ ତା ଜଳ ।
ସେ ଖୋଲ ସମୀପେ ବାୟୁ ଖୋଲ ସ୍ଥିତ,
ବାୟୁ ତହିଁ ଧୀରେ ହୁଏ ପ୍ରବାହିତ ।
ଚୂଡ଼ା ଅବରୁଦ୍ଧ ବତାସ ସତତ,
ଏହି ଗୁମ୍ଫା ମୁଖେ ହୁଏ ବହିର୍ଗତ ।
ମାତ୍ର ଜନଶ୍ରୁତି କରୁଛି ପ୍ରକାଶ,
ମୂଷିକ ଦୈତ୍ୟର ତାହା ପ୍ରତିଶ୍ୱାସ ।
ପ୍ରତେ ହୁଏ ଯେତେହେଁ ଏ ଜନ ବିଶ୍ୱାସ,
ଅଦ୍ଭୁତ ଯେସନ ଆରବ୍ୟୋପନ୍ୟାସ ।
ଅଦୂରେ "ହମିର— ଗଡ଼" ଅବସ୍ଥିତ,
ନୀରନ୍ଧ୍ର ସୁଦୃଢ଼ ପ୍ରସ୍ତର ନିର୍ମିତ ।
ସେ ଦୁର୍ଗ ପ୍ରାଚୀରେ ଅଛି ବିଦ୍ୟମାନ,
ବନ୍ଧୁକ ରଖିବା— ପାଇଁ ଗୁପ୍ତସ୍ଥାନ ।
ପାଷାଣର କୂପ ଅଛି ଦୁର୍ଗ ମଧ୍ୟେ,
ଗାଉଛି ନୀରବେ ଇତିହାସ ଅଧେ ।
ଭିତରକୁ ତାର ପଡେ ଝରଜଳ,
କାନନ ବେଷ୍ଟିତ ନିକାଞ୍ଚନ ସ୍ଥଳ ।
ଜନ୍ମ ବାଳାବଧି ଦେଖିନାହିଁ କୂପ,
ବିଶ୍ୱଦୀପ ଦେବ ସୂର୍ଯ୍ୟଙ୍କ ସ୍ୱରୂପ ।

ଜନଶ୍ରୁତି ହେତୁ ପ୍ରକୃତେ ଏସନ,
ହମୀର ଦେବଙ୍କ ପାଟରାଣୀଗଣ,
ସ୍ୱାମୀ ମୃତ୍ୟୁ ବାର୍ତ୍ତା ଶୁଣି ଲଭି ତ୍ରାସ,
ଦେଇଥିଲେ ଏହି କୂପଗର୍ଭେ ଝାସ ।
ସତୀତ୍ୱ ରକ୍ଷାର ଏ ମହା ଦୃଷ୍ଟାନ୍ତ,
ଭାରତେ କେବଳ ସୁଲଭ ଏକାନ୍ତ ।

ଦୀପାକୃତ ଖଣ୍ଡେ ପ୍ରକାଣ୍ଡ ପ୍ରସ୍ତର; *
ହୁଏ ଦର୍ଶକର ନୟନ ଗୋଚର ।
ପ୍ରସ୍ତରେ ପ୍ରବାଦ ତହିଁ ଭୀମ ବୀର,
ବନବାସ କାଳେ ପିଇଥିଲେ ନୀର ।
ଅଛି ଶିଳାଙ୍କିତ ତାଙ୍କର ପାପୁଲି,
ଦେଖାଯାଏ ପୁଣି ରନ୍ଧନର ଚୁଲି ।
ପାକହାଣ୍ଡି ତହିଁ ହୋଇଛି ରକ୍ଷିତ,
ଚିକ୍କଣ ବିଶାଳ ପାଷାଣେ ନିର୍ମିତ ।
"ସାପମୁଣ୍ଡି" ସ୍ଥାନେ ଭୀମଶିଳା ସର୍ପ,
ରହିଛି ସମ୍ଭବ ଭଗ୍ନତେଜ ଦର୍ପ ।
ଖଣ୍ଡ ଖଣ୍ଡ ହୋଇ ପଡ଼ିଅଛି ଫଣୀ,
କେ କହିବ ତାହା କାହାର କରଣୀ ।
ବର୍ଣ୍ଣିଲେ ତାହାର ପ୍ରବାଦ ସମ୍ପଦ,
ଲେଖକ କେବଳ ହେବ ହାସ୍ୟାସ୍ପଦ ।
ଅଳୀକ କଳ୍ପନା ସର୍ବଥା ବର୍ଜିତ,
ଅଙ୍କିଲେ ଲେଖନୀ ହୁଏ କଳଙ୍କିତ ।

ଅନ୍ୟତ୍ର "ବ୍ରାହ୍ମଣୀ— ଗଡ଼" ଅବସ୍ଥିତ,
ଗାଏ ମୌନେ ପୁର ଗୌରବ ସଙ୍ଗୀତ ।
ଉନ୍ମୁକ୍ତ ଛଅଟି ପଥର କବାଟ,
ଗଡ଼ ମଧ୍ୟେ ତାହା ପ୍ରବେଶର ବାଟ ।
ଗଡ଼ ଅଭ୍ୟନ୍ତରେ ଅଛି ଏକ ଘର,
ସୁଣ୍ଡି ଘର ନାମେ ପରମ ସୁନ୍ଦର ।
ଦୋଳ ପୂର୍ଣ୍ଣିମାରେ ଦେବେ ହୋଇ ମେଳ,
ଖେଳନ୍ତି ସେ ଘରେ ହର୍ଷେ ପଶାଖେଳ ।

* ପ୍ରଚଳିତ ନାମ 'ବଡ଼ଘର' ।

ପ୍ରବାଦ ଏ ବାଣୀ   କରୁଛି ଘୋଷଣା,
ସତ୍ୟ ମିଥ୍ୟା ସେହି   ଦେବତାଙ୍କୁ ଜଣା ।
ବସନ୍ତି "ଡଙ୍ଗର— ଦେବୀ" ବରଭୁଜା,
ପୌଷ ପୂର୍ଣ୍ଣିମାରେ   ହୁଏ ତାଙ୍କ ପୂଜା ।
କୃଷ୍ଣକାମ୍ଭ ଶ୍ରେଣି   ପାକୁଅ ତପୁରି—
ବୃଷଭର ସେ ସ୍ଥାନ   ରହୁଅଛି ପୂରି ।
ବନଦେବୀଙ୍କର   ଦର୍ପଣ ପରିସ୍ରେ,
କ୍ଷୁଦ୍ର ସରୋବର   ତହିଁ ଶୋଭାପାଏ ।
ଲଗାଇଲେ ଲେପ   ସେ ସର ପଙ୍କରେ,
ଅସ୍ଥାଘାତ କ୍ଷତ   ଶୁଖିଯାଏ ଖରେ ।
ବନ୍ୟଜନ୍ତୁ ପ୍ରାଣେ   ଉପୁଜାଇ ଶୀତ,
ଅଜଗରେ ତହିଁ   କରନ୍ତି ନିବାସ ।
ସେ ସ୍ଥାନର ଦୃଶ୍ୟ   ଅତି ମନୋରମ,
ହିଂସ୍ରଜନ୍ତୁ ଭୟେ   ମାନବ ଅଗମ୍ୟ ।

ଭୀଷଣ କାନ୍ତାରର   "ଚକାବସାଝର",
ନିକାଞ୍ଚନ ସ୍ଥାନେ   କରୁଛି ମୁଖର ।
ଗୁମ୍ଫାମଧ୍ୟ ସ୍ଥଳୀ   ବିଭୀଷିକା ବାସ,
ରାଜତ୍ୱ ସେଠାରେ   କରେ ମାଢମାସ ।
ପୂର୍ବେ ରାଜାମାନେ   ବସି ସେ ଗୁମ୍ଫାରେ,
ହେଉଥିଲେ ରତ   ଶ୍ୱାପଦ ଶିକାରେ ।

ଏ ପର୍ବତେ ବହୁ   ମୂଲ୍ୟବାନ ତରୁ,
ବଂଶବୃଦ୍ଧି ନିତ   ଦୂର ଅତୀତରୁ ।
ବଟ, ବିଜାସାର,   ପଣସ, ନରଗାଲ,
ଜାମ୍ବୁ, ଶିଶୁ, ଗୁରା   ଅଙ୍କୁ, ପିଅଶାଳ ।
କେନ୍ଦୁ, କର୍ଡ଼ୁ, ଭେଲୁ, ସାହାଜ, ବାନ୍ଧନ,
ଖଇର, ଧଉରା,   ଧାମଣ, ଅଶନ ।
ହରଡ଼ା, ବାହଡ଼ା,   ରସାଳ, ଗମ୍ଭାରୀ,
ଚମ୍ପା, ନାଗେଶ୍ୱର,   ମହୁଲ, ସୁନାରୀ ।
ନିମ୍ବ, ମୁଚୁକୁନ୍ଦ,   କୁସୁମ, ଗେଣ୍ଡୁଲି,
ବେଲ, ଶାଗୁଆନ,   ଅଁଳା, ଅଙ୍କୁଲ,

ଏ ଆଦି ଅସଂଖ୍ୟ   ତରୁ ବନସ୍ପତି,
ଗିରି ଯୋଗୀ ଶିରେ   ଟେକିଛନ୍ତି ଛତି ।
ଅଛନ୍ତି ଅପର   ବହୁ ପଶୁ ପକ୍ଷୀ,
ଗିରି ଝରଜଳ   ଯଥା ଖାଦ୍ୟ ଭକ୍ଷି ।
ଶାର୍ଦ୍ଦୂଳ, ଭଲ୍ଲୁକ,   ହରିଣୀ, ଗୟଳ,
ସମ୍ବର, ବରାହ,   କୁଣ୍ଡାଗ, ଶଗଳ,
ଚିତା, କୋକ, ଧୂମା   ଆଦି ପଶୁଜାତ,
ଏ ଶଇଳେ ସଦା   କରନ୍ତି ବିହାର ।
ଶୁଆ, ବଣି, ଶାଳ,   ଶିଖୀ, କଜଶିକ,
ଟଣାଟୁଅ, କାଉ,   ଚକ୍ରବାକ, ପିକ,
ହଳଦୀବସନ୍ତ,   ଭଦଭଦାଳିଆ,
କପୋତ, ତଡେଇର, ତୁଡ, ପାରା, ଟିଅ ।
ଦେଖାଯାନ୍ତି ଏଥି   ବହୁ ଗେଣ୍ଡାଳିଆ,
ଯାହାର ସ୍ଥାନୀୟ   ନାମ ଦାବେଣ୍ଡିଆ ।
ଅରଣ୍ୟବିହାରୀ   ପକ୍ଷୀ ଅଗଣିତ,
ଅଛନ୍ତି ପର୍ବତେ   ନାମ ଅଜାଣିତ ।
ବହେ ଏ ପର୍ବତୁ   ବଡ଼ଶ ନିର୍ଝର,
ଝରଝର ସ୍ୱର   କରି ନିରନ୍ତର ।
ପର୍ବତର ତାହା   ଶିରୀ ପ୍ରାୟ ଦିଶେ,
ଅଥବା ଗିରିର   ଘର୍ମଧାରା କି ସେ ।
କିମ୍ବା ଗିରିଦେବୀ   ବନଦେବୀଙ୍କର,
ଆଶୀର୍ବାଦ ଧାରା   ସକଳ ନିର୍ଝର ।
ଅବା ଗିରିଯୋଗୀ   ପ୍ରେମ ଅଶ୍ରୁଧାର,
ନତୁବା ତା ବକ୍ଷେ   ସ୍ଫଟିକର ହାର ।
ନିର୍ଝର କୁଳର   ସୁଗମ୍ଭୀର ରବ,
ଗିରି ତପସ୍ୱୀର   ଓଁକାର ପ୍ରଣବ ।
ଗଙ୍ଗା, ଯମ୍ନା, ରେବା, ସିନ୍ଧୁ, ଗୋଦାବରୀ,
ବୁହନ୍ତି କେହୁ ସେ   ଝର ସଙ୍ଗେ ସରି ।
ଏତେ ମହାତୀର୍ଥ   ଥାଉଁ ଥାଉଁ ଘରେ,
ଭ୍ରାନ୍ତ ଜନ ଖୋଜେ ଅପର ସ୍ଥାନରେ ।
ଯଥା ପରବ୍ରହ୍ମ   ନିଜଗତପତି,
ସମସ୍ତଙ୍କ ଦେହେଁ   କରନ୍ତି ବସତି ।

ମାନବ ଜନେ ତାଙ୍କ    ଦର୍ଶନ ଆଶାରେ,
ଇତସ୍ତତଃ ହୋଇ    ଭ୍ରମନ୍ତି ସଂସାରେ ।
ମୃଗନାଭି ମଧ୍ୟେ    କସ୍ତୁରୀର ବାସ,
ଜାତରେ ସେ ସଦା    ଜଗତେ ସୁବାସ ।
ମାତ୍ର ନ ଜାଣି ତା    ମୃଗ ମୂଢ଼ ପ୍ରାଣୀ,
ଭ୍ରମେ ଏଣେତେଣେ    ସୁଗନ୍ଧ ଆଘ୍ରାଣି ।
ଯାହା ଜଗିଲେ ହୁଏ    ଶରୀର ପବିତ୍ର,
ତାହାଠାରୁ ବଳି    କିଏ ଆଉ ତୀର୍ଥ ।
ଚକ୍ରରୂପେ ବହେ    ଯା ନୀର ଶରୀରେ,
ମହାତୀର୍ଥ ଏକା    ସେହି ଧରଣୀରେ ।

କ୍ଷମାକର ଦୋଷ    ହେ ଗନ୍ଧମାଦନ,
ପୁଣ୍ୟ ଦେହେ ତୋର ବାଜୁଛି ଚରଣ ।
ବହୁ ତରୁଲତା    ଗୁଳ୍ମ ତୃଣ ମୂଳ,
ରଖିଛୁ ତୁ କରି    ଏକାଧାରେ କୁଳ ।
ମହୌଷଧି ଗନ୍ଧେ    ହୋଇ ନିମଗନ,
ବହିଅଛୁ ନାମ    ତୁ ଗନ୍ଧମାଦନ ।*
ଭୀଷଣ ସୁନ୍ଦର    ଅଟେ ତୋର ମୂର୍ତ୍ତି,
ବହିଅଛୁ ବକ୍ଷେ    ବହୁ ପୁରା ସ୍ମୃତି ।
ସିନ୍ଧୁପାର ତୁହି    ମହାପୁରାତନ,
ଦେଖିଅଛୁ କେତେ    ଉତ୍ଥାନ ପତନ ।
ଶୁଣିଛୁ ବିଜୟୀ    ବୀରର ହୁଙ୍କାର,
ବିଜିତର କ୍ଷୀଣ    ଆର୍ତ୍ତ ହାହାକାର ।
ହର୍ଷ କ୍ରନ୍ଦନର    ଦ୍ୱୈରଥ ସମର,
ଲଗିଅଛି ତୋର    ଦେହେ ନିରନ୍ତର ।
ସ୍ୱର ତରୁଛାୟା    ସୁଶୀତଳ ସ୍ଥାନେ,
ଦେଖୁଥିଲି ତୋର    ଶୋଭା ଏକଧ୍ୟାନେ ।
ସହସା ଉଠିଲା    ବନସ୍ଥଳୀ କମ୍ପି,
ଯୁଦ୍ଧେ ରତ କଳା    ରଙ୍ଗମୁଖା କପି ।

କୃଷ୍ଣ ଦୈତ୍ୟରୂପୀ    କେନ୍ଦୁ ବୃକ୍ଷଶାଟେ;
ପରସ୍ପରେ ରୁଦ୍ଧ    ସଦର୍ପ କଟାକ୍ଷେ,
ଦନ୍ତ କଡ଼ମଡ଼    ହୋଇ ମହାକ୍ରୁଦ୍ଧ,
ଲମ୍ଫି ବେଣିବାରେ    କଲେ ମଲ୍ଲଯୁଦ୍ଧ ।
ବେନିଙ୍କ ହୁଙ୍କାର    ଘୋର ଭୟଙ୍କର,
ନିସ୍ତବ୍ଧ କାନନେ    କଲାକ ମୁଖର ।
କ୍ଷତ ବିକ୍ଷତାଙ୍ଗ    ହୋଇ ଦନ୍ତାଘାତେ,
ପୁଣି ମରମର ହେଲେ ହାତେ ହାତେ ।
ଶେଷେ କାଳାଞ୍ଜନ    ଲଭି ପରାଜୟ,
ପଳାଇଲା ଖରେ    ଭଜି ମହାଭୟ ।
ଜୟଶ୍ରୀମଣ୍ଡିତ    ହୋଇ ଦଧିମୁଖ,
ପାଶୋରିଲା ହେଲେ ରଣ ଶ୍ରାନ୍ତ ଦୁଃଖ ।
ପ୍ରକାଣ୍ଡ ଶରୀର    ବହି କାଳାଞ୍ଜନ,
ପୃଷ୍ଠଭଙ୍ଗ ଦେଇ    କଲା ପଳାୟନ ।
ମାତ୍ର ଖର୍ବକାୟ    ହୋଇ ଦଧିମୁଖ,
ଭୁଞ୍ଜିଲା ସଦର୍ପେ    ରଣଜୟ ସୁଖ ।
ଥାଉ ପଛେ ଶକ୍ତି    ଶରୀରେ ପ୍ରଚଣ୍ଡ,
ସାହସ ଅଭାବେ    ଶକ୍ତି ହୁଏ ପଣ୍ଡ ।
କ୍ଷୁଦ୍ର ପ୍ରାଣୀ ଭେକ    ସନ୍ତରେ ଜଳରେ,
ସ୍ଥୂଳକାୟ ଅଜା    ଜଳ ଦେଖି ଡରେ ।

ହେ ଗନ୍ଧମାଦନ !    କ୍ଷୁଦ୍ର ସାନୁମାନ,
ଉଦାରତା ଗୁଣେ    ତୁହି ମହୀୟାନ ।
ତୋ ଝର-କନ୍ୟାଏ ତୋର ଉପଦେଶେ,
ନଦୀ ରୂପ ଧରି    ଭ୍ରମି ଦେଶେ ଦେଶେ,
ବହି ହୃଦେ ଜଳ    ଉପକାର ବ୍ରତ,
ଶସ୍ୟ କ୍ଷେତେ ଜଳ    ଅର୍ପନ୍ତି ସର୍ବଦ ।
ତୋ ଦେହରୁ ପୁଣି    ବହି ନେଇ ସାର,
କରନ୍ତି ଉର୍ବର    ପ୍ରାନ୍ତର କେଦାର ।

* "ଗନ୍ଧମାଦନବାସୀ ତୁ ହୃଥିତୋ ଗନ୍ଧମାଦନ" ଅର୍ଥାତ୍ ଗନ୍ଧ-ମଦ (**ମତ୍ତହେବା**) ଅନ୍ ପ୍ରତ୍ୟୟ—ଗନ୍ଧମାଦନ ।

ସେହି ସାତଯୋଗୁଁ ଶସ୍ୟକ୍ଷେତ୍ରଗଣ,
ରତ୍ନପ୍ରସୂ ଆଖ୍ୟା କରନ୍ତି ଧାରଣ ।
ଆଦର୍ଶ ଭୂପାଳ ତୁହି ସାନ୍ତମାନ,
ଆଦର୍ଶ ତୋହର ସ୍ୱାର୍ଥଶୂନ୍ୟ ଦାନ ।
ରାଜକର ରୂପେ କାହାଠାରୁ କାହିଁ,
କଡ଼ାଏ କଉଡ଼ି କେବେ ନେଉ ନାହିଁ ।
ମୁକ୍ତହସ୍ତେ କରୁ ଦାନ ଅହରହ,
ମାତ୍ର ତୋ କୋଷ୍ଠୀରେ ନାହିଁ ଦୁଷ୍ଟଗ୍ରହ ।
ଶରମୁକ୍ତ ତୋର ଭଣ୍ଡାରର ଦ୍ୱାର,
ସକଳର ତହିଁ ସମ ଅଧିକାର ।
ଯେତେ ବହିନେଲେ କରୁ ନାହିଁ ମନା,
ମାତ୍ର ସିନ୍ଧୁପରି ତୁହି ମହାମନା ।
ତାହା ପରି ତୁହି ସ୍ଥଳ ରତ୍ନାକର,
ବୃକ୍ଷ ଶିଳା ତୋର ରତ୍ନ ରୂପାନ୍ତର ।
ଧନବନ୍ତ ତୁହି ଧନର ସଦନ,
ମହାଶୂନ୍ୟ ଘନେ କରୁ ଆକର୍ଷଣ ।
ବର୍ଷି ସେହି ଘନ ଯଥାକାଳେ ଜଳ,
ପାଳେ ସୁବିସ୍ତୀର୍ଣ୍ଣ ପାଟଣା ମଣ୍ଡଳ ।

ସମତଳ ଶିଳା ବିସ୍ତୃତ ବିଶାଳ,
ବିଛା ହେଲା ପ୍ରାୟ କୃଷ୍ଣ ମୃଗ ଛାଲ,
ଗିରି ଶିରେ ଯେହ୍ନେ ହୋଇଅଛି ଥୁଆ,
ବହିଅଛି ନାମ ସେ "ଭୀମମଣ୍ଡୁଆ" ।
ଖୋଲା ତାହା ତଳେ ଭୀମ ବୀରବର,
ରଚିଥିଲେ ଏକ ପୁର ମନୋହର ।
ହିଡମ୍ବା ରାକ୍ଷସୀ ସହ କେତେ ମାସ,
କରିଥିଲେ ସେହି ଗୁପ୍ତପୁରେ ବାସ ।
ପର୍ବତ ଶିଖରେ ଭୀମ ମହାବଳ,
କରିଥିଲେ ପିଟି ଦେଖି ସମତଳ ।
ଅଛି ତହିଁ ତାଙ୍କ ସୁପ୍ରକାଣ୍ଡ ମୂର୍ତ୍ତି,
ସ୍ମରୂର ଅତୀତୁ ବହି ବୀର ସ୍ମୃତି ।

ରଚିଥିଲେ ବୀର ସମର ଅଖଡ଼ା,
ଅବଶେଷ ଏବେ ସେ ଘର କାନ୍ଥଡ଼ା ।
ବୀରେନ୍ଦ୍ର-ମଣ୍ଡଳ ଭୀମସେନଙ୍କର,
ପଡ଼ି ରହିଅଛି ଖେଳିବା ପଥର ।
ଆଉର ପଡ଼ିଛି ପ୍ରସ୍ତର ବାଟୁଳି,
ଶକ୍ତି କହେ ତାହା ବାଟୁଳି କି ଗୁଳି ।
ଚୌହାନବଂଶୀୟ ପାଟଣା-ବିଜେତା,
ବୀରକୁଳଶ୍ରେଷ୍ଠ ବୀରକୁଳନେତା,
ଶ୍ରୀ ରମାଇ ଦେବ ସେହି ଗୁପ୍ତଘରେ,
ଲଭିଥିଲେ ଜନ୍ମ ଅତୀତ କାଳରେ ।
କହେ ତାହାଙ୍କର ଅଦ୍ଭୁତ ଚରିତ,
ରାଜବଂଶାବଳୀ ଅଧ୍ୟାୟେ ଲିଖିତ ।
ପ୍ରଭୁ ରାମଚନ୍ଦ୍ର ଅଯୋଧ୍ୟା-ଭୂଷଣ,
ଘେନି ପତ୍ନୀ ସୀତା ଅନୁଜ ଲକ୍ଷ୍ମଣ,
କରିଥିଲେ ବାସ ଏ ଶୈଳଶିଖରେ,
ବନବାସ କାଳେ ବର୍ଷା ସମୟରେ ।
ତାହାଙ୍କ ଆଦେଶେ ଏଥି ଅବତୀର୍ଣ୍ଣା,
ହୋଇଥିଲେ ଗଙ୍ଗା ହିମବନ୍ତ ସୁତା ।
ସେ ଦୂର ଅତୀତୁ ଦେବୀ ବିଷ୍ଣୁପଦୀ,
ଗଙ୍ଗାହର ନାମେ ବହନ୍ତି ଅବଧି ।

ରଚିଥିଲେ ଦୁର୍ଗ ଏଥି ବୈଜଲଦେବ,
ସେ ଭଳି ସୁଦୁର୍ଗ ନ ଥିଲା ନ ହେବ ।
ଧରିଛି ଏବେ ସେ ବିକଳାଙ୍ଗ ବେଶ,
ପଡ଼ି ରହିଅଛି ତା ଭଗ୍ନାବଶେଷ ।
ହମୀର ଦେବଙ୍କ ଗଡ ଏହିଠାରେ,
ଥିଲା ବୋଲି ଏବେ ପ୍ରବାଦ ପ୍ରଚ୍ଛରେ ।
ମାତ୍ର ନାହିଁ ତାର କିଛି ବର୍ତ୍ତି ଚିହ୍ନ,
କାଳଗର୍ଭେ ତାହା ହୋଇଛି ବିଲୀନ ।
ଏହିପରି କେତେ କୀର୍ତ୍ତି ଗୌରବତ,
କାଳଦନ୍ତେ ଆହା ହୋଇଛି ଚର୍ବିତ ।

ଶମ୍ଭୁଙ୍କୁ ଯେ ସ୍ଥାନ ଅପୂର୍ବ ଥିଲା ବାସ,
ମାଡିଅଛି ଏବେ ସେ ସ୍ଥାନରେ ଘାସ ।
ମୋତି ମାଣିକ୍ୟ ଯା ଥିଲା ଝଲମଲ,
ନିବସନ୍ତି ଏବେ ତହିଁ ପକ୍ଷୀଦଳ ।
ଏହି ସ୍ଥାନେ କେତେ ଇତିହାସ ପୋଥି,
ଶିଳାଖଣ୍ଡ ତଳେ ପଡ଼ିଅଛି ପୋତି ।
ଐତିହାସିକ ଏ ଗିରି ମହାକାବ୍ୟ,
ଘୋଷେ ଇତିହାସ ଗୌରବ ଅଧ୍ୟାୟ ।
ଏଥି ସ୍ଥାନେ ବସି ଭାବିଲେ ଏ କଥା,
ନୈରାଶ୍ୟ ବିସ୍ମୟେ ଘୂରିଯାଏ ମଥା ।
ଇନ୍ଦ୍ରଜାଲ ପରି ଏ ସ୍ଥାନ ପ୍ରଭାବ;
ଆଣିଦିଏ ପୁଣି ପରେ ଦେବ ଭାବ ।
ପ୍ରତେ ହୁଏ ଯେବେ ବସିଲେ ଏ ସ୍ଥଳେ,
ସ୍ୱର୍ଗ ବା ଓହ୍ଲାଇ ଆସିଛି ଭୂତଳେ ।
ଧନ୍ୟ ଏ ସ୍ଥାନର ଅଦ୍ଭୁତ କ୍ଷମତା,
ଆତ୍ମ-ବିସ୍ମୃତରେ ବୁଡ଼ିଯାଏ ସତ୍ତା ।
ଜ୍ଞାନ-କର୍ମଯୋଗ ସାଧନା ଲୋଲୁପ,
ଯୋଗୀଏ ଦେଖନ୍ତି ଏ ଗିରି ସ୍ୱରୂପ ।
କାହିଁ ମୁହିଁ, କାହିଁ ସେ ମହାସାଧନା,
ମୋ ପକ୍ଷରେ ଯିବା ତାହା ବିଡମ୍ବନା ।
ଜ୍ଞାନ-ଚକ୍ଷୁ କାହିଁ ପାଇବି ବା ମୁହିଁ,
ମୋହମାୟାଗ୍ରସ୍ତ ସ୍ୱଭାବେ ମୁଁ ଗୃହୀ ।
ଜ୍ଞାନ-ନେତ୍ର ଥିଲେ ଏ ଗିରିକୁ ହେରି,
ଯାଆନ୍ତି କି ପୁଣି ସଂସାରକୁ ଫେରି ।
ନିରେଖି ଗିରିର ଜ୍ୟୋତିରୂପ ପୂତ,
ନର ଦେହ ବହି ଭୁଞ୍ଜନ୍ତି ଅମୃତ ।
ନାହିଁ ସେ ସୌଭାଗ୍ୟ କିପାଁ ଅନୁତାପ,
କି ଲଭ ବା କରି ବିଫଳ ବିଳାପ ।
ଏ ତପୋବନର ସତ୍ୟ ଶିବ ମୂର୍ତ୍ତି,
ଦେଖି ମୁଁ ଲଭନ୍ତି ପରମ ସୁକୃତ ।

ମହୀଧର ପ୍ରତି ହୋଇଣ ସଦୟ,
ବସନ୍ତି ଦ୍ୱିପାଶେ ଖ୍ୟାତ ଦେବଦ୍ୱୟ ।
"ଶ୍ରୀହରି ଶଙ୍କର" ଅଛନ୍ତି ପୂର୍ବରେ,
ଅବର "ନୃସିଂହ-ନାଥ" ପୂର୍ବେତରେ ।
ମୂଷିକ ନାମିତ ଦୁରନ୍ତ ଦାନବ,
କରୁଥିଲା ରାଜ୍ୟେ ମହା ଉପଦ୍ରବ ।
ନୃସିଂହ ତାହାର ମନାସି ନିଧନ,
ମହାକ୍ରୋଧେ ଦୈତ୍ୟ କଲେ ଆକ୍ରମଣ ।
ତହୁଁ ଭୟେ ଦୁଷ୍ଟ ପଳାଇ ସତ୍ୱରେ,
ଲୁଚିଲାକ ଆସି ଏ ଗିରି ଗର୍ଭରେ ।
କ୍ରୋଧିତ ନୃସିଂହ ହୋଇଣ ମାର୍ଜାର,
ଜଗି ବସିଛନ୍ତି ସେହି ବିଳଦ୍ୱାର,
ବାହାରିଲେ ମୂଷା କରି ତାକୁ ନାଶ
ଖଣ୍ଡିବେ ସମୂଳେ ପ୍ରଜାକୁଳ ତ୍ରାସ ।
ଯାବତ ଦାନବ ନ ହେବ ନିହତ,
ନ ଟଳିବ ତାଙ୍କ ପ୍ରତିଜ୍ଞା ମହତ ।
ନୃସିଂହନାଥଙ୍କ ଉତ୍ତୁଙ୍ଗ ଦେଉଳ,
ପର୍ବତ କଟିରେ ଦିଶେ ସୁମଞ୍ଜୁଳ ।
ବଇଜଲ ଦେବ ପାଟଣା ନୃମଣି,
କରାଇଥିଲେ ଏ ଦେଉଳ ନିର୍ମାଣ ।
ନୃସିଂହଙ୍କ ନାମେ ସିଂହ ଯେ ସ୍ଥିତ,
ତହୁଁ ବନ ତାଙ୍କ ପ୍ରକୃତ ବାଞ୍ଛିତ ।
ବସନ୍ତ ଗୋପନେ ଅରଣ୍ୟ ମଧ୍ୟରେ,
ମହିମା ପ୍ରଖ୍ୟାତ ଦେଶ ଦେଶାନ୍ତରେ ।
ଅଗମ୍ୟ ସ୍ଥାନରେ ଫୁଟିଥିଲେ ଫୁଲ,
ଚହଟାଏ ତାକୁ ତା ସୁଗନ୍ଧ ଅତୁଳ ।
ଜ୍ୟେଷ୍ଠମାସ କୃଷ୍ଣ ଚତୁର୍ଦ୍ଦଶୀ ଦିନ,
ଧରେ ମହାମେଳା ବର୍ଷେ ଏ ବିପିନ ।
ସେ ଯେ ସାମୟିକ ବିରାଟ ବିପଣୀ,
କୃଷି ଶିଳ୍ପ ଜାତ ପଣ୍ୟ ପ୍ରଦର୍ଶନୀ ।
ମେଳାକୁ ଆଗତ ପଦାର୍ଥ ନିଚୟ,
ଅନ୍ତର୍ବାଣିଜ୍ୟର ଦିଏ ପରିଚୟ ।

ବହୁ ଦୂର ଦେଶୁ ଅସି ଯାତ୍ରିଗଣ,
କରନ୍ତି ନୃସିଂହେ ଦର୍ଶନ ପୂଜନ ।
ସ୍ୱଚ୍ଛ ସୁଶୀତଳ ନୃସିଂହ ନିର୍ଝର,
ଧୋଉଅଛି ସଦା ତାଙ୍କ ଶ୍ରୀପୟର,
ମଧୁର ସଙ୍ଗୀତ ଗାଇ ନାନାରଙ୍ଗେ,
ମିଶାଇଛି ଅଙ୍ଗ, ଅଙ୍ଗ ନଦୀ ସଙ୍ଗେ ।
ଦୁଇ ସଖୀ ମିଳି ବହୁଣି ଅଗ୍ରହ,
ମିଶିଛନ୍ତି ଯାଇ ଶତେଶ୍ୱଳା ସହ ।
ଏ ସ୍ଥାନର ଦୃଶ୍ୟ ହରେ ନେତ୍ର ମନ,
ଶୋଭାଦେବୀଙ୍କର ପ୍ରିୟ ଉପବନ ।
ସର୍ବ ସୁଷମାରୁ ସାର ଭାଗ ଅଣି,
ଏସ୍ଥାନକୁ ବାହି ଅଛନ୍ତି ନିର୍ମିଣି ।
କିମ୍ବା ପୁଷ୍ପହାସେ ଗୋଲ ଚନ୍ଦ୍ରକର,
ବର୍ଣ୍ଣ ସୃଷ୍ଟି ଦକ୍ଷ ବିଶ୍ୱ କାରିଗର,
ବିରଚି ତୂଳିକା ଇନ୍ଦ୍ରଧନୁ ଦଣ୍ଡେ,
ଅଙ୍କିଛନ୍ତି ଛବି ଏ ତୀର୍ଥ ଭୂଖଣ୍ଡେ ।
ରକ୍ତ ପୀତ ଶ୍ୱେତ ବିବିଧ ବର୍ଣ୍ଣର,
ମାଟି ଏଥି ହୁଏ ନୟନଗୋଚର ।
ସ୍ରଷ୍ଟେ ପ୍ରଜାପତି ନାହିଅଛି ତନୁ,
କୁସୁମ ଶେଯେ କି ସୁପ୍ତ ଇନ୍ଦ୍ରଧନୁ ।
ମିଶାମିଶି ହେଲେ ସୁନ୍ଦରେ ସୁନ୍ଦର,
ଉପମାକୁ ତହିଁ ଘାରେ ଚିନ୍ତା ଜ୍ୱର ।
କବିର କଳ୍ପନା ହୋଇଯାଏ ମୂକ,
ଭୁଞ୍ଜି ସେ ଦାରୁଣ ପରାଜୟ-ଦୁଃଖ ।
ନୃସିଂହନାଥଙ୍କ ଉତ୍ପତ୍ତି ସମ୍ବନ୍ଧେ,
ଗୋଟିଏ ପ୍ରବାଦ ପ୍ରଚ୍ଛରନ୍ତି କନ୍ଧେ ।
ଅରଣ୍ୟ ନିବାସୀ ତରୁଣ ତରୁଣୀ
ହରିଦଳ ପୁଣି ଯମୁନା ଦକ୍ଷିଣୀ,
ଖୋଳି ଖୋଳି କନ୍ଦା ଦୁହେଁ ହୋଇ ସାଥ,
ବାହାରିଲେ ତହୁଁ ଶ୍ରୀନୃସିଂହନାଥ ।
ବିନ୍ଧ୍ୟ-ନିବାସିନୀ ଦୁର୍ଗା, ଗଣପତି,
ନୃସିଂହ ସମୀପେ କରନ୍ତି ବସତି ।

ସତ୍ୟ-ଆମ୍ବ ବୃକ୍ଷ ଥିଲା ଝରଧାରେ,
ବାସ କରିଥିଲେ ପାଣ୍ଡବେ ସେଠାରେ ।
ଦ୍ରୌପଦୀ ସହିତେ ପାଣ୍ଡବଙ୍କ ଗର୍ବ,
ଶ୍ରୀକୃଷ୍ଣ ସେଠାରେ କରିଥିଲେ ଖର୍ବ ।
ଅଗମ୍ୟ ସ୍ଥାନରେ ସ୍ଥିତ ସପ୍ତଝର,
ସପ୍ତଧାରେ ଜଳ ଝରେ ନିରନ୍ତର ।
ବିପଦ ସଙ୍କୁଳ ସ୍ଥାନେ ତାହା ସ୍ଥିତ,
ଯିବାକୁ ଯାତ୍ରିଏ ହୁଅନ୍ତି ଶଙ୍କିତ ।
ଗୁମ୍ଫା ଏକ ଅଛି ଦକ୍ଷିଣେ ତାହାର,
ବିମ୍ବାଳ ଦୈତ୍ୟର ଥିଲା ସେ ଅଗାର ।
ମହାବଳୀ ଭୀମ ମହାବୀରହାସ,
କରିଥିଲେ ସେହି ଦୈତ୍ୟକୁ ବିନାଶ ।

ଉତ୍ତରେ ତାହାର କପିଳ ପ୍ରପାତ,
ମନୋରମ ସ୍ଥାନ ତୀର୍ଥ ସୁବିଖ୍ୟାତ ।
ଶତହସ୍ତ ଊର୍ଦ୍ଧ୍ୱୁ ଶୁଣ୍ଡାକାରେ ଜଳ,
ପଡ଼େ ତହିଁ ସଦା ଗର୍ଜି ଅନର୍ଗଳ ।
ଦରି ଗର୍ଭେ ତହିଁ ମହର୍ଷି କପିଳ,
କରୁଥିଲେ ତପ ଦୟାକ୍ଷମାଶୀଳ ।
ସୁଡ଼ଙ୍ଗ ପଥରେ ଯାତାୟାତ ତହିଁ,
କରନ୍ତି ଯାତ୍ରିଏ ଅଶଙ୍କା ନ ବହି ।
ବହେ ସେ ପ୍ରପାତ ଶତସିଂହ ବଳ,
ମାତ୍ର ତାହା ତହୁଁ ହେଉଛି ବିଫଳ ।
ସେ ଶକ୍ତିକୁ ଧରି ତାହାରି ସାହାଯ୍ୟ,
ହୋଇପାରେ ବହୁ ଅର୍ଥ ନାନାକାର୍ଯ୍ୟ ।

ଏଥି ଅନ୍ତେ "ପଞ୍ଚ- ପାଣ୍ଡବ" ନିର୍ଝର,
ବହିଅଛି ନିମ୍ନେ ଲଙ୍ଘି ଶିଳାସ୍ତର ।
ନିବସନ୍ତି ପଞ୍ଚ- ପାଣ୍ଡବଙ୍କସହ,
ତହିଁ ହରିହର ଦେବ ପିତାମହ ।
ପ୍ରକାଣ୍ଡ ଶରୀର ସୌମ୍ୟ ସୁଗଠିତ,
ପ୍ରତେ ହୁଏ ସେହେ ସଚେଷ୍ଟ ଜୀବିତ ।

ପଦତଳେ ଝର ବହେ ଝୁର ଝୁର,
ଭାସି ଉଠେ ସ୍ରୋତେ ଅସଂଖ୍ୟ ଭଉଁରି ।
ଖେଳୁଛନ୍ତି ଚକା- ଭଉଁରି ଭ୍ରମରେ,*
ଘୂରି ଘୂରି ଉଠି ଅସନ୍ତି ଉପରେ ।
କଳ କଳ ନାଦେ ଧାଏଁ କଳାବର୍ଣ୍ଣ,
ସ୍ୱଚ୍ଛ ସ୍ରୋତ ବକ୍ଷେ ବହୁ ଜଳ ଚର୍ଣ୍ଣ ।
କାହିଁ ବା ମନ୍ଥରେ ଚଳେ ଢଳ ଢଳ,
ଅର୍ପି ଦେବପଦେ ଫେନ ପୁଷ୍ପାଞ୍ଜଳି ।
ତୀର୍ଥ ବାରି ପରି ପବିତ୍ର ଏ ଅପ,
ସ୍ନାନ କରି ଯାତ୍ରୀ ହୁଅନ୍ତି ନିଷ୍ପାପ ।
ବହୁ ସଖୀ ଘେନି ଶ୍ୟାମ ନିର୍ଝରିଣୀ,
କରୁଛନ୍ତି ଆଳାପ ମହ୍ଲାର ରାଗିଣୀ ।
ଊର୍ଦ୍ଧ୍ୱଦେଶେ ତାର ବହେ ସ୍ୱପ୍ରଗଙ୍ଗା,
ଅମନ୍ଦଗାମିନୀ ଉଚ୍ଛୁରିତରଙ୍ଗା ।
ଘୂରି ଘୂରି ଗଲେ ଯାମ୍ୟେ ପୁଣି ବାମେ,
ଅଛି ତହିଁ କୁଣ୍ଡ ସୀତାକୁଣ୍ଡ ନାମେ ।
ବନବାସ କାଳେ ତହିଁ ଦେବୀ ସୀତା,
କରିଥିଲେ ସ୍ନାନ ଜନକ ଦୁହିତା ।
ବହେ ସ୍ଥୂଳ ଝର କିଛି ଦୂରେ ପୁଣି,
ଯଥା ଶିଖୀଭୀତା ଚଞ୍ଚଳା ନାଗୁଣୀ ।
ଅଛି ତହିଁ କୁଣ୍ଡ ଚୋମୁଣ୍ଡ ନାମରେ,
ସ୍ନାନ କଲେ ତହିଁ ପାପ ତାପ ହରେ ।
ଶିବଦାତା ଶିବ କରି ତହିଁ ସ୍ନାନ,
ଗୋବଧ ପାପରୁ ଲଭିଥିଲେ ତ୍ରାଣ ।
ଏହିପରି କେତେ କ୍ଷୁଦ୍ର ସୁମହତ,
ନିର୍ଝର ଅଛନ୍ତି ବିଶ୍ୱସେବା ରତ ।

ହେ ଗନ୍ଧମାଦନ ଚିରାନନ୍ଦ ଗୌରବ,
କି ବୁଝିବ ତବ ମହିମା ମାନବ ।
ସେ ମହା ମହିମା ଦେବେ ଅଗୋଚର,
ରବି ତଳେ ତାର ନାହିଁ ପଟାନ୍ତର ।
ସମଭାବେ ସହୁ ଝଡ଼ ବର୍ଷା, ଶୀତ,
ପ୍ରକୃତ ଦୌରାତ୍ମ୍ୟେ ନ ହେଉ ବ୍ୟଥିତ ।
ତୁ ସତ୍ୟ ସୁନ୍ଦର ତୁ ସ୍ୱୟମ୍ଭୁ ଶିବ,
ପ୍ରକୃତି ଦୌରାତ୍ମ୍ୟ ତୋହୋ ପାଶେ କ୍ଲୀବ ।
ନାହିଁ ଦୁଃଖ ଶୋକ ନାହିଁ ଆଧି ବ୍ୟାଧି,
ଗଢ଼ିଛୁ ଶରୀର ମହାଯୋଗ ସାଧି ।
ଜରାମୃତ୍ୟୁଜୟୀ ତୁ ଅପାପବିଦ୍ଧ,
ମହାପୁରାତନ ପୁରାଣପ୍ରସିଦ୍ଧ ।
ଯୁଗେ ଯୁଗେ ତୁହି ସର୍ବଦ ବନ୍ଦିତ,
ଯୁଗେ ଯୁଗେ ପୁଣି ରହିବୁ ଜୀବିତ ।
ଥିଲେ ମୋର ପୂର୍ବ ତପସ୍ୟାର ଫଳ,
ଆଶ୍ରିଥାନ୍ତି ତେବେ ତୋ ପଦ-କମଳ ।
କି କରିବି ମୁହିଁ ଅଧମ ପାମର,
ଅଯୋଗ୍ୟ ତୋ ପଦେ ହେବାକୁ କିଙ୍କର ।
ଦୁଃଖେ କ୍ଷୋଭେ ସଦା ଯାପୁଛି ଜୀବନ,
ମୋ ଜୀବନ ସିନା ଜୀବନ୍ତ ମରଣ ।
ଦୁଃଖ-ଗୁହାଳିରେ ମୁହିଁ ବଡ଼ଗୁଣ୍ଠ,
ପଢୁଛି ଜୀବନ— ସାରା ଦୁଃଖ-ପାଠ ।
ଦୁଶ୍ଚିନ୍ତା ମୋହର ପ୍ରିୟ ସହଚରୀ,
ରହିଛି ସର୍ବଦା ମୋତେ କାବୁ କରି ।
କେବେ ସିନା ଦିନେ ବସିବି ଚିତାରେ,
ମାତ୍ର ଦହି ହୁଏ ନିତ ମୁଁ ଚିନ୍ତାରେ ।
ଦାରୁଣ ଦୁଶ୍ଚିନ୍ତା ଦହେ ମର୍ମସ୍ଥଳ,
ନିଦାଘେ ତୋ ବକ୍ଷେ ଯଥା ଦାବାନଳ ।
ଜଳୁଛି ସେ ଅଗ୍ନି ମୋର ଅନ୍ତସ୍ତଳେ,
ନ ନିଭିବ ତାହା ବୃଷ୍ଟିମେଘ ଜଳେ ।
ଚିନ୍ତା ଚିତା ମଧ୍ୟେ କି ଅଛି ପ୍ରଭେଦ,
କେ କହିବ ମୋତେ ଜାଣେ କେଉଁ ବେଦ ।
ଥିବେ ଯେତେ ଭବେ ଜ୍ଞାନକର୍ମୀ ଆହା,
କରନ୍ତୁ ତାଳିକା ଯେବେ କେହି ତାହା,

* ପାଣି ଭଉଁରି ।

ଚସନ୍ତା ମୋ ନାମ ସମସ୍ତଙ୍କ ତଳେ,
ଶ୍ରେଷ୍ଠ ସ୍ୱାନକମୀ ମୁଁ ଏ ଭୂମଣ୍ଡଳେ ।
ଫଳ ଥିବାଯାଏ ବୃକ୍ଷେ ସିଞ୍ଚା ଜଳ,
କଟାହୁଏ ଡାଳ ସରଗଲେ ଫଳ ।
ମଧୁ ଥିବାଯାଏ ମଧୁଫେଣା ମିଠା,
ମଧୁ ସରିଗଲେ ହୁଏ ତାହା ସିଠା ।
ଜଳ ଥିବାଯାଏ ନଦୀକୁ ଜୁହାର,
ଶୁଖିଗଲେ ଜଳ ହୁଏ ସେ ଅସାର ।
ବାସ ଥିବାଯାଏ ଫୁଲ୍ ବସେ କାନ୍ଧେ,
ଉଡ଼ିଗଲେ ବାସ ଦଳାହୁଏ ପାଦେ ।
ସଂସାରର ଏ ତ ଶାଶ୍ୱତ ବେଭାର,
ହେବ କି ତହୁଁ ଦ୍ୱାହାର ମୁଁ ସ୍ଥିର ।
ସମ୍ପର୍କ ମୋହର କଳ୍ପନା ସହିତ,
ବାସ୍ତବ ସଙ୍ଗେ ମୁଁ ନୁହେଁ ପରିଚିତ ।
କଳ୍ପନାରେ ବସେ ରାଜ-ସିଂହାସନେ,
କଳ୍ପନାରେ ଉଡ଼େ ପୁଷ୍ପକ ସ୍ୟନ୍ଦନେ ।
କଳ୍ପନାରେ ହୁଏ ସ୍ୱର୍ଗେ ମୁଁ ମଘବା,
କଳ୍ପନାର ଅଛି ଅସାଧ୍ୟ କି ଅବା ।
କଳ୍ପନାରେ ଭ୍ରମେ ନନ୍ଦନ କାନନେ,
କଳ୍ପନାରେ ଜିଣେ କୁବେରକୁ ଧନେ ।
କଳ୍ପନା ଯଦ୍ୟପି ହୋଇଯାନ୍ତା ସତ,
ଲଭନ୍ତି ତେବେ ମୁଁ ପରମ ଉଷତ ।
ସଦର୍ପେ ସଂସାରେ କରି ପରିହାସ,
ତୋ ଗୁମ୍ଫା ଗର୍ଭରେ କରନ୍ତି ମୁଁ ବାସ ।
ପିଇ ତୋ ପବିତ୍ର ନିର୍ଝରିଣୀ ଜଳ,
ଚିନ୍ତା ଦଗଧ ପ୍ରାଣ କରନ୍ତି ଶୀତଳ ।
ମାତ୍ର ତା ହେବା ତ ଅତି ଅସଙ୍ଗତ,
କଳ୍ପନା କଦାପି ହେବ ନାହିଁ ସତ ।
ଆକାଶ କୁସୁମ ହେବ କି ଗୋଲପ,
ଇନ୍ଦ୍ରଧନୁ ହେବ କଳାପୀ କଳାପ ।
ଅଖଣ୍ଡ ଅଲଙ୍ଘ୍ୟ ନିଯୁତ ବିଧାନ,
କାହାର ବଳରେ କରିନୁହେଁ ଆନ ।

ସ୍ୱପ୍ନରୁ ରଚିତ ସୁନ୍ଦର ସଂସାର,
ଆଭାସେ ମୋ ନେତ୍ରେ ଅସାରୁ ଅସାର ।
ମୃଗତୃଷ୍ଣା ପଛେ କୁରଙ୍ଗ ସମାନ,
ହୋଇନାହିଁ ମୁହିଁ କେବେ ଧାବମାନ ।
ଶତପତ୍ର ପତ୍ରେ ଜଳବିନ୍ଦୁ ପ୍ରାୟେ,
ତାହା ସଙ୍ଗେ ମୁହିଁ ବାହ୍ୟେ ମିଶିଥାଏ ।
ସୁଖ ବୋଲି ଯାକୁ ଭଣେ ଏ ସଂସାର,
ମଣେ ମୁଁ ତାହାକୁ ଭଉଁସ ଅକାର ।
ଲଦିଥାଏ ଯହିଁ ହାସ୍ୟ ପରିହାସ,
ବସିଥାଏ ତହିଁ ହୋଇ ମୁଁ ଉଦାସ ।
ସୁଖ ରୂପେ ଯାହା ଜଗତେ ଆଭାସେ,
ସୁଖ ନୁହେଁ ତାହା ଦୁଃଖର ଛାୟା ସେ ।
ଲଗିଥାଏ ଯହିଁ କ୍ରୀଡ଼ା କଉତୁକ,
ସେ ସ୍ଥାନରେ ମୁହିଁ ହୋଇ ରହେଁ ମୂକ ।
ଦୁଃଖେ ମୋର ଜନ୍ମ ଦୁଃଖେ ମୋର ବୃଦ୍ଧି,
ଏଣୁ ଦୁଃଖେ ମଣେ ଦୁର୍ଲଭ ସମୃଦ୍ଧି ।
ଲଗିଥାଏ ଯହିଁ କଳହ ବିବାଦ,
ସେ ସ୍ଥାନରେ ମୁହିଁ ନ ପକାଏ ପାଦ ।
ନିନ୍ଦା ପ୍ରଶଂସାରେ ଥାଏ ମୁଁ ବଧିର,
ବିପଦେ ସମ୍ପଦେ ନହୁଏ ଅଧୀର ।
ଯାହା ସୁଆଙ୍ଗେ ମୋ ମାନସ ନ ବଳେ,
ଅଦ୍ଭୁତ ଜୀବ ମୁଁ ଭବ ମରୁସ୍ଥଳେ ।
ଗଠିତ ମୋ ପ୍ରାଣ କେଉଁ ଉପାଦାନେ,
ବାତୁଳ ପରାୟେ ନିଜେ ତା ନଜାଣେ ।
ହୃଦୟୀ ନିକଟେ ହୃଦୟ ବେଦନା,
ଜଣାଇଲେ ପ୍ରାଣେ ମିଳେ ସୁସାନ୍ତ୍ୱନା ।
ରଖିଥିଲି ଯାହା ସଂଗୋପନେ ଆହା,
କହିଲି ତୋ ପାଶେ ମନ ଫେଡ଼ି ତାହା ।
ବିହୃଦ ସମୀପେ ହୃଦୟର ବ୍ୟଥା,
ବଖାଣିବା ସିନା ବିଫଳ ସର୍ବଥା ।
ପାଇବି ବା କାହୁଁ ତୋ ଭଳି ହୃଦୟୀ,
ହୃଦୟୀ ପଣରେ ତୁହି ବିଶ୍ୱଜୟୀ ।

ଘନବୃକ୍ଷ ବିନା    କୁଳ୍‌ଝଟିକା ପାରଣେ,
ସୁତଙ୍କ କି କେବେ    ପ୍ରାଣଭରସା ଭାବଷେ ।
ଅଚେତନ ତୁହି    ହେଲେହେଁ ଅଚଳ,
ମାନ୍ଦ ତୋ ହୃଦୟ    ଦୟାରେ ସଜଳ ।
ଭବ ଦାବାନଳକେ    ଯେହୁ ଦହ୍ୟମାନ,
ଚେତନା ଚେତନ ତା    ପକ୍ଷେ ସମାନ ।
ଭାଗ୍ୟେ ମୁଁ ପାଇଲି    ତୋହ ପଦ ବନ୍ଧୁ,
ଉଶ୍ୱରିଲି ମୋର    ଦୁଃଖ ଭାର ସ୍କନ୍ଧୁ ।
ନେଉଛୁ ବିଦାୟ    ହେ ଗନ୍ଧମାଦନ,
ଦୟା ବହି ଯେନ    ଭକ୍ତ୍ୟଭନନ୍ଦନ ।
କର ଅଶୀର୍ବାଦ    ହେ ମହାପର୍ବତ,
ନିର୍ବିଘ୍ନରେ ହେଉ    କାବ୍ୟ ସମାପତ ।

ନାଗାର୍ଜ୍ଜୁନ ନାମେ    ପ୍ରସିଦ୍ଧ ମହର୍ଷି,
କରୁଥିଲେ ତପ    ଏ ଶୈଳେ ନିବସି ।
ଅନ୍ତ୍ର ରାଜା "ସତ୍ୟ-ବାହନ" ଅଖ୍ୟାତ,
ଆସି ଦିନେ କଲେ ତାହାଙ୍କୁ ସାକ୍ଷାତ ।
ଅମର ହେବାକୁ    ମାଗିଲେ ସେ ବର,
ଉତ୍ତରିଲେ ତହୁଁ    ମହର୍ଷିପ୍ରବର ।
କେ କରିବ କହ    ମୃତ୍ୟୁ ନିବାରଣ,
ଜନ୍ମିଲେ ଦେବତା    ଲଭିବେ ମରଣ ।
ନ ପାରିବି ଦେଇ    ମୁଁ ଅମରବର,
ମୁହିଁ ସୁଦ୍ଧା ଦିନେ    ମରିବି ନିକର ।
ମୃତ୍ୟୁ ହୀନ ସ୍ଥାନ    ନୁହେଁ ଏ ପୃଥିବୀ,
ଦେଉଅଛି ବର    ହୁଅ ଦୀର୍ଘଜୀବୀ ।
ଉଡ଼ିଯିବ ଯେବେ    ମୋର ପ୍ରାଣବାୟୁ,
ତହିଁ ପରଦିନ    ହେବୁ ତୁ ଗତାୟୁ ।
ଏହି ବର ପାଇ    ସେ ସତ୍ୟବାହନ,
ବହୁବର୍ଷ ଯାଏଁ    କଲେ ରାଜପଣ ।
ନାତି ପଣନାତି    ହେଲେ ଶତ ଶତ,
ନ ଘଟିଲା କାହା    ଭାଗ୍ୟେରେ ରାଜତ୍ୱ ।

ତହୁଁ ଜଣେ ଆସି    ଋଷିଙ୍କ ନିକଟେ,
ଜଣାଇଲା ଅତି    ଦୁଃଖେ ଅକପଟେ ।
ବହୁକାଳୁ ରାଜା    ଅଛନ୍ତି ଜୀବିତ,
ଆମ୍ଭେମାନେ ହେଲୁଁ    ରାଜ୍ୟରୁ ବଞ୍ଚିତ ।
ଏଥିର ଉପାୟ    କହ ତପୋଧନ,
ଆମ୍ଭ ଭାଗ୍ୟରେ କି    ନାହିଁ ରାଜପଣ ।
ଶୁଣି ଋଷିମଣି    ଗଳେ ବାନ୍ଧି କୁଶ,
କରିଦେଲେ ଶେଷ    ଆପଣା ଆୟୁଷ ।
ତହିଁ ପରଦିନ    ସେ ସତ୍ୟବାହନ,
ଗଲେ ପରଲୋକେ    ବିସର୍ଜି ଜୀବନ ।
ଗିରି ପାଦେ "ହରି-    ଶଙ୍କର" ଉଦ୍ୟାନ,
ପ୍ରଭୁ ପାରେ ଭକ୍ତ୍ୟ    ପ୍ରାୟ ବିଦ୍ୟମାନ ।
କିମ୍ବା ସୁରଲୟ    ପଦେ ମଧୁବନ,
ଅବା ମର୍ତ୍ତ୍ୟେ ବିଜେ    ନନ୍ଦନ କାନନ ।
ନତୁ ଗିରୀନ୍ଦ୍ରାଣୀ    ବିନୋଦ ବାଟିକା,
ଅଥବା ନିର୍ଝର-    ପାଳିତ ମୃଦ୍ଧିକା ।
ସୁଦୂର ବିସ୍ତୃତ    ସୁବିଶାଳକାୟ,
ଗିରି-କାବ୍ୟର ଏ    ପ୍ରଥମ ଅଧ୍ୟାୟ ।
ରୋପିତ ତହିଁରେ    ବହୁ ଫୁଲ୍ଲତରୁ,
ସୁଗ୍ରାମ ଅଜୀତ    ଦେଶ ବିଦେଶରୁ ।
ବହୁପୁଷ୍ପ ସିତା    ପ୍ରାୟ ସହକାର,
ଧରି ଉଭା ହୋଇଲେ    ସୁନ୍ଦର କୁମାର ।
ଶାଖାଜ ପାଦପେ *    ଲୋହିତ ମାକନ୍ଦ,
ଖେଳୁଛନ୍ତି ଦୋଲ    ଲଭି ମହାନନ୍ଦ ।
କଞ୍ଚା-ପରିଛଦେ    ଅବୃତ କର୍କନ୍ଧୁ,
ବାନର କୁଳର    ଚିର ପ୍ରିୟବନ୍ଧୁ ।
ତରୁରାଜରାଜେମା    ବନନବଫୁଲ,
ହସୁଛି ପ୍ରକାଶି    ସୁଷମା ଅତୁଳ ।
ଉଦ୍ୟାନ ଶ୍ରୀକାର    ପ୍ରିୟ ପରିଜନ,
ଶ୍ୱେତ୍ ରାଜହଂସ    ଧରିଛି କଞ୍ଚନ ।

* କଲମଗଛ ।

କୁସୁମଭୂଷଣ ପିନ୍ଧି ନାଗେଶ୍ୱର,
ଝାଉଁ ଦେଉଅଛୁ କନକ କେଶର ।
ଶମ୍ପାଗୌରୀ ଚମ୍ପା ମାତୃଅଙ୍କେ ବସି,
ମୃଦୁବାତେ ଦୋଳି ହସୁଛୁ ରୂପସୀ ।
ବସିଛୁ ଅଙ୍କୁଲ ଅଳୋକ ଉଦ୍ୟାନେ,
ପ୍ରେମମନ୍ତ୍ର ଅଳି କହେ ତାହା କାନେ ।
ମଧୁପିଇ ଫୁଲେ ଚରଣ ପ୍ରହାରି,
ଆନ ଫୁଲ ପାଶେ ଯାଉଛୁ ବାହାରି ।
ବଡ ଅକୃତଜ୍ଞ ସେ ଭ୍ରମର ଜାତି,
ପ୍ରହାରନ୍ତି ଯାକୁ ଯା ଧନ ଖାଆନ୍ତି ।
ୟୁକେଲିପଟସ୍ ବିଦେଶୀୟ ତରୁ,
ବାତରେ ସୌରଭ ଉଦ୍ୟାନ ମଧ୍ୟରୁ ।
ଟିକ୍ ବାସ ତାର ଅତି ମନୋରମ,
ଛାଡଯାଏ ତହିଁ ସରଦ ଲପମ ।
ହୃଷ୍ଟପୁଷ୍ଟ ସୁସ୍ଥ ତରୁଲତାମାନେ,
ଲକ୍ଷ୍ମ ଛନ୍ତି ବୃଦ୍ଧି ଝରଜଳପାନେ ।
ଫୁଲଫଳପୂର୍ଣ୍ଣ ସଦା ଏ ଉଦ୍ୟାନ,
ସୁଦୂର ଅତୀତୁ ଅଛି ବର୍ତ୍ତମାନ ।
ଶ୍ରୀରାଜେନ୍ଦ୍ର ଦେବ ପାଟଣା ନୃପତି,
ସାଟିଛନ୍ତି ତାର କ୍ରମଶଃ ଉନ୍ନତି ।
ଭାବିଲି ଉଦ୍ୟାନ ସନ୍ଦର୍ଶନ କରି,
ଶୋଭା-ସ୍ୱର୍ଗର ଏ ସୁନ୍ଦରୀ ଅପ୍ସରୀ ।
ଝରୁଛି ଉଦ୍ୟାନ୍ତୁ ଲଳିତ ଲାବଣ୍ୟ,
କୁବେର ଉଦ୍ୟାନ ବୈଚିତ୍ର୍ୟେ ନଗଣ୍ୟ ।
ଉଦ୍ୟାନର ଶୋଭା ଅହା କି ରୁଚିର,
ପାଟଣାରାଜ୍ୟର ନିଶ୍ଚେ ଏ କାଶ୍ମୀର ।
ଶତବାର ଦେଖି ଏ ଉଦ୍ୟାନଶୋଭା,
ହେବନାହିଁ ତୃପ୍ତ ଶୋଭାପାୟୀ ନେତ୍ର ।
ଏ ଶୋଭା-ସାଗରେ ସନ୍ତରି ନୟନ,
ନ ହେବ ଜୀବନେ କେବେ ଅବସନ୍ନ ।
ମଧ୍ୟାହ୍ନେ ଏଠାରେ ମୃଗମୃଗୀଗଣ,
ଶୀତଳ ଛାୟାରେ କରନ୍ତି ଶୟନ ।

ପିଇ ଝରଜଳ ଆଘ୍ରାଣି ସୁଗନ୍ଧ,
ଲଭନ୍ତି ମାନସେ ଅପୂର୍ବ ଆନନ୍ଦ ।
ପଟଡ଼ା ସୂର୍ଯ୍ୟକର ଭେଦି ପତ୍ର ଜାଲ,
ଦିଶେ ଯଥା ବିଛା ଚିତ୍ରମୃଗଛାଲ ।
ଠିଆ ଠିଆ ଉଭା ବିବିଧ ପାଦପ,
ଊର୍ଦ୍ଧ୍ୱବାହୁଯୋଗୀ ସାଧନ୍ତି କି ତପ ?
ପାର୍ବତ୍ୟ ପକ୍ଷୀ ଆସି ଦଳେ ଦଳେ,
ବସୁଛନ୍ତି ଡାଳେ କେହି ଅବା ତଳେ ।
କାହାକୁ ସେମାନେ ନ କରନ୍ତି ଭୀତ,
ବସେ ତହିଁ ପକ୍ଷୀ— ସାହୃତ୍ୟ-ସମିତି ।
ଲଗିଯାଏ କେତେ ଉକ୍ତି ପ୍ରତ୍ୟୁକ୍ତି,
ବିହଙ୍ଗ ଭାଷାରେ ଯୁକ୍ତି ପ୍ରତିଯୁକ୍ତି ।
ତରୁ ବଲ୍ଲରୀର ଶୁଭ ପରିଣୟ—
ଉତ୍ସବର ଅବା ଲାଗେ ଅଭିନୟ ।
ବରକନ୍ୟାଯାତ୍ରୀ ତହିଁ ପକ୍ଷିଗଣ,
ମନ୍ଦ ଉଚ୍ଚାରଣ କରେ ସମୀରଣ ।
ପୁଷ୍ପିତ ପାଦପେ ଲଭି କଉତୁକ,
ପୁଷ୍ପରତ୍ନଭୂଷା ଅର୍ପନ୍ତି ଯୌତୁକ ।
ଦିଅନ୍ତି "ସିନ୍ଦୁର- ମୁଣ୍ଡା" ହୁଳହୁଳି,
ସେ ଶବଦେ ଉଠେ ଚୌଦିଗ ଉଛୁଳି ।
ପିକବଧୂ ରଙ୍ଗେ ବଜାଏ ମଧୁରେ,
କଣ୍ଠ-ଢୋଲ ପିଟେ ଡମ୍ବାଳ ଦୂରେ ।
ଉଡ଼ ଉଡ଼ ଶିଳ ବଜାଏ ମହୁରୀ,
ନାନାଦେ ଝିଙ୍କିବେ ଝିଞ୍ଜିକଣ୍ଠରୁରୀ ।
"ହଳଦୀବସନ୍ତ" ବଧୂ ଭଣ୍ଡାରୁଣୀ,
ହଳଦିଆ ଶାଢ଼ୀ ପିନ୍ଧି ସେ ତରୁଣୀ,
ଫର ଫର ହୋଇ ଏଣେ ତେଣେ ଉଡ଼ି,
ବର କନ୍ୟା ହସ୍ତେ ଖେଳାଏ କଉଡ଼ି ।
କନ୍ୟା ପିତା ରୂପେ ଏ ବୃଦ୍ଧ ଉଦ୍ୟାନ,
ବରକରେ କରେ କନ୍ୟା ସମ୍ପ୍ରଦାନ ।
ଅଦୃଶ୍ୟ ରୂପରେ ଗିରିରାଜକନ୍ୟା,
କରନ୍ତି ଦମ୍ପତି— ଯୁଗେ ବନ୍ଦାପନା ।

ଯୁଅନ୍ତି ଦର୍ଶିତ ଟେଷ୍ଟରେ ପ୍ରାପ୍ତ,
ଏ ଭାବରେ ହୁଏ ବିବାହ ସମାପ୍ତ ।
କନ୍ୟାଦାନ ପୁଣ୍ୟ ଲଭି ଉପବନ,
ମଣିଲା ନିଜକୁ କୃତକୃତ୍ୟ ଧନ୍ୟ ।
ଉଦ୍ୟାନ ସୁଷମା ଅବ୍ୟକ୍ତ ଅନନ୍ତ,
ବାରମାସ ଏଥି ନିବସେ ବସନ୍ତ ।
ଏ ଉପବନର ଆଦର୍ଶ ଉନ୍ନତ,
ଉଦ୍ଦେଶ୍ୟ ଉନ୍ନତ ଲକ୍ଷ୍ୟ ସୁମହତ ।
ଏହି ତିନିଙ୍କର ଶୁଭ ସମ୍ମିଳନ,
କରିଛୁ ଏହାର ଜୀବନଗଠନ ।
ନୁହେଁ ଫଳ ଏହା ବିଳାସ ବାଟିକା,
ରାଜୋଦ୍ୟାନତର ଏ ଜୀବନ ନାଟିକା ।
ଦୂରୁ ବା ନିକଟେ ହରେ ମନ ନେତ୍ର,
ଏ ଏକ ଆଦର୍ଶ ରମ୍ୟ କୃଷିକ୍ଷେତ୍ର ।
ହେଉଛି ଏଠାରେ କୃଷି ନାନାବିଧ,
ଶିକ୍ଷାକେନ୍ଦ୍ର ଏହା ସୁନାମପ୍ରସିଦ୍ଧ ।
ପ୍ରଜାଶିକ୍ଷା ଅର୍ଥେ ହୋଇଛି ସ୍ଥାପିତ,
ପ୍ରଜାକୁଳର ଏ ସ୍ୱାର୍ଥକ୍ଷେତ୍ର ବନ୍ଧୁ ।
ଏ ଭଳି ଆଦର୍ଶ ଦେଖାନ୍ତି ଯେ ଦେଶେ,
ସେହି ସିନା ଧନ୍ୟ ଆଦର୍ଶ ନରେଶେ ।
ଯେଉଁ ଦେଶେ ଯେତେ ଶ୍ରେଷ୍ଠ ବନସ୍ପତି,
ଅଛନ୍ତି ବିସ୍ତାର ଖ୍ୟାତ ପ୍ରତିପତ୍ତି ।
ସେ ସକଳ ତହିଁ ହୋଇଣ ଆନୀତ,
ହୋଇଛି ସଯତ୍ନେ ଉଦ୍ୟାନେ ରୋପିତ ।
ନାନା ଜାତି ଲେମ୍ବୁ, କମଳା, ବାତାପି,
ସପୁରି, ଅମୃତ— ମଣ୍ଡା, ଗୁହ୍ମା, କାଫି,
ଡାଳିମ୍ବ, ପିଜୁଳି, ଫଣସ ବହୁତ,
ଲଙ୍କାଆମ୍ବ, ଗୋଲପ—ଜାମୁ, ଲିଚୁ, ତୁତ,
ଏକରମ୍ଭା ଯୋଗୁଁ ସ୍ୱର୍ଗର ଗୌରବ, (୧)
ମାନ ବହୁରମ୍ଭା ଉଦ୍ୟାନ ବିଭବ । (୨)
ନୃତ୍ୟକରେ ତହିଁ ଏକଶତ ଲେଖା, (୩)
ବହୁ ଶତଲେଖା (୪) ଯାଏ ଏଥି ଦେଖା ।
ଦର୍ଶକ ଏଠାକୁ କଲେ ଆଗମନ,
ଦେହ ଯେଣୁ ଫେରେ ବନ୍ଧାଦେଇ ମନ ।
ଏ ସ୍ଥାନର ବାୟୁ ଏ ସ୍ଥାନର ଜଳ,
ସର୍ବଦା ନିର୍ମଳ ନିର୍ଦ୍ଦୋଷ ଶୀତଳ ।
ଶ୍ରୀ ବ୍ରଜେନ୍ଦ୍ର ଦେବ ବର୍ମ୍ମ ମହାରାଜା,
ବାଜେ ଯାଙ୍କ ନାମେ ଉଭେ ଜୟବାଜା,
ଦେଖି ଏହି ସ୍ଥାନ ଲଭି ମହୋଲ୍ଲାସ,
ରହିବେ ଏଠାରେ ନିଦାଘ ନିବାସ ।
ଭାବିଛନ୍ତି ସେହି ସଙ୍କଳ୍ପ ମହାନ,
ପର୍ବତକୁ ବନ୍ଧା ହେଉଛି ସୋପାନ ।
ଗନ୍ଧମାଦନର ଅତୀତ ଗୌରବ,
ଆଣିବେ ଫେରାଇ ସେ ମହାନୁଭବ
ପାଟଣା ଭାଗ୍ୟେ ସେ ଗୌରବ ବାସର,
ଅଦୂର ଭବିଷ୍ୟେ ଅସିବ ନିକର ।
ଗିରିଶିରେ ଗ୍ରୀଷ୍ମ— ନିବାସ ନବର,
ମୁକୁଟ ପରାୟେ ଦିଶିବ ସୁନ୍ଦର ।
ସୁଷମା ଭୂଷଣ ଏ ଗନ୍ଧମାଦନ,
ଦୂରୁ ଆକର୍ଷିବ ଦର୍ଶକନୟନ ।
ଅଲଙ୍ଗିବେ ତାକୁ କ୍ଷୀରାବ୍ଧି ତନୁଜା,
ମହାତୀର୍ଥ ରୂପେ ପାଇବ ସେ ପୂଜା ।

## ତୃତୀୟ ସର୍ଗ

ଯାଉଛୁ ଦେଖିବୁ ପୁରୁଣା ପାଟଣା,
ପୂର୍ବ ରାଜଧାନୀ ସୁକୀର୍ତ୍ତି ଭୂଷଣା ।
ଛତିଶଗଡ଼ର କଉସ୍ତୁଭମଣି,
ମହାତେଜସ୍ୱିନୀ ନଗରୀ-ଅଗ୍ରଣୀ ।
ଗାଉଥିଲା ସଦା ସ୍ୱାଧୀନତା-ଗୀତି,
ତୋ ହେଉଥିଲା ଯହିଁ ରାଜନୀତି ।

୧ । ସ୍ୱର୍ଗବେଶ୍ୟା । ୨ । କଦଳୀଗଛ । ୩ । ଅପ୍‌ସରା । ୪ । ମୟୂର ।

ତାହାର ସୌନ୍ଦର୍ଯ୍ୟ ଗର୍ବ ଉର୍ଦ୍ଧ୍ୱଶିର,
ଛଡ଼ାଇ ନେଇଛି ଏବେ ବଳାଙ୍ଗୀର ।
ଦେଖିବ ତାହାର ଏ କାଳ କପାଳ,
ଲେଖିଛି କପର ତାକୁ କୁରକାଳ ।
ଦିଶୁଛି ତ ଏବେ ହୃତଶିରୀ ପ୍ରାୟ,
ଭାଗ୍ୟଗ୍ରାସୀ କାଳ କି ନ କରେ ହାୟ !
ସର୍ବସ୍ୱ ତାହାର ଦେଇଛି ସେ ସାର,
ଦୃପ୍ତା କେଶରଣୀ ହୋଇଛି ମାର୍ଜାରୀ ।
କମ୍ପି ଉଠୁଥିଲା ବୀରର ହୁଙ୍କାରେ,
ଏବେ ପୂର୍ଣ୍ଣ ଅହା ଫେରୁର ଚିତ୍କାରେ ।
ମଣିରତ୍ନେ ଥିଲା ଜ୍ୟୋତିର୍ମୟ କାୟ,
ଦିଶୁଅଛି ଏବେ କାଙ୍ଗାଳୁଣୀ ପ୍ରାୟ ।
ରାଜନ୍ୟମୁକୁଟେ ରତ୍ନ ଖଚିତ,
ହେଉଥିଲା ତାହା ଧୂଳିରେ ରଞ୍ଜିତ ।
ଥିଲା ଯେଉଁ ଦୁର୍ଗ ଚିର ଜନାକୀର୍ଣ୍ଣ,
ଏ କାଳେ ତାହାର ନାହିଁ ବର୍ଣ୍ଣଚିହ୍ନ ।
ହସୁଥିଲା ସଦା ଆନନ୍ଦ ଉତ୍ସବେ,
ଏବେ ସେହି ସ୍ଥାନ ପଡ଼ିଛି ନୀରବେ ।
କି ଅସାଧ ବ୍ୟାଧି ତାହା ତଣ୍ଟି ଚିପି,
ନିଭାଇ ଦେଇଛି ତା ସୌଭାଗ୍ୟଲିପି ।
ଅଲଙ୍ଘ୍ୟ ବିଧାନ ଦୁଷ୍ଟା ନିୟତିର,
ଆଜ ସେ ଅମିର କାଲ୍ ସେ ଫକୀର୍ ।
ଶ୍ରୀ ରାଜେନ୍ଦ୍ର ଦେବ ପାଟଣା ନୃସାଇଁ,
ରଖିଛନ୍ତି ତାର ଜୀବନ ବଞ୍ଚାଇ ।
ଆତୁରଶରଣ ସେହି ନରପତି,
ସାଧୁଛନ୍ତି ତାର କ୍ରମଶଃ ଉନ୍ନତି ।
ଅଦୂର ଭବିଷ୍ୟେ ତାଙ୍କ କୃପା ଲଭି,
ଉଇଁବ ତୋହର ଅସ୍ତଭାଗ୍ୟ ରବି ।
ଅଳ୍ପକାଳେ ତୋର ଦୁଃଖ-ବିଭାବରୀ,
ପାହିଯିବ ଚିନ୍ତା ନ କର ନଗରୀ ।

ବହୁ ଦେବାଳୟ ଦେବ ଦେବୀମୂର୍ତ୍ତି,
ବହିଛନ୍ତି ପୂର୍ବ ରାଜଧାନୀ ସ୍ମୃତି ।
ନଗରୀ ଦ୍ୱିପାଶେ ବହେ ଦୁଇନଦୀ,
ଶ୍ରଦ୍ଧା ଭକ୍ତି ପ୍ରେମେ ନଗରୀକୁ ବନ୍ଦି ।
କରେ "ସ୍ୱର୍ଣ୍ଣରେଖା" ଏକପାଶେ ଗତି,
ଅପର ପାର୍ଶ୍ୱରେ ବହେ "ମାୟାବତୀ" ।
ମଧ୍ୟେ ଅବସ୍ଥିତ ପାଟଣା ନଗରୀ,
ରମ୍ଭା ମେନା ମଧ୍ୟେ ଯଥା ସୁରନ୍ଦରୀ ।
କମ୍ପା ଚନ୍ଦ୍ରୋଜ୍ଜ୍ୱଳା କାଠଯୋଡ଼ି ମଧ୍ୟେ,
କଟକ ନଗରୀ ବସିଛି ସଶ୍ରଦ୍ଧେ ।
ଅଥବା କଳିନ୍ଦ— କନ୍ୟା ବସ୍ତୁପ୍ରଦୀ,
ମଧ୍ୟେ ହରିଦ୍ୱାର ହୋଇଅଛି ବନ୍ଦୀ ।
ଥିଲା ଏ ନଗରେ ନଅକୋଡ଼ି ତୋଟା,
କାସାର ଦୀର୍ଘିକା ବିଶାଳହି ଗୋଠା ।
ନଗରୀର ତାହା ଶକ୍ତି ତେଜ ବଳ,
ଅର୍ପୁଥିଲେ ତାକୁ ଫଳ ସୁଶୀତଳ ।

ରାଜ୍ୟ-ଅଧିଦେବୀ ପାଟଣା-ଈଶ୍ୱରୀ,
ଅଛନ୍ତି ସେ କାଳୁ ଏଥି ବିଜେ କରି ।
ପଦ ତଳେ ଉଭା ବାହନ କେଶରୀ,
ମହିଷାସୁର ବଧେ ରତ ଶାକମ୍ଭରୀ ।
ଦେବୀମୁଖେ ଅଛି ଥାଳ ଆବରଣ,
ନ ଜାଣନ୍ତି କେହି ତହିଁର କାରଣ ।
ରମାଇଙ୍କ ଖଣ୍ଡା ପାର୍ଶ୍ୱରେ ରକ୍ଷିତ,
ହେଉଅଛି ତାହା ଅବଧି ପୂଜିତ ।
ପାର୍ଶ୍ୱଦେବ ମୂର୍ତ୍ତି ଗଠନ ଚାତୁରୀ,
ଦେଖି ଦେବ ଶିଳ୍ପୀ ଶିର ଯିବ ଘୂରି ।
ଶିଳ୍ପୀର ଦକ୍ଷତା ହେବ ନାହିଁ କହି,
ଶିଳ୍ପ ପରାକାଷ୍ଠା ଦେଖାଇଛି ତହିଁ ।
ବନଦୁର୍ଗା ନାମ ଥିଲା ଦେବୀଙ୍କର,
ଛାଡ଼ିଛନ୍ତି ପରେ ନବ ନାମାନ୍ତର ।

ଶ୍ରୀଶୂରପ୍ରତାପ ଦେବଧର୍ମ ବୀର,
ତୋଳାଇ ଅଛନ୍ତି ଦେବୀଙ୍କ ମନ୍ଦର ।
ପାର୍ଶ୍ୱରେ ଗୋପାଳ ଜୀଉଙ୍କ ଦେଉଳ,
ଅତୁଳଚୂଳ ସେ ସଚଳ ମଞ୍ଜୁଳ ।
ଶୂର ପ୍ରତାପଙ୍କ କୀର୍ତ୍ତି-ଅନ୍ୟତମ,
ନାହିଁ ଶିଳ୍ପକଳା ନାହିଁ କୁଟିଭମ ।
ସମ୍ମୁଖେ ଗରୁଡ଼— ସ୍ତମ୍ଭ ଅବସ୍ଥିତ,
ଖଣ୍ଡିଏ ପ୍ରସ୍ତରେ ହୋଇଛି ନିର୍ମିତ ।
ସ୍ତମ୍ଭଶିରେ ବସି ବିନତା କୁମର,
ପ୍ରଭୁ ସ୍ତବେ ରତ ହୋଇ ଯୁକ୍ତ କର ।
ସ୍ତମ୍ଭ କାରୁକଳା ଅପୂର୍ବ ସୁନ୍ଦର,
ମୁକ୍ତ ଅଛି ଶିଳ୍ପୀ ଅଦ୍ଭୁତ ହୃଦର ।
ଦକ୍ଷିଣେ କୁଶଳେ- ଶ୍ୱରଙ୍କ ଦେଉଳ,
ଘନଚୁମ୍ବୀଚୂଡ଼ ବହିଛି ବିଟୂଳ ।
ଶିବରାତ୍ରି ଦିନ ଲାଗେ ମହୋତ୍ସବ,
ଏ ଅଞ୍ଚଳେ ତାହା ସୁପ୍ରସିଦ୍ଧ ପର୍ବ ।
ଅସୀମ ପ୍ରତାପୀ ଶ୍ରୀକୋଶଳେଶ୍ୱର,
ଚୌଦିଗେ ବିଖ୍ୟାତ ମହିମା ତାଙ୍କର ।
ଶଙ୍କର ସମ୍ମୁଖେ ଶୋଇଛି ବୃଷଭ,
ପ୍ରଭୁଙ୍କ ପ୍ରସାଦ ଖାଇ ସ୍ଥୂଳଗର୍ଭ ।
ଯାହାକେ "ବିରାଜ ସିଂହ ଖମ୍ବ" ତହିଁ,
ଭୁବନେଶ୍ୱରର ଅନୁକୃତି ବହି ।
ବସିଛି ଦକ୍ଷିଣେ ଦୁଆରେ କେଶରୀ,
ସୌନ୍ଦର୍ଯ୍ୟେ ବୈଚିତ୍ର୍ୟେ ତାହାକୁ କେ ସରି ?
ଚୌଦ୍ୱାର ଉତ୍ତରେ- ଶ୍ୱରରେ କେବଳ,
ଦ୍ୱିପଦ ସିଂହ ଅଛି ଅବିକଳ ।
ଦେଉଳ ସମ୍ମୁଖ ମେଘ କୋଣେ ସ୍ଥିତ,
ରହିଛି ଯୁଗଳ ମୂର୍ତ୍ତି ଶିଳାଙ୍କିତ ।
ଈଶାନେ ବିପଞ୍ଚୀ ଧାରିଣୀ ଯୁଗଳ,
ଅଗ୍ନିକୋଣେ ସ୍ପଷ୍ଟଧନ୍ୱା ଯେ କେବଳ ।
ନୈଋତେ ବାୟବ୍ୟେ ଧନୁର୍ଦ୍ଧାରୀ ଯୁଗ,
ଧରିଛନ୍ତି କରେ ଧନୁକ ଅଶୁଗ ।
ବହୁ ଦେବ ଦେବୀ ଦେଉଳ ମଧ୍ୟରେ,
ରହିଛନ୍ତି ଆଶ୍ରୀ କରୁଣ ଶଙ୍କରେ ।

ସମଲେଶ୍ୱରୀଙ୍କ ଅଦ୍ଭୁତ ମନ୍ଦର,
ଆଡ଼ମ୍ବରଶୂନ୍ୟ ଗଠନ ରୁଚିର ।
ଶୂନ୍ୟଦେହା ଦେବୀ ଶୂନ୍ୟପାଦଭୁଜା ।
ମସ୍ତକ ତାଙ୍କର ପାଉଅଛି ପୂଜା ।
ଶିଳାଶିଳ୍ପୀ ଜଣେ ଅବ୍ୟବସ୍ଥଚିତ୍ତ.
ମୂର୍ତ୍ତି ନିର୍ମାଣରେ ଥିଲା ନିୟୋଜିତ,
ନଜାଣି ସେ ମୂର୍ତ୍ତି ନିର୍ମାଣ ବିଧାନ,
କଲା ପ୍ରଥମରେ ମସ୍ତକ ନିର୍ମାଣ ।
ଅଦୃଷ୍ଟ ଲିଖନ କେ କରିବ ଆନ,
ଦେବୀ କୋପେ ଶିଳ୍ପୀ ହରାଇଲା ପ୍ରାଣ ।
ଆଦେଶିଲେ ଦେବୀ ରାଜାଙ୍କୁ ସ୍ୱପନେ,
ଶୁଣ ବତ୍ସମଣି ଅବହିତ ମନେ,
ଅଧମ ବିଜ୍ଞାଣୀ ହୋଇ ହତଜ୍ଞାନ,
ପଢ଼ିଲେ କଲା ମୋ ମସ୍ତକ ନିର୍ମାଣ,
ତାହାର ଦୋଷରୁ ମୂର୍ତ୍ତି ହେଲା ପଣ୍ଡ,
ବହିଲା ମୁଁ ତାକୁ ଉପଯୁକ୍ତ ଦଣ୍ଡ ।
ଏହି ଭାବେ ସେହି ମୂର୍ଖ ଅବ୍ୟାପାରୀ,
ତେଜିଲା ଜୀବନ ରୁଧିର ଉଦ୍‌ଗାରି ।
ପ୍ରତିନିଧି ଜ୍ଞାନେ ପୂଜିବୁ ଏ ମଥା,
ନକରିବୁ ମୋର ଆଦେଶ ଅନ୍ୟଥା ।
ସେହି ଦିନୁ ହୋଇ ମସ୍ତକ ପୂଜିତ,
ଦେବୀଙ୍କ ଆଦେଶ ହେଉଛି ପାଳିତ ।

କେତେ ପୁରାବସ୍ତୁ ହୋଇ ଏଥି ଲୁଣ୍ଠ,
ଜୀବିତ ପରିପ୍ରେ ନଷ୍ଟ କରିଛନ୍ତି ମୁଣ୍ଡ ।
ସପ୍ତମଲ୍ଲିକଙ୍କ ସୁଦୃଢ଼ ଶରୀର,
ଆବର ତାଙ୍କର ହସ୍ତ ପାଦ ଶିର ।

ଭୂଗର୍ଭରେ ଏଥି    ହୋଇଛୁ ସ୍ଥାପିତ,
ଲୁପ୍ତି ସଙ୍କେତରେ ତା ହୋଇଛୁ ଶଙ୍କିତ ।
ସ୍ଥାପିଲେ ରମାଇ    ଚୌହାନ-ଭୂଷଣ,
ସପ୍ତମଲ୍ଲ ବଟେ    ରାଜସିଂହାସନ ।
ହେଲା ଏ ଘଟଣା    ସଂକ୍ଷେପେ ଲିଖିତ,
ବଂଶାବଳୀ ସର୍ଗେ    ହେବ ବିସ୍ତାରିତ ।
ପ୍ରଚଳିତ ବହୁ    ଅଳୀକ ପ୍ରବାଦ,
ଅସମ୍ଭବ ତାହା    ଯଥା ସର୍ପପାଦ ।

ରମ୍ୟ ଦେବାର୍ଚ୍ଚନ    ମଣ୍ଡପ ଗୋଟିଏ,
ପୂର୍ବ ସୌଭାଗ୍ୟର    ପରିଚୟ ଦିଏ ।
କରୁଥିଲେ ନୃପେ    ତହିଁ ଦେବାର୍ଚ୍ଚନ,
ମ୍ଲାନ ଏବେ ସ୍ମରି    ହୃତ ଭାଗ୍ୟଧନ ।
ବାହୁ ସର-ନେଇ    ପେଣ୍ଡ ଏ ନଗରୀ,
ଚାହିଁଛି କାହାକୁ    ଊର୍ଦ୍ଧ୍ୱ ଦୃଷ୍ଟି କରି ।
ଅପଲକ ନେତ୍ରେ    ଚାହିଁ ମହାଶୂନ୍ୟେ,
ଅତୀତ ଗୌରବ ଖୋଜେ କି ମନ୍ଦନେ ।

ଚନ୍ଦ୍ରଧାରଶୋଭୀ    ସୁବିଶାଳ ଦୁର୍ଗ,
ଥିଲା ଏହିଠାରେ    ବ୍ୟାପି ଯୁଗ ଯୁଗ ।
ମଣି ମାଣିକ୍ୟରେ    ଥିଲା ଅଳଙ୍କୃତ,
ପୂର୍ଣ୍ଣ ଥିଲା ଧନ-    ଧାନ୍ୟ ଅପ୍ରମିତ ।
ଚାହିଁ ଦୁର୍ଗ ଚୂଳ ଦର୍ପୋଡ୍ଡୀନ ଧ୍ୱଜା,
ଫାଟି ପଡୁଥିଲା    ଶତ୍ରୁ ବେକପଞ୍ଜା ।
ଅଶ୍ୱ ହ୍ରେଷାରବ    ବାରଣ ବୃଂହିତ,
କରୁଥିଲା ଦୁର୍ଗ-    ଗର୍ଭ ମୁଖରିତ ।
ଦୁର୍ଗ ମଧ୍ୟେ ଥିଲେ    ସୈନ୍ୟ ଚତୁରଙ୍ଗ,
ଜାଣୁଥିଲେ ନାହିଁ    ରଣେ ପୃଷ୍ଠଭଙ୍ଗ ।
ହେବ ଚୌହାନଙ୍କ    ଖର ଶାଣ ଖଣ୍ଡା
ଥରି ଉଠୁଥିଲା    ଶତ୍ରୁ ପାଦ ଭଣ୍ଡା ।
ଚୌହାନ ବୀରଙ୍କ    ସଗର୍ବ ଚାହାଣି,
ଡରି ଦେଉଥିଲା    ଶତ୍ରୁ ରକ୍ତ ପାଣି ।

ଶୁଖି ଯାଉଥିଲା    ରୁଧିର କଣିକା,
ଛିଡ଼ି ଯାଉଥିଲା    ଜୀବନ ନାଟିକା ।
ଦେଖି ତାହାଙ୍କର    କୁଟିଳ ଭ୍ରୂକୁଟି,
ଯାଉଥିଲା ଅଧେ    ବୈରି ବଳ ତୁଟି ।
ରଣେ ଦେଖି ତାଙ୍କ    ଅମାନୁଷୀ କର୍ମ,
ମଣୁଥିଲେ ଶତ୍ରୁ    ଯମ ଉପଯମ ।
ଶତ୍ରୁ ପଲେ ଦେଖି    ତାଚ୍ଛଲ୍ୟରେ ମଲ୍ଲ,
କହୁଥିଲେ ହସି    ମଲ୍ଲ ଅରେ ମଲ ।
ଗର୍ଜୁଥିଲା ତୋପ    ଯେସନ ଅଶନି,
ଉଠୁଥିଲା ଦୁର୍ଗେ    ଗର୍ଜ୍ଜ ପ୍ରତିଧ୍ୱନି ।
ଶୁଣି ସେ ସ୍ଫୁଟୁଳ    ମିଶାମିଶି ଧ୍ୱନି,
ଫାଟି ପଡୁଥିଲା    ଆକାଶ ଅବନୀ ।
ସେ ଧ୍ୱନିକୁ ଦୁର୍ଗ    ପ୍ରାଚୀର ସତ୍ୱର,
ଦେଉଥିଲା ଫେରି    ନାଦେ ପ୍ରତ୍ୟୁତ୍ତର ।
ବୀର ଉଦ୍ଦୀପକ    ରୌଦ୍ର ଭକ୍ତିରସ,
ଶୋଷି ନେଉଥିଲା    ଶତ୍ରୁର ସାହସ ।
ସେ ଦୁର୍ଗ ଛତରି—    ଦୁର୍ଗ ମଥାମଣି,
ବର୍ଣ୍ଣିବାକୁ ବଳେ    ତାହାର କରଣୀ ।
ଗମ୍ଭୀର ପ୍ରଶସ୍ତ    ଥିଲା ଗଡଖାଇ,
ବିକଳାଙ୍ଗ ତୀର    ଦେଉଛି ଚହଲାଇ ।
ତାହା ମଧ୍ୟେ ଦୃଢ଼    ପ୍ରସ୍ତର ପ୍ରାଚୀର,
ମହାଦର୍ପେ ଊର୍ଦ୍ଧ୍ୱେ    ଟେକିଥିଲା ଶିର ।
ଉଦ୍ଦାମେ କିବିଡ଼    ବଂଶ ମହାରଣ୍ୟ,
ଅସ୍ତ୍ର ଶସ୍ତ୍ର ତହିଁ    ହୁଏ ଅକର୍ମଣ୍ୟ ।
ପରେ ପୁଣି ଜଳୀ    ବହୁଜଳେ ପୂର୍ଣ୍ଣ,
ଦେଖି ଶତ୍ରୁଦର୍ପ    ହୋଇଯାଏ ଚୂର୍ଣ୍ଣ ।
ଅନନ୍ତର ପୁଣି    ଦୃଢ଼ ବଂଶବନ,
ନପାରେ ଭେଦି ତା ସୁତୀକ୍ଷ୍ଣ ମାର୍ଗଣ ।
ତାହା ପଛେ ଥିଲା    ବିଶାଳ ଦୀର୍ଘିକା,
ରୂପ ଧରି ଯେହ୍ନେ    ସୁପ୍ତ ବିଭୀଷିକା ।
ତହିଁ ପରେ ଉଭା    ଘନ ବଂଶବନ,
ଯେସନ ଦୁର୍ଦ୍ଦାନ୍ତ    ଦାନବ ଭୀଷଣ ।

ତନ୍ନ ପାଶେ ବହେ ନଦୀ ତହିଁ ପରେ,
ମଧ୍ୟ ମହାଦୁର୍ଗ ଉଚ୍ଚ ଗର୍ବଭରେ ।
ଅଷ୍ଟ ପ୍ରତବନ୍ଧ ଲଙ୍ଘି ସହି କ୍ଳେଶ,
ତେବେ ଦୁର୍ଗେ ଶତ୍ରୁ କରିବ ପ୍ରବେଶ ।
ମାତ୍ର ତାହା ଅତି ଅସମ୍ଭବ କଥା,
ତେଣୁ ଥିଲା ଦୁର୍ଗ ଅଜେୟ ସର୍ବଥା ।
ଦୁର୍ଗ ଦଶ ଦ୍ୱାର ଦୃଶ୍ୟ ଅଭିରାମ,
ବହୁଥିଲା ତାହା ଚୂର୍ଣ୍ଣଦ୍ୱାର ନାମ ।
ହେଉଥିଲା ଚୂର୍ଣ୍ଣ ଶତ୍ରୁଦର୍ପ ତହିଁ,
ତେଣୁ ଏହି ନାମ ଥିଲା ଗର୍ବେ ବହି ।
ଦ୍ୱାରପାଶେ ଥିଲା ଅଙ୍କାଳୀ ଭୀଷଣା,
ଶତ୍ରୁ ମୁଣ୍ଡ ତହିଁ ହେଉଥିଲା ହଣା ।
ଗଡ଼ୁଥିଲେ ତହିଁ ପଣ ପଣ ମଡ଼ା,
ସେ ଭୀଷଣ ସ୍ମୃତି ଧରିଛି କାହ୍ନୁଡ଼ା ।
ଅଦୂରେ ବିରାଜେ ଦର୍ପଣ ସାଗର,
ଦର୍ପଣ ପରାୟେ ଦିଶେ ମନୋହର ।
ଥୋଇ ଦୁର୍ଗ ନୀଳ ଦର୍ପଣ ସମ୍ମୁଖେ ।
ନିଜ ପ୍ରତିବିମ୍ବ ଦେଖୁଥିଲା ସୁଖେ ।
ପୂର୍ବପରି ଏବେ ରହିଛି ସାଗର,
ଘଟିଛି ବିଳୟ ମାତ୍ର ସେ ଦୁର୍ଗର ।
କରାଳ କାଳର କି ଅଛି ଅସାଧ୍ୟ,
ଜଗତେ ସକଳେ ତାହା ପଦେ ବାଧ୍ୟ ।
ଭଙ୍ଗା ଗଢ଼ା ବେନି ବିଦ୍ୟାରେ ସେ ପଟୁ,
ହଠିଅ ସେ, ନାହିଁ ନିସ୍ତାର ତା ହଟୁ ।
ତାହା ପାଦେ ବନ୍ଧା ସମସ୍ତଙ୍କ ଚୁଟି,
ଦେଖାଇବ ତାକୁ କିଏ ବା ଭ୍ରୂକୁଟି ।

ଦୁସାଗର ବନ୍ଧ ଘୁରିପାଖ ହୁଡ଼ା,
ଉଚ୍ଚତାରେ ଦିଶେ ଯଥା ଗିରି ଚୂଡ଼ା,
ବସ୍ତର ରାଜ୍ୟର ଯୁଦ୍ଧକାମୀ ବୀରେ,
ଗୋପନରେ ଆସି ଅନ୍ଧାର ରାତିରେ ।

ଏ ହୁଡ଼ାକୁ ମଣି ଦୁର୍ଗର ପ୍ରାଚୀର,
ଲକ୍ଷ୍ୟ କରି ତଳେ ନିକ୍ଷେପିଲେ ତୀର ।
ସବୁ ବାଣ ଯାଇ ସରସୀ ଉଦରେ,
ଭାସିଲାକ ପଡ଼ି ଅଗାଧ ଜଳରେ ।
ପ୍ରଭାତ ଆଲୋକେ ଦେଖିଲେ ସକଳେ,
ପ୍ରକ୍ଷିପ୍ତ ଶାୟକ 'ଭାସୁଅଛି ଜଳେ ।
ନିଜ ଭ୍ରମ ବୁଝି ତହୁଁ ସର୍ବ ବୀର,
ଲଜ୍ଜାବଶେ କଲେ ଅବନତ ଶିର ।
ଦେଖି ସେମାନଙ୍କୁ ଦୁର୍ଗରକ୍ଷୀପୁଗେ,
ବନ୍ଦୀ କରି ତାଙ୍କୁ ଘେନିଗଲେ ଦୁର୍ଗେ ।
ଖାଇଲେ ସମସ୍ତେ ରାଜାଜ୍ଞାରେ ହାଣ,
ନିଜ ଦୁର୍ବୁଦ୍ଧିରେ ହରାଇଲେ ପ୍ରାଣ ।
ଆସିଥିଲେ ମୂଢ଼େ ଦୁର୍ଗ ଜୟ ଆଶେ,
ମାତ୍ର ପଡ଼ିଲେ ସେ ଶେଷେ ମୃତ୍ୟୁଗ୍ରାସେ ।
ପରର ଅନିଷ୍ଟ ପାଏଁ ଯେ ମସ୍ତରି,
ନିୟତି ତାହାକୁ ନାଶେ ଏହିପରି ।
ଗୁପ୍ତ ଆତତାୟୀ ଯେଉଁ ପ୍ରବଞ୍ଚକ,
ପଡ଼େ ତାହା ଶିରେ ଅକାଳ ଚଡ଼କ ।
ଆକ୍ରମେ ଯେ ଗୁପ୍ତେ ତସ୍କର ସଦୃଶ,
ବୀର ନୁହେଁ ସେ ତ ଭୀରୁ କାପୁରୁଷ ।

ନୈଋତ କୋଣରେ ବଡପଡ଼ା ଗ୍ରାମ,
କରୁଥିଲେ ତହିଁ ସୈନିକେ ବ୍ୟାୟାମ ।
ସେହିଠାରେ ଥିଲା ସୈନ୍ୟାବାସ ଠଣା,
ସୈନ୍ୟ ବାହୁଲ୍ୟର ନ ଥିଲା କଳନା ।
ଉତ୍ତର ଦ୍ୱାରଟି ସୁନ୍ଦର ସଜ୍ଜିତ,
ସେନାପୁର ଦ୍ୱାର ନାମେ ଅଭିହିତ ।
ଦୂରେ ଅବସ୍ଥିତ ତୁଙ୍ଗ ମାଟିସ୍ତୂପ,
ଦିଶୁଥିଲା ତାହା ପର୍ବତ ସ୍ୱରୂପ ।
ଜଗୁଥିଲେ ତହିଁ ପ୍ରହରୀଏ ଥାଇ,
ସେ ବାଟରେ ଶତ୍ରୁ ପଶି ପାରେନାହିଁ ।

ପୂର୍ବ ଦ୍ୱାରେ ଥିଲା ଶ୍ରେଣୀବଦ୍ଧ ଘର, *
ବଡ଼ ବଡ଼ ସାହି ସଜ୍ଜିତ ସହର ।
ପଶ୍ଚିମ ଦୁଆରେ ନଦୀଟାଏ ବହି,
ଅଗାଧ ଗଭୀର ଗଣ୍ଡ ଥିଲା ତହିଁ ।
ସେ ଦ୍ୱାରଟି ଥିଲା ନିର୍ଦ୍ଦିଷ୍ଟ ସ୍ଥାନେ,
ଦୁର୍ଗ ବାସିନୀଏ ଯାନ୍ତି ନଦୀସ୍ନାନେ ।
ଏହି ରୂପେ ଥିଲା ଦୁର୍ଗ ସୁରକ୍ଷିତ,
ପଶିବାକୁ ଶତ୍ରୁ ହେଉଥିବେ ଭୀତ ।
ନିର୍ମିତ ସେ ଦୁର୍ଗ ବିଚିତ୍ର କୌଶଳେ,
ସେଭଳି ସୁଦୁର୍ଗ ନଥିଲା ଉତ୍କଳେ ।

ଶଶୀସେଣା ନାମେ ସୁନ୍ଦର ମନ୍ଦିର,
ଦୁର୍ଗର ଅନ୍ଦରେ ଟେକିଥିଲା ଶିର ।
ବସନ୍ତି ଦେଉଳେ ଶଙ୍କରସଙ୍ଗିନୀ,
ଅଷ୍ଟଭୁଜା ଦୁର୍ଗା ମହିଷ ମର୍ଦ୍ଦିନୀ ।
ସେ ମନ୍ଦିରେ ବସି ପ୍ରବୁଦ୍ଧ ଅଙ୍ଗନା,
କରୁଥିଲେ ତନ୍ତ୍ର— ବିଦ୍ୟାର ସାଧନା ।

ଏ ପାଟଣା ରାଜ୍ୟ ତନ୍ତ୍ର ବିଦ୍ୟାବଳେ,
ଅର୍ଜିଥିଲା ବହୁ ଖ୍ୟାତି ଏ ଉତ୍କଳେ ।
ଅଦ୍ଭୁତ କରଣୀ ହେତୁ ଏ ରାଜ୍ୟର,
କାଉଁରୀ ପାଟଣା ଥିଲା ନାମାନ୍ତର ।
ଅଷ୍ଟକୁମାରୀଙ୍କ ଅପୂର୍ବ ଚରିତ,
ଜନମୁଖେ ହୁଏ ଅବଧି କୀର୍ତ୍ତିତ । ୧
ଏ ବିଦ୍ୟା ସାଧନେ ରାଣୀ ପଦ୍ମାବତୀ, ୨
ସମ୍ପୂର୍ଣ୍ଣ ସିଦ୍ଧତା ଲଭିଥିଲେ ସତୀ ।
ପଦ୍ମାବତୀ ମନ୍ତ୍ରେ ସାପୁଆ କେଳାଏ,
ଭରୁଛନ୍ତି ସର୍ପେ ବଶ ଆଜିଯାଏଁ ।
ନିକ୍ଷେପି ମନ୍ତ୍ରିତ ଧୂଳି ସର୍ପୋପରି,
ନାଗକୁ କରନ୍ତି ମଲ୍ଲୀଲତା ପରି ।
ଅଷ୍ଟ ଜ୍ଞାନଦେଈ ମାଲୁଣୀ ବିଷୟେ,
ଅଦ୍ଭୁତ ପ୍ରବାଦ ଅବୈଧ ପ୍ରଣୟେ ।
ସତ୍ୟ କିମ୍ବା ତାହା ଅତ୍ୟୁକ୍ତି କଳ୍ପନା,
ଭାବି ତାହା ବୁଝି ହୋଇଯାଏ ବଣା । ୩
ଅପର ସାଧିକା ନିତାଇ ଧୋବଣୀ,
ଅସମ୍ଭବ ତାର ଅଦ୍ଭୁତକରଣୀ ।

* ପୂର୍ବଦ୍ୱାର ଦୁର୍ଗର ସିଂହଦ୍ୱାର ଥିଲା ।

୧—ମଦନା ବା ଜ୍ଞାନଦେଈ ମାଲୁଣୀ, ନିତାଇ ଧୋବଣୀ, ଲୁହୁକୁଠୀ ଲୁହୁରୁଣୀ, ଶୁକୁଠୀ ଚମାରୁଣୀ, ପଦ୍ମସିନ୍ଧୁ ସହୁରୁଣୀ, ଗାଙ୍ଗୀ ଗଉଡୁଣୀ, ଶୁଆ ତେଲୁଣୀ ପ୍ରଭୃତି କୁମାରୀବୃନ୍ଦ ଦକ୍ଷିଣଦେଶବାସୀ ଧନ୍ୱନ୍ତରିନାମକ ବ୍ରାହ୍ମଣଠାରୁ ଶିକ୍ଷା କରି ଭେଲ୍କିବିଦ୍ୟାରେ ଅସୀମ କୃତିତ୍ୱପ୍ରଦର୍ଶନପୂର୍ବକ ପ୍ରାକୃତିକ ଉତ୍କଳକୁ ଚମତ୍କୃତ କରି-ଦେଇଥିଲେ । ସେମାନଙ୍କ ଅଦ୍ଭୁତକରଣୀ ସମ୍ବନ୍ଧରେ ଅତ୍ୟାଶ୍ଚର୍ଯ୍ୟ ଘଟଣାମାନ ଅବଧି ଜନମୁଖରେ ଶୁଣା-ଯାଉଅଛି ।

୨—ରାଣୀ ପଦ୍ମାବତୀ ତନ୍ତ୍ରବିଦ୍ୟାରେ ସମ୍ପୂର୍ଣ୍ଣ ସିଦ୍ଧତା ଲାଭ କରିଥିଲେ । ସେ ଲଘିମା ସିଦ୍ଧିବଳରେ ପଦ୍ମପତ୍ର ଉପରେ ଯାତାୟାତ କରି ଜଳକଳସ ପୁଷ୍କରିଣୀ ମଧ୍ୟରୁ ଆଣି ପାରୁଥିଲେ ।

୩—ପ୍ରବାଦ ଅଛି -କେସରୀ ରାଜକନ୍ୟା "ଶଶୀସେଣା" ମନ୍ତ୍ରୀପୁତ୍ର "ଅହିମାଣିକ୍ୟ"ଙ୍କୁ ପୁରୋହିତ ସୂତ୍ରରେ ବିବାହ କରି ପାଟଣା ଭ୍ରମଣ ଉଦ୍ଦେଶ୍ୟରେ ଆସିଲେ । ମନ୍ତ୍ରୀକୁମାର ରାଜକୁମାରୀଙ୍କ ପାଇଁ ଫୁଲ କିଣିବା ଉଦ୍ଦେଶ୍ୟରେ ଜ୍ଞାନଦେଈ ମାଲୁଣୀ ଦୋକାନରେ ପହଞ୍ଚିଲେ । ମାଲୁଣୀ ତାଙ୍କ ରୂପରେ ମୁଗ୍ଧ ହୋଇ ଛଳନା କରି ତାଙ୍କୁ ଘରକୁ ଡାକିନେଲା । ସେଠାରେ ତାଙ୍କୁ ଫୁଲ ଶୁଙ୍ଘାଇ ଦେଇ ଦିନରେ ମେଣ୍ଢାକରି ରଖିଲା ଏବଂ ରାତିରେ ମନୁଷ୍ୟ କରି ନିଜର ଅଭିସନ୍ଧି ସାଧନ କଲା । ରାଜକୁମାରୀ ମନ୍ତ୍ରୀପୁତ୍ରଙ୍କୁ ଫେରି ନ ଆସିବାର ଦେଖି

କୌତୂହଳପ୍ରିୟ ଜନଙ୍କ ନିମିତ୍ତ,
ପାଦ ଟୀକାରେ ତା ହୋଇଛୁ ଲିଖିତ । *
ପାଠଣାର ଦେଖି ଅଲୌକିକ କାର୍ଯ୍ୟ,
କହନ୍ତି ତାହାକୁ ଲୋକେ ଭେଳକିକାର୍ଯ୍ୟ ।
ତନ୍ତ୍ର ବିଦ୍ୟା ଏବେ ଦେଶେ ଅନାସ୍ଥିତ,
ମାତ୍ର ପାଠଣାରେ ରହିଛି ଜୀବିତ ।
ସର୍ବ ବିଦ୍ୟା ମଧ୍ୟେ ଯୋଗବିଦ୍ୟା ସାର,
ଅନ୍ୟତମ ଶାଖା ତନ୍ତ୍ରବିଦ୍ୟା ତାର ।
କଦର୍ଯ୍ୟ କାର୍ଯ୍ୟରେ ଲଗାଇଣ ତାହା
ମହାବିଦ୍ୟା ହେଲା ହୀନବୀର୍ଯ୍ୟ ଆହା ।
ଅଧମ ସାଧକେ ନ ବୁଝି ତା ତତ୍ତ୍ୱ,
କରି ଦେଲେ ପଣ୍ଡ ତାହାର ମହତ୍ତ୍ୱ ।
ଅବିଦ୍ୟାରେ ମିଶି ହେଲା ସେ ଘୃଣିତ,
କର୍ମନାଶା ହେଲା ଗଙ୍ଗାରେ ମିଶ୍ରିତ ।
ମହାପ୍ରସାଦରେ ମିଶିଲା ଆମିଷ,
ଚଣ୍ଡାଳ ସହିତ ସଙ୍ଗୀ ଋଷିଶିଷ୍ୟ ।
କିମ୍ବା ଆଶୀର୍ବାଦ ସଙ୍ଗେ ଅଭିଶାପ,
ଅଥବା ମିଶିଲା ପୁଣ୍ୟ ସହ ପାପ ।
ପବିତ୍ର ଚରିତ୍ର ଧର୍ମ ସଂରକ୍ଷକ,
ଏ ମହାବିଦ୍ୟାର ପ୍ରକୃତ ସାଧକ ।
ନିସ୍ପୃହ ନିଷ୍ଠ ଶିଷ୍ଟ ଜ୍ଞାନ ବିଚକ୍ଷଣ,
ଏ ବିଦ୍ୟା ସାଧନେ ସେ ଏକା ଭାଜନ ।
ଷଡ୍‌ରିପୁ ସଂଯମ— ବ୍ରତୀ ବ୍ରହ୍ମଚାରୀ,
ଏ ମହାବିଦ୍ୟାର ସେହି ଅଧିକାରୀ ।
ଶୁଦ୍ଧ ଶୁଚିବନ୍ତ ବିଷୟବୈରାଗୀ,
ଧୀର ଚିତ୍ତ ବିଜ୍ଞ ଯୋଗୀ ମହାତ୍ୟାଗୀ ।
ସର୍ବ ଶାସ୍ତ୍ର ଦକ୍ଷ ଧୈର୍ଯ୍ୟ କ୍ଷମାଧାର,
ସୁଯୋଗ୍ୟ ସାଧକ ସେହି ଏ ବିଦ୍ୟାର ।
ସମାଜର ଶତ୍ରୁ ଯୋଗତନ୍ତ୍ର ବେତ୍ତା,
ଅଟେ ସର୍ବୋନ୍ନତ ତାକୁ ଅଗ୍ରେ ଘେନ ।

ବ୍ୟାକୁଳ ହେଲେ । ସେ ଏଥି ଗୋପନ ରଖି "ଶଶୀଧର" ନାମ ଗ୍ରହଣ କରି ପୁରୁଷ ବେଶରେ ତାଳ୍ପାଳର ପାଠଣାରାଜା ମାଧବଚନ୍ଦ୍ରଙ୍କ ନିକଟକୁ ଯାଇ ଚାକିରି ପ୍ରାର୍ଥନା କଲେ । ରାଜା ତାଙ୍କୁ ସୈନ୍ୟବାହିନୀରେ ରଖିଲେ । ଗୋଟାଏ ଦୁର୍ଦ୍ଦାନ୍ତ ଗଣ୍ଡାକୁ କେହି ମାରି ନ ପାରିବାରୁ ରାଜା ଘୋଷଣା କଲେ ଯେ ଗଣ୍ଡାକୁ ମାରିବ, ସେ ରାଜ-କୁମାରୀଙ୍କୁ ବିବାହ କରିବ । ଶଶୀଧର ଗଣ୍ଡାକୁ ମାରି ରାଜକନ୍ୟାଙ୍କୁ ବିବାହ କଲେ । ରାତିରେ ସେ ରାଜକନ୍ୟାଙ୍କୁ କହିଲେ—ମୁଁ ଗୋଟିଏ ବ୍ରତ ଧାରଣ କରିଛି, ତାହା ପୂର୍ଣ୍ଣ ନ ହେବାଯାଏଁ ମୁଁ ତୁମ୍ଭ ସଙ୍ଗରେ ସଂସାର ଧର୍ମ ପାଳନ କରିବି ନାହିଁ । ତୁମ୍ଭ ପିତାଙ୍କୁ କହି ଗୋଟିଏ ଦେଉଳ ତୋଳାଇ ଦିଅ, ମୁଁ ସେଠାରେ ବ୍ରତ ଉଦ୍‌ଯାପନ କରିବି । ଦେଉଳ ପ୍ରତିଷ୍ଠାଦିନ ଯାତ୍ରା ଦେଖିବାପାଇଁ ଅନେକ ଲୋକ ଆସିଲେ । ଜ୍ଞାନଦେଈ ମାଲୁଣୀ ଏବଂ ଅହିମାଣିକ୍ୟ ମଧ୍ୟ ସେଠାକୁ ଆସିଲେ । ଫେରିବାବେଳେ ଅହିମାଣିକ୍ୟ ମାଲୁଣୀ ଠିକଣା ଏବଂ ନିଜର ଅବସ୍ଥା ଦେଉଳ କାନ୍ଥରେ ଲେଖି ଦେଇଗଲେ । ପରଦିନ ଶଶୀଧର ତାହା ପାଠ କରି ବ୍ରତ ଉଦ୍‌ଯାପନ ସକାଶେ ରାଜାଙ୍କୁ କେତେଗୁଡ଼ିଏ ମେଣ୍ଢା ମାଗିଲେ । ରାଜାଜ୍ଞାରେ ବହୁତ ମେଣ୍ଢା ଆସିଲା । ବାଧ୍ୟ ହୋଇ ଜ୍ଞାନ ଦେଈ ମାଲୁଣୀ ତାହାର ଛଦ୍ମରୂପୀ ମେଣ୍ଢାକୁ ମଧ୍ୟ ଆଣିଲା । ରାଜ ସମ୍ମୁଖରେ ଶଶୀଧର ମାଲୁଣୀକୁ ଭୟ ଦେଖାଇବାରୁ ସେ ମେଣ୍ଢାକୁ ମନୁଷ୍ୟ କରିଦେଲା । ଶଶୀଧର ସମସ୍ତ ବିଷୟ ରାଜାଙ୍କୁ ଜଣାଇବାରୁ ରାଜା ଆନନ୍ଦରେ ନିଜର କୁମାରୀଙ୍କୁ ଅହିମାଣିକ୍ୟ ସହିତ ବିବାହ କରିଦେଲେ । ଜ୍ଞାନଦେଈ ମାଲୁଣୀର ଅନ୍ୟ ନାମ ଥିଲା—ମଦନା ଦେଈ ମାଲୁଣୀ ।

*ନେତେଇ ଧୋବଣୀ ନିଜର ପୋଢ଼କୁ କାଟି ଖଣ୍ଡ ଖଣ୍ଡ କରେ ଏବଂ ତାହାର ପୁଅକୁ କାଟି ତରକାରି କରେ । ଖାଇବା ପୂର୍ବରୁ ଡାକିଲେ ପୁଅ ଆସି ପହଞ୍ଚେ । ମାଆ ପୁଅ ଏକ ସଙ୍ଗରେ ଖାଆନ୍ତି । ଏହିଭଳି ଅଦ୍ଭୁତ ପ୍ରବାଦ ଏ ପର୍ଯ୍ୟନ୍ତ ପାଠଣା ରାଜ୍ୟରେ ଶ୍ରୁତିଗୋଚର ହୁଏ ।

ହେବ ଯେବେ ଦେଶ ତହିଁରେ ପ୍ରମାଣ,
ପୂର୍ବ ଭାଗ୍ୟ ଫେରି ଆସିବ ସେ ଧନ ।

ବ୍ରହ୍ମପୁର ଗ୍ରାମେ ଅପୂର୍ବ ରୁଚିର, (୧)
ଜଗନ୍ନାଥଙ୍କର ତୁଙ୍ଗ ମନ୍ଦିର ।
ଚୌହାନ-ଚନ୍ଦ୍ରମା ଧାର୍ମିକ ରମାଇ,
ଏ ମହା ଦେଉଳ ଥିଲେକ ତୋଳାଇ ।
ପ୍ରଭୁ ଜଗନ୍ନାଥ ବିଶ୍ୱଜନ୍‌ଧାତା,
ଅଧିଷ୍ଠିତ ତହିଁ ଯେଣୁ ଭଗ୍ନୀ ଭ୍ରାତା ।
ଭୋଗ ପୂଜା ପାଇଁ ବହୁ ଭୂସମ୍ପତ୍ତି,
ଖଞ୍ଜି ଯାଇଛନ୍ତି ବିଜ୍ଞ ନରପତି ।
ଦେଉଳ ସମ୍ମୁଖେ ଉଚ୍ଚ କୁମ୍ଭପ୍ରଭ,
ପକ୍ଷୀନ୍ଦ୍ର ଗରୁଡ଼ ସୁବିଶାଳ ସ୍ତମ୍ଭ ।
ଶୋଭିତ ତାହାର ହୋଇଛି ପ୍ରୋଥିତ,
ଅନୁଜ ଅରୁଣ- ସ୍ତମ୍ଭ କଳାଶ୍ରିତ ।
ବ୍ରହ୍ମପୁର ଗ୍ରାମ ସୁନିର୍ମଳ ଅତି,
ଶୁଦ୍ଧ ଆରଣ୍ୟକ ବ୍ରାହ୍ମଣ ବସତି ।
ପ୍ରତି ଅଳିନ୍ଦରେ ଅଲେଲ ବାଳିକା,
ଖେଳୁଥାନ୍ତି ଯେଣୁ କୃତ୍ରିମ ପୁର୍ଣିକା । (୨)
ଭାବୀ ଜୀବନର କର୍ତ୍ତବ୍ୟ ସମସ୍ତ
ଅନୁକରଣରେ ହୁଅନ୍ତି ଅଭ୍ୟସ୍ତ ।
ଅତୀତ ଜନ୍ମର ଜାଗ୍ରତ ସଂସ୍କାର,
କରେ ତାଙ୍କ ପ୍ରାଣେ ପ୍ରଭାବ ବିସ୍ତାର ।
ଉତ୍କଳ ସମ୍ରାଟ ଭ୍ରାତୃସ୍ପର୍ଦ୍ଧୀ ଭର,
ରହୁଥିଲେ ଯାର ରମ୍ୟାଇ ନୃବର ।

ଯାତ୍ରା ଶେଷେ ତହୁଁ ଫେରିବା ସମୟେ,
ଆଣିଥିଲେ ଏହି ବ୍ରାହ୍ମଣନିଚୟେ ।
ଅର୍ପି ସେମାନଙ୍କୁ ବହୁ ଭୂସମ୍ପତ୍ତି,
ରଖାଇ ଅଛନ୍ତି ଏଠାରେ ଭୂପତି ।
ସକଳ ନୀତିରେ ସେ ବିପ୍ର ପଣ୍ଡିତ,
ଜ୍ଞାତ ରାଜକାର୍ଯ୍ୟେ ଥିଲେ ନିଯୋଜିତ ।
ଅପରାଧୀ ଜନ ଛୁଇଁଲେ ଏ ସ୍ଥାନ,
ଲଭୁଥିଲେ ରାଜ- ଦଣ୍ଡୁ ପରିତ୍ରାଣ ।
ଏ ଗ୍ରାମନିବାସୀ ବ୍ରାହ୍ମଣ ପଣ୍ଡିତ,
କରୁଥିଲେ ତାଙ୍କୁ ସାମାନ୍ୟ ଦଣ୍ଡିତ ।
ସେହି ବ୍ରାହ୍ମଣଙ୍କ ବଂଶଧରମାନେ,
ଭୋଗୁଛନ୍ତି ବୃତ୍ତି ରହି ନାନାସ୍ଥାନେ । ୩

ଅନ୍ୟ ଦେବାଳୟ ହରେ ଦୃଷ୍ଟିରଞ୍ଜି,
ନୂତନ ଧରଣେ ହୋଇଛି ଗଢ଼ିତ ।
ପ୍ରତିଷ୍ଠିତ ତହିଁ ସାକ୍ଷୀ ଗୋପୀନାଥ,
ସର୍ବତ୍ର "କାଳିଆ ଭାଇଜୁ" ନାମେ ଖ୍ୟାତ ।
ସମ୍ମୁଖେ ଗରୁଡ଼ ସ୍ତମ୍ଭ ଅବସ୍ଥିତ,
ମର୍ମର ପ୍ରସ୍ତରେ ଗରୁଡ଼ ନିର୍ମିତ ।
ଶ୍ରୀ ରାଜେନ୍ଦ୍ର ଦେବ ନବୀନ ଭୂପାଳ,
ଏ ଦେଉଳ ତାଙ୍କ ସୁକୀର୍ତ୍ତି ଶରାଳ ।
ମନୋହର ରୂପେ ବଂଶୀଧାରୀ ମୂର୍ତ୍ତି,
ଦେଇ ରଖିଲେ ପୂର୍ବଦେବ ସ୍ମୃତି । ୪
ଦେବନୀତି ପାଇଁ ନୃପ ସଂଶୋଧନ,
ଖଞ୍ଜି ଦେଇଛନ୍ତି ଯଥା ପ୍ରୟୋଜନ ।

(୧) ବ୍ରହ୍ମପୁର ଗ୍ରାମ ପାଟଣାଗଡ଼ର ଅନତିଦୂରରେ ଅବସ୍ଥିତ । (୨) କଣ୍ଢେଇ ।

୩ ଉକ୍ତ ବ୍ରାହ୍ମଣ ବଂଶଧରମାନେ ବ୍ରହ୍ମପୁର ଓ ଚନ୍ଦନଭାଟି ପ୍ରଭୃତି ଗ୍ରାମରେ ଅବସ୍ଥାନ କରୁଅଛନ୍ତି ।

୪ ସାକ୍ଷୀ ଗୋପୀନାଥ ବା କାଳିଆଭାଇଙ୍କ ମୂର୍ତ୍ତି ଭଗ୍ନ ହୋଇଯିବାରୁ ସେହି ସ୍ଥାନରେ ନୂତନ ଦେଉଳ ନିର୍ମିତ ହୋଇ ନୂତନ ମୂର୍ତ୍ତି ସ୍ଥାପିତ ହୋଇଅଛନ୍ତି । ବର୍ତ୍ତମାନ ମହାରାଜା ଏ ଦେଉଳ ନିର୍ମାଣ କରାଇଅଛନ୍ତି ଏବଂ ଦେବପୂଜା ନିର୍ବାହ ପାଇଁ ଗ୍ରାମ ଖଞ୍ଜି ଦେଇଅଛନ୍ତି ।

ଦୟାର୍ଦ୍ର ସୁନ୍ଦର ମୃଗୀ ପଙ୍କଜାକ୍ଷ,
ପ୍ରଦାନେ ତାହାଙ୍କ ସୁରୁଚିର ସାକ୍ଷ୍ୟ ।
ହେଲେହେଁ ତରୁଣ ସ୍ୱଳ୍ପବୟସ୍କ ସେ,
ମାନସ ହୃଦପୂର୍ଣ୍ଣ ଭକ୍ତି ପ୍ରେମ ରସେ ।
ଯଥାକୁଳେ ଜନ୍ମ କହନ୍ତୁ ସେ ତଥା,
ରାଜେନ୍ଦ୍ର ଅଭିଧା ସାର୍ଥକ ସର୍ବଥା ।
ପୁଷ୍ପରି ସ୍ୱଭାବ ସୁଗନ୍ଧ ପ୍ରକାଶେ,
ତୁଳସୀ, ସୁକନ୍ୟା ଦୁଇ ପତ୍ରୁ ବାସେ ।

ଅଗ୍ରେ ଉଗ୍ର ଶିବ ବକ୍ଷରେ କରାଳୀ,
ନୃମୁଣ୍ଡମାଳିନୀ ଚତୁର୍ଭୁଜା କାଳୀ ।
ଏକ ହସ୍ତେ ଖଣ୍ଡା ଦ୍ୱିତୀୟେ ଖର୍ପର,
ଶୋଣିତ କଣ୍ଠାଗ୍ର— ଯୁକ୍ତ ଅନ୍ୟକର ।
ଚତୁର୍ଥରେ ଧର୍ଯ୍ୟ ଛିନ୍ନ ନରମୁଣ୍ଡ,
ସମ୍ମୁଖେ ଯୋଗିନୀ ହୋଇଛନ୍ତି କୁଣ୍ଡ ।
ମୂର୍ତ୍ତିର ଗଠନ ସୁନ୍ଦର ଭୀଷଣ,
ଦିଶେ ନୂଆ ପରି କିନ୍ତୁ ପୁରାତନ ।

ଦେଉଳ-ମାଳିନୀ ରାଜ୍ୟ ଏ ପାଟଣା,
ଦାନ-ଦୟାବତୀ ଧର୍ମପରାୟଣା ।
ସର୍ବସ୍ୱ ଦେଉଳ ତୋଳିଅଛି ଯଥା,
ରାଜକୀର୍ତ୍ତି ଏଥି କହି ଗୁଲେ କଥା ।
ପ୍ରଜା କୀର୍ତ୍ତିରେ ବି ତୁଟେ ହି ରାଜ୍ୟ ଦୀନ,
ଫୁଟେ କି କାସାରେ କେବଳ ନଳିନ ?
ଫୁଟେ ସୁନ୍ଦା ତହିଁ କୁମୁଦ କହ୍ଲାର,
ଗୋଲାପ ଉଦ୍ୟାନେ ଫୁଟେ ବି ମନ୍ଦାର ।
ରବି ଶଶୀ କରେ ଉଜ୍ଜ୍ୱଳ ଭୂଲୋକ,
ଖଦ୍ୟୋତ ବି ତହିଁ ଜାଳେ କ୍ଷୀଣାଲୋକ ।

ରାମଚନ୍ଦ୍ର ନୃପତି ଯେଉଁ ଧର୍ମ ମୂଳେ,
ପ୍ରତିବିମ୍ବ ତାର ପଡ଼େ ପ୍ରଜାହୃଦେ ।
ବହୁଛି ପାଟଣା ଏହି ଶୁଭାଦର୍ଶ,
ଖେଳୁଛି ତା ପ୍ରାଣେ ତେଣୁ ସଦା ହର୍ଷ ।
ଦଳ ମେହେରଙ୍କ ରାମଜୀ ଦେଉଳ,
ରୂପାଗିରି ପ୍ରାୟ ଦିଶେ ସୁଉଚ୍ଚୁଳ ।
ଦେଉଳ ମଧ୍ୟସ୍ଥ ରମ୍ୟ ସିଂହାସନେ,
ବିଜେ ରାମ ଦେବ ଜାନକୀ ଲକ୍ଷ୍ମଣେ ।
ମେନା ମେହେରର ବିଶାଳ ଦୀର୍ଘିକା,
ଗାଉଛି ତାହାର ସୁକୀର୍ତ୍ତି ଗୀତିକା ।
ସ୍ୱଚ୍ଛ ସୁନିର୍ମଳ ସେ ସରସୀପୟ,
ଯଥା କୀର୍ତ୍ତିକାରୀ ମେନାର ହୃଦୟ । *

---

## ଚତୁର୍ଥ ସର୍ଗ

### (ବଙ୍ଗଳା-ଶ୍ରୀ)

ଗୁଲ ଗୁଲ ମନ ଦେଖିବୁ ପରା ତୁ
"ରାଣୀପୁର" "ଝରିଅଲ"
କି ଦୁର୍ଦ୍ଦଶା ତାର ଘଟାଇଛି ଏବେ
ଦାରୁଣ କୁଟିଳ କାଳ ! !
ସମସ୍ତ ସ୍ରୋତରେ ଉଜାଣି ପହଁରି
ତଳକୁ ଆସିଲେ ଭାସି,
ସ୍ତମ୍ଭୀଭୂତ ହେବୁ ଅସହ୍ୟ କରୁଣ,
ଦୃଶ୍ୟ ଦେଖି ରାଶି ରାଶି ।
ଦେଖ ଇତସ୍ତତଃ ରହିଛି ବିକ୍ଷିପ୍ତ
ଦୁର୍ଗର ଅସ୍ଥି ପଞ୍ଜର,
ଥିଲା ଏହା ଦିନେ ଉତ୍କଳ-ରାଜ୍ୟର
ଦ୍ୱିତୀୟ ଭୁବନେଶ୍ୱର ।

* ପାଟଣା ଭୁଲିଆ ଜାତିର ଅବସ୍ଥାନ । 'ମେହେର' ସେ ଜାତିର ଉପାଧି । ସେମାନଙ୍କ ମଧ୍ୟରେ ଅନେକ ଧନୀ ଅଛନ୍ତି । ଦଳମେହେର ଓ ମେନା ମେହେର ସେ ଜାତିର ଭୂଷଣ ସ୍ୱରୂପ ଥିଲେ ।

ଶରୀରୁ ତାହାର    କ୍ରୂର କାଳ ବ୍ୟାଘ୍ର
ନିର୍ଦ୍ଦୟ ନିର୍ମମ ଗଢ଼,
ଶୋଷିନେଇ ରକ୍ତ    ଝାମ୍ପି ଖାଇ ମାଂସ
ଫିଙ୍ଗି ଦେଇଅଛି ହାଡ଼ ।

ସଯତ୍ନ-ସଜ୍ଜିତ    ପୁଷ୍ପ ଉଦ୍ୟାନର
ସରଳ ସୁନ୍ଦର ପନ୍ତି,
ଭାଙ୍ଗିଦେଇ କବା    ଉଗ୍ର ପ୍ରଭଞ୍ଜନ
ପକାଇଛି ତାକୁ ମର୍ଦ୍ଦି ।

ମହାମାରୀ କାଳେ    ଶ୍ମଶାନର ଶବ
ଦିଶେ ଯଥା ଭୟଙ୍କର ।
ଦିଶୁଅଛି ତଥା    ଶ୍ରୀହୀନ ଭୀଷଣ
ଏ ଦୁର୍ଗର କଳେବର ।

ଶୋଭା-ସମ୍ପଦରେ    ଥିଲା ଯେଉଁ ଦୁର୍ଗ
ବାସନ୍ତୀ ପୂର୍ଣ୍ଣିମା ଚନ୍ଦ୍ର,
ଦେଖି ଏବେ ତାର    କାଙ୍ଗାଳୁଣୀ ବେଶ
ମାଡ଼ୁଅଛି ଦୁଃଖେ କାନ୍ଦ ।

ଅଲକ୍ଷ୍ମୀ ଅବାସ    ପ୍ରାୟ ଦିଶେ ଭଗ୍ନ
ଇଷ୍ଟକ ପ୍ରସ୍ତର ସ୍ତୂପ,
ନିଷ୍ଠୁର-ନିୟତି    ପୋତିଛି କି ଅହା
ଧ୍ୱଂସ-ମହାଯଜ୍ଞ ଯୂପ ।

ମହାକୀର୍ତ୍ତିରାଜି    ଭଗ୍ନସ୍ତୂପ ଦେଖି
ମାନେ ସେ ପ୍ରତେ ଏସନ,
ଅଜିତ ବିକ୍ରମ    ପ୍ରମତ୍ତ ମାତଙ୍ଗ
ମର୍ଦ୍ଦିଛି କି ପଦ୍ମବନ ।

ଅଥବା ନିଷ୍ଠୁର    ଧ୍ୱଂସ-ଦେବତାର
ଦୁରନ୍ତ ଦାନବ ଭୃତ୍ୟ,
ଗୁରୁ ଗର୍ବେ ମାତି    କରିଥିଲା ଏଥି
ଭୀଷଣ ତାଣ୍ଡବ ନୃତ୍ୟ ।

କେତେ ଦେବ ମୂର୍ତ୍ତି    ମୁହଁ ମାଡ଼ି ଶୋକେ
ହୋଇଛନ୍ତି ଅଚେତନ,
ଦେଖୁଛନ୍ତି କି ସେ    ପୂର୍ବ ସୌଭାଗ୍ୟର
ଉଲ୍ଲାସବୋଲା ସ୍ୱପନ ।

ବହୁ ସୁବିଖ୍ୟାତ    ଗଙ୍ଗବଂଶର ଏ
ଥିଲା ରମ୍ୟ ରାଜଧାନୀ,
କହିଲେ ଏହାକୁ    ରାଜଧାନୀ, ହେବ
ରାଜଧାନୀ ମାନହାନି ।

ନନ୍ଦନ କାନନ    ପରିଣତ ଏବେ
ବିକଟ ମହାଶ୍ମଶାନେ,
ଉତ୍କଳ ଦେଶର    ଭାଗ୍ୟ-ଶ୍ରୀ-ଗୌରବ
ପୋତା ଅହା ଏହି ସ୍ଥାନେ ।

ଉତ୍କଳ-ସମ୍ରାଟ    ଲଳିତ କେଶରୀ
କେଶରୀ-ଗୌରବଟୀକା,
ତୋଳିଥିଲେ ଏଥି    ବହୁ ବର୍ଷେ ଯେଉଁ
ନଭଶ୍ଚୁମ୍ବୀ ଅଟ୍ଟାଳିକା ।

ପ୍ରସ୍ତରର କଡ଼ି    ପ୍ରସ୍ତର ପଟାରେ
ନିର୍ମିତ ତାହାର ଛାତ,
ସମଗ୍ର ଉତ୍କଳ-    ପ୍ରଦେଶ ମଧ୍ୟରେ
ଥିଲା ତାହା ସୁବିଖ୍ୟାତ ।

ଧରିଅଛି ଏବେ    ସେ ମହା-ଅଟ୍ଟାଳୀ
ଜୀର୍ଣ୍ଣ ବିକଳାଙ୍ଗ ବେଶ,
ଅତୀତ ଯୁଗର    ସ୍ମୃତି ରୂପେ ଉଭା
ଏବେ ତା ଭଗ୍ନାବଶେଷ ।

ଲୋହିତ ପ୍ରସ୍ତରେ    ଖୋଳା ହୋଇଥିଲା
ସରୁ ସରୁ କାରୁକାମ,
ଉତ୍କଳ ଶିଳ୍ପୀର    ଅଦ୍ଭୁତ ପ୍ରତିଭା
ଦେଖାଉଥିଲା ସେ ହର୍ମ୍ୟ ।

ପଡ଼ିଅଛି କେତେ,    ଦେବଦେବୀ ମୂର୍ତ୍ତି
ଅର୍ଦ୍ଧଭଗ୍ନ ବିକଳାଙ୍ଗ,
ସତେ ଯେହ୍ନେ କେଉଁ    ଦୈତ୍ୟ ଯୁଦ୍ଧେ ସର୍ବେ
କରି ପ୍ରାଣ-ପଣ ସାଙ୍ଗ ।

ନିସ୍ତବ୍ଧ ପ୍ରାନ୍ତରେ    ପୁଞ୍ଜୀଭୂତ ଏଥି
ପ୍ରସ୍ତର ପ୍ରତିମା ବ୍ୟୂହ,
ବର୍ଷା ଧାରା ବ୍ୟାଜେ    ଢାଳି ଦେଉଛନ୍ତି
ନୟନଯୁଗଳୁ ଲୁହ ।

ମହାଶୋକେ ଦେବୀ ଉତ୍କଳ-କମଳା
କରିଛନ୍ତି ଏଥି ବାସ,
ଗ୍ରୀଷ୍ମ ବାତ ଛଳେ ତେଜୁଛନ୍ତି କି ସେ
ଦୁଃଖର ତପ୍ତ ନିଶ୍ୱାସ ।

ଅଭ୍ୟନ୍ତର ସ୍ଥାନେ ପଡ଼ି ରହିଅଛି
କାରୁକାର୍ଯ୍ୟ ହୀନ ଖମ୍ବ,
ପ୍ରକାଣ୍ଡ ପୃଥୁଳ ଏ କୌପଳଭ ସେ
ପଞ୍ଚବିଂଶ ହସ୍ତଲମ୍ବ ।
ଅଦୂରେ ତାହାର ଇଷ୍ଟକ ଦେଉଳ
ବହିଅଛି ତନି ମୁଦ,
ଅବହେଳିତ ସେ ଏକାଳେ ତାହାର
ଦୃଶ୍ୟ ଅତି ମର୍ମନୁଦ ।
ଇଷ୍ଟକ ତାହାର ସ୍ଥୂଳ ସୁବିସ୍ତୃତ
ଲମ୍ବ ପ୍ରାୟ ଏକହାତ,
ଇଷ୍ଟକ ନୁହେଁ ସେ ଚଉଡ଼ା ପଥର
ପ୍ରାୟ ହୁଏ ପ୍ରତିଭାତ ।
ଇଷ୍ଟକ ଉପରେ ବିଖୋଦିତ ମୂର୍ତ୍ତି
ସୂଚସୂକ୍ଷ୍ମ କାରୁକର୍ମ,
ହସ୍ତପ୍ରସ୍ତୁତ ସେ କିନ୍ତୁ କଳକୃତ
ପ୍ରାୟ ଦେଖି ହୁଏ ଭ୍ରମ ।
ଅଦ୍ଭୁତ ତାହାର ନିର୍ମାଣ କୌଶଳ
ମସଲା ଚୂନ ବର୍ଜିତ,
ଇଟା ପରେ ଇଟା ସୁରକ୍ଷିତ ହୋଇ
ସେ ମନ୍ଦିର ସୁନିର୍ମିତ ।
ଯଶେ ମନ୍ତ୍ରବଳେ ଗଢ଼ା ହେଲା ପ୍ରାୟ
ଦେବଶୂନ୍ୟ ସେ ଦେଉଳ,
ଦୂରରୁ ଆଭାସେ ଫୁଟିଲା ପରାୟେ
ଫାଟିଲ କମଳ ଫୁଲ ।
ଦେଉଳ ବାହାର ଭିତ୍ତି ଇଷ୍ଟକରେ
ବିସ୍ତର ମୂର୍ତ୍ତି ଖୋଦିତ,—
ରହିଛି ତା ଦେଖି ମହାଶିଳ୍ପ ମଧ୍ୟ
ନିଶ୍ଚୟ ହେବ ଲଜ୍ଜିତ ।
ଉତ୍ତରେ ନୃସିଂହ ଦେବ କରୁଛନ୍ତି
ହିରଣ୍ୟକୁ ବିଦାରଣ,
ପଶ୍ଚିମେ ମୁଣ୍ଡାଇ ଉଭା ହନୁମାନ
ଗିରୀନ୍ଦ୍ର ଗନ୍ଧମାଦନ ।
ଦକ୍ଷିଣେ ବରାହ ମୂର୍ତ୍ତି ଅବସ୍ଥିତ
ବହି ରକ୍ଷବଧଦର୍ପ,
ପ୍ରତ୍ୟେକ ସ୍ତମ୍ଭରେ ଗୁଡ଼ାଇ ହୋଇଛି
ସପ୍ତଫେଣୀ ଉଗ୍ରସର୍ପ ।
ଧୂପ ଫୁଲ ନୈ ସହିତରେ ଏବେ
ତାହାର ନାହିଁ ସମ୍ବନ୍ଧ,
ବାଘ ଭାଲୁ ଦେହ ଘର୍ଷଣେ ସଂଜାତ
ବାହାରୁଛି ପୂତିଗନ୍ଧ ।
ମନ୍ଦିର ଗଠନ ପ୍ରଣାଳୀ ନିରେଖି
ବୈଜ୍ଞାନିକ ସର୍ବଶ୍ରେଷ୍ଠ,
ବଣା ବୁଦ୍ଧି ହୋଇ ବିଷମ ଲଜ୍ଜାରେ
କରିବେ ମସ୍ତକ ହେଠ ।

ଚଟାଣ ଏକାଂଶେ ରତ ଶିବଦୁର୍ଗା
ଉଗ୍ର ନୃତ୍ୟେ ଭୟାବହ,
ଉନ୍ମାଦ ତାଣ୍ଡବ ନୃତ୍ୟପରାୟଣ
ଚୌଷଠି ଯୋଗିନୀ ସହ ।
ଅଷ୍ଟଭୁଜ ଶିବ ଊର୍ଦ୍ଧ୍ୱ ଦୁଇ କରେ
ଧରିଛନ୍ତି ଦୁଇଫଣୀ,
ତନ୍ନିମ୍ନ କରରେ ତ୍ରିଶୂଳ ଖଟ୍ୱାଙ୍ଗ
ବହିଛନ୍ତି ଦେବୀରାଣୀ ।
ତୃତୀୟ ଦ୍ୱିକରେ ମୁଦ୍ରା, ଜପମାଳା
ଚତୁର୍ଥ କରେ ଡମ୍ବରୁ,
ଅପର କରଟି ଯାଇଅଛି ଭାଙ୍ଗି
କେ ଜାଣି କେଉଁ କାଳରୁ ।

ଶିରେବେଦାଶେ ଶୋଭେ     ଚନ୍ଦ୍ରକଳାଯୁକ୍ତ
ରମଣୀୟ ଜଟାଜୁଟ,
ବିବିଧ ଛନ୍ଦରେ     ଛନ୍ଦା ହୋଇଅଛି
ଯେସନ ତାମ୍ରମୁକୁଟ ।
ପାଦତଳେ ରହି     ବାହନ ବୃଷଭ
ଦେଖୁଛି ପ୍ରଭୁଙ୍କ ନାଟ,
ନିର୍ନିମେଷନେତ୍ର     ଭାବରେ ବିଭୋର
ରୁଦ୍ରାଣୀ ଭଙ୍ଗୀ ଉଚାଟ ।
ପାର୍ଶ୍ୱେ ଉପବିଷ୍ଟ     ପାଶାଙ୍କୁଶଧାରୀ
ସିଦ୍ଧିଦାତା ଗଣପତି,
ମନ୍ଦାର ବନ୍ଦିତ     ସୁନ୍ଦର ମୂରତି
ବିଘ୍ନକୁଳଚକ୍ରବର୍ତ୍ତୀ ।
ଶିବଙ୍କର ମୂର୍ତ୍ତି     ଦେଖି ଇଚ୍ଛା ହୁଏ
ପୂଜା କରିବାକୁ ହର୍ଷେ,
ଐତିହାସିକଙ୍କ     ମତରେ ଏ ମୂର୍ତ୍ତି
ବିରଳ ଭାରତବର୍ଷେ ।
ପ୍ରତିମା-ଅଙ୍କିତ     ନୃତ୍ୟ ଭଙ୍ଗୀ ଦୃଷ୍ଟି
ଦେଖି ହୁଏ ସମ୍ଭାବନା,
ସତେ ବା ଜୀଅ କି     ମୂର୍ତ୍ତି ପରିଗ୍ରହି
ଶିଳ୍ପୀର ସୂକ୍ଷ୍ମକଳ୍ପନା ।
ହାୟ ମା ଉତ୍କଳ     ଯେଉଁ ଶିଳ୍ପିକୁଳ
ଥିଲେ ତୋ ମୁକୁଟହୀରା,
କାହିଁ ଗଲେ ତୋର     ସେ ପୁତ୍ର ରତନେ
କରି ତୋତେ ପୁତ୍ରହରା ।
ପଚାରିଲେ କେହି     ଏ ଭଗ୍ନ ଦେଉଳେ
ଏହି କଥା ତାକୁ ପୁଛି,
ପ୍ରତିଧ୍ୱନି ଛଳେ     କମ୍ପିତ ସ୍ୱରରେ
ଉତ୍ତର ଦେବ ସେ ନାହିଁ ।
ଇତିହାସ ତତ୍ତ୍ୱ—     ଅନୁସନ୍ଧାନର
ମହାକେନ୍ଦ୍ର ଏହି ସ୍ଥଳୀ,
ଖଣ୍ଡେ ଖଣ୍ଡେ ଭଗ୍ନ     ପ୍ରସ୍ତର ଏହାର
ମୂଲ୍ୟବାନ ରତ୍ନୁଁ ବଳି ।

ଇତିହାସ ମୂର୍ତ୍ତି     ପ୍ରତିବିମ୍ବର ଏ
ବିଶାଳ ସ୍ୱଚ୍ଛ ଆରସି,
ଏ ସ୍ଥାନରେ ତାର     ଗୌରବ ଅଧ୍ୟାୟ
ଖେଳି ବୁଲେ ନାଚି ହସି ।
କେଉଁଠାରେ ଅବା     ଅତୀତ ସୌଭାଗ୍ୟ
ସ୍ମରଣ କରି ବିକଳେ,
ଲୁଚି ରହିଅଛି     ଲଜ୍ଜାରେ ମସ୍ତକ
ନ ଟେକି ପ୍ରସ୍ତର ତଳେ ।
ଆସିବ ସୁଦିନ     ସେହି ଦିନ ଏହି
ସ୍ଥାନ ପାଇଁ ଇତିହାସ,
ଅସୀମ ଆନନ୍ଦେ     ସ୍ଫୀତ କରି ବକ୍ଷ
କରିବ ଗର୍ବ ପ୍ରକାଶ ।
ପୂର୍ଣ୍ଣ ଇତିହାସ     ଅଦୃଷ୍ଟ ଯେ କାଳେ
ଗଠିତ ହେବ ଏ ସ୍ଥଳେ,
ଇତିହାସ ଭକ୍ତ     ଏ ତୀର୍ଥରେ ଆସି
ତୁଷ୍ଟ ହେବେ ଦଳେ ଦଳେ ।
ଆନନ୍ଦ ବିସ୍ମୟ     ଅନୁତାପର ଏ
ମିଳନ ଭୂମି ନିଶ୍ଚୟ,
ଏ ତୀର୍ଥ ରେଣୁରେ     ସ୍ନାନ କରି ସର୍ବେ
କରିବେ କଳୁଷ କ୍ଷୟ ।
ଇତିହାସ ଭାଗ୍ୟ     ଚୂର୍ଣ୍ଣ କରି କାଳ
ଉତ୍କଳ ଭାଗ୍ୟ ଉପରେ,
ହସୁଅଛି ଦର୍ପେ     ମହାଦର୍ପୀ ଭଗ୍ନ—
ପ୍ରସ୍ତର ଦନ୍ତ ବିସ୍ତାରି ।
କିନ୍ତୁ ସେହିକାଳ     ନିଜ ହସ୍ତେ ଦିନେ
ନିଜ ଗର୍ବ କରି ଚୂର୍ଣ୍ଣ,
କରିବ ନିଶ୍ଚୟ     ଆସୁଛି ସେ ଦିନ
ଇତିହାସ ଭାଗ୍ୟ ପୂର୍ଣ୍ଣ ।
ଛ କୋଡ଼ି ଦେଉଳ     ଥିଲା ଏଥି ପୂର୍ବେ
ଜନଶ୍ରୁତି ସଦା କହେ,
ଭାଙ୍ଗି ଯାଇ କେତେ     ଅଛି ଅବଶିଷ୍ଟ
ଏବେ ସୁଦ୍ଧ ଉଣା ସତେ ।

ମିଷ୍ଟାନ୍ନ ପ୍ରସ୍ତୁତ ହୁଏ । ତାହା ଯେପରି ରୁଚିକର, ସେହିପରି ପୁଷ୍ଟିକର । ଏହା ଆମ୍ଭମାନଙ୍କଦ୍ୱାରା ପରୀକ୍ଷିତ । ଗଞ୍ଜାମର ଉଦ୍ୟାନଖଣ୍ଡରେ ଅପର୍ଯ୍ୟାପ୍ତ କଦଳୀ ଉତ୍ପନ୍ନ ହୁଏ । କେହି ଉପରଉକ୍ତ ସ୍ଥାନରେ କଦଳୀରୁ ମଇଦା ବାହାର କରି ବିକ୍ରୟ କଲେ ସୁନ୍ଦର ବ୍ୟବସାୟ ଚଳିପାରିବ ।

---

## ପଖାଳଭାତ

(୧୯୦୭ ସାଲରେ ପ୍ରକାଶିତ "ସ୍ୱଦେଶଲକ୍ଷ୍ମୀ" ମାସିକ-ପତ୍ରିକାର ପ୍ରଥମ ବର୍ଷ ୫ମ ସଂଖ୍ୟାରେ ପ୍ରକାଶିତ)

ପଖାଳଭାତ ଶୀତଳ, ଅଗ୍ନି ଓ ତେଜବୃଦ୍ଧିକର, ବଳକାରକ, ତୃପ୍ତିପ୍ରଦ ଏବଂ ଉପାଦେୟ ଖାଦ୍ୟ । ଏ ଦେଶରେ ଆବାଳବୃଦ୍ଧ ସମସ୍ତେ ପଖାଳ ଖାଆନ୍ତି । ପଖାଳ ଲଘୁପାକ ପଦାର୍ଥ । ଯେଉଁ ଶ୍ରମଜୀବୀମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହାଡ଼ଭଙ୍ଗା ପରିଶ୍ରମ କରନ୍ତି, ପଖାଳ ସେମାନଙ୍କର ଅତୀବ ପ୍ରିୟ । ଗରମ ଭାତ ଖାଇ ସେମାନେ ଏତାଦୃଶ ଗୁରୁତର ପରିଶ୍ରମ କରିବାକୁ କଦାଚ କ୍ଷମ ହେବେ ନାହିଁ । ସ୍ଥାନବିଶେଷରେ ଜଳବାୟୁ ସଙ୍ଗରେ ଖାଦ୍ୟର ବିଶେଷ ସମ୍ପର୍କ ଅଛି । ଆମ୍ଭମାନଙ୍କର ଗ୍ରୀଷ୍ମପ୍ରଧାନ ଦେଶ, ସୁତରାଂ ପଖାଳ ଓ ହଳଦୀ ଆମ୍ଭମାନଙ୍କ ପକ୍ଷରେ ବିଶେଷ ଗୁଣକର । ଅଧିକ ଦିନର ପଚା, ଖଟା ପଖାଳ ଯେ ଉପରିଉକ୍ତ ଗୁଣବିଶିଷ୍ଟ, ଏହା ବୋଲିଯାଉ ନାହିଁ । ପଚା,ଖଟା ପଖାଳ ଅଖାଦ୍ୟ ମଧ୍ୟରେ ପରିଗଣିତ । ଆମ୍ଭମାନଙ୍କ ଦେଶରେ ପଖାଳକୁ ସେପରି ଅଖାଦ୍ୟ କରି କେହି ପ୍ରାୟ ଖାଆନ୍ତି ନାହିଁ । ସାଧାରଣତଃ ଆଜିର ପଖାଳ କାଲି ଏବଂ କାଲିର ପଖାଳ ପରଦିନ ଏହିରୂପେ ବ୍ୟବହାର କରିଯାଏ ।

ଆଜିକାଲି ଅନେକ ପାଶ୍ଚାତ୍ୟଶିକ୍ଷିତ ବ୍ୟକ୍ତି ପଖାଳକୁ ଆଦର କରନ୍ତି ନାହିଁ । ସେମାନେ କହନ୍ତି, ପଖାଳ ଖାଇଲେ ବୁଦ୍ଧିବୃତ୍ତି ନିସ୍ତେଜ ହୋଇଯାଏ, ପଖାଳଖିଆ ଲୋକେ ଅଳସୁଆ ହୋଇଯାନ୍ତି; ମାତ୍ର ଏରୂପ କଥା ମୂଲ୍ୟବାନ୍ ବୋଧହୁଏ ନାହିଁ । ଓଡ଼ିଆଙ୍କର ପରିଶ୍ରମ ଓ ଶାରୀରିକ ବଳ ଦେଖି ଅନେକ ବିଦେଶୀୟ ଜାତି ଆଶ୍ଚର୍ଯ୍ୟାନ୍ୱିତ ହୁଅନ୍ତି । ପୁଣି ଦେଶର ଯେଉଁ-ମାନେ ଉଚ୍ଚଶିକ୍ଷିତ, ଉଚ୍ଚପଦସ୍ଥ, ସେମାନେ କି ପଖାଳ ଖାଆନ୍ତି ନାହିଁ ? ବରଂ ପଖାଳରେ ସେମାନଙ୍କର ପିଣ୍ଡ ପ୍ରସ୍ତୁତ ହୋଇଅଛି ବୋଲିଯାଇପାରେ । ଏରୂପ ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ଦେଖି କେଉଁ ଯୁକ୍ତି ବଳରେ ପଖାଳର ଉପରିଉକ୍ତ ଅନିଷ୍ଟକାରିତା ସ୍ୱୀକାର କରିଯିବ ? ଏପରି ସ୍ଥଳେ ପଖାଳର ନିନ୍ଦାବାଦ ତାହାର ଦଗ୍ଧ ଅଦୃଷ୍ଟର ଫଳ, କି ପଖାଳ ବ୍ୟବହାର ଅନଭିଜ୍ଞ ଲୋକଙ୍କର ଦୁରଦୃଷ୍ଟ ତାହା କିଏ କହିପାରେ ? ଯେଉଁମାନଙ୍କର ଅସ୍ଥି, ମଜ୍ଜା, ଶୁକ୍ରଶୋଣିତ ପର୍ଯ୍ୟନ୍ତ ପଖାଳରେ ଗଠିତ, ସେମାନେ ଯଦି ପଖାଳର ନିନ୍ଦା କରନ୍ତି, ତେବେ ସେମାନଙ୍କୁ ନିନ୍ଦୁକ, କୃତଘ୍ନ ନ କହି ଆଉ କଅଣ ବୋଲିହେବ ? ଆଉ ଯେଉଁ ବିଦେଶୀୟ ଲୋକେ ପଖାଳର ନିନ୍ଦା କରନ୍ତି, ସେମାନେ ପଖାଳର ଉପଯୋଗିତା, ଉପାଦେୟତା ଏବଂ ଏ ଦେଶର ପ୍ରାକୃତିକ ଅବସ୍ଥା ବିଷୟରେ ଏକାନ୍ତ ଅନଭିଜ୍ଞ । ସେମାନେ ପଖାଳର ସ୍ୱାଦୁ ଥରେମାତ୍ର ଜାଣିଲେ ଏବଂ ପଖାଳର ଶକ୍ତି ବୁଝିଲେ, ଆଉ ପଖାଳକୁ ଛାଡ଼ିପାରିବେ କି ନାହିଁ ସନ୍ଦେହ ।

ସଜପଖାଳର ଉପାଦେୟତା ବର୍ଣ୍ଣନାତୀତ । ସେଥିରେ ଯଦି ଗୁଡ଼ଖଣ୍ଡି ଅଦା, ମନ୍ଦାଏ ସଜଦହି ଆଉ ଦୁଇଟୋପା ଲେମ୍ବୁରସ ପଡ଼େ ଏବଂ ଉଚ୍ଚସ୍ୱାଦଯୁକ୍ତ ନେଉଟିଆ ଶାଗର ଭଜା ତାହା ସଙ୍ଗରେ ଯୋଗ ଦିଏ, ତେବେ ତାହା ଦେବଯୋଗ୍ୟ ଖାଦ୍ୟରେ ପରିଣତ ହୁଏ । ସେତେବେଳେ ତାହା ପଖାଳଭାତ ନୁହେ, ଠିକ୍ ସ୍ୱର୍ଗୀୟ ସୁଧା ! ଏହା ଅନୁମାନସାପେକ୍ଷ ନୁହେ, ଅନୁଭବସାପେକ୍ଷ ଅଟେ ।

ଦେଶର କୃଷକ, ଶ୍ରମଜୀବୀ ପ୍ରଭୃତି ଗୁରୁତର ଶ୍ରମଶାଳୀ ବ୍ୟକ୍ତିମାନଙ୍କ ପକ୍ଷରେ ପଖାଳ ଅତୀବ ଗୁଣ-କର ଓ ବଳଦାୟକ । ଏହି ଶ୍ରେଣୀୟ ଲୋକେ କହନ୍ତି, "ପଖାଳ ଖାଇଲେ ଅଣ୍ଟାରେ ବଳ ହୁଏ, ଗରମ ଭାତ ଦୁଇଘଡ଼ିରେ ପାଣି ହୋଇଯାଏ; ଅତଏବ ତାହା ଖାଇ ଆମ୍ଭେମାନେ କି କାମ କରିପାରିବୁ ?" ସେମାନଙ୍କର

ଏ ଉକ୍ତି ଯେ ଅକ୍ଷରେ ଅକ୍ଷରେ ସତ୍ୟ, ଏଥିରେ ଦ୍ୱୈଧ-ମତ ନାହିଁ । ବାସ୍ତବରେ ବୈଶାଖରେ ହଳ କରି ଏବଂ ଯନ୍ତ୍ରରେ ପାଣି ଟାଣି ଅର୍ଦ୍ଧପ୍ରାଣ ହୋଇଥିବା ସମୟରେ ପଖାଳ ସେମାନଙ୍କର ଆତ୍ମା ତୃପ୍ତି କରେ । ଗ୍ରୀଷ୍ମକାଳରେ ପଖାଳର ଉପକାରିତା ଏକା ଶ୍ରମଜୀବୀ କାହିଁକି, ସମସ୍ତେ ଏକବାକ୍ୟରେ ସ୍ୱୀକାର କରିବେ, ଏଥିରେ କୌଣସି ସନ୍ଦେହ ନାହିଁ ।

ବିବାହ ଶେଷରେ ଶ୍ୱଶୁରାଳୟରେ ଦହିପଖାଳ ଖାଇବାର ବିଧି ଅଛି । ଏହାକୁ ଦହିତୋରାଣୀ କହନ୍ତି । ପୂର୍ବଦିନର ଉପବାସକଷ୍ଟ ଏବଂ ବିବାହ ବେଦିକାରେ ହୋମକୁଣ୍ଡ ପାଖରେ ବସି ଅଗ୍ନିତାପ ସେବନରେ ବରର ଦେହ ଅଶକ୍ତ ଓ ଗରମ ହୋଇଯାଏ । ବୋଧ-ହୁଏ ଶରୀର ଥଣ୍ଡା କରିବା ସକାଶେ ଦହିତୋରାଣୀ ଖାଇବାର ବିଧି ଅଛି । ଯେଉଁମାନେ ବର ହୋଇ-ଅଛନ୍ତି, ସେମାନଙ୍କ ନିକଟରେ ଦହିତୋରାଣୀର ମହିମା ଅଧିକ ବର୍ଣ୍ଣନ କରିବାର ଆବଶ୍ୟକତା ନାହିଁ । ଆମ୍ଭେମାନେ ତ ବର୍ତ୍ତମାନ କଳିଯୁଗ ହିସାବରେ ବୁଢା ହୋଇଅଛୁ; ପିତା, ପିତାମହଙ୍କ ଆସନ ଅଧିକାର କରି ବସିଅଛୁ, ତଥାପି ବିବାହର ଦହିତୋରାଣୀ କଥା ମନେ ପଡିଲେ ଏ ବୃଦ୍ଧ ବୟସରେ ପୁଣି ବର ହେବାକୁ ଇଚ୍ଛା ହୁଏ । ପାଠକ ବିରକ୍ତ ହେବେ ନାହିଁ, କ୍ଷମା କରିବେ । ଆପଣମାନଙ୍କ ମନସ୍ତୁଷ୍ଟି ସକାଶେ ଆମ୍ଭମାନଙ୍କୁ ନାନା ରସର ଅବତାରଣା କରିବାକୁ ହେବ । ପିଲାକାଳର କଥା ମନେ ପଡିଲା । ଗ୍ରୀଷ୍ମକାଳର ଅପରାହ୍ଣରେ ଗୁସୁମା ବୁଢୀ ମୋତେ ପଖାଳ ଖୁଆଇଦେଇସାରି ତୋରାଣୀ ମନ୍ଦାକ ପିଇବାକୁ କହନ୍ତି । ମୁଁ ସେଥିରେ ଅସ୍ୱୀକୃତ ହେଲେ ସେ ବାଘ, ଭାଲୁ, କୁକୁର, ବିରାଡି ପ୍ରଭୃତିଙ୍କ ଭୟ ଦେଖାଇ ଏବଂ କୋମଳ ବାକ୍ୟରେ ନାନାପ୍ରକାର ହିତୋପଦେଶ ଦେଇ କହନ୍ତି—"ତୋରାଣୀ ମନ୍ଦାକ ଆଖି ବୁଜି ପିଇଦେ, ଦେହ କଅଁଳ ରହିବ ।" ସେ ସୁଖ ଏବଂ ସେ ସ୍ନେହରେ ମୁଁ ବହୁଦିନରୁ ଜଳାଞ୍ଜଳି ଦେଇଅଛି; ମାତ୍ର ସେ ବିଷଯୁକ୍ତ ପୂର୍ବସ୍ମୃତି ଅନୁତାପାନଳ ଜାଳିବା ନିମନ୍ତେ ହୃଦୟରେ ଜାଗରୁକ ରହିଅଛି ।

ଅନେକ ରୋଗରେ ଦୋଫୁଟା ପଖାଳଭାତ ପଥ୍ୟ-ରୂପେ ବ୍ୟବହୃତ ହୁଏ । ତାହା ଶୀତଳ ଓ ଲଘୁପାକ । ସଜ ତୋରାଣୀ ମଧ୍ୟ ଅନେକ ଔଷଧରେ ଲାଗେ । ପେଟ ଗରମ ହୋଇଥିଲେ ଯୁଆଣି, ଲବଙ୍ଗ ସଜତୋରାଣୀରେ ବାଟି ପିଇଲେ ଥଣ୍ଡା ହୋଇଯାଏ । ୨ । ୪ ଦିନର ଖଟା ତୋରାଣୀ କାଞ୍ଜି ହୁଏ । କାଞ୍ଜି ଶୀତଳ, ଶାନ୍ତିକାରକ ଓ ପିତ୍ତଘ୍ନ । କାଞ୍ଜି ଅନେକ ଔଷଧରେ ବ୍ୟବହୃତ ହୁଏ । କାଞ୍ଜି ପିଇଲେ ଅଗ୍ନିମାନ୍ଦ୍ୟରୋଗ ନିବାରିତ ହୁଏ । ଶୀତ-କାଳରେ କାଞ୍ଜିର ସ୍ୱାଦୁ ଓ ଗୁଣ ଅଧିକ ହୁଏ । ଗରିବ ଲୋକେ କାଞ୍ଜିଦ୍ୱାରା ତରକାରିର ଅଭାବ ମୋଚନ କରନ୍ତି । ଶୀତଦିନର କାଞ୍ଜି ଠିକ୍ ଅମୃତ ତୁଲ୍ୟ । କଳା-ଜିରା ବଘାର କାଞ୍ଜିର ସୁବାସ ନାସାରନ୍ଧ୍ର ସ୍ପର୍ଶ କଲେ ଶୁଷ୍କ ନୀରସ ରସନା ପୁଣି ରସଯୁକ୍ତ ହୁଏ ।

କେବଳ ଓଡିଆମାନେ ଯେ ପଖାଳ ଖାଆନ୍ତି, ଏପରି ନୁହେଁ । ବଙ୍ଗଦେଶର ଦକ୍ଷିଣସୀମାରୁ ଆରମ୍ଭ କରି କନ୍ୟାକୁମାରୀ ପର୍ଯ୍ୟନ୍ତ ଏହି ଅଂଶର ଅଧିବାସୀ-ମାନଙ୍କର ପଖାଳ ପ୍ରିୟଖାଦ୍ୟ । ତେଲିଙ୍ଗି ସମାଜରେ ପଖାଳର ସମାଦର ଅଧିକ । ସେମାନେ ପଖାଳକୁ ବାସୀ କହନ୍ତି । ବାସୀ ବିଛଣାରୁ ଉଠି ବାସୀ ନ ଖାଇଲେ ସେମାନେ କୌଣସି କାର୍ଯ୍ୟ କରନ୍ତି ନାହିଁ । ମାନ୍ଦ୍ରାଜୀ-ମାନେ କେବଳ ଗୁରୁଭୁକ୍ କିମ୍ବା କେବଳ ଲଙ୍କାଭୁକ୍ ନୁହନ୍ତି—ସେମାନେ ପଖାଳଭୁକ୍ ପୁଣି ଅଟନ୍ତି । ଅଥଚ ମାନ୍ଦ୍ରାଜୀମାନେ ଗୋଟିଏ ଉନ୍ନତ ଆଦର୍ଶ ଜାତି । ମାନ୍ଦ୍ରାଜୀମାନଙ୍କ ମଧ୍ୟରେ ପରିଶ୍ରମୀ, ହୃଷ୍ଟପୁଷ୍ଟ ଓ ବଳବାନ୍ ବ୍ୟକ୍ତି ଅଧିକ ସଂଖ୍ୟାରେ ଦେଖାଯାନ୍ତି । ଅତଏବ ଆଳସ୍ୟ ଓ ବୁଦ୍ଧିହୀନତାକୁ ପଖାଳର ଦୁର୍ଗୁଣ ବୋଲି କହିବା କେବଳ ଅନ୍ଧବିଶ୍ୱାସମାତ୍ର । ଯେଉଁ-ମାନେ ପଖାଳକୁ ନିନ୍ଦା କରନ୍ତି ଓ ପଖାଳଭୁକ୍ ହେତୁ ଆମ୍ଭମାନଙ୍କୁ 'ପଖାଳଖିଆ ଓଡିଆ' ବୋଲି ଘୃଣା କରନ୍ତି, ସେମାନେ ବିଶେଷ ଅନୁଗ୍ରହର ପାତ୍ର । ଓଡିଆମାନଙ୍କର ବୁଦ୍ଧିବୃତ୍ତି ଓ ଶୌର୍ଯ୍ୟବୀର୍ଯ୍ୟ ଇତିହାସପ୍ରସିଦ୍ଧ । ସେହି ସମସ୍ତ ସଦ୍‌ଗୁଣ ମୂଳରେ ପଖାଳର ଶକ୍ତି ବିଦ୍ୟମାନ । ଅତଏବ ଯେ ଯାହା କହୁ, ପଖାଳ ଯେ ଆମ୍ଭମାନଙ୍କର ବିଶେଷ ଉପକାରୀ, ଏହା ଆମ୍ଭମାନଙ୍କ ଦେଶର ଲୋକେ

ଦେଉଳ ସମ୍ଭବେ ପାଟଣାର ଏହା
ପଞ୍ଚପୁର ସଙ୍ଗଭୂତ,
ଶିଳ୍ପରେ କୋଣାର୍କ ପୁଣ୍ୟ ଅର୍କକ୍ଷେତ୍ର
ଶିଳ୍ପିକୁଳ ନମସ୍କୃତ ।
ସୂର୍ଯ୍ୟ, ସୋର, ଅନ୍ଧ୍ର, ଗୁପ୍ତ, ଗଙ୍ଗ ପୁଣି
ଚୌହାନ ବଂଶୀୟଙ୍କର,
ଥିଲା ଏ ନଗରୀ ପୂର୍ବ ରାଜଧାନୀ
ଅଶେଷ କୀର୍ତ୍ତି ଭାସ୍ୱର ।
ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଧର୍ମର
ଥିଲା ସମନ୍ୱୟ ସ୍ଥଳୀ,
ଧନ ଧାନ୍ୟ ରତ୍ନ ଚତୁରଙ୍ଗ ସୈନ୍ୟ
ହେଉଥିଲା ନାହିଁ କଳି ।
ସେ କାଳରେ ଏହି ରାଜଧାନୀ ଥିଲା
ପାଞ୍ଚ ଭାଗରେ ବିଭକ୍ତ,
ରାଣୀହଂସ ପୁର ରାଣୀପୁର ନାମେ
ହେଉଥିଲା ଅଭିବ୍ୟକ୍ତ ।
ଝରଆଲି ଥିଲା ରାଜାମାନଙ୍କର
ଝରଜଳ ସ୍ନାନାଗାର,
ଥିଲା କଅଁସିଲେ ଇନ୍ଦ୍ରର ଅଳୟ
ରାଜାଙ୍କର ଦରବାର ।
ବାହାବଳ ଠାରେ ଥିଲା ସେ କାଳରେ
ବିପୁଳ ସୈନ୍ୟ ବସତି,
ଧାନ ଖମାରରେ ଥିଲା ସୁରକ୍ଷିତ
ଅତଳ ଧନ ସମ୍ପତ୍ତି ।
ବ୍ୟାପି ରହିଥିଲା ସାର୍ଦ୍ଧ ତ୍ରିକ୍ରୋଶ
ପରିଧି ରାଜଧାନୀର,
ଦୁର୍ଗରକ୍ଷା କାର୍ଯ୍ୟେ ଥିଲେ ନିୟୋଜିତ
ବହୁ ମହାବଳୀ ବୀର ।
ସ୍ୱଚ୍ଛ ଜଳେ ପୂର୍ଣ୍ଣ ଶହେଅଣୀ ବନ୍ଧ
ଥିଲା ପୂର୍ବେ ଏହିଠାରେ,
ହୋଇଅଛୁ ତାହା ପରିଣତ ଏବେ
ଶ୍ୟାମଳ ଶସ୍ୟ କେଦାରେ ।

ପ୍ରସ୍ତର ଚଟାଣେ ରହିଛୁ ଖୋଦିତ
ଦୀର୍ଘକାୟ ସୈନ୍ୟମୂର୍ତ୍ତି,
ଅବଉଠେ ଦେହ ଦେଖିଲେ ତାହାର
ଗ୍ରାସକ ଦୈତ୍ୟ ଆକୃତି ।
ହାୟ ମା ଉତ୍କଳ କେଉଁ ପାପ ଫଳେ
ଦଣ୍ଡିଲା ତୋତେ ନିୟତି,
କାହା ଅଭିଶାପେ ହରାଇ ବସିଲୁ
ଏ ଦୁର୍ଲଭ ଭୂସମ୍ପତ୍ତି ।
ଭଗ୍ନୀମାନେ ତୋର ଦେଖାନ୍ତି ଗୁଡର
ଅଙ୍ଗ ବଙ୍ଗ ତଇଲଙ୍ଗ,
କାହା ଘରେ ଅଛୁ ଏଭଳି ବିଭବ
କି ଗରର ଅଶ୍ୱ ମାତଙ୍ଗ ।
ନୀରବ କାନ୍ଦଣା କାନ୍ଦୁଛୁ ଜନନୀ
ନାହିଁ ତୋ ନୟନେ ଲୁହ,
ବିଷଣ୍ଣ ମଳିନ ଦିଶୁଅଛୁ ତୋର
ଚିର ହାସ୍ୟ ଦୀପ୍ତ ମୁହଁ ।
ଅଶ୍ରୁହୀନ ଶୋକ ଅତୀବ କଠୋର
ଦୁର୍ବିସହ ଭସ୍ମଙ୍କର,
ଦାରୁଣ ଶୋକର ତୀବ୍ର ତାପରେ
ଶୁଖିଯାଏ ଅଶ୍ରୁଝର ।
ସମ୍ଭାଳି ନପାରି ହୃଦୟର ବ୍ୟଥା
ଅଣିଛୁ ସଦା କାନ୍ଦଣା,
କାନ୍ଦଣା କେବଳ ସମ୍ବଳ ତୋର ମା
କାନ୍ଦଣା ତୋର ସାନ୍ତ୍ୱନା ।
ତ୍ୟାଗଶୀଳା ତୁହି ତ୍ୟାଗର ମହିମା
ଦେଖାଇ ଦେଇଛୁ ଭବେ,
ତୋ ସିନ୍ଧୁ ପର୍ବତ ସଦା ତ୍ୟାଗେ ରତ
ମଣ୍ଡିତ ତ୍ୟାଗ ଗୌରବେ ।
ମହା ପ୍ରକୃତିର ମହା ଶକ୍ତିଚୟ
ରତ ସଦା ମହାତ୍ୟାଗେ,
ଚନ୍ଦ୍ର ସୂର୍ଯ୍ୟ ତାରା ବାରିଦ ଅନଳ
ଅଛିଛନ୍ତି ତ୍ୟାଗ-ଯାଗେ ।

ସଞ୍ଚୟରେ ସୁଖ କାହିଁଛୁ ଜନନୀ
ତ୍ୟାଗେ ଅଛି ମହାସୁଖ,
ଖେଦ ପରିହରି ଧୈର୍ଯ୍ୟ ଆଶ୍ରା କରି
ନହୁଅ ତ୍ୟାଗେ ବିମୁଖ ।
କୁସ୍ୱପ୍ନ ପରାୟେ ଅତୀତେ ବିସ୍ମରି
ତ୍ୟାଗକୁ ମଣ ସଞ୍ଚୟ,
ଭବ ରଣାଙ୍ଗନେ ଜୀବନ ସଂଗ୍ରାମେ
ଲଭିବୁ ନିଶ୍ଚେ ବିଜୟ ।
ନେମିନେମୀ ପ୍ରାୟେ ଘୂରେ ଭାଗ୍ୟଚକ୍ର
ସର୍ବଦା ନିୟତ ବଳେ,
କେବେ ଉଠିଯାଏ ଊର୍ଦ୍ଧ୍ୱେ ଅତିଊର୍ଦ୍ଧ୍ୱେ
କେବେ ଖସିଆସେ ତଳେ ।
ସେ ମହା ଅବର୍ତ୍ତ ଆଣିଦେବ ତୋର
ହୃତ ଗଉରବ ଧନ,
ତାହା ବିନା କେହି ନ ପାରିବ କରି
ତୋ ଦୁଃଖ ଶୋକ ଖଣ୍ଡନ ।
ପାହି ଆସିଲଣି ଦୁଃଖ-ବିଭାବରୀ
ଉଦେ ହେବେ ସୁଖ-ରବି,
ଚିନ୍ତାରାଶି ତୋର କରିଦେବ ଚୂର୍ଣ୍ଣ
ନିଯୁତ ବ୍ରହ୍ମାସ୍ତ୍ର-ପବି ।
ତୋ ଅଙ୍ଗ ପ୍ରତ୍ୟଙ୍ଗ ଇତସ୍ତତଃ ଭାବେ
ହୋଇଥିଲା ନିକ୍ଷେପିତ,
ଖଣ୍ଡେ ଖଣ୍ଡେ ଆସି ତୋ ଶରୀରେ ତାହା
ହେଉଅଛି ସଂଯୋଜିତ ।
ସବୁ ଛିନ୍ନ ଅଂଶ ମିଶିବ ତୋ ଦେହେ
ଆସୁଛି ସେ ଶୁଭଦିନ,
ଅଦୂର ଭବିଷ୍ୟେ ହେବ ତୋର ଦୁଃଖ
ବିସ୍ମୃତି-ସାଗରେ ଲୀନ ।
ଥିଲୁ ପରାଧୀନା ବହୁ କାଳ ପରେ
ହେଲୁ ତୁ ଏବେ ସ୍ୱାଧୀନା,
ଏ ଶୁଭ ସୌଭାଗ୍ୟ ଆଣିଦେଲା ତୋତେ
ସେ ମହା ଅବର୍ତ୍ତ ସିନା ।

ଜଗତ ଭରସା ଜଗନ୍ନାଥଙ୍କର
ତୁହି ଆଦରିଣୀ କନ୍ୟା,
ତାଙ୍କର ପ୍ରସାଦେ ଶୁଖିଯିବ ତୋର
ଶୋକ-ଦୁଃଖ-ଚିନ୍ତା-ବନ୍ୟା ।
ହୃତ ଶକ୍ତି ପୁଣି ପାଇବୁ ଜନନି,
ଫୁଟିବ ତୋ ମୁଖେ ହାସ,
ଗାଇବ ତୋହର ଗୌରବ-ଗୀତିକା
ଜଗତର ଇତିହାସ ।

ଆସ ଆସ ବିଜ୍ଞ ଇତିହାସ ଭକ୍ତ
ଦେଖ ଏ ସ୍ଥାନକୁ ବାରେ,
ଆଜୀବନ ଯାହା ଖୋଜି ବୁଲୁଅଛ
ପାଇବ ତାହା ଏଠାରେ ।
ମନାସିଛ ଯଦି ଲେଖିବ ଦେଶର
ସମ୍ପୂର୍ଣ୍ଣାଙ୍ଗ ଇତିହାସ,
ସବୁ ଉପାଦାନ କରିଅଛି ଏଠି
ଭଗ୍ନଶିଳା ତଳେ ବାସ ।
ଆସ ଦାର୍ଶନିକ ଆସ ବୈଜ୍ଞାନିକ
ଦେଖି ଯାଅ ଏହି ସ୍ଥାନ,
ସାଇତି ରଖିଛି ତୁମ୍ଭ ସକାଶେ ସେ
ସର୍ବବିଧ ଉପାଦାନ ।
ଆସ ଦେଶଭକ୍ତ ! ଆସ ନେତୃବୃନ୍ଦ !
ଆସ ଏ ସ୍ଥାନକୁ ଚେନି,
ସ୍ୱଦେଶାନୁରାଗ ନେତୃତ୍ୱ ପ୍ରେରଣା
ଦୀକ୍ଷା ଏଥୁ ଯାଅ ନେନି ।
ଆସ ବାଣୀଭକ୍ତ ସାରସ୍ୱତ ଯୋଗୀ
ଆସ କବି କାବ୍ୟପିତା,
ଶୁଣି ଯାଅ ଏଥୁ ପ୍ରସ୍ତର ପ୍ରତିମା—
ମୁଖରୁ ମହାକବିତା ।
ପଢ଼ିଯାଅ ଥରେ ଶିଳ୍ପୀ କବି କାବ୍ୟ—
ଦେଉଳ ମଣ୍ଡପ ଆଦି,

ତୁମ୍ଭର ସକାଶେ ଥୁଆ ହୋଇଅଛି
ମହାକାବ୍ୟ ଗାଦି ଗାଦି ।
ରୂପ କବି ଶିଳ୍ପୀ କବିତାକୁ କରି
ରୂପ ପ୍ରାଣ ଚେଷ୍ଟା ଦାନ,
ଦେଖାଇ ଦେଇଛି ଅପୂର୍ବ କଳ୍ପନା
ଅଦ୍ଭୁତ ପ୍ରତିଭା ଜ୍ଞାନ ।
ମୂର୍ତ୍ତିମତୀ ଏଥି ମହାଭାବ ପ୍ରାଣୀ
ସୁଦର୍ଶୀ କବିତା ଦେବୀ,
ଘେନ ତାଙ୍କଠାରୁ କବିତାର ସନ୍ତ
ଭକ୍ତ ଭାବେ ତାଙ୍କୁ ସେବି ।
ଲିହାଣି ମୁନରେ ଶିଳା ପୃଷ୍ଠେ ଶିଳ୍ପୀ
ସୃଜିଛି ଯେ ଭାବଚୟ,
ନିରେଖିଲେ ତାହା ଭାବୁକ ନିଶ୍ଚୟ
ବିସ୍ମୟେ ହେବ ତନ୍ମୟ ।
ଲୌହ ପ୍ରସ୍ତରରେ କରିଅଛି ଶିଳ୍ପୀ
ଲଳିତ ସୌନ୍ଦର୍ଯ୍ୟ ସୃଷ୍ଟି,
ଦର୍ଶକର ଶୋଭା— ତୃଷା ମେଣ୍ଟିଯିବ
ପଡିଲେ ତହିଁ ତା ଦୃଷ୍ଟି ।
ଦେଉଛି ବିଦାୟ ତୋହ ପାଶେଁ ଏବେ
ରାଣୀପୁର ଝରିଆଲ,
ସ୍ମୃତି-ନେତ୍ରେ ସଦା ଦେଖୁଥିବି ତୋର
ମହାଦୃଶ୍ୟ ଇନ୍ଦ୍ରଜାଲ ।
ଶିଳ୍ପି-ମନୋଭାବ ତୋ ହୃଦ-ମୁକୁରେ
ରହିଛି ଯଥା ବିମ୍ବିତ,
ମୋ ହୃଦୟେ ତଥା ତୋ ସ୍ମୃତିର ମୂର୍ତ୍ତି
ରହିଲା ହୋଇ ଖୋଦିତ ।

ରକ୍ତ ଛବି ରବି ଅସ୍ତ ହେଉଥିଲେ
ଦୂର ଚକ୍ରବାଳ ମୂଳେ,
ଶେଷ ରଶ୍ମିରେଖା କନକ କଣ୍ଠି
ପିନ୍ଧାଇଲା ତରୁଚୂଳେ ।
ନୀରବେ ହସିଲେ ମହୀରୁହଦଳ
ପିନ୍ଧି ସେ ସୁନାମୁକୁଟ,
କନକ କିରଣ ବୋଲିଦେଲା ପରେ
ଉଜ୍ଜ୍ୱଳ ସୁନେଲି ପୃଷ୍ଠ ।
ଉଡ଼ି ଯାଉଥିଲେ ଦଳେ ଦଳେ ପକ୍ଷୀ
ପଶ୍ଚିମ ଦିଗନ୍ତମୁଖେ,
ଖଣ୍ଡେ ଦୂର ଯାଇ ଫେରି ଆସି ପୁଣି
ବସୁଥିଲେ ଡାଳେ ଦୁଃଖେ ।
ରାଜଭକ୍ତ ପ୍ରଜା ଯଥା ରାଜାଙ୍କର
ପ୍ରବାସ ଯାତ୍ରା ସମୟେ,
ବାଟେଇ ଦେଇଣ ତାଙ୍କୁ ମ୍ଳାନମୁଖେ
ବାହୁଡନ୍ତି ନିଜାଳୟେ ।
ପଢ଼ି ସ୍ୱରଚିତ ଆଶୀର୍ବାଦ ଶ୍ଳୋକ
ଦେଖାନ୍ତି ଦ୍ୱିଜେ ପଦ୍ଧତି,
ରବିଛଳେ ପକ୍ଷୀ ଆଶିଷିଲେ ତଥା
ଯେଣୁ ସେ ସ୍ୱଭାବେ ଦ୍ୱିଜ ।
ରାଜକାର୍ଯ୍ୟ ଶେଷେ ଯିବେ ଅସ୍ତାଚଳେ
ଦିବସ ସମ୍ରାଟ ପୂଷା ।
ଭଣ୍ଡାର ରଖିଲେ ସୁବର୍ଣ୍ଣ କିରଣ
ରାଜପରିଚ୍ଛଦ ଭୂଷା ।
କ୍ରମେ କ୍ରମେ ରବି- ବିମ୍ବ ଖସିଯାଇ
ଅଧେ ଲୁଚିଗଲା ତଳେ,
ପ୍ରବାଳ ତରଣୀ ଲେଉଟି ଭାସେ କି
ବାତାଧୀନ ସିନ୍ଧୁଜଳେ ।
ଶେଷ ରଶ୍ମିରେଖା ସମ୍ବରି ଭାସ୍କର
ଗଲେ ମୂର୍ଚ୍ଛିଭାବେ ବୁଡ଼ି,
ଲୁଚିଇଲା ମୁଖ ବାରୁଣୀ ଦିଗ୍‌ବଧୂ
ସୃଜିଣ ରଣ କୁହୁଡ଼ି ।
ଅସିତବସନା ଅସିତାଙ୍ଗୀ ସନ୍ଧ୍ୟା
ବିଦାରି ବାରୁଣୀବନ୍ଧ,
ବାହାରି ଆସିଲା ତୃପ୍ତ ସବଳାଙ୍ଗୀ
ଘେନି ସଙ୍ଗେ ଲକ୍ଷ ଲକ୍ଷ ।

ବାରୁଣୀସ୍ତୀର ସୁବିଶାଳ ବକ୍ଷ
ଶୋଣିତେ ହେଲା ଜର୍ଜର,
କମ୍ପା ପାନବୋଳେ ବହିଲେ ରଞ୍ଜିତ
ସୁକୃତର ଓଷ୍ଠାଧର ।
ଫେରୁ କଣ୍ଠଭେରୀ ସନ୍ଧ୍ୟାଗମବାର୍ତ୍ତା
ଭୈରବେ କଲା ଘୋଷଣା,
ଦିଗ୍‌ବଧୂ ମଣ୍ଡଳୀ ନୀଳମେଘପାଟେ
ଟାଣିଲେ ମୁଖେ ଓଢ଼ଣା ।
କୁଳଲକ୍ଷ୍ମୀକୁଳ ସନ୍ଧ୍ୟାବତୀ ଜାଳି
ତୁଳସୀଚଉଁରା ପାଶେ,
ପରିବାରଙ୍କର ଶୁଭ ଭିକ୍ଷା କରି
ବାହୁଡ଼ିଗଲେ ଆବାସେ ।
ପ୍ରତି ଘରୁ ଉଠି ଶୁଭ ଶଙ୍ଖଧ୍ୱନି
କଲା ସନ୍ଧ୍ୟାସମ୍ବର୍ଦ୍ଧନା,
ପ୍ରତି ଦେବାଳୟେ ଦେବାଳୟ ସହ
ଲଗିଲାକ ଦେବାର୍ଚ୍ଚନା ।
ଗଗନ-କାନନେ ଫୁଟିଗଲା କ୍ରମେ
କୋଟି କୋଟି ତାରାଫୁଲ,
ସେ ଫୁଲ୍ ନିକଟେ କୋଟି ଗୁଣ ସିନା
ଊଣା ସୁନାଫୁଲ୍ ମୂଲ୍ ।
କୋଟି ନେତ୍ର ଫେଡ଼ି ମହାଗଗନ କି
ଦେଖୁଛି ଧରଣୀମୁଖ,
କୁହା କୁହି ଅବା ହୁଅନ୍ତି ନୀରବେ
ପରସ୍ପରେ ସୁଖ ଦୁଃଖ ।
ବାଣୀପୁର ଦୁର୍ଗେ ବୋଳିଦେଲା କାଳି
ଅନ୍ଧକାର ଗୁହୁଁ ଗୁହୁଁ,
ଶୋଭା-ଚନ୍ଦ୍ରମାକୁ ଗ୍ରାସି ପକାଇଲା
କାହୁଁ ଆସି ଖଳ-ରାହୁ ।
ମନୁଷ୍ୟ-ସ୍ୱଭାବ ଏହିପରି ସିନା
ପର ଗୁଣ ତାକୁ ପିତା,
ପରଦୋଷକୁ ସେ ମଣେ ସବୁବେଳେ
ଯେସନ ମଧୁର ସିତା ।

କହେ ଜନଶ୍ରୁତି ଏ ତୀର୍ଥ ପତନ—
କାରଣ କଳାପାହାଡ଼,
କୀର୍ତ୍ତିଚନ୍ଦ୍ର କେତୁ ମାନବ ଦାନବ
ଦୁରନ୍ତ ଯବନ ରାଢ଼ ।
ଦେଉଳ, ପ୍ରତିମା, ମଣ୍ଡପ ପ୍ରଭୃତି
ଭାଙ୍ଗି ସବୁ କଲା ଧ୍ୱଂସ,
ଧ୍ୱଂସ ଯଜ୍ଞର ସେ ନୃଶଂସ ପୁରୋଧା
ନୃଶଂସ ଯେସନ କଂସ ।
ମତ୍ତହସ୍ତୀ ପ୍ରାୟ କୀର୍ତ୍ତି ପଦ୍ମବନ
କରିଦେଲା ଛାରଖାର,
ଦେଶ-ଇତିହାସ ସୁଖ୍ୟାତି ପୃଷ୍ଠାରେ
ଟାଣିଦେଲା କାଳିଗାର ।
ଯେତେ ଦେବମୂର୍ତ୍ତି ତା କୋପଦୃଷ୍ଟିରୁ
ପାଇଥିଲେ ଭାଗ୍ୟେ ଛାଡ଼,
ପରବର୍ତ୍ତୀଯୁଗେ କନ୍ଧମାନେ ହୋଇ
ଦ୍ୱିତୀୟ କଳାପାହାଡ଼,
ନିନ୍ଦିତ ଜଘନ୍ୟ ଅପକୀର୍ତ୍ତି ତାର
କଲେ ସେ ଅନୁକରଣ,
ଅଧମ ସ୍ୱାର୍ଥର ଦୁଷ୍ଟ ପ୍ରବୃତ୍ତିରୁ ଯେ
କୁକୀର୍ତ୍ତି କଲେ ଅର୍ଜନ ।
ସ୍ୱଭାବେ ଦୁର୍ବୃତ୍ତ ଧନରତ୍ନ ଲୋଭେ
ଚକ୍ଷୁ ସତ୍ତ୍ୱେ ହୋଇ ଅନ୍ଧ,
ଭାଙ୍ଗି ପକାଇଲେ ଦେଉଳ ପ୍ରତିମା
ନିଷ୍ଠୁର ମଦ୍ୟପ କନ୍ଧ ।
ଏହି ଦୁଇ କଳା— ପାହାଡ଼ ଦୌରାତ୍ମ୍ୟେ
ବାଣୀପୁର ହରିଅଲ,
ଭଜିଲା ହତଶ୍ରୀ, ଲିଭିଗଲା ତାର
ପ୍ରଦୀପ୍ତ ଭାଗ୍ୟମସାଲ ।
ଉତ୍କଳ ଦେଶର ଗର୍ବ ଚଣ୍ଡି ଧନେ
କରିଦେଲେ ମୂଢ଼େ ନାଶ,
ସେହି ଶୋକେ ସଦା କାନ୍ଦୁଛି ଧରଣୀ
କାନ୍ଦୁଛି ବାୟୁ ଆକାଶ ।

ନିଜ ସମ୍ପଦକୁ ନିଜେ ନାଶ କରି
ହେଲେ କୁଟୁମ୍ବ ଅପଘାତୀ,
ଏ ମହାପାପର ନାହିଁ ପ୍ରାୟଶ୍ଚିତ୍ତ
ନିନ୍ଦିବ ତାହାଙ୍କ ଜାତି ।
ଯାବତ ଥିବ ଏ ଉତ୍କଳ ତାବତ
ଭୁଞ୍ଜିବେ ଅଧମେ ପାପ,
ଚିରକାଳ ତାଙ୍କୁ ନିଜ ବଂଶଧରେ
ଦେଉଥିବେ ଅଭିଶାପ ।
ଜନ୍ମେ ଜନ୍ମେ ଏହି ମହାପାତକରୁ
ଲଭିବେ ନାହିଁ ନିସ୍ତାର,
ତାଙ୍କ ନିଜ ଆତ୍ମା ନିଜ ଦୁଷ୍କରଣୀ
କରିବ ତାଙ୍କୁ ଧିକ୍କାର ।

## ପଞ୍ଚମ ସର୍ଗ

ବନଛନ୍ଦ ପଥେ ଛୁଟିଲୁଗା ପ୍ରାୟ
ଦିଶୁଛି "ଚିଟିଲଗଡ଼",
ଆକୃତରେ କ୍ଷୁଦ୍ର ଯିନା ସେ ନଗରୀ
ମାନ ମହତ୍ତ୍ୱରେ ବଡ଼ ।
କରୁଥିଲେ ତହିଁ ଅତୀତେ ରାଜତ୍ୱ
ନୃପତି ରଣକେଶରୀ,
ବିକ୍ରମେ ବରିଷ୍ଠ— ଜଣା କେଶରୀ ସେ
ନ ଥିଲା ତାଙ୍କୁ କେ ସରି ।
ଢୋଲାଇଣି ଥିଲେ ଖିତଲଗଡ଼ ସେ
ତହିଁ ଅତି ଅଭିରାମ,
ଶବ୍ଦ ଅପଭ୍ରଂଶେ ହୋଇଅଛି ଏବେ
ଚିଟିଲଗଡ଼ ତା ନାମ ।
କାଲ ବକ୍ର ଦନ୍ତେ ସେ ମହାପ୍ରାସାଦ
ହୋଇଅଛି ଆହା ଚର୍ବିତ,
ଭଗ୍ନ ଇଟାଖଣ୍ଡ ବହୁଛି ତା ସ୍ମୃତି
ଇତସ୍ତତଃ ବିକ୍ଷେପିତ ।

ତାଙ୍କ ବଂଶଧର ଶ୍ରୀ କୁଳଶେଖର
ଖାଟଣୀର ମହାରାଜା,
ଉଚ୍ଚ ଦୁର୍ଗ ଚୂଡ଼େ ଉଡୁଥିଲା ତାଙ୍କ
ବିଜୟ-ଗୌରବ ଧ୍ୱଜା ।
ସମସାମୟିକ ରାଜନ୍ୟ ମଧ୍ୟେ ସେ
ଥିଲେ ମହାବଳୀଆର,
ରଣକେଶରୀଙ୍କୁ ଜିଣି ସେ ଚିଟିଲ—
ଗଡ଼ କଲେ ଅଧିକାର ।
ଚଞ୍ଚଳା କମଳା ରହନ୍ତି ନାହିଁ ସେ
ସର୍ବଦା ଏକ ସ୍ଥାନରେ,
ଆଜ ଏହା ଘରେ କାଲି ତାହାଘରେ
ଭ୍ରମୁଥାନ୍ତି ବାରଘରେ ।
ତାଙ୍କର ପ୍ରଭାବେ ଦୀନ ହୁଏ ଧନୀ
ଧନୀ ହୁଏ ପୁଣି ଦୀନ,
ବୁଦ୍‌ବୁଦ ପରାୟେ ଭାଗ୍ୟ ଏ ସଂସାରେ
ଜନ୍ମ ଲଭି ହୁଏ ଲୀନ ।
କୌତୁକମୟୀ ସେ ସୃଷ୍ଟି ଧ୍ୱଂସ ବେନି
ତାହାଙ୍କ କୌତୁକ ଲୀଳା,
ଯା ଶିରେ ପିନ୍ଧାନ୍ତି କୁସୁମ କିରୀଟ
କା ଶିରେ ଭାଙ୍ଗନ୍ତି ଶିଳା ।
ସେ ଦେବୀଙ୍କ ଗୁପ୍ତ କର୍ମଶାଳେ ହୁଏ
ଭାଗ୍ୟ ଭଙ୍ଗା ଗଢ଼ା ନିତି,
ଭଙ୍ଗାଗଢ଼ା ବେନି ଚିରକାଳ ତାଙ୍କ
ସ୍ୱଭାବସୁଲଭ ରୀତି ।
ସମୃଦ୍ଧିଶାଳିନୀ ଖୋଷଲାର ଭାଗ୍ୟ
କରିଦେଇ ଦେବୀ ଚୂର୍ଣ୍ଣ,
କରୁଛନ୍ତି ଏବେ ଚିଟିଲଗଡ଼ର
ସୌଭାଗ୍ୟ କ୍ରମଶଃ ପୂର୍ଣ୍ଣ ।
ପୂରି ଆସୁଅଛି ସେ ନଗରୀ ସର୍ବ
ନାଟକର ଉପାଦାନେ,
ଟେକୁଅଛି ମୁଣ୍ଡ ଶିକ୍ଷା ସଭ୍ୟତାରେ
ଆବର ସମ୍ପଦେ ମାନେ ।

କରୁଛନ୍ତି ଦୂର ଅଭାବ ତାହାର
ରାଜର୍ଷି ଦେବ ରାଜେନ୍ଦ୍ର,
ତାଙ୍କର ପ୍ରସାଦେ ହୋଇଛି ଏବେ ସେ
ପ୍ରଧାନ ବାଣିଜ୍ୟ କେନ୍ଦ୍ର ।
ନିର୍ମଳ ଶୀତଳ ପୁଷ୍ଟିକର ତାର
ସ୍ୱାସ୍ଥ୍ୟପ୍ରଦ ଜଳବାୟୁ,
ଅବର ସେଠାରେ ବିରଳ ସର୍ବଦା
ବ୍ୟାଧି ପୀଡ଼ାଦିର ଦାଉ ।
ପ୍ରତ୍ୟେକ ମନେ ଦେଖିଣ ତାହାର
ଅତ୍ୟୋନ୍ନତ ଶୁଭଙ୍କରୀ,
ଅଦୂର ଭବିଷ୍ୟେ ହୋଇ ଉଠିବ ସେ
ସମୃଦ୍ଧିଶାଳୀ ନଗରୀ ।
ଫୁଲ ଦେଖି ଫଳ, ମେଘ ଦେଖି ଜଳ
ଆଶା ନୁହେଁ ନିରର୍ଥକ,
ରାଶି ନକ୍ଷତ୍ରରୁ ଭବିଷ୍ୟତ ଭାଗ୍ୟ
ଗଣନ୍ତି ସିନା ଗଣକ ।

ନଗରେ ଦକ୍ଷିଣେ କୁମୁଡ଼ା ପର୍ବତ
ଗ୍ରାମା ଗର୍ଭଫମ୍ପା ଗିରି,
କୁଷ୍ମାଣ୍ଡ ପରାୟେ ଦୂରରୁ ଅଭାସେ
ବୃକ୍ଷଲତା ଶୂନ୍ୟ ଶିରୀ ।
ଅତୀତେ ଥିଲା ସେ କ୍ରୋଧେ ଉଗ୍ରମୂର୍ତ୍ତି
ଯେସନ ଦୁର୍ବାସା ଋଷି,
କରୁଥିଲା ଉଗ୍ର ଅନଳ ଉଦ୍‌ଗାର
ବେଳେ ବେଳେ ଯାଇ ରୁଷି ।
ସମ୍ବରିଛି ଏବେ ସେ ରୁଦ୍ର ତେଜ ସେ
ହୋଇଛି ଶାନ୍ତ ଶୀତଳ,
ଅଗ୍ନି ନିର୍ଗମର ସୁବିଶାଳ ଗର୍ଭେ
ରହିଛି ଏବାଢ଼ିଲ ଜଳ ।
ପ୍ରାଚୀନ ବୃଦ୍ଧ ସେ ବାର୍ଦ୍ଧକ୍ୟ ତା ଶିରୁ
ଦେଇଛି କେଶ ବିଲେପି,
ଧରି ସେ ଫକୀର ବେଶ ପିନ୍ଧିଅଛି
ମସ୍ତକେ ଦେଇଲା ଟୋପି ।

ସେ କାଳେ ଥିଲା ସେ ଆଗ୍ନେୟ ପର୍ବତ
ଏକାଳେ ନିସ୍ତେଜ ସ୍ତବ୍ଧ,
ବେଳେ ବେଳେ ଏବେ ବାହାରେ ତା ଗର୍ଭୁ
ଭୂମିକମ୍ପ ଭଳି ଶବ୍ଦ ।
ପର୍ବତ କଟିରେ ସୁବିଶାଳ ଗୁମ୍ଫା
ଆଲୋକିତ ଦିବାଲୋକେ,
ଅବଲୀଳା କ୍ରମେ ପାରନ୍ତି ତହିଁରେ
ବସି ଶତଶତ ଲୋକେ ।
ନିବସନ୍ତି ତହିଁ ଶ୍ରୀଧବଳେଶ୍ୱର
ମହାଯୋଗିବର ହର,
ନିଭୃତ ସ୍ଥାନରେ ଏକାନ୍ତ ଚିତ୍ତରେ
ଯୋଗେ ରତ ନିରନ୍ତର ।
ଅବର ସେଠାରେ କରନ୍ତି ନିବାସ
ବହୁପାର୍ଶ୍ୱ ଦେବଦେବୀ,
ମହତ ଆଶ୍ରୟେ ରହିଛନ୍ତି ସର୍ବେ
ଶଙ୍କର ପଦ୍ମରେ ସେ ।
ସମ୍ମୁଖେ ବିରାଜେ ବିଶାଳ ବିସ୍ତୃତ
ରମଣୀୟ ସରୋବର,
କୁମୁଦ କମଳ ହାସ୍ୟେ ରତ ତହିଁ
ଛନ୍ଦାଛନ୍ଦି ହୋଇ କର ।
ରାଜକୀର୍ତ୍ତି ସେହି ସରସୀ ସୁନ୍ଦରୀ
ତେଣୁ ସେ ନୃପ ତନୁଜା,
ଫୁଲ ଫଳ ସହ ପ୍ରସ୍ତର ସମର୍ପି
କରେ ନିତ ଶିବ ପୂଜା ।
ରାଜନ୍ୟ ମଣ୍ଡଳୀ ମଧ୍ୟରେ ବରେଣ୍ୟ
ନୃପତି କୁଳଶେଖର,
ସ୍ଥାପି ଏ ଗୁମ୍ଫାତର ଶ୍ରୀ ଧବଳେଶ୍ୱରେ
ଖୋଳାଇଥିଲେ ଏ ସର ।
ଯାବତ ଥିବ ଏ ଦେବବନ୍ଧ ପୁଣି
ଯାବତ ଥିବେ ଏ ହର,
ରହିବ ତାବତ ରାଜକୀର୍ତ୍ତି ମୂର୍ତ୍ତି
ହୋଇ ଚିର ଅନଶ୍ୱର ।

ଧବଳେଶ୍ୱରଙ୍କୁ ବାଈଛୁ ଅତୁଳ
ଧବଳ ଫୁଲ ଗୁମରେ,
ଶାନ୍ତ କରଯୋଡ଼ି କରେ ନମସ୍କାର
ଧାମଣ ଶମ୍ଭୁ ପଦ୍ମରେ ।
ବାମଦେବଙ୍କର ଯୋଗଭଙ୍ଗ ପାଇଁ
କାମଦେବରୂପୀ ଭେରୁ,
ଧରିଛୁ ବାଣ୍ଟୁଳି ଦୂରୁ ଥାଇ ତାକୁ
ନିକ୍ଷେପୁଛୁ ପତ୍ର ମେରୁ ।
କିରେଣି ତାହାର ବ୍ୟର୍ଥ ଦୁଃସାହସ
ଧାତୁକୀ ବ୍ୟାଘ୍ର ଘାତୁକୀ,
ହରକୋପାନଳେ ଦଗ୍ଧ ହେବା ଭୟେ
ପାଶେ ଜଣ୍ଡ ଶିର ଟୁକି ।
ଶିବରାତ୍ରି ଦିନ ଏ ଶିବ କ୍ଷେତ୍ରରେ
ପ୍ରତିବର୍ଷ ବସେ ମେଳା,
ମଣାନ୍ତି ଯାତ୍ରିଏ ସେ ମହାଦିବସେ
ମଙ୍ଗଳ ମାହେନ୍ଦ୍ର ବେଳା ।
କୃତ୍ରିମ ହ୍ରଦେ ସେ ଗିରି ମୁଖ ଦଣ୍ଡ
ନିସର୍ଗ ନିୟମେ ଜାତ,
ବହୁ ଯୋଗୀ ସାଧୁ ସନ୍ନ୍ୟାସୀ ସେଠାକୁ
କରୁଥିଲେ ଯାତାୟାତ ।
ସୋପାନ ପ୍ରସ୍ତରେ ରହିଛୁ ଖୋଦିତ
ପଦାଙ୍କ ଗୁମ୍ଫା ଅନ୍ତକେ,
କୈନ ଗୁରୁଙ୍କର ପଦ ଚିହ୍ନ ତାହା
କହନ୍ତି ଐତିହାସିକେ ।
ଅନ୍ୟ ଏକ ସ୍ଥାନେ ଶାକ୍ୟ ସିଂହ ମୂର୍ତ୍ତି
ହୋଇଛୁ ଅବସ୍ଥାପିତ,
ଅନୁମିତ ହୁଏ ଥିଲା ସେ ଅଞ୍ଚଳେ
ବୌଦ୍ଧଧର୍ମ ପ୍ରଚଳିତ ।
ବାହ୍ୟ ସୌନ୍ଦର୍ଯ୍ୟରେ ଏହି ଶିବ କ୍ଷେତ୍ର
ହେଲେହେଁ ନିର୍ଜୀବ ନ୍ୟୂନ,
ଭାବୁକ ନେତ୍ରରେ ମାତ୍ର ଏ ସ୍ଥାନର
ଅନ୍ତର ବୈଚିତ୍ର୍ୟ ପୂର୍ଣ୍ଣ ।

ଯେଉଁଠାରେ ଚିତ୍ତ ହୁଏ ସୁପ୍ରସନ୍ନ
ସେ ସ୍ଥାନ ଚିର ସୁନ୍ଦର,
ନୋହିଲେ କି ଶିବ ରତ୍ନହର୍ମ୍ୟ ତେଜି
ଶ୍ମଶାନେ କରନ୍ତେ ଘର ।
ସଂସାର ଜଞ୍ଜାଳ କଳୁଷିତ ମନ
ହୁଏ ଯହିଁ ସୁନିର୍ମଳ,
ସେହି ଏକା ତୀର୍ଥ ସେହି ଏକା ସ୍ୱର୍ଗ
ସୁନ୍ଦର ପବିତ୍ର ସ୍ଥଳ ।
କେତେ ରମଣୀୟ ଅପୂର୍ବ ସ୍ଥାନ ବା
ନାହିଁ ଏ ସୃଷ୍ଟି ମଧ୍ୟରେ,
ଜଗନ୍ନାଥଙ୍କର ବାସ ସିନ୍ଧୁ ତୀରେ
ବାଲୁକାମୟ ପ୍ରାନ୍ତରେ ।
ସୌନ୍ଦର୍ଯ୍ୟ ରସିକେ ବୁଝନ୍ତି ଅନ୍ତର
ସୌନ୍ଦର୍ଯ୍ୟ ମହତ୍ତ୍ୱ ମୂଳ,
ଶୋଭା-ଅନଭିଜ୍ଞ ବାହ୍ୟ ସୌନ୍ଦର୍ଯ୍ୟକୁ
ଖୋଜନ୍ତି ହୋଇ ଆକୁଳ ।
ଶୋଭା ଅନୁଭୂତ ଜ୍ଞାନ ନାହିଁ ଯାର
ଭଲକୁ ମଣେ ସେ ଭେଲ,
ସଂସାରକୁ ଭୁଞ୍ଜି ଖେଳଘର ମଣି
ହୁଏ ସେ ତା ସଙ୍ଗେ ଟେଲ ।
ଦିଏ ସେ ଦର୍ଶକ ଭାବୀ ଜୀବନକୁ
ନୂତନ ଭାବରେ ଗଢ଼ି
ନବ ନବ ଶିକ୍ଷା ନୀରବେ ପ୍ରଦାନେ
ହାତେ ଦେଇ ଜ୍ଞାନ-ଖଡ଼ି ।
ସୀମାବଦ୍ଧ ଜ୍ଞାନେ ଅସୀମ ପଥକୁ
ଦେଖିପାଏ ସେହି ଠାଣି,
ଅସାଡ଼ ପ୍ରାଣକୁ ନୀରବ ଭାଷାରେ
ଶୁଣାଏ ସେ ନବ ବାଣୀ,
ଦେଇପାରେ ପୁଣି ଚିତ୍ତ ଭିତରେ
ପ୍ରବେଶାଇ ଜଡ଼ ନୀତ,
ନାସ୍ତିକ ହୃଦୟ ଊଷର ଭୂମିରେ
ଅଙ୍କୁରାଏ ଧର୍ମ ବୀଜ,

ଯେ ସ୍ଥାନ ଦର୍ଶନେ          ନବ ଜନ୍ମଲାଭ
        ପରାଏ ହୁଏ ପରତେ,
ତାହାଠାରୁ ବଳି          ଅନିନ୍ଦ୍ୟ ସୁନ୍ଦର
        କିସ ବା ଅଛି ଜଗତେ ?

ସୁଦୂର ଅତୀତୁ          ଗୁମ୍ଫା ପାର୍ଶ୍ୱ ଦେଶେ
        ବିରାଜିତ ସତୀ ସ୍ତମ୍ଭ,
ଊର୍ଦ୍ଧ୍ୱେ ଦେବୀଙ୍କର          ଢୋଲ ସତୀମୂର୍ତ୍ତି
        ବହୁ ଶନ୍ତାଶୂନ୍ୟ ଦମ୍ଭ ।
ପତି ମୃତ୍ୟୁ ପରେ          ଯତପ୍ରାଣା ସତୀ,
        ପରିହରି ଶୋକ, ଶଙ୍କା,
କହିଥିଲେ ଚନ୍ଦ୍ର          ସୂର୍ଯ୍ୟ ଥିବାଯାଏଁ
        ରହିବ ମୋ ହାତେ ଶଙ୍ଖା ।
ଏଥିକୁ ରହିଲେ          ସାକ୍ଷୀ ଚନ୍ଦ୍ର-ସୂର୍ଯ୍ୟ
        ଅବର ଏ ମହାକାଶ,
ଏହା କହି ସତୀ          ସହାସ୍ୟ ବଦନେ
        ଦେଲେ ଶତାନଳେ ଝାସ ।
ଭାରତ ଭୂମିରେ          ସତୀତ୍ୱ ମହିମା
        ଦେଖିଥିଲା ଏ ଜଗତ,
ସତୀତ୍ୱ ବଳରେ          ଅଦ୍ୟାପି ଜୀବିତ
        ରହିଅଛି ଏ ଭାରତ ।
ସତୀତ୍ୱ ପ୍ରଭାବ          ସତୀତ୍ୱର ତେଜ
        ଦୈବବଳୁ ଶ୍ରେଷ୍ଠ ଅତି,
ସତୀତ୍ୱ ପ୍ରଭାବେ          ବଞ୍ଚି ଉଠିଥିଲା
        ମହାସତୀ ମୃତପତି ।
ସତୀ ଅଭିଶାପେ          ଲଭିଲା ବିନାଶ
        ଦର୍ପୀ କୌରବର ବଂଶ,
ସତୀ କୋପେ ହେଲା          ସାଗର ମେଖଳା
        ସ୍ୱର୍ଣ୍ଣ ଲଙ୍କାପୁରୀ ଧ୍ୱଂସ ।
ସତୀତ୍ୱ କ୍ଷମତା          ଅସୀମ କରେ ସେ
        ଅସମ୍ଭବେ ସୁସମ୍ଭବ,
ଆଜ ଆନ କଥା          ବିଶ୍ୱ ଶକ୍ତିମାନେ
        ତାହା ପାଶେ ପରାଭବ ।

ଘଣ୍ଟେଶ୍ୱରୀ ଦେବୀ          ପାଳିତ ରକ୍ଷିତ
        ଏ ଟିଟିଲାଗଡ଼ ରାଜ୍ୟ,
ଅଳ୍ପଦିନ ହେଲା          ଜଗନ୍ନାଥ ତହିଁ
        ହୋଇଛନ୍ତି ଅଧିରାଜ ।
ବର୍ଷୁଛି ତା ଶିରେ          ବର୍ଷା ଧାରା ପ୍ରାୟ
        ଦେବୀଙ୍କର ଆଶୀର୍ବାଦ,
ତାଙ୍କର ପ୍ରଭାବେ          ନ ଘଟେ ତା ଭାଗ୍ୟେ
        ଦଇବୀ କଷ୍ଟ ପ୍ରମାଦ ।

ଟିଟିଲାଗଡ଼ର          ଅଳ୍ପଦୂରେ ସ୍ଥିତ
        ଭାଲକୂଟ ନାମେ ବଣ,
ନିର୍ଭୟେ ନିଶ୍ଚିନ୍ତେ          ବିହରନ୍ତି ତହିଁ
        ମହାବଳ ପଶୁ ଗଣ ।
ସେତେତ ମଲେ ସୁଦ୍ଧା          ଘଟୁଛି ତାଙ୍କର
        ବଂଶବୃଦ୍ଧି ବହୁଗୁଣ,
ବୃଦ୍ଧି ଲଭେ ଯଥା          ଦିନବୃନ୍ଦ କ୍ରମେ
        କଳନ୍ତର ସହ ଋଣ ।
ଭାଲକୂଟ ନାମ          ସାର୍ଥକ ବଣର
        ସ୍ୱଭାବେ ଯେଣୁ କରାଳ,
ଶ୍ୱାପଦ ରୂପରେ          ବୁଲୁଥାଏ ତହିଁ
        କୂଟ ବହୁ ସଦା କାଳ ।
ବହୁଦୂରବ୍ୟାପୀ          ବିଶାଳ ଭୀଷଣ
        ବିରାଟ ସାଗର ପରି,
ପଶିଲେ ସେ ବଣେ          ପ୍ରାଣେ ଶୋଷି ଭୟେ
        ଅନ୍ତରାତ୍ମା ଉଠେ ଥରି ।
ଦୁଇପାଶେ ବଣ          ମଧ୍ୟେ ରାଜପଥ
        ଦୂରରୁ ଯାଏ ସେ ଦେଖା,
ବନଦେବୀଙ୍କର          କୁଞ୍ଚିତ କୁନ୍ତଳ—
        ମଧ୍ୟେ କି ସୀମନ୍ତରେଖା !
ଅଥବା ଗଗନ          ଦ୍ୱିଖଣ୍ଡିତ ଯଥା
        ଛାୟାପଥରୂପୀ ବନ୍ଧେ,
କିମ୍ବା ବନ-କାବ୍ୟେ          ହୋଇଛି ଲିଖିତ
        କବିତା ଗୋମୂତ୍ର ଛନ୍ଦେ ।

ଅବା ରୂପେଣ୍ଟଶ୍ରୀ ସ୍ଥିର ସୌଦାମିନୀ
ସୁପ୍ତ ନୀଳଘନ ବକ୍ଷେ,
କ୍ଷୀଣାଲୋକ ରେଖା ଅନ୍ଧକାର ଗର୍ଭେ
ପଡ଼ୁଛି ସେଠାରେ ଅଲକ୍ଷ୍ୟେ ।
ପଥ ବେଣୀ ପାର୍ଶ୍ୱେ ଠାବେ ଠାବେ ସ୍ଥିତ
ପକ୍ୱାଣ କୁଟୀରଚୟେ,
ବନବାସୀ ଜନେ ନିବସନ୍ତି ତହିଁ
ନ ବହି ମାନସେ ଭୟ ।
ବାଘ ଭାଲୁ ସଙ୍ଗେ ନିବସି ସର୍ବଦା
ବାନ୍ଧିଛନ୍ତି ବନ୍ଧୁପଣ,
ଆତ୍ମୀୟ ନିକଟେ କାହାର କି କେବେ
ଭୟର ଥାଏ କାରଣ ?
ବନସ୍ଥଳୀ ସଙ୍ଗେ ଉପମା ଯୋଗିବା
ନୁହେଁ ତ କଷ୍ଟ କଳ୍ପନା,
ଏ ବନ ସହିତ ଦୁରାତ୍ମା ହୃଦୟ
ସର୍ବାଂଶେ ଯୋଗ୍ୟ ତୁଳନା ।
ଏ ବନେ ଶାର୍ଦ୍ଦୂଳ ଭଲ୍ଲୁକ ବରାହ
ଚରନ୍ତି ହର୍ଷେ ବିଳାସ,
ସେ ବନ ମଧ୍ୟରେ କ୍ରୋଧ ଈର୍ଷାଦର୍ପ
କରନ୍ତି ସଦା ନିବାସ ।
ଏ ବନନିବାସୀ ମହାବଳ କରେ
ବନ ଋଷି ମୃଗେ ନାଶ,
ସେ ବନନିବାସୀ କ୍ରୋଧ-ବ୍ୟାଘ୍ର କରେ
ତରୁଣ-ଋଷିଙ୍କୁ ଗ୍ରାସ ।
ଅବର ଏ ବନ ଉପମା, ସୁନୀଳ
ବିଶାଳ ମହାସାଗର,
ଭ୍ରମନ୍ତି ଏଠାରେ ତିମି ତିମିଙ୍ଗିଳ
ପ୍ରାୟ ଭୀମ ଅଜଗର ।
ଗଗନେ ଯେସନ ସଞ୍ଚାଳନ୍ତି ପୁଚ୍ଛ
ଅମଙ୍ଗଳ ଧୂମକେତୁ,
ତେସନ ଏ ବନେ ଅହିରାଜ ସର୍ପ
ଭ୍ରମେ ମୃତ୍ୟୁଭୀତ ହେତୁ ।

ନାନା ଜାତି ବୃକ୍ଷ ଲତା ଗୁଳ୍ମ ତୃଣ
ଦେଖାଯାଏ ଏହି ବନେ,
ଅତ୍ୟଳ୍ପ ଶଙ୍କିତ ବହୁ ଅଶଙ୍କିତ
ଅଦେଖା ଜନ ନୟନେ ।
ନିବିଡ଼ ନୀରନ୍ଧ୍ର ଏ ମହାକାନ୍ତାର
ନ ଭେଦଇ ତହିଁ ସୂରି,
ଶିଶୁ ମହୀରୁହେ ଯାଉଛନ୍ତି ଉଚ୍ଚ—
ତରୁ ଗହଳରେ ଲୁଚି ।
ପଶିଲେ ଏ ବନେ ପ୍ରାଣଶୋଷୀ ଭୟେ
ଶୁଖିଯାଏ ପିଣ୍ଡୁ ରକ୍ତ,
ବୁଝ ପଡେ ଅଣି ଧୈର୍ଯ୍ୟ ହୃଦପିଣ୍ଡ
ଶତଧା ହୁଏ ବିଭକ୍ତ ।
ଏ ବୃକ୍ଷ-ନଗରେ ତରୁ ଅଧିବାସୀ
ସ୍ନେହେ ବଦ୍ଧ ପରସ୍ପର,
ଆଲିଙ୍ଗିଛି କେହି କାହାକୁ, କେହିବା
କାହାକୁ କରେ ଆଦର ।
ପ୍ରେମର ମହତ୍ତ୍ୱ ବୁଝନ୍ତି ସକଳେ
ମୁକ୍ତହସ୍ତ ପ୍ରେମ ଦାନେ,
ବାହୁ ଛନ୍ଦାଛନ୍ଦ ହୋଇ ଅବା କେହି
ନିଯୁକ୍ତ ମାଲ ବାନ୍ଧଣେ ।
ବାତ୍ସଲ୍ୟ ଭାବରେ କେହି ବା କାହାର
କରୁଛି ଶିରଶ୍ଚୁମ୍ବନ,
ଶିଷ୍ୟ ଭାବେ କେହି ବସି ପାଦ ତଳେ
ସେବୁଛି ଗୁରୁଚରଣ ।
ନିଜ ଅଙ୍ଗୁ ଫେଇ ପୁଷ୍ପ ଅଳଙ୍କାର
ପିନ୍ଧାଏ କାହାକୁ କେହି,
ହାତ ଧରାଧରି ହୋଇଛନ୍ତି କେହି
ଯେସନ ପରମ ସ୍ନେହୀ ।
ଭୀଷଣ ଯେସନ ସୁନ୍ଦର ତେସନ
ତେସନ ନିର୍ଜନ ବନ,
ନୋହିଲେ କି କେବେ ମୋହି ପାରନ୍ତା ଏ
ଯୋଗୀ ଋଷି ପ୍ରାଣ ମନ ।

ସ୍ନେହ ପ୍ରୀତି ମୈତ୍ରୀ ଭକ୍ତି ଦୟା ଦାନ
ତରୁ ପ୍ରାଣେ ପୂର୍ଣ୍ଣ ସର୍ବ,
ମାନବ ପ୍ରାଣରେ ଅସୁଲଭ ଯାହା
ତରୁ ପ୍ରାଣେ ତା ସୁଲଭ ।
ସମଦର୍ଶିତାର ନିଃସ୍ୱାର୍ଥ ଦାନରେ
ନରଠାରୁ ଶ୍ରେଷ୍ଠ ତରୁ,
ପାଦପ ହୃଦୟ ଦୟାରେ ସଜଳ
ମାନବ ହୃଦୟ ମରୁ ।
ଧୈର୍ଯ୍ୟ ସହିଷ୍ଣୁତା ଆତ୍ମନିର୍ଭରତା
ବୃକ୍ଷର ସହଜ ଗୁଣ,
ମହାଜନମାନେ ସେହି ଶୁଭଗୁଣ
ନେଇଛନ୍ତି ତାଠାରୁ ଋଣ ।
ମନୁଷ୍ୟ ପ୍ରାଣରେ ଦୁର୍ଲଭ ଦେବତ୍ୱ
ଦେଇପାରେ ତରୁ ଆଣି,
ମୂକ ଗୁରୁ ପ୍ରାୟ ନୀରବେ ଶୁଣାଏ
ହିତ ଉପଦେଶ ବାଣୀ ।
ଜୀବନର ଗୂଢ଼ ତତ୍ତ୍ୱ ଶିକ୍ଷା ପାଇଁ
ପିପାସିତ ଯାର ପ୍ରାଣ,
ହେବ ତାର ଆଶା ସାଫଲ୍ୟମଣ୍ଡିତ
କଲେ ସେ ବନେ ପ୍ରୟାଣ ।
ଚଳ ବାଷ୍ପଯାନ ବେନି ପାଶେ ରହି
ଅବେକ୍ଷି ଲଭେ ବିସ୍ମୟ,
ଲୁଚି ରହି କେହି ଦେଖାଉ ଅଛି କି
ଚଳଚ୍ଚିତ୍ର ଅଭିନୟ । *
ଦୁର୍ଦ୍ଦାନ୍ତ ଦାନବ ପ୍ରାୟ ଧାଇଁ ଆସେ
ବଣ ପରେ ମହାବଣ,
ପ୍ରତେ ହୁଏ ଯେସନେ କରିବ ପରି ସେ
ବାଷ୍ପରଥେ ଆକ୍ରମଣ ।
ବହୁ ମୂଲ୍ୟବାନ ପ୍ରାଚୀନ ପାଦପ
ଅଛି ଏ ମହା କାନ୍ତାରେ,
ଧନ ରତ୍ନ ରୂପେ ବନଦେବୀ ଯାହା
ସାଇତିଛନ୍ତି ଭଣ୍ଡାରେ ।
ଶିଶୁ, କେନ୍ଦୁ, ଅର୍ଜ୍ଜୁନ, ଶାଳ, ପିଅଶାଳ,
ସେଗୁନ, କେଳିକଦମ୍ବ,
ମହୁଲ, ଅଶନ ବଢ଼ି ଯାଇଛନ୍ତି
କି ସେ ବନ୍ୟ ଦୁର୍ଗ ଖମ୍ବ ।
ହରିଡ଼ା, ବାହାଡ଼ା, ସୁନାରି, ଧାମଣ,
ଧବ, ନିମ୍ବ, ଆମଳକୀ,
ଏ ଆଦି ପାଦପେ ନିବିଡ଼ ଭାବରେ
ହୋଇଛନ୍ତି ସନ୍ନିବେଶ ।
ଯହିଁ ଦେଖ ତହିଁ ନାନାଜାତି ପଶୁ
ପଲି ପଲି ଗଣ୍ଡା ଗଣ୍ଡା—
ବିହରନ୍ତି ମାତି ନାହାନ୍ତି ଏଠାରେ
ଖଡ୍ଗଧାରୀ ବୀର ଗଣ୍ଡା ।
ହରିଣ, ଶମ୍ବର, ଶଶା, ବାହୁଟିଆ
ହୃଷ୍ଟପୁଷ୍ଟ ନୀଳ ଗାଈ,
ମନୁଷ୍ୟ ଦେଖିଲେ ଲମ୍ଫ ଦେଇ ଖରେ
ଯାଆନ୍ତି ଭୟେ ପଳାଇ ।
ଶାର୍ଦ୍ଦୂଳ ଭଲ୍ଲୂକ ସଶସ୍ତ୍ର ପ୍ରହରୀ
ଦନ୍ତ ନଖ ଅସ୍ତ୍ରଧାରୀ,
ଯାହାକୁ ଦେଖନ୍ତି ସମ୍ମୁଖରେ ତାକୁ
ପକାନ୍ତି କ୍ରୋଧେ ବିଦାରି ।
ଘଡ଼ ଘଡ଼ ନାଦେ ଧାଇଁ ବୁଲୁଥାନ୍ତି
ଭୀଷଣ ବରାହଗଣ,
ଦନ୍ତଘାତେ ବୃକ୍ଷ ଫଟାଇ କରନ୍ତି
ଦନ୍ତଶୂଳ ନିବାରଣ ।
ଗଭୀର ଅରଣ୍ୟେ ଦଳ ଦଳ ହୋଇ
ଭ୍ରମନ୍ତି ବଣ ଅଧୟ,
ବ୍ୟାଘ୍ର ଭଲ୍ଲୁକାଦି କାହାକୁ ତାଙ୍କର
ନାହିଁ ତିଳେ ମାତ୍ର ଭୟ ।

* ସିନେମା

ଅକ୍ଷୁଣ୍ଣ ତାଙ୍କର     ଜାତୀୟ ମମତା
ଅଦ୍ଭୁତ ତାଙ୍କ ଏକତା,
ବିପନ୍ନ ଅସ୍ମିତ୍ୱେ     କରନ୍ତି ଉଦ୍ଧାର
ବଇରୀକୁ କରି ହତ୍ୟା ।
ଆକୃତିରେ କ୍ଷୁଦ୍ର     ହେଲେହେଁ ସେମାନେ
ଶକ୍ତି ସାହସରେ ବଡ଼,
ଉଡ଼ିଗଲା ପ୍ରାୟେ     ମହାଉଗ୍ର ତେଜେ
ଧାବନ୍ତି ଯେସନ ଝଡ଼ ।
ଅତର୍କିତେ କେହି     ଆକ୍ରମିଲେ ତାଙ୍କୁ
ନାହିଁ ତାର ପରିତ୍ରାଣ,
ସ୍ୱଜାତିପ୍ରିୟ ସେ     ସ୍ୱଜାତି ସକାଶେ
କରନ୍ତି ଉତ୍ସର୍ଗ ପ୍ରାଣ ।
ଗହନ କାନନ     ଶାର୍ଦ୍ଦୂଳକୁଳର
ଦୁର୍ଭେଦ୍ୟ ନିସର୍ଗ ଦୁର୍ଗ,
ପଶୁରାଜା ସେହୁ     ତାହା ଦୁର୍ଗ ସୀମା
ଭୟେ ନ ଛୁଅନ୍ତି ମୃଗ ।
ଯମଦୂତ ପ୍ରାୟ     ଭୀଷଣ ଭଲ୍ଲୁକ
ଉହ୍ନା ପ୍ରାୟ ତାର ଜିହ୍ୱା,
ଶୁଣିଲେ ତାହାର     ରୁଦ୍ର ହୁଳାହୁଳୀ
ପାଣି ହୋଇଯାଏ ପ୍ଲୀହା ।
ନିଶୀଥ ନିଃଶ୍ୱାସ     ପ୍ରାୟ ସାଇଁ ସାଇଁ
ଗହନ ବନର ଭାଷା,
ବନ ମଧ୍ୟେ ପଶି     ଶୁଣିଲେ ସେ ଭାଷା
ଉଡ଼ିଯାଏ ପ୍ରାଣ ଆଶା ।
ବିହଙ୍ଗ ସୃଷ୍ଟିର     ଅଧିକାଂଶ ପକ୍ଷୀ
କରନ୍ତି ଏ ବନେ ବାସ,
ପୂର୍ବେ ଉକ୍ତ ତାହା,     ଅବର ଏଠାରେ
ଦ୍ୱିରୁକ୍ତି ବ୍ୟର୍ଥ ପ୍ରୟାସ ।
ଅଛନ୍ତି ଏ ବନେ     ଅସଂଖ୍ୟ ବାଦୁଡ଼ି
ଅର୍ଦ୍ଧପଶୁ ଅର୍ଦ୍ଧପକ୍ଷୀ,
ବଞ୍ଚନ୍ତି ସେମାନେ     ଯୋଗୀ ଋଷି ପରି
ବନେ ପକ୍ୱଫଳ ଭକ୍ଷି ।

ଥାଅନ୍ତି ଦିବସେ     ବୃକ୍ଷଶାଖା ଧରି
ଅଧୋମୁଖେ ଯୋଗେ ରତ,
ରାତିରେ କରନ୍ତି     ପାରଣା ଏ ତାଙ୍କ
ଜୀବନର ଚିର ବ୍ରତ ।
ନିର୍ଜଳ ଉପାସେ     ରହି ଦିନ ସାରା
କରନ୍ତି କାଳ କ୍ଷେପଣ,
ଫଳ ଜଳ ଭିନ୍ନ     ଅନ୍ୟ ଖାଦ୍ୟ କିଛି
କରନ୍ତି ନାହିଁ ଗ୍ରହଣ ।
ସଇଁତଳା ଗ୍ରାମେ     ଅଧିଷ୍ଠିତା ଦେବୀ
ମହିଷମର୍ଦ୍ଦିନୀ ଚଣ୍ଡୀ,
ବରାଭୟଦାୟୀ     ସେ ଦେବୀ ପାରନ୍ତି
ଦୁର୍ଗର ସଙ୍କଟ ଖଣ୍ଡି ।
ପ୍ରାଚୀନ ଦେଉଳେ     ନିବସନ୍ତି ତହିଁ
ସ୍ୱୟମ୍ଭୂ ଶିବ-ବାନ୍ଧବୀ,
ସରଳ ସୁନ୍ଦର     ସେ ଦେଉଳେ ନାହିଁ
କୁତ୍ସିତ ଅଶ୍ଳୀଳ ଛବି ।
ଚଣ୍ଡୀଦେବୀଙ୍କର     ଷଡ଼ଭୁଜା ମୂର୍ତ୍ତି
ମାତ୍ର ଦେବୀ ବିକଳାଙ୍ଗୀ,
ଏକମାତ୍ର ଭୁଜ     ଅଛି ଅବଶିଷ୍ଟ
ପାଞ୍ଚଟି ଯାଇଛି ଭାଙ୍ଗି ।
ଢାଲ ଖଣ୍ଡାଧାରୀ     ସୈନିକ ପୁରୁଷ
ପଡ଼ିଅଛି ତହିଁ ତଳେ,
ଅବର ସେଠାରେ     ଅଚିହ୍ନିତ ମୂର୍ତ୍ତି
ରହିଛନ୍ତି ଦଳେ ଦଳେ ।
ଛୋଟ ଶାଢ଼ୀ ପିନ୍ଧି     ଶିଶୁ କାଖେ ଧେନି
ହୋଇଛି ଉଭା ଜନନୀ,
କେଉଁଠାରେ ଅବା     ଜଳକୁମ୍ଭ ଧରି
ଏକଦେ ଉଭା ରମଣୀ ।
ମର୍କଟ ପୃଷ୍ଠରେ     ଗୋଟିଏ ରମଣୀ
କରିଅଛି ଆରୋହଣ,
ଏ ଅପୂର୍ବ ଦୃଶ୍ୟ     ଦେଖି ହୁଏ ନାହିଁ
କରି ହାସ୍ୟ ସମ୍ବରଣ ।

ମୃବେ ଶୌରବଂଶୀ ରାଜାଙ୍କର ଏଥି
ଥିଲା ବୋଲି ଦୁର୍ଗ ଏକ,
କହୁଛନ୍ତି ଲୋକେ ମାତ୍ର ସେ ଦୁର୍ଗର
ନାହିଁ ଏବେ ରୂପରେଖ ।
ଚୈତ୍ରମାସେ ପୁଣି ଦଶହରା ପର୍ବେ
ଅନ୍ୟ ଦେବୀପୀଠ ଭଳି,
ଏ ଚଣ୍ଡୀପୀଠରେ ମହା ସମାରୋହେ
ପଡ଼େ ବହୁ ପଶୁବଳି ।
ଗ୍ରାମ ଉପକଣ୍ଠେ ଅମ୍ବତୋଟା ମଧ୍ୟେ
ବସେ ସାପ୍ତାହିକ ହାଟ,
ସେହି ହାଟ ଯୋଗୁଁ ଖୋଲି ଏ ଅଞ୍ଚଳେ
ଅନ୍ତର୍ବାଣିଜ୍ୟର ବାଟ ।
ବିବିଧ ଜାତୀୟ ପକ୍ୱ ବନ୍ୟକୋଳି
ହୁଏ ସେ ହାଟରେ ବିକା,
ସୁନ୍ଦର ଚଟେଇ ଲୌହଶିଳ୍ପ ପୁଣି
ବଣଲଟିବିଲା ଶିକା ।
କ୍ଷୁଦ୍ର ଗ୍ରାମଟିର ପ୍ରାକୃତିକ ଦୃଶ୍ୟ
ଦିଶେ ଅତି ମନୋହର,
ପଥ ଦାଣ୍ଡ ଘାଟ ନିର୍ମଳ ସୁନ୍ଦର
ସୁନ୍ଦର ଅଳିନ୍ଦଘର ।
ପଲ୍ଲୀବାସୀଙ୍କର ସରଳ ଦେହଭର
ସଳ ପୁଣି ହୃଦୟ,
ଜଟିଳତା କିମ୍ବା କୁଟିଳତା ତହିଁ
ପଶିବାକୁ ମଣେ ଭୟ ।
କ୍ରମେ କ୍ରମେ ପାହି— ଆସିଲା ରଜନୀ
କୁଞ୍ଚିତ କୃଷ୍ଣକୁନ୍ତଳା,
ରଟିଲା କୁକ୍କୁଟ ମୁକୁଟ ହଲାଇ
ଉଠ ମା ମହାମଙ୍ଗଳା ।
ଅକୃତଜ୍ଞ ପକ୍ଷୀ ବିପଦେ ଦେବୀଙ୍କୁ
ଡାକେ ସେ ଫୁଲାଇ ଗଳା,
ବିପଦ ଛୁଟିଲେ ବିଦ୍ରୂପରେ କହେ
ଠକ ମା ମହାମଙ୍ଗଳା ।

ଚରଣ-ଚୁଟିଆ ଶରଣ ପଶନ୍ତି
ସଙ୍କଟେ ଦାନ୍ତ ନକୁଟି,
ସମୟ ପଡ଼ିଲେ ଉପକାର ଭୁଲି
ଧରନ୍ତି ପୁଣି ସେ ଚୁଟି ।
ଖାଡ଼ିରୁ ବାହାରି ଘୁମୁରିଲେ ପାରା
ମଳିନ ଦିଶିଲେ ତାରା,
ଅନ୍ଧାରେ ଅଡ଼େଇ ବାହାରିଲା ଉଷା
ଜଗତନୟନତାରା ।
କୁଆଁତାରା ତାର ଖୋଷାଭୁଷା ଫୁଲ
ପରିଧେୟ ରଙ୍ଗବାସ,
ସୁନ୍ଦରୀ ମୁକୁଟ— ହିରା ଚୁମେଶ୍ୱରୀ
ଅଧରୁ ଝରୁଛି ହାସ ।
ଆଲୋକେ ନିରେଖି ବିହଙ୍ଗମଗଣ
ହୋଇ ଅତି ଉଲ୍ଲସିତ,
ଗାଇଲେ ସୁସ୍ୱରେ ବିଭାସ ରାଗରେ
ପ୍ରଭାତ ବନ୍ଦନା-ଗୀତ ।
ପ୍ରାଚୀଦିଗ ମୂଳେ ଫାଟିଲା ସିନ୍ଦୂରା
ଉଠିଲେ ଉର୍ଦ୍ଧ୍ୱକୁ ରବି,
ସଦ୍ୟ ସିନ୍ଧୁସ୍ନାନେ ଟହକିଲା ତନୁ
ଟହ ଟହ ଲାଲ ଛବି ।
ପୌରନ୍ଦରୀ ରାଣୀ ଭାଲ ପଟେ କିବା
ଶୋଭିଲା ସିନ୍ଦୂର ଟୀକା,
ତା ଦେଖି ସପତ୍ନୀ ବାରୁଣୀ ରାଣୀର
ମୁଖ ପଡ଼ିଗଲା ଫିକା ।
ହିରଣ୍ମୟ କରେ ପଦ୍ମିନୀକୁ ରବି
କଲେ ପ୍ରେମେ ପରିରମ୍ଭ,
କୁମୁଦ ଅଧରୁ ନିଭାଇ ହାସ ସେ
ଭାଙ୍ଗିଦେଲେ ତାର ଦମ୍ଭ ।
ହର୍ଷେ ଉଚ୍ଚସ୍ୱରେ ସଘନେ ରାବିଲେ
ଚଉଦିଗେ ଡମ୍ଫବାଜା,
ଦିବା ସମ୍ରାଟଙ୍କ ବିଜୟ ଦୁନ୍ଦୁଭି
ବାଜିଲାକି ତାଙ୍କ ଭାର୍ଯ୍ୟା ।

ନଭେ ସୂର୍ଯ୍ୟ ଦେଖି    ନିଶାଚରବୃନ୍ଦ
ଲୁଚିଲେ ପଳାଇଯାଇ,
ରାଜବଳେ ଦେଖି    ଚୋରଖଣ୍ଟ ଯଥା
ଲୁଚନ୍ତି ଭୟେ କେ କାହିଁ ।
ନବ ସୂର୍ଯ୍ୟ କରେ    ଚରାଚର ସୃଷ୍ଟି
ଦିଶିଲା ସୁବର୍ଣ୍ଣମୟ,
ନୀରବ ହାସ୍ୟରେ    ହସିଲେ ସକଳେ
ଉଲ୍ଲାସେ ହୋଇ ଅଥୟ ।
ଉଷା-ପ୍ରଭାତର    ବିବାହ ଉତ୍ସବେ
ବନଗିରି ବାଟଘାଟ,
ସମଗ୍ର ପ୍ରକୃତି    ପିନ୍ଧିଅଛନ୍ତି କି
ଅମୂଲ୍ୟ ସୁନେଲି ପାଟ ।
ନଗରେ ଗ୍ରାମରେ    ଉଠିଲାକ ଜାଗି
ରାତ୍ରି ସୁପ୍ତ କୋଳାହଳ,
ଗୃହସ୍ଥ ସକଳ    କର୍ତ୍ତବ୍ୟଦେଶକୁ
ଚଳେ ହୋଇ ଦଳ ଦଳ ।
ଖେଳିଲା ରୌଦ୍ରରେ    କର୍ମସ୍ରୋତ ସହ
ଚାଞ୍ଚଲ୍ୟ-ଲହରୀ ପ୍ରାତେ,
ଭିକ୍ଷାଜୀବୀକୁଳ    ଗଲେ ଲୋକାଳୟେ
ଭିକ୍ଷାପାତ୍ର ଘେନି ହାତେ ।
ଅକର୍ମା ନିଖଟୁ    ଅଳସୁଆ ଜନେ
ନ ପାରିଲେ ଶଯ୍ୟା ଛାଡ଼ି,
ମାନବ-ସମାଜେ    ସେଗୁଡ଼ିକ ସିନା
ବୁଡ଼ିଛି ଧାନ ଅଗାଡ଼ି ।
ଲେଖି ନାହିଁ ବିଧି    ସୁଖ ଶବ୍ଦଟି
ତାଙ୍କ କୋଷ୍ଠୀ ଅଭିଧାନେ,
ଜଗତେ କେବଳ    ଭାଗ୍ୟଦେବୀଙ୍କର
ତ୍ୟକ୍ତ ପୁତ୍ର ସେହିମାନେ ।
ଭବ କର୍ମକ୍ଷେତ୍ରେ    କରନ୍ତି ନାହିଁ ସେ
କର୍ମଦେବ ଆରାଧନା,
ଜଡ଼ପିଣ୍ଡ ପରି    ପଡ଼ିଥାନ୍ତି ତାଙ୍କୁ
ମିଳେ ନାହିଁ ଦାନାକଣା ।

ପ୍ରକୃତି ଭଣ୍ଡାରୁ    କ୍ଷୟ କରନ୍ତି ଯେ
ଅକାରଣେ ଖାଦ୍ୟପେୟ,
ଭିକ୍ଷୁକ-ଜୀବନ –    ଠାରୁ ବଳି ସିନା
ଜୀବନ ତାଙ୍କର ହେୟ ।
ଯତ୍ନ ଚେଷ୍ଟା ବଳେ    ହୁଏ ଶୂନ୍ୟେ ଉଡ଼ି
ସାଗରବକ୍ଷେ ସନ୍ତରି,
ନ ବୁଝେ ଏହା ଯେ    ଶରୀର ତାହାର
ପାଷାଣ ସିନ୍ଦୁଳା ସରି ।

## ଷଷ୍ଠ ସର୍ଗ

ପ୍ରଧାବିତ ଅଶ୍ୱ    ଧୂମଧ୍ୱଜ ଯାନ
ତୋଷାଳୀ ଗ୍ରାମାଭିମୁଖେ,
ଗତିରେ ବିହଙ୍ଗେ    ପରାଜୟ କରି
ଅହ୍ଲାଦ ହୋଇ କୌତୁକେ ।
ଅତୀତ ସ୍ମୃତିର    ମହାଶ୍ମଶାନ ଏ
ପ୍ରାଚୀନ ତୋଷାଳୀ ଗ୍ରାମ,
ସରିଯାଇଛି ତା    ଗୌରବ ବିଭବ
ରହିଛି କେବଳ ନାମ ।
ସୌଭାଗ୍ୟ କୋଷ୍ଠିରେ    ଉଡ଼ୁଥିଲା ତାର
ଶୁଭଗ୍ରହଙ୍କର ଧ୍ୱଜ,
ଏ କାଳେ ତାହାକୁ    ଭାଗ୍ୟଲକ୍ଷ୍ମୀ ଆହା
ଦେଇଛନ୍ତି ଛାଡ଼ପତ୍ର ।
ସମଗ୍ର ପାଟଣା—    ରାଜ୍ୟର ଥିଲା ସେ
ବାଣିଜ୍ୟକେନ୍ଦ୍ର ପ୍ରଧାନ,
ଏବେ ଏ ଗ୍ରାମର    ହାସ୍ୟୋଜ୍ଜ୍ୱଳ ମୁଖ
ଦିଶୁଛି ଶ୍ରୀହୀନ ମ୍ଳାନ ।
ନାନାସ୍ଥାନୁ ଆସି    ବଣିକମଣ୍ଡଳୀ
ହେଉଥିଲେ ଏଥି ମେଳ,
ଅତୀତରେ ଏହାର    ତୋଳିଥିଲେ ଦୁର୍ଗ
ଛତ୍ରପତି ଖାରବେଳ ।

କଳିଙ୍ଗପତି ସେ     ହେଲେ ତାଙ୍କ ପ୍ରତି
ସୌଭାଗ୍ୟ-ଦେବ ସଦୟ,
ସ୍ୱୀୟ ବାହୁବଳେ     କଲେ ବୀରମଣି
ସମଗ୍ର ଭାରତ ଜୟ ।
ଉତ୍କଳ-ସମ୍ରାଟ     ଅଳଙ୍କୃତ କଲେ
ଭାରତ-ସମ୍ରାଟ ଗାଦି,
ସେ କାଳେ ତାଙ୍କର     ଥିଲେ ନାହିଁ କେହି
ସମକକ୍ଷ ପ୍ରତିବାଦୀ ।
କୁଟିଳ କୁଚକ୍ରୀ     ମଗଧ-ସମ୍ରାଟ
ପୁଷ୍ପମିତ୍ର ଖଳବୀର,
ପ୍ରଭୁହନ୍ତା ପାପୀ     ମଣେ ସେ ନିଜକୁ
ତେଜସ୍ୱୀ ଯେସନ୍ତେ ମିହିର ।
ବୀର ନୁହେ ଦୁଷ୍ଟ     ବୀରକୁଳ କାଳି
ଆତ୍ମଶ୍ଲାଘୀ ସେ ଉଦ୍ଧତ,
ହାରିଯାଇ ରଣେ     ଖାରବେଳ ପଦେ
କଲା ଶିର ଅବନତ ।
ସରିଗଲା ତାର     ଦର୍ପ ଅହଙ୍କାର
ଗୁପ୍ତ କୁଟନୀତି ଖେଳ,
ମଗଧ ରାଜ୍ୟକୁ     କଳିଙ୍ଗ ସହିତେ
ମିଶାଇଲେ ଖାରବେଳ ।
କ୍ରମେ ଅଙ୍ଗ, ବଙ୍ଗ,     ଅନ୍ଧ୍ର, ଜିଣି ଅର୍ଜି
ବିପୁଳ ଧନ ସମ୍ପତ୍ତି,
ହେଲେ ବୀରବର     ସମଗ୍ର ଭାରତେ
ଏକଚ୍ଛତ୍ର ଚକ୍ରବର୍ତ୍ତୀ ।
ଥିଲେ ମହାବୀର     ସର୍ବଗୁଣେ ଗୁଣୀ
ଯେସନ୍ତେ ବୀର ଧନଞ୍ଜୟ,
ଧର୍ମମାର୍ଗେ ସ୍ଥିର     ପୁଣ୍ୟ ନୀତି ଧରି
ଅର୍ଜିଲେ କୀର୍ତ୍ତି ଅକ୍ଷୟ ।
ଯୁଧିଷ୍ଠିର ପ୍ରାୟ     ବାହ୍ୟେ ରାଜା ମାତ୍ର
ସ୍ୱଭାବେ ଥିଲେ ସେ ଯତି,
ତାଙ୍କ ଯୋଗୁଁ ଦେବୀ     ଭାରତ ଜନନୀ
ହୋଇଥିଲେ ରାଜନ୍ୱତୀ ।

ଶୁଭକ୍ଷଣେ ତାଙ୍କୁ     ଧରିଥିଲେ ଗର୍ଭେ
ଜନନୀ ଉତ୍କଳଦେବୀ,
କେଉଁ ତପ ଫଳେ     କିମ୍ବା କେଉଁ ତୀର୍ଥେ
କେଉଁ ଦେବତାଙ୍କୁ ସେବି ।
ଯାବତ ଭାସ୍କର     ଶଶାଙ୍କ ଉଦୟେ
ମଣ୍ଡିଥିବେ ନଭସ୍ଥଳ,
ଏ ପୁତ୍ର-ରତନ     ଯୋଗୁଁ ତୁମ୍ଭ ମୁଖ
ତାବତ ଥିବ ଉଜ୍ଜ୍ୱଳ ।
ଓଡ଼ିଆ ବାହୁର     ତେଜ ବୀର୍ଯ୍ୟ ଶକ୍ତି
ଦେଖାଇଦେଲେ ସେ ବୀର,
ଓଡ଼ିଆ ଜାତିର     ଏ ମହା ସୁଖ୍ୟାତି
ରହିଥିବ ହୋଇ ଚିର ।
ବିଶାଳ ଭାରତ     ମହାସିଂହାସନେ
ହୋଇଥିଲା ଅଭିଷେକ,
କେଉଁ ଭାରତୀୟ     ଜାତିର ଏ ଯୁଗେ
ଇତିହାସ ଖୋଲି ଦେଖ ।
ସେଥିପାଇଁ ଦମ୍ଭେ     କରିପାରେ ଗର୍ବ
ଏକା ଏ ଓଡ଼ିଆ ଜାତି,
ଏ ମହା ଗୌରବେ     ନ ଉଠିବ ଫୁଲି
କେଉଁ ଓଡ଼ିଆର ଛାତି ।
ଧନ୍ୟ ମା ଉତ୍କଳ     ଧନ୍ୟ ତୋ ମହିମା
ତୋ ମହାପ୍ରଭାବ ଧନ୍ୟ,
ବିରାଟ ବିସ୍ତୃତ     ଭାରତ ମଣ୍ଡଳେ
ତୁହି ଏକା ଅଗ୍ରଗଣ୍ୟ ।
ତୋହର ବୀରତ୍ୱ     ତୋହରି ବ୍ୟକ୍ତିତ୍ୱ
ତୋହର ଶକ୍ତି ସାହସ,
କୋଟି କଣ୍ଠେ ଦେବୀ     ପ୍ରଶଂସ୍ୟ ସର୍ବଥା
ଆଦର୍ଶର ଶୁଭାଦର୍ଶ ।
ଥିଲୁ ତୁ ଭାରତ-     ସମ୍ରାଟ ଜନନୀ
ପ୍ରତିଷ୍ଠାବତୀ ସଂସାରେ,
ହିମାଳୟଠାରୁ     କୁମାରିକା ଯାଏଁ
ଥିଲା ତୋ ବାହୁ ଛାୟାରେ ।

ଚହଲାଇଥିଲା ତୋର          ମାରୁତ ମୁକୁଟ
        ହିମାଳୟ ଗିରିବର,
ଧୋଇ ଦେଉଥିଲା          ପୟର ଯୁଗଳ
        ଭାରତ ମହାସାଗର ।
ଉଡୁଥିଲା ତୋର          ଜୟ ବୈଜୟନ୍ତୀ
        ଉଚ୍ଚ ମହୀଧର ଚୂଳେ,
ଜୟ ଜୟ-ଧ୍ୱନି          ଉଠୁଥିଲା ସଦା
        ଦେଶରେ ଉଚ୍ଚେ ସ୍ୱଥଳେ ।
ତୁଳନା କଲେ ତୋ          ସେକାଳ ଏକାଳ
        ଭାଗ୍ୟ ପରିବର୍ତ୍ତିତ କଥା,
ଝରିପଡେ ଅଶ୍ରୁ          ନୟନରୁ, ଜାଗେ
        ହୃଦୟେ ଦାରୁଣ ବ୍ୟଥା ।
ପ୍ରାଣ-ପଞ୍ଜରରୁଁ          ଫଟାଇ ବାହାରେ
        ଶୋକତପ୍ତ ଦୀର୍ଘଶ୍ୱାସ,
ଧିକ୍ କ୍ରୂର କାଳ          ପୂର୍ଣ୍ଣିମା ଲକ୍ଷ୍ମୀକୁ
        ଦଏ ସେ ଆଣି ଉଆଁସ ।

ଗ୍ରାମକଣ୍ଠ ଦେଶେ          ମୁକ୍ତାହାର ପ୍ରାୟ
        ବହିଯାଏ ତେଲନଦୀ,
ଉତ୍କଳ-ଜାହ୍ନବୀ          ଶବୋତ୍ପଳା ସଖୀ
        ପାଟଣାର ବକ୍ଷ୍ ପଦ୍ମୀ ।
ସରଯାଇଛି ତା          ପ୍ରାକୃତ ସମ୍ପଦ
        ଦୀନ ହୀନ ଏବେ ସେ ଯେ,
ଅତୀତ ବିଭବ          ସ୍ମରି ଝୁରୁଅଛି
        ଏକାନ୍ତେ ବାଲୁକା-ଶେଯେ ।
ସୁତାଖିଅ ପ୍ରାୟେ          ବହୁଧାରେ ତାର
        ବହୁଅଛି ଧୀରେ ଜଳ,
ନାହିଁ ତାର ଆଉ          ଉଗ୍ରତେଜ ମୂର୍ତ୍ତି
        ନାହିଁ ସେ କଳ କଳ ।
ଜରତୀ ତଟିନୀ          ବୟୋଧର୍ମ ତାକୁ
        କରିଛି କ୍ଷୀଣ ଶରୀର,

ଶୁଖିଯାଇଅଛି          ରକ୍ତମାଂସ, ବକ୍ଷେ
        ଦିଶେ କି ଶିରାପ୍ରଶିରା ।
ଶାଖା ପ୍ରଶାଖା          ବିସ୍ତାରି ବାଲିଚର
        ମାଡ଼ିଛି କି ସ୍ରୋତଲତା,
ଅସ୍ଥି ଅଭାବେ          ଉପରେ ନ ଉଠି
        ଗଳୁଅଛି ପୋତି ମଥା ।
କେଉଁଠାରେ ଅବା          ଦୁଇ ସ୍ରୋତ ରେଖା
        ଛନ୍ଦାଛନ୍ଦ ହୋଇ ଅଙ୍ଗେ—
ମିଶି ଯାଇଅଛି,          ଶାନ୍ତ ପ୍ରୀତି ଯେପରେ
        ମିଶିଅଛି ଏକ ସଙ୍ଗେ ।
ଅଥବା ପ୍ରେମାଶ୍ରୁ          ଆନନ୍ଦାଶ୍ରୁ ସହ
        ମିଶି ହୋଇଅଛି ଏକ,
କିମ୍ବା ମିଶାମିଶି          ହୋଇଛନ୍ତି ପରା
        ବୈରାଗ୍ୟ ସହ ବିବେକ ।
ଅବା ଶାନ୍ତିଧାରା          ଭବଧାରା ମିଶି
        ହୋଇଅଛି ଏକାକାର,
କେଉଁଠାରେ ଅବା          ବିଭକ୍ତ ହୋଇଛି
        ବହୁଧାରେ ଏକ ଧାର ।
ନତୁବା ଏକନେ          ମିଶିଯାଇଅଛି
        ସବୁଜ ସଙ୍ଗରେ ନୀଳ,
କି ଅବା ମିଶିଛି          ଶୋଭାରେ ବୈଚିତ୍ର୍ୟ
        ପରସ୍ପରେ ବନ୍ଧୁ ପ୍ରୀତି ।
ଇନ୍ଦ୍ରଧନୁ ବର୍ଣ୍ଣ          ପକ୍ଷେ ବୋଲିହୋଇ
        ମାଛରଙ୍କା ପକ୍ଷୀଦଳ,
କଳେ ଝାମ୍ପଦେଇ          ଥରେ ମାଛଧରି
        କରନ୍ତି ହର୍ଷେ କବଳ ।
ନଦୀ ଶୁଷ୍କ ବକ୍ଷେ          ପବନ ହୁଲ୍ଲୋଳେ
        ଦୋହଲେ ବଦୁଲଗୁଚ୍ଛ, *
ପଲ୍ଲବ ଗୁମରେ          ବର୍ଷି ଅବା ତାର
        ହରୁଛି ନିଦାଘ ତାପ ।

* ଗାଣିବେତ ।

ଧାଡ଼ି ଧାଡ଼ି ହୋଇ  ନଦୀବକ୍ଷେ ବକ
ଚରନ୍ତି ମୀନ ଆହାର,
ବିସ୍ତୃତ ତଟିନୀ  ପିନ୍ଧିଛି କି କଣ୍ଠେ
ହୀରକ ପଦକ ହାର ।
ବିଶାଳ ଉପଳ—  ଖଣ୍ଡ ବହୁ ଠାବେ
ସ୍ଥିତ ନଦୀ ବକ୍ଷସ୍ଥଳେ,
ବନ୍ୟାକାଳେ ତାହା  ଦିଶୁଥିବ ଯେସନ୍ତେ
ଭାସୁଛି କଚ୍ଛପ ଜଳେ ।
ଦଳ ଦଳ ହୋଇ  ବାଳକମଣ୍ଡଳୀ
ପିନ୍ଧଣି ମଳିନ କାଛ,
ବାଙ୍କି-ଯନ୍ତ୍ର ଧରି  ଜଳ କୋଳାହଳେ
ଧରୁଛନ୍ତି ଧାଇଁ ମାଛ ।

ଯାମ୍ୟ ଭାଗେ ସ୍ଥିତ  ଖାରବେଳଙ୍କର
ଦୁର୍ଗର ଭଗ୍ନାବଶେଷ,
ରାଜରାଜେଶ୍ୱରୀ  ଧରିଅଛି ଅହା
ଏବେ ଜୀର୍ଣ୍ଣ ଭଗ୍ନ ବେଶ ।
ସେ ମହା ଦୁର୍ଗର  ପରିସର ଥିଲା
କ୍ରୋଶାଧିକ ସ୍ଥାନ ବ୍ୟାପି,
ଭଗ୍ନ ପ୍ରାଚୀରର  ସୀମାରେଖା ତାର
ରହିଛି ତହିଁ ଅଦ୍ୟାପି ।
ତେଲ୍‌ନଦୀ ଦେହୁଁ  ଖୋଳା ହୋଇ ଝର
ହୋଇଥିଲା ଗଡ଼ଖାଇ,
ମାତ୍ର ସେ ବିଶାଳ  ମହାଦୁର୍ଗ ଏବେ
ହୋଇଛି ଭୂତଳଶାୟୀ ।
ଉଚ୍ଚତାରେ ତୁଙ୍ଗ  ପର୍ବତ ଶୃଙ୍ଗକୁ
ଧିକ୍କାରୁ ଥିଲା ସେ ଦୁର୍ଗ,
ଅରଣ୍ୟସଙ୍କୁଳ  ଏବେ ତାହା ତହିଁ
ଭ୍ରମନ୍ତି ଶ୍ୱାପଦ ମୃଗ ।
ରାହୁଲ୍ ନାମରେ  ପରିଖା ତାହାର
ବ୍ୟାପିଅଛି ତିନିଆଡ଼େ
ଲୁଚି ଯାଇଅଛି  ଏବେ ସେ ପରିଖା
ନିବିଡ଼ ବନ ଝାଡ଼େ ।

ପରିଖା ମଧ୍ୟରେ  ସ୍ଥାନେ ସ୍ଥାନେ ଅଛି
ଅଗାଧ ଗଭୀର ଗଣ୍ଡ,
ନିବସନ୍ତି ତହିଁ  ମହାଭୟଙ୍କର
ମଗର ନକ୍ର ଦୁର୍ଦ୍ଦଣ୍ଡ ।
ଅବର ତାଙ୍କର  ପ୍ରତିବେଶୀରୂପେ
ବିଷଧର ସର୍ପ ତହିଁ,
ପରସ୍ପର ସଙ୍ଗେ  ମିତ୍ରତା ଆଚରି
ନିର୍ଭୟେ ଅଛନ୍ତି ରହି ।
ଦୁହେଁ ସମଧର୍ମୀ  ରହିବ କି ଦୁଷ୍ଟ
ଦୁଷ୍ଟ ସହବାସ ବିନା,
ଦୁର୍ଜନ ସହିତ  ଦୁର୍ଜନ ମିତ୍ରତା
ବିଧାତା ନିବନ୍ଧ ସିନା ।
ପଶ୍ଚିମ ପାଖରେ  ସୁଦୀର୍ଘ ପ୍ରାଚୀର
ଉଚ୍ଚତା ସୁଲଶ ହାତ,
ଝୁଲିଛି ସ୍ତମ୍ଭିଲେ  ମର୍ମର ପର୍ବତ
ପ୍ରାୟ ହୁଏ ପ୍ରତିଭାତ ।
ଇତସ୍ତତଃ ତହିଁ  ରହିଛି ବିକ୍ଷିପ୍ତ
ଇଷ୍ଟକ ନାନାପ୍ରକାର,
କେହି ବୃତ୍ତାକାର  ଅର୍ଦ୍ଧ ବୃତ୍ତାକାର
କେହି ବା ତ୍ରିକୋଣାକାର ।
ଚତୁଷ୍କୋଣାକାର  ବୃହତ ଇଷ୍ଟକ
ଲୌହ ପରି ଦୃଢ଼ତମ,
ଗୋଟିଏ ଇଷ୍ଟକ  ଦୀର୍ଘେ ପ୍ରସ୍ଥେ ଉଚ୍ଚେ
ଗୁରେଟି ଇଷ୍ଟକ ସମ ।
ବିବିଧ ବର୍ଣ୍ଣର  ପ୍ରସ୍ତର ସେଠାରେ
ହୋଇଛି ପୁଣି ପତିତ,
ହରିଦ୍ରା ବର୍ଣ୍ଣର  ଶିଳାଖଣ୍ଡ ଦିଶେ
ମଣି ପ୍ରାୟ ପ୍ରଦୀପିତ ।
କ୍ଷୁଦ୍ର ପ୍ରସ୍ତରର  କାରୁକାର୍ଯ୍ୟ ଦେଖି
ନ ହେବ କିଏ ଲୋଭିତ,
ଅନୁମିତ ହୁଏ  ହେଉଥିଲା ତାହା
ଅଳଙ୍କାରେ ଖଞ୍ଜିତ ।

ଗଡ଼ ମଧ୍ୟେ ସ୍ଥିତ    ପ୍ରସ୍ତର ନିର୍ମିତ
  ଗଡ଼ପତିଆଣୀ ମୂର୍ତ୍ତି,
ଦେଖିବାର ଥାଉ    ସେଭଳି ସୁମୂର୍ତ୍ତି
  ଶୁଣି ନାହିଁ କେବେ ଶ୍ରୁତି ।
ଅବର ପ୍ରସ୍ତର    ଦ୍ୱାରସ୍ଥଣୀ ମୂର୍ତ୍ତି
  ଦ୍ୱାରଦେଶେ ଅବସ୍ଥିତା,
ଦ୍ୱାର ରକ୍ଷା ଭାର    ବହୁଥିଲେ ଦେବୀ
  କିନ୍ତୁ ଏବେ ଅପୂଜିତା ।
ଭାରତ-ସମ୍ରାଟ    କରୁଥିଲେ ଯେଉଁ
  ଦୁର୍ଗରେ ସୁଖେ ବିହାର,
ଏବେ ସେ ଦୁର୍ଗକୁ    କରି ବସିଛନ୍ତି
  ବନ୍ୟ ଜୀବେ ଅଧିକାର ।
ଯେଉଁ ମହାଦୁର୍ଗ    ଥିଲା ମୁଖରିତ
  ମଧୁର ସଙ୍ଗୀତ ସ୍ୱନେ,
ପରିପୂର୍ଣ୍ଣ ହାୟ    ସେ ଦୁର୍ଗ ଏକାଳେ
  ଶ୍ୱାପଦ କ୍ରୂର ଗର୍ଜନେ !
ଆପାଦମସ୍ତକ    ଅଲଙ୍କୃତ ଥିଲା
  ଯେ ଦୁର୍ଗ ରତ୍ନଭୂଷଣେ,
ସେହି ମହାଦୁର୍ଗ    ପରିଣତ ଏବେ
  ଭୀଷଣ କଣ୍ଟକ ବନେ ।
ଯେଉଁ ଦୁର୍ଗ ଦେଖି    ଶତ୍ରୁ ହୃଦୟରେ
  ହେଉଥିଲା ଭୟ ଜାତ,
କାଳବଶେ ଏବେ    ସେହି ଦୁର୍ଗ ଆହା
  ହୋଇଅଛି ଭୂମିସାତ ।
ମହକୁଥିଲା ଯେ    ଦୁର୍ଗ ଅହରହ
  ଅତର କୁସୁମଧୂପେ,
ପରିପୂର୍ଣ୍ଣ ହାୟ    ସେହି ଦୁର୍ଗ ଏବେ
  ଦୁର୍ଗନ୍ଧ ଅମେଧ୍ୟ ସ୍ତୂପେ ।
ଯେଉଁ ଦୁର୍ଗ ଚୂଳେ    ଚାହିଁଲେ ମୁହୂର୍ତ୍ତେ
  ନେତ୍ର ପଡୁଥିଲା ଫାଟି,
ସେହି ଅଭ୍ରଚୁମ୍ବୀ    ବିରାଟ ଦୁର୍ଗକୁ
  ଖାଇଦେଲା ଆହା ମାଟି ।

ଥିଲା ଏହି ଦୁର୍ଗ    ସ୍ୱର୍ଣ୍ଣ-ଭାରତର
  ଗୌରବ-ମୁକୁଟମଣି,
ସେ ସୌମ୍ୟ ଦୁର୍ଗର    ଭଗ୍ନସ୍ତୂପତଳେ
  ବସା ବାନ୍ଧିଛନ୍ତି ଫଣୀ ।
କିସ ଅସମ୍ଭବ    କିସ ବା ଅସାଧ୍ୟ
  ଦାରୁଣ ନିର କାଳର,
ଭବପାରେ ସେତୁ    ଭୂଧରେ ସାଗର
  ସାଗରେ ପୁଣି ଭୂଧର !
ସର୍ବଗ୍ରାସୀ ସେ ତ    ତାକୁ ଗ୍ରାସିବାକୁ
  ଶକ୍ତିବନ୍ତ ଭବେ କାହିଁ,
ଅକାଟ ତାହାର    ସୃଷ୍ଟିଛଡ଼ା ଗ୍ରନ୍ଥି
  କାଟିବାକୁ କେହି ନାହିଁ ।
ଦୁର୍ଗରକ୍ଷା ପାଇଁ    ପ୍ରସ୍ତରରେ ବନ୍ଧା
  ଯାହୁଲ ପଶ୍ଚିମ ତୀର,
ବନ୍ୟା ସମୟରେ    କ୍ଷୁଦ୍ର ନଦୀ ବାରି
  ପିଟୁଥିଲା ତହିଁ ଶିର ।
ଦୁର୍ଗ ପଶ୍ଚିମରେ    ଥିଲା ଅବସ୍ଥିତ
  ସମୃଦ୍ଧିଶାଳୀ ସହର,
ହୋଇଛି ଏବେ ସେ    ବୃକ୍ଷଲତାଶୂନ୍ୟ
  ଶ୍ମଶାନ ତୁଲ୍ୟ ପ୍ରାନ୍ତର ।
ସ୍ଥାନେ ସ୍ଥାନେ ତହିଁ    ଦେବାଳୟ, କୂପ,
  ଗୃହ ଅଦ୍ୟ ଯାଏ ଦେଖା,
କାଳବଶେ ଏବେ    ବିଲୁପ୍ତ ହୋଇଛି
  ସହରର ସୀମାରେଖା ।
ଭାବିଲେ ଏଠାରେ    ଗତ ସୁଖସ୍ମୃତି
  ଅନ୍ତରେ ଘାରେ ବିଷାଦ,
ଶୁଣାଯାଏ କର୍ଣ୍ଣେ    ଧ୍ୱଂସ ଦାନବର
  ବଜ୍ରବର୍ଷୀ ରୁଦ୍ର ନାଦ ।
ଆହା ରେ ଦଇବ    ସ୍ୱପ୍ନନିଧି ଆଣି
  ହସ୍ତରେ ଦେଇ କପାଳ,
ଦେଇ ପୁଣି ତାହା    ବାଳକର ପ୍ରାୟ
  ମୁହୂର୍ତ୍ତେ ନେଉ ଛଡ଼ାଇ ।

ଦେଇ ନେବାଠାରୁ ନ ଦେବା ବରଞ୍ଚ
କୋଟିଗୁଣେ ମହାପ୍ରାଣ,
ହଳାହଳଠାରୁ ବଳିଯାଏ ତୋର
ବିକୃତ ଦୟାର ଦାନ ।
ପ୍ରତାରଣା କର ପ୍ରଦାନ୍ତୁ ତୁ ଯେଉଁ
ଚମ୍ପକ ପୁଷ୍ପକଳିକା,
କୁସୁମ କଳିକା ନୁହେଁ ସେ, ତା ସିନା
ଜ୍ୱଳନ୍ତ ଅନଳଶିଖା ।
ପ୍ରବଞ୍ଚନାପଟୁ ତୋ ଭଳି ଜଗତେ
କିଏ ସେ ଅଛି ରେ ଆଉ,
ମାୟା-କୁହୁକରେ ପ୍ରଥମେ ହସାଇ
ଶେଷରେ ପୁଣି କନ୍ଦାଉ ।
ଏ ସ୍ଥାନରେ ବସି ଚାହିଁଲେ ଚୌଦିଗେ
ଦିଶେ କି ସୁନ୍ଦର ଦୃଶ୍ୟ,
ପ୍ରତେ ହୁଏ ଏହା ପ୍ରକୃତିଦେବୀଙ୍କ
ବିଳାସ-ବାସ ସଦୃଶ ।
ଉତ୍ତର ଦିଗରେ ତେଲ-ତରଙ୍ଗିଣୀ
ବହେ ସ୍ୱଚ୍ଛ ଜଳବେଣୀ,
ପୂର୍ବେ ବିହଙ୍ଗମ— କାକଳି-ମୁଖର
ଶ୍ୟାମକାନ୍ତ ବନଶ୍ରେଣୀ ।
ଅଦୂରେ ଗଗନେ ତୋଳିଅଛି ଶିର
ଶିକରପାଟ ଶିଖରୀ,
ନୀରନ୍ଧ୍ର, କୀଚକ— କାନନ ତା ଦେହେ
ଖେଳାଏ ଶୋଭା-ଲହରୀ ।
ଦକ୍ଷିଣ ଦିଗରେ ଗଟଶ୍ରାପଟଳ ପୂର୍ଣ୍ଣ
କୁନ୍ଦିମ ବାହୁଲ ନଦୀ,
ନିଃସର୍ଗସୁଲଭ ସୁଷମା ସମ୍ପଦେ
ହୋଇଅଛି ସଦା ଲଦି ।
ଦୂରେ ସ୍ତରେ ସ୍ତରେ ଉଚ୍ଚ ଗିରିମାଳ
ହୋଇ ଦୃଢ଼େ ଭଡ଼ାଭଡ଼ି,
ପ୍ରତେ ହୁଏ ଯେହ୍ନେ ଚକ୍ରବାଳ ମୁକ୍ତ
ସ୍ୱର୍ଗକୁ ଲଗିଛି ଶିଢ଼ି ।

କ୍ଷୁଦ୍ର ସହରର ଶୋଭା **ଅନୁକରେ**
ବୃହତ ତୋଷଲା ଗ୍ରାମ,
ଦୂରୁ ଦିଶେ ଯେହ୍ନେ କର୍ମକ୍ଳାନ୍ତ ହୋଇ
କରୁଛି ବସି ବିଶ୍ରାମ ।
ସାରଣୀ ତୁଳକା ପ୍ରାୟ ଭାଗ୍ୟ ତାର
ଖସି ଆସିଅଛି ତଳେ,
ତଥାପି ଗ୍ରାମରେ ସକଳ ବାଣିଜ୍ୟ
କ୍ଷୀଣ ଭାବେ ଏବେ ଚଳେ ।
ହୋଇପାରୁ ନାହିଁ ନିଜ ଗୋଡ଼େ ଠିଆ
ପ୍ରତିଯୋଗ ବାତାଘାତେ,
ବାଣିଜ୍ୟର ଭାର ରହିଅଛି ଏବେ
ମାରୱାଡ଼ିଙ୍କର ହାତେ ।
ଅଧିବାସୀ ମଧ୍ୟେ ଅଧିକାଂଶ ଆର୍ଯ୍ୟ
ଅବଶିଷ୍ଟ ଆର୍ଯ୍ୟେତର,
ଶିକ୍ଷା ସଭ୍ୟତାରେ ଧୀରେ ଧୀରେ ଗ୍ରାମ
ହେଉଅଛି ଅଗ୍ରସର ।
ସ୍ଥାନୀୟ ବିଶୁଦ୍ଧ ସ୍ୱଚ୍ଛ ଜଳବାୟୁ
ପୁଷ୍ଟିକର ସ୍ୱାସ୍ଥ୍ୟପ୍ରଦ,
କାର୍ଯ୍ୟରୁ ଆଭାସେ ଲୁପ୍ତ ଗଡ଼ରବେ
ଉଭାରବ ଜନପଦ ।
ଆବଶ୍ୟକ ମତେ ରାଜକାର୍ଯ୍ୟାଳୟ
ହୋଇଛି ଗ୍ରାମେ ସ୍ଥାପିତ,
ବାଳକ ବାଳିକା ଶିକ୍ଷା ପ୍ରତି ଅଛି
ରାଜଦୃଷ୍ଟି ନିପତିତ ।
ପ୍ରାକୃତିକ ଦୃଶ୍ୟ ମନୋରମ ଅତି
ଆକର୍ଷେ ଦର୍ଶକ ନେତ୍ର,
ସୌନ୍ଦର୍ଯ୍ୟେ ବୈଚିତ୍ର୍ୟେ ଧର୍ମ ଭାବେ ଏହୁ
ଗ୍ରାମ ଏକ ତୀର୍ଥକ୍ଷେତ୍ର ।
ଗ୍ରାମ ଅଧିଷ୍ଠାତା ରୂପେ ବିରାଜିତ
ପ୍ରଭୁ ଜଗନ୍ନାଥ, ହର,
ଗ୍ରାମ ଉତ୍ତପାଶେ ଅବସ୍ଥିତ ବହୁ
ପ୍ରାଚୀନ ଦୀର୍ଘିକା ସର ।

ତେଲ ସୋମଗଡ଼ ମଧ୍ୟେ ହୋଇଥିଲା
ତୋଷଳୀ ଦୁର୍ଗ ସ୍ଥାପିତ,
ଜାହ୍ନବୀ ଯମୁନା ସଙ୍ଗମ ସ୍ଥଳରେ
ଯେସନ ପ୍ରୟାଗ ତୀର୍ଥ ।
କରି ସାରିଲେଣି ଭୃତ୍ୟେରି ତାର
ଅସ୍ତ୍ରାଦ୍ର ଅନେକ ଦ୍ୱେଶ,
ବହୁଅଛି ତାର କ୍ଷୀଣ ସ୍ମୃତି ଏବେ
ସାମାନ୍ୟ ଭଗ୍ନାବଶେଷ ।
ବହୁତ ପ୍ରାଚୀନ ଶିଳ୍ପଜାତ ଦ୍ରବ୍ୟ
ମିଳୁଛି ଏବେ ସେଠାରୁ,
ମୃତ୍ତିକା ପ୍ରସ୍ତର ପାତ୍ର ଅଳଙ୍କାର
କାରୁକାର୍ଯ୍ୟ ତାର ଚାରୁ ।

ବୁଡ଼ିଲାଣି ବେଳ ଅସ୍ତୋନ୍ମୁଖ ରବି
ଖସି ଅସି ଚଲେ ଧୀରେ,
କର୍ମକ୍ଳାନ୍ତ ହୋଇ ବିଶ୍ରାମିଲେ ଯାଇ
ଧନଦେଈ ଗିରି ଶିରେ ।
ବାରୁଣୀ କରଣୀ ଟିଦ୍ଦିରୂଢ଼େ କିବା
ପ୍ରସବି ରକ୍ତ-ପେଣ୍ଡୁଲା,
ପଳାଇ ଯାଉଛି ପ୍ରସବ ବ୍ୟଥାରେ
ହୋଇ ସେ ଅତି ଆକୁଳା ।
ଅଥବା ଦିଗ୍‌ବଧୂ ସଜ ହେଉଅଛି
ସନ୍ଧ୍ୟା ବନ୍ଦାପନା ପାଇଁ,
ସୁବର୍ଣ୍ଣ ଥାଳୀରେ ଅର୍ଘ୍ୟ ଉପାଦାନ
ରଖୁଛି ସବୁ ସଜାଇ ।
କିମ୍ବା ଦେବ-କନ୍ୟା ସ୍ୱର୍ଣ୍ଣ କୁମ୍ଭଟିରେ
ବନ୍ଧ ଠେଙ୍କଅଛି ଦେକ,
ଅସିଲେ ରଜନୀ— ରାଣୀ ତୀର୍ଥଜଳେ
କରିବ ସେ ଅଭିଷେକ ।

ଅସ୍ତହେଲେ ରବି ଅଧିକାର ଏବେ
ବିଶ୍ୱ-ରାଜସିଂହାସନ,
ସାମ୍ରାଜ୍ୟଶ୍ରୀରୂପେ ସର୍ବିରାଣୀ ତହିଁ
କରିବେ ଉପବେଶନ ।
ସଧବା ରମଣୀ ପ୍ରାୟ ପକ୍ଷୀବଧୂ
ଦେଉଛନ୍ତି ହୁଳାହୁଳି,
ସେ ମଙ୍ଗଳ ନାଦେ ସଘନେ ଚୌଦିଗ
ଉଠୁଛି ଏବେ ଉଚ୍ଛୁଳି ।
ପ୍ରତିଘାତେର ପୁଣି ଦେଉଳେ ସୁସ୍ୱରେ
ବାଜୁଛି ମଙ୍ଗଳ ଶଙ୍ଖ,
ଏ ଶୁଭ ଯୋଗରେ ମଣ୍ଡିବେ ରଜନୀ
ବିଶ୍ୱ-ସିଂହାସନ ଅଙ୍କ ।
ପୁରୋହିତ ପ୍ରାୟ ଅଭିଷେକ ମନ୍ତ୍ର
ପାଠକରେ ସମୀରଣ,
ଭକ୍ତ ପ୍ରଜା ପ୍ରାୟ ପାଦପେ କରନ୍ତି
କୁସୁମରାଶି ବର୍ଷଣ ।
ହସିଲା ବାରୁଣୀ ପ୍ରାଚୀମୁଖେ ଚାହିଁ
ଶେଷ ରବି ରଶ୍ମି ଛଳେ,
ବିଦ୍ୟୁତ୍ପ୍ରଭା ବ୍ୟାଜେ ହସେ ପ୍ରାଚୀ ସେହି
ବାରୁଣୀ ମୁଖମଣ୍ଡଳେ ।
ନିସ୍ୱାର୍ଥ ସେ ହାସ୍ୟ ଉଦାରୀ ଅବାରୀ
ଶୁଖାଇ ବସିଲେ ମୁଖ,
ପର ସୁଖ ଦେଖି ମସ୍ତିଶ୍ରୀ ମାନସେ
ଚ ସିନା ଘୋର ଦୁଃଖ ।
ଦେଖୁ ଦେଖୁ ଏବେ ପୂର୍ବ ଗଗନରେ
ଘୋଟିଲା ନୀଳ ବାରିଦ,
ଭାଙ୍ଗିଗଲା ତହୁଁ ମୋଗୌଷ୍ଠି-ଶମା-
ସୁନ୍ଦରୀର ଘୋର ନିଦ ।

* ସୋନନଦ ନଦୀ ତୋଷଳାଗ୍ରାମ ଉପକଣ୍ଠରେ ପ୍ରବାହିତ ହୁଏ । ତେଲନଦୀ ଏବଂ ସୋନଗଡ଼ ନଦୀର ସଙ୍ଗମ ସ୍ଥଳରେ ତୋଷଳୀଦୁର୍ଗ ଅବସ୍ଥିତ ।

ନୟନ ଉନ୍ମୀଳି    ଘନ ଅଙ୍କେ ବସି
କଲ ସେ ହାସ ପ୍ରକାଶ,
ସେ ବିକଟ ହାସେ    ଧରାବାସୀ ହୃଦେ
ଉପୁଜିଲ ମହା ତ୍ରାସ ।
ନୀଳ ପାରାବାରେ    ବାଡ଼ବାନଳ କି
ଉଠିଲା ପ୍ରଖରେ ଜଳି,
କିମ୍ବା ନଭ ବକ୍ଷେ    ଆଲେଖକରେଣୀ କି
ଅଙ୍କିଲେ ଖଦ୍ୟୋତାବଳୀ ।
ଲୁଚିଗଲେ ଦେଖି    ଦ୍ୱିଜ ଉହାଡ଼ରେ
ଦିବା ଅବସାନ ଜାଣି,
ଝିଙ୍କାରି ଝଙ୍କାର    ଝୁଣ୍ଟିଆ ବଜାଇ
ଶୁଭେଇହେଲେ ସନ୍ଧ୍ୟାରାଣୀ ।
ବାଲିବସ୍ତୁ ଭୟେ    ପର୍ବତ ଗହ୍ୱରେ
ଲୁଚିଥିଲି ଅନ୍ଧକାର,
ସମୟ ବୁଝି ସେ    ପ୍ରଫୁଲ୍ଲ ମାନସେ
ସଦର୍ପେ ହେଲା ବାହାର ।
ସୃଷ୍ଟି ହାସ୍ୟ ମୁଖେ    ବୋଳିଲା କାଳି ସେ
ଅଟଳିତ ଶିରଭିଗାରି,
ନଦୀ ସରୋବର    କାନନ ପର୍ବତ
ହେଲା ନାହିଁ କିଛି ବାରି ।
ପକ୍ଷୀ ଝାଙ୍କ ଝାଙ୍କ    ଉଡ଼ିଲେ ଚମକି
ଆଚ୍ଛନ୍ନ କରି ଗଗନ,
କଲ କିବା ଅସି    ଅନ୍ଧାରେ ଅନ୍ଧାର
ପ୍ରେମଭରେ ଆଲିଙ୍ଗନ ।
କ୍ଷଣେ ଦେଖା ଦେଇ    ଲୁଚିଯାଉଥ'ନ୍ତି
ଚପଳା ଚେତେଇ ଅଚଳେ,
ପ୍ରତେ ହୁଏ ଯେସନ୍ତେ    ଅନ୍ଧକାର ରାଶି
ଯାଉଛି ବସି କିହାଲେ ।
ଅନ୍ଧାର-ସାଗରେ    ସନ୍ତରି ଗୁଲିଲି
କ୍ରୋଧ-ରକ୍ତ ନେତ୍ରେ ଯାନ,
କାନନେ ଶ୍ୱାପଦେ    ଘୋର ଅନ୍ଧକାରେ
କରି ଦର୍ପେ ହେଷା ଗାନ ।

ବନ ପଥ ଅର୍ଦ୍ଧ    ଅତିକ୍ରମ ପରେ
ନଭେ ଲୁଚିଗଲେ ତାରା,
ବହିଲା ବତାସ    ରଡ଼ି ଗୁଡ଼ ଘନ
ବରଷିଲା ଜଳଧାରା ।
ସତେ ଯେସନ୍ତେ କାହୁଁ    ଆସି କ୍ରୁଦ୍ଧ ଦୈତ୍ୟ
ଶୂନ୍ୟେ କରି ଅବସ୍ଥାନ,
ଜଳଧାରା ଛଳେ    ଧରଣୀ ବକ୍ଷରେ
ବର୍ଷୁଛି ପ୍ରଖର ବାଣ ।
ଗହନ କାନନୁ    ଉଠୁଅଛି ତାର
ଗର୍ଜନର ପ୍ରତିଧ୍ୱନି,
ଥର ଥର ହୋଇ    ଥରି ଉଠୁଅଛି
ମୁହୁର୍ମୁହୁ ଏ ଅବନୀ ।
ଦ୍ରୁତ ଯାନଶ୍ରେଣି    ଅଗ୍ରସର ଆଉ
ନ ହୋଇ ଭୟେ ପଦ୍ମଣ୍ଡେ,
ନିରୁପାୟ ହୋଇ    ଅରଣ୍ୟ ମଧ୍ୟରେ
ଅଟକି ରହିଲା ଦଣ୍ଡେ ।
କେତେ କାଳ ପରେ    ଉଗ୍ର ଉପଦ୍ରବ
ଭଜିଲା ସମ୍ପୂର୍ଣ୍ଣ ଶାନ୍ତ,
ଅଗ୍ରସର ହେଲା    ପୁଣି ବାହୁଯାନ
ତେଜି ପଥଶ୍ରମ କ୍ଳାନ୍ତ ।
ସହୁ ନ ପାରଣି    ତୀବ୍ର ନେତ୍ର ଜ୍ୟୋତି
ଦଳ ଦଳ ହୋଇ ଶଶା,
ଶରଚେତ ପ୍ରାୟ    ଧାଇଁଲେ ଚୌଦିଗେ
ବାହାରି ବନୁ ସହସା ।
ଯାନ ତଳେ ପଶି    ଏପାଖେ ସେ ପାଖେ
ଯାଉଥାନ୍ତି ଚିଲ୍ଲମାରି,
ଚଳଯାନ ଚକ୍ରେ    ଆପଦ ଅନାସ୍ଥା
ନ ହେଲା କିଛି କାହାରି ।
ସାବଧାନତାର    କାହାଠାରୁ କେବେ
ନାହିଁ ଭୟ ପରାଜୟ,
ଏ ସୁନୀତି ଦୀକ୍ଷା    କାହୁଁ ପାଇଲେ ବା
କ୍ଷୁଦ୍ର ବନପଶୁଚୟ ।

ପଥ ବେଣୀ ପାର୍ଶ୍ୱେ ଅରଣ୍ୟ ମଧ୍ୟରେ
ଅତଥିନିବାସ ସ୍ଥିତ,
ଯେ ରାଜ୍ୟେ ଏ ବାର୍ଦ୍ଧ, ସେହି ରାଜା ସିନା
ରାଜନୀତି ସୁପଣ୍ଡିତ ।

———

## ସପ୍ତମ ସର୍ଗ

ଅସ ମା ପାଟଣେଶ୍ୱରି, ପାଟଣା-ଭରସା
ପାଟଣା ମହତ୍ତ୍ୱ, ଶକ୍ତି, ପାଟଣା-ଗୌରବ,
ଅସ ଅସ ଦୟା ବହି ଶତେକ ,ଦୟାମୟି,
ଦେଖାଅ ଝଙ୍କରେ ଦେବ, ତବ ସୁପାଳିତ
ପାଟଣାର ରାଜଧାନୀ ବଲାଙ୍ଗୀର ଦୃଶ୍ୟ,
ଦେଖାଏ ଯେସନ ମାତା ସୁତୀର୍ଥବାସିନୀ
ପରମ ଆଗ୍ରହେ ସୁତେ ତୀର୍ଥ-ଦୃଶ୍ୟାବଳୀ,
ବଖାଣି ଆନନ୍ଦେ ତୀର୍ଥ ଗୌରବ ମହିମା,
କିମ୍ବା ଯଥା ଉଷାରାଣୀ—ଚାରୁହାସ୍ୟମୟୀ
ପାଟଳବସନା, ଫେଡ଼ି ସୁନ୍ଦର ଶ୍ରୀକରେ
ପ୍ରାଚୀ ହୈମ ସିଂହଦ୍ୱାର ଦେଖାଏ ପ୍ରଭାତେ
ପ୍ରକୃତିର ମହାଦୃଶ୍ୟ, ଅଥବା ଯେସନ
ଅନନ୍ତ ରହସ୍ୟମୟୀ ଅରୂପା ନିଯ଼ତି
ଦେଖାଏ ଭୋକଟେଲ ଚୈତ୍ରେ ବସନ୍ତ ସୁଷମା ।
ବଳୁଛି ମାନସ ମୋର ଅଙ୍କିବ ମୁଁ ଦେବୀ
ବଲାଙ୍ଗୀର ସହରର ରମଣୀୟ ଛବି ।
ଧନେ ମାନେ ଯଶେ ଜ୍ଞାନେ ଶିକ୍ଷା ସଭ୍ୟତାରେ
ଟେକଛି ମସ୍ତକ ଯେଉଁ ସୁନ୍ଦରୀ ନଗରୀ
ସମଗ୍ର ଉତ୍କଳଖଣ୍ଡେ, ମଥାମଣି ସେହୁ
ପୁରାଣ-ପ୍ରସିଦ୍ଧ ରମ୍ୟ ପାଟଣା ରାଜ୍ୟର,
ଚିରଶ୍ରୀମୟୀ ଶ୍ୟାମା ଅରଣ୍ୟ-କୁନ୍ତଳା,
ଆଦର୍ଶେ ଯେ ରାଜନୀତି କୃଷିଶିଳ୍ପାଦିରେ,
ଦାନେ ଧର୍ମେ ପ୍ରଶସ୍ତିତ, ଭାଗ୍ୟେ ଜ୍ୟୋତିର୍ମୟୀ,
କେ ନୁହେଁ ଲାଳସୀ ତାର ସ୍ୱରୂପ ଦର୍ଶନେ ?

ଅଙ୍କିବ ତା ଚିତ୍ର ମୁହିଁ ଭାରତୀ ପ୍ରସାଦେ,
ଦେଖିବ ଉତ୍କଳ ତାହା ସତୃଷ୍ଣ ନୟନେ ।
କର ଆଶୀର୍ବାଦ ଦେବୀ ପୂରୁ ମନୋରଥ,
ଏହି ଭିକ୍ଷା ଏ ଦାସର ତବ ଶ୍ରୀଚରଣେ ।

ତ୍ରିତଳବିଶିଷ୍ଟ ଏହି ଶୈଳଶ୍ରୀ ପ୍ରାସାଦ
ଉଚ୍ଚ ଶିର ତୋଳି, ଧ୍ୱଜ ସଞ୍ଚାଳନ ଛଳେ
ବିଶ୍ରାମାର୍ଥେ ପଥେ କିବା କରୁଛି ଆହ୍ୱାନ,
ପ୍ରାସାଦର ଅଭ୍ୟନ୍ତର ବାହ୍ୟ ସାଜସଜ୍ଜା
ରମଣୀୟ ଅତି, ଦେଖି ପ୍ରତେ ହୁଏ ଚିତ୍ତେ
ସୁନୀତି ସଦ୍ରୁଚି ମିଶା ମଧୁର କବିତା
ଧରିଛି କି ଦ୍ରବ୍ୟରୂପ ସାଜସଜ୍ଜା ବ୍ୟାଜେ,
ଦର୍ଶନୀୟ ତାହା, ନୁହେଁ ବର୍ଣ୍ଣନୀୟ ବାକ୍ୟେ ।
ପଦତଳେ ପୁଷ୍ପୋଦ୍ୟାନ ହସେ ପୁଷ୍ପହାସେ,
ରତ ଯେସନ୍ତେ ଇଷ୍ଟଦେବ ପୂଜାରେ ପୂଜକ,
ଫୁଟିଛି ତହିଁରେ ପୁଷ୍ପ ବିବିଧ ବର୍ଣ୍ଣର,
ଫୁଟିଛି କି ଭକ୍ତହୃଦେ ପ୍ରେମଭକ୍ତି ଭାବ ।
କୁସୁମର ସୁମଧୁର ସୁରଭି ନିଶ୍ୱାସ
ଉଠୁଛି ମହକି, ଯଥା ଗୁଣୀର ସୁଗୁଣ ।
ମଧୁ ପିଏ ଭୃଙ୍ଗ, ମାଛି ଉଡ଼ିବୁଲେ ମାତ୍ର,
ଗୁଣର ଗ୍ରାହକ କେବେ ହୁଏ କି ଅଗୁଣୀ,
ଦୋଷର ଗ୍ରାହକ ଯେହୁ, ଦୋଷ ତାର ପ୍ରିୟ
ନ ଦେଖେ ସେ ଯହିଁ ଦୋଷ, ଯାଏ
ନାହିଁ ତହିଁ ।

ବିରାଜିତ ରାଜରଥ୍ୟା ଉଭୟ ପାର୍ଶ୍ୱରେ
ବେଣୀ ସରିରବର ମଧ୍ୟେ ଯୁଗଳ ଦେଉଳ
ଯାମଳ ସୋଦର ପ୍ରାୟ, ସରଳ ସୁନ୍ଦର,
ମହା ପାରାବାର ମଧ୍ୟେ ସ୍ୱର୍ଣ୍ଣଲଙ୍କା ଯଥା,
ଛାୟାପଥେ ବିଖଣ୍ଡିତ ମହାକାଶେ କିବା
ଉଦେ ରବି ଶଶୀ, ଏ କି ବିଷମ ସମସ୍ୟା !
ରଥ୍ୟାପାର୍ଶ୍ୱେ ବିଲମ୍ବିତ ଦେଉଳ ପର୍ଯ୍ୟନ୍ତ

ରମଣୀୟ ବେଣୀ ସେତୁ, ବିଲୋକିଲେ ତାହା
ଜାଗିଉଠେ ନଳକୃତ ସେତୁବନ୍ଧ ସ୍ମୃତି,
କଳିରେ କି ଅଭିନୀତ ତ୍ରେତାର ବ୍ୟାପାର !
ଅଧିଷ୍ଠିତ ରାଜବଂଶ ଆରାଧ୍ୟଦେବତା
ସୀତାପତି ରଘୁନାଥ ପ୍ରଥମ ଦେଉଳେ,
ଦ୍ୱିତୀୟ ଦେଉଳେ ପ୍ରଭୁ ନୀଳକଣ୍ଠେଶ୍ୱର
କରନ୍ତି ନିବାସ ମୁଦେ, ଲଭି ରାଜପୂଜା ।
ରବି-କୁଳ-ରବି ପ୍ରଭୁ ରଘୁନାଥ ଦେବ
ପାସୋରି ନ ପାରି ପରି ପୂର୍ବ ଲଙ୍କାସ୍ମୃତି
ନିର୍ମାଣ ସ୍ୱରୂପ ତାର ଅବସ୍ଥିତ ଏଥି ।
ରାଜପୂଜିତ ସେ, ତାଙ୍କୁ ତ୍ରାସ ବା ଅଭାବ,
କେବଳ ଅଭାବ ଏକା ଅଭାବ ତାଙ୍କର ।
ରାଜରାଜେଶ୍ୱରରୂପେ ବିଜେ ସିଂହାସନେ
ଜାନକୀ, ଲକ୍ଷ୍ମଣ, ଭକ୍ତ ହନୁମାନ ସହ ।
ମୂର୍ତ୍ତି ତାଙ୍କ ବିରଚିତ ଅସିତ ମର୍ମରେ,
ଅନ୍ୟ ମୂର୍ତ୍ତିଦ୍ୱୟ ଶ୍ୱେତ ମର୍ମରେ ନିର୍ମିତ ।
ଅତି ଚମତ୍କାର—ମୂର୍ତ୍ତି ନିର୍ମାଣ କୌଶଳ,
ସତେ ଯେସନ୍ତେ ମୂର୍ତ୍ତିଚୟ ସଜୀବ ସଚେଷ୍ଟ ।
ଅନ୍ୟ ସିଂହାସନେ ବିଜେ ଶ୍ରୀଦଧିବାମନ,
ସୁସଜ୍ଜିତ ସେ ଦେଉଳ ରାଜୋଚିତ ଭାବେ ।
ବିବିଧ ବର୍ଣ୍ଣର ସ୍ୱଚ୍ଛ ମର୍ମର ପ୍ରସ୍ତର
ହୋଇଅଛି ତଳେ ବିଛା, ସୁନ୍ଦର ରୀତିରେ,
ସୃଷ୍ଟି କି ସେଠାରେ ଅସି ବହୁ ଇନ୍ଦ୍ରଧନୁ ।
ଦେଉଳ ଭିତ୍ତିରେ ଚୀନା-ପ୍ରସ୍ତର ଜଡ଼ିତ,
ଖୋଦିତ ତହିଁରେ ବୃକ୍ଷ ଲତା ପୁଷ୍ପ ଆଦି ।
ଦେବ ଅଙ୍ଗ ଜ୍ୟୋତି ମିଶି ଦେଉଳ ଜ୍ୟୋତିରେ
ସୃଜିଅଛି ତହିଁ କିବା ଜ୍ୟୋତି-ମହୋତ୍ସବ ।
ମିଶାମିଶି କିବା ଜ୍ୟୋତ୍ସ୍ନା କୁସୁମ ସୁହାସ ।
ଗଢ଼ା କୃଷ୍ଣ ମର୍ମରରେ ନୀଳକଣ୍ଠ ମୂର୍ତ୍ତି
ପଡ଼େ ତହିଁ ପ୍ରତିବିମ୍ବ, ମୁକୁରେ ଯେସନ ।
ଦୁର୍ଗା ଲକ୍ଷ୍ମୀ ସରସ୍ୱତୀ ଗଣେଶ କାର୍ତ୍ତିକ
ନିବସନ୍ତି ଦେଉଳର ଭିତ୍ତିଗୃହେ ତହିଁ ।
ନିଭୃତ ସେ ସ୍ଥାନ, ଯେସନ୍ତେ ପବିତ୍ରତା ବୋଲା,
ସାଧନାର ଉପଯୁକ୍ତ, ସାଧକବାଞ୍ଛିତ,
ସତେ କି ଭୂସ୍ୱର୍ଗ ତାହା ପ୍ରତେକ୍ଷୟ ମନେ ।
ପୁଣ୍ଡରୀକ, କୋକନଦ, ଇନ୍ଦୀବର ଫୁଲେ
ତାରକିତ ସରୋବର, ଏକ ହ୍ରଦଯୁଗେ
ଉଦିତ କି ସତ୍ତ୍ୱ ରଜ ତମ ଗୁଣତ୍ରୟ ।
କମ୍ବା ଗୁଚ୍ଛା ପଦ୍ମରାଗ ଇନ୍ଦ୍ରନୀଳ ମୋତି
ବିନା ସୂତ୍ରେ, ଅବା ଉଦେ ଶତଭିଷା ତାରା
ସୁନୀଳ ଗଗନ କୋଳେ, ଉଜ୍ଜ୍ୱଳ ଦିଗନ୍ତ ।
ଶ୍ୱେତ, ପୀତ କୁମୁଦିନୀ ଫୁଟିଛି ବା କାହିଁ,
ନିବସନ୍ତି ଏକତ୍ରେ କି ଭାରତୀ କମଳା,
ବିସର୍ଜି ଅନ୍ତରୁ ଚିର ସପତ୍ନୀ-ବିଦ୍ୱେଷ
ମିଳିତ କି ଅହା ବେନି ମଧୁର ମିଳନେ ।
ଅଥବା ଉତ୍ତରଭାଦ୍ର ଶତଭିଷା ପାଶେ
ଉଦିତ ଗଗନପଟେ ସହାସ୍ୟ ବଦନେ ।
ବର୍ତ୍ତମାନ ମହାରାଜା ଶ୍ରୀ ରାଜେନ୍ଦ୍ରଦେବ,
ଧର୍ମପ୍ରାଣ, ଧର୍ମରକ୍ଷୀ, ସର୍ବଗୁଣଧର,
ନିର୍ମାଣି ଏ ଦେବଦୁର୍ଗ, ମାତୃଦେବୀ ନାମେ,
ରଖିଛନ୍ତି ମାତୃସ୍ମୃତି ସୁପୁତ୍ର-ରତନ ।
ମାତା ସ୍ୱର୍ଗ ଗରୀୟସୀ, ଏହୁ ବେଦବାଣୀ
ଆଣି ଦିଏ ପୁତ୍ରପ୍ରାଣେ ମଙ୍ଗଳ ପ୍ରେରଣା,
କର୍ମର ସ୍ପନ୍ଦନ ହୃଦେ, ଦେବପୂଜାଠାରୁ
ପୁଣ୍ୟପଦ ମାତୃପୂଜା ଧ୍ରୁବ ସତ୍ୟ ଏହା ।
ଧରି ରାଜ୍ୟେ ମାତୃପୂଜା ମହାପୁଣ୍ୟବ୍ରତ
ଦେଖାଇଲେ ମାତୃଭକ୍ତି ମହାନିଦର୍ଶନ ।
ଅଛନ୍ତି ସାର୍ଥକ ପୁଣି ସୁପୁତ୍ର ଅଭିଧା,
ଏହା ବିନା ଉଚ୍ଚାଦର୍ଶ ସୁପୁତ୍ର ଜୀବନେ ।

କୁଳ ମା ପାଟଣେଶ୍ୱରୀ ପ୍ରାତଃସ୍ମରଣୀୟା,
କୁଳଦେବୀ ପରେ ଆଗେ ଭୂଟେଷ୍ଟ, ଯିବା ମୁହିଁ

ପଡ଼େ ତବ, ଅନୁସର ପଦାଙ୍କ ତୁମ୍ଭର
ବର୍ତ୍ତୀ ପଡ଼େ ଭୃତ୍ୟ ଯଥା । ଦେଖିବ ମୁଁ ଭୂଲ
ସୁବିଖ୍ୟାତ ବଲାଙ୍ଗୀର ରମ୍ୟ ସହରର
କାହାର ବୈଶିଷ୍ଟ୍ୟସହ ଅନ୍ତର ସୌନ୍ଦର୍ଯ୍ୟ ।
ଗ୍ରୀଷ୍ମ ଶରବତ ପ୍ରାପ୍ତ ଶୋଭେ ଏ ସହର,
କେଉଁ ଦକ୍ଷ କାରିଗର ଅତି ଥୟ୍ୟ ଭରେ
ଅଙ୍କିଛି ଏ ଛବିଖଣ୍ଡି ନିବିଷ୍ଟ ଚିତ୍ତରେ
ଅଦ୍ଭୁତ ପ୍ରତିଭାବଳେ, ଅଥବା ବସିଛି
ଅସୀମ ବୈଚିତ୍ର୍ୟଭରା ଶୋଭା ପ୍ରଦର୍ଶନୀ
ମହା ସମାରୋହେ ଏଥି, ଦୃଷ୍ଟେ ଲୋଭନୀୟ ।
ନତୁବା ସ୍ୱନ୍ଦରୀଟୀକା ସ୍ୱର୍ଗାପ୍ସରୀକୁଳ
ନିଧିବ-ଚନ୍ଦ୍ରିକା, ଅସି ମର୍ତ୍ତ୍ୟଭ୍ରମଣରେ
ହୋଇଛନ୍ତି ଭୁଲ ଏଥି ଅଟ୍ଟାଳିକା ବ୍ୟାଜେ ।
ରୂପ-ରାଜେଣ୍ଟ୍ରସୀ ସର୍ବେ, ମର୍ତ୍ତ୍ୟେ ଅତୁଳିତ ।
କମ୍ବା କେଉଁ ଜ୍ୟୋତିର୍ମୟ ସୁନ୍ଦର ସ୍ୱର୍ଗର
ସୁସଜ୍ଜିତ ରଙ୍ଗାଳୟ ପଡ଼ିଛି କି ଛିଡ଼ି !
ଶୋଭେ ରମ୍ୟ ହର୍ମ୍ୟଶ୍ରେଣୀ ବହୁଶାଖାଯୁକ୍ତ,
ସୃକ ପଥେ ଶୃଙ୍ଗାଟକ—ନିର୍ମଳ ସୁନ୍ଦର ।
ନଗରୀଦେବୀଙ୍କ ସହ ଶୋଭାଦେବୀ ଅବା
ଖେଳନ୍ତି କି ପଶାଖେଳ ଅଦୃଶ୍ୟରେ ଏଥି,
ଅଥବା ଅଙ୍କିତ ବଡ଼ ଉସିଖେଳ ଘର,
କପଦ୍ଦିକ ସାର ତାର—ଅଟ୍ଟାଳିକାଶ୍ରେଣୀ
ବାନ୍ଧିଅଛି ସାର ତହିଁ ଯୁଗ କେତେ ସ୍ଥାନେ,
କିଏ ହାରେ କିଏ ଜିଣେ କେ କହିବ ତାହା ?
ସାଙ୍ଗୀରୁଟପ ଉଭା ତହିଁ ରଥ୍ୟାଶାଖୀଗଣ
କେହି ବା ପ୍ରହରୀ ପ୍ରାୟ ଧରି ଶାଣ ଅସ୍ତ୍ର
ହୋଇଛି ସତର୍କେ ଉଭା, ଶୋଭେ କାହା କରେ
ପତ୍ରଛତ୍ରୀ, ଧରିଅଛି ଶାଖାଭୁଜେ କେହି ।

ନବ ଶିଳ୍ପ ଶିକ୍ଷାଳୟେ ହେଉଛି ଗଠିତ
ସୁବିଶାଳ ପାଠଶାଳା ଉନ୍ନତ ସୋପାନ,
କଳ୍ପ ଲଭି ଯେ ଶକ୍ତି ସେ ସୂତକାଗାରେ
ହେଉଅଛି ସଯତ୍ନରେ ଲାଳିତପାଳିତ,
ସେହି ଶିଶୁରତ୍ନ ଏବେ ଅଦୂର ଭବିଷ୍ୟେ
ସ୍ୱଦେଶର ଆନନ୍ଦଶ୍ରୀ କରିବ ଉଜ୍ଜ୍ୱଳ ।
ଅକର୍ମୀ-ସମସ୍ୟା ଆଶୁ ସମାଧାନ ପକ୍ଷେ
ଏ ଭଳି ସଦନୁଷ୍ଠାନ ଯୋଗ୍ୟ ପ୍ରତିକାର ।
ବୟନ ବିଭାଗେ ଦେଶୀ ବିଦେଶୀୟ ଯନ୍ତ୍ର
ହୋଇଛି ସ୍ଥାପିତ, ତହିଁ ଅଳ୍ପ ସମୟରେ
ହେଉଛି ବହୁତ କାର୍ଯ୍ୟ, ଲାଗିଅଛି କ୍ଲାହିଁ
ସୂତାକଟା, କପାଧୁଆ, ଲୁଗାବୁଣା ଆଦି ।
ଦେଖି କର୍ମିମାନଙ୍କର ହସ୍ତର କ୍ଷିପ୍ରତା,
ବିସ୍ମୟରେ ଅଭିଭୂତ ହୋଇଯାଏ ଚିତ୍ତ ।
କାହିଁ ବହୁ କୋଷକୃମି ହୋଇଛନ୍ତି ପୋଷା,
କାହିଁ କଟା ହେଉଅଛି ସୂକ୍ଷ୍ମ ଏଣ୍ଡି ସୂତା,
ପ୍ରବୀଣ ଅଧ୍ୟାପକଗଣ ବହୁ ଦୂର ସ୍ଥାନୁ
ଶିଖିଆସି କାର୍ଯ୍ୟମାନ ଉନ୍ନତ ରୀତିରେ
ରତ ଶିକ୍ଷାଦାନ କାର୍ଯ୍ୟେ, ସୁଶୃଙ୍ଖଳା ମତେ;
କାହିଁ ତାଙ୍କ ଅବସର ହସ୍ତେ ମୁଖେ ଭଲେ ।
କରୁଛନ୍ତି ସର୍ବେ ମୁଖେ ଉପଦେଶ ଦାନ,
ଉଚ୍ଚାଦର୍ଶ ପ୍ରଦର୍ଶନେ ରତ ସଦା ହସ୍ତ ।
ହେଉଅଛି ଚର୍ମକାର୍ଯ୍ୟ ଅପର ସ୍ଥାନରେ,
ବନ୍ୟବୃକ୍ଷ ଛାଲି, ଫଳ, ମୂଳ ସାହାଯ୍ୟରେ
ହେଉଅଛି ଚର୍ମ କଷା, ଶିଖୁଛନ୍ତି ତାହା
ବାଳକମଣ୍ଡଳୀ ଅତି ଆଗ୍ରହେ ଉତ୍ସାହେ ।
ହେଉଛି ପ୍ରସ୍ତୁତ କାହିଁ ସୁନ୍ଦର ପାଦୁକା,
ଚକ୍‌ଚକ ସୁଦୃଶ୍ୟ ଚର୍ମେ ବନ୍ୟ ପଦ୍ମଛିଦ !
ଲୌହ କାଷ୍ଠ ବିଭାଗରେ ହେଉଛି ନିର୍ମିତ
ନାନାବିଧ ଶିଳ୍ପଦ୍ରବ୍ୟ, ନିତ୍ୟବ୍ୟବହାର୍ଯ୍ୟ ।
ଅର୍ଥକରୀ ବିଦ୍ୟା ଏହା, ଏ ବିଦ୍ୟା ପ୍ରଭାବେ
ଦେଶ ଅର୍ଥ ରହେ ଦେଶେ, ଅବର ବିଦେଶୁ
ଭୁଏ ବହୁ ଅର୍ଥାଗମ, କଳାବିଦ୍ୟା ଏହା

ଛଡ଼ାଏ ସମାଜୁ ପିନା ଜଳା କଳାବିଦ୍ୟା ।
ସକଳ ଉନ୍ନତ ଏଡା ଅର୍ଥରୁ ସାପେକ୍ଷ,
ଅର୍ଥ ଦ୍ୱାରା ଶିକ୍ଷାପ୍ରାପ୍ତ ଜନେ୍ମ ସମାଦର,
ପ୍ରସବେ ସେ ଜ୍ଞାନ, ପ୍ରଜ୍ଞା, ଉଚ୍ଚ ଦୃଢମତି ।
କରେ ଜ୍ଞାନ ମାନବର ଚରିତ୍ର ସଂସ୍କାର,
ସତ୍ୟ, ସଦାଚାର, ଧର୍ମ, ଅନୁଚର ତାର ।
ଧର୍ମବଳେ ଦେବତୁଲ୍ୟ ହୁଅନ୍ତି ମାନବେ,
ଦୂର ହୁଏ ସମାଜରୁ ପାପ, କଦାଚାର ।
ଧର୍ମରେ ସଂସାର ଚଳେ, ଧର୍ମରେ ଉନ୍ନତ,
ସହାୟ ସମ୍ବଳ ଧର୍ମ ଇହପରକାଳେ ।
କଳାବିଦ୍ୟା ଶିକ୍ଷା ରତ ପ୍ରଜାପୁତ୍ରଗଣ
କରି ଶିକ୍ଷା ପରିପକ୍ୱ, ଗଢ଼ିବେ ସେ କାଳେ
କର୍ମକ୍ଷେତ୍ର ନାନାସ୍ଥାନେ, ତାଙ୍କର ଆଦର୍ଶ
ହେବ ରାଜ୍ୟରାଜ୍ୟାନ୍ତରେ ଅନୁକରଣୀୟ ।
ବ୍ୟାପିବ ସର୍ବତ୍ର ତାହା, ବ୍ୟାପ୍ତ ହୁଏ ଯଥା
ରବିକର କ୍ରମେ କ୍ରମେ ଅନ୍ଧାରେ ଘଉଡ଼ି,
କରି ଦିଗ ଆଲୋକିତ, ସେହୁ ଶୁଭଦିନ
ହେବ ସମ୍ମୁଖୀନ ଆସି ଅଦୂରଭବିଷ୍ୟେ ।
ଅନୁକରଣର ସ୍ପୃହା ହୁଏ ବଳବତୀ
ଦେଖିଲେ ଆଦର୍ଶ ସିନା, ସ୍ୱତଃସିଦ୍ଧ ଏହା ।
ଦେଖାନ୍ତି ଯେ ରାଜା ରାଜ୍ୟେ ଏଭଳି ଆଦର୍ଶ
ସାର୍ଥକ ତାଙ୍କର ସିନା ନରଦେବ ଆଖ୍ୟା ।
ତାଙ୍କ ଯୋଗୁଁ ରାଜନ୍ୱତୀ ବୋଲାଏ ଧରଣୀ ।

ଅନନ୍ତର ପୃଥ୍ୱୀରାଜ ଗୋରକ୍ଷା-ଆଶ୍ରମ,
ହୁଅନ୍ତି ପାଳିତ ଯହିଁ ଯତନେ ସାଗ୍ରହେ
ରୁଗ୍‌ଣ ବୃଦ୍ଧ ଅକର୍ମଣ୍ୟ ଗୋଜାତିନିଚୟ,
ରାଜ୍ୟରେ ନିଯୁକ୍ତଥିବା ପଶୁ-ଚିକିତ୍ସକେ
କରନ୍ତି ତାଙ୍କର ସେବା ଶୁଶ୍ରୂଷା ଚିକିତ୍ସା ।
ଦୁଗ୍ଧଦାନଠାରୁ କୃଷି ବାଣିଜ୍ୟ ପର୍ଯ୍ୟନ୍ତ
ସବୁ କାର୍ଯ୍ୟେ ସମାଜର ସହାୟ ଗୋଜାତି,
ବଢ଼ାଏ ସେ ସମାଜର ଶକ୍ତି ବଳ ଧନ ।

ଗୋଜାତିହିଁ ମାନବର ପ୍ରଧାନ ବିଭବ
ତେଣୁ ସେ ଗୋଧନ ନାମେ ହୁଏ ଅଭିହିତ ।
ଗୋଜାତି ଦେବତା, ତ୍ରେମ ଗୋଟିକ ତାହାର
କୋଟିଏ ଦେବତା, ଏହା ହିନ୍ଦୁର ବିଶ୍ୱାସ ।
ସାଧେ ସେ ନିସ୍ୱାର୍ଥ ଭାବେ ଜନଉପକାର
ପ୍ରତ୍ୟକ୍ଷ ଦେବତା ସେହୁ ପରମ ଉପାସ୍ୟ ।
ବୃଦ୍ଧ ପିତାମାତା ପ୍ରତି ଯେ ଭଳି ଦାୟିତ୍ୱ
ସନ୍ତାନର, ତତୋଧିକ ବିଶିଷ୍ଟ ଦାୟିତ୍ୱ
ଗୋରୁ ପ୍ରତି ମାନବର, ଜାତ ଯେ ଏ ନୀତି,
ମହାମାନବ ସେ ନିଷ୍ଠ, ଆସନ ତାହାର
ନିର୍ଦ୍ଦିଷ୍ଟ ଦେବତା ପର୍ଶ୍ୱେ । ଏ ବିଭାଗ ପ୍ରତି
ଅଛି ମହାରାଜାଙ୍କର ଅସ୍ଥା ସମର୍ଥିତ ।
ସ୍ୱୟଂ ବିଶ୍ୱପ୍ରାଣାରାମ ପରଂବ୍ରହ୍ମ ହରି
କରି ପ୍ରାଣେ ଉପଲବ୍ଧି ଗୋଜାତି ମହତ୍ତ୍ୱ
ରତଥିଲେ ଗୋସେବାରେ କୃଷ୍ଣ ଅବତାରେ,
ସେ ମହା ଗୌରବମୟ ଅତୀତ ଯୁଗରୁ
ହେଉଅଛି ସୁପାଳିତ ଗୋସ୍ୱାସ୍ଥ୍ୟନୀ ବ୍ରତ
ଅବଧି ଭାରତେ, ପୁଣ୍ୟ ପବିତ୍ର ଜୀବନ ପ୍ରାୟ ।
ଗୋମୟେ ପବିତ୍ର ହୁଏ ଅପବିତ୍ର ସ୍ଥାନ
ବ୍ୟବହୃତ ହୁଏ ତାହା ପୂତ ଯଜ୍ଞକର୍ମେ ।
ବର୍ଣ୍ଣିବାକୁ ଗୋମାହାତ୍ମ୍ୟ ଅକ୍ଷମ ସର୍ବଥା
ଅଶେଷ ବଦନେ ଶେଷ, ଅସମ୍ଭବ ତାହା
ମାନବ ପକ୍ଷରେ, ପୁଣି ସାଧାତୀତ ସିନା,
ଗୋପୂଜା ପରମଧର୍ମ, ବେଦବାଣୀ ଏହା ।

ସ୍ଥାପିତ ମନ୍ଦୁରାଳୟ ସୁବିସ୍ତୃତ ସ୍ଥାନେ,
ସିନ୍ଧୁ, ବୋହ୍ଲକ, ମୁରା ଆଦ ଦୂରଦେଶୁ
ଆଣୀତ ଉତ୍କୃଷ୍ଟ ଜାତି ଧେନୁକା ମହିଷୀ
ହୋଇଛନ୍ତି ପୋଷା ଯହିଁ, ଦେଖିଲେ ସେ ସ୍ଥାନ
ହୋଇଯାଏ ସ୍ୱତଃ ଆସି ସମ୍ମୁଖେ ଅଙ୍କିତ
ବିରାଟ ଗୋଶାଳା ଭିନ୍ନ ବିରାଟ ରାଜ୍ୟର,

ସ୍ମରଣ ବର୍ଣ୍ଣିତ ସେହି ପ୍ରୀତିପ୍ରଦ ଦୃଶ୍ୟ
ହେଉଛି କି ଅଭିନୀତ ପାଠଶାଳାରେ ଏବେ,
ନିରଖି ତା ଉଲ୍ଲସିତ ହୋଇଉଠେ ଚିତ୍ତ ।
କି ସୁନ୍ଦର ଗାଭୀଯୂଥ, ହୃଷ୍ଟପୁଷ୍ଟ ତନୁ ।
ଗୋମାତା ସୁରଭୀ କିବା ବତ୍ସଗଣ ସହ
ଭ୍ରମନ୍ତି ମର୍ତ୍ତ୍ୟରେ ଆସି ପରମ ଆନନ୍ଦେ,
ଦେଖି ଭକ୍ତି ଆକର୍ଷଣୀ ମୂର୍ତ୍ତି ଗୋଯୂଥର
ଇଚ୍ଛାହୁଏ କରିବାକୁ ପୂଜା ଆରାଧନା,
ଭକ୍ତିଭରେ ଅବନତ ହୋଇଆସେ ଶିର ।
ଅଥବା କରୁଣାଦେବୀ କଲ୍ୟାଣଦାୟିନୀ
ଅବତୀର୍ଣ୍ଣ ଗାଭୀରୂପେ, ବିଶ୍ୱହିତ ପାଇଁ,
ଅମୃତ-ଶୀତଳ ଦୃଷ୍ଟି, ଝରିପଡ଼େ ତହୁଁ
ମାତୃଆଶୀର୍ବାଦ କିମ୍ବା ସ୍ନେହମଧୁ ଧାରା ।
ପୁଷ୍ଟିକର ଖାଦ୍ୟ ପାଇଁ ଗୋରୁ ମହିଷର
ହେଉଅଛି ଘାସ ଚାଷ ବିସ୍ତୀର୍ଣ୍ଣ ପ୍ରାନ୍ତରେ,
ବୈଜ୍ଞାନିକ ପ୍ରଣାଳୀରେ ହେଉଛି ରକ୍ଷିତ
ଘାସରାଶି, ଖଣି ମଧ୍ୟେ ସୁସଜ୍ଜିତରୂପେ,
ରହେ ଅବିକୃତ ତାହା ଗ୍ରୀଷ୍ମକାଳ ଯାଏ,
ଦିଶେ ତାହା ସଦ୍ୟ କଟା କଞ୍ଚାଘାସ ପ୍ରାୟ ।
ଦୁଗ୍ଧ ଭଣ୍ଡାରର ଦୃଶ୍ୟ ଦେଖି ହୁଏ ପ୍ରତେ,
ସତେ ଯେସନେ ଦେବଭୋଗ୍ୟ ସ୍ୱର୍ଗର ଅମୃତ
ସୁରକ୍ଷିତ ମର୍ତ୍ତ୍ୟ ଭୂମେ ବହୁ ସୁପାତ୍ରରେ,
ମର୍ତ୍ତ୍ୟବାସୀ ପାଇଁ ତାହା ଦେବତାଙ୍କ ଦାନ ।
ହୋଇ ବିମନ୍ଥିତ ଦୁଗ୍ଧ ଯନ୍ତ୍ର ସାହାଯ୍ୟରେ
ହେଉଛି ବାହାର ତହୁଁ ସଦ୍ୟ ନବନୀତ ।
ସୁବିଶୁଦ୍ଧ ଦୁଗ୍ଧ ଦଧି ନବନୀତ ଘୃତ
ପାଆନ୍ତି ସୁଲଭ ମୂଲ୍ୟେ ନଗରବାସୀଏ,
ଉଦ୍‌ବୃତ୍ତ ଲବଣୀ ହୁଏ ବିଦେଶେ ରପ୍ତାନି ।
ଜନ୍ମିଛନ୍ତି ବହୁ ଷଣ୍ଢ ଉତ୍କୃଷ୍ଟ ଜାତୀୟ —
ହୃଷ୍ଟପୁଷ୍ଟ ବଳବାନ, ଗୋଟି ଗୋଟି ତାହା
ହେଉଛନ୍ତି ଗ୍ରାମେ ଗ୍ରାମେ ରକ୍ଷିତ ପାଳିତ ।
ଏହିପରି କୌଶଳରେ ହେଉଛି ବର୍ଦ୍ଧିତ
ଉତ୍କୃଷ୍ଟ ଗୋଜାତି ଫଳେ ସମଗ୍ର ରାଜ୍ୟରେ,
ଅନ୍ୟତ୍ର ଦୁର୍ଲଭ ପ୍ରାୟ ଏ ଭଲ ସୁପ୍ରଥା
ପ୍ରକୃତି ପକ୍ଷରେ ପ୍ରଜା ଆର୍ଥିକ ଅବସ୍ଥା,
ଏ ସୁବିଧା ନିଶ୍ଚେ ମଣିକାଞ୍ଚନର ଯୋଗ ।
ଏଭଳି ଆଦର୍ଶ ଯହିଁ, ସେ ରାଜ୍ୟ ସୁରାଜ୍ୟ,
ପ୍ରଜାକୁଳ ରାଜଭକ୍ତ, ରାଜା--ପ୍ରଜାପିତା ।

ଏ ଅଞ୍ଚଳେ "ରାଜେନ୍ଦ୍ର କୃଷି-ପରୀକ୍ଷା ଅଗାର",
ବିଶାଳ ବିସ୍ତୃତ, ତହିଁ ସକଳ କୃଷିର
ହେଉଛି ପରୀକ୍ଷା ସଦା, ହୁଏ ପ୍ରମାଣିତ
ଅତ୍ୟୁତ୍କୃଷ୍ଟ ବୋଲି ଯାହା, ସେହି କୃଷି ତହିଁ
ହେଉଛି ପ୍ରଚୁର ଭାବେ, ଅବସ୍ଥା ଦୃଷ୍ଟିରେ
ପ୍ରଜାକୁଳେ ସେହି ବୀଜ ହୁଏ ବିତରିତ ।
ଗହମ, କୁଶାର *, ଧାନ, ଧଣିଆ, ଖେସାରି,
ଚେରଚଣା, ଜନା, କପା, ଛଣି, ଜଡ଼ା, ମୁଗ,
ଧୂଆଁପତ୍ର, ତରଭୁଜ, କଦଳୀ, କାକୁଡ଼ି,
ବେଦାନା, ଅମୃତଭଣ୍ଡା, କମଳା, ଅଙ୍ଗୁର,
ମିଠାଲେମ୍ବୁ, ଲିଚୁ, ମକା, କଖାରୁ ପ୍ରଭୃତି
ବହୁ ଲାଭବାନ କୃଷି ହେଉଛି ସେଠାରେ ।
ହେଉଅଛି ଉଦ୍ଭାବିତ ପୁଣି ନାନାବିଧ
ଉତ୍କୃଷ୍ଟ ଉର୍ବର ସାର ଦେଶୀ ଉପାଦାନେ;
ହେଉଅଛି ମତ୍ସ୍ୟଚାଷ ସ୍ୱତନ୍ତ୍ର କାସାରେ ।
ଏ ସ୍ଥାନର ଦୃଶ୍ୟାବଳୀ ନେତ୍ରପ୍ରୀତିପ୍ରଦ,
ନୈସର୍ଗିକ କୃତ୍ରିମର ଏକତ୍ର ମିଳନେ
ଅପୂର୍ବ ସୁଷମାରାଜ୍ୟ ହୋଇଅଛି ସୃଷ୍ଟି,
ବନଫୁଲ ସଙ୍ଗେ ଯେସନ୍ତେ ହୋଇଅଛି ଗୁନ୍ଥା
ଉଦ୍ୟାନର ଫୁଲ କିମ୍ବା ମୋତି ସଙ୍ଗେ ସୂତା ।
ତୋଳିଛି ମସ୍ତକ ନଭେ ହାତୀମୁଣ୍ଡା ଗିରି,

* ଆଖୁ

ଉଚ୍ଚ ହୋଇ ଦୂରେ କରା ବୃକ୍ଷ କଳେବର
ଦେଖୁଅଛୁ ବଲାଙ୍ଗୀର ସହରର ଶୋଭା,
ସେ ନଗରୀ-ଇନ୍ଦ୍ରାଣୀର ଲଳିତ ସୌନ୍ଦର୍ଯ୍ୟ
ଦେଇଅଛୁ କରି ତାକୁ ମୁଗ୍ଧ ସ୍ତମ୍ଭୀଭୂତ ।
ନିମ୍ନଦେଶେ ଶୋଭେ ତାର ରାଜେନ୍ଦ୍ର-ସାଗର"
ଜଳାଧାର, ପରିପୂର୍ଣ୍ଣ ସଲିଳ-ସମ୍ପଦେ ।
ବହି ଆସି ବର୍ଷାଜଳ ଗିରିକଳେବରୁ
ନ ଯାଇ ଅନ୍ୟତ୍ର, ହୁଏ ତହିଁରେ ସଞ୍ଚିତ ।
ନାଳପଥେ ବହିଯାଇ ସରୋବରୁ ଜଳ
ରଖେ ସଦା ଉଦ୍ୟାନକୁ ଆର୍ଦ୍ର ସୁଶୀତଳ
ସାଗର ଦ୍ୱିପାର୍ଶ୍ୱବ୍ୟାପୀ ଉଚ୍ଚମାଟି ବନ୍ଧେ
ହୋଇଛୁ ରୋପିତ ବହୁ ଏରଣ୍ଡ ପାଦପ,
ଯଥା ବହୁ ଛତ୍ରଧର ସର-ସମ୍ରାଟର,
ଅଛନ୍ତି ନିଯୁକ୍ତ ରାଜଖଟଣୀ ସେବାରେ ।
ପଞ୍ଜାବୀ, ପଥରତୋଡ଼ ଆଦି ଅସ୍ତ୍ରବିଧ
ଲଙ୍ଗଳ, ବିବିଧ କୃଷିଯନ୍ତ୍ର ସାହାଯ୍ୟରେ
ହେଉଅଛୁ କୃଷି ଏହି ପରୀକ୍ଷା ଆଗାରେ ।
ଅତି ଅଳ୍ପ ସମୟରେ ଅଳ୍ପ ଲୋକଦ୍ୱାରା
ହେଉଛୁ ଅଧିକ କାର୍ଯ୍ୟ ଏହି ଯନ୍ତ୍ର ଯୋଗୁଁ,
କୃଷିବିଦ୍ୟା-ବିଶାରଦ ବିଶେଷଜ୍ଞ ଦ୍ୱାରା
ହେଉଅଛୁ ନିୟନ୍ତ୍ରିତ, ସୁପରିଚାଳିତ
ଏ ବିଭାଗ, ସମଧିକ ଫଳପ୍ରଦ ତେଣୁ ।
ଉପଯୁକ୍ତ ସୁସଂସ୍କାର ପ୍ରାଚୀନ ପ୍ରଥାର,
ନବ ନବ ସମୁନ୍ନତ ରୀତି ଉଦ୍ଭାବନ—
ବିଶେଷତ୍ୱ ନବାଦର୍ଶ ଏ ଅନୁଷ୍ଠାନର,
ନିତ୍ୟ ନବତତ୍ତ୍ୱ ସୃଷ୍ଟି ଉଚ୍ଚ ଲକ୍ଷ୍ୟ ତାର ।
ଅବସ୍ଥିତ ପୁରାତନ ଆଦର୍ଶ-ଉଦ୍ୟାନ
ଲକ୍ଷ୍ମୀନଦୀ ତୀରେ, ତହିଁ ସ୍ୱଦେଶୀ ବିଦେଶୀ
ବହୁତ ପ୍ରକାର କୃଷି ହେଉଅଛୁ ପୂର୍ବରୁ,
ବିଶେଷତଃ ବହୁ ସୁଚେଷ୍ଟ ଉଜ୍ଜ୍ୱଳ ଉଦ୍ୟାନ ।
ବିସ୍ତୀର୍ଣ୍ଣ ଭାବରେ ତହିଁ ହୁଏ କପାକୃଷି,
ସର୍ବବିଧ ଫଳ ତଥା ପନ୍ନା ପରିବାଢ଼
ହେଉଛୁ ଉତ୍ପନ୍ନ ଏହି ଉଦ୍ୟାନରେ ସଦା ।
ଉଦ୍ୟାନ ମଧ୍ୟରେ ସ୍ଥିତ ରମ୍ୟ ସରୋବର,
ଚୌପାଶେ ପାବଚ୍ଛ ବନ୍ଧା ହୋଇଛୁ ଇଷ୍ଟକେ,
ହୁଏ ତହିଁ ମତ୍ସ୍ୟ-କୃଷି, ଏବେ ଉଦ୍ୟାନର
ହେଉଅଛୁ କ୍ରମୋନ୍ନତି ବିଶେଷ ଭାବରେ,
ସୌନ୍ଦର୍ଯ୍ୟେ ଅତୁଳ ତାହା ବୈଚିତ୍ର୍ୟରେ ପୂର୍ଣ୍ଣ ।
ଦେଖି ସେ ଉଦ୍ୟାନ ହୁଏ ଚିତ୍ତ ସୁନିର୍ମଳ,
ସୁନିର୍ମଳ ଯଥା ତାର ସରୋବର ଜଳ ।
ଫୁଟିଉଠେ ମଧୁ ହାସ ଦୁଃଖ-ମ୍ଳାନ ମୁଖେ
ଯେତେହେ ତହିଁ ପ୍ରସ୍ଫୁଟିତ କୁସୁମ-ସୁହାସ ।

ଦେଖିଲେ ଏ ସୁରାଜ୍ୟର କୃଷି-ସମୁନ୍ନତି
ନ ହେବ ବିମୁଗ୍ଧ କେଉଁ ହୃଦୟୀ ହୃଦୟ ?
କୃଷି-ବିଦ୍ୟା ଶ୍ରେଷ୍ଠବିଦ୍ୟା, ମାନବ ଜୀବନ
ତାହାର ଉପରେ କରେ ସମ୍ପୂର୍ଣ୍ଣ ନିର୍ଭର ।
କୃଷି-ବିଦ୍ୟା-ଦକ୍ଷ ଦେଶ ଏ ଭାରତବର୍ଷ,
ପରାଶର ପ୍ରବର୍ତ୍ତିତ କୃଷି-ବିଦ୍ୟାବଳେ
ଥିଲା ଏ ଜଗତଗୁରୁ, ଥିଲା ପ୍ରଦର୍ଶିତ
ଜଗତରେ ଉଚ୍ଚାଦର୍ଶ, ତୋଳି ଉଚ୍ଚେ ଶିର,
ଦୁର୍ଭାଗ୍ୟ ଇତର ମଣି ସେ ମହାବିଦ୍ୟାକୁ
କାଳବଶେ ଏବେ ତାହା ଯାଇଛୁ ପାସୋରି,
ନିଜ ଅଜ୍ଞତାକୁ ନିଜେ କରିଛୁ ବରଣ
ସମାଦରେ ସବିନୟେ, ହାୟ କି ଦୁର୍ଦ୍ଦୈବ,
ନିଜ ଧନ ଦେଇ ପରେ, ପରଠାରୁ ପୁଣି
ଅଣିବାକୁ ଲାଳାୟିତ ରଖି ନିଜ ଧନ,
କେ କାହାକୁ ସବୁ ବଳି ବୁଦ୍ଧିମନ୍ତ ପଣେ ?
ଘୋଟିଆସେ ଯେତେବେଳେ ଦାରୁଣ ଦୁର୍ଦ୍ଦିନ—
ଘନ ଜନ ଭାଗ୍ୟ-ନଭେ, ଘୋଟି ଆସେ ଯଥା
ଜଳଶୂନ୍ୟ ଦୁର୍ଭିକ୍ଷର ଘନ ନଭୋଦେଶେ,
ସେକାଳେ ସେ ମଣେ ସ୍ୱର୍ଣ୍ଣେ ମାଟିଠାରୁ ତୁଚ୍ଛ

ଘଟି ଅଛି ସେହି ଦଶା ଏବେ ଏ ଦେଶରେ ।
ଯେଉଁ ବିଦ୍ୟା ବଳେ,ଯେଉଁ ମହାବିଦ୍ୟା ବଳେ
ମାଟିରୁ ଉପୁଜେ ସୁନା, ତାହା ଯେବେ ହୀନ
ମହତ୍ ବା କିଏ ଅଛି ତେବେ ଭୂମଣ୍ଡଳେ ?
ଜଳାତଙ୍କ ରୋଗୀ ମଣେ ଜଳକୁ ଅନଳ,
ରଜ୍ଜୁହାରେ ସର୍ପ ମଣେ ବାତୁଳ ଯେ ଜନ,
ଏ ଭ୍ରମ, ଏ ଦେଶ ଭାଗ୍ୟେ ହୋଇଅଛି ଯମ,
ଜାଳର ଅସାଧ୍ୟ ହାୟ କିସ ଅବା ଭବେ !
କଳିପାଟରେ ସେ ଦୁରନ୍ତ ପଣ୍ଡିତେ ପାଗଳ,
ଜ୍ଞାନବାନେ ଗଜମୂର୍ଖ, କୋବିଦେ ବାୟୁଳ ।
ନ ତୁଟିବା ଯାଏଁ ଏହି ସର୍ବନାଶୀ ମୋହ
ଏ ଦେଶର ଭାଗ୍ୟୋଦୟ ହେବ ମିଥ୍ୟାସ୍ୱପ୍ନ ।
ସମ୍ଭବେ କି ଚନ୍ଦ୍ରୋଦୟ ଡଅଁସ ନିଶାରେ ?
ଅସମ୍ଭବ ମରୁସ୍ଥଳେ କମଳକାସାର ।
ହୁଗଳିର ସମ୍ମୁଖରେ ଯେଉଁ ମହାଜନ
ହୋଇଛନ୍ତି ବାକ୍ୟେ କାର୍ଯ୍ୟେ ଦୃଢ଼ସଙ୍କଳ୍ପିତ
ଘନଘଟାପୂର୍ଣ୍ଣ ଏହି ଅନ୍ଧାର ନିଶୀଥେ
ଦେଖାଉଅଛନ୍ତି ପଥ ଜାଳି ଯେ ବିଦ୍ୟୁତ,
ଜାତିର ଦେବତା ସେହୁ, ଦେଶର ନମସ୍ୟ,
ସ୍ମରିଲେ ତାଙ୍କର ନାମ କ୍ଷୟ ହୁଏ ପାପ ।

ଅନ୍ୟ ଅଂଶେ ଅବସ୍ଥିତ ଧର୍ମାଧିକରଣ,
ଶାସନ ବିଚାରର ବେନି ସ୍ୱତନ୍ତ୍ର ବିଭାଗ
ସ୍ଥାପିତ ବିଭିନ୍ନ ସ୍ଥାନେ, ହୋଇ ସୁରକ୍ଷିତ,
ସାକ୍ଷୀ ଅର୍ଥୀ ପ୍ରତ୍ୟର୍ଥୀ ଦର୍ଶକ ଗହଳେ
ହୋଇଅଛି ଲୋକାରଣ୍ୟ ବିଚାର-ଆଳୟ,
ଲାଗିଛି ଶୃଙ୍ଖଳା, ବହେ କର୍ମସ୍ରୋତ ଖରେ ।
ବସି ଧର୍ମସିଂହାସନେ ରାଜପ୍ରତିନିଧି
ନିଯୁକ୍ତ ବିଚାରେ, ଶାନ୍ତ ଏକାନ୍ତ ମାନସେ ।
ତୀର୍ଥସମ ଧର୍ମକ୍ଷେତ୍ର ଏ ବିଚାରାଳୟ,
ଛୁଇଁଲେ ଏ ସ୍ଥାନ ଦୋଷୀ ହୁଏ ଆତଙ୍କିତ,
ତୁଣ୍ଡ ତାର ବାଜିଯାଏ ଖନି, ଥରେ ଥରେ
ପାଦଭଣ୍ଡା, ହୁଏ ବକ୍ଷ ସ୍ପନ୍ଦିତ ସଘନେ ।
ଘଟେ ନାହିଁ ନିର୍ଦ୍ଦୋଷର ଏ ବିକାରମାନ,
ଥାଏ ସେ ଅଟଳ ଧୀର ଶାନ୍ତ ଅଚଞ୍ଚଳ ।
ଆସନ୍ତି ବାହାରି ବେନି ବିଚାର ଶେଷରେ,
ନିର୍ଦ୍ଦୋଷ ସହାସ୍ୟମୁଖେ, ମ୍ଳାନ ମୁଖେ ଦୋଷୀ,
ନିର୍ଦ୍ଦୋଷର ସାହା ସଦା ସତ୍ୟ ଧର୍ମ ଭବେ,
ଦିଅନ୍ତି ଅଲକ୍ଷେ ତାକୁ ସାହସ ଅଭୟ,
ମାତ୍ର ଦୋଷୀ ତ୍ୟଜ୍ୟପୁତ୍ର ତାଙ୍କର ସର୍ବଥା,
ତେଣୁ ଦଣ୍ଡଭୋଗ ତାର ଅଦୃଷ୍ଟ ଲିଖନ ।
ଅସ୍ମପକ୍ଷ ସମର୍ଥନ ଲାଗି ବହୁବ୍ୟୟେ
ପ୍ରବଳ ନିଯୁକ୍ତ କରେ ବ୍ୟବହାରଜୀବୀ,
ଦୁର୍ବଳର ସାହା କିନ୍ତୁ ଏକା ଭଗବାନ,
ହୁଅନ୍ତି ସେ ବଳେ ବଳେ ତାହାର ଉକୀଲ ।
ବିଚାରକ ମନ ମଧ୍ୟେ ପଶି ସେ ପ୍ରଚ୍ଛନ୍ନେ
କରନ୍ତି ଦୁର୍ବଳପକ୍ଷ ସମର୍ଥନ ସଦା ।
ଉଦ୍ଧାରି ସଙ୍କଟୁ ତାକୁ ସଙ୍କଟତାରଣ
ଦିଅନ୍ତି ଲମ୍ବାଇ ତାହା ଗଳେ ଜୟମାଳ୍ୟ,
ଏହା ତାଙ୍କ ଶରଣ୍ୟା ଭାଗବତୀ ନୀତି ।
କରିଛନ୍ତି ଅଳଙ୍କୃତ ବିଚାର ଆସନ
ବିଶେଷଜ୍ଞ ନ୍ୟାୟପଟୁ ବିଚାରକ ସର୍ବେ—
ନିରପେକ୍ଷ, ଧର୍ମଭୀରୁ, ସେଥିକି ବାଛି ବାଛି
କରିଛନ୍ତି କର୍ତ୍ତୃପକ୍ଷ ନିଯୁକ୍ତ ତାହାଙ୍କୁ ।
ଇଚ୍ଛନ୍ତି ଯେ ସ୍ଥାନେ ବାଧି କରିବାକୁ ଭଲ
କରନ୍ତି ସେ ସ୍ଥାନେ ସତ୍ୟ ଭଲ ଆଣି ଠୁଳ ।
ରାଜା ପ୍ରଜା ବିଚାରକ ସମସ୍ତେ ସୁନୀତ
ତାହା ସେଥିକି ସୁନୀତରେ ପାଇଣ ସୁରାଜ୍ୟ ।
କି ତପ ସେ କେଉଁ ତୀର୍ଥେ କରିଥିଲା ପୂର୍ବେ
ପାଇଛି ସେ ଫଳେ ଏବେ ରାଜା ପର ରାଜା ।
ଧନ୍ୟ ତାର ତପୋବଳ, ଧନ୍ୟ ତା ସୌଭାଗ୍ୟ,
ପୁଣି ଶତଧନ୍ୟ ତାର ମହତ୍ତ୍ୱ, କୃତିତ୍ୱ ।

କସ ଅବା ନାହିଁ ତାର, କାହିଁରେ ବା ଦୀନ
ପ୍ରଭେ ହୁଏ 'ନାହିଁ' ଶବ୍ଦ, ନାହିଁ ଯେସନ୍ତେ ଏଥି ।
ଶିକ୍ଷା, ସ୍ୱାସ୍ଥ୍ୟ, ଶାନ୍ତିରକ୍ଷା, ଭୂତତ୍ତ୍ୱ, ରାଜସ୍ୱ,
ଇନଜମ୍, ଅବକାରୀ, କଷ୍ଟମ୍, ଜଙ୍ଗଲ,
କୃଷି, ପୂର୍ତ୍ତି, ସହଯୋଗ ଇତ୍ୟାଦି ବିଭାଗ
ଯେଉଁଠାରେ ଅବସ୍ଥିତ ବିସ୍ତୀର୍ଣ୍ଣ ଭୂଭାଗେ,
ସୁସଜ୍ଜିତ ସୁବିନ୍ୟସ୍ତ ସୁନ୍ଦର ଗୃହରେ,
ସେ ସ୍ଥାନ ଟଣିପ୍ରସାର ପାଟଣା ରାଜ୍ୟର ।

ଅନନ୍ତର ପଥପାର୍ଶ୍ୱେ ହୋଇଛି ରଚିତ
ଶ୍ରୀରାଜେନ୍ଦ୍ର-ପାର୍କ ନାମେ ପ୍ରମୋଦ ଉଦ୍ୟାନ ।
କାରୁକାର୍ଯ୍ୟେ ସୁସଜ୍ଜିତ, ପୁଷ୍ପେ ଅଲଙ୍କୃତ
ନାନାଜାତି ପୁଷ୍ପ ବୃକ୍ଷ ହୋଇଛି ରୋପିତ,
ଫୁଟିଛି ବିବିଧ ଫୁଲ ବିବିଧ ବର୍ଣ୍ଣର
ଶୋଭେ ତହିଁ ଠାବେ ଠାବେ ମଞ୍ଜୁଳ ନିକୁଞ୍ଜ
ଶୋଭାର କୁଟୀର ତାହା ଦୃଶ୍ୟର ଖଣି
ପରାଜିତ ତାହା ପାଶେ ବର୍ଣ୍ଣନାଚାତୁରୀ—
ଭବିକଳ୍ପନାରେ ଗଢ଼ା ଦ୍ରଷ୍ଟବ୍ୟ ସେ ଏକା ।
ବର୍ଣ୍ଣିଲେ ତାହାକୁ କେହି, ହୋଇଯିବ ଶୂନ୍ୟ
ଉପମା-ଭଣ୍ଡାର, ଯିବ ସବୁ ଅଳଙ୍କାର—
କବିକୁଳ ସୁସଞ୍ଚିତ ଦୁର୍ଲଭ ସମ୍ପଦ ।
ମଧୁରଙ୍କ ପ୍ରଜାପତି ପୁଷ୍ପେ ପୁଷ୍ପେ ବସି
ହଲାଉଛି ପକ୍ଷ, ଯେସନ୍ତେ କୁସୁମ-ଶଯ୍ୟାରେ
ହୋଇଛି କି ବିସ୍ତାରିତ ବିଚିତ୍ର ଗାଲିଚା,
ବିଜେ ହେବେ ଶୋଭାଲକ୍ଷ୍ମୀ ସେ ରମ୍ୟ ଆସନେ !
ଅଥବା ତାରକାଖଚିତ ଗଗନମଣ୍ଡଳ
ପଡ଼ିଛି କି ଛିଣ୍ଡି ଖଣ୍ଡେ ଧରଣୀ ବକ୍ଷରେ !
ଅକଳିତ ସେ ଉଦ୍ୟାନ, ଯେସନ୍ତେ ପାରାବାର,
ବାୟୁବେଗେ ଆନ୍ଦୋଳିତ ପାଦପ ନିକର
ବୀଚୀମାଳା ତାର, ପୁଷ୍ପ ଶୁଭ୍ରଫେନପୁଞ୍ଜ ।
କେଉଁ ବଣିକ ଅବା ବାଢ଼ିଅଛି ତହିଁ


ରତ୍ନର ପସରା—ସ୍ୱର୍ଣ୍ଣ, ରୌପ୍ୟ, ହୀରା, ନୀଳା
ମାଣିକ୍ୟ, ପ୍ରବାଳ, ମୁକ୍ତା, ପଦ୍ମରାଗ ଆଦି ।
ରତ୍ନରାଜି ସୁସଜ୍ଜିତ ସ୍ତରେ ସ୍ତରେ ତହିଁ,
ଆସିଲେ ଗ୍ରାହକ ତାକୁ କରିବ ବିକ୍ରୟ ।
ଆସି ଅଳି ଦଳ ଦଳ ଗ୍ରାହକ ରୂପରେ
ବୁଲି ବୁଲି ଦେଖି ଦେଖି ଯାଉଅଛି ଫେରି,
ଅରସିକ, ଅଗ୍ରାହକ, ନିଜେ ଅସୁନ୍ଦର—
କେମନ୍ତେ ବୁଝିବ ଅବା ସୌନ୍ଦର୍ଯ୍ୟ ମହତ୍ତ୍ୱ,
ବୁଝେ କି ରତ୍ନର ମୂଲ୍ୟ ଅଜଣା-ଦରିଦ୍ର ?
ବିସ୍ତାରିତ ସରୋବର ଉଦ୍ୟାନ ସମ୍ମୁଖେ,
ଶୁଖାଇଅଛନ୍ତି ଅବା ପ୍ରକୃତି ସୁନ୍ଦରୀ
ରାତିପିନ୍ଧା ନୀଳପାଟ, ରାଜେ ଧଡ଼ିରୂପେ
ଶୀରବର୍ତ୍ତୀ ପାଦପର ରମ୍ୟ ପ୍ରତିବିମ୍ବ,
ହୋଇଅଛି ସେ ଧଡ଼ିରେ କୁଟି କମରୂପେ
ନାନାଜାତି ଫୁଲ ଫଳ ବିହଙ୍ଗ ଅଙ୍କିତ ।
କୋଶଳ-କୋଙ୍ଗଳ-କେଳକାନନ-ପାଟଣା,
ସୀମନ୍ତର ମହାମଣି ବଲାଙ୍ଗୀର ତାର,
ତା ମଧ୍ୟେ ଉଦ୍ୟାନ ବହେ ଦୁର୍ଲଭ ଉପମା,
ଯଥା ନିଶାକାଳେ ଧ୍ରୁବମଣ୍ଡଳ ମଧ୍ୟରେ
ବିରାଜିତ ସ୍ୱଚ୍ଛ ଶୁଭ୍ର ଶଶାଙ୍କମଣ୍ଡଳ,
ତାହା ମଧ୍ୟେ ଶୋଭେ ଚନ୍ଦ୍ର, ତଥା ଏ ଉଦ୍ୟାନ ।
କେ ବର୍ଣ୍ଣିବ ପୂର୍ଣ୍ଣରୂପେ ସ୍ୱରୂପ ତାହାର ?
ମହାକବି ହେଲେ ମୂକା ହୋଇଯିବ ବାଣୀ ।

ଅବୁରେ ନୃସିଂହ ମଠ, ଅଧିଷ୍ଠିତ ତହିଁ
ପ୍ରସ୍ତର ନୃସିଂହମୂର୍ତ୍ତି—ରଜତସିନ୍ଦ୍ରିତ,
ଶିରେ ଶୋଭେ ସ୍ୱର୍ଣ୍ଣମୟ କାଞ୍ଚଲ୍ୟ ମୁକୁଟ,
ହିରଣ୍ୟେ ବିଦାରଣ କରୁଛନ୍ତି ଦେବ
ଦୀର୍ଘ ତୀକ୍ଷ୍ଣ ନଖେ, ପାଶେ ବାଳକ ପ୍ରହ୍ଲାଦ
ଭକ୍ତକୁଳ-ଶିରୋମଣି, ଉଭା ଯୁକ୍ତକରେ ।
ଛଳ ଛଳ ନେତ୍ର, ଯେସନ୍ତେ ବହେ ଏକନେତ୍ର

ଶୋକ ଅଶ୍ରୁଧାର, ଅନ୍ୟ ପ୍ରେମାଶ୍ରୁ ପ୍ରବାହ,
ବାମେ ବିଜେ ଲକ୍ଷ୍ମୀଦେବୀ କ୍ଷୀରାବ୍ଧିତନୁଜା,
ଅନ୍ୟ କକ୍ଷେ ଅବସ୍ଥିତ ଗଣେଶ ପାବନ,
ଚଳେ ମଠେ ପୂଜାଗୀତ ଯଥା ଆଡ଼ମ୍ବରେ ।
ମଠ ପାର୍ଶ୍ୱେ ପାନ୍ଥଶାଳା, ବିଶ୍ରାମନ୍ତି ତହିଁ
ବିଦେଶୀ ପଥିକେ, ଭୁଞ୍ଜି ଦେବତା ପ୍ରସାଦ ।
ମନ୍ଦିରଟି ସୁସଜ୍ଜିତ ଦେବୋଚିତ ଭାବେ,
ମଠର ତତ୍ତ୍ୱାବଧାନ କରନ୍ତି ମହନ୍ତ,—
ସାଧୁ ଶୁଦ୍ଧାଚାରୀ, ସଦା ଦେବସେବାବ୍ରତୀ,
ବାଲ୍ୟପ୍ରେମେ ମଗ୍ନଚିତ୍ତ, ସହାସ୍ୟବଦନ ।

ସଂସ୍ଥାପିତ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ
ସୁପ୍ରଶସ୍ତ ରମଣୀୟ ଭୂଖଣ୍ଡ ମଧ୍ୟରେ,
ସାର୍ଦ୍ଧତ୍ରିଶତ ଛାତ୍ର ରତ ଅଧ୍ୟୟନେ,
ଉଚ୍ଚ ଶିକ୍ଷାପ୍ରାପ୍ତ ଦକ୍ଷ ଗୁରୁ ଚୌଦଜଣ
ବିଦ୍ୟା ଅଧ୍ୟାପନା କାର୍ଯ୍ୟେ ଅଛନ୍ତି ନିଯୁକ୍ତ ।
ହେଉଛନ୍ତି ଶିକ୍ଷାପ୍ରାପ୍ତ ଛାତ୍ରଗଣ ତହିଁ
ସ୍ୱଦେଶୀୟ ବିଦେଶୀୟ ଉଭୟ ଭାଷାରେ;
ମାତ୍ର ବିଦେଶୀୟ ଭାବେ—ବିଦେଶୀ ଆସ୍ତରେ
ନ ହୋଇ ଅନୁପ୍ରାଣିତ କରିଛନ୍ତି ରକ୍ଷା
ସ୍ୱୀୟ ଜାତୀୟତା ଠିକ, ପ୍ରଶଂସ୍ୟ ଏ କାର୍ଯ୍ୟ ।
ନାହିଁ ବେଶ ଭୂଷଣରେ ଉଚ୍ଚ ଆଡ଼ମ୍ବର
କିମ୍ବା ଉଚ୍ଛୃଙ୍ଖଳ ଭାବ, ଅବା ଅବାଧ୍ୟତା,
ଅଧମ ସଙ୍ଗୀତ ତାହା ବିଜ୍ଞଜନନିନ୍ଦଣୀୟ ।
ଋଷିକୁମାରଙ୍କ ପରି ଶାନ୍ତ ଶିଷ୍ଟ ସର୍ବେ,
ଉତ୍ସାହେ ପ୍ରଦୀପ୍ତ ମୁଖ, ନୟନରେ ମୁଦ୍ରିତ
ଦୃଢ଼ପ୍ରତିଜ୍ଞାର ମୁଦ୍ରା, ଯେହେତୁ ଉଚ୍ଚାଦର୍ଶ
ମହତ୍ ଉଦ୍ଦେଶ୍ୟ, ଉଚ୍ଚ ଲକ୍ଷ୍ୟ ବହି ହୃଦେ
ହୋଇଛନ୍ତି ଶିକ୍ଷାକ୍ଷେତ୍ରେ ପ୍ରବିଷ୍ଟ ସରବେ ।
ଯଥା ଗୁରୁ, ତଥା ଶିଷ୍ୟ, ବିମ୍ବିତ ଯେସନ
ଗୁରୁଙ୍କ ମହତ୍ତ୍ୱ ଶିଷ୍ୟ ହୃଦୟ-ମୁକୁରେ ।
ଅଥବା ଗୁରୁଙ୍କ ନୀତି, ଆଦର୍ଶ, ବ୍ୟକ୍ତିତ୍ୱ
ହୋଇଅଛି ପ୍ରଭାବିତ ଶିଷ୍ୟଗଣ ପ୍ରାଣେ ।
କିଣନ୍ତି ଭକ୍ତିମୂଲ୍ୟେ ଶିଷ୍ୟେ ଗୁରୁକୃପା,
ତଥା ସ୍ନେହେ ଆକର୍ଷନ୍ତି ଶିଷ୍ୟଭକ୍ତି ଗୁରୁ ।
ଗୁରୁ ଶିଷ୍ୟ ଉଭୟର ମହତ ସମ୍ପର୍କ
ରହିଛି ଅଖଣ୍ଡ, ଏହା ବାଞ୍ଛନୀୟ ସଦା
ପିତାଠାରୁ ସମ୍ମାନିତ ସଦ୍‌ଗୁରୁ ନିଶ୍ଚୟ ।
ପିତା ଜନ୍ମଦାତା, କିନ୍ତୁ ଜ୍ଞାନଦାତା ଗୁରୁ ।
ମାଟି ପେଣ୍ଡୁଳାଏ ଘେନି ଗଢ଼ନ୍ତି ତହିଁରେ
ସୁନ୍ଦର ପ୍ରତିମା ଗୁରୁ, ଅର୍ପି ଜ୍ଞାନ-ପ୍ରାଣ ।
ସମାଜର ଶୀର୍ଷ ସ୍ଥାନେ ଗୁରୁଙ୍କ ଆସନ,
ପ୍ରକୃତ ମନୁଷ୍ୟ ଗଢ଼ି କରନ୍ତି ସେ ଦାନ,
ସ୍ୱଦେଶେ ସମାଜେ, ଗୁରୁ ଯୋଗୀପରି ତ୍ୟାଗୀ,
ନିଜର ଉନ୍ନତି ତେଜି ନିଯୁକ୍ତ ସେ ସଦା
ସୁବାଧିକ ଛାତ୍ରଙ୍କର ଜୀବନ ଗଠନେ,
ବହିବାରୁ ସମାଜର ଗୁରୁଦାୟିତ୍ୱ ସେ
ଗୌରବିତ ଗୁରୁ ନାମେ ହୁଅନ୍ତି ଆଖ୍ୟାତ,
ସଂସାରରେ ସେହି ଏକା ସ୍ୱାର୍ଥଶୂନ୍ୟ ଜନ ।
ଆବଶ୍ୟକ ଯେଉଁ ଶିକ୍ଷା ପୂର୍ଣ୍ଣ ମାନବର
ସେଥିରୁ କୌଣସି ଅଂଶେ ହେଲେ ବିକଳାଙ୍ଗ
ସେଥିପାଇଁ ଦାୟୀ ଗୁରୁ, ସେ ଦୋଷ ଗୁରୁର,
ଏଭଳି ଦାୟିତ୍ୱପୂର୍ଣ୍ଣ କର୍ତ୍ତବ୍ୟ ଯାହାର
ସେହି ଏକା ସମାଜର ବରେଣ୍ୟ ଦେବତା ।
ଗୁରୁ ଚିରକାଳ ଛାତ୍ର, ଛାତ୍ରାବସ୍ଥା ତାର
ହୁଏ ନାହିଁ ଆଜୀବନ ଶେଷ, ପକ୍ଷାନ୍ତରେ
ପ୍ରତ୍ୟେକ ମାନବ ସିନା ଆଜୀବନ ଛାତ୍ର,
ମହାସିନ୍ଧୁ ପ୍ରାୟ ଶିକ୍ଷା ଅନନ୍ତ ଅପାର,
କେ କରିବ ଶେଷ ତାହା, ସମ୍ଭାବନା ସିନା
ମାନବର ଆୟୁ, କେବେ ସମ୍ଭବେ କି ଭଲା
ଅସୀମର ପୂର୍ଣ୍ଣସତ୍ତ୍ୱ ସୀମାବଦ୍ଧ ମଧ୍ୟେ ।
ସୁଶିକ୍ଷା ପଦ୍ଧତି ଉଚ୍ଚ ଏ ବିଦ୍ୟାଳୟର

ପୁସ୍ତକ ପାଠରେ ନୁହେଁ ପର୍ଯ୍ୟବସିତ ସେ,
ସର୍ବଜନ-ସମାଦୃତ ନୂତନ ଆଦର୍ଶେ
ଗଠିତ ଏ ବିଦ୍ୟାଳୟ ଶିକ୍ଷାର ପ୍ରଣାଳୀ ।
ଯେ ବିଦ୍ୟାରେ ମନ, ଆତ୍ମା, ପ୍ରତିଭା, ବ୍ୟକ୍ତିତ୍ୱ,
ନ ହୁଏ ବିକାଶପ୍ରାପ୍ତ ନ କରେ ଯେ ଦାନ
ଆତ୍ମନିର୍ଭରତା ସତ୍ତ୍ୱ, ନୈତିକ ଚରିତେ
ନ କରେ ଯେ ଶୁଦ୍ଧପୂତ, ଅକ୍ଷମ ଯେ ପୁଣି,
ଉନ୍ନତର ମଧୁର ଚିନ୍ତା ଦାନେ, ପ୍ରଦର୍ଶନେ,
ନ ପାରେ ଯେ ଅଙ୍କି ପୂର୍ଣ୍ଣ ମାନବିକତାର
ମଙ୍ଗଳ ଆଲେଖ୍ୟ, କିମ୍ବା ନ ପାରେ ଦେଖାଇ
ଉଚ୍ଚ ଚିନ୍ତା ଉଚ୍ଚାଦର୍ଶ ମହତ୍ତ୍ୱ ସ୍ୱରୂପ ,
ଉଚ୍ଚ ଲକ୍ଷ୍ୟହୀନ ଯାହା, ନୁହେଁ ତାହା ବିଦ୍ୟା—
ପ୍ରତ୍ୟୁତ ଅବିଦ୍ୟାଠାରୁ ବଳି ଭୟଙ୍କର ।
ନବ ପକ୍ୱ କୋଚିଲା ସେ, ବାହାରେ ସୁନ୍ଦର,
ଅଭ୍ୟନ୍ତର ବିଷପୂର୍ଣ୍ଣ—ପ୍ରାଣନାଶଦକ୍ଷ ।
ସେ ବିଦ୍ୟାର ମାଦକତା, ସେ ବିଦ୍ୟାର ମୋହ
ପାରି ନାହିଁ ଛୁଇଁ ଏହି ବିଦ୍ୟାଳୟ ସୀମା ।
କୃଷି, ଶିଳ୍ପ, ଧର୍ମନୀତି, ଜାତୀୟ ଆଚାର,
ବ୍ୟବସାୟ, ଅର୍ଥନୀତି, ସାହିତ୍ୟ, ଗଣିତ,
ବିଜ୍ଞାନ, ଦର୍ଶନ, ସ୍ୱାସ୍ଥ୍ୟ, ଆଦର୍ଶ ଜୀବନୀ,
ଇତିହାସ, ଲୋକଚରିତ, ମନସ୍ତତ୍ତ୍ୱ ଆଦି
ମାନବ ଜୀବନ ପକ୍ଷେ ମହାପୁଷ୍ଟିକର
ସେହି ଶୁଭ ବିଦ୍ୟମାନ ଶିକ୍ଷଣୀୟ ଏଥି,
ଅନ୍ୟତ୍ର ଦୁର୍ଲ୍ଲଭ ଯାହା, ଏଥି ସୁଲଭ ସେ ।
ଶିଖିଲେ, ପଢିଲେ ଯାହା ହୁଅନ୍ତି ମାନବେ
ସୁମାନବ ପଦବାଚ୍ୟ, ଆବର ଯହିଁରେ
ନର ପ୍ରାଣେ ଦେବଭାବ କିମ୍ବା ଋଷିଭାବ
ହୁଏ ପ୍ରଭାବିତ, ତାହା ଆଦୃତ ଏଠାରେ ।
ଦେଖି ଛାତ୍ରବୃନ୍ଦଙ୍କର ଗୁରୁଦାସ୍ୟ, ସାଧୁତା,
ବିନୟ, ସୌଜନ୍ୟ, ଭକ୍ତି, ଶିଷ୍ଟାଚାର ଆଦି
ଅର୍ପିବାକୁ ଇଚ୍ଛା ହୁଏ ସ୍ୱତଃ ଆଶୀର୍ବାଦ ।

ଶିକ୍ଷାଦାନେ ଧୁରନ୍ଧର ଶିକ୍ଷକନିକର,
ବାଛି ଯେତେକେ କର୍ତ୍ତୃପକ୍ଷ ଆଣିଛନ୍ତି କାହୁଁ ।
ଭବିଷ୍ୟତ୍ ରାଷ୍ଟ୍ରଭାଷା ହିନ୍ଦୀ ଶିକ୍ଷା ପାଇଁ
ହୋଇଛି ଏ ବିଦ୍ୟାଳୟେ ସ୍ୱତନ୍ତ୍ର ବ୍ୟବସ୍ଥା ।
ହୋଇଛି ଉନ୍ମୁକ୍ତ ପୁଣି ବାଣିଜ୍ୟ ଶିକ୍ଷାର
ପଥ, ଗୁରୁ ଛାତ୍ର ଉଭେ ସମ୍ମିଳିତ ଭାବେ
କରୁଛନ୍ତି ବ୍ୟବସାୟ ସ୍ୱଳ୍ପ ମୂଳଧନେ,
ଆବଶ୍ୟକମତେ ତହୁଁ କିଣୁଛନ୍ତି ଛାତ୍ରେ
ପୁସ୍ତକାଦି ନାନା ଦ୍ରବ୍ୟ ସୁଲଭ ମୂଲ୍ୟରେ ।
ବୃଦ୍ଧି ଲଭି ଅଳ୍ପକାଳେ ସେହି ମୂଳଧନ
ହୋଇଅଛି ଏବେ ପଞ୍ଚ ସହସ୍ର ଅଧିକ,
ଟଙ୍କା ପ୍ରତି ବାରଅଣା ମିଳୁଅଛି ଲାଭ ।
ସତ୍ୟ ଧର୍ମନିଷ୍ଠା ପୁଣି ସୁଅଧ୍ୟବସାୟେ
ବାଣିଜ୍ୟରେ ହୁଏ ଲାଭ, ଉଦ୍‌ଯୋକ୍ତାମଣ୍ଡଳୀ
ଦେଖାଇଅଛନ୍ତି ତାର ସଜୀବ ପ୍ରମାଣ ।
ଶିକ୍ଷା ପ୍ରତିଯୋଗିତାରେ ଏ ବିଦ୍ୟାମନ୍ଦିରୁ
ହେଉଛନ୍ତି ବହୁଛାତ୍ର ଉତ୍ତୀର୍ଣ୍ଣ ଉଚ୍ଚରେ
ପ୍ରତିବର୍ଷ, ନାହିଁ ଏଥି ଅପୂର୍ଣ୍ଣତା କିଛି,
କରୁଛି ଯେ ଗତି ସଦା କ୍ରମୋନ୍ନତ ପଥେ;
ଅଦୂର ଭବିଷ୍ୟେ ଏହି ଉଚ୍ଚଶିକ୍ଷା ପୀଠ
ସମଶ୍ରେଣୀ ବିଦ୍ୟାଳୟମାନଙ୍କ ମଧ୍ୟରେ
ସକଳ ବିଷୟେ ହେବ ଆଦର୍ଶ ସ୍ଥାନୀୟ,
ଦିଶୁଅଛି ସୁସ୍ପଷ୍ଟଭାବେ ସୂଚନା ତାହାର,
ବର୍ତ୍ତମାନ ଦେଖି ହୁଏ ଭବିଷ୍ୟ ନିର୍ଣ୍ଣିତ,
ସୂଚନାରୁ ମିଳେ ସିନା ଫଳର ଆଭାସ ।
ମଙ୍ଗଳ ଚଳନ ଢାଳେ ଉଇଁଲେ ବାରିଦ
ବାରି ଦାନେ କୃପଣତା ନ କରେ କଦାଚ ।
ଦେଶ, କାଳ ପକ୍ଷେ ଶ୍ରେୟ ସେ ଶିକ୍ଷାପ୍ରଣାଳୀ,
ଦେଶ କାଳ ପାତ୍ର ପକ୍ଷେ ଯାହା ଉପଯୁକ୍ତ,
ଦେଶ ଜଳବାୟୁରେ ଯେ ପାରିବ ଉଠେଇ ?
କରେ ଯେ ଜାତୀୟ ଭାବେ ସମାଜେ ସୁଦୃଢ଼,

ଧରିଛି ଏ ବାଣୀତୀର୍ଥ ସେହି ଶୁଭଧାରା ।
ବହି ସେହି ଶୁଭାଦର୍ଶ ଏ ବିଦ୍ୟା-ଆଶ୍ରମ
ପ୍ରକାଶିତ "ପାରିଜାତ" ଷାଣ୍ମାସିକ ପତ୍ର,
ବର୍ଷେ ବହି ଶିକ୍ଷାପ୍ରଦ ବିବିଧ ସନ୍ଦର୍ଭ,
ସୁଧୀ ସମାଜରେ କ୍ରମେ ହେଉଛି ଆଦୃତ,
ମନୋଜ୍ଞ ସୌରଭ ତାର ସ୍ନିଗ୍ଧ ସୁମଧୁର
ବ୍ୟାପି ଚହଟିବ ଦିନେ ସମଗ୍ର ଉତ୍କଳେ ।

ବାଳିକାମାନଙ୍କ ଶିକ୍ଷା ଅଭିବୃଦ୍ଧି ପାଇଁ,
ହୋଇଅଛି ସଂସ୍ଥାପିତ ମଧ୍ୟ-ବିଦ୍ୟାଳୟ,
ସାର୍ଦ୍ଧଏକଶତ ଛାତ୍ରୀ ରତ ଅଧ୍ୟୟନେ ।
ସେମାନଙ୍କ ଭବିଷ୍ୟତ୍ କର୍ତ୍ତବ୍ୟ ଦୃଷ୍ଟିରେ
ହୋଇଅଛି ନିରୂପିତ ସୁଶିକ୍ଷା ପଦ୍ଧତି,
କେବଳ ପୁସ୍ତକପାଠ ନୁହେ ଶିକ୍ଷା ସୀମା ।
ଶିଖୁଛନ୍ତି ସିଅଁ ବୁଣା ରନ୍ଧନପ୍ରଣାଳୀ
ଗୃହସ୍ଥର ଗୃହକର୍ମ ନିତ୍ୟବ୍ୟବହାର୍ଯ୍ୟ;
ପାରିବେ ସେମାନେ ହୋଇ ସଂସାରେ ଭବିଷ୍ୟେ
ସୁଜନନୀ, ସୁଗୃହିଣୀ, ଲଳନା-ସୁଲଭ
ସୁକୋମଳ ବୃତ୍ତି ହେବ ଯହିଁ ବିକଶିତ
ନ ହୋଇ ଲୁପ୍ତ ଯହିଁ ନୈତିକଚରିତ୍ର
ରହିବ ନିର୍ମଳ ସ୍ୱଚ୍ଛ, ବଢ଼ିବ ସମାଜେ
ଜାତୀୟ ଭାବର ଟେକ, ଧର୍ମର ସମ୍ମାନ,
ଜାତୀୟ ମହତ୍ତ୍ୱ ଯହିଁ ରହିବ ଅକ୍ଷତ,
ହୋଇଅଛି ନିର୍ଦ୍ଧାରିତ ସେହି ଭଳି ଶିକ୍ଷା,
ବହୁ ଗବେଷଣା, ବହୁ ଆଲୋଚନା ସିଦ୍ଧ ।
ବିଶ୍ୱବିଦ୍ୟାଳୟ ଉଚ୍ଚ-ଉପାଧିମଣ୍ଡିତା
ଶିକ୍ଷାଦାନେ ସୁନିପୁଣା, ବିଦୁଷୀ ମହିଳା
ଅଛନ୍ତି ନିଯୁକ୍ତ ଶ୍ରେଷ୍ଠ ଶିକ୍ଷୟିତ୍ରୀପଦେ,
ମାତାପ୍ରାୟ ଛାତ୍ରୀବର୍ଗେ ଅର୍ପୁଛନ୍ତି ଶିକ୍ଷା ।
ହୁଏ ଯଥା କନ୍ୟାପ୍ରାଣେ ସୁପ୍ରତିଫଳିତ
ମାତାର ଆଦର୍ଶ, ତଥା ତାଙ୍କର ଆଦର୍ଶେ

ନେଉଛନ୍ତି ଛାତ୍ରୀଗଣ ଆପଣାକୁ ଗଢ଼ି,
ସପ୍ତ ଶିକ୍ଷୟିତ୍ରୀ ଦ୍ୱାରା ଏ ବିଦ୍ୟାମନ୍ଦିର
ହେଉଛି ପରିଚାଳିତ ସୁଶୃଙ୍ଖଳଭାବରେ ।
ଛାତ୍ରୀଙ୍କର ସୂଚୀଶିଳ୍ପ ଉଚ୍ଚ ପ୍ରଶଂସିତ,
ସ୍ୱଚ୍ଛ କାରୁକର୍ମଶାଳୀ ସୁନ୍ଦର ଆସନ,
ଅଙ୍ଗରଖା, ଓରମାଲ ଲତାପୁଷ୍ପାଙ୍କିତ,
ନବରୁଚି ବାଞ୍ଛନୀୟ ନାନାପରିଚ୍ଛଦ,
ଦକ୍ଷହସ୍ତେ ବାଳିକାଏ ଅଛନ୍ତି ନିର୍ମିଣି,
ଲୋଭନୀୟ ସେ ସକଳ ସୌନ୍ଦର୍ଯ୍ୟେ ବୈଚିତ୍ର୍ୟେ ।

ସମାଜର ଶକ୍ତି ନାରୀ, ପୁରୁଷ ଶରୀର
ସ୍ତ୍ରୀଶିକ୍ଷାର ଅଭିବୃଦ୍ଧି ନ ହେବା ପର୍ଯ୍ୟନ୍ତ
ରହିବ ସମାଜ ହୋଇ ମସ୍ତକବିହୀନ ।
ସ୍ୱୟଂ ଶକ୍ତିରୂପା ନାରୀ ଶକ୍ତିଦେବୀ କନ୍ୟା,
ନାରୀର ଆସନ ଅତି ଉଚ୍ଚରେ ନିର୍ଦ୍ଦିଷ୍ଟ,
ତେଣୁ ହୁଏ ନାରୀ ନାମ ଆଦ୍ୟେ ଉଚ୍ଚାରିତ ।
ରାଧାକୃଷ୍ଣ, ସୀତାରାମ, ପ୍ରକୃତିପୁରୁଷ
ଏ ଶବ୍ଦପ୍ରୟୋଗ ତାର ଜୀବନ୍ତ ଦୃଷ୍ଟାନ୍ତ ।
ଉନ୍ନତ ଗୌରବମୟ ଅତୀତ ଯୁଗରେ
ଏ ଦେଶ ଦେଖାଇଥିଲା ନାରୀର ଆଦର୍ଶ,
ସାକ୍ଷୀ ତାର ଇତିହାସ, ନାରୀମାହାତ୍ମ୍ୟରେ
ଜ୍ୟୋତିର୍ମୟ ଏ ଦେଶର ଇତିହାସପୃଷ୍ଠା ।
ଗାର୍ଗୀ, ଅରୁନ୍ଧତୀ ଆଦି ନାରୀକୁଳଲକ୍ଷ୍ମୀ
ଏ ଦେଶର ଦେବୀକନ୍ୟା, ମାତା, ସୁଗୃହିଣୀ,
ଶିଖିବେ ଯେ ଦିନ ନାରୀ ତାଙ୍କ ଶୁଭାଦର୍ଶ,
ସେ ଦିନ ଦେଶର ଭାଗ୍ୟ ହେବ ସମୁଜ୍ଜ୍ୱଳ ।

ପ୍ରାଥମିକ ବିଦ୍ୟାଳୟେ ରତ ଅଧ୍ୟୟନେ
ସାର୍ଦ୍ଧତିନଶତାଧିକ ଛାତ୍ର, ଏକାସନେ
ନିମ୍ନଜାତି ଉଚ୍ଚଜାତି ସହ ନିର୍ବିକାରେ,
ନାହିଁ ଉଚ୍ଚ ନୀଚ ଭେଦ, ବନ୍ଧୁଭାବେ ସର୍ବେ

ଯେଉଁଠି ଏକ ପିତାପୁତ୍ର ଭାଇ ଭାଇ ପ୍ରାୟ,
ଅତଏବ ପ୍ରୀତିପ୍ରଦ ଏ ମଙ୍ଗଳ ଦୃଶ୍ୟ ।
ବାରଜଣ ଶିକ୍ଷାଦାତା ଏ ବିଦ୍ୟାମନ୍ଦିରେ
କରନ୍ତି ପରିଚାଳନ ଅଧ୍ୟାପନା କାର୍ଯ୍ୟ ।
ତନ୍ମଧ୍ୟରେ ଏକଜଣ ହରିଜନ ଜାତି,
ମାନବେ ମାନବ ଛୁଇଁ ହେବ ଅପବିତ୍ର
ହେବ ତହିଁ ଜାତି ନଷ୍ଟ, ଧର୍ମ ନଷ୍ଟ ପୁଣି,
ସଂକ୍ରାମକ ରୋଗ ପରି ଏ ବର୍ବର ରୀତି
ମାନବ ସମାଜେ; ବହେ ଉଭୟ ଶରୀରେ
ଏକବର୍ଣ୍ଣ ରକ୍ତ, ଏକ ଉପାଦାନେ ଗଢ଼ା
ଉଭୟର ଦେହ, ପୁଣି ଉଭୟ ପ୍ରାଣରେ
ନିବସନ୍ତି ବିଶ୍ୱପିତା ପରଂବ୍ରହ୍ମ ହରି,
ତାଙ୍କରି ସନ୍ତାନ ଦୁହେଁ, ତାଙ୍କରି ସର୍ଜିତ,
ଏକପିତାଙ୍କର ବହୁ ସନ୍ତତି ମଧ୍ୟରେ
ସମ୍ଭବେ କି ଜାତିଭେଦ, ଅହୋ, କି ଅଦ୍ଭୁତ
ବିଷମ ସମସ୍ୟା ଏହା ଧିକ୍ ଏ କୁରୀତି !
ଗୁଣ କର୍ମ ହେତୁ ଜନେ ନିନ୍ଦିତ ବନ୍ଦିତ,
ମାତ୍ର ନୁହେ ଜାତି ହେତୁ, ଗୁଣ କର୍ମ ମଧ୍ୟେ
ନାହିଁ ସ୍ଥାନ ଖୁଞ୍ଜିବାକୁ ଜାତିର ମସ୍ତକ,
କାଳୋଚିତ ଏ ସଂସ୍ଥାର ଏ ବିଦ୍ୟାପୀଠର
ସୁନୀତି ଦୃଷ୍ଟାନ୍ତ ଏହା ଉଜ୍ଜ୍ୱଳ ଆଦର୍ଶ ।
କାର୍ଯ୍ୟାରମ୍ଭ ପୂର୍ବେ ଛାତ୍ର ଶିକ୍ଷାଦାତା ମିଶି
କରନ୍ତି ପ୍ରତ୍ୟହ ଧର୍ମ-ସଙ୍ଗୀତ ଆବୃତ୍ତି,
ଶିକ୍ଷାକାର୍ଯ୍ୟ ଶେଷେ ପୁଣି ଗାଆନ୍ତି ବାଳକେ
ପରମ ଉଲ୍ଲାସେ କର୍ମ-ସଙ୍ଗୀତ ସୁସ୍ୱରେ,
ହୁଏ ଏ ମଙ୍ଗଳ ଦୃଶ୍ୟ ଉପଭୋଗ୍ୟ ଅତି ।
ଧର୍ମ ସହ ମିଶେ କର୍ମ, ବାସ୍ତବରେ ଏହା
ମଣିକାଞ୍ଚନର ପରି ସୁନ୍ଦର ସଂଯୋଗ !
ମୂଲ୍ୟବାନ ଏ ସୁପ୍ରଥା ଉଜ୍ଜ୍ୱଳତର ସତ୍ୟ ।
ଧର୍ମ ଏକା ଏ ଜଗତେ ସତ୍ୟ, ଶିବ, ସାର,
ଧର୍ମ ଯାର ମୂଳଭିତ୍ତି, ସାର୍ଥକ ସେ କର୍ମ ।
ସେ କାର୍ଯ୍ୟେ ସାଫଲ୍ୟ ହୁଏ ମୂର୍ତ୍ତି ଧରି ଉଭା !
ଧର୍ମବଳେ ବଢ଼େ ଶକ୍ତି କର୍ମରେ ଉଜ୍ଜ୍ୱଳ ।
ଧର୍ମଦେବ, କର୍ମଦେବ ଉଭୟେ ଉପାସ୍ୟ,
ସ୍ୱଭାବତଃ ବାଲ୍ୟହୃଦ ସରସ କୋମଳ,
ହେଲେ ତହିଁ ଧର୍ମବୀଜ କର୍ମବୀଜ ଉପ୍ତ
ହୋଇ ତାହା ଅଙ୍କୁରିତ, ବର୍ଦ୍ଧିତ ସହଜେ,
ଶିଶୁର ଭବିଷ୍ୟ ଭାଗ୍ୟ କରେ ସମୁଜ୍ଜ୍ୱଳ ।
ସଂସାର ପ୍ରବାସ-ଯେବେ ନର ଜୀବନର
ଧର୍ମ କର୍ମ ବେନି ପରି ସହାୟ ସମ୍ବଳ ।
କର୍ମଭୂମି ଏ ସଂସାର ମାନବକୁଳର,
ନୁହେ ଭୋଗବିଳାସର ନିରାପଦ କ୍ଷେତ୍ର
କର୍ମ ଏଥି ସୁଖ ଭୋଗ, ବିଳାସ, ଆନନ୍ଦ,
କର୍ମରତ ନର ଏକା ଜଗତେ ଜୀବିତ,
ଅକର୍ମୀ, ନିଶ୍ଚେଷ୍ଟ ଲୋକ ମାଟିର ପିତୁଳା,
ଅସାଡ଼, ନିସ୍ପନ୍ଦ, ଭାରବର୍ଦ୍ଧକ ବିଶ୍ୱର ।

ଶିଖୁଛନ୍ତି ଛାତ୍ରଗଣ ଶିଳ୍ପ ନାନାବିଧ,
କାଷ୍ଠରେ ନିର୍ମିତ ଗିନା, ତାଟିଆ, ଗିଲାସ,
ସୁନ୍ଦର ପିତୁଳା— ମାଟି କାଗଜେ ନିର୍ମିତ,
ଟେବୁଲ୍ ପଟରେ ସିଆଁ ଖେଳ୍, ଢୋଲ୍, ପଙ୍ଖା,
ଦେଖି ତା ମାନସେ ଜନ୍ମେ ବିସ୍ମୟ, ଉଲ୍ଲାସ,
ଲଜ୍ଜାଭରେ ଅଧୋମୁଖ ହେବ ଦକ୍ଷ ଶିଳ୍ପୀ ।
ସ୍ୱହସ୍ତରେ କରୁଛନ୍ତି ଛାତ୍ରେ କପାସ୍ଚାଷ,
ନାନାବିଧ ଫଳ ଫୁଲେ ଉଦ୍ୟାନ ରଚନା,
ଅଧ୍ୟୟନ, କୁଟୀରଶିଳ୍ପ ଭିନ୍ନ ବିଷୟରେ
ବହୁମୁଖେ ପ୍ରଶଂସିତ ଦକ୍ଷତା ତାଙ୍କର,
ରତ ଅଧ୍ୟୟନେ ବସି ଚଟାଇ ଆସନେ,
ନାହିଁ ନବ୍ୟରୁଚିସିଦ୍ଧ କାଷ୍ଠାସନସ୍ପୃହା,
ନମଣନ୍ତି ତହିଁ ଲଜ୍ଜା କିମ୍ବା ଅପମାନ ।
ହରିଜନ ଉଚ୍ଚଜନ ହୋଇ ମିଶାମିଶି
କରୁଛନ୍ତି କୃଷିକାର୍ଯ୍ୟ ଶିଳ୍ପ ଅଧ୍ୟୟନ

ବିସର୍ଜି ସଙ୍କୋଚ ଭୟ, ଅଭିଜାତ୍ୟ ମୋହ ।
ପରିହରି ବାଳାପିତା, ସରଳ ଭାବରେ,
ଯାପୁଛନ୍ତି ତୃପ୍ତଚିତ୍ତେ ଶୈଶବଜୀବନ ।

ସଂସ୍କୃତ ଶିକ୍ଷାର ପୀଠ ଜର୍ଜ ଚତୁଷ୍ପାଠୀ
ଅବସ୍ଥିତ ପଥପାର୍ଶ୍ୱେ, ନିର୍ମଳ ସୁନ୍ଦର ।
ଉଠି ଯହିଁ ପ୍ରତିଦିନ ସଂସ୍କୃତ ଶ୍ଳୋକର
ମଧୁର କୋମଳ ଛନ୍ଦ, ଲଳିତ ମୂର୍ଚ୍ଛନା,
ଢାଳୁଥାଏ ଶ୍ରୋତାକର୍ଣ୍ଣେ ଅମୃତ-ପ୍ରବାହ,
ଦେବଭାଷା ଚର୍ଚ୍ଚାକ୍ଷେତ୍ର—ତେଣୁ ତୀର୍ଥ ସମ
ପବିତ୍ର, ପୂଜିତ ପୂର୍ବେ ସ୍ଥାପିଥିଲେ ଏହା
ସ୍ୱର୍ଗୀୟ ପାଟଣାଭୂପ ପୃଥ୍ୱୀରାଜ ଦେବ,
ପିତୃଦେବ ବର୍ତ୍ତମାନ ମହାରାଜାଙ୍କର ।
ବଂଶୀୟ ବିମଳକୀର୍ତ୍ତି ଅଭିବୃଦ୍ଧି ପାଇଁ
ତାଙ୍କ କୁଳାଙ୍କୁର ପୁତ୍ର ଶ୍ରୀରାଜେନ୍ଦ୍ର ଦେବ
ରଖିଛନ୍ତି ପୂର୍ଣ୍ଣରୂପେ ଅନୁକୂଳ ଦୃଷ୍ଟି ।
ବଂଶର ସୁପୁତ୍ର ସିନା କରନ୍ତି ବର୍ଦ୍ଧନ
ବଂଶୀୟ ପ୍ରତିଷ୍ଠା, ବଂଶ-ସମୁଜ୍ଜ୍ୱଳ-କୀର୍ତ୍ତି ।
ଏ ଉତ୍କଳ ଦେବଭୂମି,— ସୁତୀର୍ଥମାଳିନୀ,
ଦେବଭାଷା ସଂସ୍କୃତର ଥିଲା ଏଥି ପୂର୍ବେ
ସମ୍ୟକ୍ ଆଦର, ପୂଜା, ରାଷ୍ଟ୍ରଭାଷାରୂପେ
ଥିଲା ପ୍ରଚଳିତ ତାହା ସମଗ୍ର ଉତ୍କଳେ ।
ନାହିଁ ସେ ସୁଦିନ ଏବେ, ସେ ସୌଭାଗ୍ୟ-ରବି
ବହୁକାଳୁ ହୋଇଛନ୍ତି ଅସ୍ତାଚଳଶାୟୀ ।
ନାହିଁ ଏବେ ସଂସ୍କୃତର ସେଭଳି ଗୌରବ,
କାଳବଶେ ରହିଛି ସେ ହୋଇ ଜୀବନ୍ମୃତ ।
ପଣ୍ଡିତମଣ୍ଡଳୀଙ୍କର ଅଙ୍ଗୁଳି ସଙ୍କେତେ
ହେଉଥିଲା ଏ ଦେଶର ସମାଜ ଚାଳିତ
ନିୟନ୍ତ୍ରିତ ପୁଣି, ଥିଲେ ସେ ପଣ୍ଡିତଗଣ
ସମାଜେ ବ୍ୟବସ୍ଥାଦାତା, ଏବେ ତାଙ୍କ ମୂଲ୍ୟ
ହୋଇଅଛି ହ୍ରାସ ହାୟ, କି ଘୋର ଦୁର୍ଭାଗ୍ୟ ।

ଏବେ ଏହି ଦୁଃସମୟେ ସେ ମନୀଷିବର୍ଗ
ଜାଳୁଛନ୍ତି ପୁନର୍ବାର ନିର୍ବାପିତ ଦୀପ
ଘୃତବର୍ତ୍ତି ଦାନେ, ଋଣୀ ତାଙ୍କ ପାଶେ ଦେଶ ।
ତାଙ୍କ ଯତ୍ନବଳେ, ପୁଣି ରାଜକୃପା ଫଳେ
ମୁମୂର୍ଷୁ ସେ ଦେବଭାଷା ଟେକୁଅଛି ମଥା,
ମଙ୍ଗଳ ସୂଚନା ଏହା ଏ ଦେଶ ଭାଗ୍ୟରେ ।
ପ୍ରଧାନ ପଣ୍ଡିତ, ଉଚ୍ଚ ଉପାଧି ମଣ୍ଡିତ,
ନିଷ୍ଠାନିଷ୍ଠ ସୁବ୍ରାହ୍ମଣ ଯୋଗୀ ଋଷି ସମ,
ଶାସ୍ତ୍ରଜ୍ଞାନେ ସୁପଣ୍ଡିତେ ଅତି ଧୁରନ୍ଧର,
ବିଦ୍ୱାନ କର୍ମଠ ତେବେ ସହକର୍ମୀ ସହ
ରତ ଅଧ୍ୟାପନା କାର୍ଯ୍ୟ ନିର୍ବାହେ ସଯତ୍ନେ,
ପଢୁଛନ୍ତି ଶିଷ୍ୟବର୍ଗ କାବ୍ୟ, ବ୍ୟାକରଣ,
କର୍ମକାଣ୍ଡ ଆଦି ବିଦ୍ୟା, ବାରଜଣ ଛାତ୍ର
ହୋଇଛନ୍ତି କାବ୍ୟତୀର୍ଥ ଉପାଧିଭୂଷିତ
ଏ ସଂସ୍କୃତ ବିଦ୍ୟାପୀଠୁ ସମ୍ମାନ ସହିତ ।
ସର୍ବ ଗଡଜାତ ରାଜ୍ୟ, ସମ୍ବଲପୁରର
ସଂସ୍କୃତ ପରୀକ୍ଷା କେନ୍ଦ୍ର ଏ ବିଦ୍ୟା-ମନ୍ଦିର ।

ପାଟଣାର ସର୍ବଶ୍ରେଷ୍ଠ ଶିକ୍ଷା-ଅଧିକାରୀ
ଅଦ୍ୱୈତଚରଣ ଦାସ ବିଦ୍ୱାନ ଚତୁର,
ତାଙ୍କର ତତ୍ତ୍ୱାବଧାନେ ସମଗ୍ର ରାଜ୍ୟର
ଉଚ୍ଚ ନିମ୍ନ ବିଦ୍ୟାଳୟ ହେଉଛି ଚାଳିତ
ସୁନ୍ଦର ରୂପରେ ପୁଣି ସୁଶୃଙ୍ଖଳା ସହ ।

ଦାତବ୍ୟ ଚିକିତ୍ସାଳୟ ବିରାଟ ବିଶାଳ,
ଡାକୁଅଛି ଅବା ମୌନେ ସଙ୍କେତ ଭାଷାରେ
ଆସ ହେ ହତାଶରୋଗୀ, ଆସ ଆସ ତ୍ୱରା,
ଦ୍ୱାର ମୋର ଅବାରିତ ତୁମ୍ଭ ପାଇଁ ସଦା,
ଲଭିବ ଆରୋଗ୍ୟ, ହେବ ସବଳ କର୍ମଠ ।
ପ୍ରତ୍ୟେକ ପ୍ରକୋଷ୍ଠ ତାର ନିର୍ମଳ ସୁନ୍ଦର,
ସ୍ୱଚ୍ଛ ସୁପବିତ୍ର ଯେସନ୍ତେ ଦେବତା ମନ୍ଦିର ।
ହୋଇଛି ସଞ୍ଚିତ ତହିଁ ସକଳ ଔଷଧ,

ଯେହ୍ନେ ତାହା ଧନ୍ୱନ୍ତରୀ ଔଷଧ-ଭଣ୍ଡାର ।
ଧନୀ ଦୀନ ନିର୍ବିଶେଷେ ସକଳ ରୋଗୀଏ
ବିନା ବ୍ୟୟେ ପାଉଛନ୍ତି ଔଷଧ ଚିକିତ୍ସା ।
ତିନିଜଣ ଚିକିତ୍ସକ ରତ ଚିକିତ୍ସାରେ
ବହୁ ଅଧୀନସ୍ଥ ଦକ୍ଷ ସହକାରୀ ସହ ।
ଯେଉଁ ସ୍ଥାନ ସୁପ୍ରସିଦ୍ଧ ଯେଉଁ ଚିକିତ୍ସାରେ
ତହିଁ କର ପର୍ଯ୍ୟେକ୍ଷ ଶିକ୍ଷା ବହୁ ବ୍ୟୟେ,
ଲଭିଛନ୍ତି ପ୍ରତିପତ୍ତି ସର୍ବେ, ରୋଗୀ ପ୍ରତି
ଦେଖାନ୍ତି ସେବାଦାନ ସ୍ନେହ ଆସ୍ଥା ସମର୍ଥିକ ।
ଯୋଗ୍ୟୌଷଧି ନିର୍ବାଚନେ, ରୋଗ ପରୀକ୍ଷାରେ,
ଦକ୍ଷ ସିଦ୍ଧହସ୍ତ ସର୍ବେ, ଯେହ୍ନେ ଧନ୍ୱନ୍ତରୀ
ଅଶ୍ୱିନୀ କୁମାର ସହ ଅବତୀର୍ଣ୍ଣ ଏଥି ।
ଆତୁର ରୋଗୀର ଅଧେ ରୋଗର ଯନ୍ତ୍ରଣା
ହରିଯାଏ ସେମାନଙ୍କ ଆଶ୍ୱାସ ବଚନେ,
ଧାତ୍ରୀଏ କରନ୍ତି ସେବା ପୁତ୍ରେ ମାତା ଯଥା ।
ଯନ୍ତ୍ର ଅସ୍ତ୍ର ଔଷଧିରେ ପୂର୍ଣ୍ଣ ବହୁ କକ୍ଷ,
ଛସହସ୍ର ମୁଦ୍ରା ବ୍ୟୟେ ବିବିଧ ଔଷଧ
କ୍ରୀତ ହୁଏ ପ୍ରତିବର୍ଷ ରୋଗୀଙ୍କ ସକାଶେ,
ଅଶୀଜଣ ରୋଗୀପାଇଁ ରହିବାର ସ୍ଥାନ
ଅଛି ଏ ଚିକିତ୍ସାଗାରେ, ପାଆନ୍ତି ରୋଗୀଏ
ଯଥା କାଳେ ଯଥା ବିଧି ସୁପଥ୍ୟ ସୁଖାଦ୍ୟ,
ରୋଗିଣୀଙ୍କ ପାଇଁ ଅଛି ସ୍ୱତନ୍ତ୍ର ଆବାସ ।
ରୋଗୀ ରୋଗିଣୀଙ୍କ ପାଇଁ ଆନନ୍ଦ ଦାନର
ରହିଛି ଚିକିତ୍ସାଳୟେ ସୁନ୍ଦର ବ୍ୟବସ୍ଥା,
ରୋଗୀମାନେ ରାଜସୁଖ ଭୁଞ୍ଜନ୍ତି ଏଠାରେ ।
ଅଛି ନିରୂପିତ ପୁଣି ନେତ୍ରରୋଗ ପାଇଁ
ସ୍ୱତନ୍ତ୍ର ଚିକିତ୍ସାଳୟେ ସ୍ୱତନ୍ତ୍ର ବ୍ୟବସ୍ଥା ।

କୈଳାସକୁମାରୀ ମାତୃ-ସଦନ ନାମରେ
ପ୍ରସୂତି-ଚିକିତ୍ସାଳୟ ହୋଇଛି ସ୍ଥାପିତ,
ବର୍ତ୍ତମାନ ମହାରାଣୀ ବିଦୁଷୀ ପ୍ରବୀଣ
ଅର୍ପନ୍ତି ସକଳ ଧ୍ୟେୟ ସେ ଅନୁଷ୍ଠାନର ।
ନବ ଜାତ ଶିଶୁ ପୁଣି ପ୍ରସୂତି ସକାଶେ
ଅଛି ତହିଁ ଯଥୋଚିତ ଶୃଙ୍ଖଳା ସୁବିଧା ।
ଉଚ୍ଚ ନୀଚ ଭେଦ ଜାତି ପ୍ରସୂତି ନିମନ୍ତେ
ରହିଛି ସ୍ୱତନ୍ତ୍ର ଖଟ, ବିଛଣା ପ୍ରଭୃତି,
ସଦ୍ୟ ଜାତ ଶିଶୁଙ୍କର ସୁଖ ନିଦ୍ରା ଲାଗି
ହୁଏ ବ୍ୟବହୃତ ତହିଁ କ୍ଷୁଦ୍ର ଦୋଳି ଖଟ ।

ରଞ୍ଜନ-ରଶ୍ମିର ଅଛି ସ୍ୱତନ୍ତ୍ର ବ୍ୟବସ୍ଥା,
ସତର ସହସ୍ର ମୁଦ୍ରା ବ୍ୟୟେ ଯେଥିପାଇଁ
ହୋଇଛି ବୃହତ ଯନ୍ତ୍ର ସ୍ଥାପିତ ଏ ଠାରେ,
ହୁଏ ତହିଁ ସହଜରେ କଠିନ ରୋଗର
ଅତି ପ୍ରତିକାରପ୍ରଦ ଉତ୍କୃଷ୍ଟ ଚିକିତ୍ସା ।
ନୀଳବର୍ଣ୍ଣ ରକ୍ତବର୍ଣ୍ଣ ଆଲୋକ ସାହାଯ୍ୟେ
ହେଉଛି ଜଟିଳରୋଗ ଚିକିତ୍ସା ସେଠାରେ,
ମଳ, ମୂତ୍ର, ନିଷ୍ଠୀବନ, ରକ୍ତର ପରୀକ୍ଷା
ହେଉଅଛି ମଧ୍ୟ ତହିଁ ଯନ୍ତ୍ର ସାହାଯ୍ୟରେ ।

ଦେଶୀୟ ଔଷଧାଳୟେ ବୈଦ୍ୟ ଦୁଇଜଣ
କରୁଛନ୍ତି ବିତରଣ ରୋଗୀଙ୍କୁ ଔଷଧି,
ବନ ପର୍ବତରୁ ଯତ୍ନେ ହୋଇ ସଂଗୃହୀତ
ଔଷଧର ଉପାଦାନ, ମୂଳ, ଚେର, ଛାଲି,
ଫଳ, ପୁଷ୍ପ, ପତ୍ର ଆଦି, ହେଉଛି ପ୍ରସ୍ତୁତ
ବିଶୁଦ୍ଧ ଔଷଧ. ଘୃତ, ତୈଳ, ଚୂର୍ଣ୍ଣ, ଲେହ୍ୟ,
ଆସବ, ମୋଦକ, ଭସ୍ମ ଶାସ୍ତ୍ରବିଧି ମତେ,
ରାଜକୋଷୁଁ ପ୍ରତିବର୍ଷ ହେଉଛି ପ୍ରଦତ୍ତ
ସାହାଯ୍ୟ ଯଥେଷ୍ଟ ଅର୍ଥ ଏ ଔଷଧାଳୟେ ।
ପ୍ରଧାନ ଅଧ୍ୟକ୍ଷ ବୃଦ୍ଧ, ବହୁ ଅନୁଭବୀ
ପ୍ରବୀଣ, ଅମୃତହସ୍ତ, ବୈଦ୍ୟ ସଦ୍‌ଗୁଣରେ
ଆୟୁର୍ବେଦ ଉପମୂର୍ତ୍ତି ପ୍ରାୟ, ଶାନ୍ତ, ଧୀର,
ଦକ୍ଷତାରେ କରିଛନ୍ତି ପ୍ରଶଂସା ଅର୍ଜନ ।

ତାଙ୍କ ସହବାସ ଯାଇଁ ଦୂର ବଙ୍ଗଦେଶ
ଅସିଛନ୍ତି ଶିକ୍ଷା ଲଭି, ଉପାଧିପ୍ରାପ୍ତ ସେ ।
ଉତ୍ସାହୀ, କର୍ମଠ, ସାଧୁ, ଶିଷ୍ଟ ବ୍ୟବହାରେ
କରନ୍ତି ରୋଗୀଙ୍କୁ ତୁଷ୍ଟ, ମିଷ୍ଟଭାଷୀ ସଦା ।
କରୁଛନ୍ତି ଶିକ୍ଷା ଏଥି ସ୍ଥାନ କେତେଜଣ
ଆୟୁର୍ବେଦ ବିଦ୍ୟାସହ ସର୍ବ ଔଷଧର
ପ୍ରସ୍ତୁତ ପ୍ରଣାଳୀ, ଏଥି ରହିଛି ସଞ୍ଚିତ
ବହୁ ବ୍ୟୟସାଧ୍ୟ ନାନା ଦୁଷ୍ପ୍ରାପ୍ୟ ଔଷଧ ।
ତିନିଶତାଧିକ ରୋଗୀ ଔଷଧାଳୟରୁ
କରୁଛନ୍ତି ପ୍ରତିଦିନ ଔଷଧ ସେବନ ।
ଜାତୀୟ ସମ୍ପଦ ସିନା ଏ ଦେଶ ପକ୍ଷରେ
ଆୟୁର୍ବେଦ ଚିକିତ୍ସା, ସଦ୍ୟ ଫଳପ୍ରଦ ।
ହୋଇଥିଲା କାଳବଶେ ଲୁପ୍ତପ୍ରାୟ ତାହା,
ନିୟତ ନିୟମେ ଘଟେ ଉତ୍ଥାନ, ପତନ,
ସେହି ଚିକିତ୍ସା ନୀତି-ପର୍ଯ୍ୟାୟରେ ଏବେ
ଆୟୁର୍ବେଦ ଚିକିତ୍ସାର ହେଉଅଛି ଉନ୍ନତି,
ସୌଭାଗ୍ୟର ସୁଚିହ୍ନ ଦେଶପକ୍ଷେ ଏହା,
ବହୁକାଳ ପରେ ଏବେ ଉଦେ ଅସ୍ତରବି ।

---

## ଅଷ୍ଟମ ସର୍ଗ

ଘେନ ମା ପାଟଣେଶ୍ୱରୀ, ହୃଦୟର ଭକ୍ତି,
ଅନ୍ତରର କୃତଜ୍ଞତା, ପ୍ରସନ୍ନ ମାନସେ ।
ଭ୍ରମି ଭ୍ରମି ଇତସ୍ତତଃ ଜନପଦବ୍ୟାପୀ
ଦେଖାଇଲ ଯେଉଁ ଦୃଶ୍ୟ, ଅଦ୍ଭୁତ, ବିଚିତ୍ର,
ସେଥିପାଇଁ ଋଣୀ ମୁହିଁ ଶ୍ରୀଚରଣେ ତବ ।
ଦେଖି ସେହି ଦୃଶ୍ୟାବଳୀ, ଦୁର୍ଲ୍ଲଭ, ସୁନ୍ଦର,
ହୋଇଅଛି ମୁଗ୍ଧ ମୁହିଁ, ଅପାଶୋରା ତାହା,
ସତ୍ୟ କି ସ୍ୱପନ ତାହା ପାରୁ ନାହିଁ ବୁଝି,
ଧନ୍ୟ ବଲାଙ୍ଗୀର, ଧନ୍ୟ ସୌଭାଗ୍ୟ ତାହାର,
କେତେ ଯେ ରଖିଛି ରତ୍ନ ସମ୍ପଦ ସେ ଅହୋ !
ଗର୍ଭାଧରେ ତାର, ନାହିଁ କଳନା ତାହାର,
ହେବ ନାହିଁ ଶେଷ ତାହା ବହୁଦିନ ଦେଖି ।
ବସିଛି ନଗରରାଣୀ, ଥୋଇ ତଟପାଶେ
ସରସୀ ଦର୍ପଣ, ଦେଖି ନିଜ ରୂପ ଚାହିଁ
ହେଉଅଛି ନିଜେ ମୁଗ୍ଧ, ବହେ ବେନି ପାଶେ
"ଲଷ୍ମୀଜୁର" "ସୁନଗଡ" ନାମେ ଦୁଇନଦୀ,
ମଧ୍ୟେ ଅବସ୍ଥିତା ଦେବୀ ପ୍ରତିମା ପ୍ରାୟ ସେ,
ଶୋଭେ ଯେସନେ କାଠଯୋଡ଼ି ଚିତ୍ରୋତ୍ପଳା ମଧ୍ୟେ
ବୀରତୀର୍ଥ ବାରବାଟି ପୁରାତନ ଦୁର୍ଗ ।
କିମ୍ବା ଧରି ନଦୀରୂପ ବକ୍ଷେ ଏକପାଶେ
ଉଜ୍ଜ୍ୱଳ ଅପର ପାଶେ ବହୁଅଛି ନୀତ,
ମଧ୍ୟେ ସ୍ଥିତା ରାଜଧାନୀ, ସୁକୃତରୂପିଣୀ,
ତପୋବନେ ବଲାଙ୍ଗୀର ଅର୍ଜିଛି ଏ ଭାଗ୍ୟ ।
ସ୍ମରି ଏବେ ଦୟା ବହି ଦେବି ଦୟାମୟି
ଦେଖାଅ ମା ଏ କିଙ୍କରେ ଅବଶିଷ୍ଟ ଚିତ୍ର ।
ଉଦ୍‌ଘାଟି ଯେସନ ନିଦ୍ରା, ବିସ୍ମୟଦାୟିନୀ,
ଇନ୍ଦ୍ରଜାଲ ମାୟାଦ୍ୱାର ସ୍ୱପନ-ରାଜ୍ୟର,
ଦେଖାଏ ସେ ସୁପ୍ତଜନେ ଦୃଶ୍ୟ ଅନୁପମ,
ଫେଡ଼ି କାରାଗାରଦ୍ୱାର ଦେଖାଅ ତେସନ
ସ୍ୱରୂପ ତାହାର ମୋତେ, ଶୁଣିଅଛି ମୁହିଁ
ପ୍ରତିଷ୍ଠା ତାହାର ପୂର୍ବେ ଜନଶ୍ରୁତି ମୁଖେ,
ଦେଖି ତା ଦେହରେ ଆଜ ପ୍ରତ୍ୟକ୍ଷ ଦୃଷ୍ଟିରେ
ମେଣ୍ଟାଇବି ମୋର ଚକ୍ଷୁ କର୍ଣ୍ଣର ବିବାଦ ।
ଅହା କି ଅପୂର୍ବ ଦୃଶ୍ୟ, କି ସୁନ୍ଦର ଚିତ୍ର,
ଦର୍ଶକ ନୟନ-କାରି ଏହି କାରାଗାର,
ପ୍ରତେ ହୁଏ ଯେସନେ ଏକ ବିରାଟ ବିଶାଳ
ମହାଶିଳ୍ପ କାରଖାନା, ନେତ୍ରତୃପ୍ତିପ୍ରଦ ।
ନାମରେ ଭୀଷଣ, ମାତ୍ର ସ୍ୱଭାବେ ମଧୁର,
ବାହ୍ୟେ ଯମାଳୟ, ମଧ୍ୟେ ସାଧନା-ଆଶ୍ରମ ।
ଯେସନ ରାବଣାନୁଜ, ନାମେ ବିଭୀଷଣ,
ମାତ୍ର ବ୍ୟବହାରେ ଯୋଗୀ, ଧର୍ମପରାୟଣ ।

ଶୁଣିଥିଲ ପୂର୍ବେ ଯାହା ଲୋକମୁଖେ, ଏବେ
ସମ୍ମୁଖେ ତାହାର ଦେଖି ସୁସ୍ପଷ୍ଟ ପ୍ରମାଣ,
କରୁଅଛୁ ଉପଭୋଗ ଯେ ମହା ଆନନ୍ଦ
ବର୍ଣ୍ଣିବାକୁ ନାହିଁ ତାର ଉପଯୁକ୍ତ ଭାଷା ।
ସୀମାତୀତ ଆନନ୍ଦରେ ବିହ୍ୱଳିତ ଭାବ
ପାରେ ନାହିଁ ଭାଷା ରୂପେ ହୋଇ ପରିବ୍ୟକ୍ତ,
ବଦତି ଏ ସତ୍ୟବାଣୀ ଅନୁଭବୀ ଏକା ।

କର୍ମେ ରତ ବନ୍ଦିବର୍ଗ, ପ୍ରଫୁଲ୍ଲ ମାନସେ,
ତାହାର ମୁଖରେ ନାହିଁ ବିଷାଦର ଛାୟା,
ସୁସ୍ଥକାୟ ହୃଷ୍ଟପୁଷ୍ଟ ସ୍ଫୂର୍ତ୍ତିବନ୍ତ ସର୍ବେ,
ତୁଲାଭଣା, ପାଞ୍ଜିବଲା, ସୁତାକଟା ଆଦି
ଲାଗିଛନ୍ତି ଗହଳେ, ଦୂରେ ଅରଟର ରବ
ଗମ୍ଭୀର ଘର୍ଘର ସ୍ୱରେ, କରୁଛନ୍ତି କର୍ମ
ଧୀର ହସ୍ତେ ବନ୍ଦୀକୁଳ, ଚିହ୍ନିତ ସକଳେ
ଅପରାଧ ଅନୁସାରେ, ହତ୍ୟାଦୋଷୀ ଶିରେ
ପିନ୍ଧିଅଛି କଳାଟୋପି, ରକ୍ତବର୍ଣ୍ଣ ଟୋପି
ପଳାତକ ଦୋଷୀ ଶିରେ ହୋଇଛି ଚିହ୍ନିତ,
ସାଧାରଣ ବନ୍ଦୀ ଶିରେ ଶୁକ୍ଳ ଶିରସ୍ତ୍ରାଣ ।
କରିଛନ୍ତି ଯେଉଁମାନେ ଚରିତ୍ର ସଂସ୍କାର,
ଦେଖାଉଅଛନ୍ତି କାର୍ଯ୍ୟେ ସଂଯମ, ସାଧୁତା,
ନିଯୁକ୍ତ ସେମାନେ ବନ୍ଦୀ-ପ୍ରହରୀ ସ୍ୱରୂପେ,
ମସ୍ତକେ ପଗଡ଼ି ତାଙ୍କ ସଂସ୍କାରର ଚିହ୍ନ ।
ବୟନ ବିଭାଗେ ଚଳେ ତନ୍ତ ବହୁବିଧ,
ଅଳ୍ପକାଳେ ହୁଏ ତହିଁ ଆଶାତୀତ କାର୍ଯ୍ୟ ।
କେଉଁ ଅଂଶେ ସ୍ଥାୟୀ ରଙ୍ଗେ ହେଉଛି ରଞ୍ଜିତ
ବସ୍ତ୍ର, ଲୁଣ୍ଡିକରା ଅବା ଲାଗିଅଛି କାହିଁ,
ହେଉଛି ତାସଣ କାହିଁ ପାନିଆ ସାହାଯ୍ୟେ ।
ଶାଢ଼ୀ, ସରୁ ଯଥା, ଫିତା, ଆସନ ଗାଲିଚା,
ସତରଞ୍ଜି, ଲୁଙ୍ଗି, ମୋଟା ବିଛଣାଚାଦର
ଥାନ, ଏଣ୍ଡି ଖଦିଆଦି ବସ୍ତ୍ର ବହୁବିଧ
ହେଉଅଛି ତନ୍ତ୍ରେ ବୁଣା, ପରିପାଟୀଭାବେ,
ଆଧୁନିକ ରୁଚିସିଦ୍ଧ, ସୁରୁଧଡ଼ିଯୁକ୍ତ ।
ପୁଷ୍ପଲତାଦିରେ କମ ପଡୁଛି ଧଡ଼ିରେ,
କରୁଛନ୍ତି ଧଡ଼ି ମଧ୍ୟେ ଅକ୍ଷର ଯୋଜନା
ନିପୁଣ ଶିଳ୍ପୀଏ, ଅତି ସୁନ୍ଦରଭାବରେ ।
ମିର୍ଜାପୁର ସୁପ୍ରସିଦ୍ଧ ଶିଳ୍ପକାର୍ଯ୍ୟାଳୟୁ
ଆସି ଲବ୍ଧ ପ୍ରତିଷ୍ଠିତ ବସ୍ତ୍ରଶିଳ୍ପୀ ଜଣେ
ଦେଉଛନ୍ତି ଶିକ୍ଷା ଏହି ବୟନ ବିଭାଗେ,
ହାତବୁଣା ବସ୍ତ୍ର ଅତି ଚିକ୍କଣ ସୁନ୍ଦର,
ଦିଶେ ତାହା ଅବିକଳ କଳବୁଣା ପ୍ରାୟ,
କିନ୍ତୁ ଶୋଭା ବୈଚିତ୍ର୍ୟରେ ଅଦ୍ୱିତୀୟ ତାହା ।
ଥଳି, ଜାଲ, କଟିବନ୍ଧା, ମୁର୍ଗାସୂତାରଜ୍ଜୁ
ବାଉଁଶଃଖଡ଼ିକା ବୁଣା ରମ୍ୟ ଯବନିକା,
ପାଟପାଛ ପ୍ରଭୃତି ବହୁ ଶିଳ୍ପଜାତ ଦ୍ରବ୍ୟ
ହେଉଛି ପ୍ରସ୍ତୁତ ଏହି ବନ୍ଦୀବାସେ ସଦା ।
ଦେଶୀଘଣା ସାହାଯ୍ୟରେ ହେଉଛି ପ୍ରସ୍ତୁତ
ବିବିଧ ବିଶୁଦ୍ଧ ତୈଳ, ସାଧାରଣ ପାଇଁ
ଅଛି ମଧ୍ୟ ଏ ବିଷୟେ ବିଶେଷ ସୁବିଧା,
ନିର୍ଦ୍ଧାରିତ ମୂଲ୍ୟସହ ଦେଇ ତୈଳବୀଜ
ପେଡ଼ାଇ ନିଅନ୍ତି ଜନେ ସୁବିଶୁଦ୍ଧ ତୈଳ ।
କାରାଗାର ବହିର୍ଭାଗେ ଛଟୋଟି ଉଦ୍ୟାନେ
ହେଉଛି ବିବିଧ କୃଷି ବନ୍ଦୀଗଣ ଦ୍ୱାରା,
ସ୍ୱଦେଶୀୟ ବିଦେଶୀୟ ଶାକସବ୍‌ଜି, ଫଳ ।
ମୂଳ ଆଦି ହେଉଅଛି ଉତ୍ପନ୍ନ ବହୁଳ,
ଲାଗେ ତାହା ବ୍ୟବହାରେ ବନ୍ଦୀମାନଙ୍କର,
ଉଦ୍‌ବୃତ୍ତ ବିକ୍ରୀତ ହୋଇ ପ୍ରତିବର୍ଷ ତହୁଁ
ହେଉଅଛି ସଦ୍ୟଲବ୍ଧ ମୁଦ୍ରା ବହୁଶତ ।
ଆବର ବିସ୍ତୃତଭାବେ ହୁଏ ସେ ଉଦ୍ୟାନେ
ଆମେରିକା କପାସୂଷ-ବହୁଫଳପ୍ରଦ;
ହେଉଛି ଉତ୍ପନ୍ନ ମଧ୍ୟ ବହୁ ଦେଶୀ କପା,
ଏହିସୂତ୍ରେ ଶିଖୁଛନ୍ତି ବନ୍ଦୀମାନେ ସଦା ।

ନାନାବିଧ କୃଷିବିଦ୍ୟା, ନବ ପ୍ରଣାଳୀରେ,
ଅର୍ଥକର ଶିଳ୍ପବିଦ୍ୟାସହ ବନ୍ଦୀବାସେ ।
କାରାମୁକ୍ତ ପରେ ଯାଇ ଫେରି ନିଜ ଘରେ
ଧରି ସେହି ବେନିବୃତ୍ତି ଜୀବିକା ସ୍ୱରୂପେ,
କରନ୍ତି ସଂସାରଯାତ୍ରା ସ୍ୱଚ୍ଛନ୍ଦେ ନିର୍ବାହ
ସାଧୁ ଶିଷ୍ଟଭାବେ, ତହିଁ ହୁଏ ତାହାଙ୍କର
ଅର୍ଥାଗମ ବିଦ୍ୟାଶିକ୍ଷା ଦୈନ୍ୟ ଶୋଧିତ,
କରନ୍ତି ସେ ପରିତ୍ୟାଗ କୁତ୍ସିତ କୁକର୍ମ ।
ଚୋର ଖଣ୍ଡାଦିଙ୍କ ପକ୍ଷେ ପୁଣ୍ୟତୀର୍ଥ ସିନା
କାରାଗାର, ହୁଏ ତାଙ୍କ ପାପ କ୍ଷୟ ତହିଁ
ଉପଯୁକ୍ତ ପ୍ରାୟଶ୍ଚିତ୍ତ ହୁଏ ତାହାଙ୍କର
ଏ ତୀର୍ଥର ହବିବାସେ, ହୁଅନ୍ତି ସେ ମୁକ୍ତ,
ସ୍ନାନ ପ୍ରଭାବରେ ହୁଏ ପାତକୀ ଧାର୍ମିକ ।

ନାରୀ ବନ୍ଦିନୀଙ୍କ ପ୍ରତି ହୋଇଛି ବ୍ୟବସ୍ଥା
ଡାଲିଭଜା, ଡାଲିଭଙ୍ଗା, ସୂତାକଟାଆଦି
ଲଘୁଦଣ୍ଡ, କରନ୍ତି ତା ସହଜେ ସେମାନେ
ରହିଛନ୍ତି ନିର୍ଭୟରେ ସ୍ୱତନ୍ତ୍ର ଆଗାରେ ।
କାରାଗାର ମଧ୍ୟେ ଅଛି ଚିକିତ୍ସା ଆଳୟ
ଲଭନ୍ତି ଚିକିତ୍ସା ତହିଁ ପୀଡ଼ିତ ବନ୍ଦୀଏ ।
ଧନିକ ଭଣ୍ଡାର ପ୍ରାୟ ବନ୍ଦୀ ରନ୍ଧାଘର,
ସେମାନଙ୍କ ଖାଦ୍ୟପାଇଁ ସଞ୍ଚିତ ତହିଁରେ
ଚାଉଳ, ପରିବା, ଲୁଣ, ଡାଲି ନାନାବିଧ,
ମସଲା, ମରିଚ, ତେଲ, ସାଗୁ, ଆରାରୁଟ,
ବାର୍ଲି, ଆନ ବହୁଦ୍ରବ୍ୟ ପ୍ରଚୁର ଭାବରେ ।
ଯଥାକାଳେ ପ୍ରତିଦିନ ପାଆନ୍ତି ସେମାନେ
ସ୍ୱାସ୍ଥ୍ୟ ପୁଷ୍ଟିପ୍ରଦ ଖାଦ୍ୟ, ଅବସ୍ଥା ଦୃଷ୍ଟିରେ
ମାଛ, ମାଂସ, ଦୁଗ୍ଧ ମଧ୍ୟ ହେଉଛି ପ୍ରଦତ୍ତ ।
ବନ୍ଦୀବାସେ ଭୁଞ୍ଜି ସର୍ବେ ସୁଖସ୍ୱଚ୍ଛନ୍ଦତା
ଭୁଲିଛନ୍ତି ଗୃହ ସୁଖେ ପୁଣି ପରିବାରେ;
ସ୍ୱାଧୀନତା ଭିନ୍ନ ନାହିଁ ଅପର ଅଭାବ ।

ଆନନ୍ଦରେ ଯାପୁଛନ୍ତି ବନ୍ଦୀଜୀବନ ସେ,
ଦୁଃଖ ଚିନ୍ତାହୀନ ସର୍ବେ ସଦାନନ୍ଦମୟ ।
ଅନ୍ତରାଳେ ଫାଶିସ୍ତମ୍ଭ ହୋଇଅଛି ଭଗ୍ନ
ଜରା ସମନ୍ୱିତ ପ୍ରାୟ ଅତ୍ରାହେ ଠେକି
ହୋଇଛି ଅଜୀର୍ଣ୍ଣଗ୍ରସ୍ତ ନିର୍ବୀର୍ଯ୍ୟ ନିସ୍ତେଜ,
ଦ୍ୱାପରେ ଯେସନ ଅଗ୍ନି ବହୁଘୃତ ପାନେ
ହୋଇଥିଲା ଅଗ୍ନିମାନ୍ଦ୍ୟ ରୋଗରେ ଅବଶ ।
ବହୁଦିନୁ ଫାଶିପ୍ରଥା ହୋଇଛି ରହିତ,
ତହିଁ ପରିବର୍ତ୍ତେ ଏବେ ହତ୍ୟାକାରୀ ପକ୍ଷେ
ଆଜୀବନ କାରାବାସ ହୋଇଛି ବିଧାନ ।

ନିରେଖି ଏ କାରାଗାର, ହୃଦୟ ମୁକୁରେ
ହେଉଅଛି ନାନା ଭାବ ସୁପ୍ରତିଫଳିତ,
ସତେ କି ଏ ବନ୍ଦୀବାସ, କିମ୍ବା ଏ କାହାର
ଅପୂର୍ବ କୌତୁକ ସ୍ୱପ୍ନ, ଧରିଅଛି ମୂର୍ତ୍ତି,
ହେଉଅଛି ଅବା ଏଥି ଗୋପନେ ଗଠିତ
ସ୍ୱଦେଶର ଭାବୀ ଭାଗ୍ୟ, ଭାଗ୍ୟଦେବୀ ଏଥି
ହୋଇଛନ୍ତି ଯୋଗମଗ୍ନା, ପ୍ରଚ୍ଛନ୍ନେ ନିରୋଳେ,
ଅଦୂର ଭବିଷ୍ୟେ ତାଙ୍କ ତପସ୍ୟାର ଫଳ
କରିବେ ଉତ୍କଳବାସୀ ସୁଖେ ଉପଭୋଗ,
ନମିବେ ସମ୍ଭ୍ରମେ ଦୂରୁ ଏହି ଶିକ୍ଷା କେନ୍ଦ୍ରେ ,
ଯେ କାଳେ ଏ କାରାଗାର ମହତ ଆଦର୍ଶ
ଅନୁକୃତ ହେବ ଦେଶେ ସର୍ବ ବନ୍ଦୀଶାଳେ ।
ନୈଶ ଅନ୍ଧକାରେ ଯଥା ଉଦିଦଏ ପ୍ରାତଃ,
ଉଡ଼ିବ ତଥା ଏ କାରା ଦାରିଦ୍ର୍ୟ ଅନ୍ଧାର ।
କାରାଗାର ସଂସ୍କାରର ଉନ୍ନତ ପ୍ରଣାଳୀ
ଜନ୍ମ ଲଭି ଏହିଠାରେ ହେଉଛି ବର୍ଦ୍ଧିତ ।

ସପ୍ତାହରେ ଦୁଇଥର ବସେ ଏଥି ହାଟ,
ପ୍ରତେ ହୁଏ ଦେଖି ମନେ ହାଟ ନୁହେଁ ତାହା
ମହା ପ୍ରଦର୍ଶନୀ ଯେହ୍ନ ଅନ୍ତର୍ବାଣିଜ୍ୟର ।

ଲୋକାରଣ୍ୟ ପ୍ରାୟ ଦେଶେ ଜନ ସମାଗମ,
ଦୂର ଦୂରାନ୍ତରୁ ଆସି କେତେ ପଣ୍ୟ ଦ୍ରବ୍ୟ
ହୁଏ ତହିଁ ମୂଲ ତାହା ହେବନାହିଁ କଳି ।
ନାନାଜାତ ଫଳ, ମୂଳ, ବିବିଧ ବାସନ,
ଝାଙ୍ଗିଆ କୁରାଢ଼ୀ, ବାଟି ଲୌହ ଜାତ ଦ୍ରବ୍ୟ,
ଦେଶୀତନ୍ତ ବୁଣା ଧୋତି, ଶାଢ଼ୀ, ଚଉଖାନ,
ଗୁଡ଼କୋଳି, ଅମ୍ବ, ଗୁଡ଼, ଦହି, ଦୁଧ, ଛେନା,
ସୁଦୃଶ୍ୟ ଅଟିକା ହାଣ୍ଡି, ସିକା, ପଣା, ରଜ୍ଜୁ,
ପଶୁ ପକ୍ଷୀ କାଠ ଠାରୁ ସୁନା ରୁପା ଯାଏ
ଯାବତୀୟ ଦ୍ରବ୍ୟ, ମିଳେ ଏହି ହାଟରେ ସଦା,
ସୁନା ରୁପା ଅଳଙ୍କାର ବିଶେଷତ୍ୱ ତାର
ଏ ଭଳି ସୁବିଧା ପ୍ରାୟ ଅନ୍ୟତ୍ର ଅଭାବ ।
ସରୁ ଶୁକ୍ଳ ସୁବାସିତ ସୁନ୍ଦର ଚାଉଳ
ମୁକ୍ତାପ୍ରାୟ ସମୁଜ୍ଜ୍ୱଳ, ଲୋଭନୀୟ ଅତି ।
ଦେଖି ତାହା ଦେବବୃନ୍ଦ ଚିର ଅନାହାରୀ
ହେବେ ସୁଦ୍ଧା ଲାଳାୟିତ, ଆଉ ଆନ କଥା
ଅନ୍ୟ ଲୋଭନୀୟ ଦ୍ରବ୍ୟ ବାଉଁଶ ବ୍ୟଜନୀ
ନାନାରଙ୍ଗେ ସୁରଞ୍ଜିତ ଗୃହକାରୁକରୀ ।
ଗୃହସ୍ଥର ଉପଯୋଗୀ ସକଳ ପଦାର୍ଥ
ଆଉର ଅରଣ୍ୟଜାତ ଯାବତୀୟ ଦ୍ରବ୍ୟ
ଏକାଧାରେ ଏହି ହାଟେ ସୁଲଭ ସର୍ବଥା ।
ଭୃଙ୍ଗ ନାମେ ପରିଚିତ କଟୁ ଧୂଆଁ ପତ୍ର
ପ୍ରଚୁର ବିକ୍ରୀତ ହୁଏ ଅତି ଶସ୍ତା ଦରେ,
ଆଉର ସୁଲଭେ ମିଳେ ସୁମିଷ୍ଟ କମଳା,
ସେ ଭଳି କମଳାପ୍ରାୟ ଅନ୍ୟତ୍ର ଅଭାବ,
ମଧୁର ସୁନ୍ଦର ତାର ରସ ବର୍ଣ୍ଣ ବେନି ।
ଆଉ ଏକ ବିଶେଷତ୍ୱ ନାହିଁ ତୁଳା ଯଥା,
ପଞ୍ଚଦଶ ଶତମୁଦ୍ରା ପୂର୍ବେ ଏ ହାଟରୁ
ହେଉଥିଲା ତୋଲାରୂପେ ବାର୍ଷିକ ଅଦାୟ,
ବର୍ତ୍ତମାନ ମହାରାଜା ଉଦାର ହୃଦୟେ
ଦେଇଛନ୍ତି ଉଠାଇ ସେ ଜନପୀଡ଼ା ପ୍ରଥା ।
ଏହି ଭଳି କାର୍ଯ୍ୟେ କିନା ହୁଏ ଦୃଢ଼ୀଭୂତ
ରାଜା ପ୍ରଜା ସୁସମ୍ପର୍କ ଚିର ହିତପ୍ରଦ ।
ବାଞ୍ଛନୀୟ ସର୍ବଦା ଏ ମହାଶୁଭ ପ୍ରଥା,
ଏହି ସୁବିଚାର ହେତୁ ମହାରାଜାଙ୍କର
ଘୋଷୁଛନ୍ତି ପ୍ରଜାବର୍ଗ ଅସୀମ ସୁଖ୍ୟାତି,
ଗୀତରେ ସକଳେ ବଶ, ମୋହିତ ସରବେ ।

ଦେଖିଲେ ହଟ୍ଟୋଲଦୃଶ୍ୟ * ମୁଗ୍ଧ ହୁଏ ଚିତ୍ତ,
ସୁନ୍ଦର ବିପଣୀମାଳା ପରିପୂର୍ଣ୍ଣ ପଣ୍ୟେ,
ସୁସଜ୍ଜିତ ଦ୍ରବ୍ୟରାଶି ସୁବିନ୍ୟସ୍ତଭାବେ,
ସୂତାଠାରୁ ମୁକ୍ତାଯାଏ ସର୍ବପଣ୍ୟଦ୍ରବ୍ୟ
ମିଳେ ଏ ବଜାରେ, କେତାଗହଳରେ ସଦା
ଦେଶେ ତାହା ହାଟ ପ୍ରାୟ ତଥାପି ସର୍ବଦା
ପରିଷ୍କାର ପରିଚ୍ଛନ୍ନ ରବି ଶୋଭା ତାର
ଚମତ୍କାର ଅତି ବହୁ ଆଲୋକମାଳାରେ
ହୋଇ ସୁମଣ୍ଡିତ ଦେଖି ପ୍ରତେ ହୁଏ ଯେସନ୍ତେ
ହସୁଛି ବିପଣୀମାଳା ସନ୍ତୁଷ୍ଟି ଆନନ୍ଦେ ।

ଅତଃପର ବନ୍ୟ ଦ୍ରବ୍ୟ ପ୍ରଦର୍ଶନୀଗୃହ
ମହାରାଜା ଶ୍ରୀରାଜେନ୍ଦ୍ର ନାରାୟଣଦେବ
ସଂସ୍ଥାପି ଅଛନ୍ତି ଏହି କୀର୍ତ୍ତି, ଯଶୋଧନ,
ତିନି ବର୍ଷ ପୂର୍ବେ ଏଥି କରିଥିଲେ ପୁଣି
ଭାରତର ମହାମତ୍ତ ରାଜ ପ୍ରତିନିଧି
ଲର୍ଡ ଉଇଲିଙ୍ଗଡନ, ଦ୍ୱାର ଉଦ୍‌ଘାଟନ ।
ମହାରଣ୍ୟ ପଶି ଯଥା ପାନ୍ଥ ହୁଏ ବଣା
ତଥା ଏହି ଯାଦୁଗୃହେ ପ୍ରବେଶି ଦର୍ଶକ
ହୋଇଯାଏ ହତବୁଦ୍ଧି ଆନନ୍ଦବିହ୍ୱଳେ ।
କାହାକୁ ଦେଖିବ ଆଗେ, କାହାକୁ ବା ପଛେ,
ପାରେନାହିଁ ସ୍ଥିର କରି, ଦୃଶ୍ୟ ପାରିବାରେ

* ଏ ଅଞ୍ଚଳରେ ବଜାରକୁ ହଟ୍ଟୋଲି କହନ୍ତି । ବଜାରର ଏହା ଉପଯୁକ୍ତ ନାମ ପରି ବୋଧ ହେଲା ।

ନ ପାରି ସନ୍ତରି, ଜଳରେ ଇତସ୍ତତଃ ଗତି,
ଯେସନ ହତାଶ ପକ୍ଷୀ ଅନନ୍ତ ଆକାଶେ ।
କିମ୍ବା ବାତ୍ୟା ବିଘୂର୍ଣ୍ଣିତ ତରୀ ସିନ୍ଧୁଗର୍ଭେ,
ଧାଏଁ ଖରେ ଏଣେ ତେଣେ, ଅଲକ୍ଷ୍ୟ ଭାବରେ ।
ପାଟଣା ରାଜ୍ୟର ସର୍ବ ଆରଣ୍ୟ ବିଭବ
ରହିଛି ସଞ୍ଚିତ ହୋଇ ଏକାଧାରେ ଏଥି ।
ହୋଇ ସୁରକ୍ଷିତ ପୁଣି ସୁବିନ୍ୟସ୍ତ ଭାବେ,
ଅକଳିତ ତାହା, ମହା ଅରଣ୍ୟ ପର୍ଯ୍ୟାୟେ ।
ରାଜ୍ୟର ସଂକ୍ଷିପ୍ତସାର ଏହି ପ୍ରଦର୍ଶନୀ
କିମ୍ବା କ୍ଷୁଦ୍ର ସଂସ୍କରଣ ବିରାଟ କାବ୍ୟର,
ସକଳ ଦ୍ରବ୍ୟର ହେଲେ ତାଲିକା ଲିଖିତ
ହେବ ସୁପ୍ରକାଣ୍ଡ ଗ୍ରନ୍ଥ ବହୁ ଅଧ୍ୟାୟୀ
ଦେଖୁଥିଲେ ମାସେ ଯାଏ ହେବନାହିଁ ଶେଷ
ବଢୁଥିବ ଅବସନ୍ନ ନ ହୋଇ ଦିଦୃକ୍ଷା ।
ସେଗୁନ, ଗେଣ୍ଡୁଲି, ଶିଶୁ, ମହୁଲ ପ୍ରଭୃତି
ସର୍ବବିଧ ବନ୍ୟଜାତ କାଷ୍ଠର ଆଦର୍ଶ
ରହିଛି ସଞ୍ଚିତ ହୋଇ ଗୃହେ ସ୍ତରେ ସ୍ତରେ,
ବନ୍ୟଜାତ ମହୌଷଧି ଚେର ମୂଳ ଆଦି
ବଲ୍‌କଲ, ସୁନାରିଫଳ, ଗିଲ, କଡ଼କୁଲି,
ଅଶୀକୋଶ ପ୍ରାୟ ଲମ୍ବ ଫଣଫଣା ଫଳ,
ଚତୁର୍ବିଧ ମଧୁଚକ୍ର, ଅଗ୍ରଲ, ମହମ,
ଜଡ଼, ଝୁଟ, ଛଣି, ଅଭ୍ର, ବେତ ବନ୍ୟଘାସ,
ବାତବ୍ୟାଧି ବିନାଶକ ଚୂଷା ଘାସତେଲ,
କୁସୁମ, ମହୁଲ, ଶିଶୁ, ଗୋମୁଖୀ, ଭଲିଆ,
କରଞ୍ଜି ପ୍ରଭୃତି ତେଲ, ହରିଡ଼ା, ବାହାଡ଼ା,
ଅଁଳା, ଖଇର, ଧୂପ, ସୁରମାପଥର,
କେନ୍ଦୁ, ଗୁର, କୋଷା, ଅଠା, ମୟୂରଚନ୍ଦ୍ରିକା,
ହରିଣ, ଗୟଳଶୃଙ୍ଗ, ବୋବେଇ ଦଉଡ଼ି,
କାଠପେଣ୍ଡୁ, ଫୁଲଦାନି, ଶିଶୁକାଠ ପାହ୍ୟା,
ବେଲଣା, ଖଡମ, ବାଡ଼ି, ଗିଲାସ, କାହାଳି,
ବେତପେଡ଼ି, କାଠଚୁଲି, ତନ୍ତ ସରଞ୍ଜାମ,
ଅରଟ, ଶତେଡ଼ୁମ୍ବୀ, ବହୁ ପଶୁଛାଲ,
ବିବିଧ ପ୍ରସ୍ତର, ଖଡ଼, ପ୍ରସ୍ତର ପିତୁଳା,
ଫଟୋଫମୀ, ହାତବାକ୍ସ, ଗୁ ପାଟ ପ୍ରଭୃତି
ରହିଅଛି ପଙ୍କ୍ତି କ୍ରମେ ହୋଇ ସୁସଜ୍ଜିତ ।
ବାଉଁଶର ଖଟଖୁରା ଚକ୍‌କଣି ସୁନ୍ଦର,
ପ୍ରଥମ ଦୃଷ୍ଟିରେ ତାହା କାଠ କି ବାଉଁଶ,
ହେବନାହିଁ ସହଜରେ ବାରି କଦାଚନ ।
ଏହିପରି ବହୁଦ୍ରବ୍ୟ ଅଛି ଏହି ଗୃହେ
ହେଲ ତାହା ବର୍ଣ୍ଣନୀୟ ବାହୁଲ୍ୟ ଭୟରେ ।
ଦର୍ଶନୀୟ ତାହା, ନୁହେଁ ବର୍ଣ୍ଣନୀୟ ବାକ୍ୟେ
ଅନନ୍ତ ଭଣ୍ଡାର ତାହା ବନଲକ୍ଷ୍ମୀଙ୍କର ।

ଜର୍ଜ ଲିଟେରାରୀ କ୍ଲବ ସୁବିଶାଳ ହର୍ମ୍ୟ
ବିସ୍ତାରି ପୃଥୁଳ ବପୁ ଉଭା ଶିର ତୋଳି,
ଉନ୍ନତ ଦେଶର ଚିର ଆଦୃତ, ପଠିତ
ସକଳ ପ୍ରକାର ପତ୍ର, ପତ୍ରିକା, ପୁସ୍ତକ
ଗଚ୍ଛିତ ତହିଁରେ, ଯେହ୍ନେ କହୁଛି ସଙ୍କେତେ
ହେ ଜ୍ଞାନପିପାସୁ ବୃନ୍ଦ, ପ୍ରୌଢ଼ ଯୁବବାଳ,
ରଖିଛି ମୁଁ ତୁମ୍ଭ ପାଇଁ ସଯତ୍ନେ ସାଇତି
ଜ୍ଞାନର ଅମୃତ ପଣା, ପିଅ ତା' ଆକଣ୍ଠ,
ଲଭିବ ପରିତୃପ୍ତି, ହେବ ଆତ୍ମା ସୁଶୀତଳ,
ଓଡ଼ିଆ, ଇଂରାଜୀ, ହିନ୍ଦୀ, ବଙ୍ଗଳା ଭାଷାର
ସମସ୍ତ ଉତ୍କୃଷ୍ଟ ଗ୍ରନ୍ଥ ଅଛି ଏ କ୍ଲବରେ ।
ଉଚ୍ଚପଦେ ଅଧିଷ୍ଠିତ, ଉଚ୍ଚଶିକ୍ଷାପ୍ରାପ୍ତ,
ମିଳି ହୋଇ ନିତ୍ୟ ଏଥି ପରମ ଆଗ୍ରହେ
କରନ୍ତି ସାହିତ୍ୟଚର୍ଚ୍ଚା, କ୍ରୀଡ଼ା କୌତୁକାଦି ।
ନବରୁଚି ସିଦ୍ଧ ବହୁ କ୍ରୀଡ଼ାର ସାମଗ୍ରୀ
କ୍ରୀତ ହୋଇ ବହୁବ୍ୟୟେ ରହିଛି ଏ ଠାବେ ।
ପ୍ରତିବର୍ଷ ରାଜକୋଷୁ ହେଉଛି ପ୍ରଦତ୍ତ
ଦୁଇଶତ ମୁଦ୍ରା, କ୍ଲବ ଉନ୍ନତି ସକାଶେ ।
ହୋଇଛି ସ୍ଥାପିତ ଏଥି ରେଡ଼ିଓ ନାମରେ

ପ୍ରତିଧ୍ୱନି ଯନ୍ତ୍ର, ହୁଏ ପ୍ରଧ୍ୱନିତ ତହିଁ
ଦୂରବର୍ତ୍ତୀ ସୁପ୍ରସିଦ୍ଧ ସ୍ଥାନ ସମୂହର
ସଙ୍ଗୀତ, ବକ୍ତୃତା ଆଦି ସୁସ୍ପଷ୍ଟ ଭାଷାରେ,
ସେହିପରି ଅଲକ୍ଷ୍ୟରେ ରହି ଗାଉଛନ୍ତି ସଙ୍ଗୀତ,
କରୁଛନ୍ତି ବକ୍ତୃତା କେହି ପ୍ରଣୀତ ଏସନ
ପ୍ରାଣଶୂନ୍ୟ ଯନ୍ତ୍ରଟିର ଦେଖି ଏ କୌତୁକ
ବିସ୍ମୟ ଆନନ୍ଦେ ଚିତ୍ତ ହୁଏ ଅଭିଭୂତ,
ଅଦ୍ଭୁତ ବିଜ୍ଞାନ ଶକ୍ତି ଅଦ୍ଭୁତ ସୁନ୍ଦର ।
ଦେଖି ବିଜ୍ଞାନର କାର୍ଯ୍ୟ ପ୍ରତେ ହୁଏ ସେହିପରି
ବାନ୍ଧିବ ସେ ଦିନେ ନିଶ୍ଚେ ସ୍ୱର୍ଗକୁ ନିଶ୍ରେଣୀ
ଘଟିବ ସେ ଦିନ ସ୍ୱର୍ଗ ମର୍ତ୍ତ୍ୟର ମିଳନ,
ସେ ଅପୂର୍ବ ଦୃଶ୍ୟ ଦେଖି ସୁଖୀ ହେବେ ଜନେ ।
ସ୍ଥାପିତ ଅନତିଦୂରେ ଦକ୍ଷିଣ କଳିଙ୍ଗ
ସାହିତ୍ୟ ସମାଜ, ତାହା ନବଜାତ ଶିଶୁ,
ଭାବୀ ଆଶାପ୍ରଦ ତାର ଶୈଶବ ପ୍ରତିଭା,
ସ୍ଥାନୀୟ ସକଳ ଉଚ୍ଚ ପଦସ୍ଥ ଶିକ୍ଷିତ
ଯୁବାବୃନ୍ଦସମାଜର ସଭ୍ୟଶ୍ରେଣୀଭୁକ୍ତ ।
ଅଦୂର ଭବିଷ୍ୟେ ଦିନେ ଏହି ଅଙ୍କୁରଟି
ମହାମହୀରୁହରୂପେ ହୋଇ ପରିଣତ
ଫୁଲ ଫଳ ଛାୟାଦାନେ ତୋଷିବ ଜଗତେ,
ପ୍ରଦାନେ ଆଭାସ ତାର ଉତ୍ସାହ ଉଦ୍ୟମ,
ବାଲାଙ୍ଗୀରେ ସାରସ୍ୱତ ଯୋଗାଶ୍ରମ ଏହା ।
ଭାଷାତତ୍ତ୍ୱ, ଇତିହାସ, ସାହିତ୍ୟ, ଦର୍ଶନ,
ବିଜ୍ଞାନ ପ୍ରଭୃତି ବହୁ ବିଷୟର ଏଥି
ହୁଏ ଆଲୋଚନା, କବି, ଲେଖକ, ପାଠକ,
କରନ୍ତି ପ୍ରବନ୍ଧପାଠ ନାନା ବିଷୟରେ ।
ନବୀନ ଲେଖକ ବର୍ଗେ ଉତ୍ସାହ ଦାନରେ
ମୁକ୍ତହସ୍ତ ଏ ସମାଜ, ପ୍ରତିଯୋଗିତାର
ପରୀକ୍ଷାକେନ୍ଦ୍ର ଏ ଏହି ସାରସ୍ୱତ ପୀଠ
ପ୍ରଦାନିବ ବଲାଙ୍ଗୀରେ ଉଜ୍ଜୟିନୀ ଆଖ୍ୟା ।
କରୁଛନ୍ତି ପ୍ରତିଭା ପୂଜା, ବାଣୀପୂଜାସହ
ମୂଳ ମହାମନ୍ତ୍ର ଏହା ଅତି ଉଚ୍ଚତର ।
ଅଣ୍ଟାକରେ ସୁପ୍ରତିଭା, ପ୍ରତିଭାପୂଜକେ,
ତୀର୍ଥେ ପୂଜ ତୀର୍ଥଯାତ୍ରୀ, ଲଭେ ଜନ ପୂଜା ।
ଭକ୍ତିଯୋଗେ କର୍ମଯୋଗ ମିଶିଲା ପରିସ୍ୟ
ମିଶିଅଛି ସେବାଶ୍ରମ ସାରସ୍ୱତାଶ୍ରମେ ।
ସୁବିଶୁଦ୍ଧ ଗୋଦୁଗ୍ଧରେ ମିଶିଲେ ଶର୍କରା
ବୃଦ୍ଧି କରେ ବହୁଗୁଣ ମଧୁରତା ତାର ।
ଦୀନ ଦୁଃଖୀ ଅକ୍ଷମର ଯଥାଶକ୍ତି ସେବା,
ଦେଶସେବା ଗୁରୁଜନ ଆଦେଶପାଳନ,
ପୀଡ଼ିତ ଶୁଶ୍ରୂଷା, ଏହି ଚତୁର୍ବିଧ ସେବା
ହୋଇଅଛି କର୍ତ୍ତବ୍ୟ ସେହି ସେବାବ୍ରତୀଙ୍କର ।
ସେବାଧର୍ମ, ସେବାଯୋଗ, ସେବାହିଁ ତପସ୍ୟା
ପ୍ରଦାନେ ଏ ମହାଶିକ୍ଷା ଜଗତେ ପ୍ରକୃତି ।
ପଞ୍ଚଭୂତେ ପଞ୍ଚଭୂତ କରୁଛନ୍ତି ସେବା
ଦେଖାଉଅଛନ୍ତି ସଦା ସେବାର ଆଦର୍ଶ
ତରୁଲତାଗଣ, ସେବାକର୍ମ ତାହାଙ୍କର ।

ଅନ୍ୟ ଦର୍ଶନୀୟ ସ୍ଥାନ ଯୁବରାଜ କ୍ଲବ,
ଟେନିସ, କ୍ରିକେଟ, ହକି, ଫୁଟବଲ, ଭଲି,
ବାସ୍କେଟ୍, ଟେନିକୋଏଟ୍, ବ୍ୟାଡ଼ମିଣ୍ଟନ୍
ପ୍ରଭୃତି ପାଶ୍ଚାତ୍ୟ ଖେଳ ହୁଏ ଏହିଠାରେ;
ମନ୍ତ୍ରିବର୍ଗ, ସହରର ବିଶିଷ୍ଟ ବ୍ୟକ୍ତିଏ
ସଦସ୍ୟ ଏଥିରେ, ଅଛି ବିସ୍ତୀର୍ଣ୍ଣ ପ୍ରାନ୍ତର
ଖେଳପାଇଁ ସୁନିର୍ଦ୍ଦିଷ୍ଟ ନିର୍ମଳ ସୁନ୍ଦର,
ସୁପ୍ରସିଦ୍ଧ କ୍ରୀଡ଼ାପଟୁ ମହାରାଜାଙ୍କର
ଅଛି ପୁଣି ପୂର୍ଣ୍ଣ ଆସ୍ଥା ଏହି ଖେଳ ପ୍ରତି,
କରନ୍ତି ସେ ଯୋଗଦାନ ପରମ ଆଗ୍ରହେ ।
ଏ କ୍ରୀଡାରେ ଅଛି ନୀତି ଅଛି ବିଶେଷତ୍ୱ,
ଶାରୀରିକ ମାନସିକ ସୁବୃତ୍ତିନିଚୟ
ହୁଏ ଯହିଁ ପରିସ୍ଫୁଟ ପ୍ରକୃତ କ୍ରୀଡ଼ା ସେ;
ଶକ୍ତିବୃଦ୍ଧି ସଙ୍ଗେ ତହିଁ ଜଡ଼ିତ ଆନନ୍ଦ ।

କର୍ମକ୍ଳାନ୍ତ ଅବସନ୍ନ ଶରୀର ମନର
ହରି ନିଏ ଅବସାଦ ମୋଦପ୍ରଦ କ୍ରୀଡ଼ା ।

ସନାତନ ଧର୍ମଭାବ ସ୍ଥାପିଥିଲେ ଏଥି
ପାଟଣାର ଭୂତପୂର୍ବ ମହାପ୍ରାଣ ଭୂପ
ଶ୍ରୀ ଦଲଗଞ୍ଜନ ଦେବ ବାଞ୍ଛ ମହାରାଜା,
ସୁପ୍ରାଚୀନ ସନାତନ ଧର୍ମର ମାହାତ୍ମ୍ୟ,
ଗୌରବ, ମହୋପକାର ପ୍ରଚାର ନିମନ୍ତେ
ଅଛନ୍ତି ନିଯୁକ୍ତ ସଦା ପ୍ରଚାରକବୃନ୍ଦ,
କରନ୍ତି ପ୍ରଚାର କାର୍ଯ୍ୟ ରାଜ୍ୟରେ ସେମାନେ.
କରୁଛନ୍ତି ସେ ସଭାର ପୃଷ୍ଠପୋଷକତା
ବର୍ତ୍ତମାନ ମହାରାଜା ଜାତଧର୍ମପ୍ରାଣ ।

ମହାମନା ମହାରାଜା ଶ୍ରୀ ଦଲଗଞ୍ଜନ
କରିଥିଲେ ସଂସ୍ଥାପନ ରାଜ୍ୟେ ମୁଦ୍ରା ଯନ୍ତ୍ର
ଉନ୍ନତିର ଅନ୍ୟତମ ଶ୍ରେଷ୍ଠ ଉପାଦାନ
ହେଉଛି ମୁଦ୍ରିତ ତହିଁ ପାଟଣା ଗେଜେଟ,
ସମସ୍ତ କାଗଜପତ୍ର ଆବଶ୍ୟକ ମତେ,
ହୋଇଅଛି ପ୍ରକାଶିତ ଅନେକ ପୁସ୍ତକ
ଆଦର ସେ ଯନ୍ତ୍ରାଳୟ, ଉନ୍ନତି ପଥରେ
ହେଉଛି ସେ ଅଗ୍ରସର ପ୍ରଖର ଗତିରେ ।

ସମଲେଶ୍ୱରୀଙ୍କ ରମ୍ୟ ଦେଉଳ ମଧ୍ୟରେ
ଅଧିଷ୍ଠିତା ଅଷ୍ଟଭୁଜା ଦୁର୍ଗାଦେବୀ ମୂର୍ତ୍ତି,
ରମଣୀୟ ସୁଗଠିତ ମାତୃମୂର୍ତ୍ତି ପ୍ରାୟ,
ଅଲକ୍ଷ୍ୟେ କରନ୍ତି ଦେବୀ ଭକ୍ତ ଆକର୍ଷଣ
ଦର୍ଶକ ହୃଦୟ; ଶୋଭେ ତାଙ୍କ ଅଷ୍ଟଭୁଜେ
ଅସ୍ତ୍ର ପ୍ରହରଣ, ଶିରେ ରଜତ ମୁକୁଟ ।
ଉଭା ଦେବୀ ଏକପାଦ ଥୋଇ ସିଂହ ପୃଷ୍ଠେ
ମହିଷ ଅସୁର ସ୍କନ୍ଧେ ସ୍ଥିତ ଅନ୍ୟ ପାଦ ।
ବକ୍ଷଦେଶେ ବିଲମ୍ବିତ ହେମକଣ୍ଠୀମାଳା
ଆଦର ନୃମୁଣ୍ଡହାର ରୌପ୍ୟ ବିନିର୍ମିତ ।
ରଙ୍ଗପାଟ-ପରିହିତା ରାଜରାଜେଶ୍ୱରୀ
ମୂର୍ତ୍ତି ବହୁ ଅଳଙ୍କାରେ ଭୂଷାକ୍ରାନ୍ତ ସଦା ।
ସୁମଞ୍ଜୁଳ ସେ ଦେଉଳ ଦଶେ ରାତ୍ରିକାଳେ
ଜ୍ୟୋତିର୍ମୟ, ବୈଦ୍ୟୁତିକ ଆଲୋକମାଳାରେ,
ଦେବୀଙ୍କ ଶ୍ରୀଅଙ୍ଗ ଜ୍ୟୋତି ମିଶି ସେ ଆଲୋକେ
ଶୋଭେ ଯେଉଁରୂପେ ବେନି ଜ୍ୟୋତ୍ସ୍ନା ରତ ଅଲି-
ଙ୍ଗନେ ।

ବରାଭୟଦାତ୍ରୀ ଦେବୀ, ନିଅନ୍ତି ସେ ହରି
ଆତୁର ଜନର ବ୍ୟଥା, ହରନ୍ତିଏ ଯଥା
ସଲିଳର ଆବିଲତା ଅଗସ୍ତ୍ୟ ତାରକା
ନିର୍ମଳ କରର୍ଦ୍ୱାରା ଶରତ ସମୟେ ।
କିମ୍ବା ଯଥା ବର୍ଷାରାଣୀ ଗ୍ରୀଷ୍ମକର ତୃଷା
ଅମୃତ ସଲିଳ ଦାନେ ଶୀତଳ ନିର୍ମଳ ।
ଜନ ମୁଖେ ଉଦ୍‌ଘୋଷିତ ଦେବୀଙ୍କ ମହିମା
ଲଙ୍ଘି ପାଟଣାର ସୀମା ଅପର ରାଜ୍ୟରେ ।
ଶାରଦୀୟ ମହାପୂଜା ପାର୍ବଣ ସମୟେ
ସମଲେଶ୍ୱରୀଙ୍କ ପୂଜା ହୁଏ ଆଡ଼ମ୍ବରେ
ନବଦିନ ବ୍ୟାପୀ, ପୁଣି ଚୈତ୍ର ପୂର୍ଣ୍ଣିମାରେ
ହୁଏ ତିନିଦିନ ପୂଜା ହୋମ, ଚଣ୍ଡୀପାଠ,
ଯାତ୍ରା ଆଦି ଅନୁଷ୍ଠାନ, ଉଭୟ ସମୟେ,
ଆସୁଅଛି ବହୁ ଯାତ୍ରୀ ଚଳି ଏ ସ୍ଥାନ,
ହୁଏ ଯାତ୍ରା ଅଭିନୟ ଲୋକରଞ୍ଜନାର୍ଥେ,
ନିର୍ଦ୍ଦୋଷ ଆମୋଦେ ରତ ନଗରବାସିଏ ।

ରାଜେ ଗୋବର୍ଦ୍ଧନ ଗିରି ଖାଙ୍ଗର ମୁଣ୍ଡିଆ
ନଗରୀର ପୂର୍ବଭାଗେ, ବହୁଛି ସେ ବକ୍ଷେ
ରାଧାକୁଣ୍ଡ, ଶ୍ୟାମକୁଣ୍ଡ, ସୀତାକୁଣ୍ଡ ନାମେ
କୁଣ୍ଡତ୍ରୟ, ପୁଣି ତହିଁ କରନ୍ତି ନିବାସ
ସିଦ୍ଧିଦାତା ଗଣପତି ଦେବ ଗଜାନନ ।
ଗିରିତଳେ ରାଧାକୃଷ୍ଣ ଯୁଗଳ ପ୍ରତିମା
କରନ୍ତି ନିବାସ ମୃଦେ ମୃଣ୍ମୟ ମନ୍ଦରେ,
ତାଙ୍କ ପାଇଁ ହେଉଅଛି ଦେଉଳ ନିର୍ମିତ

ଶିବଚ୍ଛଳେ, ତ୍ରୟୋଦଶ ଶତ ମୁଦ୍ରା ବ୍ୟୟେ ।
ପୁଣ୍ୟ ବ୍ରଜଧାମ ଏହା ପାଟଣା ମଣ୍ଡଳେ,
ଖ୍ୟାତପର୍ବ ଦୀପାବଳୀ ଅମାବାସ୍ୟା ଦିନେ
ବସେ ତହିଁ ମେଳା, ରହେ ପାଞ୍ଚଦିନ ଯାଏ ।
ବହୁଜନ ସମାଗମେ ଏ ନିଭୃତ ସ୍ଥାନ
ସୁନିବିଡ଼ ଲୋକାରଣ୍ୟ ହୁଏ ପରିଣତ ।
ବର୍ତ୍ତମାନ ନୃପତିଙ୍କ ଅର୍ଥ ଆନୁକୂଲ୍ୟ
ହୋଇଛି ଖୋଦିତ ତହିଁ ନବ ସରୋବର
ପ୍ରକୃତିର ନେତ୍ର ପ୍ରାୟ ଦିଶେ ସେ ସୁନ୍ଦର ।
ସହରର ବାହ୍ୟଭାଗେ ନିର୍ଜ୍ଜନ ସ୍ଥାନେ
ସଂକ୍ରାମକ ରୋଗୀ ପାଇଁ ହୋଇଛି ସ୍ଥାପିତ
ବିସ୍ତୃତ ଔଷଧାଳୟ, ସଙ୍କଟ ରୋଗୀଏ
ହୁଅନ୍ତି ଚିକିତ୍ସାପ୍ରାପ୍ତ ରହି ସେ ଅଗାରେ ।
ନଗରେ ସଙ୍କଟରୋଗ ନିବାରଣ ପକ୍ଷେ
ଉତ୍ତମ ପ୍ରତିଷେଧକ ଏଭଳି ଉପାୟ ।
ଅତି ସତର୍କତାସହ, ବିଶେଷ ଯତ୍ନରେ
ହୁଏ ତହିଁ ରୋଗୀସେବା, ରୋଗୀର ଚିକିତ୍ସା ।

ବୈଦ୍ୟୁତିକ କାର୍ଯ୍ୟାଳୟ ପାୱାର ହାଉସ୍
ବହି ଅଭ୍ୟନ୍ତରେ କ୍ଷୁଦ୍ର ହୁତାଶନ ତେଜ
ସ୍ଫୁଲିଙ୍ଗ ଉଦ୍ଗାର, ଗର୍ଜ୍ଜେ ଲୁଷ୍ଟରକ୍ଷ ପ୍ରାୟ ।
ବିଦ୍ୟୁତ, ଅନଳ, ସୂର୍ଯ୍ୟ ତିନିଙ୍କର ତେଜ
ମିଶି ଏକାଧାରେ ଯେଉଁଠେ ହୋଇଛି ପ୍ରଚଣ୍ଡ,
ହେଉଛି ଉତ୍ପନ୍ନ ତହିଁ ବୈଦ୍ୟୁତିକ ଶକ୍ତି ।
ଘନବର୍ଣ୍ଣ ପାଟରାଣୀ ସୁନ୍ଦରୀ ଚପଳା
ଧରିଛନ୍ତି ସେବାବ୍ରତ ମର୍ତ୍ତ୍ୟେ ଅବତରି ।
କରୁଛନ୍ତି ବିତରଣ ଆଲୋକ, ପବନ,
ଜଳ ପ୍ରତିଗୃହେ, ନିତ୍ୟ ଆବଶ୍ୟକ ମତେ ;
ମହାତେଜସ୍ୱିନୀ ଦେବୀ, ସତୀନାରୀ ଯଥା,
ରକ୍ତ ମାଂସ ଚର୍ମେ ଗଢ଼ା ଅପବିତ୍ର ହସ୍ତେ
ଛୁଇଁଲେ ତାହାଙ୍କୁ କେହୁ, ରକ୍ଷା ନାହିଁ ତାର,
ଉଡ଼ିଯିବ ଭସ୍ମ ହୋଇ ସତୀଶାପାନଳେ ।
କାଷ୍ଠ ଫଳକରେ ହୋଇ ସର୍ବାଙ୍ଗ ଚିତ୍ରିତ
ଯନ୍ତ୍ରାଳୟ କର୍ମୀ, କାଷ୍ଠ ପୁତ୍ତଳିକା ପ୍ରାୟ
କରନ୍ତି ତାହାଙ୍କୁ ସେବା, ଯତ୍ନେ ସନ୍ତର୍ପଣେ ।

ଦୂରେ ଅବସ୍ଥିତ "ଗେଷ୍ଟ ହାଉସ" ନାମରେ
ବିଶିଷ୍ଟ ଅତିଥିବାସ, ନିର୍ଜ୍ଜନ ସ୍ଥାନେ ।
ହୋଇଛି ସଜ୍ଜିତ ତାହା ରାଜୋଚିତ ଭାବେ,
ମସ୍ତକେ ସୁନ୍ଦର ଦିଶେ ଟିଣର ଛାଉଣି
କୁଞ୍ଚିତ କୁନ୍ତଳ ପ୍ରାୟ, ସୀମନ୍ତ ତହିଁରେ
ଚୂନଦାଣ୍ଡି, ଖୋସା କିବା ରଜତ ପାଣିଆ ।
ଚତୁଃପାଶେ ଉପବନ, ମଧ୍ୟେ ସେ ଅଗାର,
ତପୋବନ ମଧ୍ୟେ ଯଥା ତାପସ କୁମାରୀ
ଉପବିଷ୍ଟ ଯୋଗାସନେ, ହୋଇ ଧ୍ୟାନମଗ୍ନା,
ସହରର କୋଳାହଳେ ଧ୍ୟାନଭଙ୍ଗ ଭୟେ
ରହିଅଛି ଦୂରେ ଆସି ବିଜନ ପ୍ରାନ୍ତରେ ।
କିମ୍ବା କେଉଁ ଦେବବାଳା ଉଭା ହୋଇ ଏଥି
ଦେଖୁଅଛି ଦୂରଶୋଭା ଅପଲକନେତ୍ରେ
ନଗରୀର, ପାନ କରି ସେ ସୁଷମା ସୁଧା
ନେତ୍ର-ତୃପ୍ତେ ହୋଇଅଛି ବିମୁଗ୍ଧ ସ୍ତମ୍ଭିତ ।
ଶୋଭା ମଧ୍ୟେ ଅନୁପମା ଦୂର ଶୋଭା ସିନା,
ଦୂରରୁ ସୁନ୍ଦର ଦିଶେ ଶ୍ୟାମକାନ୍ତ ଶୈଳ,
ବୀଚୀ-ବିକ୍ଷୋଭିତ ସିନ୍ଧୁ,—ଗଗନ ମୁକୁର ।
ନଳିନୀନାୟକରବି, ସୁଦୂର ଆକାଶୁ
ନିରେଖନ୍ତି ନଳିନୀର ଦିବ୍ୟ ମୁଖଶୋଭା ।
ଦୂର ଚକ୍ରବାଳ କୂଳେ ଦେଖି ନବଘନେ
ମହୋଲ୍ଲାସେ କରେ ନୃତ୍ୟ ନୀଳକଣ୍ଠ କେକା,
ଲାସ୍ୟ ହାସ୍ୟମୟୀ ଶମ୍ପା, କନକବରଣୀ
ଥିବାରୁ ଦୂରରେ, ଦିଶେ ରମଣୀୟ ଅତି ।
ରଜନୀରେ ଏ ଅଗାର ବହେ ଆକାଶର
ଅତୁଲ୍ୟ ଉପମା, ହୁଏ ପ୍ରତି କକ୍ଷ ତାର

ଆଲୋକିତ, ବୈଦ୍ୟୁତିକ ଆଲୋକମାଳାରେ
ଦିଶେ ଯେହ୍ନେ ବହୁଚନ୍ଦ୍ର, ଏକକାଳେ ଉଦିତ ।
ହୁଏ ନଭ ଚନ୍ଦ୍ରଶୂନ୍ୟ ଅମାବସ୍ୟା ରାତ୍ରେ,
ମାତ୍ର ଏଥି ପ୍ରତିରାତ୍ରେ ହୁଏ ଚନ୍ଦ୍ରୋଦୟ ।
ବାୟୁସଞ୍ଚାଳକ କରେ ସେବା ଶ୍ରାନ୍ତ ଅତିଥିର,
ଲବ ମାତ୍ର ତା ସେବାରେ ନଥାଏ ବିଶ୍ରାମ ।
ଅଟୂମ ପାଳିତ ବହୁ ଚତୁଷ୍ପଦ ପ୍ରାୟ ।
ଏ ଆଶ୍ରମ କାଷ୍ଠାସନ ଚତୁଷ୍ପଦବୃନ୍ଦ
ହୋଇଅଛି ସୁରକ୍ଷିତ, ସ୍ଥାନ ପ୍ରଭାବରେ
କାହାରି ସଙ୍ଗରେ ନାହିଁ, ବୈରତା କାହାର,
ତୁଳିକାମଣ୍ଡିତ ଚୌକି ହୋଇ ଢାଙ୍କି ଢଙ୍କି
ଆପାଦମସ୍ତକ, ଦିଶେ ନବବଧୂ ପ୍ରାୟ ।
ରାଜସୁଖ, ରାଜଭୋଗ, ଭୁଞ୍ଜନ୍ତି ଏଠାରେ
ଆଗତ ଅତିଥିବୃନ୍ଦ, ପରମ ସନ୍ତୋଷେ ।
ଚଉପାଶେ ଉପବନ, ପୁଷ୍ପେ ତାରକିତ,
ସ୍ୱଦେଶୀ ବିଦେଶୀ ବହୁ ତରୁଲତା ଗୁଳ୍ମ
ହୋଇଛନ୍ତି ରୋପିତ ତହିଁ, କରେ ଉପହାସ
ସ୍ୱର୍ଗର ନନ୍ଦନବନେ, ହସି ପୁଷ୍ପହାସେ ।
ଲୋହିତ ବର୍ଣ୍ଣର ଲତା ଅପୂର୍ବ ସୁନ୍ଦର
ପତ୍ର ପୁଷ୍ପ ଉଭେ ତାର ପ୍ରଗାଢ଼ ଲୋହିତ
କିଏ ପୁଷ୍ପ, କିଏ ପତ୍ର, ହୁଏନାହିଁ ବାରି,
ଦୃଶ୍ୟ ତାର ଉପଭୋଗ୍ୟ, ଦର୍ଶକ ନେତ୍ରର ।
ହସୁଛି ମନ୍ଦାର କାହିଁ ଘଉଡ଼ି ଅନ୍ଧାରେ
ବିସ୍ତାରି ସୌନ୍ଦର୍ଯ୍ୟ ପ୍ରଭା, ବହେ ଉପନାମ
ଜବା, ସେହୁ ବଡ଼ଘର ଟେହେଲ୍ଲାଟିଏ ପରି
ମଞ୍ଜୁ ରୂପ ଟେକେ, ନାହିଁ କଢ଼ାକର ଗୁଣ,
ଗୁଣ ସିନା ଗୌରବର ସ୍ୱର୍ଣ୍ଣ ମାନଦଣ୍ଡ,
ଯୋଗ୍ୟ ନୁହେଁ ଗୁଣୀସନେ ବସିବାକୁ ରୂପ ।
ଦେଖି ତାର ହାସ୍ୟ, କହେ ଗୋଲାପ ସୁନ୍ଦରୀ
ହସୁଛି କାହିଁକି ଜବା, ଦେଖି ଭାବି ମନେ
ନୋହୁ ତୁ ମୋ ପାଦଧଳା ପଥରକୁ ସରି,
ବସ ତୁ ଶାଳ୍ମଳୀ ପାଶେ ଦିଶିବ ସୁନ୍ଦର ।
ଉପବନ ଲକ୍ଷ୍ମୀଙ୍କର କାହାଲିଆ ପ୍ରାୟ
ଉଭା କଳାଅର, ଧରି ସୁବର୍ଣ୍ଣ କାହାଳୀ ।
ମଧୁପ ପଶି ତା ଗର୍ଭେ, ଦେଉଛି ଫୁତ୍କାର,
ସ୍ୱଭାବେ ମଦ୍ୟପ ସେହୁ, କି ଗତି ତାହାର,
ଅତିରିକ୍ତ ମଦ୍ୟପାନେ ବିହ୍ୱଳ ସେ ସଦା,
ଲୁପ୍ତ ତାର ଜ୍ଞାନ, ତେଣୁ ବିପରୀତ ଅଙ୍ଗୁ
ଫୁଙ୍କୁଛି କାହାଳୀ, ଚେଷ୍ଟା ହେଉଛି ବିଫଳ ।
ସୂର୍ଯ୍ୟସଖୀ ସୂର୍ଯ୍ୟମୁଖୀ, ଦେଉଛି ପିନ୍ଧାଇ
ଉଦ୍ୟାନ ସୁନ୍ଦରୀ ଶିରେ ମହାର୍ଘ ଭୂଷଣ
ସୁବର୍ଣ୍ଣ ରଚିତଚନ୍ଦ୍ର, ବେଶକାରୀ ପ୍ରାୟ ।
ହୋଇ ହାତ ଧରାଧରି ମଲ୍ଲି କୁନ୍ଦ ବେଲ
ହାସ୍ୟେ ରତ, ବଙ୍କ ହୋଇ ପ୍ରଣୟ ବନ୍ଧନେ ।
ଖଣ୍ଡେ ଦୂରେ ଉଭା ହୋଇ ରକ୍ତ କରବୀର
ବାଣ୍ଟିଅଛି ସେ ଉଭୟେ କୁସୁମ ସ୍ତବକେ ।
ତିନି ଜାତି ରକ୍ତ, ପୀତ, ଧବଳ ଉରାଣ୍ଟ,
ଫୁଟିଛି ଟଗରଫୁଲ—ପ୍ରାବୃଟ ଡଗର,
ଜାଈ, ଜୁଈ, କୋଇଦାର, ସେବତୀ ପ୍ରଭୃତି
ବହୁ ପୁଷ୍ପେ ତାରକିତ ସଦା ସେ ଉଦ୍ୟାନ ।
ରହି ଚନ୍ଦ୍ରାଘର ତାହା ଶୋଭା ଦେବୀଙ୍କର,
ପ୍ରଦୋଷ କାଳରେ ତହିଁ ଉଦ୍ୟାନ ସମୀର
ବୋଳି ହୋଇ ସର୍ବାଙ୍ଗରେ କୁସୁମ ପ୍ରଶ୍ୱାସ
ବିତରେ ସୌରଭ ଧନ, ବିହରି ଚୌଦିଗେ
ଉଦ୍ୟାନର ଏକଅଂଶେ ସ୍ଥିତ କୃଷିକ୍ଷେତ୍ର,
ସ୍ୱଦେଶୀ ବିଦେଶୀ ବହୁ ଶସ୍ୟଫଳ ମୂଳ
ହେଉଛି ଉତ୍ପନ୍ନ ତହିଁ ସାମୟିକ ଭାବେ,
ଆବର ସେ ପରିପୂର୍ଣ୍ଣ ଶାଖାଳ ପାଦପେ
ଶୋଭେ ତହିଁ ଉଦ୍ୟାନର ନାଭିକୁଣ୍ଡ ପ୍ରାୟ
ସୁବିଶାଳ ବାପୀ, ଯେହ୍ନେ କ୍ଷୁଦ୍ର ସରୋବର ।
ନିର୍ମଳ ଶୀତଳ ସ୍ୱଚ୍ଛ ଜଳରାଶି ତାର
ସ୍ୱାସ୍ଥ୍ୟପ୍ରଦ, ପୁଷ୍ଟିକର, ଯଥା ଗଙ୍ଗାଜଳ ।

ଦ୍ରବମୟୀ ଗଙ୍ଗାଦେବୀ, ଉଚ୍ଛୋଳିତ ତହିଁ
ହୁଅନ୍ତି ସହଜେ ଯୁଗ୍ମ ମହିଷ ବାହନେ ।
ମାତୃକ୍ଷୀର ପ୍ରାପ୍ତ ସେହି ନିର୍ମଳ ସଲିଳ
ପାନ କରି ଉଦ୍ୟାନର ବଢ଼ୁଛି ମହତ୍ତ୍ୱ ।
ଝୁଲୁଛି ସୁନ୍ଦରୀ ଆମ୍ର ଶାଖାର ପାଦପେ,
ବାହାର ସୁନ୍ଦର ତାର, ଭିତର ମଧୁର;
ସୁନ୍ଦର ମଧୁର ଯହିଁ ହୁଏ ମିଶା ମିଶି
ମଣେ ସ୍ୱତଃ ପରିଜନ୍ମ ଉପମା ସେଠାରେ ।
ଫଳତଃ ଅଭିପ୍ରବାସ, ଯୋଗୀଋଷିଙ୍କର
ସାଧନା ଆଶ୍ରମ ଭଳି ପବିତ୍ର, ନିର୍ଜନ,
ବିସ୍ତୃତ ବିକାଶ ପକ୍ଷେ ଉନ୍ନତ ଶିଳ୍ପର
ପୂର୍ଣ୍ଣ ଉପଯୋଗୀ ତାହା, ସତ୍ୟ ସୁନିଶ୍ଚିତ ।
ଟେଲିଫୋନ ଯନ୍ତ୍ରଦ୍ୱାରା ସଂଯୁକ୍ତ ଏ ସ୍ଥାନ
ବଲାଙ୍ଗୀର ରାଜଧାନୀ ସହ, ଫୁଏ ତହିଁ
ଅଧିକ ସୁବିଧା ଭୂରି ସକଳ ବିଷୟେ,
ହୋଇଛି ଦୂରତ୍ୱ ଦୂର ଉଭୟ ସ୍ଥାନର ।

ତୋଳିଛି ଦକ୍ଷିଣେ ଶିର "ମଠକାଇ ଗିରି"
ଅରଣ୍ୟସଙ୍କୁଳ, ପ୍ରିୟ ଅଧିଷ୍ଠାନବେଦୀ
ମଠକାଇ ଦେବୀଙ୍କର ମହାପ୍ରତାପିନୀ
ପୁଣି ହିଂସ୍ର ଲୀଳାମଞ୍ଚ ଶ୍ୱାପଦକୁଳର ।
ଉପଭୋଗ୍ୟ ଦୃଶ୍ୟ ତହିଁ ଦାବାନଳ କ୍ରୀଡ଼ା,
ରାତ୍ରେ ଜ୍ୱଳ ଦାବାନଳ, ଗିରି ମସ୍ତକରେ
ଆଦରେ ପିନ୍ଧାଇଦିଏ ସୁବର୍ଣ୍ଣ ମୁକୁଟ ।
କେବେ ବା ଲମ୍ବାଇଦିଏ ସୁବର୍ଣ୍ଣ ପଇତା
ଅତସୀ ନୀଳମାନିନୀ ଗିରି ସ୍କନ୍ଧଦେଶେ,
ଙ୍ଗେ କେବେ ବକ୍ଷେ ହାର, କଟିରେ ମେଖଳା,
ଏହିପରି ଦାବାନଳ ବେଶକାର ପ୍ରାୟ
ସଜାଇ ତାହାକୁ, କରେ କୌତୁକ ପ୍ରକାଶ ।
ତରଳ ଅନଳ ରେଖା ରହି ବକ୍ର ଭାବେ
ଗିରି ଚୂଡ଼ା ତଳେ ସୃଜେ ମନୋହର ଦୃଶ୍ୟ
ଦେଖି ସେ ଅଭିନବ ଦୃଶ୍ୟ ପ୍ରତେ ହୁଏ ଯେବେ
ବିସ୍ତାରିଛି ଗିରି ଯେସନ୍ତେ ଜ୍ୟୋତିର୍ମୟ ହାସ ।
ଖର୍ବକାୟ ଗୋବର୍ଦ୍ଧନେ ଲଭି ଗିରିରାଜ
କରୁଛି କି ପରିହାସ ମଣିହୋଇ ଗର୍ବେ;
ମାତ୍ରି ତାହା ଗୋବର୍ଦ୍ଧନ ସହେ ନିର୍ବିକାରେ,
ଅଧମର ଉପହାସ ବିଜ୍ଞଜନେ ଯଥା
ଘୃଣାଭରେ ତୁଚ୍ଛଜ୍ଞାନେ କରନ୍ତି ଉପେକ୍ଷା ।
ଇତରର ଅବଜ୍ଞାରେ ମହତ ଜନର
ନ ହୁଏ ମହତ୍ତ୍ୱ ହ୍ରାସ, ବିଦିତ ଯେ ଏହା,
ସେହି ସିନା ମହାଜନ, ସେହି ମହାପ୍ରାଣ ।

ଅଧିଷ୍ଠିତା ଶାନ୍ତାପୁରେ ଶାନ୍ତାଦେବୀ ମୂର୍ତ୍ତି,
ଅତି ଚମତ୍କାର, ମୂର୍ତ୍ତି ଗଠନ ପ୍ରଣାଳୀ ।
ସମଲେଶ୍ୱରୀଙ୍କ ମୂର୍ତ୍ତି ଏ ମୂର୍ତ୍ତି ମଧ୍ୟରେ
ଅଛି ବହୁ ସୌସାଦୃଶ୍ୟ, ଯେସନ୍ତେ ମୂର୍ତ୍ତି ବେନି
ଏକ ସୁନିପୁଣଶିଳ୍ପୀ ହସ୍ତେ ବିନିର୍ମିତ ।
ଦଶଭୁଜା ଦୁର୍ଗାମୂର୍ତ୍ତି, ଶୋଭେ ଦଶକରେ
ଦଶବିଧ ଅସ୍ତ୍ର ଶସ୍ତ୍ର, ନିହି ବେନିପାଦ
ମହିଷ ଅସୁର ସ୍କନ୍ଧେ, ହର୍ଯ୍ୟକ୍ଷ ପୃଷ୍ଠରେ,
କରୁଛନ୍ତି ବଧ ଦେବୀ ଦୁର୍ଦ୍ଦାନ୍ତ ଦାନବେ ।
ହୁଅନ୍ତି ପୂଜିତା ଦେବୀ ମନ୍ଦାର କୁସୁମେ
ଶବର ପୂଜକ ଦ୍ୱାରା, ପୂଜାଭୋଗ ପାଇଁ
ଅଁଳାପାଲି ନାମେ ଗ୍ରାମ ହୋଇଅଛି ଖଞ୍ଜା,
ହେଉଛି ପୂଜିତ ତହିଁ ତିନିଗୋଟି ଖଣ୍ଡା ।
ଅଶ୍ୱିନ ମାସରେ ହୁଏ ଷୋଳଦିନବ୍ୟାପୀ
ମହାପୂଜା ସମାରୋହେ, ପଡ଼େ ପଶୁ ବଳି,
ତଥା ଚୈତ୍ରପୂର୍ଣ୍ଣିମାରେ ବହୁ ଆଡ଼ମ୍ବରେ
ହୁଏ ଦେବୀଙ୍କର ପୂଜା, ସାଙ୍ଗେ, ବଳିଦାନ ।
ସଙ୍କୀର୍ଣ୍ଣ ଦେଉଳ ଗର୍ଭ, ଅନ୍ଧକାରମୟ,
ଯୋଗିବର ହରପ୍ରିୟା ସ୍ୱଭାବେ ଯୋଗିନୀ,
ତେଣୁ ଅନ୍ଧକାର ମଧ୍ୟେ ସାଧନ୍ତି ବା ଯୋଗ,

ସଙ୍କଟତାରିଣୀ ଦେବୀ, ମହାପ୍ରଭାବିନୀ
ପଶିଲେ ଶରଣ ତାଙ୍କ ଅଭୟ ଚରଣେ
ମିଳେ ଯାହା ରୋଗ ଦୁଃଖ ଦୁର୍ଭିକ୍ଷ ସଙ୍କଟୁ ।

ସମ୍ମୁଖେ ଭଗ୍ନାବଶେଷ ଜୀର୍ଣ୍ଣ ଦେଉଳରେ
ନରମୁଣ୍ଡମାଳାଧାରୀ ନୃତ୍ୟେ ରତ ହର,
ଅବସ୍ଥିତ ତହିଁ ଭଗ୍ନ-ପାର୍ଶ୍ୱଦେବ ସହ ।
ବିକଳାଙ୍ଗ ଗଣପତି, ଭଗ୍ନ ବୃଷମୂର୍ତ୍ତି,
ଛଅଟି ପ୍ରସ୍ତର ସ୍ତମ୍ଭ ରହିଅଛି ପଡ଼ି
ବିକ୍ଷିପ୍ତ ଭାବରେ, କେଉଁ ଅତୀତ କାଳରୁ ।
ସୂକ୍ଷ୍ମ ସ୍ତର କାରୁକଳା ସ୍ତମ୍ଭଗୁଡ଼ିକର
ଗୌରବ ଅତୀତଯୁଗ ଅଙ୍କେ ସ୍ମୃତିପଟେ,
ହୋଇଛି ବର୍ଜିତ ତାହା ମୃତପିଣ୍ଡ ପ୍ରାୟ,
ଦେଖି ତାହା ଜାତହୁଏ ଚିତ୍ତେ ଦୁଃଖକ୍ଷୋଭ ।
ଅତୀତ ଗରିମାମୟୀ ଏ ଜଙ୍ଗଲ ମଧ୍ୟ
ହୋଇଅଛି ଏବେ ହାୟ ଦୀନହୀନ ଅତି,
ଏହା ଶୋକକୋଳାହଳ ଉଚ୍ଛୃତ କରିଦିଏ ଚୂର୍ଣ୍ଣ
ହୃଦୟ ପଞ୍ଜର ଅସ୍ଥି, ଅସହ୍ୟ ସେ ଦୃଶ୍ୟ,
ଯାଉ ସେ ଶୋଚନା, ତାକୁ ଘାଣ୍ଟିବା ବିଫଳ,
ଭସ୍ମାଚ୍ଛନ୍ନ ଅଗ୍ନିକୁଣ୍ଡେ କଲେ ବିମନ୍ଥନ
ବାହାରିବ ତହୁଁ ସିନା କେବଳ ଉତ୍ତାପ,
ଯାଉ ସେ ଅନଳ ନିଭି ବିସ୍ମୃତି-ସଲିଳେ ।

ସ୍ୱୟମ୍ଭୂ କୋଶଳେଶ୍ୱର ପ୍ରତାପୀ ଶଙ୍କର
ନିବସନ୍ତି ସ୍ଥାନାନ୍ତରେ ଭଗ୍ନ ବୃଷ ସହ,
ଦେଖିଲେ ସେ ବୃଷଭର ଗଠନ ପ୍ରଣାଳୀ,
ପ୍ରକୃତ କି ପ୍ରସ୍ତର ସେ ହୁଏ ନାହିଁ ବୋଧ ।
ଇତିହାସ ସେ ସ୍ଥାନରେ କାନ୍ଦୁଛି ନୀରବେ
ଅନାଥ ଦରିଦ୍ର ପ୍ରାୟ ତେଜି ଦୀର୍ଘଶ୍ୱାସ,
କେ ଶୁଣିବ ସେ କ୍ରନ୍ଦନ, କାଳ ତ ନିଷ୍ଠୁର,
ହେଉଛି କାନ୍ଦଣା ତାର ବିଫଳ କେବଳ ।

ସାଧୁ ଶିଷ୍ଟ ବ୍ୟବହାର ଗ୍ରାମବାସୀଙ୍କର
ମଧୁମୟ, ଶିକ୍ଷଣୀୟ, ନ ଖୋଜନ୍ତି ପଛକେ
ନବ୍ୟ ସଭ୍ୟତାର ଭଙ୍ଗୀ ଉଚ୍ଛୃଙ୍ଖଳ ଲହରୀ
ମାତ୍ର ବହେ ସୁଶୀତଳ ମନ୍ଦାକିନୀ ଧାରା ।
ଆଡ଼ମ୍ବରଶୂନ୍ୟ ଶାନ୍ତ ସରଳ ଜୀବନ
ସ୍ନେହ ମୈତ୍ରୀ ପ୍ରୀତିଭରା, ଯାପନ୍ତି ସେମାନେ,
ତାହାହିଁ ତ ଅନାବିଳ ସୁଖର ସ୍ୱରୂପ,
ଭୁଞ୍ଜନ୍ତି ସେ ସୁଖ ଯେହୁ, ପ୍ରକୃତ ସୁଖୀ ସେ ।
ମୂଲ୍ୟବାନ ମଞ୍ଜିମୟ ବେଦାନା ଅପେକ୍ଷା
ମାଳଙ୍କ କମଳାରସ ନୁହେଁ କି ମଧୁର ?

—o—

## ନବମ ସର୍ଗ

ପାଟଣାର ମହାରାଜା ସାହିତ୍ୟ ବିଜ୍ଞାନୀ
ସାହିତ୍ୟ-କୁସୁମ-ମଧୁ-ପ୍ରଲୁବ୍ଧ-ମଧୁପ,
ଶ୍ରୀରାଜେନ୍ଦ୍ର, ନାରାୟଣ, ଦୟାର ବନ୍ଧୁ ଆଯ
ନୃପ, ବିଜେ ହୁଅ ରମ୍ୟ ନବରତ୍ନ ଖଚି
ସାରସ୍ୱତ ସିଂହାସନେ, ଶୁଣ ଦେବ ତବ
ପୂର୍ବପୁରୁଷଙ୍କ କୀର୍ତ୍ତି ଅମର ଗୌରବ,
ଶୁଣିଥିଲେ ଯଥା ପୂର୍ବେ, କୁରୁକୁଳ ଦୀପ
ମହାରାଜା ପରୀକ୍ଷିତ, ପୂର୍ବପୁରୁଷଙ୍କ
ପବିତ୍ର ଆଖ୍ୟାନପୂର୍ଣ୍ଣ ଭାରତ ପୁରାଣ,
ଶୁକଋଷି ମୁଖୁଁ, କିମ୍ବା ଶୁଣେ ଯଥା ଜାତି
ଜାତୀୟ ଗୌରବ ଗାଥା, ଇତିହାସ ମୁଖୁ !
ଅଥବା ବସନ୍ତ ଯଥା ଋତୁଚକ୍ରବର୍ତ୍ତୀ
ପୂର୍ବ ଋତୁ ବିବରଣ, କୋକିଳ ବଦନୁ,
ତଥା ଦୟା ବନ୍ଧୁ, ଶୁଣ ଏ ଗୀତିକା ମୋର ।
ଯେଣୁ ତୁମ୍ଭେ ସାହିତ୍ୟିକ, କାବ୍ୟରସଗ୍ରାହୀ,
ପୁଣି ଉପଯୁକ୍ତ ଶ୍ରୋତା ସାହିତ୍ୟ ଗ୍ରନ୍ଥର,
ତେଣୁ ଯୁକ୍ତ କରେ, ମୁକ୍ତପ୍ରାଣେ, ସସମ୍ମାନେ
ଆମନ୍ତ୍ରିଲି ସବିନୟେ, ପରମ ଆଗ୍ରହେ ।

କିଏ ସାହିତ୍ୟିକ, ନୃପ, ଲେଖେ ଯେଉଁଜନ,
କାବ୍ୟ ନାଟକାଦି ଗ୍ରନ୍ଥ, ସେହି କି କେବଳ
ସାହିତ୍ୟିକ-ପଦବାଚ୍ୟ, ଭ୍ରାନ୍ତ ଏ ଧାରଣା,
ଏତେକି ସଂକୀର୍ଣ୍ଣ ସତେ ସାହିତ୍ୟିକ ଅର୍ଥ ?
ସେ ଅର୍ଥ ବ୍ୟାପକ ଅତି, କେତୋଟି ଶବ୍ଦରେ
ନ ହୁଏ ସେ ପରିବ୍ୟକ୍ତ ବୋଧଗମ୍ୟ ଭଳି ।
ନିୟମିତ ପାଠକ ଯେ ସାହିତ୍ୟ ଗ୍ରନ୍ଥର,
ଯାହାଙ୍କର ଧନେ ଦାନେ ଘଟେ ସାହିତ୍ୟର
ଉନ୍ନତି, ପ୍ରବୃଦ୍ଧି, ସ୍ଥିତି ପାରେ ଯେ ଖେଳାଇ
ଅଭିନବ ଚିନ୍ତାଧାରା ସାହିତ୍ୟ କ୍ଷେତ୍ରରେ,
ଯାହାଙ୍କ ଉତ୍ସାହ ଆଣେ ସାହିତ୍ୟିକ ପ୍ରାଣେ
ଅମୃତ ସ୍ପନ୍ଦନ, ପୁଣି ଯାହାଙ୍କ ପ୍ରେରଣା
କରେ ଦେଶେ ବହୁ କବି, ଲେଖକର ସୃଷ୍ଟି,
ସାହିତ୍ୟ ବିକାଶ ପୁଣି ସାହିତ୍ୟ ପ୍ରଗତିରେ
ଯେହୁ ସ୍ଥିର ଲକ୍ଷ୍ୟ ସଦା, ସାହିତ୍ୟ ମଧ୍ୟରେ
ଗଢ଼ିବାକୁ ସର୍ବବିଧ ଉନ୍ନତ ଆଦର୍ଶ
ଦିଅନ୍ତି ଯେ ଉପଦେଶ, ସେ ବରେଣ୍ୟ ବ୍ୟକ୍ତି
ସାହିତ୍ୟିକ ଉପାଧିର ଉପଯୁକ୍ତ ପାତ୍ର ।
ନୃପତି ଲକ୍ଷଣ ସହ, ସାହିତ୍ୟ କଳାର
ସକଳ ଲକ୍ଷଣପୂର୍ଣ୍ଣ ଯୁଷ୍ମଙ୍କ ଜୀବନେ
ତେଣୁ ମୁଁ କରୁଛି ଦେବ, ସାହିତ୍ୟିକ ବୋଲି
ଶ୍ରୀଯୁଷ୍ମଙ୍କୁ ସମ୍ବୋଧନ, ଦର୍ପ ସ୍ଫୀତକଣ୍ଠେ,
ବସି ଯେଉଁ ସିଂହାସନେ ବୈଜଳ ଭୂପତି
ବିରଚିଲେ ବ୍ୟାକରଣ ବୈଜଳକାରିକା
ଅନ୍ୟତର ନାମ ତାର ପ୍ରବୋଧ ଚନ୍ଦ୍ରିକା,
ତାହାଙ୍କ ଅମର ସ୍ମୃତି ବହିଛି ଯେ ଗ୍ରନ୍ଥ
ଅଦ୍ୟାବଧି, ପୁଣି କେତେ ବିଜ୍ଞ ନରପତି
ବହୁ କାବ୍ୟ ନାଟକାଦି ଯାଇଛନ୍ତି ଲେଖି
ସେହି ବାଣୀ ସିଂହାସନେ କରିଛନ୍ତି ଯୁଷ୍ମ
ଅଳଙ୍କୃତ, ଆଲୋକିତ, ବଂଶୀୟ ପ୍ରତିଭା
ବଢିଅଛି ବହୁଗୁଣ ଯୁଷ୍ମଙ୍କ ପରଶେ,
ଶୁଣିଲୁ ନୃପତି ଏବେ, ଏ ଗୀତିକା ମୋର ।

ଲାଗିଲା ତୁମୁଳ ଯୁଦ୍ଧ ଅତୀବ ଭୀଷଣ,
ରତ୍ନପୁର ଅଧିପତି ରତ୍ନରାଜ ସହ
ଉତ୍କଳ-ସମ୍ରାଟ ବୀର ଚୁଡ଼ଗଙ୍ଗଙ୍କର
କୋଶଳ ବିଳାସପୁର ରାଜ୍ୟ ସୀମା ମଧ୍ୟେ ।
କରୁଥିଲେ ଖଡ଼ିଆଳେ ରାଜତ୍ୱ ସେ କାଳେ
ନୃପତି ହମୀରଦେବ ଚୌହାନ ବଂଶୀୟ,
ସାମନ୍ତ ଭୂପତିରୂପେ ଉତ୍କଳ ଦେଶର ।
ପାଇ ରଣ ନିମନ୍ତ୍ରଣ ହୃଷ୍ଟଚିତ୍ତେ ରାଜେ
ମଣିଲେ ନିଜକୁ ଧନ୍ୟ, ସମ୍ମାନିତ ଅତି,
ରଣ ନିମନ୍ତ୍ରଣ ବଳି ଅଧିକ ଗୌରବ
କିସ ଅବା ଅଛି ଅଉ କ୍ଷାତ୍ର ବୀର ପକ୍ଷେ ।
ମଣେ ସେ ତାହାକୁ ଶୁଭ ସୌଭାଗ୍ୟ ଲକ୍ଷଣ,
ରଣେ ବା ମରଣେ ବୀର କରେ ନାହିଁ ଭୟ,
ହସି ହସି ପଶେ ତହିଁ, ଖେଳ ବୀର ଖେଳ,
ବାଞ୍ଛିତ ତାହାର ସଦା ସମ୍ମୁଖ ସମର
ମରି ଜାଣେ ବୀର ଏକା ମରେ ହସି ହସି ।
ଗୁରୁ ମହର୍ଷୀଙ୍କୁ ଦେଇ ତହିଁ ନରପତି,
ରଖାଇ ତାହାଙ୍କୁ ଗଡ଼ ଭାଳୀନାଳୀସ୍ଥିତ
ବିଶାଳ ହମୀର ଦୁର୍ଗେ, କଲେ ଯୁଦ୍ଧଯାତ୍ରା
ଘେନି ସୈନ୍ୟ ସେନାପତି ଚତୁରଙ୍ଗ ବଳ ।
ଅନନ୍ତର କେତେଦିନ ହୋଇଗଲା ଗତ,
ଦିନେ ଖଡ଼ିଆଳ ରାଜ୍ୟେ ହେଲା ପ୍ରଚାରିତ
ରଣକ୍ଷେତ୍ରେ ରାଜମୃତ୍ୟୁ ଅଳୀକ ସମ୍ବାଦ,
ଶୁଣି ସେହି ଶୋକବୋଳା ଦାରୁଣ ଦୁର୍ବାର୍ତ୍ତା
ବଜ୍ରାଘାତ ସମ ବ୍ୟଥା ମଣିଲେ ରାଣୀଏ ।
ମାତ୍ର ଶତ୍ରୁ ହସ୍ତେ ପଡ଼ି ଲାଞ୍ଛନା ଭୟରେ
ଗଣିଲେ ପ୍ରମାଦ ମନେ, ମାନହାନି ଦୁଃଖେ
ଆତ୍ମ ସମ୍ମାନକୁ ସିନା ମଣନ୍ତି ସମ୍ବଳ
କ୍ଷତ୍ରିୟ ରମଣୀ, ଯାଉ ପ୍ରାଣ ଥାଉ ମାନ
ତାହାଙ୍କର ଦୃଢ଼ପଣ, ବୁଝନ୍ତି ସେମାନେ
ପ୍ରାଣଠାରୁ ମାନ ମୂଲ୍ୟ ବହୁଗୁଣ ବେଶି ।

ଢଳେ ସ୍ଥିର ଜଳେ ଝାସି ବିସର୍ଜିବେ ପ୍ରାଣ,
ସେ କାଳେ ଜନସ୍ଥା ରାଣୀ ଦେବୀ ଅଣାବତୀ
ଥିଲେ ଅନ୍ତଃସତ୍ତ୍ୱା, ତେଣୁ ସପତ୍ନୀ ତନୀଦେହିଁ
ବାହୁଲେ ପ୍ରବୋଧି ତାଙ୍କୁ ଏସନ ଭାରତୀ—
ଥାଅ ଗୋ ଭଉଣୀ ତୁମ୍ଭେ, ତେଜିଲେ ଜୀବନ
ହେବ ନିଶ୍ଚେ ଭ୍ରୂଣହତ୍ୟା ମହାପାପେ ଲିପ୍ତ;
ତୁମ୍ଭର ଗର୍ଭରେ ଅଛୁ କୁଳାଙ୍କୁର ସୁତ,
ତୋଷିବ ସେ ପିତୃଗଣେ ଶ୍ରାଦ୍ଧ ପିଣ୍ଡଦାନେ,
କରିବ ସେ ରକ୍ଷା ପୁଣି ବଂଶର ଗୌରବ,
ହେବ ତୁମ୍ଭେ ରାଜମାତା, ମହାଭାଗ୍ୟବତୀ,
କାୟ ମନ ପ୍ରାଣେ ଯଦି ପାଳିଥିବୁ ଆମ୍ଭେ
ପବିତ୍ର ସତୀତ୍ୱ ଧର୍ମ ତେବେ ବଚନେ,
ଫଳିବ ନିଶ୍ଚୟ ଆମ୍ଭ ଆଶୀର୍ବାଦ ଫଳ ।
କର ଗୋ ନିବାସ କେଉଁ ଗୁପ୍ତସ୍ଥାନେ ଯାଇ,
ଏହା କହି ଅନ୍ୟରାଣୀ ବାହାରି ନଗରୁ
ରାଣୀଶ୍ରେଣୀ ଜଳେ ଝାସି ତେଜିଲେ ଜୀବନ ।
ଦେଖି ଏ କରୁଣ ଦୃଶ୍ୟ ରାଣୀ ଅଣାବତୀ,
ଲଭିଲେ ହୃଦୟେ ପ୍ରାଣେ ମର୍ମନ୍ତୁଦ ବ୍ୟଥା,
ମାତ୍ର ହେଲେ ନାହିଁ ଦେବୀ ଧୈର୍ଯ୍ୟଚ୍ୟୁତା ଲବେ
ସ୍ୱଭାବେ ସେ ରାଜକନ୍ୟା, ଦୁସେ ରାଜରାଣୀ,
ହୋଇଛନ୍ତି ସଂଜାତ ସେ ପୁଣି ବୀରବଂଶେ,
ହେବେ କି ସେ ଧୈର୍ଯ୍ୟହରା ଇତର ପରାୟେ ?
ତେଣେ ପତି ମୃତ୍ୟୁ, ଏଣେ ସପତ୍ନୀ ବିୟୋଗ,
ଉଭୟ ସଙ୍କଟ ମଧ୍ୟେ ନାହିଁ ତାଙ୍କ ପାଇଁ
ରକ୍ଷାର ଦ୍ୱିତୀୟ ସ୍ଥାନ, ତଥାପି ସେ ଶୋକେ
ରଖିଲେ ସମ୍ଭାଳି ଧୈର୍ଯ୍ୟ-କଞ୍ଚୁକେ ଆଚ୍ଛାଦି ।
ପ୍ରକାଶିଲେ ହୃଦୟର ମହତ୍ତ୍ୱ ଦୃଢ଼ତା,
ମହତ ହୃଦୟ, ଦୁଃଖେ ନହୁଏ କାତର ।
ମହାଝଡ଼େ ହୁଏ ତରୁ ଭଗ୍ନ ବିକଳାଙ୍ଗ,
ମାତ୍ର ରହେ ମହୀଧର ଅଟଳ ସର୍ବଥା ।
ଏଥି ଅନ୍ତେ ଅଣାବତୀ ସଂଗ୍ରହି କଥିତ
ମଣି ମାଣିକ୍ୟାଦି ରତ୍ନ, ବାସ୍ତୁ ଗେହାଦରୁ
ଭବିଷ୍ୟ ସମ୍ବଳ ରୂପେ, ବାହାରିଲେ ପୁରୁ,
ବାଜେ ହେଲେ ଅଲକ୍ଷିତେ ସ୍ଥାନୁ ସ୍ଥାନାନ୍ତରେ,
ଯାଉଥିଲେ ଗହଣରେ ପରିଚାରିବର୍ଗ,
ମାତ୍ର ଏବେ ଏକାକିନୀ ଅନାଥିନୀ ପରି,
ନାହାନ୍ତି ସେ ଦାସ ଦାସୀ, ଗଲେଣି ଛେ ଛାଡ଼ି
ସମ୍ପଦେ ସମସ୍ତେ ସଙ୍ଗୀ, ମାତ୍ର ବିପଦରେ
ନ ଦିଅନ୍ତି ଦେଖା କେହି, ଅନୁଭୂତ ସର୍ବେ,
ସମସ୍ତେ ସ୍ୱାର୍ଥର ଦାସ, ସରିଗଲେ ସ୍ୱାର୍ଥ
ଭ୍ରମରେ ଚାହାନ୍ତି ନାହିଁ ଉପକାରୀ ମୁଖ,
ଦଗ୍ଧ ସଂସାରର ଏହା ଚିରନ୍ତନୀ ଧାରା ।
ମାତ୍ର ରାଣୀଙ୍କର ନାହିଁ ତହିଁକି ଭ୍ରୂକ୍ଷେପ,
ଚାଲିଛନ୍ତି ସୁମରି ସେ ବିଶ୍ୱନାଥ ନାମ
ଅରଣ୍ୟ ସଂକୁଳ ପଥେ ଗନ୍ଧମାଦନର ।
କ୍ରମେ କ୍ରମେ ଉଠି ଦେବୀ ପର୍ବତ ଶିଖରେ
ହୋଇ ଅବସନ୍ନ, ଯାଇ ଭେଟିଲେ ସମ୍ମୁଖେ
ପ୍ରସ୍ତର ଗୁଅଁଡ଼ା ତଳେ ଗହ୍ୱର ଗୋଟିଏ,
ହେଲା ତହିଁ ଅନୁଭୂତ ପ୍ରସବ ବେଦନା,
ତହୁଁ ଯାଇ ଗୁମ୍ଫା ମଧ୍ୟେ ପଡ଼ିଲେ ସେ ଶୋଇ;
ବୁଲୁଥିଲେ ପର୍ବତରେ ଝାଙ୍କର ଝାଙ୍କରୀ
ଦମ୍ପତି ଯୁଗଳ ଫଳ ମୂଳ ଅନ୍ୱେଷଣେ,
ରାଣୀଙ୍କ କ୍ରନ୍ଦନ ଶବ୍ଦ ଶୁଣି ସେ ଉଭୟେ
ଚାହିଁଲେ ଚକିତେ, ମାତ୍ର ନ ଦେଖିଲେ କେହି ।
ତହିଁ ଶବ୍ଦ ଅନୁସରି ଯାଇ ସେ ସତ୍ୱର
ଦେଖିଲେ ଗହ୍ୱର ଗର୍ଭେ ଶୋଇଛନ୍ତି ରାଣୀ ।
କହିଲା ଝାଙ୍କର ତହୁଁ ପତ୍ନୀ ମୁଖ ଚାହିଁ
ଶୋଭି ସ୍ୱର୍ଗ ତିଳୋତ୍ତମା କିଏ ଏ ରମଣୀ !
ଦିଶୁଛନ୍ତି ବଡ଼ଘର ମହିଷୀ ପରାୟେ,
ହେବେ ପରା ରାଜରାଣୀ, ଯେ ହେଉନ୍ତୁ ପଛେ
କର ତୁ ତାହାଙ୍କୁ ଯାଇ ସଙ୍କଟୁ ଉଦ୍ଧାର ।
ନ କର ତୁ ଭୟ କିଛି, ତୋ ଅସିବା ଯାଏ

ବସିଛୁ ମୁଁ ଗୁମ୍ଫା ମୁଖେ ଧରି ଧନୁଶର ।
ଯାଇ ତହିଁ ସେ ଝାଙ୍କରି ରାଣୀଙ୍କ ଅନ୍ତିକେ
ଉଭା ହୋଇ ଚମକିତ କଲା ନିରୀକ୍ଷଣ ।
ଦେଖିଲା କୁମାରୀ ମଣି ଶ୍ରୀଅଙ୍ଗ ଜ୍ୟୋତିରେ
ମଣି ଅଳଙ୍କାର ଜ୍ୟୋତି ଆଲୋକିତ ଗୁମ୍ଫା ।
ହେରି ତାକୁ ଆଶାବତୀ ଲଭିଣି ବିସ୍ମୟ
ହେଲେ ଆଶାନ୍ୱିତା, ଯଥା ଜଳମଗ୍ନ ଜନ
ପାଇଲେ ଆଶ୍ରୟ, ତାର ହତାଶ ପ୍ରାଣରେ
ହୁଏ ଥରେ ସଞ୍ଚାରିତ ଜୀବନର ଆଶା ।
ପୁଚ୍ଛିଲେ କମ୍ପିତ ସ୍ୱରେ ରାଣୀ ଆଶାବତୀ
କହ ଗୋ ମା କିଏ ତୁମ୍ଭେ, ଦେବୀ ନା ମାନବୀ
କିମ୍ବା ବନ୍ଧୁରୂପା, ଧରି ରମଣୀ ଆକୃତି
ଉପସ୍ଥିତ ମୋ ସଙ୍କଟ ଫେଡ଼ିବା ନିମନ୍ତେ,
ଅଥବା ମୋ ଭାଗ୍ୟଦେବୀ ଧରି ଛଦ୍ମମୂର୍ତ୍ତି
ଆସିଛନ୍ତି ସଦୟେ ମୋ ସାହାଯ୍ୟ ସକାଶେ ।
ଅନାଥିନୀ ଦୁଃଖିନୀର ଦେଖି ଏ ସଙ୍କଟ
ଟଳିଲା ତାଙ୍କର ପରା କୃପାସିଂହାସନ ?
ଉତ୍ତରିଲା ବନ୍ୟବାଳା କୋମଳ ବଚନେ,—
ନୁହେଁ ଦେବୀ, ମାନବୀ ମୁଁ ସ୍ୱାମୀଙ୍କ ସହିତେ
ଆସିଥିଲି ଏ ପର୍ବତେ, ଦେବ ପୂଜା ଲାଗି
କରୁଥିଲି ଫୁଲଫଳ ସଂଗ୍ରହ ଉଭୟେ,
ଶୁଣି ତୁମ୍ଭ ଆର୍ତ୍ତନାଦ, ଆସିଲି ଏ ସ୍ଥଳେ,
ବହୁ ମୁହିଁ ନାରୀ ହୃଦ, ନାରୀର କଷଣ
ଦେଖିବି କି ନୀରବରେ ଉଭା ହୋଇ ଦୂରେ,
କରେ ତାହା ଯେଉଁ ନାରୀ, ଧିକ ତା ଜୀବନ,
ଧିକ୍ ତାର ନାରୀ ଜନ୍ମ, ଧିକ୍ ତା ନାରୀତ୍ୱ ।
ନକର ମା ଭୟ ତୁମ୍ଭେ, କର ନାହିଁ ଚିନ୍ତା,
କରିବି ସହଜେ ମୁଁ ପ୍ରସବ ତୁମ୍ଭଙ୍କୁ,
ଶୁଣି ଏହା ଆଶାବତୀ, ଭାବିଲେ ସ୍ୱଗତେ,—
କେତେ ଦୟା ବନ୍ୟବାଳା ହୃଦେ, କି ମହତ୍ତ୍ୱ
ତାର, ଧନ୍ୟ ଉଦାରତା ଇତର ଜାତିର,
ଏତାଦୃଶ ଦେବଭାବ ସମ୍ଭବେ କି ଅହୋ ।
ଏ ଭଳି ଦେବତ୍ୱ, କେବେ ଉଚ୍ଚ ଜାତି ହୃଦେ,
ବୃଥା ଏ ଭାବନା ମୋର, ହେଲେହେଁ ଶୁକ୍ତିକା
ଗଣିତ ଆମିଷ ମଧ୍ୟେ, ନଥାଏ କି ତହିଁ
ଜ୍ୟୋତିର୍ମୟ ମୁକ୍ତାଫଳ, ଦେବଲୋଭନୀୟ,
ଅଙ୍ଗାର ଖଣିରେ ପୁଣି ଥାଏ ତ ହୀରକ,
ବନ ପୁଷ୍ପେ ଥାଏ ମଧୁ, କିବା ଅସମ୍ଭବ
ବିଶ୍ୱପିତା ସୃଷ୍ଟ ଏହି ବିରାଟ ବିଶ୍ୱରେ ।
ଧନ୍ୟ ପ୍ରଭୁ, ଧନ୍ୟ ତୁମ୍ଭ ସର୍ଜନା କୌଶଳ,
ବିଷ ମଧ୍ୟେ ଅମୃତ କି ରଖିଛ ଗୋପନେ ।
ଇତରର ମହତ୍ତ୍ୱରେ ରାଣୀ ଆଶାବତୀ
ଭୁଲିଗଲେ ବିସ୍ମୟରେ ଗର୍ଭର ବେଦନା ।
ଏ ଅନ୍ତେ ଝାଙ୍କରି ତୋଳି ରାଣୀଙ୍କୁ ଭୂମିରୁ
ବସାଇଲା ନେଇ ନିଜ ମାତୃ ଅଙ୍କେ ତ୍ୱରା,
କରାଇଲା ପ୍ରସବ ସେ ରାଣୀଙ୍କୁ ଅକ୍ଳେଶେ,
ଜନ୍ମିଲେ କୁମାର ଏକ ଅପୂର୍ବ ସୁନ୍ଦର ।
କଂସ କାରାଗାରେ ବନ୍ଦୀ ଦେବକୀ ଗର୍ଭରୁ
ଜନ୍ମିଲେ କି କୃଷ୍ଣଚନ୍ଦ୍ର, ଧର୍ମ ସ୍ଥାପନାର୍ଥେ,
କିମ୍ବା ଜାତ ପୂର୍ଣ୍ଣଚନ୍ଦ୍ର, ପୌର୍ଣ୍ଣମାସୀଗର୍ଭୁ,
ଅବା ଉଷାଗର୍ଭୁ ଜାତ ଦିବ୍ୟ ସୂର୍ଯ୍ୟାଲୋକ,
ଅଥବା ବସନ୍ତ ଭୂପ, ଭୂପ ରାଜେଶ୍ୱର
ଲଭିଲେ କି ଜନ୍ମ ଅହୋ ଋତୁମାଳା ଗର୍ଭୁ ?
ସୁନ୍ଦର ତେଜସ୍ୱୀ ଶିଶୁ, ଦେବଶିଶୁ ପ୍ରାୟ,
ଲଳିତ ଲାବଣ୍ୟ ଜ୍ୟୋତି ମଣ୍ଡିତ-ଶ୍ରୀଅଙ୍ଗେ,
ସର୍ବ ସୁଲକ୍ଷଣବନ୍ତ, ଯେହ୍ନେ ରାଜକଳା
ହୋଇଅଛି ଅବତୀର୍ଣ୍ଣ ମୂର୍ତ୍ତି ପରିଗ୍ରହି ।
ମହାପ୍ରତିଭାର ମୁଦ୍ରା-ମୁଦ୍ରିତ ଲଲାଟେ,
ସୁନୀଳ କୁଞ୍ଚିତ କେଶ ଶୋଭେ ଶିରୋଦେଶେ,
ଯେହ୍ନେ ମୁଖ-କମଳକୁ ବିରଳ ଭାବରେ
ଘେରିଛନ୍ତି ଏକପାଶ୍ୱେ, ବାଳ ଅଳିକୁଳ;
ଦୃଢ଼ୀକୃତ ଓଷ୍ଠାଧର, ଲାବଣ୍ୟ-ସାଗରେ

ଉଠିଛୁ କି ଭାସି ସ୍ୱର୍ଣ୍ଣ ପ୍ରବାଳ ଲତିକା ?
ନିର୍ମଳ ଉଜ୍ଜ୍ୱଳ ନେତ୍ର, କି ସୁନ୍ଦର ଢୋଳା,
ସ୍ୱର୍ଣ୍ଣ ପଦ୍ମ ପାଖୁଡ଼ାରେ ଥୋଇଛନ୍ତି କି ବିଧି
ଚଳ ଚଳ ସମୁଜ୍ଜ୍ୱଳ ମେଷଚକ୍ଷୁ ନୀଳା,
ବଳିତ ଯୁଗଳ ବାହୁ ମୃଣାଳ ଯେସନ,
ଅଦ୍ଭୁତ ଉପମା ବହେ ଆରକ୍ତ ଅଙ୍ଗୁଳି,
ହୋଇଛନ୍ତି ସଂଯୁକ୍ତ ଅବା ଏକଇ ମୃଣାଳେ
ପାଞ୍ଚୋଟି କୋମଳ କ୍ଷୁଦ୍ର କମଳ କଳିକା ।

ଅନନ୍ତର ନବଜାତ କୁମରଙ୍କୁ ନେଇ
ଝାଙ୍କସି କରାଇଦେଲା ସ୍ନାନ ଉଷ୍ଣଜଳେ
ସଦ୍ୟ ସ୍ନାନେ ଶିଶୁ ତନୁ ଉଠିଲା ଝଟକି
ପ୍ରାତେ ଯଥା ବାଳରବି ସଦ୍ୟ ସିନ୍ଧୁ ସ୍ନାନେ ।
ରାଣୀଙ୍କୁ ସମ୍ବୋଧି ତହୁଁ ଭାଷିଲା ଝାଙ୍କସି,—
ଦେବୀ, ବୁଝିଛି ଗୋ ତବ ଆକାର ଇଙ୍ଗିତୁ
ହେବ ତୁମ୍ଭେ ନିଶ୍ଚେ କେଉଁ ରାଜାଙ୍କ ମହିଷୀ,
ନହୁବା କି ପ୍ରସବନ୍ତି ଏଭଳି ସୁତନୁ,
ସମ୍ଭବେ କି ଛାଗୀଗର୍ଭେ ହର୍ଯ୍ୟକ୍ଷ ଜନମ,
ଅସମ୍ଭବ ଜ୍ୟୋତି ଜନ୍ମ ଅଂମିଶିଳାରୁ,
ଖୋଜ ନାହିଁ ମୁଁ ତୁମ୍ଭର ଆତ୍ମପରିଚୟ
ଲଭିଛି ମୁଁ ତାହା ତବ ଆକାରୁ, ବଚନୁ ।
ବଡଘର ଝିଅ ତୁମ୍ଭେ ବଡ଼ ଘର ବୋହୂ,
କେଉଁ ଦୈବ ଦୁର୍ବିପାକେ ପଶିଛ ଅରଣ୍ୟ !
ଏ ଶିଶୁଟି ଦେବୀ ତବ ସୁକୃତିର ଫଳ,
ନୁହେଁ ଏ ସାମାନ୍ୟ ଶିଶୁ, ଦେଖି ବୁଝୁଁ ମାତା
ଶୋଭେ ଶିଶୁ କଳେବରେ ନୃପତି ଲକ୍ଷଣ,
ଫେଡ଼ିବେ ଏ ନିଶ୍ଚେ ତବ ଦୁର୍ଗତି, କଷଣ ।
ଭାଷିଲେ ମହିଷୀ ଧୀରେ ମଧୁବୋଲାଗୀରେ
ଏ ଯେ ମା ତୁମ୍ଭର ଦାନ, ଶୁଝିବି କି ଦେଇ
ତୁମ୍ଭର ଏ ଋଣ ମୁହିଁ ପଥ-ଭିକାରୁଣୀ,
ଅର୍ପିଲି ମୁଁ ତୁମ୍ଭ କରେ ଶିଶୁ ସହ ମୋତେ,
ହେଲ ତୁମ୍ଭେ ଆଜିଠାରୁ ଧର୍ମମାତା ମୋର ।
ନ କହ ନ କହ ଦେବୀ ଏଭଳି ବଚନ
ଭାଷିଲା ଝାଙ୍କସି, କିପାଁ ହେବ ଭିକାରୁଣୀ,
ଘଟୁପଛେ ଅବସ୍ଥାର ଯେତେ ଅବନତି
ରାଜରାଣୀ ହେବ ନାହିଁ ଭିକାରୁଣୀ କେବେ,
ପଙ୍କଲିପ୍ତ ରତ୍ନର କି ହ୍ରାସ ହୁଏ ମୂଲ୍ୟ,
ଇତର ହସ୍ତରେ ପୁଷ୍ପ ହରାଏ କି ବାସ ?
ଲୋଡ଼ା ନାହିଁ ଧନରତ୍ନ ପୁରସ୍କାର ମୋର,
କି କରିବି ତାହା ନେଇ, ନୁହେଁ ମୁଁ ତା ଯୋଗ୍ୟ
ନୀଚ କୁଳେ ଜାତ ଆମ୍ଭେ, ନିବସୁ ଅରଣ୍ୟେ,
ବଣ ବନେଶ୍ୱରୀ ଏହୁ ପ୍ରକୃତି-ସୁନ୍ଦରୀ
ଜନନୀ ଆମ୍ଭର, ତାଙ୍କ ଗନ୍ତାଘର ସଦା
ମୁକ୍ତ ଆମ୍ଭପାଇଁ, ତାର ଫଳେ ମୂଳେ ଜଳେ
ପୋଷିତ ବର୍ଦ୍ଧିତ ଆମ୍ଭେ ନ ଖୋଜୁ ଅପରେ ।
ଏହୁ ସେ ଦେଖୁଛ ଫୁଲ ରହିଅଛି ଫୁଟି
ସେ ଆମ୍ଭର ଅଳଙ୍କାର, ଗୋଟାଇ କାନନୁ
ଗୁଞ୍ଜା ଗରଗଡ଼, ଗୁନ୍ଥି କୋଇଲି ସୂତାରେ
ରଚୁ ତହିଁ ରତ୍ନହାର, ମେଖଳା, ପଦକ ।
ପ୍ରକୃତି ଆମ୍ଭର ମାତା, ଗୁରୁ, ମହାଗୁରୁ,
ତାହାଠାରୁ ପାଉଁ ଶିକ୍ଷା, ସତ୍ତ୍ୱ, ଉପଦେଶ;
ଦାନ କରେ ଆମ୍ଭଙ୍କୁ ସେ ଆନନ୍ଦ ସନ୍ତୋଷ ।
ସମ୍ବୋଧିଛ ମାଆ ବୋଲି, ସେ ମୋର ସୌଭାଗ୍ୟ
କନ୍ୟାରତ୍ନ ରୂପେ ମୁହିଁ ପାଇଲି ତୁମ୍ଭଙ୍କୁ,
କିବା ପ୍ରୟୋଜନ ମା ଗୋ, ଆନ ପ୍ରତିଦାନେ,
ଧନ ଭିକ୍ଷା ଖୋଜେ କଥା ଇତରର ପ୍ରାଣ ।
ଇତର ଇତର ବୋଲି ବାରମ୍ବାର କିପାଁ
କହି କରୁଅଛ ନିଜ ମହତ୍ତ୍ୱ ଲାଘବ,
ଭାଷିଲେ ମହିଷୀ ତୀବ୍ର ବ୍ୟଥାବୋଳା ସ୍ୱରେ,
କେ ଇତର ଧର୍ମମାତା, କେ ତେବେ ମହତ
ଇତର ସଦ୍ୟପି ତୁମ୍ଭେ, ନୁହେଁ ମାପ ଯାଏ
ଜାତି, ଗୁଣ କର୍ମ ପୁଣି ହୃଦୟ କେବଳ

ଉଦାରତା, ମହତ୍ତ୍ୱର ମାପ ଯନ୍ତ୍ର ସିନା
ହୁଅ ପଛେ ତୁମ୍ଭେ ମାତା ଅରଣ୍ୟବାସିନୀ
ମାତ୍ର ତୁମ୍ଭ ବ୍ୟବହାରେ ହୃଦୟେ ପ୍ରାଣରେ,
ପ୍ରତ୍ୟକ୍ଷେ ଯେ ରତ୍ନରାଶି ରହିଛି ସଞ୍ଚିତ
ନମିଳିବ ତାହା କୋଟି କୁବେର ଭଣ୍ଡାରେ
କିମ୍ବା ରତ୍ନବ୍ୟବସାୟୀ ବିପଣୀମାଳାରେ ।

ମହର୍ଷୀଙ୍କ ମୁଖୁ ଶୁଣି ନିଜର ପ୍ରଶସ୍ତି
ବନବାଳା ମନେ ମନେ ହୋଇ ସଙ୍କୁଚିତ
ଅବର ଲଜ୍ଜିତ, ଆଉ କହିବାକୁ କିଛି
ନେଲା ନାହିଁ ଅବସର ତାଙ୍କୁ ତିଳେମାତ୍ର,
କରି ଉତ୍ଥାପନ ତହୁଁ ଅପର ପ୍ରସଙ୍ଗ
ସେ ଦିଗୁଁ ତାଙ୍କର ମନ ଆଣିଲା ଫେରାଇ ।
କହିଲା ଚାଲ ମା ଏବେ ହେଉଛି ବିଳମ୍ବ,
ଏକାକିନୀ ତୁମ୍ଭଙ୍କୁ ମା ଛାଡ଼ି ଏ ସଙ୍କଟେ
ଶିଶୁ ସହ ଏଥି, ମନ ବଳୁନାହିଁ ମୋର,
ଯିବାକୁ ପହଞ୍ଚେ ମାତ୍ର ଅନ୍ୟତ୍ର କଦାପି,
ନଥାଏ ଯଦ୍ୟପି କିଛି ଆପତ୍ତି ତୁମ୍ଭର,
ଚାଲ ତେବେ ମୋ ସଙ୍ଗରେ, ଅତି ଭଲପ୍ରାଏ
ରଖାଇଦେବି ମୁଁ ନେଇ ତୁମ୍ଭଙ୍କୁ ଗ୍ରାମରେ ।
ଭାଷିଲେ ମହର୍ଷୀ ଶୁଣି ଶୋକକମ୍ପୀ ସ୍ୱରେ—
କେଉଁଠାକୁ ଯିବି ଆଉ, ଛାଡ଼ି ତୁମ୍ଭ ସଙ୍ଗ,
ତୁମ୍ଭ ଭଳି ଦୟାମୟୀ, ସ୍ନେହମୟୀ ମାତା
କାହୁଁ ବା ପାଇବି ଏହି ଅନାଥା ଅଭାଗୀ,
ତୁମ୍ଭେହିଁ ଭରସା ମୋର, ତୁମ୍ଭେହିଁ ସମ୍ବଳ,
ରଖି ତବ ଅଙ୍କେ ଶିର, ପାରେ ଯେବେ ମରି,
ତେବେ ସେ ମରଣ ହେବ ସୁଖର ମରଣ,
ଉପେକ୍ଷି ମଧୁର ସ୍ୱଚ୍ଛ ପଲ୍ୱଳ ସଲିଳ,
ପିଇବ କି କେହି ସିନ୍ଧୁ ଲବଣାକ୍ତ ଜଳ,
ରୁଚିବ କି ଚାତକକୁ ଘନ ଜଳ ବିନା
ଅନ୍ୟ ଜଳାଶୟ ଜଳ, ଅପେୟ ସେ ତାର ।

ଜଳରେ କୁମ୍ଭୀର ଭୟ, ସ୍ଥଳେ ବ୍ୟାଘ୍ର ଭୀତ
ଏ ବେନି ମଧ୍ୟରେ ଏହି ବିଶ୍ୱଚରାଚରେ
ମୋ ପାଇଁ ତୃତୀୟ ସ୍ଥାନ କାହିଁଛି ଜନନୀ !
ଅର୍ଦ୍ଧ ଭଗ୍ନ ସ୍ୱରେ କହି ଏତିକି କେବଳ
ରହିଲେ ମଉନେ ରାଣୀ, ଶୋକବାଷ୍ପପୂରେ ।
ହୋଇଗଲା କଣ୍ଠରୁଦ୍ଧ, ଝରିଲା ନୟନୁ
ଅସମ୍ଭାଳେ ଅଶ୍ରୁବାରି, ନିର୍ଝରୁ ଯେସନ ।
କାନ୍ଦ ନା କାନ୍ଦ ନା ମାତା, ତେଜ ମନୁ ଖେଦ,
କରିବି ମୁଁ ପୂର୍ଣ୍ଣ ତବ ସକଳ ଅଭାବ,
ଏହା ଭାଷି ବନ୍ୟନାରୀ, ରାଣୀଙ୍କ ନୟନୁ,
ପୋଛିଦେଲା ଅଶ୍ରୁ, ତାଙ୍କ ଜରି ପଣତରେ ।
ପୋଛିଦିଏ ଯଥା ଉଷା, କମଳିନୀ ନେତ୍ରୁ
ପ୍ରଭାତେ ଲୋତକ ବିନ୍ଦୁ ପାଟଳ ବସନେ ।
କିମ୍ବା ଯଥା ପୋଛିଥିଲା ସୁରମା ଶୋକାଶ୍ରୁ
ସଶୋକା ଜାନକୀ ନେତ୍ରୁ ଅଶୋକ କାନନେ ।
କହିଲା ପ୍ରବୋଧି ପୁଣି କୋମଳ ବଚନେ,
ବଞ୍ଚିଥିବା ଯାଏ ତବ ଏହି ବନମାତା,
ନେବ ସେ ଦେହକୁ ତବ ସକଳ ଆପଦ,
ହୁଅ ମା ନିଶ୍ଚିନ୍ତ, ଏହା ପ୍ରତିଜ୍ଞା ମୋହର ।
ଘେନି କୁମାରକୁ ଅଙ୍କେ ରାଣୀ ଅଣାବତୀ
ଚାଲିଲେ ଅରଣ୍ୟ ପଥେ, ଝାଙ୍କସ୍ୱ ନିର୍ଦ୍ଦେଶେ,
ହେଲା ଅନୁଗତା ତହୁଁ ଝାଙ୍କସ୍ୱ ତାଙ୍କର,
ପଥରେ ମିଳିଲେ ଆସି ସ୍ଥବିର ଝାଙ୍କର,
କହିଲା ଝାଙ୍କସ୍ୱ ତାଙ୍କୁ ବୁଝାଇ ସମସ୍ତ ।
ତହୁଁ ବୃଦ୍ଧ ହସି ହସି କହିଲା ଏସନ—
ସୁପ୍ରଭାତ ଆଜି, ବିଧି ପ୍ରସନ୍ନ ମୋ ଭାଗ୍ୟେ
ଲଭିଲି ମୁଁ ଦେବୀକନ୍ୟା ଶୁଭଗୁଣଧନ୍ୟା
ଚାଲ ମା, କରିବ ମୋର କୁଟୀରେ ଉଜ୍ଜ୍ୱଳ,
ଏହା ଭାଷି ବୃଦ୍ଧ, ହର୍ଷେ ଚାଲିଲା ଅଗ୍ରତେ,
ଚାଲିଲେ ତା ପଛେ ରାଣୀ ଶିଶୁ ଧରି ଅଙ୍କେ
ତାଙ୍କ ପଛେ ହୃଷ୍ଟ ଚିତ୍ତେ ଚାଲିଲା ଝାଙ୍କସ୍ୱ ।

ତପ୍ସୀ ତପଶକ୍ତି ବେନି ମଧ୍ୟରେ ଆଦରେ
ଗ୍ରହିଲନ୍ତି ସାଧନା ଅବା ତପ ଫଳ ଧରି ।
କିମ୍ବା ଗିରି ଅଧିରାଜ ମେନକା ମଧ୍ୟରେ
କାର୍ତ୍ତିକଙ୍କୁ ଅଙ୍କେ ଧରି ଗ୍ରହିଲନ୍ତି କି ଉମା ?
ହେଲେ ଯାଇ ଯଥାକାଳେ ଉପସ୍ଥିତ ସର୍ବେ
ଓକିଲ୍ଲ ନାମକ ଗ୍ରାମେ, ଯାଙ୍କର କୁଟୀରେ
ପିଆଇ ଗୋଦୁଗ୍ଧ ତହୁଁ କୁମାରେ ଯାଙ୍କରି
ରତ ହେଲା ପ୍ରସୂତୀଙ୍କ ଯୋଗ୍ୟ ଶୁଶ୍ରୂଷାରେ ।
ଯେ ରାତ୍ରେ ମହର୍ଷୀ ତହିଁ ଭଜିଲେ ବିଶ୍ରାମ,
ପ୍ରଭାତେ ତାହାଙ୍କୁ ଘେନି ଯାଙ୍କର ଦମ୍ପତି
ହେଲେ ଉପସ୍ଥିତ ଯାଇଁ କୁଶପାଲି ଗ୍ରାମେ,
କରୁଥିଲେ ବାସ ତହିଁ ବିଶାଳ କାୟସ୍ଥ
ରାମଡ଼ ବରିହା ନାମେ ପ୍ରସିଦ୍ଧ ଗୃହସ୍ଥ
ବିପୁଳ ବିଭବଶାଳୀ, ଅତିଥିବତ୍ସଳ ।
ପାଇଲେ ଅତିଥି ସେବା, ମଣନ୍ତି ସେ ବୃଦ୍ଧ
କୋଟିନିଧି ପ୍ରାପ୍ତି ଭଳି ପରମ ଆନନ୍ଦ ।
ଧନୀ, ମାତ୍ର ନ ଥିଲେ ସେ ଧନ ଜଗୁଆଳି
ଜାଣିଥିଲେ କରି ସଦା ଧନର ସଦ୍‌ବ୍ୟୟ
ବିଳାସ ବ୍ୟସନ ସ୍ପର୍ଶେ ଅବିଦ୍ୟା ସେବାରେ
ଥିଲା ନାହିଁ କଳଙ୍କିତ, ଅଥବା ବିକୃତ
ତାଙ୍କ ପୂତ ଧନାଗାର, ପ୍ରବୀଣ ବରିହା
ବାହାରେ ଗୃହସ୍ଥ, ମାତ୍ର ଅନ୍ତର୍ଗତେ ଯୋଗୀ ।
ଶୁଣି ସେ ଯାଙ୍କର ମୁଖୁ ରାଣୀଙ୍କ ବୃତ୍ତାନ୍ତ
ଉଠି ଆସି ଆଗ୍ରହରେ, ରାଣୀଙ୍କ ସମ୍ମୁଖେ
ବିସ୍ତାରିଲା ବେନି ହାତ ସହାସ୍ୟ ବଦନେ,
ତହୁଁ ରାଣୀ ବୁଝିପାରି ବୃଦ୍ଧ ମନୋରଥ,
କୁମାରଙ୍କୁ ଦେଲେ ତାଙ୍କ କୋଳକୁ ବଢ଼ାଇ
ବହିଲା ସେ ଦୃଶ୍ୟ ଅତି ପବିତ୍ର ଉପମା,
ଦେବତାଙ୍କୁ ପୁଷ୍ପାଞ୍ଜଳି ଦେଲେ କି ପୂଜକ
ସଦ୍ୟ ପ୍ରସ୍ଫୁଟିତ ପୁଷ୍ପେ, ଆନନ୍ଦ ଭକ୍ତିରେ ।
ଭାଷିଲେ ସମ୍ଭ୍ରମେ ବୃଦ୍ଧ, ସ୍ନେହବୋଳାସ୍ୱରେ,
ଚାହିଁଥିଲୁ ମୁଁ ତୁମ୍ଭଙ୍କୁ ମା, ମୋର ଇଷ୍ଟଦେବ
କରିଥିଲେ ସ୍ୱପ୍ନାଦେଶ, ଗତରାତ୍ରେ ମୋତେ,
ଖଡ଼ିଆଳ ଅଧିପତି ହମିର ଦେଓଙ୍କ
କନିଷ୍ଠା ମହିଷୀ କାଲି ଆସିବେ ତୋଠାକୁ
କରିବୁ ତୁ ତାଙ୍କୁ ସୁଖେ ଲାଳନ ପାଳନ ।
ପ୍ରଭାତେ ଉଠି ମୁଁ ଆଜି, ହେଜି ସ୍ୱପ୍ନାଦେଶ
ବସିଥିଲି ଆଗମନ ଅପେକ୍ଷାରେ ତବ
ସାର୍ଥକ ହେଲା ମୋ ସ୍ୱପ୍ନ, ସାର୍ଥକ ଜୀବନ
ସର୍ବ ସୁଲକ୍ଷଣବନ୍ତ ଏ କୁମରମଣି
ହେବେ ଜଣେ ମହାପ୍ରାଣ ଅତୀବ ଉଜ୍ଜ୍ୱଳ
ଭାବୀ ଭାଗ୍ୟ ଏହାଙ୍କର ଜିଣି ବହୁ ରାଜ୍ୟ
କରିବେ ଏ ସୁବିଶାଳ ସାମ୍ରାଜ୍ୟ ସ୍ଥାପନ,
ଏହାଙ୍କ ବୀରତ୍ୱ ଖ୍ୟାତି ରବିକର ପ୍ରାୟ
ବ୍ୟାପ୍ତ ହେବ ଗ୍ରବଦଗେ ସୁଦୂର ଭବିଷ୍ୟେ ।
କୁମରଙ୍କ ରମ୍ୟରୂପେ ହୋଇ ମୁଁ ବିମୁଗ୍ଧ
ରଖିଲି ଏହାଙ୍କ ନାମ ରାମଚନ୍ଦ୍ର ଦେବ ।
ବିଜେକର ଗୃହେ ମୋର ପିତାଳୟ ଜ୍ଞାନେ
ପାଳିବି ମୁଁ ତୁମ୍ଭଙ୍କୁ ମା ନିଜ କନ୍ୟା ପ୍ରାୟ—
ଏହା ଭାଷି ମହର୍ଷୀଙ୍କୁ ଘେନିଯାଇ ସଙ୍ଗେ
ରଖାଇଲେ ତାଙ୍କୁ ରମ୍ୟ ରାଜଯୋଗ୍ୟ ଗୃହେ,
ଖଞ୍ଜିଦେଲେ ତାଙ୍କ ପାଇଁ ସଖୀ ପରିଚାରୀ ।
ବିନୟଗଦ୍‌ଗଦ କଣ୍ଠେ ଭାଷିଲେ ମହର୍ଷୀ—
ଦେଖିଲି କି ଦୃଶ୍ୟ ପିତଃ, ସତ୍ୟ କିମ୍ବା ସ୍ୱପ୍ନ
ପାରୁନାହିଁ ହେଜି ତାହା ଦୁର୍ଲଭ ସର୍ବଥା
ନରପ୍ରାଣେ ଏ ଦେବତ୍ୱ ତବ ସ୍ନେହ ଦୟା
ଯାଇଅଛି ଲଙ୍ଘି ମୋର କୃତଜ୍ଞତାର ସୀମା ।
ଥାଏ ଯେଉଁ ହୃଦୟରେ ଏତେ ବାତ୍ସଲ୍ୟ
ସେହି ପିତା ପିତୃହୃଦ ସେହି ଦେବହୃଦ,
ସମ୍ବୋଧୁଛ କନ୍ୟା ବୋଲି କି କହିବି ଆଜ,
କର ଆଶୀର୍ବାଦ ହୁଏ ଯୋଗ୍ୟ କନ୍ୟା ତବ,
ବହିବି ମୁଁ ଗର୍ବ ଯେତେ ଦେବପିତାଙ୍କର

କନ୍ୟା ବୋଲି ଚିରକାଳ ଏତକ ମାଗୁଣି
ଅପ୍ରତ୍ୟକ୍ଷ ଅନିର୍ଦ୍ଦିଷ୍ଟ ଦେବଶକ୍ତି ସିନା,
ମାତ୍ର ମୁଁ ଦେଖିଲି ଆଜି ଦେହକେ ଦେବତା,
ଏତେ ସ୍ନେହ ଏତେ ଦୟା ପୁଣି ଏତେ ମଧୁ
ଅଛି ଯେ ହୃଦୟେ ତାହା ଦେବହୃଦଠାରୁ
ବଳେ ସିନା କୋଟିଗୁଣେ ଧ୍ରୁବ ସତ୍ୟ ଏହା
ବିପନ୍ନର ସହାୟ ସେ ଦୀନ ଦୁଃଖୀବନ୍ଧୁ,
ଅବର ଆଶ୍ରୟଦାତା ଅନାଥ ଜନର,
ହେଉପଛେ ମାନବ ସେ ମାତ୍ର ତାହା ପ୍ରାଣେ
ଘଟେ ଏକା ଦେବତ୍ୱର ସମ୍ପୂର୍ଣ୍ଣ ବିକାଶ,
ଲଭିଲି ଏ ମହାଶିକ୍ଷା ତୁମ୍ଭର ସକାଶୁ,
ଘେନ ପିତଃ ଏ କନ୍ୟାର ହୃଦୟର ଭକ୍ତି
ଅନନ୍ତର ରାଜସୁଖ ରାଜ ସମ୍ଭ୍ରମରେ
ରହିଲେ ବରହ୍ମାଗୃହେ ରାଣୀ ଆଶାବତୀ,
ମାତୃଅଙ୍କେ ଦିନୁଦିନୁ ବଢିଲେ କୁମାର
ରାମଚନ୍ଦ୍ର, ଚନ୍ଦ୍ର ଯଥା ଶୁକ୍ଳାତିଥି ଅଙ୍କେ,
କିମ୍ବା ଯଥା ଲଭେ ବୃଦ୍ଧି ସଦ୍‌ଗୁରୁ ପ୍ରସାଦେ
ମେଧାବୀ ଶିଷ୍ୟର ଜ୍ଞାନ, ଅଥବା ଯେସନ
କ୍ରମଶଃ ବୃଦ୍ଧି ଲଭେ ନିଦାଘେ ଦିବସ ।
ପ୍ରକାଶି ଶୈଶବ ଲୀଳା ବିବିଧ କୌତୁକ
ମୋହିଲେ ସକଳ ଜନେ, ଲଭିଲେ ଅବର
ନିଜ ଗୁଣେ ସକଳର ହୋଇ ସ୍ନେହ ପାତ୍ର ।
କୁମାର ପଞ୍ଚମ ବର୍ଷେ କଲେ ପଦାର୍ପଣ,
ବିଦୁଷୀ ମାତାଙ୍କଠାରୁ ହେଲା ତାହାଙ୍କର
ପ୍ରାଥମିକ ଶିକ୍ଷାରମ୍ଭ, ଶୁଣି ଗଳ୍ପ ଛଳେ
ଅର୍ପୁଥିଲେ ମାତା ତାଙ୍କୁ ଶିକ୍ଷା ଉପଦେଶ,
ନିର୍ଦ୍ଦୋଷ ରହସ୍ୟଗଳ୍ପ କହି ବେଳେବେଳେ
ଶିକ୍ଷା ପ୍ରତି ଆକର୍ଷଣ କରନ୍ତି ଶିଶୁର
ପ୍ରବଳ ଆଗ୍ରହ, କେବେ କରନ୍ତି ପ୍ରଦାନ
ରାଜନୀତି, ଧର୍ମନୀତି, ବ୍ୟବହାରନୀତି
ଶାସ୍ତ୍ର, ସ୍ୱାସ୍ଥ୍ୟ ନୀତି ଆଦି ବହୁ ନୀତିଶିକ୍ଷା ।

ଥରେ ମାତ୍ର ଶୁଣନ୍ତି ଯା, ମେଧାବୀ କୁମାର
ନିଅନ୍ତି ଆୟତ୍ତ କରି ତାହା ସେହିକ୍ଷଣି
ଯେସନ ଫୋଟୋଗ୍ରାଫ, ହୋଇଯାଏ ହେତୁ ।
ଅଦ୍ଭୁତ ପ୍ରତିଭା ଶକ୍ତି ଦେଖି ତାହାଙ୍କର
ବହେ ବହୁଧାରେ ଆଶା ଆନନ୍ଦର ସ୍ରୋତ
ମାତାଙ୍କ ହୃଦୟେ, ପୁଣେ ତୋଷନ୍ତି ସେ ସ୍ନେହେ
କୁମାରଙ୍କ ଶିକ୍ଷା ଭାର ଅର୍ପିଲେ ବରହ୍ମା
ଯୋଗ୍ୟଗୁରୁ ଚକ୍ରଧର ପାଣିଗ୍ରାହୀ ହସ୍ତେ ।
ଥିଲେ ବିପ୍ର ଚକ୍ରଧର ଶାସ୍ତ୍ରେ ଧନୁର୍ବେଦେ
ଅଦ୍ୱିତୀୟ ଧୁରନ୍ଧର, ଦ୍ରୋଣାଚାର୍ଯ୍ୟ ପ୍ରାୟ,
ଗୁରୁ ଗୃହେ ବାସକରି ରାମଚନ୍ଦ୍ର ଦେବ
ହେଲେ ରତ ଅଧ୍ୟୟନେ ଅଳ୍ପକାଳ ମଧ୍ୟେ
ଫୁଟିଲା ବିକଶି ତାଙ୍କ ଅଦ୍ଭୁତ ପ୍ରତିଭା,
ଦେଖି ଗୁରୁ ଶିଷ୍ୟଙ୍କର ତୀକ୍ଷ୍ଣ ସ୍ମୃତିଶକ୍ତି
କଲେ ତାଙ୍କୁ ଶିକ୍ଷାଦାନ ଦ୍ୱିଗୁଣ ଆଗ୍ରହେ,
ଗୁଣ ମୁଗ୍ଧ ଗୁରୁ, ଶିଷ୍ୟେ ଅର୍ପୁଥିଲେ ଯଥା
ପୁତ୍ର ସ୍ନେହ, ଶିଷ୍ୟ ସ୍ୱେଚ୍ଛା ସ୍ନେହ ବିନିମୟେ
ଅର୍ପୁଥିଲେ ଗୁରୁପଦେ ଶ୍ରଦ୍ଧା ଭକ୍ତି ତଥା ।
କୈଶୋରରେ ଉପନୀତ ହୁଅନ୍ତେ କୁମାର
ଆଶ୍ରିଲେ ତାହାଙ୍କୁ ଆସି ବିବିଧ ସଦ୍‌ଗୁଣ
ସୁଗନ୍ଧ ମନ୍ଦାର ଯଥା ପ୍ରସ୍ଫୁଟ କୁସୁମେ;
ଉଠିଲେ ସେ ହୋଇ ସର୍ବ ବିଦ୍ୟାରେ ନିପୁଣ.
କ୍ଷାତ୍ରୋଚିତ ଶୌର୍ଯ୍ୟ, ଜ୍ଞାନ ଉଠିଲା ବିକଶି,
ଧନୁଖଡ୍‌ଗ, ଗଦାଚକ୍ର, ଆଗ୍ନେୟାସ୍ତ୍ର ଆଦି
ଧନୁର୍ବେଦ ସାଧନାର ସକଳ ବିଭାଗେ
ହେଲେ ଦକ୍ଷ ସମଭାବେ, ଖେଳିଲେ ପାରିଧି
ପଶି ବନ ମଧ୍ୟେ, ଘେନି ବନ୍ୟ ସଙ୍ଗୀଦଳେ ।
ଅବ୍ୟର୍ଥ ତାଙ୍କର ବାଣ, ଚଳ ଲକ୍ଷ୍ୟଭେଦେ,
ପଡ଼ିଲେ ହାବୁଡ଼େ ଜନ୍ତୁ, ହୁଏ ସେ ଗତାୟୁ ।
ହିଂସ୍ର ଜନ୍ତୁ ବ୍ୟତିରେକ କରନ୍ତି ନାହିଁ ସେ
ନିରୀହର ପ୍ରାଣବଧ, ଭ୍ରମେ ବା କୌତୁକେ ।

ଭୀଷଣ ବରାହ କମ୍ବା ବ୍ୟାଘ୍ର ମହାବଳେ
ନ କରନ୍ତି ଭଳେ ଭୟ ସେ ବୀର କୁମାର,
ଦଣ୍ଡନ୍ତି ସେ ମହାବଳେ ମାର୍ଜାର ସମାନ,
ଶରଣ୍ୟବାଣୀ ଜନ୍ତୁକୁଳେ ଘଉଡ଼ି ଦେହରୁ
ଭଳେ ସଦା ପ୍ରଜାକୁଳେ ଆଶ୍ୱସ୍ତ, ନିଶ୍ଚିନ୍ତ,
ରଟିଲା ଚୌଦିଗେ ତାଙ୍କ ବୀରତ୍ୱର ଖ୍ୟାତ,
ପ୍ରସିଦ୍ଧ ବିଜୟୀ ବୀରେ ଶୁଣି ତାଙ୍କ ନାମ
ଗଣିଲେ ପ୍ରମାଦ ଚିତ୍ତେ ଭାବି ଆଶଙ୍କାରେ ।

ସ୍ନେହ ବଶେ ବାଲ୍ୟକାଳେ ଡାକୁଥିଲେ ତାଙ୍କୁ
ଜନନୀ ରମାଇ ବୋଲି, ପରବର୍ତ୍ତୀ କାଳେ
ସେହି ନାମେ ପରିଚିତ ଥିଲେ ସେ ସର୍ବତ୍ର ।
ଶୁଣିଥିଲେ ନିଜକୁ ସେ ରାଜପୁତ୍ର ବୋଲି
ଜନନୀ ମୁଖରୁ ପୂର୍ବେ, ସେହିଦିନୁ ବୀର
ହୃତରାଜ୍ୟ ସମୁଦ୍ଧାରେ ବଳାଇ ମାନସ
ହୋଇଥିଲେ ପ୍ରଚ୍ଛନ୍ନେ ସେ ପ୍ରସ୍ତୁତ ସର୍ବଦା ।
ଚକ୍ରଧର ପାଣିଗ୍ରାହୀ କରୁଥିଲେ ବାସ
ପ୍ରସିଦ୍ଧ ବୀରୋଡ଼ ଗ୍ରାମେ, ଅଦୂରେ ତାହାର
ନିର୍ମିଣ୍ଣି ଅଖଡ଼ାଶାଳା ବୀରେନ୍ଦ୍ର ରମାଇ
କରୁଥିଲେ ମଲ୍ଲବିଦ୍ୟା ସେଠାରେ ସାଧନା
କୁସ୍ତି କସରତ ଆଦି, ଅଦ୍ୟାପି ସେ ଗ୍ରାମେ
ହେଉଅଛି ପୂଜିତ ତାଙ୍କ କାଷ୍ଠର ମୁଦ୍‌ଗର,
ପ୍ରସ୍ତର ନିର୍ମିତ ପେଣ୍ଡ୍, ଅଡ଼ମ୍ବର ସହ,
ଶବ୍ଦିତ ଅଖଡ଼ାଭିଟା ନାମେ ସେହି ଗୃହ,
ବୀରର ନମସ୍ୟ ସେହି ବୀରତୀର୍ଥ ସ୍ଥଳୀ ।

ସେ କାଳେ ଦମାଇଗଣ୍ଡ ନାମେ ଏକ ବୀର
ଲଭିଥିଲା ଖଣ୍ଡା ଯୁଦ୍ଧେ ଖ୍ୟାତ, ପ୍ରତପତ୍ତି ।
ଧୂମକେତୁ ପୁଚ୍ଛ ପ୍ରାୟ ସେ ଭୀଷଣ ଖଣ୍ଡା
ଥିଲେ ତାହା ହସ୍ତେ କେହି ନଥିଲେ କ୍ଷମ
କରିବାକୁ ପରାଜୟ ସମରେ ତାହାକୁ,
ଶୁଣି ଏହା ରାମଚନ୍ଦ୍ର ବୀରେଶ ଗୌରବ,
କରି ତାକୁ ଯୁଦ୍ଧେ ହତ, ଆଣିଲେ ସେ ଖଣ୍ଡା,
ଜୀବନରେ ପ୍ରିୟ ଶସ୍ତ୍ର ହେଲା ସେ ତାଙ୍କର,
ହେଉଥିଲେ ବୀରମଣି ତାହାର ପ୍ରସାଦେ
ସର୍ବତ୍ର ବିଜୟୀ ରଣେ, ସର୍ବତ୍ର ଯଶସ୍ୱୀ ।
ଲଭି ସେ ରମାଇ ଖଣ୍ଡା ଗୌରବ ଅଦ୍ୟାପି
ହେଉଅଛି ପୂଜିତ ସଦା ପାଟଣା ନଗରେ
ରମାଇଙ୍କ ପାଟଖଣ୍ଡା ଉପନାମ ତାର,
ଲଭି ସେ ବିଜୟୀ ଅସ୍ତ୍ର ବୀରକୁଳ ଚୂଡ଼ା
ମଣିଲେ ଦଇବୀ ଶକ୍ତି କରଗତ ପ୍ରାୟ,
ବୀର ପକ୍ଷେ ଅସ୍ତ୍ରଲାଭ, ବଳେ ରତ୍ନଲାଭ ।

ଗଙ୍ଗବଂଶ ଅବତଂସ କୃତ୍ତିବାସ ଦେବ
କରୁଥିଲେ ପାଟଣାରେ ରାଜତ୍ୱ ସେକାଳେ,
ନିଃସନ୍ତାନ ଅବସ୍ଥାରେ ହୁଅନ୍ତେ ସେ ମୃତ,
ହେମନ୍ତକୁମାରୀ ଦେବୀ ମହିଷୀ ତାଙ୍କର
ଚଢ଼ାଇ ସୁବର୍ଣ୍ଣ ଲେମ୍ବୁ ସ୍ଥାପି ସିଂହାସନେ,
ବାଣ୍ଟି ରାଜ୍ୟ ଅଷ୍ଟମଲ୍ଲେ ଅଷ୍ଟଗଡ଼ ମଧ୍ୟ,
ଅର୍ପିଲେ ଶାସନ ଭାର ତାହାଙ୍କ ହସ୍ତରେ ।
ପାଳିକରି ଅଷ୍ଟମଲ୍ଲେ ଧରି ସ୍ୱର୍ଣ୍ଣଲେମ୍ବୁ,
ଚଳାଇଲେ ରାଜକାର୍ଯ୍ୟ ଶାସନ ପାଳନ ।
ପ୍ରବୀଣ ପ୍ରଧାନ ମଲ୍ଲ ଥିଲେ ତାଙ୍କ ମଧ୍ୟେ
ଚକ୍ରଧର ପାଣିଗ୍ରାହୀ ନୈଷ୍ଠିକ ବ୍ରାହ୍ମଣ ।
ପାରୁଥିଲେ ଭାଙ୍ଗି ବଡ଼ ସ୍ଥୂଳ ଶାବଳ,
ହେଉଥିଲେ ଅଭିହିତ ରାଜ୍ୟମଧ୍ୟେ ତେଣୁ
ସର୍ବତ୍ର ଶାବଳଭଙ୍ଗା ପାଣିଗ୍ରାହୀ ନାମେ ।

କିଛିକାଳ ପରେ ପୁଣି ପ୍ରବୀଣା ମହିଷୀ
ସମ୍ଭରିଲେ ଇହଲୀଳା, ତହୁଁ ଅଷ୍ଟମଲ୍ଲେ
ଚଳାଇଲେ ରାଜକାର୍ଯ୍ୟ, ପୂର୍ବ ବିଧିମତେ ।
ପଡ଼ିଲା ଯେ ଦିନ ପାଳି ପାଣିଗ୍ରାହୀଙ୍କର

ସେ ଦିନ ଭୀଷଣ ଜ୍ୱରେ ଥିଲେ ସେ ପୀଡ଼ିତ,
ତହୁଁ ସ୍ୱୀୟ ଯୋଗ୍ୟଶିଷ୍ୟ ରାମଚନ୍ଦ୍ର ପାଶେ
କହିଲେ ଚଳାଅ ବତ୍ସ ରାଜକାର୍ଯ୍ୟ ଆଜି,
ଅତୀବ ଅଶକ୍ତ ମୁହିଁ ନ ପାରିବି ଯାଇ,
ଶୁଣିଣ ଗୁରୁଙ୍କ ଆଜ୍ଞା ହୋଇ ସେ ଉପଗତ
ନିବେଦିଲେ ମାତୃପାଶେ ଏ ଶୁଭ ସମ୍ବାଦ,
ତହୁଁ ରାଣୀ ରାଜବେଶେ ସଜାଇ କୁମାରେ
ପାଳିବାକୁ ଗୁରୁଆଜ୍ଞା, ପ୍ରେରିଲେ ଆଶିଷି,
ଘେନି ମାତୃ ଆଶୀର୍ବାଦ, ଗୁରୁଙ୍କ ଆଦେଶ,
ଚଳାଇଲେ ରାମଚନ୍ଦ୍ର ବସି ସିଂହାସନେ
ଯଥା ବିଧି ରାଜକାର୍ଯ୍ୟ, ଦକ୍ଷତା ସହିତ ।
ଡାକି ସପ୍ତମଲ୍ଲେ, ତାଙ୍କୁ କହିଲେ ଆଦେଶ,
ବିଭିନ୍ନ ସ୍ଥାନରେ ରଚ ସାତୋଟି କୁଟୀର
ରହ ତୁମ୍ଭେ ଜଣେ ଜଣେ ଏକାକୀ ତହିଁରେ,
କରିବି ମୁଁ ପ୍ରତିଘରେ ଯାଇ ତବ ସହ
ଗୋପନ ମନ୍ତ୍ରଣା, ହେଲା ରାଜାଜ୍ଞା ପାଳିତ ।
ତହୁଁ ରଜା ଉଠିଯାଇ ସିଂହାସନୁ ତ୍ୱରା
ପଶି ପ୍ରତିଘରେ, ଧରି ସୁତୀକ୍ଷ୍ଣ କୃପାଣ
ସପ୍ତମଲ୍ଲଙ୍କର ମୁଣ୍ଡ ପକାଇଲେ ହାଣି ।
ବିଷ ମୁଣ୍ଡ ହସ୍ତ ପଦ ସପ୍ତମଲ୍ଲଙ୍କର
ପୋତାହେଲା ସ୍ୱସ୍ଥାନେ, ନୃପତି ଆଦେଶେ,
ବକ୍ଷୋପରି ସଂସ୍ଥାପିତ ହେଲା ସିଂହାସନ,
ବସିଲେ ନୃମଣି ତହିଁ ବହି ବୀରଦର୍ପ ।
ରମାଇ ବିକ୍ରମ ଦେଖି ପୂର୍ବେ ଅଷ୍ଟମଲ୍ଲେ,
ରଚିଥିଲେ କୂଟଚକ୍ର ବଧିବାକୁ ତାଙ୍କୁ,
ଦୁର୍ଜନ କୁଚକ୍ରୀ ଏବେ ମଲେ ତାଙ୍କ ହାତେ,
ରାଣୀଙ୍କର ମୃତ୍ୟୁପରେ ଏହି ସପ୍ତମଲ୍ଲେ
ହୋଇଥିଲେ ନିର୍ଭୟରେ ରତ ସ୍ୱେଚ୍ଛାଚାରେ ।
ଏଥି ଅନ୍ତେ ରାମଚନ୍ଦ୍ର ନବୀନ ଭୂପତି
ହକାରିଲେ ଏକଥରେ, ଶୁଣି ଏ ବାରତା
ପାଣିଗ୍ରାହୀ ମହାଭୟେ ଉଠିଲେ ଶିହରି,
ଭାବିଲେ ସ୍ୱଗତେ,-ହାୟ କି କୁଦିନ ଆଜି,
ମଲେଣି ତ ହାଣଖାଇ ମଲ୍ଲ ସାତଜଣ,
ମୋ ଭାଗ୍ୟେ ଘଟିବ ପରା ସେହିଦଶା ଏବେ ।
ନଗଲେ ମରଣ, ପୁଣି ଗଲେ ବି ମରଣ,
ଯାହା ଥାଉ ଭାଗ୍ୟ ଲେଖା, ଯିବି ମୁଁ ନିଶ୍ଚୟ,
ରାଜଆଜ୍ଞା ଶିରୋଧାର୍ଯ୍ୟ, ଏହା ଭାବି ମନେ
ଯାଇ ସେ କମ୍ପିତ ପଦେ, ହେଲେ ଉପସ୍ଥିତ
ରାଜାଙ୍କ ସମ୍ମୁଖରେ, ଦେଖି କମ୍ପିତ ତାହାଙ୍କୁ
କହିଲେ ମଧୁରେ ହସି ରାମଚନ୍ଦ୍ରଦେବ,
କିମ୍ପା ଏତେ ଭୟ ଗୁରୋ, ହୁଅ ହେ ଆଶ୍ୱସ୍ତ
ତୁମ୍ଭେ ମୋର ପିତା, ପୁଣି ଶିକ୍ଷାଦାତା ଗୁରୁ,
ବିନାଶି ତୁମ୍ଭର ପ୍ରାଣ ହେବି କି ହେ ଲିପ୍ତ
ଏକାଧାରେ ଗୁରୁହତ୍ୟା, ପିତୃ ହତ୍ୟା ପାପେ
ତୁମ୍ଭର ଏ ପୁତ୍ରୋପମ ପ୍ରିୟ ଶିଷ୍ୟ ଭଲା,
ତୁମ୍ଭ ଶିକ୍ଷା ଉପଦେଶେ ହୋ ଯାର ପ୍ରାଣ;
ଏଡ଼େ ଅର୍ବାଚୀନ କିଏ ଅଛି କି ମାନବେ !
ଏହା ଭଣି ଗୁରୁ ଶିରେ ବାନ୍ଧି ଦେଇ ପାଟ
କହିଲେ, ପ୍ରଧାନ ମନ୍ତ୍ରୀ ହେଲ ତୁମ୍ଭେ ମୋର,
କରୁଥିବ ରାଜକାର୍ଯ୍ୟେ ସହାୟତା ମୋତେ ।
ନ ମିଶିଲେ ରାଜଶୌର୍ଯ୍ୟେ ପ୍ରବୀଣ ମନ୍ତ୍ରୀର
ନୀତିଗର୍ଭ ସୁମନ୍ତ୍ରଣା ଚକ୍ରଜ୍ଞାନ ଲବ୍ଧ,
ହେବ ନାହିଁ ରାଜଶକ୍ତି ସୁଦୃଢ଼ ଅକ୍ଷୟ,
ରାଜାର ଦକ୍ଷିଣ ହସ୍ତ ଦୂରଦର୍ଶୀ ମନ୍ତ୍ରୀ ।
ଏହା ଭଣି ବସାଇଲେ ତାଙ୍କୁ ଯୋଗ୍ୟାସନେ,
ଆସିଥିଲେ ପାଣିଗ୍ରାହୀ ମୃତ୍ୟୁ ପାଇଁ ମନେ,
ଘଟିଲା ତା ପରିବର୍ତ୍ତେ ସୌଭାଗ୍ୟ ଉଦୟ,
ଅଦ୍ଭୁତ କରୁଣା ଏହା ଭବିତବ୍ୟ ତାର ।
ଆନନ୍ଦେ ଅଧୀର ହୋଇ ତହୁଁ ବିପ୍ରବର
ରାଜାଶିରେ ନିଜ ହସ୍ତ ଦେଲେ ଆଶୀର୍ବାଦ,
ପୂର୍ଣ୍ଣ ହେଉ ବତ୍ସ, ତବ ଶୁଭ ମନୋରଥ,
ହୋଇ ତୁମ୍ଭେ ଦୀର୍ଘଜୀବୀ, କର ସଂସ୍ଥାପନ

ବିଶାଳ ବିସ୍ତୃତ ରାଜ୍ୟ, ବହୁ ସୁପ୍ରତିଷ୍ଠା,
ଧନ୍ୟ ମୁହିଁ, ଲଭି ବତ୍ସ ତୁମ୍ଭ ଭଳି ଶିଷ୍ୟ ।

ଶୁଣି ସପ୍ତମଲ୍ଲିକଙ୍କ ବିନାଶ ସମ୍ବାଦ
ଖେଳିଗଲା ରାଜ୍ୟ ମଧ୍ୟେ ଦାରୁଣ ଆତଙ୍କ,
ଧାଇଁଲେ ତାହାଙ୍କ ପୁତ୍ରେ ବିଷମ କ୍ରୋଧରେ
ଧରି ବହୁ ଅସ୍ତ୍ର ଶସ୍ତ୍ର, ପାଞ୍ଚି ପ୍ରତିଶୋଧ,
ଲାଗିଗଲା ଖଣ୍ଡଯୁଦ୍ଧ ଅସ୍ତ୍ର ଝିଙ୍ଗା ଝିଙ୍ଗି,
ପାଇ ଏ ସମ୍ବାଦ ରାଣୀ, ଧରି ଧନୁର୍ବାଣ,
ସ୍ୱାମୀଙ୍କର ସାହାଯ୍ୟାର୍ଥେ ହେଲେ ଉପସ୍ଥିତ
ସମର ପ୍ରାଙ୍ଗଣେ, ଆସି ସତ୍ୱର ଗମନେ ।
କ୍ଷତ୍ରିୟ ରମଣୀ ସେହୁ, ମହାତେଜସ୍ୱିନୀ,
ବାନ୍ଧି ଅସ୍ତ୍ର, ଶତ୍ରୁପକ୍ଷେ କଲେ ବ୍ୟତିବ୍ୟସ୍ତ ।
ହେରି ତାଙ୍କ ଭୟାବହ ରଣଚଣ୍ଡୀ ମୂର୍ତ୍ତି
ମହାଭୟେ ଶତ୍ରୁପକ୍ଷ ଗଣିଲେ ପ୍ରମାଦ ।
ସତେ ସେହେଁ ଉଗ୍ରଚଣ୍ଡୀ, ମୁକ୍ତୁଳିତ କେଶୀ,
ରିପୁସ ବିନାଶ ଅର୍ଥେ, ନିରତ ସମରେ ।
କିଛିକ୍ଷଣ ଯୁଦ୍ଧପରେ ହାରିଯାଇ ଶତ୍ରୁ
ପଶିଲେ ଶରଣ ଆସି ରାଜ ପଦତଳେ
ମାଗି କ୍ଷମା ଭିକ୍ଷା, କଲେ ଅସ୍ତ୍ର ସମର୍ପଣ ।
ବୀର ହୃଦେ କ୍ରୋଧପରି କ୍ଷମା ବି ସୁଲଭ,
କ୍ଷମା ଦେଇ ରାମଚନ୍ଦ୍ର ସପ୍ତମଲ୍ଲ ପୁତ୍ରେ
କଲେ ତାଙ୍କୁ ନିୟୋଜିତ ସମର ବିଭାଗେ ।

ରାଜା ହେଲେ ରାମଚନ୍ଦ୍ର ପାଟଣା ମଣ୍ଡଳ
ସେ ଦିନୁ ଆରମ୍ଭ ହେଲା ପାଟଣା ରାଜ୍ୟରେ
ଚୌହାନ ରାଜତ୍ୱ, ତାର ସୌଭାଗ୍ୟ ଭାସ୍କର
ଉଇଁଲା ସୁବର୍ଣ୍ଣ ରଶ୍ମି ବିସ୍ତାରି ଚୌଦିଗେ ।
ଜନ ମୁଖେ ଏ ଘଟଣା ହୁଅନ୍ତେ ଘୋଷିତ,
ଶୁଣି ଖଡ଼ିଆଳ ବାସୀ ମିଳି ତାଙ୍କ ପାଖେ
ନିବେଦିଲେ ଯୁକ୍ତ କରେ, ବିନମ୍ର ବଚନ,
ନରମଣି, ଖଡିଆଳ ପିତୃରାଜ୍ୟ ତବ,
ବସି ତୁମ୍ଭେ ସେ ରାଜ୍ୟର ରାଜ ସିଂହାସନେ
କର ପ୍ରଜାକୁଳେ ସୁଖୀ, ଶାସନେ ପାଳନେ ।
ପ୍ରଜାକୁଳ ଅନୁରୋଧେ ବୀର ରାମଚନ୍ଦ୍ର
ମିଶାଇଲେ ଖଡ଼ିଆଳେ ପାଟଣା ରାଜ୍ୟରେ,
ଲଭି ନବ ରାଜ୍ୟସହ ପିତୃ ରାଜ୍ୟଭାର
ଲଭିଲେ ସନ୍ତୋଷ ସୁଖ ବୀରେନ୍ଦ୍ର ଉମାଇ,
ହେଲେ ହସ୍ତଗତ ଚିର ବାଞ୍ଛିତ ସମ୍ପତ୍ତି
ନହୁଏ କିଏ ବା ସୁଖୀ, ମାତୃଦେବୀ ସହ
ନିବସି ପାଟଣା ଦୁର୍ଗେ, କଲେ ରାଜପଣ,
ଚୌହାନ ଗୌରବ ବୀର ରାମଚନ୍ଦ୍ର ଦେବ,
ସୁବର୍ଣ୍ଣ ସୁଯୋଗ ଏହା ପାଟଣା ଭାଗ୍ୟରେ ।
ରାଜା ହୋଇ ସିଂହାସନେ ନବୀନ ଭୂପତି
ବିତରିଲେ ପୁରସ୍କାର ଉପକାରୀ ଜନେ,
ଲଭିଲା ଉକଳା ଗ୍ରାମ ପୂର୍ବୋକ୍ତ ସାଙ୍କର,
ଚକ୍ରଧର ପାଣିଗ୍ରାହୀ ମନ୍ତ୍ରୀ, ବାଲ୍ୟଗୁରୁ,
ପାଇଲେ ଘାଟଗାଁଲ ଗ୍ରାମ ପୁରସ୍କାର ରୂପେ,
ଦେବାଶ୍ରୀ ବରିହା ସୁଦ୍ଧା ଯୋଗ୍ୟ ପୁରସ୍କାର
ଲଭିଥିଲେ ନୃପ ପାଶୁ, ଘୋଷେ ଜନଶ୍ରୁତି,
ନୀରବ ୧ ବିଷୟରେ କିନ୍ତୁ ଇତିହାସ ।
ଉପକାରୀ ଉପକାର ଯାଏ ସିନା ଭୁଲି
କୃତଘ୍ନ ଇତର, ମାତ୍ର ନଭୁଲେ ମହତ,
ପ୍ରଦାନେ ସେ ଯଥାକାଳେ ଯୋଗ୍ୟ ପ୍ରତିଦାନ
ଉପକାରୀ ପ୍ରତି, ତାହା ସୁଲଭ ତାଂଠାରେ ।
କେତେ ଦୁଷ୍ଟ ଜମିଦାର ରାଜ୍ୟରେ ସେ କାଳେ
କରୁଥିଲେ ଅତ୍ୟାଚାର, ଦୌରାତ୍ମ୍ୟ ଭୀଷଣ,
ଶୋଷୁଥିଲେ ପ୍ରଜାରକ୍ତ ଦୁରନ୍ତ ପିଶୁନେ
ଜଳୌକା ଯେସନ, ଶୋଷେ ନିଷ୍ଠୁର ଶୋଷଣେ
ପ୍ରଜା ପୁଞ୍ଜି ଧନ, ପ୍ରାଣ, ନାରୀର ସତୀତ୍ୱ ।
ଥିଲା ନାହିଁ ନିରାପଦ, ପ୍ରଜାକୁଳ ସଦା
ଥରୁଥିଲେ ଭୟେ, ଶୁଣି ସେ ଦୁଷ୍ଟଙ୍କ ନାମ,

ଭୀମ ପ୍ରଭଞ୍ଜନେ ଯଥା ଥରେ ରମ୍ଭାପତ୍ର ।
ବିନାଶି ସମରେ ତାଙ୍କୁ ନୃପ ରାମଚନ୍ଦ୍ର
ପ୍ରଜାବର୍ଗ ଧନ ପ୍ରାଣ ସତର୍କ ପ୍ରହରୀ,
ମିଶାଇଲେ ମୂଳରାଜ୍ୟେ ତାଙ୍କ ଜମିଦାରୀ ।
ଦୁଷ୍ଟ ଶିଷ୍ଟ ଅତ୍ୟାଚାରୀ ଆତତାୟୀ ବର୍ଗ
ଶୁଣି ରାମଚନ୍ଦ୍ରଙ୍କର ଦୁର୍ଜୟ ପ୍ରତାପ
ପଳାଇଲେ ରାଜ୍ୟ ଛାଡ଼ି ଭୟରେ କେ କାହିଁ,
ବିରାଜିଲା ରାଜ୍ୟେ ଶାନ୍ତି, ଦୂର ହେଲା ଭୟ,
ଉଠିଲା ସହସ୍ର କଣ୍ଠୁ ପ୍ରଶସ୍ତି ଗୀତିକା
ରାମଚନ୍ଦ୍ରଦେବଙ୍କର, ବ୍ୟାପିଲା ଚୌଦିଗେ
ତାହାଙ୍କର ଶୌର୍ଯ୍ୟ କୀର୍ତ୍ତି, ଗୁଣର ମହିମା ।
ଯେସନେ ନବ ପ୍ରସ୍ଫୁଟିତ କୁସୁମ ସୌରଭ
ଅବାରିତ ସମୀର ପୃଷ୍ଠେ, ବସନ୍ତ ପ୍ରଭାତେ ।
ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ କରି ସେ ବିଜୟ
ମିଶାଇଲେ ସ୍ୱରାଜ୍ୟେ ତାହା ପାଟଣା ସହିତେ;
ଯୋଡ଼ି ବହୁ ବସ୍ତ୍ର ଖଣ୍ଡେ ସୂଚୀଶିଳ୍ପୀ ଯଥା
ରଚେ ତହିଁ ସୁବିସ୍ତୃତ ସ୍ଥୂଳ ଚନ୍ଦ୍ରାତପ,
ଅନେକ ବିଜିତ ରାଜ୍ୟ ତଥା ନୃପବର
ମିଶାଇ ପାଟଣା ରାଜ୍ୟେ, କଲେ ସଂଗଠନ
ବିଶାଳ ବିସ୍ତୃତ ରାଜ୍ୟ, ଲଭିଲା ପ୍ରକୃତି
ପାଟଣା ଅଭ୍ୟୁତ ସହ ପାଟଣା ଗୌରବ ।
ଅନନ୍ତର ପରାଜୟି ବୌଦ୍ଧ ନରବରେ
ରଖିଲେ ତାହାଙ୍କୁ କରି ସାମନ୍ତ ନୃପତି ।
ଉଡ଼ିଲା ପାଟଣା ତୋଳି ଜୟ ଦୃପ୍ତ ଶିର,
ବଢ଼ିଲା ସୌଭାଗ୍ୟ ତାର, ନଦୀ ବନ୍ୟା ଯଥା,
ପ୍ରବୀଣ ବାର୍ଦ୍ଧାଣି ପ୍ରାୟ ବୀର ରାମଚନ୍ଦ୍ର
ଗଢ଼ିଦେଲେ ତାର ଦୀପ୍ତ ଉଜ୍ଜ୍ୱଳ ସୌଭାଗ୍ୟ ।

ରାଜା ରାମଚନ୍ଦ୍ରଦେବ, ଅଶ୍ୱାରୋହଣରେ
ଥିଲେ ପଟୁ ଅତିଶୟ, ଖଡ଼ଅଲଠାରୁ
ପାଟଣା ଦୂରତ୍ୱ ବିଂଶ କ୍ରୋଶ, ନରମଣି
କରି ଯାତାୟାତ ନିତି ଉଭୟ ରାଜ୍ୟକୁ
ଆରୋହି ତୁରଙ୍ଗ ପୃଷ୍ଠେ, ଅତି ଦ୍ରୁତଗାମୀ,
କରୁଥିଲେ ରାଜକାର୍ଯ୍ୟ ସୁପରିଚାଳନ ।
ଚିରଗନ୍ଧମାଦନର ଶିଖର ପ୍ରଦେଶେ
ବେହରଣ ଗୁମ୍ଫଦ୍ୱାରେ ବସେ ହୋଇ ନୃପ
ସ୍ନୁଦନୀ ରାତିରେ ଘେନି ମନ୍ତ୍ରୀ ସେନାପତି,
ଉମରା, ବଣିକ, ପ୍ରଜା-ପ୍ରତିନିଧି ବର୍ଗେ
କରୁଥିଲେ ସୁମନ୍ତ୍ରଣା, ରାଜ୍ୟ ଶାସନର
ହେଉଥିଲା ଗଢ଼ା ତହିଁ ସର୍ବ ସମ୍ମତିରେ
ନବ ନବ ରାଜନୀତି, ଆବର ସଂସ୍କାର
ପ୍ରାଚୀନ ରୀତିର, ଯଥା ଆବଶ୍ୟକ ମତେ ।
ବିଜେ ହୋଇ ଦିଗ୍ୱିଜୟେ ବୀରକୁଳଟୀକା
ଅନୁକୂଳ ଜନ୍ମମାଳ କଲେ ଅଧିକାର ।
ତହୁଁ ଯାଇ ଆକ୍ରମଣ କଲେ ରେଢ଼ାଖୋଲ,
ମାତ୍ର ରେଢ଼ାଖୋଲ ପତି ଶାନ୍ତଶିଷ୍ଟ ଭାବେ
କଲେ ଆତ୍ମସମର୍ପଣ, ତହୁଁ ରାମଚନ୍ଦ୍ର
ନ କରି ସମର, ରାଜ୍ୟେ ଆସିଲେ ବାହୁଡ଼ି,
କରିଥିଲେ ଏକାର୍ଯ୍ୟରେ ସାହାଯ୍ୟ ତାହାଙ୍କୁ
ଆଠଗାଁର ଜମିଦାର, ତେଣୁ ତାଙ୍କ ପ୍ରତି
ବିଶେଷ ସନ୍ତୁଷ୍ଟ ହୋଇ ବିଜୟୀ ନୃପତି
କଲେ ତାଙ୍କୁ ବହୁ ଉଚ୍ଚ କ୍ଷମତା ପ୍ରଦାନ ।
ପରମ ବିଶ୍ୱାସୀ ଜାଣି କଲେ ତାଙ୍କୁ ପୁଣି
ନିଜର ଶରୀରରକ୍ଷୀ ପ୍ରହରୀ ନିଯୁକ୍ତ ।
ସେକାଳେ ଝଲିଆପାଦା, ଖୁରିଖୁସମେଟା,
କନ୍ଧ ଜମିଦାରଦ୍ୱୟ, କରୁଥିଲେ ରାଜ୍ୟେ
ବହୁ ଅତ୍ୟାଚାର, ତାଙ୍କ ପ୍ରବଳ ଶୋଷଣେ
ପୁଣି ଉଚ୍ଛୃଙ୍ଖଳାଚାରେ ହେଲେ ପ୍ରଜାକୁଳ
ଦରିଦ୍ର ଅବସ୍ଥାପ୍ରାପ୍ତ, ତୀବ୍ର ଉତ୍ପୀଡ଼ିତ
ରାମଚନ୍ଦ୍ରଦେବ ତାଙ୍କ ଦମନ ସକାଶେ
ପେଷିଲେ ଦମାଇଗଣ୍ଡ ସୁବେ ସୈନ୍ୟସହ ।
କଲେ ସେ ପିଶାଚଦ୍ୱୟେ ଭୀଷଣ ସମରେ

ମଗ୍ନସ୍ତ ନାହତ, ତହୁଁ ସନ୍ତୋଷେ ନୃମଣି
ଦମାଇ ପୁଣ୍ଡକୁ କରି ବହୁ ସମାଦର
ଅର୍ପିଲେ ତା କରେ ବେନି ଜମିଦାରୀ ଭାର
ନାମୀଣି ମୂଇତା ଦୁର୍ଗ ଜରଗୁଡ଼ାଠାରେ
କଲା ସେ ଭବିଷ୍ୟ ରାଜ୍ୟ ଶାସନ, ପାଳନ,
ଖ୍ୟାତ ଏବେ ଜରଗୁଡ଼ା, ଜରସିଂହା ନାମେ ।

ଅନନ୍ତର ବାଜେ ହେଲେ ରାମଚନ୍ଦ୍ରଦେବ
ସୈନ୍ୟସହ ଆଡମ୍ବରେ, ଦେବ ଦର୍ଶନାର୍ଥେ,
ମର୍ତ୍ତ୍ୟର ବୈକୁଣ୍ଠଧାମ ପୁରୀ ମହାତୀର୍ଥେ,
ଗାଉଛନ୍ତି ଯା ମହିମାର ଅମର ସଙ୍ଗୀତ
ନୀରବଧି ମହୋଦଧି ମହାମନ୍ଦ୍ରନାଦେ
ଉତ୍ତୋଳି ତରଙ୍ଗବାହୁ, ପ୍ରେମୋନ୍ମତ୍ତ ଚିତ୍ତେ ।
ରାଜରାଜେଶ୍ୱର ଦେବ ଗଙ୍ଗବଂଶ ଦୀପ
ଥିଲେ ସେହି ସମୟରେ ଉତ୍କଳ ସମ୍ରାଟ,
କରି ସେ ପାଟଣେଶ୍ୱରେ ଯୋଗ୍ୟ ଅଭ୍ୟର୍ଥନା
ରଖାଇଲେ ତାଙ୍କୁ ନେଇ ରାଜମର୍ଯ୍ୟାଦାରେ ।
କିଛିକାଳ ପରେ ଦିନେ ଉତ୍କଳ ସମ୍ରାଟ,
ବସାଇ ତାହାଙ୍କୁ ଏକ ନିଭୃତ କକ୍ଷରେ
ରତ ହେଲେ ବାକ୍ୟାଳାପେ, ବେନି ନୃପଙ୍କର
ଲାଗିଲା ସେଠାରେ ବହୁ ହାସ୍ୟ କୌତୁକାଦି ।
କୃତ୍ରିମ ରହସ୍ୟ ଛଳେ ଉତ୍କଳ ସମ୍ରାଟ
କହିଲେ ତାହାଙ୍କୁ, ତୁମ୍ଭେ ଏକାକୀ ସମ୍ପ୍ରତି
କରେ ଯେବେ ତୁମ୍ଭଙ୍କୁ ମୁଁ ଆକ୍ରମଣ ଏଥି
କିପରି କରିବ ତୁମ୍ଭେ ଆତ୍ମରକ୍ଷା ନୃପ ?
ଶୁଣି ଏହା ପାଟଣେଶ ଉତ୍ଥି ହୋଇ ଖରେ
ଯେଉଁ ଗୁପ୍ତ କଟିଦେଶ୍ରି ପ୍ରକାଣ୍ଡ କୃପାଣ
ଭାଷିଲେ ସସ୍ମିତେ, ଦେବ, ଇଚ୍ଛାକଲେ ମୁହିଁ
ଏହି ମୁହୂର୍ତ୍ତରେ କରି ବିନାଶ ତୁମ୍ଭଙ୍କୁ
ହୋଇପାରେ ଅକ୍ଲେଶରେ ଉତ୍କଳ ସମ୍ରାଟ ।
ଉଠି ତହୁଁ ଉତ୍କଳେଶ, ଧରି ତାଙ୍କ କର
ବସାଇ ତାହାଙ୍କୁ ପାଶେ, ଭାଷିଲେ ଏସନ—
ସନ୍ତୁଷ୍ଟ ମୁଁ ତୁମ୍ଭ ପ୍ରତି, ହେ ବୀରଶାର୍ଦ୍ଦୂଳ,
ବୀରଧର୍ମୀ ବୀରମୁଖୁଁ ଶୁଣି ବୀରବାଣୀ
ସଦର୍ପ ନିର୍ଭୀକ, କେଉଁ ବୀର ହୁଏ ଭଲା
ନହୁଏ ଉଲ୍ଲାସେ ସ୍ଫୀତ, ବୀର ଗୌରବରେ ।
ସାହସ ଯେସନ ଯାର, ବଚନ ତେସନ ।
କରି ତବ ହସ୍ତେ ମୁହିଁ ଭ୍ରାତୃକନ୍ୟା ଦାନ
ଦେବି ତୁମ୍ଭ ବୀରତ୍ୱର ଯୋଗ୍ୟ ପୁରସ୍କାର ।
ଉପଯୁକ୍ତ ସଙ୍ଗିନୀ ସେ ତୁମ୍ଭର ନୃମଣି
ବସିଥିଲେ ତୁମ୍ଭପାଶେ ଦିଶିବ ସୁନ୍ଦର,
ସୁନ୍ଦର ଯେସନ, ତୁମ୍ଭ ପୂର୍ବ ବଂଶଧର
ଚୌହାନ ଭାସ୍ୱର ବୀର ପୃଥ୍ୱୀରାଜ ପାଶେ
ରାଠୋର ସଦ୍ରାଜାସୁତା ସଂଯୁକ୍ତା ରୂପସୀ,
କିମ୍ବା ଶୌରିପାଶେ ଶୋଭା-ବିଶ୍ୱବିମୋହିନୀ,
ଅଥବା ଶିବେଙ୍କ ପାଶେ ଶୁଭଙ୍କରୀ ମାତ ।
ଶୁଣି ଏ ପ୍ରସ୍ତାବ ହର୍ଷେ ରାମଚନ୍ଦ୍ର ଦେବ
ଜ୍ଞାପିଲେ ସମ୍ରାଟ ପାଶେ ନିଜର ସମ୍ମତି ।
ବିବାହର ଆୟୋଜନ ଲଗିଲା ସାଡ଼ମ୍ବରେ,
ଉତ୍କଳ ପାଟଣା ରାଜ୍ୟ ସୀମା ମଧ୍ୟସ୍ଥଳେ
ସୁସଜ୍ଜିତ ଛାମୁଣ୍ଡିଆ ହୋଇଲା ବିନିର୍ମିତ,
ହେଲା ମହାସମାରୋହେ ବିବାହ ସମ୍ପନ୍ନ ।
ସେହି ଶୁଭ ବିବାହର ସ୍ମୃତିଚିହ୍ନ ରୂପେ
ଛାମୁଣ୍ଡିଆ ଗ୍ରାମ ତହୁଁ ହେଲା ସଂସ୍ଥାପିତ,
ବିଦ୍ୟମାନ ସେହି ସ୍ଥାନେ ଅଦ୍ୟାପି ସେ ଗ୍ରାମ ।
ବାହୁଡ଼ିବା ବେଳେ ତହୁଁ ରାମଚନ୍ଦ୍ର ଦେବ
ଆଣିଥିଲେ ତେରଘର କୁଳୀନ ବ୍ରାହ୍ମଣ
ଯାଜପୁର ଅନ୍ତର୍ଗତ ନାଭିଗୟା କ୍ଷେତ୍ରୁ
ହୋଇଅଛି ଯେ ବୃତ୍ତାନ୍ତ ପୂର୍ବରେ ବର୍ଣ୍ଣିତ ।
ବିବାହ ଶେଷରେ ନୃପ ବାଜେ ହୋଇ ରାଜ୍ୟ
ଚଳିଲେ ଅତି ବିଜ୍ଞଯୋଗ ରାଜ୍ୟୋଚିତ କାର୍ଯ୍ୟେ;
ସେଉଁଠାରେ ସେ ଅଭାବ ପଡ଼ିଲା ଦୃଷ୍ଟିରେ

ହେଲା ତାହା ମୂର୍ତ୍ତି, ପୁଣି ଖୋଲାହେଲା କେତେ
ନୂତନ ବିଭାଗ, ହେଲେ ନିଯୁକ୍ତ ତହିଁରେ
ଦକ୍ଷ କର୍ମଚାରୀ ବୃନ୍ଦ, ବଣ୍ଟ ହୋଇ ରାଜ୍ୟ ।
ତାହାଙ୍କ ରାଜତ୍ୱକାଳେ ପାଟଣାର ସୀମା
ଉତ୍ତରରେ ଶଙ୍ଖୋପୁଲା, ଯାମ୍ୟେ ତେଲ ନଦୀ,
ପୂର୍ବେ ବୌଦ୍ଧ, ପଶ୍ଚିମରେ ବେନ୍ଦ୍ରାନୁଆଗଡ଼,
ଥିଲା ସୁବିସ୍ତୃତ, ଏହି ବିଶାଳ ରାଜ୍ୟର
ଏକଛତ୍ର ଅଧିପତି ହୋଇ ରାମଚନ୍ଦ୍ର
ଚଳାଇଲେ ରାଷ୍ଟ୍ରଯନ୍ତ୍ର, ବାଞ୍ଛ ଯନ୍ତ୍ରୀ ପ୍ରାୟ ।
ଥିଲେ ସେ ଧାର୍ମିକ ଦାତା, ଦୟାଳୁ, ପଣ୍ଡିତ,
ବହୁଜନ ହିତବ୍ରତୀ, ପ୍ରଜାପ୍ରାଣ ରାଜା ।
ପାଟଣାର ଅଧିଦେବୀ ପାଟେଶ୍ୱରୀଙ୍କ
ପୂଜାନୀତି ଯଥାବିଧି ନିର୍ବାହ ନିମନ୍ତେ
ଦେଉଳଗାଁ, ଭଇବାଳି, ପାଲିଗ୍ରାମ ଆଦି
ଛଅଖଣ୍ଡ ଗ୍ରାମ, ରାଜ୍ୟେ ଦେଇଥିଲେ ଛାଡ଼ି ।
ବାବନ ବରଷକାଳ ପାଳି ପ୍ରଜାପୁଞ୍ଜ
ପୁଣି ନିର୍ବିଶେଷେ, ତେଜି ମର ତନୁ ନୃପ
ଚାଲିଗଲେ ସ୍ୱର୍ଗଧାମେ ଚିରଶାନ୍ତିପ୍ରଦ,
ସାଙ୍ଗହେଲା ଭବ ଯଜ୍ଞ, ଶେଷ ଅଭିନୟ ।

—○—

## ଦଶମ ସର୍ଗ

ରମାଇଙ୍କ ଜ୍ୟେଷ୍ଠପୁତ୍ର ମହାଲିଙ୍ଗଦେବ
ପାଟଣାର ସିଂହାସନେ ହେଲେ ଅଭିଷିକ୍ତ ।
ଥିଲେ ଶାନ୍ତିପ୍ରିୟ, ପ୍ରଜାବତ୍ସଳ ରାଜା ସେ,
ପିତୃପଦାଙ୍କାନୁସାରୀ ସେ ନୃପପ୍ରବର
ଚଳାଇଲେ ରାଜକାର୍ଯ୍ୟ, ପୂର୍ବ ବିଧିମତେ;
ତାହାଙ୍କ ରାଜତ୍ୱ କାଳେ ପରଜା ମଣ୍ଡଳୀ
କରୁଥିଲେ ଶାନ୍ତି ସୁଖେ ସମୟ ଯାପନ,
ଛଅବର୍ଷ ମାତ୍ର କରି ରାଜତ୍ୱ ସେ ନୃପ
କଲେ ସ୍ୱର୍ଗ ଆରୋହଣ, ତେଜି ମର୍ତ୍ତ୍ୟଧାମ ।

ମହାଲିଙ୍ଗ ଜ୍ୟେଷ୍ଠପୁତ୍ର ବତ୍ସରାଜଦେବ
ରାଜା ହୋଇ କଲେ ରାଜ୍ୟ ଶାସନ ପାଳନ,
ଥିଲେ ସେ ତେଜସ୍ୱୀ ପୁଣି ଅସୀମସାହସୀ,
ଯେସନେ ଉଗ୍ର କ୍ଷାତ୍ରଶକ୍ତି ପରିଗ୍ରହି ମୂର୍ତ୍ତି
ହୋଇଥିଲେ ଅବତୀର୍ଣ୍ଣ ପାଟଣା ରାଜ୍ୟରେ ।
ସାଧିଲେ ସେ ସମୁନ୍ନତ ସୈନ୍ୟ ବିଭାଗର,
ଗଢିଥିଲେ ରାଜ୍ୟେ ଏକ ବିପୁଳ ବାହିନୀ,
ହୋଇଥିଲା ନିର୍ମାଣିତ ତାହାଙ୍କ ଆଦେଶେ
ବତ୍ରିଶ ସହସ୍ର ଖଣ୍ଡା ସୈନ୍ୟଙ୍କ ନିମନ୍ତେ ।
ପାଟଣାର ସୀମାଲଗ୍ନ ରାଜ୍ୟମାନ ଜିଣି
ପରେ ସେ ବାମଣ୍ଡା ରାଜ୍ୟ କଲେ ଆକ୍ରମଣ,
ଭୀଷଣ ସମରେ ତହିଁ ହେଲେ ନରବର
ଜୟଶ୍ରୀ ମଣ୍ଡିତ, ହେଲା ତାହାପରେ ସନ୍ଧି,
ହେଲା ତହିଁ ସ୍ଥିରୀକୃତ, ବାମଣ୍ଡା ନୃପତି
ଯୋଗାଇବେ ପ୍ରତିବର୍ଷ ଷୋଳଧର ହାତୀ
ରାଜକର ସ୍ୱରୂପରେ ପାଟଣା ରାଜ୍ୟକୁ,
ରହିବେ ସାମନ୍ତ ରାଜା ହୋଇ ସେ ରାଜ୍ୟର
ଫେରାଇ ବାହିନୀ ତହୁଁ ବୀରବତ୍ସରାଜ
ଚଳାଇଲେ ଗାଙ୍ଗପୁର ରାଜ୍ୟ ଅଭିମୁଖେ ।
ପରାଜୟି ଘୋର ଯୁଦ୍ଧେ ସେ ରାଜ୍ୟ ନରେଶେ
ଘେନି ବହୁ ଧନରତ୍ନ ଆସିଲେ ବାହୁଡ଼ି ।
ତହିଁ ପରେ ଆକ୍ରମିଲେ ବଣେଇରାଜ୍ୟ ସେ,
ନ ହୋଇ ସମରେ ରତ, ବଣେଇ ନୃପତି
କଲେ ଆତ୍ମ ସମର୍ପଣ, ବତ୍ସରାଜ ପାଶେ,
ପ୍ରତିବର୍ଷ କରଦାନେ ହେଲେ ସେ ସ୍ୱୀକୃତ ।
ବିଜୟୀ ବାହିନୀ ସହ ତହୁଁ ବୀରମଣି
ଆସିଲେ ବାହୁଡ଼ି ନିଜ ରାଜ୍ୟକୁ ସନ୍ତୋଷେ ।
ଏହିରୂପେ ବହୁରାଜ୍ୟ କରି ସେ ବିଜୟ
ବୃଦ୍ଧି କଲେ ପାଟଣାର ସୀମା ବହୁଗୁଣ ।
ଦେଖି ତାଙ୍କ ସୈନ୍ୟବଳ, ଅଜେୟ ବିକ୍ରମ,
ରହିଲେ ଶଙ୍କିତ ସଦା ତାତ୍କାଳିକ ନୃପେ ।

ଥିଲେ ବସ୍ତରାଜଙ୍କର ଏକମାତ୍ର କନ୍ୟା
ରୂପେ ଗୁଣେ ନିରୁପମା, ତାଙ୍କ ପାଇଁ ନୃପ
ଉପଯୁକ୍ତ ବରପାତ୍ର କଲେ ଅନ୍ୱେଷଣ,
ବସ୍ତରର ଯୁବରାଜେ ମଣି ଯୋଗ୍ୟପାତ୍ର
ବରଜିଲେ ଦୂତ, କରି ବିବାହ ପ୍ରସ୍ତାବ
ବସ୍ତର ନୃପତି ପାଶେ, ଶୁଣି ଏ ସମ୍ବାଦ
କହିଲେ ବସ୍ତର ପତି, ପାଟଣା ଭୂପାଳ
କରିବେ ପ୍ରଦାନ ଯେବେ ଯଉତୁକରୂପେ
ରମାଇ ବିଜୟ ଖଣ୍ଡା, ତେବେ ଏ ପ୍ରସ୍ତାବେ
କରିବି ମୁଁ ଆନନ୍ଦରେ ସମ୍ମତି ପ୍ରଦାନ ।
ପ୍ରତ୍ୟାବୃତ୍ତ ଦୂତମୁଖୁ ଶୁଣି ଏ ବାରତା
ବସ୍ତରାଜଦେବ, ହେଲେ ଦୁଃଖିତ, ଚିନ୍ତିତ,
ତଥାପି ଅନିଚ୍ଛାସତ୍ତ୍ୱେ ବାଧ୍ୟ ହୋଇ ନୃପ
ଦେବାକୁ ରମାଇଖଣ୍ଡା କଲେ ଅଙ୍ଗୀକାର ।
ବିବାହର ଶୁଭଲଗ୍ନ ହେଲା ସ୍ଥିରୀକୃତ,
ତହିଁ ଏକ ଶିବିକାରେ ଥୋଇ ସେ କୃପାଣ,
ବସାଇ କନ୍ୟାକୁ ନୃପ ଅନ୍ୟ ଶିବିକାରେ
ପ୍ରେରିଲେ ବସ୍ତର ରାଜେ, ଯଥା ସମାରୋହେ ।
ପ୍ରବେଶନ୍ତେ ଯାନଦ୍ୱୟ ରାଜସିଂହଦ୍ୱାରେ,
ଆସି ରାଜା ଯୁବରାଜ ଫେଇଲେ ଶିବିକା,
ଦେଖିଲେ ତହିଁରେ ଏକ କୃଷ୍ଣ ନାଗସାପ,
ରହିଅଛି ଫଣା ଟେକି, ଖଣ୍ଡା ପରିବର୍ତ୍ତେ !
ତହୁଁ ଭୟେ ରୁଦ୍ଧ କରି ଶିବିକାର ଦ୍ୱାର
ମଣିଲେ ଏ ତାଙ୍କ ପ୍ରତି ତୀବ୍ର ଅପମାନ ।
ପାଟଣାପତିଙ୍କୁ ତହୁଁ ପରୋକ୍ଷ ଭାବରେ
ଦେଲେ ବହୁ ଅପମାନ କର୍କଶ ଭାଷାରେ ।
ପ୍ରଜାଙ୍କ ମୁଖରୁ ଶୁଣି ଏ ମିଥ୍ୟା ଦୁର୍ଜ୍ଜନା
ବସ୍ତରାଜ, ମହାକ୍ରୋଧେ ଉଠିଲେ ପ୍ରଜ୍ୱଳି,
କହିଲେ ଅଧର ଦଂଶି କର୍କଶ ଭାଷାରେ
ପୂରିଲାଣି କାଳ, ଦୁଷ୍ଟ ବସ୍ତରପତିର,
ଦେବି ତାକୁ ନିଶ୍ଚେ ଆଜି ରଣଚଣ୍ଡୀପୀଠେ
ବଣାବଳୀ; ଯିବ ଦୁଷ୍ଟ ଚଳି ଗୁପ୍ତ ପାଶେ,
ହେବ ସେ ତା ପଛଲା ଅର୍ଦ୍ଧଳୀ ପିଅଦା ।
ଏହା ଭଣି ଆଦେଶିଲେ ସାଜିବାକୁ ଥାଟ,
ମୁହୂର୍ତ୍ତ ମଧ୍ୟରେ ହେଲା ଆଦେଶ ପାଳିତ,
ଚଳିଲା ପାଟଣାରାଜ୍ୟ ବିରାଟ ବାହିନୀ
ବସ୍ତରର ଅଭିମୁଖେ, ଧାଇଁଲେ ସରୋଷେ
ଦୁର୍ଦ୍ଦାନ୍ତ ଚୌହାନ ବୀରେ ଅରି ଗର୍ବଗଞ୍ଜା
ଉପଯମ ସମ, ରଣେ ଅ-ପୃଷ୍ଠ ଦରଶୀ ।
ଭ୍ରାତା ବଳରାମଦେବେ ଅର୍ପି ରାଜ୍ୟ ଭାର
ଗଲେ ବୀରବସ୍ତରାଜ ବାହିନୀ ସହିତେ ।
ରମାଇ ବିଜୟ ଖଣ୍ଡା ଥିଲା ଶିବିକାରେ
ଅତର୍କିତେ ସର୍ପ ଆସି ପଶିଥିଲା ତହିଁ,
ଜାଣିପାରି ପରେ ଏହା ବସ୍ତର ଭୂପାଳ,
ସସମ୍ଭ୍ରମେ ଖଣ୍ଡା ନେଇ ରଖିଲେ ଦୁର୍ଗରେ,
କିନ୍ତୁ ଏହି ଭ୍ରମ ଲାଗି ହେଲେ ସେ ଲଜ୍ଜିତ
ଆଉର ଶଙ୍କିତ, ମାତ୍ର କି ଫଳ ବା ତହିଁ
ବହିଗଲା ପାଣି, ପୁଣି କହିଗଲା ବାଣୀ
ଆସେ ନାହିଁ ଫେରି କେବେ, ଶତ ଅନୁତାପେ
ପ୍ରବେଶିଲା ବସ୍ତରରେ ପାଟଣା ବାହିନୀ,
ହେଲା ଦୁର୍ଗ ବହିର୍ଭାଗେ ଭୀଷଣ ସମର,
ମାତ୍ର ଲଭି ପରାଜୟ ବସ୍ତର ସୈନ୍ୟେ
ରୁଦ୍ଧ କରି ଦୁର୍ଗ ଦ୍ୱାର ଲୁଚିଲେ ଭିତରେ,
କରି ଦୁର୍ଗ ଅବରୋଧ ପାଟଣା ବାହିନୀ
ରହିଲା ଶିବିର ସ୍ଥାପି ଦୁର୍ଗ ଚଉପାଶେ ।
ସୁଦୃଢ଼ ଦୁର୍ଭେଦ୍ୟ ଦୁର୍ଗ, ବହୁ ଚେଷ୍ଟାସତ୍ତ୍ୱେ
ନପାରିଲେ ପଶି ତହିଁ ପାଟଣା ସୈନ୍ୟେ ।
ପ୍ରତ୍ୟହ ପ୍ରଭାତ କାଳେ ଜଣେ ବୃଦ୍ଧାନାରୀ
ପଶି ସେ ଶିବିରେ, ବିକେ ଚୂଡ଼ା, ମୁଢ଼ି, ଖଇ,
ଦୁଧ, ଦହି, ଛେନାଆଦି, ଖାଇ ତା ସୈନ୍ୟେ
ନିତି ନିତି ମୃତ୍ୟୁ ମୁଖେ ହେଲେ ନିପତିତ ।
ତଥାପି ପାଟଣେଶ୍ୱର ତେଜି ଅବରୋଧ

ହେଲେ ନାହିଁ ଫଳପ୍ରଦ ପହଣ୍ଡେ ଉଦାତ ।
କିଛି କାଳ ପରେ ଆସି ନନ୍ଦପୁର ରାଜ୍ୟଁ
ମଲ୍ଲ ଦୁଇଜଣ ବୀର ମଦନ ନାମରେ
ପ୍ରବେଶିଲେ ପାଟଣାରେ, ବଳରାମଦେବ
ଦେଖି ତାଙ୍କ ମଲ୍ଲକ୍ରୀଡ଼ା, ଅମାନୁଷୀ ଶକ୍ତି,
ପତ୍ର ଦେଇ ତାଙ୍କ ହସ୍ତେ, ପେଷିଲେ ଉଭୟେ
ଭ୍ରାତା ବସ୍ତ୍ରରାଜ ପାଶେ, ବସ୍ତର ନଗରେ,
କରିବାକୁ ନିଯୁକ୍ତ ସେ ମଲ୍ଲବୀର ଦ୍ୱୟେ
ସେନାପତି ପଦେ; ନୃପେ ଲେଖିଥିଲେ ପତ୍ରେ
ଭ୍ରାତୃ ଅନୁରୋଧ ମତେ ବସ୍ତ୍ରରାଜଦେବ
କଲେ ସେନାପତିକାର୍ଯ୍ୟେ ନିଯୁକ୍ତ ଉଭୟେ,
ଦେଖି ନିଜ ସୈନ୍ୟଦ୍ୱୟ ନବ ସେନାପତି
ଅନ୍ୱେଷଣ କଲେ ତାର ଅଦ୍ଭୁତ କାରଣ ।
ପୂର୍ବୋକ୍ତ ଜରତୀ ପ୍ରତି କରି ସେ ସନ୍ଦେହ,
ଶିବିର ମଧ୍ୟକୁ ଧନେ ଡାକି ନେଇ ତାକୁ
କଲେ ବହୁ ସେବାପୂଜା ନାନା ଉପଚାରେ,
ପୁଚ୍ଛାକଲେ କହ ତବ ସତ୍ୟ ପରିଚୟ ।
ସେବାରେ ସନ୍ତୁଷ୍ଟି ଲଭି ସେ ଛଦ୍ମବେଶିନୀ
କହିଲା, 'ମୁଁ ଦନ୍ତେଶ୍ୱରୀ, ଦୁର୍ଗ ଅଧିଦେବୀ,
କାହିଁକି କରୁଛ ତୁମ୍ଭେ ସେବାପୂଜା ମୋତେ
କହ, ମୁଁ କରିବି ତବ ବାସନା ସଫଳ ।
ଜଣାଇଲେ ସେନାପତି—'ବାସନା ଆମ୍ଭର
କରିବୁଁ ଏ ଦୁର୍ଗ ଜୟ' ତହୁଁ ଦନ୍ତେଶ୍ୱରୀ
କହିଲେ, 'ଏ ଦୁର୍ଗଜୟ କଲେ ତୁମ୍ଭେମାନେ
ହେବି ମୁଁ କେଉଁଠାରେ ? ପାଟଣା ରାଜ୍ୟରେ
ଅଛନ୍ତି ପାଟଣେଶ୍ୱରୀ, ମୋ ନିମନ୍ତେ ତହିଁ
ସ୍ଥାନ ନାହିଁ ବସ୍ତ୍ର ।' ତହୁଁ କହିଲେ ମଦନ,
'ଅଛନ୍ତୁ ପାଟଣେଶ୍ୱରୀ ପାଟଣା ଦୁର୍ଗରେ;
ମାତ୍ର ତୁମ୍ଭେ ପ୍ରତିଗ୍ରାମେ ହେବ ପ୍ରପୂଜିତା ।'
ତୁଷ୍ଟ ହୋଇ ତହୁଁ ଦେବୀ ଭାଷିଲେ ଏସନ—
'କାଲି ପ୍ରତ୍ୟୁଷରେ ଜଣେ ଗର୍ଭବତୀ ନାରୀ
ଫେଡ଼ି ଦୁର୍ଗସିଂହଦ୍ୱାର ଆସିବ ବାହାରେ,
ନ ଫେରୁଣୁ ଦୁର୍ଗେ ତାକୁ ହାଣି ଦେଇ ତୁମ୍ଭେ
ପଶିବ ଦୁର୍ଗରେ, ଜୟ ଲଭିବ ନିଶ୍ଚିତ ।'
ଏହା ଭାଷି ବୃଦ୍ଧା ହେଲା ଅନ୍ତର୍ଦ୍ଧାନ ଖରେ ।
ଜଣାଇଲେ ସେନାପତି ନୃପତି ଛାମୁରେ
ସକଳ ବୃତ୍ତାନ୍ତ, ତହୁଁ ପ୍ରୀତ ହୋଇ ରାଜେ
ରଖିଲେ ଜଗାଇ ସୈନ୍ୟ ଦ୍ୱାରେ ସାବଧାନେ,
ପ୍ରଭାତେ ଗର୍ଭିଣୀ ନାରୀ ଆସନ୍ତେ ବାହାରେ
ହାଣିଦେଇ ମୁଣ୍ଡ ତାର, ପଶିଲେ ଦୁର୍ଗରେ
ସୈନ୍ୟବଳ, ହେଲା ଯୁଦ୍ଧ ଭୟଙ୍କର ଅତି;
ଶେଷରେ ବସ୍ତରପତି ମଲେ ହାଣଖାଇ ।
ତହୁଁ ମୃତ ନୃପତିଙ୍କ ଭାଇଙ୍କୁ ହକାରି
କରଦାନେ ଅଙ୍ଗୀକୃତ କରାଇ ତାହାଙ୍କୁ,
ବିଜୟୀ ନୃପତି ବୀର ବସ୍ତ୍ରରାଜଦେବ
ସାମନ୍ତ ନୃପତି ରୂପେ କଲେ ଅଭିଷିକ୍ତ
ବିଜିତ ବସ୍ତରରାଜ୍ୟ ରାଜସିଂହାସନେ ।
ରମାଇ ଖଣ୍ଡାକୁ ତହୁଁ ଘେନି ନୃପମଣି
ଫେରାଇଲେ ପାଟଣାକୁ ବିଜୟବାହିନୀ,
ବସ୍ତରନୃପତି ନିଜ ଦୁର୍ବୁଦ୍ଧି ଦୋଷରୁ
ହରାଇଲେ ପ୍ରାଣ, ରାଜ୍ୟ, ଅତୁଳ ବିଭବ ।
ଏହି ମହାଯୁଦ୍ଧ ପରେ ବସ୍ତରନରେଶ
ଅର୍ପୁଥିଲେ ପ୍ରତିବର୍ଷ ପାଟଣା ରାଜାଙ୍କୁ
ତିରିଶସହସ୍ର ମୁଦ୍ରା, ରାଜକର ରୂପେ ।
ଫେରିଆସି ପାଟଣାକୁ ବସ୍ତ୍ରରାଜଦେବ
ହକାରି ଗୌନ୍ତିଅବର୍ଗ, ଦିହଲେ ଆଦେଶ
ପୂଜିବାକୁ ଦନ୍ତେଶ୍ୱରୀ ଦେବୀଙ୍କୁ ସର୍ବତ୍ର,
ସେହିଦିନୁ ଗ୍ରାମେ ଗ୍ରାମେ ହେଲେ ସେ ପୂଜିତା;
ଦେବୀଙ୍କ ଅପର ନାମ ହେଲା ବସ୍ତରେନ ।
ତତ୍ପରେ ବିଜୟୀବୀର ବସ୍ତ୍ରରାଜଦେବ
ଅଷ୍ଟାଦଶ ଗଡ଼ଜାତ କରି ଅଧିକାର *

* ପାଟଣା, ସୋନପୁର, ଢେଙ୍କାନାଳ, ବାମଣ୍ଡା, ରେଢ଼ାଖୋଲ, ନନ୍ଦପୁର, ଅନୁଗୋଳ, ରାଙ୍ଗପୁର, ଖଡିଆଳ, କେନ୍ଦ୍ରାନୁପଗଡ଼, ବୁଡାସମ୍ବର, ଫୁଲଝର, ଖେମୁଣ୍ଡି, ଗଞ୍ଜାମ ଅଠମଲ୍ଲିକ, ବଉଦ, ବସ୍ତର, ବଣାଇ ପ୍ରଭୃତି ଅଠରଗୋଟି ଗଡ଼ଜାତ ବସ୍ତ୍ରରାଜଦେବ ଅଧିକାର କରିଥିଲେ ।

ପରବର୍ତ୍ତୀ ମହାରାଜା ଗୌରବ ଉପାଧି
ଇଚ୍ଛିଲେ ହେବାକୁ ପୁଣି ତ୍ରିକଳିଙ୍ଗ ନାଥ ।
ତହୁଁ ସେ ଏକତ୍ର କରି ସକଳ ରାଜ୍ୟର
ସୈନ୍ୟବଳେ, ଗଢ଼ି ତହୁଁ ବାହିନୀ-ବାରଧି
ଯାତ୍ରା କଲେ କରିବାକୁ ଉତ୍କଳ-ବିଜୟ ।
ଦ୍ୱିତୀୟ ଅନଙ୍ଗଭୀମ ଥିଲେ ସେ କାଳରେ
ଉତ୍କଳ-ସମ୍ରାଟ; ଶୁଣି ଦୂତମୁଖେ ସେହୁ
ଏ ବାରତା ଢେଙ୍କାନାଳ ସୀମାସ୍ଥଳେ ଯାଇ
ଓଗାଳିଲେ ତାଙ୍କୁ ସେନା ଉତ୍କଳବାହିନୀ ।
ଲାଗିଲା ତୁମୁଳ ଯୁଦ୍ଧ, ଉଭୟ ପକ୍ଷରୁ
ହେଲେ ହତାହତ ବହୁ ସୈନ୍ୟ ସେନାପତି,
ଶେଷେ ବସ୍ତ୍ରରାଜଦେବ ହୋଇ ପରାଜିତ
ଚଳିଲେ ସସୈନ୍ୟେ ଯାଇ ସୋନପୁର ଦୁର୍ଗେ ।
ଗୋଡ଼ାଇ ତାହାଙ୍କ ପଛେ ଉତ୍କଳବାହିନୀ
ପଳାୟିତ ବ୍ୟାଘ୍ର ପଛେ ମୃଗୟୁ ଯେସନ
ସୋନପୁର ଦୁର୍ଗେ ଯାଇ କଲେ ଅବରୋଧ ।
କୌଶଳରେ ତହୁଁ ଅସି ବସ୍ତ୍ରରାଜଦେବ,
ରହିଲେ ପାଟଣା ଦୁର୍ଗେ, ଉତ୍କଳବାହିନୀ
ଘେରିଲେ ସେ ଦୁର୍ଗେ ଅସି; ତହୁଁ ପାଟଣେଶ
ଖଡଆଳ ଗୁଡ଼ାଗଡ଼େ କଲେ ଅବସ୍ଥାନ ।
ବେଢ଼ିଲେ ସେ ଦୁର୍ଗେ ଯାଇ ସମ୍ରାଟ-ବାହିନୀ;
ଅବସ୍ଥିତ ସେହି ଦୁର୍ଗ ପର୍ବତ ଶିଖରେ
ସୁଦୃଢ଼ ଦୁର୍ଭେଦ୍ୟ ଅତି, ତହିଁ ବସ୍ତ୍ରରାଜ
ବୃହତ୍ ପ୍ରସ୍ତରଖଣ୍ଡ କରି ସୁସଜ୍ଜିତ,
ରଖିଥିଲେ ସ୍ତରେ ସ୍ତରେ ପର୍ବତଶିଖରେ,
ଚଳିବେଳେ ଶତ୍ରୁସୈନ୍ୟ ଗିରି ଆରୋହଣେ
ବିଶାଳ ପ୍ରସ୍ତର ଖଣ୍ଡେ ଦେଲେ ସେ ଗଡ଼ାଇ,
ମଲେ ତହୁଁ ବହୁସୈନ୍ୟ ଉତ୍କଳରାଜ୍ୟର ।
ସମ୍ରାଟ ଅନଙ୍ଗଭୀମ ବହୁଚେଷ୍ଟା ସତ୍ତ୍ୱେ
ନ ପାରିଲେ ଧରି ବୀର ବସ୍ତ୍ରରାଜଦେବେ ।
ତହୁଁ ସ୍ଥାପି ତାଙ୍କ ସହ କୃତ୍ରିମ ବନ୍ଧୁତା
ବାହାର କରାଇ ଆଣି ତାହାଙ୍କୁ ଦୁର୍ଗରୁ
ବିଶ୍ୱାସଘାତକତାରେ କଲେ ଶେଷେ ହତ ।
ତତ୍ପୁତ୍ର ବୈଜଲଦେବେ ପ୍ରଦାନି ରାଜତ୍ୱ
ରଖିଲେ କରାଇ ତାଙ୍କୁ ସାମନ୍ତନୃପତି ।
ସମସ୍ତ ବିଜିତରାଜ୍ୟେ ମୃତ ରାଜାଙ୍କର
ରଖିଲେ ଅଧୀନରାଜ୍ୟ କରି ଉତ୍କଳର ।
ଊନବିଂଶବର୍ଷ ରାଜ୍ୟ ଶାସି ବସ୍ତ୍ରରାଜ
ଅକାଳେ ମାନବଲୀଳା କଲେ ସମ୍ବରଣ ।

ତତ୍ପୁତ୍ର ବୈଜଲଦେବ ଥିଲେ ସୁଶାସକ,
ବିଜ୍ଞ, ବିଚକ୍ଷଣ, ପ୍ରଜାବତ୍ସଳ ନୃପତି ।
ଭାସ୍କର୍ଯ୍ୟଭାସ୍ୱର ସୂର୍ଯ୍ୟମନ୍ଦିର ନିର୍ମାତା
ଲାଙ୍ଗୁଳା ନୃସିଂହଦେବ ରାଜତ୍ୱ ସମୟେ
ତୁଘାନଖାଁ ନାମେ ଜଣେ ବଙ୍ଗୀୟ ଯବନ
କଲା ଆସି ଆକ୍ରମଣ ଉତ୍କଳପ୍ରଦେଶେ,
ମାତ୍ର ହାରିଯାଇ ରଣେ କଲା ପଳାୟନ ।
କିଛିକାଳ ପରେ ପୁଣି ଆସି ଆଉ ଥରେ
କଲା ଉପଦ୍ରବ, ତହୁଁ ଉତ୍କଳ-ସମ୍ରାଟ
ବୈଜଲଦେବଙ୍କୁ କରି ସେନାପତି ପଦେ
ପଠାଇଲେ ଲଢ଼ିବାକୁ ସେ ଦୁଷ୍ଟ ଯବନେ;
ଅସୀମ ସାହସୀ ବୀର ବଇଜଲଦେବ
କରି ତାଙ୍କୁ ପରାଜୟ ତଡ଼ିଲେ ଉତ୍କଳୁ ।
ଉତ୍କଳ-ସମ୍ରାଟ ତହୁଁ ହୋଇ ପରିତୁଷ୍ଟ
ଦେଲେ ବହୁ ଧନରତ୍ନ ପାଟଣାନୃପରେ,
ଘୋଷିଲା ଚୌଦିଗେ ତାଙ୍କ ବୀରତ୍ୱ ସୁଖ୍ୟାତି ।
ତୋଳାଇ ବୈଜଲଦେବ ନୃସିଂହମନ୍ଦିର,
ଖୋଳାଇଲେ ପଥପାର୍ଶ୍ୱେ ରମ୍ୟ ସରୋବର
ବୈଜଲ-ସାଗର ନାମେ, ବସାଇଲେ ଗ୍ରାମ,
ଶ୍ରୀ ନୃସିଂହନାଥଙ୍କର ସେବାପୂଜା ପାଇଁ
ଖଞ୍ଜିଥିଲେ ଲୁହାସିଂହା ଗ୍ରାମ ନରପତି ।
ଧାର୍ମିକା ଦୁର୍ଲଭା ଦେବୀ ତାହାଙ୍କ ମହିଷୀ,

ତୋଳାଇଲେ ଶିବ ଗନ୍ଧମାଦନ ପର୍ବତରେ
ହରଶଙ୍କରଦେବଙ୍କ ସୁନ୍ଦର ମନ୍ଦିର,
ପଞ୍ଚଷଠି ବର୍ଷ ଭରି ରାଜତ୍ୱ ସେ ନୃପ,
ହେଲେ ଲୋକାନ୍ତରପ୍ରାପ୍ତ ପ୍ରାଚୀନ ବୟସେ ।
ଅନନ୍ତର ତାଙ୍କ ପୁତ୍ର ଭୋଜରାଜଦେବ,
ପାଟଣାର ସିଂହାସନେ ହେଲେ ଅଭିଷିକ୍ତ,
ତ୍ରିଂଶବର୍ଷ ରାଜ୍ୟପାଳି ହେଲେ ସେ ଗତାୟୁ ।
ତାଙ୍କ ପୁତ୍ର ବୀରମଲ୍ଲ ଉଗ୍ର ପ୍ରକୃତିକ,
ସାଧିଥିଲେ ସମୁନ୍ନତ ସୈନ୍ୟ ବିଭାଗରେ,
ଖଡ଼ିଆଳ ସୁରାଗଡ଼ ଦୁର୍ଗକୁ ସେ ରାଜା,
କରିଥିଲେ ପରିଣତ କ୍ଷୁଦ୍ର ସହରରେ ।
ତିରିଶ ବରଷ ଯାଏଁ କରି ସେ ରାଜତ୍ୱ
ପରିହରି ପ୍ରାଣ କଲେ ତ୍ରିଦିବେ ପ୍ରୟାଣ ।

ତହୁଁ ପିତୃସିଂହାସନେ ହେଲେ ଅଧିରୂଢ
ପ୍ରଥମ ପ୍ରତାପରୁଦ୍ର, ହେଲେ ସେ ନୃପତି ।
ପିତାଙ୍କର ଗୁଣଯୁକ୍ତ ଉପଯୁକ୍ତ ପୁତ୍ର ।
ଛଦ୍ମବେଶେ ଭ୍ରମି ରାଏ ସ୍ୱରାଜ୍ୟ ମଧ୍ୟରେ
ଦୁର୍ଜନଙ୍କ ଗତିବିଧି କରୁଥିଲେ ଲକ୍ଷ୍ୟ ।
ତହୁଁ ସ୍ୱୈରଶାସ୍ତ୍ରବୃନ୍ଦ ଦୁଷ୍କାର୍ଯ୍ୟ ସାଧନେ
ପାରୁଥିଲେ ନାହିଁ ହୋଇ କଦାପି ସାହସୀ,
ଊନଚତ୍ୱାରିଂଶ ବର୍ଷ କରି ସେ ରାଜତ୍ୱ
ହେଲେ ପ୍ରାପ୍ତ ଲୋକାନ୍ତର ନିୟତି ନିୟମେ ।

ରାଜା ହେଲେ ତାଙ୍କ ପୁତ୍ର ଶ୍ରୀ ଭୂପାଳଦେବ,
ଯହନ୍ତି ସାଗର ଆଶ୍ରା ଯଥା ନଦୀବୃନ୍ଦ,
ପଶିଥିଲେ ତଥା ତାଙ୍କୁ ସକଳ ସଦ୍‌ଗୁଣ
ରାଜନ୍ୟ-ବାଞ୍ଛିତ; କୃଷି, ଶିଳ୍ପ, ବାଣିଜ୍ୟର
ଉନ୍ନତି ନିମନ୍ତେ ନୃପ କରୁଥିଲେ ସଦା
ପ୍ରଜାକୁଳେ ଉତ୍ସାହିତ, ବହୁ ଅର୍ଥ ଦାନେ ।
ସାଧିଥିଲେ ଉନ୍ନତି ସେ, ଗନ୍ଧମାଦନର
ଶିଖରସ୍ଥ ଭୋଜପୁର ପ୍ରାଚୀନ ଦୁର୍ଗର,
ଆବର ବସାଇଥିଲେ ସେ ଦୁର୍ଗ ଅନ୍ତରେ
ସାତଶତ ଗୃହପୂର୍ଣ୍ଣ ସୁବିଶାଳ ଗ୍ରାମ,
ଅର୍ପିଥିଲେ ପ୍ରଜାକୁଳେ କୃଷିକ୍ଷେତ୍ର ପାଇଁ
ନିକଟସ୍ଥ ଭୂସମ୍ପତ୍ତି ପ୍ରଚୁର ଭାବରେ ।
ଏଗାର ବରଷ ମାତ୍ର କରି ରାଜାପଣ
ଅକାଳରେ କାଳଗ୍ରାସେ ହେଲେ ସେ ପତିତ ।
ଅତଃପର ତାଙ୍କ ପୁତ୍ର ନାଗସିଂହଦେବ
ଆରୋହିଲେ ପାଟଣାର ରାଜସିଂହାସନେ,
ଶାନ୍ତିପ୍ରିୟ ସେ ନୃପତି, ବନ୍ଧୁ ରାଜ୍ୟଙ୍କର
ତ୍ରିଂଶବର୍ଷ, ଯଥାକାଳେ ବିସର୍ଜିଲେ ପ୍ରାଣ ।
ବସି ପିତୃସିଂହାସନେ ଶ୍ରୀ ବିକ୍ରମାଦିତ୍ୟ
ନିବେଶିଲେ ସ୍ୱରାଜ୍ୟର ଉନ୍ନତିରେ ଚିତ୍ତ ।
ଥିଲେ ସେ ସୁଦକ୍ଷ, ବିଜ୍ଞ, ରାଜଧର୍ମୀ ରାଜା,
ସଦା ଅଲଙ୍କୃତ ଥିଲା ତାଙ୍କ ରାଜସଭା
ପଣ୍ଡିତମଣ୍ଡଳୀ ଦ୍ୱାରା—ଶାସ୍ତ୍ରବିଶାରଦ ।
ଶୁଣୁଥିଲେ ତାଙ୍କଠାରୁ ଶାସ୍ତ୍ର ଉପଦେଶ,
ଶିକ୍ଷା ଅଭିବୃଦ୍ଧି ପାଇଁ ଥିଲେ ସେ ସଂସ୍ଥାପି
ଗ୍ରାମେ ଗ୍ରାମେ ଶିକ୍ଷାଗାର, ପାଟଣା ଦୁର୍ଗରେ
ଖୋଳାଇଲେ ସରୋବର ପ୍ରକାଣ୍ଡ ସୁନ୍ଦର,
କରିଥିଲେ ପକ୍କୋଳାର ବନ୍ଧ ସରସୀର ।
ଦୁର୍ଗନିବାସୀଙ୍କୁ ପୁଣି ଅର୍ପି ଭୂମିବୃତ୍ତି
କରିଥିଲେ ଦୁର୍ଗସୀମା ବୃଦ୍ଧି ବହୁଗୁଣ ।
ଦୀନ ହୀନ ଅନାଥଙ୍କୁ ଅନ୍ନ ବିତରଣେ
ଥିଲେ ସଦା ମୁକ୍ତହସ୍ତ, ତାଙ୍କ ଦୁର୍ଗଦ୍ୱାର
ସତତ ଉନ୍ମୁକ୍ତ ଥିଲା ଅତିଥିଙ୍କ ପାଇଁ;
ଚତୁସ୍ତ୍ରିଂଶ ବର୍ଷ ରାଜ୍ୟ ପାଳି ସେ ଭୂପତି
ସମ୍ବରି ମାନବଲୀଳା ଗଲେ ସ୍ୱର୍ଗଧାମେ ।
ରାଜା ହେଲେ ତାଙ୍କ ପରେ ତାହାଙ୍କ ତନୁଜ
ଦ୍ୱିତୀୟ ବୈଜଳଦେବ, ଧାର୍ମିକ, ପଣ୍ଡିତ,
ଥିଲେ ସେ ନିପୁଣ ଅତି ସଂସ୍କୃତ-ବିଦ୍ୟାରେ ।

ଦେବଭାଷା ସଂସ୍କୃତର ସୁଅନୁଶୀଳନ
ଥିଲା ତାଙ୍କ ଜୀବନର ଚିର ମୁଖ୍ୟବ୍ରତ ।
ପ୍ରବୋଧ-ଚନ୍ଦ୍ରିକା ନାମେ ବ୍ୟାକରଣଗ୍ରନ୍ଥ
ରଚିଛନ୍ତି ତାହାଙ୍କୁ କରି ଅଦ୍ୟାପି ଅମର ।
ସେ ଗ୍ରନ୍ଥର ଅନ୍ୟ ନାମ ବୈଜଳ-ଭାରତୀ,
ବିଦ୍ୱଜ୍ଜନ ସମାଜରେ ହେଉଛି ଆଦୃତ
ଅଦ୍ୟାପି ସେ ବ୍ୟାକରଣ, ସମଗ୍ର ଉତ୍କଳେ ।
ପ୍ରଜାଙ୍କୁ ସଂସ୍କୃତଶିକ୍ଷା ଅର୍ପଣ ମାନସେ
ସ୍ଥାପିଥିଲେ ଚତୁଷ୍ପାଠୀ ରାଜ୍ୟେ ବହୁସ୍ଥାନେ,
ଯୁଦ୍ଧବିଦ୍ୟା ଶିକ୍ଷା ପାଇଁ ସୈନିକଗଣର
ସ୍ଥାପିଥିଲେ ନରମଣି ଯୁଦ୍ଧ-ବିଦ୍ୟାଳୟ,
ଥିଲା ତାହା ଅଭିହିତ ଆଖଡ଼ା ନାମରେ ।
ହେଉଥିଲା ପ୍ରଦତ୍ତ ସେ ଯୁଦ୍ଧ-ଶିକ୍ଷାଳୟେ
ମଲ୍ଲ ବିଦ୍ୟାଶିକ୍ଷା, ଖଡ଼୍ଗ ବନ୍ଧୁକ ଚାଳନ ।
ତ୍ରିଂଶ ବର୍ଷ ରାଜତ୍ୱରେ ସାଧି ବହୁକାର୍ଯ୍ୟ
ଗତାସୁ ହେଲେ ସେ ନୃପ ରାଜନ୍ୟ-କିରୀଟ ।

ଅନନ୍ତର ତାହାଙ୍କର ସୁଯୋଗ୍ୟ କୁମାର
ବଜ୍ର ହୀରଧରଦେବ ହେଲେ ଅଭିଷିକ୍ତ
ପାଟଣାର ସିଂହାସନେ, ତାଙ୍କ ଅମଳରେ
ହେଲା ସଂସାଧିତ ରାଜ୍ୟେ ବିଶେଷ ଉନ୍ନତି ।
ଶିକ୍ଷାର ଉନ୍ନତି ପାଇଁ ଦେଲେ ସେ ବଢାଇ
ବିଦ୍ୟାଳୟ ସଂଖ୍ୟା, ହେଲା ସ୍ଥାପିତ ରାଜ୍ୟରେ
ଆୟୁର୍ବେଦ ବିଦ୍ୟାଳୟ, ଶିକ୍ଷାପ୍ରାପ୍ତ ଛାତ୍ରେ
ବୁଲି ଗ୍ରାମେ ଗ୍ରାମେ କଲେ ରୋଗୀଙ୍କୁ ଚିକିତ୍ସା,
ପାଇଲେ ସେ ରାଜକୋଷୁଁ ମାସିକ ବେତନ ।
କଟା ହୋଇ ବଣ ହେଲା ସଡ଼କ ପ୍ରସ୍ତୁତ,
ବିଶେଷ ସୁବିଧା ହେଲା କୃଷିବାଣିଜ୍ୟର ।
ପ୍ରଜାହିତକାମୀ ସେହି ନୃପତି ଆଦେଶେ
ବହୁ ବନ୍ଧୁରିତ ସ୍ଥଳ ହୋଇ ସମତଳ
ସମୁର୍ବର କୃଷିକ୍ଷେତ୍ରେ ହେଲା ପରିଣତ,
ଲଭିଲା ପ୍ରବୃଦ୍ଧି କ୍ରମେ ରାଜ୍ୟର ଉନ୍ନତି ।
ଏହିକାଳେ ବଙ୍ଗଦେଶୁଁ ଆସି ସୈନ୍ୟସହ
ହୁସେନସା ନାମେ ଜଣେ ଉଗ୍ର ସେନାପତି
କଲା ଉଗ୍ର ଆକ୍ରମଣ ଉତ୍କଳ-ପ୍ରଦେଶେ;
ତହୁଁ ଶ୍ରୀ ପ୍ରତାପରୁଦ୍ର ଉତ୍କଳ-ସମ୍ରାଟ
ଆଦେଶିଲେ ବୀରଗୁରୁ ପାଟଣାନରେଶେ
କରିବାକୁ ପ୍ରତିରୋଧ ତାର ଆକ୍ରମଣ,
ପୁଣି ବୌଦନରପତି ରାମଚନ୍ଦ୍ରଦେବେ ।
ବହୁ ସୈନ୍ୟ ସହ ଆସି ସେ ବେନି ନୃମଣି
ହୁସେନସା ସଙ୍ଗେ କଲେ ଭୀଷଣ ସମର,
ଲଭି ତହିଁ ପରାଜୟ ଯବନ ବର୍ବର
ପଳାଇଲା ପ୍ରାଣଭୟେ ଉପେକ୍ଷି ସମର,
ଅତୀବ ସନ୍ତୁଷ୍ଟ ହୋଇ ଉତ୍କଳ-ସମ୍ରାଟ
ତୋଷିଲେ ନୃପତିଦ୍ୱୟେ ଧନରତ୍ନ ଦାନେ ।
ଯାହାକରି ଗଙ୍ଗାସ୍ନାନେ ତହୁଁ ପାଟଣେଶ
ବାହୁଡ଼ିଲେ ସ୍ୱରାଜ୍ୟକୁ ବର୍ଷିକ ଉଲ୍ଲାସରେ,
ପାଳି ପ୍ରଜା ତ୍ରିଂଶବର୍ଷ ହେଲେ ସେ ଗତାସୁ ।

ବଜ୍ର ହୀରାଟଦେବଙ୍କର ଥିଲେ ଦୁଇପୁଅ
ନରସିଂହ, ବଳରାମ ନାମେ; ତାଙ୍କ ପରେ
ଜ୍ୟେଷ୍ଠ ନରସିଂହଦେବ ହେଲେ ପାଟଣାର
ମହାରାଜା ପ୍ରଚଳିତ ବଂଶବିଧିମତେ,
ରାମଲକ୍ଷ୍ମଣଙ୍କ ପ୍ରାୟ ଥିଲେ ଭ୍ରାତା ବେନି
ଏକପ୍ରାଣ, ଏକଆତ୍ମା, ଉଭେ ସମଯୋଧୀ ।
ଅଗ୍ରଜ ଗୌରବରବି ଚୌହାନବଂଶର,
ଅନୁଜ ଗୌରବଶଶୀ, ଯେସନ୍ତେ ଦୁଇଫଳ
ଫଳିଥିଲା ଏକ ବୃନ୍ତେ, ଅଥବା ଯେସନ
ଦୁଇଗୋଟି ପ୍ରତିଶବ୍ଦ ଗୋଟିଏ ଶବ୍ଦର,
କିମ୍ବା ଯଥା ଦୁଇଅର୍ଥ ଗୋଟିଏ ଶ୍ଳୋକର ।
ଅଗ୍ରଜଙ୍କ ସ୍ନେହପାଶେ ଯେଭଳି ଅନୁଜ,
ସେଭଳି ଅନୁଜଥିଲେ ଅଗ୍ରଜଙ୍କ ଭକ୍ତ ।

ରାଜକାର୍ଯ୍ୟ ନିର୍ବାହରେ ଥିଲେ ବଳରାମ
ଜ୍ୟେଷ୍ଠ ମହାରାଜାଙ୍କର ଦକ୍ଷହସ୍ତ ପ୍ରାୟ ।
ରଣସନ୍ଧି ଅନୁସାରେ ଉତ୍କଳ-ସମ୍ରାଟ
ପାଟଣା, ବସ୍ତର ଆଦି କେତେ ଗଣ୍ଡ ରାଜ୍ୟ
କରିଥିଲେ ସମର୍ପଣ ବିଜୟୀ ନୃପତି
ବିଜୟନଗର ରାଜା କୃଷ୍ଣରାଓ ଦେବେ,
ସେ ଦିନୁ ପାଟଣା ଥିଲା ତାହାଙ୍କ ଅଧୀନେ;
କୃଷ୍ଣରାଓ ମୃତ୍ୟୁ ପରେ ତାଙ୍କର ଅନୁଜ
ତେଲଙ୍ଗା ଅଚ୍ୟୁତରାଓ ହେଲେ ଅଭିଷିକ୍ତ
ପିତୃ ରାଜସିଂହାସନେ, ମାତ୍ର ସେ ନୃପତି
ନ ଥିଲେ କ୍ଷମତାଶାଳୀ ପିତାଙ୍କ ସଦୃଶ,
ହେଲେ ସେ ଦୁର୍ବଳ କ୍ରମେ, ଏହି ସୁଯୋଗରେ
ଅନୁଜଙ୍କ ସାହଚର୍ଯ୍ୟେ ପାଟଣାଭୂପତି
ପାଟଣାର ସ୍ୱାଧୀନତା କରି ସେ ଘୋଷଣା,
ସେହି ଦିନୁ ନିଜେ ହେଲେ ସ୍ୱାଧୀନ ନୃପତି
ପରେ ଯାଇ ଆକ୍ରମିଲେ ବସ୍ତରନଗରୀ,
କଲେ ଯୁଦ୍ଧ ବସ୍ତରକୁ ସାହାଯ୍ୟ ପ୍ରଦାନ
ବିଜୟନଗର ରାଜା, ହେଲେ ଯୁଦ୍ଧେ ଜୟୀ
ପାଟଣାର ମହାରାଜା ନରସିଂହଦେବ ।
ରହିଲା ବସ୍ତରରାଜ୍ୟ ହୋଇ ପୂର୍ବପରି
ତାଙ୍କର ସାମନ୍ତରାଜ୍ୟ, ଅର୍ପି ତାଙ୍କୁ କର
ଯୁଦ୍ଧବେଳେ କଲା ସୈନ୍ୟ ସାହାଯ୍ୟ ପ୍ରଦାନ ।

ଏକଦା ପାଟଣାରାଣୀ ଥିଲେ ଗର୍ଭବତୀ,
ହେଲା ପୂର୍ଣ୍ଣ ଦଶମାସ, ପାଇଲେ ସେ ବହୁ
ପ୍ରସବ-ବେଦନା ଯୋଗ୍ୟା ଧାତ୍ରୀ ଅଭାବରେ,
ଥିଲା ଜଣେ ଧାତ୍ରୀ ବରପଦର ଗ୍ରାମରେ,
ମଧ୍ୟେ ଥିଲା ବ୍ୟବଧାନ ମାୟାବତୀ ନଦୀ,
ଭୀଷଣ ବରଷାକାଳ, ବନ୍ୟାରେ ଉଚ୍ଛୁଳି
ମାୟାବତୀ, ଫେନହାସ୍ୟ ବିସ୍ତାରି ସବେଗେ
ଧାଉଁଥାଏ କୂଳଲଂଘି କୂଳଠା ପର୍ଯ୍ୟନ୍ତ,
ଅନ୍ଧକାର ରାତିଏ ଭେଦି ନ କଲେ ସାହସ
ଆଣିବାକୁ ଧାତ୍ରୀ କେହୁଁ ପାରହୋଇ ନଦୀ,
ରାଜଭ୍ରାତା ବଳରାମ ଶୁଣି ଏ ସମ୍ବାଦ
ନ କହି କାହାକୁ କିଛି, ବାହାରି ନିରବୁ
ପାରି ହୋଇ ମାୟାବତୀ ସନ୍ତରଣଦ୍ୱାରା,
ହେଲେ ଉପସ୍ଥିତ ବରପଦର ଗ୍ରାମରେ,
ଘେନି ସେ ଧାତ୍ରୀକୁ ତହୁଁ ବସାଇ ପିଠିରେ
ପାରିହୋଇ ସନ୍ତରଣେ ନଦୀ, ବୀରମଣି
ପ୍ରବେଶି ପାଟଣା ଦୁର୍ଗେ ସେହି ରାତି ମଧ୍ୟେ
ଧାତ୍ରୀକୁ ପଠାଇଦେଲେ ରାଜଅନ୍ତଃପୁରେ,
ପ୍ରସବିଲେ ପୁତ୍ର ଦେବୀ ତାହା ସାହାଯ୍ୟରେ;
ପ୍ରାତେ ନରସିଂହଦେବ ଶୁଣି ଏ ବାରତା
ଅନୁଜଙ୍କ ଦୁଃସାହସେ ପ୍ରଶଂସି ବିସ୍ତର
କଲେ ତାଙ୍କୁ ଆଲିଙ୍ଗନ ଉଲ୍ଲସିତ ମନେ ।
ପଚାରିଲେ 'କହ ଭାଇ କି ଇଚ୍ଛା ତୁମ୍ଭର,
ଏହି ମୁହୂର୍ତ୍ତିରେ ତାହା କରିବି ପୂରଣ ।
ଭାଗ୍ୟବାନ୍ ମୁହିଁ, ପାଇ ତୁମ୍ଭ ଭଳି ଭ୍ରାତା,
ମହାବିସ୍ମିତ ତବ ଅସୀମ ସାହସ ।'
ଉତ୍ତରିଲେ ବଳରାମ, 'ପାଟଣା ରାଜ୍ୟର
ପୂର୍ବୋତ୍ତର ଅଂଶ ମୋତେ କରନ୍ତୁ ପ୍ରଦାନ,
ଅବର ପାରିଧି ପାଇଁ ଆଜ୍ଞା ହେଉ ମୋତେ
ତନ୍ନିକଟବର୍ତ୍ତୀ ସର୍ବ ଅରଣ୍ୟ ମଧ୍ୟରେ ।'
ଶୁଣି ଏହା ପାଟଣେଶ ନିର୍ବିକାର ଚିତ୍ତେ
ପୂର୍ଣ୍ଣ କଲେ ଭ୍ରାତାଙ୍କର ସେହି ଅଭିପ୍ରାୟ ।
ଯାଇ ତହୁଁ ବଳରାମ ପୂର୍ବୋତ୍ତର ଭାଗେ
ବଳରାମପୁର ନାମେ ସ୍ଥାପିଲେ ଦୁର୍ଗ,
କାଳକ୍ରମେ ବହିଲା ସେ ବଲାଙ୍ଗୀର ଆଖ୍ୟା ।
ଯାଉଁ ଯାଉଁ ପଥ ମଧ୍ୟେ ଗୋଟିଏ ଗ୍ରାମରେ
ପାଇଲେ ଗୁଜ୍ଜଳ, ତହୁଁ ସେ ଗ୍ରାମର ନାମ
ରଖିଲେ ଗୁଜ୍ଜଳପୁର, ଏବେ ସେହି ଗ୍ରାମ
ହେଉଛି ଗୁଜ୍ଜରପୁର ନାମେ ଅଭିହିତ;

କଲେ ସେହି ଗ୍ରାମ ଜଣେ ବ୍ରାହ୍ମଣଙ୍କୁ ଦାନ ।
ଅବଧି ସେ ବ୍ରାହ୍ମଣର ବଂଶଧରଗଣେ
କରୁଛନ୍ତି ଭୋଗ ତାହା ନିଷ୍କର ଭାବରେ ।
ପରେ ବୀର ସଂସ୍ଥାପିଲେ ବରଗଡ଼ ନାମେ
ଦୁର୍ଗ ଏକ, ନାମାନ୍ତର ବଡ଼ଗଡ଼ ତାର,
ଭ୍ରମୁ ଭ୍ରମୁ ଦିନେ ବୀର ମହାନଦୀ ତୀରେ,
ଦେଖିଲେ ଶଶକ ଏକ, ତହୁଁ ତାହା ପ୍ରତି
ଦେଲେ ସେ ଲଗାଇ ନିଜ ପାଳିତ କୁକ୍କୁରେ,
ମାତ୍ର ଶଶା ଶ୍ୱାନଦ୍ୱୟେ ନ କରି ଭ୍ରୂକ୍ଷେପ
ଆରମ୍ଭିଲା ତାଙ୍କ ସହ ଯୁଦ୍ଧ ଘୋରତର,
କୁକ୍କୁରେ ପରାସ୍ତହୋଇ ଆସିଲେ ପଳାଇ ।
ଦେଖି ଏ ଅଦ୍ଭୁତ ଦୃଶ୍ୟ ବଳରାମ ଦେବ
ଭାବିଲେ ଏ ଭୂମିଖଣ୍ଡି ନିଶ୍ଚେ ବୀରଭୂମି,
ଦୁର୍ଗର ସମୁପଯୁକ୍ତ; ସ୍ଥାପିବାକୁ ତହିଁ
ଦୁର୍ଗ ଏକ କଲେ ବୀର ସଙ୍କଳ୍ପ ମାନସେ ।
ଦେଖିଲେ ସେ ସେହି ରାତ୍ରେ ସ୍ୱପନ ଏସନ—
ଉଭା ହୋଇ ଜ୍ୟୋତିର୍ମୟୀ ଦେବୀମୂର୍ତ୍ତି ଏକ
ଆଦେଶିଲେ ତାଙ୍କୁ, 'ବତ୍ସ, ଅଛି ମୁହିଁ ଏହି
ଶାଳ୍ମଳୀପାଦପ ମୂଳେ,ନିର୍ମାଣି ମନ୍ଦିର
କର ମୋତେ ସଂସ୍ଥାପନ, ଲଭିବୁ ମଙ୍ଗଳ ।'
ଏହା ଭାଷି ଦେବୀମୂର୍ତ୍ତି ହେଲେ ଅନ୍ତର୍ହିତ ।
ପ୍ରଭାତେ ଦେଖିଲେ ବୀର ଶାଳ୍ମଳୀ ମୂଳରେ
ଅବସ୍ଥିତ ଦେବୀମୂର୍ତ୍ତି ପ୍ରସ୍ତର ନିର୍ମିତ ।
ତୋଳାଇ ଦେଉଳ ତହିଁ, ସଂସ୍ଥାପି ଦେବୀଙ୍କୁ
ଶାଳ୍ମଳାଈ ବୋଲି ନାମ ରଖିଲେ ତାଙ୍କର
ସ୍ଥାପିଲେ ଶାଳ୍ମଳୀପୁର ଗ୍ରାମ ତାହା ପାଶେ ।
ଶବ୍ଦଉଚ୍ଚାରଣ ଦୋଷେ ହୋଇ ଅପଭ୍ରଷ୍ଟ
ହୋଇଛି ସମଲେଶ୍ୱରୀ ଦେବୀଙ୍କର ନାମ,
ଆବର ସମ୍ବଲପୁର ଗ୍ରାମର ଅଭିଧା ।
ସରଗୁଜା ରାଜାଙ୍କର ଥିଲା ସେ ଭୂଖଣ୍ଡ,
ତାହାଙ୍କ ଅଧୀନୁ ଆଣି ଛଡ଼ାଇ ତାହାକୁ
ନିର୍ମାଣିଲେ ଦୁର୍ଗ ତହିଁ ବଳରାମଦେବ—
ମହାବୀର-ଅଲଙ୍କାର, ବୀରକୁଳ-ଗୁରୁ ।
କରିବାକୁ ବୃଦ୍ଧି ନିଜ ପ୍ରାପ୍ତ ରାଜ୍ୟ ସୀମା
ତେଲନଦୀ ତୀର ଯାଏଁ ବଳରାମଦେବ
ମାଗିଲେ ଆଦେଶ, ତହୁଁ ନରସିଂହଦେବ
ପ୍ରକାଶିଲେ ଅସମ୍ମତ ଭ୍ରାତାଙ୍କ ପ୍ରସ୍ତାବେ ।
ଶୁଣି ଏହା ରାଜମାତା ବେନି ପୁତ୍ରଙ୍କର
ମନୋଭେଦ ଆଶଙ୍କାରେ, ତହୁଁ ପୁତ୍ରଦ୍ୱୟେ
ଘେନି ସଙ୍ଗେ, ହେଲେ ଯାଇ ଉପସ୍ଥିତ ଉଭା
ସୁରଙ୍ଗୀ ତଟିନୀତୀରେ, ବସି ତହିଁ ଦେବୀ
ପୂର୍ବ ମୁଖେ, ଜ୍ୟେଷ୍ଠ ପୁତ୍ରେ ବସାଇ ଦକ୍ଷିଣେ,
କନିଷ୍ଠକୁ ବାମପାଶେ, ଭାଷିଲେ ଏସନ—
'ଏ ସୁରଙ୍ଗୀ ନଦୀ ମୋର ଅଙ୍ଗ ବୋଲି ଜାଣ,
ଏହାର ଦକ୍ଷିଣ ଅଂଶ ଜ୍ୟେଷ୍ଠ ସୋଦରର,
ବାମ ଅଂଶ କନିଷ୍ଠର, ଏହାପରି ଦୁହେଁ
ନିଅ ତୁମ୍ଭେ ଭାଗକରି, ମୋର ଏ ଆଦେଶ ।'
ମାତୃଆଜ୍ଞା ଶିରୋଧାର୍ଯ୍ୟ କରି ପୁତ୍ରଦ୍ୱୟ
ତଥାସ୍ତୁ ଉଚ୍ଚାରି ହର୍ଷେ ବାଣ୍ଟିନେଲେ ରାଜ୍ୟ ।
ସେହିଦିନୁ ଅଙ୍ଗ ନାମ ବହିଲା ସୁରଙ୍ଗୀ,
ପାଟଣା ସମ୍ବଲପୁର ଉଭୟ ରାଜ୍ୟର
ହୋଇ ତାହା ସୀମା ଚିହ୍ନ ରହିଛି ଅଦ୍ୟାପି ।
ନିର୍ମାଣି ସମ୍ବଲପୁରେ ଦୁର୍ଗ ବଳରାମ
କଲେ ତାକୁ ରାଜଧାନୀ, ଇଷ୍ଟଦେବୀରୂପେ
ସମଲେଶ୍ୱରୀଙ୍କୁ ନେଇ କଲେ ତହିଁ ପୂଜା ।
ସାତବର୍ଷ ରାଜପଣ କରି ନରସିଂହ
ତେଜି ମରତକୁ, ଗଲେ ଅମର-ଆବାସେ ।
ଏହିଠାରୁ ପୁରାତନ ପାଟଣା ରାଜ୍ୟର
ଚୌହାନ ନୃପତିବଂଶ ହେଲେ ବିଭାଜିତ
ଉଭୟ ଶାଖାରେ—ଏକଶାଖା ପାଟଣାରେ
ଅପର ସମ୍ବଲପୁରେ ହେଲା ଅବସ୍ଥିତ ।
ସୌହାର୍ଦ୍ଦ୍ୟ ସଦ୍‌ଭାବେ ଥିଲେ ଉଭୟ ନରେଶ

ଅବଜ୍ଞ ନବାଢ଼ ଭଳେ, ଉଭୟ ରାଜ୍ୟକୁ
ମଣୁଥିଲେ ଆପଣାର ସେ ଉଭୟ ଭ୍ରାତା,
କରୁଥିଲେ ଯାତାୟାତ ପରସ୍ପର ରାଜ୍ୟେ ।
ମିଶି ଦୁଇ ରାଜଶକ୍ତି ହୋଇଥିଲା ଏକ
ନୀର କ୍ଷୀର ପ୍ରାୟ, କିମ୍ବା ପୁଷ୍ପ ଗନ୍ଧ ଯଥା ।
ଫୁଲେ ଥାଏ ଗନ୍ଧ, ଗନ୍ଧ ଫୁଲର ମହତ୍ତ୍ୱ ।
ଜଗତେ ଅପରାଜିତ ସଙ୍ଘତର ଶକ୍ତି,
ସେ ଶକ୍ତି ମଧ୍ୟରେ ଛିଦ୍ର ନ ପାଇ ଶତ୍ରୁଏ
ରହୁଥିଲେ ଭୟେ ସଦା ସମ୍ବରି ମାତ୍ସର୍ଯ୍ୟ,
ପ୍ରବଳର ପାଦପୂଜା, ଦୁର୍ବଳେ ଭ୍ରୂକୁଟି
ଏହାହିଁ ତ ଜଗତର ଚିରନ୍ତନୀ ରୀତି ।

ଅନନ୍ତର ମହାରାଜା ନୃସିଂହଦେବଙ୍କ
ଅଗ୍ରଜ ହମିରଦେବ ହେଲେ କର୍ଣ୍ଣଧାର
ରାଜ୍ୟ-ତରଣୀର । ତାଙ୍କ ରାଜତ୍ୱ ସମୟେ
ବିଶେଷ ଉଲ୍ଲେଖ ଯୋଗ୍ୟ କୌଣସି ଘଟଣା
ହୋଇ ନାହିଁ ସଂଘଟିତ । ଦୁଇବର୍ଷ ମାତ୍ର
ରାଜ୍ୟପାଳି ସେ ନରେଶ ତେଜିଲେ ଜୀବନ ।
ସେ ସମୟେ ତାଙ୍କ ପୁତ୍ର ଶ୍ରୀ ପ୍ରତାପଦେବ
ସପ୍ତମବର୍ଷୀୟ ଶିଶୁ; ତେଣୁ ମହାରାଣୀ
ଚଳାଇଲେ ରାଜକାର୍ଯ୍ୟ ମନ୍ତ୍ରୀଙ୍କ ସାହାଯ୍ୟେ ।
ସ୍ୱେଚ୍ଛାଚାରୀ ମନ୍ତ୍ରୀଙ୍କର ଘୋର ଅତ୍ୟାଚାରେ
ଟଳିଲେ ଅତଙ୍କ ପ୍ରଜା; ଶୁଣି ଏ ସମ୍ବାଦ
ଆସି ବଳରାମଦେବ ସମ୍ବଲପୁରରୁ
ତଡ଼ିଦେଲେ ମନ୍ତ୍ରୀବୃନ୍ଦେ, ମହାରାଣୀ ସୁଦ୍ଧା
ମନ୍ତ୍ରୀଙ୍କର ଚକ୍ରାନ୍ତରେ ଘେନି ଶିଶୁପୁତ୍ରେ
ଚାଲିଗଲେ ପିତ୍ରାଳୟ ନନ୍ଦପୁର ରାଜ୍ୟେ,
ହେଲା ରାଜ୍ୟ ଅରାଜକ, ରକ୍ଷକବିହୀନ ।
ତହୁଁ ବଳରାମଦେବ, ସମ୍ବଲପୁରେଶ
ଆଣି ନିଜ ଜ୍ୟେଷ୍ଠପୁତ୍ର ଶ୍ରୀ ହୃଦୟଦେବେ
ବସାଇଲେ ପାଟଣାର ରାଜସିଂହାସନେ
ଶିଶୁ ରାଜକୁମାରଙ୍କ ପ୍ରତିନିଧିରୂପେ ।
ହୃଦୟୀ ହୃଦୟଦେବ, ହେଲେହେଁ ନୂତନ
ଚଳାଇଲେ ରାଜକାର୍ଯ୍ୟ ସୁପ୍ରବୀଣ ପ୍ରାୟ ।
ସୁଖୀ ହେଲେ ପ୍ରଜାକୁଳ ତାଙ୍କ ସୁଶାସନେ,
ପ୍ରଦର୍ଶିଲେ ତାଙ୍କ ପ୍ରତି ଭକ୍ତିଅନୁରାଗ ।
କେତେ ବର୍ଷପରେ କ୍ରୂର ବଙ୍ଗର ନବାବ
ସଲ୍‌ମାନ, ଆକ୍ରମିଲା ଉତ୍କଳ-ପ୍ରଦେଶେ,
ସେକାଳେ ମୁକୁନ୍ଦଦେବ ଉତ୍କଳ-ସମ୍ରାଟ,
ତାହାଙ୍କ ଭଗିନୀପତି ଶ୍ରୀହୃଦୟଦେବ
ଉତ୍କଳ-ସୈନ୍ୟର ହୋଇ ଶ୍ରେଷ୍ଠ ସେନାପତି
ଚଳାଇଲେ ସୁକୌଶଳେ ଉତ୍କଳ-ବାହିନୀ ।
ଦେଖି ତାଙ୍କ ଯୁଦ୍ଧଶକ୍ତି, ଅନର୍ଗଳ ତେଜ
ହେଲା ଶତ୍ରୁମୁଖେ ତାଙ୍କ ପ୍ରତିଷ୍ଠା ଘୋଷିତ ।
ତାଙ୍କର ଅଭୂତପୂର୍ବ ସମରକୌଶଳ
ଅସୀମ ସାହସ, ବୀର୍ଯ୍ୟ, ହୋଇଛି ବର୍ଣ୍ଣିତ
ଶ୍ରୀମୁକୁନ୍ଦଦେବ କାବ୍ୟେ, ବିଶଦ ଭାବରେ ।
ଅବିଶ୍ରାନ୍ତ ଯୁଦ୍ଧ କରି ଦୁର୍ବର ସମ୍ରାଟ
ହୋଇ ଅତି ଅବସନ୍ନ ତେଜିଲେ ଜୀବନ ।
ଉତ୍କଳ-ସୌଭାଗ୍ୟ-ରବି ଶେଷ ରଶ୍ମିଶିଖା
ଲିଭିଯାନ୍ତେ ଅକସ୍ମାତ୍, ଅଭାଗୀ ଉତ୍କଳ
ହରାଇଲା ସ୍ୱାଧୀନତା ଚିରକାଳ ପାଇଁ ।
କାହିଁ ସଲ୍‌ମାନ, କାହିଁ ଉତ୍କଳ-ସମ୍ରାଟ,
ପଶିଲା ଶୃଗାଳ ହାୟ ହର୍ଯ୍ୟକ୍ଷ ଗୁମ୍ଫାରେ !
ସଦର୍ପେ ପଶିଲା ଭେକ ନାଗସର୍ପ ବିଳେ !
କି ନ ହୁଏ ବିଧିରୋଷେ, କି ନୋହେ ବା ତୋଷେ ?
ଦର୍ପୀଦର୍ପହାରୀ ପ୍ରଭୁ ଦେବ ଜଗନ୍ନାଥ,
ସ୍ନେହରେ ପାଳିତା ତବ ଆଦରିଣୀ କନ୍ୟା,
ଭୂତଳେ ଅମରଧାମ ସୁତୀର୍ଥମାଳିନୀ
ଏ ଉତ୍କଳ ପୁଣ୍ୟଭୂମି, ହେଲା ହାୟ ପ୍ରଭୋ,
ଅସ୍ପୃଶ୍ୟ ବିଧର୍ମୀ ଦୁଷ୍ଟ ଯବନ ଅଧୀନ ।
ସହିଲ ତ ଏହା ତବ ପିତୃହୃଦ ପୁଣି !

ଦେବହୁଦ କେମନ୍ତେ ବା ପିନ୍ଧିଲେ ତବ
ସହିଲ ଏ ନିଦାରୁଣ ଲଜ୍ଜାଜନକ ଦୃଶ୍ୟ !
ଦୟାରେ ସକଳ ପରା ହୃଦୟ ତୁମ୍ଭର ?
ନିଜ କନ୍ୟା ଦୁଃଖେ ପୁଣି ତାହା ଅପମାନେ
ନ ଟଳିଲା ଯାହା ତୁମ୍ଭ କୃପା-ସିଂହାସନ
ଏହାହିଁ ଆଶ୍ଚର୍ଯ୍ୟ; ପ୍ରଭୁ ସ୍ମରିଲେ ଏ ଦୁଃଖ
ଲାଗେ ହୃଦେ ନିଦାରୁଣ ବ୍ୟଥା ମର୍ମସ୍ପର୍ଶୀ !
ଝୁରେ ନେତ୍ର ଅବାରିତ ଅଶ୍ରୁ ପ୍ରସ୍ରବଣ !
କି ପାପେ ବ୍ରାହ୍ମଣୀ ହେଲା ଚଣ୍ଡାଳସେବିକା ?
କାହା ଅଭିଶାପେ ଅବା ପବିତ୍ର ତୁଳସୀ
ଅପବିତ୍ର ସ୍ଥାନପଦେ ହେଲା ବମର୍ଦ୍ଦିତ ?
କେ କହିବ ଏହା ମୋତେ, ପୁଚ୍ଛିବି କାହାକୁ ?
କୃଷ୍ଣା ସିଂହୀ ହେଲା ହାୟ ମାର୍ଜାର ଅଧୀନା !
ଦେବମାୟା ଏଭା ସିନା ବୁଝନ୍ତି ଦେବତା,
କି ବୁଝିବ ତାହା ପ୍ରଭୁ, ହୀନବୁଦ୍ଧି ନର !
କେତେବର୍ଷ ପରେ ରାଜା ବଳରାମଦେବ
ଗଲେ ସ୍ୱର୍ଗବାସେ, ଘେନି ମର୍ତ୍ତ୍ୟରୁ ବିଦାୟ ।
ତହୁଁ ଶ୍ରୀ ହୃଦୟଦେବ ଯାଇ ନନ୍ଦପୁରେ
ଘେନି ଆସି ଯୁବରାଜ ପ୍ରତାପଦେବଙ୍କୁ
ବସାଇଲେ ପାଟଣାର ରାଜସିଂହାସନେ,
ନିଜେ ଯାଇ ହେଲେ ରାଜା ସମ୍ବଲପୁରରେ ।
ଥିଲେ ଯାଇ ନନ୍ଦପୁରେ ପୂର୍ବ ବିତାଡ଼ିତ
କୁଚକ୍ରୀ ସଭାବଗଣ, ଆସି ତହୁଁ ଫେରି
କଲେ ନବନୃପତିଙ୍କ ମନ୍ତ୍ରୀତ୍ୱ ଗ୍ରହଣ ।
କରନ୍ତେ ପୁଣି ସେ ଦୁଷ୍ଟେ ରାଜ୍ୟେ ଅତ୍ୟାଚାର,
ସମ୍ବଲପୁରକୁ ଯାଇ ପାଟଣା ପ୍ରଜାଏ
ହୃଦୟଦେବଙ୍କ ପାଶେ କଲେ ଜଣାମଣା ।
ମହାରାଜା ଶ୍ରୀହୃଦୟ ନାରାୟଣଦେବ
ଆସି ବହୁ ସୈନ୍ୟସହ, ଦୁଷ୍ଟ ମନ୍ତ୍ରୀ ମଧ୍ୟୁଁ
କେତେକଙ୍କୁ କଲେ ହତ୍ୟା, ପୁଣି କେତେକଙ୍କୁ
ଦଣ୍ଡ ଦେଇ ତଡ଼ିଦେଲେ ପାଟଣା ରାଜ୍ୟରୁ ।

ରାଜନୀତି ସମ୍ବନ୍ଧରେ ବହୁ ଉପଦେଶ
ପ୍ରଦାନି ପ୍ରତାପଦେବେ, ଗଲେ ସେ ବାହୁଡ଼ି
ସ୍ୱରାଜ୍ୟ ସମ୍ବଲପୁରେ; ଶାସିଲେ ପାଟଣା
ସୁଶୃଙ୍ଖଳେ ନବନୃପ ଶ୍ରୀ ପ୍ରତାପଦେବ ।
କି ଅଜ୍ଞାତ କାରଣରୁ ଘଟିଲା ତାଙ୍କର
ମନୋଭେଦ ଖେମଣ୍ଡୀର ନୃପତିଙ୍କ ସହ,
ଆକ୍ରମିଲେ ତହୁଁ ଯାଇ ଖେମଣ୍ଡୀ ରାଜ୍ୟ ସେ,
ଲାଗିଲା ତୁମୁଳ ଯୁଦ୍ଧ, ଖେମଣ୍ଡୀ ନୃପତି
ହେଲେ ପରାଜିତ, ତହୁଁ ରହିଲେ ସେ ହୋଇ
ରଣଜୟୀ ପାଟଣାର ସାମନ୍ତ ନୃପତି ।
ପ୍ରତାପୀ ପ୍ରତାପଦେବ ତେଜସ୍ୱୀ ନୃପତି
କରିଥିଲେ ନିଜ ନାମ ସାର୍ଥକ ସର୍ବଥା ।
ଉପଯୁକ୍ତ ଦୁଇ ପୁତ୍ର ଥିଲେ ତାହାଙ୍କର,
ଜ୍ୟେଷ୍ଠ ଶ୍ରୀ ବିକ୍ରମାଦିତ୍ୟ କରି ଅଭିଷିକ୍ତ
ପାଟଣାର ସିଂହାସନେ, କନିଷ୍ଠ ଗୋପାଳେ
କଲେ ବୀର ଖଡ଼ିଆଲ ରାଜ୍ୟ ସମର୍ପଣ,
ପାଞ୍ଚବର୍ଷ ରାଜ୍ୟ ପାଳି ତେଜିଲେ ସେ ପ୍ରାଣ ।
ଏକବିଂଶ ବର୍ଷ କାଳ ଶ୍ରୀ ବିକ୍ରମାଦିତ୍ୟ
ରାଜ୍ୟ ଶାସି ଭବଧାମୁଁ ହେଲେ ଅନ୍ତର୍ହିତ ।
ତାଙ୍କ ପରେ ଅଭିଷିକ୍ତ ହୋଇ ସିଂହାସନେ
ଆତ୍ମଜ ମୁକୁନ୍ଦଦେବ, ଶାସି ପ୍ରଜାକୁଳେ
ବିଂଶବର୍ଷ, ପ୍ରାଣପଞ୍ଚ କଲେ ଉଦ୍‌ଯାପନ ।
ତାଙ୍କ ପୁତ୍ର ବଳରାମ ଅଠବର୍ଷ ମାତ୍ର
ଶାସନପାଳନ କରି ପାଟଣାମଣ୍ଡଳ
ସମାପି ଜୀବନ-ବ୍ରତ, ଗଲେ ସୁରାଳୟେ ।
ତଦନ୍ତେ ହୃଦେଶାଦେବ ତାହାଙ୍କ ତନୟ
ଏକବିଂଶ ବର୍ଷକାଳ କରି ରାଜପଣ
ଗମିଲେ ଅମରପୁରେ ବିସର୍ଜି ଜୀବନ ।
ପରେ ରାଜସିଂହଦେବ ତାହାଙ୍କ ତନୁଜ,
ପାଟଣାର ରାଜଗାଦି କଲେ ଅଳଙ୍କୃତ,
ତାହାଙ୍କ ରାଜତ୍ୱକାଳେ ନାଗପୁରପତି

ରଘୁଜି ଭୋଁସଲ ନାମେ ମରହଟ୍ଟା ରାଜା
ଆକ୍ରମି ପାଟଣାରାଜ୍ୟ କଲେ ତାହା ଜୟ,
ପାଟଣା ଗୌରବରବି ହେଲେ ଅସ୍ତମିତ ।
ହରାଇ ସେ ସ୍ୱାଧୀନତା ହେଲା ପରାଧୀନା,
ରାଜା ରାଜସିଂହ ହୋଇ ସାମନ୍ତ ନୃପତି
ରଘୁଜିଙ୍କୁ ଦେଲେ କର, ଭାଗ୍ୟ ବିପର୍ଯ୍ୟୟେ,
ନତ ହେଲା ପାଟଣାର ଚିରୋନ୍ନତ ଶିର ।
ବଳଦେବ ଠାକୁରଙ୍କ ସେବା ନିର୍ବାହାର୍ଥେ
ଖଞ୍ଜିଲେ ଚନ୍ଦନଭାଟି ଗ୍ରାମ ରାଜସିଂହ,
ପଞ୍ଚାବନ ବର୍ଷ ରାଜ୍ୟ କରି ସେ ପାଳନ
ତେଜି ଭବ ଅଭିନୟ ହେଲେ ସ୍ୱର୍ଗବାସୀ ।
ଶ୍ରୀ ଚନ୍ଦ୍ରଶେଖର ଦେବ ତାହାଙ୍କ କୁମାର
ସିଂହାସନେ ଅଭିଷିକ୍ତ ହେଲେ ତାଙ୍କପରେ ।
ପାଞ୍ଚବର୍ଷ ମାତ୍ର ରାଜ୍ୟ ପାଳି ସେ ନୃପତି
ସାରି କର୍ମ ଅଭିନୟ, ତେଜିଲେ ଜୀବନ ।
ଅନନ୍ତର ରାଜା ରୂପେ ପୃଥ୍ୱୀରାଜ ଦେବ
ପିତୃରାଜସିଂହାସନେ କଲେ ଆରୋହଣ,
ସାମାନ୍ୟ ଦ୍ୱିବର୍ଷ ମାତ୍ର କରି ସେ ରାଜତ୍ୱ
ଲୁଚାଇଲେ ତନୁ କାଳ ଯବନିକା ପାରେ ।
ନଥିଲେ ସେ ରାଜାଙ୍କର ସନ୍ତାନ ସନ୍ତତି,
ଥିଲେ ରାଣୀ ଗର୍ଭବତୀ, କେତେ ମାସ ପରେ
ଜନ୍ମିଲେ କୁମାର ଏକ, ହେଲା ତାଙ୍କ ନାମ
ରାମଚନ୍ଦ୍ର ଦେବ, କ୍ରମେ ବଢିଲେ କୁମାର,
ମନ୍ତ୍ରୀଙ୍କ ସାହାଯ୍ୟେ ରାଣୀ ଚଳାଇଲେ ରାଜ୍ୟ;
ସ୍ୱତମତ ରାଜକର ନ ଦେବାରୁ ରାଣୀ
ଭୋଁସଲ ରଘୁଜି ହୋଇ କ୍ରୁଦ୍ଧ ଅତିଶୟ
ଘେନିଗଲେ ନାଗପୁରେ ପେଷି ସୈନ୍ୟବଳ
ବିଧବା ରାଣୀଙ୍କୁ ଶିଶୁ କୁମାରଙ୍କ ସହ
ଷଷ୍ଠବର୍ଷ ମାତ୍ର ତାଙ୍କ ବୟସ ସେକାଳେ ।
ସ୍ୱଭାବେ ସେ ବୀରପତ୍ନୀ ପୁଣି ବୀରାଙ୍ଗନା,
ନିଜର ଅନିଚ୍ଛାସତ୍ତ୍ୱେ ରୋଧି ଶତ୍ରୁବେଗ,
ନକରି ଦ୍ୱିରୁକ୍ତି କିଛୁ ରହିଲେ ନୀରବ ।
ରହିଲେ ସେଠାରେ ରାଣୀ ଶିଶୁ ପୁତ୍ର ସହ
ବନ୍ଦୀ ହୋଇ, ଗତ ହେଲା ଚଉଦ ବରଷ ।
ରଘୁଜୀଙ୍କ ଥିଲା ଅତି ଦୁଷ୍ଟ ଅଶ୍ୱ ଏକ,
କୌଶଳରେ ରାମଚନ୍ଦ୍ର କଲେ ତାକୁ ସାଧ,
ପରିତୁଷ୍ଟ ହୋଇ ତହୁଁ ଭୋଁସଲ ରଘୁଜି
ପଚାରିଲେ ଯୁବରାଜେ, କି ଇଚ୍ଛା ତୁମ୍ଭର ?
ଉତ୍ତରିଲେ ରାମଚନ୍ଦ୍ର, ନମ୍ରେ ସସମ୍ଭ୍ରମେ
କରନ୍ତୁ ଅର୍ପଣ ମୋତେ ପିତୃରାଜ୍ୟ ମୋର ।
ଶୁଣି ଏହା ଆଦେଶିଲେ ସୁବାଙ୍କୁ ରଘୁଜି
ସୈନ୍ୟ ସହ ଯାଇ ତୁମ୍ଭେ ପାଟଣା ନଗରେ
ଘେନି ରାଣୀ ଯୁବରାଜେ, ରାଜାରୂପେ ତହିଁ
ବସାଇବ ରାମଚନ୍ଦ୍ରେ ରାଜସିଂହାସନେ ।
ସଙ୍ଗେ ଘେନି ସୁବା ତହୁଁ ରାଣୀ ଯୁବରାଜେ
ପ୍ରବେଶି ପାଟଣା ଦୁର୍ଗେ କଲେ ଅଭିଷିକ୍ତ
ରାମଚନ୍ଦ୍ର ଦେବେ, ତାଙ୍କ ପିତୃ ସିଂହାସନେ;
ବହୁବର୍ଷ ଅରାଜକ ଥିବାରୁ ପାଟଣା
ହୋଇଥିଲେ ଅତ୍ୟାଚାରୀ ଦୁଷ୍ଟ ଜମିଦାରେ,
ଉପଯୁକ୍ତ ଶାସ୍ତି ଲଭି ହେଲେ ସେ ଆୟତ୍ତ ।
ଫେରିଗଲେ ଏ ଉତ୍ତାରୁ ସୁବା ନାଗପୁରେ
ପାଳିଲେ ପାଟଣା ରାଜ୍ୟ ରାମଚନ୍ଦ୍ର ଦେବ
ଦକ୍ଷତା ସହିତ, ତାଙ୍କ ସୁଶାସନ ଫଳେ
ଚୋର ଦସ୍ୟୁ ଅତ୍ୟାଚାର ନ ରହିଲା ରାଜ୍ୟେ
ଶାସି ରାଜ୍ୟେ ରାମଚନ୍ଦ୍ର ପଞ୍ଚାବନ ବର୍ଷ
ସମ୍ବରି ମାନବଲୀଳା ଗଲେ ସୁରାଳୟେ ।
ଏ ସମୟେ ମରହଟ୍ଟା ଇଂରାଜ ମଧ୍ୟରେ
ଲାଗିଲା ସମର ଘୋର, ରଘୁଜି ଭୋଁସଲ
ହୋଇ ପରାଜିତ, କଲେ ସନ୍ଧିର ପ୍ରସ୍ତାବ,
ପାଟଣା, ସମ୍ବଲପୁର, ସୋନପୁର ରାଜ୍ୟ
ପାଇଲେ ଇଂରେଜ, ହେଲା ସେ ଦିନରୁ ପାଟଣା
ଇଂରେଜ ସାମ୍ରାଜ୍ୟ ଭୁକ୍ତ, ଏହି ଅବସରେ

ପାଟଣା ସମ୍ବଲ ଗଡ଼ ଖଡିଆଳ ରାଜ୍ୟ
ରହିଲା ବିଚ୍ଛିନ୍ନ ହୋଇ ହେଲା ସେ ସ୍ୱତନ୍ତ୍ର,
ଅବର ବୁଢାସମ୍ବର ହେଲା ବି ଅଲଗା ।
ସୋନପୁର ପାଟଣାର ଷାଠିଏଟା ଗ୍ରାମ
କରି ନେଲା ଅଧିକାର, ତାହା ବିରୁଦ୍ଧରେ
ଇଂରାଜ ଶାସକ ପାଶେ କଲେ ଅଭିଯୋଗ
ରାମଚନ୍ଦ୍ର ଦେବ, କିନ୍ତୁ ବିଚାରର ପୂର୍ବରୁ
ଘଟିଲା ତାଙ୍କର ମୃତ୍ୟୁ ଜରାସିଂଗା ଦୁର୍ଗେ,
ସୋନଗଡ଼ ନଦୀତୀରେ ହେଲା ଶବଦାହ,
ହେଲେ ପତି ଅନୁଗତା ଚତୁର୍ଥ ମହିଷୀ
ସେ ଦିନୁ ସେ ସ୍ଥାନ ବହେ ସତୀଘାଟ ନାମ ।
ନୃପତିଙ୍କ ମୃତ୍ୟୁ ପରେ ତାହାଙ୍କ ଆତ୍ମଜ
ଶ୍ରୀ ଭୁପାଳ ଦେବ, ହେଲେ ପାଟଣା ଭୁପାଳ,
କରିଥିଲେ ତାଙ୍କ ପିତା ଯେଉଁ ଅଭିଯୋଗ
ଷାଠିଏଟା ଗ୍ରାମ ପାଇଁ ଉଚ୍ଚାଧିକରଣେ,
ତାହାର ବିଚାର ପାଇଁ ଇଂରାଜୀ ଶାସକ
ଆହ୍ୱାନିଲେ ମହାରାଜା ଶ୍ରୀଭୁପାଳ ଦେବେ
ମାତ୍ର ବାରମ୍ବାର ଏଡ଼ି, ତାହାଙ୍କ ଆଦେଶ
ନ ହେଲେ ସେ ଉପସ୍ଥିତ ବିଚାର ଆଳୟେ,
ଶେଷରେ ବିଚାରପତି ସେହି ଗ୍ରାମମାନ
ରଖିଦେଲେ ସୋନପୁର ରାଜ୍ୟ ଅଧୀନରେ ।
ଶ୍ରୀ ଭୁପାଳ ଦେବଙ୍କର ପୂଜ୍ୟ ପିତାମହ
ଦେବାକୁ ସେ ଗ୍ରାମମାନ ସୋନପୁର ନୃପେ
କରିଥିଲେ ବହୁପୂର୍ବ ପ୍ରତିଶ୍ରୁତିଦାନ,
ସେହି ହେତୁ ନୃପବର, ସେ ଗ୍ରାମଗୁଡ଼ିକ
କରିବାକୁ ଆତ୍ମସାତ ନକଲେ ପ୍ରୟାସ,
ନ କରନ୍ତି ବଂଶଜାଉଁ ସ୍ୱପ୍ନେ ବିଲୋପ ।
ଶ୍ରୀ ଭୁପାଳ ଦେବଙ୍କର ରାଜତ୍ୱ ସମୟେ
ରାଜ୍ୟେ ଅନ୍ତର୍ବିଦ୍ରୋହର ଗୁପ୍ତ ତୁଷାନଳ
ଉଠିଥିଲା ପ୍ରଧୂମିତ ହୋଇ ସ୍ଥାନେ ସ୍ଥାନେ,
ମାତ୍ର ସାବଧାନତାର କାହିଁଛି ବିପଦ,
ଚତୁର ନୃପତି, ନାନା କୌଶଳ ବଳରେ
ଦଣ୍ଡି ବିଦ୍ରୋହୀଙ୍କୁ, କଲେ ବିଦ୍ରୋହ ଦମନ ।
ଥିଲେ ଶ୍ରୀ ଭୁପାଳ ଦେବ ଆଦର୍ଶ ନୃପତି,
ଦୟାଳୁ, ଧାର୍ମିକ, ଦାତା, ଜ୍ଞାନୀ, ଗୁଣଗ୍ରାହୀ,
ଦେବତା ବ୍ରାହ୍ମଣ ପୁଣି ଗୁଣୀଜନ ବର୍ଗେ
ବହୁ ଭୂସମ୍ପତ୍ତି ନୃପ କରିଥିଲେ ଦାନ ।
ଗୁଣେ ନେଇ ବହୁଗୁଣ କରେ ଯଥାଦାନ
ଶସ୍ୟକ୍ଷେନ, ତଥା ସେହି ନୃପତି ପୁଙ୍ଗବ
ପ୍ରଜାଠାରୁ ଗ୍ରହି କର, କରନ୍ତି ତାହାର
ବହୁ ଉପକାର, ବହୁ ମଙ୍ଗଳ ସାଧନ ।
ଗୁଣଗ୍ରାହୀ ସେ ନୃପତି, ଦେଖିଲେ ସଦ୍‌ଗୁଣ
କରୁଥିଲେ ପୁରସ୍କୃତ ଅଯାଚିତ ଭାବେ ।
ତାଙ୍କର ବିପୁଳଦାନ ଯୁଗେ ଯୁଗେ ତାଙ୍କୁ
ରଖିଛି ରଖିବ କରି ଅମର ସର୍ବଥା ।
ତାଙ୍କ ଭଳି ମୁକ୍ତହସ୍ତ ଦାନର ଦୃଷ୍ଟାନ୍ତ
ଦେଖାଇ ନାହାନ୍ତି, ତାଙ୍କ ପୂର୍ବରାଜା କେହି ।
ଦସ୍ୟୁ ଖଣ୍ଡି ଉପଦ୍ରବୁ ରାଜ୍ୟ ରକ୍ଷା ପାଇଁ
ଥିଲେ ସେ ସତର୍କ ସଦା କାୟମନପ୍ରାଣେ ।
ଦୀନ ଦୁଃଖୀ ଲୋକଙ୍କ ପାଇଁ ତାଙ୍କ ଗନ୍ତାଘର
ରହିଥିଲା ଦିବାରାତ୍ର ଉନ୍ମୁକ୍ତ ସତତ ।
ତଥା ତାଙ୍କ ସିଂହଦ୍ୱାର ଥିଲା ଚିରମୁକ୍ତ
ପ୍ରବଳର ପୀଡ଼ା ପ୍ରାପ୍ତ ଦୁର୍ବଳ ସକାଶେ ।
ଲଭୁଥିଲେ ତୃପ୍ତି ସଦା ତାଙ୍କ ସୁବିଚାରେ
ଅର୍ଥୀ ପ୍ରତ୍ୟର୍ଥୀଏ, ଥିଲେ ଶତ୍ରୁବର୍ଗ ସୁଦ୍ଧା
ବିମୁଗ୍ଧ ତାହାଙ୍କ ଗୁଣେ, ଶୀଳେ, ବ୍ୟବହାରେ ।
କ୍ଷମାଗୁଣେ ଯୁଧିଷ୍ଠିର, ପଶିଲେ ଶରଣ
ଶତ୍ରୁ, କ୍ଷମାଦାନେ ତାକୁ କରନ୍ତି ଆଶ୍ୱସ୍ତ ।
ଅଷ୍ଟୋତ୍ତର ବିଂଶବର୍ଷ କରି ସେ ରାଜତ୍ୱ
ଭୋଗି ରାଜ୍ୟ ପରିବାର, ବିସର୍ଜିଲେ ପ୍ରାଣ ।
ତାଙ୍କ ଅନ୍ତେ ତାହାଙ୍କର ସୁଯୋଗ୍ୟ କୁମାର
ଶ୍ରୀଶ୍ରୀ ବଜ୍ରଧର ଦେବ, ହେଲେ ଅଭିଷିକ୍ତ

ପିତୃସିଂହାସନେ, ଥିଲେ ସେ ନୃପପ୍ରବର
ପିତୃ ପଦାଙ୍କାନୁସାରେ, ପିତାଙ୍କ ସଦୃଶ
ସେ ସ୍ୱଜା ଦେବତା ଦ୍ୱିଜେ ବହୁ ଭୂସମ୍ପତ୍ତି
କରିଥିଲେ ଦାନ, ଅତି ଅକୁଣ୍ଠିତ ଭାବେ ।
ଅଷ୍ଟାଦଶବର୍ଷ ରାଜ୍ୟ ପାଳି ସେ ନୃପତି
ହେଲେ କାଳ କବଳିତ, ତାହାଙ୍କ ଉତ୍ତାରୁ
ଶ୍ରୀ ଶୂରପ୍ରତାପ ଦେବ, ତାହାଙ୍କ ତନୟ
ପାଟଣାର ସିଂହାସନ କଲେ ଅଧିକାର ।
ତାହାଙ୍କ ରାଜତ୍ୱ କାଳେ ହେଲା ବଡମେଳି,
ଦଣ୍ଡିଲେ ଅବୈଧ ଭାବେ ମେଳିଆଙ୍କୁ ନୃପ ।
ବ୍ୟାପିଲା ରାଜ୍ୟରେ କ୍ରମେ ଘନ ଉପଦ୍ରବ,
ଇଂରାଜ ଶାସକଙ୍କର ଉପଦେଶ ମତେ
ରହିଲେ ସମ୍ବଲପୁରେ ତହୁଁ ନୃପମଣି ।
ଇଂରାଜ ତତ୍ତ୍ୱାବଧାନେ ରହିଲା ପାଟଣା,
ବନ୍ଦୀ ଅବସ୍ଥାରେ ନୃପ ତେଜିଲେ ଜୀବନ ।
ଥିବାରୁ ସନ୍ତତି ହୀନ, ନିଜ ଭ୍ରାତୃଷ୍ପୁତ୍ରେ
କରିଥିଲେ ଗ୍ରହଣ ସେ ପୋଷ୍ୟପୁତ୍ର ରୂପେ ।
ବାଳ ସେହି ଶିଶୁପୁତ୍ର ରାମଚନ୍ଦ୍ର ନାମ
ହେଲେ ଭାବୀ ଭାଗ୍ୟଧର ପାଟଣା ରାଜ୍ୟର,
ପ୍ରଥମେ ସମ୍ବଲପୁରେ ହୋଇ ଶିକ୍ଷାପ୍ରାପ୍ତ,
ତଦନ୍ତେ ଜବଲପୁରେ ହେଲେ ସେ ପ୍ରେରିତ ।
କଲେ ତହିଁ ଅଧ୍ୟୟନ କେତେ କାଳଯାଏଁ
ହୁଅନ୍ତେ ସେ ବୟଃପ୍ରାପ୍ତ ଇଂରାଜ ସର୍କାର
କଲେ ତାଙ୍କ ପିତୃରାଜ୍ୟ ତାହାଙ୍କୁ ଅର୍ପଣ ।
ଥିଲେ ସୁଶାସକ ରାଜା ରାମଚନ୍ଦ୍ର ଦେବ,
ସାଧିଲେ ସମୟୋଚିତ ଉନ୍ନତି ରାଜ୍ୟର,
ନିର୍ମିଲେ ରାଜପଥ, କଟାଇ ଅରଣ୍ୟ,
ରାଜଧାନୀ ପାଟଣାରେ ହେବାରୁ ପ୍ରବଳ
ବସନ୍ତ ବିସୂଚୀ ଆଦି ସଂକ୍ରାମକ ରୋଗ,
ପ୍ରଜାହିତକାମୀ ନୃପ ରାମଚନ୍ଦ୍ର ଦେବ
ବଲାଙ୍ଗୀରେ ରାଜଧାନୀ ଆଣିଲେ ଉଠାଇ ।
ସମୂହ ଉନ୍ନତି ପକ୍ଷେ ପାଟଣାରାଜ୍ୟର
ଥିଲେ ନୃପ ଅବହିତ, ଶତନେତ୍ରଧର,
ଗଢ଼ୁଥିଲେ ବହୁହସ୍ତେ ରାଜ୍ୟର ଅଦୃଷ୍ଟ ।
ସ୍ଥାପି ସ୍ୱବ୍ୟୟେ ବଲାଙ୍ଗୀରେ ମଧ୍ୟ ଶିକ୍ଷାଳୟ
ପ୍ରଜାଙ୍କର ଶିକ୍ଷାପଥ କରିଦେଲେ ମୁକ୍ତ,
କରିଛନ୍ତି ଅମର ତାଙ୍କୁ ସେହି ଅନୁଷ୍ଠାନ
ଗଢ଼ିଛନ୍ତି ସ୍ୱହସ୍ତେ ସେ ନିଜ ସ୍ମୃତିସୌଧ ।
ଏହିଭଳି ସର୍ବାଙ୍ଗୀନ ଉନ୍ନତି ସାଧନେ
ହେଉଥିବାବେଳେ ଭୂପ ଅଗ୍ରସର, ହାୟ
ସାଧିଲା ନିୟତି ଦାଉ, ଦୁଷ୍ଟା କ୍ରୂରମତି;
କି ଅସାଧ୍ୟ ତାର, ସବୁ ସମ୍ଭବ ତା ପକ୍ଷେ ।
ଏତେ ସୁବିଦ୍ୱାନ, କର୍ମୀ, ପ୍ରଶସ୍ତିତ ନୃପ
ଦୁଷ୍ଟ ଚକ୍ରାନ୍ତରେ ପଡ଼ି ହୋଇ ଛନ୍ନମତି
ନିଜେ କଲେ ଆତ୍ମହତ୍ୟା ବନ୍ଧୁକ ଗୁଳିରେ,
ପଡ଼ିଲା ଅକାଳବଜ୍ର ପାଟଣା ଭାଗ୍ୟରେ ।
ସ୍ୱଳ୍ପ ଦୁଇବର୍ଷ ମାତ୍ର ବସି ସିଂହାସନେ
କରିଥିଲେ ସ୍ୱଗୁଣେ ସେ ସାର୍ଥକ ସ୍ୱନାମ,
କାନ୍ଦିଲା ପାଟଣା ରାଜ୍ୟ, କାନ୍ଦିଲେ ବିକଳେ
ଚୌହାନ ବଂଶର ପୂଜ୍ୟା ରାଜଲକ୍ଷ୍ମୀ ଦେବୀ,
କାନ୍ଦିଲେ ପାଟଣେଶ୍ୱରୀ ପ୍ରସ୍ତର ପ୍ରତିମା,
ଝରାଇ ଶୋକାଶ୍ରୁଧାରା ଅବିରଳ ଆହା,
ନ ଶୁଖିଲା ଜନୀଙ୍କର ସେ ଅଶ୍ରୁପ୍ରବାହ
ନେତ୍ରୁ ବହୁଦିନ ଯାଏ, ଅହୋ ! କି ଦୁର୍ଦ୍ଦୈବ ।
ଥିଲେ ଅପୁତ୍ରିକ ରାଜା ରାମଚନ୍ଦ୍ର ଦେବ,
ହେଲେ ତେଣୁ ଅଧିରୂଢ଼ ରାଜସିଂହାସନେ
ଶ୍ରୀଦଳଗଞ୍ଜନ ଦେବ, ପିତୃବ୍ୟ ତାଙ୍କର ।
ଧାର୍ମିକ ସେ ନରନାହା, ସ୍ଥାପି ବଲାଙ୍ଗୀରେ
ସନାତନ ଧର୍ମସଭା, କରିଥିଲେ ମୁକ୍ତ
ରାଜ୍ୟେ ଧର୍ମଚର୍ଚ୍ଚାପଥ ସରଳ, ସୁଗମ ।
ଅଦ୍ୟାପି ସେ ମହାସଭା ରହି ସଂଜୀବିତ
କରୁଛି ପ୍ରଚୁର ଆର୍ଯ୍ୟଧର୍ମର ମହତ୍ତ୍ୱ ।

ଇଂରାଜୀ, ସଂସ୍କୃତ, ହିନ୍ଦୀ, ବଙ୍ଗଳା ଭାଷାରେ
ଥିଲା ସୁବିଖ୍ୟାତ ତାଙ୍କ ଅଗାଧ ପାଣ୍ଡିତ୍ୟ ।
ତାହାଙ୍କ ରାଜତ୍ୱକାଳେ ଘଟିଲା ଦୁର୍ଭିକ୍ଷ
ସମଗ୍ର ପାଟଣା ବ୍ୟାପୀ, ତହୁଁ ନରପତି
ଖୋଲି ପୂର୍ତ୍ତବିଭାଗର ବହୁ ଶାଖା, ସ୍ଥାପି
ସ୍ଥାନେ ସ୍ଥାନେ ଅନ୍ନସତ୍ର ସ୍ୱରାଜ୍ୟ ମଧ୍ୟରେ
ନେଇଥିଲେ ସମ୍ଭାଳି ସେ ଦୁର୍ଭିକ୍ଷର ଦାଉ,
କରିଥିଲେ ବହୁ ବ୍ୟୟ ପ୍ରଜାରକ୍ଷା ପାଇଁ ।
ରାଜଧାନୀ ବଲାଙ୍ଗୀରେ ସ୍ଥାପି ମୁଦ୍ରାଯନ୍ତ୍ର
ସାଧିଥିଲେ ଅଭିବୃଦ୍ଧି ମାତୃସାହିତ୍ୟର ।
ଅବର ନିର୍ମିତ ହେଲା ତାହାଙ୍କ ଆଦେଶେ
ଫ୍ରେଜର ସରକିଟ୍ ଗୃହ, ହୋଇଥିଲା ପୁଣି
ସମସ୍ତ ବିଦ୍ୟାଳୟ ଦ୍ୱିତଳ ବିଶିଷ୍ଟ ।
ଜଗନ୍ନାଥ ଦେବଙ୍କର ସୁନ୍ଦର ଦେଉଳ
ସିଙ୍ଗୁଆଁ ଗ୍ରାମର ତୁଙ୍ଗ ଶଙ୍କରମନ୍ଦିର,
ଗାଉଛନ୍ତି କୀର୍ତ୍ତିର ତାଙ୍କ ନୀରବ ସଙ୍ଗୀତ ।
ବଣ୍ଡ୍ରିଆ ବିଟାଲ ନାମେ ଜଣେ ଦୁଷ୍ଟମତି
କଲା ବହୁ ଅତ୍ୟାଚାର ତହୁଁ ନରମଣି
କରିଥିଲେ କୌଶଳରେ ତାହାଙ୍କୁ ଦମନ ।
ଖପ୍ରାଖୋଲ ରାଜପଥ ତାହାଙ୍କ ସମୟେ
ହୋଇଥିଲା ବିନିର୍ମିତ ବହୁ ଅର୍ଥବ୍ୟୟେ
ହେଲା ତାଙ୍କ ଆଦେଶରେ ବହୁ ଶିକ୍ଷାଳୟ
ପକ୍କା ଘରେ ପରିଣତ, କରି ସେ ରାଜତ୍ୱ
ପନ୍ଦର ବରଷ ମାତ୍ର, ତେଜିଲେ ଜୀବନ ।
ଛଅଟି ପୁତ୍ରର ପିତା ଥିଲେ ମହାରାଜା,
ତାଙ୍କ ପରେ ସିଂହାସନେ ହେଲେ ଅଭିଷିକ୍ତ
ତାଙ୍କ ଜ୍ୟେଷ୍ଠପୁତ୍ର ବୀର ପୃଥ୍ୱୀରାଜ ଦେବ
(ଚୌହାନ କୌରବ-ରବି, ଭାରତ ଭୂଷଣ
[illegible] ଦିଲ୍ଲୀଶ୍ୱର ପୃଥ୍ୱୀରାଜୋପମ)
ମହାରାଜା ପୃଥ୍ୱୀରାଜ ସର୍ବଗୁଣଧର,
ରାଜନୀତି ସୁନିପୁଣ ଧାର୍ମିକ, ପଣ୍ଡିତ,
ସାଧିଥିଲେ ଶତହସ୍ତେ ରାଜ୍ୟର ଉନ୍ନତି ।
କୃଷି, ଶିଳ୍ପ, ବାଣିଜ୍ୟର ପ୍ରବୃଦ୍ଧି ନିମନ୍ତେ
ଥିଲେ ବୀର ନୃପମଣି ସଚେଷ୍ଟ ସତତ ।
ତାହାଙ୍କ ରାଜତ୍ୱକାଳେ ହେଲା ସଂସ୍ଥାପିତ
ପାୱାର ହାଉସ୍ ପୁଣି ଟେଲିଫୋନ୍ ଯନ୍ତ୍ର,
ସ୍ଥାପି ବଲାଙ୍ଗୀରେ ରାଜେନ୍ଦ୍ର ଉଚ୍ଚଶିକ୍ଷାଳୟ
ଇଂରାଜୀ ଶିକ୍ଷାର ପଥ କଲେ ସୁପ୍ରଶସ୍ତ ।
ତାହାଙ୍କ ଆଦେଶେ ରାଜ୍ୟେ ପ୍ରତି ପଥପାର୍ଶ୍ୱେ
ହୋଇଥିଲା ଖାତ, କୂପ, କ୍ଷୁଦ୍ର ଜଳାଶୟ
ଅବର ରୋପିତ ହେଲା ରଥ୍ୟାବୃକ୍ଷଶ୍ରେଣୀ ।
ବାଦଲ ମହଲ ନାମେ ସୁରମ୍ୟ ନଅର
ପ୍ରଦାନୁଛି ତାହାଙ୍କର ସୁରୁଚିର ସାକ୍ଷ୍ୟ ।
ରାଜଧାନୀ ବଲାଙ୍ଗୀରେ ତୋଳାଇଲେ ନୃପ
ସମଲେଶ୍ୱରୀଙ୍କ ରମ୍ୟ ଇଷ୍ଟକ ଦେଉଳ ।
ଆଦର୍ଶ କୃଷିର କ୍ଷେତ୍ର ବିଶାଳ ବିସ୍ତୃତ
ତାହାଙ୍କର ଅନ୍ୟତମ ସମୁଜ୍ଜ୍ୱଳ କୀର୍ତ୍ତି ।
ଜର୍ଜ ଲିଟେରାରୀ କ୍ଲବ ସ୍ଥାପି ନୃପମଣି
ଯାଇଛନ୍ତି ରାଜଭକ୍ତି ଦୃଷ୍ଟାନ୍ତ ଦେଖାଇ ।
ଅବର ସଂସ୍ଥାପି ନୃପ ଜର୍ଜ ଚତୁଷ୍ପାଠୀ
କରିଛନ୍ତି ମହାଭାଷା ଶିକ୍ଷାର ସୁବିଧା ।
ସାଧାରଣ ଯାତାୟାତ ସୁବିଧା ସକାଶେ
ହୋଇଅଛି ଦୃଢ଼ ସେତୁ ତାହାଙ୍କ ଆଦେଶେ
ସୋନଗଡ଼ ନଦୀ ବକ୍ଷେ, ତାଙ୍କ ପୁଣ୍ୟସ୍ମୃତି
ବହୁଅଛି ଅଦ୍ୟାବଧି ସେହି ସରୋବର ।
ଚନ୍ଦନ ଉତ୍ସବ ପାଇଁ ନୂଆବନ୍ଧ ଗର୍ଭେ
ତୋଳାଇ ଅଛନ୍ତି ଭୂପ ସୁନ୍ଦର ଦେଉଳ ।

## ଏକାଦଶ ସର୍ଗ ।

ମହାରାଜା ପୃଥ୍ୱୀରାଜ ଥିଲେ ଅନପତ୍ୟ
ତେଣୁ ପରଗଡ଼ ନୃପ ପୋଷ୍ୟପୁତ୍ର ରୂପେ
ପ୍ରସିଦ୍ଧ ସରାଇକଲା ନରପତିଙ୍କର

ସର୍ବ ସୁଲକ୍ଷଣବନ୍ତ ଦ୍ୱିତୀୟକୁମାର
ଶ୍ରୀ ରାଜେନ୍ଦ୍ର ନାରାୟଣ ଦେବେ, ଯଥାବିଧି,
ଅଭିଷିକ୍ତ କଲେ ତାଙ୍କୁ ଯୁବରାଜ ପଦେ,
ମିଶିଲ ଚୌହାନ ବଂଶେ ପ୍ରସିଦ୍ଧ ସମ୍ଭ୍ରାନ୍ତ
ସୁପବଂଶ ଚନ୍ଦ୍ରବଂଶ, ଯୋଗ୍ୟ ଏ ମିଳନ,
ମହତ୍ତ୍ୱେ ମହତ୍ତ୍ୱ ଯଥା, ଅଥବା ଯେସନ
ସ୍ୱର୍ଣ୍ଣ ଅଳଙ୍କାରେ ଯୁକ୍ତ ପଦ୍ମରାଗ ମଣି ।
ଅତି ପ୍ରୀତିପ୍ରଦ ଏହା, ମିଶିଲା ଉଭୟ
ଶୌର୍ଯ୍ୟରେ ସାହସ, ତାର କାହିଁଛି ଉପମା;
ବଢ଼ିଲେ କୁମାର କ୍ରମେ ପିତାମାତାଙ୍କର
ଯତ୍ନ ସ୍ନେହ ସମାଦରେ, ବଢ଼ିଲା ଅବିର
ପିତୃ ମାତୃ ହୃଦୟରେ ନିର୍ମଳ ଆନନ୍ଦ,
ଚନ୍ଦ୍ରକଳା ବୃଦ୍ଧିସହ ବଢ଼ଇଟେ ଯଥା
ଅସୀମ ଆନନ୍ଦ, ସିନ୍ଧୁ ତରଙ୍ଗିଣୀ ହୃଦେ
ଖେଳଯାଏ ଅସମ୍ଭାଳେ ସନ୍ତୋଷଲହରୀ ।
ପିତୃସ୍ନେହ ସୁଧାସ୍ରୋତ ବନ୍ଦ କଷ୍ଟକୁର
ଶୁଖିଗଲା ଅକସ୍ମାତ ଦୈବ ଦୁର୍ବିପାକେ ।
ଚୌଦବର୍ଷ ରାଜ୍ୟ ପାଳି ପୃଥ୍ୱୀରାଜ ଦେବ
ପରିହରି ପ୍ରାଣ, କଲେ ଦିବେ ପ୍ରୟାଣ ।
ସୁକୁମାର ବାଳ୍ୟ ପ୍ରାଣେ ଯୁବରାଜଙ୍କର
ପ୍ରଦାନିଲା ଏହୁ ଶୋକ ଦାରୁଣ ଆଘାତ ।
ପିତାଙ୍କର ମୃତ୍ୟୁପରେ ଶ୍ରୀ ରାଜେନ୍ଦ୍ର ଦେବ
ପାଟଣାର ସିଂହାସନେ ହେଲେ ଅଭିଷିକ୍ତ,
ସେ କାଳେ ଦ୍ୱାଦଶବର୍ଷ ବୟସ ତାଙ୍କର ।
ପୂର୍ଣ୍ଣିମା ଦିନାନ୍ତ ଛବି ବହିଲା ପାଟଣା,
ପ୍ରାଚୀନ ନୃପତି ରବି ଅସ୍ତ ସଙ୍ଗେ ସଙ୍ଗେ
ଉଦେହେଲେ ପୂର୍ଣ୍ଣଚନ୍ଦ୍ର, ପ୍ରାଚୀଦିଗ ଭାଲେ,
ନପାଇଲା ଅନ୍ଧକାର ପାଟଣା ରାଜ୍ୟରେ
ପଶିବାକୁ ଅବକାଶ, ମୁହୂର୍ତ୍ତେ ମାତର ।
ପଳାଇ ସେ ମହାଭୟେ ଲୁଚିଲାକ ଯାଇ
ମନ୍ତ୍ରୀ ଶତ୍ରୁର ଗୁପ୍ତ ହୃଦୟ ଗହ୍ୱରେ;

ଅପ୍ରାପ୍ତ ବୟସ୍କ ହେତୁ ନୂତନ ଭୂପତି,
ସର୍କାର ତତ୍ତ୍ୱାବଧାନେ ରହିଲା ପାଟଣା ।
ବାଳକ ନୃପତି ହୋଇ ଅଜ୍‌ମୀରେ ପ୍ରେରିତ
ହେଲେ ଉଚ୍ଚ ଶିକ୍ଷାପ୍ରାପ୍ତି ମାୟୋ କଲେଜେ ।
ରତହେଲେ ଅଧ୍ୟୟନେ ବାଳକ ଭୂପତି
ଅଖଣ୍ଡ ଉତ୍ସାହେ, ତେଜି ବାଳକ ସୁଲଭ
ଆଳସ୍ୟ, କୌତୁକ, କ୍ରୀଡା, ମେଧାବୀ ବାଳକ
କରି ଚିତ୍ତ କେନ୍ଦ୍ରୀଭୂତ ଅଧ୍ୟୟନେ ସଦା,
ହେଲେ କ୍ରମେ ଅଗ୍ରସର ଶିକ୍ଷା ସରଣୀରେ ।
ନହୋଇ ଅଧୀନ ନୃପ, ମନ ସମୟର
ରଖିଲେ ସେ ଉଭେ କରି ନିଜର ଅଧୀନ ।
ନପାରିଲା ଛୁଇଁ ତାଙ୍କୁ ଆଭିଜାତ୍ୟ ଦର୍ପ ।
ଲଭିଲା ପ୍ରବୃତ୍ତି କ୍ରମେ ନିସର୍ଗ ପ୍ରତିଷ୍ଠା,
ବଢ଼େ ଯଥା ନିଷ୍ଠାପର ଯୋଗୀ ଯୋଗଶକ୍ତି,
ଅଥବା ଉର୍ବର କ୍ଷେତେ ପାଦପ ଯେସନ ।
ପ୍ରେରନ୍ତି ଯାହାଙ୍କୁ ବିଧି ପ୍ରଦର୍ଶନ ପାଇଁ
ମଙ୍ଗଳ ଆଦର୍ଶ ବିଶ୍ୱେ, ତାଙ୍କ ବାଲ୍ୟକାଳେ
ହୋଇଉଠେ ବିକଶିତ ଏଭଳି ପ୍ରତିଭା ।
ଉଦ୍ଦେଶ୍ୟ ଯାହାର ସାଧୁ, ଲକ୍ଷ୍ୟ ଯାର ଦୃଢ଼
ବଳେ ବଳେ କରେ ତାକୁ ଆଶ୍ରୟ ଉନ୍ନତି ।
ସୁଧୀ ଅଧ୍ୟାପକବୃନ୍ଦ ନିରେଖି ତାଙ୍କର
ଅଦମ୍ୟ ଅଧ୍ୟବସାୟ ଶିକ୍ଷାନୁରାଗିତା,
ନିର୍ଦ୍ଦୋଷ ଚରିତ୍ର, ହେଲେ ମୁଗ୍ଧ, ଆଶାନ୍ୱିତ
ମନୋମତ ଶିଷ୍ୟରତ୍ନ ପାଇଲେ ସଦ୍‌ଗୁରୁ
ଲଭନ୍ତି ଯେଭଳି ସୁଖ ସନ୍ତୋଷ ଆନନ୍ଦ,
ନମଣନ୍ତି ତାହା ନିଜ ସ୍ୱର୍ଗ ଉନ୍ନତିରେ ।
ଗୁରୁଙ୍କର ସ୍ନେହସୁଧା ଭୁଞ୍ଜି ଶିଷ୍ୟବର
ଦ୍ୱିଗୁଣ ଉତ୍ସାହେ ହେଲେ କର୍ତ୍ତବ୍ୟେ ନିରତ
ନୀତିଶିକ୍ଷା, ଉପଦେଶ ଲଭି ନରମଣି
ସର୍ବ ବିଦ୍ୟା ବିଶାରଦ ଗୁରୁଙ୍କ ସକାଶୁ,
ତାଙ୍କର ଆଦର୍ଶେ କଲେ ଗଠିତ ନିଜକୁ,

ଗୁରୁଙ୍କର ଶ୍ରଦ୍ଧା ସ୍ନେହ କଲେ ଆକର୍ଷଣ ।
ସତୀର୍ଥବର୍ଗଙ୍କ ସହ ଭ୍ରାତୃବ୍ୟବହାରେ
କଲେ ତାଙ୍କୁ ବଶୀଭୂତ ମଧୁର ବନ୍ଧୁତ୍ୱେ ।
କରିଥିଲା ବାସ ତାଙ୍କ ବାଲ୍ୟହୃଦୟରେ
ପ୍ରବୀଣ ପ୍ରୌଢ଼ତ୍ୱ, ତାହା ଦୁର୍ଲଭ ଆଦର୍ଶ ।
ଶ୍ରୀଙ୍କ ମହାରାଜାଙ୍କର ପଠନ ସମୟେ
କରିଥିଲେ ମତବ୍ୟକ୍ତ ତାଙ୍କ ସମ୍ବନ୍ଧରେ
ଶିକ୍ଷାବିଭାଗୀୟ ଉଚ୍ଚ କର୍ମଚାରୀଗଣ
ପରମ ସନ୍ତୁଷ୍ଟି ଲଭି ଏହିପରି ଭାବେ,—
ତାଙ୍କର ଅଧ୍ୟବସାୟ, ସଚ୍ଚରିତ୍ର,
ଶିକ୍ଷା ପ୍ରତି ମନୋଯୋଗ, ଯତ୍ନ ଚେଷ୍ଟା, ନିଷ୍ଠା,
ଶାରୀରିକ ମାନସିକ ସ୍ୱାସ୍ଥ୍ୟ, ସରଳତା,
ସୌଜନ୍ୟ, ଶିଷ୍ଟତା, ଶ୍ରମ, ନିରଭିମାନତା,
ଅତୀବ ପ୍ରଶଂସନୀୟ, ଆଦର୍ଶ ସ୍ଥାନୀୟ,
ସମ୍ୟକ ଉଜ୍ଜ୍ୱଳ ତାଙ୍କ ଭବିଷ୍ୟତ ଭାଗ୍ୟ ।
ହେବାପାଇଁ ସମକକ୍ଷ ସମ୍ପୂର୍ଣ୍ଣ ଭାବରେ
ବିଶ୍ୱମାନବିକତାର, ଲୋଡ଼ା ଯେଉଁ ଶିକ୍ଷା
ସେଥିପ୍ରତି ଅଛି ତାଙ୍କ ବିଶେଷ ଆଗ୍ରହ ।
କେବଳ ଏତିକି କହି କ୍ଷାନ୍ତହେଲେ କେହି
କରିବ ସେ ଜାଣି ଶୁଣି ସତ୍ୟ ଅପଲାପ,
ବାସ୍ତବ ସମାଲୋଚନା ହେବ ଅସମ୍ପୂର୍ଣ୍ଣ ।
ଶିକ୍ଷାପ୍ରଦ ସର୍ବବିଧ କ୍ରୀଡ଼ା କୌଶଳରେ
ଉଚ୍ଚରେ ନିର୍ଦ୍ଦିଷ୍ଟ ଅତି ଆସନ ତାଙ୍କର ।
ମେଓ କଲେଜର ଶିକ୍ଷା କରି ସମାପନ,
ପ୍ରବେଶିକା ପରୀକ୍ଷାରେ ହେଲେ ସେ ଉତ୍ତୀର୍ଣ୍ଣ
ବିଶେଷ ସୁଖ୍ୟାତି ସହ, କଲେ ଅଧିକାର
ସର୍ବରାଜକୁମାରଙ୍କ ମଧ୍ୟେ ଉଚ୍ଚସ୍ଥାନ ।
ତତ୍ପରେ ହଜାରିବାଗ କଲେଜରେ ଯାଇ
କଲେ ଅଧ୍ୟୟନ ନୃପ ଦ୍ୱିଗୁଣ ଆଗ୍ରହେ ।
ସେଣ୍ଟକଲମ୍ବସ କଲେଜେ ପୁଣି ତାହାଙ୍କ ଯୋଗ୍ୟତା

ଶତମୁଖେ ବିଘୋଷିତ ହେଲା ନିରନ୍ତର ।
ଯେଉଁ ସ୍ଥାନେ ଯେଉଁ ଭାବେ ରହିଲେ କୁସୁମ
କରିବ ସେ ଚତୁର୍ଦ୍ଦିଗ ମୋହିତ ସୁଗନ୍ଧେ,
ଦୀପ ଯଥା ସର୍ବସ୍ଥାନେ କରେ ଆଲୋକିତ,
ସ୍ୱାଭାବିକ ଧର୍ମ ଏହା କୁସୁମଦୀପର ।
ଯଥାକାଳେ ଦେଇ ତହିଁ ଆଇ. ଏ. ପରୀକ୍ଷା,
ପୂର୍ବ ପରି ଅଧିକାର କଲେ ନୃପମଣି
ସହାଧ୍ୟାୟୀ କୁମାରଙ୍କ ମଧ୍ୟେ ଉଚ୍ଚସ୍ଥାନ ।

ଅନନ୍ତର ପାଣିଅଲି ନରେନ୍ଦ୍ରନନ୍ଦନୀ
କୈଳାସକୁମାରୀ ହେମାମଣିଙ୍କ ସହିତ
ହେଲା ମହାରାଜାଙ୍କର ଶୁଭ ପରିଣୟ
ସମାରୋହେ ସମାହିତ, ଯୋଗ୍ୟ ଏ ମିଳନ,
ବସୁଧା ବସନ୍ତ, ରବି କମଳିନୀଙ୍କର
ପବିତ୍ର ମିଳନ ପ୍ରାୟ ଅଥବା ଯେସନ
ଲକ୍ଷ୍ମୀନାରାୟଣ, କିମ୍ବା ଶିବଦୁର୍ଗାଙ୍କର
ମଧୁର ମିଳନ ପ୍ରାୟ ସୁମଙ୍ଗଳପ୍ରଦ ।
ସବୁକାଳେ ଅନୁରକ୍ତା ଶୌର୍ଯ୍ୟ ପ୍ରଭାଶୋଭା,
ନୋହିଲେ କି ନବଜେମା ବରାଙ୍ଗୀ ଚପଳା
ବରିଥାନ୍ତା ବଜ୍ରଗର୍ଭ ରୁଦ୍ରନାଦୀ ଘନେ ।
କିମ୍ବା ମହାଶକ୍ତି ଧର ଅନନ୍ତ ସାଗରେ
ବରିଥାନ୍ତା ତରଙ୍ଗିଣୀ ଗିରିରାଜ ସୁତା ।
କେତାରେ ଯେସନ ସୀତା ସତୀକୁଳ ଟୀକା
ମଣ୍ଡିଥିଲେ ରବିବଂଶ ରଷିବଂଶୁ ଆସି,
ତେସନ ବିଦୁଷୀବରା କୈଳାସକୁମାରୀ
ଆସି ମହାଭଞ୍ଜବଂଶ, କଲେ ଆଲୋକିତ
ପ୍ରସିଦ୍ଧ ଚୌହାନବଂଶ ପ୍ରାଚୀନ ପ୍ରସିଦ୍ଧ ।
ତାଙ୍କ ଯୋଗୁଁ ହେଲା ଦୁଇ ପ୍ରସିଦ୍ଧବଂଶର
ହୃଦୟ ମିଳନ, ପ୍ରୀତି ସୌହାର୍ଦ୍ଦ୍ୟ ସୂତ୍ରରେ ।
ମିଶାଏ ପ୍ରଣାଳୀ ଯଥା, ଚିର ବାରିପୂର୍ଣ୍ଣା
ଦୂରବର୍ତ୍ତୀ ସୁବିସ୍ତୀର୍ଣ୍ଣ ବାରିନିଧି ଦ୍ୱୟେ ।

ଅତଃପର ମହାରାଜା ଗ୍ରହି ରାଜ୍ୟଭାର
ପାଟଣାର ସିଂହାସନ କଲେ ଅଳଙ୍କୃତ ।
ରାଜ୍ୟର ସମସ୍ତ ପ୍ରଜା, ଉମରା, ବଣିକ,
ଜମିଦାର, ଜେଜ୍ମ୍ଆ ଅର୍ପି ଭେଟିଦ୍ରବ୍ୟ
ପ୍ରଦର୍ଶିଲେ ରାଜଭକ୍ତି ନୃପତି ସମ୍ମୁଖରେ,
କରି ସର୍ବେ ଯଥାବିଧି ସମ୍ମାନ ପ୍ରକାଶ ।
ଲାଗିଲା ରାଜ୍ୟାଭିଷେକ ଉତ୍ସବ ସାଟୋପେ,
ରାଜଧାନୀ ବଲାଙ୍ଗୀର ସମୃଦ୍ଧ ନଗରୀ
ରାଜରାଜେଶ୍ୱରୀ ବେଶେ ହୋଇ ସୁସଜ୍ଜିତ,
ବକ୍ଷେ ବହି ନବନୃପେ ହସିଲା ଗୌରବେ ।
ଟିଟିଲାଗଡ଼ରେ ପରେ ହେଲା ଦରବାର,
କଲେ ନୃପେ ସମ୍ବର୍ଦ୍ଧନା ରାଜ୍ୟବାସୀ ସର୍ବେ ।
ଖେଳିଲା ଉଲ୍ଲାସଊର୍ମି ନଗରେ ଗ୍ରାମରେ
ପଥେ ଘାଟେ ଦେବାଳୟେ ବିହରି ସର୍ବଦ,
ବହୁ ଦିବାନିଶି ରାଜ୍ୟ ହସିଲା ଆହ୍ଲାଦେ,
ଯେସନେ ରାମାଭିଷେକେ ସାକେତ ନଗରୀ ।
ଫୁଟିଲେ କୁସୁମ, ତାକୁ ଅଶାନ୍ତ ଯେସନ
ସୌନ୍ଦର୍ଯ୍ୟ, ସୁବାସ, ମଧୁ ଅସି ଅଲକ୍ଷ୍ୟରେ,
ଅଶ୍ରିଲେ ତେସନ ଜଇ ଶିକ୍ଷିତ ନୃବରେ
ରାଜନ୍ୟବାଞ୍ଛିତ ସର୍ବ ଆଦର୍ଶ ସୁଗୁଣ ।
ଧନ୍ୟ ହୁଏ ଯୋଗ୍ୟପାତ୍ରେ ଅଶ୍ରି ସ୍ତବଗୁଣ,
ଭଜେ ସେ ଜୀବନ୍ତ ସିନା ସ୍ପର୍ଶି ଅଭାଜନେ ।

ପଦଗ୍ରହି ରାଜ୍ୟଭାର ନବୀନ ନୃମଣି
କଲେ ଅମ୍ବ ଶନ୍ନଯୋଗ ରାଜ୍ୟୋନ୍ନତି କାର୍ଯ୍ୟେ,
ସ୍ୱଭାବେ ଉନ୍ନତମନା, ନୋହି ସେ ସନ୍ତୁଷ୍ଟ
ପୁସ୍ତକ ପତ୍ରିକାପାଠ ଜ୍ଞାନରେ କେବଳ
ବାଳେ ହେଲେ ଦେଶାଟନେ, ଭାରତେ ସଂହତେ,
ଅବର ପ୍ରଗତିଶୀଳ ଦେଶୀୟ ରାଜ୍ୟରେ
ଭ୍ରମି, ବହୁ ଅଭିଜ୍ଞତା କଲେ ଉପାର୍ଜନ,
ପୁଣି ବହୁ ଅନୁଭୂତ, ତାହାହିଁ ତାଙ୍କର
ରାଜ୍ୟୋନ୍ନତି କାର୍ଯ୍ୟେ ହେଲା ପରମସହାୟ ।

ରାଜନ୍ୟମଣ୍ଡଳୀ ମଧ୍ୟେ ସାନ ସେ ବୟସେ
ମାତ୍ର ପ୍ରୌଢ଼ ପ୍ରତିଭାରେ, ଯଥା ରଘୁରାଜା
(ଭାରତ ଗୌରବରତ୍ନ ରବିକୁଳରବି)
ତାଙ୍କଠାରେ ବିଦ୍ୟମାନ ଅଛି ଏକାଧାରେ
ତରୁଣର ଶକ୍ତି, ତେଜ, ଅଦମ୍ୟ ସାହସ,
ପ୍ରୌଢ଼ର ସୁପକ୍ୱ ଜ୍ଞାନ, ପ୍ରତ୍ୟୁତ୍ପନ୍ନ ମତି ।
ଶାସନ ବିଭାଗ ପୁଣି ବିଚାର ବିଭାଗ
ହେବାରୁ ପୃଥକ ତହିଁ ପ୍ରଜାମଣ୍ଡଳୀର
ହେଲାକ ସୁବିଧା, ନ୍ୟାୟ ବିଚାର ପ୍ରାପ୍ତିରେ ।
ଭ୍ରମି ନୃପ ଗ୍ରାମେ ଗ୍ରାମେ, ହୋଇ ଅବଗତ
ପ୍ରଜାକୁଳ ମନୋଭାବ, ବିଶଦ ଭାବରେ
ଅସୁବିଧା ଅଭାବର କଲେ ପ୍ରତିକାର ।
ଏହି କାର୍ଯ୍ୟେ ଲଭି ପ୍ରଜା ସନ୍ତୁଷ୍ଟି ଆନନ୍ଦ
ଭକ୍ତିଭରେ ରାଜପଦେ ହୋଇ ନତଶିର
ଶତକଣ୍ଠେ କଲେ ତାଙ୍କ ସୁଖ୍ୟାତି ଘୋଷଣା ।
ଆତ୍ମସ୍ୱାର୍ଥ ପ୍ରତି ନୃପ ନକରି ଭ୍ରୂକ୍ଷେପ
ମଣନ୍ତି ପ୍ରଜାଙ୍କ ସ୍ୱାର୍ଥେ ନିଜ ସ୍ୱାର୍ଥ ପ୍ରାୟ
ଏହା ସିନା ସୁଲକ୍ଷଣ ଆଦର୍ଶ ରାଜାର ।
ମଣନ୍ତି ସେ ଆପଣାକୁ ପ୍ରଜା ପ୍ରତିନିଧି,
ଦେଖି ପ୍ରଶଂସିତ କାର୍ଯ୍ୟ ମହାରାଜାଙ୍କର,
ପ୍ରତେହୁଏ ସତେ ଯେହ୍ନେ ପୁରାଣଯୁଗର
ଆଦର୍ଶ ରାଜର୍ଷି କେହି ହୋଇ ଅବତୀର୍ଣ୍ଣ
କରୁଛନ୍ତି ରାଜପଣ ପାଟଣା ରାଜ୍ୟରେ ।
ଗଢ଼ି ନୃପ ଉପଯୁକ୍ତ ମନ୍ତ୍ରୀ ପରିଷଦ,
କରୁଛନ୍ତି ଯୁଗୋଚିତ ସଂସ୍କାର ସାଧନ
ରାଜ୍ୟ ଶାସନର, ଉଚ୍ଚ ରାଜନୀତି ଏହା;
ପାଟଣାର ହାଇକୋର୍ଟ, ପାଟଣା ରାଜ୍ୟର
ନ୍ୟାୟ ବିଚାରର ଉଚ୍ଚେ ଘୋଷୁଛି ସୁଖ୍ୟାତି,
ଘୋଷେ ଯଥା ସୁଶୀତଳ ମଳୟ ମାରୁତ
ମୃଦୁ ମଧୁମୟ ସ୍ୱରେ ବସନ୍ତ ମହତ୍ତ୍ୱ ।
ବହୁଅଛି ଅବିରତ ନୃପତି ହୃଦୟେ

ଉତ୍କଳଚନ୍ଦ୍ରାର ଧାତ୍ରୀ ହୋଇ ବହୁଶାଖ ।
ଯେସନ ତାଙ୍କର ରାଜ୍ୟ-ଶ୍ରେଷ୍ଠ ଗିରି ସଜ୍ଜା
ଗିରୀନ୍ଦ୍ର, ଗନ୍ଧମାଦନ ବିଶାଳ ହୃଦୟେ,
ବହେ ପୁଣ୍ୟ ଝରଧାରା, ଗଙ୍ଗୋଦକ ସମ ।
ସେହି ରାଜଲକ୍ଷ୍ମୀ ଧାରି ମୂର୍ତ୍ତି ପରିଗ୍ରହ
ସାଧୁଅଛି ପ୍ରଜାଙ୍କର ଅଶେଷ ମଙ୍ଗଳ ।
କର୍ମଯୋଗୀ ମହାରାଜା, ଜ୍ଞାନଯୋଗୀ ପଟ୍ଟ,
ସର୍ବଜନ ପ୍ରଶଂସିତ ତାଙ୍କ ରାଜନୀତି,
ଧର୍ମନୀତି, ଅର୍ଥନୀତି, ବ୍ୟବହାରନୀତି,
ଜ୍ଞାନଯୋଗ କର୍ମଯୋଗ ମିଶ୍ରଣେ ଗଠିତ ।
କାହିଁ ସୁଖ ରାଜପ୍ରାଣେ, ବିଫଳ ଏ ପ୍ରଶ୍ନ,
ରାଜସୁଖୀ ବୋଲି ଯାକୁ ଭଣେ ଏ ଜଗତ,
ନୁହେଁ ତାହା ସୁଖ, ତାହା ଭ୍ରାନ୍ତିର ଛଳନା,
ଦୁଃଖର ସେ ଅଗ୍ରଦୂତ, କଳ୍ପନାଗଠିତ ।
ସୁଖ ଥାଏ ଦୁଃଖୀପ୍ରାଣେ, ଦୁଃଖ ତାର ସୁଖ ।
ସୁଖ ସିନା ଥାଏ କର୍ମେ, ନୁହେଁ ଆଲସ୍ୟରେ ।
କର୍ମଯୋଗେ ଯେଉଁ ଯୋଗୀ ନିରତ ନିରତେ,
ଯାହାଙ୍କ ଅକ୍ଲାନ୍ତ କର୍ମେ ହେଉଅଛି ଗଢ଼ା
ପ୍ରଜାର ଅଦୃଷ୍ଟ, ସୁଖ, କି ଲଭ ତାଙ୍କର
ଅପ୍ରାକୃତ ଗ୍ରାମ୍ୟ ସୁଖେ, ଭୋଗେ ବା ବିଳାସେ
କର୍ମହିଁ ତ ତାହାଙ୍କର ସୁଖ, ଶ୍ରୀ, ସମ୍ପଦ ।
ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ଦେବ
ଭୁଞ୍ଜୁଛନ୍ତି ଅନାବିଳ ସେହି କର୍ମସୁଖ,
ସେହି ହେତୁ ରାଜ ଆଖ୍ୟା ସାର୍ଥକ ତାଙ୍କର ।
ସପ୍ତାହରେ ଦୁଇଦିନ ଥାଏ ଅବାରିତ
ରାଜଦ୍ୱାର, ସର୍ବଶ୍ରେଣୀ ପ୍ରଜାଙ୍କ ସକାଶେ,
ସେଦିନ ଆବାଳବୃଦ୍ଧ ପ୍ରଜାସାଧାରଣ
ଲଭି ରାଜଦରଶନ, ଜଣାନ୍ତି ସମ୍ମୁଖରେ
ନିଜ ନିଜ ଅସୁବିଧା, ଅଭାବ ବିଷୟ ।
ଶୁଣି ତାହା ମହାରାଜା ଅବହିତ ଚିତ୍ତେ,
କରନ୍ତି ସକଳେ ତୁଷ୍ଟ ସୁବିଚାର ଦାନେ,
ଆଦର୍ଶ ସ୍ଥାନୀୟ ନିଶ୍ଚେ ଏଭଳି ସୁରୀତି ।
ଅସଙ୍ଗତ ରାଜକର, ଭେଟି, ବେଠି ଆଦି
ଯାଇଅଛି ବହୁକାଳୁ ରାଜାଙ୍କଠାରୁ ଛୁଟି ।
ଖୋଜେ ଦୀନପ୍ରଜାପ୍ରାଣ ଭୂପତି ସମୀପୁ,
ବିନ୍ଦୁଏ ସହାନୁଭୂତି, କଣିକାଏ ସ୍ନେହ,
ତେତିକ ପାଇଲେ ମଣେ ଜୀବନେ କୃତାର୍ଥ—
କୋଟିନିଧି ପ୍ରାପ୍ତି ଭଳି ଅପାର ଆନନ୍ଦ ।
ଢାଳିଦିଏ ରାଜପଦେ ହୃଦୟ ଅଜାଡ଼ି
ଭକ୍ତି ଶ୍ରଦ୍ଧା କୃତଜ୍ଞତା, ତାହାହିଁ ତାହାର
ଦରିଦ୍ର ସୁଲଭ କୋଟି କୁବେର ସମ୍ପତ୍ତି,
କୁହନ୍ତି ଏ ସୁବିନୀତ ସୌରାଷ୍ଟ୍ର ନୃପତି ।

ବାସ୍ତୁଭୂମି, କୃଷିଭୂମି ଉଭୟ ସତ୍ତ୍ୱରେ
ଥିଲା ନାହିଁ ପ୍ରଜାଙ୍କର ଅଧିକାର କିଛି,
ମାତ୍ର ଶ୍ରୀରାଜେନ୍ଦ୍ରଦେବ, ଯୋଗଜନ୍ମା ରାଜା
ଦେଇଛନ୍ତି ଉଠାଇ ସେ ଅନ୍ୟାୟ ବ୍ୟବସ୍ଥା ।
ଭୂସତ୍ତ୍ୱର ଅଧିକାର ଅର୍ପି ପ୍ରଜାପୁଞ୍ଜେ
ହୋଇଛନ୍ତି ସକଳର ନମସ୍ୟ ଦେବତା ।
ରାଜକୋଷ ପରିପୂର୍ଣ୍ଣ କରନ୍ତି ପ୍ରଜାଏ,
ବୁଝି ଏହା ଯେଉଁ ନୃପ କରନ୍ତି ପ୍ରଜାର
ଶାରୀରିକ, ମାନସିକ, ଆର୍ଥିକ, ନୈତିକ,—
ଉନ୍ନତିର ପଥ ସଦା ଦୃଢ଼ ନିଷ୍କଣ୍ଟକ,
ବର୍ଷେ ତାଙ୍କ ଶିରେ ସ୍ୱତଃ ଦେବ ଆଶୀର୍ବାଦ,
ତାଙ୍କର ନାମରେ ସୃଷ୍ଟି ପ୍ରଜାପାଳ ଆଖ୍ୟା ।
ଗଠନମୂଳକ କାର୍ଯ୍ୟେ, ଅଦମ୍ୟ ଉଦ୍ୟମେ,
ହୋଇଛନ୍ତି ବହୁ ଅଂଶେ ପୂର୍ଣ୍ଣ ମନସ୍କାମ,
ଅର୍ପିଅଛି ସିଦ୍ଧି ତାଙ୍କୁ ତାଙ୍କର ସାଧନା ।
ଅଛି ତାଙ୍କ ତୀକ୍ଷ୍ଣ ଦୃଷ୍ଟି ଶିକ୍ଷା ସଂସ୍କାରରେ,
ଲଭିଅଛି ବହୁ ବୃଦ୍ଧି ତାହାଙ୍କ ଅମଳେ
ରାଜ୍ୟେ ବିଦ୍ୟାଳୟ ସଂଖ୍ୟା, ହେଉଛି ସାଧିତ
ନାରୀଶିକ୍ଷା ଅଭିବୃଦ୍ଧି ପ୍ରଖର ଗତିରେ ।

ଅନୁନ୍ନତ ଜାତଙ୍କର ଶିକ୍ଷା ବିଷୟରେ
କରୁଛନ୍ତି ମୁକ୍ତହସ୍ତେ ନୃପ ବହୁବ୍ୟୟ ।
ଉଚ୍ଚଜାତ ସଙ୍ଗେ ମିଶି ଅଛୁତ ବାଳକେ
କରୁଛନ୍ତି ଅଧ୍ୟୟନ ସର୍ବ ବିଦ୍ୟାଳୟେ;
ଉନ୍ନତ ସମ୍ପାଦପନ ଗଠନ ବ୍ୟବସ୍ଥା
ହୋଇଅଛି ପାଟଣାର ସର୍ବବିଦ୍ୟାପୀଠେ ।
ବିଶ୍ୱମାନବିକତାର ବିକାଶ ପକ୍ଷରେ
ଛାତ୍ର ପ୍ରାଣେ, ଏ ବ୍ୟବସ୍ଥା ସୁମଙ୍ଗଳପ୍ରଦ ।
କାଳୋଚିତ ଏ ବ୍ୟବସ୍ଥା, ଅନ୍ୟତ୍ର ଦୁର୍ଲଭ,
ଏମନ୍ତ କି ପ୍ରାଦେଶିକ ସରକାର ସୁଦ୍ଧା
ଏଭଳି ସୁବିଧା ଦାନେ ଛାତ୍ରଗଣ ପ୍ରତି
ଅଦ୍ୟାପି ନାହାନ୍ତି ହୋଇ ଅଗ୍ରସର କେବେ ।
କୃଷି ଶିଳ୍ପ ବାଣିଜ୍ୟର ଉନ୍ନତି ସକାଶେ
କରୁଛନ୍ତି ବହୁବ୍ୟୟ, ଚିନ୍ତା, ଗବେଷଣା,
ବର୍ତ୍ତମାନ ମହାରାଜା ଶ୍ରୀରାଜେନ୍ଦ୍ର ଦେବ,
ହୋଇଛି, ହେଉଛି କେତେ ନୂତନ ବିଭାଗ
ସୃଷ୍ଟି ଯଥା ଆବଶ୍ୟକ, ହେଉଛି ଚାଳିତ
ତାହା, ଦୂରଦେଶାଗତ ବିଶେଷଜ୍ଞ ଦ୍ୱାରା ।
ସୁବିସ୍ତୀର୍ଣ୍ଣ କୃଷିକ୍ଷେତ୍ରେ ହେଉଛି ଉତ୍ପନ୍ନ,
ସ୍ୱଦେଶୀ ବିଦେଶୀ ବହୁ ଶସ୍ୟ, ଫଳ, ମୂଳ,
ଦେଖି ତାହା ଶିଖୁଛନ୍ତି କୃଷକମଣ୍ଡଳୀ
ଅର୍ଥକରୀ କୃଷି ବିଦ୍ୟା ଉନ୍ନତ ରୀତିର ।
କୃଷିର ପରୀକ୍ଷାଗାର ହୋଇ ସଂସ୍ଥାପିତ
ହେଉଅଛି ତହିଁ ବୀଜ, ମୃତ୍ତିକା ପରୀକ୍ଷା ।
ରାଶି ରାଶି ସଂଗୃହୀତ ବହୁବିଧ ବୀଜ
ହେଉଅଛି ବିତରିତ ରାଜ୍ୟରେ ସର୍ବତ୍ର,
ବହୁ ଅର୍ଥ ସେହି କାର୍ଯ୍ୟେ ହେଲେହେଁ ବ୍ୟୟିତ
ସେଥିପ୍ରତି ନାହିଁ କେବେ ତିଳେହେଁ ଭ୍ରୂକ୍ଷେପ ।

ସମବାୟ ଅନୁଷ୍ଠାନ ସଂସ୍ଥାପନ ଦ୍ୱାରା
ହେଉଅଛି ପ୍ରଜାଙ୍କର ବହୁ ଉପକାର,
ନାମ ମାତ୍ର ସ୍ୱଳ୍ପ ସୁଧେ ଗ୍ରହି ତହୁଁ ଋଣ
ମହାଜନ ଶୋଷଣରୁ ଲଭୁଛନ୍ତି ତ୍ରାଣ
ଦୀନ ପ୍ରଜାକୁଳ, ପୁଣି ସୁବର୍ଣ୍ଣସୁଯୋଗ,
ହେଉଛନ୍ତି ଆକୃଷ୍ଟ ସେ ସମବାୟ ପ୍ରତି ।
ସୁରୁଚିସମ୍ମତ ବହୁ ନବ ଶିଳ୍ପବିଦ୍ୟା
ଶିଖୁଛନ୍ତି ଶିଳ୍ପଶାଳେ ଶିଳ୍ପଜୀବୀ ପ୍ରଜା ।
ରାଜ୍ୟମଧ୍ୟେ ବହୁସ୍ଥାନେ ହୋଇଛି ପ୍ରସ୍ତୁତ
ସୁଗମ୍ୟ ସଡ଼କ, ପୁଣି ଲଭିଛି ତାହାର
ପ୍ରତିବର୍ଷ ସଂଖ୍ୟାବୃଦ୍ଧି, ହେଉଅଛି ତହିଁ
ଲୋକ ଯାତାୟାତସହ ବାଣିଜ୍ୟ ସୁବିଧା ।
ବଢ଼ିଅଛି ହାଟ ସଂଖ୍ୟା, ଅନ୍ତର୍ବାଣିଜ୍ୟର
ହେଉଅଛି ସମଧିକ ସୁବିଧା ତହିଁରେ ।
ସମୁନ୍ନତ ଅର୍ଥଯୁଗ ରାଜର୍ଷି ସମ
ସାଧୁଛନ୍ତି ମହାରାଜା ରାଜ୍ୟର ଉନ୍ନତି ।
ବର୍ତ୍ତମାନ ନୃପତିଙ୍କ ରାମ-ରାଜତ୍ୱରେ
ଖୋଲିଅଛି ରାଜ୍ୟେ ବହୁ ନୂତନ ବିଭାଗ,
ବୃହତ୍ତମ ରାଜ୍ୟପକ୍ଷେ ଅସମ୍ଭବ ଯାହା
ହୋଇଅଛି ପାଟଣାରେ ତାହା ସୁସମ୍ଭବ ।
ନାଗରିକ ଉପାଦାନେ ଏ ସୁରମ୍ୟ ରାଜ୍ୟ
କରୁ ନାହିଁ ଅନୁଭବ ଅପୂର୍ଣ୍ଣତା କିଛି ।

ଘଟିଛି ଚିକିତ୍ସାଳୟେ ବିଶେଷ ଉନ୍ନତି,
ରଞ୍ଜନରଶ୍ମିର ଯନ୍ତ୍ର ବହୁଅର୍ଥବ୍ୟୟେ
ହୋଇଛି ସ୍ଥାପିତ, ତହିଁ ଅସାଧ୍ୟରୋଗର
ହେଉଛି ଚିକିତ୍ସା ଅତି ସହଜଭାବରେ ।
ନେତ୍ରରୋଗ ଚିକିତ୍ସାର ସୁବିଧା ନିମନ୍ତେ
ସ୍ୱତନ୍ତ୍ର ଚିକିତ୍ସାଳୟ ହୋଇଛି ସ୍ଥାପିତ
କୁଷ୍ଠ, ସଂକ୍ରାମକ ରୋଗ ଚିକିତ୍ସା ଆଳୟ,
ଶିବାଶ୍ୱାନଦଂଶନର ଚିକିତ୍ସା-ଭବନ
ସିଦ୍ଧହସ୍ତ ବହୁଦର୍ଶୀ ଚିକିତ୍ସକ ଦ୍ୱାରା
ହେଉଛି ଚାଳିତ ସଦା ସୁଶୃଙ୍ଖଳାସହ ।

ରାଜ୍ୟମଧ୍ୟେ ପ୍ରଜାସଭା ହୋଇ ସଂସ୍ଥାପିତ
ହେଉଅଛି ଶାସନ କାର୍ଯ୍ୟେ କଲ୍ୟାଣ ସାଧିତ ।
ରାଜ୍ୟ ପରିଚାଳନାର ପରାମର୍ଶ ଦାନେ
ଲଭି ପ୍ରଜା ଅଧିକାର, ଅଛନ୍ତି ସର୍ବେ
ମହାରାଜା ରାଜେନ୍ଦ୍ରଙ୍କୁ ବହୁ ଧନ୍ୟବାଦ,
ସ୍ୱାୟତ୍ତଶାସନ ଏହା ପ୍ରକାରାନ୍ତରରେ ।
ଯେ ରାଜ୍ୟର ପ୍ରଜାପୁଞ୍ଜି ରାଜାଙ୍କ ସହିତ,
ସେ ରାଜ୍ୟ ଅଦୃଷ୍ଟ ଜ୍ୟୋତିର୍ମୟ ସଦା ।
ଏହି କାର୍ଯ୍ୟେ ରାଜା ପ୍ରଜା ଉଭୟ ମଧ୍ୟରେ
ହୁଏ ଦୃଢ଼େ ସଂସ୍ଥାପିତ ମଧୁର ସମ୍ପର୍କ ।
ଗଡ଼ଜାତ ରାଜ୍ୟମଧ୍ୟେ ପ୍ରଥମେ ପାଟଣା
ଦେଖାଇଛି ଏହି ଶ୍ରେଷ୍ଠ ମଙ୍ଗଳ ଆଦର୍ଶ ।
ଏହି ସବୁ କାର୍ଯ୍ୟ ଦେଖି ପ୍ରତେହୁଏ ମନେ
ରାଜେନ୍ଦ୍ରଙ୍କ ରାଜଦେହେ ଦେଇଛନ୍ତି ଯୋଡ଼ି
ବିଶ୍ୱପିତା ସମୁନ୍ନତ ବୈଜ୍ଞାନିକ ଶିର,
ଏକାଳେ ଦୁର୍ଲଭ ଏହା ଉତ୍କଳେ, ଭାରତେ ।

ବିଜ୍ଞ ମହାରାଜାଙ୍କର ବିଶାଳ ବ୍ୟକ୍ତିତ୍ୱ,
ଏକାନ୍ତ କର୍ତ୍ତବ୍ୟନିଷ୍ଠା, ଆଦର୍ଶ ଚରିତ୍ର,
ଅଦମ୍ୟ ଅଧ୍ୟବସାୟ, ଉଦାରତା ହେତୁ
ହୋଇଛି ଉନ୍ନତ ଏବେ ପାଟଣା ରାଜ୍ୟତ,
ବ୍ରିଟିଶପ୍ରଦେଶ ତୁଲ୍ୟ, ପ୍ରଖରତତରେ ।
ଦୁରାରୋଗ୍ୟ ଯକ୍ଷ୍ମାରୋଗ ନିବାରଣ ପାଇଁ
କରିଛନ୍ତି ମହାରାଜା ଯୋଜନା ପ୍ରସ୍ତୁତ,
ସ୍ୱତନ୍ତ୍ର ଚିକିତ୍ସାଳୟ ହେବ ସଂସ୍ଥାପିତ
ଷୋଳସତ୍ର ମୁଦ୍ରାବ୍ୟୟେ ଅଦୂରଭବିଷ୍ୟେ ।
ଗୋଜାତି ଉନ୍ନତ ପାଇଁ ମହାରାଜାଙ୍କର
ଅବିଶ୍ରାନ୍ତ ତତ୍ପରତା, ଅନ୍ୟ ରାଜ୍ୟପକ୍ଷେ
ଆଦର୍ଶ ସ୍ଥାନୀୟ ପୁଣି ଅନୁକରଣୀୟ ।
ଉତ୍କୃଷ୍ଟ ଜାତୀୟ ଗାଈ, ଷଣ୍ଢ, ମହିଷାଦି
ଅଣାହୋଇ ଭାରତର ବିଭିନ୍ନ ପ୍ରଦେଶୁ

ଆଦର୍ଶ ଗୋଶାଳା ରାଜ୍ୟେ ହୋଇଛି ସ୍ଥାପିତ ।
ମହୀଶୂର ଅନ୍ତର୍ଗତ ବାଙ୍ଗାଲୋରରେ ସ୍ଥିତ
ସରକାର ପ୍ରତିଷ୍ଠିତ ଗାଭୀ ଅନୁଷ୍ଠାନୁ
ଆସି ଜଣେ ବିଶେଷଜ୍ଞ, ହୋଇ ଶିକ୍ଷାପ୍ରାପ୍ତ
ହୋଇଛନ୍ତି ଗୋଶାଳାର ତତ୍ତ୍ୱାବଧାରକ ।
ପ୍ରତିବର୍ଷ ସେତେ ଷଣ୍ଢ ହେବେ ଉତ୍ପାଦିତ,
ଗ୍ରାମେ ଗ୍ରାମେ ସେ ସମସ୍ତ ହେବେ ସୁରକ୍ଷିତ,
ହୁଏ ଅନୁମିତ ଏହି ସୁବ୍ୟବସ୍ଥା ହେତୁ
ଅଳ୍ପ କେତେବର୍ଷ ମଧ୍ୟେ ପାଟଣାରାଜ୍ୟରେ
ଘଟିବ ଆଶାନୁରୂପ ଗୋଜାତି ଉନ୍ନତ,
ହେବ ରାଜ୍ୟ ପରିପୂର୍ଣ୍ଣ ଉତ୍କୃଷ୍ଟ ଗୋ-ଧନେ ।
ଗୋଜାତିର ପୁଷ୍ଟିକର ସୁଖାଦ୍ୟ ସକାଶେ
ବହୁ ଘାସବୀଜ ହୋଇ ବିଦେଶୁ ଆନୀତ,
ହେଉଅଛି ଘାସବୃଷ ସୁବିଶାଳ କ୍ଷେତ୍ରେ,
ଚରୁଛନ୍ତି ସ୍ୱେଚ୍ଛାକ୍ରମେ ଗୋଯୂଥ ତହିଁରେ;
ଗୋ-ମହିଷାଦିର ସେବା ଶୁଶ୍ରୂଷା ସକାଶେ
ଉପଯୁକ୍ତ ସୁବ୍ୟବସ୍ଥା ଅଛି ଗବାଶ୍ରମେ ।

ବାଳକର ଶିକ୍ଷାଶ୍ରିତ ହୋଇ ପ୍ରଚଳିତ
ଉଚ୍ଚନୀଚ ନିର୍ବିଶେଷେ ପ୍ରତି ବିଦ୍ୟାଳୟେ
ଶିଖୁଛନ୍ତି ଜନସେବା ବାଳକ ବାଳିକା,
ହେଉଛି ରାଜ୍ୟର ତହିଁ ପ୍ରଭୂତ ମଙ୍ଗଳ ।
ମାତୃଶିଶୁ ଉଭୟର ମଙ୍ଗଳସପ୍ତାହ
ହେଉଅଛି ପ୍ରତିବର୍ଷ ରାଜ୍ୟେ ପ୍ରଦର୍ଶିତ,
ଶାରୀରିକ ମାନସିକ ସୁସ୍ଥତା ଦୃଷ୍ଟିରେ
ହେଉଛନ୍ତି ପୁରସ୍କୃତ ଉଭେ ଯଥାଯୋଗ୍ୟ ।

ପ୍ରତିବର୍ଷ ସ୍ୱନକ୍ଷତ୍ର ଉତ୍ସବ ସମୟେ
କରନ୍ତି ଘୋଷଣା ନୃପ, ସେହି ଘୋଷଣାରେ
ପ୍ରଜାଙ୍କୁ ପ୍ରଦତ୍ତ ହୁଏ ନୂତନ ସୁବିଧା;
ମାଗଣ ବସଦ ଆଦି ଅଗ୍ନାଖିଆ ସିଦ୍ଧ

ବହୁଦିନୁ ଯାଇଅଛି ଏହି ସୁଦେ ଉଠି ।
ଉତ୍ସବ ଆନନ୍ଦ ଏବା ଗଡବାସୀଜନ
ନ କରନ୍ତି ଉପଭୋଗ, ସମସ୍ତ ପ୍ରଜାଏ
ଲଭନ୍ତି ସେ ଆନନ୍ଦର ଉପଯୁକ୍ତ ଅଂଶ ।
ଆନନ୍ଦ ସନ୍ତୋଷ ଦେଇ ପ୍ରଜାଙ୍କୁ ନୃପମଣି
ଲଭନ୍ତି ଯେ ମହାନନ୍ଦ, ସେ ଭଳି ଆନନ୍ଦ
ଅପର କୌଣସି କାର୍ଯ୍ୟେ ନ ହୁଏ ତାଙ୍କର,
ବିଶେଷତଃ ଏହା ତାଙ୍କ ରାଜଜୀବନରେ ।
ଧର୍ମପ୍ରାଣ ମହାରାଜା, ତାଙ୍କ ନିତ୍ୟକର୍ମ
ହୁଏ ଶାସ୍ତ୍ର ବିଧିମତେ ଅନୁଷ୍ଠିତ ସଦା,
ଧର୍ମର ଭିତ୍ତିରେ ଯାହା ହୁଏ ଅନୁଷ୍ଠିତ
ସେ କାର୍ଯ୍ୟର ବିଫଳତା ନାହିଁ କେଉଁକାଳେ
ବିଦିତ ଏ ସୂତ୍ରତତ୍ତ୍ୱ ପାଟଣାଭୂପତି ।
ବଲାଙ୍ଗୀର ଧର୍ମସଭା ତାହାଙ୍କ ଇଙ୍ଗିତେ
ହେଉଅଛି ନିୟନ୍ତ୍ରିତ, ସୁପରିଚାଳିତ ।
ଧର୍ମପ୍ରଚାରକଗଣ ଭ୍ରମି ପ୍ରତିଗ୍ରାମେ
କରୁଛନ୍ତି ସନାତନ ଧର୍ମର ପ୍ରଚାର ।
ପ୍ରଭୁ ସାକ୍ଷୀଗୋପୀନାଥ, ନୀଳକଣ୍ଠେଶ୍ୱର,
ରଘୁନାଥ ଘାଟିଆଣୀ ଦେବୀଙ୍କ ମନ୍ଦିର
ହୋଇଅଛି ନିର୍ମିତ ତାହାଙ୍କ ଆଦେଶେ,
ଦେବସେବାନୀତି ପାଇଁ ପ୍ରତି ଦେବାଳୟେ
ଦେଇଛନ୍ତି ଖଞ୍ଜି ନୃପ ବହୁଭୂସମ୍ପତ୍ତି ।
ପ୍ରସାଦଭୋଜନ କରି ଇଷ୍ଟଦେବଙ୍କର
ତହିଁପରେ ମହାରାଜା କରନ୍ତି ଆହାର,
ଘଟେ ନାହିଁ ଏ ରୀତିର କେବେ ବ୍ୟତିକ୍ରମ;
ଅତିଥି ଭିକ୍ଷୁକବର୍ଗ ରାଜଦ୍ୱାରୁ କେହି
ନ ଫେରନ୍ତି ଶୂନ୍ୟହସ୍ତେ ବିନା ସତ୍କାରରେ ।
ଲଭିଛି ଯେ ଉପଭୋଗ ମହାରାଜାଙ୍କର
ବିପୁଳ ଆତିଥ୍ୟ ମହାଆଡ଼ମ୍ବର ପୂର୍ଣ୍ଣ
ସୁବିଦିତ ମହତ୍ତ୍ୱ ସେ ରାଜଆତିଥ୍ୟର ।

ଗ୍ରାମ-ସଂଗଠନ ପାଇଁ ସ୍ୱତନ୍ତ୍ର ବିଭାଗ
ହୋଇଅଛି ସଂସ୍ଥାପିତ, ଶିକ୍ଷା, ସ୍ୱାସ୍ଥ୍ୟୋନ୍ନତି,
ଦାଣ୍ଡ, ଘାଟ, ପଥାଦିର ନିର୍ମଳୀକରଣ,
ପୁଷ୍କରିଣୀ ପଙ୍କୋଦ୍ଧାର, ରୋଗୀର ଚିକିତ୍ସା,
ସମାଜ-ସଂସ୍କାର ପୁଣି ଅକ୍ଷମପାଳନ
ହୋଇଅଛି ସେ ନୂତନ ବିଭାଗର କାର୍ଯ୍ୟ ।
ବହୁଦର୍ଶୀ ବିଶେଷଜ୍ଞ ତତ୍ତ୍ୱାବଧାନରେ
ଗ୍ରାମସଂଗଠନ କାର୍ଯ୍ୟ ହେଉଛି ଚାଳିତ ।
ପ୍ରତ୍ନତତ୍ତ୍ୱ ବିଭାଗର ସର୍ବବିଧ କାର୍ଯ୍ୟେ
ହୋଇଛନ୍ତି ନିୟୋଜିତ ଉପଯୁକ୍ତ କର୍ମୀ ।
ହୋଇଅଛି ଆବିଷ୍କୃତ କେତେ ଶିଳାଲିପି,
ତାମ୍ରଫଳକାଦି, ବହୁ ଉପାଦେୟ ରତ୍ନ ।
ମିଳୁଛି ପ୍ରାଚୀନ ମୁଦ୍ରା ମଧ୍ୟ ବହୁ ସ୍ଥାନୁ ।
ଇତିହାସ ଗବେଷଣା ଲାଗିଛି ଅବିର
ହେଉଅଛି ସଂଗୃହୀତ ବହୁ ଉପାଦାନ,
ହେଉଅଛି ସଙ୍କଳିତ ପାଟଣା ରାଜ୍ୟର
ପୁରାତନ ଇତିହାସ ପୂର୍ଣ୍ଣାଙ୍ଗ ଭାବରେ ।

ଅଗାଧ ସାହିତ୍ୟପ୍ରେମ ମହାରାଜାଙ୍କର
ଉଠିଥିଲା ହୃଦେ ଫୁଟି ଛାତ୍ର ଅବସ୍ଥାରେ
ବିଶାଳ ରାଜ୍ୟର ବହି ଗୁରୁତର ଭାର
ରହିଛନ୍ତି ସେହି ପ୍ରେମ ପ୍ରବାହରେ ବୁଡ଼ି ।
ସାହିତ୍ୟର ଆରାଧନା ତାଙ୍କ ରାଜହୃଦେ
ରହିଅଛି ଅଦ୍ୟାବଧି ବିସ୍ତାରି ପ୍ରଭାବ ।
କେଉଁକାଳେ ଭ୍ରମର କି ତେଜିପାରେ ମଧୁ,
କିମ୍ବା ଯୋଗୀ ଯୋଗଧ୍ୟାନ, ଭକ୍ତ ହରି ନାମ ।
ଜଙ୍ଗ ଲିଟରାରୀ କ୍ଲବ ଗାଉଛି ତାଙ୍କର
ସାହିତ୍ୟପ୍ରୀତିର ଗୀତ ନବୀନ ଛନ୍ଦରେ,
ରାଜପାଠାଗାର ତାହା, ରକ୍ଷିତ ତହିଁରେ
ବହୁଗ୍ରନ୍ଥ କୋଷଗର୍ଭସ୍ଥ ଅମୂଲ୍ୟରତନ ।
କଳିଙ୍ଗ ସାହିତ୍ୟସଭା ଗାଉଛି ଅବିର

ମହାରାଜା ରାଜେନ୍ଦ୍ରଙ୍କ ସର୍ ସାହିତ୍ୟପ୍ରୀତି,
ପରିପୁଷ୍ଟ ହବେ ତାଙ୍କ ଉଦାର ଦାନରେ ।
ଦକ୍ଷିଣ କଳିଙ୍ଗରାଜ୍ୟ ସାହିତ୍ୟ-ସମାଜ
ହେଲେହେଁ ସମ୍ପ୍ରତି ଶିଶୁ, ଜ୍ଞାନେ ବର୍ଷୀୟାନ,
ଅକାରେ ବକୁଳପୁଷ୍ପ ହେଉ ପଛେ କ୍ଷୁଦ୍ର,
ମାଧ ସୁଗନ୍ଧରେ ଜଣେ ବୃହତ୍ କୁସୁମ ।
ଉତ୍କଳର ସର୍ବଶ୍ରେଷ୍ଠ ସାହିତ୍ୟ-ସଙ୍ଘରେ
ଉଭାଇଥିଲେ ସେ ମନ୍ତ୍ର ଶ୍ରୀରାଜେନ୍ଦ୍ରଦେବ
ପ୍ରବୀଣ ପୃଷ୍ଠପୋଷକରୂପେ, ମୂର୍ଚ୍ଛନା ତାହାର
ଲହରୁଛି ଅବଧି ଲାଗି ଉତ୍କଳକର୍ଣ୍ଣରେ ।
ତାଙ୍କ ଅଭିଭାଷଣର ନବ ଉଚ୍ଚଲକ୍ଷ୍ୟ,
ଉଚ୍ଚାଦର୍ଶ, ଓଜସ୍ୱିନୀ ସାହିତ୍ୟପ୍ରେରଣା.
ରହିଛି ମୁଦ୍ରିତ ହୋଇ ଶବ୍ଦଭୂଷଣ ପ୍ରାଣେ,
ସାହିତ୍ୟର ଇତିହାସେ ନବଅଧ୍ୟାୟ ସେ ।
ସାହିତ୍ୟ-ସମାଜେ ନୃପ ହୋଇ ସଭାପତି
ବଢ଼ାଇଅଛନ୍ତି ତାର ପ୍ରଚୁର ଗୌରବ ।
ତାଙ୍କରି ଉତ୍ସାହ, ଦୀକ୍ଷା, ପ୍ରେରଣା ପ୍ରଭାବେ
ହୋଇଅଛି ବଲାଙ୍ଗୀର ସାରସ୍ୱତ ତୀର୍ଥ ।
ସାହିତ୍ୟର ସର୍ବାଙ୍ଗୀଣ ଅଭିବୃଦ୍ଧି ପାଇଁ
ମୁକ୍ତଦ୍ୱାର ତାହାଙ୍କର ରାଜକୋଷ ସଦା ।
ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ମୁଦ୍ରଣ ସକାଶେ
ତାଙ୍କର ବିପୁଳଦାନ ମହାଗୌରବ ।
ଦେବଭୂମି ଉତ୍କଳର ସାହିତ୍ୟଭଣ୍ଡାର
ହେଉଅଛି ପରିପୁଷ୍ଟ ତାଙ୍କ ମହାଦାନେ ।
ବିଚ୍ଛିନ୍ନ ଓଡ଼ିଆରାଜ୍ୟ ସିଂଭୂମି ଜିଲ୍ଲାର
ଓଡ଼ିଆଭାଷାର ଶିକ୍ଷା ପ୍ରଚାର ନିମନ୍ତେ
ଭରିଛନ୍ତି ଦାନ ନୃପ ଅର୍ଦ୍ଧଲକ୍ଷ ମୁଦ୍ରା ।
ଗୁପ୍ତଦାନେ ମହାଦାତା ଶ୍ରୀରାଜେନ୍ଦ୍ରଦେବ,
ତାଙ୍କର ଦକ୍ଷିଣହସ୍ତ କରେ ଯାହା ଦାନ
ନ ଜାଣନ୍ତି ତାହା କେହି ଗ୍ରହୀତା ବ୍ୟତୀତ ।
ଧନର ସଦ୍‌ବ୍ୟୟ ହୁଏ ଦୀନ ପ୍ରତି ଦାନେ,

ବିଦିତ ଏ ଦାନତତ୍ତ୍ୱ ଶ୍ରୀ ରାଜେନ୍ଦ୍ରଦେବ ।
ଜାତୀୟ ଜୀବନପୂର୍ଣ୍ଣ ଗଠନ କାର୍ଯ୍ୟରେ
ତାଙ୍କ ଭଳି କର୍ମୀ ଏକା ସେହି ଏ ଉତ୍କଳେ;
ସତ୍‌କର୍ମର ପବିତ୍ରତା, ମହତ୍ତ୍ୱ ଦୃଷ୍ଟିରେ
କରନ୍ତି ସେ ଅଯାଚିତ ଉପଯୁକ୍ତ ଦାନ
ରାଜ୍ୟର ଉନ୍ନତି କଲେ ନୃପଶିରୋମଣି
ସାତବର୍ଷ ରାଜତ୍ୱରେ କରିଛନ୍ତି ଯାହା
ଅନ୍ୟ ପକ୍ଷେ ବହୁବର୍ଷେ ଅସମ୍ଭବ ତାହା,
ପ୍ରକୃତ ସ୍ୱନାମଧନ୍ୟ ରାଜପୁରୁଷ ସେ ।

ବିଶାଳ ଗଭୀର ସର ରାଜେନ୍ଦ୍ରସାଗର
ବହିଅଛି ରାଜେନ୍ଦ୍ରଙ୍କ ହୃଦୟ ଉପମା ।
ବନ୍ୟଜାତ ଦ୍ରବ୍ୟରାଶି ପ୍ରଦର୍ଶନୀଗୃହ
ଅପର ଉଲ୍ଲେଖଯୋଗ୍ୟ କୀର୍ତ୍ତି ତାହାଙ୍କର ।
ବହିଛି ସେ ପ୍ରଦର୍ଶନୀ ମହାରଣ୍ୟ ଛବି,
ନାହିଁ ଯାହା ତହିଁ, ନାହିଁ ମହାରଣ୍ୟେ ତାହା !
ବର୍ଣ୍ଣିଲେ ସକଳ କୀର୍ତ୍ତି ମହାରାଜାଙ୍କର
ହେବ ସେ ପ୍ରକାଣ୍ଡ ଗ୍ରନ୍ଥ, ବାହୁଲ୍ୟ ଭୟରେ
ସଂକ୍ଷେପେ କେତୋଟି ଚିତ୍ର ହେଲା ପ୍ରଦର୍ଶିତ ।

ପ୍ରଜା ଧନ ଜୀବନର ପ୍ରହରୀ ନୃପତି—
ଏହି ଆର୍ଷ ବାଣୀ ତାଙ୍କ ରାଜଜୀବନରେ
ଲଭିଅଛି ସାର୍ଥକତା ଅକ୍ଷରେ ଅକ୍ଷରେ ।
ନିଜଗୁଣେ ଗୁଣମୁଗ୍ଧ ପ୍ରଜାଙ୍କର ନୃପ
ହୋଇଛନ୍ତି ନିତ୍ୟସ୍ମୃତ, ପ୍ରାତଃସ୍ମରଣୀୟ ।
ନିଜ ବ୍ୟକ୍ତିଗତ ଶ୍ରମେ, ପ୍ରଗାଢ଼ ଚିନ୍ତାରେ
କରୁଛନ୍ତି ଶୀଘ୍ରମାନ ଅବର ସରଳ
ରାଜ୍ୟ ଶାସନର ପଥ, ନିଷ୍କଣ୍ଟକ ଭାବେ ।
'ପାଠଣା-ପ୍ରଦୀପ' ନାମେ ସାପ୍ତାହିକ ପତ୍ର
ହେଉଅଛି ପ୍ରକାଶିତ ନିୟମିତରୂପେ,
ହେଉଛନ୍ତି ଅବଗତ ପ୍ରଜାକୁଳ ତହିଁ

ସ୍ୱରାଜ୍ୟର ସାମୟିକ ସମସ୍ତ ପ୍ରସଙ୍ଗ ,
ଦେଶ ବିଦେଶର ବାର୍ତ୍ତା କୌତୁହଳପ୍ରଦ ।
ସର୍ବବିଧ ଜ୍ଞାନର ମୂଳଭିତ୍ତି ଶିକ୍ଷା,
ସୁଶିକ୍ଷାର ଜ୍ୟୋତିର୍ମୟ ସୁବର୍ଣ୍ଣ ସୋପାନେ
ଉଠାଇଅଛନ୍ତି ଦେବୀ ଉତ୍କଳ, ଭୂତଳେ,
ବଦ୍ଧମୂଳ ଏ ବିଶ୍ୱାସ ଯେଉଁ ନୃପଙ୍କର,
ନବଯୁଗପ୍ରବର୍ତ୍ତକ, ବିଧି ପ୍ରେରିତ ସେ ।
ମୋଫସଲ ଗସ୍ତବେଳେ ପାଟଣାଭୂପତି
କରନ୍ତି ପରିଦର୍ଶନ ବିଦ୍ୟାଳୟମାନ,
ଅର୍ପନ୍ତି ଉତ୍ସାହ, ପୁଣି ନୀତି ଉପଦେଶ
ସ୍ନେହପଣେ, ଶୁଣି ତାହା ସୁକୁମାରମତି
ସାଧକ ବାଳକବୃନ୍ଦ, ହୁଅନ୍ତି ଆକୃଷ୍ଟ
ମୁଗ୍ଧ ଚିତ୍ତେ ଶିକ୍ଷା ପ୍ରତି—ସୁନ୍ଦର ଏ ଦୃଶ୍ୟ ।
ପ୍ରବେଶିକା ବିଦ୍ୟାଗାରୁ, ବିଶ୍ୱବିଦ୍ୟାଳୟୁ
ଉତ୍ତୀର୍ଣ୍ଣ ଯେତେକ ଛାତ୍ର, ରାଜ୍ୟ ଅଧିବାସୀ,
ହୋଇଛନ୍ତି ରାଜକାର୍ଯ୍ୟେ ନିଯୁକ୍ତ ସମସ୍ତେ
ଯୋଗ୍ୟତାନୁସାରେ, ଏହା ବାଞ୍ଛିତ ବ୍ୟବସ୍ଥା,
ଏଭଳି ସୁଯୋଗ ନୁହେଁ ସୁଲଭ ଅନ୍ୟତ୍ର ।
ଭୂମିକର ପୀଡ଼ା ନାହିଁ ପାଟଣା ରାଜ୍ୟରେ
ଉତ୍କୃଷ୍ଟ ଜମିର କର ଦିଅନ୍ତି ପ୍ରଜାଏ
ମାଣ ପ୍ରତି ହାରାହାରି ଦେଢ଼ଟଙ୍କା ମାତ୍ର,
ଏଭଳି ସୁବିଧା ସ୍ୱଳ୍ପ ଅପର ରାଜ୍ୟରେ ।
ପ୍ରତିବର୍ଷ ମହାରାଜା କରନ୍ତି ପ୍ରଦାନ
ଏକାନ୍ତ କର୍ତ୍ତବ୍ୟନିଷ୍ଠ, ଗୁଣିଜନବର୍ଗେ
ଯଥାଯୋଗ୍ୟ ପୁରସ୍କାର—ପଦ୍ମ, ପଦକାଦି,
ସୁଲଭ ତାହାଙ୍କ ପାଶେ ଗୁଣର ଆଦର ।
ମୃଗୟୁକୁଳର ଗୁରୁ ବୀର ମହାରାଜା,
ନ ପାନ୍ତି ନିସ୍ତାର ତାଙ୍କ ଅବ୍ୟର୍ଥ ଲକ୍ଷ୍ୟରୁ
ବ୍ୟାଘ୍ର ଭଲ୍ଲୁକାଦି ଦୁଷ୍ଟ ଶ୍ୱାପଦ ସମୂହ ।
ତାଙ୍କ ଅଗ୍ନେୟାସ୍ତ୍ର ସ୍ଥୂଳ ହିଂସ୍ରଜନ୍ତୁ ପକ୍ଷେ
ଅଟେ ପ୍ରାଣସଂହାରକ ମୃତ୍ୟୁଦୂତ ପ୍ରାୟ ।
ଉଗ୍ର ମହାବଳ ମୁଣ୍ଡା ଦେଖିଲେ ତାହାଙ୍କୁ
ଲୁଚେ ଯାଇ ମହାଭୟେ ଅଗମ୍ୟ କାନ୍ତାରେ,
ତଥାପି ନ ପାଏ ତାଙ୍କ ଗୁଳିରୁ ନିସ୍ତାର ।
ବିଶାଳ ପାଟଣା ରାଜ୍ୟ ଖଣିଜ ବିଭବେ
ପ୍ରଚ୍ଛନ୍ନ ଅଳକାପୁରୀ, ରଖିଛି ସମ୍ପଦ
ଗର୍ଭରେ ବିବିଧ ଧାତୁ, ମହାର୍ଘ ପ୍ରସ୍ତର,
ପ୍ରବୀଣ ଭୂତତ୍ତ୍ୱବିଦ୍‌ଗଣଙ୍କ ମତରେ
ଗର୍ଭ ତାର ଅଲଙ୍କୃତ ବିବିଧ ରତନେ,
କହୁଅଛି ସାର୍ଥକ ସେ ଧରଣୀ ଦେବୀର
ବସୁମତୀ ଆଖ୍ୟା ହେବ ଆବିଷ୍କୃତ ଯେବେ
ସେ ସମସ୍ତ ରତ୍ନଖଣି, ସେ ଦିନ ପାଟଣା
ଲକ୍ଷ୍ମୀଦେବୀ ଗନ୍ତାଘରେ ହେବ ପରିଣତ,
ଆସିବ ସେ ଶୁଭଦିନ ନିକଟଭବିଷ୍ୟେ ।
ସେ ଦିଗରେ ସବୁ ଚେଷ୍ଟା ବହୁ ଅର୍ଥବ୍ୟୟ
ହେଉଅଛି ବହୁଦର୍ଶୀ ନୃପତି ଆଦେଶେ ।
ଶୁଭକ୍ଷଣେ ଉଇଛନ୍ତି ପାଟଣା ରାଜ୍ୟରେ
ପାଟଣା-ସୌଭାଗ୍ୟ-ରବି ଶ୍ରୀ ରାଜେନ୍ଦ୍ର ଦେବ
ଅଦୃଷ୍ଟ ବିଧାତ୍ରୀରୂପେ, କୋଶଳ ଖଣ୍ଡର
ଚାହୁଁଛନ୍ତି ଶୁଭଦୃଷ୍ଟି, ନିପୁଣ ହସ୍ତରେ ।

ଦାନ କରେ ଦାତା ଯଥା କ୍ଷୁଧାର୍ତ୍ତ ଯାଚକେ
ବାଞ୍ଛିତ ସୁଖାଦ୍ୟ ତାର, ତଥା ମହାରାଜା
ଅର୍ପିଛନ୍ତି ପ୍ରଜାବର୍ଗେ ବାଞ୍ଛିତ ସୁବିଧା ।
ଅଭିଷେକ ଦରବାରେ ପ୍ରଜାଙ୍କୁ ସମ୍ବୋଧି
କହିଥିଲେ ନୃପବର, 'ପ୍ରିୟ ପ୍ରଜାବର୍ଗ,
ସର୍ବାଙ୍ଗୀନ ସୁମଙ୍ଗଳ ସାଧି ମୁଁ ତୁମ୍ଭର
ହେବି ତବ ପ୍ରୀତିପାତ୍ର, ରହି ତୁମ୍ଭେ ସୁଖେ
ନିର୍ଭୟରେ ନିରାପଦେ, ପରମ ଆନନ୍ଦେ
ନୈତିକ ଉନ୍ନତି ପଥେ ହେବ ଅଗ୍ରସର,
ହେବ ତାହା ଲକ୍ଷ୍ୟ ମୋର ଜୀବନେ ସତତ ।
ପ୍ରଜାଙ୍କର ଧନ ଧର୍ମ ଜୀବନ ରକ୍ଷାର

ସତର୍କ-ପ୍ରହରୀ ରାଜା, ଏ ନୀତି ବାଣୀର
କରିବି ମୁଁ ପ୍ରାଣପଣେ ସମ୍ମାନ ସୁରକ୍ଷା ।’
ନିଜର ଏ ସତ୍ୟ ନୃପ ପାଳୁଛନ୍ତି ସଦା
କାୟ ମନ ବାକ୍ୟ ପ୍ରାଣେ ଅକ୍ଷରେ ଅକ୍ଷରେ,
ନ ହୁଏ ଅନ୍ୟଥା କେବେ ସଜ୍ଜନ ବଚନ ।
ରାଜଧର୍ମୀ ମହାରାଜା କହିଥିଲେ ପୁଣି
ଅଧିକରୁ ଅଧିକତର ଉନ୍ନତି ସାଧନ
ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ ସର୍ବଥା,
ଏହି ସତ୍ୟ ସାଧୁବାଣୀ ମହାରାଜୋଚିତ ।
ରକ୍ଷଣଶୀଳତା ଶିରେ କରି ପଦାଘାତ
ଗ୍ରହିଛନ୍ତି ମହାରାଜା ସମୁଦାର ନୀତି,
ରାଜୋଚିତ ଏ ସଂସ୍କାର ସୁମଙ୍ଗଳପ୍ରଦ ।
ରାଜାଙ୍କରେ ଟୋଲ୍‌ଟେକ୍ସ ଯାଇଅଛି ଉଠି
ବୈଷୟିକଶିକ୍ଷା ଲାଗି ପାଟଣାଧୀଶ୍ୱର
କରୁଛନ୍ତି ମୁକ୍ତହସ୍ତେ ବୃତ୍ତିଦାନ ସଦା ।
ରାଜ୍ୟ ମଧ୍ୟେ ସ୍ଥାନେ ସ୍ଥାନେ ହୋଇଛି ସ୍ଥାପିତ,
ପଶୁଙ୍କ ଚିକିତ୍ସା ପାଇଁ ଚିକିତ୍ସା ଆଳୟ ।
ବାଧ୍ୟତାମୂଳକ ଶିକ୍ଷା ନିମ୍ନ ବିଦ୍ୟାଳୟେ
ହୋଇଅଛି ପ୍ରଚଳିତ, ରାଜ୍ୟରେ ସର୍ବତ୍ର ।
ପ୍ରଜାଙ୍କ ସୁବିଧା ଅର୍ଥେ ବଡ଼ ବଡ଼ ଗ୍ରାମେ
ଧାନ ଗୋଲା ପ୍ରତିଷ୍ଠିତ ହୋଇଛି ଅନେକ ।
ଅରଣ୍ୟର ଯଥାଯଥ ରକ୍ଷଣାବେକ୍ଷଣ
ସୁବ୍ୟବସ୍ଥା ହେତୁ, ବୃଦ୍ଧି ଲଭୁଛି ଅରଣ୍ୟ ।
ପଶୁବଧ ନିୟନ୍ତ୍ରିତ ହେବାରୁ କାନନେ
ପାଉଅଛି ବନେ ବ୍ୟାଘ୍ର ପ୍ରଚୁର ଆହାର,
ହୋଇଅଛି ଲୋକାଳୟ ବ୍ୟାଘ୍ର ଭୀତିଶୂନ୍ୟ ।

ଉପସ୍ଥିତ ବିଶ୍ୱବ୍ୟାପୀ ଯୁଦ୍ଧ ଉପଲକ୍ଷେ
ଅର୍ପିଛନ୍ତି ସାରଗର୍ଭ ଯେଉଁ ଉପଦେଶ
ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ଦେବ
ଭାରତବାସୀଙ୍କ ପ୍ରତି, ପ୍ରିନ୍ସବାର୍ଗ ପତ୍ରେ
ଝରୁଅଛି ଫୁଟି ତାର ପ୍ରତ୍ୟେକ ଶବ୍ଦରୁ
ଦେଶଭକ୍ତି ରାଜଭକ୍ତି, ସେ ମହାପ୍ରେରଣା
ଭାରତୀୟ ବୀରପ୍ରାଣେ ଅଣିବ ନିଶ୍ଚୟ
ଅଧୀର ଉତ୍କଣ୍ଠା ସହ ଅଦମ୍ୟ ସ୍ପନ୍ଦନ ।
ଶୁଣି ସେ ଆହ୍ୱାନ, ସେହି ଉତ୍ତେଜନା ବାଣୀ
ବୀରପ୍ରସୂ ଭାରତର ବୀରପୁତ୍ର ଗଣ
ଉଠିବେ ନିଶ୍ଚୟ ଗର୍ଜି ବୀର ବଜ୍ରନାଦେ,
ଶୁଣି ପଦ୍‌ତୋଳା ପ୍ରଦ, ଫଣୀ ରୋଷାକର
ରହେ କି ଅଳସେ ଶୋଇ ମଲ୍ଲୀଲତା ପରି,
ନୁହେଁ ତାର ଧର୍ମ ତାହା, ଉଠେ ଫଣା ଢୋଳି,
ଜଳି ଉଠେ ବୀର୍ଯ୍ୟବହ୍ନି ଶରୀରେ ତାହାର,
ଗଣେ ନାହିଁ ଶତବାଧା ହୁଏ ଧାବମାନ ।
ପୃଥିବୀର ସ୍ୱାଧୀନତା ସୁରକ୍ଷା ବିଷୟେ
ରାଜେନ୍ଦ୍ରଙ୍କ ରାଜହୃଦ କି ଭଳି ବ୍ୟାକୁଳ,
ଦେଉଅଛି ସାକ୍ଷ୍ୟ ତାର ତାଙ୍କ ନିବେଦନ,
ଦୁର୍ଲଭ ସେ ବିଶ୍ୱପ୍ରେମ, ମହା ମୂଲ୍ୟବାନ ।
ଧର୍ମଯୁଦ୍ଧେ ଲିପ୍ତ ହୋଇ ଭାରତ-ସମ୍ରାଟ
( ଏକଛତ୍ର ଅଧିପତି ଅର୍ଦ୍ଧଜଗତର )
ହୋଇଛନ୍ତି ଚିନ୍ତାଯୁକ୍ତ, ଅବର ବିପନ୍ନ ।
ସମ୍ରାଟ ବିପଦେ ମଣି ନିଜର ବିପଦ,
ଅଣି ନିଜ ଉପରକୁ ସେ ସବୁ ବିପଦେ,
କରନ୍ତି ଯେ ସମ୍ରାଟଙ୍କ ଚିନ୍ତା ଭାର ଲଘୁ,
ସେହି ସିନା ସର୍ବଶ୍ରେଷ୍ଠ ରାଜଭକ୍ତ ଜନ,
ଦେଖାଇ ଅଛନ୍ତି ତାର ଜୀବନ୍ତ ଦୃଷ୍ଟାନ୍ତ
ପାଟଣାର ଅଧୀଶ୍ୱର ଶ୍ରୀ ରାଜେନ୍ଦ୍ରଦେବ ।
ଧନ୍ୟ ତାଙ୍କ ରାଜଭକ୍ତି, ଧନ୍ୟ ବିଶ୍ୱପ୍ରୀତି ।
ରାଜଭକ୍ତି ଭାରତର ଅଜନ୍ମ ବିଭବ,
ଗଠିତ ତା ପିଣ୍ଡ ପ୍ରାଣ ଅବର ପ୍ରକୃତି,
ରାଜଭକ୍ତି ଉପାଦାନେ ସଜୀବ, ନିର୍ମଳ,
କଲେ ଏହା ପ୍ରମାଣିତ ଶ୍ରୀ ରାଜେନ୍ଦ୍ରଦେବ ।
ଧନ ପ୍ରାଣ ଶକ୍ତି ଦାନେ ନିର୍ବିକାର ଚିତ୍ତେ

ରଖିବାକୁ ସମ୍ରାଟଙ୍କ ସମ୍ମାନ ଅକ୍ଷତ
କରିଛନ୍ତି ନିବେଦନ ଦେଶବାସୀଙ୍କୁ ସେ,
ହେବ ତାଙ୍କ ସାଧୁଉଦ୍ଦେଶ୍ୟ ସାଫଲ୍ୟମଣ୍ଡିତ ।
ଯହିଁ ଧର୍ମ, ତହିଁ ଜୟ ଏହି ଗୀତାବାଣୀ
କରିବ ସମ୍ରାଟେ ନିଶ୍ଚେ ଜୟଶ୍ରୀମଣ୍ଡିତ ।

କହିଦେଇ କଥା ଖାଲି, ବାକ୍ୟବୀର ପ୍ରାୟ
ନ ହୋଇ ନରେଶ କ୍ଷାନ୍ତ, କରିଛନ୍ତି ପୁଣି
କଥାକୁ ଆକାର ଦାନ ବୁଝେ ପ୍ରାଣଦାନ,
ପ୍ରକୃତ ଲକ୍ଷଣ ତାହା କର୍ମବୀରଙ୍କର ।
ଦ୍ୱିପଞ୍ଚ ସହସ୍ର ମୁଦ୍ରା କରି ସେ ପ୍ରଦାନ
ଉପସ୍ଥିତ ସମରର ସାହାଯ୍ୟ ପାଣ୍ଠିକୁ
କରିଛନ୍ତି ବୃଦ୍ଧି ସ୍ୱୀୟ କଥାର ମହତ୍ତ୍ୱ,
କଥା କାର୍ଯ୍ୟ ସାମଞ୍ଜସ୍ୟ ହୋଇଛି ରକ୍ଷିତ ।
ପ୍ରଦାନି ସେ ଉପଦେଶ, ଦେଖାନ୍ତି ଆଦର୍ଶ,
ତାଙ୍କ ଉପଦେଶ ସିନା ଗ୍ରାହ୍ୟ ମୂଲ୍ୟବାନ ।

ଧନ୍ୟ ଏ ପାଟଣା ମନ୍ତ୍ରୀ, ମହା ଭକ୍ତ୍ୟବନ୍ତ,
ଯାହା ଆଶୀର୍ବାଦେ, କିମ୍ବା ଯେଉଁ ତପଫଳେ
ଲଭିଛି ସେ ଦେବରୂପୀ ଋଷିଧର୍ମୀ ରାଜା ।
ବର୍ତ୍ତମାନ ପଦସ୍ଥିତ ନରେଶ ତାହାର
ଏ ଭାବ ମାନସେ ହୁଏ ସ୍ୱତଃ ସମୁଦିତ,
ଦେଶୀୟ ପ୍ରଗତିଶୀଳ ସର୍ବ ରାଜ୍ୟ ମଧ୍ୟେ
ହେବ ବୋଲି ପ୍ରଥମ ସେ ଧାଇଁଛି ଉଲ୍ଲାସେ ।
ଟୋଡ଼ାଇଛି ମନେ ତାର ସକଳ ଉନ୍ନତି ।
କେ ବର୍ଣ୍ଣି ପାରିବ ତାର ସୌଭାଗ୍ୟ ସମ୍ମାନ,
କୃତିମ ଦୁର୍ଗ ବା ତାର ବୈଶିଷ୍ଟ୍ୟସହିତ,
ସମୁନ୍ନତ ଶିକ୍ଷା ଧାରା ମହାରାଜାଙ୍କର
ମୂର୍ତ୍ତି ଧରି ହସୁଛି କି ବିପୁଳ ଆନନ୍ଦେ ।
ଏ ଭଳି ନିପୁଣକର୍ମୀ ଚତୁର ନୃପତି
ଥିଲେ ଏ ଉତ୍କଳ ଖଣ୍ଡେ ଆଉ କେତେଜଣ

କୃଷି, ଶିଳ୍ପ, ବ୍ୟବସାୟ, ସାହିତ୍ୟ, ବିଜ୍ଞାନ,
ଶିକ୍ଷା ଆଦି ଉନ୍ନତିର ସକଳ ବିଭବେ
ହୋଇଥାନ୍ତା ଏ ଉତ୍କଳ ଅନ୍ୟର ଆଦର୍ଶ ।
ନ ଥାନ୍ତା ଏ ଦେଶେ ଦୈନ୍ୟ, କର୍ମବିମୁଖତା,
ଦୁର୍ଭିକ୍ଷର ହାହାକାର କିମ୍ବା କୁସଂସ୍କାର ।
ଆସି ବହୁ ଦୂରଦେଶୁ ଶିକ୍ଷାର୍ଥୀସମୂହ
ଶିଖୁଥାନ୍ତେ ଯେଣି ଏଥୁ ନବୋନ୍ନତ ମନ୍ତ୍ର ।

ଧନ୍ୟ ହେ ରାଜେନ୍ଦ୍ରଦେବ ତରୁଣ ଭୂପାଳ,
ଅହର୍ନିଶ ସୁଖମୟ ରାଜ ଜୀବନକୁ
ଯାପୁଅଛ ଦୀନ ପ୍ରାୟ ତୁମ୍ଭେ ନୃପବର,
ହୋଇ ମହାରାଜା ତୁମ୍ଭେ. ଦୀନ ପାଇଁ ଦୀନ ।
ଗଢ଼ୁଅଛ ଯେତେ ତୁମ୍ଭେ ଉନ୍ନତ ଆଦର୍ଶ
ତେତେ ନବାଦର୍ଶ ଆସି ବେଢ଼ୁଛି ତୁମ୍ଭକୁ,
ଆଦର୍ଶ ଗଠନ ନାହିଁ ଶେଷ ବା ବିରାମ,
କ୍ଳାନ୍ତିଶୂନ୍ୟ ଅବିରତ କର୍ମ ଆରାଧନେ
କେଉଁ ପଦ୍ମକେଶ ନୃପ ସରି ହେ ତୁମ୍ଭଙ୍କୁ ।
ଦେଖିଛି ସେ ଦେବ, ତବ ଶାନ୍ତିଶୀଳ ମୂର୍ତ୍ତି
ପାରିଛି ସେ ବୁଝି ତବ ଉଚ୍ଚ ମନୋଭାବ
ହୋଇଛି ଆକୃଷ୍ଟ ସେହି ଅବର ଶମ୍ଭୁରଧ ।

ଧନ୍ୟ ହେ ରାଜେନ୍ଦ୍ରଦେବ ମୁକ୍ତ ଊର୍ଦ୍ଧ୍ୱଦର୍ଶୀ
ବସାଇଲ ଅତୀତକୁ ବର୍ତ୍ତମାନାସନେ,
ବହୁକାଳ ପରେ ପୂର୍ବ ରାଜର୍ଷି ଯୁଗର
ସୌଭାଗ୍ୟ, ତବଯୋଗୁଁ ଦେଖିଲା କଳିଙ୍ଗ,
କଲ ପ୍ରଜ୍ୱଳିତ ପୁଣି ନିର୍ବାଣ ଆଲୋକେ ।
ତବ ଏ କମଳକାନ୍ତି ସକାଶେ ନୃପେଶ
ହେବ ସୃଷ୍ଟ ଇତିହାସେ ନୂତନ ଅଧ୍ୟାୟ,
କବି, ଯୋଗୀ, ଦେବଭକ୍ତ ସଂଗ୍ରହ ବିଧାତା
ଦିବ୍ୟଭାବପ୍ରବଣତା, ସୁଶାନ୍ତିଶୀଳତା,
ସମଦର୍ଶୀ ଉଦାରତା, ନହିଛନ୍ତି ଆଣି

ଶ୍ରୀତୁମ୍ଭଙ୍କ ସ୍ୱଚ୍ଛହୃଦେ, ଦୁର୍ଲ୍ଲଭ ସର୍ବଥା
ଏକାଧାରେ ସମାବେଶ ଏତେ ନିରନ୍ତର ।
ଏ ଅପୂର୍ବ ଶୁଭଦୃଶ୍ୟ ଲୋଭନୀୟ ଅତି ।
ପ୍ରାଚୀନ କୋଶଳ ରାଜ୍ୟ ସୌଭାଗ୍ୟ-ବିଧାତା
ହେ ରାଜେନ୍ଦ୍ର ନାରାୟଣ ସିଂହ ମହାରାଜା,
ହୋଇଛି ପାଟଣା ରାଜ୍ୟ ତବ ଯୋଗ୍ୟ ଦେବ,
ମୁକ୍ତିତୀର୍ଥେ ପରିଣତ, ତୀର୍ଥବାସ ଯୋଗୁଁ
ଧ୍ୱଂସ ହୁଏ ପାପ, ତଥା ଏ ତୀର୍ଥନିବାସେ
ଧ୍ୱଂସ ହେବ ସମୂଳରେ ଦୀନତା ଜଡ଼ତା ।
ଅଦ୍ଭୁତ ବିନ୍ଦାଣୀ ତୁମ୍ଭ ରାଜ୍ୟଗଠନର,
ଅନନ୍ୟ ସୁନ୍ଦର ତବ ଗଠନ କୌଶଳ,
ପ୍ରବୀଣ ଯାଜ୍ଞିକ ସମ ଆଚରୁଛ ଯେଉଁ
ଉନ୍ନତିର ମହାଯଜ୍ଞ, ପୁଣ୍ୟ ଧୂମ ତାର
ଅବଶ୍ୟ ସମୀରଯାନେ, ଘୋଟିବ ଚୌଦିଗେ
ବିତରିବ ପୁଣ୍ୟଗନ୍ଧ ରାଜ୍ୟ ରାଜ୍ୟାନ୍ତରେ,
ଆଘ୍ରାଣି ସେ ଯଜ୍ଞଧୂମ ଉଲ୍ଲସିତ ଜନେ,
କରିବେ ତୁମ୍ଭଙ୍କୁ ପୂଜା, ସ୍ଥାପି ମୂର୍ତ୍ତି ତବ
ଭକ୍ତି-ରତ୍ନ ଅଲଙ୍କୃତ ହୃଦ-ସିଂହାସନେ ।
ଆସୁଛି ସେ ଶୁଭଦିନ ଅଦୂରଭବିଷ୍ୟେ ।
ସ୍ତାବକର ସ୍ତୁତିବାକ୍ୟେ ହେ ନୃପପ୍ରବର
ନ କରନ୍ତି କର୍ଣ୍ଣଦାନ ଶ୍ରୀତୁମ୍ଭ କଦାପି,
ପ୍ରତ୍ୟୁତ ତା ପ୍ରତି ଘୃଣା କରନ୍ତି ପ୍ରକାଶ,
ରୂପ ଯିନା ମନୋହର ମାକାଳ ଫଳର,
ମାତ୍ର ତିକ୍ତରସ ତାର, ତୀବ୍ରବିଷ ସମ,
ବାସ୍ତବରେ ସ୍ତୁତିପ୍ରାୟ ସଜ୍ଜନ ଭର୍ତ୍ସନା,
ମାତ୍ର ମହାବିଷଯୁକ୍ତ ଦୁର୍ଜନ ପ୍ରଶଂସା,
ବୁଝି ତୁମ୍ଭେ ଏହା ତେଣୁ ସ୍ତାବକ ଦୁର୍ମତି
ପଶିବାକୁ କତି ତବ, ନ କରେ ସାହସ,
କର୍ଣ୍ଣେ ଜପ ଶୂନ୍ୟ ତବ ରାଜସଭା ସଦା ।
ଏକ କର୍ଣ୍ଣେ ଶୁଣି ତୁମ୍ଭେ ପ୍ରଜାର ଗୁହାରି
ଶୁଣି ତଥା ଅନ୍ୟ କର୍ଣ୍ଣେ ଯାଚକ ପ୍ରାର୍ଥନା
କାହାର ସ୍ୱାଧୀନତାରେ ଅଥବା ବ୍ୟକ୍ତିତ୍ୱେ
କର ନାହିଁ ହସ୍ତକ୍ଷେପ, ଦଣ୍ଡଦାନଠାରୁ
ସମଧିକ ଶ୍ରେୟ ମଣି କ୍ଷମାର ମହତ୍ତ୍ୱେ;
ତବ ଏ ଉଦାରନୀତି ହେ ରାଜତପସ୍ୱି,
ସର୍ବାଂଶରେ ଶିକ୍ଷଣୀୟ ସାଧାରଣ ପକ୍ଷେ;
ବିଶେଷତଃ ଦେବାତ୍ମଜ ଏ ସଦ୍‌ଗୁଣ ତବ ।

ଧର୍ମକୁ ଯେ ପାଳେ, ଧର୍ମ ପ୍ରହରୀ ତାହାର
ପ୍ରକୃଷ୍ଟ ଦୃଷ୍ଟାନ୍ତ ତୁମ୍ଭ ଏ ସାଧୁ ଉକ୍ତିର ।
ଅର୍ଥଶାସ୍ତ୍ରେ ସୁପଣ୍ଡିତ, ହେ ମହାନୁଭବ
ବିଦିତ ଶ୍ରୀତୁମ୍ଭ ଚକ୍ଷୁ ଅର୍ଥନୀତିମର୍ମ ।
ଭଲେ ଅର୍ଥବ୍ୟୟ ପୁଣ୍ୟ ମହତ ବିଷୟେ,
ଫେରିଆସେ ସେହି ଅର୍ଥ ହୋଇ ବହୁଗୁଣ;
ତେଣୁ ତୁମ୍ଭ ମୁକ୍ତହସ୍ତେ କରୁଛନ୍ତି ବ୍ୟୟ
ପ୍ରଜାକୁଳ ମଙ୍ଗଳାର୍ଥେ ଅକୁଣ୍ଠିତ ଚିତ୍ତେ ।
ଯଥା ସିନ୍ଧୁ ଜଳପତି, ଦାନ କରେ ଘନେ
ଉଦାର ହୃଦୟେ ସ୍ୱୀୟ ସଲିଳସମ୍ପଦ,
କିନ୍ତୁ ତାହା ଯଥାକାଳେ ଫେରିଆସି ପୁଣି
ଉଚ୍ଛୁଳାଇ ଦିଏ ତାର ଅନନ୍ତ ଭଣ୍ଡାର ।
ଅର୍ଥର ଏ ଯାତାୟାତ ବିଦିତ ସୁରାଜା,
ତେଣୁ ତାଙ୍କ ରାଜକୋଷ, ପୂର୍ଣ୍ଣ ଧନ ଧାନ୍ୟେ;
ନ ବୁଝନ୍ତି ଏହା ଯେଉଁ କୃପଣ ନୃପତି
ରହେ ତାଙ୍କ ରାଜକୋଷ ଅପୂର୍ଣ୍ଣ ସର୍ବଦା,
ସଦା ଅସମ୍ପୂର୍ଣ୍ଣ ଯଥା ଦୁରାଶାର ଝୁଲି ।

କରନ୍ତି ଆଦର୍ଶ ପ୍ରଜା ଗଠନ କେବଳ
ଆଦର୍ଶ ନୃପତି, ସତ୍ୟ ଦୃଷ୍ଟାନ୍ତ ତାହାର
ପାଟଣାର ମହାରାଜା ଶ୍ରୀ ରାଜେନ୍ଦ୍ରଦେବ ।
ବିବିଧ ବିଷୟେ କରି ପ୍ରଜାଙ୍କୁ ଉନ୍ନତ
ଆଣୁଛନ୍ତି ମହାରାଜା, ଯଥୋଚିତ ଗୌରବ ।
ଦେଖାଇ ଆଦର୍ଶ, ନୃପ, ବିବିଧ ବିଦ୍ୟାର,

ଅର୍ପୁଛନ୍ତି ପ୍ରଜାଙ୍କୁ ଶିକ୍ଷା ନିରନ୍ତର,
ଅଟନ୍ତି ସେ ଏ ବିଷୟେ ଅଦ୍ଭୁତ କୌଶଳୀ,
କଷ୍ଟ ଦୁର୍ବହ ତାହାଙ୍କର ଦୋଷୀ ପ୍ରତି ଦଣ୍ଡ,
କ୍ଷମାରେ ଶୀତଳ ତାହା, ସୀମାରେ ଆବଦ୍ଧ ।
ନୈତିକ କବି ସେ, ତାଙ୍କ ସ୍ୱଭାବ-କାବ୍ୟରେ,
ଏ ଉକ୍ତି ବିରୋଧାଭାସ ଅଳଙ୍କାର ତୁଲ୍ୟ ।

କେତେ ବଖାଣିବି ଦେବ, ଯମୁଙ୍କ ସୁଗୁଣ,
ନେଇଛନ୍ତି ଲୁଟି ଯମୁ ସୁଗୁଣ ଭଣ୍ଡାର,
କଲେ ତହୁଁ ଦୀପ୍ତ ରତ୍ନ ଯେତେ ଆହରଣ
ଉଠୁଅଛି ତେତେ ପୁଣି ସମ୍ମୁଖେ ଉଭାସି,
ଅସୀମ ସେ, ନାହିଁ ତାର ସୀମା କିମ୍ବା ଶେଷ,
ଯଥା ବହୁଝରଯୁକ୍ତ ନିର୍ମଳ ସରସୀ,
କଲେ ତହୁଁ ବାରିରାଶି ଯେତେ ଉତ୍ତୋଳନ,
ପୂର୍ବବତେ ତେତେ ତାହା ସଲିଳ ସମ୍ପଦେ ।
ରତ୍ନରାଜି-ପରିପୂର୍ଣ୍ଣ ବିରାଟ ଆକରୁ
ନେଉଥିଲେ ବହୁ ମଣି, ସତେ କି ତା ନୂପ !
ହୁଏ ଅବସନ୍ନ ସିନା ବାହକ କେବଳ,
ବାଧହୋଇ ସମ୍ବରେ ସେ ତୀବ୍ର ପ୍ରଲୋଭନ
କ୍ଷାନ୍ତ ହୁଏ ପରହର ଅପୂର୍ଣ୍ଣ ଲାଳସା ।
ହେ ରାଜର୍ଷି, ରାଜ୍ୟପାଳ, ସତ୍ୟ-ଧର୍ମନିଷ୍ଠ,
ଜୀବନ-ସାୟାହ୍ନେ ମୁହିଁ ବର୍ଣ୍ଣି ଯମୁଙ୍କର
ପବିତ୍ର ଆଖ୍ୟାନ, ଦେବ, ଜରାଜୀର୍ଣ୍ଣ କରେ
ମଣୁଛି ନିଜକୁ ଶ୍ଲାଘ୍ୟ, କୃତାର୍ଥ ଆବର !
ସେ ଅପୂର୍ବ ଆନନ୍ଦର ମଧୁର ତରଙ୍ଗ
ଯାଉଅଛି ଖେଳି ମୋର ଶିରପ୍ରଶିରାରେ
ବର୍ଣ୍ଣିବାକୁ ରୂପ ତାର, ଅକ୍ଷମ ମୋ ଭାଷା
ଆବର ଅକ୍ଷମ ମୋର ଦୁର୍ବଳ ଲେଖନୀ ।
ଯାହାଙ୍କ ପ୍ରସାଦେ ମୁହିଁ ଶେଷ ଜୀବନରେ
ଲେଖିଲି ଏ କାବ୍ୟଗ୍ରନ୍ଥ, ମିତ୍ରାମିତ୍ର ଛନ୍ଦେ,
ତମାର ସେହି ଇଷ୍ଟଦେବୀ ଭାରତୀ-ଚରଣେ
ଅର୍ପୁଛି ମୁଁ ପୁଷ୍ପାଞ୍ଜଳି, ଭକ୍ତି ନତଶିରେ ।
ଘେନ ଦେବି ଦୟାମୟି, କବି କାବ୍ୟ-ମାତା,
( ମୃତ୍ୟୁ-ସଞ୍ଜୀବନୀ ସ୍ପର୍ଶ ବିପକ୍ଷଧାରିଣୀ )
ଦୀନ ଉପହାର, ତବ ଦୀନ ସେବକର,
ଏତିକି ମାଗୁଣି ମାତଃ ଶ୍ରୀପଦପଙ୍କଜେ ।

ପ୍ରବୀଣ ତପସ୍ୱୀ ଯଥା ସାଧୁ ମହାରାଜା
ତଥା ଦେବୀ ମହାରାଣୀ ସାଧ୍ୱୀ, ତପସ୍ୱିନୀ,
ମହାରାଜ-କନ୍ୟା ପୁଣି ମହାରାଜ-ପତ୍ନୀ
ମାନ ନାହିଁ ବଡଲୋକୀ, ଗର୍ବ, ଅଭିମାନ ।
ବିଦୁଷୀ ମୁକୁଟଙ୍କର କୈଳାସକୁମାରୀ
ବହୁଗୁଣେ ବିଚକ୍ଷଣା, ଧାର୍ମିକାପଣରେ
ଯଥା କୁଳେ ଜନ୍ମ, ତଥା ଗରିଷ୍ଠା ଦେବୀ ସେ ।
ମୂର୍ତ୍ତିମତୀ କରୁଣା ସେ ଜାତ ରାଜ୍ଞୀରୂପେ,
ଗଢା ପୁଣ୍ୟ ଉପାଦାନେ ତାହାଙ୍କ ଜୀବନ ।
ଶୁଣିଲେ ଅନାଥ ଦୀନ ଅକ୍ଷମର ଦୁଃଖ
ଅଲକ୍ଷ୍ୟେ ବାହାରିପଡ଼େ ମୁଖରୁ ତାଙ୍କର
ସମ ବେଦନାର ଭାଷା ଦୟାରେ ଶୀତଳ,
କର ଯୋଗ୍ୟ ପ୍ରତିକାର, ଲଭନ୍ତି ଆଶ୍ୱସ୍ତି ।
ସୁଖର ଲଳିତ ଅଙ୍କେ ପାଳିତା ସେ ସଦା,
ମାତ୍ର ଦୁଃଖୀ ପରଦୁଃଖେ, ଅନ୍ନପୂର୍ଣ୍ଣାରୂପେ
ବିତରନ୍ତି ଅନ୍ନ ତେଣୁ କ୍ଷୁଧାତୁର ଜନେ;
ଅନାଥାବତ୍ସଳା ଦେବୀ, ଦେଖିଲେ ଅନାଥା
ଲାଗେ ତାଙ୍କ ମାତୃହୃଦେ ବ୍ୟଥା ଗୁରୁତର ।
ଅନାଥା ବାଳିକାଗଣେ, କନ୍ୟା ନିର୍ବିଶେଷେ
ପାଳିଛନ୍ତି ମହାରାଣୀ ନିଜର ମଧ୍ୟରେ ।
ଯଥାକାଳେ ଅର୍ପି ତାଙ୍କୁ ଯୋଗ୍ୟପାତ୍ର କରେ
ଦାନ ଯଉତୁକ ସହ ଦିଅନ୍ତି ବିଦାୟ,
ରାଜକନ୍ୟା ଅନୁରୂପ ଯୋଗ୍ୟ ଆଡମ୍ବରେ
ଦିଅନ୍ତି ସେ ଗଢି ତାଙ୍କ ଭବିଷ୍ୟ ଜୀବନ ।
ରାଣୀଙ୍କ ବିମଳ କୀର୍ତ୍ତି ପ୍ରସୂତ ଅଗାର,

ପ୍ରସବ ଯନ୍ତ୍ରଣାମୁକ୍ତ ପ୍ରସୂତିମାନର
କରୁଛନ୍ତି ତାହାଙ୍କର କରୁଣା ଘୋଷଣା,
ଘୋଷନ୍ତି କୈରବବୃନ୍ଦ ଯଥା ଜ୍ୟୋତ୍ସ୍ନା କୃପା ।
ରାଣୀବନ ସରୋବର ବିଶାଳ ବିସ୍ତୃତ
ବହୁଅଛି ତାଙ୍କ ଦିବ୍ୟ ହୃଦୟ ମହତ୍ତ୍ୱ
ଅଶେଷ ପ୍ରାଣୀଙ୍କୁ ନିତ୍ୟ ପ୍ରଦାନି ଜୀବନ
କରୁଅଛି ସର ତାଙ୍କ ଜୀବନ ପୋଷଣ ।
ସ୍ନେହ, ଦୟା, କ୍ଷମା ଭକ୍ତି, ଧୈର୍ଯ୍ୟ, ସହିଷ୍ଣୁତା
ଗର୍ବଭାବହୀନ ତେଜ ଧର୍ମ, ସତ୍ୟନିଷ୍ଠା,
ସରଳତା, କୋମଳତା, ନୀତି, ପାତିବ୍ରତ୍ୟ,
ନାରୀତ୍ୱ, ଦେବୀତ୍ୱ, ଦିବ୍ୟ ମାତୃତ୍ୱ ଅବର
ଆଦର୍ଶ ନାରୀର ଏହି ଷୋଡ଼ଶ ବିଭବେ
ବିଭବିନୀ ମହାରାଣୀ, ଦାସଦାସୀ ପ୍ରତି
ଥାଏ ତାହାଙ୍କର ଦୃଷ୍ଟି ଅଚ୍ଛା ସମଧିକ;
ହେଲେ କେହି ତାଙ୍କ ମଧ୍ୟେ ଦୈବାତ ପୀଡ଼ିତ
ହୁଏ ସେବା ଶୁଶ୍ରୂଷାର ଆଶୁ ସୁବ୍ୟବସ୍ଥା ।
ଆକାର ଇଙ୍ଗିତୁ ବୁଝି ମନୋଗତ ଭାବ
ସେବକୀଗଣର, ତ୍ୱରା ଅଯାଚିତ ଭାବେ
କରନ୍ତି ମହିଷୀ ତାଙ୍କ ଅଭୀଷ୍ଟ ପୂରଣ ।
ଆଶ୍ରିତର ମନୋଭାବ ପାରନ୍ତି ସେ ଜାଣି
ସାର୍ଥକ ତାଙ୍କର ସିନା ମର୍ତ୍ତ୍ୟମଣ୍ଡଳରେ
ଆଶ୍ରିତବତ୍ସଳା ପୁଣି ନାରୀ-ଦେବୀ ଆଖ୍ୟା
ଏଭଳି ହୃଦୟବତୀ, ନମସ୍ୟା ମହିଷୀ
ଦୁର୍ଲଭ ରାଜନ୍ୟବଂଶେ କୋଟିକେ ଗୋଟିଏ ।

ନାରୀ ସର୍ବସମାଜର ଅର୍ଦ୍ଧ କଳେବର,
ଯେ ସମାଜେ ନାରୀଶିକ୍ଷା, ହେୟ ଅନାଦୃତ,
ସେ ସମାଜ ପକ୍ଷାଘାତ ବାତରୋଗଗ୍ରସ୍ତ,
ଉନ୍ନତି ଅଳକ କେବେ ନ ପଡ଼େ ତା ଭାଗ୍ୟେ
ଅବଗତ ସୁଶିକ୍ଷିତା ମହାରାଣୀ ଏହା,
ତେଣୁ ନାରୀଶିକ୍ଷା ପ୍ରତି ଆସ୍ଥାବତୀ ସଦା ।

ତାଙ୍କର ଅଦମ୍ୟ ଚେଷ୍ଟା ଉତ୍ସାହ ଫଳରେ
ବଢ଼ୁଛି ପାଟଣାରାଜ୍ୟେ ସ୍ତ୍ରୀଶିକ୍ଷା ଆଦର ।
ତାହାଙ୍କ ଉଦ୍ୟମ ଫଳେ ବହୁ ଅର୍ଥବ୍ୟୟେ
ଇଂରାଜି ଶିକ୍ଷାର ପଥ ହୋଇଛି ପ୍ରଶସ୍ତ ।
ବୃତ୍ତି ଲଭି ବହୁଛାତ୍ରୀ ରତ ଅଧ୍ୟୟନେ,
ମିଡ଼ିଲ ଇସ୍କୁଲ ତାଙ୍କ କୀର୍ତ୍ତି ଅନ୍ୟତମ ।
ବିଶୁଦ୍ଧ କ୍ଷତ୍ରିୟ ବଂଶେ ଅବତଂସ ଦେବୀ,
କ୍ଷାତ୍ରଶକ୍ତି କ୍ଷାତ୍ରତେଜ ବହେ ତାଙ୍କ ହୃଦେ,
ତେଣୁ ସେ ଲଭନ୍ତି ମୋଦ ପାରଧି ବିନୋଦେ ।
ବସି ଧୂମ୍ରଧ୍ୱଜ ରଥେ ଖେଳନ୍ତି ପାରଧି ।
ହିଂସ୍ରଜନ୍ତୁ ଶିକାରରେ ସିଦ୍ଧହସ୍ତା ଦେବୀ,
ମଣ୍ଡଳେ ସମ୍ମୁଖେ ତାଙ୍କ ବ୍ୟାଘ୍ରଶମ୍ବରାଦି
ପ୍ରାଣ ଘେନି ଫେରି କେବେ ନ ଯାନ୍ତି ସ୍ୱବାସେ;
ଗୋଟାଏ ଗୁଳିରେ ପ୍ରାପ୍ତ ହୁଅନ୍ତି ପଞ୍ଚତ୍ୱ ।

ବହୁ ଶୁଭକାର୍ଯ୍ୟ, ବହୁ ଶୁଭଗୁଣଦ୍ୱାରା
ହୋଇଛନ୍ତି ମହାରାଣୀ ଆଦର୍ଶସ୍ଥାନୀୟା
ନାରୀ-ସମାଜର, ସ୍ଥାପି ମହିଳା ସମିତି
ବଲାଙ୍ଗୀର ପୁରାତନ ନଅର ମଧ୍ୟରେ,
ହୋଇଛନ୍ତି ମହାରାଣୀ ସଭାନେତ୍ରୀ ନିଜେ ।
ପ୍ରତି ସୋମବାର ଦିନ ବସେ ସେ ସମିତି,
ଗୃହକାର୍ଯ୍ୟ, ଗୁରୁଭକ୍ତି, ଶିକ୍ଷା, ଜନସେବା,
କୁଟୀର ଶିଳ୍ପାଦି ନାରୀ-ଧର୍ମସମ୍ବନ୍ଧୀୟ
ବହୁ ଶୁଭ ଉପଦେଶ ଅର୍ପନ୍ତି ଆଗ୍ରହେ
ମହିଳା ସମାଜେ ଦେବୀ — ଏହିଭଳି ଦୃଶ୍ୟ
ଦେଖିଥିଲା ଏ ଭାରତ ସୁଦୂର ଅତୀତେ
ତ୍ରେତାଯୁଗେ, ଋଷିବର ବାଲ୍ମୀକି ଆଶ୍ରମେ,
ଅର୍ପିଥିଲେ ଯହିଁ ସୀତା,—ସତୀ-ଶିରୋଭୂଷା
ଋଷି କନ୍ୟାଗଣେ ବହୁ ହିତ ଉପଦେଶ,
ବହୁକାଳ ପରେ ଏବେ ପାଟଣା ରାଜ୍ୟରେ
ହେଉଅଛି ସେ ଦୃଶ୍ୟର ଶୁଭ ଅଭିନୟ,
ଏଭଳି ଶୁଭାନୁଷ୍ଠାନ ଶୁଣା ନାହିଁ କାହିଁ ।

ସୁଶିକ୍ଷିତା ମହାରାଣୀ ଅଛନ୍ତି ଦେଖାଇ
ଆଜ ଏକ ଶୁଭ୍ରାଦର୍ଶ ସମୟୋପଯୋଗୀ
ତାଙ୍କର ପ୍ରେରଣା ପୁଣି ଅର୍ଥ ସାହାଯ୍ୟରେ
ସମିତି ମହିଳାବୃନ୍ଦ ବୁଣୁଛନ୍ତି ନିତ
ଶୀତ-ପରିଚ୍ଛଦ, ଯୁଦ୍ଧ-ସୈନିକ ନିମନ୍ତେ
ଭାରତ ସର୍କାରଦ୍ୱାରା ସେହି ଶୀତବସ୍ତ୍ର
ପଠାଯିବ ଯୁଦ୍ଧକ୍ଷେତ୍ରେ, ଯଥାସମୟରେ,
ଉପସ୍ଥିତ ଯୁଦ୍ଧେ ରତ ବ୍ରିଟେନ ରାଜ୍ୟର
ବୀର ସୈନ୍ୟଗଣଙ୍କର ବ୍ୟବହାର ଅର୍ଥେ
ପ୍ରଥମରେ ମହାରାଣୀ ଏହି ଶୁଭ୍ରାଦର୍ଶ
ଦେଖାଇଅଛନ୍ତି ସାରା ଭାରତମଣ୍ଡଳେ ।
ଏତେକରେ ମହାରାଣୀ ନ ଲଭି ସଂତୃପ୍ତି
କରିଛନ୍ତି ଦାନ ପୁଣି ସଂଗ୍ରାମପାଣ୍ଠିକୁ
ଦ୍ୱିସହସ୍ର ମୁଦ୍ରା, ଅତି ଆଗ୍ରହ ସହିତ ।
ଆବର ବାଲକାଦର ଅନୁଷ୍ଠାନ ପ୍ରତି
ଅଛି ମହାରାଣୀଙ୍କର ସ୍ନେହଦୃଷ୍ଟି ସଦା
ନାରୀ-ଜାଗରଣର ସେ ପ୍ରଧାନ ପୁରୋଧା ।

ଚନ୍ଦ୍ରଗର୍ଭା ମହାରାଣୀ କରିଛନ୍ତି ଜନ୍ମ
ଉପଯୁକ୍ତ ବଂଶଧର ଚୌହାନ ବଂଶର,
ସୁଚରିତା ସାଧ୍ୱୀ ପ୍ରସବେ ଯେସନ ।
ଆୟୁଷ୍ମାନ ଯୁବରାଜ ଶ୍ରୀ ରାଜଦେବ
କରିଛନ୍ତି ପଦାର୍ପଣ ଷଷ୍ଠବର୍ଷେ ମାତ୍ର,
ହୁଏ ସୁପ୍ରତୀତ ତାଙ୍କ ସୌଜନ୍ୟ ଦୃଷ୍ଟିରେ
ଧରିଛନ୍ତି ଯେତେକ ଛଦ୍ମ ବାଳକରୂପ ସେ ।

ବୟସେ ବାଳକ, ମାତ୍ର ବିଚକ୍ଷଣତାରେ
ତରୁଣ ସମାନ; ଦାନ, ଦୟା, ଧ୍ୟାନପ୍ରୀତି,
ଉଠିଅଛି ଫୁଟି ତାଙ୍କ ବାଲ୍ୟ ହୃଦୟରେ ।
ଧର୍ମପ୍ରାଣ ଧର୍ମପ୍ରାଣା ପିତାମାତାଠାରୁ
ଗୁଣଧର ପୁତ୍ର-ରତ୍ନ ଜନ୍ମ ସ୍ୱାଭାବିକ ।
ଦେଖିଲେ ଭିକ୍ଷୁକ, ନିଜେ ଖାଦ୍ୟ ବସ୍ତ୍ର ଆଣି
କରନ୍ତି ଅର୍ପଣ ତାକୁ ପରମ ଆଗ୍ରହେ,
କରନ୍ତି ସନ୍ତୁଷ୍ଟ ତାକୁ ପୁଣି ଅର୍ଥଦାନେ,
ଏହା ତାଙ୍କ ଶିଶୁପ୍ରାଣ ଦୁର୍ଲଭ ଔଦାର୍ଯ୍ୟ ।
ଆକୃତିରେ ସାନ, କିନ୍ତୁ ମହତ୍ତ୍ୱେ ମହାନ,
ବିନ୍ଦୁଏ ଅତର ବାସ ନୁହେଁ କି ଉତ୍କୃଷ୍ଟ
ବଳି ଶତପୁଷ୍ପ ଗନ୍ଧୁ, ରତିଏ କସ୍ତୁରୀ
କରେ ଘର ଆମୋଦିତ ସୁଗନ୍ଧ ସମ୍ଭାରେ ।
ବିଶେଷଜ୍ଞ ଗୁରୁଠାରୁ ଲଭୁଛନ୍ତି ଶିକ୍ଷା,
ଓଡ଼ିଆ, ଇଂରାଜୀ, ହିନ୍ଦୀ ଶିକ୍ଷା ବିଷୟରେ
ଅତ୍ୟଧିକ ଅନୁରାଗୀ ଶିଶୁ ଯୁବରାଜ ।
ଉଠୁଛି ଆଭାସି ତାଙ୍କ ବାଲ୍ୟ-ପ୍ରତିଭାରୁ
ଭବିଷ୍ୟତ ଜୀବନର ଉଜ୍ଜ୍ୱଳ ଆଲେଖ୍ୟ,
ତୁଳସୀ ଅଙ୍କୁର ସୂକ୍ଷ୍ମା ପୂର୍ଣ୍ଣ ଗନ୍ଧଧନେ ।
ଗୁରୁତର କର୍ତ୍ତବ୍ୟର ଅପି ଗୁରୁଭାର
ପ୍ରେରନ୍ତି ଯାହାଙ୍କୁ ବିଧି ଧର୍ମରକ୍ଷୀ ରୂପେ,
ପ୍ରକାଶିତ ହୁଏ ତାଙ୍କ ବାଲ୍ୟତ କାଳରେ
ସର୍ବବିଧ ଉନ୍ନତିର ଅଗ୍ରିମ ସୂଚନା ।
ପିତା ଛତ୍ରରୂପ ପୁତ୍ର, ଏହି ଆଶୀର୍ବାଣୀ
ଲଭିଅଛି ସାର୍ଥକତା କୁମାରଙ୍କ ପାଶେ ।

---

**Printed by B. K. Kar, B. A., at the Saraswata Press, Cuttack—1942**